# ଉତ୍କଳ ଅଭିଧାନ

ଜଗନ୍ନାଥ ରାଓ କର୍ତ୍ତୃକ ସଂକଳିତ ୧୮୯୧

ପଣ୍ଡିତ ଶ୍ରୀ କୁଳମଣି ଦାଶଙ୍କ ଦ୍ୱାରା ସଂଶୋଧିତ ଓ ସମ୍ମାର୍ଜିତ,

**ପରିବର୍ତ୍ତିତ ଓ ପରିବର୍ଦ୍ଧିତ ତୃତୀୟ ସଂସ୍କରଣ**

**୧୯୩୧**

# UTKAL ABHIDHAN

Compiled by (late) Jagannath Rao 1891,

corrected and refined by Pandit Sri Kulamani Das,

ALTERED AND ENLARGED THIRD EDITION

1931


Electronic version 2009

developed by

Srujanika

Jagamara, PO: Khandagiri, Bhubaneswar 751030,

email: srujanika@gmail.com



Copyright © 2009, Srujanika.



ଇଲେକ୍ଟ୍ରନିକ ସଂସ୍କରଣ (୨୦୦୯) ପ୍ରସ୍ତୁତି

**ସୃଜନିକା**, ଜାଗମରା, ଡାକ: ଖଣ୍ଡଗିରି, ଭୁବନେଶ୍ୱର ୭୫୧୦୩୦



(ସ୍ୱତ୍ତ୍ୱ: ୨୦୦୯ ସୃଜନିକା - କ୍ରିଏଟିଭ କମନ୍ସ୍ ଜି.ପି.ଏଲ୍. ମୁକ୍ତ ସଫ୍ଟୱେର ଲାଇସେନ୍ସ୍ ଜରିଆରେ ବିତରିତ )

This program is **free software**; you can redistribute it and/or modify it **with due acknowledgement to the developers** under the terms of the GNU General Public License as published by the Free Software Foundation (*http://www.gnu.org/*).

This program is distributed in the hope that it will be useful, but WITHOUT ANY WARRANTY; without even the implied warranty of MERCHANTABILITY or FITNESS FOR A PARTICULAR PURPOSE.

See the GNU General Public License for more details.



>>ସୂଚୀ ଓ ବ୍ୟବହାର ପାଇଁ ସୂଚନା ପର ପୃଷ୍ଠାରେ >>

# ବ୍ୟବହାର ପାଇଁ ସଂକ୍ଷିପ୍ତ ସୂଚନା

ତଳେ ଥିବା ବିଷୟ ଓ ଅକ୍ଷର ସୂଚୀ ଉପରେ ଦର୍ଶିକା (କର୍ସର) ଚଳାଇଲେ କେତେ ଜାଗାରେ ତାହାର ହାତ ରୂପ ( ) ବଦଳି ଆଙ୍ଗୁଠି ରୂପ ( ) ନେବ । ସେହି ଜାଗାରେ ମାଉସ୍‌ର ବାମ ବୋତାମ ଦବାଇଲେ ସେହି ବିଷୟ ଥିବା ପୃଷ୍ଠା ଖୋଲିବ । କୌଣସି ଅକ୍ଷର ଉପରେ ଆଙ୍ଗୁଠି ଦର୍ଶିକା ରଖି ମାଉସ ବାମ ବୋତାମ ଦବାଇଲେ ଆଉ ଗୋଟିଏ ଶବ୍ଦସୂଚୀ ପୃଷ୍ଠା ଖୋଲିବ । ସେଥିରେ ନିର୍ବାଚିତ ଅକ୍ଷରରେ ଆରମ୍ଭ ହେଉଥିବା ଶବ୍ଦଗୁଡ଼ିକ ରହିଥିବ । ପ୍ରତିଟି ଶବ୍ଦଯୋଡ଼ି ହେଉଛି ଅଭିଧାନର ନିର୍ଦ୍ଦିଷ୍ଟ ପୃଷ୍ଠାରେ ଥିବା ଆରମ୍ଭ ଓ ଶେଷ ଶବ୍ଦ, ଯାହା ପୃଷ୍ଠାର ଉପରେ ଦିଆଯାଇଥାଏ । ତେଣୁ ଖୋଜୁଥିବା ଶବ୍ଦକୁ ଯିବାକୁ ହେଲେ ତା'ର ଆଗ ଓ ପରର ଶବ୍ଦଯୋଡ଼ି ଉପରେ ମାଉସ ଚିପିବାକୁ ହେବ ।

ଏହି ସୂଚୀ ପୃଷ୍ଠାଟି ଫାଇଲର ଆରମ୍ଭରେ ରହିଛି, ତେଣୁ ଆକ୍ରୋବାଟ ରିଡରର ନେଭିଗେସନ ବା ପୃଷ୍ଠାଚିହ୍ନ (ବୁକ୍‌ମାର୍କ) ସାହାଯ୍ୟରେ ଏଠାକୁ ସହଜରେ ଫେରିଆସିହେବ ।

**(ଆକ୍ରୋବାଟ ରିଡରର ସାହାଯ୍ୟ ବ୍ୟବସ୍ଥାରୁ ଏସବୁ ବିଷୟରେ ଅଧିକ ଜାଣିହେବ)**

*ବିଷୟ ସୂଚୀ:*


**ତୃତୀୟ ସଂସ୍କରଣର ଭୂମିକା**


*ଅକ୍ଷର ସୂଚୀ:*


**ଅ ଆ ଇ ଈ ଉ ଊ ଋ**

**ୠ ଌ ୡ ଏ ଐ ଓ ଔ**

**କ କ୍ଷ ଖ ଗ ଘ ଙ ଚ ଛ ଜ ଝ ଞ**

**ଟ ଠ ଡ ଢ ଣ ତ ଥ ଦ ଧ ନ**

**ପ ଫ ବ ଭ ମ ଯ ର ଳ ଲ ୱ**

**ଶ ଷ ସ ହ (କ୍ଷ)**

# ଅ

ଅ - ଅଂଶୁମାନ୍
ଅକସ୍ମାତ୍ - ଅକାଲ୍ପନିକ
ଅକିଞ୍ଚନ - ଅକ୍ରିୟ
ଅକ୍ରୁର - ଅକ୍ଷର
ଅକ୍ଷରଜୀବୀ - ଅଖାଦ୍ୟ
ଅଖିଆ - ଅଗିଲା
ଅଗୁ - ଅଗ୍ନିଶିଖ
ଅଗ୍ନିଶିଖା - ଅଘୋର
ଅଘୋରପନ୍ଥୀ - ଅଙ୍ଗା
ଅଙ୍ଗାର - ଅଚିନ୍ତିତପୂର୍ବ
ଅଚିନ୍ତ୍ୟ - ଅଜସ୍ର
ଅଜା - ଅଟା
ଅଟେଇ - ଅଢ଼ା
ଅଢ଼ାଇ - ଅଣ୍ଟିବା
ଅଣ୍ଡ - ଅତିଚାର
ଅତିଥି - ଅତ୍ୟୂହ
ଅତ୍ର - ଅଦ୍ରିଜା
ଅଦ୍ରିସାର - ଅଧିକାରୀ
ଅଧିକୃତ - ଅଧୀନ
ଅଧୀନତା - ଅଧ୍ୟାପକ
ଅଧ୍ୟାପନ - ଅନତିବିସ୍ତୃତ
ଅନଧିକ - ଅନଭିଜ୍ଞ
ଅନମ୍ବର - ଅନାଦୃତ
ଅନାମତ - ଅନିର୍ଦ୍ଧାରିତ
ଅନିର୍ବଚନୀୟ - ଅନୁଗ୍ରହ
ଅନୁଗ୍ରାହୀ - ଅନୁପାତ
ଅନୁପାନ - ଅନୁରାଧା
ଅନୁରୁଦ୍ଧ - ଅନୁଷ୍ଟୁଭ
ଅନୁଷ୍ଠାନ - ଅନୋକହ
ଅନ୍ତଃକରଣ - ଅନ୍ତର୍ଦାହ
ଅନ୍ତର୍ଦେଶ - ଅନ୍ଧକ
ଅନ୍ଧକରିପୁ - ଅନ୍ୟମନସ୍କ
ଅନ୍ୟାଚାର - ଅପତ୍ୟ
ଅପତ୍ୟଶତ୍ରୁ - ଅପରିଚିତ
ଅପରିଚ୍ଛନ୍ନ - ଅପସର
ଅପସରିବା - ଅପି
ଅପିତ - ଅପ୍ରତ୍ୟୟ
ଅପ୍ରଧାନ - ଅବର୍ଜ୍ୟା
ଅବଳ - ଅଭିଜାତ
ଅଭିଜାତତନ୍ତ୍ର - ଅଭିମନ୍ୟୁ
ଅଭିମାନ - ଅଭିଷେକ
ଅଭିଷ୍ୟନ୍ଦ - ଅଭ୍ୟାହାର
ଅଭ୍ୟୁକ୍ଷଣ - ଅମରତ୍ୱ
ଅମରଦାରୁ - ଅମାନୁଷ
ଅମାପ - ଅମୃତ
ଅମୃତକର - ଅମ୍ବା
ଅମ୍ବିଲା - ଅଯଥା
ଅଯଥାର୍ଥ - ଅୟୋଘନ
ଅଯୋଧ୍ୟା - ଅରଣୀସୁତ
ଅରଣ୍ୟ - ଅରିଷ୍ଟ
ଅରୁଆ - ଅର୍ଘ
ଅର୍ଘ୍ୟ - ଅର୍ଥିତ
ଅର୍ଥୀ - ଅର୍ହଣୀୟ
ଅଳଂ - ଅଳଂଘ୍ୟ
ଅଲଣା - ଅଲୋକିତ
ଅଲୌକିକ - ଅବଚ୍ଛେଦ
ଅବଜ୍ଞା - ଅବନି
ଅବନିପତି - ଅବଶିଷ୍ଟ
ଅବଶେଷ - ଅବାରିତ
ଅବାର୍ଯ୍ୟ - ଅବିର

ଅବିରତ - ଅବ୍ୟୟ
ଅବ୍ୟୟ - ଅଶୋକ
ଅଶୋକାଷ୍ଟମୀ - ଅଶ୍ୱମୁଖ
ଅଶ୍ୱମେଧ - ଅଷ୍ଟନାୟିକା
ଅଷ୍ଟପାଦ - ଅଷ୍ଟାବଧାନୀ
ଅଷ୍ଟାବିଂଶତି - ଅସମର୍ଥ
ଅସମାନ - ଅସିଦ୍ଧ
ଅସିଦ୍ଧି - ଅସ୍ତ୍ରଚିକିତ୍ସା
ଅସ୍ତ୍ରବିଦ୍ - ଅହର୍ନିଶ
ଅହର୍ମୁଖ - ଅହ୍ୟଡେଙ୍ଗୁରା

## ଆ

ଆକାର - ଆଇଶାଶୁ
ଆଉଁସା - ଆକାଶମୁଖୀ
ଆକାଶଯାନ - ଆଖୁଭୁକ୍
ଆଖେଟ - ଆଘାର
ଆଘୂର୍ଣ୍ଣନ - ଆଜାନୁ
ଆଜି - ଆଡ଼ତଦାର
ଆଡ଼ତି - ଆତପତ୍ର
ଆତଯାତ - ଆତ୍ମଶ୍ଲାଘା
ଆତ୍ମସଂଯମ - ଆଦେଷ୍ଟା
ଆଦୌ - ଆନନ୍ଦଜନକ
ଆନନ୍ଦନ - ଆପତ୍ତି
ଆପଦ୍ - ଆବାଦ୍
ଆବୁଡ଼ାଖାବୁଡ଼ା - ଆମିଷ
ଆମିଷପ୍ରିୟ - ଆୟାସ
ଆୟୁ - ଆରାତି
ଆରାତ୍ରିକ - ଆର୍ଦ୍ଦୋଳି
ଆର୍ଯ୍ୟ - ଆଳାପ
ଆଳାପନ - ଆବର
ଆବରକ - ଆବୁଡ଼ାପଡ଼ିବା
ଆବୁରାଆବୁରି - ଆଶୀର୍ବାଦ
ଆଶୀବିଷ - ଆସକ୍ତ
ଆସକ୍ତି - ଆସ୍ତୀକ
ଆସ୍ତୀର୍ଣ୍ଣ - ଆହୃତ
ଆହ୍ନିକ - ଆହ୍ୱାନ

## ଇ

ଇ - ଇଚ୍ଛାମୟ
ଇଚ୍ଛୁ - ଇତିକର୍ତ୍ତବ୍ୟ
ଇତିକର୍ତ୍ତବ୍ୟତା - ଇନ୍ଦୁଜ
ଇନ୍ଦୁଜନକ - ଇନ୍ଦ୍ରପ୍ରସ୍ଥ
ଇନ୍ଦ୍ରଭେଷଜ - ଇୟତ୍ତା
ଇୟାର୍ - ଇଷ୍ଟଦେବ
ଇଷ୍ଟଦେବତା - ଇହା

## ଈ

ଈ - ଈଦୃକ୍
ଈପ୍ସା - ଈହିତ

## ଉ

ଉ - ଉକୁଟାଇବା
ଉକୁଣି - ଉଗ୍ରଶ୍ରବାଃ
ଉଗ୍ରସେନ - ଉଚ୍ଛାସ୍ର
ଉଚ୍ଛିଖ - ଉଝଟ
ଉଝାଳିବା - ଉଢାଳ
ଉଣ୍ଡିବା - ଉତ୍କୂଳିତ
ଉଦ୍ବୃତ୍ତ - ଉତ୍ତରପକ୍ଷ
ଉତ୍ତରଫାଲ୍ଗୁନୀ - ଉତ୍ତେଜନ
ଉତ୍ତେଜିତ - ଉତ୍ଥାଦିତ
ଉତ୍ଥାଦ୍ୟ - ଉତ୍ସେଚନ
ଉତ୍ସେଧ - ଉଦରମ୍ଭରି

ଉଦରସ୍ଥ - ଉଦୀଚୀନ
ଉଦୀଚ୍ୟ - ଉଦଗ୍ରୀବ
ଉଦ୍‌ଘଟନ - ଉଦ୍ଭାବ
ଉଦ୍ଭୂତ - ଉଦ୍ଭାସନ
ଉଦ୍ଭାସିତ - ଉଦ୍‌ବହନ
ଉଦ୍‌ବାନ୍ତ - ଉନ୍ନତି
ଉନ୍ନଦ୍ଧ - ଉନ୍ମୀଳିତ
ଉନ୍ମୁକ୍ତ - ଉପକ୍ରମ
ଉପକ୍ରମଣିକା - ଉପଜାପ
ଉପଜିହ୍ୱା - ଉପଧାତୁ
ଉପଧାନ - ଉପପାଦନ
ଉପପାଦ୍ୟ - ଉପଯାନ
ଉପଯୁକ୍ତ - ଉପଲଭ୍ୟ
ଉପଲମ୍ଭ - ଉପସତ୍ତି
ଉପସନ୍ନ - ଉପହସ୍ତିକା
ଉପହାର - ଉପାନତ୍‌
ଉପାନ୍ତ - ଉପେଖିବା
ଉପେତ - ଉରଃ
ଉରଃସୂତ୍ରିକା - ଉର୍ଦ୍ର
ଉର୍ବ - ଉଲ୍କାମୁଖୀ
ଉଲ୍ଲଙ୍ଘନ - ଉଷସୀ
ଉଷା - ଉହାଡ଼ିବା
ଉହିବା - ଉହ୍ୟମାନ

## ଊ

ଊ - ଊର୍ଦ୍ଧ୍ୱଗପୁର
ଊର୍ଦ୍ଧ୍ୱଗାମୀ - ଊହ୍ୟ

## ଋ

ଋ - ଋକ୍ଷବନ୍ତ
ଋକ୍ଷବାନ୍‌ - ଋତୁସଂହାର
ଋତୁଷ୍ଟୋମ - ଋଷ୍ୟଶୃଙ୍ଗ

## ଌ ୠ ୡ

## ଏ

ଏ - ଏକଚାଳିଶା
ଏକଜ - ଏକପଦୀ
ଏକପିଙ୍ଗ - ଏକାକ୍ଷ
ଏକାଗ୍ର - ଏକୀକରଣ
ଏକୁଆ - ଏତାବତ୍‌
ଏତେ - ଏହ୍ନେ

## ଐ

ଐ - ଐ
ଐକ - ଐରେୟ
ଐଳ - ଐହିକ

## ଓ

ଓ - ଓଜସ୍ୱୀ
ଓଜିଷ୍ଠ - ଓଦର
ଓଦା - ଓଷଧି
ଓଷଧୀଶ - ଓହ୍ଲାଇବା

## ଔ

ଔ - ଔଦନିକ
ଔଦରିକ - ଔଷଧାଜୀବ
ଔଷଧାଳୟ - ଔଷ୍ଣ୍ୟ

## କ

କ - କଉଡ଼ି
କଉପିନୀ - କକ୍ଷ
କକ୍ଷା - କଙ୍କାଳମାଳିନୀ

କଙ୍କୀ – କଜିଆ
କଜ୍ଜଳ – କଟା
କଟାକଟି – କଟ୍‌କଟ୍‌
କଟ୍ଟାର – କଣନଖା
କଣଭ – କଣ୍ଠଗତ
କଣ୍ଠ – କତା
କତି – କଦର୍ଥିତ
କଦର୍ଯ୍ୟ – କନିଅର
କନିଷ୍ଠ – କନ୍ଦୁକ
କନ୍ଦେଇବା – କପାଳିୟା
କପାଳୀ – କପୋଳ
କପୋଳକଳ୍ପନା – କମଳା
କମଳାକର – କରକ
କରକବହ୍ନ – କରଣୀୟ
କରଣ୍ଡ – କରମଙ୍ଗା
କରମର୍ଦ୍ଦ – କରିର
କରିବନ୍ଧ – କର୍ଚ୍ଚୁର
କର୍ଜ୍ଜ – କର୍ଣ୍ଣେନ୍ଦୁ
କର୍ତ୍ତନ – କର୍ମକାଣ୍ଡ
କର୍ମକୀଳକ – କର୍ମେନ୍ଦ୍ରିୟ
କର୍ବର – କଳଧ୍ୱନି
କଳନ – କଳା
କଳାଇ – କଳିଆରି
କଳିକ – କଳ୍ପଫଳ
କଳ୍ପି – କବଚ
କବଚପତ୍ର – କଶିପୁ
କଶେରୁ – କଷ୍ଟି
କସବୀ – କାକଚ୍ଛଦ
କାକତ – କାକୁଡ଼ି
କାକୁସ୍ତ – କାଚ୍ଛୁ
କାଜ – କାଠିନ୍ୟ

କାଠୁଆ – କାଣ୍ୱ
କାତ – କାନ୍ତାର
କାନ୍ତି – କାପୁରୁଷ
କାପେୟ – କାମପାଳ
କାମପୀଠ – କାମ୍ନ
କାୟ – କାରୁଣିକ
କାରୁଣ୍ଡି – କାଳବୃତ
କାଳକେୟ – କାଳସାର
କାଳପୁତ୍ର – କାଳିନ୍ଦୀ
କାଳିନ୍ଦୀକର୍ଷଣ – କାବ୍ୟପ୍ରକାଶ
କାବ୍ୟଲିଙ୍ଗ – କାଷ୍ଠାମ୍ବୁବାହିନୀ
କାଷ୍ଠାସନ – କିଆରୀ
କିଙ୍କର – କିନ୍ନରେଶ
କିନ୍ତୁ – କିଶଳୟ
କିଶୋର – କୀର୍ତ୍ତିମାନ
କୀର୍ତ୍ତିଶେଷ – କୁକୂଳ
କୁକ୍କୁଟ – କୁଜୀ
କୁଞ୍ଚନ – କୁଟିବା
କୁଟୁଣା – କୁଣପୀ
କୁଣିଆ – କୁତର୍କ
କୁତା – କୁନ୍ଥନ
କୁନ୍ଥା – କୁମୁଦବାନ୍ଧବ
କୁମୁଦବତୀ – କୁରଙ୍ଗକ
କୁରଙ୍ଗନାଭି – କୁଳକ
କୁଳକୁଣ୍ଡଳିନୀ – କୁଲାଳ
କୁଳାହ୍ୱକ – କୁବିନ୍ଦ
କୁବେଣି – କୁଷ୍ଠଘ୍ନ
କୁଷ୍ଠୀ – କୁହରିବା
କୁହ୍ମ – କୂପକ
କୂପଦର୍ଦ୍ଦୁର – କୃତ
କୃତକ – କୃତହସ୍ତ

କୃତାକୃତ – କୃଦର
କୃନ୍ତନ – କୃଷ୍ଟି
କୃଷ୍ଣ – କେଅିବା
କେଞ୍ଚୁଆ – କେନ୍ଦ୍ରାଭିକର୍ଷଣୀ
କେନ୍ଦ୍ରାଭିମୁଖ – କେଶଛିଦ୍
କେଶପକ୍ଷ – କୈଳାସ
କୈଳାସନାଥ – କୋଙ୍କଣା
କାଚ – କୋଡ଼ିବା
କୋଢ଼ୀ – କୋରାଣ
କୋରିବା – କୋଷାଧ୍ୟକ୍ଷ
କୋଷ୍ଠ – କୌମୁଦୀ
କୌମୁଦୀପତି – କ୍ରତୁଦ୍ୱିଟ୍
କ୍ରତୁଧ୍ୱଂସୀ – କ୍ରାନ୍ତିବଳୟ
କ୍ରାନ୍ତିବୃତ୍ତ – କ୍ରୋଶ
କ୍ରୋଶନ – କ୍ୱାଥ

## କ୍ଷ

କ୍ଷଣ – କ୍ଷଣପ୍ରଭା
କ୍ଷଣଭଙ୍ଗୁର – କ୍ଷୟପକ୍ଷ
କ୍ଷୟରୋଗ – କ୍ଷିପ୍ରହସ୍ତ
କ୍ଷୀଣ – କ୍ଷୁରପ୍ର
କ୍ଷୁରମର୍ଦ୍ଦୀ – କ୍ଷେମ
କ୍ଷେମକ – କ୍ଷ୍ୱେଳିତ

## ଖ

ଖ – ଖ
ଖଇ – ଖଜଳ
ଖଜବଜ – ଖଟେଇବା
ଖଟ୍ଟନ – ଖଣା
ଖଣି – ଖତକୁଡ଼
ଖତମ – ଖବର
ଖବରକାଗଜ – ଖର୍ଜ୍ଜୁ
ଖର୍ଜ୍ଜୁର – ଖଳେଧାନୀ
ଖଲ୍ଲ – ଖାଦ
ଖାଦକ – ଖିଆଲ
ଖିଙ୍କାରିହେବା – ଖୁଦକୁଣି
ଖୁଦପିତା – ଖେଦ
ଖେଦା – ଖୋସଣୀ
ଖୋସା – ଖ୍ୟାପନ

## ଗ

ଗ – ଗଙ୍ଗାପୁତ୍ର
ଗଙ୍ଗାପ୍ରାପ୍ତି – ଗଜେଷ୍ଟା
ଗଞ୍ଜ – ଗଡ୍ଡାଳିକାପ୍ରବାହ
ଗଡ୍ଡୁକ – ଗଣୀଭୂତ
(ଗଣେଭୂ) – ଗଣ୍ଡଶୈଳ
ଗଣ୍ଡସ୍ଥଳ – ଗତି
ଗତିକ – ଗନ୍ଧ
ଗନ୍ଧକ – ଗନ୍ଧଲୋଲୁପା
ଗନ୍ଧବଣିକ – ଗଭୀର
ଗଭୀରତା – ଗରଦ
ଗରବ୍ରତ – ଗର୍ଦ୍ଦଭ
ଗର୍ଦ୍ଧ – ଗର୍ମୁତ୍
ଗର୍ବ – ଗବୟୀ
ଗବରାଜ – ଗାଏ
ଗାଗର – ଗାଧିପୁର
ଗାଧୁଆ – ଗାରୁଡ଼
ଗାରୁଡ଼ିଆ – ଗିରିଜ
ଗିରିଜା – ଗୀତଗୋବିନ୍ଦ
ଗୀତମୋଦୀ – ଗୁଞ୍ଜନ
ଗୁଞ୍ଜର – ଗୁଣ
ଗୁଣକ – ଗୁଣା

ଗୁଣାଗାରି - ଗୁସ୍ପୁଷ୍ଠ
ଗୁଦ - ଗୁରୁଜନ
ଗୁରୁଣ୍ଡିବା - ଗୁବାକ
ଗୁହ୍ୟ - ଗୃଞ୍ଜନ
ଗୃଧ୍ନୁ - ଗେରୁ
ଗେରୁଆ - ଗୋଜ
ଗୋଜାଗରିକ - ଗୋଦାନ
ଗୋଦାମ - ଗୋପିତ୍ତ
ଗୋପୀ - ଗୋମେଧ
ଗୋରକ୍ଷକ - ଗୋଲି
ଗୋଲିଆ - ଗୋସ୍ୱାମୀ
ଗୋହରି - ଗଥିତ
ଗ୍ରନ୍ଥ - ଗ୍ରହରାଜ
ଗ୍ରହବର - ଗ୍ରାବା
ଗ୍ରାସ - ଗ୍ଲୌ

## ଘ

ଘ - ଘଟକର୍ପର
ଘଟକାର - ଘଟ୍ଟିତ
ଘଡ଼ଘଡ଼ - ଘନଜ୍ୱାଳା
ଘନତୋଳ - ଘରୋଇ
ଘର୍ଘଟ - ଘାଟ
ଘାଟିଆ - ଘିକୁଆଁରୀ
ଘିତିବା - ଘୂକ
ଘୂକାରି - ଘୋଟିବା
ଘୋଡ଼ - ଘ୍ରାଣେନ୍ଦ୍ରିୟ
ଘ୍ରାତ - ଘ୍ରାତି

## ଙ

ଙ - ଙ

## ଚ

ଚ - ଚଉଧରୀ
ଚଉପଦୀ - ଚକୋରୀ
ଚକ୍କର - ଚକ୍ରବାକୀ
ଚକ୍ରବାଡ଼ - ଚକ୍ରମଣ
ଚଙ୍ଗଚଙ୍ଗ - ଚଡ଼କ
ଚଡ଼କିବା - ଚତୁଃଷଷ୍ଟି
ଚତୁର - ଚତୁର୍ଭୁଜ
ଚତୁର୍ମୁଖ - ଚଦର
ଚଦିବା - ଚନ୍ଦ୍ରବିନ୍ଦୁ
ଚନ୍ଦ୍ରବିହଙ୍ଗମ - ଚମକ
ଚମକାଇବା - ଚୟନ
ଚର - ଚରୁ
ଚର୍ଖି - ଚଳାଇବା
ଚଲାଇବା - ଚହଲିବା
ଚା - ଚାଟୁକାର
ଚାଟୁପଟୁ - ଚାନ୍ଦି
ଚାନ୍ଦିଆ - ଚାର
ଚାରଚକ୍ଷୁଃ - ଚାଲାଖ
ଚାଳି - ଚିଙ୍ଗୁଡୀ
ଚିଙ୍ଗୁଡ଼ିଆ - ଚିତ୍ୟା
ଚିତ୍ର - ଚିତ୍ରଶିଖଣ୍ଡୀ
ଚିତ୍ରସେନ - ଚିନ୍ତିତ
ଚିନ୍ତ୍ୟ - ଚିରନୀହାରସୀମା
ଚିରସ୍ଥାୟୀ - ଚିତ୍କାର
ଚୀନ - ଚୁଡ଼ୀ
ଚୁପ୍ - ଚୂର୍ଣ୍ଣକୁନ୍ତଳ
ଚୂର୍ଣ୍ଣଚଉଁରୀ - ଚେନ୍
ଚେନ୍‌ମ୍ୟାନ୍ - ଚୋକ୍ଷ
ଚୋଖ - ଚୌକୀ

ଚୌକିଆ – ଚ୍ୟୋତତ୍

## ଛ

ଛ – ଛଅର
ଛଇ – ଛତା
ଛତାଉରୀ – ଛପନ
ଛପର – ଛାଞ୍ଚୁଣି
ଛାଡ଼ – ଛାୟାଙ୍କ
ଛାୟାତନୟ – ଛିଦ୍ର
ଛିଦ୍ରାନୁସରଣ – ଛେଦକ
ଛେଦନ – ଛୋଲା

## ଜ

ଜ – ଜଖ
ଜଖମ – ଜଙ୍ଗିଆ
ଜଙ୍ଗିଲାଟ – ଜଡ଼ୀଭୂତ
ଜଣ – ଜନ୍ମ
ଜନ୍ମଗତ – ଜମ୍ବୁକ
ଜମ୍ବୁଦ୍ୱୀପ – ଜରଦ୍ଗବ
ଜରନ୍ତ – ଜଳଜଳା
ଜଳଜନ୍ତୁ – ଜଳା
ଜଳାକବାଟୀ – ଜହର
ଜହରାତ୍ – ଜାତ
ଜାତକ – ଜାମଦଗ୍ନ୍ୟ
ଜାମଦାନୀ – ଜାଲି
ଜାଲିଚଟୁ – ଜିଭ
ଜିମା – ଜୀବନଦ
ଜୀବନୀ – ଜୁରୀ
ଜୁଲୁକୀ – ଜୈମିନି
ଜୋକ – ଜ୍ୟୋତିର୍ମୟ
ଜ୍ୟୋତିଷ୍ଚକ୍ର – ଜ୍ୱାଳୀ

## ଝ

ଝ – ଝଙ୍କାଝୋର
ଝଗଡ଼ – ଝର
ଝରକା – ଝାଙ୍କିବା
ଝାଞ୍ଜ – ଝିଙ୍କର
ଝିଙ୍କା – ଝୁଣ୍ଟିବା
ଝୁମୁକା – ଝୋବା

## ଞ

ଞ – ଞ
ଟ
ଟ – ଟପରଟପର
ଟପା – ଟାଙ୍ଗଣ
ଟାଙ୍ଗଣା – ଟିକା
ଟିକାୟତ – ଟେକା
ଟେକାଟେକି – ଟୋଲା

## ଠ

ଠ – ଠାର
ଠାର – ଠୋଲା
ଠେସ – ଠେସ

## ଡ

ଡ – ଡରୁଆ
ଡବଡବ – ଡାଲୁଅ
ଡାବ – ଡେଙ୍ଗା
ଡେଙ୍ଗୁରା – ଡୌଲ

## ଢ

ଢ – ଢଳା
ଢଳିବା – ଢୋକେ

ଢୋଲ - ଢୌକନ

## ଣ

ଣ - ଣତ୍ୱବିଧାନ

## ତ

ତ - ତଇ
ତଇଲା - ତଙ୍କନ
ତଜ୍‌ବୀଜ - ତତ୍‌କ୍ଷଣାତ୍‌
ତତ୍ତୁଲ୍ୟ - ତଦନନ୍ତର
ତଦନୁଗତ - ତନୁଭୃତ୍‌
ତନୁମଧ୍ୟା - ତପଶ୍ଚରଣ
ତପସ - ତମାଳକ
ତମାଳପତ୍ର - ତରଣ୍ଡ
ତରତମ - ତରୁରାଗ
ତରୁରାଜ - ତଳ୍ପକୀଟ
ତଳ୍ପି - ତାଡିତ
ତାଡ଼ିବା - ତାପନ
ତାପମାନଯନ୍ତ୍ର - ତାମ୍ରପୁଷ୍ପ
ତାମ୍ରଲିପ୍ତ - ତାରାମୃଗ
ତାରିଖ - ତାଳୀ
ତାଳୁ - ତିନ୍ତିଡ଼ିକା
ତିନ୍ତିବା - ତିଳକାଶ୍ରୟ
ତିଳକୀ - ତୀର୍ଥରାଜୀ
ତୀର୍ଥସେବୀ - ତୁନି ହେବା
ତୁନ୍ଦ - ତୁଳାକୋଟି
ତୁଳାଦଣ୍ଡ - ତୂଳଶର୍କରା
ତୂଳା - ତେଢ଼ା
ତେଢ଼ିବା - ତୈଳଦ୍ରୋଣୀ
ତୈଳପା - ତୋଷ
ତୋଷଣ - ତ୍ରାଣ
ତ୍ରାଣ - ତ୍ରିଜଟା
ତ୍ରିଜାତକ - ତ୍ରିପଦିକା
ତ୍ରିପର୍ଣ୍ଣ - ତ୍ରିବେଦୀ
ତ୍ରିଶଙ୍କୁ - ତ୍ର୍ୟାହ୍ନିକ
ତ୍ୱକ୍‌ - ତ୍ୱିଷାମ୍ପତି

## ଥ

ଥ - ଥନ୍ତରା
ଥନ୍ତଲ - ଥୁକ
ଥୁକାର - ଥୋର

## ଦ

ଦ - ଦଂଶ
ଦଂଶନ - ଦଣ୍ଡକାକ
ଦଣ୍ଡକାରଣ୍ୟ - ଦଦ୍ରୁ
ଦଦ୍ରୁଘ୍ନ - ଦମ
ଦମକ - ଦରିଆ
ଦରିଆଫତ୍‌ - ଦଳିବା
ଦବ - ଦଶାହ
ଦଶି - ଦାକ୍ଷିଣ୍ୟ
ଦାଖଲ - ଦାନ୍ତ
ଦାନ୍ତକାଠି - ଦାରୁଣ
ଦାରୁମୟ - ଦିଓଟି
ଦିକ୍‌ - ଦିନକର
ଦିନକରାତ୍ମଜ - ଦିଷ୍ଟ
ଦିଷ୍ଟାନ୍ତ - ଦୀପ୍ତ
ଦୀପ୍ତମାନ - ଦୁଃଖ
ଦୁଃଖାର୍ତ୍ତ - ଦୁବ
ଦୁର୍‌ - ଦୁର୍ଗତ
ଦୁର୍ଗତି - ଦୁର୍ବଳ
ଦୁର୍ବୁଦ୍ଧି - ଦୁର୍ବିନୀତ

ଦୁର୍ବିପାକ - ଦୁହ୍ୟମାନ
ଦୂତ - ଦୃଷ୍ଟି
ଦୃଶଦ୍ - ଦେବକର୍ଦ୍ଦମ
ଦେବକୀ - ଦେବରାତ
ଦେବର୍ଷି - ଦେହଭୃତ୍
ଦେହଯାତ୍ରା - ଦୈବିକ
ଦୈବୀ - ଦୋଷାବହ
ଦୋଷୀ - ଦ୍ୟୁମ୍ନ
ଦ୍ୟୁଲୋକ - ଦ୍ରୁପଦ
ଦ୍ରୁମ - ଦ୍ୱାରଯନ୍ତ୍ର
ଦ୍ୱାରବାନ୍ - ଦ୍ୱିପଦ
ଦ୍ୱିଭୁଜ - ଦ୍ୱ୍ୟର୍ଥ

## ଧ

ଧ - ଧନାଗମ
ଧନାଧ୍ୟକ୍ଷ - ଧମନି
ଧର - ଧର୍ମନିଷ୍ଠ
ଧର୍ମନୀତି - ଧବଳ
ଧବଳପକ୍ଷ - ଧାନୁର୍କୀ
ଧାନୁଷ୍କ - ଧିକ୍
ଧିକ୍କାର - ଧୂପିବା
ଧୂମ୍ଧାମ୍ - ଧୂଳି
ଧୂଳିଆ - ଧୋକଡ଼
ଧୋକା - ଧ୍ୱାନ୍ତାରି
ଧ୍ୱାନ୍ତହାରୀ - ଧ୍ୱାନ୍ତହାରୀ

## ନ

ନ - ନକ୍ଷତ୍ରଚକ୍ର
ନକ୍ଷତ୍ରନେମି - ନଟ
ନଟକାର - ନଦିବା
ନଦୀ - ନପ୍ତ୍ରୀ
ନଫର - ନୟ
ନୟନ - ନର୍ଦ୍ଦିତ
ନର୍ମ - ନବତି
ନବତିବା - ନବୀକରଣ
ନବୀକୃତ୍ୱ - ନାକୋଇ
ନାକ୍ଷତ୍ର - ନାଗାନ୍ତକ
ନାଗେଶ - ନାଡ଼ୀମଣ୍ଡଳ
ନାତ - ନାମାବଳି
ନାୟକ - ନାଳୁଆ
ନାବ - ନିଃକ୍ଷତ୍ର
ନିଃଶଙ୍କ - ନିଉଡ଼ିବା
ନିକ - ନିକୃତ
ନିକୃଷ୍ଟ - ନିଛାଟ
ନିଜ - ନିଧନ
ନିଧାନ - ନିବନ୍ଧ
ନିବନ୍ଧନ - ନିୟମଯନ୍ତ୍ର
ନିୟମିତ - ନିରନ୍ୱୟ
ନିରପତ୍ୟ - ନିରାଧାର
ନିରାନନ୍ଦ - ନିରୂପକ
ନିରୂପଣ - ନିର୍ଣ୍ଣୟ
ନିର୍ଣ୍ଣାୟକ - ନିର୍ଭାଗ୍ୟ
ନିର୍ଭିନ୍ନ - ନିର୍ବପଣ
ନିର୍ବର୍ଣ୍ଣନ - ନିର୍ବିଷୟ
ନିର୍ବିଷ୍ଟ - ନିବାରଣ
ନିବାରଣୀୟ - ନିଶାବେଦୀ
ନିଶାହ୍ରସ - ନିଷେଧକ
ନିଷେବଣ - ନିଷ୍ପାଦିତ
ନୀରୋଗ - ନୃ
ନୃତ୍ୟ - ନୈତିକ
ନୈଦାଘ - ନ୍ୟାସ
ନ୍ୟାସୀ - ନ୍ୟୁନାଧିକ

# ପ

ପ – ପକ୍ଷଦ୍ୱାର
ପକ୍ଷପାତ – ପଚପଚ
ପଚରା – ପଞ୍ଚନଖ
ପଞ୍ଚନଦ – ପଞ୍ଚଲବଣ
ପଞ୍ଚଲୌହ – ପଞ୍ଚାଶତ
ପଞ୍ଚାଶୀ – ପଟୋଳ
ପଟୋଳୀ – ପଣା
ପଣାଙ୍ଗନା – ପତାକୀ
ପତି – ପଥିକ
ପଥୁକି – ପଦ୍ମିନୀ
ପଦ୍ମିନୀକାନ୍ତ – ପରଖ
ପରଖିବା – ପରଭୃତ
ପରମ – ପରା
ପରାକ୍ – ପରିକର
ପରିକର୍ମ – ପରିଚ୍ଛେଦ୍ୟ
ପରିଜନ – ପରିଧିସ୍ଥ
ପରିଧେୟ – ପରିରମ୍ଭ
ପରିବର୍ଜନ – ପରିଶୁଦ୍ଧ
ପରିଶୁଷ୍କ – ପରେତ
ପରେତରାଟ୍ – ପର୍ଯ୍ୟୁତ୍ସୁକ
ପର୍ଯ୍ୟୁଦସ୍ତ – ପଳାୟିତ
ପଲାଳ – ପଶୁପାଳ
ପଶୁରାଜ – ପହ୍ନା
ପହ୍ନାଇବା – ପାଗଲ
ପାଚକ – ପାଟରାଣୀ
ପାଟଳ – ପାଣ୍ଡୁ
ପାଣ୍ଡୁଫଳ – ପାଦ୍ରୀ
ପାନ – ପାରଦାର୍ଯ୍ୟ
ପାରମାର୍ଥିକ – ପାର୍ବଣ
ପାର୍ବତୀ – ପାଶବ
ପାଶୀ – ପିକା
ପିଙ୍ଗ – ପିଣ୍ଡ
ପିଣ୍ଡପୁଷ୍ପ – ପିମ୍ପୁଡ଼ୀ
ପିର – ପୁଂସକାର
ପୁଂସବନ – ପୁଣ୍ଡ୍ର
ପୁଣ୍ୟ – ପୁନର୍ବସୁ
ପୁନର୍ବିବାହ – ପୁରାଣ
ପୁରାଣପୁରୁଷ – ପୁରୋଗତି
ପୁରୋଚନ – ପୁଷ୍ପକରଣ୍ଡକ
ପୁଷ୍ପକୀଟ – ପୁହାଇବା
ପୂଗ – ପୂରୟିତା
ପୂରା – ପୂର୍ବରାଗ
ପୂର୍ବରାତ୍ର – ପୃଷନ୍ତି
ପୃଷୋଦର – ପେଣ୍ଡା
ପେଣ୍ଡୁ – ପୋଖତି
ପୋଖରୀ – ପୋସ୍ତ
ପୋହଳା – ପୌଷ୍ପ
ପ୍ର – ପ୍ରକୋଷ୍ଠ
ପ୍ରକ୍ରମ – ପ୍ରଚଳନ
ପ୍ରଚଳାକ – ପ୍ରଜାପତି
ପ୍ରଜାପାଳ – ପ୍ରଣିଧି
ପ୍ରଣିପାତ – ପ୍ରତିକୃତ
ପ୍ରତିକୃତି – ପ୍ରତିଦ୍ୱନ୍ଦ୍ୱୀ
ପ୍ରତିଧ୍ୱନି – ପ୍ରତିଭାବାନ୍
ପ୍ରତିଭାସିତ – ପ୍ରତିଶ୍ରୟ
ପ୍ରତିଶ୍ରବ – ପ୍ରତୀକାଶ
ପ୍ରତିକ୍ଷଣ – ପ୍ରତ୍ୟବସିତ
ପ୍ରତ୍ୟବହାର – ପ୍ରଦକ୍ଷିଣ
ପ୍ରଦତ୍ତ – ପ୍ରପୌତ୍ର
ପ୍ରଫୁଲ୍ଲ – ପ୍ରମତ୍ତ

ପ୍ରମଥ - ପ୍ରଯୁକ୍ତ
ପ୍ରଯୁକ୍ତି - ପ୍ରବର୍ତ୍ତିତ
ପ୍ରବର୍ହ - ପ୍ରଶ୍ନ
ପ୍ରଶୟ - ପ୍ରସୂତିକ
ପ୍ରସୂନ - ପ୍ରାକୃତ
ପ୍ରାକୃତତନ୍ତ୍ର - ପ୍ରାଣାନ୍ତ
ପ୍ରାଣିତତ୍ତ୍ୱ - ପ୍ରାୟଶ୍ଚିତ୍ତୀ
ପ୍ରାୟସ୍ - ପ୍ରାଶ୍ନିକ
ପ୍ରସ - ପ୍ରୀତିଆ
ପ୍ରୀତିଦ - ପ୍ରେରଣ
ପ୍ରେରଣା - ପ୍ଲବଗ
ପ୍ଲବଗତି - ପ୍ଲୁତ

## ଫ

ଫ - ଫଟ
ଫଟକା - ଫରମାସ୍
ଫରି - ଫଳିନୀ
ଫଳିବା - ଫାଲ୍‌ଗୁନ
ଫାଲ୍‌ଗୁନି - ଫୁରୁଣା
ଫୁଲ - ଫେରାଫେରି
ଫେରାଦ - ଫୌଜଦାରୀ

## ବ

ବ - ବକ୍‌ସିସ୍
ବକା - ବଧୂ
ବଧୂଜନ - ବନ୍ଧୁରା
ବନ୍ଧୁଳ - ବଳପ୍ରସୂ
ବଳଭଦ୍ର - ବଳିଭୁକ୍
ବଳିମନ୍ଦିର - ବହୁପାଦ
ବହୁପ୍ରଜ - ବାଡ଼ବ
ବାଡ଼ବାଗ୍ନି - ବାଧ୍ୟ
ବାଧ୍ୟତା - ବାଳିଶ
ବାଳିହନ୍ତା - ବାହୁଜ
ବାହୁଡ଼ା - ବୁଧରତ୍ନ
ବୁଧସୁତ - ବୋଧବାସର
ବୋଧି - ବ୍ରହ୍ମଦୈତ୍ୟ
ବ୍ରହ୍ମନାଭ - ବ୍ରହ୍ମହା
ବ୍ରହ୍ମହୁତ - ବ୍ରୁବାଣ

## ଭ

ଭ - ଭଉଁରିଆ
ଭଉଣୀ - ଭଗ୍ନାଂଶ
ଭଗ୍ନାତ୍ମା - ଭଣିତା
ଭଣିତି - ଭଦ୍ରଯବ
ଭଦ୍ରଶ୍ରୀ - ଭରଦ୍ୱାଜ
ଭରସା - ଭବତ୍
ଭବତ୍ - ଭସ୍ତ୍ରା
ଭସ୍ମ - ଭାଙ୍ଗ
ଭାଙ୍ଗିବା - ଭାମିନୀବିଳାସ
ଭାମୀ - ଭାଳିବା
ଭାଲୁ - ଭାସନ୍ତ
ଭାସନ୍ତା - ଭିତ୍ତିଚୌର
ଭିଦ୍ - ଭୁଆସୁଣୀ
ଭୁକିବା - ଭୁବଲୋକ
ଭୁଶୁଣ୍ଡା - ଭୂତନାୟିକା
ଭୂତନାଶନ - ଭୂମା
ଭୂମି - ଭୂଷ୍ୟ
ଭୂସୁତ - ଭେକ
ଭେକ - ଭେଳକ
ଭେଲ୍‌କି - ଭୋଗିକ
ଭୋଗୀ - ଭ୍ରମର
ଭ୍ରମରକ - ଭ୍ରୂଭଙ୍ଗ

ଭ୍ରୂଲତା – ଭ୍ରେଷଣ

## ମ

ମ – ମକରନ୍ଦ
ମକରବ୍ୟୂହ – ମଙ୍ଗନ
ମଙ୍ଗଳ – ମଞ୍ଜରି
ମଞ୍ଜରିତ – ମଢ଼
ମଢ଼ିଆ – ମଣ୍ଡପ
ମଣ୍ଡଳ – ମସ୍ରରୀ
ମସ୍ରୀ – ମଦନାଙ୍କୁଶ
ମଦନାୟୁଧ – ମଧୂକ୍ରମ
ମଧୁଗାୟନ – ମଧ୍ୟଦେଶ
ମଧ୍ୟନ୍ଦିନ – ମନା
ମନାଇବା – ମନୋହତ
ମନୋହର – ମନ୍ଦର
ମନ୍ଦା – ମୟୂଖ
ମୟୂର – ମରୁଦ୍ୱର୍ତ୍ମ
ମରୁଦ୍ୱାହ – ମଳନ
ମଳଭୁକ୍ – ମଲ୍ଲଭୂ
ମଲ୍ଲଯୁଦ୍ଧ – ମସ୍ତିଷ୍କ
ମସ୍ୟାଧାର – ମହାକାବ୍ୟ
ମହାକୁଳ – ମହାନିଦ୍ରା
ମହାନିଶା – ମହାମହିମ
ମହାମାଂସ – ମହାବୀର
ମହାବୀର୍ଯ୍ୟ – ମହିଷ
ମହିଷଟପା – ମହେଷ୍ୱାସ
ମହୋକ୍ଷ – ମାଖିବା
ମାଖୁନା – ମାଠଗୁଣା
ମାଠିଆ – ମାତା
ମାତାମହ – ମାଦଳାପାଞ୍ଜି
ମାଦୃକ୍ – ମାନସବ୍ରତ
ମାନସାଳୟ – ମାୟାବସିକ
ମାୟାବାନ୍ – ମାର୍ଗିତ
ମାର୍ଗ୍ୟ – ମାଲି
ମାଲିକ – ମାହେଶ୍ୱର
ମିଛ – ମିନା
ମିମଛିଷା – ମୀନଘାତୀ
ମୀନଧ୍ୱଜ – ମୁକ୍ତା
ମୁକ୍ତାକଳାପ – ମୁଖିଆ
ମୁଖୋଲ୍କା – ମୁଥ
ମୁଥା – ମୁନିପୁଙ୍ଗବ
ମୁନିବ – ମୁଷ୍କର
ମୁଷ୍ଟି – ମୂର୍ଚ୍ଛନ
ମୂର୍ଚ୍ଛା – ମୂଳପ୍ରକୃତି
ମୂଳା – ମୃଗଶିରାଃ
ମୃଗହା – ମୃତ୍ୟୁବଞ୍ଚନ
ମୃସ୍ତ୍ରୀ – ମେଘଭୂତି
ମେଘଯୋନି – ମେଧ୍ୟ
ମେଧ୍ୟା – ମେହନ
ମେହନତ୍ – ମୋଚନ
ମୋଚି – ମୋହିନୀ
ମୌକିଲ – ମ୍ଲେଚ୍ଛକନ୍ଦ
ମ୍ଲେଚ୍ଛଦେଶ – ମ୍ଲେଚ୍ଛିତ

## ଯ

ଯ – ଯଜ୍ଞପୁରୁଷ
ଯଜ୍ଞବାଟ – ଯଥାତଥ
ଯଥାତଥା – ଯନ୍ତ୍ରିତ
ଯନ୍ତ୍ରୀ – ଯବନ
ଯବନିକା – ଯା
ଯାଆଳା – ଯାତାୟାତ
ଯାତିକ – ଯାମଳ

ଯାମବତୀ - ଯିଯବିଷା
ଯିଯବିଷୁ - ଯୁଯୁଧାନ
ଯୁଲମ୍ - ଯୋଗ
ଯୋଗଚର - ଯୋଗ୍ୟତା
ଯୋଚିବା - ଯୌତକ
ଯୌତବ - ଯୌଷ୍ମାକ

## ର

ର - ରକ୍ତଜିହ୍ୱ
ରକ୍ତତୁଣ୍ଡ - ରକ୍ତିମା
ରକ୍ତୋପଳ - ରଙ୍ଗ
ରଙ୍ଗଜ - ରଜନୀଗନ୍ଧା
ରଜନୀଚର - ରଣାଙ୍ଗନ
ରଣିତ - ରଥଦ୍ରୁ
ରଥନ୍ତର - ରମିବା
ରମେଶ - ରସକୋରା
ରସକେଶର - ରସାଳ
ରସାଳସା - ରାକ୍ଷସ
ରାକ୍ଷସେନ୍ଦ୍ର - ରାଜମଣ୍ଡଳ
ରାଜମାର୍ଗ - ରାଜୁତି
ରାଜେନ୍ଦ୍ର - ରାମ
ରାମକର୍ପୂର - ରାସମଣ୍ଡପ
ରାସାୟନିକ - ରୁଆଇବା
ରୁକ - ରୁଦ୍ର
ରୁଦ୍ରଜ - ରୂପକ
ରୂପଣ - ରେତନ
ରେତ - ରୋଚନା
ରୋଚିଃ - ରୋମାଞ୍ଚିତ
ରୋମାବଳି - ରୌମ
ରୌରବ - ରୌହିଣେୟ

## ଲ

ଲ - ଲକ୍ଷ୍ମୀପୁତ୍ର
ଲକ୍ଷ୍ମୀପୁଷ୍ପ - ଲଙ୍କାଧିପତି
ଲଙ୍କେଶ - ଲତା
ଲତାଜିହ୍ୱ - ଲମ୍ବିତ
ଲୟ - ଲସାଇବା
ଲସ୍କର - ଲାଙ୍ଗଳିକ
ଲାଙ୍ଗଳୀ - ଲାସ୍ୟ
ଲାହ - ଲୁଙ୍କାୟିତ
ଲୁଗା - ଲୂମବିଷ
ଲେଉଟାଇବା - ଲେହ
ଲେହନ - ଲୋଟା
ଲୋଟିବା - ଲୋହି
ଲୋହିତ - ଲୌହିତ୍ୟ

## ବ

ବ - ବଂଶମର୍ଯ୍ୟାଦା
ବଂଶରୋଚନା - ବକ୍ରବାସ
ବକ୍ର - ବଙ୍କା
ବଙ୍କିମ - ବଜ୍ରଚର୍ମା
ବଜ୍ରଜିତ୍ - ବଡ଼ଭି
ବଡ଼ବା - ବସ୍ୱର
ବସ୍ୱରାନ୍ତକ - ବନମୂତ
ବନରାଜ - ବନ୍ୟା
ବପା - ବରପ୍ରଦ
ବରଫ - ବର୍ଗମୂଳ
ବର୍ଗୀ - ବର୍ଷ
ବର୍ଷକୋଷ - ବଲ୍ଲଭ
ବଲ୍ଲରି - ବସୁ
ବସୁଦେବ - ବହିର୍ମୁଖ

ବହିର୍ବାସ – ବାଙ୍ମୟ
ବାଙ୍ମୁଖ – ବାଟୁଳି
ବାଟ୍ୟାଳ – ବାତାୟନ
ବାତାୟୁ – ବାପ
ବାପିତ – ବାର
ବାରକ – ବାର୍ତ୍ତା
ବାର୍ତ୍ତାବହ – ବାସବ
ବାସଃ – ବାହ୍ୟ
ବାହ୍ୟଜ୍ଞାନ – ବିକା
ବିକାର – ବିଗର୍ହଣା
ବିଗର୍ହିତ – ବିଚିତ୍ର
ବିଚିତ୍ରବୀର୍ଯ୍ୟ – ବିଜୃମ୍ଭମାଣ
ବିଜୃମ୍ଭିତ – ବିତରଣ
ବିତର୍କ – ବିଦିଶା
ବିଦୀର୍ଣ୍ଣ– ବିଦ୍ରୁମ
ବିଦ୍ୱାନ – ବିନତି
ବିନର୍ଯ୍ୟୀ – ବିନୀତ
ବିନୁ – ବିପୃଷ୍
ବିପ୍ର – ବିଭା
ବିଭାକର – ବିଭ୍ରମ
ବିଭ୍ରାଟ – ବିମ୍ବ
ବିମ୍ବିତ – ବିରାଧ
ବିରାମ – ବିଲାଇ
ବିଳାପ – ବିବଦମାନ
ବିବର – ବିବେଚକ
ବିବେଚନ – ବିଶେଷଣ
ବିଶେଷିତ – ବିଶ୍ୱକ୍‌ସେନ୍
ବିଶ୍ୱଗନ୍ଧ – ବିଷଣ୍ଣ
ବିଷଣ୍ଣତା – ବିଷ୍ଟପ
ବିଷ୍ଟବ୍ଧ – ବିସିନୀ
ବିସୂଚିକା – ବିହଙ୍ଗରାଜ
ବିହତ – ବୀତ
ବୀତଂସ – ବୃକ
ବୃକଧୂର୍ତ୍ତ – ବୃଦ୍ଧପ୍ରମାତାମହ
ବୃଦ୍ଧଶ୍ରବାଃ – ବୃଷ୍ଟିଭୂ
ବୃଷ୍ଟିମାନଯନ୍ତ୍ର – ବେଢ଼
ବେଢ଼ା – ବେଦବ୍ୟାସ
ବେଦଃ – ବେଳ
ବେଲ – ବୈକଲ୍ୟ
ବୈକୁଣ୍ଠ – ବୈଦାନ୍ତିକ
ବୈଦିକ – ବୈରଶୁଦ୍ଧି
ବୈରାଗୀ – ବୋଉ
ବୋକ – ବ୍ୟଞ୍ଜକ
ବ୍ୟଞ୍ଜନ – ବ୍ୟଭିଚାରୀ
ବ୍ୟଭିଚାରିଣୀ – ବ୍ୟବସ୍ଥାପନ
ବ୍ୟବସ୍ଥାପତ୍ର – ବ୍ୟାକୁଳ
ବ୍ୟାକୁଳାତ୍ମା – ବ୍ୟାପୃତ
ବ୍ୟାପ୍ତ – ବ୍ୟୁତ୍ପନ୍ନ
ବ୍ୟୁତ୍ପାଦକ – ବ୍ରୀହି

## ଶ

ଶ – ଶକୁନ୍ତ
ଶକୁନ୍ତଳା – ଶକ୍ରାଶନ
ଶକ୍ରୋତ୍‌ଥାନ – ଶଙ୍ଖଭୃତ୍
ଶଙ୍ଖମୁଖ – ଶତଦଳ
ଶତଦ୍ରୁ – ଶତ୍ରୁଞ୍ଜୟ
ଶତ୍ରୁତା – ଶମିତ
ଶମିରୋହ – ଶରଣାର୍ଥୀ
ଶରଣି – ଶଲକ
ଶଲଭ – ଶସ୍ତା
ଶସ୍ତ୍ର – ଶାଠ
ଶାଠ୍ୟ – ଶାମୁକ

ଶାମ୍ଭବ – ଶାଲିଆନା
ଶାଲିଆପତନୀ – ଶିଅଳ
ଶିଆଳି – ଶିଖିକଣ୍ଠ
ଶିଖିଧ୍ୱଜ – ଶିରଃ
ଶିରନାମା – ଶିଳ୍ପ
ଶିଳ୍ପକାର – ଶିଷା
ଶିଷ୍ଟ – ଶୀଧୁ
ଶୀଧୁଗନ୍ଧ – ଶୁକ୍ରବାର
ଶୁକ୍ରଶିଷ୍ୟ – ଶୁଣ୍ଡା
ଶୁଣ୍ଡାଳ – ଶୁଶ୍ରୂଷା
ଶୁଶ୍ରୂଷୁ – ଶୂଳଧୃକ୍
ଶୂଳପାଣି – ଶୃଙ୍ଗି
ଶୃଙ୍ଗିଣ – ଶୈରଙ୍କାନ
ଶୈଳ – ଶୋଣ
ଶୋଣଝିଣ୍ଟୀ – ଶୋଷୀ
ଶୋହିବା – ଶ୍ୟାମା
ଶ୍ୟାମାଙ୍ଗ – ଶ୍ରାଦ୍ଧଦେବ
ଶ୍ରାଦ୍ଧିକ – ଶ୍ରୀମୂର୍ତ୍ତି
ଶ୍ରୀଯୁତ – ଶ୍ରେଷ୍ଠାଶ୍ରମ
ଶ୍ରେଷ୍ଠୀ – ଶ୍ୱଶ୍ରୂ
ଶ୍ୱସନ – ଶ୍ୱେତବାଜୀ
ଶ୍ୱେତବାହନ – ଶ୍ୱୈତ୍ୟ

## ଷ

ଷ – ଷଡ଼ଙ୍ଗ
ଷଡ଼ଙ୍ଗଜିତ୍ – ଷଣ୍ଡା
ଷଣ୍ଡିଆ – ଷୋଡ଼ଶୋପଚାର
ଷୋଳ – ଷ୍ଠ୍ୟୂତ

## ସ

ସ – ସଂଗ୍ରାହ
ସଂଘାତବଳ – ସଂବର
ସଂବରଣ – ସଂଶ୍ଳେଷ
ସଂସଦ୍ – ସଂସ୍ଥିତି
ସଂସ୍ପର୍ଶ – ସକାଇବା
ସକାମ – ସଙ୍କୀର୍ଣ୍ଣ
ସଙ୍କୀର୍ତ୍ତନ – ସଙ୍ଗତି
ସଙ୍ଗମ – ସଜଳସ
ସଜା – ସଟା
ସଟାଙ୍କ – ସତ୍ତ୍ୱ
ସତ୍ତ୍ୱବାନ – ସଦାପୁଷ୍ପ
ସଦାଫଳ – ସନ୍ତତି
ସନ୍ତପନ୍ତ – ସନ୍ଦେହ
ସନ୍ଦୋହ – ସନ୍ନିବଦ୍ଧ
ସନ୍ନିବନ୍ଧ – ସପ୍ତଦଶ
ସପ୍ତଦୀଧିତି – ସମକ୍ଷ
ସମଗ୍ର – ସମରାଶି
ସମର୍ଥ – ସମାଧାନ
ସମାଧି – ସମାଶ୍ରିତ
ସମାସ – ସମୀର
ସମୀରଣ – ସମୁଦ୍ଧତ
ସମୁଦ୍ଧରଣ – ସମ୍ଭା
ସମ୍ଭାତ – ସମ୍ବନ୍ଧ
ସମ୍ବନ୍ଧୀ – ସମ୍ଭୋଗ
ସମ୍ଭ୍ରମ – ସରଗରମ
ସରଘର – ସରି
ସରିକଦାର – ସର୍ବତୋଭଦ୍ର
ସର୍ବତୋମୁଖ – ସଲ୍ଲକୀ
ସହ୍ଲା – ସହଣି
ସହଦେବ – ସହୋଦରା
ସହ୍ୟ – ସାଗିବା
ସାଗୁଣା – ସାତ୍ୟକି

ସାତ୍ୱତ – ସାଧିତ
ସାଧିବା – ସାପ
ସାପଟିବା – ସାମ୍ରାଜ୍ୟ
ସାୟ – ସାରସ୍ୱତ
ସାରା – ସାବିତ୍ରୀ
ସାବିତ୍ରୀବ୍ରତ – ସିଂହଳ
ସିଂହବାହିନୀ – ସିତାଶ୍ୱ
ସିତିକଣ୍ଠ – ସିନ୍ଧୁ
ସିନ୍ଧୁଜ – ସୁ
ସୁଅ – ସୁଗନ୍ଧି
ସୁଗନ୍ଧିକ – ସୁଦାମା
ସୁଦୀର୍ଘ – ସୁଛା
ସୁଛାଣ – ସୁବା
ସୁବାଦାର – ସୁମେରୁସମୁଦ୍ର
ସୁଯୋଗ – ସୁରାଚାର୍ଯ୍ୟ
ସୁରାପଗା – ସୁବିଚାର
ସୁବିଦ୍ – ସୁମୃଦ୍ଧ
ସୁସମ୍ପନ୍ନ – ସୂଚି
ସୂଚିକାମୁଖ – ସୂନୃତ
ସୂପ – ସେକ
ସେକା – ସେଠା
ସୈକତ – ସୋମସଂଜ୍ଞା
ସୋମସୁତା – ସୌରଭ
ସୌରଭ୍ୟ – ସ୍ତନୟିତ୍ନୁ
ସ୍ତନାନ୍ତର – ସ୍ତୋତ୍ର
ସ୍ତୋଭ – ସ୍ଥାନ
ସ୍ଥାନସନ୍ନିବେଶ – ସ୍ଥୂଳ
ସ୍ଥୂଳକୋଣ – ସ୍ପନ୍ଦ
ସ୍ପନ୍ଦନପ୍ରବାହ – ସ୍ଫୁଟିତ
ସ୍ଫୁର – ସ୍ମୃତି
ସ୍ମୃତିମାନ୍ – ସ୍ୱ
ସ୍ୱକୀୟ – ସ୍ୱୟମ୍ଭୂ
ସ୍ୱୟମ୍ଭୁବ – ସ୍ୱର୍ଣ୍ଣଦିଧିତି
ସ୍ୱର୍ଣ୍ଣପକ୍ଷ – ସ୍ୱାଦ
ସ୍ୱାଦନ – ସ୍ୱାହାପତି
ସ୍ୱାହାଭୁକ୍ – ସ୍ୱୋରସ

## ହ

ହ – ହଂସ
ହଂସକ – ହଟ
ହଟଚମଟ – ହତ୍ୟା
ହଦ – ହରଡ଼
ହରଣ – ହରିତକୀ
ହରିତାଳ – ହର୍ତ୍ତା
ହର୍ମ – ହଲ୍ଲକ
ହଲ୍ଲା – ହସ୍ତା
ହସ୍ତାବର୍ତ୍ତନ – ହାଜତ୍
ହାଜିର – ହାରାମଜାଦା
ହାରି – ହାସିଲାତ୍
ହାସ୍ୟ – ହିତ
ହିତକର – ହିମାନୀ
ହିମାରାତି – ହୁକୁମ୍
ହୁଗୁଳା – ହୁତି
ହୂୟମାନ – ହେତି
ହେତୁ – ହେରିକ
ହେରିକା – ହୋମି
ହୋମ୍ୟ – ହ୍ୱାନ

# ଉତ୍କଳ ଅଭିଧାନ ।

୬ଜଗନ୍ନାଥ ରାଓ କର୍ତ୍ତୃକ ସଙ୍କଳିତ ।

ପଣ୍ଡିତ ଶ୍ରୀ କୁଳମଣି ଦାଶଙ୍କ ଦ୍ୱାରା

ସଂଶୋଧିତ ଓ ସମ୍ମାର୍ଜିତ ।

ପରିବର୍ତ୍ତିତ ଓ ପରିବର୍ଦ୍ଧିତ

ତୃତୀୟ ସଂସ୍କରଣ ।


ପ୍ରକାଶକ—

ଶ୍ରୀରାଧାରମଣ ପୁସ୍ତକାଳୟ,

ବାଲୁବଜାର, କଟକ ।

୧୯୩୧

**Printed by V. Kar**

THE UTKAL SAHITYA PRESS,

**CUTTACK.**

**1931.**



*Copy rights reserved by the publisher.*


ମୂଲ୍ୟ ଟ ୫ ( ମାତ୍ର ।

# ତୃତୀୟ ସଂସ୍କରଣର ଭୂମିକା ।

ଭାରତର ଅନ୍ୟାନ୍ୟ ପ୍ରାଦେଶିକ ଭାଷା ତୁଳନାରେ ଓଡ଼ିଆ ଭାଷା ପ୍ରାଚୀନ ଭାବରେ ଅତ୍ୟଧିକ ଗୌରବାନ୍ୱିତ । ବର୍ତ୍ତମାନ ଯୁଗରେ ପୁରାତତ୍ତ୍ୱ-ଅନୁସନ୍ଧାନରୁ ସୁଧୀବୃନ୍ଦ ନିର୍ଣ୍ଣୟ କରିଅଛନ୍ତି ଯେ, ଖ୍ରୀଷ୍ଟ ତୃତୀୟ ଶତାବ୍ଦୀରେ ମଧ୍ୟ ଆମ୍ଭମାନଙ୍କ ଓଡ଼ିଆ ଭାଷାର ଅସ୍ତିତ୍ୱ ବିଦ୍ୟମାନ ଥିଲା । ଇଂରେଜ ଶାସନାଧୀନରେ ଉତ୍କଳଭାଷୀ ଲୋକମାନେ ଭିନ୍ନ ଭିନ୍ନ ପ୍ରଦେଶମାନଙ୍କରେ ବାସ କରୁଥିଲେହେଁ ସେମାନଙ୍କ ମଧ୍ୟରୁ ଅଧିକାଂଶ ମାତୃଭାଷାର ଆଲୋଚନାରେ ଏପର୍ଯ୍ୟନ୍ତ ବିମୁଖ ହୋଇ ନାହାନ୍ତି ଏବଂ ମାତୃଭାଷାର ସାହିତ୍ୟଭଣ୍ଡାରର ଶ୍ରୀବୃଦ୍ଧି ସାଧନ ପାଇଁ ବିଭିନ୍ନ ପ୍ରଦେଶବାସୀ ଉତ୍କଳୀୟମାନେ ଯଥାଶକ୍ତି ଚେଷ୍ଟାରେ ତ୍ରୁଟି କରୁ ନାହାନ୍ତି । ବର୍ତ୍ତମାନ ଉତ୍କଳଭାଷୀ ଲୋକସଂଖ୍ୟା ଏକ କୋଟିରୁ ଊଣା ନୁହେ । କିନ୍ତୁ ଦୁଃଖର କଥା ଯେ, ଏକ କୋଟି ଲୋକଙ୍କ ମଧ୍ୟରେ ପ୍ରଚଳିତ ଏହି ବିପୁଳ ଭାଷାର ଆଦର୍ଶ ଅନୁରୂପ ଅଭିଧାନ ( Standard Dictionary ) ଖଣ୍ଡିଏ ଏପର୍ଯ୍ୟନ୍ତ ଭାଷାରେ ସଙ୍କଳିତ ହୋଇ ନାହିଁ । ଏହି ଅଭାବ ଏବେ ସୁଦ୍ଧା ପ୍ରତ୍ୟେକ ଶିକ୍ଷିତ ଉତ୍କଳୀୟ ଅନୁଭବ କରୁଅଛନ୍ତି ।

ଓଡ଼ିଶା ଇଂରେଜ ଶାସନାଧୀନରେ ଆସିବା ପରେ ପାଶ୍ଚାତ୍ୟ ଶୈଳୀରେ ଅଭିଧାନ ସଙ୍କଳନ କରିବା ପାଇଁ ଅନେକ ଲୋକ ଏଥିପୂର୍ବେ ଚେଷ୍ଟା କରିଥିଲେ । ଖ୍ରୀଷ୍ଟଧର୍ମପ୍ରଚାରକମାନେ ଏ କ୍ଷେତ୍ରରେ ପ୍ରଥମେ କାର୍ଯ୍ୟ କରି ଆମ୍ଭମାନଙ୍କର ଆଦର୍ଶ ହୋଇଅଛନ୍ତି । କିନ୍ତୁ ସେହି ସବୁ ପ୍ରାଚୀନ ଅଭିଧାନଗୁଡ଼ିକ ଏବେ ଆଉ ମିଳୁ ନାହିଁ । ତତ୍ପରେ ସ୍ୱର୍ଗତ ଜଗନ୍ନାଥ ରାଓ ସରକାରଙ୍କଦ୍ୱାରା ଉତ୍ସାହିତ ହୋଇ ଯେଉଁ ଅଭିଧାନ ଖଣ୍ଡି ସଙ୍କଳନ କରିଥିଲେ, ତାହାକୁହିଁ ଆମ୍ଭେମାନେ ବର୍ତ୍ତମାନ ଯୁଗରେ ସଙ୍କଳିତ ଓଡ଼ିଆ ଅଭିଧାନଗୁଡ଼ିକ ମଧ୍ୟରେ ପ୍ରାଚୀନତମ ବୋଲି ମନେ କରୁଁ । କିନ୍ତୁ ସେ ଅଭିଧାନ ଖଣ୍ଡି ମଧ୍ୟ ଏବେ ଆଉ ମିଳୁ ନାହିଁ । ଜଗନ୍ନାଥ ରାଓଙ୍କ ପରେ ପାରଳାର ପଣ୍ଡିତ ଗୋପୀନାଥ ନନ୍ଦ, ମାନନୀୟ ମଧୁସୂଦନ ରାଓ, ଓ ପଣ୍ଡିତ ମୃତ୍ୟୁଞ୍ଜୟ ବାଣୀଭୂଷଣ ଖଣ୍ଡିଏ ଲେଖାଏଁ ଅଭିଧାନ ସଙ୍କଳନ କରିଥିଲେ । ମଧୁବାବୁ ଓ ମୃତ୍ୟୁଞ୍ଜୟ ପଣ୍ଡିତଙ୍କ ଅଭିଧାନ ଅପେକ୍ଷାକୃତ କ୍ଷୁଦ୍ରାବୟବବିଶିଷ୍ଟ ଏବଂ ତହିଁରେ ପ୍ରଚଳିତ ସମଗ୍ର ଶବ୍ଦ ଓ ଭାଷାଜ୍ଞାନର ଉପଯୋଗୀ ବ୍ୟାକରଣଗତ ବ୍ୟୁତ୍ପତ୍ତି ପ୍ରଭୃତି ସଙ୍କଳିତ ହୋଇ ନ ଥିଲା । ନନ୍ଦଙ୍କ ଅଭିଧାନ ଅପେକ୍ଷାକୃତ ବୃହଦାକାର ହେଲେହେଁ ଭାଷାଗତ ଅନେକ ବୈଷମ୍ୟ ତହିଁରେ ରହି ଯାଇଥିଲା । ସେ ପୁସ୍ତକ ମଧ୍ୟ ବର୍ତ୍ତମାନ ଆଉ କିଣିବାକୁ ମିଳୁ ନାହିଁ । ତେଣୁ ଆମ୍ଭେମାନେ ଏହି ସବୁ ଅଭାବ ଅନୁଭବ କରି ଖଣ୍ଡିଏ ଆଦର୍ଶ ଓଡ଼ିଆ ଅଭିଧାନ ସଙ୍କଳନ କରିବାକୁ ବହୁଦିନରୁ ଅଭିଳାଷ କରିଥିଲୁଁ । ଏହି ଉଦ୍ଦେଶ୍ୟରେ ଆମ୍ଭେମାନେ ସ୍ୱର୍ଗତ ଜଗନ୍ନାଥ ରାଓଙ୍କ ସ୍ତ୍ରୀଙ୍କଠାରୁ ତାଙ୍କ ସ୍ୱାମୀଙ୍କ କୃତ 'ଉତ୍କଳ ଅଭିଧାନ'ର ସ୍ୱତ୍ୱ କେତେକ ନିର୍ଦ୍ଦିଷ୍ଟ ସର୍ତ୍ତରେ ଗ୍ରହଣ କରି ତହିଁର ପରିବର୍ତ୍ତନ, ପରିବର୍ଦ୍ଧନ ଓ ସମ୍ମାର୍ଜନାଦିର ଭାର କଟକ ଟ୍ରେନିଂ ସ୍କୁଲର ସାହିତ୍ୟ ଅଧ୍ୟାପକ ପଣ୍ଡିତ ଶ୍ରୀ କୁଳମଣି ଦାଶ କାବ୍ୟତୀର୍ଥଙ୍କ ଉପରେ

ଅର୍ପଣ କରିଥିଲୁଁ । ପଣ୍ଡିତ ମହାଶୟ ବହୁ ଶ୍ରମ ସ୍ୱୀକାରପୂର୍ବକ ଅଭିଧାନଖଣ୍ଡିକୁ ସମ୍ପୂର୍ଣ୍ଣରୂପେ ସଂଶୋଧନ କରିଦେଇ ତହିଁରୁ କେତେକ ଅପ୍ରଚଳିତ ସଂସ୍କୃତ ଶବ୍ଦ ଉଠାଇ ଦେଇଅଛନ୍ତି ଏବଂ ପ୍ରାୟ ପଞ୍ଚ ସହସ୍ରାଧିକ ନୂତନ ଶବ୍ଦ ସଂଯୋଜିତ କରି ଅଭିଧାନଖଣ୍ଡିକୁ ସମ୍ପୂର୍ଣ୍ଣରୂପେ ବର୍ତ୍ତମାନ ଯୁଗରୁଚି ଓ ଆଦର୍ଶର ଅନୁରୂପ କରିଅଛନ୍ତି । ସ୍ୱର୍ଗତ ରାଓଙ୍କ ଅନୁସୃତ ପ୍ରଣାଳୀରେ ନୂତନ ସଂଯୋଜିତ ଶବ୍ଦମାନଙ୍କର ବ୍ୟୁତ୍ପତ୍ତି ଓ ଶିଷ୍ଟ ପ୍ରୟୋଗମାନ ଯଥାଯଥ ଭାବରେ ସନ୍ନିବେଶିତ ହୋଇଅଛି । ସ୍ଥୂଳରେ ଆମ୍ଭେମାନେ ଦେଖୁଅଛୁଁ, ବର୍ତ୍ତମାନ ଓଡ଼ିଆ ଭାଷାରେ ପ୍ରଚଳିତ ଯାବତୀୟ ତଦ୍ଭବ, ତତ୍ସମ ଓ ଦେଶଜ ଶବ୍ଦ ଏଥିରେ ପ୍ରଦତ୍ତ ହୋଇଅଛି । ଗ୍ରନ୍ଥଖଣ୍ଡିକୁ ସର୍ବାଙ୍ଗସୁନ୍ଦର କରିବାରେ ଆମ୍ଭେମାନେ ଆଦୌ ତ୍ରୁଟି କରି ନାହୁଁ । ତେଣୁ ଆମ୍ଭମାନଙ୍କର ବିଶ୍ୱାସ, ଏହି ଅଭିଧାନ ଖଣ୍ଡି ଓଡ଼ିଆ ଭାଷାର ଆଦର୍ଶ ଅଭିଧାନ ବା Standard Dictionary । ଏହା ଦ୍ୱାରା ଯେବେ ଅଧ୍ୟୟନାର୍ଥୀ ଛାତ୍ର ଓ ସାଧାରଣ ସାହିତ୍ୟିକମାନଙ୍କର ଅଭିଧାନର ଅଭାବ ଦୂରୀଭୂତ ହେବ, ତାହାହେଲେ ଆମ୍ଭମାନଙ୍କର ଅର୍ଥବ୍ୟୟ ଓ ପରିଶ୍ରମ ସାର୍ଥକ ହେବ ବୋଲି ବିଶ୍ୱାସ କରିବୁଁ ।

ସ୍ୱର୍ଗତ ଜଗନ୍ନାଥ ରାଓଙ୍କ ଅଭିଧାନର ଶେଷଭାଗରେ ବହୁପୃଷ୍ଠାବ୍ୟାପୀ ସଂସ୍କୃତ ଧାତୁମାଳାର ଗୋଟିଏ ତାଲିକା ଥିଲା । ଓଡ଼ିଆ ଭାଷାଶିକ୍ଷାର୍ଥୀମାନଙ୍କ ପକ୍ଷରେ ତାହାର ବିଶେଷ ପ୍ରୟୋଜନୀୟତା ନ ଦେଖି ଆମ୍ଭେମାନେ ତାହା ଏହି ନୂତନ ସଂସ୍କରଣରେ ଉଠାଇ ଦେଇଅଛୁଁ । ନୂତନ ଶବ୍ଦ ଏଥିରେ ସଂଯୋଜିତ ହେବାରୁ ଗ୍ରନ୍ଥର ଆକାର ୧୨ ଫର୍ମା ବା ୯୬ ପୃଷ୍ଠା ବଢ଼ିଅଛି । ତଥାପି ଆମ୍ଭେମାନେ ଗ୍ରନ୍ଥର ପୂର୍ବ ନିର୍ଦ୍ଦିଷ୍ଟ ମୂଲ୍ୟ ବଢ଼ାଇ ନାହୁଁ ।

ପରିଶେଷରେ କୃତଜ୍ଞତା ସହିତ ଜଣାଉଅଛୁଁ ଯେ, ଉତ୍କଳ ସାହିତ୍ୟ ପ୍ରେସର ସ୍ୱତ୍ୱାଧିକାରୀ ମାନନୀୟ ଶ୍ରୀ ବିଶ୍ୱନାଥ କର ମହୋଦୟ ଏହି ବିପୁଳ ଗ୍ରନ୍ଥର ପ୍ରୁଫ୍ ସଂଶୋଧନାଦିରେ ଯଥେଷ୍ଟ ସାହାଯ୍ୟ କରିଅଛନ୍ତି । ତାଙ୍କର ବିନା ସାହାଯ୍ୟରେ ଏ ଗ୍ରନ୍ଥଖଣ୍ଡି ଆମ୍ଭେମାନେ ଏତେ ଶୀଘ୍ର ପ୍ରକାଶ କରି ପାରି ନ ଥାନ୍ତୁ । ଅଳ୍ପ ସମୟ ମଧ୍ୟରେ ଏହି ଅଭିଧାନ ଖଣ୍ଡି ପ୍ରକାଶ କରିବାକୁ ପଡ଼ିବାରୁ ଏଥିରେ କେତେକ ଭ୍ରମ ପ୍ରମାଦ ରହିଥିବା ସ୍ୱାଭାବିକ । ବିଜ୍ଞ ପାଠକବୃନ୍ଦ ଦୋଷାଂଶ ଗ୍ରହଣ ନ କରି ଗୁଣାଂଶ ଗ୍ରହଣ କରିବେ, ଏହାହିଁ ଆମ୍ଭମାନଙ୍କର ଶେଷ ପ୍ରାର୍ଥନା । ଇତି ।

**ଅଭିଧାନରେ ବ୍ୟବହୃତ କେତେକ ସାଙ୍କେତିକ ଚିହ୍ନର ବ୍ୟାଖ୍ୟା :—**

| | |
|---|---|
| ବି = ବିଶେଷ୍ୟ ପଦ | ପୁଂ = ପୁଂଲିଙ୍ଗ |
| ବିଂ = ବିଶେଷଣ ପଦ | ସ୍ତ୍ରୀ = ସ୍ତ୍ରୀଲିଙ୍ଗ |
| ସଂ = ସର୍ବନାମ ପଦ | ନ — ନପୁଂସକ ବା କ୍ଲୀବଲିଙ୍ଗ । |
| ଅଂ = ଅବ୍ୟୟ ପଦ | |
| କ୍ରି. ବିଂ. = କ୍ରିୟା ବିଶେଷଣ | |

କଟକ
ଶ୍ରୀ ରାଧାରମଣ ପୁସ୍ତକାଳୟ
୮।୫।୫୯ } ପ୍ରକାଶକ

# ଉତ୍କଳ ଅଭିଧାନ ।

## ଅ

**ଅ**, ବି. ପୁଂ. ଦ୍ୱାର ଉଚ୍ଚାରଣ ସ୍ଥାନ କଣ୍ଠ । ଆଦ୍ୟସ୍ୱର; ବିଷ୍ଣୁ । କ୍ରି. ବିଂ ଅଭାବ, ଭିନ୍ନ । ସମାସରେ ପ୍ରଥମ ଶବ୍ଦର ଆଦ୍ୟ ଅକ୍ଷର ଯେବେ ବ୍ୟଞ୍ଜନବର୍ଣ୍ଣ ହୁଏ, ତେବେ ନିଷେଧାର୍ଥକ 'ନ' ସ୍ଥାନରେ 'ଅ' ହୁଏ ଏବଂ ଯେବେ ସ୍ୱରବର୍ଣ୍ଣ ହୁଏ ତେବେ 'ନ' ସ୍ଥାନରେ ଅନ୍ ହୁଏ । ଏହି 'ନ'ର ( 'ଅ' ବା 'ଅନ୍'ର) ଅର୍ଥ ଛ ପ୍ରକାର ହୁଏ । ଯଥା—ସାଦୃଶ୍ୟ, ଅଭାବ, ଅନ୍ୟତ୍ୱ, ଅଳ୍ପତା, ଅପ୍ରାଶସ୍ତ୍ୟ ଓ ବିରୋଧ ।

**ଅଂଶ**, ବି. ପୁଂ. ( ଅନ୍ଶ-ଅ ) ଭାଗ, ଖଣ୍ଡ, ସ୍କନ୍ଧ, ଅକ୍ଷାଂଶ, କୋଣ ପରିମାଣ ।

**ଅଂଶକ**, ବି. ପୁଂ. (ଅଂଶ-ଅକ) ଜ୍ଞାତି । ନ. ଦିନ, ଭାଗ । ବିଂ. ଯେ ଭାଗ କରେ ।

**ଅଂଶକୂଟ**, } ବି. ନ. ଅଂଶ-କୂଟ) ଷଣ୍ଢର ଚୂଳ,
**ଅଂସକୂଟ**, } କକୁଦ୍ ।

**ଅଂଶନୀୟ**, ବିଂ. (ଅଂଶ-ଅନୀୟ) ଭାଗଯୋଗ୍ୟ, ବିଭାଜ୍ୟ ।

**ଅଂଶଳ**, ବିଂ. (ଅଂଶ-ଳ) ବଳବାନ୍, ବଳିଷ୍ଠ, ମାଂସଳ ।

**ଅଂଶହର**, ବିଂ. (ଅଂଶ-ହୃ-ଅ) ଭାଗୀ, ଅଂଶର ଅଧିକାରୀ, ଅଂଶହରଣକାରୀ ।

**ଅଂଶା**, ବି ( ଅଂଶୁ ଶବ୍ଦଜ ) ସୂତାଦିର ସୂକ୍ଷ୍ମାଂଶ, କାଠର ମଞ୍ଜ ।

**ଅଂଶାପହାରକ**, ବିଂ. (ଅଂଶ-ଅପ-ହୃ-ଅକ) ଅଂଶ ଅପହରଣକାରୀ; ଅଂଶ ଅପହାରୀ ।

**ଅଂଶାପହାରୀ**, ବିଂ. ( ଅଂଶ-ଅପ-ହୃ-ଇନ୍ ) ଅଂଶ ଅପହର୍ତ୍ତା, ଅଂଶ ଅପହାରକ ।

**ଅଂଶିତ**, ବିଂ. ( ଅଂଶ-ଇ ) ବିଭକ୍ତ, ବିଭିନ୍ନ, ବିଭାଜିତ ।

**ଅଂଶୀ**, ବିଂ. (ଅଂଶ-ଇନ୍) ଭାଗୀ, ଯେ ଅଂଶ ପାଏ ।

**ଅଂଶୀଦାର**, ବି. ( ହିନ୍ଦି ) ଅଂଶଭାଗୀ, ଦାୟାଦ ।

**ଅଂଶୁ**, ବି. ପୁଂ (ଅନ୍ଶ୍-ଉ) କିରଣ, ପ୍ରଭା, ସୂତାର ଅଗ୍ରଭାଗ, ସୂର୍ଯ୍ୟ ।

**ଅଂଶୁକ**, ବି. ନ. ( ଅଂଶୁ-କ ) ବସ୍ତ୍ର, ସୂକ୍ଷ୍ମ ବସ୍ତ୍ର, ଉତ୍ତରୀୟ ବସ୍ତ୍ର, ତେଜପତ୍ର, କିରଣ । ଯଥା—

> ଦଶନ-ଅଂଶୁକ ମିଶଇ ନାଶାମଣି ଅଂଶୁକେ,
> ମୃଗମଦ ବିନ୍ଦୁ ସୁନ୍ଦର ଶୋଭେ ଗୃରୁ ଉତ୍ସୁକେ ।
> ଚନ୍ଦ୍ରଭାଗା ।

**ଅଂଶୁକାୟ**, ବି. ପୁଂ. (ଅଂଶୁ-କାୟ) ଯେଉଁ ଜନ୍ତୁ-ମାନଙ୍କ ଦେହରେ ଆଲୋକ ଥାଏ । ଯଥା—ପ୍ରବାଳ କୀଟ, ତାରାମତ୍ସ୍ୟ, ଜୁଳୁଜୁଳିଆ ପୋକ ପ୍ରଭୃତି ।

**ଅଂଶୁଧର**, ବି. ପୁଂ. (ଅଂଶୁ-ଧୃ-ଅ) ସୂର୍ଯ୍ୟ, ସୂର୍ଯ୍ୟ-ବଂଶୀୟ ଅସମଞ୍ଜ ରାଜା ।

**ଅଂଶୁପା**, ବି. ସ୍ତ୍ରୀ. ବାଙ୍କୀର ଅନ୍ତର୍ଗତ ସ୍ୱନାମପ୍ରସିଦ୍ଧ ହ୍ରଦବିଶେଷ, ଏହାର ସ୍ଥାନୀୟ ନାମ 'ଆଇଁସପା' । ଯଥା —

> ରୂପା ଅଂଶୁପା ଲୋକେ ଅଗୋଚର,
> କୋଷ୍ଠଦ ହେଲା ଗୋଷ୍ଠଦ ସୁନ୍ଦର ।
> ଚିଲିକା ।

**ଅଂଶୁମତୀ**, ବି. ସ୍ତ୍ରୀ. ( ଅଂଶୁ-ମତ୍-ଈ ) ଶାଳପର୍ଣ୍ଣୀ ବୃକ୍ଷ ।

**ଅଂଶୁମାନ୍**, ବି. ପୁଂ ( ଅଂଶୁ-ମତ୍ ) ସୂର୍ଯ୍ୟ, ସୂର୍ଯ୍ୟ-ବଂଶୀୟ ଅସମଞ୍ଜ ରାଜା । ବିଂ. କିରଣବିଶିଷ୍ଟ, ଆଲୋକଯୁକ୍ତ ।

**ଅକସ୍ମାତ୍**, ଅଂ. ( ଅ-କସ୍ମାତ୍ ) ହଠାତ୍, ସହସା, ଦୈବାତ୍ । ଯଥା—

ଅକସ୍ମାତ ଦେଖ ଏହି ନଗର ପ୍ରାନ୍ତରେ,
ଉଠାଧୂମ ଉଠେ କେଉଁଠୁ ପ୍ରଖର ବେଗରେ ।

**ଅକାଠ, ଅକାଠୁ,** } ବି°. (ଅକାଠ୍ୟ ଶବ୍ଦଜ) ଯାହାକୁ କିଛି କାଟେ ନାହିଁ । ଅବ୍ୟର୍ଥ । ବି. ଯେଉଁ ଔଷଧ ଧାରଣ କଲେ ଅସ୍ତ୍ରାଘାତାଦି କାଟେ ନାହିଁ ।

**ଅକାଟ୍ୟ**, ବି° ( ଅ-କଟ-ଯ ) ଅଖଣ୍ଡନୀୟ, ଯାହା ଖଣ୍ଡନ କରାଯାଇ ନ ପାରେ । ଯଥା— ଅକାଟ୍ୟ ଯୁକ୍ତି ।

**ଅକାଣ୍ଡ**, ବି. ପୁଂ. ( ଅ-କନ୍-ଡ ) ଅସମୟ, ସ୍କନ୍ଧଶୂନ୍ୟ ବୃକ୍ଷ । ଅଂ. ଅକସ୍ମାତ୍ ।

**ଅକାଣ୍ଡିଆ**, ବି° (ଦେଶଜ) ଅପରିଷ୍କୃତ, ଅକଣ୍ଡା ।

**ଅକାତକାତ, ଅକାତ,** } ବି°. (ଦେଶଜ) ଅମାପ, ଅତିଗଭୀର, ଯେଉଁଠାକୁ କାତ ପାଏ ନାହିଁ ।

**ଅକାତର**, ବି°. (ଅ-କାତର) ଦୁଃଖବୋଧରହିତ, କାତର ନ ହେବା, ଅନାୟାସ ।

**ଅକାନବନ୍ଧ**, ବି. (ଦେଶଜ) ଔଷଧ ଗୁଳ୍ମବିଶେଷ ।

**ଅକାମିକା, ଅକାମୀ,** } ବି° (ଅକର୍ମା ଶବ୍ଦଜ) ଅଳସୁଆ, ନିଷ୍କର୍ମା ।

**ଅକାୟ**, ବି°. (ଅ-କାୟ) ଶରୀରବିହୀନ । ବି. ପୁଂ. ପରମାତ୍ମା, ରାହୁଗ୍ରହ ।

**ଅକାର**, ବି. ପୁଂ. (ଅ-କାର) "ଅ" ଏହି ଅକ୍ଷର, ସ୍ୱର ବର୍ଣ୍ଣର ଆଦ୍ୟ ଅକ୍ଷର । ଅ-କର ବାନ୍ତି କରିବା ।

**ଅକାରଣ**, ବି°. (ଅ-କାରଣ) କାରଣଶୂନ୍ୟ, ବୃଥା,

**ଅକାରାନ୍ତ**, ବି°. ( ଅକାର-ଅନ୍ତ ) ଯେଉଁ ଶବ୍ଦ ଶେଷରେ ଅକାର ଥାଏ ।

**ଅକାଲ**, ବି ପୁଂ. ( ଅ-କାଳ ) ଅଶୁଭ କାଳ, ଅସମୟ, ଦୁର୍ଭିକ୍ଷ ।

**ଅକାଲୀ**, ବି. ପଞ୍ଜାବ ପ୍ରଦେଶବାସୀ ଶିଖସମ୍ପ୍ରଦାୟବିଶେଷ । ଏମାନେ ସାହସୀ ଓ ଦୃଢ଼ସଙ୍କଳ୍ପ ବୋଲି ଭାରତରେ ବିଖ୍ୟାତ ।

**ଅକାଳକାଣ୍ଡ**, ବି. ନ. (ଅକାଳ-କାଣ୍ଡ) ପାଣ୍ଡୁରାଜା ଅଭିଶାପପ୍ରାପ୍ତ ହୋଇ ମାଦ୍ରୀସହିତ ସହବାସରେ ଲିପ୍ତ ଥିବା ସମୟରେ ଆକାଶରୁ କାଣ୍ଡ ପଡ଼ିବା ଦ୍ୱାରା ହତ ହେଲେ । ସେହିପରି ଆକସ୍ମିକ ବାଣର ବା ଘଟଣାର ନାମ ଅକାଳକାଣ୍ଡ । ଯଥା—

ଅକାଳକାଣ୍ଡ ପ୍ରୀତି ମୁଣ୍ଡେ ପଡ଼ୁ,
ପ୍ରପଞ୍ଚ ପ୍ରୀତି ହାତ ଗୋଡ଼ ଛଡ଼ୁ । ବ, ଚ,

**ଅକାଳକୁଷ୍ମାଣ୍ଡ**, ବି. ନ. ( ଅକାଳ-କୁଷ୍ମାଣ୍ଡ ) ଅସମୟରେ ଉତ୍ପନ୍ନ ପାଣିକଖାରୁ । ଯେପରି ଅସମୟରେ ଫଳିଥିବା ପାଣିକଖାରୁ ଦୁର୍ଲକ୍ଷଣାକ୍ରାନ୍ତ, ତେଣୁ ଲୋକେ ତାହାକୁ ବଳିଦାନ ଓ ଔଷଧ ପ୍ରଭୃତିରେ ଲଗାନ୍ତି ନାହିଁ, ସେହିପରି ଯେଉଁ ଲୋକ କାର୍ଯ୍ୟ କରିବାରେ ଅକ୍ଷମ, ତାହାକୁ ମଧ୍ୟ ଅକାଳକୁଷ୍ମାଣ୍ଡ କହନ୍ତି ।

**ଅକଦା**, ବି ( ଦେଶଜ ) ରଣ, ଦାହ, ଆଶ୍ରୟ, ଅନୁସରଣ ।

**ଅକାଳଜ**, ବି°. ( ଅକାଳ-ଜନ୍-ଅ ) ଅସମୟରେ ଉତ୍ପନ୍ନ ।

**ଅକାଳଜଳଦୋଦୟ**, ବି. ପୁଂ. ( ଅକାଳଜଳଦ-ଉଦୟ ) ଅସମୟରେ ମେଘର ଉଦୟ, କୁଜ୍ଝଟିକା, କୁହୁଡ଼ି ।

**ଅକାଳସହ**, ବି°. (ଅ-କାଳ-ସହ) ଯାହାର କାଳ ସହେ ନାହିଁ, ଅଧୈର୍ଯ୍ୟ, ଅସ୍ଥିର ।

**ଅକାଳ୍ପନିକ**, ବି°. ( ଅ-କଳ୍ପନା-ଇକ ) ଯାହା କଳ୍ପନାପ୍ରସୂତ ନୁହେ, ପ୍ରକୃତ, ଯଥାର୍ଥ ।

ଅକଞ୍ଚନ, ବ. ( ଅ-କଞ୍ଚନ ) ଯାହାର କଛି ନାହିଁ । ଦୁଃଖୀ, ଦରିଦ୍ର, ନିର୍ଧନ, ସାମାନ୍ୟ, କ୍ଷୁଦ୍ର । ଯଥା—

ଧନ ଗଲା ଚୋରି ହେ ପ୍ରଭଞ୍ଜନ,
ଭୂ ପଡ଼ିଶୁ ସବୁ, ମାନ ଭଜନ
କଏ ଦେବତଳେ, ଛୁଇଁବ କୌଶଳେ
ତୋ ତନ୍, ମହେଶ ମାୟା ଏମନ,
କେମନ୍ତେ ବୁଝିବି ମୁଁ ଅକିଞ୍ଚନ । କ, ବ,

~~ଅକିଞ୍ଚନତ୍ୱ, ବି. ନ.~~
ଅକଞ୍ଚନତା, ବିଂ. ସ୍ତ୍ରୀ. } ( ଅକଞ୍ଚନ-ତ୍ୱ, ତା ) ନିର୍ଧନତ୍ୱ, ଦାରିଦ୍ର୍ୟ ।

ଅକଞ୍ଚିତ୍, ବିଂ. ( ଅ-କଞ୍ଚିତ୍ ) ଅତି ସାମାନ୍ୟ, ଯହିଁରେ କଛି ନାହିଁ ।

ଅକଞ୍ଚିତ୍କର, ବିଂ ( ଅ-କଞ୍ଚିତ୍-କର ) ଯହିଁରେ କଛି ହୁଏ ନାହିଁ, ଅକର୍ମଣ୍ୟ ।

ଅକୀର୍ତ୍ତି, ବ. ସ୍ତ୍ରୀ. ( ଅ-କୀର୍ତ୍ତି ) ନିନ୍ଦା, ଅଯଶ, ଅଖ୍ୟାତି, ଦୁର୍ନାମ ।

ଅକୁଣ୍ଠ,
ଅକୁଣ୍ଠିତ, } ବି. (ଅ-କୁଣ୍ଠ-ଅ, ତ) ପ୍ରତିଭାଯୁକ୍ତ; ଅବ୍ୟାହତ, ଅସଙ୍କୁଚିତ ।

ଅକୁତୋଭୟ, ବିଂ. ( ଅ-କୁତଃ-ଭୟ ) ଯେ କୌଣସି ଆଡ଼ୁ ହେଲେ ଭୟ ପାଏ ନାହିଁ । ନିର୍ଭୟ, ନିଃଶଙ୍କ । ଯେ କାହାରକୁ ଡରେ ନାହିଁ ।

ଅକୁପ୍ୟ, ବି. ନ. (ଅ-କୁପ୍ୟ) ସ୍ୱର୍ଣ୍ଣ, ରୌପ୍ୟ ।

ଅକ୍ରୁର
ଅକୂର } ବି, (ଅକ୍ରୂର ଶବ୍ଦଜ) କଂସର ମନ୍ତ୍ରୀ ।

ଅକୁଳନ, ବି ( ଅ-କୁଲ୍-ଅନ ) ନ ଅଣ୍ଟିବା, ଅଭାବ ।

ଅକୁଳା, ବିଂ. (କୁଳ ଶବ୍ଦଜ) ଯାହାର ଜନ୍ମରେ ଠିକ୍ ନାହିଁ ।

ଅକୁଳୀନ
ଅକୁଳ } ବିଂ. ( ଅ-କୁଳୀନ ) କୁଳମର୍ଯ୍ୟାଦା-ଶୂନ୍ୟ ।

ଅକୂପାର, ବିଂ. ( ଅ-କୂପାର ) ସମୁଦ୍ର, ଜଳଧି । ଯଥା—

କୃପା କରି ଯେଉଁ କୃପା-ଅକୂପାର
ଦୂର୍ଣ୍ଣ କମୋ ଦୁଃଖ କରିବେ ପାର । ନ. କ.

କଚ୍ଛପ, କୂର୍ମରାଜ, ସୂର୍ଯ୍ୟ, ପର୍ବତ ।

ଅକୂଳ, ବିଂ. (ଅ-କୂଳ) କୂଳହୀନ, ଯାହାର କୂଳ ଦେଖାଯାଏ ନାହିଁ ।

ଅକୃତ, ବିଂ. (ଅ-କୃତ) ଅସମ୍ପାଦିତ, ଅନନୁଷ୍ଠିତ, ଯାହା କରାଯାଇ ନାହିଁ ।

ଅକୃତକର୍ମା, ବିଂ. ( ଅ-କୃତ-କର୍ମନ୍ ) ଅପଟୁ ।

ଅକୃତକାର୍ଯ୍ୟ, ବିଂ, ( ଅ-କୃତ-କାର୍ଯ୍ୟ ) ନିଷ୍ଫଳ, ବିଫଳମନୋରଥ ।

ଅକୃତଘ୍ନ, ବିଂ. (ଅ-କୃତଘ୍ନ) କୃତଜ୍ଞ ।

ଅକୃତଜ୍ଞ, ବିଂ. ( ଅ-କୃତଜ୍ଞ ) ଯେଉଁ ବ୍ୟକ୍ତି ଉପକାର ସ୍ୱୀକାର ନ କରେ, କୃତଘ୍ନ ।

ଅକୃତଦାର, ବି. ପୁଂ. ( ଅ-କୃତ-ଦାର ) ଅବିବାହିତ, ବାଡୁଅ ।

ଅକୃତାର୍ଥ, ବିଂ. ( ଅ-କୃତ-ଅର୍ଥ ) ବିଫଳ-ମନୋରଥ, ଅକୃତକାର୍ଯ୍ୟ ।

ଅକୃତୀ, ବିଂ. (ଅ-କୃତିନ୍) ଅକ୍ଷମ, ଅଯୋଗ୍ୟ ।

ଅକୃତ୍ୟ, ବି. (ଅ-କୃତ୍ୟ ) ଅକାର୍ଯ୍ୟ । ବିଂ. ଯାହା କରିବା ଉଚିତ ନୁହେ ।

ଅକୃତ୍ରିମ, ବିଂ. ( ଅ-କୃତ୍ରିମ ) କୃତ୍ରିମ ନୁହେ, ସ୍ୱାଭାବିକ, ଯଥାର୍ଥ, ଅକପଟ, ଛଳଶୂନ୍ୟ, ବିଶୁଦ୍ଧ ।

ଅକୃଷ୍ଟ ବିଂ. ( ଅ-କୃଷ୍-ତ ) ଯହିଁରେ ଚାଷ କରାଯାଇ ନାହିଁ, ଅକର୍ଷିତ ।

ଅକୈତବ, ବିଂ. (ଅ-କୈତବ) ଅକପଟ, ସରଳ ।

ଅକୋଠ, ବି. ପୁଂ. (ଅ-କୁଠ-ଅ) ଗୁଆଗଛ, ଗୁଆ ।

ଅକୌଶଳ, ବି. ନ. (ଅ-କୁଶଳ-ଅ) ଅପଟୁତା, କୁଶଳାଭାବ, ବିରୋଧ ।

ଅକ୍କା, ବି. ସ୍ତ୍ରୀ. (ଅକ-କୈ-ଅ-ଆ) ଜନନୀ, ମାତା ।

ଅକ୍ତ, ବିଂ. (ଅନ୍ଜ-ତ) ଯୁକ୍ତ, ଲେପିତ, ମିଶ୍ରିତ; ଅଭିଷିକ୍ତ, ବ୍ୟକ୍ତ । ଯଥା—ତୈଳାକ୍ତ, ରୁଧିରାକ୍ତ ଇତ୍ୟାଦି ।

ଅକ୍ରମ, ବି...
ସଙ୍ଗ

ଅକ୍ଳିନ୍ନ

**ଅକ୍ରୂର**, ବି. ପୁଂ. (ଅ-କ୍ରୂର) ଗାନ୍ଦିନୀପୁତ୍ର, କୃଷ୍ଣଙ୍କର ପିତୃବ୍ୟ । ଯଥା—

ଦାଣ୍ଡରେ ଶୁଭିଲା ରାମ କୃଷ୍ଣ ନେବେ ଭାଇ,
ଅକ୍ରୂର ଆସିଛି ତାଙ୍କୁ ଧରି ନେବାପାଇଁ ।
ମଥୁରାମଙ୍ଗଳ ।

**ଅକ୍ରେୟ**, ବିଂ. (ଅ-କ୍ରୀ-ଯ) କିଣିବାର ଅଯୋଗ୍ୟ, ମହଙ୍ଗା ।

**ଅକ୍ରୋଧ**-ବି. ପୁଂ. (ଅ-କ୍ରୋଧ) କ୍ରୋଧଶୂନ୍ୟତା । ବିଂ. ଯାହାର କ୍ରୋଧ ନାହିଁ ।

**ଅକ୍ଳାନ୍ତ**, ବିଂ. ( ଅ-କ୍ଳାନ୍ତ ) କ୍ଳାନ୍ତିରହିତ, ଅଶ୍ରାନ୍ତ, ଯେ ପରିଶ୍ରମ କରି କାତର ହୁଏ ନାହିଁ ।

**ଅକ୍ଳିଷ୍ଟ**, ବିଂ. (ଅ-କ୍ଳିଷ୍ଟ) ଯେ ପରିଶ୍ରମ କରି କ୍ଳେଶ ବୋଧ ନ କରେ ।

**ଅକ୍ଳୀବ**, ବିଂ. ( ଅ-କ୍ଳୀବ ) ଅବନ୍ଧ୍ୟ, ବୀର, ଧୈର୍ଯ୍ୟଶାଳୀ ।

**ଅକ୍ଳେଶ**, କ୍ରିଂ. ବିଂ. (ଅ-କ୍ଳେଶ) ବିନା କ୍ଳେଶରେ, ସହଜରେ । ବି. କ୍ଳେଶର ଅଭାବ ।

**ଅକ୍ଷ**, ବି. ପୁଂ. (ଅକ୍ଷ୍-ଅ) ପାଶକ, ପଶାଖେଳ, ଚକ୍ରର ଅଖ, ଗ୍ରହ ଭ୍ରମଣର ପଥ, ଜ୍ଞାନ, ରଥାଙ୍ଗ, ଏକ ଭରି ବା ଷୋଳ ମସା ପରିମାଣ, ବ୍ୟବହାର ଶାସ୍ତ୍ର, ରାବଣପୁତ୍ର, ଗରୁଡ଼, ରୁଦ୍ରାକ୍ଷ ଗଛ, ଇନ୍ଦ୍ରିୟ, ସ୍ୱଚ୍ଛ ଲବଣ, ଚକ୍ଷୁ । ଯଥା—

ଅକ୍ଷ ସାର୍ଥ ମୁଁ କଲି ଦେଖି ପୁଣି,
ଅରଲିଙ୍କି ସେହିଠାରୁ ଏକ୍ଷଣି । ବ. ଚ.

**ଅକ୍ଷକ୍ରୀଡ଼ା**, ବି. ସ୍ତ୍ରୀ. ( ଅକ୍ଷ-କ୍ରୀଡ଼ା ) ଦ୍ୟୁତକ୍ରୀଡ଼ା, ପଶାଖେଳ ।

**ଅକ୍ଷଚକ୍ର**, ବି. ନ. (ଅକ୍ଷ-ଚକ୍ର) ସହଜରେ ଗୁରୁଭାର ଉତ୍ତୋଳନ କରିବା ଯନ୍ତ୍ରବିଶେଷ ।

**ଅକ୍ଷତ**, ବି. (ଅ-କ୍ଷତ) । ଅଭଗ୍ନ ଭୁଆ ଚାଉଳ, ଯବ । ବିଂ. ଆଘାତଶୂନ୍ୟ, ଅଖଣ୍ଡିତ, ନିଖୁଣ । ଯଥା—

ନହୋଇଲେ ଚୂର୍ଣ୍ଣ,

**ଅକ୍ଷତଯୋନି**, ବି. ସ୍ତ୍ରୀ. (ଅକ୍ଷତ-ଯୋନି) କୁମାରୀ, ଯେ ସ୍ତ୍ରୀର ପୁରୁଷସଙ୍ଗ ହୋଇ ନାହିଁ ।

**ଅକ୍ଷତା**, ବି. ସ୍ତ୍ରୀ. ( ଅ-କ୍ଷତ-ଆ ) ପୁରୁଷସଂସର୍ଗରହିତା ସ୍ତ୍ରୀ, କୁମାରୀ ।

**ଅକ୍ଷଦଣ୍ଡ**, xis, ବି. ଯେଉଁ କଳ୍ପିତ ବ୍ୟାସ ଉପରେ ପୃଥିବୀ ପଶ୍ଚିମରୁ ପୂର୍ବାଭିମୁଖରେ ପ୍ରତିଦିନ ବୁଲେ, ମେରୁଦଣ୍ଡ, ବର୍ତ୍ତୁଳର ବ୍ୟାସ ।

**ଅକ୍ଷଧର**, ବି. ପୁଂ. (ଅକ୍ଷ-ଧର) ଚକ୍ରଧର, ବିଷ୍ଣୁ ।

**ଅକ୍ଷଧୂର୍ତ୍ତ**, ବି (ଅକ୍ଷ-ଧୂର୍ତ୍ତ) ଜୁଆରି, ପଶାଖେଳାଳି ।

**ଅକ୍ଷପାଦ**, ବି. ପୁଂ. ( ଅକ୍ଷ-ପାଦ ) ଗୌତମ ମୁନି, ନ୍ୟାୟଶାସ୍ତ୍ରପ୍ରଣେତା, ଚକ୍ରର ଅଙ୍ଗ ।

**ଅକ୍ଷମ**, ବିଂ. (ଅ-କ୍ଷମ-ଅ) କ୍ଷମତାରହିତ, ଅଶକ୍ତ, ଅସମର୍ଥ ।

**ଅକ୍ଷମା**, ବି. ସ୍ତ୍ରୀ. (ଅ-କ୍ଷମା) ଈର୍ଷା, ହିଂସା, କ୍ରୋଧ ।

**ଅକ୍ଷମାଳା**, ବି. ସ୍ତ୍ରୀ. (ଅକ୍ଷ-ମାଳା) ରୁଦ୍ରାକ୍ଷମାଳା, ଜପମାଳି । ଯଥା—

ଧରିଅଛି ଅକ୍ଷମାଳା-କଳସ୍ କେ ...ଇ ।

ବଶିଷ୍ଠପତ୍ନୀ ଅରୁନ୍ଧତୀ

**ଅକ୍ଷୟ**, ବିଂ. ( ଅ-କ୍ଷୟ ), ଅବିନଶ୍ୱର, ଚିରସ୍ଥାୟୀ, ନିତ୍ୟ । ଯଥା—

ଦାଣ୍ଡିମାଳ ଯାର ଶଇଳବକ୍ଷରେ
ବୀର ଯଶ ଲେଖା ଅକ୍ଷୟ ଅକ୍ଷରେ ।

**ଅକ୍ଷୟତୃତୀୟା**, ବି. ସ୍ତ୍ରୀ. (ଅକ୍ଷୟ ତୃତୀୟା) ବୈଶାଖ ଶୁକ୍ଳପକ୍ଷ ତୃତୀୟା, ଏହି ତିଥିରେ କୌଣସି ଶୁଭକାର୍ଯ୍ୟ କଲେ ତାହାର ଫଳ ଅକ୍ଷୟ ହୁଏ ।

**ଅକ୍ଷୟବଟ**, ବି. ନୀ. ( ଅକ୍ଷୟ-ବଟ ) ପୁରୀ ଭୁବନେଶ୍ୱର ଓ ପ୍ରୟାଗ ପ୍ରଭୃତି ତୀର୍ଥ ସ୍ଥାନ ମାନଙ୍କରେ ରୋପିତ ଥିବା ବଟବୃକ୍ଷ । ପ୍ରବାଦ ଅଛି ଯେ, ଏହି ବୃକ୍ଷକୁ ପୂଜା କଲେ ଅକ୍ଷୟ ଫଳ ଲାଭ ହୁଏ ।

**ଅକ୍ଷର**, ବି. ପୁଂ. ( ଅ-କ୍ଷର ) ବ୍ରହ୍ମ, ପରମେ... ଅକାରାଦି ବର୍ଣ୍ଣ । ବିଂ. ସ୍ଥାୟୀ, ଅବିନଶ୍ୱ...

ଅକ୍ଷରଜୀବୀ, ବି. ପୁଂ. (ଅକ୍ଷର-ଜୀବନ୍) ଅକ୍ଷର । ଅର୍ଥାତ ଲିପିଦ୍ୱାରା ଯେ ଜୀବିକା ନିର୍ବାହ କରେ, ଲେଖକ ।

ଅକ୍ଷରୁଚକ, ବି. ନ. ସୌବର୍ଚ୍ଚଲ ଲବଣ ।

ଅକ୍ଷରେଖା, Lines of Latitude, ବି. ଭୂଗୋଳକ ଉପରେ କଳ୍ପିତ ମଣ୍ଡଳାକାର ରେଖାବିଶେଷ ।

ଅକ୍ଷଲୀଳା, ବି. (ଅକ୍ଷ-ଲୀଳା) ପଶାଖେଳ, ଚକ୍ଷୁର ବିଳାସ । ଯଥା—

ଖାଧି ନୈାହେ ତଥି ଅକ୍ଷଲୀଳା ଏଥି
ବଧି ନୋହି ଅକ୍ଷଲୀଳା । ବୈ, ବ,

ଅକ୍ଷବାଟ, ବି. ପୁଂ. (ଅକ୍ଷ-ବାଟ) ମଲ୍ଲଭୂମି, କୁସ୍ତିର ଆଖଡ଼ା । ପଶାଖେଳର ଆଡ୍ଡା, ପଶାଖେଳ ଛକ ।

ଅକ୍ଷବୃତ୍ତ, Parallels of Latitude, ବି. ନିରକ୍ଷ ବୃତ୍ତର ସମାନ୍ତରାଳ ଏବଂ ନିରକ୍ଷ ବୃତ୍ତରୁ କ୍ରମଶଃ ଦଶ ଦଶ ଅଂଶ ଅନ୍ତରରେ ଯେଉଁ କ୍ଷୁଦ୍ର କ୍ଷୁଦ୍ର ବୃତ୍ତ କଳ୍ପିତ ହୁଏ ।

ଅକ୍ଷସୂତ୍ର, ବି. (ଅକ୍ଷ-ସୂତ୍ର) ଜପମାଳା ।

ଅକ୍ଷାଂଶ, Degree, ବି. ପୁଂ. (ଅକ୍ଷ-ଅଂଶ) ବିଷୁବ-ରେଖାର ଉତ୍ତର ଦକ୍ଷିଣ ଓ ପୂର୍ବ ପଶ୍ଚିମ ଭୂଭାଗକୁ ଭୂଗୋଳବେତ୍ତାମାନେ ୩୬୦ ସମାନ ଅଂଶରେ ବିଭାଗ କରନ୍ତି, ସେହି ଏକ ଏକ ଅଂଶର ନାମ ଅକ୍ଷାଂଶ ।

ଅକ୍ଷାନ୍ତି, ବି. ସ୍ତ୍ରୀ, (ଅ-କ୍ଷମ୍-ତି) ଅକ୍ଷମା, ଈର୍ଷ୍ୟା ।

ଅକ୍ଷାରଲବଣ ବି. (ଅ-କ୍ଷାର-ଲବଣ) ସୈନ୍ଧବ-ଲବଣ; ଗାଈଦୁଧ, ଗୁଆଳିଆ ଧାନ, ମୁଗ, ତିଳ, ଯବ, ସୈନ୍ଧବଲବଣ—ଏହି ହବିଷ୍ୟ ଦ୍ରବ୍ୟ ।

ଅକ୍ଷି, ବି. ନ. (ଅକ୍ଷ୍-ଇ) ଚକ୍ଷୁ, ନେତ୍ର, ଲୋଚନ ।

ଅକ୍ଷିକୂଟକ, ବି. ପୁଂ. (ଅକ୍ଷି-କୂଟକ) ଚକ୍ଷୁର ତାରା ।

ଅକ୍ଷୁଣ୍ଣ, ବିଂ. (ଅ-କ୍ଷୁଣ୍ଣ) ଯାହାକୁ କୌଣସି ବିଷୟରେ ନିରାଶ ହୋଇ ଦୁଃଖ ଭୋଗ କରିବାକୁ ହୁଏ ନାହିଁ । ଅଖିଳ, ପୂର୍ଣ୍ଣ ।

ଅକ୍ଷୁବ୍ଧ, ବିଂ. (ଅ-କ୍ଷୁବ୍ଧ) ଭୟ ବା ବିପଦ ଘଟିଲେ ଯେ ବ୍ୟାକୁଳ ହୁଏ ନାହିଁ, କ୍ଷୋଭ-ଶୂନ୍ୟ, ଅବ୍ୟାକୁଳ ।

ଅକ୍ଷୋଟ, ବି. ପୁଂ, (ଅକ୍ଷ୍-ଓଟ) ପର୍ବତଜାତ, ପାଳୁଅଗଛ ।

ଅକ୍ଷୋଭ, ବି. ପୁଂ. (ଅ-କ୍ଷୁଭ୍-ଅ) ହସ୍ତିବନ୍ଧନସ୍ତମ୍ଭ । ବିଂ. କ୍ଷୋଭଶୂନ୍ୟ ।

ଅକ୍ଷୌହିଣୀ, ବି. ସ୍ତ୍ରୀ. (ଅକ୍ଷ-ଊହିନୀ) ସେନା ପରିମାଣ ବିଶେଷ, ୧୦୯୩୫୦ ପଦାତି, ୬୫୬୧୦ ଅଶ୍ୱ; ୨୧୮୭୦ ଗଜ ଓ ୨୧୮୭୦ ରଥଯୁକ୍ତ ସୈନ୍ୟ ।

ଅଖ, ବି. (ଅକ୍ଷ ଦେଶଜ) ଗାଡ଼ିର ଦୁଇ ଚକ ମଧ୍ୟରେ ଥିବା ଜୁଆଳି ଆକାରର କାଷ୍ଠଦଣ୍ଡ, ଅଭ୍ୟାସ ।

ଅଖଞ୍ଜ, ବି. (ଦେଶଜ) ଅସୁବିଧା । (ବିଶେଷଣରେ ଅଖଞ୍ଜିଆ)

ଅଖଳ, ବିଂ. (ଅ-ଖଲ୍-ଅ) ଅକପଟ ।

ଅଖଣ୍ଡ, ବିଂ. (ଅ-ଖଣ୍ଡ) ସମ୍ପୂର୍ଣ୍ଣ, ସମଗ୍ର ।

ଅଖଣ୍ଡଳ, ବି. ପୁଂ. (ଅ-ଖଣ୍ଡଳ) ପୃଥିବୀ, ମହୀ ।

ଅଖଣ୍ଡିତ, ବିଂ. (ଅ-ଖଣ୍ଡ-ତ) ଲିପ୍ତ, ସମ୍ପୂର୍ଣ୍ଣ ।

ଅଖବା, ବିଂ. (ଦେଶଜ) ହିତାହିତ ବିଚାର-ଶୂନ୍ୟ ।

ଅଖା, ବି. (ଦେଶଜ) ଛୋଟଦ୍ୱାରା ନିର୍ମିତ ଥଳୀ, ବସ୍ତା ।

ଅଖାଇ, ବିଂ. ସ୍ତ୍ରୀ (ଦେଶଜ) ଯେ ସ୍ତ୍ରୀ ଅଳ୍ପ ଖାଏ, (ଉପହାସରେ ଅତିରିକ୍ତ ଭୋଜନରେ ଅଭ୍ୟସ୍ତ ସ୍ତ୍ରୀଠାରେ ମଧ୍ୟ ପ୍ରଯୁକ୍ତ ହୁଏ) ଯଥା—

ଅଖାଇ କହୁଛି ଓଲା
ଗୁରୁବାର ମାଣବସା— ଉଗ,

ଅଖାଡୁଆ, ବିଂ. (ଦେଶଜ) ବିବେଚନାଶୂନ୍ୟ (ଲୋକ) ।

ଅଖାତ, } ବି. ପୁଂ. (ଅ-ଖନ୍-ତ) ସ୍ୱାଭାବିକ
ଆଖାତ, } ଜଳାଶୟ, ଉପସାଗର ।

ଅଖାଦ୍ୟ, ବିଂ. (ଅ-ଖାଦ୍ୟ) ଅଭକ୍ଷ୍ୟ ।

**ଅଖିଆ** ବିଂ. ( ଦେଶଜ ) ଉପବାସୀ, ଯେ ଖାଇ ନ ଥାଏ ।

**ଅଖିଳ**, ବିଂ (ଅ-ଖିଳ) ସମଗ୍ର, ସମସ୍ତ, ସମୁଦାୟ । ଯଥା—

ଅଖିଳ ଅବନୀ ମଧ୍ୟେ ମାନନୀୟା,
ଅଖିଳ ଅବନୀପତିପୂଜନୀୟା । କ. ବି.

**ଅଖ୍ୟାତି**, ବି. ସ୍ତ୍ରୀ. (ଅ-ଖ୍ୟା-ତି) ଅଯଶ, ନିନ୍ଦା ।

**ଅଗ**, ବି. ପୁଂ. (ଅ-ଗମ୍-ଅ) ପର୍ବତ, ବୃକ୍ଷ, ସୂର୍ଯ୍ୟ, ସର୍ପ । ( ଅଗ୍ରର ଅପଭ୍ରଂଶ ) ଅଗ୍ରଭାଗ, ଶିଖରଦେଶ ।

**ଅଗଣା**, ବି. ( ଅଙ୍ଗନ ଶବ୍ଦଜ ) ଗୃହସମ୍ମୁଖସ୍ଥ ସମତଳ ଭୂମି । ବିଂ. ଯାହା ଗଣା ହୋଇ ନାହିଁ, ଅନେକ । ଯଥା —

କେ କହିବ କେ ଯାହାକୁ ସ୍ନେହେ,
ବଢ଼ି ଯାଇଛି ଜୀବନ ନୋହେ,
ବଳ ଛାଡ଼ିଯାଉଛି ସିନା ସହେ,
ବହୁରଙ୍ଗେ ବୁଲୁଛନ୍ତି ଦେଖ ଅଗଣାରେ । କ. ବି.

**ଅଗଣନ**, ବିଂ. (ଅ-ଗଣ-ଅନ) ଯାହାର ଗଣନା ହୋଇ ନାହିଁ, ଅଗଣ୍ୟ, ଅସଂଖ୍ୟ ।

**ଅଗଣନୀୟ**, **ଅଗଣ୍ୟ**, } ବିଂ. (ଅ-ଗଣ-ଅନୀୟ, ଯ) ଅସଂଖ୍ୟ, ଅଗ୍ରାହ୍ୟ ।

**ଅଗତି**, ବିଂ. ( ଅ-ଗତି ) ଗତିହୀନ । ବି. ସ୍ତ୍ରୀ. ଉପାୟାଭାବ ।

**ଅଗତ୍ୟା**, ଅଂ. (ଅ-ଗତ୍ୟା) ସୁତରାଂ, ଅନାୟତ୍ତରେ, ଗତ୍ୟନ୍ତର ଅଭାବରେ ।

**ଅଗଦ**, ବି. ପୁଂ. (ଅ-ଗଦ) ଔଷଧ, ବିଷଘ୍ନ ଔଷଧ । ବିଂ. ରୋଗହୀନ, ସୁସ୍ଥ ।

**ଅଗନା ଅଗନି**, ବିଂ. ( ଗ୍ରାମ୍ୟ ) ଦୁର୍ଗମ, ଅଗମ୍ୟ, ଯଥା—ଅଗନାଅଗନି ବନସ୍ତ ।

**ଅଗମ**, ବି. ପୁଂ. (ଅ-ଗମ୍-ଅ) ପର୍ବତ, ବୃକ୍ଷ । ବିଂ. ଦୁର୍ଗମ, ଗତିହୀନ ।

**ଅଗମ୍ୟ**, ବିଂ. ( ଅ-ଗମ୍-ଯ ) ଦୁର୍ଗମ, ଯେଉଁ ସ୍ଥାନକୁ କେହି ଗମନ କରି ନ ପାରନ୍ତି, ଦୁର୍ବୋଧ ।

**ଅଗମ୍ୟା**, ବିଂ. ( ଅ-ଗମ୍-ଯ-ଆ ) ଯେଉଁ ସ୍ତ୍ରୀ ସଂସର୍ଗରେ ମହାପାତକ ହୁଏ, ଯେଉଁ ସ୍ତ୍ରୀର ସଂଗମ ସର୍ବଥା ଅନୁଚିତ ।

**ଅଗର**, ବି. (ଅଗୁରୁ ଶବ୍ଦଜ) କୃଷ୍ଣଚନ୍ଦନ ।

**ଅଗରା**, ବି. ପୁଂ. ( ଦେଶଜ ) ଗୁଳ୍ମବିଶେଷ, ବାଉଁଶର ଅଗ କଣି, ଅଗିଲ୍ଲ ।

**ଅଗବଥୁ**, ବି. ( ଅଗ୍ନିମନ୍ଥ ଶବ୍ଦଜ) ଏକ ପ୍ରକାର ଶାଗ ।

**ଅଗସ୍ତ୍ୟ**, **ଅଗସ୍ତି**, } ବି. ପୁଂ. ( ଅଗ-ସ୍ତ୍ୟୈ-ଅ, ଇ ) ମୁନିବିଶେଷ, ପୁଲସ୍ତ୍ୟ ଋଷିଙ୍କ ପୁତ୍ର, ବକପୁଷ୍ପ, ନକ୍ଷତ୍ରବିଶେଷ । ଯଥା—

ଦକ୍ଷିଣେ ଅଗସ୍ତ୍ୟ ଦକ୍ଷିଣେ ସୁନ୍ଦର,
ଲେଉଟିଛନ୍ତି ଭଲ ହୋଇ ମନର । ଲ. ବି.

**ଅଗସ୍ତ୍ୟଯାତ୍ରା**, ବି. ସ୍ତ୍ରୀ. ( ଅଗସ୍ତ୍ୟ-ଯାତ୍ରା ) ଭାଦ୍ର ମାସର ପ୍ରଥମ ଦିନ । ଏହି ଦିନ ଅଗସ୍ତ୍ୟ ମୁନି ବିନ୍ଧ୍ୟାଚଳ ନିକଟରୁ ଦକ୍ଷିଣାଭିମୁଖରେ ଯାତ୍ରା କରି ପୁନର୍ବାର ପ୍ରତ୍ୟାଗତ ହୋଇ ନ ଥିଲେ, ଏ ହେତୁରୁ ସେ ଦିନ ଯାତ୍ରା ନିଷିଦ୍ଧ ।

**ଅଗା**, ବି. ପୁଂ. (ଅଜ୍ଞଶବ୍ଦଜ) ନିର୍ବୋଧ, ବୋକା ।

**ଅଗାଡ଼ି**, ବି. (ଦେଶଜ) ଯେଉଁ ଧାନରେ ଚାଉଳ ନ ଥାଏ । ବିଂ. ଅସାର, ନିକୃଷ୍ଟ ।

**ଅଗାତ୍ମଜା**, ବି. ସ୍ତ୍ରୀ. (ଅଗ-ଆତ୍ମଜା) ପାର୍ବତୀ, ନଦୀ ।

**ଅଗାଧ**, ବିଂ (ଅ-ଗାଧ) ଅତଳସ୍ପର୍ଶ, ଅତିଗଭୀର ।

**ଅଗାଧୁଆ**, ବିଂ. ( ଦେଶଜ ) ଯେ ଗାଧୋଇ ନାହିଁ ।

**ଅଗାର**, ବି. ନ. (ଅଗ-ଆ-ଋ-ଅ) ଗୃହ, ଘର ।

**ଅଗି**, ବି. (ଅଗ୍ର ଶବ୍ଦଜ) ବୃକ୍ଷ ଗୁଳ୍ମାଦିର କୋମଳ ଅଗ୍ରଭାଗ, (ଅଗ୍ନି ଶବ୍ଦଜ) ମାଘପୂର୍ଣ୍ଣିମାର ଉତ୍ସବ, ଯଥା—ଅଗିଜଳା ।

**ଅଗିର**, ବି. ପୁଂ. (ଅ-ଗୃ-ଅ) ସ୍ୱର୍ଗ, ସୂର୍ଯ୍ୟ, ଅଗ୍ନି, ରାକ୍ଷସ, ଅଣ୍ଡଜ ।

**ଅଗିଲ୍ଲ**, ବି. ( ଅଗ୍ର ଶବ୍ଦଜ ) ବାଉଁଶ ପ୍ରଭୃତିର ଅଗ, ଅଗରା ।

ଅଗୁ, ବି. ପୁଂ. ( ଅ-ଗୋ ) ରାହୁଗ୍ରହ ।
ବିଂ. କିରଣରହିତ, ଗୋଶୂନ୍ୟ ।

ଅଗୁରୁ, ବି. ନ. (ଅ-ଗୁରୁ) ଶିଂଶପା ବୃକ୍ଷ, ସୁଗନ୍ଧ କାଷ୍ଠବିଶେଷ, କୃଷ୍ଣବର୍ଣ୍ଣ ଚନ୍ଦନ । ବିଂ. ଲଘୁ ।

ଅଗୁଳ, ବି. ( ପ୍ରାଚୀନ ) ପ୍ରସ୍ଥ ବା ଓସାର । ଯଥା—

ଚଉଦ କୋଶ ଆବୃତନ ମିଳନ୍ତି ଯାଇ,
ତିନି କୋଶ ଦୀର୍ଘ ଅଧ କୋଶ ଯେ ଅଗୁଳ ।
ସା. ମହାଭାରତ.

ଅଗୃହଗନ୍ଧ, ବି. ନ. (ଅ-ଗୃହ-ଗନ୍ଧ) ହିଙ୍ଗୁ ।

ଅଗୋଚର, ବିଂ. ( ଅ-ଗୋଚର ) ଅଜ୍ଞାତ, ଅପ୍ରତ୍ୟକ୍ଷ । ଯଥା—

କହିବାକୁ ହେ ଅଟନ୍ତି ଅଗୋଚର,
କେତେ ଉତ୍ସବ ହୋଇଲା ଗୋପପୁର ।
ଚ. କ.

ଅଗୌକସ୍, ବି. ପୁଂ. ( ଅଗ-ଓକସ୍ ) ସରଭ, ପକ୍ଷୀ, ସିଂହ । ବିଂ. ପର୍ବତବାସୀ ।

ଅଗୌଣ, ବିଂ. (ଅ-ଗୌଣ) ଶୀଘ୍ର, ତ୍ୱରିତ ।

ଅଗ୍ନି, ବି. ପୁଂ. (ଅଗ୍-ନି) ବହ୍ନି, ଅନଳ, ପାବକ, ନିଆଁ ।

ଅଗ୍ନିକ, ବି. ପୁଂ. (ଅଗ୍ନି-କ) ସାଧବଘର ପୋକ, ଇନ୍ଦ୍ରଗୋପ, ରକ୍ତବର୍ଣ୍ଣ କୀଟବିଶେଷ ।

ଅଗ୍ନିକାଣ୍ଡ, ବି. ପୁଂ. (ଅଗ୍ନି-କାଣ୍ଡ) ଗୃହାଦି ଦାହ, ଆଗ୍ନେୟାସ୍ତ୍ର ପ୍ରୟୋଗ ।

ଅଗ୍ନିକଣ, ବି. ପୁଂ. ( ଅଗ୍ନି-କଣ ) ଫୁଲିଙ୍ଗ, ଅଗ୍ନିକଣା ।

ଅଗ୍ନିକୁଣ୍ଡ, ବି ନ. (ଅଗ୍ନି-କୁଣ୍ଡ) ଅଗ୍ନ୍ୟାଧାନ ସ୍ଥାନ, ଅଗ୍ନି ଜାଳିବାର ଗର୍ତ୍ତ ।

ଅଗ୍ନିକୁମାର, ବି. ପୁଂ. (ଅଗ୍ନି-କୁମାର) କାର୍ତ୍ତିକେୟ ।

ଅଗ୍ନିକୋଣ, ବି. ପୁଂ. (ଅଗ୍ନି-କୋଣ) ପୂର୍ବ-ଦକ୍ଷିଣ କୋଣ, ଏହି କୋଣର ଅଧିଷ୍ଠାତ୍ରୀ ଦେବତା ଅଗ୍ନି, ଏଣୁ ଏହାର ନାମ ଅଗ୍ନି ବା ଆଗ୍ନେୟ କୋଣ ।

ଅଗ୍ନିଗର୍ଭ, ବି. ପୁଂ. (ଅଗ୍ନି-ଗର୍ଭ) ସୂର୍ଯ୍ୟକାନ୍ତ ମଣି ।

ଅଗ୍ନିଚିତ୍, ବି. ପୁଂ. ( ଅଗ୍ନି-ଚି-କ୍ୱିପ୍ ) ସାଗ୍ନିକ, ଅଗ୍ନିହୋତ୍ରୀ ବ୍ରାହ୍ମଣ ।

ଅଗ୍ନିଜ୍ୱାଳା, ବି. ସ୍ତ୍ରୀ. ଜଳପିପ୍ପଳୀ, ଧାତୁକୀବୃକ୍ଷ ।

ଅଗ୍ନିତ୍ରୟ, ବି. ନ. ( ଅଗ୍ନି-ତ୍ରୟ ) ଗାର୍ହପତ୍ୟ, ଆହବନୀୟ ଓ ଦାକ୍ଷିଣ୍ୟ ଏହି ତିନି ପ୍ରକାର ଅଗ୍ନି ।

ଅଗ୍ନିଦ, ବିଂ ( ଅଗ୍ନି-ଦା-ଅ ) ଯେ ଆତତାୟୀ ଗୃହ ଦଗ୍ଧ କରିବା ନିମନ୍ତେ ଅଗ୍ନିଦାନ କରେ ।

ଅଗ୍ନି-ଦଗ୍ଧ ପ୍ରସ୍ତର, ( Volcanic rocks ) ବି. ନ. ଅଗ୍ନିସଂଯୋଗରେ ଉତ୍ପନ୍ନ ପ୍ରସ୍ତର । ଭୂତତ୍ତ୍ୱବେତ୍ତାମାନେ ପୃଥିବୀର ସମସ୍ତ ପ୍ରସ୍ତରକୁ ଦୁଇ ଭାଗରେ ବିଭକ୍ତ କରିଅଛନ୍ତି । ଯଥା— ଅଗ୍ନିଦଗ୍ଧ ବା ଆଗ୍ନେୟ ପ୍ରସ୍ତର ଓ ବାରୁଣ ପ୍ରସ୍ତର ।

ଅଗ୍ନିଦାତା, ବି. ପୁଂ. (ଅଗ୍ନି-ଦାତା) ଯେ ଅନ୍ତ୍ୟେଷ୍ଟି କ୍ରିୟା ବିଧିରେ ମୃତ ଦେହ ଦହନ କରେ ।

ଅଗ୍ନିପକ୍ୱ, ବିଂ. (ଅଗ୍ନି-ପକ୍ୱ) ଯାହା ଅଗ୍ନିଦ୍ୱାରା ପାକ କରି ହୋଇଅଛି ।

ଅଗ୍ନିପରୀକ୍ଷା, ବି. ସ୍ତ୍ରୀ. (ଅଗ୍ନି-ପରୀକ୍ଷା) ଅଗ୍ନିଦ୍ୱାରା ଶୁଦ୍ଧାଶୁଦ୍ଧ ନିର୍ଣ୍ଣୟ କରିବା ।

ଅଗ୍ନିପ୍ରସ୍ତର, ବି. ପୁଂ. (ଅଗ୍ନି-ପ୍ରସ୍ତର) ଚକମକି ପଥର, ଏହାକୁ ଲୌହଦ୍ୱାରା ଆଘାତ କଲେ ଅଗ୍ନି ଜାତ ହୁଏ ।

ଅଗ୍ନିମାନ୍ଦ୍ୟ, ବି. ନ. (ଅଗ୍ନି-ମନ୍ଦ-ଯ) ଅଜୀର୍ଣ୍ଣ, ଅପାକ । Dyspepsia, କ୍ଷୁଧାମାନ୍ଦ୍ୟ, ବାତାଜୀର୍ଣ୍ଣ ।

ଅଗ୍ନିମୂଲ୍ୟ, ବି. ନ. (ଅଗ୍ନି-ମୂଲ୍ୟ) ଯାହାର ମୂଲ୍ୟ ଅଗ୍ନିବତ୍ ଅର୍ଥାତ୍ ମୂଲ୍ୟାଧିକ୍ୟ ହେତୁରୁ ଯହିଁରେ ହାତ ଦେଇ ହୁଏ ନାହିଁ, ଦୁର୍ମୂଲ୍ୟ, ମହାର୍ଘ, ଉଚ୍ଚମୂଲ୍ୟ ।

ଅଗ୍ନିଯନ୍ତ୍ର, ବି. ପୁଂ. (ଅଗ୍ନି-ଯନ୍ତ୍ର) କମାଣ, ବନ୍ଧୁକ ।

ଅଗ୍ନିବର୍ଣ୍ଣ, ବି. ନ. (ଅଗ୍ନି-ବର୍ଣ୍ଣ) ଅଗ୍ନିପରି ବର୍ଣ୍ଣ, ରକ୍ତବର୍ଣ୍ଣ । ବି. ପୁଂ. ରାମଚନ୍ଦ୍ରଙ୍କର ପୌତ୍ର, କୁଶ ରାଜାଙ୍କ ପୁତ୍ର ।

ଅଗ୍ନିଶର୍ମା, ବି. ପୁଂ. (ଅଗ୍ନି-ଶର୍ମନ୍) ମହାକ୍ରୋଧୀ ।

ଅଗ୍ନିଶିଖ, ଅଗ୍ନିଶେଖର } ବି. ନ. ( ଅଗ୍ନି-ଶିଖ, ଶେଖର) କୁଙ୍କୁମ, ଧୂପ, ବାଣ ।

**ଅଗ୍ନିଶିଖା**, ବି. ସ୍ତ୍ରୀ. ( ଅଗ୍ନି-ଶିଖା ) ଅଗ୍ନିଜ୍ୱାଳା, ବିଷଲାଙ୍ଗୁଳିଆ ଗଛ ।

**ଅଗ୍ନିଷ୍ଟୋମ**, ବି. ପୁଂ. ( ଅଗ୍ନି-ସ୍ତୋମ ) ଯାଗବିଶେଷ ।

**ଅଗ୍ନିସଖ** ବି. ପୁଂ. (ଅଗ୍ନି-ସଖା) ବାୟୁ, ପବନ ।

ଅଗ୍ନିହୋତ୍ର, ବି. ନ. (ଅଗ୍ନି-ହୁ-ତ୍ର ) ସାଗ୍ନିକର ପ୍ରାତ୍ୟହିକ ବା ଦୈନିକ ହୋମ ।

ଅଗ୍ନିହୋତ୍ରୀ, ବି. ପୁଂ. ( ଅଗ୍ନିହୋତ୍ର-ଇନ୍ ) ସାଗ୍ନିକ, ନିତ୍ୟ ହୋମକର୍ତ୍ତା ।

ଅଗ୍ନ୍ୟସ୍ତ୍ର, ବି. ନ. (ଅଗ୍ନି-ଅସ୍ତ୍ର) ଆଗ୍ନେୟାସ୍ତ୍ର, ବନ୍ଧୁକ, ତୋପ ପ୍ରଭୃତି ।

ଅଗ୍ନ୍ୟୁତ୍ପାତ, ବି. ପୁଂ. ( ଅଗ୍ନି-ଉତ୍ପାତ ) ଆଗ୍ନେୟ ଗିରି-ସଂଘଟିତ ଉପଦ୍ରବ । ଆଗ୍ନେୟ ଗିରିରୁ ସମୟ ସମୟରେ ଧୂମ, କର୍ଦ୍ଦମ, ମୃତ୍ତିକା, ଗଳିତ ଧାତୁଦ୍ରବ୍ୟାଦି ବାହାର ହୁଏ, ଏହି ଘଟନାକୁ ଅଗ୍ନ୍ୟୁତ୍ପାତ କହନ୍ତି ।

ଅଗ୍ର, ବିଂ. (ଅଗ-ର) ଆଦ୍ୟ, ପ୍ରଥମ, ପ୍ରଧାନ । ବି. ନ. ଅଗ୍ରଭାଗ, ଅବଲମ୍ବନ ।

ଅଗ୍ରକାୟ ବି ( ଅଗ୍ର-କାୟ ) ଶରୀର ପୂର୍ବଭାଗ ।

ଅଗ୍ରଗ, ବିଂ. (ଅଗ୍ର-ଗ) ଅଗ୍ରଗାମୀ, ପ୍ରଧାନ ।

ଅଗ୍ରଗଣ୍ୟ, ବିଂ. ( ଅଗ୍ର-ଗଣ୍ୟ ) ପ୍ରଧାନ, ଶ୍ରେଷ୍ଠ ।

ଅଗ୍ରଗାମୀ, ବିଂ, ( ଅଗ୍ର-ଗମ୍-ଇନ୍ ) ଅଗ୍ରସର ।

ଅଗ୍ରଜ, ବିଂ. (ଅଗ୍ର-ଜନ୍-ଅ) ଜ୍ୟେଷ୍ଠ, ବଡ଼ଭାଇ । ବି. ବ୍ରାହ୍ମଣ ଜାତି ।

ଅଗ୍ରଜନ୍ମା, ବି. ପୁଂ. ( ଅଗ୍ର-ଜନ୍ମନ୍ ) ବ୍ରାହ୍ମଣ । ବିଂ. ଜ୍ୟେଷ୍ଠ ।

**ଅଗ୍ରଜାତକ** / **ଅଗ୍ରଜାତି** } ବି. ପୁଂ (ଅଗ୍ର-ଜାତକ, ଜାତି) ବ୍ରାହ୍ମଣ ।

**ଅଗ୍ରଣୀ**, ବି. ପୁଂ. (ଅଗ୍ର-ନୀ-କ୍ୱିପ୍ ) ସେନାପତି । ବିଂ. ଶ୍ରେଷ୍ଠ ।

**ଅଗ୍ରତଃ**, ଅଂ. (ଅଗ୍ର-ତସ୍) ଆଗରେ, ସମ୍ମୁଖରେ ।

**ଅଗ୍ରତେ**, ଅଂ ( ଅଗ୍ରତଃ ଶବ୍ଦଜ ) ଆଗରେ, ସମ୍ମୁଖରେ । ଯଥା—

> ଏଥି ଅନ୍ତେ ଅଗ୍ରତେ ଦେଖିବା କଣରେ ।
> କିରାତମାନ [illegible] ।

ଅଗ୍ରଦାନୀ, ବି. ପୁଂ. ( ଅଗ୍ର-ଦାନୀ ) ପ୍ରେତୋଦ୍ଦେଶ୍ୟରେ ଯାହାକୁ ଅଗ୍ରେ ଦାନ କରାଯାଏ, ପତିତ ବ୍ରାହ୍ମଣ ।

ଅଗ୍ରପଶ୍ଚାତ୍, କ୍ରି. ବିଂ. (ଅଗ୍ର-ପଶ୍ଚାତ୍) ପୂର୍ବାପର, ଭୂତଭବିଷ୍ୟତ୍ ।

ଅଗ୍ରପାଣି, ବି. ପୁଂ. (ଅଗ୍ର-ପାଣି) ହସ୍ତାଗ୍ର, ଦକ୍ଷିଣ ହସ୍ତ ।

ଅଗ୍ରଭାଗ, ବି. ପୁଂ.(ଅଗ୍ର-ଭାଗ)ପ୍ରଥମୋଦ୍ଧୃତ ଭାଗ ।

ଅଗ୍ରସର / ଅଗ୍ରେସର / ଅଗ୍ରସାର } ବିଂ. (ଅଗ୍ର-ସୃ-ଅ) ଅଗ୍ରଗାମୀ ।

ଅଗ୍ରସାମାନ୍ୟବନ୍ଧନୀ, ବି.ସ୍ତ୍ରୀ. ମେରୁଦଣ୍ଡର ସମ୍ମୁଖ ଭାଗସ୍ଥ ବନ୍ଧନୀ ।

ଅଗ୍ରହାୟଣ, ବି ପୁଂ. ( ଅଗ୍ର-ହାୟନ ) ମାର୍ଗଶିର ମାସ ।

ଅଗ୍ରିମ, ବିଂ. ( ଅଗ୍ର-ଇମ ) ଆଗତୁରା, ଉତ୍ତମ, ଜ୍ୟେଷ୍ଠ ।

ଅଗ୍ର୍ୟ, ବିଂ. (ଅଗ୍ର-ଯ) ପ୍ରଧାନ ।

ଅଘ, ବି. ନ. (ଅଘ୍-ଅ) ପାପ, କଳଙ୍କ, ଦୁଃଖ, ବ୍ୟସନ । ପୁଂ. ଅସୁରବିଶେଷ ।

ଅଘଟ / ଅଘଟନ } ବିଂ. (ଅ-ଘଟ, ଘଟନ) ଅସମ୍ଭବ । ଅସୁନ୍ଦର ।

ଅଘମର୍ଷଣ, ବିଂ. (ଅଘ-ମୃଷ୍-ଅନ)ପାପନାଶନ । ବି.ପୁଂ.ବେଦର ମନ୍ତ୍ରବିଶେଷ, ଶ୍ରୀକୃଷ୍ଣ । ଯଥା—

> ଅଘମର୍ଷଣ ଶୃଣି କୃତକୃତ,
> ଅବସରେ ହୋଇଲେ ପ୍ରଣପତ୍ୟ । ବି, ଚ,

ଅଘାସୁର, ବି. ପୁଂ. ବକାସୁର ଓ ପୂତନାର କନିଷ୍ଠ ଭ୍ରାତା ଏବଂ କଂସର ଭୃତ୍ୟ ।

ଅଘୋର, ବିଂ. (ଅ-ଘୋର) ଅଭୟାନକ ବା ସୌମ୍ୟ ରୂପବିଶିଷ୍ଟ । ଅତି ଭୟାନକ । ପ୍ରଚଣ୍ଡ, ଯଥା—ଅଘୋର ନାଦ । ବି. ପୁଂ. ଶିବ, ମହାଦେବ ।

ଅଘୋରପନ୍ଥୀ, ବିଂ. ( ଅଘୋର-ପନ୍ଥୀ ) କୁପଥଗାମୀ । ବି ଶୈବ ସଂପ୍ରଦାୟବିଶେଷ, ଅଘୋରୀ ।

ଅଙ୍କ, ବି. ପୁଂ. ( ଅନ୍‌କ୍‌-ଅ ) ଚିହ୍ନ, କଳଙ୍କ, କ୍ରୋଡ଼, ନାଟକଗ୍ରନ୍ଥର ପରିଚ୍ଛେଦ, ଭୂଷଣ, ସଂଖ୍ୟାସଂସ୍ଥାପନ, ଯଥା—୧, ୨, ୩ ଇତ୍ୟାଦି, ସମୀପ, ଅପରାଧ, ଦୋଷ, ଦେଶଭେଦରେ ସିଂହାସନାରୋହଣଠାରୁ ବର୍ଷ ଗଣନା ।

ଅଙ୍କନ, ବି. ନ. (ଅଙ୍କ୍‌-ଅନ) ଚିହ୍ନକରଣ, ସଂଖ୍ୟାଲିଖନ, ଚିତ୍ର କରିବା ।

ଅଙ୍କରନ୍ତି ବି—ଅକରନ୍ତି ଦେଖ ।

ଅଙ୍କଶାସ୍ତ୍ର, ବି. ନ. ( ଅଙ୍କ-ଶାସ୍ତ୍ର ) ଗଣିତ ଶାସ୍ତ୍ର, ବୀଜଗଣିତ ପ୍ରଭୃତି ।

ଅଙ୍କସ୍ଥ, ବିଂ. (ଅଙ୍କ-ସ୍ଥ) କ୍ରୋଡ଼ସ୍ଥ ।

ଅଙ୍କି, ବି. ( ଦେଶଜ ) ବାଡ଼ ଘେରାଯାଇଥିବା ସ୍ଥାନ, ଖୁଆଡ଼ ।

ଅଙ୍କିତ, ବିଂ. ( ଅଙ୍କ-ତ ) ଚିହ୍ନିତ, ଲିଖିତ, ଚିତ୍ରିତ, ଗଣିତ ।

ଅଙ୍କୁର, } ବି. ପୁଂ. (ଅଙ୍କ-ଉର) ଗଜା, ବୀଜରୁ
ଅଙ୍କୂର, } ଉଦ୍ଭୂତ ନୂତନ ଉଦ୍ଭିଦ ତୃଣାଦି ।

ଅଙ୍କୁରିତ, ବିଂ. ( ଅଙ୍କୁର-ଇତ ) ଯାହାର ଅଙ୍କୁର ନିର୍ଗତ ହୋଇଅଛି, ପ୍ରକାଶିତ, ଆବିର୍ଭୂତ ।

ଅଙ୍କୁରକ, ବି. ପୁଂ. ( ଅଙ୍କୁର-କ ) ନୀଡ଼, ପକ୍ଷୀର ବସା ।

ଅଙ୍କୁଶ } ବି. ନ. (ଅଙ୍କ-ଉଶ, ଷ) ହସ୍ତିତାଡ଼ନ-
ଅଙ୍କୁଷ } ଦଣ୍ଡ, ଆଙ୍କୁଡ଼ି । ଯଥା—

ଦାସବୃଶୃଙ୍ଖଳ ପଡ଼ିବ ଗଳାର
ଶିରେ କି ସହିବ ରିପୁ ଅଙ୍କୁଶ । କ. ବ.

ଅଙ୍କ୍ୟ, ବି. ପୁଂ. (ଅଙ୍କ-ଯ) ମୃଦଙ୍ଗ, ପଖାଉଜ ।

ଅଙ୍ଗ, ବି. ନ. ( ଅନ୍‌ଗ୍‌-ଅ ) ଅବୟବ, ଶରୀର, ଅପରିହାର୍ଯ୍ୟ ଅଂଶ, ପ୍ରଧାନ ଉପକରଣ, ସ୍ୱ ଓ ଆପଣା ଅର୍ଥବୋଧକ, ଯଥା—ଅଙ୍ଗୀକାର । ଉପାୟ, ବେଦର ମନ୍ତ୍ରବିଶେଷ । ପୁଂ. ଦେଶବିଶେଷ । ଯଥା—

ଅଙ୍ଗ ଅଙ୍ଗନାଥର ଅପୁତ୍ର ନୋହିଲେ । ପ୍ରେ, ସୁ,

ଅଙ୍ଗସ୍ଥ, ବି. (ଦେଶଜ) ଗାମୁଛା ।

ଅଙ୍ଗଜ, ବି. ପୁଂ. (ଅଙ୍ଗ-ଜନ୍‌-ଅ) ପୁତ୍ର, ପୁଅ, କେଶ, କାମଦେବ, ରୋଗ । ନ. ରକ୍ତ । ବିଂ. ଅଙ୍ଗରୁ ଉତ୍ପନ୍ନ, ଶରୀରଜ ।

ଅଙ୍ଗତ୍ରାଣ, ବି. ପୁଂ. (ଅଙ୍ଗ-ତ୍ରୈ-ଅନ) ବର୍ମ, ସାଞ୍ଜୁ । ଯଥା—

ବ୍ୟାଘ୍ରଚର୍ମ ଅଙ୍ଗତ୍ରାଣେ ସର୍ବାଙ୍ଗ ଆବରି
ଆମନ୍ତ କ୍ଷତ୍ରିୟେ କର୍ମନାଶାତୀରବାସୀ । ମହାଯାତ୍ରା,

ଅଙ୍ଗଦ, ବି. ନ. ( ଅନ୍‌ଗ୍‌-ଦା-ଅ ) ବାହୁ ଅଲଙ୍କାରବିଶେଷ । ପୁଂ. ବାଳିରାଜାର ପୁତ୍ର ।

ଅଙ୍ଗନ, ବି. ନ, (ଅନ୍‌ଗ୍‌-ଅନ) ଅଗଣା, ଚତ୍ୱର, ଅଜିର, ଗମନ ।

ଅଙ୍ଗନା, ବି. ସ୍ତ୍ରୀ. ( ଅନ୍‌ଗ୍‌-ନ-ଆ ) ସ୍ତ୍ରୀ, ନାରୀ । ଯଥା—

ଶାଣଶାଣିତ୍ତ ପ୍ରାୟେ ଅଙ୍ଗନା ଅଙ୍ଗ ରୁଚିରୁ ବଦନ ।
ବ, ଗ,

ଉତ୍ତରଦିଗର ହସ୍ତିପତ୍ନୀ ।

ଅଙ୍ଗନ୍ୟାସ, ବି. ପୁଂ. (ଅଙ୍ଗ-ନ୍ୟାସ ) ଭିନ୍ନ ଭିନ୍ନ ପ୍ରକାର ମନ୍ତ୍ରୋଚ୍ଚାରଣ କରି ହୃଦୟ, ମସ୍ତକ, ଶିଖା, ନେତ୍ର, ବାହୁ ଓ କରତଳ ସ୍ପର୍ଶ କରିବା ।

ଅଙ୍ଗପ୍ରତ୍ୟଙ୍ଗ, ବି. ନ. (ଅଙ୍ଗ-ପ୍ରତି-ଅଙ୍ଗ) ସକଳ ଅବୟବ ।

ଅଙ୍ଗଭଙ୍ଗୀ, ବି. ସ୍ତ୍ରୀ. ( ଅଙ୍ଗ-ଭଙ୍ଗୀ ) ନୃତ୍ୟାଦି ସମୟରେ ଅଙ୍ଗଚାଳନା, ଅଭିନୟ ।

ଅଙ୍ଗରକ୍ଷା, ବି. ସ୍ତ୍ରୀ (ଅଙ୍ଗ-ରକ୍ଷା) କବଚ, ସାଞ୍ଜୁ ।

ଅଙ୍ଗରଖା, ବି (ଅଙ୍ଗରକ୍ଷା ଶବ୍ଦଜ) ଜାମା, କୁର୍ତ୍ତା ।

ଅଙ୍ଗରାଗ, ବି. ପୁଂ. ( ଅଙ୍ଗ-ରାଗ ) ଚନ୍ଦନ କୁଙ୍କୁମାଦି ଗାତ୍ରଲେପନ ଦ୍ରବ୍ୟ ।

ଅଙ୍ଗରାଜ. ବି. ପୁଂ. (ଅଙ୍ଗ-ରାଜନ୍)ଅଙ୍ଗ ଦେଶର ରାଜା, କର୍ଣ୍ଣ ।

ଅଙ୍ଗବିକ୍ଷେପ } ବି. ପୁଂ. (ଅଙ୍ଗ-ବିକ୍ଷେପ, ହାର)
ଅଙ୍ଗହାର } ଅଙ୍ଗଭଙ୍ଗୀ, ନୃତ୍ୟାଦି ସମୟରେ ଅଙ୍ଗସଞ୍ଚାଳନ ।

ଅଙ୍ଗା, ବି. (ଦେଶଜ) ଗୀତର ଏକ ଅଂଶ ବା ବୋଲ, ଜାମା ।

ଅଙ୍ଗାର, ବି. ପୁଂ. ( ଅନ୍‌ଗ୍‌-ଆର ) କୋଇଲା । ମଙ୍ଗଳଗ୍ରହ, ଭଳ୍ଳୀ, କଳଙ୍କ ।

ଅଙ୍ଗାରକ, ବି. ପୁଂ. ( ଅଙ୍ଗ-ଆର-କ ) ମଙ୍ଗଳ-ଗ୍ରହ । ନ. ଅଙ୍ଗାର, କୁରୁଣ୍ଟକ ବୃକ୍ଷ ।

ଅଙ୍ଗାରକମଣି, ବି. ପୁଂ. ପ୍ରବାଳ ।

ଅଙ୍ଗାରକାମ୍ଳ, ବି. ନ. ବାଷ୍ପବିଶେଷ, ଅଗ୍ନି ଶିଖାରୁ ଉତ୍ଥିତ ଧୂମବତ୍ ବାୟବୀୟ ପଦାର୍ଥବିଶେଷ ।

ଅଙ୍ଗାରାମ୍ଳ, ବି.ପୁଂ. (ଅଙ୍ଗାର-ଅମ୍ଳ)(Carbonic Acid) ଅଙ୍ଗାର ଓ ଅମ୍ଳଜାନର ରାସାୟନିକ ସଂଯୋଗରେ ଉତ୍ପନ୍ନ ବାଷ୍ପ ।

ଅଙ୍ଗାବରଣ, ବି. ନ. ( ଅଙ୍ଗ-ଆବରଣ ) ଯାହା-ଦ୍ୱାରା ଅଙ୍ଗ ଆଚ୍ଛାଦନ କରାଯାଏ ।

ଅଙ୍ଗିରାଃ, ବି. ପୁଂ ( ଅଙ୍ଗିରସ୍ ) ଋଷିବିଶେଷ, ବୃହସ୍ପତିଙ୍କ ପିତା ।

ଅଙ୍ଗୀକାର, ବି. ପୁଂ. (ଅଙ୍ଗ-ଚ୍ୱି-କୃ-ଅ) ସ୍ୱୀକାର, ସମ୍ମତି ।

ଅଙ୍ଗୁର, ବି. (ଯାବନିକ) ଫଳବିଶେଷ ।

ଅଙ୍ଗୁଷ୍ଠ } ଅଙ୍ଗୁଷ୍ଠ } ବି. ପୁଂ. (ଅଙ୍ଗୁରି-ଇଷ୍ଟ୍ର, ଇ)ମୁଦ୍ର । ପାଦର ବୁଢ଼ା ଆଙ୍ଗୁଠି ।

ଅଙ୍ଗୁଳ, ଅଙ୍ଗୁଳ, ଅଙ୍ଗୁଳୀ } ବି. ପୁଂ ସ୍ତ୍ରୀ. (ଅନ୍‌ଗ-ଉଲ, ଉଳି, ଉଲୀ ) ଆଙ୍ଗୁଳ, ଆଙ୍ଗୁଠି ।

ଅଙ୍ଗୁଳିତ୍ର, ବି ନ (ଅଙ୍ଗୁଳି-ତ୍ରୈ-ଅ) ଅଙ୍ଗୁଳିବଦ୍ଧ ଚର୍ମ, ଦସ୍ତାନା ।

ଅଙ୍ଗୁଳିସନ୍ଦେଶ, ବି ପୁଂ. ( ଅଙ୍ଗୁଳି-ସନ୍ଦେଶ ) ଅଙ୍ଗୁଳିଦ୍ୱାରା ସଙ୍କେତ ।

ଅଙ୍ଗ୍ରେଜ, ବିଂ. (ଇଂଲିଶ୍ ଶବ୍ଦଜ) ଇଂରେଜ ଜାତି ।

ଅଙ୍ଗ୍ରେଜୀ, ବିଂ. (ଇଂଲିଶ୍ ଶବ୍ଦଜ) ଇଂରେଜ-ମାନଙ୍କ ଭାଷା ।

ଅଘଃ, ବି. ନ. (ଅଘ୍‌-ଅସ୍) ପାପ ।

ଅଙ୍ଘ୍ରି, ବି. ପୁଂ. (ଅଙ୍ଘ୍‌-ରି) ଯାହାଦ୍ୱାରା ଗମନ କରାଯାଏ, ପାଦ । ଯଥା—

> ଶ୍ରୀହରି ଅଙ୍ଘ୍ରି କି ଅମ୍ବୁଜ କରି,
> ଭୃଙ୍ଗ ବର୍ଣ୍ଣିବାରେ କବି ଗୁରୁତ୍ୱ ।
> ପ୍ରବନ୍ଧପୂର୍ଣ୍ଣଚନ୍ଦ୍ର

ଶ୍ଳୋକର ଏକ ଏକ ଚରଣ ।

ଅଙ୍ଘ୍ରିପ, ବି. ପୁଂ. (ଅଙ୍ଘ୍ରି-ପା-ଅ) ଯେ ପାଦଦ୍ୱାରା ପାନ କରେ, ପାଦପ, ବୃକ୍ଷ ।

ଅଚକ୍ଷୁଃ, ବିଂ. ( ଅ-ଚକ୍ଷୁଃ ) ନେତ୍ରହୀନ, ଦର୍ଶନେନ୍ଦ୍ରିୟଶୂନ୍ୟ ।

ଅଚତୁର, ବିଂ. ( ଅ-ଚତୁର ) ଅପଟୁ, ଅକୌଶଳୀ ।

ଅଚର, ବିଂ ( ଅ-ଚର-ଅ ) ସ୍ଥାବର, ସ୍ଥିତିଶୀଳ । 'ଚର'ର ବିପରୀତ । ଯଥା—

> ଚରାଚରରେ କରି ଶୁଭ୍ର ସୁନ୍ଦର,
> ପୂରେ ମହାନନ୍ଦ ସର୍ବ ଅନ୍ତର । ଶୋଭା ।

ଅଚଳ, ବି. ପୁଂ. ( ଅ-ଚଳ-ଅ ) ପର୍ବତ, ଗିରି, ଶୈଳ, ପଥର । ବିଂ. ପଙ୍ଗୁ, ଗତିହୀନ, ଦରିଦ୍ର । ଅବ୍ୟବହୃତ, ଦୃଢ଼, ସ୍ଥିର ।

ଅଚଳା. ବିଂ. (ଅଚଳର ସ୍ତ୍ରୀଲିଙ୍ଗ) ଅଚଞ୍ଚଳା । ବି, ପୃଥିବୀ ।

ଅଚୁ ବି. ( ଦେଶଜ ) ଚାଷର ସୁବିଧା ପାଇଁ ଚଷା ଜମିରେ ପ୍ରଥମେ ଯେଉଁ ଅଂଶକୁ ଲଙ୍ଗଳଦ୍ୱାରା ଚିହ୍ନିତ କରେ ।

ଅଚୁନକ, ବି. (ଦେଶଜ) ମାରୀଭୟ । ବିଂ. ଆକସ୍ମିକ, ଅତର୍କିତ ।

ଅଚୁବୁଆ ବିଂ. ( ଦେଶଜ ) ଭୟବିହ୍ୱଳ, ସନ୍ତ୍ରସ୍ତ, ଯଥା—

> ମନ୍ତ୍ର ପାଠ ପଢ଼େ ଶୁଆ
> ବିରାଡ଼ି ଦେଖିଲେ ଅଚୁନୁଆ । ଢଗ ।

ଅଚଳ୍ପନୀୟ, ବିଂ. ( ଅ-ଚନ୍ତ-ଅନୀୟ ) ଚିନ୍ତାର ଅତୀତ, ଯାହା ଭାବି ସ୍ଥିର କରାଯାଇ ପାରେ ନାହିଁ । ଯଥା—

> ଆହା କିବା ଅଦ୍ଭୁତ ମନର ଗତି,
> ଅଚନ୍ତନୀୟ ଅଟେ ଘୋର ଶକତି । କ, ବି.

ଅଚିନ୍ତା, ବିଂ. (ଅ-ଚିନ୍ତା) ନିଶ୍ଚିନ୍ତ, ଚିନ୍ତାଶୂନ୍ୟ ।

ଅଚିନ୍ତିତପୂର୍ବ, ବିଂ. ( ଅ-ଚିନ୍ତିତ-ପୂର୍ବ ) ଯାହା ପୂର୍ବରେ ଚିନ୍ତା କରା ହୋଇ ନ ଥିଲା ।

ଅଚନ୍ତ୍ୟ, ବି°. ( ଅ-ଚନ୍ତ-ଯ ) ଯାହା ଚିନ୍ତାର ବିଷୟ ନୁହେ, ଅଭାବନୀୟ ।

ଅଚର, ବି°. (ଅ-ଚିର) କ୍ଷଣିକ, କ୍ଷଣସ୍ଥାୟୀ । କ୍ରି°. ବି°. ଚଞ୍ଚଳ, ଶୀଘ୍ର । ଯଥା—

ଦୁଃସ୍ୱପ୍ନ ପରିପ୍ରେ ପାମୋର ଅଚିରେ,
ମୋ ମୁକ୍ତ ନହିବ ମୋହ ସମାଧିରେ । ନ, କେ.

ଅଚରପ୍ରଭା, ବି. ସ୍ତ୍ରୀ. ( ଅଚିର-ପ୍ରଭା ) ବିଦ୍ୟୁତ୍, କ୍ଷଣପ୍ରଭା, ସୌଦାମିନୀ ।

ଅଚିରାତ୍, କ୍ରି. ବି°. ଅ°. ( ଅ-ଚିରାତ୍ ) ଶୀଘ୍ର, ଅବିଲମ୍ବେ ।

ଅଚିହ୍ନା, ବି°. (ଦେଶଜ) ଯାହାକୁ କେହି ଚିହ୍ନେ ନାହିଁ, ଅପରିଚିତ ।

ଅଚେତନ } ବି°. (ଅ-ଚେତନା, ଚେତଃ )
ଅଚେତା } ମୂର୍ଚ୍ଛିତ, ଚେତନାହୀନ, ଜୀବନଶୂନ୍ୟ । ବି. ଜଡ଼ । ଯଥା—
ଜଳ, ମୃତ୍ତିକା, କାଷ୍ଠ ପ୍ରଭୃତି ।

ଅଚେବନ, ବି° ( ପ୍ରାଚୀନ ପଦ୍ୟ ) ଅଚୈତନ, ଅଜ୍ଞାନ । ଯଥା—

ଶ୍ରମେ ଏକଦିନ ଦିନ ନଜେ ଅଚେବନ,
ବନକାଶୀଙ୍କ ଦୁଃଖଭଞ୍ଜନ ଜନ ! ପ୍ରେ, ସୁ,

ଅଚ୍ଛ, ବି°. ( ଅନ୍‌ଚ୍‌-ଛ ) ନିର୍ମଳ, ଯାହା ଭିତର ଦେଇ ଅନ୍ୟ ପଦାର୍ଥ ଦେଖାଯାଏ; ଯେପରି କାଚ ଇତ୍ୟାଦି । ବି. ଭାଲୁ, ସ୍ଫଟିକ । ଯଥା—

ବିଳାସ ଅଚ୍ଛରେ ଶୋହି, ଚତୁର ପାଳରେ ସେହି,
କଟସାର ସାରରେ ମାରଣ । ବୈ, ବ.

ଅଚ୍ଛତ୍ର, ବି° (ଅ-ଛତ୍ର) ଅରାଜକ, ଯେଉଁଠାରେ ରାଜଛତ୍ର ନାହିଁ ।

ଅଚ୍ଛେଦ୍ୟ, ବି°. ( ଅ-ଛିଦ୍‌-ଯ ) ଯାହା ଛେଦନ କରି ହୁଏ ନାହିଁ, ଯାହାକୁ ଛେଦନ କରିବା ଉଚିତ ନୁହେ ।

ଅଚ୍ଛୋଦ, ବି°. (ଅଚ୍ଛ-ଉଦକ) ସ୍ୱଚ୍ଛ ଜଳବିଶିଷ୍ଟ । ବି. ନ. ସରୋବରବିଶେଷ ।

ଅଚ୍ୟୁତ ବି. ପୁ°. (ଅ-ଚ୍ୟୁତ-ଅ) କୃଷ୍ଣ, ବିଷ୍ଣୁ, ଯଥା—

ପ୍ରଚେତା ଆସୁଥାଆନ୍ତି ଅଚ୍ୟୁତ ଆଦେଶେ
ଅଣି ହୋଇଥିଲ ମୁହିଁ ଏହି ମହାଧନ । ମ. ଯା,

ଅଛ, କ୍ରି. (ସଂସ୍କୃତ 'ଅସ୍'ଧାତୁରୁ ଓଡ଼ିଆ କ୍ରିୟା; ଓଡ଼ିଆ ଭାଷାରେ ଅସାମାନ୍ୟାର୍ଥରେ ପ୍ରଥମ ପୁରୁଷ ଓ ତୃତୀୟ ପୁରୁଷ ଏକ ବଚନରେ 'ସତ୍ତା' ବୋଧକ କ୍ରିୟା, ପଦ୍ୟରେ 'ଅଛଇ' ହୁଏ ।) ହେବା ବା ରହିବା ।

ଅଛବ } ବି°. (ଦେଶଜ) ଅସ୍ପୃଶ୍ୟ, ହୀନ ।
ଅଛୁଁଆ }

ଅଜ, ବି. ପୁ°. ( ଅ-ଜନ୍ ଅ ) ବ୍ରହ୍ମା, ବିଷ୍ଣୁ, କନ୍ଦର୍ପ, ସୂର୍ଯ୍ୟବଂଶୀୟ ରାଜାବିଶେଷ । (ଅଜ-ଅ) ଛାଗ । ଜା, ସ୍ତ୍ରୀ. ଛାଗୀ । ବି°. ଜନ୍ମରହିତ ।

ଅଜଗବ, ବି. ନ. (ଅଜ-ଗୋ-ଅ) ଶିବଧନୁ, ପିନାକ ।

ଅଜଗର, ବି. ପୁ°. (ଅଜ-ଗୃ-ଅ) ବୃହତ୍ ସର୍ପ, ଯେଉଁ ସର୍ପ ଛେଳ ପ୍ରଭୃତି ଜନ୍ତୁମାନଙ୍କୁ ଗିଳି ପାରେ ।

ଅଜଟ, ବି°. (ଦେଶଜ) ଅବୁଝା, ଏକବାଗିଆ ।

ଅଜଡ଼, ବି. (ଦେଶଜ) ଅଜୀର୍ଣ୍ଣ ।

ଅଜଡ଼ା, ବି°. (ଦେଶଜ) ଭୁଚ୍ଛା, ମାହାଳିଆ, ଢିଲା ।

ଅଜଣା, ବି°. (ଅଜ୍ଞ ଶବ୍ଦଜ) ଅଜ୍ଞାତ, ଅଜ୍ଞ ।

ଅଜନ୍ମା, ବି. ପୁ°. (ଅ-ଜନ୍ମନ୍) ମୋକ୍ଷ, ଉତ୍ପତ୍ତିର ଅଭାବ, ଜାଉଳ ।

ଅଜପା, ବି. ସ୍ତ୍ରୀ. ଜପବିଶେଷ, ମନ୍ତ୍ର, ତାନ୍ତ୍ରିକମାନଙ୍କର ପୂଜନୀୟା ଦେବୀ ।

ଅଜମୀଢ, ବି. ପୁ°(ଅଜ୍-ମିହ୍-ତ)ଦେଶବିଶେଷ—ଆଧୁନିକ ଅଜମିର୍, ଯୁଧିଷ୍ଠିର ।

ଅଜମ୍ବର, ବି°. ( ଗ୍ରାମ୍ୟ ) ଯାହାର ଜରା ମରଣ ନାହିଁ ।

ଅଜୟ, ବି. ପୁ°. (ଅ-ଜି-ଅ) ଜୟାଭାବ, ପରାଜୟ, ନଦୀବିଶେଷ ।

ଅଜର, ବି°. (ଅ-ଜୃ-ଅ) ଜରାରହିତ । ବି. ପୁ°, ଦେବତା ।

ଅଜସ୍ର, କ୍ରି. ବି°. ( ଅ-ଜସ୍-ର ) ନିରନ୍ତର, ସର୍ବଦା ।

**ଅଜା**, ବି. (ଆର୍ଯ୍ୟ ଶବ୍ଦଜ) ମାତାମହ, ପିତାମହ, ମାଈ ଢେଇଳ ।

**ଅଜାଗେ**, କ୍ରି, ବିଂ. (ଅଜାଗ୍ରତ୍ ଶବ୍ଦଜ) ଅସାବଧାନ ଭାବରେ ।

**ଅଜାଡ଼ିବା**, କ୍ରି, ବିଂ. (ଦେଶଜ) ଢାଳିବା ।

**ଅଜାତଶତ୍ରୁ**, ବି. ପୁଂ. (ଅ-ଜାତ-ଶତ୍ରୁ) ଯୁଧିଷ୍ଠିର, ଶିବ । ବିଂ. ଶତ୍ରୁହୀନ ।

**ଅଜାତି**, ବି. ବିଂ (ଅ-ଜାତି) ଅନ୍ୟ ଜାତି, ଜାତିଚ୍ୟୁତ ।

**ଅଜାଶୁର**, ବି. (ଆର୍ଯ୍ୟ-ଶ୍ୱଶୁର ଶବ୍ଦଜ) ସ୍ୱାମୀ ବା ସ୍ତ୍ରୀର ପିତାମହ ବା ମାତାମହ ।

**ଅଜିତ**, ବି. ପୁଂ. (ଅ-ଜି-ତ) ବିଷ୍ଣୁ, ଶିବ, ବୁଦ୍ଧ । ବିଂ. ଅପରାଜିତ ।

**ଅଜିନ**, ବି. ନ. (ଅଜ-ଇନ) ମୃଗଚର୍ମ, ପଶୁଚର୍ମ, ଚର୍ମ । ଯଥା—

> ବସି ସେ ଅଜିନେ ବେଗେ,
> ବାନ୍ଧିଲେ ମୁଁ କୁନ୍ତଳ ଗ୍ରୀମର ଫୁଲ ଯୋଗେ ।
> ବୈ. ବି.

**ଅଜିର**, ବି. ନ. (ଅଜ-ଇର) ଅଗଣା, ଚତ୍ୱର, ବାୟୁ ।

**ଅଜୀର୍ଣ୍ଣ**, ବି. ନ. ( ଅ-ଜୄ-ତ ) ରୋଗବିଶେଷ, ଉଦରାମୟ ରୋଗ । ବିଂ. ନୂତନ ।

**ଅଜେୟ**, ବିଂ. (ଅ-ଜି-ଅ) ଯାହାକୁ କେହି ଜୟ କରି ପାରନ୍ତି ନାହିଁ, ଅଦମ୍ୟ ।

**ଅଜ୍ଞ**, ବିଂ. (ଅ-ଜ୍ଞା-ଅ) ଅଜ୍ଞାନ, ମୂର୍ଖ ।

**ଅଜ୍ଞାତସାରରେ**, କ୍ରି. ବିଂ ( ଅଜ୍ଞାତ-ସାର ) ଅଗୋଚରରେ ।

**ଅଜ୍ଞାନ**, ବିଂ. (ଅ-ଜ୍ଞା-ନ) ମୂର୍ଖ, ନିର୍ବୋଧ ।

**ଅଜ୍ଞେୟ**, ବିଂ. (ଅ-ଜ୍ଞା-ଯ) ଯାହା ବୁଝି ହୁଏ ନାହିଁ, ଅପରିଜ୍ଞେୟ, ଜ୍ଞାନାତୀତ, ଅନବଗମ୍ୟ ।

**ଅଝାଲ**, ବି. ଜାହାଜ ଓ ନୌକାଦି ଚଳାଇବା ନିମିତ୍ତ ବନ୍ଧା ହୋଇଥିବା ପାଲ । ଯଥା—

> ସୁବର୍ଣ୍ଣର ନବେ ବହେ ସ୍ୱର୍ଣ୍ଣସ୍ରୋତ,
> ସୁବର୍ଣ୍ଣ ଅଝାଲେ ଚଳେ ସ୍ୱର୍ଣ୍ଣପୋତ । ନ. କେ.

**ଅଞ୍ଚଳ**, ବି. ପୁଂ. (ଅନ୍‌ଚ୍-ଅଳ) ବସ୍ତ୍ରର ଶେଷ ଭାଗ, ପଣତ, ପ୍ରଦେଶ ।

**ଅଞ୍ଚିତ**, ବିଂ. ( ଅନ୍‌ଚ୍-ତ ) ପୂଜିତ, ଭୂଷିତ, ସୁନ୍ଦର, ମନୋହର ।

**ଅଞ୍ଜନ**, ବି. ନ. (ଅନ୍‌ଜ୍-ଅନ) କଜ୍ଜ୍ୱଳ; ପଶ୍ଚିମ ଦିଗ୍‌ଗଜ, ପଶ୍ଚିମ ଦିଗ । ( କଜ୍ଜ୍ୱଳ ଅର୍ଥରେ ) ଯଥା —

> ନେତ୍ରବିଶିଖ ଭ୍ରୂରୁ ଶରାସନ,
> ନଷ୍ଟେଁ ଶିଞ୍ଜିନୀ ଅଞ୍ଜନରଞ୍ଜନ । ପ୍ରେ. ସୁ.

**ଅଞ୍ଜନା**, ବି. ସ୍ତ୍ରୀ. ( ଅଞ୍ଜନ-ଆ ) ଗୌତମଙ୍କ କନ୍ୟା, ହନୁମାନର ମାତା । ଯଥା—

> ଅଞ୍ଜନାସୁତ ବଢ଼ାଇଣ କାୟେ,
> ବନ୍ଦନି ଉଡ଼ି ଗଗନେ ଯାଏ । ବ, ସ୍ୱ,

ପଶ୍ଚିମ ଦିଗର ହସ୍ତିନୀ ।

**ଅଞ୍ଜଳ**, ବି. ପୁଂ. (ଅନ୍‌ଜ୍-ଅଳ) ଆଞ୍ଜୁଳା, ପରିମାଣ ବିଶେଷ, ଦୁଇ ପୋଷ ।

**ଅଞ୍ଜିଷ୍ଠ**, ବି. ପୁଂ. (ଅନ୍‌ଜ୍-ଇଷ୍ଠ) ସୂର୍ଯ୍ୟ, ରବି ।

**ଅଟକ**, ବି. (ଯାବନିକ) ବାଧା, ବିଘ୍ନ ।

**ଅଟକଳ**, ବି. (ଦେଶଜ) ଅନୁମାନ ।

**ଅଟକାଳି**, ବି. (ଦେଶଜ) ଯାଉ, ଯାଉ ପାଣି ।

**ଅଟକିବା**, କ୍ରି, ବା. (ଦେଶଜ) ବନ୍ଦ ହେବା, ରହିଯିବା ।

**ଅଟନ**, ବି ନ. ( ଅଟ୍-ଅନ ) ଭ୍ରମଣ, ଚଳନ, ଗମନ ।

**ଅଟନି** } **ଅଟନୀ** } ବି. ( ଅଟ୍-ଅନି ) ଧନୁର ଅଗ୍ରଭାଗ, କୋଟି ।

**ଅଟଳ**, ବିଂ. ( ଅ-ଟଳ ) ସ୍ଥିର, ଦୃଢ଼, ସ୍ଥାୟୀ । ଯଥା—

> ଉଦାସୀନ ବାଣୀ ଅଟଳ ଗୃହାଣୀ
> ଲଭ ଉଦୟର କହିଲ କାହାଣୀ । ନ. କେ.

**ଅଟବି** } **ଅଟବୀ** } ବି.ସ୍ତ୍ରୀ. ( ଅଟ-ଅବି, ସ୍ତ୍ରୀଲିଙ୍ଗେ ଈ ) ବନ ।

**ଅଠା**, ବି (ଦେଶଜ) ଗହମ ଓ ଚାଉଳାଦିର ଚୂନା, ଅଗ୍ନି ସଂଯୋଗାର୍ଥ ଯାଲକମିଶ୍ର ବଉସ୍ତା ।

**ଅଟେଇ**, ବି. ( ଦେଶଜ ) ଖୁଆଡ଼, ଗୋରୁ ପ୍ରଭୃତି ରଖିବାର ଖୋଲା ସ୍ଥାନ, ବାଛୁର ରଖିବାର ସ୍ଥାନ ।

**ଅଟ୍ଟ**, ବି. (ଅଟ୍ଟ-ଅ) କୋଠା ଘର, ହାଟ, ଉଚ ।

**ଅଟ୍ଟହାସ**, ବି. ପୁଂ. ( ଅଟ୍ଟ-ହାସ ) ଉଚ୍ଚହାସ୍ୟ, ପରିହାସ । ଯଥା—

> ରଘୁବଳ ଗୃହେଁ ବସ୍ତୁ ପ୍ରକାଶ କରଣେ
> କୌତୁଁ ଅଟ୍ଟହାସ ପରକାଶ କଲା ହେ । ଲ. ବ.

**ଅଟ୍ଟାଳ**, ବି. ( ଅଟ୍ଟାଳିକା ଶବ୍ଦଜ ) କୋଠା ଘର, ଉଚ ପ୍ରାସାଦ; ଯଥା—

> ବାଜ ସେ ପୁର ଅଟ୍ଟାଳ ତେଲ ବନ୍ଧିବାତ,
> ହୃଏ ଦେବତରୁଣୀଙ୍କ ଉତ୍ତଭ୍ରମ ହତ ।
> ଚନ୍ଦ୍ରକଳା

**ଅଟ୍ଟାଳିକା**, ବି. ସ୍ତ୍ରୀ. (ଅଟ୍ଟାଳ-ଇକ-ଆ) ପ୍ରାସାଦ, ରାଜଭବନ, ରାଜଗୃହ ।

**ଅଠଚାଳିଶ**, ବି. ବିଂ. (ଅଷ୍ଟଚତ୍ୱାରିଂଶତ୍ ଶବ୍ଦଜ) ୪୮ ସଂଖ୍ୟା ।

**ଅଠତିରିଶ**, ବି. ବିଂ. ( ଅଷ୍ଟତ୍ରିଂଶତ୍ ଶବ୍ଦଜ ) ୩୮ ସଂଖ୍ୟା ।

**ଅଠର**, ବି. ବି. ( ଅଷ୍ଟାଦଶ ଶବ୍ଦଜ ) ୧୮ ସଂଖ୍ୟା ।

**ଅଠଷଠି**, ବି. ବିଂ. ( ଅଷ୍ଟାଷଷ୍ଟି ଶବ୍ଦଜ ) ୬୮ ସଂଖ୍ୟା ।

**ଅଠା**, ବି. (ଦେଶଜ) ବୃକ୍ଷାଦିର କ୍ଷୀର, ନିର୍ଯ୍ୟାସ । ଯଥା—

> ଶୋଭା ଦେଖି ଆଖି ରହୁଯାଏ ଲାଖି
> ପକ୍ଷୀ ଯେମନ୍ତ ଅଠାରେ । ବ. ଚ.

**ଅଠାଅଶୀ**, ବି. ବିଂ. ( ଅଷ୍ଟାଶୀତି ଶବ୍ଦଜ ) ୮୮ ସଂଖ୍ୟା ।

**ଅଠାଇଶ**, ବି. ବିଂ. ( ଅଷ୍ଟାବିଂଶତି ଶବ୍ଦଜ ) ୨୮ ସଂଖ୍ୟା ।

**ଅଠାକାଠି** / **ଅଠାକାଣ୍ଡିଆ** } ବି. (ଦେଶଜ) ଚଢ଼େଇ ଧରିବାର ଏକପ୍ରକାର ନଳ । ଚକ୍ରାନ୍ତ ।

**ଅଠାଠକ୍**, ବି. ( ଦେଶଜ ) ଶେଷ ।

**ଅଠାନବେ**, ବି. ବିଂ. ( ଅଷ୍ଟନବତି ଶବ୍ଦଜ ) ୯୮ ସଂଖ୍ୟା ।

**ଅଠାଳିଆ**, ବିଂ. ( ଦେଶଜ ) ଅଠା ହେଉଛୁ ଚଟଚଟିଆ, ଅଠାଯୁକ୍ତ ।

**ଅଠିକଣା**, ବିଂ. ( ଦେଶଜ ) ଅନିର୍ଦ୍ଦିଷ୍ଟ, ଅସ୍ତବ୍ୟସ୍ତ, ଅସୁନ୍ଦର ।

**ଅଠୌର**, ବିଂ. ( ଦେଶଜ ) ଯାହାର ଠିକଣା ନାହିଁ ।

**ଅଡ଼ଙ୍ଗ**, ବି. ( ଦେଶଜ ) ଆକସ୍ମିକ ଦ୍ରବ୍ୟର ଉତ୍ପତ୍ତି ବା ଜମି ବା ସ୍ଥାନ, ପିଣ୍ଡା ।

**ଅଡ଼ଭୂଷା** / **ଅଡ଼ମୁଖା** } ବିଂ. (ଗ୍ରାମ୍ୟ) ଅଖାଡ଼ୁଆ ।

**ଅଡ଼ର**, ବି. ( ଇଂରେଜୀ Order ) ଆଦେଶ, ହୁକୁମ୍ ।

**ଅଡ଼ର୍ଲି**, ବି. ପୁଂ. ( ଇଂରେଜୀ Orderly ) ଆଦେଶବାହକ, ଚପରାସି ।

**ଅଡ଼ା**, ବି. (ଦେଶଜ) ଗୌଡ଼ମାନଙ୍କର ଏକତ୍ର ବସିଥିବା ସ୍ଥାନ । ଆଖଡ଼ା, ପଞ୍ଜୁରିର ଯେଉଁ କାଠିରେ ଶୁଆ ବସେ, ଅଲଗୁଣୀ ।

**ଅଡ଼ାଇବା**, / **ଅଡ଼େଇବା**, } କ୍ରି. ଜଗି କରି ଚଳାଇବା, ଗତି କରାଇବା । ଯଥା—

> ଏଡ଼େ ଗରବ ଗୋପାଳି ଘାଟ ମାଗୁ
> ନନ୍ଦର ଗୋରୁ ଅଡ଼ାଇ । ବ. ଚ.

**ଅଡ଼ିବା**, ବି. (ଦେଶଜ) ଉଚ୍ଛୃଙ୍ଖଳ ହେଲା ଅବାଧ ହେବା । ଯଥା—

> ନ ପାରି ମା ବୋଲି ଅଡ଼ୁଥାଉ,
> ନମ୍ରେ କରଯୁଗ ଯୋଡ଼ୁଥାଉ । କା. ଚ.

**ଅଡ଼ୁଆ**, ବିଂ. (ଦେଶଜ) ଜଟିଳ, ଗୋଳମାଳିଆ, ଅଖଞ୍ଜ, ଅସୁବିଧା ।

**ଅଡ଼ୌଲ**, ବିଂ. ( ଗ୍ରାମ୍ୟ ) ଅସୁନ୍ଦର ।

**ଅଢ଼ଙ୍ଗ**, ବି. (ଦେଶଜ) ଅସୁନ୍ଦର, ଅଡ଼ୌଲ ।

**ଅଢ଼ଙ୍ଗୀ**, ବିଂ. (ଦେଶଜ) ଅସୁନ୍ଦର ।

**ଅଢ଼ା**, ବି. ( ଆଢ଼କ ଶବ୍ଦଜ ) ଧାନ୍ୟାଦି ମାପିବା ପାତ୍ର ବିଶେଷ ।

**ଅଢ଼ାଇ**, ବି. ସାର୍ଦ୍ଧଦ୍ୱୟ ।

**ଅଢ଼ାଇଦିନିଆ**, ବିଂ. ଅସ୍ଥାୟୀ । ଯଥା —

ଅଜ ବୋଲେ ମୁହିଁ ଉଚ୍ଚ ବଂଶଧର,
ତୁ ସିନା ଅଢ଼ାଇ ଦିନର ଚାକର ।
ଦରବାର ।

ଅଢ଼ିଆ, ବି. (ଗଡ଼ଜାତୀୟ) ସିଧା ସାମଗ୍ରୀ ।

ଅଢ଼େଇଆ, ବି. (ଦେଶଜ) ଦୁଇ ସେର ଅଧେ ପରିମିତ ମାଣ, ଓଜନର ପରିମାଣ ବିଶେଷ । ଅଢ଼େଇ ଗୁଣ ।

ଅଣ, ବି. (ଦେଶଜ) ଝୋଲ, ବ୍ୟଞ୍ଜନରସ । ଅଂ. (ନିଷେଧାର୍ଥକ 'ନ' ବା 'ଅନ' ଶବ୍ଦଜ) ନୁହେଁ, ବା ନା । ଯଥା—ଅଣସୋରିଷ ଅଣପୁରୁଷା ଇତ୍ୟାଦି ।

ଅଣଓସାର, ବିଂ. ଅଳ୍ପ ଚୌଡ଼ା ।

ଅଣକ, ବି. (ଦେଶଜ) ଡ଼ାଲି ପ୍ରଭୃତି ଯୋଟିବାକୁ ସଢ଼େଇ ଓ କାଷ୍ଠଖଣ୍ଡନିର୍ମିତ ପଦାର୍ଥବିଶେଷ, ଡଙ୍କା ।

ଅଣକଲି } ବି. (ଦେଶଜ) ଗାଡ଼ିଚକ ଅଟକାଇବାର
ଅନକଲି } ଖିଲ ।

ଅଣଖୁଆ, ବି ଆଖୁ ପରି ଦିଶୁଥିବା ଏକ ପ୍ରକାର ତୃଣ ।

ଅଣଚାଶ ବି. ବିଂ. (ଊନପଞ୍ଚାଶତ୍ ଶବ୍ଦଜ) ୪୯ ସଂଖ୍ୟା । ଯଥା—

ମୃତ୍ୟୁ ପୂର୍ବେ ବହିବାର ଶର ନିଶ୍ୱାସ
ମୃତ୍ୟୁଶଯ୍ୟା ଅଣଚାଶ ଗଳାଗଳି ।
ଦରବାର ।

ଅଣନବେ, ବି. ବିଂ. (ଊନନବତି ଶବ୍ଦଜ ୮୯ ସଂଖ୍ୟା ।

ଅଣନାତି, ବି. (ଊନ ଓ ନପ୍ତୃ ଶବ୍ଦଜ) ନାତି ବା ନାତୁଣୀର ପୁଅ । ସ୍ତ୍ରୀ. ଅଣନାତୁଣୀ ।

ଅଣବାପୁଆ } ବିଂ. (ଦେଶଜ) ଜାରଜ,
ଅଣବାବୁଆ } ଯାହାର ପିତାର ଠିକଣା ନଥାଏ ।

**ଅଣସର**, ବି. (ଅନବସର ଶବ୍ଦଜ) ଜ୍ୟେଷ୍ଠ ପୂର୍ଣ୍ଣିମାଠାରୁ ଆଷାଢ଼ ଶୁକ୍ଳ ଦ୍ୱିତୀୟା ପର୍ଯ୍ୟନ୍ତ ସମୟ; ପ୍ରବାଦ ଅଛି ଯେ ଏହି ସମୟରେ ଅସହ୍ୟ ଗ୍ରୀଷ୍ମ ହୁଏ । ଯଥା—

ଅଣସର ଖରମଧ୍ୟାହ୍ନେ ଯେସନେ ଦୁଃସହ ଗ୍ରୀଷ୍ମ ଆକୁଳେ
ରହିଥାଇ ବୃକ୍ଷକୋଟରେ ଝିଙ୍କାରି ଗତକମା ବୃଷ ଚୂଳେ ।
ଯ. କେ.

ଅଣଦେଲା, ବି. (ଦେଶଜ) ଅନାଦର, ଅଯତ୍ନ ।

ଅଣା, ବି. (ଦେଶଜ) ଟଙ୍କାର ଷୋଳ ଭାଗର ଏକ ଭାଗ, ଆନସ୍ଥନ ।

ଅଣାଅଣୀ, ବି. ବିଂ. (ଊନାଶୀତି ଶବ୍ଦଜ) ୭୯ ସଂଖ୍ୟା ।

ଅଣାଇବା, କ୍ରି. ବି. (ଦେଶଜ) ପାର୍ଶ୍ୱପରିବର୍ତ୍ତନ, ଅଣିବା କ୍ରିୟାର ପ୍ରଯୋଜକ ରୂପ ।

ଅଣି, ବି. (ଦେଶଜ) ଏକ ଅଣା ମୂଲ୍ୟର ମୁଦ୍ରା ।

ଅଣିମା, ବି. ପୁଂ. (ଅଣୁ-ଇମନ୍) ଅଣୁତ୍ୱ, ଐଶ୍ୱର୍ଯ୍ୟ ବିଶେଷ ।

ଅଣିମାଦି, ବି. ଅଷ୍ଟସିଦ୍ଧି । ଯଥା—ଅଣିମା, ମହିମା ବ୍ୟାପ୍ତି, ଲଘିମା, ପ୍ରାକାମ୍ୟ, ବଶିତ୍ୱ, ଗରିମା, କାମାବସାୟିତା ।

ଅଣୀୟାନ୍, ବିଂ. (ଅଣୁ-ଈୟସ୍) ସୂକ୍ଷ୍ମ, ଅଣୁଠାରୁ କ୍ଷୁଦ୍ରତର ।

ଅଣୁ, ବି. ପୁଂ. (ଅଣ୍-ଉ) ସୂକ୍ଷ୍ମ କଣିକା, ପଦାର୍ଥର ସୂକ୍ଷ୍ମତମ ଅଥଚ ଅବିଭାଜ୍ୟ ଅଂଶ ।

ଅଣୁବୀକ୍ଷଣ, ବି. ନ. (ଅଣୁ-ବି-ଈକ୍ଷ-ଅନ ) ଚକ୍ଷୁର ଅଗୋଚର କ୍ଷୁଦ୍ର ଦ୍ରବ୍ୟ ଦର୍ଶନାର୍ଥ ଯନ୍ତ୍ର ବିଶେଷ ।

ଅଣ୍ଟା, ବି. (ଦେଶଜ) ସଦ୍ଭାବ ।

ଅଣ୍ଟା, ବି. (ଦେଶଜ) କଟିଦେଶ ।

ଅଣ୍ଟାଇବା, କ୍ରି. ବି. (ଦେଶଜ) ଅଣ୍ଟା ସାହାଯ୍ୟରେ ଠେଲିବା, ଧୂଷାଇବା, ସାହାଯ୍ୟ କରିବା ।

ଅଣ୍ଟାଖୋସା } ବି (ଦେଶଜ) ଲାଞ୍ଚ, ଉତ୍କୋଚ ।
ଅଣ୍ଟାଗୁଞ୍ଜା }

ଅଣ୍ଟାସୂତା, ବି. (ଦେଶଜ) କରସୂତା, ରୌପ୍ୟାଦି ନିର୍ମିତ କଟିସୂତ୍ର ।

ଅଣ୍ଟି, ବି. (ଦେଶଜ) ପିନ୍ଧିବା ବସ୍ତ୍ରକୁ ପାଡ଼ାକାର କରିବା ।

ଅଣ୍ଟିବା, କ୍ରି. ବି. (ଦେଶଜ) କୁଳିବା, ଯଥେଷ୍ଟ ହେବା ।

**ଅଣ୍ଡ**, ବି. ନ. (ଅମ୍-ଡ) ଡିମ୍ବ, ମୁଷ୍କ, ଶୁକ୍ର ।

**ଅଣ୍ଡକୋଷ**, ବି. ପୁଂ. (ଅଣ୍ଡ-କୋଷ) ଡିମ୍ବାଧାର, ଶୁକ୍ରାଧାର, ମୁଷ୍କ, ବୃଷଣ ।

**ଅଣ୍ଡଜ**, ବିଂ. (ଅଣ୍ଡ-ଜନ୍-ଅ) ଡିମ୍ବଜାତ ଜନ୍ତୁ । ଯଥା—ସର୍ପ, ପକ୍ଷୀ ଓ ମତ୍ସ୍ୟାଦି ।

**ଅଣ୍ଡା**, ବି. (ଅଣ୍ଡ ଶବ୍ଦଜ) ଡିମ୍ବ ।

**ଅଣ୍ଡାଳିବା**, କ୍ରି. ବି. (ଦେଶଜ) ଖୋଜିବା, ଦଣ୍ଡିବା ।

**ଅଣ୍ଡିରା**, ବିଂ. (ଅଣ୍ଡୀର ଶବ୍ଦଜ) ପୁରୁଷଜାତୀୟ ।

**ଅଣ୍ଡିରାଣୀ**, ବି. ବିଂ. ସ୍ତ୍ରୀ. ପୁରୁଷ ସ୍ୱଭାବବିଶିଷ୍ଟା, ଲଜ୍ଜାହୀନା ଦୁଷ୍ଟା ନାରୀ ।

**ଅଣ୍ଡୀର**, ବିଂ. (ଅଣ୍ଡ-ଈର) ବଳବାନ୍, ସମର୍ଥ ।

**ଅତଏବ**, ଅଂ. (ଅଦସ୍-ତସ୍-ଏବ) ଏତଦ୍ଧେତୁରୁ, ଏଣୁକରି ।

**ଅତଟ**, ବି. ପୁଂ. (ଅ-ତଟ) ଭୃଗୁ, ଅତଡ଼ା, ନଦୀକନାରୀ ।

**ଅତଡ଼ା**, (ଅତଟ ଶବ୍ଦଜ) ନଦୀତଟ, ନାଆଁଗଡ଼ା ।

**ଅତଣ୍ଡି**, ବି. (ଦେଶଜ) ଶୁଭ୍ର ପତ୍ରବିଶିଷ୍ଟ ବନଲତାବିଶେଷ । ଯଥା—

> ଅନ୍ଧକାରେ ଇନ୍ଦୁକିରଣ ପଡ଼ିଲା,
> ଅତଣ୍ଡି କି ଶ୍ୟାମ ତମାଳେ ଜଡ଼ିଲା । ନ. କେ.

**ଅତନୁ**, ବି. ପୁଂ. (ଅ-ତନୁ) କନ୍ଦର୍ପ, କାମ, ମନୋଜ, ମାର । ଯଥା—

> ଅତନୁ ଆଜ ଅନୁକୂଳ ଥୋଇଲା ତରୁଣକୁଳ ଆକୁଳକୁ ।
> ପ୍ରେ. ସୁ.

**ଅତନ୍ଦ୍ରିତ**, ବିଂ. (ଅ-ତନ୍ଦ୍ରା-ଇତ) ଜାଗରୂକ, ଅନଳସ, ସାବଧାନ, ଅବିଶ୍ରାମ । ଯଥା—

> ଧନ୍ୟ ସେହି ଅତନ୍ଦ୍ରିତ ଋଷିବୃନ୍ଦ ଭବେ ।
> ମହାଯାତ୍ରା

**ଅତର**, ବି. (ଯାବନିକ) ତରଳ ସୁଗନ୍ଧଦ୍ରବ୍ୟବିଶେଷ ।

**ଅତର୍କିତ**, ବିଂ. (ଅ-ତର୍କ-ଇତ) ଅଲକ୍ଷିତ, ହଠାତ୍ । ଯଥା—

> ଗହ୍ନି ଗହ୍ନି ଗୋ ସରଣୀ କନ୍ଦରରୁ କେଉଁ କାର୍ଣ୍ଣି
> ତନ୍ନାପିତ ପତ୍ର ଏଣ୍ଡି ବସି ।
> ତନ ମର୍ଦ୍ଦିଲି ମୁଁ ଭୋଗେ ଗହ୍ନି ଯା ଅତର୍କିତେ
> ଗୃହ ବସ୍ତ୍ର ମିଶାଇଲୁ ଅସି ରେ । କ. ଚ.

**ଅତର୍ଛ** / **ଅତରଛ** } ବି. (ଅନ୍ତ-ବାସ) ମଲ୍ଲାଭୂମି ।

**ଅତଳ**, ବି. ନ. (ଅ-ତଳ) ସପ୍ତ ପାତାଳାନ୍ତର୍ଗତ ପାତାଳବିଶେଷ । ଯଥା—

> ମଧ୍ୟେ ସୁଗନ୍ଧିର ଜଳ ଜାଲାକାର,
> କିବା ସେ ଅତଳ ପାତାଳର ଦ୍ୱାର । ନ. କେ.

ବିଂ. ଅତିଗଭୀର, ଅଗାଧ ।

**ଅତଳସ୍ପର୍ଶ**, ବିଂ. (ଅତଳ-ସ୍ପୃଶ୍-ଅ) ଅଗାଧ, ଅତିଗଭୀର । ଯଥା—

> ବୀଥ୍ୟଂଶ୍ମ ତାପ ସ୍ମରଣ, ବିଧି ଅତଳସ୍ପର୍ଶ;
> ଅନନ୍ତ କାଳପାରାବାର, ବହିଇ ତହିଁ ସେ । ବୈ. କ.

**ଅତଲସ**, ବି. (ଯାବନିକ) ବସ୍ତ୍ରର ଭିନ୍ନବିଶେଷ । ଯଥା—

> ପିନ୍ଧିଛି ସେ ଅତଲସ ଲହଙ୍ଗା ଉପରେ ଯେ । ଲ. ବ.

**ଅତସୀ**, ବି. ସ୍ତ୍ରୀ. (ଅତ୍-ଅସ୍-ଈ) ପେଷି, ପୁଷ୍ପବିଶେଷ । ଯଥା—

> ଅତସୀ କୁସୁମ ସମ ଶ୍ୟାମ ହେ ମୁଁ ବନ୍ଦେ । ବ. ଚ.

**ଅତି**, ଅଂ. (ଅତ୍-ଇ) ଉତ୍କର୍ଷ, ଅତିଶୟ, ଅତ୍ୟନ୍ତ, ବେଶି । ଯଥା—

> ବନୁଃଶାନ୍ତି ଧ୍ୱଠକ ଦଶିଗଲା,
> ବର୍ତ୍ତମାନ ରୋଷ ଅତି ହୋଇଲା । ବୈ. ବ.

**ଅତିକାୟ**, ବି. ପୁଂ. (ଅତି-କାୟ) ରାକ୍ଷସବିଶେଷ, ରାବଣର ପୁତ୍ର ।

**ଅତିକ୍ରମ**, ବି. ପୁଂ. (ଅତି-କ୍ରମ୍-ଅ) ଉଲ୍ଲଙ୍ଘନ, ଅଧିକ ହେବାର, ଅନ୍ୟଥାଚରଣ ।

**ଅତିକ୍ରାନ୍ତ**, ବିଂ. (ଅତି-କ୍ରମ୍-ତ) ଲଙ୍ଘିତ, ଅତୀତ ।

**ଅତିଗଣ୍ଡ**, ବି. ପୁଂ. (ଅତି-ଗଣ୍ଡ) ବିଷ୍କୁମ୍ଭାଦି ସପ୍ତବିଂଶତି ଯୋଗର ଅନ୍ୟତମ ଯୋଗ ।

**ଅତିଗ୍ରହ**, ବି. ପୁଂ. (ଅତି-ଗ୍ରହ୍-ଅ) ଗ୍ରହଗଣର ସ୍ୱ ସ୍ୱ ରାଶି ଅତିକ୍ରମ କରି ଗମନ କରିବା, ଅଧିକ ଆଚରଣ ।

**ଅତିଥି**, ବି. ପୁଂ. (ଅତ୍-ଇଥି) ଅଭ୍ୟାଗତ, ପରବ୍ରାଜକ ।

**ଅତିଦୈବ**, ବିଂ. ( ଅତି ଦେବ-ଅ ) ଦେବତାମାନଙ୍କର ଅସାଧ୍ୟ ।

ଅତିପାତ, ବି. ପୁଂ. (ଅତି-ପତ୍-ଅ) ଯାପନ, ଗତି, ହାନି ।

ଅତିବଡ଼ୀ ବି. ପୁଂ. ( ଦେଶଜ ) ଜଗନ୍ନାଥ ଦାସ-ପ୍ରବର୍ତ୍ତିତ ବୈଷ୍ଣବଧର୍ମର ସମ୍ପ୍ରଦାୟବିଶେଷ ।

ଅତିମାନୁଷ, ବିଂ. ( ଅତି-ମାନୁଷ ) ଅଲୌକିକ, ଲୋକାତୀତ ।

ଅତିରସା, ବି. ସ୍ତ୍ରୀ. ଯଷ୍ଟିମଧୁ, ମୁର୍ବା, ରାସ୍ନା ।

ଅତିରାତ୍ର, ବି. ପୁଂ. (ଅତି-ରାତ୍ରି-ଅ) ଏକରାତ୍ରିସାଧ୍ୟ ଯଜ୍ଞବିଶେଷ; ଚକ୍ଷୁଷ ମୁନିଙ୍କ ପୁତ୍ର ।

ଅତିରିକ୍ତ, ବିଂ. ( ଅତି-ରିଚ୍-ତ ) ଅଧିକ, ଶ୍ରେଷ୍ଠ, ଭିନ୍ନ ।

ଅତିରେକ, ବି. ପୁଂ. (ଅତି-ରିଚ୍-ଅ) ଆଧିକ୍ୟ ।

ଅତିଲୋମଶ, ବି. ପୁଂ. ( ଅତି-ଲୋମ-ଶ ) ବୃହତ୍ ବାନର, ବନ୍ୟ ଛାଗ ।

ଅତିବଳା, ବି. ସ୍ତ୍ରୀ—ବିଦ୍ୟାବିଶେଷ, ଯାହା ଜାଣିଲେ କ୍ଷୁଧା ତୃଷା ବାଧେ ନାହିଁ ।

ଅତିବାହିତ, ବିଂ. (ଅତି-ବହ-ଇ-ତ) ଯାପିତ ।

ଅତିବେଲ, ବିଂ. (ଅତି-ବେଲା) ଅଧିକ, ଅସୀମ । ଅଂ. ବେଲାତିକ୍ରମ ।

ଅତିବ୍ୟାପ୍ତି, ବି. ସ୍ତ୍ରୀ—ଅତି-ବି-ଆ-ଆପ୍-ତି), ଅତିଶୟରେ ବ୍ୟାପିବା, ଅଲକ୍ଷ୍ୟରେ ଲକ୍ଷଣ ଗମନ ।

ଅତିଶୟ, ବିଂ ( ଅତି-ଶୀ-ଅ ) ଅଧିକ, ଅତିରିକ୍ତ; ଅତ୍ୟନ୍ତ । ବି. ପୁଂ. ଆଧିକ୍ୟ ।

ଅତିଶୟୋକ୍ତି, ବି. ସ୍ତ୍ରୀ. ( ଅତିଶୟ-ଉକ୍ତି ) ଅର୍ଥାଲଙ୍କାରବିଶେଷ ।

ଅତିସାର, ଅତୀସାର } ବି. ପୁଂ (ଅତି-ସୃ-ଅ) ଅଧିକ ଝାଡ଼ା ହେବା ରୋଗ, ଉଦରାମୟ ରୋଗ ।

ଅତିହସିତ, ବି ନ., ଅତିହାସ, ବି. ପୁଂ. } (ଅତି-ହସିତ, ହାସ) ଭୀଷଣ ହାସ୍ୟ, ଅଶ୍ରୁଧିକ ପ୍ରାୟ ହାସ୍ୟ ।

ଅତୀତ, ବିଂ. ( ଅତି-ଇ-ତ ) ଗତ, ଅତିକ୍ରାନ୍ତ, ଭୂତ ।

ଅତୀନ୍ଦ୍ରିୟ, ବିଂ. (ଅତି-ଇନ୍ଦ୍ରିୟ) ଇନ୍ଦ୍ରିୟର ଅତୀତ, ସୂକ୍ଷ୍ମ । ବି. ପରମେଶ୍ୱର ।

ଅତୀବ, ଅଂ. (ଅତି-ଇବ) ଅଧିକ, ଅତିଶୟ ।

ଅତୁଲ, ଅତୁଳନ } ବିଂ. ( ଅ-ତୁଲ୍-ଅ ) ଅନୁପମ, ଅପରିମେୟ, ତୁଳନାରହିତ ।

ଅତୁଲ୍ୟ, ବି. ( ଦେଶଜ ) ହାତର ଖଡୁ । ବିଂ. ତୁଳନାରହିତ । ଖଡୁ ଅର୍ଥରେ ଯଥା—

କର ସନାଳ କୋକନଦ ବାହାର
କି ଶୋଭା ତନୁସରସୀରୁ ।
ଅତୁଲ୍ୟ ପଦ୍ମେ ଆନ ଭୂଷା ଧରନ୍ତି
ରୂପଗର୍ବିତା ଲକ୍ଷଣରୁ । ଲା. ବି.

ଅତୃପ୍ତ, ବିଂ. ( ଅ-ତୃପ୍ତ ) ଯାହାର ତୃପ୍ତି ଜନ୍ମେ ନାହିଁ, ଅପରିତୃପ୍ତ ।

ଅତ୍ୟଧିକ, ବିଂ ( ଅତି-ଅଧିକ ) ଅତ୍ୟନ୍ତ ବେଶି ।

ଅତ୍ୟନ୍ତ, ବିଂ. (ଅତି-ଅନ୍ତ) ଅଧିକ, ଅତିଶୟ ।

ଅତ୍ୟୟ, ବି. ପୁଂ. (ଅତି-ଇ-ଅ) ଅପଗମ, ବିନାଶ ।

ଅତ୍ୟର୍ଥ, ବିଂ. (ଅତି-ଅର୍ଥ) ବିସ୍ତର, ଅଧିକ ।

ଅତ୍ୟଳ୍ପ, ବିଂ. (ଅତି-ଅଳ୍ପ) ଯତ୍କିଞ୍ଚିତ୍ ।

ଅତ୍ୟାକାର, ବିଂ. ( ଅତି-ଆ-କୃ-ଅ ) କୁତ୍ସିତ ବା କଦାକାର

ଅତ୍ୟାଚାର, ବି. ପୁଂ. ( ଅତି-ଆ-ଚର-ଅ ) ଦୌରାତ୍ମ୍ୟ, ଉତ୍ପୀଡ଼ନ, କୁବ୍ୟବହାର ।

ଅତ୍ୟାଚାରୀ, ବିଂ. (ଅତି-ଆଚାର-ଇନ୍)ଦୁରାଚାରୀ, ଦୁରାତ୍ମା ।

ଅତ୍ୟାହିତ, ବିଂ. ( ଅତି-ଆ-ଧା-ତ ) ଅମଙ୍ଗଳ । ବି. ନ. ବିପଦ, ଅତିଶୟ ଭୟ ।

ଅତ୍ୟୁକ୍ତି, ବି. ସ୍ତ୍ରୀ. (ଅତି-ବଚ୍-ତି) ଅଧିକ ଉକ୍ତି, ପ୍ରକୃତଠାରୁ ଅଧିକ କରି କହିବାର ।

ଅତ୍ୟୁତ୍କୃଷ୍ଟ, ବିଂ. (ଅତି-ଉତ୍କୃଷ୍ଟ) ଅତି ଉତ୍କୃଷ୍ଟ, ଅତ୍ୟୁତ୍ତମ ।

ଅତ୍ୟୂହ, ବି. ପୁଂ. ( ଅତି-ଉହ ) ପକ୍ଷିବିଶେଷ, ଡାହୁକପକ୍ଷୀ ।

ଅତ୍ର, ଅଂ. (ଇଦମ୍-ତ୍ର) ଏସ୍ଥାନରେ, ଏଠାରେ ।
ଅତ୍ରତ୍ୟ, ବିଂ. (ଅତ୍ର-ତ୍ୟ) ଏତତ୍ସ୍ଥାନୀୟ, ଏସ୍ଥାନ ଜାତ, ଏଦେଶୀୟ ।
ଅତ୍ରପ, ବିଂ. ( ଅ-ତ୍ରପା ) ନିର୍ଲଜ୍ଜ, ଅବମାନ ।
ଅତ୍ରସ୍ଥ, ବିଂ. (ଅତ୍ର-ସ୍ଥା-ଅ) ଏହି ସ୍ଥାନରେ ସ୍ଥିତ ।
ଅତ୍ରି, ବି. ପୁଂ. (ଅଦ୍-ତ୍ରି ) ସପ୍ତର୍ଷିମାନଙ୍କ ମଧ୍ୟରେ ଏକ ଋଷି, ଚନ୍ଦ୍ରଙ୍କ ପିତା ।
ଅଥ, ଅଂ. (ସଂସ୍କୃତ) ଏଥିଉତ୍ତାରୁ ।
ଅଥଚ, ଅଂ. „ ତଥାପି, ଆହୁର ।
ଅଥବା, ଅଂ. „ ଅବା, କମ୍ବା ।
ଅଥଯ୍ୟ, ବିଂ. ( ନ-ଅଯ୍ୟ-ନ ସ୍ଥାନେ ଅ ) ଅସ୍ଥିର ।
ଅଥରପା / ଅଥର୍ପା } ବିଂ. (ଅସ୍ଥିର-ପାଦ କଥାର ଅପଭ୍ରଂଶ) ଅଖାଡୁଆ, ଚଞ୍ଚଳ, ଅସ୍ଥିରପଦ ।
ଅଥର୍ବ, ବି. ପୁଂ. ( ଅଥ-ଋ-ଅ ) ଚତୁର୍ଥ ବେଦ । ବିଂ. ଅତିବୃଦ୍ଧ, ରୁଗ୍ଣ ।
ଅଥର୍ବଣ, ବି. ପୁଂ. (ଅଥର୍ବ-ଣ) ଶିବ ।
ଅଥର୍ବଣି, ବି. ପୁଂ. ( ଅଥର୍ବ-ନ ) ଅଥର୍ବବେଦଜ୍ଞ ବ୍ରାହ୍ମଣ ।
ଅଥଳ, ବି. (ଅସ୍ଥଳ ଶବ୍ଦଜ) ଯାହାର ସ୍ଥଳ ନାହିଁ, ଗମ୍ଭୀର । ଯଥା—

ତରଳ-ଗଙ୍ଗା ନିର୍ମଳ ସିନ୍ଧୁରୁ ଅଥଳ ହେ ।

ଅଥାଗା, ବିଂ ( ଗ୍ରାମ୍ୟ ) ଅରକ୍ଷିତ ।
ଅଥାର, ବି. (ଦେଶଜ) ପିଠାହିଣ୍ଡି ହାଣ୍ଡି ।
ଅଦା, ବି. ( ଆର୍ଦ୍ରକ ଶବ୍ଦଜ ) ଗୁଳ୍ମବିଶେଷ ଓ ତାହାର କନ୍ଦ, ଏହା ଅନେକ ଔଷଧରେ ବ୍ୟବହୃତ ହୁଏ ।
ଅଦାଉତ / ଅଦୌତ } ବି. (ଯାବନିକ) ଅକସ, ଅହନ୍ତା ।
ଅଦାତା, ବିଂ. (ଅ-ଦାତା) ଯେ କିଛି ଦାନ କରେ ନାହିଁ, କୃପଣ, ମ୍ଳେଚ୍ଛ ।
ଅଦାଲତ୍ ବି, (ଯାବନିକ) ବିଚାରାଳୟ, ମୁନସଫ୍ କଚେରି ।
ଅଦାହ୍ୟ, ବିଂ. (ଅ-ଦହ-ଯ) ଦାହର ଅଯୋଗ୍ୟ ।
ଅଦିତି, ବି. ସ୍ତ୍ରୀ. ( ଅ-ଦା-ଇତି ) ଦେବମାତା, ଦକ୍ଷପ୍ରଜାପତିଙ୍କ କନ୍ୟା, କଶ୍ୟପ ମୁନିଙ୍କ ପତ୍ନୀ ।
ଅଦିତିଜ, ବି. ପୁଂ. (ଅଦିତି-ଜନ୍-ଅ) ଦେବତା ।
ଅଦୂର, ବିଂ. ( ଅ-ଦୂର ) ନିକଟବର୍ତ୍ତୀ, ଅତି ନିକଟ ।
ଅଦୃଶ୍ୟ, ବିଂ. ( ଅ-ଦୃଶ୍-ଯ ) ଅଦର୍ଶନୀୟ, ଯାହା ଦେଖା ନ ଯାଏ ।
ଅଦୃଷ୍ଟ, ବି. ନ. (ଅ-ଦୃଶ୍ ତ) ଭାଗ୍ୟ, କପାଳ । ବିଂ. ଯାହା ଦେଖା ହୋଇ ନାହିଁ, ଅଦେଖା, ଅଗୋଚର ।
ଅଦୃଷ୍ଟପୂର୍ବ, ବିଂ. (ଅ ଦୃଷ୍ଟ ପୂର୍ବ) ଯାହା ପୂର୍ବରେ ଦେଖା ହୋଇ ନାହିଁ ।
ଅଦୃଷ୍ଟରଜା, ବି. ସ୍ତ୍ରୀ. ( ଅ-ଦୃଷ୍ଟ-ରଜସ୍-ଆ ) କୁମାରୀ, ବାଳିକା, ଅପ୍ରାପ୍ତବୟସ୍କା । ଯଥା—

କଣିଅଛୁ ଅଦୃଷ୍ଟରଜା ଧନ୍ୟ,
କେଉଁ ଗତି ମୋହର ହୋଇ ଧନ୍ୟ । ର. କ.

ଅଦ୍ଭୁତ, ବିଂ. ( ଅଦ୍-ଭୂ-ତ ) ବିସ୍ମୟଜନକ । ବି. ନ. ଆଶ୍ଚର୍ଯ୍ୟ ।
ଅଦ୍ମର, ବିଂ. (ଅଦ୍-ମର) ପେଟୁ ।
ଅଦ୍ୟ, ଅଂ. (ଇଦମ୍-ଦ୍ୟ) ଆଜି ।
ଅଦ୍ୟକାର, ବିଂ. (ଅଦ୍ୟ + କୃ + ଅ, ଭବ ଅର୍ଥରେ) ଅଦ୍ୟତନ, ଆଜିଦିନର ।
ଅଦ୍ୟତନ, ବିଂ. ( ଅଦ୍ୟ-ତନ, ଭବ ଅର୍ଥରେ ) ଯାହା ଆଜି ହୋଇଅଛି ।
ଅଦ୍ୟାପି / ଅଦ୍ୟାବଧି } ଅଂ. (ଅଦ୍ୟ-ଅପି, ଅବଧି) ଆଜି ପର୍ଯ୍ୟନ୍ତ, ଏବେ ସୁଦ୍ଧା ।
ଅଦ୍ରି, ବି. ପୁଂ. (ଅ-ଦ୍ରା-ଇ) ଯେ ପଳାୟନ କରେ ନାହିଁ, ପର୍ବତ, ଗିରି ।
ଅଦ୍ରିକର୍ଣ୍ଣୀ, ବି. ସ୍ତ୍ରୀ. ଅପରାଜିତା ।
ଅଦ୍ରିକୀଲା, ବି. ସ୍ତ୍ରୀ. ( ଅଦ୍ରି-କୀଲା ) ପୃଥିବୀ, ଭୂମି ।
ଅଦ୍ରିଜା, ବି. ସ୍ତ୍ରୀ. ( ଅଦ୍ରି-ଜନ୍-ଅ-ଆ ) ପର୍ବତ-କନ୍ୟା, ଦୁର୍ଗା ।

**ଅଦ୍ରସାର**, ବି. ପୁଂ. (ଅଦ୍ର-ସାର) ଲୌହ । ବିଂ. ଲୌହ ପରି କଠିନ ।

**ଅଦ୍ରଭିଦ୍**, ବି. ପୁଂ.(ଅଦ୍ର-ଭିଦ୍-୦)ଇନ୍ଦ୍ର, ବଜ୍ର ।

**ଅଦ୍ୱିତୀୟ**, ବିଂ. (ଅ-ଦ୍ୱିତୀୟ) ସର୍ବପ୍ରଧାନ, ଯାହାର ଦ୍ୱିତୀୟ ଅର୍ଥାତ୍ ଯୋଡ଼ା ନାହିଁ, ଅତୁଳ୍ୟ ।

**ଅଦ୍ୱୈତ**, ବି. ନ. (ଅ-ଦ୍ୱୈତ) ଯାହାର ଦ୍ୱିତୀୟହି ନାହିଁ, ବ୍ରହ୍ମ । ପୁଂ. ଚୈତନ୍ୟଦେବଙ୍କ ସଙ୍ଗୀ ।

**ଅଦ୍ୱୈତବାଦୀ**, ବିଂ. ( ଅଦ୍ୱୈତ-ବଦ-ଇନ୍ ) ଦାର୍ଶନିକସଂପ୍ରଦାୟ ବିଶେଷ, ଯେଉଁମାନେ କହନ୍ତି 'ଜୀବ ଈଶ୍ୱର ଏକ' ଓ ଜଗତରେ ଈଶ୍ୱର ଭିନ୍ନ ଅନ୍ୟ ବସ୍ତୁ ନାହିଁ ।

**ଅଧଃ**, ଅଂ. (ଅଧର ଅସ୍) ନିମ୍ନ, ତଳପ୍ରଦେଶ ।

**ଅଧଃସ୍ଥ**, ବିଂ. (ଅଧସ୍-ସ୍ଥା-ଅ) ନିମ୍ନସ୍ଥିତ, ଅଧସ୍ତନ, ନୀଚ ଦେଶସ୍ଥିତ ।

**ଅଧ**, ବି. (ଅର୍ଦ୍ଧର ଅପଭ୍ରଂଶ)ଦୁଇଭାଗରୁ ଏକଭାଗ

**ଅଧମ**, ବିଂ. (ଅଧନ୍-ମ, ସ୍ଥିତ ଅର୍ଥରେ) ଅପକୃଷ୍ଟ, ନିମ୍ନସ୍ଥ । ଯଥା—

> ନମଇଁ ମା ଭକତଭାବରେ
> ଅଧମ ଅକ୍ଷମ ସୁତ ତୋ ଚରଣରେ । ଛନ୍ଦମାଳା.

**ଅଧମରା** ବିଂ. ( ଅର୍ଦ୍ଧମୃତ ଶବ୍ଦଜ ) ମୃତବତ୍, ମଲା ପରି ।

**ଅଧମର୍ଣ୍ଣ**, ବିଂ. ( ଅଧମ-ଋଣ ) ଅପବ୍ୟୟୀ ହେତୁରୁ ଯେ ଋଣ କରେ, ଖାତକ, ଋଣୀ । ଯଥା—

> ଏ ଦଳ କରନ୍ତି ବୃଦ୍ଧି ବୃଦ୍ଧ ବାଛୁଛିକେ
> ଅଧମର୍ଣ୍ଣ-ମକ୍ଷିକାର ଊର୍ଣ୍ଣନାଭରୂପୀ । ମହାଯାତ୍ରା.

**ଅଧମାଙ୍ଗ**, ବି. ନ. (ଅଧମ-ଅଙ୍ଗ) ପାଦ, ଚରଣ ।

**ଅଧର**, ବି ପୁଂ. (ଅଧଃ-ର) ନିମ୍ନ ଓଷ୍ଠ, ଯଥା—

> ମଞ୍ଜ ଅଧର ଦର୍ଶନେ ହରଷ କରସ । ପ୍ରେ. ସୁ.

ଅଥବା (ଅ-ଧର) ଯେ ସ୍ୱୟଂ କିଛି ଧରି ନ ପାରେ । ବିଂ. ନିମ୍ନ, ନୀଚ ।

**ଅଧର୍ମ**, ବି. ପୁଂ. (ଅ ଧର୍ମ) ଅନ୍ୟାୟ, ପାପ, ଅପରାଧ ।

**ଅଧର୍ମ୍ମ୍ୟ**, ବିଂ. (ଅ-ଧର୍ମ-ଯ) ଧର୍ମବିରୁଦ୍ଧ ।

**ଅଧଲା**, ବି. (ଦେଶଜ) ପଇସାର ଅଧ, ସେହି ମୂଲ୍ୟର ମୁଦ୍ରା ।

**ଅଧଲିକିଆ** } **ଅଧୁଲିକିଆ** } ବିଂ.(ଦେଶଜ) ଯାହାର ମୂଲ୍ୟ ଏକ ଅଧଲା ।

**ଅଧସେର**, ବି. (ଦେଶଜ) ଅର୍ଦ୍ଧସେର ପରିମାଣର ବଟଖରା ।

**ଅଧସ୍ତନ**, ବିଂ. ( ଅଧଃ-ତନ, ଭବ ଅର୍ଥରେ ) ନିମ୍ନସ୍ଥ, ଅଧୀନ ।

**ଅଧା** } **ଅଧେ** } ବି ଓ ବିଂ. (ଅର୍ଦ୍ଧ ଶବ୍ଦଜ) ଦୁଇ ଭାଗରୁ ଏକ ଭାଗ ।

**ଅଧାଅଧି** ବି. (ଅର୍ଦ୍ଧାର୍ଦ୍ଧ ଶବ୍ଦଜ) ମୋଟରେ ଅଧେ ।

**ଅଧାକପାଳ**, ବି. ( ଅର୍ଦ୍ଧ—କପାଳ ଶବ୍ଦଜ ) ମୁଣ୍ଡବିନ୍ଧା ରୋଗବିଶେଷ ।

**ଅଧାକାଣ୍ଡି**, ବି. (ଦେଶଜ) ଛୋଟ କାଣ୍ଡ ।

**ଅଧାଡ଼ୁଆ**, ବି. (ଦେଶଜ) ଅର୍ଦ୍ଧପକ୍ୱ, ଯଥା— ଅଧାଡ଼ୁଆ ନଡ଼ିଆ; ଅପଟୁ, ଅନିପୁଣ ।

**ଅଧାମ**, ବିଂ. (ଦେଶଜ) ଦୁଧରୁ ତିଆରି ଏକ-ପ୍ରକାର ମିଷ୍ଟାନ୍ନ, ରବିଡ଼ି ।

**ଅଧି**, ବି. ପୁଂ. (ଅ-ଧା-ଇ) ମାନସିକ ବ୍ୟଥା, ଭାବନା । ଅଂ. ଅଧିକ୍ୟବୋଧକ, ଅଧିକାର, ଉପରିଭାଗ, ଗଡ଼ିରହିତ ।

**ଅଧିକ**, ବିଂ. (ଅଧି-କ) ବେଶି, ଅତିରିକ୍ତ ।

**ଅଧିକନ୍ତୁ**, ଅଂ (ଅଧିକଂ-ତୁ) ଆହୁରି, ଅପର, ବିଶେଷତଃ ।

**ଅଧିକରଣ**, ବି. ନ. ( ଅଧି-କୃ-ଅନ ) ଆଧାର, ବିଚାରାଳୟ, କାରକବିଶେଷ, ଦଖଲ କରିବା ।

**ଅଧିକରଣିକ**, ବି. (ଅଧିକରଣ—ଇକ) ବିଚାରକ, ପ୍ରାଡ୍‌ବିବାକ ।

**ଅଧିକାଂଶ**, ବି. ପୁଂ. ( ଅଧିକ-ଅଂଶ ) ଅଧିକ ଭାଗ ।

**ଅଧିକାର**, ବି. ପୁଂ. ( ଅଧି-କୃ-ଅ ) ସ୍ୱାମିତ୍ୱ, ପ୍ରଭୁତ୍ୱ ।

**ଅଧିକାରୀ**, ବିଂ. (ଅଧି-କୃ-ଇନ୍ ) ପ୍ରଭୁ, ସ୍ୱତ୍ୱବାନ୍ । ବିଂ ପୁଂ. ମଠଧାରୀ ବୈଷ୍ଣବ, ସ୍ୱାମୀ, ମହନ୍ତ, ତାହାଙ୍କ ସହକାରୀ ଅଧିକାରୀ ।

ଅଧିକୃତ, ବି. ( ଅଧି-କୃ-ତ ) ନିଯୁକ୍ତ, ଯାହା ଅଧିକାର କରି ହୋଇଅଛି ।

ଅଧିକ୍ଷିପ୍ତ, ବିଂ. (ଅଧି-କ୍ଷିପ୍-ତ ) ତିରସ୍କୃତ, ନିନ୍ଦିତ, ପ୍ରେରିତ, ସ୍ଥାପିତ, ନିକ୍ଷିପ୍ତ ।

ଅଧିକ୍ଷେପ, ବି. ପୁଂ. ( ଅଧି-ଗମ୍-ଅ ) ତିରସ୍କାର, ନିନ୍ଦା ।

ଅଧିଗମ, ବି. ପୁଂ. ( ଅଧି-କ୍ଷିପ୍-ଅ ) ଉପାର୍ଜନ, ପ୍ରାପ୍ତି ।

ଅଧିଗମ୍ୟ, ବିଂ. ( ଅଧି-ଗମ୍-ଯ ) ପ୍ରାପ୍ୟ, ଜ୍ଞେୟ ।

ଅଧିଜ୍ୟ, ବିଂ. ( ଅଧି-ଜ୍ୟା ) ଜ୍ୟାଯୁକ୍ତ, ଗୁଣ ଚଢ଼ିଥିବା ଧନୁ ।

ଅଧିତ୍ୟକା, ବି. ସ୍ତ୍ରୀ. (ଅଧି-ତ୍ୟକନ୍-ଆ ) ପର୍ବତର ଉପରିଭାଗସ୍ଥ ସମତଳ ଭୂମି ।

ଅଧିତ୍ୟକାଚାରୀ, ବିଂ. ( ଅଧିତ୍ୟକା-ଚର-ଇନ୍ ) ଅଧିତ୍ୟକାରେ ଯେଉଁମାନେ ଭ୍ରମଣ କରନ୍ତି, ଅନାର୍ଯ୍ୟ, ବଣୁଆ । ଯଥା—

ହରିଦ୍ରାହରିତ ଅଧିତ୍ୟକାଚାରୀ,
କରି ଯୋଧବୃନ୍ଦ ମହାଅନର୍ଥକାରୀ । ନ. କେ.

ଅଧିଦନ୍ତ, ବି. (ଅଧି-ଦନ୍ତ) ବାହାଡ଼ା ଦାନ୍ତ ।

ଅଧିଦେବତା, ବି. ସ୍ତ୍ରୀ. ( ଅଧି-ଦେବତା ) ଅଧିଷ୍ଠାତ୍ରୀ ଦେବତା, ଇଷ୍ଟ ଦେବତା ।

ଅଧିପ, ଅଧିପତି } ବି. ପୁଂ. (ଅଧି-ପ, ପତି ) ରାଜା, ପାଳନକର୍ତ୍ତା, ପ୍ରଭୁ, ନେତା ।

ଅଧିଭୂ, ବି. ପୁଂ. ( ଅଧି-ଭୂ-୦ ) ସ୍ୱାମୀ, ପ୍ରଭୁ, ରାଜା ।

ଅଧିମାସ, ବି. ପୁଂ. (ଅଧିମାସ) ମଳ ମାସ ।

ଅଧିରାଜ, ବି. ପୁଂ. (ଅଧି-ରାଜନ୍ ) ପ୍ରଧାନ ରାଜା, ସମ୍ରାଟ୍ ।

ଅଧିରୂଢ଼, ବିଂ. ( ଅଧି-ରୁହ-ତ ) ଆରୂଢ଼, ଆରୋପିତ ।

ଅଧିରୋହଣ, ବି. ନ. ( ଅଧି-ରୁହ-ଅନ ) ଆରୋହଣ, ଚଢ଼ିବାର ।

ଅଧିରୋହଣୀ, ବି. ସ୍ତ୍ରୀ. ( ଅଧି ରୁହ-ଇନ୍-ଈ) ଯାହା ଉପରେ ଦେଇ ଆରୋହଣ କରାଯାଏ, ସୋପାନ, ଶିଢ଼ୀ ।

ଅଧିବାସ, ବି. ପୁଂ. ( ଅଧି-ବସ୍-ଅ ) ନିବାସ, ଯଜ୍ଞାଦିର ପୂର୍ବରେ ଦେବତା ସ୍ଥାପନାଦି ଅନୁଷ୍ଠାନବିଶେଷ । ଶୁଭକର୍ମାଦିର ପୂର୍ବ-ସଂସ୍କାର କ୍ରିୟା ।

ଅଧିବାସୀ, ବିଂ. ( ଅଧି-ବସ୍-ଇନ୍ ) ନିବାସୀ, ବାସିନ୍ଦା ।

ଅଧିବିନ୍ନା, ବି. ସ୍ତ୍ରୀ. ( ଅଧି-ବିନ୍ଦ-ଆ ) ପୂର୍ବ ବିବାହିତା ସ୍ତ୍ରୀ ।

ଅଧିବେତ୍ତା, ବି. ପୁଂ. ( ଅଧି-ବିଦ୍-ତୃ ) ସ୍ତ୍ରୀ ବିଦ୍ୟମାନ ଥାଉ ଥାଉ ଯେ ପୁଣି ବିବାହ କରଥାଏ ।

ଅଧିବେଦନ, ବି. ନ. ( ଅଧି-ବିଦ୍ ଅନ୍ ) ପ୍ରଥମ ସ୍ତ୍ରୀ ସତ୍ତ୍ୱେ ଦ୍ୱିତୀୟ ବାର ବିବାହ ।

ଅଧିଶ୍ରୟଣ, ବି ନ. ( ଅଧି-ଶ୍ରି-ଅନ ) ଚୁଲ୍ଲୀ ଉପରେ ହାଣ୍ଡି ଇତ୍ୟାଦିର ସ୍ଥାପନ ।

ଅଧିଶ୍ରୟଣୀ, ବି. ସ୍ତ୍ରୀ. ( ଅଧି-ଶ୍ରି-ଅନ-ଈ ) ଚୁଲ୍ଲୀ, ଯାହା ଉପରେ ଅଧିଶ୍ରୟଣ କରି ହୁଏ ।

ଅଧିଷ୍ଠାତା, ବିଂ. ( ଅଧି-ସ୍ଥା-ତୃ ) ସ୍ଥିତିକାରୀ, ଅବସ୍ଥିତ । ବିଂ. ପୁଂ. ଅଧ୍ୟକ୍ଷ, ନିୟନ୍ତା ।

ଅଧିଷ୍ଠାତ୍ରୀ, ବି. ସ୍ତ୍ରୀ. ( ଅଧି-ସ୍ଥା-ତୃ-ଈ ) ସ୍ଥିତି-କାରିଣୀ, ଆଶ୍ରୟଦାୟିନୀ, କର୍ତ୍ତ୍ରୀ ।

ଅଧିଷ୍ଠାନ, ବି. ନ. ( ଅଧି-ସ୍ଥା-ଅନ ) ସ୍ଥିତି, ସନ୍ନିଧାନ, ଆଶ୍ରୟ, ନଗର, ଚକ୍ର ।

ଅଧିଷ୍ଠିତ, ବିଂ. ( ଅଧି-ସ୍ଥା-ତ ) ଯେଉଁଠାରେ ଅଧିଷ୍ଠାନ କରାଯାଇଅଛି, ଅବସ୍ଥିତ, ଆବିର୍ଭୂତ ।

ଅଧୀତ, ବିଂ. (ଅଧି-ଇ-ତ) ଅଭ୍ୟସ୍ତ, ପଠିତ ।

ଅଧୀତି, ବି. ସ୍ତ୍ରୀ. ( ଅଧି-ଇ-ତି ) ଅଧ୍ୟୟନ, ପାଠାଭ୍ୟାସ ।

ଅଧୀତୀ, ବିଂ. ( ଅଧୀତ-ଇନ୍ ) କୃତାଧ୍ୟୟନ । ବି. ପୁଂ. ଛାତ୍ର ।

ଅଧୀନ, ବିଂ. (ଅଧି-ଇନ) ବଶୀଭୂତ, ଆଶ୍ରିତ ।

**ଅଧୀନତା**, ବି. ସ୍ତ୍ରୀ. ( ଅଧୀନ-ତା ) ଦାସତ୍ୱ, ବଶ୍ୟତା ।

**ଅଧୀର**, ବିଂ. ( ଅ-ଧୀର ) ଯେ ସ୍ଥିର ନୁହେ, ଅଥୟ, ଚଞ୍ଚଳ, କାତର ।

**ଅଧୀରା**, ବି. ସ୍ତ୍ରୀ. ( ଅ-ଧୀର-ଆ ) ବିଦ୍ୟୁତ୍, ନାୟିକାବିଶେଷ । ବିଂ. ଚଞ୍ଚଳା, ଭୀତା ।

**ଅଧୀଶ** / **ଅଧୀଶ୍ୱର** } ବି. ପୁଂ. ( ଅଧି-ଈଶ, ଈଶ୍ୱର ) ମହାରାଜ, ସମ୍ରାଟ୍ ।

**ଅଧୁଆ**, ବିଂ. (ଅଧୌତ ଶବ୍ଦର ଅପଭ୍ରଂଶ) ଯାହା ଧୁଆ ହୋଇ ନାହିଁ ।

**ଅଧୁଆମୁହାଁ**, ବିଂ. ( ଅଧୌତମୁଖ ଶବ୍ଦଜ ) ଯେ ଶଯ୍ୟାରୁ ଉଠିବାକ୍ଷଣି ମୁଖ ଧୁଏ ନାହିଁ ।

**ଅଧୁନା**, ଅଂ. ବର୍ତ୍ତମାନ, ସମ୍ପ୍ରତି, ଏହିକ୍ଷଣି ।

**ଅଧୁନାତନ**, ବିଂ. (ଅଧୁନା-ତନ, ଭବ ଅର୍ଥରେ) ଆଧୁନିକ, ଆଜିକାଲିର ।

**ଅଧୃଷ୍ଟ**, ବିଂ. ( ଅ-ଧୃଷ୍-ତ ) ଅପ୍ରଗଲ୍ଭ, ସଲଜ୍ଜ, ବିନୀତ ।

**ଅଧୃଷ୍ୟ**, ବିଂ. ( ଅ-ଧୃଷ୍-ଯ ) ଦୁର୍ଦ୍ଧର୍ଷ, ଦୁରାଧର୍ଷ, ଯାହାଠାରୁ ଭୟ ହୁଏ ।

**ଅଧୈର୍ଯ୍ୟ**, ବି. ନ. ( ଅ-ଧୀର-ଯ ) ଧୀରତାର ଅଭାବ, ଚଞ୍ଚଳତା । ( ଅ-ଧୈର୍ଯ୍ୟ ) ବିଂ. ଯାହାର ଧୈର୍ଯ୍ୟ ନାହିଁ, ତରତରିଆ, କାତର, ଭୀତ । ଯଥା—

ମନାଉଛ ତୋତେ ମନେ ପଡ଼ୁଥିବ ମୋର ଏତେକ ମାଗୁଣି,
ଶୁଣିକ ରୁ ଅତ ମୋ ଅଧୈର୍ଯ୍ୟ ସବୁ ଲୁହାଇଅଛ ତରୁଣୀ ।

ପ୍ରେ, ସୁ.

**ଅଧୋଂଶୁକ**, ବି. ନ. (ଅଧଃ-ଅଂଶୁକ) ପରିଧାନ ବସ୍ତ୍ର, ଲୁଗା ।

**ଅଧୋବସ୍ତ୍ର**, ବି. ନ. ( ଅଧଃ-ବସ୍ତ୍ର ) ପରିଧାନ ବସ୍ତ୍ର, ଧୋତି ପ୍ରଭୃତି ।

**ଅଧୋକ୍ଷଜ**, ବି. ପୁଂ. ( ଅଧଃ=ଅତୀତ-ଅକ୍ଷଜ= ଇନ୍ଦ୍ରିୟଜାତ ଜ୍ଞାନ ) ଯେ ଇନ୍ଦ୍ରିୟଜ୍ଞାନର ବିଷୟୀଭୂତ ନୁହନ୍ତି, ଅତୀନ୍ଦ୍ରିୟ, ବିଷ୍ଣୁ ।

**ଅଧୋଗତି**, ବି. ସ୍ତ୍ରୀ. (ଅଧଃ-ଗତି) ଅବନତି ।

**ଅଧୋଗାମୀ**, ବିଂ. ( ଅଧସ୍-ଗମ୍-ଇନ୍ ) ନିମ୍ନଗତ, ଯେ ନୀଚକୁ ଗମନ କରେ ।

**ଅଧୋଭୁବନ**, ବି. ନ. (ଅଧଃ=ନିମ୍ନ-ଭୁବନ= ଜଗତ୍ ) ପାତାଳ, ବଳସଦ୍ମ, ରସାତଳାଦି ସପ୍ତ ପାତାଳ । ଯଥା—

ବାମନ ମନମୋହନ ହୋଇ ଭୂଦାନରେ,
ବଳିଷ୍ଠ ବଳିଙ୍କ ଗୁପି ଅଧୋଭୁବନରେ । ବୈ, ବ,

**ଅଧୋମର୍ମ**, ବି. ନ. ( ଅଧଃ-ମର୍ମ ) ଗୁହ୍ୟଦ୍ୱାର ।

**ଅଧୋମୁଖ** / **ଅଧୋବଦନ** } ବିଂ. (ଅଧଃ-ମୁଖ, ବଦନ) ନତମୁଖ । ବି.ପୁଂ. ନକ୍ଷତ୍ରଗଣବିଶେଷ ।

**ଅଧୋବାୟୁ**, ବି. ପୁଂ. ( ଅଧଃ-ବାୟୁ ) ଅପାନବାୟୁ ।

**ଅଧୋବିନ୍ଦୁ**, ବି. ପୁଂ. ( ଅଧଃ-ବିନ୍ଦୁ ) ଆକାଶମଣ୍ଡଳର ଯେଉଁ ସ୍ଥାନ ଠିକ ଆମ୍ଭମାନଙ୍କର ନିମ୍ନରେ ଅବସ୍ଥିତ, ଏହାକୁ ଆରବୀ ଓ ଇଂରାଜୀ ଭାଷାରେ ନାଦିର "Nadir" କହନ୍ତି ।

**ଅଧ୍ୟକ୍ଷ**, ବି.ପୁଂ.(ଅଧି-ଅକ୍ଷ-ଅ) ପ୍ରଧାନ କର୍ମକାରକ.

**ଅଧ୍ୟୟନ**, ବି. ନ. ( ଅଧି-ଇ ଅନ ) ପାଠ ଅଭ୍ୟାସ କରିବା, ପଢ଼ିବା ।

**ଅଧ୍ୟବସାୟ**, ବି. ପୁଂ. ( ଅଧି-ଅବ-ସୋ-ଅ ) ଯତ୍ନ, ଅବିଶ୍ରାନ୍ତ ଉଦ୍ୟୋଗ ।

**ଅଧ୍ୟା**, ବି. ( ଧୀ-ଧାତୁଜ ) ଦେବତା ନିକଟରେ ଅଭୀଷ୍ଟ ଲାଭାର୍ଥ ଉପବାସାଦି କରି ଜାଗ୍ରତ ରହିବା । ଯଥା—

ଅନଶନେ ରହେ ଚଣ୍ଡିକା ଦେଉଳେ
ଅଧ୍ୟା ପଡ଼ିଥିଲେ ଲୁବଧ ଆକୁଳେ । ନ. କେ,

( ଅଧ୍ୟାୟ ଶବ୍ଦର ଅପଭ୍ରଷ୍ଟ ) ଅଧ୍ୟାୟ, ପରିଚ୍ଛେଦ ।

**ଅଧ୍ୟାତ୍ମ**, ବିଂ. ( ଅଧି-ଆତ୍ମନ ) ଆତ୍ମାସମ୍ବନ୍ଧୀୟ, ତତ୍ତ୍ୱବିଷୟକ, ପରମାତ୍ମାସମ୍ପର୍କୀୟ ।

**ଅଧ୍ୟାପକ**, ବି. ପୁଂ. ( ଅଧି-ଇ (ଣିଜନ୍ତ) ଅକ ) ପାଠଗୁରୁ, ଆଚାର୍ଯ୍ୟ, ଶିକ୍ଷକ ।

ଅଧ୍ୟାପନ, ବି. ନ. } (ଅଧି-ଇ-ଣିଚ-ଅନ, ଆ) ପଢ଼ାଇବା, ଶିଖାଇବା,
ଅଧ୍ୟାପନା, ସ୍ତ୍ରୀ. } ଉପଦେଶ ଦେବା ।

ଅଧ୍ୟାୟ, ବି. ପୁଂ. (ଅଧି-ଇ ଅ) ଗ୍ରନ୍ଥର ପରିଚ୍ଛେଦ ।

ଅଧ୍ୟାୟୀ, ବିଂ. ( ଅଧି-ଇଁ-ଇନ୍ ) ଅଧ୍ୟୟନକାରୀ, ଛାତ୍ର ।

ଅଧ୍ୟାସ, ବି ପୁଂ. (ଅଧି-ଆସ୍-ଅ) ଆରୋପ, ଏକ ବସ୍ତୁରେ ଅନ୍ୟ ବସ୍ତୁର କଳ୍ପନା, ଉପବେଶନ, ଅଧିଷ୍ଠାନ ।

ଅଧ୍ୟାସନ, ବି.ନ. (ଅଧି-ଆସ୍-ଅନ) ଉପବେଶନ ।

ଅଧ୍ୟାସିତ. ବିଂ. ( ଅଧି-ଆସ୍-ତ ) ଯେଉଁ ସ୍ଥାନରେ ବାସ କରାଯାଇଥାଏ । ଯଥା—

ସୁଗ୍ରୀବପ୍ରମୁଖ ପଞ୍ଚବୀର ଅଧ୍ୟାସିତ,
ଏହୁ ଗିରିପାଦଗିରି ଶୈଳ ଋଷ୍ୟମୂକେ ।
ମହାଯାତ୍ରା ।

ଅଧ୍ୟାସୀନ, ବିଂ. ପୁଂ. (ଅଧି-ଆସ୍-ଆନ) ଉପବିଷ୍ଟ ।

ଅଧ୍ୟାହାର, ବି.ପୁଂ. (ଅଧି-ହୃ-ଅ) ତର୍କ । ଅସମ୍ପୂର୍ଣ୍ଣ ବାକ୍ୟର ପୂରଣାର୍ଥ ପଦାନ୍ତର ଯୋଜନା ।

ଅଧ୍ୟୁଷିତ, ବିଂ. ( ଅଧି-ବସ୍-ତ ) ଯେ ସ୍ଥାନରେ ବାସ ବା ଉପବେଶନ କରାଯାଏ, ଅଧିବାସୀ, ଉପବିଷ୍ଟ ।

ଅଧ୍ୟୂଢ଼ା, ବି. ସ୍ତ୍ରୀ. (ଅଧି-ଊଢ଼ା=ବିବାହିତା) ଯେଉଁ ସ୍ତ୍ରୀର ସ୍ୱାମୀ ପୁନର୍ବାର ବିବାହ କରେ ।

ଅଧ୍ୟେତା, ବିଂ. ( ଅଧି-ଇ-ତୃ ) ଅଧ୍ୟୟନକର୍ତ୍ତା, ଛାତ୍ର ।

ଅଧ୍ରୁବ, ବିଂ, (ଅ-ଧ୍ରୁବ=ନିଶ୍ଚିତ) ଯାହା ନିଶ୍ଚିତ ନୁହେ, ଅସତ୍ୟ, କାଳ୍ପନିକ ।

ଅଧ୍ୱ, ବି. ପୁଂ. (ଅତ୍=ସର୍ବଦା ଗମନ କରିବା-ବନ୍ ) ମାର୍ଗ, ପଥ, ସମୟ, ଉପାୟ ।

ଅଧ୍ୱଗ, ବି. ପୁଂ. (ଅଧ୍ୱନ୍=ପଥ-ଗ=ଗମନ କରେ ଯେ) ପଥିକ, ସୂର୍ଯ୍ୟ, ଉଷ୍ଟ୍ର ।

ଅଧ୍ୱଗା, ବି. ସ୍ତ୍ରୀ. (ଅଧ୍ୱନ୍-ଗମ୍-ଆ) ଗଙ୍ଗା ।

ଅଧ୍ୱର, ବି. ପୁଂ ( ଅଧ୍ୱନ୍-ରା-ଅ ) ଯେ ସ୍ୱର୍ଗ ବା ମୁକ୍ତିର ପଥ ଦାନ କରେ, ଯଜ୍ଞ । ବିଂ. ମନୋଯୋଗୀ, ସାବଧାନ ।

ଅନକ୍ଷର, ବିଂ. (ଅନ୍-ଅକ୍ଷର ) ଅକ୍ଷର ଜ୍ଞାନହୀନ, ମୂର୍ଖ । ବି' ନିନ୍ଦା ।

ଅନଘ, ବିଂ. ( ଅନ୍-ଅଘ ) ପାପହୀନ, ନିର୍ମଳ, ପବିତ୍ର, ସୁନ୍ଦର, ଦୁଃଖହୀନ ।

ଅନଙ୍ଗ, ବି. ପୁଂ. ( ଅନ୍-ଅଙ୍ଗ ) କାମ, କନ୍ଦର୍ପ, ମହାଦେବଙ୍କର କ୍ରୋଧାଗ୍ନିରେ ଏହାଙ୍କର ଶରୀର ଭସ୍ମସାତ୍ ହୋଇଥିବାରୁ ନାମ ଅନଙ୍ଗ ହୋଇଅଛି । ଯଥା—

ଦୁର୍ବଳ ମାରିବାକୁ ସମସ୍ତେ ଆଟ,
କାମକୁ ମହାଦେବ କଲେ ଅନଙ୍ଗ ଯେ । ଗୀ, ବି,

ଅନଚ୍ଛ, ବିଂ. ( ଅନ୍-ଅଚ୍ଛ ) ଯାହା ନିର୍ମଳ ନୁହେ, ଅସ୍ୱଚ୍ଛ, ଅପରିଷ୍କୃତ, ଯାହା ଭିତର ଦେଇ ଆଲୋକ ଯାଇ ନ ପାରେ ।

ଅନଟନ, ବି. ନ. ( ଅନ୍-ଅଟନ ) ଅଭାବ, ଅପ୍ରତୁଳ ।

ଅନଡ୍ୱାନ୍, ବି. ପୁଂ. (ଅନସ୍=ଶକଟ, ବହ=ବହନ କରିବା-କ୍ୱିପ୍ ) ଯେ ଶକଟ ବହନ କରେ, ବଳଦ, ବୃଷ ।

ଅନତିକ୍ରମ } ବି. ପୁଂ, ( ଅନ୍-ଅତି-କ୍ରମ୍
ଅନତିକ୍ରମଣ } -ଅ, ଅନ ) ଅତିକ୍ରମ ନ କରିବା, ଲଙ୍ଘନ ନ କରିବା, ଅଲଙ୍ଘନ ।

ଅନତିକ୍ରମଣୀୟ, ବିଂ. ( ଅନ୍-ଅତି-କ୍ରମ-ଅନୀୟ ) ଅତିକ୍ରମଣୀୟ ନୁହେ, ଅଲଙ୍ଘନୀୟ ।

ଅନତିଦୀର୍ଘ, ବିଂ. (ଅନ୍-ଅତି-ଦୀର୍ଘ) ଯାହା ଅଧିକ ଦୀର୍ଘ ନୁହେ ।

ଅନତିଦୂର, ବିଂ. ( ଅନ୍-ଅତି-ଦୂର) ଯେ ଅଧିକ ଦୂର ନୁହେ ।

ଅନତିଯତ୍ନ, କ୍ରି. ବିଂ. ( ଅନ୍-ଅତି-ଯତ୍ନ ) ଅଳ୍ପ ଯତ୍ନରେ, ବିଶେଷ ଯତ୍ନ ବ୍ୟତୀତ ।

ଅନତିବିଳମ୍ବ, କ୍ରି. ବିଂ. ( ଅନ୍-ଅତି-ବିଳମ୍ବ ) ଅଧିକ ବିଳମ୍ବ ନ କରି ।

ଅନତିବିସ୍ତୃତ, ବିଂ. ( ଅନ୍-ଅତି-ବିସ୍ତୃତ ) ଯାହା ଅଧିକ ବିସ୍ତୃତ ନୁହେ ।

**ଅନଧିକ**, ବିଂ. ( ଅନ୍-ଅଧିକ ) ଅଳ୍ପ, ଈଷତ୍, କିଞ୍ଚିତ୍ ।

**ଅନଧିକାର**, ବି. ପୁଂ. (ଅନ-ଅଧି କୃ-ଅ) ଅଧିକାର ନ ଥିବା ।

**ଅନଧିଗତ**, ବିଂ. ( ଅନ୍-ଅଧି-ଗମ୍-ତ ) ଅପ୍ରାପ୍ତ, ଅଜ୍ଞାତ, ଅବିଦିତ, ଅପଠିତ ।

**ଅନଧୀତ**, ବିଂ. (ଅନ୍-ଅଧି-ଇ-ତ) ଅପଠିତ ।

**ଅନଧ୍ୟୟନ**, **ଅନଧ୍ୟାୟ**, ବି. ପୁଂ. ( ଅନ୍-ଅଧି-ଇ-ଅନ, ଅ) ପାଠାଭାବ । ବିଂ. ଯେଉଁ ଯେଉଁ ଦିବସରେ ପାଠ ପଢ଼ା ନ ଯାଏ, ଯଥା—ଅଷ୍ଟମୀ, ପୂର୍ଣ୍ଣିମା, ଅମାବସ୍ୟା, ଚତୁର୍ଦ୍ଦଶୀ, ପ୍ରତିପଦ, ଯମଦ୍ୱିତୀୟା ।

**ଅନନ୍ତ**, ବି. ପୁଂ. (ଅନ୍-ଅନ୍ତ) ଆକାଶ, ପରମେଶ୍ୱର, ବାସୁକି, ଶେଷଦେବ । ବିଂ. ଅସୀମ । ଯଥା—

> ଏ ଅନନ୍ତ ବିଶ୍ୱ ତୁମ୍ଭ ମହିମା କୀର୍ତ୍ତିନ,
> ଅଶେଷ ପ୍ରକାରେ ବିଭୋ କରେ ଅନୁକ୍ଷଣ । କା. ବ.

**ଅନନ୍ତଦେବ**, ବି. ପୁଂ. (ଅନନ୍ତ-ଦେବ) ବାସୁକି ।

**ଅନନ୍ତବ୍ରତ**, ବି. ନ. (ଅନନ୍ତ ବ୍ରତ) ଭାଦ୍ର ଶୁକ୍ଳ-ଚତୁର୍ଦ୍ଦଶୀରେ ପ୍ରସିଦ୍ଧ ବ୍ରତବିଶେଷ ।

**ଅନନ୍ତମୂଳ**, ବି. ନ. ରକ୍ତପରିଷ୍କାରକ ଲତା-ବିଶେଷ, ଚେମେଡ଼ିଆ ଲଇ, ଶତାବରୀ ।

**ଅନନ୍ତର**, କ୍ରି. ବିଂ. ( ଅନ୍-ଅନ୍ତର ) ପଶ୍ଚାତ୍, ପରକ୍ଷଣରେ, ଏଥିଉତ୍ତାରୁ । ବିଂ. ସନ୍ନିହିତ, ନିକଟବର୍ତ୍ତୀ ।

**ଅନନ୍ତବିଜୟ**, ବି. ଯୁଧିଷ୍ଠିରଙ୍କ ଶଙ୍ଖ, ଯାହା ଧ୍ୱନି-ଦ୍ୱାରା ଅନନ୍ତଙ୍କୁ ବଶୀଭୂତ କରେ । ଯଥା—

> ଧର୍ମର ଅନନ୍ତବିଜୟ ଶଙ୍ଖ ବାଜେ ସଘନେ ।
> କୁସୁମାଞ୍ଜଳି.

**ଅନନ୍ତଶୀର୍ଷା**, ବି. ପୁଂ. (ଅନନ୍ତ-ଶୀର୍ଷନ୍) ବାସୁକି ।

**ଅନନ୍ତା**, ବି. ସ୍ତ୍ରୀ. ( ଅନ୍-ଅନ୍ତ-ଆ ) ପୃଥିବୀ, ଦୁର୍ଗା, ଦୂର୍ବା ।

**ଅନନ୍ୟ**, ବିଂ. ( ଅନ୍-ଅନ୍ୟ ; ଅଭିନ୍ନ, ଅନନ୍ୟ ସାଧାରଣ । ବି. ( ଯାହାଙ୍କ ଭିନ୍ନ ଅନ୍ୟ ନାହିଁ ) ବିଷ୍ଣୁ ।

**ଅନନ୍ୟଗତି**, ବିଂ. ( ଅନ୍-ଅନ୍ୟଗତି ) ଯାହାର ଅନ୍ୟ ଉପାୟ ନାହିଁ, ଗତ୍ୟନ୍ତରହୀନ, ଅନନ୍ୟୋପାୟ ।

**ଅନନ୍ୟଜ**, ବି. ପୁଂ. (ଅନ୍-ଅନ୍ୟ-ଜନ୍-ଅ) ଯେ ଅନ୍ୟଠାରୁ ( ନିଜ ଭିନ୍ନ ) ଜନ୍ମେ ନାହିଁ, ଅଥବା "ସର୍ବଂ ବିଷ୍ଣୁମୟଂ ଜଗତ୍" ଏହି ବାକ୍ୟ ପ୍ରମାଣେ ଯାହାଠାରୁ ଅନ୍ୟ ନାହିଁ, ସେ ଅନନ୍ୟ ଅର୍ଥାତ୍ ବିଷ୍ଣୁ, ତାହାଙ୍କଠାରୁ ଜାତ ଅର୍ଥାତ୍ କନ୍ଦର୍ପ, କାମ ।

**ଅନନ୍ୟମନା**, ବିଂ. (ଅନ୍-ଅନ୍ୟ-ମନସ୍) ଯାହାର ଅନ୍ୟ କୌଣସି ବିଷୟରେ ମନ ନ ଥାଏ, ଏକାଗ୍ରଚିତ୍ତ ।

**ଅନନ୍ୟସାଧାରଣ**, ବିଂ. ( ଅନ୍-ଅନ୍ୟ-ସାଧାରଣ) ଯହିଁରେ ଅନ୍ୟର ଅଂଶ ବା ଅଧିକାର ନ ଥାଏ । ଯାହା ଅନ୍ୟ ସହିତ ସମାନ ନୁହେଁ । ଅଲୋକସାମାନ୍ୟ ।

**ଅନନ୍ୱୟ**, ବି. ପୁଂ. (ଅନ୍-ଅନ୍ୱୟ) ଅର୍ଥାଲଙ୍କାର-ବିଶେଷ, ଯେଉଁ ସ୍ଥାନରେ ଗୋଟିଏ ପଦାର୍ଥରେ ଉପମାନ ଓ ଉପମେୟ ଉଭୟ ଧର୍ମ ପର୍ଯ୍ୟବସିତ ହୁଏ ।

**ଅନନ୍ୱିତ**, ବିଂ. (ଅନ୍-ଅନ୍ୱିତ) ପୂର୍ବାପର ବିରୁଦ୍ଧ, ଅସଂଲଗ୍ନ, ଅସଙ୍ଗତ ।

**ଅନପତ୍ୟ**, ବିଂ. ( ଅନ୍-ଅପତ୍ୟ=ସନ୍ତାନ ) ସନ୍ତାନହୀନ ।

**ଅନପରାଧୀ**, ବିଂ. ( ଅନ୍-ଅପରାଧ-ଇନ୍ ) ନିର୍ଦ୍ଦୋଷ, ନିରପରାଧ ।

**ଅନପାୟୀ**, ବିଂ. [ ଅନ୍-ଅପାୟ ( ଅପ-ଇ-ଅ ) -ଇନ୍ ] ଯାହାର ନାଶ ନାହିଁ, ଚିରସ୍ଥାୟୀ ।

**ଅନପେକ୍ଷ**, ବିଂ ( ଅନ୍-ଅପେକ୍ଷା-ଅ ) ସ୍ୱାଧୀନ, ନିରପେକ୍ଷ ।

**ଅନପେତ**, ବିଂ. (ଅନ୍-ଅପ୍-ଇ-ତ) ଯୁକ୍ତ ।

**ଅନଭିଜ୍ଞ**, ବିଂ. (ଅନ୍-ଅଭି-ଜ୍ଞା-ଅ) ମୂର୍ଖ, ଅଜ୍ଞାନ ।

ଅନମ୍ବର, ବିଂ. (ଅନ୍-ଅମ୍ବର=ବସ୍ତ୍ର) ଆବରଣ-ଶୂନ୍ୟ, ବସ୍ତ୍ରହୀନ । ବି. ପୁଂ. ଆକାଶ । ଯଥା—

ସାମ୍ବନ୍ଧନ ଘନ ପଟରେ ଯେ,
କେଉଁନ ପରସ୍ପେ ସ୍ଫୁର୍ତ୍ତି ସୌଦାମିନୀ
ସ୍ଫୁରୁଥାଏ ଅନମ୍ବରେ ଯେ । କ. ବା.

ଅନର୍ଗଳ, ବିଂ (ଅନ୍-ଅର୍ଗଳ=ବାଧା) ଯଥେଚ୍ଛାଗୃଙ୍ଖ, ଅପ୍ରତିବନ୍ଧ, ନିରଙ୍କୁଶ । କ୍ରି. ବି. ଅବାଧ ।

ଅନର୍ଘ, ବିଂ. ପୁଂ ( ଅନ୍-ଅର୍ଘ ) ଅମୂଲ୍ୟ ।

ଅନର୍ଥ, ବି. (ଅନ-ଅର୍ଥ) ଅନିଷ୍ଟ, ଅମଙ୍ଗଳ ।

ଅନର୍ଥକ, ବିଂ. (ଅନ-ଅର୍ଥକ) ନିରର୍ଥକ, ଯାହାର କିଛି ଅର୍ଥ ନାହିଁ ବା ପ୍ରୟୋଜନ ନାହିଁ, ବୃଥା ।

ଅନର୍ଯ୍ୟାପ ବିଂ. (ଦେଶଜ) ଅପରିମିତ ।

ଅନର୍ହ, ବିଂ. (ଅନ୍-ଅର୍ହ ) ଅଯୋଗ୍ୟ ।

ଅନଳ, ବି. ପୁଂ. (ଅନ୍-ଅଳ) ଅଥବା (ଅ-ନଳ =ବନ୍ଧନ, ଯାହାକୁ କେହି ବାନ୍ଧି ପାରେ ନାହିଁ) ଅଗ୍ନି, ପାବକ, ହୁତାଶନ । ଯଥା—

ଅନଳ ଦେଖିଣ ପତଙ୍ଗ
ଯେସନ୍ତେ ଧାମନ୍ତି ଉଦବେଗ । ଭାଗବତ

ଅନଳପ୍ରଭା, ବି ସ୍ତ୍ରୀ. (ଅନଳ-ପ୍ରଭା) ଜ୍ୟୋତିଷ୍ମତୀ ଲତା ।

ଅନଳ୍ପ, ବିଂ. ( ଅନ୍-ଅଳ୍ପ ) ଯାହା ଅଳ୍ପ ନୁହେ, ଅର୍ଥାତ୍ ବହୁତ, ଅଧିକ ।

ଅନବଦ୍ୟ, ବିଂ. ( ଅନ୍-ବଦ୍-ଯ ) ଅନିନ୍ଦ୍ୟ, ପ୍ରଶଂସ୍ୟ, ସମ୍ଭ୍ରାନ୍ତ ।

ଅନବଧାନତା, ବି. ସ୍ତ୍ରୀ. (ଅନ୍-ଅବ୍-ଧା-ଅନ୍-ତା) ଅସାବଧାନତା, ଅମନୋଯୋଗ ।

ଅନବରତ, କ୍ରି. ବିଂ. ( ଅନ୍-ଅବ-ରମ୍-ତ ) ସର୍ବଦା, ନିରନ୍ତର ।

ଅନଶନ, ବି. ନ. (ଅନ୍-ଅଶ୍-ଅନ) ଉପବାସ ।

ଅନଶ୍ୱର, ବି. ( ଅ-ନଶ୍ୱର )ଅକ୍ଷୟ, ଅବିନାଶୀ, ଚିରସ୍ଥାୟୀ ।

ଅନସୂୟା, ବି. ସ୍ତ୍ରୀ. (ଅନ୍-ଅସୂୟା=ଦ୍ୱେଷ) ଅତ୍ରି ଋଷିଙ୍କ ପତ୍ନୀ, ଶକୁନ୍ତଳାଙ୍କ ସଖୀ । ଯଥା—

ଅତ୍ରି-ସଧର୍ମିଣୀ ଅନସୂୟାଙ୍କ ଯତନେ । କ. ଚ.

ଅନାଇବା, ବି. (ପ୍ରା) ଗୃହିଁବା ।

ଅନାଉଣି, ବି. (ପ୍ରା) ଗୃହାଣି, କଟାକ୍ଷ । ଯଥା—

ଘଟ୍ଟନାଥନନ୍ଦନା ଅନାଉଣିଙ୍କ ମନା
କରୁ ଯେ ଥିଲ, ହସ୍ତ ଗୃହିଁଲୁ ଗୋ । ବ. ଚ.

ଅନାକାର, ବି. ପୁଂ. (ଅନ୍-ଆ-କୃ-ଅ) ପରମେଶ୍ୱର, ଆକାଶାଦି । ବିଂ. ଆକାରହୀନ ।

ଅନାଗତ, ବିଂ. ( ଅନ୍-ଆଗତ ) ଅନୁପସ୍ଥିତ, ଭବିଷ୍ୟତ୍ ।

ଅନାଗତବିଧାତା, ବି. ପୁଂ. (ଅନାଗତ-ବିଧାତା) ଯେ ବ୍ୟକ୍ତି ଭବିଷ୍ୟତ୍‌ପାଇଁ ସଂସ୍ଥାନ ବା ଉପାୟ କରି ରଖେ ।

ଅନାଗ୍ରହ, ବି. ପୁଂ. ( ଅନ୍-ଆଗ୍ରହ ) ଗର୍ହିତ ଆଗ୍ରହ, କଦାଗ୍ରହ । ଯଥା—

ଜିର ଶାକ୍ତ ମତ ଶାକ୍ତ ଅନାଗ୍ରହ
ଉଠାଇ ବୈଷ୍ଣବ ଭଜନ ପ୍ରକାର । ନ. କେ,

ବିଂ. ଆଗ୍ରହହୀନ ।

ଅନାଜ ବି. ( ଦେଶଜ ) ପରିବା

ଅନାଡ଼ି, ବିଂ. ( ଦେଶଜ ) ନିର୍ବୋଧ, ଜଡ଼ ।

ଅନାତପ, ବି. ( ଅନ୍-ଆତପ ) ଛାୟା, ଖରାର ଅଭାବ ।

ଅନାତ୍ମୀୟ, ବି. ପୁଂ. ( ଅନ୍-ଆତ୍ମୀୟ ) ଆତ୍ମୀୟ ନୁହେ, ପର, ବିପକ୍ଷ ।

ଅନାଥ, ବିଂ. ( ଅ-ନାଥ=ସ୍ୱାମୀ ) ଆଶ୍ରୟହୀନ, ସ୍ୱାମିହୀନ ।

ଅନାଥା ବି. ସ୍ତ୍ରୀ. ( ଅ-ନାଥ-ଆ ) ବିଧବା । ବିଂ. ଆଶ୍ରୟହୀନା ।

ଅନାଦର, ବି. ପୁଂ. ( ଅନ୍-ଆ-ଦୃ-ଅ ) ଅଯତ୍ନ, ଅନାସ୍ଥା, ଅବଜ୍ଞା, ଅସମ୍ମାନ ।

ଅନାଦି, ବିଂ. (ଅନ୍-ଆଦି) ଆଦିରହିତ, ଉତ୍ପତ୍ତି-ବିହୀନ । ଯଥା—

ନମଇ ନୃସିଂହ ଚରଣ, ଅନାଦି ପରମକାରଣ ।
ଭାଗବତ ।

ବି. ପୁଂ. ପରମେଶ୍ୱର ।

ଅନାଦୃତ, ବିଂ. ( ଅନ୍-ଆ-ଦୃ-ତ ) ଆଦରହୀନ, ଅବଜ୍ଞାତ. ତିରସ୍କୃତ ।

**ଅନାମତ**, କ୍ରି. ବିଂ. ( ଦେଶଜ ) ନିରନ୍ତର, ସର୍ବଦା ।

**ଅନାମୟ**, ବି. କ୍ଲ ( ଅନ୍-ଆମୟ ) ଆରୋଗ୍ୟ, ସ୍ୱାସ୍ଥ୍ୟ, ନୀରୋଗାବସ୍ଥା ।

**ଅନାମିକା**, ବି. ସ୍ତ୍ରୀ. ( ଅ-ନାମନ୍-ଇକ-ଆ ) କନିଷ୍ଠାଙ୍ଗୁଳର ନିକଟସ୍ଥ ଅଙ୍ଗୁଳି, ଦ୍ଵିଜ ଅଙ୍ଗୁଠି ।

**ଅନାୟତ୍ତ**, ବିଂ. ( ଅନ୍-ଆୟତ୍ତ ) ଅବାଧ୍ୟ, ଅବଶୀଭୂତ, ନାଗର । ଯଥା—

ରଥ-ରମ୍ଭ-ହାସି ମୋ ଅନୁସରଣ ଯେମନ୍ତ ତାହାଙ୍କ ଅନା,
ଅନାୟତ୍ତ କନା ସିବାକୁ ନୟନ କରିବ ହଂସଗମନା ।
ପ୍ରେ. ସୁ.

**ଅନାୟାସ**, କ୍ରି. ବିଂ. ( ଅନ୍-ଆୟାସ ) ଅକ୍ଲେଶ ସହଜ ।

**ଅନାରତ**, କ୍ରି. ବିଂ. (ଅନ୍-ଆ-ରମ୍-ତ) ଅବିଶ୍ରାନ୍ତ, ନିରନ୍ତର, ସର୍ବଦା ।

**ଅନାରସ**. ବି. ( ଦେଶଜ ) ସପୁରି ମଣସ ।

**ଅନାର୍ଯ୍ୟ**, ବିଂ. ( ଅନ୍-ଋ-ଯ ) ଅଭଦ୍ର, ଅଧମ, ଅସଭ୍ୟ, ଅସାଧୁ, ଅପ୍ରଧାନ ।

**ଅନାବନା**, ବିଂ. ( ଦେଶଜ ) ଏଣୁତେଣୁ, ଅନିୟମିତ, ଇତସ୍ତତଃ ବିକ୍ଷିପ୍ତ ।

**ଅନାବିଲ**, ବିଂ. ( ଅନ୍-ଆବିଲ ) ନିର୍ମଳ, ସ୍ୱଚ୍ଛ, ଅକଳୁଷ, ଅସନ୍ଦିଗ୍ଧ ।

**ଅନାବିଷ୍ଟ**, ବିଂ. (ଅନ୍-ଆବିଷ୍ଟ) ଯାହାର ଆବେଶ ନାହିଁ, ଅମନୋଯୋଗୀ ।

**ଅନାବୃତ**, ବିଂ. ( ଅନ୍-ଆ-ବୃ-ତ) ଅନାଚ୍ଛାଦିତ, ଖୋଲା, ଆବରଣଶୂନ୍ୟ ।

**ଅନାବୃଷ୍ଟି**, ବି. ସ୍ତ୍ରୀ. (ଅନ୍-ଆ-ବୃଷ୍-ତି) ବୃଷ୍ଟିର ଅଭାବ, ମରୁଡ଼ି, ଅଳ୍ପବୃଷ୍ଟି ।

**ଅନାବେଶ**, ବି. ପୁଂ. (ଅନ୍-ଆବେଶ) ଉପେକ୍ଷା, ଅବହେଳା, ଅମନୋଯୋଗ ।

**ଅନାସ୍ଥା**, ବି. ସ୍ତ୍ରୀ. (ଅନ୍-ଆସ୍ଥା = ଆଦର) ଅଯତ୍ନ, ଅବଜ୍ଞା, ଅନାଦର । ଯଥା—

ଜାଣି ନାହାନ୍ତି କେବେ ନର ପ୍ରଭବ,
ଲକ୍ଷଣ ତାଙ୍କର ଏହୁ ଅନାସ୍ଥାଭବ । ବ. ବ.

**ଅନାହତ**, ବିଂ. (ଅନ୍-ଆହତ) ନୂତନ, ଅକ୍ଷତ । ବି. ତନ୍ତ୍ରୋକ୍ତ ହୃଦୟସ୍ଥିତ ସୁଷୁମ୍ନାମଧ୍ୟସ୍ଥ ଦ୍ୱାଦଶଦଳ ପଦ୍ମ, ନୂତନ ବସ୍ତ୍ର ।

**ଅନାହାର**, ବି. ପୁଂ. (ଅନ୍-ଆହାର) ଭୋଜନାଭାବ, ଉପବାସ ।

**ଅନାହାର୍ଯ୍ୟ**, ବିଂ. ( ଅନ୍-ଆହାର୍ଯ୍ୟ ) ସଂଗ୍ରହର ଅନୁପଯୁକ୍ତ, ଭୋଜନର ଅଯୋଗ୍ୟ ।

**ଅନାହୂତ**, ବିଂ. ଅନ-ଆହୂତ) ଅନିମନ୍ତ୍ରିତ ।

**ଅନିଚ୍ଛା**, ବି. ସ୍ତ୍ରୀ. (ଅନ-ଇଚ୍ଛା) ସ୍ପୃହାର ଅଭାବ, ଅରୁଚି ।

**ଅନିଚ୍ଛୁ**, **ଅନିଚ୍ଛୁକ** } ବିଂ. ( ଅନ୍-ଇଚ୍ଛୁ, ଇଚ୍ଛୁକ) ଯାହାର ଇଚ୍ଛା ନ ଥାଏ ।

**ଅନିତ୍ୟ** ବିଂ. ( ଅ-ନିତ୍ୟ ) ଅସ୍ଥାୟୀ, ଭଙ୍ଗୁର ।

**ଅନିଦ୍ରା**, ବି. (ଅ-ନିଦ୍ରା) ନିଦ୍ରାର ଅଭାବ ।

**ଅନିନ୍ଦନୀୟ**, **ଅନିନ୍ଦ୍ୟ** } ବିଂ. (ଅ-ନିନ୍ଦନୀୟ,ନିନ୍ଦ୍ୟ) ନିନ୍ଦନୀୟ ନୁହେ, ନିନ୍ଦାର ଯୋଗ୍ୟ ନୁହେ ।

**ଅନିନ୍ଦିତ**, ବିଂ. ( ଅ-ନିନ୍ଦିତ) ଯାହାର କେବେ କେହି ନିନ୍ଦା କରେ ନାହିଁ, ଅଗର୍ହିତ ।

**ଅନିମିଷ**, **ଅନିମେଷ** } ବି. ପୁଂ. ( ଅ-ନିମିଷ, ନିମେଷ = ପଲକ) ଯାହାଙ୍କ ଚକ୍ଷୁରେ ପଲକ ପଡ଼େ ନାହିଁ, ଦେବତା, ମତ୍ସ୍ୟ, ସୂକ୍ଷ୍ମ କାଳପରିମାଣ । ବିଂ. ପଲକଶୂନ୍ୟ ।

**ଅନିୟତ**, ବିଂ. ( ଅ-ନିୟତ ) ଯାହାର ସ୍ଥିରତା ନାହିଁ, ଅସ୍ଥିର, ଅନିଶ୍ଚିତ ।

**ଅନିୟମ**, ବି. ପୁଂ. ( ଅ-ନିୟମ ) ନିୟମଲଙ୍ଘନ, ନିୟମାନୁଯାୟୀ ନ ଚଳିବା ।

**ଅନିୟମିତ**, ବିଂ. ( ଅ-ନିୟମିତ) ଅନିର୍ଦ୍ଦିଷ୍ଟ, ଯାହା ନିୟମାନୁସାରେ ହୁଏ ନାହିଁ ।

**ଅନିର୍ଣ୍ଣୀତ**, ବିଂ. ( ଅ-ନିର୍ଣ୍ଣୀତ ) ଅନିର୍ଦ୍ଧାରିତ, ଅନିରୂପିତ, ଅନିଶ୍ଚିତ ।

**ଅନିର୍ଦ୍ଦିଷ୍ଟ**, ବିଂ. ( ଅ-ନିର୍ଦ୍ଦିଷ୍ଟ ) ଅନିୟମିତ, ଯାହାର ସ୍ଥିରତା ନାହିଁ ।

**ଅନିର୍ଦ୍ଧାରିତ**, ବିଂ. ( ଅ-ନିର୍ଦ୍ଧାରିତ ) ଅନିୟମିତ, ଅନିଶ୍ଚିତ ।

**ଅନିର୍ବଚନୀୟ**, ବି°, ( ଅ-ନିର୍-ବଚ୍-ଅନୀୟ ) ଅକଥନୀୟ ।

**ଅନିବାର୍ଯ୍ୟ**, ବି°. ( ଅ-ନି-ବୃ-ଯ ) ଅପ୍ରତିହାର୍ଯ୍ୟ, ଯାହା ବାରଣ କରି ଯାଇ ନପାରେ, ଅବଶ୍ୟମ୍ଭାବୀ ।

**ଅନିରୁଦ୍ଧ**, ବି. ପୁଂ. (ଅ-ନି-ରୁଧ୍-ତ ) କୃଷ୍ଣଙ୍କର ନାତି, ଉଷାପତି, କନ୍ଦର୍ପଙ୍କ ପୁତ୍ର, ଦୃତ । ବି°. ଅନିବାରିତ ।

**ଅନିଳ**, ବି. ପୁଂ. (ଅନ୍=ବଞ୍ଚିବା-ଇଳ, ଯାହା-ଦ୍ୱାରା ଲୋକେ ଜୀବନ ଧାରଣ କରନ୍ତି ) ପବନ, ସମୀରଣ ।

**ଅନିବାର**, ବି°. ( ଅ-ନିବାର ) ଅନିବାର୍ଯ୍ୟ, ଅବିରତ ।

**ଅନିଶ**, କ୍ରି. ବି°. ( ଅ-ନିଶା = ବିଶ୍ରାମକାଳ ) ନିରନ୍ତର, ସତତ, ସର୍ବଦା ।

ଅନିଶା }
ଅନିଶା } ବି. ( ଗ୍ରାମ୍ୟ ) ଅପେକ୍ଷା ।

**ଅନିଶ୍ଚିତ**, ବି°. ( ଅ-ନିଶ୍ଚିତ ) ଅସ୍ଥିର, ସନ୍ଦେହ-ଯୁକ୍ତ ।

**ଅନିଷିଦ୍ଧ**, ବି°. ( ଅ-ନିଷିଦ୍ଧ ) ନିଷିଦ୍ଧ ନୁହେ, ଅନିବାରିତ ।

**ଅନିଷ୍ଟ**, ବି. ନ. ( ଅନ୍-ଇଷ୍ଟ )ଅପକାର,ହାନି, ଦୁଃଖ ।

**ଅନିଷ୍ଟପାତ**, ବି. ପୁଂ. ( ଅନିଷ୍ଟ-ପାତ) ଅମଙ୍ଗଳ ଘଟନା, ଅଶୁଭ ଘଟନା ।

**ଅନୀକ**, ବି, ପୁଂ. (ଅନ୍-ଈକ୍) ଯାହାଦ୍ୱାରା ରାଜ୍ୟ ରକ୍ଷା ହୁଏ, ସୈନିକ, ଯୋଦ୍ଧା, ସୈନ୍ୟ, (ଅ-ନୀ-୦) ଯୁଦ୍ଧ, ସମୂହ ।

**ଅନୀକିନୀ**, ବି. ସ୍ତ୍ରୀ. ( ଅନୀକ-ଇନ୍-ଈ ସ୍ତ୍ରୀ ) ୨୧୮୭ ହସ୍ତୀ, ୨୧୮୭ ରଥ, ୬୫୬୧ ଅଶ୍ୱ ଏବଂ ୧୦୯୩୫ ପଦାତି ପରିମିତ ସୈନ୍ୟଦଳ ।

**ଅନୀତି**, ବି. ସ୍ତ୍ରୀ, (ଅ-ନୀତି) କୁନୀତି, ମନ୍ଦନୀତି ।

**ଅନୁ**, ଅ°. (ଅନ୍ = ରହିବା-ଉ) ପଶ୍ଚାତ୍,ସଦୃଶ, ଅଧୀନ, ନିକୃଷ୍ଟ, ସହିତ, ଅଂଶ, ପରସ୍ପର, ସମୀପ, ବହୁବାର, ବ୍ୟାପ୍ତି ।

**ଅନୁକମ୍ପା**, ବି. ସ୍ତ୍ରୀ. (ଅନୁ=ପଶ୍ଚାତ୍-କମ୍ପ୍-ଆ) ଦୟା, ଅନୁଗ୍ରହ, କୃପା, କରୁଣା ।

**ଅନୁକରଣ**, ବି. ନ. ( ଅନୁ=ସଦୃଶ-କୃ-ଅନ ) ସଦୃଶୀକରଣ, ଅନ୍ୟର ଅନୁଷ୍ଠାନ ଦେଖି ସେହିପରି କାର୍ଯ୍ୟ କରିବା ।

**ଅନୁକାରୀ**, ବି°. ( ଅନୁ-କୃ-ଇନ୍ ) ଅନୁକରଣ-କାରୀ ।

**ଅନୁକୂଳ**, ବି°. (ଅନୁ-କୂଳ) ସହାୟ, ହିତକାରୀ, ( ପ୍ରଚଳିତ କଥାରେ ) ଯାତ୍ରା, ଆରମ୍ଭ । ଯଥା—

> ଅତନୁ ଆଜ ଅନୁକୂଳ ହୋଇଲା,
> ତରୁଣୀକୁଳ ଆକୁଳକୁ । ପ୍ରେ. ସୁ.

**ଅନୁକ୍ତ**, ବି°. ( ଅନ୍-ବଚ୍-ତ ) ଅକଥିତ ।

**ଅନୁକ୍ରମ**, ବି. ପୁଂ. ( ଅନୁ-କ୍ରମ୍-ଅ ) ଯଥାକ୍ରମ, ପର୍ଯ୍ୟାୟ ।

**ଅନୁକ୍ରମଣିକା**, ବି. ସ୍ତ୍ରୀ. (ଅନୁ-କ୍ରମ-ଅନ-ଇକ-ଆ) ଭୂମିକା, ଅବତରଣିକା, ମୁଖବନ୍ଧ ।

**ଅନୁକ୍ରୋଶ**, ବି. ପୁଂ. ( ଅନୁ-କ୍ରୁଶ୍-ଅ = ଦୁଃଖ କରିବା, ପରର ଦୁଃଖ ଦେଖି ଦୁଃଖ କରିବା) ଦୟା, କୃପା ।

**ଅନୁକ୍ଷଣ**, କ୍ରି. ବି°. (ଅନୁ-କ୍ଷଣ=ସମୟ) ସର୍ବଦା, ନିରନ୍ତର ।

ଅନୁଗ }
ଅନୁଗତ } ବି°. (ଅନୁ=ପଶ୍ଚାତ୍-ଗମ୍-ଅ,ତ) ଅନୁସରଣଶୀଳ, ଅଧୀନ, ଆଶ୍ରିତ, ଅନୁଯାୟୀ । ବି. ପୁଂ. ଭୃତ୍ୟ ।

**ଅନୁଗମନ**, ବି. ନ. ( ଅନୁ-ଗମ୍-ଅନ ) ପଶ୍ଚାଦ୍-ଗମନ, ଅନୁସରଣ ।

**ଅନୁଗାମୀ**, ବି°. (ଅନୁ-ଗମ୍-ଇନ୍ ) ପଶ୍ଚାଦ୍‌ଗାମୀ, ସଙ୍ଗୀ ।

**ଅନୁଗୃହୀତ**. ବି°. (ଅନୁ-ଗ୍ରହ-ତ) ଅନୁଗ୍ରହପ୍ରାପ୍ତ, ଉପକୃତ, ପ୍ରତିପାଳିତ ।

**ଅନୁଗ୍ରହ**, ବି. ପୁଂ. (ଅନୁ-ଗ୍ରହ) ଦୟା, ପ୍ରସାଦ ।

**ଅନୁଗ୍ରାହୀ**, ବିଂ. (ଅନୁ-ଗ୍ରହ-ଇନ୍) ଅନୁଗ୍ରାହକ, ଯେ ଅନୁଗ୍ରହ କରେ । ଯଥା—

ଅଶୋକ ସ୍ୱୟମ୍ଭୁଙ୍କୁ କରପଦ୍ମେ ପୂଜି କାମ ଭସ୍ମ 'ନାହିଁ',
ତଦ୍ଧୁ ମୁଁ ଦାସ ଏହିରୂପେ ଏକା ହୋଇଅଛୁ ଅନୁଗ୍ରାହୀ ।
ବୈ. ବି.

**ଅନୁଗ୍ରାହକ**, ବିଂ. (ଅନୁ-ଗ୍ରହ-ଅକ) ଯେ ବ୍ୟକ୍ତି ଅନୁଗ୍ରହ କରେ, ସାହାଯ୍ୟକାରୀ ।

**ଅନୁଚର**, ବି. ପୁଂ. (ଅନୁ-ଚର-ଅ)ସଙ୍ଗୀ,ଭୃତ୍ୟ, ସହଚର । ବିଂ. ପଶ୍ଚାଦ୍‌ଗାମୀ ।

**ଅନୁଚିକୀର୍ଷା**, ବି. ସ୍ତ୍ରୀ. (ଅନୁ=ସଦୃଶ-ଚିକୀର୍ଷା= କରିବାର ଇଚ୍ଛା) ନକଲ ବା ଅନୁକରଣ କରିବାର ଇଚ୍ଛା ।

**ଅନୁଚିତ**, ବିଂ. ( ଅନ୍-ଉଚିତ ) ଅକର୍ତ୍ତବ୍ୟ, ଅସଙ୍ଗତ, ଅନ୍ୟାଯ୍ୟ, ଯାହା ଉଚିତ ନୁହେ ।

**ଅନୁଚ୍ଛିଷ୍ଟ**, ବିଂ. (ଅନ୍-ଉଚ୍ଛିଷ୍ଟ) ଯାହା ଉଚ୍ଛିଷ୍ଟ ନୁହେ, ଶୁଦ୍ଧ, ପବିତ୍ର ।

**ଅନୁଜ**, ବି. ପୁଂ. (ଅନୁ=ପଶ୍ଚାତ୍-ଜନ୍-ଅ)ସାନ ଭାଇ ।

**ଅନୁଜା**, ବି. ସ୍ତ୍ରୀ. ( ଅନୁ-ଜନ୍-ଅ-ଆ ) ସାନ ଭଉଣୀ । ଯଥା—

ବୋଇଲା ଅନୁଜା ନାଗଜାତ ରାଜା ଜଗତ ବଇରୀ ।
ବୈ ବି.

**ଅନୁଜୀବୀ**, ବିଂ. (ଅନୁ-ଜୀବ-ଇନ୍) ଆଶ୍ରିତ । ବି. ପୁଂ. ଦାସ, ଅନୁଚର ।

**ଅନୁଜ୍ଞା**, ବି. ସ୍ତ୍ରୀ. (ଅନୁ-ଜ୍ଞା-ଅ) ଅନୁମତି, ଆଜ୍ଞା, ଆଦେଶ ।

**ଅନୁଜ୍ଞାତ**, ବିଂ. ( ଅନୁ-ଜ୍ଞା-ତ ) ଅନୁମତିପ୍ରାପ୍ତ, ଆଦିଷ୍ଟ, ଆଦେଶପ୍ରାପ୍ତ ।

**ଅନୁତପ୍ତ**, ବିଂ. (ଅନୁ=ପଶ୍ଚାତ୍-ତପ୍-ତ) ପ୍ରଥମେ କୌଣସି ମନ୍ଦ କାର୍ଯ୍ୟ କରି ପରେ ଯେ ଦୁଃଖ କରେ ।

**ଅନୁତାପ**, ବି. ପୁଂ. (ଅନୁ-ତପ-ଅ) ପଶ୍ଚାତ୍ତାପ ।

**ଅନୁତ୍ତମ**, ବିଂ. ( ଅନ୍-ଉତ୍ତମ ) ଯାହା ଅପେକ୍ଷା ଅଧିକ ଉତ୍ତମ ନାହିଁ, ଅତ୍ୟୁତ୍ତମ ।

**ଅନୁଦାତ୍ତ**, ବି ପୁଂ. ( ଅନ୍-ଉତ୍-ଆ-ଦା-ତ ) ଯାହା ଉଚ୍ଚ କରି ଉଚ୍ଚାରିତ ହୁଏ ନାହିଁ, ନୀଚସ୍ୱର, ବେଦର ମନ୍ତ୍ରବିଶେଷ ।

**ଅନୁଦାର**, ବିଂ. (ଅନ୍-ଉଦାର) ଅସାଧୁ, ଅସତ୍, ନୀଚାଶୟ, ଅପ୍ରଶସ୍ତ ।

**ଅନୁଦିନ**, କ୍ରି. ବିଂ. ( ଅନୁ-ଦିନ ) ପ୍ରତିଦିନ, ପ୍ରତ୍ୟହ ।

**ଅନୁଦ୍ଧତ**, ବିଂ. ( ଅନ୍-ଉଦ୍ଧତ ) ଯେ ଉଦ୍ଧତ ନୁହେ, ନମ୍ର, ବିନୀତ ।

**ଅନୁଦ୍ରୁତ**, ବିଂ. ( ଅନୁ-ଦ୍ରୁତ ) ପଶ୍ଚାଦ୍ଧାବିତ ।

**ଅନୁଧାବନ**, ବି. ନ. (ଅନୁ-ଧାବ୍-ଅନ) ପଶ୍ଚାଦ୍‌ଗମନ, ମନୋନିବେଶ, ଅନୁସନ୍ଧାନ ।

**ଅନୁନୟ**, ବି. ପୁଂ. ( ଅନୁ-ନୀ-ଅ ) ବିନୟ, ସ୍ତୁତିବାଦ ।

**ଅନୁନାସିକ**, ବିଂ. ( ଅନୁ-ନାସିକା ) ନାସିକାରୁ ଉଚ୍ଚାରିତ ବର୍ଣ୍ଣ । ଯଥା—

ଙ, ଞ, ଣ, ନ, ମ ।

**ଅନୁନୀତ**, ବିଂ ( ଅନୁ-ନୀ-ତ ) ଅନୁନୟପ୍ରାପ୍ତ, ବିନୀତ ।

**ଅନୁପ**, ବିଂ. ( ଅନ୍-ଉପ ) ସାଦୃଶ୍ୟରହିତ, ଅନୁପମେୟ ।

**ଅନୁପକାର**, ବି. ପୁଂ. (ଅନ୍-ଉପକାର) ଅପକାର, କ୍ଷତି, ହାନି ।

**ଅନୁପମ**, ବିଂ.(ଅନ୍-ଉପମା) ଉପମାରହିତ, ଅତି ଉତ୍କୃଷ୍ଟ,ଅତୁଳ୍ୟ । ବି-ସ୍ତ୍ରୀ. ନୈର୍ଋତ କୋଣର ହସ୍ତିନୀ ।

**ଅନୁପମେୟ**, ବିଂ. ( ଅନ୍-ଉପମେୟ ) ଅନୁପମ, ନିରୁପମ ।

**ଅନୁପଯୁକ୍ତ**, ବିଂ.(ଅନ୍-ଉପ-ଯୁଜ୍-ତ) ଅଯୋଗ୍ୟ, ଅକ୍ଷମ, ଅଯୁକ୍ତ, ଅନୁଚିତ ।

**ଅନୁପସ୍ଥିତ**, ବିଂ. (ଅନ୍-ଉପ-ସ୍ଥା-ତ) ଯେ ଉପସ୍ଥିତ ନୁହେ, ଅନାଗତ ।

**ଅନୁପାତ**, ବି. ପୁଂ. ( ଅନୁ-ପତ୍-ଅ ) ପଶ୍ଚାତ୍-ପତନ, (Ratio) ଗୋଟିଏ ଅଙ୍କ ସହିତ ଅନ୍ୟ ଗୋଟିଏ ଅଙ୍କର ଯେ ସମ୍ବନ୍ଧ ।

**ଅନୁପାନ**, ବି. ନ. ( ଅନୁ-ପା-ଅନ ) ଔଷଧ ସେବନ ପରେ ବା ସଙ୍ଗରେ ପାନୀୟ ବା ସେବ୍ୟ ଦ୍ରବ୍ୟ ।

**ଅନୁପୁଷ୍ପ**, ବି. ପୁଂ. ( ଅନୁ-ପୁଷ୍ପ ) ଶରଗଛ, କଲମକାଠି ଗଛ ।

**ଅନୁପୂର୍ବ**, ବି. (ଅନୁ-ପୂର୍ବ) ଯଥାକ୍ରମେ, କ୍ରମାନୁସାରେ ।

**ଅନୁପ୍ରବେଶ**, ବି. ପୁଂ. ( ଅନୁ-ପ୍ର-ବିଶ୍-ଅ ) ଅନ୍ତଃପ୍ରବେଶ, ଅନୁରୂପ ପ୍ରବେଶ ।

**ଅନୁପ୍ରାଣିତ**, ବିଂ. (ଅନୁ-ପ୍ର-ଅନ୍ (ଣିଜନ୍ତ)-ତ) ସଂଜୀବିତ, ପ୍ରୋତ୍ସାହିତ, ନବଶକ୍ତିଦ୍ୱାରା ପ୍ରଭାବାନ୍ୱିତ ।

**ଅନୁପ୍ରାସ**, ବି. ପୁଂ. ( ଅନୁ-ପ୍ର-ଅସ-ଅ ) ସଦୃଶ ବର୍ଣ୍ଣବିନ୍ୟାସକରଣ, ଶବ୍ଦାଳଂକାରବିଶେଷ । ଅନୁପ୍ରାସର ଉଦାହରଣ । ଯଥା—

> ଦେଖି ନବକାଳିକା ବିକାଳିକା ମାଳିକା
> ଅଳୀ କାଳିକାକାନ୍ତ ସ୍ମର । ଲା. ବ.

ଏଠାରେ କା ଓ ଳର ଅନୁପ୍ରାସ ହୋଇଅଛି ।

**ଅନୁବନ୍ଧ**, ବି. ପୁଂ. ( ଅନୁ-ବନ୍ଧ୍-ଅ ) ଉପକ୍ରମ, ଆରମ୍ଭ, ଅନୁବୃତ୍ତି, ବନ୍ଧନ, ଅନୁରୋଧ ।

**ଅନୁବ୍ରତ**, କ୍ରି. ବିଂ. ( ଅନବରତ ଶବ୍ଦଜ ) ସର୍ବଦା ।

**ଅନୁଭବ**, ବି. ପୁଂ. (ଅନୁ-ଭୂ-ଅ) ପରୀକ୍ଷାଜନିତ ଜ୍ଞାନ, ବୋଧ, ଉପଲବ୍ଧି ।

**ଅନୁଭବୀ**, ବିଂ. (ଅନୁଭବ-ଇନ୍ ) ଉପଲବ୍ଧିକାରୀ, ବୋଦ୍ଧା ।

**ଅନୁଭାବ**, ବି. ପୁଂ. (ଅନୁ-ଭୂ-ଅ) ପ୍ରଭାବ, ମହିମା ତେଜଃ, ମନର ଉନ୍ନତି ।

**ଅନୁଭୂତି**, ବି. ସ୍ତ୍ରୀ. ( ଅନୁ-ଭୂ-ତି ) ଉପଲବ୍ଧି, ଅନୁଭବ, ପ୍ରତ୍ୟକ୍ଷ ।

**ଅନୁମତ**, ବିଂ. ( ଅନୁ-ମନ୍-ତ ) ସ୍ୱୀକୃତ, ସମ୍ମତ, ଅନୁଜ୍ଞାତ, ଅନୁମୋଦିତ ।

**ଅନୁମତି**, ବି. ସ୍ତ୍ରୀ. (ଅନୁ-ମନ୍-ତି) ଅନୁଜ୍ଞା, ପ୍ରାର୍ଥନା ପରେ ସ୍ୱୀକୃତି, ମଞ୍ଜୁରୀ ।

**ଅନୁମରଣ**, ବି. ନ. ( ଅନୁ-ମୃ-ଅନ ) ସହମରଣ, ପତି ମୃତ୍ୟୁ ପରେ ପତିଙ୍କ ସହିତ ଚିତାରେ ପଡ଼ିବା ବିଧି, ସହମରଣ ବା ସତୀଦାହ-ପ୍ରଥା ।

**ଅନୁମାନ**, ବି. ନ. ( ଅନୁ-ମା-ଅନ ) ହେତୁଦ୍ୱାରା ବସ୍ତୁନିର୍ଣ୍ଣୟ, ଅନ୍ଦାଜ କରିବା, ଉପଲବ୍ଧି ।

**ଅନୁମିତ**, ବିଂ. (ଅନୁ-ମା-ତ) ହେତୁ ବା ତର୍କଦ୍ୱାରା ନିଶ୍ଚିତ ।

**ଅନୁମିତି**, ବି. ସ୍ତ୍ରୀ. (ଅନୁ-ମା-ତି) ଅନୁମାନ ।

**ଅନୁମୃତା**, ବିଂ. ( ଅନୁ-ମୃ-ତ-ଆ ) ସହମୃତା, ପଶ୍ଚାନ୍ମୃତା ।

**ଅନୁମୋଦନ**, ବି. ନ. (ଅନୁ-ମୁଦ୍-ଅନ) ସମ୍ମତି-ଦାନ, ସମର୍ଥନ ।

**ଅନୁଯାତ** }
**ଅନୁଯାତ୍ରିକ** } ବିଂ. (ଅନୁ-ଯା-ତ, ଯାତ୍ରା-ଇକ) ପଶ୍ଚାଦ୍‌ଗତ, ଅନୁଗତ, ଅନୁଚର, ସମଭିବ୍ୟାହାରୀ ।

**ଅନୁଯାୟୀ**, ବିଂ. ( ଅନୁ-ଯା-ଇନ୍ ) ସଦୃଶ, ଅନୁଗାମୀ, ସେବକ ।

**ଅନୁଯୁକ୍ତ**, ବିଂ. (ଅନୁ-ଯୁଜ୍-ତ) ଜିଜ୍ଞାସିତ, ପୃଷ୍ଟ, ତିରସ୍କୃତ ।

**ଅନୁଯୋଗ**, ବି. ପୁଂ. ( ଅନୁ-ଯୁଜ୍-ଅ ) ପ୍ରଶ୍ନ, ତିରସ୍କାର, ଅକ୍ଷେପ ପ୍ରକାଶ, ଅଭିଯୋଗ ।

**ଅନୁରକ୍ତ**, ବିଂ. ( ଅନୁ-ରନ୍ଜ୍-ତ ) ସ୍ନେହୀ, ଆସକ୍ତ ।

**ଅନୁରକ୍ତି**, ବି. ସ୍ତ୍ରୀ. (ଅନୁ-ରନ୍ଜ୍-ତି) ସ୍ନେହ, ଶ୍ରଦ୍ଧା, ଆସକ୍ତି ।

**ଅନୁରଞ୍ଜନ**, ବି. ନ. ( ଅନୁ-ରନ୍ଜ୍-ଅନ ) ପ୍ରୀତିସମ୍ପାଦନ, ହର୍ଷଜନକ ।

**ଅନୁରାଗ**, ବି. ପୁଂ (ଅନୁ-ରନ୍ଜ୍-ଅ) ସ୍ନେହ, ପ୍ରୀତି, ଆସକ୍ତି ।

**ଅନୁରାଗୀ**, ବିଂ. (ଅନୁ-ରନ୍ଜ୍-ଇନ୍) ଅନୁରାଗ-ଯୁକ୍ତ, ସ୍ନେହୀ, ଆସକ୍ତ ।

**ଅନୁରାଧା**, ବି. ସ୍ତ୍ରୀ. (ଅନୁ-ରାଧ୍-ଆ) ଅଶ୍ୱିନ୍ୟାଦି ସପ୍ତବିଂଶତି ନକ୍ଷତ୍ରର ସପ୍ତଦଶ ନକ୍ଷତ୍ର ।

> ଖୁସିଛି ଘଟସ୍ତନା ଏ ସପ୍ତ ଭାବ
> ଅନୁରାଧାରୁ ଖେଳାପଲିତ ଘର । .

ଅନୁରୁଦ୍ଧ, ବିଂ. ( ଅନୁ-ରୁଧ୍-ତ ) ଉପରୁଦ୍ଧ ଯାହାକୁ ଅନୁରୋଧ କରାଯାଇଅଛି ।

ଅନୁରୂପ, ବିଂ. (ଅନୁ-ରୂପ) ରୂପର ଯୋଗ୍ୟ, ସଦୃଶ, ତୁଲ୍ୟ ।

ଅନୁରୋଧ, ବି. ପୁଂ. (ଅନୁ-ରୁଧ୍-ଅ) ଅଭୀଷ୍ଟ ଲାଭାର୍ଥ ପ୍ରବୃତ୍ତି ପ୍ରଦାନ, ଖାତିର, ସୁପାରିସ, ଉପରୋଧ, ଅନୁରାଗ, ପ୍ରତୀକ୍ଷା, ଅନୁସରଣ, ପ୍ରତିରୋଧ ।

ଅନୁଲିପ୍ତ, ବିଂ ( ଅନୁ-ଲିପ୍-ତ ) ଅନୁରଞ୍ଜିତ, ଲିପ୍ତ ।

ଅନୁଲେପ, ବି. ପୁଂ. ( ଅନୁ-ଲିପ୍-ଅ ) ଗନ୍ଧ-ଦ୍ରବ୍ୟାଦି ଲେପନ, ଗନ୍ଧଦ୍ରବ୍ୟ ।

ଅନୁଲୋମ, ବିଂ. ( ଅନୁ-ଲୋମ ) ଅନୁକୂଳ । ବି. ପୁଂ. ଅନୁକ୍ରମ, ଯଥାକ୍ରମ । କ୍ରି. ବିଂ. ସହଜ ଦିଗରେ, ବିପରୀତ ଦିଗରେ ନୁହେଁ ।

ଅନୁଲୋମ ବିବାହ, ବି. ପୁଂ. ଉତ୍ତମ ବର୍ଣ୍ଣ ସଙ୍ଗେ ଅଧମ ବର୍ଣ୍ଣର ବିବାହ । ଯଥା—ବ୍ରାହ୍ମଣ ସହିତ କ୍ଷତ୍ରିୟାର, କ୍ଷତ୍ରିୟ ସହିତ ବୈଶ୍ୟାର, ବୈଶ୍ୟ ସହିତ ଶୂଦ୍ରାର ବିବାହ । (ଏହାର ବିପରୀତ ବିବାହକୁ ପ୍ରତିଲୋମ ବିବାହ କୁହାଯାଏ । ଯଥା—କ୍ଷତ୍ରିୟ ସଙ୍ଗେ ବ୍ରାହ୍ମଣୀର ବିବାହ ।

ଅନୁବର୍ତ୍ତନ, ବି. ନ. (ଅନୁ-ବୃତ୍-ଅନ) ପଶ୍ଚାଦ୍-ଗମନ ।

ଅନୁବର୍ତ୍ତୀ, ବିଂ. (ଅନୁ-ବୃତ୍-ଇନ୍) ପଶ୍ଚାଦ୍-ଗାମୀ, ଅନୁଯାୟୀ ।

ଅନୁବାକ, ବି. ପୁଂ. ( ଅନୁ-ବାକ ) ସାମ ବା ଯଜୁର୍ବେଦର ଅଂଶବିଶେଷ, ବେଦର ଅଧ୍ୟାୟ ।

ଅନୁବାଦ, ବି. ପୁଂ. (ଅନୁ-ବଦ୍-ଅ) ଭାଷାନ୍ତର କରଣ, ତର୍ଜମା ।

ଅନୁବାଦକ, ବିଂ. (ଅନୁ-ବଦ୍-ଅକ) ଅନୁବାଦ-କାରୀ, ଯେ ଭାଷାନ୍ତର କରେ ।

ଅନୁବାର, ଅଂ. ( ଅନୁ-ବାର ) ପୁନଃପୁନଃ, ବାରମ୍ବାର ।

ଅନୁବିଦ୍ଧ, ବିଂ. ( ଅନୁ-ବ୍ୟଧ୍-ତ ) ବ୍ୟାପ୍ତ, ଗ୍ରଥିତ, ଖଚିତ, ସଂଯୁକ୍ତ । ବି. ନ. ଗ୍ରହଣ ।

ଅନୁବେଳ, ଅଂ. ( ଅନୁ-ବେଳା-ଅ ) ସତତ, ନିରନ୍ତର, ଉପକୂଳରେ ।

ଅନୁବେଷ୍ଟିତ, ବି. ନ. (ଅନୁ-ବେଷ୍ଟ-ତ) କ୍ଷତ-ସ୍ଥାନରେ ବସ୍ତ୍ରାଦି ବେଷ୍ଟନରୂପ ବନ୍ଧନବିଶେଷ, ପଟ୍ଟିବନ୍ଧନ ।

ଅନୁଶୟ, ବି. ପୁ. (ଅନୁ-ଶୀ-ଅ) ଅନୁତାପ, ପଶ୍ଚାତ୍ତାପ ।

ଅନୁଶର, ବି. ପୁଂ. (ଅନୁ=ସର୍ବଦା-ଶୃ=ହିଂସା କରିବା ବା କଷ୍ଟ ଦେବା-ଅ) ରାକ୍ଷସ, ଦାନବ ।

ଅନୁଶାସନ, ବି. ନ. (ଅନୁ-ଶାସ୍-ଅନ) ଆଜ୍ଞା, ଉପଦେଶ, ନିଯୋଗ ।

ଅନୁଶିଷ୍ଟ, ବିଂ. ( ଅନୁ-ଶାସ-ତ ) ଆଦିଷ୍ଟ, ଅନୁଜ୍ଞାତ, ଉପଦିଷ୍ଟ, ଶିକ୍ଷିତ ।

ଅନୁଶିଷ୍ୟ ବି. ( ଅନୁ-ଶିଷ୍ୟ ) ଶିଷ୍ୟର ଶିଷ୍ୟ, ନାତିଶିଷ୍ୟ ।

ଅନୁଶୀଳନ, ବି. ନ. (ଅନୁ-ଶୀଲ୍-ଅନ) ଚର୍ଚ୍ଚା, ପୁନରାଲୋଚନା, ଅଭ୍ୟାସ, ଆବୃତ୍ତି ।

ଅନୁଶୀଳନୀ, ବି. (ଅନୁ-ଶୀଲ୍-ଅନ୍-ସ୍ତ୍ରୀ. ଈ) (ଜ୍ୟାମିତିରେ) ସଂପାଦ୍ୟ ବା ଉପପାଦ୍ୟର ଅନୁରୂପ ପ୍ରତିଜ୍ଞା ସାଧନ । (ଅନ୍ୟ ଶାସ୍ତ୍ରରେ) ଅନୁଶୀଳନ, ସାଧନ ।

ଅନୁଶୀଳନୀୟ, ବିଂ. (ଅନୁ-ଶୀଲ୍-ଅନୀୟ) ଯେ ବିଷୟର ଅନୁଶୀଳନ କରିବା ଉଚିତ ବା ଆବଶ୍ୟକ ।

ଅନୁଶୋଚନା ବି. ସ୍ତ୍ରୀ. ( ଅନୁ-ଶୁଚ୍-ଅନ-ଆ ) ପଶ୍ଚାତ୍ ଶୋକ ।

ଅନୁଷ୍ଟୁଭ, ବି. ନ. ( ଅନୁ-ସ୍ତୁଭ-୦ ) ସଂସ୍କୃତ ଭାଷାର ଅଷ୍ଟାକ୍ଷର ଛନ୍ଦୋବିଶେଷ । ଅମର-କୋଷ ଏହି ଛନ୍ଦରେ ଲିଖିତ ।

ଅନୁଷ୍ଠାନ, ବି. ନ. ( ଅନୁ-ସ୍ଥା-ଅନ ) ସମ୍ପାଦନ ଆଚରଣ, ଆରମ୍ଭ ।

ଅନୁଷ୍ଣ, ବିଂ. ( ଅନ୍-ଉଷ୍ଣ ) ଜଡ଼, ଅଳସ, ଶୀତଳ ।

ଅନୁଷ୍ଠିତ, ବିଂ ( ଅନୁ-ଷ୍ଠା-ତ ) ଆରବ୍ଧ, ସମ୍ପାଦିତ ।

ଅନୁଷ୍ଠେୟ, ବିଂ. ( ଅନୁ-ସ୍ଥା-ଯ ) ଅନୁଷ୍ଠାନ ଯୋଗ୍ୟ, ଯାହାର ଅନୁଷ୍ଠାନ କରିବାକୁ ହେବ ।

ଅନୁସନ୍ଧାନ, ବି. ନ. ( ଅନୁ-ସମ୍-ଧା-ଅନ ) ଅନ୍ୱେଷଣ, ଗବେଷଣା, ଖୋଜିବା ।

ଅନୁସନ୍ଧିତ୍ସା, ବି. ସ୍ତ୍ରୀ. ( ଅନୁ-ସମ୍-ଧା-ସନ୍-ଆ) ଅନୁସନ୍ଧାନ କରିବାର ଇଚ୍ଛା, ଖୋଜିବାର ଇଚ୍ଛା ।

ଅନୁସନ୍ଧେୟ, ବିଂ. (ଅନୁ-ସମ୍-ଧା-ଯ)ଅନୁସନ୍ଧାନର ଯୋଗ୍ୟ ।

ଅନୁସରଣ, ବି. ନ. ( ଅନୁ-ସୃ-ଅନ ) ପଶ୍ଚାଦ୍-ଗମନ, ଉମେଦବାରି କରିବା ।

ଅନୁସରଣିଆ, ବିଂ. (ଦେଶଜ) ଯେ ଅନୁସରଣ କରେ, ଆଶ୍ରିତ ।

ଅନୁସରିବା, କ୍ରି. (ଦେଶଜ) ଅନୁସରଣ କରିବା, ଆଶ୍ରିତ ହୋଇ ରହିବା । ଯଥା—

'ଅନୁସରିଛ ରେ ମନୁ ପାସୋରିବୁ ନାହିଁ ।
ସଙ୍ଗୀତ,

ଅନୁସାରେ, କ୍ରି. ବିଂ. ଅନୁଯାୟୀ । ଯଥା— ମୋ ଉପଦେଶ ଅନୁସାରେ ତୁମ୍ଭେ ଚଳିବ ।

ଅନୁସାରୀ ବି. ସ୍ତ୍ରୀ. ( ଅନୁ-ସୃ-ଇନ୍ ) ଯେ ଅନୁସରଣ କରେ, ଅନୁଯାୟୀ, ଅନୁରୂପ ।

ଅନୁସୂୟା, ବି. ସ୍ତ୍ରୀ. (ଅନୁ-ସୂ-ଯ-ଆ) ଅତ୍ରିମୁନିଙ୍କ ପତ୍ନୀ ।

ଅନୁସ୍ୱାର, ବି. ପୁଂ. ( ଅନୁ=ସହିତ-ସ୍ୱର-ଅ ) ଯେ ସ୍ୱର ସହିତ ଉଚ୍ଚାରିତ ହୁଏ,ଅଯୋଗବାହ ବା ଆଶ୍ରିତ ବର୍ଣ୍ଣବିଶେଷ, ତାହାର ଚିହ୍ନ (୦) ଏହିପରି ।

ଅନୂଢ଼, ବିଂ. ( ଅନ୍-ବହ-ତ ) ଅବିବାହିତ, ବାଢ଼ୁଅ ।

ଅନୂଢ଼ା, ବିଂ, (ଅନ୍-ବହ-ତ-ଆ) ଅବିବାହିତା ।

ଅନୂଦିତ, ବିଂ. ( ଅନୁ-ବଦ୍-ତ ) ଭାଷାନ୍ତରିତ, (ଅନ୍-ଉଦିତ=ଉତ୍-ଇ-ତ) ଅପ୍ରକାଶିତ ।

ଅନୂନ, ବିଂ. ( ଅନ୍-ଊନ ) ଅନଳ୍ପ, ଅଧିକ, ବେଶି ।

ଅନୂପ, ବିଂ (ଅନୁ-ଅପ୍=ଜଳ, ଅ ସ୍ଥାନେ ଊ) ଜଳଯୁକ୍ତ ସ୍ଥାନ, ନିମ୍ନପ୍ରଦେଶ, ତଳମାଳ । ଯଥା—

ଯାର ଜଳଘଣି ଅନୂପ ଉତ୍କଳେ
ମହାସିନ୍ଧୁ ସଙ୍ଗେ ଯୁଝେ କୂଳୁହଲେ । ନ. କେ.

ଅନୃଜୁ, ବିଂ. (ଅନ୍-ଋଜୁ) ଯାହାର ଉରୁଦ୍ୱୟ ନାହିଁ । ବି. ପୁଂ. ସୂର୍ଯ୍ୟଙ୍କର ସାରଥି, ଅରୁଣ ।

ଅନୃଣୀ, ବିଂ. (ଅନ୍-ଋଣ-ଇନ୍) ଯାହାର ଋଣ ନାହିଁ, ଅରୁଣୀ ।

ଅନୃତ, ବି. ନ. (ଅନ୍-ଋତ) ଅସତ୍ୟ, ମିଥ୍ୟା ।

ଅନେକ, ସଂ. ( ଅନ୍-ଏକ ) ପ୍ରଚୁର, ଏକରୁ ବେଶି ।

ଅନେକଜ, ବି. ପୁଂ. ( ଅନ୍-ଏକ-ଜନ୍-ଅ ) ଏକାଧିକ ଥର ଯେ ଜାତ ହୁଏ, ପକ୍ଷୀ ।

ଅନେକଧା, ଅଂ. ( ଅନ୍-ଏକଧା ) ବହୁପ୍ରକାର, ନାନା ପ୍ରକାର ।

ଅନେକପ, ବି. ପୁଂ. (ଅନ୍-ଏକ-ପା ଅ, ଅନେକ =ଦ୍ୱି, ପା=ପାନ କରିବା,ଯେ ମୁଖ ଓ ନାସିକାଦ୍ୱାରା ଜଳାଦି ପାନ କରେ) ହସ୍ତୀ, ଗଜ ।

ଅନେକଶଃ, କ୍ରି. ବିଂ. ଅଂ. ( ଅନେକ-ଶସ୍ ) ଅନେକବାର, ବହୁବାର ।

ଅନୈକ୍ୟ, ବି. ନ. (ଅନ୍-ଏକ-ଯ) ଅମିଳନ, ମତଭେଦ ।

ଅନୋକହ, ବି. ପୁଂ. (ଅନସ୍=ଶକଟ-ଅକ= ଗମନ-ହନ୍=ନାଶ କରିବା,ଯେ ଶକଟ ଗମନ ନାଶ କରେ) ବୃକ୍ଷ, ତରୁ । ଯଥା—

ଯାହା କଟାକ୍ଷ-କୁଠାର ପତନ ମାତ୍ରକେ ।
ଅନେକ ବୃକ୍ଷ-ଅନୋକହକୁ ଛେଦି ପାରେ ।
ବୈଦେହୀଶବିଳାସ ।

ଅନ୍ତଃକରଣ, ବି. ନ. ( ଅନ୍ତ=ମଧ୍ୟ-କରଣ=ଇନ୍ଦ୍ରିୟ) ଅନ୍ତରିନ୍ଦ୍ରିୟ, ମନ, ହୃଦୟ ।

ଅନ୍ତଃକୁଟିଳ, ବିଂ. କୁଟିଳାନ୍ତଃକରଣ ।

ଅନ୍ତଃପାତୀ, ବିଂ, (ଅନ୍ତଃ-ପତ୍-ଇନ୍) ଅନ୍ତର୍ଗତ, ମଧ୍ୟଗତ ।

ଅନ୍ତଃପୁର, ବି. ନ. (ଅନ୍ତଃ-ପୁର=ଗୃହ) ଅନ୍ଦରମହଲ, ଘରର ଖଣ୍ଡ, ସ୍ତ୍ରୀମହଲ ।

ଅନ୍ତଃପୁରିକା, ବି. ସ୍ତ୍ରୀ. ( ଅନ୍ତଃ-ପୁର-ଇକ-ଆ ) ଅନ୍ତଃପୁରସ୍ଥା ସ୍ତ୍ରୀଲୋକ ।

ଅନ୍ତଃଶତ୍ରୁ, ବି. ପୁଂ. ( ଅନ୍ତଃ-ଶତ୍ରୁ ) ଅନ୍ତରସ୍ଥ ଶତ୍ରୁ, କାମାଦି ରିପୁଗଣ ।

ଅନ୍ତଃସତ୍ତ୍ୱା, ବି. ସ୍ତ୍ରୀ. ( ଅନ୍ତଃ-ସତ୍ତ୍ୱ=ଜନ୍ତୁ, ଯାହା ଗର୍ଭରେ ପ୍ରାଣୀ ବର୍ତ୍ତମାନ ) ଗର୍ଭବତୀ ।

ଅନ୍ତଃସଲିଳବାହିନୀ, ବିଂ. ( ଅନ୍ତଃ-ସଲିଳ=ଜଳ ବହ୍-ଇନ୍-ଈ ) ଯାହା ମଧ୍ୟ ଦେଇ ଜଳ ପ୍ରବାହିତ ହୁଏ, ଫଲ୍‌ଗୁନଦୀ ।

ଅନ୍ତଃସ୍ଥ } ବିଂ. ( ଅନ୍ତଃ-ସ୍ଥା-ଅ ) ମଧ୍ୟସ୍ଥିତ,
ଅନ୍ତସ୍ଥ } (ବ୍ୟାକରଣରେ) ଯ, ର, ଲ, ବ ଇତ୍ୟାଦି ବର୍ଣ୍ଣ ।

ଅନ୍ତ, ବି. ପୁଂ. (ଅମ୍-ତ) ପ୍ରାନ୍ତ, ଶେଷ, ନାଶ, ସମୀପ, ସୀମା, ମଧ୍ୟ । ( ଶେଷ ଅର୍ଥରେ ) ଯଥା—

ଅମଳ ବସନ୍ତ ଶିରେ ଅନ୍ତେ
ବଶରେ ଧରଣୀ ଗୃହ କେମନ୍ତେ । ଛ, ମା,

(ପ୍ରା) (ଅନ୍ତ୍ରଶବ୍ଦଜ) ଉଦରସ୍ଥ ନାଡ଼ୀ ।

ଅନ୍ତକ, ବି. ପୁଂ. ( ଅନ୍ତ-ଅକ ) ଯମ ; ବିଂ. ନାଶକାରୀ, ନାଶକ । ଯଥା—

କଲେ ଇଚ୍ଛା ମନେ ହେବା କଂସ ଅନ୍ତକ,
କରିବା ଭିଆଣ ମଣ୍ଡଳର ଅନେକ । ଇ, କ,

ଅନ୍ତକାଳ, ବି. ପୁଂ. ( ଅନ୍ତ=ଶେଷ-କାଳ=ସମୟ ) ଶେଷ ସମୟ, ମୃତ୍ୟୁ, ଚରମକାଳ ।

ଅନ୍ତତଃ, ଅଂ. ( ଅନ୍ତ-ତସ୍ ) ନିତାନ୍ତ ପକ୍ଷେ, ଶେଷ ପକ୍ଷରେ; ନ୍ୟୂନକଳ୍ପେ ।

ଅନ୍ତଡ଼ୁଳୁଳା, ବି. ( ଦେଶଜ ) ପେଟର ନାଡ଼ୀ ଗଡ଼ଗଡ଼ି ।

ଅନ୍ତର, ଅଂ. (ଅନ୍ତ-ର୍-ଂ ) ଅନ୍ତରେ, ମଧ୍ୟରେ, ଶେଷରେ, ମନରେ । ଅନ୍ୟ ଶବ୍ଦ ପୂର୍ବେ ବସେ । ଯଥା— ଅନ୍ତର୍ଗତ, ଅନ୍ତର୍ଭୁକ୍ତ ଇତ୍ୟାଦି ।

ଅନ୍ତର, ବି. ନ. (ଅନ୍ତ-ରା-ଅ) ଅବକାଶ, ଛିଦ୍ର, ରନ୍ଧ୍ର; ପରିଧାନ ବସ୍ତ୍ର, ଆଚ୍ଛାଦନ, ଅନ୍ତର୍ଦ୍ଧାନ, ବ୍ୟବଧାନ, ଅନ୍ୟ, ସାଦୃଶ୍ୟ, ଭେଦ ।

ଅନ୍ତରଙ୍ଗ, ବିଂ. (ଅନ୍ତର-ଗମ୍-ଅ) ଆତ୍ମୀୟ ।

ଅନ୍ତରାତ୍ମା, ବି. ପୁଂ. (ଅନ୍ତର୍-ଆତ୍ମନ୍) ଜୀବାତ୍ମା, ପରମାତ୍ମା, ବିବେକ ।

ଅନ୍ତରାୟ, ବି. ପୁଂ. (ଅନ୍ତର-ଇ-ଅ) ପ୍ରତିବନ୍ଧକ, ବିଘ୍ନ, ବାଧା ।

ଅନ୍ତରାଳ, ବି. ପୁଂ. ନ. (ଅନ୍ତରା=ମଧ୍ୟରେ-ଲା =ଗ୍ରହଣ କରିବା-ଅ) ବ୍ୟବଧାନ, ଉହାଡ଼ । ଯଥା—

କପୋତେ ରହିଲେ ତରୁପତ୍ରେ ଲୁଚି,
ପତ୍ର ଅନ୍ତରାଳେ ରହିଲେ ଗୁଣ୍ଡ଼ି । ନ. କେ.

ଅଭ୍ୟନ୍ତର, ମଧ୍ୟ, ଯଥା—

ନୀଳଅଙ୍ଗ ଘୋର ତମ ଅନ୍ତରାଳେ,
ନାଶୀ, ନଳବନ, ଶୈଳ, ଦ୍ୱୀପମାଳେ । ଚିଲିକା.

ଅନ୍ତରିତ, ବିଂ. ( ଅନ୍ତର୍-ଇତ ) ତିରୋହିତ, ଅପହୃତ ।

ଅନ୍ତରୀକ୍ଷ } ବି. ନ. ( ଅନ୍ତ-ଋକ୍ଷ-କର୍ମ୍ମ ଈକ୍ଷ-ଅ)
ଅନ୍ତରୀକ୍ଷ } ଆକାଶ । ଯଥା—

ଅନ୍ତରୀକ୍ଷେ ଲୁଚି ରହିଲେ ମୀନକେତନ ରଥେ ।
ଚ, ଭା.

ଅନ୍ତରୀପ, (Cape) ବି. ପୁଂ. ନ. (ଅନ୍ତ-ଅପ-ଅ, ଅ ସ୍ଥାନରେ-ଈ) ଯେ ସ୍ଥଳଭାଗ କ୍ରମେ କ୍ରମେ ସୂକ୍ଷ୍ମ ହୋଇ ଜଳ ମଧ୍ୟକୁ ଯାଇଥାଏ ।

ଅନ୍ତର୍ଗତ, ବିଂ. ( ଅନ୍ତଃ-ଗମ୍-ତ ) ମଧ୍ୟଗତ, ମଧ୍ୟବର୍ତ୍ତୀ ।

ଅନ୍ତର୍ଜଳୋତ୍ସ, ( Artesian fountain ) ବି. ପୁଂ. (ଅନ୍ତଃ-ଜଳୋତ୍ସ) ଭୂମିଗର୍ଭସ୍ଥ ଉତ୍ସ ବା ପ୍ରସ୍ରବଣ ।

ଅନ୍ତର୍ଦାହ, ବି. ( ଅନ୍ତଃ-ଦାହ ) ମନଃକଷ୍ଟ, ମନ ପୋଡ଼ିଯିବା ।

ଅନ୍ତର୍ଦେଶ, (Valley) ବି. ପୁଂ. (ଅନ୍ତଃ-ଦେଶ) ଦୁଇ ପର୍ବତର ମଧ୍ୟବର୍ତ୍ତୀ ସ୍ଥାନ, ଅଭ୍ୟନ୍ତର ପ୍ରଦେଶ ।

ଅନ୍ତର୍ଦ୍ୱାର, ବି. ନ. (ଅନ୍ତର୍-ଦ୍ୱାର) ଗୃହମଧ୍ୟଗତ ଗୁପ୍ତଦ୍ୱାର, ଖିଡ଼କୀ ।

ଅନ୍ତର୍ଦ୍ଧାନ, ବି. ନ. (ଅନ୍ତଃ-ଧା-ଅନ) ତିରୋଧାନ, ଲୁଚିଯିବା ।

ଅନ୍ତର୍ବତ୍ନୀ, ବି. ସ୍ତ୍ରୀ. (ଅନ୍ତର-ବତ୍-(ସ୍ତ୍ରୀ-ଈ) ନିପାତନ) ଗର୍ଭବତୀ, ଗର୍ଭିଣୀ, ଅନ୍ତଃସତ୍ତ୍ୱା ।

ଅନ୍ତର୍ବର୍ତ୍ତୀ, ବିଂ. (ଅନ୍ତର୍-ବୃତ୍-ଇନ୍) ମଧ୍ୟସ୍ଥ, ଅନ୍ତର୍ଗତ ।

ଅନ୍ତର୍ଭୁକ୍ତ, ବିଂ. (ଅନ୍ତଃ+ଭୁଜ୍+ତ)ଅନ୍ତର୍ଗତ, ମଧ୍ୟସ୍ଥିତ, ମଧ୍ୟବର୍ତ୍ତୀ ।

ଅନ୍ତର୍ଭୂତ, ବିଂ. ( ଅନ୍ତର୍-ଭୂତ ) ଅନ୍ତର୍ଗତ, ମଧ୍ୟବର୍ତ୍ତୀ ।

ଅନ୍ତର୍ମୁଖ, ବିଂ. ( ଅନ୍ତର-ମୁଖ ) ବାହ୍ୟବସ୍ତୁ ପରିହାରପୂର୍ବକ ପରମାତ୍ମା ବିଷୟରେ ନିବିଷ୍ଟଚିତ୍ତ । ଯାହା ବାହାରକୁ ଯାଏ ନାହିଁ ।

ଅନ୍ତର୍ଯ୍ୟାମୀ, ବିଂ. (ଅନ୍ତର୍-ଯମ୍-ଇନ୍) ଅନ୍ତରର ଭାବବେତ୍ତା । ବି. ପୁଂ. ପରମେଶ୍ୱର ।

ଅନ୍ତର୍ହିତ, ବିଂ. ( ଅନ୍ତର୍-ଧା-ତ ) ତିରୋହିତ, ଲୁକ୍କାୟିତ ।

ଅନ୍ତଶଯ୍ୟା, ବି. ସ୍ତ୍ରୀ. (ଅନ୍ତ=ଶେଷ-ଶଯ୍ୟା)ମୃତ୍ୟୁକାଳୀନ ଭୂମିଶଯ୍ୟା, ମୃତ୍ୟୁ, ଶ୍ମଶାନ ।

ଅନ୍ତସ୍ଥ, ବି. ପୁଂ. ( ଅନ୍ତ-ସ୍ଥା-ଅ ) ଯ ଠାରୁ ହ ପର୍ଯ୍ୟନ୍ତ ବର୍ଣ୍ଣମାଳା, ମଧ୍ୟସ୍ଥିତ ।

ଅନ୍ତା, ବି. (ଦେଶଜ) କଖାରୁ ପ୍ରଭୃତିର ଉଦରେ ଥିବା ଅଂଶ ।

ଅନ୍ତିକ, ବିଂ. ( ଅନ୍ତ-ଇକ ) ସନ୍ନିହିତ । ବି.ନ. ସନ୍ନିଧାନ, ନୈକଟ୍ୟ । କା. ସ୍ତ୍ରୀ. ଜ୍ୟେଷ୍ଠା ଭଗିନୀ, ଚୁଲ୍ଲି । ନିକଟ ଅର୍ଥରେ । ଯଥା—

ଅନନ୍ୟ ଜ୍ୟୋତି ସମାଗତରେ ଅଧିପ୍ରି ଭଣୀ-ଅନ୍ତିକେ ।
ଉଷା,

ଅନ୍ତିମ, ବିଂ. ( ଅନ୍ତ-ଇମନ୍ ) ଶେଷ, ଚରମ, ଅନ୍ତକାଳୀନ ।

ଅନ୍ତୂଢ଼ଶାଳ, ବି. ( ଅନ୍ତ ଓ ଶାଳା ଶବ୍ଦଜ ) ସୂତିକାଗୃହ ।

ଅନ୍ତେବାସୀ } ବି. ପୁଂ. ( ଅନ୍ତେ=ସମୀପେ-
ଅନ୍ତବାସୀ } ବାସିନ୍=ଯେ ବାସ କରେ)

ଯେ ପାଠକାଳରେ ଗୁରୁ ସମୀପରେ ବାସ କରେ, ଶିଷ୍ୟ । ଯଥା—

ଆସୁଛନ୍ତି ଅନ୍ତେବାସୀ ଦୁରନ୍ତ ସରବେ,
କେହୁ ଚୌର୍ଯ୍ୟେ ରତ, କେହୁ କୃତ୍ରିମ ମୁଦ୍ରଣେ,
କୃତ୍ରିମଲେଖ ଲିଖନେ, ସିନ୍ଧେ କେହୁ ଅବା ।
ମହାଯାତ୍ରା.

( ଅନ୍ତେ-ପ୍ରାନ୍ତେ ଅର୍ଥାତ୍ ନଗର ବାହାରେ ଯେ ବାସ କରେ ) ଚଣ୍ଡାଳ । ବିଂ-ସମୀପବର୍ତ୍ତୀ ।

ଅନ୍ତ୍ୟ, ବିଂ (ଅନ୍ତ-ଯ) ଅନ୍ତିମ । ବି. ପୁଂ. ନୀଚ ଜାତି ।

ଅନ୍ତ୍ୟଜ, ବି. (ଅନ୍ତ୍ୟ-ଜନ୍-ଅ) ଶୂଦ୍ର, ଚଣ୍ଡାଳ, ନୀଚଜାତି । ବିଂ-ଅଧମ, ନୀଚ୍ଚଶୟ ।

ଅନ୍ତ୍ୟବର୍ଣ୍ଣ, ବି. ପୁଂ. ( ଅନ୍ତ୍ୟ-ବର୍ଣ୍ଣ=ଅକ୍ଷର ବା ଜାତି ) ଶେଷ ଅକ୍ଷର; ଯଥା—'ଅକ୍ଷର' ଏଠାରେ ଅନ୍ତ୍ୟବର୍ଣ୍ଣ=ର; ଚତୁର୍ଥବର୍ଣ୍ଣ, ଶୂଦ୍ର ।

ଅନ୍ତ୍ୟେଷ୍ଟି, ବି. ସ୍ତ୍ରୀ. ( ଅନ୍ତ୍ୟ-ଯଜ୍-ତି ) ଶେଷଯଜ୍ଞ, ଶବଦାହାଦି ଚରମ ସଂସ୍କାର ।

ଅନ୍ତ୍ର, ବି. ନ. (ଅମ୍-ତ୍ର) ଉଦରସ୍ଥ ନାଡ଼ୀ ।

ଅନ୍ଦାଜ, ବି. (ଯାବନିକ) ଅନୁମାନ ।

ଅନ୍ଦାଜି, ବିଂ (ଯାବନିକ) ଆନୁମାନିକ ।

ଅନ୍ଦୁ, ବି. ସ୍ତ୍ରୀ. (ଅନ୍ଦ୍-ଅ-ଉ) ହସ୍ତୀର ପାଦବନ୍ଧନ ଶୃଙ୍ଖଳ, ପାଦର ଅଳଙ୍କାରବିଶେଷ ।

ଅନ୍ଦେଶା } (ଯାବନିକ) ଭାବନା, ଅପେକ୍ଷା ।
ଅନ୍ଦିଶା }

ଅନ୍ଧ, ବିଂ. ( ଅନ୍ଧ=ଦୃଷ୍ଟିହୀନ ହେବାର-ଅ ) ଯାହାର ଦୁଇ ଚକ୍ଷୁ ନାହିଁ, ଦର୍ଶନଶକ୍ତିରହିତ, କାବଡ଼ା, ଅନ୍ଧକାରମୟ ।

ଅନ୍ଧକ, ବି. ପୁଂ. ଦେଶବିଶେଷ, ରାକ୍ଷସବିଶେଷ, ମୁନିବିଶେଷ, ଯଦୁବଂଶୀୟ ନୃପତିବିଶେଷ; ବି. ନ. ଅନ୍ଧକାର । ବିଂ. ଅନ୍ଧ ।

**ଅନ୍ଧକରିପୁ**, ବି. ପୁଂ. ( ଅନ୍ଧକ=ଅସୁର-ରିପୁ=ଶତ୍ରୁ ) ମହାଦେବ, ଶିବ, ସୂର୍ଯ୍ୟ ।

**ଅନ୍ଧକାର**, ବି. ପୁଂ. ନ. ( ଅନ୍ଧ-କୃ-ଅ ) ଧ୍ୱାନ୍ତ, ତିମିର, ତମଃ, ଅନ୍ଧାର ।

**ଅନ୍ଧକୂପ**, ବି. ପୁଂ. ଅନ୍ଧକାରମୟ କୂପ, ନରକ-ବିଶେଷ, ଅବ୍ୟବହୃତ କୂଅ ।

**ଅନ୍ଧତମସ**, ବି. ନ. ( ଅନ୍ଧ-ତମସ୍ ) ଗାଢ଼ ଅନ୍ଧକାର, ନିବିଡ଼ାନ୍ଧକାର ।

**ଅନ୍ଧପୁଟୁଳି**, ବି, (ଅନ୍ଧପଟଳ ଶବ୍ଦଜ ଆଖି ଉପରେ ଯେଉଁ ପଟି ବାନ୍ଧିଦେଲେ କିଛି ଦେଖାଯାଏ ନାହିଁ ।

**ଅନ୍ଧାଧୁନ୍ଦ**, ବିଂ ( ଦେଶଜ ) ନ୍ୟାୟବିଚାରଶୂନ୍ୟ । ଯଥା— ଅନ୍ଧାଧୁନ୍ଦ ବିଚାର ।

**ଅନ୍ଧାର**, ବି, ( ଅନ୍ଧକାର ଶବ୍ଦଜ ) ଅନ୍ଧକାର । ବିଂ-ଅନ୍ଧକାରମୟ ।

**ଅନ୍ଧାରକଣା** ବିଂ. (ଦେଶଜ) ରାତିରେ ଯାହାକୁ ଦିଶେ ନାହିଁ ।

**ଅନ୍ଧାରବିକେ**, ବି. ( ଦେଶଜ ) ରାଜା ବା ରାଜ-କର୍ମଚାରୀଙ୍କର ଗୂଢ଼ ଉଦ୍ଦେଶ୍ୟ ସାଧନ ନିମିତ୍ତ ଅନ୍ଧାରରେ ଯିବା ।

**ଅନ୍ଧାରିଆ**
**ଅନ୍ଧାରୁଆ** } ବିଂ. (ଦେଶଜ) ଅନ୍ଧକାରମୟ ।

**ଅନ୍ଧୁଣୀ** ବି. (ଦେଶଜ) ଅନ୍ଧର ସ୍ତ୍ରୀଲିଙ୍ଗ, ମାଛ ଧରିବାର ଯନ୍ତ୍ର ବିଶେଷ ।

**ଅନ୍ଧ୍ର**, ବି. ପୁଂ. ଦେଶବିଶେଷ, କଳିଙ୍ଗର ପଶ୍ଚିମସ୍ଥ ଦେଶ, ପ୍ରାଚୀନ ତୈଲଙ୍ଗ ଦେଶ ।

**ଅନ୍ନ**, ବି. ପୁଂ. ( ଅଦ୍-ତ ) ଭାତ, ଖାଦ୍ୟ, ଭକ୍ଷ୍ୟ-ଦ୍ରବ୍ୟ ।

**ଅନ୍ନଗନ୍ଧି**, ବି. ପୁଂ. ( ଅନ୍ନ ଗନ୍ଧ-ଇ ) ଉଦରା-ମୟ ରୋଗ ।

**ଅନ୍ନଦା**, ବି. ସ୍ତ୍ରୀ. ( ଅନ୍ନ-ଦା-ଆ ) ଭଗବତୀ, ବିଶ୍ୱେଶ୍ୱରୀ ।

**ଅନ୍ନନାଳୀ**, ବି. ଯେଉଁ ନାଡ଼ୀଦ୍ୱାରା ଅନ୍ନ ମୁଖ-ଗହ୍ୱରରୁ ପାକାଶୟକୁ ଯାଏ ।

**ଅନ୍ନପୂର୍ଣ୍ଣା**, ବି. ସ୍ତ୍ରୀ. ( ଅନ୍ନ-ପୂର୍ଣ୍ଣି-ଆ ) ଭଗବତୀ, ବିଶ୍ୱେଶ୍ୱରୀ ।

**ଅନ୍ନପ୍ରାଶନ**, ବି. ନ.( ଅନ୍ନ-ପ୍ର-ଅଶ୍-ଅନ ) ଶିଶୁର ପ୍ରଥମ ଅନ୍ନଭକ୍ଷଣ, କ୍ଷୀରଚଟା ।

**ଅନ୍ନମଳ**, ବି. ନ. (ଅନ୍ନ-ମଳ) ମଦ୍ୟ, ମଦିରା ।

**ଅନ୍ନବିକାର**, ବି. ପୁଂ. ( ଅନ୍ନ-ବିକାର ) ଶୁକ୍ର, ବିଷ୍ଠା, ମଳ ।

**ଅନ୍ନରସ**, ବି. ନ. ପାକାଶୟ ମଧ୍ୟ ଦେଇ ଭୁକ୍ତ ଦ୍ରବ୍ୟ ଗମନ ସମୟରେ ସେଥିରୁ ଦୁଗ୍ଧବତ୍ ଯେଉଁ ରସ ନିର୍ଗତ ହୁଏ ।

**ଅନ୍ନବହନାଳୀ**, ବି. ସ୍ତ୍ରୀ. ଯେଉଁ ନାଳୀଦ୍ୱାରା ଭୁକ୍ତ ବସ୍ତୁ ଶରୀର ମଧ୍ୟକୁ ଯାଏ ଓ ତାହାର ଅସାର-ଭାଗ ବହିର୍ଗତ ହୁଏ ।

**ଅନ୍ୟ**, ସ. (ଅନ୍-ଯ) ଭିନ୍ନ, ଅପର ।

**ଅନ୍ୟତମ**, ବିଂ. (ଅନ୍ୟ-ତମ) ଅନେକଙ୍କ ମଧ୍ୟରେ ଜଣେ ।

**ଅନ୍ୟତର**, ବିଂ. ( ଅନ୍ୟ-ତର ) ଦୁଇ ଜଣଙ୍କ ମଧ୍ୟରେ ଜଣେ ।

**ଅନ୍ୟତଃ**, ଅଂ. (ଅନ୍ୟ-ତସ୍) ଅନ୍ୟତ୍ର ବା ଅନ୍ୟ-ଠାରୁ ।

**ଅନ୍ୟତ୍ର**, ଅଂ (ଅନ୍ୟ-ତ୍ର) ଅନ୍ୟଠାରେ ।

**ଅନ୍ୟଥା**, ଅଂ. ( ଅନ୍ୟ-ଥା ) ଅନ୍ୟ ପ୍ରକାର ।

**ଅନ୍ୟଦା**, ଅଂ. ( ଅନ୍ୟ-ଦା ) ଅନ୍ୟ ସମୟରେ ।

**ଅନ୍ୟପୁଷ୍ଟ**, ବି. (ଅନ୍ୟ-ପୁଷ୍ଟ) କୋକିଳ ।

**ଅନ୍ୟପୂର୍ବା**, ବିଂ. ( ଅନ୍ୟ ପୂର୍ବ-ଆ ) ବିବାହ ପୂର୍ବରେ ଯେଉଁ କନ୍ୟାର ଅନ୍ୟ ସହିତ ବିବାହ ସମ୍ବନ୍ଧ ସ୍ଥିର ହୋଇଥାଏ ।

**ଅନ୍ୟବିଧ**, ବିଂ. ( ଅନ୍ୟ-ବିଧ ) ଅନ୍ୟ ପ୍ରକାର, ଅନ୍ୟଥା ।

**ଅନ୍ୟଭୃତ୍**, ବି. ପୁଂ. (ଅନ୍ୟ-ଭୃତ୍ =ପୋଷଣ କରେ ଯେ ) କାକ ।

**ଅନ୍ୟଭୃତ**, ବିଂ. ( ଅନ୍ୟ-ଭୃ-ତ ) ପରଦ୍ୱାରା ଯେ ପାଳିତ । ବି. ପୁଂ. କୋକିଳ ।

**ଅନ୍ୟମନସ୍କ**, ବିଂ. ( ଅନ୍ୟ-ମନସ୍-କ ) ଅମନୋ-ଯୋଗୀ, ଅନ୍ୟମନାଃ ।

ଅନ୍ୟାଚାର } ବି. ( ଅନାଚାର ଶବ୍ଦଜ ) ଆଚାର-
ଅନାଚାର } ବହିର୍ଭୂତ କର୍ମ ବା ଆଚରଣ, ଅନ୍ୟାୟ ଆଚରଣ ।

ଅନ୍ୟାନ୍ୟ, ବି. (ଅନ୍ୟ-ଅନ୍ୟ) ଅପରାପର, ଆଉ ଆଉ ।

ଅନ୍ୟାୟ, ବି. ପୁଂ. ( ଅ-ନ୍ୟାୟ ) ଅବିଚାର, ଅନୌଚିତ୍ୟ ।

ଅନ୍ୟାଯ୍ୟ, ବିଂ. (ଅ-ନ୍ୟାୟ-ଯ) ଅନୁଚିତ, ଯାହା ନ୍ୟାୟସଙ୍ଗତ ନୁହେ ।

ଅନ୍ୟୂନ, ବିଂ. (ଅ-ନ୍ୟୂନ ) ଅଧିକ, ବେଶି ।

ଅନ୍ୟେଦ୍ୟୁଃ, ଅଂ. ( ଅନ୍ୟେଦ୍ୟୁସ୍, ଅନ୍ୟ-ଏଦ୍ୟୁସ୍ ) ପରଦିନ, ଅନ୍ୟ ଦିନ ।

ଅନ୍ୟୋଽନ୍ୟ, ବିଂ.(ଅନ୍ୟ-ଅନ୍ୟ) ପରସ୍ପର, ଏକକୁ ଆରେକ ।

ଅନ୍ୱବାୟ, ବି. ପୁଂ.(ଅନୁ-ଅବ-ଇ-ଅ)ବଂଶ, କୁଳ, ଗୋତ୍ର ।

ଅନ୍ୱୟ, ବି. ପୁଂ. ( ଅନୁ-ଇ-ଅ ) ବଂଶ, ବାକ୍ୟ ମଧ୍ୟ ପଦର ସମ୍ବନ୍ଧନିର୍ଣ୍ଣୟ, ସମ୍ବନ୍ଧ ।

ଅନ୍ୱୟୀ, ବିଂ. ( ଅନ୍ୱୟ-ଇନ୍ ) ଅନ୍ୱୟବିଶିଷ୍ଟ, ସମ୍ବନ୍ଧବିଶିଷ୍ଟ ।

ଅନ୍ୱିତ, ବିଂ. ( ଅନୁ-ଇ-ତ ) ଯୁକ୍ତ, ସମ୍ବନ୍ଧପ୍ରାପ୍ତ, ମିଳିତ ।

ଅନ୍ୱେଷଣ, ବି. ନ. (ଅନୁ-ଇଷ୍-ଅନ) ଖୋଜିବା, ଅନୁସନ୍ଧାନ ।

ଅପ୍, ବି. ସ୍ତ୍ରୀ. (ଆପ୍-୦) ଜଳ, ବାରି, ସଲିଳ ।

ଅପ, ଅଂ. ( ଉପସର୍ଗ ) ଅପକୃଷ୍ଟ, ଅଧମ, କୁତ୍ସିତ ଅନାଦର, ବିରୁଦ୍ଧ, ବର୍ଜନ, ବିଯୋଗ ।

ଅପକର୍ମ, ବି. ନ. ( ଅପ=କୁତ୍ସିତ-କର୍ମ=କ୍ରିୟା ) ନିନ୍ଦିତ କାର୍ଯ୍ୟ, କୁକର୍ମ, କୁକ୍ରିୟା ।

ଅପକର୍ଷ, ବି. ପୁଂ. ( ଅପ-କୃଷ୍-ଅ ) ନିକୃଷ୍ଟତା, ଅପ୍ରଧାନତା ।

ଅପକାର, ବି. ପୁଂ. (ଅପ-କୃ-ଅ) ହାନି, ଅନିଷ୍ଟ, ଅମଙ୍ଗଳ, କ୍ଷତି ।

ଅପକାରୀ, ବିଂ. (ଅପକାର-ଇନ୍) ଅମଙ୍ଗଳକାରୀ, କ୍ଷତିକାରକ ।

ଅପକୀର୍ତ୍ତି, ବି. ସ୍ତ୍ରୀ. (ଅପ=କୁତ୍ସିତ-କୀର୍ତ୍ତି) ନିନ୍ଦା, ଅଖ୍ୟାତି, ଅପବାଦ ।

ଅପକୃଷ୍ଟ, ବିଂ. (ଅପ-କୃଷ୍-ତ) ନିକୃଷ୍ଟ, ହୀନ ।

ଅପକ୍ୱ, ବିଂ. (ଅ-ପକ୍ୱ) କଞ୍ଚା, ଅସିଦ୍ଧ ।

ଅପକ୍ଷପାତୀ, ବିଂ. (ଅ-ପକ୍ଷ-ପତ୍-ଇନ୍) ନିରପେକ୍ଷ, ପକ୍ଷପାତଶୂନ୍ୟ ।

ଅପଗତ, ବିଂ. (ଅପ-ଗମ୍-ତ) ମୃତ, ପଳାୟିତ, ରହିତ ।

ଅପଗମ, ବି. ପୁଂ. (ଅପ-ଗମ୍-ଅ) ବିନାଶ, ପ୍ରସ୍ଥାନ, ପଳାୟନ, ନିର୍ଗମ ।

ଅପଗା, ବି. ସ୍ତ୍ରୀ. ( ଅପ=ନିମ୍ନ-ଗମ୍-ଆ ) ନଦୀ, ନିମ୍ନଗା, ସ୍ରୋତସ୍ୱତୀ ।

ଅପଘନ, ବି. ପୁଂ. (ଅପ ହନ୍-ଅ) ଶରୀର, ଅଙ୍ଗ, ଅବୟବ, ଦେହ ।

ଅପଘାତ, ବି ପୁଂ. (ଅପ-ହନ୍-ତ) ଅକାଳମୃତ୍ୟୁ ।

ଅପଚୟ, ବି. ପୁଂ. (ଅପ-ଚି-ଅ) କ୍ଷତି, ହାନି ।

ଅପଚାର, ବି. ପୁଂ. (ଅପ-ଚର୍-ଅ) ଅପଥ୍ୟଗ୍ରହଣ ।

ଅପଚିତ, ବିଂ. ( ଅପ-ଚି-ତ ) ବ୍ୟୟିତ, ନଷ୍ଟ, କ୍ଷୀଣ, ପୂଜିତ ।

ଅପଚିତି, ବି. ସ୍ତ୍ରୀ ( ଅପ-ଚି-ତି ) କ୍ଷୟ, ବ୍ୟୟ, ନିଷ୍କୃତି ।

ଅପଜୟ, ବି. ପୁଂ. ( ଅପ-ଜି-ଅ ) ପରାଜୟ, ହାରିଯିବା ।

ଅପଟୀ ବି. (ଅ-ପଟ୍—ଅ, ସ୍ତ୍ରୀ. ଈ ) ବସ୍ତ୍ରାବରଣ, ପର୍ଦ୍ଦା ।

ଅପଟୁ, ବିଂ. ( ଅ-ପଟୁ ) ଅକ୍ଷମ, ଅସମର୍ଥ, ରୋଗୀ ।

ଅପଡ଼, ବି. ( ଦେଶଜ ) ବିରୋଧ, ବିବାଦ । ବିଂ-ବିରୋଧୀ ।

ଅପତିଆରା, ବି. ( ଅପ୍ରତ୍ୟୟ ଶବ୍ଦଜ ) ଅବିଶ୍ୱାସ ।

ଅପତ୍ୟ, ବି. ନ. (ଅ-ପତ୍-ଯ) ଯାହାଦ୍ୱାରା ବଂଶର ପତନ ଅର୍ଥାତ୍ ନାଶ ହୁଏ ନାହିଁ, ସନ୍ତାନ ସନ୍ତତି, ପୁତ୍ର କନ୍ୟା ।

**ଅପତ୍ୟଶତ୍ରୁ**, ବି. ପୁଂ. ଗର୍ଭରୁ ଅପତ୍ୟଜାତ ହେବା ସମୟରେ ପେଟ ଫାଟିଯିବାରୁ ଯାହାର ମୃତ୍ୟୁ ହୁଏ, କର୍କଟ, କଙ୍କଡ଼ା ।

**ଅପତ୍ୟସ୍ନେହ**, ବି. ପୁଂ. (ଅପତ୍ୟ-ସ୍ନେହ) ପୁତ୍ରାଦି ପ୍ରତି ଯେ ସ୍ୱାଭାବିକ ସ୍ନେହ ।

**ଅପତ୍ରପ**, ବିଂ ( ଅପ = ଅପଗତ-ତ୍ରପା = ଲଜ୍ଜା ଯାହାର ) ନିର୍ଲଜ୍ଜ ।

**ଅପତ୍ରସ୍ତ**, ବିଂ. (ଅପ-ତ୍ରସ୍-ତ) ଭୀତ, ଭୟଯୁକ୍ତ ।

**ଅପଥ**, ବି. ନ. (ଅ-ପଥ) ଅବାଟ, କୁପଥ ।

**ଅପଥ୍ୟ**, ବିଂ. (ଅ-ପଥ୍ୟ) ରୋଗିର ଭୋଜନର ଅଯୋଗ୍ୟ, କୁପଥ୍ୟ ।

**ଅପଦସ୍ଥ**, ବିଂ. ( ଅ-ପଦ-ସ୍ଥା-ଅ ) କର୍ମଚ୍ୟୁତ, ଅପମାନିତ ।

**ଅପଦାର୍ଥ**, ବିଂ. (ଅ-ପଦ-ଅର୍ଥ ) ଅସାର, ନିକୃଷ୍ଟ । ବି. ପୁଂ. ଅଯୋଗ୍ୟ ବସ୍ତୁ ।

**ଅପଦେବତା**, ବି. ସ୍ତ୍ରୀ. (ଅପ = ନିକୃଷ୍ଟ-ଦେବତା) ପ୍ରେତାଦି ଦେବଯୋନି ।

**ଅପଦେଶ**, ବି. ପୁଂ. (ଅପ-ଦିଶ୍-ଅ) କପଟ, ବ୍ୟାଜ, ନିମିତ୍ତ ।

**ଅପଧ୍ୟାନ**, ବି. ନ. (ଅପ-ଧ୍ୟାନ) ଅମଙ୍ଗଳଚିନ୍ତା, ଦୁଷ୍ଟାଭିପ୍ରାୟ ।

**ଅପଧ୍ୱଂସ**, ବି. ପୁଂ. (ଅପ-ଧ୍ୱଂସ-ଅ) ଧିକ୍କାର, ନିନ୍ଦା, ତ୍ୟାଗ, ଅପଘାତ ।

**ଅପନୟ**
**ଅପନୟନ** } ବି. ପୁଂ. ( ଅପ-ନୀ-ଅ, ଅନ ) ଦୂରୀକରଣ, ପରିତ୍ୟାଗ, ଖଣ୍ଡନ, ଅପହରଣ ।

**ଅପନୀତ**, ବିଂ. ( ଅପ-ନୀ-ତ ) ଦୂରୀକୃତ, ଅପସାରିତ ।

**ଅପନୋଦନ**, ବି. ନ. (ଅପ-ନୁଦ୍-ଅନ) ଖଣ୍ଡନ, ଦୂରୀକରଣ ।

**ଅପପ୍ରୟୋଗ**, ବି. (ଅପ-ପ୍ରୟୋଗ) ବ୍ୟାକରଣ-ବିରୁଦ୍ଧ ପ୍ରୟୋଗ ।

**ଅପବୁଝି** ବି. ( ଦେଶଜ ) ଜନସଂଚାରଶୂନ୍ୟ ପ୍ରଶସ୍ତ ସ୍ଥାନ ।

**ଅପଭାଷା**, ବି. ସ୍ତ୍ରୀ. (ଅପ-ଭାଷ୍-ଆ) ନିନ୍ଦିତ ଭାଷା, ପ୍ରାକୃତ କଥା ।

**ଅପଭ୍ରଂଶ**
**ଅପଭ୍ରଂସ** } ବି. ପୁଂ. (ଅପ-ଭ୍ରନ୍ସ-ଅ) ସ୍ଖଳନ, ରୂପାନ୍ତରପ୍ରାପ୍ତି । କୁତ୍ସିତ ଭାଷା, ଅପଭାଷା ।

**ଅପମାନ**, ବି. ନ. (ଅପ-ମା-ଅନ) ଅବଜ୍ଞା, ମାନହାନି, ଅନାଦର ।

**ଅପମାନିତ**, ବିଂ. (ଅପମାନ-ଇତ) ତିରସ୍କୃତ, ଅନାଦୃତ ।

**ଅପମାରଙ୍ଗ**, ବି. ( ଅପମାର୍ଗ ଶବ୍ଦଜ) ଏକ ପ୍ରକାର କ୍ଷୁଦ୍ର ଗୁଳ୍ମ, ଏହାର ମୂଳକୁ ଦାନ୍ତକାଠି କରନ୍ତି ।

**ଅପମୃତ୍ୟୁ**, ବି. ପୁଂ. (ଅପ-ମୃତ୍ୟୁ) ଅକାଳମୃତ୍ୟୁ ।

**ଅପଯଶଃ**, ବି. ନ. (ଅପ-ଯଶଃ) ନିନ୍ଦା, ଅଖ୍ୟାତି ।

**ଅପର**, ବିଂ. (ଅ-ପୃ = ପାଳନ କରିବା-ଅ) ଅନ୍ୟ, ଭିନ୍ନ, ପ୍ରତିକୂଳ, ବିପରୀତ ।

**ଅପରତ୍ର** ( ଅପର-ତ୍ର ) ପରକାଳରେ, ଅମୁତ୍ର, ଅନ୍ୟତ୍ର ।

**ଅପରପକ୍ଷ** ( ଅପର = କୃଷ୍ଣ-ପକ୍ଷ = ମାସାର୍ଦ୍ଧ ) କୃଷ୍ଣପକ୍ଷ, ପିତୃପକ୍ଷ, ଗୌଣ ଆଶ୍ୱିନ ମାସର କୃଷ୍ଣପକ୍ଷ, ଏହି ପକ୍ଷରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତର୍ପଣ କରାଯାଏ ।

**ଅପରାଜିତ**, ବିଂ. (ଅ-ପରା-ଜି-ତ) ଅପରାଭୂତ । ବି. ପୁଂ. ଶିବ, ବିଷ୍ଣୁ ।

**ଅପରାଜିତା**, ବି. ସ୍ତ୍ରୀ. (ଅ-ପରା-ଜି-ତ-ଆ) ଲତା-ବିଶେଷ, ଦୁର୍ଗା ।

**ଅପରାଧ**, ବି. ପୁଂ. (ଅପ-ରାଧ୍-ଅ) ଦୋଷ, ପାପ ।

**ଅପରାଧୀ**, ବିଂ. (ଅପରାଧ-ଇନ୍) ଦୋଷୀ, ପାପୀ ।

**ଅପରାହ୍ଣ**, ବି. ପୁଂ. ( ଅପର-ଅହନ୍ ) ଦିବସର ଶେଷଭାଗ, ଉପରବେଳା ।

**ଅପରିଗ୍ରହ**, ବି. ପୁଂ. ( ଅ-ପରି-ଗ୍ରହ-ଅ ) ଗ୍ରହଣା-ଭାବ, ଅସ୍ୱୀକାର, ପରିବ୍ରାଜକ ।

**ଅପରିଚିତ**, ବିଂ. (ଅ-ପରି-ଚି-ତ) ଯାହା ସଙ୍ଗରେ ଆଳାପ ନାହିଁ, ଅଚିହ୍ନା ।

**ଅପରିଚ୍ଛନ୍ନ**, ବିଂ. ( ଅ-ପରି-ଛଦ୍-ତ ) ମଳିନ, ବସ୍ତ୍ରହୀନ ।

**ଅପରିଚ୍ଛିନ୍ନ**, ବିଂ. ( ଅ-ପରି-ଛିଦ୍-ତ ) ଅସୀମ, ଇୟତ୍ତାରହିତ ।

**ଅପରିଣତ** ବିଂ. ( ଅ-ପରି-ନମ୍-ତ ) କଞ୍ଚା, ଯଥା—ଅପରିଣତବୟସ୍କ ।

**ଅପରିଣାମଦର୍ଶୀ**, ବିଂ. ଉତ୍ତରକାଳରେ କଣ ଘଟିବ ଏ ବିଷୟ ବିଚାର ନ କରି ଯେ କୌଣସି କର୍ମ କରେ, ଅବିବେକ ।

**ଅପରିଣୀତ**, ବିଂ. ଯେ ପରିଣୀତ ନୁହେଁ, ଅବିବାହିତ ।

**ଅପରିତୃପ୍ତ**, ବିଂ. ଅତୃପ୍ତ ।

**ଅପରିପକ୍ୱ**, ବିଂ. ( ଅ-ପରିପକ୍ୱ ) କିଞ୍ଚିତ୍ ପକ୍ୱ ବା କଞ୍ଚା ।

**ଅପରିମିତ**, ବିଂ. (ଅ-ପରି-ମା-ତ) ପରିମାଣରହିତ, ପ୍ରଚୁର ।

**ଅପରିମିତାହାରୀ**, ବିଂ. (ଅ-ପରିମିତ-ଆହାର-ଇନ୍) ଅତ୍ୟାହାରୀ ।

**ଅପରିମେୟ**, ବିଂ. ( ଅ-ପରି-ମା-ଯ ) ଯାହାର ପରିମାଣ ହୁଏ ନାହିଁ, ଅତ୍ୟନ୍ତ, ଅସୀମ ।

**ଅପରିଷ୍କାର**, ବି. ପୁଂ. (ଅ-ପରି-ସ୍କୃ-ଅ) ଅନିର୍ମଳ ।

**ଅପରିଷ୍କୃତ**, ବିଂ. (ଅ-ପରି-ସ୍କୃ-ତ) ଅମାର୍ଜିତ ।

**ଅପରିସର**, ବିଂ. (ଅ-ପରି-ସୃ-ଅ) ସଂକୀର୍ଣ୍ଣ ।

**ଅପରିସୀମ**, ବିଂ. (ଅ-ପରି-ସୀମା-ଅ) ସୀମାରହିତ, ଅସୀମ । ଯଥା—

> କ୍ଷଣ ମାତ୍ରକେ ମନ କରେ ଦର୍ଶନ
> ଏହି ଅପରିସୀମ ବିଶ୍ୱଭୁବନ । କ. ବ.

**ଅପରିହାର୍ଯ୍ୟ**, ବିଂ. ( ଅ-ପରି-ହୃ-ଯ ) ଅଲଙ୍ଘ୍ୟ, ଅନିବାର୍ଯ୍ୟ ।

**ଅପରୂପ**, ବିଂ. ( ଅପ-ରୂପ ) ଅପ୍ରତିମ, ତୁଳନାରହିତ, ଅଦ୍ଭୁତ ରୂପ ।

**ଅପରେଦ୍ୟୁଃ**, ଅଂ. (ଅପର-ଏଦ୍ୟୁସ୍) ଅପର ଦିନ, ପର ଦିନ ।

**ଅପରୋକ୍ଷ**, ବିଂ. ( ଅ-ପରୋକ୍ଷ ) ପ୍ରତ୍ୟକ୍ଷ, ସାକ୍ଷାତ୍ ।

**ଅପର୍ତ୍ତିଅ** / **ଅପର୍ତ୍ତିଅଣୀ** } ବିଂ. (ଅପ୍ରତ୍ୟୟ ଶବ୍ଦଜ) ଯାହାର ଜନ୍ମ ପୂର୍ବେ ଭାଇ ବା ଭଉଣୀ ମରିଥିବାରୁ, ପିତା ମାତାଙ୍କର ଯାହାର ବଞ୍ଚିବାରେ ପ୍ରତ୍ୟୟ ବା ବିଶ୍ୱାସ ନ ଥାଏ ।

**ଅପର୍ଣ୍ଣା**, ବି. ସ୍ତ୍ରୀ. (ଅ-ପର୍ଣ୍ଣ=ପତ୍ର ଅର୍ଥାତ୍ ଯେ ତପସ୍ୟା କଲାବେଳେ ବୃକ୍ଷରୁ ତଳେ ସ୍ୱତଃ ଖସିପଡ଼ିଥିବା ପତ୍ର ମଧ୍ୟ ଆହାର କରି ନ ଥିଲେ ) ପାର୍ବତୀ, ଦୁର୍ଗା ।

**ଅପର୍ଯ୍ୟାପ୍ତ**, ବିଂ. ( ଅ-ପରି-ଆପ୍-ତ ) ଅପରିମିତ, ଅସୀମ, ଅସମର୍ଥ, ଅସମ୍ପୂର୍ଣ୍ଣ ।

**ଅପଲାପ**, ବି. ପୁଂ. (ଅପ-ଲପ୍-ଅ) ଅସ୍ୱୀକାର, ଅନ୍ୟଥାକରଣ ।

**ଅପବର୍ଗ**, ବି.ପୁଂ. (ଅପ-ବୃଜ୍=ତ୍ୟାଗ କରିବା-ଅ) ମୋକ୍ଷ, ଫଳସିଦ୍ଧି, ପରିତ୍ୟାଗ ।

**ଅପବର୍ଜନ**, ବି. ନ. ( ଅପ-ବୃଜ୍-ଅନ ) ଦାନ, ବିତରଣ, ବିସର୍ଜନ, ତ୍ୟାଗ ।

**ଅପବାଦ**, ବି. ପୁଂ. (ଅପ-ବଦ୍-ଅ) ନିନ୍ଦା ।

**ଅପବିତ୍ର**, ବିଂ. (ଅ-ପବିତ୍ର) ଅଶୁଦ୍ଧ, ଅପରିଷ୍କୃତ ।

**ଅପବ୍ୟୟ**, ବି. ପୁଂ. (ଅପ-ବି-ଇ-ଅ) ଅପରିମିତ ବ୍ୟୟ, ବୃଥା ଖରଚ ।

**ଅପବ୍ୟୟୀ**, ବିଂ. ( ଅପ-ବି-ଇ-ଇନ୍ ) ଯେ ବୃଥା ବ୍ୟୟ କରେ, ଅସଦ୍‌ବ୍ୟୟୀ ।

**ଅପଶଦ** / **ଅପସଦ** } ବି. ପୁଂ ( ଅପ-ଶଦ, ସଦ୍-ଅ ) ଅଧମ, ନୀଚ । (ପ୍ରାୟ ମନୁଷ୍ୟ ଶବ୍ଦ ସଙ୍ଗେ ପ୍ରଯୁକ୍ତ ହୁଏ)

**ଅପସନ୍ଦ**, ବିଂ. (ଦେଶଜ) ଯାହା ପସନ୍ଦ ନୁହେଁ, ଅମନୋନୀତ, ନିନ୍ଦିତ । ବି. ଅନାଦର ।

**ଅପସର**, ବି. ପୁଂ. ( ଅପ-ସୃ-ଅ ) ବଡ଼ ତକିଆ, ଯାହା ଉପରେ ପିଠିର ଭାର ଦେଇ ବସିବାକୁ ହୁଏ । ଯଥା—

> ଅପସର ଯୋଗାଏ କେ ଲଳନା,
> କେ ଖରଡ଼ ପାରିବାରେ ରଞ୍ଜନା । ଲ. ବ.

ସ୍ଥାନାନ୍ତର ଗମନ ।

**ଅପସରିବା**, କ୍ରି. ( ଅପ-ପୂର୍ବ ସୃ ଧାତୁ ନିଷ୍ପନ୍ନ ) ଦୂରୀଭୂତ ହେବା, ଘୁଞ୍ଚିବା । ଯଥା—

ଘନଦଣ୍ଡ କରୁଁ ଯିବ ଅପସରି । ନ. କେ.

**ଅପସର୍ପ**, ବି ପୁଂ. (ଅପ-ସୃପ୍-ଅ) ଗୁପ୍ତଚର, ଦୂତ ।

**ଅପସାରଣ**, ବି. ନ. (ଅପ-ସୃ-ଅନ) ଘୁଞ୍ଚାଇବା ।

**ଅପସାରିତ**, ବିଂ. ( ଅପ-ସୃ-ଣିଚ୍-ତ ) ବହିର୍ଗତ, ପଳାୟିତ, ଗ୍ଳଳିତ ।

**ଅପସୃତ**, ବିଂ. (ଅପ-ସୃ-ତ) ଅପଗତ, ଚଳିତ ।

**ଅପସ୍ନାନ**, ବି. ନ. ( ଅପ-ସ୍ନା-ଅନ ) କୌଣସି ବ୍ୟକ୍ତି ମରିଗଲେ ତାହା ନିମନ୍ତେ ଯେ ସ୍ନାନ କରାଯାଏ, ମୃତସ୍ନାନ ।

**ଅପସ୍ମାର**, ବି. ପୁଂ. (ଅପ-ସ୍ମୃ-ଅ) ବାତରୋଗ-ବିଶେଷ, ମୂର୍ଚ୍ଛାରୋଗ, ସ୍ମରଣଶକ୍ତି ନାଶକାରକ ରୋଗ ।

**ଅପହତ**, ବିଂ. (ଅପ-ହତ) ବିନଷ୍ଟ, ମୃତ ।

**ଅପହରଣ**, ବି. ନ. (ଅପ-ହୃ-ଅନ) ଚୋରି ।

**ଅପହର୍ତ୍ତା**, ବି. ପୁଂ. ( ଅପ-ହୃ-ତୃ ) ଚୋର, ତସ୍କର ।

**ଅପହାର**, ବି. ପୁଂ. (ଅପ-ହୃ-ଅ) କ୍ଷତି, ଅପଚୟ, ଚୋରି ଯିବା ।

**ଅପହାରକ**, ବି. ପୁଂ. ( ଅପ-ହୃ-ଅକ ) କ୍ଷତିକାରକ, ଚୋର ।

**ଅପହାସ**, ବି. ପୁଂ. ( ଅପ-ହସ୍-ଅ ) ଅକାରଣ ହାସ୍ୟ, ବୃଥା ହାସ୍ୟ ।

**ଅପହୃତ**, ବିଂ. (ଅପ-ହୃ-ତ) ଚୋରିତ, ଅପଚିତ ।

**ଅପହ୍ନବ**, ପୁଂ. / **ଅପହ୍ନୁତି**, ସ୍ତ୍ରୀ. } ବି. ( ଅପ-ହ୍ନୁ=ଗୋପନ କରିବା-ଅ, ତି ) ଅପଲାପ, ଅସ୍ୱୀକାର, ଜାଣିକରି ଗୋପନ କରିବା, ଅର୍ଥାଲଙ୍କାରବିଶେଷ ।

**ଅପା**, ବି. ସ୍ତ୍ରୀ. ( ଦେଶଜ ) ବଡ଼ ଭଉଣୀ ବା ପିଉସୀ ।

**ଅପାକ**, ବି. ପୁଂ. (ଅ-ପଚ୍-ଅ) ଯାହା ପାକ କରାଯାଇ ନାହିଁ, ଅପକ୍ୱାବସ୍ଥା ।

**ଅପାଙ୍ଗ**, ବି. ପୁଂ. (ଅପ-ଅଙ୍ଗ) ଚକ୍ଷୁର ପ୍ରାନ୍ତଭାଗ, ନେତ୍ରପ୍ରାନ୍ତ, ଚକ୍ଷୁର କୋଣ, କଟାକ୍ଷ, ତିଳକ । ବିଂ. ବିକଳାଙ୍ଗ । ( ନେତ୍ରପ୍ରାନ୍ତ ଅର୍ଥରେ) । ଯଥା—

କମଳେ ଭୃଙ୍ଗ ଖେଳନ୍ତା ପ୍ରାୟେ,
କଳାଡ଼ୋଳା ଚଳେ ଅପାଙ୍ଗସାଏ । ର. କ.

**ଅପାଟବ** ବି. ( ଅ-ପାଟବ ) ଅପଟୁତ୍ୱ, (ଦେଶଜ) ବିଂ. ଅସଙ୍ଗତ ।

**ଅପାଠୁଆ**, ବିଂ. (ପଠନ ଶବ୍ଦଜ) ମୂର୍ଖ । ଯଥା—

ହସିଲା ସଙ୍ଗେ ବଢ଼ିଲାକୁ କାହ୍ନୁ
ହେଲୁ ଏଡ଼େ ଅପାଠୁଆ । ବ. ଚ.

**ଅପାଣ୍ଡୁକ**, ବିଂ. (ଗ୍ରାମ୍ୟ) ବୁଦ୍ଧିହୀନ, ନିର୍ବୋଧ ।

ଅଭଦ୍ର ଅପାଣ୍ଡୁକ ଅଟେ ସେ ପୁତ୍ର ଜାଣ,
ତୁ ମୋର କଲ୍ପରୁ ପୁତ୍ର କୁଳ ଉଦ୍ଧାରଣ । ନୃ. ପୁ.

**ଅପାତ୍ର**, ବି. ନ. (ଅ-ପାତ୍ର) ଅସତ୍ପାତ୍ର, ଅଧମପାତ୍ର ।

**ଅପାଦାନ**, ବି. ନ. (ଅପ-ଆ-ଦା-ଅନ) କାରକ-ବିଶେଷ, ଯାହାଠାରୁ କୌଣସି ବ୍ୟକ୍ତି ବା ବସ୍ତୁ ବିଶ୍ଳିଷ୍ଟ ହୁଏ ।

**ଅପାନ**, ବି. ପୁଂ. ( ଅପ-ଅନ-ଅ ) ଶରୀରସ୍ଥ ବାୟୁବିଶେଷ, ଅଧୋବାୟୁ, ମଳଦ୍ୱାର ।

**ଅପାମାର୍ଗ**, ବି. ପୁଂ. (ଅପ-ଆ-ମୃଜ୍-ଅ) ସ୍ୱନାମ-ପ୍ରସିଦ୍ଧ ଗୁଳ୍ମବିଶେଷ, ଅପାମାରଙ୍ଗ ।

**ଅପାଂପତି**, ବି. ପୁଂ. (ଅପାଂ-ଜଳର, ପତି-ପ୍ରଭୁ) ବରୁଣ ।

**ଅପାୟ**, ବି. ପୁଂ. (ଅପ-ଇ-ଅ) ବିନାଶ, କ୍ଷତି ।

**ଅପାର**, ବିଂ. (ଅ-ପାର) ଅସୀମ ।

**ଅପାରଗ**. ବିଂ. (ଅ-ପାରଗ) ଅକ୍ଷମ, ଅଯୋଗ୍ୟ, ଅସମର୍ଥ ।

**ଅପାଳକ**, ବିଂ. (ଅପାଳକ ଶବ୍ଦଜ) ଅନାବୃଷ୍ଟି, ଦୁର୍ଭିକ୍ଷ ।

**ଅପି**, ଅଂ. ( ଉପସର୍ଗ ) ସମ୍ଭାବନା, ନିଶ୍ଚୟ, ସନ୍ଦେହ, ନିନ୍ଦା, ପ୍ରଶ୍ନ, ଅନୁଜ୍ଞା । ଏହି ଉପସର୍ଗ ଓଡ଼ିଆରେ ଅପଭ୍ରଷ୍ଟ ହୋଇ 'ବା'ରେ ପରିଣତ ହୋଇଅଛି ।

ଅପିତ } ଅଂ, ( ଅପି-ତ, ତୁ ) ଆହୁରି, ପୁଣି,
ଅପିତୁ } ଵଳୁ, ଯଦି ।

ଅପିଧାନ, ବି. ନ. (ଅପି-ଧା-ଅନ) ଆଚ୍ଛାଦନ, ଆବରଣ ।

ଅପିଲ, ବିଂ. (ଇଂରେଜି appeal) ଉଚ୍ଚ ଅଦାଲତରେ ପୁନର୍ବିଚାର ପ୍ରାର୍ଥନା ।

ଅପୁତ୍ର } ବିଂ. ( ଅ-ପୁତ୍ର, ପୁତ୍ରକ ) ପୁତ୍ରହୀନ,
ଅପୁତ୍ରକ } ନିଃସନ୍ତାନ ।

ଅପୂଜ୍ୟ, ବିଂ. (ଅ-ପୂଜ୍ୟ) ପୂଜାହୀନ, ପୂଜା ନ ପାଉଥିବା, ଅପୂଜା ।

ଅପୂପ, ବିଂ. ପୁଂ. (ଅ-ପୂପ) ପିଷ୍ଟକ, ପିଠା ।

ଅପୂର୍ବ, ବିଂ. (ଅ-ପୂର୍ବ) ଆଶ୍ଚର୍ଯ୍ୟଜନକ, ଯାହା ପୂର୍ବରେ ନ ଥିଲା, ଅତି ଉପାଦେୟ, ଉତ୍କୃଷ୍ଟ । ବି. ନ. ଅଦୃଷ୍ଟ ।

ଅପେକ୍ଷା, ବି. ସ୍ତ୍ରୀ. ( ଅପ-ଈକ୍ଷ-ଆ ) ପ୍ରତୀକ୍ଷା, ଅନାଇ ରହିବା ।

ଅପେକ୍ଷାକୃତ, ବିଂ. ( ଅପେକ୍ଷା-କୃ-ତ ) ତୁଳନାରେ ।

ଅପେକ୍ଷିତ, ବିଂ. ( ଅପ-ଈକ୍ଷ-ତ ) ଆକାଂକ୍ଷିତ, ବିବେଚିତ ।

ଅପେତ, ବିଂ. (ଅପ-ଇ-ତ) ତ୍ୟକ୍ତ, ଗତ, ସ୍ଥାନାନ୍ତରିତ ।

ଅପେତରାକ୍ଷସୀ, ବି. ସ୍ତ୍ରୀ. (ଅପେତ=ଦୂରୀକୃତ-ରାକ୍ଷସୀ) ଯାହାଦ୍ୱାରା ଭୂତ ଓ ରାକ୍ଷସାଦି ଦୂରୀଭୂତ ହୁଅନ୍ତି, ତୁଳସୀଗଛ ।

ଅପେୟ, ବିଂ. ( ଅ-ପା-ଯ ) ଯାହା ପାନ କରିବା ଉଚିତ ନୁହେ ।

ଅପୋଗଣ୍ଡ, ବି. ପୁଂ. (ଅ-ପୋଗଣ୍ଡ) ୫ ଠାରୁ ୧୦ ବର୍ଷ ପର୍ଯ୍ୟନ୍ତ ବାଳକମାନଙ୍କୁ ପୋଗଣ୍ଡ ବୋଲଯାଏ । ଅପୋଗଣ୍ଡ ଯେ ତହୁଁରୁ ସାନ ଅର୍ଥାତ୍ ଶିଶୁ । ଯଥା—

> ବାଲ୍ୟଂ ହି ପଞ୍ଚମାବ୍ଦାନ୍ତଂ ପୌଗଣ୍ଡଂ ଦଶମାବଧି ।
> କୈଶୋରମାପଞ୍ଚଦଶଂ ଯୌବନନ୍ତୁ ଅତଃପରଂ ।

ଅପୌରୁଷେୟ, ବିଂ. ( ଅ-ପୁରୁଷ-ଏୟ ) ଯାହା ମନୁଷ୍ୟରଚିତ ନୁହେ, ଅମାନୁଷ ।

ଅପ୍ପତି, ବି. ପୁଂ. (ଅପ୍-ପତି) ବରୁଣ, ସମୁଦ୍ର ।

ଅପ୍ରକଟ, ବିଂ. (ଅ-ପ୍ରକଟ) ଅପ୍ରକାଶିତ । ଯଥା—

> ଯେ ଅଟେ ଜଗତ ଜନର ମନ-ନୟନ-ଚୋର,
> ଅପ୍ରକଟ ହୋଇ ରହିବାପାଇଁ କାହିଁ ତା ଜୋର ।
> ତ. ତୁ.

ଅପ୍ରକାଶ, ବି. ପୁଂ. (ଅ-ପ୍ର-କାଶ୍-ଅ) ଅନୁଦୟ, ଗୋପନ ।

ଅପ୍ରକାଶ୍ୟ, ବିଂ. ( ଅ-ପ୍ରକାଶ୍ୟ ) ପ୍ରକାଶଯୋଗ୍ୟ ନୁହେ, ଯାହା ପ୍ରକାଶ କରିବା ଉଚିତ ନୁହେ ।

ଅପ୍ରକୃତ, ବିଂ. ( ଅ-ପ୍ରକୃତ ) ପ୍ରକୃତ ନୁହେ, କଳ୍ପିତ, ଅଯଥାର୍ଥ ।

ଅପ୍ରଚ୍ଛନ୍ନ } ବିଂ. ( ଗ୍ରାମ୍ୟ ) ମଳିନ, ହୀନ,
ଅପର୍ଚ୍ଛନ୍ନ } ଅପରିଷ୍କୃତ ।

ଅପ୍ରତିକାର୍ଯ୍ୟ, ବିଂ. (ଅ-ପ୍ରତି-କୃ-ଯ) ପ୍ରତିକାରଶୂନ୍ୟ, ଅନିବାର୍ଯ୍ୟ ।

ଅପ୍ରତିଭ, ବିଂ. ( ଅ-ପ୍ରତି-ଭା-ଅ ) ଅପ୍ରସ୍ତୁତ, ଲଜ୍ଜିତ, ବୁଦ୍ଧିହୀନ ।

ଅପ୍ରତିମ, ବିଂ. ( ଅ-ପ୍ରତିମା ) ଅତୁଳ୍ୟ, ଅନୁପମ ।

ଅପ୍ରତିଷ୍ଠ, ବିଂ. ( ଅ-ପ୍ରତିଷ୍ଠା ) ପ୍ରତିଷ୍ଠାରହିତ, ଯଶୋହୀନ ।

ଅପ୍ରତିହତ, ବିଂ. (ଅ-ପ୍ରତି-ହନ୍-ତ) ଅବ୍ୟାହତ, ପ୍ରତିବନ୍ଧକରହିତ ।

ଅପ୍ରତୁଲ, ବି. ପୁଂ. (ଅ-ପ୍ର-ତୁଲ-ଅ) ଅଭାବ, ଅସମ୍ପୂର୍ଣ୍ଣତା । ବିଂ. ଅଳ୍ପ ।

ଅପ୍ରମତ୍ତ, ବିଂ. ( ଅ-ପ୍ର-ମଦ୍-ତ ) ସାବଧାନ, ଅବହିତ ।

ଅପ୍ରତ୍ୟକ୍ଷ, ବିଂ. ( ଅ-ପ୍ରତି-ଅକ୍ଷ ) ଅଗୋଚର, ଅସାକ୍ଷାତ, ପରୋକ୍ଷ । ଯଥା—

> କେଉଁ କଥା ତାଙ୍କୁ ଅଛି ଅପ୍ରତ୍ୟକ୍ଷ,
> କଲେ ଜାଣୁ ଜାଣୁ ବଧସ୍ଥାନ ଲକ୍ଷ । ର. କୃ.

ଅପ୍ରତ୍ୟୟ, ବି. ପୁଂ. (ଅ-ପ୍ରତ୍ୟୟ) ପ୍ରତ୍ୟୟାଭାବ, ଅବିଶ୍ୱାସ ।

**ଅପ୍ରଧାନ**, ବିଂ. ( ଅ-ପ୍ରଧାନ ) ଅନୁତ୍କୃଷ୍ଟ, ମୁଖ୍ୟଭିନ୍ନ, ଗୌଣ ।

**ଅପ୍ରଧୃଷ୍ୟ**, ବିଂ. (ଅ-ପ୍ର-ଧୃଷ୍-ଯ) ଅଧୃଷ୍ୟ, ଯାହାକୁ ପରାଜୟ କରି ହୁଏ ନାହିଁ । ଯଥା —

ଭଗ୍ନମଣି ମୋର ଅଟଇ କୃମଣି ପୁରୁଷକୁଳଲଲାମ,
ଅପ୍ରଧୃଷ୍ୟ ରଣେ ଅସ୍ତ୍ରବିଜ୍ଞଙ୍କେ ଅଗାଧ ବୀର୍ଯ୍ୟର ଧାମ ।
ଉ. କେ.

**ଅପ୍ରମିତ**, ବିଂ. (ଅ-ପ୍ର-ମା-ତ) ଅପର୍ଯ୍ୟାପ୍ତ,ଅଗଣିତ, ଅସଂଖ୍ୟ ।

**ଅପ୍ରମେୟ**, ବିଂ. ( ଅ-ପ୍ର-ମା-ଯ ) ଅପରିମେୟ, ଯାହାର ପରିମାଣ ନାହିଁ ।

**ଅପ୍ରବୀଣ**, ବିଂ. (ଅ-ପ୍ରବୀଣ) ଯାହାର ପ୍ରବୀଣତା ଜନ୍ମି ନାହିଁ, ଅର୍ବାଚୀନ ।

**ଅପ୍ରଶସ୍ତ**, ବିଂ. ( ଅ-ପ୍ରଶସ୍ତ ) ଅପକୃଷ୍ଟ, ମନ୍ଦ, ନିନ୍ଦିତ, ଅଶୁଭ ।

**ଅପ୍ରସନ୍ନ**, ବିଂ. ( ଅ ପ୍ରସନ୍ନ ) ବିରକ୍ତ, ଅସନ୍ତୁଷ୍ଟ, ମ୍ଳାନ, ଦୁଃଖିତ ।

**ଅପ୍ରସ୍ତୁତ**, ବିଂ. ( ଅ-ପ୍ରସ୍ତୁତ ) ଲଜ୍ଜିତ, ଅପ୍ରସ୍ତୁତ ।

**ଅପ୍ରସ୍ତୁତପ୍ରଶଂସା**, ବିଂ, ( ଅପ୍ରସ୍ତୁତ-ପ୍ରଶଂସା ) ଅର୍ଥାଲଙ୍କାରବିଶେଷ, ପ୍ରକୃତ ବିଷୟ ନ କହି ଅପ୍ରକୃତ ବିଷୟର ବର୍ଣ୍ଣନା ।

**ଅପ୍ରାକୃତ**, ବିଂ. (ଅ-ପ୍ର-ଆ-କୃ-ତ) ଅନୈସର୍ଗିକ, ଅଲୌକସାମାନ୍ୟ, ଅକୃତ୍ରିମ । ଯଥା—

ଅପ୍ରାକୃତ ପ୍ରେମମୂର୍ତ୍ତି ଜନ୍ମ ଗଥା ଦରି,
ଅବ୍ୟକ୍ତ ଲୀଳାକୁ ବ୍ୟକ୍ତ କଲ ଅବତରି । ବି. ଚି.

**ଅପ୍ରାପ୍ତ**, ବିଂ. ( ଅ-ପ୍ରାପ୍ତ ) ଯାହା ମିଳେ ନାହିଁ, ଅଲବ୍ଧ, ଅନଧିଗତ ।

**ଅପ୍ରାପ୍ତବୟସ୍କ**, ବି. ପୁଂ. ( ଅ-ପ୍ରାପ୍ତ-ବୟସ୍-କ ) ନାବାଳକ । ସ୍ତ୍ରୀ. ସ୍ତ୍ରୀ. ବାଳିକା, ଅଦୃଷ୍ଟରଜା ।

**ଅପ୍ରାପ୍ତି**, ବି. ସ୍ତ୍ରୀ. ( ଅ-ପ୍ରାପ୍ତି ) ପ୍ରାପ୍ତିର ଅଭାବ, ଅସଦ୍‌ଭାବ, ଅସମ୍ଭବ ।

**ଅପ୍ରାପ୍ୟ**, ବିଂ. (ଅ-ପ୍ର-ଆପ୍-ଯ) ଦୁର୍ଲ୍ଲଭ,ଦୁଷ୍ପ୍ରାପ୍ୟ ।

**ଅପ୍ରାମାଣିକ**, ବିଂ. ( ଅ-ପ୍ରମା -ଇକ ) ମିଥ୍ୟା, ଅଳୀକ ।

**ଅପ୍ରିୟ**, ବିଂ. (ଅ-ପ୍ରିୟ) ଅନଭିମତ । ବି. ନ ନିନ୍ଦା, ଅନିଷ୍ଟ । ପୁଂ ଶତ୍ରୁ ।

**ଅପ୍ରିୟବାଦୀ**, ବିଂ. ( ଅ-ପ୍ରିୟ-ବଦ୍-ଇନ୍ ) କଟୁଭାଷୀ ।

**ଅପ୍ରୀତି**, ବି. ସ୍ତ୍ରୀ. (ଅ-ପ୍ରୀତି) ଅପ୍ରଣୟ, ବିରୋଧ, ବିବାଦ ।

**ଅପ୍‌ସରା**, ବି. ସ୍ତ୍ରୀ. ( ଅପ୍ =ଜଳ-ସୃ=ଗମନ କରିବା ବା ନିର୍ଗତ ହେବା-ଅସ୍ ) ଯେଉଁମାନେ ସମୁଦ୍ର ମନ୍ଥନ ସମୟରେ ଜଳରୁ ବାହାରିଥିଲେ ଅଥବା ଯେଉଁମାନେ ବିହାରାର୍ଥ କରିବା ନିମିତ୍ତ (ସ୍ୱର୍ଗଗଙ୍ଗାର) ଜଳ ନିକଟକୁ ଗମନ କରନ୍ତି—ସ୍ୱର୍ଗବେଶ୍ୟା,ଉର୍ବଶୀ, ମେନକା ପ୍ରଭୃତି ।

**ଅଫଳ**, ବିଂ. ( ଅ-ଫଳ ) ଯେଉଁ ବୃକ୍ଷର ଫଳ ନାହିଁ, ବନ୍ଧ୍ୟ, ନିଷ୍ଫଳ । ବି. ପୁଂ. ଭୁଇଁଅଁଳା ଗଛ, ଘୃତକୁମାରୀ ଗଛ ।

**ଅଫିମ**, ବି. ( ଅହିଫେନ ଶବ୍ଦଜ) ଆପୁ ।

**ଅଫିସ୍**, ବି. (ଇଂ. Office) ସରକାରୀ କାର୍ଯ୍ୟକ୍ଷେତ୍ର ।

**ଅଫୁଟା**, ବିଂ. ( ଦେଶଜ ) ଯାହା ଫୁଟି ନାହିଁ, ଅପ୍ରକାଶିତ, ଅବ୍ୟକ୍ତ । ସ୍ତ୍ରୀ. ଅଫୁଟୀ ।

**ଅଫେନ**, ବି. ନ. (ଅ=ଅଲ୍‌ପ-ଫେନ=ଫେଣ) ନିର୍ଯ୍ୟାସବିଶେଷ, ଅଫିମ, ଫେନଶୂନ୍ୟ ।

**ଅବଧ**, ବିଂ. ( ଅବଧ୍ୟର ଅପଭ୍ରଂଶ ) ବଧର ଅଯୋଗ୍ୟ । ଯଥା—ସ୍ତ୍ରୀ ପ୍ରଭୃତି । ଯଥା—

ଏହାର କି ଲବଧ ଅବଧ କରି ବଧ
ବାଧିଙ୍କୁ କହିବା କି ହୁଏ ରେ ମହାବଳ । ଲା. ବ.

**ଅବଧ୍ୟ**, ବିଂ. (ଅ-ବଧ-ଯ) ବଧର ଅଯୋଗ୍ୟ ।

**ଅବନ୍ଧ୍ୟ**, ବିଂ. (ଅ-ବନ୍ଧ୍ୟ) ସଫଳ,ଫଳବାନ୍ ।

**ଅବରତିଆ**, ବିଂ. (ବ୍ରତ ଶବ୍ଦଜ) ବ୍ରତ ହୋଇ ନ ଥିବା ବ୍ରାହ୍ମଣସନ୍ତାନ ବା ଧରା ହୋଇ ନ ଥିବା ଅଣ୍ଡିରା ବାଛୁରୀ ।

**ଅବର୍ଜ୍ୟା** } ବିଂ (ଆବର୍ଜନା ଶବ୍ଦଜ ଗ୍ରାମ୍ୟ)
**ଅବରଜିଆ** } ଅପରିଷ୍କୃତ, ମଳିନ, ନିନ୍ଦ୍ୟ ।

ଅବଲ, ବିଂ. (ଅ-ବଲ) ବଲହୀନ, ଦୁର୍ବଲ ।

ଅବଲା, ବି. ସ୍ତ୍ରୀ (ଅ-ବଲ-ଆ) ସ୍ତ୍ରୀ, ନାରୀ ।

ଅବା, ଅଂ. ଅଥବା, ପୁଣି ।

ଅବାଟ, ବି. ଅସଡ଼ା, ଅପଥ ।

ଅବାଧ, ବିଂ. (ଅ-ବାଧା) ବାଧାହୀନ ।

ଅବାଧ୍ୟ, ବିଂ. (ଅ-ବାଧ-ଯ)ଅଦମ୍ୟ,ଅବଶୀଭୂତ ।

ଅବିଗୁଣ, ବିଂ. (ଦେଶଜ)ଅନିଷ୍ଟ,ମନ୍ଦ । ଯଥା —

> କେଡ଼େ ମଧୁର ନୂଆ ଗୁଡ଼,
> କରଇ ଅବିଗୁଣ ବଡ଼ ।

ଅବୋଧ, ବିଂ. (ଅ-ବୋଧ) ନିର୍ବୋଧ, ଅଜ୍ଞାନ ।

ଅବ୍ଜ, ବି. ପୁଂ. ( ଅପ୍ = ଜଳ-ଜନ୍ = ଜାତ ହେବା) ପଦ୍ମ, ଚନ୍ଦ୍ର, ଶଙ୍ଖ ।

ଅବ୍ଜଜାତ } ବି ପୁଂ. (ଅବ୍ଜ-ଜନ୍-ତ,ଯୋନି
ଅବ୍ଜଯୋନି } = ଉତ୍ପତ୍ତି ସ୍ଥାନ) ବ୍ରହ୍ମା ।

ଅବ୍ଜବାନ୍ଧବ, ବି ପୁଂ. ( ଅବ୍ଜ = ପଦ୍ମ-ବାନ୍ଧବ ) ସୂର୍ଯ୍ୟ ।

ଅବ୍ଦ, ବି. ପୁଂ. ( ଅପ୍-ଦା-ଅ ) ଜଳଦ, ମେଘ, ବର୍ଷ, ବତ୍ସର, ପର୍ବତବିଶେଷ, ମୁଥା ।

ଅବ୍ଧି, ବି. ପୁଂ. (ଅପ୍-ଧା-ଇ) ଜଳଧି, ସମୁଦ୍ର ।

ଅବ୍ରାହ୍ମଣ, ବି. ପୁଂ. (ଅ-ବ୍ରାହ୍ମଣ) ଯେ ବ୍ରାହ୍ମଣର କର୍ତ୍ତବ୍ୟ କର୍ମ କରେ ନାହିଁ,ନିନ୍ଦିତ ବ୍ରାହ୍ମଣ ।

ଅଭକ୍ତି, ବି. ସ୍ତ୍ରୀ. ( ଅ-ଭକ୍ତି ) ଘୃଣା, ଅଶ୍ରଦ୍ଧା, ଅବଜ୍ଞା, ଦ୍ୱେଷ୍ଟୃଜ୍ଞାନ ।

ଅଭକ୍ଷ୍ୟ, ବିଂ. ( ଅ-ଭକ୍ଷ୍-ଯ ) ଯାହା ଖାଇବା ଉଚିତ ନୁହେ, ଅଖାଦ୍ୟ, ଅଭୋଜ୍ୟ ।

ଅଭଡ଼ା } ବି. (ଦେଶଜ) ଅନ୍ନ ମହାପ୍ରସାଦ,
ଅବଢ଼ା } ଅବିବାହିତ ପୁରୁଷ ।

ଅଭଦ୍ର, ବିଂ. (ଅ-ଭଦ୍ର) ଯାହାର ଭଦ୍ରତା ନାହିଁ, ନିନ୍ଦିତ, ଗର୍ହିତ ।

ଅଭୟ, ବିଂ. ( ଅ-ଭୀ-ଅ) ଭୟଶୂନ୍ୟ । ବି. ନ. ବେଣାମୂଳ । ଭୟଶୂନ୍ୟ ଅର୍ଥରେ ଯଥା—

> କରୁଣାସାଗର ସାଗରଜା-ନାୟକ,
> କର ଅଭୟ ଅଭୟବରଦାୟକ । ଉ. କ.

ଅଭୟା, ବି. ସ୍ତ୍ରୀ. (ଅ-ଭୟ-ଆ) ଦୁର୍ଗା, ହରଡ଼ା । ବିଂ. ଭୟଶୂନ୍ୟା ।

ଅଭବ୍ୟ, ବିଂ. (ଅ-ଭବ୍ୟ) ଶଠ, ଅସଭ୍ୟ ।

ଅଭାଗା, ବିଂ. ( ଅଭାଗ୍ୟ ଶବ୍ଦଜ ) ହତଭାଗ୍ୟ, ଦୁର୍ଭାଗ୍ୟ ।

ଅଭାଗିନୀ } ବିଂ. (ଅଭାଗା ଶବ୍ଦଜ) ହତଭାଗିନୀ ।
ଅଭାଗୀ } ଯଥା—

> ଅଭାଗିନୀଙ୍କୁ ଯେ ଭାଗ୍ୟରେ ଦେବର,
> ଆଣିଲେ ବହି ଏହି ବନ ଭିତର । କ. ବ.

ଅଭାଜନ, ବିଂ (ଅ-ଭାଜନ) ଅଯୋଗ୍ୟ, ଅପାତ୍ର, ନିର୍ଗୁଣ । ଯଥା—

> ଅମୂଲ୍ୟ ଜୀବନ ଏ ଛାର ଜୀବନ ହେତୁ କଲେ ବିସର୍ଜନ,
> ସର୍ଜୀଲ ହୋଇ ପ୍ରାଣରଙ୍କ ହେବ ! ମୁଁ କି ଏଡ଼େ ଅଭାଜନ ।
> କେଦାରଗୌରୀ.

ଅଭାବ, ବି. ପୁଂ. ( ଅ-ଭୂ-ଅ ) ନ ଥିବା, ଅବିଦ୍ୟମାନତା ।

ଅଭାବନୀୟ, ବିଂ. (ଅ-ଭୂ-ଅନୀୟ) ଅଚିନ୍ତନୀୟ ।

ଅଭି, ଅ. ( ଉପସର୍ଗ ) ନିକଟ, ସର୍ବତୋଭାବ, ସାଦୃଶ୍ୟ, ବିଦ୍ୟମାନତା, ଆଭିମୁଖ୍ୟ, ବିଶେଷୀକରଣ, ଅଭିଲାଷ ।

ଅଭିଆଡ଼ୀ, ବି. ସ୍ତ୍ରୀ. (ଅବିବାହିତା ଶବ୍ଦଜ) ଯେ ବିବାହିତା ହୋଇ ନାହିଁ ।

ଅଭିକ, ବିଂ. ( ଅଭି-କମ୍-ଅ ) ଯେ ଅଭିଲାଷ କରେ, କାମୁକ, ଲମ୍ପଟ ।

ଅଭିଖ୍ୟା, ବି. ସ୍ତ୍ରୀ. ( ଅଭି-ଖ୍ୟା-ଆ ) ଶୋଭା, ନାମ, ଉପାଧି । ଯଥା—

> ଲଭିଛି ଅଭିଖ୍ୟା ଯେତ୍ତ କାମାଖ୍ୟା ପ୍ରସାଦେ । ମ. ସା.

ଅଭିଗମନ, ବି. ନ. (ଅଭି-ଗମ୍-ଅନ)ପ୍ରତ୍ୟୁଦ୍ଗମନ, ଆଶ୍ରୟ, ପ୍ରାପ୍ତି ।

ଅଭିଘାତ, ବି. ପୁଂ. ( ଅଭି-ହନ୍-ତ ) ଆଘାତ, ଦଣ୍ଡାଦିଦ୍ୱାରା ପ୍ରହାର, ହତ୍ୟା ।

ଅଭିଚାର, ବି. ପୁଂ. ( ଅଭି-ଚର-ଅ ) ପରହିଂସା କର୍ମ, ମାରଣ, ଉଚ୍ଚାଟନ ପ୍ରଭୃତି ।

ଅଭିଜନ, ବି. ପୁଂ. ( ଅଭି-ଜନ୍-ଅ ) ସଦ୍‌ବଂଶ, ପ୍ରସିଦ୍ଧ ବଂଶ ।

ଅଭିଜାତ, ବିଂ. (ଅଭି-ଜନ୍-ତ) ସଦ୍‌ବଂଶଜାତ, କୁଳୀନ ।

**ଅଭିଜାତତନ୍ତ୍ର**, ବି. ନ. ପ୍ରଧାନ ବ୍ୟକ୍ତିମାନଙ୍କ ହସ୍ତଗତ ରାଜ୍ୟଶାସନ । Aristocracy

**ଅଭିଜିତ୍**, ବି. ନ. (ଅଭି-ଜି-କ୍ୱିପ୍) ନକ୍ଷତ୍ରବିଶେଷ, ଉତ୍ତରଷାଢ଼ା ଓ ଶ୍ରବଣାର ମଧ୍ୟବର୍ତ୍ତୀ ନକ୍ଷତ୍ର, ଲଗ୍ନବିଶେଷ ।

**ଅଭିଜ୍ଞ**, ବିଂ. (ଅଭି-ଜ୍ଞା-ଅ) ବହୁଦର୍ଶୀ, ଜ୍ଞାନୀ ।

**ଅଭିଜ୍ଞତା**, ବି. ସ୍ତ୍ରୀ. ( ଅଭିଜ୍ଞ-ତା ) ନିପୁଣତା, ବହୁଦର୍ଶିତା ।

**ଅଭିଜ୍ଞା**, ବି. ସ୍ତ୍ରୀ. (ଅଭି + ଜ୍ଞା-ଅ-ଆ) ପ୍ରଥମ ଜ୍ଞାନ, ଆଦ୍ୟ ଜ୍ଞାନ ।

**ଅଭିଜ୍ଞାନ**, ବି. ନ. ( ଅଭି-ଜ୍ଞା-ଅନ ) ଚିହ୍ନ, ସ୍ମାରକ ବସ୍ତୁ, ଯାହା ଦେଖିଲେ ପୂର୍ବର କୌଣସି କଥା ସ୍ମରଣ ହୁଏ ।

**ଅଭିଜ୍ଞାନପତ୍ର**, ବି. ନ. (ଅଭିଜ୍ଞାନ-ପତ୍ର) ଯେଉଁ ପତ୍ରରୁ କୌଣସି ବ୍ୟକ୍ତିଙ୍କୁ ବିଶେଷଭାବରେ ଚିହ୍ନାଯାଏ । Certificate

**ଅଭିଦ୍ରୁତ**, ବିଂ. ( ଅଭି-ଦ୍ରୁ-ତ ) ବେଗରେ ପଳାୟିତ ।

**ଅଭିଧା**, ବି. ସ୍ତ୍ରୀ. ( ଅଭି-ଧା-ଅ ) ନାମ, ସଂଜ୍ଞା । ଶବ୍ଦଶକ୍ତିବିଶେଷ, ଯେଉଁ ଶକ୍ତିଦ୍ୱାରା ଶବ୍ଦର ମୁଖ୍ୟ ଅର୍ଥ ବୋଧ ହୁଏ ।

**ଅଭିଧାନ**, ବି. ନ. (ଅଭି-ଧା-ଅନ) ନାମ, କଥନ, ଶବ୍ଦକୋଷ । ଯଥା—

ବୁଦ୍ଧି ଉତ୍ତମ ଯାହାର କାବ୍ୟ ଅଭିଧାନେ,
ବୃନ୍ଦାବନ ଚରିତ ଶୁଣ ସାବଧାନେ ହେ । ବୈ. ବି.

**ଅଭିଧେୟ**, ବିଂ. (ଅଭି-ଧା-ଯ)ବାଚ୍ୟ, କଥନୀୟ ।

**ଅଭିଧ୍ୟାନ**, ବି. ନ. ( ଅଭି-ଧ୍ୟୈ-ଅନ ) ପ୍ରଗାଢ଼ ଚିନ୍ତା, ଅଭିନିବେଶପୂର୍ବକ ଚିନ୍ତା ।

**ଅଭିନନ୍ଦନ**, ବି. ନ. (ଅଭି-ନନ୍ଦ୍-ଅନ) ପ୍ରଶଂସା, ସ୍ତୁତି ।

**ଅଭିନୟ**, ବି. ପୁଂ. (ଅଭି-ନୀ-ଅ) ନାଟକ ପ୍ରଦର୍ଶନ, ଅଙ୍ଗଚାଳନାଦିଦ୍ୱାରା ମନୋଭାବ ବ୍ୟକ୍ତ କରିବା ।

**ଅଭିନେୟ**, ବିଂ. ( ଅଭି-ନୀ-ଯ ) ଅଭିନୟପ୍ରଯୋଗ୍ୟ, ଅଭିନୟ କରିବା ।

**ଅଭିନବ**, ବିଂ. (ଅଭି-ନୂ-ଅ) ନୂତନ ।

**ଅଭିନିବିଷ୍ଟ**, ବିଂ. ( ଅଭି-ନି-ବିଶ୍-ତ ) ମନୋଯୋଗୀ ।

**ଅଭିନିବେଶ**, ବି. ପୁଂ. ( ଅଭି-ନି-ବିଶ୍-ଅ ) ମନୋଯୋଗ ।

**ଅଭିନୀତ**, ବିଂ. ( ଅଭି-ନୀ-ତ ) ସଜ୍ଜିତ, ଭୂଷିତ, ଅଭିନୟବିଷୟୀଭୂତ, ବିନୀତ, ସହିଷ୍ଣୁ, ଉପଯୁକ୍ତ ।

**ଅଭିନେତା**, ବିଂ. ( ଅଭି-ନୀ-ତୃ ) ଅଭିନୟକାରୀ, ନାଟ୍ୟକାର, ଅନୁରୂପକାରୀ ।

**ଅଭିନ୍ନ**, ବିଂ. ( ଅ-ଭିନ୍ନ ) ଅବିରକ୍ତ, ସମସ୍ତ, ଅଭଗ୍ନ । ବି. ପୁଂ. ପୂର୍ଣ୍ଣସଂଖ୍ୟା, ଅବିଭକ୍ତରାଶି ।

**ଅଭିପ୍ରାୟ**, ବି. ପୁଂ. ( ଅଭି-ପ୍ର-ଇ-ଅ ) ଆଶୟ, ଭାବ, ତାତ୍ପର୍ଯ୍ୟ, ମତ ।

**ଅଭିପ୍ରେତ**, ବିଂ. ( ଅଭି-ପ୍ର-ଇ-ତ ) ବାଞ୍ଛିତ, ସମ୍ମତ ।

**ଅଭିଭବ**, ବି. ପୁଂ. ( ଅଭି-ଭୂ-ଅ ) ପରାଭବ, ହାରିବା, ତିରସ୍କାର, ଅପମାନ, ଅନାଦର ।

**ଅଭିଭାବକ**, ବି. ପୁଂ. (ଅଭି-ଭୂ-ଅକ) ତିରସ୍କାରକର୍ତ୍ତା, ରକ୍ଷକ, ଆଶ୍ରୟଦାତା ।

**ଅଭିଭୂତ**, ବିଂ. ( ଅଭି-ଭୂ-ତ ) ପରାସ୍ତ, ଅବଶ, ଆୟତ୍ତ, ତିରସ୍କୃତ, ଅଜ୍ଞାନ ।

**ଅଭିମତ**, ବି ପୁଂ. (ଅଭି-ମନ୍-ତ) ଅଭିପ୍ରାୟ । ବିଂ. ସମ୍ମତ, ଅନୁମତ, ଇଷ୍ଟ, ପ୍ରିୟ ।

**ଅଭିମନ୍ତ୍ରଣ**, ବି. ନ. (ଅଭି-ମନ୍ତ୍ର୍-ଅନ) ଆମନ୍ତ୍ରଣ, ସମ୍ବୋଧନ ।

**ଅଭିମନ୍ତ୍ରିତ**, ବିଂ. ( ଅଭି-ମନ୍ତ୍ର-ତ ) ଆହୂତ, ଯାହାଙ୍କୁ ଆହ୍ୱାନ ଅର୍ଥାତ୍ ଡକା ହୋଇଅଛି, ମନ୍ତ୍ରପୂତ ।

**ଅଭିମନ୍ୟୁ**, ବି.ପୁଂ. (ଅ-ଭି = ଭୟ-ମନ୍ୟୁ = କ୍ରୋଧ) ଅର୍ଜୁନଙ୍କ ଔରସରେ ସୁଭଦ୍ରାଙ୍କ ଗର୍ଭଜାତ ସନ୍ତାନ, କୃଷ୍ଣଙ୍କ ଭଣଜା, ପରୀକ୍ଷିତଙ୍କ ପିତା, ଓଡ଼ିଶାର ( ବିଦଗ୍ଧଚିନ୍ତାମଣି ପ୍ରଭୃତିର ପ୍ରଣେତା ) ପ୍ରସିଦ୍ଧ କବି ।

**ଅଭିମାନ**, ବି. ପୁଂ. ( ଅଭି-ମା-ଅନ ) ପ୍ରଣୟ, ଅହଂକାର, ମନର ଭାବବିଶେଷ, ହିଂସା, ମନରେ ଦୁଃଖ କରିବା ।

**ଅଭିମାନୀ**, ବିଂ. ( ଅଭିମାନ-ଇନ୍ ) ଅହଂକୃତ, ଅଭିମାନଯୁକ୍ତ ।

**ଅଭିମୁଖ**, ବି. ନ. (ଅଭି-ମୁଖ) ସମ୍ମୁଖ, ସମକ୍ଷ ।

**ଅଭିମୃଷ୍ଟ**, ବିଂ. (ଅଭି-ମୃଷ୍ଟ=ମାର୍ଜିତ) ମିଳିତ, ସମ୍ବନ୍ଧ, ଘର୍ଷିତ ।

**ଅଭିଯାଚିତ**, ବିଂ. ( ଅଭି-ଯାଚିତ=ପ୍ରାର୍ଥିତ ) ସମ୍ମୁଖରେ ପ୍ରାର୍ଥିତ ।

**ଅଭିଯାତ**, ବିଂ. (ଅଭି-ଯା-ତ) ଆକ୍ରାନ୍ତ, ଗତ ।

**ଅଭିଯାନ**, ବି ନ. (ଅଭି-ଯା-ଅନ) ଅଭିଗମନ, ଆକ୍ରମଣ, ଯୁଦ୍ଧଯାତ୍ରା ।

**ଅଭିଯୁକ୍ତ**, ବିଂ. ( ଅଭି-ଯୁଜ୍-ତ ) ଶତ୍ରୁଦ୍ୱାରା ଅବରୁଦ୍ଧ, ଆକ୍ରାନ୍ତ, ଯାହା ପ୍ରତି ଅଭିଯୋଗ କରାଯାଏ, ଆସାମୀ, ପ୍ରତିବାଦୀ ।

**ଅଭିଯୋକ୍ତା**, ବିଂ. ( ଅଭି-ଯୁଜ-ତୃ ) ଅଭିଯୋଗକାରୀ, ବାଦୀ ।

**ଅଭିଯୋଗ** ବି. ପୁଂ. ( ଅଭି-ଯୁଜ୍-ଅ ) ନାଲିଶ, ଗୁହାରି, ଉଦ୍ୟୋଗ, ଆକ୍ରମଣ, ଯୁଦ୍ଧାର୍ଥ ଆହ୍ୱାନ ।

**ଅଭିରତ**, ବିଂ. (ଅଭି-ରମ୍-ତ) ଅତ୍ୟନ୍ତ ଆସକ୍ତ, ଅନୁରକ୍ତ ।

**ଅଭିରାମ**, ବିଂ. (ଅଭି-ରମ୍-ଅ) ସୁନ୍ଦର, ମନୋହର, ପ୍ରିୟ, ରମଣୀୟ । ଯଥା—

ମୃଗାକ୍ଷିର ପ୍ରାଚୀଗାରେ ଅଭିରାମ,
ମାଧବସନାଥ ମାଧବାଖ୍ୟ ଗ୍ରାମ । ନ. କେ.

**ଅଭିରୁଚି**, ବି. ସ୍ତ୍ରୀ. ( ଅଭି-ରୁଚ୍-ଇ ) ସ୍ପୃହା, ଇଚ୍ଛା, ଅଭିଲାଷ, ପ୍ରବୃତ୍ତି ।

**ଅଭିରୂପ**, ବି. ପୁଂ. (ଅଭି-ରୂପ-ଅ) ଶିବ, ବିଷ୍ଣୁ । ବିଂ. ବିଦ୍ୱାନ୍, ମନୋହର ।

**ଅଭିଲଷଣୀୟ**, ବିଂ. ( ଅଭି-ଲଷ୍-ଅନୀୟ ) ବାଞ୍ଛନୀୟ, ସ୍ପୃହଣୀୟ ।

**ଅଭିଲଷିତ**, ବିଂ. ( ଅଭି-ଲଷ୍-ତ ) ବାଞ୍ଛିତ, ଇଷ୍ଟ, ଅଭୀଷ୍ଟ ।

**ଅଭିଲାଷ**, ବି. ପୁଂ. ( ଅଭି-ଲଷ୍-ଅ ) ସ୍ପୃହା, ଅନୁରାଗ ।

**ଅଭିବନ୍ଦନ**, ବି. ନ. ( ଅଭି-ବନ୍ଦ୍-ଅନ ) ପ୍ରଣାମ, ନମସ୍କାର ।

**ଅଭିବାଦ**, ବି. ପୁଂ. ( ଅଭି-ବଦ୍-ଅ ) ଅପବାଦ, ଅଖ୍ୟାତି, ନିନ୍ଦା, ବନ୍ଦନା ।

**ଅଭିବାଦନ**, ବି. ନ. ( ଅଭି-ବାଦ-ଅନ ) ପାଦ ସ୍ପର୍ଶପୂର୍ବକ ବନ୍ଦନା ବା ନମସ୍କାର ।

**ଅଭିବୀକ୍ଷଣ**, ବି. ନ. (ଅଭି-ବି-ଈକ୍ଷ-ଅନ) ସମ୍ୟକ୍ ପ୍ରକାରେ ଅବଲୋକନ ।

**ଅଭିଲ୍ଲ**, ବିଂ. (ଦେଶଜ) ନିଷ୍କର୍ମୀ, ନିର୍ଲଜ୍ଜ ।

**ଅଭିବ୍ୟକ୍ତ**, ବିଂ. (ଅଭି-ବ୍ୟକ୍ତ=ସ୍ପଷ୍ଟ) ପ୍ରକାଶିତ, ପରିସ୍ଫୁଟ ।

**ଅଭିବ୍ୟକ୍ତି**, ବି. ସ୍ତ୍ରୀ. ( ଅଭି-ବ୍ୟକ୍ତି=ପ୍ରକାଶ ) ପ୍ରକାଶ, ପ୍ରତ୍ୟକ୍ଷ ।

**ଅଭିଶପ୍ତ**, ବିଂ. ( ଅଭି-ଶପ୍-ତ ) ଅଭିଶାପଗ୍ରସ୍ତ, ଯାହାକୁ ଅଭିଶାପ ଦିଆ ହୋଇଥାଏ ।

**ଅଭିଶାପ**, ବି. ପୁଂ. ( ଅଭି-ଶପ୍-ଅ ) ମିଥ୍ୟାଦୋଷାରୋପ, ଶାପଦେବା, ଅଭିସମ୍ପାତ ।

**ଅଭିଷକ୍ତ**, ବିଂ. ( ଅଭି-ସନ୍ଜ୍-ତ ) ପରାଜିତ, ଅଭିଭୂତ, ପିଶାଚଗ୍ରସ୍ତ ।

**ଅଭିଷଙ୍ଗ**, ବି. ପୁଂ. ( ଅଭି-ସନ୍ଜ୍-ଅ ) ଅଭିଶାପ, ପରାଜୟ, ଅପବାଦ, ଆଲିଙ୍ଗନ, ସମ୍ପର୍କ, ଶୋକ, ଦୁଃଖ, ଶପଥ, ଆକ୍ରୋଶ ।

**ଅଭିଷବ**, ବି. ପୁଂ. ( ଅଭି-ସୁ-ଅ ) ଯଜ୍ଞାଦି କର୍ମ ପୂର୍ବରେ ସ୍ନାନ ।

**ଅଭିଷିକ୍ତ**, ବିଂ. (ଅଭି-ସିଚ୍-ତ) ସ୍ନାତ, ବିଧିପୂର୍ବକ ପବିତ୍ର ବା ମନ୍ତ୍ରପୂତ ଜଳାଦିଦ୍ୱାରା ସ୍ନାପିତ, କୌଣସି କାର୍ଯ୍ୟରେ ନିଯୁକ୍ତ ।

**ଅଭିଷେକ**, ବି. ପୁଂ. ( ଅଭି-ସିଚ୍-ଅକ ) ମନ୍ତ୍ରାଦି ପାଠଦ୍ୱାରା ପୂତ ଜଳରେ ସ୍ନାନ, ଅଭିଷେଚନ, ସ୍ନାନ, କର୍ମରେ ନିଯୋଗ । ଯଥା—

ଶାଳପୁର ସଞ୍ଚ ପଞ୍ଚୋପଳା ନୀର
ପୂତ ଅଭିଷେକେ ଶ୍ରୀ ରଘୁବୀର । ନ. କେ.

**ଅଭିଷ୍ୟନ୍ଦ**, ବି. ପୁଂ. ( ଅଭି-ସ୍ୟନ୍ଦ୍ = କ୍ଷରିତ ହେବା-ଅ ) କ୍ଷରଣ, ଝରଣ, ଚକ୍ଷୁରୋଗ-ବିଶେଷ । ବିଂ ଉଦ୍‌ବୃତ୍ତ, ଅଧିକ ।

**ଅଭିସନ୍ଧି**, ବି. ପୁଂ. (ଅଭି-ସମ୍-ଧା-ଇ) ଅଭିପ୍ରାୟ, ଉଦ୍ଦେଶ୍ୟ, ପ୍ରବଞ୍ଚନା, ପ୍ରତାରଣା ।

**ଅଭିସମ୍ପାତ**, ବି. ପୁଂ. ( ଅଭି ସମ୍-ପତ୍-ଅ ) ଅଭିଶାପ, ଅନିଷ୍ଟ ପ୍ରାର୍ଥନା ।

**ଅଭିସାର**, ବି. ପୁଂ. (ଅଭି-ସୃ-ଅ) ସଙ୍କେତ ସ୍ଥାନକୁ ଗମନ । ଯଥା —

ଗ୍ରାମ୍ୟ ସୀମନ୍ତିନୀ ନଗ-ଅଭିସାର
ଅନୁକୂଳ ବାଲି ସ୍ଫୁଟାବଳୀ ଯାର । ନ. କେ.

ଯୁଦ୍ଧ, ବଳ, ଅନୁଚର ।

**ଅଭିସାରିକା**, ବି. ସ୍ତ୍ରୀ. ( ଅଭି-ସୃ-ଇକ-ଆ ) ନାୟିକାବିଶେଷ, ସଙ୍କେତସ୍ଥାନଗାମିନୀ ।

**ଅଭିସାରିଣୀ**, ବି. ସ୍ତ୍ରୀ, ( ଅଭି-ସୃ-ଇନ୍-ଈ ) ଅଭିସାରିକା ।

**ଅଭିହତ**, ବିଂ. (ଅଭି-ହନ୍-ତ) ଆହତ, ତାଡ଼ିତ, ପରାଜିତ, ନଷ୍ଟ, ଭଗ୍ନ ।

**ଅଭିହାର**, ବି. ପୁଂ. (ଅଭି-ହୃ-ଅ) ଲୁଣ୍ଠନ, ଆକ୍ରମଣ, ବର୍ମ୍ମାଦି ଧାରଣ ।

**ଅଭିହିତ**, ବିଂ. (ଅଭି-ଧା-ତ) କଥିତ, ଉକ୍ତ ।

**ଅଭୀ**, ବିଂ. (ଅ-ଭୀ=ଭୟ) ଭୟଶୂନ୍ୟ, ନିର୍ଭୟ ।

**ଅଭୀକ**, ବିଂ. (ଅ-ଭୀ-କ କାମୁକ, ଇଚ୍ଛୁକ ।

**ଅଭୀପ୍ସିତ**, ବିଂ. ( ଅଭି-ଆପ୍ [ସନନ୍ତ]-ତ ) ବାଞ୍ଛିତ, ଅଭିଳଷିତ, ଅଭୀଷ୍ଟ ।

**ଅଭୀଷ୍ଟ**, ବିଂ. ( ଅଭି-ଇଷ୍-ତ ) ବାଞ୍ଛିତ, ଅଭିଳଷିତ, ପ୍ରିୟ ।

**ଅଭୁକ୍ତ**, ବିଂ. ( ଅ-ଭୁଜ୍-ତ ) ଅନାହାରୀ, ଯେ ଖାଇ ନାହିଁ । ଯାହା ଖିଆଯାଇ ନାହିଁ ।

**ଅଭୂତପୂର୍ବ**, ବିଂ. (ଅ-ଭୂ-ତ-ପୂର୍ବ) ଯାହା ପୂର୍ବରେ ହୋଇ ନାହିଁ, ଆଶ୍ଚର୍ଯ୍ୟଜନକ ।

**ଅଭେଲା**, ବିଂ. (ଦେଶଜ) ଦରିଦ୍ର, ବସ୍ତ୍ରହୀନ, ଲଙ୍ଗୀ ।

**ଅଭେଦ**, ବି. ପୁଂ. ( ଅ-ଭିଦ୍-ଅ ) ଭେଦାଭାବ, ଅବିଶେଷ । ବିଂ. ଅଭିନ୍ନ, ଭେଦଶୂନ୍ୟ ।

**ଅଭେଦ୍ୟ**, ବିଂ. ( ଅ-ଭିଦ୍-ଯ ) ଅଭେଦନୀୟ, ଯାହା ଭେଦ କରାଯାଇ ନ ପାରେ ।

**ଅଭ୍ୟଗ୍ର**, ବି. ନ, (ଅଭି-ଅଗ୍ର) ସମୀପ, ନିକଟ ।

**ଅଭ୍ୟଙ୍ଗ**, ବି. ପୁଂ. ( ଅଭି-ଅଙ୍ଗ ) ତୈଳାଦିଦ୍ୱାରା ଶରୀର ମର୍ଦ୍ଦନ ।

**ଅଭ୍ୟନ୍ତର**, ବି. ପୁଂ. ( ଅଭି-ଅନ୍ତର ) ମଧ୍ୟ, ଅନ୍ତରାଳ । ବିଂ. ମଧ୍ୟବର୍ତ୍ତୀ ।

**ଅଭ୍ୟନ୍ତରୀଣ**, ବିଂ. (ଅଭ୍ୟନ୍ତର-ଈନ) ଅନ୍ତର୍ବର୍ତ୍ତୀ, ମଧ୍ୟବର୍ତ୍ତୀ ।

**ଅଭ୍ୟର୍ଥନା**, ବି.ସ୍ତ୍ରୀ. (ଅଭି-ଅର୍ଥ୍-ଅନ-ଆ) ସମ୍ଭାଷ, ସମାଦର, ପ୍ରାର୍ଥନା, ସମ୍ବର୍ଦ୍ଧନା ।

**ଅଭ୍ୟର୍ଥିତ**, ବିଂ. ( ଅଭି-ଅର୍ଥ-ତ ) ପ୍ରାର୍ଥିତ, ସମାଦୃତ ।

**ଅଭ୍ୟବହାର**, ବି. ପୁଂ. (ଅଭି-ଅବ ହୃ-ଅ) ଭକ୍ଷଣ, ଭୋଜନ, ଆହାର ।

**ଅଭ୍ୟବହାର୍ଯ୍ୟ**, ବିଂ. ( ଅଭି-ଅବ-ହୃ-ଯ ) ଭକ୍ଷ୍ୟ, ଖାଦ୍ୟ ।

**ଅଭ୍ୟସନ**, ବି. ନ. (ଅଭି-ଅସ୍-ଅନ) ଆଲୋଚନା, ଅଭ୍ୟାସ ।

**ଅଭ୍ୟସ୍ତ**, ବିଂ. ( ଅଭି-ଅସ୍-ତ ) ଅଭ୍ୟାସଦ୍ୱାରା ଶିକ୍ଷିତ ।

**ଅଭ୍ୟାଖ୍ୟାନ**, ବି. ନ. ( ଅଭି-ଆ-ଖ୍ୟା-ଅନ ) ମିଥ୍ୟା ଅଭିଯୋଗ ।

**ଅଭ୍ୟାଗତ**, ବି. ପୁଂ. (ଅଭି-ଆ-ଗମ୍-ତ) ଅତିଥି, ଆଗନ୍ତୁକ । ବିଂ. ସମ୍ମୁଖାଗତ ।

**ଅଭ୍ୟାଗମ**, ବି. ପୁଂ. ( ଅଭି-ଆ-ଗମ୍-ଅ ) ଯୁଦ୍ଧ, ଆଗମନ, ସ୍ୱୀକାର ।

**ଅଭ୍ୟାସ**, ବି. ପୁଂ. (ଅଭି ଅସ୍-ଅ) ପୁନଃପୁନଃ ଅନୁଶୀଳନ । ବିଂ. ନିକଟ ସମୀପ ।

**ଅଭ୍ୟାହାର**, ବି. ପୁଂ. ( ଅଭି-ଆ-ହୃ-ଅ ) ଲୁଣ୍ଠି, ଡକାୟତି, ଆକ୍ରମଣ ।

**ଅଭ୍ୟୁକ୍ଷଣ**, ବି. ନ. (ଅଭି-ଉକ୍ଷ୍=ଆର୍ଦ୍ର କରିବା-ଅନ) ଜଳସେଚନ ।

**ଅଭ୍ୟୁଚୟ**, ବି. ପୁଂ. (ଅଭି-ଉତ୍-ଚି-ଅ) ସମୂହ, ରାଶି ।

**ଅଭ୍ୟୁଚ୍ଛ୍ରିତ**, ବିଂ. (ଅଭି-ଉତ୍-ଶ୍ରି-ତ) ଅଭ୍ୟୁନ୍ନତ, ସମର୍ଥ ।

**ଅଭ୍ୟୁତ୍ପତନ**, ବି. ନ. (ଅଭି-ଉତ୍-ପତ୍-ଅନ) ଆକ୍ରମଣ, ଅଭିମୁଖେ ଗମନ ।

**ଅଭ୍ୟୁତ୍ଥାନ**, ବି. ନ. (ଅଭି-ଉତ୍-ସ୍ଥା-ଅନ) ଅଭ୍ୟୁଦୟ, ଉନ୍ନତି, ଉଦ୍ୟମ, ସୁଖ୍ୟାତି ।

**ଅଭ୍ୟୁତ୍ଥିତ**, ବିଂ. (ଅଭି-ଉତ୍-ସ୍ଥା-ତ) ଉଦିତ, ପ୍ରଜ୍ୱଳିତ ।

**ଅଭ୍ୟୁଦୟ**, ବି. ପୁଂ. (ଅଭି-ଉଦ୍-ଇ-ଅ) ମଙ୍ଗଳ, ଉନ୍ନତି, ବୃଦ୍ଧି, ଉତ୍ଥାନ, ଉଦୟ ।

**ଅଭ୍ୟୁଦିତ**, ବିଂ. (ଅଭି-ଉତ୍-ଇ-ତ) ଉଦିତ, ପ୍ରକାଶିତ ।

**ଅଭ୍ୟୁପେତ**, ବିଂ. (ଅଭି-ଉପ-ଇ-ତ) ସ୍ୱୀକୃତ, ପ୍ରାପ୍ତ ।

**ଅଭ୍ର**, ବି. ନ. (ଅପ୍-ଭୃ-ଅ) ମେଘ, ବାଦ୍‌ବାଦ୍ଳ, ଆକାଶ, ଉପଧାତୁ, ମେଘନାଲ ।

**ଅଭ୍ରଂଲିହ**, ବିଂ. (ଅଭ୍ର=ମେଘ ବା ଆକାଶ-ଲିହ=ଆସ୍ୱାଦନ କରିବା-ଅ) ଅତ୍ୟୁଚ୍ଚ, ଗଗନସ୍ପର୍ଶୀ । ବି. ପୁଂ. ବାୟୁ ।

**ଅଭ୍ରକ**, ବି. (ଅଭ୍ର-କ) ଉପଧାତୁବିଶେଷ, ଅଭ, ଯଥା— ମେଘନାଲ ।

**ଅଭ୍ରଙ୍କଷ**, ବି. ପୁଂ. (ଅଭ୍ର-କଷ୍=ଘର୍ଷଣ କରିବା-ଅ) ମେଘ, ବାୟୁ । ବିଂ. ଗଗନସ୍ପର୍ଶୀ । ଯଥାଃ—

> ଛତ୍ର-ଉପବୀତ-ଧର, କୋପଦ ସେତେଠ
> କପିଳାସ ଅଭ୍ରଗର୍ଭ, ଅଭ୍ରଂକଷ ଗିରି । ମହାଯାତ୍ରା ।

**ଅଭ୍ରପୁଷ୍ପ**, ବି. ପୁଂ. (ଅଭ୍ର=ମେଘକାଳରେ-ପୁଷ୍ପ) କଦମ୍ବବୃକ୍ଷ, ବେତସବୃକ୍ଷ । ନ. ଜଳ ।

**ଅଭ୍ରମାତଙ୍ଗ**, ବି. ପୁଂ. (ଅଭ୍ର=ମେଘ ବା ଇନ୍ଦ୍ର, ମାତଙ୍ଗ) ଇନ୍ଦ୍ରର ହସ୍ତୀ, ଐରାବତ ।

**ଅଭ୍ରମୁ**, ବି. ସ୍ତ୍ରୀ. (ଅଭ୍ର=ଆକାଶ-ମା=ପରିମାଣ କରିବା-ଉ) ଐରାବତହସ୍ତୀର ସ୍ତ୍ରୀ, ପୂର୍ବଦିଗର ହସ୍ତିନୀ । ଯଥା—

> ବାସବ ଧରେ ଅଭ୍ରମୁ କରିଣୀ,
> ବାଳକୁ କଲା ରକ୍ତପିଣ୍ଡ ଆଣି । ବୈ. ବି.

**ଅଭ୍ରାନ୍ତ**, ବିଂ. (ଅ-ଭ୍ରମ୍-ତ) ଭ୍ରମଶୂନ୍ୟ, ଭ୍ରାନ୍ତିରହିତ ।

**ଅଭ୍ରୀୟ**, ବିଂ. (ଅଭ୍ର-ଈୟ) ମେଘସମ୍ବନ୍ଧୀୟ ।

**ଅଭ୍ରୋତ୍ଥ**, ବି. ନ. (ଅଭ୍ର-ଉତ୍-ସ୍ଥା-ଅ) ବଜ୍ର ।

**ଅମଙ୍ଗ**, ବିଂ. (ଦେଶଜ) ଅସମ୍ମତ, ଅନିଚ୍ଛୁକ ।

**ଅମଙ୍ଗଳ**, ବିଂ. (ଅ-ମଙ୍ଗଳ) ଅଶୁଭ । ବି. ମଙ୍ଗଳାଭାବ ।

**ଅମଣ୍ଡ**, ବି (ଦେଶଜ) ନିକୃଷ୍ଟ ଅଖାଦ୍ୟ ମତ୍ସ୍ୟବିଶେଷ, ନିକୃଷ୍ଟଜାତି ।

**ଅମଡ଼ା**, ବିଂ. (ଦେଶଜ) ଅପଥ, ଅବାଟ, ଯେଉଁ ବାଟରେ କେହି ଚାଲନ୍ତି ନାହିଁ ।

**ଅମତ୍ସର**, ବିଂ. (ଅ-ମତ୍ସର) ଯାହାର ଅସୂୟା ନ ଥାଏ, ଯେ ପର ଶ୍ରୀ ଦେଖି କାତର ହୁଏ ନାହିଁ ।

**ଅମଣା** / **ଅମଣିଆ** } ବିଂ. (ଦେଶଜ) ଯେଉଁ ଜୀବ (ଗୋରୁ ପ୍ରଭୃତି) ମଣ ହୋଇ ନ ଥାଏ ବା ମାନ ନ ଥାଏ । ଅବାଧ୍ୟ, ଅଶିକ୍ଷିତ ।

**ଅମତ**, ବି. ପୁଂ. (ଅ-ମନ୍-ତ) ମୃତ୍ୟୁ, କାଳ, ରୋଗ । ନ. ଅସମ୍ମତି । ବିଂ. ଅସମ୍ମତ ।

**ଅମନ୍ଦ**, ବିଂ. (ଅ-ମନ୍ଦ) ମନ୍ଦଶୂନ୍ୟ । ଛା. ସ୍ତ୍ରୀ. ଗୁରୁ ତ୍ରାସ ପ୍ରମାଣ ଉପାନ୍ତ ।

**ଅମର**, ବି. ପୁଂ. (ଅ-ମୃ-ଅ) ଦେବତା ।

**ଅମରଗୁରୁ**, ବି. ପୁଂ. ବୃହସ୍ପତି ।

**ଅମରତ୍ୱ** / **ଅମରତା** } ବି. ପୁଂ. ସ୍ତ୍ରୀ. (ଅମର-ତ୍ୱ,ତା) ଦେବଧର୍ମ, ମୃତ୍ୟୁଞ୍ଜୟ, ଚିରସ୍ମରଣୀୟତା । ଯଥା—

> ମନ୍ତ୍ର ଅମରତା ଲଭ ମଣ୍ଡଳ । ଲ. ଦ.

**ଅମରଦାରୁ**, ବି. ପୁଂ. (ଅମର-ଦାରୁ) ଦେବଦାରୁ ବୃକ୍ଷ ।

**ଅମରଦୃଷ୍ଟି**, ବି. ସ୍ତ୍ରୀ. (ଅମର-ଦୃଷ୍ଟି) ପଲକଶୂନ୍ୟ ଦୃଷ୍ଟି, ଅନିମେଷ ଦୃଷ୍ଟି ।

**ଅମରଧୂନୀ**, ବି. ସ୍ତ୍ରୀ (ଅମର-ଧୂନୀ=ନଦୀ) ଦେବନଦୀ, ଗଙ୍ଗା । ଯଥା—

ମେରୁ ଶିଖରରେ ଅମରଧୂନୀ ଯଥା ଶୋଭିତ,
ଶୁଭ୍ର ଉପବୀତ ଚେତନ ସ୍କନ୍ଧଦେଶେ ଲମ୍ବିତ । ଚ. ପ୍ର.

**ଅମରପୁଷ୍ପକ**, ବି. ପୁଂ. (ଅମର-ପୁଷ୍ପକ) କଳ୍ପବୃକ୍ଷ, କାଶତୃଣ ।

**ଅମରପୋଇ**, ବି. (ଅମରପୂତିକା ଶବ୍ଦଜ) ଏକ ପ୍ରକାର ସିଝା ଗଛ ।

**ଅମରା**, ବି. ସ୍ତ୍ରୀ. (ଅମର-ଆ) ଇନ୍ଦ୍ରଙ୍କ ପୁରୀ, ଦୂବ, ଗୁଳୁଚ, ଘୃତକୁମାରୀ, ଜରାୟୁ ।

**ଅମରାଳୟ**, ବି. ପୁଂ. (ଅମର-ଆଳୟ) ସ୍ୱର୍ଗ ।

**ଅମରାଦ୍ରି**, ବି. ପୁଂ. (ଅମର-ଅଦ୍ରି) ସୁମେରୁ-ପର୍ବତ ।

**ଅମରାବତୀ**, ବି. ସ୍ତ୍ରୀ (ଅମର-ବତ୍-ଈ) ଇନ୍ଦ୍ର-ନଗରୀ । ଯଥା—

ଅମରାବତୀକି ହସେ ଯାହାର ନିନ୍ଦନୀ ସୁନ୍ଦରପଣେ,
ସୁଧାଧବଳିତ ବଦନକୁ ଯାହାଁ ଧରଜୁଗର ଦର୍ପଣେ । ଇନ୍ଦୁମତୀ

**ଅମରୀ**, ବି. ସ୍ତ୍ରୀ. (ଅମର-ଈ) ଦେବସ୍ତ୍ରୀ । ଯଥା—

ନବ ହେମଦ୍ୟୁତି ଅମରୀଏ ନତ ନଅନ୍ତି ଫୁଲ ଏ ବନ୍ଦ୍ର,
କେନପଥେ ପଡ଼ିଗଲେ ନିଜ ଛନ୍ଦ ଛଡ଼ ଯାଉ ନାହିଁ ମନ୍ଦ ।
କି. ଚ.

**ଅମରେଶ**, ବି. ପୁଂ. (ଅମର-ଈଶ) ଦେବରାଜ, ଇନ୍ଦ୍ର ।

**ଅମର୍ତ୍ତ୍ୟ**, ବି. ପୁଂ. (ଅ-ମର୍ତ୍ତ୍ୟ=ମରଣଯୋଗ୍ୟ) ଦେବତା, ଅମର । ବିଂ. ସ୍ୱର୍ଗୀୟ, ଯଥା—

ନାଳ ବ୍ୟୋମେ ଉଠି ଭାଳନ୍ତି ତାହାର ଅମର୍ତ୍ତ୍ୟ ମର୍ତ୍ତ୍ୟ ସଙ୍ଗୀତ ।
ଯ, କେ,

**ଅମର୍ଯ୍ୟାଦା**, ବି. ସ୍ତ୍ରୀ. (ଅ-ମର୍ଯ୍ୟାଦା) ଅନାଦର, ଅସମ୍ମାନ, ଅସମ୍ମାନ, ଅବମାନନା ।

**ଅମର୍ଷ** } **ଆମର୍ଷ** } ବି. ପୁଂ. (ଅ-ମୃଷ୍=କ୍ଷମା କରିବା-ଅ) କ୍ରୋଧ, ଅକ୍ଷମା ।

**ଅମର୍ଷଣ**, ବି. ନ. (ଅ-ମୃଷ୍-ଅନ) କ୍ରୋଧ । ବିଂ. କ୍ରୁଦ୍ଧ, କ୍ରୋଧୀ ।

**ଅମଳ**, ବିଂ. (ଅ-ମଳ=ଆବିଳ) ନିର୍ମଳ, ପରିଷ୍କୃତ, ଶୁଭ୍ର । ଯଥା—

ଅମଳ ରଜତ କୁସୁମ ଶୋଭେ ଶ୍ୟାମଳ କେଶେ । ଚ. ଭା.

ବି. ନ. ଅଭ୍ରକ ଧାତୁ ।

ବି. (ଦେଶଜ) ମାଦକ ଦ୍ରବ୍ୟ । ଯଥା—

ଖାଇଦେଇ କି ଅମଳ ଅଚେତା ହୋଇଲୁ ରେ । କ. ଚ,

(ଯାବନିକ) ଅଧିକାର ସମୟ, ଯଥା—

ଇଂରାଜଙ୍କ ଅମଳରେ ଶିକ୍ଷାର ଉନ୍ନତି ହେଲା ।

**ଅମଳା**, ବି. ସ୍ତ୍ରୀ. (ଅ-ମଳ-ଆ) ଭୂଇଁଅଁଳା, ଲକ୍ଷ୍ମୀ ।

**ଅମଲା**, ବିଂ. (ଯାବନିକ) କଚେରୀ ପ୍ରଭୃତି କର୍ମଚାରୀ ।

**ଅମଲାତନ୍ତ୍ର**, ବି. (ଅମଲା-ତନ୍ତ୍ର=ଶାସନପ୍ରଣାଳୀ) ରାଜକର୍ମଚାରୀଙ୍କଦ୍ୱାରା ରାଜ୍ୟ ଶାସନପ୍ରଣାଳୀ, ଯେଉଁ ଶାସନପ୍ରଣାଳୀରେ ରାଜକର୍ମଚାରୀମାନେ କର୍ତ୍ତୃତ୍ୱ କରନ୍ତି, Bureaucracy

**ଅମା**, ବିଂ. (ଅ-ମା=ପରିମାଣ କରିବା-୦) ସହିତ, ନିକଟ । ବି°. ସ୍ତ୍ରୀ ଅମାବସ୍ୟା, ଚନ୍ଦ୍ରର କଳାବିଶେଷ ।

**ଅମାତ୍ୟ**, ବି. ପୁଂ. (ଅମା=ସହିତ-ଅତ୍=ସତତ ଗମନ କରିବା-ଯ) ଯେ ରାଜାଙ୍କ ସହିତ ସର୍ବଦା ଗମନ କରନ୍ତି, ଅର୍ଥାତ୍ ରାଜକାର୍ଯ୍ୟରେ ସାହାଯ୍ୟ କରନ୍ତି, ମନ୍ତ୍ରୀ, ସହଚର ।

**ଅମାନତ୍**, ବି. (ଯାବନିକ) ବିବାଦ ନିଷ୍ପତ୍ତି ପର୍ଯ୍ୟନ୍ତ କାହାର ପାଖରେ ଗଚ୍ଛିତ ।

**ଅମାନିଆ**, ବିଂ. (ଅମାନ୍ୟ ଶବ୍ଦଜ) ଯେ ମାନେ ନାହିଁ ।

**ଅମାନୁଷ**, ବିଂ. (ଅ-ମାନୁଷ) ମନୁଷ୍ୟାତୀତ, ଅଲୌକିକ । ସ୍ତ୍ରୀ. ଅମାନୁଷୀ, ଯଥା—

ଦେଖିବାର ଥାଉ ଦେଖିକି, ଏହା କି
ଶୁଣିଥିଲୁ କର୍ଣ୍ଣେ କେବେ ।
କେ କହିବ ଏଥି ଅମାନୁଷୀ କଥା
କେମନ୍ତେ ସମ୍ଭବେ ଦେବେ । ପାର୍ବତୀ

ଅମାପ, ବିଂ. (ପ୍ରା. ଅ-ମାପ=ପରିମାଣ) ଅଧିକ, ଅପରିମିତ । ଯଥା—

ମନ୍ତ୍ରୀ-ମନ୍ତ୍ରୀଣଙ୍କ ତାପ ଅମାପ ହେଲା । ବ. ଚି.

ଅମାବସୀ / ଅମାବାସ୍ୟା / ଅମାବସ୍ୟା } ବି. ସ୍ତ୍ରୀ. (ଅମା=ସହିତ-ବସ୍=ବାସ କରିବା-ଯ) ଯେ ତିଥିରେ ଚନ୍ଦ୍ର ସୂର୍ଯ୍ୟ ସହିତ ଏକ ରାଶିରେ ବାସ କରନ୍ତି, କୃଷ୍ଣପକ୍ଷର ଶେଷ ତିଥି, ଜଅଁସ ।

ଅମା ନାମ ରବେରଶ୍ମିଶ୍ଚନ୍ଦ୍ରଲୋକେ ପ୍ରତିଷ୍ଠିତଃ ।

(ଅମା=ସୂର୍ଯ୍ୟ କିରଣ) ଏହି ଅର୍ଥରେ ଉକ୍ତ ଉଦାହରଣ ଦିଆ ଯାଇଅଛି ।

ଅମାମସୀ, ବି. ସ୍ତ୍ରୀ. ( ଅମା-ମସୀ=କାଳି ) ସୂର୍ଯ୍ୟ କିରଣ ଯେ ତିଥିରେ ଚନ୍ଦ୍ରଙ୍କର ମସୀସ୍ୱରୂପ ଅର୍ଥାତ୍ ଅପ୍ରକାଶକ ହୁଏ, କୃଷ୍ଣପକ୍ଷର ଶେଷ ତିଥି, ଜଅଁସ ।

ଅମାୟିକ, ବିଂ. (ଅ-ମାୟା-ଇକ) ଅକପଟ,ସରଳ ।

ଅମାର, ବି. (ପ୍ରା. ଅ-ମାର=ନଷ୍ଟ ହେବାର) ଯହିଁରେ ଶସ୍ୟାଦି ନଷ୍ଟ ହୁଏ ନାହିଁ, ଶସ୍ୟାଗାର, କୋଠୀ ।

ଅମାରି / ଅମରି / ଅମୀରି } ବି. ( ହିନ୍ଦି ଅଂବାରୀ ଶବ୍ଦଜ ) ହାତୀ ଉପରେ ବସିବାର ଆସନ, ହାଉଦା । ଯଥା—

ପାରିଧିକ ବଳେ ହେଲେ ନରବର ଆରୋହି ଦନ୍ତୀ,
କୁମାରୀଙ୍କ ସଙ୍ଗେ ଅମାରିରେ ଦେଇ ବଳେ ହୁଅନ୍ତି । ଉଷା,

ଅମାଲୁ, ବି. ( ଦେଶଜ ) ସୁମିଷ୍ଟ ଖାଦ୍ୟଦ୍ରବ୍ୟ-ବିଶେଷ ।

ଅମାସ୍ୟା, ବି. (ଅମାବାସ୍ୟା ଶବ୍ଦଜ) ଅମାବାସ୍ୟା ତିଥି, ଜଅଁସ ।

ଅମିତ, ବିଂ. ( ଅ-ମା-ତ ) ଅପରିମିତ, ଯାହାର ପରିମାଣ କରାଯାଇ ନ ପାରେ, ରିକ୍ତ, ଗତ ।

ଅମିତବିକ୍ରମ, ବିଂ. ( ଅମିତ-ବିକ୍ରମ=ବଳ ) ଅପରିମିତ ବଳଶାଳୀ । ବି. ପୁଂ. ବିଷ୍ଣୁ ।

ଅମିନ, ବି. ( ଯାବନିକ ) ଭୂମି ପରିମାଣ କରିବା ନିମିତ୍ତ ନିଯୁକ୍ତ କର୍ମଚାରୀ ।

ଅମିୟ, ବି. ( ଅମୃତ ଶବ୍ଦଜ ) ଅମୃତ, ଅମୃତ ସଦୃଶ । ଯଥା—

ପବନ ଗନ୍ଧ ମଧୁପରେ, ବହେ ଅମିୟ ରସଭରେ ।
ଭଗବତ ଦଶମସ୍କନ୍ଧ ।

ଅମିର, ବି. (ଯାବନିକ) ଧନୀ ।

ଅମିଶ୍ର, ବିଂ. ( ଅ-ମିଶ୍ର ) ନରୋଳା, ଯାହା ମିଶା ନୁହେ ।

ଅମୁକ, ସ. ବ୍ୟକ୍ତି ବା ବସ୍ତୁର ପରିବର୍ତ୍ତିରେ ବ୍ୟବହୃତ ହୁଏ ।

ଅମୁତ୍ର, ଅଂ. (ଅଦସ୍-ତ୍ର, ନିପାତନ) ପରକାଳରେ, ଅନ୍ୟ ଜନ୍ମରେ ।

ଅମୁଦ, ବିଂ. (ଅ-ମୁଦ) ଆମୋଦଶୂନ୍ୟ, (ମୁଦ୍ରିତ ଶବ୍ଦଜ) ଖୋଲା ।

ଅମୁଦା, ବିଂ. (ଅମୁଦ୍ର ଶବ୍ଦଜ) ଖୋଲା । ଯଥା—ଅମୁଦା ଚିଠି ।

ଅମୁର୍ଚ୍ଛିକ / ଅମୁଚ୍ଛିକ } ବି. (ଗ୍ରାମ୍ୟ) ପ୍ରିୟ ବସ୍ତୁର ଅପ୍ରାପ୍ତି-ଜନିତ ଉଦ୍‌ବେଗ ।

ଅମୂର୍ତ୍ତି, ବିଂ. (ଅ-ମୂର୍ତ୍ତି) ମୂର୍ତ୍ତିଶୂନ୍ୟ । ବି. ପୁଂ. ବାୟୁ, ଆକାଶ ।

ଅମୂଳ / ଅମୂଳକ } ବିଂ. (ଅ-ମୂଳ, ଅ-ମୂଳ-କ) ମୂଳଶୂନ୍ୟ, ଅପ୍ରାମାଣିକ, ମିଥ୍ୟା ।

ଅମୂଲମୂଲ, ବିଂ. ( ଅମୂଲ୍ୟ ଶବ୍ଦଜ ) ଯାହାର ମୂଲ୍ୟ ନିରୂପଣ କରାଯାଇ ନ ପାରେ । ପ୍ରକୃତ ମୂଲ୍ୟରୁ ଅଧିକ ମହର୍ଘ ।

ଅମୂଲ୍ୟ, ବିଂ, (ଅ-ମୂଲ୍ୟ) ଯାହାର ମୂଲ୍ୟ ନିରୂପଣ କରାଯାଇ ନ ପାରେ ଅଥବା ମୂଲ୍ୟ ଦେଲେ ସୁଦ୍ଧା ଯାହା ମିଳି ନ ପାରେ, ବହୁମୂଲ୍ୟ ।

ଅମୃତ, ବି. ପୁଂ. ନ. ( ଅ-ମୃ-ତ ) ସୁଧା, ଜଳ । ଯଥା—

ବହୁ ଅମନ୍ଦମନ୍ଦର କୂର୍ମି ନମୋନମ,
ବାରିଧି ଅମୃତ ମନ୍ଥ ଅମୃତ ଜନମ ଯେ । ବୈ. ବି.

ଘୃତ, ଦୁଗ୍ଧ, ସୁସ୍ୱାଦୁ ବସ୍ତୁ, ଧନ, ମୁକ୍ତି, ବିଷ, ଯୋଗବିଶେଷ, ଦେବତା, ଧନ୍ୱନ୍ତରି ।

ବି. ପ୍ରିୟ, ସୁନ୍ଦର, ଅମୃତତୁଲ୍ୟ । ତା. ସ୍ତ୍ରୀ. ଦୂର୍ବା, ତୁଳସୀ, ହରିତକୀ, ଅଁଳା, ସୁରା, ସୂର୍ଯ୍ୟଙ୍କର ଜଳବାହୀ ରଶ୍ମି ।

ଅମୃତକର, ବି. ପୁଂ. (ଅମୃତ-କର) ଚନ୍ଦ୍ର ।

ଅମୃତକୁଣ୍ଡ, ବି. ନ. (ଅମୃତ-କୁଣ୍ଡ) ସୁଧାକଳସ, କଦଳୀ, ଦୁଧ, ଛେନା ପ୍ରଭୃତି ମିଶ୍ରିତ ଖାଦ୍ୟ-ବିଶେଷ ।

ଅମୃତଘଣ୍ଟା, ବି. (ଅମୃତ ଓ ଘର୍ଷଣ ଶବ୍ଦଜ) ସ୍ୱର-ବାଦ୍ୟବିଶେଷ । ଯଥା—

ଧଇଁତ ଅମୃତଘଣ୍ଟା ଧ୍ୱନି କେନ କରେ ଯେ । ଲ. ବ.

ଅମୃତତରଙ୍ଗିଣୀ, ବି. ସ୍ତ୍ରୀ. (ଅମୃତ-ତରଙ୍ଗିଣୀ=ନଦୀ) ଜ୍ୟୋତ୍ସ୍ନା, ଚନ୍ଦ୍ରକିରଣ ।

ଅମୃତଦୀଧିତି, ବି. ପୁଂ. (ଅମୃତ-ଦୀଧିତି=କିରଣ) ଚନ୍ଦ୍ର ।

ଅମୃତପ୍ରାଶ, ବି. ନ. (ଅମୃତ=ଘୃତ ପ୍ରାଶ=ଭୋଜନ) କାଶାଦି ରୋଗନାଶକ ଘୃତଘଟିତ ଔଷଧବିଶେଷ ।

ଅମୃତଭଣ୍ଡା, ବି. ସ୍ୱନାମପ୍ରସିଦ୍ଧ ବୃକ୍ଷ ଓ ତାହାର ଫଳ ।

ଅମୃତଭଲ୍ଲାତକ, ବି. ନ. (ଅମୃତ=ଘୃତ-ଭଲ୍ଲାତକ=ଭାଳିଆ) କୁଷ୍ଠାଦି ରୋଗନାଶକ ଔଷଧ, ଭଲ୍ଲାତକସଂଯୁକ୍ତ ଘୃତଘଟିତ ଔଷଧ ବିଶେଷ ।

ଅମୃତଯୋଗ, ବି. ପୁଂ. ବାର ଓ ନକ୍ଷତ୍ରଘଟିତ ଏବଂ ବାର ଓ ତିଥିଘଟିତ ଶୁଭଯୋଗ । ଶିବା ଗୌରୀ ଯାତ୍ରାନୁସାରେ ମାହେନ୍ଦ୍ର, ବଜ୍ର, ଅମୃତ, ଶୂନ୍ୟ ଗୃହ ଯୋଗ, ଏଥି ମଧ୍ୟରୁ ଅମୃତ ଓ ମାହେନ୍ଦ୍ର ଶୁଭଯୋଗ ଅଟେ ।

ଅମୃତସମ୍ଭବା, ବି. ସ୍ତ୍ରୀ. ( ଅମୃତ-ସମ୍-ଭୂ-ଅ-ଆ ) ଗୁଳୁଚୀ ଲତା ।

ଅମୃତସର, ବି. ପଞ୍ଜାବ ଅନ୍ତର୍ଗତ ଶିଖମାନଙ୍କର ପବିତ୍ର ପ୍ରଧାନ ସ୍ଥାନ ।

ଅମୃତାଂଶୁ, ବି. ପୁଂ. (ଅମୃତ-ଅଂଶୁ=କିରଣ) ଚନ୍ଦ୍ର ।

ଅମୃତାନ୍ଧସ, ବି. ପୁଂ. ( ଅମୃତ-ଅନ୍ଧସ୍=ଅନ୍ନ, ଅମୃତ ଯାହାଙ୍କର ଖାଦ୍ୟ) ଦେବତା ।

ଅମେଧାଃ, ବିଂ. (ଅ-ମେଧସ୍) ମେଧାହୀନ, ଅବୋଧ ମୂଢ଼, ମୂର୍ଖ ।

ଅମେଧ୍ୟ, ବିଂ. (ଅ-ମେଧ=ପବିତ୍ର) ଅପବିତ୍ର ।

ଅମେୟ, ବିଂ. ( ଅ-ମା-ଯ ) ଅପରିମେୟ, ଯାହା ପରିମାଣ କରାଯାଇ ନ ପାରେ ।

ଅମେୟାତ୍ମା, ବିଂ. ( ଅମେୟ-ଆତ୍ମା ) ଅମିତାତ୍ମା, ମାହାତ୍ମ୍ୟବୁଦ୍ଧି । ବି. ପୁଂ. ବିଷ୍ଣୁ ।

ଅମୋଘ, ବିଂ. ( ଅ-ମୋଘ=ବ୍ୟର୍ଥ ) ନିଶ୍ଚିତ, ଅବ୍ୟର୍ଥ ।

ଅମ୍ବକ, ବି. ନ. ( ଅମ୍ବ=ଗମନ କରିବା-ଅକ ) ଚକ୍ଷୁ, ନେତ୍ର । ଯଥା—

ଧନ୍ୟ ପରସନ୍ନ ଅନ୍ୟ ଅମ୍ବକ ହରଷ ସଦନ । ପ୍ରେ, ସୁ,

ଅମ୍ବର, ବି. ନ. (ଅମ୍ବ-ଅର) ଆକାଶ, ଗଗନ, ଅନ୍ତରୀକ୍ଷ । ଯଥା—

ଆଦିସୃଷ୍ଟି କାଳେ ସ୍ୱର୍ଗ-ଆଦେଶେ
ଅବତୀର୍ଣ୍ଣ ହୋଇ ଅମ୍ବରଦେଶେ । କ. ବ

ବସ୍ତ୍ର । ଯଥା—

କଳା କଳେବର ଧୂଳିଧୂସର,
କଟିରେ କିଙ୍କିଣୀ ନାହିଁ ଅମ୍ବର । ର. କ.

ଅମ୍ବରୀଷ, ବି. ପୁଂ. ( ଅମ୍ବ-ଅର-ଈଷ ) ଭର୍ଜନ-ପାତ୍ର, ଯୁଦ୍ଧ, ଶିବ, ବିଷ୍ଣୁ, ସୂର୍ଯ୍ୟ, ବାଳକ, ସ୍ୱନାମପ୍ରସିଦ୍ଧ ନୃପବିଶେଷ, ନରକବିଶେଷ, ଅନୁତାପ, ଆମ୍ବଡ଼ା ।

ଅମ୍ବଷ୍ଠ, ବି. ପୁଂ. ( ଅମ୍ବା=ମାତା-ସ୍ଥା-ଅ ) ବ୍ରାହ୍ମଣ ଔରସରେ ବୈଶ୍ୟକନ୍ୟା ଗର୍ଭରେ ଜାତ ସଙ୍କୀର୍ଣ୍ଣ ଜାତିବିଶେଷ, ବୈଦ୍ୟ ବା ଚିକିତ୍ସକ ଜାତିବିଶେଷ ।

ଅମ୍ବା, ବି. ସ୍ତ୍ରୀ. (ଅମ୍ବ=ଶବ୍ଦ କରିବା-ଅ, ଆ) ଯେ ସନ୍ତାନମାନଙ୍କଦ୍ୱାରା ଶବ୍ଦିତ ଅର୍ଥାତ୍ କଥିତ ହୁଅନ୍ତି; ମାତା, ଜନନୀ, ଦୁର୍ଗା, କାଶୀରାଜ-ଦୁହିତା, ଏହି କନ୍ୟା ଶିଖଣ୍ଡୀରୂପରେ ଜନ୍ମି ଭୀଷ୍ମଙ୍କ ବଧର କାରଣ ହୋଇଥିଲା ।

ଅମ୍ବଲା, ବି. ପଞ୍ଜାବ ଅନ୍ତର୍ଗତ ନଗରବିଶେଷ ।

ଅମ୍ବାଲିକା, ବି. ସ୍ତ୍ରୀ. କାଶୀରାଜାଙ୍କ କନିଷ୍ଠା କନ୍ୟା, ଏହାଙ୍କ ଗର୍ଭରେ ବ୍ୟାସଙ୍କ ଔରସରେ ପାଣ୍ଡୁଙ୍କର ଜନ୍ମ ।

ଅମ୍ବିକା, ବି. ସ୍ତ୍ରୀ. ( ଅମ୍ବା-ଇକ-ଅ ) ଦୁର୍ଗା, ଧୃତରାଷ୍ଟ୍ରଙ୍କ ମାତା ।

ଅମ୍ବିକାନାଥ, ଅମ୍ବିକାପତି } ବି. ପୁଂ. (ଅମ୍ବିକା-ନାଥ, ପତି) ଶିବ, ମହାଦେବ ।

ଅମ୍ବିକେୟ, ବି. ପୁଂ. (ଅମ୍ବିକା-ଏୟ, ଅପତ୍ୟାର୍ଥେ) କାର୍ତ୍ତିକେୟ, ଗଣେଶ, ଧୃତରାଷ୍ଟ୍ର ।

ଅମ୍ବୁ, ବି. ନ. (ଅମ୍ବ=ଶବ୍ଦ କରିବା-ଉ) ଜଳ ।

ଅମ୍ବୁକଣା, ବି. ସ୍ତ୍ରୀ. ( ଅମ୍ବୁ-କଣା ) ଜଳକଣା ଶୀକର ।

ଅମ୍ବୁଜ, ବି. ପୁଂ. ( ଅମ୍ବୁ-ଜନ୍-ଅ ) ପଦ୍ମ, ଚନ୍ଦ୍ର, ଶଙ୍ଖ, ବଜ୍ର ।

ଅମ୍ବୁଜାକ୍ଷ, ବିଂ. ( ଅମ୍ବୁଜ-ଅକ୍ଷ ) ପଦ୍ମ ପରି ଚକ୍ଷୁ ଯାହାର । ବି. ପୁଂ. କୃଷ୍ଣ ।

ଅମ୍ବୁଦ, ବି. ପୁଂ. (ଅମ୍ବୁ-ଦା-ଅ) ମେଘ, ଜଳଧର ।

ଅମ୍ବୁଧର, ବି. ପୁଂ. ( ଅମ୍ବୁ-ଧୃ-ଅ ) ଜଳଧର, ମେଘ ।

ଅମ୍ବୁଧି, ଅମ୍ବୁନିଧି } ବି. ପୁଂ. (ଅମ୍ବୁ-ଧା-ଇ, ନି-ଧା-ଇ ) ସମୁଦ୍ର ।

ଅମ୍ବୁପତି, ବି. ପୁଂ. (ଅମ୍ବୁ-ପତି) ସମୁଦ୍ର ।

ଅମ୍ବୁଭୃତ୍, ବି. ପୁଂ. ( ଅମ୍ବୁ-ଭୃ-୦ ) ସମୁଦ୍ର, ମେଘ ।

ଅମ୍ବୁରାଶି, ବି. ପୁଂ. (ଅମ୍ବୁ-ରାଶି=ସମୂହ) ସମୁଦ୍ର ।

ଅମ୍ବୁରୁହ, ବି. ପୁଂ. (ଅମ୍ବୁ-ରୁହ୍-ଅ) ପଦ୍ମ, ଜଳଜ ।

ଅମ୍ବୁବାହ, ବି. ପୁଂ. (ଅମ୍ବୁ-ବହ୍-ଅ) ମେଘ ।

ଅମ୍ବୁବାହିନୀ ବି. ସ୍ତ୍ରୀ. ( ଅମ୍ବୁ-ବହ୍-ଇନ୍-ଈ ) କାଷ୍ଠାଦିନିର୍ମିତ ଜଳସେଚନପାତ୍ର, ସେଉଁଅ, ସେଣା ।

ଅମ୍ଭଃ, ବି. ନ. (ଅମ୍ଭସ୍ ଶବ୍ଦ) ଜଳ ।

ଅମ୍ଭୋଜ, ବି. ପୁଂ. ନ. (ଅମ୍ଭଃ-ଜନ୍-ଅ) ପଦ୍ମ, ଚନ୍ଦ୍ର, ସାରସ ପକ୍ଷୀ ।

ଅମ୍ଭୋଦାନୀ, ବିଂ (ଅମ୍ଭଃ+ଦାନୀ ଶବ୍ଦଜ) ପାଣି ପରି ଯେଉଁ ଲୋକ ଧନ ଢାଳିଦିଏ, ବଡ଼ ଦାତା ।

ଅମ୍ଭୋଧି, ଅମ୍ଭୋନିଧି } ବି. ପୁଂ. ( ଅମ୍ଭଃ-ଧା-ଇ, ନି ଧା-ଇ ) ସମୁଦ୍ର, ସାଗର ।

ଅମ୍ଭୋରୁହ, ବି. ନ.(ଅମ୍ଭଃ-ରୁହ୍) ପଦ୍ମ । ଯଥା—

ଅମ୍ଭୋରୁହାକ୍ଷର ଶୈଳୀ କିଂଶୁକର ଦମ୍ଭୋଳିରୁ ବଳି ତାଉ ।

ଅମ୍ର, ଆମ୍ର } ବି. ନ. (ଅମ୍=ଜ୍ଞାତ ହେବା-ର, ସୌରଭଦ୍ୱାରା ଯେ ଦୂରରୁ ଜଣାହୁଏ) ଆମ୍ବ, ସହକାର, ଚୂତ, ରସାଳ ।

ଅମ୍ରାତ, ଅମ୍ଳାତ } ବି. ପୁଂ. ନ. ( ଅମ୍ର, ଅମ୍ଳ-ଅତ୍ =ପ୍ରାପ୍ତ ବା ବ୍ୟାପ୍ତ-ଅ ) ଆମ୍ବ ପରି ଯାହା ସର୍ବତ୍ର ପ୍ରାପ୍ତ ହୁଏ, ଅଥବା ଅମ୍ଳରସ ଯାହାର ସର୍ବତ୍ର ( ପତ୍ର ପୁଷ୍ପାଦିରେ ବ୍ୟାପ୍ତ ) ଅମ୍ବଡ଼ା, ଆମ୍ବଡ଼ା ଗଛ ।

ଅମ୍ଳ, ବି. ପୁଂ. (ଅମ୍=ରୁଗ୍ଣ ହେବା-ଲ, ଯେ ରୋଗ ଜନ୍ମାଏ ) ରସବିଶେଷ, ଖଟା । ବିଂ. ଅମ୍ଳରସଯୁକ୍ତ, ଆମ୍ଳିଆ ।

ଅମ୍ଳଜନ, ଅମ୍ଳଜାନ } ବର୍ଣ୍ଣହୀନ ଅଦୃଶ୍ୟ ବାଷ୍ପବିଶେଷ । (Oxygen)

ଅମ୍ଳପିତ୍ତ, ବି. ନ. ( ଅମ୍ଳ=ଅଜୀର୍ଣ୍ଣ-ପିତ୍ତ ) ରୋଗବିଶେଷ, ଅଜୀର୍ଣ୍ଣ ହେତୁରୁ ପିତ୍ତ ବୃଦ୍ଧି ହୋଇ ଯେଉଁ ରୋଗ ଜାତ ହୁଏ ।

ଅମ୍ଳାନ, ବି. (ଅ-ମ୍ଳାନ) ବିମଳ, ହୃଷ୍ଟ, ମାଳିନ୍ୟରହିତ ।

ଅୟଃ, ବି. ପୁଂ. (ଇ-ଅ) ଲୌହ, ଲୁହା

ଅୟଜ୍ଞ, ବି. ପୁଂ.(ଅ-ଯଜ୍ଞ) ଯେ ଯଜ୍ଞ କରି ନାହି, ଅନାର୍ଯ୍ୟ, ଅବ୍ରାହ୍ମଣ ।

ଅୟତ, ବିଂ. ( ଅ-ଯମ୍-ତ ) ଇନ୍ଦ୍ରିୟଦମନରେ ଅଶକ୍ତ, ନିୟମହୀନ ।

ଅୟତ୍ନ; ବି. ପୁଂ. (ଅ-ଯତ୍ନ=ଆଦର) ଅନାଦର, ଅନାସ୍ଥା । ବିଂ, ଯତ୍ନହୀନ ।

ଅୟଥା, ବିଂ.(ଅ-ଯଥା) ଅନୁପଯୁକ୍ତ, ଅଯଥୋଚିତ, ଅମୂଳକ । ଅଂ. ଅନ୍ୟାୟରୂପେ ।

**ଅଯଥାର୍ଥ**, ବିଂ. ( ଅ-ଯଥାର୍ଥ ) ଅସତ୍ୟ, ମିଥ୍ୟା, ଅନୃତ ।

**ଅୟନ**, ବି. ନ. (ଇ-ଅନ) ପଥ, ଗତି, ଆଶ୍ରୟ, ବିଶ୍ରାମ ସ୍ଥାନ, ସ୍ଥାନ, ଜନ୍ମ ।

**ଅୟନମଣ୍ଡଳ**, ( Ecliptic ) ବି. ନ. ରାଶିଚକ୍ର ଓ ରବିଚକ୍ରସ୍ଥ ସୂର୍ଯ୍ୟର ଦୃଶ୍ୟମାନ ଗମନୀୟ ପଥ ।

**ଅୟନାନ୍ତବୃତ୍ତ** (Tropics) ବି. ନ. ସୂର୍ଯ୍ୟଙ୍କର ଉତ୍ତର ଦକ୍ଷିଣ ଗତିର ସୀମାନିରୂପକ ରେଖା ।

**ଅୟନାଂଶ**, ବି. ନ. ସୂର୍ଯ୍ୟଗତିବିଶେଷର ଭାଗ ।

**ଅଯବ**, ବି. ନ. (ଅ=ସଦୃଶ-ଯବ) ଯବସଦୃଶ ପୁଷ୍ପିତାଦିଜାତ କୃମି । ବିଂ. (ଅ=ନାହିଁ-ଯବ) ଯବହୀନ । ବି. ପୁଂ. ( ଅ-ଯୁ=ମିଶ୍ରଣ-ଅ) ଅସମ୍ବନ୍ଧ, ଶତ୍ରୁ ।

**ଅଯଶଃ** ବି. ନ. (ଅ-ଯଶଃ) ନିନ୍ଦା, ଅଖ୍ୟାତି । ବିଂ. ଲୋକନିନ୍ଦିତ ।

**ଅଯସ୍କର**, ବିଂ.(ଅଯଶଃ + କୃ-ଅ) ଯାହା ଅଖ୍ୟାତି ବା ନିନ୍ଦା ଜାତ କରେ, ଅକୀର୍ତ୍ତିକର, ଅଖ୍ୟାତିଜନକ ।

**ଅୟସ୍**, ବି. ନ. (ଇ-ଅସ୍, ଯାହା ଖଣିରୁ ମିଳେ) ଲୌହ, ବହ୍ନି, ଅଗ୍ନି ।

**ଅୟସ୍କାନ୍ତ**, ବି. ପୁଂ,(ଅୟଃ-କାନ୍ତ) ଚୁମ୍ବକପଥର । ଯଥା—

ଲୌହ ଯଥା ଅହା ଅୟସ୍କାନ୍ତମଣିଶଲାକାର ଆକର୍ଷଣେ ।
ଯ. କେ.

**ଅଯାଚିତ** ବିଂ. ( ଅ-ଯାଚ୍-ତ ) ଅପ୍ରାର୍ଥିତ, ଅନଭ୍ୟର୍ଥିତ ।

**ଅୟି**, ଅଂ. କୋମଳ ସମ୍ବୋଧନ । ପ୍ରଶ୍ନ, ଅନୁନୟ, ଅନୁରାଗ ।

**ଅଯୁଜ୍**, ବିଂ. (ଅ-ଯୁଜ୍-୦) ଅଯୁଗ୍ମ, ବିଯୋଡ଼ ।

**ଅଯୁକ୍ଛଦ, ଅଯୁଗ୍ମଚ୍ଛଦ** } ବି. ପୁଂ. ( ଅ-ଯୁଜ୍=ଅ-ଯୁକ୍ତ, ଅଯୁଗ୍ମ=ବିଯୋଡ଼-ଛଦ=ପତ୍ର) ଯେଉଁ ଗଛର ପତ୍ର ବିଯୋଡ଼, ଛତିଅନା ଗଛ ।

**ଅଯୁକ୍ତ**, ବିଂ. (ଅ-ଯୁଜ୍-ତ) ଅନନ୍ୟମନସ୍କ, ଅନୁଚିତ, ଅସଂଯୁକ୍ତ, ଯୁକ୍ତିଶୂନ୍ୟ ।

**ଅଯୁକ୍ତି**, ବି. ସ୍ତ୍ରୀ. (ଅ-ଯୁଜ୍-ତି) ଅମିଶ୍ରଣ, ବିତଣ୍ଡା, ବୃଥା ତର୍କ । ବିଂ. ଯୁକ୍ତିଶୂନ୍ୟ ।

**ଅଯୁଗ୍ମ**, ବିଂ. (ଅ-ଯୁଜ୍-ମ) ବିଯୋଡ଼. ଯଥା— ୩, ୫, ୭ ଇତ୍ୟାଦି । ପୃଥକ୍, ସ୍ୱତନ୍ତ୍ର ।

**ଅଯୁତ**, ବି. ନ. (ଅ-ଯୁତ=ଯୁକ୍ତ, ଗଣିତ) ଦଶ-ସହସ୍ର । ଯଥା—

ଅଯୁତ ଯାଦବମୋଧେ ପଛେ ଧାଇଁ,
ନ ପାରିଲେ ବାଳା ମନକୁ ପେଷଇ । ନ. କେ.

ବିଂ, ଅସଂଯୁକ୍ତ ।

**ଅୟେ**, ଅଂ. କୋମଳ ସମ୍ବୋଧନ, ସ୍ମରଣ, ଖେଦ, ଭୟ, କ୍ରୋଧ, ସମ୍ଭ୍ରମ ।

**ଅଯୋଗ**, ବି. ପୁଂ. (ଅ-ଯୁଜ୍-ଅ) ବିଶ୍ଳେଷ, ଧ୍ୟାନର ଅଭାବ, ଦୁର୍ଯୋଗ ।

**ଅୟୋଗବ**, ବି. ପୁଂ. (ଅୟଃ-ଗୋ-ଅ) ଶୂଦ୍ରର ଔରସରେ ବୈଶ୍ୟାଗର୍ଭଜାତ ଶଙ୍କର ଜାତି-ବିଶେଷ ।

**ଅଯୋଗବାହ**, ବି. ପୁଂ. (ଅ-ଯୋଗ ବହ-ଅ) ଆଶ୍ରୟସ୍ଥାନ ବ୍ୟତିରେକେ ଯେଉଁ ସବୁ ବର୍ଣ୍ଣ ଉଚ୍ଚାରିତ ହୋଇ ନ ପାରନ୍ତି, ଯେପରି ଅନୁସ୍ୱାର, ଚନ୍ଦ୍ରବିନ୍ଦୁ ଓ ବିସର୍ଗ ।

**ଅୟୋଗୁଳ, ଅୟୋଗୋଳକ** } ବି. ନ. ( ଅୟସ୍=ଲୌହ-ଗୁଳ= ଗୋଲାକାର-ଅ, ଅକ ) ଲୌହର ବାଟୁଳୀ, ଲୌହନିର୍ମିତ ଗୋଲାକାର ପଦାର୍ଥ, ଲୌହଚୂର୍ଣ୍ଣାଦିନିର୍ମିତ ଔଷଧ ବଟିକା ।

**ଅଯୋଗ୍ୟ**, ବିଂ. (ଅ-ଯୁଜ୍-ଯ) ଅନୁଚିତ, ଅନୁପ-ଯୁକ୍ତ ।

**ଅୟୋଘନ**, ବି. ପୁଂ. (ଅୟସ୍=ଲୌହ-ହନ୍=ବଧ ବା ପିଟାଯାଏ-ଅ) ଯାହାଦ୍ୱାରା ଲୌହ ପିଟାଯାଏ, ହାତୁଡ଼ି । ଯଥା—

ସହସ୍ରକୁ ସିନା ସ୍ୱୀରକ ଦାରୁଣ ଅୟୋଘନଘାତ ଦୁଃଖ.
ଅବତଂସତୁଳେ ଲଭଇ ସୁବର୍ଣ୍ଣ କପୋଳଚୁମ୍ବନ ସୁଖ ।
ଯ. କେ.

**ଅଯୋଧ୍ୟା**, ବି. ସ୍ତ୍ରୀ. (ଅ-ଯୁଧ୍-ଯ-ଆ) ସୂର୍ଯ୍ୟବଂଶୀୟ ରାଜାଙ୍କର ରାଜଧାନୀ, ଏ ସ୍ଥାନର ଲୋକମାନଙ୍କୁ କେହି ଯୁଦ୍ଧରେ ଜିଣି ପାରି ନ ଥିବାରୁ ଏହାର ନାମ "ଅଯୋଧ୍ୟା" ହୋଇଅଛି, ପଦ୍ମପୁରାଣରେ ଅଯୋଧ୍ୟାକୁ ମୋକ୍ଷଦା ପୁରୀ ବୋଲି ବର୍ଣ୍ଣନା କରାଯାଇଅଛି । ଯଥା—

ଅଯୋଧ୍ୟା ମଥୁରା ମାୟା କାଶୀ କାଞ୍ଚୀ ଅବନ୍ତିକା ।
ପୁରୀ ଦ୍ୱାରବତୀ ଚୈବ ସପ୍ତୈତା ମୋକ୍ଷଦାୟିକାଃ ॥

**ଅଯୋନି**, ବିଂ. (ଅ = ନାହିଁ-ଯୋନି = ଜନ୍ମସ୍ଥାନ ଯାହାର) ଜନ୍ମରହିତ ।

**ଅଯୋନିଜ**, ବିଂ. ( ଅ-ଯୋନି-ଜନ୍-ଅ ) ଅଗର୍ଭଜାତ । ବି. ପୁଂ. ପରମେଶ୍ୱର, ଜା, ସ୍ତ୍ରୀ. ସୀତା ।

**ଅଯୋନିସମ୍ଭବା**, ବି. ସ୍ତ୍ରୀ. ( ଅ-ଯୋନି-ସମ୍-ଭୂ-ଅ-ଆ ) ସୀତା ।

**ଅୟୋମୟ**, ବିଂ. (ଅୟସ୍-ମୟ) ଲୌହନିର୍ମିତ ।

**ଅୟୋମଳ**, ବି. ନ. ( ଅୟସ୍-ମଳ ) ଲୁହାର କଳଙ୍କ, ଲୁହାଗୁହ ।

**ଅୟୋମୁଖ**, ବି. ପୁଂ. (ଅୟସ୍ ମୁଖରେ ଯାହାର) ଲାଙ୍ଗଳାଦି, କଠିନ ଥଣ୍ଟଯୁକ୍ତ ପକ୍ଷୀ, ଅସୁରବିଶେଷ, ପର୍ବତବିଶେଷ ।

**ଅଯୌକ୍ତିକ**, ବିଂ. ( ଅ-ଯୌକ୍ତିକ ) ଯୁକ୍ତିସିଦ୍ଧ ନୁହେ, ଯୁକ୍ତିବିରୁଦ୍ଧ ।

**ଅର**, ବି. ନ. ( ଋ = ଗମନ କରିବା-ଅ ) ଚକ୍ରର ପଖ ।

**ଅରକ** / **ଅରଖ** } ବି. ପୁଷ୍ପାଦିର ନିର୍ଯ୍ୟାସ ।

**ଅରଖି**, ବି. (ଦେଶଜ) ଦେଶୀ ମଦ ।

**ଅରକ୍ଷିତ**, ବି. ( ଅ-ରକ୍ଷିତ ) ରକ୍ଷିତ ନୁହେ, ଅପାଳିତ, ଅପ୍ରତିପାଳିତ ।

**ଅର୍ଗଲୀ** / **ଅର୍ଗଳ** } ବି. (ଅର୍ଗଳୀ ଶବ୍ଦଜ) କବାଟ ଖିଳଣି, ଆବୃତ ସ୍ଥାନ, ଯେଉଁ କାଠ ମଧ୍ୟରେ ବଧ ପଶୁର ବେକ ପୂରାଇ ବନ୍ଦ ହୁଆଯାଏ ।

**ଅରଘଟ୍ଟ**, ବି. ପୁଂ. (ଅର-ଘଟ୍ଟ = ଚଳିତ ହେବା) ଘଟାଦି, ଅତି ଗଭୀର କୂପ, ଅଥବା (ଅର = ଶୀଘ୍ର-ଘଟ୍ଟ = ଚଳିତ ହେବା) ଘଟାଦି ଯାହାଦ୍ୱାରା ଶୀଘ୍ର ଚଳିତ ହୁଏ, ଗଭୀର କୂପରୁ ଜଳ ଉତ୍ତୋଳନ କରିବାକୁ କୂପ ନିକଟରେ ଯେଉଁ କାଷ୍ଠନିର୍ମିତ ଯନ୍ତ୍ର ଥାଏ ।

**ଅରଜାଃ**, ବି. ସ୍ତ୍ରୀ. ( ଅ-ରଜସ୍ = ଋତୁ ) ଯେ ଋତୁମତୀ ହୋଇ ନାହିଁ । ବିଂ. ରଜୋଗୁଣ କାର୍ଯ୍ୟ ଅର୍ଥାତ୍ କାମକ୍ରୋଧାଦିରହିତ, ରଜୋରହିତ, ଧୂଳିଶୂନ୍ୟ ।

**ଅରଜ** / **ଅର୍ଜି** } ବି. ( ଯାବନିକ ) ଦରଖାସ୍ତ, ନିବେଦନ, ନିବେଦନପତ୍ର ।

**ଅରଟ**, ବି. ପୁଂ. (ରଟ ଧାତୁଜ) ସୂତା କାଟିବାର ଦେଶୀୟ ଯନ୍ତ୍ର । ( ଅ-ରଟ୍ = ଶବ୍ଦ କରିବା-ଅ ) ଗୁପ୍ତମନ୍ତ୍ରଣାଦାତା, ପୃଥୁ ରାଜାଙ୍କର ମନ୍ତ୍ରୀ ।

**ଅରଠୀ**, ବି. ବାଦ୍ୟଯନ୍ତ୍ରବିଶେଷ । ଯଥା—

ବହ୍ନିଛନ୍ତି ଯେ ବଂଶ ଶଳାକା ଆଦି ଢୋଲ
ଘଟ ନାଠ ଅରଠୀ ରଣପା ଯେ ମଞ୍ଜୁଳ । ଲା. ବି.

**ଅରଡ଼ୀ**, ବି. ( ଦେଶଜ ) ବଢ଼ି ନଈରେ ଭାସିଯାଉଥିବା କାଷ୍ଠାଦି ଧରିବାରେ ବ୍ୟବହୃତ ଦେଶୀୟ ଯନ୍ତ୍ରବିଶେଷ ।

**ଅରଣ** / **ଅରଣା** } ବିଂ. (ଅରଣ୍ୟ ଶବ୍ଦଜ) ( ଅ-ରଣ ) ରଣଦ୍ୱାରା ଅବଧ୍ୟ, ଜଙ୍ଗଲି । ଏହି ଶବ୍ଦ କେବଳ ମହିଷୀ ସହିତ ବ୍ୟବହୃତ ହୁଏ । ଯଥା—ଅରଣା ମହିଷୀ ।

**ଅରଣି** / **ଅରଣୀ** } ବି. ସ୍ତ୍ରୀ. ( ଋ-ଅନି ) ଅଗ୍ନ୍ୟୁତ୍ପାଦକ ମନ୍ଥନଦଣ୍ଡ, ପୁଂ ସୂର୍ଯ୍ୟ, ଅଗ୍ନି, ଚକମକି ପଥର ।

**ଅରଣୀସୁତ**, ବି. ପୁଂ. (ଅରଣୀ-ସୁତ) ଶୁକଦେବ, ବ୍ୟାସଦେବ ଅଗ୍ନି ଉତ୍ପାଦନ ନିମିତ୍ତ ଅରଣି ଘର୍ଷଣ କରୁଥିବା ସମୟରେ ସ୍ୱର୍ଗବେଶ୍ୟା ଘୃତାଚୀର ରୂପରେ ମୁଗ୍ଧ ହୋଇ ଶୁକ୍ର ତ୍ୟାଗ କଲେ, ସେ ଶୁକ୍ର ଅରଣି ଉପରେ ପଡ଼ି

ସନ୍ତାନ ହେବାରୁ ସେ ସନ୍ତାନକୁ ଅରଣୀସୁତ କହାଯାଏ ।

**ଅରଣ୍ୟ**, ବି. ନ. (ଋ-ଅନ-ଯ) ବନ, କାନନ ।

**ଅରଣ୍ୟଚର** } **ଅରଣ୍ୟେଚର** } ବି. ପୁଂ.(ଅରଣ୍ୟ ବା ଅରଣ୍ୟେ-ଚର୍-ଅ) ବନଚର । ଯଥା- ବ୍ୟାଘ୍ରାଦି ।

**ଅରଣ୍ୟଧାନ୍ୟ**, ବି. ନ. (ଅରଣ୍ୟ-ଧାନ୍ୟ) ନୀବାର, ବାଲୁଙ୍ଗା ଧାନ ।

**ଅରଣ୍ୟପର୍ବ**, ବି. ନ. (ଅରଣ୍ୟ-ପର୍ବନ୍) ମହାଭାରତରେ ପାଣ୍ଡବଙ୍କର ବନବାସାଦି ବର୍ଣ୍ଣିତ ଗ୍ରନ୍ଥ ।

**ଅରଣ୍ୟମକ୍ଷିକା**, ବି. ସ୍ତ୍ରୀ. (ଅରଣ୍ୟ-ମକ୍ଷିକା) ଡାଁଶ ।

**ଅରଣ୍ୟବାୟସ**, ବି. ପୁଂ. ( ଅରଣ୍ୟ-ବାୟସ ) ଦ୍ରୋଣକାକ, ଡାମରା କୁଆ ।

**ଅରଣ୍ୟଶାଳି**, ବି. ସ୍ତ୍ରୀ. (ଅରଣ୍ୟ-ଶାଳି) ବନଜାତ ଧାନ୍ୟାଦି ।

**ଅରଣ୍ୟାନୀ**, ବି. ସ୍ତ୍ରୀ. (ଅରଣ୍ୟ-ଆନୀ) ମହାବନ, ବୃହତ୍ ବନ, ନିବିଡ଼ ବନ ।

**ଅରତିତ୍ରପ**, ବି. ପୁଂ. (ଅ-ରତି=ରମଣ ବିଷୟରେ ତ୍ରପା=ଲଜ୍ଜା, ରମଣରେ ଯାହାର ଲଜ୍ଜା ନାହିଁ) କୁକ୍କୁର ।

**ଅରଦଲ** } **ଅର୍ଦଲ** } ବି (ଇଂ ଅର୍ଡ଼ର୍ଲି ଶବ୍ଦଜ), ଅଦେଶବାହୀ ଚପରାସି ।

**ଅରନ୍ଧନ**, ବି. ନ. (ଅ-ରନ୍ଧନ=ପାକ) ରନ୍ଧନାଭାବ, ଭାଦ୍ର ଓ ଆଶ୍ୱିନ ମାସର ସଂକ୍ରାନ୍ତି ଦିନ ପାକ କରିବା ନିଷିଦ୍ଧ ଥିବାରୁ ଏ ଦୁଇ ଦିନକୁ ଅରନ୍ଧନ କହାଯାଏ ।

**ଅରମା**, ବିଂ (ଦେଶଜ) ଅପରିଷ୍କୃତ ଓ ବଣୁଆ ସ୍ଥାନ ।

**ଅରଲୁ**, ବି. ପୁଂ. (ଋ+ଅଲୁ) ଶ୍ୟୋନାକ ।

**ଅରବିନ୍ଦ**, ବି. ନ. ( ଅର=ଶୀଘ୍ର-ବିନ୍ଦ=ଲବ୍ଧ ହେବା, ଭ୍ରମରକର୍ତ୍ତୃକ ଯାହା ଶୀଘ୍ର ଲବ୍ଧ ହୁଏ) ପଦ୍ମ, ନୀଳପଦ୍ମ, ରକ୍ତୋତ୍ପଳ, ସାରସପକ୍ଷୀ, ତାମ୍ର ।

**ଅରଷ୍ଟି**. ବି. (ଅରିଷ୍ଟ ଶବ୍ଦଜ) ବିପଦ୍, ଅନିଷ୍ଟ । ଯଥା —

> ଦେବେ କରନ୍ତି ପୁଷ୍ପବୃଷ୍ଟି,
> ଖଣ୍ଡିବେ ଗୋବିନ୍ଦ ଅରଷ୍ଟି । ସ୍ୱରବର.

**ଅରସିକ**, ବିଂ. (ଅ-ରସ-ଇକ) ଯେ ରସଜ୍ଞ ନୁହେ, ଯାହାର ରସବୋଧ ନାହିଁ ।

**ଅରାଏ**, ବିଂ. ବି. (ଦେଶଜ) କିଛି ଅଳ୍ପ ସ୍ଥାନ ।

**ଅରାଜକ**, ବିଂ. ( ଅ-ରାଜନ୍-ଅକ ) ରାଜଶୂନ୍ୟ, ଯେଉଁ ଦେଶରେ ରାଜା ନାହିଁ ।

**ଅରାତି**, ବି. ପୁଂ. (ଅ-ରା=ଦାନ କରିବା-ତି,ଯେ ବିପକ୍ଷକୁ କୁଶଳାଦି ଦିଏ ନାହିଁ ) ବୈରୀ,ଶତ୍ରୁ ।

**ଅରାଳ**, ବି. ପୁଂ. ( ଅର=ଶୀଘ୍ର-ଆ-ଲା= ଗ୍ରହଣ କରିବା-ଅ ) ମତ୍ତହସ୍ତୀ, ଝୁଣା । ଲା. ସ୍ତ୍ରୀ. ନମ୍ରସ୍ୱଭାବା ସ୍ତ୍ରୀ, ବେଶ୍ୟା ।

**ଅରାବଳୀ**, ବି. ସ୍ତ୍ରୀ. ( ଋ-ଅ-ଆବଳୀ ) ଚକ୍ରର ଅରକାଠସବୁ । ଯଥା —

> ନୀଳକାନ୍ତ ବ୍ୟୋମ ଅନ୍ତରାଳେ ଝଳ
> ବରଜିଲା ବର ଯେହ୍ନେ ଅରାବଳୀ । ନ, କେ,

**ଅରି**. ବି. ପୁଂ. ( ଋ=ଗମନ କରିବା-ଇ, ଅନିଷ୍ଟ କରିବା ପାଇଁ ଯେ ଅନ୍ୟ ରାଜ୍ୟକୁ ଗମନ କରେ)ଶତ୍ରୁ । ଚକ୍ର,ଚକ୍ରବାକ ପକ୍ଷୀ,ବିଟଖଦିର, କାମକ୍ରୋଧାଦି ରିପୁ, ଈଶ୍ୱର ।

**ଅରିଧର**, ବି. ପୁଂ. ( ଅରି=ଚକ୍ର-ଧର=ଯେ ଧରେ ) ଚକ୍ରଧର, ବିଷ୍ଣୁ । ଯଥା —

> ଅଛି-ଅରିଧର ତୋର ନାତି ଭୂଲୋକେ । ବି. ଚି.

**ଅରିନ୍ଦମ**, ବିଂ. (ଅରି-ଦମ-ଅ) ଶତ୍ରୁଦମନକାରୀ । ଯଥା—

> ଭ୍ରାତଣେ ବଳରେ ନାଶି ଅରାତିନିକର
> ଲଭେ ଅରିନ୍ଦମ ନାମ ଏ ଭବଭବନେ । କାଂ. ବ.

**ଅରିଷ୍ଟ**, ବି. ନ.(ଅ-ରିଷ୍ଟ=ମଙ୍ଗଳ ବା ଅମଙ୍ଗଳ) ସୂତିକାଗୃହ, ଘୋଳଦହି, କାଳ, ଅସୁରବିଶେଷ, ଅଦୃଷ୍ଟ, ମଦ୍ୟ, ଉପଦ୍ରବ, ଔଷଧବିଶେଷ । ପୁଂ. ରିଠାବୃକ୍ଷ, ନିମ୍ବବୃକ୍ଷ ।

ଅରୁଆ, ବଂ. ( ଦେଶଜ ) ଧାନକୁ ସିଦ୍ଧ ନ କରି ତହିଁରୁ ଯେଉଁ ଚାଉଳ ବାହାର କରାଯାଏ ତାହାକୁ ଅରୁଆ ଚାଉଳ କହନ୍ତି, ଆତପ ତଣ୍ଡୁଳ ।

ଅରୁକ୍ } ବଂ. ( ଅ-ରୁଜ୍-୦, ଣ ) ନୀରୋଗ
ଅରୁଗ୍ଣ } ସୁସ୍ଥ ।

ଅରୁଚି, ବ. ସ୍ତ୍ରୀ (ଅ-ରୁଚି) ଆସକ୍ତି ବା ସ୍ପୃହାର ଅଭାବ, ଅଶ୍ରଦ୍ଧା, । ବଂ. ଶ୍ରଦ୍ଧାହୀନ, ଅନାସକ୍ତ ।

ଅରୁଣ, ବ. ପୁଂ. (ଋ-ଉନ) ସୂର୍ଯ୍ୟ, ସୂର୍ଯ୍ୟସାରଥି, ରକ୍ତିମା, ଈଷତ୍ ରକ୍ତିମା । ( ସୂର୍ଯ୍ୟ ଅର୍ଥରେ) ଯଥା—

କୋମଳ ଚରଣ ବାନ୍ଦଇ ଅରୁଣ
କେତେ ଲକ୍ଷଣ ଅଛି ଦେଖ । ର, କ,

ଅରୁଣାତ୍ମଜ, ବ. ପୁଂ. (ଅରୁଣ-ଆତ୍ମଜ-ଅ)ଅରୁଣ ପୁତ୍ର, ଜଟାୟୁ ପକ୍ଷୀ ।

ଅରୁଣାନୁଜ, ବ. ପୁଂ. ( ଅରୁଣ-ଅନୁ=ପଶ୍ଚାତ୍-ଜନ୍-ଅ) ଅରୁଣର ସାନ ଭାଇ, ଗରୁଡ଼ ପକ୍ଷୀ ।

ଅରୁଣିମା, ବ. ପୁଂ. (ଅରୁଣ-ଇମନ୍ ) ରକ୍ତିମା ।

ଅରୁଣୋଦୟ, ବ. ପୁଂ. (ଅରୁଣ-ଉଦୟ) ସୂର୍ଯ୍ୟୋଦୟର ପ୍ରାକ୍କାଳ, ପ୍ରତ୍ୟୁଷ ।

ଅରୁଣୋପଳ, ବ. ପୁଂ. (ଅରୁଣ-ଉପଳ=ପ୍ରସ୍ତର) ରକ୍ତବର୍ଣ୍ଣ ମଣି, ପଦ୍ମରାଗ ମଣି ।

ଅରୁନ୍ତୁଦ, ବଂ. (ଅରୁସ୍=ମର୍ମସ୍ଥାନ-ତୁଦ=ବ୍ୟଥା ଦେବା-ଅ) ମର୍ମପୀଡ଼କ, କ୍ଳେଶକାରକ ।

ଅରୁନ୍ଧତୀ, ବ. ସ୍ତ୍ରୀ. (ଅ-ରୁଧ୍-ତ-ଈ) ବଶିଷ୍ଠ ଋଷିଙ୍କ ପତ୍ନୀ, ନକ୍ଷତ୍ରବିଶେଷ ।

ଅରେ, } ଅଂ - କ୍ରୋଧ ଓ ଅବଜ୍ଞାସୂଚକ
ଅରେରେ, } ସମ୍ବୋଧନ ।

ଅରୋଗ, ବଂ. ( ଅ-ରୋଗ ) ଯାହାର ରୋଗ ହୁଏ ନାହିଁ, ରୋଗଶୂନ୍ୟ, ନୀରୋଗ ।

ଅରୋଗୀ, ବଂ. ( ଅରୋଗ-ଇନ୍ ) ରୋଗହୀନ, ବ୍ୟାଧିହୀନ, ସୁସ୍ଥକାୟ ।

ଅରୋଚକ, ବ. ପୁଂ. (ଅ-ରୋଚକ=ରୁଚ-ଅକ) ରୋଗବିଶେଷ, ଭକ୍ଷ୍ୟଦ୍ରବ୍ୟରେ ରୁଚି ନ ହେବା ରୋଗ ।

ଅର୍କ, ବ. ପୁଂ. ( ଅର୍କ=ପୂଜାକରିବା-ଅ, ଅଥବା ଅର୍କ=ତାପଦେବା-ଅ ) ସୂର୍ଯ୍ୟ, ଇନ୍ଦ୍ର, ତାମ୍ର, ସ୍ଫଟିକ, ବିଷ୍ଣୁ, ପଣ୍ଡିତ, ଅର୍କବୃକ୍ଷ, କର୍ପାସ, କ୍ୱାଥ, ଜ୍ୟେଷ୍ଠ, ରବିବାର, ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର, ଦ୍ୱାଦଶ ସଂଖ୍ୟା ।

ଅର୍କକ୍ଷେତ୍ର, ବ. ନ. (ଅର୍କ=ସୂର୍ଯ୍ୟ-କ୍ଷେତ୍ର=ସ୍ଥାନ) ସିଂହରାଶି, କୋଣାର୍କ ।

ଅର୍କଚନ୍ଦନ, ବ.ନ. (ଅର୍କ-ଚନ୍ଦନ) ରକ୍ତଚନ୍ଦନ ।

ଅର୍କଜ, } ବ. ପୁଂ. (ଅର୍କ-ଜ, ତନୟ) ଯମ,
ଅର୍କତନୟ, } ଶନି, ସୁଗ୍ରୀବ, କର୍ଣ୍ଣ, ଅଶ୍ୱିନୀ-କୁମାର, ବୈବସ୍ୱତ ଓ ସାବର୍ଣ୍ଣି ମନୁ ।

ଅର୍କଜା, } ବ. ସ୍ତ୍ରୀ. ଯମୁନା ।
ଅର୍କତନୟା, }

ଅର୍କଦୁଗ୍ଧ, ବ. ନ ଅର୍କଗଛର ଅଠା ବା କର୍ପୂାସ ।

ଅର୍କପାଦପ, ବ. ପୁଂ. (ଅର୍କ-ପାଦପ) ସ୍ୱନାମପ୍ରସିଦ୍ଧ ଗୁଳ୍ମବିଶେଷ, ଅରଖଗଛ । ଯଥା—

ଅର୍କପାଦପ ହେଲା ପତ୍ରବିହୀନ,
ସୌରକେତ୍ୟ ଖଣ୍ଡେ ଯଥା ହୁଅନ୍ତି ଦୀନ । ଭୁ, ସ୍ତ୍ର,

ଅର୍କପ୍ରିୟା, ବ. ସ୍ତ୍ରୀ. ( ଅର୍କ-ପ୍ରିୟା ) ଜବାପୁଷ୍ପ, ଛାୟା । ବଂ. ପଦ୍ମିନୀ ।

ଅର୍କବନ୍ଧୁ, ବ. ପୁଂ. ( ଅର୍କ-ବନ୍ଧୁ ) ଗୌତମ, ବୁଦ୍ଧ, ପଦ୍ମ ।

ଅର୍କବ୍ରତ, ବ.ପୁଂ. ସୂର୍ଯ୍ୟୋପାସନାର୍ଥ ବ୍ରତବିଶେଷ, ମାଘ ଶୁକ୍ଳ ସପ୍ତମୀରେ କର୍ତ୍ତବ୍ୟ ବ୍ରତବିଶେଷ ।

ଅର୍କୋପଳ, ବ. ପୁଂ. (ଅର୍କ-ଉପଳ) ସୂର୍ଯ୍ୟକାନ୍ତ-ମଣି ।

ଅର୍ଖିତ ବଂ ( ଅରକ୍ଷିତ ଶବ୍ଦଜ ) ଅନାଥ, ଦୀନ ।

ଅର୍ଗଳ, ବ. ନ. (ଋଜ୍=ସରଳ-ଅଳ )କବାଟର ଖିଲଣୀ, ପ୍ରତିବନ୍ଧକ, ସ୍ତୋତ୍ରବିଶେଷ ।

ଅର୍ଘ, ବ. ପୁଂ. (ଅର୍ଘ୍=ମୂଲ୍ୟ-ଅ) ମୂଲ୍ୟ । ଯଥା—

ମହାର୍ଘପରିଚ୍ଛଦଧାରିଣୀ ରମଣୀମାନେ ଶେଷ ନିଶ୍ୱାସ ନିକ୍ଷେପ କରୁଅଛନ୍ତି । ପ୍ରବନ୍ଧମାଳା ।

ଅର୍ଘ, ବଂ ପୁଂ. ( ଅର୍ଘ=ପୂଜା-ଅ ) ପୂଜାର ଉପକରଣ, ଦୁବ୍ବା ଅରୁଆ ଚାଉଳ ପ୍ରଭୃତି ।

ଅର୍ଘ୍ୟ, ବି°.(ଅର୍ଘ-ଯ) ପୂଜ୍ୟ, ମାନ୍ୟ । ବି. ନ. ଦୂର୍ବାଘାସ, ବନ୍ୟ ମଧୁ, ପୂଜାଯୋଗ୍ୟ ବସ୍ତୁ ।

ଅର୍ଚ୍ଚକ, ବି°. (ଅର୍ଚ୍ଚ-ଅକ) ପୂଜକ, ପୂଜାକାରକ ।

ଅର୍ଚ୍ଚନା, ବି. ସ୍ତ୍ରୀ. (ଅର୍ଚ୍ଚ=ପୂଜା-ଅନ-ଆ)ପୂଜା, ବନ୍ଦନା ।

ଅର୍ଚ୍ଚନୀୟ, ବି°. ( ଅର୍ଚ୍ଚ-ଅନୀୟ ) ଅର୍ଚ୍ଚନାଯୋଗ୍ୟ, ପୂଜ୍ୟ, ପୂଜନୀୟ ।

ଅର୍ଚ୍ଚି, ଅର୍ଚ୍ଚିସ୍, ବି. ନ. (ଅର୍ଚ୍ଚ-ଇ,ଇସ୍) ଅଗ୍ନି-ଶିଖା, ଜ୍ୱାଲା, ତେଜଃ, ପ୍ରଭା ।

ଅର୍ଚ୍ଚିତ,ବି°. (ଅର୍ଚ୍ଚ-ତ) ପୂଜିତ, ମାନ୍ୟ, ପ୍ରାପ୍ତ ।

ଅର୍ଜନ, ବି. ନ. (ଅର୍ଜ=ଉପାର୍ଜନ କରିବା-ଅନ) ଉପାର୍ଜନ, ରୋଜଗାର ।

ଅର୍ଜିନବିସ୍, ବି.(ଯାବନିକ) ଦରଖାସ୍ତ ଲେଖକ ।

ଅର୍ଜୁନ, ବି. ପୁଂ. (ଅର୍ଜ-ଉନ) ପାଣ୍ଡୁଙ୍କର ତୃତୀୟ ପୁତ୍ର, କାର୍ତ୍ତବୀର୍ଯ୍ୟ ରାଜା । ନ. ଶ୍ୱେତବର୍ଣ୍ଣ, ମୟୂର, ନେତ୍ରରୋଗବିଶେଷ, ଅର୍ଜୁନବୃକ୍ଷ, କର୍ପୂର, ଚନ୍ଦ୍ରକିରଣ ।

ଅର୍ଜୁନୀ, ବି ସ୍ତ୍ରୀ.···କରତୋୟା ନଦୀ, କୁଟ୍ଟିନୀ, ଗାଈଗୋରୁ । ଅନିରୁଦ୍ଧପତ୍ନୀ ଉଷା ।

ଅର୍ଣ୍ଣ, } ବି ପୁଂ. ( ଋ-ନ-ଅ, ଅସ୍ ) ଜଳ ।
ଅର୍ଣ୍ଣସ୍, } ଯଥା—

ଅର୍ଣ୍ଣ ପର୍ଣ୍ଣରେ ଯାନ୍ତି ଗାଣ୍ଡିବିଙ୍କ ବାନ୍ଧି । ଭ. ବ.

ଅର୍ଣ୍ଣବ, ବି. ପୁଂ. (ଅର୍ଣ୍ଣ=ଜଳ-ବ) ସମୁଦ୍ର, ସାଗର ।

ଅର୍ଣ୍ଣବଜ, ବି. ନ. (ଅର୍ଣ୍ଣବ-ଜନ୍-ଅ) ସମୁଦ୍ରଫେଣ, ବି°. ଅର୍ଣ୍ଣବଜାତ ।

ଅର୍ଣ୍ଣବତରୀ, } ବି. ପୁଂ. (ଅର୍ଣ୍ଣବ-ତରୀ, ପୋତ
ଅର୍ଣ୍ଣବପୋତ, } =ଜାହାଜ) ଜାହାଜ ।

ଅର୍ଣ୍ଣବଯାନ, ବି. ପୁଂ. ନ. (ଅର୍ଣ୍ଣବ-ଯା-ଅନ) ଜାହାଜ ।

ଅର୍ତ୍ତିନ, ବି. ନ. (ଋତ-ଅନ) ନିନ୍ଦା, ଅପବାଦ ।

ଅର୍ଥ, ବି. ପୁଂ. ( ଋ=ଗମନ କରିବା ବା ପ୍ରାପ୍ତ ହେବା-ଥ-ଅ) ଧନ, ପଦାର୍ଥ, ପ୍ରାର୍ଥନା, ଖବର ଅଭିଧେୟ ବା ପ୍ରତିପାଦ୍ୟ, ମାନେ, ପ୍ରୟୋଜନ, ଉଦ୍ଦେଶ୍ୟ, ସମର୍ଥନ ।

ଅର୍ଥକର, ବି°. ( ଅର୍ଥ-କୃ-ଅ ) ଯହିଁରେ ଧନ ଉପାର୍ଜନ ହୁଏ । ସ୍ତ୍ରୀ. ଅର୍ଥକରୀ ।

ଅର୍ଥକୃଚ୍ଛ୍ର, ବି. ନ. (ଅର୍ଥ-କୃଚ୍ଛ୍ର) ଧନକଷ୍ଟ ।

ଅର୍ଥଗୃଧ୍ନୁ, ବି°. ( ଅର୍ଥ-ଗୃଧ୍-ନୁ ) ଧନଲୋଭୀ ।

ଅର୍ଥତଃ, ଅ°. (ଅର୍ଥ-ତସ୍) ବସ୍ତୁତଃ, ଫଳତଃ ।

ଅର୍ଥଦ, ବି. ପୁଂ. (ଅର୍ଥ-ଦା-ଅ) ଶିଷ୍ୟ, ଛାତ୍ର, କୁବେର ।

ଅର୍ଥପତି, ବି. ପୁଂ. ( ଅର୍ଥ-ପତି ) ଧନାଧ୍ୟକ୍ଷ, କୁବେର, ଧନୀ, ରାଜା ।

ଅର୍ଥପର, ବି°.(ଅର୍ଥ-ପର) ଧନଲୋଭୀ, କୃପଣ, ବ୍ୟୟକୁଣ୍ଠିତ ।

ଅର୍ଥପିଶାଚ, ବି°. (ଅର୍ଥ-ପିଶାଚ) ଯେ ନ୍ୟାୟା-ନ୍ୟାୟ ଧର୍ମାଧର୍ମ ବିଚାରବିମୁଖ ହୋଇ ଧନ ଅର୍ଜନ କରେ, ଅତ୍ୟନ୍ତ ଲୋଭୀ ।

ଅର୍ଥବିତ୍, ବି°. (ଅର୍ଥ-ବିଦ୍) ଅର୍ଥଜ୍ଞ, ମେଧାବୀ, ତୀକ୍ଷ୍ଣବୁଦ୍ଧି ।

ଅର୍ଥପ୍ରୟୋଗ, ବି. ପୁଂ, (ଅର୍ଥ-ପ୍ର-ଯୁଜ୍-ଅ) ଋଣ-ଦାନ, ବାଣିଜ୍ୟାଦିରେ ଅର୍ଥ ବ୍ୟବହାର ।

ଅର୍ଥଲୁବ୍ଧ, ବି. (ଅର୍ଥ-ଲୁବ୍ଧ) ଧନଲୋଭୀ ।

ଅର୍ଥବାନ୍, ବି°. (ଅର୍ଥ-ବତ୍) ଅର୍ଥଯୁକ୍ତ, ଧନୀ ।

ଅର୍ଥଶାସ୍ତ୍ର, ବି. ନ. ଅର୍ଥନୀତିବିଷୟକ ଶାସ୍ତ୍ର ।

ଅର୍ଥସିଦ୍ଧି, ବି. ସ୍ତ୍ରୀ. (ଅର୍ଥ-ସିଦ୍ଧି) ଇଷ୍ଟସିଦ୍ଧି, ପ୍ରୟୋଜନସିଦ୍ଧି ।

ଅର୍ଥାଗମ, ବି. ପୁଂ. (ଅର୍ଥ-ଆ-ଗମ୍-ଅ) ଅର୍ଥପ୍ରାପ୍ତି, ଉପାର୍ଜନ ।

ଅର୍ଥାତ୍, ଅ°. ଅର୍ଥବଶତଃ, ଫଳତଃ, ବସ୍ତୁତଃ ।

ଅର୍ଥାନ୍ତର, ବି. ନ. ( ଅର୍ଥ-ଅନ୍ତର) ଅନ୍ୟ ଅର୍ଥ ।

ଅର୍ଥାନ୍ତରନ୍ୟାସ, ବି. ପୁଂ. କାର୍ଯ୍ୟଦ୍ୱାରା କାରଣର ଏବଂ କାରଣଦ୍ୱାରା କାର୍ଯ୍ୟର ସମର୍ଥନରୂପ ଅର୍ଥାଲଙ୍କାର ବିଶେଷ ।

ଅର୍ଥିତ, ବି°. ( ଅର୍ଥ-ତ ) ବାଞ୍ଛିତ, ଅଭିଲଷିତ ।

ଅର୍ଥୀ, ବିଂ. (ଅର୍ଥ-ଇନ୍) ପ୍ରାର୍ଥୀ, ଧନୀ । ବି. ପୁଂ. ଯେ ଅର୍ଥ ବା ବ୍ୟାଖ୍ୟା କରେ, ଅଧ୍ୟାପକ । ଯଥା—

ପଦ ସକଳ ଧ୍ୱନିରେ ଜଗତ ମୋହିବ,
ଅର୍ଥିଜନପ୍ରକରଙ୍କୁ ଆନନ୍ଦ କରିବ । ଲା. ବ.

ଅର୍ଦ୍ଦନ, ବି. ନ. (ଅର୍ଦ୍ଦ-ଅନ) ପୀଡ଼ନ, ପ୍ରାର୍ଥନା, ହନନ, ଗମନ, । ବିଂ. ହନ୍ତା, ବନାଶକ ।

ଅର୍ଦ୍ଦିତ, ବିଂ. (ଅର୍ଦ୍ଦ-ତ) ପୀଡ଼ିତ, ଯାଚିତ, ଗତ । ବି. ନ. ବାତରୋଗବିଶେଷ, ମୁଖମଣ୍ଡଳର ପକ୍ଷାଘାତ ।

ଅର୍ଦ୍ଧ, ବି. ପୁଂ. (ଋଧ୍-ଅ) ଅଂଶ, ସମାନ ଅର୍ଦ୍ଧାଂଶ । ବିଂ. ଦୁଇଭାଗ କରାଯାଇଥିବା, ଦ୍ୱିଭାଗୀକୃତ ।

ଅର୍ଦ୍ଧଗଙ୍ଗା, ବି. ସ୍ତ୍ରୀ. (ଅର୍ଦ୍ଧ-ଗଙ୍ଗା) କାବେରୀ ନଦୀ, ଏ ନଦୀରେ ସ୍ନାନ କଲେ ଗଙ୍ଗାସ୍ନାନର ଅର୍ଦ୍ଧଫଳ ମିଳେ ବୋଲି ଏହାର ଏପରି ନାମ ହୋଇଅଛି ।

ଅର୍ଦ୍ଧଚନ୍ଦ୍ର, ବି. ପୁଂ, ଚନ୍ଦ୍ରର ଅର୍ଦ୍ଧେକ, ନଖକ୍ଷତ ଚିହ୍ନ, ଗଳା ଚିପି ଧରିବା, ଗଳାଧକା ।

ଅର୍ଦ୍ଧଯାମ, ବି. ପୁଂ, ଯାମ=ପ୍ରହର ତାହାର ଅର୍ଦ୍ଧ=୨ ଘଡ଼ି ।

ଅର୍ଦ୍ଧରାତ୍ର, ବି. ପୁଂ. ନିଶୀଥ, ରାତ୍ରିର ମଧ୍ୟଭାଗ ।

ଅର୍ଦ୍ଧସ୍ଫୁଟ, ବିଂ. (ଅର୍ଦ୍ଧ-ସ୍ଫୁଟ) ଅଧଫୁଟା । ଯଥା—ଅର୍ଦ୍ଧସ୍ଫୁଟ ବାକ୍ୟ, ଅର୍ଦ୍ଧପ୍ରକାଶିତ କଥା ।

ଅର୍ଦ୍ଧାଙ୍ଗ, ବି. ନ. (ଅର୍ଦ୍ଧ-ଅଙ୍ଗ) ଶରୀରର ଅର୍ଦ୍ଧେକ, ପତ୍ନୀ ।

ଅର୍ଦ୍ଧାଶନ, ବି. ନ. (ଅର୍ଦ୍ଧ-ଅଶନ) ଅର୍ଦ୍ଧ-ଭୋଜନ ।

ଅର୍ଦ୍ଧାସନ, ବି. ନ. (ଅର୍ଦ୍ଧ-ଆସନ) ଆସନର ଅର୍ଦ୍ଧାଂଶ, ସ୍ନେହଦାନ ।

ଅର୍ଦ୍ଧୋକ୍ତି, ବି. ସ୍ତ୍ରୀ. (ଅର୍ଦ୍ଧ-ଉକ୍ତି) ଅସମ୍ପୂର୍ଣ୍ଣ କଥନ, କହିବା, ଅର୍ଦ୍ଧକଥନ ।

ଅର୍ପଣ, ବି. ନ. (ଅର୍ପି-ଅନ) ସ୍ଥାପନ, ସମର୍ପଣ, ପ୍ରଦାନ, ସମ୍ପ୍ରଦାନ ।

ଅର୍ପିତ, ବିଂ. (ଅର୍ପି-ତ) ଦତ୍ତ, ଗଚ୍ଛିତ, ନ୍ୟସ୍ତ ।

ଅର୍ଭ
ଅର୍ଭକ } ବି. ପୁଂ (ଋ=ବୃଦ୍ଧି ପାଇବା-ଭ, କ) ବାଳକ, ଶିଶୁ, ଶାବକ, ମୂର୍ଖ, କୃଶ ।

ଅର୍ଯ୍ୟ, ବି. ପୁଂ. (ଋ-ଯ) ସ୍ୱାମୀ, ବୈଶ୍ୟ । ବିଂ. ଶ୍ରେଷ୍ଠ ।

ଅର୍ଯ୍ୟମା, ବି. ପୁଂ. (ଋ-ମନ୍) ସୂର୍ଯ୍ୟ, ଉତ୍ତର-ଫାଲ୍‌ଗୁନୀ ନକ୍ଷତ୍ର, ଅର୍କବୃକ୍ଷ, ପିତୃଗଣର ରାଜା । ଯଥା—

ପିତୃଗଣଙ୍କ ମଧ୍ୟେ ମୁହିଁ
ଅର୍ଯ୍ୟମା ନାମଟି ବୋଲାଇ । ଘଟବତ ।

ଯମ, ଦ୍ୱାଦଶ ଆଦିତ୍ୟ ମଧ୍ୟରୁ ଅନ୍ୟତମ ଆଦିତ୍ୟ ।

ଅର୍ବନ୍, ବି. ପୁଂ. (ଋ=ଗମନ କରିବା-ବନ୍) ଘୋଟକ, ଅଶ୍ୱ । ବିଂ. ନୀଚ । ଅର୍ବତୀ, ସ୍ତ୍ରୀ. ଘୋଟକୀ, କୁଟ୍ଟିନୀ ।

ଅର୍ବାକ୍, ଅଂ. (ଅବର-ଅନର୍-୦) ଆଦ୍ୟମ, ପୂର୍ବ, ପଶ୍ଚାତ୍ । ବିଂ. ନିକଟ, ନିକୃଷ୍ଟ ।

ଅର୍ବାଚୀନ, ବିଂ. (ଅର୍ବାର୍=ନିକୃଷ୍ଟ-ଈନ) ବିରୁଦ୍ଧ, ପଶ୍ଚାଦ୍‌ବର୍ତ୍ତୀ, ନୂତନ, ଅଧମ, ନୀଚ ।

ଅର୍ବୁଦ, ବି. ପୁଂ. ନ. (ଅର୍ବ=ହିଂସା କରିବା-ଉଦ) ଦଶ କୋଟି ସଂଖ୍ୟା, ଆବୁରୋଗ, ପର୍ବତବିଶେଷ ।

ଅର୍ଶ
ଅର୍ଶସ୍ } ବି. ନ. (ଅର୍-ଶ-ଅ, ଅସ୍) ଅର୍ଶ ପର ହିଂସାକାରୀ ରୋଗବିଶେଷ, ମଳ ସହିତ ରକ୍ତପାତ ଏ ରୋଗର ସାମାନ୍ୟ ଲକ୍ଷଣ । ଗୁହ୍ୟଦେଶସ୍ଥ ଅର୍ଶରୋଗ ।

ଅର୍ହ, ବିଂ. (ଅର୍ହ=ଯୋଗ୍ୟ ହେବା-ଅ) ଯୋଗ୍ୟ, ଉପଯୁକ୍ତ । (ଅର୍ହ=ପୂଜା କରିବା-ଅ) ପୂଜ୍ୟ । ବି. ପୁଂ. ଇନ୍ଦ୍ର, ପରମେଶ୍ୱର ।

ଅର୍ହଣୀୟ, ବିଂ. (ଅର୍ହ-ଅନୀୟ) ପୂଜନୀୟ, ପୂଜ୍ୟ ।

**ଅଲଂ**, ଅ. ଭୂଷଣ, ନିଷେଧ, ବାରଣ, ନିରର୍ଥକ, ବ୍ୟର୍ଥ, ପର୍ଯ୍ୟାପ୍ତି ।

**ଅଳକ**, ବି. ପୁଂ. ନ. (ଅଲ୍=ଭୂଷିତ କରିବା-ଅକ) ଚୂର୍ଣ୍ଣକୁନ୍ତଳ, ଅଙ୍ଗାଲପ୍ତ କୁଙ୍କୁମ, ମେଘ-ବିଶେଷ, ଯେଉଁ ମେଘ ଚୂର୍ଣ୍ଣକୁନ୍ତଳ ପରି ଓ ବିକ୍ଷିପ୍ତ କାର୍ପାସ ପରି ଦେଖାଯାଏ, ମସ୍ତକର ଅଳଙ୍କାରବିଶେଷ । (ଚୂର୍ଣ୍ଣକୁନ୍ତଳ) ଯଥା—

> ବଦନ ନିଜ ମଣ୍ଡଳେ ଚନ୍ଦ୍ର ଦ୍ୱିଗୁଣ ଝଟକେ,
> ଦିଶେନିନ୍ଦୁରୂପେ ଘନେ ରଜନୀ ଅଳକେ । କ. ଦ.

**ଅଲକନନ୍ଦା**, ବି. ସ୍ତ୍ରୀ. (ଅଲକ-ନନ୍ଦା) ବାଳକା (ଅଳକା=କୁବେରପୁରୀ ନନ୍ଦା) ଗଙ୍ଗା ।

**ଅଲକପ୍ରଭା**, ବି. ସ୍ତ୍ରୀ କୁବେର ରାଜଧାନୀ ।

**ଅଲକସ୍ତର**, ବି. ପୁଂ (Cirro-stratus) ମେଘବିଶେଷ, ଯେଉଁ ମେଘ ପ୍ରଥମେ ଅଲକ ବା ଚୂର୍ଣ୍ଣକୁନ୍ତଳ ପରି ଉତ୍ପନ୍ନ ହୁଏ, ତତ୍ପରେ ସ୍ତରମେଘ ସହିତ ମିଶ୍ରିତ ହୁଏ ।

**ଅଲକସ୍ତୂପ**, ବି. ପୁଂ. ଯେଉଁ ମେଘ ପ୍ରଥମେ ଅଲକ ଆକାରରେ ଉତ୍ପନ୍ନ ହୋଇ ଶେଷରେ ସ୍ତୂପମେଘ ସହିତ ମିଶ୍ରିତ ହୁଏ ।

**ଅଲକା**, ବି. ସ୍ତ୍ରୀ. (ଅଲ୍=ଭୂଷିତ କରିବା ଅକ-ଆ)ଆଠ ଦଶ ବର୍ଷର ବାଳକା, କୁବେରପୁରୀ, ଅଲଙ୍କାରବିଶେଷ । ଯଥା—

> କୁଟିଳ କାଳ ଅଳକା ଲୁଳେ,
> କମଳେ ଶୋଭି ଯେହ୍ନେ ଛେବାଳେ । ନ. କ.

**ଅଲକାଧିପ**, ବି ପୁଂ. ( ଅଲକା-ଅଧି-ପା-ଅ ) କୁବେର ।

**ଅଲକ୍ତ**, } ବି. ପୁଂ. (ଅ-ଲକ୍ତ,କ) ଯାହାଠାରୁ
**ଅଲକ୍ତକ**, } ବଳି ଆଉ ରକ୍ତବର୍ଣ୍ଣ ପଦାର୍ଥ ନାହିଁ, ଅଲତା, ଲକ୍ଷାରସ ।

**ଅଲକ୍ଷ**, ବିଂ. ( ଅ-ଲକ୍ଷ=ତୁଳନା ) ଅସମାନ, ତୁଳନାର ଅଯୋଗ୍ୟ ।

**ଅଲକ୍ଷଣ**, ବି. ନ. (ଅ-ଲକ୍ଷଣ=ଚିହ୍ନ)କୁଲକ୍ଷଣ, ଅଶୁଭ ଚିହ୍ନ, ଅମଙ୍ଗଳ । ବି. କୁଲକ୍ଷଣାକ୍ରାନ୍ତ ।

**ଅଲକ୍ଷଣୀ**, ବି. ସ୍ତ୍ରୀ. (ଅଲକ୍ଷଣା ଶବ୍ଦଜ) ଯେଉଁ ସ୍ତ୍ରୀଲୋକଠାରେ ଭଲ ଲକ୍ଷଣ ନ ଥାଏ ।

**ଅଲକ୍ଷିତ**, ବିଂ. (ଅ-ଲକ୍ଷ-ତ) ଅଦୃଷ୍ଟ, ଅଜ୍ଞାତ, ଅଚର୍ଚ୍ଚିତ ।

**ଅଲକ୍ଷ୍ମୀ**, ବି. ସ୍ତ୍ରୀ. (ଅ-ଲକ୍ଷ୍ମୀ)ଲକ୍ଷ୍ମୀଙ୍କ ବଡ଼ ଭଉଣୀ, ଲକ୍ଷ୍ମୀଙ୍କ ବିରୋଧିନୀ ଦେବତା, ଦୁର୍ଦ୍ଦଶା ।

**ଅଲକ୍ଷ୍ୟ**, ବିଂ. ( ଅ-ଲକ୍ଷ୍ୟ ) ସନ୍ଦର୍ଶନ ନୁହେଁ, ଅଦୃଶ୍ୟ ଅନନ୍ଵେଷିତ ।

**ଅଲଗର୍ଦ୍ଦ**, ବି. ପୁଂ. (ଅ-ଲଗ୍=ଲଗ୍ନ ହେବାର-ଅର୍ଦ୍ଦ୍=ଗମନ କରିବା-ଅ) ଚଳିଲାବେଳେ ଯାହାର ସର୍ବାଙ୍ଗ ଭୂମିରେ ସଂଲଗ୍ନ ହୁଏ ନାହିଁ, ସର୍ପ ।

**ଅଲଗ** } ବି. ( ଅଲଗ୍ନ ଶବ୍ଦଜ ) ଅସଂଲଗ୍ନ,
**ଅଲଗା** } ପୃଥକ୍ । ଯଥା—

> ଅଲଗା ଦିଶନ୍ତି ଲଗ୍ନ ପରସ୍ପର । ଚଳକା

**ଅଲଗୁନି**, ବିଂ. (ଦେଶଜ)ବସ୍ତ୍ରାଦି ରଖିବା ନିମିତ୍ତ ଝୁଲା ହୋଇଥିବା କାଷ୍ଠ ବା ବାଉଁଶ ଦଣ୍ଡ ।

**ଅଲଘୁ**, ବିଂ. (ଅ-ଲଘୁ ) ଭାରୀ, ଗୁରୁ, ପ୍ରବଳ, ଅଚଞ୍ଚଳ ।

**ଅଲଙ୍କରଣ**, ବି. ନ. (ଅଲମ୍=ଭୂଷିତ କରିବା-କୃ-ଅନ)ଭୂଷଣ, ଅଲଙ୍କାର,ଭୂଷିତ କରିବା ।

**ଅଲଙ୍କରିଷ୍ଣୁ**, ବିଂ. ( ଅଲମ୍-କୃ-ଇଷ୍ଣୁ ) ଭୂଷଣ-କାରୀ, ଭୂଷକ, ବେଶ କରିବା ବ୍ୟକ୍ତି ।

**ଅଲଙ୍କର୍ତ୍ତା**, ବିଂ. ( ଅଲମ୍-କୃ-ତୃ ) ଭୂଷଣକାରୀ, ଭୂଷକ ।

**ଅଲଙ୍କାର**, ବି. ପୁଂ. ( ଅଲମ୍-କୃ-ଅ ) ଭୂଷଣ, ଆଭରଣ, ଗହଣା । କାବ୍ୟର ସୌନ୍ଦର୍ଯ୍ୟ ବିଶେଷ, ଉପମାଦି ଅଳଙ୍କାର, କାବ୍ୟାଦିର ଦୋଷଗୁଣ ପ୍ରତିପାଦକ ଶାସ୍ତ୍ର ।

**ଅଲଙ୍କୃତ**, ବିଂ. (ଅଲମ୍-କୃତ) ଭୂଷିତ, ଶୋଭିତ, ମଣ୍ଡିତ ।

**ଅଲଂଘ୍ୟ**, ବିଂ. ( ଅ-ଲନ୍ଘ୍=ଅତିକ୍ରମ କରିବା-ଯ ) ଦୁରତିକ୍ରମଣୀୟ, ଯାହା ଅତିକ୍ରମ କରି ଯାଏ ନାହିଁ ।

ଅଲଣା, ବିଂ. ( ଅଲବଣ ଶବ୍ଦଜ ) ସ୍ୱାଦହୀନ, ଅସାର, ନିକୃଷ୍ଟ । ଯଥା—

ଇନ୍ଦ୍ରାସ୍ୟେ ତାର ଅଧରେ ନରେ ଯେଉଁ ତୁଳନା,
ଇନ୍ଦୁ ବିନ୍ଦୁ ଇନ୍ଦ୍ର ସଙ୍ଗେ ସୁନ୍ଦରର ତୁଳା ଅଲଣା । ଉଚା ।

ଅଲତା, ବି. ସ୍ତ୍ରୀ. (ଅଲକ୍ତ ଶବ୍ଦଜ) ଲାକ୍ଷାରସ ।

ଅଲତା-ସିନ୍ଦୂର, ବି. ବିବାହ ବେଦିରେ ସ୍ତ୍ରୀଲୋକ-ମାନଙ୍କଦ୍ୱାରା ଅନୁଷ୍ଠିତ ବିଧିବିଶେଷ ।

ଅଲନ୍ଧୁ, ବି. (ଅଲନ୍ଧୂମ ଶବ୍ଦଜ) ରନ୍ଧନଗୃହମଧ୍ୟସ୍ଥ ଧୂମର କଳା । ଯଥା—

ମଧ୍ୟାହ୍ନେ ଅନ୍ଧାର କଣରେ ଅଲନ୍ଧୁ । ମହାଯାତ୍ରା ।

ଅଲନ୍ଧୂମ, ବି. ପୁଂ. (ଅଲମ୍-ଧୂମ) ଧୂମସମୂହ ।

ଅଲପ, ବି. ( ଅଳ୍ପ ଶବ୍ଦଜ ) ସାମାନ୍ୟ, କିଞ୍ଚିତ୍ ।

ଅଲବ୍ଧ, ବିଂ. ( ଅ-ଲବ୍ଧ) ଅପ୍ରାପ୍ତ, ଅନଧିଗତ ।

ଅଲଭ୍ୟ, ବିଂ. (ଅ-ଲଭ୍ୟ) ଯାହା ଲାଭ କରାଯାଇ ନ ପାରେ, ଅପ୍ରାପ୍ୟ ।

ଅଲମ୍ବୁଷ, ବି. ପୁଂ. ( ଅଲଂ-ବୁସ୍-ଅ ) ରାକ୍ଷସ-ବିଶେଷ, ଏ ରାକ୍ଷସ ଅଭିମନ୍ୟୁ ସହିତ କୁରୁ-କ୍ଷେତ୍ର ଯୁଦ୍ଧରେ ମାୟାଯୁଦ୍ଧ କରି ପରାସ୍ତ ହୋଇଥିଲା ।

ଅଲର୍କ, ବି. (ଅଲଂ-ଅର୍କ ଅ- ) ପାଗଳା କୁକୁର, ଧଳା ଅର୍କଗଛ ।

ଅଲରା, ବିଂ ( ଦେଶଜ ) ବିଶୃଙ୍ଖଳ, ଅଡ଼ୁଆ, ଅପରିଷ୍କୃତ ।

ଅଲବତ୍, ଅଂ ( ଯାବନିକ) ନିଶ୍ଚେ ।

ଅଲବାଲ ବି. ନ. ( ଅ-ଲୁ-ଆଲ ) ଜଳଦାନ ନିମନ୍ତେ ବୃକ୍ଷମୂଳସ୍ଥ ମଣ୍ଡା, ଆଲବାଲ ।

ଅଲସ, ବିଂ. ( ଅ-ରସ୍-ଅ ବା ଅ-ଲସ୍-ଅ ) ଆଲସ୍ୟଯୁକ୍ତ, ଅଲସୁଆ । ବି. ମଠ, ବିଲମ୍ବ ।

ଅଲସକ, ବି ପୁଂ. ( ଅଳସ-କ-ଅ କିମ୍ବା ଅ-ଲସ୍-ଅକ) ଉଦରାମୟ ରୋଗବିଶେଷ ।

ଅଲସୁଆ, ବିଂ. ଅଲସ, ଆଲସ୍ୟଯୁକ୍ତ ।

ଅଳାଇଚ, ବି. ( ଏଲା-ଶବ୍ଦଜ ) ସୁନାମପ୍ରସିଦ୍ଧ ଶସ୍ୟ ।

[illegible], ବିଂ (ଯାବନିକ ) ଅସଂଯୁକ୍ତ, [illegible] ।

ଅଲାଗୀ, ବିଂ. (ଅଲଗ୍ନ ଶବ୍ଦଜ) ଅସ୍ପନ୍ଦଭ । ସ୍ତ୍ରୀ—ରଜୋବତୀ ଅସ୍ପୃଶ୍ୟା ସ୍ତ୍ରୀ ।

ଅଲାଜୁକ, ବିଂ. (ଅଲଜ୍ଜ ଶବ୍ଦଜ) ନିର୍ଲଜ୍ଜ ।

ଅଲାତ, ବି. ( ଅ-ଲା-ତ ). ଜଳନ୍ତା ଅଙ୍ଗାର, ନିଆଁ ଖୁଣ୍ଟା ।

ଅଲାବୁ } ବି. ସ୍ତ୍ରୀ. ନ. (ଅ-ଲବ=ମଗ୍ନ ହେବାର-
ଅଲାବୂ } ଉ. ଊ) ଯାହା ବୁଡ଼େ ନାହିଁ, ଲାଉ ।

ଅଳି, ବି. ପୁଂ. (ଅଲ୍=ଭୂଷିତ କରିବା-ଇ) ଭ୍ରମର, ବିଛା, ମଦ୍ୟ, କୋକିଳ, କାକ, (ଦେଶଜ) ହଠ, ଗୋଳ, ସନିର୍ବନ୍ଧ ପ୍ରାର୍ଥନା ।

ଅଲିଅର } ବିଂ. ( ଦେଶଜ ) ସ୍ନେହପାଳିତ,
ଅଝଲ } ଗେଲବସର ।

ଅଲିଆ, ବି. (ଦେଶଜ) ଝାଙ୍ଗୁଆ ।

ଅଳିନ୍ଦ, ବି. ପୁଂ. ( ଅଲ=ଭୂଷିତ କରିବା-ଇନ୍ଦ ) ଯାହାଦ୍ୱାରା ଗୃହ ସୁନ୍ଦର ଦିଶେ, ପିଣ୍ଡା । ଯଥା—

ବକ୍ଷେ କର ମାରି ଉଚ୍ଚେ କାନ୍ଦିଲେ ଅଙ୍ଗନା
ଅଳିନ୍ଦେ ଟିକାକ୍ଷେ ଦ୍ୱାରେ ପ୍ରସାଦଶିଖରେ । ମ. ଯା.

ଅଳୀ, ବି. ପୁଂ. ( ଅଲ୍-ଇନ୍ ) ଭ୍ରମର, ବିଛା ।

ଅଲୀକ, ବି. ନ. ( ଅଲ୍=ନିବାରଣ କରିବା-ଈକ ) ଲଲାଟ, ଆକାଶ । ବିଂ. ମିଥ୍ୟା, ଅସତ୍ୟ, ଅସୁଖକର, ଅପ୍ରିୟ । ଯଥା—

ଅଶିତ ତିଳକ ଅଲୀକରେ ଅଳକ ଅନାଇ ଅଳୀକରେ,
ଅମ୍ଳାନ ସରୋଜ ଶ୍ରୀମୁଖରେ ଘୋର,
ଅଳି କରି ବୋଲି ଅଳି କରେ । କବିସୂର୍ଯ୍ୟ

ଅଲେଖ, ବି. (ପ୍ରା. ଅ-ଲେଖା) ତଳକଉପଜା, ଅଲେଖ ଧର୍ମସମ୍ପ୍ରଦାୟ, ମହିମାଧର୍ମାବଲମ୍ବୀ । ବିଂ. ଅଗଣା, ଯାହା ଲେଖା ହେବାର ଯୋଗ୍ୟ ନୁହେ, ନୀଚ, ନିକୃଷ୍ଟ ।

ଅଲୋକସାମାନ୍ୟ, ବିଂ. ( ଅ-ଲୋକ-ସାମାନ୍ୟ ) ଯାହା ସଂସାରରେ ମିଳେ ନାହିଁ, ଅସାଧାରଣ ।

ଅଲୋକିତ, ବିଂ. (ଦେଶଜ) ଆଶ୍ଚର୍ଯ୍ୟାନ୍ୱିତ । ଯଥା—

ଅଲୋକିତ [illegible] ଲୋକର କରୁ । ସଂ. ବି.

**ଅଲୌକିକ**, ବିଂ. ( ଅ-ଲୋକ=ଭୁବନ-ଇକ ) ଅସାମାନ୍ୟ, ଲୋକାତୀତ, ଯେ ଲୋକ-ବ୍ୟବହାର ଜାଣେ ନାହିଁ ।

**ଅଳ୍ପ**, ବିଂ. (ଅଲ୍=ନିବାରଣ କରିବା-ପ) କ୍ଷୁଦ୍ର, ଈଷତ୍, କିଛି କମ୍, ତୁଚ୍ଛ ।

**ଅଳ୍ପତନୁ**, ବି. ପୁଂ. ( ଅଳ୍ପ-ତନୁ ) ଖର୍ବଦେହ, ବାମନ, ଦୁର୍ବଳ ।

**ଅଳ୍ପଦର୍ଶୀ**, ବିଂ. (ଅଳ୍ପ-ଦୃଶ୍-ଇନ୍ ) ଯେ ବିଚକ୍ଷଣ ନୁହେ, ଯାହାର ବିଜ୍ଞତା ଜନ୍ମି ନାହିଁ ।

**ଅଳ୍ପଭାଷୀ**, ବିଂ. ( ଅଳ୍ପ-ଭାଷୀ ) ଯେ ଅଧିକ କଥା କହେ ନାହିଁ, ମିତଭାଷୀ ।

**ଅଳ୍ପଶଃ**, ଅଂ. (ଅଳ୍ପ ଶସ୍ ) ଅଳ୍ପେ ଅଳ୍ପେ, ଅଳ୍ପ ଅଳ୍ପ କରି ।

**ଅଳ୍ପାୟୁଃ**, ବିଂ. ( ଅଳ୍ପ-ଆୟୁସ୍ ) ଯାହାର ଆୟୁ ଅଳ୍ପ, ଯେ ଦୀର୍ଘଜୀବୀ ନୁହେ ।

**ଅଳ୍ପିଷ୍ଠ**, **ଅଳ୍ପୀୟାନ୍** } ବିଂ. ( ଅଳ୍ପ-ଇଷ୍ଠ, ଈୟସ୍ ) ଅତ୍ୟଳ୍ପ, ଅତି କ୍ଷୁଦ୍ର ।

**ଅଲ୍ହାଳ**, ବିଂ. ( ଦେଶଜ ) ଗେହ୍ଲା, ସେରନ୍ଧ୍ରା । ଯଥା—

ସେ ତ ଅଲ୍ୟଳା ହୁଇଲା
କେଉଁ କଥାରୁ କି ଚଙ୍ଗି କାହିଁକି ଅଣିଲା । ଦ. ତ.

**ଅବ**, ଅଂ. (ଅବ୍=ରକ୍ଷା କରିବା-ଅ, ଉପସର୍ଗ) ବିସ୍ତାର, ନ୍ୟୂନତା, ବିଶ୍ରାମ, ଆଦେଶ, ଅସମ୍ମାନ, ନିଶ୍ଚୟ, ପୁଷ୍ଟି, ଶୋଧନ, ଜ୍ଞାନ, ବ୍ୟାପ୍ତି, ଆଲମ୍ବନ, ପାଳନ, ପରିଭବ ଇତ୍ୟାଦି ।

**ଅବକାଶ**, ବି. ପୁଂ. (ଅବ=ମଧ୍ୟ-କାଶ=ଦୀପ୍ତି ହେବା-ଅ ) ଅବସର, ଛୁଟି, ମଧ୍ୟସ୍ଥାନ, ସ୍ଥାନ, ସମୟ, ଫାଙ୍କ ।

**ଅବକ୍ତବ୍ୟ**, ବିଂ. (ଅ-ବକ୍ତବ୍ୟ ) ଯାହା କହିବା ଉଚିତ ନୁହେ, ଅକଥ୍ୟ, ଅବାଚ୍ୟ ।

**ଅବକ୍ଷେପ**, **ଅବକ୍ଷେପଣ** } ବି. ପୁଂ. (ଅବ-କ୍ଷିପ୍-ଅ,ଅନ୍ ) ନିକ୍ଷେପ, ଅଧୋନିକ୍ଷେପ, ତିରସ୍କାର ।

**ଅବକ୍ଷେପଣୀ**, ବି.ସ୍ତ୍ରୀ. (ଅବ-କ୍ଷିପ୍-ଅନ-ଈ) ଲଗାମ ।

**ଅବଗତ**, ବିଂ. (ଅବ-ଗମ୍-ତ) ଜ୍ଞାତ, ବିଦିତ ।

**ଅବଗଣିତ**, ବିଂ. ( ଅବ-ଗଣ୍-ତ ) ଦୂଷିତ, ଅବମାନିତ, ତିରସ୍କୃତ ।

**ଅବଗତି**, ବି. ସ୍ତ୍ରୀ. ( ଅବ-ଗମ୍-ତି ) ଜ୍ଞାନ, ଜାଣିବାର, ବୋଧ ।

**ଅବଗାହ**, **ଅବଗାହନ** } ବି. ପୁଂ. (ଅବ-ଗାହ-ଅ, ଅନ) ବୁଡ଼ିକରି ଗାଧୋଇବା, ମଜ୍ଜନ, ସ୍ନାନ ।

**ଅବଗାହିବା**, କ୍ରି. (ଅବ-ଗାହ ଧାତୁଜ) ଗାଧୋଇବା । ଯଥା—

ଅବଗାହୁଛନ୍ତି କରି ଦଳେ ଦଳେ,
ଦକ୍ଷମ ପଶ୍ୱେ ଦଶି ସ୍ରୋତଜଳେ । ନ. କେ.

**ଅବଗାହୀ**, ବିଂ. (ଅବ-ଗାହ-ଇନ୍ ) ଅବଗାହନକାରୀ, ଅନୁଭବୀ । ଯଥା—

ମୁଁ ତହିଁରେ ନାହିଁ ଅବଗାହୀ ରେ ପ୍ରିୟସହି ।
ସଙ୍ଗୀତ କଳ୍ପଲତା

**ଅବଗୁଣ୍ଠନ**, ବି. ନ. (ଅବ-ଗୁଣ୍ଠ୍-ଅନ) ଓଢ଼ଣା, ଆଚ୍ଛାଦନ । ଯଥା—

ଏହାର ବିମଳ କଳେବର ପ୍ରଳୟରେ
ହୋଇଲା ଅବଗୁଣ୍ଠନ କ୍ଷଣେ ଭୂମୂଟରେ । କ, ବ,

**ଅବଗୁଣ୍ଠିତ**, ବିଂ. ( ଅବ-ଗୁଣ୍ଠ-ତ ) ଆବୃତ, ଆଚ୍ଛାଦିତ । ଯଥା—

ଚିକ୍କଣର ଅନ୍ଧକାର ଧରଣୀମୁଖକୁ ଅବଗୁଣ୍ଠିତ କଲାମାତ୍ରକେ
ଏକ ପ୍ରକାଣ୍ଡ ଅଗ୍ନିକାଣ୍ଡ ନୟନଗୋଚର ହେଲା । ପ୍ର. ମା.

**ଅବଗ୍ରହ**, ବି. ପୁଂ. (ଅବ-ଗ୍ରହ-ଅ) ଅନାବୃଷ୍ଟି । ଯଥା—

ପାଦପବୃନ୍ଦେ ଏବେ ଲକ୍ଷ୍ମୀଲୀଳାସରଃ
ଶୁଖି ଯିବ ଆହା ଏହି କ୍ରୂର ଅବଗ୍ରହେ । ମ. ଯା.

**ଅବଘାତ**, ବି. ପୁଂ. (ଅବ-ହନ୍-ତ) ଅପହତ୍ୟା, ଚାଉଳ ଇତ୍ୟାଦି କାଣ୍ଡିବା, ପରିଷ୍କାର କରିବା ।

**ଅବଚୟ**, ବି. ପୁଂ. (ଅବ-ଚୟ) ଚୟନ, ସଂଗ୍ରହ ।

**ଅବଚ୍ଛିନ୍ନ**, ବିଂ. (ଅବ-ଛିଦ୍-ତ) ବିଶିଷ୍ଟ, ସୀମାବଦ୍ଧ, ସଙ୍କୁଚିତ, ଛିନ୍ନ, ବିଭକ୍ତ ।

**ଅବଚ୍ଛେଦ**, ବି. ପୁଂ. (ଅବ-ଛିଦ୍-ଅ ପରିଚ୍ଛେଦ, ଖଣ୍ଡ, ବିଭାଗ, ବିଚ୍ଛେଦ, ଏକଦେଶ, ସୀମା-

**ଅବଜ୍ଞା**, ବି. ସ୍ତ୍ରୀ. ( ଅବ-ଜ୍ଞା-ଆ ) ତିରସ୍କାର, ଅବମାନ, ଅନାଦର, ତାଚ୍ଛଲ୍ୟ । ଯଥା—

ଚନ୍ଦ୍ରଙ୍କର କର କର୍ଣ୍ଣ ନାସା ଚରଣ ନାହିଁକି ଅବଜ୍ଞା
କରିଗଭଶୋଚନା ହୁଅ ସୁଲୋଚନା ଦେଖ ମୋ ପ୍ରତିଜ୍ଞା ।
ବୈ. ବି.

**ଅବଜ୍ଞାତ**, ବିଂ. ଅବ-ଜ୍ଞା-ତ) ତିରସ୍କୃତ, ଘୃଣିତ, ଅନାଦୃତ ।

**ଅବଜ୍ଞେୟ**, ବିଂ. (ଅବ-ଜ୍ଞା-ଯ) ଅବମାନ୍ୟ, ତୁଚ୍ଛ ।

**ଅବଟ**, ବି, ପୁଂ. ( ଅବ=ରକ୍ଷା କରିବା-ଅଟ ) ଗର୍ତ୍ତ, ଗହ୍ୱର, କୂପ, ଐନ୍ଦ୍ରଜାଲିକ ।

**ଅବତଂସ**, ବି. ପୁଂ. ନ. ( ଅବ-ତନ୍ସ=ଭୂଷିତ କରିବା-ଅ) କର୍ଣ୍ଣଭୂଷଣ, ଶିରୋଭୂଷଣ, ଭୂଷଣ । ଯଥା—

ଦମ୍ଭ ଆରମ୍ଭ ବିନାଶନ ଆଶେ,
ମଞ୍ଜୁଳ କଲେ ଅବତଂସ ଶେଷେ ସେ । ଲା. ବି,

**ଅବତରଣ**, ବି. ନ. (ଅବ-ତୃ-ଅନ)ଅବରୋହଣ, ଓହ୍ଲାଇବା, ଉତ୍ପତ୍ତି ।

**ଅବତରଣିକା**, ବି. ସ୍ତ୍ରୀ. ( ଅବତରଣ-କ-ଆ ) ଭୂମିକା, ମୁଖବନ୍ଧ ।

**ଅବତାର**, ବି. ପୁଂ. ( ଅବ-ତୃ-ଅ ) ଉତ୍ପତ୍ତି, ଦେବାଦିଙ୍କର ମର୍ତ୍ତ୍ୟରେ ଦେହପରିଗ୍ରହ । ଯଥା—

କେ ବୋଲଇ କଳ୍ପତରୁ ଅଙ୍କୁର,
କେ ବୋଲଇ କନ୍ଦର୍ପ ଅବତାର । ର. କ.

ଓହ୍ଲାଇବା, ପୁଷ୍କରିଣୀ ପ୍ରଭୃତିର ସୋପାନ-ପଦ୍ଧତି, ତୀର୍ଥ, ଘାଟ ।

**ଅବତୀର୍ଣ୍ଣ**, ବିଂ. (ଅବ-ତୃ-ତ)ଆବିର୍ଭୂତ, ଉତ୍ପନ୍ନ, ନିମ୍ନାଗତ । ଯଥା—

ଆଦ୍ୟ ସୃଷ୍ଟିକାଳେ ଈଶ ଆଦେଶେ,
ଅବତୀର୍ଣ୍ଣ ହୋଇ ଅମ୍ବର ଦେଶେ । କ. ବି.

**ଅବଦାତ**, ବିଂ. (ଅବ-ଦୈ-ତ) ଶୁକ୍ଳ, ଗୌର, ସୁନ୍ଦର ।

**ଅବଦାନ**, ବି. ନ. ( ଅବ-ଦା-ଅନ ) ସମ୍ପାଦିତ କର୍ମ, ଛେଦନ, ବେଣାମୂଳ ।

**ଅବଦ୍ୟ**, ବିଂ. ( ଅ-ବଦ୍-ଯ ) ଅଧମ, ଗର୍ହିତ, ନିକୃଷ୍ଟ, ଅକଥ୍ୟ ।

**ଅବଦାରଣ**, ବି. ନ. (ଅବ-ଦୃ-ଣିଚ୍-ଅନ)ଖଣ୍ଡିତ୍ର, କୋଡ଼ି, ଶାବଳ ପ୍ରଭୃତି ଖନନାସ୍ତ୍ର, ଖନନ, ବିଦାରଣ ।

**ଅବଧାନ**, ବି. ନ. ( ଅବ-ଧା-ଅନ ) ମନୋଯୋଗ । ପୁଂ. ଗ୍ରାମ୍ୟଶାଳୀୟ ଶିକ୍ଷକ, ଅନୁଗ୍ରହ । ଯଥା —

କେଉଁ କାରଣ ମୁଁ ତୋ ସେବାକୁ ଗୋ,
ମୋଠାରେ ଅବଧାନ ହେବାକୁ ଗୋ ।

**ଅବଧାରଣ**, ବି. ନ. (ଅବ-ଧୃ-ଣିଚ୍-ଅନ)ନିରୂପଣ, ନିଶ୍ଚୟ କରିବା ।

**ଅବଧାରିତ**, ବିଂ. (ଅବ-ଧୃ-ଣିଚ୍-ତ) ନିର୍ଣ୍ଣୀତ ।

**ଅବଧାର୍ଯ୍ୟ**, ବିଂ. (ଅବ-ଧୃ-ଯ) ନିର୍ଣ୍ଣେୟ ।

**ଅବଧି**, ବି. ପୁଂ. (ଅବ-ଧା-ଇ) ସୀମା, ପର୍ଯ୍ୟନ୍ତ, ଅନ୍ତ, କାଳ । (ସୀମା ଅର୍ଥରେ) ଯଥା —

ଦେଇ ଆସିଛି ଅବଧି, ଘଡ଼ିକେ ଲବଣ୍ୟନଧି ରେ;
ବନ ତ ଗଣ୍ଣି ଯାନ୍ତୁ ।

**ଅବଧୀରଣା**, ବି. ( ଅବଧୀର = ଅବଜ୍ଞା କରିବା-ଅନ-ଆ) ଅବଜ୍ଞା ।

**ଅବଧୀରିତ**, ବିଂ. (ଅବଧୀର=ଅବଜ୍ଞା କରିବା-ତ) ଅବଜ୍ଞାତ, ଅନାଦୃତ ।

**ଅବଧୂତ**, ବିଂ. (ଅବ-ଧୂ=କମ୍ପିତ ବା ତ୍ୟକ୍ତ-ତ) କମ୍ପିତ, ତିରସ୍କୃତ, ଅଭିଭୂତ, ସଂସାର-ମାୟାମୁକ୍ତ । ବି. ପୁଂ. ଶୈବ ସମ୍ପ୍ରଦାୟ-ବିଶେଷ, ସନ୍ନ୍ୟାସୀ, ଉଦାସୀନ ।

**ଅବଧ୍ୟ**, ବିଂ. ( ଅ-ବଧ୍ୟ ) ବଧର ଅଯୋଗ୍ୟ । ସ୍ତ୍ରୀ, ପଳାତକ, ନିରସ୍ତ୍ର ଏମାନେ ଅବଧ୍ୟ ।

**ଅବନତ**, ବିଂ. (ଅବ-ନମ୍-ତ) ଅନୁନ୍ନତ, ନିମ୍ନ, ଅଧଃପତିତ, ନମ୍ର ।

**ଅବନତି**, ବି. ସ୍ତ୍ରୀ. ( ଅବ-ନମ୍-ତି ) ଅନୁନ୍ନତି, ଅଧୋଗତି, ବିନୟ, ସୂର୍ଯ୍ୟାଦିଙ୍କର ଅଧୋଗମନ ।

**ଅବନମିତ**, ବିଂ. (ଅବ-ନମ୍-ଣିଚ୍-ତ)ବକ୍ରୀଭୂତ ।

**ଅବନି** } ବି. ସ୍ତ୍ରୀ. ( ଅବ୍=ରକ୍ଷା କରିବା-ଅନି)
**ଅବନୀ** } ପୃଥିବୀ, ଭୂମି ।

ଅବନିପାତ } ବି. ପୁଂ. (ଅବନି-ପାତ) ଭୂପାତ,
ଅବନୀପାତ } ସ୍ଖଳା ।

ଅବନ୍ତି } ବି. ସ୍ତ୍ରୀ. (ଅବ-ଅନ୍ତି, ଈ, ଇକ-ଆ)
ଅବନ୍ତୀ } ଦେଶବିଶେଷ, ନଦୀବିଶେଷ,
ଅବନ୍ତିକା } ଉଜ୍ଜୟିନୀ ନଗର ।

ଅବପ୍ଳୁତ, ବିଂ. (ଅବ-ପ୍ଳୁ-ତ) ସହସା ଅବତୀର୍ଣ୍ଣ, ହଠାତ୍ ଓହ୍ଲାଇବା ।

ଅବବୁଦ୍ଧ, ବିଂ. ( ଅବ-ବୁଧ୍-ତ ) ଜ୍ଞାତ, ଅନୁଭୂତ, ଜାଗରିତ ।

ଅବବୋଧ, ବି. ( ଅବ-ବୁଧ-ଅ ) ଜ୍ଞାନ, ବିବେକ, ଅନୁଭବ, ଜାଗରଣ ।

ଅବଭାସ, ବି. ପୁଂ. ( ଅବ-ଭାସ୍-ଅ ) ପ୍ରକାଶ, ସ୍ଫୁରଣ ।

ଅବଭୃଥ, ବି. ( ଅବ-ଭୃ-ଥ ) ଯଜ୍ଞଶେଷରେ କରାଯିବା ଯଜ୍ଞ, ଯଜ୍ଞଶେଷ ସ୍ନାନ, ସ୍ନାନ ।

ଅବମାନ, ବି. ନ. ( ଅବ-ମାନ୍-ଅ ) ଅପମାନ, ଅନାଦର, ଅନାସ୍ଥା ।

ଅବମାନନା, ବି. ସ୍ତ୍ରୀ. (ଅବ-ମାନ୍-ଅନ-ଆ) ଅପମାନ, ଅନାଦର ।

ଅବମାନିତ, ବିଂ. (ଅବ-ମାନ-ତ) ଅନାଦୃତ, ଅପମାନିତ ।

ଅବମୋଚନ, ବି. ନ. ( ଅବ-ମୁଚ୍-ଅନ ) ପରିତ୍ୟାଗ, ଛାଡିଦେବା ।

ଅବୟବ, ବିଂ ପୁଂ. (ଅବ-ଯୁ-ଅ) ଅଙ୍ଗ, ଶରୀର, ହସ୍ତପଦାଦି, ଅଂଶ, ଉପକରଣ ।

ଅବର ବିଂ. ( ଅ-ବର ) ନିକୃଷ୍ଟ, କନିଷ୍ଠ ।

ଅବରଜ, ବି ପୁଂ. (ଅବର-ଜନ୍-ଅ) ସାନ ଭାଇ, ଶୂଦ୍ର ।

ଅବରା, ବି. ସ୍ତ୍ରୀ. (ଅ-ବର-ଆ) ଦୁର୍ଗା ।

ଅବରୁଦ୍ଧ, ବିଂ. (ଅବ-ରୁଧ୍-ତ) ବନ୍ଦ, କଏଦୀ, ବନ୍ଦୀ, ଆଚ୍ଛାଦିତ ।

ଅବରୂଢ଼, ବିଂ. (ଅବ-ରୁହ୍-ତ) ଅବତୀର୍ଣ୍ଣ ।

ଅବରୋଧ, ବି. ପୁଂ. (ଅବ-ରୁଧ୍-ଅ) ଅନ୍ତଃପୁର, ଅନ୍ତଃପୁର ସ୍ତ୍ରୀ, ପ୍ରତିବନ୍ଧ, ଅଟକ । ଯଥା—

ବନ୍ଦୀ ଲକ୍ଷେ ଶେ ତ କାହିଁ କୁହାଇ,
ବନ୍ଦୀ ଲକ୍ଷେ ଅବରୋଧ କୁହାଇ । କୋ॰ ନୃ॰

ଅବରୋହ, ବି. ପୁଂ. (ଅବ-ରୁହ୍-ଅ) ଆନମନ, ଓହ୍ଲାଇବା, ଓହ୍ଲାଳ, ଜନ୍ମକୁ ଆସିବା ।

ଅବରୋହଣ, ବି. ନ. ( ଅବ-ରୁହ୍-ଅନ ) ଓହ୍ଲାଇବା ।

ଅବଲମ୍ବନ, ବି. ନ. (ଅବ-ଲମ୍ବ୍-ଅନ) ଆଶ୍ରୟ, ଗ୍ରହଣ ।

ଅବଲା, ବି. ସ୍ତ୍ରୀ (ଅ-ବଲ-ଆ) ସ୍ତ୍ରୀଲୋକ ।

ଅବଲୀଢ଼, ବିଂ. ( ଅବ-ଲିହ୍-ତ ) ଭକ୍ଷିତ, ବିନାଶିତ, ଯାହାକୁ ଚାଟିଛନ୍ତି, ଆସ୍ୱାଦିତ ।

ଅବଲୀଳା, ବି ସ୍ତ୍ରୀ. ( ଅବ-ଲୀଳା = କ୍ରୀଡ଼ା ) ଅନାୟାସ, ଅକ୍ଳେଶ ।

ଅବଲୁଣ୍ଠନ, ବି. ନ. (ଅବ-ଲୁଣ୍ଠ୍-ଅନ) ଭୂମିରେ ଗଡ଼ିବା ବା ଲୋଟିବା ।

ଅବଲେପ, ବି. ପୁଂ. ( ଅବ-ଲିପ-ଅ ) ଗର୍ବ, ପ୍ରଲେପ, ଦୂଷଣ, ବିଦ୍ୱେଷ, ଅଧିକ୍ଷେପ, ଲେପନ, ଆକ୍ଷେପ ।

ଅବଲେହ, ବି. ପୁଂ. (ଅବ-ଲିହ୍-ଅ) ଜିହ୍ୱାଦ୍ୱାରା ଚାଟିବା—ଔଷଧ ପ୍ରଭୃତି ।

ଅବଲେହ୍ୟ, ବିଂ. (ଅବ-ଲିହ-ଯ) ଚାଟିବାଯୋଗ୍ୟ, ଯାହା ଚଟାଯାଏ ।

ଅବଲୋକନ, ବି. ନ. (ଅବ-ଲୁକ୍-ଅନ) ଦର୍ଶନ, ଦୃଷ୍ଟିପାତ ।

ଅବବାଦ, ବି. ପୁଂ. ( ଅବ-ବଦ୍-ଅ ) ନିନ୍ଦା, ଆଦେଶ, ବିଶ୍ୱାସ ।

ଅବବାହିକା, ବି. ସ୍ତ୍ରୀ. ( ଅବ-ବାହିକା ) ନଦୀର ଉଭୟ ପାର୍ଶ୍ୱରୁ ଯେତେ ଦୂରର ଜଳ ଆସି ନଦୀରେ ପଡ଼େ, ସେତେ ଦୂରର ଭୂମିକୁ ସେହି ନଦୀର ଅବବାହିକା (Basin) କହନ୍ତି ।

ଅବଶ, ବିଂ. (ଅ-ବଶ୍-ଅ) ଅନାୟତ୍ତ, ପରାଧୀନ ।

ଅବଶିଷ୍ଟ, ବିଂ. ( ଅବ-ଶିଷ୍-ତ ) ପରିଶିଷ୍ଟ, ବାକି ।

ଅବଶେଷ, ବି. ପୁଂ. (ଅବ-ଶିଷ-ଅ) ପରିଶେଷ, ଶେଷ ।
ଅବଶ୍ୟ, ଅଂ. ନିଶ୍ଚୟ, ସର୍ବଥା ।
ବିଂ. ଅବାଧ, ନିଶ୍ଚୟ ।
ଅବଶ୍ୟମ୍ଭାବୀ, ବିଂ. ( ଅବଶ୍ୟଂ-ଭୂ-ଇନ୍ ) ଯାହା ନିଶ୍ଚୟ ହେବ, ଅନିବାର୍ଯ୍ୟ ।
ଅବଶ୍ୟାୟ, ବି. ପୁଂ. ( ଅବ-ଶ୍ୟୈ-ଅ ) ଯହିଁରୁ ଲୋକେ ଶୀତଳତା ପ୍ରାପ୍ତ ହୁଅନ୍ତି, ହିମ, ଶିଶିର, ନୀହାର, ଅଭିମାନ ।
ଅବଷ୍ଟମ୍ଭ, ବି. ପୁଂ. ( ଅବ-ସ୍ତମ୍ଭ୍-ଅ ) ଆରମ୍ଭ, ଉତ୍କର୍ଷ, ସ୍ପର୍ଶ, ସ୍ତମ୍ଭୀଭାବ, କୋଷ୍ଠବଦ୍ଧତା ।
ଅବସଥ } ବି. ପୁଂ. (ଅ-ବସ୍-ଅଥ, ସ୍ୱାର୍ଥେ ଯ)
ଅବସଥ୍ୟ } ଗ୍ରାମ, ଆବାସ ।
ଅବସନ୍ନ, ବିଂ. ( ଅବ-ସଦ୍-ତ ) ଶ୍ରାନ୍ତ, କ୍ଳାନ୍ତ, ଦୁର୍ବଳ, ବିନଷ୍ଟ ।
ଅବସବ୍ୟ, ବି. ନ. (ଅବ-ସବ୍ୟ) ଦକ୍ଷିଣ,ଡାହାଣ, ପ୍ରତିକୂଳ ।
ଅବସର, ବି. ପୁଂ. (ଅବ-ସୃ-ଅ) ଅବକାଶ, ଛୁଟି ।
ଅବସାଦ, ବି. ପୁଂ. (ଅବ-ସଦ୍-ଅ) କ୍ଳାନ୍ତି, ଶ୍ରାନ୍ତି, ଦୁର୍ବଳତା, ବିନାଶ, ବିଷାଦ । ଯଥା—

ଅତି ଦ୍ରୁତବେଗେ ଦଉଡ଼ି ଅବସାଦେ ଜଡ଼ିତ । ଚି. ଭ.

ଅବସାନ, ବି. ନ. (ଅବ-ସୋ-ଅନ) ଶେଷ, ସମାପ୍ତି, ମରଣ ।
ଅବସ୍କର, ବି. ପୁଂ. ( ଅବ-କୃ-ଅ ) ଆବର୍ଜନା, ମଇଳା, ବିଷ୍ଠା ।
ଅବସ୍ତୁ, ବିଂ. (ଅ-ବସ୍ତୁ) ଅସାର ।
ଅବସ୍ଥା ବି. ସ୍ତ୍ରୀ. (ଅବ-ସ୍ଥା-ଅ) ଦଶା, ସ୍ଥିତି, ପରିମାଣ ।
ଅବସ୍ଥାନ, ବି. ନ. (ଅବ-ସ୍ଥା-ଅନ) ସ୍ଥିତି ।
ଅବସ୍ଥାପିତ, ବିଂ. (ଅବ-ସ୍ଥାପିତ) ସ୍ଥିରୀକୃତ, ନିର୍ଦ୍ଧାରିତ ।
ଅବସ୍ଥିତି, ବି. ସ୍ତ୍ରୀ. (ଅବ-ସ୍ଥା-ତି) ଅବସ୍ଥାନ, ବାସ ।
ଅବହସ୍ତ, ବି. (ଅବ-ହସ୍ତ) ହସ୍ତପୃଷ୍ଠ ।
ଅବହାର, ବି. ପୁଂ. (ଅବ-ହୃ-ଅ) ଚାଲିଭ କୁମ୍ଭୀର ବୃହତ୍ ଜଳଜନ୍ତୁ, ଚୋର, ଉପହାର, ଦେୟ ବସ୍ତୁ ।
ଅବହିତ, ବିଂ. ( ଅବ-ଧା-ତ ) ମନୋଯୋଗୀ ।

ବଡ଼ଭଙ୍କ ଦମୀରଦେଶ ଶ୍ରବଣ କାରଣ
ପ୍ରେମାବେଶେ ଅଛୁ ଯେବେ ସର୍ବେ ଅବହିତ । କ. ଚ.

ଅବହିତ୍ଥା, ବି. ସ୍ତ୍ରୀ (ଅ-ବହିଃ-ସ୍ଥା-ଅ-ଆ) ଆକାର-ଗୋପନ, ଛଦ୍ମବେଶ, ମନୋଭାବଗୋପନ ।
ଅବହେଳା, ବି. ସ୍ତ୍ରୀ. ( ଅବ-ହେଳ=ଅନାଦର କରିବା-ଅ-ଆ) ଅବଜ୍ଞା,ଅନାଦର,ଅନାୟାସ ।
ଅବାକ୍, ବିଂ. (ଅ-ବାଚ୍) ବାକ୍ୟହୀନ । ବି. (ଅବ-ଅଚ୍=ଗମନ କରିବା-୦) ଅଧଃ, ନିମ୍ନ, ନିକୃଷ୍ଟ କାଳ, ଦକ୍ଷିଣ ଦିଗ, ବର୍ଜିତ ।
ଅବାଙ୍ମୁଖ, ବିଂ (ଅବାକ୍=ନିମ୍ନଆଡ଼କୁ ମୁଖ ଯାହାର ) ଅଧୋମୁଖ, ନିମ୍ନ ମୁଖ ।
ଅବାଚୀ, ସ୍ତ୍ରୀ. (ଅବାକ୍=ଦକ୍ଷିଣ-ଈ) ଦକ୍ଷିଣ ଦିଗ ।
ଅବାଚୀନ, ବିଂ. ( ଅବାଚ୍-ଈନ ) ଦକ୍ଷିଣଦିଗସ୍ଥ, ଦକ୍ଷିଣଦେଶୀୟ ।
ଅବାଚ୍ୟ, ବି. ନ. (ଅ-ବାଚ୍ୟ=କଥନୀୟ) ନିନ୍ଦିତ ବାକ୍ୟ । ବିଂ. ଅବକ୍ତବ୍ୟ ।
ଅବାତବିକ୍ଷୋଭିତ, ବିଂ. (ଅ-ବାତ-ବିକ୍ଷୋଭିତ) ଯାହା ବାୟୁଦ୍ୱାରା ଚଳିତ ନୁହେ ।
ଅବାଧ, ବିଂ. ( ଅ-ବାଧା ) ନିର୍ବିଘ୍ନ, ଅନାୟାସ, ଉଚ୍ଛୃଙ୍ଖଳ ବା ନିରଙ୍କୁଶ ।
ଅବାଧ୍ୟ, ବିଂ. ( ଅ-ବାଧ୍-ଯ ) ଅବଶୀଭୂତ ।
ଅବାନ୍ତର, ବିଂ. (ଅବ-ଅନ୍ତର)ମଧ୍ୟଗତ, ଅନ୍ତଃପାତୀ, ବିଶେଷ, ଆନୁଷଙ୍ଗିକ ।
ଅବାପିତ,ବିଂ. (ଅବ୍-ଆପ୍ ଣିଚ୍-ତ) ପ୍ରାପିତ,ଅଧିଗମିତ । (ଅ-ବାପିତ) ଯାହା ରୋପିତ ନୁହେ ।
ଅବାପ୍ତ, ବିଂ. (ଅବ-ଆପ୍-ତ) ପ୍ରାପ୍ତ, ଅଧିଗତ ।
ଅବାରଣୀୟ, ବିଂ. (ଅ-ବାର=ନିବାରଣ କରିବା —ଅନୀୟ) ଅନିବାର୍ଯ୍ୟ, ଦୁର୍ବାର ।
ଅବାରିତ, ବିଂ ( ଅ-ବାରିତ ) ଯେଉଁ ସ୍ଥାନକୁ ଯିବାକୁ ମନା ନାହିଁ ।

ଅବାର୍ଯ୍ୟ, ବିଂ. (ଅ-ବାର-ଯ) ଦୁର୍ବାର, ଅନିବାରଣୀୟ ।
ଅବାସ୍ତବ, ବିଂ. (ଅ-ବାସ୍ତବ) ଅମୂଳକ, ଅପ୍ରକୃତ ।
ଅବି, ବି. ପୁଂ. (ଅବ୍-ଇ) ପ୍ରଭୁ, ସ୍ୱାମୀ, ସୂର୍ଯ୍ୟ, ପର୍ବତ, ମେଷ ।
ଅବିକ, ବି. ନ. (ଅବି-କ) ହୀରକ ।
ଅବିକଚ, ବିଂ. (ଅ-ବିକଚ) ଅପ୍ରଫୁଲ୍ଲ, ଅପ୍ରକାଶିତ ।
ଅବିକଳ, ବିଂ. (ଅ-ବିକଳ=ଅସମ୍ପୂର୍ଣ୍ଣ) ଠିକ୍, ଯଥାଯଥ ।
ଅବିକୃତ, ବିଂ. (ଅ-ବି-କୃ-ତ) ପ୍ରକୃତ, ଯଥା ଭୂତ, ଯାହା ବିକୃତ ହୋଇ ନାହିଁ ।
ଅବିକ୍ରୀତ, ବିଂ. (ଅ-ବିକ୍ରୀତ) ବିକ୍ରୀତ ନୁହେଁ, ଯାହା ବିକ୍ରୟ କରା ଯାଏ ନାହିଁ ।
ଅବିକ୍ରେୟ, ବିଂ. (ଅ-ବିକ୍ରେୟ) ବିକ୍ରୟ କରିବାର ଉପଯୁକ୍ତ ନୁହେଁ ।
ଅବିକ୍ଷିପ୍ତ, ବିଂ. (ଅ-ବିକ୍ଷିପ୍ତ) ଚଞ୍ଚଳ ନୁହେଁ, ଅଚଞ୍ଚଳ ।
ଅବିଗୁଣ, ବି. (ପ୍ରା) ଅନିଷ୍ଟ, ଅଶୁଭଫଳ ।
ଅବିଘ୍ନ, ବିଂ. (ଅ-ବିଘ୍ନ=ବାଧା) ନିରାପଦ, ନିର୍ବିଘ୍ନ ।
ଅବିଚଳିତ, ବିଂ. (ଅ-ବିଚଳିତ) ସ୍ଥିର, ଦୃଢ଼ ।
ଅବିଚାର, ବି. ପୁଂ (ଅ-ବିଚାର) ଅନ୍ୟାୟ ବିଚାର, ଅତ୍ୟାଚାର ।
ଅବିଚ୍ଛିନ୍ନ, ବିଂ. (ଅ-ବି-ଛିଦ୍-ତ) ଯାହା ଛିନ୍ନ ନୁହେ ।
ଅବିଚ୍ଛେଦ, କ୍ରି. ବିଂ. (ଅ-ବିଚ୍ଛେଦ) ବିଚ୍ଛେଦ ବ୍ୟତୀତ, ଅବାଧରେ, କ୍ରମାନ୍ୱୟରେ ।
ଅବିଜ୍ଞ, ବିଂ. (ଅ-ବିଜ୍ଞ) ମୂର୍ଖ, ଅପ୍ରବୀଣ ।
ଅବିଜ୍ଞେୟ, ବିଂ. (ଅ-ବିଜ୍ଞେୟ) ଅଜ୍ଞେୟ, ଅପରିଜ୍ଞେୟ, ଜ୍ଞାନାତୀତ ।
ଅବିତଥ, ବିଂ. (ଅ-ବିତଥ) ସତ୍ୟ, ଯଥାର୍ଥ ।
ଅବିଦିତ, ବିଂ. (ଅ-ବିଦିତ=ଜଣା) ଅଗୋଚର, ଅଜଣା ।
ଅବିଦ୍ଧକର୍ଣ୍ଣୀ, ବି. ସ୍ତ୍ରୀ. (ଅ-ବିଦ୍ଧ-କର୍ଣ୍ଣ-ଈ) ଯାହାର ପତ୍ର କର୍ଣ୍ଣରୁ ଭିନ୍ନ ନୁହେଁ, ଅକାନବିନ୍ଧା ଗଛ ।
ଅବିଦ୍ୟ ବିଂ. (ଅବିଦ୍ୟା=ଜ୍ଞାନ) ଅକୃତବିଦ୍ୟ, ମୂର୍ଖ ।
ଅବିଦ୍ୟମାନ, ବିଂ. (ଅ-ବିଦ୍ୟମାନ) ଅଭାବ, ଅଦର୍ଶନ, ଅଦୃଷ୍ଟ ।
ଅବିଦ୍ୟା, ବି. ସ୍ତ୍ରୀ. (ଅ-ବିଦ୍ୟା=ଜ୍ଞାନ) ଅଜ୍ଞାନ, ମାୟା, ପ୍ରକୃତି । ଯଥା—

ଅବିଦ୍ୟା ବିପିନ-ଆଶୀବିଷଘୋରି ଜନେ,
ଜ୍ଞାନ ଜ୍ଞାନେ ପଶୁଥିଲେ ହେ ତ୍ରାଣ ଗମନେ ହେ । କୋ. ତ୍ରି.

ଅବିଧି, ବିଂ. (ଅ-ବିଧି=ନିୟମ) ନିୟମରହିତ, ଶାସ୍ତ୍ରବିଧିବିରୁଦ୍ଧ ।
ଅବିଧେୟ, ବିଂ. (ଅ-ବିଧେୟ) ଅଯୋଗ୍ୟ, ଅନୁଚିତ ।
ଅବିନୟ, ବି ପୁଂ. (ଅ-ବିନୟ=ନମ୍ରତା, ଶିଷ୍ଟାଚାର) ଧୃଷ୍ଟତା, ଔଦ୍ଧତ୍ୟ, ଗର୍ବ । ଯଥା—

ଆରେ କର୍ଣ୍ଣ ଅବିନୟ-ତରୀ-କର୍ଣ୍ଣଧାର । କ. ବ.

ଅବିନଶ୍ୱର, ବିଂ. (ଅ-ବିନଶ୍ୱର) ଅକ୍ଷୟ, ଅବିନାଶୀ ।
ଅବିନାଶୀ, ବିଂ. (ଅ-ବିନାଶୀ) ଯାହାର ବିନାଶ ନାହିଁ, ଅକ୍ଷୟ ।
ଅବିନୀତ, ବିଂ. (ଅ-ବିନୀତ=ନମ୍ର) ଉଦ୍ଧତ, ଗର୍ବୀ ।
ଅବିଭକ୍ତ, ବିଂ. (ଅ-ବିଭକ୍ତ) ବିଭକ୍ତ ନୁହେ ଅଖଣ୍ଡ ।
ଅବିଭାଜ୍ୟ, ବିଂ. (ଅ-ବି-ଭଜ୍-ଯ) ଯାହା ବିଭାଗଯୋଗ୍ୟ ନୁହେଁ, ସୂକ୍ଷ୍ମ ।
ଅବିମୃଷ୍ୟ, ବିଂ. (ଅ-ବି ମୃଷ୍-ଯ) ଅବିବେଚକ ।
ଅବିମୃଷ୍ୟକାରୀ, ବିଂ. (ଅ ବି-ମୃଷ୍=ବିବେଚନା କରିବା-ଯ-କୃ-ଇନ୍) ଯେ ବିବେଚନା ନ କରି କାର୍ଯ୍ୟ କରେ ।
ଅବିମୃଷ୍ୟକାରିତା, ବି. ସ୍ତ୍ରୀ (ଅବିମୃଷ୍ୟକାରିନ୍-ତା) ଅବିବେଚନା ।
ଅବିର, ଅବୀର } ବି. (ଦେଶଜ) ଫଗୁ, ରକ୍ତବର୍ଣ୍ଣ ଚୂର୍ଣ୍ଣବିଶେଷ ।

**ଅବିରତ,** ବି° ( ଅ-ବି-ରମ୍-ତ ) ଧାରାବାହିକ। କ୍ରି. ବି°. ଅନବରତ, ସର୍ବଦା । ଯଥା—

ବହିର ନିର୍ଝରି ଝର ଝର ଅବିରତ,
ବିଶେଷ ତରଙ୍ଗ ରଙ୍ଗରଙ୍ଗିଣୀ ଶୋଭିତ ଯେ । ବୈ. ବି,

**ଅବିରଳ,** ବି°. ( ଅ-ବିରଳ ) ନିବିଡ଼, ଘନ, ଅବିଶ୍ରାନ୍ତ ।

**ଅବିରାମ,** ବି°. (ଅ-ବିରାମ = ବିଶ୍ରାମ) ଅନବରତ, ସତତ, ଅବିଶ୍ରାନ୍ତ । କ୍ରି. ବି°. ସର୍ବଦା ।

**ଅବିରୋଧ,** ବି°. (ଅ-ବିରୋଧ = ବାରଣ) ନିର୍ବିଘ୍ନ, ଅନାୟାସ । ଯଥା—

ଅବିରୋଧେ ଅବିରୋଧେ ପ୍ରବେଶ ବେଦିନ,
ଗନ୍ଧର୍ବଗଣ ଗୀତ ସ୍ୱର ଗାଉଛନ୍ତି ଯେନ । କୋ. ବ୍ର.

**ଅବିଳମ୍ବ,** ବି°. (ଅ-ବିଳମ୍ବ) ଶୀଘ୍ର, ତ୍ୱରିତ ।

**ଅବିବାହିତ,** ବି°. (ଅ-ବିବାହିତ) ଯାହାର ବିବାହ ହୋଇ ନାହିଁ; ଅପରିଣୀତ ।

**ଅବିବେକ,** ବି°. ( ଅ-ବିବେକ ) ବିବେକଶୂନ୍ୟ, ଅଜ୍ଞାନ ।

**ଅବିବେଚକ,** ବି°. ( ଅ-ବିବେଚକ ) ଯାହାର ବିବେଚନା ନାହିଁ, ବିବେଚନାଶୂନ୍ୟ ।

**ଅବିଶୁଦ୍ଧ,** ବି°. ( ଅ-ବିଶୁଦ୍ଧ ) ନିର୍ଦ୍ଦୋଷ ନୁହେ, ମଳିନ, ଅପବିତ୍ର ।

**ଅବିଶ୍ରାନ୍ତ,** ବି°. ଓ କ୍ରି. ବି°. ( ଅ-ବି-ଶ୍ରମ୍-ତ ) ସତତ, ଅନବରତ ।

**ଅବିଶ୍ରୁତ,** ବି°. ( ଅ-ବିଶ୍ରୁତ ) ବିଖ୍ୟାତ ନୁହେ, ଅପ୍ରସିଦ୍ଧ ।

**ଅବିଶ୍ୱାସ,** ବି. ପୁଂ. (ଅ-ବିଶ୍ୱାସ) ବିଶ୍ୱାସର ଅଭାବ, ଅପ୍ରତ୍ୟୟ ।

**ଅବିଷ,** ବି°. ପୁଂ. (ଅବ୍-ଇଷ) ସମୁଦ୍ର, ରାଜା, ଆକାଶ । ବି°. ବିଷହୀନ ।

**ଅବିହିତ,** ବି°. ( ଅ-ବି-ଧା-ତ ) ଅନନୁଷ୍ଠିତ, ଅସଙ୍ଗତ ।

**ଅବୀର,** ବି° (ଅ-ବୀର) ଦୁର୍ବଳ, ବୀର୍ଯ୍ୟହୀନ ।

**ଅବୀରା,** ବି° ( ଅବୀର-ସ୍ତ୍ରୀ. ଆ ) ଯେଉଁ ସ୍ତ୍ରୀର ପତି ପୁତ୍ର ନାହିଁ ।

ଯଥା—ଅବୀରା ମା ବସୁଧିରା ଅବୀରା ସନ୍ତତ,
ହେବଲ ସିନା ଏତେଦିନେ ବୀରହୀନ ପ୍ରଜା । ମହାଯାତ୍ରା

**ଅବୁଝ,** } **ଅବୁଝା** } ବି°. ( ଅ-ବୁଝ ) ଯେ ବିବେଚନା କରେ ନାହିଁ, ଯେ ବୁଝେ ନାହିଁ ।

**ଅବୁଝାବଣା** } **ଅବୁଝାମଣା** } ବି°. ବି ( ଅବୋଧ ଶବ୍ଦଜ ) ଯେ ବୁଝାଇଲେ ସୁଦ୍ଧା ବୁଝେ ନାହିଁ ।

**ଅବେକ୍ଷଣ,** ବି. ନ. (ଅବ-ଈକ୍ଷଣ) ଦର୍ଶନ, ଆଲୋଚନା ।

**ଅବେଦ୍ୟ,** ବି°. (ଅ-ବିଦ୍-ଯ) ଅଜ୍ଞେୟ, ଅନବଗମ୍ୟ ।

**ଅବେଳା,** ବି. ସ୍ତ୍ରୀ (ଦେଶଜ) ଯେଉଁ ସମୟରେ କୌଣସି ବିଶେଷ କର୍ମ ହୋଇ ପାରେ ନାହିଁ, ଅସମୟ, ଅପ୍ରକୃତ ବେଳା ।

**ଅବୈତନିକ.** ବି°. ( ଅ-ବେତନ-ଇକ ) ଯେ ବେତନଭୋଗୀ ନୁହେ ।

**ଅବୈଧ,** ବି°. ( ଅ-ବିଧି-ଅ ) ଅସଙ୍ଗତ, ଅଯୌକ୍ତିକ ।

**ଅବୋଧ,** ବି°. ( ଅ-ବୋଧ ) ମୂର୍ଖ, ବୁଦ୍ଧିହୀନ, ନିର୍ବୋଧ ।

**ଅବ୍ଦ,** ବି. ନ. (ଅବ୍-ଦା) ବତ୍ସର, ପର୍ବତବିଶେଷ, ମେଘ ।

**ଅବ୍ୟକ୍ତ,** ବି. ନ. (ଅ-ବ୍ୟକ୍ତ = ପ୍ରକାଶିତ) ଅପ୍ରକାଶିତ । ବି. ନ. ପରଂବ୍ରହ୍ମ, ପ୍ରକୃତି, ଆତ୍ମା । ବି. ପୁଂ. ବିଷ୍ଣୁ, ଶିବ, କନ୍ଦର୍ପ, ମୂର୍ଖ ।

**ଅବ୍ୟକ୍ତରାଗ,** ବି. ପୁଂ. (ଅ-ବ୍ୟକ୍ତ-ରାଗ) ଲୋହିତ ବର୍ଣ୍ଣ, ଅପ୍ରକାଶ୍ୟ ଅନ୍ତଃସ୍ଥ ଅଭିଳାଷ ।

**ଅବ୍ୟଥ,** ବି°. ( ଅ-ବ୍ୟଥା ) ବ୍ୟଥାଶୂନ୍ୟ, ପୀଡ଼ାଶୂନ୍ୟ ।

**ଅବ୍ୟୟ,** ବି. ପୁଂ. ନ. (ଅ-ବି-ଇ-ଅ) ଯେଉଁ ସବୁ ଶବ୍ଦର ଉତ୍ତରରେ ବିଭକ୍ତି ନ ଥାଏ ଏବଂ ଯାହା ସବୁ ଲିଙ୍ଗରେ, ସବୁ ବିଭକ୍ତିରେ ଓ ସବୁ ବଚନରେ ସମାନ, ବ୍ୟାକରଣରେ ତାହାକୁ ଅବ୍ୟୟ କହନ୍ତି । ଯଥା—ଅଃ, ଉଁ, ହୁଁ, ଇତ୍ୟାଦି ।

ଅବ୍ୟୟ, ବି. ପୁଂ. ( ଅ-ବ୍ୟୟ=ନାଶ ) ଯାହାର ବିନାଶ ନାହିଁ, ବିଷ୍ଣୁ, ଶିବ, ବ୍ରହ୍ମା । ବିଂ. ଅକ୍ଷୟ, ବ୍ୟୟରହିତ ।

ଅବ୍ୟୟୀଭାବ, ବି. ପୁଂ. (ଅବ୍ୟୟ-ଭାବ) ସମାସବିଶେଷ, ବ୍ୟୟଶୂନ୍ୟତା ।

ଅବ୍ୟର୍ଥ, ବିଂ. ( ଅ-ବ୍ୟର୍ଥ ) ଯାହା ବ୍ୟର୍ଥ ହୁଏ ନାହିଁ, ସଫଳ ।

ଅବ୍ୟବଧାନ, ବିଂ. ( ଅ-ବ୍ୟବଧାନ ) ବ୍ୟବଧାନଶୂନ୍ୟ ।

ଅବ୍ୟବସ୍ଥା, ବି. ସ୍ତ୍ରୀ. (ଅ-ବି-ଅବ-ସ୍ଥା-ଅ) ଅବିଧି, ଅନିୟମ ।

ଅବ୍ୟବସ୍ଥିତ, ବିଂ. ( ଅ-ବ୍ୟବସ୍ଥା-ତ ) ଅସ୍ଥିର, ଚଞ୍ଚଳ ।

ଅବ୍ୟବହାର୍ଯ୍ୟ, ବିଂ. (ଅ-ବ୍ୟବହାର୍ଯ୍ୟ) ବ୍ୟବହାରଯୋଗ୍ୟ ନୁହେଁ, ଅକର୍ମଣ୍ୟ ।

ଅବ୍ୟବହିତ, ବିଂ. ( ଅ-ବି-ଅବ୍-ଧା-ତ)ବ୍ୟବଧାନଶୂନ୍ୟ, ଅନ୍ତରାଳଶୂନ୍ୟ, ନିକଟସ୍ଥ, ସଂଲଗ୍ନ ।

ଅବ୍ୟାଜ, ବି. ପୁଂ. (ଅ-ବ୍ୟାଜ)ଅକପଟ,ସାରଲ୍ୟ । ବିଂ. ସରଳ, ଅନାୟାସ ।

ଅବ୍ୟାପାର, ବି. ପୁଂ. (ଅ-ବ୍ୟାପାର)ଅବ୍ୟବସାୟ ।

ଅବ୍ୟାହତ, ବି. ( ଅ-ବି-ଆ-ହନ୍-ତ ) ବ୍ୟାଘାତରହିତ ।

ଅବ୍ୟାହତି, ବି. ସ୍ତ୍ରୀ. (ଅ-ବି-ଆ-ହନ୍-ତି ନିଷ୍କୃତି, ରକ୍ଷା, ପରିତ୍ରାଣ ।

ଅଶକୁନ, ବି. ନ. ( ଅ-ଶକୁନ ) ଅନିଷ୍ଟସୂଚକ କାକାଦି ଦର୍ଶନ, ଅମଙ୍ଗଳ ।

ଅଶକ୍ତ, ବିଂ. (ଅ-ଶକ୍-ତ) ଅସମର୍ଥ, ଅପାରଗ ।

ଅଶକ୍ୟ, ବିଂ. ( ଅ-ଶକ୍-ଯ ) ଅସାଧ୍ୟ, ଶକ୍ତିର ବହିର୍ଭୂତ ।

ଅଶନ, ବି. ନ. (ଅଶ୍=ଭୋଜନ କରିବା ଅନ) ଭୋଜନ, ଭକ୍ଷ୍ୟବସ୍ତୁ । ଅଶନଗଛ ।

ଅଶନି, ବି. ପୁଂ. ସ୍ତ୍ରୀ. (ଅଶ୍-ଅନି ବଜ୍ର, ବିଦ୍ୟୁତ୍ ।

ଅଶରୀର, ବିଂ. (ଅ-ଶରୀର=ଦେହ) ଦେହହୀନ, ନିରାକାର । ବି. ପୁଂ. କନ୍ଦର୍ପ ।

ଅଶରୀରୀ, ବିଂ. ପୁଂ. (ଅ-ଶରୀର-ଇନ୍) ଯାହାର ଶରୀର ନାହିଁ, ନିରାକାର, ଆକାରଶୂନ୍ୟ । ଯଥା—

ପ୍ରସରିଣ ଥିଲା ଆରେ ଅଶରୀରୀ ବାଣୀ ।

ଅଶର୍ମ, ବି. ନ. ( ଅ-ଶର୍ମନ୍=ସୁଖ ) ଦୁଃଖ, କ୍ଳେଶ ।

ଅଶାନ୍ତ, ବିଂ. ( ଅ-ଶମ୍-ତ ) ଅଶିଷ୍ଟ, ଦୁଷ୍ଟ, ଦୁରନ୍ତ, ଉଦ୍ଧତସ୍ୱଭାବ ।

ଅଶାନ୍ତି, ବି. ସ୍ତ୍ରୀ. (ଅ-ଶମ୍-ତି) ଉପଦ୍ରବ, ଗୋଳମାଳ, ଦୁଃଖ ।

ଅଶାସନ, ବି. ନ. ଅ-ଶାସନ) ଶାସନର ଅଭାବ, ଅରାଜକତା ।

ଅଶାସ୍ତ୍ର, ବି. ନ. ଅ-ଶାସ୍ତ୍ର) ଅସତ୍ ଶାସ୍ତ୍ର, ବେଦବିରୁଦ୍ଧ ଶାସ୍ତ୍ର, ଅବିଧି ।

ଅଶିକ୍ଷିତ, ବିଂ. ( ଅ-ଶିକ୍ଷିତ ) ଯେ ଲେଖାପଢ଼ା ଶିଖି ନାହିଁ, ଅନଭିଜ୍ଞ, ମୂର୍ଖ ।

ଅଶିବ, ବି. ନ. ( ଅ-ଶିବ ) ଅମଙ୍ଗଳ, ଅଶୁଭ, ଅନିଷ୍ଟ ।

ଅଶିଷ୍ଟ, ବିଂ. (ଅ-ଶିଷ୍ଟ=ଭଦ୍ର)ଦୁରନ୍ତ,ଅଶାନ୍ତ ।

ଅଶୀ, ବି ଓ ବିଂ. (ଅଶୀତି ଶବ୍ଦଜ) ୮୦ ସଂଖ୍ୟା ।

ଅଶୀତି, ବିଂ. ୮୦ ସଂଖ୍ୟା, ଅଶୀ ।

ଅଶୁଚି, ବିଂ. (ଅ-ଶୁଚି=ପବିତ୍ର) ଅପବିତ୍ର ।

ଅଶୁଦ୍ଧ, ବିଂ. (ଅ-ଶୁଦ୍ଧ) ଅପବିତ୍ର, ଅଶୁଚି ।

ଅଶୁଦ୍ଧି, ବି. ସ୍ତ୍ରୀ. ( ଅ-ଶୁଦ୍ଧି=ପବିତ୍ରତା ) ଅପବିତ୍ରତା ।

ଅଶୁଭ, ବି. ନ. ( ଅ-ଶୁଭ=ମଙ୍ଗଳ )ଅମଙ୍ଗଳ, ପାପ । ବିଂ. ଅମଙ୍ଗଳଯୁକ୍ତ ।

ଅଶେଷ, ବିଂ. ( ଅ-ଶେଷ ) ସମ୍ପୂର୍ଣ୍ଣ, ସମୁଦାୟ ।

ଅଶୋକ, ବି. ପୁଂ. ( ଅ-ଶୋକ ) ବୃକ୍ଷବିଶେଷ, କଥିତ ଅଛି, ଏହି ବୃକ୍ଷ ତଳେ ଗୌରୀ ତପସ୍ୟା କରି ସିଦ୍ଧମନୋରଥା ଓ ଶୋକହୀନା ହୋଇଥିଲେ, ରାଜାବିଶେଷ । ନ. ପାରଦ । ବିଂ. ଶୋକହୀନ ।

**ଅଶୋକାଷ୍ଟମୀ**, ବି. ସ୍ତ୍ରୀ. ( ଅଶୋକ-ଅଷ୍ଟମୀ ) ଚୈତ୍ର ମାସର ଶୁକ୍ଳ ପକ୍ଷର ଅଷ୍ଟମୀ ।

**ଅଶୌଚ**, ବି. ନ. (ଅ-ଶୌ=ଶୁଚି) ଅଶୁଚି, ନିକଟ ଜ୍ଞାତି ମଧ୍ୟରୁ କାହାର ମୃତ୍ୟୁରେ ବା ଜନ୍ମରେ ଯେଉଁ ଅଶୁଚି ହୁଏ ।

**ଅଶ୍ମ**, ବି. ପୁଂ. ( ଅଶ୍=ବ୍ୟାପ୍ତ ହେବା-ମ ) ପ୍ରସ୍ତର, ପର୍ବତ, ମେଘ ।

**ଅଶ୍ମଗର୍ଭ**, ବି. ପୁଂ. ( ଅଶ୍ମ-ଗର୍ଭ ) ମରକତମଣି, ସବୁଜବର୍ଣ୍ଣ ମଣିବିଶେଷ ।

**ଅଶ୍ମଜ**, ବି. ନ. ( ଅଶ୍ମ=ପର୍ବତ-ଜନ୍-ଅ ) ଯାହା ପର୍ବତରେ ଜାତ ହୁଏ, ଶିଳାଜତୁ, ଗେରୁମାଟି, ଲୌହ ଇତ୍ୟାଦି ।

**ଅଶ୍ମଦାରଣ**, ବି. ପୁଂ. ( ଅଶ୍ମ-ଦାରଣ=ଯେ ବିଦାରଣ କରେ ) ଡକମଣ୍ଡ, ବନ୍ଧୁକର ଘୋଡ଼ା, ପାଷାଣଭେଦକ ଅସ୍ତ୍ର, ମୁନା, ଗଇନ୍ତି ଇତ୍ୟାଦି ।

**ଅଶ୍ମରୀ**, ବି. ସ୍ତ୍ରୀ. ( ଅଶ୍ମ-ର=ପ୍ରସ୍ତରମୟ-ଈ ) ପଥୁରିଆ ରୋଗ,ଏ ରୋଗରେ ପ୍ରସ୍ରାବଦ୍ୱାରରେ ଚୂର୍ଣ୍ଣମିଶ୍ରିତ ପ୍ରସ୍ତର ପରି ପଦାର୍ଥ ଜନ୍ମି ପଥରୋଧ କରେ, ମୂତ୍ରକୃଚ୍ଛ୍ର ରୋଗ ।

**ଅଶ୍ର**, ବି. ନ. ( ଅଶ୍=ବ୍ୟାପ୍ତ ହେବା-ର ) ଚକ୍ଷୁର ଜଳ, ଲୋତକ, ରକ୍ତ, ଶୋଣିତ ।

**ଅଶ୍ରଦ୍ଧା**, ବି. ସ୍ତ୍ରୀ. ( ଅ-ଶ୍ରଦ୍ଧା ) ଘୃଣା, ଅଭକ୍ତି, ଅନାଦର, ଅବିଶ୍ୱାସ ।

**ଅଶ୍ରପ**, ବି. ପୁଂ. (ଅଶ୍ର-ପା-ଅ) ଯେ ରକ୍ତ ପାନ କରେ, ରାକ୍ଷସ, ନିଶାଚର ।

**ଅଶ୍ରାନ୍ତ**, ବିଂ. ( ଅ-ଶ୍ରାନ୍ତ ) ଅନବରତ, ସତତ, ଅକ୍ଳାନ୍ତ ।

**ଅଶ୍ରାବ୍ୟ**, ବିଂ (ଅ-ଶ୍ରାବ୍ୟ) ଯାହା ଶ୍ରବଣଯୋଗ୍ୟ ନୁହେ, ଶ୍ରୁତିକଟୁ ।

**ଅଶ୍ରୁ**, ବି. ନ. ( ଅଶ୍-ରୁ ) ଲୋତକ, ଚକ୍ଷୁର ଜଳ । ଯଥା—

[illegible] ନେତ୍ର ଅଶ୍ରୁ ପଦ୍ମ କି ପଡ଼ୁଛି ପଡ଼ିଲା ତୁଷାର ।
ବୈ. ବ.

**ଅଶ୍ରୁତ**, ବିଂ. ( ଅ-ଶ୍ରୁ-ତ ) ଯାହା ଶୁଣା ହୋଇ ନାହିଁ ।

**ଅଶ୍ରୁତପୂର୍ବ**, ବିଂ. (ଅ-ଶ୍ରୁତ-ପୂର୍ବ) ଯାହା ପୂର୍ବରେ ଶୁଣା ହୋଇ ନାହିଁ ।

**ଅଶ୍ରେୟଃ**, ବି. ନ. ( ଅ-ଶ୍ରେୟସ୍ ) ଅମଙ୍ଗଳ, ଅନର୍ଥ । ବିଂ. ଅପ୍ରଶସ୍ତ ।

**ଅଶ୍ରୋତ୍ରିୟ**, ବି. ପୁଂ. (ଅ-ଶ୍ରୋତ୍ରିୟ) ବେଦାଧ୍ୟୟନ-ବିହୀନ ବ୍ରାହ୍ମଣ ।

**ଅଶ୍ଳୀଳ**, ବିଂ. (ଅ-ଶ୍ରୀ-ଲ) ଯାହା ଶ୍ରୀଯୁକ୍ତ (ସୁନ୍ଦର) ନୁହେ, ଲଜ୍ଜାଜନକ, ଜଘନ୍ୟ ।

**ଅଶ୍ଳେଷା**, ବି. ସ୍ତ୍ରୀ. ( ଅ-ଶ୍ଳେଷ=ଆଲିଙ୍ଗନ-ଆ ) ନବମ ନକ୍ଷତ୍ର । ଯଥା—

କାମକେଳିରସିକା ଅଶ୍ଳେଷା ପଞ୍ଚ,
ଦଶଇ ଶ୍ୱାନପୁଚ୍ଛ ପଙ୍କ ସୁସଞ୍ଚ ଗୋ । କ. ପା.

**ଅଶ୍ୱ**, ବି. ପୁଂ. ( ଅଶ୍=ବ୍ୟାପ୍ତ ହେବା-ବ ) ଘୋଟକ, ଘୋଡ଼ା । ଶ୍ୱା, ସ୍ତ୍ରୀ. ଘୋଟକୀ, ଘୋଡ଼ୀ ।

**ଅଶ୍ୱକର୍ଣ୍ଣ**, ବି. ପୁଂ. ( ଅଶ୍ୱ-କର୍ଣ୍ଣ ) ଯାହାର ପତ୍ର ଘୋଡ଼ା କାନ ପରି, ଶାଳଗଛ ।

**ଅଶ୍ୱଗନ୍ଧା**, ବି. ସ୍ତ୍ରୀ. (ଅଶ୍ୱ-ଗନ୍ଧା ) ଯେଉଁ ଗଛର ଚେର ଘୋଡ଼ା ଦେହର ଗନ୍ଧବିଶିଷ୍ଟ, ଶୁକ୍ର-ବୃଦ୍ଧିକାରକ ବୃକ୍ଷବିଶେଷ ।

**ଅଶ୍ୱତର**, ବି. ପୁଂ. (ଅଶ୍ୱ-ତୃ-ଅ) ବେଗ ଗମନରେ ଅଶ୍ୱକୁ ସୁଦ୍ଧା ଯେ ପରାସ୍ତ କରି ପାରେ, ଗର୍ଦ୍ଦଭୀର ଗର୍ଭରେ ଅଶ୍ୱ ଔରସରେ ବା ଘୋଟକୀର ଗର୍ଭରେ ଗର୍ଦ୍ଦଭ ଔରସରେ ଜାତ ଘୋଟକ, ଖଚର, ସର୍ପବିଶେଷ ।

**ଅଶ୍ୱତ୍ଥ**, ବି. ପୁଂ. (ଅଶ୍ୱ=ବ୍ୟାପ୍ତ-ସ୍ଥା-ଅ) ସ୍ୱନାମ-ବିଖ୍ୟାତ ବୃକ୍ଷବିଶେଷ ।

**ଅଶ୍ୱତ୍ଥାମା**, ବି. ପୁଂ. (ଅଶ୍ୱ=ଘୋଟକ-ସ୍ଥା-ମନ୍ ଯାହାର ଶବ୍ଦ ଘୋଟକ ଶବ୍ଦ ପରି ) ଦ୍ରୋଣଙ୍କ ଔରସରେ କୃପୀଙ୍କ ଗର୍ଭରେ ଜାତ ସନ୍ତାନ ।

**ଅଶ୍ୱମୁଖ**, ବି. (ଅଶ୍ୱ-ମୁଖ) ଯାହାଙ୍କର ମୁଖ ଅଶ୍ୱମୁଖ ପରି, କିନ୍ନର ।
ସ୍ତ୍ରୀ. ଅଶ୍ୱମୁଖୀ—କିନ୍ନରୀ ।

ଅଶ୍ୱମେଧ, ବି. ପୁଂ. (ଅଶ୍ୱ-ମେଧ = ବଳି) ଯଜ୍ଞବିଶେଷ, ଯେଉଁ ଯଜ୍ଞରେ ଘୋଟକ ବଳି ଦିଆଯାଏ ।

ଅଶ୍ୱବିତ୍, ବି. ପୁଂ. ( ଅଶ୍ୱ-ବିଦ୍ ) ଅଶ୍ୱବିଦ୍ୟା-ବିଶାରଦ, ନଳରାଜା ।

ଅଶ୍ୱଶାଳା, ବି. ସ୍ତ୍ରୀ. ( ଅଶ୍ୱ ଶାଳା ) ମନ୍ଦୁରା, ଅସ୍ତାବଲ, ଘୋଡ଼ାର ଗୃହ ।

ଅଶ୍ୱସେନ, ବି. ପୁଂ. ସନତ୍କୁମାର ପିତା, ଦ୍ରୋଣାଚାର୍ଯ୍ୟଙ୍କ ସାରଥି ।

ଅଶ୍ୱାରି, ବି. ପୁଂ. (ଅଶ୍ୱ-ଅରି = ଶତ୍ରୁ) ମହିଷ ମଇଁଷି ।

ଅଶ୍ୱାରୂଢ଼, ବିଂ. (ଅଶ୍ୱ-ଆରୂଢ଼) ଯେ ଅଶ୍ୱରେ ଆରୋହଣ କରିଅଛି ।

ଅଶ୍ୱାରୋହୀ, ବି.ପୁଂ. (ଅଶ୍ୱ-ଅରୋହୀ) ଯେ ସର୍ବଦା ଅଶ୍ୱରେ ଆରୋହଣ କରେ । ଯେଉଁ ସୈନ୍ୟ ଅଶ୍ୱରେ ଚଢ଼ି ଯୁଦ୍ଧ କରନ୍ତି ।

ଅଶ୍ୱିନୀ, ବି. ସ୍ତ୍ରୀ. (ଅଶ୍ୱ-ଇନ୍-ଈ) ପ୍ରଥମ ନକ୍ଷତ୍ର, ଏ ନକ୍ଷତ୍ରର ଆକାର ଅଶ୍ୱମସ୍ତକ ପରି ଦିଶୁଥିବାରୁ ଏହାର ଏପରି ନାମକରଣ ହୋଇଅଛି । ଯଥା—

ଗୁରୁ ଚନ୍ଦ୍ରବଦନ ଦେଖି ଅଶ୍ୱିନୀ,
ଘୋଟକ ମୁଖ ପ୍ରାପ୍ତେ ତାରକା ଛନ୍ନ ଗୋ । କ. ଗା,

ଅଶ୍ୱିନୀକୁମାର } ବି.ପୁଂ. (ଅଶ୍ୱିନୀ-କୁମାର,ସୁତ
ଅଶ୍ୱିନୀସୁତ } =ପୁତ୍ର) ସୂର୍ଯ୍ୟପତ୍ନୀ ସଂଜ୍ଞା ଏକ ସମୟରେ ସୂର୍ଯ୍ୟଙ୍କ ତାପ ସହି ନ ପାରି ଘୋଟକୀ ରୂପ ଧାରଣ କରିଥିଲେ, ସୂର୍ଯ୍ୟ ତାହା ଜାଣି ପାରି ଘୋଟକରୂପରେ ସହବାସ କରିବାରୁ ଯେଉଁ ସନ୍ତାନଦ୍ୱୟ ଜନ୍ମିଥିଲେ, ସେମାନଙ୍କର ମୁଖ ଅଶ୍ୱମୁଖ ପରି ହେଲା, ଏହେତୁରୁ ତାଙ୍କୁ ଅଶ୍ୱିନୀକୁମାର ବୋଲାଯାଏ, ସ୍ୱର୍ଗବୈଦ୍ୟ ।

ଅଷାଢ଼, ବି. (ପ୍ରା, ଆଷାଢ଼ର ଅପଭ୍ରଂଶ) ଯେଉଁ ମାସର ପୂର୍ଣ୍ଣିମା ପୂର୍ବାଷାଢ଼ା ନକ୍ଷତ୍ରରେ ହୁଏ ।

ଅଷାଢ଼ୁଆ. ବି. ଆଷାଢ଼ ମାସରେ ଉତ୍ପନ୍ନ ବିଳମ୍ବ ଫଳବିଶେଷ ।

ଅଷ୍ଟ, ବିଂ. (ଅଷ୍ଟନ୍) ଆଠ ସଂଖ୍ୟା ।

ଅଷ୍ଟକ, ବି.ପୁଂ. (ଅଷ୍ଟନ୍-କ) ଆଠ ଅଧ୍ୟାୟବିଶିଷ୍ଟ ଗ୍ରନ୍ଥ, ଆଠ ସଂଖ୍ୟାର ସମଷ୍ଟି, ଆଠ ଶ୍ଳୋକଦ୍ୱାରା ଗ୍ରଥିତ ସ୍ତୋତ୍ରାଦି ।

ଅଷ୍ଟକର୍ଣ୍ଣ, ବି. ପୁଂ. (ଅଷ୍ଟ-କର୍ଣ୍ଣ) ବ୍ରହ୍ମା ।

ଅଷ୍ଟକା, ବି. ସ୍ତ୍ରୀ. ( ଅଶ୍ = ଭୋଜନ କରିବା-ତକ-ଆ ) ଶ୍ରାଦ୍ଧବିଶେଷ । ପୌଷ, ମାଘ ଓ ଫାଲ୍ଗୁନ ମାସର କୃଷ୍ଣାଷ୍ଟମୀ ।

ଅଷ୍ଟଦିକ୍ } ବି. ସ୍ତ୍ରୀ. ( ଅଷ୍ଟ-ଦିକ୍ ) ଉତ୍ତର,
ଅଷ୍ଟଦିଗ୍ } ଦକ୍ଷିଣ, ପୂର୍ବ, ପଶ୍ଚିମ ଏହି ଚାରି ଦିଗ ଓ ଆଗ୍ନେୟ, ନୈର୍ଋତ, ବାୟୁବ୍ୟ, ଐଶାନ୍ୟ ଏହି ଚାରି ବିଦିଗ, ମୋଟ ୮ ଦିଗ ।

ଅଷ୍ଟଦିକ୍ପାଳ, ବି. ପୁଂ. ଅଷ୍ଟଦିକ୍-ପା-ଅ) ଆଠ ଦିଗର ଅଧିଷ୍ଠାତ୍ରୀ ଦେବତା । ପୂର୍ବାଦି ଦିଗ ଓ ବିଦିଗର ଅଧିପତି, ଯଥାକ୍ରମେ—
ଇନ୍ଦ୍ର, ଅଗ୍ନି. ଯମ, ନୈର୍ଋତ, ବରୁଣ, ବାୟୁ, କୁବେର ଓ ଈଶାନ ।

ଅଷ୍ଟଦିଗ୍‌ଗଜ, ବି. ପୁଂ. ଐରାବତ,ପୁଣ୍ଡରୀକ,ବାମନ, କୁମୁଦ, ଅଞ୍ଜନ, ପୁଷ୍ପଦନ୍ତ, ସାର୍ବଭୌମ, ସୁପ୍ରତୀକ ଏହି ଆଠ ଯଥାକ୍ରମରେ ପୂର୍ବାଦି ଦିଗ ଓ ବିଦିଗର ହସ୍ତୀ ।

ଅଷ୍ଟଧା; ଅ. (ଅଷ୍ଟ-ଧା) ଆଠପ୍ରକାର,ଆଠଥର ।

ଅଷ୍ଟଧାତୁ , ବି. ପୁଂ. ସୁନା, ରୂପା, ତମ୍ବା, ସୀସା, କାନ୍ତଲୌହ, ରଙ୍ଗ, ଲୁହା ଓ ଇସ୍ପାତ ।
ଯଥା—

ସୁବର୍ଣ୍ଣଂ ରଜତଂ ତାମ୍ରଂ ସୀସକଂ କାନ୍ତକଂ ତଥା,
ରଙ୍ଗଲୌହଂ ତୀକ୍ଷ୍ଣଲୌହମିତ୍ୟଷ୍ଟୌ ଧାତବଃ ସ୍ମୃତାଃ ।

ଅଷ୍ଟନାଗ, ବି. ପୁଂ. ଅନନ୍ତ, ବାସୁକୀ, ତକ୍ଷକ, କର୍କୋଟକ, ପଦ୍ମ, ମହାପଦ୍ମ, ଶଙ୍ଖ, କୁଳୀର ଏହି ଅଷ୍ଟ ନାଗ ।

ଅଷ୍ଟନାୟିକା, ବି. ସ୍ତ୍ରୀ ( ଅଷ୍ଟ-ନାୟିକା ) ଆଠ ପ୍ରକାର ନାୟିକା । ଯଥା—ଅଭିସାରିକା

କଳହାନ୍ତରିତା, ଖଣ୍ଡିତା, ବିପ୍ରଲବ୍ଧା, ପ୍ରୋଷିତ-ଭର୍ତ୍ତୃକା, ସ୍ୱାଧୀନଭର୍ତ୍ତୃକା, ଉତ୍କଣ୍ଠିତା, ବାସକ-ସଜ୍ଜା ।

ଅଷ୍ଟପାଦ, ବି. ପୁଂ. ( ଅଷ୍ଟ-ପାଦ ) ଊର୍ଣ୍ଣନାଭି, ଶରଭ, ବୁଢ଼ିଆଣୀପୋକ ।

ଅଷ୍ଟବସୁ, ବି. ପୁଂ ( ଅଷ୍ଟ-ବସୁ ) ଦେବଗଣ-ବିଶେଷ, ଆପ, ଧ୍ରୁବ, ସୋମ, ଧର, ଅନିଳ, ଅନଳ, ପ୍ରଭୂଷ, ପ୍ରଭାବ ।

ଅଷ୍ଟବିଧ, ବିଂ. (ଅଷ୍ଟନ୍-ବିଧା) ଅଷ୍ଟ ପ୍ରକାର, ଆଠ ପ୍ରକାର ।

ଅଷ୍ଟମ, ବିଂ (ଅଷ୍ଟନ୍-ମ, ପୂରଣାର୍ଥରେ) ଆଠର ପୂରଣ । ମୀ, ସ୍ତ୍ରୀ, ତିଥିବିଶେଷ, ଅମାବାସ୍ୟା ବା ପୂର୍ଣ୍ଣିମା ପରେ ଅଷ୍ଟମ ଦିବସ, ଯେଉଁ ତିଥିରେ ଅର୍ଦ୍ଧଚନ୍ଦ୍ର ହୁଏ ।

ଅଷ୍ଟମଙ୍ଗଳ, ବି. ପୁଂ. ( ଅଷ୍ଟ-ମଙ୍ଗଳ ) ଆଠ ପ୍ରକାର ମଙ୍ଗଳ ଦ୍ରବ୍ୟ । ଯଥା—ବ୍ରାହ୍ମଣ, ଗୋ, ବ୍ରାହ୍ମଣ, ଅଗ୍ନି ଘୃତ, ସୂର୍ଯ୍ୟ, ଜଳ ଓ ରାଜା । ଏକ ପ୍ରକାର ଘୋଟକ, ଯାହାର ଆଠ ସ୍ଥାନରେ ଅର୍ଥାତ୍ ପଦଚତୁଷ୍ଟୟ, ପୁଚ୍ଛ, ମୁଖ, ପୃଷ୍ଠ ଏବଂ ବକ୍ଷସ୍ଥଳର କେଶ ସବୁ ଶୁକ୍ଳବର୍ଣ୍ଣ ।

ଅଷ୍ଟମଙ୍ଗଳା, ବି. ସ୍ତ୍ରୀ. ବିବାହର ଅଷ୍ଟମ ଦିବସ ।

ଅଷ୍ଟମୂର୍ତ୍ତି, ବି.ପୁଂ.(ଅଷ୍ଟ-ମୂର୍ତ୍ତି=ଆକାର ଯାହାର) ଶିବ, ଶିବଙ୍କର ଅଷ୍ଟମୂର୍ତ୍ତି । ଯଥା—ପୃଥିବୀ, ଜଳ, ଅଗ୍ନି, ବାୟୁ, ଆକାଶ ଚନ୍ଦ୍ର, ସୂର୍ଯ୍ୟ ଓ ଯଜମାନ ।

ଅଷ୍ଟଲୌହକ, ବି. ନ. (ଅଷ୍ଟ-ଲୌହକ) ଅଷ୍ଟ-ଧାତୁ (ଦେଖ) ।

ଅଷ୍ଟଶ୍ରବା, ବି. ପୁଂ. (ଅଷ୍ଟ-ଶ୍ରବସ୍) ବ୍ରହ୍ମା ।

ଅଷ୍ଟସିଦ୍ଧି, ବି. ସ୍ତ୍ରୀ. ଅଣିମାଦି ଆଠ ପ୍ରକାର ସିଦ୍ଧି (ଅଣିମାଦି ଦେଖ) ।

ଅଷ୍ଟାଙ୍ଗ, ବି. ପୁଂ. ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧ୍ୟାନ, ଧାରଣା ଓ ସମାଧି ଏହି ଆଠ ପ୍ରକାର ଯୋଗ, ପ୍ରଣାମାର୍ଥ ଅଷ୍ଟାଙ୍ଗ; ଯଥା—ଜାନୁ, ପାଦ, ହସ୍ତ, ଉରଃ, ବୁଦ୍ଧି, ଶିରଃ, ବାକ୍ୟ ଓ ଚକ୍ଷୁଃ ।

ଅଷ୍ଟାଙ୍ଗ ଅର୍ଘ୍ୟ, ବି. ପୁଂ. ଜଳ, ଦୁଗ୍ଧ, କୁଶାଗ୍ର, ଦଧି, ଘୃତ, ତଣ୍ଡୁଳ, ଯବ ଓ ଶ୍ୱେତସର୍ଷପ ଏମାନଙ୍କୁ ଅଷ୍ଟାଙ୍ଗ ଅର୍ଘ୍ୟ କହନ୍ତି । ତଣ୍ଡୁଳ, ଯବ ଓ ଶ୍ୱେତସର୍ଷପ ପରିବର୍ତ୍ତରେ ମଧୁ, ରକ୍ତ-ଚନ୍ଦନ ଓ ରକ୍ତ କରବୀର ଦେଲେ ସୂର୍ଯ୍ୟଙ୍କର ଅଷ୍ଟାଙ୍ଗ ଅର୍ଘ୍ୟ ହୁଏ ।

ଅଷ୍ଟାଙ୍ଗଚିକିତ୍ସା, ବି.ସ୍ତ୍ରୀ ଚିକିତ୍ସାଶାସ୍ତ୍ରର ଅଷ୍ଟାଙ୍ଗ । ଯଥା—ଶଲ୍ୟ, ଶାଲକ୍ୟ, କାୟଚିକିତ୍ସା, ଭୂତବିଦ୍ୟା, କୌମାର ଭୃତ୍ୟ, ଅଗଦତନ୍ତ୍ର, ରସାୟନତନ୍ତ୍ର ଓ ବାଜୀକରଣ ।

ଅଷ୍ଟାଙ୍ଗଧୂପ, ବି. ପୁଂ. ଗୁଗ୍ଗୁଳ, ନିମ୍ବପତ୍ର, ବଚ, କୁଡ଼, ହରିତକୀ, ଯବ, ସର୍ଷପ ଓ ଘୃତ ।

ଅଷ୍ଟାଦଶ, ବିଂ. ୧୮, ଅଠର ସଂଖ୍ୟାର ପୂରଣ ।

ଅଷ୍ଟାଦଶବିଦ୍ୟା, ବି. ସ୍ତ୍ରୀ. ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଛନ୍ଦଃ, ଜ୍ୟୋତିଷ ଏହି ଛଅଟି ବେଦର ଅଙ୍ଗ ଓ ଚତୁର୍ବେଦ, ମୀମାଂସା, ନ୍ୟାୟ, ଧର୍ମଶାସ୍ତ୍ର, ପୁରାଣ, ଆୟୁର୍ବେଦ, ଧନୁର୍ବେଦ, ଗାନ୍ଧର୍ବ ଓ ଅର୍ଥଶାସ୍ତ୍ର ଏହି ୧୮ ପ୍ରକାର ବିଦ୍ୟା ।

ଅଷ୍ଟାଦଶ ପୁରାଣ, ବି. ନ. ବ୍ରହ୍ମ, ପଦ୍ମ, ବିଷ୍ଣୁ, ଶିବ, ଭାଗବତ, ନାରଦ, ମାର୍କଣ୍ଡ, ଅଗ୍ନି, ଭବିଷ୍ୟ, ବ୍ରହ୍ମବୈବର୍ତ୍ତ, ଲିଙ୍ଗ, ବରାହ, ସ୍କନ୍ଦ, ବାମନ, କୂର୍ମ, ମତ୍ସ୍ୟ, ଗରୁଡ଼ ଓ ବ୍ରହ୍ମାଣ୍ଡ ।

ଅଷ୍ଟାପଦ, ବି. ପୁଂ. ( ଅଷ୍ଟନ୍-ପଦ ) ବୁଢ଼ିଆଣି, ଶରଭ ବା ମୃଗବିଶେଷ, ସୁବର୍ଣ୍ଣ । ଯଥା—

କହିଲି ଯାହା ପ୍ରଥମ, ଶୁଣ ତାହା ମୋ ବାଣୀ ଶ୍ରବଣେ,
ଅଷ୍ଟାପଦ ଗୋଷ୍ଠି ଅଷ୍ଟାଦଶେ ପୂର୍ ଅଷ୍ଟମ ଲକ୍ଷଣେ । କୋ.ବ୍ର

ଅଷ୍ଟାବକ୍ର ବା ଅଷ୍ଟବକ୍ର, } ବି. ପୁଂ. ଋଷିବିଶେଷ ।

ଅଷ୍ଟାବଧାନୀ, ବି. (ଅଷ୍ଟ-ଅବଧାନ-ଇନ୍) ଯେଉଁ ଲୋକ ସାଧନାବଳରେ ଏକ ସଙ୍ଗରେ ଆଠ ଗୋଟି କାର୍ଯ୍ୟ ସାଧନ କରି ପାରେ ।

**ଅଷ୍ଟାବିଂଶତି**, ବିଂ. ୨୮ ସଂଖ୍ୟା, ୨୮ ସଂଖ୍ୟାର ପୂରଣରେ ଅଷ୍ଟାବିଂଶ, ଅଷ୍ଟାବିଂଶତିତମ ।

**ଅଷ୍ଠି** } ବି. ସ୍ତ୍ରୀ. (ଅସ୍-ଇ) (ଅ-ସ୍ଥା-ଇ) ଠାକୁଆ,
**ଅସ୍ଥି** } ଫଳ ଭିତରର ମଞ୍ଜି ।

**ଅଷ୍ଠୀବାନ୍**, ବି. ପୁଂ. (ଅଷ୍ଠୀବତ୍ ଶବ୍ଦ, ଅଷ୍ଠି-ବତ୍ ଅସ୍ତ୍ୟର୍ଥେ-ବତ୍) ଆଣ୍ଠୁ ।

**ଅସଂଖ୍ୟ**, ବିଂ. (ଅ-ସମ୍-ଖ୍ୟା-ଅ) ଅଗଣ୍ୟ ।

ଯଥା—

ଭଗ୍ନାସ୍ତୂପ ଉଲ୍କବର୍ମ ଛନ୍ନ ଢାଲ
ସଙ୍ଗେ ପଡ଼ିଅଛି ଅସଂଖ୍ୟ କଙ୍କାଳ । ନ, କେ,

**ଅସଂଯତ**, ବିଂ. (ଅ-ସଂଯତ) ବନ୍ଧନଶୂନ୍ୟ, ଅନିୟମିତ ।

**ଅସଂଯମ**, ବି. ପୁଂ. (ଅ-ସଂଯମ) ଇନ୍ଦ୍ରିୟନିଗ୍ରହାଭାବ, କାମ କ୍ରୋଧାଦି ଅବଶୀକରଣ ।

**ଅସଂଯୋଗ**, ବି. ପୁଂ. (ଅ-ସଂଯୋଗ) ସଂଯୋଗାଭାବ, ବିଶ୍ଳେଷ ।

**ଅସଂଲଗ୍ନ**, ବିଂ, (ଅ-ସଂଲଗ୍ନ) ଅସଙ୍ଗତ, ପୂର୍ବାପର ବିରୁଦ୍ଧ ।

**ଅସଂବୃତ**, ବିଂ. (ଅ-ସଂବୃତ) ଅନାବୃତ, ଆଚ୍ଛାଦନଶୂନ୍ୟ ।

**ଅସଂଶୟ**, କ୍ରି. ବିଂ. (ଅ-ସଂଶୟ) ନିଃସନ୍ଦେହ, ନିଶ୍ଚିତ, ନିଃସଂଶୟ ।

**ଅସଂସ୍କୃତ**, ବିଂ. (ଅ ସଂସ୍କୃତ) ଯାହାର ସଂସ୍କାର ହୋଇ ନାହିଁ, ଅପରିଷ୍କୃତ, ଅପରିଚ୍ଛନ୍ନ ।

**ଅସକ୍ତ**, ବି. (ଅ-ସକ୍ତ) ଅସଂଲଗ୍ନ, ଅନାସକ୍ତ, ଅପ୍ରତିବନ୍ଧ

**ଅସକନ୍ଦି**, ବି. (ଦେଶଜ) ଅଡୁଆ ଗୋଳମାଳ ।

**ଅସକଟ**, ବି. (ଅବସ୍କର ଶବ୍ଦଜ) ଅଳଆ, ମଇଳା ।

**ଅସଙ୍କୁଚିତ**, ବିଂ. (ଅ-ସଙ୍କୁଚିତ) ସଙ୍କୋଚଶୂନ୍ୟ, ଅକୁଣ୍ଠିତ, ପ୍ରଶସ୍ତ ।

**ଅସଚ୍ଚରିତ୍ର**, ବିଂ. (ଅସତ୍-ଚରିତ୍ର) ଅସଦାଚାରୀ ।

**ଅସଙ୍ଗତ**, ବିଂ. (ଅ-ସମ୍-ଗମ୍-ତ) ଅସମ୍ବନ୍ଧ, ଅଯୌକ୍ତିକ, ଅସଂଯୁକ୍ତ ।

**ଅସଜ** } ବି. ଓ ବିଂ. (ଦେଶଜ) ଅସୁବିଧା,
**ଅସଜିଆ** } ଅସୁବିଧାଜନକ ।

**ଅସଜାଡ଼ି**, ବିଂ. (ଦେଶଜ) ବିଶୃଙ୍ଖଳ ।

**ଅସଢ଼ି**, ବିଂ. (ଦେଶଜ) ଅବ୍ୟବହୃତ, ଅପକ୍ୱ, ଅଶିକ୍ଷିତ, ଅବାଧ ।

**ଅସତ୍**, ବିଂ. (ଅ-ସତ୍=ସାଧୁ) ଅସାଧୁ, ନିନ୍ଦିତ, ଦୁଶ୍ଚରିତ୍ର, ଅବିଦ୍ୟମାନ, ଅନିତ୍ୟ ।

**ଅସତୀ**, ବି. ସ୍ତ୍ରୀ (ଅ-ସତୀ=ସାଧ୍ୱୀ) ଭ୍ରଷ୍ଟା ବା ବ୍ୟଭିଚାରିଣୀ ସ୍ତ୍ରୀ ।

**ଅସତ୍ୟ**, ବିଂ. (ଅ-ସତ୍ୟ) ମିଥ୍ୟା, ଯାହା ସତ୍ୟ ନୁହେ ।

**ଅସତ୍ୟସନ୍ଧ**, ବିଂ. (ଅସତ୍ୟ-ସନ୍ଧା) କୃତଘ୍ନ, ଦୁରାତ୍ମା ।

**ଅସନ**, ବି. ପୁଂ. (ଅସ୍-ଅନ) ଅସନବୃକ୍ଷ, ସର୍ଜ୍ଜବୃକ୍ଷ, ପିଅଶାଳ । ନ. କ୍ଷେପଣ ।

**ଅସନା**, ବିଂ. (ଦେଶଜ) କୁତ୍ସିତ, ଘୃଣିତ, କଦାକାର, ଅଳଆ ।

**ଅସନ୍ତୁଷ୍ଟ**, ବିଂ. (ଅ-ସନ୍ତୁଷ୍ଟ) ଯାହାର ସନ୍ତୋଷ ଜନ୍ମି ନାହିଁ, ବିରକ୍ତ ।

**ଅସନ୍ତୋଷ**, ବି. ପୁଂ; (ଅ-ସନ୍ତୋଷ) ସନ୍ତୋଷର ଅଭାବ, ବିରାଗ, ବିରକ୍ତି ।

**ଅସନ୍ଦିଗ୍ଧ**; ବିଂ. (ଅ-ସନ୍ଦିଗ୍ଧ) ସନ୍ଦେହଶୂନ୍ୟ, ବିଶ୍ୱସ୍ତ ।

**ଅସନ୍ନଦ୍ଧ**, ବିଂ. (ଅ-ସମ୍-ନହ୍-ତ) ସମ୍ମୂଢ଼, ଜାଡ଼, ଗର୍ବିତ, କବଚହୀନ ।

**ଅସପତ୍ନ**, ବିଂ. (ଅ-ସପତ୍ନ) ଶତ୍ରୁଶୂନ୍ୟ, ନିଷ୍କଣ୍ଟକ, ଭୟଶୂନ୍ୟ ।

**ଅସଭ୍ୟ**, ବିଂ. (ଅ-ସଭା-ଯ) ଅଶିଷ୍ଟ, ଅଭଦ୍ର, ଜଙ୍ଗଲି ।

**ଅସମ**, ବିଂ. (ଅ-ସମ୍-ଅ) ଅତୁଲ୍ୟ, ଅନୁପମ, ପରସ୍ପର ସାଦୃଶ୍ୟଶୂନ୍ୟ ।

**ଅସମୟ**, ବି. ପୁଂ. (ଅ ସମୟ) ଅପ୍ରକୃତ ସମୟ, ଅକାଳ, ଦୁଃସମୟ ।

**ଅସମର୍ଥ**, ବିଂ. (ଅ-ସମର୍ଥ=କ୍ଷମ) ଅଶକ୍ତ, ଦୁର୍ବଳ, ଅକ୍ଷମ ।

ଅସମାନ, ବି°. (ଅ-ସମାନ) ଅତୁଲ୍ୟ, ଅସଦୃଶ ।

ଅସମାପ୍ତ, ବି°. (ଅ-ସମାପ୍ତ) ସମାପ୍ତ ନୁହେ, ଅସମ୍ପୂର୍ଣ୍ଣ ।

ଅସମ୍ପୂର୍ଣ୍ଣ, ବି°. (ଅ-ସମ୍ପୂର୍ଣ୍ଣ) ଅସମାପ୍ତ, ଯାହା ପରିପୂର୍ଣ୍ଣ ହୋଇ ନାହିଁ ।

ଅସମ୍ବଦ୍ଧ, ବି°. (ଅ-ସମ୍ବଦ୍ଧ) ସମ୍ବନ୍ଧଶୂନ୍ୟ, ଅସଂଲଗ୍ନ ।

ଅସମ୍ବନ୍ଧ, ବି°. (ଅ-ସମ୍-ବନ୍ଧ-ଅ) ସମ୍ବନ୍ଧଶୂନ୍ୟ, ସମ୍ପର୍କରହିତ ।

ଅସମ୍ଭବ, ବି°. (ଅ-ସମ୍-ଭୂ-ଅ) ଆଶ୍ଚର୍ଯ୍ୟ, ଅନୁପଯୁକ୍ତ, ଅଘଟଣ, ବିଶ୍ୱାସର ଅଯୋଗ୍ୟ ।

ଅସମ୍ଭାଳ, ବି°. (ଦେଶଜ) ଉଦ୍‌ବିଗ୍ନ, ଅସଂଯତ, ଅସ୍ତବ୍ୟସ୍ତ ।

ଅସମ୍ଭାବ୍ୟ, ବି°. (ଅ-ସମ୍ଭାବ୍ୟ) ସମ୍ଭବନାଯୋଗ୍ୟ ନୁହେ, ଅଲୌକିକ ।

ଅସମ୍ଭ୍ରମ, ବି. ପୁଂ. (ଅ-ସମ୍ଭ୍ରମ) ଅମର୍ଯ୍ୟାଦା, ଅପମାନ ।

ଅସମ୍ଭ୍ରାନ୍ତ, ବି°. (ଅ-ସମ୍ଭ୍ରାନ୍ତ) ସମ୍ଭ୍ରମହୀନ, ଅଚଞ୍ଚଳ, ଧୀର ।

ଅସମ୍ମତ, ବି. (ଅ-ସମ୍ମତ) ଅନଭିମତ, ଅପ୍ରିୟ, ବିରୋଧୀ ।

ଅସମ୍ମତି, ବି°. ସ୍ତ୍ରୀ (ଅ-ସମ୍ମତି) ଅସ୍ୱୀକାର, ଅନୈକ୍ୟ ।

ଅସମ୍ମାନ, ବି. ନ. (ଅ-ସମ୍ମାନ) ଅନାଦର, ଅମର୍ଯ୍ୟାଦା, ଅପମାନ ।

ଅସର, ବି. (ଗ୍ରାମ୍ୟ, ଅବସର ଶବ୍ଦଜ), ଅବକାଶ, ଫୁରସତ୍ ।

ଅସରନ୍ତି, ବି° (ଦେଶଜ) ଯାହା ସରେ ନାହିଁ, ଅକ୍ଷୟ ।

ଅସରଢ଼ା, ଅସରପା, ଅସରଲା } ବି. ଅସ୍ରପ ଶବ୍ଦଜ) ତୈଳପାୟିକା, ପତଙ୍ଗ ବିଶେଷ ।

ଅସରଫି, ବି. (ଦେଶଜ) ସ୍ୱର୍ଣ୍ଣମୁଦ୍ରା ।

ଅସଲ, ବି°. (ଦେଶ) ଅମିଶ୍ର, ଯେ ଜାରଜ ନୁହେ । ବି. ମୂଳଧନ ।

ଅସଲା, ଅସରା, ଅସା } ବି°. (ଆସାର ଶବ୍ଦଜ) ବୃଷ୍ଟିର ପରିମାଣ, ଏକାଥରେ ଯେତେ ବର୍ଷା ହୁଏ ।

ଅସବର୍ଣ୍ଣ, ବି°. (ଅ-ସବର୍ଣ୍ଣ) ଭିନ୍ନଜାତୀୟ ।

ଅସହଣି, ବି° (ଅସହିଷ୍ଣୁ ଶବ୍ଦଜ) ଯେ ସହି ପାରେ ନାହିଁ (ଗ୍ରାମ୍ୟ) ।

ଅସହାୟ, ବି°. (ଅ-ସହାୟ) ନିଃସହାୟ, ସହାୟହୀନ ।

ଅସହିଷ୍ଣୁ, ବି°. (ଅ-ସହ-ଇଷ୍ଣୁ) ଯେ ସହି ପାରେ ନାହିଁ ।

ଅସହ୍ୟ, ବି°. (ଅ-ସହ-ଯ) ଅସହନୀୟ ।

ଅସାଧାରଣ, ବି°. (ଅ-ସାଧାରଣ) ଅସାମାନ୍ୟ, ଅତୁଲ୍ୟ ।

ଅସାଧୁ, ବି°. ଯେ ସାଧୁ ଅର୍ଥାତ୍ ସତ୍ ନୁହେ, ମନ୍ଦ, ନିନ୍ଦିତ ।

ଅସାଧ୍ୟ, ବି°. (ଅ-ସାଧ୍-ଯ) ସାଧନର ଅଯୋଗ୍ୟ, ଯାହା ସାଧନ କରିଯାଇ ନ ପାରେ ।

ଅସାମୟିକ, ବି°. (ଅସମୟ-ଇକ) ସମୟର ଉପଯୁକ୍ତ ନୁହେ, ଅକାଳିକ ।

ଅସାମାନ୍ୟ, ବି°. (ଅ-ସାମାନ୍ୟ) ଅସାଧାରଣ, ବିଶେଷ, ଯାହା ସଚରାଚର ଘଟେ ନାହିଁ ।

ଅସାର, ବି°. (ଅ-ସାର) ସାରହୀନ । ବି. ପୁଂ, ଗବଗଛ ।

ଅସାବଧାନ, ବି°. (ଅ-ସାବଧାନ) ସାବଧାନତାଶୂନ୍ୟ, ସତର୍କତାଶୂନ୍ୟ ।

ଅସାଷ୍ଟମ, ବି. (ଦେଶଜ : ସଂଜ୍ଞାହୀନତା, ଉଦ୍‌ବେଗ । ବି°. ଅଜ୍ଞାନ, ଚୈତନ୍ୟଶୂନ୍ୟ ।

ଅସି, ବି. ପୁଂ. (ଅସ୍-ଇ) କରବାଲ, ଖଡ୍ଗ ।

ଅସିତ, ବି. ପୁଂ. (ଅ-ସିତ = ଶୁକ୍ଳ) କୃଷ୍ଣବର୍ଣ୍ଣ, କୃଷ୍ଣପକ୍ଷ, ଶନିଗ୍ରହ । ବି°. କଳା, ସ୍ତ୍ରୀ. ଅସିତା; ଯଥା—

ଅସିତା ଅପରାଜିତା ଧବଳ ହେଉ ।

ଅସିଦ୍ଧ, ବି°. (ଅ-ସିଦ୍ଧ) ଅନିଷ୍ପନ୍ନ, ଅପକ୍ୱ, ଅସମ୍ପୂର୍ଣ୍ଣ ।

ଅସିଦ୍ଧି, ବି. ସ୍ତ୍ରୀ. (ଅ-ସିଦ୍ଧି) ଅନିଷ୍ପତ୍ତି ।

ଅସିପତ୍ର, ବି. ପୁଂ. (ଅସିପତ୍ର) ଖଡ୍ଗବତ୍ ପତ୍ର ଯାହାର, ଆଖୁ । ନ. ଖଡ୍ଗର କୋଷ ବା ଖାପ ।

ଅସିପୁଚ୍ଛକ, ବି. ପୁଂ. (ଅସିପୁଚ୍ଛକ, ଯାହାର ପୁଚ୍ଛ ବା ଲାଙ୍ଗୁଲ ଅସି ଅର୍ଥାତ୍ ଖଡ୍ଗ ପରି) ଶିଶୁମାର ନାମକ ଜନ୍ତୁ ।

ଅସିପୁତ୍ରୀ } ବି ( ଅସି = ଖଣ୍ଡା-ପୁତ୍ରୀ, ପୁତ୍ରିକା
ଅସିପୁତ୍ରିକା } କ୍ଷୁଦ୍ରାର୍ଥ ) ଛୁରୀ, ଛେଣି ।

ଅସୀମ, ବିଂ. ( ଅ-ସୀମନ୍ ) ସୀମାରହିତ, ଅନନ୍ତ ।

ଅସୁ, ବି ପୁଂ. (ଅସ୍-ଉ) ପ୍ରାଣ, ପଞ୍ଚବାୟୁ ।

ଅସୁକ୍ଷୁ, ବି. ନ. (ଅସୁଖ ଶବ୍ଦଜ) ଘୃଣା, ଅସୂୟା, ଅରୁଚି ।

ଅସୁଖ, ବି. ନ. (ଅ-ସୁଖ) ଦୁଃଖ, କ୍ଳେଶ, କଷ୍ଟ ।

ଅସୁଖୀ, ବିଂ (ଅସୁଖ-ଇନ୍) ଯେ ଅସୁଖ ଭୋଗ କରେ, ପୀଡ଼ିତ ।

ଅସୁବିଧା, ବିଂ (ଗ୍ରାମ୍ୟ) ଅସୁନ୍ଦର, ଅସୁବିଧା-ଜନକ ।

ଅସୁନ୍ଦର, ବି. ପୁଂ. (ଅ-ସୁନ୍ଦର) କଦାକାର, କୁତ୍ସିତ ।

ଅସୁମାର } ବିଂ (ଦେଶଜ) ଅସଂଖ୍ୟ, ଅଗଣିତ ।
ଅସୁମାରୁ }

ଅସୁର, ବି. ପୁଂ. (ଅ-ସୁର) ସୁରବିରୋଧୀ, ଦୈତ୍ୟ ।

ଅସୁରାଚାର୍ଯ୍ୟ, ବିଂ ପୁଂ, (ଅସୁର-ଆଚାର୍ଯ୍ୟ = ଗୁରୁ ) ଶୁକ୍ର ।

ଅସୁରୀ, ବି. ସ୍ତ୍ରୀ (ଅସୁର-ଈ) ଅସୁରପତ୍ନୀ, ରାକ୍ଷସୀ, ରାଇସୋରିଷ ।

ଅସୁରୁଣୀ, ବି. ଅସୁର ଶବ୍ଦର ସ୍ତ୍ରୀଲିଙ୍ଗ, ରାକ୍ଷସୀ ।

ଅସୁଲ, ବି. (ଯାବନିକ) ଆଦାୟ ।

ଅସୁଲଭ, ବିଂ (ଅ-ସୁଲଭ) ଦୁର୍ଲ୍ଲଭ, ଦୁଷ୍ପ୍ରାପ୍ୟ, ଯାହା କଷ୍ଟରେ ମିଳେ ।

ଅସୁସାର, ବିଂ. (ଗ୍ରା) ଅପ୍ରଚୁର, ଅସୁବିଧାଜନକ, ଅଶିଷ୍ଟ ।

ଅସୁସ୍ଥ, ବିଂ. (ଅ-ସୁସ୍ଥ) ସୁଖରହିତ, ରୁଗ୍ଣ ।

ଅସୂୟା, ବି. ସ୍ତ୍ରୀ, (ଅସୂ = ଅନାଦର କରିବା-ଯ-ଆ)ଦ୍ୱେଷ, ନିନ୍ଦା, କ୍ରୋଧ, ପରଶ୍ରୀକାତରତା ।

ଅସୂର୍ଯ୍ୟଂପଶ୍ୟା, ବିଂ. ( ଅ-ସୂର୍ଯ୍ୟଂପଶ୍ୟା ) ଯେ ସୂର୍ଯ୍ୟଙ୍କୁ ମଧ୍ୟ ଦେଖି ନାହିଁ, ଅନ୍ତଃପୁର-ଚାରିଣୀ ।

ଅସୃକ୍, ବି. ନ. ( ଅ-ସୃଜ୍-୦-) ରକ୍ତ, ରୁଧିର, ମଙ୍ଗଳଗ୍ରହ, କୁଙ୍କୁମ, ଷୋଡ଼ଶ ଯୋଗ ।

ଅସୌଷ୍ଠବ, ବିଂ. ( ଅ-ସୌଷ୍ଠବ ) ଶୋଭାହୀନ, ସୌନ୍ଦର୍ଯ୍ୟହୀନ ।

ଅସ୍ତ, ବିଂ. (ଅସ୍-ତ) ନିକ୍ଷିପ୍ତ, ପ୍ରେରିତ । ବି. ପୁଂ. ପଶ୍ଚିମାଚଳ, ଚନ୍ଦ୍ର ସୂର୍ଯ୍ୟାଦିର ଅଦର୍ଶନ, ମୃତ୍ୟୁ, ଶେଷ ।

ଅସ୍ତଗତ ବିଂ. (ଅସ୍ତ-ଗତ) ଅନ୍ତର୍ହିତ, ଅସ୍ତ-ପ୍ରାପ୍ତ, ଲୋପପ୍ରାପ୍ତ ।

ଅସ୍ତଗିରି ବି. ପୁଂ. (ଅସ୍ତ-ଗିରି) ପଶ୍ଚିମଦିଗସ୍ଥ ଅସ୍ତପର୍ବତ, ଅସ୍ତାଚଳ ।

ଅସ୍ତମିତ ବିଂ. (ଅସ୍ତଂ-ଇ-ତ) ଅସ୍ତଗତ, ନଷ୍ଟ ।

ଅସ୍ତବ୍ୟସ୍ତ ବିଂ. ( ଅସ୍ତ-ବ୍ୟସ୍ତ ) ଅତ୍ୟନ୍ତ ବ୍ୟସ୍ତ, ଅସ୍ଥିର, ଚଞ୍ଚଳ ।

ଅସ୍ତାଚଳ ବି. ପୁଂ. ( ଅସ୍ତ-ଅଚଳ ) ପଶ୍ଚିମଦିଗସ୍ଥ ପର୍ବତ, ଅସ୍ତଗିରି ।

ଅସ୍ତାବଲ (ଯାବନିକ) ଅଶ୍ୱଶାଳା, ମନ୍ଦୁରା ।

ଅସ୍ତି ଅଂ. ( ଅସ୍-ତି ) ବିଦ୍ୟମାନତା, ବର୍ତ୍ତମାନ ସ୍ଥିତି, ଅଛି ।

ଅସ୍ତିତ୍ୱ ବି. ନ. ( ଅସ୍ତି-ତ୍ୱ) ବିଦ୍ୟମାନତା ।

ଅସ୍ତୁ, ଅଂ, (ଅସ୍-ତୁ) ହେଉ, ଅନୁଜ୍ଞା ।

ଅସ୍ତ୍ର, ବି. ନ. (ଅସ୍-ତ୍ର) ଶରାଦି, ଯାହା ନିକ୍ଷେପ କରାଯାଏ ।

ଅସ୍ତ୍ରଚିକିତ୍ସା, ବି. ସ୍ତ୍ରୀ. (ଅସ୍ତ୍ର-ଚିକିତ୍ସା) ଅସ୍ତ୍ର ପ୍ରୟୋଗଦ୍ୱାରା କ୍ଷତାଦି ରୋଗର ପ୍ରତୀକାର କରିବା ।

ଅସ୍ତ୍ରବିଦ୍, ବିଂ. ( ଅସ୍ତ୍ର-ବିଦ୍-ଂ ) ଯେ ଅସ୍ତ୍ରବିଦ୍ୟା ଜାଣେ, ଅସ୍ତ୍ରବିଦ୍ୟାନିପୁଣ ।

ଅସ୍ତ୍ରାଗାର, ବି. ନ. ( ଅସ୍ତ୍ର-ଆଗାର ) ଯେଉଁ ଗୃହରେ ଅସ୍ତ୍ର ଥାଏ, ଅସ୍ତ୍ରାଳୟ ।

ଅସ୍ତ୍ରୀ, ବିଂ. (ଅସ୍ତ୍ର-ଇନ୍) ଅସ୍ତ୍ରଧାରୀ ।

ଅସ୍ତ୍ରୀକ, ବିଂ. (ଅ-ସ୍ତ୍ରୀ-କ) ସ୍ତ୍ରୀହୀନ, ଅପତ୍ନୀକ ।

ଅସ୍ଥାନ, ବିଂ.(ଅ-ସ୍ଥା-ଅନ) ସ୍ଥାନରହିତ, ସ୍ଥଳହୀନ, ମନ୍ଦ ସ୍ଥାନ, ଅଯୋଗ୍ୟ ସ୍ଥାନ ।

ଅସ୍ଥାବର, ବିଂ. ( ଅ-ସ୍ଥା-ବର ) ଯାହା ସ୍ଥାୟୀ ନୁହେ, ଚଳନ୍ତ ।

ଅସ୍ଥାୟୀ, ବିଂ. (ଅ-ସ୍ଥାୟୀ) ଅନିତ୍ୟ, ନଶ୍ୱର ।

ଅସ୍ଥି, ବି. ନ. (ଅସ୍-ଥି) ହାଡ଼ ।

ଅସ୍ଥିପଞ୍ଜର, ବି. ପୁଂ. (ଅସ୍ଥି-ପଞ୍ଜର) କଙ୍କାଳ, ଶରୀରର ଅସ୍ଥିସମୂହ ।

ଅସ୍ଥିଭକ୍ଷ, ବି. ପୁଂ. (ଅସ୍ଥି-ଭକ୍ଷ ) ହାଡ଼ଗିଲାପକ୍ଷୀ, କୁକ୍କୁର ।

ଅସ୍ଥିମାଳୀ, ବି. ପୁଂ. (ଅସ୍ଥି-ମାଳା-ଇନ୍) ଶିବ, ମହାଦେବ ।

ଅସ୍ଥିର, ବିଂ. ( ଅ-ସ୍ଥିର ) ଚଞ୍ଚଳ, ଅସ୍ଥାୟୀ, ଅନିଶ୍ଚିତ ।

ଅସ୍ଥିରତା, ବି. ସ୍ତ୍ରୀ. }
ଅସ୍ଥିରତ୍ୱ, ବି, ନ. } (ଅସ୍ଥିର—ତା, ତ୍ୱ) ଶୃଙ୍ଖଳା, ଚପଳତା ।

ଅସ୍ଥିସାର, ବି. ପୁଂ. (ଅସ୍ଥି-ସାର) ମଜ୍ଜା । ବିଂ. ରକ୍ତମାଂସଶୂନ୍ୟ ।

ଅସ୍ପଷ୍ଟ, ବିଂ. (ଅ-ସ୍ପଷ୍ଟ) ଯାହା ଭଲରୂପେ ଶୁଣା ଯାଏ ନାହିଁ, ପଢ଼ା ଯାଏ ନାହିଁ ବା ବୁଝା ଯାଏ ନାହିଁ ।

ଅସ୍ପୃଶ୍ୟ, ବିଂ. ( ଅ-ସ୍ପୃଶ୍-ଯ ) ସ୍ପର୍ଶ କରିବାର ଅଯୋଗ୍ୟ, ଅଶୁଚି ।

ଅସ୍ଫୁଟ, ବିଂ. ( ଅ-ସ୍ଫୁଟ ) ଅପ୍ରକାଶିତ, ମୃଦୁ, କ୍ଷୀଣ ।

ଅସ୍ମଦ୍, ସଂ. (ଅସ୍-ମଦ) ଆତ୍ମବାଚୀ ସର୍ବନାମ ଶବ୍ଦ, ମୁଁ, (ଉତ୍ତମପୁରୁଷ) ।

ଅସ୍ମଦୀୟ, ବିଂ. (ଅସ୍ମଦ୍-ଈୟ) ଆମ୍ଭ ସମ୍ବନ୍ଧୀୟ ।

ଅସ୍ମିତା, ବି. ସ୍ତ୍ରୀ. ଅସ୍ମି-ତା) ଅହଙ୍କାର, ଅହଂଜ୍ଞାନ, ମୁଁ ଅଛି ଏହି ଭାବ । ଯଥା—

> ଖର ସୌରକରେ ତାରକା ଯେମନ,
> ଅସ୍ମିତା ବସ୍ତୁସ୍ନେହେ ହେଲା ନିମଗନ । ଲଳିତା ।

ଅସ୍ର, ବି. କ୍ଲୀ ( ଅସ୍+ର) ରକ୍ତ, ଲୋତକ, ଘର ବା ପଦାର୍ଥର କୋଣ ।

ଅସ୍ରପ, (ପା) ବି. ପୁଂ ( ଅସ୍ର-ପା-ଅ) ଯେ ରକ୍ତ ପାନ କରେ, ରାକ୍ଷସ । ସ୍ତ୍ରୀ. ରାକ୍ଷସୀ, ଜୋକ । (ଦେଶଜ) ଅସରପା ପତଙ୍ଗ ।

ଅସ୍ୱପ୍ନ, ବି. ପୁଂ. (ଅ-ସ୍ୱପ୍ନ) ଯେଉଁମାନଙ୍କର ସ୍ୱପ୍ନ ବା ନିଦ୍ରା ନାହିଁ, ଦେବତା ।

ଅସ୍ୱାର୍ଥ, ବିଂ (ଅ-ସ୍ୱାର୍ଥ ସ୍ୱାର୍ଥଶୂନ୍ୟ, ସ୍ୱପ୍ରୟୋଜନରହିତ ।

ଅସ୍ୱାସ୍ଥ୍ୟ, ବି. ନ. (ଅ-ସ୍ୱାସ୍ଥ୍ୟ) ଅସୁସ୍ଥତା, ପୀଡ଼ା, ଉପଦ୍ରବ ।

ଅସ୍ୱୀକାର, ବି. ପୁଂ. (ଅ-ସ୍ୱୀକାର) ସ୍ୱୀକାରାଭାବ, ନାମଞ୍ଜୁ ।

ଅହଂ, ଅଂ, ଆମ୍ଭେ ।

ଅହଙ୍କାର, ବି. ପୁଂ. (ଅହଂ-କୃ-ଅ ) ଗର୍ବ, ଦମ୍ଭ, ଅଭିମାନ, ଅଭିମାନାତ୍ମିକା ଅନ୍ତଃକରଣବୃତ୍ତି ।

ଅହନ୍, ବି. ନ. ( ଅହ-ଅନ୍ ) ଦିନ, ଦିବସ ।

ଅହନ୍ତା, (ପ୍ରା) ଅକସ, ଅଦାଉତ ।

ଅହମକ }
ଅହମ୍ମକ } ବିଂ. (ଯାବନିକ) ଉଲୁ, ନିର୍ବୋଧ ।

ଅହମହମିକା ବି. ସ୍ତ୍ରୀ. ( ଅହଂ-ଅହଂ ଇକ-ଆ) ପରସ୍ପରଗର୍ବ, 'ମୁଁ ବଡ଼, ମୁଁ ବଡ଼' ପରସ୍ପରର ଏବମ୍ବିଧ ଗର୍ବ ।

ଅହମିକା, ବି. ସ୍ତ୍ରୀ (ଅହଂ-କଣ୍-ଆ) ଅହଂକାର ।

ଅହରହ, କ୍ରି. ବିଂ. (ଅହନ୍-ଅହନ୍ ) ପ୍ରତିଦିନ ।

ଅହର୍ନିଶ, କ୍ରି. ବିଂ. ( ଅହନ୍-ନିଶା ) ସର୍ବଦା, ନିରନ୍ତର, ରାତ୍ରଦିନ ।

**ଅହର୍ମୁଖ**, ବି°. କ୍ଲୀ. ( ଅହନ୍-ମୁଖ ) ଦିବସର ପ୍ରଥମ ସମୟ, ପ୍ରତ୍ୟୁଷ, ସକାଳ ।

**ଅହଲ୍ୟା**, ବି. ସ୍ତ୍ରୀ. ଗୌତମଙ୍କ ପତ୍ନୀ, ଅପ୍ସରା-ବିଶେଷ ।

**ଅହି**, ବି. ପୁଂ. (ଅ-ହା-ଇ) ଯେ ହିଂସା କରିବାରେ କାହାକୁ ତ୍ୟାଗ କରେ ନାହିଁ, ସର୍ପ, ସୂର୍ଯ୍ୟ, ବୃତ୍ରାସୁର, ପଥିକ, ରାହୁ ।

**ଅହିଂସା**, ବି. ସ୍ତ୍ରୀ. ( ଅ-ହିଂସା ) କାହାର ଅନିଷ୍ଟ ନ କରିବା । ଯଥା—

ଅହିଂସା ପରମୋ ଧର୍ମଃ ।

**ଅହିଆ**, ବି°. (ଦେଶଜ) ଅସ୍ଥାୟୀ ଚୁଲ୍ଲୀ ।

**ଅହିତ**, ବି°. ( ଅ-ହିତ=ଧା-ତ ) ଅମଙ୍ଗଳ, ଅଶୁଭ, । ବି. ପୁଂ. ଶତ୍ରୁ ।

**ଅହିତୁଣ୍ଡିକ**, ବି. ( ଅହିତୁଣ୍ଡ-ଇକ ) ସାପୁଆ, ଯେ ସାପ ଖେଳାଏ ଓ ଧରେ ।

**ଅହିଫେନ**, ବି. ପୁଂ. ନ. (ଅହି-ଫେନ)— ଅଫିମ ।

**ଅହିଭୁକ୍**, ବି. ପୁଂ. ( ଅହି-ଭୁକ୍=ଭୁଜ୍-° ) ଗରୁଡ଼, ମୟୂର, ନକୁଲ ।

**ଅହିମକର**, ବି. ପୁଂ. (ଅ-ହିମକର) ସୂର୍ଯ୍ୟ । ଯଥା—

ଅହିମକର ତାପ ନାଶେ ଶୋଭା ହାରସ ଚନ୍ଦ୍ରେ । ଗ୍ଲ. ବ.

**ଅହିରି** ବି. (ଦେଶଜ) ମଲା ବା କୌଣସି ମୃତ୍-ପାତ୍ର ରଖିବାର ତୃଣନିର୍ମିତ ଗୋଲାକାର ପଦାର୍ଥ । (ଗଡ଼ଜାତ)

**ଅହିରାଜ** ବି. (ଅହି-ରାଜା) ସର୍ପଶ୍ରେଷ୍ଠ, ସ୍ୱନାମ-ଖ୍ୟାତ ସର୍ପବିଶେଷ ।

**ଅହୀଶ୍ୱର**, ବି. ପୁଂ. ( ଅହି-ଈଶ୍ୱର ) ବାସୁକି, ଅନନ୍ତଦେବ, ସର୍ପରାଜ ।

**ଅହେତୁକ**, ବି°. ( ଅ-ହେତୁ-କ ) ନିର୍ହେତୁକ, ହେତୁଶୂନ୍ୟ, ଅକାରଣ ।

**ଅହୋ**, ଅ°. ଆଶ୍ଚର୍ଯ୍ୟ ସମ୍ବୋଧନ । ଯଥା—

ଅହୋ ମାନବ ଜୀବନ କି ଅଦ୍ଭୁତ ଭବାବହ । ଭ. ବ.

**ଅହୋରାତ୍ର**, କ୍ରି. ବି°. ଦିବାରାତ୍ର, ସର୍ବଦା ।

**ଅହୁଣିଆ**, ବି. ( ଦେଶଜ ) ଯାହା ନୈବେଦ୍ୟ ହୋଇ ନ ଥାଏ, ମହାପ୍ରସାଦବିଶେଷ ।

**ଅହ୍ୟ** / **ଅହୁଅ** }—ବି. ସ୍ତ୍ରୀ. (ଦେଶଜ) ସଧବା ସ୍ତ୍ରୀ ।

**ଅହ୍ୟଢ଼େଙ୍ଗୁରା**-ବି. ସଧବା ସ୍ତ୍ରୀର ଶବ ଶ୍ମଶାନକୁ ଯିବାବେଳେ ଯେଉଁ ବାଦ୍ୟ ବାଜେ ।

# ଆ

**ଆକାର**, ଦ୍ୱିତୀୟ ସ୍ୱରବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ କଣ୍ଠ, (ଆପ୍-ଆ) ବି. ପୁଂ. ମହାଦେବ, ବ୍ରହ୍ମା, ବିଷ୍ଣୁ । ଅ°. ସ୍ମୃତି,ଅନୁକମ୍ପା ସମୁଚ୍ଚୟ, ଜ୍ଞାନ, ନିଶ୍ଚୟ । ( ଉପସର୍ଗ ) ଈଷତ୍, ଅଳ୍ପ, ସୀମା, ବ୍ୟାପ୍ତି । ବିପରୀତ-ସମ୍ୟକ୍ ।

**ଆଂଶିକ**, ବି°. ( ଅଂଶ-ଇକ ) ଅଂଶସମ୍ବନ୍ଧୀୟ, କେତେକାଂଶ ।

**ଆଃ**, ଅ°. ସୁଖ ଓ ଦୁଃଖସୂଚକ ସ୍ୱର ।

**ଆଁ**, ବି. ନ. ମୁଖବ୍ୟାଦାନ, ପାଟି ମେଲା କରିବା, ଯଥା—

ନିଆଁ ଖାଇବାକୁ ମୁଁ ଆଁ କରିଅଛି ।

**ଆଁଶୁ**, ବି. (ଦେଶଜ) ଖରସ୍ପର୍ଶତା, ଅମସୃଣତା, ତୀକ୍ଷ୍ଣାଗ୍ର, ସୂକ୍ଷ୍ମକଣ୍ଟକବତ୍ ପଦାର୍ଥ ।

**ଆଁକୁଶୀ** / **ଆଁକୁଡ଼ି** } ବି. (ଅଙ୍କୁଶ ଶବ୍ଦଜ) ନଗି ।

**ଆଇନ**, ବି. (ଯାବନିକ) ରାଜନିୟମ, ବ୍ୟବସ୍ଥା-ଶାସ୍ତ୍ର ।

**ଆଇନା**, (ଯାବନିକ) ଦର୍ପଣ, ଆର୍ଶୀ ।

**ଆଇଁଷ**, ବି. (ଆମିଷର ଅପଭ୍ରଂଶ)ମାଛ ମାଂସାଦି ।

**ଆଇଁଷିଆ** / **ଆଇଁଷିଣିଆ** } ବି°. ଆମିଷ ଗନ୍ଧଯୁକ୍ତ ।

**ଆଈ**, ବି. (ଆର୍ଯ୍ୟାଶବ୍ଦଜ) ମାତାମହୀ, ପିତାମହୀ ।

**ଆଇଶାଶୁ** ବି°. ଶାଶୁର ଶାଶୁ ବା ଶାଶୁର ମା, (ଗୋସେଇଁ ଶାଶୁ) ।

ଅଉଁସା, ବି. ସ୍ନେହରେ ଦେହରେ ହାତ ବୁଲାଇବା ।

ଆଉଁସିବା, କ୍ରି. (ଆମର୍ଷଣ ଶବ୍ଦଜ) ସସ୍ନେହରେ ଦେହରେ ହାତ ବୁଲାଇବା ।

ଆଉ, ଅଂ. (ସଂଯୋଜକ) ପୁଣି, ଅପର, ଅନ୍ୟ ।

ଆଉଜିବା, କ୍ରି. ( ଦେଶଜ ) ଏକଆଡ଼କୁ ଢଳିବା, ଶରୀରର ଊର୍ଦ୍ଧ୍ୱ ଭାଗର ଭାର ଅନ୍ୟ ଉପରେ ରଖିବା, ପକ୍ଷପାତ ଅବଲମ୍ବନ କରିବା । ଭାର ଉପରେ ରଖିବା ଅର୍ଥରେ ।

ଯଥା—

ଆଉଜା ଇ ଅଙ୍କରେ ବସିବ ପଲଙ୍କରେ,
ମନେ ତ ନ ଥିଲା ଆଉ ରେ । ଲ. ବ.

ଆଉଟିବା, କ୍ରି. ( ଦେଶଜ ) ତରଳ କରିବା, ଗରମ କରିବା ।

ଆଉଡ଼ିବା } କ୍ରି. ( ଆବୃତ୍ତି ଶବ୍ଦଜ) ଆବୃତ୍ତି
ଆଉଡ଼ାଇବା } କରିବା, ପଢ଼େଇବା ।

ଆକଟ, ବି. ( ଦେଶଜ ) ଶାସନ, ତାଡ଼ନା ।

ଯଥା—

ରଥୀ ଧରି ସଖୀ କର,
ବୋଲନ୍ତି ଆକଟ ଆଉ ନ କର ଗୋ । ବ. ଚ.

ଆକଣ୍ଠ, ଅଂ. ( ଆ-କଣ୍ଠ ) କଣ୍ଠ ପର୍ଯ୍ୟନ୍ତ । ବିଂ. କଣ୍ଠାଗତ ।

ଆକଡା, ବିଂ. (ଅଶକ୍ତ ଶବ୍ଦଜ) ଅକ୍ଷମ, ହାଲିଆ ।

ଆକନ୍ଦ, ବି. ପୁଂ. ଅର୍କବୃକ୍ଷ ।

ଆକମ୍ପ, ବି. ପୁଂ. } (ଆ-କମ୍ପ୍-ଅ, ଅନ)ଈଷତ୍
ଆକମ୍ପନ, ବି. ନ. } କମ୍ପ, ଅଳ୍ପ କମ୍ପିବା ।

ଆକମ୍ପିତ, ବିଂ. (ଆ-କମ୍ପିତ) ଈଷତ୍ କମ୍ପିତ ।

ଆକର, ବି. ପୁଂ. ( ଆ-କୃ-ଅ ) ଖଣି, ସମୂହ, ଉତ୍ପତ୍ତି ସ୍ଥାନ ।

ଆକରିକ, ବିଂ. ( ଆକର-ଇକ ) ଖଣିଜ, ଖଣିଜାତ ।

ଆକର୍ଣ୍ଣ, ଅଂ. (ଆ-କର୍ଣ୍ଣ) କର୍ଣ୍ଣ ପର୍ଯ୍ୟନ୍ତ ।

ଆକର୍ଷ, ବି. ପୁଂ. ( ଆ-କୃଷ୍-ଅ ) ପଶାପାଲି, ଇନ୍ଦ୍ରିୟ, ଧନୁର୍ବିଦ୍ୟା ଅଭ୍ୟାସ ।

ଆକର୍ଷକ, ବିଂ. (ଆ-କୃଷ୍-ଅ, କ) ଆକର୍ଷଣକାରୀ । ବି. ପୁଂ. ଚୁମ୍ବକପଥର, କଷ୍ଟିପଥର ।

ଆକର୍ଷଣ, ବି. ନ. (ଆ-କୃଷ୍-ଅନ) ଓଟାରିବା, ତନ୍ତ୍ରୋକ୍ତ କ୍ରିୟାବିଶେଷ ।

ଆକର୍ଷଣୀ, ବି. ସ୍ତ୍ରୀ. (ଆ-କୃଷ୍-ଅନ-ଈ)ଯାହାଦ୍ୱାରା ଫଳାଦି ଆକର୍ଷଣ କରାଯାଏ, ଅଙ୍କୁଶୀ, ଆଙ୍କୁଡ଼ୀ ।

ଆକଳନା, ବି. ସ୍ତ୍ରୀ. (ଆ-କଳ-ଅନ-ଆ) ଆଶଙ୍କା, ଗ୍ରହଣ, ଗଣନ, ଅନୁସନ୍ଧାନ, ବନ୍ଧନ, ଆକାଙ୍କ୍ଷା ।

ଆକଳ୍ପ, ବି. ପୁଂ. ( ଆ-କୃପ୍-ଅ ) ବେଶରଚନା, ଭୂଷଣ, ଅଲଂକରଣ । ଅଂ. କଳ୍ପ ପର୍ଯ୍ୟନ୍ତ ।

ଆକବର, ବି. (ଯାବନିକ) ଭାରତବର୍ଷର ପ୍ରସିଦ୍ଧ ମୋଗଲ ସମ୍ରାଟ୍ ।

ଆକଷ, ବି. ପୁଂ. (ଆ-କଷ୍-ଅ) କଷ୍ଟିପଥର ।

ଆକସ୍ମିକ, ବିଂ. (ଅକସ୍ମାତ୍-ଇକ)ହଠାତ୍ ଉତ୍ପନ୍ନ, ଅକସ୍ମାତ୍ ଜାତ ।

ଆକାଙ୍କ୍ଷା, ବି. ସ୍ତ୍ରୀ. (ଆ-କାଙ୍କ୍ଷ-ଆ) ଇଚ୍ଛା, ସ୍ପୃହା, ଅଭିଳାଷ ।

ଆକାର, ବି. ପୁଂ. (ଆ-କୃ-ଅ) ଆକୃତି, ମୂର୍ତ୍ତି ।

ଆକାଶ, ବି. ପୁଂ. (ଆ-କାଶ୍-ଅ) ଗଗନ, ଶୂନ୍ୟ-ସ୍ଥାନ, ଯେଉଁ ସ୍ଥଳରେ ଗ୍ରହ ନକ୍ଷତ୍ରାଦି ପ୍ରକାଶିତ ହୁଅନ୍ତି ।

ଆକାଶକୁସୁମ, ବି. (ଆକାଶ-କୁସୁମ) ଆକାଶରେ କୁସୁମ ଫୁଟେ ନାହିଁ, ଅତଏବ ଆକାଶକୁସୁମ =ମିଥ୍ୟା, ଅସତ୍ୟ ।

ଆକାଶଗଙ୍ଗା, ବି. ସ୍ତ୍ରୀ ( ଆକାଶ-ଗଙ୍ଗା ) ସ୍ୱର୍ଗଗଙ୍ଗା, ମନ୍ଦାକିନୀ ।

ଆକାଶପ୍ରଦୀପ, ବି. ପୁଂ. କାର୍ତ୍ତିକ ମାସରେ ବାଉଁଶ ଇତ୍ୟାଦି ପୋତି ତାହା ଉପରେ ଯେଉଁ ପ୍ରଦୀପ ଦିଆ ଯାଇଥାଏ ।

ଆକାଶମୁଖୀ, ବି. ପୁଂ. ସନ୍ନ୍ୟାସିବିଶେଷ, ଯେଉଁ ସନ୍ନ୍ୟାସୀ ସର୍ବଦା ଊର୍ଦ୍ଧ୍ୱକୁ ମୁଖ ଟେକିଥାନ୍ତି ।

**ଆକାଶଯାନ**, ବି. ନ. ଯେଉଁ ଯାନଦ୍ୱାରା ଆକାଶରେ ଭ୍ରମଣ କରାଯାଏ, ବ୍ୟୋମଯାନ, ବେଲୁନ ।

**ଆକାଶବାଣୀ**. ବି. ସ୍ତ୍ରୀ. ଶୂନ୍ୟରୁ ଦେବତାଙ୍କର କଥା, ଦୈବବାଣୀ ।

**ଆକାଶବାୟୁ**, ବି. ପୁଂ. ପୃଥିବୀର ଚତୁର୍ଦ୍ଦିଗରେ ଯେଉଁ ବିସ୍ତୀର୍ଣ୍ଣ ବାୟୁମଣ୍ଡଳ ଅଛି ।

**ଆକିଞ୍ଚନ**, ବି. ନ. ( ଅକିଞ୍ଚନ-ଅ ) ଦାରିଦ୍ର୍ୟ, ଅକିଞ୍ଚନତା, ନିଃସ୍ୱତା ।

**ଆକୀର୍ଣ୍ଣ**, ବିଂ. ( ଆ-କୃ-ତ ) ବିକ୍ଷିପ୍ତ, ବ୍ୟାପ୍ତ ।

**ଆକୁଞ୍ଚନ**, ବି. ନ. (ଆ-କୁନ୍‌ଚ-ଅନ) ସଙ୍କୋଚନ ।

**ଆକୁଳ**, ବିଂ. (ଆ-କୁଳ୍‌-ଅ) ବ୍ୟଗ୍ର, ଉଦ୍‌ବିଗ୍ନ ।

**ଆକୂତ**, ବି. ନ. ଆ-କୂ-ତ) ଅଭିପ୍ରାୟ, ଇଚ୍ଛା, ମନର ଭାବ ।

**ଆକୃତି**, ବି. ସ୍ତ୍ରୀ. (ଆ-କୃ-ତି) ଆକାର, ଶରୀରର ଗଠନ ।

**ଆକୃଷ୍ଟ**, ବିଂ. (ଆ-କୃଷ୍‌-ତ) ଯାହାକୁ ଆକର୍ଷଣ କରା ହୋଇଅଛି, ବଶୀକୃତ, ଗୃହୀତ ।

**ଆକ୍ରନ୍ଦ**, ବି. ପୁଂ. ( ଆ-କ୍ରନ୍ଦ୍‌-ଅ ) ମିତ୍ର, ଭ୍ରାତା, ଦାରୁଣ ଯୁଦ୍ଧ, ଦୁଃଖିର ରୋଦନ ସ୍ଥାନ ।

**ଆକ୍ରମ**, ବି. ପୁଂ. (ଆ-କ୍ରମ୍‌-ଅ) ବଳଦ୍ୱାରା ଉଲ୍ଲଙ୍ଘନ, ପରଲୋକପ୍ରାପ୍ତି ସାଧନ-ବିଦ୍ୟା ଓ କର୍ମାଦି ।

**ଆକ୍ରମଣ**, ବି. ନ. ( ଆ-କ୍ରମ୍‌-ଅନ ) ଚଢ଼ାଉ, ଆରୋହଣ, ଉଦୟ, ଅଭିଭବ, ଅତିକ୍ରମ ।

**ଆକ୍ରା**, ବିଂ. ( ଦେଶଜ ) ଲୋଡ଼ା, ଆବଶ୍ୟକ, ଦୁର୍ମୂଲ୍ୟ, ମହାର୍ଘ ।

**ଆକ୍ରାନ୍ତ**, ବିଂ. (ଆ-କ୍ରମ୍‌-ତ) ଅତିରକ୍ତ, ଅଭିଭୂତ, ବ୍ୟାପ୍ତ, ଯାହାକୁ କେହି ଆକ୍ରମଣ କରିଥାଏ ।

**ଆକ୍ରୀଡ଼**, ବି. ପୁଂ. ( ଆ-କ୍ରୀଡ଼୍‌-ଅ ) ରାଜକୀୟ ଉଦ୍ୟାନ, ଲୀଳାସ୍ଥାନ ।

**ଆକ୍ରୋଶ**, ବି. ପୁଂ. (ଆ-କ୍ରୁଶ୍‌ ଅ) କଟୂକ୍ତି, ଭର୍ତ୍ସନା, ଅଭିଶାପ, କ୍ରୋଧ, ଅଭିଯୋଗ, ନିନ୍ଦା, ଦ୍ୱେଷ ।

**ଆକ୍ଷେପ**, ବି. ପୁଂ. (ଆ-କ୍ଷିପ୍‌-ଅ) ଦୁଃଖ, ଅପବାଦ, ନିନ୍ଦା, ଭର୍ତ୍ସନା, ଆକର୍ଷଣ, ଅପହରଣ, ଭାଷାର ଅଳଙ୍କାରବିଶେଷ, ଖେଦ, ବିକ୍ଷେପ ।

**ଆକ୍ଷେପକ**, ବିଂ. (ଆ-କ୍ଷିପ୍‌-ଅକ) ନିନ୍ଦାକାରୀ । ବି. ବ୍ୟାଧ, ବାତରୋଗବିଶେଷ ।

**ଆଖଡ଼ା**, ବି. ( ଦେଶଜ ) ନୃତ୍ୟ ଗୀତାଦି ଶିକ୍ଷା କରିବା ସ୍ଥାନ, ବ୍ୟାୟାମ ଶିକ୍ଷା କରିବା ସ୍ଥାନ ।

**ଆଖଣ୍ଡଳ**, ବି. ପୁଂ. (ଆ-ଖଣ୍ଡ୍‌-ଅଳ) ଇନ୍ଦ୍ର । ଯଥା—

ଅଖିଳ ବିଭବ-ଆଖଣ୍ଡଳ ପଦ, ଆରୋହଣ ପରିକ୍ଷର ରେ ।

**ଆଖନ**, ବିଂ, (ଦେଶଜ) ଅଟକ, ଜବଡ ।

**ଆଖପାଖ**, ବି. ଚାରିଆଡ଼, ନିକଟ, ସମୀପ ।

**ଆଖର**, କ୍ରି. ବିଂ. (ଯାବନିକ) ନିକଟ, ଅବଶେଷରେ । ବି. (ଅ-ଖନ୍‌-ଅର) ଖଣିତ୍ର, ଯାହାଦ୍ୱାରା ମୃତ୍ତିକା ଖନନ କରାଯାଏ ।

**ଆଖରୋଟ**, ବି. (ଯାବନିକ) ଏକପ୍ରକାର ଫଳ ।

**ଆଖାତ**, ବି. ନ ( ଅଖାତ-ଅ ) ଦେବଖାତ, ସ୍ୱାଭାବିକ ଜଳାଶୟ ।

**ଆଖି**, ବି. ( ଅକ୍ଷି ଶବ୍ଦଜ ) ଚକ୍ଷୁ, ନେତ୍ର, ନଡ଼ିଆ ମୁଣ୍ଡର ଛିଦ୍ର ।

**ଆଖିଡଉଁ** ବି. (ଦେଶଜ) ଆଖି ଢେଉଁବା, ଚକ୍ଷୁ-ସ୍ଫୁରଣ ।

**ଆଖିଧରା**, ବି (ଦେଶଜ) ଚକ୍ଷୁରୋଗବିଶେଷ ।

**ଆଖିଫୁଟା**, ବିଂ. (ଦେଶଜ ଗାଳି ) ଅବିବେଚକ, ଅବନ୍ଧୁଦର୍ଶୀ, ଅନ୍ଧ ।

**ଆଖୁ**, ବି. ପୁଂ. (ଆ-ଖନ୍‌-ଉ) ମୂଷିକ, କୃପଣ, ଚୋର । (ପ୍ରା.) ଇକ୍ଷୁର ଅପଭ୍ରଂଶ, ମଧୁର ରସବିଶିଷ୍ଟ ତୃଣଜାତୀୟ ଗୁଳ୍ମବିଶେଷ ।

**ଆଖୁଶାଳ**, ବି. ଆଖୁ ଯେଉଁ ସ୍ଥାନରେ ପେଡ଼ା ହୁଏ । ଯଥା—

ଆଗକ୍ଷେତ୍ର ଦଶେ ପଞ୍ଚ ଆଖୁଶାଳରେ ବସି
ଗ୍ରାମ କଥା ଗ୍ରାମବାସିଏ ଗଳ୍ପ କରନ୍ତି ହସି ।

**ଆଖୁଗ**, ବି. ପୁଂ. ( ଆଖୁ-ଗମ୍‌-ଅ ) ମୂଷିକଦ୍ୱାରା ଯେ ଗମନ କରନ୍ତି, ମୂଷିକବାହନ, ଗଣେଶ ।

**ଆଖୁଭୁକ୍**, ବି. ପୁଂ. ( ଆଖୁ-ଭୁଜ୍‌-୦ ) ଯେ ମୂଷା ଭୋଜନ କରେ, ମାର୍ଜ୍ଜାର, ବିରାଡ଼ି ।

ଅଖେଟ, ବ. ପୁଂ. (ଆ-ଖିଟ୍=ତ୍ରାସ-ଅ) ମୃଗୟା, ପଶୁ ପକ୍ଷୀ ଶିକାର, ପାରଧି । ଯଥା—

ପିଙ୍ଗଳରୁ ମୋ ମୃଗେ ଅଖେଟକାଳେ ।

ଅଖେଟକ, ବିଂ. (ଆ-ଖିଟ୍-ଅକ) ମୃଗୟୁ, ଶିକାରୀ, ବ୍ୟାଧ ।

ଅଖେଟିକ, ବ. ପୁଂ. (ଅଖେଟ-ଇକ) ଶିକାରୀ କୁକୁର । ବିଂ. ମୃଗୟାସମ୍ବନ୍ଧୀୟ ।

ଅଖ୍ୟା, ବ. ସ୍ତ୍ରୀ. (ଆ-ଖ୍ୟା-ଅ-ଆ) ନାମ, ସଂଜ୍ଞା, କଥନ ।

ଅଖ୍ୟାତ, ବିଂ. (ଆ-ଖ୍ୟା-ତ) କଥିତ । ବ. ନ. ସଂସ୍କୃତ ବ୍ୟାକରଣର ତୃତୀୟ ପାଦ, ତିଙନ୍ତ-ପାଦ ।

ଅଖ୍ୟାନ, ବ. ନ. (ଆ-ଖ୍ୟା-ଅନ) କଥନ, ନାମୋଲ୍ଲେଖ, ଇତିହାସ, ଉପନ୍ୟାସ, କଳ୍ପିତ ବୃତ୍ତାନ୍ତ ।

ଅଖ୍ୟାୟିକା, ବ. ସ୍ତ୍ରୀ. (ଆ-ଖ୍ୟା-ଅକ-ଆ) ଇତିହାସ, ଉପନ୍ୟାସ, ଗଳ୍ପବିଶେଷ ।

ଅଗ, ବ. ନ. (ଅଗ୍ରର ଅପଭ୍ରଂଶ) ସମ୍ମୁଖ, ପୂର୍ବ-ବର୍ତ୍ତୀ ସମୟ । ଯଥା—

କହନ୍ତି ମିତ ଆଗରେ । ବ. ଚ.

ଅଗଃ, ବ.ନ. (ଇ-ଅସ୍, ଇ=ଅଗ୍) ଅପରାଧ, ପାପ, ଦୋଷ ।

ଅଗଡ଼ଲ
ଅଗଡ଼ୋଲ } ବିଂ. ଫାଙ୍କଲ, ଶୃଙ୍ଖଳ ।
ଅଗଳୁହା

ଅଗତ, ବିଂ. (ଆ-ଗମ୍-ତ) ଉପସ୍ଥିତ, ପ୍ରାପ୍ତ ।

ଅଗଭୂର, ବିଂ. (ଅଗ୍ର ଓ ଭୂର ଶବ୍ଦଜ) ଅଗ୍ରିମ ।

ଅଗନ୍ତୁ
ଅଗନ୍ତୁକ } ବ. ପୁଂ. (ଆ-ଗମ୍-ତୁ, କ) ଅଭ୍ୟାଗତ, ଅତିଥି, ଆଗତ, ହଠାତ୍ ଉପସ୍ଥିତ । ବିଂ. ଆକସ୍ମିକ, ହଠାତ୍ ।

ଅଗମ, ବ. ପୁଂ. (ଆ-ଗମ୍-ଅ) ବେଦାଦି ଶାସ୍ତ୍ର, ତନ୍ତ୍ରଶାସ୍ତ୍ର, ଶାସ୍ତ୍ରାଭ୍ୟାସ, ଉପଦେଶ, ଆଗମନ ।

ଅଗମନ, ବ. ନ. (ଆ-ଗମ୍-ଅନ) ଉପସ୍ଥିତି, ଆସିବା ।

ଅଗାମୀ, ବିଂ. (ଆ-ଗମ୍-ଇନ୍) ଭବିଷ୍ୟତ୍, ଆଗାମୀ, ଯାହା ଆସିବ

ଅଗାର, ବ. (ଅଗାର-ଅ) ଗୃହ, ଆବାସ ।

ଅଗୁଲା, ବ. (ଅର୍ଗଲ ଶବ୍ଦଜ) ଲୁହା ମୁଦ୍ରା ।

ଅଗୁସାର, ବ. ନ. (ଅଗ୍ରସର ଶବ୍ଦର ଅପଭ୍ରଂଶ) କୌଣସି ବିଷୟ କରିବା ନିମନ୍ତେ ଇଚ୍ଛାକ୍ରମେ ଆଗେ ଆଗେ ବାହାରିବା ।

ଅଗୋ, ଅଂ. କୋମଳ ସମ୍ବୋଧନବାଚୀ ଶବ୍ଦ ।

ଅଗ୍ନେୟ, ବ. ପୁଂ. (ଅଗ୍ନି-ଏୟ) ଅଗସ୍ତ୍ୟ ମୁନି, ପୂର୍ବ ଦକ୍ଷିଣ କୋଣ । ନ. ନଗରବିଶେଷ, ଅଗ୍ନିପୁରାଣ, ରକ୍ତ, ସ୍ୱର୍ଣ୍ଣ । ବିଂ. ଅଗ୍ନିସମ୍ବନ୍ଧୀୟ । ସ୍ତ୍ରୀ. ଅଗ୍ନିପତ୍ନୀ, ସ୍ୱାହା ।

ଅଗ୍ନେୟଗିରି, ବ. ପୁଂ. ଯେଉଁ ପର୍ବତରୁ ଉତ୍ତପ୍ତ ଜଳ, ଭସ୍ମ ଓ ଗଳିତ ଧାତୁଦ୍ରବ୍ୟ ବାହାର ହୁଏ ।

ଅଗ୍ନେୟ-ପ୍ରସ୍ତର, ବ. ନ. ( Volcanic formation ) ଯେ ସମସ୍ତ ପଥର ଅଗ୍ନି ସାହାଯ୍ୟରେ ତାହାର ବର୍ତ୍ତମାନ ଅବସ୍ଥା ପ୍ରାପ୍ତ ହୋଇଅଛି ଅର୍ଥାତ୍ ଅଗ୍ନିଦ୍ୱାରା ଦ୍ରବ ହେଲା ପରେ ଶୀତଳ ହୋଇ ବର୍ତ୍ତମାନ ରୂପ ଧାରଣ କରିଅଛି ।

ଅଗ୍ନେୟାସ୍ତ୍ର, ବ. ନ. ଅଗ୍ନିସମ୍ବନ୍ଧୀୟ ଅସ୍ତ୍ର, ଯଥା—ବନ୍ଧୁକ, ତୋପ ପ୍ରଭୃତି ।

ଅଗ୍ରହ, ବ ପୁଂ. (ଆ-ଗ୍ରହ୍-ଅ) ଅତିଯତ୍ନ, ଅତି ବ୍ୟଗ୍ରତା, ଆକ୍ରମଣ, ସାହାଯ୍ୟ, ଅନୁଗ୍ରହ, ସାମର୍ଥ୍ୟ, ଗ୍ରହଣ, ।

ଅଗ୍ରହାୟଣ, ବ. ପୁଂ. (ଅଗ୍ରହାୟଣ-ଅ) ମାର୍ଗଶୀର୍ଷ ମାସ ।

ଅଘାତ, ବ. ପୁଂ. (ଆ-ହନ୍-ଅ) ପ୍ରହାର, ବଧ, ବଧସ୍ଥାନ ।

ଅଘାତକ, ବିଂ. (ଆ-ହନ୍-ଅକ) ବଧକାରୀ, ଯେ ଆଘାତ କରେ ।

ଅଘାର, ବ. ପୁଂ. (ଆ-ଘୃ=ସେଚନ କରିବା-ଅ) ଘୃତ, ଆଜ୍ୟ, ହୋମ ।

**ଆଘୂର୍ଣ୍ଣନ**, ବି. ନ. ( ଆ-ଘୂର୍ଣ୍ଣ୍-ଅନ ) ଚକ୍ରପ୍ରାୟ ଭ୍ରମଣ, ପରିଭ୍ରମଣ, ଘୂରିବା ।

**ଆଘ୍ରାଣ**, ବି. ନ. ( ଆ-ଘ୍ରା-ଅନ ) ଗନ୍ଧଗ୍ରହଣ, ସନ୍ତୋଷ ।

**ଆଘ୍ରାତ**, ବିଂ. (ଆ-ଘ୍ରା-ତ) ଯାହା ଆଘ୍ରାଣ କରି ଯାଇଅଛି, ଅକ୍ରାନ୍ତ, ସନ୍ତୁଷ୍ଟ ।

**ଆଘ୍ରେୟ**, ବିଂ. (ଆ-ଘ୍ରା-ଯ) ଆଘ୍ରାଣଯୋଗ୍ୟ ।

**ଅଙ୍କୁଡ଼ା** } ବି. ( ଦେଶଜ ) ଲଗି ( ଉଚ୍ଚସ୍ଥାନରୁ
**ଅଙ୍କୁଡ଼ୀ** } ଫଳାଦି ତୋଳିବାରେ ବ୍ୟବହୃତ)

**ଅଙ୍କିବା**, କ୍ରି. ( ସଂ. ଅଙ୍କନ ) ଚିତ୍ର କରିବା, ଅଙ୍କନ କରିବା ।

**ଆଙ୍ଗ**, ବି. ନ. (ଅଙ୍ଗ-ଅ) କୋମଳାଙ୍ଗ । ବିଂ. ଅଙ୍ଗସମ୍ବନ୍ଧୀୟ ।

**ଆଙ୍ଗିକ**, ବିଂ. (ଅଙ୍ଗ-ଇକ) ଅଙ୍ଗସମ୍ବନ୍ଧୀୟ ।

**ଆଙ୍ଗିରସ**, ବି. ପୁଂ (ଅଙ୍ଗିରସ = ଋଷିବିଶେଷ-ଅ, ଅପତ୍ୟାର୍ଥେ) ବୃହସ୍ପତି, ଦେବଗୁରୁ ।

**ଆଙ୍ଗୁଠି**, ବି. ସ୍ତ୍ରୀ. (ଅଙ୍ଗୁଷ୍ଠ ଶବ୍ଦର ଅପଭ୍ରଂଶ) ଅଙ୍ଗୁଳି ।

**ଆଙ୍ଗୁଳ**, ବିଂ. ( ଅଙ୍ଗୁଳି ଶବ୍ଦଜ ) ଅଙ୍ଗୁଳି ପ୍ରସ୍ଥ ପରିମାଣବିଶିଷ୍ଟ । ଯଥା — ଦୈର୍ଘ୍ୟ ୫ ଅଙ୍ଗୁଳ ।

**ଆଚମନ**, ବି. ପୁଂ. (ଆ-ଚମ୍ = ଭୋଜନ କରିବା -ଅନ) ଜଳବିନ୍ଦୁ ପାନଦ୍ୱାରା ଦେହ ଶୋଧନ, ଭୋଜନାଦି ପରେ ମୁଖ ପ୍ରକ୍ଷାଳନ ।

**ଆଚମନକ**, ବି. ପୁଂ. ( ଆଚମନ-କ ) ଜଳପାତ୍ର, ମୁଖପ୍ରକ୍ଷାଳନର ଜଳ ଯହିଁରେ ଥାଏ ।

**ଆଚମ୍ବିତ**, ବିଂ. ( ଦେଶଜ ) ଚକିତ, ତ୍ରସ୍ତ, ବିସ୍ମିତ । ଅଂ, ହଠାତ୍, ଅକସ୍ମାତ୍ । ଯଥା—

ଚନ୍ଦ୍ରଶାଳା ଚୂଳେ ବସି ଡାକିଲେ ପେଚକ,
ଆଚମ୍ବିତେ ନକ୍ଷେପଦେଶେ ଶୁଭିଲ ଚଡ଼କ । କ. କ.

**ଆଚରଣ** } ବି.ନ. (ଆ-ଚର୍-ଅନ,ଅ) ଅନୁଷ୍ଠାନ,
**ଆଚାର** } ବ୍ୟବହାର, ରୀତି ।

**ଆଚରିତ**, ବିଂ. (ଆ-ଚର-ତ) ଅନୁଷ୍ଠିତ, କୃତ, ବ୍ୟବହୃତ ।

**ଆଚାମ**, ବି. ପୁଂ. (ଆ-ଚମ୍-ଅ) ଆଚମନ, ଭାତର ମଣ୍ଡ, ପେଜ ।

**ଆଚାର**, ବି. ପୁଂ. (ଆ-ଚର୍-ଅ) ସ୍ନାନ, ଆଚମନାଦି, ବ୍ୟବହାର, ଶିଷ୍ଟାଚାର, ରୀତି, ପଦ୍ଧତି, ବ୍ୟବହାର । (ଦେଶଜ) ଅମ୍ଳ ଦ୍ରବ୍ୟବିଶେଷ ।

**ଆଚାରବାନ୍** } ବିଂ. ( ଆଚାର-ବତ୍, ଇନ୍ )
**ଆଚାରୀ** } ନିୟମବାନ୍, ଆଚାରବିଶିଷ୍ଟ ।

**ଆଚାର୍ଯ୍ୟ**, ବି. ପୁଂ. ( ଆ-ଚର-ଯ ) ବେଦାଧ୍ୟାପକ, ଶିକ୍ଷାଗୁରୁ, ପୁରୋହିତ ।

**ଆଚାର୍ଯ୍ୟା** } ବି. ସ୍ତ୍ରୀ. ( ଆଚାର୍ଯ୍ୟ-ଆ, ଆନୀ )
**ଆଚାର୍ଯ୍ୟାଣୀ** } ଆଚାର୍ଯ୍ୟପତ୍ନୀ, ବେଦମନ୍ତ୍ରାଦି ଶିକ୍ଷୟିତ୍ରୀ ।

**ଆଛୁ**, ବି. ନ. ବୃକ୍ଷବିଶେଷ ।

**ଆଚ୍ଛନ୍ନ**, ବିଂ. (ଆ-ଛଦ୍-ତ) ଆବୃତ, ଅଭିଭୂତ ।

**ଆଚ୍ଛା** } ଅଂ. ( ଦେଶଜ ) ହଁ, ସ୍ୱୀକାର । ବିଂ.
**ଆଚ୍ଛ** } ଉତ୍ତମ, ସୁନ୍ଦର, ଭଲ ।

**ଆଚ୍ଛାଦ** } ବି. ନ. ( ଆ ଛଦ୍-ଣିଚ୍-ଅ, ଅନ)
**ଆଚ୍ଛାଦନ** } ଆବରଣ, ଢାଙ୍କୁଣି, ବସ୍ତ୍ର, ଗୃହର ।

**ଆଚ୍ଛାଦକ**, ବିଂ. (ଆ-ଛଦ-ଣିଚ୍-ଅକ) ଆବରକ, ଯେ ଆଚ୍ଛାଦନ କରେ ।

**ଆଚ୍ଛାଦିତ**. ବିଂ. ( ଆ-ଛଦ୍-ଣିଚ୍-ତ ) ଆବୃତ, ଆଚ୍ଛନ୍ନ ।

**ଆଚ୍ଛୋଦନ**, ବି. ନ. ( ଆ-ଛୁଦ୍-ଅନ ) ମୃଗୟା, ପଶୁପକ୍ଷ୍ୟାଦି ଶିକାର ।

**ଆଜ**, ବିଂ. ( ଅଜ-ଅ ) ଅଜସମ୍ବନ୍ଧୀୟ, ଅଜପୁତ୍ର ଦଶରଥ । ( ଦେଶଜ ) କ୍ରି. ବିଂ. ଆଜିଦିନ, ଅଦ୍ୟ । ବି. ନ. (ଆ-ଅଜ୍-ଅ) ଘୃତ ।

**ଆଜଗବ**, ବି. ନ. (ଅଜଗବ-ଅ) ଶିବଧନୁଃ ।

**ଆଜନ୍ମ**, କ୍ରି. ବିଂ. ( ଆ-ଜନ୍ମ ) ଜନ୍ମାବଧି, ଯାବଜ୍ଜୀବନ ।

**ଆଜମୀଢ଼**, ବି. ପୁଂ. (ଅଜମୀଢ଼-ଅ) ପାଣ୍ଡବ ପକ୍ଷର ଯଦୁବଂଶୀୟ ନୃପତିବିଶେଷ ।

**ଆଜାନୁ**, କ୍ରି. ବିଂ. ( ଆ-ଜାନୁ ) ଆଣ୍ଠୁ ପର୍ଯ୍ୟନ୍ତ, ଜାନୁଯାଏ ।

ଅଜ, କ୍ରି. ବି°. (ଦେଶଜ) ଅଜଦିନ, ଅଦ୍ୟ ।
ବି. ସ୍ତ୍ରୀ. (ଅ-ଅଜ୍ = ଗମନ କରିବା-ଇ) ଯୁଦ୍ଧ, ଯୁଦ୍ଧଭୂମି, ସମାନଭୂମି, ନିନ୍ଦା, ଆକ୍ଷେପ ।

ଅଜକାଲି, ଅ° ( ଅଦ୍ୟ-କଲ୍ୟ ଶବ୍ଦରୁ ଉତ୍ପନ୍ନ ) ବର୍ତ୍ତମାନ ସମୟରେ, ଅଧୁନା ।

ଆଜୀବ, ବି. ( ଆ-ଜୀବ୍-ଅ ) ଜୀବିକା, ଜୀବନୋପାୟ ।

ଆଜୀବନ, କ୍ରି.ବି°. (ଆ ଜୀବନ) ଜୀବ ଥିବାଯାଏ, ଯାବଜ୍ଜୀବନ ।

ଆଜ୍ଞପ୍ତ, ବି°.(ଆ-ଜ୍ଞା-ଣିଚ୍-ତ) ଆଦିଷ୍ଟ, ଅନୁମତିପ୍ରାପ୍ତ ।

ଆଜ୍ଞା, ବି. ସ୍ତ୍ରୀ. (ଆ-ଜ୍ଞା-ଅ) ଆଦେଶ, ଆପଣାଠାରୁ ନିକୃଷ୍ଟ ଲୋକଙ୍କୁ କୌଣସି କର୍ମ କରିବାକୁ ବୋଲିବା, ଅନୁମତି ।

ଆଜ୍ଞାକାରୀ, ବି°. ( ଆଜ୍ଞା-କୃ-ଇନ୍ ) ଯେ ଆଜ୍ଞା ପାଳନ କରେ, ଆଜ୍ଞାବହ ।

ଆଜ୍ଞାପତ୍ର, ବି. ନ. ( ଆଜ୍ଞା-ପତ୍ର ) ଆଦେଶପତ୍ର, ହୁକୁମନାମା ।

ଆଜ୍ଞାବହ, ବି°. (ଆଜ୍ଞା-ବହ) ଯେ ଅନ୍ୟର ଆଜ୍ଞା ବହନ କରେ, ଆଜ୍ଞାକାରୀ ।

ଆଜ୍ୟ, ବି. ନ. (ଆ-ଅନ୍ଜ-ଯ) ଘୃତ । ଯଥା—

ଆତ୍ମା ଯଜମାନ, ଶ୍ରଦ୍ଧା ପତ୍ନୀସ୍ୱରୂପିଣୀ,
ତପ ବହ୍ନି, କାମ ଆଜ୍ୟ, କ୍ରୋଧ ଯଜ୍ଞପଶୁ । ମ. ଯ,

ଅଜୁଁ, ଅ°. (ଅଜକୁଁ ଶବ୍ଦର ସଂକ୍ଷିପ୍ତ ଉଚ୍ଚାରଣ) ଅଜଠାରୁ ।

ଆଞ୍ଚ, ବି. (ଅଞ୍ଚ ଧାତୁଜ) ଭାବନା, ଦକା, ଦାଉ, କଳନା ।

ଆଞ୍ଚିବା, କ୍ରି. ( ଦେଶଜ ) ମନେ ମନେ ଠିକ କରିବା, ଅନୁମାନ କରିବା, ଆକର୍ଷଣ କରିବା । ଯଥା—

ଈଶାନ-ପର ଆକର୍ଷିତ କରଣ ଧନୁକୁ ଆଞ୍ଚିଛ । ବ. ଚ,

ଆଞ୍ଚୁଆଇବା, କ୍ରି. ( ଆଚମନ ଶବ୍ଦଜ ) ଆଚମନ କରିବା, ଭୋଜନ ପରେ ମୁହଁ ହାତ ଧୋଇବା ।

ଆଞ୍ଜନେୟ, ବି. ପୁଂ. (ଅଞ୍ଜନା = ଗୌତମଙ୍କ ଝିଅ-ଏୟ) ହନୁମାନ୍, ଅଞ୍ଜନାପୁତ୍ର ।

ଆଞ୍ଜୁଳା } ବି (ଅଞ୍ଜଳ ଶବ୍ଦଜ) ଦୁଇ ହାତ ଯୋଡ଼ି
ଆଞ୍ଜୁଳ } ପାତ୍ର ପରି କରିବା ।

ଆଟିକା, ବି. (ଦେଶଜ) ଛୋଟ ହାଣ୍ଡି, କ୍ଷୁଦ୍ର ମୃତ୍ପାତ୍ର ।

ଆଟିକା କରିବା କ୍ରି. (ଦେଶଜ) ଜଗନ୍ନାଥଙ୍କଠାରେ ନିୟମିତରୂପେ ଭୋଗ କରିବା ନିମିତ୍ତ ଯାତ୍ରିମାନେ ଯାହା ଉତ୍ସର୍ଗ କରନ୍ତି ।

ଆଟୁ, ବି. (ଦେଶଜ) ମାଟିଛାତ, ମାଟିକୋଠା, ମାଣ୍ଡୁ ।

ଆଟୁଘର, ବି. (ଦେଶଜ) ଗୃହଦ୍ରବ୍ୟାଦି ଅଗ୍ନିଭୟରୁ ରକ୍ଷା କରିବା ନିମିତ୍ତ କାନ୍ଥ ଉପରେ ନିର୍ମିତ ମାଟିଛାତବିଶିଷ୍ଟ ଗୃହ । ଯଥା—

ସମ୍ପତ୍ତିକି ଠୁଳ କରି ରଖି ଆଟୁଘରେ
ନିଶ୍ଚିନ୍ତ ରହିଇ ଅଗ୍ନିଭୟୁଁ ମନେ ମନେ । ମ. ଯା,

ଆଟୋପ, ବି, (ଆ-ଟୁପ୍-ଅ) ଗର୍ବ, ଅହଂକାର, ପେଟ ଭିତରେ ହେବା ଗୁଡ଼ୁଗୁଡ଼ୁ ଶବ୍ଦ ।

ଆଠ, ବି. ବି°. (ଅଷ୍ଟ ଶବ୍ଦଜ) ୮ ସଂଖ୍ୟା

ଆଠକାଳ ବାରମାସୀ, କ୍ରି. ବି°. ସବୁଦିନେ, ବର୍ଷକଯାକ ।

ଆଠଣୀ } ବି, ଅଧୁଲି, ରୌପ୍ୟ ମୁଦ୍ରାଆଠଅଣୀ } ବିଶେଷ ।

ଆଡ଼, ବି. (ଦେଶଜ) ପାର୍ଶ୍ୱ, ପକ୍ଷ, ଦିଗ, ପ୍ରସ୍ଥ । ବି°. ଅର୍ଦ୍ଧ, ଈଷତ୍ ବକ୍ର ।

ଆଡ଼ଣି, } ବି. (ଦେଶଜ) ବସ୍ତ୍ରନିର୍ମିତ ପଙ୍ଖା,
ଆଡ଼ଣୀ, } ବ୍ୟଜନ, ଛାଲି, ବଦାଇ ପ୍ରଭୃତି । ଯଥା—

କାଷ୍ଠପଟ ପାଖ ମହଣୀ ଭଷିବ
ତୁମି କନ୍ୟାରତ୍ନ କାହିଁ ପାଏ
ସେ ବାଣୀ ବାଣକୁ ପରିତ୍ରାଣ କରି
ଆଡ଼ଣୀ ଖୋଜିଲେ ନାହିଁ । କୋ. ବ୍ର. ସୁ.

ଆଡ଼ତଦାର, ବି, (ଯାବନିକ) ଦଣ୍ଡିଆ, ମାଲଗୋଦାମର ରକ୍ଷକ ।

ଅଡ଼ଙ୍ଗ, ବି. (ଦେଶଜ) ଗୃହକାର୍ଯ୍ୟ, ପାଇଟି ।

ଅଡ଼ପ, ବି. (ଦେଶଜ) ଜଗନ୍ନାଥଙ୍କ ସ୍ନାନ ମଣ୍ଡପ ।

ଅଡ଼ଭୋକେଟ୍, ବି (ଇଂ. Advocate) ଉକିଲ ।

ଅଡ଼ମ୍ବର, ବି. ପୁଂ. (ଆ-ଡ଼ମ୍ବ-ଅର) ତୂର୍ଯ୍ୟାଦି ବାଦ୍ୟଧ୍ୱନି, ହସ୍ତିଧ୍ୱନି, ସମାରୋହ, ଜାକଜମକ ।

ଅଡ଼ରୁଷା, ବି. (ଦେଶଜ) (ଅଡ଼=ଈଷତ୍ ରୁଷା=ରାଗ କରିବା) ଅଳ୍ପ ଅଭିମାନ, ଈଷତ୍ କ୍ରୋଧ । ଯଥା—

ବାଳମୃଗନେତ୍ରା, ଭେଟକବେଳେ ଦେଇ ଅଡ଼ରୁଷା ।

ଅଡ଼ା, ବି. ପୁଂ, (ଦେଶଜ) ମତ୍ସ୍ୟ ଧରିବାର ଯନ୍ତ୍ରବିଶେଷ, ଘାର୍ଦ, ପ୍ରସ୍ଥ ।

ଅଡ଼ି, } ବି. (ଦେଶଜ) ଶଙ୍କୁଡ଼ା, ବନ୍ୟପଶୁର
ଅଡ଼ୀ, } ଶିକାରପାଇଁ ଲୁଚି ବସିବାର ସ୍ଥାନ, ମୃଗୟା, ଚାଉଁଧି ।

ଅଡ଼ିବା, କ୍ରି. ଅଟକାଇବା । ଯଥା—

ବୃକ୍ଷଙ୍କ କନ୍ଦଙ୍କ ବଚନ ରଚନ ରେଜ୍ଜ ଶିର ଅଡ଼ିଲାଣି ।

ବି. ଚି.

ଖେଳରେ ବାଜି ରଖିବା ।

ଅଢ଼କ, ବି. ପୁଂ. କ. ( ଆ-ଢୌକ=ଗମନ କରିବା-ଅ ) ଧାନ୍ୟାଦି ଶସ୍ୟ ମାପିବାର ପାତ୍ରବିଶେଷ, ଆଠ ସେର ପରିମାଣ ।

ଅଢ଼ୁଆଲ, ବି. ଅନ୍ତରାଳ, ବ୍ୟବଧାନ ।

ଅଢ଼୍ୟ, ବିଂ. ( ଆ-ଧ୍ୟୈ=ଧ୍ୟାନ କରିବା-ଅ ) ଯେ ଧନଚିନ୍ତା କରେ, ଧନୀ, ସମ୍ପନ୍ନ ।

ଅଣବିକ, ବିଂ. (ଅଣୁ-ଇକ) ଅଣୁସମ୍ବନ୍ଧୀୟ ।

ଅଣି, ବି. (ଦେଶଜ) ଶଙ୍କା, ଠେକ, ମର୍ଯ୍ୟାଦା । ଯଥା—

ରଣିତ ବଳାରେ ଲୁହାଇ ଭରରେ
ଲଙ୍ଘି ଅଣି ରକ୍ଷା ଅଣିବ । ର. ପ.

ବି. ପୁଂ. ସ୍ତ୍ରୀ. ( ଅନ୍-ଇକ୍ ) ଖଡ୍ଗକୋଟି, ଅଗ୍ରଭାଗ ।

ଅଣିକା, କ୍ରି. (ଅଳସ୍ଥଳର ଅପଭ୍ରଂଶ) ଆନୟନ କରିବା । ଯଥା—

କ୍ରୋଧଭରରେ ବୋଲେ ବାଣୀ, ଦିଅ ସେ ବାଳକ ଅଣି ।

ଅଣ୍ଟ, ବିଂ (ଦେଶଜ) ଶକ୍ତ, ଦୃଢ଼ । ବି. ଗର୍ବେ ଯଥା—

ରଚ୍ଛ କାହିଁ ଅଣ୍ଟ ସ୍ଥାନରେ ।

ଅଣ୍ଟୁ, ମାଣ୍ଟୁ, } ବି. (ଦେଶଜ) ମୃତ୍ତିକାନିର୍ମ୍ମିତ
ଆଣ୍ଟୁ, ଅଣ୍ଟୁ, } କୋଠା, ଅଗ୍ନିଭୟ ନିବାରଣାର୍ଥ ଗୃହମଧ୍ୟରେ ନିର୍ମିତ ଗୃହ ।

ଅଣ୍ଟୁଆ, ବିଂ. (ଦେଶଜ) ଠାଣୁଆ, ଅହଙ୍କାରୀ ।

ଅଣ୍ଟିଏ } ବି. (ଦେଶଜ) ଅଣ୍ଟୁପର୍ଯ୍ୟନ୍ତ ।
ଅଣ୍ଟୁଏଣି }

ଅଣ୍ଟୁକୁଡ଼ା, ବିଂ. ( ଦେଶଜ ) ନିଃସନ୍ତାନ, ଅପୁତ୍ରିକ, ଯାହାର ସମସ୍ତ ଅପତ୍ୟ ମରି ଯାଇଥାନ୍ତି ।

ଅଣ୍ଟୋଇବା କ୍ରି. (ଦେଶଜ) ଅଣ୍ଟୁମାଡ଼ି ବସିବା, ଅଣ୍ଟୁ ଉପରେ ଭର ଦେଇ ବସିବା ।

ଅଣ୍ଡୁଆ, ବିଂ (ଦେଶଜ) ଏକବାଗିଆ, ଏକଜିଦିଆ ।

ଅଣ୍ଡୋଳିବା, ( ଦେଶଜ କ୍ରିୟା ) ଖୋଜିବା, ଦରାଣ୍ଡିବା ।

ଅତି, ବି. (ଦେଶଜ) ସ୍ୱନାମଖ୍ୟାତ ବୃକ୍ଷ ଓ ତାହାର ଫଳ ।

ଅତଙ୍କ, ବିଂ. ପୁଂ. (ଆ-ତନ୍କ୍-ଅ) ଭୟ, ଶଙ୍କା, ପୀଡ଼ା, ଯାତନା, ମନସ୍ତାପ । ଯଥା—

ଅତଙ୍କେ ପାଣ୍ଡବଯୋଧେ ଗଣିଲେ ପ୍ରମାଦ । କ. ବ.

ଅତଙ୍ଗ, ବି. ପୁଂ. (ଆ-ତନ୍ଜ୍-ଅ) ଭୟ, ପୀଡ଼ା ।

ଅତତାୟୀ, ବିଂ. (ଆତତ=ସମନ୍ତାତ୍-ଇ=ଗମନ କରିବା-ଇନ୍ ) ବଧୋଦ୍ୟତ, ଅନିଷ୍ଟକାରୀ । ବି. ପୁଂ. ମହାପାପୀ, (ଆତ-ତାୟ-ଇନ୍) ଶଙ୍ଖଚିଲ ।

ଅତପ, ବି. ପୁଂ. (ଆ-ତପ୍-ଅ) ରୌଦ୍ର, ଖରା । ବିଂ. ଅରୁଆ ଧାନକୁ ଖରାରେ ଶୁଷ୍କ କରି ଯେଉଁ ଚାଉଳ ପ୍ରସ୍ତୁତ କରନ୍ତି, ତାହାକୁ ଅତପ ତଣ୍ଡୁଳ ବା ଅରୁଆ ଚାଉଳ କହାଯାଏ ।

ଅତପତ୍ର, ବି. କ. (ଆତପ-ତ୍ରୈ-ଅ) ଛତ୍ର, ଛତା ।

**ଆତଯାତ** ବି° (ଆତତ-ଯାତ-ଶବ୍ଦଜ) ଯିବା ଆସିବା ।

**ଆତର** } ବି. ନ. (ଆ-ତୃ-ଅ) ଯାହାଦ୍ୱାରା ନଦୀ
**ଆତାର** } ପାର ହୁଅନ୍ତି, ଘାଟର ମାସୁଲ, ତରପଣ୍ୟ ।

**ଆତସବାଜୀ**, ବି. (ଦେଶଜ)ଅଗ୍ନିକ୍ରୀଡ଼ା, ବାରୁଦ-ନିର୍ମିତ ନାନାପ୍ରକାର ଦୃଶ୍ୟ, ତତ୍‌ସମ୍ବନ୍ଧୀୟ ଗ୍ରନ୍ଥ ।

**ଆତାପୀ**, ବି. ପୁଂ. (ଆ-ତପ-ଇନ୍) ଅସୁରବିଶେଷ; ଚକ୍ଷପକ୍ଷୀ । (ଦେଶଜ) ଲେମ୍ବୁ, ଖଟ୍ଟାଫଳ ବିଶେଷ ।

**ଆତିଥେୟ**, ବି°. (ଅତିଥି-ଏୟ) ଅତିଥିସେବକ ।

**ଆତିଥ୍ୟ**, ବି. ନ. (ଅତିଥି-ଯ) ଅତିଥିସେବା, ଅତିଥିସେବାର ଉପଯୁକ୍ତ ଭକ୍ଷ୍ୟ ବସ୍ତୁ ।

**ଆତିଶଯ୍ୟ**, ବି. ନ. (ଅତିଶୟ-ଯ) ଆଧିକ୍ୟ, ପ୍ରାବଲ୍ୟ ।

**ଆତୁର**, ବି°. (ଆ-ତୁର-ଅ) କାତର, ଅଧୀର, ରୋଗୀ ।

ଆତୁର ହୋଇ କାହିଁକି ହୁଅ ଉନ୍ମନୀ ।

**ଆତୋଦ୍ୟ**, ବି. ନ. (ଆ-ତୁଦ୍-ଯ) ବୀଣା, ବଂଶୀ ପ୍ରଭୃତି ବାଦ୍ୟ ସବୁ ।

**ଆତ୍ମଗତ**, କ୍ରି. ବି°. (ଆତ୍ମନ୍-ଗମ୍-ତ ସ୍ୱଗତ, ମନେ ମନେ, ଅନ୍ୟର ଅଗୋଚର । ବି°. ଆତ୍ମନିଷ୍ଠ ।

**ଆତ୍ମଗରିମା**, ବି. ପୁଂ. (ଆତ୍ମନ୍-ଗୁରୁ-ଇମନ୍) ଆତ୍ମଶ୍ଳାଘା, ଅହଂକାର, ଦର୍ପ ।

**ଆତ୍ମଗୁଣ**, ବି. ବୁଦ୍ଧ୍ୟାଦି ଚତୁର୍ଦ୍ଦଶ ଗୁଣ, ଭାଷାପରିଚ୍ଛେଦରେ ଲେଖା ଅଛି—

ବୁଦ୍ଧ୍ୟାଦିଷଟ୍କଂ ସଂଖ୍ୟାଦି ପଞ୍ଚକଂ ଭାବନା ତଥା ।
ଧର୍ମାଧର୍ମୌ ଗୁଣ ଏତେ ଆତ୍ମନଃ ସ୍ୟୁଶ୍ଚତୁର୍ଦ୍ଦଶ ।

**ଆତ୍ମଗୁପ୍ତି**, ବି. ସ୍ତ୍ରୀ. (ଆତ୍ମନ୍-ଗୁପ୍ତି) ବାଇଡ଼ଙ୍କ ଲତା, କଣ୍ଡୂଜନକାଦି ମନ୍ଦଗୁଣ ଦ୍ୱାରା ବୃକ୍ଷ୍ୟାଦି ଆତ୍ମଗୁଣକୁ ଏ ଗୁପ୍ତ କରଥାଏ ବୋଲି ଏହାର ଏପରି ନାମ ହୋଇଅଛି ।

**ଆତ୍ମଗ୍ଳାନି**, ବି. ସ୍ତ୍ରୀ, (ଆତ୍ମନ୍-ଗ୍ଳୈ-ନି) ମନ୍ଦକାର୍ଯ୍ୟ କଲେ ମନରେ ଯେଉଁ ଅସୁଖ ହୁଏ ।

**ଆତ୍ମଘାତୀ**, ବି°. (ଆତ୍ମନ୍-ହନ-ଇନ୍) ଆତ୍ମହତ୍ୟାକାରୀ, ଯେ ଆପେ ଆପେ ମରେ ।

**ଆତ୍ମଜ**, ବି. ପୁଂ. (ଆତ୍ମନ୍-ଜନ୍-ଅ) ପୁତ୍ର, ସନ୍ତାନ ।

**ଆତ୍ମଜା**, ବି. ସ୍ତ୍ରୀ. (ଆତ୍ମନ୍-ଜନ୍-ଅ-ଆ) କନ୍ୟା, ଦୁହିତା ।

**ଆତ୍ମଜ୍ଞ** ବି° (ଆତ୍ମ-ଜ୍ଞା-ଅ) ଯେ ଆପଣାକୁ ଜାଣେ, ତତ୍ତ୍ୱଜ୍ଞାନବିଶିଷ୍ଟ ପଣ୍ଡିତ ।

**ଆତ୍ମଜ୍ଞାନ**, ବି. ନ. (ଆତ୍ମନ୍-ଜ୍ଞା-ଅନ) ନିଜର ଜ୍ଞାନ, ଆପଣାକୁ ଚିହ୍ନିବା ।

**ଆତ୍ମଦ୍ରୋହ**, ବି. ପୁଂ (ଆତ୍ମନ୍-ଦ୍ରୋହ) ନିଜର ଅନିଷ୍ଟ କରିବା, ନିଜକୁ କଷ୍ଟ ଦେବା ।

**ଆତ୍ମପ୍ରସାଦ**, ବି. ପୁଂ (ଆତ୍ମନ୍-ପ୍ରସାଦ) ଆତ୍ମାର ପ୍ରସନ୍ନତା, ମନର ହର୍ଷ ।

**ଆତ୍ମଭୂ**, ବି. ପୁଂ. (ଆତ୍ମନ୍-ଭୂ-०) ବ୍ରହ୍ମା, କନ୍ଦର୍ପ, ବିଷ୍ଣୁ, ଶିବ ।

**ଆତ୍ମଭୂତି**, ବି. ସ୍ତ୍ରୀ. (ଆତ୍ମନ୍-ଭୂତି=ସମ୍ପତ୍ତି) ନିଜ ସମ୍ପତ୍ତି, ନିଜସ୍ୱ । ଯଥା—

ଆତ୍ମଭୂତ ଅଳକନ ନୟନ ନେନିକ ।

**ଆତ୍ମଯୋନି**, ବି. ପୁଂ. (ଆତ୍ମନ୍-ଯୋନି) ବ୍ରହ୍ମା, ବିଷ୍ଣୁ, ଶିବ, କନ୍ଦର୍ପ ।

**ଆତ୍ମମ୍ଭରି** ବି°. (ଆତ୍ମନ୍-ଭୃ-ଇ) ପେଟୁ, ସ୍ୱାର୍ଥପର ।

**ଆତ୍ମବତ୍**, ଅ°. (ଆତ୍ମନ୍-ବତ୍) ଆପଣା ପରି, ନିଜ ସଦୃଶ ।

**ଆତ୍ମବିଦ୍**, ବି°. (ଆତ୍ମନ୍-ବିଦ୍-०) ଆତ୍ମଜ୍ଞାନୀ, ସଜ୍ଜନ, ପରମାତ୍ମତତ୍ତ୍ୱଜ୍ଞ, ବ୍ରହ୍ମବିଦ୍, ଆତ୍ମଜ୍ଞ, ସୁଧୀ ।

**ଆତ୍ମବୁଦ୍ଧି**, ବି. ସ୍ତ୍ରୀ (ଆତ୍ମନ୍-ବୁଦ୍ଧି) ଆପଣାର ବୁଦ୍ଧି, ଆତ୍ମଜ୍ଞାନ ।

**ଆତ୍ମଶ୍ଳାଘା**, ବି. ସ୍ତ୍ରୀ. (ଆତ୍ମନ୍-ଶ୍ଳାଘା) ନିଜ ଗୁଣର ପ୍ରଶଂସା, ଆତ୍ମଗର୍ବ । ଯଥା—

ଅପ୍ରାଣ ଯାର ଶିରଃଶୂଳ କହ୍ନାଏ,
ସୁଣଙ୍ଗଣିର ଅଷ୍ଟନାସା ପଶଏ । ଭୂ ସୁ·

**ଆତ୍ମସଂଯମ**, ବି. ପୁଂ. (ଆତ୍ମନ୍-ସଂଯମ) ଚିତ୍ତସଂଯମ, ଛନ୍ଦେ ନ୍ଦ୍ରି ସୃହା ।

**ଆତ୍ମସାତ୍**, ବିଂ. (ଆତ୍ମନ୍-ସାତ୍, ପରିଣତ ଅର୍ଥରେ) ଅପ୍ରୃତ୍ତ, ଆତ୍ମାଧୀନ, ହସ୍ତଗତ ।

**ଆତ୍ମହତ୍ୟା**, ବି ସ୍ତ୍ରୀ. (ଆତ୍ମନ୍-ହତ୍ୟା) ସ୍ୱହସ୍ତରେ ପ୍ରାଣବଧ କରିବା, ଆତ୍ମଘାତ ।

**ଆତ୍ମହା**, ବି. ପୁଂ. ( ଆତ୍ମନ୍-ହନ୍-୦ ) ଯେ ନିଜକୁ ହତ୍ୟା କରେ, ଆତ୍ମଘାତୀ ।

**ଆତ୍ମା**, ବି. ପୁଂ. ଆ-ଅତ୍ = ସତତ ଗମନ କରିବା-ମନ୍ ) ଆପେ, ସ୍ୱରୂପ, ବ୍ରହ୍ମା, ଜୀବ, ବୁଦ୍ଧି, ଧୈର୍ଯ୍ୟ, ଅନ୍ତଃକରଣ, ସୂର୍ଯ୍ୟ, ବାୟୁ, ଅଧିଷ୍ଠାତ୍ରୀ ଦେବତା ।

**ଆତ୍ମାରାମ**, ବି. ( ଆତ୍ମା-ଆ-ରମ୍-ଅ ) ବ୍ରହ୍ମଜ୍ଞାନ-ବଶତଃ ଯେ ଆତ୍ମାରେ ସୁଖ ଅନୁଭବ କରନ୍ତି, ବ୍ରହ୍ମଜ୍ଞାନୀ ।

**ଆତ୍ମୀୟ**, ବିଂ. ( ଆତ୍ମନ୍-ଈୟ ) ଆତ୍ମାସମ୍ପର୍କୀୟ । ବି. ସ୍ୱଜନ, କୁଟୁମ୍ବ ।

**ଆତ୍ମୀୟତା**, ବି. ସ୍ତ୍ରୀ. (ଆତ୍ମୀୟ-ତା) ବନ୍ଧୁତା, ଅନ୍ତରଙ୍ଗତା, ସଦ୍ଭାବ, ପ୍ରଣୟ ।

**ଆତ୍ରେୟ**, ବି. ପୁଂ. ( ଅତ୍ରି=ମୁନିବିଶେଷ-ଏୟ ) ଅତ୍ରିପୁତ୍ର, ଦୁର୍ବାସା, ଚନ୍ଦ୍ର ।

**ଆତ୍ରେୟୀ**, ବି. ସ୍ତ୍ରୀ, (ଆତ୍ରେୟ-ଈ) ପୁଷ୍ପବତୀ ସ୍ତ୍ରୀ, ଅତ୍ରିପତ୍ନୀ, ନଦୀବିଶେଷ ।

**ଆଦତ୍** ( ଯାବନିକ ) ଅଭ୍ୟାସ, ରୀତି, ଧାରା, ଅଗୁର ।

**ଆଦର**, ବି. ପୁଂ. (ଆ-ଦୃ-ଅ) ସମ୍ମାନ, ମର୍ଯ୍ୟାଦା, ଅନୁରାଗ, ସ୍ନେହ, ଯତ୍ନ ।

**ଆଦରିବା**, କ୍ରି (ଆ ପୂର୍ବ ଦୃଧାତୁ-ନ) ଆଦର କରି ଗ୍ରହଣ କରିବା ।

**ଆଦରଣୀୟ**, ବିଂ. ( ଆ-ଦୃ-ଅନୀୟ ) ଆଦରର ଯୋଗ୍ୟ, ମାନନୀୟ ।

**ଆଦର୍ଶ**, ବି. ପୁଂ. (ଆ-ଦୃଶ-ଅ), ଦର୍ପଣ; ନମୁନା ।

**ଆଦାନ**, ବି. ନ. (ଆ-ଦା-ଅନ) ଗ୍ରହଣ, ଆଦାୟ କରିବା, ଅଶ୍ୱାଭରଣ ।

**ଆଦାୟ**, ବି. (ଆ-ଦା-ଯ) ଗ୍ରହଣ, ନେବା ।

**ଆଦି**, ବି. ବିଂ. ପୁଂ. (ଆ-ଦା-ଇ) ପ୍ରଥମ, ମୂଳ, ଆରମ୍ଭ ।

**ଆଦିକବି**, ବି. ପୁଂ. ବାଲ୍ମୀକି, ବ୍ରହ୍ମା ।

**ଆଦିକାରଣ**, ବି. ନ. ପ୍ରଥମ କାରଣ, ନ୍ୟାୟଶାସ୍ତ୍ର ମତରେ ସମବାୟୀ କାରଣ, ବୈଦ୍ୟଶାସ୍ତ୍ର ମତରେ କାରଣର କାରଣ । ଯଥା—କମ୍ପର କାରଣ ଜ୍ୱର, ଜ୍ୱରର କାରଣ ପିତ୍ତବୃଦ୍ଧି, ଅତଏବ ପିତ୍ତବୃଦ୍ଧି ଜ୍ୱରର ଆଦିକାରଣ ।

**ଆଦିତେୟ**, ବି. ପୁଂ. (ଅଦିତି=ଦେବମାତା-ଏୟ) ଦେବତା ।

**ଆଦିତ୍ୟ**, ବି. ପୁଂ. ( ଅଦିତି-ଯ ) ରବି, ସୂର୍ଯ୍ୟ, ଦେବତା, ଅର୍କଗଛ, ପୁନର୍ବସୁ ନକ୍ଷତ୍ର ।

**ଆଦିଦେବ**, ବି. ପୁଂ. (ଆଦି-ଦେବ) ଶିବ, ବିଷ୍ଣୁ, ନାରାୟଣ ।

**ଆଦିପୁରାଣ**, ବି. ନ. (ଆଦି-ପୁରାଣ) ବ୍ରହ୍ମପୁରାଣ ।

**ଆଦିପୁରୁଷ**, ବି. ପୁଂ. ( ଆଦି-ପୁରୁଷ ) ବଂଶର ପ୍ରଥମ ପୁରୁଷ, ନାରାୟଣ, ବିଷ୍ଣୁ ।

**ଆଦିମ**, ବିଂ. (ଆଦି-ମ, ଭବାର୍ଥେ) ପ୍ରଥମ, ଆଦ୍ୟ ।

**ଆଦିରାଜ**, ବି. ପୁଂ. (ଆଦି-ରାଜନ୍) ପୃଥୁ ରାଜା, ବୈବସ୍ୱତମନୁ ।

**ଆଦିଷ୍ଟ**, ବିଂ. (ଆ ଦିଶ୍-ତ) ଆଜ୍ଞପ୍ତ, ଆଦେଶ-ପ୍ରାପ୍ତ, କଥିତ ।

**ଆଦୃତ**, ବିଂ. (ଆ-ଦୃ-ତ) ଆଦରପ୍ରାପ୍ତ, ସମ୍ମାନିତ ।

**ଆଦେଶ**, ବି. ପୁଂ. (ଆ-ଦିଶ୍-ଅ) ଆଜ୍ଞା, ଅନୁମତି । (ବ୍ୟାକରଣରେ) ଏକ ବର୍ଣ୍ଣ ସ୍ଥାନରେ ବର୍ଣ୍ଣାନ୍ତରର ଉତ୍ପତ୍ତି ।

**ଆଦେଶୀ**, ବିଂ ( ଆ-ଦିଶ୍ ଇନ୍ ) ଉପଦେଷ୍ଟା, ଆଦେଶକର୍ତ୍ତା ।

**ଆଦେଷ୍ଟା**, ବିଂ. ( ଆ-ଦିଶ୍-ତୃ ) ଉପଦେଶକ, ଆଦେଶକ ।

**ଆଦୌ**, କ୍ରି. ବିଂ. (ଆଦ-ଔ) ଅଗ୍ରେ, ପ୍ରଥମରେ, ଜନ୍ମାରୁ ।

**ଆଦ୍ୟ**, ବିଂ. (ଆଦ-ଯ) ପ୍ରଥମ, ଆଦିମ, ପ୍ରଧାନ ।

**ଆଦ୍ୟନ୍ତ**, ଅଂ. (ଆଦି-ଅନ୍ତ) ପ୍ରଥମଠାରୁ ଶେଷ ପର୍ଯ୍ୟନ୍ତ । ବି. ଆରମ୍ଭ ଓ ଶେଷ ।

**ଆଦ୍ୟପ୍ରାନ୍ତ**, କ୍ରି. ବିଂ. (ଆଦ୍ୟ-ପ୍ରାନ୍ତ) ପ୍ରଥମାବଧି ଶେଷ ପର୍ଯ୍ୟନ୍ତ, ପୂର୍ବାପର ।

**ଆଦ୍ୟଶ୍ରାଦ୍ଧ**, ବି.ନ.(ଆଦ୍ୟ-ଶ୍ରାଦ୍ଧ) ଅଶୌଚାନନ୍ତର କର୍ତ୍ତବ୍ୟ ଶ୍ରାଦ୍ଧ ।

**ଆଦ୍ୟା**, ବି.ସ୍ତ୍ରୀ. (ଆଦ-ଯ-ଆ) କାଳୀ,ଦୁର୍ଗା । ବିଂ. ପ୍ରଥମା ।

**ଆଦ୍ୟୋପାନ୍ତ**, ବିଂ. (ଆଦ୍ୟ-ଉପ-ଅନ୍ତ) ପ୍ରଥମରୁ ଶେଷ ଯାଏ, ସମ୍ପୂର୍ଣ୍ଣ ।

**ଆଧାନ**, ବି. ନ. (ଆ-ଧା-ଅନ) ଧାରଣ, ସମ୍ପାଦନ, ଆଚ୍ଛାଦନ ।

**ଆଧାର**, ବି. ପୁଂ. (ଆ-ଧୃ-ଅ) ପାତ୍ର, ଆଶ୍ରୟ, ଗଛ ମୂଳର ମନ୍ଦା, ବନ୍ଧ ।

**ଆଧି**, ବି. ପୁଂ. (ଆ-ଧା-ଇ) ଗଚ୍ଛିତ ବସ୍ତୁ, ସ୍ଥାପନ, ଦୁଃଖ, ମନଃପୀଡ଼ା, ବିପଦ ।

**ଆଧିକ୍ୟ**, ବି. ନ. ( ଅଧିକ-ଯ ) ଆତିଶଯ୍ୟ, ଅଧିକତା, ପ୍ରାଧାନ୍ୟ ।

**ଆଧିଦୈବିକ**, ବିଂ. ( ଅଧି-ଦେବ-ଇକ ) ଦୈବ-ଜାତ, ଗ୍ରହାଦି କାରଣସମ୍ଭୂତ ।

**ଆଧିପତ୍ୟ**, ବି. ନ. (ଅଧିପତି-ଯ) ପ୍ରଭୁତ୍ୱ,ସ୍ୱାମିତ୍ୱ ।

**ଆଧିଭୌତିକ**, ବିଂ. (ଅଧି-ଭୂତ-ଇକ) ଭୂତଜାତ, କ୍ଷିତ୍ୟାଦି ପଞ୍ଚଭୂତଜାତ ।

**ଆଧୁନିକ**, ବିଂ. ( ଅଧୁନା-ଇକ ) ଇଦାନୀନ୍ତନ, ଆଜିକାଲିର ।

**ଆଧେୟ**, ବିଂ. ( ଆ-ଧା-ଯ ) ସ୍ଥାପନୀୟ ବସ୍ତୁ, ଅର୍ପିତ ।

**ଆଧୋରଣ**, ବି ପୁଂ. (ଆ-ଧୋରୃ=ଗତିଚାତୁର୍ଯ୍ୟ କରିବା-ଅନ ) ହାତୀମାହୁନ୍ତ, ହସ୍ତିପକ ।

**ଆଧ୍ମାତ**, ବିଂ. (ଆ-ଧ୍ମା-ତ) ଶବ୍ଦିତ, ଧ୍ୱନିତ, ଦଗ୍ଧ ବିବର୍ଦ୍ଧିତ, ସ୍ଫୀତ ।

**ଆଧ୍ମାନ**, ବି. ନ. (ଆ-ଧ୍ମା-ଅନ) ଉଚ୍ଚାରଣ, ଶବ୍ଦ, ବୈଦ୍ୟଶାସ୍ତ୍ର ମତରେ ବାତରୋଗ ହେତୁ ପେଟର ଗୁଡ଼ୁଗୁଡ଼ୁ ଶବ୍ଦ ଓ ସ୍ଫୀତତା ।

**ଆଧ୍ୟା**, ବି. ସ୍ତ୍ରୀ. (ଆ-ଧ୍ୟୈ-ଆ) ଚିନ୍ତା ।

**ଆଧ୍ୟାତ୍ମିକ**, ବିଂ. (ଅଧି-ଆତ୍ମନ୍-ଇକ) ଆତ୍ମସମ୍ବନ୍ଧୀୟ, ମାନସିକ ।

**ଆଧ୍ୟାନ**, ବି. ନ. ( ଆ-ଧ୍ୟୈ-ଅନ ) ସ୍ମରଣ, ଦୁର୍ଭାବନା, ଦୁଶ୍ଚିନ୍ତା ।

**ଆନ**, ବିଂ. ( ପ୍ରା. ଅନ୍ୟର ଅପଭ୍ରଂଶ) ଅନ୍ୟ, ଇତର । ବି. ଶପଥ ବା ରାଣ ! ଯଥା——

> ବଂଶାର୍ଦ୍ଧ ଆନନ ଶୋଭି ଆନ ଆନ,
> ଆନ ନ ଲଭେ ଯା ଦେବ ଗୋତ୍ର ମୋ ବଂଶାକ୍ଷ ।
> ବୈ. ବ.

**ଆନକ**, ବି. ପୁଂ. (ଆ-ଅଣ=ଶବ୍ଦ କରିବା-ଅକ) ପଟହ, ଢକ୍କା, ଭେରୀ, ମୃଦଙ୍ଗାଦି, ସଶବ୍ଦ ମେଘ । ବିଂ. ଉତ୍ସାହକାରୀ ।

**ଆନକଦୁନ୍ଦୁଭି**, ବି. ପୁଂ. ବସୁଦେବ, ଶ୍ରୀକୃଷ୍ଣଙ୍କ ପିତା, ଏହାଙ୍କ ଜନ୍ମକାଳରେ ଆନକ ଏବଂ ଦୁନ୍ଦୁଭିର ଶବ୍ଦ ହୋଇଥିବାରୁ ଏହାଙ୍କର ଏପରି ନାମ ହୋଇଅଛି, ବୃହତ୍ ଢକ୍କା ।

**ଆନତ**, ବିଂ. (ଆ-ନମ୍-ତ) ନମ୍ରୀଭୂତ, ଅବନତ, ନତ, ପ୍ରଣତ, ପତିତ, ବିନୀତ, ନମ୍ର ।

**ଆନତି**, ବି. ସ୍ତ୍ରୀ. (ଆ-ନମ୍-ତି) ନମ୍ରତା, ପ୍ରଣାମ, ଅବନମନ ।

**ଆନଦ୍ଧ**, ବି. ନ. (ଆ-ନହ୍-ତ) ଯାହାର ମୁଖ ଚର୍ମାଦିଦ୍ୱାରା ବଦ୍ଧ, ମୁରଜ, ମୃଦଙ୍ଗାଦି, ବେଶଭୂଷାଦି । ବିଂ. ବଦ୍ଧ, ଅସ୍ତ୍ରାଦିଦ୍ୱାରା ସଜ୍ଜିତ, ବ୍ୟାପ୍ତ ।

**ଆନନ**, ବି. ନ. (ଆ-ଅନ୍-ଅନ) ବଦନ, ମୁଖ ।

**ଆନନ୍ଦ** ବି. ପୁଂ. (ଆ-ନନ୍ଦ-ଅ) ଆହ୍ଲାଦ, ହର୍ଷ, ସୁଖ, ପରମାତ୍ମା, ବ୍ରହ୍ମ । ବିଂ. ଆନନ୍ଦଜନକ, ହର୍ଷବିଶିଷ୍ଟ ।

**ଆନନ୍ଦଜନକ**, ବିଂ. ( ଆନନ୍ଦ-ଜନକ ) ହର୍ଷ-ଜନକ ।

**ଆନନ୍ଦନ**, ବି. ନ. (ଆ-ନନ୍ଦ-ଅନ) ସମ୍ବର୍ଦ୍ଧନା, ଦେଖା ହେଲେ ପରସ୍ପର ପ୍ରତି ସୌଜନ୍ୟ ପ୍ରକାଶ, ହର୍ଷ । ବିଂ. ହର୍ଷଜନକ ।

**ଆନନ୍ଦିତ**, ବିଂ. (ଆ-ନନ୍ଦ-ତ) ଆହ୍ଲାଦିତ, ହୃଷ୍ଟ, ପ୍ରଫୁଲ୍ଲିତ ।

**ଆନୟନ**, ବି. ନ. ( ଆ-ନୀ-ଅନ ) ଆଣିବାର ।

**ଆନର୍ତ୍ତ**, ବି. ପୁଂ. ( ଆ-ନୃତ୍-ଅ ) ନୃତ୍ୟଶାଳା, ରଙ୍ଗଭୂମି, ଯୁଦ୍ଧ, ଜଳ, ଦ୍ୱାରକାଦେଶ ।

**ଆନାୟ**, ବି. ପୁଂ ( ଆ-ନୀ-ଅ ) ଜାଲ, ମାଛ ଧରିବାର ଯନ୍ତ୍ରବିଶେଷ ।

**ଆନାହ**, ବି. ପୁଂ. ( ଆ-ନହ-ଅ ) କୋଷ୍ଠବଦ୍ଧ-ରୋଗ, ଦୈର୍ଘ୍ୟ ।

**ଆନୀତ**, ବିଂ. (ଆ-ନୀ-ତ) ଯାହା ଆନୟନ କରା ହୋଇଅଛି ।

**ଆନୁକୂଲ୍ୟ**, ବି. ନ. (ଅନୁକୂଳ-ଯ) ସାହାଯ୍ୟ ।

**ଆନୁଗତ୍ୟ**, ବି. ନ. (ଅନୁଗତ-ଯ) ଅନୁବୃତ୍ତି, ଅନୁସରଣ ଅନୁଗତ ହୋଇ ରହିବା ।

**ଆନୁପୂର୍ବିକ**, ବିଂ. (ଅନୁ-ପୂର୍ବ-ଇକ) ଅନୁକ୍ରମଯୁକ୍ତ, କ୍ରମାନୁସାରି ।

**ଆନୁମାନିକ**, ବିଂ. (ଅନୁମାନ-ଇକ) ସମ୍ଭାବ୍ୟ ବା ସମ୍ଭାବିତ, ଅନ୍ଦାଜ ।

**ଆନୁଷଙ୍ଗିକ**, ବିଂ. ( ଅନୁଷଙ୍ଗ-ଇକ ) ସଂଲଗ୍ନ, ସଂପୃକ୍ତ ।

**ଆନୂପ**, ବି. ପୁଂ. (ଅନୂପ-ଅ) ଅନୂପଦେଶଜାତ ମହିଷ, ଗଣ୍ଡାର, ଶୂକର ପ୍ରଭୃତି ଜନ୍ତୁବିଶେଷ । ବିଂ. ଜଳବହୁଳ, ଜଳପ୍ରାୟ ।

**ଆନ୍ତରିକ**, ବିଂ. (ଅନ୍ତର-ଇକ) ମନୋଗତ ।

**ଆନ୍ତରୀକ୍ଷ**, ବିଂ. (ଅନ୍ତରୀକ୍ଷ-ଅ) ଆକାଶସମ୍ବନ୍ଧୀୟ ।

**ଆନ୍ଦୋଳନ**, ବି. ପୁଂ. ନ. ( ଆ-ଦୋଳ-ଅନ ) ଅନୁଶୀଳନ, ତର୍କବିତର୍କ, ଆଲୋଚନା, କମ୍ପନ ।

**ଆନ୍ଦୋଳିତ**, ବିଂ. ( ଆନ୍ଦୋଳ-ଇତ ) ଚଳିତ, କମ୍ପିତ, ଆଲୋଡିତ ।

**ଆନ୍ୱୀକ୍ଷିକୀ**, ବି. ସ୍ତ୍ରୀ. ( ଅନୁ-ଈକ୍ଷ-ଇକ-ଈ ) ନ୍ୟାୟଶାସ୍ତ୍ର, ତର୍କବିଦ୍ୟା, ଆତ୍ମବିଦ୍ୟା, ଦୁର୍ଗା ।

**ଆପଃ**, ବି. ନ. ( ଆପ୍-ପ୍ରାପ୍ତି ହେବା-ଅସ୍ ) ଜଳ, ଜଳରାଶି ।

**ଆପ**, ବି ନ. ( ଅପ୍ = ଜଳ-ଅ, ସମୂହ ଅର୍ଥରେ) ଜଳସମୂହ ।

**ଆପକ୍ୱ**, ବିଂ. ( ଆ = ଈଷତ୍-ପକ୍ୱ ) ଅର୍ଦ୍ଧପକ୍ୱ, ଈଷତ୍-ପକ୍ୱ ।

**ଆପଗା**, ବି. ସ୍ତ୍ରୀ. (ଆପ-ଗମ୍-ଆ) ଯହିଁରେ ଜଳ ଗମନ କରେ. ନଦୀ ।

**ଆପଟ**, ବି. (ଆପ୍ତ ଶବ୍ଦଜ) ଆବରଣ । ଯଥା—

> ସୁଧାମ ଆପଟେ ଯାହାପରି ରହି ନାପଟ ରଙ୍କ ପରାଏ
> ମନେ ମନେ ଗଲା ଚିନ୍ତି ସେ ବାଳାକୁ ଚକ୍ଷୁରୁଁ ଚରଣଯାଏ ।
> ବ, ଟୀକା.

ଦେହରକ୍ଷକ, ପାର୍ଶ୍ୱଚର, ଭୃତ୍ୟ, Body-guard. ଯଥା—

> 'ଅନ୍ୟ କିଛି ଲାଭିଥିଲେ ଯେଉଁ ଜନ
> ଦୁଷ୍ଟର ଆପଟ ହେବାକୁ ରାଜନ
> ନୁହନ୍ତି, ଆଜ ସେ ପାପଅନଟଶାଯୀ
> ନାଗର ହେବାକୁ ଲୋଡେ ଦୁଷ୍ଟ କୋଟାଢ ।
> ଦରବାର ।

**ଆପଣ**, ବି. ( ଆ-ପଣ୍ = ବାଣିଜ୍ୟ କରିବା-ଅ ) ବିକ୍ରୟସ୍ଥାନ, ହାଟ, ବଜାର ।

**ଆପଣ**, ସ. ( ଆତ୍ମନ୍ ଶବ୍ଦଜ ) ସଂସ୍କୃତ 'ଭବାନ୍' ସ୍ଥାନରେ ପ୍ରଯୁକ୍ତ ହୁଏ । ଓଡ଼ିଆରେ ତୁମ୍ଭଠାରେ ମାନ୍ୟାର୍ଥରେ ପ୍ରଯୁକ୍ତ, ଜନ୍ମଦାତା କିମ୍ବା ଜ୍ୟେଷ୍ଠ ପୁରୁଷାନ୍ତ । ଗୁରୁ ବା ଶିକ୍ଷକ ।

**ଆପଣା**, ସଂ. (ପ୍ରା. ଆତ୍ମନ୍ ଶବ୍ଦର ଅପଭ୍ରଂଶ) ନିଜେ, ଆପେ, ସ୍ୱୟଂ ।

**ଆପଣିକ**, ବିଂ. (ଆପଣ-ଇକ) ବାଣିଜ୍ୟକାରୀ, ବିକ୍ରେତା, ଦୋକାନୀ ।

**ଆପତ୍ତି**. ବି. ସ୍ତ୍ରୀ. (ଆ-ପଦ୍-ତି) ବିପତ୍ତି, ଦୋଷ, ତିରସ୍କାର, ଅସମ୍ମତି, ବାଧାଦାନ, ବିପକ୍ଷରେ ଯୁକ୍ତିପ୍ରଦର୍ଶନ ।

**ଆପଦ୍**, ବି. ସ୍ତ୍ରୀ. (ଆ-ପଦ୍-୦) ବିପଦ, ଦୁଃଖ, ଦୁର୍ଭାଗ୍ୟ, ଦୁର୍ଘଟନା, (ଅପ = ଜଳସମୂହ-ଦ = ଯେ ଦାନ କରେ) ମେଘ, ମୁଥା ।

**ଆପନ୍ନ**, ବିଂ. (ଆ-ପଦ୍-ତ) ବିପଦ୍‌ଗ୍ରସ୍ତ, ଲବ୍ଧ, ପ୍ରାପ୍ତ ।

**ଆପନ୍ନସତ୍ତ୍ୱା**, ବିଂ. (ଆପନ୍ନ = ପ୍ରାପ୍ତ-ସତ୍ତ୍ୱ = ପ୍ରାଣୀ) ଗର୍ଭିଣୀ, ଗର୍ଭବତୀ ।

**ଆପାତ**, ବି. ପୁଂ. (ଆ-ପତ୍-ଅ) ପତନ, ଆଗମନ, ତତ୍କାଳ, ପ୍ରଥମ ସମୟ, ଘଟନା ସମୟ, ପଥ ।

**ଆପାତତଃ** ଅଂ (ଆପାତ-ତସ୍) ସମ୍ପ୍ରତି, ବର୍ତ୍ତମାନ, ଇଦାନୀଂ, ପ୍ରଥମତଃ ।

**ଆପାଦମସ୍ତକ**, ବିଂ. (ଆ-ପାଦ-ମସ୍ତକ) ପାଦଠାରୁ ମସ୍ତକ ପର୍ଯ୍ୟନ୍ତ ।

**ଆପାଦିତ**, ବିଂ. (ଆ-ପାଦ-ତ) ସମ୍ପାଦିତ ଅନୁଷ୍ଠିତ ।

**ଆପାନ**, ବି.ନ.(ଆ-ପା-ଅନ) ମଦ୍ୟପାନର ପାତ୍ର, ମଦ୍ୟବିକ୍ରୟସ୍ଥାନ ।

**ଆପାମର**, ବି. (ଆ = ଅବଧି-ପାମର) ପାମର ପର୍ଯ୍ୟନ୍ତ, ସବୁ, ସକଳ ।

**ଆପିଞ୍ଜର**, ବି. ନ. (ଆ = ସର୍ବତୋଭାବରେ-ପିଞ୍ଜର = ପୀତବର୍ଣ୍ଣ) ସୁବର୍ଣ୍ଣ । ବିଂ. ଈଷତ୍ ପୀତବର୍ଣ୍ଣ ।

**ଆପିଲ** }
**ଅପିଲ** } ବି. ( ଇଂରାଜୀ ) ପୁନର୍ବିଚାରର ପ୍ରାର୍ଥନା, ବିଚାରକର ନିଷ୍ପତ୍ତି ବିରୋଧରେ ଉପରସ୍ଥ କର୍ମଚାରୀ ବା ବିଚାରକଙ୍କ ନିକଟରେ ବିଚାର ପ୍ରାର୍ଥନା ।

**ଆପୀଡ଼**, ବି. (ଆ-ପୀଡ଼-ଅ) ଶିରୋଭୂଷଣ, କିରୀଟ, ସମ୍ୟକ୍ ପୀଡ଼ା ।

**ଆପୀନ**, ବି. ପୁଂ. (ଆ-ପୀନ) ଗାଭୀର ସ୍ତନ,ପଣ୍ଡା, କୂପ । ବିଂ. ଈଷତ୍ ସ୍ଥୂଳ, ସମ୍ୟକ୍ ସ୍ଥୂଳ ।

**ଅପୁ**, ବି. (ଅଫୁକ ଶବ୍ଦଜ) ଅଫିମ ।

**ଅପୁଆ**, ବିଂ. ଅଫିମା, ଅଫିମଖୋର୍ ।

**ଅପୂପ**, ବି. ପୁଂ. (ଅପୂପ = ପିଷ୍ଟକ-ଅ, ସ୍ୱାର୍ଥେ) ପିଷ୍ଟକ, ପିଠା ।

**ଆପୂପିକ**, ବିଂ. (ଅପୂପ-ଇକ) ପିଷ୍ଟକବ୍ୟବସାୟୀ, ପିଠାବିକ୍ରେତା ।

**ଆପୂପ୍ୟ**, ବି. ପୁଂ. ( ଅପୂପ-ଯ ) ମଇଦା, ଅଟା ପ୍ରଭୃତି ପିଷ୍ଟକର ଉପକରଣ ।

**ଆପେ**, ସ. (ଆତ୍ମନ୍ ଶବ୍ଦଜ) ନିଜେ, ସ୍ୱୟଂ ।

**ଆପେକ୍ଷିକ**, ବିଂ. (ଅପେକ୍ଷା-ଇକ) ଅପେକ୍ଷାକୃତ, ତୁଳନାକୃତ ।

**ଆପେକ୍ଷିକଗୁରୁତ୍ୱ**,ବି.ନ.(Speific gravity) ସମ ଆୟତନବିଶିଷ୍ଟ ଭିନ୍ନ ଭିନ୍ନ ପଦାର୍ଥର ଗୁରୁତ୍ୱର ଯେଉଁ ସମ୍ବନ୍ଧ, ତାହାକୁ ଆପେକ୍ଷିକ ଗୁରୁତ୍ୱ ବୋଲଯାଏ ।

**ଆପ୍ତ**, ବିଂ (ଆପ୍-ତ)ଅଭ୍ରାନ୍ତ, ବିଶ୍ୱସ୍ତ, ଆତ୍ମୀୟ, ବନ୍ଧୁ, ଲବ୍ଧ, ଯୁକ୍ତ, ହିତ, କୁଶଳ ବା ପାରଗ । ବି ପୁଂ. ଭ୍ରମପ୍ରମାଦଶୂନ୍ୟ ମୁନି ପ୍ରଭୃତି ।

**ଆପ୍ତକାମ**, ବିଂ. (ଆପ୍ତ-କାମ) ଯାହାର କାମନା ପୂର୍ଣ୍ଣ ହୋଇଅଛି, ପୂର୍ଣ୍ଣମନୋରଥ ।

**ଆପ୍ତବାକ୍ୟ**, ବି. ନ ( ଆପ୍ତ = ଅଭ୍ରାନ୍ତ-ବାକ୍ୟ ) ଭ୍ରମ ପ୍ରମାଦରହିତ ବିଶ୍ୱସ୍ତ କଥା, ପ୍ରମାଣ, ସିଦ୍ଧାନ୍ତବାକ୍ୟ ।

**ଆପ୍ତି**, ବି. ସ୍ତ୍ରୀ. (ଆପ୍-ତି) ପ୍ରାପ୍ତି, ଲାଭ, ସଂଯୋଗ, ସମ୍ବନ୍ଧ, ବ୍ୟାପ୍ତି ।

**ଆପ୍ୟାନ**, ବିଂ. ଆ-ପ୍ୟାୟ୍-ତ) ବଳିଷ୍ଠ, ସ୍ଫୀତ, ସ୍ଥୂଳ, ପୀନ ।

**ଆପ୍ୟାୟନ**, ବି. ନ. ( ଆ-ପ୍ୟାୟ୍-ଅନ ) ତୃପ୍ତି, ସନ୍ତୋଷ, ପୋଷଣ, ପ୍ରୀତି, ବୃଦ୍ଧି, ଉନ୍ନତି ।

**ଆପ୍ୟାୟିତ**, ବିଂ. (ଆ-ପ୍ୟାୟ୍-ତ) ତୃପ୍ତ, ସନ୍ତୁଷ୍ଟ ।

**ଆପ୍ଲବନ**, ବି. ନ. ( ଆ-ପ୍ଲୁ-ଅନ ) ପାଣିରେ ପହଁରିବା, ସ୍ନାନ, ଅବଗାହନ ।

**ଆପ୍ଲୁତ**, ବିଂ. (ଆ-ପ୍ଲୁ-ତ) ସ୍ନାତ, ମଗ୍ନ ।

**ଆବଦ୍ଧ**, ବିଂ. ( ଆ-ବନ୍ଧ୍-ତ ) ବ୍ୟାପୃତ, ବଦ୍ଧ, ସଂଲଗ୍ନ, ବିରଚିତ, କଳ୍ପିତ ।

**ଆବାକାବା**, ବିଂ. (ଦେଶଜ କିଂକର୍ତ୍ତବ୍ୟବିମୂଢ଼ ।

**ଆବାଦ୍**, (ଯାବନିକ) କର୍ଷଣ, ଚାଷ କରିବା ।

**ଆବୁଡ଼ାଗାବୁଡ଼ା**, ବିଂ. ( ଦେଶଜ ) ବନ୍ଧୁର, ଅସମାନ, ଉଚ୍ଚନୀଚ ।

**ଆଭରଣ**, ବି. ନ. (ଆ-ଭୃ-ଅନ) ଅଳଙ୍କାର, ଭୂଷଣ ।

**ଆଭା**, ବି. ସ୍ତ୍ରୀ. (ଆ-ଭା-ଆ) ଦୀପ୍ତି, ଶୋଭା, କାନ୍ତି, ସାଦୃଶ୍ୟ, ବାତରୋଗବିଶେଷ ।

**ଆଭାଷ**, ବି. ପୁଂ. ( ଆ-ଭାଷ୍-ଅ ) ଭୂମିକା, ଅନୁଷ୍ଠାନ, ଆଳାପ ।

**ଆଭାଷଣ** ବି. ନ. ( ଆ-ଭାଷ୍-ଅନ ) ଆଳାପ, ପରସ୍ପର କଥାବାର୍ତ୍ତା ।

**ଆଭାସ**, ବି. ପୁଂ. ( ଆ-ଭାସ୍-ଅ ) ଅଭିପ୍ରାୟ, ସାଦୃଶ୍ୟ, ଦୀପ୍ତି, ସୂଚନା, ପ୍ରତିବିମ୍ବ ।

**ଆଭିଜାତ୍ୟ**, ବି. ନ. ( ଅଭିଜାତ-ଯ ) କୁଳାଭିମାନ, କୌଳୀନ୍ୟ, ବଂଶମର୍ଯ୍ୟାଦା । ଯଥା—

ଭଜନର ମଦେ କେହ୍ନ, ପଦେ କେହ୍ନ ଅବା,
କେହ୍ନ ରୂପମଦେ, କେହ୍ନ ଆଭିଜାତ୍ୟମଦେ । ମ. ଯା.

**ଆଭିମୁଖ୍ୟ**, ବି. ନ. (ଅଭିମୁଖ-ଯ) ସମ୍ମୁଖୀନତ୍ୱ, ଅନୁକୂଳ୍ୟ ।

**ଆଭୀର**, ବି. ପୁଂ. ଆ-ଭୀ-ରା-ଅ ) ଗଉଡ଼, ଗୋପାଳ, ଦେଶବିଶେଷ । ରୀ, ସ୍ତ୍ରୀ. ଗୋପୀ, ଗୌଡ଼ୁଣୀ ।

**ଆଭୋଗ**, ବି ପୁଂ. ( ଆ-ଭୁଜ୍-ଅ ) ପୂର୍ଣ୍ଣତା, ବିସ୍ତାର, ଯତ୍ନ, ଉପଭୋଗ, ବରୁଣଛତ୍ର । ପୂର୍ଣ୍ଣତା ଅର୍ଥରେ—

ଅଭୋଗ ହୋଇଲା ଏ ତୋଷିତ ଲିପିକରେ । ବି. ଚି.

**ଆଭ୍ୟନ୍ତର**, ବିଂ. ( ଅଭ୍ୟନ୍ତର ଅ ) ଅଭ୍ୟନ୍ତରଭବ, ଆନ୍ତର, ମାନସିକ ।

**ଆମ**, ବି. ପୁଂ. (ଅମ୍-ଅ) ରୋଗ, ପୀଡ଼ା, ରୋଗବିଶେଷ, ଜସୁଷ ଧାନ୍ୟାଦି । ବିଂ. ଅପକ୍ୱ, କଞ୍ଚା ।

**ଆମକୁଳା**, କ୍ରି. (ଦେଶଜ) ଧନୁରେ ଶରସନ୍ଧାନ କରିବା ।

**ଆମଗନ୍ଧ**, ବି. ନ. (ଆମ=କଞ୍ଚା-ଗନ୍ଧ-ଈ) ଦୁର୍ଗନ୍ଧ, ଚିତାଧୂମାଦିର ଗନ୍ଧ ।

**ଆମଦାନି**, (ଯାବନିକ) ଦେଶାନ୍ତରରୁ ଦ୍ରବ୍ୟାଦି ଆନୟନ ।

**ଆମନ୍ତ୍ରଣ**, ବି. ନ. (ଆ-ମନ୍ତ୍ର-ଅନ) ସମ୍ବୋଧନ, ଆହ୍ୱାନ, ନିମନ୍ତ୍ରଣ ।

**ଆମନ୍ତ୍ରିତ**, ବିଂ. (ଆ-ମନ୍ତ୍ର-ତ) ଆହୂତ, ନିମନ୍ତ୍ରିତ ।

**ଆମୟ**, ବି. ପୁଂ. (ଆମ୍-ଯା-ଅ) ରୋଗ, ବ୍ୟାଧି । ନ. ଔଷଧବିଶେଷ, କୁଡ଼ ।

**ଆମରକ୍ତ**, ବି. ନ. ( ଆମ=ଅପକ୍ୱ-ରକ୍ତ ) ଉଦରାମୟ ରୋଗବିଶେଷ, ରକ୍ତ ଓ ମଳପତନଜନିତ ପୀଡ଼ା ।

**ଆମରଣ**, କ୍ରି. ବିଂ. (ଆ-ମରଣ) ମରଣକାଳ ପର୍ଯ୍ୟନ୍ତ ।

**ଆମଳକ**, ବି. ପୁଂ. } (ଆ-ମଲ୍=ଧାରଣ କରିବା
**ଆମଳକୀ**, ବି. ସ୍ତ୍ରୀ. } -ଅକ) ଅଁଳାଫଳ, ଅଁଳାଗଛ, ଧାତ୍ରୀଗଛ, ଧାତ୍ରୀ ।

**ଆମଲା**, ବି. ( ଯାବନିକ ) ବେତନଭୋଗୀ କର୍ମଚାରୀ ।

**ଆମବାତ**, ବି. ପୁଂ. ( ଆମ=ଅପକ୍ୱରସ-ବାତ=ବାୟୁ ସ୍ୱନାମଖ୍ୟାତ ବାତରୋଗବିଶେଷ ।

**ଆମଶୂଳ**, ବି. ପୁଂ. (ଆମ-ଶୂଳ) ରୋଗବିଶେଷ, ଆମଜନିତ ଉଦରରୋଗ ।

**ଆମାତିସାର**, ବି. ପୁଂ. (ଆମ-ଅତିସାର) ଯେଉଁ ରୋଗରେ ଆମମିଶ୍ରିତ ଝାଡ଼ା ହୁଏ, ରୋଗବିଶେଷ ।

**ଆମାନ୍ନ**, ବି. ନ. (ଆମ-ଅନ୍ନ) ତଣ୍ଡୁଳ, ଚାଉଳ, ଅପକ୍ୱ ଅନ୍ନ ।

**ଆମାଶୟ**, ବି. ପୁଂ. (ଆମ-ଆଶୟ=ପାତ୍ର) ଗର୍ଭସ୍ଥ ଯନ୍ତ୍ରବିଶେଷ, ରୋଗବିଶେଷ ।

**ଆମିକ୍ଷା**, } ବି. ସ୍ତ୍ରୀ. ( ଆ-ମିକ୍ଷ=ସେଚନକରିବା-
**ଆମୀକ୍ଷା** } ସ-ଆ) ଦୁଗ୍ଧବିକାରବିଶେଷ, ଛେନା ।

**ଆମିଷ**, ବି. ପୁଂ ନ (ଆ-ମିଷ୍=ବ୍ୟକ୍ତ ହେବା-ଅ) ମାଂସ ଓ ମତ୍ସ୍ୟାଦି, ସୁନ୍ଦର ଦ୍ରବ୍ୟ,

ଉତ୍କୋଚ, ଲାଞ୍ଚ, ଅଭିଳାଷ, ଲୋଭ, ଭୋଜନ, ଶିକାର ।

ବିଶ୍ୱପୂଜ୍ୟ ଆର୍ଯ୍ୟଙ୍କର ଏହି ପୁଣ୍ୟତମା
ଭୂମି ହେବ ଛିଦ୍ରାନ୍ୱେଷୀ ଶତ୍ରୁର ଆମିଷ । ମ. ଯା.

ଆମିଷପ୍ରିୟ, ବି. ପୁଂ. କଙ୍କପକ୍ଷୀ । ବିଂ. ମାଂସାଭିଳାଷୀ ।

ଆମିଷାଶୀ, ବିଂ. ( ଆମିଷ-ଅଶ୍-ଇନ୍ ) ଆମିଷଭୋଜୀ ।

ଆମୁକ୍ତ, ବିଂ. ( ଆ-ମୁଚ୍-ତ ) ବଦ୍ଧ, ପରିହିତ, କ୍ଷିପ୍ତ, ପରିତ୍ୟକ୍ତ ।

ଆମୁଖ, ବି. ନ. (ଆ-ମୁଖ=ଆରମ୍ଭ କରିବା) ନାଟକର ପ୍ରସ୍ତାବନାରୂପ ଅଙ୍ଗବିଶେଷ ।

ଆମୁଷ୍ମିକ, ବିଂ. (ଅମୁଷ୍ମିନ୍-ଇକ) ପାରଲୌକିକ ।

ଆମୂଳ, ବିଂ. (ଆ-ମୂଳ) ମୂଳପର୍ଯ୍ୟନ୍ତ, ପ୍ରଥମାବଧି ଆମୃଷ୍ଟ, ବିଂ. (ଆ-ମୃଜ୍-ତ) ମର୍ଦ୍ଦିତ ।

ଆମେ, ସଂ. (ପ୍ରା. ଅମ୍ହେ) ଆମ୍ଭେ, ଆମ୍ଭେମାନେ ।

ଆମୋଦ, ବି. ନ. (ଆ-ମୁଦ୍-ଅ) ଆନନ୍ଦ, ହର୍ଷ । ପୁଂ. ଅତି ଦୂରବ୍ୟାପୀ ସୁଗନ୍ଧ ।

ଆମୋଦିତ, ବିଂ. ( ଆମୋଦ-ଇତ କିମ୍ବା ଆ-ମୁଦ୍+ତ ) ପୁଲକିତ, ଆନନ୍ଦିତ; ସୁଗନ୍ଧଯୁକ୍ତ ।

ଆମ୍ନାୟ, ବି, ପୁଂ. (ଆ-ମ୍ନା=ଅଭ୍ୟାସ କରିବା-ଅ) ମୁନିଗଣ ଯାହା ଅଭ୍ୟାସ କରନ୍ତି, ବେଦ, କୁଳାଚାର, ଅଭ୍ୟାସ, ସମ୍ପ୍ରଦାୟ, ତନ୍ତ୍ରଶାସ୍ତ୍ର, କୁଳ ।

ଆମ୍ର, ବି. ପୁଂ. ( ଅମ୍-ର-ଅ =ଅମ୍ର, ଅମ୍ର-ଅ, ସ୍ୱାର୍ଥେ) ଆମ୍ବ, ଫଳବିଶେଷ, ଆମ୍ବଗଛ ।

ଆମ୍ରାତ, ଆମ୍ରାତକ } ବି. ପୁଂ. ( ଆମ୍ର-ଅତ୍-ଅ, ଅକ ) ଅମ୍ବଡ଼ା, ଅମ୍ବଡ଼ାଗଛ ।

ଆମ୍ଳା, ଆମ୍ଳିକା, ଆମ୍ଳୀକା } ବି. ସ୍ତ୍ରୀ. ( ଅମ୍ଳ=ରସବିଶେଷ-ଆ, ଇକ, ଈକ-ଆ ) ତେନ୍ତୁଳୀଗଛ ।

ଆମ୍ବ, ବି. ( ଆମ୍ର ଶବ୍ଦର ଅପଭ୍ରଂଶ ) ଚୂତ, ଫଳବିଶେଷ, ବୃକ୍ଷବିଶେଷ ।

ଆମ୍ବଡ଼ା, ବି. ( ଆମ୍ରାତକର ଅପଭ୍ରଂଶ ) ଫଳବିଶେଷ, ବୃକ୍ଷ ବିଶେଷ ।

ଆମ୍ବସଢ଼ା, ବି. ( ଦେଶଜ ) ପାଚିଲା ଆମ୍ବର ଶୁଷ୍କରସ ।

ଆମ୍ବିକେୟ, ବି ପୁଂ. (ଅମ୍ବିକା-ଏୟ) ଅମ୍ବିକାପୁତ୍ର, ଧୃତରାଷ୍ଟ୍ର, କାର୍ତ୍ତିକେୟ ।

ଆମ୍ବିଳ, ବି. ( ଅମ୍ଳର ଅପଭ୍ରଂଶ ) ରସବିଶେଷ, ଖଟେଇ ।

ଆମ୍ବିଳା, ବିଂ. ଆମ୍ବିଳରସଯୁକ୍ତ, ଖଟା ।

ଆମ୍ବୁଲ, ବି. ଲବଣଯୁକ୍ତ ଶୁଷ୍କ ଅମ୍ବଖଣ୍ଡ ।

ଆମ୍ଭେ, ସଂ. (ଅସ୍ମଦ୍ ଶବ୍ଦଜ) ମାନ୍ୟାର୍ଥରେ ଉତ୍ତମ ପୁରୁଷ ଏକବଚନାନ୍ତ ଓ ବହୁବଚନାନ୍ତ ପଦ ।

ଆୟ, ବି. ପୁଂ. ( ଆ-ଇ-ଅ ) ଧନାଗମ, ଲାଭ, ଜ୍ୟୋତିଷରେ ଲଗ୍ନର ଏକାଦଶ ସ୍ଥାନ ।

ଆୟତ, ବି. ନ. ( ଆ-ଯମ୍-ତ ) ସମକୋଣୀ, ସମାନ୍ତରାଳ କ୍ଷେତ୍ର । ବିଂ. ବିସ୍ତୃତ, ବିଶାଳ ।

ଆୟତନ ବି. ନ. (ଆ-ଯତ୍=ଯତ୍ନ କରିବା-ଅନ) ଯଜ୍ଞବେଦୀ, ଆଶ୍ରୟ, ଭଦ୍ରାସନ, ଘରବାଡ଼ି, ପରିମାଣ, ପରିସର, ରୋଗର କାରଣ ।

ଆୟତ୍ତ, ବିଂ. ( ଆ-ଯତ୍=ବଶ ହେବା-ତ ) ବଶୀଭୂତ, ଅଧୀନ ।

ଆୟସ, ବିଂ. (ଅୟସ୍-ଅ) ଲୌହନିର୍ମିତ ।

ଆୟସୀ, ବିଂ. ( ଆୟସ୍-ଅ-ଈ ) ଲୌହନିର୍ମିତ, ଲୌହମୟୀ । ଯଥା—

ପ୍ରଚଣ୍ଡ ଆୟସୀ ଗଦା ତୁଳଇ ହରଷେ । କ. ବ.

ଆୟା, ବି. (ଯାବନିକ) ଧାତ୍ରୀ, ଦାସୀ ।

ଆୟାତ, ବି. ନ. (ଆ-ଯା-ତ) ଆଗମନ । ବିଂ. ଆଗତ ।

ଆୟାମ, ବି. ପୁଂ. (ଆ-ଯମ୍-ଅ) ଦୈର୍ଘ୍ୟ, ବିସ୍ତାର ।

ଆୟାସ, ବି. ପୁଂ. (ଆ-ଯସ୍=କ୍ଳିଷ୍ଟ ହେବା-ଅ) କ୍ଳାନ୍ତି, ଯତ୍ନ, କ୍ଳେଶ, ପରିଶ୍ରମ, ଦୁର୍ବଳତା ।

ଆୟୁ, ଆୟୁଃ } ବି. ପୁଂ. ନ. ( ଇ=ଗମନ କରିବା-ଉ, ଉସ୍ ) ଜୀବନ, ଜୀବିତକାଳ, ପରମାୟୁ, ନହୁଷ, ପକ୍ଷପୁତ୍ର ।

ଆୟୁଧ, ବିଂ. ପୁଂ. ( ଆ-ଯୁଧ-ଅ ) ଅସ୍ତ୍ର, ଶସ୍ତ୍ର, ହତିଆର ।

ଆୟୁଧାଗାର. ବି. ନ. (ଆୟୁଧ-ଆଗାର) ଅସ୍ତ୍ରଗୃହ, ଯେ ଗୃହରେ ଅସ୍ତ୍ରାଦି ଥାଏ ।

ଆୟୁଧିକ, ବିଂ. ( ଆୟୁଧ-ଇକ ) ଅସ୍ତ୍ରଶସ୍ତ୍ର ବ୍ୟବସାୟୀ, ଶସ୍ତ୍ରଧାରୀ, ଯୋଦ୍ଧା ।

ଆୟୁଧୀୟ, ବିଂ. ( ଆୟୁଧ-ଇୟ ଅସ୍ତ୍ରଶସ୍ତ୍ର-ବ୍ୟବସାୟୀ, ଯୋଦ୍ଧା ।

ଆୟୁର୍ବେଦ, ବି. ପୁଂ. ( ଆୟୁଃ=ଜୀବନକାଳ-ବିଦ୍=ଜାଣିବା-ଅ)ଚିକିତ୍ସାଶାସ୍ତ୍ର, ଜ୍ୟୋତିଷ-ଶାସ୍ତ୍ର ।

ଆୟୁର୍ବେଦୀ, ବିଂ. (ଆୟୁର୍ବେଦ-ଇନ୍ ଆୟୁର୍ବେଦ-ବ୍ୟବସାୟୀ, ଚିକିତ୍ସକ, ଗଣକ ।

ଆୟୁଷ୍କାମ, ବିଂ. ( ଆୟୁଃ=ଜୀବନ-କାମ=ଅଭିଳାଷ) ଦୀର୍ଘଜୀବନାଭିଳାଷୀ ।

ଆୟୁଷ୍ମାନ୍, ବିଂ. ( ଆୟୁଷ୍-ମତ୍ ) ଦୀର୍ଘାୟୁ, ଦୀର୍ଘଜୀବୀ । ବି. ପୁଂ. ଯୋଗବିଶେଷ ।

ଆୟୁଷ୍ୟ, ବିଂ. (ଆୟୁଷ୍-ଯ) ଯାହାଦ୍ୱାରା ଆୟୁ-ର୍ବୃଦ୍ଧି ହୁଏ, ଆୟୁଷ୍କର । ବି. ଅନ୍ନ, ପଥ୍ୟ ।

ଆୟୋଜକ, ବିଂ. (ଆ-ଯୁଜ୍-ଅକ)ସଂଗ୍ରହକାରକ, ଉଦ୍‌ଯୋଗୀ ।

ଆୟୋଜନ, ବି. ନ. ( ଆ-ଯୁଜ୍-ଅନ ) ସଂଗ୍ରହ, ଆହରଣ, ଉଦ୍‌ଯୋଗ ।

ଆୟୋଧନ, ବି. ନ. ( ଆ-ଯୁଧ୍-ଅନ ) ଯୁଦ୍ଧ, ଯୁଦ୍ଧକ୍ଷେତ୍ର ।

ଆର, ବି. ପୁଂ. (ଋ=ଗମନ କରିବା-ଅ)ମଙ୍ଗଳ ଗ୍ରହ, ଶନି, ପିତ୍ତଳ, ଚମାରଙ୍କର ଅସ୍ତ୍ର-ବିଶେଷ, ଚକ୍ରାଙ୍ଗକାଷ୍ଠବିଶେଷ, ଅର । (ଦେଶଜ) ଅନ୍ୟ ।

ଆରକୂଟ, ବି. ପୁଂ. ( ଆର=ଗମନକାରୀ-କୂଟ=କୂଟ) ପିତ୍ତଳ, ପିତ୍ତଳାଭରଣ ।

ଆରକ୍ତ, ବିଂ. ( ଆ=ଈଷତ୍-ରଞ୍ଜ୍-ତ) ଈଷତ୍ ଲାଲ, ରକ୍ତବର୍ଣ୍ଣ ।

ଆରକ୍ତିମା, ବି. ସ୍ତ୍ରୀ. ( ଆରକ୍ତ-ଇମନ୍ ) ଈଷତ୍ ଲାଲ, ରକ୍ତବର୍ଣ୍ଣ ।

ଆରଣି, ବି. ପୁଂ, ( ଆ-ଋ-ଅନି ) ଜଳାବର୍ତ୍ତ, ଜଳଭଉଁରୀ ।

ଆରଣ୍ୟ, ବିଂ. ( ଅରଣ୍ୟ-ଅ ) ବନଜାତ, ବନୋଦ୍ଭବ, ବନ୍ୟ ।

ଆରଣ୍ୟକ, ବି. ପୁଂ ( ଅରଣ୍ୟ-କ ) ହସ୍ତୀ, ପଥ, ଅଧ୍ୟାୟ, ମହାଭାରତର ପର୍ବବିଶେଷ, ବେଦାଂଶବିଶେଷ, ଗୋମୟ, ନ୍ୟାୟଶାସ୍ତ୍ର, ବନବାସୀ । ବିଂ. ବନ୍ୟ, ବନଜାତ ।

ଆରତି, ବି. ସ୍ତ୍ରୀ. (ଆ-ରମ୍-ତି) ଆଳତି, ନିବୃତ୍ତି, ଶାନ୍ତି । ନିବୃତ୍ତି ଅର୍ଥରେ ଯଥା—

> କାଲି ଯା ଦୂରରୁ ଦେଖି କଲବା କଲି ମୋ ଆଖି
> କଲା ଉଦ୍‌ବେଗ ଆରତି ରେ । କ. ଚ.

ଆରନାଳ, ଆରନାଳକ } ବି. ନ. ( ଅର=ଶୀଘ୍ର-ନଲ=ବନ୍ଧକରିବା-ଅ, ଅକ ଅଥବା ଆର=ଗମନଶୀଳ-ନାଳ=ଗନ୍ଧ ଯାହାର ) କାଞ୍ଜି, କାଞ୍ଜିପାଣି, ତୋରାଣି, ତୋରାଣି ।

ଆରପାର ବିଂ (ଦେଶଜ) ଅସ୍ତବ୍ୟସ୍ତ; ଯଥା—

> କେମନ୍ତ ମୋର କଳେବର ହୋଇ ଗଲା ଆରପାର
> ଯାହାକୁ ଜରଇ ତାର ପରେ । କ. ଚ.

ବି. ଅନ୍ୟ ପାର୍ଶ୍ୱ ।

ଆରବ୍ଧ, ବିଂ. ( ଆ-ରଭ-ତ ) ଯାହା ଆରମ୍ଭ କରି ହୋଇଅଛି, ଉପକ୍ରାନ୍ତ । ବି. ନ. ଆରମ୍ଭ ।

ଆରମ୍ଭ, ବି. ପୁଂ. ନ. (ଆ-ରଭ ଅ) ଉଦ୍ୟୋଗ, ଉପକ୍ରମ, ବ୍ୟାପାର, କାର୍ଯ୍ୟ, ଯତ୍ନ, ଉପାୟ, ପ୍ରୟୋଗ, ତ୍ୱରା, ଉତ୍ପତ୍ତି, ଯୋଗ, ଅନୁଷ୍ଠାନ, ହିଂସା, ଗର୍ବ ।

ଆରବ, ଆରାବ } ବି. ପୁଂ. ( ଆ-ରୁ-ଅ ) ଶବ୍ଦ, ଧ୍ୱନି, ଦେଶବିଶେଷ ।

ଆରାତି, ବି.ପୁଂ. (ଆ ରା=ଦାନ କରିବା-ଅତି) ଶତ୍ରୁ, ବିପକ୍ଷ ।

**ଆରାତ୍ରିକ**, ବି. (ଆ-ରାତ୍ରି-କ) ନୀରାଜନା, ଆଳତି ।

**ଆରାଧନା**, ବି. ସ୍ତ୍ରୀ. (ଆ-ରାଧ-ଅନ-ଆ) ଉପାସନା, ତୁଷ୍ଟିକରଣ, ପରିଚର୍ଯ୍ୟା, ସେବା. ଅଭ୍ୟାସ. ପାକ, ପ୍ରାପ୍ତି ।

**ଆରାଧ୍ୟ**, ବିଂ. (ଆ-ରାଧ-ଯ) ଉପାସ୍ୟ, ସେବ୍ୟ, ଯାହାକୁ ଆରାଧନା କରାଯାଏ ।

**ଆରାମ**, ବି. ପୁଂ. (ଆ-ରମ୍-ଅ) ଉପବନ, ସୁସ୍ଥତା, ସୁଖ, ବିରତି, ନିବୃତ୍ତି ।

**ଆରଶୀ** (ଆଦର୍ଶ ଶବ୍ଦଜ) ଆଇନା, କାଚ, ଦର୍ପଣ ।

**ଆରିଷା**, ବି. (ଦେଶଜ) ପିଷ୍ଟକବିଶେଷ ।

**ଆରୁ**, ବି. ପୁଂ. (ର+ଉ, ଅ=ଆ) କର୍କଟ, ଶୂକର, ବୃକ୍ଷବିଶେଷ, ପିଙ୍ଗଳବର୍ଣ୍ଣ ।

**ଆରୂଢ଼**, ବିଂ. (ଆ-ରୁହ-ତ) ଯେ ଆରୋହଣ କରିଅଛି ।

**ଆରେ**, ଅ. ଅବଜ୍ଞାସୂଚକ ସମ୍ବୋଧନ ଅବ୍ୟୟ । ଯଥା—

ଆରେ ଆରେ ଦୁଃଶାସନ ଦୁରନ୍ତ କୌରବ । କ. ବି.

**ଆରେକ**, ବିଂ. (ଦେଶଜ) ଅନ୍ୟ ଜଣେ, ଅପର-ବ୍ୟକ୍ତି । ଯଥା—

ଏକ ଆରେକ ମୁଖ ଚାହିଁ ।

**ଆରୋଗ୍ୟ**, ବି. ନ. (ଅରୋଗ-ଯ) ସ୍ୱାସ୍ଥ୍ୟ, ରୋଗାଭାବ, ଅରୋଗତା ।

**ଆରୋପ**, ବି. ପୁଂ. (ଆ-ରୋହ-ଅ, ହ=ପ) ଏକ ବସ୍ତୁରେ ଅନ୍ୟ ଧର୍ମର ସ୍ଥାପନ । ଯଥା—

ରଜ୍ଜୁରେ ସର୍ପଙ୍କର ଆରୋପ ଉଦ୍ଭାବନା ।

**ଆରୋପଣ**, ବି. ନ. (ଆ-ରୁହ-ଣିଚ୍-ଅନ) ଆରୋପ କରିବା, ଆରୋହଣ, ଧନୁରେ ଗୁଣ ସଂଯୋଗ କରାଇବା, ଶସ୍ୟାଦି ବପନ, ରୋଇବା ।

**ଆରୋହ**, ବି. ପୁଂ. (ଆ-ରୁହ-ଅ) ଦୈର୍ଘ୍ୟ, ଉଚ୍ଚତା, ଅଶ୍ୱ ବା ହସ୍ତ୍ୟାଦିରେ ଆରୂଢ଼ ସୈନିକ, ଭାର, ଉତ୍ତମ ସ୍ତ୍ରୀର ନିତମ୍ବ ।

**ଆରୋହଣ**, ବି. ନ. (ଆ-ରୁହ-ଅନ) ଉପରେ ଚଢ଼ିବା, ସୋପାନ, ପାବଚ୍ଛ । ଯଥା—

ଅଖିଳ ବିଭବ ଆଖଣ୍ଡଳପଦ
ଆରୋହଣ ପରମ୍ପରା ରେ । କବିସୂର୍ଯ୍ୟ.

**ଆରୋହଣୀ**, ବି. ସ୍ତ୍ରୀ. (ଆ-ରୁହ-ଅନ-ଈ) ଶିଢ଼ି, ସୋପାନ, ପାହାଚ ।

**ଆରୋହୀ**, ବିଂ (ଆ-ରୁହ-ଇନ୍) ଆରୋହଣକାରୀ ।

**ଆର୍ଜବ**, ବି. ନ. (ଋଜୁ-ଅ) ସରଳତା, ଋଜୁତା । ଯଥା—

ସାଧୁଜନସେବ୍ୟ ଏହି ପବିତ୍ର ଆର୍ଜବ । ମ. ଯା.

**ଆର୍ଜୁନି**, ବି. ପୁଂ. (ଅର୍ଜୁନ-ଇ-ଅପତ୍ୟାର୍ଥେ) ସୁଭଦ୍ରାଗର୍ଭଜାତ ଅର୍ଜୁନପୁତ୍ର ଅଭିମନ୍ୟୁ । ଯଥା—

ଶତ ପ୍ରମରଣେ ଏବେ ବେଢ଼ିଲେ ଅରାତି,
ଅମର୍ଷିକ, ଆର୍ଜୁନିଙ୍କ ଯଥା ଲୁରୁବମ୍ । ମ. ଯା.

**ଆର୍ତ୍ତ**, ବିଂ. (ଆ-ଋ-ତ) ପୀଡ଼ିତ, ବ୍ୟାକୁଳ, ଚପଳ, ବିହ୍ୱଳ ।

**ଆର୍ତ୍ତନାଦ**, ବି. ପୁଂ (ଆର୍ତ୍ତ-ନଦ-ଅ) କରୁଣଧ୍ୱନି, ଶୋକସୂଚକ ଶବ୍ଦ । ଯଥା—

ଆର୍ତ୍ତନାଦ ସିଂହନାଦ ବ୍ୟାପଇ ଅମ୍ବରେ,
ଘାତକ ଆହତ ପଡ଼େ ନାଚେ ଦମ୍ଭଭରେ । କ. ବି.

**ଆର୍ତ୍ତବ**, ବିଂ. (ଋତୁ-ଅ) ଋତୁଜାତ, ଋତୁ-ସମ୍ବନ୍ଧୀୟ । ବି. ନ. ରଜୋରକ୍ତ ।

**ଆର୍ତ୍ତି**, ବି. ସ୍ତ୍ରୀ. (ଆ-ଋ-ତି) ପୀଡ଼ା, ଧନୁର ଅଗ୍ର ।

**ଆର୍ତ୍ତ୍ୱିଜ**, ବି. ନ. (ଋତ୍ୱିଜ-ଅ) ପୌରୋହିତ୍ୟ ।

**ଆର୍ଥିକ**, ବିଂ. (ଅର୍ଥ-ଇକ) ଅର୍ଥଜ୍ଞ, ବିଜ୍ଞ, ଧନୀ, ଅର୍ଥସମ୍ବନ୍ଧୀୟ ।

**ଆର୍ଦ୍ର**, ବିଂ. (ଅର୍ଦ=ଗମନ କରିବା-ର) ଓଦା, ତିନ୍ତା, ସନ୍ତସନ୍ତିଆ, ନୂତନ, ମୃଦୁ, ଶିଥିଳ ।

**ଆର୍ଦ୍ରକ**, ବି. ନ. (ଆର୍ଦ୍ର-କ) ମୂଳବିଶେଷ, ଅଦା ।

**ଆର୍ଦ୍ରା**, ବି. ସ୍ତ୍ରୀ. (ଆର୍ଦ୍ର-ଆ) ନକ୍ଷତ୍ରବିଶେଷ, ଷଷ୍ଠ ନକ୍ଷତ୍ର, ଏହାର ଆକାର ପଦ୍ମାକୃତି । ଯଥା—

ପୂର୍ଣ୍ଣଚନ୍ଦ୍ରମାମୁଖୀ ଆରଦ୍ରାଜ୍ୟୋତି,
ମାଣିକ୍ୟ ପରି ଦିଶେ ଅତି ଶୋଭିତ ଗୋ । କ. ପା.

**ଆର୍ଦ୍ଦୋଳ**, ବି. (ଦେଶଜ) ଅଳ ।

**ଆର୍ଯ୍ୟ**, ବିଂ. ( ଆ-ଋ=ଗମନ କରିବା-ଯ ) ସତ୍କୁଳୋଦ୍ଭବ, ପୂଜ୍ୟ, ଶ୍ରେଷ୍ଠ । ବି. ପୁଂ. ସ୍ୱାମୀ, ଗୁରୁ ।

**ଆର୍ଯ୍ୟପୁତ୍ର**, ବି.ପୁଂ. (ଆର୍ଯ୍ୟ-ପୁତ୍ର) ସ୍ୱାମୀ, ଗୁରୁପୁତ୍ର । ( ନାଟକାଭିନୟରେ ସ୍ୱାମୀକୁ ଆର୍ଯ୍ୟପୁତ୍ର କହାଯାଇଥାଏ । ଏ ସ୍ଥଳରେ ଆର୍ଯ୍ୟ ଶବ୍ଦର ଅର୍ଥ ଶ୍ୱଶୁର )

**ଆର୍ଯ୍ୟଭଟ୍ଟ**, ବି. ପୁଂ. ଜଣେ ଭାରତୀୟ ହିନ୍ଦୁ ଜ୍ୟୋତିର୍ବିଦ୍, ଏ ଆର୍ଯ୍ୟସିଦ୍ଧାନ୍ତ ଓ ବୀଜଗଣିତ ପ୍ରଣୟନ କରିଥିଲେ ।

**ଆର୍ଯ୍ୟା**, ବି. ସ୍ତ୍ରୀ. ( ଅ-ଋ-ଯ-ଆ ) ପାର୍ବତୀ, ଶ୍ରେଷ୍ଠା ଏବଂ ମାନ୍ୟା ସ୍ତ୍ରୀ, ଶାଶୁ ପ୍ରଭୃତି, ସଂସ୍କୃତ ଛନ୍ଦୋବିଶେଷ, ଏହି ଛନ୍ଦର ପ୍ରଥମ ଓ ତୃତୀୟ ଚରଣରେ ଦ୍ୱାଦଶ, ଦ୍ୱିତୀୟ ଚରଣରେ ଅଷ୍ଟାଦଶ ଏବଂ ଚତୁର୍ଥ ଚରଣରେ ପଞ୍ଚଦଶ ମାତ୍ରା ଥାଏ, ହ୍ରସ୍ୱବର୍ଣ୍ଣ ହେଲେ ଏକ ମାତ୍ରା ଓ ଦୀର୍ଘବର୍ଣ୍ଣ ହେଲେ ଦୁଇ ମାତ୍ରା ଗଣନା କରିବାକୁ ହୁଏ ।

**ଆର୍ଯ୍ୟାବର୍ତ୍ତ**, ବି. ପୁଂ. (ଆର୍ଯ୍ୟ-ଆବର୍ତ୍ତ) ପୁଣ୍ୟଭୂମି, ହିମାଳୟ ଓ ବିନ୍ଧ୍ୟପର୍ବତର ମଧ୍ୟବର୍ତ୍ତୀ ସ୍ଥାନ ।

**ଆର୍ଷ**, ବି, ପୁଂ. (ଋଷି-ଅ) ବିବାହବିଶେଷ । ବିଂ. ଋଷିପ୍ରଣୀତ ( ପୁରାଣ, କାବ୍ୟାଦି ), ଋଷି ସମ୍ବନ୍ଧୀୟ, (ବ୍ୟାକରଣର ନିୟମାଦି) ଉଲ୍ଲଙ୍ଘନରେ ଋଷିପ୍ରଯୁକ୍ତ (ଶବ୍ଦାଦି) । ଯେପରି ଆର୍ଷ ପ୍ରୟୋଗ ।

**ଆଲ**, ବି (ଦେଶଜ) ଛଲ, ବୋଲି ।

**ଆଲକତରା**, ( ଯାବନିକ ) ଘୃଣନାଶକ ତରଳ ଦ୍ରବ୍ୟବିଶେଷ, ରାଲ ।

**ଆଲଙ୍କାରିକ**, ବିଂ. (ଅଲଙ୍କାର-ଇକ) ଅଲଙ୍କାର ଶାସ୍ତ୍ରରେ ନିପୁଣ, ଅଲଙ୍କାରଶାସ୍ତ୍ରଜ୍ଞ ।

**ଆଲଟ**, ବି. (ଦେଶଜ) ପକ୍ଷାଦି, ରାଜୋପକରଣବିଶେଷ, ବ୍ୟଜନବିଶେଷ ।

**ଆଲତି**, ବି. ଆରବି ଶବ୍ଦ ) ଆରାତ୍ରିକ, ନୀରାଜନ, ପ୍ରତିମା ସମ୍ମୁଖରେ ପ୍ରଦୀପ ଚାଳନା ।

**ଆଲପିନ୍**, (ଯାବନିକ) ପିନ୍, ଲୌହନିର୍ମିତ କ୍ଷୁଦ୍ର କଣ୍ଟା ।

**ଆଲମାରି**. ବି. (ଇଂ Almirah) କାଷ୍ଠାଦିନିର୍ମିତ ଥାକ ଥିବା ସିନ୍ଦୁକ ।

**ଆଲମ୍ବ**, ବି. ପୁଂ. (ଆ-ଲମ୍ବ-ଅ) ଆଶ୍ରୟ, ଅବଲମ୍ବନ, ଆଧାର ।

**ଆଲମ୍ବନ**, ବି. ନ. (ଆ-ଲମ୍ବ୍-ଅନ) ଅବଲମ୍ବନ, ଆଶ୍ରୟ, ଶୃଙ୍ଗାରାଦି ରସର ବିଭାବବିଶେଷ, ଯାହାକୁ ଆଶ୍ରୟ କରି ରସର ଉଦୟ ହୁଏ, ନାୟିକାଦି ।

**ଆଲମ୍ଭ**, ବି. ପୁଂ. (ଆ-ଲଭ୍-ଅ) ମାରଣ, ହିଂସା, ବଧ, ସ୍ପର୍ଶ ।

**ଆଲୟ**, ବି. ପୁଂ. (ଆ-ଲୀ=ଲୀନ ହେବା-ଅ) ଗୃହ, ବାସସ୍ଥାନ ।

**ଆଲବାଲ** }
**ଅଲବାଲ** } ବି. ନ. ( ଆ-ଲୂ=ଛେଦନ କରିବା ବା ଖନନ କରିବା-ଆଲ) ମନ୍ଦା, ଗଛମୂଳରେ ଜଳ ରହିବା ସ୍ଥାନ । ଯଥା—

ତାମ୍ବୁଲ ବୋଳ ଗଣ୍ଡୂଷନେ ଝର,
ହେମ ଆଲବାଳେ କି ରାଗ ଝାଡ଼ଲା ।

**ଆଲସ**, ବିଂ ( ଅଲସ-ଅ ) ଆଲସ୍ୟଯୁକ୍ତ, ଅଲସୁଆ ।

**ଆଲସ୍ୟ**, ବି. ନ. (ଅଲସ-ଯ) ଅଲସତା, ମାନ୍ଦ୍ୟ, ଅଲସୁଆପଣ ।

**ଆଲାନ**, ବି. ନ. (ଆ-ଲୀ=ଗ୍ରହଣ କରିବା ବା ବନ୍ଧନ କରିବା-ଅନ) ଗଜବନ୍ଧନ ସ୍ତମ୍ଭ, ବନ୍ଧନରଜ୍ଜୁ ।

**ଆଲାପ**, ବି, ପୁଂ. (ଆ-ଲପ=କହିବା-ଅ ) କଥୋପକଥନ, କଥାବାର୍ତ୍ତା, ଉଚ୍ଚାରଣ, ପରିଚୟ, ସଙ୍ଗୀତରେ ଅନୁଲୋମ, ବିଲୋମ, ଗମକ, ମୂର୍ଚ୍ଛନା, ତାନ, ଲୟ, ସ୍ୱର ଅର୍ଥାତ୍

ଯେଉଁ ରାଗିଣୀରେ ଯେଉଁ ଯେଉଁ ସ୍ୱର ଯଥାର୍ଥରୂପରେ ଆବଶ୍ୟକ ଏହିମାନଙ୍କ ସଂଯୋଗରେ ରାଗାଦିକୁ ପ୍ରକୃଷ୍ଟରୂପେ ପ୍ରଦର୍ଶନ କରିବାର ନାମ ଆଲାପ ।”

ଆଲାପନ, ବି. ନ. (ଆ-ଲପି ଅନ) ପରସ୍ପର କଥୋପକଥନ, ଆଭାଷଣ ।

ଆଲାପିନୀ, ବି. ସ୍ତ୍ରୀ. (ଆଲାପ-ଇନ୍-ଈ) ବୀଣା ।

ଆଲାପୀ, ବିଂ. (ଆ ଲାପ-ଇନ୍) ଯାହା ସଙ୍ଗରେ ଆଲାପ ଅଛି, ଯେ ଅନ୍ୟ ସଙ୍ଗରେ ଉତ୍ତମରୂପେ ଆଲାପ କରେ ।

ଆଲାପ୍ୟ, ବିଂ. (ଆ-ଲପ-ଯ) ଆଲାପଯୋଗ୍ୟ, ଯାହା ସହିତ ଆଲାପ କରିବା ଉଚିତ, କଥନୀୟ ।

ଆଲାବୁ } ବି. ସ୍ତ୍ରୀ. (ଅଲାବୁ ଦେଖ) ତୁମ୍ବୀ,
ଆଲାବୂ } ଲାଉ ।

ଆଲି } ବି. ସ୍ତ୍ରୀ (ଅଲ୍=ଭୂଷିତ କରିବା ଇ-ଈ)
ଆଲୀ } ସଖୀ, ଯୁବତୀ, ଶ୍ରେଣୀ, ଓଡ଼ଶାର କଳ୍ପିତବିଶେଷ, ହିଡ଼, କ୍ଷେତ୍ରର ସୀମାନିରୂପକ ବନ୍ଧ । ପୁଂ. ଭ୍ରମର, ବୃଶ୍ଚିକ ।

ଆଲିଙ୍ଗନ, ବି. ନ. (ଆ-ଲିନ୍‌ଗ୍-ଅନ) ଆଶ୍ଳେଷ, କୁଣ୍ଢାକୁଣ୍ଢି, ଅଙ୍ଗମିଳନ ।

ଆଲିପଣା, ବି. (ଆଲିପନ ଶବ୍ଦଜ ?) ବିବାହ ବ୍ରତ ପ୍ରଭୃତି ଉତ୍ସବରେ ଅନ୍ନଭୋଜନ ପୂର୍ବେ ଯେଉଁ ମିଷ୍ଟାନ୍ନ ଦ୍ରବ୍ୟ ଭୋଜନ କରିବାକୁ ଦିଆଯାଏ ।

ଆଲିମ୍ପନ, ବି. ନ. (ଆ-ଲିମ୍ପ୍-ଅନ) ଚିତା ।

ଆଲୀଢ଼, ବିଂ. (ଆ-ଲିହ୍-ତ) ଭକ୍ଷିତ, ଆସ୍ୱାଦିତ, ଚାଟିବା, ଅସ୍ତ୍ରକ୍ଷତ । ବି. ନ. ଶରାଦି କ୍ଷେପଣ ସମୟରେ ଉପବେଶନବିଶେଷ, ବାମ ଜାନୁ ପଶ୍ଚାଭାଗରେ ଓ ଦକ୍ଷିଣ ଜାନୁ ସମ୍ମୁଖରେ ବିସ୍ତାରିରୂପେ ସ୍ଥାପନପୂର୍ବକ ଉପବେଶନ ।

ଆଲୀନ, ବିଂ. (ଆ-ଲୀ-ତ) ବିଲୀନ, ଲୟପ୍ରାପ୍ତ, ଆଶ୍ରିତ ।

ଆଲୁ, ବି. ସ୍ତ୍ରୀ. (ଆ-ଲୂ-ଉ) କ୍ଷୁଦ୍ର ଜଳାଧାର, କଳସ, ମାଠିଆ । ପୁଂ. ନ. ମୂଳବିଶେଷ, ଭେଲା, ପେଚକ, ଚନ୍ଦ୍ର । । ବ୍ୟାକରଣ ବେ ପ୍ରତ୍ୟୟବିଶେଷ ।

ଆଲୁଅ, ବି. (ଆଲୋକ ଶବ୍ଦଜ) ଦୀପ୍ତି ପ୍ରକାଶ, ଚକ୍ଷୁରୋଗବିଶେଷ ।

ଆଲୁଲାୟିତ, ବିଂ. (ଆ-ଲୁଲ୍-ଣିଚ୍-ତ) ବନ୍ଧନରହିତ, ମୁକୁଳା ।

ଆଲୁବାଲୁ, ବିଂ. (ଗ୍ରାମ୍ୟ) ଇତସ୍ତତଃ ବିକ୍ଷିପ୍ତ ।

ଆଲେଖ୍ୟ, ବି. ନ. (ଆ-ଲିଖ-ଯ) ଚିତ୍ର, ଚିତ୍ରପଟ୍ଟ, ଛବି ଚିତ୍ରକରଣ । ବିଂ. ଲେଖନୀୟ । ଯଥା—
ଦିଶିଲି ଆଲେଖ୍ୟ ପ୍ରାୟେ ରଙ୍ଗୀକୁ ମୋ ସ୍ୱଜନୀ । ମଣି ସା.

ଆଲେପ, } ବି. ନ. (ଆ-ଲିପ୍-ଅ, ଅନ,) ଲେପନ
ଆଲେପନ, } ଦ୍ରବ୍ୟ, ଲେପିବା ।

ଆଲୋ, ଅଂ. ସ୍ତ୍ରୀ ବ୍ୟକ୍ତିର ସମ୍ବୋଧନ ।

ଆଲୋକ, ବି. ପୁଂ. (ଆ-ଲୋକ୍-ଅ) ଦର୍ଶନ, ଦୃଷ୍ଟିପଥ, ପ୍ରକାଶ, ଦୀପ୍ତି, ଆଲୁଅ, ଜୟଶବ୍ଦ ।

ଆଲୋକନ, ବି. ନ. (ଆ-ଲୋକ୍-ଅନ) ଦୃଷ୍ଟି, ଦର୍ଶନ, ଦେଖିବା ।

ଆଲୋକବିଜ୍ଞାନ, (Optics) ବି. ନ. (ଆଲୋକ-ବିଜ୍ଞାନ) ଆଲୋକ ଓ ଦର୍ଶନବିଷୟକ ବିଦ୍ୟା, ବିଜ୍ଞାନବିଶେଷ ।

ଆଲୋଚନା, ବି. ସ୍ତ୍ରୀ. (ଆ-ଲୋଚ୍-ଅନ-ଆ) ଆନ୍ଦୋଳନ, ଅନୁଶୀଳନ, ଚର୍ଚ୍ଚା ।

ଆଲୋଚନୀୟ, ବିଂ. (ଆ-ଲୋଚ୍-ଅନୀୟ) ଆଲୋଚନାର ଯୋଗ୍ୟ, ଅନୁଶୀଳନୀୟ ।

ଆଲୋଚ୍ୟ, ବିଂ. (ଆ-ଲୋଚ୍-ଯ) ଆଲୋଚନାର ଯୋଗ୍ୟ ।

ଆଲୋଡ଼ନ, ବି. ନ. (ଆ-ଲୁଡ୍-ଅନ) ମନ୍ଥନ, ଆବର୍ତ୍ତନ ।

ଆଲୋଡ଼ିତ, ବିଂ. (ଆ-ଲୁଡ୍-ତ) ମଥିତ, ମର୍ଦ୍ଦିତ, ସମ୍ମିଳିତ, ଆଲୋଚିତ ।

ଆଲୋଲ, ବିଂ. (ଆ=ଈଷତ୍-ଲୋଲ=ଚଞ୍ଚଳ) ଈଷତ୍ ଚଞ୍ଚଳ ।

ଆଲୋଲିକା, ବି. ସ୍ତ୍ରୀ ହୁଳହୁଳି ଶବ୍ଦ ।

ଆଵର, ବି. (ଆଉର ଶବ୍ଦଜ) ଆଉ, ଅଧିକନ୍ତୁ, ପୁଣି । (ଏ ଶବ୍ଦ ପଦ୍ୟରେ ବ୍ୟବହୃତ ହୁଏ ।)

**ଆବରକ** (Protectives), ବିଂ. (ଆ-ବୃ-ଅକ) ଆଚ୍ଛାଦକ ।

**ଆବରଣ**, ବି.ନ. (ଆ-ବୃ-ଅନ) ଢାଲ, ଢାଙ୍କୁଣୀ, ଅବରୋଧ, ଆଚ୍ଛାଦନ ସାଧନ ପ୍ରାଚୀରାଦି ।

**ଆବରିବା**, କ୍ରି. ( ଆ-ବୃ ଧାତୁଜ ) ଆବରଣ କରିବା, ଘୋଡ଼ାଇବା ।

**ଆବର୍ଜନ**, } ବି. ନ. (ଆ-ବୃଜ୍-ଅନ, ଆ )
**ଆବର୍ଜନା** } ଅଳଆ, ଝାଟୁଆ, ଖତଗଦା ।

**ଆବର୍ତ୍ତ**, ବି. ପୁଂ. ( ଆ-ବୃତ-ଅ) ଜଳଭଉଁରି, ମେଘବିଶେଷ, ଘୋଡ଼ା ଦେହର ଭଉଁରି, ଘୂର୍ଣ୍ଣନ ।

**ଆବର୍ତ୍ତକ**, ବି. ପୁଂ. (ଆ-ବୃତ-ଅକ) ମେରୁଦଣ୍ଡ ସଲଗ୍ନ ଅସ୍ଥିଖଣ୍ଡ, ମେଘବିଶେଷ, ଘୂର୍ଣ୍ଣିଜଳ । ବିଂ. ଆବରକ ।

**ଆବର୍ତ୍ତକୀ**, ବି. ସ୍ତ୍ରୀ. (ଆ-ବୃତ-ଅକ-ଈ) ଲତାବିଶେଷ, ଚକ୍ରାକାର ଭ୍ରମଣ, ଜଳଭଉଁରି, ଘୋଡ଼ାମାନଙ୍କର ଚିହ୍ନବିଶେଷ ।

**ଆବର୍ତ୍ତନ**, ବି. ନ. (ଆ-ବୃତ-ଅନ) ଗରଲାଇବା, ଘୂର୍ଣ୍ଣନ, ମନ୍ଥନ । ବିଂ ପୁଂ. ବିଷ୍ଣୁ ।

**ଆବର୍ତ୍ତିତ**, ବିଂ. ( ଆ ବର୍ତ୍ତି-ତ ) ବିଲୋଡ଼ିତ, ଅଭ୍ୟସ୍ତ ।

**ଆବଳି** } ବି. ସ୍ତ୍ରୀ. (ଆ-ବଲ୍-ଇ-ଈ) ଶ୍ରେଣୀ,
**ଆବଳୀ** } ପଂକ୍ତି, ସମୂହ, ବଂଶ ।

**ଆବଶ୍ୟକ**, ବିଂ. (ଅବଶ୍ୟ-କ) ପ୍ରୟୋଜନୀୟ, ବି. ନ. ଅବଶ୍ୟମ୍ଭାବ, ନିରବକାଶ ।

**ଆବସଥ**, ବି. ପୁଂ. ନ (ଆ-ବସ୍ ଅଥ) ସ୍ଥାନ, ଗୃହ, ଆଶ୍ରମ, ଭୁବନ ।

**ଆବହ**, ବିଂ. (ଆ-ବହ୍-ଅ ବହନକାରୀ, ଜନକ, ଉତ୍ପାଦକ, ଦାତା । ବି. ପୁଂ. ବାୟୁବିଶେଷ, ଭୂବାୟୁ, ଏହାର ଊର୍ଦ୍ଧ୍ୱସ୍ଥ ବାୟୁକୁ ପ୍ରବାହ କହନ୍ତି ।

**ଆବହନ**, ବି. ନ. (ଆ-ବହ-ଅନ) ଉତ୍ପାଦନ ବହନ ।

**ଆବହମାନ**, ବିଂ. (ଆ-ବହ-ମାନ) ଚଳୟମାନ, [illegible]—ଆବହମାନ କାଳ ।

**ଆବାପ**, ବି. ପୁଂ. ( ଆ-ବପ୍-ଅ ) ମନ୍ଦା, ଗଛ ମୂଳରେ ପାଣି ରହିବା ସ୍ଥାନ, ବଳୟାଦି ଭୂଷଣ, ଶତ୍ରୁଚିନ୍ତ୍ୟଚିନ୍ତା, ରାଜ୍ୟରକ୍ଷା, ଶସ୍ୟାଦି ବପନ, ଉନ୍ନତାବନତ ଭୂମି, ମିଶ୍ରଣ, ଅନ୍ୟୂନ, ପାତ୍ରବିଶେଷ, ଥଳୀ ।

**ଆବାଳ**, ବି. ନ. (ଆ-ବଲ୍-ଅ) ମନ୍ଦା, ଆଳବାଳ, (ଆ = ଅବଧି-ବାଳ) ବାଳକକାଳ ପର୍ଯ୍ୟନ୍ତ ।

**ଆବାଳବୃଦ୍ଧବନିତା**, ଅଂ. ବାଳକ, ବୃଦ୍ଧ ଏବଂ ସ୍ତ୍ରୀଲୋକ ପର୍ଯ୍ୟନ୍ତ ।

**ଆବାସ**, ବି. ପୁଂ. ( ଆ-ବସ୍-ଅ ) ଗୃହ, ଭବନ, ବାସସ୍ଥାନ ।

**ଆବାହନ**, ବି.ନ. (ଆ-ବହ-ଣିଚ୍-ଅନ) ନିମନ୍ତ୍ରଣ, ଆହ୍ୱାନ, ମନ୍ତ୍ରାଦି ଉଚ୍ଚାରଣପୂର୍ବକ ହସ୍ତର ପ୍ରକ୍ରିୟାବିଶେଷଦ୍ୱାରା ଦେବତାଦିର ଆମନ୍ତ୍ରଣ ।

**ଆବିକ**, ବି. ପୁଂ. ( ଅବି-କ ) କମ୍ବଳ, ମେଷଲୋମଜ ବସ୍ତ୍ର ।

**ଆବିଦ୍ଧ**, ବିଂ. ( ଆ-ବ୍ୟଧ୍-ତ ) ବକ୍ର, କୁଟିଳ, ନିକ୍ଷିପ୍ତ, ପ୍ରେରିତ, ଭଗ୍ନ, ମୂର୍ଖ, ନିରସ୍ତ ।

**ଆବିର୍ଭାବ**, ବି. (ଆବିସ୍-ଭୂ-ଅ) ପ୍ରକାଶ, ଉଦୟ ।

**ଆବିର୍ଭୂତ**, ବିଂ. ( ଆବିସ୍-ଭୂ-ତ ) ଅବତୀର୍ଣ୍ଣ, ପ୍ରକାଶିତ, ଉଦିତ, ଉଦ୍ଭୂତ ।

**ଆବିଳ**, ବିଂ. (ଆ-ବିଲ୍-ଅ) କଳୁଷିତ, ଗୋଳିଆ, ସନ୍ଦିଗ୍ଧ, ଆକୁଳ ।

**ଆବିଷ୍କାର**. ବି. ପୁଂ. (ଆବିସ୍-କୃ-ଅ) ଅନୁସନ୍ଧାନଦ୍ୱାରା ପ୍ରକାଶକରଣ, ନବପ୍ରକାଶ ।

**ଆବିଷ୍କ୍ରିୟା**, ବି. ସ୍ତ୍ରୀ. ( ଆବିସ୍-କୃ-ଯ-ଆ ) ଅନୁସନ୍ଧାନଦ୍ୱାରା ପ୍ରକାଶ ।

**ଆବିଷ୍କୃତ**, ବିଂ. (ଆବିସ୍-କୃ-ତ) ପ୍ରକଟିତ, ନବପ୍ରକାଶିତ ।

**ଆବିଷ୍ଟ**, ବିଂ. (ଆ-ବିଶ୍ ତ) ନିବିଷ୍ଟ, ଭୂତାଦିଗ୍ରସ୍ତ, ଅତିଶୟ ମନୋଯୋଗୀ ।

**ଆବୁ**, ବି. (ଦେଶଜ) ଅଧିମାଂସ, ରୋଗବିଶେଷ ।

**ଆବୁଡ଼ା ପଡ଼ିବା**, କ୍ରି. ( ଦେଶଜ ) ଆଗଭର ହେବା ।

**ଆବୁରୁଆବୁରୁ**, ବି. ( ଦେଶଜ ) ମୋର ବୋଲି କହି ଗ୍ରହଣ କରିବା ।

**ଆବୃତ**, ବିଂ. (ଆ-ବୃ-ତ) ଆଚ୍ଛାଦିତ, ବେଷ୍ଟିତ, ବ୍ୟାପ୍ତ ।

**ଆବୃତ୍ତ**, ବିଂ. (ଆ-ବୃତ-ତ) ପୁନଃପୁନଃ ଅଭ୍ୟସ୍ତ, ଆଗତ, ଗୁଣିତ, ନିବୃତ୍ତ, ପୁନରାଗତ ।

**ଆବୃତ୍ତି**, ବି. ସ୍ତ୍ରୀ (ଆ-ବୃତ-ତି) ପଠନ, ବ୍ୟାଖ୍ୟା ନ କରି ପଢ଼ିବା, ଅଭ୍ୟାସ, ଗୁଣନ, ଆଗମନ, ପୁନଃପୁନଃ ଜନ୍ମଗ୍ରହଣ ।

**ଆବେଗ**, ବି. ପୁଂ. ( ଆ-ବିଜ୍-ଅ ) ଚଞ୍ଚଳତା, ତ୍ୱରାସମ୍ଭ୍ରମ ।

**ଆବେଦକ**, ବିଂ. ( ଆ-ବେଦ-ଅକ ) ନିବେଦକ, ପ୍ରାର୍ଥନାକାରୀ ।

**ଆବେଦନ**, ବି. ନ. (ଆ-ବେଦ-ଅନ) ପ୍ରାର୍ଥନା, ନିବେଦନ, ବିଜ୍ଞାପନ ।

**ଆବେଶ**, ବି. ପୁଂ. ( ଆ-ବିଶ୍-ଅ ) ଅଧିଷ୍ଠାନ, ପ୍ରବେଶ, ଗର୍ବ, ମନୋଯୋଗ, ଆସକ୍ତି କରିବା, ଅଭିନିବେଶ, ସଞ୍ଚାର, ଅପସ୍ମାର ରୋଗ । (ଅଭିନିବେଶ ଅର୍ଥରେ) ଯଥା—

ଆବେଶେ ଲେହିନ୍ତି ଓଷ୍ଠ ସେ ନାମ ସ୍ୱାଦରେ । ବି. ଚି. ମ.

**ଆବେଶନ**, ବି. ନ. (ଆ-ବିଶ୍-ଅନ) ଶିଳ୍ପଶାଳା, ପ୍ରବେଶ, ସୂର୍ଯ୍ୟାଦିର ପରିଧି, ଭୂତାବେଶ, ସୈନ୍ୟ, ଗୃହଉଣି ।

**ଆବେଷ୍ଟକ**, ବି. ପୁଂ. ( ଆ-ବେଷ୍ଟ୍-ଅକ ) ପ୍ରାଚୀର, ବାଡ଼ ପ୍ରଭୃତି ।

**ଆଶ**, ବି. ପୁଂ. (ଅଶ୍-ଅ) ଭୋଜନ, ଯେପରି ପ୍ରାତରାଶ, ଯେ ଭୋଜନ କରେ । (ଏହି ଶବ୍ଦଟି ପ୍ରାୟ ଅନ୍ୟ ଶବ୍ଦ ସହିତ ପ୍ରଯୁକ୍ତ ହୁଏ) ଯଥା— ହୁତାଶ । (ଆଶା-ଶବ୍ଦଜ) ଇଚ୍ଛା, ବାଞ୍ଛା, (ପଦ୍ୟରେ କେବଳ ଏହି ଅର୍ଥରେ ବ୍ୟବହୃତ ହୁଏ) ଯଥା—

ଆଶ ବଶେ ବଳେ ବାହାରଇ ଯଥାସ୍ୱର । ବି. ଚି. ମ.

**ଆଶଂସା**, ବି. ସ୍ତ୍ରୀ. ( ଆ-ଶନ୍ସ-ଆ ) ପ୍ରତ୍ୟାଶା, ଇଚ୍ଛା, ଅଭିଳାଷ, ସମ୍ଭାବନା ।

**ଆଶକ୍ତ** ବିଂ, (ଆ-ଶକ୍-ତ) ଶକ୍ତିବିଶିଷ୍ଟ, ସମର୍ଥ ।

**ଆଶକ୍ତି**, ବିଂ. ପୁଂ. ( ଆ-ଶକ୍-ତି ) ସାମର୍ଥ୍ୟ, ଯୋଗ୍ୟତା ।

**ଆଶଙ୍କା**, ବି. ସ୍ତ୍ରୀ.(ଆ-ଶଙ୍କ୍-ଅ-ଆ) ସନ୍ଦେହଯୁକ୍ତ, ଭୟ, ସଂଶୟ ।

**ଆଶଙ୍କିତ**, ବିଂ. ପୁଂ. ଆ-ଶଂକ୍-ତ) ଭୀତ, ତ୍ରସ୍ତ, ସନ୍ଦିଗ୍ଧ ।

**ଆଶୟ**, ବି. ପୁଂ. (ଆ-ଶୀ-ଅ) ଅଭିପ୍ରାୟ, ଆଶ୍ରୟ, ଆଧାର, ମନଃ, ଅଦୃଷ୍ଟ, ଐଶ୍ୱର୍ଯ୍ୟ, ଇଚ୍ଛା, ପଣସଗଛ, ପଣସ, ଅଜୀର୍ଣ୍ଣ, ସ୍ଥାନ ।

**ଆଶର**, ବି. ପୁଂ. ( ଆ-ଶୃ-ଅ ) ଅଗ୍ନି । ସ୍ତ୍ରୀ. ରାକ୍ଷସ, ରାକ୍ଷସୀ ।

**ଆଶା**, ବି. ସ୍ତ୍ରୀ, ( ଆ-ଅଶ୍-ଅ-ଆ ) ଭରସା, ଆକାଙ୍କ୍ଷା, ଅନଧିଗତ ବିଷୟରେ ତୃଷ୍ଣା, ଦକ୍ଷ ପ୍ରଜାପତିଙ୍କର କନ୍ୟା, ଦିକ୍, ଦିଗ । ଯଥା—

ପର୍ଣ୍ଣମାଶା ହେଲି କୁଙ୍କୁମେ ଛୁରିତ । ନ. କେ,

**ଆଶାବନ୍ଧ**, ବି. ପୁଂ. ( ଆଶା-ବନ୍ଧ = ବନ୍ଧନଅ ) ଆଶ୍ୱାସ, ପ୍ରତ୍ୟାଶା, ମାକଡ଼ସାର ଜାଲ ।

**ଆଶାବରୀ**. ବି. ବୃତ୍ତବିଶେଷ, ପ୍ରତ୍ୟେକ ପାଦ ଚତୁର୍ଦ୍ଦଶ ଅକ୍ଷରବିଶିଷ୍ଟ, ଦୁଇ ପାଦରେ ଏକ ପଦ ହୁଏ । ୩ୟ, ୬ଷ୍ଠ, ୮ମ ଓ ଶେଷାକ୍ଷରରେ ଯତିପାତ ହୁଏ ।

**ଆଶାୟୀ**, ବିଂ. ( ଆଶା-ଇ-ଇନ୍ ) ଆଶାବାନ୍, ଆଶାଯୁକ୍ତ, ଯେ ଆଶା କରେ । ଯଥା—

ଉଚ୍ଚ ତରୁ ଫଳେ ଶର୍ବ ଆଶାୟୀ ପରି,
ଲାବଣ୍ୟବତୀ ନାମକୁ ମଣ୍ଡନ କରି । ଲା, ବ,

**ଆଶାବନ୍ଧ**, ବି. ପୁଂ. (ଆଶା-ଆ-ବନ୍ଧ-ଅ) ଧୈର୍ଯ୍ୟ ।

**ଆଶିତ**, ବିଂ. (ଆ-ଅଶ୍-ତ) ଅଶିତ, ଭୁକ୍ତ ।

**ଆଶୀଃ** ବି. ସ୍ତ୍ରୀ. (ଆଶିସ, ଆ-ଶାସ୍-୦) ମଙ୍ଗଳବାଞ୍ଛା ।

**ଆଶୀ**, ବି. ସ୍ତ୍ରୀ. ( ଆ-ଅଶ୍-ଅ-ଇ ) ସର୍ପାଦିର ବିଷଦନ୍ତ ।

**ଆଶୀର୍ବାଦ**, ବି. ପୁଂ. ( ଆଶିସ୍-ବଦ-ଅ ) ଶୁଭ ଇଚ୍ଛାସୂଚକ ବାକ୍ୟ, କଲ୍ୟାଣ ।

**ଅଶୀବଷ,** ବି. ପୁଂ. (ଅଶୀ-ବିଷ) ସର୍ପ ।

**ଅଶୁ,** କ୍ରି. ବିଂ. ( ଅଶ୍-ଉ ) ଶୀଘ୍ର, ଚଞ୍ଚଳ, ସତ୍ୱର, ବେଗ । ବି. ପୁଂ. ବିଅଳ ଧାନ ।

**ଅଶୁଗ,** ବି. ପୁଂ ( ଅଶୁ-ଗମ୍-ଅ ) ଶର, ବାଣ । ଯଥା—

ରେଚକବ୍ରତକୁ ଯେ ଦେଖି ପୂର୍ବପୁରେ
ଚଣେ ଶୁଅଇଲେ ସୁଗନ୍ଧ ଅଶୁଗେ । ନ. କେ.

ବିଂ. ଶୀଘ୍ରଗାମୀ ।

**ଅଶୁଗତି,** ବି. ପୁଂ. (ଅଶୁ-ଗତି) ବାୟୁ । ବିଂ. ଶୀଘ୍ରଗାମୀ । ଯଥା—

ଅନୁଚର ତବ ଅଶୁଗତି-ପୁତ୍ର ହନୁ ଅଶୁଗତିଗତି ।

**ଅଶୁତୋଷ,** ବି. ପୁଂ. (ଅଶୁ-ତୋଷ) ମହାଦେବ ।

**ଅଶୁଶୁକ୍ଷଣି,** ବି. ପୁଂ. (ଅଶୁ-ଶୁଷ୍ = ଶୁଷ୍କ କରିବା-ଅନି) ଅଗ୍ନି, ବାୟୁ ।

**ଅଶ୍ଚର୍ଯ୍ୟ,** ବି ନ. (ଅ-ଚର-ଯ) ବିସ୍ମୟ, ଚମତ୍କାର । ବିଂ. ଅଦ୍ଭୁତ, ଅପୂର୍ବ, ବିସ୍ମୟଜନକ ।

**ଅଶ୍ଚର୍ଯ୍ୟାନ୍ୱିତ,** ବିଂ. ( ଅଶ୍ଚର୍ଯ୍ୟ-ଅନୁ-ଇ-ତ ) ଅଶ୍ଚର୍ଯ୍ୟଯୁକ୍ତ, ବିସ୍ମିତ ।

**ଅଶ୍ରମ,** ବି. ପୁଂ. ( ଅ-ଶ୍ରମ-ଅ ) ମୁନିମାନଙ୍କର ବାସସ୍ଥାନ, ଚତୁର୍ବିଧ ଅବସ୍ଥା । ଯଥା— ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ଭୈକ୍ଷ୍ୟ ଏହି ଚତୁର୍ବିଧ ଅବସ୍ଥା, ବେଦାଦି ଅଧ୍ୟୟନ ସ୍ଥାନ, ବନ, ମଠ ।

**ଅଶ୍ରମିକ,** } **ଅଶ୍ରମୀ,** } ବିଂ. (ଅଶ୍ରମ-ଇକ, ଇନ୍) ତପୋ-ବନବାସୀ, ଅଶ୍ରମସ୍ଥ, ଅଶ୍ରମ-ବିଶିଷ୍ଟ, ଧାର୍ମିକ ।

**ଅଶ୍ରୟ,** ବି. ପୁଂ. (ଅ-ଶ୍ରି-ଅ) ଗୃହ, ଅବଲମ୍ବନ, ସନ୍ଧି, ବିଗ୍ରହାଦି ଷଡ଼ଗୁଣର ଅନ୍ୟତମ ଗୁଣ, ସାମୀପ୍ୟ, ରକ୍ଷାସ୍ଥାନ, କାରଣ, ବିଷୟ, ପ୍ରତାରଣା, ସ୍ଥିତି, ଅଧାର, ସାହାଯ୍ୟ, ଅନୁସରଣ ।

**ଅଶ୍ରୟାଶ,** ବିଂ. ପୁଂ. (ଅଶ୍ରୟ-ଅଶ-ଅ) ଅଗ୍ନି, ଚିତାମୂଳଗଛ ।

**ଅଶ୍ରବ,** ବି. ପୁଂ. (ଅ-ଶ୍ରୁ-ଅ) ପ୍ରତିଜ୍ଞା, ଅଙ୍ଗୀକାର, କ୍ଲେଶ । ବିଂ. କଥାର ବାଧ୍ୟ, ବଶ୍ୟ ।

**ଅଶ୍ରା,** ବି (ଅଶ୍ରୟ ଶବ୍ଦଜ) ଅଶ୍ରୟ, ଅବଲମ୍ବନ ।

**ଅଶ୍ରିତ,** ବିଂ. (ଅ-ଶ୍ରି-ତ) ଶରଣାଗତ, ସେବକ, ଅଧୀନ, ସ୍ଥିତ ।

**ଅଶ୍ଳିଷ୍ଟ,** ବିଂ. (ଅ-ଶ୍ଳିଷ୍-ତ) ଆଲିଙ୍ଗିତ, ବ୍ୟାପ୍ତ, ସଂଯୁକ୍ତ, ଶ୍ଳେଷୋକ୍ତି ବିଶିଷ୍ଟ ।

**ଅଶ୍ଳେଷ,** ବି. ପୁଂ. (ଅ-ଶ୍ଳିଷ୍-ଅ) ଆଲିଙ୍ଗନ, ଏକଦେଶ ସମ୍ବନ୍ଧ, ମିଳନ । ଯଥା—

ଅଶ୍ଳେଷ ଧ୍ୱନି ଶ୍ଳେଷ ଛଳ ବିରୋଧ ରୂପକ ଉତ୍ପ୍ରେକ୍ଷା,
ପୂରକନାଥ ଦୃତଗିର ଶୁଣି ଅଧିକ ସୁସ୍ନେହ ।
କୋ. ବ୍ର.

**ଅଶ୍ୱସ୍ତ,** ବିଂ. ଅ-ଶ୍ୱସ୍-ତ) ଅଶ୍ୱାସପ୍ରାପ୍ତ ।

**ଅଶ୍ୱାସ,** ବି. ପୁଂ. ( ଅ-ଶ୍ୱସ୍-ଅ ) ଅଶାଦାନ, ଅନୁନୟ, ପ୍ରବୋଧନ, ଉତ୍ସାହଦାନ, ସ୍ନେହପ୍ରଦର୍ଶନ, ଅଖ୍ୟାୟିକାର ପରିଚ୍ଛେଦ, ନିଶ୍ୱାସ, ବିଶ୍ରାମ ।

**ଅଶ୍ୱାସନା,** ବି. (ଅ ଶ୍ୱସ୍-ଅନ-ଆ) ସାନ୍ତ୍ୱନାଦାନ, ପ୍ରବୋଧ ଦାନ ।

**ଅଶ୍ୱାସିତ,** ବିଂ. ( ଅ-ଶ୍ୱାସିତ ) ଅଶ୍ୱାସପ୍ରାପ୍ତ, ପ୍ରବୋଧିତ, ଅଶ୍ୱସ୍ତ ।

**ଅଶ୍ୱିନ,** ବି. ପୁଂ. ( ଅଶ୍ୱିନୀ-ଅ ) ମାସବିଶେଷ, ଯେଉଁ ମାସର ପୂର୍ଣ୍ଣିମାରେ ଅଶ୍ୱିନୀ ନକ୍ଷତ୍ର ହୁଏ । ନୀ, ସ୍ତ୍ରୀ. ଏହି ମାସର ପୂର୍ଣ୍ଣିମା ।

**ଅଶ୍ୱିନେୟ,** ବି. ପୁଂ. ( ଅଶ୍ୱିନୀ-ଏୟ ) ଅଶ୍ୱିନୀ-କୁମାର, ସ୍ୱର୍ଗବୈଦ୍ୟ ।

**ଅଷାଢ଼,** ବି. ପୁଂ. ଅଷାଢ଼ା-ଅ) ଅଷାଢ଼ା ନକ୍ଷତ୍ର-ଯୁକ୍ତ ପୂର୍ଣ୍ଣିମା ଯେଉଁ ମାସରେ ହୁଏ, ବ୍ରହ୍ମଚାରୀ ଧାର୍ଯ୍ୟ ପଳାଶଦଣ୍ଡ, ମଳୟପର୍ବତ ।

**ଅଷାଢ଼ଶୁକ୍ଳ,** ବି ବ୍ରତବିଶେଷ ।

**ଅଁସ,** ବି, (ଦେଶଜ) ଦାଢ଼, ଧାର ।

**ଆସ,** ବି. ପୁଂ. (ଅସ-ଅ) ଧନୁକ, ଆସନ, ସ୍ଥିତି ।

**ଅସକ୍ତ,** ବିଂ. (ଆ-ସନ୍ଜ୍-ତ) ପ୍ରୀତ, ଅନୁରକ୍ତ, ଯତ୍ନବାନ୍, ଲଗ୍ନ । ଅଂ. ନିତ୍ୟ, ସତତ ।

ଆସକ୍ତି, ବି. ସ୍ତ୍ରୀ. (ଆ-ସନ୍ଜ୍-ତି) ଅନୁରାଗ, ଅତିଶୟ ମନୋଯୋଗ, ସଙ୍ଗ, ସହବାସ, ଭୋଗାଭିଲାଷ ।

ଆସଙ୍ଗ, ବି. ପୁଂ. (ଆ-ସନ୍ଜ୍-ଅ) ଭୋଗ ବାସନା, ଅନୁରାଗ, ଅଭିନିବେଶ, ସଂସର୍ଗ ।

ଆସଙ୍ଗଲିପ୍ସା (Adhesiveness), ବି. ସ୍ତ୍ରୀ. (ଆସଙ୍ଗ-ଲଭ୍-ସନ୍-ଆ) ସଙ୍ଗାଭିଳାଷ, ଏକତ୍ର ରହିବା ଇଚ୍ଛା ।

ଆସତ୍ତି, ବି. ସ୍ତ୍ରୀ. (ଆ-ସଦ୍-ତି) ମିଳନ, ସନ୍ନିଧି, ଲାଭ ।

ଆସନ, ବି. ନ. (ଆସ୍-ଅନ) ବସିବା ସ୍ଥାନ, ପୀଠାଦି, କମ୍ବଳାଦି, ଉପବେଶନ, ସନ୍ଧ୍ୟାଦି ଷଡ଼୍‌ଗୁଣ ମଧ୍ୟରୁ ଶତ୍ରୁଦୁର୍ଗ ଅବରୋଧ କରି ବସିବାରୂପ ଚତୁର୍ଥ ଗୁଣ, ହସ୍ତିର ସ୍କନ୍ଧଦେଶ, ଜୀରାଗଛ ।

ଆସନ୍ତା, ବିଂ. (ଆଗମନ ଶବ୍ଦଜ) ଆଗମନଶୀଳ, ଆଗାମୀ, ଭାବୀ, ଆସୁଥିବା ।

ଆସନ୍ନ, ବିଂ. (ଆ-ସଦ୍-ତ) ଉପସ୍ଥିତ, ନିକଟବର୍ତ୍ତୀ, ସମୀପସ୍ଥ ।

ଆସନ୍ନକାଳ, ବି. ପୁଂ. (ଆସନ୍ନ-କାଳ) ମରଣ ସମୟ, ବିପତ୍କାଳ ।

ଆସପାଶ, ବି, (ଦେଶଜ) ସମୀପ ।

ଆସମାନ, (ଯାବନିକ) ଶୂନ୍ୟ, ଆକାଶ ।

ଆସମୁଦ୍ର, କ୍ରି ବିଂ. (ଆ-ସମୁଦ୍ର) ସମୁଦ୍ର-ପର୍ଯ୍ୟନ୍ତ ।

ଆସର, ବି. ପୁଂ. (ଆ-ସୃ-ଅ) ରାକ୍ଷସ । (ଯାବନିକ) ସଭା, ମଜଲିସ ।

ଆସବ, ବି. ନ. (ଆ-ସୁ-ଅ) ମଦ୍ୟ, ମଧୁ ।

ଆସାଦନ, ବି. ନ. (ଆ-ସଦ୍-ଅନ) ଲାଭ, ପ୍ରାପ୍ତି, ସ୍ଥାପନ, ସନ୍ନିଧାପନ, ମର୍ଦ୍ଦନ ।

ଆସାଦିତ, ବିଂ. (ଆ-ସାଦି-ତ) ପ୍ରାପ୍ତ, ଲବ୍ଧ, ସନ୍ନିଧାପିତ, ଅଦ୍ୟୋଜିତ, ସମ୍ପାଦିତ ।

ଆସାମୀ, ବି. (ଯାବନିକ) ପ୍ରତିବାଦୀ ।

ଆସାର, ବି. ପୁଂ. (ଆ-ସୃ-ଅ) ବୃଷ୍ଟିପାତ, ଅସର, ଜଳଧାରାପାତ, ଶତ୍ରୁଙ୍କୁ ବେଷ୍ଟନ, ସୁହୃଦ୍, ସୈନ୍ୟ, ପ୍ରବେଶ, ଜଳକଣା ।

ଆସିବା, କ୍ରି. ବିଂ. (ଆଗମନ ଶବ୍ଦଜ) ଆଗମନଶୀଳ, ଆସନ୍ତା । ବି. ଆଗମନ କରିବା, ଉପସ୍ଥିତ ହେବା, ଅନୁମିତ ହେବା । ଯଥା—

କିବା ମନକୁ ଏମନ୍ତ ଆସଇ ।

ଆସୀନ, ବିଂ. (ଆସ୍-ଆନ) ଉପବିଷ୍ଟ, ସ୍ଥିତ, ଅନୁଦ୍ୟୋଗୀ ।

ଆସୁର, ଆସୁରିକ } ବି. (ଅସୁର-ଅ,ଇକ) ଅସୁର-ସମ୍ବନ୍ଧୀୟ, ଅପବିତ୍ର, ନିନ୍ଦିତ, ଭୟଙ୍କର, ଅଶୁଭଙ୍କର । ବି. ବିବାହବିଶେଷ ।

ଆସୁରୀ, ବି. ସ୍ତ୍ରୀ. (ଅସୁର-ଅ ଈ) ରାଇସୋରିଷ, ଚିକିତ୍ସା ବିଶେଷ ( Surgery ) । ବି. ନ. ବିଟ ଲବଣ ।

ଆସେଧ, ବି. ପୁଂ. (ଆ-ସିଧ୍ ଅ) ବିଧି ଓ ବିଚାରକର୍ତ୍ତାର ଆଦେଶାନୁସାରେ ଅପରାଧୀର ଅବରୋଧ ।

ଆସ୍କନ୍ଦିତ, ବି. ନ. (ଆ-ସ୍କନ୍ଦ୍-ତ) ଅଶ୍ୱଗତି ବିଶେଷ, ପ୍ଲୁତଗତି । ଯଥା—

ମହାକବିଦ୍ଭୁଷ୍ୟ-ପୃଷ୍ଠେ ଆସେ ଆସ୍କନ୍ଦିତେ । ମ. ଯା,

ଆସ୍ତର, ପୁଂ. ଆସ୍ତରଣ, ନ. } ବି. ( ଆ-ସ୍ତୃ-ଅ, ଅନ ) ଶଯ୍ୟା, ଶଯ୍ୟାର ଚଦର, ହାତୀ ବା ଘୋଡ଼ାର ପିଠି ଉପରସ୍ଥ କମ୍ବଳାଦି । ଯଥା—

ଜୀର ଆସ୍ତରଣ ଭୃଗୁପୃଷ୍ଠେ ଯାଇ
ହୀରକଲୁ ହେବ ସହସ୍ର ଧିକ୍କାର । ନ. କେ.

ଆସ୍ତିକ, ବିଂ. (ଅସ୍ତି-ଇକ) ଈଶ୍ୱରବାଦୀ, ଈଶ୍ୱର ଓ ପରଲୋକରେ ଯାହାର ବିଶ୍ୱାସ ଅଛି ।

ଆସ୍ତିକ୍ୟ, ଆସ୍ତିକତା } ବି. ନ. ( ଆସ୍ତିକ-ଯ, ତା ) ଈଶ୍ୱର ଓ ପରଲୋକରେ ବିଶ୍ୱାସ, ଈଶ୍ୱରବାଦ ।

ଆସ୍ତୀକ, ବି. ପୁଂ. ( ଅସ୍ତି-ଇକ ) ମୁନିବିଶେଷ, ଜରତ୍କାରୁଙ୍କ ପୁତ୍ର, ଜରତ୍କାରୁ ସ୍ୱାମୀ ନାଗକୁଳରେ

ପୁତ୍ର ପ୍ରାର୍ଥନା କରନ୍ତେ ତାହାଙ୍କ ସ୍ୱାମୀ "ଅସ୍ତି" ଅର୍ଥାତ୍ ଅମ୍ଭ ଔରସରେ ତୁମ୍ଭର ଗର୍ଭସଞ୍ଚାର ହୋଇଅଛି କହି ପ୍ରସ୍ଥାନ କଲେ । ଏହି ହେତୁରୁ ଜରତ୍କାରୁର ପୁତ୍ରର ନାମ ଆସ୍ତୀକ ହେଲା ) ।

ଅସ୍ତୀର୍ଣ୍ଣ, ବିଂ. ( ଆ-ସ୍ତୃ-ତ ) ବିସ୍ତୀର୍ଣ୍ଣ, ପତିତ, ପୀଡିତ, ଆକୀର୍ଣ୍ଣ, ବ୍ୟାପ୍ତ, ଆଚ୍ଛାଦିତ ।

ଅସ୍ତୃତ, ବିଂ. (ଆ-ସ୍ତୃ-ତ) ବିସ୍ତୃତ, ଉତ୍ପତ୍ତି ।

ଆସ୍ଥା, ବି. ସ୍ତ୍ରୀ. (ଆ-ସ୍ଥା-ଅ) ଅବଲମ୍ବନ, ଆଶ୍ରୟ, ଶ୍ରଦ୍ଧା, ଯତ୍ନ, ଆଦର, ପ୍ରତିଷ୍ଠା, ସଭା, ସ୍ଥାନ, ସ୍ଥିତି ।

ଆସ୍ଥାନ, ବି. ନ. ( ଆ-ସ୍ଥା-ଅନ ) ସଭା, ଯତ୍ନ, ପ୍ରଯତ୍ନ, ଅବଲମ୍ବନ, ବିଶ୍ରାମ ସ୍ଥାନ, ଆରୋହଣ, ପ୍ରତିମା ପ୍ରଭୃତି ବସିବାର ସ୍ଥାନ ।

ଆସ୍ପଦ, ବି. ନ. (ଆ-ପଦ୍-ଅ) ସ୍ଥାନ, ପ୍ରତିଷ୍ଠା, କାର୍ଯ୍ୟ, ପଦ, ପ୍ରଭୁତ୍ୱ, ମର୍ଯ୍ୟାଦା, ଆଧାର । ଯଥା—ଶ୍ରଦ୍ଧାସ୍ପଦ, ସ୍ନେହାସ୍ପଦ ।

ଆସ୍ଫର୍ଦ୍ଧା, ବି. ସ୍ତ୍ରୀ. ( ଆ-ସ୍ପର୍ଦ୍ଧ-ଅ ) ଆସ୍ଫାଳନ, ମାତ୍ସର୍ଯ୍ୟ ପ୍ରକାଶ, ପ୍ରତିପକ୍ଷ ନିକଟରେ ସାହଂକାର ବଚନପ୍ରୟୋଗ ।

ଆସ୍ଫାଳନ, ବି. ନ. ( ଆ-ସ୍ଫାଳ-ଅନ ) ତାଡ଼ନ, ଗର୍ବ ପ୍ରକାଶ, ସଂଘର୍ଷଣ, ସଞ୍ଚାଳନ ।

ଆସ୍ଫାଳିତ, ବିଂ, ( ଆ-ସ୍ଫାଳ-ତ ) ଚାଳିତ, ସଞ୍ଚାଳିତ, ତାଡ଼ିତ ।

ଆସ୍ଫୋଟ, ବି. ପୁଂ. ( ଆ-ସ୍ଫୁଟ୍-ଅ ) ଆଘାତ, ଭୂମି-ଙ୍କର ବାହୁ ଶବ୍ଦ । ଅ. ସ୍ତ୍ରୀ, ବନମଲ୍ଲୀ ।

ଆସ୍ଫୋତ, ବି. ପୁଂ. ଅର୍କବୃକ୍ଷ, କୋବିଦାର ବୃକ୍ଷ, ଭୂପଲାଶବୃକ୍ଷ ।

ଆସ୍ଫୋତା, ବି. ସ୍ତ୍ରୀ. ଅପରାଜିତା, ବନମଲ୍ଲିକା, ବନକାର୍ପାସ ।

ଆସ୍ୟ, ବି. ନ. ( ଅସ୍-ଯ ) ମୁଖ, ଆନନ । ଯଥା—

[illegible] ସ୍ମିତେ ହାସ୍ୟ ଯେତ କହାଉଛେ । ମ. ଯା.

[illegible], ବି. ପୁଂ. [illegible], ମୂଳାନକ୍ଷତ୍ର ।

ଆସ୍ରବ, ବି. ପୁଂ. ( ଆ-ସ୍ରୁ-ଅ ) କ୍ଷରଣ, କ୍ଲେଶ, କଷ୍ଟ ।

ଆସ୍ୱାଦ, ବି. ପୁଂ. ( ଆ-ସ୍ୱଦ୍-ଅ ) ମଧୁରାଦି ରସ, ରସାନୁଭବ, ସ୍ୱାଦଗ୍ରହଣ, ଚାଖିବା ।

ଆସ୍ୱାଦନ, ବି.ନ. (ଆ-ସ୍ୱଦ୍-ଣିଚ୍-ଅନ) ରସଗ୍ରହଣ, ରସାନୁଭୂତି, ଚାଖିବା ।

ଆହତ, ବିଂ. ପୁଂ. ( ଆ-ହନ୍-ତ ) ଆଘାତପ୍ରାପ୍ତ, ଜନିତ, ତାଡିତ, ଘୃଣିତ, ଦଗ୍ଧ ।

ଆହରଣ, ବି. ନ. ( ଆ-ହୃ-ଅନ ) ସଂଗ୍ରହ, ଆୟୋଜନ, ଦ୍ରବ୍ୟାଦି ଆନୟନ, ଉଦ୍ଧାର, ଅନୁଷ୍ଠାନ ।

ଆହବ, ବି. ପୁଂ, (ଆ-ହ୍ୱେ-ଅ) ଯଜ୍ଞ, ଯୁଦ୍ଧକ୍ଷେତ୍ର, ଯୁଦ୍ଧ ।

ଆହା, ଅଂ. ଖେଦସୂଚକ ଅବ୍ୟୟ ।

ଆହାର, ବି. ପୁଂ. (ଆ-ହୃ-ଅ) ଭୋଜନ, ଭକ୍ଷ୍ୟ ବସ୍ତୁ ।

ଆହାର୍ଯ୍ୟ ବିଂ. ( ଆ-ହୃ-ଯ ) ନୈମିତ୍ତିକ, ଅସ୍ୱାଭାବିକ, କୃତ୍ରିମ, ଆରୋପିତ, ଆହାରଣୀୟ, ଭକ୍ଷ୍ୟ, ଭୋଜ୍ୟ ।

ଆହାବ. ବି. ପୁଂ. ( ଆ-ହ୍ୱେ-ଅ ) ଯୁଦ୍ଧ, କୂପ ନିକଟସ୍ଥ କୁଣ୍ଡ, ଅଗ୍ନି ।

ଆହିତ, ବିଂ. (ଆ-ଧା ତ) ନ୍ୟସ୍ତ, ସ୍ଥାପିତ ।

ଆହିତାଗ୍ନି, ବି.ପୁଂ. (ଆହିତ-ଅଗ୍ନି) ଅଗ୍ନିହୋତ୍ରୀ, ସାଗ୍ନିକ ।

ଆହୁତି, ବି. ସ୍ତ୍ରୀ. (ଆ-ହୁ-ତି) ହୋମ, ମନ୍ତ୍ରାଦି ପାଠଦ୍ୱାରା ଅଗ୍ନିରେ ଘୃତାଦି ନିକ୍ଷେପ ।

ଆହୁରି, ଅଂ. (ଦେଶଜ) ଆଉ, ପୁଣି ।

ଆହୂତ, ବିଂ.( ଆ-ହ୍ୱେ-ତ ) ଆମନ୍ତ୍ରିତ, ଯାହାଙ୍କୁ ଆହ୍ୱାନ କରାଯାଇଅଛି ।

ଆହୁଲା, ବି. ନ. ( ଦେଶଜ ) ନୌକା ଚାଳନାର ଯନ୍ତ୍ରବିଶେଷ, କ୍ଷେପଣୀ ।

ଆହେ,ଅଂ. (ପ୍ରା. ଅହୋର ଅପଭ୍ରଂଶ) ସମ୍ବୋଧନ-ସୂଚକ ଅବ୍ୟୟ ।

ଆହୃତ, ବିଂ. (ଆ-ହୃ-ତ) ଆୟୋଜିତ, ସଙ୍କଳିତ, ସଞ୍ଚିତ ।

ଆହ୍ନିକ, ବିଂ. ( ଅହନ୍-ଇକ ) ଦୈନିକ । ବି. ସନ୍ଧ୍ୟାବନ୍ଦନାଦି ।

ଆହ୍ନିକଗତି (Diurnal motion),(ଆହ୍ନିକ-ଗତି) ପୃଥିବୀର ଦୈନିକ ଗତି ।

ଆହ୍ଲାଦ, ବି. ପୁଂ. (ଆ-ହ୍ଲାଦ୍-ଅ) ହର୍ଷ, ଆନନ୍ଦ, ଆମୋଦ ।

ଆହ୍ଲାଦିତ, ବିଂ. ( ଆ-ହ୍ଲାଦ୍-ତ ) ଆନନ୍ଦିତ, ହୃଷ୍ଟ ।

ଆହ୍ଲାଦିନୀ, ବି. ସ୍ତ୍ରୀ. ( ଆହ୍ଲାଦ-ଇନ୍-ଈ ) ବିଦ୍ୟୁତ୍ । ବିଂ. ଆମୋଦଯୁକ୍ତା, ହର୍ଷଯୁକ୍ତା ।

ଆହ୍ୱାନ, ବି. ନ. ( ଆ-ହ୍ୱେ-ଅନ ) ସମ୍ବୋଧନ, ଡାକିବା, ନିମନ୍ତ୍ରଣ, ଆବାହନ ।

## ଇ

ଇ, ତୃତୀୟ ସ୍ୱରବର୍ଣ୍ଣ, ଏହାର ଉଚ୍ଚାରଣସ୍ଥାନ ତାଳୁ । ବି. ( ଇ=ଗମନ କରିବା-ଂ ) କାମଦେବ । ଅଂ. ଖେଦ, କୋପ, ଆହ୍ୱାନ, ଅନୁକମ୍ପା, ନିନ୍ଦା, ନିରାକରଣ, ବିସ୍ମୟ ।

ଇଂରାଜ, ବି. ଇଂଲଣ୍ଡ ଦେଶର ଲୋକ ।

ଇଃ,ଅଂ. ଖେଦ, ଘୃଣା ବା ବିରକ୍ତିସୂଚକ ଅବ୍ୟୟ । ବି. ପୁଂ. କାମଦେବ ।

ଇଉରୋପ, ବି. ପୃଥିବୀର ଛଅ ମହାଦେଶ ମଧ୍ୟରୁ ଏକତମ ।

ଇକାର, ବି. ପୁଂ. (ଇ-କାର=ସ୍ୱାର୍ଥେ)ଇ,ଇବର୍ଣ୍ଣ ।

ଇକ୍ଷୁ, ବି. ପୁଂ. (ଇଷ୍-ସୁ) ଅଖୁଗଛ, ଗୁଳ୍ମଜାତୀୟ ବୃକ୍ଷବିଶେଷ, ମଧୁର ରସବିଶିଷ୍ଟ ବୃକ୍ଷବିଶେଷ । ଯଥା—

ସୁଖ ଦୁଃଖ ଜାତ ଉପେକ୍ଷୁ ଚର୍ବିତ
ହେଲେ ଦୁଏ ଯେଉଁ ପର ଗୋ । ବ. ଚ,

ଇକ୍ଷୁକାଣ୍ଡ, ବି. ପୁଂ. (ଇକ୍ଷୁ-କାଣ୍ଡ) ଅଖୁର କାଣ୍ଡ ପରି କାଣ୍ଡ ଯାହାର, ଅଣଖୁଆ,କାଇଞ୍ଚ ତୃଣ ।

ଇକ୍ଷୁଗନ୍ଧା, ବି. ସ୍ତ୍ରୀ. (ଇକ୍ଷୁ-ଗନ୍ଧ ) କାଶତୃଣ ।

ଇକ୍ଷୁଯନ୍ତ୍ର, ବି. ନ (ଇକ୍ଷୁ-ଯନ୍ତ୍ର) ଯେଉଁ ଯନ୍ତ୍ରଦ୍ୱାରା ଅଖୁରୁ ରସ ବାହାର କରାଯାଏ ଅର୍ଥାତ୍ ଅଖୁ ପେଡ଼ିବା ଘଣା ।

ଇକ୍ଷୁରସ, ବି ନ. ( ଇକ୍ଷୁ-ରସ ) ଅଖୁ ରସ । ଯଥା—

ଇକ୍ଷୁରସଜାତ ଦ୍ରବ୍ୟ ପ୍ରାୟ ବେଳୁବେଳ ସେ ମଧୁର ।
ଲ. ବ,

ଇକ୍ଷୁସାର, ବି. ପୁଂ. (ଇକ୍ଷୁ-ସାର) ଗୁଡ଼, କନ୍ଦ ।

ଇକ୍ଷ୍ୱାକୁ, ବି. ପୁଂ. ( ଇକ୍ଷୁ-ଅକ-ଉ ) କହୁଭୁମ୍ପୀ, ପିତାମହ, ସୂର୍ଯ୍ୟବଂଶର ଆଦି ରାଜା,ବୈବସ୍ୱତ ମନୁଙ୍କ ପୁତ୍ର ।

ଇଙ୍କଡ଼ି, ବି.(ଦେଶଜ) ଇକ୍ଷୁଜାତୀୟ ଗୁଳ୍ମବିଶେଷ, ଖଡ଼ିକୁଶ ।

ଇଙ୍ଗିତ, ବି. ନ. (ଇଙ୍ଗ୍=ଗମନ କରିବା-ତ) ସଙ୍କେତ, ଠାର, ଇସାରା । ଯଥା—

ଇଙ୍ଗିତେ ଚତୁର ଗୋର ସେନାପତି
ହେଲେ କାଳ ନେଲେ ର ଙ୍କ ଗତି ମତି । ନ, କେ.

-ତ, ବି. (ଦେଶପ୍ରଚଳିତ) ଥଟ୍ଟା, ପରିହାସ ।

ଇଙ୍ଗୁଦୀ, ବି. ପୁଂ. (ଇଙ୍ଗୁ-ଦା-ଈ) ବୃକ୍ଷବିଶେଷ, ଇଙ୍ଗୁଦୀବୃକ୍ଷର ଫଳ । ଯଥା—

ବେଶକୁ ଇଙ୍ଗୁଦୀ ରୁଦ୍ରାକ୍ଷ,
ବିଭୂତି ଥୋଇ ଦେଲା ଆଣି ତଳେ । ବୈ, ବ,

ଇଙ୍ଗୁଳି, ବି. ନ. ବୃକ୍ଷବିଶେଷ, ଏହାର ଫଳରୁ ତେଲ ଜନ୍ମେ, ପୂର୍ବକାଳରେ ଋଷିମାନେ ଏହି ଫଳର ତେଲ ବ୍ୟବହାର କରୁଥିଲେ ।

ଇଚଡ଼ି, ଇଞ୍ଚଡ଼ି } ବି, (ଦେଶଜ) କଷି ପଣସ ।

ଇଚ୍ଛା, ବି. ସ୍ତ୍ରୀ. (ଇଷ୍-ଅ) ବାଞ୍ଛା, ସ୍ପୃହା, ଉତ୍ସାହ ।

ଇଚ୍ଛାବତୀ, ବି. ସ୍ତ୍ରୀ. (ଇଚ୍ଛା ବତ୍-ଈ) କାମୁକୀ, ଧନାଦିରେ ସ୍ପୃହାବତୀ, ଉତ୍କଳ ଭାଷାରେ ଗଣିତବିଷୟକ ପଦ୍ୟଗ୍ରନ୍ଥବିଶେଷ ।

ଇଚ୍ଛାବସୁ, ବି ପୁଂ. (ଇଚ୍ଛା ବସୁ=ଧନ) କୁବେର ।

ଇଚ୍ଛାମୟ, ବି. ପୁଂ. (ଇଚ୍ଛା-ମୟ) ପରମେଶ୍ୱର ।

ଇଚ୍ଛୁ, ଇଚ୍ଛୁକ } ବିଂ. ( ଇଷ୍-ଉ, କ ) ଇଚ୍ଛାଯୁକ୍ତ, ଉତ୍ସାହୀ ।

ଇଜତ, ଇଜ୍ଜତ } ବି. ( ଯାବନିକ ) ମର୍ଯ୍ୟାଦା, ସମ୍ଭ୍ରମ, ଅପ୍ରକାଶ୍ୟ ସ୍ଥାନ ।

ଇଜାରା, ବି. (ଯାବନିକ) କନ୍ଟ୍ରାକ୍ଟ ଅଦାୟ କରିବାର କ୍ଷମତା, ନିର୍ଦ୍ଦିଷ୍ଟ ସମୟ ପାଇଁ ନିର୍ଦ୍ଦିଷ୍ଟ ଭୂମି-ଖଣ୍ଡର ଶାସନ ଓ କରଗ୍ରହଣାଦି କ୍ଷମତା, ତଦ୍ବିଷୟକ ଚୁକ୍ତି ଇତ୍ୟାଦି ।

ଇଜାରଦାର, ବିଂ. (ଯାବନିକ) ନିର୍ଦ୍ଦିଷ୍ଟ ସମୟ ପାଇଁ ନିର୍ଦ୍ଦିଷ୍ଟ ଭୂମିଖଣ୍ଡର ଶାସନ ଓ କରଗ୍ରହଣ ସମ୍ବନ୍ଧରେ କ୍ଷମତାପ୍ରାପ୍ତ ବ୍ୟକ୍ତି ।

ଇଜା, (ଯାବନିକ) ମିଳାଇବା ନିମନ୍ତେ ଏକ ଫର୍ଦ୍ଦର ଠିକ ଅନ୍ୟ ଫର୍ଦ୍ଦରେ ଲେଖିବାକୁ ହୁଏ, ତାହା ଏହି ଫର୍ଦ୍ଦ ଉପରେ ଟାଣିଲେ ଜେର ଏବଂ ନିମ୍ନରେ ଟାଣିଲେ ଇଜା କହାଯାଏ ।

ଇଜାହାର, ବି. ( ଯବନିକ ) ବିଚାରପତିଙ୍କ ନିକଟରେ କହିବା ବା ପ୍ରକାଶ କରିବା ଜମାନବନ୍ଦି, ଅଭିଯୋଗବର୍ଣ୍ଣନା ।

ଇଜ୍ଜଳ, ବି. ପୁଂ. (ଇତ୍-ଜଳ) ହିଞ୍ଜଳଗଛ, ପାଣି ନିକଟରେ ଏ ଗଛ ଅଧିକ ହୁଏ । ଯଥା——

> ଶାନଙ୍ଗ, ଚନ୍ଦ୍ର ଯହିଁ କେଳିକଳା
> ଇଜ୍ଜଳନିକୁଞ୍ଜେ କହ୍ନ କଲ୍ଲୋଳା । ନି. କେ.

ଇଜ୍ୟ, ବି. ପୁଂ. (ଯଜ୍-ଯ) ସୁରାଚାର୍ଯ୍ୟ, ବୃହସ୍ପତି, ବିଷ୍ଣୁ । ବିଂ. ଗୁରୁ, ପୂଜ୍ୟ ।

ଇଜ୍ୟା, ବି. ସ୍ତ୍ରୀ. ( ଯଜ୍-ଯ-ଆ ) ଯଜ୍ଞ, ପୂଜା, ଦାନ । ବିଂ. ପୂଜ୍ୟା । ଯଥା—

> ଇଜ୍ୟାମାନଙ୍କ ପାଇ ବସି ହସି ଭଗବତୀ ବାଣୀ ଭଣି ।

ଇଜ୍ୟାଶୀଳ, ବି. ପୁଂ. ( ଇଜ୍ୟା=ଯାଗ-ଶୀଳ ) ଯେ ପୁନଃପୁନଃ ଯାଗ କରେ, ଯାଜକ ।

ଇଞ୍ଜିନ୍, ବି. (ଇଂ (Engine) କଳ, ବାଷ୍ପୀୟ ଯନ୍ତ୍ର ।

ଇଞ୍ଜିନିୟର, ବି. ( ଇଂ. Engineer ) ଯନ୍ତ୍ର-ନିର୍ମାତା, ଶିଳ୍ପୀ, ଗୃହାଦି ନିର୍ମାଣକୁଶଳ ।

ଇଟଲା, ବି. ଏକ ପ୍ରକାର ଫୁଲ ।

ଇଟା, ବି. ( ଇଷ୍ଟକର ଅପଭ୍ରଂଶ ) ଦଗ୍ଧମୃତ୍ତିକା, ନିର୍ଦ୍ଦିଷ୍ଟ ଆକାରରେ ପ୍ରସ୍ତୁତ ଦଗ୍ଧ ମୃତ୍ତିକାଖଣ୍ଡ ।

ଇଟାଭାଟି, ବି. (ଦେଶଜ) ସଞ୍ଚିତ ଇଟାସ୍ତୂପ ।

ଇଡ଼ା, ବି. ସ୍ତ୍ରୀ. (ଇଲ୍=ଗମନ କରିବା-ଅ-ଆ) ଇକ୍ଷ୍ୱାକୁକନ୍ୟା, ବୁଧପତ୍ନୀ, ପୃଥିବୀ, ଧେନୁ, ହବି, ଶରୀରସ୍ଥ ରକ୍ତବାହିକା ନାଡ଼ୀ, ବାଣୀ, ସରସ୍ୱତୀ, ସ୍ୱର୍ଗ ।

ଇଡ଼ିବା, କ୍ରି. ବିଂ. (ଦେଶଜ) ଢାଳିବା (ତରଳ-ପଦାର୍ଥ ପ୍ରତି ପ୍ରଯୋଜ୍ୟ ।)

ଇଡ୍ୟ, ବିଂ, (ଇଡ୍-ଯ) ସ୍ତୁତ୍ୟ, ସ୍ତବର ଯୋଗ୍ୟ-ପାତ୍ର ।

ଇଣ୍ଡୁରି, ବି. (ଦେଶଜ) ଏକପ୍ରକାର ପିଠା ।

ଇତ, ବିଂ. (ଇ-ତ) ଗତ, ପ୍ରାପ୍ତ, ଜ୍ଞାତ, ଲବ୍ଧ ।

ଇତର, ବିଂ. (ଇ-ତୃ-ଅ) ନୀଚ, ଅଧମ, ପାମର, ଭିନ୍ନ, ଅନ୍ୟ ।

ଇତରବିଶେଷ, ବିଂ ପୁଂ. ( ଇତର-ବିଶେଷ ) ଭେଦାଭେଦ, ଭିନ୍ନତା ।

ଇତରେତର, ବିଂ. ( ଇତର-ଇତର ) ପରସ୍ପର, ଅନ୍ୟୋନ୍ୟ ।

ଇତଃ, ଅଂ. (ଇଦମ୍-ତସ୍) ଏହିଠାରୁ, ଏଆଡ଼େ,

ଇତସ୍ତତଃ, ଅଂ. ( ଇତଃ-ତତଃ ) ଅତ୍ର ତତ୍ର, ଏଠାରେ ସେଠାରେ, ଏଣେତେଣେ, ଚତୁର୍ଦ୍ଦିଗରେ, (ଦେଶଜ) ଦ୍ୱିଧା । ଯଥା—(ସେ ଅମୁକ କଥାରେ ଇତସ୍ତତଃ କଲେ । )

ଇତି, ଅଂ. (ଇ-ତି) ଅତଏବ, ଏହି ହେତୁରୁ, ଏହି ପ୍ରକାର, ଏହି, ଏହା, ପ୍ରକରଣ, ସମାପ୍ତି-ସୂଚକ ଅବ୍ୟୟ । ଯଥ —

> ଇତି ପ୍ରତିଉକ୍ତି ଲଳିତା କହିଲ ଗୁରୁଜନ ଡରେ ।

ଇତିକର୍ତ୍ତବ୍ୟ, ବିଂ. (ଇତି-କର୍ତ୍ତବ୍ୟ) ଏହା ଉଚିତ ବା କରଣୀୟ, କୌଣସି ବିଷୟ ସମ୍ପନ୍ନ କରିବା ପାଇଁ ଆନୁଷଙ୍ଗିକ ଯାହା କରିବାକୁ ହୁଏ ।

ଇତିକର୍ତ୍ତବ୍ୟତା, ବି. ସ୍ତ୍ରୀ. ( ଇତିକର୍ତ୍ତବ୍ୟ-ତା ) "ଏହାହିଁ କର୍ତ୍ତବ୍ୟ" ଏହି ପ୍ରକାର ଜ୍ଞାନ, କୌଣସି ବିଷୟ ସମ୍ପନ୍ନ କରିବାର ଅଙ୍ଗୀଭୂତ ଅନୁଷ୍ଠାନସମୂହ ।

ଇତିବୃତ୍ତ, ବି. ନ. (ଇତି-ବୃତ୍-ତ) ଯାହା ଘଟିଅଛି, ଅତୀତ ବୃତ୍ତାନ୍ତ, ଇତିହାସ ।

ଇତିହ, ଅଂ. ( ଇତି-ହ ) ପାରମ୍ପର୍ଯ୍ୟୋପଦେଶ, ପୁରାତନ କଥା ।

ଇତିହା, ବି. ସ୍ତ୍ରୀ. ଜନଶ୍ରୁତି, କିମ୍ବଦନ୍ତୀ ।

ଇତିହାସ, ବି. ପୁଂ. ( ଇତିହ-ଅସ୍-ଅ ) ପୂର୍ବବୃତ୍ତାନ୍ତ, ପ୍ରାଚୀନ କଥା, ଇତିବୃତ୍ତ ।

ଇତ୍ଥଂ, ଅଂ. (ଇଦମ୍-ଥଂ) ଏହିପରି, ଏହିପ୍ରକାର ।

ଇତ୍ୟବସରେ, କ୍ରି. ବିଂ. ( ଇତି-ଅବସରେ ) ଏହି ଅବସରରେ ।

ଇତ୍ୟାଦି, ଅଂ. ( ଇତି-ଆଦି ) ଏବଂ, ଏହିପରି । ବିଂ. ଏହି ପ୍ରଭୃତି ।

ଇତ୍ୱର, ବିଂ. ( ଇ-ବର ) ଗମନଶୀଳ, ନୀଚ, ହୀନ, ଦରିଦ୍ର, ନିଷ୍ଠୁର । ବି. ପୁଂ. ଷଣ୍ଢ ।

ଇତ୍ୱରୀ, ବିଂ. (ଇ-ବର-ଈ) ଅସତୀ, ଭ୍ରଷ୍ଟା ସ୍ତ୍ରୀ ।

ଇଦଂ, ସଂ. (ଇଦମ୍-ଅମ୍) ଏହା, ଏହି ।

ଇଦାନୀଂ, ଅଂ. ( ଇଦମ୍-ଦାନୀ) ଅଧୁନା, ସମ୍ପ୍ରତି, ଏହିକ୍ଷଣି, ଏବେ ।

ଇଦାନୀନ୍ତନ, ବିଂ. ( ଇଦାନୀଂ-ତନ= ହେବା ଅର୍ଥରେ ) ଆଧୁନିକ, ନବ୍ୟ, ବର୍ତ୍ତମାନ କାଳର ।

ଇଦ୍ଧ, ବିଂ. ( ଇନ୍ଧ୍-ତ ) ଦୀପ୍ତ, ଜ୍ୱଳିତ, ଅପ୍ରତିହତ, ପରିଷ୍କୃତ, ଆଶ୍ଚର୍ଯ୍ୟ । ବି. ନ. ସମୂହ, ଦୀପ୍ତି, ତେଜଃ ।

ଇଧ୍ମ, ବି. ନ. (ଇନ୍ଧ୍-ମ) କାଷ୍ଠ, ଜଳିବା କାଷ୍ଠ ।

ଇଧ୍ମବାହ, ବି. ପୁଂ. (ଇଧ୍ମ-ବାହ) ମହାଭାରତରେ ତେଜସ୍ୱୀ ଅଗସ୍ତ୍ୟନନ୍ଦନ ବାଲ୍ୟକାଳରୁ ପିତାଳୟରେ ଇଧ୍ମ ଅର୍ଥାତ୍ ଅଗ୍ନିସନ୍ଦୀପନ କାଷ୍ଠର ଭାର ବହନ କରୁଥିବାରୁ ତାହାଙ୍କ ନାମ ଇଧ୍ମବାହ ହେଲା ।

ଇନ୍ତାନ, ବି. ( ଯାବନିକ ) ପରୀକ୍ଷା ।

ଇନ, ବି. ପୁଂ. ( ଇ-ନ ) ସୂର୍ଯ୍ୟ, ପତି, ପ୍ରଭୁ, ନୃପ, ରାଜା । ବିଂ. ଶ୍ରେଷ୍ଠ । ଯଥା—

ବନ୍ଦଇ ଦୀନବାନ୍ଧବ ହରି ଭକତଙ୍କ ଯେ ଖଣ୍ଡନକାରୀ
ସଦା କମଳାନନ୍ଦ ବସ୍ତାର ସ୍ୱଭାବେ ଇନ ସେ । ବୈ. ବି.

ଇନାମ, (ଯାବନିକ) ପୁରସ୍କାର ।

ଇନ୍ଦମ୍ବର, ବି. ନ. (ଇନ୍ଦମ୍-ବର) ନୀଳପଦ୍ମ ।

ଇନ୍ଦାରା, ଦି. ( ଅନ୍ଦୁ ଶବ୍ଦଜ ) କ୍ଷୁଦ୍ର ଜଳାଶୟ, କୂପ,

ଇନ୍ଦି }
ଇନ୍ଦୀ } ବି. ସ୍ତ୍ରୀ. (ଇନ୍ଦ୍-ଇ, ଈ) ଲକ୍ଷ୍ମୀ ।

ଇନ୍ଦିନ୍ଦିର, ବି. ପୁଂ. ( ଇନ୍ଦି-ଇର, ନିପାତନ ) ଭ୍ରମର, ମଧୁକର । ଯଥା —

କଳା ଡ଼ୋଳା ଖେଳା ଇନ୍ଦିନ୍ଦିର ଲୀଳା ନିନ୍ଦା । ଲ. ବ.

ଇନ୍ଦିରା, ବି. ସ୍ତ୍ରୀ. (ଇନ୍ଦି-ରା) ଲକ୍ଷ୍ମୀ, ବିଷ୍ଣୁପତ୍ନୀ ।

ଇନ୍ଦିରାଳୟ, ବି. ନ. ( ଇନ୍ଦିରା = ଲକ୍ଷ୍ମୀ-ଆଳୟ ) ପଙ୍କଜ, ଅବ୍ଜ, ପଦ୍ମ ।

ଇନ୍ଦିବର }
ଇନ୍ଦୀବର } ବି. ନ. (ଇନ୍ଦି-ବର) ନୀଳପଦ୍ମ, ନୀଳୋତ୍ପଳ, ନୀଳକଇଁ । ଯଥା

କିବା ଇନ୍ଦିବରେ ମିଶି ଶ୍ୱେତ ଶତଦଳ
ଶୁଭ୍ରା ହେଲା ମାଳା ପ୍ରାୟେ ଦିଶଇ ସକଳ । କ. ବ.

ଇନ୍ଦିବରୀ }
ଇନ୍ଦୀବରୀ } ବି. ନ. (ଇନ୍ଦି ବର-ଈ) ଶତମୂଳୀ, ଛତୌରୀ ।

ଇନ୍ଦୁ, ବି. ପୁଂ. ( ଇନ୍ଦ୍-ଉ ) ଶଶୀ, ନିଶାକର, ଚନ୍ଦ୍ର, କର୍ପୂର ।

ଇନ୍ଦୁକମଳ, ବି. ନ. (ଇନ୍ଦୁ-କମଳ) ଶ୍ୱେତପଦ୍ମ ।

ଇନ୍ଦୁକଳିକା, ବି. ସ୍ତ୍ରୀ. ( ଇନ୍ଦୁ-କଳିକା ) କେତକୀ, ଚନ୍ଦ୍ରକଳା ।

ଇନ୍ଦୁକାନ୍ତ, ବି. ପୁଂ. (ଇନ୍ଦୁ-କାନ୍ତ) ଚନ୍ଦ୍ରକାନ୍ତ ମଣି, ଏହି ମଣିରେ ଚନ୍ଦ୍ରକିରଣ ପଡ଼ିଲେ ଏହା ତରଳ ଯାଏ — ଏପରି ପ୍ରବାଦ ଅଛି ।

ଇନ୍ଦୁକାନ୍ତା, ବି. ସ୍ତ୍ରୀ. (ଇନ୍ଦୁ=ଚନ୍ଦ୍ର-କାନ୍ତା) ତାରା, ନକ୍ଷତ୍ର, ରାତ୍ରି ।

ଇନ୍ଦୁଜ, ବି. ପୁଂ. (ଇନ୍ଦୁ-ଜ) ବୁଧ ।

**ଇନ୍ଦୁଜନକ**, ବି. ପୁଂ. (ଇନ୍ଦୁ-ଜନକ) ସମୁଦ୍ର । (ସମୁଦ୍ରମନ୍ଥନ କାଳରେ ଚନ୍ଦ୍ରଙ୍କର ଉତ୍ପତ୍ତି ହୋଇଥିଲା ) ।

**ଇନ୍ଦୁଜା**, ବି. ସ୍ତ୍ରୀ. (ଇନ୍ଦୁ-ଜନ୍-ଅ ଆ ) ରେବା ନଦୀ, ନର୍ମଦା ।

**ଇନ୍ଦୁନିଭାନନ**, ବିଂ. ( ଇନ୍ଦୁ-ନିଭ-ଆନନ ) ଚନ୍ଦ୍ରବଦନ ।

**ଇନ୍ଦୁଭୃତ୍**, ବି. ପୁଂ. (ଇନ୍ଦୁ-ଭୃ = ଧାରଣକରିବା-°) ଚନ୍ଦ୍ରଚୂଡ଼, ଶିବ, ମହାଦେବ ।

**ଇନ୍ଦୁମତୀ**, ବି. ସ୍ତ୍ରୀ. ( ଇନ୍ଦୁ-ମତ୍-ଈ ) ପୂର୍ଣ୍ଣିମା, ଅଜ ରାଜାଙ୍କ ସ୍ତ୍ରୀ ।

**ଇନ୍ଦୁମୌଳି**, ବି. ପୁଂ. (ଇନ୍ଦୁ-ମୌଳି = ମସ୍ତକରେ ଯାହାଙ୍କର) ମହାଦେବ ।

**ଇନ୍ଦୁର** } **ଇନ୍ଦୂର** } ବି. ପୁଂ. (ଉନ୍ଦ-ଉର-ଉ = ଇ) ମୂଷିକ ।

**ଇନ୍ଦୁରେଖା** } **ଇନ୍ଦୁଲେଖା** } ବି. ସ୍ତ୍ରୀ. (ଇନ୍ଦୁ-ରେଖା, ଲେଖା) ଚନ୍ଦ୍ରକଳା, ଚନ୍ଦ୍ରଖଣ୍ଡ, ସୋମଲତା, ଗୁଳୁଚୀ ।

**ଇନ୍ଦୁବଲ୍ଲୀ**, ବି. ସ୍ତ୍ରୀ. (ଇନ୍ଦୁ-ବଲ୍ଲୀ) ସୋମଲତା ।

**ଇନ୍ଦୁବ୍ରତ**, ବି.ନ. (ଇନ୍ଦୁ-ବ୍ରତ) ଚାନ୍ଦ୍ରାୟଣ ବ୍ରତ ।

**ଇନ୍ଦ୍ର**, ବି. ପୁଂ. (ଇନ୍ଦ୍-ର) ଦେବରାଜ, ରାଜା, କୌଣସି ଶବ୍ଦର ପରେ ପ୍ରୟୋଗ ହେଲେ ଶ୍ରେଷ୍ଠ ଅର୍ଥ ବୁଝାଏ । ବିଂ. ପ୍ରଭୁ, ଅଧିପତି, ଐଶ୍ୱର୍ଯ୍ୟଶାଳୀ ।

**ଇନ୍ଦ୍ରକ**, ବି. ନ. (ଇନ୍ଦ୍ର-କ) ସଭାଗୃହ, ଆସ୍ଥାନ ଗୃହ ।

**ଇନ୍ଦ୍ରକୀଲ**, ବି. ପୁଂ. (ଇନ୍ଦ୍ର-କୀଲ) ମନ୍ଦରପର୍ବତ, ଏହି ସ୍ଥାନରେ କିରାତବେଶୀ ମହାଦେବଙ୍କ ସହିତ ଅର୍ଜୁନଙ୍କର ଯୁଦ୍ଧ ହୋଇଥିଲା ।

**ଇନ୍ଦ୍ରକୁଞ୍ଜର**, ବି. ପୁଂ. (ଇନ୍ଦ୍ର-କୁଞ୍ଜର) ଐରାବତ ହସ୍ତୀ ।

**ଇନ୍ଦ୍ରକୋଷ**, ବି. ପୁଂ. (ଇନ୍ଦ୍ର-କୋଷ) ମଞ୍ଚା, ଖଟ, ଖୁଆ ।

**ଇନ୍ଦ୍ରଗୋପ**, ବି. ପୁଂ. ଇନ୍ଦ୍ର-ଗୋ ପ) ରକ୍ତବର୍ଣ୍ଣ କ୍ଷୁଦ୍ର କୀଟବିଶେଷ, ସାଧବଘର ବୋହୂ ନାମକ ପୋକ । ଯଥା—

ଇନ୍ଦ୍ରଗୋପଜିତ ରଙ୍ଗ ଚରଣ ଯେ ଏରୂପେ ସ୍ମରି,
ଇନ୍ଦ୍ରଜିତସୁତ ଏ ଛାନ୍ଦ ଭଣଇ ରଥା ଧ୍ୟାନ କରି ।
ବ, ଚ, ମ,

**ଇନ୍ଦ୍ରଚାପ**, ବି. ପୁଂ. ( ଇନ୍ଦ୍ର-ଚାପ = ଧନୁ) ଇନ୍ଦ୍ରଧନୁ, ମେଘରେ ସୂର୍ଯ୍ୟ କିରଣ ପଡ଼ି ନାନା ବର୍ଣ୍ଣବିଶିଷ୍ଟ ଧନୁ ଆକାରରେ ଯେଉଁ ଚିତ୍ର ଦେଖାଯାଏ ।

**ଇନ୍ଦ୍ରଜାଲ**, ବି. ନ. ( ଇନ୍ଦ୍ର-ଜାଲ ) କୁହୁକ, ଭେଲକିବାଜୀ ।

**ଇନ୍ଦ୍ରଜାଲିକ**, ବିଂ (ଇନ୍ଦ୍ରଜାଲ-ଇକ) କୁହୁକୀ, ବାଜୀକର ।

**ଇନ୍ଦ୍ରଜିତ୍**, ବି. ପୁଂ. (ଇନ୍ଦ୍ର-ଜି-°) ରାବଣପୁତ୍ର, ମେଘନାଦ, ଅର୍ଜୁନ, (ଖାଣ୍ଡବ ବନ ଦହନ ସମୟରେ ଅର୍ଜୁନ ଇନ୍ଦ୍ରଙ୍କୁ ଜିତି ଥିଲେ ବୋଲି ଏହାଙ୍କୁ ଇନ୍ଦ୍ରଜିତ କହାଯାଏ ) ।

**ଇନ୍ଦ୍ରଦାରୁ**, ବି. ପୁଂ. (ଇନ୍ଦ୍ର-ଦାରୁ) ଦେବଦାରୁ ଗଛ

**ଇନ୍ଦ୍ରଦ୍ୟୁମ୍ନ**, ବି. ପୁଂ. (ଇନ୍ଦ୍ର-ଦ୍ୟୁମ୍ନ) ଓଡ଼ିଶାର ଜଣେ ଦୁର୍ଦ୍ଧର୍ଷ ରାଜା, ଶ୍ରୀକ୍ଷେତ୍ରସ୍ଥ ସରୋବର-ବିଶେଷ ।

**ଇନ୍ଦ୍ରଦ୍ରୁ** } **ଇନ୍ଦ୍ରଦ୍ରୁମ** } ( ଇନ୍ଦ୍ର-ଦ୍ରୁ, ଦ୍ରୁମ) ଅର୍ଜୁନବୃକ୍ଷ, କୁଟଜ ।

**ଇନ୍ଦ୍ରଧନୁଃ**, ବି. ନ. ( ଇନ୍ଦ୍ର-ଧନୁଃ = ଚାପ ) ଇନ୍ଦ୍ରଚାପ ।

**ଇନ୍ଦ୍ରଧ୍ୱଜ**, ବି. ପୁଂ. ( ଇନ୍ଦ୍ର-ଧ୍ୱଜ = ପତାକା ) ପୁନଅଁ ଦିନ କୃତ ଅନୁଷ୍ଠାନବିଶେଷ, ଇନ୍ଦ୍ରଙ୍କ ପତାକା ।

**ଇନ୍ଦ୍ରନୀଳମଣି**, ବି. ପୁଂ. ମରକତ ମଣି, ନୀଳବର୍ଣ୍ଣ ମଣିବିଶେଷ ।

**ଇନ୍ଦ୍ରପୁଷ୍ପ**, ବି. ନ. ଲବଙ୍ଗ, ଇନ୍ଦ୍ରଯବ ।

**ଇନ୍ଦ୍ରପ୍ରସ୍ଥ**, ବି. ପୁଂ. ( ଇନ୍ଦ୍ର-ପ୍ରସ୍ଥ ) ପାର୍ଥନଗର, ଯୁଧିଷ୍ଠିରଙ୍କ ସ୍ଥାପିତ ନଗର, ପ୍ରାଚୀନ ଦିଲ୍ଲୀ । ଯଥା—

ନବ ଇନ୍ଦ୍ରପ୍ରସ୍ଥେ କଲେ ରାଜସୂୟେ,
ଉପଗତ ଅଛ ରାଜନ୍ୟମଣ୍ଡଳୀ । ବ. ବ.

ଇନ୍ଦ୍ରଭେଷଜ, ବି. ନ. (ଇନ୍ଦ୍ର-ଭେଷଜ) ଶୁଣ୍ଠି ।

ଇନ୍ଦ୍ରମାରିଷ, ବି. ପୁଂ. ଔଷଧି ଗୁଳ୍ମବିଶେଷ ।

ଇନ୍ଦ୍ରଯବ, ବି. ନ. (ଇନ୍ଦ୍ର-ଯବ) ଯବାକୃତି ତିକ୍ତ ବୀଜବିଶେଷ ।

ଇନ୍ଦ୍ରଲୁପ୍ତ, ବି. ନ. (ଇନ୍ଦ୍ର-ଲୁପ୍ତ) କେଶନାଶକ ରୋଗ, ଟନା ।

ଇନ୍ଦ୍ରଲୋକ, ବି. ପୁଂ. (ଇନ୍ଦ୍ର-ଲୋକ) ଅମରାବତୀ ।

ଇନ୍ଦ୍ରବଜ୍ରା, ବି. ସ୍ତ୍ରୀ. ଏକାଦଶାକ୍ଷର ସଂସ୍କୃତ ଛନ୍ଦୋବିଶେଷ, ଯାହାର ୩ୟ, ୬ଷ୍ଠ, ୭ମ ଏବଂ ୯ମ ବର୍ଣ୍ଣ ଲଘୁ, ଅବଶିଷ୍ଟ ବର୍ଣ୍ଣ ଗୁରୁ ।

ଇନ୍ଦ୍ରଶତ୍ରୁ, ବି. ପୁଂ. ( ଇନ୍ଦ୍ର-ଶତ୍ରୁ ) ପ୍ରହ୍ଲାଦ, ବୃତ୍ରାସୁର ।

ଇନ୍ଦ୍ରସୁତ, ବି. ପୁଂ. ବାଳିରାଜା, ଜୟନ୍ତ, ଅର୍ଜୁନ, ଅର୍ଜୁନବୃକ୍ଷ ।

ଇନ୍ଦ୍ରସେନ, ବି. ପୁଂ. ଦମୟନ୍ତୀଗର୍ଭସମ୍ଭୂତ ନଳ ରାଜାଙ୍କ ପୁତ୍ର, ଯୁଧିଷ୍ଠିରଙ୍କ ସାରଥି ।

ଇନ୍ଦ୍ରା, ବି. ସ୍ତ୍ରୀ. ବୃକ୍ଷବିଶେଷ, ଇନ୍ଦ୍ରପତ୍ନୀ, ଶଚୀ ।

ଇନ୍ଦ୍ରାଣୀ, ବି ସ୍ତ୍ରୀ. (ଇନ୍ଦ୍ର-ଆନୀ) ଶଚୀ, ମାତୃକାବିଶେଷ, ଯୋଗିନୀବିଶେଷ, ରତିବନ୍ଧବିଶେଷ, ଦୁର୍ଗା ।

ଇନ୍ଦ୍ରାନୁଜ, ବି. ପୁଂ. ( ଇନ୍ଦ୍ର-ଅନୁଜ ) ବାମନ, ବିଷ୍ଣୁ ।

ଇନ୍ଦ୍ରାବରଜ, ବି. ପୁଂ. (ଇନ୍ଦ୍ର-ଅବରଜ) ବାମନଦେବ, ବିଷ୍ଣୁ ।

ଇନ୍ଦ୍ରାୟୁଧ, ବି. ନ. ( ଇନ୍ଦ୍ର-ଆୟୁଧ=ଧନୁ ) ଇନ୍ଦ୍ରଧନୁ, ଇନ୍ଦ୍ରଚାପ ।

ଇନ୍ଦ୍ରାରି ବି. ପୁଂ. (ଇନ୍ଦ୍ର-ଅରି=ଶତ୍ରୁ) ଅସୁର, ଦୈତ୍ୟ ।

ଇନ୍ଦ୍ରି, ବି. (ପଦ୍ୟରେ ବ୍ୟବହୃତ, ଇନ୍ଦ୍ରିୟ ଶବ୍ଦଜ) ଇନ୍ଦ୍ରିୟ, ଯଥା—

ଯେତୁ ଜିଣଇ ଇନ୍ଦ୍ରିଗଣ; ସେ ପ୍ରଭୁ ନଷ୍ଟେଁ କାମ୍ୟପୂଣ ।
ଭାଗବତ ।

ଲିଙ୍ଗ । ଯଥା —

ଶାପ ଲୁ ହୋଇ ଇନ୍ଦ୍ର ମୋର, ଇନ୍ଦ୍ରି ସେ ଛିଣ୍ଡୁ ପଡ଼ୁ ତୋର ।

ଇନ୍ଦ୍ରିୟ, ବି. ନ. ( ଇନ୍ଦ୍ର-ଇୟ ) ଯାହାଦ୍ୱାରା ପଦାର୍ଥର ଜ୍ଞାନ ଜନ୍ମେ, ଚକ୍ଷୁ, ଶ୍ରୋତ୍ର, ଘ୍ରାଣ ଜିହ୍ୱା, ତ୍ୱକ୍ ଓ ମନଃ ଜ୍ଞାନସାଧନ ଏ ଛଅଟି ଏବଂ ବାକ୍ୟ, ପାଦ, ପାଣି, ପାୟୁ, ଓ ଉପସ୍ଥ କର୍ମସାଧନ ଏହି ପାଞ୍ଚଟି ।

ଇନ୍ଦ୍ରିୟଗୋଚର, ବିଂ. ( ଇନ୍ଦ୍ରିୟ-ଗୋଚର ) ଇନ୍ଦ୍ରିୟଦ୍ୱାରା ଯାହା ଜଣାଯାଏ, ଜ୍ଞାନଗମ୍ୟ ।

ଇନ୍ଦ୍ରିୟଗ୍ରାହ୍ୟ, ବିଂ. (ଇନ୍ଦ୍ରିୟ-ଗ୍ରାହ୍ୟ) ଇନ୍ଦ୍ରିୟଦ୍ୱାରା ଯାହା ଜଣାଯାଏ ।

ଇନ୍ଦ୍ରିୟଦୋଷ, ବି ପୁଂ. (ଇନ୍ଦ୍ରିୟ-ଦୋଷ ) ଇନ୍ଦ୍ରିୟର ଉଚ୍ଛୃଙ୍ଖଳତା, ସ୍ତ୍ରୀସମ୍ଭୋଗ ବିଷୟରେ ଯଥେଚ୍ଛାଚାର ।

ଇନ୍ଦ୍ରିୟପରାୟଣ, ବିଂ. (ଇନ୍ଦ୍ରିୟ-ପର-ଅୟନ) ଇନ୍ଦ୍ରିୟସେବାରେ ତତ୍ପର, ଯେ କେବଳ ଭୋଗ ସୁଖକୁ ସଂସାରର ସାର ବୋଲି ଜ୍ଞାନ କରେ ।

ଇନ୍ଦ୍ରିୟବିଷୟ, ବିଂ. (ଇନ୍ଦ୍ରିୟ-ବିଷୟ) ଇନ୍ଦ୍ରିୟଗୋଚର ।

ଇନ୍ଦ୍ରିୟାର୍ଥ, ବି. ପୁଂ. ( ଇନ୍ଦ୍ରିୟ-ଅର୍ଥ ) ଇନ୍ଦ୍ରିୟଭୋଗ୍ୟ ବସ୍ତୁ, ରୂପରସାଦି ।

ଇନ୍ଦ୍ରେଜ୍ୟ ବି. ପୁଂ. ( ଇନ୍ଦ୍ର-ଇଜ୍ୟ=ପୂଜ୍ୟ ) ବୃହସ୍ପତି ।

ଇନ୍ଧନ, ବି.ନ. (ଇନ୍ଧ-ଅନ) ସନ୍ଦୀପନ, ଜାଳିବା କାଷ୍ଠ, ତୃଣକାଷ୍ଠାଦି ।

ଇଭ, ବି. ପୁଂ. (ଇ-ଭ) କରୀ, ହସ୍ତୀ । ଯଥା —

ଇଭଗାଢ ଯଥା ପାଶେ ହନେ ପୂର୍ଣ୍ଣମାସୀ ପରବେଶ ।

ନାଗକେଶରବୃକ୍ଷ । ଭୀ, ସ୍ତ୍ରୀ. ହସ୍ତିନୀ ।

ଇଭରାଜ, ଇଭରାଟ୍ } ବି. ପୁଂ. (ଇଭ=ହସ୍ତୀ-ରାଜ୍-ଅ,୦) ଐରାବତ ହସ୍ତୀ ।

ଇମନ, ବି. (ଦେଶଜ) ରାଗିଣୀବିଶେଷ ।

ଇୟତ୍, ବିଂ. (ଇଦମ୍-ଯତ୍) ଏତାବତ୍, ଏତିକି, ଏତେକ, ଏହି ପରିମାଣ ।

ଇୟତ୍ତା, ବି. ସ୍ତ୍ରୀ. (ଇୟତ୍-ତା) ଏତାବତ୍ତ୍ୱ, ଏତିକି ପରିମାଣ, ସୀମା, ସଂଖ୍ୟା ।

ଇୟାର, ବି. (ଯାବନିକ ବନ୍ଧୁ, ସଙ୍ଗୀ, ଉପପତି ।

ଇରଣ } ବି. କ୍ଲି. ( ଋ = ଗମନକରିବା-ଅନ,
ଇରିଣ } ସଂଜ୍ଞାର୍ଥେ ଇନ ) ମରୁ, ଊଷର ଭୂମି, କ୍ଷାର ଭୂମି, ଜଳବୃକ୍ଷାଦିଶୂନ୍ୟ ଭୂଭାଗ,ଶୂନ୍ୟ ।

ଇରମ୍ମଦ, ବି. ପୁଂ. (ଇରା = ଜଳ-ମଦ) ମେଘ-ଜ୍ୟୋତି, ବଜ୍ରାଗ୍ନି, ବାଡବାଗ୍ନି, ହସ୍ତୀ । ଯଥା—

ପ୍ରଳୟ ଜୀମୂତ ଯେହ୍ନେ ପୂର୍ଣ୍ଣ ଇରମ୍ମଦେ । ମ. ଯା.

ଇରା, ବି. ସ୍ତ୍ରୀ.(ଇ = ଗମନକରିବା-ର, ସଂଜ୍ଞାର୍ଥେ ଆ) ବାଣୀ, ପୃଥିବୀ, ସୁରା, ଜଳ, ଅନ୍ନ ।

ଇରାଚର, ବି. କ୍ଲି. (ଇରା-ଚର) କରକା,କୁଅପଥର । ବିଂ. ଜଳଚର ।

ଇରାଜ, ବି. ପୁଂ. (ଇରା-ଜ) କନ୍ଦର୍ପ ।

ଇରାବାନ୍, ବି. ପୁଂ. ( ଇରା-ବତ୍ ) ସମୁଦ୍ର ।

ଇରାବତୀ, ବି. ସ୍ତ୍ରୀ. (ଇରାବତ୍-ଈ)ନଦୀବିଶେଷ। ପଞ୍ଜାବ ଅନ୍ତର୍ଗତ ନଦୀବିଶେଷ, ରାବୀ । ବ୍ରହ୍ମଦେଶୀୟ ନଦୀବିଶେଷ ।

ଇରୁଣ୍ଡି } ବି. (ଦେଶଜ) ଢଙ୍କିକାଠର ତଳ
ଇରୁଣ୍ଡିବନ୍ଧ } କାଷ୍ଠଖଣ୍ଡ । ଯଥା—

ସୁରୁଣି ସୁରୁଣି ଏରୁଣି ଉପରେ ମାଧବ ବସିଛ ଯାଇଁ ।
ମାତାଙ୍କ ଅଡ଼କୁ ଅନାଇ ଅନାଇ ମାଛ ଦେଉଅଛ ଖାଇ । ମଧୁସୂଦନ

ଇରେଶ, ବି. ପୁଂ. (ଇରା-ଈଶ) ବିଷ୍ଣୁ, ବରୁଣ, ରାଜା ।

ଇର୍ମ, ବି. କ୍ଲି. (ଋ-ମନ୍) ବ୍ରଣ, କ୍ଷତ, ଘା ।

ଇଲତ୍, ବିଂ. (ଯାବନିକ) ମନ୍ଦ, ଖରାପ, ଅସତ୍ ।

ଇଲା, ବି. ସ୍ତ୍ରୀ.( ଇଲ୍-ଅ-ଆ ) ବୈବସ୍ୱତ ମନୁ-କନ୍ୟା, ଇକ୍ଷ୍ୱାକୁ ରାଜକନ୍ୟା, ବୌଦ୍ଧପତ୍ନୀ, ପୃଥିବୀ, ଧେନୁ, ବାଣୀ, ଜଳ ।

ଇଲାକା, ବି. (ଯାବନିକ) ଅଧିକାର, ସମ୍ବନ୍ଧ ।

ଇଲାବୃତ, ବି. କ୍ଲି. (ଇଲା = ପୃଥିବୀ-ଆବୃତ) ଜମ୍ବୁଦ୍ୱୀପର ନବ ବର୍ଷାନ୍ତର୍ଗତ ଚତୁର୍ଥ ବର୍ଷ ।

ଇଲିଶ
ଇଲୀଶ
ଇଲୀଷ } ବି. ପୁଂ. (ଇଲ୍-ଈଶ) ମତ୍ସ୍ୟବିଶେଷ, ଇଲିଶୀ ମାଛ ।
ଇଲିଶୀ

ଇଲ୍ୱଲ, ବି. ପୁଂ. ଦୈତ୍ୟବିଶେଷ, ବାତାପି-ନାମକ ଦାନବର ଭ୍ରାତା ।

ଇଲ୍ୱଲା-ବି. (ଇଲ୍ + ବଲ + ଆ)କାଲପୁରୁଷମସ୍ତକ ନକ୍ଷତ୍ରବିଶେଷ । ଯଥା—

ପଞ୍ଚ ମୂର୍ତ୍ତି ଏକ ରେଖାରେ ବସିଲେ ଇଲ୍ୱଲା ଯଥା ଆକାଶେ । ଯ. କେ.

ଇବ, ଅଂ. ସାଦୃଶ୍ୟ, ତୁଲ୍ୟତା, ସାମ୍ୟ, ଉତ୍ପ୍ରେକ୍ଷା, ଯଥା, ଈଷତ୍ ।

ଇଶାଦ୍, } ବି. (ଯାବନିକ)ସାକ୍ଷୀ ।
ଇଶାଦୀ }

ଇଶାନ୍, ବି. (ଐଶାନ୍ୟ ଶବ୍ଦଜ) ପୂର୍ବୋତ୍ତର କୋଣ ।

ଇଶାରା, ବି. (ଯାବନିକ) ସଙ୍କେତ, ଠାର, ଇଙ୍ଗିତ ।

ଇଷି ଅଂ ପୀଡ଼ାସୂଚକ ଅନୁକରଣ ଧ୍ୱନି । ଶୀତ୍କାର ।

ଇଷିକ } ବିଂ ( ଇଷ୍-ଇକ୍, ଆ ) କାଶତୃଣ,
ଇଷିକା } କାଇଁଶ ।

ଇଷୁ, ବି. ପୁଂ. (ଇଷ୍-ଉ) ଶର, ବାଣ, ତୀର । ଯଥା —

ଇଷୁ ଯେ ଚଳିଣି ମାରିବ ଏଥର ସଂଶୟ ତ ନାହିଁ ।

ଇଷୁଧି, ବି. ପୁଂ. (ଇଷୁ-ଧା-ଇ) ତୂଣୀର, ବାଣା-ଧାର, ତୂଣ ।

ଇଷ୍ଟ, ବିଂ. (ଇଷ୍-ତ) ବାଞ୍ଛିତ, ପ୍ରିୟ, ପ୍ରଶଂସିତ, (ଯଜ୍-ତ) ପୂଜିତ । ବି. ଇଚ୍ଛା ।

ଇଷ୍ଟକ, ବି. ପୁଂ. (ଇଷ୍-ତକ) ଇଟା ।

ଇଷ୍ଟକାଳୟ, ବି. କ୍ଲି. (ଇଷ୍ଟକ-ଆଳୟ) ଇଟା-ନିର୍ମିତ ଗୃହ, ପକାଘର ।

ଇଷ୍ଟଗନ୍ଧ, ବିଂ. ( ଇଷ୍ଟ-ଗନ୍ଧ ) ସୁଗନ୍ଧବିଶିଷ୍ଟ । ବି. କ୍ଲି. ବାଲୁକା ।

ଇଷ୍ଟଦେବ, ବି. ପୁଂ. (ଇଷ୍ଟ-ଦେବ) ମନ୍ତ୍ରଦାତା, ଇଷ୍ଟଦେବତା, ଗୁରୁ । ଯଥା—

ଇଷ୍ଟଦେବ ସ୍ତବ ହେତୁପେ ଯୁବା ଚନ୍ଦ୍ରା-ବଦନେ ।

ଇଷ୍ଟା ।

ଇଷ୍ଟଦେବତା, ବ. ସ୍ତ୍ରୀ. ( ଇଷ୍ଟ-ଦେବତା ) ଉପାସ୍ୟ ଦେବତା, ମନ୍ତ୍ରଗୁରୁ ।

ଇଷ୍ଟାପତ୍ତି, ବ. ସ୍ତ୍ରୀ. (ଇଷ୍ଟ-ଆପତ୍ତି) ଅଭିଳଷିତ ପ୍ରାପ୍ତି, ଇଷ୍ଟସିଦ୍ଧି, ଲାଭ, ଉପକାର ।

ଇଷ୍ଟାପୂର୍ତ୍ତି, ବ. ନ. ( ଇଷ୍ଟ-ଆପୂର୍ତ୍ତି ) ସାଧାରଣ ହିତ ନିମନ୍ତେ କୂପାଦି ଖନନ ଏବଂ ଦେବାଳୟ ପ୍ରଭୃତି ନିର୍ମାଣ ।

ଇଷ୍ଟାଳାପ, ବ. ପୁଂ. (ଇଷ୍ଟ-ଆଳାପ) ସଦାଳାପ, ପରସ୍ପର ଭଦ୍ରାଳାପ ।

ଇଷ୍ଟି, ବ. ସ୍ତ୍ରୀ. (ଇଷ୍-ତି ଅବା ଯଜ୍-ତି) ଇଚ୍ଛା, ଯାଗ ।

ଇଷ୍ମ, ବ. ପୁଂ. (ଇଷ୍-ମ) କନ୍ଦର୍ପ, ବସନ୍ତଋତୁ ।

ଇଷ୍ୟ, ବ. ନ. (ଇଷ୍-ଯ) ବସନ୍ତକାଳ ।

ଇଷ୍ୱସନ, ବ. ପୁଂ. (ଇଷୁ ଅସ-ଅନ) ଧନୁ, ଚାପ ।

ଇଷ୍ୱାସ, ବ. ପୁଂ. (ଇଷୁ-ଅସ୍-ଅ) ଧନୁ, ଚାପ । ବିଂ. ଧନୁର୍ଦ୍ଧର ।

ଇସ୍, ଅଂ. (ଦେଶଜ) ଆଶ୍ଚର୍ଯ୍ୟବୋଧକ ଓ ଘୃଣା-ବୋଧକ ଅବ୍ୟୟ ।

ଇସ୍କ. (ବୈଦେଶିକ) ତାସ ଖେଳର କାର୍ଯ୍ୟ ବିଶେଷ । ଅବଧି, ପର୍ଯ୍ୟନ୍ତ ।

ଇସ୍ତଫା (ଯାବନିକ) କର୍ମତ୍ୟାଗପତ୍ର, ଛାଡ଼ପତ୍ର ।

ଇସ୍ତମରାର, (ଯାବନିକ) ଚିରସ୍ଥାୟୀ । ଯଥା— ଇସ୍ତମରାର ପଟ୍ଟା ବା ଜମି ।

ଇସ୍ତାହାର, ( ଯାବନିକ ) ବିଜ୍ଞାପନ ।

ଇସ୍ତ୍ରି । ଇସ୍ତ୍ରୀ । ବ. (ଯାବନିକ) ଧୌତ ବସ୍ତ୍ର ମସୃଣ-କରଣାର୍ଥ ରଜକମାନଙ୍କର ଯନ୍ତ୍ରବିଶେଷ ।

ଇସ୍ପାତ୍, ବ. (ଯାବନିକ) ଏକ ପ୍ରକାର କଠିନ ଲୌହ, ଅଙ୍ଗାର ଲୌହ ।

ଇହ, ଅଂ. ( ଇଦମ୍-ହ ) ଏଠାରେ, ଏହି ସମୟରେ, ଏହି ଜଗତରେ, ନରଲୋକରେ ।

ଇହକାଳ, ବ. ପୁଂ. (ଇହ-କାଳ) ଜନ୍ମଠାରୁ ମୃତ୍ୟୁପର୍ଯ୍ୟନ୍ତ ସମୟ ।

ଇହଲୋକ, ବ. ପୁଂ. (ଇହ-ଲୋକ) ଏହି ଜଗତ୍, ଭୂଲୋକ ।

ଇହା, ବ. ( ଇ-ହନ୍-ଅ-ଆ ( ଇହନ୍ ) ଶିବ, ମହାଦେବ, କାମଧ୍ୱଂସୀ । (ଇହ୍-ଆ) ଚେଷ୍ଟା, ଯତ୍ନ, ( ପ୍ରାକୃତରେ ଇଦମ୍-ଶବ୍ଦର ) ଏହା ।

# ଈ

ଈ, ଚତୁର୍ଥ ସ୍ୱରବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ ତାଲୁ । ବ. ପୁଂ. କନ୍ଦର୍ପ, ଲକ୍ଷ୍ମୀ, କୋପ ।

ଈଃ, ଅଂ. ଯନ୍ତ୍ରଣା ବା କ୍ରୋଧାଦିବୋଧକ ଅବ୍ୟୟ ।

ଈକାର, ବ. ପୁଂ. (ଈକାର) ଈବର୍ଣ୍ଣ ।

ଈକ୍ଷଣ, ବ. ନ. ( ଈକ୍ଷ୍-ଅନ ) ଦୃଷ୍ଟି, ଦର୍ଶନ, ଚକ୍ଷୁ । ଯଥା—

ଈକ୍ଷଣ ସାର୍ଥ ସ୍ୱୀକାର କରି ଯାଉଥିବଟି କାମଦା ।

ଈକ୍ଷଣିକ, ବିଂ. ( ଈକ୍ଷଣ-ଇକ ) ଗଣକ, ଶୁଭାଶୁଭଦର୍ଶୀ ।

ଈକ୍ଷିତ, ବିଂ. (ଈକ୍ଷ-ତ) ଦୃଷ୍ଟ । ବ. ନ. ଦର୍ଶନ ।

ଈକ୍ଷିତା, ବିଂ. (ଈକ୍ଷ-ତୃ) ଦ୍ରଷ୍ଟା, ଦର୍ଶକ । (ଈକ୍ଷ-ତ-ସ୍ତ୍ରୀ-ଆ) ଦୃଷ୍ଟା ।

ଈଡ଼ା । ଈଳା । ବ. ସ୍ତ୍ରୀ. (ଈଡ-ଆ) ସ୍ତୁତି, ସ୍ତବ, ପ୍ରଶଂସା ।

ଈଡିତ, ବିଂ. (ଈଡ୍-ତ) ସ୍ତୁତ, ପ୍ରଶଂସିତ ।

ଈଡ୍ୟ, ବିଂ. (ଈଡ୍-ଯ) ସ୍ତୁତ୍ୟ, ସ୍ତବନୀୟ ।

ଈତି ବ. ସ୍ତ୍ରୀ. (ଈ=ଗମନକରିବା-ତି) ଅତିବୃଷ୍ଟି, ଅନାବୃଷ୍ଟି, ଶଲଭ, ମୂଷିକ, ପକ୍ଷୀ ଏବଂ ନିକଟସ୍ଥ ଶତ୍ରୁ ରାଜା ଏହି ଷଟ୍ ପ୍ରକାର ବିଘ୍ନ । ଯଥା—

ଅତିବୃଷ୍ଟିରନାବୃଷ୍ଟିଃ ଶଲଭା ମୂଷିକାଃ ଶୁକାଃ ।

ପ୍ରତ୍ୟାସନ୍ନାଶ୍ଚ ରାଜାନଃ ଷଡ଼େତେ ଈତୟଃ ସ୍ମୃତାଃ ।

ଈଦୃକ୍ । ଈଦୃଶ । ବିଂ. ( ଈଦମ୍-ଦୃଶ୍-ଂ, ଅ ) ଏପ୍ରକାର, ଏବମ୍ଭୂତ । ଯଥା—

ଈଦୃଶ ଭାଗ୍ୟ କାହିଁ ଆମ୍ଭେ ତୁମ୍ଭକୁ ଦେଖିବୁଁ ସର୍ବଦା ।

ଈପ୍ସା, ବ. ସ୍ତ୍ରୀ. ( ଆପ୍-ସନନ୍ତ=ଈପ୍ସ+ଅ ) ପାଇବା ବାଞ୍ଛା, ଇଚ୍ଛା ।

ଈପ୍ସିତ, ଣ. ବାଞ୍ଛିତ, ଯାହା ପାଇବାକୁ ଇଚ୍ଛା ହୁଏ । ଯଥା—

ଈପ୍ସିତ ନାଥ ପରାପତ ହୋଇବ ଶୁଣି ହେଲ ତୋଷ ।

ବ. ନ. ମନେ ଇଥ, ବାଞ୍ଛା ।

ଈପ୍ସୁ, ଣ. (ଈପ୍ସ-ଉ) ପାଇବାକୁ ଇଚ୍ଛୁକ, ଇଚ୍ଛୁକ ।

ଈରଣ } ଣ. ( ଈ=ଗମନକରିବା ଅନ୍, ଈରିଣ } ସନ୍ଧ୍ୟର୍ଥେ ଇନ) ଊଷରଭୂମି, ଖାରଭୂମି ।

ଈରିତ, ଣ. ( ଈର୍-ତ ) ପ୍ରେରିତ, କ୍ଷିପ୍ତ, ବସର୍ଜିତ, ଉଦ୍ଧୃଷ୍ଟ, କଥିତ, ସ୍ଖଳିତ, କମ୍ପିତ ।

ଈର୍ମ, ବ. ନ. (ଈର୍-ମ) ବ୍ରଣ, କ୍ଷତ, ଘା ।

ଈର୍ଷା } ବ. ସ୍ତ୍ରୀ. (ଈର୍ଷ୍ୟ-ଅ) ପରଶ୍ରୀକାତରତା, ଈର୍ଷ୍ୟା } ହିଂସା, ଦ୍ୱେଷ ।

ଈର୍ଷାଳୁ } ଣ. ( ଈର୍ଷା, ଈର୍ଷ୍ୟା-ଆଳୁ )ପରଶ୍ରୀ- ଈର୍ଷ୍ୟାଳୁ } କାତର ।

ଈଳା, ବ. ସ୍ତ୍ରୀ. ଈଡ଼-ଅ) ପୃଥିବୀ, ବାଣୀ, ଧେନୁ, ସରସ୍ୱତୀ ।

ଈଶ, ବ. ପୁଂ. (ଈଶ୍-ଅ) ଶିବ, ଈଶ୍ୱର, ସ୍ୱାମୀ । ଯଥା—

ବଚନେ ଆଣେ ଅବା ଈଶ ବା ଈଶେ,

ବାର ନୁହଇ ଯେଣୁ ଜଗତ ଶରୀ ଯେ । ବେ. ବ.

ଣ. ନିୟନ୍ତା, ପ୍ରଧାନ ।

ଈଶା, ବ. ସ୍ତ୍ରୀ. ( ଈଶ-ଅ-ଆ ) ଲାଙ୍ଗଲ ଦଣ୍ଡ, ଲଙ୍ଗଳଦ୍ୱାରା ଖନିତ ଲମ୍ବାକୃତି ଭୂଭାଗ, ଲଙ୍ଗଳ ସିଆର, ସୀତା, ଦୁର୍ଗା ।

ଈଶାନ, ବ.ପୁଂ.(ଈଶ-ଅନ) ମହେଶ୍ୱର, ଏକାଦଶ ରୁଦ୍ରର ଅଷ୍ଟମ ରୁଦ୍ର, ଉତ୍ତରପୂର୍ବ କୋଣ ।

ଈଶାନକୋଣ, ବ. ପୁଂ (ଈଶାନ କୋଣ) ଉତ୍ତର ଓ ପୂର୍ବଦିଗର ମଧ୍ୟବର୍ତ୍ତୀ କୋଣ ।

ଈଶାନୀ, ବ. ସ୍ତ୍ରୀ. (ଈଶ-ଆନୀ) ଦୁର୍ଗା, ମହେଶ୍ୱରୀ ।

ଈଶିତା, ସ୍ତ୍ରୀ. } ବ. (ଈଶ-ତା, ତ୍ୱ) ଈଶ୍ୱରତ୍ୱ, ଈଶିତ୍ୱ, ନ. } ପ୍ରାଧାନ୍ୟ, ଆଧିପତ୍ୟ, ଐଶ୍ୱର୍ଯ୍ୟ-ବିଶେଷ ।

ଈଶ୍ୱର, ବ. ପୁଂ. ଈଶ୍-ବର) ପରମାତ୍ମା, କନ୍ଦର୍ପ, ଶିବ, ବ୍ରହ୍ମ । ଣ. ଶ୍ରେଷ୍ଠ, ଅଧିପତି ।

ଈଶ୍ୱରୀ, ବ. ସ୍ତ୍ରୀ. (ଈଶ୍ୱର-ଈ) ଲକ୍ଷ୍ମୀ, ସରସ୍ୱତୀ, ଦୁର୍ଗା । ଣ. ଶ୍ରେଷ୍ଠ ।

ଈଶ୍ୱରନିଷ୍ଠ, ଣ.(ଈଶ୍ୱର-ନିଷ୍ଠା) ଈଶ୍ୱରପରାୟଣ ।

ଈଶ୍ୱରନିଷ୍ଠା, ବ. ସ୍ତ୍ରୀ (ଈଶ୍ୱର-ନିଷ୍ଠା-ଅ) ଈଶ୍ୱର-ପରାୟଣତା ।

ଈଶ୍ୱରବାଦ, ବ. ପୁଂ. (ଈଶ୍ୱର ବାଦ) ଯେଉଁ ମତ ଈଶ୍ୱରଙ୍କ ଅସ୍ତିତ୍ୱ ସଂସ୍ଥାପନ କରେ ।

ଈଶ୍ୱରବାଦୀ, ଣ. (ଈଶ୍ୱର-ବାଦିନ୍) ଯେ ଈଶ୍ୱରଙ୍କ ଅସ୍ତିତ୍ୱ ଇତ୍ୟାଦ ସ୍ୱୀକାର କରେ ।

ଈଷତ୍, ଅଂ. ଈଷ୍-ଅତ) ଅଳ୍ପ, କିଞ୍ଚିତ୍, କଷ୍ଟ ।

ଈଷଦୁଷ୍ଣ, ଣ. (ଈଷତ୍-ଉଷ୍ଣ) କିଞ୍ଚିତ୍ ଗରମ ।

ଈଷଦୂନ, ଣ. (ଈଷତ୍-ଊନ) କିଞ୍ଚିତ୍ ଊଣା ।

ଈଷ, ବ. (ଈଷା ଶବ୍ଦଜ ) ଲଙ୍ଗଳଦଣ୍ଡ, ଯଥା—

ବୋଇଲା ମୋ ଦନ୍ତ ଲାଙ୍ଗଳ ଈଷ

ବସ୍ତ୍ର ତୁମ୍ଭେ ହେବ କରିବ ଦୃଷ । ବୈ. ବ.

ଈଷା, ବ. ସ୍ତ୍ରୀ. (ଈଷ୍-ଆ) ଲାଙ୍ଗଳଦଣ୍ଡ, ଲାଙ୍ଗଳ ସିଆର, ସୀତା, ଦୁର୍ଗା ।

ଈଷୀକା, ବ. ସ୍ତ୍ରୀ. (ଈଷ୍-ଇକନ୍) ହସ୍ତିର ନେତ୍ର-ଗୋଲକ, ତୂଳ, ଅସ୍ତ୍ରବିଶେଷ ।

ଈଷିତ } ଅଂ. (ଈଷତ୍ ଶବ୍ଦଜ) ଈଷତ୍ ଅଳ୍ପ, ଈଷିତ } କିଞ୍ଚିତ୍, କଷ୍ଟ । ଯଥା—

ଈଷିତେ କି ଉମାପତି ଦୟା କରିବେ ।

ଈଷାତ, ବ.(ଦେଶଜ) ଲୌହବିଶେଷ,ଠାଣଲୁହା ।

ଈହା, ବ. ସ୍ତ୍ରୀ. (ଈହ୍-ଅ-ଆ) ଚେଷ୍ଟା, ଯତ୍ନ, ଉଦ୍ୟମ ।

ଈହିତ, ଣ. (ଈହ୍-ତ) ଚେଷ୍ଟିତ, ଇଷ୍ଟ, ଆକାଙ୍କ୍ଷିତ,ଉଦ୍ୟତ । ବ. ଚେଷ୍ଟା, ଉଦ୍ୟମ, ଇଚ୍ଛା ।

# ଉ

ଉ, ପଞ୍ଚମ ସ୍ୱରବର୍ଣ୍ଣ, ଏହାର ଉଚ୍ଚାରଣସ୍ଥାନ ମୂର୍ଦ୍ଧା । ବି. ଶିବ । ଅଂ. ସମ୍ବୋଧନସୂଚକ, କ୍ରୋଧାଦିସୂଚକ, ଦୟା, ବିସ୍ମୟ, ନିୟୋଗ ।

ଉଁ, ଉଁ ଉଁ, ଅଂ. ଦୁଃଖ, କ୍ରୋଧ, ସ୍ୱୀକାରସୂଚକ ଅବ୍ୟୟ ।

ଉଃ, ଅଂ. କ୍ରୋଧ ବା ଦୁଃଖବୋଧକ ଅବ୍ୟୟ ।

ଉଆ, ବିଂ. (ଦେଶଜ) ଅରୁଆ ।

ଉଆପଖିଆ, ବିଂ. (ଦେଶଜ) ଧାନରୁ ଅଳ୍ପ ଉଷାଇଁ ଯେଉଁ ଚାଉଳ କରାଯାଇଥାଏ, ଉଆଚାଉଳ ସଦୃଶ ।

ଉଆସ, ବି. ( ଆବାସର ଅପଭ୍ରଂଶ ) ନଅର, ରାଜବାଟୀ ।

ଉଆଁସ, ବି. (ଅମାବସ୍ୟାର ଅପଭ୍ରଂଶ)ଅମାବସ୍ୟା, ନଷ୍ଟଚନ୍ଦ୍ର ତିଥି ।

ଉଆଁସୀ ବିଂ. ଯେଉଁ କନ୍ୟା ଅମାବସ୍ୟାରେ ଜନ୍ମିଥାଏ । ଯଥା :—

ଉଆଁସୀ କନ୍ୟାକୁ ବିଭା ହୁଏ ଯେ ପୁରୁଷ,
ତାହାର ଦେହ ଲାଗନ୍ତେ ତୁଟଇ ଆୟୁଷ । ସା.ମ.

ଉଆଜ, ବି. ବିଂ. (ଦେଶଜ) ପ୍ରକଟ, ପ୍ରକାଶିତ, ଆୱାଜ, ଶବ୍ଦ ।

ଉଆପସ୍, ବି. (ଯାବନିକ) ପ୍ରତ୍ୟର୍ପଣ ।

ଉଆରଣ୍ଟ୍, ବି. ( ଇଂ Warrant ) ଗିରଫ୍ ପରୱାନା ।

ଉଆରସ୍, ବି. ( ଯାବନିକ ) ଜ୍ଞାତି, ଉତ୍ତରାଧିକାରୀ ।

ଉଆରିଜା, ବି. (ଯାବନିକ) ଜମିଦାରୀ କଚେରୀ ପ୍ରଭୃତିରେ ବ୍ୟବହୃତ ଏକପ୍ରକାର ହିସାବ କାଗଜ, ନିର୍ଦ୍ଦିଷ୍ଟ କ୍ରମରେ ଏହି କାଗଜ ଲେଖାଯାଇ ଥାଏ ।

ଉଇ, ବି (ଦେଶଜ) ପିପୀଲିକାବିଶେଷ ।

ଉଇଠାଙ୍କୁ, ବି. (ଦେଶଜ) ହୁଙ୍କା ଉପରେ ଥିବା ଉଇରାଣୀ ଓ ତାହା ବସା ।

ଉଇଲ / ଉଇଲ୍‌ନାମା } ବି. (ଇଂ Will) ଯେଉଁ ଦଲିଲରେ ଲୋକ ନିଜ ସମ୍ପତ୍ତିର ଉତ୍ତରାଧିକାରୀ ମନୋନୀତ କରିଯାଏ । ଚରମ-ପତ୍ର ।

ଉଇଁବା, ବି. (ଉଦୟ ଶବ୍ଦର ଅପଭ୍ରଂଶ) ଉଦୟ ହେବା । ଯଥା—

ଉଇଁ ଆସୁଅଛି ଚନ୍ଦ୍ରମା କିବା କ୍ଷୀରସାଗରୁ ।

ଉଁକାରିବା କ୍ରି. ବି. ( ଓଁକାରର ଅପଭ୍ରଂଶ ) ଉଚ୍ଚାରଣ କରିବାକୁ ରମ୍ଭ କରିବା । ଯଥା—

ଉଁକାରଣ ଢଁକାର ଉଚ୍ଚାର,
ନାହି କାମ ଗୋପୀନୀଙ୍କ ସହିତ । ବ. ଚ. ମ.

ଉକ୍ଟେଇବା, କ୍ରି. ବି.(ଦେଶଜ) ଲଟକାଇବା ।

ଉକାର, ବି. ଉବର୍ଣ୍ଣ, ଉ ।

ଉକାଳିବା, କ୍ରି. ବି. (ଉଦ୍ଗାର ଶବ୍ଦଜ) ବାନ୍ତି କରିବା, ବମନ କରିବା, ଉକାଳି = ବାନ୍ତି ।

ଉକୀଲ, ବି. (ଯାବନିକ) ବିଚାରାଳୟରେ ଯେଉଁ ବ୍ୟକ୍ତି କ୍ଷମତା ପ୍ରାପ୍ତ ହୋଇ ଅନ୍ୟର ସାହାଯ୍ୟ ନିମିତ୍ତ ପ୍ରତିନିଧିସ୍ୱରୂପ ବ୍ୟବହାର କାର୍ଯ୍ୟ ସମ୍ପନ୍ନ କରନ୍ତି ।

ଉକୁ ବି. (ଯାବନିକ) ଆରମ୍ଭ ।

ଉକୁଚିବା. କ୍ରି.(ଦେଶଜ) ବାହି ଲମ୍ବାଇବା ।

ଉକୁଟିବା, କ୍ରି. ବି. (ଦେଶଜ) ପିତ୍ତଳାଦି ଧାତୁ ପାତ୍ରରେ ଅମ୍ଳ ଦ୍ରବ୍ୟ ରଖିଲେ ଯେଉଁ ରସ ବିକୃତ ହୁଏ, ପ୍ରକଟିତ ହେବା । ଯଥା—

ଉକୁଟନ୍ତେ ଭାଲ ସୁସଙ୍ଗୀତ ଗୀତ,
ଉଦ୍ଧବଙ୍କୁ ନ ମଣେ ରୁଚନ୍ତ ଚିତ୍ତ । ବ. ଯ. ମ.

ଉକୁଠାଇବା, କ୍ରି. ବି. ( ଦେଶଜ ) ବୋଳିବା, ଲଗାଇବା । ଯଥା—

କୁଙ୍କୁମ ଉକୁଠାଇ ହୁଅନ୍ତି ନାରୀ ଯହିଁ,
ହରଦ୍ୱାରେ ଆଦର କରିବେ କାହିଁପାଇଁ । ଲ.ବ.

ଉଖୁଣି, ବି. (ଉଖୁଣ୍ଡିର ଅପଭ୍ରଂଶ) ମସ୍ତକର କୀଟ ବିଶେଷ, କେଶକୀଟ । ଯଥା —

ପେଶ୍ରାବାଳ ମୁକୁଳାଇ ବସିଅଛୁ ଭେଲୁ
ପଡ଼େ ବସି ଅନ କେହୁ ମାରଇ ଉଖୁଣି । ମୁ·ସା·

ଉକ୍ତ, ବିଂ. (ବଚ-ତ, ବ ସ୍ଥାନରେ ଉ) କଥିତ ।

ଉକ୍ତି, ବି. ସ୍ତ୍ରୀ. (ବଚ୍-ତି) କଥା, ବଚନ, ବାକ୍ୟ ।

ଉକ୍ଥ, ବି. ନ. (ବଚ-ଥ) ସାମବେଦ, ହିଂସ୍ର ବେଦ, ସାମବେଦର ଅଂଶ । ପୁଂ. ଯଜ୍ଞବିଶେଷ ।

ଉକ୍ଷ, ବିଂ. (ଉକ୍ଷ୍-ଅ) ସିକ୍ତ, ଧୌତ ।

ଉକ୍ଷଣ, ବି.ନ. (ଉକ୍ଷ-ଅନ) ସେଚନ, ଧୋଇବା ।

ଉକ୍ଷତରୀ, ବି. ସ୍ତ୍ରୀ. (ଉକ୍ଷ-ତର-ଈ) ଗତ-ଯୌବନା ଗାଈ, ପ୍ରୌଢ଼ା ଗାଈ ।

ଉକ୍ଷା, ବି. (ଉକ୍ଷ-ଅନ୍) ଷଣ୍ଢ, ବଳଦ ।

ଉକ୍ଷିତ, ବିଂ. (ଉକ୍ଷ-ତ) ସିକ୍ତ, ଅଭିଷିକ୍ତ, ଲିପ୍ତ ।

ଉଖା, ବି. ସ୍ତ୍ରୀ. (ଉଖ୍-ଅ-ଆ) ପାକପାତ୍ର, ହାଣ୍ଡି, ଚୁଲି ।

ଉଖାଡ଼ିବା, ଉଖାରିବା } କ୍ରି. (ଦେଶଜ) କେଶ ଖୋଳିବା ।

ଉଖ୍ୟ, ବିଂ. (ଉଖା-ଯ) ସ୍ଥାଲିପକ୍ୱ (ମାଂସାଦି) ।

ଉଖୁଡ଼ା, ବି. (ଦେଶଜ) ଗୁଡ଼ମିଶ୍ରିତ ଖଇ ।

ଉଖୁରିଇବା, ବି. କ୍ରି. (ଉଚ୍ଛଳନ ଶବ୍ଦଜ) ଉଛୁଳାଇବା ।

ଉଗୁଡ଼େଇବା, କ୍ରି. ବି. (ଦେଶଜ) ମୁହଁ ମାଡ଼ି ପକାଇବା ।

ଉଗାଳିବା, କ୍ରି. ବିଂ. (ଉଦ୍ଗାରିବାର ଅପଭ୍ରଂଶ) ବାନ୍ତି କରିବା । ଯଥା—

ଗର୍ଭରୁ ସୁଖିଲ ଭକ୍ତ ଉଗାରି ଅନଳ । କ. ବ.

ଉଖାଳିବା, କ୍ରି. ଅଟକାଇବା

ଉଗୁଳା, ବିଂ. ଉଗଳା, ଅବଶିଷ୍ଟ, ଉଚ୍ଛିଷ୍ଟ ।

ଉଗ୍ର, ବିଂ. (ଉଚ=ସମବେତ ବା ମିଳିତ ହୋଇବା-ର) ତୀବ୍ର, ପ୍ରଚଣ୍ଡ, ଭୟାନକ, କୋପନ, କ୍ରୂର, ନିଷ୍ଠୁର । ବି. ପୁଂ. ଶିବ, ଶିବଙ୍କର ବାୟୁମୂର୍ତ୍ତି, ଶୂଦ୍ରା ଗର୍ଭରେ କ୍ଷତ୍ରିୟଙ୍କ ଔରସଜାତ ଜାତିବିଶେଷ; ଅଗୁରୁଜାତ, ବର୍ଣ୍ଣସଙ୍କର-ବିଶେଷ, କେରଳଦେଶ, ଥଳକୁଆଁରି, ଭଙ୍ଗ ।

ଉଗ୍ରଗନ୍ଧ, ବି. ନ. (ଉଗ୍ର-ଗନ୍ଧ) ହେଙ୍ଗୁ । ପୁଂ. ରସୁଣ ଚମ୍ପକ । ବିଂ. ଉତ୍କଟ ଗନ୍ଧବିଶିଷ୍ଟ ।

ଉଗ୍ରଗନ୍ଧା, ବି. ସ୍ତ୍ରୀ. ଅଜମୋଦା, ବଚ, ଯୁଆଣୀ ।

ଉଗ୍ରଚଣ୍ଡା, ବି. ସ୍ତ୍ରୀ. (ଉଗ୍ର-ଚଣ୍ଡା) ଚଣ୍ଡିକାଦେବୀ, ଅତ୍ୟନ୍ତ କୋପନା ସ୍ତ୍ରୀ । (ଚଣ୍ଡିକା ଅର୍ଥରେ) ଯଥା—

ନୃମୁଣ୍ଡ-ମାଳିନୀ ଉଗ୍ର-ଚଣ୍ଡୀ-ଦେବୀ ମଣ୍ଡଳେଶ୍ୱରୀ । ଡଙ୍ଗା ।

ଉଗ୍ରତା, ବି. ସ୍ତ୍ରୀ. (ଉଗ୍ର-ତା) ଉଗ୍ରସ୍ୱଭାବ, ଦୁଷ୍ଟପଣିଆ ।

ଉଗ୍ରତାରା, ବି. ସ୍ତ୍ରୀ. (ଉଗ୍ର-ତାରା) ଭଗବତୀଙ୍କ ମୂର୍ତ୍ତିଭେଦ, ଇନ୍ଦ୍ରାଦି ଦେବଗଣ ଶୁମ୍ଭଦାନବ-କର୍ତ୍ତୃକ ପରାଜିତ ହୋଇ ହିମାଳୟର ଗଙ୍ଗାବତରଣ ସ୍ଥାନରେ ମହାମାୟାଙ୍କ ଆରାଧନା କଲେ । ଆରାଧନା କରିବାକାଳରେ ଦେବୀ ମାତଙ୍ଗିନୀ ବେଶରେ ସେ ସ୍ଥାନରେ ଆସି ପଚାରିଲେ, "ହେ ଦେବଗଣ, ତୁମ୍ଭେମାନେ କାହାର ଆରାଧନା କରୁଅଛ ?" ଏହା ଶୁଣି ଦେବତାମାନେ ଆଶ୍ଚର୍ଯ୍ୟ ହେଲେ । ଏହି ସମୟରେ ସେହି ମାତଙ୍ଗିନୀଙ୍କ କାୟ-କୋଷରୁ ଦେବୀ ଉଗ୍ରତାରା ଆବିର୍ଭୂତ ହୋଇ କହିଲେ, ଦେବଗଣ ମୋର ଆରାଧନା କରୁଅଛନ୍ତି, ମୁଁ ସେମାନଙ୍କ ପାଇଁ ଶୁମ୍ଭଦାନବକୁ ବଧ କରିବି । ଏହା କହି ଦେବୀ ଗୌରୀ ରୂପ ଧାରଣ କଲେ ।

ଉଗ୍ରଧନ୍ୱା, ବି. ପୁଂ. (ଉଗ୍ର-ଧନ୍ୱନ୍) ଶିବ, ଇନ୍ଦ୍ର, ଭୀଷ୍ମ ।

ଉଗ୍ରମୂର୍ତ୍ତି, ବିଂ. (ଉଗ୍ର-ମୂର୍ତ୍ତି) ଭୀଷଣ ମୂର୍ତ୍ତି ।

ଉଗ୍ରଦୃଶ୍ୟ, ବିଂ. (ଉଗ୍ର-ଦୃଶ୍-ଅ) ଭୀମଦର୍ଶନ, କଟୁଭାଷୀ ।

ଉଗ୍ରଶେଖରା, ବି. ସ୍ତ୍ରୀ. (ଉଗ୍ର=ଶିବ-ଶେଖର=କିରୀଟ) ଗଙ୍ଗା ।

ଉଗ୍ରଶ୍ରବାଃ, ବି. ପୁଂ. (ଉଗ୍ର-ଶ୍ରବସ୍) ଲୋମହର୍ଷଣ ସୌତି, ଧୃତରାଷ୍ଟ୍ର ପୁତ୍ର । ବିଂ. ଉଗ୍ରକର୍ଣ୍ଣବିଶିଷ୍ଟ ।

ଉଗ୍ରସେନ, ବି. ପୁଂ. ( ଉଗ୍ର-ସେନା ) ମଥୁରା-ଦେଶର ରାଜାବିଶେଷ, କଂସର ପିତା ।

ଉଗ୍ରସ୍ୱଭାବ, ବିଂ. (ଉଗ୍ର-ସ୍ୱଭାବ) ଯାହାର ସ୍ୱଭାବ ଉଗ୍ର, ଯେ ଅଳ୍ପକେ କ୍ରୋଧ କରେ ।

ଉଘାଡ଼ (ଉଦ୍‌ଘାଟ ଶବ୍ଦଜ ? ଏକପ୍ରକାର ଭାଣ୍ଡ ବା ମଞ୍ଚା ।

ଉଘେଇବା, କ୍ରି. ( ଉଲ୍ଲେଖ ଶବ୍ଦଜ ) ଦୋଷ ଉଲ୍ଲେଖ କରି ଗାଳି ଦେବା ।

ଉଙ୍କିବା } (ଦେଶଜ କ୍ରିୟା ଲୁଚି ମୁଣ୍ଡ
ଉଙ୍କି ମାରିବା } ଟେକି ଦେଖିବା ।

ଉଚିତ, ବିଂ. (ବଚ-ଇତ) ନ୍ୟାଯ୍ୟ, ଯୋଗ୍ୟ, କର୍ତ୍ତବ୍ୟ, ପରିଚିତ, ଅଭ୍ୟସ୍ତ, ଉପଯୁକ୍ତ, ନ୍ୟସ୍ତ ।

ଉଚ୍ଚ, ବିଂ. (ଉତ୍-ଚି-ଅ) ଉଚ୍ଚ, ଉନ୍ନତ, ତୁଙ୍ଗ ।

ଉଚ୍ଚୟ, ବି. ପୁଂ. (ଉତ୍-ଚି-ଅ) ଚୟନ, ସମୂହ, ରାଶି ।

ଉଚ୍ଚତମ, ବିଂ. (ଉଚ୍ଚ-ତମ) ସର୍ବାପେକ୍ଷା ଉଚ୍ଚ, ଅତି ଉଚ୍ଚ ।

ଉଚ୍ଚତର, ବିଂ ( ଉଚ୍ଚ-ତର ) ଦୁଇଟି ମଧ୍ୟରେ ଉଚ୍ଚ ।

ଉଚ୍ଚତା, ବି. ସ୍ତ୍ରୀ. (ଉଚ୍ଚ-ତା, ଭାବାର୍ଥେ) ଉଚ୍ଚର ଅବସ୍ଥା, ଔନ୍ନତ୍ୟ ।

ଉଚ୍ଚରିତ, ବିଂ. ( ଉତ୍-ଚର-ତ ) ଶବ୍ଦାୟିତ, କଥିତ, ଉକ୍ତ ।

ଉଚ୍ଚଳିତ, ବିଂ. (ଉତ୍-ଚଳ-ତ) ନିର୍ଗତ, ପ୍ରସ୍ଥିତ ।

ଉଚ୍ଚବାଚ, ବି. (ଉଚ୍ଚବାକ୍ ଶବ୍ଦଜ) ଅନ୍ୟୋନ୍ୟ ଉତ୍ତର ପ୍ରତ୍ୟୁତ୍ତର କରିବା । ପରସ୍ପର କଳହ କରିବା ।

ଉଚ୍ଚା }
ଉଞ୍ଚା } ବି. ଉଚ୍ଚତା ।

ଉଚ୍ଚାଟ, ବି. ( ଉଚ୍ଚ-ଅଟ-ଅ ) ଚଞ୍ଚଳତା, ଉଦ୍‌ବେଗ, ଉତ୍କଣ୍ଠା । ଯଥା—

କରୁଥିଲା କେ କୁନ୍ତଳ ମାର୍ଜନ,
କରିଇଲା ଉଚାଟ ତା ବର୍ଜନ । ର. କ,

ଉଚ୍ଚାଟନ, ବି. ନ. ( ଉଚ୍ଚ-ଅଟ-ଅନ ) ଚଞ୍ଚଳୀ-କରଣ, ଉଦ୍‌ବେଗ, ଉତ୍କଣ୍ଠା, ମନର ବ୍ୟାକୁଳତା ଜନ୍ମାଇବା ଉଦ୍ଦେଶ୍ୟରେ ତନ୍ତ୍ରଶାସ୍ତ୍ରୋକ୍ତ ଅନୁଷ୍ଠାନବିଶେଷ ।

ଉଚ୍ଚାର, ବି. ପୁଂ. (ଉତ୍-ଚର-ଅ) ମଳ, ବିଷ୍ଠା, ଉଚ୍ଚାରଣ ।

ଉଚ୍ଚାରଣ, ବି. ନ. (ଉତ୍-ଚୃର-ଅନ) କଥନ, ଶବ୍ଦପ୍ରୟୋଗ, କୀର୍ତ୍ତନ ।

ଉଚ୍ଚାରଣସ୍ଥାନ, ବି. ନ. (ଉଚ୍ଚାରଣ-ସ୍ଥାନ) କଣ୍ଠ ପ୍ରଭୃତି ଯେଉଁ ସ୍ଥାନରୁ ଶବ୍ଦମାନେ ଉଚ୍ଚାରିତ ହୁଅନ୍ତି ।

ଉଚ୍ଚାରିତ, ବିଂ. (ଉତ୍-ଚୃର-ତ) ଯାହା ଉଚ୍ଚାରଣ କରାଯାଇଅଛି ।

ଉଚ୍ଚାବଚ, ବିଂ. (ଉଚ୍ଚ-ଅବଚ) ବନ୍ଧୁର, ଖାଲ-ଢିପ, ଭଲମନ୍ଦ, ନାନାପ୍ରକାର ।

ଉଚ୍ଚୈଃ, ଅଂ. (ଉତ୍-ଚି-ଐସ୍) ଉଚ୍ଚ, ଉନ୍ନତ, ପ୍ରଚୁର, ଯଥେଷ୍ଟ, ଅଧିକ ।

ଉଚ୍ଚୈଃଶ୍ରବାଃ, ବି.ପୁଂ.(ଉଚ୍ଚୈଃ-ଶ୍ରବସ୍) ଇନ୍ଦ୍ରଙ୍କର ଘୋଟକ । ବିଂ. ବଧିର, ଉଚ୍ଚକର୍ଣ୍ଣଯୁକ୍ତ ।

ଉଚ୍ଛ }
ଉଚ୍ଛବ } ବି. ( ଉତ୍ସବ ଶବ୍ଦଜ ) ସମାରୋହ, ବିବାହର ପରବର୍ତ୍ତୀ ଦିନ ।

ଉଚ୍ଛୁଡ଼ିବା, କ୍ରି. ( ଦେଶଜ ) ଓଟାରିନେବା, ଝିଙ୍କିବା, ଆକ୍ରମଣ କରିବା ।

ଉଚ୍ଛନ୍ନ, ବିଂ. ( ଉତ୍-ଛଦ-ତ ) ନଷ୍ଟ । (ଦେଶଜ) ଚଞ୍ଚଳ, ବ୍ୟଗ୍ର । ଯଥା—

ଏକାଳେ ଡଗର ଦିଅଇ ନାଗରୀ,
ଶୁଣି ନଗ୍ରଜନେ ଉଚ୍ଛନ୍ନ । ଲା. ବି.

ଉଚ୍ଛଳିତ, ବିଂ. (ଉତ୍-ଶଳ-ତ) ଉଦ୍‌ଗତ, ଉତ୍‌ଥିତ ।

ଉଚ୍ଛାଦନ, ବି. ନ. ( ଉତ୍-ଛଦ୍-ଣିଚ୍-ଅନ ) ଉଦ୍‌ବର୍ତ୍ତନ, ଦେହରୁ ଘର୍ଷଣାଦିଦ୍ୱାରା ମଳ ଛଡ଼ାଇବା ।

ଉଚ୍ଛାସ୍ତ୍ର, ବିଂ. ( ଉତ୍-ଶାସ୍ତ୍ର ) ଶାସ୍ତ୍ରବହିର୍ଭୂତ, ଅଶାସ୍ତ୍ରୀୟ ।

ଉଚ୍ଛିଖା, ବିଂ. ( ଉତ୍-ଶିଖା ) ଉନ୍ନତଜାଳ, ଉନ୍ନତାଗ୍ର ।

ଉଚ୍ଛିନ୍ନ, ବିଂ. ( ଉତ୍-ଛିଦ୍-ତ ) ବିନାଶିତ, ଉତ୍ପାଟିତ, ଉନ୍ମୂଳିତ ।

ଉଚ୍ଛିଷ୍ଟ, ବିଂ. ( ଉତ୍-ଶିଷ୍-ତ ) ଭୁକ୍ତାବଶିଷ୍ଟ, ଅଇଣ୍ଠା ।

ଉଚ୍ଛୀର୍ଷକ, ବି. ନ. (ଉତ୍-ଶୀର୍ଷ-କ) ଉପାଧାନ, ତକିଆ ।

ଉଚ୍ଛୂନ, ବି. ନ. (ଉତ୍-ଶି-ତ) ସ୍ଫୀତ, ବର୍ଦ୍ଧିତ, ଉନ୍ନତ ।

ଉଚ୍ଛୃଙ୍ଖଳ, ବିଂ. (ଉତ୍-ଶୃଙ୍ଖଳ) ସ୍ୱେଚ୍ଛାଚାରୀ, ଅନିୟନ୍ତ୍ରିତ, ବିଶୃଙ୍ଖଳ ।

ଉଚ୍ଛେଦ, ବି. ପୁଂ. ( ଉତ୍-ଛିଦ୍-ଅ ) ବିନାଶ, ଉନ୍ମୂଳନ ।

ଉଚ୍ଛେଦକ, ବିଂ. (ଉତ୍-ଛିଦ୍-ଅକ ) ଯେ ଉଚ୍ଛେଦ କରେ, ବିନାଶକ ।

ଉଚ୍ଛ୍ରୟ, } ବି. ପୁଂ. (ଉତ୍-ଶ୍ରି-ଅ) ଉଚ୍ଚତା,
ଉଚ୍ଛ୍ରାୟ, } ଉନ୍ନତି ।

ଉଚ୍ଛ୍ୱସିତ, ବିଂ. ( ଉତ୍-ଶ୍ୱସ୍-ତ ) ପ୍ରସ୍ଫୁଟିତ, ବିକଶିତ, ସ୍ଫୀତ, ବିଶ୍ଳିଷ୍ଟ, ଆନନ୍ଦିତ । ବି. ଉଚ୍ଛ୍ୱାସ. ନିଃଶ୍ୱାସ, ସ୍ଫୁରଣ, କମ୍ପନ ।

ଉଚ୍ଛ୍ୱାସ, ବି. ପୁଂ. (ଉତ୍-ଶ୍ୱସ୍-ଅ) ନିଃଶ୍ୱାସ, ପ୍ରାଣ, ବିଶ୍ଳେଷ, ବିକାଶ, ଆଶ୍ୱାସ, ପରିଚ୍ଛେଦ, ଶୋକ ହେତୁରୁ ଦୀର୍ଘ ନିଃଶ୍ୱାସ । ସ୍ତ୍ରୀ., ଯେପରି ଆନନ୍ଦୋଚ୍ଛ୍ୱାସ, ପ୍ରେମୋଚ୍ଛ୍ୱାସ । ଯଥା—

ବ୍ରୀଡ଼ାବତୀ ନବ-ପ୍ରେମଶୀଳା-ପ୍ରେମ-ଉଚ୍ଛ୍ୱାସପ୍ରଭ । ଉଷା ।

ଉଜୁଣି, ଅଂ. ( ଗ୍ରାମ୍ୟ, ଏହିକ୍ଷଣର ଅପଭ୍ରଂଶ ) ବର୍ତ୍ତମାନ ।

ଉଜୁର, ବିଂ. (ଉତ୍-ଋ ଧାତୁଜ) ବିଳମ୍ବ, ଡେରି ।

ଉଜୁଳିବା, କ୍ରି. ବି. ( ଉଜ୍ଜ୍ୱଳ ଶବ୍ଦଜ ) ତରଳ-ପଦାର୍ଥ ଉପରକୁ ଉଠିବା, ଜଳାଦି ଗାର-ଉପରକୁ ମାଡ଼ିଯିବା । ଉଦ୍ଧତ ଓ ଗର୍ବିତ ହେବା ।

ଉଜ, ବିଂ. (ଉତ-ଜନ୍ ଧାତୁଜ ବା ଉଜ୍ଜ୍ୱଳ ଶବ୍ଦଜ) ଶ୍ରେଷ୍ଠ, ତେଜ । ଯଥା—

କନ୍ୟାଉଜେ, କନ୍ୟା ଉଜ ଶୁଣିଲ ବାଣୀ । ଲ. ଭୁ.

ଉଜଳା, ବି. ଯେ ଉଜ୍ଜ୍ୱଳ କରେ, ଧୋବା

ଉଜାଗର, ବିଂ. ( ଉଜ୍ଜାଗର ଶବ୍ଦଜ ) ଅନିଦ୍ର, ଜାଗ୍ରତ । ବି. ଅନିଦ୍ରା, ନିଦ୍ରାର ଅଭାବ ଯଥା—

ଯେ ଝାସିଥାଇ ସାଗରେ, ଶିବରାତ୍ରି ଉଜାଗରେ,
ବସେ କୈଳାସ ନଗରେ, ବଧିଯୋଗରେ । ପ୍ରେ. ସୁ. ନି.

ଉଜାଡ଼, ବି. (ଦେଶଜ) ନାଶ, ଧ୍ୱଂସ, ଲୋକଶୂନ୍ୟ

ଉଜାଣି, ବି. (ଉଜାନ ଶବ୍ଦଜ) ଉପରକୁ ଉଠିବା, ନଦୀ ସ୍ରୋତର ବିପରୀତ ଆଡ଼କୁ ଉଠିବା । ଯଥା—

ମାତ୍ର ଭଜନ କି ଭବେ କେହି ପ୍ରାଣୀ
ଭସିବାକୁ କାଳପ୍ରବାହେ ଉଜାଣି । ନ. କେ.

ଉଜିର, ବି. (ଯାବନିକ) ସଚିବ, ମନ୍ତ୍ରୀ ।

ଉଜୁଡ଼ା, ବିଂ. ( ଦେଶଜ ) ନାଶକାରୀ, ବିନାଶକ ।

ଉଜୁଡ଼ିବା, କ୍ରି. ବି. (ଦେଶଜ) ନଷ୍ଟ ହେବା । ଯଥା—

ଜନ-ପଙ୍କ-ପଙ୍କଜବନକୁ ଉଜାଡ଼ିବେ ।

ଉଜ୍ଜୟିନୀ, ବି. (ଉତ୍-ଜି-ଇନ୍-ଈ) ଅବନ୍ତୀନଗରୀ, ବିକ୍ରମାଦିତ୍ୟଙ୍କ ରାଜଧାନୀ; ଏହି ସ୍ଥାନର ଲୋକ ସ୍ୱଭାବତଃ ଜୟଶୀଳ ବୋଲି ଏ ସ୍ଥାନର ନାମ ଉଜ୍ଜୟିନୀ ।

ଉଜ୍ଜୀବନ, ବି. ନ. (ଉତ୍-ଜୀବ୍-ଅନ) ମୂର୍ଚ୍ଛା ଓ ଅଚୈତନ୍ୟ ଉତ୍ତାରୁ ଯେ ଚେତନା ଲାଭ କରିଅଛି, ଚୈତନ୍ୟଲାଭ ।

ଉଜ୍ଜୃମ୍ଭ, ବି. ପୁଂ. ( ଉତ୍-ଜୃମ୍ଭ-ଅ ) ବିକାଶ ବିଂ. ବିକଶିତ ।

ଉଜ୍ଜ୍ୱଳ, ବିଂ. (ଉତ୍-ଜ୍ୱଳ୍-ଅ) ନିର୍ମଳ, ପରିଷ୍କାର, ଦୀପ୍ତିମାନ୍, ଭାସ୍ୱର । ବି. ସୁବର୍ଣ୍ଣ, ଶୃଙ୍ଗାରରସ।

ଉଜ୍ଝିତ, ବିଂ. (ଉଜ୍-ଝ-ତ) ତ୍ୟକ୍ତ, ବିସୃଷ୍ଟ ।

ଉଝଟ, ବି. (ଦେଶଜ) ଦୁଷ୍ଟ, ଖେଚଡ଼ା, ଶଠ, ଭଣ୍ଡ ।

ଉଖାଳିବା, କ୍ରି. ବି. (ଉତ୍କ୍ଷାଳ ଶବ୍ଦଜ) ପରିଷ୍କାର କରିବା, ପଙ୍କୋଦ୍ଧାରକରଣ ।

ଉଖେଇ, କ୍ରି. ବି. ( ଗ୍ରାମ୍ୟ ) ଅକାରଣ, ମାଡ଼ିହାଳିଆ ।

ଉଞ୍ଚ, ବି. (ଉଚ୍ଚ ଶବ୍ଦଜ) ଉଚ୍ଚ, ଉନ୍ନତ ।

ଉଞ୍ଚେଇବା, କ୍ରି. (ଦେଶଜ) ଆଘାତାର୍ଥ ଠେକିବା ।

ଉଞ୍ଛ, ବି. ପୁଂ. (ଉଞ୍ଛ-ଅ) ଜୀବିକାନିମିତ୍ତ ଧାନ୍ୟାଦି ଖୁଣ୍ଟି ନେବା ।

ଉଞ୍ଛିବା, କ୍ରି. ବି ( ଉଞ୍ଛ ଶବ୍ଦଜ ) ଗାଉଁଳିବା, ଲୁଗାର କୁଞ୍ଚ ସଜାଡ଼ିବା । ଡାଳରୁ ପତ୍ରାଦି ଓଟାରି ପକାଇବା ।

ଉଞ୍ଛବୃତ୍ତି, ବି. ସ୍ତ୍ରୀ. (ଉଞ୍ଛ-ବୃତ୍ତି) ସାମାନ୍ୟ ବୃତ୍ତି, ସାମାନ୍ୟ ବ୍ୟବସାୟ ।

ଉଟ, ବି. ପୁଂ. (ଉ=ଶବ୍ଦକରିବା-ଟ) ଲମ୍ବୋଷ୍ଠ, ଉଷ୍ଟ୍ର । ନ. ତୃଣ, ପର୍ଣ୍ଣ ।

ଉଟଜ, ବି. ପୁଂ. ( ଉଟ=ପର୍ଣ୍ଣ-ଜ=ନିର୍ମିତ ) ପତ୍ରାଦିନିର୍ମିତ କୁଟୀର, ପର୍ଣ୍ଣଶାଳା ।

ଉଠ, ବି. (ଉତ୍ତିଷ୍ଠ ଶବ୍ଦଜ) ଉଠିବା, ଅସ୍ଥାୟୀ ।

ଉଠାଣ, ବି. (ଉତ୍ଥାନ ଶବ୍ଦଜ) ଦୋକାନୀଠାରୁ ଦ୍ରବ୍ୟାଦି କାଳରେ ନେବା, ମେଘର ନିମ୍ନ ଉଚ୍ଚତର ସ୍ଥାନ ଆଡ଼କୁ ଗମନ, ଉତ୍ତୋଳନ, ଉପରୁ ଆଣିବା ।

ଉଠାଣି, ବି. (ଉତ୍ଥାନ ଶବ୍ଦଜ) ଉପରକୁ ଯିବା, ଊର୍ଦ୍ଧ୍ୱଗତି । ବିଂ. ଯେ ଉପରକୁ ଯାଏ ।

ଉଠିଆ, ବିଂ (ଉତ୍ଥାନ ଶବ୍ଦଜ) ଆବାଦୀ, ଉନ୍ନତ, ଉପୁରି ।

ଉଠିଆରି, ବି. ( ଉତ୍ଥାନ ଶବ୍ଦଜ ) ଶିଶୁ ଜନ୍ମର ସପ୍ତମ ଦିବସରେ କୃତ ଅନୁଷ୍ଠାନବିଶେଷ । ଯଥା—

ବରଷ ଏ ପାଖ ଉଠିଆରି ସମ୍ବାଦ । ବୈ. ବି,

ଉଠିବା, କ୍ରି. ବି (ଉତ୍ଥାନ ଶବ୍ଦଜ) ଦଣ୍ଡାୟମାନ ହେବା, ଅଙ୍କୁରୋଦ୍ଗତ, ଉନ୍ନତ ହେବା, ଉତ୍ଥିତ ହେବା । ଯଥା—

ଅଗ୍ନି ଯେ କୁଣ୍ଡ ମଧ୍ୟେ ଥିଲ; ବିପ୍ରଙ୍କ ସଙ୍ଗତେ ଉଠିଲ ।

ଉଡ଼ା, ବି. (ଉଡ୍ଡୀନ ଶବ୍ଦଜ) ଉଡ଼ିବା, ଆକାଶ ମାର୍ଗରେ ଉଠିବା, ପବନବେଗରେ ତୃଣାଦିର ସ୍ଥାନାନ୍ତରିତ ହେବା । ବିଂ. ଉଡୁଥିବା, ଅନିଶ୍ଚିତ, ଅସ୍ଥିର ।

ଉଡ଼ାଣିଆ, ବିଂ. (ଦେଶଜ) ଅପବ୍ୟୟୀ ।

ଉଡ଼ିବା, କ୍ରି. ବି. (ପ୍ରାକୃତଜ) ଆକାଶ ମାର୍ଗରେ ବିଚରଣ କରିବା, ପବନ ବେଗରେ ଚାଳିତ ହେବା । ବିଂ. ଉଡ଼ୁଥିବା, ଯାହା ଉଡ଼େ ।

ଉଡ଼ିଶା, ବି. (ଉଡ୍ର ଶବ୍ଦଜ) ଉତ୍କଳଦେଶ ।

ଉଡ଼ୁ, ବି. ସ୍ତ୍ରୀ. (ଉଡ-ଉ ଅଥବା ଉତ୍-ଡୀ-ଉ) ନକ୍ଷତ୍ର, ତାରା, ଜଳ ।

ଉଡ଼ୁକାନ୍ତ, ବି.ପୁଂ. (ଉଡ଼ୁ-କାନ୍ତ) ଚନ୍ଦ୍ର । ଯଥା —

ଉଡ଼ୁକାନ୍ତମୁଖୀ ଚିନ୍ତା କରୁ କରୁ,
ଉତ୍କଣ୍ଠା ମନ ଦମ୍ଭ ଧରୁ ଧରୁ । ବି, ଚି.

ଉଡ଼ୁପ } ବି. ପୁଂ. ନ. (ଉଡ଼ୁ-ପା-ଅ) ଚନ୍ଦ୍ର,
ଉଡୁପ } ନୌକା, ଭେଳା । ଯଥା —

ସାଲିଳେ ଉଡ଼ୁପ ଦେଖି ତୋ ହୋଇଅଛି ଚୌଗୁଣ,
ସଲିଳେ ଉଡ଼ୁପବଦନ ଖେଳିବାକୁ ମୋ ମନ । ଲା. ବି.

ଉଡ଼ୁପତି, ବି. ପୁଂ. (ଉଡ଼ୁ-ପତି) ଚନ୍ଦ୍ର, ବରୁଣ, କର୍ପୂର ।

ଉଡ଼ୁପଥ, ବି. ପୁଂ. (ଉଡ଼ୁ-ପଥ) ଆକାଶ ।

ଉଡ଼ୁମ୍ବର } ବି. ପୁଂ. ( ଉଡ଼ୁଂ-ବୃ-ଅ )
ଉଦୁମ୍ବର } ଯଜ୍ଞଡିମ୍ବିରିଗଛ । ଯଥା—

ଉଡ଼ୁମ୍ବର ଫଳ ଏ ବାୟୁ ପରଶେ
ପରିପୂର୍ଣ୍ଣ ହୁଅଇ ମଧୁର ରସେ । ମେ. ଦୂ.

ବି. ନ. ତାମ୍ର, ଦୁଇତୋଳା ପରିମାଣ, ଦେହଳୀ, କୁଷ୍ଠରୋଗବିଶେଷ ।

ଉଡ୍ଡୟନ, ବି. ନ. (ଉତ୍-ଡୀ-ଅନ) ଉଡ଼ିବା ।

ଉଡ୍ଡାମର, ବିଂ. (ଉତ୍-ଡାମର) ଶ୍ରେଷ୍ଠ, ଅତି ପ୍ରଚଣ୍ଡ ।

ଉଡ୍ଡୀନ, ବି. (ଉତ୍-ଡୀ-ତ) ଉତ୍ପତିତ, ଊର୍ଦ୍ଧ୍ୱଗତ, ଯାହା ଉଡ଼ିଅଛି ।

ଉଡ୍ଡୀୟମାନ, ବିଂ. (ଉତ୍-ଡୀ-ଯ-ଆନ) ଉଡ଼ନ୍ତା, ଉଡୁଥିବା, ।

ଉତାଲ, ବି. ଆଢୁଆଳ, ଅବରଣ ।

**ଉଣ୍ଡିବା**, କ୍ରି. ( ଦେଶଜ ) ଖୋଜିବା, ଠଉର କରିବା ।

**ଉତ**, ବିଂ. ( ବେ-ତ ) ତନ୍ତୁବାୟନିର୍ମିତ । ଅଂ. (ଉ-ତ) ସନ୍ଦେହ, ପ୍ରଶ୍ନ, ବିତର୍କ ।

**ଉତଣ୍ଡ**, ବିଂ. (ଦେଶଜ) ଉତ୍କଣ୍ଠିତ ।

**ଉତାରିବା**, କ୍ରି. ବି. ( ଉତ୍-ଉପସର୍ଗ ତୃ ଧାତୁଜ ) ପ୍ରସ୍ତୁତ କରିବା—ଚିତ୍ରସମ୍ବନ୍ଧରେ, ପୃଥକ୍ କରିବା, ଓହ୍ଲାଇବା ବା ଖୋଳିବା ଯଥା—

ଏହା ତହୁ ପାହୁଁ କଳକାଙ୍କ ଭୂଷା
ଉତାରିଲ ଖେଳାଙ୍ଗ-ଦୂଶା । ନ, କେ.

**ଉତୁଆଣି**, ବିଂ. (ଦେଶଜ) ଦୁଗ୍ଧପୋଷ୍ୟ ଶିଶୁ । ଯେଉଁ ପିଲା ନିଜ ଇଚ୍ଛାରେ କଡ଼ମାଡ଼ିଶୋଇ ପାରେ ନାହିଁ ।

**ଉତୁରିବା**, କ୍ରି. ବି. ( ଉତ୍-ଉପସର୍ଗ ତୃ ଧାତୁଜ) ଅବତୀର୍ଣ୍ଣ ହେବା, ଉପସ୍ଥିତ ହେବା, ଦୁଗ୍ଧାଦି ଗରମ ହୋଇ ପାତ୍ରରେ ସ୍ଫୀତ ହେବା, ଉତ୍ତୀର୍ଣ୍ଣ ହେବା ।

**ଉତୁରି** } ବି. ( ଉତ୍ତରୀୟ ଶବ୍ଦଜ )
**ଉତ୍ତରି** } ଦୋପଡ଼ା, ଆଚ୍ଛାଦନ ବସ୍ତ୍ର ।

**ଉତ୍କ**, ବିଂ. ( ଉତ୍-କ ) ଉଦ୍‌ବିଗ୍ନ, ଚଞ୍ଚଳ, ଉତ୍ସୁକ ।

**ଉତ୍କଟ**, ବିଂ. (ଉତ୍-କଟ ) ଉଦ୍ଦାମ, ଅଧିକ, ଦୁଃସାଧ୍ୟ, ତୀବ୍ର । ବି. ପୁଂ. ମତ୍ତହସ୍ତୀ । ବି. ନ. ତେଜପତ୍ର ।

**ଉତ୍କଣ୍ଠା**, ବି. ସ୍ତ୍ରୀ. ( ଉତ୍ = ଅତିଶୟ-କଣ୍ଠ-ଆ ) ଉଦ୍‌ବେଗ, ଚିନ୍ତା, ଭାବନା, ବେଦନା, ଔତ୍ସୁକ୍ୟ । ଯଥା—

ଉତ୍କଣ୍ଠାକୁଳ ହୋଇ ବନକୁ ପ୍ରବେଶ,
ସଜୀବ ମଣି ହୃଦ କଥା ପ୍ରକାଶେ । ମେ. ଦୂ,

**ଉତ୍କଣ୍ଠିତ** ବିଂ. ( ଉତ୍କଣ୍ଠା-ଇତ ) ଉଦ୍‌ବିଗ୍ନ, ଉତ୍ସୁକ ।

**ଉତ୍କଣ୍ଠିତା**, ବି. ସ୍ତ୍ରୀ. (ଉତ୍କଣ୍ଠିତ-ଆ) ନାୟିକା-ବିଶେଷ, ବିରହୋତ୍କଣ୍ଠିତା ନାୟିକା, ସ୍ୱାମୀ ନ ଆସିବାରୁ ଦୁଃଖିତହୃଦୟରେ ରହିଥିବା ନାୟିକା । ବିଂ. ଉଦ୍‌ବିଗ୍ନା ।

**ଉତ୍କର** } ବି. ପୁଂ. (ଉତ୍ = ଊର୍ଦ୍ଧ୍ୱ-କର = କ୍ଷେପ
**ଉତ୍କାର** } କରେ) ରାଶି, ପୁଞ୍ଜ, ଗଦା, ସମୂହ ପ୍ରସାରଣ, ବିକ୍ଷେପ ।

**ଉତ୍କର୍ତ୍ତନ**, ବି. ନ. (ଉତ୍-କୃତ୍-ଅନ) ଖଣ୍ଡ ଖଣ୍ଡ କରି କାଟିବା, ବସ୍ତୁ ଖଣ୍ଡରେ ବିଭକ୍ତ କରିବା ।

**ଉତ୍କର୍ଷ**, ବି. ପୁଂ. ( ଉତ୍-କୃଷ-ଅ ) ଆତିଶଯ୍ୟ, ଆଧିକ୍ୟ, ଶ୍ରେଷ୍ଠତା, ଉନ୍ନତି ।

**ଉତ୍କଳ**, ବି. ପୁଂ. (ଉତ୍-କଳ୍-ଅ) ଓଡ଼ିଶା ଦେଶ, ବ୍ୟାଧ । ବିଂ. ଉତ୍କଣ୍ଠିତ । ଯଥା—

ଉତ୍କଳେ ଉତ୍କଳ ହୋଇ ବିରହେ ଘାର,
ଗତଯା ଏ ଗଉରବ ନଉଡ଼ି କର । ଲା. ବ,

**ଉତ୍କଳିକା**, ବି. ସ୍ତ୍ରୀ. (ଉତ୍-କଲ-ଅକ-ଆ) ଲହରୀ, ତରଙ୍ଗ, ଫୁଲର କଢ଼ି, ଉତ୍କଣ୍ଠା, ଉଦ୍‌ବେଗ । ବିଂ. ସଂଜାତକୋରକ, ଯେଉଁ ବୃକ୍ଷରେ କୋରକ ବା କଳିକା ଜନ୍ମିଥାଏ । ଯଥା—

ନଦୀପେ ଶ୍ରିତକୀ କାଦମ୍ବିନୀ ପ୍ରତି ଯେତେହେଁ ଲଘୁ ରଖିଥାଇ ।
ଉତ୍କଳିକାକୂଳେ ରହିଲା ବିମଳା ଆଗମନକୁ ଅନାଇ । ସ. କେ,

**ଉତ୍କାଶ**, ବି. ପୁଂ. (ଉତ୍-କଶ୍-ଅ) କାଶରୋଗ-ବିଶେଷ, ବମନରୋଗ ।

**ଉତ୍କିର**, ବିଂ. (ଉତ୍-କୃ-ଅ) ଉତ୍‌କ୍ଷେପକ ।

**ଉତ୍କୀର୍ଣ୍ଣ**, ବିଂ. (ଉତ୍-କୃ-ତ) ଉତ୍‌କ୍ଷିପ୍ତ, ଖାତ, ଖୋଦିତ, ଉଲ୍ଲିଖିତ, ବିଦ୍ଧ, ଶାଣରେ ଘଷା ହୋଇ ପରିଷ୍କୃତ । ଯଥା—

ଶାଣେ ଉତ୍କୀର୍ଣ୍ଣ କି ବଣିଙ୍ଗ ଏସନ ଆପର ତଟେ । ଉଷା ।

**ଉତ୍କୀର୍ତ୍ତନ**, ବି. ନ. (ଉତ୍-କୀର୍ତ୍ତି-ଅନ) ବର୍ଣ୍ଣନ, ପ୍ରଶଂସା ।

**ଉତ୍କୁଟ**, ବି. ନ. (ଉତ୍-କୁଟ୍-ଅ) ଉତ୍ତାନଶୟନ, ଚିତ୍ ହୋଇ ଶୋଇବା ।

**ଉତ୍କୁଣ**, ବି. ପୁଂ. ( ଉତ୍-କୁଣ୍-ଅ ) ଉକୁଣି, କେଶକୀଟ ।

**ଉତ୍କୂଟ**, ବି. ପୁଂ. (ଉତ୍-କୂଟ-ଅ) ଛତ୍ର, ଛତା ।

**ଉତ୍କୂଳିତ**, ବିଂ. ( ଉତ୍-କୂଳ-ଇତ ) କୂଳ ଉପରିକୁ ଯାଇ, ଉଦ୍‌ବେଳ ।

ଉତ୍କୃତ୍ତ, ବିଂ. (ଉତ୍-କୃତ୍-ତ) ଛିନ୍ନ, ଉତ୍ଖାତ, ଉତ୍କୃଷ୍ଟ । ବିଂ. (ଉତ୍-କୃଷ୍-ତ) ଶ୍ରେଷ୍ଠ, ପ୍ରଧାନ, ଉତ୍ତମ ।

ଉତ୍କୋଚ, ବି ପୁଂ. ( ଉତ୍-କୁଚ-ଅ ) ଲାଞ୍ଚ, ଘୁସବତ୍ ।

ଉତ୍କ୍ରମ, ବି ପୁଂ. ( ଉତ୍-କ୍ରମ୍-ଅ ) ବ୍ୟତିକ୍ରମ, ବିଲୋମ, ନିର୍ଗମନ ।

ଉତ୍କ୍ରାନ୍ତ, ବିଂ. (ଉତ୍-କ୍ରମ୍-ତ) ଉଦ୍ଗତ, ଅତିକ୍ରାନ୍ତ, ଉଲ୍ଲଂଘିତ, ମୃତ ।

ଉତ୍କ୍ରୋଶ, ବି. ପୁଂ. (ଉତ୍-କ୍ରୁଶ୍-ଅ) କୁରରୀ ପକ୍ଷୀ, ଚହ୍ଲାର ।

ଉତ୍କ୍ଷିପ୍ତ, ବିଂ. (ଉତ୍-କ୍ଷିପ୍-ତ) ଊର୍ଦ୍ଧ୍ୱକୁ ନିକ୍ଷିପ୍ତ ।

ଉତ୍କ୍ଷିପ୍ତକମ୍ପନ, ବି. ନ. (Perpendicular shocks of earthquake) ଭୂମିକମ୍ପର ପ୍ରକାରବିଶେଷ, ଏହି ପ୍ରକାର ଭୂମିକମ୍ପରେ ଉପରକୁ ଉତ୍କ୍ଷିପ୍ତ ହେବା ପରି ବୋଧ ହୁଏ ।

ଉତ୍କ୍ଷେପ, ପୁଂ. } ବିଂ. (ଉତ୍-କ୍ଷିପ୍-ଅ, ଅନ)
ଉତ୍କ୍ଷେପଣ, ନ. } ଊର୍ଦ୍ଧ୍ୱକୁ ନିକ୍ଷେପ ।

ଉତ୍ଖାତ, ବିଂ. ( ଉତ୍-ଖନ୍-ତ ) ଉତ୍ପାଟିତ, ଉନ୍ମୂଳିତ, ବିଦାରିତ ।

ଉତ୍ଖାତକେଳି, ବି. ବପ୍ରକ୍ରୀଡ଼ା, ଶୃଙ୍ଗାଦିଦ୍ୱାରା ବୃଷ ଓ ଗଜାଦିର ମୃତ୍ତିକା ଖନନ ।

ଉତ୍ତ, ବିଂ. (ଉନ୍ଦ-ତ) ଓଦା, ଆର୍ଦ୍ର ।

ଉତ୍ତଂସ, ବି. ପୁଂ (ଉତ୍-ତନ୍ସ୍-ଅ) କର୍ଣ୍ଣଭୂଷଣ, ଶିରୋଭୂଷଣ, କୌଣସି ଶବ୍ଦର ପରେ ପ୍ରଯୁକ୍ତ ହେଲେ ଶ୍ରେଷ୍ଠ, ପ୍ରଧାନ ।

ଉତ୍ତପ୍ତ, ବିଂ. ( ଉତ୍-ତପ୍-ତ ) ଉଷ୍ଣ, ସନ୍ତପ୍ତ, ଦଗ୍ଧ, । ବି. ନ. ଶୁଷ୍କମାଂସ ।

ଉତ୍ତମ, ବି. (ଉତ୍-ତମ୍-ଅ) ଉତ୍କୃଷ୍ଟ, ଚରମ, ଶ୍ରେଷ୍ଠ, ଉତ୍ତାନପାଦ ରାଜାର ପୁତ୍ର, ସୁରୁଚିର ଗର୍ଭଜାତ ସନ୍ତାନ ।

ଉତ୍ତମର୍ଣ୍ଣ, ବି. (ଉତ୍ତମ-ଋଣ) ମହାଜନ, ମହାଜନ, ଧନସ୍ୱାମୀ ।

ଉତ୍ତମା, ବି. ସ୍ତ୍ରୀ. ଦୁଗ୍ଧବତୀ ଗାଭୀ, ଉତ୍କୃଷ୍ଟା ସ୍ତ୍ରୀ ।

ଉତ୍ତମାଙ୍ଗ, ବି. ନ. (ଉତ୍ତମ-ଅଙ୍ଗ) ମସ୍ତକ, ଶିର । ଯଥା—

ଯେ ଉତ୍ତମ-ଉତ୍ତମାଙ୍ଗ-ଭୂଷଣ-ରଚନ,
ଦୁର୍ଲ୍ଲଭ ବଲ୍ଲଭେ ସିନା ନବେଶିବ ମନ । କୋ. ବ୍ର. ସ୍ତ୍ର.

ଉତ୍ତମ୍ଭ, ବି. ପୁଂ. ( ଉତ୍-ସ୍ତନ୍ଭ୍-ଅ ) ନିବୃତ୍ତି, ସ୍ତମ୍ଭୀଭାବ ।

ଉତ୍ତମ୍ଭନ, ବି. ନ. ( ଉତ୍-ସ୍ତନ୍ଭ୍-ଅନ ) ଅବଲମ୍ବନ, ଖୁଣ୍ଟ, ଖମ୍ବ ।

ଉତ୍ତର, ବି. ନ. ( ଉତ୍-ତୃ-ଅ ) ପ୍ରତିବଚନ, ସିଦ୍ଧାନ୍ତ, ପ୍ରତିକାର, ବିରାଟରାଜାର ପୁତ୍ର, ଦିଗ୍‌ବିଶେଷ । ବିଂ. ଶ୍ରେଷ୍ଠ, ଯୋଗ୍ୟ, ଉତ୍ତମ ।

ଉତ୍ତରକାଣ୍ଡ, ବି ନ. ବାଲ୍ମୀକିରଚିତ ରାମାୟଣର ସପ୍ତମ କାଣ୍ଡ ।

ଉତ୍ତରକାଳ, ବି. ପୁଂ. (ଉତ୍ତର-କାଳ) ଭବିଷ୍ୟତ୍ ସମୟ, ଯେଉଁ ସମୟ ଆସିବ ।

ଉତ୍ତରକୁରୁ, ବି. ପୁଂ. ( ଉତ୍ତର-କୁରୁ ) ଦେଶବିଶେଷ, ବର୍ଷବିଶେଷ ।

ଉତ୍ତରକେନ୍ଦ୍ର, ( North Pole ), ବି. ପୁଂ ପୃଥିବୀର ଉତ୍ତର ପ୍ରାନ୍ତ ।

ଉତ୍ତରକୋଶଳା, ବି. ପୁଂ. (ଉତ୍ତର-କୋଶଳ) ଅଯୋଧ୍ୟା ନଗରୀ, କୋଶଳ ଦେଶ ।

ଉତ୍ତରକ୍ରିୟା, ବି. ସ୍ତ୍ରୀ. ( ଉତ୍ତର-କ୍ରିୟା ) ସାମ୍ବତ୍ସରିକ ଶ୍ରାଦ୍ଧାଦି କାର୍ଯ୍ୟ । ପ୍ରତିବଚନ ଦାନ ।

ଉତ୍ତରଙ୍ଗ, ବି. ନ. ( ଉତ୍ତର-ଅଙ୍ଗ ) ଦ୍ୱାର-ଉପରିସ୍ଥ ବକ୍ର କାଷ୍ଠ । ବିଂ. ତରଙ୍ଗିତ ।

ଉତ୍ତରଚ୍ଛଦ, ବି. ପୁଂ (ଉତ୍ତର = ଉପରିସ୍ଥ-ଛଦ) ବିଛଣା ଗୁଦର, ଆଚ୍ଛାଦନ ବସ୍ତ୍ର ।

ଉତ୍ତରଣ ବି. ନ. (ଉତ୍-ତୃ-ଅନ) ନଦ୍ୟାଦି ପାର ହେବା, କୌଣସି ସ୍ଥାନରେ ଉପସ୍ଥିତ ହେବା, ଉତୁରିବା ।

ଉତ୍ତରଦିକ୍, ବି. ସ୍ତ୍ରୀ. ଉଦୀଚୀ, ଦିଗ୍‌ବିଶେଷ ।

ଉତ୍ତରପକ୍ଷ, ବି. ପୁଂ. ପୂର୍ବପକ୍ଷ ବା ପ୍ରଶ୍ନକର୍ତ୍ତାର ବିପରୀତ ପକ୍ଷ, ସିଦ୍ଧାନ୍ତପକ୍ଷ ।

ଉତ୍ତରଫାଲଗୁନୀ, } ବି. ସ୍ତ୍ରୀ. ଦ୍ୱାଦଶ ନକ୍ଷତ୍ର ।
ଉତ୍ତରଫାଲଗୁନ, } ଯଥା—

ଉପଲକେତ୍ରା ଏ ଉତ୍ତରଫାଲ୍ଗୁନୀ,
ବୃଥା ଅଗସ୍ତ୍ୟ ପଶ୍ଚ ତାରକା ବେଳ ଗୋ । ବ. ଗା.

ଉତ୍ତରଭାଦ୍ରପଦ, ବି. ପୁଂ. ୨୬ଶ ନକ୍ଷତ୍ର ।

ଉତ୍ତରମେରୁ, (North Pole ବି. ପୁଂ. ପୃଥିବୀର ଉତ୍ତରପ୍ରାନ୍ତ ।

ଉତ୍ତରମେରୁବୃତ୍ତ, (Antartic circle) ବି. ମେରୁଠାରୁ ୨୩½ ଅଂଶ ଅନ୍ତରରେ ଯେଉଁ ଯେଉଁ କ୍ଷୁଦ୍ର ବୃତ୍ତ କଳ୍ପିତ ହୁଏ, ତାହାକୁ ମେରୁବୃତ୍ତ, ତନ୍ମଧ୍ୟରୁ ଉତ୍ତରଦିଗର ବୃତ୍ତମାନଙ୍କୁ ଉତ୍ତରମେରୁବୃତ୍ତ କହାଯାଏ ।

ଉତ୍ତରଳ, ବିଂ. (ଉତ୍-ତରଳ) ଚଞ୍ଚଳ । ଯଥା—

ଉତ୍ତରଳ ଭାବ ବକ୍ଷ ଚାପେ ବହି,
ଚଳିଲକ୍ଷେପେ ଯେଉଁକେ ପଦ୍ମଃ ପଡ଼େ ନହିଁ । ନ. କେ.

ଉତ୍ତରସାଧକ, ବିଂ. ସହକାରୀ, ସାହାଯ୍ୟକାରୀ ।

ଉତ୍ତରା, ବି. ସ୍ତ୍ରୀ. ବିରାଟ ରାଜକନ୍ୟା, ଅଭିମନ୍ୟୁପତ୍ନୀ ।

ଉତ୍ତରାଧିକାରୀ, ବିଂ. ( ଉତ୍ତରାଧିକାର-ଇନ୍ ) ଦାୟାଦ, ଉଆରସ ।

ଉତ୍ତରାୟଣ, ବି. ନ. (ଉତ୍ତର-ଅୟନ) ସୂର୍ଯ୍ୟଙ୍କର ଉତ୍ତରଗତି ।

ଉତ୍ତରାୟଣାନ୍ତବୃତ୍ତ, (Tropic of Cancer) ସୂର୍ଯ୍ୟଙ୍କର ଉତ୍ତରରେ ଗତିର ସୀମାନିରୂପକ ରେଖା, ବିଷୁବରେଖାର ୨୩½ ଅଂଶ ଉତ୍ତରରେ ଯେଉଁ ରେଖା କଳ୍ପିତ ଅଛି ।

ଉତ୍ତରାଶା, ବି. ସ୍ତ୍ରୀ. (ଉତ୍ତର-ଆଶା) ଉତ୍ତର ଦିଗ ।

ଉତ୍ତରାଷାଢ଼ା, ବି. ସ୍ତ୍ରୀ. ଏକବିଂଶ ନକ୍ଷତ୍ର ।

ଉତ୍ତରାସଙ୍ଗ, ବି. ପୁଂ. ନ. ( ଉତ୍ତର-ଆସଙ୍ଗ ) ଉତ୍ତରୀୟ ବସ୍ତ୍ର, ଚଦର ।

ଉତ୍ତରୀୟ, ବି. ନ. ( ଉତ୍ତର-ଈୟ ) ଚଦର, ଅଙ୍ଗାବରଣବସ୍ତ୍ର, ଓଢ଼ଣା, ଦୋପଟ୍ଟା ।

ଉତ୍ତରେଦ୍ୟୁଃ, ଅଂ. ( ଉତ୍ତର-ଏଦ୍ୟୁସ୍ ) ପରଦିନ, ଆଗାମୀ ଦିବସ ।

ଉତ୍ତରୋତ୍ତର, କ୍ରି. ବିଂ. ( ଉତ୍ତର-ଉତ୍ତର ) ପରେ ପରେ, କ୍ରମେ କ୍ରମେ ।

ଉତ୍ତାନ, ବିଂ. (ଉତ୍-ତନ୍-ଅ) ଊର୍ଦ୍ଧ୍ୱମୁଖ, ଚିତ୍ । ଯଥା—

ଉତ୍ତାନେ ଶୋଇଛି ଦୁଃଖିନୀ ନନ୍ଦିନୀ,
ପର୍ଯ୍ୟୁଷିତ ପଦ୍ମ ପ୍ରାୟ ତନୁ ଫିକା । ନ. କେ.

ଉତ୍ତାନପାଦ, ବି. ପୁଂ. ସ୍ୱାୟମ୍ଭୁବ ମନୁଙ୍କ ପୁତ୍ର, ଧ୍ରୁବର ପିତା ।

ଉତ୍ତାପ, ବି. ପୁଂ. (ଉତ୍-ତପ୍-ଅ) ତାପ, ଉଷ୍ଣତା ।

ଉତ୍ତାପିତ, ବିଂ. (ଉତ୍-ତପ୍-ଣିଚ୍-ତ) ଯାହା ଉତ୍ତାପ ପାଇଅଛି ।

ଉତ୍ତାରେ, କ୍ରି. ବିଂ. ପରେ ।

ଉତ୍ତାଳ, ବିଂ. (ଉତ୍-ତଲ୍-ଅ) ମହତ୍, ଶ୍ରେଷ୍ଠ, ଉନ୍ନତ, ଭୟାନକ । ଯଥା—

ବନ୍ଦ ବନ୍ଦ ହୋଇ ପ୍ରବଳ ବଦନ-ଇନ୍ଦୁରୁ ଝାଳ,
ଚେତା ବୁଡ଼ାଇଲା କ୍ରମେ ସେ ଶାନ୍ତି କରିବ ଉତ୍ତାଳ ।

ଉତ୍ତିଷ୍ଠମାନ, ବିଂ. (ଉତ୍-ସ୍ଥା-ମାନ) ଉତ୍ଥାନଶୀଳ, ବର୍ଦ୍ଧମାନ, ବୃଦ୍ଧିଶୀଳ ।

ଉତ୍ତୀର୍ଣ୍ଣ, ବିଂ. ( ଉତ୍-ତୃ-ତ ) ପାରଗତ, ନଦ୍ୟାଦିରୁ ଉତ୍ଥିତ, ନିର୍ଗତ, ଅତିକ୍ରାନ୍ତ, ନିଷ୍କୃତିପ୍ରାପ୍ତ, କୃତକାର୍ଯ୍ୟ ।

ଉତ୍ତୁଙ୍ଗ, ବିଂ. (ଉତ୍-ତୁଙ୍ଗ) ଉଚ୍ଚ, ଉନ୍ନତ, ତୁଙ୍ଗ ।

ଉଦ୍ରେଚକ, ବିଂ. (ଉତ୍-ତିଜ୍-ଅକ) ଉଦ୍ଦୀପକ, ପ୍ରବର୍ତ୍ତକ ।

ଉଦ୍ରେଚନ, ନ. } ବି. (ଉତ୍-ତିଜ୍ ଅନ, ଆ)
ଉଦ୍ରେଚନା, ସ୍ତ୍ରୀ. } ଶାଣାଦିଦ୍ୱାରା ତୀକ୍ଷ୍ଣୀକରଣ, ପ୍ରବର୍ତ୍ତନ, ଧମକାଇବା, ଉଦ୍ଦୀପନ, ପ୍ରୋତ୍ସାହିତ କରିବା, ଉତ୍ତେଜନ ।

ଉତ୍ତେଜିତ, ବିଂ. (ଉତ୍-ତିଜ୍-ତ) ଉଦ୍ଦୀପିତ, ଶାଣିତ, ବର୍ଦ୍ଧିତ, ପ୍ରୋତ୍ସାହିତ ।

ଉତ୍ତୋଳନ, ବି. ନ. ( ଉତ୍-ତୁଲ୍-ଅନ ) ଉତ୍ଥାପନ, ଊର୍ଦ୍ଧ୍ୱକୁ ନେବା, ଟେକିବା ।

ଉତ୍ତୋଳିତ, ବିଂ. (ଉତ୍-ତୁଲ୍-ତ) ଉତ୍କ୍ଷିପ୍ତ, ଊର୍ଦ୍ଧ୍ୱକୁ ନୀତ ।

ଉତ୍ତ୍ୟକ୍ତ, ବିଂ. ( ଉତ୍-ତ୍ୟଜ୍-ତ ଉତ୍କ୍ଷିପ୍ତ, ପରିତ୍ୟକ୍ତ, ବିରକ୍ତ ।

ଉତ୍ଥ, ବିଂ. (ଉତ୍-ସ୍ଥା-ଅ) ଜାତ, ଉତ୍ପନ୍ନ ।

ଉତ୍ଥାନ, ବି. ନ. ( ଉତ୍-ସ୍ଥା-ଅନ ) ଉଦୟ, ଉନ୍ନତି, ଉଠିବା, ଉଦ୍‌ଯୋଗ, ଉଦ୍ୟମ, ଉତ୍ସାହ, ହର୍ଷ, ରାଜ୍ୟଚିନ୍ତା, ପୌରୁଷ, ଯୁଦ୍ଧ, ଉତ୍ପତ୍ତି ।

ଉତ୍ଥାନୈକାଦଶୀ, ବି. ସ୍ତ୍ରୀ. (ଉତ୍ଥାନ-ଏକାଦଶୀ) କାର୍ତ୍ତିକ ମାସର ଶୁକ୍ଳ ଏକାଦଶୀ, ଏହି ଦିବସ ହରି ଶଯ୍ୟାରୁ ଉତ୍ଥିତ ହୁଅନ୍ତି ।

ଉତ୍ଥାପକ, ବିଂ. (ଉତ୍-ସ୍ଥାପି-ଅକ) ଯେ କୌଣସି ବିଷୟର ଉତ୍ଥାପନ କରେ ।

ଉତ୍ଥାପନ, ବି. ନ. ( ଉତ୍-ସ୍ଥାପି-ଅନ ) ଉତ୍ତୋଳନ, ପ୍ରେରଣ, ପ୍ରବୋଧନ, ଉପସ୍ଥିତ କରାଇବା ।

ଉତ୍ଥାପିତ, ବିଂ. (ଉତ୍-ସ୍ଥାପି-ତ) ଉତ୍ତୋଳିତ, ପ୍ରେରିତ, ପ୍ରବୋଧିତ, ଉପସ୍ଥାପିତ ।

ଉତ୍ଥିତ, ବିଂ. (ଉତ୍-ସ୍ଥା-ତ) ଉତ୍ପନ୍ନ, ଉନ୍ନତ, ଉଦ୍ୟତ, ବର୍ଦ୍ଧିତ ।

ଉତ୍ପକ୍ଷ୍ମ, ବି. ( ଉତ୍-ପକ୍ଷ୍ମ ) ବିସ୍ତୃତ, ଚକ୍ଷୁ ସମ୍ବନ୍ଧରେ । ଯଥା—

> ଦେଖି ତୃଣାଙ୍କୁରସ୍ପୃହା ମୃଗାଙ୍ଗନାଗଣ,
> ନବେଶି ଦର୍ଘେଣ ଆଢ଼େ ଉତ୍ପକ୍ଷ୍ମ ନୟନ । କ. ବ.

ଉତ୍ପତ, ବି. ପୁଂ. ( ଉତ୍-ପତ୍-ଅ ) ପକ୍ଷୀ । ବିଂ ଊର୍ଦ୍ଧ୍ୱଗାମୀ ।

ଉତ୍ପତନ, ବି. ନ. (ଉତ୍-ପତ୍-ଅନ) ଉତ୍ପତ୍ତି, ଉଦୟ, ଉଡ଼ିବା ।

ଉତ୍ପତିତ, ବିଂ (ଉତ୍-ପତ୍-ତ) ଉତ୍ଥିତ, ଉନ୍ନତ, ଉଦିତ ।

ଉତ୍ପତିଷ୍ଣୁ, ବିଂ. ( ଉତ୍-ପତ୍-ଇଷ୍ଣୁ ) ଉତ୍ପତନଶୀଳ, ଊର୍ଦ୍ଧ୍ୱଗାମୀ ।

ଉତ୍ପତ୍ତି, ବି. ପୁଂ. ( ଉତ୍-ପଦ୍-ତି ) ଉଦ୍ଭବ, ଜନ୍ମ, ଆବିର୍ଭାବ ।

ଉତ୍ପଥ, ବି. ପୁଂ. (ଉତ୍-ପଥ) ଅସତ୍‌ପଥ, କୁପଥ ।

ଉତ୍ପଦ୍ୟମାନ, ବିଂ. (ଉତ୍-ପଦ-ଶାନ) ଯାହାର ଉତ୍ପତ୍ତି ହେଉଅଛି ।

ଉତ୍ପନ୍ନ, ବିଂ. (ଉତ୍-ପଦ-ତ) ଉଦ୍‌ଭୂତ, ଜାତ, ଉତ୍ଥିତ ।

ଉତ୍ପଳ, ବି. ନ. (ଉତ୍-ପଲ୍-ଅ) ଜଳଜ, ପଦ୍ମ । ବିଂ. ନିର୍ମାଂସ ।

ଉତ୍ପବନ, ବି. ନ. (ଉତ୍-ପୂ-ଅନ) କୁଶଦ୍ୱାରା ଜଳ ପ୍ରୋକ୍ଷଣ ।

ଉତ୍ପଶ୍ୟ, ବିଂ. (ଉତ୍-ଦୃଶ-ଯ) ଊର୍ଦ୍ଧ୍ୱଦୃଷ୍ଟି, ଊର୍ଦ୍ଧ୍ୱମୁଖ ।

ଉତ୍ପାଟକ, ବିଂ. (ଉତ୍-ପାଟି-ଅକ) ଯେ ଉପାଡ଼େ, ଉନ୍ମୂଳନକାରୀ ।

ଉତ୍ପାଟନ, ବି. ନ. (ଉତ୍-ପାଟି-ଅନ) ଉନ୍ମୂଳନ, ଉତ୍ତୋଳନ ।

ଉତ୍ପାଟିତ, ବିଂ. (ଉତ୍-ପାଟି-ତ) ଉନ୍ମୂଳିତ ।

ଉତ୍ପାତ, ବି. ପୁଂ. ( ଉତ୍-ପତ୍-ଅ ) ଉପଦ୍ରବ, ଦୌରାତ୍ମ୍ୟ, ଦୈବ ଅମଙ୍ଗଳ ଘଟଣା, ଦୈବନିଗ୍ରହ ।

ଉତ୍ପାଦକ, ବିଂ. (ଉତ୍-ପଦ-ଇ-ଅକ ) ଉତ୍ପତ୍ତିକାରକ, ଜନକ ।

ଉତ୍ପାଦନ, ବି. ନ. (ଉତ୍-ପଦ୍-ଅନ ) ଉତ୍ପତ୍ତିକରଣ, ଜନ୍ମାଇବା ।

ଉତ୍ପାଦୟିତା, ବିଂ. (ଉତ୍-ପାଦି-ତୃ ) ଯେ ଉତ୍ପନ୍ନ କରାଏ, ଜନୟିତା, ଜନ୍ମଦାତା, ପିତା ।

ଉତ୍ପାଦିତ, ବିଂ. ( ଉତ୍-ପାଦି-ତ ) ଜନିତ, ଜନ୍ମାଇବା ।

**ଉତ୍ପାଦ୍ୟ**, ବିଂ. (ଉତ୍-ପଦ-ଯ) ଉତ୍ପାଦନଯୋଗ୍ୟ, ଜନ୍ମଯୋଗ୍ୟ ।

**ଉତ୍ପିଞ୍ଜର**, ବିଂ. ( ଉତ୍-ପିଞ୍ଜର ) ପିଞ୍ଜରମୁକ୍ତ; ବନ୍ଧନମୁକ୍ତ ।

**ଉତ୍ପିଞ୍ଜଳ**, ବିଂ. ( ଉତ୍-ପିଞ୍ଜଳ ) ପିଙ୍ଗଳବର୍ଣ୍ଣ, ଅତିଶୟ ବ୍ୟାକୁଳ ।

**ଉତ୍ପୀଡ଼**, ପୁଂ. / **ଉତ୍ପୀଡ଼ନ**, ନ. } ବି. ଉତ୍-ପୀଡ଼୍-ଅ, ଅନ) ଉତ୍ତେଜନ, ପ୍ରବର୍ତ୍ତନ, ଆଧିକ୍ୟ, ଉପଦ୍ରବ, ଅତ୍ୟାଚାର

**ଉତ୍ପ୍ରାସ**, ବି. ପୁଂ. (ଉତ୍-ପ୍ର-ଅସ୍-ଅ ) ଈଷତ୍ ହାସ୍ୟ, ଉପହାସ, ଅଟ୍ଟା ।

**ଉତ୍ପ୍ରେକ୍ଷା**, ସ୍ତ୍ରୀ. / **ଉତ୍ପ୍ରେକ୍ଷଣ**, ନ. } ବି. ( ଉତ୍-ପ୍ର-ଈକ୍ଷ-ଅ-ଆ, ଅନ) ଅର୍ଥାଲଙ୍କାରବିଶେଷ, ପ୍ରକୃତ ବସ୍ତୁରେ ଅନ୍ୟ ପ୍ରକାର ସମ୍ଭାବନା, ବିତର୍କ, ଅନୁମାନ, ଉପେକ୍ଷା, ଦର୍ଶନ । ଯଥା— ବିତର୍କ ଅର୍ଥରେ

ବତୁହିତ କରୁଁ ଶିରେ ଚିଲ୍ଲକାଶ
ବନଧରେ ଉତ୍ପ୍ରେକ୍ଷାକୁ ଜାତ କର । ବୈ. ବି.

**ଉତ୍ପ୍ଲବନ**, ବି. ନ. (ଉତ୍-ପ୍ଲୁ-ଅନ) ଉଲ୍ଲମ୍ଫନ, କୁଦିବା, ଡେଇଁବା ।

**ଉତ୍ଫୁଲ୍ଲ**, ବିଂ. (ଉତ୍-ଫୁଲ୍ଲ-ଅ) ପ୍ରଫୁଲ୍ଲ, ବିକଶିତ, ଆନନ୍ଦିତ ।

**ଉତ୍ସ**, ବି. ପୁଂ. ( ଉନ୍ଦ୍ = ଆର୍ଦ୍ର ହେବା-ସ ) ପ୍ରସ୍ରବଣ, ପର୍ବତର ଝରଣା ।

**ଉତ୍ସଙ୍ଗ**, ବି. ପୁଂ. ( ଉତ୍-ସନ୍ଜ-ଅ ) କ୍ରୋଡ଼, କୋଳ, ଉରୁ, ଊର୍ଦ୍ଧ୍ୱଭାଗାଦି । ଯଥା—କ୍ରୋଡ଼ ଅର୍ଥରେ

ଶତ ମହର୍ଷୀର ଉତ୍ସଙ୍ଗେ ଲଳଇ,
ଶଶଂକଳା ପ୍ରାୟେ ବଢ଼ିଲ୍ଲ ଲଳଇ । ବ. କେ.

**ଉତ୍ସଙ୍ଗିତ**, ବିଂ. ( ଉତ୍ସଙ୍ଗ-ଇତ ) କୋଳରେ ସ୍ଥାପିତ ।

**ଉତ୍ସନ୍ନ**, ବିଂ. (ଉତ୍-ସଦ୍-ତ) ନଷ୍ଟ, ଧ୍ୱସ୍ତ ।

**ଉତ୍ସର୍ଗ**, ପୁଂ. / **ଉତ୍ସର୍ଜନ**, ନ. } ବି. ( ଉତ୍-ସୃଜ୍-ଅ, ଅନ) ପରିତ୍ୟାଗ, ଦାନ, ସାମାନ୍ୟ ବିଧି, ଯାଗବିଶେଷ ।

**ଉତ୍ସର୍ପଣ**, ବି. ନ. ଉତ୍-ସୃପ୍-ଅନ ) ଉଲ୍ଲଙ୍ଘନ, ଊର୍ଦ୍ଧ୍ୱଗମନ, ତ୍ୟାଗ ।

**ଉତ୍ସର୍ପୀ**, ବିଂ. (ଉତ୍-ସୃପ-ଇନ୍ ) ଊର୍ଦ୍ଧ୍ୱଗାମୀ ।

**ଉତ୍ସବ**, ବି. ପୁଂ. (ଉତ୍-ସୁ-ଅ) ଆନନ୍ଦଜନକ ବ୍ୟାପାର, ଆନନ୍ଦ ।

**ଉତ୍ସାଦନ**, ବି. ନ ( ଉତ୍-ସଦ୍-ଣିଚ୍-ଅନ ) ଉଦ୍ୱର୍ତ୍ତନ, ତୈଳାଦିଦ୍ୱାରା ପରିଷ୍କାର କରିବା, ମଳଶୋଧନ, ବିନାଶନ, ଉନ୍ମୂଳନ ।

**ଉତ୍ସାଦିତ**, ବିଂ. (ଉତ୍-ସଦ-ଣିଚ୍-ତ) ଉତ୍ପାଟିତ, ବିନାଶିତ; ପରିଷ୍କୃତ ।

**ଉତ୍ସାରଣ**, ବି. ନ. ( ଉତ୍-ସୃ-ଣିଚ୍-ଅନ ) ଦୂରୀକରଣ, ଘୁଞ୍ଚାଇବା ।

**ଉତ୍ସାରିତ**, ବିଂ. ( ଉତ୍-ସୃ-ଣିଚ୍-ତ ) ଦୂରୀକୃତ, ଚାଳିତ, ସ୍ଥାନାନ୍ତରିତ ।

**ଉତ୍ସାହ**, ବି. ପୁଂ. ( ଉତ୍-ସହ-ଅ ) ଉଦ୍ୟମ, ଉଦ୍ୟୋଗ, ଅଧ୍ୟବସାୟ, କୌଣସି କାର୍ଯ୍ୟରେ ଦୃଢ଼ ଯତ୍ନ, ହର୍ଷ ।

**ଉତ୍ସାହିତ**, ବିଂ. (ଉତ୍-ସହ-ଣିଚ୍-ତ) ଉତ୍ତେଜିତ, ଯାହାକୁ ଉତ୍ସାହ ଦିଆଯାଏ ।

**ଉତ୍ସିକ୍ତ**, ବିଂ. (ଉତ୍-ସିଚ୍-ତ) ଗର୍ବିତ, ଉଦ୍ଧତ, ଉପରିଭାଗ ସିକ୍ତ ।

**ଉତ୍ସୁକ**, ବିଂ. (ଉତ୍-ସୂ=ପ୍ରସବକରିବା-କ) ଉତ୍କଣ୍ଠିତ, ଇଚ୍ଛୁକ, ପ୍ରିୟ, ଅନୁରକ୍ତ ।

**ଉତ୍ସୃଜନ**, ବି. ନ. (ଉତ୍-ସୃଜ୍-ଅନ ତ୍ୟାଗ, ସମର୍ପଣ ।

**ଉତ୍ସୃଷ୍ଟ**, ବିଂ. ଉତ୍-ସୃଜ୍-ତ) ତ୍ୟକ୍ତ, ବିସୃଷ୍ଟ, ଦତ୍ତ ।

**ଉତ୍ସେକ**, ବିଂ. ପୁଂ. (ଉତ୍-ସିଚ୍-ଅ) ଆଧିକ୍ୟ, ଦର୍ପ, ଗର୍ବ, ଉଦ୍ରେକ, ଉପରିସେକ ।

**ଉତ୍ସେଚନ**, ବି. ନ. ( ଉତ୍-ସିଚ୍-ଅନ ଉତ୍ତେଜନା, ଉପରିସେକ ।

ଉଦ୍‌ଷେଧ, ବି.ନ ( ଉତ୍-ସିଧ-ଅ ) ଉଚ୍ଚତା, ଉଚ୍ଚ୍ଛ୍ରାୟ, ବଧ, ଦେହ ।

ଉତ୍ } ଅଂ. ( ଉ-ଂ ) ଊର୍ଦ୍ଧ୍ୱ, ଉଚ୍ଚତା,
ଉଦ୍ } ଉଚ୍ଛ୍ରାୟ, ବିପରୀତ, ତ୍ୟକ୍ତ, ଉତ୍କର୍ଷ, ପ୍ରକାଶ, ଦୁର୍ଗପ୍ରାବଲ୍ୟ, ସାମର୍ଥ୍ୟ, ବନ୍ଧନ, ମୋଚନ, ନୈକଟ୍ୟ ।

ଉଦ } ବି. ନ. ( ଉନ୍ଦ୍-ଅ, କ ) ଜଳ,
ଉଦକ } ପାଣି, ବାରି ।

ଉଦକ୍, ଅଂ. ( ଉତ୍-ଅନ୍‌ଚ୍ ୦ ) ଉତ୍ତରଦିକ୍-ଦେଶ ବା କାଳ, ଉତ୍ତରାଭିମୁଖ ।

ଉଦକକ୍ରିୟା, ବି ସ୍ତ୍ରୀ. ( ଉଦକ-କ୍ରିୟା ) ତର୍ପଣାଦି କାର୍ଯ୍ୟ ।

ଉଦକୁମ୍ଭ, ବି. ପୁଂ. ( ଉଦ=ଉଦକପୂର୍ଣ୍ଣ-କୁମ୍ଭ ) ଉଦକପୂର୍ଣ୍ଣ କଳସ ।

ଉଦକ୍ୟା, ବି. ସ୍ତ୍ରୀ. ( ଉଦକ-ଯ-ଆ ) ରଜସ୍ୱଳା, ଋତୁମତୀ ସ୍ତ୍ରୀ ।

ଉଦଗ୍ର, ବିଂ. ( ଉତ୍-ଅଗ୍ର ) ଉନ୍ନତ, ଉତ୍କଟ, ଉଦ୍ଧତ, ଅତି ମହତ୍, ତୀବ୍ର, ଦୀର୍ଘ ।

ଉଦଙ୍କ, ବି. ପୁଂ. ( ଉତ୍-ଅନ୍‌ଚ୍-ଅ ) ଚର୍ମପାତ୍ର ।

ଉଦଚ୍ } ବିଂ. ( ଉତ୍-ଅନ୍‌ଚ୍-୦ )
ଉଦଞ୍ଚ } ଉତ୍ତରାଭିମୁଖ । ଅଂ. ଊର୍ଦ୍ଧ୍ୱଗତ ।

ଉଦଞ୍ଚନ, ବି ନ. ( ଉତ୍-ଅନ୍‌ଚ୍-ଅନ ) ଊର୍ଦ୍ଧ୍ୱକୁ କ୍ଷେପଣ, ଉତ୍ତୋଳନ, ଢୋଳାଇବା ପାତ୍ର, ଢାଙ୍କୁଣି ।

ଉଦଞ୍ଚିତ, ବିଂ. ( ଉତ୍-ଅନ୍‌ଚ୍-ତ ) ଉତ୍କ୍ଷିପ୍ତ, ଉତ୍ଥିତ, ପୂଜିତ, ଆକୁଞ୍ଚିତ ।

ଉଦଧି, ବି. ପୁଂ. ( ଉଦ=ଜଳ-ଧା-ଇ ) ସମୁଦ୍ର, ସାଗର, ଜଳଧି ।

ଉଦଧିମେଖଳା, ବି. ସ୍ତ୍ରୀ. ( ଉଦଧି-ମେଖଳା ) ପୃଥିବୀ ।

ଉଦନ୍ତ, ବି. ପୁଂ. ( ଉତ୍-ଅନ୍ତ ) ବାର୍ତ୍ତା, ସମ୍ବାଦ, ଖବର, ସାଧୁ । ( ବାର୍ତ୍ତା ଅର୍ଥରେ ) ଯଥା—

ହନୁମାନ ଗନ୍ଧମାଦନ ଗମନକଲାଲା,
ଭରତ ଉଦନ୍ତ ପ୍ରାପ୍ତ ଲକ୍ଷଣ କରଲ ଯେ । ଲଂ ବ.

ଉଦନ୍ୟା, ବି. ସ୍ତ୍ରୀ. ( ଉଦକ-ଯ-ଆ, କ ସ୍ଥାନରେ ନ ହୁଏ ) ପିପାସା, ପାଣି ପିଇବା ଇଚ୍ଛା ।

ଉଦନ୍ୱାନ୍, ବି. ପୁଂ. ( ଉଦକ-ବତ୍ ) ଉଦଧି, ସମୁଦ୍ର ।

ଉଦପାନ, ବି. ପୁଂ ନ. ( ଉଦ-ପା-ଅନ ) କୂପ, ନିକଟସ୍ଥ ଜଳାଧାର ବା କୁଣ୍ଡ ।

ଉଦୟ, ବି. ପୁଂ. ( ଉତ୍-ଇ-ଅ ) ପୂର୍ବପର୍ବତ, ଉଦୟାଚଳ, ଉତ୍ପତ୍ତି, ଉତ୍ଥାନ, ଉତ୍କର୍ଷ, ଆବିର୍ଭାବ, ବୃଦ୍ଧି, ଲାଭ, ଲଗ୍ନ ।

ଉଦୟଗିରି, ବି. ପୁଂ. ( ଉଦୟ-ଗିରି ) ପ୍ରାତଃ-କାଳରେ ଯେଉଁ ପର୍ବତରେ ସୂର୍ଯ୍ୟୋଦୟ ହୁଏ, ଉଦୟାଚଳ ।

ଉଦୟନ, ବି. ପୁଂ. ( ଉତ୍-ଇ-ଅନ ) ବତ୍ସରାଜ, ଅଗସ୍ତ୍ୟ, ଉଦୟ, ଉଦୟନାଚାର୍ଯ୍ୟ ।

ଉଦୟମାନ, ବିଂ. ( ଉତ୍-ଅୟ-ଶାନ ) ଯାହାଙ୍କର ଉଦୟ ହେଉଅଛି, ପ୍ରକାଶମାନ, ଜାୟମାନ, ଉତ୍ପଦ୍ୟମାନ ।

ଉଦୟାଚଳ, ବି. ପୁଂ. ( ଉଦୟ-ଅଚଳ ) ଉଦୟ-ପର୍ବତ, ପୂର୍ବପର୍ବତ ।

ଉଦୟାସ୍ତ, ବି. ନ. ( ଉଦୟ-ଅସ୍ତ ) ଉଦୟଠାରୁ ଅସ୍ତ ପର୍ଯ୍ୟନ୍ତ ସମୟ, ପ୍ରାତଃକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ।

ଉଦୟୋନ୍ମୁଖ, ବିଂ. ( ଉଦୟ-ଉନ୍ମୁଖ ) ଯାହାର ଉଦୟ ହେବାର ଉପକ୍ରମ ହୋଇଅଛି ।

ଉଦର, ବି. ନ. ( ଉଦ୍-ଋ-ଅ ) ଜଠର, ପେଟ, ଅଭ୍ୟନ୍ତର, ଯୁଦ୍ଧ ।

ଉଦରଗ୍ରନ୍ଥି, ବି. ପୁଂ. ( ଉଦର-ଗ୍ରନ୍ଥି ) ଗୁଳ୍ମରୋଗ ।

ଉଦରପରାୟଣ, ବିଂ ( ଉଦର-ପର-ଅୟନ ) ପେଟୁ, ଯାହାର ଉଦର ସର୍ବସ୍ୱ ଅଟେ ।

ଉଦରମ୍ଭରି, ବିଂ. ( ଉଦର-ଭୃ-ଇ ) ଆତ୍ମମ୍ଭରି, ପେଟୁ ।

**ଉଦରସ୍ଥ**, ବିଂ. (ଉଦର-ସ୍ଥା-ଅ) ଗର୍ଭସ୍ଥ, ଭକ୍ଷିତ ।

**ଉଦରସାତ୍**, ବିଂ. ( ଉଦର-ସାତ୍ ) ଆତ୍ମସାତ୍, ଭକ୍ଷିତ ।

**ଉଦରାମୟ**, ବି. ପୁଂ. (ଉଦର-ଆମୟ) ଉଦର-ରୋଗବିଶେଷ ।

**ଉଦରାବର୍ତ୍ତ**, ବି. ନ. (ଉଦର-ଆବର୍ତ୍ତ) ନାଭି ।

**ଉଦରିଣୀ**, ବି. ସ୍ତ୍ରୀ. (ଉଦର-ଇନ୍-ଈ ଗର୍ଭବତୀ ।

**ଉଦରୀ**, ବି. ପୁଂ (ଉଦର-ଇନ୍) ଉଦରସ୍ଫୀତତା, ରୋଗବିଶେଷ ।

**ଉଦର୍କ**, ବି. ( ଉଦ୍-ଋଚ୍-ଅ- ) ଉତ୍ତରଫଳ, ଭାବୀ ଫଳ ।

**ଉଦର୍ଚ୍ଚିଃ**, ବିଂ. (ଉତ୍-ଅର୍ଚ୍ଚିସ୍) ପ୍ରଜ୍ୱଳିତ, ଉନ୍ନତ-ଶିଖ । ବି. ପୁଂ. ଅଗ୍ନି, ଶିବ, କନ୍ଦର୍ପ ।

**ଉଦବିନ୍ଦୁ**, ବି. ପୁଂ. ( ଉଦ=ଜଳ-ବିନ୍ଦୁ ) ଜଳକଣା ।

**ଉଦସ୍ତ**, ବିଂ. (ଉତ୍-ଅସ୍-ତ) ଉତ୍କ୍ଷିପ୍ତ, ଇତସ୍ତତଃ ବିକ୍ଷିପ୍ତ ।

**ଉଦାତ୍ତ**, ବି. ପୁଂ. ( ଉତ୍-ଆ-ଦା-ତ ) ଉଚ୍ଚସ୍ୱର-ବିଶେଷ । ବିଂ. ଦାତା, ମହାନ୍, ହୃଦୟଙ୍ଗମ, ବିଖ୍ୟାତ ।

**ଉଦାନ**, ବି. ପୁଂ. (ଉତ୍-ଆ-ଅନ.ଅ) କଣ୍ଠସ୍ଥ ବାୟୁ, ନାଭି, ସର୍ପବିଶେଷ ।

**ଉଦାର**, ବିଂ. (ଉତ୍-ଆ-ଋ-ଅ) ଦାତା, ମହାତ୍ମା, ଗମ୍ଭୀର, ଦକ୍ଷିଣ, ସରଳ, ଉତ୍କୃଷ୍ଟ । ଯଥା—

କାଚଧାର ପ୍ରାୟେ ସ୍ୱଚ୍ଛ ନୀରଧାର,
ଦେବ ମନ ପ୍ରାୟେ ଦିଶଇ ଉଦାର । ଜ. କେ,

**ଉଦାରଚରିତ**, ବିଂ (ଉଦାର-ଚରିତ) ଯାହାର ଆଚରଣ ଓ ବ୍ୟବହାରରେ ରାଗ, ଦ୍ୱେଷ, ହିଂସା, ଈର୍ଷା ପ୍ରଭୃତି ନ ଥାଏ ।

**ଉଦାରତା**, ବି. ( ଉଦାର-ତା ) ସରଳତା, ଋଜୁତା, ମହତ୍ତ୍ୱ, ବଦାନ୍ୟତା ।

**ଉଦାରଧୀ**, ବିଂ. (ଉଦାର-ଧୀ=ବୁଦ୍ଧି ) ମହଦା-ଶୟ, ସରଳଚିତ୍ତ ।

**ଉଦାର୍ଯ୍ୟ**, ବି. (ଉଦାର-ଅ) ସ୍ୱରବିଶେଷ ।

**ଉଦାବର୍ତ୍ତ**, ବି. ପୁଂ. (ଉତ୍=ଉପର-ଆବର୍ତ୍ତ=ବାସ) ରୋଗବିଶେଷ, ମଳମୂତ୍ରବାୟୁରୋଧକ ରୋଗ ।

**ଉଦାସ**, ବି. ପୁଂ. ( ଉତ୍-ଆ-ଅସ୍-ଅ ) ଔଦାସ୍ୟ, ବିଷୟ-ସୁଖରେ ବିରତ । ଯଥା—

ଏଥି ନୁହେ ଉଦାସ ଦାସ କରିବା ଦାସ । ଗୀ. ବି.

**ଉଦାସିନୀ**, ବିଂ. ( ଉଦାସ-ଇନ୍-ଈ ) ବୈରାଗ୍ୟ-ଯୁକ୍ତା, ବିଷୟବିରତା, ସନ୍ନ୍ୟାସିନୀ ।

**ଉଦାସୀ**, ବିଂ. ( ଉତ୍-ଆସ୍-ଇନ୍ ) ବୈରାଗୀ, ବିଷୟବିରତ, ବିରାଗୀ । ବି. ପୁଂ. ସନ୍ନ୍ୟାସୀ ।

**ଉଦାସୀନ**, ବିଂ ( ଉଦ୍-ଆସ୍-ଆନ ) ଅଥବା (ଉତ୍=ଊର୍ଦ୍ଧ୍ୱ-ଆସୀନ=ଉପବିଷ୍ଟ) ସନ୍ନ୍ୟାସୀ, ନିଃସଙ୍ଗ, ଅସଂଲଗ୍ନ, ବୈରାଗୀ । ଯଥା—

ସଂସାରେ ଥାଇ ମୁଁ ସଦା ଉଦାସୀନ,
ଉଦାସୀନ ପ୍ରାୟେ କଟାଇଲି ଦିନ । ଚିଲିକା ।

**ଉଦାସ୍ଥିତ**, ବି. ପୁଂ. ( ଉତ୍-ଆ-ସ୍ଥା-ତ ) ଚର, ଦ୍ୱାରପାଳ, ଅଧ୍ୟକ୍ଷ ।

**ଉଦାହରଣ**, ନ. **ଉଦାହାର**, ପୁଂ, } ବି. ( ଉତ୍-ଆ-ହୃ-ଅନ, ଅ ) ଦୃଷ୍ଟାନ୍ତ, ନିଦର୍ଶନ, ବର୍ଣ୍ଣନ, ଉଲ୍ଲେଖ, କଥାପ୍ରସଙ୍ଗ, ପ୍ରକୃତ ବିଷୟ ସମର୍ଥନ କରିବା ନିମିତ୍ତ କଥା-ପ୍ରସଙ୍ଗ, ପ୍ରୟୋଗ ପ୍ରଦର୍ଶନ ।

**ଉଦାହୃତ**, ବିଂ, ( ଉତ୍-ଆ-ହୃ-ତ ) କଥିତ, ଦୃଷ୍ଟାନ୍ତରୂପରେ କଥିତ, ବର୍ଣ୍ଣିତ, ଉଚ୍ଚାରିତ ।

**ଉଦିତ**, ବିଂ. ( ଉତ୍-ଇ-ତ ) ଉନ୍ନତ, ଉତ୍ପନ୍ନ, ଉତ୍ଥିତ, ପ୍ରାଦୁର୍ଭୂତ, ଲଗ୍ନ, ଉଦୟପ୍ରାପ୍ତ । ( ବଦ୍-ତ ) କଥିତ, ଉକ୍ତ, ଉଲ୍ଲିଖିତ ।

**ଉଦିତୋଦିତ**, ବିଂ. (ଉଦିତ=ଧର୍ମବିଧି-ଉଦିତ=କଥିତ, ଖ୍ୟାତ) ଶାସ୍ତ୍ରଜ୍ଞ ।

**ଉଦୀକ୍ଷଣ**, ବି. ନ. (ଉତ୍-ଈକ୍ଷ-ଅନ) ଦର୍ଶନ, ପ୍ରତୀକ୍ଷା ।

**ଉଦୀଚୀ**, ବି. ସ୍ତ୍ରୀ. (ଉଦଚ୍-ଈ) ଉତ୍ତରଦିକ୍ ।

**ଉଦୀଚୀନ**, ବିଂ. ( ଉଦୀଚ୍-ଈନ ) ଉତ୍ତରଦିକ୍ ସମ୍ବନ୍ଧୀୟ, ଉତ୍ତରଦିକ୍‌ସମ୍ଭୂତ ।

ଉଦୀଚ୍ୟ, ବିଂ. ( ଉଦୀଚୀ-ଯ ) ଉତ୍ତରଦେଶୀୟ । ବି. ପୁଂ. ସରସ୍ୱତୀ ନଦୀର ଉତ୍ତର-ପଶ୍ଚିମ ଦେଶ । ବି. ନ. ଗନ୍ଧଦ୍ରବ୍ୟବିଶେଷ ।

ଉଦୀଚ୍ୟବୃତ୍ତ, ( Arctic circle ) ଦକ୍ଷିଣ ମେରୁର ୨୩୪ ଅଂଶ ଦକ୍ଷିଣରେ ଯେଉଁ ଅକ୍ଷରେଖା ଅଛି ।

ଉଦୀଚ୍ୟେତରବୃତ୍ତ, ( Antarctic circle ) ଦକ୍ଷିଣ ମେରୁର ୨୩୪ ଅଂଶ ଉତ୍ତରରେ ଯେଉଁ ଅକ୍ଷରେଖା ଅଛି ।

ଉଦୀରଣ, ବି. ନ. (ଉତ୍-ଈର୍-ଅନ) ଉଚ୍ଚାରଣ, ଉଦ୍ଦୀପନ, ପ୍ରେରଣ, ଉକ୍ତି, ଉଲ୍ଲେଖ, ନିର୍ଦ୍ଦେଶ, କଥନା ।

ଉଦୀରିତ, ବିଂ., (ଉତ୍-ଈର୍-ତ)କଥିତ, ପ୍ରେରିତ, ଉଦ୍ଦୀପିତ, ଉତ୍କ୍ଷିପ୍ତ ।

ଉଦୀର୍ଣ୍ଣ, ବିଂ. ( ଉତ୍-ଋ-ତ ) ଉଦ୍ଗତ, ଉଦ୍ଧତ, ଉତ୍କଟ, ଉଦ୍ଦୀପ୍ତ । ବି. ପୁଂ. ବିଷ୍ଣୁ ।

ଉଦୀର୍ଯ୍ୟମାନ, ବିଂ. (ଉତ୍-ଈର୍-ଅନ)କଥ୍ୟମାନ, ନିର୍ଦ୍ଦିଶ୍ୟମାନ, ଉଚ୍ଚାର୍ଯ୍ୟମାଣ ।

ଉଦୁଅଁ ବିଂ. ( ଗ୍ରାମ୍ୟ ) ମେଲା, ଖୋଲା ।

ଉଦୁଉଦିଆ ବିଂ. (ଗ୍ରାମ୍ୟ) ସମ୍ପୂର୍ଣ୍ଣ ମଧ୍ୟାହ୍ନ, ପ୍ରଚଣ୍ଡ, ତୀକ୍ଷ୍ଣ (ଖରା ଓ ମଧ୍ୟାହ୍ନର ବିଶେଷଣରୂପେ ସାଧାରଣତଃ ପ୍ରଯୁଜ୍ୟ) ।

ଉଦୁମ୍ବର, ବି. ପୁଂ. ( ଉଡୁମ୍ବର ଦେଖ ) ଯଜ୍ଞଡୁମ୍ବିର ଗଛ, କୁଷ୍ଠରୋଗବିଶେଷ, ଦେହଳୀ, କ୍ଳୀବ । ବି. ନ. ( ଉଦୁମ୍ବର-ଷ୍ଣ ) ଯଜ୍ଞଡୁମ୍ବିର ଗଛର ଫଳ, ତାମ୍ର ।

ଉଦୂଖଳ, ବି. ପୁଂ. ନ. ( ଉତ୍=ଉପର-ଖଳ= ଯେ ଗମନ କରେ) ଧାନ କାଣ୍ଡିବାପାଇଁ କାଷ୍ଠ ନିର୍ମିତ ପାତ୍ରବିଶେଷ, ଢିଙ୍କିଭିରଣ୍ଡି, ଗୁଞ୍ଜୁଲି ।

ଉଦୂଢ଼, ବିଂ. ( ଉତ୍-ବହ୍-ତ ) ବାହିତ, ସ୍ଥୂଳ, ଉନ୍ନତ, ବିବାହିତ ।

ଉଦ୍ଗତ, ବିଂ. ( ଉତ୍-ଗତ ) ଉଦିତ, ଉତ୍ପନ୍ନ, ଉଦ୍ଭବ, ଉର୍ଦ୍ଧିତ ।

ଉଦ୍ଗତି ବି. ସ୍ତ୍ରୀ. (ଉତ୍-ଗମ୍-ତି) ଉତ୍ପତ୍ତି, ଉଦୟ, ଉଠିବା ।

ଉଦ୍ଗମ, ବି. ପୁଂ. (ଉତ୍-ଗମ-ଅ) ଉତ୍ପତ୍ତି, ଉଦୟ, ଉଠିବା ।

ଉଦ୍ଗମନ, ବି. ନ. ( ଉତ୍-ଗମ୍-ଅନ ) ଉତ୍ପତ୍ତି, ଉଦୟ, ଊର୍ଦ୍ଧ୍ୱକୁ ଗମନ, ଉଠିବା ।

ଉଦ୍‌ଗାଢ଼, ବି.ବିଂ.(ଉତ୍-ଗାଢ଼) ଅତିଶୟ,ଅଧିକ।

ଉଦ୍ଗାତା, ବି. ପୁଂ ( ଉତ୍-ଗା-ତୃ ) ସାମବେଦ-ପାଠକ । ବିଂ. ଉଚ୍ଚୈର୍ଗାୟକକର୍ତ୍ତା । ଯଥା—

ଯେର୍ଯ୍ୟ ସୁପ୍ର, ଉଦ୍ଗାତା ହୋତା, ବଚନ ଉଦ୍ଗାତା । ମ.ସା.

ଉଦ୍ଗାର, ପୁଂ / ଉଦ୍ଗିରଣ, ନ. } ବି. ( ଉତ୍-ଗୃ-ଅ, ଅନ ) ଉଚ୍ଚାରଣ, ବମନ, ନିଃସରଣ ମୁଖଦ୍ୱାରା ବାୟୁ ନିର୍ଗମ, ଢେକୁ ।

ଉଦ୍ଗୀତ,ବିଂ.(ଉତ୍-ଗୀତ) ଉଚ୍ଚୈଃସ୍ୱରରେ ଗୀତ ।

ଉଦ୍ଗୀତି, ବି.ସ୍ତ୍ରୀ. ( ଉତ୍-ଗୀତି ) ଆର୍ଯ୍ୟାଛନ୍ଦୋ-ବିଶେଷ, ଉଚ୍ଚୈଃସ୍ୱରରେ ଗାନ ।

ଉଦ୍ଗୀଥ, ବି. ପୁଂ. ( ଉତ୍-ଗୈ-ଥ ) ସାମବେଦର ଅଂଶବିଶେଷ, ସାମଗାନ, ପ୍ରଣବ ।

ଉଦ୍ଗୀର୍ଣ୍ଣ, ବିଂ. (ଉତ୍-ଗୃ-ତ) ବମିତ, ଉଚ୍ଚାରିତ, ଉଦ୍ଭିନ୍ନ, ଅନୁରଞ୍ଜିତ, ଅନୁବିଦ୍ଧ, ଉତ୍ସୃଷ୍ଟ, ପ୍ରତିବିମ୍ବିତ, ନିର୍ଗତ ।

ଉଦ୍‌ଗ୍ରଥିତ, ବିଂ. ( ଉତ୍-ଗ୍ରନ୍ଥ-ତ ) ଉପର ଭାଗରେ ବଦ୍ଧ ।

ଉଦ୍‌ଗ୍ରହ, ବି. ପୁଂ. / ଉଦ୍‌ଗ୍ରହଣ, ବି. ନ. } (ଉତ୍-ଗ୍ରହ-ଅ, ଅନ) ଗ୍ରହଣ, ଗିଳିବା ।

ଉଦ୍‌ଗ୍ରାହ, ବି. ପୁଂ. ( ଉତ୍-ଗ୍ରହ-ଅ ) ଗ୍ରହଣ, ବିଦ୍ୟା ବିଚାର ।

ଉଦ୍‌ଗ୍ରାହିତ, ବିଂ. ( ଉତ୍-ଗ୍ରହ-ଣିଚ୍-ତ ) ବଦ୍ଧ, ଅକ୍ରାନ୍ତ, ଅନ୍ତଃକରଣରେ ଅର୍ପିତ, ଉପନ୍ୟସ୍ତ, ଉନ୍ନମିତ ।

ଉଦ୍‌ଗ୍ରୀବ, ବିଂ ( ଉତ୍-ଗ୍ରୀବା ) ଊର୍ଦ୍ଧ୍ୱଗ୍ରୀବ, ମୁହଁ ଟେକି ଯେ ରହେ । ଯଥା—

ମୃଗ ମୃଗୀ ତୀରେ ତୃଣାହାର ଛନ୍ତି
ଉଦ୍‌ଗ୍ରୀବେ ରହିଲେ ହୋଇ ଥାନ୍ତି ଥାନ୍ତି । ନି. କେ.

**ଉଦ୍ଘଟ୍ଟନ**, ବି. ନ. ( ଉତ୍-ଘଟ୍ଟ-ଅନ ) ଆଘାତ, ପ୍ରହାର, ଧକ୍କା ମାରିବା, ଉନ୍ମୋଚନ ।

**ଉଦ୍ଘଟ୍ଟିତ**, ବିଂ. ( ଉତ୍-ଘଟ୍ଟ-ତ ) ଆହତ, ଉନ୍ମୋଚିତ ।

**ଉଦ୍ଘର୍ଷଣ**, ବି. ନ. ( ଉତ୍-ଘୃଷ-ଅନ ) ଇଷ୍ଟକାଦି-ଦ୍ୱାରା ପାଦାଦି ମାର୍ଜ୍ଜନ ।

**ଉଦ୍ଘସ**, ବି. ନ. (ଉତ୍-ଅଦ-ଅ, ଅଦ ସ୍ଥାନରେ ଘସ୍ ହୁଏ) ମାଂସ, ଭକ୍ଷ୍ୟ ବସ୍ତୁ ।

**ଉଦ୍ଘାଟ**, ବି.ପୁଂ. ( ଉତ୍-ଘଟ-ଅ )ରାଜସ୍ୱ ଗ୍ରହଣ ସ୍ଥାନ, ଶୁଳ୍କ ନେଉଥିବା ଘାଟି, ପଣ୍ୟାଦି ଦ୍ରବ୍ୟ ଦର୍ଶନାର୍ଥ ଉଦ୍ଘାଟିତ ସ୍ଥାନ ।

**ଉଦ୍ଘାଟକ**, ବିଂ. (ଉତ୍-ଘାଟି-ଅକ) ଉନ୍ମୋଚନ-କାରୀ, ଉଲ୍ଲେଖକ, ପ୍ରକାଶକ । ବି. ନ. କୂପରୁ ଜଳ ତୋଳିବା ଯନ୍ତ୍ରବିଶେଷ, ଟେଣ୍ଡ ।

**ଉଦ୍ଘାଟନ**, ବି. ନ. ( ଉତ୍-ଘାଟି-ଅନ ) ଉନ୍ମୋଚନ, ଉଲ୍ଲେଖ, ପ୍ରକାଶ କରିବା ।

**ଉଦ୍ଘାଟିତ**, ବିଂ. ( ଉତ୍-ଘାଟି-ତ ) ଉନ୍ମୋଚିତ, ମେଲା, ପ୍ରକାଶିତ ।

**ଉଦ୍ଘାତ**, ବି. ପୁଂ. (ଉତ୍-ହନ୍-ତ ) ଅସ୍ତ୍ରବିଶେଷ, ମୁଦ୍ଗର ପ୍ରଭୃତି, ପ୍ରତିଘାତ, ବାଧା, ଉପକ୍ରମ, ଗ୍ରନ୍ଥର ପରିଚ୍ଛେଦ,ଅଧ୍ୟାୟ, ଆରମ୍ଭ, ଉଲ୍ଲେଖ, ନିଦର୍ଶନ ।

**ଉଦ୍ଘୋଷ**, ବି. ପୁଂ. ( ଉତ୍-ଘୁଷ-ଅ ) ଉଚ୍ଚଶବ୍ଦ-ଦ୍ୱାରା ଇଙ୍ଗିତ ।

**ଉଦଂଶ**, ବି. ପୁଂ. (ଉତ୍-ଦନ୍‌ଶ୍-ଅ) କୀଟବିଶେଷ, ଡାଁଶ, ଉକୁଣି ।

**ଉଦଣ୍ଡ**, ବିଂ. ( ଉତ୍-ଦଣ୍ଡ ) ଉତ୍କଟ ଦଣ୍ଡଧାରୀ, ପ୍ରତାପାନ୍ୱିତ । ଯଥା —

ତଥା କୋମଳ ପିଣ୍ଡକୁ
କହିଲା ଉଦଣ୍ଡ ଫୁଲକୋଦଣ୍ଡ ଦଣ୍ଡକୁ । ଲା. ବ.

**ଉଦନ୍ତୁର**, ବିଂ. (ଉତ୍-ଦନ୍ତ-ଉର) ବୃହତ୍ ଦନ୍ତ-ବିଶିଷ୍ଟ, ଉତ୍ତୁଙ୍ଗ, କରାଳ, ଉତ୍କଟଦନ୍ତ ।

**ଉଦାନ**, ବି. ନ. ( ଉତ୍-ଦା-ଅନ ) ଚୁଲ୍ଲୀ, ବାଡ଼ବାନଳ, ବନ୍ଧନ, କଣ୍ଠଦେଶ, ମଧ୍ୟ ।

**ଉଦ୍ଦାମ**, ବିଂ. (ଉତ୍-ଦାମ-ଅ )ଉତ୍କଟ, ବନ୍ଧନ-ରହିତ, ସ୍ୱେଚ୍ଛାଚାରୀ, ଉଚ୍ଛୃଙ୍ଖଳ । ଯଥା—

ଭଗ୍ନ ନୁହଇ ସୁର ପଥରେ ଥରେ,
ଉଦ୍ଦାମ ସେ କରେ ଆଚ୍ଛନ୍ନରେ ନରେ । ବି. ଚି.

**ଉଦ୍ଦାଲ**, ବି.ନ. (ଉତ୍-ଦାଲ-ଅ)ଧାନ୍ୟବିଶେଷ । ପୁଂ. କୁଡ଼ି, ବନକୋଦ୍ରବ ।

**ଉଦ୍ଦାଲକ**, ବି. ପୁଂ. ମୁନିବିଶେଷ, ତାହାଙ୍କ ପୁତ୍ରର ନାମ ଶ୍ୱେତକେତୁ ।

**ଉଦ୍ଦିଷ୍ଟ**, ବିଂ. ( ଉତ୍-ଦିଶ୍-ତ ) ଅଭିପ୍ରେତ, ଲକ୍ଷୀକୃତ, ଉପଦିଷ୍ଟ ।

**ଉଦ୍ଦୀପକ**, ବିଂ. ( ଉତ୍-ଦୀପ-ଅକ ) ପ୍ରକାଶକ, ଉତ୍ତେଜକ ।

**ଉଦ୍ଦୀପନ**, ନ. }
**ଉଦ୍ଦୀପନା**, ସ୍ତ୍ରୀ. } ବି. (ଉତ୍-ଦୀପ-ଅନ, ଆ ) ଉତ୍ତେଜନ, ଉତ୍ସାହବାକ୍ୟ ପ୍ରଜ୍ୱଳନ ।

**ଉଦ୍ଦୀପନବିଭାବ**, ବି. ରସର ଉଦ୍ଦୀପକ ବିଭାବ । ଯଥା—ନାୟିକାର ଚେଷ୍ଟାଦି ଓ ଚନ୍ଦ୍ର,ଚନ୍ଦନ, ଭ୍ରମରଝଙ୍କାର ପ୍ରଭୃତି ।

**ଉଦ୍ଦୀପିତ**, ବିଂ. (ଉତ୍-ଦୀପ-ଣିଚ୍-ତ)ଉତ୍ତେଜିତ, ପ୍ରଜ୍ୱଳିତ, ପ୍ରକାଶିତ, ବର୍ଦ୍ଧିତ ।

**ଉଦ୍ଦୀପ୍ତ**, ବିଂ. ( ଉତ୍-ଦୀପ-ତ ) ପ୍ରଜ୍ୱଳିତ, ପ୍ରକାଶିତ ।

**ଉଦ୍ଦେଶ**, ବି. ପୁଂ. ( ଉତ୍-ଦିଶ୍-ଅ ) ଲକ୍ଷ୍ୟ, ଅଭିପ୍ରାୟ, ଅଭିସନ୍ଧି, ଅନୁସନ୍ଧାନ, ଉଲ୍ଲେଖ, ସମ୍ବାଦ । ଯଥା—ତାହାର ଉଦ୍ଦେଶ ମିଳୁ ନାହିଁ ।

**ଉଦ୍ଦେଶ୍ୟ**, ବିଂ. ( ଉତ୍-ଦିଶ-ଯ ) ଲକ୍ଷ୍ୟ, ଅଭିପ୍ରେତ । ବି. ନ. ଅଭିପ୍ରାୟ,ଅଭିସନ୍ଧି ।

**ଉଦ୍ଦେଷ୍ଟା**, ବି.ପୁଂ. ( ଉତ୍-ଦିଶ-ତୃ ) ଅନୁ-ସନ୍ଧାନକର୍ତ୍ତା, ଅନ୍ୱେଷକ ।

**ଉଦ୍ଦ୍ୟୋତ**, ବି. ପୁଂ. ( ଉତ୍-ଦ୍ୟୁତ୍-ଅ )ପ୍ରକାଶ, ଆତପ ।

**ଉଦ୍ଦ୍ରାବ**, ବି. ନ. ( ଉତ୍-ଦ୍ରୁ-ଅ ) ପଳାୟନ, ପ୍ରସ୍ଥାନ, ଅସ୍ଥୈର୍ଯ୍ୟ ।

ଉଦ୍ଧୁତ, ବି°. (ଉତ୍-ଦ୍ରୁ-ତ) ପଳାୟିତ, ପ୍ରସ୍ଥିତ ।

ଉଦ୍ଧତ, ବି°. (ଉତ୍-ହନ୍-ତ) ଉତ୍କଟ, ଦୁରନ୍ତ, ଅବନୀତ, ଅହଙ୍କୃତ, ଉତ୍କ୍ଷିପ୍ତ ।

ଉଦ୍ଧତି, ବି. ସ୍ତ୍ରୀ. (ଉତ୍-ହନ୍-ତି ) ଉତ୍ପତନ, ଔଦ୍ଧତ୍ୟ, ଧୃଷ୍ଟତା, ଉନ୍ନତି, ଗର୍ବ ।

ଉଦ୍ଧରଣ, ବି. ପୁଂ. ନ.(ଉତ୍-ଧୃ-ଅନ ଅଥବା ହୃ-ଅନ) ଉତ୍ତୋଳନ, ଉଦ୍ଧାର, ଋଣଶୋଧ, ମୁକ୍ତି, ଉନ୍ମୂଳନ । ( ଉତ୍ତୋଳନ ଅର୍ଥରେ ) ଯଥା—

କେଲେ ଅଚ୍ଛ ଖର୍ବ ସୁରପତି ଗର୍ବ
ଗୋବର୍ଦ୍ଧନ ଉଦ୍ଧରଣରେ । ର. କା.

ଉଦ୍ଧର୍ଷ, ବି. ନ(ଉତ୍=ଅଧିକ-ହୃଷ୍-ଅ)ଉତ୍ସବ ।

ଉଦ୍ଧର୍ଷଣ, ବି.ନ. (ଉତ୍-ହର୍ଷି-ଅନ)ରୋମାଞ୍ଚ ।

ଉଦ୍ଧବ, ବି. ପୁଂ. ( ଉତ୍-ଧ୍=କମ୍ପିବା-ଅ ) ଉତ୍ସବ, ଆନନ୍ଦଜନକ କର୍ମ, କୃଷ୍ଣଙ୍କ ସଖା, ଯଜ୍ଞାଗ୍ନି, ବୃହସ୍ପତିଶିଷ୍ୟ ।

ଉଦ୍ଧାନ, ବି ନ. (ଉତ୍-ଧା-ଅନ) ଚୁଲ୍ଲୀ । ବି°. ଉଦ୍ଗତ, ବମିତ ।

ଉଦ୍ଧାର, ବି.ପୁଂ. ( ଉତ୍-ଧୃ-ଅ, ଅଥବା ଉତ୍-ହୃ-ଅ ) ମୋଚନ, ପରିତ୍ରାଣ, ଋଣ, ଭାଗ, ଉତ୍ତୋଳନ । ସ୍ୱ. ସ୍ତ୍ରୀ. ଗୁଳୁଚୀ ।

ଉଦ୍ଧୁର, ବି°.(ଉତ୍-ଧୁର=ଭାର-ଅ)ଦୃଢ଼,ନିର୍ଭର, ଭାରଶୂନ୍ୟ, ଉତ୍ସୁକ, ଉଦ୍ୟତ, ଦୁଃସହ ।

ଉଦ୍ଧୂତ, ବି°. (ଉତ୍-ଧୂ-ତ) ଉତ୍ପାଟିତ,ଉତ୍କମ୍ପିତ, ଉତ୍କ୍ଷିପ୍ତ, ନିରସ୍ତ ।

ଉଦ୍ଧୂଷଣ, ବି. ନ. (ଉତ୍-ଧୂଷ୍-ଅନ) ପୁଲକୋଦ୍ଗମ, ରସାସ୍ୱାଦରେ ରୋମୋଦ୍ଗତି, ରୋମାଞ୍ଚ ।

ଉଦ୍ଧୃତ, ବି°. ( ଉତ୍-ଧୃ-ତ ) ମୋଚିତ, ଉତ୍ତୋଳିତ, ପୁନର୍ବାର ଅଧିକୃତ, ସମାଜରେ ଗୃହୀତ ।

ଉଦ୍ଧ୍ମାନ, ବି. ନ. (ଉତ୍-ଧ୍ମା-ଅନ ) ଚୁଲ୍ଲୀ ।

ଉଦ୍ଧ୍ୟ, ବି. ପୁଂ. ( ଉତ୍-ଧ୍=ଗମନ କରିବା-ଯ) ତରଙ୍ଗଯୁକ୍ତ ନଦ ।

ଉଦ୍ବଦ୍ଧ, ବି°. (ଉତ୍-ବନ୍ଧ୍-ତ)ଊର୍ଦ୍ଧ୍ୱରେ ବନ୍ଧାଥିବା, ଟଙ୍ଗା ହୋଇଥିବା, ବନ୍ଧନଭ୍ରଷ୍ଟ ।

ଉଦ୍ବନ୍ଧନ,ବି.ନ. (ଉତ୍-ବନ୍ଧ୍-ଅନ) ବେକରେ ଦୌଡ଼ି ଦେଇ ଉପରେ ବାନ୍ଧିବା, ବେକରେ ଦୌଡ଼ି ଦେଇ ମରିବା, ଫାଶି ।

ଉଦ୍ବାହୁ, ବି°. (ଉତ୍-ବାହୁ) ଯେ ଊର୍ଦ୍ଧ୍ୱକୁ ବାହୁ ପ୍ରସାରଣ କରିଥାଏ, ଊର୍ଦ୍ଧ୍ୱବାହୁ ।

ଉଦ୍ବୁଦ୍ଧ, ବି°. ( ଉତ୍-ବୁଧ୍-ତ ) ବିକସିତ, ପ୍ରସ୍ଫୁଟିତ, ପ୍ରବୁଦ୍ଧ, ଉଦିତ, ଅନୁସ୍ମୃତ, ଯାହା ମନରେ ପଡ଼ିଅଛି ।

ଉଦ୍ବୋଧ, ବି. ନ. ( ଉତ୍-ବୁଧ୍-ଅ ) ବିସ୍ମୃତବୋଧ, ବିସ୍ମୃତ ବିଷୟର କୌଣସି କାରଣ ହେତୁ ସ୍ମରଣ ।

ଉଦ୍ବୋଧକ, ବି°. ( ଉତ୍-ବୋଧି-ଅକ ) ପ୍ରକାଶକ, ଜ୍ଞାପକ, ଉଦ୍ଦୀପକ ।

ଉଦ୍ବୋଧନ, ବି. ନ. ( ଉତ୍-ବୁଧ-ଅନ ) ଜାଗ୍ରତକରଣ, ଜ୍ଞାପନ । ବି°. ଯାହାଦ୍ୱାରା ଉଦ୍ବୋଧ ଜନ୍ମେ । ଯଥା—

ଉଷା ଉଦ୍ବୋଧନ ଭରତଥା ସ୍ୱପ୍ନ ଶୁଣିଲା ବଲେ. ଉଷା ।

ଉଦ୍ଭଟ, ବି°. (ଉତ୍-ଭଟ-ଅ) ଉତ୍କଟ, ପ୍ରସିଦ୍ଧ, ଉଦାର, ଶ୍ରେଷ୍ଠ, ଗ୍ରନ୍ଥବହିର୍ଭୂତ । ବି. ପୁଂ. କଚ୍ଛପ, ସୂର୍ଯ୍ୟ ।

ଉଦ୍ଭବ, ବି. ପୁଂ. (ଉତ୍-ଭୂ-ଅ) ଜନ୍ମ, ଉତ୍ପତ୍ତି ।

ଉଦ୍ଭାବନ, ବି. ନ. (ଉତ୍-ଭାବି-ଅନ) କଳ୍ପନା, ଉତ୍ପାଦନ, ଅଜ୍ଞାତ ବିଷୟ ପ୍ରକାଶ କରିବା, ଚିନ୍ତନ ।

ଉଦ୍ଭାବିତ, ବି°. (ଉତ୍-ଭୂ-ଣିଚ୍-ତ) ଚିନ୍ତିତ, କଳ୍ପିତ ।

ଉଦ୍ଭାସ, ବି. ନ. (ଉତ୍-ଭାସ୍-ଅ) ଦୀପ୍ତି, ପ୍ରକାଶ ।

ଉଦ୍ଭାସକ, ବି°. (ଉତ୍-ଭାସ୍-ଅକ) ଉଦ୍ଦୀପକ, ଯେ ଉଦ୍ଭାସନ କରେ ।

ଉଦ୍ଭାସନ, ବି. ନ. (ଉତ୍-ଭାସ୍-ଅନ) ଉଦ୍ଦୀପନ, ଉଜ୍ଜ୍ୱଳୀକରଣ, ଉଜ୍ଜ୍ୱଳ କରିବା । ବି°. ଦୀପ୍ତିକାରକ ।

ଉଦ୍ଭାସିତ, ବିଂ. (ଉତ୍-ଭାସ୍-ଣିଚ୍-ତ) ଶୋଭିତ, ଦୀପ୍ତ ।

ଉଦ୍ଭିଜ୍ଜ, ଉଦ୍ଭିଦ, ଉଦ୍ଭିଦ୍ ବିଂ. (ଉତ୍-ଭିଦ୍-ଜନ୍-ଅ, ଭିଦ୍-ଅ, ଭିଦ୍-୦) ଯାହା ଭୂମିଭେଦ କରି ଜନ୍ମେ । ଯଥା—ତରୁଲତା, ଗୁଳ୍ମାଦି ।

ଉଦ୍ଭିଜ୍ଜାଣୁ, ବି. ପୁଂ. ( ଉଦ୍ଭିଜ୍ଜ-ଅଣୁ ) ଚକ୍ଷୁର ଅଗୋଚର କ୍ଷୁଦ୍ର ଉଦ୍ଭିଜ୍ଜ ।

ଉଦ୍ଭିଦବିଦ୍ୟା, ବି. ସ୍ତ୍ରୀ. (ଉଦ୍ଭିଦ-ବିଦ୍ୟା) ଯେଉଁ ଶାସ୍ତ୍ରରେ ତରୁଲତା ଓ ଗୁଳ୍ମାଦିର ଜାତିଭେଦ, ଉତ୍ପତ୍ତି ସ୍ଥାନ, ଅବୟବସଂସ୍ଥାନ ଏବଂ ପ୍ରତ୍ୟେକର ଅବୟବର କାର୍ଯ୍ୟାଦି ଜଣାଯାଏ । Botany ।

ଉଦ୍ଭିନ୍ନ ବିଂ. (ଉତ୍-ଭିଦ୍-ତ) ପ୍ରକାଶିତ, ଅଙ୍କୁରିତ, ଭେଦ କରି ଉତ୍ଥିତ, ପ୍ରଫୁଲ୍ଲ ।

ଉଦ୍ଭୂତ, ବିଂ. (ଉତ୍-ଭୂ-ତ) ଜାତ, ଉତ୍ପନ୍ନ, ପ୍ରତ୍ୟକ୍ଷ, ଯୋଗ୍ୟ, ଉନ୍ନତ ।

ଉଦ୍ଭେଦ, ବି. ପୁଂ. (ଉତ୍-ଭିଦ୍-ଅ) ଉତ୍ପତ୍ତି, ସ୍ଫୁରଣ, ରୋମାଞ୍ଚ, ପ୍ରକାଶ, ଉଦ୍ଗମ ।

ଉଦ୍ଭ୍ରମ, ବି. ପୁଂ. ଉତ୍-ଭ୍ରମ୍-ଅ) ଊର୍ଦ୍ଧ୍ୱ ଭ୍ରମଣ, ଉଦ୍ବେଗ, ବୁଦ୍ଧିଭ୍ରମ, ଆକୁଳତା ।

ଉଦ୍ଭ୍ରାନ୍ତ. ବିଂ. (ଉତ୍-ଭ୍ରମ୍-ତ) ଭ୍ରାନ୍ତ, ଆଘୂର୍ଣ୍ଣିତ, ବ୍ୟସ୍ତ, ଉଚ୍ଛୃଙ୍ଖଳ ।

ଉଦ୍ୟତ, ବିଂ. (ଉତ୍-ଯମ୍-ତ) ଉଦ୍ୟୁକ୍ତ, ପ୍ରବୃତ୍ତ, ଉତ୍ଥିତ, ଉନ୍ମୁଖ ।

ଉଦ୍ୟମ, ବି. ପୁଂ. (ଉତ୍-ଯମ୍-ଅ) ଉଦ୍ଯୋଗ, ଚେଷ୍ଟା, ଉତ୍ସାହ, ଉତ୍ଥାନ ।

ଉଦ୍ୟମୀ, ବିଂ. (ଉତ୍-ଯମ୍-ଇନ୍) ଯତ୍ନବାନ୍, ସଚେଷ୍ଟ ।

ଉଦ୍ୟାନ, ବି. ନ. ( ଉତ୍-ଯା-ଅନ ) ଉପବନ, ନିଃସରଣ, ପ୍ରୟୋଜନ ।

ଉଦ୍ୟାନପାଳ, ବି. ପୁଂ. (ଉଦ୍ୟାନ-ପାଳ) ମାଳୀ, ବଗିଚାର ରକ୍ଷକ ।

ଉଦ୍ୟାନବାଟିକା, ବି. ନ. ( ଉଦ୍ୟାନ-ବାଟିକା ) ବଗିଚାରେ ଥିବା ଘର, ପ୍ରମୋଦଗୃହ ।

ଉଦ୍ଯାପନ, ବି. ନ. ଉତ୍-ଯା-ଣିଚ୍-ଅନ) ଆରବ୍ଧ ବ୍ରତାଦି ସମାପନ, ବ୍ରତ ଉଦ୍ଯାପନ କରିବା ।

ଉଦ୍ୟୁକ୍ତ, ବିଂ. ( ଉତ୍-ଯୁଜ୍-ତ ) ଉତ୍ସାହିତ, ଉଦ୍ଯୋଗୀ, ଚେଷ୍ଟିତ, ଯତ୍ନବାନ୍ ।

ଉଦ୍ଯୋଗ, ବି. ପୁଂ. (ଉତ୍-ଯୁଜ୍-ଅ) ଉଦ୍ୟମ, ଯତ୍ନ, ଚେଷ୍ଟା, ଉତ୍ସାହ ।

ଉଦ୍ଯୋଗପର୍ବ, ବି. ନ. ମହାଭାରତର ପର୍ବ ବିଶେଷ, ଷଷ୍ଠ ପର୍ବ ।

ଉଦ୍ଯୋଗୀ ବିଂ. (ଉତ-ଯୁଜ-ଇନ) ଚେଷ୍ଟାବାନ୍, ଉଦ୍ୟମୀ, ଯତ୍ନଶୀଳ ।

ଉଦ୍ର, ବି. ପୁଂ. (ଉନ୍ଦ-ର) ଜଳମାର୍ଜାର, ଓଧ ।

ଉଦ୍ରଥ, ବି. ପୁଂ. (ଉତ୍-ରଥ) କୁକ୍କୁଟ, ରଥକୀଳକ ।

ଉଦ୍ରାବ, ବି. ପୁଂ. ( ଉତ୍-ରୁ-ଅ ) ଉଚ୍ଚଧ୍ୱନି, ଉଚ୍ଚରବ ।

ଉଦ୍ରିକ୍ତ, ବିଂ. ( ଉତ୍-ରିଚ୍-ତ ) ଉତ୍ଥିତ, ଅତିଶୟିତ, ଉତ୍ତେଜିତ, ସ୍ଫୁଟ ।

ଉଦ୍ରେକ, ବି. ପୁଂ. (ଉତ୍-ରିଚ୍-ଅ) ଉତ୍ଥାନ, ଉଦୟ, ବୃଦ୍ଧି, ଉପକ୍ରମ, ଉତ୍ତେଜନ ।

ଉଦ୍ରେକା, ବି. ସ୍ତ୍ରୀ. ମହାନିମ୍ବ ।

ଉଦ୍ବମନ, ବି. ନ. (ଉତ୍-ବମ୍-ଅନ) ଉଦ୍ଗୀରଣ, ବମନ କରିବା, ବାନ୍ତି କରିବା ।

ଉଦ୍ବର୍ତ୍ତ, ବି. ପୁଂ. (ଉତ୍-ବୃତ୍-ଅ) ଅତିରେକ, ଆଧିକ୍ୟ । ବିଂ. ଅବଶିଷ୍ଟ, ଅତିରିକ୍ତ ।

ଉଦ୍ବର୍ତ୍ତନ, ବି. ନ. (ଉତ୍-ବୃତ୍-ଅନ) ଗନ୍ଧାଦି ଦ୍ୱାରା ବିଲେପନ, ଗାତ୍ରମର୍ଦ୍ଦନ, ଓଲଟପାଲଟ କରିବା, ବିଲେପନ ଦ୍ରବ୍ୟ, ମାଲିସ ।

ଉଦ୍ବହ, ବି. ପୁଂ. ( ଉତ୍-ବହ-ଅ ) ସନ୍ତାନ, ବଂଶଧର, ବର, ନାୟକ, ବାୟୁବିଶେଷ, ବିବାହ । ବିଂ. ଉତ୍ପାଦକ ।

ଉଦ୍ବହନ, ବି. ନ. ( ଉତ୍-ବହ-ଅନ ) ବିବାହ, ବହନ ।

ଉଦ୍ବାନ୍ତ, ବିଂ. ( ଉଦ୍-ବମ୍-ତ ) ଉଦ୍‌ଗୀର୍ଣ୍ଣ, ଉଦ୍‌ଗତ, ବମିତ । ବି. ପୁଂ. ମଦହୀନ ଗଜ ।

ଉଦ୍ବାସନ, ବି. ନ. (ଉତ୍-ବସ୍-ଣିଚ୍-ଅନ) ବିସର୍ଜନ, ବଧ ।

ଉଦ୍ବାସ୍ତୁ, ବି. ନ. ବାସଭୂମିର ସମ୍ମୁଖସ୍ଥ ସ୍ଥାନ ।

ଉଦ୍ବାହ, ବି. ନ. ( ଉତ୍-ବହ୍-ଅ ) ବିବାହ, ପରିଣୟ ।

ଉଦ୍ବାହନ, ବି. ନ. (ଉଦ୍-ବହ୍-ଣିଚ-ଅନ) ବିବାହ କରିବା, ଦୁଇବାର କର୍ଷଣ ।

ଉଦ୍ବାହନୀ, ବି. ସ୍ତ୍ରୀ. (ଉତ୍-ବହ୍-ଅନ-ଈ) କଉଡ଼ି, ବରାଟକ ।

ଉଦ୍ବାହିତ, ବିଂ. (ଉଦ୍-ବହ୍-ଣିଚ୍-ତ) ପରିଣୀତ, ବିବାହିତ ।

ଉଦ୍ବାହିନୀ, ବି. ସ୍ତ୍ରୀ. (ଉତ୍-ବହ୍-ଅ-ଇନ୍-ଈ) ରଜ୍ଜୁ, ଦଉଡ଼ି ।

ଉଦ୍ବାହୁ, ବିଂ. (ଉତ୍-ବାହୁ=ହସ୍ତ) ଊର୍ଦ୍ଧ୍ୱ ହସ୍ତ ।

ଉଦ୍‌ବାହ୍ୟା, ବି. ସ୍ତ୍ରୀ. (ଉଦ୍‌ବାହ-ଯ-ଆ) ବିବାହ-ଯୋଗ୍ୟା କନ୍ୟା, କୁମାରୀ ।

ଉଦ୍‌ବିଗ୍ନ, ବିଂ. (ଉତ୍-ବିଜ୍-ତ) ଚଞ୍ଚଳ, ଉତ୍କଣ୍ଠିତ, ଭୀତ, ଉଦ୍ଭତ ।

ଉଦ୍ବିଡ଼ାଲ, ବି. ପୁଂ. ଭୂଚର ଓ ଜଳଚର ଜନ୍ତୁ-ବିଶେଷ, ଜଳମାର୍ଜାର, ଓଧ ।

ଉଦ୍‌ବୃତ୍ତ, ବିଂ. ( ଉତ୍-ବୃତ୍-ତ ) ଦୁର୍ବୃତ୍ତ, ଉତ୍କ୍ଷିପ୍ତ, ଉଦ୍‌ଭୂତ, ଜାତ, ଉଦ୍‌ଗ୍ରୀତ, ଅବାଧ, ବମିତ, ଅତିରକ୍ତ ।

ଉଦ୍ବେଗ, ବି. ପୁଂ. ( ଉତ୍-ବିଜ୍-ଅ ) ଉତ୍କଣ୍ଠା, ଭୟ, ତ୍ୱରା, ଉଦ୍‌ଗ୍ରମନ, ଗୁବାକ । ବିଂ. ବେଗବାନ୍, ବେଗଶୀଳ । ଉତ୍କଣ୍ଠା ଅର୍ଥରେ, ଯଥା—

ରମ୍ଭାପତ୍ର ପ୍ରାୟେ ଉଦ୍ବେଗେ ଥରିଲା ବେନି ହୃଦୟ ।
ଉଷା ।

ଉଦ୍ବେଜକ } ବିଂ. ( ଉତ୍-ବିଜ୍-ଅକ, ଣିଚ୍-ତୃ)
ଉଦ୍ବେଜୟିତା } ଉଦ୍ବେଗଜନକ, ଉଦ୍ବେଗକାରକ ।

ଉଦ୍ବେଜନ, ବି. ନ. (ଉତ୍-ବିଜ୍-ଅନ) ଉଦ୍ବେଗ, ଭୟ, କମ୍ପନ, କଷ୍ଟ ।

ଉଦ୍ବେଜିତ, ବିଂ. (ଉତ୍-ବିଜ୍-ଣିଚ୍-ତ) କ୍ଳେଶିତ, ଉତ୍ତ୍ୟକ୍ତ, ଭୟପ୍ରାପିତ ।

ଉଦ୍‌ବେଲ } ବିଂ. (ଉତ୍-ବେଲା-ଅ, ଇତ)
ଉଦ୍‌ବେଲିତ } ଉଚ୍ଛଳିତ, କୂଳାତିକ୍ରାନ୍ତ, ସୀମାତିକ୍ରାନ୍ତ । ଯଥା—

ଉଦ୍ବେଳ ମାନର ପ୍ରାୟେ ଲକ୍ଷ ଲକ୍ଷ ପ୍ରଜା ମ. ଯା.

ଉଦ୍‌ବେଷ୍ଟ, ବି. ପୁଂ. (ଉତ୍-ବେଷ୍ଟ-ଅ) ଅବରୋଧ, ଆକ୍ରମଣ । ବିଂ. ବେଷ୍ଟକ ।

ଉଦ୍‌ବେଷ୍ଟନ ବି. ନ (ଉତ୍-ବେଷ୍ଟ-ଅନ) ହସ୍ତପାଦ-ବନ୍ଧନ, ଉଷ୍ଣୀଷ, ମୋଚନ, ଉନ୍ମୋଚନ । ବିଂ. ବେଷ୍ଟନରହିତ, ବନ୍ଧନମୁକ୍ତ ।

ଉଦ୍‌ବୋଢ଼ା, ବି. ପୁଂ. (ଉତ୍-ବହ୍-ତୃ) ବର ।

ଉଧସ୍, ବି. ନ. ( ବନ୍ଦ୍-ଅସ୍ ) ଗବାଦିର ସ୍ତନ, ଗୋ ପ୍ରଭୃତିର ପଣ୍ଡା ।

ଉଧ ବା ଓଧ, ବି. ପୁଂ. (ଉଦ୍ର ଶବ୍ଦଜ) ଜଳମାର୍ଜାର ।

ଉଧାର, ବିଂ. (ଉଦ୍ଧାର ଶବ୍ଦଜ ) ଧାର, ଋଣ, କର୍ଜ ।

ଉଧୁ, ବି. (ଦେଶଜ) କଦଳୀପୁଅ, ଊର୍ଦ୍ଧ୍ୱସ୍ଥସ୍ଥାନ ।

ଉଧୁରିବା, କ୍ରି. ( ଉଦ୍ଧାର ଧାତୁଜ ) ଉଦ୍ଧାର ପାଇବା, ବନ୍ଧନରୁ ମୁକ୍ତି ପାଇବ ।

ଉଧେଇବା, କ୍ରି. ( ଦେଶଜ ) ବଢ଼ିବା, ବୃଦ୍ଧି ପାଇବା ।

ଉନ୍ଦରୁ, ଉନ୍ଦୁରୁ, } ବି. ପୁଂ. ସ୍ତ୍ରୀ. (ଉନ୍ଦ-ଅରୁ
ଉନ୍ଦୁର, ଉନ୍ଦୂର, } ଉରୁ, ଉର, ଊର) ମୂଷିକ, ମୂଷା । ଯଥା—

ବୃଷଦଂଶ ଭୟେ ଯଥା ଉନ୍ଦୁରୁ
ବାହାରଇ ନାହିଁ ନିଜ ବିବରୁ । ବୈ. ବ.

ଉନ୍ନ, ବିଂ. (ଉନ୍ଦ୍-ତ) ସିକ୍ତ, ଆର୍ଦ୍ର, ଦୟାର୍ଦ୍ର ।

ଉନ୍ନତ, ବିଂ. (ଉତ୍-ନମ୍-ତ) ଉତ୍ତୁଙ୍ଗ, ଉଚ୍ଚ, ବୃଦ୍ଧିପ୍ରାପ୍ତ, ସ୍ଫୀତ, ଗୌରବାନ୍ୱିତ ।

ଉନ୍ନତାନତ, ବିଂ. ( ଉନ୍ନତ-ଆନତ ) ବନ୍ଧୁର, ଉଚ୍ଚନୀଚ ।

ଉନ୍ନତି, ବି. ସ୍ତ୍ରୀ. ( ଉତ୍-ନମ୍-ତି ) ଗରୁଡ଼ପତ୍ନୀ, ବୃଦ୍ଧି, ଉଦୟ, ଉଚ୍ଚତା, ଗୌରବ, ସୌଭାଗ୍ୟ ।

ଉନ୍ନଦ୍ଧ, ବିଂ. (ଉତ୍-ନହ୍-ତ) ଊର୍ଦ୍ଧ୍ୱରେ ବନ୍ଧନ-ପ୍ରାପ୍ତ, ଊର୍ଦ୍ଧ୍ୱସଂଯୁକ୍ତ, ଉତ୍କଟ, ସ୍ଫୀତ ।

ଉନ୍ନମନ, ବି. ନ. (ଉତ୍-ନମ-ଅନ) ଉତ୍ତୋଳନ ।

ଉନ୍ନମିତ, ବିଂ. (ଉତ୍-ନମ୍-ଣିଚ୍-ତ) ଊର୍ଦ୍ଧ୍ୱୀକୃତ, ଉତ୍ତୋଳିତ ।

ଉନ୍ନୟ । ବି. ପୁଂ. (ଉତ୍-ନୀ-ଅ) ଉନ୍ନତି, ଉତ୍ଥାନ,
ଉନ୍ନାୟ । ଉତ୍ତୋଳନ, ସାଦୃଶ୍ୟ ।

ଉନ୍ନୟନ, ବି. ନ. (ଉତ୍-ନୀ-ଅନ) ଉତ୍ତୋଳନ, ଉନ୍ନତି, ବିତର୍କ, ଅନୁମାନ ନ୍ୟାୟଶାସ୍ତ୍ର ।

ଉନ୍ନସ, ବିଂ. (ଉତ୍-ନସ୍-ଅ) ଉନ୍ନତ ନାସିକା-ବିଶିଷ୍ଟ ।

ଉନ୍ନାଦ, ବି. ପୁଂ. (ଉତ୍-ନଦ୍-ଅ) ଉଚ୍ଚରବ, ଉଚ୍ଚସ୍ୱର ।

ଉନ୍ନାଭ, ବିଂ. (ଉତ୍-ନାଭି) ଯାହାର ନାଭି ଉନ୍ନତ । ବି. ପୁଂ. ସୂର୍ଯ୍ୟବଂଶୀୟ ନୃପବିଶେଷ ।

ଉନ୍ନାମିତ, ବିଂ. (ଉତ୍-ନମ୍-ଣିଚ୍-ତ) ଊର୍ଦ୍ଧ୍ୱକୁ ଉତ୍ଥାପିତ ।

ଉନ୍ନାହ, ବି. ନ. (ଉତ୍-ନହ-ଅ) କାଞ୍ଜି ଉତ୍ତୋଳନପୂର୍ବକ ବନ୍ଧନ ।

ଉନ୍ନିଦ୍ର, ବିଂ. (ଉତ୍-ନିଦ୍ରା) ବିକଶିତ, ନିଦ୍ରାହୀନ, ସତର୍କ, ସାବଧାନ । ଯଥା—

ଉନ୍ନିଦ୍ରରେ ହେଲା ପ୍ରଚଣ୍ଡନ ଘନ,
ଉଲ୍ଲସଇ ଗାତ୍ର ନେତ୍ର ଅନ ଅନ । ବ. ଚ.

ଉନ୍ନୀତ, ବିଂ. (ଉତ୍-ନୀ-ତ) ଉନ୍ନତିପ୍ରାପ୍ତ, ବୃଦ୍ଧିଯୁକ୍ତ, ତର୍କିତ, ଅନୁମିତ ।

ଉନ୍ମଗ୍ନ ବିଂ. (ଉତ୍-ମସ୍ଜ୍-ତ) ଜଳାଦିରୁ ଉତ୍ଥିତ ।

ଉନ୍ମଜ୍ଜନ ବି. ନ. (ଉତ୍-ମସ୍ଜ୍-ଅନ) ଜଳାଦିରୁ ଉଠିବା, ଭାସିବା ।

ଉନ୍ମତ୍ତ ବିଂ. (ଉତ୍-ମଦ୍-ତ) ଉନ୍ମାଦଯୁକ୍ତ, ପାଗଳ । ବି. ଧୁତୁରା, ମୁଚୁକୁନ୍ଦ ବୃକ୍ଷ ।

ଉନ୍ମଥ ବି. ପୁଂ. (ଉତ୍-ମଥ୍-ଅ) ବଧ, ହନନ, ମାରଣ ।

ଉନ୍ମଥନ, ବି. ନ. (ଉତ୍-ମଥ-ଅନ) ମନ୍ଥନ, ମର୍ଦ୍ଦନ, ହନନ, ବିନାଶନ, କଥନ ।

ଉନ୍ମଦ, ବିଂ. (ଉତ୍-ମଦ୍-ଅ) ବାହ୍ୟଜ୍ଞାନଶୂନ୍ୟ, ପାଗଳ, ଉନ୍ମାଦଯୁକ୍ତ । ଯଥା—

କେ ଅବା ଉନ୍ମଦ ଶୂନ୍ୟେ ଭୂଷଇ ନିଶୂଳ । କ. ବ.

ଉନ୍ମଦିଷ୍ଣୁ, ବିଂ. (ଉତ୍-ମଦ୍-ଇଷ୍ଣୁ) ଉନ୍ମତ୍ତ, ଉନ୍ମାଦଯୁକ୍ତ, ପାଗଳ ।

ଉନ୍ମନାଃ, ବିଂ. (ଉତ୍-ମନସ୍) ଉତ୍କଣ୍ଠିତଚିତ୍ତ, ଉଦ୍ବିଗ୍ନ, ବ୍ୟାକୁଳ, ଉତ୍ସୁକ, ଅନ୍ୟମନସ୍କ ।

ଉନ୍ମନ୍ଥ, ବି. ପୁଂ. } (ଉତ୍-ମନ୍ଥ-ଅ, ଅନ)
ଉନ୍ମନ୍ଥନ, ବି. ନ. } ମଥନ, ହନନ ।

ଉନ୍ମାଥ, ବି. ପୁଂ. (ଉତ୍-ମନ୍ଥ=ବଧକରିବା-ଅ) ମୃଗ ମାରିବାର ଉପଯୋଗୀ ଯନ୍ତ୍ରବିଶେଷ, ପାଶ, ବିଲୋଡ଼ନ, ହନନ, ବଧ ।

ଉନ୍ମାଦ, ବି. ପୁଂ. (ଉତ୍-ମଦ୍-ଅ) ଚିତ୍ତବିଭ୍ରମ, ବାୟୁରୋଗବିଶେଷ, ବୁଦ୍ଧିଭ୍ରଂଶ । ଯଥା—

ଦେଖିଲଣି ବିବେକ-ଉନ୍ମାଦ ଅତିରେକ ।

ଉନ୍ମାଦକ, ବିଂ. (ଉତ୍-ମଦ ଅକ) ଯାହା ଉନ୍ମାଦ ଜନ୍ମାଏ, ଉନ୍ମାଦୀ ।

ଉନ୍ମାଦନ, ବି. ପୁଂ. (ଉତ୍-ମଦ୍-ଣିଚ୍-ଅନ) କନ୍ଦର୍ପର ପଞ୍ଚ ବାଣ ମଧ୍ୟରୁ ଅନ୍ୟତମ ବାଣ । ବି. ନ. ଉନ୍ମତ୍ତକରଣ । ବିଂ. ଉନ୍ମତ୍ତକାରକ ।

ଉନ୍ମାର୍ଗ, ବିଂ. (ଉତ୍-ମାର୍ଗ) କୁପଥଗାମୀ । ବି. ପୁଂ. କୁପଥ, ଗର୍ହିତ ଆଚରଣ ।

ଉନ୍ମିଷିତ, ବିଂ. (ଉତ୍-ମିଷ୍-ତ) ବିକସିତ, ଉନ୍ମୀଳିତ । ବି. ନ. ଉନ୍ମୀଳନ ।

ଉନ୍ମୀଳନ, ବି. ନ. (ଉତ୍-ମୀଲ-ଅନ) ବିକାଶ, ଉନ୍ମେଷ, ଚାହିଁବା । ଯଥା—

ବ୍ରହ୍ମଯୋଗ ଧ୍ୟାନ ପରି ଉନ୍ମୀଳନେ ନେତ୍ର ଗୋପି,
ଏକା ଏ ମଣ୍ଡଳ ଧରି ରହିଛୁ ନିବନ୍ଧଶୋଷି
ବସିଲୁଣି ହବା କିଣି କାଗି ରେ । ସ. ସା.

ଉନ୍ମୀଳିତ, ବିଂ. (ଉତ୍-ମୀଲ୍-ତ) ବିକସିତ, ଉନ୍ମିଷିତ, ଉଦ୍ଘାଟିତ ।

ଉନ୍ମୁକ୍ତ, ବିଂ. ( ଉତ୍-ମୁଚ୍-ତ ) ମୁକ୍ତ, ଯାହାର ବନ୍ଧନ ଫିଟି ଯାଇଅଛି ।

ଉନ୍ମୁଖ, ବିଂ. (ଉତ୍-ମୁଖ) ଊର୍ଦ୍ଧ୍ୱମୁଖ, ଉତ୍ସୁକ ଉଦ୍ୟୁକ୍ତ ।

ଉନ୍ମୂଳନ, ବି. ନ. (ଉତ୍-ମୂଳ-ଅନ) ଉତ୍ପାଟନ, ବିନାଶକରଣ ।

ଉନ୍ମୂଳିତ, ବିଂ. ( ଉତ୍-ମଳ-ତ ) ଉତ୍ପାଟିତ, ବିନଷ୍ଟ, ବିନାଶିତ ।

ଉନ୍ମୃଷ୍ଟ, ବିଂ. ( ଉତ୍-ମୃଜ୍-ତ ) ପରିଷ୍କୃତ, ମାର୍ଜିତ, ବିମଳୀକୃତ ।

ଉନ୍ମେଷ, ବି. ପୁଂ. ( ଉତ୍-ମିଷ୍-ଅ ) ଉନ୍ମୀଳନ, ପ୍ରକାଶ । ଯଥା—

ମର୍ତ୍ତ୍ୟେ କାହିଁ ବୋଲି ଚାହାଁଇ ଦେଉଛି ନେତ୍ର ଉନ୍ମେଷ । ଉଷା

ଉନ୍ମୋଚନ, ବି. ନ. (ଉତ୍-ମୁଚ-ଅନ) ମୁକ୍ତକରଣ, ମୋଚନ, ଛଡ଼ାଇ ନେବା ।

ଉପ, ଅଂ. (ଉପସର୍ଗ) ଉପର, ସାମୀପ୍ୟ, ପ୍ରତିନିଧି, ହୀନ, ସାଦୃଶ୍ୟ, ଆରମ୍ଭ, ପୂଜା, ସାମର୍ଥ୍ୟ, ଭୂଷଣ, ଦୋଷାଖ୍ୟାନ, ଦାନ, ମାରଣ, ଇଚ୍ଛା, ବ୍ୟାପ୍ତି, ତିରସ୍କାର, ଆନୁକୂଲ୍ୟ ।

ଉପକଣ୍ଠ, ବି. କ୍ଲୀ. (ଉପ-କଣ୍ଠ) ଗ୍ରାମାନ୍ତ, ଅଶ୍ୱର ଗତିବିଶେଷ । ବିଂ. ନିକଟ, ସମୀପ । ଯଥା-

ନୀପବନ ଉପକଣ୍ଠେ ନ୍ୟସ୍ତ କରିଅଛ ମୋ କଣ୍ଠେ
ନାଗରାଜ ନିରୁପମ ବାହା । ବି. ଚ.

ଉପକଥା, ବି. ସ୍ତ୍ରୀ. ( ଉପ-କଥା) ଆଖ୍ୟାୟିକା, କଳ୍ପିତ କାହାଣୀ ।

ଉପକରଣ, ବି. ନ. ( ଉପ-କୃ-ଅନ) ରାଜାଙ୍କର ଛତ୍ର ଚାମରାଦି ଚିହ୍ନ, ସାମଗ୍ରୀ, ଅଙ୍ଗଦ୍ରବ୍ୟ, ଆନୁଷଙ୍ଗିକ ଦ୍ରବ୍ୟ । ଯଥା— ଭୋଜନରେ ବ୍ୟଞ୍ଜନାଦି, ଶୟନରେ ଖଟ୍ୱାଦି, ରନ୍ଧନରେ ତଣ୍ଡୁଳାଦି, ମାଲମସଲା, ଉପକାର ।

ଉପକାର, ବି. ପୁଂ. ( ଉପ-କୃ-ଅ ) ଅନୁଗ୍ରହ, ଆନୁକୂଲ୍ୟ, ସାହାଯ୍ୟ, ଫଳ, ପ୍ରୟୋଜନ, ଉପକୃତି, ଉପକରଣ ।

ଉପକାରକ } ଉପକର୍ତ୍ତା } ବିଂ. (ଉପ-କୃ-ଅକ,ତୃ) ଉପକାରୀ, ସହାୟ, ଅନୁକୂଳ ।

ଉପକାରିକା, ବି. ସ୍ତ୍ରୀ. ( ଉପକାରକ ଶବ୍ଦର ସ୍ତ୍ରୀଲିଙ୍ଗ ) ଉପକାରଣୀ, ପଟ୍ଟଭବନ, ରାଜାର ବାସଯୋଗ୍ୟ ଗୃହ, କୋଠି ।

ଉପକାରିତା, ବି. ସ୍ତ୍ରୀ. ( ଉପକାରିନ୍-ତା ) ଉପକାର, ସାହାଯ୍ୟ, ଉପଯୋଗିତା ।

ଉପକାରୀ, ବିଂ. ( ଉପକାର-ଇନ୍ ) ହିତକାରୀ, ଉପକାରକ, ସହାୟ । ଯଥା—

ଭଲକରି ଦେଖ ମୋର ଭ୍ରାତାଙ୍କ ବଦନ,
ଉପକାରୀ ପ୍ରକୃଷ୍ଟ ଗୋ ଅଟନ୍ତି ଏ ଜନ । କ. ବ.

ଉପକାରଣୀ, ବି. ସ୍ତ୍ରୀ. ( ଉପକାର-ଇନ୍-ଈ ) ରାଜାଙ୍କ ବାସଯୋଗ୍ୟ ଗୃହ ।

ଉପକାର୍ଯ୍ୟ, ବି. (ଉପ-କୃ-ଯ) ଉପକାରଯୋଗ୍ୟ ।

ଉପକାର୍ଯ୍ୟା, ବି. ସ୍ତ୍ରୀ. ( ଉପ-କୃ-ଯ ଆ ) ରାଜାବାସଯୋଗ୍ୟ ପଟ୍ଟଭବନାଦି, ରାଜବାଟୀ, କୋଠି ବା ଧାନ୍ୟାଦି ରଖିବା ସ୍ଥାନ । ଯଥା—

ପ୍ରାଚୀପଥେ ଘନେ ସ୍ୱର୍ଣ୍ଣବର୍ଣ୍ଣ ମେଘରାଜି
ତମୋଜୟୀ ତପନର ଉପକାର୍ଯ୍ୟାରୂପେ । ମ. ଯା.

ଉପକୁଲ୍ୟା, ବି. ସ୍ତ୍ରୀ. (ଉପ-କୁଲ-ଯ-ଆ ) ପିପ୍ପଳୀ, ଜଳନାଳୀ, ମାହାଳୀ, ଖାଲ । ଯଥା—

ଉପକୁଲ୍ୟା ଆଦି ଉପକରଣକୁ ଅଛି ସେ ଗର୍ଭଗତ କରି ।
କୋ. ତ୍ରି.

ଉପକୂଳ ବି. ପୁଂ. ( ଉପ-କୂଳ ) ବେଳାଭୂମି, ସମୁଦ୍ର, ସନ୍ନିହିତ ଭୂମି ।

ଉପକୃତ, ବିଂ. ( ଉପ-କୃ-ତ ) ଉପକାରପ୍ରାପ୍ତ, ବାଧିତ, ଅନୁଗୃହୀତ ।

ଉପକୃତି, ବି. ସ୍ତ୍ରୀ. (ଉପ-କୃ-ତି) ଉପକାର ।

ଉପକେଶ, ବି. ନ. (ଉପ-କେଶ) କୃତ୍ରିମ କେଶ, ପରଚୂଳା ।

ଉପକ୍ରମ, ବି. ପୁଂ. ( ଉପ-କ୍ରମ-ଅ ) ଆରମ୍ଭ, ବିବେଚନାପୂର୍ବକ ଆରମ୍ଭ, ବଶୀକରଣ, ଧର୍ମାଦି ଦ୍ୱାରା ଭୃତ୍ୟାଦି ପରୀକ୍ଷା, ଚିକିତ୍ସା, ଗମନ, ଉପାୟ, ଉଦ୍ୟମ ।

**ଉପକ୍ରମଣିକା**, ବି. ସ୍ତ୍ରୀ. (ଉପ-କ୍ରମ୍-ଅନ-ଇକ୍-ଆ) ପ୍ରଥମ ସୂତ୍ରପାତ, ବକ୍ଷ୍ୟମାଣ ବିଷୟର ଆଭାସ ।

**ଉପକ୍ରାନ୍ତ**, ବିଂ. (ଉପ-କ୍ରମ୍-ତ) ପ୍ରକ୍ରାନ୍ତ, ଆରବ୍ଧ, ଯାହା ଆରମ୍ଭ ହୋଇଅଛି ।

ଉପକ୍ରିୟା, ବି. ସ୍ତ୍ରୀ. (ଉପ-କୃ-ଯ) ସାହାଯ୍ୟ, ଉପକାର ।

**ଉପକ୍ରୋଶ**, ବି. ପୁଂ. (ଉପ-କ୍ରୁଶ କନ୍ଦନ କରିବା-ଅ) ନିନ୍ଦା, ଭର୍ତ୍ସନା, ଅପବାଦ ।

**ଉପକ୍ୱଣ**, ବି. ପୁଂ. (ଉପ-କ୍ୱଣ୍-ଅ) ବୀଣାର ଶବ୍ଦ ।

ଉପକ୍ଷୟ, ବି. ନ. (ଉପ-କ୍ଷି-ଅ) ଅପଚୟ, ହାନି, ବାସଗୃହର ନିକଟସ୍ଥ ପ୍ରଦେଶ ।

ଉପକ୍ଷେପ, ବି. ପୁଂ. (ଉପ-କ୍ଷିପ୍-ଅ) ଉଲ୍ଲେଖ, ପ୍ରସ୍ତାବ, ଆକ୍ଷେପ, ନାଟ୍ୟାଦିରେ ଇତିହାସର ଉଲ୍ଲେଖ ।

**ଉପଗତ**, ବିଂ.ପୁଂ. (ଉପ-ଗମ୍-ତ) ସ୍ୱୀକୃତ, ପ୍ରାପ୍ତ, ଆସକ୍ତ, ଉପସ୍ଥିତ, ସନ୍ନିହିତ, ଜ୍ଞାତ ।

ଉପଗମ, ବି. ପୁଂ. (ଉପ-ଗମ୍-ଅ) ସ୍ୱୀକାର, ଉପସ୍ଥିତି, ପ୍ରାପ୍ତି, ଜ୍ଞାନ, ଘଟଣା, ଲୋଭ ।

**ଉପଗୀତି**, ବି. ସ୍ତ୍ରୀ. (ଉପ-ଗୈ-ତି) ଛନ୍ଦୋବିଶେଷ, ଆର୍ଯ୍ୟା ଛନ୍ଦର ପ୍ରକାରଭେଦ ।

**ଉପଗୂଢ଼**, ବି. ନ. (ଉପ-ଗୁହ୍=ଗୋପନ କରିବା-ତ) ଆଲିଙ୍ଗନ, ଗ୍ରହଣ । ବିଂ. ଆଲିଙ୍ଗିତ, ଗୃହୀତ ।

ଉପଗୂହନ, ବି. ନ. (ଉପ-ଗୁହ-ଅନ) ଆଲିଙ୍ଗନ, ଗ୍ରହଣ ।

**ଉପଗ୍ରହ**, ବି. ପୁଂ. (ଉପ=ହୀନ-ଗ୍ରହ) ଗ୍ରହ ସହିତ ଭ୍ରମଣକାରୀ କ୍ଷୁଦ୍ର ଗ୍ରହ, ଯେପରି ଚନ୍ଦ୍ର ପୃଥିବୀର ଉପଗ୍ରହ, ସାହାଯ୍ୟ, କଏଦୀ, ବନ୍ଦୀ । ବିଂ. କାରାରୁଦ୍ଧ ।

**ଉପଗ୍ରହଣ**, ବି. ନ. (ଉପ-ଗ୍ରହ୍-ଅନ) ସଂସ୍କାରପୂର୍ବକ ବେଦାଧ୍ୟୟନ ।

**ଉପଗ୍ରାହ୍ୟ**, ବି. ପୁଂ. (ଉପ-ଗ୍ରହ୍-ଯ) ଉପଢୌକନ, ଭେଟୀ ।

**ଉପଘାତ**, ବି.ପୁଂ. (ଉପ-ହନ୍-ଅ) ଘାତ, ଆଘାତ, ବିନାଶ, ଘସୃ ।

ଉପଘ୍ନ, ବି. ପୁଂ. (ଉପ-ହନ୍-ଅ) ନିକଟସ୍ଥ, ଆଶ୍ରୟ, ସମୀପ ।

ଉପଚକ୍ଷୁଃ, ବି. ନ. (ଉପ-ଚକ୍ଷୁସ୍) ଚକ୍ଷୁର୍ନିକଟ, ଦିବ୍ୟଚକ୍ଷୁ, ଚଷମା ।

ଉପଚୟ, ବି. ପୁଂ. (ଉପ-ଚି-ଅ) ବୃଦ୍ଧି, ପୁଷ୍ଟି, ସଂଗ୍ରହ, ଉନ୍ନତି, ସମୂହ, ଜ୍ୟୋତିଷରେ ଲଗ୍ନର ତୃତୀୟ, ଷଷ୍ଠ, ଦଶମ ଏବଂ ଏକାଦଶ ସ୍ଥାନ ।

**ଉପଚର**, ବି. ପୁଂ. (ଉପ-ଚର-ଅ) ଉପଚୟ ଦେଖ ।

ଉପଚରିତ, ବିଂ. (ଉପ-ଚର-ତ) ସେବିତ, ଉପାସିତ, ଲକ୍ଷଣାଦ୍ୱାରା ବୋଧିତ ।

ଉପଚର୍ଯ୍ୟା, ବି. ସ୍ତ୍ରୀ. (ଉପ-ଚର-ଯ-ଆ) ସେବା, ଶୁଶ୍ରୂଷା, ଚିକିତ୍ସା ।

ଉପଚାର, ବି. ପୁଂ. (ଉପ-ଚର-ଅ) ଶୁଶ୍ରୂଷା, ସେବା, ସମ୍ମାନ, ଉପକରଣ, ଚିକିତ୍ସା, ବ୍ୟବସାୟ, ଆରୋପ, ଉତ୍କୋଚ, ବ୍ୟବହାର, ଛଳନା, ଖୋଷାମଦ । ଯଥା—

> ଧନକୁ ଉପଚାର ଧନକୁ କି ବିଚାର,
> ପେଟ ଠି ନ ପଚାର ଚାର ରେ । ଲ. ବ.

ଉପଚିକୀର୍ଷା, ବି. ସ୍ତ୍ରୀ. (ଉପ-କୃ-ସନ୍-ଆ) ଉପକାର କରିବା ଇଚ୍ଛା, ପରୋପକାର ପ୍ରବୃତ୍ତି ।

ଉପଚିକୀର୍ଷୁ, ବିଂ. (ଉପ-କୃ-ସନ୍-ଉ) ଉପକାର କରିବାକୁ ଇଚ୍ଛୁକ ।

ଉପଚିତ, ବିଂ. (ଉପ-ଚି-ତ) ବର୍ଦ୍ଧିତ, ପୁଷ୍ଟ, ସଞ୍ଚିତ, ରଚିତ ।

ଉପଚ୍ଛନ୍ଦ, ବି. ପୁଂ. (ଉପ-ଛନ୍ଦ୍-ଅ) ପ୍ରାର୍ଥନା, ଅନୁରୋଧ ।

ଉପଜଳା, ବି. ସ୍ତ୍ରୀ. (ଉପ-ଜଳ-ଆ) ନଦୀର ନିକଟସ୍ଥ ଜଳା ଭୂମି, ନଦୀବିଶେଷ ।

ଉପଜାପ, ବି. ପୁଂ. (ଉପ-ଜପ-ଅ) ଭେଦ, ବିଚ୍ଛେଦ, ଅନୈକ୍ୟ, କୁଚକ୍ର ।

ଉପଜିହ୍ବା ବ. ସ୍ତ୍ରୀ. ( ଉପ = ସ୍ଥାନ-ଜିହ୍ବା ) ଜିଭ ଉପରେ ଥିବା ଶ୍ୱାସନଳୀର ଆବରକ ମାଂସ-ଖଣ୍ଡ, ଘଣ୍ଟିକା ।

ଉପଜୀବକା, ବ. ସ୍ତ୍ରୀ. ( ଉପ-ଜୀବକା ) ଜୀବନୋପାୟ, ବୃତ୍ତି, ଯାହାଦ୍ୱାରା ଜୀବନ ଧାରଣ କରାଯାଏ, ପେଶା ।

ଉପଜୀବୀ, ବିଂ. ( ଉପ-ଜୀବ୍-ଇନ୍ ) ଜୀବିକା-ଅବଲମ୍ବୀ, ଆଶ୍ରିତ ।

ଉପଜୀବ୍ୟ, ବିଂ. ( ଉପ-ଜୀବ୍-ଯ ) ଆଶ୍ରୟଣୀୟ, ଜୀବନ ଧାରଣ ନିମିତ୍ତ ଅବଲମ୍ବନୀୟ ।

ଉପଜ୍ଞା, ବ. ସ୍ତ୍ରୀ. (ଉପ-ଜ୍ଞା) ଆଦ୍ୟଜ୍ଞାନ, ପ୍ରଥମ ଜ୍ଞାନ, ଉପଦେଶ ବ୍ୟତୀତ ଜ୍ଞାନ ।

ଉପଢୌକନ, ବ ନ. ( ଉପ-ଢୌକ୍-ଅନ ) ଉପହାର, ଭେଟି, ଉତ୍କୋଚ ।

ଉପତପ୍ତ, ବିଂ. (ଉପ-ତପ୍-ତ) ଦୁଃଖିତ, କାତର, ପୀଡ଼ିତ, ରୁଷ୍ଟ ।

ଉପତାପ, ବ. ପୁଂ. (ଉପ-ତାପ) ସନ୍ତାପ, ପୀଡ଼ା, ଦୁଃଖ, କ୍ଳେଶ, ଅଶୁଭ, ଜ୍ୱର । ( ସନ୍ତାପ ଅର୍ଥରେ ) ଯଥା—

ଉପତାପରେ ବଢ଼େ ହୃଦର ଦର । ବ. ଚ.

ଉପତ୍ୟକା, ବ. ସ୍ତ୍ରୀ. ( ଉପ-ତ୍ୟକନ୍ ) ପର୍ବତର ନିକଟସ୍ଥ ଭୂମି ।

ଉପଦଂଶ, ବ. ପୁଂ. (ଉପ-ଦନ୍ଶ୍-ଅ) ମଦ୍ୟପାନ କାଳୀନ ଭକ୍ଷ୍ୟ ବସ୍ତୁ, ମଦର ଗୁଣ୍ଠ, ଗରମି ରୋଗ ।

ଉପଦର୍ପ, ବ. (ଗ୍ରାମ୍ୟ, ଉପଦ୍ରବ ଶବ୍ଦଜ) ଉପଦ୍ରବ, ଭୟ, ମାରିଭୟ ।

ଉପଦର୍ଶକ, ବ. ପୁଂ. ( ଉପ-ଦର୍ଶକ ) ଦ୍ୱାରପାଳ, ଦ୍ୱାରୀ । ବିଂ. ଯେ ଦେଖାଇ ଦିଏ ।

ଉପଦା, ବ. ସ୍ତ୍ରୀ. ( ଉପ-ଦା-ଅ, ସ୍ତ୍ରୀ ) ଉପଢୌକନ, ଭେଟି ।

ଉପଦାନକ, ବ. ନ. (ଉପ-ଦାନ-କ) ଉତ୍କୋଚ, ଲାଞ୍ଚ, ଘୁସ୍ ।

ଉପଦିଷ୍ଟ, ବିଂ. (ଉପ-ଦିଶ୍-ତ) ଆଦିଷ୍ଟ, କଥିତ ।

ଉପଦେବୀ, ବ. ସ୍ତ୍ରୀ. କ୍ଷୁଦ୍ର ଦେବତା, ଯେ ଦେବୀଙ୍କର ପ୍ରାଧାନ୍ୟ ନାହିଁ ।

ଉପଦେବତା, ବ. ସ୍ତ୍ରୀ. ( ଉପ-ଦେବତା ) ଯକ୍ଷ, ଭୂତ ପ୍ରେତ ପ୍ରଭୃତି ।

ଉପଦେଶ, ବ. ପୁଂ. (ଉପ-ଦିଶ୍-ଅ) ଶିକ୍ଷାଦାନ, ପରାମର୍ଶଦାନ, ଉଦ୍ଦେଶ, ଶିକ୍ଷାବାକ୍ୟ, ପ୍ରବର୍ତ୍ତକ ବାକ୍ୟ, ମନ୍ତ୍ରଦାନ, ନାମ, ଅନୁଶାସନ ।

ଉପଦେଶକ, ବିଂ. (ଉପ-ଦିଶ୍-ଣକ) ହିତଶିକ୍ଷକ, ଅଧ୍ୟାପକ, ସତ୍ପରାମର୍ଶଦାତା ।

ଉପଦେଷ୍ଟା, ବ. ପୁଂ. ( ଉପ-ଦିଶ୍-ତୃ ) ଶିକ୍ଷା-ଦାତା, ଗୁରୁ, ଅଧ୍ୟାପକ ।

ଉପଦେହ, ବ. ପୁଂ, (ଉପ-ଦିହ୍-ଅ) ଅଙ୍ଗରାଗ ।

ଉପଦ୍ରବ, ବ. ପୁଂ. ( ଉପ-ଦ୍ରୁ-ଅ ) ଦୌରାତ୍ମ୍ୟ, ଅତ୍ୟାଚାର, ଉତ୍ପାତ ।

ଉପଦ୍ରୁତ, ବିଂ. (ଉପ-ଦ୍ରୁ-ତ) ବ୍ୟାକୁଳ, ଉତ୍ପାତ-ଗ୍ରସ୍ତ, ଅତ୍ୟାଚାରିତ, ଯାହା ପ୍ରତି ଅତ୍ୟାଚାର କରା ହୋଇଅଛି ।

ଉପଦ୍ୱୀପ, ବ. ନ. ପୁଂ. (ଉପ-ଦ୍ୱୀପ) ଯେ ଭୂମିର ପ୍ରାୟ ଚତୁର୍ଦ୍ଦିଗରେ ଜଳ, କ୍ଷୁଦ୍ରଦ୍ୱୀପ । (ଭୂଗୋଳରେ) ଯେଉଁ ଭୂଖଣ୍ଡର ତିନି ପାଖରେ ଜଳ ଥାଏ ତାହାକୁ ଉପଦ୍ୱୀପ କହନ୍ତି ।

ଉପଧର୍ମ, (Superstition) ବ ପୁଂ. ( ଉପ-ଧ-ମ) କାଳ୍ପନିକ ଧର୍ମ, ଭୌତିକ ପଦାର୍ଥରେ ଈଶ୍ୱରଜ୍ଞାନ ।

ଉପଧା, ବ. ସ୍ତ୍ରୀ. ( ଉପ-ଧା-ଅ ) ଅନ୍ତ୍ୟ ବର୍ଣ୍ଣର ପୂର୍ବବର୍ଣ୍ଣ । ଯଥା—'ଉପଧା' ଏହି ଶବ୍ଦରେ 'ଧା' ଅନ୍ତ୍ୟ ବର୍ଣ୍ଣ ଓ ପ ଦେହରେ ଥିବା 'ଅ' 'ଉପଧା' ବର୍ଣ୍ଣ । ଧର୍ମାଦିଦ୍ୱାରା ମନ୍ତ୍ରୀ ପ୍ରଭୃତି ଭୃତ୍ୟ ପରୀକ୍ଷା ।

ଉପଧାତୁ, ବ. ପୁଂ. (ଉପ-ଧାତୁ) ଧାତୁ ଜାତୀୟ ପଦାର୍ଥ । ଯଥା—ସ୍ୱର୍ଣ୍ଣମାକ୍ଷିକ, ତାରମାକ୍ଷିକ, ତୁତିଆ, କାଂସ୍ୟ, ପିତ୍ତଳ, ସିନ୍ଦୁର ଓ ଶୈଳଜ୍ୟ, ଶରୀରସ୍ଥ ଧାତୁବତ୍ ଦ୍ରବ୍ୟ, ସ୍ୱେଦାଦି ।

ଉପଧାନ, ଉପଧାନୀୟ } ବି. ନ. ( ଉପ-ଧା-ଅନ, ଅନୀୟ ) ତକିଆ, ପ୍ରଣୟ, ବିଷ ।

ଉପଧାୟକ, ବିଂ. ( ଉପ-ଧା-ଅକ ) ଉତ୍ପାଦକ, ଜନକ, ଉପଯୋଗୀ ।

ଉପଧି, ବି. ପୁଂ. ( ଉପ-ଧା-ଇ ) ଛଳ, ପ୍ରତାରଣା, କପଟ, ରଥଚକ୍ର, ଭୟ ।

ଉପଧୂପିତ, ବିଂ. ( ଉପ-ଧୂପ-ତ ) ସନ୍ତାପିତ, ମୁମୂର୍ଷୁ ।

ଉପନ, ବି. ( ଉପାୟନ ଶବ୍ଦଜ ) ଉପହାର, କ୍ଷୌର, ଶାରଦୀୟା ଦୁର୍ଗାପୂଜା ।

ଉପନତ, ବିଂ. ( ଉପ-ନମ୍-ତ ) ଶରଣାଗତ, ସମୀପାଗତ, ପ୍ରାପ୍ତ ।

ଉପନନ୍ଦ, ବିଂ. ( ଉପ-ନନ୍ଦ-ଅ ) ଆନନ୍ଦପ୍ରାପ୍ତ । ବି. ପୁଂ. ଗୋପରାଜ ନନ୍ଦର ଭ୍ରାତା ।

ଉପନୟ, ଉପନାୟ, ପୁଂ. ଉପନୟନ, ନ. } ବି. (ଉପ-ନୀ-ଅ, ଅନ) ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟଙ୍କର ଯଜ୍ଞ-ସୂତ୍ରଧାରଣ ସଂସ୍କାରବିଶେଷ, ଆନୟନ ।

ଉପନାମ, ବି. (ଉପ-ନାମ) କଳ୍ପିତ ନାମ, କୃତ୍ରିମ ନାମ ।

ଉପନାହ, ବି. ପୁଂ. ( ଉପ-ନହ-ଅ ) ବୀଣାଯନ୍ତ୍ର ବନ୍ଧନ ସ୍ଥାନ, ପ୍ରଲେପ, ପୁଳିସ ।

ଉପନିଧାନ, ନ, ଉପନିଧି, ପୁଂ. } ବି. ( ଉପ-ନି-ଧା-ଅନ, ଇ ) ନ୍ୟାସ, ଗଚ୍ଛିତ ରଖିଥିବା ।

ଉପନିବନ୍ଧ, ବି. ପୁଂ. (ଉପ-ନିବନ୍ଧ) ପ୍ରତିଜ୍ଞାସମୟ ।

ଉପନିବେଶ, ବି. ପୁଂ. ( ଉପ-ନି-ବିଶ୍-ଅ ) ଦେଶାନ୍ତରରେ ନିବାସ କରିବା, ଦେଶାନ୍ତରରେ ଗୃହ ।

ଉପନିଷଦ୍, ବି. ସ୍ତ୍ରୀ. (ଉପ-ନି-ସଦ୍-୦) ବେଦର ଶିରୋଭାଗ, ଜ୍ଞାନକାଣ୍ଡ, ବେଦାନ୍ତ, ଯେଉଁ ଅଂଶରେ ଈଶ୍ୱରନିରୂପଣ ଅଛି, ବ୍ରହ୍ମବିଦ୍ୟା, ବିଦ୍ୟା, ଧର୍ମ, ନିର୍ଜନ ସ୍ଥାନ ।

ଉପନିଷ୍କର, ବି. ନ. (ଉପ-ନି-କୃ-ଅ, ଷ ଆଗମ) ନଗରର ମଧ୍ୟସ୍ଥ ପଥ, ରାଜପଥ ।

ଉପନିଷ୍କ୍ରମଣ ବି. ନ. ( ଉପ-ନିର୍-କ୍ରମ୍-ଅନ ) ନଗରର ପଥ, ରାଜପଥ ।

ଉପନିହିତ, ବିଂ. (ଉପ-ନି-ଧା-ତ) ଯାହା ଅନ୍ୟ ନିକଟରେ ରଖା ହୋଇଅଛି, ଯାହା ଗଚ୍ଛିତ ରଖା ଯାଇଅଛି ।

ଉପନୀତ, ବିଂ. (ଉପ-ନୀ-ତ) ଉପନୟନସଂସ୍କୃତ, ଆନୀତ, ପ୍ରାପିତ, ଆଗତ, ଉପସ୍ଥିତ । (ଉପସ୍ଥିତ ଅର୍ଥରେ) ଯଥା—

ଭ୍ରମୁ ଭ୍ରମୁ ଏକସ୍ଥାନେ ହେଲେ ଉପନୀତ,
ଶ୍ରୀବଣ ଶ୍ମଶାନ ଯହିଁ ଅଟେ ବିରଚିତ । କ, ଦ,

ଉପନେତା, ବିଂ. ( ଉପ-ନୀ-ତୃ ) ଉପନୟନ-କର୍ତ୍ତା, ଆନୟନକାରୀ, ପ୍ରାପକ ।

ଉପନେତ୍ର, ବି. ନ. ( ଉପ = ସଦୃଶ-ନେତ୍ର ) ଚଷମା, ନେତ୍ରପ୍ରତିନିଧି ।

ଉପନ୍ୟସ୍ତ, ବିଂ. ( ଉପ-ନି-ଅସ୍-ତ ) ଯାହାର ଉପନ୍ୟାସ ହୋଇଅଛି, ବିନ୍ୟସ୍ତ, ଆରବ୍ଧ, ଉଲ୍ଲିଖିତ, ଦତ୍ତ ।

ଉପନ୍ୟାସ, ବି. ପୁଂ. (ଉପ-ନି-ଅସ୍-ଅ) ବାକ୍ୟାରମ୍ଭ, ଉଲ୍ଲେଖ, ପ୍ରସ୍ତାବ, ଶ୍ରୋତା ବା ପାଠକମାନଙ୍କର ଚିତ୍ତରଞ୍ଜନ ନିମିତ୍ତ କଳ୍ପିତ ବୃତ୍ତାନ୍ତ, ଉପକଥା ।

ଉପପତି, ବି. ପୁଂ. ( ଉପ-ପତି ) ଅଧର୍ମପତି, ଜାର ।

ଉପପତ୍ତି, ବି. ସ୍ତ୍ରୀ. (ଉପ-ପଦ୍-ତି) ଯୁକ୍ତି, ସଙ୍ଗତି, ଉତ୍ପତ୍ତି, ସିଦ୍ଧି, କାରଣ, ସିଦ୍ଧାନ୍ତ ।

ଉପପତ୍ନୀ, ବି ସ୍ତ୍ରୀ. (ଉପ-ପତ୍ନୀ) ରକ୍ଷିତା ସ୍ତ୍ରୀ ।

ଉପପଦ, ବି. ନ. ( ଉପ-ପଦ ) ପଦର ସମୀପସ୍ଥ ପଦ, ପୂର୍ବପଦ, ଉପାଧି ।

ଉପପନ୍ନ, ବିଂ. ( ଉପ-ପଦ୍-ତ ) ଯୁକ୍ତିଯୁକ୍ତ, ସମ୍ଭାବିତ, ସିଦ୍ଧ, ଉତ୍ପନ୍ନ, ମିଳିତ, ଆଗତ, ସମ୍ପନ୍ନ ।

ଉପପାତକ, ବି. ନ. ( ଉପ-ପାତକ ) ଅଣଅଶୀ ପ୍ରକାର ପାପବିଶେଷ, ଗୋବଧାଦି ପାପ ।

ଉପପାଦନ, ବି. ନ. (ଉପ-ପାଦ-ଅନ) ଯୁକ୍ତିଦ୍ୱାରା ସମର୍ଥନ ।

ଉପପାଦ୍ୟ, (theorem) ବିଂ. (ଉପ-ପଦ୍-ଯ) ଯୁକ୍ତିଦ୍ୱାରା ସମର୍ଥନୀୟ, ଯାଥାର୍ଥ୍ୟ ନିରୂପଣ ଯେଉଁ ପ୍ରତିଜ୍ଞାର ଉଦ୍ଦେଶ୍ୟ । ଏହାର ବିପରୀତ ସମ୍ପାଦ୍ୟ ।

ଉପପୁର, ବି. ନ. ( ଉପ-ପୁର ) ଶାଖାନଗର, ବୃହତ୍ ନଗରର ନିକଟବର୍ତ୍ତୀ ଗ୍ରାମ ।

ଉପପୁରାଣ ବି. ନ. (ଉପ-ପୁରାଣ) ଅଷ୍ଟାଦଶ କ୍ଷୁଦ୍ର ପୁରାଣ, ଯଥା—

ଆଦ୍ୟ, ନୃସିଂହ, ବାୟୁ, ଶିବଧର୍ମ, ଦୁର୍ବାସଃ, ନାରଦ, ନନ୍ଦିକେଶ୍ୱର, ଉଶନଃ, କପିଳ, ବରୁଣ, ଶାମ୍ବ, କାଳିକା, ମହେଶ୍ୱର, ପଦ୍ମ, ଦେବ, ପରାଶର, ମରୀଚ ଏବଂ ଭାସ୍କର ।

ଉପପୁଷ୍ପିକା, ବି. ସ୍ତ୍ରୀ. ( ଉପ-ପୁଷ୍ପିକା ) ଜୃମ୍ଭା, ହାଇ ।

ଉପପ୍ଲବ, ବି. ପୁଂ. (ଉପ-ପ୍ଲୁ-ଅ) ପ୍ରତିବନ୍ଧ, ବିପଦ, ଉପଦ୍ରବ, ଭୟ, ରାହୁ, ଚନ୍ଦ୍ରାଦିଗ୍ରହଣ ।

ଉପପ୍ଲୁତ, ବିଂ. (ଉପ-ପ୍ଲୁ-ତ) ଉପଦ୍ରୁତ, ରାହୁ-ଗ୍ରସ୍ତ, ପୀଡିତ, ବିପଦ୍‌ଗ୍ରସ୍ତ, ଭୀତ ।

ଉପଭଙ୍ଗ ବି. ନ. ( ଉପ-ଭଙ୍ଗ୍-ଅ ) ଯୁଦ୍ଧାଦିରୁ ପଳାୟନ, ପ୍ରସ୍ଥାନ ।

ଉପଭୁକ୍ତ, ବିଂ. (ଉପ-ଭୁଜ୍-ତ) ଯାହା ଭୋଗ କରାଯାଏ, ଭକ୍ଷିତ, ବ୍ୟବହୃତ ।

ଉପଭୂଷଣ, ବି. ନ. ଘଣ୍ଟା ଚାମରାଦି ଉପକରଣ ବିଶେଷ ।

ଉପଭୋଗ, ବି. ପୁଂ. (ଉପ-ଭୁଜ୍-ଅ) ସୁଖାଦିଭୋଗ, ଭକ୍ଷଣ, ବ୍ୟବହାର ।

ଉପଭୋଗ୍ୟ, ବିଂ. ( ଉପ-ଭୁଜ୍-ଯ ) ଉପଭୋଗ ଯୋଗ୍ୟ, ଯେଉଁ ବିଷୟ ଭୋଗ କରିବା ଉଚିତ।

ଉପମର୍ଦ୍ଦ, ବି. ପୁଂ. (ଉପ-ମୃଦ୍-ଅ) ଆଲୋଡ଼ନ, ହିଂସା, ପୀଡ଼ନ, ମର୍ଦ୍ଦନ ।

ଉପମା, ବି. ସ୍ତ୍ରୀ, ( ଉପ-ମା-ଅ ) ଅର୍ଥାଲଙ୍କାର-ବିଶେଷ, ସାଦୃଶ୍ୟ, ତୁଲ୍ୟତା । ବିଂ. ତୁଲ୍ୟ ।

ଉପମାତା, ବିଂ. (ଉପ-ମାତା) ଯେ ଉପମା ଦିଏ। ବି. ସ୍ତ୍ରୀ. ଧାତ୍ରୀ, ଧାଈ ।

ଉପମାନ, ବି.ନ. (ଉପ-ମା-ଅନ) ଉପମା, ତୁଲନା, ଯାହାର ସହିତ ଉପମା ଦିଆଯାଏ, ଚନ୍ଦ୍ର-ପଦ୍ମାଦି ।

ଉପମାଳଙ୍କାର, ବି. ପୁଂ. ଅର୍ଥାଲଙ୍କାରବିଶେଷ ।

ଉପମିତ, ବିଂ. (ଉପ-ମା-ତ) ଉପମାଯୁକ୍ତ, ତୁଳିତ ।

ଉପମିତି, ବି. ସ୍ତ୍ରୀ. (ଉପ-ମା-ତି) ଉପମା, ସାଦୃଶ୍ୟ-ଜ୍ଞାନ ।

ଉପମେୟ, ବିଂ. (ଉପ-ମା-ଯ) ତୁଳନୀୟ, ଅନ୍ୟ ସହିତ ଯାହାର ଉପମା ଦିଆଯାଏ । ଯଥା - ପଙ୍କଜାନନ, ଏ ସ୍ଥଳରେ ପଙ୍କଜ ଉପମାନ, ଆନନ ଉପମେୟ ।

ଉପମେୟୋପମା, ବି. ସ୍ତ୍ରୀ. (ଉପମେୟ-ଉପମା) ଯେଉଁ ସ୍ଥଳରେ ଉପମେୟର ଉପମାନ ଓ ଉପମାନର ଉପମେୟ ଭାବ ପର୍ଯ୍ୟାୟକ୍ରମରେ ବିବକ୍ଷିତ ହୁଏ, ଅଳଙ୍କାରବିଶେଷ ।

ଉପଯନ୍ତା, ବି. ପୁଂ. (ଉପ-ଯମ୍-ତୃ) ବର, ବିବାହ-କାରକ ।

ଉପଯମ, ଉପଯାମ, } ବି. ପୁଂ. (ଉପ-ଯମ୍-ଅ) ବିବାହ ।

ଉପଯମନ, ବି. ନ. ( ଉପ-ଯମ୍-ଅନ ) ବିବାହ, ବୈବାହିକ ମନ୍ତ୍ର ।

ଉପଯାଚକ, ବିଂ. (ଉପ-ଯାଚ୍-ଅକ) ସ୍ୱୟଂ ଯାଚକ, ଯେ ବ୍ୟକ୍ତି ଆପେ ଯାଚ୍ଞା କରେ ।

ଉପଯାଜ, ବି. ପୁଂ. (ଉପ-ଯଜ୍-ଅ) ଯଜ୍ଞବିଶେଷ, କାଶ୍ୟପଗୋତ୍ରଜ ଋଷିବିଶେଷ । ବି. ନ. ସଂହିତାଧ୍ୟୟନ ।

ଉପଯାଚିକା, ବିଂ. (ଉପ-ଯାଚ୍-ଅକ-ଆ) ଯେଉଁ ସ୍ତ୍ରୀ ପର ପୁରୁଷ ନିକଟକୁ ଯାଇ ଅନୁରାଗ ପ୍ରକାଶ ବା ସମ୍ଭୋଗ ପ୍ରାର୍ଥନା କରେ ।

ଉପଯାଚିତ, ବିଂ. ( ଉପ-ଯାଚ୍-ତ ) ପ୍ରାର୍ଥିତ, ସମର୍ପିତ ।

ଉପଯାତ, ବିଂ. (ଉପ-ଯା-ତ) ଉପଗତ, ପ୍ରାପ୍ତ ।

ଉପଯାନ, ବି. ନ. ( ଉପ-ଯା-ଅନ ) ପ୍ରାପ୍ତି, ନିକଟକୁ ଗମନ ।

**ଉପଯୁକ୍ତ**, ବିଂ. (ଉପ-ଯୁଜ୍-ତ) ଯୋଗ୍ୟ, ସମର୍ଥ, ଉଚିତ, କାର୍ଯ୍ୟଦକ୍ଷ, ଭୁକ୍ତ ।

**ଉପଯୁକ୍ତତା**, ବି.ସ୍ତ୍ରୀ. (ଉପ-ଯୁକ୍ତ-ତା) କର୍ମଣ୍ୟତା, କାର୍ଯ୍ୟଦକ୍ଷତା, ଔଚିତ୍ୟ, ଅନୁରୂପତା, ଉପଯୋଗିତା

**ଉପଯୋଗ**, ବି. ପୁଂ. (ଉପ-ଯୁଜ୍-ଅ) ଆନୁକୂଲ୍ୟ, ବ୍ୟୟ, ଭୋଜନ, ଭୋଗ, ଉପଯୋଗିତା, ନୈକଟ୍ୟ, କାରଣ ।

**ଉପଯୋଗିତା**, ବି. ସ୍ତ୍ରୀ. (ଉପଯୋଗ-ଇନ୍-ତା) ଆନୁକୂଲ୍ୟ, ପ୍ରୟୋଜନ, ଉପଯୁକ୍ତତା, କାର୍ଯ୍ୟକାରିତା ।

**ଉପଯୋଗୀ**, ବିଂ. (ଉପଯୋଗ-ଇନ୍) କାର୍ଯ୍ୟ-ସାଧନର ଅନୁକୂଳ, ଉପକାରୀ, ଉପଯୁକ୍ତ, ଯୋଗ୍ୟ, କାର୍ଯ୍ୟକାରକ ।

**ଉପର** ବି. ନ. (ଉପରି ଶବ୍ଦଜ) ଉପରଭାଗ, ଊର୍ଦ୍ଧ୍ୱ, ଉଚ୍ଚ, ଅନ୍ୟ ।

**ଉପରକ୍ତ**, ବିଂ. ( ଉପ-ରନ୍ଜ୍-ତ ) ପୀଡ଼ାଗ୍ରସ୍ତ, ଅନୁରକ୍ତ, ରକ୍ତବର୍ଣ୍ଣ । ବି. ପୁଂ, ରାହୁ, ରାହୁଗ୍ରସ୍ତ ଚନ୍ଦ୍ର ସୂର୍ଯ୍ୟ ।

**ଉପରକ୍ଷ**, (Body-guard) ବି. ପୁଂ. (ଉପ-ରକ୍ଷ-ଅ) ସୈନ୍ୟର ସମୀପବର୍ତ୍ତୀ ରକ୍ଷକ ।

**ଉପରଓଳ**, ବି. ( ଅପରବେଳା ଶବ୍ଦଜ ) ଅପରାହ୍ଣ, ଦିବା ଦୁଇପ୍ରହର ଉତ୍ତାରୁ ଯେଉଁ ସମୟ ।

**ଉପରତ**, ବିଂ. (ଉପ-ରମ୍-ତ) ନିବୃତ୍ତ, ମୃତ, ବିଗତ ।

**ଉପରତି**, ବି. ସ୍ତ୍ରୀ. (ଉପ-ରମ୍-ତି) ନିବୃତ୍ତି, ମୃତ୍ୟୁ, ବୈରାଗ୍ୟ ।

**ଉପରତ୍ନ**, ବି ନ. ( ଉପ-ରତ୍ନ ) ରତ୍ନ ସଦୃଶ ଚାକଚକ୍ୟମୟ ବସ୍ତୁ । ଯଥା—କାଚ, କର୍ପୂର, ପ୍ରସ୍ତର, ମୁକ୍ତା, ଶୁକ୍ତି, ଶଙ୍ଖ ଇତ୍ୟାଦି ।

**ଉପରମ**, } ବି. ପୁଂ. (ଉପ-ରମ୍-ଅ) ନିବୃତ୍ତି,
**ଉପରାମ**, } ମୃତ୍ୟୁ, ବୈରାଗ୍ୟ ।

ଉପରାଗ, ବି. ପୁଂ. (ଉପ-ରନ୍ଜ୍-ଅ) ଚନ୍ଦ୍ରଗ୍ରହଣ, ସୂର୍ଯ୍ୟଗ୍ରହଣ, ବିପଦ୍, ଅପବାଦ, ବିରାଗ, ପ୍ରବୃତ୍ତି, ସମ୍ବନ୍ଧ, ନିନ୍ଦା ।

ଉପରାର୍ଣ୍ଣ, ବି. ଓଢ଼ଣୀ ବସ୍ତ୍ର । ଯଥା —

> ଉର୍ଣ୍ଣନାଭସ୍ମୃତ ମାନସରୁ ସରୁ,
> ଉପରାର୍ଣ୍ଣକୁ ମଣେ ଜଗରୁ ଗରୁ । ବି. ଚି.

ଉପରି, ଅଂ. ( ଉପ=ଊର୍ଦ୍ଧ୍ୱ-ରି ) ଊର୍ଦ୍ଧ୍ୱରେ, ଅନନ୍ତର, ପରେ ।

ଉପରିଚର, ବି. ପୁଂ. (ଉପରି-ଚର) ରାଜାବିଶେଷ । ବିଂ, ଊର୍ଦ୍ଧ୍ୱଚର ।

ଉପରିତନ, ବିଂ. (ଉପରି-ତନ) ଯାହା ଉପରେ ଅଛି, ଊର୍ଦ୍ଧ୍ୱତନ ।

ଉପରୋଧ, ବି. ପୁଂ. ( ଉପ-ରୁଧ-ଅ ) ପ୍ରତିବନ୍ଧ, ଅନୁରୋଧ, ସୁପାରିସ୍, ଖାତିର, ଆବରଣ, ପୀଡ଼ା ।

ଉପର୍ଯ୍ୟୁପରି, ଅ. (ଉପରି-ଉପରି) ମୁହୂର୍ମୁହୁଃ, ଉପରେ ଉପରେ, ଥରକୁ ଥର ।

ଉପଳ, ବି. ପୁଂ. (ଉପ-ଲା-ଅ) ପ୍ରସ୍ତର, ପାଷାଣ, ରତ୍ନ । ଯଥା—

> ଉପଳେ ସେକଟେ ସ୍ୱଚ୍ଛ ସ୍ରୋତ ଯାର ନିରତେ ବହି,
> ପତ୍ର, ପୁଷ୍ପ, ଫଳ, ଶସ୍ୟରେ ମଣ୍ଡନ କରଇ ମହୀ । ଉଷା

ଉପଲକ୍ଷ, } ବି. ପୁଂ. ( ଉପ-ଲକ୍ଷ୍-ଅ, ଯ )
ଉପଲକ୍ଷ୍ୟ, } ଅବଲମ୍ବନ, ସୂତ୍ର, ନିମିତ୍ତ, ଉଦ୍ଦେଶ୍ୟ ।

ଉପଲକ୍ଷଣ, ବି. ନ. ( ଉପ-ଲକ୍ଷ୍-ଅନ ) ଲକ୍ଷଣା-ଦ୍ୱାରା ଅଧିକ ଅର୍ଥବୋଧକ ଶବ୍ଦ ।

ଉପଲକ୍ଷିତ, ବିଂ. ( ଉପ-ଲକ୍ଷ୍-ତ ) ସୂଚିତ, ଅନୁମିତ, ଯୁକ୍ତ, ବିଶିଷ୍ଟ, ଯୁକ୍ତିପ୍ରାପ୍ତ ।

ଉପଲବ୍ଧ, ବିଂ. (ଉପ-ଲଭ୍-ତ) ଜ୍ଞାତ, ଅନୁଭୂତ, ପ୍ରାପ୍ତ ।

ଉପଲବ୍ଧି, ବି. ସ୍ତ୍ରୀ. (ଉପ-ଲଭ୍-ତି) ଜ୍ଞାନ, ପ୍ରାପ୍ତି, ଅନୁଭବ ।

ଉପଲଭ୍ୟ, ବିଂ. ( ଉପ-ଲଭ୍-ଯ ) ଜ୍ଞେୟ, ପ୍ରାପ୍ୟ, ସାଧ୍ୟ ।

ଉପଲମ୍ଭ, ବି. ପୁଂ. ( ଉପ-ଲଭ-ଅ ) ଉପଲବ୍ଧି, ଛରସ୍କାର ।

ଉପଲିଙ୍ଗ, ବି. ନ. (ଉପ-ଲିଙ୍ଗ୍-ଅ) ଭୂମିକମ୍ପ ପ୍ରଭୃତି ଉପଦ୍ରବ ।

ଉପଲେପ, ପୁଂ. } ବି. (ଉପ-ଲିପ୍-ଅ, ଅନ)
ଉପଲେପନ, ନ. } ଗୋମୟାଦି ଲେପନ ।

ଉପବନ, ବି. ନ. ( ଉପ-ବନ ) କୃତ୍ରିମ ବନ, ଉଦ୍ୟାନ ।

ଉପବର୍ଣ୍ଣନ, ବି. ନ. ( ଉପ-ବର୍ଣ୍ଣି-ଅନ ) ସମ୍ୟକ୍ କୀର୍ତ୍ତନ, ସ୍ୱରୂପ ଲକ୍ଷଣ ଗୁଣାଦି କଥନ ।

ଉପବର୍ତ୍ତନ, ବି. ନ. (ଉପ-ବୃତ-ଅନ) ଜନପଦ, ଦେଶ ।

ଉପବର୍ଷ, ବି.ପୁଂ. କାତ୍ୟାୟନ ପାଣିନି ପ୍ରଭୃତି ମୁନିମାନଙ୍କର ଅଧ୍ୟାପକ ଋଷିବିଶେଷ ।

ଉପବର୍ହ, ବି. ପୁଂ. ( ଉପ-ବର୍ହ-ଅ ) ତକିଆ, ଉପଧାନ ।

ଉପବସଥ, ବି. ପୁଂ. (ଉପ-ବସ-ଅଥ) ଗ୍ରାମ ।

ଉପବାଦ, ବି. ପୁଂ. ( ଉପ-ବଦ୍-ଅ ) ଅପବାଦ, ନିନ୍ଦା ।

ଉପବାସ, ବି. ପୁଂ. ( ଉପ-ବସ୍ = ଆହାର କରିବା-ଅ ) ଅନଶନ, ଅନାହାର, ଉପାସ, ବାସ ।

ଉପବାହ୍ୟ, ବି. ପୁଂ. (ଉପ-ବହ-ଯ) ରାଜଯାନ ।

ଉପବିଷ, ବି. ପୁଂ. (ଉପ = ତୁଲ୍ୟ-ବିଷ) ଅରକ ଗଛର ଅଠା ପ୍ରଭୃତି ପଞ୍ଚ ଦ୍ରବ୍ୟ । ଯଥା— ଅର୍କକ୍ଷୀର, ସିଜୁକ୍ଷୀର, ଧୂତୁରା, କନିଅର ଓ କାଳିହାରିକା ।

ଉପବିଷ୍ଟ, ବିଂ. (ଉପ-ବିଶ୍-ତ ) ଆସୀନ, ଯେ ବସିଅଛି ।

ଉପବୀତ, ବି. ନ. ( ଉପ-ବୀ = ଉଜ୍ଜ୍ୱଳ ହେବା-ତ) ଯଜ୍ଞସୂତ୍ର, ପୈତା ।

ଉପବୃଂହିତ, ବିଂ. ( ଉପ-ବୃଂହ-ତ ) ବର୍ଦ୍ଧିତ, ଉଜ୍ଜ୍ୱଳିତ ।

ଉପବେଦ, ବି. ପୁଂ. ( ଉପ-ବେଦ ) ଆୟୁର୍ବେଦ, ଧନୁର୍ବେଦ, ଗାନ୍ଧର୍ବବେଦ, ସ୍ଥାପତ୍ୟବେଦ ।

ଉପବେଶନ, ବି. ନ. ( ଉପ-ବିଶ୍-ଅନ ) ସ୍ଥିତି, ବସିବା, ରଖିବା ।

ଉପବ୍ୟାଘ୍ର, ବି. ପୁଂ. (ଉପ-ବ୍ୟାଘ୍ର) ହେଣ୍ଟାବାଘ । ଅଂ. ବ୍ୟାଘ୍ର ସମୀପରେ ।

ଉପଶମ, ବି. ପୁଂ, (ଉପ-ଶମ୍-ଅ) ଶାନ୍ତି, ନିବୃତ୍ତି, ଇନ୍ଦ୍ରିୟନିଗ୍ରହ, ରୋଗର ଉପଦ୍ରବ, ନିବୃତ୍ତି ।

ଉପଶାୟ, ବି. ପୁଂ (ଉପ-ଶୀ-ଅ) ମୃଗ ମାରିବାପାଇଁ ବ୍ୟାଧର ଆତ୍ମଗୁପ୍ତି ସ୍ଥାନ, କ୍ରୋଡ଼ । ନ. ନିକଟରେ ଶୟନ ।

ଉପଶଲ୍ୟ, ବି. ନ. (ଉପ-ଶଲ୍-ଯ) ଗ୍ରାମର ପ୍ରାନ୍ତଭାଗ, ଗ୍ରାମାନ୍ତ ।

ଉପଶାନ୍ତ, ବିଂ (ଉପ-ଶମ୍-ତ) ଯାହାର ଉପଶମ ହୋଇଅଛି, ନିବୃତ୍ତ ।

ଉପଶ୍ରୁତ, ବିଂ. ( ଉପ-ଶ୍ରୁ-ତ ) ଅଙ୍ଗୀକୃତ, ପ୍ରତିଶ୍ରୁତ ।

ଉପଶ୍ଳେଷ, ବି. ପୁଂ. (ଉପ-ଶ୍ଳିଷ-ଅ) ଆଲିଙ୍ଗନ, ବଞ୍ଚନା ।

ଉପଷ୍ଟମ୍ଭ, ବି. ପୁଂ. (ଉପ-ସ୍ତନ୍ଭ୍-ଅ) ଉପକ୍ରମ, ଆରମ୍ଭ, ଉଦ୍ରେକ, ସ୍ତମ୍ଭନ, ପ୍ରୟୋଜନ ଉପଲକ୍ଷ ।

ଉପସଂଗ୍ରହ, ବି. ପୁଂ. (ଉପ-ସମ୍-ଗ୍ରହ୍-ଅ) ପାଦସ୍ପର୍ଶପୂର୍ବକ ପ୍ରଣାମ, ଅଭିବାଦନ, ସଂଗ୍ରହ, ଉପକରଣ ।

ଉପସଂବ୍ୟାନ, ବି. ନ. ( ଉପ-ସମ୍-ବ୍ୟେ-ଅନ ) ଯାହାଦ୍ୱାରା ଶରୀର ଆଚ୍ଛାଦନ କରାଯାଏ, ପରିଧାନ ବସ୍ତ୍ର, ଉତ୍ତରୀୟ ବସ୍ତ୍ର ।

ଉପସଂହାର, ପୁଂ. } ବି. ( ଉପ-ସମ୍-ହୃ-ଅ, ଅନ)
ଉପସଂହରଣ, ନ. } ନାଶ, ପରିଶେଷ, ସମାପ୍ତି, ସଂଗ୍ରହ, ଆକ୍ରମଣ, ନିବର୍ତ୍ତନ, ସଂକୋଚ ।

ଉପସତ୍ତି, ବି. ସ୍ତ୍ରୀ. ( ଉପ-ସଦ୍-ତି ) ଉପାସନା ଉପସ୍ଥିତି, ଦାନ, ପ୍ରତିପାଦନ ।

ଉପସନ୍ନ, ବିଂ. (ଉପ-ସଦ୍-ତ) ଆସନ୍ନ, ଉପସ୍ଥିତ, ନିକଟସ୍ଥ ।

ଉପସମ୍ପନ୍ନ, ବିଂ ( ଉପ-ସମ୍-ପଦ-ତ ) ପକ୍ୱ, ମୃତ, ପର୍ଯ୍ୟାପ୍ତ, ପ୍ରସ୍ତୁତ ।

ଉପସର, ବି. ପୁଂ. (ଉପ-ସୃ-ଅ) ନିର୍ଗମନ,ଗାଭୀ ପ୍ରଭୃତିର ଗର୍ଭଧାରଣ ନିମିତ୍ତ ବୃଷଭାଦି ନିକଟକୁ ଗମନ, ଅଭିଗମନ ।

ଉପସର୍ଗ, ବି. ପୁଂ. (ଉପ = ଉପସ୍ଥିତ-ସର୍ଗ=ସୃଷ୍ଟି) ଉପଦ୍ରବ, ପୀଡ଼ା, ବ୍ୟାଧି, ରୋଗବିକାର । (ଉପ =ସମୀପ ବା ସହିତ-ସର୍ଗ= ଯେ ସୃଷ୍ଟି କରେ) ଯେଉଁମାନେ ଧାତୁ ନିକଟକୁ ଯାଇ ନାନାବିଧ ଅର୍ଥ ସୃଷ୍ଟି କରନ୍ତି । ଯଥା—ପ୍ର, ପରା ଇତ୍ୟାଦି ।

ଉପସର୍ଜ୍ଜନ, ବି. ନ. ( ଉପ-ସୃଜ୍-ଅନ ) ଗୌଣ, ଅପ୍ରଧାନ, ବିଶେଷଣ ।

ଉପସର୍ଯ୍ୟା, ବି. ସ୍ତ୍ରୀ ( ଉପ-ସୃ-ଯ-ଆ ) ଋତୁମତୀ ଗାଈ ।

ଉପସାଗର, ବି. ପୁଂ. ( ଉପ-ସାଗର ) ଯେଉଁ ସାଗରାଂଶର ପ୍ରାୟ ଚତୁର୍ଦ୍ଦିଗରେ ସ୍ଥଳ, ଯେଉଁ ଜଳଭାଗର ତିନି ଅଡ଼େ ସ୍ଥଳ ଭୂଗୋଳରେ ତାହାକୁ ଉପସାଗର କହନ୍ତି ।

ଉପସୁନ୍ଦ, ବି,ପୁଂ. ଜନୈକ ଦୈତ୍ୟ, ଏହାର ଅନ୍ୟ ଏକ ଭ୍ରାତାର ନାମ ସୁନ୍ଦ । ଏ ଦୁହେଁ ତିଲୋତ୍ତମା ନିମନ୍ତେ ପରସ୍ପର ବିବାଦ କରି ନିହତ ହୋଇଥିଲେ, ନରକାସୁରର ସେନାପତି ।

ଉପସୂର୍ଯ୍ୟକ, ବି. ନ. ( ଉପ-ସୂର୍ଯ୍ୟ-କ ) ସୂର୍ଯ୍ୟ-ମଣ୍ଡଳ, ଚନ୍ଦ୍ରମଣ୍ଡଳ ।

ଉପସୃଷ୍ଟ, ବିଂ. (ଉପ-ସୃଜ୍-ତ) ଆକ୍ରାନ୍ତ, ବ୍ୟାପ୍ତ, ସ୍ଥୂଳ, ଉପସର୍ଗଯୁକ୍ତ, କାମୁକ । ବି. ନ. ମୈଥୁନ ।

ଉପସ୍କର / ଉପସ୍ଫାର } ବି ପୁଂ. (ଉପ-କର, କାର= କୃ-ଅ) ଅସମ୍ପୂର୍ଣ୍ଣ ବାକ୍ୟ ବୋଧାର୍ଥ ଶବ୍ଦର ଅଧ୍ୟାହାର, ବ୍ୟଞ୍ଜନର ମସଲା, ଉପକରଣ, ଗୃହସ୍ଥର ପ୍ରୟୋଜନୀୟ ଦ୍ରବ୍ୟ ସାମଗ୍ରୀ ।

ଉପସ୍ତ୍ରୀ, ବି. ସ୍ତ୍ରୀ. (ଉପ-ସ୍ତ୍ରୀ) ଉପପତ୍ନୀ ।

ଉପସ୍ଥ, ବିଂ. (ଉପ-ସ୍ଥା-ଅ) ନିକଟସ୍ଥ । ବି. ପୁଂ. ପୁରୁଷଚିହ୍ନ, ସ୍ତ୍ରୀଚିହ୍ନ, କ୍ରୋଡ଼ ।

ଉପସ୍ଥାନ, ବି. ନ. (ଉପ-ସ୍ଥା-ଅନ) ଉପସ୍ଥିତି, ଉପାସନା, ଆଗମନ, ଉତ୍ତରିବା ।

ଉପସ୍ଥାପକ / ଉପସ୍ଥାପୟିତା } ବିଂ. ( ଉପ-ସ୍ଥାପି-ଅକ, ତୃ ) ଯେ ଉପସ୍ଥିତ କରାଏ, ପ୍ରସ୍ତାବ-କର୍ତ୍ତା ।

ଉପସ୍ଥାପନ, ବି. ନ. ( ଉପ-ସ୍ଥା-ଣିଚ୍-ଅନ ) ପ୍ରସ୍ତାବ କରିବା, ଆନୟନ, ଉତ୍ଥାପନ ।

ଉପସ୍ଥାପିତ, ବିଂ. ( ଉପ-ସ୍ଥାପି-ତ ) ପ୍ରସ୍ତାବିତ, ଆନୀତ, ଯାହା ଉପସ୍ଥିତ କରା ହୋଇଅଛି ।

ଉପସ୍ଥିତ, ବିଂ (ଉପ-ସ୍ଥା-ତ)ଆଗତ, ନିକଟସ୍ଥିତ, ଉପାଧିତ, ଜ୍ଞାତ, ପ୍ରାପ୍ତ ।

ଉପସ୍ପର୍ଶ, ପୁଂ. / ଉପସ୍ପର୍ଶନ, ନ. } ବି. ( ଉପ-ସ୍ପୃଶ୍-ଅ, ଅନ ) ସ୍ନାନ, ଆଚମନ, ପାନ, ସ୍ପର୍ଶ ।

ଉପସ୍ପୃଷ୍ଟ, ବିଂ. ( ଉପ ସ୍ପୃଶ୍-ତ ) କୃତାଚମନ, ସ୍ନାତ, ସଂସ୍ପୃଷ୍ଟ ।

ଉପସ୍ୱତ୍ୱ, ବି. ନ. (ଉପ-ସ୍ୱତ୍ୱ) ଅଧିକାର, ଭୂମ୍ୟାଦି ବିଷୟରୁ ଯାହା ଉତ୍ପନ୍ନ ହୁଏ । ଯଥା-ଜମିର ଖଜଣା, ଘରଭଡ଼ା ଇତ୍ୟାଦି ।

ଉପସ୍ୱେଦ, ବି. ପୁଂ.(ଉପ-ସ୍ୱିଦ୍-ଅ)ସେକ ଦେବା, ତାପ ଦେବା ।

ଉପହତ, ବିଂ. (ଉପ-ହନ୍-ତ) ଆହତ, ଦୂଷିତ, ଆକ୍ରାନ୍ତ, ଅଭିଭୂତ, ତିରସ୍କୃତ, ପ୍ରତିବଦ୍ଧ ।

ଉପହବ, ବି. ପୁଂ. (ଉପ-ହ୍ୱେ-ଅ) ଆହ୍ୱାନ । (ଉପ-ହୁ = ହୋମ କରିବା-ଅ) ଯଜ୍ଞୀୟ ସମିଧ ।

ଉପହସିତ, ବି. ନ. ( ଉପ-ହସ୍-ତ ) ହାସ୍ୟ, ପରିହାସ । ବିଂ. ଯାହାକୁ ଉପହାସ କରି ହୋଇଅଛି ।

ଉପହସ୍ତିକା, ବି. ସ୍ତ୍ରୀ. (ଉପ-ହସ୍ତ-ଇକ-ଆ) ପାନଡବା ।

**ଉପହାର**, ବି. ପୁଂ. (ଉପ-ହୃ-ଅ) ସମର୍ପଣ, ଭେଟି, ଉପଢୌକନ । ଯଥା—

ଯୋଗ୍ୟ ଉପହାର ଅର୍ପନ୍ତି ସକଳ,
ବନ୍ଦନ୍ତି ଈଶ୍ୱର ଚରଣଯୁଗଳ । କ, ବି,

**ଉପହାସ**, ବି. ପୁଂ. (ଉପ-ହସ୍-ଅ) ଥଟ୍ଟା, ବିଦ୍ରୂପ, ଘୃଣାଯୁକ୍ତ ହାସ ।

**ଉପହାସ୍ୟ**, ବିଂ. (ଉପ-ହସ୍-ଯ) ଉପହାସଯୋଗ୍ୟ, ଯାହାକୁ ଦେଖି ଉପହାସ କରାଯାଏ । ଉପହାସାସ୍ପଦ ।

**ଉପହିତ**, ବିଂ. (ଉପ-ଧା-ତ) ଅର୍ପିତ, ବିନ୍ୟସ୍ତ, ଦତ୍ତ, ଗୃହୀତ ।

**ଉପହୃତ**, ବିଂ. (ଉପ-ହୃ-ତ) ଉପହାରସ୍ୱରୂପ ପ୍ରଦତ୍ତ, ଆନୀତ, ଆହୃତ, ଉତ୍ସୃଷ୍ଟ ।

**ଉପାଂଶୁ**, ବି. ପୁଂ. (ଉପ-ଅଂଶୁ) ଜପବିଶେଷ । ଅଂ. ନିର୍ଜ୍ଜନରେ ।

**ଉପାଂଶୁବଧ**, ବି. ପୁଂ. (ଉପାଂଶୁ-ବଧ) ନିର୍ଜ୍ଜନ ସ୍ଥାନରେ ବଧ, ଯେ ବଧ କେହି ଦେଖି ପାରେ ନାହିଁ ।

**ଉପାକରଣ**, ବି. ନ. (ଉପ-ଆ-କୃ-ଅନ) ସଂସ୍କାରପୂର୍ବକ ବେଦଗ୍ରହଣ, ସଂସ୍କାରପୂର୍ବକ ପଶୁହନନ, ଆରମ୍ଭ ।

**ଉପାକୃତ**, ବିଂ. (ଉପ-ଆ-କୃ-ତ) ଦେବତା ଉଦ୍ଦେଶ୍ୟରେ ହତ ବା ହନ୍ତବ୍ୟ ଜନ୍ତୁ, ଉପରୁଦ୍ଧ । ବି. ଅମଙ୍ଗଳ ।

**ଉପାକ୍ଷ** (Spectaeles), ବି. ନ, (ଉପ ଅକ୍ଷ) ଚଷମା, ଉପନେତ୍ର । ପ୍ରଚକ୍ଷୁ ।

**ଉପାଖ୍ୟାନ**, ବି. ନ. (ଉପ-ଆ-ଖ୍ୟା-ଅନ) ଇତିବୃତ୍ତ, ଆଖ୍ୟାୟିକା, ଉପନ୍ୟାସ ।

**ଉପାଗତ**, ବିଂ. (ଉପ-ଆ-ଗମ୍-ତ) ସ୍ୱୀକୃତ, ପ୍ରାପ୍ତ, ଅନୁଭୂତ, ଉପସ୍ଥିତ ।

**ଉପାଗମ**, ବି. ପୁଂ. (ଉପ-ଆ-ଗମ୍-ଅ) ଉପସ୍ଥିତି, ପ୍ରାପ୍ତି, ସ୍ୱୀକାର, ଅନୁଭବ ।

**ଉପାଙ୍ଗ**, ବି. ନ. (ଉପ-ଅଙ୍ଗ) ଲଲାଟରେ ତିଳକାଙ୍କ ଚିହ୍ନ, ତିଳକ, ପ୍ରଧାନର ଉପଯୋଗୀ, ଅଙ୍ଗର ଅଙ୍ଗ ପ୍ରତ୍ୟଙ୍ଗ । ଯଥା— ଶରୀରର ଅଙ୍ଗ ହାତ, ତାହାର ଅଙ୍ଗ ଅଙ୍ଗୁଳି ।

**ଉପାର୍ଘ୍ୟ**, ବି. ପୁଂ. (ଉପ-ଅର୍ଘ୍ୟ) ଅର୍ଘ୍ୟର ସହକାରୀ ।

**ଉପାଡ଼ିବା** / **ଓପାଡ଼ିବା** } କ୍ରି. (ଉତ୍ପାଟନ ଶବ୍ଦଜ) ଉତ୍ପାଟନ କରିବା ।

**ଉପାତ୍ତ**, ବିଂ. (ଉପ-ଆ-ଦା-ତ) ଗୃହୀତ, ପ୍ରାପ୍ତ, ସ୍ୱୀକୃତ । ବି. ପୁଂ. ମଦଶୂନ୍ୟ ହସ୍ତୀ ।

**ଉପାତ୍ୟୟ**, ବି.ପୁଂ.(ଉପ-ଅତି ଇ-ଅ) ଆଚାରାତି-କ୍ରମ, ନାଶ, ଉଲ୍ଲଙ୍ଘନ ।

**ଉପାଦାନ**, ବି. ନ. (ଉପ-ଆ-ଦା-ଅନ) ଗ୍ରହଣ, ସମବାୟୀକରଣ, କୌଣସି ପଦାର୍ଥ ଯେଉଁ ବସ୍ତୁରେ ନିର୍ମିତ ବା ପ୍ରସ୍ତୁତ ହୁଏ । ଯଥା— ବସ୍ତ୍ରର ଉପାଦାନ ସୂତା, ଇଷ୍ଟକର ଉପାଦାନ ମୃତ୍ତିକା, ଇତ୍ୟାଦି ।

**ଉପାଦେୟ**, ବିଂ. (ଉପ-ଆ-ଦା-ଯ) ଗ୍ରାହ୍ୟ, ଉତ୍କୃଷ୍ଟ, ଉତ୍ତମ ।

**ଉପାଧାନ**, ବି. ନ. (ଉପ-ଆ-ଧା ଅନ) ତକିଆ ।

**ଉପାଧି**, ବିଂ ପୁଂ. (ଉପ-ଆ-ଧା-ଇ) ଧର୍ମଚିନ୍ତା, ସମୃଦ୍ଧି, ଆଧାର, ଭେଦକ ଧର୍ମ, ଛଳ, ଉପନାମ, କାରଣ, ନ୍ୟାୟରେ ସାଧ୍ୟବ୍ୟାପକ, ସାଧନାବ୍ୟାପକ ଧର୍ମ, ଜାତି, ବଂଶ, ବିଦ୍ୟା ପ୍ରଭୃତିର ପରିଚାୟକ ଶବ୍ଦ । ଯଥା—

ଆଚାର୍ଯ୍ୟ, ବସୁ, ନାୟକ, M. A, B. A, ତର୍କାଲଙ୍କାର, କାବ୍ୟତୀର୍ଥ, ଇତ୍ୟାଦି ।

**ଉପାଧିପତ୍ର**, ବି. ନ. (ଉପାଧି-ପତ୍ର) ବିଦ୍ୟାଳୟର ପ୍ରଶଂସାପତ୍ର ।

**ଉପାଧ୍ୟାୟ**, ବି. ପୁଂ. (ଉପ-ଅଧି-ଇ-ଅ) ଅଧ୍ୟାପକ, ଉପଦେଷ୍ଟା । ଯ୍ୟା, ସ୍ତ୍ରୀ. ବିଦ୍ୟୋପଦେଶିକା । ଯ୍ୟୀ, ଯ୍ୟାନୀ-ସ୍ତ୍ରୀ, ଉପାଧ୍ୟାୟପତ୍ନୀ, ଅଧ୍ୟାପକଭାର୍ଯ୍ୟା ।

**ଉପାନତ୍** / **ଉପାନହ୍** } ବି. ସ୍ତ୍ରୀ. (ଉପ-ଆ-ନହ-) ଚର୍ମପାଦୁକା, ଜୋତା ।

ଉପାନ୍ତ, ବି. ପୁଂ. ( ଉପ-ଅନ୍ତ ) ସମୀପ, ପ୍ରାନ୍ତ, ପରିସର, ଶେଷ ।

ଉପାନ୍ତବର୍ଣ୍ଣ, ବି. ପୁଂ. (ଉପାନ୍ତ-ବର୍ଣ୍ଣ) ଅନ୍ତ୍ୟବର୍ଣ୍ଣର ପୂର୍ବବର୍ଣ୍ଣ ।

ଉପାମ, ବି. ( ଉପମା ଶବ୍ଦର ପଦ୍ୟ ପ୍ରୟୋଗ ) ଉପମା, ସାଦୃଶ୍ୟ । ଯଥା—

ଏଣେ କଚେତନସ୍ତ ନାମ,
କ ଅବା କହିବ ଉପାମ । ଉପେନ୍ଦ୍ର ।

ଉପାୟ, ବି.ପୁଂ.(ଉପ-ଇ-ସମ୍ପାଦନ କରିବା-ଅ) ସାମ, ଦାନ, ଭେଦ, ଦଣ୍ଡ ଅର୍ଥାତ୍ ଶତ୍ରୁମାନଙ୍କ ସହିତ ସନ୍ଧି, ସେମାନଙ୍କୁ ଅର୍ଥଦାନ, ସେମାନଙ୍କର ଗୃହବିଚ୍ଛେଦ, ସେମାନଙ୍କ ସହିତ ଯୁଦ୍ଧ, ରାଜାମାନଙ୍କର ଏହି ଚାରି ପ୍ରକାର ସାଧନ, ଗତି, ସାଧନ, ଉପାଗମନ, ଉପାର୍ଜ୍ଜନ, କୌଶଳ, ଲାଭ ।

ଉପାୟନ, ବି. ନ. ( ଉପ-ଅୟ୍-ଅନ ) ଭେଟି, ସମୀପଗମନ ।

ଉପାରତ, ବିଂ. ( ଉପ-ଆ-ରମ୍-ତ ) ନିବୃତ୍ତ, ବିରତ ।

ଉପାରମ୍ଭ, ବି. ପୁଂ. (ଉପ-ଆରମ୍ଭ) ପ୍ରାରମ୍ଭ ।

ଉପାର୍ଜ୍ଜନ, ବି. ନ. (ଉପ-ଅର୍ଜ୍ଜନ) ଅର୍ଜ୍ଜନ,କୃଷି, ବାଣିଜ୍ୟ ପ୍ରଭୃତିଦ୍ୱାରା ଅର୍ଥଲାଭ କରିବା, ଲାଭ, ସଞ୍ଚୟ ।

ଉପାରୂଢ଼, ବିଂ. (ଉପ-ଆରୂଢ଼) ପ୍ରାପ୍ତ, ଆରୂଢ଼ ।

ଉପାଲମ୍ଭ, ବି. ପୁଂ.(ଉପ-ଆ-ଲଭ୍-ଅ) ତିରସ୍କାର, ଭର୍ତ୍ସନା, ସକ୍ରୋଶ ବାକ୍ୟ, ପ୍ରାପ୍ତି ।

ଉପାଲବ୍ଧ, ବିଂ. (ଉପ-ଆ-ଲଭ୍-ତ) ତିରସ୍କୃତ ।

ଉପାବର୍ତ୍ତନ, ବି. ନ. ( ଉପ-ଆ-ବୃତ୍-ଅନ ) ପ୍ରତ୍ୟାଗମନ, ଘୂର୍ଣ୍ଣନ, ପାର୍ଶ୍ୱ ପରିବର୍ତ୍ତନ ।

ଉପାବୃତ୍ତ, ବିଂ. ( ଉପ-ଆ-ବୃତ୍-ତ ) ଘୂର୍ଣ୍ଣିତ, ପ୍ରତିନିବୃତ୍ତ, ପ୍ରତ୍ୟାଗତ, ସମ୍ପାଦିତ ।

ଉପାଶ୍ରୟ, ବିଂ. ( ଉପ-ଆଶ୍ରୟ=ଆ-ଶ୍ରି-ଅ ) ଯାହାକୁ ଆଶ୍ରୟ କରାଯାଏ, ଆଶ୍ରୟସ୍ଥାନୀୟ । ବି. ପୁଂ. ଆଶ୍ରୟକର୍ତ୍ତା ।

ଉପାସ } ବି. (ଉପବାସ ଶବ୍ଦର) ଅନଶନ,
ଓପାସ } ଅନାହାର, ଉପବାସ ।

ଉପାସକ, ବିଂ. (ଉପ-ଆସ୍-ଅକ) ଉପାସନାକାରୀ, ସେବକ ।

ଉପାସଙ୍ଗ, ବି. ପୁଂ. ( ଉପ-ଆ-ସନ୍ଜ୍-ଅ ) ବାଣାଧାର, ତୂଣ, ତୂଣୀର ।

ଉପାସନ, ନ. } ବି. (ଉପ ଆସ୍-ଅନ, ଅନ-
ଉପାସନା, ସ୍ତ୍ରୀ. } ଆ, ତି)ସେବା,ଆରାଧନା,
ଉପାସ୍ତି, ସ୍ତ୍ରୀ. } ପୂଜା ।

ଉପାସିତ, ବିଂ. ( ଉପ-ଆସ୍-ତ ) ସେବିତ, ଆରାଧିତ ।

ଉପାସ୍ଥି ( Cartilage ), ବି. ନ. ଦେହର ଅଭ୍ୟନ୍ତରସ୍ଥ ଅସ୍ଥିତୁଲ୍ୟ ପଦାର୍ଥ ।

ଉପାସ୍ୟ, ବିଂ. (ଉପ-ଆସ୍-ଯ ସେବ୍ୟ, ଆରାଧ୍ୟ, ପୂଜ୍ୟ ।

ଉପାହିତ, ବିଂ. ( ଉପ-ଆ-ଧା-ତ ) ଆରୋପିତ, ଯୋଜିତ । ବି.ପୁଂ. ଉଲ୍କାପାତାଦି ଉପଦ୍ରବ।

ଉପାହୃତ, ବିଂ. ( ଉପ-ଆ-ହୃ-ତ ) ସଂଗୃହୀତ, କଳ୍ପିତ ।

ଉପିବା, କ୍ରି, (ଦେଶଜ) ମାଠିବା । ଯଥା—

ଉପି ଲେପି କୁଙ୍କୁମ ଦଅନ୍ତି ନେଇ କରେ,
ହେବ କି ନୋହିବ ସମ ଏମନ୍ତ ଶଙ୍କାରେ ଯେ । ଲ. ବି.

ଉପୁଜିବା, କ୍ରି. (ଉପଜାତ ଶବ୍ଦଜ ) ଜନ୍ମିବା, ଉତ୍ପନ୍ନ ହେବା ।

ଉପେକ୍ଷକ, ବିଂ. ( ଉପ-ଈକ୍ଷ-ଅକ ) ଉଦାସୀନ, ଉପେକ୍ଷାକାରୀ ।

ଉପେକ୍ଷଣୀୟ, ବିଂ. (ଉପ-ଈକ୍ଷ୍-ଅନୀୟ) ତ୍ୟାଜ୍ୟ, ପ୍ରତିକାରାର୍ଥ ଯାହାର ସମାଲୋଚନା ହେବ ।

ଉପେକ୍ଷା. ବି. ସ୍ତ୍ରୀ. (ଉପ-ଈକ୍ଷ-ଅ) ଔଦାସୀନ୍ୟ, ଅନାଦର, ତ୍ୟାଗ, ଅସ୍ୱୀକାର ।

ଉପେକ୍ଷିତ, ବିଂ. ( ଉପ-ଈକ୍ଷ-ତ ) ଅନାଦୃତ, ଅସ୍ୱୀକୃତ, ତ୍ୟକ୍ତ ।

ଉପେକ୍ଷିବା, କ୍ରି. ( ଉପେକ୍ଷା ଶବ୍ଦଜ ) ତ୍ୟାଗ କରିବା । ଯଥା—

ମନହିଁ ଦୁଃସହ ଦୁଃଖମାନ ଉପେକ୍ଷିଲେ ହେ ।

ଉପେତ, ବିଂ. (ଉପ-ଇ-ତ) ମିଳିତ, ପ୍ରାପ୍ତ, ଗତ ।

ଉପେନ୍ଦ୍ର, ବି. ପୁଂ. ( ଉପ-ଇନ୍ଦ୍ର ) ବିଷ୍ଣୁ, ଇନ୍ଦ୍ର-ଲୋକର ଉପରେ ଅଛନ୍ତି ବୋଲି ବିଷ୍ଣୁଙ୍କୁ ଉପେନ୍ଦ୍ର ବୋଲାଯାଏ, ଇନ୍ଦ୍ରଙ୍କର କନିଷ୍ଠ ଭ୍ରାତା, ଓଡ଼ିଶାର ବିଖ୍ୟାତ କବି । ଯଥା—

ଏ ଦୋ.ର ସଙ୍କଟ ଉପେନ୍ଦ୍ର ଭଞ୍ଜ,
କହୁଇ ବୀରବର ଉପେନ୍ଦ୍ର ଭଞ୍ଜ । ପ୍ରେ. ସୁ. ନି.

ଉପେନ୍ଦ୍ରବଜ୍ରା, ବି. ସ୍ତ୍ରୀ. ଏକାଦଶ ଅକ୍ଷର ବିଶିଷ୍ଟ ସଂସ୍କୃତ ଛନ୍ଦୋବିଶେଷ ।

ଉପେୟ, ବିଂ. (ଉପ ଇ-ଯ) ପ୍ରାପ୍ୟ, ଉପାୟସାଧ୍ୟ ।

ଉପେୟିବାନ୍, ବିଂ. (ଉପ-ଇ-ବସ୍) ଉପଗତ, ପ୍ରାପ୍ତ ।

ଉପୋଢ଼, ବିଂ. ( ଉପ-ବହ-ତ ) ବିବାହିତ, ଶ୍ରେଣୀବଦ୍ଧ, ନିକଟ ।

ଉପୋଦକା, ବି. ସ୍ତ୍ରୀ. ପୂତିକା, ପୋଇ ଶାଗ ।

ଉପୋଦକୀ, ବି. ସ୍ତ୍ରୀ. (ଉପ-ଉଦକ-ଈ) ପୋଇ ଶାଗ, ପୋଇ ଗଛ ।

ଉପୋଷ, ପୁଂ. } ବି. ( ଉପ-ବସ୍-ଅ, ଅନ )
ଉପୋଷଣ, ନ. } ଉପବାସ, ଅନଶନ ।

ଉପୋଷିତ, ବିଂ. ( ଉପ-ବସ୍-ତ ) ଅଭୁକ୍ତ, ଅନାହାରୀ ।

ଉପ୍ତ, ବିଂ. (ବପ୍-ତ) ଯାହା ବପନ କରା ହୋଇ-ଅଛି, ନିକ୍ଷିପ୍ତ ।

ଉପ୍ତି, ବି, ସ୍ତ୍ରୀ. (ବପ୍-ତି) କ୍ଷୌରକର୍ମ, ଧାନ୍ୟାଦି ରୋପଣ, ବପନ, ବୁଣିବା ।

ଉବାର, ବି. (ଦେଶଜ) ନିଷେଧ, ଅଜଣା ।

ଉବୁରିବା, କ୍ରି, (ଉଦ୍‌ବୃତ୍ତ-ଶବ୍ଦଜ) ବଳିପଡ଼ିବା, ବର୍ଦ୍ଧିଯିବା, ବଢ଼ିବା, ଉଦ୍‌ବୃତ୍ତ ହେବା ।

ଉଭ
ଉଭୟ } ସର୍ବନାମ, (ଉଭ୍-ଅ, ଅୟ) ଦୁଇ ।

ଉଭଚର. (Amphibious) ବିଂ. (ଉଭ-ଚର) ଯେଉଁମାନେ ଜଳରେ ଓ ସ୍ଥଳରେ ବାସ କରନ୍ତି ।

ଉଭୟତ୍ର, ଅଂ. ( ଉଭୟ-ତ୍ର ) ଦୁଇ ସ୍ଥାନରେ, ଦୁଇ ଦିଗରେ ।

ଉଭୟଥା, ଅଂ. (ଉଭୟ-ଥା) ଦୁଇ ପ୍ରକାର ।

ଉଭା, ବିଂ. (ଦେଶଜ) ଠିଆ, ଛିଡ଼ା । ଯଥା—

ଉଭାରେ ଉଭାରେ ପୁଂସ କଲା ଆଲିଙ୍ଗନ;
ବୋଇଲା ପାଶୁଁ ଯିବାକୁ ନ ବଳଇ ମନ । ଲ. ବ.

ଉଭାଇଯିବା
ଉଭେଇବା } କ୍ରି. ( ଦେଶଜ ) ଅନ୍ତର୍ହିତ ହେବା ଅଦୃଶ୍ୟ ହେବା ।
ଉଭେଇଯିବା } ଯଥା—

ଉଭେଇଗଲେ ନବୁଁ କ୍ଷୋଭିଷ୍ଟଗଣେ,
ଜ୍ୟୋତି ଦେଖାଇ ହେଲେ କ୍ଷୋଭରଙ୍ଗଣେ । ଦୁ. ସ୍ତ୍ରୁ.

ଉଭାରିବା, କ୍ରି. (ଦେଶଜ) ଠିଆ କରିବା, ଠିଆ ହେବା । ଯଥା—

ସମର ଛନ୍ଦ ରଥ ନେଲା,
ଅର୍ଦ୍ଧ ଯୋଜନେ ଉଭାରିଲା । ଭାଗବତ ।

ଉଭୁଡ଼ା ପଡ଼ିବା, କ୍ରି (ଅନୁକୃତ ଶବ୍ଦଜ) ଅଗ୍ରଗାମୀ ହେବା । ମୁଁ ମୁଁ ବୋଲି ଓଗାଳି ପକାଇବା, ମୋର ବୋଲି ଓଗାଳିବା ।

ଉମ୍, ଅଂ. କୋପ, କ୍ରୋଧ, ପ୍ରତିଜ୍ଞା, ସ୍ୱୀକାର, ପ୍ରଶ୍ନ ।

ଉମର (ଯାବନିକ) ସମୟ, ବୟସ ପରିମାଣ ।

ଉମା, ବି. ସ୍ତ୍ରୀ. (ଉ-ମା) ପାର୍ବତୀ, ଦୁର୍ଗା, ହରିଦ୍ରା, କୀର୍ତ୍ତି, ଶାନ୍ତି ।

ଉମାଚତୁର୍ଥୀ, ବି. ସ୍ତ୍ରୀ. ଜ୍ୟେଷ୍ଠ ଶୁକ୍ଳ ଚତୁର୍ଥୀ, ଉମାଙ୍କ ଜନ୍ମତିଥି ।

ଉମାଧବ } ବି. ପୁଂ. (ଉମା-ଧବ, ପତି) ଶିବ,
ଉମାପତି } ମହାଦେବ ।

ଉମ୍ବେଇ
ଉମ୍ବାଇ } ବି. ( ଦେଶଜ ) ନିଆଁ ରଖିବାର
ଉମ୍ବେଇ } କ୍ଷୁଦ୍ର କୁଣ୍ଡ, ହସନ୍ତୀ ।

ଉମେଦ୍‌ବାର, ବିଂ. (ଯାବନିକ) ପ୍ରତ୍ୟାଶାକାରୀ, ଆକାଙ୍କ୍ଷୀ, ଉପକାର ଇଚ୍ଛାରେ ଯେ ଅନ୍ୟର ଅନୁସରଣ କରେ ।

ଉମେଶ, ବି. ପୁଂ. (ଉମା-ଈଶ) ଶିବ ।

ଉରଃ, ବି. ନ. (ଋ-ଅସ୍) ବକ୍ଷଃସ୍ଥଳ, ବୁକୁ । ବିଂ. ପ୍ରଧାନ, ଉତ୍ତମ ।

ଉରଃସୂତ୍ରିକା, ବି. ସ୍ତ୍ରୀ. ( ଉରସ୍-ସୂତ୍ର-କ ) ବକ୍ଷସ୍ଥଳଲମ୍ବୀ ମୁକ୍ତାରଚିତ ହାର ।

ଉରଗ, ଉରଙ୍ଗ, ଉରଙ୍ଗମ } ବି. ପୁଂ. (ଉରସ୍-ଗମ୍-ଅ) ଭୁଜଗ, ସର୍ପ, ସାପ । ଯଥା —

ଉରଗ କଣ୍ଠେ ବେଷ୍ଟିତ ହେବାରେ
ଚନ୍ଦ୍ର ଦିବସେ ଭୟଙ୍କର । ଗୀ. ବ.

ଉରଗଭୂଷଣ, ବି. ପୁଂ. (ଉରଗ-ଭୂଷଣ) ଫଣିଭୂଷଣ, ମହାଦେବ ।

ଉରଗରାଜ, ବି. ପୁଂ. (ଉରଗ-ରାଜା) ସର୍ପରାଜ, ବାସୁକି ।

ଉରଗସ୍ଥାନ, ବି. ନ. ( ଉରଗ-ସ୍ଥାନ ) ନାଗଲୋକ, ପାତାଳ ।

ଉରଗାରି, ଉରଗାଶନ, } ବି. ପୁଂ. (ଉରଗ-ଅରି, ଅଶନ) ଗରୁଡ଼, ମୟୂର, ନେଉଳ ।

ଉରଗେନ୍ଦ୍ର, ବି. ପୁଂ. (ଉରଗ-ଇନ୍ଦ୍ର) ସର୍ପରାଜ ।

ଉରଜ, ବିଂ. (ଉରୋଜ ଶବ୍ଦଜ) ସ୍ତନ, କୁଚ । ଯଥା—

ଉରଜ ବନ୍ଧୁକ ଚକ୍ରବାକ ସମ୍ପୁଟକ,
କି ସ୍ୱୟମ୍ଭୁ ଶମ୍ଭୁ ଡମ୍ବୁ ଅମ୍ବୁଜକୋରକ ସେ । ଲା. ବ,

ଉରଣ, ଉରଭ୍ର, } ବି. ପୁଂ. ସ୍ତ୍ରୀ. ( ଋ-ଅନ,ଉରୁ-ଭ୍ରମ୍-ଅ, ଉ ଲୋପ)ମେଷ, ମେଣ୍ଢା ।

ଉରଣାକ୍ଷ, ବି. ପୁଂ. (ଉରଣ-ଅକ୍ଷ) ବୃକ୍ଷବିଶେଷ, ଚକୁଣ୍ଡା ।

ଉରସି, ଉର୍ସି, ଉରୁସି, ଉରରୀ, ଉରୀ, ଉରୁରୀ, } ଅଂ. (ବେ =ବୁଣିବା, ସି, ରୁସି ) ଅଙ୍ଗୀକାର, ପରିତ୍ୟାଗ, ବିସ୍ତାର ।

ଉରରୀକୃତ, ଉରୀକୃତ, } ବିଂ. (ଉରରୀ, ଉ-ରୀ-କୃତ) ପ୍ରସାରିତ, ବିସ୍ତାରିତ, ପରିତ୍ୟକ୍ତ ।

ଉରଶ୍ଛଦ, ପୁଂ. ଉରସ୍ତ୍ର, ନ. ଉରସ୍ତ୍ରାଣ, ନ. } ବି. ( ଉରସ୍-ଛଦ, ତ୍ରୈ, ତ୍ରାଣ) କବଚ, ବର୍ମ୍ମ, ସାଞ୍ଜୁ ।

ଉରସିଜ, ବି. ପୁଂ. ( ଉରସି-ଜ ) ବକ୍ଷୋଜ, ସ୍ତନ । ଯଥା—

କମଳ କଳିକା ପଶନ୍ତେ ଲଜାଇ,
ଉରସିଜେ ଗୁରୁ ଉଭ ବନ୍ଧୁରତା । ନ. ଲେ.

ଉରସିଲ, ବିଂ (ଉରସ୍-ଇଲ) ଯାହାର ବକ୍ଷସ୍ଥଳ ପ୍ରଶସ୍ତ ।

ଉରସ୍ୟ, ବି. ପୁଂ. (ଉରସ୍-ଯ) ଔରସଜାତ ସନ୍ତାନ ।

ଉରସ୍ୱାନ, ବିଂ. (ଉରସ୍-ବତ୍) ବିଶାଳବକ୍ଷା ।

ଉରୁ, ବିଂ. ( ଊର୍ଣ୍ଣୁ-ଆଚ୍ଛାଦନ କରିବା=କୁ ) ବିଶାଳ, ମହତ୍, ବଡ଼ । ଯଥା—

ଉରୁପ୍ରଣ ଯିବି ଅପ୍ରମିତ ନିତ,
ଚକ୍ରବାକି ହେବ ତି କରିତ ମତ । ଦ. ଚ,

ଉରୁକ୍ରମ, ବି. ପୁଂ. (ଉରୁ—କ୍ରମ) ଯେ ବଳିଯଜ୍ଞରେ ପଦଦ୍ୱାରା ଭୂମ୍ୟାଦି ଆକାଶ ପର୍ଯ୍ୟନ୍ତ ସର୍ବସ୍ଥାନ ବ୍ୟାପିଥିଲେ, ବାମନଦେବ । ଯଥା—

ସେ ଉରୁକ୍ରମ ବୃଷାକପି,
ଏମନ୍ତ ନାମ ନିତ୍ୟ ଜପି । ଭାଗବତ ।

ଉରୁବୁକ, ଉରୁବୂକ } ବି. ପୁଂ. (ଉରୁ=ମହତ୍=ବୈ =ଶୁଷ୍କ କରିବା, ଉକ-ଉକ) ଏରଣ୍ଡ ବୃକ୍ଷ, ଗବଗଛ ।

ଉରୁଣସ୍, ବିଂ. ( ଉରୁ-ନସ୍) ଯାହାର ନାସିକା ଦୀର୍ଘ, ଦୀର୍ଘ ନାସିକାବିଶିଷ୍ଟ ।

ଉରୋଜ, ବିଂ ପୁଂ. (ଉରସ୍-ଜନ୍-ଅ) ସ୍ତନ, କୁଚ ।

ଉରୋଭୂଷଣ, ବି. ନ. (ଉରସ୍-ଭୂଷଣ) ବକ୍ଷଃସ୍ଥଳର ଭୂଷଣ, ହାର ।

ଊର୍ଣ୍ଣନାଭ, ବି. ପୁଂ. (ଊର୍ଣ୍ଣା-ନାଭି) ମାକଡ଼ସା, ବୁଢ଼ିଆଣୀ ।

ଊର୍ଣ୍ଣା, ବି. ସ୍ତ୍ରୀ. (ଊର୍ଣ୍ଣୁ-ଅ) ମେଷାଦିର ଲୋମ, ପଶୁଲୋମ, ସୂତ୍ର ।

ଉର୍ଦ୍ର, ବି. ପୁଂ. (ଉର୍ଦ୍-ର) ଓଧ, ଜୀବବିଶେଷ ।

**ଉର୍ବ,** ବି. ପୁଂ. (ଉରୁ-ଅ) ମୁନିବିଶେଷ ।

**ଉର୍ବର, ଉର୍ବରା,** ବିଂ. (ଉରୁ-ଋ-ଅ, ଆ) ଯହିଁରେ ସର୍ବପ୍ରକାର ଶସ୍ୟ ଜନ୍ମେ, ଯେ ଭୂମିର ଶସ୍ୟୋତ୍ପାଦିକା ଶକ୍ତି ଅଧିକ ।

**ଉର୍ବଶୀ,** ବି. ସ୍ତ୍ରୀ. (ଯେ ନାରାୟଣଙ୍କ ଉରୁ ଭେଦ କରି ଜନ୍ମ ହୋଇଥିଲା, ଅଥବା ଉରୁ =ମହତ୍-ବଶ=ବଶୀଭୂତ କରିବା-ଇ ) ସ୍ୱର୍ଗବେଶ୍ୟାବିଶେଷ ।

**ଉର୍ବାରୁ,** ବି. ପୁଂ. (ଉରୁ-ଆରୁ) କାଙ୍କଡ଼ ।

**ଉର୍ବୀ,** ବି. ସ୍ତ୍ରୀ. (ଉରୁ=ମହତ୍-ଈ) ପୃଥିବୀ ।

**ଉର୍ବୀତଳ,** ବି. ସ୍ତ୍ରୀ. (ଉର୍ବୀ-ତଳ) ପୃଥିବୀର ଉପରିଭାଗ, ମହୀତଳ ।

**ଉର୍ବୀଧର;** ବି. ପୁଂ. (ଉର୍ବୀ-ଧର) ପର୍ବତ ।

**ଉର୍ବୀଧବ,** ବି. ପୁଂ. (ଉର୍ବୀ-ଧବ) ପୃଥିବୀପତି, ରାଜା ।

**ଉର୍ବୀଭୃତ୍,** ବି. ପୁଂ. (ଉର୍ବୀଭୃ-୦) ପର୍ବତ ।

**ଉର୍ବୀରୁହ,** ବି. ପୁଂ. (ଉର୍ବୀ-ରୁହ-ଅ) ମହୀରୁହ, ବୃକ୍ଷ ।

**ଉଲକୋବ.** ବି. ଏକଜାତୀୟ କୋବି ।

**ଉଲଗ୍ନ,** ବିଂ. (ଉଲଙ୍ଗ ଶବ୍ଦଜ) ଲଙ୍ଗଳା, ବସ୍ତ୍ରହୀନ ।

**ଉଲଙ୍ଗ,** ବିଂ. (ଉତ୍-ଲଗ୍-ଅ) ଲଙ୍ଗଳା, ବିବସ୍ତ୍ର, ଖୋଲ୍ଲ । ଯଥା —

କେବେ ଧନୁଶର ଶୋଭୁଥାଇ କରେ, ପୃଷ୍ଠେ ନିଷଙ୍ଗ,
କେବେ ସବ୍ୟ କରେ ଫଳା, ସବ୍ୟେତରେ ଅସି ଉଲଙ୍ଗ ।
ଉଷା ।

**ଉଲଟ,** ବିଂ. (ଦେଶଜ) ବିପରୀତ । ଯଥା—

ଦଶା ଉଲଟିବ କମଳ ଫୁଟିବ ଯଦ୍ୟପି ପର୍ବତ ଶିଖରେ ।

**ଉଲଖ,** ବି. (ଉଲ୍ଲେଖ ଶବ୍ଦଜ) ଦୃଷ୍ଟାନ୍ତ । ପ୍ରମାଣ ।

**ଉଲଉବା,** କ୍ରି. (ଦେଶଜ) ଚୂଲରୁ ଛଣ ବାହାର କରିବା ।

**ଉଲୁଗୁଣା,** ବି. (ଗ୍ରାମ୍ୟ) ଦୃଷ୍ଟାନ୍ତ ଦେଖାଇ ଗାଳି ଦେବା, ତିରସ୍କାର, କୁତ୍ସା ।

**ଉଲୁରିବା,** କ୍ରି ବି. (ଦେଶଜ) ବାୟୁରେ ଇତସ୍ତତ ବିକ୍ଷିପ୍ତ ହୋଇ ଦୋହଲିବା (କେଶ ପ୍ରତି ସଦା ପ୍ରଯୋଜ୍ୟ) ଯଥା—

ଫୁଲର ଫୁଲ ତ ବଡ, ଉଲୁରି ଅଛି ଅଳକ,
କଙ୍କତିକାର ସ୍ପରଶ ନାହିଁ ତ ହେଲାଣି କେଶ,
ହେବୁ ଦେଖ କଷ୍ଟ ଅନୁରାଗୀ ।

**ଉଲୁସି,** ବି. ( ପ୍ରାଚୀନ ପଦ୍ୟ ) ଆଜ୍ଞାପତ୍ର । ଯଥା—

କଂସର ଉଲୁସି ନେଇ ନନ୍ଦଙ୍କ କରେ ଦେଇ,
ସକଳ ମନେ କି କହିଲେ । ର· କି·

**ଉଲୁସିବା ଉଲ୍ଲସିବା** } କ୍ରି. (ଉଲ୍ଲସନ ଶବ୍ଦଜ) ଆନନ୍ଦରେ ଉତ୍ଫୁଲ୍ଲ ହେବା ।

**ଉଲୂକ, ଉଲୂକ,** } ବିଂ. ପୁଂ. (ବଲ-ଉକ) ପେଚକ, ପେଚ୍, ଦେବରାଜ, ଇନ୍ଦ୍ର, ଶକୁନିପୁତ୍ର ।

**ଉଲୂଖଳ,** ବି ନ. ( ଉଦୂଖଳ ଦେଖ, ଦ=ଲ) ଉଦୂଖଳ, ଧାନ୍ୟାଦି କୁଟିବାର କାଷ୍ଠମୟ ପାତ୍ର, ଚିକ୍କିଭରାତ୍ରି ।

**ଉଲୂତ,** ବି. ପୁଂ. (ଉଦ-ଲୂ-ତ) ଅଜଗର ସର୍ପ ।

**ଉଲୂପୀ,** ବି ପୁଂ. (ଉ=ଶିବ-ରୂପ-ଇନ୍ ଅଥବା ଉଦ୍-ଲୁପ୍-ଇନ୍) ଶିଶୁକ, ଶିଶୁମାର । ସ୍ତ୍ରୀ, ନାଗକନ୍ୟା, ଅର୍ଜୁନପତ୍ନୀ । ଯଥା —

ଉଲୂପୀ ନାଗେନ୍ଦ୍ରକନ୍ୟା ଜାହ୍ନବୀ ସ୍ରୋତେ
ସ୍ନାନେଣ, ପଶିଲେ ତହିଁ ଅଚଳ ପାତାଳେ । ମହାଭାରତ ।

**ଉଲୂଲୁ,** ବି. ପୁଂ. (ଉରୁ-ଦ୍ୱିତ୍ୱ, ର=ଲ) ମଙ୍ଗଳସୂଚକ ଧ୍ୱନିବିଶେଷ, ହୁଳହୁଳି ।

**ଉଲ୍କା,** ବି. ସ୍ତ୍ରୀ. ( ଉଷ୍=ଦାହ କରିବା-କ, ଷ=ଲ) ଆକାଶରୁ ପଡିତ ଅଗ୍ନିମୟ ପିଣ୍ଡ, ଅଗ୍ନିକଣା । ଯଥା —

ଉଲ୍କାବାରେ ଗଲେ ଭାଗ୍ୟ ତୌଦଶ ଉଡ଼ । ଉଷା ।

**ଉଲ୍କାମୁଖୀ,** ବି. ସ୍ତ୍ରୀ. ଶୃଗାଳୀବିଶେଷ, କୋକଶିଆଳୀ । ବିଂ. କ୍ରୋଧବଶତଃ ଯେଉଁ ସ୍ତ୍ରୀଲୋକର ମୁଖ ସର୍ବଦା ଲାଲବର୍ଣ୍ଣ ହୋଇଥାଏ ।

ଉଲ୍ଲଙ୍ଘନ, ବି. ନ. (ଉଦ୍-ଲଙ୍ଘ୍-ଅନ) ଅତିକ୍ରମ, ଲଙ୍ଘନ, ଡେଇଁବା, ବରୁଦ୍ଧାଚରଣ ।

ଉଲ୍ଲଙ୍ଘିତ, ବିଂ. ( ଉଦ୍-ଲଙ୍ଘ୍-ତ ) ଲଙ୍ଘିତ, ଅତିକ୍ରାନ୍ତ ।

ଉଲ୍ଲମ୍ଫନ, ବି. ନ. ( ଉତ୍-ଲମ୍ଫ୍-ଅନ ) ଡେଇଁବା, କୁଦିବା ।

ଉଲ୍ଲଙ୍ଘନୀୟ, ବିଂ. (ଉତ୍ ଲଙ୍ଘ ଅନୀୟ) ଉଲ୍ଲଙ୍ଘ-ନୀୟ, ଯାହାକୁ ଲଙ୍ଘନଦ୍ୱାରା ପାର ହେବାକୁ ହୁଏ ।

ଉଲ୍ଲଳ, ବିଂ. (ଉତ୍-ଲଲ୍-ଅ) ବହୁ ରୋମଯୁକ୍ତ, ରୋମଶ ।

ଉଲ୍ଲଳିତ, ବିଂ. ( ଉତ୍-ଲଲ୍-ତ ) ଚଳିତ, କମ୍ପମାନ,ଆନ୍ଦୋଳିତ, ତରଳିତ,ବ୍ୟାକୁଳିତ ।

ଉଲ୍ଲସତ୍, ବିଂ. (ଉତ୍-ଲସ୍-ଅତ୍) ଶୋଭମାନ, ପ୍ରଫୁଲ୍ଲ ।

ଉଲ୍ଲସିତ, ବିଂ. ( ଉତ୍-ଲସ୍-ତ ) ଆନନ୍ଦିତ, ଶୋଭିତ, ଉଜ୍ଜ୍ୱଳ, ସ୍ଫୁରିତ ।

ଉଲ୍ଲାଘ, ବିଂ. (ଉତ୍-ଲଘ୍-ଅ)କାର୍ଯ୍ୟଦକ୍ଷ, ରୋଗ-ମୁକ୍ତ, ଶୁଚି ।

ଉଲ୍ଲାସ, ବି. ପୁଂ. ( ଉତ୍-ଲସ୍-ଅ ) ଆନନ୍ଦ, ଆହ୍ଲାଦ, ପ୍ରକାଶ, ଉଜ୍ଜ୍ୱଳତା, ଗ୍ରନ୍ଥର ପରିଚ୍ଛେଦବିଶେଷ ।

ଉଲ୍ଲାସୀ, ବିଂ. (ଉତ୍-ଲସ୍-ଇନ୍ ) ଉଲ୍ଲାସଯୁକ୍ତ, ପ୍ରଭାସମ୍ପନ୍ନ । ଦ୍ଧୀ-ସ୍ତ୍ରୀ ।

ଉଲ୍ଲିଖିତ, ବିଂ. (ଉତ୍-ଲିଖିତ) କଥିତ, ଯାହା ପୂର୍ବେ କହାଯାଇଅଛି, ଚିତ୍ରିତ, ନିର୍ଦ୍ଦିଷ୍ଟ, ଉପରଲିଖିତ ।

ଉଲ୍ଲୁକ, ବି. ପୁଂ. ବାନରବିଶେଷ, କାଳବର୍ଣ୍ଣ ମର୍କଟ ।

ଉଲ୍ଲୁଣ୍ଠ, ପୁଂ. } ବି. (ଉତ୍-ଲୁଣ୍ଠ୍-ଅ, ଅନ) ଓଲଟ
ଉଲ୍ଲୁଣ୍ଠନ, ନ. } ପାଲଟ କରିବା, ଉପହାସ, ଥଟ୍ଟା ।

ଉଲ୍ଲେଖ } ବି. (ଉତ୍-ଲିଖ୍-ଅ, ଅନ) ଖନନ,
ଉଲ୍ଲେଖନ } ବମନ, କଥନ, ଘଷିବା, ଅର୍ଥାଲଙ୍କାରବିଶେଷ ।

ଉଲ୍ଲୋଚ, ବି. ପୁଂ. (ଉତ୍-ଲୋଚ୍-ଅ) ଚନ୍ଦ୍ରାତପ, ଚାନ୍ଦୁଆ ।

ଉଲ୍ଲୋଳ, ବି. ( ଉତ୍-ଲୋଡ଼୍-ଅ । କଲ୍ଲୋଳ, ବୃହତ୍ ତରଙ୍ଗ । ଯଥା –

ଉଲ୍ଲୋଳ କଲ୍ଲୋଳମାଳା ହେଉ କୂଟୋଚ୍ଚଳେ
ବାରବୃନ୍ଦ, ସର୍ବେ ହେଲେ ସ୍ତବଧ ସମ୍ଭ୍ରମେ । ମ, ଯା,

ଉଲ୍ୱ, ବି. ନ. ( ଉର୍-ବ, ବ=ଲ ) ଜରାୟୁ, ଗର୍ଭାଶୟ ।

ଉଲ୍ୱଣ, ବିଂ. (ଉତ୍-ଲ୍ୱୀ-ଅନ) ସ୍ପଷ୍ଟ ପ୍ରତୀୟମାନ, ପ୍ରବଳ, ଉତ୍କଟ, ବିଶଦ, ବ୍ୟାପ୍ତ, ବ୍ୟକ୍ତ, ଗାଢ଼ ।

ଉଶତୀ } ବି. ସ୍ତ୍ରୀ. (ବଶ=ଅଭିଳାଷ କରିବା,
ଉଷତୀ } ଉଷ୍=ଦଗ୍ଧ କରିବା-ଅତ-ଈ ) ଅମଙ୍ଗଳ ବାକ୍ୟ ।

ଉଶନାଃ, ବି ପୁଂ. ( ବଶ୍-ଅନସ୍ ) ଶୁକ୍ରାଚାର୍ଯ୍ୟ, ଅସୁରଗୁରୁ ।

ଉଶୀର, } ବିଂ ପୁଂ. ନ. (ବଶ୍-ଈର) ବେଣାର
ଉଷୀର } ମୂଳ, ଗନ୍ଧତୃଣବିଶେଷର ମୂଳ । ଯଥା –

ଚରଧ କୁସୁମ ଉଶୀର ଚନ୍ଦନ ନୀରେ ଶୁଭ
ପତାକା ଦୋଳାଇ ରଙ୍ଗେ ପ୍ରସାରିଲ ସିଦ୍ଧ ମାରୁତ । ଉଷା ।

ନଦାନୋକ୍ତ ପାଚନ ବିଶେଷ ।

ଉଷ, ବି. ପୁଂ. ( ଉଷ୍-ଅ ) କାମୁକ, ପ୍ରଭାତ, କ୍ଷାରମୃତ୍ତିକା ।

ଉଷଣ, ବି. ନ. ( ଉଷ୍-ଅନ ) ମରିଚ, ପିପ୍ପଳୀ-ମୂଳ ।

ଉଷଣା, ବି. ସ୍ତ୍ରୀ. ( ଉଷ୍-ଅନ-ଆ ) ପିପ୍ପଳୀ, ଶୁଣ୍ଠୀ ।

ଉଷପ, ବି. ପୁଂ. (ଉଷ-ପା) ସୂର୍ଯ୍ୟ, ଅଗ୍ନି ।

ଉଷର, ବି. ନ. କ୍ଷାରମୃତ୍ତିକା, ଲୁଣିମାଟି । ଯଥା–

ନ ଫଳେ କାର ସହେ ତୃଣ ଉଷରେ,
ବିକାଇ କାମ ପ୍ରାପ୍ତେ ସନ୍ତ ଅନ୍ତରେ । ଚ୍ଚୁ, ପ୍ର,

ଉଷର୍ବୁଧ, ବି. ପୁଂ. (ଉଷସ୍-ବୁଧ୍-ଅ) ଅଗ୍ନି ।

ଉଷସ୍, ବି. ନ. (ଉଷ-ଅସ୍) ପ୍ରତ୍ୟୁଷ, ପ୍ରଭାତ ।

ଉଷସୀ, ବି. ସ୍ତ୍ରୀ. ( ଉଷ-ସୋ ଅ-ଈ ) ସନ୍ଧ୍ୟା-କାଳ ।

**ଉଷା**, ବ. ସ୍ତ୍ରୀ. ( ଉଷ-ଅ-ଆ ) ଅନିରୁଦ୍ଧପତ୍ନୀ, ବାଣରାଜାର କନ୍ୟା, ପ୍ରଭାତ ।

**ଉଷାକଲ**, ବ. ପୁଂ. (ଉଷା-କଲ) କୁକ୍କୁଟ ।

**ଉଷାପତି**, ବ. ପୁଂ. ( ଉଷା-ପତି ) ଅନିରୁଦ୍ଧ, କାମଦେବଙ୍କ ପୁତ୍ର ।

**ଉଷିତ**, ବିଂ. (ଉଷ୍-ତ) ପର୍ଯ୍ୟୁଷିତ, ବାସୀ, ଦଗ୍ଧ, (ବସ୍-ତ) ଉଷିତ, ସ୍ଥିତ, ନିବସ୍ଥ ।

**ଉଷୁନା**, ବିଂ. (ଉଷ୍ମନ୍ ଶବ୍ଦଜ) ସିଦ୍ଧ, ( ଚାଉଳ ପକ୍ଷରେ ପ୍ରଯୁକ୍ତ ହୁଏ )

**ଉଷୁମ**, ବିଂ. ( ଉଷ୍ମନ୍ ଶବ୍ଦଜ ) ଉଷ୍ଣ, ଗରମ । ଯଥା—

ଉଷୁମ କୁସୁମଦାମୀ ଅଙ୍ଗ, ଜାତ ଶୀତକୁ ବାରଇ ।

**ଉଷେଶ**, ବ. ପୁଂ. (ଉଷା-ଈଶ) ଅନିରୁଦ୍ଧ ।

**ଉଷ୍ଟ୍ର**, ବ. ପୁଂ. ( ଉଷ୍-ଟ୍ର ) ଓଟ ବା ଓଁଟ, ଚତୁଷ୍ପଦ ଜନ୍ତୁବିଶେଷ ।

**ଉଷ୍ଟ୍ରଗ୍ରୀବ**, ବ. ପୁଂ. ( ଉଷ୍ଟ୍ର-ଗ୍ରୀବା ) ଭଗନ୍ଦର ରୋଗ ।

**ଉଷ୍ଣ**, ବ. ପୁଂ. (ଉଷ୍-ଣ) ଗ୍ରୀଷ୍ମକାଳ, ରୌଦ୍ର, ପଳାଣ୍ଡୁ । ବିଂ. ଗରମ, ଉତ୍ତପ୍ତ, ତୀବ୍ର, ଅନଳସ, ତପ୍ତ । ଷ୍ଣା, ସ୍ତ୍ରୀ, ଯକ୍ଷ୍ମାରୋଗ, ସନ୍ତାପ, ଚିନ୍ତା ।

**ଉଷ୍ଣକ**, ବିଂ. (ଉଷ୍ଣ-କ) ଅନଳସ, କ୍ଷିପ୍ରକାରୀ । ବ. ପୁଂ. ଜ୍ୱର ।

**ଉଷ୍ଣକଟିବନ୍ଧ**, (Torrid-Zone) କର୍କଟକ୍ରାନ୍ତି ଓ ମକରକ୍ରାନ୍ତିର ଅନ୍ତର୍ବର୍ତ୍ତୀ ଭୂଭାଗ ।

**ଉଷ୍ଣନଦୀ**, ବ. ସ୍ତ୍ରୀ. ( ଉଷ୍ଣ-ନଦୀ ) ବୈତରଣୀ ନଦୀ ।

**ଉଷ୍ଣରଶ୍ମି**, } **ଉଷ୍ଣାଂଶୁ** } ବ. ପୁଂ. (ଉଷ୍ଣ ରଶ୍ମି, ଅଂଶୁ) ସୂର୍ଯ୍ୟ, ଯାହାର କିରଣ ଉଷ୍ଣ, ଅର୍କବୃକ୍ଷ ।

**ଉଷ୍ଣବାରଣ**, ବ. ପୁଂ. ନ. ( ଉଷ୍ଣ ବାରଣ ) ଆତପତ୍ର, ଛତ୍ର, ଛତା ।

**ଉଷ୍ଣଶାର୍ଯ୍ୟ**, ବ. ପୁଂ. ( ଉଷ୍ଣ-ଶାର୍ଯ୍ୟ ) ଶିଶୁମାର, ଜଳଜନ୍ତୁବିଶେଷ ।

**ଉଷ୍ଣୀଷ**, ବ. ନ. ପୁଂ. ( ଉଷ୍ଣ-ଈଷ ) ପଗଡ଼ି, ଶିରୋବନ୍ଧନ, ଟୋକା, ପାଗ, କିରୀଟ, ମୁକୁଟ । ଯଥା—

ଖସିପାଉଛି କି ଯୋଦ୍ଧା ମସ୍ତକରୁ ଉଷ୍ଣୀଷ ଏମନ୍ତ ଦଂଶ ରେ ।
ସା. ନ.

**ଉଷ୍ଣୋପଗମ**, ବ. ପୁଂ. (ଉଷ୍ଣ-ଉପଗମ) ଗ୍ରୀଷ୍ମକାଳ ।

**ଉଷ୍ମ** } **ଉଷ୍ମା** } ବ. ପୁଂ. (ଉଷ୍-ମ, ମନ୍) ଉତ୍ତାପ, ଗ୍ରୀଷ୍ମକାଳ ।

**ଉଷ୍ମବର୍ଣ୍ଣ**, ବ. ଶ, ଷ, ସ ଓ ହ ଏହି ବର୍ଣ୍ଣ-ଚତୁଷ୍ଟୟ ।

**ଉସତ**, ବିଂ. ( ଉଲ୍ଲସିତ ଶବ୍ଦଜ ) ଆନନ୍ଦିତ, ଯଥା—

ତାହା ଦେଖି ହେଉଥାଉଁ ଉସତ,
ମତ୍ତ ଗରବେ ହେଉଥାଉଁ ମତ୍ତ ଗୋ-ଗ୍ରୀ-

**ଉସୁମୁଳିଆ**, ବିଂ. ( ଦେଶଜ ) ଉଷ୍ଣତାମିଶ୍ରିତ, ପର୍ଯ୍ୟୁଷିତଗନ୍ଧଯୁକ୍ତ ।

**ଉସ୍ର**, ବ. ପୁଂ. ( ବସ୍-ର) ବୃଷ, ଷଣ୍ଢ, କିରଣ, ଆଲୋକ ।

**ଉସ୍ରା**, ବ. ସ୍ତ୍ରୀ. (ବସ୍-ର-ଆ) ଧେନୁ, ଗାଈ, ଲତାବିଶେଷ ।

**ଉସ୍ୱାସ**, ବିଂ. (ଦେଶଜ) ଲଘୁ, ହାଲୁକା । ଯଥା—

କଲେ ଇଚ୍ଛା ମନେ ହେବା କଂସଅନ୍ତକ,
କରିବା ଉସ୍ୱାସ ମହୀଭାର ଅନେକ । ର. କ.

**ଉସ୍କେଇବା**, କ୍ରି. ବ. ( ଦେଶଜ ) ତେଜିବା, ଉତ୍ତେଜିତ କରିବା, ଉତ୍ସାହିତ କରିବା ।

**ଉହା**, ବ. ( ଦେଶଜ ) ନାସାରୋଗବିଶେଷ, ଲୌହଦ୍ରବ୍ୟଘର୍ଷଣାର୍ଥ ଇସ୍ପାତନିର୍ମିତ ଯନ୍ତ୍ରବିଶେଷ, କୁମ୍ଭାର ଚୁଲ୍ଲି ।

**ଉହାଡ଼**, ବ. ( ଦେଶଜ ) ଆବରଣ, ଅନ୍ତରାଳ । ଯଥା—

ଓଢ଼ଣା ଉହାଡ଼ ମାରଇ ତହିଁ ନେତ୍ରାନ୍ତ ବାଣ ।

**ଉହାଡ଼ିବା**, କ୍ରି. ( ଦେଶଜ ) ଅବୃତ କରିବା, ଘୋଡ଼ାଇବା ।

ଊହବା } କ୍ରି. (ଊହ ଧାତୁଜ) ତର୍କକରିବା,
ଉହବା । } ଅନୁମାନ କରିବା । ଯଥା—

ଊହନ୍ତ ଏହାନ୍ତି ବୋଲି କୃପାକଳ୍ପବଲ୍ଲୀରେ । ବ୍ର. ଚି. ଚି.

ଊହୁଁ, ଅଂ (ଦେଶଜ) ନିଷେଧସୂଚକ ବାକ୍ୟ, ଯଥା—

ଊହୁଁ, ଊହୁଁ କଲେ ଛଳେ ତାହାଙ୍କ କର୍ଣ୍ଣପୂରେକେ
ଆନ୍ଦୋଳନରେ ହେଉ ପାରୁ ନାହିଁ । ଚ. ଚି.

ଊହୁଙ୍କିବା, କ୍ରି. (ଦେଶଜ) ଉପରକୁ ଡେଇଁବା ।

ଊହ୍ୟମାନ, ବିଂ. (ବହ୍-ଆନ, ଯ, ମ ଆଗମ) ଆକୃଷ୍ୟମାଣ, ଯାହା ବହନ କରାଯାଇ ପାରେ, ନୀୟମାନ ।

---

# ଋ

ଋ, ଷଷ୍ଠ ସ୍ୱରବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ ଓଷ୍ଠ । ବି. ପୁଂ. ଶିବ, ଚନ୍ଦ୍ର । ବିଂ. ରକ୍ଷକ । ଅଂ- ଶୋକଦୁଃଖାଦିସୂଚକ ସମ୍ବୋଧନ, ବାକ୍ୟାରମ୍ଭ, ରକ୍ଷା, ଦୟା ।

ଊଢ଼, ବିଂ. (ବହ୍-ତ) ବିବାହିତ, ବହନୀୟ, ଧୃତ, ଅଙ୍ଗୀକୃତ ।

ଊଣା, ବିଂ. (ଊନ ଶବ୍ଦଜ) ଅଳ୍ପ, କମ୍ । ଯଥା—

କରୁଣା ଊଣା ଜଣା ଗଲ୍ଭ ରେ ନବ ଛଇଳା । ସଙ୍ଗୀତ ।

ଊଣେଇଶ } ବିଂ. (ଊନବିଂଶ ଶବ୍ଦଜ) ସଂଖ୍ୟା-
ଊଣାଇଶ } ବିଶେଷ, ୧୯ ସଂଖ୍ୟା ।

ଊତ, ବିଂ. (ବେ-ତ ସ୍ୟୂତ, ବୁଣା ।

ଊଧଃ, ବି.ନ. (ବହ୍-ଅସ୍, ବହ୍ = ଊଧ) ପଶୁ-ସ୍ତନ, ପଣ୍ଡା ।

ଊଧସ୍ୟ, ବି ନ. (ଊଧସ୍-ଯ) ଦୁଗ୍ଧ ।

ଊନ, ବିଂ. ଊନ୍-ଅ) ନ୍ୟୂନ, ହୀନ, କମ୍, ଅଳ୍ପ ।

ଊନବିଂଶତି, ବିଂ. ସ୍ତ୍ରୀ. (ଊନ-ବିଂଶତି) ଊଣେଇଶ ।

ଊର୍ଜ୍ଜ, ବି. (ଊର୍ଜ୍-ଅଚ୍) ଗର୍ବ, ଇଚ୍ଛା, ପ୍ରଶ୍ନ, କ୍ରୋଧ ।

ଊରୁ, ବି.ପୁଂ. (ଊର୍ଣ୍ଣୁ-ଉ) ଜାନୁର ଉପରଭାଗ ।

ଊରୁଜ, ବି.ପୁଂ. (ଊରୁ-ଜ) ବୈଶ୍ୟ ।

ଊରୁପର୍ବା, ବି.ପୁଂ. ନ. (ଊର୍-ପର୍ବନ୍) ଜାନୁ, ଆଣ୍ଠୁ ।

ଊରୁସ୍ତମ୍ଭା, ବି. ସ୍ତ୍ରୀ. (ଊରୁ-ସ୍ତମ୍ଭା) କଦଳୀବୃକ୍ଷ ।

ଊର୍ଜ୍ଜ, ବି. ପୁଂ. (ଊର୍ଜ୍-ଅ) କାର୍ତ୍ତିକ ମାସ, ସାମର୍ଥ୍ୟ, ଯତ୍ନ, ଉତ୍ସାହ ।

ଊର୍ଜ୍ଜଃ, ବି. ନ. (ଊର୍ଜ୍ଜ-ଅସ୍) ବଳ, ଉତ୍ସାହ, ତେଜଃ ।

ଊର୍ଜ୍ଜସ୍ୱଳ, } ବିଂ. (ଊର୍ଜ୍ଜସ୍-ବଳ, ବିନ୍) ବଳବାନ୍,
ଊର୍ଜ୍ଜସ୍ୱୀ } ତେଜସ୍ୱୀ । ବି. ନ. କାବ୍ୟାଳଙ୍କାର-ବିଶେଷ । ଯଥା—

ଭଲତା କି ପରିଣତ ହେବ ଅବଶେଷେ
ଊର୍ଜ୍ଜସ୍ୱଳ ଆର୍ଯ୍ୟଙ୍କର ଚିରବନ୍ଧୁ ଶାନ୍ତେ । ମ. ଯା.

ଊର୍ଜ୍ଜିତ, ବି.ପୁଂ. (ଊର୍ଜ୍ଜ୍-ତ) ବିଖ୍ୟାତ, ତେଜସ୍ୱୀ, ଉଦାର ।

ଊର୍ଣ୍ଣନାଭ, ବିଂ. (ଊର୍ଣ୍ଣନାଭ ଦେଖ) ମାକଡ଼ସା, ବୁଢ଼ିଆଣୀ ।

ଊର୍ଣ୍ଣବନ, ବିଂ. (ଊର୍ଣ୍ଣ-ବନର୍) ଊର୍ଣ୍ଣଯୁକ୍ତ, ମେଷଲୋମନିର୍ମିତ ।

ଊର୍ଣ୍ଣା, ବି. ସ୍ତ୍ରୀ, (ଊର୍ଣ୍ଣା ଦେଖ) ପଶମ ।

ଊର୍ଣ୍ଣାୟୁ, ବି. ପୁଂ. (ଊର୍ଣ୍ଣା-ଯୁ) ମେଷ ଲୋମର ଆସନ, କମ୍ବଳ, ମେଷ, ମାକଡ଼ସା, ଗନ୍ଧର୍ବ-ବିଶେଷ ।

ଊର୍ଦ୍ଧ୍ୱ, ବିଂ. (ଉଦ୍-ହ୍ୱା-ବ) ଉଚ୍ଚ, ଉନ୍ନତ, ଉପରସ୍ଥ, ତ୍ୟକ୍ତ । ବି. ନ. ଉଚ୍ଚତା, ଊର୍ଦ୍ଧ୍ୱ-ଦେଶ ।

ଊର୍ଦ୍ଧ୍ୱକ, ବି. ପୁଂ. (ଊର୍ଦ୍ଧ୍ୱ-କ) ମୃଦଙ୍ଗ-ବିଶେଷ ।

ଊର୍ଦ୍ଧ୍ୱକର୍ଣ୍ଣୀ, ବି. ସ୍ତ୍ରୀ. (ଊର୍ଦ୍ଧ୍ୱ-କର୍ଣ୍ଣୀ) ମହା-ଶତାବରୀ ଲତା ।

ଊର୍ଦ୍ଧ୍ୱକେଶ, ବି. ପୁଂ. (ଊର୍ଦ୍ଧ୍ୱ-କେଶ) ବ୍ରହ୍ମା ।

ଊର୍ଦ୍ଧ୍ୱଗ, ବିଂ. (ଊର୍ଦ୍ଧ୍ୱ-ଗମ୍-ଅ) ଊର୍ଦ୍ଧ୍ୱଗାମୀ ।

ଊର୍ଦ୍ଧ୍ୱଗପୁର, ବି. ପୁଂ. (ଊର୍ଦ୍ଧ୍ୱଗ-ପୁର ପୁରନାଶକ ଅସୁରର ପୁର, ରାଜା ହରିଶ୍ଚନ୍ଦ୍ରଙ୍କ ପୁର ।

ଊର୍ଦ୍ଧ୍ୱଗାମୀ, ବିଂ. ( ଊର୍ଦ୍ଧ୍ୱ-ଗମ୍-ଇନ୍ ) ଯେ ଊର୍ଦ୍ଧ୍ୱକୁ ଗମନ କରେ ।

ଊର୍ଦ୍ଧ୍ୱଛନ, ବିଂ. (ଊର୍ଦ୍ଧ୍ୱ-ଛନ) ଉପରସ୍ଥ ।

ଊର୍ଦ୍ଧ୍ୱପୁଣ୍ଡ୍ର, ବି. ପୁଂ. (ଊର୍ଦ୍ଧ୍ୱ-ପୁଣ୍ଡ୍ର) ଚନ୍ଦନାଦି ଦ୍ୱାରା କପାଳରେ କୃତ ଊର୍ଦ୍ଧ୍ୱମୁଖ ସରଳ ରେଖା ।

ଊର୍ଦ୍ଧ୍ୱରେତାଃ, ବି. ପୁଂ. (ଊର୍ଦ୍ଧ୍ୱ-ରେତସ୍) ଶିବ, ମୁନିବିଶେଷ, ଭୀଷ୍ମ, ଶୁକ୍ରସଂଯମକାରୀ, ଯୋଗୀ ।

ଯଥା—

ଲଭାକୁ ଏବେ ପବନ ଜାତ ହେଲା,
ଗର୍ହି କର୍ଣ୍ଣବେ ଊର୍ଦ୍ଧ୍ୱରେତା । ପ୍ରେ· ମା·

ଊର୍ଦ୍ଧ୍ୱଲିଙ୍ଗ, ବି. ପୁଂ. ( ଊର୍ଦ୍ଧ୍ୱ-ଲିଙ୍ଗ ) ଶିବ, ମହାଦେବ ।

ଊର୍ଦ୍ଧ୍ୱଲୋକ, ବି. ପୁଂ. ( ଊର୍ଦ୍ଧ୍ୱ-ଲୋକ ) ସ୍ୱର୍ଗ ।

ଯଥା—

ଊର୍ଦ୍ଧ୍ୱରେଖାମୋହିନୀ ମନ ମୋହୁଛି,
ଊର୍ଦ୍ଧ୍ୱଲୋକରେ ତାହା ସମ କାହିଁଛି । ବ. ଚ.

ଊର୍ଦ୍ଧ୍ୱବାହୁ, ବି. ପୁଂ. ( ଊର୍ଦ୍ଧ୍ୱ-ବାହୁ ) ଶୈବବିଶେଷ, ଏମାନେ ଉପରକୁ ଏକ ବା ଦୁଇ ବାହୁ ଟେକିଥାନ୍ତି ।

ଊର୍ଦ୍ଧ୍ୱଶାୟୀ, ବିଂ. ( ଊର୍ଦ୍ଧ୍ୱ-ଶୀ-ଇନ୍ ) ଯେ ଊର୍ଦ୍ଧ୍ୱରେ ଶୟନ କରେ, ବାଳକ । ବି. ପୁ. ମହାଦେବ ।

ଊର୍ଦ୍ଧ୍ୱଶ୍ୱାସ, ବି. ପୁଂ. ( ଊର୍ଦ୍ଧ୍ୱ-ଶ୍ୱାସ ) ଦୀର୍ଘଶ୍ୱାସ ।

ଊର୍ମି, ବି. ପୁଂ. ସ୍ତ୍ରୀ. ( ଋ=ଗମନ କରିବା-ମି ) ତରଙ୍ଗ, ଲହରୀ, ଅଙ୍ଗୁରୀୟ, ଭ୍ରମ, ବେଗ, ଉତ୍କଣ୍ଠା, ପୀଡ଼ା, ସଙ୍ଗ, ପ୍ରକାଶ, ଭ୍ରାନ୍ତି, ଅଶ୍ୱ, ଗତିବିଶେଷ, ବସ୍ତ୍ର ଉପରେ ଚୂନଟ୍ କାର୍ଯ୍ୟ । (ତରଙ୍ଗ ଅର୍ଥରେ) ଯଥା —

ନ ଛୁଟିଲା ଭବ-ଊର୍ମି ତତ୍ତ୍ୱରେ ଯେସନ ।

ଊର୍ମିକା, ବି. ସ୍ତ୍ରୀ. (ଊର୍ମି-କ-ଆ) ତରଙ୍ଗ, ଅଙ୍ଗୁରୀୟ, ଭ୍ରମର ଧ୍ୱନି, ବସ୍ତ୍ରର କୁଞ୍ଚ ।

ଊର୍ମିମାଳୀ, ବି. ପୁଂ. (ଊର୍ମିମାଳା-ଇନ୍ ) ସମୁଦ୍ର, ସାଗର ।

ଊର୍ମିଳା, ବି. ସ୍ତ୍ରୀ. (ଋ-ମିଲ-ଅ) ଲକ୍ଷ୍ମଣଙ୍କ ସ୍ତ୍ରୀ ।

ଊର୍ବରା, ବିଂ. (ଉର୍ବରା ଦେଖ. ଯେଉଁ ଭୂମିରେ ନାନାବିଧ ଶସ୍ୟ ଜନ୍ମେ ।

ଊର୍ବଷ୍ଠୀବ, ବି. ନ. (ଊରୁ-ଅଷ୍ଠୀବତ୍) ଊରୁ ଓ ଜାନୁ ।

ଊଷର, ବିଂ. (ଊଷ-ର) କ୍ଷାରଭୂମି ।

ଊହ, ବି. ପୁଂ. (ଊହ୍-ଅ) ତର୍କ, ଅନୁମାନ, ଅଧ୍ୟାହାର ।

ଊହନୀ, ବି ସ୍ତ୍ରୀ. (ବହ୍-ଅନ୍-ଈ) ସମ୍ମାର୍ଜନୀ, ଝାଡ଼ୁ ।

ଊହିତ, ବିଂ. ( ଊହ୍-ତ ) ତର୍କିତ, ଅନୁମିତ, ସମ୍ଭାବିତ, ଅଧ୍ୟାହୃତ ।

ଊହ୍ୟ, ବିଂ. (ଊହ୍-ଯ) ଅଧ୍ୟାହାର୍ଯ୍ୟ, ତର୍କଣୀୟ, ଅନୁମେୟ ।

## ଋ

ଋ, ସପ୍ତମ ସ୍ୱରବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ ମୂର୍ଦ୍ଧା । ବି. ପୁଂ. ଅଦିତି, ଦେବମାତା । ଅଂ. ହାସ୍ୟ, ପରିହାସ, ନିନ୍ଦା, ବାକ୍ୟ, ପ୍ରାପ୍ତି ।

ଋକ୍, ବି. ସ୍ତ୍ରୀ. (ଋଚ୍-୦) ତୃତୀୟ ବେଦ, ବେଦମନ୍ତ୍ର, ଗାୟତ୍ରୀ ।

ଋକ୍ଥ, ବି. ନ. (ଋଚ୍-ଥ) ଦାୟ, ଧନ, ସ୍ଥାବର ଓ ଅସ୍ଥାବର ସମ୍ପତ୍ତି, ସ୍ୱର୍ଣ୍ଣ ।

ଋକ୍ଷ, ବି. ପୁଂ. (ଋଷ୍-ଅ) ଭଲ୍ଲୁକ, ଋକ୍ଷବାନ୍ ପର୍ବତ । ପୁଂ. ନ. ନକ୍ଷତ୍ର, ମେଷାଦି ରାଶି ।

ଯଥା —

ଋକ୍ଷପତି ମାନ, ଆଗ କରି ସେ ଗଲେ ଦେହଲ ଦାନ ।
ଲ. ବ.

ବିଂ. ବିଦ୍ଧ ।

ଋକ୍ଷଗନ୍ଧା, ବି. ସ୍ତ୍ରୀ. (ଋକ୍ଷ-ଗନ୍ଧ-ଆ) ବାରତାଡ଼ିକ ବୃକ୍ଷ ।

ଋକ୍ଷବନ୍ତ, ବି. ପୁଂ. ( ଋକ୍ଷ-ବନ୍ତ ) ଶମ୍ବରାସୁରର ନଗରବିଶେଷ ।

ଋକ୍ଷବାନ୍, ବ. ପୁଂ. ( ଋକ୍ଷ-ବତ୍ ) ଗଣ୍ଡୋୟାନା ଦେଶସ୍ଥିତ ପର୍ବତର ପ୍ରାଚୀନ ନାମ, ଏହି ପର୍ବତରୁ ତାପ୍ତୀ ଓ ନର୍ମଦା ନଦୀ ଉତ୍ପନ୍ନ ହୋଇଅଛି ।

ଋକ୍ଷର, ବ. ନ. ( ଋକ୍-ସର ) ବାରିଧାରା । ପୁଂ. ଋତ୍ୱିକ୍ ।

ଋକ୍ଷରାଜ, ବ. ପୁଂ. ( ଋକ୍ଷ-ରାଜନ୍ ) ଚନ୍ଦ୍ର, ଜାମ୍ବୁବାନ୍ ।

ଋକ୍ଷେଶ, ବ. ପୁଂ. (ଋକ୍ଷ-ଈଶ) ଚନ୍ଦ୍ର, ଜାମ୍ବୁବାନ୍ ।

ଋକ୍ସଂହିତା, ବ. ସ୍ତ୍ରୀ. ଋଗ୍ବେଦସଂହିତା ।

ଋଚୀକ, ବ. ପୁଂ. ସୂର୍ଯ୍ୟ,ଭୃଗୁବଂଶୀୟ ଋଷିବିଶେଷ, ଔର୍ବଙ୍କ ପୁତ୍ର, ଏ ଗାଧିତନୟା ସତ୍ୟବତୀଙ୍କୁ ବିବାହ କରିଥିଲେ ।

ଋଜ୍ଜରା, ବ. ସ୍ତ୍ରୀ. (ଋଜ୍ଜ-ଅର-ଆ) ବେଶ୍ୟା ।

ଋଜୀକ, ବ. ପୁଂ. (ଋଜ୍-ଈକ) ଇନ୍ଦ୍ର, ଧୂର୍ମ ।

ଋଜୁ, ବଂ. (ଋଜ୍-ଉ) ସରଳ, ଅକୁଟିଳ, ସହଜ, କଠିଣ ନୁହେ, ଅକପଟ, ଶୁଦ୍ଧହୃଦୟ ।

ଋଜୁକାୟ, ବ. ପୁଂ. (ଋଜୁ-କାୟ) କଶ୍ୟପମୁନି । ବଂ. ଅବକ୍ରଶରୀର ।

ଋଜୁତା, ବ. ସ୍ତ୍ରୀ. ( ଋଜୁ-ତା ) ସରଳତା, ଅକାଠିନ୍ୟ ।

ଋଜୁରେଖା, ବ. ସ୍ତ୍ରୀ. ସରଳ ରେଖା ।

ଋଜୁରୋହିତ, ବ. ନ. (ଋଜୁ-ରୋହିତ) ସରଳ ଇନ୍ଦ୍ରଧନୁ ।

ଋଜ୍ୱୀ, ବ. ସ୍ତ୍ରୀ. ( ଋଜୁ-ଈ ) ଗ୍ରହମାନଙ୍କର ଗତିବିଶେଷ ।

ଋଣ, ବ. ପୁଂ. ନ. ( ଋ-ନ ) କର୍ଜ, ଜଳ, ଦୁର୍ଗ, ଅଥବା ଚିହ୍ନ "—" ।

ଋଣଗ୍ରସ୍ତ, ବଂ. ( ଋଣ-ଗ୍ରସ୍ତ ) ଋଣମଗ୍ନ, ଅଧମର୍ଣ୍ଣ, ଯେ ଅନେକ ଋଣ କରିଅଛି ।

ଋଣଦାୟକ, ବଂ ( ଋଣ-ଦାୟକ ) ଉତ୍ତମର୍ଣ୍ଣ, ଋଣ[illegible], ମହାଜନ ।

ଋଣଲେଖ୍ୟ, ବ. ନ. (ଋଣ-ଲେଖ୍ୟ) ଋଣଗ୍ରହଣସୂଚକ ବ୍ୟବହାରୋପଯୋଗୀ ପତ୍ର, ତମସୁକ ।

ଋଣୀ, ବଂ. ( ଋଣ-ଇନ୍ ) ଅଧମର୍ଣ୍ଣ, ଋଣଗ୍ରସ୍ତ, ଖାତକ ।

ଋତ, ବ. ନ. (ଋ-ତ) ସତ୍ୟ, ଜଳ, ପରଂବ୍ରହ୍ମ । ବଂ. ଦୀପ୍ତ, ପୂଜିତ, ଯଥାର୍ଥ, ପୀଡିତ, ଗତ । ବ. ପୁଂ. ଧର୍ମପୁତ୍ର, ଦକ୍ଷକନ୍ୟାଗର୍ଭଜାତ ଦେବବିଶେଷ ।

ଋତଧାମ, ବ. ପୁଂ. ( ଋତ-ଧାମନ ) ଯାହାର ବାସସ୍ଥାନ ଦୀପ୍ତିମୟ, ବିଷ୍ଣୁ, ପରମେଶ୍ୱର, ତ୍ରୟୋଦଶ ମନ୍ୱନ୍ତରର ମନୁ ।

ଋତଧ୍ୱଜ, ବ. ପୁଂ ଶତ୍ରୁଜିତଙ୍କ ପୁତ୍ର, ଏକାଦଶ ରୁଦ୍ରଙ୍କ ମଧ୍ୟରେ ଏକ ଜଣ ।

ଋତବର୍ଣ୍ଣ, ବ. ପୁଂ. ସୂର୍ଯ୍ୟବଂଶୀୟ ରାଜାବିଶେଷ, ଅୟୁତାଶ୍ୱଙ୍କ ପୁତ୍ର ।

ଋତସଦ୍, ବ. ପୁଂ. (ଋତ-ସଦ୍-୦) ଅଗ୍ନି । ବଂ. ଯଜ୍ଞାଧିଷ୍ଠାତା ।

ଋତସଦନ, ବ. ନ. ( ଋତ-ସଦ୍-ଅନ ) ଯଜ୍ଞୀୟ ଉପବେଶନ ସ୍ଥାନ ।

ଋତସ୍ପତି, ବ. ପୁଂ. (ଋତ-ପତି) ଯଜ୍ଞପତି, ଯଜ୍ଞକର୍ତ୍ତା ।

ଋତି, ବ. ସ୍ତ୍ରୀ. (ଋ-ତି) ସୌଭାଗ୍ୟ, ପଥ, ଗତି, ଗମନ, ନିନ୍ଦା, ସ୍ପର୍ଦ୍ଧା, ବର୍ଦ୍ଧନ, ଘୃଣା ।

ଋତିସ୍କର, ବଂ. (ଋତି-କୃ-ଅ) ଶୁଭଜନକ ।

ଋତୁ, ବ. ପୁଂ. (ଋ-ତୁ) ହିମ, ଶିଶିର, ବସନ୍ତ, ଗ୍ରୀଷ୍ମ, ବର୍ଷା, ଶରତ୍ ଏହି ଛ କାଳ, ସ୍ତ୍ରୀରଜଃ, ଦୀପ୍ତି ।

ଋତୁକାଲ, ବ. ପୁଂ. (ଋତୁ-କାଲ) ନାରୀଜାତିର ପୁଷ୍ପଦର୍ଶନର ଯୋଗ୍ୟ ସମୟ ।

ଋତୁପତି, ବ. ପୁଂ. (ଋତୁ-ପତି) ବସନ୍ତ ସମୟ ।

ଋତୁମତୀ, ବଂ. ( ଋତୁ-ମତ୍-ଈ ) ରଜସ୍ୱଳା, ପୁଷ୍ପବତୀ ।

ଋତୁରାଜ, ବ. ପୁଂ. (ଋତୁ-ରାଜା) ବସନ୍ତକାଳ ।

ଋତୁସଂହାର, ବ. ପୁଂ. (ଋତୁ-ସଂ-ହୃ-ଅ) କାଳିଦାସପ୍ରଣୀତ କାବ୍ୟବିଶେଷ ।

ଋଭୁସ୍ତୋମ, ବି. ପୁଂ. ଏକାହସାଧ୍ୟ ଯଜ୍ଞବିଶେଷ ।

ଋଭୁସ୍ନାତା, ବି. ସ୍ତ୍ରୀ. ( ଋତୁ-ସ୍ନାତା ) ଯେ ନାରୀ ଋତୁକାଳର ଚତୁର୍ଥ ଦିନରେ ସ୍ନାନ କରିଥାଏ ।

ଋତୁସ୍ନାନ, ବି. ନ. ରଜସ୍ୱଳା ସ୍ତ୍ରୀର ଚତୁର୍ଥ ଦିବସରେ ସ୍ନାନ କରି ଶୁଚି ହେବା ।

ଋତେ, ଅଂ. (ଋତ୍-ଏ) ବ୍ୟତିରେକେ ବିନା ।

ଋତ୍ୱିକ୍, ବି. ପୁଂ. ( ଋତୁ-ଯଜ୍-ିଂ ) ଋତୁଯାଜୀ, ଋତୁଯାଜକ,ଯଜ୍ଞରେ ମୁଖ୍ୟ ପୁରୋହିତ ଚାରି ଜଣ - ହୋତା,ଅଧ୍ୱର୍ଯ୍ୟୁ,ବ୍ରହ୍ମା ଓ ଉଦ୍ଗାତା ।

ଋଦ୍ଧ, ବିଂ. (ଋଧ୍-ତ ) ସମ୍ପନ୍ନ, ପ୍ରଚୁର, ସମ୍ପନ୍ନ, ସମୃଦ୍ଧିଯୁକ୍ତ । ବି.ନ. ପକ୍ୱ ମର୍ଦ୍ଦିତ ଧାନ୍ୟ, ସିଦ୍ଧାନ୍ତ । ପୁଂ. ବିଷ୍ଣୁ ।

ଋଦ୍ଧି, ବି ସ୍ତ୍ରୀ. (ଋଧ୍-ତି)ସମୃଦ୍ଧି,ସମ୍ପତ୍ତି ମାତୃକା-ବିଶେଷ, ଲକ୍ଷ୍ମୀ, ପାର୍ବତୀ, ସିଦ୍ଧି, ଭାର୍ଗୀ ।

ଋଭବ, ବି.ପୁଂ. (ଋଭୁ-ଅ) ଦେବପୁତ୍ର । ଯଥା—

ଋଭବ ସେ କି ମନୁଷ୍ୟ କେଉଁ ଦେଶୀ,
ଜନମ କେଉଁ ରାଜକୁଳେ ।

ଋଭୁ,ବି. ପୁଂ. ( ଋଭୂ-ଉ ) ଦେବତା, ମୁନି-ବିଶେଷ । ବିଂ. ମେଧାବୀ ।

ଋଭୁକ୍ଷ,ବି. ପୁଂ. (ଋଭୁ-କ୍ଷି-ଅ) ଇନ୍ଦ୍ର,ସ୍ୱର୍ଗ, ବଜ୍ର ।

ଋଭୁକ୍ଷୀ, ବି. ପୁଂ. (ଋଭୁକ୍ଷ = ସ୍ୱର୍ଗ ବା ବଜ୍ର-ଇନ୍) ଦେବରାଜ, ଇନ୍ଦ୍ର ।

ଋଷଭ, ବି. ପୁଂ. (ଋଷ୍-ଅଭ) ବୃଷ, ମୁନିବିଶେଷ, ରାଶିବିଶେଷ, କୌଣସି ଶବ୍ଦର ପରେ ଥିଲେ "ଶ୍ରେଷ୍ଠ" ଏହି ଅର୍ଥ ବୁଝାଏ । ଯଥା— ଦେବର୍ଷଭ,ଋଷଭ ନାମକ ପର୍ବତ, ଔଷଧ-ବିଶେଷ, କର୍ଣ୍ଣକୁହର, କୁମ୍ଭୀରପୁଚ୍ଛ । ସ୍ତ୍ରୀ. ସ୍ତ୍ରୀ. ଶୃଙ୍ଖଳା ସ୍ତ୍ରୀ, ବିଧବା ।

ଋଷଭକୂଟ, ବି. ପୁଂ. ହେମକୂଟ ପର୍ବତ ।

ଋଷଭଦ୍ୱୀପ, ବି. ପୁଂ. ଶ୍ୱେତଦ୍ୱୀପ, ଏହି ଦ୍ୱୀପରେ କୌଞ୍ଚ ନାମକ ପର୍ବତ ଅଛି, କାର୍ତ୍ତିକେୟ ଏହି ପର୍ବତକୁ ବିଦାରଣ କରିଥିଲେ ।

ଋଷଭଧ୍ୱଜ, ବି. ପୁଂ. (ଋଷଭ-ଧ୍ୱଜା) ଶିବ, ବୃଷଭ-ବାହନ ।

ଋଷି,ବି. ପୁଂ. (ଋଷ୍-ଇ) ଶାସ୍ତ୍ରପ୍ରଣେତା, ଗାଥିକ, ମନ୍ତ୍ରଦ୍ରଷ୍ଟା, ବେଦାଂଶବିଶେଷ, ମୁନି, ସଂସାରତ୍ୟାଗୀ । ଯଥା—

ପଲ୍ୟଙ୍କ ଅଙ୍କରୁ ଉଠୁଥି ଝଲକି ଏମନ୍ତ ଚତୁରଙ୍ଗଜନ,
ଋଷି ଇଚ୍ଛିବେ ସଂସାର କରିବାକୁ ଯୋଗେ ହେଲେ ନୈନ୍ଦପତନ ।
ଭାଳିବେ, ସେ ଚତୁର କାମକଳତୁଳା । ଲା· ବ·

ଋଷିକୁଲ୍ୟା, ବି. ସ୍ତ୍ରୀ. (ଋଷି-କୁଲ୍ୟା) ଋଷିମାନଙ୍କ କୃତ୍ରିମ ନଦୀ,କୃତ୍ରିମ ସରୋବର, ନଦୀବିଶେଷ, ଏ ନଦୀ ମହେନ୍ଦ୍ର ପର୍ବତରୁ ଉତ୍ପନ୍ନ ହୋଇ ଗଞ୍ଜାମ ନିକଟରେ ସମୁଦ୍ରରେ ପତିତ ହୋଇ-ଅଛି ।

ଋଷିପ୍ରୋକ୍ତା, ବି.ସ୍ତ୍ରୀ. ( ଋଷି-ପ୍ରୋକ୍ତା ) ମାଷପର୍ଣ୍ଣୀ ବୃକ୍ଷ ।

ଋଷିଲୋକ,ବି. ପୁଂ. (ଋଷି-ଲୋକ) ଋଷିମାନଙ୍କର ଭୋଗ୍ୟ ଲୋକ, ଏହି ଲୋକ ଶନିଲୋକର ଉପରେ ଏବଂ ଧ୍ରୁବଲୋକର ନିମ୍ନରେ ଅବସ୍ଥିତ ।

ଋଷ୍ଟି, ବି ପୁଂ. (ଋଷ୍-ତି) ଅଶୁଭ, ଶ୍ୱେତବିନ୍ଦୁ-ଚିହ୍ନିତ ହରିଣ । ବିଂ. ଅଶୁଭଦାୟକ ।

ଋଷ୍ଟି, ବି. ସ୍ତ୍ରୀ. (ଋଷ୍-ତି) ଗ୍ରହଦୋଷ, ଅଶୁଭ, ଦ୍ୱିଧାର ଖଡ୍ଗ ।

ଋଷ୍ୟ, ବି. ପୁଂ. ( ଋଷ୍-ଯ ) ଶ୍ୱେତବିନ୍ଦୁଚିହ୍ନିତ ହରିଣ ।

ଋଷ୍ୟମୂକ, ବି. ପୁଂ. (ଋଷ୍ୟ-ମୂକ) ଦକ୍ଷିଣଦେଶୀୟ ପର୍ବତ, ଯେଉଁଠାରେ ରାମଚନ୍ଦ୍ର ସୁଗ୍ରୀବଙ୍କ ସହିତ କିଛିକାଳ ବାସ କରିଥିଲେ ।

ଋଷ୍ୟଶୃଙ୍ଗ, ବି. ପୁଂ. ( ଋଷ୍ୟ-ଶୃଙ୍ଗ ) ମୁନିବିଶେଷ, ବିଭାଣ୍ଡକମୁନିଙ୍କ ପୁତ୍ର । ଯଥା—

ବରଷା କରିବ ଋଷ୍ୟଶୃଙ୍ଗ ଆଗମନେ,
ବ୍ରହ୍ମଜ୍ଞାନ ପର ଯେନ ଯୋଗୀନ୍ଦ୍ର ସମାନେ । ବୈ· ବ·

—o—

## ଋ

ଋ, ଅଷ୍ଟମ ସ୍ୱରବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ ମୂର୍ଦ୍ଧା । ବି. ପୁଂ. ଶିବ, ଦୈତ୍ୟ, ସ୍ୱର୍ଗ, ବାକ୍ୟାରମ୍ଭ । ସ୍ତ୍ରୀ. ଦନ୍ତି, ଅଦନ୍ତି, ଦନୁ, ଗତି, ରକ୍ଷା, ମାତା, ସ୍ମୃତି । ଅଂ. ଭୟ, ନିନ୍ଦା ।

—o—

## ଌ

ଌ, ନବମ ସ୍ୱରବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ ଦନ୍ତ । ବି. ସ୍ତ୍ରୀ. ପୃଥିବୀ, ଅଦନ୍ତି, ନବମୀ, ଦେବମାତା । ପୁଂ. ପର୍ବତ, ଶ୍ରୀଧର, ରୁଦ୍ର, ବଟେଶ୍ୱର ।

—*—

## ୡ

ୡ, ଦଶମ ସ୍ୱରବର୍ଣ୍ଣ, ଏହାର ଉଚ୍ଚାରଣସ୍ଥାନ ଦନ୍ତ । ବି. ସ୍ତ୍ରୀ ଦେବନାରୀ, ଦୈତ୍ୟମାତା । ପୁଂ. ଶିବ ।

—o—

## ଏ

ଏ, ଏକାଦଶ ସ୍ୱରବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ କଣ୍ଠ ଓ ତାଳୁ । ବି. ପୁଂ. ବିଷ୍ଣୁ । ସ୍ତ୍ରୀ. ପୃଥିବୀ । ଅଂ. ସ୍ମୃତି, ସ୍ମରଣ, ସମ୍ବୋଧନ, ଆହ୍ୱାନ, ଦୟା, ଆମନ୍ତ୍ରଣ, ଅସୂୟା ।

ଏ, ସ. (ଏତଦ୍ ଶବ୍ଦଜ) ଏହି ଏହା ।

ଏଇ, ସ. (ଏତଦ୍ ଶବ୍ଦଜ) ଏହି ।

ଏକ, ବିଂ. (ଇ = ଗମନ କରିବା-କ) ଏକାକୀ, କେବଳ, ଅଦ୍ୱିତୀୟ, ପ୍ରଧାନ, ସମାନ ଅନ୍ୟ, ଅନ୍ୟତମ, ଶ୍ରେଷ୍ଠ, ପ୍ରଥମ, ଏକସଂଖ୍ୟାବିଶିଷ୍ଟ । ବି ନ. ଏକ ସଂଖ୍ୟା, କୌଣସି ।

ଏକକ, ବିଂ. (ଏକ-କ) ଏକାକୀ, କେବଳ, ଅଦ୍ୱିତୀୟ, ଏକଠାରୁ ନଅ ପର୍ଯ୍ୟନ୍ତ ପ୍ରତ୍ୟେକ ଅଙ୍କକୁ ଏକକ ବୋଲାଯାଏ ।

ଏକକାଳୀନ, ବିଂ. (ଏକ-କାଳୀନ) ସମକାଳୀୟ, ସମସାମୟିକ ।

ଏକକୁଣ୍ଡଳ, ବି. ପୁଂ. (ଏକ-କୁଣ୍ଡଳ) ବଳରାମ, କୁବେର ।

ଏକଗୁଁୟା, ବିଂ. (ଦେଶଜ) ଜିଦ୍‌ଦାର, ଝୁଙ୍କି, ଯେ ବ୍ୟକ୍ତି ଆପଣା କଥା ରକ୍ଷା କରିବାକୁ ଇଚ୍ଛା କରି ଅନ୍ୟର ଯୁକ୍ତି ତର୍କ ମାନେ ନାହିଁ, ଅବାଧ ।

ଏକଘରିଆ, ବିଂ. (ଦେଶଜ) ଜାତିଭ୍ରଷ୍ଟ, ସମାଜଚ୍ୟୁତ, ଯାହାର ଘର ସମାଜ ମଧ୍ୟରେ ଗଣନୀୟ ନୁହେ ।

ଏକଚକ୍ର, ବି. ପୁଂ. (ଏକ-ଚକ୍ର) ସୂର୍ଯ୍ୟରଥାଦି, ଯାହାର ଗୋଟିଏ ଚକ ।

ଏକଚକ୍ରା, ବି. ସ୍ତ୍ରୀ. ନଗରୀବିଶେଷ, ବକାସୁରକୁ ବଧ କରିବାନିମିତ୍ତ ପାଣ୍ଡବମାନେ ଯେଉଁ ନଗରରେ ବାସ କରିଥିଲେ, ସେହି ନଗରର ନାମ ଏକଚକ୍ରା ।

ଏକଚର, ବିଂ. (ଏକ-ଚର-ଅ ଏକାକୀ । ବି. ପୁଂ. ଗଣ୍ଡାରନାମକ ଜନ୍ତୁ ।

ଏକଚଟିଆ } ବିଂ. (ଦେଶଜ) ଏକାୟତ୍ତ,
ଏକଚାଟିଆ } ଏକାଧୀନ ।

ଏକଚତ୍ୱାରିଂଶ, ବି. ବିଂ (ଏକଚତ୍ୱାରିଂଶତ୍ ଶବ୍ଦଜ) ୪୧ ସଂଖ୍ୟା ।

ଏକଚତ୍ୱାରିଂଶ ମନ୍ତ୍ର, ବି. ଯଜୁର୍ବେଦର ୪୧ ଅଧ୍ୟାୟ ।

ଏକଜ
ଏକଜାତ } ବିଂ. ( ଏକ-ଜନ୍-ଅ, ତ ) ସହୋଦର ।

ଏକଜଟା, ବି. ସ୍ତ୍ରୀ. (ଏକ-ଜଟା) ଦେବୀବିଶେଷ, ଉଗ୍ରତାରା ମୂର୍ତ୍ତି ।

ଏକଜନ୍ମା, ବି. (ଏକ-ଜନ୍ମ) ରାଜା, ଶୂଦ୍ର ।

ଏକଜାତୀୟ, ବିଂ. (ଏକ-ଜାତୀୟ) ତୁଲ୍ୟପ୍ରକାର, ତୁଲ୍ୟରୂପ ।

ଏକଣା ବିଂ (ଏକ କୋଣ ଶବ୍ଦଜ) ଏକ ଅଞ୍ଚଳ, ଏକ କୋଣ, ପ୍ରାନ୍ତଭାଗ ।

ଏକତଃ, ଅଂ. (ଏକ-ତସ୍ ) ଏକ ପକ୍ଷରେ, ଏକ-ଆଡ଼େ, ଏକ ଦିଗରେ, ଏକ ପାର୍ଶ୍ୱରେ ।

ଏକତମ, ବିଂ. (ଏକ-ତମ) ଅନେକ ମଧ୍ୟରେ ଏକ ।

ଏକତର, ବିଂ (ଏକ-ତର) ଦୁଇଟା ମଧ୍ୟରେ ଏକ ।

ଏକତରଫ, ( ଯାବନିକ ) ଏକ ପାର୍ଶ୍ୱ, ଏକ ପକ୍ଷ ।

ଏକତା, ବି. ସ୍ତ୍ରୀ. (ଏକ-ତା) ଏକତ୍ୱ, ଐକ୍ୟ, ଅଭେଦ, ସାମ୍ୟ, ମୁକ୍ତିବିଶେଷ ।

ଏକତାନ, ବିଂ. (ଏକ-ତାନ) ଏକାଗ୍ର, ଏକ ବିଷୟାସକ୍ତ । ବି. ପୁଂ. ଏକଯୋଗ ସ୍ୱର, ଲୟ ।

ଏକତାରା, ବି. ପୁଂ. (ଏକତନ୍ତ୍ରୀ ଶବ୍ଦଜ) ବୀଣା-ଜାତୀୟ ବାଦ୍ୟଯନ୍ତ୍ରବିଶେଷ ।

ଏକତାଲ, ବି. ପୁଂ. (ଏକ—ତାଲ) ସମାନ ତାଳ, ସମନ୍ୱିତ ଲୟ, ଅବିଚ୍ଛିନ୍ନ ସ୍ୱର, ଅବିଚ୍ଛିନ୍ନ ନୃତ୍ୟଗୀତାଦି । ଲୀ, ସ୍ତ୍ରୀ. ଗାନ ବିଶେଷ, ଯେଉଁ ଗାନରେ ପ୍ରତି ପଦରେ ଗୋଟିଏ ମାତ୍ର ତାଳ ଦିଆଯାଏ, ଏକସ୍ୱର ଯୁକ୍ତ ଯନ୍ତ୍ରବିଶେଷ ।

ଏକତ୍ର, ଅଂ. (ଏକ-ତ୍ର) ଏକ ସ୍ଥାନରେ, ଏକ ବିଷୟରେ, ଏକାଠି ।

ଏକତ୍ରିଂଶ
ଏକତ୍ରିଂଶତ୍ } ବିଂ. ( ଏକ-ତ୍ରିଂଶତ୍ ) ୩୧ ସଂଖ୍ୟା, ଏକାଧିକ ତିରିଶ ।

ଏକତ୍ୱ, ବି. ନ. (ଏକ-ତ୍ୱ) ଐକ୍ୟ, ଅଭେଦ, ସାମ୍ୟ, ମୁକ୍ତିବିଶେଷ ।

ଏକଦଂଷ୍ଟ୍ର, ଏକଦନ୍ତ, ବି. ପୁଂ. (ଏକ-ଦଂଷ୍ଟ୍ର, ଦନ୍ତ) ଲମ୍ବୋଦର, ଗଣେଶ, ଅଭେଦ. ସାଦୃଶ୍ୟ ।

ଏକଦା, ଅଂ. (ଏକ-ଦା) ଏକ ସମୟରେ, ଏକ କାଳରେ, ଯୁଗପତ୍ ।

ଏକଦୃକ୍, ବି, ପୁଂ. (ଏକ-ଦୃଶ୍-୦) କାକ, ଶିବ । ବିଂ. କଣା, ସମଦର୍ଶୀ ।

ଏକଦେବ, ବି. ପୁଂ. (ଏକ-ଦେବ) ପ୍ରଧାନ ଦେବ, ପରମେଶ୍ୱର ।

ଏକଦେଶ, ବି ପୁଂ. (ଏକ-ଦେଶ) ଏକାଂଶ, ଅବୟବ ।

ଏକଦେହ, ବି. ପୁଂ. (ଏକ-ଦେହ) ବୁଧଗ୍ରହ । ବିଂ. ଅଭିନ୍ନଶରୀର, ଏକାତ୍ମ ।

ଏକଧା, ଅଂ. (ଏକ-ଧା) ଏକ ପ୍ରକାର ।

ଏକପକ୍ଷ, ବିଂ. (ଏକ-ପକ୍ଷ) ସହାୟ, ସପକ୍ଷ ।

ଏକପଟ୍ଟା, ବିଂ (ଏକପଟ୍ଟ ଶବ୍ଦଜ) ଗୃହ୍ୟୋଦର ।

ଏକପତ୍ନୀ, ବି. ସ୍ତ୍ରୀ. (ଏକ-ପତି ଯାହାର, ନୀ ଆଗମ) ପତିବ୍ରତା, ସତୀ, ସାଧ୍ୱୀ, ପ୍ରଧାନ ଭାର୍ଯ୍ୟା, ସପତ୍ନୀ ।

ଏକପତ୍ରୋଦ୍ଭିଜ୍ଜ, ବିଂ. ବୀଜ ଅଙ୍କୁରିତ ହେଲା ବେଳେ ଯେଉଁ ବୃକ୍ଷର ଗୋଟିଏ ମାତ୍ର ପତ୍ର ବାହାର ହୁଏ । ଯଥା—ନଡ଼ିଆ, କଦଳୀ, ଖର୍ଜୁର ତୃଣ, ତାଳ ଇତ୍ୟାଦି ବୃକ୍ଷ ।

ଏକପଦ, ବି. ନ. (ଏକ-ପଦ) ତତ୍କ୍ଷଣାତ୍, ଅକସ୍ମାତ୍ । ବିଂ. ଏକଗୋଡ଼ିଆ, ଯାହାର ଗୋଟିଏ ଗୋଡ଼ ।

ଏକପଦିଆ, ବିଂ. (ଏକପଦ ଶବ୍ଦଜ) ନାନା ପ୍ରକାର ମିଶ୍ରିତ କାର୍ଯ୍ୟକୁ ଶ୍ରେଣୀବଦ୍ଧ କରି ଯେଉଁ କାଗଜରେ ଲେଖାଯାଏ । ବିଂ ଶ୍ରେଣୀବଦ୍ଧ ।

ଏକପଦା, ବି. ସ୍ତ୍ରୀ. (ଏକ-ପଦ-ଈ) ପଥ, ରାସ୍ତା, ବାଟ ।

ଏକପିଙ୍ଗ } ବି. ପୁଂ. (ଏକ-ପିଙ୍ଗ, ପିଙ୍ଗଳ)
ଏକପିଙ୍ଗଳ } କୁବେର, ଯକ୍ଷ ।

ଏକପିଣ୍ଡ, ବି. ପୁଂ. (ଏକ-ପିଣ୍ଡ) ସପିଣ୍ଡ, ଏକ-ଦେହ ।

ଏକମତାବଲମ୍ବୀ, ବିଂ. (ଏକ-ମତ-ଅବ-ଲମ୍ବ-ଇନ୍) ଏକ ପରାମର୍ଶ, ଏକମତ, ଏକବାକ୍ୟ ।

ଏକମନାଃ, ବିଂ. (ଏକ-ମନସ୍) ଏକଚିତ୍ତ ।

ଏକଲ, ବିଂ. (ଏକ-ଲ) ଏକାକୀ, ଅସହାୟ, ଭାଷାରେ ଏକଲା କହନ୍ତି ।

ଏକଲବ୍ୟ, ବି. ପୁଂ. ନିଷାଦରାଜ ହିରଣ୍ୟଧନୁଙ୍କ ପୁତ୍ର । ଏକଲବ୍ୟ ଅସ୍ତ୍ରବିଦ୍ୟା ଶିକ୍ଷାର୍ଥ ଦ୍ରୋଣାଚାର୍ଯ୍ୟଙ୍କ ନିକଟକୁ ଯାଇଥିଲା । ସେ ତାହାକୁ ଶିଷ୍ୟ ନ କରିବାରୁ ଦୁଃଖିତ ହୋଇ ବନକୁ ଫେରି ଯାଇ କାଷ୍ଠମୟ ଦ୍ରୋଣମୂର୍ତ୍ତି ନିର୍ମାଣ କରି ଦୃଢ଼ତର ଅଧ୍ୟବସାୟ ସହକାରେ ତାଙ୍କର ଉପାସନାଦ୍ୱାରା ଧନୁ-ର୍ବିଦ୍ୟାରେ ପାରଦର୍ଶୀ ହେଲା । ପରେ ଦ୍ରୋଣାଚାର୍ଯ୍ୟ କୁରୁପାଣ୍ଡବଙ୍କ ସହିତ ସେ ସ୍ଥାନକୁ ଯାଇ ତାହାର ଅଦ୍ଭୁତ ପ୍ରକାର ଧନୁର୍ବିଦ୍ୟା ଶିକ୍ଷା ଦେଖି ଛଳକ୍ରମେ ଗୁରୁ-ଦକ୍ଷିଣାସ୍ୱରୂପ ତାହାର ଦକ୍ଷିଣ ହସ୍ତର ଅଙ୍ଗୁଷ୍ଠକୁ ଛେଦନ କରାଇ ନେଇଥିଲେ ।

ଏକବଚନ, ବି. ନ. (ଏକ-ବଚନ) ବ୍ୟାକର-ଣୋକ୍ତ ଏକତ୍ୱ ସଂଖ୍ୟାବାଚକ ।

ଏକବାକ୍ୟ, ବି. ନ. ଏକ କଥା, ଏକ ମତ ।

ଏକବିଂଶ, ବିଂ. ୨୧ ସଂଖ୍ୟା ।

ଏକଶଫ, ବି. ପୁଂ. (ଏକ-ଶଫ) ଏକ ଖୁରବିଶିଷ୍ଟ ଜନ୍ତୁ, ଯେପରି ଘୋଡ଼ା, ଗଧ, ଅଶ୍ୱତର, ଇତ୍ୟାଦି ।

ଏକଶୃଙ୍ଗ, ବି. ପୁଂ. (ଏକ-ଶୃଙ୍ଗ) ବିଷ୍ଣୁ, ଏକ ଶୃଙ୍ଗଯୁକ୍ତ ଜନ୍ତୁ, ଯଥା—ଗଣ୍ଡାର, ପିତୃଗଣ ବିଶେଷ ।

ଏକଶେଷ, ବି. ପୁଂ. (ଏକ-ଶେଷ) ଶେଷସୀମା, ଉତ୍କର୍ଷ, ଦ୍ୱନ୍ଦ୍ୱ ସମାସର ପ୍ରକାର ଭେଦ ।

ଏକଷଠୀ, ବି. ସ୍ତ୍ରୀ. (ଏକଷଷ୍ଟି ଶବ୍ଦଜ) ୬୧ ସଂଖ୍ୟା ।

ଏକସର୍ଗ, ବିଂ. (ଏକ=ଏକ ବିଷୟରେ-ସର୍ଗ= ନିଶ୍ଚୟ) ଏକାଗ୍ରଚିତ୍ତ ।

ଏକସୂତ୍ର, ବି. ପୁଂ. (ଏକ-ସୂତ୍ର) ଡମରୁ ବାଦ୍ୟ

ଏକସ୍ତୁରି, ବିଂ. (ଏକ-ସତୁରି, ଏକ ପ୍ରତି ଶବ୍ଦଜ) ୭୧ ସଂଖ୍ୟା ।

ଏକହାୟନୀ, ତ. ସ୍ତ୍ରୀ. (ଏକ-ହାୟନ୍-ଈ) ଏକ ବର୍ଷବୟସ୍କା ଗାଈ, ଏକ ବର୍ଷର ବାଛୁରୀ ।

ଏକା, ବିଂ. (ଏକାକୀ ଶବ୍ଦଜ) ଏକାକୀ, ଅସହାୟ, ଅଦ୍ୱିତୀୟ, କେବଳ । ବି. ସ୍ତ୍ରୀ. ଦୁର୍ଗା । (ଏକାକୀ ଅର୍ଥରେ) ଯଥା—

> ମୁକ୍ତିକାକୁ ହେବ ଏକା ଏ ସମୟରେ,
> ପଥିକ ସହାୟ ଥିଲେ ହାନି ବରେ । ନ· କେ·

ଏକାଅଶୀ ବି· ବିଂ. (ଏକାଶୀତି ଶବ୍ଦଜ) ୮୧ ସଂଖ୍ୟା ।

ଏକାକାର, ବିଂ. (ଏକ-ଆକାର) ଏକସମାନ, ତୁଲ୍ୟାବୟବ । ଯଥା—

> ସବେ ହୋଇବେ ଏକାକାର,
> ନ ଥିବ ବେଦର ବିଚାର । ଭାଗବତ ।

ଏକାକୀ, ବିଂ. (ଏକ-ଆକିନ୍) ଏକକ, ଏକଲା, ଅସହାୟ, ସହାୟରହିତ ।

ଏକାକ୍ଷ, ବି. ପୁଂ. (ଏକ-ଅକ୍ଷ) କାକ, ଶ୍ରୀରାମ ପିତୃସତ୍ୟ ପ୍ରତିପାଳନାର୍ଥ ବନକୁ ଗମନ କରି ଚିତ୍ରକୂଟ ପର୍ବତରେ ଅବସ୍ଥିତି କରିବା ସମୟରେ ଜୟନ୍ତ ନାମକ କାକ ସୀତାଙ୍କ ଓଷ୍ଠରେ ଚଞ୍ଚୁର ଆଘାତ କରିଥିଲା । ଏହି ହେତୁରୁ ରାମଚନ୍ଦ୍ର ତାହାର ବଧନିମିତ୍ତ ଶରାସନରେ ଇଷୀକାସ୍ତ୍ର ସଂଯୋଗ କରିବାରୁ ସେହି କାକ ପ୍ରାଣଭୟରେ ତାହାଙ୍କର ଶରଣାପନ୍ନ ହେଲା । ଦୟାମୟ ରାମ ସେହି ଅମୋଘ ଅସ୍ତ୍ରଦ୍ୱାରା ତଦୀୟ ଇଚ୍ଛାନୁସାରେ ତାହାର ଏକ ଚକ୍ଷୁ ନଷ୍ଟ କଲେ, ସେହି ଦିନ-

ତାଙ୍କୁ କାକଙ୍କାଭ ଏକାକ୍ଷ ହୋଇଅଛନ୍ତି

ବିଂ. କାଣ ।

ଏକାଗ୍ର } ବିଂ. ( ଏକ-ଅଗ୍ର, ଯ ) ଏକମନା,
ଏକାଗ୍ର୍ୟ } ଏକ ବିଷୟରେ ଆସକ୍ତ ।

ଏକାଗ୍ରଚିତ୍ତ, ବିଂ. (ଏକାଗ୍ର-ଚିତ୍ତ) କେବଳ ଏକ ବିଷୟରେ ଯାହାର ଚିତ୍ତ ଅଛି, ଅନନ୍ୟମନା, ଅନନ୍ୟହୃଦୟ ।

ଏକାଗ୍ରତା, ବି. ସ୍ତ୍ରୀ. ( ଏକ-ଅଗ୍ର-ତା ) ଏକ ବିଷୟରେ ଆସକ୍ତି ।

ଏକାଘ୍ନୀ ବି. ପୁଂ. ଅସ୍ତ୍ରବିଶେଷ, ପାର୍ଥଙ୍କୁ ବିନାଶ କରିବା ନିମିତ୍ତ ମହାବୀର କର୍ଣ୍ଣ ଏହି ଅସ୍ତ୍ର ଅତି ଯତ୍ନରେ ରଖିଥିଲେ, କିନ୍ତୁ ଦୁର୍ଯ୍ୟୋଧନଙ୍କ ଅନୁରୋଧରେ ଘଟୋତ୍କଚଙ୍କ ଉପରକୁ ନିକ୍ଷେପ କରିଥିଲେ ।

ଏକାଙ୍ଗ, ବି. ପୁଂ. ( ଏକ-ଅଙ୍ଗ ) ବୁଧଗ୍ରହ, ଗନ୍ଧଦ୍ରବ୍ୟବିଶେଷ, ଚନ୍ଦନ, ଉତ୍ତମାଙ୍ଗ, ମସ୍ତକ ।

ଏକାଠି, କ୍ରି. ବିଂ. (ଦେଶଜ) ଏକ ସ୍ଥାନରେ ।

ଏକାଣ୍ଡ, ବି. ପୁଂ. (ଏକ-ଅଣ୍ଡ) ଅଶ୍ୱ ।

ଏକାତ୍ମା, ବିଂ. (ଏକ-ଆତ୍ମା) ଅଭିନ୍ନଦେହ, ଏକପ୍ରାଣ ।

ଏକାଦଶ, ବିଂ. ( ଏକ-ଦଶନ୍ ) ଏଗାର । ୧୧ ସଂଖ୍ୟା ।

ଏକାଦଶୀ, ବି. ସ୍ତ୍ରୀ. ( ଏକ-ଦଶନ୍-ଈ ) ତିଥିବିଶେଷ, ହରିବାସର । ଯେଉଁ ସମୟରେ ଚନ୍ଦ୍ରମଣ୍ଡଳର ଏକାଦଶ କଳା ସୂର୍ଯ୍ୟମଣ୍ଡଳରୁ ବହିର୍ଗମନ କରିବାକୁ ଜ୍ୟୋତିର୍ମୟୀ ହୁଅନ୍ତି, ସେହି ସମୟରେ ଶୁକ୍ଳା ଏକାଦଶୀ ଏବଂ ଯେଉଁ ସମୟରେ ଚନ୍ଦ୍ରମଣ୍ଡଳର ଏକାଦଶ କଳା ସୂର୍ଯ୍ୟମଣ୍ଡଳରେ ପ୍ରବେଶ ହେବାରୁ ଜ୍ୟୋତିଃ ପ୍ରକାଶ କରି ନ ପାରନ୍ତି, ସେହି ସମୟରେ କୃଷ୍ଣ ଏକାଦଶୀ ହୁଏ ।

ଏକାଦିକ୍ରମ, ବିଂ. (ଏକ-ଆଦି-କ୍ରମ) ଆନୁପୂର୍ବିକ, ଅନୁକ୍ରମ ।

ଏକାନ୍ତ, ବିଂ. (ଏକ-ଅନ୍ତ) ଅତ୍ୟନ୍ତ, ଅବଧାରିତ, ନିର୍ଜନ । ଯଥା—

ଏକେ ତ ଏକାନ୍ତ ହୁଏ ତରୁଣ ତରୁଣୀ,
ଭେଟ ପାଇ ଲୋଡ଼ି ଥାଇ ଫଳଧନୁପାଣି । ଲା. ବ.

ଏକାନବେ } ବି, ବିଂ (ଏକନବତି ଶବ୍ଦଜ)
ଏକାଣେଇ } ୯୧ ସଂଖ୍ୟା ।

ଏକାନ୍ତର, ବିଂ. (ଏକ-ଅନ୍ତର) ଗୋଟିକର ପରେ ଯେ ଥାଏ, ମଧ୍ୟରେ ଏକ ବ୍ୟବଧାନ ଥାଇ ପରସ୍ଥିତ ।

ଏକାନ୍ନ, ବି.ନ. (ଏକ-ଅନ୍ନ) ଏକପାକ, ଏକାରୋଷେଇ, ଏକଭାତ । ବିଂ. ଏକାନ୍ନଭୋକ୍ତା, ସହଭୋଜୀ, ସଂସୃଷ୍ଟ ।

ଏକାନ୍ନବର୍ତ୍ତୀ, ବିଂ. ( ଏକାନ୍ନ-ବୃତ-ଇନ୍ ) ଯେଉଁମାନେ ଏକ ଭାତରେ ଥାନ୍ତି ଅର୍ଥାତ୍ ଏକ ପାକରେ ଖାଆନ୍ତି ।

ଏକାମ୍ରକାନନ, ବି. ନ. ( ଏକ-ଆମ୍ର-କାନନ ) ଭୁବନେଶ୍ୱର ତୀର୍ଥ । ଯଥା —

ଜୟ ହେ ଭୁବନଈଶ୍ୱରୀ ହେମଗିରିବାସିନୀ,
ଏକାମ୍ରକାନନ ଦେବତା ବନପୁଷ୍ପଶୋଭିନୀ । ଚ. ଭ.

ଏକାୟନ. ବିଂ. ( ଏକ-ଅୟନ ) ଏକାଗ୍ର, ଏକ ବିଷୟାସକ୍ତ ।

ଏକାର, ବି. ପୁଂ. (ଏ-କାର) 'ଏ' ଅକ୍ଷର ।

ଏକାର୍ଥ, ବିଂ. (ଏକ-ଅର୍ଥ ) ଯାହାର ଅର୍ଥ ଏକ ।

ଏକାବନ, ବିଂ. ୫୧ ସଂଖ୍ୟା ।

ଏକାବଳୀ, ବି. ସ୍ତ୍ରୀ. (ଏକ-ଆବଳୀ) ଏକସର ହାର, ଅର୍ଥାଳଙ୍କାରବିଶେଷ, ଏକାଦଶାକ୍ଷରବିଶିଷ୍ଟ ଛନ୍ଦୋବିଶେଷ ।

ଏକାବ୍ଦା, ବି. (ଏକ-ଅବ୍ଦ) ଏକ ବର୍ଷବୟସ୍କା ଗାଭୀ ।

ଏକାହ, ବି. ପୁଂ. (ଏକ-ଅହନ୍ ) ଏକ ଦିନ, ଏକଦିନକାଳ ।

ଏକାହାର, ବି. ପୁଂ. (ଏକ-ଆହାର) ଏକଦିନରେ ଥରେ ମାତ୍ର ଭୋଜନ । ବିଂ. ଯେ ଏକଦିନରେ ଥରେ ମାତ୍ର ଭୋଜନ କରେ ।

ଏକୀକରଣ, ବି.ନ. ( ଏକ-ଈ (ଚ୍ୱି)-କୃ-ଅନ) ଏକତ୍ର ସଂସ୍ଥାପନ, ବହୁ ଦ୍ରବ୍ୟ ଏକତ୍ର କରି ରଖିବା ।

**ଏକୁଅ**, ବିଂ. (ଦେଶଜ) ଏକ ଥର, ଏକ ଦିନ ଅନ୍ତର ।

**ଏକୁଟିଆ**, ବିଂ. ( ଦେଶଜ ) ଏକାକୀ ।

**ଏକୁନ**, ଅଂ. (ଯାବନିକ) ମୋଟରେ, ସ୍ଥୂଳରେ ।

**ଏକେ**, ଅଂ. (ଦେଶଜ) ପ୍ରଥମତଃ ।

ଏକେ ସୁନ୍ଦର ଗିରି ଝରଣିଗଣ,
ଦୁଏ ନମ୍ରରେ ବଳେ ବରଷାକାଳ । ...

**ଏକୋଇଶ**, ବି. ବିଂ. ( ଏକବିଂଶ ଶବ୍ଦଜ ୨୧ ସଂଖ୍ୟା

**ଏକୋଦକ**, ବିଂ. ( ଏକ-ଉଦକ) ସମାନୋଦକ, ଊର୍ଦ୍ଧ୍ୱତନ ସପ୍ତମ ପୁରୁଷ ପର୍ଯ୍ୟନ୍ତ ଗୋତ୍ରଜ ପୁରୁଷ ।

**ଏକୋଦର**, ବି. ପୁଂ. (ଏକ-ଉଦର) ସହୋଦର, ଭ୍ରାତା । ନ. ସମାନ ଉଦର ।

**ଏକ୍ଷଣେ**, ଅଂ. (ଦେଶଜ, ଏ-କ୍ଷଣ=ସମୟ) ଏହିକ୍ଷଣି, ବର୍ତ୍ତମାନ ।

**ଏଗାର**, ବି. ବିଂ., (ଏକାଦଶ ଶବ୍ଦଜ) ୧୧ ସଂଖ୍ୟା ।

**ଏଗ୍ରିମେଣ୍ଟ**, ବି. (ଇଂ. Agreement; ଚୁକ୍ତି, ଚୁକ୍ତିପତ୍ର ।

**ଏଜନ**, ବିଂ (ଯାବନିକ) ସର୍ବନାମ "ଇଦମ୍" ଶବ୍ଦର ଅର୍ଥ ଯାହା, ଏଜନ ଶବ୍ଦର ଅର୍ଥ ତାହା, ଏହି, ଏହା ।

**ଏଜନ**, ବି.ନ. ( ଏଜ=କମ୍ପନ କରିବା-ଅନ ) କମ୍ପନ, ଉତ୍ତେଜନ ।

**ଏଜଲାସ**, ବି. (ଯାବନିକ) କଚେରୀ, ମିସଲ ।

**ଏଜାତିକା** / **ଏଜାତିୟା** } ବିଂ. (ଦେଶଜ) ଏପରି, ଏତାଦୃଶ ।

**ଏଜାହାର**, ବି. (ଯାବନିକ) ଇଜହାର, ପ୍ରକାଶ ।

**ଏଠା**, ବି. (ସ୍ଥା ଧାତୁଜ ) ଏ ସ୍ଥାନ, ଏହି ସ୍ଥାନ ।

**ଏଠାଇଁ** / **ଏଠିଁ** / **ଏଠି** } ଅଂ ( ଏତଦ୍+ସ୍ଥା ଧାତୁଜ ) ଏ ସ୍ଥାନରେ ।

**ଏଠାକାର**, ବିଂ. ଏ ସ୍ଥାନୀୟ, ଏ ସ୍ଥାନର ।

**ଏଡ**, ବି. ( ଅ-ଈଡ଼=ସ୍ତୁତି କରିବା-ଅ)ବଧିର, କାଲ । ବି. ପୁଂ. ମେଷ ।

**ଏଡ଼କ**, ବି. ପୁଂ. ସ୍ତ୍ରୀ, ( ଇଲ୍-ଅକ, ଲ=ଡ଼) ମେଣ୍ଢା, ବନ୍ୟ ଛାଗ ।

**ଏଡ଼ା**, ବି. (ଦେଶଜ) ତ୍ୟାଗ, ବିସର୍ଜନ ।

**ଏଡ଼ିକ**, ଅଂ. (ଦେଶଜ) ଏତାବତ୍ ପରିମାଣ-ବିଶିଷ୍ଟ, ଏଡ଼େ ।

**ଏଡ଼ିବା**, କ୍ରି. ବି. (ଦେଶଜ) ଲଙ୍ଘନ କରିବା, ଅତିକ୍ରମ କରିବା ।

**ଏଡ଼େ**, ଅଂ. ଆକାର ପରିମାପକ, ଉଚ୍ଚତା-ବୋଧକ ।

**ଏଣ** / **ଏଣକ** } ବି. ପୁଂ, ( ଇ-ଣ, ଅକ ) ହରିଣ, ମୃଗ ।

**ଏଣିକି**, ଅଂ. ( ଏତତ୍ ଶବ୍ଦଜ ) ଏ ଆଡ଼କୁ, ଏବକୁ । ଯଥା—

ଅନା ଅନା ଏକେ ଥରେ, ଚେଳେଣି କେଣିକି ଯାଉ ଭୁ କ ରେ ।

**ଏଣୀ**, ବି. ସ୍ତ୍ରୀ. (ଇ-ଣ-ଈ) ହରିଣୀ । ଯଥା—

ପଞ୍ଚସ୍ୱରସରେ ରମରମଣୀ,
ବୀଣାଧ୍ୱନି ଶୁଣି ଏଣୀନୟନୀ । କ. ବ,

**ଏଣୁ** / **ଏଣୁକରି** } ଅଂ, ଏହିହେତୁରୁ, ଏ ଦିଗରୁ ।

**ଏଣେ**, ଅଂ. ଏଆଡ଼େ ।

**ଏଣେତେଣେ**, ଅଂ. (ଏତଦ୍ ଓ ତଦ୍ ଶବ୍ଦଜ ) ଇତସ୍ତତଃ, ଏଆଡେ ସେଆଡ଼େ ।

**ଏଣୁଅ**-ବି. (ଦେଶଜ) ଏକପ୍ରକାର ସରୀସୃପ, କୃକଲାସ ।

**ଏଣ୍ଡୁଲା**-ବି-ଏକ ଜାତୀୟ ମାଛ ।

**ଏତତ୍**, ସର୍ବ. (ଇ-ତଦ୍) ଏହା, ଏହି ।

**ଏତନ**, ବି. ପୁଂ. (ଆ-ଇ-ତନ) ନିଃଶ୍ୱାସ ।

**ଏତଲା**, ( ଯାବନିକ ) ସମ୍ବାଦ ଦେବା, ଜଣାଇବା ।

**ଏତଲାନାମା**, ବି. ସରକାରୀ ଆଦେଶ ।

**ଏତାଦୃଶ**, ବିଂ. ( ଏତଦ୍-ଦୃଶ୍-ଅ ) ଏପ୍ରକାର, ଏପରି । ଯଥା—

ଈଦୃଶ ସ୍ଥଳରେ ମାଦୃଶ ବ୍ୟକ୍ତିର ଏତାଦୃଶ ଘଟନା
ହେବାର ସମ୍ଭାବନା କାହିଁ । ଶକୁନ୍ତଳା ।

**ଏତାବତ୍**, ବିଂ. (ଏତଦ୍-ବତ୍) ଏତତ୍ ପରିମାଣ,

ଏତେ, ଏହିମାତ୍ର, ଏହାହିଁ କେବଳ, ଏତିକି ।

ଏତେ, ଅଂ. ପରିମାଣବୋଧକ ।

ଏଥର, ଅଂ (ଦେଶଜ) ଏଣିକି, ଏବେ ।

ଏଥି, ଅଂ. ଏଠାରେ, ଏଥିରେ ।

ଏଥି } ଏଥୁଁ } ଅଂ. ଏହିଠାରୁ ।

ଏଧଃ, ନ. } ଏଧ, ପୁଂ. } ବି. ( ଏଧ୍-ଅସ୍, ଅ ଇନ୍ଧନ, କାଷ୍ଠ, ତୃଣ ।

ଏଧିତ, ବିଂ. ( ଏଧ୍-ତ ) ବର୍ଦ୍ଧିତ, ବିସ୍ତାରିତ, ପ୍ରଫୁଲ୍ଲିତ ।

ଏନଃ, ବି. ନ. ( ଇ-ଅସ୍, ନ ଆଗମ ) ପାପ, ଅପରାଧ, ନିନ୍ଦା ।

ଏମନ୍ତ, ବିଂ. (ଏ-ମତ) ଏହିପରି, ଏହିପ୍ରକାର ।

ଏମାରତ୍, (ଯାବନିକ) ଅଟ୍ଟାଳିକା, ପକ୍କା ।

ଏରକା, ବି. ସ୍ତ୍ରୀ. ( ଇ-ରକ୍-ଆ ) ଗ୍ରନ୍ଥିହୀନ ତୃଣବିଶେଷ, ଏହି ବଣରେ ଯାଦବମାନେ ମଦମତ୍ତ ହୋଇ ହଣାହଣି ହୋଇଥିଲେ ।

ଏରଣ୍ଡ, ବି. ପୁଂ. (ଆ-ଈର୍-ଅଣ୍ଡ) ଗବଗଛ ।

ଯଥା—

> ୧ । ବଗୁଡ଼ବନେ ଓଷ୍ଠାରେ ପ୍ରଚଣ୍ଡ ମଲ୍ଲ ହସ୍ତରେ
> ଏରଣ୍ଡ ଦଣ୍ଡ ପଡ଼ିଲା ପରି ଭଜିଲା । ବୈ. ବି.

ଏର୍ —ବି. ଜଳଚର ପକ୍ଷିବିଶେଷ ।

ଏରୁଣ୍ଡି, ବି. (ଦେଶଜ) ଦ୍ୱାରବନ୍ଧ । ଯଥା—

> ଗରୁଣ୍ଡି ଗୁରୁଣ୍ଡି ଏରୁଣ୍ଡି ଉପରେ ଶ୍ରୀକୃଷ୍ଣ ବମାନ୍ତ ଯାଇଁ.
> ମାତାଙ୍କ ଆଡ଼କୁ ଅନାଇ ଅନାଇ ମାଟି ଦେଉଥାନ୍ତି ଖାଇ ।

ଏର୍ବାରୁ, ବି. ପୁଂ. କର୍କଟୀବିଶେଷ, ଫୁଟୀ ।

ଏଲା, ବି. ସ୍ତ୍ରୀ, (ଇଲ୍-ଆ) ଅଳାଇଚ ଫଳ ବା ଲତା ।

ଏଲଗେ } ଏହିଲଗେ } କ୍ରି.ବିଂ. (ଦେଶଜ) ଏହି ଲଗ୍ନରେ, ବର୍ତ୍ତମାନ, ଏହିକ୍ଷଣି ।

ଏଲାପତ୍ର, ବି. ପୁଂ. ପ୍ରଧାନ ସର୍ପବିଶେଷ, କଦ୍ରୁଗର୍ଭସମ୍ଭୂତ କଶ୍ୟପନନ୍ଦନ ।

ଏଲୀକା, ବି. ସ୍ତ୍ରୀ. ଷ୍ଟେଠ ଅଳାଇଚ, ଗୁଜରାଟି ଅଳାଇଚ ।

ଏଲୁକ, ବି. ନ. ଗନ୍ଧଦ୍ରବ୍ୟବିଶେଷ ।

ଏବ, ଅଂ. (ଇବ) ଅବଧାରଣ, ନିୟମ, ସାଦୃଶ୍ୟ, ପରିସଂଖ୍ୟା, ନିଶ୍ଚୟ, ବାକ୍ୟପୂରଣ । ଯଥା—ତଥୈବ । ( ଦେଶଜ ) ଏହି ସମୟର ।

ଏବଂ, ଅଂ. ( ଇ-ବମ୍ ) ଏହି ପ୍ରକାର, ସାମ୍ୟ, ସ୍ୱୀକାର, ନିଶ୍ଚୟ. ପ୍ରଶ୍ନ, ସମ୍ବନ୍ଧ, ସାଦୃଶ୍ୟ, ଆଜ୍ଞା, ଓ ।

ଏବମ୍ବିଧ, ବିଂ. (ଏବମ୍-ବିଧ) ଏହି ପ୍ରକାର ।

ଏବମ୍ଭୂତ, ବିଂ. (ଏବମ୍-ଭୂତ) ଏହି ପ୍ରକାର, ଈଦୃଶ ।

ଏବେ, ଅଂ. ବର୍ତ୍ତମାନ । ଯଥା—

> ଏବେ ଏଣିକି ଛାଡ଼ ପଥର କଲେଣି ।

ଏଷଣ ବି. ପୁଂ. ( ଆ-ଇଷ୍-ଅନ ) ଲୌହମୟ ବାଣ ।

ଏଷଣା, ବି. ନ. ସ୍ତ୍ରୀ. (ଆ-ଇଷ୍-ଅନ-ଆ) ଅନ୍ୱେଷଣ, ଇଚ୍ଛା, ସ୍ୱର୍ଣ୍ଣକାରାଦିର ନିକ୍ତି ।

ଏଷଣୀ ବି.ସ୍ତ୍ରୀ. (ଏଷଣ-ଈ)ନିକ୍ତି, ଅସ୍ତ୍ରବିଶେଷ ।

ଏସନ, ବିଂ ( ଏତତ୍ ଶବ୍ଦଜ ) ଏପ୍ରକାର, ଏପରି ।

ଏହା } ଏହି } ସର୍ବ. (ଏତତ୍, ଇଦମ୍ ଓ ଅଦସ୍ ଶବ୍ଦର ରୂପାନ୍ତର) । ଯଥା—

> ଏ ରଣ ଜିଣିଲେ ହେବୁ ତୁହି ଧନ୍ୟ,
> ଏହି ଦେଖି ହେବେ ମାତା ସୁପ୍ରସନ୍ନ,
> ତବେ ଏହାଙ୍କର ନାମ ମହାନନ୍ଦୀ,
> ଉନ୍ନତ ଭୁବନେ ଏହି ବଶ୍ୟ ପକ୍ଷୀ, । ନ. କେ.

ଏହେ, ଅଂ. ଏହିପରି । (ପଦ୍ୟରେ ବ୍ୟବହୃତ)

—o—

## ଐ

ଐ, ଦ୍ୱାଦଶ ସ୍ୱରବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ କଣ୍ଠ ଓ ତାଳୁ । ବି. ପୁଂ. ଶିବ । ଅଂ. ସ୍ମରଣ, ସମ୍ବୋଧନ ।

**ଐକ**, ବିଂ. (ଏକ-ଅ) ଏକାର୍ଥବୋଧକ, ଏକ-ସମ୍ବନ୍ଧୀୟ ।

**ଐକତାନ**, ବି. ନ. ( ଏକତାନ-ଅ ) ବାଦ୍ୟବିଶେଷ, ଉକ୍ତ ଜାତୀୟ ଅନେକ ଗୁଡ଼ିଏ ଯନ୍ତ୍ର ଏକତ୍ର ବାଦିତ ହେବାକୁ ଐକତାନ କହନ୍ତି ।

**ଐକପତ୍ୟ**, ବି. ନ. (ଏକପତି-ଯ) ଏକାଧିପତ୍ୟ ।

**ଐକମତ୍ୟ**, ବି. ନ. ( ଏକମତ-ଯ ) ମତୈକ୍ୟ, ଏକମତ ।

**ଐକରାଜ୍ୟ** ବି. ନ. (ଏକରାଜ-ଯ) ଏକାଧିପତ୍ୟ ।

**ଐକଲବ୍ୟ**, ବି. ପୁଂ (ଏକଲବ୍ୟ-ଅ) ଏକଲବ୍ୟଗୋତ୍ର ।

**ଐକବାକ୍ୟ**, ବି. ନ. (ଏକବାକ୍ୟ-ଅ) ଏକମତ ଅବଲମ୍ବନ, ବଚନର ଏକତା, କଥାରେ ମେଳ ।

**ଐକଶତିକ**, ବିଂ. (ଏକଶତ-ଇକ) ଯେ ଏକଶତ ଦ୍ରବ୍ୟର ଅଧିକାରୀ ।

**ଐକାଗାରିକ**, ବି ପୁଂ. (ଏକ-ଅଗାର-ଇକ) ଚୋର, ଦସ୍ୟୁ ।

**ଐକାଗ୍ର୍ୟ**, ବି. ନ. (ଏକାଗ୍ର-ଯ) ଏକାଗ୍ରତା ।

**ଐକାତ୍ମ୍ୟ**, ବି. ନ. ( ଏକ-ଆତ୍ମା-ଯ ) ଐକ୍ୟ, ଏକାତ୍ମତ । ବି. ପୁଂ. ଅଭେଦ ।

**ଐକାନ୍ତିକ**, ବିଂ. ( ଏକାନ୍ତ-ଇକ ) ନିଶ୍ଚିତ, ଗାଢ଼, ଦୃଢ଼, ଅତ୍ୟନ୍ତିକ ।

**ଐକାନ୍ୟିକ**, ବିଂ. (ଏକ-ଅନ୍ୟ-ଇକ) ଯେ ଛାତ୍ର ଏକ ପ୍ରକାର ଅଧ୍ୟୟନ କରେ ଏବଂ ପରୀକ୍ଷା ସମୟରେ ଅନ୍ୟ ପ୍ରକାର ଉତ୍ତର ଦିଏ, କୁପାଠକ ଛାତ୍ର ।

**ଐକାହିକ**, ବିଂ. ( ଏକ-ଅହନ୍-ଇକ ) ଏକଦିନ ସମ୍ବନ୍ଧୀୟ ।

**ଐକ୍ୟ**, ବି. ନ. ( ଏକ-ଯ ) ଏକତା, ଏକୀଭାବ, ମେଳ, ଅବିରୋଧ ।

**ଐକ୍ଷବ**, ବିଂ. (ଇକ୍ଷୁ-ଅ) ଇକ୍ଷୁସମ୍ବନ୍ଧୀୟ, ଗୁଡ଼, ଚିନି ପ୍ରଭୃତି ।

ଐକ୍ଷ୍ୱାକ, ବିଂ. ( ଇକ୍ଷ୍ୱାକୁ-ଅ ) ଇକ୍ଷ୍ୱାକୁବଂଶଜାତ, ଇକ୍ଷ୍ୱାକୁଙ୍କ ଜନପଦ ।

ଐଙ୍ଗୁଦ, ବି. ନ. ( ଇଙ୍ଗୁଦ-ଅ ) ଇଙ୍ଗୁଦୀବୃକ୍ଷର ଫଳ, ଏହି ଫଳରୁ ଜନ୍ମିବା ତେଲ ଋଷିମାନେ ବ୍ୟବହାର କରନ୍ତି ।

ଐଚ୍ଛିକ, ବିଂ. ( ଇଚ୍ଛା-ଇକ ) ଇଚ୍ଛାଧୀନ, ଇଚ୍ଛାନୁଯାୟୀ । କୀ. ସ୍ତ୍ରୀ. ଇଚ୍ଛାନୁଯାୟିନୀ ।

ଐଣ<br>ଐଣେୟ } ବିଂ. ( ଏଣ-ଅ, ଏୟ ) କୃଷ୍ଣମୃଗ-ସମ୍ବନ୍ଧୀୟ । ବି. ମୃଗଚର୍ମ ।

ଐତିହାସିକ, ବିଂ.(ଇତିହାସ-ଇକ ) ଇତିହାସ-ସଂକ୍ରାନ୍ତ, ଇତିହାସବେତ୍ତା ।

ଐତିହ୍ୟ ବି. ନ. ( ଇତିହ-ଯ ) ପରମ୍ପରାଗତ ଉପଦେଶବାକ୍ୟ, ପ୍ରମାଣବିଶେଷ ।

ଐନ୍ଦବ, ବିଂ. (ଇନ୍ଦୁ-ଅ) ଚନ୍ଦ୍ରସମ୍ବନ୍ଧୀୟ । ବି.ନ. ମୃଗଶିରା ନକ୍ଷତ୍ର, ଚାନ୍ଦ୍ରାୟଣ ବ୍ରତବିଶେଷ ।

ଐନ୍ଦ୍ର, ବି. ପୁଂ. ( ଇନ୍ଦ୍ର-ଅ ) ବାଳୀ, ଜୟନ୍ତ, ସୁଗ୍ରୀବ, ଅର୍ଜୁନ । ବିଂ. ଇନ୍ଦ୍ରସମ୍ବନ୍ଧୀୟ ।

ଐନ୍ଦ୍ରଜାଲିକ ବି·ପୁଂ. (ଇନ୍ଦ୍ରଜାଲ-ଇକ) କୁହୁକୀ, ବାଜୀକର, ଇନ୍ଦ୍ରଜାଲକାରକ । ଯଥା—

ଐନ୍ଦ୍ରଜାଲିକ ମୂର୍ଖ ଶୁଣି ।

ଐନ୍ଦ୍ରି, ବି. ପୁଂ. ( ଇନ୍ଦ୍ର-ଇ ) ଜୟନ୍ତ, ବାଳୀ, ସୁଗ୍ରୀବ, ଅର୍ଜୁନ, କାକ ।

ଐରାବଣ, ବି ପୁଂ. (ଇରାବତ୍-ଅ) ଇନ୍ଦ୍ରହସ୍ତୀ । ଣୀ,ସ୍ତ୍ରୀ. ବିଦ୍ୟୁତ୍ ।

ଐରାବତ, ବି.ପୁଂ. ( ଇରାବତ୍-ଅ ) ପୂର୍ବଦିଗର ହସ୍ତୀ, ଇନ୍ଦ୍ରହସ୍ତୀ, ନାରଙ୍ଗୀ ଲେମ୍ବୁ ।

ଐରାବତୀ, ବି.ସ୍ତ୍ରୀ. (ଇରା-ବତ୍-ଅ-ଈ) ଐରାବତର ପତ୍ନୀ, ଅଭ୍ରମୁ, ଐରାବତ ନଦୀ, ଏହାର ଆଧୁନିକ ନାମ ରାବି, ବିଦ୍ୟୁତ୍ ।

ଐର. ବି. ( ଅର ଶବ୍ଦଜ ) ଶତ୍ରୁ ।

ଐରିଣ, ବି. ନ. ( ଇରିଣ-ଅ ) ଲବଣବିଶେଷ, ପଙ୍ଗା ଲୁଣ ।

ଐରେୟ, ବି.ନ. (ଇରା-ଏୟ) ଅନ୍ନରୁ ପ୍ରସ୍ତୁତ ମଦ ।

ଐଳ, ବି. ପୁଂ. ( ଇଳା-ଅ ) ଚନ୍ଦ୍ରବଂଶୀୟ ପୁରୁରବା ରାଜା ।

ଐଳବିଳ, ବି. ପୁଂ (ଇଳବିଳା-ଅ) ଇଳବିଳାର ପୁତ୍ର, କୁବେର ।

ଐଶ } ବିଂ. (ଈଶ-ଅ, ଇକ) ଈଶସମ୍ବନ୍ଧୀୟ ।
ଐଶିକ }

ଐଶାନୀ, ବି.ସ୍ତ୍ରୀ. (ଈଶାନ-ଅ-ଈ) ଈଶାନକୋଣ, ଉତ୍ତରପୂର୍ବ କୋଣ, ଶକ୍ତିବିଶେଷ, ପାର୍ବତୀ ।

ଐଶାନ୍ୟ, ବି. ( ଈଶାନ-ଯ ) ଈଶାନକୋଣ, ଉତ୍ତରପୂର୍ବ କୋଣ ।

ଐଶୀ, ବିଂ. (ଈଶ-ଈ) ଈଶ୍ୱରସମ୍ବନ୍ଧୀୟ, ଦୈବୀ ।

ଐଶ୍ୱର, ବିଂ. (ଈଶ୍ୱର-ଅ) ଈଶ୍ୱରସମ୍ବନ୍ଧୀୟ ।

ଐଶ୍ୱର୍ଯ୍ୟ, ବି.ନ. (ଈଶ୍ୱର-ଯ) ପ୍ରଭୁତ୍ୱ, ଈଶ୍ୱରତ୍ୱ, ସମ୍ପତ୍ତି, ଅଣିମା, ଲଘିମା, ପ୍ରାପ୍ତି, ପ୍ରାକାମ୍ୟ, ମହିମା, ଈଶିତ୍ୱ, ବଶିତ୍ୱ, କାମାବସାୟିତା ଏହି ଅଷ୍ଟପ୍ରକାର ଶକ୍ତି ।

ଐଷୀକ, ବି. ନ. ( ଈଷୀକା-ଅ ) ମହାଭାରତ ଅନ୍ତର୍ଗତ ପର୍ବବିଶେଷ ।

ଐହିକ, ବିଂ. (ଇହ-ଇକ) ଇହକାଳସମ୍ବନ୍ଧୀୟ ।

—❀—

## ଓ

ଓ, ତ୍ରୟୋଦଶ ସ୍ୱରବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ କଣ୍ଠ ଓ ଓଷ୍ଠ । ବି. ପୁଂ. ବ୍ରହ୍ମା । ଅଂ. ସମ୍ବୋଧନ, ସ୍ମରଣ, ଦୟା । (ଦେଶଜ) ସ୍ୱୀୟ-ଅବସ୍ଥିତିସୂଚକ ପ୍ରତିବଚନ ।

ଓଁ, ଅଂ. ପ୍ରଣବ, ଓଁକାର, ଆଦ୍ୟ ବୀଜ ।

ଓଆଚ୍, ବି. (ଇଂ Watch) କ୍ଷୁଦ୍ର ଘଣ୍ଟା ।

ଓଉ, ବି. (ଦେଶଜ) ଅମ୍ଳ ଫଳବିଶେଷ ।

ଓକଃ, ବି.ନ. (ଓଚ୍=ଏକତ୍ର କରିବା-ଅସ୍) ସ୍ଥାନ, ଆଶ୍ରୟ, ଗୃହ ।

ଓକର, ବି. ( ଦେଶଜ ) ଗୋଇ, ବୃହଚ୍ଛିଦ୍ର, ଇଜତ୍ ।

ଓକାର } ବି.(ଉଦ୍ଗାର ଶବ୍ଦଜ)ବାନ୍ତି, ବମନ ।
ଓକାଲ }

ଓକିଲ, ବି. ( ଯାବନିକ ) ବ୍ୟବହାରାଜୀବ, ଆଇନବ୍ୟବସାୟୀ ।

ଓକିଲାତି } ବି. ( ଦେଶଜ ) ଓକିଲର କାର୍ଯ୍ୟ ଓ ବ୍ୟବସାୟ ।
ଓକାଲତି }

ଓଖ, ବି. (ଗ୍ରାମ୍ୟ) ଅଭ୍ୟାସ ।

ଓଖର, ବି. (ଗୋକ୍ଷୀରର ଅପଭ୍ରଂଶ) ଦୁଗ୍ଧ ।

ଓଗାଳ } ବି. (ଦେଶଜ) ଅଟକାଇବା ।
ଓଗଳା }

ଓଗାଳିବା, କ୍ରି.ବି.(ଅର୍ଗଳ ଶବ୍ଦଜ)ଅଟକାଇବା । ଯଥା—

> ବାଟ ଓଗାଳି ହଠ ନ କର ତୁ ବନମାଳୀ ।

ଓଗେର, ଅଂ.(ଯାବନିକ) ଇତ୍ୟାଦି, ପ୍ରଭୃତି ।

ଓଘ, ବି. ପୁଂ.(ଉଚ୍-ଅ,ଚ=ଘ)ସମୂହ,ସ୍ରୋତ, ଜଳବେଗ, ପ୍ରବାହ,ତରଙ୍ଗ,ପରମ୍ପରା ।

ଓଙ୍କାର, ବି. ପୁଂ (ଓମ୍-କାର) ପ୍ରଣବ, ଓଁ, ଆଦ୍ୟ ବୀଜ । ଯଥା—

> ପଦ୍ମବନେ ଶୁଭଇ ଅଳି-ଝଙ୍କାର,
> ବ୍ରହ୍ମବାଦର କି ସେ ନାଦ ଓଙ୍କାର । ରୁ, ସୁ

ଓଜନ, ( ଦେଶଜ ) ତୁଳାଦଣ୍ଡରେ ପରିମାଣ କରିବା, ତୌଲ କରିବା, ମାପିବା ।

ଓଜର,ବି. (ଯାବନିକ) ଆପତ୍ତି ।

ଓଜଃ, ବି.ନ. (ଉର୍ଜ=ଜୀବିତ ହେବା-ଅସ୍) ତେଜଃ, ବଳ, ଦୀପ୍ତି, ଶୋଭା, ସ୍ଫୂର୍ତ୍ତି, ସମାସ-ପୂର୍ଣ୍ଣ ଦୀର୍ଘ ପଦଯୁକ୍ତ ବାକ୍ୟ । ଯଥା—

> ଠେକି ଓଜ ଭଜିବ ଅବଶ୍ୟ ଶ୍ରମ କରୁ ହେ । ବି. ଚି.

ଓଜସ୍ବଲ, ବି. (ଓଜସ୍-ବଲ) ବଳବାନ୍, ସାମର୍ଥ୍ୟଶାଳୀ ।

ଓଜସ୍ବିତା,ବି. ସ୍ତ୍ରୀ. (ଓଜସ୍ବିନ୍-ତା)ବଳଶାଳିତା, ତେଜସ୍ବିତା ।

ଓଜସ୍ବୀ, ବିଂ. (ଓଜସ୍-ବିନ୍)ତେଜସ୍ବୀ, ବଳବାନ୍, ଦୀପ୍ତ ।

**ଓଜସ୍ୱ**, ବି°. ( ଓଜସ୍ୱିନ୍-ଇଷ୍ଠ ) ବଳବାନ୍, ତେଜସ୍ୱାନ୍, ଓଜୋଗୁଣବିଶିଷ୍ଟ, ଦୀପ୍ତ ।

**ଓଝ୍** } ବି, (ଦେଶଜ) ବର୍ଗମୂଳ ବାହାର
**ଓଝ** } କରିବା । ଯଥା—୨୫ର ଓଝ=୫ ।

**ଓଝା**, ବି. (ଦେଶଜ) ଶିକ୍ଷକ, ଗଣିତାଧ୍ୟାପକ, ବଢେଇ ବା କମାରଙ୍କ ସଂଜ୍ଞା, ମାନ୍ତ୍ରିକ ଜାଦୁକ । ଯଥା—

> କାହାଣି ମଣ୍ଡଳେ ପାହାନ୍ତି ମାନନ୍ତି
> ମୂଳ ଅଟେ ତାର ସେହି ।
> ଓଝା କରଣଙ୍କ ପ୍ରୟୋଜନ ଅର୍ଥେ
> ଲୀଳାବତୀ ସ୍ଥଳେ କହି । କାଶୀଖଣ୍ଡ ଗ୍ରନ୍ଥ ।

ଭୂତବୈଦ୍ୟ, ଯେ ଭୂତ ଛଡ଼ାଏ ।

**ଓଠ**, ବି. ( ଓଷ୍ଠ ଶବ୍ଦଜ ) ଓଷ୍ଠ ।

**ଓଠରା** ବି°. (ଦେଶଜ) ଠେଣା, ଝେଙ୍କା, ଗୃହଯରେ ଧୂଳି କାନ୍ଥକୁ ଉଚ୍ଚ ରଖିବାପାଇଁ ବ୍ୟବହୃତ ବାଉଁଶ ।

**ଓଠାରିବା**, କ୍ରି. ବି. (ଦେଶଜ) ଆକର୍ଷଣ କରିବା, ଟାଣିବା । ଯଥା—

> ମାରନ୍ତେ ମନ ମୀନ ଓଠାରି । ଗୀ. ବି.

**ଓଠ**, ବି. (ଓଷ୍ଠ ଶବ୍ଦଜ) ଉପର ଅଧର, ଓଷ୍ଠ, ( ସାଧାରଣ ଲୋକେ ଚବୁକକୁ ମଧ୍ୟ ଓଠ କହନ୍ତି ) ।

**ଓଡ଼**, ବି. ( ଓଡ୍ର ଶବ୍ଦର ଅପଭ୍ରଂଶ ) ଉତ୍କଳର ଆଦିମ ନିବାସୀ, ଥରେ, ବାରେ । ଯଥା—

> କୋହଳ ପାଇଲେ ଦଉଡ଼ ବନ୍ଧନ ।

**ଓଡ଼ଶ**, ବି. ( ଉଦଂଶ ଶବ୍ଦଜ ) ଛାରପୋକ, ମଚ୍ଛୁଣ ।

**ଓଡ଼ଶମାରି**, ବି. ଏକପ୍ରକାର ଗଛ । ଏହାର ଫଳ ଘରେ ରଖିଲେ ଓଡ଼ଶ ମରିଯାନ୍ତି ।

**ଓଡାଙ୍କ**, ବି. ( ଦେଶଜ ) ନିର୍ଦ୍ଦିଷ୍ଟ ପ୍ରଣାଳୀରେ ମିଶାଣ ।

**ଓଡ଼ାମଡ଼ା** ବି. (ଗ୍ରାମ୍ୟ) ଏକପ୍ରକାର ଖେଳ ବା ଗାଳିରେ ଏହି ଶବ୍ଦ ପ୍ରଯୁକ୍ତ ହୁଏ ।

**ଓଡ଼ିଆ**, ବି. ( ଓଡ୍ର ଶବ୍ଦଜ ) ଓଡ଼ିଶାବାସୀ, ଉତ୍କଳବାସୀ । ଶୂଦ୍ରଜାତି ବିଶେଷ ।

**ଓଡିଆଣୀ**, ବି. ( ଦେଶଜ ) କଟିସୂତ୍ର, ମେଖଳା, ଯଥା—

> କରେ କଙ୍କଣ ବାହୁଟି ମଧ୍ୟ ଦେଶେ ରତ୍ନ ଓଡ଼ିଆଣୀ
> ଶୋଭେ । ଲ. ବ.

ସ୍ତ୍ରୀ-ଉତ୍କଳୀୟ ସ୍ତ୍ରୀ ।

**ଓଡ଼ିଶା**, ବି. ଉତ୍କଳ ଦେଶ ।

**ଓଡ୍ର**, ବି. ( ଉଡ୍-ର ) ଉତ୍କଳଦେଶ, ପୁଷ୍ପବୃକ୍ଷବିଶେଷ, ଜବାଫୁଲ, ଓଡ଼ ।

**ଓଡ଼ଣଷଷ୍ଠୀ**, ବି. (ଦେଶଜ)ମାର୍ଗଶିର ଶୁକ୍ଳ ଷଷ୍ଠୀ, ଜଗନ୍ନାଥ ଦେବଙ୍କ ଶୀତବସ୍ତ୍ରଗ୍ରହଣ ତିଥି ।

**ଓଢ଼ଣା**, ବି. ( ଅବଗୁଣ୍ଠନ ଶବ୍ଦଜ ) ଅବଗୁଣ୍ଠନ, ସ୍ତ୍ରୀଲୋକଙ୍କ ମୁଖାଚ୍ଛାଦନ ବସ୍ତ୍ର । ଯଥା—

> ଆଉ ଓଢ଼ଣାରେ ଉହାଡ଼ ନ ଥାଇ ହାସ କରଣ ଝଟକ ।

**ଓଢ଼ଣୀ**, ବି. (ଅବଗୁଣ୍ଠନ ଶବ୍ଦଜ) ସ୍ତ୍ରୀଲୋକମାନେ ପିନ୍ଧା ଲୁଗା ଉପରେ ଯେଉଁ ଆଚ୍ଛାଦନ ବସ୍ତ୍ର ବ୍ୟବହାର କରନ୍ତି । ବେହରଣ ବସ୍ତ୍ର ।

**ଓଢ଼ିବା**, କ୍ରି, ( ଆବୃତ ଶବ୍ଦଜ) ଘୋଡ଼ି ହେବା, ଆବୃତ ହେବା ।

**ଓତ**, ବି°. ( ଆ-ବେ-ତ ) ପ୍ରୋତ, ଅନ୍ତର୍ବ୍ୟାପ୍ତ, ଲୁଗାର ଲମ୍ବ ଅଡ଼ର ସୂତା, ଲୁଣ୍ଡି ।

**ଓତପ୍ରୋତ**, ବି°. ( ଓତ-ପ୍ରୋତ ) ସ୍ଥାନବ୍ୟାପ୍ତ, ସର୍ବ ସ୍ଥାନ ବ୍ୟାପି ରହିଥିବା ।

**ଓତା**, ବି. (ଉତ୍ତରୀୟ ଶବ୍ଦର ଅପଭ୍ରଂଶ) ଚଦର, ଉତ୍ତରୀୟ ବସ୍ତ୍ର । (ଉଦ୍ଗାତା ଶବ୍ଦଜ) ବ୍ରାହ୍ମଣର ଉପାଧି ବିଶେଷ ।

**ଓତୁ**, ବି. ପୁଂ. ( ଅବ୍-ତୁ ) ମାର୍ଜାର, ବିଲେଇ, ବିରାଡ଼ି ।

**ଓଥଲ**, ବି. (ଦେଶଜ) ଅକୃତଦାର, ଅବିବାହିତ, ଯାହାର ବିବାହର ବୟସ ଅତୀତ ହେଲେ ସୁଦ୍ଧା ବିବାହ କରି ନ ଥାଏ ।

**ଓଦନ**, ବି. ନ. (ଉଦ-ଅନ) ଅନ୍ନ, ଭାତ ।

**ଓଦର**, ବି. ( ଉଦର ଶବ୍ଦଜ ) ବାଉଁଶରେ ତିଆରି ଧାନ ପ୍ରଭୃତି ରହିବାର ଉପକରଣ-ବିଶେଷ । ( ବଳଦ ଗାଡ଼ି ଉପରେ ଏହା

ରଖାଯାଏ ) ଧାନ ରଖିବା ଉପକରଣ ବିଶେଷ ।

ଓଦା, ବିଂ. ( ଆର୍ଦ୍ର ଶବ୍ଦଜ ) ଆର୍ଦ୍ର ।

ଓଧ, ବି. ( ଉଦ୍ର ଶବ୍ଦଜ ) ଜଳମାର୍ଜାର ।

ଓପ୍ରୋଧ, (ଉପରୋଧ ଶବ୍ଦର ପଦ୍ୟ ପ୍ରୟୋଗ ) ଅନୁରୋଧ । ଯଥା—

ବନ୍ଧୁର ଓପ୍ରୋଧେ ନଳଗ୍ରାମ ।
ଯାଦବ ନଳ କର ଶାମ୍ୟ । ଭାଗବତ ।

ଓମ୍, ଅଂ. (ଅବ୍=ରକ୍ଷା କରିବା-ମ୍ ଅବା ଅ=ବିଷ୍ଣୁ-ଉ=ଶିବ-ମ୍=ବ୍ରହ୍ମା ) ପ୍ରଣବ, ସବୁ ମନ୍ତ୍ରର ଆଦ୍ୟୋଚାର୍ଯ୍ୟ ବର୍ଣ୍ଣ, ସ୍ୱୀକାର, ପ୍ରଶ୍ନ, ରୋଷ, ଅନୁମତି, ଆରମ୍ଭ, ଅପାକରଣ । ବି. ନ. ମଙ୍ଗଳ, ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଏହି ତ୍ରିବର୍ଣ୍ଣାତ୍ମକ ବୀଜମନ୍ତ୍ର ।

ଓମ୍ପଣ୍ଡିଆ, ବିଂ. ( ଗ୍ରାମ୍ୟ ) ଏକ ପାଖରୁ ଅନ୍ୟ ପାଖଯାଏ ।

ଓର, ବି. ( ଦେଶଜ ) ସୁବିଧା, ଉପାୟ, ଅନୁସନ୍ଧାନ ।

ଓରିବା କ୍ରି. ( ଦେଶଜ ) ଧାନ ରୋଇବାର ଉପଯୋଗୀ କରିବାପାଇଁ ଜମିକୁ କାଦୁଅ କରିବା ।

ଓରଫ, ବି. (ଯାବନିକ) ପ୍ରତିନିଧି, ମାରଫତ୍ ।

ଓରମାନ, ବି. ( ଦେଶଜ ) ମନର ବାସନା, ଆକାଂକ୍ଷା, ଅଭିଳାଷ ।

ଓସ୍, ବି. ( ଦେଶଜ ) ବଡ଼ କଣ୍ଢ କାଠ, (ସାଧାରଣତଃ ଗୁଳରେ ଲାଗେ )

ଓଡ଼ଆ, ବି. ( ଦେଶଜ ) ରାଜଭୋଜ୍ୟ ଅନ୍ନ, ସାର ।

ଓଲଗି } ବି. ( ହିନ୍ଦି ) ନମସ୍କାର । ଯଥା—
ଓଲଗ }

ସେକ୍ଷଣେ ମିଳି ସୁଲକ୍ଷଣୀ ମିତଣୀ,
ସଙ୍ଗେ ମାଙ୍ଗଳ୍ୟାଙ୍କୁ ଓଲଗି । କୋ. ଦୁ. ସୁ.

ଓଲଷ୍ଟା, ବି. (ଦେଶଜ) ବିପରୀତ । ଯଥା—

ଓଲଷ୍ଟା ଯୋଖିଲେ ସେ ବାଣ ପୁଣି ବସାଗ ଅଣେ ।
ଚ. ଭା.

ଓଲଣ, } ବି. (ଦେଶଜ) ପ୍ରାଚୀରାଦ୍ଧି ଲମ୍ବ ଭାବରେ
ଓଲମ, } ଉଠୁଅଛି କି ନାହିଁ ଇତ୍ୟାଦି ପରୀକ୍ଷା କରିବା ପାଇଁ ରାଜମିସ୍ତ୍ରୀମାନଙ୍କ ବ୍ୟବହୃତ ଯନ୍ତ୍ରବିଶେଷ, ଲମ୍ବମାନ ଭଳ୍ଳ ।

ଓଲମା, ବିଂ. (ଦେଶଜ) ଓଲୁ, ନିର୍ବୋଧ ।

ଓଲାଇବା, କ୍ରି. ( ଦେଶଜ ) ଓହ୍ଲାଇବା ।

ଓଲାଉଠା, ବି. ( ଦେଶଜ ) ରୋଗବିଶେଷ, ବିଧୂଚୀ ରୋଗ, ଏହି ରୋଗରେ ଗୋଡ଼ ହାତକୁ ଓଳି ଅର୍ଥାତ୍ ସ୍ନାୟୁରୁ ଏକ ପ୍ରକାର ଯନ୍ତ୍ରଣାଦାୟକ ଆକୁଞ୍ଚନ ଉଠେ, ଏଣୁକରି ଏହାକୁ ଓଲାଉଠା ରୋଗ କହନ୍ତି ।

ଓଲାରିବା, କ୍ରି. ( ଦେଶଜ ) ଛପରର ଖୋଲିବା ।

ଓଳି, ବି. (ଦେଶଜ) ଛପରର ଶେଷଭାଗ, ଦନାର୍ଦ୍ଧ, ମୃତ୍ତିକାପାତ୍ରବିଶେଷ, ସଦୃଶ, ପରି ।

ଓଳିଆ, ବି. (ଦେଶଜ) ଶସ୍ୟାଦି ବାନ୍ଧି ରଖିବାର ପାଳନିର୍ମିତ କୁଣ୍ଡୁଳା, ଯାହାଦ୍ୱାରା ନିର୍ଦ୍ଦିଷ୍ଟ ନିୟମରେ ଶସ୍ୟାଦି ବନ୍ଧାଗଲେ ତାକୁ ଓଳିଆ ବା ଓଳିୟା କହନ୍ତି । ଯଥା—

ମଝାରେ ବସନ୍ତି ଯେତିକି କପୁରମାଳିଆ ।
ସମସ୍ତଙ୍କ ଗାଣ୍ଡିମାନ ଯେସନ ଓଳିଆ । କୃ. ସିଂ. ମ.

ଓଲୁଆ, ବି. ( ଦେଶଜ ) ଖାଇବାରେ ଅସଂଯତ, ଅବାଧ, ଗୃଧ୍ନୁ ।

ଓଳିକିଆ, ବିଂ. (ଦେଶଜ) ଏକ ଓଳିସମ୍ବନ୍ଧୀୟ । ଓଳିଏ ମାତ୍ର ।

ଓଲୁ । } ବିଂ (ଉଲ୍ଲୁକ ଶବ୍ଦଜ) ନିର୍ବୋଧ, ଅନଭିଜ୍ଞ ।
ଓଲୁ }

ଓଲୁଅ } ବି.(ଦେଶଜ) ଗୁଳ୍ମଜାତୀୟ ବୃକ୍ଷବିଶେଷ,
ଓଲ } ଏହାର ମୂଳରେ ପିଣ୍ଡାକାର ପଦାର୍ଥ ଥାଏ, ତାହା ଅନେକ ଔଷଧାଦିରେ ବ୍ୟବହୃତ ହୁଏ ।

ଓଷଦ } ବି. (ଔଷଧ ଶବ୍ଦଜ) ଔଷଧ, ଇଲାଜ ।
ଓଷଧ }

ଓଷ, ବି. ପୁଂ. (ଉଷ୍-ଅ) ଦାହ, ଦହନ ।

ଓଷଧି } ବି. ସ୍ତ୍ରୀ. ( ଓଷ=ଉଷ୍ଣ-ଧା, ଧୀ )
ଓଷଧୀ }

ପ୍ରୋଷଧିର୍ଲତା, ଯେଉଁ ସବୁ ଲତା ଗଛ-କାଳରେ ଜଳେ, ଯେଉଁ ସବୁ ବୃକ୍ଷ (ଯଥା—ଧାନ୍ୟ ପ୍ରଭୃତି) ଫଳ ପକ୍ୱ ହେଲା ଉତ୍ତାରେ ଶୁଷ୍କ ହୁଏ, ସେମାନଙ୍କୁ ମଧ୍ୟ ଓଷଧି ବୋଲାଯାଏ ।

**ଓଷଧୀଶ**, ବି. ପୁଂ. (ଓଷଧି-ଈଶ) ଚନ୍ଦ୍ର, ନିଶାକର, କର୍ପୂର । ବି. ସ୍ତ୍ରୀ. ସୋମଲତା ।

**ଓଷ୍ଠ**, ବି. ପୁଂ. (ଉଷ୍ = ଦଗ୍ଧ ହେବା-ଠ) ଦନ୍ତଚ୍ଛଦ, ଓଠ । ଯଥା—

ବଦନ ଓଷ୍ଠ ସୁଷମା କର ପୁଷ୍ଟ ପୌର୍ଣ୍ଣମୀ ପ୍ରାଚୀ କି !
ବୈ. ବି ।

**ଓଷ୍ଠପୁଷ୍ପ**, ବି. ପୁଂ. (ଓଷ୍ଠ-ପୁଷ୍ପ) ବନ୍ଧୂକ ପୁଷ୍ପର ଗଛ ।

**ଓଷ୍ଠ୍ୟ**, ବିଂ. (ଓଷ୍ଠ-ଯ) ଓଷ୍ଠରୁ ଉଚ୍ଚାରିତ ବର୍ଣ୍ଣ । ଯଥା—ପ, ଫ, ବ, ଭ, ମ, ଉ, ଊ ଇତ୍ୟାଦି ।

**ଓସା**, ବି. ( ଉପବାସର ଅପଭ୍ରଂଶ ) ଉପବାସ, ଅନଶନ, ନିୟମ, ବ୍ରତ ।

**ଓସାର**, ବିଂ. (ଦେଶଜ) ବିସ୍ତାର, ପ୍ରସ୍ଥ ।

**ଓସ୍ତ**, ବି. ( ଅଶ୍ୱତ୍ଥ ଶବ୍ଦଜ ) ଅଶ୍ୱତ୍ଥଗଛ ।

**ଓସ୍ତାଦ**, ବି. ( ଯାବନିକ ) ଗୁରୁ, କୁଶଳ ।

**ଓହଳ**, ବି. (ଦେଶଜ)ବର ପ୍ରଭୃତି ଗଛରୁ ତଳକୁ ଚେର ପରି ଯେଉଁ ଅଂଶ ବାହାରେ ।

**ଓହଳିବା**, କ୍ରି. ବି. ( ଦେଶଜ ) ଦୋଳିବା । (ବ୍ରାହ୍ମଣଜାତିର) ନୀଚଜାତିରେ ମିଶିବା ।

**ଓହଳାଇବା**, କ୍ରି. ବି. (ଦେଶଜ) ଲଟକାଇବା, ଝୁଲି କରି କରିବା ।

**ଓହୋ**, ଅଂ. ଖେଦସୂଚକ ଅବ୍ୟୟ ।

**ଓହ୍ଲାଇବା**, କ୍ରି. ବି. ( ଦେଶଜ ) ଅବତୀର୍ଣ୍ଣ ହେବା, ତଳକୁ ଅବତରଣ କରିବା ।

—o—

# ଔ

**ଔ**, ଚତୁର୍ଦ୍ଦଶ, ସ୍ୱରବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ କଣ୍ଠ ଓ ଓଷ୍ଠ । ବି. ପୁଂ. ଅନନ୍ତ । ସ୍ତ୍ରୀ ପୃଥିବୀ । ଅଂ. ଆହ୍ୱାନ, ନିଷେଧ ।

**ଔଷ** / **ଔଷକ** } ବି. ନ. ( ଉଷସ୍-ଅ, କ ଯୋଗ) ବୃଷସମୂହ । ବିଂ. ବୃଷସମ୍ବନ୍ଧୀୟ

**ଔଖ୍ୟ**, ବି. ନ. (ଉଖା-ଯ) ସ୍ଥାଲୀପକ୍ୱ ।

**ଔଘ**, ବି. ପୁଂ. (ଓଘ-ଅ) ଜଳସଂଘାତ, ଜଳଗ୍ରନ୍ଥି ।

**ଔଚିତ୍ୟ**, ବି. ନ. (ଉଚିତ-ଯ) ଉପଯୁକ୍ତତା, କର୍ତ୍ତବ୍ୟତା, ନ୍ୟାଯ୍ୟତା ।

**ଔଜସିକ**, ବିଂ. (ଓଜସ୍-ଇକ) ତେଜସ୍ୱୀ, ଶୂର, ବଳଶାଳୀ ।

**ଔଜ୍ଜ୍ୱଲ୍ୟ**, ବି. ନ. (ଉଜ୍ଜ୍ୱଳ-ଯ)ଉଜ୍ଜ୍ୱଳତା, ଦୀପ୍ତି ।

**ଔଡ଼ୁପିକ**, ବିଂ. (ଉଡ଼ୁପ-ଇକ)ଉଡ଼ୁପସମ୍ବନ୍ଧୀୟ, ଭେଳାଦ୍ୱାରା ଯେ ନଦୀ ପ୍ରଭୃତି ପାର ହୁଏ ।

**ଔଡ଼ୁମ୍ବର**, ବିଂ. (ଉଡ଼ୁମ୍ବର-ଅ) ଉଡୁମ୍ବର କାଷ୍ଠ ନିର୍ମିତ, ତାମ୍ରନିର୍ମିତ ।

**ଔଡ଼୍ର**, ବି. ପୁଂ. (ଓଡ଼୍ର-ଅ) ଓଡ଼୍ରଦେଶର ରାଜା ।

**ଔତ୍ତରେୟ**, ବି. ପୁଂ. ( ଉତ୍ତରା-ଏୟ ) ଉତ୍ତରାର ଗର୍ଭଜାତ ଅଭିମନ୍ୟୁଙ୍କ ପୁତ୍ର, ପରୀକ୍ଷିତ ।

**ଔତ୍ତାନପାଦ**, ବି. ପୁଂ. ( ଉତ୍ତାନପାଦ-ଇ) ଉତ୍ତାନପାଦ ପୁତ୍ର, ଧ୍ରୁବ ।

**ଔତ୍ପାତିକ**, ବିଂ. (ଉତ୍ପାତ-ଇକ) ଦୈବ ଉତ୍ପାତ ସମ୍ବନ୍ଧୀୟ, ଉତ୍ପାତବିଶିଷ୍ଟ, ଅଶୁଭସୂଚକ ।

**ଔତ୍ସର୍ଗିକ**, ବିଂ. ( ଉତ୍ସର୍ଗ-ଇକ ) ସ୍ୱାଭାବିକ, ପ୍ରାକୃତିକ, ଅକୃତ୍ରିମ ।

**ଔତ୍ସୁକ୍ୟ**, ବି. ନ. ( ଉତ୍ସୁକ-ଯ ) ଉତ୍କଣ୍ଠା, ବ୍ୟଗ୍ରତା, ଆଗ୍ରହ ।

**ଔଦନିକ**, ବିଂ. ( ଓଦନ-ଇକ ) ପାଚକ, ସୂପକାର ।

ଔଦରିକ, ବିଂ. ( ଉଦର-ଇକ ) ପେଟୁ, ଉଦରମ୍ଭରି ।

ଔଦାର୍ଯ୍ୟ, ବି. ନ. ( ଉଦାର-ଯ ) ଉଦାରତା, ମହତ୍ତ୍ୱ, ବଦାନ୍ୟତା ।

ଔଦାସୀନ୍ୟ, ବି. ପୁଂ. (ଉଦାସୀନ-ଯ) ଉଦାସୀନତା, ଉପେକ୍ଷା, ନିଃସମ୍ପର୍କତା ।

ଔଦାସ୍ୟ, ବି. ନ. (ଉଦାସ-ଯ) ଅମନୋଯୋଗ, ବୈରାଗ୍ୟ, ଉପେକ୍ଷା ।

ଔଦ୍ଧତ୍ୟ, ବି. ନ. ( ଉଦ୍ଧତ-ଯ ) ଧୃଷ୍ଟତା, ଅନମ୍ରତା, ଅଶିଷ୍ଟତା ।

ଔଦ୍ୱାହିକ, ବିଂ. ( ଉଦ୍ୱାହ-ଇକ ) ବିବାହକାଳଲବ୍ଧ ଯୌତୁକ ।

ଔଦ୍ଭିଦ, ଔଦ୍ଭିଜ୍ଜ } ବିଂ. ( ଉଦ୍ଭିଦ, ଉଦ୍ଭିଜ୍ଜ-ଅ ) ଉଦ୍ଭିଦସଂକ୍ରାନ୍ତ, ସୈନ୍ଧବଲବଣ ।

ଔଧସ୍ୟ, ବି.ନ. (ଉଧସ୍-ଯ ) ପଶୁର ସ୍ତନ୍ୟଦୁଗ୍ଧ ।

ଔନ୍ନତ୍ୟ, ବି. ନ. ( ଉନ୍ନତ-ଯ ) ଉଚ୍ଚତା, ଉନ୍ନତି ।

ଔପଗବ, ବି. ପୁଂ. ( ଉପଗୋ-ଅ ) ଗୋପାଳକପୁତ୍ର ।

ଔପଚାରିକ, ବିଂ. ( ଉପଚାର-ଇକ ) ଉପଚାରସମ୍ବନ୍ଧୀୟ ।

ଔପନଧିକ, ବି. ନ. ( ଉପନଧି-କ ) ଭୋଗାର୍ଥ ପ୍ରୀତିପୂର୍ବକ ଅର୍ପିତ ଦ୍ରବ୍ୟ ।

ଔପନିବେଶିକ, ବିଂ. ( ଉପନିବେଶ-ଇକ ) ଉପନିବେଶସମ୍ବନ୍ଧୀୟ ।

ଔପନୀବିକ, ବିଂ. (ଉପ-ନୀବି-ଇକ) ନୀବି ସମୀପରେ ସ୍ଥିତ ।

ଔପପତ୍ତିକ, ବିଂ. (Theoretical) (ଉପପତ୍ତି-ଇକ) କଳ୍ପିତସିଦ୍ଧାନ୍ତ ଗ୍ରନ୍ଥଦ୍ୱାରା ଯାହା ପ୍ରତିପନ୍ନ ହୁଏ ।

ଔପମ୍ୟ, ବି. ନ. (ଉପମା-ଯ) ସାଦୃଶ୍ୟ, ତୁଲ୍ୟତା ।

ଔପଲ, ବିଂ. ( ଉପଲ-ଅ ) ପ୍ରସ୍ତରସମ୍ବନ୍ଧୀୟ, ଉପଲନିର୍ମିତ, ଉପଲମୟ ।

ଔପସର୍ଗିକ, ବି. ପୁଂ. ( ଉପସର୍ଗ-ଇକ) ସନ୍ନିପାତ ରୋଗବିଶେଷ । ବିଂ. ଉପସର୍ଗସମ୍ବନ୍ଧୀୟ ।

ଔପାଧିକ, ବିଂ. (ଉପାଧି-ଇକ) ଉପାଧିସମ୍ବନ୍ଧୀୟ, ବୈଶେଷିକ, ଅସ୍ଥାୟୀ, ଉପାଧିବିଶିଷ୍ଟ । ଯଥା—

ଔପାଧିକ ରଜା ଉଚ୍ଚାସନେ ବସି,
ଖୁବ୍ ହେଉଛନ୍ତି ରଜା ନଉରତି— ଦରବାର ।

ଔରଭ୍ର, ବି.ନ. (ଉରଭ୍ର-ଅ) କମ୍ବଳ, ଊର୍ଣ୍ଣାନିର୍ମିତ ଆସନ, ଗାଲିଚା, ମେଷସମୂହ । ବିଂ. ମେଷସମ୍ବନ୍ଧୀୟ ।

ଔରସ, ଔରସ୍ୟ } ବିଂ. (ଉରସ୍-ଅ,ଯ) ଧର୍ମପତ୍ନୀଜାତ ପୁତ୍ର, ସ୍ୱୟଂ ଉତ୍ପାଦିତ ସନ୍ତାନ, ଦ୍ୱାଦଶ ପ୍ରକାର ପୁତ୍ର ମଧ୍ୟରେ ଶ୍ରେଷ୍ଠ । ଯଥା—

ସ୍ୱେ କ୍ଷେତ୍ରେ ସଂସ୍କୃତାୟାଂ ତୁ ସ୍ୱୟମୁତ୍ପାଦୟେଦ୍ଧି ଯଂ ।
ଔରସଂ ତଂ ବିଜାନୀୟାତ୍ ପୁତ୍ରଂ ପ୍ରଥମକଳ୍ପିତଂ ॥

ଔର୍ଦ୍ଧ୍ୱଦେହିକ, ଔର୍ଦ୍ଧ୍ୱଦୈହିକ } ବି. ନ. (ଊର୍ଦ୍ଧ୍ୱ-ଦେହ-ଇକ) ଅନ୍ତ୍ୟେଷ୍ଟି, ପ୍ରେତକୃତ୍ୟ, ଅଗ୍ନିସଂସ୍କାରାଦି ।

ଔର୍ବ, ବି. ପୁଂ. (ଉର୍ବ-ଅ) ବାଡ଼ବାନଳ । (ଉରୁ-ଅ) ଭୃଗୁନନ୍ଦନ, ଶୁକ୍ର । (ଉର୍ବୀ-ଅ) ପାଂଶୁଲବଣ । ବିଂ. ପାର୍ଥିବ । ଯଥା—

—ଗିରିବ୍ରଜେ ତଥା
ବ୍ରଜ, ତମଃପୁଞ୍ଜେ ତେଜଃ, ଔର୍ବ ସିନ୍ଧୁଜଳେ । ମ. ଯା.

ଔର୍ବଶେୟ, ବି. ପୁଂ. (ଉର୍ବଶୀ-ଏୟ) ଉର୍ବଶୀପୁତ୍ର, ଅଗସ୍ତ୍ୟ ।

ଔଲୂକ, ବି. ପୁଂ. (ଉଲୂକ-ଅ) ପେଚକସମୂହ ।

ଔଶନସ, ବି. ନ. (ଉଶନସ୍-ଅ) ଶୁକ୍ରାଚାର୍ଯ୍ୟପ୍ରଣୀତ ଶାସ୍ତ୍ର ।

ଔଶୀର, ଔଷୀର } ବି.ନ. (ଉଶୀର, ଉଷୀର-ଅ) ଚାମର ଦଣ୍ଡ, ଶୟନାସନ, ଶୟନ । ବିଂ. ଉଶୀରସଂକ୍ରାନ୍ତ ।

ଔଷଧ, ବି. ନ. (ଓଷଧି-ଅ) ରୋଗନାଶକ ବସ୍ତୁ, ଭେଷଜ ।

ଔଷଧାଜୀବ, ବିଂ. (ଔଷଧ-ଆଜୀବ) ଔଷଧ ବିକ୍ରୟଦ୍ୱାରା ଯାହାର ଜୀବିକା ନିର୍ବାହିତ ହୁଏ, ଔଷଧବ୍ୟବସାୟୀ ।

ଔଷଧାଳୟ, ବି. ପୁଂ. (ଔଷଧ-ଆଳୟ) ଡାକ୍ତରଖାନା, ଯେଉଁଠାରେ ଔଷଧାଦି ବଣ୍ଟିତ ଏବଂ ବ୍ୟବସ୍ଥିତ ହୁଏ ।

ଔଷ୍ଟ୍ର, ବିଂ. (ଉଷ୍ଟ୍ର-ଅ) ଉଷ୍ଟ୍ରସମ୍ବନ୍ଧୀୟ ।

ଔଷ୍ଠ୍ୟ, ବିଂ. (ଓଷ୍ଠ-ଯ) ଓଷ୍ଠରୁ ଉଚ୍ଚାର୍ଯ୍ୟ ବର୍ଣ୍ଣ ।

ଔଷ୍ଣ } ବି. ନ. (ଉଷ୍ଣ-ଅ, ଯ) ଉଷ୍ଣତା ।
ଔଷ୍ଣ୍ୟ }

ଔଷ୍ଣୀକ, ବିଂ. (ଉଷ୍ଣୀଷ-କ) ଉଷ୍ଣୀଷଧାରୀ । ବି.ପୁଂ ରାଜା ।

ଔତ୍ସୁକ୍ୟ, ବି. ନ. (ଉତ୍ସୁକ-ଅ) ଉତ୍ସୁକତା ।

---

# କ

କ, ବି.ପୁଂ. ପ୍ରଥମ ବ୍ୟଞ୍ଜନବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ କଣ୍ଠ । (କୈ=ଶବ୍ଦ କରିବା ଅଥବା କତ୍=ଦୀପ୍ତି ପାଇବା-ଅ ) ବ୍ରହ୍ମା, ବିଷ୍ଣୁ, ରୁଦ୍ର, ବାୟୁ, ଯମ, ସୂର୍ଯ୍ୟ, ଆତ୍ମା, ରାଜା, ଅଗ୍ନି, ଦକ୍ଷ, ପକ୍ଷୀ, କନ୍ଦର୍ପ, କାଳ, ଦୀପ୍ତି, ରୋଗ, ମୟୂର, ଶରୀର, ଶବ୍ଦ, କେଶ । ନ. ମସ୍ତକ, ଜଳ, ସୁଖ, ମନ, ଧନ ।

କଁ କଁ } ଅଂ. ଅନୁକରଣ ଧ୍ୱନି ।
କଅଁ କଅଁ }

କଅଁସ—ବିଂ. (ଦେଶଜ) ପାଣ୍ଡୁରବର୍ଣ୍ଣବିଶିଷ୍ଟ ।

କଅଁଳ, ବିଂ. (କୋମଳ ଶବ୍ଦଜ) କୋମଳ, ମୃଦୁ, ନରମ ।

କଅଁଳା } ବିଂ. (କୋମଳ ଶବ୍ଦଜ) ସଦ୍ୟୋ-
କଅଁଳିଆ } ଜାତ, ଅତ୍ୟଳ୍ପବୟସ୍କ ।

ଯଥା—

କାଳକପାଳ ହେଲା ଗୋପରେ ଭଙ୍ଗା,
କଅଁଳା ପୁଅର ଗ୍ରେଷ ଜାବଙ୍କା । ର. କ.

କଅଁଳିବା, କ୍ରି, (କୋମଳ-ଶବ୍ଦଜ) ପଲ୍ଲବିତ୍ବା ।

କଇଁ, ବି. ନ. (କୁମୁଦ ଶବ୍ଦଜ) ଜଳଜାତ ପୁଷ୍ପବିଶେଷ, କୁମୁଦ, କୈରବ ।

କଇଁଆ, ବି. ଚନ୍ଦ୍ରୀଳୀ, ଅମ୍ବରପବିଷ୍ଟ ପକ୍ଷୀବିଶେଷ ।

କଇଁ କଇଁ, ଅଂ (ଦେଶଜ) କୁକୁରର ଅନୁକରଣ ଧ୍ୱନି ।

କଇଁଚ, ବିଂ. (ଦେଶଜ) କଚୁରୀ ।

କଇଁଚ କାକୁଡ଼ି, ବି. (ଦେଶଜ) ବିମ୍ବଫଳ ।

କଇଁଛ, ବି. ପୁଂ. (କଚ୍ଛପ ଶବ୍ଦଜ) କୂର୍ମ ।

କଇଁବେଣ୍ଟ, ବି. ( ଦେଶଜ ) କୁମୁଦର ପୁଷ୍ପ ଶାଖାକୋଷ ।

କଇ, ବି. (ଦେଶଜ) ବମନ, ବାନ୍ତି ।

କଇଥ, ବି. (କପିତ୍ଥ ଶବ୍ଦଜ) ବୃକ୍ଷବିଶେଷ, ଫଳ ବିଶେଷ ।

କଇଁଥା, ବିଂ. (ଦେଶଜ) ଦରଚିହ୍ନା, ଅପକ୍ୱ ।

କଇଁସାନ, ବି. (ଦେଶଜ) ବାଲିଆ ଭୂମିରେ ମାଡ଼ିଥିବା ଏକପ୍ରକାର ଲତା, କଂସାରିଲତା ।

ଯଥା —

କଇଁସାର ଲତା ଶ୍ୟାମଳ ବାଲିସ୍ତୂପର ଛାୟା,
ଦିବା ଅବସାନ ଦେଖିଣ କମେ ବସ୍ତ୍ରାରେ କାୟା । ଚନ୍ଦ୍ରଭାଗା

କଇଦ୍, ବି. (ଯାବନିକ) ବନ୍ଦୀ, ଅବରୋଧ ।

କଇଦଖାନା, ବି. ( ଯାବନିକ ) ଜେଲଖାନା, ବନ୍ଦୀଗୃହ, କାରାଗାର ।

କଇଦୀ, ପୁଂ. (ଯାବନିକ) ବନ୍ଦୀ, ଯେଉଁ ଅପରାଧୀକୁ ଅଟକ ରଖାଯାଏ ।

କଇଫିୟତ୍ } ବି. (ଯାବନିକ) ଦୋଷର ସ୍ୱପକ୍ଷ
କୈଫିଅତ୍ } ସମର୍ଥନ ।

କଇରି, ବି. (ଦେଶଜ) ଧାନ୍ୟାଦି ରଖିବାର ବେତ ବା ବାଉଁଶନିର୍ମିତ ବୃହତ୍ ପାତ୍ର ।

କଉ; ବି. (କବୟୀ ଶବ୍ଦଜ) ମତ୍ସ୍ୟବିଶେଷ ।

କଉଡ଼ି, ବି. (କାକିନୀ ବା କପର୍ଦ୍ଦକ ଶବ୍ଦଜ) କପର୍ଦ୍ଦକ, ବରାଟକ, ଅସ୍ଥିଖଣ୍ଡଜ୍ଞାପିତ ମୁଦ୍ରାବିଶେଷ, ଅର୍ଥ, ଧନ, ମୁଦ୍ରା ।

କଉପିନୀ, ବି. (କୌପୀନ ଶବ୍ଦଜ) ଚୀରବସନ ।

କଂଶ } ବି. ପୁଂ. (କମ୍-ଶ, ସ = ସଂଜ୍ଞାର୍ଥେ)
କଂସ } ଅସୁରବିଶେଷ, ଉଗ୍ରସେନର ପୁତ୍ର, ବସୁଦେବର ଶ୍ୟାଳକ, କୃଷ୍ଣଙ୍କର ମାମୁ, ତୈଜସ ଦ୍ରବ୍ୟ, ସ୍ୱର୍ଣ୍ଣରଜତାଦିନିର୍ମିତ ପାନପାତ୍ର, ପରିମାଣବିଶେଷ, ଆଢ଼କ ।

କଂସକ, ବି. ନ. (କଂସ-କ) ପୁଷ୍ପକାସୀସ, ଉପଧାତୁବିଶେଷ ।

କଂସକାର, ବି. ପୁଂ. (କଂସ-କୃ-ଅ) କଂସାରି, ଯେଉଁମାନେ କାଂସ୍ୟପାତ୍ରାଦି ନିର୍ମାଣ କରନ୍ତି ।

କଂସଜିତ୍, ବି. ପୁଂ. (କଂସ-ଜି ୦) ବିଷ୍ଣୁ, ଶ୍ରୀକୃଷ୍ଣ ।

କଂସା, ବି. (କାଂସ୍ୟ ଶବ୍ଦଜ) ରଙ୍ଗ ଓ ତମ୍ବାନିର୍ମିତ ଧାତୁପାତ୍ରବିଶେଷ, ରଙ୍ଗ ଓ ତମ୍ବାମିଶ୍ରିତ ଧାତୁ ।

କଂସାଇ } ବି. (ଦେଶଜ) ପଶୁଘାତୀ, ଯେ
କଂସେଇ } ପଶୁହତ୍ୟା କରେ, ନିଷ୍ଠୁର, କୁତ୍ସିତ

କଂସାବତୀ, ବି. ସ୍ତ୍ରୀ. ଉଗ୍ରସେନକନ୍ୟା, ଦେବଶ୍ରବାର ପତ୍ନୀ ।

କଂସାରି, ବି. ପୁଂ. (ଦେଶଜ) ଜାତିବିଶେଷ, କଂସାନିର୍ମାତା, କଇଁସାରି ଲତା ।

କଂସାରି, ବି. ପୁଂ. (କଂସ-ଅରି) କୃଷ୍ଣ, ବିଷ୍ଣୁ, ନାରାୟଣ ।

କଂସାଳ, ବି. ନ. ଝାଞ୍ଜ । ଯଥା—

କଂସାଳ ତାଳ କଂସାଳ ପଟହ ଝର୍ଝର ।

କକଡ଼ା, ବି. (କର୍କଟ ଶବ୍ଦଜ) ସୌର ଶ୍ରାବଣ ମାସ । ଯଥା—

କକଡ଼ା ହରା, ସିଂହ ଚଉଠା, କନ୍ୟେ ନପଞ୍ଚନ ସେ,
ତୁଳ ମାସରେ ମୂଳରେ ଫଳେ ବଢ଼ ବଢ଼ କରି ଥୋ ।
ଡାକବଚନ ।

କକଡ଼ାଶୃଙ୍ଗୀ ବି. (କର୍କଟଶୃଙ୍ଗୀ ଶବ୍ଦଜ) ଔଷଧ ଦ୍ରବ୍ୟବିଶେଷ ।

କକା
କକାଇ } ବି. (ଦେଶଜ) ପିତାଙ୍କ କନିଷ୍ଠ-
କକେଇ } ଭ୍ରାତା ।

କକୁଣ୍ଡଳ, ବି. ପୁଂ. ସ୍ତ୍ରୀ. ଶୃଗାଳପକ୍ଷୀ ।

କକୁତ୍ସ୍ଥ, ବି. ପୁଂ. (କକୁଦ୍ = ରାଜଚିହ୍ନ-ସ୍ଥା-ଅ ଅଥବା କକୁଦ୍ = ବୃଷଭର କୂଳ-ସ୍ଥ) ସୂର୍ଯ୍ୟବଂଶୀୟ ନୃପବିଶେଷ ।

କକୁଦ୍, ସ୍ତ୍ରୀ. } ବି. (କ = ସୁଖ-କୁ =
କକୁଦ, ପୁଂ. ନ. } ଶବ୍ଦ କରିବା-ଦ୍, ଦ ସଂଜ୍ଞାର୍ଥେ) ବୃଷଭର କୂଳ, ବାହୁମୂଳ, ଛତ୍ର ଚାମରାଦି ରାଜଚିହ୍ନ, ପର୍ବତଶୃଙ୍ଗ । ଶ୍ରେଷ୍ଠ ।

କକୁଦ୍ମତୀ, ବି. ସ୍ତ୍ରୀ (କକୁଦ୍-ମତ୍-ଈ) କଟିଦେଶ ।

କକୁଦ୍ମାନ୍ ବି. ପୁଂ. (କକୁଦ୍-ମତ୍) ବୃଷ, ଷଣ୍ଢ, ଗିରି, ପର୍ବତ ।

କକୁଦ୍ମୀ, ବି. ପୁଂ. (କକୁଦ୍-ମିନ୍) ବୃଷ, ପର୍ବତ, ନୃପବିଶେଷ ।

କକୁଭ୍, ବି. ସ୍ତ୍ରୀ (କ = ବାୟୁ-ସ୍କୁନ୍ଭ୍ = ବିସ୍ତାର କରିବା-୦) ଦିଗ, ଶୋଭା, ଦେଶ, ଚମ୍ପକମାଳା, ଚମ୍ପକଶାଖା, ରାଗିଣୀବିଶେଷ । ଦିଗ ଅର୍ଥରେ ଯଥା—

କକୁଭ ନଭ ହସିଲେ ଶୋଭା । ର. କ.

କକୁଭ, ବି. ପୁଂ. (କ ସ୍କୁନ୍ଭ୍-ଅ) ରାଗବିଶେଷ, ବୀଣାର ପ୍ରାନ୍ତସ୍ଥ ବକ୍ର କାଷ୍ଠ, ବୀଣାର ଲାଉ, ଅର୍ଜୁନଗଛ, ପକ୍ଷିବିଶେଷ ।

କକ୍କୋଲ, ବି. ପୁଂ. ନ. (କକ୍-କୁଲ-ଅ) ଗନ୍ଧଦ୍ରବ୍ୟବିଶେଷ, କାଙ୍କଲା ।

କକ୍ଖଟୀ, ବି. ସ୍ତ୍ରୀ. ( କକ୍-ଅଟ୍-ଈ ) ଖଡ଼ୀ, କଠିଣୀ ।

କକ୍ଷ, ବି. ପୁଂ. (କଷ୍-ସ) ବାହୁମୂଳ, ପାର୍ଶ୍ୱ, ଶୁଷ୍କ ତୃଣ, ତୃଣ, ଜଙ୍ଗଲ, ଶୁଷ୍କବନ, ମନୁଷ୍ୟ ପାପ, ସ୍କନ୍ଧାଗ୍ରଦ, ପ୍ରତିଯୋଗିତା, କକ୍ଷ ବିସ୍ତାଞ୍ଚଳ, ନକ୍ଷତ୍ର, ଗ୍ରହମାନଙ୍କର ପରିଭ୍ରମଣର ଗୋଲାକାର ପଥ, ରାଜାନ୍ତଃପୁର, ପ୍ରକୋଷ୍ଠ ।

**କକ୍ଷା** } ବି. ସ୍ତ୍ରୀ. ( କଷ୍ ସ-ଅ, ଯ-ଅ )
**କକ୍ଷ୍ୟା** } ହସ୍ତିର ଗଳା ବା କକ୍ଷବନ୍ଧନ ରଜ୍ଜୁ, ସ୍ତ୍ରୀମାନଙ୍କର କଟିବନ୍ଧ, ଚନ୍ଦ୍ରହାର, କୋଠରୀ, ମହଲ, ରାଜାନ୍ତଃପୁର, ରଥର ମଧ୍ୟଭାଗ, ପ୍ରତିଯୋଗିତା, ବସ୍ତ୍ରାଞ୍ଚଳ, ଗୃହଦାଣ୍ଡ, ରୋଗବିଶେଷ, କାଞ୍ଚୀ ।

**କକ୍ଷାପଟ,** ବି. ପୁଂ. (କକ୍ଷା = କଟିବନ୍ଧ-ପଟ = ବସ୍ତ୍ର) କୌପୀନ, କୌପୁନୀ ।

**କକ୍ଷାବେକ୍ଷକ,** ବି. ପୁଂ. (କକ୍ଷ = ଅନ୍ତଃପୁର-ଅବେକ୍ଷକ = ଦ୍ରଷ୍ଟା) ଦ୍ୱାରପାଳ, ଅନ୍ତଃପୁରରକ୍ଷୀ, ଉଦ୍ୟାନପାଳ, ଚିତ୍ରକର, ଲମ୍ପଟ ।

**କଖାରୁ,** ବି. (କର୍କାରୁ ଶବ୍ଦଜ) ଲତାଫଳବିଶେଷ ।

**କଙ୍କ,** ବି. ପୁଂ. (କକ୍-ଅ) ଯମ, କ୍ଷତ୍ରିୟ, ଛଳବ୍ରାହ୍ମଣ (ଯୁଧିଷ୍ଠିର ବିରାଟ ନଗରରେ ଅଜ୍ଞାତବନବାସ କଲାବେଳେ ଏହି ନାମରେ ଅଭିହିତ ହୋଇଥିଲେ), ପକ୍ଷିବିଶେଷ । ଯଥା—

ବ୍ୟାଳେ ମୃଣାଳବୁଦ୍ଧି କରନ୍ତି, କଙ୍କ ନକୁଳ ଯେ ନ ଧରନ୍ତି,
ପକ୍ଷୀ ଛାୟାକୁ ଭାଳେ ଧାଆନ୍ତି ବହାଳେ ଭ୍ରମେ ଯେ । ଲା. ନ.

କଂସର ଭାଇ ।

**କଙ୍କଟ,** ବି. ପୁଂ. ( କଂ-କଟ୍ = ଆବରଣ କରିବା-ଅ ) ସାଞ୍ଜୁ, କବଚ, ଉରସ୍ତ୍ରାଣ । ଯଥା—

ସନ୍ନଦ୍ଧ କଙ୍କଟ କାହାଁ ଉରଃ, ସମେଖଳ କଟି । ମ. ଯା. ।

**କଙ୍କଡ଼ା,** ବି. (କର୍କଟ ଶବ୍ଦଜ) ଜଳଜନ୍ତୁ ବିଶେଷ ।

**କଙ୍କଣ,** ବି. ନ. (କଣ୍-(ଯଙ୍ଲୁଗନ୍ତ) ଅ) କରଭୂଷଣବିଶେଷ, ହସ୍ତସୂତ୍ର, ମେଖଳା, ଶେଖର, ଦେଶବିଶେଷ । ଯଥା —

ଉଦ୍ଧବ, କହିବଟି ଗୋପୀନାଥଙ୍କୁ,
କର କନକ ଅଙ୍ଗୁଳର ମଧ୍ୟରୁ,
କଙ୍କଣ ହୋଇଲାଣି ହସ୍ତରୁ । ଉ. ଦୂ.

(**ମେଖଳା ଅର୍ଥରେ**) ଯଥା—

**କଣ୍ଠ ଗଦ୍‌ଗଦରୁ ବାଣୀ ନ ପାରେ କହି,
କଙ୍କଣ ହୋଇ କଙ୍କନ ଯାଉଛି ବହି । ର. ଭ.**

**କଙ୍କଣୀ,** ବି. ସ୍ତ୍ରୀ. (କଙ୍କଣ-ଈ) କ୍ଷୁଦ୍ର ଘଣ୍ଟିକା, ଘୁଙ୍ଗୁର ।

**କଙ୍କତ,** ପୁଂ. }
**କଙ୍କତୀ.** ସ୍ତ୍ରୀ. } ବି. (କକ୍ କ୍ ଅତ, ଅତ-ଈ, ଅତ-ଇକ-ଆ) କେଶମଧ୍ୟରେ ଯାହା ଗମନ କରେ,
**କଙ୍କତିକା,** ସ୍ତ୍ରୀ. } ପାନିଅଁ, ଚିରୁଣୀ । ଯଥା—

ମର୍ଦ୍ଦଳାକାର କଙ୍କତିକା ଥିଲା; କାଙ୍କଣ୍ଠା କମ ସୁଷମା ପିନ୍ଧିଲା । ଲ. ବ.

**କଙ୍କପତ୍ର,** ବି. ପୁଂ. (କଙ୍କ-ପତ୍ର) ବାଣ, କଙ୍କ ପକ୍ଷିର ପର । ଯଥା—

ପଡ଼ିଲେ ଅନୁରାଗ, ବିରାଗ କଙ୍କପତ୍ରେ ତାହାର ।

**କଙ୍କପୁରୀ,** ବି. ସ୍ତ୍ରୀ. ସୁଖଦାୟିନୀ ପୁରୀ, କାଶୀ, ବାରାଣସୀ ।

**କଙ୍କମାଳା,** ବି. ସ୍ତ୍ରୀ. (କଙ୍କ-ମାଳା) କରତାଳ ବାଦନ ।

**କଙ୍କମୁଖ,** ବି. ପୁଂ. (କଙ୍କ-ମୁଖ, କଙ୍କପକ୍ଷିର ମୁଖପର ଯାହାର ମୁଖ) ଚିମୁଟା, ସଣ୍ଡୁଆସୀ ।

**କଙ୍କର,** ବି. ନ. (କଂ-କୃ-ଅ) ଘୋଳଦହି, ତକ୍ର, କରକଣ୍ଟି, ଗୋଡ଼ି । ବିଂ. କର୍କଶ, କଠିନ ।

**କଙ୍କଶାୟୀ,** ବି. ପୁଂ. (କଙ୍କ-ଶାୟୀ) କୁକ୍କୁର ।

**କଙ୍କାଳ** (Skeleton), ବି. ପୁଂ. (କଙ୍କ-ଅଲ) ଅସ୍ଥିପଞ୍ଜର, ଶରୀରର ରକ୍ତ ମାଂସ ଚର୍ମାଦି ବିଯୁକ୍ତ କଲେ କେବଳ ଯଥାସ୍ଥାନସନ୍ନିବିଷ୍ଟ ଅସ୍ଥିମାତ୍ରକୁ କଙ୍କାଳ କହାଯାଏ । ଯଥା—

ଭଗ୍ନାସ୍ଥି, ଛିନ୍ନ ବର୍ମ, ଛିନ୍ନ ଢାଲ,
ମଟରେ ପଡ଼ିଅଛି ଅସଂଖ୍ୟ କଙ୍କାଳ । ନ. କେ.

**କଙ୍କାଳମାଳୀ,** ବି. ପୁଂ. (କଙ୍କାଳମାଳା-ଇନ୍) ଅସ୍ଥିମାଳାଧାରୀ, ଶିବ, ରୁଦ୍ର ।

**କଙ୍କାଳମାଳିନୀ,** ବି. ସ୍ତ୍ରୀ. (କଙ୍କାଳମାଳା-ଇନ୍-ଈ) ରୁଦ୍ରାଣୀ, ଦୁର୍ଗା ।

କଙ୍କୀ, ବି. ପୁଂ (ଦେଶଜ) ଉଡ଼ନ୍ତା ପତଙ୍ଗ-ବିଶେଷ । ସାଧାରଣତଃ ଏହି ଜୀବ ଘୋର ବର୍ଷାକାଳରେ ଦୃଷ୍ଟିଗୋଚର ହୁଅନ୍ତି ।

ଯଥା—

ଦେଖ ଦେଖ ଅଗ୍ରତେ ଏ ସରସୀଜଳେ
ପଦ୍ମ ମଣ୍ଡୂକ କୂର ଅଛି କବଳେ
ଚଳଲେ ସରୁଁ ସରୁଁ, ଉର୍ଦ୍ଧେ ଉଡ୍ଡୀନ
ଉଡ୍ଡନ୍ତି ଶିଶୁ କଙ୍କୀ ଦେଖ ଗିଳଣ । ଭୂ. ସ୍ତ.

କଙ୍ଗାଳ ବିଂ. (ଦେଶଜ) ଅଲକ୍ଷ୍ମୀ ।

କଚ୍, ବି. ପୁଂ. ( କଚ୍ =ବନ୍ଧନ କରିବା ଇତ୍ୟାଦି-ଅ) କେଶ, ବୃହସ୍ପତିଙ୍କ ପୁତ୍ର, ଶୁଷ୍କବ୍ରଣ, ମେଘ ।

କଚଟ୍ଟ, ବି. (ଦେଶଜ) ହସ୍ତାଲଙ୍କାରବିଶେଷ, ମଣିବନ୍ଧ । ଯଥା—

କରେ କଙ୍କଣ କଚଟ୍ଟ ବାନ୍ଧୁଛି ।

କଚଡ଼ା, ବି. (ଦେଶଜ) ଧାନଗଛର ମୂଳରୁ କାଟି ବିଡ଼ା ବାନ୍ଧିଲେ ସେ ବିଡ଼ାକୁ କଚଡ଼ା କହନ୍ତି । କୌଣସି ପଦାର୍ଥକୁ ଊର୍ଦ୍ଧ୍ୱକୁ ଉତ୍ତୋଳନ କରି ସବଳେ ତଳେ ନିକ୍ଷେପ କରିବା । ଗୋଡ଼ ଖସି ତଳେ ପଡ଼ିବା ।

କଚରକଚର, ବି. ( ଦେଶଜ ) ଅବ୍ୟକ୍ତ ଶବ୍ଦ, ପକ୍ଷିର ଧ୍ୱନି ।

କଚରମଚର, ବି. (ଦେଶଜ) ଅବ୍ୟକ୍ତ ଶବ୍ଦ, ଅନୁକରଣ ଅବ୍ୟୟ ।

କଚରା, ବି. ଦେଶଜ) ଅଳଆ । ବିଂ. ସନ୍ତସନ୍ତିଆ, କର୍ଦ୍ଦମାକ୍ତ ।

କଚ୍ଚ } ବିଂ. ଧୁଆ ବା ଧୌତ, କଞ୍ଚା, ଅଦୃଢ଼,
କଚ୍ଚା } ଅନୁତ୍ତମ, ଅପକ୍ୱ ।

କଚ୍ଚଡିବା, କ୍ରି. ବି. (ଦେଶଜ) ଊର୍ଦ୍ଧ୍ୱକୁ ଉତ୍ତୋଳନ କରି ସବଳେ ତଳେ ନିକ୍ଷେପ ।

କଚିବା, କ୍ରି. ( ଦେଶଜ ) ଛେଚିବା, ଉପରକୁ ଉଠାଇ ତଳକୁ ଛାଡିବା,

କଚ୍ଚୀ, ବି. ସ୍ତ୍ରୀ. (କଚ-ଈ) ଯାଲୁବାଲୁ:- ସାଲୁ ।

କଚୁର } ବି. (କର୍ଚ୍ଚୂରିକା ଶବ୍ଦଜ ) ପିଷ୍ଟକ-
କଚ୍ଚୁର } ବିଶେଷ ।

କଚେରୀ } ବି (ଯାବନିକ ) ବିଚାରାଳୟ,
କଚିରୀ } ଜମିଦାରୀସଂକ୍ରାନ୍ତ କାଗଜପତ୍ର ରହିବାର ସ୍ଥାନ ।

କଚ୍‌କଚ୍, ଅଂ. (ଦେଶଜ) ଅବ୍ୟକ୍ତ ଶବ୍ଦ ।

କଛର, ବିଂ. (କୁ-ଛର) ମଳିନ, କୁତ୍ସିତ, ମଳ-ଦୂଷିତ, ଦୁର୍ବୃତ୍ତ, ଦୁର୍ଗନ୍ଧ । ବି. ନ. ତକ୍ର, ଘୋଳଦହି ।

କଚ୍ଛ, ବି. ପୁଂ. (କ-ଛୋ-ଅ, ବା କର୍‌-ଛ) ବୃକ୍ଷ-ବିଶେଷ, ନୌକାର ପଶ୍ଚାଦ୍‌ଭାଗ, ନଦୀ-ପ୍ରଭୃତିର ତୀର, ଜଳମୟ ଦେଶ ବା ସ୍ଥାନ, ପର୍ବତର ନିକଟବର୍ତ୍ତୀ ସମ ପ୍ରଦେଶ, ସଂପୁଟ, ଗୋଲ, ଭାରତବର୍ଷର ପଶ୍ଚିମଭାଗସ୍ଥ ପ୍ରଦେଶ-ବିଶେଷ, ( ଦେଶଜ ) କୂର୍ମ, ବିଷ୍ଣୁଙ୍କର ଅବତାରବିଶେଷ, (ପ୍ରା) (କକ୍ଷର ଅପଭ୍ରଂଶ ) ସମଭାଗ, ଅଂଶ, ଖଣ୍ଡ, ମାପ, ସଙ୍ଗ ।

କଚ୍ଛା, ବି. ( କଚ୍ଛ-ଆ ) କଚ୍ଛା, ପରିଧେୟ ବସ୍ତ୍ରର ପଶ୍ଚାତ୍ ଅଂଶ, ଝିଙ୍କାର ପକ୍ଷୀ ।

କଚ୍ଛପ, ବି. ପୁଂ. (କଚ୍ଛ-ପା-ଅ) କୂର୍ମ, କଇଁଛ, କୁବେରଙ୍କର ନିଧିବିଶେଷ ।

କଚ୍ଛପୀ, ବି. ସ୍ତ୍ରୀ. (କଚ୍ଛପ-ଈ) ସରସ୍ୱତୀଙ୍କ ବୀଣା, କ୍ଷୁଦ୍ର କଚ୍ଛପ ବା ସ୍ତ୍ରୀ କଚ୍ଛପ, ରୋଗବିଶେଷ ।

କଚ୍ଛରୁହା, ବି. ସ୍ତ୍ରୀ. (କଚ୍ଛ-ରୁହ-ଆ) ଦୂବ୍ବା ।

କଚ୍ଛୁ } ବି. ସ୍ତ୍ରୀ. ( କଷ୍ =ହିଂସା କରିବା-
କଚ୍ଛୁ } ଉ, ଊ) କାଛୁ, କୁଣ୍ଡିଆ ରୋଗ ।

କଚ୍ଛୁର, ବିଂ. (କଚ୍ଛୁ-ର) କାଛୁରୋଗୀ, ପରସ୍ତ୍ରୀଗାମୀ ।

କଚ୍ଛୁରା, ବି. ସ୍ତ୍ରୀ. (କଚ୍ଛୁର-ଆ) ବେଶ୍ୟା ।

କଜଆ, ବି. (ଦେଶଜ) କଳି, କଳହ । ଯଥା:—

ମଣ୍ଡପାଶେ କପି ଧରେ ଲୋକ ଠିଆ,
ଲଗିଅଛି ପଶି ଅସମ କଜଆ । ବଇବାର ।

**କଜ୍ଜଳ**, ବି. ନ. (କୁ-ଜଳ) ମେଘ, ଅଞ୍ଜନ । ବିଂ. କୃଷ୍ଣବର୍ଣ୍ଣ । ଯଥା—

ଉଜ୍ଜ୍ୱଳ ନବୁଝେ କଜ୍ଜଳକୁନ୍ତଳା । ନ. କେ.

**କଜ୍ଜଳପତ୍ରୀ**, ବି. ସ୍ତ୍ରୀ. (କଜ୍ଜଳ-ପତ୍ର-ଇନ, ଯାହାର ପକ୍ଷ କଳା) କଜଳପାତିଆ ପକ୍ଷୀ । ଯଥା—

କଜ୍ଜଳପତ୍ରୀର ପବନ ନାସ୍ତିକ
ଜଣାଇଲା ମନ୍ତ୍ରୀଏ ଭୂପ ଆଗମନ । ନ. କେ.

**କଜ୍ଜଳୀ**, ବି. ସ୍ତ୍ରୀ. (କଜ୍ଜଳ-ଈ) ପାରଦ ଓ ଗନ୍ଧକର ରାସାୟନିକ ମିଶ୍ରଣରୁ ଉତ୍ପନ୍ନ ଔଷଧବିଶେଷ ।

**କଜ୍ଜ୍ୱଳ**, ବି. ନ. (କୁ-ଜ୍ୱଳ) ଅଞ୍ଜନ ।

**କଞ୍ଚା**, ବିଂ. (ଦେଶଜ) ଅପକ୍ୱ, ଅସିଦ୍ଧ ।

**କଞ୍ଚି**, } **କଞ୍ଚିକା**, } ବି. ସ୍ତ୍ରୀ. ବେଣୁଶାଖା, ବାଉଁଶକଣୀ, (ଦେଶଜ) ଗୃହ, କୋଲପକାଠି ।

**କଞ୍ଚୁକ**, ବି. ପୁଂ. (କନଚ୍-ଉକ) ସାପକାତି, କବଚ, ସାଞ୍ଜୁ, କାଞ୍ଚୁଲି, ଜାମା, ଅନ୍ତଃପୁରାଧ୍ୟକ୍ଷ । ଯଥା—

ଭରତ-କଞ୍ଚୁକେ ବେଷ୍ଟିତ ହେବାରେ
ରାଜି ହବସେ ଭପୁଙ୍କର । ଲ. ବ.

**କଞ୍ଚୁକୀ** } **କଞ୍ଚୁକିନ୍** } ବି. ପୁଂ. (କଞ୍ଚୁକ-ଇନ୍) ଅନ୍ତଃପୁରର କ୍ଲୀବ ରକ୍ଷକ, ଲମ୍ପଟ, ସର୍ପ, କବଚଧାରୀ, ଯବ । ଯଥା—

ବହୁଳ ସହଥ ସଦନେ ବହୁଳ ସହଥ ସଦନେ ଧନି,
କେତେ ଡ଼ାକୁଥାନ୍ତି କଞ୍ଚୁକିନ କେତେ ଡ଼ାକୁଥାନ୍ତି କଞ୍ଚୁକିନ ।
ବୈ. ବ.

ସ୍ତ୍ରୀ. ଔଷଧବିଶେଷ ।

**କଞ୍ଚୁଳିକା** } **କଞ୍ଚୁଲିକା** } ବି. ସ୍ତ୍ରୀ. (କନ୍ଚ୍-ଉଲ-ଇକ) କାଞ୍ଚୁଲି, ଅଙ୍ଗାବରଣବିଶେଷ ।

**କଞ୍ଜ**, ବି.ପୁଂ. (କଂ = ସୁଖ, ଜଳ, ମସ୍ତକ ଇତ୍ୟାଦି -ଜ = ଯେ ଜନ୍ମ ହୁଏ) ବ୍ରହ୍ମା, କେଶ । ନ. ପଦ୍ମ, ଅମୃତ । ଯଥା—

କଞ୍ଜ-ଅଞ୍ଜନ-ରଞ୍ଜନଲୋଚନା, [illegible]
ଲ. ବ.

**କଞ୍ଜଳ** } **କଞ୍ଜଳୀ** } ବି. ପୁଂ. (କଞ୍ଜ-କ, ଲ) ଶାରୀ ପକ୍ଷୀ, ମଇନା ପକ୍ଷୀ ।

**କଞ୍ଜଜ**, ବି. ପୁଂ. (କଞ୍ଜ-ଜ) ବ୍ରହ୍ମା ।

**କଞ୍ଜନ**, ବି. ପୁଂ. (କଂ-ଜନ୍-ଅ) କାମ, ପକ୍ଷିବିଶେଷ ।

**କଞ୍ଜନାଭ**, ବି. ପୁଂ. (କଞ୍ଜ-ନାଭ) ବିଷ୍ଣୁ ।

**କଞ୍ଜବନ୍ଧୁ**, ବି. ପୁଂ. (କଞ୍ଜ-ବନ୍ଧୁ) ସୂର୍ଯ୍ୟ ।

**କଞ୍ଜର**, ବି. ପୁଂ. (କଞ୍ଜ-ର୍-ଅ) ବ୍ରହ୍ମା, ସୂର୍ଯ୍ୟ, ଉଦର, ମୟୂର, ହସ୍ତୀ ।

**କଞ୍ଜସୂତ**, ବି. ପୁଂ. ବ୍ରହ୍ମା, ବିଧାତା ।

**କଞ୍ଜାର**, ବି. ପୁଂ. (କଞ୍ଜ-ଆର) ମୁନି, ବ୍ରହ୍ମା, ଅର୍କବୃକ୍ଷ, ସୂର୍ଯ୍ୟ, ହସ୍ତୀ, ଉଦର ।

**କଟ**, ବି. ପୁଂ. (କଟ୍-ଅ) ହସ୍ତୀର ଗଣ୍ଡଦେଶ, ମଦଜଳ, ପରୁଷ୍ପୃହସେଣା, ତୃଣନିର୍ମିତ ପରଦା, ତୃଣ, ତୃଣାସନ, ଶବରଥ, କଟି, ଅତିଶଯ୍ୟ, ତୃଣଜାତିୟ ବୃକ୍ଷବିଶେଷ, ଶବ, ଶ୍ମଶାନ । (ଦେଶଜ) କଡ଼ା ଗଣ୍ଡାର ଚତୁର୍ଥାଂଶ ।

**କଟକ**, ବି. ପୁଂ. ନ. (କଟ-ଅକ) ପର୍ବତର ମଧ୍ୟଦେଶ, ବଳୟ, ରାଜଧାନୀ, ସୈନ୍ୟ, ଶିବିର, ଶିଖର, ଗଜଦନ୍ତମଣ୍ଡଳ, ଓଡ଼ିଶାର ରାଜଧାନୀ, ପାଦଭୂଷଣ । ଯଥା—

ସ୍ନେହେ ବଢ଼ାଇଲେ ବାଳାଗଣ ପ୍ରିୟା
ଯା କଟକେ କେ ହିଙ୍କ ନଟିଲ ଛଡ଼ିଆ । ନ. କେ.

**କଟକଣା**, ବି. (ଦେଶଜ) ଅକଟ, କାଇଦା, ବନ୍ଦୋବସ୍ତ ।

**କଟକୋଲ**, ବି. ପୁଂ. (କଟ-କୋଲ) ନିଷ୍ଠୀବନପାତ୍ର, ପିକଦାନୀ ।

**କଟଖାଦକ**, ବି. ପୁଂ. (କଟ-ଖାଦ୍-ଅକ) କାକ, ଶୃଗାଳ । ବିଂ. ପେଟୁ ।

**କଟଭୀ**, ବି. ସ୍ତ୍ରୀ. ଜ୍ୟୋତିଷ୍ମତୀ ଲତା ।

**କଟମ୍ଭରା**, ବି. ସ୍ତ୍ରୀ. ରାଜବଳା, ହସ୍ତିନୀ, କଳମ୍ବିକା, ବର୍ଷାଭୂ, ମୂର୍ବା ।

**କଟରା**, ବି. (ଦେଶଜ) ଟୋକା, ଚାକିଆ ।

**କଟା**, ବି. (କର୍ତ୍ତନ ଶବ୍ଦଜ) କାଟିବା, ଛେଦନ, ଅଙ୍କନ, ବିଯୋଗକରଣ । ବିଂ. କାଟି ହୋଇଥିବା ।

କଟା ଘାରେ ଲୁଣ ଦେଉଛ । ପ୍ର. ଚ.

ବର୍ଣ୍ଣବିଶେଷ, ପିଙ୍ଗଳବର୍ଣ୍ଣ ।

କଣ୍ଠାକଣ୍ଠି, ବି. (ପ୍ରାକୃତିକ) ହଣାହଣି, ଅନ୍ତର ବା ହସ୍ତ୍ୟୋଗକରଣ ।

କଣ୍ଠାକ୍ଷ, ବି. ପୁଂ. ( କଣ୍ଠ-ଅକ୍ଷି ) ଅପାଙ୍ଗ ଦର୍ଶନ, ଅଡ଼ାଗ୍ଡ଼ହାଣି । ଯଥା —

କଣ୍ଠାକ୍ଷେ ପୂର୍ଣ୍ଣସ୍ୱକାକ୍ଷ ନେଲେ କପିଧ୍ୱଜ.
ଯୁଝର ଦୁର୍ଦ୍ଧର୍ଷ ଯଦ୍ଧ ଭୁସ୍ତର ଥାଏକି । କ. ବ.

କଣ୍ଠାଯୂନ, ବି. ନ. (କଣ୍ଠ-ଅଯୂନ) ବେଣାମୂଳ ।

କଣ୍ଠାର
କଣ୍ଠାରି } ବି. (ଦେଶଜ) ଶସ୍ତ୍ରବିଶେଷ ।

କଣ୍ଠାଲ, ବି. ( ଦେଶଜ ) ଓଜନ, ପରିମାଣ, ବଟକରା, ଜିଦ୍, ସନିର୍ବନ୍ଧ ଅନୁରୋଧ, ଜଞ୍ଜାଳ ।

କଣ୍ଠାସ, ବି. (ଦେଶଜ) ବନ୍ୟ ବିଡ଼ାଲ ।

କଣ୍ଠାହ, ବି. ପୁଂ. (କଟ୍-ଆ-ହନ୍-ଅ) କଚେଇ, ପଲମ, ତେଲଭଣି, କଚ୍ଛପଖୋଲ, ଶିଶୁ ମହିଷ, ଦ୍ୱୀପବିଶେଷ, ନରକବିଶେଷ ।

କଟି
କଟୀ } ବି. ସ୍ତ୍ରୀ. ପୁଂ. (କଟ-ଇ, ଈ) ଅଣ୍ଟା, ହସ୍ତିଗଣ୍ଡସ୍ଥଳ ।

କଟିତ୍ର, ବି. ନ. ( କଟି-ତ୍ରୈ-ଅ ) କଟିବସ୍ତ୍ର, କମରବନ୍ଧ, କାଞ୍ଚୀ, ରସନା ।

କଟିପ୍ରୋଥ, ବି. ପୁଂ (କଟି-ପ୍ରୋଥ୍-ଅ) କଟିଦେଶସ୍ଥ ମାଂସପିଣ୍ଡ ।

କଟିବନ୍ଧ, ବି ପୁଂ. ( କଟି-ବନ୍ଧ୍-ଅ ) ଯେଉଁ ସୂତ୍ରାଦିଦ୍ୱାରା କଟିବନ୍ଧନ କରାଯାଏ, କଟିସୂତ୍ର, ଭୂଗୋଳରେ ପୃଥିବୀର ମଧ୍ୟସ୍ଥାନବେଷ୍ଟିତ କଳ୍ପିତ ରେଖା ।

କଟିସୂତ୍ର, ବି. ନ ( କଟି-ସୂତ୍ର ) କଟିବନ୍ଧ, ଉନ୍ଦୁହାର, ଗୋଠ ।

କଟୀଲ, ବି. ପୁଂ. ନ୍ୟଗ୍ରୋଧଖଣ୍ଡ, ବଙ୍କା ଖଣ୍ଡ ।

କଟୁ, ବିଂ. ( କଟ୍-ଉ ) ରାଗୁଆ, ତିକ୍ତ, କର୍କଶ, ତୀକ୍ଷ୍ଣ, ପରଶ୍ରୀକାତର, ସୁରଭି, ଦୁର୍ଗନ୍ଧ, ଉଷ୍ଣ, କୁତ୍ସିତ । ବି. ପୁଂ. କଟୁତା ।

କଟୁଆଲ, ବି. ( କୋଷ୍ଟପାଳ ଶବ୍ଦର ଅପଭ୍ରଂଶ ) ନଗରରକ୍ଷକ, ଶାନ୍ତିରକ୍ଷକ ।

କଟୁକ, ବି. ନ. (କଟୁ-କ) ତ୍ରିକଟୁ ଶୁଣ୍ଠି, ପିପ୍ପଳୀ, ମରିଚ । ପୁଂ. ସୁଗନ୍ଧତୃଣ, ଲଙ୍କା, କଟୁରସ, ପଟୋଳ, ଅର୍କଗଛ, କୁଟଜବୃକ୍ଷ ।

କଟୁକନ୍ଦ, ବି. ପୁଂ. (କଟୁ-କନ୍ଦ) ସଜନାବୃକ୍ଷ, ଅଦା, ରସୁଣ ।

କଟୁକା, ବି. ସ୍ତ୍ରୀ. ( କଟୁ-କଣ୍ ) ପାନ, ରାଇ ସୋରିଷ, ତିକ୍ତ ଲାଉ ।

କଟୁକୀଟ
କଟୁକୀଟକ } ବି. ପୁଂ ( କଟୁ-କୀଟ,କ ) ମଶକ, ମଶା ।

କଟୁକ୍ୱାଣ, ବି. ପୁଂ. (କଟୁ-କ୍ୱାଣ) ଟିଟ୍ଟିଭ ପକ୍ଷୀ ।

କଟୁଗ୍ରନ୍ଥି, ବି. ପୁଂ. ( କଟୁ-ଗ୍ରନ୍ଥି ) ପିପ୍ପଳୀ ମୂଳ, ଶୁଣ୍ଠିମୂଳ ।

କଟୁଚ୍ଛଦ, ବି. ପୁଂ. (କଟୁ-ଚ୍ଛଦ) ଟଗରବୃକ୍ଷ ।

କଟୁତା, ବି. ସ୍ତ୍ରୀ. ( କଟୁ-ତା ) ଉଗ୍ରତା, ତୀକ୍ଷ୍ଣତା, ଅପ୍ରିୟତା, କାର୍କଶ୍ୟ, ପରୁଷତା ।

କଟୁତିକ୍ତକ, ବି. ପୁଂ. ଶଣବୃକ୍ଷ, ଚିରେଇତ, ଭୂନିମ୍ବ ।

କଟୁଫଳ, ବି. ପୁଂ. (କଟୁ-ଫଳ) ପଟୋଳ ।

କଟୁଭଙ୍ଗ, ବି. ପୁଂ. ଆଦ୍ରକ, ଶୁଣ୍ଠି ।

କଟୁଭାଷୀ, ବି. (କଟୁ-ଭାଷୀ) ଯେ କଟୁ ବାକ୍ୟ କହେ ।

କଟୁମଞ୍ଜରିକା, ବି ସ୍ତ୍ରୀ. ( କଟୁ-ମଞ୍ଜରୀ-କ-ଆ ) ଅପାମାର୍ଗ ।

କଟୁର, ବି. ନ ତକ୍ର, ଘୋଳଦହି ।

କଟୁରବ, ବି. ପୁ. (କଟୁ-ରବ) ବେଙ୍ଗ, ଭେକ ।

କଟୁରି, ବି. (କଟ୍ଟାର ଶବ୍ଦଜ) ଅସ୍ତ୍ରବିଶେଷ ।

କଟୁବାର୍ତ୍ତାକୀ, ବି. ସ୍ତ୍ରୀ. ଶ୍ୱେତକଣ୍ଟକାରୀ ।

କଟୁବୀଜା, ବି. ସ୍ତ୍ରୀ. ପିପ୍ପଳୀ ।

କଟୁସ୍ନେହ, ବି. ନ. ( କଟୁ-ସ୍ନେହ ) ସୋରିଷ, ଶ୍ୱେତସର୍ଷପ ।

କଟୋରା, ବି. ନ. (କଟ୍-ଓରନ୍-ଆ) ମୃତ୍ପାତ୍ର, ଡାଡିଆ, ଟିନା ।

କଟ୍‌କଟ୍, ବି. ( ଦେଶଜ ) ଗୋଲମାଲିଆ, କଠିନ, ଶକ୍ତ, ଦୃଢ଼ ।

କଷ୍ଟାର, ବି. ପୁଂ. (କଷ୍ଟ୍-ର୍-ଅ) କଷ୍ଟୁର ।

କଠ, ବି. ପୁଂ. (କଠ୍-ଅ) ଉପନିଷଦବିଶେଷ, ମୁନିବିଶେଷ, ଋକ୍‌ବେଦ ।

କଠା, ବି. (ଦେଶଜ) ବେକରେ ପକାଇବା ବସ୍ତ୍ରଗ୍ରନ୍ଥି, ଜଡି ପଣସ, ଶସ୍ୟାଦି ମାପିବା ଅଡ଼ା, ମଞ୍ଜି ନଥିଆ ।

କଠାଉ, ବି. (ଦେଶଜ) କାଷ୍ଠ ପାଦୁକା । ଯଥା—
ଶ୍ରୀରେ [illegible] ତା କଠାଉ ।

କାଠିଞ୍ଜର, ବି. ପୁଂ. (କଠିନ-ଜ୍ଞ-ଅ) ତୁଳସୀଗଛ, ପଲାଶଗଛ ।

କଠିନ, ବିଂ. (କଠ୍-ଇନ) ଦୃଢ଼, ଶକ୍ତ, ନିଷ୍ଠୁର, ନିର୍ଦ୍ଦୟ, ଦୁରୂହ, ଦୁଃସହ, ତୀକ୍ଷ୍ଣ, ବିଷମ, ଭୟାନକ ।

କଠିନତା, ବି. ସ୍ତ୍ରୀ. (କଠିନ-ତା) କାଠିନ୍ୟ, କଠିନତ୍ୱ, ଦୃଢ଼ତା, ଦୁରୂହତା, ଦୁର୍ବୋଧତା, ଅବୋଧତା, ନିର୍ଦ୍ଦୟତା, ନିଷ୍ଠୁରତା, ତୀକ୍ଷ୍ଣତା, ଦୁଃସହତା, ଭୟାନକତା ।

କଠିନୀ } କଠିନିକା } ବି. ସ୍ତ୍ରୀ. (କଠିନ୍-ଈ, ଇକ, ଆ) ଖଡ଼ି, ଖଡ଼ିମାଟି ।

କଠିନପୃଷ୍ଠ, ବି. ପୁଂ. (କଠିନ-ପୃଷ୍ଠ) କୂର୍ମ, କଚ୍ଛପ, କଇଁଛ ।

କଠେର, ବି. (କଠ୍-ଏର) ବୃକ୍ଷଶାଖା, ଦରିଦ୍ର ।

କଠୋର, ବିଂ. (କଠ୍-ଓର) କଠିନ, ଦୃଢ଼, ଶକ୍ତ, ପୂର୍ଣ୍ଣ ।

କଡ଼, ବି. (ଦେଶଜ) ପାର୍ଶ୍ୱ, ପାଖ ।

କଡ଼କ, ବି. ନ. (କଡ଼୍-ଅକ) କଳକଚ ଲବଣ ।

କଡ଼କଡ଼୍, ବି. (ଦେଶଜ) କଠିନ ଦ୍ରବ୍ୟର ଶବ୍ଦ ।

କଡ଼କା, ବିଂ. (ଦେଶଜ) ସନ୍ତାପିତ, ଅଧ ଉତ୍ତଳ ।

କଡ଼ଙ୍କର } କଡ଼ଙ୍ଗର } ବି. ପୁଂ. (କଡ଼୍-ଅଙ୍କ-ର, ଅଙ୍ଗ-ର) ତଷୁ, ଭୁଷା, ଭୂଷି, ଗ୍ରେକଡ଼ ।

କଡ଼ମଡ଼, ବି. (ଦେଶଜ) କଠିନ ପଦାର୍ଥର ଚର୍ବଣ ଶବ୍ଦ ।

କଡ଼ମା, ବି. (କଡ଼ମ୍ବ ଶବ୍ଦଜ) ଏକ ପ୍ରକାର ଧାନ୍ୟ, ଧାନଗଛ କଟା ହେବା ପରେ ଉଠୁଥିବା ବାହାରିବା ଅଙ୍କୁର ।

କଡ଼ମ୍ବ, ବି. ପୁଂ. (କଡ଼୍-ଅମ୍ବ) ଶାକାଦିର ଡାଳ, ଅଗ୍ରଭାଗ, କଳକା, କଦମ୍ବ ।

କଡ଼ମ୍ବା, ବି. (ଦେଶଜ) ବନ୍ୟ ମୂଳବିଶେଷ, ବୃକ୍ଷାଦିର ଗଜା, ଅଙ୍କୁର ।

କଡ଼ମ୍ବୀ, ବି. ସ୍ତ୍ରୀ. (କଡ଼ମ୍ବ-ଈ) କଲମ୍ବ ଶାଗ ।

କଡ଼ା, ବି. (କଟୁ ଶବ୍ଦଜ) କଟୁ, ଉଗ୍ର, ତୀକ୍ଷ୍ଣ, କଠୋର । ବି. ପରିମାଣବିଶେଷ, ଏକ ଗଣ୍ଡାର ଚତୁର୍ଥାଂଶ, ଧାତୁନିର୍ମିତ ବଳୟ ।

କଡ଼ି, ବି. (ଦେଶଜ) କଡ଼ିକାଠ ।

କଡ଼ୁଆ, ବିଂ. (କଟୁ ଶବ୍ଦଜ) କଟୁ, ତୀକ୍ଷ୍ଣ, ରୂକ୍ଷ, ଦୁଃସହ ।

କଢ଼, ବି. (କଳକା ଶବ୍ଦଜ) ମୁକୁଳ ।

କଡ଼ାଇବା, କ୍ରି. ବି. (ଦେଶଜ) ଦେଖାଇବା । ଯଥା—
ପଥ କଡ଼ାଇ ନେବ ।

କଡ଼ାଣ, ବି. (ଦେଶଜ) କାଢ଼ିବା, ଜମିରେ ପ୍ରଥମ ଥର ହଳ କରିବା ।

କଢ଼ି, ବି. (କଳକା ଶବ୍ଦଜ) କଢ଼, ମୁକୁଳ, ଫୁଟି ନ ଥିବା ଫୁଲ ।

କଡ଼ୁଆଲ, ବିଂ. (ଦେଶଜ) ପଥପ୍ରଦର୍ଶକ ।

କଣ } କଣା } କଣିକା } ବି. ପୁଂ. ସ୍ତ୍ରୀ. (କଣ୍—ସଂକ୍ଷେପ କରିବା, ଅ, ଆ, ଅକ-ଆ) ସୂକ୍ଷ୍ମ ଅଂଶ, ଶେଷ, ଗୁଣ୍ଡା, ଶସ୍ୟର କ୍ଷୁଦ୍ରାଂଶ, ଜୀବ, ପିମ୍ପୁଳି ।

କଣ ? ଅଂ. (କିମ୍ ଶବ୍ଦଜ) କି ? (ପ୍ରଶ୍ନାର୍ଥକ) ବି. (କୋଣ ଶବ୍ଦଜ) କୋଣ ।

କଣଜୀର, ବି. ପୁଂ. ଶ୍ୱେତ ଜୀରକ, ଧଳା ଜୀରା ।

କଣପ, ବି. ପୁଂ. (କଣ-ପା-ଅ) ଯନ୍ତ୍ରବିଶେଷ, ବନ୍ଧୁକ ।

କଣନଖା, ବି. (ଦେଶଜ) ନଖ କୋଣର ରୋଗବିଶେଷ ।

କଣଭ ବି. ପୁଂ. (କଣ-ଭା-ଅ) ଜ୍ୟୋତିର୍ମୟ କୀଟ-ବିଶେଷ ।

କଣା, ବିଂ. ( ଗ୍ରା ) (କାଣ ଶବ୍ଦଜ) ଏକ ଚକ୍ଷୁ-ହୀନ, ଯ ଦ୍ୱାର, ଗୋଟିଏ, ଚକ୍ଷୁ ନଷ୍ଟ ହୋଇ ଥାଏ । ଯଥ—

କଣା ଘରେ ଯଦି ଲୁଚା ଥାଏ,
ବିବିଧ ବାଜଣା ବଜାଉଥାଏ ।

ବି. ଗର୍ତ୍ତ, ଛିଦ୍ର, ରନ୍ଧ୍ର ।

କଣାଠୀନ }
କଣାଠୀର } ବି. ପୁଂ. ( କଣ-ଅଠ୍-ଈନ ଓ ଈରନ୍ ) ଖଞ୍ଜନ ପକ୍ଷୀ ।

କଣାଦ, ବି ପୁଂ. (କଣ=ଅଳ୍ପ-ଅଦ) ବୈଶେଷିକ ଦର୍ଶନପ୍ରଣେତା ମୁନି, ପରମାଣୁ ବିଷୟ ଏ ସ୍ଥିର କରିଥିଲେ, କାଶ୍ୟପ ମୁନି, ସୁନାରି-ବଣିଆ, ସ୍ୱର୍ଣ୍ଣକାର ।

କଣି }
କଣୀ } ବି. (ଦେଶଜ) ବାଉଁଶର ଶାଖା, (କଣ ଶବ୍ଦଜ) ବିର ମୁଗ ପ୍ରଭୃତିର କ୍ଷୁଦ୍ରାଂଶ ।

କଣିକା, ବି. ସ୍ତ୍ରୀ. (କଣ-ଅକ-ଆ ) କ୍ଷୁଦ୍ର ଅଂଶ, ଏକ କଣା ।

କଣୀଚ, ବି. ସ୍ତ୍ରୀ. ( କଣ୍=ନୟନ ମୁଦ୍ରନ କରିବା-ଈଚ) ଗୁଞ୍ଜା, କାଇଅଁ, ଶବ୍ଦ ।

କଣୀୟାନ୍, ବିଂ. ( କଣ-ଈୟସ୍ ) ଅତିକ୍ଷୁଦ୍ର, କନିଷ୍ଠ ।

କଣେର }
କଣେରୁ } ବି. ସ୍ତ୍ରୀ. ( କଣ= ଗମନ କରିବା-ଏର, ଏରୁ ) ବେଶ୍ୟା, କରିଣୀ । ପୁଂ. କନିଅର ଗଛ ।

କଣ୍ଟ, ବି. ( ଦେଶଜ ) ସମୟ ନିର୍ଦ୍ଦେଶ, ମାପ । ଯଥା—

କଣ୍ଟ କର ବେନପାଣି ନ ଥଇଲେ ଗୋ ମଦନ ।

କଣ୍ଟକ ବି. ପୁଂ. ( କଣ୍ଟ-ଅକ ) କଣ୍ଟା, କ୍ଷୁଦ୍ର ଶତ୍ରୁ, ମାଛର ହାଡ଼, ରୋମାଞ୍ଚ, ନଖାଗ୍ର, ଯାହା କ୍ଷତିକର ବା ବିରକ୍ତିଜନକ । ବିଂ କ୍ଳେଶଦାୟକ ।

କଣ୍ଟକଦେହୀ, ବି (Echinodermata) ଯେଉଁମାନଙ୍କର ଦେହୋପରି କଣ୍ଟକ ଥାଏ । ଯଥା—ଷ୍ଟାର ଫିସ୍ ( Star fish ) ।

କଣ୍ଟକପକ୍ଷକ, (Acanthoptera) ବି. (କଣ୍ଟକ-ପକ୍ଷକ) ଯେଉଁ ଜନ୍ତୁଙ୍କ ଡେଣାରେ ଏକ ବା ତଦଧିକ କଣ୍ଟକାକୃତି ଅସ୍ଥିଶଲାକା ଥାଏ । ଯଥା— କଇମାଛ ।

କଣ୍ଟକଫଳ }
କଣ୍ଟକିଫଳ }
କଣ୍ଟକୀଫଳ } ବି. ପୁଂ. ପଣସଗଛ, ଧୂତୁରାଗଛ । ନ. ପଣସଫଳ ।

କଣ୍ଟକାରିକା }
କଣ୍ଟକାରୀ } ବି. ସ୍ତ୍ରୀ. ( କଣ୍ଟକ-ଋ-ଅକ-ଆ, ଈ) ଅଙ୍କରାନ୍ତିନାମକ ଗୁଳ୍ମ-ଜାତୀୟ ବୃକ୍ଷ, ଅଙ୍କରାନ୍ତିଫଳ ।

କଣ୍ଟକାଶନ, ବି. ପୁଂ. (କଣ୍ଟକ-ଅଶନ, ଯେ କଣ୍ଟା ଭକ୍ଷଣ କରେ) ଉଷ୍ଟ୍ର, ଓଟ ।

କଣ୍ଟକିତ, ବିଂ. ( କଣ୍ଟକ-ଇତ ) ରୋମାଞ୍ଚିତ, କଣ୍ଟକଯୁକ୍ତ ।

କଣ୍ଟକିଲ, ବି. ପୁଂ. (କଣ୍ଟକ-ଇଲ) କଣ୍ଟା ବାଉଁଶ ।

କଣ୍ଟକୀ, ବି. ପୁଂ. (କଣ୍ଟକ-ଇନ୍) ମତ୍ସ୍ୟବିଶେଷ, ଖର୍ଜୁରାଦି ବୃକ୍ଷ, କଣ୍ଟା ବାଉଁଶ । ବିଂ. କଣ୍ଟକ-ଯୁକ୍ତ ।

କଣ୍ଟା ବି. ( କଣ୍ଟକ ଶବ୍ଦଜ ) ବୃକ୍ଷର ସୂଚ୍ୟଗ୍ର ଅବୟବବିଶେଷ, ଲୌହକୀଲକ, ମାଛର ହାଡ଼, ଗୁରୁ ବସ୍ତୁ ଓଜନ କରିବାର ତୁଲା-ଯନ୍ତ୍ର, ଶତ୍ରୁ, ବିଘ୍ନ, ବ୍ୟାଘାତ ।

କଣ୍ଡି, ବି. ( ଦେଶଜ ) ଲଗାଲଗି କାଷ୍ଠଖଣ୍ଡ-ବିଶେଷ ।

କଣ୍ଟିଆ, ବି. ମୁହଁରେ କଣ୍ଟା ଥିବା ଏକ ପ୍ରକାର ମାଛ ।

କଣ୍ଟିକିଲା, ବି. (ଦେଶଜ) ଲଙ୍ଗଳଯୁକ୍ତ କଣ୍ଟାର କୀଳକ ।

କଣ୍ଠ, ବି. ପୁଂ. (କଣ୍-ଠ) ମଦନ ବୃକ୍ଷ । ଶ୍ୱାସ-ଶ୍ୱାସୀ, ନ. ସ୍ତ୍ରୀ. ଗଳଦେଶ, ଗଳା, କଣ୍ଠଧ୍ୱନି, ନିକଟ ।

କଣ୍ଠଗତ }
କଣ୍ଠାଗତ } ବିଂ. ( କଣ୍ଠ-ଗତ, ଆଗତ ) କଣ୍ଠ ପର୍ଯ୍ୟନ୍ତ ଆଗତ, କଣ୍ଠ ପର୍ଯ୍ୟନ୍ତ ଉପସ୍ଥିତ ।

କଣ୍ଠ (ଣ୍ଠା) ଗତପ୍ରାଣ, ବିଂ. (କଣ୍ଠ (ଆ ଗତ, ପ୍ରାଣ) ଯାହାର ପ୍ରାଣ ବାହାରିବାକୁ ଉପକ୍ରମ କରୁଅଛି, ଯାହାର ପ୍ରାଣ କଣ୍ଠ ପର୍ଯ୍ୟନ୍ତ ଆସିଅଛି । ଯଥା—

କଣ୍ଠଗତେ ପ୍ରାଣ ହେଲେ ବଡ଼ ଲୋକ,
କେତେବେଳେ ନ ଛାଡ଼ଇ ନିଜ ଟେକ । ର. କ.

କଣ୍ଠନାଳୀ, ବି. ସ୍ତ୍ରୀ. ( କଣ୍ଠ-ନାଳୀ ) ଗଳାର ନଳୀ, ଗଳାମଧ୍ୟସ୍ଥ ଛିଦ୍ର ।

କଣ୍ଠଭୂଷା, ବି. ସ୍ତ୍ରୀ. ( କଣ୍ଠ-ଭୂଷା = ଆଭରଣ ) ମାଳା, ହାର, କଣ୍ଠି ।

କଣ୍ଠସୂତ୍ର, ବି. ନ. ମାଳ୍ୟ, ଆଲିଙ୍ଗନବିଶେଷ ।

କଣ୍ଠସ୍ଥ, ବିଂ. (କଣ୍ଠ-ସ୍ଥା-ଅ) ମୁଖସ୍ଥ, ଯାହା ଉତ୍ତମ ଅଭ୍ୟସ୍ତ, କଣ୍ଠରେ ଯାହା ପ୍ରବେଶ କରିଅଛି ।

କଣ୍ଠା, ବି. ସ୍ତ୍ରୀ. ( କଣ୍-ଠ-ଆ ) ଗଳଦେଶ, ଗଳା, ଅସାର ଧ୍ୱନ ।

କଣ୍ଠାଲ, ବି. ପୁଂ. ( କଣ୍ଠ-ଅଲ୍-ଅ ) ଓଳୁଅ, ଶୂରଣ, ଯୁଦ୍ଧ, ଉଷ୍ଟ୍ର, ଅଶନ ।

କଣ୍ଠିକା } ବି. ସ୍ତ୍ରୀ. (କଣ୍ଠୀ-କ-ଆ ଏକାବଳ
କଣ୍ଠୀ } ମାଳା, କଣ୍ଠାଭରଣ, ବେକମାଳ; ଅଶ୍ୱର କଣ୍ଠବେଷ୍ଟନ ରଜ୍ଜୁ ।

କଣ୍ଠୀରବ, ବି. ପୁଂ. ( କଣ୍ଠୀ-ରବ ) କପୋତ, ସିଂହ, ମତ୍ତହସ୍ତୀ । ଯଥା—

କଣ୍ଠୀରବ ପ୍ରାୟେ ଗର୍ଜ କରି
କରେ ଗୃପୋଙ୍କେ ମାଇଲେ ହରି । ର. କ.

କଣ୍ଠେକାଳ, ବି. ପୁଂ. (କଣ୍ଠେ-କାଳ = କୃଷ୍ଣବର୍ଣ୍ଣ) ଶିବ, ନୀଳକଣ୍ଠ, ଏହାଙ୍କ କଣ୍ଠରେ କୃଷ୍ଣବର୍ଣ୍ଣ ଚିହ୍ନ ଅଛି । ସମୁଦ୍ର ମନ୍ଥନ ଉତ୍ତାରୁ ବିଷ ପାନ କରି ଏହାଙ୍କ କଣ୍ଠ ନୀଳବର୍ଣ୍ଣ ହୋଇଅଛି ।

କଣ୍ଠ୍ୟ, ବିଂ. ( କଣ୍ଠ-ଯ ) କଣ୍ଠରୁ ଉଚ୍ଚାରିତ ବର୍ଣ୍ଣ, ଅ, ଆ, ହ ଇତ୍ୟାଦି, କଣ୍ଠସଂକ୍ରାନ୍ତ ।

କଣ୍ଡନ, ବି. ନ. ( କନ୍ଦ୍-ଅନ ) କାଣ୍ଡିବା, ଉଦୁଖଳ କରିବା ।

କଣ୍ଡନୀ, ବି. ସ୍ତ୍ରୀ. (କଣ୍ଡନ-ଈ ) ଉଦୁଖଳ, ଢିଙ୍କି-ଲଗୁଣୀ, ମୁଷଳ ।

କଣ୍ଡରା, ବି. ( ଦେଶଜ ) ଅନ୍ତ୍ୟଜ ଜାତିବିଶେଷ, ସ୍ତ୍ରୀ. କଣ୍ଡରୁଣୀ ।

କଣ୍ଡା, ବି. (କଣ୍ଡନ ଶବ୍ଦଜ) କାଣ୍ଡିବା, ପରିଷ୍କୃତ କରିବା, ଲୁଗା ବୁଣିବାରେ ବ୍ୟବହୃତ ସୂତ ଥିବା କାଠି । ବିଂ. ପରିଷ୍କୃତ ।

କଣ୍ଡୁ, ବି. ପୁଂ. (କଣ୍ଡୁ-ଉ ) ମୁନିବିଶେଷ । ନ, କୁଣ୍ଡିଆ, କୁଣ୍ଡେଇବା ।

କଣ୍ଡୂ } ବି. ସ୍ତ୍ରୀ. ( କଣ୍ଡୂ-ତି ) କୁଣ୍ଡିଆ ।
କଣ୍ଡୂତି } କୁଣ୍ଡେଇବା ।

କଣ୍ଡୂୟନ, ବି ନ. (କଣ୍ଡୂ-ଯ-ଅନ) କୁଣ୍ଡିଆ, କୁଣ୍ଡେଇବା ।

କଣ୍ଡୂୟମାନ, ବିଂ (କଣ୍ଡୂ-ଆନ-ଅ) ଘର୍ଷଣକାରୀ ।

କଣ୍ଡୂରା, ବି. ସ୍ତ୍ରୀ. (କଣ୍ଡୂ-ରା-ଅ) ବାଇଡ଼ଙ୍କ ଗଛ ।

କଣ୍ଡୂଲ, ବିଂ. ( କଣ୍ଡୂ-ଲ ) କଣ୍ଡୂଯୁକ୍ତ, କୁଣ୍ଡିଆ ରୋଗୀ ।

କଣ୍ଢାଇ } ବି. ( ଦେଶଜ ) ପୁତ୍ତଳୀ, କୁଣ୍ଢାଇ,
କଣ୍ଢେଇ } ଖେଳିବାପାଇଁ କାଷ୍ଠାଦି ନିର୍ମିତ ମୂର୍ତ୍ତି । ଯଥା—

କନ୍ୟା ବର କରିବାର କଣ୍ଢାଇ,
କନ୍ୟାବର ଯତ୍ନେ ଦେଲା ଚଢ଼ାଇ । କୋ. ବ୍ର. ସ୍ୱ.

କଣ୍ୱ, ବି. ପୁଂ. ( କଣ୍-ବ ) ସ୍ୱନାମପ୍ରସିଦ୍ଧ ମୁନି, ଶକୁନ୍ତଳାଙ୍କ ପାଳପିତା । ନ. ପାପ ।

କଣ୍ୱସୁତା, ବି ସ୍ତ୍ରୀ. (କଣ୍ୱ-ସୁତା ) ଶକୁନ୍ତଳା ।

କତମ, ବିଂ. କିମ୍-ତମ) ଅନେକ ମଧ୍ୟରୁ କୌଣସି ଏକ ବସ୍ତୁ ବା ବ୍ୟକ୍ତି ।

କତର, ବିଂ. (କିମ୍ ତର) ଦୁଇ ମଧ୍ୟରୁ କୌଣସି ଏକ ବସ୍ତୁ ବା ବ୍ୟକ୍ତି ।

କତରା, ବି. (କର୍ତ୍ତନ ଶବ୍ଦଜ) ଛୁଣ୍ଡା ମଶିଣା ।

କତଲ୍, ବିଂ. ( ଯାବନିକ ) ଖଣ୍ଡ ଖଣ୍ଡ, ଛିନ୍ନ, ବିଚ୍ଛିନ୍ନ ।

କତା, ବି. (ଦେଶଜ) ନଡ଼ିଆର ଉପର ଚୋପା, କଇଁଚ, ବଢ଼ ଲୁଗା ।

କତି, ବିଂ. ( କିମ୍-ଅତି ) କେତେ ଜଣ, କେତୃତ୍ ପ୍ରମାଣ, (ଦେଶଜ) ନିକଟ, ପାଖ । ଯଥା—

ବହିଲ ସନ୍ଦେଶ ହେଲନ୍ତି ନାବେଶ,
ମାର୍ଗ ପ୍ରବେଶ ଜାନକୀ କତି ମେ ବଂଶୀଷ । ବୈ. ବି.

କତିଆଣି ଗୁରୁପାଖ ହୁଡ଼ି ଦାଣିବା, କତିକରିବା ।

କତିପୟ, ବିଂ. ( କତି-ଅୟ, ପ ଆଗମ ) କେତୃତ୍ ସଂଖ୍ୟକ, କେତେକ ।

କତିବିଧ, ବିଂ. (କତି-ବିଧ) କେତେ ପ୍ରକାର ।

କତୁରୀ, ବିଂ. (କର୍ତ୍ତିତ ଶବ୍ଦଜ) ଛିନ୍ନ, କତୁରୀଦ୍ୱାରା ଯଦ୍ୱାରା କଟାଯାଇଅଛି । ଯଥା—

କତୁରୀ ଭୁରୁକ ଝଙ୍କ ବାଟେ ଚଳେ ଅଳି ଆଳି । ଲା. ବି.

କତୁରି } ବି. ( କର୍ତ୍ତରୀ ଶବ୍ଦଜ ) କାଟିବାର
କତୁରୀ } ଯନ୍ତ୍ରବିଶେଷ, ଛେଦନୀ । ଯଥା—

ପୁଣି ପକ୍ଷ ଶୃଙ୍ଗୀ, ଶୃଙ୍ଗ ଦେବା ପରି ଧୈର୍ଯ୍ୟକତୁରୀ । ଲା. ବି.

କତୁରିବା, କ୍ରି. (କର୍ତ୍ତରୀ ଶବ୍ଦଜ) କର୍ତ୍ତନ କରିବା, କତୁରିଦ୍ୱାରା କାଟିବା ।

କତୃଣ, ବି. ପୁଂ ରାମକର୍ପୂର, ପାନ, ସୁଗନ୍ଧବୃକ୍ଷ ।

କତ୍ତୋୟ, ବି. ନ. (କୁ-ତୋୟ) ମଦ୍ୟ ।

କଥଂ, ଅଂ. ( କିମ୍-ଥଂ ) କି ପ୍ରକାର, କାହିଁକି, ପ୍ରଶ୍ନ, ସମ୍ଭ୍ରମ, ନିନ୍ଦା, ହର୍ଷ, ଯତ୍ନ, ଘୃଣା, ଆହ୍ଲାଦ, ସମ୍ଭାବନା ।

କଥକ, ବିଂ. ( କଥ-ଅକ ) ବର୍ଣ୍ଣନାକାରକ, କଥୋପଜୀବୀ, ଯେଉଁ ଲୋକ ସମସ୍ତଙ୍କ ସମକ୍ଷରେ ପୁରାଣ ବ୍ୟାଖ୍ୟା କରେ, ବକ୍ତା ।

କଥଞ୍ଚନ } ଅଂ ( କଥଂ-ଚନ, ଚିତ୍ ) କୌଣସି
କଥଞ୍ଚିତ୍ } ପ୍ରକାରେ, କୌଣସି ଉପାୟରେ ।

କଥନ, ବି. ନ. ( କଥ୍-ଅନ ) କଥା, ଉକ୍ତି, କହିବା ।

କଥନୀୟ, ବିଂ. (କଥ-ଅନୀୟ) ବକ୍ତବ୍ୟ, କହିବାର ଯୋଗ୍ୟ ।

କଥମ୍ଭୂତ, ବିଂ. (କଥଂ-ଭୂତ) କିପରି, କିପ୍ରକାର ।

କଥା, ବି. ସ୍ତ୍ରୀ. ( କଥ୍-ଅ-ଆ ) ବଚନ, ଉକ୍ତି, ଉପାଖ୍ୟାନ, କାହାଣୀ ।

କଥାପ୍ରସଙ୍ଗ, ବି. ପୁଂ. (କଥା ପ୍ରସଙ୍ଗ) କଥାରମ୍ଭ, କଥୋପକଥନ, ବକ୍ତା, ବିଷବୈଦ୍ୟ, ବାତୁଳ ।

କଥାବାର୍ତ୍ତା, ବି. ସ୍ତ୍ରୀ. ( କଥା-ବାର୍ତ୍ତା ) କଥୋପକଥନ, ସମ୍ଭାଷଣ ।

କଥିତ, ବିଂ. (କଥ୍-ତ ଉକ୍ତ, ବର୍ଣ୍ଣିତ, ଉଚ୍ଚାରିତ ।

କଥୋପକଥନ, ବି. ନ. ( କଥା-ଉପକଥନ ) କଥାବାର୍ତ୍ତା, ଉକ୍ତିପ୍ରତ୍ୟୁକ୍ତି ।

କଥ୍ୟ, ବିଂ. ( କଥ-ଯ ) ବକ୍ତବ୍ୟ, କହିବାର ଉପଯୁକ୍ତ ।

କଦ, ବି. ପୁଂ. (କ-ଦ) ଜଳଦ, ମେଘ ।

କଦକ, ବି. ପୁଂ. (କଦ-କ) ଚାନ୍ଦୁଆ, ବିତାନ ।

କଦକ୍ଷର, ବି. ନ. (କୁ-ଅକ୍ଷର) କୁତ୍ସିତ ଅକ୍ଷର, ବିଂ. ଯାହାର ହସ୍ତାକ୍ଷର କୁତ୍ସିତ ।

କଦନ, ବି. ନ. (କଦ୍-ଅନ) ପୀଡ଼ନ, ବିନାଶ, ମର୍ଦ୍ଦନ, ଯୁଦ୍ଧ, ପାପ, ମାରଣ ।

କଦନ୍ନ, ବି. ନ. (କୁ-ଅନ୍ନ) କୁତ୍ସିତ ଅନ୍ନ, ଅତି ଅପକୃଷ୍ଟ ଆହାରୀୟ ପଦାର୍ଥ ।

କଦବା, ଅଂ. ( କଦା ଶବ୍ଦଜ ) କୌଣସି କୌଣସି ସମୟରେ ।

କଦମ୍, ବି. (ଯାବନିକ) ପଦଖଣ୍ଡ, ପାଦ, ଅଶ୍ୱଗତି ବିଶେଷ । ଯଥା —

କାହିଁ ଅଶ୍ୱାରୋହୀ ଘେନି ଅଶ୍ୱବର,
କଦମେ ବୁଲାଇ ଦିଅଇ ଚକ୍କର । ନ. କେ.

କଦମ୍ବ } ବି. ପୁଂ (କଦ୍-ଅମ୍ବ, ଅମ୍ବକ )
କଦମ୍ବକ } ସ୍ୱନାମପ୍ରସିଦ୍ଧ ବୃକ୍ଷ, ନୀପବୃକ୍ଷ । ନ. କଦମ୍ବଫୁଲ, ସମୂହ ।

କଦମା } ବି. (ଦେଶଜ ଏକପ୍ରକାର ଖାଦ୍ୟ,
କଦମ୍ବା } ଯଥା—ଚୂଡ଼ା କଦମ୍ବା, ତରୁଣ ।

କଦର, ବି. ପୁଂ. (କଦ୍-ଅ) ବବୁରଗଛ, କରତ, କରେଇ, ଉପାୟ, ଯତ୍ନ, ସୁବିଧା, କୌଶଳ ।

କଦର୍ଥ, ବିଂ. (କୁ-ଅର୍ଥ) ବ୍ୟର୍ଥ, ନିରର୍ଥକ, କୁତ୍ସିତ ଅର୍ଥକାରୀ । ବି. ପୁଂ. ଦୂଷିତ ଅର୍ଥ ।

କଦର୍ଥନ, ବି. ନ. ( କୁ-ଅର୍ଥନ ) ବିଡ଼ମ୍ବନା, ଅବମାନନା, ପୀଡ଼ା ଦେବା ।

କଦର୍ଥିତ, ବିଂ. (କୁ-ଅର୍ଥିତ) ଦୂଷିତ, ବିଡ଼ମ୍ବିତ, କ୍ଳେଶିତ, ଘୃଣିତ ।

**କଦର୍ଯ୍ୟ**, ବିଂ. (କୁ-ଅର୍ଯ୍ୟ) କୁତ୍ସିତ, କୃପଣ, ନୀଚ, କ୍ଷୁଦ୍ର, ଲୋଭୀ ।

**କଦଳ**, ବି. ପୁଂ. ( କ-ଦଲ୍-ଅ ) ରମ୍ଭାବୃକ୍ଷ, କଦଳୀଗଛ । ନ. କଦଳୀଫଳ ।

**କଦଳୀ**, ବି. ସ୍ତ୍ରୀ. (କଦଳ-ଇ,ଈ) ରମ୍ଭାବୃକ୍ଷ, ରମ୍ଭାଫଳ, ମୃଗୀବିଶେଷ, ପତାକା, ହସ୍ତୀ ଉପର ନିଶାଣ ।

**କଦା**, ଅଂ.(କିମ୍-ଦା)କେବେ, କେଉଁ ସମୟରେ ।

**କଦାକାର** } ବିଂ. ( କୁ-ଆକାର,ଆକୃତି) ବିଶ୍ରୀ.
**କଦାକୃତି** } ଯାହାର ଆକାର କୁତ୍ସିତ ।

**କଦାଚ**, ଅଂ. (କଦାଚନ ଶବ୍ଦଜ) କଦାଚିତ୍, କେବେ ।

**କଦାଚନ** } ଅଂ. (କଦା-ଚନ, ଚିତ୍) କେବେ,
**କଦାଚିତ୍** } କୌଣସି ସମୟରେ ।

**କଦାଚାର**, ବି. ପୁଂ. ( କୁ-ଆଚାର କୁତ୍ସିତ ଆଚରଣ, ଅନ୍ୟାୟ ଆଚରଣ, ଅଭଦ୍ର ଆଚରଣ । ବିଂ. କୁତ୍ସିତାଚାରୀ ।

**କଦାଚାରୀ**, ବିଂ. ( କୁ-ଆଚାର-ଇନ୍ ) ଯାହାର ଆଚରଣ ମନ୍ଦ, ଅସଦାଚାରୀ ।

**କଦାପି**, ଅଂ. (କଦା-ଅପି) କେବେହେଁ, କେବେଁ, କୌଣସି ଏକ ସମୟରେ ।

**କଦୁକ୍ତି**, ବି. ସ୍ତ୍ରୀ. (କୁ-ଉକ୍ତି) କଟୂକ୍ତି, ଅଶ୍ଳୀଳ ଉକ୍ତି ।

**କଦୁଷ୍ଣ**, ବିଂ. (କୁ-ଉଷ୍ଣ) ଅଳ୍ପୋଷ୍ଣ, ଈଷଦୁଷ୍ଣ ।

**କଦ୍ରଥ**, ବି. ପୁଂ. (କୁ-ରଥ) କୁତ୍ସିତ ରଥ ।

**କଦ୍ରୁ**, ବି. ସ୍ତ୍ରୀ. ( କଦ୍-ରୁ ) ନାଗମାତା, ସର୍ପଜନନୀ, କାଶ୍ୟପ ଋଷିଙ୍କର ଅନ୍ୟତମ ଭାର୍ଯ୍ୟା । ବିଂ. ନାଗବିଶିଷ୍ଟ, ପିଙ୍ଗଳବର୍ଣ୍ଣ ।

**କନକ**, ବି. ନ. ( କନ୍-ଅକ ) ସୁବର୍ଣ୍ଣ । ପୁଂ. ରକ୍ତବର୍ଣ୍ଣ ଫୁଲଗଛ, କିଂଶୁକବୃକ୍ଷ, ଚମ୍ପକ, ନାଗକେଶରବୃକ୍ଷ ।

**କନକନ**, ବିଂ. (ଦେଶଜ) ଅତି ଚଞ୍ଚଳ, ଶୀତ, କୁନ୍ଦକୁନ୍ଦ ।

**କନକକ୍ଷାର**, ବି. ପୁଂ. (କନକ-କ୍ଷାର) ସୋହାଗା, ଟାଙ୍କଣା ।

**କନକଧ୍ୱଜ**, ବି. ପୁଂ. ଧୃତରାଷ୍ଟ୍ରର ପୁତ୍ରବିଶେଷ । ବିଂ. ଯାହାର ଧ୍ୱଜା ସ୍ୱର୍ଣ୍ଣମୟ ।

**କନକପ୍ରଭା**, ବି. ସ୍ତ୍ରୀ. (କନକ-ପ୍ରଭା) ସୁବର୍ଣ୍ଣ-ପ୍ରତିମା, ମହାଜ୍ୟୋତିଷ୍ମତୀ ଲତା ।

**କନକପ୍ରସବା**, ବି. ସ୍ତ୍ରୀ. (କନକ-ପ୍ରସବା) ସ୍ୱର୍ଣ୍ଣ-କେତକୀ ।

**କନକମୟ**, ବିଂ. (କନକ-ମୟ) ସ୍ୱର୍ଣ୍ଣମୟ, କନକ-ନିର୍ମିତ ।

**କନକମହୀଧର**, ବି. ପୁଂ. ( କନକ-ମହୀଧର ) ସୁବର୍ଣ୍ଣ ପର୍ବତ, ସୁମେରୁପର୍ବତ, ଅସ୍ତପର୍ବତ ।

**କନକରସ**, ବି. ପୁଂ. (କନକ-ରସ) ହରିତାଳ ।

**କନକାଚଳ**, ବି. ପୁଂ. (କନକ-ଅଚଳ) ସୁମେରୁ-ପର୍ବତ, ଅସ୍ତାଚଳ ।

**କନକାଳୁକା**, ବି. ସ୍ତ୍ରୀ. ( କନକ-ଆଲୁ-କା ) ସ୍ୱର୍ଣ୍ଣକଳସ, ସୁବର୍ଣ୍ଣଘଟ ।

**କନକାହ୍ୱ** } ବି. ପୁଂ. (କନକ-ଅହ୍ୱା, ଅହ୍ୱୟ)
**କନକାହ୍ୱୟ** } ଧୂସ୍ତୁରଗଛ, ନାଗକେଶରବୃକ୍ଷ ।

**କନଖଲ**, ବି. ପୁଂ. କୁରୁକ୍ଷେତ୍ରର ଉତ୍ତରସ୍ଥିତ ଗଙ୍ଗାଦ୍ୱାର ସମୀପସ୍ଥ ତୀର୍ଥବିଶେଷ ।

**କନା**, ବି. (କନ୍ଥା ଶବ୍ଦଜ) ବସ୍ତ୍ରଖଣ୍ଡ, ଛିଣ୍ଡାଲୁଗା । ଗଛର ଯେଉଁ ଅଂଶରୁ ଶାଖା ବାହାରେ ।

**କନାଉଜ**, ବି. ଦେଶବିଶେଷ, କାନ୍ୟକୁବ୍ଜ, କନୌଜ ।

**କନାତ**, ବି. (ଯାବନିକ) ତମ୍ବୁ ।

**କନିଅା**, (କନ୍ୟା ଶବ୍ଦଜ) କୁମାରୀ, ମଙ୍ଗଳପାକ-ଠାରୁ ବିବାହ ଶେଷ ପର୍ଯ୍ୟନ୍ତ ଝିଅକୁ କନ୍ୟା କହନ୍ତି, କନ୍ୟାପାର୍ଶ୍ୱ, ଦ୍ୱିତୀୟପକ୍ଷର (ସ୍ତ୍ରୀ) ।

**କନିଅର** } ବି. ( କର୍ଣ୍ଣିକାର ଶବ୍ଦଜ ) ହଳଦିଆ
**କନିୟର** } ବର୍ଣ୍ଣର ଫୁଲ ଓ ତାହାର ଗଛ ।

ଯଥା—

ଦେବାଳୟ ଉତକଣ୍ଠେ କନିୟର
ସୁବର୍ଣ୍ଣ ଚମ୍ପକଧର ମଧୁପର । ଚଉପଦୀ ।

କନିଷ୍ଠ, ବି°. ( ଅଳ୍ପ ବା ଯୁବନ୍ ଇଷ୍ଠ ) ସାନ, ଶେଷ, କ୍ଷୁଦ୍ର, ବୟସରେ ସାନ, ଅନୁଜ ।

କନିଷ୍ଠା, ବି. ସ୍ତ୍ରୀ. (କନିଷ୍ଠ-ଆ) କାଣୀ ଅଙ୍ଗୁଳୀ । ବି°. ଅନୁଜା, ବୟସରେ ସାନ, କ୍ଷୁଦ୍ର ।

କନୀ, ବି ସ୍ତ୍ରୀ. (କନ୍-ଅ-ଈ) କନ୍ୟା, ଦୁହିତା ।

କନୀନିକା, ବି. ସ୍ତ୍ରୀ. ( କନ୍-ଇନ୍-କ-ଆ ଚକ୍ଷୁର ତାରା, କନିଷ୍ଠାଙ୍ଗୁଳି, କନିଷ୍ଠା ଭଗିନୀ ।

କନୀୟସୀ, ବି. ସ୍ତ୍ରୀ. ( ଅଳ୍ପ-ଈୟସ୍-ଈ) କନିଷ୍ଠା ଭଗିନୀ, ସର୍ବକନିଷ୍ଠା ।

କନୀୟାନ୍, ବି°. (ଅଳ୍ପ ବା ଯୁବନ୍-ଈୟସ୍)ସର୍ବ କନିଷ୍ଠ, ଅତିକ୍ଷୁଦ୍ର, କନିଷ୍ଠ ଭ୍ରାତା ।

କନେଷ୍ଟବଲ, ବି. ( ଇ° Constable ) ସିପାଇ ପୁଲିସର ଶାନ୍ତିରକ୍ଷକ ନିମ୍ନ କର୍ମଚାରୀ ।

କନ୍ଥାର, ବି. (ଦେଶଜ) ଏକପ୍ରକାର ଆଖୁ ।

କନ୍ତୁ, ବି. ପୁଂ. (କନ୍-ତୁ) କନ୍ଦର୍ପ, ଚିତ୍ତ ।

କନ୍ଥା, ବି. ସ୍ତ୍ରୀ ( କୁନ୍ଥ୍-ଆ ) ଜୀର୍ଣ୍ଣବସ୍ତ୍ରରଚିତ ଆଚ୍ଛାଦନ, ମୃଣ୍ମୟଭିତ୍ତି, କାନ୍ଥ ।

କନ୍ଦ, ବି. ନ. (କନ୍ଦ୍-ଅ) ମୂଳ, ଅଳୁ ପ୍ରଭୃତି । ପୁଂ. (କଂ ଦ) ମେଘ, କର୍ପୂର, (ଦେଶଜ) ନବାତ, ଗୁଡ଼ବିକୃତି, ଅସଭ୍ୟଜାତିବିଶେଷ । ଯଥା—

> ମଧ୍ୟାହ୍ନେ ଅନ୍ଧାର କଲାଇ ଅକନ୍ଦ,
> କନ୍ଦ ସୀମନ୍ତିନୀ ବିଶ୍ରମ୍ଭର ବନ୍ଧ । ଚିଲ କା ।

କନ୍ଦଟ, ବି. ନ. (କନ୍-ଅଟ) ଶ୍ୱେତପଦ୍ମ, ସୁନ୍ଦା-ନାମକ ସୁଗନ୍ଧଦ୍ରବ୍ୟ ।

କନ୍ଦମାଳ, ବି. ଓଡ଼ିଶାର ଗଡ଼ଜାତବିଶେଷ ।

କନ୍ଦମୂଳ, ବି. ନ. ( କନ୍ଦ-ମୂଳ ) ମିଷ୍ଟ ମୂଳକ-ବିଶେଷ ।

କନ୍ଦର, ବି. ପୁଂ. ନ. (କଂ-ଦୃ-ଅ) ଦରୀ, ପର୍ବତ ଗହ୍ୱର, ଅଙ୍କୁଶ, ଅଦା, ଓଳୁଅ । (ଗହ୍ୱର-ଅର୍ଥରେ । ଯଥା—

> କମ୍ପନ ସେତ ମୁଁ ଦେଖିଲି କନ୍ଦରେ,
> ରହିବ ପୁଣା ବେଶ କୃପାକର କରେ । କ. କେ

କନ୍ଦରା } ବି. ସ୍ତ୍ରୀ. ( କନ୍ଦର-ଆ, ଈ ) ପର୍ବତ-
କନ୍ଦରୀ } ଗହ୍ୱର, ଦରୀ । ଯଥା—

> ଭ୍ରମିଲେ ଅସଂଖ୍ୟ ଗିରି କାନ୍ତାର କନ୍ଦର । ମ. ଯା,

କନ୍ଦର୍ପ, ବି. ପୁଂ. (କଂ-ଦୃପ୍-ଅ) କାମ, ଚିତ୍ତଜ, ମଦନ ।

କନ୍ଦର୍ପକୂପ, ବି. ନ. (କନ୍ଦର୍ପ-କୂପ) ଯୋନି, ସ୍ତ୍ରୀଚିହ୍ନ ।

କନ୍ଦର୍ପମଥନ, ବି. ପୁଂ. ( କନ୍ଦର୍ପ-ମଥ୍-ଅନ ମହାଦେବ, କାମନାଶକ ବସ୍ତୁ ।

କନ୍ଦଳ, ବି. ତ୍ରି. ( କଂ-ଦଳ୍-ଅ ) କଳଧ୍ୱନି, ଗଣ୍ଡଦେଶ । (କଂ=କମନୀୟ-ଦଳ=ପତ୍ର)ପୁଂ. ନୂତନ ଅଙ୍କୁର, କଳହ, ବିବାଦ, ଯୁଦ୍ଧ, ସ୍ୱର୍ଣ୍ଣ, ସମୂହ, ପତାକା, ପଦ୍ମବୀଜ । ବି. ନ. କନ୍ଦଳୀ-ପୁଷ୍ପ ।

କନ୍ଦଳୀ, ବି. ସ୍ତ୍ରୀ. (କନ୍ଦ=ମୂଳ-ଲା=ଗ୍ରହଣାର୍ଥ ଲା-ଧାତୁଜ-ଈ ) ମୃଗବିଶେଷ, (କ=ବାୟୁ-ଦଳ=ଦଳିତ-ଈ) ଭୂମିକନ୍ଦଳୀବୃକ୍ଷ, ପାଣି-କେନ୍ଦୁଳୀଗଛ, ପତାକା, ପଦ୍ମବୀଜ, ପାଣି-କେନ୍ଦୁଳୀଫୁଲ । ଯଥା—

> ଏଥି ବିକଶିତ ନବକନ୍ଦଳୀ କୁସୁମ,
> ଯୁକ୍ତ ଅଛି ଜଳସିକ୍ତ ମୃତ୍ତିକାର ଧୂମ ।

କନ୍ଦଳାୟ୍ୟା, ବି°. (କନ୍ଦଳ ଶବ୍ଦଜ) କଳହା ।

କନ୍ଦା, ବି°. (ସ୍କନ୍ଧ ଶବ୍ଦଜ)ଅଙ୍ଗୁଳି ପ୍ରଭୃତି ସନ୍ଧିସ୍ଥାନ ଜାତ କ୍ଷତରୋଗବିଶେଷ, ବୃକ୍ଷର ଅଗ୍ରସ୍ଥ କୋମଳ ଅଂଶବିଶେଷ,ଯଥା —ଖଜୁରିକନ୍ଦା, ବେତକନ୍ଦା, କ୍ରନ୍ଦନ ।

କନ୍ଧ } ବି. (କେନ୍ଦ୍ର ଶବ୍ଦଜ) ଗଳି, ଦୁଇ ଘରର
କନ୍ଧୀ } ମଧ୍ୟବର୍ତ୍ତୀ ସଂକୀର୍ଣ୍ଣ ସ୍ଥାନ ।

କନ୍ଦୁ, ବି. ପୁଂ (ସ୍କନ୍ଦ୍-ଉ) ଲୌହମୟ ପାକପାତ୍ର କରେଇ, ଡାଉଆ ।

କନ୍ଦୁକ } ବି. ପୁଂ. (କନ୍ଦ-ଉ-କ) ଖେଳିବାର
କନ୍ଦୂକ } ଗୁଟିକା, ବର୍ତ୍ତୁଳାକାର ଖେଳନା, ପେଣ୍ଡୁ । ଯଥା —

> କନ୍ଦୁକକ୍ରୀଡ଼ାରେ ସୁନ୍ଦରୀ ଆନ ଅବ ଏ ସ୍ଥଳେ,
> ଉଠନ୍ତି ପଡ଼ନ୍ତି କନ୍ଦୁକ ଗୁଛ କରକମଳେ । ଚ. ବୁ.

କନ୍ଦେଇବା, କ୍ରି. (କ୍ରନ୍ଦ ଧାତୁର ଣିଜନ୍ତ) ରୋଦନ କରାଇବା, କ୍ରନ୍ଦନ କରାଇବା ।

କନ୍ଧ, ବି. (ଦେଶଜ) କନ୍ଦ, ଅନାର୍ଯ୍ୟଜାତିବିଶେଷ ।

କନ୍ଧର, ପୁଂ. } ବି. କଂ=ମସ୍ତକ, ଜଳ-ଧର୍, ଅ
କନ୍ଧରା, ସ୍ତ୍ରୀ, } ଗ୍ରୀବା, ଗଳା, ବେକ, ମେଘ ।

କନ୍ଧି, ବି. ପୁଂ. (କଂ-ଧାଇ) ସମୁଦ୍ର । ସ୍ତ୍ରୀ. ଗ୍ରୀବା ।

କନ୍ୟକା } ବି. ସ୍ତ୍ରୀ. (କନ୍ୟା-ଅକ-ଆ, କନ୍-ଯ-ଆ)
କନ୍ୟା } ପୁତ୍ରୀ, ଦଶବର୍ଷବୟସ୍କା କୁମାରୀ, ଅବିବାହିତା ସ୍ତ୍ରୀ, ନାରୀ, କନ୍ୟା ବା ଷଷ୍ଠ ରାଶି, ଗୌରୀ, କନ୍ୟକା= ଚନ୍ଦ୍ରମଧ୍ୟସ୍ଥ ପେଢୁଳା ।

କନ୍ୟାକୁବ୍ଜ, ବି. ସ୍ତ୍ରୀ. ( କନ୍ୟା-କୁବ୍ଜ ) କାନ୍ୟକୁବ୍ଜ ଦେଶ, ଏହି ନଗରର ରାଜା କୁଶନାଭଙ୍କର ୧୦୦ କନ୍ୟା ଥିଲେ, ପବନ ସେମାନଙ୍କର ରୂପ ଲାବଣ୍ୟରେ ମୋହିତ ହୋଇ ସେମାନଙ୍କ ନିକଟରେ ସ୍ୱ ଅଭିପ୍ରାୟ ବ୍ୟକ୍ତ କରିଥିଲେ, କିନ୍ତୁ ସେମାନେ ପବନର ମନୋରଥ ପୂର୍ଣ୍ଣ ନ କରିବାରୁ ତାହାଙ୍କର ଅଭିଶାପରେ ସେମାନେ କୁବ୍ଜ ହୋଇ ଯାଇଥିଲେ, ତେଣୁ ସେ ସ୍ଥାନର ନାମ କନ୍ୟାକୁବ୍ଜ ହୋଇଅଛି ବୋଲି ପ୍ରସିଦ୍ଧି ଅଛି ।

କନ୍ୟାଟ, ବି. ପୁଂ. ( କନ୍ୟା-ଅଟ୍-ଅ ) ନାରୀମାନଙ୍କର ବାସଗୃହ ।

କନ୍ୟାତୀର୍ଥ, ବି. ନ. କୁରୁକ୍ଷେତ୍ରସ୍ଥିତ ତୀର୍ଥବିଶେଷ ।

କନ୍ୟାଦାନ, ବି. ସ୍ତ୍ରୀ. (କନ୍ୟା-ଦାନ) ବିଧିପୂର୍ବକ ବରହସ୍ତରେ କନ୍ୟା ସମ୍ପ୍ରଦାନ ।

କନ୍ୟାଧନ, ବି. ନ. (କନ୍ୟା-ଧନ) କନ୍ୟକାବସ୍ଥାରେ ଲବ୍ଧ ଧନ, ସ୍ତ୍ରୀଧନବିଶେଷ ।

କନ୍ୟାନ୍ତଃପୁର, ବି. ନ. ( କନ୍ୟା-ଅନ୍ତଃପୁର ) ଅନ୍ତଃପୁରର ଯେଉଁ ଅଂଶରେ ରାଜକୁମାରୀମାନେ ବାସ କରନ୍ତି ।

କପକପ, ଅଂ (ଦେଶଜ) ଅନୁକରଣ ଶବ୍ଦ, କୁଷ୍ମାଣ୍ଡ ଖପୁଖପୁ ହେବା ।

କପଟ, ବି. ପୁଂ. (କ=ବ୍ରହ୍ମା-ପଟ=ଗମନ କରିବା-ଅ, ଅଥବା, କ=ମସ୍ତକ-ପଟ=ବସ୍ତ୍ର) ଛଳ, ଶଠତା, ବଞ୍ଚନା ।

କପଟକମଳ, ବି. ପୁଂ. ( କ-ପଟ୍-ଅ-କମଳ) ମାୟା, ମୃଗ ।

କପଟଚାରୀ, ବିଂ. (କପଟ-ଚର୍-ଇନ୍) ଛଦ୍ମବେଶୀ, କାପଟିକ ।

କପଟୀ, ବିଂ. ( କପଟ-ଇନ୍ ) ବଞ୍ଚକ, ଶଠ, ପ୍ରତାରକ ।

କପର୍ଦ୍ଦ } ବି. ପୁଂ. ( କ-ପୃ-ଦ, କ ) ଶିବଜଟା,
କପର୍ଦ୍ଦକ } କଉଡ଼ି ।

କପର୍ଦ୍ଦୀ, ବି. ପୁଂ. (କପର୍ଦ୍ଦ=ଜଟା-ଇନ୍) ଶିବ, ମହାଦେବ । ଯଥା—

କଳଙ୍କ ଥିଲେ ଶୀତ-କର ସବୁର ହିତ,
କପର୍ଦ୍ଦୀମସ୍ତକଭୂଷଣ ଗୋ । ର. କ.

କପା, ବି. (କାର୍ପାସ ଶବ୍ଦଜ) ତୂଳାବୃକ୍ଷ, ତୂଳା ।

କପାଟ } ବି. ପୁଂ. ( କ-ପଟ୍-ଅ, ପ=ବ )
କବାଟ } ଦ୍ୱାରର ଆବରଣ ।

କପାଳ, ବି. ପୁଂ. ନ. (କ-ପାଳ) ମୁଣ୍ଡର ଖପୁରୀ, ଲଲାଟ, କଳସର ଅର୍ଦ୍ଧାଂଶ, ଭିକ୍ଷାପାତ୍ର, ଖପର୍-ସମ୍ବନ୍ଧ, (ପ୍ରଚଳିତ କଥାରେ) ଅଦୃଷ୍ଟ, ଭାଗ୍ୟ

କପାଳଭୃତ୍, ବି. ପୁଂ. ( କପାଳ-ଭୃତ୍ ) ଶିବ, ମହାଦେବ, ଭିକ୍ଷୁକ ।

କପାଳମାଳିନୀ, ବି. ସ୍ତ୍ରୀ. (କପାଳ-ମାଳା-ଇନ୍-ଈ) ଦୁର୍ଗା, କାଳୀ ।

କପାଳମାଳୀ, ବି. ପୁଂ. ( କପାଳ ମାଳା-ଇନ୍ ) ଶିବ ।

କପାଳମୋଚନ, ବି. ନ. ତୀର୍ଥବିଶେଷ, ଏହିଠାରେ ବ୍ରହ୍ମାଙ୍କର ପଞ୍ଚମ ମସ୍ତକର କପାଳ ମୋଚନ ଅଥବା ପରିତ୍ୟକ୍ତ ହୋଇଥିଲା । ସେହି ହେତୁରୁ ତାହା କପାଳମୋଚନ ନାମରେ ପ୍ରସିଦ୍ଧ ।

କପାଳିଆ } ବି. (କପାଳ ଶବ୍ଦଜ) ଅଦୃଷ୍ଟବନ୍ତ,
କପାଳିଆ } ଭାଗ୍ୟବନ୍ତ ।

କପାଳୀ, ବ. ପୁଂ. ( କପାଲ-ଇନ୍ ) ଶିବ । ସ୍ତ୍ରୀ. ଦୁର୍ଗା । ବିଂ. କପାଳବନ୍ତ ।

କପାସିଆ, ବି. ( କାର୍ପାସୀୟ ଶବ୍ଦଜ ) ଲୁଗା, ଯଥା:—କପାସିଆ ଛମାସିଆ ।

କପି, ବି. ପୁଂ. ( କପ୍-ଇ ) ବାନର, ବିଷ୍ଣୁ, କପିଳବର୍ଣ୍ଣ ।

କପିକଳ, ବି. ଭାରୀ ବସ୍ତୁ ଉଠାଇବାର ଯନ୍ତ୍ରବିଶେଷ ।

କପିକେତନ } ବି ପୁଂ. (କପି-କେତନ, ଧ୍ୱଜା )
କପିଧ୍ୱଜ } ଅର୍ଜ୍ଜୁନର ରଥ । ଯଥା—

କପିଧ୍ୱଜେ ବସି କଲେ ସଙ୍ଗେ ଚକ୍ରପାଣି । କା, ବ

କପିଞ୍ଜଳ, ବି. ପୁଂ. ( କ-ପିନ୍ଜ୍-ଳ ) ଚାତକ ପକ୍ଷୀ, ଗୌରବର୍ଣ୍ଣ ତିତ୍ତିରପକ୍ଷୀ, ମୁନିବିଶେଷ, ପୁଣ୍ଡ୍ରୀକଙ୍କ ସୁହୃତ୍ ।

କପିତ୍ଥ } ବି. ପୁଂ. ( କପି-ସ୍ଥା-ଅ କଇଁଥ ଗଛ ।
କବିତ୍ଥ } ନ. କଇଁଥ ଫଳ ।

କପିପ୍ରିୟ, ବି. ପୁଂ. ( କପି-ପ୍ରିୟ ) କଇଁଥ ଗଛ, ଅମ୍ବଡ଼ା ଗଛ ।

କପିଳ } ବି. ପୁଂ. ( କମ୍-ଇଳ ମ = ପ, ବ )
କବିଳ } ପିଙ୍ଗଳବର୍ଣ୍ଣ, ସାଂଖ୍ୟଦର୍ଶନପ୍ରଣେତା ମୁନି, ବିଷ୍ଣୁ, ଦୈତ୍ୟବିଶେଷ, ଅଗ୍ନି, କୁକ୍କୁର । ବିଂ. ପିଙ୍ଗଳବର୍ଣ୍ଣବିଶିଷ୍ଟ, ପୀତଆଭାଯୁକ୍ତ କୃଷ୍ଣବର୍ଣ୍ଣ ।

କପିଳବାସ୍ତୁ, ବି ପୁଂ. ନେପାଳ ଅନ୍ତର୍ଗତ ପାର୍ବତ୍ୟପ୍ରଦେଶର ନଗରବିଶେଷ, ବୌଦ୍ଧଧର୍ମର ପ୍ରତିପାଦକ ବୁଦ୍ଧଦେବ ଏହି ନଗରରେ ଜନ୍ମଗ୍ରହଣ କରିଥିଲେ ।

କପିଳା, ବି. ସ୍ତ୍ରୀ. (କପିଳ-ଆ) କାମଧେନୁ, ଅଗ୍ନିକୋଣର ହସ୍ତିନୀ, ଶିଂଶପାଗଛ, ସୁଗନ୍ଧଦ୍ରବ୍ୟ, (ପ୍ରଚଳିତ କଥାରେ) ବିଂ. କପିଳବର୍ଣ୍ଣବିଶିଷ୍ଟ ।

କପିଳାସ, ବି. ( କୈଳାସ ଶବ୍ଦଜ ) ଓଡ଼ିଶାର ଢେଙ୍କାନାଳସ୍ଥ ପର୍ବତ ବିଶେଷ, ଏଠାରେ ଶିବମନ୍ଦିର ଥିବାରୁ ଏବଂ ଏଠାକାର ଜଳବାୟୁ ଅତ୍ୟନ୍ତ ସ୍ୱାସ୍ଥ୍ୟପ୍ରଦ ଥିବାରୁ ଅନେକ ସ୍ଥାନରୁ ନାନା ଶ୍ରେଣୀର ଲୋକମାନେ ଏଠାକୁ ଆସିଥାନ୍ତି, ଶିବରାତ୍ରି ଦିନ ଏଠାରେ ଗୋଟିଏ ମେଳା ହୁଏ । ଯଥା—

କପିଳାସ-ଶୈଳ-ନିବାସୀ ଶଙ୍କର
କଣି-ଭଙ୍କ ଠେଙ୍ଗା ଯା ବଶଙ୍କର । ନ. କେ

କପିଳାଶ୍ୱ, ବି. ପୁଂ. (କପିଳ-ଅଶ୍ୱ)ଇନ୍ଦ୍ର, ଇନ୍ଦ୍ରଙ୍କର ଉଚ୍ଚୈଃଶ୍ରବା ଘୋଡ଼ାର କପିଳବର୍ଣ୍ଣ ଥିବାରୁ ତାହାଙ୍କର ଏହିପରି ନାମ ହୋଇଅଛି, ସୂର୍ଯ୍ୟବଂଶୀୟ ରାଜା ।

କପିଲୋହ, ବି. ନ. କପିଳ-ଲୋହ, କପିଳ = କପି) ପିତ୍ତଳ, ଉପଧାତୁ ବିଶେଷ ।

କପିବଲ୍ଲୀ, ବି. ସ୍ତ୍ରୀ. ( କପି-ବଲ୍ଲୀ) ଗଜପିପ୍ପଳୀ ।

କପିଶ, ବି.ପୁଂ. କପି-ଶ) ନୀଳପୀତମିଶ୍ରିତ ବର୍ଣ୍ଣ ।

କପିଶା, ବି. ସ୍ତ୍ରୀ. ( କପିଶା-ଅ ) ନଦୀବିଶେଷ, ମାଧବୀଲତା, ପିଶାଚମାତା ।

କପିଶାଞ୍ଜନ, ବି. ପୁଂ. ମହାଦେବ ।

କପିଶୀର୍ଷ, ବି. ନ. ( କପି-ଶୀର୍ଷ ) ପ୍ରାକାରାଗ୍ର, ପ୍ରାଚୀରର ମସ୍ତକ ।

କପୀନ୍ଦ୍ର, ବି. ପୁଂ. (କପି-ଇନ୍ଦ୍ର)ସୁଗ୍ରୀବ,ହନୁମାନ

କପୁଚ୍ଛଳ, ବି. ପୁଂ. ( କ-ପୁଚ୍ଛ-ଲ ) ଚୂଡ଼ାକରଣ ସଂସ୍କାର ।

କପୂୟ, ବିଂ. (କୁ-ପୂୟ୍-ଅ) କୁତ୍ସିତ, ଦୁର୍ଗନ୍ଧ ।

କପୂର, ବି. (କର୍ପୂର ଶବ୍ଦଜ) କର୍ପୂର ।

କପୋତ, ବି. ପୁଂ. (କ-ପୋତ) ପାରାବତ, ପାରା ପକ୍ଷୀ, କାପୃତା ପକ୍ଷୀ ।

କପୋତପାଳିକା } ବି. ସ୍ତ୍ରୀ. (କପୋତ-ପାଲ-ଅକ-
କପୋତପାଳୀ } ଆ, ଈ ) ବିଟଙ୍କ, ପାରା ରହିବାର କୋଠରୀ ବା ସ୍ଥାନ, ପାରାଭାଡ଼, ଚଢ଼େଇଖାନା ।

କପୋତାରି, ବି. ପୁଂ. ( କପୋତ-ଅରି ) ଛଞ୍ଚାଣ ପକ୍ଷୀ ।

କପୋଳ, ବି. ପୁଂ. ( କ-ପୋଲ୍-ଅ ବା କପ୍-ଓଲ ) ଗଣ୍ଡଦେଶ, ଗାଲ ।

**କପୋଳକଳ୍ପନା**, ବି. ସ୍ତ୍ରୀ. ( କପୋଳ-କଳ୍ପନା ) ଅସତ୍ୟ ଅଥଚ ରଚିତ ଗଳ୍ପ ।

**କପୋଳକଳ୍ପିତ**, ବି°. ( କପୋଳ-କଳ୍ପିତ ) ମନଗଢ଼ା, ଅସତ୍ୟ ଅଥଚ ରଚିତ ।

**କପ୍‌କପ୍**, ଅ°. ( ଦେଶଜ ) ଶବ୍ଦାନୁକରଣ, ବନ୍ଧନାଦିଜନିତ ପୀଡ଼ାସୂଚକ ।

**କଫ**, ବି. ପୁଂ (କ=ଜଳ-ଫଲ=ନିଷ୍ପନ୍ନ ହେବା-ଅ, ଲୋପ ) ଶ୍ଳେଷ୍ମା, ଶରୀରସ୍ଥ ଧାତୁ ବିଶେଷ ।

**କଫକୂର୍ଚ୍ଚିକା**, ବି. ସ୍ତ୍ରୀ. ( କଫ-କର୍ଚ୍ଚିକା ) ଲାଳ, ସିଂଘାଣୀ, ନାସାନିର୍ଗତ ଶ୍ଳେଷ୍ମା ।

**କଫଣି**
**କଫୋଣି** } ବି. ପୁଂ. ସ୍ତ୍ରୀ, ( କ-ଫଣ-ଇ) କହୁଣି, ବାହୁର ମଧ୍ୟଗ୍ରନ୍ଥି । ଯଥା—

କଫୋଣି ପ୍ରହାରେ ଘାରୁ ମାର ଯେ ।

**କଫାରି**, ବି. ପୁଂ. (କଫ-ଅରି) ଶୁଣ୍ଠୀ ।

**କଫୀ**, ବି°. ( କଫ-ଇନ୍ ) କଫଯୁକ୍ତ । ବି. ପୁଂ. ଗଜ, ହସ୍ତୀ ।

**କବନ୍ଧ**, ବି. ପୁଂ. ( କ-ବଧ-ଅ, ବା କ-ବନ୍ଧ୍-ଅ) କ୍ରିୟାଯୁକ୍ତ ମସ୍ତକଶୂନ୍ୟ ଦେହ, ଧୂମକେତୁ, ରାକ୍ଷସବିଶେଷ, ଜଳ, ଉଦର ।

**କବ୍‌ଜା**, ବି. ( ଯାବନିକ ) କବାଟଯୋଜକ ଲୌହନିର୍ମିତ କଳ, ହସ୍ତର ମଣିବନ୍ଧ ନିକଟସ୍ଥ ଗ୍ରନ୍ଥି ।

**କବଠା**, ବି. (କର୍ପଟ ଶବ୍ଦଜ) ବସ୍ତ୍ରଖଣ୍ଡ ।

**କବର**, ବି. (ଯାବନିକ) ସମାଧି ସ୍ଥାନ ।

**କବଲ**
**କବାଲ** } ବି. (ଯାବନିକ) କ୍ରୟବିକ୍ରୟ ଦଲିଲ୍ ।

**କବାବ୍‌ଚିନି**, ବି. ଏକପ୍ରକାର ମସଲା, ଶୀତଳ ମରିଚ ।

**କବୁଲ୍**, ବି. (ଯାବନିକ) ସ୍ୱୀକାର ।

**କମ୍**, ଅ°. (କମ୍-°ଂ ପାଦପୂରଣ, ଜଳ, ମସ୍ତକ, ସୁଖ, ମଙ୍ଗଳ, ନିନ୍ଦା । ବି° ଅଳ୍ପ ।

**କମ**, ବି. (କର୍ମ ଶବ୍ଦଜ) ନକ୍‌ଶା, ସୂକ୍ଷ୍ମଶିଳ୍ପ, ହସ୍ତାଭରଣବିଶେଷ । ବି°. ଅଳ୍ପ । ଅ°. (କମ୍-ଅ) କମନୀୟ ।

**କମଠ**, ବି. ପୁଂ. (କମ୍-ଅଠ) କୂର୍ମ, କଚ୍ଛପ । ନ. ବାଉଁଶ, ସନ୍ୟାସିମାନଙ୍କର ଜଳପାତ୍ର ବିଶେଷ । ସ୍ତ୍ରୀ. କଚ୍ଛପୀ, ମାଈକୂର୍ମ ।

**କମଣ୍ଡଳୁ**, ବି. ନ. ପୁଂ. (କ-ମଣ୍ଡ-ଲଙ୍ଗ) ସନ୍ୟାସୀ ବା ବ୍ରହ୍ମଚାରୀଙ୍କ କାଷ୍ଠାଦିନିର୍ମିତ ଜଳପାତ୍ର । ପୁଂ. ଅଶ୍ୱତ୍ଥ ବୃକ୍ଷ, ବୃକ୍ଷ-ବିଶେଷ ।

**କମନ**, ବି°. (କମ୍-ଅନ) କାମୁକ, ଲମ୍ପଟ, ସୁନ୍ଦର, ଅଭିରୂପ । ବି. ପୁଂ. ଅଶୋକ ବୃକ୍ଷ କାମଦେବ, ବ୍ରହ୍ମା ।

**କମନଚ୍ଛଦ**, ବି. ପୁଂ. (କମନ=ରମ୍ୟ-ଛଦ-ପକ୍ଷ) କଙ୍କପକ୍ଷୀ ।

**କମନୀୟ**, ବି°. ( କମ୍-ଅନୀୟ ) ସୁନ୍ଦର, ମନୋହର, ରମ୍ୟ, ସ୍ପୃହଣୀୟ, ବାଞ୍ଛନୀୟ । ଯଥା—

ଶ୍ୟାମ ଘନ କମନୀୟ ନାହିଁ ଆଉ ।

**କମର**, ବି. (ଯାବନିକ) ଅଣ୍ଟା, କଟିପ୍ରଦେଶ । ବି°. (କମ୍-ଅର୍-ଅ) କାମୁକ ।

**କମଳ**, ବି. ନ. (କମ୍-ଅଲ-ଅ) ପଦ୍ମ, ଜଳ, ତାମ୍ର, ଔଷଧ, ସାରସ ପକ୍ଷୀ । ପୁଂ. ମୃଗବିଶେଷ ।

**କମଳଜ**, ବି. ପୁଂ. (କମଳ-ଜନ୍-ଅ) ଚନ୍ଦ୍ର, ବ୍ରହ୍ମା । ନ. ରୋହିଣୀ ନକ୍ଷତ୍ର ।

**କମଳଣୀ**
**କମଳିନୀ** } ବି. ( ପ୍ରାଚୀନ ପଦ୍ୟ ) ଲକ୍ଷ୍ମୀ । ଯଥା—

ଭକ୍ତବତ୍ସଳ ଚକ୍ରପାଣି,
ଯାର କଟାକ୍ଷେ କମଳଣୀ,
ହେ ନାଥ ଶୁଣ ମୋର ବାଣୀ,
ଆମ୍ଭର ଘରେ କମଳିନୀ । ଭାଗବତ ।

**କମଳଯୋନି**, ବି. ପୁଂ. (କମଳ=ପଦ୍ମ-ଯୋନି=ଉତ୍ପତ୍ତି ସ୍ଥାନ) ବ୍ରହ୍ମା, ପଦ୍ମଯୋନି ।

**କମଳା**, ବି. ସ୍ତ୍ରୀ. (କମଳ=ପଦ୍ମ-ଅ, ଆ, ବା କ=ବ୍ରହ୍ମତ୍ୱ-ମ=ଶିବତ୍ୱ-ଲା=ଦାନ କରିବା-ଅ) ଯାହାଙ୍କ ହସ୍ତରେ ସର୍ବଦା କମଳ ଥାଏ ଅଥବା ଯେ ବ୍ରହ୍ମତ୍ୱ ଏବ ଶିବତ୍ୱ

ଧାନ କର ପାରନ୍ତି, ଲକ୍ଷ୍ମୀ, ଶ୍ରେଷ୍ଠା ସ୍ତ୍ରୀ । (ଦେଶଜ)ଲେମ୍ବୁବିଶେଷ, ନାରଙ୍ଗୀବିଶେଷ, ଶୋଭା । ଯଥା—

ପଢ ପାଦପଦ୍ମେ ମତ ଯାହାର,
କମଳେ କମଳ ମମ ଉଦାର ।
ମହାଦେବୀ ଉକ୍ତୋଇଆ ।

କମଳାକର, ବି. ପୁଂ. ( କମଳ-ଆକର = ଉତ୍ପତ୍ତିସ୍ଥାନ ) ପଦ୍ମାକର, ଯେଉଁ ପୁଷ୍କରଣୀରେ ଅନେକ ପଦ୍ମ ଥାଏ, ପଦ୍ମ ସମୂହ ।

କମଳାପତି, ବି. ପୁଂ. (କମଳା-ପତି) ଲକ୍ଷ୍ମୀପତି, ନାରାୟଣ ।

କମଳାଳୟା, ବି.ସ୍ତ୍ରୀ. (କମଳ-ଆଳୟା) ପଦ୍ମାଳୟା, ଲକ୍ଷ୍ମୀ ।

କମଳାସନ, ବି. ନ. (କମଳ-ଆସନ) ପଦ୍ମାସନ । ପୁଂ. ବ୍ରହ୍ମା ।

କମଳିନୀ, ବି. ସ୍ତ୍ରୀ. (କମଳ-ଇନ୍-ଈ) ପଦ୍ମିନୀ, ପଦ୍ମଲତା, ପୁଷ୍କରଣୀ ।

କମା, ବି. (କର୍ମୀ ଶବ୍ଦଜ) ଦାକ୍ଷିଣାତ୍ୟ ବ୍ରାହ୍ମଣ, କର୍ମନିପୁଣ ବ୍ରାହ୍ମଣ ।

କମାଇବା କ୍ରି. (ଦେଶଜ) ଉପାର୍ଜନ କରିବା, ଭଣା କରିବା ।

କମାଣ, ବି. (କାର୍ମୁକ) ଶବ୍ଦଜ) ଧନୁଃ ।

କମାର, ବି. (କର୍ମକାର ଶବ୍ଦଜ) ଲୁହାକାମ କରିବା ଜାତି ।

କମିଜ, ବି. (ଯାବନିକ) ଏକପ୍ରକାର ଜାମା ।

କମିତା, ବିଂ. (କମ-ତୃ) କାମୁକ ।

କମ୍ପ } କମ୍ପନ } ବି. ପୁଂ. ( କମ୍ପ୍-ଅ, ଅନ) କମ୍ପିବା, ଥରିବା, ହଲିବା । ଯଥା—

ବାଳା ବାଳ ହରିଣୀକ ବନ୍ଧନ
ବସ ଉପୁଜୁ କରଇ କମ୍ପନ ।

କମ୍ପମାନ, ବିଂ. ( କମ୍ପ-ଆନ; ମ ଆଗମ ) କମ୍ପାନ୍ୱିତ, ଯେ କମ୍ପୁଅଛି ।

କମ୍ପାକ, ବି. ପୁଂ. (କମ୍ପ-ଆକ) ବାୟୁ, ପବନ ।

କମ୍ପିତ, ବିଂ. (କମ୍ପ-ତ) ଚଳିତ, ଭୀତ, କମ୍ପଯୁକ୍ତ । ବି. ନ. କମ୍ପନ, ଚଳନ ।

କମ୍ବଳ, ବି. ପୁଂ. (କମ୍-ବଳ) ମେଷାଦି ଲୋମରଚିତ ଆସନ,ନାଗବିଶେଷ, ଉତ୍ତରୀୟ ବସ୍ତ୍ର, ଉତ୍ତରାସଙ୍ଗ, କୃମି, ଗୋରୁଙ୍କର ଗଳକମ୍ବଳ, ମୃଗବିଶେଷ । ନ. ଜଳ ।

କମ୍ବି, ବି. ସ୍ତ୍ରୀ ( କମ୍-ବି ) ଦର୍ବି, କରଚ୍ଛଳ, ଜାଲିଚନ୍ଦ୍ର ପ୍ରଭୃତି, ବାଉଁଶର ପବ ।

କମ୍ବୁ, ବି. ପୁଂ. ନ. ( କମ୍ବ୍-ଉ ) ଶଙ୍ଖ । ପୁଂ. ଶମ୍ବୁକ, ଶାମୁକା, ବଳୟ, ଅଙ୍ଗୁରୀୟ, ହସ୍ତୀ, ଗଳଦେଶ, ଫମ୍ପା ହାଡ଼ । ମ୍ବୂ, ମ୍ବୁ, ସ୍ତ୍ରୀ. ଗ୍ରୀବା । ବିଂ. ଚିତ୍ରିତ,ଚିତ୍ରବିଚିତ୍ର, ନାନାବର୍ଣ୍ଣ କର୍ବୁର ।

କମ୍ବୁକଣ୍ଠୀ, ବି. ସ୍ତ୍ରୀ. (କମ୍ବୁ-କଣ୍ଠ-ଈ) ଯେ ନାରୀର ଗ୍ରୀବାଦେଶ ଶଙ୍ଖ ସଦୃଶ ରେଖାତ୍ରୟଯୁକ୍ତ । ଯଥା—

କମ୍ବୁକଣ୍ଠୀ ଜମ୍ବୁନଦଗୋରୀ ।

କମ୍ବୁଗ୍ରୀବା ବି. ସ୍ତ୍ରୀ. (କମ୍ବୁ-ଗ୍ରୀବା) ଶଙ୍ଖପରି ରେଖାତ୍ରୟଯୁକ୍ତ ଗଳଦେଶ ।

କମ୍ବୁଧର, ବି. ପୁଂ. (କମ୍ବୁ-ଧର) କୃଷ୍ଣ, ଶଙ୍ଖହସ୍ତ ।

କମ୍ବୋଜ, ବି. ପୁଂ. (କମ୍ବ୍-ଓଜ) ଶଙ୍ଖବିଶେଷ, ଦେଶବିଶେଷ, ହସ୍ତିବିଶେଷ ।

କୟାଁ, ବି. (ଦେଶଜ) କଞ୍ଚା ତିନ୍ତିଲୀଫଳ ।

କୟାଧୂ, ବି. ସ୍ତ୍ରୀ. ହିରଣ୍ୟକଶିପୁର ପତ୍ନୀ, ପ୍ରହ୍ଲାଦର ଜନନୀ ।

କର, ବି. ପୁଂ. ( କୃ-ଅ ) କିରଣ, ରାଜସ୍ୱ, ଶୁଳ୍କ, ହସ୍ତ, ହସ୍ତିଶୁଣ୍ଢ, କରକା ବା ଭୂଆପଥର, ପ୍ରତ୍ୟୟ, ବିଷୟ, କର୍ତ୍ତା, ( ଉପପଦ ପୂର୍ବେ ଥିଲେ) କାରକ, ଜନକ । ଯଥା— ସୁଖକର ।

କରକ, ବି. ପୁଂ.(କୃ = ବଧ କରିବା-ଅକ) ଦାଡ଼ିମ୍ବ ବୃକ୍ଷ, ପକ୍ଷିବିଶେଷ, ନାରିକେଳମାଳା, ରାଜକର । ନ. କମଣ୍ଡଳୁ, ଦାଡ଼ିମ୍ବ । ଯଥା—

କର ନବେଶନ୍ତ କରକରେ ସଜନ ଗୋ । ବି. ଚ.

**କରକବନ୍ଧ**, ବି. ପୁଂ. (କୃ-ଅକ-ବନ୍ଧ) ଯୋଗୀ ।

**କରକଚ**, ବି. (କଡ଼କ ଶବ୍ଦଜ) ଲବଣବିଶେଷ, ସାମୁଦ୍ରିକ ଲବଣ ।

**କରକଣ୍ଟ** ବି. (ଦେଶଜ) ଚୂନମିଶ୍ରିତ କ୍ଷୁଦ୍ର କ୍ଷୁଦ୍ର ପ୍ରସ୍ତର ।

**କରକଣ୍ଟକ**, ବି. ପୁଂ. (କର-କଣ୍ଟକ) ନଖ ।

**କରକର** ଅଂ (ଦେଶଜ) ଅନୁକରଣ ଅବ୍ୟୟ, (ହାସ୍ୟାଦିରେ ପ୍ରଯୁକ୍ତ)

**କରକା**, ବି. ସ୍ତ୍ରୀ. (କୃ-ଅକ-ଆ) ବର୍ଷୋପଲ, କୁଆପଥର ।

**କରକୋଷ୍ଠୀ**, ବି. ସ୍ତ୍ରୀ. (କର-କୋଷ୍ଠୀ) ହସ୍ତସ୍ଥିତ ରେଖାଦି ଚିହ୍ନ, ଏହି ସବୁ ରେଖାଦି ଦେଖି ଜୀବନର ଶୁଭାଶୁଭ ଫଳ ନିର୍ଣ୍ଣୟ କରାଯାଏ ।

**କରଗ୍ରହ**, ବି. ପୁଂ. (କର-ଗ୍ରହ) ପାଣିଗ୍ରହଣ, ବିବାହ, ହସ୍ତଧାରଣ, ପ୍ରଜାଙ୍କ ନିକଟରୁ ଖଜଣା ଆଦାୟ ।

**କରଗ୍ରାହ**, ବିଂ. (କର-ଗ୍ରହ୍-ଅ) ଯେ କର ଗ୍ରହଣ କରେ, ପତି, ଭର୍ତ୍ତା, ଯେ ରାଜସ୍ୱ ଆଦାୟ କରେ ।

**କରଘର୍ଷଣ**, ବି. ପୁଂ. (କର-ଘର୍ଷଣ) ଦଧି ମନ୍ଥନ-ଦଣ୍ଡ, ଦହିଖୁଆ । ନ. ହସ୍ତଘର୍ଷଣ ।

**କରଙ୍କ**, ବି. ନ. (କୃ-ଅଙ୍କ) କମଣ୍ଡଳୁ, ଶରୀରାସ୍ଥି, ନଡ଼ିଆ ସଢ଼େଇ, ମସ୍ତକ, ମୁଣ୍ଡର ଖୋଲପା, ଭଙ୍ଗାପାତ୍ର, ଖୁଙ୍ଗି, ଡବା, ଡବିଆ, ଖପରା ।

**କରଙ୍ଗ**, ବି. ଜଳପାତ୍ରବିଶେଷ ।

**କରଚୁଲି**, (ଦେଶଜ) ଧାତୁନିର୍ମିତ ପାକ ଉପକରଣ ।

**କରଜ**, ବି. ପୁଂ. (କର-ଜ) ନଖ, କରଞ୍ଜବୃକ୍ଷ । ବିଂ. ହସ୍ତଜାତ । (ନଖ ଅର୍ଥରେ) ଯଥା—

କରଜେ ମଣ୍ଡି ଲହଡ଼ୀ ଗୁଣ୍ଠ,
ମଣ୍ଡି ସବୁଜ ନୀଳାଙ୍କର । ବି. ଚ.

ନି. (ଯାବନିକ) ଋଣ ।

**କରଞ୍ଜକ, କରଞ୍ଜ**, ବି. ପୁଂ. (କ-ରନ୍ଜ୍-ଅ, କ) କରଞ୍ଜଖାଇ ବୃକ୍ଷ ଓ ତାହାର ଫଳ ।

**କରଟ**, ବି. ପୁଂ. (କ-ରଟ୍-ଅ) କାକ, ହସ୍ତୀଗଣ୍ଡ, କୁସୁମ୍ଭ, କୁସୁମ ଫୁଲଗଛ, ବାଦ୍ୟଯନ୍ତ୍ରବିଶେଷ । ବିଂ. ନାସ୍ତିକ, ନିନ୍ଦ୍ୟଜୀବୀ । ଯଥା—

ଶାଖୀ ପକ୍ଷୀ କରଟ ପ୍ରଚ୍ଛନ୍ନମାତ୍ରରୂପେ ଆଇ ନେ । କୋ. ମୁ.

**କରଟକ**, ବି. ପୁଂ. (କରଟ-କ) କାକ ।

**କରଟା**, ବି. ସ୍ତ୍ରୀ. (କରଟ-ଆ) ଯେଉଁ ଗାଈ କଷ୍ଟରେ ଦୁଗ୍ଧ ପ୍ରଦାନ କରେ । ନ. ମୃତ ବ୍ୟକ୍ତି ଉଦ୍ଦେଶ୍ୟରେ ଦାନ, ଆଦ୍ୟଶ୍ରାଦ୍ଧ ।

**କରଟୀ**, ବି. ପୁଂ. (କରଟ-ଇନ୍) ହସ୍ତୀ ।

**କରଡ଼ା**, ବିଂ. (କର୍କଶ ଶବ୍ଦଜ) ଶକ୍ତ, ଦୃଢ଼ । ବି. ପୁଂ. ବୃକ୍ଷବିଶେଷ । ମୁଗପ୍ରଭୃତି ଶସ୍ୟର ଫଳଶୂନ୍ୟ ଶୁଷ୍କ ଛୁଇଁ ବା ଚୋପା ।

**କରଡ଼**, ବି. (କଳକା ଶବ୍ଦଜ) ବାଉଁଶ ଗଜା । ଶୁଷ୍କ ଚୋପା ।

**କରଣ**, ବି ନ. (କୃ-ଅନ) କାରକବିଶେଷ, ଯାହାଦ୍ୱାରା କାର୍ଯ୍ୟ ନିଷ୍ପନ୍ନ ହୁଏ, କାରଣ, ଇନ୍ଦ୍ରିୟ, ଶରୀର, ସ୍ଥାନ, କ୍ଷେତ୍ର, କାର୍ଯ୍ୟ, ଅନୁଷ୍ଠାନ, ଜ୍ୟୋତିଷୋକ୍ତ ବାଲବାଦି ଏକାଦଶ କରଣ । ପୁଂ. ଶୂଦ୍ରା ସ୍ତ୍ରୀ ଏବଂ ବୈଶ୍ୟ ଔରସଜାତ ଜାତିବିଶେଷ, ଉତ୍କଳ କାୟସ୍ଥ, ନୃତ୍ୟଗୀତାଦି ସମୟରେ କରାଦିଦ୍ୱାରା ଅଭିନୟ ।

**କରଣ, କରଣୀ** ବି. (ଦେଶଜ) ମହିମା, ରାଜର୍ଷି ମାନଙ୍କର ଶାସ୍ତ୍ରବିଶେଷ, ଏହି ପ୍ରକାର ଛନ୍ଦା ଓଡ଼ିଆ ଅକ୍ଷର । କରିବା କାର୍ଯ୍ୟ, କୃତିତ୍ୱ, ଯଥା—

ବାଳକ କରଣୀ ନାଚେଁ ଟିକେ ଜାଣି
ନରସିଂହ ଗଜପତି ।
ଏ ବାଳକ ମୁଣ୍ଡେ ବନ୍ଧା ହେବ ଶାଢ଼ି
ଘଟିବ ଆସ୍ତ ବିପତ୍ତି ॥ ଧର୍ମ ପଦ

**କରଣୀ** ବି. ସ୍ତ୍ରୀ. (କରଣ-ଈ) ଯେଉଁ ରାଶିର ମୂଳ ସୂକ୍ଷ୍ମରୂପେ ନିରୂପିତ ହୁଏ ନାହିଁ (Surds) ।

**କରଣୀୟ**, ବିଂ. (କୃ-ଅନୀୟ) କର୍ତ୍ତବ୍ୟ, ଯାହା କରିବା ଉଚିତ ।

କରଣ୍ଡ, ବି. ପୁଂ. ( କୃ-ଅଣ୍ଡ ) ପେଟରା, ପେଡ଼ି, ମଧୁଚକ୍ର, ଖଡ୍ଗ, ପକ୍ଷିବିଶେଷ, ଶୈବାଳ ।

କରଣ୍ଡା, ବି. ସ୍ତ୍ରୀ. (କରଣ୍ଡ-ଆ) ଯକୃତ୍‌ରୋଗ ।

କରଣ୍ଡିକ, ବି. ପୁଂ. (କରଣ୍ଡ-ଇକ) ଯେଉଁସବୁ ଜନ୍ତୁଙ୍କ ଗର୍ଭରେ ଚର୍ମମୟ କରଣ୍ଡବତ୍ ଥଳି ଅଛି, ଦ୍ୱିଗର୍ଭ ଜନ୍ତୁ ।

କରଣ୍ଡୀ, ବି. ପୁଂ. (କରଣ୍ଡ-ଇନ୍) ମତ୍ସ୍ୟ ।

କରତ, ବି. (କରପତ୍ର ଶବ୍ଦଜ) କାଷ୍ଠ ଚିରିବା ଅସ୍ତ୍ରବିଶେଷ ।

କରତଳ, ବି. ପୁଂ. ନ. (କର-ତଳ) ହସ୍ତୀ, ହସ୍ତତଳ, ପାପୁଲି ।

କରତାଳ, ବି. ନ. } ( କର-ତାଳ, ତାଳୀ ) କାଂସ୍ୟନିର୍ମିତ ବାଦ୍ୟ-
କରତାଳୀ, ବି. ସ୍ତ୍ରୀ. } ଯନ୍ତ୍ରବିଶେଷ, ଝାଞ୍ଜ ।

କରତାଳୀ, ବି. ସ୍ତ୍ରୀ (କର-ତାଳ-ଈ) ହାତ-ତାଳି, ଦୁଇ କରତଳର ପରସ୍ପର ଅଭିଘାତରେ ଯେଉଁ ଶବ୍ଦ ହୁଏ ।

କରତୋୟା, ବି. ସ୍ତ୍ରୀ. ( କର-ତୋୟ-ଆ ) ବାହୁଦା ନଦୀ । ପ୍ରବାଦ ଅଛି, ଗୌରୀଙ୍କ ବିବାହ ସମୟରେ ଶିବଙ୍କ ହସ୍ତରୁ ଜଳ ପଡ଼ି ଏ ନଦୀ ଜାତ ହୋଇଅଛି । ଯଥା—

କରତୋୟା ସଦାନୀରା ବାହୁଦା ଶ୍ୱେତବାହିନୀ ।

କରଦ, ବିଂ. (କର-ଦା-ଅ) ଯେ ଅନ୍ୟକୁ କର ପ୍ରଦାନ କରେ, କରପ୍ରଦ ।

କରନାଲ. ବି. (ଦେଶଜ) ଶାଖା ନାଳ, କ୍ଷୁଦ୍ର ନାଳ ।

କରନ୍ତା, ବିଂ (କୃ-ଧାତୁଜ) ଯେ କରେ, ଯାହା କରାଯାଏ ।

କରନ୍ୟାସ, ବି. ପୁଂ. (କର-ନ୍ୟାସ) ତନ୍ତ୍ରୋକ୍ତ ନ୍ୟାସବିଶେଷ । ମନ୍ତ୍ର ସହକାରେ କରତଳରେ ଅଙ୍ଗୁଷ୍ଠାଦିର ଅର୍ପଣ ।

କରପକ୍ଷ, ବି. ପୁଂ. (କର-ପକ୍ଷ) ଯେଉଁମାନଙ୍କର ହାତ ପକ୍ଷସ୍ୱରୂପ । ଯଥା—ବାଦୁଡ଼ି,ଚେମଣିଆ ଇତ୍ୟାଦି ।

କରପତ୍ର, ବି. ନ. ( କର-ପତ୍ର ) ହସ୍ତତଳ, କରତ, ଜଳକ୍ରୀଡ଼ା । ଯଥା—

କ୍ରୀଡାନ୍ତର କରପନ ପ୍ରାପ୍ତେ ନାମପ୍ରଦ । ମ. ଯା.

କରପତ୍ରବାନ୍, ବି. ପୁଂ. ( କରପତ୍ର-ବତ୍ ) (ବାଉଁଶରେ କରତ ପରି କଣ୍ଟା ଥାଏ ବୋଲି) ତାଳଗଛ ।

କରପଲ୍ଲବ, ବି. ପୁଂ. ନ. (କର-ପଲ୍ଲବ) ଅଙ୍ଗୁଳି, କରଶାଖା, ପାପୁଲି । ଯଥା—

କରପଲ୍ଲବର କନିଷ୍ଠ ମୁଦ୍ରିକା କଙ୍କଣ ହେଲାଣି ତାହାକୁ ।
ର. କ.

କରପାଲ } ବି. ପୁଂ. ( କର-ପାଲ=ପାଳନ
କରବାଲ } କରେ, ବଲ୍-ଅ ) ଖଡ୍ଗ, ଖଣ୍ଡା, ତରବାର ।

କରପାଳିକା } ବି. ସ୍ତ୍ରୀ. ( କରପାଲ-ଅକ-ଆ,
କରପାଳୀ } ଈ ) ଗଦାବତ୍ କ୍ଷୁଦ୍ର ହସ୍ତଦଣ୍ଡ, ଠେଙ୍ଗାବାଡ଼ି, ଝୁଣ୍ଟଣାକାରକ ଶସ୍ତ୍ର, ମୁଦ୍ଗର ।

କରପୀଡ଼ନ, ବି. ନ (କର-ପୀଡ଼ନ) ପାଣିଗ୍ରହଣ, ବିବାହ, (Shake-hand) କରମର୍ଦ୍ଦନ ।

କରପୁଟ, ବି. ପୁଂ. (କର-ପୁଟ) ବଦ୍ଧାଞ୍ଜଳି, ଯୋଡ଼ହାତ ।

କରବା, ବି. (ଦେଶଜ) ଏକପ୍ରକାର ମୂଳ ।

କରବାଡ଼, ବି. (ଖର୍ବଟ ଶବ୍ଦଜ) ବଡ଼ ଗ୍ରାମ ।

କରଭ, ବି ପୁଂ. ( କର-ଭା-ଅ, ବା କୃ-ଅଭ) ମଣିବନ୍ଧଠାରୁ କନିଷ୍ଠାଙ୍ଗୁଳି ପର୍ଯ୍ୟନ୍ତ କର-ବହିର୍ଭାଗ, ହସ୍ତିଶାବକ, ଉଷ୍ଟ୍ର, ଉଷ୍ଟ୍ରଶାବକ, ଅଶ୍ୱତର ।

କରଭୂ, ବି. ପୁଂ. (କର-ଭୂ-०) ନଖ ।

କରଭୂଷଣ, ବି. ନ. (କର-ଭୂଷଣ) ହସ୍ତାଭରଣ, ବଳୟାଦି, କଙ୍କଣ ।

କରଭୋରୁ, ବି. ସ୍ତ୍ରୀ (କରଭ-ଊରୁ) ସୁନ୍ଦରୀ ନାୟିକା, ସ୍ତ୍ରୀ । ଯଥା—

ଚୋ ପରି କରଭ-ଉରୁ ନ ଦେଖଇ ନାସ୍ତି ରେ ସୁନ୍ଦାବର ।
ପ୍ରେ. ସୁ.

କରମଙ୍ଗା. ବି. (କର୍ମରଙ୍ଗ ଶବ୍ଦଜ) ଏକପ୍ରକାର ଫଳ

କରମର୍ଦ୍ଦ, ବି. ପୁଂ. (କର-ମୃଦ୍-ଅ) କରଞ୍ଜଗଛ, ହସ୍ତଦ୍ୱାରା ମର୍ଦ୍ଦନ ।

କରମାଳା, ବି. ସ୍ତ୍ରୀ. (କର-ମାଳା) ଜପସଂଖ୍ୟା ନିରୂପକ କରାଙ୍ଗୁଳିପର୍ବ ।

କରମ୍ଭ, ବି. ପୁଂ. (କ-ରଭ୍-ଅ, ବା, କୃ-ଅମ୍ଭ) ମିଶ୍ରଣ । ବିଂ. ମିଶ୍ରିତ ।

କରମ୍ଭିତ, ବିଂ. (କରମ୍ଭ-ଇତ) ମିଶ୍ରିତ, ଖଚିତ ।

ଯଥା—

ଜଡ଼ିତା ରେଣେ ବୋଡ଼କାନ୍ତ
କରମ୍ଭିତ ହୋଇଥିଲା । ବି. କି.

କରରୁହ, ବି. ପୁଂ. (କର-ରୁହ) ନଖ, ଅଙ୍ଗୁଳି ।

ଯଥା—

କରରୁହ ମୂଳ, କୁଚ୍ଛିଗାତ ଦାନ ମାଗିବା ଧଇଲି ମଧବା ।
ର. କ.

କରବାଳ, ବି. ପୁଂ. (କର-ବାଳ) ନଖ, ଖଡ଼୍ଗ, ତରବାରି, ଖଣ୍ଡା । ଯଥା –

ଛଟ ଛଟ ଅହେ ମନଯୋଧରଣି,
କରେ କରବାଳ ଧର ମନରେ । ବ. ବ.

କରବୀର, ବି. ପୁଂ. (କର-ବୀର-ଅ) ପୁଷ୍ପବୃକ୍ଷ-ବିଶେଷ, କନିଅରଗଛ, ଖଡ଼୍ଗ, ଶ୍ମଶାନ, ଦେଶ-ବିଶେଷ । ନ. କନିଅରଫୁଲ । ସ୍ତ୍ରୀ. ଅଦିତି, ଉତ୍ତମ ଗାଈ, ଏକପୁତ୍ରା ସ୍ତ୍ରୀ, ପୁତ୍ରବତୀ ସ୍ତ୍ରୀ ।

ଯଥା—

ନଖ କରବୀରେ ହୋଇଲା ଉଦ୍ଭବେ,
ମଲ୍ଲ ମଲ୍ଲ ହେଉ କପାଳେ । ଲ. ବ.

କରଶାଖା, ବି. ସ୍ତ୍ରୀ. (କର-ଶାଖା) ଅଙ୍ଗୁଳି ।

ଯଥା—

କେ ଅଙ୍ଗୁଳୀ କରି ନାହିଁ ମାରେ,
କର୍ଣ୍ଣକର୍ଣ୍ଣ କରଶାଖା ବେ ବାରେ । ଚ. କ.

କରଶୀକର, ବି. ପୁଂ. (କର=ହସ୍ତିଶୁଣ୍ଢ-ଶୀକର) ହସ୍ତିଶୁଣ୍ଢରୁ ନିଃସୃତ ଜଳକଣା ।

କରଶୂକ, ବି. ପୁଂ. (କର-ଶୂକ) ନଖ ।

କରସୂତ୍ର, ବି. ନ. (କର-ସୂତ୍ର) ବିବାହାଦି ମାଙ୍ଗଳିକ କାର୍ଯ୍ୟୋପଲକ୍ଷେ ବାନ୍ଧିବା ହସ୍ତ-ସୂତ୍ର ।

କରହାଟ, ବି. ପୁଂ. (କ-ରହ୍-ଅଟ୍-ଅ) ପଦ୍ମର ମୂଳ, ମଦନବୃକ୍ଷ, ଦେଶବିଶେଷ ।

କରା, ବି. (ଦେଶଜ) ଭୁଆପଥର, ଯେ ବର୍ଷା ବା ଯାହା କରାଯାଏ ।

କରାଇ } ବି. (କଟାହ ଶବ୍ଦଜ) ଲୌହନିର୍ମ୍ମିତ
କରେଇ } ବିଶେଷ ।

କରାଟ, ବି. (ଦେଶଜ) ପିତ୍ତଳାଦିନିର୍ମ୍ମିତ ଖୋଳ ଡ଼ବା, ସ୍ତ୍ରୀଲୋକମାନେ ଏହାକୁ ଅଣ୍ଟାରେ ଖୋଷନ୍ତି, ସମ୍ପୁଟକ, ଫରୁଆ ।

କରାଣ୍ଡି, ବି. (ଦେଶଜ) କେଉଁଣ୍ଡିମାଛ ।

କରାମତ } ବି. (ଦେଶଜ) ଶକ୍ତି, ସାମର୍ଥ୍ୟ ।
କରାମତି }

କରାର, ବି. (ଯାବନିକ) ଅଙ୍ଗୀକାର, ସ୍ୱୀକାର ।

କରାଳ, ବି. ପୁଂ. (କର-ଅଲ୍-ଅ) ଜନକବଂଶୀୟ ରାଜାବିଶେଷ, ଝୁଣା, ତୈଳବିଶେଷ, ଗର୍ଜ୍ଜନ ତେଲ । ନ. କଳାତୁଳସୀ । ବିଂ. ମହାନ୍, ବୃହତ୍, ଉଚ୍ଚ, ଭୟାନକ, ଦନ୍ତୁର । ଲା, ସ୍ତ୍ରୀ. ଅନନ୍ତମୂଳ । ଲୀ, ସ୍ତ୍ରୀ. ଚଣ୍ଡିକା, ଅଗ୍ନିଜିହ୍ୱା (ଭୟାନକ ଅର୍ଥରେ) ଯଥା—

ଭେଟିବାକୁ ମୃତ୍ୟୁ-ଜିହ୍ୱା-କରାଳ ଲହରୀ । ଖ. ବ.

କରିଅଶ, ବି. ପୁଂ. (କରିନ୍-ଅଶ) ସିଂହ ।

କରିଆ, ବି. (ଦେଶଜ) ଶ୍ରେଷ୍ଠ ଗୋମୂଷ୍ଟ ।

କରିକା, ବି. ସ୍ତ୍ରୀ. (କର-ଇକ-ଆ) ନଖକ୍ଷତ ।

କରିକୁମ୍ଭ, ବି. ପୁଂ. (କରିନ୍-କୁମ୍ଭ) ହସ୍ତୀର ଗଣ୍ଡସ୍ଥଳୀ ।

କରିଜ, ବି. ପୁଂ. (କରିନ୍-ଜ) ହସ୍ତିଶାବକ ।

କରିପ, ବି. ପୁଂ. (କରିନ୍-ପା-ଅ) ହସ୍ତିପାଳକ ମାହୁନ୍ତ ।

କରିଣୀ, ବି. ସ୍ତ୍ରୀ. (କର-ଇନ୍-ଈ) ହସ୍ତିନୀ, ସଙ୍କୀର୍ଣ୍ଣରାଗର ପ୍ରକାରଭେଦ ।

କରିମୁଖ, ବିଂ.ପୁଂ. (କରିନ୍-ମୁଖ, ହସ୍ତିମୁଖ ଯାହାଙ୍କର ମୁଖ) ଗଣେଶ, ହାତିର ମୁହଁ ।

କରିର, } ବି. ନ. (କୃ-ଇର, ଈର) ବଂଶାଙ୍କୁର,
କରୀର, } ବାଉଁଶଗଜା । ପୁଂ. ଘଟ, ବୃକ୍ଷ-ବିଶେଷ । ରା, ସ୍ତ୍ରୀ. ହସ୍ତିଦନ୍ତର ମୂଳ

କରବନ୍ଧ, ବ. ପୁଂ. (କରନ୍-ବନ୍ଧ) ହସ୍ତବନ୍ଧନ ସ୍ତମ୍ଭ, ଆଳାନ ।

କରଣ, ବ. (କର୍ଷ ଶବ୍ଦଜ) ପଲର ଚତୁର୍ଥାଂଶ ।

କରୀ, ବ. ପୁଂ. (କର-ଇନ୍) ହସ୍ତୀ ।

କରୀନ୍ଦ୍ର, ବ. ପୁଂ. (କରିନ୍-ଇନ୍ଦ୍ର) ହସ୍ତିଶ୍ରେଷ୍ଠ, ଉତ୍ତମ ହସ୍ତୀ ।

କରୀଷ, ବ. ପୁଂ. ନ. (କୃ-ଈଷ) ଶୁଷ୍କ ଗୋବର, ଘଷି ।

କରୀଷାଗ୍ନି, ବ. ପୁଂ. (କରୀଷ-ଅଗ୍ନି) ଘଷିନିଆଁ ।

କରୁଣ, ବ. ପୁଂ (କୃ-ଉନ) କାବ୍ୟ ରସବିଶେଷ, କରୁଣରସ, ବୃକ୍ଷବିଶେଷ । ବିଂ. କାତର, ଦୀନ, ଶୋକାର୍ତ୍ତ, ଦୟାଳୁ, ପର ଦୁଃଖରେ ଦୁଃଖିତ । ଣା, ସ୍ତ୍ରୀ. ଦୟା, କୃପା, ଅନୁଗ୍ରହ । ଯଥା—

କରୁଣା ହେଲେ ଜଣା, ନଷ୍ଟେଁ ଦାସ ଗିଳ ନାଣ ।

ବୃକ୍ଷବିଶେଷ । ଯଥା—

କଷ୍ଟେ କଷ୍ଟେ ଗୋଟି କୋଧଭର ହୋଇ
ବୋଇଲେ ଶୁଣ ହେ କରୁଣା । ର. କ.

କରୁଣାମୟ, ବିଂ. (କରୁଣା-ମୟ) ଦୟାମୟ, ଅତ୍ୟନ୍ତ ଦୟାଳୁ । ୟୀ, ସ୍ତ୍ରୀ. ଦୟାମୟୀ ।

କରେଣୁ, ବ. ପୁଂ. (କୃ-ଏନୁ) ହସ୍ତୀ । ବିଂ. ଦୀନ, ଶୋକାର୍ତ୍ତ ।

କରେଣୁକା } ବ. ସ୍ତ୍ରୀ. (କରେଣୁ-କ-ଆ, ଊ)
କରେଣୁ } ହସ୍ତିନୀ ।

କରୋଟ, ପୁଂ.
କରୋଟି, କରୋଟୀ, ସ୍ତ୍ରୀ. } ବ. (କ=ମସ୍ତକ ରୁଟ୍=ରକ୍ଷା କରିବା-ଅ, ଇ, ଈ) ମୁଣ୍ଡର ଖପୁରି, ଶିରୋଽସ୍ଥି ।

କର୍କ, ବ. ପୁଂ. (କୃ-କ) ଶୁଭ୍ରବର୍ଣ୍ଣ ଅଶ୍ୱ, ଦର୍ପଣ, ଜଳ, କଙ୍କଡ଼ା, ଅଗ୍ନି, ସୌନ୍ଦର୍ଯ୍ୟ, କର୍କଟ ବା ୪ର୍ଥ ରାଶି, କଣ୍ଟକ, ଘଟ, କ୍ଷୁଦ୍ର, କଳସ, ବୃକ୍ଷବିଶେଷ । ବିଂ. ଶୁଭ୍ରବର୍ଣ୍ଣ, ଉତ୍ତମ, ଶ୍ରେଷ୍ଠ ।

କର୍କଟ, ବ. ପୁଂ. (କର୍କ-ଅଟ) କଙ୍କଡ଼ା, କର୍କଟ-ରାଶି, ପକ୍ଷିବିଶେଷ, ଶ୍ରାବଣ ମାସ ।

କର୍କଟକ୍ରାନ୍ତି, ବ. ସ୍ତ୍ରୀ. (Tropic of Cancer) ନିରକ୍ଷରେଖାଠାରୁ ୨୩½ ଅଂଶ ଉତ୍ତରରେ ଯେଉଁ ଅକ୍ଷରେଖା ଅଛି ।

କର୍କଟଶୃଙ୍ଗୀ, ବ. ସ୍ତ୍ରୀ ବୃକ୍ଷବିଶେଷ, କଙ୍କଡ଼ା-ଶୃଙ୍ଗୀ ।

କର୍କଟୀ, } ବ. ସ୍ତ୍ରୀ. (କର୍କଟ-ଈ, କ-ଆ)
କର୍କଟିକା, } କାକୁଡ଼ି, କଙ୍କଡ଼ା ସ୍ତ୍ରୀ, ସର୍ପବିଶେଷ, କଳସୀ ।

କର୍କନ୍ଧୁ, ବ. ପୁଂ, } (କର୍କ-ଧା-ଉ, ଊ) ବର-
କର୍କନ୍ଧୂ, ସ୍ତ୍ରୀ. } କୋଳିଗଛ ।

କର୍କର, ବ. ପୁଂ (କର୍କ-ରା-ଅ ଦର୍ପଣ, ଟାଙ୍ଗୁଡ଼ି, ଗୋଡ଼, ମୁଦ୍ଗର । ଅଂ. ଅନୁକରଣ ଶବ୍ଦବିଶେଷ (ହସିବାରେ ପ୍ରଯୋଜ୍ୟ) । ରା, ସ୍ତ୍ରୀ. ଜଳପାତ୍ର, ଢାଲ, ଲୋଟା, ସନାଲ ଜଳପାତ୍ର ବା ଗଡୁ । ବିଂ. କର୍କଶ, କଠିନ, ଦୃଢ଼ ।

କର୍କରାଙ୍ଗ, ବ. ପୁଂ. (କର୍କର-ଅଙ୍ଗ) ଖଞ୍ଜନପକ୍ଷୀ ।

କର୍କରାଲ, ବ. ନ. ପୁଂ. ଅଳକ, ଚୂର୍ଣ୍ଣକୁନ୍ତଳ ।

କର୍କରେଟ, ବ. ପୁଂ. (କର୍କର-ଇଟ୍-ଅ) ଗଳହସ୍ତ, ଗଳା ଚିପିବା, ତଣ୍ଟିଆ ଦେବା ।

କର୍କଶ, ବ. ପୁଂ. (କର୍କ-ଶ) ବୃକ୍ଷବିଶେଷ, କରଞ୍ଜ-ବୃକ୍ଷ, ଇକ୍ଷୁ, ଖଡ୍ଗ, ଖରସ୍ପର୍ଶ । ବିଂ. ନିର୍ଦ୍ଦୟ, କଠିନ, ଅତିଶୟ, ପରୁଷ, ଶ୍ମଶ୍ରୁକଣ୍ଟୁ, କ୍ରୂର, ସାହସୀ, ଖରସ୍ପର୍ଶବିଶିଷ୍ଟ । ଶା, ସ୍ତ୍ରୀ. ଶଙ୍କିତ-ବ୍ୟଭିଚାରୀ ସ୍ତ୍ରୀ ।

କର୍କସାର, ବ. ନ. (କର୍କ-ସାର) ଦଧିମଣ୍ଡିତ ସକ୍ତୁ, ଦହିମିଶା ଛତୁ ।

କର୍କାରୁ, ବ. ପୁଂ. (କର୍କ-ଋ-ଉ) କୁଷ୍ମାଣ୍ଡ, କଖାରୁ ।

କର୍କୋଟ } ବ. ପୁଂ. (କର୍କ-ଓଟ-କ)
କର୍କୋଟକ } କଦ୍ରୁଗର୍ଭଜାତ ନାଗବିଶେଷ, ବିଲ୍ୱବୃକ୍ଷ, ଇକ୍ଷୁ, କାକୁଡ଼ିଗଛ ।

କର୍ଚ୍ଚରିକା } ବ. ସ୍ତ୍ରୀ. ପୁରିକାବିଶେଷ, କଚୁରି ।
କର୍ଚ୍ଚରି }

କର୍ଚ୍ଚୂର, ବ. ନ. (କର୍ଚ୍ଚ-ଉର) ସ୍ୱର୍ଣ୍ଣ, ଗନ୍ଧସାର, କର୍ବୁରବର୍ଣ୍ଣ । ବିଂ. କର୍ବୁରବର୍ଣ୍ଣବିଶିଷ୍ଟ ।

**କର୍ଜ**, ବି (ଦେଶଜ) ଋଣ, ଦେଣା ।

**କର୍ଣ୍ଣ**, ବି. ପୁଂ. ( କର୍ଣ୍ଣ=ଶ୍ରବଣ କରିବା-ଅ ) ଶ୍ରବଣେନ୍ଦ୍ରିୟ, କାନ, ସୂର୍ଯ୍ୟଙ୍କ ଔରସରେ କୁନ୍ତୀଙ୍କ କାନୀନ ପୁତ୍ର, ଅଙ୍ଗଦେଶର ରାଜା, ନୌକାର 'ମଙ୍ଗଧରା'ନାମକ ଦଣ୍ଡ, ଚତୁର୍ଭୁଜର ବିପରୀତ କୋଣଦ୍ୱୟସଂଯୋଜକ ସରଳ-ରେଖା, ସମକୋଣୀ ତ୍ରିଭୁଜର ସମକୋଣର ସମ୍ମୁଖୀନ ବାହୁ । (ମଙ୍ଗଧରା ଅର୍ଥରେ) ଯଥା—

ଏ ଅକ୍ଷୟ ତୂଣପୁତ୍ର, କର୍ଣ୍ଣରୂପେ ଯାହା,
କର୍ଣ୍ଣଧାରରୂପେ ତୁମ୍ଭେ ଧର ବରଷ୍କନ୍ଧେ । ମ. ଯା.

**କର୍ଣ୍ଣକ**, ବିଂ. (କର୍ଣ୍ଣ-କୈ-ଅ) କର୍ଣ୍ଣଧାର, କାଣ୍ଡାରୀ ।

**କର୍ଣ୍ଣକୀଟୀ**, ବି. ସ୍ତ୍ରୀ. (କର୍ଣ୍ଣ-କୀଟ-ଈ) କାନକୁଟରା-ନାମକ କୀଟବିଶେଷ ।

**କର୍ଣ୍ଣକୁହର**, ବି. ନ. ( କର୍ଣ୍ଣ-କୁହର ) କର୍ଣ୍ଣର ଛିଦ୍ର ।

**କର୍ଣ୍ଣଗୂଥ**, ବି. ନ.(କର୍ଣ୍ଣ-ଗୂଥ=ମଳ) କାନଗୁହ ।

**କର୍ଣ୍ଣଗୋଚର**, ବିଂ. ( କର୍ଣ୍ଣ-ଗୋଚର ) ଶ୍ରୁତି-ଗୋଚର, ଶ୍ରବଣଯୋଗ୍ୟ ।

**କର୍ଣ୍ଣଗ୍ରାହ**, ବି. ପୁଂ. ( କର୍ଣ୍ଣ-ଗ୍ରାହ ) ନାବିକ, କର୍ଣ୍ଣଧାର ।

**କର୍ଣ୍ଣଜଳୌକା**, ବି. ସ୍ତ୍ରୀ. ( କର୍ଣ୍ଣ-ଜଳୌକସ୍ ) କାନକୁଟରା ।

**କର୍ଣ୍ଣଜାହ**, ବି. ନ. (କର୍ଣ୍ଣ-ଜାହ) କର୍ଣ୍ଣମୂଳ ।

**କର୍ଣ୍ଣଜିତ୍** ବି. ପୁଂ. (କର୍ଣ୍ଣ-ଜି-୦) ଅର୍ଜୁନ ।

**କର୍ଣ୍ଣଧାର**, ବି. ପୁଂ. (କର୍ଣ୍ଣ-ଧାର) ନାବିକ, ମାଝି । ଯଥା—

କର୍ଣ୍ଣଧାର ବିହୁନେ କଷ୍ଟେ ବଞ୍ଚଲେ । କ ବ.

**କର୍ଣ୍ଣନାଦ**, ବି. ପୁଂ. (କର୍ଣ୍ଣ-ନାଦ) ଅଙ୍ଗୁଳିଦ୍ୱାରା ଆଚ୍ଛାଦିତ କର୍ଣ୍ଣରେ ସଞ୍ଜାତ ଶବ୍ଦବିଶେଷ ।

**କର୍ଣ୍ଣପଥ**, ବି. ପୁଂ. (କର୍ଣ୍ଣ-ପଥ) କର୍ଣ୍ଣ ମଧ୍ୟରେ ଶବ୍ଦ ପ୍ରବେଶଯୋଗ୍ୟ ପଥ ।

**କର୍ଣ୍ଣପୂର**, ବି. ପୁଂ. ( କର୍ଣ୍ଣ-ପୂର-ଅ ) କର୍ଣ୍ଣଭୂଷଣ, କର୍ଣ୍ଣାଳଙ୍କାର, ନୀଳପଦ୍ମ, ଅଶୋକବୃକ୍ଷ, ଶିରୀଷ ବୃକ୍ଷ ।

**କର୍ଣ୍ଣମଳ**, ବି. ନ. ( କର୍ଣ୍ଣ-ମଳ ) କାନର ମଇଳା, କାନଗହି ।

**କର୍ଣ୍ଣବେଧ**, ବି. ପୁଂ. ( କର୍ଣ୍ଣ-ବେଧ ) ସଂସ୍କାର-ବିଶେଷ, କାନଫୋଡ଼ା ।

**କର୍ଣ୍ଣବେଷ୍ଟକ**, ବି. ପୁଂ. ( କର୍ଣ୍ଣ-ବେଷ୍ଟକ ) କର୍ଣ୍ଣ-ଭୂଷଣ, କୁଣ୍ଡଳ ।

**କର୍ଣ୍ଣଶୂଳ**, ବି. ପୁଂ. (କର୍ଣ୍ଣ-ଶୂଳ) କର୍ଣ୍ଣର ବେଦନା, କର୍ଣ୍ଣଯାତନା ।

**କର୍ଣ୍ଣାଟ**, ବି. ପୁଂ. ( କର୍ଣ୍ଣ-ଅଟ-ଅ) ଦେଶବିଶେଷ, ଦ୍ରାବିଡ଼ର ଉତ୍ତରପଶ୍ଚିମସ୍ଥ ଦେଶ ।

**କର୍ଣ୍ଣାଟୀ**, ବି. ସ୍ତ୍ରୀ. ( କର୍ଣ୍ଣାଟ-ଈ ) କାବ୍ୟର ଶବ୍ଦ-ବିଶେଷ, ରାଗିଣୀବିଶେଷ, କର୍ଣ୍ଣାଟ ଦେଶୀୟ ସ୍ତ୍ରୀଲୋକ ।

**କର୍ଣ୍ଣାଟକା**, ବି. ସ୍ତ୍ରୀ. ( କର୍ଣ୍ଣାଟ-କ-ଆ ) କର୍ଣ୍ଣାଟ ଦେଶୀୟ ସ୍ତ୍ରୀଲୋକ । ଯଥା—

କର୍ଣ୍ଣାଟକାଙ୍କ ନାଟିକା ଲାଗିଲା ନାହିଁ । ପ୍ରେ, ସୁ.

**କର୍ଣ୍ଣାଳ**, ବି (ଦେଶଜ) ଭେରୀ, କାହାଳୀ ।

**କର୍ଣ୍ଣିକା**, ବି. ସ୍ତ୍ରୀ. ( କର୍ଣ୍ଣ-ଇକ-ଆ ) କର୍ଣ୍ଣାଭରଣ, ପୁଷ୍ପର ମଧ୍ୟସ୍ଥଳ, ହାତର ମଝି ଅଙ୍ଗୁଳି, ଲେଖନୀ, କୁଟ୍ଟିନୀ ।

**କର୍ଣ୍ଣିକାଚଳ**, ବି. ପୁଂ. (କର୍ଣ୍ଣିକା-ଅଚଳ) ସୁମେରୁ ପର୍ବତ ।

**କର୍ଣ୍ଣିକାର**, ବି. ପୁଂ (କର୍ଣ୍ଣିକା-ଋ-ଅ) ବୃକ୍ଷବିଶେଷ। ନ. ସୁନ୍ଦରବର୍ଣ୍ଣବିଶିଷ୍ଟ ଗନ୍ଧହୀନ ପୁଷ୍ପବିଶେଷ କନିଅରଗଛ, କନିଅର ଫୁଲ ।

**କର୍ଣ୍ଣୀରଥ**, ବି. ପୁଂ. ( କର୍ଣ୍ଣୀ-ରଥ ) ସ୍ତ୍ରୀଲୋକ-ମାନଙ୍କର ଗମନାଗମନାର୍ଥ ବସ୍ତ୍ରାବୃତ ଯାନ-ବିଶେଷ, ଡୋଲି, ଖଟିଆ ।

**କର୍ଣ୍ଣେଜପ**, ବିଂ. (କର୍ଣ୍ଣେ-ଜପ-ଅ) ଖଳ, ଖଚୁଆ, ଚୁଗୁଲିଆ, କୁପରାମର୍ଶଦାତା । ଯଥା—

ନ ଛାଡ଼ଇ ମାଡ ପଣାସାରକୁ,
ସମ୍ମୁଖ କର୍ଣ୍ଣେଜପ ବାରକୁ । ଲା. ବ.

**କର୍ଣ୍ଣେନ୍ଦୁ**, ବି. ପୁଂ. (କର୍ଣ୍ଣ-ଇନ୍ଦୁ ) ଅର୍ଦ୍ଧଚନ୍ଦ୍ରାକୃତି କର୍ଣ୍ଣାଳଙ୍କାରବିଶେଷ ।

**କର୍ତ୍ତନ**, ବି. ନ. ( କୃତ୍-ଅନ ) ଛେଦନ, କାଟିବା ।

**କର୍ତ୍ତନୀ**, ବି. ସ୍ତ୍ରୀ. (କର୍ତ୍ତନ-ଈ ) କଇଁଚି ନାମକ ଯନ୍ତ୍ର, ଛେଦନୀ ।

**କର୍ତ୍ତରୀ** } ବି. ସ୍ତ୍ରୀ. ( କୃତ୍-ଅରି-ଈ ,କ-ଆ )
**କର୍ତ୍ତରିକା** } କଇଁଚି, କଟାରି, ଗୁଆକାତି ।

**କର୍ତ୍ତବ୍ୟ**, ବିଂ. ( କୃ-ତବ୍ୟ ) କରିବା ଯୋଗ୍ୟ, କରଣୀୟ, କୃତ, ବିଧେୟ, । ( ପ୍ରଚଳିତ କଥାରେ ) ବି. ବଳ. ପରାକ୍ରମ । ଯଥା— ଅମୁକ କାର୍ଯ୍ୟ କରିବାକୁ ମୋହର କର୍ତ୍ତବ୍ୟ ନାହିଁ ।

**କର୍ତ୍ତା**, ବି. ପୁଂ. (କୃ-ତୃ) ବିଧାତା, ପରମେଶ୍ୱର, କାରକବିଶେଷ । ବିଂ. ପ୍ରଣେତା ରଚୟିତା, କର୍ମାଚା, ଅଧୀନ, ସ୍ୱାମୀ । ସ୍ତ୍ରୀ. କର୍ତ୍ତ୍ରୀ ।

**କର୍ତ୍ତିତ**, ବିଂ. (କୃତ୍-ତ) ଛିନ୍ନ, ଯାହା କର୍ତ୍ତନ କରା ହୋଇଅଛି, ଛେଦିତ ।

**କର୍ତ୍ତୁକାମ**, ବିଂ.(କର୍ତ୍ତୁଂ =କରିବା ନିମିତ୍ତ-କାମ =ଇଚ୍ଛା) ଚିକୀର୍ଷୁ, କରିବାକୁ ଅଭିଳାଷୀ ।

**କର୍ତ୍ତୃତ୍ୱ**, ବି.ନ. (କର୍ତ୍ତୃ-ତ୍ୱ) ସ୍ୱାମିତ୍ୱ, ପ୍ରଭୁତ୍ୱ, ଆଧିପତ୍ୟ, ଅଧିକାର ।

**କର୍ଦ୍ଦନ**, ବି.ନ. (କର୍ଦ୍ଦ-ଅନ) ଉଦରର ଶବ୍ଦ, କୁକ୍ଷିତ ରବ, ଶିଶୁର ଶବ୍ଦ । ବି.ପୁଂ. କାକ ।

**କର୍ଦ୍ଦମ**,ବି.ପୁଂ. ( କର୍ଦ୍ଦ-ଅମ ) କାଦୁଅ, ପଙ୍କ, ପାପ । ନ. ମାଂସ ।

**କର୍ଦ୍ଦମାଟକ**, ବି. ପୁଂ. (କର୍ଦ୍ଦମ-ଅଟ-ଅକ) ଖତକୁଡ଼, ବିଷ୍ଠା ଇତ୍ୟାଦି ପକାଇବା ସ୍ଥାନ ।

**କର୍ଦ୍ଦମିତ**, ବିଂ. ( କର୍ଦ୍ଦମ-ଇତ ) କର୍ଦ୍ଦମଯୁକ୍ତ, ପଙ୍କିଳ, କର୍ଦ୍ଦମାକ୍ତ ।

**କର୍ପଟ**, ପୁଂ.ନ. } ବି. (କୃପ-ଅଟ, ଅଟ-
**କର୍ପଟିକା**, କର୍ପଟି, ସ୍ତ୍ରୀ. } କ-ଆ, ଅଟ-ଇ )
ପୁରାତନ ବସ୍ତ୍ରଖଣ୍ଡ, ଛିଣ୍ଡାକନା, ରୁମାଲ, ଥାଳ ଇତ୍ୟାଦି ପୋଛିବାପାଇଁ ହସ୍ତସ୍ଥିତ କ୍ଷୁଦ୍ର ବସ୍ତ୍ରଖଣ୍ଡ, ପର୍ବତବିଶେଷ ।

**କର୍ପଟିକ** } ବିଂ. ( କର୍ପଟ-ଇକ, ଇନ୍ )
**କର୍ପଟୀ** } କର୍ପଟଧାରୀ, ଛିନ୍ନବସ୍ତ୍ରପରିଧାନକାରୀ, କୌପୀନବାନ୍ ।

**କର୍ପର**, ବି. ପୁଂ. (କୃପ-ଅର) ମୃଣ୍ମୟ ଖପୁରି, ଖପରି, କୂର୍ମର ପୃଷ୍ଠାସ୍ଥି, କଟାହ, ଅସ୍ତ୍ରବିଶେଷ ।

**କର୍ପାସ**,ବି. ପୁଂ. ନ.( କୃ-ପାସ ) କପାତୁଳା । ସୀ,ସ୍ତ୍ରୀ. କପାଗଛ ।

**କର୍ପୂର**,ବି.ପୁଂ. ନ. (କର୍ପ-ଊର) ସ୍ୱନାମପ୍ରସିଦ୍ଧ ଶୁକ୍ଳବର୍ଣ୍ଣ ଗନ୍ଧଦ୍ରବ୍ୟବିଶେଷ ।

**କର୍ପୂରତିଳକା**,ବି. ସ୍ତ୍ରୀ. ଉମାର ସଖୀବିଶେଷ, ଜୟା ।

**କର୍ପୂରମଣି**, ବି. ପୁଂ. (କର୍ପୂର-ମଣି )ମୂଲ୍ୟବାନ ପ୍ରସ୍ତରବିଶେଷ ।

**କର୍ପୂରରସ**, ବି. ପୁଂ. (କର୍ପୂର-ରସ)ପାରଦ ।

**କର୍ବୁର**, } ବି.ନ. (କର୍ବ-ଉର, ଊର,) ସୁବର୍ଣ୍ଣ,
**କର୍ବୂର**, } ଜଳ । ପୁଂ.ପାପ, ବୃକ୍ଷବିଶେଷ,ରାକ୍ଷସ । ବିଂ. ବିଚିତ୍ର ବର୍ଣ୍ଣବିଶିଷ୍ଟ । ସ୍ତ୍ରୀ. ଦୁର୍ଗା । (ସୁବର୍ଣ୍ଣ ଅର୍ଥରେ) ଯଥା—

ସର୍ବଦା ଶୁଭ୍ରରଞ୍ଜିତ,
କର୍ବୁରକାନ୍ତିରଞ୍ଜିତ କାନ୍ତିଦୀପିତ ଏ । ଲା. ବ.

**କର୍ବୁରିତ**, ବିଂ. (କର୍ବୁର-ଇତ) ନାନାବର୍ଣ୍ଣରେ ରଞ୍ଜିତ ।

**କର୍ମ** ବି. ନ. (କୃ-ମନ୍) କାର୍ଯ୍ୟ, କ୍ରିୟା, ଅଦୃଷ୍ଟ, ପାପ,ପୁଣ୍ୟ,କାରକବିଶେଷ । ଅଦୃଷ୍ଟ ଅର୍ଥରେ ଯଥା —

କର୍ମ ଅବଳକୁ ବରହ ବେଳକୁ
ଅମୃତ ହୁଏ ଗରଳ, ହେ ଭମାଳ । ର. କ.

**କର୍ମକର** } ବି. ପୁଂ. (କର୍ମନ୍-କୃ-ଅ) କମାର,
**କର୍ମକାର** } ଲୌହକାର, କାର୍ଯ୍ୟ ସମ୍ପାଦକ । ବିଂ. ଭୃତ୍ୟ, ଯେ ବେତନ ଗ୍ରହଣ କରି କାର୍ଯ୍ୟ କରେ ।

**କର୍ମକାଣ୍ଡ**, ବି. ପୁଂ. ନ. (କର୍ମନ୍-କାଣ୍ଡ )କର୍ମସମୂହ, ବେଦର ତ୍ରିକାଣ୍ଡର ଅନ୍ତର୍ଗତ କାଣ୍ଡବିଶେଷ, ବେଦାଂଶ ।

**କର୍ମକାଳକ**, ବି. ପୁଂ. ଧୋବା, ରଜକ ।

**କର୍ମକ୍ଷେତ୍ର**, ବି. ନ. ଭାରତବର୍ଷ, ଗୃହସ୍ଥର ସ୍ଥାନ, ଭୋଗଭୂମି ।

**କର୍ମଚାରୀ**, ବିଂ. (କର୍ମନ୍-ଚର-ଇନ୍) ଯେ ବ୍ୟକ୍ତି ବେତନ ଗ୍ରହଣ କରି ଅନ୍ୟର କାର୍ଯ୍ୟ ସମ୍ପାଦନ କରେ ।

**କର୍ମଜ**, ବି. ପୁଂ. (କର୍ମନ୍-ଜ) କଳିଯୁଗ, ବଟବୃକ୍ଷ । ବିଂ. କର୍ମରୁ ଉତ୍ପନ୍ନ, କର୍ମଜାତ ।

**କର୍ମଠ**, ବିଂ. (କର୍ମନ୍-ଠ) କର୍ମଦକ୍ଷ, କାର୍ଯ୍ୟକୁଶଳ, ପାରଗ ।

**କର୍ମଣିଆ**, ବିଂ (କର୍ମଣ୍ୟ ଶବ୍ଦଜ) କର୍ମନିଷ୍ଠ, ନିଷ୍ଠାପର (ବ୍ରାହ୍ମଣ) ।

**କର୍ମଣ୍ୟ**, ବିଂ. (କର୍ମନ୍-ଯ) କର୍ମଯୋଗ୍ୟ, କାର୍ଯ୍ୟଦକ୍ଷ, କର୍ମଠ ।

**କର୍ମଣ୍ୟା**, ବି. ସ୍ତ୍ରୀ. (କର୍ମଣ୍ୟ-ଆ) ବେତନ ।

**କର୍ମତ୍ୟାଗ**, ବି. ପୁଂ. (କର୍ମନ୍-ତ୍ୟାଗ) ବିଷୟ କର୍ମରୁ ବିରତି, ବିଷୟ କର୍ମକୁ ପରିତ୍ୟାଗ ।

**କର୍ମଦକ୍ଷ**, ବିଂ. (କର୍ମନ୍-ଦକ୍ଷ) କର୍ମନିପୁଣ, କାର୍ଯ୍ୟପଟୁ ।

**କର୍ମଦୁଷ୍ଟ**, ବିଂ. (କର୍ମନ୍-ଦୁଷ୍ଟ) ଦୁଷ୍ଟଚରିତ୍ର, ଦୁଷ୍କର୍ମା, ଯେ ସର୍ବଦା ଅସତ୍ ପଥରେ ଚଳେ, ଯେ ସର୍ବଦା ଅସତ୍ କର୍ମ କରେ ।

**କର୍ମଦୋଷ**, ବି. ପୁଂ. (କର୍ମନ୍-ଦୋଷ) କର୍ମର ଦୋଷ, ପାପ, ଅପରାଧ ।

**କର୍ମଧାରୟ**, ବି. ପୁଂ. (କର୍ମନ୍-ଧୃ-ଇ-ଅ) ସମାସ-ବିଶେଷ, ବିଶେଷ୍ୟ ଓ ବିଶେଷଣ ଘଟିତ ସମାସ ।

**କର୍ମନାଶା**, ବି. ସ୍ତ୍ରୀ. (କର୍ମନ୍-ନାଶ-ଆ) ନଦୀ-ବିଶେଷ, ରାବଣନାମା ଅସୁରର ପରିସ୍ରାରୁ ଏହି ନଦୀର ଉତ୍ପତ୍ତି ହୋଇଥିବା କଥା ପୁରାଣରେ ଲେଖା ଅଛି । ଏହି ନଦୀର ଜଳ ସ୍ପର୍ଶ କଲେ ସମସ୍ତ ପୁଣ୍ୟକର୍ମର କ୍ଷୟ ହୋଇଯାଏ । ଯଥା—

ଦେବବାଣୀ ସଙ୍ଗେ ଅସି ଅପଭାଷା,
ପୂତ ଭାଗୀରଥୀସ୍ରୋତେ କର୍ମନାଶା । ନ. କେ

**କର୍ମନ୍ଦନ୍**, ବି. ପୁଂ. ( କର୍ମ-ଅନ୍ଦ୍-ଇନ ) ଭିକ୍ଷୁକ ।

**କର୍ମଫଳ**, ବି. ନ. (କର୍ମନ୍-ଫଳ) ସୁଖ ବା ଦୁଃଖ ।

**କର୍ମଭୂମି**, ବି. ସ୍ତ୍ରୀ. (କର୍ମନ୍-ଭୂମି) ହିମାଳୟ ଏବଂ ବିନ୍ଧ୍ୟାଚଳର ମଧ୍ୟବର୍ତ୍ତୀ ସ୍ଥାନ, ଆର୍ଯ୍ୟାବର୍ତ୍ତ, ଭାରତବର୍ଷ, କୃଷ୍ଣଭୂମି, କାର୍ଯ୍ୟକ୍ଷେତ୍ର ।

**କର୍ମଭୋଗ**, ବି. ପୁଂ. (କର୍ମନ୍-ଭୋଗ) କର୍ମର ଫଳଭୋଗ, କୌଣସି ବିଷୟରେ ବୃଥା କଷ୍ଟ ପାଇବା ।

**କର୍ମବିପାକ**, ବି. ପୁଂ. (କର୍ମନ୍-ବିପାକ) କର୍ମର ଫଳଭୋଗ, ସମ୍ପାଦିତ ଶୁଭାଶୁଭ କାର୍ଯ୍ୟର ପରିଣାମ, ତନ୍ନିଷ୍ପୃକ ଗ୍ରନ୍ଥ ।

**କର୍ମମୂଳ**, ବି. ନ. (କର୍ମନ୍-ମୂଳ) ଦର୍ଭ, କୁଶ ।

**କର୍ମଯୁଗ**, ବି. ନ. (କର୍ମନ୍-ଯୁଗ) କଳିଯୁଗ ।

**କର୍ମଯୋଗ**, ବି. ପୁଂ. (କର୍ମନ୍-ଯୋଗ) ବେଦ-ବିହିତ କର୍ମରେ କୌଶଳ, ଚିତ୍ତଶୁଦ୍ଧିଜନକ ବୈଦିକ କର୍ମ, ଏହା ଦ୍ୱିବିଧ, ନିଷ୍କାମ ଓ ସକାମ । କର୍ମରୂପ ଯୋଗ ସାଧନ, ଈଶ୍ୱର-ପ୍ରାପ୍ତି ନିମିତ୍ତ କର୍ମାବଲମ୍ବନ ।

**କର୍ମଯୋଗୀ**, ବି. (କର୍ମଯୋଗ-ଇନ୍) କର୍ମଯୋଗ-ରତ, ବୈଦିକ କର୍ମାଚରଣରେ ପ୍ରବୃତ୍ତ ଈଶ୍ୱର-ପ୍ରାପ୍ତି ନିମିତ୍ତ ଧ୍ୟାନ ଧାରଣାଦି ତପସ୍ୟାଯୁକ୍ତ ।

**କର୍ମସାକ୍ଷୀ**, ବି. ପୁଂ. ( କର୍ମନ୍-ସାକ୍ଷୀ ) ସୂର୍ଯ୍ୟାଦି ନଅ । ଯଥା—ସୂର୍ଯ୍ୟ, ଚନ୍ଦ୍ର, ଯମ, କାଳ, କ୍ଷିତି, ଅପ୍, ତେଜଃ, ମରୁତ୍ ଓ ବ୍ୟୋମ । ବିଂ ଯେ କର୍ମକୁ ସାକ୍ଷାତ୍ ଦେଖିଥାଏ ।

**କର୍ମାର**, ବି. ପୁଂ. ( କର୍ମ-ଋ-ଅ ) କମାର, କରମଙ୍ଗାଗଛ, ପିଢାବାନ୍ଧିଆ ବାଉଁଶ, କଣ୍ଟା ବାଉଁଶ ।

**କର୍ମିଷ୍ଠ**, ବିଂ. ( କର୍ମନ୍-ଇଷ୍ଠ ) ଅତିଶୟ କର୍ମ-କୁଶଳ ।

**କର୍ମୀ**, ବିଂ. (କର୍ମନ୍-ଇନ୍) କାର୍ଯ୍ୟଦକ୍ଷ, କର୍ମକାରୀ ।

**କର୍ମେନ୍ଦ୍ରିୟ**, ବି. ନ. (କର୍ମନ୍-ଇନ୍ଦ୍ରିୟ) ବାକ୍, ପାଦ, ପାଣି, ପାୟୁ ଓ ଉପସ୍ଥ ଏହି ପାଞ୍ଚ ।

କର୍ବର, ବି. ପୁଂ. ( କୃ=ବଧ କରିବା-ବର ) ବ୍ୟାଘ୍ର, ରାକ୍ଷସ । ରୀ, ସ୍ତ୍ରୀ. ଶିବା ।

କର୍ଶିତ, ବିଂ. ( କୃଶ୍-ଇ-ତ ) ଦୁର୍ବଳୀକୃତ, କୃଶୀକୃତ ।

କର୍ଷ, ବି. ପୁଂ. ନ. ( କୃଷ୍-ଅ ) କର୍ଷଣ, ଚାଷ, ପରିମାଣବିଶେଷ, ଏକ ତୋଳା, ପଲର ଚତୁର୍ଥାଂଶ ।

କର୍ଷକ, ବିଂ. (କୃଷ୍-ଅକ) କୃଷକ, ଯେ କର୍ଷଣ କରେ, ଯେ ଆକର୍ଷଣ କରେ । ବି. ପୁଂ. ଯେଉଁ ସବୁ ପକ୍ଷୀ ନଖଦ୍ୱାରା ଭୂମି କର୍ଷଣ କରି ଆହାର ଅନ୍ୱେଷଣ କରନ୍ତି । Scraping birds

କର୍ଷଣ, ବି. ନ. ( କୃଷ୍-ଅନ ) ଚାଷ, କୃଷିକର୍ମ, ଆକର୍ଷଣ ।

କର୍ଷଣୀ ବି. ସ୍ତ୍ରୀ. ( କୃଷ୍-ଅନ-ଈ ) ଲଗାମ, ବାଗଡ଼ୋର, କ୍ଷୀରଣୀବୃକ୍ଷ ।

କର୍ଷିତ, ବିଂ. (କର୍ଷି-ତ ଯେଉଁ ଭୂମି ଚାଷ କରା-ଯାଇଅଛି, କୃଷ୍ଟ ।

କର୍ଷୀ, ବିଂ. ( କୃଷ୍-ଅ-ଇନ୍ ) ଆକର୍ଷଣକାରୀ, ହୃଦୟଗ୍ରାହୀ, ମନୋହର ।

କର୍ଷୂ, ବି. ପୁଂ. (କୃଷ୍-ଊ) କରୀଷାଗ୍ନି, ଘସିନିଆଁ । ସ୍ତ୍ରୀ. କୃତ୍ରିମ କ୍ଷୁଦ୍ର ଜଳାଶୟ, କୁଲ୍ୟା, କୃଷି ।

କର୍ହିଚିତ୍, ଅଂ. ( କିମ୍-ର୍ହି-ଚିତ୍ ) କଦାଚିତ୍, କେବେହେଁ, କୌଣସି ସମୟରେ ।

କଳ, ବି. ପୁଂ. (କଲ୍-ଅ) ଅବ୍ୟକ୍ତ ମଧୁର ଧ୍ୱନି, ଭ୍ରମରାଦିର ଗୁଣୁଗୁଣୁ ଶବ୍ଦ, ଶୁକ୍ର । (ଦେଶଜ) ଯନ୍ତ୍ର, ଯଥା—ଛାପା କଳ, ସୂତା କାଟିବା କଳ । ( କବଳ ଶବ୍ଦଜ ) ମୁଖଗହ୍ୱର, ଗ୍ରାସ । ଯଥା—

କଳ ଗାଥ ରେ କୁମର ଆଣିକର । ଲ. କ.

କୌଶଳ, ଉପାୟ । ଯଥା—

କ ମଣି ବୃ ସିନା ମୋର ବକ୍ଷସ୍ଥଳ ।
ହୃଦୟରୁ ସିବୁ କରି କେଉଁ କଳ । କବିସୂର୍ଯ୍ୟ ।

କଳକଣ୍ଠ, ବି ପୁଂ. ( କଲ-କଣ୍ଠ ) ପାରାବତ, କୋକିଳ, ହଂସ । ବିଂ. ମଧୁର ସ୍ୱରବିଶିଷ୍ଟ । ଣ୍ଠୀ-ସ୍ତ୍ରୀ. ସୁସ୍ୱରବତୀ । (କୋକିଳଅର୍ଥରେ) ଯଥା—

କଳକଣ୍ଠ କଳ ଶୁଣିଲେ ପ୍ରକାଶେ
ବିପ୍ରଦମାର ମନୋରମ ।

କଳକଳ, ବି. ପୁଂ, ( କଳ ଦେଖ, ଦ୍ୱିରୁକ୍ତି ) ଗୋଳମାଳ, କୋଳାହଳ ।

କଳଘୋଷ, ବି. ପୁଂ. (କଲ ଘୁଷ୍-ଅ କୋକିଳ ।

କଳଙ୍କ, ବି. ପୁଂ (କ-ଲଙ୍କ୍-ଅ) ଚିହ୍ନ, ତାମ୍ରାଦି ପାତ୍ରର ଦାଗ, ଅପଯଶ, ଲୌହାଦି ପାତ୍ରରେ ମରିଚା ପଡ଼ିବା । ଯଥା—

କଳଙ୍କରହିତ କଳାକଳିକାଦବଦନୀ ଗୋପଯୁବତୀ । ବ. ବି.

କଳଙ୍କଷ, ବି. ପୁଂ. (କଲ-କଷ୍-ଅ ) ସିଂହ । ଷା, ଷୀ, କରତାଳୀ ।

କଳଙ୍କିତ, } ବିଂ. ( କଳଙ୍କ ଇତ, ଇନ୍ )
କଳଙ୍କୀ, } କଳଙ୍କଯୁକ୍ତ, ଯହିଁରେ କଳଙ୍କ ହୋଇଅଛି, ଅପବାଦପ୍ରାପ୍ତ, ନିନ୍ଦାଗ୍ରସ୍ତ ।

କଳଙ୍କୁର, ବି. ପୁଂ. (କଲଂ-କୃ-ଅ) ଜଳାବର୍ତ୍ତ, ଜଳଭଉଁରି ।

କଳଞ୍ଜ, ବି. ପୁଂ. ନ. (କ-ଲଞ୍ଜ୍-ଅ) ବିଷଲିପ୍ତ ବାଣାଦିଦ୍ୱାରା ହତ ଜନ୍ତୁ, ତମାଖୁ, ଅମେଧ । ବିଂ. ବିଷାକ୍ତବାଦ ।

କଳତ୍ର, ବି. ନ. (କଲ୍=ନିଃସୃତ ହେବା-ଅତ୍ର; ବା, କଲ=କ୍ଷୀଣ-ତ୍ରୈ-ଅ) ଭାର୍ଯ୍ୟା, ନିତମ୍ବ, କଟି, ଦୁର୍ଗ ।

କଳଧୂତ } ବି. ନ. ସୁବର୍ଣ୍ଣ, ସୁନା ।
କଳଧୌତ, } ଯଥା—

କଳଧଉତଲତା ବାଢେ ବଳେ । ର. କ.

ରୌପ୍ୟ, ମଧୁରଧ୍ୱନି ।

କଳଧ୍ୱନି, ବିଂ. ପୁଂ. (କଲ-ଧ୍ୱନି) ଅବ୍ୟକ୍ତ ମଧୁର-ଧ୍ୱନି, ପାରାବତ, କୋକିଳ, ମୟୂର ।

କଳନ, ନ. } ବି. ( କଲ୍-ଅନ, ଅନ-ଆ )
କଳନା, ସ୍ତ୍ରୀ } ଗଣନା, ଦର୍ଶନ, ଗ୍ରହଣ, ଗ୍ରାସିବା, ଗ୍ରାସ, ଧାରଣ, ପରିଧାନ, ଶବ୍ଦ କରିବା, ଲଙ୍ଘନ, ଦୋଷ, ଚିହ୍ନ ।

କଳନ୍ତର ବି. ( ଦେଶଜ ) ସୁଧ ।

କଳଭ, ବି. ପୁଂ. (କରଭ ଦେଖ, ର = ଲ) ହସ୍ତି-ଶାବକ, ଉଷ୍ଟ୍ରଶାବକ ।

କଲମ, ବି. ପୁଂ. ( କଲ୍-ଅ-ମ ) ଧାନ୍ୟବିଶେଷ, ଲେଖନୀ, ଚୌର, ଧୂର୍ତ୍ତ ।(ଦେଶଜ) ବୃକ୍ଷାଦି ଶାଖାରୁ ଉପାୟବିଶେଷଦ୍ୱାରା ଉତ୍ପାଦିତ ଛୋଟ ଛୋଟ ଗଛ ।

କଳମତ୍ତ, ବି. (କଲ-ମତ୍ତ) ମଦମତ୍ତ, ଉନ୍ମତ୍ତ ।
ଯଥା—
ଅଛି ଦର୍ପକଳମତ୍ତ ବୃକ୍ଷରେ ଶିବ । କ ବ

କଲମଚ୍ଛାସ, ବି. ( ଦେଶଜ ) କଲମ କାଟିବା ସାନ ଛୁରି ।

କଲମା, ବି. ( ଯାବନିକ ) ମୁସଲମାନମାନଙ୍କ ଉପାସନା ଓ ଉପସନାର ମନ୍ତ୍ର ।

କଲମି, ବି ( ଦେଶଜ ) କଲମ କରାଯାଇଥିବା ଗଛରୁ ଉତ୍ପନ୍ନ । ଯଥା— କଲମି ଅମ୍ବ ।

କଲମ୍ବ, ବି. ପୁଂ. (କଡ଼-ଅମ୍ବ କଦମ୍ବବୃକ୍ଷ,ବାଣ, ଯଥା—
କାଳିଶବନେ ଶମ୍ବ ଧନୁଶ କଲମ୍ବ ଚୁମ୍ବକ ଏକୋ ଅଛନ୍ତି । ବ ଚ.
ଶାକବିଶେଷ ।

କଳରବ, ବି ପୁଂ. କଲ-ରବ ) କୋକିଲ, ହଂସ, ପାରିବତ, ମୟୂର, କଲଧ୍ୱନି, କୋକିଲାଦିର କଲକଲ ଧ୍ୱନି ।

କଲରା, ବି. ( କାରବେଲ୍ଲ ଶବ୍ଦଜ । ଉକ୍ତଫଳ ବିଶେଷ । (ଇଂ Cholera ଶବ୍ଦର ଅପଭ୍ରଂଶ) ହଇଜା, ଝାଡ଼ାବାନ୍ତି ।

କଲଲ, ବି. ପୁଂ. (କଲ୍-ଅଲ୍) ଜରାୟୁ, ଗର୍ଭ-ବରଣ ଚର୍ମ, ଅସ୍ଥିଶୂନ୍ୟ ମାଂସପିଣ୍ଡ ।

କଲବଲ, ( ଦେଶଜ ) ଆକୁଳ, ବ୍ୟାକୁଳ ।
ଯଥା—
କଲବଲ ହୁଅନ୍ତି ହୋଇ ଯାଉଛନ୍ତି ନପତି
ପ୍ରବେଶ ଅଶନ ବରତରେ । କ. ଚ.

କଲବଙ୍କ, ବି. ପୁଂ. (କଲ-ବନ୍କ୍-ଅ ) ସଗ୍ ଚଟିଆ ଚଢ଼େଇ, ବୃକ୍ଷବିଶେଷ, ଇନ୍ଦ୍ରଜବ ବୃକ୍ଷ, ଶେତଗୃମର, କଲଙ୍କ, ଚିହ୍ନ, ଦାଗ ।

କଲଶ, ବି. ପୁଂ. (କଲ=ଅବ୍ୟକ୍ତ ମଧୁର ଶବ୍ଦ ଶ=ଖଣ୍ଡନ କରିବା) ମୃଣ୍ମୟ ଜଳପାତ୍ର, ମାଠିଆ ।

କଲଶି, } ବି. ସ୍ତ୍ରୀ. (କଲ-ଶ-ଇ, ଈ) ଜଳପାତ୍ର,
କଲଶୀ } ମାଠିଆ ।

କଲସ, ବି. ପୁଂ. (କ-ଲସ୍-ଅ ଜଳପାତ୍ର, ମାଠିଆ ।

କଲସି, } ବି. ସ୍ତ୍ରୀ. (କ = ଜଳ ଲସ୍ = ଶୋଭା
କଲସୀ, } ପାଇବା-ଅ-ଇ, ଅ-ଈ) ଜଳପାତ୍ର, ମାଠିଆ ।

କଲହ, ବି. ପୁଂ. (କଲ-ହନ୍-ଅ) ବିବାଦ, ଯୁଦ୍ଧ, ଝଗଡ଼ା । ନ. ଖଡ୍ଗକୋଷ ।

କଲହଂସ, ବି. ପୁଂ. (କଲ-ହଂସ) ରାଜହଂସ ।
ଯଥା —
କରୁଥିବ ହଂସ ପରାୟେ ଗମନ
କେଉଁ କଲହଂସଗମନା । ର. କ.

କଲହଂସ କେଦାର, ବି. ଉତ୍କଳପଦ୍ୟର ରାଗ ବା ବୃତ୍ତବିଶେଷ ।

କଲହାନ୍ତରିତା, ବି. ସ୍ତ୍ରୀ ( କଲହ-ଅନ୍ତରିତା ) ନାୟିକାବିଶେଷ, ଯେଉଁ ନାୟିକା ନାୟକ ସଙ୍ଗରେ କଲହ କରି ପଶ୍ଚାତ୍ତାପ କରେ ।

କଳା, ବି. ସ୍ତ୍ରୀ. (କଲ-ଅ-ଆ) ଚନ୍ଦ୍ରର ଷୋଡ଼ଶ ଭାଗ, ଅଳ୍ପ ସମୟ, ଅଂଶ, କାଳର ଅଂଶ ବିଶେଷ, ଅଷ୍ଟାଦଶ ନିମେଷରେ ଏକ କାଷ୍ଠା, ତ୍ରିଂଶତ୍ କାଷ୍ଠାରେ ଏକ କଳା, ବିଭୂତି, ନୌକା, ସାମର୍ଥ୍ୟ, କାପଟ୍ୟ, ଶୌର୍ଯ୍ୟାଦି ଗୁଣ, ଚୌଷଠି ପ୍ରକାର ବିଦ୍ୟା, ଯଥା— ଗୀତ, ବାଦ୍ୟ, ନାଟ୍ୟ, ନୃତ୍ୟ, ଆଲେଖ୍ୟ ପୁଷ୍ପାସ୍ତରଣ, ଦଶନବସନାଙ୍ଗରାଗ, ଶେଖରା-ପୀଡ଼ଯୋଜନ, ଗନ୍ଧଯୁକ୍ତି, ଭୂଷଣଯୋଜନ, ଐନ୍ଦ୍ରଜାଲ, କାବ୍ୟସମସ୍ୟାପୂରଣ, ଚର୍ମକର୍ମ,

କେଶମାର୍ଜନ, କୌଶଳ, ଦେଶଭାଷାଜ୍ଞାନ, ବୃକ୍ଷାୟୁର୍ବେଦ ଯୋଗ, ଅକ୍ଷରଜ୍ଞାନ, ମଣିମୃଗଜ୍ଞାନ ଇତ୍ୟାଦି ୬୪ ବିଦ୍ୟା ।(ଦେଶଜ) କୃଷ୍ଣବର୍ଣ୍ଣ, କାଳିଆ । ( କୃଷ୍ଣବର୍ଣ୍ଣ ଅର୍ଥରେ )

ଯଥା—

କଳାକୁ ନ ଛାଡ଼ଇ ଅଙ୍ଗାର ଦୁଧେ ଧୋଇଲେ ଯେ । ର. କ.

କଳାଇ } (ଦେଶଜ) କଣ୍ଠା ଧାନ ଗଛର
କଳେଇ } ବିଡ଼ା ।

କଳାକର, ବି. ପୁଂ. ଚନ୍ଦ୍ର । ଯଥା—

କି ମୋହନ ଲୀଳାଧର,
କୋଟିକଳାକରଶିରି ପୂରିଛି ସେ ଶ୍ୟାମ ମୂରତି ରେ । କ, ଚ.

କଳାକୁଳ, ବି. ନ. ( କଳା-ଆକୁଳ ) ବିଷ, ହଳାହଳ ।

କଳାକୁଶଳ, ବିଂ. ( କଳା-କୁଶଳ ) ନୃତ୍ୟଗୀତାଦିରେ ନିପୁଣ ।

କଳାକେଳି, ବି. ପୁଂ. ( କଳା-କେଳି ) ମଦନ, କାମଦେବ ।

କଳାଙ୍କୁର, ବି.ପୁଂ. ( କଳା-ଅଙ୍କୁର) ସାରସ ପକ୍ଷୀ ।

କଳାଜୀରା, ବି. ଏକପ୍ରକାର ମସଲା, କୃଷ୍ଣଜୀରକ ।

କଳାଦ, ବି. ପୁଂ. ( କଳା-ଦା-ଅ ) ସ୍ୱର୍ଣ୍ଣକାର, ସୁନାରି ବଣିଆ ।

କଳାଧର, ବି. ପୁଂ. (କଳା ଧର) ଚନ୍ଦ୍ର ।

କଳାନିଧି, ବି. ପୁଂ. (କଳା-ନିଧି=ଆଧାର) ଚନ୍ଦ୍ର। ଯଥା—

କଳାନିଧି ଅମୃତ ଶରୀର ହୋଇ,
କଳଙ୍କକୁ କୋଳରେ ସ୍ନେହେ ବସାଇ ଯେ । ର, କ.

କଳାପ, ବି. ପୁଂ. ( କଳା-ଅପ୍-ଅ) ମୟୂରପୁଚ୍ଛ, ସମୂହ, ଚନ୍ଦ୍ର, ମେଖଳା, କଟିଭୂଷଣ, ବିଦଗ୍ଧ ବ୍ୟକ୍ତି, ବ୍ୟାକରଣବିଶେଷ । (ପୁଚ୍ଛ ଓ ସମୂହ ଅର୍ଥରେ) ଯଥା—

ଦେଖି କେକୀକଳାପ, ନାଚେ କଟକ
କଳାପ, ବିପ୍ରଳାପ କରୁଛି କେତେ । ବ. ଚ.

କଳାପକ, ବି. ପୁଂ. ( କଳାପ-କ ) କଳାପ, ହସ୍ତିର ଗଳଦେଶସ୍ଥ ରଜ୍ଜୁ, ତିଳକ ଚାରି ନକ୍ଷତ୍ର, ସମୂହ ।

କଳାପାଡ଼ି, ବି. ( ଦେଶଜ ) ଜାହାଜ ବା ନୌକାରେ ଝଣ୍ଡା ଲଗାଇବା, ଅଗ୍ନିର ଅଂଶ ନରଖିବାର ସ୍ଥାନ ।

କଳାପୀ, ବି. ପୁଂ. (କଳାପ-ଇନ୍) ମୟୂର, (କଳଆପ୍-ଇନ୍ ) କୋକିଳ, ( ମୟୂର ଅର୍ଥରେ ) ଯଥା —

କଳାପୀ କଳାପ ଅଙ୍ଗ ପକାଇ । ର. କ.

କଳାଭୃତ୍, ବି. ପୁଂ. (କଳା-ଭୃ-°) ଚନ୍ଦ୍ର, ଚିତ୍ରୀ, ଶିବ ।

କଳାମ୍ବିକା, ବି. ସ୍ତ୍ରୀ. ( କଳା-ଅମ୍ବ-ଅକ-ଆ ) ଋଣଦାନ, କରଜ ଦେବା ।

କଳାୟନ, ବି. ପୁଂ. (କଳ-ଅୟନ) ନର୍ତ୍ତକ ।

କଳାବନ୍ତ ବିଂ. ( ଦେଶଜ ) ଶ୍ରୀମନ୍ତ, ବିଶେଷ ଲକ୍ଷଣଯୁକ୍ତ, ରସିକ । ( ରସିକ ଅର୍ଥରେ ) ଯଥା —

କଳାବନ୍ତ ଲୋକ ଦେହି ଦୁରନ୍ତ ଅଟନ୍ତି ସେହି ।

କଳାଳାପ, ବି. ପୁଂ. ( କଳ-ଆଳାପ ) ମଧୁର ଅବ୍ୟକ୍ତ ଧ୍ୱନି, ଭ୍ରମର ।

କଳାବାନ୍ ବି. ପୁଂ. (କଳା-ବତ୍ ) ଚନ୍ଦ୍ର । ବିଂ. ନୃତ୍ୟଗୀତାଦିରେ ଦକ୍ଷ, କଳାବିଶିଷ୍ଟ । କଳାବତୀ, ସ୍ତ୍ରୀ. ତୁମ୍ବୁରୁ, ଗନ୍ଧର୍ବର ବୀଣା, ନାୟିକାବିଶେଷ । ଯଥା—

କଳାବତୀ କଳା କରଲପକା କଳା ନ କର । ଫ. ସ.

କଳାବିକ, ବି. ପୁଂ (କଳ-ଅ-ବି-କ) କୁକ୍କୁଟ, ଚରଣାୟୁଧ ।

କଳି, ବି. ପୁଂ ( କଲ୍-ଇ ) ଚତୁର୍ଥ ଯୁଗ, ଯୁଦ୍ଧ, ଦ୍ୱେଷ, କଳହ, ଶୂର ।

କଳି } ବି. (ଦେଶଜ) ଶାମୁକାଚୂନ, ଚିତା,
କଳୀ } ଏକ ପ୍ରକାର ତିଳକ । ଯଥା—

ଅଙ୍ଗୁଷ୍ଠ ଲଗନାଥ ଭାବେ, ଆହା ଧାନେ କି ଶୋଭିଛେ ।
ଅଖିଳ ଜନନୀ ନାସୀ ମୃଗମଦ କଳିଟି । କ. ଚ. ଚ ।

କଳଅ, ବିଂ. ( ଦେଶଜ ) ଅନର୍ଥପ୍ରିୟ ।

କଳଅର, ବି. ( ଦେଶଜ ) ହାତର ଖଡ଼ୁ ।

ଯଥା—

କରେ ତାଡ଼ ଚୂଡ଼ି କଳଅର ଗଡ଼େ ।

**କଳକ**, ବି. ପୁଂ କ୍ରୌଞ୍ଚପକ୍ଷୀ, ବକ ।

**କଳକା** } ବି. ସ୍ତ୍ରୀ. ( କଲ-ଇ-କ-ଅ, ଈ )
**କଳୀ** } କୋରକ, କଢ଼, ଅଫୁଟ ପୁଷ୍ପ ।

**କଳଗୋଳ**, ବି. ( କଲ-ଗୋଲ ) ବାନ୍ସୁଳି, କଳହ, କଳିଆ ।

**କଳଙ୍ଗ**, ବି. ପୁଂ. (କଳ-ଗମ୍-ଅ) ପ୍ରାଚୀନ ଉତ୍କଳ ଦେଶ ଓ ତାହାର ଦକ୍ଷିଣ ଦ୍ରାବିଡ଼ ପର୍ଯ୍ୟନ୍ତ ସମୁଦ୍ରତୀରସ୍ଥ ଦେଶ, ବୃକ୍ଷବିଶେଷ । ଗାଁ. ସ୍ତ୍ରୀ. ସୁନସ୍ତ୍ରୀ ସ୍ତ୍ରୀ ।

**କଲ୍କବତର**, ବି. ( ଦେଶଜ ) ଏକପ୍ରକାର ପୋକ, କଳଆ ।

**କଲିଜା**, ବି. ( ଯାବନିକ ) ହୃଦୟସ୍ଥ କୋମଳ ମାଂସଗ୍ରନ୍ଥି ବିଶେଷ ।

**କଳଞ୍ଜ**, ବି. ପୁଂ. ତୃଣନିର୍ମିତ ଆସନ, ପେଁସ, ମଶିଣା, ମୁନ୍ଦୁର ।

**କଳତ**, ବିଂ. (କଲ୍-ତ) ଅବଗତ, ଉପାର୍ଜିତ, ଲବ୍ଧ, ଗଣିତ, ଗୃହୀତ, ବିସ୍ତୃତ, ବନ୍ଧା ଧୃତ, ଉକ୍ତ, ଦୃଷ୍ଟ ।

**କଳଦ୍ରୁମ**, ବି. ପୁଂ (କଳ-ଦ୍ରୁମ) ବିଭୀତକ ବା ବାହାଡ଼ା ଗଛ, ନଳ ରାଜାଙ୍କ ଦେହରେ ପ୍ରବେଶ କରିବାକୁ ଛିଦ୍ରାନ୍ବେଷଣ କଲା ବେଳେ କଳି ଏହି ବୃକ୍ଷରେ ଆଶ୍ରୟ ନେଇଥିବା ପୁରାଣରେ ଲିଖିତ ଅଛି ।

**କଳନ୍ଦ**, ବି. ପୁଂ ( କଳ-ଦା-ଅ, ନ ଆଗମ ) ସୂର୍ଯ୍ୟ, ପର୍ବତବିଶେଷ, ବାହାଡ଼ା ଗଛ । (ଦେଶଜ) ଉର୍ବରଭୂମି ।

**କଳନ୍ଦକନ୍ୟା** } ବି. ସ୍ତ୍ରୀ. ( କଳନ୍ଦ=ପର୍ବତ-
**କଳନ୍ଦତନୟା** } ବିଶେଷ-କନ୍ୟା, ତନୟା, ଆତ୍ମଜା)
**କଳନ୍ଦାତ୍ମଜା** } ଯମୁନା ନଦୀ, ହିମାଳୟର ଅଂଶବିଶେଷର ନାମ କଳନ୍ଦ, ଏହା ଯମୁନା ନଦୀର ଉତ୍ପତ୍ତି ସ୍ଥାନ, ଏହି ହେତୁରୁ ଯମୁନାଙ୍କୁ କଳନ୍ଦକନ୍ୟା କହାଯାଏ ।

**କଳପ୍ରିୟ**, ବି. ପୁଂ. ( କଳ=କଳହ ବା ଯୁଗବିଶେଷ-ପ୍ରିୟ ) ନାରଦ, ବିଭୀତକ ବା ବାହାଡ଼ା ଗଛ, ବାନର । ବିଂ. କଳହପ୍ରିୟ ।

**କଳଯୁଗ**, ବି. ନ. ଚତୁର୍ଥ ଯୁଗ, ଏହି ଯୁଗର ପରିମାଣ ୪୩୨:୦୦ ବର୍ଷ ଅଟେ ।

**କଳସ୍ତାର** } ବି. ( ଖଲୀନ ଶବ୍ଦଜ ) ଘୋଡ଼ାର
**କଳଆର** } ମୁହଁ ଭିତରେ ଦେବା ଲୌହ ।

**କଳହୁଡ଼ୀ**, ବିଂ. ସ୍ତ୍ରୀ. (ଦେଶଜ) କଳକାଣ୍ଡୋଇ । ବି. ସ୍ତ୍ରୀ, କଳହପ୍ରିୟା ନାରୀ ।

**କଳୁଷ**, ବି. ନ. (କଲ୍-ଉଷ) ପାପ । ବିଂ. ପାପୀ, ମଳିନ, ଆବିଳ, ଗୋଳିଆ, ସ୍ବଚ୍ଛ, ଦୁଃଖିତ, ଅସମର୍ଥ, ଗର୍ହିତ । (ଆବିଳ ଅର୍ଥରେ) ଯଥା—

> କଳୁଷ ନଦୀ ଜଳରୁ ଦୁହିଲେ । ର. କ.

( ପାପ ଅର୍ଥରେ ) ଯଥା—

> କମ୍ବୁକଣ୍ଠେ କଉସ୍ତୁଭମଣିନାୟକ,
> କଳୁଷ ଅନ୍ଧକାରକୁ ଦହନାୟକ । ର. କ.

**କଳୁଷିତ**, ବିଂ. ( କଳୁଷ-ଇତ ) ପାପଯୁକ୍ତ, ମଳମାକୃତ, ଦୂଷିତ ।

**କଳେଇ**, ବି. ( ଦେଶଜ ) କଟା ଧାନଗଛର ବିଡ଼ା, ହଳା ।

**କଲେକ୍ଟର** } ବି. (ଇଂ. Collector) ଜିଲ୍ଲାର
**କଲେଟର** } ଅଧ୍ୟକ୍ଷ ବା ଶାସକ, ଆଦାୟକାରୀ ।

**କଲେଜ**, ବି. ( ଇଂ. College ) ଉଚ୍ଚ ବିଦ୍ୟାଳୟ ।

**କଳେବର**, ବି. ନ. ( କଳେ=ଶୁକ୍ରେ-ବର=ଶ୍ରେଷ୍ଠ ବା ଆବୃତ, ଶୁକ୍ରନିର୍ମିତ ବା ଶୁକ୍ରୋଦ୍ଭୂତ ବସ୍ତୁ ମଧ୍ୟରେ ଶ୍ରେଷ୍ଠ ) ଗାତ୍ର, ଶରୀର, ଦେହ । ଯଥା—

> କୃଷ୍ଣବିହାରୀ ମନ୍ଦିରର ପର
> କଳେବର ଗୋଷ୍ଠଯାକ ବାସେ । ବୈ, ର.

**କଳ୍କ**, ବି. ନ. (କଲ୍-କ) ମାଛ ପ୍ରଭୃତିର କାତି, ଖଳ, ଶିଠା, ମଳ, ଦମ୍ଭ, ଅହଂକାର, କର୍ଣ୍ଣମୂଳ, ପ୍ରତାରଣା, ପାପ, ଘୃତ ତୈଳାଦି ପାକରେ ଦେୟ ଔଷଧ ଦ୍ରବ୍ୟ, ତିଳପିଷ୍ଟ ଦ୍ରବ୍ୟ । ବିଂ. ପାପିଷ୍ଠ ।

**କଳ୍କଫଳ**, ବି, ପୁଂ. ଦାଡ଼ିମ ଫଳ, ଡାଳିମ୍ବଗଛ ।

କଳ୍କି } ବି. ପୁଂ. (କଲ୍-କି, ବା କଲ୍କ ଇନ୍) ବିଷ୍ଣୁଙ୍କର ଦଶମ ଅବତାର, କଳିଯୁଗ
କଳ୍କୀ } ଶେଷରେ ବିଷ୍ଣୁଙ୍କ ଭାବୀ ଅବତାର ।

କଳ୍ପ, ବି. ପୁଂ. (କୢପ୍-ଅ) ବେଦାଙ୍ଗ ଗ୍ରନ୍ଥବିଶେଷ, ବ୍ରହ୍ମାଙ୍କର ଦିବାଭାଗ=୪୩୨,୦୦,୦୦,୦୦୦ ବର୍ଷ, ପ୍ରଳୟ, ବିକଳ୍ପ, ସଙ୍କଳ୍ପ, ବିଧାନ, ବିଧି, ନ୍ୟାୟ, ବେଦବିଧିବିଶେଷ, ଅଭିପ୍ରାୟ, ବୃକ୍ଷ । ବିଂ.(କୌଣସି ଶବ୍ଦର ପରେ ପ୍ରୟୋଗ କଲେ) ତତ୍‌ସଦୃଶ, ତତ୍‌ତୁଲ୍ୟ ।

କଳ୍ପକ, ବି. ପୁଂ. (କୢପ୍-ଅକ) ନାପିତ, ଭଣ୍ଡାରୀ । ବିଂ. ଛେଦନକାରକ, କଳ୍ପନାକାରକ, ରଚକ ।

କଳ୍ପତରୁ, କଳ୍ପଦ୍ରୁ, | ବି. ପୁଂ. (କଳ୍ପ=ମାନସ,
କଳ୍ପଦ୍ରୁମ, କଳ୍ପବୃକ୍ଷ, | ଅଭିପ୍ରାୟ-ତରୁ, ଦ୍ରୁ, ଦ୍ରୁମ,
କଳ୍ପପାଦପ, | ବୃକ୍ଷ, ପାଦପ) କଳ୍ପାନ୍ତସ୍ଥାୟୀ ବୃକ୍ଷ, ଦେବତରୁ, (ଏହି ବୃକ୍ଷ ନିକଟରେ ଯାହା କାମନା ବା ଯାଚ୍ଞା କରାଯାଏ ତାହା ମିଳେ) ଅଭିଲଷିତ ଫଳଦାତା ବୃକ୍ଷ ।

କଳ୍ପନ, ନ. } ବିଂ (କୢପ୍-ଅନ, ଅନ-ଆ)
କଳ୍ପନା, ସ୍ତ୍ରୀ. } ରଚନା, ଆରୋପ, ଅବାସ୍ତବ ବିଷୟର ଯଥାର୍ଥରୂପେ ବର୍ଣ୍ଣନା, ଉଦ୍ଭାବନା, ସମ୍ଭାବନା, ହସ୍ତିସଜ୍ଜା, ମାନସ, ସଙ୍କଳ୍ପ, ସ୍ଥିରୀକରଣ, ସାମର୍ଥ୍ୟ, ପର୍ଯ୍ୟାପ୍ତି, ଛେଦନ ।

କଳ୍ପାନ୍ତ, ବି. ପୁଂ, (କଳ୍ପ-ଅନ୍ତ) ଯୁଗାନ୍ତ, ପ୍ରଳୟକାଳ ।

କଳ୍ପାନ୍ତସ୍ଥାୟୀ, ବିଂ. (କଳ୍ପାନ୍ତ-ସ୍ଥାୟିନ୍) ଯାହା ପ୍ରଳୟକାଳ ପର୍ଯ୍ୟନ୍ତ ଥାଏ, ଚିରସ୍ଥାୟୀ ।

କଳ୍ପିତ, ବି. ପୁଂ. (କଳ୍ପ-ତ) ଯୁଦ୍ଧାର୍ଥ ସଜ୍ଜିତ ହସ୍ତୀ । ବିଂ. କଳ୍ପିତ,ଅବଧାରିତ,ଆରୋପିତ, ଦତ୍ତ, ସମ୍ପାଦିତ, ଚନ୍ତ୍ରିତ, ଉଦ୍ଭାବିତ ।

କଳ୍ପୀ, ବିଂ. (କଳ୍ପ-ଇନ୍) ରଚକ, ଆରୋପକ, ବେଶକାରକ । ବି. ପୁଂ. ନାପିତ ।

କଳ୍ପ୍ୟ, ବିଂ. (କଳ୍ପ-ଯ) ବିଧେୟ, କଳ୍ପନା କରିବାର ଯୋଗ୍ୟ, ରଚନୀୟ, ଆରୋପ୍ୟ ।

କଳ୍ମଷ, ବି. ନ. (କର୍ମ-ଷୋ=ନାଶ କରିବା-ଅ, ନିପାତନ) ପାପ । ପୁଂ. ନରକବିଶେଷ । ବିଂ. ମଳିନ, ପାପିଷ୍ଠ । (ପାପ ଅର୍ଥରେ) ଯଥା—

> କୃଷ୍ଣ ମହୀଧର ମହୀଧର ଅନ୍ତକ.
> କଳମଷ ବାରଣ ବାରଣ-ଅନ୍ତକ । ର. କ.

କଳ୍ମାଷ, ବି. ପୁଂ. (କଲ୍-ମଷ=ହିଂସା କରିବା-ଅ, ଯେ ଅନ୍ୟ ବର୍ଣ୍ଣକୁ ନଷ୍ଟ କରେ) କୃଷ୍ଣବର୍ଣ୍ଣ, ବିଚିତ୍ର ବର୍ଣ୍ଣ, ଶ୍ୱେତକୃଷ୍ଣମିଶ୍ରିତ ବର୍ଣ୍ଣ, ରାକ୍ଷସ, ସ୍ୱନାମପ୍ରସିଦ୍ଧ ଦାନବ । ବିଂ. ବିଚିତ୍ରବର୍ଣ୍ଣରେ ରଞ୍ଜିତ ।

କଳ୍ମାଷକଣ୍ଠ, ବି. ପୁଂ. (କଳ୍ମାଷ-କଣ୍ଠ) ନୀଳକଣ୍ଠ, ମହାଦେବ ।

କଲ୍ୟ, ବି. ନ. (କଲ୍-ଯ) ଗତଦିବସ, ଆଗାମୀ ଦିନ, ପ୍ରାତଃକାଲ, ଲଗ୍ନ, ମଧୁ । ବିଂ, ଦକ୍ଷ, ଅଭୁକ୍ତଷ୍ଟ, ମଙ୍ଗଳକର, ସଜ୍ଜିତ, ସୁସ୍ଥ, ବଧିର, କାଲ, ମୂକ । ଲ୍ୟା, ବି. ସ୍ତ୍ରୀ. ମଦ୍ୟ, କଲ୍ୟାଣବଚନ, ଶୁଭବାକ୍ୟ, ହରିଡ଼ା ।

କଲ୍ୟାଣ, ବି.ନ.(କଲ୍ୟ=ସୁସ୍ଥ-ଅନ୍-ଅ) ମଙ୍ଗଳ, ସୁଖ, ସ୍ୱର୍ଣ୍ଣ । ବିଂ. ସୁଖୀ, ସାଧୁ, ଶୁଭଦାୟକ ।

କଲ୍ୟାଣକର, ବିଂ. (କଲ୍ୟାଣ-କର) ଶୁଭଜନକ, ମଙ୍ଗଳକର ।

କଲ୍ୟାଣୀୟ, ବିଂ (କଲ୍ୟାଣ-ଈୟ) ମଙ୍ଗଳାସ୍ପଦ, କଲ୍ୟାଣଯୋଗ୍ୟ ।

କଲ୍ଲ, ବିଂ. (କଲ୍ଲ୍-ଅ) ବଧିର, କାଲ ।

କଲ୍ଲୋଲ, ବି. ପୁଂ (କଲ୍ଲ-ଓଲ) ମହାତରଙ୍ଗ, ଆନନ୍ଦ । ବିଂ. ଶତ୍ରୁ ।

କଲ୍ଲୋଳିନୀ, ବି. ସ୍ତ୍ରୀ. (କଲ୍ଲୋଳ-ଇନ୍-ଈ) ତରଙ୍ଗିଣୀ, ନଦୀ ।

କବଚ, ବି. ପୁଂ. କୁ=ଶବ୍ଦ କରିବା-ଅଚ) ବର୍ମ, ସାଞ୍ଜୁ, ବାଦ୍ୟଯନ୍ତ୍ରବିଶେଷ, ନାଗରାବାଦ୍ୟ, ତନ୍ତ୍ରଶାସ୍ତ୍ରୋକ୍ତ ମନ୍ତ୍ରବିଶେଷ, ଏହା ଧାରଣ କଲେ ଶରୀରର କୌଣସି ପ୍ରକାର ଅନିଷ୍ଟ ହୁଏ ନାହିଁ । ଯଥା—

> ଥିଲେ କବଚ ବିନା କ୍ଷତେ ହୃଦୟ ବଣିଶେ
> କରନ୍ତା ଭେଦନ । ପ୍ରେ. ଧ.

**କବଚପତ୍ର**, ବି. ନ. କବଚ ଲେଖିବାର ପତ୍ର, ଭୂର୍ଜ୍ଜପତ୍ର ।

**କବଚୀ**, ବିଂ. (କବଚ-ଇନ୍) କବଚଧାରୀ ।

**କବନ**, ବି. (କବ୍-ଅନ) କବିତ୍ୱ. ଯଥା—

କବି ଭବ ସମ୍ମୁଖରୁ ରହିଲେ କବନରେ । ବୈ · ବି·

**କବରୀ**, ବି. ସ୍ତ୍ରୀ. (କ-ବୃ-ଇନ୍) କଉମାଛ ।

**କବର**, ବିଂ. (କୁ=ଶବ୍ଦ କରିବା-ଅର)ପାଠକ, କର୍ବୂରବର୍ଣ୍ଣ, ସମ୍ପୃକ୍ତ, ଖଚିତ, ଅମ୍ଳ, କେଶ-ବିନ୍ୟାସ । ଯଥା—

ନ କଲେ କବର ବରବରନାର କେହୁ ମୁଁ ଦାସୀ ବୋଲାଇବି ।

(ଯାବନିକ) ସମାଧି ।

**କବରୀ**, ବି. ସ୍ତ୍ରୀ. (କବର-ଈ) କେଶବିନ୍ୟାସ, ଖୋସା, ଜୁଡ଼ା ଇତ୍ୟାଦି । ଯଥା—

ଦେଖିଲି ମୂର୍ତ୍ତେ ତାର ଜାଳୁଁ କବରୀ,
ଭୁଷୁନ ତା କେ ନେଇ କରୂର ।

**କବର୍ଗ**, ବି. ପୁଂ. (କ-ବର୍ଗ=ଶ୍ରେଣୀ) କ, ଖ, ଗ, ଘ, ଙ ଏହି ପାଞ୍ଚ ବର୍ଣ୍ଣ ।

**କବଳ**, ବି. ପୁଂ. (କ-ବଲ୍-ଅ) ଯାହାଦ୍ୱାରା ଶରୀର ବଳବାନ୍ ହୁଏ, ଗ୍ରାସ, ମୁଖଗହ୍ୱର, କଳ, ମତ୍ସ୍ୟବିଶେଷ, ବାଳଅ ମାଛ । ଯଥା—

ତମ କବଳ ତମକୁ ଗୁହାରେ ପୂରାଇ । ପ୍ରେ · ସୁ.

**କବଳିତ**, ବିଂ. (କବଳ ନାମଧାତୁ-ତ) ବ୍ୟାପ୍ତ, ଗ୍ରସ୍ତ, ଭକ୍ଷିତ, କୃତଗ୍ରାସ ।

**କବଳିକା** ବି· ସ୍ତ୍ରୀ. (କବଳ-ଅକ-ଆ) ଔଷଧ-ବିଶେଷ, ପୁଲଟିସ୍ ।

**କବାଟ**, କ୍ଲି. } ବି. (କ-ବଟ୍-ଅ, ଈ) କପାଟ, ଦ୍ୱାରର ଆବରଣ ।
**କବାଟୀ**, ସ୍ତ୍ରୀ. }

**କବାଲା**, ବି. (ଯାବନିକ) କ୍ରୟବିକ୍ରୟ ପତ୍ର ।

**କବି**, ବି. ପୁଂ. (କବ୍=ସ୍ତୁତି କରିବା ଇତ୍ୟାଦି-ଇ) କାବ୍ୟକର୍ତ୍ତା, ଯାହାର ଗ୍ରନ୍ଥରଚନା କରିବା ଶକ୍ତି ଅଛି, ଶୁକ, ବାଲ୍ମୀକି, ସୂର୍ଯ୍ୟ, ଶୁକ୍ରାଚାର୍ଯ୍ୟ, ବ୍ରହ୍ମା, ବ୍ୟାସ । ବି, ବୀ, ସ୍ତ୍ରୀ. ଲଗାମ, ଅଶ୍ୱରଜ୍ଜୁ । ଯଥା—

କବି କବି ହୋଇ କହୁଛ ବୋଇଲେ ମୁଖରୁ ନ ଆସିବ ଘାସ ।
ର · ବ·

**କବିକ**, ବି. ନ. (କବି-କ) କଉପାଛ, ଲଗାମ । ଯଥା—

ମାରଙ୍ଗ ଅଙ୍କୁଶ ତୁରଙ୍ଗ କବିକ,
ନ ମାନଲେ କି ଉପାୟରେ । ସୁ · ପ·

**କବିକଳ୍ପଦ୍ରୁମ**, ବି. ପୁଂ. ବୋପଦେବକୃତ ଧାତୁ-ପାଠ ଗ୍ରନ୍ଥବିଶେଷ ।

**କବିକଳ୍ପଲତା**, ବି. ସ୍ତ୍ରୀ. କାବ୍ୟର ରଚନା ଶିକ୍ଷୋପଯୋଗୀ ଗ୍ରନ୍ଥବିଶେଷ ।

**କବିତା**, ବି. ସ୍ତ୍ରୀ. (କବି-ତା) କବିତ୍ୱ, କବିକୃତି, ରସଯୁକ୍ତ ରଚନା ।

**କବିଲା**, ବି (ଯାବନିକ) କଳତ୍ର, ଭାର୍ଯ୍ୟା, ସ୍ତ୍ରୀ ।

**କବୀରପନ୍ଥୀ**, (କବୀର-ପନ୍ଥୀ, ପଥିନ୍-ଶବ୍ଦ) ବୈଷ୍ଣବ ସମ୍ପ୍ରଦାୟବିଶେଷ । କବୀର ଏହି ସମ୍ପ୍ରଦାୟର ପ୍ରବର୍ତ୍ତକ ।

**କବୁଲ**, ବି. (ଯାବନିକ) ସ୍ୱୀକାର, ଅଙ୍ଗୀକାର ।

**କବୁଲିୟତ**, ବି. ( ଯାବନିକ ) ସ୍ୱୀକାରପତ୍ର, ଜମିଦାର ନିକଟରେ ରୟତର ଜମି ଚଷିବା ଇତ୍ୟାଦି ଓ ଖଜଣା ଦେବା ସମ୍ବନ୍ଧରେ ସ୍ୱୀକାର ପତ୍ର ।

**କବୋଷ୍ଣ**, ବିଂ. (କୁ-ଉଷ୍ଣ, କୁ=କବ) ଈଷତ୍ ଉଷ୍ଣ, ଅଳ୍ପୋଷ୍ଣ । ଯଥା—

କବୋଷ୍ଣ ଫେନିଳ ରୁଧିର ।

**କବ୍ୟ**, ବି. ନ. (କୁ-ଯ) ମୃତ ବ୍ୟକ୍ତି ଉଦ୍ଦେଶ୍ୟରେ ଦେୟ ପିଣ୍ଡାଦି ।

**କବ୍ୟବାହ** } ବି. ପୁଂ. (କବ୍ୟ ବାହ, ବାହନ) ଅଗ୍ନି ।
**କବ୍ୟବାହନ** }

**କଶା** }
**କଷା** } ବି. ସ୍ତ୍ରୀ. ( କଶ୍-ଅ-ଆ ) ଚାବୁକ, କୋରଡ଼ା ।
**କସା** }

**କଶାର୍ହ**, ବିଂ. (କଶା-ଅର୍ହ) କଶାଘାତଯୋଗ୍ୟ ।

**କଶିପୁ** } ବି. ପୁଂ. ( କଶ୍-ପୁ ) ଅନ୍ନବସ୍ତ୍ର, ଗ୍ରାସାଚ୍ଛାଦନ, ଉପାଧାନ, ଶଯ୍ୟା ।
**କସିପୁ** }

କଶେରୁ, ବି. ନ. (କ-ଶୃ-ଉ, ଋ = ଏର) ଜମ୍ବୁଦ୍ୱୀପର ନବବିଭାଗାନ୍ତର୍ଗତ ଅଂଶବିଶେଷ। ପୁଂ. ପିଠିର ହାଡ଼, ମେରୁଦଣ୍ଡ। ସ୍ତ୍ରୀ. ତୃଣମୂଳବିଶେଷ।

କଶେରୁକ, ବି. ପୁଂ. ନ. (କଶେରୁ-କ) ଯେଉଁସବୁ ଜନ୍ତୁର ପୃଷ୍ଠାସ୍ଥି ବା ମେରୁଦଣ୍ଡ ଅଛି, କେଶରୁ।

କଶେରୁକା } ବି. ସ୍ତ୍ରୀ. ( କଶେରୁକ-ଆ )
କଶେରୁକା } ମେରୁଦଣ୍ଡ।

କଶ୍ଚିତ୍, ଅଂ. ( କଃ-ଚିତ୍ ) କୌଣସି ବ୍ୟକ୍ତି, କେହି।

କଶ୍ମଳ } ବି. ନ. (କଶ୍-ମଳ) ଦୁରାଚାର, ପାପ,
କଶ୍ମଳ } ମୂର୍ଚ୍ଛା। ବିଂ. ଦୁଷ୍ଟ, ପାପୀ, ମଳିନ, କୁତ୍ସିତ, ନିନ୍ଦିତ।

କଶ୍ମୀର, ବି. ପୁଂ. (କଶ୍-ଈର, ମ ଆଗମ) ସ୍ୱନାମଖ୍ୟାତ ଦେଶ, କାଶ୍ମୀର ଦେଶ।

କଶ୍ମୀରଜ } ବି. ପୁଂ. ( କଶ୍ମୀର-ଜନ୍-ଅ
କଶ୍ମୀରଜନ୍ମା } ଜନ୍ମନ୍ ) କୁଙ୍କୁମ।

କଶ୍ୟ, ବି. ନ. (କଶ୍-ଯ) ଅଶ୍ୱକଟିଦେଶ, ମଦ୍ୟବିଶେଷ। ବିଂ. (କଶା-ଯ) କଶାଘାତର ପାତ୍ର, କଶାଘାତର ଉପଯୁକ୍ତ।

କଶ୍ୟପ, ବି. ପୁଂ. ( କଶ୍ୟ-ପ ) ଦେବତା ଓ ଦାନବର ଗୁରୁ, ସ୍ୱନାମଖ୍ୟାତ ମୁନି, ମତ୍ସ୍ୟବିଶେଷ, ମୃଗବିଶେଷ।

କଷ, ବି. ପୁଂ. ( କଷ୍-ଅ ) କଷ୍ଟିପଥର, ଯେଉଁ ପଥରରେ ଘଷି ସ୍ୱର୍ଣ୍ଣାଦିର ପରୀକ୍ଷା କରାଯାଏ। (ଦେଶଜ) ଯାହା ପାଣିରେ କଷା ଯାଇଅଛି। ଯଥା—କଷଦହି।

କଷଣ, ବି. ନ (କଷ୍-ଅନ) ଘର୍ଷଣ, କଣ୍ଡୂୟନ। (ଦେଶଜ) କ୍ଲେଶ, କଷ୍ଟ।

କଷଣୀ, ବି. (ଦେଶଜ) ଅଙ୍ଗୁଳିତ୍ରବିଶେଷ, ଧନୁର୍ଗୁଣ ଆକର୍ଷଣ କରିବା ନିମିତ୍ତ ଅଙ୍ଗୁଳିରେ ଲଗାଇବା ମୁଦି ବା। ଯଥା—

ସେ ବାମ ହାତରେ ବସନ୍ତେ ନଥ।
ଦକ୍ଷିଣର ଉପରେ ସ୍ୱକର କଷଣୀ ଥୋଇଛ କି ମନମଥ।
କୋ, ବ୍ର. ସୁ.

କଷା, ବି. ସ୍ତ୍ରୀ ( କଷାୟ ଶବ୍ଦଜ ) ରସବିଶେଷ, ହରୀତକୀ। ବିଂ. କଷାୟରସବିଶିଷ୍ଟ, କୃପଣ। ଦେଶଜ) ଜଳସିକ୍ତ।

କଷାୟ, ବି. ପୁଂ. ନ. (କଷ୍-ଆୟ) ରସବିଶେଷ, କ୍ୱାଥ, ନିର୍ଯ୍ୟାସ, ସୁଗନ୍ଧ ଲେପନ ଦ୍ରବ୍ୟ, ରଙ୍ଗ। ବିଂ. ରକ୍ତ ଓ ପୀତବର୍ଣ୍ଣମିଶ୍ରିତ ବର୍ଣ୍ଣ, ଅନୁଜ୍ଜ୍ୱଳ ରକ୍ତବର୍ଣ୍ଣ, ରଞ୍ଜିତ, ସୁଶ୍ରାବ୍ୟ, କଷାୟ ରସବିଶିଷ୍ଟ।

କଷାୟିତ, ବିଂ. ( କଷାୟ-ଇତ ) ରଞ୍ଜିତ, ରକ୍ତ ପୀତ ମିଶ୍ରିତ ବର୍ଣ୍ଣବିଶିଷ୍ଟ, ବିଲେପିତ।

କଷି, ବି. (କଷାୟ ଶବ୍ଦଜ) ନୂଆ ଫଳ। ଯଥା—ଅମ୍ବକଷି, ଲେମ୍ବୁକଷି।

କଷିତ, ବିଂ. (କଷ୍-ତ) ପରୀକ୍ଷିତ ସ୍ୱର୍ଣ୍ଣାଦି ପକ୍ଷରେ ପ୍ରଯୋଜ୍ୟ )।

କଷିବା, କ୍ରି. ବି. ( ଦେଶଜ ) ପରୀକ୍ଷା କରିବା, ଆୟତ୍ତ କରିବା, ରଡ଼ିବା, ଟାଣିବା ଇତ୍ୟାଦି।

କଷ୍ଟ, ବି.ନ. (କଷ୍-ତ) କ୍ଲେଶ, ଯନ୍ତ୍ରଣା, ଦୁଃଖ। ବିଂ. କ୍ଲିଷ୍ଟ, ଦୁଃଖଜନକ, କୁତ୍ସିତ।

କଷ୍ଟକାରକ, ବି. ପୁଂ. (କଷ୍ଟ-କାରକ) ସଂସାର। ବିଂ. ଦୁଃଖଜନକ।

କଷ୍ଟଫେଡ଼, ବିଂ. ମଧୁରନାଦୀ ବନପକ୍ଷିବିଶେଷ। ( ବଙ୍ଗଳାରେ ଏହାକୁ 'ବଉ କଥା କଓ' କହନ୍ତି ) ଯଥା--

ସବୁଛନ୍ତି ଅଷ୍ଟକାଳେ କଷ୍ଟଫେଡ଼ ଶୁଆ। ମହାଯାତ୍ରା।

କଷ୍ଟସହ, ବିଂ. (କଷ୍ଟ-ସହ ) ଯେ କ୍ଲେଶ ସହି ପାରେ, କ୍ଲେଶସହିଷ୍ଣୁ।

କଷ୍ଟସାଧ୍ୟ, ବିଂ. ( କଷ୍ଟ-ସାଧ୍ୟ ) ଯାହା ବହୁକଷ୍ଟରେ ସମ୍ପନ୍ନ ହୁଏ।

କଷ୍ଟି, ବି. ସ୍ତ୍ରୀ. (କଷ୍-ତି) କଷଟିପଥର, ସ୍ୱର୍ଣ୍ଣାଦି ପରୀକ୍ଷା କରିବା ପ୍ରସ୍ତରବିଶେଷ। ଯଥା—

ସୁବର୍ଣ୍ଣ ସମାନ ନାସ୍ତି ବନସ୍ତ ଝାଙ୍କଣା ପର,
ବରହ ଅନଳେ ହୋଇଥାଇ ସେ ଦହ୍ଲ ।
ଭାବ ଜଳଯୁକ୍ତ ବସେ କୋଳ କଷଟରେ କଷେ,
ସ୍ମରଣ ରସାଣ ପ୍ରୀତିଦାନ ବଢ଼ାଇ । ଲ. ବ.

କସ୍‌ବୀ, ବି. (ଯାବନକ) ବେଶ୍ୟା ।

କସରି, ବି°. (ଦେଶଜ) ଶୁକ୍ଳ ଓ ରକ୍ତମିଶ୍ରିତ ବର୍ଣ୍ଣ । ଯଥା — କସରି ବଳଦ ।

କସୁର, ବି. (ଯାବନକ) ଦୋଷ, ତ୍ରୁଟି ।

କସ୍ତୁରିକା, କସ୍ତୂରିକା, କସ୍ତୂରି } ବି. ସ୍ତ୍ରୀ (କସ୍-ଉର-କ-ଅ, ଈ) ମୃଗନାଭିରୁ ପ୍ରାପ୍ତ ସୁଗନ୍ଧଦ୍ରବ୍ୟ ବିଶେଷ,ମୃଗନାଭି,ଏହା ନେପାଳ, କାଶ୍ମୀର ଓ କାମରୂପ ପ୍ରଭୃତିଦେଶରେ ମିଳେ କପିଳ, ପିଙ୍ଗଳ ଏବଂ କୃଷ୍ଣବର୍ଣ୍ଣ ଭେଦରେ ଏହା ତ୍ରିବିଧ । କାମରୂପ ଦେଶଜ ଉତ୍ତମ,ନେପାଳ ଦେଶଜ ମଧ୍ୟମ ଓ କାଶ୍ମୀର ଦେଶଜ ନିକୃଷ୍ଟ ।

କସ୍ମିନ୍‌କାଳେ, ଅ°. (କସ୍ମିନ୍-କାଳେ) କୌଣସି ସମୟରେ ।

କସ୍ୱର, ବି°. (କସ୍-ବର) ଗମନଶୀଳ, ହିଂସକ ।

କହସ୍ତ, ବି. ପୁଂ. (କ-ହସ୍ତ) ସୂର୍ଯ୍ୟଙ୍କ ଅଶ୍ୱ ।

କହିବା, କ୍ରି (କଥ-ଧାତୁଜ) କଥନ, ଭାଷଣ ।

କହୁଣି, କହୁଣୀ } ବି. (କଫୋଣି ଶବ୍ଦଜ) ବାହୁ ଓ ମଣିବନ୍ଧର ଯୋଗସ୍ଥଳ ।

କହୁଣିଆ, କହୁଣିଆ } ବି°. (ପ୍ରାକୃତିକ) କହୁଣୀ ମାଡ଼ି ଖାଇବା ଯୋଗ୍ୟ, ମାଡୁଆ ।

କହ୍ନା, କହ୍ନାଇ } ବି. (କୃଷ୍ଣ ଶବ୍ଦର ଅପଭ୍ରଂଶ) କୃଷ୍ଣ ।

କହ୍ଲାର, ବି.ନ. (କ-ହ୍ଲାର, ଲ ଆଗମ)ଜଳଜାତ ପୁଷ୍ପବିଶେଷ, ପାଣିଶିଉଳି ଫୁଲ । ଯଥା—

ବହୁଛ ମଧ୍ୟେ ଲାବଣ୍ୟ ସର,
ବାଉଳ କୁମୁଦ କହ୍ଲାରେ ସାର । ବୈ. ବ.

କହ୍ୱ, ବି. ପୁଂ. (କ=ଜଳ-ହ୍ୱେ=ଡାକିବା-ଅ) ବକ, କ୍ରୌଞ୍ଚ ।

କା, ବି. (ଦେଶଜ) ଡୁଡୁ ଖେଳର ସଙ୍କେତ ବିଶେଷ, କୁଆର ଶବ୍ଦ, ସଂ—'କାହାର' ବା 'କାର' ପଦର ସଂକ୍ଷେପରୂପ ।

କାଇଁଚ, ବି. (କାକଚଞ୍ଚା ଶବ୍ଦଜ) ଫଳବିଶେଷ, ଗୁଞ୍ଜାଫଳ ।

କାଇଁଶ, ବି. (କାଶ ଶବ୍ଦଜ) କାଶଗଛ, ଏକପ୍ରକାର ତୃଣ ।

କାଇ, ବି. ପୁଂ. (ଦେଶଜ) କୃଷ୍ଣବର୍ଣ୍ଣ ପିପୀଲିକା ବିଶେଷ ।

କାଇଦା, କାଏଦା } ବି. ( ଯାବନକ ) ଅକଟ, ଶୃଙ୍ଖ... ବନ୍ଦୋବସ୍ତ ।

କାଇଲା, ବି°. (ଦେଶଜ) ଅସୁସ୍ଥ, ପୀଡ଼ିତ । ବି. ରୋଗ, ପୀଡ଼ା ।

କାଇଲି, ବି°. ( ଦେଶଜ ) ଦୋଷୀ ବୋଲି ପ୍ରମାଣିତ, ଦୋଷୀ । ବି. ଦୋଷ, ହାର ।

କାଂସ, କାଂସ୍ୟ } ବି. ପୁଂ. ନ. ପାନପାତ୍ର, ମିଶ୍ରଧାତୁ ବିଶେଷ,ତାମ୍ର ଓ ରଙ୍ଗମିଶ୍ରିତ ଧାତୁ, କଂସା ।

କାଂସ୍ୟକାର, ବି. ପୁଂ. (କାଂସ୍ୟ-କୃ-ଅ) କଂସା ନିର୍ମାତା, କଂସାରି ।

କାଉଁରିଆ, ବି. (ଦେଶଜ) ନଳିତା ଓ ଧଣିଆ ପ୍ରଭୃତି ବୃକ୍ଷର ତ୍ୱକ୍‌ହୀନ ଅଂଶ, ଖଡ଼ ।

କାଉଁରିହାଡ଼, ବି. କୁମାରୀ କନ୍ୟାର ଅସ୍ଥି ।

କାଉ, ବି. (କାକ ଶବ୍ଦଜ) କୁଆ ।

କାଉଳ, ବି°. (ଦେଶଜ) ଅସ୍ଥିର ।

କାଙ୍କ, ବି. (ଦେଶଜ) ମାଛ ଖୋଳିବାର ଅସ୍ତ୍ର ବିଶେଷ । (କଙ୍କ ଶବ୍ଦଜ) କଙ୍କ ପକ୍ଷୀ ।

କାକ, ବି. ପୁଂ. ( କା-କୈ=ଶବ୍ଦ କରିବା-ଅ, ଯେ 'କା' ଏହିପରି ଶବ୍ଦ କରେ ) କୁଆ, କାଉ, ଦ୍ୱୀପବିଶେଷ, ଏକ କଡ଼ାର ତ୍ରୟୋଦଶ ଅଂଶ ।

କାକଅରି, ବି. ପୁଂ. ପେଚା, ପେଚକ ।

କାକଚଞ୍ଚା, କାକଚଞ୍ଚୁ, କାକଚଞ୍ଚୀ } ବି. ସ୍ତ୍ରୀ.(କାକ-ଚଞ୍ଚା=ଅଗ୍ରଭାଗ-ଅ, ଇ, ଈ, କାକ ପରି ଯାହାର ଅଗ୍ରଭାଗ କୃଷ୍ଣବର୍ଣ୍ଣ) ଗୁଞ୍ଜା, କାଇଁଚ ।

କାକଛଦ, ବି. ପୁଂ. (କାକ-ଛଦ) ଖଞ୍ଜନପକ୍ଷୀ ।

(ପ୍ରାଚୀନ ପଦ୍ୟ) କାଗଜ ।

କାକଜ, ବ. (ପ୍ରାଚୀନ ପଦ୍ୟ) କାଗଜ ।

କାକତନ୍ଦ୍ରା } ବ. ସ୍ତ୍ରୀ. କାକ ପରି ନିଦ୍ରା, ଅତି
କାକନିଦ୍ରା } ସତର୍କ ନିଦ୍ରା ।

କାକତାଳୀୟ, ବିଂ. (କାକ-ତାଳ = ଫଳବିଶେଷ-ଈୟ) ହଠାତ୍କୃତ, ଅକସ୍ମାତ୍ କୃତ, ନ୍ୟାୟ-ବିଶେଷ, (ନ୍ୟାୟ ଦେଖ) କାକର ତାଳ ବୃକ୍ଷରେ ଉପବେଶନ ଓ ତାଳର ପତନ ଏହି ଉଭୟର ସମକାଳୀନତା ହେତୁ ଯେପରି କାର୍ଯ୍ୟକାରଣ ଭାବ କଳ୍ପନା କରାଯାଏ, ସେହିପରି କାର୍ଯ୍ୟ କାରଣ ଭାବ ନ ଥିଲେ ସୁଦ୍ଧା ସମକାଳୀନତ୍ୱ ବା ଅନ୍ୟ କୌଣସି ପ୍ରକାର ଘଟନା ହେତୁରୁ କାର୍ଯ୍ୟ କାରଣଭାବ କଳ୍ପନା କରିବା ।

କାକଭକ୍ଷ୍ୟା, ବ, ସ୍ତ୍ରୀ. ( କାକ-ଭକ୍ଷ, କାକ ମାଂସପରି ଭକ୍ଷ୍ୟ ) କାଇଁଚ, ଗୁଞ୍ଜା ।

କାକଭୁଆ, ବ. ପକ୍ଷିବିଶେଷ ।

କାକଭୁଣ୍ଡି, ବ. ସ୍ତ୍ରୀ. (କାକ-ଭୁଣ୍ଡ୍-ଅ-ଇ) ଶିଳ୍ପି ବର୍ଣ୍ଣ ହୋଇଥିବା ପିତ୍ତଳ, ବୃକ୍ଷବିଶେଷ ।

କାକଧ୍ୱଜ, ବ. ପୁଂ. (କାକ-ଧ୍ୱଜ) ବାଡବାନଳ, ସମୁଦ୍ରସ୍ଥ ଅଗ୍ନି, କାକଚିହ୍ନ ଚିହ୍ନିତ ଧ୍ୱଜା ।

କାକପକ୍ଷ, ବ. (କାକ-ପକ୍ଷ) କାକପକ୍ଷ ପରି ଉଭୟ ଗଣ୍ଡରେ ଲମ୍ବମାନ ଅନତିଦୀର୍ଘ ସ୍କନ୍ଧ କେଶ ।

କାକପଦ, ( Caret ) ବ. ନ (କାକ ପଦ) ପତିତ ଅକ୍ଷର ଉପରଭାଗରେ ଲେଖିବା ସମୟରେ ଯେଉଁ ସ୍ଥାନରୁ ତାହା ପାଠ କରିବାକୁ ହେବ, ତତ୍ସୂଚନାର୍ଥ ଅର୍ପିତ କାକପଦର ତୁଲ୍ୟ ଚିହ୍ନ "^", ରତିବନ୍ଧ-ବିଶେଷ ।

କାକପୁଚ୍ଛ, ବ. ପୁଂ. (କାକ-ପୁଚ୍ଛ) କୋକିଳ ।

କାକପୁଷ୍ଟ, ବ. ପୁଂ. ସ୍ତ୍ରୀ. ( କାକ-ପୁଷ୍-ତ ) କୋକିଳ ।

କାକପୁଷ୍ପ, ବ. ନ. (କାକ-ପୁଷ୍ପ) ଗନ୍ଧପର୍ଣ୍ଣୀ ।

କାକଫଳ, ବ. ପୁଂ. (କାକ-ଫଳ) ନିମ୍ବଗଛ ।

କାକବନ୍ଧ୍ୟା, ବ. ସ୍ତ୍ରୀ. ( କାକ-ବନ୍ଧ୍ୟା ) ଯାହାଙ୍କ ଜୀବନକାଳ ମଧ୍ୟରେ ଏକମାତ୍ର ସନ୍ତାନ ପ୍ରସବ କରେ, ଏ ହେତୁରୁ ଏକପ୍ରସବିନୀ ସ୍ତ୍ରୀକୁ କାକ-ବନ୍ଧ୍ୟା କହନ୍ତି ।

କାକବଳ, ବ. ପୁଂ. ( କାକ-ବଳ ) କାକ-ଲୋକ ନାଦେଶରେ ଉତ୍କୃଷ୍ଟ ଅନ୍ନାଦି ।

କାକଯବ, ବ. ପୁଂ. (କାକ-ଯବ) ତଣ୍ଡୁଳଶୂନ୍ୟ ଧାନ୍ୟ, ଅଗାଡ଼ି ।

କାକର, ବ. (ଦେଶଜ) ଶିଶିର । ଯଥା—

> କାକର ପ୍ରାପ୍ତେ ଖେଳ ଚନ୍ଦ୍ର ବନ୍ଦ୍ର,
> କନକ କଳଙ୍କ ଶ୍ରୀମନ୍ତ ଇନ୍ଦ୍ର । ର. କ.

ବିଂ. ଶୀତଳ, ଥଣ୍ଡା । ଯଥା— କାକଳକର ।

କାକରା, ବ. (ଦେଶଜ) ଏକ ପ୍ରକାର ଘିଅପିଠା ।

କାକରୁହା, ବ. ସ୍ତ୍ରୀ. ଶୂନ୍ୟଜାତ ବୃକ୍ଷ, ଅନ୍ୟଗଛ ଉପରେ ଜନ୍ମିଥିବା ଗଛ ।

କାକରୂକ, ବିଂ. ଲଗ୍ନ, ଭୀରୁ, ନର୍ତ୍ତନ । ବ. ପୁଂ. ପେଚକ ।

କାକଳ, ବ. ନ. ( କୁ = ଈଷତ୍-କଲ୍ = ଶବ୍ଦ କରିବା-ଅ )କଣ୍ଠଭୂଷଣ, କଣ୍ଠମଣି ।

କାକଳ } ବ. ସ୍ତ୍ରୀ. (କୁ-କଲ୍-ଅ-ଇ,ଈ) ସୂକ୍ଷ୍ମ
କାକଳୀ } ଅଥଚ ମଧୁର ଅସ୍ଫୁଟ ଧ୍ୱନିବିଶେଷ, ରତିବିଶେଷ, ଯନ୍ତ୍ରବିଶେଷ ।

କାକା, ବ. ପୁଂ. (ଦେଶଜ) କୁଆର ଧ୍ୱନି ।

କାକାରି, ବ. ପୁଂ (କାକ-ଅରି)ପେଚକ,ପେଚା ।

କାକଣୀ } ବ. ସ୍ତ୍ରୀ. (କକ୍-ଅନ-ଈ) କୋଡ଼ିଏ
କାକିନୀ } କଡ଼ା,ପାଞ୍ଚ ଗଣ୍ଡା, ଏକ ବୋଡ଼ି, ଏକ ରତି ।

କାକୀ, ବ. ସ୍ତ୍ରୀ. ( କୈ-ଅ ଈ ) ବାୟସୀ, ଲତା-ବିଶେଷ । (ଦେଶଜ) ଖୁଡ଼ୀ ।

କାକୁ, ବ. ସ୍ତ୍ରୀ. (କାକ = ଚଞ୍ଚଳ ହେବା ଉ ) ଭୟ ଶୋକାଦିଦ୍ୱାରା ବିକୃତ କଣ୍ଠଧ୍ୱନି, ବକ୍ରୋକ୍ତି, ଜିହ୍ୱା ।

କାକୁଡ଼, ବ. (କର୍କଟିକା ଶବ୍ଦଜ) ଫଳବିଶେଷ ।

କାକୁସ୍ଥ, ବି॰. ( କାକୁ ଶବ୍ଦଜ ) ବିନୀତ । ଯଥା—

> କାକୁସ୍ଥଭାବ ହୋଇ କରଯୋଡ଼ କଣାଇ,
> ଗରୁଡ଼ସ୍ତମ୍ଭ ସନ୍ନିଧାନ ହେ ମହାପ୍ରଭୁ । ଅ॰ ଚ.

କାକୁତ୍ସ୍ଥ } ବି. ପୁଂ. (କକୁତ୍-ସ୍ଥା-ଅ) ସୂର୍ଯ୍ୟ-
କାକୁସ୍ଥ୍ୟ } ବଂଶୀୟ ରାଜା ।

କାକୁଦ, ବି. ନ. (କକୁଦ୍ = ମସ୍ତକ-ଅ, ଅଥବା କାକୁ-ଦ,'ଦା' ଧାତୁଜ) ତାଳୁ ।

କାକୂକ୍ତି, ବି. ସ୍ତ୍ରୀ.(କାକୁ-ଉକ୍ତି) କାତର ବାକ୍ୟ, ବକ୍ରୋକ୍ତି, ବିନୟବାକ୍ୟ ।

କାକୂଡି, ବି. ସ୍ତ୍ରୀ. (କାକୂକ୍ତି ଶବ୍ଦଜ) କାତର-ବାକ୍ୟ, ଖେଦୋକ୍ତି । ବି॰. କାତର, ବିକଳ ।

କାକୋଦର, ବି. ପୁଂ. ( କାକ = ବକ୍ର-ଉଦର) ସର୍ପ, ସାପ ।

କାକୋଲ, ବି. ପୁଂ. (କାକ-ଉଲ) ଡାମରାକୁଆ, ଗରଳ, ଭୁଲ୍ଲଳ, ଶୂକରବିଶେଷ । ନ.ନରକ-ବିଶେଷ ।

କାକ୍ଷ, ବି. ନ. (କୁ-ଅକ୍ଷି, କୁ = କା)କଟାକ୍ଷ । ବି॰. କୁତ୍ସିତ ଚକ୍ଷୁ ।

କାଖ, ବି. (କକ୍ଷ ଶବ୍ଦଜ) କୋଡ଼, ବାହୁମୂଳ ଖୋଲ । ଯଥା—

> କାଖକୋଳେ ଧରି କେତେ ସ୍ନେହ କରି ।

କାଖେଇବା } କ୍ରି. ( କାଖ ଶବ୍ଦଜ ) କାଖ
କାଖକରିବା } ସାହାଯ୍ୟରେ ଆଲିଙ୍ଗନ କରିବା ।

କାଗଜ, ବି. (ଯାବନିକ) ତୃଣାଦିନିର୍ମିତ ପଦାର୍ଥ, ଏଥି ଉପରେ ମସୀଦ୍ୱାରେ ଲେଖାଯାଏ ।

କାଗଜା } ବି. (ଦେଶଜ) ଅମ୍ଳଫଳବିଶେଷ,
କାଗଜୀ } ଏକ ଜାତୀୟ ଲେମ୍ବୁ ।

କାଙ୍କ, ବି. ( ଦେଶଜ ) ମାଟିଖୋଳିବା ଶସ୍ତ୍ର ବିଶେଷ, ବଡ଼ିଅଙ୍କାଙ୍କ ।

କାଙ୍କଡ଼ } ବି. (କର୍କଟ ଶବ୍ଦଜ )ଏକ ପ୍ରକାର
କାଙ୍କଣ } ଲତାଫଳ । ଯଥା—

> ତରଙ୍ଗବେଷ୍ଟିତ କାଙ୍କଣ ଶିଖରୀ
> ଅର୍ଘ୍ୟ ଫଳେ ଯାର ଭରା ପୂର୍ଣ୍ଣ କରି,
> ବର୍ଷେ ବର୍ଷେ ହ୍ରଦବହାରୀ ଧୀବରେ
> ଆଦରେ ଫେରନ୍ତି ଲକ୍ଷ୍ମୀ ଗୋଷ୍ପଦରେ । ଚିଲିକା ।

କାଙ୍କ୍ଷଣୀୟ, ବି॰. (କାଙ୍କ୍ଷ-ଅନୀୟ) ଅଭିଲଷଣୀୟ, ବାଞ୍ଛନୀୟ ।

କାଙ୍କ୍ଷା, ବି. ସ୍ତ୍ରୀ. ( କାଙ୍କ୍ଷ-ଅ ) ଅଭିଳାଷ,ଇଚ୍ଛା, ସ୍ପୃହା ।

କାଙ୍କ୍ଷିତ, ବି॰. (କାଙ୍କ୍ଷ-ତ)ଅଭିଲଷିତ, ବାଞ୍ଛିତ । ବି. ନ. ଅଭିଳାଷ ।

କାଙ୍ଗାଲ } ବି॰. (ଦେଶଜ) ଦରିଦ୍ର, କାଙ୍ଗ୍ଲା,
କାଙ୍ଗାଲୀ } ଧନହୀନ, ପ୍ରାର୍ଥୀ, ଭିକ୍ଷୁକ ।

କାଙ୍ଗୁ, ବି. ( କଙ୍ଗୁ ଶବ୍ଦଜ) ଏକପ୍ରକାର ଧାନ ଏକ ପ୍ରକାର ହରଡ଼ ।

କାଙ୍ଗୁନ୍ଦା, ବି. କାରୁକାର୍ଯ୍ୟ ବିଶେଷ, ଏକ ପ୍ରକାର ହରଡ଼ ।

କାଚ, ବି. ପୁଂ. ( କଚ୍-ଅ) ବାଲି ଏବଂ କ୍ଷାରରୁ ଉତ୍ପନ୍ନ ଦ୍ରବ୍ୟବିଶେଷ, ମହମ, ଲବଣବିଶେଷ, ନେତ୍ରରୋଗବିଶେଷ ।

କାଚନ, ବି ନ. (କଚ୍-ଅନ) ଧୌତ କରିବା, କପଟବେଶ ଧାରଣ କରିବା ।

କାଚନକୀ, ବି. ପୁଂ. (କାଚନକ-ଇନ୍) ଲିପି, ପତ୍ର ।

କାଚର, ବି॰. (କୁ-ଚର) ପୀତବର୍ଣ୍ଣ ।

କାଚରା, ବି॰. (ଦେଶଜ) ଜାତିବିଶେଷ, ଏମାନେ କାଚ ବିକ୍ରୟ କରନ୍ତି ।

କାଚିବା, କ୍ରି. ବି. ( କଚ୍-ଧାତୁଜ ) କାଷ୍ଠ ବା ପ୍ରସ୍ତରାଦି ଉପରେ ପିଟି ବସ୍ତ୍ରାଦି ଧୌତ କରିବା ।

କାଛ
କାଛଟୀ } ବି. ( କଚ୍ଛ-ଶବ୍ଦଜ ) ସୁନ୍ଦର କ୍ଷୁଦ୍ର
କାଛେଣୀ } ବସ୍ତ୍ର ।

କାଛା, ବି. ( କଚ୍ଛ ଶବ୍ଦଜ )ମଲ୍ଲମାନଙ୍କ ପରିହିତ ଏକ ପ୍ରକାର କୌପୀନ ବା ଲେଙ୍ଗୁଟି ।

କାଛୁ, ବି. ( କଚ୍ଛୁ ଶବ୍ଦଜ ) ଏକପ୍ରକାର ଚର୍ମ ରୋଗ ।

କାଞ୍ଚ, ବି. ( ବୈଦେଶିକ ) ଜଳଯିବା ବାଟ, ଯେଉଁ ନମ୍ବୁଡ଼ି ବାଟେ ପାଣି ଯାଏ ।

କାଜି, ବି. ( ପାରସ୍ୟ ଭାଷା ) ଯବନଜାତୀୟ ବିଚାରକ ବା ବ୍ୟବସ୍ଥାପକ ।

କାଜକୋର୍ଟ, ବି. (ଇଂ. Court of small causes) ଛୋଟ ଛୋଟ ମକଦ୍ଦମା ଯେଉଁ କଚେରୀରେ ବିଚାର କରାଯାଏ ।

କାଞ୍ଚନ, ବି. ନ. ( କନ୍‌ଚ-ଅନ ) ସ୍ୱର୍ଣ୍ଣ, ପୁଷ୍ପ-ବିଶେଷ, ଚମ୍ପକପୁଷ୍ପ, ଚମ୍ପକବୃକ୍ଷ, ନାଗ-କେଶର ବୃକ୍ଷ, ହରିଦ୍ରା, ଗୋରୋଚନା । ବିଂ. ସ୍ୱର୍ଣ୍ଣମୟ । ଯଥା—

କାଞ୍ଚନ କରଣ୍ଡ ଚୂଡ଼ା ଦୋଳଇ ମସ୍ତକେ ! କ. ବ.

କାଞ୍ଚନଗିରି, ବି. ପୁଂ. (କାଞ୍ଚନ-ଗିରି) ସୁମେରୁ ପର୍ବତ ।

କାଞ୍ଚନୀ, ବି. ସ୍ତ୍ରୀ. ( କାଞ୍ଚନ-ଈ ) ହରିଦ୍ରା, ଗୋରୋଚନା ।

କାଞ୍ଚୁଲି } ବି. (କଞ୍ଚୁଳିକା ଶବ୍ଦଜ) ସ୍ତ୍ରୀମାନଙ୍କର
କାଞ୍ଚୁଳି } ପରିଧେୟ କୁର୍ତ୍ତିବିଶେଷ ।

କାଞ୍ଚି } ବି. ସ୍ତ୍ରୀ. (କନ୍‌ଚ୍-ଇ, ଈ) ମେଖଳା,
କାଞ୍ଚୀ } କିଙ୍କିଣୀ, ଦେଶବିଶେଷ, କଟିଭୂଷଣ ।

ଯଥା—

କାଞ୍ଚିରେ ରଞ୍ଜନ କଲ ମଧ୍ୟକୁ ନିରତ,
କନକ କଙ୍କଣେ କଲ ପାଦକୁ ଉନ୍ନତ । ଲ. ବ.

କାଞ୍ଚୀପଦ, ବି. ନ. (କାଞ୍ଚୀ-ପଦ) ଜଘନ, ନିତମ୍ବ ।

କାଞ୍ଜି } ବି. ( କାଞ୍ଜିକ, କାଞ୍ଜୀକ ଶବ୍ଦଜ )
କାଞ୍ଜୀ } ଖଟା ତୋରାଣି, ପୁରାତନ ତୋରାଣି ।

କାଞ୍ଜି ଅଁଲା, ବି. (ଦେଶଜ) ଅଁଲାନବମୀ, ମାର୍ଗଶିର ମାସର କୃଷ୍ଣ ନବମୀ ।

କାଞ୍ଜିକ } ବି. ନ. ( କ-ଅନ୍‌ଜ୍-ଇକ ) କାଞ୍ଜୀ,
କାଞ୍ଜୀକ } ଖଟା ତୋରାଣି ।

କାଟ, ବି. ( ଦେଶଜ ) ( Cut ଯେପରି ଏ ଇଂରାଜୀର କାଟ ଉତ୍ପନ୍ନ ହୋଇଅଛି, କ୍ରିୟା ହେଲେ ଏହାର ଅର୍ଥ "ଛେଦନ କର," [illegible] ।

କାଟଭି, ବି. ( ଦେଶଜ ) ବିକ୍ରୟ, ପଣ୍ୟଦ୍ରବ୍ୟ କଟିବା ବା ବିକ୍ରି ହୋଇଯିବା ।

କାଟପାଣି, ବି. ( ଦେଶଜ ) ଏକପ୍ରକାର ମନ୍ତ୍ରିତ ଜଳ ।

କାଟବ୍ୟ, ବି. ନ (କଟୁ-ଯ) କଟୁତା, କାର୍କଶ୍ୟ ।

କାଟିବା, କ୍ରି. ବି. ( କର୍ତ୍ତନ ଶବ୍ଦଜ ) ଛେଦନ କରିବା, କଷ୍ଟବୋଧ କରିବା, ଊଣା କରିବା, କାର୍ଯ୍ୟରେ ଉପଯୁକ୍ତ ହେବା ଗାଳିଦେବା, ସୂତା ତିଆରି କରିବା, ଅତିବାହିତ କରିବା, ପ୍ରକାଶ କରିବା । ଯଥା—

କି ଲୋ କି ତେଜ କାଟୁଛୁ ଗୁଆଳ,
ଚୋର କି କଲି ମୋର ବନମାଳୀ ।

କାଟେଣି, ବି. (ଦେଶଜ) ସୂତା କାଟିବା ଧରଣ । ଯଥା—

ବାପୁମାରେ ସରୁ କାଟେଣୀ,
ପୁଅକୁ ପିନ୍ଧାଏ ପାଟ ପଠଣୀ ।

କାଟ୍ୟ, ବିଂ. (ଦେଶଜ) ଉଲ୍ଲଙ୍ଘ୍ୟ, ଖଣ୍ଡନୀୟ ।

କାଠ, ବି. ( କାଷ୍ଠ ଶବ୍ଦଜ ) ଦାରୁ, ଇନ୍ଧନ ।

କାଠଚମ୍ପା, ବି. (ଦେଶଜ) ଏକପ୍ରକାର ଧଳା ଫୁଲ ଓ ତାହାର ଗଛ ।

କାଠପତ୍ର, ବି. ( ଦେଶଜ ) ଶାଳପତ୍ର, ଖଲିପତ୍ର ।

କାଠହଣା, ବି. ( ପ୍ରାକୃତିକ ) ପକ୍ଷୀବିଶେଷ, ଏହି ପକ୍ଷୀର ଚଞ୍ଚୁ ଏପରି ଶକ୍ତ ଯେ ସେ ଏହି ଚଞ୍ଚୁଦ୍ୱାରା ଅକ୍ଳେଶରେ କାଷ୍ଠଚ୍ଛେଦନ କରିପାରେ ।

କାଠି, ବି. (କାଷ୍ଠ ଶବ୍ଦଜ) ଅତି କ୍ଷୁଦ୍ର କାଷ୍ଠ । ଦାନ୍ତକାଠି, କୁଞ୍ଚି ।

କାଠିଆ କଦଳୀ, ବି. ( ଦେଶଜ ) ଏକପ୍ରକାର କଦଳୀ, ଏହାକୁ ପରିଇ ଖାଆନ୍ତି ।

କାଠିଲାଗି, (ଦେଶଜ) ରାଜାମାନଙ୍କର ଦନ୍ତଧାବନ କାର୍ଯ୍ୟ ।

କାଠିନ୍ୟ, ବି. ନ. (କଠିନ=ଦୃଢ଼ ବା ଶକ୍ତ-ଯ) କଠିନତା, ଦୃଢ଼ତା ।

**କାଠୁଆ**, ବି. (ଦେଶଜ) ହଳଦି ତେଲ ପ୍ରଭୃତି ପଦାର୍ଥ ରଖିବା ନିମିତ୍ତ କାଷ୍ଠନିର୍ମିତ କ୍ଷୁଦ୍ର କ୍ଷୁଦ୍ର ପାତ୍ରବିଶେଷ, କ୍ଷୁଦ୍ର ଡ଼ଙ୍ଗା । ବିଂ. ନିର୍ଦ୍ଦୟ ।

**କାଢ଼** ବି. ( ଗ୍ରାମ୍ୟ ) ଶକ୍ତି, ସାମର୍ଥ୍ୟ ।

**କାଢ଼ିଆ**, ବି. (ଦେଶଜ) ଧାର, ଉଠାଣ ।

**କାଢ଼ିବା**, କ୍ରି, ବି. (ଦେଶଜ) ବାହାର କରିବା ।

**କାଢ଼ୁ**, ବିଂ. ( ଗ୍ରାମ୍ୟ) ଶକ୍ତିଶାଳୀ, ସମର୍ଥ ।

**କାଢ଼େଣୀ** ବି. (ଗ୍ରାମ୍ୟ) ଗାଳି, ଭର୍ତ୍ସନା ।

**କାଣ**, ବି. ପୁଂ. (କଣ୍—ନୟନ ମୁଦ୍ରିତ କରିବା-ଅ) କାକ । ବିଂ. କଣା, ଏକଚକ୍ଷୁହୀନ ।

**କାଣୀ**, ବି· ସ୍ତ୍ରୀ. ( କାଣ-ଈ ) ଏକଚକ୍ଷୁହୀନା । (ଦେଶଜ) ବିଣାର ଏକ ଚତୁର୍ଥାଂଶ ।

**କାଣୀ ଅଙ୍ଗୁଠି**, ବି ( କନିଷ୍ଠାଙ୍ଗୁଳି ଶବ୍ଦଜ ) ଶେଷ ଅଙ୍ଗୁଠି ।

**କାଣୀନଳ**, ବି. (ଦେଶଜ) କ୍ଷେତ୍ରଫଳ ବାହାର କରିବାର ନିୟମବିଶେଷ, ଏହି ନଳର ଦୀର୍ଘ ଓ ପ୍ରସ୍ଥରେ ବିଣା, କାଣୀ ପ୍ରଭୃତି ପରିମାଣ ଥିବାରୁ ଏହାର ଏପରି ନାମ ହୋଇଅଛି ।

**କାଣ୍ଟି**, ବି. (କଣ୍ଟି ଶବ୍ଦଜ) ତୈଳାଦିର ମଇଳା ।

**କାଣ୍ଟିଆ**, ବି. ସ୍ତ୍ରୀ. (ଦେଶଜ) ରେଶମର ଅସାର ଅଂଶରେ ନିର୍ମିତ ବସ୍ତ୍ରବିଶେଷ ।

**କାଣ୍ଡ**, ବି. ପୁଂ. ନ. ( କନ୍-ଡ଼ ) ବାଣ, ଗଛର ଗଣ୍ଡି, ଗୁଚ୍ଛ, ଡେଙ୍ଗ, ନଳ, ଗ୍ରନ୍ଥର ପରିଚ୍ଛେଦ, ପ୍ରକରଣ, ପ୍ରସ୍ତାବ, ଅବସର, ନିର୍ଜ୍ଜନସ୍ଥାନ, ସମୂହ, ଜଳ, କୁତ୍ସିତ, ଶ୍ଳାଘା, ଅଶ୍ୱ, ଘଟନା । (ବାଣ ଅର୍ଥରେ) ଯଥା—

> କାମକାଣ୍ଡକୁ ହେବାରୁ ଘଣ୍ଟ.
> କଲେ ଅନ୍ତର ବିଷୟ ସ୍ପୃଷ୍ଟ । ର. କ

**କାଣ୍ଡକାର**, ବି. ନ. ଗୁଆ, ଗୁଆଗଛ । ବିଂ ଶର ନିର୍ମାଣକର୍ତ୍ତା ।

**କାଣ୍ଡଗୋଚର**, ବି. ପୁଂ. ( କାଣ୍ଡ-ଗୋଚର ) ଲୌହମୟ ବାଣ ।

**କାଣ୍ଡତତ୍ତ୍ୱ**, ବି. ପୁଂ. ( କାଣ୍ଡ-ତତ୍ତ୍ୱ ) ପ୍ରସ୍ତାବର ବିଷୟର ସ୍ୱରୂପ ବା ଅବସ୍ଥା ଜାଣିବା ।

**କାଣ୍ଡଜ୍ଞାନ**, ବି. ନ. ( କାଣ୍ଡ-ଜ୍ଞାନ ) ପ୍ରକରଣ ବୋଧ, ବିବେଚନା, ସ୍ଥୂଳଜ୍ଞାନ, ମୋଟାମୋଟି ଜ୍ଞାନ ।

**କାଣ୍ଡଡକ୍କା** ବି. ପୁଂ. ( କାଣ୍ଡ-ଡକ୍କା ) ଭୂକମ୍ପ, ନିରେଇତା ।

**କାଣ୍ଡପଟ**, ବି. ପୁଂ. (କାଣ୍ଡ-ପଟ) ଯବନିକା, ପର୍ଦ୍ଦା, ତମ୍ବୁ ।

**କାଣ୍ଡପୃଷ୍ଠ**, ବିଂ. (କାଣ୍ଡ-ପୃଷ୍ଠ) ଶସ୍ତ୍ରାଜୀବ, ବ୍ୟାଧ, ଦୁଷ୍ଟଚରିତ୍ର ।

**କାଣ୍ଡବାନ**, ବିଂ. (କାଣ୍ଡ-ବତ୍) କାଣ୍ଡଧାରୀ ।

**କାଣ୍ଡବିବା**, ବି. କେତେ ଶୂଦ୍ରଙ୍କ ମଧ୍ୟରେ ପ୍ରଚଳିତ ବିବାହବିଶେଷ । ବିବାହ ପୂର୍ବେ କନ୍ୟା ରଜୋବତୀ ହୋଇଥିଲେ ପ୍ରଥମେ ସେ ଗୋଟିଏ କାଣ୍ଡ ବା ଶରକୁ ବିବାହ କରି ପରେ ବିଧାନୁସାରେ ବିବାହ କରେ ।

**କାଣ୍ଡସନ୍ଧି**, ବି. ପୁଂ. (କାଣ୍ଡ ସନ୍ଧି) ଗ୍ରନ୍ଥି, ଗଣ୍ଠି ।

**କାଣ୍ଡସର**, ବି. ଦେଶଜ) ଏକପ୍ରକାର ତୃଣ ।

**କାଣ୍ଡାରୀ**, ବି. ( କର୍ଣ୍ଣଧାରୀ ଶବ୍ଦଜ ) କର୍ଣ୍ଣଧାର, ନାବିକ ।

**କାଣ୍ଡି**, ବି. ( ଦେଶଜ ) ବେପାର ମଣ୍ଡି, ଦୋକାନ, ସ୍ତୂପ ।

**କାଣ୍ଡିଆ**, ବି. ( ଦେଶଜ ) ପକ୍ଷୀ ଧରିବାର ନଳ, ଯାହା କଣ୍ଡାଯାଇଅଛି, ପରିଷ୍କୃତ । ଯଥା— କାଣ୍ଡିଆ କୁଣ୍ଡା, ଅକାଣ୍ଡିଆ ଚାଉଳ

**କାଣ୍ଡିବା**, କ୍ରି. (ଦେଶଜ) ଢେଙ୍କୀ ପ୍ରଭୃତି ଯନ୍ତ୍ର ଦ୍ୱାରା ଚାଉଳାଦିରୁ ତୁଷ ଏବଂ ବୋଲ ବାହାର କରିବା ।

**କାଣ୍ଡୀର**, ବିଂ. ( କାଣ୍ଡ-ଈର ) ତୀରନ୍ଦାଜ, କାଣ୍ଡବାନ୍ ।

**କାଣ୍ଡୁ**, ବିଂ. ( କଣ୍ଡୁ ଶବ୍ଦଜ ) ଦୁଷ୍ଟତା, ଦୁର୍ବ୍ବୃତ୍ତତା,

**କାଣ୍ଡୁଆ** । ବିଂ ( ଦେଶଜ ) କଳୁଆ, କାଣ୍ଡୁକାରୀ ।

**କାଣ୍ୱ**, ବିଂ. ( କଣ୍ୱ-ଅ ) କଣ୍ୱସମ୍ବନ୍ଧୀୟ, କଣ୍ୱର ସନ୍ତାନ । ବି·ପୁଂ. ଯଜୁର୍ବେଦୀୟ ଶାଖାବିଶେଷ ।

କାତ, ବି. ( ଦେଶଜ ) ନୌକା ପ୍ରଭୃତି ବାହି ନେବାପାଇଁ ବଡ ବଡ଼ ବାଉଁଶ ଖଣ୍ଡ ।

କାତର, ବିଂ. ( କୁ-ତର, କୁ =କା ) ଦୁଃଖିତ, ଖିନ୍ନ, ଚଞ୍ଚଳ, ବିବଶ, ବିହ୍ୱଳ ।

କାତର୍ଯ୍ୟ, ବି. ନ. ( କାତର-ଯ ) କାତରତା, ଦୁଃଖ, ଖିନ୍ନତା ।

କାତି, ବି.(ଦେଶଜ)ମାଛ, ସର୍ପପ୍ରଭୃତିର ଉପରିସ୍ଥ ଆବରଣ, କ୍ଷୁଦ୍ର ଛୁରିକାବିଶେଷ, କାଟିବାର ଅସ୍ତ୍ର ।

କାତ୍ୟାୟନ, ବି. ପୁଂ.(କାତ୍ୟ-ଆୟନ) ଧର୍ମଶାସ୍ତ୍ର-ପ୍ରବକ୍ତା, ଧର୍ମସଂହିତାକାରକ ମୁନିବିଶେଷ ।

କାତ୍ୟାୟନୀ, ବି. ସ୍ତ୍ରୀ. (କାତ୍ୟ-ଆୟନ-ଈ) ଦୁର୍ଗା, ଅର୍ଦ୍ଧବୃଦ୍ଧା କଷାୟବସ୍ତ୍ରା ବିଧବା ।

କାଦ, ବି. ( ଦେଶଜ ) କାତ ।

କାଦମ୍ବ, ବି. ପୁଂ. (କଦମ୍ବ-ଅ) କଦମ୍ବବୃକ୍ଷ, ଇକ୍ଷୁ, ଧାର୍ତ୍ତହଂସ, କଳହଂସ ,ବାଣ । ନ.କଦମ୍ବପୁଷ୍ପ । ବିଂ. କଦମ୍ବସମ୍ବନ୍ଧୀୟ । (କଳହଂସ ଅର୍ଥରେ ଯଥା- -

କି ଥିବା ମାନସଗାମୀ ରାଜହଂସପନ୍ତ,
କାଦମ୍ବଦଳ ସଂଯୋଗେ ଯେମନ୍ତ ଦିଶନ୍ତି । କା. ବି.

କାଦମ୍ବରୀ, ବି ସ୍ତ୍ରୀ. ( କଦମ୍ବ ରା-ଈ ) ସରସ୍ୱତୀ କୋକିଳା, ଶାରିକା, ଗ୍ରନ୍ଥବିଶେଷ, ମଦ୍ୟ-ବିଶେଷ ।

କାଦମ୍ବିନୀ, ବି. ସ୍ତ୍ରୀ (କାଦମ୍ବ-ଇନ୍-ଈ) ମେଘ-ମାଳା, ମେଘଶ୍ରେଣୀ । ଯଥା—

କାଦମ୍ବିନୀ ଶୋଭେ ଗଗନେ, ଧୀର ଗମ୍ଭୀରେ ମେଲା । ର. ଦି

କାଦୁଅ, ବି. (କର୍ଦ୍ଦମ ଶବ୍ଦଜ) ପଙ୍କ ।

କାଦ୍ରବେୟ, ବି. ପୁଂ. (କଦ୍ରୁ-ଏୟ) କଦ୍ରୁସନ୍ତାନ, ସର୍ପ ।

କାନ, ବି. କର୍ଣ୍ଣ ଶବ୍ଦଜ) ଶ୍ରବଣେନ୍ଦ୍ରିୟ ।

କାନକୁଟୁଲୀ, ବି. (ଦେଶଜ) କୀଟବିଶେଷ ।

କାନଭୁଣ୍ଡା, ବି. ପୁଂ. ( ଦେଶଜ ) ଯେ ବ୍ୟକ୍ତି ଏକର ଦୋଷ ଅନ୍ୟ ନିକଟରେ ପ୍ରକାଶ କରେ, ଖାଉଥ । ଯଥା —

ପରହାନିପ୍ରିୟ ଖଳ, କାନଭୁଣ୍ଡା ଅବ
ଭକ୍ତଙ୍କର ସୁଖ ଦୁଃଖେ ଯାଉଅଛି ଶୁଖି । ମ. ଯା,

କାନକ, ବିଂ. (କନକ-ଅ) କନକନିର୍ମିତ, ସୁବର୍ଣ୍ଣ-ସମ୍ବନ୍ଧୀୟ । ନ. ଜୟପାଳ ଫଳର ମଞ୍ଜି ।

କାନନ, ବି.ନ. (କନ-ଅନ) ବନ, ଗୃହ । (କ-ଆନନ) ବ୍ରହ୍ମାଙ୍କ ମୁଖ ।

କାନଫେଡ଼ା, କ୍ରି . ବି. ( ଦେଶଜ ) କର୍ଣ୍ଣବେଧ ନାମକ ଶୁଭକର୍ମବିଶେଷ ।

କାନି } ବି. (ଦେଶଜ) ବସ୍ତ୍ରର ଲମ୍ବ ଆଡ଼ର
କାମି } ଶେଷଭାଗ ।

କାନିକା, ବି. (ଦେଶଜ) ଏକପ୍ରକାର ଖେଚରନ୍ନ, ପଲାଉ ।

କାନୀନ, ବି. ପୁଂ. ( କନ୍ୟା-ଈନ ) ଅବିବାହିତା କନ୍ୟାର ସନ୍ତାନ, ବ୍ୟାସ ।

କାନୁନ୍ ବି. ( ଯାବନିକ ) ବିଧି, ବ୍ୟବସ୍ଥା ।

କାନେଇବା, କ୍ରି ( କାନ ଶବ୍ଦରୁ ନାମଧାତୁ ) କାନପାତି ଗୋପନରେ ଶୁଣିବା ।

କାନୁନଗୋଇ } ବି. ( ଯାବନିକ ) ମଫସଲର
କାନଗୋଇ } ରାଜସ୍ୱସମ୍ବନ୍ଧୀୟ ପ୍ରଧାନ କର୍ମଚାରୀ ।

କାନଟରାକ୍ଟ୍ (ବି) (ଇଂ. Contractor) ଠିକାଦାର୍, ଯେ ଚୁକ୍ତିରେ କାମ କରେ ।

କାନ୍ତ, ବିଂ.(କମ୍-ତ)ପ୍ରିୟ, କମନୀୟ । ବି. ସ୍ୱାମୀ, କୃଷ୍ଣ, ଚନ୍ଦ୍ର, ଲୌହ, ବସନ୍ତକାଳ । ପ୍ରସ୍ତର ଅର୍ଥ ହେଲେ ସୂର୍ଯ୍ୟ, ଚନ୍ଦ୍ର ଓ ଅୟଃ ଶବ୍ଦସଙ୍ଗେ ଯୁକ୍ତ ହୁଏ । ଯଥା—ସୂର୍ଯ୍ୟକାନ୍ତ, ଚନ୍ଦ୍ରକାନ୍ତ, ଅୟସ୍କାନ୍ତ ଇତ୍ୟାଦି ।

କାନ୍ତା, ବି. ସ୍ତ୍ରୀ. (କମ୍-ତ, ସ୍ତ୍ରୀ.ଆ) ସ୍ତ୍ରୀ, ଭାର୍ଯ୍ୟା, ସୁନ୍ଦରୀ ସ୍ତ୍ରୀ, ପ୍ରିୟଙ୍ଗୁଲତା ।

କାନ୍ତାର, ବି. ପୁଂ. ନ. (କାନ୍-ତାର-ଅ) ମହା-ରଣ୍ୟ, ଦୁର୍ଗମ ପଥ, ଗର୍ତ୍ତ, ଦୁର୍ଭିକ୍ଷ, ବାଉଁଶ । ଯଥା—

ବହିଲେ କାନ୍ତାରେ କୃଷ୍ଣ କୌଶିକ,
ଚଷାପୁଅ ମାନ ଯେସା ତୌର୍ଯ୍ୟତ୍ରିକ । ମ. ନେ,

କାନ୍ତି, ବି. ସ୍ତ୍ରୀ. (କମ୍-ତି)ଶୋଭା,ଦୀପ୍ତି,ଲାବଣ୍ୟ, ସୌନ୍ଦର୍ଯ୍ୟ, କାମନା, ଇଚ୍ଛା, କମନୀୟା ସ୍ତ୍ରୀ, ଏକପ୍ରକାର ପିଠା ।

କାନ୍ତକ, ବି. ନ. ( କାନ୍ତ-କ ) ଲୌହବିଶେଷ, କାନ୍ତଲୌହ ।

କାନ୍ତିଦ, ବି. ନ.(କାନ୍ତି-ଦ) ପିତ୍ତ । ବିଂ.ଶୋଭାଦାୟକ ।

କାନ୍ତିଭୃତ୍ } ବିଂ.(କାନ୍ତି-ଭୃ-ିଂ,ମତ୍)ଦୀପ୍ତିଶାଳୀ
କାନ୍ତିମତ୍ } ବି. ପୁଂ. ଚନ୍ଦ୍ର ।

କାନ୍ଥ, ବି. (ଦେଶଜ)ମାଟିନିର୍ମିତ ବାଡ଼ ।

କାନ୍ଥଡ଼ା, ବି. ଖଣ୍ଡିଆ କାନ୍ଥ ।

କାନ୍ଥକୁଣ୍ଡ, ବି. ( କୁଡ୍ୟକନର ଶବ୍ଦଜ ) ଠଣା କାନ୍ଥରେ ହୋଇଥିବା ଥାକ ।

କାନ୍ଦ
କାନ୍ଦଣା } ବି. (କ୍ରନ୍ଦନ ଶବ୍ଦଜ) କାନ୍ଦିବା ।

କାନ୍ଦକାନ୍ଦ, ବିଂ. ( କ୍ରନ୍ଦନ ଶବ୍ଦଜ ) କ୍ରନ୍ଦନୋନ୍ମୁଖ ।

କାନ୍ଦବ, ବି. ନ. (କନ୍ଦୁ-ଅ)ଭକ୍ଷ୍ୟଦ୍ରବ୍ୟବିଶେଷ, ପକ୍ୱାନ୍ନ,ପିଠାଇ ପ୍ରଭୃତି ।

କାନ୍ଦି, (ଦେଶଜ)କଦଳୀ ପ୍ରଭୃତି ଫଳର ପେଣ୍ଡା ।

କାନ୍ଦିବା, କ୍ରି ବି. ( କ୍ରନ୍ଦନ ଶବ୍ଦଜ ) ରୋଦନ କରିବା ।

କାନ୍ଦିଶିକ, ବିଂ. (କାଂ-ଦିଶ୍=ଦିଗ-ଇକ ) ଯେ ଭୟରେ ପଳାଇବା ବେଳେ କୌଣସି ଦିଗ ଦେଖି ପାରେ ନାହିଁ, ଭୟଦ୍ରୁତ, ଭୟରେ ପଳାୟିତ ।

କାନ୍ଧ, ବି. ( ସ୍କନ୍ଧ ଶବ୍ଦଜ) ଗ୍ରୀବାର ଅଧୋଭାଗ, ବାହୁର ଉପରଭାଗ ।

କାନ୍ଧେଇବା
କାନ୍ଧୁଅ କରିବା } କ୍ରି.(ସ୍କନ୍ଧ ଶବ୍ଦର ନାମଧାତୁ) କାନ୍ଧରେ ବସାଇବା ।

କାନ୍ଧୁଆ, ବିଂ. (କନ୍ଧ-ଉଆ ) ଯେ କାନ୍ଧାଏ, ସଗଡ଼ ପ୍ରଭୃତି ଭାରବାହୀ ।

କାନ୍ୟକୁବ୍ଜ, ବି. ପୁଂ.(କନ୍ୟା-କୁବ୍ଜ-ଅ)କନୌଜ ଦେଶ, ତଦ୍ଦେଶ୍ୟ ବ୍ରାହ୍ମଣ ।

କାପ, ବି. (ଦେଶଜ) କର୍ଣ୍ଣର ଅଳଙ୍କାରବିଶେଷ ।

କାପଟିକ, ବି. ପୁଂ. (କପଟ-ଇକ) ଛାତ୍ର । ବିଂ. କପଟବ୍ୟବହାରୀ,ଶଠ, ଧୂର୍ତ୍ତ ।

କାପଟ୍ୟ, ବି. ନ. (କପଟ-ଯ)କପଟତା,ଶଠତା ।

କାପଡ଼
କାପଡ଼ା } ବି. (କର୍ପଟ ଶବ୍ଦଜ) ବସ୍ତ୍ର ।
କପଡ଼ା

କାପଡ଼ିଆ
କାପେଡ଼ିଆ } ବି. ବସ୍ତ୍ରବ୍ୟବସାୟୀ, ପାଟବସ୍ତ୍ର ପ୍ରଭୃତି ଜାତି । ଯଥା—

ମାଲୁଆଡ଼ୀ କାପେଡ଼ିଆ ଭୋଜପୁରୀ ମୁଦ୍ଦି,
ବଣିକ ବେପାର ଦ୍ୱାର ରଖିଛନ୍ତି ମୁଦ୍ଦି । ଖ. ଚ.

କାପଥ, ବି. ପୁଂ. ( କୁ-ପଥିନ୍-ଅ,କୁ=କା) କୁପଥ,କୁତ୍ସିତପଥ, ଦାନବବିଶେଷ ।

କାପାଳିକ, ବି. ପୁଂ. ( କପାଳ-ଇକ ) ଜାତିବିଶେଷ, ନରକପାଳଧାରୀ, ଶୈବବିଶେଷ, ଏହି ନରକପାଳ ସେମାନଙ୍କ ଭୋଜନ ପାତ୍ରାଦିର କାର୍ଯ୍ୟ କରେ । ବିଂ. କପାଳସଂକ୍ରାନ୍ତ ।

କାପାଳୀ, ବି. ପୁଂ. (କପାଳ-ଇନ୍ )ଶିବ । ବିଂ. ବ୍ରତାର୍ଥ ବ୍ରହ୍ମକପାଳଧାରୀ । ନୀ-ସ୍ତ୍ରୀ.ବେଶ୍ୟା, ଭଣ୍ଡାରୁଣୀ ।

କାପିଲ, ବି. ପୁଂ. ( କପିଳ-ଅ ) କପିଳପ୍ରଣୀତ ସାଂଖ୍ୟଶାସ୍ତ୍ର, ସାଂଖ୍ୟଶାସ୍ତ୍ରମତାବଲମ୍ବୀ । ବିଂ. ପିଙ୍ଗଳବର୍ଣ୍ଣ ।

କାପିଶ, ବି. ନ. (କପିଶା-ଅ) ମାଧବୀ ଲତାଜାତ ମଦ୍ୟ । ଶୀ-ସ୍ତ୍ରୀ. ଦେଶ ।

କାପିଶାୟନ, ବି. ନ. (କପିଶ-ଆୟନ) ପୁଷ୍ପମଦ୍ୟ, ଦେବତା ।

କାପିଶାୟନୀ, ବି. ସ୍ତ୍ରୀ. (କପିଶ ଆୟନ-ଈ)ଦ୍ରାକ୍ଷାଲତା ।

କାପିଶେୟ, ବି. ପୁଂ. କପିଶ-ଏୟ)ପିଶାଚ ।

କାପୁରୁଷ, ବି. ପୁଂ. (କୁ-ପୁରୁଷ)ଅସାର ବ୍ୟକ୍ତି, କୁତ୍ସିତ ପୁରୁଷ,କାତର ବ୍ୟକ୍ତି,ଭୀତସ୍ୱଭାବ ବା ସାହସହୀନ ବ୍ୟକ୍ତି ।

କାପେୟ

କାପେୟ, ବିଂ. (କପି-ଏୟ) କପିସମ୍ବନ୍ଧୀୟ, କପିବଂଶୀୟ । ନ. କପିକର୍ମ, କପିସମୂହ ।

କାପୋତ, ବି. ପୁଂ. (କପୋତ-ଅ) କପୋତସମୂହ । ବିଂ. କର୍ବୁରବର୍ଣ୍ଣ ।

କାପ୍ତା, ବି. (କପୋତ ଶବ୍ଦଜ) କପୋତ ।

କାଫଡ଼, ବି. (ଦେଶଜ) ବୃକ୍ଷବିଶେଷର ଛେଲି ।

କାଫର, ବି. (ଯାବନିକ) ନାସ୍ତିକ (ମୁସଲମାନମାନେ ଅନ୍ୟ ଧର୍ମାବଲମ୍ବୀଙ୍କୁ 'କାଫର' କହନ୍ତି) ।

କାଫ୍ରି, ବି. (ଯାବନିକ) ଅଫ୍ରିକା ଦେଶର ଆଦିମ ନିବାସୀ ।

କାଫିବୃକ୍ଷ, ବି. (ବିଦେଶଜ) ସ୍ୱନାମପ୍ରସିଦ୍ଧ ବୃକ୍ଷବିଶେଷ ।

କାମ୍‌କା, ବିଂ. (ଦେଶଜ) କାର୍ଯ୍ୟପଟୁ, କର୍ମନିପୁଣ ।

କାମ, ବି. ପୁଂ. (କମ୍-ଅ) କନ୍ଦର୍ପ, (କାମ୍-ଅ) ବଳରାମ, (କମ୍-ଅ) ଇଚ୍ଛା, ଅଭିଲାଷ । ଯଥା—

କାହିଁରେ କାମ ପୂରଇ କାମ ବର୍ଦ୍ଧନ କରି ପାରେ । ଉ. କ.

ସ୍ତ୍ରୀ ପୁରୁଷର ସମ୍ଭୋଗପ୍ରବୃତ୍ତି, ମନର ଯେଉଁ ଗୁଣ ଥିବାରୁ ସ୍ତ୍ରୀ ଓ ପୁରୁଷର ସମ୍ଭୋଗ ଅଭିଲାଷ ଜନ୍ମେ । ନ. ରେତଃ । କ୍ରି. ବିଂ. ଇଚ୍ଛାପୂର୍ବକ, ଯଥେଷ୍ଟ,(କର୍ମ ଶବ୍ଦଜ) କାର୍ଯ୍ୟ ।

କାମକଳା, ବି. ସ୍ତ୍ରୀ. (କାମ-କଳା) କାମଶାସ୍ତ୍ର, କନ୍ଦର୍ପପତ୍ନୀ, ରତି ।

କାମକୂଟ, ବି. ପୁଂ. (କାମ-କୂଟ) ବେଶ୍ୟାପ୍ରିୟ ।

କାମକେଳି, ବିଂ. (କାମ-କେଳି) ଲମ୍ପଟ, କୃପପତି । ବି. ପୁଂ. ରତିକ୍ରୀଡ଼ା, ସୁରତ ।

କାମଗ } କାମଗାମୀ } ବିଂ. (କାମ-ଗ, ଗାମୀ) ଇଚ୍ଛାନୁସାରେ ଶୀଘ୍ର ଓ ସର୍ବତ୍ର ଗମନକ୍ଷମ ।

କାମଚର, ବିଂ. (କାମ-ଚର) ସର୍ବତ୍ରଗାମୀ, ସ୍ୱେଚ୍ଛାଚାରୀ ।

କାମଚାର } କାମଚର } ବି. ପୁଂ. (କାମ-ଚାର, ଚର) ଯଥେଚ୍ଛାଚାର, ସ୍ୱେଚ୍ଛାଚାର ।

କାମଚାରୀ, ବିଂ. (କାମ-ଚାରିନ୍) ସ୍ୱେଚ୍ଛାଚାରୀ, ଯେ କାମର ବଶୀଭୂତ ହୋଇ ଚାଲେ, ଲମ୍ପଟସ୍ୱଭାବ । ବି. ପୁଂ. ଗରୁଡ଼ । ଣୀ, ସ୍ତ୍ରୀ. ସ୍ୱେଚ୍ଛାଚାରିଣୀ ।

କାମଜିତ୍, ବି. ପୁଂ. (କାମ-ଜି-କ୍ୱିପ୍) ରୂପବିଷୟରେ କାମଦେବଙ୍କୁ ଜୟ କରିଥିବାରୁ କାର୍ତ୍ତିକେୟ, କାମଦେବଙ୍କୁ ଭସ୍ମ କରିଥିବାରୁ ମହାଦେବ, ସ୍ତ୍ରୀ ସଂସର୍ଗ ବର୍ଜ୍ଜନ କରିଥିବା ହେତୁ ଜୈନ ଦେବବିଶେଷ ।

କାମଡ଼ା, ବି. (ଦେଶଜ) ଗୃହର ଅଂଶବିଶେଷ, ଦୃଢ଼ କରିବା ନିମନ୍ତେ ବାଡ ବା ଚାଳରେ ଯେଉଁ ଦୁଇଖଣ୍ଡ ବତା ରଜ୍ଜୁଦ୍ୱାରା ଏକତ୍ର ବନ୍ଧାଯାଏ ।

କାମତାଳ, ବି. ପୁଂ. (କାମ-ତାଳ) କୋକିଳ, କବିମାନେ କୋକିଳର ଗାନକୁ କାମର ଉତ୍ତେଜକସ୍ୱରୂପ ବିବେଚନା କରନ୍ତି ବୋଲି କୋକିଳକୁ ଏ ନାମ ଦିଆ ହୋଇଅଛି ।

କାମଦ, ବିଂ. (କାମ-ଦ) ଅଭୀଷ୍ଟଦାତା, ଯେ ଅନ୍ୟର ଅଭିଲାଷ ପୂର୍ଣ୍ଣ କରେ, କାମପ୍ରଦ ।

କାମଦୁଘା } କାମଦୁହା, } କାମଧେନୁ } ବି. ସ୍ତ୍ରୀ.(କାମ-ଦୁହ୍-ଅ, ୦,ଧେନୁ) ଅଭୀଷ୍ଟପ୍ରଦାୟିନୀ, ଅଭିଳଷିତଦାୟିନୀ ଗାଭୀ, ସୁରଭି । ଯଥା—

କାମୀ କାମଦୁହା ଗୋଧନ ମୁଚିରେହା
ହୋଇ ଶିଖିଲେ ଗାଇଦୁହାଁ । ଭ. କ.

କାମଦେବ, ବି. ପୁଂ. (କାମ-ଦେବ) ବ୍ରହ୍ମାଙ୍କ ମାନସପୁତ୍ର, କନ୍ଦର୍ପ ।

କାମଧୂନୀ, ବି. ସ୍ତ୍ରୀ. କାମନଦୀ ।

କାମଧେନୁ, ବି. ସ୍ତ୍ରୀ. (କାମ-ଧେନୁ) ଏହି ଧେନୁ ନିକଟରେ ଯେଉଁ ବ୍ୟକ୍ତି ଯାହା ପ୍ରାର୍ଥନା କରେ ସେ ତତ୍କ୍ଷଣାତ୍ ତାହା ପ୍ରଦାନ କରେ, ଅଭୀଷ୍ଟଦାୟିକା ଗାଭୀ ।

କାମନା. ବି ସ୍ତ୍ରୀ.(କାମ-ଅନ-ଆ) ଇଚ୍ଛା,ବାସନା ।

କାମପତ୍ନୀ, ବି. ସ୍ତ୍ରୀ. ରତି, କନ୍ଦର୍ପର ସ୍ତ୍ରୀ ।

କାମପାଳ, ବି. ପୁଂ. (କାମ-ପାଳ) ବଳରାମ,

ବଳଦେବ, ଶ୍ରୀକୃଷ୍ଣଙ୍କର ଅଗ୍ରଜ ।

କାମପୀଠ, ବି. ପୁଂ. ନ. କୃପାଦର ଉପରଭାଗରେ ବଙ୍କ ସ୍ଥାନ ।

କାମମହ, ବି. ପୁଂ. (କାମ-ମହ) କାମର ଉତ୍ସବ, ଚୈତ୍ର ପୂର୍ଣ୍ଣିମା ତିଥିରେ ଏହି ମହୋତ୍ସବ ହୁଏ ।

କାମରୂପ, ବି. ପୁଂ. (କାମ-ରୂପ) ଦେଶବିଶେଷ । ବିଂ. ସୁନ୍ଦର, ସ୍ୱେଚ୍ଛାପୂର୍ବକ ରୂପଧାରୀ ।

କାମରୂପୀ, ବି.ପୁଂ. (କାମ-ରୂପ-ଇନ୍) ବିଦ୍ୟାଧର । ବିଂ. ସ୍ୱରୂପ, ସ୍ୱେଚ୍ଛାପୂର୍ବକ ରୂପଧାରଣ ସମର୍ଥ ।

କାମରେଖା, ବି ସ୍ତ୍ରୀ. (କାମ-ରେଖା) ବେଶ୍ୟା ।

କାମଲ, ବି. ପୁଂ. (କାମ-ଲା-ଅ ରୋଗବିଶେଷ, କାମଁଲ, ( କାମ-ଲ, "ଲସ୍" ଧାତୁଜ ) ବସନ୍ତକାଳ, ମରୁଭୂମି, ( କାମ-ଲ ) ବିଂ. କାମୁକ, କାମୀ ।

କାମଶର, ବି. ପୁଂ. (କାମ-ଶର) କନ୍ଦର୍ପର ବାଣ, ଆମ୍ରବୃକ୍ଷ ।

କାମସଖା, ବି. ପୁଂ. (କାମ-ସଖା) ବସନ୍ତକାଳ, ଆମ୍ରବୃକ୍ଷ ।

କାମସୁତ, ବି. ପୁଂ. (କାମ-ସୁତ) ଅନିରୁଦ୍ଧ ।

କାମାଖ୍ୟା, ବି. ସ୍ତ୍ରୀ. (କାମ-ଆଖ୍ୟା) ସତୀଦେବୀଙ୍କର ଯୋନିପୀଠରୂପ ସ୍ଥାନ ଓ ତଦଧିଷ୍ଠାତ୍ରୀ ଦେବୀବିଶେଷ ।

କାମାଙ୍କୁଶ, ବି. ପୁଂ ( କାମ-ଅଙ୍କୁଶ ) ନଖ । ନ. ଲିଙ୍ଗ ।

କାମାତ୍ମା, ବିଂ. (କାମ-ଆତ୍ମନ୍) କାମର ନିତାନ୍ତ ବଶୀଭୂତ, ଯେ ଫଳର କାମନା କରେ, ଫଳକାମୀ ।

କାମାନ୍ଧ, ବିଂ. (କାମ-ଅନ୍ଧ) କାମମୁଗ୍ଧ, କାମଦ୍ୱାରା ଜ୍ଞାନଶୂନ୍ୟ । ପୁଂ. କୋକିଳ ।

କାମାୟୁଃ, ବି. ପୁଂ. (କାମ-ଆୟୁସ୍) ଗରୁଡ଼ ।

କାମାର୍ତ୍ତ, ବିଂ. କାମ-ଆର୍ତ୍ତ) କାମଦ୍ୱାରା ପୀଡ଼ିତ, କାମର ବଶୀଭୂତ ।

କାମିତ, ବିଂ. (କାମି-ତ) ପ୍ରାର୍ଥିତ, ଇପ୍ସିତ ।

କାମିନୀ, ବି. ସ୍ତ୍ରୀ. (କାମ-ଇନ୍-ଈ) ଭୀରୁ ସ୍ତ୍ରୀ, ଅତିଶୟ କାମଯୁକ୍ତା ନାରୀ, ସ୍ତ୍ରୀମାତ୍ର, ମଦିରା, ଦାରୁହରିଦ୍ରା ।

କାମୀ, ବିଂ. (କାମ-ଇନ୍) କାମବିଶିଷ୍ଟ, କାମୁକ । ବି. ପୁଂ. ଚକ୍ରବାକ, କପୋତ, ଚଟକ, ସାରସ, ଚନ୍ଦ୍ର ।

କାମୀନ, ବିଂ. (କାମ-ଈନ) କାମୁକ ।

କାମୁକ, ବିଂ. ( କାମ-ଉକ ) ରମଣାଭିଳାଷୀ, ଅଭିଳାଷୀ । ବି. ପୁଂ. ଅଶୋକବୃକ୍ଷ, ଅତିମୁକ୍ତାଲତା, ମାଧବୀ ଲତା ।

କାମୁକା, ବି. ସ୍ତ୍ରୀ. (କାମ-ଉକ-ଆ) ଭୋଗାଭିଳାଷିଣୀ, ଇଚ୍ଛାବତୀ ।

କାମୁକୀ, ବି. ସ୍ତ୍ରୀ. (କାମ-ଉକ-ଈ) ରମଣାଭିଳାଷିଣୀ ।

କାମୁଡ଼ା, ବିଂ. (ଦେଶଜ) ଯେ କାମୁଡ଼େ ।

କାମୁଡ଼ିବା, କ୍ରି. ବି. (ଦେଶଜ) ଦନ୍ତଦ୍ୱାରା ଛିନ୍ନ ବା କ୍ଷତ କରିବା ।

କାମୋଦକ, ବି. ନ. (କାମ-ଉଦକ) ମୃତ ବ୍ୟକ୍ତି ଉଦ୍ଦେଶ୍ୟରେ ସ୍ୱେଚ୍ଛାକ୍ରମେ ପ୍ରଦତ୍ତ ଜଳ ।

କାମୋଦା, ବି. ସ୍ତ୍ରୀ. ରାଗିଣୀବିଶେଷ ।

କାମ୍ପୋ, ବିଂ. (ଦେଶଜ) କୃପଣ ।

କାମ୍ବଳ, ବି. ପୁଂ. (କମ୍ବଳ-ଅ) କମ୍ବଳାବୃତ ରଥ ।

କାମ୍ବୋଜ, ବି. ପୁଂ (କମ୍ବୋଜ-ଅ) କମ୍ବୋଜଦେଶୀୟ ଅଶ୍ୱ, ପୁନ୍ନାଗବୃକ୍ଷ, ଦେଶବିଶେଷ, ଯବନ ଜାତିବିଶେଷ, ଶ୍ୱେତ ଖଦିର ।

କାମ୍ୟ, ବିଂ. (କାମ-ଯ) ଭୋଗ୍ୟ, ଅଭିଳଷଣୀୟ, ସୁନ୍ଦର । ବି. ନ. ଅଭୀଷ୍ଟ କର୍ମ ।

କାମ୍ୟକବନ, ବି. ନ. ସରସ୍ୱତୀ ନଦୀତୀରସ୍ଥ ବନ, ଏଠାରେ ପାଣ୍ଡବମାନେ ଦୀର୍ଘକାଳ ବାସ କରିଥିଲେ ।

କାମ୍ଳ, ବି ନ. (କୁ-ଅମ୍ଳ) ଅଳ୍ପ ଅମ୍ଳରସ । ବିଂ. ଈଷତ୍ ଅମ୍ଳରସଯୁକ୍ତ ।

କାୟ, ବି. ପୁଂ. ନ. (କ-ଯୃ, ଇ ଧାତୁଜ) ଶରୀର, ସ୍ୱଭାବ, ବୃତ୍ତି, ସ୍ୱାଭାବିକ ଅବସ୍ଥା।

କାୟସ୍ଥ, ବି. ପୁଂ. (କାୟ-ସ୍ଥା-ଅ) ଜାତିବିଶେଷ।

କାୟିକ, ବିଂ. (କାୟ-ଇକ) ଶରୀର ସମ୍ବନ୍ଧୀୟ।

କାର, ବି. ପୁଂ. (କୃ-ଅ) କାର୍ଯ୍ୟ, ଯତ୍ନ, ନିଶ୍ଚୟ। ବିଂ. କର୍ମକର୍ତ୍ତା। ଯଥା — ସ୍ୱର୍ଣ୍ଣକାର, କୁମ୍ଭକାର ଇତ୍ୟାଦି।

କାରକ, ବିଂ. (କୃ-ଅକ) କର୍ମକାରୀ (ବ୍ୟାକରଣରେ) କାରକ ଛଅପ୍ରକାର, ଯାହାର କ୍ରିୟା ସହିତ ସମ୍ବନ୍ଧ ଥାଏ।

କାରଖାନା, ବି. (ଯାବନିକ) ନାନାପ୍ରକାର ଶିଳ୍ପ କାର୍ଯ୍ୟ ଗୃହ, ନାନାପ୍ରକାର କର୍ମ।

କାରଣ, ବି. ନ. (କାର-ଅନ) ହେତୁ, ନିମିତ୍ତ, ବୀଜ, ଯାହାଠାରୁ କାର୍ଯ୍ୟ ଉତ୍ପତ୍ତି ହୁଏ।

କାରଣମାଳା, ବି. ସ୍ତ୍ରୀ. ଅର୍ଥାଲଙ୍କାରବିଶେଷ, ଉତ୍ତରୋତ୍ତର ପଦାର୍ଥ ପ୍ରତି ପୂର୍ବ ପୂର୍ବ ପଦାର୍ଥ ହେତୁସ୍ୱରୂପେ ଉପନ୍ୟସ୍ତ ହେଲେ ସେହି ଅଲଙ୍କାରକୁ କାରଣମାଳା ବୋଲାଯାଏ।

କାରଣା, ବି. ସ୍ତ୍ରୀ. (କାର-ଅନ-ଆ) ତୀବ୍ରଯାତନା, ନରକଯନ୍ତ୍ରଣା, ଗାଢ଼ବେଦନା।

କାରଣିକ, ବିଂ. (କାରଣ-ଇକ) ପରୀକ୍ଷକ, ବିଚାରକ, କାରଣସମ୍ବନ୍ଧୀୟ।

କାରଣ୍ଡବ, ବି ପୁଂ ସ୍ତ୍ରୀ. (କାରଣ୍ଡ-ଅ) ହଂସ-ବିଶେଷ। ଯଥା—

କ୍ରୀଡା କଲେ ହଂସ ବକ କାରଣ୍ଡବ କୋକ
ହଂସପାଳୀ ସନ୍ନିଧ। ର. କା.

କାରନ୍ଧମୀ, ବି. ପୁଂ. (କାରମ୍-ଧମିନ୍) କଂସାରି, ଅଷ୍ଟାରୁ।

କାରୟିତା, ବିଂ. (କୃ-ଣିଚ୍-ତୃ) ଯେ କରାଏ।

କାରବ, ବି. ପୁଂ. (କା-ରବ) କାକ, କାଉ।

କାରବାର, ବି. (ଯାବନିକ) କର୍ମ, କାର୍ଯ୍ୟ, ବ୍ୟବସାୟ।

କାରବାରୀ, ବି. (ଯାବନିକ) ଯେ କାରବାର [illegible]

କାରଣୀ, ବି ସ୍ତ୍ରୀ. (କ-ରୁ-ଇ) ମୟୂରଶିଖା ଗୁଳ୍ମ-ଜଟା, କଳାଜୀରା, ମଞ୍ଜୁଷା, ଶ୍ରେଷ୍ଠ କଳମ।

କାରବେଲ୍ଲ, ବି. ପୁଂ. (କାର-ବେଲ୍ଲ) କଲରା ଗଛ।

କାରସାଜି, ବି. (ଦେଶଜ) ଛଳ, କପଟ।

କାରା, ବି. ସ୍ତ୍ରୀ. (କୃ-ଅ) ବନ୍ଦିଗୃହ। ଯଥା—

ମୋ ଅଟେ ଜଗଜ୍ଜନର ମନବନ୍ଦିକାରା। ବ. ଗ.

ବୀଣା ଅଧଃସ୍ଥିତ କାଷ୍ଠମୟ ଭାଣ୍ଡ, ବନ୍ଧନ।

କାରାଗାର, ବି.ନ. (କାରା-ଆଗାର) ଜେଲଖାନା, ଯେଉଁ ସ୍ଥାନରେ ରାଜପୁରୁଷମାନଙ୍କ ଆଦେଶକ୍ରମେ ଅପରାଧୀମାନଙ୍କୁ ରୁଦ୍ଧ କରି ରଖାଯାଏ।

କାରାବାସ, ବି. ପୁଂ. (କାରା-ବାସ) କାରାଗାର, ଜେଲଖାନା, ବନ୍ଦିଗୃହ।

କାରାବେଶ୍ମ, ବି. ନ. ( କାରା-ବେଶ୍ମନ୍ ) କାରାଗାର।

କାରୁକର, ବି. ପୁଂ. (କାରୁ-କର) ଯେ କୌଣସି ପ୍ରକାର ଶିଳ୍ପକାର୍ଯ୍ୟ କରେ, ଶିଳ୍ପୀ।

କାରିକା, ବି. ସ୍ତ୍ରୀ. (କୃ-ଅକ-ଆ) ବିବରଣଶ୍ଳୋକ ନଟୀ, କର୍ତ୍ତ୍ରୀ, ଶିଳ୍ପକର୍ମ। ଅଂ. ଯତ୍ନ, ଯାତନା, କାର୍ଯ୍ୟ, ମର୍ଯ୍ୟାଦା।

କାରିଗର, ବିଂ. (କାରିକର ଶବ୍ଦଜ) ଯେ ଶିଳ୍ପକାର୍ଯ୍ୟ କରେ, ଚତୁର।

କାରିଗରି। ବି. ( କାରିଗର ଶବ୍ଦଜ ) ଶିଳ୍ପବିଦ୍ୟା,

କାରିଗିରି। ଶିଳ୍ପ।

କାରୁ, ବି. ପୁଂ. (କୃ-ଉ) ବିଶ୍ୱକର୍ମା। ବିଂ. ଶିଳ୍ପକାରକ।

କାରୁକ୍ରିୟା, ବି. ସ୍ତ୍ରୀ ଶିଳ୍ପକାର୍ଯ୍ୟ।

କାରୁଜ, ବି. ସ୍ତ୍ରୀ. (କାରୁ-ଜନ୍-ଅ) ଶିଳ୍ପଜାତ-ବସ୍ତୁ, ଗାତ୍ରସ୍ଥ ତିଳାଦି ଚିହ୍ନ, ଗୈରମାଟି, ବଲ୍ମୀକ, ଫେନ, କରିଶାବକ।

କାରୁଣ, ବିଂ. ( କରୁଣା-ଅ ) କରୁଣାଶୀଳ, ଦୟାଶୀଳ।

କାରୁଣିକ, ବିଂ. (କରୁଣା ଇକ) ଯାହାର କରୁଣା ଅଛି, ଦୟାଳୁ।

କାରୁଣ୍ଡି, ବି. ସ୍ତ୍ରୀ. ଜଳୌକା, ଜୋକ ।

କାରୁଣ୍ୟ, ବି. ନ. (କରୁଣା-ଯ) କରୁଣା,ଦୟା ।

କାର୍କଶ୍ୟ ବି. ନ. ( କର୍କଶ-ଯ ) କାଠିନ୍ୟ, ନିର୍ଦ୍ଦୟତା ।

କାର୍ତ୍ତବୀର୍ଯ୍ୟ, ବି. ପୁଂ. ( କୃତବୀର୍ଯ୍ୟ ଅ ) ନୃପ-ବିଶେଷ, ଏହାଙ୍କର ନାମ ଅର୍ଜୁନ, ଏ ସହସ୍ର-ବାହୁ ବୋଲି ବିଖ୍ୟାତ, ଏହି ଭୂପତି ଜମଦଗ୍ନିଙ୍କୁ ବଧ କରିବାରୁ ପରଶୁରାମ ଏହାଙ୍କର ପ୍ରାଣସଂହାର କରିଥିଲେ ।

କାର୍ତ୍ତସ୍ୱର, ବି. ନ. ( କୃତସ୍ୱର-ଅ ) ଧୁସ୍ତୁର, ସୁବର୍ଣ୍ଣ । ଯଥା—

କେତେ କାର୍ତ୍ତସ୍ୱର ଅର୍ଥିସ୍ୱରେ କଲେ ଦାନ ଯେ ।

କାର୍ତ୍ତାନ୍ତିକ, ବି. ପୁଂ. (କୃତାନ୍ତ-ଇକ) ଦୈବଜ୍ଞ, ଜ୍ୟୋତିର୍ବିଦ୍ ।

କାର୍ତ୍ତିକ, ବି. ପୁଂ. (କୃତ୍ତିକା-ଅ) ସ୍ୱନାମପ୍ରସିଦ୍ଧ ମାସ,ଷଡ଼ାନନ ।

କାର୍ତ୍ତିକେୟ, ବି. ପୁଂ. (କୃତ୍ତିକା-ଏୟ) କୁମାର, ଷଡ଼ାନନ ।

କାର୍ପଟ ବି ପୁଂ. (କର୍ପଟ-ଅ) ଜତୁ , ଜଉ, ବସ୍ତ୍ର-ଖଣ୍ଡ । ବିଂ. କାର୍ଯ୍ୟାର୍ଥୀ ।

କାର୍ପଟିକ, ବିଂ. (କର୍ପଟ-ଇକ)ତୀର୍ଥସେବୀ, ମର୍ମଜ୍ଞ ।

କାର୍ପଣ୍ୟ, ବି. ନ. ( କୃପଣ-ଯ ) କୃପଣତା, ବ୍ୟୟକୁଣ୍ଠତା,ଦାରିଦ୍ର୍ୟ,ଦୈନ୍ୟ,କାତରତା ।

କାର୍ପାସ, ବି. ପୁଂ. (କୃ-ପାସ) କପାଗଛ । ନ. ତୁଳା । ବିଂ. କାର୍ପାସନିର୍ମିତ ।

କାର୍ପାସିକ, ବି. (କାର୍ପାସ-ଇକ) କାର୍ପାସ ସୂତ୍ରରେ ନିର୍ମିତ ।

କାର୍ମ, ବିଂ. (କର୍ମନ୍-ଅ) କର୍ମଶୀଳ, ପରିଶ୍ରମୀ ।

କାର୍ମାର, ବି. ପୁଂ. (କର୍ମାର-ଅ) କମାର ।

କାର୍ମୁକ, ବି. ନ. (କର୍ମନ୍-ଉକ) ବାଉଁଶ । ନ. ଧନୁ, ମହାନିମ୍ବ, ହିଜ୍ଜଳ, ଶ୍ୱେତଖଦିର, ଧନୁ-ରାଶି । ବିଂ. କର୍ମଦକ୍ଷ । ( ଧନୁ ଅର୍ଥରେ ) ଯଥା—

ବୀରମାନେ କେହୁ କାର କାର୍ମୁକ ଟଙ୍କାରେ,
କେ ଅବା ଅସ୍ଥାଳି ଅସି ଝଣଝଣ ହୁଙ୍କାରେ । କ. ବ.

କାର୍ଯ୍ୟ, ବି. ନ. (କୃ-ଯ) କର୍ମ, କାମ, ହେତୁ, ଫଳ ।

କାର୍ଯ୍ୟୀ ବିଂ. (କାର୍ଯ୍ୟ-ଇନ୍) କର୍ମଗୃହୀ, ଗୁମାସ୍ତା ।

କାର୍ଯ୍ୟପୁଟ, ବିଂ. ( କାର୍ଯ୍ୟ ପୁଟ୍-ଅ ) ନିର୍ଲଜ୍ଜ, ଉନ୍ମତ୍ତ, ଅନର୍ଥକର ।

କାର୍ଯ୍ୟବଶ, ବି. ପୁଂ. (କାର୍ଯ୍ୟ-ବଶ) କାର୍ଯ୍ୟାନୁରୋଧ, କର୍ମବଶ । ବିଂ. କାର୍ଯ୍ୟନିର୍ବାହ ଅନୁରୋଧରେ ବଦ୍ଧ ।

କାର୍ଶ୍ୟ ବି. ନ. (କୃଶ-ଯ) କୃଶତା, କ୍ଷୀଣତା । ପୁଂ. କାର୍ଯ୍ୟ, ଶାଲବୃକ୍ଷ ।

କାର୍ଷାପଣ, ବି. ପୁଂ. ନ. (କର୍ଷ-ଆପଣ) ୧୬ ପଣ, ଏକ କାହାଣ ।

କାର୍ଷିକ, ବି.ପୁଂ. (କର୍ଷ-ଇକ) ବୋଡ଼ଏ,ପାଞ୍ଚଗଣ୍ଡା, ଏକତୋଳା, କୃଷକ ।

କାର୍ଷ୍ଣ, ବିଂ. (କୃଷ୍ଣ-ଅ) କୃଷ୍ଣ ସମ୍ବନ୍ଧୀୟ । ବି. ପୁଂ. କୃଷ୍ଣସାର ମୃଗ ।

କାଲ, ବିଂ. (କଲ୍ଲ ଶବ୍ଦଜ) ବଧିର ।

କାଲ, ବି. ପୁଂ. ( କଲ୍-ଅ ) ସମୟ, ଅବସର, ଯମ, ମୃତ୍ୟୁ ଶନି, କୋକିଳ । ବିଂ. କୃଷ୍ଣବର୍ଣ୍ଣ ।

କାଲକ, ବି ପୁଂ. ( କଲ୍-ଅକ ) କଳାଜାଇ-ମହା, ସର୍ପବିଶେଷ, ଧଣ୍ଡ ସାପ । ନ. ଯକୃତ୍ ରୋଗ ।

କାଲଞ୍ଜକ, ବି. ନ. ନୀଳପଦ୍ମ, ଦାନବବିଶେଷ ।

କାଲକଣ୍ଟକ } ବି. ପୁଂ. (କାଲ-କଣ୍ଟକ, କଣ୍ଠ)
କାଲକଣ୍ଠ } ଶିବ, ମୟୂର, ଖଞ୍ଜନ, ଡାହୁକ, (ଡାହୁକ ଅର୍ଥରେ) ଯଥା—

କାଳକଣ୍ଠୁକ ରବେ ବଢ଼ିଲା କାମ ଉପ୍ଲବ ମେ । ର. କ.

କାଲକୁଣ୍ଠ, ବି. ପୁଂ. (କାଲ-କୁଣ୍ଠ) ଯମ ।

କାଲକୂଟ, ବି. ପୁଂ. ନ. (କାଲ-କୂଟ୍-ଅ) ଗରଳ, ସ୍ଥାବରବିଶେଷ । ଯଥା—

କାମକାଳକୂଟ କାଳିମା ଭ୍ରୂ ଯୁଗଳ ଧରେ ।

କାଲକୃତ୍, ବି. ପୁଂ. (କାଲ-କୃତ୍) ସୂର୍ଯ୍ୟ ।

କାଲକୃତ, ବି. ( କାଲ-କୃତ ) କାଲ ଗାଢ଼ କରେ, କାଲରେ ଯାହା ଘଟେ, ସୂର୍ଯ୍ୟ ।

କାଳକେୟ, ବି. ପୁଂ. (କାଳକା-ଏୟ) ଏକ ଜାତୀୟ ଅସୁର । ଯଥା—

ଠାବେ ଠାବେ ପଡ଼ିଅଛି ସମର ତରଙ୍ଗ,
ସୁରପୁର କାଳକେୟ ଯିବାର ହେତୁ ।

କାଳଖଣ୍ଡ, ବି. ନ. (କାଳ-ଖଣ୍ଡ) ଯକୃତ୍ ।

କାଳଗ୍ରନ୍ଥି, ବି. ପୁଂ. (କାଳ-ଗ୍ରନ୍ଥି) ବତ୍ସର ।

କାଳଗ୍ରାସ, ବି. ପୁଂ. (କାଳ-ଗ୍ରାସ) ମୃତ୍ୟୁ ।

କାଳଚକ୍ର, ବି. ନ. (କାଳ-ଚକ୍ର) ଚକ୍ରବତ୍ ଭ୍ରମଣଶୀଳ କାଳ ।

କାଳଚିହ୍ନ, ବି. ନ. (କାଳ-ଚିହ୍ନ) ମୃତ୍ୟୁର ଚିହ୍ନ, ମୃତ୍ୟୁଲକ୍ଷଣ ।

କାଳଜ୍ଞ, ପୁଂ. (କାଳ-ଜ୍ଞ) ଯେ ସମୟ ବୁଝି କାର୍ଯ୍ୟ କରେ, ଅବସରଜ୍ଞ । ବି. ପୁଂ. କୁକ୍କୁଟ ।

କାଳଜ୍ଞାନ, ବି. ନ. (କାଳ-ଜ୍ଞା-ଅନ) ଜ୍ୟୋତିଃଶାସ୍ତ୍ର, ଯୋଗ୍ୟ ସମୟ ଜ୍ଞାନ ।

କାଳଞ୍ଜର, ବି. ପୁଂ. (କାଳ-ଜର) ଶିବ, ମୃତ୍ୟୁଞ୍ଜୟ, ପର୍ବତବିଶେଷ, ଯୋଗିଚକ୍ର, ଦେଶବିଶେଷ, କାଳିଞ୍ଜର ।

କାଳଞ୍ଜରୀ, ବି. ସ୍ତ୍ରୀ. (କାଳ-ଜର-ଈ) ଚଣ୍ଡୀ, ଦୁର୍ଗା ।

କାଳତ୍ରୟ, ବି. ନ. (କାଳ-ତ୍ରୟ) ତ୍ରିକାଳ, ବର୍ତ୍ତମାନ, ଅତୀତ, ଭବିଷ୍ୟତ୍ ଏହି ତିନି କାଳ ।

କାଳଦଣ୍ଡ, ବି. ପୁଂ. କାଳପ୍ରାପ୍ତ ଦଣ୍ଡ, ଜ୍ୟୋତିଷୋକ୍ତ ବାରାଦି ଯୋଗବିଶେଷ, ଯମର ଦଣ୍ଡ ।

କାଳଧର୍ମ, ବି. ପୁଂ. (କାଳ-ଧର୍ମ) ମୃତ୍ୟୁ, କାଳର ଧର୍ମ, ସମୟର ସ୍ୱଭାବ । ଯଥା—ବର୍ଷାକାଳରେ ବୃଷ୍ଟି, ଗ୍ରୀଷ୍ମକାଳରେ ଗ୍ରୀଷ୍ମ ଇତ୍ୟାଦି ।

କାଳନିର୍ଯ୍ୟାସ, ବି. ପୁଂ. (କାଳ-ନିର୍ଯ୍ୟାସ) ଗୁଗ୍ଗୁଳ ।

କାଳନେମି, ବି. ପୁଂ. ରାକ୍ଷସବିଶେଷ, ହିରଣ୍ୟକଶିପୁର ପୁତ୍ର, ରାବଣର ମାତୁଳ ।

କାଳପର୍ଣ୍ଣ, ବି. ପୁଂ. ଟଗରଫୁଲର ବୃକ୍ଷ ।

କାଳପୁରୁଷ, ବି. ପୁଂ. (କାଳ-ପୁରୁଷ) ପୁରୁଷାକୃତି ନକ୍ଷତ୍ରସମୂହ, ଯମର ଭୃତ୍ୟ । କଥିତ ଅଛି ଯେ, ଏ ଦେବତାମାନଙ୍କ ଆଜ୍ଞାରେ ରାମଚନ୍ଦ୍ରଙ୍କ ସଭାକୁ ଆସି ତାହାଙ୍କ ସହିତ କଥୋପକଥନରେ ପ୍ରବୃତ୍ତ ହେଲେ । ସେହି ସମୟରେ ଲକ୍ଷ୍ମଣ ସେହିଠାରେ ଉପସ୍ଥିତ ହୁଅନ୍ତେ ରାମଙ୍କ ପ୍ରତିଜ୍ଞାନୁସାରେ ସେ ରାମଙ୍କକର୍ତ୍ତୃକ ବର୍ଜିତ ହୋଇଥିଲେ ।

କାଳପୃଷ୍ଠ, ବି. ପୁଂ. (କାଳ-ପୃଷ୍ଠ) କଙ୍କପକ୍ଷୀ, ମୃଗବିଶେଷ । ନ. କର୍ଣ୍ଣଙ୍କର ଧନୁ ।

କାଳଭୈରବ, ବି. ପୁଂ. (କାଳ-ଭୈରବ) ଶିବାଂଶଜାତ ଭୈରବବିଶେଷ ।

କାଳମାନ, ବି. ପୁଂ. (କାଳ-ମାନ) କାଳର ପରିମାଣ, କୃଷ୍ଣ ତୁଳସୀ ।

କାଳଯାପନ, ବି. ନ. (କାଳ-ଯାପନ) କାଳ ଅତିବାହନ, କାଳକ୍ଷେପଣ, ଦିନପାତ କରିବା, ଲୋକଯାତ୍ରା ନିର୍ବାହ କରିବା ।

କାଳରାତ୍ରି, ବି. ସ୍ତ୍ରୀ. (କାଳ-ରାତ୍ରି) ସଂହାରରାତ୍ରି, କଳ୍ପାନ୍ତରାତ୍ରି, ଶକ୍ତିବିଶେଷ ।

କାଳରୁଦ୍ର, ବି. ପୁଂ. (କାଳରୂପ-ରୁଦ୍ର) କାଳାଗ୍ନିସ୍ୱରୂପ ରୁଦ୍ରଦେବ ।

କାଳବେଳା, ବି. ସ୍ତ୍ରୀ. (କାଳ-ବେଳା) ଅଶୁଭ ସମୟବିଶେଷ, ଏହି ସମୟରେ କୌଣସି ସ୍ଥାନକୁ ଯିବା କିମ୍ବା କୌଣସି କାର୍ଯ୍ୟ କରିବା ନିଷିଦ୍ଧ ।

କାଳଶୁଦ୍ଧି, ବି. ସ୍ତ୍ରୀ. (କାଳ-ଶୁଦ୍ଧି) ସମୟର ଶୁଦ୍ଧି ।

କାଳଶେୟ, କାଳସେୟ } ବି. ନ. (କଳଶୀ, କଳସୀ-ଏୟ) ଘୋଳଦହି ।

କାଳସର୍ପ, ବି. ପୁଂ. (କାଳ-ସର୍ପ) ବିଷଧର କୃଷ୍ଣବର୍ଣ୍ଣ ସର୍ପବିଶେଷ ।

କାଳସାର, ବି. ପୁଂ. (କାଳ-ସାର) କୃଷ୍ଣବର୍ଣ୍ଣ ହରିଣବିଶେଷ, କୃଷ୍ଣସାର । ନ. ପୀତଚନ୍ଦନ ।

**କାଲସୂତ୍ର**, ବି. ନ (କାଳ-ସୂତ୍ର) ନରକବିଶେଷ ।

**କାଲସ୍କନ୍ଧ**, ବି. ପୁଂ. (କାଲ-ସ୍କନ୍ଧ) ତମାଲବୃକ୍ଷ, ତିନ୍ଦୁକବୃକ୍ଷ, ଉଡୁମ୍ବର ।

**କାଲାଗୁରୁ**, ବି. ନ. (କାଳ-ଅଗୁରୁ) ସୁଗନ୍ଧ କାଷ୍ଠବିଶେଷ, କୃଷ୍ଣଚନ୍ଦନ ।

**କାଲାଗ୍ନି**, ବି. ପୁଂ. (କାଲ-ଅଗ୍ନି) ପ୍ରଳୟକାଳର ଅଗ୍ନି, ପଞ୍ଚମୁଖ ରୁଦ୍ରାକ୍ଷ ।

**କାଲାନୁନାଦୀ**, ବି. ପୁଂ. (କାଲ-ଅନୁନାଦିନ୍) ଭ୍ରମର, ଚଟକ, ଚାତକପକ୍ଷୀ ।

**କାଲାନୁଭବକତା**, ବି. ସ୍ତ୍ରୀ (Faculty of time) ଯେଉଁ ବୃତ୍ତିଦ୍ୱାରା କାଳର ଅନୁଭବ ହୁଏ ।

**କାଲାନୁସାରୀ**, ବି. ପୁଂ. (କାଲ-ଅନୁସାରିନ୍) ଶୈଳେୟ, ଗନ୍ଧଦ୍ରବ୍ୟବିଶେଷ, କୃଷ୍ଣଚନ୍ଦନ, ଶିଶୁଗଛ, ଟଗର ।

**କାଲାନ୍ତକ**, ବି. ପୁଂ. (କାଲ-ଅନ୍ତକ) ଯମ, ଯେ କାଳର ଅନ୍ତ କରେ ।

**କାଲାନ୍ତର**, ବି. ନ. (କାଳ-ଅନ୍ତର) ଅନ୍ୟ କାଳ, ସମୟାନ୍ତର, ଅନ୍ୟ ସମୟ ।

**କାଲାପ**, ବି. ପୁଂ. (କଲାପ-ଅ) ସର୍ପର ଫଣା । ବିଂ. କଲାପ ବ୍ୟାକରଣବେତ୍ତା

**କାଲାଶୁଦ୍ଧି**, ବି. ସ୍ତ୍ରୀ. (କାଲ-ଅଶୁଦ୍ଧି ) ବ୍ରତ ବିବାହାଦି କର୍ମଯୋଗ୍ୟ କାଳର ଶୁଦ୍ଧି ନ ଥିବା, କାଲଶୁଦ୍ଧି ନ ଥିବା ।

**କାଲାଶୌଚ**, ବି. ନ. (କାଲ-ଅଶୌଚ) ଶୁଭ-କର୍ମବ୍ୟାଘାତକ ଅଶୌଚକାଳ ।

**କାଲି**, ବି. (କଲ୍ୟ ଶବ୍ଦଜ) କାଲି, ଶବଣଶକ୍ତି-ହୀନ । (କାଲ ଶବ୍ଦଜ) କୃଷ୍ଣବର୍ଣ୍ଣ, ନଳମା, କୃଷ୍ଣନିବୃତା, ମଞ୍ଜିଷ୍ଠା, ଅଶ୍ୱଗନ୍ଧା, ପାଟଳୀ-ବୃକ୍ଷ ।

**କାଳି** } **କାଳୀ** } ବି, ( କାଲ ଶବ୍ଦଜ ) ଲିଖନର ଉପାଦାନବିଶେଷ, ମସୀ, ଯଥା—

ପଣି କାଗଜକୁ ନବବାଳୀ, ଅନଗର୍ଙ୍କ ନ ଲେଖିଲ୍ଲ କାଳୀ ।

ସ୍ତ. ବ.

( ଦେଶଜ ) କୌଣସି ପଦାର୍ଥ କ୍ରୟ କରି ନଗଦମୂଲ୍ୟ ନ ଦେବା, ଧାର ।

**କାଲି**, ବି. (କଲ୍ୟ ଶବ୍ଦଜ) ଆଗାମୀ ଦିବସ, ଗତ ଦିବସ ।

**କାଳଆ**, ବିଂ. (କାଲ ଶବ୍ଦଜ) କୃଷ୍ଣବର୍ଣ୍ଣବିଶିଷ୍ଟ ।

**କାଳକ**, ବି. ପୁଂ. (କାଲ-ଇକ) ବକ । ନ. କୃଷ୍ଣଚନ୍ଦନ । ବିଂ. ସାମୟିକ, କାଲକୃତ ।

**କାଳକା**, ବି. ସ୍ତ୍ରୀ. (କାଲ-ଇକ-ଆ) ମେଘମାଳା, କୁଜ୍ଝଟିକା, ଚଣ୍ଡିକା, କୃଷ୍ଣବର୍ଣ୍ଣ, ରୋମାବଳୀ, ସ୍ତ୍ରୀ କାକ, ଶ୍ୟାମା ପକ୍ଷୀ, ଶୃଗାଳୀ, ମସୀ, ବିଛୁଆତି, ପୋଟଳ ଗଛର ଶାଖା, ସୁରା, କଳଙ୍କ । (ମେଘ ଅର୍ଥରେ) ଯଥା—

ଦେଖି ନବ କାଳିକା ବିକାଳିକା ମାଳିକା

ଆଳି କାଳିକାକାନ୍ତ ମୁରି । ଲ. ବ.

**କାଳିକା**, ବିଂ. ( ଦେଶଜ ) ଯାହା କାଲି ଘଟିଅଛି, ଯାହା ଅଳ୍ପକାଳପୂର୍ବେ ଘଟିଅଛି ।

**କାଳିଙ୍ଗ**, ବି. ପୁଂ. ( କଳିଙ୍ଗ-ଅ ) କଳିଙ୍ଗ ଦେଶର ରାଜା ବା ତତ୍ରତ୍ୟ ଅଧିବାସୀ । (କୁ-ଲିଙ୍ଗ ) ହସ୍ତୀ, ସର୍ପ, ଲୌହବିଶେଷ, ତରବୁଜ ।

**କାଳଞ୍ଜର**, ଆଲ୍ଲାହାବାଦ ପ୍ରଦେଶସ୍ଥ ଏକ ପର୍ବତ ଓ ତଦୁପରିସ୍ଥ ନଗରୀ । ଏହି ନଗରରେ କାଲଭୈରବ ନାମରେ ଏକ ଦେବମୂର୍ତ୍ତି ଅଛନ୍ତି ।

**କାଳିଦାସ**, ବି. ପୁଂ. ( କାଳୀ-ଦାସ ) ବିକ୍ରମାଦିତ୍ୟଙ୍କ ସଭାର ପ୍ରଧାନ ପଣ୍ଡିତ, ରଘୁବଂଶ, ଶକୁନ୍ତଳା ଏବଂ କୁମାରସମ୍ଭବ ପ୍ରଭୃତି ଗ୍ରନ୍ଥର ପ୍ରଣେତା ।

**କାଳନ୍ଦୀ**, ବି. ସ୍ତ୍ରୀ. (କଳିନ୍ଦ-ଅ-ଈ) ଯମୁନାନଦୀ, କୃଷ୍ଣଙ୍କ ପତ୍ନୀ, ଅହିତ ରାଜାର ପତ୍ନୀ । (ଯମୁନାନଦୀ ଅର୍ଥରେ ଯଥା—

କାଳନ୍ଦୀ-ଶୀତଳ-ପୁଷ୍ପ ପରିମଳ ଯେନ ବହେ ମନ୍ଦ ପବନ ।

ଉ. ବ.

**କାଳନ୍ଦୀକର୍ଷଣ**, **କାଳନ୍ଦୀଭେଦନ** } ବି. ପୁଂ. ( କାଳନ୍ଦୀ-କର୍ଷଣ, ଭେଦନ ) ବଳରାମ, ଏ ଲଙ୍ଗଳଦ୍ୱାରା ଯମୁନାନଦୀର ଗତିରୋଧ କରିଥିଲେ ।

**କାଳମା**, ବିଂ. ପୁଂ. ( କାଳ-ଇମନ୍ ) କୃଷ୍ଣତା, ମଳିନତା । ଯଥା—

କାମକାଳକୂଟ କାଳିମା ଭ୍ରୂଲଯୁଗଳ ଧରେ । ଚ. ଗ.

**କାଳୟ**, ବି. ପୁଂ. (କାଳ-ଇୟ) ସର୍ପବିଶେଷ ।

**କାଳିଷ୍ଠ**, ବିଂ. (କାଳ-ଇଷ୍ଠ) ଅତ୍ୟନ୍ତ କଳା ।

**କାଳୀ**, ବି. ସ୍ତ୍ରୀ. ( କାଳ-ଈ ) ଦେବୀବିଶେଷ, ଶାନ୍ତନୁ ଭାର୍ଯ୍ୟା, ନବ ମେଘଶ୍ରେଣୀ, କୃଷ୍ଣପକ୍ଷ ରାତ୍ରି, ଅଗ୍ନି, ଜିହ୍ୱାବିଶେଷ, ଲେଖିବାର ରୂପ ଦାନବିଶେଷ, ମସୀ, ଅପଯଶଃ,(ଦେଶଜ) ଉଧାର, ନଗଦ ମୂଲ୍ୟ ନ ଦେଇ ପଦାର୍ଥ କିଣିବା, ଘୌଡ଼ିବା, ଶିକାର ସମୟରେ ଜନ୍ତୁମାନଙ୍କୁ ତଡ଼ିବା । ଯଥା—

ସେ ଗ୍ରାମୁଁ ଜୀବ ସଭୁରେ କାଳୀ,
ଦେଇ କୁହାଟ ହମକ ଛାଳି,
ଫିଙ୍ଗିଲେ ସାଦ୍ଧ କୁନ୍ତ ସାବଳା,
ବିନ୍ଧିଲେ ଗିର ଯେ । ଲା. ବ.

**କାଳୀଘାଟ**, ବି. ସ୍ତ୍ରୀ. ଯମର ବିଗ୍ରହର ସ୍ଥାନ ।

**କାଳୀତନୟ**, ବି. ପୁଂ. (କାଳୀ-ତନୟ) ମହିଷ, କାଳୀଦେବୀଙ୍କର ପ୍ରିୟ ବୋଲି ଏହାର ନାମ କାଳୀତନୟ ହୋଇଅଛି ।

**କାଳୀନ**, ବି. ( କାଳ-ଈନ ) ସମୟରେ ଯାହା ଘଟେ, ଏହି ଶବ୍ଦର ସ୍ୱତନ୍ତ୍ର ପ୍ରୟୋଗ ହୁଏ ନାହିଁ ।

**କାଳୀୟ**, ବି. ନ. (କାଳ-ଈୟ) କୃଷ୍ଣଚନ୍ଦନ ।

**କାଳୀୟକ**, ବି. ନ. ( କାଳ-ଈୟକ ) କୁଙ୍କୁମ । ପୁଂ. ପାର୍ବତୀୟ ଗନ୍ଧଦ୍ରବ୍ୟବିଶେଷ, ଦାରୁହରିଦ୍ରା, ଶୈଳଜ ।

**କାଳୁଅ**, ବିଂ. ( ଦେଶଜ ) ଶୀତଳ, ବି— କାଳିମା ।

**କାଳୁଣୀ**, ବି. ସ୍ତ୍ରୀ. (କାଳ-ଉଣୀ) ଶ୍ରବଣେନ୍ଦ୍ରିୟ-ହୀନା ସ୍ତ୍ରୀ ।

**କାଲେ**, ଅଂ. ଯଦି, ସମ୍ଭାବନା ବା ବିକଳ୍ପାର୍ଥସୂଚକ । ଯଥା—କାଲେ ସେ ନ ଆସିବେ । କ୍ରି. ବି. ସମୟରେ । ଯଥା—

କାଲେ ବର୍ମିଷ୍ଠ ପଢ଼ିଲେ ଶାସ୍ତ୍ରରେ ଏ ଲେଖା । କ. ବ.

**କାଲେୟ**, ବି. ନ (କାଲ ଏୟ) ଦୈତ୍ୟବିଶେଷ, ଯକୃତ୍, କୃଷ୍ଣଚନ୍ଦନ । ବିଂ. କାଲସମ୍ବନ୍ଧୀୟ ।

**କାଲେଶ**, ବି ପୁଂ. (କାଲ-ଈଶ) ସୂର୍ଯ୍ୟ, ଶିବ, କାଲେଶ୍ୱର ।

**କାଳ୍ପନିକ**, ବିଂ. ( କଳ୍ପନା-ଇକ ) କଳ୍ପିତ, ଆରୋପିତ, ଅମୂଳକ, ଅସମ୍ଭବ ।

**କାଲ୍ୟା**, ବି. ସ୍ତ୍ରୀ. ( କାଲ-ଯ-ଆ ) ଯେ ଗାଭୀର ଗର୍ଭଗ୍ରହଣ କାଳ ଉପସ୍ଥିତ ହୋଇଅଛି ।

**କାବଚିକ**, ବିଂ. (କବଚ-ଇକ) କବଚଧାରୀ । ବି. ନ. କବଚଧାରିସମୂହ ।

**କାବା**, ବିଂ. (ଦେଶଜ) ବୋକା, କିଂକର୍ତ୍ତବ୍ୟବିମୂଢ଼ ।

**କାବାର**, ବି. ନ. (କ-ଆ-ବୃ-ଅ) ଶୈବାଳ । ରୀ, ସ୍ତ୍ରୀ. ଛତ୍ର ।

**କାବୁ**, ବିଂ. (ଯାବନିକ) ବଶୀଭୂତ, ଆୟତ୍ତ ।

**କାବୁଚ**, ବିଂ. (ଦେଶଜ) ଅପ୍ରବୃତ୍ତ ।

**କାବୃକ**, ବି.ପୁଂ. (କ-ଆ-ବୃ-କକ୍) ଚକ୍ରବାକ, କୁକ୍କୁଟ ।

**କାବେର**, ବି. ନ. ( କବ୍-ଏର, ଅ=ଆ ) କୁଙ୍କୁମ ।

**କାବେରୀ**, ବି. ସ୍ତ୍ରୀ. (କାବେର-ଈ) ଦ୍ରାବିଡ଼ଦେଶସ୍ଥ ନଦୀବିଶେଷ, ( କୁ-ବେର-ଈ ) ବେଶ୍ୟା, ହରିଦ୍ରା ।

**କାବ୍ୟ**, ବି. ପୁଂ. (କବି-ଯ) ଶୁକ୍ରାଚାର୍ଯ୍ୟ । ନ. ରସଯୁକ୍ତ ବାକ୍ୟ, କବିତା । ବ୍ୟା, ସ୍ତ୍ରୀ ବୁଦ୍ଧି, ପୂତନା । ବିଂ. କବିସମ୍ବନ୍ଧୀୟ ।

**କାବ୍ୟଚାର**, ବି. ପୁଂ. ଶୁକ୍ରନକ୍ଷତ୍ର, ଶୁଆତାରା ।

**କାବ୍ୟପ୍ରକାଶ**, ବି. ପୁଂ. ( କାବ୍ୟ-ପ୍ରକାଶ ) ମମ୍ମଟଭଟ୍ଟପ୍ରଣୀତ ଅଳଙ୍କାରଗ୍ରନ୍ଥବିଶେଷ ।

**କାବ୍ୟଲିଙ୍ଗ**, ବି. ନ. ଅର୍ଥାଲଙ୍କାର ବିଶେଷ, ଯେଉଁ ସ୍ଥଳରେ ବାକ୍ୟାର୍ଥ ଅଥବା ପଦାର୍ଥ ଅପରାର୍ଥର ହେତୁସ୍ୱରୂପରେ ପ୍ରତିପାଦିତ ହୁଏ ।

**କାଶ** / **କାସ** } ବି. ପୁଂ. ନ. (କାଶ୍ = ଦୀପ୍ତି ପାଇବା-ଅ, କାସ୍ = ଗମନ କରିବା-ଅ) କାଶରୋଗ, କାଇଁଶନାମକ ତୃଣବିଶେଷ । ଯଥା—

କାଶଶ୍ରେଣୀ ଯଲ ଚଳନ୍ତି ବାୟେ । ର. ବ.

ଗଛି, ମୂଳିକା । ବିଂ. ପ୍ରକାଶମାନ, ଶୋଭମାନ ।

**କାଶନ୍ଦ**, ବି. (କାଶମର୍ଦ୍ଦ ଶବ୍ଦଜ) ଅମ୍ବର ଆଚାର ବିଶେଷ ।

**କାଶି** / **କାଶୀ** / **କାଶିକା** } ବି. ସ୍ତ୍ରୀ. (କାଶ = ଦୀପ୍ତି ପାଇବା-ଇ, ଈ, ଇକ-ଆ) ବାରାଣସୀ ।

**କାଶିରାଜ** / **କାଶୀରାଜ** } ବି. ପୁଂ. (କାଶି-ରାଜା) ନୃପବିଶେଷ, ଧନ୍ୱନ୍ତରି ।

**କାଶୀନାଥ**, ବି. ପୁଂ. (କାଶୀ-ନାଥ) ଶିବ ।

**କାଶୀଶ**, ବି. ପୁଂ. (କାଶୀ-ଈଶ) ଶିବ, କାଶୀର ରାଜାମାନେ । ନ. ହିରାକସ ।

**କାଶ୍ମୀର**, ବି. ପୁଂ. (କାଶ୍-ମାର, କମ୍ବା କାଶ୍ମୀର-ଅ) ଦେଶବିଶେଷ । ନ. ପଦ୍ମର ମୂଳ, କୁଙ୍କୁମ, ଟାଙ୍ଗଣା । ବିଂ. କାଶ୍ମୀର ଦେଶଜାତ ବସ୍ତୁ, ତଦ୍ଦେଶ୍ୟ ରାଜା ବା ଅଧିବାସୀ । ରୀ. ସ୍ତ୍ରୀ. ଗମ୍ଭାରୀବୃକ୍ଷ । ରି, ସ୍ତ୍ରୀ. ଅତିବିଷା, କପିଳ ଦ୍ରାକ୍ଷା ।

**କାଶ୍ମୀରଜ** / **କାଶ୍ମୀରଜନ୍ମା** } ବି. ନ. (କାଶ୍ମୀର-ଜ, ଜନ୍ମନ୍) କୁଙ୍କୁମ, ପଦ୍ମମୂଳ ।

**କାଶ୍ୟପ**, ବି. ପୁଂ. (କଶ୍ୟପ-ଅ) ମୁନିବିଶେଷ, ଗୋତ୍ରବିଶେଷ, ମୃଗବିଶେଷ, ଅରୁଣ । ନ. ମାଂସ । ବିଂ. କଶ୍ୟପସମ୍ବନ୍ଧୀୟ ।

**କାଶ୍ୟପି**, ବି. ପୁଂ. କଶ୍ୟପ-ଇ) ଅରୁଣ, ଗରୁଡ଼ । ପୀ, ସ୍ତ୍ରୀ. ପୃଥିବୀ, ପରଶୁରାମ ପୃଥିବୀକୁ ଏକବିଂଶଥରବାର ନିଃକ୍ଷତ୍ରିୟା କରି କଶ୍ୟପଙ୍କୁ ଦାନ କରିଥିଲେ ।

**କାଶ୍ୟପେୟ**, ବି. ପୁଂ. (କଶ୍ୟପ-ଏୟ) ସୂର୍ଯ୍ୟ, ଗରୁଡ଼ ।

**କାଷ**, ବି. ପୁଂ. (କଷ୍-ଅ) ଋଷିବିଶେଷ, କଷ୍ଟିପଥର ।

**କାଷାୟ**, ବିଂ. କଷାୟ-ଅ) ଅନୁଜ୍ଜ୍ୱଳ ରକ୍ତବର୍ଣ୍ଣ ରଞ୍ଜିତ ।

**କାଷ୍ଠ**, ବି. ନ. (କାଶ୍-ଥ) କାଠ ।

**କାଷ୍ଠକ**, ବି. ନ. (କାଷ୍ଠ-କ) ଅଗୁରୁ, ସୁଗନ୍ଧ ଦ୍ରବ୍ୟବିଶେଷ । ବିଂ. କାଷ୍ଠଯୁକ୍ତ ।

**କାଷ୍ଠକୀଟ**, ବି. ପୁଂ. (କାଷ୍ଠ-କୀଟ) ଘୁଣପୋକ ।

**କାଷ୍ଠକୁଟ**, ବି. ପୁଂ. (କାଷ୍ଠ-କୁଟ୍-ଅ) କାଷ୍ଠକଣ୍ଠା ପକ୍ଷୀବିଶେଷ ।

**କାଷ୍ଠକୁଦାଳ**, ବି. ପୁଂ. (କାଷ୍ଠ-କୁଦାଳ) ନୌକାଦିରୁ ଜଳ ବାହାର କରିବାର କାଷ୍ଠନିର୍ମିତ ପାତ୍ର ।

**କାଷ୍ଠତକ୍ଷ** / **କାଷ୍ଠତକ୍ଷକ** } ବି. ପୁଂ. (କାଷ୍ଠ-ତକ୍ଷ-ଁ, ଅକ) ସୂତ୍ରଧର, ବଢ଼େଇ ।

**କାଷ୍ଠତନ୍ତୁ**, ବି. ପୁଂ. (କାଷ୍ଠ-ତନ୍ତୁ) ଘୁଣ ।

**କାଷ୍ଠଦାରୁ**, ବି. ପୁଂ. (କାଷ୍ଠ-ଦାରୁ) ଦେବଦାରୁ ।

**କାଷ୍ଠଫଳକ**, ବି. ନ. କାଷ୍ଠନିର୍ମିତ ଫଳକ, ବୋର୍ଡ଼ ପ୍ରଭୃତି ।

**କାଷ୍ଠମଠୀ**, ବି. ସ୍ତ୍ରୀ. (କାଷ୍ଠ-ମଠୀ) ଚିତା ।

**କାଷ୍ଠମୟ**, ବିଂ. (କାଷ୍ଠ-ମୟ) କାଷ୍ଠନିର୍ମିତ, କାଷ୍ଠ ତୁଲ୍ୟ କଠିନ ହୃଦୟ, ନିର୍ଦ୍ଦୟ ।

**କାଷ୍ଠମଞ୍ଚ**, (Coffin) ବି. ପୁଂ. (କାଷ୍ଠ-ମଞ୍ଚ) ଶବଯାନ, ଯେଉଁ ଗାଡ଼ି ବା ଖଟରେ ଶବ ନେଇଯାନ୍ତି ।

**କାଷ୍ଠଲେଖକ**, ବି. ପୁଂ. (କାଷ୍ଠ-ଲେଖକ) ଘୁଣ ।

**କାଷ୍ଠା**, ବି. ସ୍ତ୍ରୀ. (କାଷ୍ଠ-ଆ) ଦିକ୍, ସୀମା, ଦାରୁହରିଦ୍ରା, ସ୍ଥିତି, ଉତ୍କର୍ଷ, କାଳପରିମାଣବିଶେଷ । (ଦିକ୍ ଅର୍ଥରେ) ଯଥା—

କିଅବା ଖୋଜା ଚଢ଼ାଇକୂଳ,
କାଷ୍ଠ ବନ୍ଦ ଦେଲେ ଉଠିଲି ଜଳ । ର. ବ.

**କାଷ୍ଠାମ୍ବୁବାହିନୀ**, ବି. ସ୍ତ୍ରୀ. (କାଷ୍ଠ-ଅମ୍ବୁ-ବାହିନୀ) ଦୋଣୀ, ଜଳସେଚନୀ ।

କାଷ୍ଠାସନ, ବି. ନ. (କାଷ୍ଠ-ଆସନ) କାଷ୍ଠନିର୍ମିତ ମଞ୍ଚା, ଚୌକି, ପୀଢ଼ା ପ୍ରଭୃତି ।

କାଷ୍ଠିକା, ବି. ସ୍ତ୍ରୀ. (କାଷ୍ଠ-ଇକ-ଆ) କାଠି ।

କାଷ୍ଠୀଲା, ବି. ସ୍ତ୍ରୀ. (କୁ=କୁ ଦୃ-ଅସ୍ଥି = ହାଡ଼-ଲା-ଅ) କଦଳୀ ଗଛ ।

କାସମର୍ଦ୍ଦ / କାଶମର୍ଦ୍ଦ } ବି. ପୁଂ. (କାସ-ମର୍ଦ୍ଦ) ବୃକ୍ଷବିଶେଷ, ଅଗୃର, କାଶିନ୍ଦ ।

କାସର, ବି. (କ-ଅ-ସୃ-ଅ) ମହିଷ । ଯଥା

ଚକୋପ୍ନା ମାରପାପ୍ପୀ କ ଅଶାରେ.
ପଶିଲ କାସରସେବତ କାଷାରେ । ଦରବାର ।

କାସାର, ବି. ପୁଂ. (କ-ଆ-ସୃ-ଅ) ସରୋବର, ପୁଷ୍କରିଣୀ, ମହାଜଳାଶୟ । ଯଥା—

ଜଳମ୍ବକୁ କି ମହା ପିପାସୀ ସହି,
ବାରିପୂର୍ଣ୍ଣ କାସାର ଦେଖାଅ କାହିଁ ଯେ । ବୈ. ବ.

କାସୀଶ, ବି. ନ. (କାସ୍-ଈଶ) ହିରାକସ ।

କାହଣ / କାହାଣ } ବି. (ପ୍ରା. କାର୍ଷାପଣ ଶବ୍ଦଜ) ଷୋଳପଣ ।

କାହଳ, ବି. ପୁଂ. (କ=ମୁଖ=ମସ୍ତକ-ଆ-ହଲ୍-ଅ) ବିଡ଼ାଲ, କୁକ୍କୁଟ, କୋଲାହଳ, ବୃହତ୍ ଢକ୍କା, ଅବ୍ୟକ୍ତ ବାକ୍ୟ । ବି°. ଭଗ୍ନ, ଶୁଷ୍କ, ଖଳ ।

କାହଳା, ବି. ସ୍ତ୍ରୀ. ବାଦ୍ୟଯନ୍ତ୍ରବିଶେଷ, ଏହି ଯନ୍ତ୍ରକୁ ଶିର ବା ତୁଣ୍ଡକ ଦେଇ ବଜାଇବାକୁ ହୁଏ ।

କାହଳୀ, ବି. ସ୍ତ୍ରୀ. (କାହଳ-ଈ) ତରୁଣୀ, ଅପ୍ସରାବିଶେଷ ।

କାହାଣୀ, ବି. (ଦେଶଜ) କାଳ୍ପନିକ ଗଳ୍ପ ।

କାହାର, ବି°. ସର୍ବନାମ, କେଉଁ ବ୍ୟକ୍ତି ବା ଜନ୍ତୁ ବା ପଦାର୍ଥର ।

କାହାଲ, ବି. (ଦେଶଜ) ଧାନଗଛର ରୋଗବିଶେଷ ।

କାହାଳି, ବି. (ପ୍ରା. କାହାଲ ଶବ୍ଦଜ) ବାଦ୍ୟଯନ୍ତ୍ରବିଶେଷ । ଯଥା—

... କାହାଳୀ ବଜ ପଢର କାହାଳ
ବଜାନ୍ତି ମହା ମନୋହରରେ । ର. କ.

କାହାଳୀୟା, ବି°. (କାହାଳ ଶବ୍ଦଜ) କାହାଳ ବଜାଇବା ବ୍ୟକ୍ତି ।

କାହିଁ, ଅ°. (କିମ୍ ଶବ୍ଦଜ) କେଉଁଠାରେ ।

କାହିଁକି, ଅ°. କି ହେତୁ, କି ସକାଶ ।

କାହିଁଛି, ଅ°. କେଉଁଠାରେ ଅଛି । (ପ୍ରଶ୍ନବାଚକ) ଯଥା—

କାହିଁକି ଲକ୍ଷ୍ୟେ ଲକ୍ଷଣା ଯେ ।

କାହୁଁ, ଅ°. (ପ୍ରଶ୍ନବାଚକ) କେଉଁଠାରୁ ।

କାହ୍ନୁ, ବି. (କୃଷ୍ଣ ଶବ୍ଦଜ) ଶ୍ରୀକୃଷ୍ଣ ।

କି, ସର୍ବନାମ (କିମ୍ ଶବ୍ଦଜ) ପ୍ରଶ୍ନବୋଧକ ଶବ୍ଦ, ଆଶ୍ଚର୍ଯ୍ୟ ବା ବିସ୍ମୟାର୍ଥ ।

କିଂବକ୍ତବ୍ୟ, ବି°. (କିମ୍-ବକ୍ତବ୍ୟ) କଣ କହିବାକୁ ହେବ ବା କଣ କହିବା ଉଚିତ ।

କିମ୍ବଦନ୍ତି / କିମ୍ବଦନ୍ତୀ } ବି. ସ୍ତ୍ରୀ. (କିମ୍-ବଦ୍-ଅନ୍ତ, ଅନ୍ତ-ଈ) ଜନଶ୍ରୁତି, ଜନରବ, ଲୋକାପବାଦ ।

କିମ୍ବା, ଅ°. (କିମ୍-ବା) ବା, ଅଥବା, ବିକଳ୍ପ ।

କିଂବୈଦ୍ୟ, ବି. ପୁଂ. (କିମ୍-ବୈଦ୍ୟ) କୁତ୍ସିତ ବୈଦ୍ୟ, ବୈଦ୍ୟଶାସ୍ତ୍ରରେ ଅନଭିଜ୍ଞ ବ୍ୟକ୍ତି ।

କିଂଶୁକ, ବି. ପୁଂ. (କିମ୍-ଶୁକ) ପଳାଶ ଗଛ । ନ. ତତ୍ ପୁଷ୍ପ, ଶୁକଚଞ୍ଚୁ ପରି ପୁଷ୍ପ ବୋଲି ଏହାର ପୁଷ୍ପ କଣ "ଶୁକପକ୍ଷୀ ?" ଏହି ବିତର୍କ ହେତୁ ଏହାର ନାମ କିଂଶୁକ ହୋଇଅଛି ।

କିଆ, ବି. (ଦେଶଜ) ଏକପ୍ରକାର କଣ୍ଟାଗଛ, କେତକୀ ।

କିଆପତ୍ରୀ, ବି. (ଦେଶଜ) ମସ୍ତକର ସ୍ୱର୍ଣ୍ଣାଲଙ୍କାରବିଶେଷ । ଯଥା—

ଯୋଗିଜନ ମନମୃଗ ବନ୍ଧନେ
କି କଲେ କିଆପନ୍ନା ବାନ୍ଧି ଯେ । ଲ. ବ°

କିଆଁ, ଅ°. (କିମ୍ ଶବ୍ଦଜ) କିପାଇଁ, କାହିଁକି ।

କିଆରି, ବି. (କେଦାର ଶବ୍ଦଜ) କ୍ଷେତ୍ର । ଯଥା—

ବହିଦାଭଙ୍ଗ ବାର ଭେଦ କିଆରି.
ମର୍ଯ୍ୟାଦା ଲଙ୍ଘେ ଯଥା ସ୍ୱତନ୍ତ୍ର ନାରୀ । ଭୁ. ପ୍ର.

କିଙ୍କର, ବି. ପୁଂ. ( କିମ୍-କର ) ଭୃତ୍ୟ ।
ଚନ୍ଦ୍ରାଙ୍ଗ ଶାର୍ଦ୍ଦୂଳ ସଦା ଯାର ଆଜ୍ଞାକାରୀ କିଙ୍କର । ଭକ୍ତ ।

କିଙ୍କର } ବି. ସ୍ତ୍ରୀ. ( କିମ୍-କର ଅ, ଈ ) ଦାସୀ ।
କିଙ୍କରୀ } ଯଥା—
ହେବି କିଙ୍କରୀ ତାଙ୍କ କି କର, ସଜନି ଗୋ । ବି. ଚି.

କିଂକର୍ତ୍ତବ୍ୟ, ବିଂ. (କିମ୍-କର୍ତ୍ତବ୍ୟ) କଣ କରିବାକୁ ହେବ ବା କଣ କରିବା ଉଚିତ ।

କିଂକର୍ତ୍ତବ୍ୟବିମୂଢ଼, ବିଂ. (କିମ୍-କର୍ତ୍ତବ୍ୟ-ବିମୂଢ଼) କର୍ତ୍ତବ୍ୟ ନିର୍ଣ୍ଣୟରେ ଅସମର୍ଥ ।

କିଙ୍କଣି } ବି. ସ୍ତ୍ରୀ ( କିମ୍-କଣ୍-ଇ ) କ୍ଷୁଦ୍ର
କିଙ୍କିଣୀ } ଘଣ୍ଟିକା, ଘୁଙ୍ଗୁର, କଟିଭୂଷଣ ।
ଯଥା—
କଟିତଟରେ କିଙ୍କିଣୀ, କି ନାଦ ମଧୁର ଶୁଭେ ତା ଶୁଣି ଲୋ,
କଳାଙ୍ଗାରେ ମନ ନାଏ କିଣି ସଜନି ଗୋ । ବି. ଚି.

କିଙ୍କିର, ବି. ପୁଂ. ( କିମ୍-କୃ-ଅ ) କୋକିଳ, ଭ୍ରମର, ଅଶ୍ୱ, କନ୍ଦର୍ପ । ନ. ଗଜକୁମ୍ଭ ।

କିଙ୍କିରା, ବି. ସ୍ତ୍ରୀ. (କିମ୍-କୃ ଅ-ଆ) ରକ୍ତବର୍ଣ୍ଣ ।

କିଙ୍କିରାତ, ବି. ପୁଂ. ( କିଙ୍କିରା-ଅତ ) ରକ୍ତାଶୋକ ବୃକ୍ଷ, ଶୁକପକ୍ଷୀ, କନ୍ଦର୍ପ, କୋକିଳ ।

କିଛୁ, ବିଂ. (କିଞ୍ଚିତ୍ ଶବ୍ଦଜ) କିଞ୍ଚିତ୍, ଅଳ୍ପ ।

କିଞ୍ଚ, ଅଂ. ( କିମ୍-ଚ ) ଅଧିକ, ଅଧିକ କିଛି, ସମୁଚ୍ଚୟ, ଆରମ୍ଭ, ସମ୍ଭାବନା, ସାକଲ୍ୟ ।

କିଞ୍ଚନ } ଅଂ. ( କିମ୍-ଚନ, ଚିତ୍ ) ଅଳ୍ପ,
କିଞ୍ଚିତ୍ } କିଛି, କୌଣସି ।

କିଞ୍ଚିଦୂନ, ବିଂ. ( କିଞ୍ଚିତ୍-ଊନ ) କିଞ୍ଚିତ୍ ନ୍ୟୂନ, କିଛି କମ ।

କିଞ୍ଜଳକ,
କିଞ୍ଜଲୂକ, } ବି. ପୁଂ. ( କିଂ-ଜଲ-ଜୂଲ-ଇକ,
କିଞ୍ଜୁଳକ, } ଉକ ) ମହାଲତା, କଅଁପୋକ ।

କିଞ୍ଜଲ, } ବି, ପୁଂ. ( କିଂ-ଜଲ୍-ଅ, କ )
କିଞ୍ଜଲ୍କ, } କେଶର, ଫୁଲର ପାଖୁଡ଼ା, ପୁଷ୍ପରେଣୁ, ନାଗକେଶରପୁଷ୍ପ ।

କିଟି, ବି. ପୁଂ. (କିଟ୍-ଇ) ଶୂକର ।

କିଟିଭ, ବି. ପୁଂ. (କିଟି-ଭା-ଅ) ଉକୁଣି ।

କିଟ୍ଟ, ବି. ନ. (କିଟ୍-ତ) ଧାତୁମଳ, ତୈଳାଦି କାଣ୍ଡି ।

କିଟ୍ଟାଳ, ବି. ପୁଂ. (କିଟ୍ଟ-ଅଲ-ଅ) ତାମ୍ରକଳସ ।

କିଡିମିଡି, ବି. (ଅନୁକରଣ ଶବ୍ଦ) ଦନ୍ତର ଘର୍ଷଣ ଶବ୍ଦ, ଅବ୍ୟକ୍ତ ଧ୍ୱନି ।

କିଣ, ବି. ପୁଂ. (କିଣ୍-ଅ) ଘର୍ଷଣ ଚିହ୍ନ, ଶୁଷ୍କ ବ୍ରଣ, କୀଟବିଶେଷ ।

କିଣିବା, କ୍ରି. ବି. (କିଣ୍-ଧାତୁଜ) କ୍ରୟ କରିବା, ଖରିଦ କରିବା ।

କିଣିକିଣି, ଅଂ. (ଦେଶଜ) ଅବ୍ୟକ୍ତ ଶବ୍ଦବିଶେଷ, କିଙ୍କିଣୀ ପ୍ରଭୃତିର ଶବ୍ଦ ।

କିଣିଖିଆ, ବିଂ. (କିଣ୍ ଧାତୁଜ) ଯେ ମୂଲ୍ୟ ଦେଇ ସବୁ ଦିନ କିଣି ଖାଏ, ଯାହାର ଗୃହ ଉତ୍ପାଦ ନାହିଁ ।

କିତବ, ବିଂ. (କି ତବ) ଧୂର୍ତ୍ତ, ଜୁଆରି, ଦ୍ୟୂତକର, ମତ୍ତ, ବିଦଗ୍ଧ । ବି. ପୁଂ. ଧୂସ୍ତୁର।
ଯଥା—
ଘୋଟି କିତବ ମୂଳ ଘୋର ଘୋର ଜାଙ୍ଗଳ
ଜଡ଼ର ଭୁଲେ ତାହା ପିଇଲୁ ଗୋ । କ. ଚ.

କିତା, ବି. ଜମିର ଏକଖଣ୍ଡ ।

କିତାପ, ବି. ( ଯାବନିକ, କେତାବ୍ ଶବ୍ଦଜ) ପୁସ୍ତକ, ବହି ।

କିନ୍‌ଖାପ, ବି. (ଯାବନିକ) ଜରିଲୁଗା ।

କିନାରା, ବି. (ଯାବନିକ) କୂଳ, ତୀର, ପାର୍ଶ୍ୱ ।

କିନ୍ତନୁ, ବି. ପୁଂ. ( କିମ୍-ତନୁ ) ମାଙ୍କଡ଼ସା ।

କିନ୍ତୁ, ଅଂ. ( କିମ୍-ତୁ ) ପୁନଃ, ଅଥଚ, ମାତ୍ର, ପ୍ରଥମୋକ୍ତ ବୈପରୀତ୍ୟ ବା ସଙ୍କୋଚସୂଚକ ଶବ୍ଦ ।

କିନ୍ନର, ପୁଂ } ବି. (କିଂ-ନର, ଈ) କିମ୍ପୁରୁଷ,
କିନ୍ନରୀ, ସ୍ତ୍ରୀ. } ଦେବଲୋକର ଗାୟକ, ଏମାନଙ୍କର ଅଶ୍ୱ ପରି ମୁଖ ଏବଂ ମନୁଷ୍ୟ ପରି ଶରୀର ବୋଲି ଏମାନଙ୍କର ନାମ କିନ୍ନର ।

କିନ୍ନରେଶ, ବି. ପୁଂ. ( କିନ୍ନର-ଈଶ ) କୁବେର, ଯକ୍ଷରାଜ ।

କିନ୍ନୁ, ଅ°. ( କିଂ-ନୁ ) ସଂଶୟସୂଚକ ଶବ୍ଦ, ପ୍ରଶ୍ନ, ବିତର୍କ, ସାଦୃଶ୍ୟ, ସ୍ଥାନ ।

କିପରି, କ୍ରି. ବି°. କି ରକମ ।

କିପାଁ, ଅ°, କି ସକାଶ ।

କିମ୍ } ଅ°. (କୁ କିମ୍ବା କେ-ଇମ୍) କୁତ୍ସିତ,
କିଂ } ବିତର୍କ, ପ୍ରଶ୍ନ, ବିକଳ୍ପ, ନିଷେଧ ।
ସର୍ବ°. କେ, କି ।

କିମର୍ଥଂ, ଅ°. ( କିଂ-ଅର୍ଥଂ ) କି କାରଣ ।

କିମପି, ଅ°. (କିମ୍-ଅପି) ଅନିଶ୍ଚିତ, ଅକାରଣ, ଅନିର୍ବଚନୀୟ ।

କିମାକାର, ବି° ( କିଂ-ଆକାର ) କିପରି ଆକାରର, ଅଦ୍ଭୁତ ଆକାରବିଶିଷ୍ଟ ।

କିମିଆଁ, ବି. (ଯାବନିକ) ମନ୍ତ୍ର ।

କିମିତ, ଅ° ( କିଂ-ଇତ ) କିପରି, କି ପ୍ରକାରର ।

କିମୁ, ଅ°. ( କିମ୍-ଉ ) ସମ୍ଭାବନା, ବିତର୍କ, ବିକଳ୍ପ ।

କିମୁତ, ଅ°. (କିମ୍-ଉତ) ପ୍ରଶ୍ନ, ବିତର୍କ, ବିକଳ୍ପ, ଅତିଶୟ, ଉତ୍ପ୍ରେକ୍ଷା ।

କିମ୍ପଚ, ବି°. (କିମ୍-ପଚ ଅ) କୃପଣ ।

କିମ୍ପୁରୁଷ, } ବି. ପୁଂ. (କିମ୍-ପୁରୁଷ, ପୂରୁଷ )
କିମ୍ପୂରୁଷ, } କିନ୍ନର । ନ. ହିମାଳୟ ଓ ହେମକୂଟର ଅନ୍ତର୍ବର୍ତ୍ତୀ ବର୍ଷବିଶେଷ ।

କିଂପୁରୁଷେଶ୍ୱର, ବି. ପୁଂ. ( କିଂପୁରୁଷ-ଈଶ୍ୱର ) କୁବେର ।

କିମ୍ବଦନ୍ତୀ } ବି. ସ୍ତ୍ରୀ. ( କିମ୍-ବଦ୍-ଅନ୍ତ-ଈ )
କିଂବଦନ୍ତୀ } ଜନଶ୍ରୁତି, ଜନରବ, ଲୋକାପବାଦ ।

କିମ୍ମୀର, ବି. ( କୁମ୍ଭୀର ଶବ୍ଦଜ ) ଜଳଜନ୍ତୁ ବିଶେଷ ।

କିମ୍ଭୂତ, ବି°. (କିମ୍-ଭୂତ) କୀଦୃଶ, କିପରି ।

କିୟତ୍, ବି°. (କିମ୍-ୟତ୍) କିପରିମାଣ, କେତେ ।

କିରଣ, ବି. ପୁଂ. ( କୃ-ଅନ ) ଅଂଶୁ, ସୂର୍ଯ୍ୟ ଚନ୍ଦ୍ରାଦିର ତେଜ ।

କିରଣମାଳୀ, ବି. ପୁଂ. ( କିରଣ-ମାଳା-ଇନ୍ ) ସୂର୍ଯ୍ୟ, ରବି, ଅଂଶୁମାଳୀ ।

କିରାଟିକା, ବି. ସ୍ତ୍ରୀ. (କିର-ଅଟିକା) ଶାରିକା ପକ୍ଷିଣୀ ।

କିରାଣୀ } ବି. (ଯାବନିକ) ଲେଖକ, କ୍ଲର୍କ ।
କିରାନି }

କିରାତ, ବି. ପୁଂ. (କିର=ଅବ୍ୟକ୍ତ ଶବ୍ଦ କରିବା-ଅତ=ଯେ ଗମନ କରେ, ଅଥବା (କିର=ଅରଣ୍ୟ·ଅତ=ଯେ ବାସ କରେ) ବନଚର, ବ୍ୟାଧ, ଅନ୍ତ୍ୟଜନ୍ମ, ଭୂନିମ୍ବ, ଅଶ୍ୱମାଲ, ସନ୍ଧ୍ୟସ ।

କିରାତୀ, ବି. ସ୍ତ୍ରୀ. (କିର-ଅତ-ଈ) ଗଙ୍ଗା, ବ୍ୟାଧୀ, ଦୁର୍ଗା, ଚାମରଧାରିଣୀ, କୁଟ୍ଟିଣୀ ।

କିରୀଟ, ବି. ପୁଂ. ( କୃ-ଈଟ ) ମୁକୁଟ, ଶିରୋଭୂଷଣ ।

କିରୀଟୀ, ବି. ପୁଂ. ( କିରୀଟ-ଇନ୍ ) ଅର୍ଜ୍ଜୁନ, ବିଷ୍ଣୁ । ଯଥା—

ପଲ୍ଲେ କିରୀଟୀ ଶରେ କୁରୁବରୁରଙ୍ଗ । କ. ଚ.

ବି°. କିରୀଟଧାରୀ ।

କିର୍ମୀର, ବି. ପୁଂ. ( କୃ-ମୀର ) ରାକ୍ଷସବିଶେଷ, ନାରଙ୍ଗବୃକ୍ଷ । ବି°. ଚିତ୍ରବର୍ଣ୍ଣ, କର୍ବୁରବର୍ଣ୍ଣ ।

କିଲ, ଅ°. ( କିଲ୍-ଅ ) ସମ୍ଭାବନା, ବାର୍ତ୍ତା, ପ୍ରସିଦ୍ଧି, ଐତିହ୍ୟ, ଅନୁନୟ, ନିଶ୍ଚୟ, ସତ୍ୟ, ଅଲୀକ, ହେତୁ, ଅରୁଚି, ତିରସ୍କାର ।

କିଲକିଲ, ବି. ସ୍ତ୍ରୀ. ( କିଲ=କ୍ରୀଡ଼ା, ଦ୍ୱିତ୍ୱ ) ହାସ୍ୟଶବ୍ଦ, ହର୍ଷଧ୍ୱନି, ଅବ୍ୟକ୍ତ ଶବ୍ଦ ।

କିଲ୍ଲା, ବି. (ଯାବନିକ) ଦୁର୍ଗ, ଗଡ଼ ।

କିଲ୍ବିଷ, ବି. ନ. (କିଲ୍-ବିଷ) ପାପ, ଦୋଷ, ଅପରାଧ, ରୋଗ । ଯଥା—

ପ୍ରସନ୍ନ ହେବା ଗଙ୍ଗାରେ ଜନ୍ମିଲେ କିଲ୍ବିଷ,
ପ୍ରୟୋଗ କରିବା କିସ ଗୋ । କ. ଚ.

କିଲ୍ଲୀ, ବି. ପୁଂ. ଘୋଟକ ।

କିଶଳ, କିସଳ } ବି. ପୁଂ. ( କିଂ-ଶଲ୍-ଅ,
କିଶଳୟ, କିସଳୟ } ଅୟ ) ନବପଲ୍ଲବ, ନୂତନ ପତ୍ର, ନୂତନ ପଲ୍ଲବଯୁକ୍ତ କ୍ଷୁଦ୍ର ଶାଖା । ଯଥା—

କନ୍ୟା ମଧ୍ୟ ମାସେ ନବ କଣଳସ୍ତ,
କଣଳଯ୍ରେ ଅବା କୁସୁମନତସ୍ତ । ନ. କୈ,

କିଶୋର, ବିଂ. (କିମ୍-ଶୃ-ଓର) ଶିଶୁ, ବାଳକ, ଅପ୍ରାପ୍ତବୟସ୍କ, ଏଗାର ବର୍ଷଠାରୁ ପନ୍ଦର ବର୍ଷ ପର୍ଯ୍ୟନ୍ତ, ନବଯୁବା । ବି. ପୁଂ. ସୂର୍ଯ୍ୟ, ଅଶ୍ୱ-ଶିଶୁ । ରୀ, ସ୍ତ୍ରୀ. ନୂତନଯୌବନା ସ୍ତ୍ରୀ ।

କିଶ୍ମିଶ୍, ବି. ନ. (ଯାବନିକ) ମଧୁପକ୍ୱ ଅଙ୍ଗୁର ଫଳ ।

କିଷ୍କିନ୍ଧ୍ୟା, ବି. ସ୍ତ୍ରୀ. ବାଳିର ରାଜଧାନୀ, ପାର୍ବତୀୟ ଦେଶବିଶେଷ, କିଷ୍କିନ୍ଧ୍ୟ ପର୍ବତର ଗୁହା ।

କିଷ୍କୁପର୍ବା, ବି.ପୁଂ. ( କିଷ୍କୁ-ପର୍ବନ୍ ) ଇକ୍ଷୁ, ବାଂଶ, ନଳ ।

କିସ, ଅଂ. ( କିମ୍ ଶବ୍ଦଜ ) କଅଣ ।

କିସମ୍, ବି. ( ଯାବନିକ ) ପ୍ରକାର ।

କିସ୍ମତ୍, ବି. (ଯାବନିକ) ଅଦୃଷ୍ଟ, ଭାଗ ।

କିସ୍ତି, ବି. (ଯାବନିକ) ନୌକା, ନିର୍ଦ୍ଧାର୍ଯ୍ୟ ସମୟ ।

କିସ୍ତିବନ୍ଦୀ, ବି. (ଯାବନିକ) ନିର୍ଦ୍ଧାରିତ ।

କୀକଟ, ବି. ପୁଂ. ( କିମ୍-କଟ ଅ ) ଅଶ୍ୱ, ଦେଶବିଶେଷ, ବିହାର ଦେଶ । ବିଂ. କୃପଣ, ଦରିଦ୍ର ।

କୀକଶ, ବି. ପୁଂ. (କମ୍-କଶ) ଚଣ୍ଡାଳ ।

କୀକସ, ବି. ନ. (କମ୍-କସ୍-ଅ) ଅସ୍ଥି । ପୁଂ. କୀଟବିଶେଷ । ବିଂ. କର୍କଶ, କଠିନ ।

କୀକି, ବି. ପୁଂ. (କୀ-କି) ଚାଷ ପକ୍ଷୀ, ନୀଳକଣ୍ଠ ପକ୍ଷୀ ।

କୀଚକ, ବି. ପୁଂ. (ଚୀକ୍-ଅକ, ଚୀକ=କୀଚ) ବାୟୁ ସଂଯୋଗରେ ଶବ୍ଦକାରକ ବାଉଁଶ, ଦ୍ରୁପଦ ରାଜାଙ୍କର ଶଳା, ଦୈତ୍ୟବିଶେଷ, ନଳ । ୧ମ ଅର୍ଥରେ ଯଥା—

ବୋଲନ୍ତି କୀଚକକୁଞ୍ଜପୁଞ୍ଜେ ଯାର ମେଚକକାନ୍ତି । ଲତା ।

କୀଟ, ବି. ପୁଂ. (କୀଟ୍-ଅ) କୃମି, ପୋକ । ବିଂ. କଠିନ ।

କୀଟଘ୍ନ, ବି. ପୁଂ. (କୀଟ-ଘ୍ନ) ଗନ୍ଧକ । ବିଂ. କୀଟନାଶକ ।

କୀଟଜ, ବିଂ. (କୀଟ-ଜ) ରେସମୀ । ବି. ନ. ରେସମ ।

କୀଟଜା, ବି. ସ୍ତ୍ରୀ. (କୀଟ-ଜନ୍-ଆ) ଲାକ୍ଷା ।

କୀଟମଣି, ବି. ପୁଂ. ( କୀଟ-ମଣି ) ଖଦ୍ୟୋତ, ଜୁଳୁଜୁଳିଆ ପୋକ ।

କୀଟାଣୁ, ବି. ପୁଂ. (କୀଟ-ଅଣୁ) ଚକ୍ଷୁର ଅଗୋଚର ଅତି କ୍ଷୁଦ୍ର କୀଟ ।

କୀଟାଦ, ବି. ( Insectivora ) (କୀଟ-ଅଦ) ଯେଉଁ ସବୁ ଜନ୍ତୁ କୀଟ ଖାଇ ଜୀବନଧାରଣ କରନ୍ତି ।

କୀଦୃକ୍ } ବିଂ. ( କିମ୍-ଦୃଶ-୨, ଅ ) କି
କୀଦୃଶ } ପ୍ରକାର, କିପରି ।

କୀନାଶ, ବି. ପୁଂ. (କିମ୍-ନଶ୍-ଅ) ଯମ, ବାନରବିଶେଷ । ବିଂ. ପଶୁଘାତକ, ଗୁପ୍ତଘାତକ, କର୍ଷକ, କ୍ଷୁଦ୍ର, ନୀଚ ।

କୀର, ବି. ପୁଂ. ( କୀ-ଈର ) ଶୁକପକ୍ଷୀ, ଦେଶବିଶେଷ, ମାଂସ । ( ଶୁକ ଅର୍ଥରେ ) ଯଥା-

ଦେଖ ତ୍ରୁଟିରହି କୀର,
ପୋଢପାଳ ବସି କରେ ଏମନ୍ତ ବଚନ । ଲ, ବ.

କୀର୍ଣ୍ଣ, ବିଂ. ( କୃ-ତ ) ବିକ୍ଷିପ୍ତ, ହିଂସିତ, ବ୍ୟାପ୍ତ, ଆଚ୍ଛନ୍ନ, ନିହିତ ।

କୀର୍ତ୍ତକ, ବିଂ. (କୃତ୍-ଅକ) ଯେ କୀର୍ତ୍ତନ କରେ ।

କୀର୍ତ୍ତନ, ବି. ନ. (କୃତ୍-ଅନ) ବର୍ଣ୍ଣନ, କଥନ, ଗୁଣକଥନ, ଯଶଃଖ୍ୟାପନ ।

କୀର୍ତ୍ତନୀୟ, ବିଂ. ( କୃତ୍-ଅନୀୟ ) ବର୍ଣ୍ଣନୀୟ, ଗଣନୀୟ ।

କୀର୍ତ୍ତି, ବି. ସ୍ତ୍ରୀ. (କୃତ୍-ତି) ଯଶଃ, ସୁଖ୍ୟାତି ।

କୀର୍ତ୍ତିତ ବିଂ. ( କୃତ୍-ତ ) କଥିତ, ଉକ୍ତ, ବର୍ଣ୍ଣିତ ।

କୀର୍ତ୍ତିବାସ, ବିଂ. ( କୀର୍ତ୍ତି-ବସ ) ପରମ ଯଶସ୍ୱୀ ।

କୀର୍ତ୍ତିଭାକ୍, ବିଂ. (କୀର୍ତ୍ତି-ଭାଜ୍-୍) ଯଶସ୍ୱୀ । ବି. ପୁଂ. ଦ୍ରୋଣାଚାର୍ଯ୍ୟ ।

କୀର୍ତ୍ତିମାନ୍, ବିଂ. ( କୀର୍ତ୍ତି-ମତ୍ ) କୀର୍ତ୍ତିବିଶିଷ୍ଟ । ବି. ପୁଂ. ବସୁଦେବଙ୍କ ଜ୍ୟେଷ୍ଠପୁତ୍ର ।

**କୀର୍ତ୍ତିଶେଷ**, ବି. ପୁଂ. ( କୀର୍ତ୍ତି-ଶେଷ ) ମରଣ, ମୃତ୍ୟୁ । ବିଂ. ମୃତ ।

**କୀର୍ତ୍ତିସ୍ତମ୍ଭ**, ( Monument ) ବି. ପୁଂ. ( କୀର୍ତ୍ତି-ସ୍ତମ୍ଭ ) ଘଟଣାବିଶେଷର ସ୍ମରଣାର୍ଥ ଅଥବା ବ୍ୟକ୍ତିବିଶେଷର ନାମ ଓ କୀର୍ତ୍ତି ରକ୍ଷାର୍ଥ ନିର୍ମିତ ସ୍ତମ୍ଭାଦି ।

**କୀର୍ଯ୍ୟମାଣ**, ବିଂ. ( କୃ-ଆନ, ଯ, ମ ଆଗମ ) ଯାହା ଇତସ୍ତତଃ ବିକ୍ଷିପ୍ତ ହେଉଅଛି ।

**କୀଲ**, ବି. ପୁଂ. (କୀଲ୍-ଅ) କୀଳା, ଖୁଣ୍ଟ, ମୁଷ୍ଟ୍ୟାଘାତ, କହୁଣି ।

**କୀଲକ**, ବି. ପୁଂ. ( କୀଲ-କ ) ଖୁଣ୍ଟ, କୀଳା, ଗୋଦୋହନ ନିମିତ୍ତ ବନ୍ଧନସ୍ତମ୍ଭ ।

**କୀଲଣୀ**, (କୀଲନ ଶବ୍ଦଜ) କବାଟର ହୁଡ଼ୁକା ।

**କୀଲନ**, ବି. ନ. ( କୀଲ୍-ଅନ ) ଦୃଢ଼ୀକରଣ, ସ୍ଥିରୀକରଣ ।

**କୀଲା**, ବି. (ପ୍ରା. କୀଲ ଶବ୍ଦଜ) ଖୋବା, ଖିଲ ।

**କୀଲାଲ**, ବି. ନ. (କୀଲ-ଅଲ୍-ଅ) ଜଳ, ରକ୍ତ, ଅମୃତ, ମଧୁ । ଯଥା—

କୀଲାଲକବଦମା କ ଲାକ ରୋ,
ପିଲ୍ଲ ବହୁନି ଚୋ ଇଲାକ ରେ ।

**କୀଲାଲପ**, ବି. ପୁଂ. ( କୀଲାଲ-ପ ) ରାକ୍ଷସ, ଜୋକ ।

**କୀଲିତ**, ବିଂ. (କୀଲ-ତ) ବଦ୍ଧ, ରୁଦ୍ଧ । ବି. ନ. ବନ୍ଧନ । ଯଥା—

ଘାଲି କୀଲିତ ଗୃହ ପଶି ଅକ୍ରୁର ତେ । ମ. ଘ.

**କୀଶ**, ବି. ପୁଂ. (କ-ଈଶ) ବାନର, ସୂର୍ଯ୍ୟ, ପକ୍ଷୀ । ବିଂ. ଦିବସ୍ତ୍ର, ଲଙ୍ଗଳା ।

**କୀଶପର୍ଣ୍ଣୀ**, ବି. ପୁଂ. ସ୍ତ୍ରୀ. ( କୀଶ-ପର୍ଣ୍ଣୀ ) ଅପାମାର୍ଗ ଗଛ ।

**କୁ**, ବି. ସ୍ତ୍ରୀ. ( କୁ-୦ ) ପୃଥିବୀ । ଅଂ. ପାପ, ଦୋଷ, ଅମଙ୍ଗଳ, ମନ୍ଦ, କୁତ୍ସିତ, ଈଷତ୍, ନିବାରଣ, ନିନ୍ଦା । ବିଂ. ନିନ୍ଦନୀୟ ।

**କୁଅ**, ବି. (ପ୍ରା. କୂପ ଶବ୍ଦଜ) କୂପ ।

**କୁଅ**, ବି. (ପ୍ରା. କାକ ଶବ୍ଦଜ) କାକ ।

**କୁଆଁ**, କ୍ରି. ବି ସଦ୍ୟୋଜାତ ଶିଶୁର କ୍ରନ୍ଦନଧ୍ୱନି ।

**କୁଆଁର**, ବି. ( କୁମାର ଶବ୍ଦଜ ) ପୁତ୍ର-ଗାଈଗୋଠ । ସ୍ତ୍ରୀ. କୁଆଁରୀ=କନ୍ୟା ।

**କୁଆଁରପୁନିଅଁ**, ବି. ( କୁମାରପୂର୍ଣ୍ଣିମା ଶବ୍ଦଜ ) କୁମାରପୂର୍ଣ୍ଣିମା, ଆଶ୍ୱିନପୂର୍ଣ୍ଣିମା ।

**କୁଆଡ଼େ**, ଅଂ. କେଉଁଆଡ଼େ, କେଉଁ ଦିଗରେ ।

**କୁଆତାରା**, ( ଦେଶଜ ) ପ୍ରଭାତ ହେବା ପୂର୍ବରୁ ଯେଉଁ ତାରାର ଉଦୟ ହୁଏ, ଶୁକ୍ର ନକ୍ଷତ୍ର । ଯଥା—

ନିଦ୍ରା କୁଆତାରା ନିଭିଲା ଗଗନେ ନ ରହେ ।

**କୁଆପଥର**, (ଦେଶଜ) ବୃଷ୍ଟିଜଳ ଜମାଟ ହୋଇ କ୍ଷୁଦ୍ର କ୍ଷୁଦ୍ର ପ୍ରସ୍ତର ଆକାର ଧାରଣ କରି ପୃଥିବୀରେ ପତିତ ହୁଏ, ଏହାକୁ କୁଆପଥର କହନ୍ତି ।

**କୁଆବୁଆ**, ବି. ( ଦେଶଜ ) ଅସ୍ଥିର, ବ୍ୟତିବ୍ୟସ୍ତ । ଯଥା—

ପୀରତ୍ନୁଳୀ ଶାଶୁଅ ରେ,
ଯେ ହା ଘରେ ସେ ସେ ପୀରତି କରାଇ
ଚୋରକ କରାଇ କୁଆବୁଆ କରେ ।

**କୁକଭ**, ବି ନ. ମଦ୍ୟ ।

**କୁକର**, ବିଂ. ( କୁ-କର ) ବିକୃତ ହସ୍ତ, ହାତଛଣ୍ଟିଆ ।

**କୁକର୍ମୀ**, ବିଂ. (କୁ-କର୍ମିନ୍ ) ଯେ କୁକର୍ମ କରେ ।

**କୁକୀଲ**, ବି. ପୁଂ. (କୁ-କୀଲ) ପର୍ବତ ।

**କୁକୁଡ଼ା**, ବି. ( କୁକ୍କୁଟ ଶବ୍ଦଜ ) ତାମ୍ରଚୂଡ଼, ମୁରଗୀ ।

**କୁକୁନ୍ଦର**, ବି. ନ. ( କୁ-ସ୍କନ୍ଦ୍-ଅର ) ନିତମ୍ବର ଉପରସ୍ଥ ଆବର୍ତ୍ତାକାର କୂପକଦ୍ୱୟ ।

**କୁକୁର**, ବି. ପୁଂ. (କୁକ୍-ଉର) ଯଦୁବଂଶୀୟ ନୃପବିଶେଷ, ଦଶାର୍ଣ୍ଣ ଦେଶ, ( କୁକ୍କୁର ଶବ୍ଦଜ ) ଗ୍ରାମ୍ୟମୃଗ, କୁକ୍କୁର ।

**କୁକୂଳ**, ବି. ନ ( କୁ-କୂଳ ) ଶଙ୍କୁଦ୍ୱାରା ସଙ୍କୀର୍ଣ୍ଣ, ଗର୍ତ୍ତ, ବର୍ମ । ପୁଂ. ତୁଷାନଳ ।

କୁକ୍କୁଟ, ବି.ପୁଂ. ( କୁ-କୁଟ୍-ଅ ) କୁକୁଡ଼ା, ସ୍ଫୁଲିଙ୍ଗ ।

କୁକ୍କୁଟୀ, ବି. ସ୍ତ୍ରୀ. ( କୁ-କୁଟ୍-ଅ-ଈ) କୁକୁଡ଼ୀ, ସ୍ଫୁଲିଙ୍ଗ, ଅନୃତାଚରଣ ।

କୁକ୍କୁଟକ, ବି. ପୁଂ. ( କୁକ୍କୁଟ-କ ) ଶୂଦ୍ରର ଔରସରେ ନିଷାଦୀ ଗର୍ଭଜାତ ନିକୃଷ୍ଟ ଜାତିବିଶେଷ ।

କୁକ୍କୁଟବ୍ରତ, ବି. ( କୁକ୍କୁଟ-ବ୍ରତ ସନ୍ତାନାର୍ଥ ସ୍ତ୍ରୀଲୋକମାନଙ୍କର କର୍ତ୍ତବ୍ୟ ବ୍ରତ, ଲଳିତା ସପ୍ତମୀ ବ୍ରତ ।

କୁକ୍କୁଭ, ବି. ପୁଂ. (କୁକ୍-କୁଭ ବନ୍ୟ କୁକ୍କୁଟ ।

କୁକ୍କୁର, ବି ପୁଂ. (କୁକ୍-କୁର) କୁକୁର, କୁତ୍ତା ।

କୁକ୍କୂର, ବି. ପୁଂ. (କୁର-କୁର) କୁକୁର, କୁତ୍ତା ।

କୁକ୍ରିୟ, ବିଂ. ( କୁ-କ୍ରିୟା ) ଦୁଷ୍କର୍ମାନ୍ୱିତ, ମନ୍ଦ-କର୍ମକାରକ ।

କୁକ୍ଷି, ବି. ପୁଂ. ( କୁଷ୍-ସି ) ଗର୍ଭ, ଉଦରଗହ୍ୱର ଅଭ୍ୟନ୍ତର ସ୍ଥାନ, ଗୁହା । ଯଥା—

କୋମଳତର ମୋହନ କୁକ୍ଷିକୁହରୁ
କି ସୁତ ଅଛି ଜନ୍ମି ଦେଇ ମୋ ଶୁଣ୍ଡରେ । ବୈ. ଚ.

କୁକ୍ଷିଗତ, ବିଂ. ( କୁକ୍ଷି-ଗତ ) ଉଦରପ୍ରବିଷ୍ଟ, ଉଦର ମଧ୍ୟଗତ ।

କୁକ୍ଷିଜ, ବି. ପୁଂ. (କୁକ୍ଷି-ଜ) ଗର୍ଭଜାତ ସନ୍ତାନ ।

କୁକ୍ଷିଜା, ବି. ସ୍ତ୍ରୀ. ( କୁକ୍ଷି-ଜ-ଆ ) ଗର୍ଭଜାତ କନ୍ୟା ।

କୁକ୍ଷିମ୍ଭରି, ବିଂ. ( କୁକ୍ଷି-ଭୃ-ଇ ) ପେଟୁକ, କୃପଣ । ଯଥା—

କଳିଶିଷ୍ୟ କୁକ୍ଷିମ୍ଭରି ନିଜାଭିଷ୍ଟ
ଯୋଗେ ନାରଖାଇ ହେବ ଅଚିରେ ଏ ମଧ୍ୟ । ମ. ଯା

କୁକ୍ଷିଶୂଳ, ବି. ନ. ରୋଗବିଶେଷ, ଉଦରଶୂଳ ।

କୁକୁଡ଼ିବା, କ୍ରି. ( କୁଞ୍ଚନ ଶବ୍ଦଜ ) ସଙ୍କୁଚିତ ହେବା ।

କୁଙ୍କୁମ, ବି. ପୁଂ. (କୁକ୍-ଉମ) କାଶ୍ମୀର ଦେଶଜ ଗନ୍ଧଦ୍ରବ୍ୟବିଶେଷ । ନ. କାଶ୍ମୀର ଦେଶଜାତ ପୁଷ୍ପବିଶେଷ, କୁସୁମଫୁଲ ।

କୁଚ } ବି. ପୁଂ. (କୁଚ୍-ଅ) ଯୁବତୀର ସ୍ତନ,
କୂଚ } ପୟୋଧର ।

କୁଞ୍ଚକୁଞ୍ଚିଆ, ବିଂ. ( କୁଞ୍ଚିତ ଶବ୍ଦଜ ) କୁଞ୍ଚିତ, ବଙ୍କୀକୃତ ।

କୁଚକ୍ର, ବି. ପୁଂ. ( କୁ-ଚକ୍ର ) ଚକ୍ରାନ୍ତ, କୁମନ୍ତ୍ରଣା ।

କୁଚକ୍ରୀ, ବିଂ. (କୁ-ଚକ୍ର-ଇନ୍) କୁମନ୍ତ୍ରଣାକାରୀ, ଯେ କୁମନ୍ତ୍ରଣାରେ ଲିପ୍ତ ଥାଏ ।

କୁଚନ୍ଦନ, ବି. ନ. (କୁ-ଚନ୍ଦନ) ରକ୍ତଚନ୍ଦନ, କୁଙ୍କୁମ ।

କୁଚଫଳ, ବି. ନ. ( କୁଚ ତୁଲ୍ୟ ବୋଲି ) ଡାଳିମ୍ବ ଫଳ ।

କୁଚର, ବିଂ. (କୁ-ଚର) ପର ନିନ୍ଦାକାରୀ ।

କୁଚର୍ଯ୍ୟା, ବି. ସ୍ତ୍ରୀ. (କୁ-ଚର୍ଯ୍ୟା) ଗର୍ହିତ ଆଚରଣ, କୁସ୍ୱଭାବ ।

କୁଚିକ, ବି. ପୁଂ. ସ୍ତ୍ରୀ. ମତ୍ସ୍ୟବିଶେଷ, କୋଚିଆ ।

କୁଚେଲ, ବିଂ. (କୁ-ଚେଲ) ଯାହାର ପରିଧେୟ ବସ୍ତ୍ର ଅତ୍ୟନ୍ତ ଜଘନ୍ୟ । ବି. ପୁଂ. କୁତ୍ସିତ ବସ୍ତ୍ର ।

କୁଜ, ବି. ପୁଂ. (କୁ-ଜ) ମଙ୍ଗଳଗ୍ରହ, ନରକାସୁର, ବୃକ୍ଷ ।

କୁଜା, ବି. ସ୍ତ୍ରୀ. (କୁ-ଜ-ଆ) କାତ୍ୟାୟନୀ ଦେବୀ, ସୀତା । ଯଥା—

କୁଜା ନାମ ସଙ୍ଗ କାରନ୍ତି ଯେହ୍ନ,
ପାଣିରେ ଲୁଥର ରଖିଲେ ସେହ୍ନ ।

ବିଂ. (ପ୍ରା. କୁବ୍ଜ ଶବ୍ଦଜ) ବକ୍ରପୃଷ୍ଠ, ଜଳପାତ୍ର ବିଶେଷ ।

କୁଜ୍ଝଟି } ବି. ସ୍ତ୍ରୀ ( କୁ-ଝଟ୍-ଇ, ଈ,
କୁଜ୍ଝଟୀ } ଇକ-ଆ) କୁହୁଡ଼ି । ଯଥା—
କୁଜ୍ଝଟିକା }

ପ୍ରବେଶେ ଯେସନ, କୁଜ୍ଝଟି ଅବନ ନେତ୍ର ଶୋଭନ ।
କ. କୃ.

କୁଜୀ, ବି. ସ୍ତ୍ରୀ. ( ପ୍ରା. କୁବ୍ଜ ଶବ୍ଦଜ ) ବକ୍ରପୃଷ୍ଠା ସ୍ତ୍ରୀ ।

କୁଞ୍ଚନ, ବି. ନ. (କୁଞ୍ଚ୍-ଅନ) ବକ୍ର କରିବା, ସଙ୍କୋଚ କରି ଆଣିବା, ନେତ୍ରରୋଗବିଶେଷ, ଅନାଦର ।

କୁଞ୍ଚି } ବି. ସ୍ତ୍ରୀ (କୁଞ୍ଚ-ଅ, ଇ) ଆଠ ମୁଠି
କୁଞ୍ଚୀ } ପରିମିତ ମାପପାତ୍ର । କୁଞ୍ଚା, (ଦେଶଜ) ପରିଧାନ ବସ୍ତ୍ରର କୁଞ୍ଚିତ ଫେର ।

କୁଞ୍ଚିକା, ବି. ସ୍ତ୍ରୀ. ( କୁଞ୍ଚ-ଅକ-ଆ ) ଗୁଞ୍ଜା, ଚାବିଅଁ, କଣ୍ଟ, ଗୁହ ।

କୁଞ୍ଚିତ, ବିଂ. (କୁଞ୍ଚ-ତ) ବକ୍ରୀକୃତ ନମ୍ରୀକୃତ, କୁଙ୍କୁଡ଼ାଇବା, ସଙ୍କୁଚିତ, ଅନାଦୃତ ।

କୁଞ୍ଜ, ବି. ନ. (କୁ-ଜ, ନ ଆଗମ ) ଲତାଗୃହ, ଉପବନ ବା ଅରଣ୍ୟରେ ଲତାଦ୍ୱାରା ଆଚ୍ଛନ୍ନ ସ୍ଥାନ, ହସ୍ତିଶୁଣ୍ଢ, ହସ୍ତିହନୁ, ହସ୍ତିଦନ୍ତ ।

କୁଞ୍ଜକୁଟୀର, ବି. ନ. (କୁଞ୍ଜ-କୁଟୀର, ଲତାଗୃହ ।

କୁଞ୍ଜର, ବି. ପୁଂ. ( କୁଞ୍ଜ-ର ) ହସ୍ତୀ, କୌଣସି ଶବ୍ଦର ପରେ ଥିଲେ ଶ୍ରେଷ୍ଠ, କେଶ, ଦେଶବିଶେଷ, ଗଜ । ଶ୍ରେଷ୍ଠ ଅର୍ଥରେ । ଯଥା —

ଭଳୁ ସେ ରସିକକୁଞ୍ଜରକୁ ମହାଶୋଭା । ଲା. ବି.

କୁଞ୍ଜରା, ବି. ସ୍ତ୍ରୀ. (କୁଞ୍ଜ-ର-ଈ) ହସ୍ତିନୀ, ଧାତୁକୀ ବୃକ୍ଷ ।

କୁଞ୍ଜରାଶନ, ବି. ପୁଂ. (କୁଞ୍ଜର-ଅଶନ) ଅଶ୍ୱତ୍ଥ ବୃକ୍ଷ ।

କୁଞ୍ଜଲ, ବି. ପୁଂ. (କୁ-ଜଲ, ନ ଆଗମ) କାଞ୍ଜି, ଖଟା ତୋରାଣି ।

କୁଞ୍ଝିକା, ବି. ସ୍ତ୍ରୀ. କଳାଜୀର ।

କୁଟ, ବି. ପୁଂ. (କୁଟ୍-ଅ) ଦୁର୍ଗ, ଗଡ଼, ପଥର ଭାଙ୍ଗିବା ହାତୁଡ଼ି, ପର୍ବତ, ବୃକ୍ଷ । ନ. ଘଟ, କଳସୀ ।

କୁଟଙ୍କ, ବି. ପୁଂ. ( କୁଟମ୍-କ ) ଗୃହାଚ୍ଛାଦନ, ଛପର, ଗିରି ସମୀପ ।

କୁଟଜ, ବି. ପୁଂ (କୁଟ-ଜ, ଡ଼ =ଜ) ଗିରିମଲ୍ଲିକା, ପିତାକୋରୁଆ ଗଛ, ଦ୍ରୋଣାଚାର୍ଯ୍ୟ । ଯଥା—

କୁଞ୍ଜକେଶୀ କୁଟଜମୂଳେ ବସି କାନ୍ତକୁ ରହିଲା ଗୃହି । କେ, କୌ.

କୁଟଜରସ, ବି. ପୁଂ. (କୁଟଜ-ରସ) ଅର୍ଶରୋଗନାଶକ ଔଷଧବିଶେଷ ।

କୁଟଜଲେହ, ବି. ପୁଂ. ଅତିସାରନାଶକ ଲେହ ବିଶେଷ ।

କୁଟଜବୀଜ ବି. ନ. ଇନ୍ଦ୍ରଯବ ।

କୁଟପ, ବି. ପୁଂ. (କୁଟ-ପ) ଗୃହ ସମୀପସ୍ଥ ଉପବନ, ମୁନି । ନ. ପଦ୍ମ ।

କୁଟର, ବି. ପୁଂ. ମନ୍ଥନଦଣ୍ଡସ୍ଥ ରଜ୍ଜୁ, ମନ୍ଥନ ସ୍ତମ୍ଭ ।

କୁଟା, ବି. (ଦେଶଜ) ଶୁଷ୍କ ତୃଣ, ଧାନଗଛର ଶୁଷ୍କ ନାଳ । (କୁଟ୍ଟ ଶବ୍ଦଜ) କୁଟିବା ।

କୁଟି } ବି. ସ୍ତ୍ରୀ, (କୁଟ୍-ଇ,ଈ) କ୍ଷୁଦ୍ର ଘର,
କୁଟୀ } କୁଡ଼ିଆ ଘର ।

କୁଟିଚର } ବି. ପୁଂ. (କୁଟି, କୁଟୀ-ଚର)
କୁଟୀଚର } ଜଳଜନ୍ତୁବିଶେଷ, ସନ୍ନ୍ୟାସିବିଶେଷ ।

କୁଟିର } ବି. ପୁଂ. (କୁଟ-ଇର ଅଥବା
କୁଟୀର } କୁଟି, କୁଟୀ-ର-ଅ) ପର୍ଣ୍ଣଶାଳା, କୁଡ଼ିଆ ଘର, ଛୋଟ ଘର । ଯଥା—

ବିଳାସଭବନ କାରାଗାର ତମୋମୟ,
ସୁନ୍ଦର କୁଟିର କାହିଁ ଭଗ୍ନ ସକାଳୟ;
ନୀରବଭାବରେ ସବୁ ଏକାଳରେ ସ୍ଥିତ । କ. ବ.

କୁଟିଳ, ବିଂ. (କୁଟି-ଲ) କ୍ରୂର, ଶଠ, ବକ୍ର । ବି. ନ. ତଗରପୁଷ୍ପ ।

କୁଟିଳଗ, ବିଂ. (କୁଟିଳ-ଗ) ବକ୍ରଗାମୀ । ବି. ପୁଂ. ସର୍ପ । ଗା, ସ୍ତ୍ରୀ. ନଦୀ ।

କୁଟିଳା, ବି. ସ୍ତ୍ରୀ. (କୁଟିଳ-ଆ) ସରସ୍ୱତୀ ନଦୀ, ଛନ୍ଦୋବିଶେଷ, ଗନ୍ଧଦ୍ରବ୍ୟବିଶେଷ, ରାଧିକାଙ୍କ ନଣନ୍ଦ । ଯଥା—

କୁଟିଳାର କଟୁବଚନ ଜଟିଳାର ଘୋରଗର୍ଜନ
ସହି ନୁହଇ ଏ ଦେହ ଜୀବନ ।

କୁଟିବା, କ୍ରି. ( କୁଟ୍ଟନ ଶବ୍ଦଜ ) ଛେଚିବା, ପ୍ରହାର କରିବା ।

କୁଟ୍ଟଣା, ବି. (କୁଟ୍ଟନୀ ଶବ୍ଦଜ) ଯେଉଁ ପୁରୁଷ ମଧ୍ୟବର୍ତ୍ତୀ ହୋଇ ସ୍ତ୍ରୀ ପୁରୁଷର ବ୍ୟଭିଚାର ଦୋଷ ଘଟାଏ ।

କୁଟ୍ଟଣୀ, ବି. (କୁଟ୍ଟନୀ ଶବ୍ଦଜ) ଯେଉଁ ସ୍ତ୍ରୀ ମଧ୍ୟବର୍ତ୍ତିନୀ ହୋଇ ସ୍ତ୍ରୀ ପୁରୁଷର ବ୍ୟଭିଚାର ଦୋଷ ଘଟାଏ ।

କୁଟ୍ଟୁଭୁଣୀ, ବି. ସ୍ତ୍ରୀ. (ଦେଶଜ) ଯେଉଁ ସ୍ତ୍ରୀ ଧାନ କୁଟି ଜୀବିକା ନିର୍ବାହ କରେ । ଯଥା—

କୁଟ୍ଟୁଭୁଣୀ ଭଉଣୀ, ଚିକ୍କିଣମାନ ଦେଖି କହୁଛ ଏଇଠାମାନ କି ?

ଚିତ୍ର ।

କୁଟୁମ୍ବ, ବି. ପୁଂ. ନ. (କୁଟୁମ୍ବ୍-ଅ) ଜ୍ଞାତି, ପରିବାରବର୍ଗ, ବାନ୍ଧବ ।

କୁଟୁମ୍ବିତା, ବି. ସ୍ତ୍ରୀ. (କୁଟୁମ୍ବିନ୍-ତା) ପାରିବାରିକ ସମ୍ବନ୍ଧ, କୁଟୁମ୍ବ ସମ୍ବନ୍ଧଜନିତ ବ୍ୟବହାର ।

କୁଟୁମ୍ବିନୀ, ବି. ସ୍ତ୍ରୀ. ( କୁଟୁମ୍ବ-ଇନ୍-ଈ ) ଗୃହିଣୀ ।

କୁଟୁମ୍ବୀ, ବି. ପୁଂ. (କୁଟୁମ୍ବ-ଇନ୍) ଗୃହସ୍ଥ ।

କୁଟୁରା, ବି. (ଦେଶଜ) ଏକଜାତୀୟ କ୍ଷୁଦ୍ର ମୃଗ ।

କୁଟ୍ଟକ. ବିଂ. (କୁଟ୍ଟ୍-ଅକ) ଛେଦକ । ବି. ପୁଂ. ଅଙ୍କବିଶେଷ ।

କୁଟ୍ଟନ, ବି. ନ. (କୁଟ୍ଟ୍-ଅନ) କାଟିବା, ଛେଦନ କରିବା, କୁଟିବା, ଦୂଷଣ ।

କୁଟ୍ଟନୀ, ବି. ସ୍ତ୍ରୀ. (କୁଟ୍ଟ୍-ଅନ-ଈ) ଦୂତୀ, କୁଟ୍ଟଣୀ, ଯେଉଁ ସ୍ତ୍ରୀ ମଧ୍ୟବର୍ତ୍ତିନୀ ହୋଇ ସ୍ତ୍ରୀ ପୁରୁଷର ବ୍ୟଭିଚାର ସଂଘଟନ କରାଏ ।

କୁଟ୍ଟାର, ବି. ପୁଂ. ପର୍ବତ । ନ. କମ୍ବଳ, ଅନୁରାଗ, ରତି, କେଳି ।

କୁଟ୍ଟିମ, ବି. ନ. (କୁଟ୍ଟ୍-ଇମ) ରତ୍ନର ଖଣି, ମଣ୍ଡିତଭୂମି, ପକ୍କାଘରର ତଳ, ଡାଳିମ୍ବବୃକ୍ଷ, କୁଟୀର । ଯଥା—

ସକଳ କୁଟ୍ଟିମେ ପ୍ରକଟିଲେଣ ବାସଆଳି କୁଟ୍ଟିମସ୍ଥ ।

ସଂ. ସା.

କୁଟ୍ଟୀର, ବି. ପୁଂ. କ୍ଷୁଦ୍ର ପର୍ବତ ।

କୁଟ୍ମଳ } କୁଡ୍ମଳ } ବି. ପୁଂ. ନ. ( କୁଟ୍-ମଳ ) ମୁକୁଳ, ଫୁଲର କଢ଼, ନରକବିଶେଷ । ଯଥା—

ସୌରଭ-ପ୍ରଚୟକୁ ମଧୁକରପନ୍ତି କୁଟ୍ମଳରୁ ଭୂଷନା । ସ୍ୱ. ପ.

କୁଟ୍ମଳିତ, ବିଂ (କୁଟ୍ମଳ-ଇତ) ମୁକୁଳିତ, ଯାହାର କଢ଼ ନିର୍ଗତ ହୋଇଅଛି ।

କୁଠ, ବି. ପୁଂ. (କୁ=ଶବ୍ଦ କରିବା-ଠ, ଅଥବା କୁ=ପୃଥିବୀ-ସ୍ଥା-ଅ, ସ୍ଥା=ଠ, ଅଥବା କୁଠ=ଛେଦନ କରିବା-ଅ) ପାଦପ, ବୃକ୍ଷ ।

କୁଠର, ବି. ପୁଂ (କୁଠ୍-ଅର) ମନ୍ଥନଦଣ୍ଡ, ବନ୍ଧନସ୍ତମ୍ଭ ।

କୁଠାର, ବି. ପୁଂ. (କୁଠ୍-ଆର) କୁରାଢ଼ି ପ୍ରଭୃତି କାଷ୍ଠ କାଟିବାର ଶସ୍ତ୍ର ।

କୁଠାରୁ, ବି. ପୁଂ. (କୁଠ୍-ଋ-ଉ) ବୃକ୍ଷ, ବାନର, ଅସ୍ତ୍ରନିର୍ମାଣକାରୀ ।

କୁଡଙ୍ଗା, ବିଂ. (ଦେଶଜ) କୁଳାଙ୍ଗାର, ଅସଭ୍ୟ ।

କୁଡ଼ପ } କୁଡ଼ବ } ବି ପୁଂ. (କୁଡ୍-ଅପ, ଅବ) ପରିମାଣବିଶେଷ, ବୈଦ୍ୟମାନଙ୍କ ମତରେ ୩୨ ତୋଳା ।

କୁଡଅ, ବି. ନ. (କୁଟୀର ଶବ୍ଦର ଅପଭ୍ରଂଶ) ପର୍ଣ୍ଣଶାଳା, ଛୋଟଘର ।

କୁଡ଼ୁଅ, ବି. (ପ୍ରାକୃତଜ) ମୃତ୍ତିକାପାତ୍ରବିଶେଷ, ଓଳ ।

କୁଡ୍ୟ } କୂଡ୍ୟ } ବି. ନ. ( କୁଡ୍-ଯ ) ଭିତ୍ତି, କାନ୍ଥ, ବ୍ୟଗ୍ରତା, ବିଲେପନ, କୌତୂହଳ ।

କୁଡ୍ୟଚ୍ଛେଦୀ, ବି ପୁଂ. (କୁଡ୍ୟ-ଛେଦୀ) ସିନ୍ଧିଭେଦୀ ତସ୍କର, ସିନ୍ଧିଆଳ ଚୋର ।

କୁଢ଼, ବି. ଗୁଳ୍ମବିଶେଷ, ଔଷଧବିଶେଷ ।

କୁଣନ. ବି. ନ. (କୁଣ୍-ଅନ) ଶବ୍ଦ ।

କୁଣପ, ବି. ନ. (କ୍ୱଣ୍-ଅପ, ବ=ଉ) ମୃତଶରୀର, ଶବ, ଦୁର୍ଗନ୍ଧ, ଅସ୍ତ୍ରବିଶେଷ ।

କୁଣପୀ ବି. ସ୍ତ୍ରୀ. (କୁଣପ-ଈ) ବିହଙ୍ଗସାରିକା, ପକ୍ଷୀବିଶେଷ ।

**କୁଣିଆ**, ବି. ପୁଂ. (ଦେଶଜ) ବନ୍ଧୁ । ଯଥା—
ହେମୋତ୍ସବ କର୍ମୋତ୍ସବ ବନ୍ଧୁଅଲେ ମେ ବନେ ହୋଇ କୁଣିଆ ।
ଯ. କେ.

**କୁଣ୍ଠ** / **କୁଣ୍ଠିତ** } ବିଂ. (କୁଣ୍ଠ୍-ଅ, ଇ-ତ) ଜଡ଼, ଅଳସ, ସଙ୍କୁଚିତ, ବ୍ୟାହତ; ଅକ୍ଷମ, କାତର, ମୂର୍ଖ, ଅକର୍ମଣ୍ୟ ।

**କୁଣ୍ଡ**, ବି.ପୁଂ. (କୁନ୍ଡ୍-ଅ ପତି ଜୀବତ ଥାନ୍ତି ଥାଉଁ ସ୍ତ୍ରୀ ଉପପତିଦ୍ୱାରା ଯେଉଁ ସନ୍ତାନ ଜାତ କରେ ତାହାକୁ "କୁଣ୍ଡ" ବୋଲା ଯାଏ । ଅଗ୍ନିରକ୍ଷାର୍ଥ ଭୂମିସ୍ଥ ଗର୍ତ୍ତ, କୂପ, ଜଳପାତ୍ର, ଚୌବାଚ୍ଛା, ପରିମାଣପାତ୍ର ।

**କୁଣ୍ଡକୀଟ**, ବି. ପୁଂ. ( କୁଣ୍ଡ-କୀଟ ) ବ୍ରାହ୍ମଣୀ ପୁତ୍ର ।

**କୁଣ୍ଡଗୋଲକ**, ବି. ନ. ( କୁଣ୍ଡ-ଗୁଡ୍-ଅକ, ଡ଼=ଲ) କାଞ୍ଜି, ଖଟା ତୋରାଣି ।

**କୁଣ୍ଡାଙ୍ଗ**, ବି. ପୁଂ. ( କୁଣ୍ଡ-ଅଙ୍ଗ ) କୁଞ୍ଜ, ଲତାଗୃହ ।

**କୁଣ୍ଡଳ**, ବି. ନ. ( କୁଣ୍ଡ-ଅଳ ) କର୍ଣ୍ଣଭୂଷଣ, ବଳୟ, କଙ୍କଣ, ଗୋଡ଼ର ବେଡ଼ି, ବଳୟାକୃତି ବନ୍ଧନୀ, ସମୂହ ।

**କୁଣ୍ଡଳନା**, ବି. ସ୍ତ୍ରୀ. (କୁଣ୍ଡଳ-ଅନ-ଆ) ବଳୟାକୃତି ବେଷ୍ଟନ, ପକ୍ୱାନ୍ନ, ଜଲେପି ।

**କୁଣ୍ଡଳିନୀ**, ବି. ସ୍ତ୍ରୀ. ( କୁଣ୍ଡଳ-ଇନ୍-ଈ ) ଶକ୍ତିବିଶେଷ, ସର୍ପୀ, ମିଷ୍ଟାନ୍ନ, ଜଲେପି, ଗୁଳୁଚୀ ।

**କୁଣ୍ଡଳୀ**, ବି. ପୁଂ. ( କୁଣ୍ଡଳ-ଇନ୍ ) ସର୍ପ, ମୟୂର, ଗବାଦି ପଶୁମାନଙ୍କ ଉପଦ୍ରବରୁ ରକ୍ଷା କରିବା ପାଇଁ ବାଳବୃକ୍ଷର ଚତୁର୍ଦ୍ଦିଗରେ ଦିଆଯିବା ବାଉଁଶପାତିଆ ପ୍ରଭୃତିରେ ନିର୍ମିତ ବେଷ୍ଟନୀ, ବରୁଣ । ବିଂ. କୁଣ୍ଡଳଧାରୀ, କୁଣ୍ଡଳବିଶିଷ୍ଟ । (ସର୍ପ ଅର୍ଥରେ ଯଥା—
କୁଣ୍ଡଳୀ ପନ୍ନଗେ ବେ ନିଜ ଇଚ୍ଛାଏ କାଞ୍ଚୁଲି କରେ ବାହାର ।
ର. କ.

**କୁଣ୍ଡା**, ବି. ( କଡ଼ଙ୍ଗର ଶବ୍ଦଜ ) ଧାନ୍ୟର ତଣ୍ଡୁଳିକ ଅସାରାଂଶ ।

**କୁଣ୍ଡାଇବା**, କ୍ରି. ବି. ( ପ୍ରା. କଣ୍ଡୂ ଶବ୍ଦଜ ) ଆଞ୍ଚୁଡ଼ିବା ।

**କୁଣ୍ଡାଟଡ଼ା**, ବି. (ଦେଶଜ ) ଅତି କ୍ଷୁଦ୍ର, ଜଳକଣା ଆକାରରେ ମେଘ ବର୍ଷିବା ।

**କୁଣ୍ଡିଆ**, ବି. ( କଣ୍ଡୂ ଶବ୍ଦଜ ) କାକୁ ଜାତୀୟ କଣ୍ଡୂରୋଗ ।

**କୁଣ୍ଡିକା**, ବି. ସ୍ତ୍ରୀ. ( କୁଣ୍ଡ-କ-ଆ ) କମଣ୍ଡଳୁ, ତାମ୍ରକୁଣ୍ଡ, ସ୍ଥାଳୀ ।

**କୁଣ୍ଡିନ**, ବି. ନ. (କୁଣ୍ଡ-ଇନ) ବିଦର୍ଭ ନଗର । ପୁଂ. ଦେଶବିଶେଷ, ମୁନିବିଶେଷ ।

**କୁଣ୍ଡୀ**, ବିଂ. (କୁନ୍ଡ୍-ଈ) କୁଣ୍ଡଯୁକ୍ତ । ବି. ରନ୍ଧନଭାଣ୍ଡ, ସ୍ଥାଳୀ । (ଦେଶଜ) ଭାଙ୍ଗ ଇତ୍ୟାଦି ଘୋଟିବା ନିମିତ୍ତ ପ୍ରସ୍ତରନିର୍ମିତ କ୍ଷୁଦ୍ର ପାତ୍ରବିଶେଷ ।

**କୁଣ୍ଡୀର**, ବି ପୁଂ. ( କୁଣ୍ଡ-ଈର ) ମନୁଷ୍ୟ । ବିଂ. ବଳବାନ୍ ।

**କୁଣ୍ଡୋଦର**, ବି. ପୁଂ. ( କୁଣ୍ଡ-ଉଦର ) ନାଗବିଶେଷ । ବିଂ. ଅପ୍ରଶସ୍ତ ଉଦରଯୁକ୍ତ ।

**କୁଣ୍ଢି**, ବି. (ଦେଶଜ) ବକ୍ଷ ସହିତ ସମଗ୍ର ଦୁଇ ବାହୁର ବିସ୍ତାର ।

**କୁଣ୍ଢାଇ** / **କୁଣ୍ଢେଇ** } ବିଂ. (ଦେଶଜ) ଖେଳିବା ପିଲା ।

**କୁଣ୍ଢାଇବା**, କ୍ରି. (ଦେଶଜ) ଆଲିଙ୍ଗନ କରିବା ।

**କୁତଃ**, ଅଂ. ( କିମ୍-ତସ୍ ) କେଉଁଠାରେ, କେଉଁଠାରୁ ।

**କୁତ**, ବି. ( ଦେଶଜ ) ଇଜାରା, ଅନୁମାନିକ ମୂଲ୍ୟ ।

**କୁତନୁ**, ବି. ପୁଂ. ( କୁ-ତନୁ ) କୁବେର ।

**କୁତପ**, ବି. ପୁଂ. (କୁ-ତପ) ଦିବସର ୧୫ ଭାଗର ଅଷ୍ଟମ ଭାଗ, ବାଦ୍ୟ, ଛାଗଲୋମଜ କମ୍ବଳ, କୁଶ, ସୂର୍ଯ୍ୟ, ଅଗ୍ନି, ଅତିଥି, ଭାଗିନେୟ, ଦୌହିତ୍ର, ବ୍ରାହ୍ମଣ ।

**କୁତର୍କ**, ବି. ନ. ( କୁ-ତର୍କ ) ବିତଣ୍ଡା, ମନ୍ଦଯୁକ୍ତି ।

କୁଚା } ବି. ( ଦେଶଜ ) କୁକୁର ।
କୁଶ }

କୁଞ୍ଚି, ବି. ( ଦେଶଜ ) ମାଈ କୁକୁର ।

କୁତୁକ } ବି. ନ. (କୁତୁ-କୈ-ଅ,ହଲ୍-ଅ)
କୁତୁହଳ } କୌତୂହଳ, ଔତ୍ସୁକ୍ୟ, ଆନନ୍ଦ ।
ବିଂ. ପ୍ରଶଂସନୀୟ, ଆଶ୍ଚର୍ଯ୍ୟଜନକ । ଯଥା—

ହେନେ କୁତୁକର କରକାକୁ ଥଣେ ବରଷିଲେ
ମୋ ଉତ୍ତ୍ର ବୃଷ୍ଟି ଝରଝର । ପ୍ରେ. ସୁ.

କୁତୁକୁତୁ, ବି. ( କୁତୁକ ଶବ୍ଦଜ ) କାଖ ପ୍ରଭୃତି ସନ୍ଧିସ୍ଥଳରେ ଅଙ୍ଗୁଳିଚାଳନଦ୍ୱାରା ହାସ୍ୟ ଜନ୍ମାଇବା ।

କୁତୁପ, ବି. ନ. ( କୁତୂ-ଊପ ) କ୍ଷୁତପ । ପୁଂ. ଚର୍ମନିର୍ମିତ ଶ୍ଲେଷ୍ଟ ତୈଳାଦି ପାତ୍ର, ଶ୍ଲେଷ୍ଟ କୁମ୍ପା ।

କୁତୂ, ବି. ସ୍ତ୍ରୀ. ( କୁ-ତନ୍-ଊ, ନ ଲୋପ, ଊ= ଊ) ଚର୍ମନିର୍ମିତ ତୈଳପାତ୍ର ।

କୁତୂହଳୀ, ବିଂ. ( କୁତୂହଳ-ଇନ୍ ) ଯାହାର କୁତୂହଳ ଜନ୍ମିଅଛି, କୁତୂହଳବିଶିଷ୍ଟ, ଆନନ୍ଦିତ ।

କୁତୃଣ, ବି. ନ. (କୁ-ତୃଣ) ବୋଉଳାଡ଼ି ।

କୁତ୍ର, ଅ°. କ୍ରି. ବିଂ. ( କିମ୍-ତ୍ର ) କେଉଁଠାରେ, କୌଣସି ବିଷୟରେ ।

କୁତ୍ରଚିତ୍, ଅ°. କ୍ରି. ବିଂ. (କୁତ୍ର-ଚିତ୍) କୌଣସି ସ୍ଥାନରେ ।

କୁତ୍ରାପି, ଅ°. କ୍ରି. ବିଂ. ( କୁତ୍ର-ଅପି ) କୌଣସି ସ୍ଥାନରେ, କେବେହେଁ ।

କୁତ୍ସନ, ନ } ବି. ( କୁତ୍ସ-ଅନ, ଅ ) ନିନ୍ଦା,
କୁତ୍ସା, ସ୍ତ୍ରୀ } ଗ୍ଳାନି, ଭର୍ତ୍ସନା, ଦୋଷକୀର୍ତ୍ତନ ।
ଯଥା—

ପରନିନ୍ଦା, ପରକୁତ୍ସା କଥନେ, ସର୍ବନେ
ଛଳ କେହ୍ନ, ମତ୍ତ ହୋଇ ଗର୍ବ୍ବାଚନେ ତେ
ଫୁଲାରେ ଉଡ଼ାଏ କେତେ ରଜା ମହାରଜା । ମ. ଯା.

କୁତ୍ସିତ, ବିଂ. ( କୁତ୍ସ-ତ ) ନିନ୍ଦିତ, ଘୃଣିତ, ଖଳ, ଇତର ।

କୁଥ, ବି. ପୁଂ. ନ. ( କୁଥ୍-ଅ ) ହସ୍ତୀ ପ୍ରଭୃତି ପୃଷ୍ଠରେ ଆସ୍ତରଣାର୍ଥ ଚିତ୍ରିତ ବସ୍ତ୍ର ବା କମ୍ବଳ, କୁଶ ତୃଣ ।

କୁଦ } ବି. ( କୁଦ୍ୟ ଶବ୍ଦଜ ) ଢିପ, ଉଚ୍ଚ ଭୂମି ।
କୁଦା }
ଯଥା --

ସେ ଶାଳକେଦାରେ ହୁଗୁ ଦଣେ ଯାଉ ସିକତାକୁଦ ।ଝଷା।

କୁଦାଳ } ବି. ପୁଂ. (କୁ-ଦଳ୍-ଅ) ଭୂମିଖନନାର୍ଥ
କୁଦାଲ } ଯନ୍ତ୍ରବିଶେଷ, କୋଦାଳ ।
କୂଦାଲ }

କୁଦିବା } କ୍ରି. ବି. ( କୁର୍ଦ୍ଦନ, କୂର୍ଦ୍ଦନ ଶବ୍ଦଜ )
କୂଦିବା } ଡେଇଁବା, ଲମ୍ଫ ପ୍ରଦାନ କରିବା,
ଏକ ସ୍ଥାନରେ ପୁନଃ ପୁନଃ ଡ଼େଇଁବା ।

କୁଦ୍ମଳ, ବି. ନ. ଫୁଲ କଢ଼ ।

କୁଦ୍ରଙ୍କ } ବି. ପୁଂ. ( କୁ-ଦ୍ରଙ୍କ, ଦ୍ରଙ୍ଗ )
କୁଦ୍ରଙ୍ଗ } ଗୃହବିଶେଷ, ମଞ୍ଚୋପରିସ୍ଥ ଗୃହ ।

କୁଧ୍ର, ବି. ପୁଂ. (କୁ-ଧୃ-ଅ, ଉ ଲୋପ) ପର୍ବତ ।

କୁନଖ, ବି. ପୁଂ. (କୁ-ନଖ) କୁତ୍ସିତ ନଖରୋଗ ବିଶେଷ, କଣନଖା । ବିଂ. ନଖରୋଗୀ, କୁତ୍ସିତ ନଖଯୁକ୍ତ ।

କୁନାଟ, ବି. ପୁଂ. ( କୁ-ନାଟ ) ବାତମଣ୍ଡଳୀ, ଘୂର୍ଣ୍ଣିମାନ ବାୟୁ, ନୃତ୍ୟବିଶେଷ ।

କୁନ୍ତ, ବି. ପୁଂ. ( କୁ-ଅନ୍ତ ) ପକ୍ଷବିଶିଷ୍ଟ ବାଣ, ପ୍ରାସ-ଅସ୍ତ୍ର, ଭଲ୍ଲ । ଯଥା—

ସେ ଦୁଃଖ ପୋଡ଼ୁଥାଉ ଶଙ୍କୁ ହୁଁ ଘା ନ ପାଉ
ତବୁଆଥ ନାହିଁ ତାହା ହେ; ପ୍ରାଣବନ୍ଧୁ,
ତରକୁ କୁନ୍ତପତ୍ର ହେ ! ଲା. ବ.

କୁନ୍ତଳ, ବି. ପୁଂ. (କୁନ୍ତ-ଲା-ଅ) କେଶ, ବାଳ ।
ଯଥା--

ଅସମ୍ଭାଳେ ପିଠି କୁନ୍ତଳ ଭୂମି ଯାଏ ପରଶି । ଚନ୍ଦ୍ରଭଗା

ପାନପାତ୍ର, ଯବ, ଲଙ୍ଗଳ, ଦେଶବିଶେଷ ।

କୁନ୍ତି } ବି. ସ୍ତ୍ରୀ. ( କୁନ୍ତ-ଇ, ଈ ) ପାଣ୍ଡୁ
କୁନ୍ତୀ } ରାଜାଙ୍କ ପତ୍ନୀ । ପୁଂ. ଦେଶବିଶେଷ ।

କୁନ୍ନନ, ବି. ନ. ( ... ନ-ଅନ ) କୁନ୍ନେଇବା, କ୍ଲେଶଦେବାଉଚିତ ।

କୁଣ୍ଠା, ବି. ( କୁଣ୍ଠନ ଶବ୍ଦଜ ) କୁଣ୍ଠାଇବା, ବିଂ. କୁଣ୍ଠିତ ।

କୁଣ୍ଠାଇବା, କ୍ରି. (କୁଣ୍ଠ ଧାତୁଜ) ବାଧାରେ ଉଁ ଉଁ ଶବ୍ଦ କରିବା ।

କୁଣ୍ଠାଣ, ବି. ( କୁଣ୍ଠନ ଶବ୍ଦଜ ) କୁଣ୍ଠାଇବା ।

କୁନ୍ଥୁକୁନ୍ଥୁ, ବି. କୁଣ୍ଠିତ, ଅନଚ୍ଛନ୍ଦ ।

କୁନ୍ଦ, ବି. ପୁଂ. ନ. (କୁ-ଉନ୍ଦ୍-ଅ) ପୁଷ୍ପବିଶେଷ, କୁବେରର ନିଧିବିଶେଷ, କୁନ୍ଦିବାର ଯନ୍ତ୍ର ।

କୁନ୍ଦନ, ବି. ନ. ସୁବର୍ଣ୍ଣବିଶେଷ ।

କୁନ୍ଦମ, ବି. ପୁଂ. (କୁ-ଦମ) ବିଲେଇ ।

କୁନ୍ଦର, ବି. ପୁଂ. କୁ-ଦୃ-ଅ) ହିରଣ୍ୟାକ୍ଷ ବଧ ସମୟରେ ବରାହରୂପ ଧାରଣ କରି ଯେ ପୃଥିବୀ ଉଦ୍ଧାରଣ କରିଥିଲେ, ବିଷ୍ଣୁ ।

କୁନ୍ଦା, ବିଂ. ଯାହା କୁନ୍ଦରେ ସଫା କରି ଯାଇଅଛି । ବି. କୁନ୍ଦିବା ।

କୁନ୍ଦିନୀ, ବି. ସ୍ତ୍ରୀ. ( କୁନ୍ଦ-ଇନ୍-ଈ ) ପଦ୍ମସମୂହ, କୁନ୍ଦ ପୁଷ୍ପ ସହିତ ପଦ୍ମପୁଷ୍ପର ଶୁକ୍ଳତ୍ୱର ସାଦୃଶ୍ୟ ଥିବାରୁ ପଦ୍ମପୁଷ୍ପକୁ କୁନ୍ଦିନୀ ବୋଲାଯାଏ ।

କୁନ୍ଦିବା, କ୍ରି. ( ଦେଶଜ ) ଯନ୍ତ୍ରଦ୍ୱାରା ଧାତୁ ଦ୍ରବ୍ୟାଦି ତକ୍ଷଣ କରିବା ।

କୁନ୍ଦ୍ରୁ, ବି. ସ୍ତ୍ରୀ. (କୁ-ଦୃ-ଡ଼ୁ, ର ଲୋପ) ମୂଷା ।

କୁପଥ, ବି. ପୁଂ. (କୁ-ପଥ) ଅସତ୍‌ପଥ, ଜଘନ୍ୟ-ପଥ ।

କୁପିତ, ବିଂ. (କୁପ୍-ତ) କ୍ରୋଧାନ୍ୱିତ, ଯାହାର କ୍ରୋଧ ଜନ୍ମିଅଛି, କ୍ରୋଧୀ ।

କୁପିନୀ, ବି. ସ୍ତ୍ରୀ. ( ଗୁପ୍-ଇନ୍-ଈ, ଗ=କ ) ମାଛ ରଖିବାର ଖାଲୋଇ । ପୁଂ. କୈବର୍ତ୍ତ ।

କୁପିନ୍ଦ, ବି. ପୁଂ. ( କୁପ୍-ଇନ୍ଦ ) ତନ୍ତୁବାୟ, ତନ୍ତୀ ।

କୁପ୍ୟ, ବି. ନ. ( ଗୁପ୍-ଯ, ଗ=କ ) ସ୍ୱର୍ଣ୍ଣ ଓ ରୌପ୍ୟ ଭିନ୍ନ ଅନ୍ୟ ସମୁଦାୟ ଧାତୁ ।

କୁପ୍ୟଶାଳା, ବି. ସ୍ତ୍ରୀ. (କୁପ୍ୟ ଶାଳା) ଥଠାରି ଦୋକାନ, ସ୍ୱର୍ଣ୍ଣ ରୌପ୍ୟ ଭିନ୍ନ ଧାତୁପାତ୍ର-ନିର୍ମାଣ ଗୃହ ।

କୁବେର, ବି. ପୁଂ. (କୁ-ବେର=ଶରୀର) ଯକ୍ଷ-ରାଜ, ଧନାଧିପ ।

କୁବ୍ଜ, ବିଂ. (କୁ-ଉବ୍ଜ୍-ଅ) କୁଜା ।

କୁବ୍ରହ୍ମ, ବି. ପୁଂ. ( କୁ-ବ୍ରହ୍ମନ୍ ) ଅପକୃଷ୍ଟ ବ୍ରାହ୍ମଣ ।

କୁଭୃତ୍, ବି. ପୁଂ. (କୁ-ଭୃ-୦) ଭୂଧର, ପର୍ବତ ।

କୁମର, ବି. ( କୁମାର ଶବ୍ଦଜ ) ପୁଅ ।

କୁମାର, ବି. ପୁଂ. ( କୁମାର୍-ଅ ) କାର୍ତ୍ତିକେୟ, ଯୁବରାଜ, ପଞ୍ଚମବର୍ଷୀୟ ବାଳକ, ପୁତ୍ର, ସିନ୍ଧୁନଦ । ନ. ଖାଣ୍ଟି ସୁନା, କାମଦେବ ।

କୁମାରଭୃତ୍ୟା, ବି. ସ୍ତ୍ରୀ. (କୁମାର-ଭୃ-ଯ-ଆ, ତ ଆଗମ) ବାଳଚିକିତ୍ସା ।

କୁମାରବାହୀ, ବି. ପୁଂ. (କୁମାର-ବାହୀ) ମୟୂର ।

କୁମାରସମ୍ଭବ, ବି. ନ. କାଳିଦାସପ୍ରଣୀତ କାବ୍ୟବିଶେଷ ।

କୁମାରିକା, ବି. ସ୍ତ୍ରୀ. (କୁମାରୀ-କ-ଆ) ଭାରତ-ବର୍ଷର ଦକ୍ଷିଣସ୍ଥ ଅନ୍ତରୀପବିଶେଷ, ୧୨ଶ ବର୍ଷୀୟା କନ୍ୟା, ଅନୂଢ଼ା କନ୍ୟା ।

କୁମାରୀ, ବି. ସ୍ତ୍ରୀ. ( କୁମାର-ଈ) ୧୨ଶ ବର୍ଷୀୟା ଅବିବାହିତା କନ୍ୟା, ଅନୂଢ଼ା କନ୍ୟା, ଘୃତକୁମାରୀ, ଦୁର୍ଗା, ନବମଲ୍ଲିକା, ନଦୀ-ବିଶେଷ ।

କୁମୁଟି, ବି. ( ଦେଶଜ ) ବ୍ୟବସାୟୀ ଜାତି-ବିଶେଷ ।

କୁମୁଦ୍, ବି. ନ. (କୁ-ମୁଦ୍-୦) ଶ୍ୱେତୋତ୍ପଳ, ରକ୍ତପଦ୍ମ, କୈରବ । ବିଂ. କୃପଣ ।

କୁମୁଦ, ବି. ନ. (କୁ-ମୁଦ୍-ଅ) ଶ୍ୱେତପଦ୍ମ, ରକ୍ତ ପଦ୍ମ, ରୌପ୍ୟ, ନୈର୍ଋତ କୋଣର ହସ୍ତୀ, ବାନରବିଶେଷ, ସର୍ପବିଶେଷ, ଦୈତ୍ୟ-ବିଶେଷ, କର୍ପୂର, କାର୍ତ୍ତିକ ମାସ । ଦା. ସ୍ତ୍ରୀ. ବୋଇଝାଞ୍ଜି, ଗମ୍ଭାରିବୃକ୍ଷ ।

କୁମୁଦବାନ୍ଧବ, ବି. ପୁଂ. ( କୁମୁଦ-ବାନ୍ଧବ ) ନିଶାକର, ଚନ୍ଦ୍ର, କର୍ପୂର ।

**କୁମୁଦ୍ୱତୀ** / **କୁମୁଦ୍‌ବତୀ** / **କୁମୁଦିନୀ** } ବି. ସ୍ତ୍ରୀ. ( କୁମୁଦ-ବତ୍-ଈ, କୁମୁଦ୍-ବତ୍-ଈ, କୁମୁଦ୍-ଇନ୍-ଈ) କୁମୁଦ ନାଡ଼, କଇଁ ନାଡ଼, କୁମୁଦସମୂହ । ଯଥା—

କେତେ ଦୂରେ ଚନ୍ଦ୍ର କେତେ ଦୂରେ କୁମୁଦିନୀ । ପ୍ରେ. ସୁ.

**କୁମୁଦାକର**, ବି. ପୁଂ. ହ୍ରଦ ପ୍ରଭୃତି ।

**କୁମୁଦ୍ୱାନ୍**, ବିଂ. (କୁମୁଦ୍-ବତ୍) କୁମୁଦବହୁଳ ।

**କୁମେରୁ** (Antarctic-pole) ବି. ପୃଥିବୀର ଦକ୍ଷିଣ କେନ୍ଦ୍ର ।

**କୁମେରୁବୃତ୍ତ**, ବି. ନ. ଦକ୍ଷିଣମେରୁର ୨୩॥ ଅଂଶ ଉତ୍ତରରେ ଯେଉଁ ଅକ୍ଷରେଖା ଥାଏ ।

**କୁମ୍ପ**, ବିଂ. (କୁନ୍-ପ୍-ଅ) ବକ୍ରହସ୍ତ ।

**କୁପ୍ପା**, ବି. ନ. (କୁତୁପ ଶବ୍ଦଜ) ତରଳ ପଦାର୍ଥ ରଖିବା ପାତ୍ରବିଶେଷ ।

**କୁମ୍ପାସ**, ବି. (Compass) ମାପିବା ଯନ୍ତ୍ରବିଶେଷ, ଏକପ୍ରକାର ଅସ୍ତ୍ର ।

**କୁମ୍ଭ**, ବି. ପୁଂ. (କ-ଉନ୍ଭ୍-ଅ) ଘଟ, କଳସ, ଗଜକୁମ୍ଭ, କୁମ୍ଭରାଶି, ରାକ୍ଷସବିଶେଷ, କୁମ୍ଭକର୍ଣ୍ଣର ପୁତ୍ର, ପରିମାଣବିଶେଷ, ବେଶ୍ୟାପତି, ନିଶ୍ୱାସରୋଧକ ଚେଷ୍ଟା ।

**କୁମ୍ଭକ**, ବି. ପୁଂ. ( କୁମ୍ଭ-କ ) ନିଶ୍ୱାସରୋଧକ ଚେଷ୍ଟା ।

**କୁମ୍ଭକର୍ଣ୍ଣ**, ବି. ପୁଂ. ରାକ୍ଷସବିଶେଷ, ରାବଣର ଭ୍ରାତା ।

**କୁମ୍ଭକାର**, ବି. ପୁଂ. (କୁମ୍ଭ-କାର) ଜାତିବିଶେଷ, କୁମ୍ଭାର ।

**କୁମ୍ଭଜ**, ବି. ପୁଂ. (କୁମ୍ଭ-ଜନ୍-ଅ) ଅଗସ୍ତ୍ୟ ମୁନି ।

**କୁମ୍ଭଦାସୀ**, ବି. ସ୍ତ୍ରୀ. ( କୁମ୍ଭ-ଦାସୀ ) ଦୂତୀ, କୁଟ୍ଟିନୀ ।

**କୁମ୍ଭଯୋନି** / **କୁମ୍ଭସମ୍ଭବ** } ବି. ପୁଂ. (କୁମ୍ଭ-ଯୋନି-ସମ୍ଭବ, କୁମ୍ଭରୁ ଉଦ୍ଭବ) ଅଗସ୍ତ୍ୟ, ବଶିଷ୍ଠ, ଦ୍ରୋଣାଚାର୍ଯ୍ୟ ।

**କୁମ୍ଭଶାଳା**, ବି. ସ୍ତ୍ରୀ. (କୁମ୍ଭ-ଶାଳ) କୁମ୍ଭାର ଘର ।

**କୁମ୍ଭସନ୍ଧି**, ବି. ପୁଂ. (କୁମ୍ଭ-ସନ୍ଧି) ଗଜକୁମ୍ଭଦ୍ୱୟ ମଧ୍ୟବର୍ତ୍ତୀ ସ୍ଥାନ ।

**କୁମ୍ଭା**, ବି. ସ୍ତ୍ରୀ. (କୁମ୍ଭ-ଅ) ବେଶ୍ୟା । ଘାଗୁଡ଼ି ପରଡ଼ା ।

**କୁମ୍ଭାଟୁଆ**, ବି. (ଦେଶଜ) ପକ୍ଷିବିଶେଷ । ଯଥା—

କୁମ୍ଭାଟୁଆ ଶବ୍ଦ ଚୁଡ଼ଚୁଡ଼ ଡାକେ
ରଙ୍ଗ ବଦଳାଇଲା କାନନ ଦାକେ । ନ. ବେ.

**କୁମ୍ଭାର** / **କୁମ୍ଭାର** } ବି. ( କୁମ୍ଭକାର ଶବ୍ଦଜ ) କୁମ୍ଭକାର, କୁଲାଲ ।

**କୁମ୍ଭିକା**, ବି. ସ୍ତ୍ରୀ. (କୁମ୍ଭୀ-କ-ଆ) ବୋଇଁଛି, ନେତ୍ରରୋଗବିଶେଷ ।

**କୁମ୍ଭିଲ**, ବି. ପୁଂ. ( କୁମ୍ଭ-ଇଲ ) ଚୌର, ଶ୍ୟାଳକ, ଶ୍ଳୋକାର୍ଥଚୌର, ଶୋଲମାଛ ।

**କୁମ୍ଭୀ** ବି. ପୁଂ. (କୁମ୍ଭ-ଇନ୍) ହସ୍ତୀ, କୁମ୍ଭୀର, ଠେଙ୍ଗା ।

**କୁମ୍ଭୀ**, ବି. ସ୍ତ୍ରୀ. (କୁମ୍ଭ-ଈ) କ୍ଷୁଦ୍ର କଳସୀ, ଘଣ୍ଟି, ବେଶ୍ୟା ।

**କୁମ୍ଭୀନସ**, ବି. ପୁଂ. (କୁମ୍ଭୀ-ନାସ) ବୃହତ୍ ଏବଂ କ୍ରୂର ସର୍ପ ।

**କୁମ୍ଭୀନସୀ**, ବି. ସ୍ତ୍ରୀ. (କୁମ୍ଭୀ-ନସ-ଈ) ରାବଣର ଭଉଣୀ, ରାକ୍ଷସୀ, ଲବଣନାମକ ରାକ୍ଷସର ମାତା ।

**କୁମ୍ଭୀପାକ**, ବି. ପୁଂ. (କୁମ୍ଭୀ-ପାକ) ନରକବିଶେଷ, ଏଥିରେ ପାପିମାନଙ୍କୁ ପାକ କରାଯାଏ ।

**କୁମ୍ଭୀର** / **କୁମ୍ଭୀଲ** } ବି. ପୁଂ. (କୁମ୍ଭୀ-ର, ଲ) କୁମ୍ଭୀର, ନକ୍ର, ଜଳଜନ୍ତୁବିଶେଷ ।

**କୁରଙ୍କର** / **କୁରଙ୍କୁର** } ବି. ପୁଂ. (କୁର-କର) ସାରସ ପକ୍ଷୀ ।

**କୁରଙ୍ଗ** / **କୁରଙ୍ଗକ** / **କୁରଙ୍ଗମ** } ବି. ପୁଂ. ( କୁ-ରନ୍ଗ-ଅ, ଅଥବା କୁର-ଅଙ୍ଗ ) ହରିଣ, ମୃଗ ।

**କୁରଙ୍ଗନାଭ,** ବି. ପୁଂ. ( କୁରଙ୍ଗ-ନାଭ ) କସ୍ତୁରୀ, ମୃଗମଦ, ଗନ୍ଧଦ୍ରବ୍ୟବିଶେଷ ।

**କୁରଚିଲ୍ଲ,** ବି. ପୁଂ. କର୍କଟ, କଙ୍କଡ଼ା ।

**କୁରଣ୍ଟ,** ବି. ପୁଂ. ( କୁ-ରଣ୍ଟ୍-ଅ ) ଚର୍ମବ୍ୟବସାୟୀ, ଚମାର, ମୋଚି ।

**କୁରଣ୍ଡ,** ବି. ପୁଂ. ( କୁର୍-ଅଣ୍ଡ ) ଦାସକୁରଣ୍ଡା ଗଛ ।

**କୁରଣ୍ଡ** } ବି. ପୁଂ. ( କୁର୍-ଅଣ୍ଡ, ଉଣ୍ଡ )
**କୁରୁଣ୍ଡ** } ବୃଦ୍ଧିଶୀଳ ଅଣ୍ଡକୋଷ ।

**କୁରର,** ବି. ପୁଂ. (କୁର୍-ଅର) ଉତ୍କ୍ରୋଶ ପକ୍ଷୀ, ଇଗଲ ପକ୍ଷୀ, ମେଷ ।

**କୁରରୀ,** ବି. ସ୍ତ୍ରୀ, (କୁର୍-ଅର୍-ଈ) ଉତ୍କ୍ରୋଶ-ପକ୍ଷିଣୀ, ଭେଡ଼ୀ । ଯଥା—

ଏମନ୍ତ ଭଷି ଶୋକବହ୍ନିରେ ଅଛ,
କୁରରୀ ପ୍ରାୟେ ଉଚ୍ଚେ କାନ୍ଦିଲେ ସଖୀ । କ. ବ.

**କୁରଲ,** ବି. ପୁଂ. (କୁର୍-ଅଲ) କୁରର ପକ୍ଷୀ, ଅଳକ, ଚୂର୍ଣ୍ଣକୁନ୍ତଳ ।

**କୁରବ,** ବି. ପୁଂ. ( କୁ-ରବ ) କୁତ୍ସିତ ଶବ୍ଦ, ଦୁର୍ନାମ, କଳଙ୍କ, କୁରୁବକ ବୃକ୍ଷ ।

**କୁରବକ** } ବି. ପୁଂ. ( କୁ-ରୁ-ବକ )
**କୁରୁବକ** } ଝିଣ୍ଟିପୁଷ୍ପ ବୃକ୍ଷ ।

**କୁରସ,** ବି. ପୁଂ. ( କୁ-ରସ ) ମଦ୍ୟବିଶେଷ, କୁତ୍ସିତ ରସ । ବି°. କୁତ୍ସିତ ରସବିଶିଷ୍ଟ ।

**କୁରୁ,** ବି. ପୁଂ. (କୁର୍-ଉ) ଚନ୍ଦ୍ରବଂଶୀୟ ନୃପ-ବିଶେଷ, ବର୍ଷବିଶେଷ, ଦେଶବିଶେଷ, ବଣକାଉଡ଼ି ।

**କୁରୁକ୍ଷେତ୍ର,** ବି. ନ. ( କୁରୁ-କ୍ଷେତ୍ର ) ଦିଲ୍ଲୀର ନିକଟବର୍ତ୍ତୀ ଦେଶବିଶେଷ, କୁରୁପାଣ୍ଡବ-ମାନଙ୍କର ରଣଭୂମି ।

**କୁରୁଜାଙ୍ଗଲ,** ବି. ପୁଂ. ଗଙ୍ଗା ଯମୁନାର ଅନ୍ତ-ର୍ବେଦୀର ଉତ୍ତରଭାଗସ୍ଥିତ ଜଙ୍ଗଲମୟ ଦେଶ ।

**କୁରୁକୁରିବା,** କ୍ରି (ଦେଶଜ) ଅନନ୍ଦରେ ହର୍ଷଧ୍ୱନି କରିବା ।

**କୁରୁଣ୍ଟ,** ବି. ପୁଂ. (କୁ-ରୁନ୍ଟ୍-ଅ) ଝିଣ୍ଟୀ ବୃକ୍ଷ ।

**କୁରୁଣ୍ଟକ,** ବି. ପୁଂ. ( କୁ-ରୁନଟ୍-ଅକ ) ଦାସ-କୁରୁଣ୍ଟା ଗଛ, ଦାସୀ । ଯଥା—

କେଶୁଁ କୁରୁଣ୍ଟକ
ଦେଖାଇ ବୋଇଲା ଏ ନାମେ ତାଙ୍କ । ଲ. ବ.

**କୁରୁଣ୍ଟୀ,** ବି. ସ୍ତ୍ରୀ. (କୁ-ରୁନ୍ଟ୍-ଅ-ଈ ) କାଠର କଣ୍ଢେଇ ।

**କୁରୁପଞ୍ଚ,** ବି. ପୁଂ. (କୁରୁ-ପଞ୍ଚ) ଧୃତରାଷ୍ଟ୍ର ।

**କୁରୁବିନ୍ଦ,** ବି. ନ. ପୁଂ. ( କୁରୁ-ବିନ୍ଦ୍-ଅ ) ପଦ୍ମରାଗମଣି, ମୁସ୍ତା, ମୁଥା, ଦର୍ପଣ, ହିଙ୍ଗୁଳ । ଯଥା—

ନନ୍ଦାର ନନ୍ଦନ ହେ ଇନ୍ଦ୍ରୁ ରେ ନୂତନ
ନନ୍ଦାରବିମ୍ବକୁରୁବିନ୍ଦାଧରୀ । କ. ଚ.

**କୁରୁଳୀ,** ବି. ସ୍ତ୍ରୀ. ଚୂର୍ଣ୍ଣକୁନ୍ତଳ । ଯଥା—

କାହା କରୁଣ କୁରୁଳୀ କପୋଳେ ଯାଉଛି ଝଳ । ଉ. କ.

**କୁରୁବିଲ୍ୱ,** ବି. ପୁଂ. (କୁରୁ-ବିଲ୍ୱ) ପଦ୍ମରାଗମଣି ।

**କୁରୁବସ୍ତ,** ବି. ପୁଂ. (କୁରୁ-ବସ୍ତ)ଶୁଭ୍ର ଭର ସୁନା ।

**କୁରୁବୃଦ୍ଧ,** ବି. ପୁଂ. (କୁରୁ-ବୃଦ୍ଧ) ଭୀଷ୍ମ ।

**କୁର୍ତ୍ତା** } ବି ( ଯାବନିକ ) ଜାମା, ଅଙ୍ଗ-
**କୁରୁତା** } ରଖା ।

**କୁର୍ଦ୍ଦନ** } ବି. ନ. (କୁର୍ଦ୍ଦ, କୂର୍ଦ୍ଦ-ଅନ )
**କୂର୍ଦ୍ଦନ,** } କ୍ରୀଡ଼ା, ଆସ୍ଫାଳନ, କୁଦିବା ।

**କୂର୍ପର,** ବି. ପୁଂ. ( କୁର୍-ପର ) ଜାନୁ, ଜଙ୍ଘ, କହୁଣି ।

**କୂର୍ପାସ** } ବି. ପୁଂ. ନ. ( କୁର୍ପ-ଅସ୍-ଅ,
**କୂର୍ପାସକ** } କ ଯୋଗେ କୂର୍ପାସକ )
କାଞ୍ଚୁଲି ।

**କୁଳ,** ବି. ନ. (କୁ-ଲ) ବଂଶ, ଗୋଷ୍ଠୀ, ଜାତି-ସମୂହ, ଭବନ, ଗୃହ, ଜନପଦ, ଦେହ, କ୍ଷେତ୍ରବିଶେଷ ।

**କୁଳକ,** ବି. ପୁଂ. ନ. ( କୁଳ-କୈ-ଅ ) ଏକ କର୍ତ୍ତା ବା ଏକ କ୍ରିୟାପଦଘଟିତ ଚତୁରଧିକ ଶ୍ଳୋକ ।

ଦ୍ୱାଭ୍ୟାଂ ଯୁଗ୍ମମିତି ପ୍ରୋକ୍ତଂ ତ୍ରିଭିଃ ଶ୍ଳୋକୈର୍ବିଶେଷକଂ ।
କଳାପକଂ ଚତୁର୍ଭିଃ ସ୍ୟାତ କୁଳକଂ ତଦନନ୍ତରଂ ।

ପୋଟଳ ଗଛ, ବଲ୍ମୀକ, କୁଳଶ୍ରେଷ୍ଠ, ତଉଦ୍‌ବର୍ଣ୍ଣ ସର୍ପ ।

କୁଳକୁଣ୍ଡଳନୀ, ବି. ସ୍ତ୍ରୀ. ( କୁଳ-କୁଣ୍ଡଳନୀ ) ତନ୍ତ୍ରଶାସ୍ତ୍ରପ୍ରସିଦ୍ଧ ମୂଳାଧାରସ୍ଥ ସର୍ପୀ କୁଳୀ ଶକ୍ତିବିଶେଷ ।

କୁଳଜ, ବିଂ, ( କୁଳ-ଜ ) ସତ୍କୁଳଜାତ, ସଦ୍‌ବଂଶୋଦ୍ଭବ ।

କୁଳଟା, ବିଂ. (କୁଳ-ଅଟ୍-ଅ) ଅସତୀ, ଭ୍ରଷ୍ଟା, କୁଳତ୍ୟକ୍ତା, ସତୀ-ଉଦ୍ଧତା ।

କୁଳତନ୍ତୁ, ବି. ପୁଂ. ( କୁଳ-ତନ୍ତୁ ) ସନ୍ତାନ, ଅପତ୍ୟ ।

କୁଳଥା }
କୁଳୁଥା } ବି. ( ସମ୍ବଲପୁରରେ ପ୍ରଚଳିତ ) ଚଷା ।

କୁଳତିଳକ, ବିଂ. ବଂଶର ଚୂଡ଼ାମଣି, ଯାହାର ଗୁଣ ଏବଂ କ୍ଷମତାରେ ବଂଶର ଗୌରବ ବୃଦ୍ଧି ହୁଏ ।

କୁଳତ୍ଥ ବି. ପୁଂ. (କୁଳ-ସ୍ଥା-ଅ) କୋଳଥ ।

କୁଳଦେବତା, ବି. ସ୍ତ୍ରୀ. (କୁଳ-ଦେବତା)ବଂଶାନୁକ୍ରମେ କୁଳପୂଜ୍ୟ ଦେବତା ।

କୁଳଧର, ବି. ପୁଂ. (କୁଳ-ଧୃ-ଅ)ବଂଶଧର, ପୁତ୍ର ।

କୁଳପତି, ବି. ପୁଂ. ( କୁଳ ପତି ) କୁଳଶ୍ରେଷ୍ଠ, ବଂଶର ପ୍ରଧାନ ବ୍ୟକ୍ତି, ଆଶ୍ରମର ସର୍ବପ୍ରଧାନ ମୁନି ।

କୁଳପର୍ବତ, ବି. ପୁଂ. (କୁଳ-ପର୍ବତ) ମହେନ୍ଦ୍ର, ମଳୟ, ସହ୍ୟ, ଶୁକ୍ତିମାନ୍, ଋକ୍ଷ, ବିନ୍ଧ୍ୟ, ପାରିଯାତ୍ର ଏହି ସାତ କୁଳପର୍ବତ — ହିମାଳୟକୁ ମିଶାଇ ୮ କୁଳପର୍ବତ ।

କୁଳପାଳକ, ବିଂ. (କୁଳ-ପାଳକ ) ବଂଶରକ୍ଷକ, ବଂଶର ପାଳକ । ବି. ନ. କମଳାଲେମ୍ବୁ ।

କୁଳପାଳି }
କୁଳପାଳିକା } ବି. ସ୍ତ୍ରୀ. (କୁଳ-ପାଳି,ପାଳିକା) ପତିବ୍ରତା ସ୍ତ୍ରୀ, କୁଳବଧୂ, ସାଧ୍ୱୀ ସ୍ତ୍ରୀ ।

କୁଳମ୍ବୁର, ବି. ପୁଂ. ସିନ୍ଧୁଶୈର ।

କୁଳଲକ୍ଷଣ, ବି. ପୁଂ. (କୁଳ-ଲକ୍ଷଣ ) ୯ ପ୍ରକାର କୁଳର ଚିହ୍ନ । ଯଥା— ଆଚାର, ବିନୟ, ପ୍ରତିଷ୍ଠା, ବିଦ୍ୟା, ତୀର୍ଥଦର୍ଶନ, ନିଷ୍ଠା, ବୃତ୍ତି, ତପସ୍ୟା, ଦାନ । ଯଥା—

ଆଚାରୋ ବିନୟୋ ବିଦ୍ୟା ପ୍ରତିଷ୍ଠା ତୀର୍ଥଦର୍ଶନଂ,
ନିଷ୍ଠାବୃତ୍ତିସ୍ତପୋଦାନଂ ନବଧା କୁଳଲକ୍ଷଣଂ ।

କୁଳବତୀ,ବି.ସ୍ତ୍ରୀ. (କୁଳ-ବତ୍-ଈ)ସଚ୍ଚରିତ୍ରା ସ୍ତ୍ରୀ ।

କୁଳବୁଡ଼ା ବିଂ. ଯାହାହେତୁରୁ ବଂଶର ଗୌରବ ନଷ୍ଟ ହୁଏ । ଯାହା ଦୋଷରୁ ବଂଶଲୋପ ହୁଏ ।

କୁଳବାର, ବି. ପୁଂ. ( କୁଳ-ବାର ) ମଙ୍ଗଳ ଓ ଶୁକ୍ରବାର ।

କୁଳବିଦ୍ୟା,ବି. ସ୍ତ୍ରୀ. କୁଳକ୍ରମାଗତ ବିଦ୍ୟା,ବଂଶପରମ୍ପରାରେ ଶିକ୍ଷଣୀୟା ବିଦ୍ୟା ।

କୁଳବ୍ରତ, ବି.ନ. ( କୁଳ-ବ୍ରତ ) କୁଳକ୍ରମରେ କର୍ତ୍ତବ୍ୟ ବ୍ରତ ।

କୁଳସମ୍ଭବ, ବିଂ. (କୁଳ-ସମ୍ଭବ )ଯେ କୌଣସି ବଂଶରୁ ଉତ୍ପନ୍ନ ।

କୁଳୀ, ବି. ( କୁଳୀ ଶବ୍ଦଜ ) ସୂର୍ପ, ତଣ୍ଡୁଳାଦି ପାଛୁଡ଼ିବା ନିମିତ୍ତ ବାଉଁଶନିର୍ମିତ ପାତ୍ରବିଶେଷ ।

କୁଳାଙ୍ଗାର, ବିଂ. ( କୁଳ-ଅଙ୍ଗାର ) କୁଳାଧମ, ଯାହାର ଚରିତ୍ରଦୋଷରୁ କୁଳରେ କଳଙ୍କ ହୁଏ ।

କୁଳାଚାର, ବି. ପୁଂ. (କୁଳ-ଆଚାର)କୁଳାଚରିତ ଧର୍ମ, କୁଳଧର୍ମ ।

କୁଳାଚାର୍ଯ୍ୟ, ବି. ପୁଂ. ( କୁଳ ଆଚାର୍ଯ୍ୟ) କୁଳପୁରୋହିତ, ଘଟକ ।

କୁଳାୟ, ବି. ପୁଂ. (କୁଳ-ଅୟ୍) ପକ୍ଷୀର ବସା, ନୀଡ଼, ବାସସ୍ଥାନ । ନ ଶରୀର ।

କୁଳାୟସ୍ଥ, ବି. ପୁଂ. (କୁଳାୟ-ସ୍ଥା-ଅ) ପକ୍ଷୀ ।

କୁଳାଳ, ବି. ପୁଂ. ( କୁଳ୍-ଅଳ ) କୁମ୍ଭକାର, କୁମ୍ଭାର । ଯଥା—

କୁଲାଲଚକ୍ର ପ୍ରାନ୍ତେ ଭ୍ରମିଲ ଚକ୍ର ।

ପକ୍ଷିବିଶେଷ ।

କୁଳାଧ୍ୱଜ, ବି. ପୁଂ. ( କୁଳ-ଆ-ଧ୍ୱନ୍-ଜ ) ଏଣ୍ଡୁଅ ।

କୁଳି, ବି. ସ୍ତ୍ରୀ. (କୁଲ୍-ଇ) କଣ୍ଟକାରୀ ବୃକ୍ଷ । ପୁଂ. ହସ୍ତ । (କୁଲୁକ ଶବ୍ଦଜ) ମୁଖ ମଧ୍ୟରେ ପାଣି ପୂରାଇ କଲ କଲ ଶବ୍ଦ କରି ବାହାରକୁ ପକାଇ ଦେବା ।

କୁଳିର } ବି. ପୁଂ. (କୁଲ୍-ଇର, ଈର) କର୍କଟ,
କୁଳୀର } କଙ୍କଡ଼ା, ଚତୁର୍ଥ ରାଶି ।

କୁଳିଶ } ବି. ପୁଂ. ନ. ( କୁଳ,କୁଳୀ-ଶ )
କୁଳୀଶ } ଇନ୍ଦ୍ରଙ୍କ ବଜ୍ର, ମତ୍ସ୍ୟବିଶେଷ, ଅଗ୍ରଭାଗ । ( ଇନ୍ଦ୍ରଙ୍କ ବଜ୍ର ଅର୍ଥରେ ) ଯଥା—

ବୃଷ୍ଟି ବର୍ଷିବା ବେଳେ କୁଳିଶବୃଷ୍ଟି କଲୁ । ଲ. ବ.

କୁଳୀ, ବି. ପୁଂ. (ଯାବନିକ) ମୂଲିଆ ।

କୁଳୀ, ବି.ସ୍ତ୍ରୀ. (କୁ-ଲୀ) ପତ୍ନୀର ଜ୍ୟେଷ୍ଠା ଭଗିନୀ, କଣ୍ଟକାରୀ ।

କୁଳୀ, ବି. ପୁଂ. (କୁଳ-ଇନ୍) ପର୍ବତ । ବିଂ. ସତ୍-କୁଳୋଦ୍ଭବ ।

କୁଳୀନ, ବିଂ. (କୁଳ-ଈନ) ସଦ୍‌ବଂଶୀୟ, ସତ୍-କୁଳୋଦ୍ଭବ । ବି. ପୁଂ. ଶ୍ରେଷ୍ଠ ଅଶ୍ୱ ।

କୁଳୀନସ, ବି. ନ. ଜଳ ।

କୁଲୁକ, ବି. ନ. (କୁଲ୍-ଉକ) ଜିହ୍ୱାମୂଳ, ଜିଭର ମଇଳା ।

କୁଳୁକୁଳୁ, ବି. ( ଦେଶଜ ) ମୁଖ ମଧ୍ୟରେ ପାଣି ପୂରାଇ କଲ କଲ କରି ପକାଇ ଦେବା ।

କୁଳୁକୁଳୁ, ଅଂ. ଜଳପ୍ରବାହର ଅନୁକରଣ ଧ୍ୱନି ।

କୁଳୁଚ, ବି. ଗୋରୁ ଖାଇବାର ଉପଯୋଗୀ ଅଧା କୁଟା ଧାନ ।

କୁଳୁଣ୍ଡୀ, ବି. (ଦେଶଜ) ବନ୍ଧ୍ୟା, କୁଣ୍ଡୁଆଁ ।

କୁଳୁଲେଇ, ବି. (କୁଲ୍ଲ ଶବ୍ଦଜ) କ୍ଷୁଦ୍ର କୁଲ୍ଲା ।

କୁଳେଶ୍ୱର, ବି. ପୁଂ. ( କୁଳ-ଈଶ୍ୱର ) ଶିବ, କୁଳପତି ।

କୁଳୋତ୍କୃଷ୍ଟ, ବି. ପୁଂ. ( କୁଳ-ଉତ୍କୃଷ୍ଟ ) ଶ୍ରେଷ୍ଠ ଘୋଟକ । ବିଂ. ମହାକୁଳପ୍ରସୂତ ।

କୁଳୋଦ୍‌ବହ, ବିଂ. (କୁଳ-ଉଦ୍‌ବହ) ବଂଶଧର, କୁଳଶ୍ରେଷ୍ଠ, କୁଳପାଳକ ।

କୁଲ୍ମାଷ } ବି. ପୁଂ. ନ. ( କୁଲ-ମଷ୍,ମସ୍-ଅ )
କୁଲ୍ମାସ } କାଞ୍ଜି, ଖଟା ତୋରାଣୀ, ଅର୍ଦ୍ଧପକ୍ୱ ଯବ, ରୋଗବିଶେଷ, ବଣକୋଳଥ ।

କୁଲ୍ୟ ବି. ନ. (କୁଲ-ଯ) ଅସ୍ଥି ମାଂସ ପରିମାଣ ବିଶେଷ, ସୂର୍ପ । ପୁଂ. ମାନ୍ୟ ବ୍ୟକ୍ତି । ବିଂ. ସତ୍-କୁଳୋଦ୍ଭବ ।

କୁଲ୍ୟା, ବି. ସ୍ତ୍ରୀ. (କୁଲ୍ୟ-ଆ) ପ୍ରସ୍ତୁତ କରା ହୋଇଥିବା କ୍ଷୁଦ୍ର ନଦୀ, ଦୁର୍ଗର ଚତୁର୍ଦ୍ଦିଗ ବେଷ୍ଟନ କରିଥିବା ମନୁଷ୍ୟାଦିଦ୍ୱାରା ଖୋଦିତ ନଦୀ, ଖାଇ, ପ୍ରବାହ, ବୃହତ୍ ଗର୍ତ୍ତ, ନର୍ଦ୍ଦମା, କୁଲସ୍ତ୍ରୀ ।

କୁବଚ, ବିଂ. (କୁ-ବଚ) କଟୁଭାଷୀ, ପରନିନ୍ଦକ ।

କୁବଳ, ବି. ନ. (କୁ-ବଳ) ଉତ୍ପଳ, ଡାଳିମ୍ବ, ମୁକ୍ତାଫଳ, ବଦରଫଳ, କୋଳି । ଲୀ=ସ୍ତ୍ରୀ. କୋଳିଗଛ ।

କୁବଳୟ, ବି. ନ. (କୁ-ବଳ-ଅୟ) ପଦ୍ମ, ନୀଳପଦ୍ମ, ଶ୍ୱେତପଦ୍ମ, ମୁକ୍ତାଫଳ, ସମୁଦ୍ର, ହସ୍ତୀ । (ମୁକ୍ତାଫଳ ଅର୍ଥରେ) ଯଥା—

କୁବଳୟ ଫଳ ମଣୁଥିବ ଶୁକନାସେ । ପ୍ରେ. ସୁ.

(ସମୁଦ୍ର ଅର୍ଥରେ) ଯଥା—

କୁବଳୟ ସଙ୍ଗ ପାଇବାପାଇଁ,
ବେଗେ ମାର୍ଗରେ ନଦୀମାନେ ଯାଇ । ର. କ.

କୁବଳୟାପୀଡ, ବି.ପୁଂ. ( କୁବଳୟ-ଆପୀଡ ) କଂସାସୁରର ହସ୍ତିରୂପୀ ଦୈତ୍ୟବିଶେଷ । ବିଂ. ନୀଳୋତ୍ପଳ ଯାହାର ଭୂଷଣ ହୋଇଅଛି ।

କୁବଳୟିନୀ, ବି. ସ୍ତ୍ରୀ.(କୁବଳୟ-ଇନ୍-ଈ) ପଦ୍ମିନୀ ।

କୁବାଦ, ବିଂ. (କୁ-ବାଦ) କଟୁଭାଷୀ । ବି. ପୁଂ. କଟୂକ୍ତି ।

କୁବଜ, ବି. ପୁଂ. (କୁ-ବଜ) ଚନ୍ଦ୍ରବାୟୁ, ଚନ୍ଦ୍ରୀ, ଭୂପତି ।

କୁବେଣି } ବି. ସ୍ତ୍ରୀ. ( କୁ-ବେଣି, ବେଣୀ ) ମାଛ ରଖିବାର ଖାଲୋଇ,
କୁବେଣୀ } କୁତ୍ସିତ ବେଶବିଶିଷ୍ଟା ସ୍ତ୍ରୀ ।

କୁବେର, ବି. ପୁଂ. ( କୁ-ବେର ) ଯକ୍ଷରାଜ, ଧନାଧିପ । ବିଂ. ଅଳସ, କୁତ୍ସିତ ଶରୀରବିଶିଷ୍ଟ ।

କୁବେରାଚଳ } ବି. ପୁଂ. ( କୁବେର-ଅଚଳ,
କୁବେରାଦ୍ରି } ଅଦ୍ରି ) କୈଳାସ ପର୍ବତ ।

କୁବେଲ, ବି. ନ. (କୁ-ବେଲ୍-ଅ) କୁବଳୟ ।

କୁବ୍ର, ବି. ନ. (କୁନ୍ବ୍-ର) ଅରଣ୍ୟ, ବନ ।

କୁଶ, ବି. ପୁଂ. ନ. (କୁ-ଶ) ପ୍ରସିଦ୍ଧ ତୃଣ । ପୁଂ. ରାମଚନ୍ଦ୍ରଙ୍କ ଜ୍ୟେଷ୍ଠ ପୁତ୍ର, ସପ୍ତଦ୍ୱୀପା ପୃଥିବୀର ଗୋଟିଏ ଦ୍ୱୀପ, କୁଶଦ୍ୱୀପ । ନ. ଯୋକ୍ତ୍ର, ଯୋଚ ଦଉଡ଼ି, ଜଳ । ବିଂ. ମତ୍ତ, ପାପିଷ୍ଠ ।

କୁଶଧ୍ୱଜ, ବି. ପୁଂ. ଜନକ ରାଜାଙ୍କର କନିଷ୍ଠ ଭ୍ରାତା ।

କୁଶର, ବି. ପୁଂ. ଶର ସଦୃଶ ତୃଣବିଶେଷ, କୁତ୍ସିତ ବାଣ ।

କୁଶଳ } ବି. ନ. ( କୁଶ-ଲା-ଅ ) ମଙ୍ଗଳ,
କୁଷଳ } ନିରାପଦ, ମୋକ୍ଷ, ପୁଣ୍ୟ, ଧର୍ମ,
କୁସଳ } ସାମର୍ଥ୍ୟ । ବିଂ. କୁଶଳୀ, ନିପୁଣ, ଦକ୍ଷ, କୃତୀ ।

କୁଶଳୀ, ବିଂ. ( କୁଶଳ-ଇନ୍ ) କୁଶଳଯୁକ୍ତ, କଲ୍ୟାଣଯୁକ୍ତ ।

କୁଶସ୍ଥଳ, ବି. ନ. ( କୁଶ-ସ୍ଥଳ ) କାନ୍ୟକୁବ୍ଜ ଦେଶ ।

କୁଶସ୍ଥଳୀ, ବି. ସ୍ତ୍ରୀ. (କୁଶ-ସ୍ଥଳୀ) ଦ୍ୱାରକାପୁର ।

କୁଶା, ବି. ସ୍ତ୍ରୀ. (କୁ-ଶ-ଆ) ରଜ୍ଜୁ, ଲଗାମ ।

କୁଶାଗ୍ରୀୟ, ବିଂ. (କୁଶ-ଅଗ୍ର-ଈୟ) କୁଶାଗ୍ର ପରି ସୂକ୍ଷ୍ମ, ଅତି ତୀକ୍ଷ୍ଣ ।

କୁଶାଣ୍ଡିକା, ବି. ସ୍ତ୍ରୀ (କୁଶ-ଅଣ୍ଡ-କ-ଆ) ବିବାହକାଳର ଧର୍ମକାର୍ଯ୍ୟବିଶେଷ ।

କୁଶାଇ, ବି. ( ପ୍ରାଦେଶିକ, ସମ୍ବଲପୁର ) ଅଶ୍ରୁ ।

କୁଶାବତୀ, ବି. ସ୍ତ୍ରୀ. ( କୁଶ-ବତ୍-ଈ ) କୁଶ ରାଜାର ରାଜଧାନୀ ।

କୁଶାସନ, ବି. ନ. ( କୁଶ-ଆସନ ) କୁଶନିର୍ମିତ ଆସନ । ( କୁ=କୁତ୍ସିତ-ଶାସନ ) ମନ୍ଦ ଶାସନ ।

କୁଶିକ, ବି. ପୁଂ. ( କୁଶ-ଇକ ) ମୁନିବିଶେଷ, ଜମଦଗ୍ନିର ପିତା, ବିଶ୍ୱାମିତ୍ରଙ୍କ ପିତା, ଶାଲ ବୃକ୍ଷ, ଅଶ୍ୱକର୍ଣ୍ଣ ବୃକ୍ଷ ।

କୁଶୀ, ବି. ପୁଂ. (କୁଶ-ଇନ ) ବାଲ୍ମୀକି ।

କୁଶୀ, ବି. ସ୍ତ୍ରୀ. ( କୁଶ୍-ଈ ) ରଜ୍ଜୁ, ଲଗାମ, ଲଙ୍ଗଳ ଲୁହା ।

କୁଶୀଦ } ବି. ନ ( କୁ-ସଦ୍-ଅ) ବୃଦ୍ଧିଜୀବିକା,
କୁଷୀଦ } ସୁଦ, ରକ୍ତଚନ୍ଦନ । ବିଂ. ବୃଦ୍ଧି-
କୁସୀଦ } ଜୀବୀ ।

କୁଶୀଦଜୀବୀ, ବିଂ. (କୁଶୀଦ-ଜୀବୀ) ଟଙ୍କା ଉଧାର ଦେଇ ସୁଦ ନେବା ଯାହାର ବ୍ୟବସାୟ, ବୃଦ୍ଧିଜୀବୀ ।

କୁଶୀଦବ୍ୟବହାର, ବି. ପୁଂ. ସୁଦ କଷିବା, ସୁଦ ନେଇ ଟଙ୍କା କରଜ ଦେବା ।

କୁଶୀଳ, ବିଂ. ( କୁ-ଶୀଳ ) ଦୁଃଶୀଳ, ଅସତ୍ ସ୍ୱଭାବ ।

କୁଶୀଳବ, ବି, ପୁଂ. (କୁ-ଶୀଳ-ବ) ନଟ, ନର୍ତ୍ତକ, ନୃତ୍ୟ-ଗୀତ-ବାଦ୍ୟ ଯାହାର ବ୍ୟବସାୟ, ଭରତ ମୁନି, କବି, ଯାଚକ । ପୁଂ. ଦ୍ୱିଂ. ରାମଚନ୍ଦ୍ରଙ୍କର ଦୁଇ ପୁତ୍ର ।

କୁଶୁଲ, ବି. ( ଦେଶଜ ) ବଡ଼ ନୌକା ।

କୁଶେଶୟ, ବି. ନ. ( କୁଶେ-ଶୟ ) ପଦ୍ମ । ପୁଂ. ସାରସପକ୍ଷୀ, କର୍ଣ୍ଣିକାର ବୃକ୍ଷ, କନିଅର ଗଛ ।

କୁଷ୍ଠ, ବି. ନ. ( କୁଷ୍-ଠ ) କୁଷ୍ଠରୋଗ, ମହାବ୍ୟାଧି. ଏକପ୍ରକାର ବିଷ, ବୃକ୍ଷବିଶେଷ, କୁଡ଼ ।

କୁଷ୍ଠଘ୍ନ, ବିଂ. ( କୁଷ୍ଠ-ହନ୍-ଅ ) କୁଷ୍ଠନାଶକ ଔଷଧ ।

କୁଷ୍ଠୀ, ବିଂ. (କୁଷ୍ଠ-ଇନ୍) କୁଷ୍ଠ ରୋଗଯୁକ୍ତ ।

କୁଷ୍ମାଣ୍ଡ } ବି. ପୁଂ. (କୁ, କୂ-ଉଷ୍ମ-ଅଣ୍ଡ) ପାଣିକଖାରୁ, ଶିବାନୁଚରବିଶେଷ, ଗର୍ଭିଣୀର ଗର୍ଭସ୍ଥଳୀ, ଜରାୟୁ । ସ୍ତ୍ରୀ. ଦୁର୍ଗା ।
କୁଷ୍ମାଣ୍ଡ }

କୁସଂସ୍କାର, ବି. ପୁଂ. ସମୁଚିତ ବିବେଚନା ନ କରି ଯେଉଁ ସିଦ୍ଧାନ୍ତ କରାଯାଏ, ବିପରୀତ ସଂସ୍କାର ।

କୁସିମ୍ଭୀ, ବି. ସ୍ତ୍ରୀ. ସୀମ୍ବ ଗଛ ।

କୁସୀଦକ, ବିଂ. (କୁସୀଦ-ଇକ) ବୃଦ୍ଧିଜୀବୀ, ଯେ ସୁଦ ଘେନି ଟଙ୍କା କର୍ଜ ଦିଏ ।

କୁସୁମ, ବି. ନ. (କୁସ୍-ଉମ) ପୁଷ୍ପ, ଫଳ, ସ୍ତ୍ରୀ-ଲୋକର ଋତୁ, ଚକ୍ଷୁର ରୋଗବିଶେଷ । ଏକଜାତୀୟ ଗେଣ୍ଡୁଫୁଲ ।

କୁସୁମପୁର, ବି. ନ. (କୁସୁମ-ପୁର) ପାଟଳିପୁତ୍ର-ନଗର, ପାଟନା ।

କୁସୁମମଧ୍ୟ, ବି. ନ. (କୁସୁମ-ମଧ୍ୟ) ଓଁଅଭିଗଛ ।

କୁସୁମରାଜ, ବି. ପୁଂ. (କୁସୁମ-ରାଜା) କାମ ।

କୁସୁମସମୟ, ବି. ପୁଂ (କୁସୁମ-ସମୟ) ବସନ୍ତ, ଋତୁକାଳ ।

କୁସୁମା } ବି. (ଦେଶଜ) ଏକପ୍ରକାର ପଣା, ଭାଙ୍ଗ, କଦଳୀ, ଛେନା, ଦୁଧ ଓ ନବାତ ଏକତ୍ର ମିଶାଇ ଏହି ପାନୀୟ ପ୍ରସ୍ତୁତ କରନ୍ତି ।
କୁସୁମ୍ବା }

କୁସୁମାକର } ବି. ପୁଂ. (କୁସୁମ-ଆକର, ଆଗମ) ବସନ୍ତ କାଳ, ଯେଉଁ ଋତୁରେ କୁସୁମ ଜନ୍ମେ ।
କୁସୁମାଗମ }

କୁସୁମାସ୍ତ୍ରକ, ବି. ନ. କୁଙ୍କୁମ ।

କୁସୁମାୟୁଧ }
କୁସୁମାସ୍ତ୍ର } ବି. ପୁଂ. (କୁସୁମ-ଆୟୁଧ, ଅସ୍ତ୍ର, ଇଷୁ) ମଦନ, କନ୍ଦର୍ପ ।
କୁସୁମେଷୁ }

କୁସୁମାସବ, ବି. ନ. (କୁସୁମ-ଆସବ) ମକରନ୍ଦ, ମଧୁ ।

କୁସୁମିତ, ବିଂ. (କୁସୁମ-ଇତ) ପୁଷ୍ପିତ, ଯାହାର କୁସୁମ ହୋଇଅଛି ।

କୁସୁମ୍ଭ, ବି. ପୁଂ. (କୁସ୍-ଉମ୍ଭ) କୁସୁମଫୁଲ, କମଣ୍ଡଳୁ. ସ୍ୱର୍ଣ୍ଣ, କୁସୁମ୍ଭ ଫୁଲର ବର୍ଣ୍ଣ ।

କୁସୃତି, ବି. ସ୍ତ୍ରୀ. (କୁ-ସୃ-ତି) ଶଠତା, ଧୂର୍ତ୍ତତା, କୁହକ, ଇନ୍ଦ୍ରଜାଲ ।

କୁସୃଷ୍ଟି, ବି. ସ୍ତ୍ରୀ. (କୁ-ସୃଷ୍ଟି) ଦୁଃଖଦାୟକ, ମନ୍ଦ ଅଭିପ୍ରାୟ ।

କୁସ୍ତି, ବି. (ଯାବନିକ) ଶରୀରଚାଳନ, ମଲ୍ଲ-ଯୁଦ୍ଧ ।

କୁସ୍ତୁଭ, ବି. ପୁଂ. (କୁ-ସ୍ତୁନ୍ଭ-ଅ) ବିଷ୍ଣୁ, ସମୁଦ୍ର ।

କୁହ, ବି. ପୁଂ. (କୁ-ହା-ଅ) କୁବେର । ଅଂ. କୁତ୍ର, କେଉଁ ସ୍ଥାନରେ ।

କୁହକ, ବି. ନ. (କୁହ୍-ଅକ) ଇନ୍ଦ୍ରଜାଲ, ଭେଲ୍କି, ଛଳ, ପ୍ରତାରଣା । ପୁଂ. ନାଗ-ବିଶେଷ ।

କୁହକସ୍ୱନ } ବି. ପୁଂ. (କୁହକ-ସ୍ୱନ, ସ୍ୱର) କୁକ୍କୁଟ, କୁକୁଡ଼ା ।
କୁହକସ୍ୱର }

କୁହକୀ, ବିଂ. (କୁହକ-ଇନ୍) ଐନ୍ଦ୍ରଜାଲିକ, ବାଜିକର, ପ୍ରତାରକ ।

କୁହନ, ବି. ପୁଂ. (କୁହ୍-ଅନ) ମୂଷିକ, ଚୌର, ସର୍ପ, କାଚପାତ୍ର, ମୃଦ୍ଭାଣ୍ଡ ।

କୁହନା, ବି. ସ୍ତ୍ରୀ (କୁହନ-ଆ) ଦମ୍ଭାଚରଣ, ଗର୍ବ ବା ଲୋଭବଶତଃ ଅଳୀକ ଧାର୍ମିକତା ଦେଖାଇବା । ବିଂ. ଈର୍ଷାବିଶିଷ୍ଟ, ଈର୍ଷାଳୁ ।

କୁହର, ବି. ନ. (କୁ-ହ୍ବୃ-ଅ) ଗହ୍ୱର, ଛିଦ୍ର, କଣ୍ଠ-ଧ୍ୱନି, କର୍ଣ୍ଣ, କଣ୍ଠ, ସମୀପ । ପୁଂ. ନାଗ-ବିଶେଷ ।

ଯଥା---

ସ୍ମରଣ ଏହି ଗିର ପଶି କର୍ଣ୍ଣ କୁହର,
ଅଳୀକି ଆଉଳି ବସିଲା । ସୁ. ପ.

କୁହରିତ, ବି. ନ. (କୁହର-ଇତ) କୋକିଳଧ୍ୱନି, ଧ୍ୱନି । ବିଂ. ଧ୍ୱନିତ ।

କୁହରିବା, କ୍ରି. (କୁହର ଶବ୍ଦଜ) କୁହୁ କୁହୁ ଶବ୍ଦ କରିବା ।

କୁହ', ବ. (କଥ ଧାତୁଜ) କହିବା ।

କୁହାଇବା, କ୍ରି. (କଥ ଧାତୁଜ ଣିଜନ୍ତ) ଅନ୍ୟଦ୍ୱାରା ଜଣାଇବା ।

କୁହାକୋହି, ବ. (କଥ ଧାତୁଜ) କଥାଭାଷା, ଅନ୍ୟୋଽନ୍ୟ ସମ୍ଭାଷଣ ।

କୁହାଟ, ବ. (କୁହୁ ଶବ୍ଦଜ) ଉଚ୍ଚ ଡାକ । ଯଥା—

ପୁଣି ତାହାକୁ ଡାକସ କୁହାଟ,
ନତ୍ରା ଲାଗିଣ ହିଁଅ ତାର ଉଠି ।

କୁହୁ } ବ. ସ୍ତ୍ରୀ. (କୁହ-ଉ, ଊ) ଅମାବାସ୍ୟା,
କୁହୂ } କୋକିଳ ଧ୍ୱନ ।

କୁହୁକ, ବ. (କୁହକ ଶବ୍ଦଜ) ଇନ୍ଦ୍ରଜାଲ, ଭୋଜବିଦ୍ୟା । ଯଥା —

କୁହୁକ ଲଗାଇ ଦେଲେ ତହିଁ ଶୂର କୁନ୍ତିକାସୁତ । ଭାରା.

କୁହୁଡ଼ି, ବ. (କୁହେଳିକା ଶବ୍ଦଜ) କୁଜ୍‌ଝଟିକା ।

କୁହୁଳିବା, କ୍ରି. (ଦେଶଜ) ଅଗ୍ନି ସଂଯୋଗରେ ପ୍ରଥମେ ଧୂମ ଉଠିବା, ପ୍ରଧୂମିତ ହେବା ।

କୁହୂକଣ୍ଠ, ବ. ପୁଂ. (କୁହୂ-କଣ୍ଠ) କୋକିଳ ।

କୁହୂରବ, ବ. ପୁଂ. (କୁହୂ-ରବ) କୋକିଳ, କୁହୁଧ୍ୱନି ।

କୁହୂଣ୍ଡା, ବ. (ଦେଶଜ) ଶିକୁଳି ଅଟକାଇବା ନିମନ୍ତେ ଦ୍ୱାରରେ ଦିଆଯାଇଥିବା ଲୌହ କଣ୍ଟା ।

କୁହେଳି } ବ. ସ୍ତ୍ରୀ (କୁ-ହେଡ଼୍-ଅକ-ଆ,
କୁହେଳିକା } ଡ=ଳ) କୁଜ୍‌ଝଟିକା, କୁହୁଡ଼ି ।

କୁହ୍ଲିଆ, ବ. (ପ୍ରାଦେଶିକ) ବିଲୁଆ, ଶିଆଳ ।

କୂ, ବ. ସ୍ତ୍ରୀ. (କୂ-୦) ପିଶାଚୀ ।

କୂଚିକା, ବ. ସ୍ତ୍ରୀ. (କୁଚ-ଅକ, ଚ=ଊ) ତୂଳିକା, ତୂଳି ।

କୂଜନ, ବ. ନ. (କୂଜ୍=ଶବ୍ଦ କରିବା-ଅନ) ଅବ୍ୟକ୍ତ ଧ୍ୱନି, ପକ୍ଷିର ଧ୍ୱନି । ଯଥା—

ଶାବକର ମାୟା ଛାଡ଼ି ଉଡ଼ିଗଲେ ଖଗ୍ଡ଼ି
ବାହୁଙ୍ଗେ, ଗଗନ ପୂରି କରୁଣ କୂଜନେ । ମ. ଯା,

କୂଜିତ, ବ. ନ. (କୂଜ୍-ତ) ପକ୍ଷିର ଧ୍ୱନି, ପକ୍ଷିର ଡାକ, ଅବ୍ୟକ୍ତ ଶବ୍ଦ ।

କୂଟ, ବ. ପୁଂ. ନ. (କୂଟ୍-ଅ) ପର୍ବତର ଶୃଙ୍ଗ, ଫାନ୍ଦ, ଜାଲି, କପଟ, ସମୂହ, ଶସ୍ୟରାଶି, ସ୍ତୂପ, ଦମ୍ଭ, ଲଙ୍ଗଳାଙ୍ଗବିଶେଷ, କଳସ, ଲୌହ ମୁଦ୍ଗର, ମାୟା । ବିଂ. ମିଥ୍ୟା, କଳ୍ପିତ, ଦୁର୍ବୋଧ ।

କୂଟକ, ବ. ନ. (କୂଟ୍-ଅକ) ଲଙ୍ଗଳ ଲୁହା । ପୁଂ. କବଟ ।

କୂଟକର୍ମ, ବ. ନ. (କୂଟ-କର୍ମ) ଜାଲି, ପ୍ରତାରଣା ।

କୂଟକୃତ୍, ବ. ପୁଂ. (କୂଟ-କୃତ୍) କାୟସ୍ଥ, ଲେଖକ ଜାତି । ବିଂ. ଜାଲକାରୀ ।

କୂଟତୁଳା, ବ. ସ୍ତ୍ରୀ. ଓଜନ ବିଷୟରେ ଶଠତା ।

କୂଟମୁଦ୍ରା, ବ. ସ୍ତ୍ରୀ. କୃତ୍ରିମ ଟଙ୍କା ।

କୂଟବନ୍ଧ, ପୁଂ. } ବ. (କୂଟ-ବନ୍ଧ, ଯନ୍ତ୍ର)
କୂଟଯନ୍ତ୍ର, ନ. } ବନ୍ଧନୀ, ଫାନ୍ଦ ।

କୂଟସଂକ୍ରାନ୍ତି, ବ. ସ୍ତ୍ରୀ. ଯେଉଁ ସଂକ୍ରାନ୍ତିରେ ଅର୍ଦ୍ଧରାତ୍ର ଉତ୍ତାରୁ ସୂର୍ଯ୍ୟ ଅନ୍ୟ ରାଶିକୁ ସଞ୍ଚରଣ କରନ୍ତି ।

କୂଟସାକ୍ଷୀ, ବ. ପୁଂ. (କୂଟ-ସାକ୍ଷୀ) ମିଥ୍ୟା ସାକ୍ଷୀ, ଜାଲି ସାକ୍ଷୀ ।

କୂଟସ୍ଥ, ବିଂ. (କୂଟ-ସ୍ଥ) ସର୍ବକାଳବ୍ୟାପୀ, ଚିର-କାଳ ଏକାକୃତି । ଯଥା—ଆକାଶ, ଆତ୍ମା, ପରମେଶ୍ୱର, ଉଦାସୀନ ।

କୂଟାଗାର, ବ. ନ. (କୂଟ-ଆଗାର) ପ୍ରାସାଦର ସର୍ବୋପରି ଗୃହ, ନାରୀମାନଙ୍କର କ୍ରୀଡ଼ାଗୃହ ।

କୂଟାୟୁଧ, ବ. ନ. (କୂଟ-ଆୟୁଧ) କୂଟ-ଅସ୍ତ୍ର, କାଷ୍ଠାଦି ଆବରଣ ମଧ୍ୟରେ ଲୁକ୍କାୟିତ ତୀକ୍ଷ୍ଣ ଅସ୍ତ୍ର ।

କୂଟାର୍ଥ, ବ. ପୁଂ. (କୂଟ-ଅର୍ଥ) କଠିନାର୍ଥ, ସହଜ ଅର୍ଥ ନୁହେ, ଅନ୍ୟପ୍ରକାର ଅଭିପ୍ରାୟ, କଳୁଷ ଅର୍ଥ, ଗୁପ୍ତ ଅର୍ଥ ।

କୂପ, ବ. ପୁଂ. (କୁ-ଅପ୍-ଅ) କୂଅ, ଗର୍ତ୍ତ, ମାସ୍ତୁଲ ।

କୂପକ, ବ. ପୁଂ. (କପ-କ) ମାସ୍ତୁଲ ।

କୂପଦର୍ଦ୍ଦୁର, } ବି. ପୁଂ. ( କୂପ-ଦର୍ଦ୍ଦୁର,
କୂପମଣ୍ଡୂକ, } ମଣ୍ଡୂକ ) କୂଅ ବେଙ୍ଗ । ବିଂ. ଅଦୂରଦର୍ଶୀ, କୂପର ଭେକ ଯେପରି କୂପରେ ରୁଦ୍ଧ ଥାଇ ଅପର ଜଳାଶୟ ବିଷୟ କିଛି ନ ଜାଣେ, ସେହିପରି ଯେଉଁ ବ୍ୟକ୍ତି କେବେହେଁ ଗୃହରୁ ବହିର୍ଗତ ହୁଏ ନାହିଁ ଏବଂ ଅନ୍ୟ କୌଣସି ସ୍ଥାନର ବୃତ୍ତାନ୍ତ ଜାଣେ ନାହିଁ, ତାହାକୁ କୂପମଣ୍ଡୂକ ବୋଲାଯାଏ. ଯେଉଁ ବ୍ୟକ୍ତି ଅଳ୍ପଜ୍ଞ ତାହାକୁ ହେୟ ଜ୍ଞାନ କରି କୂପମଣ୍ଡୂକ ଶବ୍ଦରେ ନିର୍ଦ୍ଦେଶ କରାଯାଏ ।

କୂପାର, ବି. ପୁଂ. (କୁ-ପୃ-ଅ) ସମୁଦ୍ର ।

କୂପିକା, ବି. ସ୍ତ୍ରୀ. ଜଳମଧ୍ୟସ୍ଥିତ ପର୍ବତାଦି, କୁମ୍ପା ।

କୂପୀ, ବି. ସ୍ତ୍ରୀ. (କୂପ-ଈ ) ନଦୀମଧ୍ୟସ୍ଥ ପର୍ବତ ବା ବୃକ୍ଷ, ତୈଳପାତ୍ର, କୁମ୍ପା ।

କୁମ୍ପା, ଦେ. (ସ୍ତ୍ରୀ) (କୂପୀ ଶବ୍ଦଜ) ତୈଳପାତ୍ର ।

କୂର, ବି. ପୁଂ. ନ. (କୁ-ଉର୍-ଅ) ଅନ୍ନ, ଭାତ ।

କୂର୍ଚ୍ଚ, ବି. ପୁଂ. ନ. ( କୂର୍-ଚ ବା କୁ-ଉର୍ଚ୍ଚ ) ଭ୍ରୂଦ୍ୱୟର ମଧ୍ୟସ୍ଥଳ, ଭ୍ରୂମଧ୍ୟସ୍ଥ ରୋମରାଜି, ଦାଢ଼ି, ଅଗ୍ନି, ମସ୍ତକ, ଛଳ, ଦମ୍ଭ, ମୟୂରପୁଚ୍ଛ ।

କୂର୍ଚ୍ଚଶେଖର, ବି. ପୁଂ. ( କୂର୍ଚ୍ଚ-ଶେଖର ) ନାରିକେଳ ଗଛ ।

କୂର୍ଚ୍ଚିକା, ବି ସ୍ତ୍ରୀ. ( କୂର୍ଚ୍ଚ-ଅକ-ଆ ) ତୂଳି, ପେନ୍‌ସିଲ୍, କଞ୍ଚି, କୁଞ୍ଚି, ଶଳାକା, କୁଟ୍‌ମଲ, କଢ଼, ଗାଢ଼ଦୁଗ୍ଧ, କ୍ଷୀର ।

କୂର୍ପ } ବି. ପୁଂ. ନ. ( କୁ-ପ, ବ ) ନାସିକାର
କୂର୍ବ } ଉର୍ଦ୍ଧ୍ୱଭାଗ, ଭ୍ରୂମଧ୍ୟ, ଦାଢ଼ି, ନାଶ ।

କୂର୍ପର, ବି. ପୁଂ. ( କୁର୍-ପର, ଉ=ଊ) ଅଣ୍ଟୁ, କହୁଣି ।

କୂର୍ପାସ, ବି ପୁଂ. ନ. ( କୂର୍ପ-ଆସ ) କଞ୍ଚୁକ, କାଞ୍ଚୁଲି ।

କୂର୍ମ୍ମ, ବି. ପୁଂ. (କୁ=ଈଷତ୍-ଊର୍ମି=ବେଗ-ଅ) ଦେହସ୍ଥ ବାୟୁବିଶେଷ, କଚ୍ଛପ ।

କୂର୍ମ୍ମପୃଷ୍ଠକ, ବି. ନ. (କୂର୍ମ୍ମ-ପୃଷ୍ଠ-କ) ଶରା, ପିଧାନ ।

କୂଳ, ବି. ନ. (କୂଳ୍-ଅ) ତଟ, ଜଳାଶୟର ତୀର, ତଡ଼ାଗ, ମୋହଣା, ସ୍ତୂପ, ଶ୍ରେଣି, ସୈନ୍ୟପୃଷ୍ଠ ।

କୂଳକ, ବି. ପୁଂ. ନ. (କୂଳ୍-ଅକ) ସ୍ତୂପ, ତଟ ।

କୂଳଙ୍କଷ, ବି. ପୁଂ. (କୂଳମ୍-କଷ୍-ଅ) ସମୁଦ୍ର ।

କୂଳଙ୍କଷା, ବି. ସ୍ତ୍ରୀ. (କୂଳଙ୍କଷ-ଆ) ନଦୀ ।

କୂଳଭୂ, ବି. ସ୍ତ୍ରୀ. (କୂଳ-ଭୂ) ତଟପ୍ରଦେଶ, ତୀରଭୂମି ।

କୂଳବତୀ, ବି. ସ୍ତ୍ରୀ. (କୂଳ-ବତ୍-ଈ) ନଦୀ ।

କୂବର, ବି. ପୁଂ. ସ୍ତ୍ରୀ. (କୂ-ବର) କୁବ୍ଜ, କୁଜା । ପୁଂ. ନ. ଯୁଆଳି, କବର ।

କୂବରୀ, ବି. ସ୍ତ୍ରୀ. ( କୂବର-ଈ ) କମ୍ବଳାଚ୍ଛାଦିତ ରଥ । ବିଂ. ରମଣୀୟ, ମନୋହର ।

କୃକ, ବି. ପୁଂ. (କୃ-କ) ଗଳଦେଶ, ଗଳା ।

କୃକର, ବି. ପୁଂ. ( କୃକ-ର ) ଶରୀରାନ୍ତର୍ଗତ ବାୟୁବିଶେଷ ।

କୃକଲା, ବି. ସ୍ତ୍ରୀ. ପିପ୍ପଳୀ ।

କୃକଲାଶ } ବି. ପୁଂ, ( କୃକ-ଲାଶ ) ସରୀ-
କୃକଲାସ } ସୃପବିଶେଷ, ଏହି ଜନ୍ତୁର ଶରୀର ବର୍ଣ୍ଣ ସର୍ବଦା ପରିବର୍ତ୍ତିତ ହୁଏ, ବହୁରୂପୀ, ଏଣ୍ଡୁଅ ।

କୃକବାକୁ, ବି. ପୁଂ. (କୃକ-ବଚ-ଉ) କୁକ୍କୁଟ, ହୁଣ୍ଡିପିଟି, ଏଣ୍ଡୁଅ, ମୟୂର ।

କୃକାଟିକା, ବି. ସ୍ତ୍ରୀ. (କୃକ-ଅଟ୍-ଅକ-ଆ) ଗ୍ରୀବାର ଉନ୍ନତ ପ୍ରଦେଶ । ଯଥା —

କୃକାଟିକା ନିକଟରୁ ଜମକାଇ କଡ଼ା,
କେତକୀ ପାଖୁଡ଼ା ବେଢ଼ା ନାରୀସରବୁଡ଼ା । ର, କ

କୃଚ୍ଛ୍ର, ବି. ପୁଂ. ନ. (କୃତ୍-ର, ନିପାତନସିଦ୍ଧ ) ଶାରୀରିକ କ୍ଳେଶ, ଆପଦ୍ ପ୍ରାୟଶ୍ଚିତ୍ତ, ପାପ, ବ୍ରତବିଶେଷ, ମୂତ୍ରକୃଚ୍ଛ୍ର, ରୋଗ । ବିଂ. କ୍ଲିଷ୍ଟ, କଷ୍ଟଦାୟକ, ଦୁଷ୍ଟ, ପାପିଷ୍ଠ ।

କୃଣ୍ଟୁ, ବି. ପୁଂ. (କୃ-ନୁ) ଚିତ୍ରକର ଜାତି ।

କୃତ୍, ବି. ପୁଂ. ( କୃ-୦ ) ଧାତୁଉତ୍ତର ବିହିତ ପ୍ରତ୍ୟୟ, ତବ୍ୟାଦି ପ୍ରତ୍ୟୟ ।

କୃତ, ବି. ନ. ( କୃ-ତ ) ସତ୍ୟଯୁଗ, କାର୍ଯ୍ୟ, ଯଥେଷ୍ଟ, ପର୍ଯ୍ୟାପ୍ତ, ପ୍ରୟୋଜନ । ବିଂ. ରଚିତ,

ସମ୍ପାଦିତ, ଅଭ୍ୟସ୍ତ, ଶିକ୍ଷିତ, ବିହିତ, ଉପଯୁକ୍ତ, ବ୍ୟାହୃତ ।

**କୃତକ**, ବି°. (କୃତ୍-ଅକ) କୃତ୍ରିମ, କଳ୍ପିତ । ବି.ନ. କୃତ୍ରିମ ଲବଣ ।

**କୃତକପୁତ୍ର**, ବି. ପୁଂ. ( କୃତକ-ପୁତ୍ର ) କଳ୍ପିତ ପୁତ୍ର, ଯେଉଁ ପୁତ୍ର ଗୋପନରେ ପିତାମାତାଦ୍ୱାରା ପରିତ୍ୟକ୍ତ ହୋଇ କୌଣସି ଦୟାବାନ୍ ବ୍ୟକ୍ତିଦ୍ୱାରା ଗୃହୀତ ଓ ପରିପାଳିତ ହୁଏ ।

**କୃତକର୍ମା**, ବି°. ( କୃତ-କର୍ମନ୍ ) କାର୍ଯ୍ୟକ୍ଷମ, କୃତକାର୍ଯ୍ୟ, ଯେ କାର୍ଯ୍ୟ ନିର୍ବାହ କରିଅଛି ।

**କୃତକାମ**, ବି°. (କୃତ-କାମ ) ପୂର୍ଣ୍ଣମନୋରଥ ଯାହାର ଅଭୀଷ୍ଟ ସିଦ୍ଧ ହୋଇଅଛି ।

**କୃତକାର୍ଯ୍ୟ**, ବି°. ( କୃତ-କାର୍ଯ୍ୟ ) କୃତାର୍ଥ, ଚରିତାର୍ଥ ।

**କୃତକାଲ**, ବି°. (କୃତ-କାଲ) ନିରୂପିତ ସମୟ ।

**କୃତକୃତ**, ବି°. (କୃତକୃତ୍ୟ ଶବ୍ଦର ପଦ୍ୟରେ ବ୍ୟବହାର) କୃତାର୍ଥ । ଯଥା—

କହିଲ ଶିରେ ଦେଇ ହାତ,
ମୋ ମୁନି ହେଲି କୃତକୃତ । ଭାଗବତ.

**କୃତକୃତ୍ୟ** } ବି°. ( କୃତ-କୃତ୍ୟ, କ୍ରିୟା )
**କୃତକ୍ରିୟ** } କୃତକାର୍ଯ୍ୟ, କୃତାର୍ଥ, ଚରିତାର୍ଥ, କୃତୀ, ବିଦ୍ୱାନ୍, କୃତକର୍ମା ।

**କୃତଘ୍ନ**, ବି°. (କୃତ-ହନ୍-ଅ, ହନ୍=ଘ୍ନ) ଅକୃତଜ୍ଞ, ନେମକହାରାମ ।

**କୃତଜ୍ଞ**, ବି°. ( କୃତ-ଜ୍ଞା-ଅ ) କେହି ଉପକାର କଲେ ଯେ ତାହା ଚିରକାଳ ମନେ ରଖେ ଏବଂ ପ୍ରତ୍ୟୁପକାରର ଚେଷ୍ଟା କରେ, କର୍ତ୍ତବ୍ୟ ବିଷୟରେ ମନୋଯୋଗୀ । ବି. ପୁଂ. କୁକ୍କୁର ।

**କୃତଜ୍ଞତା**, ବି. ସ୍ତ୍ରୀ. ( କୃତଜ୍ଞ-ତା ) ଉପକାର ସ୍ମରଣ ବା ସ୍ୱୀକାର କରିବା, ସାଧ୍ୟାନୁସାରେ ଉପକାରକର ହିତଚିନ୍ତା ବା ଅନିଷ୍ଟ ନିବାରଣର ଚେଷ୍ଟା ।

**କୃତଦାର**, ବି. ପୁଂ. ( କୃତ-ଦାର ) ବିବାହିତ, ଯେଉଁ ବ୍ୟକ୍ତି ଦାରପରିଗ୍ରହ କରିଅଛି ।

**କୃତଧୀ**, ବି°. (କୃତ-ଧୀ) କର୍ତ୍ତବ୍ୟ କର୍ମର ଅନୁଷ୍ଠାନରେ ଯାହାର ବୁଦ୍ଧି ବିଚଳିତ ହୁଏ ନାହିଁ, ସ୍ଥିରଚିତ୍ତ, ସ୍ଥିରମତି ।

**କୃତନିଶ୍ଚୟ**, ବି°. (କୃତ-ନିଶ୍ଚୟ) ଯେ ନିଶ୍ଚୟ କରିଅଛି, ଯେ କର୍ତ୍ତବ୍ୟ ନିରୂପଣ କରିଅଛି, ଯାହାର ମନରେ କାର୍ଯ୍ୟସିଦ୍ଧିର ଦୃଢ଼ ନିଶ୍ଚୟ ହୋଇଅଛି ।

**କୃତପୂର୍ବ**, ବି°. (କୃତ-ପୂର୍ବ) ଯାହା ପୂର୍ବେ କରା ହୋଇଅଛି ।

**କୃତପୌରୁଷ**, ବି°. ( କୃତ-ପୌରୁଷ ) ଯେ ପୁରୁଷତ୍ୱ ଦେଖାଇଅଛି, ଯେ ସାହସିକତା ପ୍ରକାଶ କରିଅଛି ।

**କୃତବୁଦ୍ଧି**, ବି°. ( କୃତ-ବୁଦ୍ଧି ) କର୍ତ୍ତବ୍ୟ କର୍ମର ଅନୁଷ୍ଠାନରେ ଯାହାର ବୁଦ୍ଧି ବିଚଳିତ ହୁଏ ନାହିଁ, ଯେଉଁ ବ୍ୟକ୍ତି ସଂଶୟ ସ୍ଥଳରେ ଅନାୟାସରେ କର୍ତ୍ତବ୍ୟ ନିଶ୍ଚୟ କରି ପାରେ ।

**କୃତଲକ୍ଷଣ**, ବି°. ( କୃତ-ଲକ୍ଷଣ ) ଗୁଣଦ୍ୱାରା ବିଖ୍ୟାତ, ଗୁଣବାନ୍, ଲବ୍ଧପ୍ରତିଷ୍ଠ ।

**କୃତବର୍ମା**, ବି. ପୁଂ. ( କୃତ-ବର୍ମନ୍ ) ଯାଦବବିଶେଷ । ବି°. ଯେ ବର୍ମ ପରିଧାନ କରିଅଛି ।

**କୃତବିଦ୍ୟ**, ବି°. ( କୃତ-ବିଦ୍ୟା ) ଶିକ୍ଷିତବିଦ୍ୟ, ଯେଉଁ ବ୍ୟକ୍ତି ବିଦ୍ୟା ବିଷୟରେ ବିଲକ୍ଷଣ କୃତକାର୍ଯ୍ୟ ହୋଇଅଛି ।

**କୃତବୀର୍ଯ୍ୟ**, ବି. ପୁଂ. (କୃତ୍-ବୀର୍ଯ୍ୟ) ରାଜାବିଶେଷ, କାର୍ତ୍ତବୀର୍ଯ୍ୟଙ୍କର ପିତା । ବି°. ଯେ ବୀରତ୍ୱ ଦେଖାଇଅଛି ।

**କୃତବେତନ**, ବି°. (କୃତ-ବେତନ) ବେତନ ଦେଇ ଯେଉଁ ସବୁ ଭୃତ୍ୟ ନିଯୁକ୍ତ କରାଯାଏ ।

**କୃତଶ୍ରମ**, ବି°. (କୃତ-ଶ୍ରମ) ପରିଶ୍ରମୀ, ଯେ ଶ୍ରମ କରିଅଛି ।

**କୃତସ୍ମର**, ବି. ପୁଂ. (କୃତ-ସ୍ମର) ସ୍ୱର୍ଣ୍ଣଖଣି ।

**କୃତହସ୍ତ**, ବି°. ( କୃତ-ହସ୍ତ ) ଶରକ୍ଷେପଣରେ ସୁପଣ୍ଡିତ, କାର୍ଯ୍ୟଦକ୍ଷ, କ୍ଷିପ୍ରହସ୍ତ ।

**କୃତାକୃତ**, ବିଂ. (କୃତ-ଅକୃତ) କଣ୍ଟିଦଂଶରେ କୃତ, ଅବଶିଷ୍ଟ ଅଂଶରେ ଅକୃତ, ଆରବ୍ଧ କିନ୍ତୁ ଅପରିସମାପ୍ତ । ନ. କାର୍ଯ୍ୟକାରଣ ।

**କୃତାଗମ**, ବି. ପୁଂ. (କୃତ-ଆଗମ) ବେଦପ୍ରଣେତା, ଈଶ୍ୱର ।

**କୃତାଞ୍ଜଳି**, (କୃତ-ଅଞ୍ଜଳି) ବଦ୍ଧାଞ୍ଜଳି, ଯୁକ୍ତପାଣି । ବି. ପୁଂ. ଲଜ୍ଜାଳୁ ବୃକ୍ଷ । ସ୍ତ୍ରୀ. ବହୁତାଞ୍ଜଳି ।

**କୃତାଞ୍ଜଳିପୁଟ**, ବିଂ. (କୃତ-ଅଞ୍ଜଳି-ପୁଟ) ବଦ୍ଧାଞ୍ଜଳି । କ୍ରି. ବିଂ. ହାତଯୋଡ଼ିବା ଯଥା —

> ପୁଚ୍ଛିଲେ ପାଣ୍ଡବପତି କୃତାଞ୍ଜଳିପୁଟେ । ମ. ଭା.

**କୃତାତ୍ମା**, ବିଂ. (କୃତ-ଆତ୍ମନ୍) ଶିକ୍ଷିତବୁଦ୍ଧି, ଶୁଦ୍ଧଚିତ୍ତ ।

**କୃତାନ୍ତ**, ବି. ପୁଂ. (କୃତ-ଅନ୍ତ) ଯମ, ଦୈବ । ବିଂ. ଜ୍ଞାତ, ସିଦ୍ଧାନ୍ତ । ଯଥା—

> ହେ କାନ୍ତ ! କାଳେ ହେବ କାମିନୀକୃତାନ୍ତ । ର. କ.

**କୃତାଭିଷେକ**, (କୃତ-ଅଭିଷେକ) ଅଭିଷିକ୍ତ ।

**କୃତାର୍ଥ**, ବିଂ. (କୃତ-ଅର୍ଥ) ଚରିତାର୍ଥ, କୃତକାର୍ଯ୍ୟ । ଯଥା—

> ମନ୍ଦ ମୂଢ଼ନ୍ତ ଅବା ସ୍ୱପନ ବୋଲି,
> ଜାଣିଲ ଏହି ବେଳେ କୃତାର୍ଥ ହେଲୁ ରେ । ଲ. ବ.

**କୃତାର୍ଥମନ୍ୟ**, ବିଂ. (କୃତାର୍ଥ-ମନ୍-ଯ) ଯେ ଆପଣାକୁ କୃତାର୍ଥ ବୋଧ କରେ ।

**କୃତାର୍ଥିତ**, ବିଂ. (କୃତାର୍ଥ-ଇତ) ଯାହାକୁ କୃତାର୍ଥ କରା ହୋଇଅଛି, କୃତାର୍ଥୀକୃତ ।

**କୃତାସ୍ତ୍ର**, ବିଂ. (କୃତ-ଅସ୍ତ୍ର) ଯେ ଅସ୍ତ୍ରଶିକ୍ଷା କରିଅଛି ।

**କୃତି**, ବି. ସ୍ତ୍ରୀ. (କୃ-ତି) କାରଣ, କାର୍ଯ୍ୟ, ରଚନା, ଯତ୍ନ ।

**କୃତିତ୍ୱ**, ବି. ନ. (କୃତିନ୍-ତ୍ୱ) କ୍ଷମତା, ଦକ୍ଷତା, ଉପଯୁକ୍ତତା ।

**କୃତୀ**, ବିଂ. (କୃତ-ଇନ୍) ପଣ୍ଡିତ, ସମର୍ଥ, ପୁଣ୍ୟବାନ୍, ଧାର୍ମିକ, କୁଶଳ, କୃତାର୍ଥ, କର୍ମକ୍ଷମ । ଯଥା—

> ଦର୍ପ୍ପ ପଙ୍କଜପ୍ରେ କୃତୀ ହୁଅନ୍ତି ରସିକେ । ମ. ଭା.

**କୃତୋଦ୍‌ବାହ**, ବିଂ. (କୃତ-ଉଦ୍‌ବାହ) ବିବାହିତ, ପରିଣୀତ ।

**କୃତ୍ତ**, ବିଂ. (କୃତ୍-ତ) ଛିନ୍ନ, ଯାହା ଛେଦନ କରା ହୋଇଅଛି, ବର୍ଦ୍ଧିତ, ବିଭକ୍ତ, ଅପବେଷ୍ଟିତ, ବେଷ୍ଟିତ ।

**କୃତ୍ତି**, ବି. ସ୍ତ୍ରୀ. (କୃତ୍-ତି) ଚର୍ମ, ତ୍ୱକ, ଭୂର୍ଜପତ୍ର ।

**କୃତ୍ତିକା**, ବି. ସ୍ତ୍ରୀ. କାର୍ତ୍ତିକେୟଙ୍କ ଛଅ ଜଣ ଧାତ୍ରୀରୁ ଏକ ଜଣ, ତୃତୀୟ ନକ୍ଷତ୍ର । ଯଥା —

> କୃଷ୍ଣଦର୍ଶନ ଦେଖ ଅଛ କୃତ୍ତିକା,
> ତଳକେ ଶୋଭା ସେହୁଙ୍କ ଅଛି ତା ଶିଖା । କ. ପା.

**କୃତ୍ତିକାସୁତ**, ବି. ପୁଂ. (କୃତ୍ତିକା-ସୁତ) କାର୍ତ୍ତିକେୟ, ଷଡ଼ାନନ ।

**କୃତ୍ତିବାସ** / **କୃତ୍ତିବାସଃ** } ବି. ପୁଂ. (କୃତ୍ତିବାସ, ବାସସ୍) ଚର୍ମାମ୍ବର, ମହାଦେବ, ଶିବ ।

**କୃତ୍ୟ**, ବି. ପୁଂ. (କୃ-ଯ) କାର୍ଯ୍ୟ ପ୍ରୟୋଜନ, କାରଣ, ତବ୍ୟାଦି କୃତ୍‌ପ୍ରତ୍ୟୟ ।

**କୃତ୍ୟବତ୍**, ବିଂ, (କୃତ୍ୟ ବତ୍) କାର୍ଯ୍ୟଜ୍ଞ, ବିଧାନଜ୍ଞ ।

**କୃତ୍ରିମ**, ବିଂ. (କୃ-ତ୍ରିମ) କ୍ରିୟାଦ୍ୱାରା ନିଷ୍ପନ୍ନ, କଳ୍ପିତ, କଳ୍ପନିକ, ଅଯଥାର୍ଥ, ଜାଲ, ଅବିଶୁଦ୍ଧ ।

**କୃତ୍ରିମପୁତ୍ର**, ବି. ପୁଂ. ଗୃହୀତପୁତ୍ର ।

**କୃତ୍ରିମରାଶି**, ବି. ପୁଂ. ଯେଉଁ ରାଶି ଅନ୍ୟ ଦୁଇ ରାଶିର ଗୁଣନଦ୍ୱାରା ଉତ୍ପନ୍ନ ହୁଏ ।

**କୃତ୍ସ୍ନ**, ବିଂ. (କୃତ୍-ସ୍ନ) ସମୁଦାୟ, ସମ୍ପୂର୍ଣ୍ଣ । ବି. ନ. ଜଳ, କୁକ୍ଷି ।

**କୃଦନ୍ତ**, ବି, ପୁଂ. (କୃତ୍-ଅନ୍ତ) ବ୍ୟାକରଣରେ କୃତ୍‌ପ୍ରତ୍ୟୟାନ୍ତ ଶବ୍ଦ ।

**କୃଦର**, ବି. ପୁଂ. (କୃତ୍-ଅର) ଶସ୍ୟାଦି ରଖିବାର ଗୃହ, ଗୋଲା ।

କୃନ୍ତନ, ବ. ନ. (କୃତ୍-ଅନ) ଛେଦନ ।

କୃନ୍ତନୀ, ବ. ସ୍ତ୍ରୀ. (କୃତ୍-ଅନ-ଈ) ଛେଦନୀ, ଯାହାଦ୍ୱାରା ଛେଦନ କରାଯାଏ ।

କୃପ, ବ. ପୁଂ. (କୃପ୍-ଅ) ଶରଦ୍ୱାନ୍ ମୁନିଙ୍କ ପୁତ୍ର, କୃପାଚାର୍ଯ୍ୟ ।

କୃପଣ, ବିଂ. (କୃପ-ଅନ) ବ୍ୟୟକୁଣ୍ଠ, ... ନ, କାତର, କ୍ଷୁଦ୍ର, ନୀଚ । ଯଥା—

କୃପଣ ହୋଇଲେ ଅମୃତ ତାଳେ । ଉ. ବ.

କୃପା, ବ. ସ୍ତ୍ରୀ. (କୃପ-ଆ) ଦୟା, କରୁଣା ।

କୃପାଣ, ବ. ପୁଂ. (କୃପ-ଆନ) ଖଡ୍ଗ । ଯଥା—

ଅସୁର ଲକ୍ଷଙ୍କ ନାହିଁ ରକ୍ତ ...
ନାଚ୍ୟ କରେ ଚଣ୍ଡୀ ଧରି ଉର୍ଦ୍ଧ କୃପାଣ । ନ. କେ

କୃପାଣିକା, ବ. ସ୍ତ୍ରୀ (କୃପାଣ-କ) ଛୁରିକା, ଛୁରୀ, କଟୁରି ।

କୃପାଣୀ, ବ. ସ୍ତ୍ରୀ. (କୃପାଣ-ଈ) କେଞ୍ଚି, ଛୁରୀ ।

କୃପାଳୁ, ବିଂ. ( କୃପ୍-ଆଳୁ ) ଦୟାଳୁ, କରୁଣାନ୍ୱିତ ।

କୃପୀ, ବ. ସ୍ତ୍ରୀ. (କୃପ-ଅ-ଈ) ଦ୍ରୋଣପତ୍ନୀ, ଅଶ୍ୱତ୍ଥାମାର ମାତା ।

କୃପୀଟ, ବ. ନ. (କୃପ-ଈଟ) ଉଦର, ଜଳ, ବନ, କାଷ୍ଠ ।

କୃପୀଟପାଳ, ବ. ପୁଂ. (କୃପୀଟ-ପାଲ) ନୌକାର ଆଉଳ, ସମୁଦ୍ର, ପବନ ।

କୃପୀଟଯୋନି, ବ. ପୁଂ. (କୃପୀଟ-ଯୋନି) ଅଗ୍ନି । ଯଥା—

ନହୁବ ଦେଖୁ ମୁହିଁ ମନୁଷ୍ୟ ଦେହ ନଷ୍ଟ
ଏହୁ କୃପୀଟଯୋନି ସେନ କରେ । ବୃ. ପ.

କୃମି } ବ. ପୁଂ. (କ୍ରମ୍-ଇ) କୀଟ,
କ୍ରିମି } ପୋକ ।

କୃମିଘ୍ନ, ବ. ପୁଂ. (କୃମି-ହନ୍-ଅ) ବିଡ଼ଙ୍ଗ, ପଲଣ୍ଡୁ, ପିଆଜ, ଭାଲ୍ଲୁକ ।

କୃମିଜ } ବିଂ. ( କୃମି, କ୍ରିମି-ଜ )
କ୍ରିମିଜ } କୃମିରୁ ଜାତ । ବ. ନ. ଅଗୁରୁ ଚନ୍ଦନ ।

କୃମିଶୈଳ } ବ. ପୁଂ (କୃମି, କ୍ରିମି-ଶୈଳ)
କ୍ରିମିଶୈଳ } ବଲ୍ମୀକ, ଉଈହୁଙ୍କା ।

କୃବ, ବ. ପୁଂ. (କୃ-ବ) ଲୁଗାବୁଣିବା ଯନ୍ତ୍ର, ତନ୍ତ୍ର ।

କୃଶ, ବିଂ. (କୃଶ୍-ଅ) କ୍ଷୀଣ, ଦୁର୍ବଳ, ଅସମର୍ଥ, ମନ୍ଦବୀର୍ଯ୍ୟ, ଦରିଦ୍ର, କ୍ଷୁଦ୍ର, ଅଳ୍ପ, ଲଘୁ, ପତଳା, ବିରଳ ।

କୃଶାଙ୍ଗ, ବିଂ. (କୃଶ-ଅଙ୍ଗ) କ୍ଷୀଣଶରୀର, କ୍ଷୀଣକାୟ ।

କୃଶାଙ୍ଗୀ, ବ. ସ୍ତ୍ରୀ. (କୃଶ-ଅଙ୍ଗୀ) ପ୍ରିୟଙ୍ଗୁଲତା । ବିଂ. କ୍ଷୀଣଶରୀରା । ଯଥା—

କୃଶାଙ୍ଗୀ କୃଶୋଦରୀ କୁନ୍ଦଦଶନା ।

କୃଶାନୁ } ବ. ପୁଂ. (କୃଶ-ଅନୁ) ଅଗ୍ନି,
କୃଷାନୁ } ନିଆଁ ।

କୃଶାନୁରେତାଃ, ବ. ପୁଂ (କୃଶାନୁ-ରେତଃ) ଶିବ, ମହାଦେବ ।

କୃଶାଶ୍ୱ, ବ. ପୁଂ. ଜଣେ ମହର୍ଷି ।

କୃଶାଶ୍ୱୀ, ବ. ପୁଂ. (କୃଶ-ଅଶ୍ୱୀ) ନଟ, ନର୍ତ୍ତକ ।

କୃଷକ, ବ. ପୁଂ. କୃଷ୍-ଅକ) କୃଷାଣ, ଚଷା, ଲଙ୍ଗଳଲୁହା, ବୃଷ । ବି. କର୍ଷକ ।

କୃଷି, ବ. ସ୍ତ୍ରୀ. (କୃଷ୍-ଇ) କୃଷିକର୍ମ, ଗୃହବାସ, ଭୂମି ।

କୃଷିଜୀବୀ } ବିଂ. (କୃଷି-ଜୀବନ୍, କୃଷି ବଲ,
କୃଷୀବଲ } ଇନ୍-ଈ) କୃଷକ, ଯେ କୃଷିକର୍ମ ଅବଲମ୍ବନ କରି ଜୀବିକା ନିର୍ବାହ କରେ । ଯଥା—

କାହୁଁ ଶସ୍ୟ କାଟି କାଟି କ୍ଷେତ୍ରେ କୃଷୀବଳେ
ଭଲେ କର ଦେଇ ହୃଦେ ଦେଖନ୍ତି କୌତୁକେ । ମ. ଯା.

କୃଷ୍ଟ, ବିଂ. (କୃଷ୍-ତ) ଚଷିବା କ୍ଷେତ୍ର, ଆକୃଷ୍ଟ ।

କୃଷ୍ଟପଚ୍ୟ, ବିଂ. (କୃଷ୍ଟ-ପଚ୍ୟ) କୃଷିଜ । ବ. ଧାନ୍ୟାଦି ଶସ୍ୟ ।

କୃଷ୍ଟି, ବ. ପୁଂ. (କୃଷ୍-ତି) ପଣ୍ଡିତ, ବିଦ୍ୱାନ୍, କୃଷିକର୍ମ, କର୍ଷଣ ।

କୃଷ୍ଣ, ବି. ପୁଂ. ( କୃଷ-ନ) ବିଷ୍ଣୁଙ୍କ ଅବତାର-ବିଶେଷ, ବ୍ୟାସଦେବ, ଅର୍ଜ୍ଜୁନ, କୋକିଳ । ନ. ଲୌହ । ବିଂ. ନୀଳବର୍ଣ୍ଣଯୁକ୍ତ । ଷ୍ଣା, ସ୍ତ୍ରୀ. ଦ୍ରୌପଦୀ, ନୀଳବୃକ୍ଷ ।

କୃଷ୍ଣକ, ବି. ପୁଂ. ( କୃଷ୍ଣ-କ ) କୃଷ୍ଣସର୍ଷପ, କଳା ସୋରିଷ ।

କୃଷ୍ଣକନ୍ଦ, ବି. ନ. (କୃଷ୍ଣ-କନ୍ଦ) ରକ୍ତକମଳ ।

କୃଷ୍ଣକର୍ମୀ, ବିଂ. (କୃଷ୍ଣ-କର୍ମନ୍)ପାପୀ, ଦୋଷୀ ।

କୃଷ୍ଣକଳି, ବି. ପୁଂ. (କୃଷ୍ଣ-କଳି) ସ୍ୱନାମପ୍ରସିଦ୍ଧ ପୁଷ୍ପବୃକ୍ଷବିଶେଷ, କୃଷ୍ଣଚୂଡ଼ା ।

କୃଷ୍ଣକାୟ, ବି. ପୁଂ. (କୃଷ୍ଣ-କାୟ) ମହିଷ । ବିଂ. କୃଷ୍ଣବର୍ଣ୍ଣବିଶିଷ୍ଟ ।

କୃଷ୍ଣଜୀରକ, ବି. ପୁଂ. (କୃଷ୍ଣ-ଜୀରକ)କଳାଜୀରା ।

କୃଷ୍ଣଦେହ, ବି. ପୁଂ. (କୃଷ୍ଣ-ଦେହ) ଭ୍ରମର । ବିଂ. କୃଷ୍ଣବର୍ଣ୍ଣ ଶରୀର ।

କୃଷ୍ଣଦ୍ୱୈପାୟନ, ବି. ପୁଂ. ( କୃଷ୍ଣ-ଦ୍ୱୈପାୟନ ) ବେଦବ୍ୟାସ ।

କୃଷ୍ଣପକ୍ଷ, ବି. ପୁଂ. ଚନ୍ଦ୍ରକଳା କ୍ଷୟକର ପକ୍ଷ ।

କୃଷ୍ଣପିଙ୍ଗଳା, ବି. ସ୍ତ୍ରୀ. (କୃଷ୍ଣ-ପିଙ୍ଗଳା) ଦୁର୍ଗା ।

କୃଷ୍ଣଲୌହ, ବି. ପୁଂ. (କୃଷ୍ଣ-ଲୌହ) ଅୟସ୍କାନ୍ତମଣି ।

କୃଷ୍ଣବକ୍ତ୍ର, ବି. ପୁଂ. (କୃଷ୍ଣ-ବକ୍ତ୍ର)ବାନର ।

କୃଷ୍ଣବର୍ତ୍ମା, ବି. ପୁଂ. (କୃଷ୍ଣ-ବର୍ତ୍ମନ୍) ଅଗ୍ନି, ବହ୍ନି । ବିଂ. ଦୁରାଗ୍ରହ ।

କୃଷ୍ଣଶୃଙ୍ଗ, ବି. ପୁଂ. (କୃଷ୍ଣ-ଶୃଙ୍ଗ) ମହିଷ ।

କୃଷ୍ଣସଖ, ବି. ପୁଂ. (କୃଷ୍ଣ-ସଖା) କୃଷ୍ଣଙ୍କ ସଖା, ଅର୍ଜ୍ଜୁନ ।

କୃଷ୍ଣସାର, କୃଷ୍ଣଶାର } ବି. ପୁଂ. (କୃଷ୍ଣ-ସାର ) ହରିଣ-ବିଶେଷ, ଶିଂଶପାବୃକ୍ଷ, ସ୍ନୁହୀବୃକ୍ଷ । ଯଥା—

> ଛନ୍ଦିଦେଲେ ଚର୍ମ୍ମ ପାଇବ କେମନ୍ତ
> ମୟୂର ମନୁଷ୍ୟ ମୃଗୀ କୃଷ୍ଣସାର । ନ. କେ.

କୃଷ୍ଣସାରଥି, ବି. ପୁଂ. (କୃଷ୍ଣ-ସାରଥି) ଅର୍ଜ୍ଜୁନ ।

କୃଷ୍ଣା, ବି. ସ୍ତ୍ରୀ. (କୃଷ୍-ନ-ଆ) ଦ୍ରୌପଦୀ । ଯଥା—

> କୃଷ୍ଣାଙ୍କୁ ତବସ୍ତ୍ର ଦେବେ କଲୁ ଅବତେଦଲେ । ସ. କ.

ବିଂ. ନୀଳବର୍ଣ୍ଣ ।

କୃଷ୍ଣାଗୁରୁ, ବି. ପୁଂ. (କୃଷ୍ଣ-ଅଗୁରୁ) କୃଷ୍ଣଚନ୍ଦନ ।

କୃଷ୍ଣାଚଳ, ବି. ପୁଂ. (କୃଷ୍ଣ-ଅଚଳ) ରୈବତ ପର୍ବତ ।

କୃଷ୍ଣାଜିନ, ବି. ପୁଂ. ( କୃଷ୍ଣ-ଅଜିନ ) କୃଷ୍ଣସାର ମୃଗର ଚର୍ମ ।

କୃଷ୍ଣାମିଷ, କୃଷ୍ଣାୟସ } ବି. ନ. ( କୃଷ୍ଣ-ଆମିଷ, ଅୟସ୍ ) କୃଷ୍ଣବର୍ଣ୍ଣ ଲୌହ, ଚୁମ୍ବକ ଲୌହ ।

କୃଷ୍ଣାର୍ଚ୍ଚିଃ, ବି. ପୁଂ. (କୃଷ୍ଣ-ଅର୍ଚ୍ଚିସ୍) ଅଗ୍ନି ।

କୃଷ୍ଣାଷ୍ଟମୀ, ବି. ସ୍ତ୍ରୀ. କୃଷ୍ଣପକ୍ଷୀୟ ଅଷ୍ଟମୀ, ଭାଦ୍ରମାସର କୃଷ୍ଣ ଅଷ୍ଟମୀ, ଶ୍ରୀକୃଷ୍ଣଙ୍କ ଜନ୍ମତିଥି ।

କୃଷ୍ୟ, ବିଂ. ( କୃଷ୍-ଯ ) କର୍ଷଣଯୋଗ୍ୟ, କୃଷିର ଉପଯୁକ୍ତ ।

କୢପ୍ତ, ବିଂ. ( କୢପ-ତ ) ନିଯୁକ୍ତ, କୃତ, ରଚିତ, କଳ୍ପିତ ।

କେ, କଏ } ସର୍ବଂ. ( କିମ୍ ଶବ୍ଦଜ ) କେଉଁ ବ୍ୟକ୍ତି, କୌଣସି ମନୁଷ୍ୟ ।

କେକୟ, ବି. ପୁଂ. ଦେଶବିଶେଷ, ପଞ୍ଜାବର ଅନ୍ତର୍ଗତ ବିପାଶା ନଦୀର ପଶ୍ଚିମସ୍ଥ ପର୍ବତମୟ ଦେଶ, ସୂର୍ଯ୍ୟବଂଶୀୟ ନୃପତିବିଶେଷ ।

କୈକୟୀ, ବି. ସ୍ତ୍ରୀ. ( କେକୟ-ଈ ) ଦଶରଥ ରାଜାଙ୍କ ମଧ୍ୟମା ପତ୍ନୀ, ଭରତଙ୍କ ମାତା ।

କେକା, ବି. ସ୍ତ୍ରୀ ( କେ-କୈ-ଅ ) ମୟୂରଧ୍ୱନି, ମୟୂରଡାକ । ଯଥା—

> ନରଚେ ମତ୍ତର କେକିକୁଳ କେକାରବେ । ମ. ଯା,

କେକାବଳ, ବି. ପୁଂ. (କେକା-ବଳ) ମୟୂର ।

କେକୀ, ବି. ପୁଂ. ( କେକା-ଇନ୍ ) ଶିଖୀ, ମୟୂର ।

କେଞ୍ଚା, ବି. (ଦେଶଜ) ଭୁଷା, ଗୋଜା ।

କେଞ୍ଚିବା, କ୍ରି. (ଦେଶଜ) ଭୁଷିଦେବା ।

**କେଣ୍ଟୁଅ**, ବି. ପୁଂ. (ଦେଶଜ) କୁଅ, ମହାଲଟା ।

**କେଣ୍ଟୁଡ଼ି**, ବି°. (ଦେଶଜ) ଅପକ୍ୱ, ଅପରିଣତ ।

**କେଡ଼େ**, ବି°. (ଦେଶଜ) ପରିମାଣବିଶେଷ ।

**କେଣିକା**, ବି. ସ୍ତ୍ରୀ. (କଣ୍-ଅକ) ତାମ୍ବୁ, କେଉଁ ସ୍ଥାନର ।

**କେଣେ** / **କେଣିକି** } ଅ°. (ଦେଶଜ କେଉଁଆଡ଼କୁ ।

**କେଣ୍ଡା**, ବି. (ଦେଶଜ) ଶସ୍ୟଗୁଚ୍ଛ, ଥୋପା ।

**କେତକ**, ବି. ପୁଂ. (କିତ-ଅକ) କିଆଫୁଲର ଗଛ । ନ. ତତ୍ପୁଷ୍ପ । ଯଥା —

କେତକ କାନନସଙ୍କୁଳ ରମ୍ୟ ସୈକତ ସ୍ଥଳ । ଚି. ଭି.

**କେତକୀ**, ବି. ସ୍ତ୍ରୀ (କିତ-ଅକ-ଈ) ସ୍ୱନାମ ପ୍ରସିଦ୍ଧ ବୃକ୍ଷବିଶେଷ ଓ ତତ୍ପୁଷ୍ପ ।

**କେତନ**, ବି. ନ. (କିତ୍-ଅନ) ଧ୍ୱଜ, ପତାକା, ଚିହ୍ନ, କାର୍ଯ୍ୟ, ସ୍ଥାନ, ଗୃହ, ଉପନିମନ୍ତ୍ରଣ ।

**କେତାକେତା**, ବି°. (ଦେଶଜ) ଟିକି ଟିକି ।

**କେତୁ**, ବି. ପୁଂ. (ଚିତ୍-ଉ, ଚି=କେ) ଗ୍ରହ-ବିଶେଷ, ନବମ ଗ୍ରହ, ଧ୍ୱଜ, ପତାକା, ଚିହ୍ନ, ଉତ୍ପାତ ଚିହ୍ନ, ଧୂମକେତୁ, ଶତ୍ରୁ, ରୋଗ ।

**କେତୁଭ**, ବି. ପୁଂ. (କେତୁ-ଭା) ମେଘ ।

**କେତୁମାଳ**, ବି. ନ. ଜମ୍ବୁଦ୍ୱୀପର ୯ ବର୍ଷର ଏକ ବର୍ଷ । ଲା, ସ୍ତ୍ରୀ. ଅବନ୍ତୀଦେଶସ୍ଥ ନଦୀ-ବିଶେଷ ।

**କେତୁମୁଣ୍ଡ**, ବି. ପୁଂ. (କେତୁ-ମୁଣ୍ଡ) ରାହୁ । ଯଥା —

ଭାଦ୍ର କରୁ କି ପୌର୍ଣ୍ଣମୀ ହରିବ କେତୁମୁଣ୍ଡ ଅଟେ ଚିହ୍ନ ।
ଚି. ଦ,

**କେତୁରତ୍ନ**, ବି. ନ. (କେତୁ-ରତ୍ନ) ବୈଦୂର୍ଯ୍ୟ-ମଣି ।

**କେତେ**, ଅ°, କିପରିମାଣ, କିମ୍ଭୂତ ।

**କେଦାର**, ବି. ପୁଂ. (କେ-ଦୃ-ଅ) କ୍ଷେତ୍ର, ପର୍ବତ-ବିଶେଷ, ଆଲବାଳ, ଶିବ, କ୍ଷେତର ହିଡ଼ । କ୍ଷେତ୍ର ଅର୍ଥରେ ଯଥା—

କେତକୀ ନ କହୁ କେଦାରେ ବସିଲୁ । କ. ଓ,

**କେଦାରଗୌରୀ**, ବି. ଭୁବନେଶ୍ୱର ନିକଟବର୍ତ୍ତୀ ପ୍ରସିଦ୍ଧ ସ୍ଥାନ, ପ୍ରସିଦ୍ଧ ଠାକୁରାଣୀ । ଶ୍ରୀ ରାଧାନାଥ ପ୍ରଣୀତ କାବ୍ୟବିଶେଷ ।

**କେଦାରଜ**, ବି. (କେଦାର-ଜନ୍-ଅ) କ୍ଷେତ୍ରଜାତ (ଧାନ୍ୟାଦି) । ବି. ପୁଂ. ପଦ୍ମକାଷ୍ଠ ।

**କେନା**, (ଦେଶଜ) ବୃକ୍ଷଶାଖା ।

**କେନାଲ**, ବି. ( Canal ) କୃତ୍ରିମନଦୀ, ନାଳ, କୁଲ୍ୟା ।

**କେନ୍ଦରା**, ବି. (ଦେଶଜ) ବାଦ୍ୟଯନ୍ତ୍ରବିଶେଷ । ଯଥା —

କୁହିଁ କୁହିଁ ବଜାଇ କେନ୍ଦରା,
ନାଥ ଆସି ଭିକ୍ଷା ମାଗେ ପରା । ନୈଷଧୀ ।

**କେନ୍ଦୁ**, ବି. (କେନ୍ଦୁକ ଶବ୍ଦଜ) ସ୍ୱନାମପ୍ରସିଦ୍ଧ ବୃକ୍ଷ ଓ ତାହାର ଫଳ ।

**କେନ୍ଦୁଆ**, ବି. (ଦେଶଜ) ଏକଜାତୀୟ କ୍ଷୁଦ୍ର ବ୍ୟାଧି ।

**କେନ୍ଦୁଳି**, ବି (କନ୍ଦଳ ଶବ୍ଦଜ) ଏକପ୍ରକାର ଗୁଳ୍ମ । ପାଣିକେନ୍ଦୁଳି ।

**କେନ୍ଦ୍ର**, ବି. ପୁଂ. (କ-ଇନ୍ଦ୍ର) ଲଗ୍ନ, ମେରୁ, ପୃଥିବୀର ଉତ୍ତର ଦକ୍ଷିଣ ପ୍ରାନ୍ତ, ଗୋଲାକାର ପଦାର୍ଥର ଠିକ୍ ମଧ୍ୟସ୍ଥାନ ।

**କେନ୍ଦ୍ରବିମୁଖ ବଳ**, ବି. ନ. ଯେଉଁ ଶକ୍ତି-ପ୍ରଭାବରେ ପଦାର୍ଥସବୁ କେନ୍ଦ୍ରାଭିମୁଖରୁ ଅନ୍ତର୍ହିତ ହୁଏ । (Centrefugal)

**କେନ୍ଦ୍ରସ୍ରୋତଃ**, ମେରୁ ନିକଟରୁ ଆଗତ ସ୍ରୋତ । (Polar current)

**କେନ୍ଦ୍ରାପସାରଣୀ ଶକ୍ତି**, ବି. ଯେଉଁ ଶକ୍ତିପ୍ରଭାବରେ ଦ୍ରବ୍ୟକୁ କେନ୍ଦ୍ର ତ୍ୟାଗ କରି ଯିବାକୁ ହୁଏ । (Centrefugal force)

**କେନ୍ଦ୍ରାକର୍ଷଣୀ**, ବି. ଯେଉଁ ଶକ୍ତି ପ୍ରଭାବରେ ଦ୍ରବ୍ୟକୁ କେନ୍ଦ୍ର ଆଡ଼କୁ ଆସିବାକୁ ହୁଏ । (Centrepetal force)

କେନ୍ଦ୍ରାଭିମୁଖ ବଳ, ଯେ ଶକ୍ତିପ୍ରଭାବରେ ପଦାର୍ଥ-ସବୁ କେନ୍ଦ୍ରାଭିମୁଖରେ ଆକୃଷ୍ଟ ହୁଏ । (Ceutrepetal)

କେମନ୍ତ } କେମନ୍ତେ } କ୍ରି. ବିଂ. କିପ୍ରକାର । ଅଂ. ପ୍ରଶ୍ନବାଚକ ଶବ୍ଦ ।

କେମ୍ପା, ବି, ( ଦେଶଜ ) ବସ୍ତ୍ରବନ୍ଧୁଭଦନ୍ନିଷ୍ଟ ପ୍ରାଣୀ ।

କେୟୂର, ବି. ନ. ( କେ-ଯୁ-ଉର ) ତାଡ଼, ବାହୁଭୂଷଣ । ପୁଂ. ରଭିବନ୍ଧବିଶେଷ ।

କେରଳ, ବି. ପୁଂ. ଦେଶବିଶେଷ, ମାଲବାର ଦେଶ, ଏହାର ଉତ୍ତରରେ ସହ୍ୟ ପର୍ବତ ଓ ଦକ୍ଷିଣରେ କନ୍ୟାକୁମାରୀ, କେଲା । ବିଂ. ତଦେଶୀୟ । ଜ୍ୟୋତିଃଶାସ୍ତ୍ରବିଶେଷ ।

କେରପାଲ, ବି. ( ଦେଶଜ ) ଛଣପଟେ ସୂତା ନିର୍ମିତ ଏକ ପ୍ରକାର ମୋଟ ବସ୍ତ୍ର ।

କେରି } କେର } ବି, ( ଦେଶଜ ) ତୃଣାଦିର ଗୁଚ୍ଛ ।

କେରଣ୍ଡି, (ଦେଶଜ) ମତ୍ସ୍ୟବିଶେଷ ।

କେରଳୀ, ବି. ସ୍ତ୍ରୀ. ଜ୍ୟୋତିଃଶାସ୍ତ୍ରବିଶେଷ, ଏକ ଶାଖା, କେଳୁଣୀ ।

କେଲଇ, ବି. ସ୍ତ୍ରୀ. ରତି । ଯଥା—

> କହୁ ନୋହେ ବଚନେ ମୋ କାଲ ଶୋଭା,
> କେତେ ଥିବା କନ୍ଦର୍ପ କେଲଇପ୍ରଭା । ର. କ.

କେଲା, ବି. (ଦେଶଜ) ଐନ୍ଦ୍ରଜାଲିକ । ନୀଚ ଜାତି ବିଶେଷ, ଅସଭ୍ୟ ।

କେଲାଇବା, କ୍ରି. ସ୍ନେପାଛଡ଼ାଇବା, ମାଛ ବାଛିବା ।

କେଲି, ବି. ପୁଂ. ସ୍ତ୍ରୀ. ( କିଲ୍-ଇ ) କ୍ରୀଡ଼ା, କୌତୁକ, ପରିହାସ ।

କେଲିକଦମ୍ବ, ବି. ପୁଂ. ଶ୍ରେଷ୍ଠ ଶ୍ରେଷ୍ଠ ପୁଷ୍ପବିଶିଷ୍ଟ ଏବଂ ବସନ୍ତକାଳରେ ପୁଷ୍ପିତ କଦମ୍ବ ବୃକ୍ଷ-ବିଶେଷ । ଯଥା—

> କେଲି କଦମ୍ବ ଲତାର, କୋଳେ କି ଶ୍ୟାମଳ ତାର
> ତେଜ ସେ ଦିବ୍ୟସୁତାର ପରେ । ବି. ଚ.

କେଲିକଲା, ବି. ସ୍ତ୍ରୀ. ( କେଲି-କଲ୍-ଅ-ଆ ) ସରସ୍ୱତୀଙ୍କ ବୀଣା, ରତିକ୍ରୀଡ଼ା । ଯଥା—

> ଯହାଙ୍କ ରଚନା ସହୁଁ କେଲିକଳା ।

କେଲିକୁଞ୍ଚିକା, ବି. ସ୍ତ୍ରୀ. (କେଲି-କୁନ୍ଚ୍-ଅକ-ଆ) ଶାଲୀ, ସ୍ତ୍ରୀର ସାନ ଭଉଣୀ ।

କେଲିଭୂମି, ବି. ସ୍ତ୍ରୀ. କ୍ରୀଡ଼ାର ସ୍ଥାନ, ବିହାରସ୍ଥଳ । ବିଂ. କୌତୁକସ୍ଥାନୀୟ, ପରିହାସର ପାତ୍ର ।

କେଲିମୁଖ, ବି. ପୁଂ. (କେଲି-ମୁଖ) କୌତୁକ, ପରିହାସ ।

କେଲୁଣୀ, ବି. କେଲାର ସ୍ତ୍ରୀ, ନୀଚସ୍ତ୍ରୀ ।

କେଲୁଆର } କେରୁଆଲ } ବି. (ଦେଶଜ) ମଙ୍ଗଧରା, ଲଗାମ ।

କେବଟ, ବି. ପୁଂ. ଜଳାଧାରାର୍ଥ ଗର୍ତ୍ତରୂପ କୂପ ।

କେବଣ, ସର୍ବଂ, ( ଦେଶଜ ) କି, କେଉଁ । ଯଥା—

> କହ କେବଣ ପ୍ରୟୋଜନ, ଶୁଣି ଆନନ୍ଦ ହେଉ ମନ ।

କେବଳ, ବିଂ. (କେବ୍-ଅଳ) ଏକମାତ୍ର, ଅସହାୟ, ଅଦ୍ୱିତୀୟ, ରିକ୍ତ, କୃସ୍ନ, ସମ୍ପୂର୍ଣ୍ଣ, ଅବଧାରିତ, ଶୁଦ୍ଧ ।

କେବା, ଅଂ. (ପ୍ରା) କିଏ ଅବା ।

କେବେ } କେବେହେଁ } ଅଂ. ( ଦେଶଜ ) କେଉଁ ସମୟରେ ।

କେଶ, ବି. ପୁଂ. (କ-ଈଶ-ଅ) ବାଳ, ଦୈତ୍ୟ, ବିଶେଷ, ବରୁଣ, ବିଷ୍ଣୁ । ସ୍ତ୍ରୀ. ଶିଖା, ଚୁଳିକ ।

କେଶକାର, ବିଂ. ( କେଶ-କୃ-ଅ ) କେଶ-ସଂସ୍କାରକ, କେଶବିନ୍ୟାସକାରୀ ।

କେଶକୀଟ, ବି ପୁଂ. (କେଶ-କୀଟ) ଉକୁଣି ।

କେଶଗର୍ଭକ, ବି. ପୁଂ. (କେଶ-ଗର୍ଭକ) ଜୁଡ଼ା ।

କେଶଘ୍ନ, ବି ନ. (କେଶ-ଘ୍ନ) କେଶନାଶକ ରୋଗବିଶେଷ ।

କେଶଛିଦ୍, ବି. ପୁଂ. (କେଶ-ଛିଦ୍-୦) ଭଣ୍ଡାରୀ ।

**କେଶପକ୍ଷ, କେଶପାଶ, କେଶହସ୍ତ** ବି. ପୁଂ. (କେଶ-ପକ୍ଷ, ପାଶ, ହସ୍ତ) କୁଟିଳ କେଶଗୁଚ୍ଛ, ବାଳର ଗୁଚ୍ଛ ।

**କେଶପାଶୀ,** ବି. ସ୍ତ୍ରୀ. (କେଶ ପାଶ-ଈ) ଶିଖା, ଚୂଡ଼ା ।

**କେଶମାର୍ଜକ, କେଶମାର୍ଜନ,** ବି. ନ. (କେଶ-ମାର୍ଜକ, ମାର୍ଜନ) ପାନିଆ, କଙ୍କତିକା ।

**କେଶର, କେସର** ବି. ପୁଂ. (କେ-ଶୃ-ଅ) କିଞ୍ଜଲ୍କ, ପାଖୁଡ଼ା ମଧ୍ୟରେ ଯେଉଁ କେଶ ପରି ସୂକ୍ଷ୍ମପଦାର୍ଥ ଥାଏ, ଗର୍ଭକେଶର, ସିଂହ ଇତ୍ୟାଦିର ବେକର ବାଳ, ନାଗେଶ୍ୱର । ଯଥା—

ସୁବ୍ରତ କେଶର-କେଶର କେଶର ଚକ୍ଷୁ ଚହିଁ । ସୁ. ପ,

**କେଶରବର,** ବି. ପୁଂ (କେଶର-ବୃ-ଅ) କୁଙ୍କୁମ ।

**କେଶରୀ, କେସରୀ** ବି. ପୁଂ. (କେଶର-ଇନ୍) ସିଂହ, ଅଶ୍ୱ, ବାନରବିଶେଷ, ପୁନ୍ନାଗବୃକ୍ଷ, ନାଗକେଶର ବୃକ୍ଷ ।

**କେଶବ,** ବି. ପୁଂ. (କ-ଈଶ-ବ) କୃଷ୍ଣ, ବିଷ୍ଣୁ । ବିଂ. (କେଶ-ବ) ପ୍ରଶସ୍ତ କେଶଯୁକ୍ତ । କୃଷ୍ଣ ଅର୍ଥରେ । ଯଥା—

କେଶବ କହନ୍ତି ଚହିଁ ଶୁଣି କର୍ଣ୍ଣ ବାଣୀ,
ଧର୍ମିଙ୍କ କଥା କହୁଁ ଅଛ ଅଜ୍ଞ ଅଣି । କର୍ଣ୍ଣବଧ ।

**କେଶବିନ୍ୟାସ,** ବି. ପୁଂ. (କେଶ-ବିନ୍ୟାସ) କବରୀ ବନ୍ଧନ, କେଶରଚନା ।

**କେଶବେଶ,** ବି. ପୁଂ. (କେଶ-ବେଶ) କେଶବିନ୍ୟାସ, କବରୀବନ୍ଧନ ।

**କେଶାକେଶି,** ଅଂ. କ୍ରି. ବିଂ. ପରସ୍ପର କେଶଗ୍ରହଣପୂର୍ବକ ଯୁଦ୍ଧ ।

**କେଶୀ,** ବିଂ. (କେଶ-ଇନ୍) ପ୍ରଶସ୍ତ କେଶବିଶିଷ୍ଟ । ବି. ପୁଂ. ଦୈତ୍ୟବିଶେଷ, ସିଂହ, ବିଷ୍ଣୁ ।

**କେଳିଉପୂସୁତ,** ବି. ପୁଂ. କନ୍ଦର୍ପ, କାମ । ଯଥା—

ଯେନ ମଉବଉକେଶୀ କେଳିଉପୂସୁତ
ଶାଙ୍କିବୁ ଫୋପାଉ । ପ୍ରେ, ସୁ,

**କେମନ,** ଅଂ (ଦେଶଜ) କପରି ।

**କେହ୍ନ, କେହ୍ନ** ଅଂ. ସଂ. କିମ୍ ଶବ୍ଦଜ, କୌଣସି ବ୍ୟକ୍ତି । (ପ୍ରାଚୀନ) କପରି ।

**କେଡେ,** ଅଂ (ଦେଶଜ, ପଦ୍ୟରେ ପ୍ରଯୁକ୍ତ) କପରି ।

**କୈକୟୀ, କୈକେୟୀ** ବି. ସ୍ତ୍ରୀ. (କେକୟ-ଅ-ଈ) ଦଶରଥ ରାଜାଙ୍କ ପତ୍ନୀ, ଭରତଙ୍କ ମାତା ।

**କୈକେୟ,** ବି. ପୁଂ. (କେକୟ-ଅ) କେକୟ ଦେଶର ରାଜା ।

**କୈଟଭ,** ବି. ପୁଂ. (କୀଟ-ଭା-ଅ) ଅସୁରବିଶେଷ ।

**କୈଟଭଜିତ୍, କୈଟଭାରି, କୈଟଭହା, କୈଟଭଦ୍ୱିଟ୍** ବି. ପୁଂ. (କୈଟଭ-ଜିତ୍, ଅରି, ହନ୍, ଦ୍ୱିଷ୍) ନାରାୟଣ, ବିଷ୍ଣୁ ।

**କୈତବ,** ବି. ନ. (କିତବ-ଅ) ଛଳ, କପଟ, ଦ୍ୟୂତକ୍ରୀଡ଼ା, ପାଶକ୍ରୀଡ଼ା । ଯଥା—

କଇତବ ବେଶେ ଦଣ୍ଡିର
ଛଡ଼ା କମଣ୍ଡଳୁ ଧର କର । ବି, ଗ,

**କୈମୁତିକ,** ବି. ପୁଂ. (କିମ୍-ଉତ-ଇକ) ନ୍ୟାୟବିଶେଷ ।

**କୈରବ,** ବି. ନ. (କୈରବ—[କେ, ଜଳରେ-ରବ, ଯେ ରବ କରେ] ହଂସ-ଅ) କୁମୁଦ, ଶ୍ୱେତୋତ୍ପଳ । ପୁଂ. କିତବ, ରିପୁ, ଶତ୍ରୁ । ସ୍ତ୍ରୀ. କୌମୁଦୀ, ଜ୍ୟୋତ୍ସ୍ନା ।

**କୈରବିଣୀ,** ବି. ସ୍ତ୍ରୀ. (କୈରବ-ଇନ୍-ଈ) କୁମୁଦିନୀ ।

**କୈରବୀ,** ବି. ସ୍ତ୍ରୀ. ଚନ୍ଦ୍ରିକା, ଜ୍ୟୋତ୍ସ୍ନା, ମେଥି ।

**କୈରାତ,** ବିଂ. (କିରାତ-ଅ) ବ୍ୟାଧତୁଲ୍ୟ ବଳବାନ୍, କିରାତ ଦେଶଜାତ । ବି. ପୁଂ. ଭୁଜଙ୍ଗ ।

**କୈଲାସ,** ବି. ପୁଂ. (କେଳି [କେଳ-ଅ] ଆସ) ପର୍ବତବିଶେଷ ।

କୈଳାସନାଥ, ବ. ପୁଂ. (କୈଳାସ-ନାଥ) ଶିବ କୁବେର ।

କୈଳାସଶିଖରୀ, ବ. ପୁଂ. (କୈଳାସଶିଖର-ଇନ୍) ଶିବ, କୁବେର ।

କୈବର୍ତ୍ତ, ବ. ପୁଂ. (କେବର୍ତ୍ତ-ଅ) ଧୀବର, କେଉଟ ।

କୈବଲ୍ୟ, ବ. ନ. (କେବଳ-ଯ) ସଂସାରମୁକ୍ତି, ମୋକ୍ଷ । ସ୍ତ୍ରୀ. କୈବଲ୍ୟା । ଯଥା—

> ତ୍ରୈଲୋକ୍ୟଦାମା ଯଶୋଦାସୁତ,
> ଭଲେ ଠାକୁ କୈବଲ୍ୟା ମାନେ ମୁକତ । ଚ. କ.

କୈଶିକ, ବିଂ. (କେଶ-ଇକ) କେଶବତ୍ ସୂକ୍ଷ୍ମ ଛିଦ୍ରବିଶିଷ୍ଟ, କେଶସମ୍ବନ୍ଧୀୟ । କେଶ-ସ୍ନେହ ।

କୈଶିକାକର୍ଷଣ, ବ. ନ. (Capillary attraction) ଯେଉଁ ଶକ୍ତି ଦ୍ୱାରା ସୂକ୍ଷ୍ମ ଛିଦ୍ରବିଶିଷ୍ଟ ନଳରେ ଜଳାଦି ଉନ୍ନତ ହୋଇ ଉଠେ ।

କୈଶିକାନାଡ଼ୀ, ବ. ସ୍ତ୍ରୀ. କେଶପରି ସୂକ୍ଷ୍ମନାଡ଼ୀ, ଏହି ନାଡ଼ୀ ଦେଇ ପ୍ରଥମତଃ ଶରୀରରେ ରକ୍ତ ସଞ୍ଚାଳିତ ହୁଏ ।

କୈଶିକାବନତି, ବ. (Capilliary) କୈଶିକ ନଳର ଅଭ୍ୟନ୍ତରରେ କୌଣସି ତରଳ ପଦାର୍ଥ ଅବନତ ହୋଇ ପଡ଼ିଲେ ତାକୁ କୈଶିକାବନତି କହନ୍ତି ।

କୈଶୋର, ବ. ନ. (କିଶୋର-ଅ) ବାଲ୍ୟାବସ୍ଥା, ଦଶମ ବର୍ଷରୁ ପଞ୍ଚଦଶ ବର୍ଷ ପର୍ଯ୍ୟନ୍ତ ।

କୋଇ, ବ. (ଦେଶଜ) ସୁନାରୂପା ଧୁଉଥିବା ଯାଉ ଦ୍ରବ୍ୟ ଆଉଟିବା ପାତ୍ର ।

କୋଇଲା, (ଦେଶଜ) ଅଙ୍ଗାର ।

କୋଇଲି, ବ. (କୋକିଳ ଶବ୍ଦଜ) କୋକିଳ, ପିକ, ଆମ୍ବ ଟାକୁଆର ଭିତର ଶସ ।

କୋଇଲିଖିା, ବ. (ଦେଶଜ) କୋଇଲି ଲିଟିର

କୋଇଲିଲେଖା, ବ. (ଦେଶଜ) କଣ୍ଟକଯୁକ୍ତ ଔଷଧି ଗୁଳ୍ମବିଶେଷ ।

କୋକ, ବ. ପୁଂ. (କ-ଉକ-ଅ) ଚକ୍ରବାକ, ଭେକ, ବଣ୍ଡୁ, ବୃକ, ହେଠାବାଘ, କ୍ଷେମଗ୍ରୀ, ଖର୍ଜୁର ବୃକ୍ଷ । ଯଥା—

> ଶ୍ରୀ ଲୁକ୍ତି ଜାପ୍ୟା ସଙ୍ଗେ
> ରଙ୍ଗେ ହେଁ ଶୋଭନ୍ତି କୋକେ । ଭୃଷ୍ଟ ।

କୋକନଦ, ବ. ନ. (କୋକ-ନଦ-ଅ) ରକ୍ତପଦ୍ମ । ଯଥା—

> ନିଶାଳି-ଭରୁ କରେ ଗୃରୁ ଯୌବନ କଳ
> କୋକନଦ ଗ୍ଳଲ । ବୈ, ବି,

କୋକନଦଚ୍ଛବି, ବ. ପୁଂ. (କୋକନଦ-ଛବି) ରକ୍ତବର୍ଣ୍ଣ । ବିଂ. ରକ୍ତବର୍ଣ୍ଣବିଶିଷ୍ଟ ।

କୋକବନ୍ଧୁ, ବ. ପୁଂ. (କୋକ-ବନ୍ଧୁ) ରବି, ଦିବାକର, ସୂର୍ଯ୍ୟ ।

କୋକମିନା, ବ. (ଦେଶଜ) ବାଳକମାନଙ୍କୁ ଭୟ ଦେଖାଇବାପାଇଁ କଳ୍ପିତ ଜୀବବିଶେଷ ।

କୋକମୁଖ, ବ. ପୁଂ. ଭାରତପ୍ରସିଦ୍ଧ ତୀର୍ଥ-ବିଶେଷ ।

କୋକିଳ, ବ. ପୁଂ. (କୁକ୍-ଇଲ) ସ୍ୱନାମପ୍ରସିଦ୍ଧ ପକ୍ଷୀବିଶେଷ, ପିକ, ଜ୍ୱଳନ୍ତା ଅଙ୍ଗାର ।

କୋକିଳକଣ୍ଠୀ, ବିଂ. ଯେଉଁ ସ୍ତ୍ରୀର କଣ୍ଠ କୋକିଳ କଣ୍ଠପରି ମଧୁର ।

କୋକିଳସ୍ୱାନ, ବ ମଙ୍ଗଳସ୍ୱାନ ଅର୍ଥାତ୍ ବାଡ଼ୁଅ ଗାଧୁଆ ।

କୋକୀ } ବ. (ଦେଶଜ) ଏକଜାତୀୟ
କୋକୀଶିଆଳ } ବିଲୁଆ ।

କୋକୁଆ, ବ. (ଦେଶଜ) ମଡ଼କ, ମହାମାରୀ ।

କୋକେଇ, ବ. (ଦେଶଜ) ଯହିଁରେ ଶବ ବହି ନିଅନ୍ତି ।

କୋଙ୍କଣ, ବ. ନ. (କୋମ୍-କଣ) ଅସ୍ତ୍ରବିଶେଷ, ଦେଶବିଶେଷ ।

କୋଙ୍କଣା, ବ. ସ୍ତ୍ରୀ. (କୋଙ୍କଣ-ଆ) ପରଶୁରାମଙ୍କ ମାତା ।

କୋଚ, ବି. ପୁଂ. ( କୁଚ୍-ଅ ) ନୀଚଜାତି-ବିଶେଷ ।

କୋଚ୍ଚ, ବି. (ଦେଶଜ) ଶୁଦ୍ରର ବୃତ୍ତି କରିବା, ସ୍ୱଳ୍ପ ବ୍ୟବସାୟ ।

କୋଚଅ, ବି. ( ଦେଶଜ ) ସର୍ପାକୃତି ଜଳ-ଜୀବବିଶେଷ ।

କୋଚଲ୍ଲ, ବି. ( କୁଚେଲା ଶବ୍ଦଜ ) ଏକପ୍ରକାର ତିକ୍ତ ଫଳ ଓ ତାହାର ଗଛ ।

କୋଚଲ୍ଲଖାଇ, ବି. ସ୍ୱନାମପ୍ରସିଦ୍ଧ ପଟିବିଶେଷ । ଯଥା—

ଅଟଳେ କୋଚଲ୍ଲଖାଇଙ୍କର ରଙ୍ଗ ।

କୋଜାଗର, ବି. ପୁଂ. ( କଃ-ଜାଗର ) ଆଶ୍ୱିନ-ପୂର୍ଣ୍ଣିମା, କୁମାରପୂର୍ଣ୍ଣିମା, ଏପରି ଲିଖିତ ଅଛି ଯେ ଏହି ପୂର୍ଣ୍ଣିମାରେ ଲକ୍ଷ୍ମୀ କହନ୍ତି—ଆଜି ନାରିକେଳ ଜଳ ପାନ କରି ଯେ ରାତ୍ରିରେ ଜାଗ୍ରତ ଥିବ ତାହାକୁ ସମ୍ପତ୍ତି ପ୍ରଦାନ କରିବି । ଯଥା—

ନିଶୀଥେ ବରଦା ଲକ୍ଷ୍ମୀଃ କୋଜାଗର୍ତ୍ତୀତିଭାଷିଣୀ ।
ତସ୍ମୈ ବିତ୍ତଂ ପ୍ରଯଚ୍ଛାମି ଅକ୍ଷୈଃ କ୍ରୀଡ଼ାଂ କରୋତି ଯଃ ।

କୋଟ, ବି. ପୁଂ. (କୁଟ୍-ଅ) ଦୁର୍ଗ, କଲ୍ଲା, (କୃଟ୍-ଅ) କୌଟିଲ୍ୟ । (Court) କଚେରୀ ।

କୋଟର, ବି. ପୁଂ. ନ. ( କୋଟ-ର ) ବୃକ୍ଷସ୍ଥ ଗହ୍ୱର ।

କୋଟି }
କୋଟୀ } ବି. ସ୍ତ୍ରୀ. ( କୁଟ୍-ଇ ) ଖଡ୍ଗାଦିର ପ୍ରାନ୍ତ, ଧାର, ଅଗ୍ରଭାଗ, ଶତଲକ୍ଷ ସଂଖ୍ୟା, କ୍ରୋଡ଼, ଉତ୍କର୍ଷ, ମଧ୍ୟ, ଧନୁକାଦିର ଅଗ୍ରଭାଗ, ପକ୍ଷ, ସମ-କୋଣୀ ତ୍ରିଭୁଜର କର୍ଣ୍ଣ ଭିନ୍ନ ବାହୁ-ବିଶେଷ ।

କୋଟର, ବି. ପୁଂ. (କୋଟି-ର) ଇନ୍ଦ୍ର, ନକୁଳ, କୋଇଲି, ଇନ୍ଦ୍ରଗୋପ କୀଟ ।

କୋଟିଜିତ୍, ବି. ପୁଂ. ( କୋଟି-ଜିତ୍ ) ଯେ ଜନବୃନ୍ଦରେ କୋଟିଏ କବିଙ୍କି ଜୟ କରିଥିଲେ, ରଘୁବଂଶାଦି କାବ୍ୟକାରକ କାଳିଦାସ ।

କୋଟିଶ }
କୋଟୀଶ } ବି. ପୁଂ. (କୋଟି-ଶୋ-ଅ) ଲୋଷ୍ଟ୍ରଭେଦକ ଅସ୍ତ୍ର, ନାଗବିଶେଷ ।

କୋଟିଶଃ, ଅଂ. (କୋଟି-ଶସ୍) କୋଟିଏ ଥର, କୋଟି କୋଟି ପରିମାଣ ।

କୋଟୀର, ବି. ପୁଂ. (କୁଟ୍-ଈର) ଜଟା, ଚୂଡ଼ା, ମୁକୁଟ ।

କୋଟ୍ଟ, ବି. ପୁଂ. ( କୋଟ୍ଟ-ଅ ) ଦୁର୍ଗ, ଗଡ଼, ରାଜଧାନୀବିଶେଷ ।

କୋଟ୍ଟବୀ, ବି. ସ୍ତ୍ରୀ. (କୋଟ୍ଟ-ବା-ଅ-ଙୀ) ଦିଗମ୍ବରୀ ସ୍ତ୍ରୀ, ଦୁର୍ଗା, କାଳୀ ।

କୋଟ୍ଟାବୀପୁର, ବି. ନ. ବାଣାସୁରପୁର ।

କୋଟ୍ଟାର, ବି. ପୁ. ( କୋଟ୍ଟ-ର-ଅ ) କୂପ, ପୁଷ୍କରିଣ୍ୟାଦିର ସୋପାନ ।

କୋଠ, ବି. ପୁଂ. (କୁଠ-ଅ) କୋଢ଼ାକାର କୁଷ୍ଠ-ରୋଗ । ବିଂ. ( ଦେଶଜ ) ଭଜମାଇଲି, ଯୌଥ, ଯଥା—

ମଣ୍ଡୀ ଅନୁରୋଧେ ଭଦ୍ରଙ୍କ ଦେବେ କୋଠଭଣ୍ଡାରୁ,
ଚନ୍ଦ୍ରଭାଗ ପର୍ଯ୍ୟନ୍ତ ବିବିଧ ବସ୍ତ୍ର ଭୂଷଣ ଗୁରୁ ।

କୋଠକରଣ, ବି. ପୁଂ. ଗ୍ରାମ୍ୟକରଣ ।

କୋଠରୀ, ବି. ( ଯାବନିକ ) କ୍ଷୁଦ୍ର ଗୃହ, ପ୍ରକୋଷ୍ଠ ।

କୋଠା, ବି. (କୋଷ୍ଠ ଶବ୍ଦ) ଅଟ୍ଟାଳିକା ।

କୋଠି, ବି. ( ଦେଶଜ ) ବାଣିଜ୍ୟାଗାରବିଶେଷ, ଅମର, ବଙ୍ଗଳାଘର ।

କୋଠିଆ, ବି. ପୁଂ. ଗୃହ କରିବା ସକାଶେ ନିଯୁକ୍ତ ମୂଲିଆ ।

କୋଡ଼, ବି. ( କ୍ରୋଡ଼ ଶବ୍ଦଜ ) ଉତ୍ସଙ୍ଗ ।

କୋଡ଼ପୋଛା, ବିଂ. ଯେଉଁ ସନ୍ତାନ ସର୍ବଶେଷରେ ଜନ୍ମେ ।

କୋଡ଼ମାଇ, ବି. ଧାନ ରଖିବା ଡୋଲି ।

କୋଡ଼ି, ବି. (କୁଦ୍ଦାଲ ଶବ୍ଦଜ) ମୃତ୍ତିକା ଖନନାର୍ଥ ଲୌହ ଅସ୍ତ୍ରବିଶେଷ, ୨୦ ସଂଖ୍ୟା ।

କୋଡ଼ିବା, କ୍ରି. କୋଡ଼ିଦ୍ୱାରା କାର୍ଯ୍ୟ କରିବା ।

କୋଢ଼ୀ } ବିଂ. ( କୁଷ୍ଠ ଶବ୍ଦଜ ) ପଙ୍ଗୁ,
କୋଢ଼ୀଅ } ଅଳସୁଆ ।

କୋଣ, ବି. ପୁଂ. ( କୁଣ୍-ଅ ) ଗୃହାଦିର କୋଣ, ଅସ୍ତ୍ରର ଧାର, ବୀଣାଦିବାଦନଦଣ୍ଡ, ଲଗୁଡ଼, ମଙ୍ଗଳଗ୍ରହ, ଶନି, ବିଭିନ୍ନମୁଖୀନ ରେଖାଦ୍ୱୟର ମିଳନବିନ୍ଦୁରେ ଯେଉଁ ଅବକାଶ ହୁଏ ।

କୋଣାର୍କ, ବି. ପୁଂ. ( କୋଣ-ଅର୍କ ) ପୁରୀର ୧୧ କୋଶ ଉତ୍ତର-ପୂର୍ବରେ ଅବସ୍ଥିତ ଅର୍କକ୍ଷେତ୍ର ।

କୋଣୀ, ବିଂ. ( କୁଣ୍-ଇ ) ଗ୍ରହଣଶକ୍ତିହୀନ, କେମ୍ପା ।

କୋତ, ବି. ( ଦେଶଜ ) ବଡ଼ କଳସୀ ବା ମଠିଆ ।

କୋଚଗ୍, ବିଂ. ( ଦେଶଜ ) ମଇଳା, ମଳିନ ।

କୋଥଳ, ବି. ( ଦେଶଜ ) ଥଳକମୁଣା, ଝୁଲା-ମୁଣି ।

କୋଦଣ୍ଡ, ବି. ପୁଂ. ନ. ( କୁଣ୍-ଅଣ୍ଡ, ଣ=ଦ ) ଧନୁକ । ଯଥା—

> କୋଦଣ୍ଡଧର କାମିନୀବରକୁ ଅନାଇ

ଦେଶବିଶେଷ, ଧନୁରାଶି ।

କୋଦମା }
କୋଦା, } ବିଂ. (ଦେଶଜ) ମୋଟା ।

କୋଦାଳ, ବି. (କୁଦାଲ ଶବ୍ଦଜ) କୋଡ଼ି ।

କୋଦ୍ରୁଅ, ବି. (କୋଦ୍ରବ ଶବ୍ଦଜ ) ତୃଣଧାନ୍ୟ-ବିଶେଷ ।

କୋପ, ବି. ପୁଂ. ( କୁପ୍-ଅ ) କ୍ରୋଧ, ଅମର୍ଷ, ରାଗ । ଯଥା—

> ସୀତାବେଳେ ରଘୁକାନ୍ତଙ୍କୁ କୋପଚଣ୍ଡଗଲା ରାହୁ । ଚ. ଚ.

କୋପନ, ବିଂ. ( କୁପ୍-ଅନ ) କ୍ରୋଧଯୁକ୍ତ, ସହଜରେ ଯାହାର କୋପ ଜନ୍ମେ ।

କୋପନା, ବିଂ. ( କୋପନ-ଆ ) କ୍ରୁଦ୍ଧସ୍ୱଭାବା, ସହଜରେ ଯେଉଁ ସ୍ତ୍ରୀର ରାଗ ଜନ୍ମେ ।

କୋପିତ, ବିଂ. (କୋପି-ତ ) ରୋଷିତ, ଯାହାର ରାଗ ଜନ୍ମାଇ ଦିଆ ଯାଇଅଛି ।

କୋପୀ, ବିଂ. (କୋପ-ଇନ୍ ) କ୍ରୋଧୀ, କ୍ରୋଧ-ବିଶିଷ୍ଟ ।

କୋମଳ, ବିଂ. ( କମ୍-ଅଳ, ଅ=ଓ ) ମୃଦୁ, ନରମ, ମନୋହର, ସୁନ୍ଦର, ମଧୁର, ଲଳିତ । ବି. ନ. ଜଳ ।

କୋମଳାଙ୍ଗ, ବି. ପୁଂ. (କୋମଳ ଅଙ୍ଗ) ଯେଉଁ-ମାନଙ୍କର ଶରୀର ଅତି କୋମଳ, ଶାମୁକା । ନ. ମୃଗଚର୍ମନିର୍ମିତ ଆସନ । ଙ୍ଗୀ, ସ୍ତ୍ରୀ. ଯେଉଁ ସ୍ତ୍ରୀର ଅଙ୍ଗ ଅତି କୋମଳ ବା ସୁନ୍ଦର ।

କୋମୃର, ବି. (ଦେଶଜ ଶୂକର । ଯଥା—

> ଦଣ୍ଡ ଦେମନ୍ତ ମୁଁ ଦେଇ ତ,
> ସମ୍ଭାଳେ କୃତାନ୍ତଙ୍କ ମୁଦଗ କୋମୃର । ପ୍ରେ. ସୁ.

କୋମ୍ପି, ବି. (ଦେଶଜ) ସୁବର୍ଣ୍ଣାଦି ଅଳଙ୍କାର ପାକ ।

କୋୟଷ୍ଟିକ, ବି. ପୁଂ ଟେଣ୍ଟାଇ ପକ୍ଷୀ ।

କୋର, ବି. (ଦେଶଜ) ସୂତାରେ ଗଉଥିବା ଫିତା ।

କୋରକ, ବି. ପୁଂ. ନ. (କୁର-ଅକ) ମୁକୁଳ, କଢ଼ି ।

କୋରଖ, ବି. (ଯାବନିକ) ସରକାରୀ ଆଦେଶରେ ବଲତ୍କାରରେ ଦ୍ରବ୍ୟାଦି ଗ୍ରହଣ ।

କୋରଙ୍ଗୀ, ବି. ସ୍ତ୍ରୀ. ଛୋଟ ଅଳାଇଚ ।

କୋରଠ, ବି. (ଦେଶଜ) ତଳବାହୁଙ୍ଗାର ବକଲ ।

କୋରଡ଼, ବି. (ପ୍ରା. କୋଠର ଶବ୍ଦଜ ) ବୃକ୍ଷରେ ଥିବା ଗର୍ତ୍ତ ।

କୋରଡ଼ା, ବି. (ଯାବନିକ) ଚାବୁକ ।

କୋରଣା, ବି. (ଦେଶଜ) ନାରିକେଳ ପ୍ରଭୃତି କୋରିବା ଅସ୍ତ୍ରବିଶେଷ ।

କୋରା, ବି. ( ଦେଶଜ ) ନାରକେଳ ଓ କନ୍ଦ-ମିଶ୍ରିତ ଲଡ଼ୁବିଶେଷ ।

କୋରାଣ, ବି. (ଯାବନିକ) ମୁସଲମାନ ଧର୍ମ-ଶାସ୍ତ୍ର ।

**କୋରବା,** କ୍ରି. ବି. ( ଦେଶଜ ) ବିଦାରଣ କରିବା ବା ଘର୍ଷିବା ।

**କୋଲ,** ବି. ପୁଂ. (କୁଲ୍-ଅ) ଶୂକର, ଭେଳା, ବଙ୍ଗଦେଶ, କୋଳଗଛ, ଜାତିବିଶେଷ, ଶନିଗ୍ରହ । ନ. କୋଳଫଳ । (ପ୍ରା. କୋଡ଼ ଶବ୍ଦଜ) ଅଙ୍କ, ଆଲିଙ୍ଗନ, କୋଡ଼ । ଯଥା —

କର୍ଣ୍ଣାଟରେ ପୀତ ବସନ,
କଟାମେଘ କୋଳରେ ବିଜୁଳି ଯେସନ ।

**କୋଲ,** ବିଂ. (ଦେଶଜ) ଶୀତଳ, ବନ୍ୟଜାତିବିଶେଷ ।

**କୋଲକ,** ବି. ପୁଂ. ( କୋଲ-ଅକ) ଅଙ୍କୋଠ ଗଛ । ନ. ମରିଚ ।

**କୋଲଥ,** ବି. (କୁଲତ୍ଥ ଶବ୍ଦଜ) ଶସ୍ୟବିଶେଷ ।

**କୋଲପ,** ବି. (ଦେଶଜ) ତାଲା ।

**କୋଲପୁଚ୍ଛ,** ବି. ପୁଂ. (କୋଲ-ପୁଚ୍ଛ) ଶୂକର ପୁଚ୍ଛ ପରି ଯାହାର ପୁଚ୍ଛ, କଙ୍କପକ୍ଷୀ ।

**କୋଳାଗ୍ରତ,** ବି. (କୋଲାଗତ ଶବ୍ଦଜ) ଆଲିଙ୍ଗନ ଯଥା—

ଦେଖି ମୋତେ ସ୍ନେହଶୀଳସୁତ
ବେଗେ କରିବେ କୋଳାଗ୍ରତ । ହ. ବେ.

**କୋଲାହଲ,** ବି. ପୁଂ. (କୋଲ-ଆ-ହଲ୍-ଅ) କଲକଲ ଧ୍ୱନି, ହଲହଲ, ଗୋଳମାଳ ।

**କୋଲି / କୋଲୀ** } ବି. ସ୍ତ୍ରୀ. (କୋଲ-ଇ, ଈ) ସ୍ୱନାମପ୍ରସିଦ୍ଧ ବୃକ୍ଷ ଓ (ନ) ତାହାର ଫଳ ।

**କୋଲ୍ହ,** ବି. (ଦେଶଜ) ଅନାର୍ଯ୍ୟଜାତିବିଶେଷ ।

**କୋବା,** ବି. (ଦେଶଜ) କାଷ୍ଠନିର୍ମିତ ପିଟଣା ।

**କୋବି,** ବି. (ଦେଶଜ) ବୈଦେଶିକ ଶାକବିଶେଷ, ଏହା ୩ ପ୍ରକାର—ଫୁଲକୋବି, ଓଲକୋବି, ବନ୍ଧାକୋବି ।

**କୋବିଦ,** ବିଂ. (କୋ-ବିଦ-ଅ) ଜ୍ଞାନୀ, ପଣ୍ଡିତ, ନିପୁଣ । ଜ୍ଞାନୀ ଅର୍ଥରେ । ଯଥା—

କବିଃପଦ ନମ୍ରମ ଏ ଛନ୍ଦ;
କର କବିର ବୁଦ୍ଧିରେ କୋବିଦ । ବ୍ର. ଭ.

**କୋବିଦାର,** ବି. ପୁଂ. (କଃ-ବିଦାର) ରକ୍ତକାଞ୍ଚନ, ମନ୍ଦାର, ଧାତକୀଗଛ ।

**କୋଶ / କୋଷ** } ବି. ପୁଂ. ନ. (କୁଶ୍, କୁଷ୍-ଅ) କୁଡ୍ମଳ, କଢ଼, ଖଡ୍ଗାଦିର ଖୋଲ, ପାନପତ୍ର, ଧନାଗାର, ଠନଗଣି, ଯୋନି, ଅଣ୍ଡକୋଷ, ଭଣ୍ଡାର, ଡିମ୍ବ, ପୋକର ଖୋଷା, ମଞ୍ଜୁଷା, ପଣସର ପୃଷ୍ଠ, ମାଂସପେଶୀ, ଶବ୍ଦାଦିର ସଂଗ୍ରହ, ଅଭିଧାନ ।

**କୋଶକାର / କୋଷକାର** } ବି. ପୁଂ. ଖୋଷା ପୋକ, ଅଭିଧାନକର୍ତ୍ତା, ଇକ୍ଷୁ ।

**କୋଶପାଳ,** ବିଂ. (କୋଶ-ପାଳ) ଭଣ୍ଡାରରକ୍ଷକ, କୋଷରକ୍ଷକ ।

**କୋଶଳ / କୋଷଲ / କୋସଲ** } ବି. ସ୍ତ୍ରୀ. ପୁଂ. ( କୁଶ୍-ଅଲ ) ଦେଶବିଶେଷ, ଯେଉଁଠାରେ ଅଯୋଧ୍ୟା ନଗର ଅଛି ।

**କୋଶଳା,** ବି. (ଦେଶଜ) ସ୍ୱନାମପ୍ରସିଦ୍ଧ ଶାକବିଶେଷ ।

**କୋଶଳାତ୍ମଜା,** ବି. ସ୍ତ୍ରୀ. ( କୋଶଳ-ଆତ୍ମଜା ) କୌଶଲ୍ୟା, ରାମଙ୍କର ମାତା ।

**କୋଶଳକ / କୋଷଳକ** } ବି. ନ. (କୋଶ, କୋଷ-ଲ-ଇକ) ଉତ୍କୋଚ, ଘୁଷ, ଲାଞ୍ଚ ।

**କୋଶାତକ / କୋଷାତକ** } ବି. ସ୍ତ୍ରୀ. ( କୋଶ, କୋଷ-ଅତ୍-ଅକ) ଜହ୍ନି, ଜହ୍ନିଗଛ । ପୁଂ. କେଶ ।

**କୋଶାତକୀ / କୋଷାତକୀ** } ବି. ପୁଂ. ( କୋଶ, କୋଷ-ଅତ୍-ଅକ-ଇନ୍ ) ବାଣିଜ୍ୟ, ବଣିକ୍, ବାଡ଼ବାଗ୍ନି ।

**କୋଶୀ / କୋଷୀ** } ବି. ସ୍ତ୍ରୀ. ( କୋଶ, କୋଷ-ଈ ) କ୍ଷୁଦ୍ର ଖୋଷା, ପାଦୁକା, ଜୋତା ।

**କୋଷବୃଦ୍ଧି,** ବି. ସ୍ତ୍ରୀ. ( କୋଷ-ବୃଦ୍ଧି ) ଅଣ୍ଡକୋଷର ସ୍ଫୀତତା, ଧନର ବୃଦ୍ଧି ।

**କୋଷଶାୟିକା,** ବି. ସ୍ତ୍ରୀ. ( କୋଷ-ଶୀ-ଅକ-ଆ ) ଛୁରିକା ।

**କୋଷାଧ୍ୟକ୍ଷ,** ବି. ପୁଂ. ( କୋଷ-ଅଧ୍ୟକ୍ଷ ) ଧନରକ୍ଷକ, କୁବେର ।

କୋଷ୍ଠ, ବି. ପୁଂ. (କୁଷ୍-ଥ) ଶସ୍ୟାଗାର, ଗୋଲା, ଗୃହମଧ୍ୟ, ଉଦରମଧ୍ୟ ।

କୋଷ୍ଠଶୁଦ୍ଧି, ବି. ସ୍ତ୍ରୀ. (କୋଷ୍ଠ-ଶୁଦ୍ଧି) ମଳଭାଣ୍ଡ ପରିଷ୍କାର ଥିବା, ମଳଶୁଦ୍ଧି ।

କୋଷ୍ଠାଗାର, ବି. ନ. (କୋଷ୍ଠ-ଆଗାର) ଧନ-ଧାନ୍ୟାଦି ରଖିବାର ଗୃହ ।

କୋଷ୍ଠୀ, ବି. ସ୍ତ୍ରୀ. (କୋଷ୍ଠ-ଈ) ଜନ୍ମପତ୍ରିକା । ଜାତକ ।

କୋଷ୍ଣ, ବିଂ. (କୁ-ଉଷ୍ଣ, କୁ = କୋ) ଈଷଦୁଷ୍ଣ, ଅଳ୍ପ ଗରମ ।

କୋହ, ବି. (ଗ୍ରା, କୋପ ଶବ୍ଦଜ) କ୍ରନ୍ଦନ । ଯଥା—

ଘର ବରଷ୍ଠ କୋହେ, ବରବନଜା ଦିକ୍କୁ କ କୋ ହେ ।

କୋହଳ, ବି. ପୁଂ. (କୁ-ହଲ୍-ଅ) ମଦ୍ୟବିଶେଷ, ବାଦ୍ୟବିଶେଷ, ନାଟକାଦିର ପ୍ରଣେତା, (ଦେଶଜ) ନରମ । ଯଥା—

କୋହଳ ପାଇଲେ ବର୍ତ୍ତନ୍ତି ଲଙ୍ଘ୍ୟ ।

କୋହିନୂର, ବି. (ଦେଶଜ) ଭାରତେଶ୍ୱରଙ୍କ ମସ୍ତକସ୍ଥ ଇତିହାସପ୍ରସିଦ୍ଧ ହୀରକ ।

କୌକ୍କୁଟିକ, ବି. ପୁଂ. (କୁକ୍କୁଟୀ-ଇକ) ଦାମ୍ଭିକ, ସନ୍ନ୍ୟାସିବିଶେଷ, ଜୀବହତ୍ୟା ହେବା ଆଶଙ୍କାରେ ଯେଉଁ ବ୍ୟକ୍ତି ଅତି ସାବଧାନରେ ପାଦ ନିକ୍ଷେପ କରନ୍ତି ।

କୌକ୍ଷେୟ, କୌକ୍ଷେୟକ } ବି. ପୁଂ. (କୁକ୍ଷି-ଏୟ-କ) କୁକ୍ଷି-ବନ୍ଧ ଖଡ୍ଗ ।

କୌଙ୍କ, କୌଙ୍କଣ } ବି. ପୁଂ. (କୋଙ୍କ, କୋଙ୍କଣ ଅ) ଦେଶବିଶେଷ, କୋଙ୍କଣଦେଶ ।

କୌଟ, ବି. ପୁଂ. (କୁଟ = କପଟ ବା କୋଟି = ଗୃହ-ଅ) କୂଟକବିଷ । ବିଂ. ସ୍ୱାଧୀନ, ସ୍ୱତନ୍ତ୍ର ।

କୌଟକିକ, ବିଂ. (କୂଟ ବା କୂଟକ-ଇକ) ମାଂସବିକ୍ରୟୀ, କସାଇ ।

କୌଟିକ, ବିଂ. (କୂଟ-ଇକ) କୂଟକାରୀ (ବ୍ୟାଧ), ମାଂସବିକ୍ରେତା ।

କୌଟିଲିକ, ବି. ପୁଂ. (କୁଟିଲ-ଇକ) କର୍ମକାର, ବ୍ୟାଧ ।

କୌଟିଲ୍ୟ, ବି. ନ. (କୁଟିଲ-ଯ) କୁଟିଳତା, କ୍ରୂରତା । ପୁଂ. ଚାଣକ୍ୟ ବ୍ରାହ୍ମଣ ।

କୌଣପ, ବି. ପୁଂ. (କୁଣପ-ଅ ବା କୁଣପା-ଅ) ରାକ୍ଷସ ।

କୌତୁକ, ବି. ନ. (କୁତୁକ-ଅ) କୁତୂହଳ, ନୂତନ ବିଷୟ ଜାଣିବାର ବା ଦେଖିବାର ଇଚ୍ଛା, ହସ୍ତସୂତ୍ର, ଉତ୍ସବ, ପରିହାସ, ଆନନ୍ଦ, ମଙ୍ଗଳ, ନୃତ୍ୟଗୀତାଦି ।

କୌତୁକିନୀ, ବି. ସ୍ତ୍ରୀ. (କୌତୁକ-ଇନ୍-ଈ) ନାୟିକାବିଶେଷ ।

କୌତୁକୀ, ବିଂ. (କୌତୁକ ଇନ୍) କୌତୁକ-ବିଶିଷ୍ଟ, ଯାହାର କୌତୁକ ଜନ୍ମିଅଛି ।

କୌତୂହଳ, ବି. ନ. (କୁତୂହଳ-ଅ) କୁତୂହଳ, ଔତ୍ସୁକ୍ୟ, ଅଭିଳାଷ ।

କୌତ୍ସ, ବି. ପୁଂ. ସ୍ତ୍ରୀ. (କୁତ୍ସ-ଅ) କୁତ୍ସ ମୁନିଙ୍କ ପୁତ୍ର ବା କନ୍ୟା ।

କୌତ୍ସସ, ବି. (କୌତ୍ସ ଶବ୍ଦଜ) ବୈଦିକ ବ୍ରାହ୍ମଣ-ବିଶେଷ ।

କୌଦାଳିକ, ବି. ପୁଂ. ବର୍ଣ୍ଣସଙ୍କର ଜାତିବିଶେଷ ।

କୌନ୍ତିକ, ବି. ପୁଂ. (କୁନ୍ତ-ଇକ) ପ୍ରାସ ଅସ୍ତ୍ର-ଧାରୀ, ଯୋଦ୍ଧା ।

କୌନ୍ତେୟ, ବି. ପୁଂ. (କୁନ୍ତୀ-ଏୟ) କୁନ୍ତୀପୁତ୍ର, ଅର୍ଜ୍ଜୁନ ବୃକ୍ଷ ।

କୌପୀନ, ବି. ନ. (କୂପ-ଇନ) ଚୀରବସନ, କଉପୁନି, ପାପ, ଗୁହ୍ୟଦେଶ ।

କୌମାର, ବି. ନ. (କୁମାର-ଅ) ବାଲ୍ୟକାଳ, ବ୍ରତବିଶେଷ ।

କୌମାରୀ, ବି. ସ୍ତ୍ରୀ. (କୌମାର-ଈ) ଅବିବାହିତା କନ୍ୟା, କାର୍ତ୍ତିକେୟ ଶକ୍ତି, ପ୍ରଥମ ପତ୍ନୀ ।

କୌମୁଦ, ବି. ପୁଂ. (କୁମୁଦ-ଅ) କାର୍ତ୍ତିକ ମାସ ।

କୌମୁଦୀ ବି. ସ୍ତ୍ରୀ. (କୁମୁଦ୍-ଅ-ଈ) ଚନ୍ଦ୍ରିକା, ଜ୍ୟୋତ୍ସ୍ନା । ଯଥା—

କୌମୁଦୀ ବସନେ ସ୍ୱର୍ଗଧାମ ଅବନତ । ବ. ବ.

ଯେଉଁ ଦିନ ଦୀପୋତ୍ସବ ହୁଏ । (କୌମୁଦ-ଈ ଈ) କାର୍ତ୍ତିକୀପୂର୍ଣ୍ଣିମା ।

କୌମୁଦୀପତି, ବି. ପୁଂ. (କୌମୁଦୀ-ପତି) ଚନ୍ଦ୍ର, ନିଶାକର ।

କୌମୋଦକୀ, ବି. ସ୍ତ୍ରୀ. ( କୁ-ମୋଦକ-ଈ ) ବିଷ୍ଣୁଙ୍କର ଗଦା ।

କୌରବ } ବି. ପୁଂ. ( କୁରୁ-ଅ, ଯ )
କୌରବ୍ୟ } କୁରୁବଂଶୀୟ ଲୋକମାନେ ।

କୌଲ, ବିଂ. (କୁଲ-ଅ) ସତ୍କୁଲଜାତ, ତନ୍ତ୍ରୋକ୍ତ ଆଚାରରତ । ବି. ନ. ତନ୍ତ୍ରୋକ୍ତ ଆଚାର ।

କୌଲଟିନେୟ } ବି. ପୁଂ. ସ୍ତ୍ରୀ. (କୁଲଟା-ଏୟ,
କୌଲଟେୟ } ଇନ ଆଗମ ହୋଇ ଏୟ) କୁଳଟାର ସନ୍ତାନ ।

କୌଳିକ, ବିଂ. (କୁଲ-ଇକ) କୁଳପରମ୍ପରାଗତ, କୁଳକ୍ରମାଗତ, କୁଳଧର୍ମପ୍ରବର୍ତ୍ତିକ, ତନ୍ତ୍ରୋକ୍ତ ଆଚାର ଅନୁସାରେ ଶକ୍ତିର ଉପାସକ । ବି. ପୁଂ. ତନ୍ତୁବାୟ, ତନ୍ତୀ ।

କୌଲୀନ, ବି. ନ. ( କୁଲୀନ-ଅ ) ପ୍ରଧାନ ଓ ପ୍ରସିଦ୍ଧ ବଂଶରେ ଜନ୍ମ, ଜନାପବାଦ ଲୋକନିନ୍ଦା, ଗୁହ୍ୟଦେଶ ।

କୌଲୀନ୍ୟ, ବି. ନ. (କୁଲୀନ-ଯ) କୁଲୀନତ୍ୱ, ବଂଶମର୍ଯ୍ୟାଦା ।

କୌଲେୟ, ବିଂ. (କୁଲ-ଏୟ) ସତ୍କୁଲଜାତ ।

କୌଲେୟକ, ବି. ପୁଂ. (କୁଲ-ଏୟ-କ) କୁକ୍କୁର । ବିଂ. କୁଲୀନ ।

କୌବେର, ବିଂ. ( କୁବେର-ଅ ) କୁବେରସମ୍ବନ୍ଧୀୟ ।

କୌବେରୀ, ବି. ସ୍ତ୍ରୀ (କୁବେର-ଈ) ଉତ୍ତରଦିକ, କୁବେର ଶକ୍ତି, ମାତୃବିଶେଷ ।

କୌଶ, ବି. ନ. (କୁଶ-ଅ) କାନ୍ୟକୁବ୍ଜ ଦେଶ ।

କୌଶଳ, ବି. ନ. ( କୁଶଲ-ଅ ) ନୈପୁଣ୍ୟ, ଦକ୍ଷତା, ଉପାୟ, ମଙ୍ଗଳ । ଯଥା—

ଅବସର ଏବେ ବୁଝିଲେ ମନୋଭବ କୌଶଳେ ।

କୌଶଲେୟ, ବି. ପୁଂ. ( କୌଶଲ୍ୟା-ଇୟ ) ରାମଚନ୍ଦ୍ର ।

କୌଶଲ୍ୟା } ବି. ସ୍ତ୍ରୀ. ( କୋଶଲ-ଯ-ଆ )
କୌସଲ୍ୟା } ରାମଙ୍କର ମାତା, ଦଶରଥ ରାଜାଙ୍କ ସ୍ତ୍ରୀ ।

କୌଶିକ } ବି. ପୁଂ. ( କୁଶିକ-ଅ ) ବିଶ୍ୱାମିତ୍ର,
କୌଷିକ } ( କୋଷ-ଇକ ) ଇନ୍ଦ୍ର, ସାପ ଖେଳାଇବା ଲୋକ, ପେଚା, ଭେକଖାଇଗଣ, ଗୁଗ୍ଗୁଳ, କୋଷାଧ୍ୟକ୍ଷ । ବିଂ. ରେଶମୀ । ( ପେଚା ଅର୍ଥରେ ) ଯଥା—

ବହୁଲେ କାନ୍ତାରେ କୁହୁକେ କୌଶିକ
ଚକ୍ର ପୂର୍ବ ମିଳ ଉଷାଗୌର୍ଯ୍ୟନିକ । ନ. ଚ.

କୌଶିକାତ୍ମଜ, ବି. ପୁଂ. ( କୌଶିକ-ଆତ୍ମଜ ) ଇନ୍ଦ୍ରସୁତ ଜୟନ୍ତ, ଅର୍ଜୁନ ।

କୌଶିକାୟୁଧ, ବି. ନ. ( କୌଶିକ-ଆୟୁଧ ) ଇନ୍ଦ୍ରଧନୁ ।

କୌଶେୟ } ବିଂ. ( କୋଶ-ଏୟ ) ରେଶମୀ ।
କୌଷେୟ } ଯଥା—

କେଶରାମଧ୍ୟମା ମହାସୁଖଗାମୀ
କଉଶେୟହୀନବସନା । ର. କ.

କୌସୀଦ୍ୟ, ବି. ନ. (କୁସୀଦ-ଯ) ଆଳସ୍ୟ, ତନ୍ଦ୍ରା ।

କୌସୁମ୍ଭ, ବିଂ. (କୁସୁମ୍ଭ-ଅ) କୁସୁମ୍ଭ ରଙ୍ଗରେ ରଞ୍ଜିତ ।

କୌସ୍ତୁଭ, ବି. ପୁଂ. ( କୁସ୍ତୁଭ-ଅ ) ବିଷ୍ଣୁ ବକ୍ଷସ୍ଥଳ ମଣିବିଶେଷ, ମୁଦ୍ରାବିଶେଷ । ଯଥା—

କଣ୍ଠେ କୌସ୍ତୁଭମଣି,
କାଳୀନ୍ଦନେ ଉଦେ କି ଦିନମଣି ଗୋ । ଦ. ଚ.

କ୍ରକଚ, ବି. ପୁଂ. ନ. (କ୍ରକର-ଅ) କରପତ୍ର, କରତ ।

କ୍ରତୁ, ବି. ପୁଂ. (କୃ-ଅତୁ) ଯାଗ, ଯଜ୍ଞ, ପୂଜା, ବୈଶ୍ୱଦେବବିଶେଷ, ମୁନିବିଶେଷ, ଇଚ୍ଛା, ବିଷ୍ଣୁ । ଯଥା—

କ୍ରତୁ ରକ୍ଷା ହେତୁ ବିଶ୍ୱାମିତ୍ର ଆସି ନେଲେ । ଲ. ବି.

କ୍ରତୁଦ୍ୱିଟ୍, ବି. ପୁଂ. (କ୍ରତୁ-ଦ୍ୱିଷ୍) ଅସୁର ।

କ୍ରତୁଧ୍ୱଂସୀ, ବ. ପୁଂ. (କ୍ରତୁ-ଧ୍ୱଂସ-ଇନ୍) ଶିବ ।

କ୍ରତୁପୁରୁଷ, ବ. ପୁଂ. ବିଷ୍ଣୁ ।

କ୍ରତୁଭୁଜ୍, ବ. ପୁଂ. ( କ୍ରତୁ-ଭୁଜ୍ ) ଦେବତା ।

କ୍ରତୁରାଜ, ବ. ପୁଂ. (କ୍ରତୁ-ରାଜନ୍-ଅ) ରାଜସୂୟ ଯଜ୍ଞ ।

କ୍ରଥକୈଶିକ, ବ. ପୁଂ. ବିଦର୍ଭ ଦେଶ ।

କ୍ରଥନ, ବ. ନ. ( କ୍ରଥ୍ = ବଧ କରିବା-ଅନ ) ମାରଣ, ହିଂସନ, ଛେଦନ ।

କ୍ରଥନକ, ବ. ପୁଂ. (କ୍ରଥନ-କ) ଉଷ୍ଟ୍ର ।

କ୍ରନ୍ଦନ, ବ. ନ. ( କ୍ରନ୍ଦ୍-ଅନ ) ରୋଦନ, ଡାକିବା ।

କ୍ରନ୍ଦିତ, ବ. ନ. (କ୍ରନ୍ଦ-ତ) କ୍ରନ୍ଦନ, ଆହ୍ୱାନ । ବିଂ. ରୋଦନକାରୀ ।

କ୍ରମ, ବ. ପୁଂ. (କ୍ରମ୍-ଅ) ଅନୁକ୍ରମ, ପର୍ଯ୍ୟାୟ, ପରିପାଟୀ, ନିୟମ, ଅବଚ୍ଛେଦ, ଆକ୍ରମଣ, ଅତିକ୍ରମ, ବିକ୍ରମ, ସଙ୍କଳ୍ପ, ପାଦକ୍ଷେପ, ବ୍ୟବହାର ।

କ୍ରମଣ, ବ. ପୁଂ. ( କ୍ରମ୍-ଅନ ) ପାଦ, ଚରଣ, ଚାଲିବା ।

କ୍ରମଶଃ, ଅ. କ୍ରି. ବିଂ. (କ୍ରମ୍-ଶସ୍) କ୍ରମେ କ୍ରମେ, ଅନୁକ୍ରମେ ।

କ୍ରମାଗତ, ବିଂ. (କ୍ରମ-ଆଗତ) କୁଳପରମ୍ପରା-କ୍ରମେ ଆଗତ ।

କ୍ରମାନ୍ୱୟ, କ୍ରି. ବିଂ. କ୍ରମରେ ଘଟିବା, ଯାହା ପରେ ଯାହା ସେହି ଅନୁକ୍ରମରେ ଘଟିବା ।

କ୍ରମି } କ୍ରିମି } ବ. ପୁଂ. ( କ୍ରମ୍-ଇ, ଇ = ଆଗମ ) କୀଟ, ପୋକ ।

କ୍ରମିକ, ବିଂ. (କ୍ରମ୍-ଇକ) ଯାହା ନିର୍ବିଘ୍ନରେ ଘଟେ, ଧାରାବାହିକ, କ୍ରମାଗତ ।

କ୍ରମୁ } କ୍ରମୁକ } ବ. ପୁଂ. ( କ୍ରମ-ଉ, ଉକ ) ପୂଗ, ଗୁବାକଗଛ, ଗୁଆଗଛ । ବ. ସ୍ତ୍ରୀ. ଗୁଆ ।

କ୍ରମେଲ } କ୍ରମେଲକ } ବ. ପୁଂ. (କ୍ରମ୍-ଏଲ, କ ଯୋଗ) ଉଷ୍ଟ୍ର, ଓଟ ।

କ୍ରୟ, ବ. ପୁଂ. (କ୍ରୀ-ଅ) ମୂଲ୍ୟ ଦେଇ ବସ୍ତୁଗ୍ରହଣ କରିବା କିଣିବା ।

କ୍ରୟଲେଖ୍ୟ, ବ. ନ. ( କ୍ରୟ-ଲେଖ୍ୟ ) ଭୂମ୍ୟାଦି କ୍ରୟର ଲେଖାପଢ଼ା, କବାଲା ।

କ୍ରୟବିକ୍ରୟ, ବ. ପୁଂ. (କ୍ରୟ-ବିକ୍ରୟ) ବାଣିଜ୍ୟ, କିଣାବିକା ।

କ୍ରୟବିକ୍ରୟିକ } କ୍ରୟିକ } ବ. ପୁଂ. (କ୍ରୟ-ବିକ୍ରୟ, କ୍ରୟ-ଇକ) ବଣିକ, ବାଣିଜ୍ୟ-ବ୍ୟବସାୟୀ ।

କ୍ରୟାରୋହ, ବ. ପୁଂ. (କ୍ରୟ-ଆ-ରୁହ୍-ଅ) ହାଟ, ବଜାର ।

କ୍ରେୟ, ବିଂ. ( କ୍ରୀ-ଯ ) କ୍ରେୟ ବସ୍ତୁ, କିଣିବାର ଦ୍ରବ୍ୟ ।

କ୍ରବ୍ୟ, ବ. ପୁଂ. ନ. (କ୍ରୁପ୍-ଯ, ପ = ବ) ମାଂସ ।

କ୍ରବ୍ୟଦ୍ } କ୍ରବ୍ୟାଦ } ବ. ପୁଂ. ( କ୍ରବ୍ୟ-ଅଦ୍-୦, ଅ ) ରାକ୍ଷସ । ବିଂ. ମାଂସଖାଦକ, ମାଂସାଶୀ ।

କ୍ରଶିମା, ବ. ପୁଂ. ( କୃଶ-ଇମନ୍ ) କୃଶତା, କାର୍ଶ୍ୟ ।

କ୍ରଶିଷ୍ଠ } କ୍ରଶୀୟାନ୍ } ବିଂ. ( କୃଶ-ଇଷ୍ଠ, ଈୟସ୍ ) ଅତି କୃଶ ।

କ୍ରାନ୍ତ, ବିଂ. ( କ୍ରମ୍-ତ) ଆକ୍ରାନ୍ତ, ଅତିକ୍ରାନ୍ତ, ସଂକ୍ରାନ୍ତ, ବ୍ୟାପ୍ତ ।

କ୍ରାନ୍ତି, ବ. ସ୍ତ୍ରୀ ( କ୍ରମ୍-ତି) ଆକ୍ରମଣ, ଗତି, ରାଶି-ଚକ୍ରର ମଧ୍ୟରେଖା, ବିଷୁବରେଖାରୁ ଉତ୍ତରରେ କର୍କଟକ୍ରାନ୍ତି ପର୍ଯ୍ୟନ୍ତ ଅଥବା ଦକ୍ଷିଣରେ ମକରକ୍ରାନ୍ତି ପର୍ଯ୍ୟନ୍ତ ସୂର୍ଯ୍ୟର ଯେଉଁ ଦୂରତ୍ୱ, ଖଗୋଳକର ମଧ୍ୟବର୍ତ୍ତୀ ବିଷଦ୍ୱୃତ୍ତ ରେଖା ।

କ୍ରାନ୍ତିପାତ, ବ. ପୁଂ. ବିଷୁବରେଖା ଓ ଅୟନ-ମଣ୍ଡଳର ସଂଯୋଗ ସ୍ଥାନ, ପୃଥିବୀ ଏହି ସଂଯୋଗ ସ୍ଥାନକୁ ଆସିଲେ ଦିବା ରାତ୍ରି ସମାନ ହୁଏ (Equinox ।)

କ୍ରାନ୍ତିବଳୟ, ବ. ପୁଂ. କ୍ରାନ୍ତିମଣ୍ଡଳ, ବିଷୁବ ରେଖା ପ୍ରାପ୍ତ ଅୟନମଣ୍ଡଳରେ ଚତୁର୍ବିଂଶତି ଭାଗ ଦକ୍ଷିଣ ଓ ଉତ୍ତରରେ ଯେ ବଳୟାକୃତି ପରିଧି ବିଦ୍ୟମାନ ଅଛି ।

କ୍ରାନ୍ତିବୃତ୍ତ, ବ. (କ୍ରାନ୍ତି-ବୃତ୍ତ) ରବିମାର୍ଗ ।

କ୍ରିମି } ବ. ( କ୍ରମ-ଇ) କୀଟ, ପୋକ ।
କୃମି }

କ୍ରିୟ, ବ. ପୁଂ. ( କୃ-ଅ) ମେଷରାଶି ।

କ୍ରିୟମାଣ, ବଂ. (କୃ-ଆନ) ଯାହା କରାଯାଉଅଛି, ଅନୁଷ୍ଠୀୟମାନ ।

କ୍ରିୟା, ବ. ସ୍ତ୍ରୀ. ( କୃ-ଅ ) କର୍ମ, ଗର୍ଭାଧାନାଦି ସଂସ୍କାର, ଶ୍ରାଦ୍ଧ, ଅନୁଷ୍ଠାନ, ସାମାଦି ପ୍ରୟୋଗ, ଆରମ୍ଭ, ଚେଷ୍ଟା, ପୂଜା, ଶିକ୍ଷା, ଚିକିତ୍ସା, ବ୍ୟବହାରାଂଶବିଶେଷ, ବ୍ୟାକରଣର ଧାତ୍ୱର୍ଥ-ବୋଧକ ପଦ—ଯେପରି ହେବା, କରିବା, ଇତ୍ୟାଦି ।

କ୍ରିୟାବାଚୀ, ବଂ. (କ୍ରିୟା-ବାଚୀ) ଫଳଯାଚୀ ।

କ୍ରିୟାବାନ୍, ବଂ. ( କ୍ରିୟା-ବତ୍ ) କର୍ମରେ ଉଦ୍ୟୋଗୀ ।

କ୍ରିୟାବିଶେଷଣ, ବ. ନ. କ୍ରିୟାର ବିଶେଷଣ, କ୍ରିୟାର, ଗୁଣ, ଭାବ ବା ଅବସ୍ଥା ପ୍ରକାଶକ ପଦ ।

କ୍ରିୟାଯୋଗ, ବ. ପୁଂ. ପୂଜାଦି କ୍ରିୟାରୂପ ଯୋଗ ।

କ୍ରୀଡ଼, ପୁଂ. } ବ. ( କ୍ରୀଡ଼-ଅ, ଅନ, ଆ )
କ୍ରୀଡ଼ନ, ନ. } ଖେଳନ, ଖେଳା, ପରିହାସ ।
କ୍ରୀଡ଼ା, ସ୍ତ୍ରୀ. } ଯଥା—

କନ୍ଦୁକ କ୍ରୀଡ଼ାରେ ସୁନ୍ଦରୀ ଅଳ ଉଡ ଏ ଛଳେ । ଚ. ବ.

କ୍ରୀଡ଼ନକ, ବ. ନ. (କ୍ରୀଡ଼-ଅନ-କ) ଖେଳିବା ଦ୍ରବ୍ୟ । ଯଥା—

ରେ ବାସୁ କ୍ରୀଡନକ ମୁହିଁ ତୋହର । ବ. ବ.

କ୍ରୀତ, ବଂ. (କ୍ରୀ-ତ) ଯାହା କଣା ହୋଇଅଛି । ବ. ପୁତ୍ରବିଶେଷ ।

କ୍ରୀତକ, ବ. ପୁଂ. (କ୍ରୀତ-କ ) କ୍ରୀତ ପୁତ୍ର, ମୂଲ୍ୟ ଦେଇ ପିତାମାତାଙ୍କ ନିକଟରୁ ଗୃହୀତ ସନ୍ତାନ । ବ. ପୁଂ. କ୍ରୀତଦାସ, କଣା ଗୋଲାମ ।

କ୍ରୁଦ୍ଧ, ବଂ. (କ୍ରୁଧ୍-ତ) କ୍ରୋଧବିଶିଷ୍ଟ, କୁପିତ ।

କ୍ରୂର, ବଂ. ( କୃତ୍-ର, କୃତ୍=କ୍ରୂ ) ନିଷ୍ଠୁର, ନିର୍ଦ୍ଦୟ, ଘାତୁକ, ଖଳ, ଘୋର, କଠିନ, ପରଦ୍ରୋହୀ । ଯଥା—

କ୍ରୂରହର୍ଷେ ଶବଗଣି କରନ୍ତି ଭକ୍ଷଣ । ଭ. ବ.

କ୍ରୂରଗନ୍ଧ, ବ. ପୁଂ. ଗନ୍ଧକ ।

କ୍ରୂରଦୃକ୍, ବଂ. (କ୍ରୂର-ଦୃଶ୍-୦) ଦ୍ରୋହକାରକ, ପିଶୁନ, ଖଳ, ହିଂସ୍ର । ବ. ଶନୈଶ୍ଚର ।

କ୍ରେତବ୍ୟ, କ୍ରେୟ, ବଂ. (କ୍ରୀ-ତବ୍ୟ, ଯ) କ୍ରୟର ବିଷୟ, କଣିବାର ଦ୍ରବ୍ୟ ।

କ୍ରେତା, ବଂ. ( କ୍ରୀ-ତୃ ) କ୍ରୟକର୍ତ୍ତା, ଖରିଦ-ଦାର ।

କ୍ରୋଡ଼, ବ. ପୁଂ. (କ୍ରୁଡ୍-ଅ) ଶୂକର, ଶନି, ଅଙ୍କ, କୋଳ, ବୃକ୍ଷକୋଟର ।

କ୍ରୋଡ଼ପତ୍ର, ( Supplement ) ବ. ନ. ଅତିରିକ୍ତ ପତ୍ର, ପୁସ୍ତକର କୌଣସି ଅଂଶ ପତିତ ବା ପରିତ୍ୟକ୍ତ ହେଲେ ଯେଉଁ ପତ୍ରରେ ଲେଖି ତହିଁରେ ଯୋଜନା କରାଯାଏ ।

କ୍ରୋଡ଼ପାଦ, ବ. ପୁଂ. ( କ୍ରୋଡ଼-ପାଦ ) କଚ୍ଛପ ।

କ୍ରୋଧ, ବ. ପୁଂ. (କ୍ରୁଧ୍-ଅ) ଦ୍ୱେଷ, କୋପ ।

କ୍ରୋଧଜ, ବ. ପୁଂ. ( କ୍ରୋଧ-ଜନ୍-ଅ ) ମୋହ, ଅଷ୍ଟବିଧ ବ୍ୟସନ । ଯଥା—

ପୈଶୁନ୍ୟଂ ସାହସଂ ଦ୍ରୋହ ଈର୍ଷ୍ୟାସୂୟାର୍ଥଦୂଷଣଂ ।
ବାଗ୍‌ଦଣ୍ଡଜଞ୍ଚ ପାରୁଷ୍ୟଂ କ୍ରୋଧଜୋଽପି ଗଣୋଽଷ୍ଟକଃ ।

କ୍ରୋଧନ, ବଂ. (କ୍ରୁଧ୍-ଅନ) କ୍ରୋଧୀ, କ୍ରୁଦ୍ଧ-ସ୍ୱଭାବ । ବ. ପୁଂ. ଭୈରବବିଶେଷ ।

କ୍ରୋଧୀ, ବଂ. ( କ୍ରୋଧ-ଇନ୍ ) କୋପନସ୍ୱଭାବ, ରାଗୀ, କ୍ରୁଦ୍ଧ ।

କ୍ରୋର, ବ. (କୋଟି ଶବ୍ଦଜ) ଏକଶତ ଲକ୍ଷ ।

କ୍ରୋଶ, ବ. ପୁଂ. ( କ୍ରୁଶ୍-ଅ ) ୮୦୦୦ ହାତ ପରିମାଣ, କ୍ଷେତ୍ରଦାନ, ଆହ୍ୱାନ ।

କ୍ରୋଶନ, ବି. ନ. (କ୍ରୁଶ୍-ଅନ) କ୍ରନ୍ଦନ, କରୁଣ ଧ୍ୱନି, କାତରଧ୍ୱନି, ଆହ୍ୱାନ ।

କ୍ରୌଞ୍ଚ, ବି. ପୁଂ. (କ୍ରୁନ୍ଚ୍-ଅ) କୁଳୀ ବଗ, ସପ୍ତଦ୍ୱୀପର ଏକ ଦ୍ୱୀପ, ହିମାଳୟର ଅଂଶବିଶେଷ, ଦୈତ୍ୟବିଶେଷ, ରାକ୍ଷସବିଶେଷ । (କୁଳୀ ବଗ ଅର୍ଥରେ ) ଯଥା—

> କ୍ରୌଞ୍ଚପକ୍ଷ-ଡିଣ୍ଡିମା ବାଦ୍ୟ ବାଜେ ବାଜେ
> ନାଚନ୍ତି ସାହାଙ୍କ ଆଗ ନୃତ୍ୟ କାଳେ । ନ. କେ.

କ୍ରୌଞ୍ଚଦାରକ } କ୍ରୌଞ୍ଚଦାରଣ } ବି. ପୁଂ. ( କ୍ରୌଞ୍ଚ-ଦାରକ, ଦାରଣ) କାର୍ତ୍ତିକେୟ, କୁମାର, ପରଶୁରାମ ।

କ୍ଲମ, ପୁଂ. } କ୍ଲାନ୍ତି, ସ୍ତ୍ରୀ, } ବି. (କ୍ଲମ୍-ଅ, ତି) ଅଭ୍ୟାସ, ଶ୍ରମ, ଖେଦ, ଉତ୍କଟ ପରିଶ୍ରମ କରି ଗ୍ଲାନି ବୋଧ କରିବା ।

କ୍ଲାନ୍ତ, ବିଂ. ( କ୍ଲମ୍-ତ ) କ୍ଲାନ୍ତିଯୁକ୍ତ, ଅତିଶୟ ଶ୍ରାନ୍ତ, ମ୍ଲାନ ।

କ୍ଲିନ୍ନ, ବିଂ. (କ୍ଲିଦ୍-ତ) ଆର୍ଦ୍ର, ଓଦା, କ୍ଲେଦଯୁକ୍ତ ।

କ୍ଲିଶିତ } କ୍ଲିଷ୍ଟ } ବିଂ. (କ୍ଲିଶ୍-ତ) କ୍ଲେଶପ୍ରାପ୍ତ, କ୍ଲାନ୍ତ, କ୍ଷୀଣ, କୃଶ ।

କ୍ଲୀବ, ବି. ପୁଂ ନ. (କ୍ଲୀବ୍-ଅ) ନପୁଂସକ । ସ୍ତ୍ରୀ ପୁଂ. ଭିନ୍ନ । ବିଂ. ଅକ୍ଷମ, ବିକ୍ରମହୀନ, ପୌରୁଷହୀନ, କାପୁରୁଷ, ନିଷ୍ଫଳ ।

କ୍ଲୀବଲିଙ୍ଗ, ବି. ପୁଂ. ( କ୍ଲୀବ ଲିଙ୍ଗ ) ସ୍ତ୍ରୀପୁରୁଷ ଭିନ୍ନବାଚକ ।

କ୍ଲେଦ, ବି. ପୁଂ. (କ୍ଲିଦ୍-ଅ) ସମଳତା, ମଳଯୁକ୍ତ ଜଳ, ପୂଯ୍ୟାଦି ।

କ୍ଲେଶ, ବି. ପୁଂ. ( କ୍ଲିଶ୍-ଅ ) କଷ୍ଟ, ଦୁଃଖ, ଯନ୍ତ୍ରଣା, ଅବିଦ୍ୟା ଅସ୍ମିତା ରାଗ ଦ୍ୱେଷ ଅଭିନିବେଶ ଏହି ପାଞ୍ଚ ।

କ୍ଲେଶିତ, ବିଂ. (କ୍ଲିଶିତ ଦେଖ) କ୍ଲେଶପ୍ରାପ୍ତ, ଯାହାକୁ କ୍ଲେଶ ଦିଆ ହୋଇଅଛି ।

କ୍ଲୈବ୍ୟ, ବି. ନ. ( କ୍ଲୀବ-ଯ ) କ୍ଲୀବତ୍ୱ, କାପୁରୁଷତା, ନିଷ୍ଫଳତ୍ୱ, କାତରତା ।

କ୍ଲୋମ, ବି. ପୁଂ. (କ୍ଲୁ-ମନ୍) ମୂଳାଧାର, ଫୁସ୍ଫୁସ୍, ପିତ୍ତକୋଷ ।

କ୍ୱ, ଅଂ. କ୍ରି. ବିଂ. ( ସପ୍ତମ୍ୟନ୍ତ କିମ୍ ଶବ୍ଦଜ ) କେଉଁଠାରେ ।

କ୍ୱଚନ } କ୍ୱଚିତ୍ } ଅଂ. କ୍ରି. ବିଂ. ( କ୍ୱ-ଚନ, ଚିତ୍ ) କୌଣସି ସ୍ଥାନରେ ।

କ୍ୱଣ, କ୍ୱାଣ, ପୁଂ. } କ୍ୱଣନ, ନ } ବି. (କ୍ୱଣ-ଅ, ଅନ) ବୀଣାଦିର ଧ୍ୱନି, ନାଦ, ଶବ୍ଦ, ଧ୍ୱନି ।

କ୍ୱଣିତ, ବିଂ. (କ୍ୱଣ୍-ତ) ଶବ୍ଦାୟମାନ, ଧ୍ୱନିତ । ବି. ଧ୍ୱନି, ଶବ୍ଦ ।

କ୍ୱାଥ, ବିଂ. ପୁଂ. କ୍ୱଥ୍-ଅ) ଜଳରେ ସିଦ୍ଧ କରି ଯେଉଁ ରସ ବହିର୍ଗତ କରାଯାଏ, ନିର୍ଯ୍ୟାସ, ସିଦ୍ଧ ବସ୍ତୁର ରସ, ଦୁଃଖ ।

କ୍ଷଣ, ବି. ପୁଂ (କ୍ଷଣ୍-ଅ) ଅତି ସୂକ୍ଷ୍ମ କାଳ, ତ୍ରିଂଶତ୍ କଳାପରିମିତ କାଳ, ଉତ୍ସବ, ଅବକାଶ, ପର୍ବ, ସୁଯୋଗ, ବ୍ୟାପାର ।

କ୍ଷଣକ, ବିଂ. (କ୍ଷଣିକ ଶବ୍ଦଜ) କ୍ଷଣସ୍ଥାୟୀ, । ବି. ଏକକ୍ଷଣ ।

କ୍ଷଣଜନ୍ମା ବି. ପୁଂ. (କ୍ଷଣ-ଜନ୍ମନ୍) ଯେ ଶୁଭକ୍ଷଣରେ ଜନ୍ମଗ୍ରହଣ କରିଅଛି, ଅସାଧାରଣ କ୍ଷମତାପନ୍ନ, ଅତିଶୟ ସୌଭାଗ୍ୟଶାଳୀ । ଯଥା—

> ମୁରବି ନରପତି ଭୂମି ଜନ୍ମ ଉଦୟରେ
> ନ ହୁଅ, ହେ କ୍ଷଣଜନ୍ମା, ଏକା ଭୂମିପାଇଁ । ମ. ନା.

କ୍ଷଣଦ, ବି. ପୁଂ.(କ୍ଷଣ-ଦା-ଅ) ଦୈବଜ୍ଞ, ଗଣକ । ନ. ଜଳ ।

କ୍ଷଣଦା, ବି. ସ୍ତ୍ରୀ.(କ୍ଷଣ-ଦା-ଅ-ଆ) ରାତ୍ରି, ହରିଦ୍ରା ।

କ୍ଷଣଦାଚର, ବି. ପୁଂ. (କ୍ଷଣଦା-ଚର) ରାକ୍ଷସ, ଶବ୍ଦ ।

କ୍ଷଣଦ୍ୟୁତି, ବି. ସ୍ତ୍ରୀ (କ୍ଷଣ-ଦ୍ୟୁତି) ବିଦ୍ୟୁତ୍ ।

କ୍ଷଣପ୍ରଭା, ବି. ସ୍ତ୍ରୀ. (କ୍ଷଣ-ପ୍ରଭା) ବିଦ୍ୟୁତ୍ । ଯଥା —

> ହେମାଙ୍ଗ ହୃଦକାବନ୍ଦ୍ର ଦେଖି ସେହେନ୍ତେ ସଖୀ ଗଣ
> ଅନ୍ତରୀକ୍ଷେ ଧାଇଁ ଜଳଦେ କ୍ଷଣପ୍ରଭା ସମାନ । ଚ. ଘ.

କ୍ଷଣଭଙ୍ଗୁର } ବିଂ. (କ୍ଷଣ-ଭଙ୍ଗୁର,ଇକ) କ୍ଷଣ-
କ୍ଷଣିକ } ମାତ୍ର ସ୍ଥାୟୀ, କ୍ଷଣଧ୍ୱଂସୀ ।

ଯଥା—

କ୍ଷଣେ ଯଳ ମାତ୍ରାଗଣେ ଜ୍ୱଳବ କରିଛ ମନେ,
କୌଣସେ ଜନ୍ମାଇ ତରେ କ୍ଷଣିକ ଉଲ୍ଲାସ । ବ. ବ,

କ୍ଷଣିକା, ବି. ସ୍ତ୍ରୀ. (କ୍ଷଣିକ-ଆ) ବିଦ୍ୟୁତ୍ ।

କ୍ଷଣିନୀ, ବି. ସ୍ତ୍ରୀ. (କ୍ଷଣ-ଇନ୍-ଈ) ରାତ୍ରି, ରଜନୀ ।

କ୍ଷତ, ବି. ନ. (କ୍ଷଣ୍-ତ) ବ୍ରଣ, ଘା, ଆଘାତ, ଘର୍ଷଣ । ବିଂ. ଭଗ୍ନ, ବିଦାରିତ, ବ୍ୟଥିତ, ଆହତ, ଦଷ୍ଟ, ଛିନ୍ନ, ନଷ୍ଟ, ନିଷ୍ପିଷ୍ଟ ।

କ୍ଷତଜ, ବି. ନ. (କ୍ଷତ-ଜ) ରୁଧିର, ରକ୍ତ, ପୂଯ ।

କ୍ଷତବିକ୍ଷତ, ବିଂ. (କ୍ଷତ-ବି-କ୍ଷତ) ପ୍ରାୟ ସର୍ବାଂଶରେ ଆହତ ।

କ୍ଷତି, ବି. ସ୍ତ୍ରୀ. (କ୍ଷଣ୍-ତି) ଅପଚୟ, ହାନି, ନାଶ, କ୍ଷୟ, ଅସ୍ୱାଦ ତକ୍ଷ, କ୍ଷତ ।

କ୍ଷତ୍ତା, ବି. ପୁଂ. (କ୍ଷଦ୍-ତୃ) ସାରଥି, ଦ୍ୱାରପାଳ, କ୍ଷତ୍ରିୟ ବା ବୈଶ୍ୟାର ଗର୍ଭରେ ଶୂଦ୍ରର ଔରସଜାତ ସନ୍ତାନ, ବିଦୁର, ଦାସୀପୁତ୍ର, ବିଧାତା, କୋଷାଧ୍ୟକ୍ଷ । ବିଂ. ନିଯୁକ୍ତ ।

କ୍ଷତ୍ର } ବି. ପୁଂ. (କ୍ଷଦ୍-ତ୍ର) କ୍ଷତ୍ରିୟ ଜାତି,
କ୍ଷତ୍ର } ଦ୍ୱିତୀୟ ବର୍ଣ୍ଣ । ନ. ଶରୀର ।

କ୍ଷତ୍ରଧର୍ମ, ବି. ପୁଂ କ୍ଷତ୍ରିୟର ଧର୍ମ, ସାହସ, ପୁରୁଷକାର ପ୍ରଭୃତି ।

କ୍ଷତ୍ରବନ୍ଧୁ, ବିଂ. (କ୍ଷତ୍ର-ବନ୍ଧୁ) କ୍ଷୁଦ୍ର କ୍ଷତ୍ରିୟ, ଜାତିତ କ୍ଷତ୍ରିୟ ।

କ୍ଷତ୍ରାନ୍ତକ, ବି. ପୁଂ. (କ୍ଷତ୍ର-ଅନ୍ତକ) ପରଶୁରାମ ।

କ୍ଷତ୍ରିୟ, ବି. ପୁଂ. (କ୍ଷତ୍ର-ଇୟ) ଦ୍ୱିତୀୟବର୍ଣ୍ଣ ।

କ୍ଷତ୍ରିୟା, ବି. ସ୍ତ୍ରୀ. (କ୍ଷତ୍ର-ଇୟ-ଆ) } କ୍ଷତ୍ରିୟ
କ୍ଷତ୍ରିଆଣୀ, (କ୍ଷତ୍ର-ଇୟ-ଆନୀ) } ପତ୍ନୀ ।

କ୍ଷତ୍ରୀ, ବି. ପୁଂ. (କ୍ଷତ୍ର-ଇନ୍) କ୍ଷତ୍ରିୟଜାତି ।

କ୍ଷନ୍ତବ୍ୟ, ବିଂ. (କ୍ଷମ୍-ତବ୍ୟ) କ୍ଷମାର ଯୋଗ୍ୟ, କ୍ଷମା କରିବାର ଉପଯୁକ୍ତ ।

କ୍ଷନ୍ତା, ବିଂ. (କ୍ଷମ-ତୃ) ସହିଷ୍ଣୁ, କ୍ଷମାଶୀଳ ।

କ୍ଷପଣ; ବିଂ. (କ୍ଷପ୍-ଅନ) ନିର୍ଲଜ୍ଜ, ଲଜ୍ଜାହୀନ । ନ. ତ୍ୟାଗ ।

କ୍ଷପଣକ, ବି. ପୁଂ. (କ୍ଷପ-ଅନ-କ) ବୌଦ୍ଧବିଶେଷ, ନାସ୍ତିକମତପ୍ରବର୍ତ୍ତକ, ନିର୍ଲଜ୍ଜ, ନବରତ୍ନର ଅନ୍ତର୍ଗତ ଦ୍ୱିତୀୟ ରତ୍ନ ।

କ୍ଷପଣୀ, ବି. ସ୍ତ୍ରୀ. ( କ୍ଷପ-ଅନ-ଈ ) ଅହୁଲ, କ୍ଷେପଣୀ ।

କ୍ଷପା, ବି. ସ୍ତ୍ରୀ. (କ୍ଷପ୍-ଅ-ଆ) ରାତ୍ରି ।

କ୍ଷପାକର, ବି. ପୁଂ. (କ୍ଷପା-କର) ଚନ୍ଦ୍ର, କର୍ପୂର ।

କ୍ଷପାଚର, ବି. ପୁଂ. (କ୍ଷପା-ଚର) ରାକ୍ଷସ ।

କ୍ଷପାଟ, ବି. ପୁଂ. ( କ୍ଷପା-ଅଟ୍-ଅ ) ରାକ୍ଷସ, ନିଶାଚର ।

କ୍ଷପାନାଥ } ବି. ପୁଂ. (କ୍ଷପା-ନାଥ,ପତି) ଚନ୍ଦ୍ର,
କ୍ଷପାପତି } କର୍ପୂର ।

କ୍ଷପିତ, ବିଂ. ( କ୍ଷପ୍-ତ ) ବିନାଶିତ, ଯାପିତ, ଦଗ୍ଧ ।

କ୍ଷମ, ବି. ନ. (କ୍ଷମ୍-ଅ) ଯୋଗ୍ୟତା, ଉପଯୁକ୍ତତା । ବିଂ. ସମର୍ଥ, ଉପଯୁକ୍ତ, ହିତ, ସହିଷ୍ଣୁ, ଯୋଗ୍ୟ ।

କ୍ଷମତା, ବି. ସ୍ତ୍ରୀ. (କ୍ଷମ-ତା) ଯୋଗ୍ୟତା ଉପଯୁକ୍ତତା, ସାମର୍ଥ୍ୟ, ଶକ୍ତି ।

କ୍ଷମା, ବି. ସ୍ତ୍ରୀ. ( କ୍ଷମ-ଆ ) ଶାନ୍ତି, ନିବୃତ୍ତି, ଅପକାର ସହିବା, ମାର୍ଜନା, ତିତିକ୍ଷା, ସହିଷ୍ଣୁତା, ପୃଥିବୀ, ଦୁର୍ଗା, ରାତ୍ରି ।

କ୍ଷମାବାନ୍, ବିଂ. (କ୍ଷମା-ବତ୍) କ୍ଷମାଶୀଳ, ସହିଷ୍ଣୁ ।

କ୍ଷମିତା, କ୍ଷମୀ, } ବିଂ. (କ୍ଷମ୍-ଇ-ତୃ, ଇନ୍, ତୃ)
କ୍ଷନ୍ତା, } ସହିଷ୍ଣୁ, କ୍ଷମାଶୀଳ, ସମର୍ଥ ।

କ୍ଷମ୍ୟ, ବିଂ. (କ୍ଷମ୍-ଯ) କ୍ଷମାର ଯୋଗ୍ୟ ।

କ୍ଷୟ, ବି. ପୁଂ. (କ୍ଷି-ଅ) ଅପଚୟ, ହ୍ରାସ, ଧ୍ୱଂସ, ଅନ୍ତ, କଳ୍ପାନ୍ତ, ଗୃହ, ନିବାସ ସ୍ଥାନ, ରୋଗବିଶେଷ, ବତ୍ସରବିଶେଷ, ମାସବିଶେଷ ।

କ୍ଷୟପକ୍ଷ, ବି. ପୁଂ. ( କ୍ଷୟ-ପକ୍ଷ ) କୃଷ୍ଣପକ୍ଷ, ଯେଉଁ ପକ୍ଷରେ ଚନ୍ଦ୍ର କଳାର କ୍ଷୟ ହୁଏ ।

ବି ପୁଂ. ରୋଗବିଶେଷ, ଯକ୍ଷ୍ମାରୋଗ।

କ୍ଷୟରୋଗ, ବି ପୁଂ. ( କ୍ଷପି-ତ ) ନାଶିତ, ହ୍ରାସିତ।

କ୍ଷପିତ, ବିଂ. ( କ୍ଷପି-ତ ) ନାଶିତ, ହ୍ରାସିତ।

କ୍ଷୟିତ, ( କ୍ଷୟ-ଇତ ) କ୍ଷୟପ୍ରାପ୍ତ।

କ୍ଷୟୀ, ବିଂ. (କ୍ଷୟ-ଇନ୍) କ୍ଷୟଶୀଳ, ନଶ୍ୱର।

କ୍ଷୟ୍ୟ, ବିଂ. (କ୍ଷୟ-ଯ) କ୍ଷୟଯୋଗ୍ୟ, ବିନାଶ୍ୟ।

କ୍ଷର, ବି. ପୁଂ. ( କ୍ଷର୍-ଅ ) ସ୍ୟନ୍ଦନ, କ୍ଷରଣ, ସ୍ରେଦନ, ନାଶ, ମେଘ। ନ. ଜଳ। ବିଂ. ନଶ୍ୱର।

କ୍ଷରଣ, ବି. ନ. ( କ୍ଷର୍-ଅନ ) ସ୍ୱେଦନ, ଦ୍ରବ ଦ୍ରବ୍ୟର ପତନ, ମଦାଦି ସ୍ରବଣ, ନାଶ, ନିଃସରଣ।

କ୍ଷରିତ, ବିଂ. (କ୍ଷର୍-ତ) ନିଃସୃତ, ଗଳିତ।

କ୍ଷବ } ବି. ପୁଂ. ( କ୍ଷୁ-ଅ, ଅଥୁ ) ଛିଙ୍କି,
କ୍ଷବଥୁ } କାଶ।

କ୍ଷାତ୍ର, ବି, ନ. (କ୍ଷତ୍ର-ଅ) କ୍ଷତ୍ରିୟବୃତ୍ତି, କ୍ଷତ୍ରିୟକର୍ମ। ବିଂ. କ୍ଷତ୍ରିୟ ସମ୍ବନ୍ଧୀୟ।

କ୍ଷାନ୍ତ, ବିଂ. (କ୍ଷମ୍-ତ) କ୍ଷମାଶୀଳ, ସହିଷ୍ଣୁ, ନିବୃତ୍ତ, ବିରତ।

କ୍ଷାନ୍ତି, ବି. ସ୍ତ୍ରୀ. ( କ୍ଷମ୍-ତି ) କ୍ଷମା, ସହିଷ୍ଣୁତା, ନିବୃତ୍ତି।

କ୍ଷାମ, ବିଂ. ( କ୍ଷୈ-ତ, ତ = ମ ) କୃଶ, କ୍ଷୀଣ, ଦୁର୍ବଳ, ଶୁଷ୍କ, ରୁକ୍ଷ।

କ୍ଷାର, ବି. ପୁଂ. (କ୍ଷର୍-ଅ) ଲବଣରସ, ଯବକ୍ଷାର, କାଚ, ଗୁଡ଼ବିଶେଷ. ଭସ୍ମ, ଲବଣ, ଧୂର୍ତ୍ତ।

କ୍ଷାରକ, ବି. ପୁଂ. (କ୍ଷାର୍-ଅକ) ରଜକ, କଢ଼, ପକ୍ଷୀ ଓ ମତ୍ସ୍ୟାଦି ଧରିବାର ଖଟୋଲାଇ, ଜାଲକ। ସ୍ତ୍ରୀ. ରଜକୀ।

କ୍ଷାରଭୂମି, ବି. ସ୍ତ୍ରୀ. (କ୍ଷାର-ଭୂମି) ଲୁଣିସ୍ଥାନ।

କ୍ଷାରସମୁଦ୍ର, ବି. ପୁଂ. ଲବଣସମୁଦ୍ର।

କ୍ଷାରିକା, ବି. ସ୍ତ୍ରୀ. କ୍ଷୁଧା।

କ୍ଷାରିତ, ବିଂ. (କ୍ଷର-ତ) ଅପବାଦଗ୍ରସ୍ତ, ଦୂଷିତ, ସ୍ରାବିତ।

କ୍ଷାଳନ, ବି. ନ. ( କ୍ଷାଲ୍-ଅନ ) ପ୍ରକ୍ଷାଳନ, ଧୌତକରଣ, ଶୋଧନ।

କ୍ଷାଳିତ, ବିଂ. (କ୍ଷାଲ୍-ତ) ଧୌତ, ପରିଷ୍କୃତ, ଶୋଧିତ।

କ୍ଷିଅର, ବି. (କ୍ଷୌର ଶବ୍ଦଜ) କ୍ଷୌରକର୍ମ।

ଯଥା—

> କ୍ଷିଅର କୃନ୍ତନ୍ତି ଭାର-ଚନ୍ଦ୍ରଶୁଦ୍ଧି ଗଣି,
> କାନ୍ଥହନ୍ତି ବାଳ କରେ ଧଅଣି ଛୁଆଣି।

କ୍ଷିତ, ବିଂ. (କ୍ଷି-ତ) କ୍ଷୟପ୍ରାପ୍ତ, ହିଂସିତ।

କ୍ଷିତି, ବି. ସ୍ତ୍ରୀ. ( କ୍ଷି-ତି ) ପୃଥିବୀ, ବାସସ୍ଥାନ, ପ୍ରଳୟକାଳ।

କ୍ଷିତିଧର } ବି. ପୁଂ. କ୍ଷିତି-ଧର, ଭୃତ୍) ପର୍ବତ,
କ୍ଷିତିଭୃତ୍ } ରାଜା, ଅନନ୍ତ ଦେବ।

କ୍ଷିତିନାଥ, କ୍ଷିତିପତି, } ବି. ପୁଂ. ( କ୍ଷିତି-ନାଥ,
କ୍ଷିତିପ, କ୍ଷିତିପାଳ } ପତି, ପ, ପାଳ ) ରାଜା।

କ୍ଷିତିରୁହ, ବି. ପୁଂ. (କ୍ଷିତି-ରୁହ) ବୃକ୍ଷ, ଗଛ।

କ୍ଷିତୀଶ } ବି. ପୁଂ. ( କ୍ଷିତି-ଈଶ, ଈଶ୍ୱର )
କ୍ଷିତୀଶ୍ୱର } କ୍ଷିତିପତି, ରାଜା।

କ୍ଷିପ୍ତ, ବିଂ. (କ୍ଷିପ୍-ତ) ନିକ୍ଷିପ୍ତ, ପ୍ରେରିତ, ହତ, ନିନ୍ଦିତ, ଯାହାର ବୁଦ୍ଧି ବିଚଳିତ ହୋଇଅଛି, ପାଗଳ, ପତିତ୍ୟକ୍ତ, ଅବଜ୍ଞାତ, ବିକୀର୍ଣ୍ଣ, ଅତ୍ୟାସକ୍ତ।

କ୍ଷିପ୍ତନିବାସ, ବି. ପୁଂ. କ୍ଷିପ୍ତ ବ୍ୟକ୍ତିମାନଙ୍କ ରହିବା ସ୍ଥାନ, ପାଗଳା ଗାରଦ। ( Lunatic Asylum )

କ୍ଷିପ୍ତା, ବି. ସ୍ତ୍ରୀ. କ୍ଷିପ୍ତ-ଆ) ରାତ୍ରି।

କ୍ଷିପ୍ନୁ, ବିଂ. (କ୍ଷିପ୍-ନୁ) କ୍ଷେପଣଶୀଳ. ନିକ୍ଷେପକର୍ତ୍ତା, ନିବାରଣଶୀଳ।

କ୍ଷିପ୍ର, କ୍ରି. ବିଂ. ( କ୍ଷିପ୍-ର ) ଶୀଘ୍ର, ଦ୍ରୁତ। ବି. ନ. ଖେଚରାନ୍ନ, ଖେଚଡ଼ୀ।

କ୍ଷିପ୍ରକାରୀ, ବିଂ. (କ୍ଷିପ୍ର-କାରୀ) ଶୀଘ୍ରକାରୀ, ଲଘୁହସ୍ତ, ଯେ ଶୀଘ୍ର ଶୀଘ୍ର କର୍ମ ଶେଷ କରି ପାରେ।

କ୍ଷିପ୍ରହସ୍ତ, ବିଂ. (କ୍ଷିପ୍ର ହସ୍ତ) ଯାହାର ହାତ ଶୀଘ୍ର ଚଳେ, କାର୍ଯ୍ୟକାଳରେ ଯେଉଁ ବ୍ୟକ୍ତି ହସ୍ତଚାତୁର୍ଯ୍ୟ ଦେଖାଏ।

**କ୍ଷୀଣ**, ବିଂ. (କ୍ଷି-ତ) ଦୁର୍ବଳ, ଜୀର୍ଣ୍ଣ, ସୂକ୍ଷ୍ମ, ଶୁଷ୍କ, କୃଶ ।

**କ୍ଷୀଣଜୀବୀ**, ବିଂ. (କ୍ଷୀଣ-ଜୀବ-ଇନ୍) ଅଳ୍ପପ୍ରାଣ, ଯାହାର ପ୍ରାଣ ଅଳ୍ପରେ ବିନାଶ ହୋଇ ଯାଏ ।

**କ୍ଷୀଣତା**, ବି. ସ୍ତ୍ରୀ. ( କ୍ଷୀଣ ତା ) କୃଶତା, ଦୌର୍ବଲ୍ୟ, ସୂକ୍ଷ୍ମତା ।

**କ୍ଷୀବ**, ବିଂ. (କ୍ଷୀବ୍-ତ) ମତ୍ତ, ମଦୁଆଲ ।

**କ୍ଷୀୟମାଣ**, ବିଂ. ( କ୍ଷି-ଆନ ) ଯାହାର କ୍ଷୟ ହେଉଅଛି ।

**କ୍ଷୀର**, ବି. ନ. (ଘସ୍-ଈର) ଜଳ, ଦୁଗ୍ଧ, ନିର୍ଯ୍ୟାସ, ଅଠା ।

**କ୍ଷୀରକୋଳ** } ବି. ( ଦେଶଜ ) ଏକପ୍ରକାର
**ଖିରକୋଳ** } କୋଳ ଓ ତାହାର ଗଛ ।

**କ୍ଷୀରକଣ୍ଠ**, ବି. ପୁଂ. ( କ୍ଷୀର-କଣ୍ଠ ) ସ୍ତନ୍ୟପାୟୀ ଶିଶୁ ।

**କ୍ଷୀରସାର** ବି. ପୁଂ. ( କ୍ଷୀର-ସାର ) ନବନୀତ, ନହୁଣି, ଛେନା ।

**କ୍ଷୀରାବ୍ଧି**, ବି. ପୁଂ. (କ୍ଷୀର ଅବ୍ଧି) କ୍ଷୀରସମୁଦ୍ର ।

**କ୍ଷୀରାବ୍ଧିଜ**, ବି. ପୁଂ. (କ୍ଷୀରାବ୍ଧି-ଜ) ଚନ୍ଦ୍ର । ନ. ସମୁଦ୍ର ଲବଣ, ମୁକ୍ତା ।

**କ୍ଷୀରାବ୍ଧିଜା**, ବି. ସ୍ତ୍ରୀ. (କ୍ଷୀରାବ୍ଧିଜ-ଆ) ଲକ୍ଷ୍ମୀ ।

**କ୍ଷୀରାବ୍ଧିତନୟା**, ବି. ସ୍ତ୍ରୀ. ( କ୍ଷୀରାବ୍ଧି-ତନୟା ) ଲକ୍ଷ୍ମୀ ।

**କ୍ଷୀରୀ**, ବି. ପୁଂ. ( କ୍ଷୀର-ଇନ୍ ) ବୃକ୍ଷବିଶେଷ, ଯେଉଁ ସବୁ ବୃକ୍ଷର ଅଠା ଅଛି । ଯଥା— ବଟ, ଅଶ୍ୱତ୍ଥ ପ୍ରଭୃତି । (ଦେଶଜ) ମାଦୁସ ।

**କ୍ଷୀରୋଦ**, ବି. ପୁଂ. (କ୍ଷୀର ଉଦ) କ୍ଷୀରସମୁଦ୍ର ।

**କ୍ଷୀରୋଦ୍ର**, ବି. ( କ୍ଷୀରୋଦ ଶବ୍ଦଜ ) ଶୁକ୍ଳ ବର୍ଣ୍ଣ ମୂଲ୍ୟବାନ୍ ପଟ୍ଟବସ୍ତ୍ର ।

**କ୍ଷୀରୋଦତନୟା**, ବି. ସ୍ତ୍ରୀ. ( କ୍ଷୀରୋଦ-ତନୟା ) ଲକ୍ଷ୍ମୀ ।

**କ୍ଷୁଣ୍ଣ**, ବିଂ. ( କ୍ଷୁଦ୍-ତ ) ଚୂର୍ଣ୍ଣୀକୃତ, ପ୍ରହତ, ଆହତ, ଖନିତ, ଅତିରିକ୍ତ, ଅଭ୍ୟସ୍ତ, କ୍ଷୁବ୍ଧ, ଦୁଃଖିତ ।

**କ୍ଷୁତ୍**, ସ୍ତ୍ରୀ. } (କ୍ଷୁ-୦, ତ) ଛିଙ୍କ ।
**କ୍ଷୁତ**, ନ. }

**କ୍ଷୁତ୍କ୍ଷାମ**, ବିଂ. (କ୍ଷୁଧ୍-କ୍ଷାମ) କ୍ଷୁଧାରେ କ୍ଷୀଣ ।

**କ୍ଷୁତ୍ପିପାସା**, ବି. ସ୍ତ୍ରୀ. (କ୍ଷୁଧ୍-ପିପାସା) କ୍ଷୁଧା ଓ ତୃଷ୍ଣା ।

**କ୍ଷୁଦ** } ବି. ନ. (କ୍ଷୁଦ୍ର ଶବ୍ଦଜ) ତଣ୍ଡୁଳକଣା ।
**ଖୁଦ** }

**କ୍ଷୁଦ୍ର**, ବିଂ. (କ୍ଷୁଦ୍-ର) ଅଳ୍ପକାୟ, ଛୋଟ, ନୀଚ, ଅଧମ, ଅଳ୍ପ, ଦରିଦ୍ର, କ୍ରୂର, କୃପଣ ।

**କ୍ଷୁଦ୍ରା**, ବି. ସ୍ତ୍ରୀ. ( କ୍ଷୁଦ୍-ର-ଆ ) ମକ୍ଷିକା, ମଧୁମକ୍ଷିକା, ବେଶ୍ୟା ।

**କ୍ଷୁଧ୍** } ବି. ସ୍ତ୍ରୀ. ( କ୍ଷୁଧ୍-୦, ଆ ) ବୁଭୁକ୍ଷା,
**କ୍ଷୁଧା** } ଭୋଜନେଚ୍ଛା ।

**କ୍ଷୁଧାର୍ତ୍ତ**, ବିଂ. (କ୍ଷୁଧା-ଋ-ତ) କ୍ଷୁଧାରେ କାତର, ଯାହାର ଅତ୍ୟନ୍ତ କ୍ଷୁଧା ହୋଇଅଛି ।

**କ୍ଷୁଧିତ**, ବିଂ. (କ୍ଷୁଧ୍-ତ) ବୁଭୁକ୍ଷିତ, ଭୋଜନେଚ୍ଛୁ ।

**କ୍ଷୁନ୍ନିବୃତ୍ତି**, ବି. ସ୍ତ୍ରୀ. (କ୍ଷୁଧ୍-ନି ବୃତ୍-ତି) କ୍ଷୁଧାର ନିବାରଣ, କ୍ଷୁଧାଶାନ୍ତି ।

**କ୍ଷୁବ୍ଧ**, ବିଂ. (କ୍ଷୁଭ୍-ତ) କ୍ଷୋଭପ୍ରାପ୍ତ, ବିଚଳିତ, କାତର, ଦୁଃଖିତ, କ୍ରୁଦ୍ଧ । ବି. ପୁଂ. ମନ୍ଥନ ଦଣ୍ଡ ।

**କ୍ଷୁଭିତ**, ବିଂ. (କ୍ଷୁଭ୍-ଇ-ତ) ତ୍ରାସିତ, ସଞ୍ଚାଳିତ, କ୍ଷୋଭପ୍ରାପ୍ତ, ଦୁଃଖିତ, ବିଚଳିତ, କ୍ରୁଦ୍ଧ, ବ୍ୟାକୁଳ, ଆଲୋଡ଼ିତ, ସନ୍ତ୍ରସ୍ତ ।

**କ୍ଷୁମା**, ବି. ସ୍ତ୍ରୀ. (କ୍ଷୁ-ମ) ଉମି, ଅତସୀବୃକ୍ଷ, ରେଶମ, ପାଟ, ଛଣପଟ ।

**କ୍ଷୁର**, ବି. ପୁଂ. (କ୍ଷୁର=ଛେଦନ କରିବା-ର, ର ଲୋପ) ଭଣ୍ଡାରୀର ଅସ୍ତ୍ରବିଶେଷ, ଅଶ୍ୱ ଗୋ ପ୍ରଭୃତିର ଖୁରା, ଖଟପ୍ରଭୃତିର ଖୁରା । ସା, ସ୍ତ୍ରୀ. ଛୁରୀ ।

**କ୍ଷୁରକର୍ମ**, ବି, ନ. (କ୍ଷୁର-କର୍ମନ୍) କ୍ଷୌରକାର୍ଯ୍ୟ ।

**କ୍ଷୁରପ୍ର**, ବି, ପୁଂ. (କ୍ଷୁର-ପ୍ରଥ୍-ଅ) ଅର୍ଦ୍ଧଚନ୍ଦ୍ରାକୃତି ବାଣବିଶେଷ, ଘାସ ଛେଲିବା ଅସ୍ତ୍ରବିଶେଷ, ଖୁର୍ପି ।

କ୍ଷୁରମର୍ଦ୍ଦୀ } ବି. ପୁଂ. (କ୍ଷୁର-ମୃଦ୍, ମୁଣ୍ଡ-ଇନ୍ )
କ୍ଷୁରମୁଣ୍ଡୀ } ଭଣ୍ଡାରୀ ।

କ୍ଷୁରୀ, ବି. ପୁଂ. (କ୍ଷୁର-ଇନ୍) ଭଣ୍ଡାରୀ, ଖୁରାବଶିଷ୍ଟ ପଶୁ । ଣୀ, ଭଣ୍ଡାରୀର ସ୍ତ୍ରୀ, ଭଣ୍ଡାରୁଣୀ ।

କ୍ଷୁଲ୍ଲତାତ } ବି. ପୁଂ. (କ୍ଷୁଲ୍ଲ-ତାତ) ପିତାର
ଖୁଲ୍ଲତାତ } କନିଷ୍ଠ ଭ୍ରାତା, ଦାଦି ।

କ୍ଷେତ } ବି. (କ୍ଷେତ୍ର ଶବ୍ଦଜ) ଜମି, ବିଲ ।
ଖେତ } ଯଥା —

କଣ୍ଟକେ ଉପାଡ଼ନ୍ତି ବାଳୁଙ୍ଗା କ୍ଷେତ୍ରୁଁ,
ସାଧୁ ଯେସନେ ଅସ୍ମବଡ଼ମା ଚେତୁଁ । ଭୂ. ସ୍ତୁ.

କ୍ଷେତ୍ର, ବି. ନ. (କ୍ଷି-ତ୍ର) ଭୂମି, କ୍ଷେତ, ଇନ୍ଦ୍ରିୟ, ମନଃ, ଶରୀର, କଳତ୍ର, ପତ୍ନୀ, ତୀର୍ଥସ୍ଥାନ, ସିଦ୍ଧଭୂମି, ସୀମାବେଷ୍ଟିତ ସ୍ଥାନ, ଯଥା — ତ୍ରିଭୁଜ ଚତୁର୍ଭୁଜ ଇତ୍ୟାଦି ।

କ୍ଷେତ୍ରଜ } ବି. ପୁଂ. ସ୍ତ୍ରୀ. ( କ୍ଷେତ୍ର ଜ, କ୍ଷେତ୍ର
କ୍ଷେତ୍ରଜା } ଜ-ଅ) ସ୍ୱସ୍ତ୍ରୀଠାରେ ଅନ୍ୟ ପୁରୁଷଦ୍ୱାରା ଉତ୍ପାଦିତ ପୁତ୍ର ବା କନ୍ୟା । ବିଶେଷଣ ହେଲେ "କ୍ଷେତ୍ରଜ" ଶବ୍ଦର ଅର୍ଥ "କ୍ଷେତ୍ରଜାତ ।"

କ୍ଷେତ୍ରଜ୍ଞ, ବି. ପୁଂ. (କ୍ଷେତ୍ର-ଜ୍ଞା-ଅ) ଜୀବାତ୍ମା । ବିଂ. ଦୁଷ୍ଟ, କୃଷକ, କାମୁକ, ନିପୁଣ ।

କ୍ଷେତ୍ରତତ୍ତ୍ୱ, [ବି. ନ. କ୍ଷେତ୍ରସମୁଦାୟର ପ୍ରକୃତି ଓ ପରିମାଣନିରୂପକ ଶାସ୍ତ୍ର, ଜ୍ୟାମିତି, ( Geometry )

କ୍ଷେତ୍ରପତି, ବି. ପୁଂ. (କ୍ଷେତ୍ର-ପତି) କ୍ଷେତ୍ରପାଳ, ରୁଦ୍ର, କୃଷକ ।

କ୍ଷେତ୍ରପାଳ, ବି. ପୁଂ. (କ୍ଷେତ୍ର-ପାଳ) ଦେବତା-ବିଶେଷ, କ୍ଷେତ୍ରରକ୍ଷକ ।

କ୍ଷେତ୍ରଫଳ ବି. ନ. (କ୍ଷେତ୍ର-ଫଳ) କ୍ଷେତ୍ରାନ୍ତର୍ଗତ ସ୍ଥାନର ପରିମାଣଫଳ, ଭୂମିର ପରିମାଣଫଳ, (Area)

କ୍ଷେତ୍ରବିଦ୍, ବି. ପୁଂ. (କ୍ଷେତ୍ର-ବିଦ୍-୦) ଜୀବାତ୍ମା ।

କ୍ଷେତ୍ରାଜୀବ, ବିଂ. (କ୍ଷେତ୍ର-ଆ-ଜୀବ) କୃଷିଜୀବୀ, କୃଷକ ।

କ୍ଷେତ୍ରାଧିପ, ବି. ପୁଂ. (କ୍ଷେତ୍ର-ଅଧିପ) ମେଷାଦି ଦ୍ୱାଦଶରାଶିର ଅଧିପତି ଗ୍ରହମାନେ ।

କ୍ଷେତ୍ରୀ, ବିଂ. (କ୍ଷେତ୍ର-ଇନ୍ ) କ୍ଷେତ୍ରସ୍ୱାମୀ, ଭର୍ତ୍ତା, ସ୍ୱାମୀ । (ଦେଶଜ) କ୍ଷତ୍ରିୟ ।

କ୍ଷେପ ବି. ପୁଂ. (କ୍ଷିପ୍-ଅ) ବିନ୍ୟାସ, ନିକ୍ଷେପ, ଫୋପାଡ଼ିବା, ଅପସାରଣ, ବଞ୍ଚନା, ନିନ୍ଦା, ଗର୍ବ, ବିଳମ୍ବ, ଲଙ୍ଘନ, ଯାପନ, ଲେପନ, ପ୍ରେରଣ ।

କ୍ଷେପକ, ବି. ପୁଂ. (କ୍ଷେପ-ଅକ) ଗ୍ରନ୍ଥ ମଧ୍ୟରେ କ୍ଷିପ୍ତ ପାଠ, ଅଙ୍କବିଶେଷ, ଗୁଚ୍ଛ । ବିଂ. ଯେ କ୍ଷେପଣ କରେ ।

କ୍ଷେପଣ, ବି. ନ. (କ୍ଷିପ୍-ଅନ) ନିକ୍ଷେପ, ଅପସାରଣ, ପରିତ୍ୟାଗ, ପ୍ରେରଣ, ନିନ୍ଦା, ଯାପନ ।

କ୍ଷେପଣି } ବି. ସ୍ତ୍ରୀ. (କ୍ଷିପ୍ ଅନି, କ ଯୋଗେ
କ୍ଷେପଣୀ } କ୍ଷେପଣିକା ) ନୌକାଦଣ୍ଡ, ଆହଲ୍ଲ,
କ୍ଷେପଣିକା } ଫାନ୍ଦବିଶେଷ, ମାଛ ଧରିବାର ଜାଲବିଶେଷ, କ୍ଷେପଣୀୟାସ୍ତ୍ରବିଶେଷ । ଯଥା—

ବ୍ୟୋମରଙ୍ଗାମାରେ ନାରକେଳିଜ ମୂର୍ଦ୍ଧ୍ୱାଙ୍ଗନା କ୍ଷେପଣୀରେ,
ଛିଟା ଉଠି ପଡ଼ଥିଲା କି ଅସି ତା ହୁମହୁଲେ ଧରଣୀରେ ।
ଯ କେ.

କ୍ଷେପଣିକ, ବି. ପୁଂ. (କ୍ଷେପଣି-ଇକ) ଯେ ବ୍ୟକ୍ତି କ୍ଷେପଣି ନିକ୍ଷେପ କରେ ।

କ୍ଷେପଣୀୟ, ବିଂ. (କ୍ଷିପ୍-ଅନୀୟ) କ୍ଷେପଣଯୋଗ୍ୟ । ବି. ନ. କ୍ଷେପଣଯୋଗ୍ୟ ଅସ୍ତ୍ରାଦି ।

କ୍ଷେପା, ବି. (କ୍ଷେପଣ ଶବ୍ଦଜ) ଓର୍ଚ୍ଚ । ଏକ-ପ୍ରକାର ମାଛଧରା ଜାଲ, ଗଛରେ ଚଢ଼ିବା ଉପଯୋଗୀ ଦଉଡ଼ି ।

କ୍ଷେପିଷ୍ଠ } ବିଂ. (କ୍ଷିପ୍-ଇଷ୍ଠ, ଇୟସ୍)
କ୍ଷେପୀୟାନ୍ } ଅତିଶୟ କ୍ଷିପ୍ର, ଅତିଶୟ କ୍ଷିପ୍ରଗାମୀ ।

କ୍ଷେମ, ବି. ପୁଂ. ନ. (କ୍ଷି-ମ) କଲ୍ୟାଣ, ଲବ୍ଧ ବସ୍ତୁର ରକ୍ଷା, କୁଶଳ, ମଙ୍ଗଳ, ମୁକ୍ତି । ବିଂ. ମଙ୍ଗଳଦାୟକ ।

**କ୍ଷେମକ**, ବି. ପୁଂ. (କ୍ଷେମ-କ) ନାଗବିଶେଷ, ରାକ୍ଷସବିଶେଷ ।

**କ୍ଷେମଙ୍କର**, ବିଂ. (କ୍ଷେମ-କୃ-ଅ, ମ ଆଗମ) ଶୁଭଦାୟକ, ମଙ୍ଗଳଦାୟକ ।

**କ୍ଷେମବାନ୍**, ବିଂ. (କ୍ଷେମ-ବତ୍) ମଙ୍ଗଳବିଶିଷ୍ଟ, କୁଶଳୀ ।

**କ୍ଷେମା**, ବି. ସ୍ତ୍ରୀ. (କ୍ଷି-ମ-ଆ) କାତ୍ୟାୟନୀ ।

**କ୍ଷୋଦ**, ବି. ପୁଂ. (କ୍ଷୁଦ୍-ଅ) ଚୂର୍ଣ୍ଣ, ଚୂର୍ଣ୍ଣ କରିବାର ପାତ୍ରବିଶେଷ ।

**କ୍ଷୋଦକ୍ଷମ**, ବିଂ. ପେଷଣଯୋଗ୍ୟ ।

**କ୍ଷୋଦନ**, ବି. ନ. (କ୍ଷୁଦ୍-ଅନ) ଚୂର୍ଣ୍ଣ କରିବା, ଅକ୍ଷରଙ୍କନ ।

**କ୍ଷୋଦିତ**, ବିଂ. (କ୍ଷୁଦ୍-ତ) ଚୂର୍ଣ୍ଣୀକୃତ, ପିଷ୍ଟ; ଯାହା ଖୋଦା ବା ଅଙ୍କିତ ହୋଇଅଛି ।

**କ୍ଷୋଦିଷ୍ଠ** / **କ୍ଷୋଦୀୟାନ୍** } ବି. (କ୍ଷୁଦ୍ର ଇଷ୍ଠ, ଈୟସ୍) ଅତି କ୍ଷୁଦ୍ର ।

**କ୍ଷୋଭ**, ବି. ପୁଂ. (କ୍ଷୁଭ୍-ଅ) ବାଧା, ଧର୍ଷଣ, ବିଶୃଙ୍ଖଳା, ସଞ୍ଚଳନ, ସ୍ଖଳନ, ଉଦ୍‌ବେଗ ।

**କ୍ଷୋଭଣ**, ବି. ପୁଂ. (କ୍ଷୁଭ୍-ଅନ) କନ୍ଦର୍ପର ବାଣବିଶେଷ, ଶାଂଖ୍ୟମତୋକ୍ତ ପୁରୁଷ । ବିଂ. କ୍ଷୋଭକାରକ ।

**କ୍ଷୋଭିତ**, ବିଂ. (କ୍ଷୁଭ୍-ତ) ଧର୍ଷିତ, ଚଳିତ, ଆନ୍ଦୋଳିତ, ତ୍ରାସିତ ।

**କ୍ଷୋଣି** / **କ୍ଷୋଣୀ** / **କ୍ଷୌଣି** / **କ୍ଷୌଣୀ** } ବି. ସ୍ତ୍ରୀ. (କ୍ଷୁ-ନି, ର-ଲୋପ) ପୃଥିବୀ ।

**କ୍ଷୌଣୀପ୍ରାଚୀର**, ବି. ପୁଂ. ସମୁଦ୍ର ।

**କ୍ଷୌଣୀବିଦ୍ୟା**, ବି. ସ୍ତ୍ରୀ. ଭୂତତ୍ତ୍ୱବିଦ୍ୟା । (Geology).

**କ୍ଷୌଣୀଭୁକ୍**, ବି. ପୁଂ. (କ୍ଷୌଣୀ-ଭୁଜ୍-୦) ରାଜା ।

**କ୍ଷୌଦ୍ର**, ବି. ନ. (କ୍ଷୁଦ୍ରା = ମଧୁମକ୍ଷିକା-ଅ) ମଧୁ, ଜଳ । ପୁଂ. ଚମ୍ପକବୃକ୍ଷ । ବିଂ. କ୍ଷୁଦ୍ର ବା କ୍ଷୁଦ୍ରସମ୍ବନ୍ଧୀୟ ।

**କ୍ଷୌଦ୍ରଜ**, ବି. ନ. (କ୍ଷୌଦ୍ର-ଜ) ମହମ । ବିଂ. ମଧୁରୁ ଜାତ ।

**କ୍ଷୌଦ୍ରେୟ**, ବି. ନ. (କ୍ଷୁଦ୍ରା-ଏୟ) ମହମ । ବିଂ. କ୍ଷୌଦ୍ରସମ୍ବନ୍ଧୀୟ ।

**କ୍ଷୌମ**, ବି. ପୁଂ. ନ. (କ୍ଷୁ-ମ) ପ୍ରାସାଦର ଉପରିଭାଗସ୍ଥ ଗୃହ, ଅଟ୍ଟାଳିକା । (କ୍ଷୁମା-ଅ) ଦୁକୂଳ, ପଟ୍ଟବସ୍ତ୍ର, ରେଶମୀ ଲୁଗା । ବିଂ. କ୍ଷୁମା-ନିର୍ମିତ ।

**କ୍ଷୌର**, ବି. ପୁଂ. (କ୍ଷୁର୍-ଅ) କ୍ଷୌରକର୍ମ, ମୁଣ୍ଡନ । ବିଂ. କ୍ଷୁରସଂକ୍ରାନ୍ତ ।

**କ୍ଷ୍ମା**, ବି. (କ୍ଷମ୍-ଅ) ପୃଥିବୀ ।

**କ୍ଷ୍ମାଧର** / **କ୍ଷ୍ମାଭୃତ୍** } ବି. ପୁଂ. (କ୍ଷ୍ମା ଧର, ଭୃତ୍) ରାଜା, ପର୍ବତ, ଅନନ୍ତ ।

**କ୍ଷ୍ମାଭୁକ୍** ବି. ପୁଂ. (କ୍ଷ୍ମା-ଭୁଜ୍-୦) ରାଜା ।

**କ୍ଷ୍ୱେଡ଼**, ବି. ନ. (କ୍ଷ୍ୱିଦ୍-ଅ, ଦ = ଡ଼ ଅଥବା କ୍ଷ୍ୱେଲ୍-ଅ, ଲ = ଡ) ବିଷ, ଗରଳ, ଧ୍ୱନି, ଶବ୍ଦ, ଅଶ୍ଳୀଳଗାନ । ବିଂ. କୁଟିଳ, ଦୁସ୍ପ୍ରଦ, ନିଷ୍ଠୁର, ମନ୍ଦ ।

**କ୍ଷ୍ୱେଡ଼ା**, ବି. ସ୍ତ୍ରୀ. (କ୍ଷ୍ୱେଡ଼୍-ଆ) ଯୁଦ୍ଧକାଳୀନ ଚିତ୍କାରଧ୍ୱନି, ସିଂହନାଦ, ବଂଶଶଳାକା, ଅଶ୍ଳୀଳ ଗାନ ।

**କ୍ଷ୍ୱେଡ଼ିତ**, ବି. ନ. (କ୍ଷ୍ୱେଡ଼୍-ତ) ଯୁଦ୍ଧକାଳୀନ ଚିତ୍କାରଧ୍ୱନି ।

**କ୍ଷ୍ୱେଳନ**, ବି. ନ. (କ୍ଷ୍ୱେଲ୍-ଅନ) କ୍ରୀଡ଼ନ, ସଞ୍ଚାଳନ ।

**କ୍ଷ୍ୱେଳିତ**, ବିଂ. (କ୍ଷ୍ୱେଲ୍-ତ) କ୍ରୀଡ଼ିତ, ଚଳିତ ।

# ଖ

**ଖ**, ବ୍ୟଞ୍ଜନବର୍ଣ୍ଣର ଦ୍ୱିତୀୟ ଅକ୍ଷର, ଏହାର ଉଚ୍ଚାରଣ ସ୍ଥାନ ଜିହ୍ୱାମୂଳ । (ଖନ୍-ଡ) ଦେବଲୋକ, ସ୍ୱର୍ଗ, ଆକାଶ, ଶୂନ୍ୟ, ଇନ୍ଦ୍ରିୟ, ଶବଳ, ସୁଖ, ନଗର, ସୂର୍ଯ୍ୟ ।

ଖଇ, ବି. ( ଖଇକା ଶବ୍ଦଜ ) ଭୃଷ୍ଟଧାନ୍ୟ, ଲିଆ ।

ଖଇଗ୍ଡ, ବିଂ. (ଦେଶଜ) ଦରପାଚିଲା, ଅପୂର୍ଣ୍ଣ,

ଖଇଞ୍ଚ, ବି. ( ଦେଶଜ ) ଖଡ଼ିକାନିର୍ମିତ ମତ୍ସ୍ୟ ଧରିବାର ଯନ୍ତ୍ରବିଶେଷ ।

ଖଇର } ବି. (ଖଦିର ଶବ୍ଦଜ ) ବୃକ୍ଷବିଶେଷର
ଖଦିର } ନିର୍ଯ୍ୟାସ, ସ୍ୱନାମଖ୍ୟାତ ବୃକ୍ଷର ଅଠା ।

ଖଇରା, ବିଂ. (ଦେଶଜ) ଧଳା ଓ କଳାମିଶ୍ରିତ ବର୍ଣ୍ଣ ।

ଖଇରାତ୍ } ବି. (ଯାବନିକ) ଦାନ ।
ଖଏରାତ }

ଖଇହାଳୁଡ଼ି, ବି. ( ଦେଶଜ ) ଅକାର୍ଯ୍ୟକ୍ଷମତାପକ ହାଲୁଡ଼ି ।

ଖଉରଥ, ବିଂ. (ଦେଶଜ) ନୁଖୁରା ।

ଖକୁନ୍ତଳ, ବି. ପୁଂ. ( ଖ-କୁନ୍ତଳ ) ଶିବ, ବ୍ୟୋମକେଶ ।

ଖଗ, ବି. ପୁଂ. (ଖ-ଗମ୍-ଅ) ପକ୍ଷୀ, ବାଣ, ସୂର୍ଯ୍ୟ, ଦେବତା, ବାୟୁ, ଗ୍ରହ । ବିଂ ଆକାଶଗାମୀ, ଯଥା—

ଶାଖା ଅଧ ଦେଳେ ଖଗ ପୋଷନ୍ତି ଭୂଭୁଜବର୍ଗ ।

ଖଗଗତି, ବି. ସ୍ତ୍ରୀ. ( ଖଗ-ଗତି ) ପକ୍ଷିମାନଙ୍କର ଉଡ୍ଡୀନ, ପ୍ରୋଡ୍ଡୀନ, ସଡୀନ ପ୍ରଭୃତି ଗତି-ବିଶେଷ ।

ଖଗପତି, ବି. ପୁଂ. (ଖଗ ପତି) ଗରୁଡ଼, ବିଷ୍ଣୁଙ୍କ ବାହନ ।

ଖଗବତୀ, ବି. ସ୍ତ୍ରୀ. (ଖଗ-ବତ୍-ଈ) ପୃଥିବୀ ।

ଖଗାନ୍ତକ, ବି. ପୁଂ. (ଖଗ-ଅନ୍ତକ) ଶ୍ୟେନପକ୍ଷୀ, ବାଜପକ୍ଷୀ ।

ଖଗାସନ, ବି ପୁଂ. ( ଖଗ-ଆସନ ) ବିଷ୍ଣୁ, ଉଦୟପର୍ବତ ।

ଖଗେନ୍ଦ୍ର } ବି. ପୁଂ. ( ଖଗ-ଇନ୍ଦ୍ର, ଈଶ୍ୱର)
ଖଗେଶ୍ୱର } ଗରୁଡ଼, ବିଷ୍ଣୁଙ୍କ ବାହନ । ଯଥା—

ଧୂରର ଖଗେନ୍ଦ୍ର ଛବି ରୁଚରେ ବ. ବ.

ଖଗୋଳ, ବି. ପୁଂ. (ଖ-ଗୋ ଲ) ଆକାଶମଣ୍ଡଳ, ତନ୍ନିଦର୍ଶକ କୃତ୍ରିମ ଗୋଲକ ।

ଖଗୋଳବିଦ୍ୟା । (Astronomy) ବି. ସ୍ତ୍ରୀ. ଯେଉଁ ବିଦ୍ୟାଦ୍ୱାରା ଗ୍ରହ ନକ୍ଷତ୍ରାଦିର ପ୍ରକୃତି, ଅବସ୍ଥାନ ଓ ଗତି ପ୍ରଭୃତି ନିରୂପିତ ହୁଏ ।

ଖଗ୍‌ଗଡ଼, ବି. ପୁଂ. ଶର, ଇକଡ଼କାଠି, ଏଥିରେ କାଠିକଲମ ପ୍ରସ୍ତୁତ ହୁଏ ।

ଖଙ୍କର, ବି. ପୁଂ. ଚୂର୍ଣ୍ଣକୁନ୍ତଳ, ଅଳକା ।

ଖଙ୍କା, ବିଂ. ( ଦେଶଜ ) ଶୂନ୍ୟ, ଖାଲି । କ୍ରି. ପେଟକୁ ସଙ୍କୋଚ କରିବା ।

ଖଙ୍କାରିବା, କ୍ରି. ( ଦେଶଜ ) ଗଳାଧ୍ୱନି କରି ଖଙ୍କାର ପକାଇବା ।

ଖଙ୍କାର, ବି. (ପ୍ରା) କଫମିଶ୍ରିତ ଛେପ ।

ଖଙ୍ଗସ, ବି. (ଦେଶଜ) ଅପମାନ ।

ଖଙ୍ଗା, ବି. ଏକପ୍ରକାର ସାମୁଦ୍ରିକ ମତ୍ସ୍ୟ ।

ଖଚ, ବି. (ଦେଶଜ) ଚୁଗୁଲି, ପରର ଗ୍ଲାନି । ଯଥା—

ଖଚାଚ ମନ୍ତ୍ରର ପ୍ରୟୋଗରେ କେ ମୋର
ମୂଢ଼ ପରିବୃଢ଼ଙ୍କ ଭୁଲିଲେ । କବିସୂର୍ଯ୍ୟ

ଖଚର, ବିଂ. (ଖ ଚର) ଆକାଶଗାମୀ । ବି. ପୁଂ. ରାକ୍ଷସ, ସୂର୍ଯ୍ୟ, ବାୟୁ, ଗ୍ରହ, ମେଘ, ଅଶ୍ୱଚର ।

ଖଚରୀ, ବି. ସ୍ତ୍ରୀ. (ଖଚର ଈ) ରାକ୍ଷସୀ ।

ଖଚିତ, ବିଂ. (ଖଚ୍-ତ) ରଚିତ, ବଦ୍ଧ, ଜଡ଼ିତ, ବ୍ୟାପ୍ତ, ମିଶ୍ରିତ, ଯୋଜିତ, ଅନ୍ତର୍ନିହିତ, ଜୁଡ଼ିତ ।

ଖଚୁଆ, ବିଂ. (ଦେଶଜ) ଯେ ଖଚ ବା ଚୁଗୁଲି କହେ ।

ଖଜ, ବି. ପୁଂ. ( ଖଜ୍ — ମନ୍ଥନ କରିବା-ଅ ) ମନ୍ଥନଦଣ୍ଡ, କରଚୁଲି, ଦର୍ବୀ, ହତା ।

ଖଜଣା, ବି. (ଯାବନିକ) କର ।

ଖଜଣାଖାନା, ବି. ( ଯାବନିକ ) ଧନାଗାର (Treasury)

ଖଜପ, ବି. ନ. (ଖଜ୍-ଅପ୍) ଘୃତ ।

ଖଜଲ, ବି. ନ. ( ଖ-ଜଲ ) ନୀହାର, ଆକାଶ-ବାରି, ଶିଶିର ।

ଖଜବଜ, ବି. (ଗ୍ରାମ୍ୟ) ଅସ୍ଥିର, ଚଞ୍ଚଳ ।

ଖଜା } ବି. ସ୍ତ୍ରୀ. ( ଖଜ୍-ଅ, ଅକ-ଆ )
ଖଜାକା } କରଚୁଲି, ଡଙ୍କା ।

ଖଜା, ବି. ( ଖାଜକା ଶବ୍ଦଜ ) ପକ୍ୱମିଷ୍ଟାନ୍ନ-ବିଶେଷ ।

ଖଜାଞ୍ଚି, (ଯାବନିକ) ରାଜଧନାଧ୍ୟକ୍ଷ ।

ଖଜୁରି, ବି. (ଖର୍ଜୁର ଶବ୍ଦଜ) ସ୍ୱନାମ ପ୍ରସିଦ୍ଧ ଫଳ ଓ ତାହାର ଗଛ ।

ଖଜୁରିଆ, ବି. (ଦେଶଜ) ଢେରଭାବରେ ବସିଥିବା ଇଟା ।

ଖଜ୍ୟୋତଃ, ବି. ପୁଂ. (ଖ ଜ୍ୟୋତ୍) ଖଦ୍ୟୋତ, ଜୁଳୁଜୁଳିଆ ପୋକ ।

ଖଞ୍ଜ, ବିଂ. (ଖନ୍ଜ-ଅ) ବିକଳପଦ, ଲେଙ୍ଗଡ଼ା, ଛୋଟା । (ଦେଶଜ) ଉପାୟ ।

ଖଞ୍ଜଖେଟ } ବି. ପୁଂ. (ଖଞ୍ଜ-ଖେଟ, ଖେଳ)
ଖଞ୍ଜଖେଳ } ଖଞ୍ଜନପକ୍ଷୀ ।

ଖଞ୍ଜଣୀ, ବି. (ଦେଶଜ) ବାଦ୍ୟଯନ୍ତ୍ରବିଶେଷ ।

ଖଞ୍ଜନ, ବି. ପୁଂ. ( ଖନ୍ଜ୍-ଅନ ) ପ୍ରସିଦ୍ଧ ପକ୍ଷୀ, କଜଳପାତି ପକ୍ଷୀ । ଯଥା—

ସମେ ଯେ ଅଭ ଖଞ୍ଜନ ଦେ ଦେଖି ନେତ୍ର ଅଞ୍ଜନ
ଘେବେ ଏ ତ ଅଠାକ ଠ ପକ୍ଷୀ ଧରଣେ । ମୁ. ଚ

ଖଞ୍ଜର, ବି. (ଯାବନିକ) ଗୋଳା ।

ଖଞ୍ଜରୀଟ, ବି. ପୁଂ. (ଖଞ୍ଜ-ଋ-ଈଟ) ଖଞ୍ଜନପକ୍ଷୀ, କଜଳପାତି ପକ୍ଷୀ । ଯଥା—

ଏହା କହୁ ପାହୁଁ କଜ୍ଜଳାକ୍ଷୀ ଭୂଷା,
ଉଭବିଲା ଖେଳାଖଞ୍ଜରୀଟ ଦୃଶା । ନ କେ

ଖଞ୍ଜା, ବି. ( ଦେଶଜ ) ଚତୁର୍ଦ୍ଦିଗରେ ଗୃହ ବା ପ୍ରାଚୀରବେଷ୍ଟିତ ସ୍ଥାନ । ବିଂ. ଯୋଡ଼ା, ମିଳିତ । ଯଥା—

ରଣରଣ ହୋଏ ଖଞ୍ଜା ପନ୍ଥ ଚାହାଁଣେ । ଗ୍ଲ. ବ

କାର୍ଯ୍ୟୋପଲକ୍ଷରେ ଦତ୍ତ, ନିଯୁକ୍ତ, ନିଯୋଗ ।

ଖଞ୍ଜିବା, କ୍ରି. (ଦେଶଜ) ନିୟମାନୁସାରେ ସ୍ଥାପନ କରିବା, ସୁଶୃଙ୍ଖଳରୂପେ ସ୍ଥାପନ କରିବା । ଯଥା—

କ ସୁନ୍ଦର ତହିଁ ଖଞ୍ଜି ବଙ୍କିଣୀ,
ଏଣୁ କଣ୍ଠୀ ଥିବା ହେଉଛି ଜାଣି । ଲ. ବ.

ଖଟ, ବି. (ଖଟ୍-ଅ) ଅନ୍ଧକୂପ, ତୃଣ, କଫ, ପ୍ରହାରବିଶେଷ, ଯଷ୍ଟି, ପର୍ବତଟଙ୍କ, ଲାଙ୍ଗଳ । (ପ୍ରା. ଖଟ୍ୱା ଶବ୍ଦଜ) ଶୟନନିମିତ୍ତ କାଷ୍ଠନିର୍ମିତ ପଦାର୍ଥ, ପର୍ଯ୍ୟଙ୍କ, ପଲଙ୍କ । ଯଥା—

ଖାଇ ଖଟ ଥଗ ଖଟ ବସିର ଶୋଇଲୁ ରେ । ବ. ଚ

ଖଟଣୀ, ବି. ( ଦେଶଜ ) ଦେବତାଙ୍କ ନିକଟରେ ପ୍ରାତ୍ୟହିକ ଖଞ୍ଜା ଭୋଗ, ସେବା । ଯଥା—

ଅଛିଥିଲ ଖଟଣୀରେ ଶ୍ରୀଜିଉ ଛାମୁରେ
ଆନ ମୁହିଁ; ତେଣ ହେଲ ଦୂର ସଙ୍ଗେ ଭେଟ । ମ. ଯା.

ଖଟା, ବି. ( ଦେଶଜ ) ଅମ୍ଳ ପଦାର୍ଥ, ତେନ୍ତୁଳି ପ୍ରଭୃତି ।

ଖଟାଇବା, କ୍ରି. (ଦେଶଜ) ବାନ୍ଧିବା । ଯଥା—

କନ୍ୟା ଭ୍ରମେ ଖଟ ଇ ଦେ ଲୀ,
କୁମରକୁ ଶୁଆଇ ଦେଲେ ଝୁଲିଝୁଲି ।

ଖଟି, ବି. (ଦେଶଜ) ମଦବିକ୍ରୟର କେନ୍ଦ୍ରସ୍ଥଳ ।

ଖଟିଆ, ବି. ( ଖଟ୍ୱା ଶବ୍ଦଜ ) ଦୋଳା, ଯାନ-ବିଶେଷ । ଦଉଡ଼ିଆ ଖଟ ।

ଖଟିକ, ବି. ପୁଂ. (ଖଟ୍-ଅକ, ଇ-ଆଗମ) ବିକୃତ-ହସ୍ତ, କୁବ୍ଜପାଣି ।

ଖଟିକା, ବି. ସ୍ତ୍ରୀ. (ଖଟ୍-ଅକ-ଆ) ଖଡ଼ୀ ।

ଖଟିନୀ } ବି. ସ୍ତ୍ରୀ. ( ଖଟ୍-ଇନ୍, ଈ ) ଖଡ଼ି ।
ଖଟୀ } (ଦେଶଜ) ଖଟୀ=ମାଦକଦ୍ରବ୍ୟ ବିକ୍ରୟସ୍ଥାନ ।

ଖଟିବା, କ୍ରି. ବି. ( ଦେଶଜ ) ସେବା କରିବା । ଯଥା—

ଖଟନ୍ତି ଯା ପାଦେ କାଳ ଅମୃତ । କ. ବ.

ଖଟୁଲି, ବି. (ଦେଶଜ) କ୍ଷୁଦ୍ର ଖଟ, କାଠର କ୍ଷୁଦ୍ର ସିଂହାସନ ।

ଖଟେଇ, ବି. (ଦେଶଜ) ଅମ୍ଳରସବିଶିଷ୍ଟ ପଦାର୍ଥ ।

ଖଟେଇବା, କ୍ରି. ବି. ( ଦେଶଜ ) ପରିଶ୍ରମ କରାଇବା, ପଶ୍ଚାଦ୍ ବନ୍ଧନ କରିବା ।

ଖଟ୍ବନ, ବିଂ. (ଖଟ୍-ଅନ) ଖଙ୍ଗ, ବାଙ୍ଗର ।

ଖଟ୍ବ, } ବି. ସ୍ତ୍ରୀ. (ଖଟ୍, ଖଟ୍ବ୍-ଅ-ଆ) ପର୍ଯ୍ୟଙ୍କ,
ଖଟ୍ବା } ଖଟ ।
ଖଟ୍ବା

ଖଟ୍ବାଶ, ବି. ସ୍ତ୍ରୀ. ପୁଂ. ବନ୍ୟ ଜନ୍ତୁବିଶେଷ, କଟାଶ ।

ଖଟ୍ବି, ବି. ପୁଂ. (ଖଟ୍-ଇ) ଶବବାହକ ଖଟ ।

ଖଟ୍ବାଙ୍ଗ, ବି. ନ. (ଖଟ୍ବା ଅଙ୍ଗ) ଖଟଖୁରା ପର ମୁଦ୍ଗର, ଖଟର ଅଙ୍ଗ, ଚୁମୁଟା, ନରପଞ୍ଜର, ପୃଷ୍ଠବଂଶ, ସୂର୍ଯ୍ୟବଂଶୀୟ ନୃପବିଶେଷ, ଶିବଙ୍କ ଅସ୍ତ୍ର । ଯଥା—

ଜେର ଖଟ୍ବାଙ୍ଗଲୁଣ୍ଠ ଉମାଚପେ ଛତ୍ରେଶପ୍ରଭୂଷା ପ୍ରୀତ ।
ଗୀ. ବ.

ଖଟ୍ବାଙ୍ଗଭୃତ୍, ବି. ପୁଂ. (ଖଟ୍ବାଙ୍ଗ-ଭୃ-ତ୍) ଶିବ ।

ଖଟ୍ବାରୂଢ଼, ବିଂ. (ଖଟ୍ବା-ଆରୂଢ଼) ପାମର, ଦୁରାଗ୍ରହ, ଅଳସ, ଖଟରେ ଶାୟିତ, ପ୍ରମତ୍ତ ।

ଖଟ୍ବିକା } ବି. (ଖଟ୍ବା, ଖଟ୍ବା-ଇକ-ଆ) ଛୋଟ ଖଟ
ଖଟ୍ବିକା }

ଖଡ଼, ବି. (ଦେଶଜ) ଏକପ୍ରକାର ତୃଣ ।

ଖଡ଼କ୍କିକା, ବି. ସ୍ତ୍ରୀ. ବାଡ଼ବାଟ, ଗୁପ୍ତଦ୍ୱାର ।

ଖଡ଼କ୍କୀ, ବି. (ଖଡ଼କ୍-କୃ ଅ-ଈ) ଗୁପ୍ତଦ୍ୱାର ।

ଖଡ଼ଖଡ଼, ବି. ( ଦେଶଜ ) ଅନୁକରଣ ଶବ୍ଦ-ବିଶେଷ ।

ଖଡ଼ଖଡ଼ି, ବି. ( ଦେଶଜ ) କାଷ୍ଠନିର୍ମିତ ଯାନ-ବିଶେଷ, ସବାରି, ପାଲିଙ୍କି ।

ଖଡ଼ପା, ( ଯାବନିକ ଖଡ଼ାପା ଶବ୍ଦଜ ) ଗଉଡ଼-ମାନେ ପାଲିଙ୍କି କାନ୍ଧେଇ ଯିବାବେଳେ ଗୋଡ଼ରେ କଣ୍ଟା ଇତ୍ୟାଦି ପଶିଲେ ତାହା ବାହାର କରିବା ନିମିତ୍ତ ଠିଆ ହେବାପାଇଁ ଡାକି କହି "ଖଡ଼ପା" ଏହି କଥା କହନ୍ତି ।

ଖଡ଼ମ, ବି. (ଦେଶଜ) କାଷ୍ଠପାଦୁକା, କଠାଉ ।

ଖଡ଼ରା, ବି. (ଯାବନିକ) ଅଶ୍ୱଗାତ୍ର ମାର୍ଜନ ନିମିତ୍ତ ଲୌହନିର୍ମିତ ଯନ୍ତ୍ରବିଶେଷ ।

ଖଡ଼ିଆ, ବି. (ଦେଶଜ) ଶାକବିଶେଷ ।

ଖଡ଼ିକା, ବି. ସ୍ତ୍ରୀ. (ଖଡ଼ୀ-କ ଯୋଗ) ଖଡ଼ୀମାତ୍ର । ( ଦେଶଜ ) କଡ଼ୁଆ ବା ତାଳପତ୍ରର ମଧ୍ୟସ୍ଥ ଶିରା ।

ଖଡ଼ିକାମୁଠ, ବି. (ଦେଶଜ) ଝାଡ଼ୁ, ପନ୍ଦରା ।

ଖଡ଼ିଛୁଆଁ, ବି. (ଦେଶଜ) ବିଦ୍ୟାରମ୍ଭ ।

ଖଡ଼ୀ, ବି. ସ୍ତ୍ରୀ. (ଖଡ଼-ଈ) ଖଡ଼ୀମାତ୍ର ।

ଖଡ଼ୁ, ବି. (ଦେଶଜ) ହସ୍ତ ଓ ପାଦର ଆଭରଣ, ବଳୟ ।

ଖଡ୍ଗ, ବି. ପୁଂ. (ଖଡ୍-ଗ) ଗଣ୍ଡାର, ଗଣ୍ଡାରର ଶୃଙ୍ଗ, ଅସି, ଖଣ୍ଡା । ନ. ଲୌହ । ଯଥା—

ବିଜୁଳି ପରପ୍ରେ ଦ୍ରୁଜେ ଚମକଇ ଖଡ୍ଗ କଜ୍ଜଳ । ଉ. ।

ଖଡ୍ଗକୋଷ, ବି. ପୁଂ. ( ଖଡ୍ଗ-କୋଷ ) ଖଡ୍ଗର ଖୋଲ, ଖଡ୍ଗର ଖପ ।

ଖଡ୍ଗପତ୍ର, ବି. ନ. (ଖଡ୍ଗ-ପତ୍ର) ଢାଲ, ଖଡ୍ଗକୋଷ, ଅସିଫଳକ । ପୁଂ. ଇକ୍ଷୁ ବୃକ୍ଷ ।

ଖଡ୍ଗପିଧାନ, ବି. ନ. (ଖଡ୍ଗ-ପିଧାନ) ଖଡ୍ଗକୋଷ, ଖଡ୍ଗର ଖୋଲ ।

ଖଡ୍ଗପାଣି } ବିଂ. (ଖଡ୍ଗ-ପାଣି, ହସ୍ତ) ପ୍ରହାରୋ-
ଖଡ୍ଗହସ୍ତ } ଦ୍ୟତ, ମାରଣୋନ୍ମୁଖ, ଖଡ୍ଗଧାରୀ ।

ଖଡ୍ଗପୁଚ୍ଛୀ, ବି. ପୁଂ. ଯେଉଁ ଜନ୍ତୁମାନଙ୍କର ଢାଲ ପରି ଦେହାବରଣର ନିମ୍ନଭାଗରେ ଦୀର୍ଘ ଖଡ୍ଗାକାର ଶଲାକା ଥାଏ । ଯଥା— ସମୁଦ୍ର କର୍କଟୀ ( Zyphosura ) ।

ଖଡ୍ଗୀ, ବି. ପୁଂ. ( ଖଡ୍ଗ-ଇନ୍ ) ଗଣ୍ଡାର । ବିଂ. ଖଡ୍ଗଧାରୀ ।

ଖଡ୍ଗିକ, ବି. ନ. ( ଖଡ୍ଗ-ଇକ ) ଧାନ୍ୟାଦି ଶସ୍ୟ କାଟିବାର ଶସ୍ତ୍ରବିଶେଷ, ଦାଆ, ଦାଆ ।

ଖଣତି } ବି. (ପ୍ରା) (ଖନିତ୍ର ଶବ୍ଦଜ) ମାଟି
ଖଣତା } ଖୋଳିବାର ଶସ୍ତ୍ରବିଶେଷ ।

ଖଣା, ବି. ( ଦେଶଜ) ଖଣିଗାତ, ବଡ଼ ଗାତ । ଯଥା—

ଖଣାର ଦପଟେ, ବଣ ହର ବାଟେ ଖଣାକୁ ଦେବ ର ଠେଲି ।
ସଙ୍ଗୀତ କଲ୍ପଲତା ।

ଖଣି, ବି. ସ୍ତ୍ରୀ. (ଖନ୍-ଇ) ସ୍ୱର୍ଣ୍ଣାଦିର ଉତ୍ପତ୍ତିସ୍ଥାନ, ଆକର, ଗର୍ତ୍ତ ।

ଖଣ୍ଡ, ବି. ଉକାଯୁକ୍ତ, ଠକ, ଜାତିବିଶେଷ । ଯଥା—

ଭଲ ବୁଝିଛୁ ବି ଏହୁ ଖଣ୍ଡକୁ,
ଜାଣି ନାହିଁ ତ ତାହା କପଟକୁ । ବ. ଚ.

ଖଣ୍ଡ, ବି ପୁଂ. (ଖନ୍ଡ଼୍-ଅ) ଭେଦ । ନ. ଛେଦ, ପରିଚ୍ଛେଦ, ବସ୍ତୁନିର୍ଦ୍ଦେଶ; ଯଥା—ଏକ ଖଣ୍ଡ ପୁସ୍ତକ, ଅଂଶ, ଗୁଡ଼ବିକାର । ଯଥା—

ଖଣ୍ଡ କ୍ଷୀର ଦେବ ମୁଁ କାହାକୁ, କୋଇଲ ।

ଖଣ୍ଡକାବ୍ୟ, ବି. ( ଖଣ୍ଡ-କାବ୍ୟ ) କାବ୍ୟର ଏକ ଅଂଶକୁ ଅବଲମ୍ବନ କରି ଯାହା ଲେଖା ହୋଇଥାଏ, କ୍ଷୁଦ୍ର କାବ୍ୟ, ଚଉପଦୀ ପ୍ରଭୃତି ଗ୍ରନ୍ଥ ଖଣ୍ଡକାବ୍ୟର ଅନ୍ତର୍ଗତ ।

ଖଣ୍ଡଧାରା, ବି. ସ୍ତ୍ରୀ. (ଖଣ୍ଡ-ଧାର-ଅ ଆ) କର୍ତ୍ତରୀ, କଇଞ୍ଚି ।

ଖଣ୍ଡନ, ବି. ନ. (ଖନ୍ଡ଼୍-ଅନ) ଭଙ୍ଗ । ନା, ସ୍ତ୍ରୀ. ନିରାକରଣ, ଭଞ୍ଜନ, ଛେଦନ, ସ୍ୱାମିଠାରେ ପରନାରୀସଙ୍ଗ ଚିହ୍ନ ଦେଖି ନାୟିକାର ଅପମାନ ବୋଧ । ଯଥା —

ଖଣ୍ଡନ୍ତି ଖଣ୍ଡନ କରେ ପ୍ରାଣିପ୍ରାଣ
କୋଟରା ଫୁଟାଇଛି କଣ୍ଡ । ଭୂପତି ଚଉତିଶା ।

ଖଣ୍ଡନୀୟ, ବି. ( ଖଣ୍ଡ-ଅନୀୟ ) ଖଣ୍ଡନଯୋଗ୍ୟ, ଯାହା ଖଣ୍ଡନ କରାଯାଏ ।

ଖଣ୍ଡପରଶୁ } ବି. ପୁଂ. ( ଖଣ୍ଡ-ପରଶୁ, ପର୍ଶୁ)
ଖଣ୍ଡପର୍ଶୁ } ପରଶୁରାମ, ରାହୁ, ଭଗ୍ନଦନ୍ତ ହସ୍ତୀ, ଶିବ, ଯାମଦଗ୍ନ୍ୟ । ଯଥା —

ଖଣ୍ଡପରଶୁରୂପେଣ ଖଣ୍ଡ ପର୍ଶୁ ଧରି,
ମୃଧାରେ ଧବଳ ଦେଲ ବିବାଧି ପୁରି ।

ଖଣ୍ଡପାଲ, ବି. ପୁଂ. ( ଖଣ୍ଡ-ପାଲ) ଗୁଡ଼ିଆ ।

ଖଣ୍ଡପ୍ରଳୟ, ବି. ପୁଂ. ( ଖଣ୍ଡ-ପ୍ରଳୟ ) କ୍ଷୁଦ୍ର ପ୍ରଳୟ, ବ୍ରହ୍ମା ପ୍ରାତଃକାଳରେ ସୃଷ୍ଟି କରି ସାୟଂକାଳରେ ଯେ ଲୟ କରନ୍ତି ତାହାର ନାମ ଖଣ୍ଡପ୍ରଳୟ । ଯଥା—

ତଥାପି ଉଚ୍ଛୁଳ ହୋଇ ବାରି ଅସମ୍ଭାଳେ
ପ୍ରବଳ ଭୀଷଣ, ଖଣ୍ଡପ୍ରଳୟ ଆକାରେ । ମ. ଯା.

ଖଣ୍ଡା. ବି. ସ୍ତ୍ରୀ. ( ଖନ୍ଡ଼ ଧାତୁଜ ) ତରବାରି, ଖଡ୍ଗ । ଯଥା—

ଶତ୍ରୁ ଖଣ୍ଡାଘାତେ ଗଡ଼ିଗଲେ ମୁଣ୍ଡ । ନ. କେ.

ଖଣ୍ଡାଇତ } ବି. (ଦେଶଜ) ଜାତିବିଶେଷର
ଖଣ୍ଡାଏତ } ଉପାଧିବିଶେଷ ।

ଖଣ୍ଡାଭ୍ର, ବି. ନ. (ଖଣ୍ଡ-ଅଭ୍ର) ଖଣ୍ଡ ଖଣ୍ଡ ମେଘ, ଖଣ୍ଡି. ବି. ନଦୀତୀର, ଏକଖଣ୍ଡ ।

ଖଣ୍ଡିଆ, ବିଂ. (ପ୍ରା. ଖଣ୍ଡ ଶବ୍ଦଜ ) କ୍ଷତଯୁକ୍ତ, ବିକଳାଙ୍ଗ ।

ଖଣ୍ଡିଆଭୂତ. ବି. (ଦେଶଜ) ଘୂର୍ଣ୍ଣିବାୟୁ ।

ଖଣ୍ଡିକ, ବି. ପୁଂ. ( ଖଣ୍ଡ-ଇକ ) କକ୍ଷ, କାଖ, ବାହୁମୂଳ, ଋଷିବିଶେଷ, ବ୍ରୀହି ପ୍ରଭୃତି ଶସ୍ୟ । ବିଂ କ୍ରୁଦ୍ଧ ( ଦେଶଜ ) ଏକଖଣ୍ଡ ।

ଖଣ୍ଡିଗଣିଆ ବିଂ. ( ଦେଶଜ ) କୃପଣ, କୁତ୍ସିତ ଲୋକ ।

ଖଣ୍ଡିତ, ବିଂ. ( ଖଣ୍ଡ-ତ ) କର୍ତ୍ତିତ, ଛିନ୍ନ, ଭିନ୍ନ, ନିରାକୃତ, ଭଗ୍ନ, ଗ୍ରାସିତ ।

ଖଣ୍ଡିତା, ବି. ସ୍ତ୍ରୀ. (ଖଣ୍ଡିତ-ଆ) ସ୍ୱାମିର ପରସ୍ତ୍ରୀସଙ୍ଗ ଚିହ୍ନ ଦେଖି ଈର୍ଷ୍ୟାଯୁକ୍ତ ନାୟିକା । ଯଥା —

ଖଣ୍ଡିତ, ଖଣ୍ଡିତା ହେବାକୁ ରମେ,
ଦମଣ୍ଡିତା କାଳେ ଦମଣ୍ଡିତା ସେ । ବ. ଚ.

ଖଣ୍ଡିବା, କ୍ରି. ବି. ମୁକ୍ତ କରିବା, ଦ୍ରବିବା ।

ଖଣ୍ଡୁଆ, ବି. ( ଦେଶଜ ) ସ୍ୱନାମଖ୍ୟାତ ରଞ୍ଜିତ ବସ୍ତ୍ରବିଶେଷ, ଓଡ଼ିଶାପଟ୍ଟବସ୍ତ୍ରବିଶେଷ । ଯଥା—

ପିନ୍ଧିଛି ପଡ଼ନ୍ତାଫେଣା ଫରମାଣୀ କରି
ଚଙ୍ଗ ପାଟଖଣ୍ଡୁଆ ଏବେ କଟିରେ ମାଧୁରୀ ଦେ । ଲ. ବ.

ଖତ, ବି. (ଦେଶଜ) ସାର, ପଶୁ ଗୋବର ପ୍ରଭୃତି ।

ଖତକୁଡ଼, ବି. (ଦେଶଜ) ପାଉଁଶ, ପଶୁ ଗୋବର ପ୍ରଭୃତି ଯେଉଁ ସ୍ଥାନରେ ନିକ୍ଷିପ୍ତ ହୁଏ ।

ଖଣ୍ଡମ. ବି. (ଯାବନିକ) ନିଃଶେଷ ।

ଖତମାଲ, ବି. ପୁଂ. ( ଖ-ତମାଲ ) ଧୂମମେଘ । ଯଥା—

ରସିକ ସକଳ କଳନା କ ବୋଲେ ତଳ ତଳ
ଭୃମ୍ପା ପାଶେ ଖତମାଳମାଳ । ପ୍ରେ. ମୃ.

ଖଟଗ୍ୱୀ. ବିଂ. (ଦେଶଜ) ନକମା, ପଣ୍ଟ, ଭୁଚ୍ଛ ।

ଖତନା } ବି. ( ଯାବନିକ ) ଲିଙ୍ଗାଗ୍ରଚର୍ମ
ଖତ୍ନା } କର୍ତ୍ତନରୂପ କର୍ମ ।

ଖତ୍ୟାନ, ବି. (ଯାବନିକ) ଯେଉଁ କାଗଜରେ ପ୍ରଜାମାନଙ୍କର ଜମି ଜମା ବିଶେଷରୂପେ ନିରୂପିତ ହୁଏ ।

ଖତେଇ ହେବା, ବି. (ଦେଶଜ) ନାନା ପ୍ରକାର କଦର୍ଯ୍ୟ ମୁଖଭଙ୍ଗୀ କରି ଚିଡ଼ାଇବା ।

ଖଦଡ଼, ବି. (ଦେଶଜ) ମୋଟା ସୂତାରେ ବୁଣା ହେବା ଖଦ ।

ଖଦଡ଼ା, ବିଂ. (ଦେଶଜ) ଅଚିକ୍କଣ । ଯଥା—

ଭ୍ରିପ୍ରିଜନପ୍ରୀତିପୀୟୂଷପ୍ରବାହ ନୁଅଇ ସେବେ ଖଦଡ଼ା ।

ଖଦ } ବି. ( ଦେଶଜ ) ଅଳ୍ପ ପରିସରବିଶିଷ୍ଟ
ଖଦି } ବସ୍ତ୍ରବିଶେଷ, ଧୋତି । ଯଥା –

ଖଦ ଗୁଣ୍ଡର ଲୁଗ ଉପଚ୍ଛନ୍ନ,
ଲୁଗ ହେକୁ ହେକୁ ଖରେ ପ୍ରଚ୍ଛନ୍ନ । ଲା. ବ.

ଖଦିକା, ବି. ସ୍ତ୍ରୀ. ଖଇ, ଲିଆ ।

ଖଦିର, ବି. ପୁଂ. (ଖଦ୍-ଇର) ଖଇରଗଛ, ଇନ୍ଦ୍ର, ଚନ୍ଦ୍ର । ନ. ଖଇର । ଯଥା—

ପୂଗ ଖଦିର ଚୂର୍ଣ୍ଣେ କେ ଶୋଭାଙ୍ଗୀ,
ଦନ୍ତ ଦଳିତ ନାଗବଲ୍ଲୀ ଭଙ୍ଗି । ଲ. ବ.

ଖଦିରିକା, ବି. ସ୍ତ୍ରୀ. ( ଖଦିର-ଇକ-ଆ ) ଲଜ୍ଜା, ଲଜ୍ଜ ।

ଖଦ୍ୟୋତ, ବି. ପୁଂ. (ଖ-ଦ୍ୟୋତ) ଜୁଳୁଜୁଳିଆ ପୋକ, ସୂର୍ଯ୍ୟ । ଅଖିରୁ ବାହାରିବା ସ୍ଫୁଲିଙ୍ଗ-ବତ୍ ଜ୍ୟୋତି, ଯଥା —

ହୁଦଳ ଚରଣେ ଗୁଳ ନ ପରେ;
ଖଦ୍ୟୋତପଂକ୍ତି ନେତ୍ରୁ ବାହାରେ । କ. କୁ.

ଖଦ୍ୟୋତନ, ବି. ପୁଂ. (ଖ-ଦ୍ୟୁତ୍-ଅନ) ସୂର୍ଯ୍ୟ ।

ଖଧୂପ, ବି. ପୁଂ. ( ଖ-ଧୂପ ) ହାଉଯାଇ ବାଜି, ଆତସ ।

ଖନକ, ବି. ପୁଂ. (ଖନ୍-ଅକ) ମୂଷିକ, ସିନ୍ଧ-ଚୋର । ବିଂ. ଖନନକର୍ତ୍ତା, ଯେଉଁମାନେ ଆକରରୁ ଧାତୁଦ୍ରବ୍ୟାଦି ଖନନ କରନ୍ତି ।

ଖନନ, ବି. ନ. (ଖନ୍-ଅନ) ଖୋଳିବା, ଧାତୁ-ପ୍ରଭୃତି ଖୋଳି ବାହାର କରିବା ।

ଖନା, ବିଂ. (ଦେଶଜ) ଯେ ସ୍ପଷ୍ଟରୂପେ କଥା କହି ପାରେ ନାହିଁ, ଯେ ନାକରେ କଥା କହେ । ଯଥା—

ବୀଣାପ୍ରବୀଣା ବାଣୀ ଶୁଣି ଲାଜରେ ଖନା ପରାପ୍ରେ ସ୍ୱନ କଲା ।
ବ. ଚ.

ଖନି } ବି. (ଖନ୍-ଇ, ଈ) ଖଣି, ଆକର,
ଖନୀ } ଗର୍ତ୍ତ ।

ଖନିତ୍ର, ବି. ନ. ( ଖନ-ଇତ୍ର ) ଖନନାସ୍ତ୍ର, ଖଣତି ।

ଖନ୍ଦ, ବି. ( ଖନ୍ ଧାତୁଜ ) ଗର୍ତ୍ତ, ଖାତ, ଫସଲ ।

ଖନ୍ଦକ } ବି. ପୁଂ. (ଖନ୍ ଧାତୁଜ) ଖାତ,
ଖନ୍ଦା } ଫସଲ, ଦୀର୍ଘିକା ।

ଖପଟି, ବି. (ଦେଶଜ) ଅପବ୍ୟୟୀ, ଅମିତାଚାରୀ ।

ଖପର, ବି. ନ. ଖର୍ପର ଶବ୍ଦଜ) ଧାତୁବିଶେଷ, ଶସ୍ତ୍ରବିଶେଷ ।

ଖପରଲ୍, ବି. (ଯାବନିକ) ଯେଉଁ ଖପରାରେ ଘର ଛପର ହୁଏ । ବିଂ. ଖପରାଦ୍ୱାରା ଆଚ୍ଛାଦିତ ।

ଖପରା, ବି. ନ. (ଖର୍ପର ଶବ୍ଦଜ) ହାଣ୍ଡି ପ୍ରଭୃତିର କ୍ଷୁଦ୍ର କ୍ଷୁଦ୍ର ଭଗ୍ନ ଅଂଶ ।

ଖପା, ବି. (ଦେଶଜ) ରାଗ, କ୍ରୋଧ, ବିରକ୍ତି ।

ଖପୁର, ବି. ପୁଂ. (ଖ-ପୃ-ଅ) ଗୁଆ ଗଛ, ଘଟ, କଳସ । ବିଂ. ଅଳସ ।

ଖପୁରି, ବି. ନ. ( ଖର୍ପର ଶବ୍ଦଜ ) ମୁଣ୍ଡର ଖୋଳପା ।

ଖପୁଷ୍ପ, ବି. ପୁଂ. (ଖ ପୁଷ୍ପ) ଆକାଶକୁସୁମ, ଶୂନ୍ୟ, କିଛି ନୁହେ, ଶଶଶୃଙ୍ଗ ।

ଖବର, ବି. (ଯାବନିକ) ସମ୍ବାଦ ।

**ଖବରକାଗଜ,** ବି. (ଯାବନିକ) ସମ୍ବାଦପତ୍ର । Newspaper

**ଖବରଦାର୍,** ବି°. (ଯାବନିକ) ସାବଧାନ ।

**ଖମଣି,** ବି. ପୁଂ. (ଖ-ମଣି) ସୂର୍ଯ୍ୟ । ଯଥା—

ଖମଣିମଣ୍ଡଳକୁ ତୁ ହସ୍ତ ତୋଳିଲୁ କେ । ବ. ଚ.

**ଖମା,** ବି. (ଦେଶଜ) ଖାଲ ।

**ଖମାର,** ବି. (ଦେଶଜ) ଧାନ୍ୟାଦି ରଖିବାର ଘର ବା ସ୍ଥାନ । ଜମିଦାରଙ୍କ ସ୍ୱକୀୟ କୃଷିଜମି ।

**ଖମାରୋଇ,** ବି, ଯେଉଁ ଲୋକ ଜମାରେ ଖମାର ଥାଏ ।

**ଖମ୍ବ / ଖୁମ୍ବ** } ବି. (ଦେଶଜ) ଖୁଣ୍ଟ, ସ୍ତମ୍ଭ ।

**ଖମ୍ବଆଳୁ,** ବି. (ଦେଶଜ) ଲମ୍ବାକୃତି ଆଳୁ-ବିଶେଷ ।

**ଖୟରାତ,** ବି. (ଯାବନିକ) ଦାନ, ବିତରଣ (Charitable grants)

**ଖର,** ବି. ପୁଂ. (ଖ-ର) ଗର୍ଦ୍ଦଭ, ଅଶ୍ୱତର, କାକ, ତୀକ୍ଷ୍ଣ ସୂର୍ଯ୍ୟ, କୁରରପକ୍ଷୀ, ରାକ୍ଷସବିଶେଷ, ଉତ୍ତାପ, ଉଷ୍ଣତା । ବି°. ଉଷ୍ଣ, କଠିନ, ଦାରୁଣ, ତୀକ୍ଷ୍ଣ, ବେଗଯୁକ୍ତ । କ୍ରି. ବି°. ବେଗରେ, ଶୀଘ୍ର । ଯଥା—

ଅଶ୍ୱ ଦନ୍ତୀ ରଥ ନାନା ଦେଶ ବାଟରେ ଖରେ । ବ. ଚ.

**ଖରକିବା,** କ୍ରି. ବି. (ଦେଶଜ) ଝାଡ଼ୁ କରିବା, ଝାଡିବା, ଓଲେଇବା ।

**ଖରଗୋସ,** ବି. (ଦେଶଜ) ସାନ ଠେକୁଆ ।

**ଖରଚ,** ବି. (ଦେଶଜ) ବ୍ୟୟ ।

**ଖରଚି,** ବି°. ବ୍ୟୟଶୀଳ, ବହୁବ୍ୟୟୀ ।

**ଖରଛେଦ,** ବି. ପୁଂ. (ଖର-ଛେଦ) ତୃଣବିଶେଷ, ବେଣା ।

**ଖରଡ଼,** ବି. (ଦେଶଜ) ଗାଲିଚା । ଯଥା—

କେତେ କହୁଛି ମୁକୁର ମାର୍ଜନା,
କେ ଖରଡ଼ ପାରିବାରେ ରଚନା । ସ. ଚ.

**ଖରଡ଼ାପଣି,** ବି. ଜମିଦାରମାନଙ୍କର ବାକି ଆୟ ।

**ଖରଡ଼ିବା,** କ୍ରି. ଭାଙ୍ଗିବା ।

**ଖରଣସ / ଖରଣସ୍** } ବି°. (ଖର ନାସିକା, ନାସିକା ସ୍ଥଳରେ ନସ୍ ଆଦେଶ) ତୀକ୍ଷ୍ଣନାସିକ, କଠିନ ନାସିକାଯୁକ୍ତ ।

**ଖରଦଣ୍ଡ,** ବି. ନ. (ଖର-ଦଣ୍ଡ) ପଦ୍ମ ।

**ଖରପ୍ରିୟ,** ବି. ପୁଂ. (ଖର-ପ୍ରିୟ) ପାରାବତ, ପାରା ।

**ଖରମୁଜା,** ବି. (ଦେଶଜ) ତରଭୁଜ ଜାତୀୟ ଫଳ ।

**ଖରା,** ବି. (ଖର ଶବ୍ଦଜ) ସୂର୍ଯ୍ୟଙ୍କ ଉତ୍ତାପ । ଯଥା—

ଖାଲ ବନ୍ଧୁଅନ ଅଙ୍ଗ ଲାଗି ଝାଞ୍ଜି ଖରା,
ଶ୍ରମ ପାଇ ବସୁଥିଲେ ବାଲୁପିଣ୍ଡ ପରା । ବ. ଚ.

**ଖରାଂଶୁ,** ବି. ପୁଂ. (ଖର ଅଂଶୁ) ତୀକ୍ଷ୍ଣାଂଶୁ, ସୂର୍ଯ୍ୟ,

**ଖରାପ,** ବି°. (ଦେଶଜ) ମନ୍ଦ, ଦୁଷ୍ଟ, ନଷ୍ଟ । ଯଥା—

ଖରାପ ତୁ ହେଲୁ ରେ,
ଖେଳନ୍ତେଳ ଗୁଣ୍ଡନାଶି କି ସାହସ କଲୁ ରେ । କ. ଚ.

**ଖରିଦ୍,** ବି. (ଯାବନିକ) କିଣିବା ।

**ଖରିଦ୍‌ଦାର,** ବି. (ଯାବନିକ) କ୍ରେତା ।

**ଖରିଦା,** ବି°. (ଯାବନିକ) କ୍ରୀତ, କିଣା ।

**ଖରୁ,** ବି. ପୁଂ. (ଖନ୍-ଉ, ନ=ର) ଘୋଟକ, ଦର୍ପ, ଦନ୍ତ, କାମଦେବ, ଶିବ । ସ୍ତ୍ରୀ. ପତିମ୍ବରା କନ୍ୟା । ବି°. ଶୁକ୍ଳବର୍ଣ୍ଣ, ତୀକ୍ଷ୍ଣ, କ୍ରୂର, ନିର୍ବୋଧ ।

**ଖରୁଡା,** ବି. କଂସା ପିତ୍ତଳ ପ୍ରଭୃତି ଧାତୁରେ କାମ କରିବା ଜାତିବିଶେଷ ।

**ଖର୍ଚ୍ଚାଲୁ** ବି°. (ଦେଶଜ) ଯେ ସର୍ବସ୍ୱ ବ୍ୟୟ କରିଥାଏ । ବି. ଅତିରିକ୍ତ ବ୍ୟୟ ।

**ଖର୍ଜ୍ଜନ,** ବି. ନ. (ଖର୍ଜ୍ଜ-ଅନ) କଣ୍ଡୂୟନ, କୁଣ୍ଡେଇ ହେବା ।

**ଖର୍ଜ୍ଜୁ / ଖର୍ଜୂ** } ବି. ସ୍ତ୍ରୀ. (ଖର୍ଜ୍ଜ-ଉ, ଊ) ଖଜୁରି ଗଛ, କଣ୍ଡୂୟନ, କୀଟବିଶେଷ ।

**ଖର୍ଜ୍ଜୂର**, ବି. ନ. ( ଖର୍ଜ୍ଜ=ବ୍ୟଥିତ ହେବା-ଊର) ଖଜୁରି ଫଳ । ପୁଂ. କୀଟବିଶେଷ, ଛମ୍ପାଳୁଅ ପୋକ, ବୃଶ୍ଚିକ ।

**ଖର୍ଜ୍ଜୂରୀ**, ବି. ପୁଂ. ସ୍ତ୍ରୀ. (ଖର୍ଜ୍ଜ-ଊର-ଈ) ଖଜୁରି ଗଛ ।

**ଖର୍ପର**, ବି. ପୁଂ. ( କୃପ୍-ଅର ) ଚୋର, ଧୂର୍ତ୍ତ, ଭଗ୍ନଖଣ୍ଡ, ମାଟିପାତ୍ରର ଭଗ୍ନାଂଶ, ଖପରା, କପାଳ, ମଲା ମନୁଷ୍ୟର ମୁଣ୍ଡ, ଖପୁରୀ । ଯଥା—

ମେଘଅ ଶୋଣିତେ କରତେ ପୂରିତ ଯାର ଖର୍ପର । ଉଷା ।

**ଖର୍ପରୀ**, ବି. ପୁଂ. ନ. (କୃପ୍-ର-ଈ) କଙ୍କାଳ ।

**ଖର୍ବ୍ବ**, ବି. ନ. (ଖର୍ବ୍ବ-ଅ) ସଂଖ୍ୟାବିଶେଷ । ପୁଂ. କୁବେରଙ୍କ ନିଧିବିଶେଷ, ଦଶବୃନ୍ଦ ସଂଖ୍ୟା । ବିଂ. ଖେଟ, ବାମନ, ନୀଚ ।

**ଖର୍ବ୍ବଟ**, ବିଂ. ପୁଂ. ନ. ( ଖର୍ବ୍ବ-ଅଟ ) ଚାରି ଶତ ଗ୍ରାମର ମଧ୍ୟସ୍ଥ ଗ୍ରାମ, କ୍ଷୁଦ୍ର ନଗର, ପର୍ବ୍ବତ ପ୍ରାନ୍ତବର୍ତ୍ତୀ ଗ୍ରାମ, କରବାଡ଼, କ୍ଷୁଦ୍ର ନଗର ।

**ଖର୍ବ୍ବଟକ**, ବିଂ. (ଖର୍ବ୍ବଟ-କ) ବାଙ୍ଗର, ବାମନ । ଯଥା—

ବାଲ୍ମୀକି କହିବାସ ଯହି ବୃତ୍ତିରେ ଯାଇ,
ଖର୍ବ୍ବଟକ ନାସିକପ୍ ଗମନ କରି ।

**ଖଳ**, ବି. ପୁଂ. ନ. (ଖଳ=ସଂଗ୍ରହ କରିବା-ଅ) ଧାନ୍ୟାଦିର ମର୍ଦ୍ଦନ ସ୍ଥାନ, ଖଳା, ମର୍ଦ୍ଦନପାତ୍ର, ମଳ, ଜଞ୍ଜାଳ, । ବିଂ. ଦୁର୍ଜ୍ଜନ, ଯେ ଅନ୍ୟର ହିଂସା କରେ, ହିଂସ୍ରକ, ଯାହାର ମନ ସରଳ ନୁହେ, କୁଟିଳ, ନୀଚ । ( ଖ= ଆକାଶ-ଲୀ=ସଂଶ୍ଲିଷ୍ଟ ହେବା ) ସୂର୍ଯ୍ୟ । (ଦେଶଜ) ବି. କଳହ ।

**ଖଲ**, ବି. (ଖଳ ଶବ୍ଦଜ) ଔଷଧାଦି ପେଷଣାର୍ଥ ପ୍ରସ୍ତରନିର୍ମିତ ପାତ୍ରବିଶେଷ । କ୍ରି. ମର୍ଦ୍ଦନ କରିବା ।

**ଖଳତା**, ବି. ସ୍ତ୍ରୀ. ( ଖଳ-ତା ) ହିଂସାପ୍ରବୃତ୍ତି, ଅନ୍ୟର ହିଂସା କରିବା, କୁଟିଳତା, ନୀଚତା ।

**ଖଳପୂ**, ବି. ପୁଂ. (ଖଳ-ପୂ-୦) ମାର୍ଜ୍ଜନକାରୀ ।

**ଖଳବ**, ବି (ଗ୍ରାମ୍ୟ) କଳହ ।

**ଖଳସୀ** } ବି. ସ୍ତ୍ରୀ. ( ଗ୍ରାମ୍ୟ ) କଳହପ୍ରିୟା ସ୍ତ୍ରୀ,
**ଖଳସୀ** } କଳକାଣ୍ଡେଇ ।

**ଖଳା**, ବି. (ଖଳ ଶବ୍ଦଜ) ଧାନ୍ୟାଦି ରଖିବାର ସ୍ଥାନ । ଯଥା—

ଖଳା କରି ଗ୍ରାମସୀମାରେ ଧାନ ଅମଳ କରି,
ଗୃହକୁ ନିଅନ୍ତି ଆନନ୍ଦେ ବଳଦଙ୍କ ସୁଦ୍ଧା । ଗ ମ.

( ପ୍ରାଦେଶିକ ବାଲେଶ୍ୱର ) ଧାନ ଚାଉଳର ଗୋଦାମ ।

**ଖଳାଧାରୀ**, ବି. ସ୍ତ୍ରୀ. (ଖଳ-ଆଧାର) ତୈଳପାୟିକା, ଅସରପା ।

**ଖଲାସ**, ବି. (ଯାବନିକ) ମୁକ୍ତି ପାଇବା, ଉଦ୍ଧାର ହେବା, ପାର ହେବା ।

**ଖଲାସୀ**, ବି. ( ଯାବନିକ ) କଳ ପ୍ରଭୃତିର କର୍ମଚାରୀବିଶେଷ ।

**ଖଳି**, ବି. (ଦେଶଜ) ଚାଉଳମଣ୍ଡ, ଯାହା ଧୋବା ଓ ତନ୍ତିମାନେ ବ୍ୟବହାର କରନ୍ତି । ଅଗ୍ନିପକ୍ୱ ଗୁଡ଼ ଓ ଚାଉଳ ଗହମ ପ୍ରଭୃତିର ଚୂନା ।

**ଖଲି**, ବି. କାଠପତ୍ର ।

**ଖଳିଆ**, ବିଂ. ଚାଲିବା ସମୟରେ ଯେ ( ବଳଦ ) ଝେଟେଇ ଚାଲେ ।

**ଖଳିକାର**, ବି. ପୁଂ. ( ଖଳି-କାର ) ଚିତ୍ରକର, ସପୁଆ କେଳା । ଯଥା —

ଖଳିକାର ନୋହି କଳା ନାଚକୁ ଚାଳିଲୁ । ବ, ତ.

**ଖଳିନ** } ବି. ପୁଂ. ନ. ( ଖ-ଲୀନ ) ଲଗାମ,
**ଖଲୀନ** } ଅଶ୍ୱର ମୁଖରଜ୍ଜୁ, ଅଶ୍ୱାଦି ମୁଖସ୍ଥିତ କଣ୍ଠାବନ୍ଧନର ଲୌହବିଶେଷ ।

**ଖଳିବା**, କ୍ରି. (ପ୍ରା) ମର୍ଦ୍ଦନ କରି ଦେଖାଇବା ।

**ଖଲୁ**, ଅଂ. (ଖ-ଲୁ) ନିଶ୍ଚୟ, ଜିଜ୍ଞାସା, ଅନୁନୟ, ନିଷେଧ, ବାକ୍ୟାଲଙ୍କାର, ବ୍ୟାପ୍ତି, ହେତୁ, ସାନ୍ତ୍ୱନା, ଉତ୍ପ୍ରେକ୍ଷା ।

**ଖଳେଧାନ୍ୟା**, ବି. ସ୍ତ୍ରୀ. ଧାନ୍ୟାଦି ବେଙ୍ଗଳାପଡ଼ିବା ସମୟରେ ଯେଉଁ କାଷ୍ଠରେ ଗୋରୁ ବନ୍ଧା ହୁଅନ୍ତି, ମେଇଖୁଣ୍ଟ ।

ଖଲ୍ଲ, ବି. ପୁଂ. (ଖଲ୍-ଲ) ଖାଲ, ଗର୍ତ୍ତ, ମଶକ, ସୂଚକ, ବସ୍ତ୍ରବିଶେଷ, ଚର୍ମ ।

ଖଲ୍ଲିକ, ବି. ସ୍ତ୍ରୀ (ଖଲ୍ଲ କ) ଚିତ୍ରକର ଲେଖିବା ଫଳକ ।

ଖଲ୍ଲିଟ }
ଖଲ୍ଲୀଟ } ବିଂ. ଯାହା ମୁଣ୍ଡ ଟାଙ୍ଗରା ।

ଖବର, ବି. (ଯାବନିକ) ବାର୍ତ୍ତା, ସମ୍ବାଦ ।

ଖବାଷ୍ପ, ବି. ପୁଂ. (ଖ-ବାଷ୍ପ) ନୀହାର, ହିମ ।

ଖଶ, ବି. ପୁଂ. ଭାରତବର୍ଷର ଉତ୍ତରସ୍ଥ ପାର୍ବତୀୟ ଦେଶବିଶେଷ, ଜାତିବିଶେଷ । ଖଶା, ସ୍ତ୍ରୀ. ମୁରା-ନାମକ ଗନ୍ଧଦ୍ରବ୍ୟ, ଦକ୍ଷକନ୍ୟା, କଶ୍ୟପପତ୍ନୀ ।

ଖଶ୍ୱାସ, ବି. ପୁଂ. (ଖ-ଶ୍ୱାସ) ବାୟୁ ।

ଖସ, ବି. ( ଖ=ଇନ୍ଦ୍ରିୟ-ସୋ=ଅବସନ୍ନ କରିବା-ଅ ) ଖୁଣ୍ଡିଆ, କାଛୁ ।

ଖସଖସିଆ, ବି. (ଯାବନିକ) ବେଣାମୂଳ, ବେଣାଚେର । ବିଂ. ଯାହା ମସୃଣ ନୁହେଁ, ଅଚିକ୍କଣ ।

ଖସଡ଼ା, ବିଂ. ଛଠା, ପିଚ୍ଛିଳ ।

ଖସଡ଼ିବା }
ଖସରିବା } କ୍ରି. (ଦେଶଜ) ସ୍ଖଳନ ।

ଖସମ, ବିଂ. (ଯାବନିକ) ପତି, ସ୍ୱାମୀ ।

ଖସା, ବି. (ଦେଶଜ) ଛାଲ ।

ଖସିବା, କ୍ରି. ବି. (ଦେଶଜ) ଓହ୍ଲାଇବା, ଗଡ଼ି ପଡ଼ିବ, ପତିତ ହେବା, ଯଥା —

ଖସି ମନ ତାର ନାଜ ଚାଙ୍ଗୁ ଶମ୍ବ । ନ. ଚୈ.

ଖାଇ, ବି. (ଖନ ଧାତୁଜ) ଖାତ, ଦୁର୍ଗ ବା ଗଡ଼ର ଚତୁଃପାଶ୍ୱରେ ଥିବା ଜଳାଶୟବିଶେଷ, ପରିଖା,(ଖାଦ ଧାତୁଜ ହେଲେ) କପା ପେଞ୍ଚିବା ଯନ୍ତ୍ରବିଶେଷ ।

ଖାଇବା, କ୍ରି. ବି. ( ଖାଦ୍-ଧାତୁଜ ) ଭୋଜନ କରିବା ।

ଖାଉତି, ବି. (ଦେଶଜ) ଖାଇବା ।

ଖାଉନ୍ଦ, ବି. (ଯାବନିକ) ପ୍ରଭୁ, ମୁନିବ ।

ଖାଙ୍କିବା, କ୍ରି ( ଦେଶଜ ) ପେଟ ସଙ୍କୋଚ କରିବା ।

ଖାଙ୍ଖୁବା, କ୍ରି. (ଦେଶଜ) ଟାଣିବା, ଓଟାରିବା ।

ଖାଜାଞ୍ଚି, ବି. (ଯାବନିକ) କୋଷାଧ୍ୟକ୍ଷ ।

ଖାଡ଼, ବି. (ଦେଶଜ) ବାଠି ।

ଖାଡ଼ିଜାଲ, ବି. (ଦେଶଜ) ଯେଉଁ ଜାଲ କାଠିରେ ତିଆରି ହୋଇଥାଏ ।

ଖାଡ଼େ, କ୍ରି. ବିଂ. (ଦେଶଜ) ଥରେ, ବାରେ ।

ଖାଡ୍ଗିକ, ବିଂ. (ଖଡ୍ଗ-ଇକ) ଖଡ୍ଗଧାରୀ ।

ଖାଣ୍ଟି, ବିଂ. (ଦେଶଜ) ବିଶୁଦ୍ଧ, ଯଥାର୍ଥ ।

ଖାଣ୍ଟିବା, କ୍ରି. (ଦେଶଜ) ଉଣା କରିବା ।

ଖାଣ୍ଡବ, ବି. ପୁଂ. ( ଖଣ୍ଡ୍-ଅ ) ବନବିଶେଷ, ଇନ୍ଦ୍ରପ୍ରସ୍ଥ ନଗର ସନ୍ନିହିତ ଦେଶବିଶେଷ । ଯଥା —

କାମିହୁଦଖାଣ୍ଡବ ଦହନେ ଏ ପାଣ୍ଡବ;
କଳଣି ଶିଖା ପ୍ରକାଶି ଆରମ୍ଭ ତାଣ୍ଡବ । ଲା. ବ.

ଖାଣ୍ଡବପ୍ରସ୍ଥ, ବି. ପୁଂ. ଇନ୍ଦ୍ରପ୍ରସ୍ଥ, ଦିଲ୍ଲୀ ।

ଖାଣ୍ଡି, ବି. (ଖଣ୍ଡ ଶବ୍ଦଜ) ମହାପ୍ରସାଦ କୁଡ଼ୁଆର ଭଗ୍ନାଂଶ ।

ଖାଣ୍ଡିକ, ବି. ପୁଂ. ( ଖଣ୍ଡ-ଇକ ) ମୋଦକ, ଗୁଡ଼ିଆ, ମିଷ୍ଟଦ୍ରବ୍ୟ ପ୍ରସ୍ତୁତକାରୀ ।

ଖାଣ୍ଡିଖିଆ, ବି. ମାଟିଖିଆ, ଯେ ଦରିଦ୍ରତା ପ୍ରଯୁକ୍ତ ଖାଣ୍ଡିରେ ଖାଏ ।

ଖାତ, ବି. ନ. ( ଖନ୍-ତ ) ପୁଷ୍କରିଣୀ, ଗର୍ତ୍ତ, ଖାଇ, ଖନନ । ବିଂ. ଖନିତ, ଯାହା ଖନନ କରା ହୋଇଅଛି । ଯଥା —

ପଙ୍କେ ଜମାଇ ଖାତ ଖୋଳିବେ ଭକ୍ତିରେ । ମ. ଯା.

ଖାତକ, ବି. ପୁ. ( ଖାନ-କ ) ପରିଖା, ଖାଇ (ଖାତ-କ=କୈ ଧାତୁଜ-ଅ) ପୁଂ. ଅଧମର୍ଣ୍ଣ ଋଣୀ ।

ଖାତା, ବି. (ଯାବନିକ) ବହି, ହିସାବ ପୁସ୍ତକ ।

ଖାତିର }
ଖାତର } ବି. (ଯାବନିକ) ସମାଦର, ସମ୍ମାନ, ଅଭିଲାଷ, ଇଚ୍ଛା ।

ଖାଦ, ବି. (ଦେଶଜ) ମୟଳା, ଅସାର ବା ଅଳ୍ପ ମୂଲ୍ୟର ପଦାର୍ଥ, ଯେପରି ଟଙ୍କାର ଖାଦ ତମ୍ବା ରୂପା ।

ଖାଦକ, ବି. ପୁଂ. (ଖାଦ୍-ଅକ) ଖାତକ, ଅଧମର୍ଣ୍ଣ, ଋଣଗ୍ରସ୍ତ ବ୍ୟକ୍ତି । ବିଂ. ଭକ୍ଷକ ।

ଖାଦନ, ବି.ନ.(ଖାଦ୍-ଅନ)ଭୋଜନ । ପୁଂ. ଦନ୍ତ ।

ଖାଦି, ବି. (ଦେଶଜ) ଧରଣ, ଢଙ୍ଗ, ଖାଦ୍ୟ ।

ଖାଦିତ, ବିଂ. (ଖାଦ୍-ତ) ଭକ୍ଷିତ ।

ଖାଦିର, ବିଂ. (ଖଦିର-ଅ) ଖଦିରନିର୍ମିତ, ଖଦିର-ସଂକ୍ରାନ୍ତ । ବି. ନ. ଖଇର ।

ଖାଦ୍ୟ, ବିଂ. ( ଖାଦ୍-ଯ ) ଭକ୍ଷଣୀୟ ଅନ୍ନାଦ୍ୟାଯ୍ୟ, ଭକ୍ଷଣୀୟ ଦ୍ରବ୍ୟ ।

ଖାନକୀ }
ଖାନଗୀ } ବି. ( ଯାବନିକ ) ବାରବିଳାସିନୀ, ବେଶ୍ୟା ।
ଖାନଗୀ }

ଖାନତଲାସି, ବି. ( ଯାବନିକ ) ରାଜାଦେଶରେ ବାସସ୍ଥାନର ଦ୍ରବ୍ୟ ସନ୍ଧାନ କରିବା ।

ଖାନସମା, ବି. (ଯାବନିକ) ଭଣ୍ଡାରରକ୍ଷକ ସହିସରୁଆ ।

ଖାନସୁମାରି, ବି. ( ଯାବନିକ ) ଜନସୁମାରି, (census)

ଖାନାପୁରୀ, ବି. ( ଯାବନିକ ) ବନ୍ଦୋବସ୍ତର ପ୍ରାଥମିକ ଭୂପରିମାଣ ଓ ନିର୍ଦ୍ଦିଷ୍ଟ ଖାତାରେ ସମସ୍ତ ବିବରଣ ପୂରଣ ।

ଖାନି, ବି. (ଦେଶଜ) ପ୍ରକାର । ଯଥା—ସେ ଦୁଇଖାନି ପାସ କରିଛି । ସଂସ୍କୃତ-ଖଣି ।

ଖାନ୍ଦାନ }
ଖାନଦାନ } ବିଂ. ( ଯାବନିକ ) ସମ୍ଭ୍ରାନ୍ତ, କୁଳୀନ, ଧନାଢ୍ୟ ।

ଖାପ, ବି. (ଦେଶଜ) ଅସ୍ତ୍ରାଧାର, ଅସିକୋଷ । ଯୋଡ଼, ବ୍ୟବଧାନ ।

ଖାବଖାବୁଆ, ବିଂ. (ଦେଶଜ) ବନ୍ଧୁର, ଅବୁଡ଼ା-ଖାବୁଡ଼ା ।

ଖାମ, ବି. (ଯାବନିକ) ଲଫାଫା, ଖୋଲତା ।

ଖାମିନ୍ଦ, ବି. (ଯାବନିକ) ପ୍ରଭୁ, ସ୍ୱାମୀ ।

ଖାମଖିଆଲ }
ଖାମ୍‌ଖିୟାଲ } ବିଂ. ( ଯାବନିକ ) ସ୍ୱେଚ୍ଛାଧୀନ, ଯେ ନିଜ ଇଚ୍ଛାନୁସାରେ କାମ କରେ, ଝୁଙ୍କି, ମନୁଆ ।

ଖାର, ବି. ( କ୍ଷାର ଶବ୍ଦଜ ) ଲବଣରସ, ଭସ୍ମ, ପାଉଁଶ ।

ଖାରି, ପୁଂ. }
ଖାରୀ, ସ୍ତ୍ରୀ. } ବି. ( ଖନ୍-ଅର, ଈ ) ଶସ୍ୟ ପରିମାଣ ପାତ୍ରବିଶେଷ ।

ଖାରିଜ, (ଯାବନିକ) ପରିତ୍ୟାଗ, ଛାଡ଼ିଦେବା ।

ଖାରି, ବିଂ. (ଯାବନିକ) ଖାଣ୍ଟି, ଠିକ୍ । ଯଥା—

ଖାରି ଖଣ୍ଡାଧ ର ଖଃ କଣ୍ଠର ଶୋଇଲୁ ରେ । କ. ତ.

ଖାରି }
ଖାରିଆ } ବିଂ. (କ୍ଷାର ଶବ୍ଦଜ) ଯହିଁରେ କ୍ଷାର ପଦାର୍ଥ ଅଧିକ ଥାଏ, ଲୁଣିଆ ।

ଖାରୁଆ, ବି. (କ୍ଷାର ଶବ୍ଦଜ) ଏକପ୍ରକାର ଲାଲ ରଙ୍ଗର ମୋଟା ଲୁଗା ।

ଖାଲ, ବି. (ଖଲ୍ଲ ଶବ୍ଦଜ) ଗର୍ତ୍ତ, ଝରା । ଯଥା—ଖାଲ ଜମି, ଏଥିରେ "ଖାଲର" ଅର୍ଥ ନିମ୍ନ ।

ଖାଲସା, (ଯାବନିକ) ରାଜ୍ୟସଂକ୍ରାନ୍ତ, ରାଜାଙ୍କର ନିଜ କର୍ତ୍ତୃତ୍ୱାଧୀନରେ ଯେ ସକଳ ଗ୍ରାମ ଥାଏ, ଯେ ସମସ୍ତର କର କେବଳ ରାଜାଙ୍କୁ ଦିଆ-ଯାଏ, ତାହାକୁ 'ଖାଲସା' ମାହାଲ କହନ୍ତି ।

ଖାଲି, ବିଂ. (ଦେଶଜ) ଶୂନ୍ୟ, ଭିନ୍ନ, କେବଳ । ଯଥା—

କାଣିଲେ କଯୁନ୍ତ ଜଣି ନାହିଁ ଖାଲି ନିଜ ଉପାୟେ । ଭକ୍ତ ।

ଖାଲୋଇ, ବି. ( ଦେଶଜ ) ମାଛ ଧରି ରଖିବା ପାତ୍ରବିଶେଷ ।

ଖାସ୍, (ଯାବନିକ) ବିଶେଷ, ଅସାଧାରଣ ।

ଖାସା, ବିଂ. (ଯାବନିକ) ଉତ୍ତମ, ଉପାଦେୟ ।

ଖାସି }
ଖାସୁ } ବି. (ଦେଶଜ) ନପୁଂସକ, ଛିନ୍ନମୁଷ୍କ ।

ଖାହୁରି, ବିଂ. (ଦେଶଜ) ରୁକ୍ଷ, ଅଚିକ୍କଣ ।

ଖିଅ, ବି. ( ଦେଶଜ ) ସୂତ୍ର, ସୂତାର ଏକସର, ମାଛ ଧରିବାପାଇଁ ବ୍ୟବହୃତ ଏକ ପ୍ରକାର ଜାଲ ।

ଖିଆ, ବି. (ଖାଦ୍ ଧାତୁଜ) ଭୋଜନ, ଖାଇବା । ବିଂ. ଯେ ଖାଏ ।

ଖିଆଲ, ବି. ( ଯାବନିକ ) ଝୁଙ୍କ, ପରିହାସ । ଯଥା—

ଖିଆଲି ପଢ଼ ଓ ଧନ ମନରେ ପାଶକୁ ନେବ ।

ଖୁଙ୍କାର ଦେବା } କ୍ରି. ଚଳ ହୋଇ କହିବା ।
ଖୁଙ୍କିବା }

ଖିଜମତ୍‌କାର, ବି. (ଯାବନିକ) ସେବାକାରୀ ।

ଖିଟଖିଟିଆ, ବି. (ଦେଶଜ) ନିପୁଣ ଅସନ୍ତୁଷ୍ଟ, ଅସନ୍ତୋଷ ଯାହାର ସ୍ୱଭାବସିଦ୍ଧ ଦୁର୍ଗୁଣ ।

ଖିଡ଼କି, ବି. (ଦେଶଜ) ଜଳାଙ୍କବାଟ, ଝରକା, ଜାଳଣୀ ।

ଖିଦ୍ୟମାନ, ବି. (ଖିଦ୍-ଅନ) ଯେ ଖେଦ କରୁଅଛି, ଯେ ଦୁଃଖପ୍ରକାଶ କରୁଅଛି ।

ଖିଦ୍ର, ବି. ପୁଂ. (ଖିଦ୍-ର) ଦରିଦ୍ର. ରୋଗ । (ଦେଶଜ) ଛିଦ୍ର ।

ଖିନ, ବି (କ୍ଷୀଣ ଶବ୍ଦଜ) ଦୁର୍ବଳ, କ୍ଷୀଣ ।

ଖିନ୍ନ, ବି. (ଖିଦ୍-ତ) ଶ୍ରାନ୍ତ, କ୍ଲାନ୍ତ, ଦୁଃଖିତ, ଅଳସ ।

ଖିରି, ବି. (ଦେଶଜ) ଦୁଗ୍ଧ ଓ ତଣ୍ଡୁଳରେ ପ୍ରସ୍ତୁତ ଖାଦ୍ୟଦ୍ରବ୍ୟବିଶେଷ, ପାୟସ ।

ଖିରସା, ବି. (ଦେଶଜ) ଏକପ୍ରକାର ଖିରି ।

ଖିଲ } ବି. (ଖିଲ୍-ଅ) ଅପ୍ରହତ, ଦୁର୍ଗମ, ଅକୃଷ୍ଟ (ଭୂମି), ଉତ୍ସନ୍ନ, ପରିଶିଷ୍ଟ । ବି.
ଖିଳ } ପୁଂ. ବସ୍ତୁ । (ଦେଶଜ) ଅର୍ଗଳ, କୀଳା ।

ଖିଲି } ବି. (ଦେଶଜ) ପାନବିଡ଼ିଆ ।
ଖିଲ୍ଲି }

ଖିଲ୍‌କାଠି, ବି. (ଦେଶଜ) ଗୁଆକାଠି, ସାନ ସାନ ଛୁଞ୍ଚି ।

ଖିଲତ୍, ବି. (ଯାବନିକ) ଉପାଧି ।

ଖିଲ୍ଲଣ, ବି. (ଦେଶଜ) କାଷ୍ଠକାଦିର ଅର୍ଦ୍ଧ ଗୋଲାକାର ଗ୍ରନ୍ଥନବିଶେଷ ।

ଖୁସା, ବି. (ଦେଶଜ) ତାଳପତ୍ର ବା କନାରେ ତିଆରି ଏକପ୍ରକାର ମୁଣି ।

ଖୁଆ, ବି. (ଦେଶଜ) ଦୁଗ୍ଧରୁ ପ୍ରସ୍ତୁତ ଖାଦ୍ୟଦ୍ରବ୍ୟବିଶେଷ, ଦଧିମନ୍ଥନ ଦଣ୍ଡ, କାହ୍ନୁମୂଳ ।

ଖୁଆଡ଼, ବି. ଗୋଠଡ଼ା, ଅଟେଇ, ଗୋରୁପ୍ରଭୃତି ରହିବା ସ୍ଥାନ ।

ଖୁକ୍ଲି, ବି. (ଯାବନିକ) ଡାଳ୍ଲି, ଲୁଣିଆ ।

ଖୁଚୁବୁଚୁ, ବି. (ଦେଶଜ) ଅସ୍ଥିରତା, ଚଞ୍ଚଳତା ।

ଖୁଚୁବୁଚିଆ, ବି. (ଦେଶଜ) ଅସ୍ଥିର, ଚଞ୍ଚଳ ।

ଖୁଞ୍ଚା, କ୍ରି. (ଦେଶଜ) ଗୁଞ୍ଜିବା । ବି. ଯାହା ଗୁଞ୍ଜି ଯାଇଅଛି, କୀଳା ।

ଖୁଡ଼ିଆ, ବି. (ଦେଶଜ) କଳନ୍ଧୁଡ଼ା ।

ଖୁଡ଼ୀ, ବି. (ଦେଶଜ) କକା ବା କକେଇର ସ୍ତ୍ରୀ, ବାପ ସାନଭାଇର ସ୍ତ୍ରୀ ।

ଖୁଡୁତା, ବି. (ଖୁଲ୍ଲତାତ ଶବ୍ଦଜ) ବାପର ସାନଭାଇ, କକା, କକେଇ ।

ଖୁଣ, ବି. (କ୍ଷୁଣ୍ଣ ଶବ୍ଦଜ) ଖଣ୍ଡିଆ, ହତ, ଆହତ, ଦୋଷଯୁକ୍ତ । ବି. ଦୋଷ, ଖୁନ୍ (ନ୍) ରକ୍ତ ।

ଖୁଣୀ, ବି. (ଯାବନିକ) ଯେ ମନୁଷ୍ୟ ମାରି ପଳାଇଅଛି, ହତ୍ୟାକାରୀ । ବି. ହତ୍ୟା ।

ଖୁଣ୍ଟ, ବି. (ଦେଶଜ) କୀଳକ, ମେଖ, ସ୍ତମ୍ଭ ।

ଖୁଣ୍ଟା, ବି. (ଦେଶଜ) ମେଖ, କୀଳା, ଲୁଗୁଣା, ଅପବାଦ । ଯଥା—

ଟାଣଖୁଣ୍ଟା ଗୁରୁଜନ ଗଞ୍ଜଣାରୁ ମୋ ପ୍ରାଣସଂଶୀ ସରିବ ।

ଶାଖାହୀନ ଶୁଷ୍କବୃକ୍ଷ, ପ୍ରଧାନ, ନେତା ।

ଖୁଣ୍ଟିଆ, ବି. କର୍ଣ୍ଣଭୂଷଣବିଶେଷ, ଉପାଧିବିଶେଷ, ରାଜାଙ୍କ ଯିବା ପୂର୍ବେ ଯେ ଲୋକଙ୍କୁ ସାବଧାନ କରିଦିଏ, ରାଜସେବକ । ଯଥା—

ପ୍ରପଦେ ଶୃଙ୍ଖଳ ଝୁଣ୍ଟିଆ, ମେ ବନ୍ଧୁ ଶମ୍ଭୁ ଖୁଣ୍ଟିଆ,
ବେଲର ପାହୁଡ଼ ଶନ୍ଦୁର ଘାଘଡ଼ ଶ୍ରୀପଲଙ୍କିପ୍ସା ପଟ୍ଟସ୍ଥା ।
ବି. ଚି.

ଖୁଣ୍ଟିବା, କ୍ରି. ବି. ଗୋଞ୍ଜାଇବା, ଠୋକିବା ।

ଖୁଣ୍ଟୁଣୀ, ବି. (ଦେଶଜ) ଉଚ୍ଚ ବୃକ୍ଷରୁ ଆମ୍ବ ପ୍ରଭୃତି ତୋଳିବା ଉପଯୋଗୀ ଜାଲ ଲାଗିଥିବା ଅଙ୍କୁଡ଼ି, ଦାନ୍ତଖୁଣ୍ଟା ।

ଖୁଡ଼ୁଖୁଡ଼ୁ, ବି. (ଦେଶଜ) ଶବ୍ଦବିଶେଷ ।

ଖୁଦ, ବି. (କ୍ଷୋଦ ଶବ୍ଦଜ) ତଣ୍ଡୁଳକଣା, ତଣ୍ଡୁଳର କ୍ଷୁଦ୍ର ଅଂଶ ।

ଖୁଦକୁଣି, ବି. (ଦେଶଜ) କୁମାରୀମାନଙ୍କର ଭାଦ୍ରମାସ ରବିବାରର ପ୍ରସିଦ୍ଧ ଓଷା ।

ଖୁଦଚୈଡା, ବି. ( ଦେଶଜ ) ଖୁଦ ଓ ଜମ୍ଫଡ଼- ମିଶ୍ରିତ ଜାଉ ।

ଖୁଣ୍ଟ, ବିଂ. (କ୍ଷୁଦ୍ର ଶବ୍ଦର ଅପଭ୍ରଂଶ) ଛୋଟ ।

ଖୁନ୍ଦା, ବି. (ଦେଶଜ) ମୁଥ, ମୁଷ୍ଟି, ଯାକିବା ।

ଖୁନ୍ଦାଖୁନ୍ଦି, କ୍ରି. ବିଂ. ( ଦେଶଜ ) ଯକାଯକି, ପରସ୍ପର ଫସ୍ତିଷ୍ଟି ଭାବରେ ।

ଖୁନ୍ଦିବା, କ୍ରି. ( ଦେଶଜ ) ଯାକିବା, ଠେଲି ମାଟିକୁ ଚିପି ମାରି ଦୃଢ଼ କରିବା ।

ଖୁବ୍, ବିଂ. ( ଯାବନିକ ) ଅଧିକ, ବେଶି, ଅତ୍ୟନ୍ତ ।

ଖୁମ୍ପିବା, କ୍ରି. ( ଦେଶଜ ) ଥଣ୍ଟରେ ଆଘାତ କରିବା ।

ଖୁର, ବି. ପୁଂ. (ଖୁର=ଛେଦନ କରିବା-ଅ, ର (ଲୋପ) ଖୌର କରିବା ନିମନ୍ତେ ଅସ୍ତ୍ରବିଶେଷ, ଅଶ୍ୱାଦିର ଗୋଡ଼ର ଖୁରା, ଖଟ ଇତ୍ୟାଦିର ଖୁରା, ନଖୀନାମକ ଗନ୍ଧଦ୍ରବ୍ୟ । ଯଥା—

ମେରୁ ମସ୍ତକରେ ମିଶିବ ଯେବେ,
ଶତ୍ରୁଙ୍କ ସ୍ଥାନ ନୋହିବ ତେବେ,
ମାତୃଙ୍କ ହୃଦ ରହିବା ଠାବେ, ଖୁର ମରଇ ଯେ । ଲ. ବ. ।

ଖୁରଣସ୍ }
ଖୁରଣସ } ବିଂ. (ଖୁର-ନାସିକା—ନସ୍, ନସ) ଚେପ୍‌ଟା ନାକବିଶିଷ୍ଟ ।

ଖୁରପ୍ର, ବି. ପୁଂ. (ଖୁର-ପ୍ର-ଅ) ଅର୍ଦ୍ଧଚନ୍ଦ୍ରାକୃତି ବାଣବିଶେଷ, ଅସ୍ତ୍ରବିଶେଷ, ଖୁର୍ପି ।

ଖୁରଲୀ, ବି. ସ୍ତ୍ରୀ. (ଖୁର୍-ଅଲ-ଈ) ବ୍ୟାୟାମ, ଅସ୍ତ୍ରକ୍ରିୟା ।

ଖୁରା, ବି. ( ଖୁର ଶବ୍ଦଜ ) ଅଶ୍ୱାଦିର ଗୋଡ଼ର ଖୁର, ଖଟ ଇତ୍ୟାଦିର ଗୋଡ଼ ।

ଖୁରାଣୀ, ବି. ( ଦେଶଜ ) ମୃଗବିଶେଷ, ଏକ ପ୍ରକାର ମାଛ ।

ଖୁରି }
ଖୁରୀ } ବି. (ଦେଶଜ) ମାଟିରେ ନିର୍ମିତ ଛୋଟ ଛୋଟ କଟୋରି, ଘଣ୍ଟା । ଯଥା—

ଖୁରି ଅର୍ଦ୍ଧ ନ ଥାଏ ସ୍ନେହରେ ହେଲା ।

ଖୁରୁଣ୍ଡ, ବି. (ଦେଶଜ) ଶୁଖିଲା କଡ଼ିଆ ।

ଖୁର୍ମା, ବି. ( ଯାବନିକ ) ଗଜା, ମିଷ୍ଟାନ୍ନ- ବିଶେଷ ।

ଖୁର୍ପି, ବି. ( କ୍ଷୁରପ୍ର ଶବ୍ଦଜ ଅଥବା ଖୁରପ୍ର ଶବ୍ଦଜ, ଖୁରପ୍ର ଦେଖ ) ଘାସ ଛେଲିବା ଅସ୍ତ୍ର ।

ଖୁଲ୍ଲ, ବି. ( ଖୁଦ୍ ଲ, ଦ୍=ଲ ) ନୀଚ, ଅଧମ, କ୍ଷୁଦ୍ର, ଛୋଟ, ଅଳ୍ପ, ଲଘୁ, କନିଷ୍ଠ ।

ଖୁଲ୍ଲତାତ, ବି. ପୁଂ. ( ଖୁଲ୍ଲ-ତାତ ) ପିତୃବ୍ୟ, ଦାଦ ।

ଖୁସି, ବି. (ଯାବନିକ) ଇଚ୍ଛା, ଆନନ୍ଦ । ବିଂ. ଆନନ୍ଦିତ, ତୁଷ୍ଟ ।

ଖେଇ, ବି. ( ଦେଶଜ ) ଦେବତାଙ୍କ ଭୋଗରୁ ସେବକର ପ୍ରାପ୍ୟ ଅଂଶ ।

ଖେଚର, ବିଂ. (ଖେ-ଚର୍-ଅ) ଆକାଶଗାମୀ । ବି. ପୁଂ. ପକ୍ଷୀ, ବିଦ୍ୟାଧର, ସୂର୍ଯ୍ୟାଦି ଗ୍ରହ ।

ଖେଚରୀ, ବି. ସ୍ତ୍ରୀ. ( ଖେଚର-ଈ ) ତନ୍ତ୍ରୋକ୍ତ ମୁଦ୍ରାବିଶେଷ, ଖେଚଡ଼ୀ ।

ଖେଚେଡ଼ୀ, ବି. (ଖେଚରୀ ଶବ୍ଦଜ) ଡାଲି ଓ ଚାଉଳ ମିଶ୍ରିତ ପକ୍ୱାନ୍ନ ବିଶେଷ ।

ଖେଞ୍ଚିବା, କ୍ରି. (ଦେଶଜ) ଟାଣିବା, ଓଟାରିବା ।

ଖେଟ, ବି. ପୁଂ. ( ଖିଟ ଅ ) ଭଲୂକ, ଘୋଟକ, ସୂର୍ଯ୍ୟାଦି ଗ୍ରହ, କଫ, ଫଳକ, ଢାଲ, ପଲ୍ଲିଗ୍ରାମ । ନ. ତୃଣ, ମୃଗୟା । ବିଂ. ନୀଚ, ଅଧମ, ଶସ୍ତ୍ରୀ ।

ଖେଟକ, ବି. ପୁଂ. ( ଖିଟ୍-ଅକ ) ପଲ୍ଲିଗ୍ରାମ, ଫଳକ, ଢାଲ ।

ଖେଟୀ, ବି. ( ଖେଟ୍-ଇନ୍ ) ଲମ୍ପଟ ବ୍ୟକ୍ତି, କାମୁକ ଲୋକ ।

ଖେଣ୍ଡା, ବି. (ଦେଶଜ) ନିର୍ଲଜ୍ଜ, ଭାରଦା. କୁଟୁଣୀ ।

ଖେତ, ବି. (କ୍ଷେତ୍ର ଶବ୍ଦଜ) ଜମି, କିଆରି, ବିଲ ।

ଖେତାବ, ବି. (ଯାବନିକ) ଉପାଧି ।

ଖେଦ, ବି. ପୁଂ. ( ଖିଦ୍ ଅ ) ଆକ୍ଷେପ, ଦୁଃଖପ୍ରକାଶ, ଦୁଃଖ, ଶ୍ରମ, ଅବସନ୍ନତା, ଶ୍ରାନ୍ତି, କ୍ଳାନ୍ତି, । ଯଥା—

ଖେଦ ବୀଜ ନିଜ ହୃଦ କେଦାରେ ବୁଣିଲୁ ରେ । ବ, ଚ.

ଖେଦା, ବି. ( ଦେଶଜ ) ଦଳ, ଛାଲପତ୍ର ବନ୍ଧା ।

ଖେଦିତ, ବିଂ. (ଖେଦ-ଇତ) ଖେଦଯୁକ୍ତ, ଖିନ୍ନ ।

ଖେଦିବା, କ୍ରି. (ଦେଶଜ) ଘଉଡ଼ିବା, ତଡ଼ିବା, ବ୍ୟାପିବା, ଅସକ୍ତ କରିବା । ଯଥା—

ସୁଧିବହିତ ଛୋର ଭୁଣି, କୃଷ୍ଣ ଚରଣେ ଯିବ ଖେଦ ।
ରସେବଢ ।

ଖେପ, ବି. (କ୍ଷେପ ଶବ୍ଦଜ) ନିକ୍ଷେପ । (ଦେଶଜ) ବାର, ଥର ।

ଖେପା, ବି. (କ୍ଷିପ୍ ଧାତୁଜ) ଲମ୍ୱ, କୁଦା, ଗଛ ଚଢ଼ିବା ପାଇଁ ଗୋଲକୃତ ରଜ୍ଜୁ ।

ଖେପାଜାଲ, ବି. ( କ୍ଷିପ୍ ଧାତୁଜ ) ମତ୍ସ୍ୟ ଧରିବା ଜାଲବିଶେଷ ।

ଖେଦିବା, କ୍ରି. (ଦେଶଜ) ଡେଇଁ ଡେଇଁ ଯିବା, ଆକ୍ରମଣ କରିବା, ବ୍ୟାପିବା, ଉପରକୁ ଉଠିବା ।

ଖେମଟା, ବି. (ଦେଶଜ) ଏକପ୍ରକାର ବାଦ୍ୟ, ନୃତ୍ୟବିଶେଷ, ସଙ୍ଗୀତର ବୃତ୍ତିବିଶେଷ ।

ଖେୟ, ବି. ନ. (ଖନ୍-ଯ) ଖାତ, ପରିଖା, ଖାଇ । ବିଂ. ଖନନଯୋଗ୍ୟ ।

ଖେଳ, ବି. (ଖେଳା ଶବ୍ଦଜ) କ୍ରୀଡ଼ା, ବ୍ୟାୟାମ ।

ଖେଳନ, ବି. ନ. (ଖେଲ୍-ଅନ) କ୍ରୀଡ଼ା ।

ଖେଳନା, ବି. ସ୍ତ୍ରୀ. ( ଖେଳନ-ଆ ) ଖେଳିବା ଦ୍ରବ୍ୟାଦି ।

ଖେଳା, ବି. ସ୍ତ୍ରୀ. (ଖେଳ-ଆ) କ୍ରୀଡ଼ା ।

ଖେଳାଳି } ବି. (ଖେଲ ଧାତୁଜ) କ୍ରୀଡ଼ା-
ଖେଳୁଆଡ଼ } କାରୀ, ମଲ୍ଲଯୁଦ୍ଧନିପୁଣ ।

ଖେଳିବା, କ୍ରି. (ଖେଲ ଧାତୁଜ) କ୍ରୀଡ଼ା କରିବା ।

ଖେସାରତ, (ଯାବନିକ) କ୍ଷତି, ହାନି, ଅପରାଧ ।

ଖେସାରି, ବି. ଚଣା, ଶସ୍ୟବିଶେଷ ।

ଖୋଇ, ବି. (ଦେଶଜ) ଅଭ୍ୟାସ, ସ୍ୱଭାବ ।

ଖୋଜ, ବି. ପଶ୍ୱାଦିର ପଦଚିହ୍ନ । କ୍ରି. ଅନ୍ୱେଷଣ କର ।

ଖୋଜିବା, କ୍ରି. ବି. (ହିନ୍ଦି) ଅନ୍ୱେଷଣ କରିବା, ଅନୁସନ୍ଧାନ କରିବା ।

ଖୋଡ଼ } ବିଂ. ( ଖୋଡ଼-ଅ ) ଖଞ୍ଜ,
ଖୋର } ଲେଙ୍ଗଡ଼ା ।

ଖୋଦ୍, ବି. (ଯାବନିକ) ଆପେ, ନିଜେ ।

ଖୋଦିତ, ବିଂ. (କ୍ଷୋଦିତ ଶବ୍ଦଜ) ଅଙ୍କିତ, ଯହିଁରେ ଅକ୍ଷର ଇତ୍ୟାଦି ଅଙ୍କନ କରା ହୋଇଅଛି ।

ଖୋପ, ବି. (କ୍ଷୁପ୍ ଶବ୍ଦଜ) ପାକ୍ଷିଘର, କ୍ଷୁଦ୍ର କୋଠରୀ ।

ଖୋପା, ବି. ବଦ୍ଧକେଶ, ଜୁଡ଼ା ।

ଖୋରାକ, ବି. (ଯାବନିକ) ଆହାର ।

ଖୋଳ, ବି. ( ଖୋଳକ ଶବ୍ଦଜ ) ଏକ ପ୍ରକାର ବାଦ୍ୟଯନ୍ତ୍ର, ମୃଦଙ୍ଗ, ପଦାର୍ଥର ଉପରର ଆବରଣ ।

ଖୋଲ, ବି. ( ଖଲ୍ଲ ଶବ୍ଦଜ ) ଗୁହା, ଗର୍ତ୍ତ । ଯଥା—

କଟିଲ ସ ଖୋଲନିବାସୀ ଶବର,
ରଣରଙ୍ଗ ଦେଖା ଯା ବଣଶେଖର । ନି. କେ.

ଖୋଳକ, ବି. ପୁଂ. (ଖୁ-ଲ୍-କ) ଢୋପର, ମୃଦଙ୍ଗ ।

ଖୋଳପା, ବି. (ଖୋଳକ ଶବ୍ଦଜ) ଚୋପା, ପଗଡ଼ି, ପାତ୍ର, ହାଣ୍ଡି, ଗୁଆ ପ୍ରଭୃତିର ଖୋଳ, ବଲ୍ମୀକ ।

ଖୋଲା, ବିଂ. (ଖୁଦ୍ ଧାତୁଜ) ଯାହା ଖୋଳିତ ହୋଇଅଛି । ବି. ଖୋଲିବା ।

ଖୋଲା, ବିଂ. (ଦେଶଜ) ମେଲା, ଅନାବୃତ, ସହଜ ।

ଖୋଳିବା, କ୍ରି. ବି. (ଖନ ଧାତୁଜ) ଖନନ କରିବା ।

ଖୋଷା, ବି. (ଦେଶଜ) ବଦ୍ଧକେଶ, ଜୁଡ଼ା ।
ଯଥା—

ଠିକି ଫଳ ପ୍ରାପ୍ତ ଖୋଷା, ଖୋଷିଛି ଯୋଷା । ଉ. ବ.

ଖୋସଣୀ, ବି. (ଦେଶଜ) କଟୀସ୍ଥ ବସ୍ତ୍ରବନ୍ଧନୀ ବିଶେଷ ।

ଖୋଷା, ବ. (ଦେଶଜ) ବୃକ୍ଷ, ଗୁଳ୍ମ, ପଣସ ପ୍ରଭୃତ ଫଳର ଫୁଟ ।

ଖୋଦିବା, କ୍ରି. ବ. (ଦେଶଜ) ଗୁଞ୍ଜିବା । ଯଥା—

ଜଳା ବୃନ୍ତଳ ବୃନ୍ତରେ ଚୋଷା ଖୋସି । ର. କ.

ଖ୍ୟାତ, ବି°. (ଖ୍ୟା-ତ) ପ୍ରସିଦ୍ଧ, ଖ୍ୟାତିଯୁକ୍ତ, କଥିତ ।

ଖ୍ୟାତି, ବ. ସ୍ତ୍ରୀ. (ଖ୍ୟା-ତି) ଯଶଃ, ନାମ, ଜ୍ଞାନ, କଥନ ।

ଖ୍ୟାପକ, ବି°. (ଖ୍ୟାପି-ଅକ) କୀର୍ତ୍ତିକ, ଘୋଷକ, ପ୍ରଚାରକ ।

ଖ୍ୟାପନ, ବ. ନ. ( ଖ୍ୟାପି-ଅନ ) କୀର୍ତ୍ତନ କରିବା, ଘୋଷଣା, ପ୍ରଚାର, କଥନ ।

# ଗ

ଗ, ବ୍ୟଞ୍ଜନ ବର୍ଣ୍ଣର ତୃତୀୟ ବର୍ଣ୍ଣ । ଏହାର ଉଚ୍ଚାରଣସ୍ଥାନ ଜିହ୍ୱାମୂଳ । ବ. ପୁ°. ( ଗମ୍ କିମ୍ବା ଗୈ-ଅ) ଗଣେଶ, ଗନ୍ଧର୍ବ, ଗଗନ, ଗୀତ, ସୁମେରୁ, ସ୍ୱର୍ଗ, ଗୁରୁ, ସ୍ୱରବର୍ଣ୍ଣ । ବି°. ଗାୟକ, ଗାମୀ, ଯେ ଗମନ କରେ ।

ଗଁ ବ. (ଦେଶଜ) କଷ୍ଟସୂଚକ ଅନୁକରଣ ଶବ୍ଦ ।

ଗଇ, ବ, (ଦେଶଜ) ଗୃହଦୋଷ, କର୍ଣ୍ଣମଳ ।

ଗଇଣା, ବ. (ଦେଶଜ) ଗୁଡ଼ିକ ଅଣ୍ଟାରେ ପ୍ରସ୍ତୁତ ପିଷ୍ଟକବିଶେଷ ।

ଗଇଣାଳ, ବ (ଗ୍ରନ୍ଥି ଶବ୍ଦଜ) ବିବାହ ସମୟରେ ବରକନ୍ୟାଙ୍କ ଯେଉଁ ଲୁଗାରେ ଗଣ୍ଠି ପକାଯାଏ ।

ଗଇଣ୍ଡି, ବ. (ଦେଶଜ) ମାଟି ଖୋଳିବାର ଲୌହନିର୍ମିତ ଯନ୍ତ୍ରବିଶେଷ ।

ଗଇଣ ବ. ଗୁଳ୍ମବିଶେଷ ଓ ତାହାର ଫୁଲ ।

ଗଉଡ଼, ବ. (ଗୋପାଳ ଶବ୍ଦଜ) ଗୋପାଳ, ଜାତିବିଶେଷ । ଯଥା—

ଚେତନ ବେଳେ ପଢ଼ୁଛ ଗୋଧନ ସଙ୍ଗେ ଗଉଡ଼,
ବଜାଇ ବଜାଇ ବଂଶୀ ସୁଲଳିତ ସ୍ୱନେ,
ଯେ ଶୁଭ୍ର ବଦନ ଧୀରେ ଆନନ୍ଦିତ ମନେ । କ. କ.

ଗଉଡୁଣୀ, ବ. ସ୍ତ୍ରୀ. ( ଗୋପାଳୀ ଶବ୍ଦଜ ) ଗୋପାଳୁଣୀ, ଗୌଡୁଣୀ, ଗୋପୀ ।

ଗଉଣୀ, ବ. (ଦେଶଜ) ଧାନ୍ୟାଦି ମାପ କରିବାର ପରିମାଣ ପାତ୍ରବିଶେଷ ।

ଗଗନ, ବ. ନ. (ଗମ୍-ଅନ) ଆକାଶ । ଯଥା —

ତାରାମୟ ଗଗନକୁ ବସ୍ତ୍ରମାନଙ୍କ ବଳି,
ମନୋଜ୍ଞ ପଲ୍ଲବ ଫୁଲ ଶୋଭେ ବନସ୍ଥଳୀ । କ. କ.

ଗଗନଧ୍ୱଜ. ବ. ପୁ°. (ଗଗନ ଧ୍ୱଜ) ମେଘ, ସୂର୍ଯ୍ୟ ।

ଗଗନଚର, ବି°. (ଗଗନ-ଚର) ଆକାଶଗାମୀ ।

ଗଗନେଚର, ବ. ପୁ°. (ଗଗନେ-ଚର) ଗ୍ରହ, ନକ୍ଷତ୍ର, ସୂର୍ଯ୍ୟାଦି ଗ୍ରହ, ପକ୍ଷୀ ପ୍ରଭୃତି ।

ଗଗନୋଲ୍ମୁକ, ବ. ପୁ°. (ଗଗନ-ଉଲ୍ମୁକ) ମଙ୍ଗଳଗ୍ରହ ।

ଗଙ୍ଗବଂଶ, ବ. ଉତ୍କଳର ପ୍ରାଚୀନ ରାଜବଂଶ-ବିଶେଷ ।

ଗଙ୍ଗଶିଉଳୀ, ବ. ପୁ°. (ଦେଶଜ) ସିଂହାରହାର ଫୁଲ, ଶେଫାଳିକା । ଯଥା—

ତପନ କିରଣ ଲାଗିଲେ ଯେସନ
ହୋଇଯାଏ ଗଙ୍ଗଶିଉଳୀ । ମଧୁସମଙ୍ଗଳ ।

ଗଙ୍ଗା, ବ. ସ୍ତ୍ରୀ. (ଗାଂ=ପୃଥିବୀକୁ-ଗ=ଯେ-ଗମନ କରେ କିମ୍ବା ଗମ୍ ଗ, ଯେ ପ୍ରଜା-ମାନଙ୍କୁ ପବିତ୍ର କରିବା ନିମନ୍ତେ ବ୍ରହ୍ମଲୋକରୁ ପୃଥିବୀକୁ ଗମନ କରିଅଛନ୍ତି ) ଗଙ୍ଗାନଦୀ, ଗଙ୍ଗାଦେବୀ, ସୁରନିମ୍ନଗା, ଦୁର୍ଗା ।

ଗଙ୍ଗାଜ, ବ. ପୁ°. ( ଗଙ୍ଗା-ଜ ) ଭୀଷ୍ମ, କାର୍ତ୍ତିକେୟ ।

ଗଙ୍ଗାଧର ବ ପୁ°. (ଗଙ୍ଗା-ଧର) ଶିବ, ସମୁଦ୍ର ।

ଗଙ୍ଗାପୁତ୍ର, ବ. ପୁ°. (ଗଙ୍ଗା-ପୁତ୍ର) ଭୀଷ୍ମ, ଜାତି-ବିଶେଷ ।

**ଗଙ୍ଗାପ୍ରାପ୍ତି**, ବି. ସ୍ତ୍ରୀ. ଗଙ୍ଗାଗର୍ଭରେ ସ୍ନାନପୂର୍ବକ ପ୍ରାଣତ୍ୟାଗ କରିବା ।

**ଗଙ୍ଗାଯାତ୍ରା**, ବି. ସ୍ତ୍ରୀ. ଗଙ୍ଗା ଉଦ୍ଦେଶ୍ୟରେ ଯାତ୍ରା, ମୁମୂର୍ଷୁ ବ୍ୟକ୍ତିର ପ୍ରାଣତ୍ୟାଗାର୍ଥ ଗଙ୍ଗାତୀରକୁ ଗମନ ।

•**ଗଙ୍ଗାସାଗର**, ବି. ନ. ( ଗଙ୍ଗା-ସାଗର ) ଯେଉଁଠାରେ ଗଙ୍ଗା ସାଗର ସହିତ ମିଳିତ ହୋଇ ଅଛି, ସାଗରସଙ୍ଗମ ତୀର୍ଥବିଶେଷ ।

**ଗଙ୍ଗାସୁତ**, ବି. ପୁଂ. ( ଗଙ୍ଗା-ସୁତ ) ଭୀଷ୍ମ, କାର୍ତ୍ତିକେୟ ।

**ଗଛ**, ବି. ( ଗଚ୍ଛ ଶବ୍ଦଜ ) } ବୃକ୍ଷ ।
**ଗଚ୍ଛ**, ବି. ପୁଂ. ( ଗମ୍-ଅ, ଗମ୍=ଗଚ୍ଛ ) }

**ଗଚ୍ଛିତ**, ବିଂ. ( ଗୁଚ୍ଛ ଶବ୍ଦଜ ) ନିକ୍ଷିପ୍ତ, ନ୍ୟସ୍ତ, ରକ୍ଷିତ ।

**ଗଜ**, ବି. ପୁଂ. ( ଗଜ୍-ଅ ) ହସ୍ତୀ, ଦୁଇ ହସ୍ତ ପରିମାଣ, ବାସ୍ତୁବିଶେଷ, ଗଜପୁଟ ।

**ଗଜକୁମ୍ଭ**, ବି. ପୁଂ. (ଗଜ-କୁମ୍ଭ) ହସ୍ତିର ମସ୍ତକସ୍ଥ କୁମ୍ଭ ।

**ଗଜକୂର୍ମାଶୀ**, ବି. ପୁଂ. ( ଗଜ-କୂର୍ମ-ଅଶିନ୍ ) ଗରୁଡ଼ ।

**ଗଜଗଜ**, ବିଂ. (ଦେଶଜ) ତରଳ ପଦାର୍ଥର ଏକପ୍ରକାର ପତନ ଶବ୍ଦ ।

**ଗଜଗତି**, ବି. ସ୍ତ୍ରୀ. (ଗଜ-ଗତି) ଛନ୍ଦୋବିଶେଷ, ହସ୍ତିର ଗତି ।

**ଗଜଢକ୍କା**, ବି. ସ୍ତ୍ରୀ. ( ଗଜ-ଢକ୍କା ) ହସ୍ତିର ଉପରସ୍ଥ ବଡ଼ ଢୋଲ ।

**ଗଜତା**, ବି. ସ୍ତ୍ରୀ. ( ଗଜ-ତା ) ଗଜସମୂହ ।

**ଗଜଦନ୍ତ**, ବି. ପୁଂ. (ଗଜ-ଦନ୍ତ) ଗଣେଶ, ନାଗଦନ୍ତ, ଗୃହଭିତ୍ତିସ୍ଥିତ ସଂଲଗ୍ନ କାଷ୍ଠଖଣ୍ଡବିଶେଷ, ହସ୍ତିଦନ୍ତ, ହାତୀଦାନ୍ତ ।

**ଗଜପତି**, ବି. ପୁଂ. (ଗଜ-ପତି) ଗଜରାଜ, ଶ୍ରେଷ୍ଠ ଗଜ, ଉତ୍କଳୀୟ ରାଜବଂଶବିଶେଷ ।

**ଗଜପୁଟ**, ବି. ପୁଂ. ଔଷଧପାକାର୍ଥ ଏକ ହସ୍ତପରିମିତ ଗର୍ତ୍ତ ।

**ଗଜବନ୍ଧ**, ବି. ନ. (ଗଜ-ବନ୍ଧ) ସ୍ତମ୍ଭ, କର୍ମାଙ୍ଗର କାଯ୍ୟମବିଶେଷ ।

**ଗଜବନ୍ଧନୀ**, ବି. ସ୍ତ୍ରୀ. ( ଗଜ-ବନ୍ଧନ-ଈ ) ହସ୍ତିବନ୍ଧନ ସ୍ଥାନ ।

**ଗଜମୁକ୍ତା**, ବି. ସ୍ତ୍ରୀ. (ଗଜ-ମୁକ୍ତା) ହସ୍ତିକୁମ୍ଭଜାତ ମୁକ୍ତା ।

**ଗଜସ୍ତ**, ବି. (ଦେଶଜ) ସଜ ଦୁଧ, ଯେଉଁ ଦୁଧ ସଙ୍ଗେ ସଙ୍ଗେ ଦୁହାଁ ହୋଇଥାଏ ।

**ଗଜରାଜ**, ବି. ପୁଂ. (ଗଜ-ରାଜନ୍) ଶ୍ରେଷ୍ଠ ହସ୍ତୀ, ଗଜେନ୍ଦ୍ର ।

**ଗଜରିପୁ**, ବି. ପୁଂ. (ଗଜ-ରିପୁ) ସିଂହ ।

**ଗଜଲ**, ବି. (ଯାବନିକ) ଏକପ୍ରକାର ସଙ୍ଗୀତ ।

**ଗଜା**, ବି. (ଦେଶଜ) ମିଷ୍ଟାନ୍ନବିଶେଷ, ଅଙ୍କୁର । ବିଂ. ତରୁଣ, ଯଥା—ଗଜା ବୟସ ।

**ଗଜାଗ୍ରଣୀ**, ବି. ପୁଂ. ( ଗଜ-ଅଗ୍ରଣୀ ) ଐରାବତ ହସ୍ତୀ ।

**ଗଜାଜୀବ**, ବି. ପୁଂ. ( ଗଜ-ଆଜୀବ ) ମାହୁନ୍ତ, ହସ୍ତିପକ ।

**ଗଜାନନ** }
**ଗଜବଦନ** } ବି. ପୁଂ. (ଗଜ-ଆନନ, ବଦନ, ଆସ୍ୟ ) ଗଣେଶ ।
**ଗଜାସ୍ୟ** }

**ଗଜାରି**, ବି. ପୁଂ. (ଗଜ-ଅରି) ସିଂହ, ବୃକ୍ଷବିଶେଷ ।

**ଗଜାରୋହ**, ବି. ପୁଂ. (ଗଜ-ଆରୋହ) ମାହୁନ୍ତ, ହସ୍ତିପୃଷ୍ଠରେ ଉପବିଷ୍ଟ ।

**ଗଜାଶନ**, ବି. ପୁଂ. (ଗଜ-ଅଶନ) ଅଶ୍ୱତ୍ଥବୃକ୍ଷ ।

**ଗଜାଶନା**, ବି. ସ୍ତ୍ରୀ. (ଗଜ-ଅଶନ-ଆ) ପଦ୍ମମୂଳ ।

**ଗଜାହ୍ୱୟ** }
**ଗଜସାହ୍ୱୟ** } ବି. ନ. ( ଗଜ-ଆହ୍ୱୟ, ସାହ୍ୱୟ, ଅହ୍ୱ) ହସ୍ତିନା ନଗର, ଦିଲ୍ଲୀ ।
**ଗଜାହ୍ୱ** }

**ଗଜୁରିବା**, ବି. (ଦେଶଜ) ଅଙ୍କୁରିତ ହେବା ।

**ଗଜେନ୍ଦ୍ର**, ବି. ପୁଂ. ( ଗଜ-ଇନ୍ଦ୍ର ) ଗଜପତି, ଗଜରାଜ ।

**ଗଜେଷ୍ଟା**, ବି. ସ୍ତ୍ରୀ. ( ଗଜ-ଇଷ୍ଟା ) ଭୂମିକୁଷ୍ମାଣ୍ଡ, ଭୂଇଁ କଖାରୁ ।

ଗଞ୍ଜ, ବି. ପୁଂ. ( ଗନ୍ଜ୍-ଅ ) ଅବଜ୍ଞା, ଗଞ୍ଜନା, ଅବମାନନା । ନ. ଗୋଷ୍ଠ, ଭଣ୍ଡାର ଘର, ଧନାଗାର, ଉତ୍ପାଦର ଖଣି (ଗନ୍ଜ୍ ଧାତୁଜ) ଶସ୍ୟାଦିର ବିକ୍ରୟ ସ୍ଥାନ ।

ଗଞ୍ଜେଡ଼ା } ବିଂ ( ଦେଶଜ ) ଗଞ୍ଜାଇଖୋର ।
ଗଞ୍ଜେଡ଼ି }

ଗଞ୍ଜଣା, ବି. (ଗଞ୍ଜନା ଶବ୍ଦଜ) ଲାଞ୍ଛନା, ଯାତନା, ଭର୍ତ୍ସନା । ଯଥା —

ତ୍ରାଣଦେଲା ଗୁରୁଜନ ଗଞ୍ଜଣାରୁ ମୋ ପ୍ରାଣସଖା ମନ୍ତ୍ର ।
କ. ଚ.

ଗଞ୍ଜନ, ବିଂ. (ଗଞ୍ଜ-ଅନ) ତୁଚ୍ଛକାରକ, ତିରସ୍କାରକ ।

ଗଞ୍ଜନା, ବି. ସ୍ତ୍ରୀ. ( ଗଞ୍ଜ-ଅନ-ଆ ) ଲାଞ୍ଛନା, ଯାତନା, ଭର୍ତ୍ସନା ।

ଗଞ୍ଜପା, ବି. ( ଦେଶଜ ) ଏକପ୍ରକାର ତାସ ଖେଳ ।

ଗଞ୍ଜା, ବି. ସ୍ତ୍ରୀ. (ଗଞ୍ଜ-ଆ) ମଦିରାଗୃହ, ମଦ୍ୟପାତ୍ର, ଖଣି, ବିକ୍ରୟସ୍ଥାନ, ଅଣ୍ଡିରା କୁକ୍କୁଡ଼ା, ଗଞ୍ଜାଇ ।

ଗଞ୍ଜାଇ, ବି. ପୁଂ. ଗୁଳ୍ମବିଶେଷ, ମାଦକଦ୍ରବ୍ୟବିଶେଷ । ଯଥା—

ଗଞ୍ଜାଇଟି ଚଣି ଗୁଣି ଯେ ଲୋକେ ପୁଣି ରକ୍ତାଇଲା ମନ ଯେଣ ।

ଗଞ୍ଜିକା, ବି. ସ୍ତ୍ରୀ. (ଗଞ୍ଜ-କ ଆ) ମଦିରାଗୃହ । ବିଂ ବିସ୍ମୟଦାୟିକା । ଯଥା —

ବିଂଶତିପ୍ରବର ଗର୍ବଗଞ୍ଜିକା ।

ଗଠନ, ବି. କ. (ଗଠ୍-ଅନ) ନିର୍ମାଣ, ରଚନା, ଗଢ଼ା ।

ଗଠିତ, ବିଂ (ଗଠ୍-ତ) ନିର୍ମିତ, ରଚିତ ।

ଗଡ଼, ବି. ପୁଂ. (ଗଡ-ଅ) ବାଧା, ଅଟକ, ପରଦା, ଦୁର୍ଗ, ଖାଇ, ପରିଖା, ମତ୍ସ୍ୟବିଶେଷ, ଗଡ଼େଇ ମାଛ । (ଦେଶଜ) ଖଣ୍ଡ । ଯଥା —

ଏ ମାଛଟା କ ଗଡ଼ ହୋଇ କଟା ହେବ ।

ଗଡ଼କ, ବି. ପୁଂ. (ଗଡ୍-ଅକ) ଗଡ଼େଇ ମାଛ ।

ଗଡ଼ଜାତ, ବିଂ. ଅରଣ୍ୟମୟ ପ୍ରଦେଶ, କଙ୍କାଜାତ । ବି. ଜଙ୍ଗଲ, ବନ ।

ଗଡ଼ନ୍ତ } ବିଂ. ( ଗଡ୍ ଧାତୁଜ ) କ୍ରମନିମ୍ନ
ଗଡ଼ନ୍ତିଆ } ସ୍ଥାନ ।

ଗଡ଼ପଡ଼, ବି. ( ଦେଶଜ ) ବିଛଣାରେ ପଡ଼ିରହି ବିଶ୍ରାମ କରିବା, ଶୋଇବା, ।

ଗଡ଼ବଡ଼. (ଯାବନିକ) ଗୋଲମାଲ, ବିଶୃଙ୍ଖଳା ପ୍ରଭୃତି ଉପଦ୍ରବ ।

ଗଡ଼ା, ବି ( ଦେଶଜ ) ମାଛ ଧରିବାର କ୍ଷୁଦ୍ର ଜଳାଧାର ବା ପୋଖରୀ, ଗଡ଼ିଆ ।

ଗଡ଼ାଗଡ଼ି, ( ଦେଶଜ ) ଭୂମିରେ ଓଲଟପାଲଟ ହେବା ।

ଗଡ଼ାଡ଼ିଆ, ବି. ( ଦେଶଜ ) କ୍ରମନିମ୍ନ, ଢାଲୁ ।

ଗଡ଼ି, ବି. ପୁଂ. ( ଗଡ୍-ଇ ) ବତ୍ସତର, ବାଛୁରି, ଅଳସ ପଶୁ, ବଳଦ ପ୍ରଭୃତି, ( ପ୍ରା ) ଶଗଡ଼ ।

ଗଡ଼ିଆ, ବି. ( ଦେଶଜ ) କ୍ଷୁଦ୍ର ପୁଷ୍କରିଣୀ, ଛୋଟ ପୋଖରୀ ।

ଗଡ଼ିବା, କ୍ରି. ବି. ( ପ୍ରା. ) ଲୋଟିବା, ନିମ୍ନଗାମୀ ହେବା ।

ଗଡ଼ିସା, ବି. ( ଗଡକ ଶବ୍ଦଜ ) ମତ୍ସ୍ୟବିଶେଷ, ଗଡ଼େଇ ମାଛ ।

ଗଡ଼ୁ, ବି. ପୁଂ. ( ଗଡ୍ ଉ ) ଗ୍ରନ୍ଥି, ଗଳଗଣ୍ଡ, କୁବ୍ଜତା, କୁଜ, ଅବୁ, ଲେଗଣ୍ଡ ପ୍ରଭୃତି, (ଗଡୁକ ଶବ୍ଦଜ) ଜଳପାତ୍ରବିଶେଷ ।

ଗଡ୍ଡର } ବି. ପୁଂ. ( ଗଡ୍ ଡର, ଡଲ ) ମେଷ,
ଗଡ୍ଡଲ } ଗାରଡ଼ି ।

ଗଡ୍ଡରିକା } ବି. ସ୍ତ୍ରୀ. ( ଗଡ୍ଡର-ଇକ-ଆ )
ଗଡ୍ଡଳିକା } ମେଷଦଳର ଅଗ୍ରଗାମିନୀ ମେଷୀ, ଯେଉଁ ଭେଡ଼ୀର ପଶ୍ଚାତ୍ ପଶ୍ଚାତ୍ ଭେଡ଼ାଦଳ ଗମନ କରନ୍ତି, ପ୍ରସ୍ରବଣ ।

ଗଡ୍ଡରିକାପ୍ରବାହ } ବି. ପୁଂ. ଗଡ୍ଡଳିକା ଯେଉଁ
ଗଡ୍ଡଳିକାପ୍ରବାହ } ଦିଗକୁ ଯାଏ ସେହି ଦିଗକୁ ଯିବା ଅର୍ଥାତ୍ କୌଣସି ବିବେଚନା ନ କରି ସମସ୍ତଙ୍କ ଦେଖାଦେଖି ପ୍ରଚଳିତ ମତର ଅନୁବର୍ତ୍ତୀ ହେବା ।

ଗଜୁକ } ବି. ପୁଂ. (ଗଜ-ଭୁକ, ଭୁକ) ଗଜୁ ।
ଗଜୁକ }

ଗଢ଼ଣ, ବି. (ଗଠ୍ ଧାତୁଜ) ଗଠନ, ନିର୍ମାଣ, ଆକୃତି ।

ଗଢ଼ା, ବି. (ଗଠ୍ ଧାତୁଜ) ଗଠନ ବିଂ. ନିର୍ମିତ, ଗଠିତ ।

ଗଢ଼ିବା, କ୍ରି. (ଗଠନ ଶବ୍ଦଜ) ଗଠନ କରିବା, ନିର୍ମାଣ କରିବା, ସୃଜନା କରିବା, ରଚନା କରିବା । ଯଥା—

କୋଇଲି ଲୋ ନନ୍ଦ ଦେହ ମାଟିରେ ଗଢ଼ିଲ ।

ଗଣ, ବି. ପୁଂ. (ଗଣ୍-ଅ) ସମୂହ, ଦଳ, ହସ୍ତୀ ୨୭ ଅଶ୍ୱ ୮୧, ପଦାତି ୧୩୫ ଓ ରଥ ୨୭ ଏତେ ସଂଖ୍ୟକ ସୈନ୍ୟ । ସ୍ୱଜାତୀୟ, ସ୍ୱପକ୍ଷ, ପ୍ରମଥ-ଗଣ, ଶିବଙ୍କର ଅନୁଚରଗଣ, ଶିବଙ୍କର ଭୂତ-ଗଣ, ଗଣନା, ସଂଖ୍ୟା, ଧାତୁସମୂହ, ଭ୍ୱାଦି ପ୍ରଭୃତି । କ୍ରି. ସଂଖ୍ୟା କର, ତୁଳନା କର ।

ଗଣକ, ବି. ପୁଂ. (ଗଣ-ଅକ) ଜ୍ୟୋତିର୍ବିଦ୍, ଦୈବଜ୍ଞ, ନାୟକ । ବିଂ. ଯେ ଗଣନା କରେ । ଯଥା—

ଗୁଣ ଗଣ ଗଣନେ ଗଣକ ବାରେ,
ଗଣେଶଙ୍କୁ ସହୁ ନ ପାରେ ବାରେ । ବ. ଚ.

ଗଣକାର, ବି ପୁଂ. (ଗଣ-କାର) ଭୀମସେନ, ବାର ତିଥି ଏବଂ ଗ୍ରହ ନକ୍ଷତ୍ରାଦିର ସଞ୍ଚାର ଅନୁସାରେ ଯେ ଶୁଭାଶୁଭ ନିରୂପଣ କରେ, ଗଣକ ।

ଗଣଗଣ, (ଦେଶଜ) ଶବ୍ଦବିଶେଷ ।

ଗଣତି, ବି. (ଗଣ୍ ଧାତୁଜ) ଗଣନା ।

ଗଣଦେବତା, ବି. ସ୍ତ୍ରୀ. ଆଦିତ୍ୟ ୧୨, ବିଶ୍ୱ ୧୦, ବସୁ ୮, ତୁଷିତ ୩୬, ଆଭାସ୍ୱର ୬୪ ବାୟୁ ୪୯, ମହାରାଜିକ ୨୨୦, ସାଧ୍ୟ ୧୨, ରୁଦ୍ର ୧୧ ଏହି ସବୁ ଦେବତାଗଣ ।

ଗଣନ, ନ. } ବି. (ଗଣ-ଅନ, ଆ) ସଂଖ୍ୟା କରିବା, ଗଣିବା, ଗ୍ରାହ୍ୟ କରିବା, ଅବଧାରଣ,
ଗଣନା, ସ୍ତ୍ରୀ. }
ବାର ତିଥି ଓ ଗ୍ରହ ନକ୍ଷତ୍ରାଦିର ସ୍ଥିତି ଓ ସଞ୍ଚାର ଅନୁସାରେ ଶୁଭାଶୁଭ ନିରୂପଣ, ନିର୍ଦ୍ଦେଶ ।

ଗଣନାଥ } ବି. ପୁଂ. (ଗଣ-ନାଥ, ପତି) ଗଣେଶ ।
ଗଣପତି }

ଗଣନୀୟ }
ଗଣେୟ } ବିଂ. (ଗଣ-ଅନୀୟ, ଯ) ସଂଖ୍ୟେୟ, ଗଣିବାର ଯୋଗ୍ୟ, ଗ୍ରାହ୍ୟ ।
ଗଣ୍ୟ }

ଗଣପର୍ବତ } ବି. ପୁଂ. (ଗଣ ପର୍ବତ, ଅଚଳ) କୈଳାସ ପର୍ବତ ।
ଗଣାଚଳ }

ଗଣଶଃ, ଅ°. (ଗଣ-ଶସ୍) ବହୁଶଃ, ଦଳଦଳ ।

ଗଣା, ବି. (ଗଣ୍ ଧାତୁଜ) ଗଣନା ବିଂ. ଗଣିତ ।

ଗଣାଗ୍ରଣୀ, ବି. ପୁଂ. (ଗଣ-ଅଗ୍ରଣୀ) ଗଣେଶ, ଶିବ ।

ଗଣାପେଣ୍ଠ, ବି. (ଦେଶଜ) ଶିଶୁଜନ୍ମ ପରେ ଶୁଭ ଲଗ୍ନାଦି ବୁଝିବା ।

ଗଣାଧିପ, ବି. ପୁଂ. (ଗଣ-ଅଧିପ) ଗଣେଶ ।

ଗଣାନ୍ନ, ବି. ନ. (ଗଣ-ଅନ୍ନ) ବହୁବିଧ ଲୋକମାନଙ୍କ ନିମନ୍ତେ ଏକତ୍ର ଯେଉଁ ଅନ୍ନ ପ୍ରସ୍ତୁତ ହୁଏ ।

ଗଣିଆ, ବି. (ଦେଶଜ) ଲମ୍ବମୁଖ କ୍ଷୁଦ୍ର ମତ୍ସ୍ୟ-ବିଶେଷ ।

ଗଣିକା, ବି. ସ୍ତ୍ରୀ. (ଗଣ-ଇକ-ଆ) ବେଶ୍ୟା, ଯୂଥି-ଫୁଲ । ଯଥା—

ନଅଟି ସୂଚନା ଗଣିବା ନିକର,
ଦାନବନାଶ ହାସେ ମନୋହର । ର. ବି.

ଗଣିକାରିକା, ବି. ସ୍ତ୍ରୀ. ଶ୍ରୀପର୍ଣ୍ଣି ବୃକ୍ଷ ।

ଗଣିତ, ବିଂ. (ଗଣ-ତ) ସଂଖ୍ୟାତ, ଯାହା ଗଣା ହୋଇଅଛି । ବି. ନ. (Mathematics) ପରିମାଣ ଓ ଅଙ୍କବିଷୟକ ଶାସ୍ତ୍ର, ଗଣନ ।

ଗଣିତଜ୍ଞ, ବି. ପୁଂ. (ଗଣିତ-ଜ୍ଞ) ଗଣିତ ଶାସ୍ତ୍ର-ବେତ୍ତା ।

ଗଣିବା, କ୍ରି. (ଗଣନ ଶବ୍ଦଜ) ସଂଖ୍ୟା କରିବା, ଗଣନା କରିବା, ତୁଳନା କରିବା ।

ଗଣୀଭୂତ, ବିଂ. (ଗଣ-ଭୂତ) କୌଣସି ଦଳରେ ଅବା ପକ୍ଷରେ ସ୍ଥିତ, ଗଣାକ୍ରାନ୍ତ ।

ଗଣେରୁ, ବି. ସ୍ତ୍ରୀ. ( ଗଣ-ଇର-ଉ ) ବେଶ୍ୟା, କୁଟ୍ଟିନୀ ।

ଗଣେରୁକା, ବି. ସ୍ତ୍ରୀ. ( ଗଣେରୁ-କ-ଆ ) ଦୂତୀ, କୁଟ୍ଟିନୀ ।

ଗଣେଶ, ବି. ପୁଂ. (ଗଣ-ଈଶ) ପ୍ରସିଦ୍ଧ ଦେବତା, ଶିବପୁତ୍ର, ଗଜାନନ ।

ଗଣେଶକୁସୁମ, ବି. ପୁଂ. ରକ୍ତକରବୀର ଗଛ ।

ଗଣେଶଭୂଷଣ, ବି. ନ. (ଗଣେଶ-ଭୂଷଣ) ସିନ୍ଦୁର ।

ଗଣୋତ୍ସାହ, ବି. ପୁଂ. (ଗଣ-ଉତ୍ସାହ) ଗଣ୍ଡାର ।

ଗଣ୍ଡସି } ବି. ( ଦେଶଜ ) ଡାଉଁଳ, ବୋଝ,
ଗଣ୍ଡିସି } ଗଣ୍ଡ୍ରସି, ବୋକ୍ସ ।

ଗଣ୍ଠି, ବି. ( ଗ୍ରନ୍ଥି ଶବ୍ଦଜ ) ହାଡ଼ଗୋଡ଼ର ସନ୍ଧି, ବୃକ୍ଷର ସନ୍ଧି, ବନ୍ଧନ, ରୋଗବିଶେଷ, ବାତରୋଗବିଶେଷ, ବନ୍ଧତା, ଲଇ ପ୍ରଭୃତି, ଯଦ୍ଦ୍ୱାରା ଗଣ୍ଠି ବନ୍ଧାଯାଏ ।

ଗଣ୍ଠିଆ, ବିଂ. ( ଦେଶଜ ) କୃପଣ, କାମ୍ପି, ଗଣ୍ଠିଯୁକ୍ତ, କୁଟିଳ । ଯଥା—

ଭଙ୍ଗ ବିଷୟରେ କୃଷ୍ଣ ଗଣ୍ଠିଆ ।

ବି. କଣ୍ଢୀଳଙ୍କାବିଶେଷ ।

ଗଣ୍ଠିଅଳ, ବି. ( ଦେଶଜ ) ଗଇଠାଳ, ବର କନ୍ୟାଙ୍କର ଯେଉଁ ଲୁଗାରେ ଗଣ୍ଠି ପକାଯାଏ । ଯଥା—

ତାହାଉଲେ ଗଣ୍ଠିଅଳ ଅଳଂକୃତ ହୋଇ,
ସ୍ୱଦେହୁ ରଣାରମ୍ଭେ ବ ସେ ଶୋଭା ପାଇ ଯେ । ବୈ. ବ.

ଗଣ୍ଠିଅବାତ, ବି. (ଦେଶଜ) ଆମବାତ, ରୋଗବିଶେଷ ।

ଗଣ୍ଠିକଟା, ବି. (ଦେଶଜ) ଠକାଏତ, ଚୋର, ଅବିଶ୍ୱାସୀ ।

ଗଣ୍ଠିଧନ, ବି. ( ଦେଶଜ ) ଅତ୍ୟନ୍ତ ଆଦରର ଧନ । ଯଥା—

ଗଣ୍ଠିଧନ ତୋର ସ୍ନେହ ।

ଗଣ୍ଠିରୁ } ବି. (ଦେଶଜ) ବୋକସ ।
ଗଣ୍ଠିଲୁ }

ଗଣ୍ଡ, ବି. ପୁଂ. (ଗନଡ୍-ଅ) କପୋଳ, ଗାଲ, ହସ୍ତିକପୋଳ, ଗଣ୍ଡାର, ବୀର, ଚିହ୍ନ, ଅଶ୍ୱଭୂଷଣ, ବୁଦବୁଦ୍, ଗ୍ରନ୍ଥି; ଯୋଗବିଶେଷ, ଗମ୍ଭୀର, ବ୍ୟର୍ଥାନାମକ ନାଟ୍ୟର ଅଙ୍ଗବିଶେଷ, ଗଭୀର ଜଳସ୍ଥାନ, ପର୍ବତର ଗଭୀର ଅରଣ୍ୟ ପ୍ରଦେଶ । ଯଥା—

ନୀଳ ଗଣ୍ଡ ଯାଇ ଗମ୍ଭୀର ବିବର
ଫଣିପତି ଫଣାମଣିରେ ଭାସ୍ୱର । ଛଇଲା.

ବିଂ. ପ୍ରଧାନ; (ଦେଶଜ) ମୂର୍ଖ, ଅବୋଧ, ବନ୍ୟଜାତିବିଶେଷ ।

ଗଣ୍ଡକ, ବି. ପୁଂ. (ଗନଡ୍-ଅକ) ଗଣ୍ଡା, ପଶୁବିଶେଷ, ସଂଖ୍ୟାବିଶେଷ, ଅନ୍ତରାୟ ।

ଗଣ୍ଡକାଷ୍ଠୀ } ବି. ସ୍ତ୍ରୀ. ( ଗଣ୍ଡ-କାଷ୍ଠୀ, କାଳୀ)
ଗଣ୍ଡକାଳୀ } ବୃକ୍ଷବିଶେଷ ।

ଗଣ୍ଡକୀ, ବି. ସ୍ତ୍ରୀ. (ଗନଡ୍-ଅକ-ଈ) ନଦୀବିଶେଷ, ଏହି ନଦୀ ଶାଳଗ୍ରାମ ଦେଶ ଦେଇ ପ୍ରବାହିତ ।

ଗଣ୍ଡକୀଶିଳା, ବି. ସ୍ତ୍ରୀ. ଶାଳଗ୍ରାମଶିଳା ।

ଗଣ୍ଡକୂପ, ବି. ପୁଂ. ପର୍ବତର ଉଚ୍ଚସ୍ଥାନ, ଅଧିତ୍ୟକା ଭୂମି ।

ଗଣ୍ଡଗୋଳ, ବି. (ଦେଶଜ) ବିବାଦ, ଅତିଶୟ କୋଳାହଳ ।

ଗଣ୍ଡଗ୍ରାମ, ବି. ପୁଂ. (ଗଣ୍ଡ-ଗ୍ରାମ) ବହୁଜନ ବାସସ୍ଥାନ, ପ୍ରଶସ୍ତ ଗ୍ରାମ ।

ଗଣ୍ଡଦେଶ, ବି. ପୁଂ. ଗଣ୍ଡସ୍ଥଳ, କପୋଳ, ଗାଲ ।

ଗଣ୍ଡଫଳକ, ବି. ନ. ଗାଲ, କପୋଳ । ବିଂ. ବିସ୍ତୀର୍ଣ୍ଣ କପୋଳଯୁକ୍ତ ।

ଗଣ୍ଡଭେରଣ୍ଡ } ବି. ( ଦେଶଜ ) ଏକପ୍ରକାର
ଗଣ୍ଡଭୈରବ } କାଳ୍ପନିକ ବଡ ପକ୍ଷୀ ।

ଗଣ୍ଡମାଳା, ବି. ସ୍ତ୍ରୀ. (ଗଣ୍ଡ-ମାଳା) ଗଳଦେଶରେ ମଣ୍ଡଳାକାର ବ୍ରଣସମୂହ, ଶିଶୁର ମାଳାବିଶେଷ ।

ଗଣ୍ଡମୂର୍ଖ, ବିଂ. ( ଗଣ୍ଡ-ମୂର୍ଖ ) ଅତିଶୟ ମୂଢ଼, ଘୋର ଅବୋଧ ।

ଗଣ୍ଡଲେଖା, ବି. ସ୍ତ୍ରୀ. (ଗଣ୍ଡ-ଲେଖା) ଗଣ୍ଡସ୍ଥଳ ।

ଗଣ୍ଡଶୈଳ, ବି. ପୁଂ. (ଗଣ୍ଡ-ଶୈଳ) ଭୂକମ୍ପାଦିଦ୍ୱାରା ପର୍ବତରୁ ପତିତ ବୃହତ୍ ପ୍ରସ୍ତର, କ୍ଷୁଦ୍ରପର୍ବତ, ଲଲାଟ ।

ଗଣ୍ଡସ୍ଥଳ, ବି. (ଗଣ୍ଡ-ସ୍ଥଳ) ଗଣ୍ଡଦେଶ, ଗାଲ ।

ଗଣ୍ଡସ୍ଥଳୀ, ବି. ସ୍ତ୍ରୀ. (ଗଣ୍ଡ-ସ୍ଥଳ-ଈ) ଗଣ୍ଡଦେଶ, କପୋଳ, ଗାଲ ।

ଗଣ୍ଡା, ବି. ପୁଂ. ପ୍ରସିଦ୍ଧ ଜନ୍ତୁବିଶେଷ, ଗଣ୍ଡକ, ଖଡ଼୍‌ଗୀ, ଚାରିକଉଡ଼ି ପରିମାଣ ।

ଗଣ୍ଡାଙ୍ଗ, ବି. ପୁଂ. ଗଣ୍ଡାର ।

ଗଣ୍ଡାର, ବି. ପୁଂ. ଗଣ୍ଡା, ଖଡ଼୍‌ଗୀ, ସ୍ୱନାମଖ୍ୟାତ ଜନ୍ତୁବିଶେଷ ।

ଗଣ୍ଡି, ବି. ପୁଂ. (ଗନଡ଼୍-ଇ) ଗଛର କାଣ୍ଡ, ହସ୍ତ ପାଦାଦିବିହୀନ ମନୁଷ୍ୟ ଶରୀର, କାଣ୍ଡ ଶରୀର । (ଦେଶଜ) ଧୋବାମାନଙ୍କର ଲୁଗା କାଚିବା ପଥର, ରାଜକୋଷରୁ ମାଲିକାନା ସ୍ୱରୂପ ପ୍ରାପ୍ୟ ଧନ ।

ଗଣ୍ଡିଏ, ବି. ( ଦେଶଜ ) ବୋଜିଏ । ଯଥା---

ବଂଶୀଧର ପାନ ମଞ୍ଜୁଷ ପେଡ଼ା,
ପେଲ୍ଲି ଗଣ୍ଡି ଗୀମାନ ଭରି ଠେଲ । ଲ. ବ.

ଗଣ୍ଡୀ, ବି. ( ଗଣ୍ଡ-ଇନ୍, ପ୍ରଶସ୍ତ ଅର୍ଥରେ ) ହସ୍ତୀ, ହାତୀ । ଯଥା—

ଗଣ୍ଡି ଗର୍ଭେ ଗୁଡ଼ି ପୋଷର ଗଜ ହରିବ ହେଲେ ନିଭୃତ
କ. ର.

ଗଣ୍ଡୁ } ବି. ପୁଂ. ସ୍ତ୍ରୀ. ( ଗନଡ଼୍-ଉ, ଊ )
ଗଣ୍ଡୂ } ଉପାଧାନ, ତକିଆ, ଗ୍ରନ୍ଥି ।

ଗଣ୍ଡୂପଦ, ବି. ପୁଂ. (ଗଣ୍ଡୂ-ପଦ) ଜିଆ, ଗେଣ୍ଡା ।

ଗଣ୍ଡୂପଦୀ, ବି. ସ୍ତ୍ରୀ. ( ଗଣ୍ଡୂ-ପଦ-ଈ ) ଛୋଟ ଛୋଟ ଜିଆ ।

ଗଣ୍ଡୂଷ, ବି. ପୁଂ. (ଗନ୍ଡ୍-ଊଷ) ହସ୍ତଜଳ, କୁଲି-ଙ୍ଗୁଳି, ହସ୍ତିଶୁଣ୍ଢର ଅଗ୍ରଭାଗ, ମୁଖପୂର୍ଣ୍ଣ ଜଳ, ଗୋକର୍ଣ୍ଣାକୃତି ହସ୍ତରେ ଯେତେ ଜଳ ରହି ପାରେ, ବ୍ରାହ୍ମଣ ପ୍ରଭୃତି ଦ୍ୱିଜ ବର୍ଣ୍ଣ-ଭୋଜନର ଆରମ୍ଭରେ ଓ ଶେଷରେ ମନ୍ତ୍ରୋ-ଚ୍ଚାରଣପୂର୍ବକ ମୁଖରେ ଜଳପ୍ରୟୋଗ ।

ଗଣ୍ଡୋପଳ, ବି. ପୁଂ, ( ଗଣ୍ଡ-ଉପଳ ) କରକା, ଶିଳା ।

ଗଣ୍ୟ, ବିଂ. (ଗଣ-ଯ) ଗଣନୀୟ, ବିବେଚ୍ୟ, ଗ୍ରାହ୍ୟ ।

ଗତ, ବିଂ. ( ଗମ୍-ତ ) ଅତୀତ, ପ୍ରସ୍ଥିତ, ଜ୍ଞାତ, ପ୍ରାପ୍ତ, ମୃତ, ପତିତ, ସମାପ୍ତ । ବି. ନ. ଗମନ ।

ଗତଜୀବ } ବିଂ. (ଗତ-ଜୀବ, ଜୀବିତ)
ଗତଜୀବିତ } ଗତପ୍ରାଣ, ମୃତ ।

ଗତତ୍ରପ, ବିଂ. (ଗତ-ତ୍ରପା) ନିର୍ଲଜ୍ଜ ।

ଗତଶୋଚନ, ନ. } ବି. ଗତାନୁଶୋଚନା,
ଗତଶୋଚନା, ସ୍ତ୍ରୀ } ଅତୀତ ବିଷୟରେ ଅନୁଶୋଚନ ।

ଗତାଗତ, ବି. ନ. (ଗତ-ଆଗତ) ଗମନାଗମନ, ଯିବାଆସିବା । ଯଥା—

ଗତାଗତ ନେତ୍ରରେ ଠାରଠାରୁ,
ଯତ୍ନେ ଜାଣି ସୁବଳ ଗାନ କଲି । ବ. ଯ.

ଗତାନୁଗତିକ, ବିଂ, ( ଗତ-ଅନୁଗତିକ ) ଅନୁ-ଗାମୀ, ଲୋକଦୃଷ୍ଟାନ୍ତର ଅନୁବର୍ତ୍ତୀ, ଯେଉଁ ବ୍ୟକ୍ତି ସ୍ୱୟଂ ବିବେଚନା ନ କରି ଏକ ଜଣର ଦୃଷ୍ଟାନ୍ତ ଅନୁସାରେ ଚଳେ ।

ଗତାନୁଶୋଚନା, ବି. ସ୍ତ୍ରୀ. (ଗତ-ଅନୁଶୋଚନା) ଯାହା ଗତ ହୋଇଅଛି, ତାହା ନିମନ୍ତେ ଅନୁତାପ ।

ଗତାୟାତ, ବି. ନ. ( ଗତ-ଆୟାତ ) ଗମନା-ଗମନ, ଯିବାଆସିବା ।

ଗତାୟୁଃ, ବିଂ. ( ଗତ-ଆୟୁସ୍ ) ଯାହାର ଆୟୁ ଗତ ହୋଇଅଛି, ଯାହାର ପରମାୟୁ ଶେଷ ହୋଇଅଛି ।

ଗତାର୍ତ୍ତବା, ବି. ସ୍ତ୍ରୀ. (ଗତ-ଆର୍ତ୍ତବ) ବୃଦ୍ଧା ସ୍ତ୍ରୀ, ବନ୍ଧ୍ୟା ସ୍ତ୍ରୀ, ବାଞ୍ଝ ।

ଗତାର୍ଥ, ବିଂ. (ଗତ-ଅର୍ଥ) ଯାହାର ପ୍ରୟୋଜନ ନିବୃତ୍ତ ହୋଇଅଛି, ଯେଉଁ ବିଷୟରେ ଆଉ ପ୍ରୟୋଜନ ନାହିଁ ।

ଗତାସୁ, ବିଂ. ( ଗତ-ଅସୁ ) ମୃତ, ଯାହାର ପ୍ରାଣତ୍ୟାଗ ହୋଇଅଛି ।

ଗତି, ବି. ସ୍ତ୍ରୀ. (ଗମ୍-ତି) ଗମନ, ସଞ୍ଚାର, ଯାତ୍ରା, ପଥ, ଗମ୍ୟସ୍ଥାନ, ଅବସ୍ଥା, ଜ୍ଞାନ, ସ୍ୱରୂପ,

ଉପାୟ, କଣନା, ପ୍ରାପ୍ତି, ପ୍ରମାଣ, ଆଶ୍ରୟ, ଜ୍ଞାନ । ଯଥା—

ଏ ବାକ୍ୟରେ କହୁଗରୁ ମନ୍ଦମନ୍ଦ କରି ଗତି,
ଯେତେକ ଯେତେକ ଆସରି କହନ୍ତି ତେତେକ ମିଳଇ ଗତି ।
ବ. ଭ,

ଗତିକ, ବି. ପୁଂ. (ଗତି-କ) ପ୍ରକାର, ଅବସ୍ଥା, ଉପାୟ ।

ଗତିଶକ୍ତି, ବି. ସ୍ତ୍ରୀ. ( ଗତି-ଶକ୍ତି ) ଯିବାଆସିବା କ୍ଷମତା ।

ଗତିହୀନ, ବିଂ. (ଗତି-ହୀନ) ନିରୁପାୟ, ଚଳତ୍-ଶକ୍ତିରହିତ ।

ଗତ୍ୟନ୍ତର, ବି. ନ. (ଗତି-ଅନ୍ତର) ଅନ୍ୟଗତି, ଉପାୟାନ୍ତର ।

ଗତ୍ୱର, ବିଂ. ( ଗମ୍-ବର ) ଗମନଶୀଳ, ଅସ୍ଥାୟୀ, ଯେ ସ୍ଥିର ନ ଥାଏ ।

ଗଦ, ବି. ପୁଂ. (ଗଦ୍-ଅ) ରୋଗ, ପୀଡ଼ା, କୃଷ୍ଣଙ୍କ କନିଷ୍ଠ ଭ୍ରାତା । ନ. ବାକ୍ୟ, କଥନ (ଦେଶଜ) ବୃକ୍ଷର ମୂଳବିଶେଷ ।

ଗଦୟିତ୍ନୁ, ବିଂ. (ଗଦ-ଇତ୍ନୁ) ବାଗ୍ମୀ, ବହୁଭାଷୀ, କାମୁକ । ବି. ପୁଂ. କନ୍ଦର୍ପ ।

ଗଦା, ବି ସ୍ତ୍ରୀ. (ଗଦ୍-ଆ) ଲୌହମୁଦ୍ଗର, ଲୌହ-ନିର୍ମିତ ସ୍ଥୂଳ ଯଷ୍ଟି, ମୁଦ୍ଗର, ଠେଙ୍ଗା । ଯଥା—

ଏହା ବୋଲି ଗଦା ଫିଙ୍ଗି ଦେଲେ ବୃକୋଦର । କ. ଟ.

(ଦେଶଜ) ରାଶି, ସ୍ତୂପ ।

ଗଦାଗ୍ରଜ, ଗଦାଧର, ଗଦାଭୃତ୍ — ବି. ପୁଂ. ( ଗଦା-ଅଗ୍ରଜ, ଧର, ଭୃତ୍ ) ବିଷ୍ଣୁ, କୃଷ୍ଣ ।

ଗଦାପାଣି, ବି. ପୁଂ. (ଗଦା-ପାଣି) ବିଷ୍ଣୁ ।

ଗଦାମ୍ବର, ବି. ପୁଂ. (ଗଦ-ଅମ୍ବର) ମେଘ ।

ଗଦାରାତି, ବି. ପୁଂ. (ଗଦ-ଅରାତି) ଔଷଧ ।

ଗଦାବସାନ, ବି. ନ. ( ଗଦା-ଅବସାନ ) କୃଷ୍ଣଙ୍କ ବଧ ନିମନ୍ତେ ନିର୍ମିତ ଜରାସନ୍ଧ ଗୋଟିଏ ଗଦା ସହୋଦ୍ଧ ଶତବାର ଘୂର୍ଣ୍ଣିତ କରି ନିକ୍ଷେପ କରିଥିଲେ, ସେହି ଗଦା ମଥୁରା ନିକଟବର୍ତ୍ତୀ ସ୍ଥାନରେ ପତିତ ହୋଇଥିଲା, ସେହି ସ୍ଥାନର ନାମ "ଗଦାବସାନ" ।

ଗଦ୍ଦ, ବି. ( ଯାବନିକ । ତୁଳାଦିପୂର୍ଣ୍ଣ ସ୍ଥୂଳ ଆସ୍ତରଣ, ଆସନ ।

ଗଦିତ, ବିଂ. (ଗଦ୍-ତ) କଥିତ, ଉକ୍ତ, ଭାଷିତ । ବି. ନ. ବାକ୍ୟ ।

ଗଦୀ, ବି. ପୁଂ. ( ଗଦା-ଇନ୍ ) ବିଷ୍ଣୁ । ବିଂ. ଗଦାଧାରୀ, (ଗଦ୍-ଇନ୍) ରୋଗୀ, ପୀଡ଼ିତ ।

ଗଦ୍ଗଦ, ବିଂ. (ଗଦ୍-ଗଦ) ହର୍ଷ ଶୋକ ପ୍ରଭୃତିର ଆତିଶଯ୍ୟବଶତଃ କଣ୍ଠ ରୋଧ ହୋଇ ଯେଉଁ ବାକ୍ୟ ଅସ୍ପଷ୍ଟ ଉଚ୍ଚାରିତ ହୁଏ । ବି. ପୁଂ. ହର୍ଷାଦିଜନିତ ଅବ୍ୟକ୍ତ କଣ୍ଠଧ୍ୱନି ।

ଗଦ୍ୟ, ବି. ପୁଂ. (ଗଦ-ଯ) ଛନ୍ଦରହିତ ବାକ୍ୟ, ପଦ୍ୟ ନୁହେ । ବିଂ. କଥନୀୟ ।

ଗଦ୍ୟାଣକ, ବି. ନ. ୪୮ ରତି ପରିମାଣ, ବୈଦ୍ୟ-ମତରେ ୬୪ ଗୁଞ୍ଜା ପରିମାଣ ।

ଗଧ, ବି. (ଗର୍ଦ୍ଦଭ ଶବ୍ଦଜ) ଖର, ରାସଭ, ଗର୍ଦ୍ଦଭ ।

ଗଧିଆ, ବିଂ. (ଦେଶଜ) ଅଳସୁଆ । ବି. ବ୍ୟାଘ୍ର-ଜାତୀୟ ଜନ୍ତୁବିଶେଷ ।

ଗନ୍ତବ୍ୟ, ବିଂ. (ଗମ୍-ତବ୍ୟ) ପ୍ରାପ୍ତବ୍ୟ, ପ୍ରାପ୍ୟ, ଆଗମ୍ୟ, ଗମନୀୟ, ଯେଉଁ ସ୍ଥାନକୁ ଯିବାକୁ ହେବ, ଜ୍ଞେୟ ।

ଗନ୍ତା, ବିଂ. (ଗମ୍-ତୃ) ଗମନକାରୀ, ପ୍ରାପ୍ତିଶୀଳ ।

ଗନ୍ତାଇତ, ବି. ( ଦେଶଜ ) ସରଘରିଆ, ଭଣ୍ଡାର ଅଧିକାରୀ ।

ଗନ୍ତାଘର, ବି. (ଦେଶଜ) ଭଣ୍ଡାରଘର ।

ଗନ୍ତୁ, ବି. ପୁଂ. (ଗମ୍-ତୁ) ପଥିକ, ଭ୍ରମଣକାରୀ ।

ଗନ୍ତ୍ରୀ, ବି. ସ୍ତ୍ରୀ. ( ଗମ୍-ତ୍ର-ଈ ) ଗୋରୁଗାଡ଼ି, ଶଗଡ଼, ଶକଟ ।

ଗନ୍ତ୍ରୀରଥ, ବି. ପୁଂ. (ଗନ୍ତ୍ରୀ-ରଥ) ଶକଟ, ଗାଡ଼ି ।

ଗନ୍ଧ, ବି. ପୁଂ. ( ଗନ୍ଧ-ଅ ) ଘ୍ରାଣେନ୍ଦ୍ରିୟଗ୍ରାହ୍ୟ ପଦାର୍ଥ, ସୁଗନ୍ଧଦ୍ରବ୍ୟ, ଘୃଷ୍ଟଚନ୍ଦନାଦି, ଗନ୍ଧକ, ଗର୍ବ, ସମ୍ପର୍କ, ସମ୍ବନ୍ଧ, ଲେଶ, ଅଳ୍ପ, କୃଷ୍ଣ ଅଗୁରୁ । ବା, ସ୍ତ୍ରୀ. ଚମ୍ପକକଳିକା ।

ଗନ୍ଧକ, ବି. ପୁଂ. (ଗନ୍ଧ୍ ଅ-କ) ଉପଧାତୁବିଶେଷ, ଗୁଳାମପ୍ରସିଦ୍ଧ ପୀତବର୍ଣ୍ଣ ଧାତୁ ।

ଗନ୍ଧକାରିକା, ବି. ସ୍ତ୍ରୀ. (ଗନ୍ଧ-କାରିକା) ସୈରିନ୍ଧ୍ରୀ ପରଗୃହସ୍ଥିତା ଶିଳ୍ପକାରିଣୀ ସ୍ୱାଧୀନା ରମଣୀ ।

ଗନ୍ଧକାଳିକା } ବି. ସ୍ତ୍ରୀ. ( ଗନ୍ଧ-କାଳ-ଅ, ଈ,
ଗନ୍ଧକାଳୀ } କ ଯୋଗରେ ଗନ୍ଧକାଳିକା) ବ୍ୟାସଦେବଙ୍କର ମାତା ।

ଗନ୍ଧକାଷ୍ଠ, ବି. ନ. ଅଗୁରୁକାଷ୍ଠ, ଚନ୍ଦନକାଷ୍ଠ ।

ଗନ୍ଧକୁଟୀ, ବି. ସ୍ତ୍ରୀ. ମୁରାନାମକ ଗନ୍ଧଦ୍ରବ୍ୟ ।

ଗନ୍ଧଖେଳକା } ବି. ସ୍ତ୍ରୀ. (ଗନ୍ଧ-ଖେଳ-କ-ଅ)
ଗନ୍ଧଖେଳିକା } ମୃଗନାଭି, କସ୍ତୂରୀ ।

ଗନ୍ଧଜଟିଳା, ବି. ସ୍ତ୍ରୀ. (ଗନ୍ଧ-ଜଟିଳା) ବଚ ।

ଗନ୍ଧଜାତ, ବି.ନ. (ଗନ୍ଧ-ଜାତ) ତେଜପତ୍ର, ଗନ୍ଧଦ୍ରବ୍ୟସମୂହ । ବିଂ. ଗନ୍ଧୋତ୍ପନ୍ନ ।

ଗନ୍ଧଜ୍ଞା } ବି. ସ୍ତ୍ରୀ. ( ଗନ୍ଧ-ଜ୍ଞା, ନାଳୀ )
ଗନ୍ଧନାଳୀ } ନାସିକା ।

ଗନ୍ଧତୂର୍ଯ୍ୟ, ବି. ନ. ( ଗନ୍ଧ-ତୂର୍ଯ୍ୟ ) ରଣବାଦ୍ୟବିଶେଷ ।

ଗନ୍ଧଦାରୁ, ବି. ନ. (ଗନ୍ଧ-ଦାରୁ) ଚନ୍ଦନବୃକ୍ଷ ।

ଗନ୍ଧଦ୍ୱିପ, ବି. ପୁଂ. ( ଗନ୍ଧ-ଦ୍ୱିପ ) ମଦଗନ୍ଧଯୁକ୍ତ ହସ୍ତୀ ।

ଗନ୍ଧଧୂଳି, ବି. ସ୍ତ୍ରୀ. (ଗନ୍ଧ-ଧୂଳି) କସ୍ତୂରୀ ।

ଗନ୍ଧନ, ବି.ନ. ( ଗନ୍ଧ-ଅନ ) ସୂଚନା, ହିଂସା, ଉତ୍ସାହ, ପ୍ରକାଶନ, ଗନ୍ଧଗ୍ରହଣ ।

ଗନ୍ଧନକୁଳ } ବି.ପୁଂ. ( ଗନ୍ଧ-ନକୁଳ, ମୂଷିକ )
ଗନ୍ଧମୂଷିକ } ଛୁଚୁନ୍ଦରୀ ।

ଗନ୍ଧପାଷାଣ } ବି. ପୁଂ. ( ଗନ୍ଧ-ପାଷାଣ,
ଗନ୍ଧମୋଦନ } ମୋଦନ ) ଗନ୍ଧକ ।

ଗନ୍ଧପିଶାଚିକା, ବି. ସ୍ତ୍ରୀ. ଧୂପ ।

ଗନ୍ଧପୁଷ୍ପ, ବି. ପୁଂ. ( ଗନ୍ଧ-ପୁଷ୍ପ ) ବେତଗଛ, ଗନ୍ଧଯୁକ୍ତ ବୃକ୍ଷ । ନ. ଗନ୍ଧଯୁକ୍ତ ପୁଷ୍ପ, ଗନ୍ଧ ଓ ପୁଷ୍ପ । ଷ୍ପା, ସ୍ତ୍ରୀ. କେତକୀ, ଗଣିକାରୀ ।

ଗନ୍ଧପଲୀ, ବି. ସ୍ତ୍ରୀ. ଚମ୍ପାକଳିକା ।

ଗନ୍ଧବନ୍ଧୁ, ବି. ପୁଂ. ଆମ୍ରବୃକ୍ଷ ।

ଗନ୍ଧମାତା, ବି. ସ୍ତ୍ରୀ. (ଗନ୍ଧ-ମାତୃ) ପୃଥିବୀ ।

ଗନ୍ଧମାଦନ, ବି. ପୁଂ. (ଗନ୍ଧ-ମାଦ୍-ଅନ) ସ୍ୱନାମପ୍ରସିଦ୍ଧ ପର୍ବତ, ଗନ୍ଧକ, ଭ୍ରମର, ବାନରବିଶେଷ ।

ଗନ୍ଧମାଦନୀ } ବି. ସ୍ତ୍ରୀ. (ଗନ୍ଧ-ମାଦନୀ, ମାଦିନୀ)
ଗନ୍ଧମାଦିନୀ } ସୁରା, ମଦ୍ୟ ।

ଗନ୍ଧମାର୍ଜାର, ବି. ପୁଂ. (ଗନ୍ଧ-ମାର୍ଜାର) ଖଟାଶ, ବଣବିରାଡ଼ି ।

ଗନ୍ଧମୁଖା, ବି. ସ୍ତ୍ରୀ. (ଗନ୍ଧ-ମୁଖ) ଛୁଚୁନ୍ଦରୀ ।

ଗନ୍ଧମୃଗ, ବି. ପୁଂ. ( ଗନ୍ଧ-ମୃଗ ) କସ୍ତୂରିକା ମୃଗ ।

ଗନ୍ଧମୈଥୁନ, ବି. ପୁଂ. ( ଗନ୍ଧ-ମୈଥୁନ ) ବୃଷଭ, ଷଣ୍ଢ ।

ଗନ୍ଧମୋଦନ, ବି. ପୁଂ. ( ଗନ୍ଧ-ମୋଦ୍-ଅନ ) ଗନ୍ଧକ ।

ଗନ୍ଧମୋହିନୀ, ବି. ସ୍ତ୍ରୀ. ( ଗନ୍ଧ-ମୁହ-ଇନ୍-ଈ ) ଚମ୍ପକକଳିକା ।

ଗନ୍ଧରସ, ବି. ପୁଂ. (ଗନ୍ଧ-ରସ) ଉପଧାତୁବିଶେଷ।

ଗନ୍ଧରାଜ, ବି. ନ. ( ଗନ୍ଧ-ରାଜ ) ଚନ୍ଦନ, ପୁଷ୍ପବିଶେଷ ।

ଗନ୍ଧର୍ବ, ବି. ପୁଂ. (ଗ-ଧର୍ମ, ନିପାତନରେ ) ସ୍ୱର୍ଗୀୟ ଗାୟକ, ଦେବଯୋନିବିଶେଷ, ଏମାନେ ବ୍ରହ୍ମାଙ୍କ କାନ୍ତିରୁ ଉତ୍ପନ୍ନ, ଗାୟକ, କୋକିଳ, (ଗନ୍ଧ-ଅର୍ବ) ମୃଗବିଶେଷ, ଘୋଟକ ।

ଗନ୍ଧର୍ବବିବାହ, ବି ପୁଂ. କର୍ତ୍ତୃପକ୍ଷଙ୍କ ଅଗୋଚରରେ ବା ଅସମ୍ମତିରେ କେବଳ ସ୍ତ୍ରୀ ଓ ପୁରୁଷର ପରସ୍ପର ସମ୍ମତିପୂର୍ବକ ଯେଉଁ ବିବାହ କାର୍ଯ୍ୟ ସମ୍ପନ୍ନ ହୁଏ ।

ଗନ୍ଧର୍ବବିଦ୍ୟା, ବି. ପୁଂ. ଗାନ୍ଧାରବିଦ୍ୟା, ସଙ୍ଗୀତବିଦ୍ୟା ।

ଗନ୍ଧର୍ବବେଦ, ବି. ପୁଂ. ସଙ୍ଗୀତବିଦ୍ୟା ।

ଗନ୍ଧଲୋଲୁପା, ବି. ସ୍ତ୍ରୀ.(ଗନ୍ଧ-ଲୋଲୁପ) ମକ୍ଷିକା, ମାଛି ।

ଗନ୍ଧବଣିକ, ବି. ପୁଂ. ( ଗନ୍ଧ-ବଣିକ୍ ) ବର୍ଣ୍ଣସଙ୍କର ଜାତିବିଶେଷ, ଗନ୍ଧବଣିଆ ।

ଗନ୍ଧବତୀ, ବି. ସ୍ତ୍ରୀ. ( ଗନ୍ଧ-ବତ୍-ଈ ) ପୃଥିବୀ, ନାରୀବିଶେଷ, ମତ୍ସ୍ୟଗନ୍ଧା, ବ୍ୟାସଦେବଙ୍କ ମାତା, ସୁରା, ବାୟୁ ଓ ବରୁଣଙ୍କ ପୁରୀ, ନବମଲ୍ଲିକା, ପଦ୍ମିନୀ ।

ଗନ୍ଧବଲ୍କଲ, ବି. ନ. (ଗନ୍ଧ-ବଲ୍କଲ) ଦାରୁଚିନି ।

ଗନ୍ଧବହ, ବି. ପୁଂ. ( ଗନ୍ଧ-ବହ ) ବାୟୁ । ସ୍ତ୍ରୀ. ନାସିକା । ବିଂ. ଗନ୍ଧଯୁକ୍ତ ।

ଗନ୍ଧବାହ, ବି. ପୁଂ. (ଗନ୍ଧ-ବାହ) ବାୟୁ, କସ୍ତୁରୀମୃଗ । ବିଂ. ଗନ୍ଧଯୁକ୍ତ ।

ଗନ୍ଧବାହା, ବି. ସ୍ତ୍ରୀ. (ଗନ୍ଧ-ବହ-ଅ) ନାସିକା । ବିଂ. ଗନ୍ଧଯୁକ୍ତ ।

ଗନ୍ଧବହୁଲ, ବି. ପୁଂ. ଗୋଧୂମ, ଗହମ ।

ଗନ୍ଧବୀଜା, ବି. ସ୍ତ୍ରୀ. (ଗନ୍ଧ-ବୀଜ-ଆ) ମେଥି ।

ଗନ୍ଧଶାଳି, ବି. ପୁଂ. (ଗନ୍ଧ-ଶାଳି) ସୁଗନ୍ଧ ଧାନ୍ୟବିଶେଷ ।

ଗନ୍ଧଶୁଣ୍ଠି, ବି. ଏକପ୍ରକାର ସୁଗନ୍ଧ ଔଷଧ ଦ୍ରବ୍ୟ ।

ଗନ୍ଧଶେଖର, ବି. ପୁଂ. (ଗନ୍ଧ-ଶେଖର) ମୃଗନାଭି ।

ଗନ୍ଧଷଣ, ବି. ପୁଂ. ଅଧିବାସ । ଯଥା —

ପ୍ରଦୋଷ ନାଟରେ କଲେ ଗନ୍ଧଷଣବିଧି । ଲା. ବ.

ଗନ୍ଧିବା, କ୍ରି. ବି. ମଙ୍ଗୁଳିବା ।

ଗନ୍ଧସାର, ବି. ପୁଂ. ( ଗନ୍ଧ-ସାର ) ଚନ୍ଦନବୃକ୍ଷ, ଚନ୍ଦନ । ଯଥା—

ସାର ଗନ୍ଧସାର ପଙ୍କେ ଭୂଷିତ ହୋଇବେ,
ନନ୍ଦପଙ୍କ ପଙ୍କଜନନକୁ ଜଣାଇବେ ହେ । କୋ. ଟି

ଗନ୍ଧସୋମ, ବି. ନ. ( ଗନ୍ଧ-ସୋମ ) କୁମୁଦ, ଶ୍ୱେତୋତ୍ପଳ ।

ଗନ୍ଧହାରକା, ବି. ସ୍ତ୍ରୀ. ଶିଳ୍ପନିପୁଣା, ଯେଉଁ କାମିନୀ ପର ଘରେ ଯାଇ କାର୍ଯ୍ୟ କରେ ।

ଗନ୍ଧାଖୁ, ବି. ସ୍ତ୍ରୀ. ( ଗନ୍ଧ-ଆଖୁ ) ଗନ୍ଧମୂଷିକ, ଛୁଚୁନ୍ଦ୍ରା ।

ଗନ୍ଧାଜୀବ, ବି. ପୁଂ. (ଗନ୍ଧ-ଆଜୀବ) ଗନ୍ଧବଣିକ୍ ।

ଗନ୍ଧାଧିବାସ, ବି. ( ଗନ୍ଧ-ଅଧି-ବସ୍-ଅ ) ଅଭ୍ୟୁଦୟିକାଦି କର୍ମରେ ଚନ୍ଦନାଦିଦ୍ୱାରା ଯେଉଁ ଅଧିବାସ ହୁଏ ।

ଗନ୍ଧାର, ବି. ପୁଂ ( ଗନ୍ଧ-ଋ-ଅ ) ସ୍ୱରବିଶେଷ, ଦେଶବିଶେଷ, ଗାନ୍ଧାର, ସିନ୍ଦୂର ।

ଗନ୍ଧାଳୀ, ବି. ସ୍ତ୍ରୀ. (ଗନ୍ଧ-ଅଳୀ) ଲତାବିଶେଷ ।

ଗନ୍ଧାଶ୍ମା, ବି. ପୁଂ. (ଗନ୍ଧ-ଅଶ୍ମନ୍) ଗନ୍ଧକ ।

ଗନ୍ଧିଆ, ବିଂ. ଦୁର୍ଗନ୍ଧଯୁକ୍ତ ।

ଗନ୍ଧିକ, ବି. ପୁଂ. (ଗନ୍ଧ-ଇକ) ଗନ୍ଧକ ।

ଗନ୍ଧିପର୍ଣ୍ଣି, ବି. ପୁଂ. ( ଗନ୍ଧ-ପର୍ଣ୍ଣି ) ସପ୍ତଚ୍ଛଦ ବୃକ୍ଷ, ଛତିଆନା ଗଛ ।

ଗନ୍ଧୀ, ବିଂ. (ଗନ୍ଧ-ଇନ୍) ଉତ୍କୃଷ୍ଟ ଗନ୍ଧଯୁକ୍ତ ।

ଗନ୍ଧେଇବା, ଗନ୍ଧାଇବା } କ୍ରି. ( ଗନ୍ଧ ଧାତୁଜ ) ଦୁର୍ଗନ୍ଧ କରିବା ।

ଗନ୍ଧୋତ୍ତମା, ବି. ସ୍ତ୍ରୀ. ( ଗନ୍ଧ-ଉତ୍ତମା ) ମଦିରା, ମଦ୍ୟ ।

ଗନ୍ଧୋଲୀ, ବି. ସ୍ତ୍ରୀ. (ଗନ୍ଧ-ଓଲ-ଈ) ବିରୁଡ଼ି ।

ଗପ, ବି. ( ଗଳ୍ପ ଶବ୍ଦଜ ) କଥା, କାହାଣୀ, କଥାଭାଷା ।

ଗପଡ଼ା, ବିଂ. (ଦେଶଜ) ବହୁଭାଷୀ, ଯେଉଁ ଲୋକ ବେଶି ଗପେ ।

ଗଭସ୍ତି, ବି. ପୁଂ. ( ଗ-ଭସ୍-ତି ) ଚନ୍ଦ୍ର ଓ ସୂର୍ଯ୍ୟର କିରଣ ।

ଗଭସ୍ତି, ଗଭସ୍ତୀ } ବି. ସ୍ତ୍ରୀ. ( ଗ-ଭସ୍-ତି ) ସ୍ୱାହା, ଅଗ୍ନିପତ୍ନୀ ।

ଗଭସ୍ତିମାନ୍, ବି. ପୁଂ. (ଗଭସ୍ତି-ମତ୍) ସୂର୍ଯ୍ୟ । ନ. ସପ୍ତ ପାତାଳର ଗୋଟିଏ ପାତାଳ ।

ଗଭସ୍ତିହସ୍ତ, ବି. ପୁଂ. (ଗଭସ୍ତି-ହସ୍ତ) ସୂର୍ଯ୍ୟ ।

ଗଭା, ବି. (ଦେଶଜ) ଜୁଡ଼ା, ପୁଷ୍ପଗୁଚ୍ଛ । ଯଥା —

ଝରେ ଫୁଲଗଭା ଟାଙ୍ଗ୍ ମୋତେ ଶୋଭା
ସୁରଭିଙ୍କ ସୁଖସୀମା ଏ ମୋହନ । ର. କ.

ଗମ୍ଭୀର, ବିଂ. (ଗମ୍-ଈର, ମ୍=ଭ) ଗମ୍ଭୀର, ନିମ୍ନ, ଅଗାଧ, ଗାଢ଼, ଦୁଷ୍ପ୍ରବେଶ୍ୟ, ଯଥା— ଗମ୍ଭୀର ବୁଦ୍ଧି; ଯାହା ହର୍ଷବିଷାଦାଦି କାରଣରେ ବିଚଳିତ ହୁଏ ନାହିଁ, ଯଥା— ଗମ୍ଭୀର ସ୍ୱଭାବ; ନିବିଡ଼, ଘୋର, ଯଥା— ଗମ୍ଭୀର ନିଶୀଥ, ଗମ୍ଭୀର ଅରଣ୍ୟ; ଅତି ଉଚ୍ଚ ଓ ବହୁକ୍ଷଣସ୍ଥାୟୀ, ଯଥା— ଗମ୍ଭୀର ଶବ୍ଦ; ଦୁର୍ଗମ, ଦୁର୍ବାର, ଦୁର୍ଦ୍ଧର୍ଷ ।

ଗମ୍ଭୀରତା, ବ. ସ୍ତ୍ରୀ. (ଗମ୍ଭୀର-ତା) ଗମ୍ଭୀରଭାବ ।

ଗମ୍ଭୀରିକା, ବ. ସ୍ତ୍ରୀ. (ଗମ୍ଭୀର-ଇକ-ଆ) ବଡ଼ ଜଗାଇ ।

ଗମ, ବ. ପୁଂ. (ଗମ୍-ଅ) ଗମନ, ପଥ ।

ଗମକ, ବିଂ. (ଗମି-ଅକ) ଜ୍ଞାପକ, ପ୍ରେରକ, ଗମୟିତା ।

ଗମନ, ବ. ନ. (ଗମ୍-ଅନ) ଗତି, ପାଦବିକ୍ଷେପ, ଯିବା, ପଥ ।

ଗମନାଗମନ, ବ. ନ. (ଗମନ-ଆଗମନ) ଯିବା-ଆସିବା ।

ଗମର, ବିଂ. (ଦେଶଜ) ମଇଳା ଧରିବା, ଫିମ୍ପି ମାଡ଼ିଯିବା ।

ଗମାଗମ, ବ. ପୁଂ. (ଗମ-ଆଗମ) ତତ୍ସତତ, ସଂସାର, ଯିବାଆସିବା ।

ଗମିତ, ବିଂ. (ଗମି-ତ) ପ୍ରାପିତ, ଜ୍ଞାପିତ, ଅତିବାହିତ ।

ଗମିବା, କ୍ରି. ବ. (ଗମ୍ ଧାତୁଜ) ଗମନ କରିବା, ପ୍ରବେଶ କରିବା, ବୁଝି ପାରିବା, ଧାରଣା କରି ପାରିବା । ଯଥା—

ଗୋପ୍ୟ ଗୁଣାବଳୀ ବେଦ ଶୋଭିତ ଦୂରେ,
ଗମି ନ ପାରେ ନିଗମ ନାମ ଉତେ । ର. ଚ.

ଗମ୍ଭାରୀ, ବ. ସ୍ୱନାମ ପ୍ରସିଦ୍ଧ ବୃକ୍ଷବିଶେଷ ।

ଗମ୍ଭୀର ବିଂ. (ଗମ୍-ଈର) ଗମ୍ଭୀର, ନିବଡ଼, ଅଗାଧ ।

ଗମ୍ଭୀରବେଦୀ, ବ. ପୁଂ. (ଗମ୍ଭୀର-ବେଦୀ) ଦୁର୍ଦ୍ଦାନ୍ତହସ୍ତୀ, ତ୍ୱକ୍‌ଭେଦ, ଶୋଣିତକ୍ଷରଣ ଓ ମାଂସ କର୍ତ୍ତନରେ ମଧ୍ୟ ଯେଉଁ ହସ୍ତୀର ଚୈତନ୍ୟ ହୁଏ ନାହିଁ ।

ଗମ୍ଭୀରା, ବ. (ଗମ୍ଭୀର ଶବ୍ଦଜ) ଦେଉଳର ଭିତର ଘର ।

ଗମ୍ଭୀର, କୋଠରି ଘର ଭିତରି ଘର । ଯଥା—

ଗମ୍ଭୀର ଭିତରେ କିଏ ବସିଛି,
ଗୋଷ୍ଟ ଗୋଷ୍ଟ କରି ମାଂସ ଭକ୍ଷୁଛି ।

ଗମ୍ଭୀରସାମନ୍ତ, ବ. ପୁଂ. ( ଗମ୍ଭୀର-ସାମନ୍ତ ) ଯୁବରାଜ, ରାଜପୁତ୍ର ।

ଗମ୍ୟ, ବିଂ. (ଗମ୍-ଯ) ଗମନଯୋଗ୍ୟ, ପ୍ରାପ୍ୟ, ଉଦ୍ଦେଶ୍ୟ, ଅନୁମେୟ, ସାଧ୍ୟ, ଜ୍ଞେୟ, ଭୋଗ୍ୟ, ଉତ୍ତରଣଯୋଗ୍ୟ, ନିସ୍ତୀର୍ଯ୍ୟ, ଭୂଳଙ୍ଘ, ସହ୍ୟ ।

ଗମ୍ୟମାନ, ବିଂ. (ଗମ-ଆନ, ଯ, ମ ଆଗମ) ଜ୍ଞାପ୍ୟମାନ, ଅନୁମୀୟମାନ ।

ଗୟ, ବ. ପୁଂ. (ଗୈ-ଅ) ଅସୁରବିଶେଷ, ବାନରବିଶେଷ, ନୃପବିଶେଷ, ଏ ଗୟାସୁରଙ୍କୁ ସ୍ଥାପନ କରିଥିଲେ ।

ଗୟଲ, ବ. (ଦେଶଜ) ବନ୍ୟ ଜନ୍ତୁବିଶେଷ, ବଡ଼ ବଡ଼ କାଠ ।

ଗୟା, ବ. ସ୍ତ୍ରୀ. (ଗୟ-ଆ) ଗୟ ରାଜର୍ଷିଙ୍କ ପୁରୀ, ପ୍ରସିଦ୍ଧ ତୀର୍ଥସ୍ଥାନ ।

ଗୟାଳ, ବ. (ଦେଶଜ) ଗୟାକ୍ଷେତ୍ରର ଅଧିକାରୀ ସମ୍ପ୍ରଦାୟବିଶେଷ, ପଣ୍ଡା ।

ଗର, ବ. ପୁଂ. (ଗୃ = ଭୋଜନ କରିବା-ଅ) ରୋଗ । ନ. ବିଷ । ଯଥା—

ଗର ଗିଳି ଦେବାକୁ ହେଉଛି ମନ ।

(ଦେଶଜ) ମୁଣ୍ଡିକାଠ, କାଷ୍ଠଖଣ୍ଡ ।

ଗରକଣ୍ଠପର, ବ. ପୁଂ. (ଗର-କଣ୍ଠ-ପର) ଅନଙ୍ଗ, କନ୍ଦର୍ପ, କାମ । ଯଥା—

ଗରକଣ୍ଠପର ପରମ କଣ୍ଟକୁ ମନରୁ କଲା ଅନ୍ତର । ପ୍ରେ. ସୁ.

ଗରଗଡ଼, ବ. (ଦେଶଜ) ଧାନ୍ୟକ୍ଷେତ୍ରରେ ଜାତ ଅକର୍ମଣ୍ୟ ଶସ୍ୟବିଶେଷ ।

ଗରଗର, ବିଂ. (ଦେଶଜ) ରାଗାନ୍ୱିତ, ଜର୍ଜ୍ଜରିତ । ଯଥା—

ଗରଗର ପ୍ରେମ ହୃଦୟକୁ କରେ । ବ. ଚ.

ଗରଜ, (ଯାବନିକ) ପ୍ରୟୋଜନ, ଆବଶ୍ୟକ ।

ଗରଣ, ବ. ନ. (ଗୃ-ବା ଗୃ-ଅନ) ସେଚନ, ଭକ୍ଷଣ, ବିଷ ।

ଗରଦ, ବିଂ. (ଗର-ଦା-ଅ) ବିଷପ୍ରୟୋକ୍ତା, ଯେ ବ୍ୟକ୍ତି ବିଷ ଦିଏ । ଯଥା—

ସାଧିଛି ସେ ପରଛିଦ୍ର ଶାଠ୍ୟ ମହୋତ୍ସାହେ,
ଅର୍ଚ୍ଚିତ, ଗରଦ, କୂଟଲେଖ୍ୟର ଲେଖକ । ମ. ଯା.

ଗରବ୍ରତ, ବି. ପୁଂ. (ଗର-ବ୍ରତ) ମୟୂର ।

ଗରଭ, ବି. ପୁଂ. (ଗୃ=ଯରତ ହେବା-ଅଭ) ଗର୍ଭ ।

ଗରମ, ବି°. (ଯାବନିକ) ତାତିଲା, ଉତ୍ତପ୍ତ ।

ଗରଳ, ବି. ନ. (ଗର-ଲ) ବିଷ, ସର୍ପବିଷ ।

ଯଥା—

ଭୋଗୀ ଭୋଗକୁ ଯୋଗିଲା ମଳୟ ଅନିଳ,
ଶିବ କଣ୍ଠେ କଷ୍ଟ ସିନ୍ଧୁମନ୍ଥନେ ଗରଳ । ଲା. ବ.

ଘାସର ବିଡ଼ା ।

ଗରା } ବି. ( ଗର୍ଗର ଶବ୍ଦଜ ) ପିତ୍ତଳ
ଗଗରା } ମାଠିଆ, ଘଟ, କଳସ ।

ଗରାଖ, ବି. ( ଗ୍ରାହକ ଶବ୍ଦର ଅପଭ୍ରଂଶ ) ଗ୍ରାହକ ।

ଗରାଧିକା, ବି. ସ୍ତ୍ରୀ. ଲାକ୍ଷା, ଜଉ ।

ଗରିମା, ବି. ପୁଂ. (ଗୁରୁ-ଇମନ୍) ଗୌରବ, ମାହାତ୍ମ୍ୟ, ଭାର, ଗୁରୁତ୍ୱ, ମହିମା ।

ଗରିବ, ବି°. (ଯାବନିକ) ଦରିଦ୍ର ।

ଗରିଷ୍ଠ } ବି°. (ଗୁରୁ-ଇଷ୍ଠ, ଇୟସ୍)
ଗରୀୟାନ୍ } ମର୍ଯ୍ୟାଦାପନ୍ନ, ଅତ୍ୟନ୍ତ ଭାରି, ସାର୍ଥକ, ଅତି ମହତ୍, ଅତି ଗୌରବାନ୍ୱିତ

ଯଥା—

ଗ୍ରହପତିରୁ ଅଧିକ ତେଜୋବନ୍ତ,
ଗରୀୟାନ ଶର୍ଣାଠାରୁ ଶୀତଳ ତ । ବି° ଚ.

ଗରୀୟସୀ, ବି°. (ଗୁରୁ-ଇୟସ୍-ଈ) ମାନନୀୟା, ଗୌରବାନ୍ୱିତା ।

ଗରୁ } ( ବି°. ଗୁରୁ ଶବ୍ଦଜ ) ଭାରି ।
ଗରୁଅ }

ଗରୁଗର, ବି°. (ଗ୍ରାମ୍ୟ) ଗର୍ଭିଣୀ ।

ଗରୁଡ଼, ବି. ପୁଂ. ( ଗରୁତ୍-ଡ଼ୀ-ଅ, ତ୍‌ଲୋପ ) ପକ୍ଷିରାଜ, ବିଷ୍ଣୁଙ୍କ ବାହନ, ବୈନତେୟ, ଖଗେଶ୍ୱର, ଏହି ପକ୍ଷୀ ଗୁରୁତର ଭାର ବହନ କରେ ବୋଲି ଏହାର ନାମ ଗରୁଡ଼ ହୋଇ-ଅଛି ।

ଗରୁଡଧ୍ୱଜ, ବି. ପୁଂ. ( ଗରୁଡ-ଧ୍ୱଜ ) ବିଷ୍ଣୁ, କୃଷ୍ଣ ।

ଗରୁଡପୁରାଣ, ବି. ନ. ଅଷ୍ଟାଦଶ ପୁରାଣାନ୍ତର୍ଗତ ସପ୍ତଦଶ ମହାପୁରାଣ ।

ଗରୁଡାଗ୍ରଜ, ବି. ପୁଂ. (ଗରୁଡ-ଅଗ୍ରଜ) ଅରୁଣ, ସୂର୍ଯ୍ୟ ସାରଥି ।

ଗରୁଡାଙ୍କିତ, ବି. ନ. (ଗରୁଡ-ଅଙ୍କିତ) ମରକତ ମଣି ।

ଗରୁଡାଶ୍ମା, ବି. ପୁଂ. ( ଗରୁଡ-ଅଶ୍ମନ୍ ) ମରକତ ମଣି ।

ଗରୁତ୍, ବି. ପୁଂ. ( ଗୃ=ଶବ୍ଦ କରିବା, ଆର୍ଦ୍ର କରିବା-ଉତ୍ ) ପକ୍ଷ, ପକ୍ଷିର ଡେଣା ।

ଗରୁତ୍ମାନ୍, ବି. ପୁଂ. ( ଗରୁତ୍-ମତ୍ ) ଗରୁଡ଼, ପକ୍ଷୀ ।

ଗର୍ଗ, ବି. ପୁଂ. (ଗୃ-ଗ) ମୁନିବିଶେଷ ।

ଗର୍ଗର, ପୁଂ. } ବି (ଗର୍ଗ=ଅନୁକରଣ ଶବ୍ଦ-ର
ଗର୍ଗରୀ, ସ୍ତ୍ରୀ. } ଈ) ଘଟ, କଳସ, ଗରା, ଦଧିମନ୍ଥନପାତ୍ର ।

ଗର୍ଜ, ବି. ପୁଂ. ( ଗର୍ଜ୍-ଅ ) ଗର୍ଜନ, ମେଘ, ହସ୍ତିପ୍ରଭୃତିର ଶବ୍ଦ ।

ଗର୍ଜକ, ବି°. (ଗର୍ଜ୍-ଅକ) ଯେ ଗର୍ଜନ କରେ ।

ଗର୍ଜନ } ବି. ନ. (ଗର୍ଜ୍-ଅନ, ତ) ନାଦ,
ଗର୍ଜିତ } ଶବ୍ଦ, ସ୍ପର୍ଦ୍ଧା, ମେଘ, ସିଂହ, ହସ୍ତି-ପ୍ରଭୃତିର ଶବ୍ଦ ।

ଗର୍ଜ୍ଜର, ବି. ନ. ମୂଳବିଶେଷ, ଗାଜର ।

ଗର୍ଜ୍ଜିତ, ବି°. (ଗର୍ଜ୍ଜ-ତ) ଯେ ଗର୍ଜ୍ଜନ କରିଅଛି ।
ବି. ମତ୍ତ ହସ୍ତୀ ।

ଗର୍ତ୍ତ, ବି. ପୁଂ. ( ଗୃ-ତ ) ରନ୍ଧ୍ର, ଛିଦ୍ର, ଗହ୍ୱର, ତ୍ରିଗର୍ତ୍ତ ଦେଶ । ସ୍ତ୍ରୀ. ନିତମ୍ବର କୁକୁନ୍ଦର, ରୋଗବିଶେଷ ।

ଗର୍ତ୍ତିକା, ବି. ସ୍ତ୍ରୀ. (ଗର୍ତ୍ତ-ଇକ-ଆ) ତନ୍ତୁଶାଳା, ତନ୍ତଘର ।

ଗର୍ଦ୍ଦଭ } ବି. ପୁଂ. ( ଗର୍ଦ୍ଦ-ଅଭ, ଈ ) ଗଧ ।
ଗର୍ଦ୍ଦଭୀ, } ନ. ଶ୍ୱେତକୁମୁଦ, ବିଡ଼ଙ୍ଗ ।

ଗର୍ଦ୍ଧ, ବ. ପୁଂ. ( ଗୃଧ୍-ଅ ) ଲୋଭ, ଲିପ୍ସା, ସ୍ପୃହା ।

ଗର୍ଦ୍ଧନ, ବିଂ. ( ଗୃଧ୍-ଅନ ) ଲୁବ୍ଧ, ଲୋଲୁପ, ଲୋଭୀ ।

ଗର୍ଭ } ବ. ପୁଂ. (ଗୃ-ଭ) କୁକ୍ଷି, ଏହି ସ୍ଥାନରେ
ଗର୍ବ୍ଭ } ଶୁକ୍ର ଶୋଣିତ ସମବେତ ହୋଇ ସନ୍ତାନରୂପରେ ପରିଣତ ହୁଏ, ଅଭ୍ୟନ୍ତର, ନଦୀଗର୍ଭ, ଗର୍ଭସ୍ଥ ପ୍ରାଣୀ, ଅଗ୍ନି, ଅନ୍ନ, ପୁତ୍ର, ନାଟ୍ୟରେ ସନ୍ଧିବିଶେଷ ।

ଗର୍ଭକ, ବ. ପୁଂ. (ଗର୍ଭ-କ) କେଶମଧ୍ୟପରିବୃତ ମାଲ୍ୟ, ଖୋସାରେ ଜଡ଼ିଥିବା ମାଳା, କେଶଭୂଷଣ ପୁଷ୍ପ । ଯଥା—

> ବକୁଳ ଗର୍ଭକ ସୁଧା ଉଦ୍ଧାରନ୍ତି,
> ଭସ୍ମର ନ ଦେଇ ଗନ୍ଧ ଯେ ।

ନ. ଦୁଇ ରାତ୍ରି ଏକ ଦିନ ।

ଗର୍ଭକେଶର, (Pistil) ବ. ପୁଂ. ନ. ପୁଷ୍ପ କେଶରର ମଧ୍ୟସ୍ଥ ସୂକ୍ଷ୍ମ ପତ୍ର ପଦାର୍ଥ, ଏହାର ଶିରୋଭାଗରେ ଅଠା ପରି ଏକପ୍ରକାର ଦ୍ରବ ପଦାର୍ଥ ଥାଏ ।

ଗର୍ଭକୋଷ, ବ. ପୁଂ. ଗର୍ଭାଶୟ ।

ଗର୍ଭଗୃହ, ବ. ନ. ( ଗର୍ଭ-ଗୃହ ) ଘରଭିତରର ଘର, ଗର୍ଭାଗାର, ସୂତିକାଗାର ।

ଗର୍ଭଣା, ବ. ସ୍ତ୍ରୀ. ସଂକ୍ରାନ୍ତି ବେଳାରେ ଭୁଲା ମାସର ଆଦ୍ୟ ଦିବସ । ଯଥା—

> "ଅଗେ ଦୂଣ ପଛେ ଦୂଣ ଗର୍ଭଣାକୁ ନେଣ ନେଣ ।"

ଗର୍ଭଣ୍ଡ, ବ. ପୁଂ. (ଗର୍ଭ-ଅଣ୍ଡ) ନାଭିର ଗଣ୍ଡି ।

ଗର୍ଭଦୋହଦ, ବ. ନ. ଗର୍ଭାଭିଳାଷ, ଗର୍ଭ ହେଲେ ଯାହା ଖାଇବାକୁ ଇଚ୍ଛା ହୁଏ, ସାଧ ।

ଗର୍ଭଧାରଣ, ବ. ନ. (ଗର୍ଭ-ଧୃ-ଅନ୍) ଅପତ୍ୟୋତ୍ପାଦନାର୍ଥ ଶୁକ୍ର ଶୋଣିତ ସଂଯୋଗରୂପ ଗର୍ଭଗ୍ରହଣ, ଗର୍ଭରେ ସନ୍ତାନ ଧାରଣ ।

ଗର୍ଭଧାରିଣୀ, ବ. ସ୍ତ୍ରୀ. ( ଗର୍ଭ-ଧୃ-ଇନ୍-ଈ ) ଯେ ଗର୍ଭରେ ଧରେ, ମାତା ।

ଗର୍ଭପରିସ୍ରବ, ବ. ପୁଂ. ( ଗର୍ଭ-ପରିସ୍ରବ ) ଅପତ୍ୟ ପ୍ରସବ ହେଲା ପରେ ଯେଉଁ ଗର୍ଭପୁଟୁଳି ପଡ଼େ ସାଧାରଣରେ ତାହାକୁ ଫୁଲ ବୋଲାଯାଏ ।

ଗର୍ଭପାତ, ବ. ପୁଂ. ( ଗର୍ଭ-ପାତ ) ଗର୍ଭସ୍ରାବ, ଗର୍ଭ ନଷ୍ଟ ହେବା ।

ଗର୍ଭପାତନ, ବ. ନ. (ଗର୍ଭ-ପାତନ) ଭ୍ରୂଣହତ୍ୟା ।

ଗର୍ଭବତୀ, ବ. ସ୍ତ୍ରୀ. ( ଗର୍ଭ-ବତ୍-ଈ ) ଗର୍ଭିଣୀ, ଅନ୍ତଃସତ୍ତ୍ୱା, ଯେଉଁ ସ୍ତ୍ରୀର ଗର୍ଭ ହୋଇଅଛି ।

ଗର୍ଭସଂକ୍ରମଣ, ବ. ନ. (ଗର୍ଭ-ସଂକ୍ରମଣ) ଦେହାନ୍ତର ପ୍ରାପ୍ତି ନିମିତ୍ତ ଜୀବର ଗର୍ଭପ୍ରବେଶ ।

ଗର୍ଭସମୟ, ବ. ପୁଂ. ( ଗର୍ଭ-ସମୟ ) ଋତୁସ୍ନାନ ଉତ୍ତାରେ ପୁରୁଷସଂଯୋଗ କାଳ ।

ଗର୍ଭସ୍ଥ, ବିଂ. ( ଗର୍ଭ-ସ୍ଥ ) ଯାହା ଗର୍ଭରେ ଅଛି, ମଧ୍ୟସ୍ଥିତ ।

ଗର୍ଭସ୍ରାବ, ବ. ପୁଂ. (ଗର୍ଭ-ସ୍ରାବ) ଗର୍ଭପାତ, ପେଟ ଭାଙ୍ଗିଯିବା ।

ଗର୍ଭାଗାର, ବ. ନ. ( ଗର୍ଭ-ଅଗାର ) ବାସଗୃହ, ଅନ୍ତର୍ଗୃହ, ସୂତିକାଗୃହ ।

ଗର୍ଭାଙ୍କ, ବ. ପୁଂ. ନାଟକାନ୍ତର୍ଗତ କ୍ଷୁଦ୍ର ଅଙ୍କ ।

ଗର୍ଭାଧାନ, ବ. ନ. ( ଗର୍ଭ-ଆଧାନ ) ସଂସ୍କାରବିଶେଷ, ନିଷେକ କ୍ରିୟା, ଗର୍ଭରେ ଶୁକ୍ର ଶୋଣିତର ସମବାୟ, ଗର୍ଭଧାରଣ ।

ଗର୍ଭାଶୟ, ବ. ପୁଂ. ( ଗର୍ଭ-ଆଶୟ ) ଗର୍ଭଶଯ୍ୟା, ଜରାୟୁ ।

ଗର୍ଭିଣୀ, ବ. ସ୍ତ୍ରୀ (ଗର୍ଭ-ଇନ୍-ଈ) ଗର୍ଭବତୀ ।

ଗର୍ଭିତ, ବିଂ. (ଗର୍ଭ-ଇତ) ଅନ୍ତର୍ଗତ, ଗର୍ଭଯୁକ୍ତ ।

ଗର୍ଭୋପଘାତିନୀ, ବ. ସ୍ତ୍ରୀ. ( ଗର୍ଭ-ଉପ-ହନ୍-ଇନ୍-ଈ ) ଅସମୟରେ ବୃଷୋପଗମନାଦି ପ୍ରଯୁକ୍ତ ଯେଉଁ ଗାଭୀର ଗର୍ଭପାତ ହୁଏ ।

ଗର୍ମୁତ୍, ବ. ସ୍ତ୍ରୀ. (ଗୃ-ଉତ୍, ମ ଆଗମ) ସୁବର୍ଣ୍ଣଲତା, ତୃଣବିଶେଷ ।

ଗର୍ବ, ବି. ପୁଂ. ( ଗର୍ବ୍-ଅ ) ଦର୍ପ, ଅହଙ୍କାର, ଐଶ୍ୱର୍ଯ୍ୟରୂପ କୁଳବିଦ୍ୟା ଅନ୍ୟକୁ ଅବଜ୍ଞା, ପ୍ରଭୃତିଦ୍ୱାରା ଉତ୍ପନ୍ନ ବଶତଃ ଅନ୍ୟ ପ୍ରତି ଯେଉଁ ଅବଜ୍ଞା ।

ଗର୍ବର, ବିଂ. ( ଗୃ-ବର ଅଥବା ଗର୍ବ-ର ) ଅହଙ୍କାରୀ ।

ଗର୍ବାଟ, ବି. ପୁଂ. (ଗର୍ବ-ଅଟ) ଦ୍ୱାରପାଳ ।

ଗର୍ବିତ, ବିଂ. (ଗର୍ବ-ଇତ) ଅହଙ୍କୃତ, ଉଦ୍ଧତ ।

ଗର୍ବୀ, ବିଂ. (ଗର୍ବ-ଇନ୍) ଅହଙ୍କାରୀ ।

ଗର୍ହଣ, ନ. } ବି. ( ଗର୍ହ-ଅନ, ଆ ) ନିନ୍ଦା,
ଗର୍ହଣା ସ୍ତ୍ରୀ } ଦୋଷାରୋପ, ତିରସ୍କାର ।

ଗର୍ହିତ } ବିଂ. ( ଗର୍ହ-ତ, ଯ ) ନିନ୍ଦିତ, ଦୂଷ୍ୟ,
ଗର୍ହ୍ୟ } ନିଷିଦ୍ଧ, ଜଘନ୍ୟ ।

ଗଳ, ବି. ପୁଂ. (ଗଲ୍-ଅ) କଣ୍ଠ, ଗଳା, ଝୁଣା, ବାଦ୍ୟବିଶେଷ ।

ଗଳକମ୍ବଳ, ବି ପୁଂ. (ଗଳ-କମ୍ବଳ) ଗୋରୁର ଗଳଲମ୍ବିତ କମ୍ବଳାକୃତି ମାଂସ, ସାସ୍ନା ।

ଗଳଗଣ୍ଡ, ବି. ପୁଂ. (ଗଳ-ଗଣ୍ଡ) ରୋଗବିଶେଷ, ଗଳଦେଶର ମାଂସପିଣ୍ଡ, ହାଡ଼ଗଲା ପକ୍ଷୀ ।

ଗଳଗଳ, କ୍ରି. ଲୁଣ୍ଠାଇ ହେବା, ସଳସଳ ।

ଗଳଗ୍ରହ, ବି. ପୁଂ. (ଗଳ-ଗ୍ରହ) ସ୍ୱୟଂ ଉତ୍ଥାପିତ ଅପରିହାର୍ଯ୍ୟ ଆପଦ୍, ଅକାରଣରେ ଓ ଅନିଚ୍ଛାପୂର୍ବକ ଯାହାର ଭାର ନିଆ ଯାଇଥାଏ, ଗଳାର ବୋଝ, ମତ୍ସ୍ୟଘଣ୍ଟ, ତିଥିବିଶେଷ, ଅସମାପ୍ତ କର୍ମ ।

ଗଳଦଶ୍ରୁ, ବିଂ.(ଗଳତ୍-ଅଶ୍ରୁ) ଯାହାର ଚକ୍ଷୁରୁ ଅଶ୍ରୁ ନିର୍ଗତ ହେଉଅଛି, ଯହିଁରୁ ଅଶ୍ରୁ ନିର୍ଗତ ହେଉଅଛି ।

ଗଳନ, ବି. ନ. ( ଗଲ୍-ଅନ ) ଦ୍ରବ ହେବା ତରଳିଯିବା, ପତନ ।

ଗଳଥା, ବି. ସ୍ତ୍ରୀ. (ଗଳ-ଥା) ଝଣ୍ଟିଆ । ଯଥା—
ସ୍ଫୁଟିତ ମୃଦୁ ବିରହିପୁଚ୍ଛ ଲକ୍ଷ ହେବାପାଇଁ
ଗଳଥା ଟାଳିଲ ଯାଇ ଲୋଟଣ ପାଣ । ସ୍ୱ. ପ.

ଗଳମେଖଳା, ବି. ସ୍ତ୍ରୀ. ( ଗଳ-ମେଖଳା ) ଗ୍ରୀବାଭରଣବିଶେଷ ।

ଗଳରନ୍ଧ୍ର, ବି. ନ. (ଗଳ-ରନ୍ଧ୍ର) ଗଳାର ଛିଦ୍ର ।

ଗଳସ୍ତନୀ, ବି. ସ୍ତ୍ରୀ. (ଗଳ-ସ୍ତନ) ଛେଳି, ଅଜା ।

ଗଳହସ୍ତ, ବି. ପୁଂ. (ଗଳ-ହସ୍ତ) ଅର୍ଦ୍ଧଚନ୍ଦ୍ର, ଗଳା ଚିପି ଦେବା, ଗଳାରେ ଧକ୍କା ଦେବା ।

ଗଳା, ବି. ( ଗଳ ଶବ୍ଦଜ ) କଣ୍ଠ, ଗଳଦେଶ । ବିଂ. ଗଳିତ, ଦ୍ରବୀଭୂତ ।

ଗଳାଇବା, କ୍ରି. (ଦେଶଜ) ପୂରାଇବା, ପ୍ରବେଶ କରାଇବା ।

ଗଳି, ବି. (ଦେଶଜ) ଅଳ୍ପ ପରିସର ପଥ, କ୍ଷୁଦ୍ର ପଥ ।

ଗଳିଆ, ବି. (ଦେଶଜ) ଜଳ ନିର୍ଗମନର କ୍ଷୁଦ୍ର ପଥ ।

ଗଳିଜ, ବି. (ଯାବନିକ) ମଇଳା, ବିଷ୍ଠା ।

ଗଳିତ, ବିଂ. ( ଗଲ-ତ ) ପତିତ, କ୍ଷରିତ, ଦ୍ରବୀଭୂତ ।

ଗଳିବା, କ୍ରି. ବି. ( ଗଳ ଧାତୁଜ ) ସଙ୍କୀର୍ଣ୍ଣ ସ୍ଥଳରେ ସଂକୁଚିତ ହୋଇ ପ୍ରବିଷ୍ଟ ହେବା, ତରଳିତ ହେବା, ପତିତ ହେବା । ଯଥା—
ହରିଚେଉଁନ ନସ୍କରୁ ଗଳୁଛି ଅଶ୍ରୁଧାର ।

ଗଳୁ, କ୍ରି. ବି. ( ଦେଶଜ ) ଗଳଗଳ ହେବା, ଲୁଣ୍ଠେଇ ହେବା । କ୍ରି. ଅମାନ୍ୟାର୍ଥରେ ଯିବା ।

ଗଳ୍ପ, ବି.ନ (ଭାଷଣାର୍ଥ ଜଳ୍ପ ଧାତୁଜ)ଉପନ୍ୟାସ, ଉପକଥା ।

ଗଳ୍ଭ, ବିଂ. (ଗଲ୍ଭ-ଅ) ପ୍ରଗଲ୍ଭ, ଧୃଷ୍ଟ ।

ଗଲ୍ଲ, ବି. ପୁଂ. (ଗଲ୍-ଲ) ଗଣ୍ଡ, ଗାଲ ।

ଗଲ୍ଲକ, ବି. ପୁଂ. (ଗଲ୍ଲ-କ) ଚଷକ, ମଦ୍ୟପାନ-ପାତ୍ର ।

ଗବ, ବି. (ଦେଶଜ) ଏରଣ୍ଡ ବୃକ୍ଷ, ଜଡ଼ା ଗଛ ।

ଗବନ୍ଧ, ବି. ନ. (ଗୋ-ଅନ୍ଧ) ନଡ଼ା, ଘାସକୁଟା ।

ଗବୟ, ବି ପୁଂ. (ଗୋ-ଅୟ୍-ଅ) ବାନରବିଶେଷ, ଗୋ ସଦୃଶ ଜନ୍ତୁବିଶେଷ ।

ଗବୟୀ, ବି. ସ୍ତ୍ରୀ.(ଗୋ-ଅୟ୍-ଈ) ଗଳକମ୍ବଳଶୂନ୍ୟ ଗୋ ଜାତୀୟ ପଶୁ ।

ଗବଲ୍ଗନ, ବି. ପୁଂ. (ଗବ-ଲ୍ଗନ୍) ବୃଷ, ଷଣ୍ଢ ।

ଗବଲ, ବି. ପୁଂ. (ଗୁ-ଅଲ) ବନ୍ୟ ମହିଷ । ନ. ମହିଷଶୃଙ୍ଗ ।

ଗବାକ୍ଷ, ବି. ପୁଂ. (ଗୋ-ଅକ୍ଷ) ବାନରବିଶେଷ, ଝରକା, ଖିଡ଼କି, ବାତାୟନ । ଯଥା—

ଖୋଜି ନ ପାଇ କଲି ପ୍ରବାଦ ଲେଙ୍କା,
ଭୂଧରେ ଫେରି ଦେଲି ଗବାକ୍ଷପୁଞ୍ଜ। ଯେ ।

ଗବାଦନ, ବି. ନ. (ଗୋ-ଅଦନ) ଘାସ, ତୃଣ ।

ଗବାଦନୀ, ବି. ସ୍ତ୍ରୀ. ଗୋରୁର ଘାସ ଖାଇବା ପାତ୍ର, ନୀଳ ଅପରାଜିତା ।

ଗବାମ୍ପତି, ବି. ପୁଂ. ବୃଷ. ଗୋପାଳକ, ଚନ୍ଦ୍ର, ସୂର୍ଯ୍ୟ, ବହ୍ନି ।

ଗବାଶନ, ବି. ପୁଂ. (ଗୋ-ଅଶନ) ଗୋଖାଦକ, କଂସେଇ, ମୋଚି, ଚର୍ମକାର ।

ଗବିନୀ, ବି. ସ୍ତ୍ରୀ. (ଗୋ-ଇନ୍ ଈ,) ଗୋସମୂହ ।

ଗବୀ, ବି. ସ୍ତ୍ରୀ. (ଗୋ-ଈ) ଗାଭୀ, ଗାଈ ।

ଗବେଡୁ, ବି. ପୁଂ. (ଗୋ-ଏଡ଼-ଉ) ମେଘ । ସ୍ତ୍ରୀ. ତୃଣଧାନ୍ୟ, ଗଇଗଡ଼ା ।

ଗବେଧୁ } ବି, ସ୍ତ୍ରୀ. ( ଗୋ-ଏଧ-ଉ ) ତୃଣ-
ଗବେଧୁକା } ଧାନ୍ୟ, ଗଇଗଡ଼ା ।

ଗବେରୁକ, ବି. ନ. (ଗୋ-ଏର-ଉକ) ଗୈରିକ, ଗେରୁମାଟି ।

ଗବେଷଣ, ନ. } ବି. ( ଗବେଷ୍-ଅନ, ଆ )
ଗବେଷଣା, ସ୍ତ୍ରୀ } ଅନ୍ୱେଷଣ, ଅନୁସନ୍ଧାନ । ବି. ପୁଂ ନୃପବିଶେଷ ।

ଗବେଷିତ, ବିଂ. (ଗବେଷ୍-ତ) ଅନ୍ୱେଷିତ ।

ଗବ୍ୟ, ବିଂ. ( ଗୋ-ଯ ) ଗୋସମ୍ବନ୍ଧୀୟ, ଦୁଗ୍ଧ, ଦଧ୍ୟାଦି, ଘୃତ ।

ଗବ୍ୟୂତ, ନ } ବି. ( ଗୋ-ଯୁ-ତ, ତି ) ଦୁଇ
ଗବ୍ୟୂତି, ସ୍ତ୍ରୀ } କ୍ରୋଶ ପରିମାଣ ।

ଗସ୍ତ, ବି. (ଯାବନିକ) ଭ୍ରମଣ, କାର୍ଯ୍ୟୋପଲକ୍ଷରେ ବୁଲିବା ।

ଗହକ, ବି. (ଗ୍ରାମ୍ୟ) ଗ୍ରାହକ. ଯେ କିଣେ ।

ଗହଣ, ବି. (ଦେଶଜ) ସମାଜ, ଲୋକସମୂହ । ଯଥା—

ସଖୀଏ ଥିଲେ ଗହଣେ,
ଠାରିଦେଲୁ ନେତ୍ରକୋଣେ ।

ଗହଣା, ବି. ( ଦେଶଜ ) ଆଭରଣ, ଭୂଷଣ, ଅଲଙ୍କାର ।

ଗହନ, ବିଂ. (ଗହ୍-ଅନ) ଦୁର୍ଗମ, ଦୁଷ୍ପ୍ରବେଶ୍ୟ, ଦୁରୂହ, ଦୁର୍ବୋଧ । ବି. ବନ, ଗହ୍ୱର, ଯାତନା, ଦୁଃଖ । ଯଥା—

ବୋଇଲି ଲୋ ଗଲି ପୁତ୍ର ବାହୁଡ଼ି ନଇଲି ।
ଗହନ ତ ବୃନ୍ଦାବନ ଶୋଭ ନ ପାଇଲି ଲୋ, ବୋଇଲି ।

ଗହମ, ବି. (ଗୋଧୂମ ଶବ୍ଦଜ) ଗୋଧୂମ, ଶସ୍ୟ-ବିଶେଷ ।

ଗହଳ } ବିଂ. (ଗହନ ଶବ୍ଦଜ) ଘନ, ଘଞ୍ଚାଘଞ୍ଚି ।
ଗହଳି } ବି. ଗୋଳମାଳ । ଯଥା—

ଚଣ୍ଡିକା ଦେଉଳେ ଲାଗିଛି ଗହଳ । ନ. ଦେ.
ଗୋଳିଆ ନ ଲଭି କହ ଚନ୍ଦ୍ରମୁଖି ଗହଳି ନ ଥିବା ବେଳେ ।
ବି. ଚ.

ଗହଳ, ବିଂ. (ଦେଶଜ) ଗହଳ, ଘନ । ଯଥା—

ଗହଳ ଚମ୍ପାଧଣ୍ଡା ନର୍ମିତ,
ଗଜଶୁଣ୍ଡାଦଣ୍ଡକୁ ନନ୍ଦ ଗୁହ୍ଁ ଯାହାକୁ ଗୋ ।

ଗହିର } ବିଂ. ( ଗଭୀର ଶବ୍ଦଜ )
ଗମ୍ଭୀର } ଗଭୀର, ଖାଲଜମି ।

ଗହ୍ମାପୂର୍ଣ୍ଣିମା, (ପ୍ରା) ଶ୍ରାବଣ ପୌର୍ଣ୍ଣମାସୀ ।

ଗହ୍ୱର, ବି. ନ. (ଗୋ-ହ୍ୱୃ-ଅ) ଦେବଖାତ, ଗର୍ତ୍ତ, ଗିରିଗୁହା । ପୁଂ. ନିକୁଞ୍ଜ, ଲତାଗୃହ ।

ଗାଁ, ବି. (ଗ୍ରାମ ଶବ୍ଦଜ) ବହୁଜନଙ୍କ ବସତି ସ୍ଥାନ, ଗ୍ରାମ ।

ଗାଆଣ, ବି. (ଗାୟନ ଶବ୍ଦଜ) ଗାୟକ ।

ଗାଇବା, କ୍ରି. ବି. ( ପ୍ରା ) ଗାନ କରିବା । ଯଥା—

ଗାଇବା ତୋହର ନାମ ଆନନ୍ଦ ରବେ ।

ଗାଈ, ବି. (ଗବୀ ଶବ୍ଦଜ) ଗବୀ ।

ଗାଈଆଳ ବିଂ. (ଗବାପାଳ ଶବ୍ଦଜ) ଗୋରକ୍ଷକ, ଗାଈଜଗାଳି ।

ଗାଏ ବିଂ. (ଯାବନିକ) ମୋଟ ।

ଗାଗର, ବି. (ଦେଶଜ) ଏକପ୍ରକାର ମାଛ ।

ଗାଙ୍ଗ, ବି. ପୁଂ. (ଗଙ୍ଗା-ଅ) ଭୀଷ୍ମ, କାର୍ତ୍ତିକେୟ । ବିଂ. ଗଙ୍ଗାସମ୍ବନ୍ଧୀୟ ।

ଗାଙ୍ଗାଟି, ଗାଙ୍ଗାଟ } ବି. ପୁଂ. (ଗଙ୍ଗା-ଅଟ) ମତ୍ସ୍ୟବିଶେଷ, ଚିଙ୍ଗୁଡ଼ିମାଛ ।

ଗାଙ୍ଗାଟେୟ, ବି. ପୁଂ. (ଗଙ୍ଗା-ଅଟ୍-ଏୟ) ଚିଙ୍ଗୁଡ଼ି ମାଛ ।

ଗାଙ୍ଗାୟନ, ଗାଙ୍ଗେୟ } ବି. ପୁଂ. (ଗଙ୍ଗା-ଆୟନ, ଏୟ) ଭୀଷ୍ମ, କାର୍ତ୍ତିକେୟ ।

ଗାଙ୍ଗୋଇ, ବି. (ଦେଶଜ) ଏକଜାତୀୟ ମାଛଖିଆ ଚଢ଼େଇ ଯଥା—

ଚକ୍ଷୁ ଖାଲ୍ଢ଼ ଶୂନ୍ୟ ସ୍ଥିରଲକ୍ଷ ହୋଇ,
ଚରମତ୍ସ୍ୟେ ଚଞ୍ଚୁ ମାରିଲା ଗାଙ୍ଗୋଇ । ଚିଲିକା,

ଗାଜର ଏକ ପ୍ରକାର ମୂଳବିଶେଷ ।

ଗାଣ୍ଠିଆ, ବି. (ଦେଶଜ) ଟଙ୍କା ପଇସା ରଖିବାର ଥଳୀବିଶେଷ ।

ଗାଣ୍ଠିବା, ଗେଣ୍ଠିବା } (ଦେଶଜ) ଖୁନ୍ଦିବା ।

ଗାଣ୍ଡ଼, ବି. (ଗଣ୍ଠି ଶବ୍ଦଜ) ଗଣ୍ଠି ।

ଗାଡ଼, ଗାଡ଼ି } ବି. ନ. (ଗଣ୍ତ୍ରୀ ଶବ୍ଦଜ) ଶକଟ, ରଥ ।

ଗାଡ଼ିଆ, ବି. ନ. (ଦେଶଜ) ଅଳ୍ପ ଜଳଯୁକ୍ତ କ୍ଷୁଦ୍ର ପୁଷ୍କରିଣୀ ।

ଗାଡ଼ୁଆନ, ଗାଡ଼ୁଆଳ } ବିଂ. (ଦେଶଜ) ଗାଡ଼ିଚାଳକ ।

ଗାଢ଼, ବିଂ. (ଗାହ୍-ତ) ଅତିଶୟ, ଦୃଢ଼, ଗମ୍ଭୀର, ସ୍ଥିର, ଘନ, ସେବିତ ।

ଗାଢ଼ମୁଷ୍ଟି, ବି. ପୁଂ. (ଗାଢ଼-ମୁଷ୍ଟି) ଖଡ୍ଗ । ବିଂ. କୃପଣ, ବ୍ୟୟକୁଣ୍ଠ ।

ଗାଢ଼ୁସେଠ, ବିଂ. (ଦେଶଜ) ବଡ଼ଧନୀ । (ସ୍ୱର୍ଣ୍ଣବଣିକମାନଙ୍କ ଦ୍ୱାରା ବ୍ୟବହୃତ ।)

ଗାଣପତ୍ୟ, ବିଂ. (ଗଣପତି-ଯ) ଗଣେଶୋପାସକ, ଗଣପତିସମ୍ବନ୍ଧୀୟ ।

ଗାଣିତିକ, ବିଂ. (ଗଣିତ-ଇକ) ଗଣିତଶାସ୍ତ୍ରଜ୍ଞ, ଗଣିତସମ୍ବନ୍ଧୀୟ ।

ଗାଣ୍ଠୀ, ବି. (ଗଣ୍ଠ୍-ଇ) ଗ୍ରନ୍ଥି, ଗଣ୍ଠି । (ଦେଶଜ) ଗୁହ୍ୟଦ୍ୱାର ଓ ଲିଙ୍ଗକଟସ୍ଥ ଅଂଶ ।

ଗାଣ୍ଡିବ, ଗାଣ୍ଡୀବ } ବି. ପୁଂ. ନ. (ଗାଣ୍ଡି-ବ) ଅର୍ଜ୍ଜୁନଙ୍କ ଧନୁ ।

ଗାଣ୍ଡିବୀ, ଗାଣ୍ଡୀବୀ } ବି. (ଗାଣ୍ଡିବ-ଇ) ଅର୍ଜ୍ଜୁନ । ବିଂ. ଧାନୁଷ୍କ ।

ଗାଣ୍ଡୁଆ ବି. (ଦେଶଜ) ବାଉଁଶନିର୍ମିତ ଏକପ୍ରକାର ଝୋଲାଇ ।

ଗାତ, ବି. (ଗର୍ତ୍ତ ଶବ୍ଦଜ) ରନ୍ଧ୍ର, ଛିଦ୍ର ।

ଗାତା, ବିଂ. (ଗୈ-ତୃ) ଗାୟକ, ଯେ ଗାନ କରେ ।

ଗାତୁ, ବି. ପୁଂ. (ଗୈ-ତୁ) କୋକିଳ, ଭ୍ରମର, ଗନ୍ଧର୍ବ । ବିଂ. କ୍ରୁଦ୍ଧ ।

ଗାତୁଆ, ବିଂ. (ଗର୍ତ୍ତ ଶବ୍ଦଜ) ଯେ ଗର୍ତ୍ତରେ ବାସ କରେ । ଯଥା—ମୂଷିକ, ସର୍ପ ପ୍ରଭୃତି ।

ଗାତ୍ର, ବି. ନ. (ଗମ୍-ତ୍ର) ଶରୀର, ଅଙ୍ଗ ।

ଗାତ୍ରମାର୍ଜ୍ଜନୀ, ବି. ସ୍ତ୍ରୀ. (ଗାତ୍ର-ମାର୍ଜ୍ଜନୀ) ଗାମୁଛା ।

ଗାଥକ, ବି. ପୁଂ. (ଗୈ-ଥକ) ଗାୟକ, ଗାନକାରୀ ।

ଗାଥା, ବି. ସ୍ତ୍ରୀ. (ଗୈ-ଥ-ଆ) ଶ୍ଳୋକ, କବିତା, ପଦ୍ୟ, ଛନ୍ଦ, ଗୀତ, ଛନ୍ଦୋବନ୍ଧରେ ରଚିତ କବିତା, ଗାନ, ଗୀତ ।

ଗାଦି, ବି. (ଯାବନିକ ଗଦୀ ଶବ୍ଦଜ) ସିଂହାସନ, ସମାଧି, ସ୍ତୂପ ।

ଗାଧ, ବି. ପୁଂ. (ଗାଧ୍-ଅ) ତଳସ୍ପର୍ଶ, ସ୍ଥାନ, ଲୋଭ । ବିଂ. ତଳସ୍ପର୍ଶଯୋଗ୍ୟ, ଅଗଭୀର ।

ଗାଧି ବି. ପୁଂ. (ଗାଧ-ଇ) ବିଶ୍ୱାମିତ୍ର ମୁନିଙ୍କ ପିତା, ଚନ୍ଦ୍ରବଂଶୀୟ ନୃପବିଶେଷ । ଯଥା —

ବଶିଷ୍ଠ ପୁତ୍ରଙ୍କ ସମର୍ଥେ ଆଗତ,
ବାଞ୍ଛିତ କଲେ ଗାଧିରାଜାସୁତ । ବୈ. ବି.

ଗାଧିଜ, ଗାଧିସୁତ } ବି. ପୁଂ. (ଗାଧି-ଜ, ସୁତ) ବିଶ୍ୱାମିତ୍ର ଋଷି ।

ଗାଧିପୁର, ବି. ପୁଂ. (ଗାଧି-ପୁର) ଗାଧି ନୃପଙ୍କ ନଗର, କାନ୍ୟକୁବ୍ଜ ଦେଶ ।

**ଗାଧୁଆ**, ବିଂ. ( ଦେଶଜ ) ସ୍ନାତ, ଯେ ସ୍ନାନ କରିଅଛି ।

**ଗାଧେୟ**, ବି. ପୁଂ. (ଗାଧି-ଏୟ) ବିଶ୍ୱାମିତ୍ର ଋଷି ।

**ଗାଧୋଇବା**, କ୍ରି. ବି. (ଗାତ୍ର ଧୌତ ଶବ୍ଦଜ) ସ୍ନାନ କରିବା ।

**ଗାନ**, ବି. ନ. (ଗୈ-ଅନ) ଗୀତ, ଧ୍ୱନି ।

**ଗାନ୍ଥିବା**, ( ଗ୍ରନ୍ଥନ ଶବ୍ଦଜ ) ମସଲା ଦେଇ ଇଷ୍ଟକାଦି ବସାଇବା ।

**ଗାନ୍ଦିନୀ**, ବି. ସ୍ତ୍ରୀ. (ଗୋ-ଦ-ଇନ୍-ଈ) ଗଙ୍ଗାନଦୀ, ଅକ୍ରୂରମାତା ।

**ଗାନ୍ଧର୍ବ**, ବି. ( ଗନ୍ଧର୍ବ-ଅ ) ଗନ୍ଧର୍ବସମ୍ବନ୍ଧୀୟ । ବି. ପୁଂ. ଅଶ୍ୱ, ବିବାହବିଶେଷ, ଏହି ବିବାହରେ ବର କନ୍ୟା ପରସ୍ପର ପ୍ରତି ଅନୁରକ୍ତ ହୋଇ ପରସ୍ପରର ପାଣିଗ୍ରହଣ କରନ୍ତି, ଦ୍ୱୀପବିଶେଷ । ନ. ଗାନ ।

**ଗାନ୍ଧାର**, ବି. ପୁଂ. (ଗନ୍ଧ-ଋ-ଅ ଅଥବା ଗନ୍ଧାର-ଅ) ଦେଶବିଶେଷ, କାନ୍ଦାହାର, ସ୍ୱରବିଶେଷ, ରାଗବିଶେଷ । ନ. ସିନ୍ଦୂର, ଗନ୍ଧକ ।

**ଗାନ୍ଧାରରାଜ**. ବି. ପୁଂ. (ଗାନ୍ଧାର-ରାଜା) ଶକୁନି, ଦୁର୍ଯ୍ୟୋଧନଙ୍କ ମାମୁଁ ।

**ଗାନ୍ଧାରୀ**, ବି. ସ୍ତ୍ରୀ. ( ଗାନ୍ଧାର-ଈ ) ଧୃତରାଷ୍ଟ୍ର ମହିଷୀ, ଦୁର୍ଯ୍ୟୋଧନଙ୍କ ମାତା ।

**ଗାନ୍ଧାରେୟ**, ବି. ପୁଂ. (ଗାନ୍ଧାରୀ-ଏୟ) ଗାନ୍ଧାରୀ-ପୁତ୍ର, ଦୁର୍ଯ୍ୟୋଧନ ପ୍ରଭୃତି ।

**ଗାନ୍ଧିକ**, ବି. ପୁଂ. ( ଗନ୍ଧ-ଇକ ) ଗନ୍ଧବଣିକ୍, ଲେଖକ ।

**ଗାଭି**, ବି. ସ୍ତ୍ରୀ. (ଗବୀ ଶବ୍ଦଜ) ଗବୀ, ଗାଈ ।

**ଗାମୀ**, ବିଂ. ( ଗମ୍-ଇନ୍ ) ଯେ ଗମନ କରିବ, ଗମନଶୀଳ, ଏହି ଶବ୍ଦ ସ୍ୱତନ୍ତ୍ର ପ୍ରୟୋଗ ହୁଏ ନାହିଁ । ଅନ୍ୟ ଶବ୍ଦର ପରେ ପ୍ରୟୋଗ ହୋଇଥାଏ । ଯଥା—ଦ୍ରୁତଗାମୀ, ବେଗଗାମୀ, ଶୀଘ୍ରଗାମୀ ଇତ୍ୟାଦି ।

**ଗାମୁକ**, ବିଂ. (ଗମ୍-ଉକ) ଗନ୍ତା, ଗମନକାରୀ ।

**ଗାମୁଛା**, ବି. (ଦେଶଜ) ଗାତ୍ରମାର୍ଜ୍ଜନୀ ।

**ଗାମ୍ଭୀର୍ଯ୍ୟ**, ବି. ନ. (ଗମ୍ଭୀର-ଯ) ଗମ୍ଭୀରତା, ଅଳ୍ପ କାରଣରେ ବ୍ୟାକୁଳ ବା ଅସ୍ଥିର ନ ହେବା, ପ୍ରଗାଢ଼ତା, ଯଥା—ଅର୍ଥର ଗାମ୍ଭୀର୍ଯ୍ୟ, ଭାବର ଗାମ୍ଭୀର୍ଯ୍ୟ; ଅବକାଶତ୍ୱ, ଅଗାଧତ୍ୱ, ଅଗଭୀରତା । ଯଥା—

> ଲାଜ ବ୍ୟାଜ ଧୈର୍ଯ୍ୟ ଗାମ୍ଭୀର୍ଯ୍ୟ,
> କେବଳ ପ୍ରବଳା କଲୁଁ ନ ଜାଣି । ବ. ଉ.

**ଗାୟକ** } ବି. (ଗୈ-ଅକ, ଅନ) ଗାନକାରକ,
**ଗାୟନ** } ସଙ୍ଗୀତବ୍ୟବସାୟୀ ।

**ଗାୟତ୍ରୀ** } ବି. ସ୍ତ୍ରୀ. ( ଗାୟତ୍-ତ୍ରୈ-ଅ-ଈ )
**ଗାୟତ୍ରୀ** } ତ୍ରିପାଦମନ୍ତ୍ରବିଶେଷ, ବେଦମାତା, ଷଡ଼କ୍ଷର ଛନ୍ଦୋବିଶେଷ ।

**ଗାର**, ବି. (ଦେଶଜ) ରେଖା, ଲେଖା, ଲମ୍ବା ଦାଗ ।

**ଗାରଡ଼ା**, ବି. (ଗଡୁର ଶବ୍ଦଜ) ଅଣ୍ଡିରା ମେଣ୍ଢା, ମେଷ ।

**ଗାରଦ**, ବି. (ଯ. ବନ୍ଦକ) ବନ୍ଦୀଶାଳା, ହାଜତ୍ ।

**ଗାରୁଡ଼ି** } ବି. ( ଗାରୁଡ଼ ଶବ୍ଦଜ ) ବିଷବିଦ୍ୟା,
**ଗାରୁଡ଼ି** } ମାୟାବିଦ୍ୟା ।

**ଗାରେଣ୍ଟି**, ବି. ( ଇଂ. Garantee ) ଜବାବ୍, ସ୍ୱୀକାର ।

**ଗାରଗାରିଆ** } ବିଂ. (ଦେଶଜ) ଗାରଯୁକ୍ତ ।
**ଗାରଗାରକିଆ** }

**ଗାରିବା**, କ୍ରି. ( ଦେଶଜ ) ନିର୍ଣ୍ଣୟ କରିବା, ଲେଖିବା, ଗାର ପକାଇବା ।

**ଗାରିମା**, ବି. ( ପ୍ରା. ଗରିମା ଶବ୍ଦଜ ) ଠେକ, ବଡ଼ାଇ । ଯଥା—

> ଏଥିଠାରେ ଥାଇ ଦର୍ଶନେ ନ ଆସୁ,
> ଏତେ ଗାରିମା ତୋହର । ମଥୁରାମଙ୍ଗଳ ।

**ଗାରୁଡ଼**, ବି. ନ. (ଗରୁଡ଼-ଅ) ବିଷଶାସ୍ତ୍ର, ବିଷମନ୍ତ୍ର, ସ୍ୱର୍ଣ୍ଣ, ମରକତମଣି, ହରିତ ବର୍ଣ୍ଣ ରତ୍ନବିଶେଷ, ପୁରାଣବିଶେଷ । ବିଂ. ଗରୁଡ଼ସମ୍ବନ୍ଧୀୟ ।

ଗାରୁଡ଼ଥ, ବି. (ପ୍ରା. ଗାରୁଡ଼ ଶବ୍ଦଜ) ସାପୁଆ ଖେଳା । ଯଥା—

ଗରୁ ଗୁରୁଲତା ତା ସଙ୍ଗେ ଖେଳଇ,
ମାର ଗାରୁଡ଼ଥ ଖେଳାଏ କି ଅଛି । ନ. କେ.

ଗାରୁଡ଼ିକ, ବି. ପୁଂ. (ଗରୁଡ଼-ଇକ) ବିଷବୈଦ୍ୟ ।

ଗାରୁତ୍ମତ, ବି. ନ (ଗରୁତ୍ମତ୍-ଅ) ମରକତମଣି ।

ଗାର୍ଗି, ବି. ପୁଂ. (ଗର୍ଗ-ଇ) ଗର୍ଗସନ୍ତାନ ।

ଗାର୍ଦ୍ଦଭ, ବି°. ( ଗର୍ଦ୍ଦଭ-ଅ ) ଗର୍ଦ୍ଦଭସମ୍ବନ୍ଧୀୟ । ବି. ପୁଂ. ଗର୍ଦ୍ଦଭ ଶବ୍ଦ, ଗର୍ଦ୍ଦଭମୂତ୍ର ।

ଗାର୍ହପତ୍ୟ, ବି. ପୁଂ. (ଗୃହପତି-ଯ) ସାଗ୍ନିକ ଗୃହୀର ଯଜ୍ଞାଗ୍ନି । ବି°. ଗୃହପତିସମ୍ବନ୍ଧୀୟ ।

ଗାର୍ହମେଧ, ବି. ପୁଂ. ( ଗୃହମେଧ ଅ ) ଗୃହସ୍ଥର କର୍ତ୍ତବ୍ୟ ପଞ୍ଚଯଜ୍ଞରୂପ କର୍ମ ।

ଗାର୍ହସ୍ଥ
ଗାର୍ହସ୍ଥ୍ୟ } ବି°. ( ଗୃହସ୍ଥ-ଅ, ଯ ) ଗୃହସ୍ଥସମ୍ବନ୍ଧୀୟ । ବି. ପୁଂ. ଦ୍ୱିତୀୟ ଆଶ୍ରମ, ଗୃହସ୍ଥାଶ୍ରମ, ଗୃହସ୍ଥଧର୍ମ ।

ଗାଲ, ବି. (ଗଲ୍ଲ ଶବ୍ଦଜ) କପୋଳ, ଗଣ୍ଡ ।

ଗାଲନ, ବି. ନ. ( ଗଲ୍-ଅନ ) ଗାଳନ, ଚଲୋଇବା ।

ଗାଲବ, ବି. ପୁଂ. (ଗାଲ-ବ) ଲୋଧ୍ର ବୃକ୍ଷ, ମୁନିବିଶେଷ ।

ଗାଲମୋଚ୍ଛ, ବି. (ଦେଶଜ) ଗାଲରେ ରଖିଥିବା ଦୀର୍ଘୀକୃତ ଲୋମରେଖା । ଯଥା—

ଗାଲମୋଚ୍ଛ ଥାଏ ଗାଲବେରଶୂର,
ଭିକ୍ଷାରେ ଦନ୍ତ ଦର୍ପ ଯେ ପୂର । ନ. କେ.

ଗାଳ
ଗାଳୀ } ବି. ପୁଂ. (ଗାଲ-ଇ, ଈ) ଅଭସମ୍ପାତ, ଶାପ, କଟୁବାକ୍ୟ ।

ଗାଳିଚା, ବି. ( ଯାବନିକ ) ମେଷଲୋମନିର୍ମିତ ଆସ୍ତରଣବିଶେଷ ।

ଗାଳିତ, ବି°. ( ଗାଳ-ତ) ଦ୍ରବୀକୃତ, ଯାହା ତରଳା ହୋଇଅଛି ।

ଗାଳିବା, କ୍ରି. ( ଗାଳନ ଶବ୍ଦଜ ) ପେଜ ପ୍ରଭୃତି ନିଗାଡ଼ିବା ।

ଗାଲି
ଗାଲିଷୀ } ବି. (ଦେଶଜ) ମାଛର ଗାଲ ।

ଗାଲ୍ଲ, ବି. (ଦେଶଜ) ମିଛ, ଭଣ୍ଡିବା, ଧପେଇବା, ସତକୁ ମିଛ କରି କହିବା ।

ଗାଲୁଆ, ବି°.(ଦେଶଜ) ମିଛୁଆ, ଭଣ୍ଡ, ଅମାନିଆ ।

ଗିନା, ବି. (ଦେଶଜ) ଧାତୁନିର୍ମିତ କ୍ଷୁଦ୍ର କଟୋରା ।

ଗିନି ବି. (ଦେଶଜ) କାଂସ୍ୟନିର୍ମିତ କ୍ଷୁଦ୍ର କରତାଳ, ବାଦ୍ୟବିଶେଷ । (ଇଂ Guinea) ସ୍ୱର୍ଣ୍ଣମୁଦ୍ରାବିଶେଷ ।

ଗିର
ଗିରଃ } ବି. ସ୍ତ୍ରୀ. (ଗୃ-ଅ,°) ବାକ୍ୟ, ସରସ୍ୱତୀ । ଯଥା—

ଗହନେ ଗମନ କାଳେ ଫେରିବାର
କହି ଯାଇଥିଲେ ଶିବରେ ଯେ ଗିର । ନ. କେ.

ଗିରଫ୍
ଗିରଫ୍ତାର } ବି. ( ଯାବନିକ ) ବଳପୂର୍ବକ ଧରିନେବା ।

ଗିରସ୍ତ ବି. ( ଗ୍ରାମ୍ୟ ) ଗୃହସ୍ଥ, ସ୍ୱାମୀ ।

ଗିରା, ବି.(ଦେଶଜ) ଗାର, ରେଖା, ଲମ୍ବ ଦାଗ ।

ଗିରି, ବି. ପୁଂ. (ଗୃ-ଇ) ଶୈଳ, ପର୍ବତ, ଚକ୍ଷୁରୋଗବିଶେଷ, ସନ୍ନ୍ୟାସିବିଶେଷ, ପରିବ୍ରାଜକମାନଙ୍କର ଉପାଧିବିଶେଷ, ଭୂଷଣ । ସ୍ତ୍ରୀ. ବାଲମୂଷିକ, ଗେଣ୍ଡୁକ ।

ଗିରିକ, ବି. ପୁଂ. ( ଗିରି-କୈ-ଅ) ଶିବ ।

ଗିରିକଣ୍ଟକ, ବି. ପୁଂ. ( ଗିରି-କଣ୍ଟକ ) ଅଶନି, ବଜ୍ର ।

ଗିରିକର୍ଣ୍ଣିକା ବି. ସ୍ତ୍ରୀ. ( ଗିରି-କର୍ଣ୍ଣି-କ-ଅ ) ପୃଥିବୀ, ଶ୍ୱେତ ଅପରାଜିତା ଲତା ।

ଗିରିକର୍ଣ୍ଣୀ, ବି. ସ୍ତ୍ରୀ. ( ଗିରି=ବାଲମୂଷିକ-କର୍ଣ୍ଣ-ଈ ) ଅପରାଜିତା ।

ଗିରିକା, ବି. ସ୍ତ୍ରୀ. (ଗିରି-କ-ଆ) ଛୋଟ ମୂଷା, ବସୁରାଜାଙ୍କ ପତ୍ନୀ ।

ଗିରିଗୁଡ଼, ବି. ପୁଂ. ( ଗିରି-ଗୁଡ଼ ) କନ୍ଦୁକ, ଗେଣ୍ଡୁ ।

ଗିରିଜ, ବି. ପୁଂ. (ଗିରି-ଜନ-ଅ) ଅଭ୍ର, ଗୈରିକ, ଶିଳାଜତୁ, ଲୌହ । ବି°. ଯାହା ପର୍ବତରେ ଜନ୍ମ ହୁଏ, ଶୈଳଜ ।

ଗିରିଜା, ବି. ସ୍ତ୍ରୀ. ( ଗିରି-ଜନ୍-ଅ-ଆ ) ଦୁର୍ଗା, ପାର୍ବତୀ, କ୍ଷୁଦ୍ର ପାଷାଣଭେଦୀ ଲତା, ତ୍ରାୟମାଣା ଲତା, ଗିରିମଲ୍ଲିକା, ଗିରିକଦଳୀ, କ୍ଷୁଦ୍ର ପାଷାଣବିଶେଷ ।

ଗିରିଜା } ବି. ( ପର୍ତ୍ତୁଗିଜ ) ଖ୍ରୀଷ୍ଟିୟାନ-
ଗିର୍ଜା } ମାନଙ୍କ ଭଜନାଳୟ ।

ଗିରିଜାମଳ, ବି. ନ. ( ଗିରିଜ-ଅମଳ ) ଅଭ୍ରକ ।

ଗିରିଜ୍ୱର, ବି. ପୁଂ. ( ଗିରି-ଜ୍ୱର ) ଅଶନି ବଜ୍ର ।

ଗିରିତ, ବିଂ. ( ଗୃ-ତ ) ଭକ୍ଷିତ, ଗିଳିତ ।

ଗିରିଦୁର୍ଗ ବି. ନ. ( ଗିରି-ଦୁର୍ଗ ) ଗିରିରୂପ ଦୁର୍ଗ, ଦୁର୍ଭେଦ୍ୟ ଗଡ଼ । ଯଥା—

> ଜରାସନ୍ଧେ ବଧିଥିଲେ ଗିରିଦୁର୍ଗେ ଯହିଁ
> ବାସୁଦେବ ବୃକୋଦର କେଶବ କୌଶଳେ । ମ. ମା.

ଗିରିଧର, ବି. ପୁଂ. ( ଗିରି-ଧର ) ଶ୍ରୀକୃଷ୍ଣ, ମନ୍ଦର ପର୍ବତକୁ ଧାରଣ କରିଥିବାରୁ ତାହାଙ୍କର "ଗିରିଧର" ନାମ ହୋଇଅଛି । ଯଥା—

> ଗିରିଧର କେଶ ସମେନେ ପ୍ରମନ୍ଦ କେତେ ନାହିଁ ବର୍ଣ୍ଣ ଯାଉ ।
> ସ. ମା.

ଗିରିଧାତୁ, ବି. ନ. ଉପଧାତୁ ବିଶେଷ, ଗିରିମାଟି, ଗୈରିକ ।

ଗିରିନନ୍ଦିନୀ, ବି. ସ୍ତ୍ରୀ. ( ଗିରି-ନନ୍ଦିନୀ ) ପାର୍ବତୀ, ଗଙ୍ଗା, ନଦୀ ।

ଗିରିପ୍ରିୟା, ବି. ସ୍ତ୍ରୀ. ଚମରୀମୃଗ ।

ଗିରିବ୍ରଜ, ବି. ନ. ବିହାର ଅନ୍ତର୍ଗତ ନଗରବିଶେଷ ।

ଗିରିଭୂ, ବି. ସ୍ତ୍ରୀ. ( ଗିରି-ଭୂ ) ପାର୍ବତୀ, କ୍ଷୁଦ୍ର ପ୍ରସ୍ତରବିଶେଷ, ଗଙ୍ଗା ।

ଗିରିମଲ୍ଲିକା, ବି. ସ୍ତ୍ରୀ. ( ଗିରି-ମଲ୍ଲିକା ) କୁଟଜ ବୃକ୍ଷ ।

ଗିରିମୃତ୍, ବି. ସ୍ତ୍ରୀ. ( ଗିରି-ମୃଦ୍ ) ଗିରିମାଟି ।

ଗିରିମେଦା ବି. ପୁଂ. ଖଦିରବିଶେଷ ।

ଗିରିଶ, ବି. ପୁଂ ( ଗିରି = ଏଠାରେ କୈଳାସ ପର୍ବତ-ଶୀ-ଅ = ଯେ ଶୟନ କରେ ) ଶିବ, ମହାଦେବ ।

ଗିରିଶୃଙ୍ଗ, ବି ପୁଂ. ( ଗିରି-ଶୃଙ୍ଗ ) ଗଣେଶ, ପର୍ବତର ଚୂଡ଼ା ।

ଗିରିସଙ୍କଟ, ବି. (Mountain pass) ପର୍ବତ ଶ୍ରେଣୀର ମଧ୍ୟରେ ସ୍ଥିତ ସଂକୀର୍ଣ୍ଣ ନିମ୍ନଭୂମି ।

ଗିରିସାର, ବି. ପୁଂ. ( ଗିରି-ସାର ) ମଳୟପର୍ବତ, ଲୌହ, ଟିନ ।

ଗିରିସୁତ, ବି. ପୁଂ ମୈନାକ ପର୍ବତ ।

ଗିରିସୁତା, ବି ସ୍ତ୍ରୀ. ( ଗିରି-ସୁତା ) ପାର୍ବତୀ ।

ଗିରୀନ୍ଦ୍ର, ବି. ପୁଂ. ( ଗିରି-ଇନ୍ଦ୍ର ) ହିମାଳୟ । ବିଂ. ପର୍ବତଶ୍ରେଷ୍ଠ ।

ଗିରୀଶ, ବି. ପୁଂ. ( ଗିରି-ଈଶ ) ଶିବ, ହିମାଳୟ ପର୍ବତ । ଯଥା—

> ଗିରୀଶମଧ୍ୟରେ ଗମା ଗିରୀଶମହୀର
> ଦେଖି ମୁଁ ପାଉଛି ଚୋଟେ ଗିରୀଶ ନନ୍ଦ । ସ. ସ୍ତା.

ଗିରୁଡ଼ି, ବିଂ. ( ଦେଶଜ ) କ୍ଷୁଦ୍ର, ଯଥା— ଗିରୁଡ଼ି ଆମ୍ବ ।

ଗିଲି, ବି. ( ଦେଶଜ ) ଫଳବିଶେଷ ।

ଗିଲନ, ବି. ନ ( ଗୃ-ଅନ, ଋ = ଇର, ର = ଲ୍ ) ଗ୍ରାସ କରିବା, ଦନ୍ତର ସାହାଯ୍ୟ ନ ନେଇ ଏକାବେଳକେ ଉଦରସ୍ଥ କରିବା ।

ଗିଲା, ବିଂ. ଯେ ବହୁତ ଖାଏ, ପେଟା ।

ଗିଲ୍ଲା, ବିଂ. ( ଦେଶଜ ) ଅସୁସ୍ଥ, ଅଚଞ୍ଚଳ ।

ଗିଲାସ, ବି. ( ଯାବନିକ ) ଜଳପାତ୍ରବିଶେଷ ।

ଗିଳିତ, ବିଂ. ( ଗୃ-ତ ) ଭକ୍ଷିତ, ଗ୍ରସ୍ତ ।

ଗିଳିବା, କ୍ରି. ବି. ( ପ୍ରା. ଗିଲନ ଶବ୍ଦଜ ) ଗ୍ରାସ କରିବା, ଗଳାଧଃକରିବା ।

ଗିଲିଟି } ବିଂ. ( ଦେଶଜ ) ସନ୍ଧିସ୍ଥଳର ଗଣ୍ଠି,
ଗିଲ୍ଟି } ( ଇଂ Gilt ର ଅପଭ୍ରଂଶ ) ରଙ୍ଗିନ୍ କରାଯାଇଥିବା, କୃତ୍ରିମ ।

ଗୀତ, ବି. ନ. ( ଗୈ-ତ ) ଗାନ, ସଙ୍ଗୀତ । ବିଂ. ବର୍ଣ୍ଣିତ, ଉଚ୍ଚାରିତ ।

ଗୀତଗୋବିନ୍ଦ, ବି. ପୁଂ. ଜୟଦେବକୃତ ଶ୍ରୀକୃଷ୍ଣ ଚରିତାଖ୍ୟାନ ଗ୍ରନ୍ଥବିଶେଷ ।

ଗୀତମୋଦୀ, ବି. ପୁଂ. (ଗୀତ-ମୋଦିନ୍) କିନ୍ନର, ସ୍ଵର୍ଗଗାୟକ ।

ଗୀତା, ବି. ସ୍ତ୍ରୀ. ( ଗୈ-ତ-ଆ ) ଉପଦେଶଗର୍ଭିକ କଥାବିଶେଷ, ଧର୍ମଗ୍ରନ୍ଥବିଶେଷ, ଶ୍ରୀମଦ୍-ଭଗବଦ୍‌ଗୀତା ।

ଗୀତ, ବି. ସ୍ତ୍ରୀ. (ଗୈ-ତ) ଗାନ, ଛନ୍ଦୋବିଶେଷ । ଯଥା—

ତାଣ୍ଡବୀପେ ଜଳଦେବୀ ଗୀତଖେଳ-
ସଙ୍ଗେ ମିଶେ ଜଳତରଙ୍ଗ କଲ୍ଲୋଲ । ନ କେ.

ଗୀରଥ, ବି. ପୁଂ. ( ଗିର୍-ରଥ ) ବୃହସ୍ପତି ।

ଗୀର୍ଣ୍ଣ, ବି. (ଗୃ-ତ) ପ୍ରଶଂସିତ, କଥିତ, ଗିଳିତ, ଭକ୍ଷିତ, ସ୍ଵୀକୃତ ।

ଗୀର୍ତ୍ତି, ବି. ସ୍ତ୍ରୀ. (ଗୃ-ତି) ଗ୍ରାସ, ଭକ୍ଷଣ, ପ୍ରଶଂସା, ସ୍ତୁତି ।

ଗୀର୍ଦ୍ଦେବୀ, ବି. ସ୍ତ୍ରୀ. (ଗିର୍-ଦେବୀ ) ବାଗ୍‌ଦେବୀ, ସରସ୍ଵତୀ ।

ଗୀର୍ବାଣ, ବି. ପୁଂ. ( ଗିର୍-ବାଣ ) ଦେବତା । ଯଥା—

ଗୀର୍ବାଣାଦି ବୃନ୍ଦ ବୁଦ୍ଧ ବୋଧବୋଧ ।

ଗୀର୍ବାଣକୁସୁମ, ବି. ନ. ଲବଙ୍ଗ ।

ଗୀଷ୍ପତି, ବି. ପୁଂ. ( ଗିର୍-ପତି ) ଦେବଗୁରୁ, ବୃହସ୍ପତି, ପଣ୍ଡିତ ।

ଗୁଅ, ବି. (ପ୍ରା. ଗୁବାକ ଶବ୍ଦଜ) ଗୁବାକ, ଗବ୍ୟ ।

ଗୁଆଁର
ଗମାର } ବି. (ଯାବନିକ) ନିର୍ବୋଧ, ମୂର୍ଖ ।

ଗୁଆଁରୀ, ବି. (ଯାବନିକ) ନିର୍ବୋଧା ସ୍ତ୍ରୀ । ଯଥା—

ଦେଖିବି ଅଦ୍ଭୁତ ରଚିବି ଦମ୍ଭ କେଉଁ ଗୁଆଁରୀ,
ବଙ୍କସ ହେବାକୁ ଶଙ୍କସି ରମା ହେବେ ଅଭୁରୀ ।

ଗୁଆଲୀ, ବି. ( ପ୍ରା ) ଗୌଡ଼ୁଣୀ, ଗୋପାଳୁଣୀ । ଯଥା—

ବଙ୍ଗେ କି ଠେକ କରୁଛୁ ଗୁଆଳୀ,
ଚୋର କି କଲ ମୋର ବନମାଳୀ । ଗୋ. ଭ.

ଗୁଆଳୀସଙ୍ଗ, ବି. (ଦେଶଜ) ବ୍ରତ ଓ ବିବାହ ପରେ ଯେଉଁ ସଭାରେ ଆତ୍ମୀୟ ସ୍ଵଜନମାନେ ଆଶୀର୍ବାଦାତ୍ମକ ଶ୍ଳୋକାଦି ଗାଆନ୍ତି ।

ଗୁଇଁଗାଇଁ
ଗୁଇଁଫୁଇଁ } ବି. (ଦେଶଜ) ଅସ୍ପଷ୍ଟ ଭାବରେ ବିରକ୍ତି ପ୍ରକାଶ ।

ଗୁଗୁଚିଆ, ବି. (ଦେଶଜ ) ଏକପ୍ରକାର ଘାସ, କୁବାଶ ।

ଗୁଗ୍‌ଗୁଲ
ଗୁଗ୍‌ଗୁଲୁ } ବି. ପୁଂ. ବୃକ୍ଷବିଶେଷର ନିର୍ଯ୍ୟାସ, ସୁଗନ୍ଧଦ୍ରବ୍ୟବିଶେଷ ।

ଗୁଚ୍ଛ, ବି. ପୁଂ. (ଗୁ=ଶବ୍ଦ କରିବା-ଛ) ସ୍ତବକ, ଫୁଲପେଣ୍ଡା । ଯଥା—

ମୁନିଙ୍କ ଶାଣ୍ଡିଲ୍ୟ ଏବେ ବେଦୀରେ,
ମଞ୍ଜୁଳ ପଞ୍ଚଫଳ ଗୁଚ୍ଛର ଭାରେ । ଭୂ. ମ୍ର.

ଗୁଚ୍ଛ
ଗୁଚ୍ଛକ } ବି. ପୁଂ. (ଗୁଧ୍=ଖେଳାକରିବା-ଛ) ସ୍ତବକ, ପୁଷ୍ପର ଗୋଛା, ତୃଣାଦିର ଗୋଛା, ମଲ୍ଲିକାଦି ଗଛ, ମୁକ୍ତାମାଳା, ମୟୂର-ପୁଚ୍ଛ ।

ଗୁଚ୍ଛପତ୍ର, ବି. ପୁଂ. (ଗୁଚ୍ଛ-ପତ୍ର) ତାଳଗଛ ।

ଗୁଚ୍ଛପୁଷ୍ପ, ବି. ପୁଂ. (ଗୁଚ୍ଛ-ପୁଷ୍ପ) ଛତିଆନା ଗଛ ।

ଗୁଚ୍ଛଫଳା, ବି. ସ୍ତ୍ରୀ. (ଗୁଚ୍ଛ-ଫଳ-ଆ) ଦ୍ରାକ୍ଷା ଲତା, କଦଳୀ ବୃକ୍ଷ ।

ଗୁଜା, ବି. (ଦେଶଜ) ଚାଲିବାରେ ଯେଉଁ ଗୋଡ଼ା ଉପରେ ଶେଣୀ ଚାଲେ ।

ଗୁଜରାଟ, ବି. ( ଗୁର୍ଜ୍ଜର ଶବ୍ଦଜ ) ଦାକ୍ଷିଣାତ୍ୟର ଜନପଦବିଶେଷ ।

ଗୁଜରାଣ, ବି. (ଯାବନିକ) ପ୍ରୟୋଜନ, ଗରଜ, ସାମୟିକ ପ୍ରୟୋଜନ ।

ଗୁଜରାତି ବି. ( ଦେଶଜ ) ସୂକ୍ଷ୍ମ ଏଲା, ସରୁ-ଅଲାଇଚ ।

ଗୁଜ୍ଜରୀ, ବି. ସ୍ତ୍ରୀ. ରାଗିଣୀବିଶେଷ ।

ଗୁଞ୍ଜ, ବି. ପୁଂ. ( ଗୁନ୍‌ଜ-ଅ ) ଗୁଚ୍ଛ, ସ୍ତବକ, ଗୁଞ୍ଜନ, କାଇଞ୍ଚ ଗଛ ଓ ଫଳ । ଯଥା—

ଚିନ୍ତ କ୍ଲେଲେ ଆମ୍ଭେ ମାନିନୀ ହେଲେ ଗୁଞ୍ଜଫଳ ପରି ଦିଶ
ଉନ୍ନୟକ ଅନୁରାଗେ ପୂରିଥାଇ ମୁଖରେ ତମ ପ୍ରକାଶୁ ।

ଗୁଞ୍ଜକୃତ୍, ବି. ପୁଂ. (ଗୁଞ୍ଜ-କୃତ୍) ଭ୍ରମର ।

ଗୁଞ୍ଜନ
ଗୁଞ୍ଜିତ } ବି. ନ. ( ଗୁଞ୍ଜ-ଅନ,ତ ) ଗୁଣୁ ଗୁଣୁ ଶବ୍ଦ ।

ଗୁଞ୍ଜର, ବି. (ଗୁଞ୍ଜ ଶବ୍ଦଜ) ଗୁଣୁ ଗୁଣୁ ଶବ୍ଦ, ପକ୍ଷିବିଶେଷ, ହସ୍ତାଲଙ୍କାର ବିଶେଷ ।

ଗୁଞ୍ଜା. ବି. ନ. (ଗୁନ୍ଜ-ଅ) ରତି, କାଇଞ୍ଚ, ଅବ୍ୟକ୍ତ ମଧୁରଧ୍ୱନି, ମଦଗଦ୍ଗଦ, ପଟହ-ଢୋଲ, ପରିମାଣବିଶେଷ ।

ଗୁଞ୍ଜିକା, ବି. ସ୍ତ୍ରୀ. (ଗୁଞ୍ଜା-କ-ଅ) ଗୁଞ୍ଜା, କାଇଞ୍ଚ ।

ଗୁଞ୍ଜିବା କ୍ରି. (ଦେଶଜ) ଗଳାଇବା, ପେଲିବା । ଖୋଦିବା ।

ଗୁଟ, ଗୁଟିକା, ଗୁଟୀ } ବି. ସ୍ତ୍ରୀ. ( ଗୁଡ୍ = ବେଷ୍ଟନ କରିବା-ଇ, ଇକ-ଅ, ଈ ) ବଟିକା, ଗୁଳି ।

ଗୁଡ଼, ବି. ପୁଂ. ( ଗୁଡ଼ ) ଇକ୍ଷୁରସ ପ୍ରଭୃତି-ଜାତ ମିଷ୍ଟଦ୍ରବ୍ୟବିଶେଷ, ଗ୍ରାସ, ଗୋଲାକାର ବସ୍ତୁ, ହସ୍ତିର ସଜ୍ଜା ।

ଗୁଡ଼କ, ବି. ପୁଂ. (ଗୁଡ଼-କ) ଗୁଡ଼ଦ୍ୱାରା ପକ୍ୱ ଔଷଧବିଶେଷ ।

ଗୁଡ଼ବଙ୍କ, ବି. ସମୁଦ୍ରକୂଳଜାତ ଗୋଲାକାର ଫଳବିଶେଷ । ଯଥା—

ନାନାଜାତ ପୁଷ୍ପପତ୍ର ଧରେ ହରେ ସମୀର,
ଗୁଡ଼ବଙ୍କ ଘେନି ବଦ ନ କ୍ରୀଡ଼ା କରେ ଶମୀର । ଚ-ଭ

ଗୁଡ଼ଚୀ, ଗୁଡୁଚୀ, ଗୁଡୁଚୀ, ଗୁଳୁଚୀ } ବି. ସ୍ତ୍ରୀ. (ଗୁଡ୍-ଅଚ, ଉଚ୍, ଉଚ-ଈ) ଗୁଳୁଞ୍ଚିଲତା ।

ଗୁଡ଼ତୃଣ, ଗଡ଼ଦାରୁ, } ବି. ନ. ଇକ୍ଷୁ ।

ଗୁଡ଼ତ୍ୱକ୍, ସ୍ତ୍ରୀ. ଗୁଡ଼ତ୍ୱଚ, ନ. } ବି. (ଗୁଡ଼ତ୍ୱଚ୍, ତ୍ୱଚ) ଜୟିତ୍ରୀ, ଦାରୁଚିନି ।

ଗୁଡ଼ପୁଷ୍ପ, ବି, ପୁଂ. (ଗୁଡ଼-ପୁଷ୍ପ) ମଧୂକ ବୃକ୍ଷ, ମହୁଲ ଗଛ ।

ଗୁଡ଼ଲ, ବି. ନ. ( ଗୁଡ଼-ଲ ) ଗୁଡ଼ଦ୍ୱାରା ପ୍ରସ୍ତୁତ ମଦ୍ୟବିଶେଷ । ବିଂ. ଗୁଡ଼ୋଦ୍ଭବ, ଗୁଡ଼ଜ ।

ଗୁଡ଼ଶର୍କରା, ବି. ସ୍ତ୍ରୀ. (ଗୁଡ଼ ଶର୍କରା) ଉତ୍ତମ ଚିନି ।

ଗୁଡ଼ାଇବା, କ୍ରି. ବି. ( ଦେଶଜ ) ବେଢ଼ାଇବା । ଯଥା—

ତ ସ୍ନେହେ ନେତ ବଢ଼ାଇ ସଦାଗ ମେ ।

ଗୁଡ଼ାଏ, ଗୁଡ଼ାକ, (ଅମାନ୍ୟାର୍ଥରେ) ଗୁଡ଼ିଏ, ଗୁଡ଼ିକ, (ମାନ୍ୟ ଅର୍ଥରେ) } ଅଂ. ଅନେକ ପରିମାଣ ।

ଗୁଡ଼ାକା, ବି. ସ୍ତ୍ରୀ. ( ଗୁଡ଼-ଅକ-ଆ ) ତନ୍ଦ୍ରା, ଆଳସ୍ୟ, ନିଦ୍ରା ।

ଗୁଡ଼ାକେଶ, ବି. ପୁଂ. ( ଗୁଡ଼ା = ସିଜୁଗଛ-କେଶ) ଯାହାର କେଶ ସିଜୁପତ୍ର ପରି ଲମ୍ବା ଗୁଡ଼ାକା = ନିଦ୍ରା-ଈଶ = ପ୍ରଭୁ) ମହାଦେବ, ଶିବ, ଅର୍ଜୁନ ।

ଗୁଡ଼ାଖୁ, ବି. (ଦେଶଜ) ଗୁଡ଼ତମାଖୁ ।

ଗୁଡ଼ାଚଳ, ବି. ଦାନ ନିମିତ୍ତ କଳ୍ପିତ ଗୁଡ଼ନିର୍ମିତ ମେରୁରୂପ ପର୍ବତ, ଆର୍ଯ୍ୟଶାସ୍ତ୍ରରେ କଳ୍ପିତ ଅଛି ମନୁଷ୍ୟମାନେ ଗୁଡ଼ାଚଳ ଦାନରେ ସ୍ୱର୍ଗ ଲାଭ କରନ୍ତି ।

ଗୁଡ଼ି, ବି. ( ପ୍ରାଦେଶିକ ସମ୍ବଲପୁର ) ମନ୍ଦିର, ବସ୍ତ୍ରାଞ୍ଚଳ, କାଗଜରେ ପ୍ରସ୍ତୁତ ଖେଳନା ବା ଘୁଡ଼ି ।

ଗୁଡ଼ିଆ, ବି. (ଗୁଡ଼ ଶବ୍ଦଜ) ମିଷ୍ଟାନ୍ନ ପ୍ରସ୍ତୁତକାରୀ ଜାତିବିଶେଷ । ବିଂ. ସୁମିଷ୍ଟ ।

ଗୁଡୁଚି, ବି. ( ଗୁଡ଼-ଅଚ୍-ଉଚ ଈ) ଗୁଳୁଚୀ ଲତା

ଗୁଡ଼ୁମ୍ ଗୁଡୁମ୍ କ୍ରି. ବି. ( ଦେଶଜ ) ତୋପ ଫୁଟିବାର ଅନୁକରଣ ଶବ୍ଦ । ଯଥା—

ପଡୁଅଛି ତୋପ ଗୁଡ଼ୁମ ଗୁଡ଼ୁମ । ଦରବାର ।

ଗୁଡ଼ୋଦ୍ଭବା, ବି.ସ୍ତ୍ରୀ. (ଗୁଡ଼-ଉଦ୍ଭବ-ଆ) ଶର୍କରା, ଚିନି ।

ଗୁଣ, ବି. ପୁଂ. (ଗୁଣ୍-ଅ) ଉତ୍କର୍ଷ, ପ୍ରକୃତିର ଧର୍ମ । ଯଥା—ସତ୍ତ୍ୱ, ରଜଃ, ତମଃ । ମନରେ ଯେଉଁ ଧର୍ମ ଥିବାରୁ ଲୋକ ପ୍ରଶଂସନୀୟ ହୁଏ । ଯଥା— ଦୟା, ଦାକ୍ଷିଣ୍ୟ ବିନୟ, ସୌଜନ୍ୟ, ଇତ୍ୟାଦି । ଯହିଁରେ ଆତ୍ମାର ଉତ୍କର୍ଷ ସମ୍ପାଦନ ହୁଏ । ଯଥା— ଜ୍ଞାନ, ବିଦ୍ୟା ପ୍ରଭୃତି ଯାହା ଥିବାରୁ ଶରୀର ସୁନ୍ଦର ବୋଲି ଗଣନୀୟ ହୁଏ । ଯଥା—ରୂପ, ଲାବଣ୍ୟ ଇତ୍ୟାଦି । ଅଳଙ୍କାରରେ ଉତ୍କର୍ଷବ୍ୟଞ୍ଜକ ଧର୍ମ । ଯଥା —ଓଜଃ, ପ୍ରସାଦ, ଲାଳିତ୍ୟ ପ୍ରଭୃତି । ଯେଉଁ ଧର୍ମ ଥିବାରୁ ଚରି

ପଦାର୍ଥର ପରସ୍ପର ଭେଦଜ୍ଞାନ ହୁଏ। ଯଥା— ଶୁକ୍ଳ, କୃଷ୍ଣ ଇତ୍ୟାଦି। ବ୍ୟାକରଣରେ ସ୍ୱରର ପରିବର୍ତ୍ତବିଶେଷ। ଯଥା—ଇ, ଈ ସ୍ଥାନରେ ଏ ଇତ୍ୟାଦି। ରଥ ଓ ନୌକା ଟାଣି ନେବା-ପାଇଁ ମାସ୍ତୁଲରେ ବନ୍ଧ ରଜ୍ଜୁ, ଆବୃତ୍ତି, ଫଳ, ଉପକାର, ଗୁଣନ, ଧନୁରେ ଦିଆ ଯାଇଥିବା ରଜ୍ଜୁ, ଜ୍ୟା, ନ୍ୟାୟମତରେ ରୂପରସାଦି ଚତୁର୍ବିଂଶତି ପଦାର୍ଥ, ଯଶଃ, ଶରୀରସ୍ଥ କଫ ପିତ୍ତାଦି, ଅପ୍ରଧାନ, ସୂତ୍ର, ରଜ୍ଜୁ, ଇନ୍ଦ୍ରିୟ, ଅଭ୍ୟାସ, ବୃଦ୍ଧି; ସନ୍ଧି ବିଗ୍ରହ ଯାନ ଆସନ ଦ୍ୱୈଧ ଆଶ୍ରୟ ଏହି ଛ ପ୍ରକାର ନୃପଗୁଣ।

ଗୁଣକ, ବି. ପୁଂ. (ଗୁଣ୍-ଅକ) ଯେଉଁ ଅଙ୍କଦ୍ୱାରା ଅନ୍ୟ ଅଙ୍କକୁ ଗୁଣ କରାଯାଏ ସେହି ଅଙ୍କ। ବିଂ. ଯେ ଗୁଣ କରେ।

ଗୁଣକାର, ବି. ପୁଂ. (ଗୁଣ-କାର) ଭୀମସେନ। ବିଂ. ଗୁଣକାରକ, ଉପକାରୀ।

ଗୁଣଗୃଧ୍ୟ, ବିଂ. (ଗୁଣ-ଗୃଧ୍ୟ) ଗୁଣର ପକ୍ଷପାତୀ।

ଗୁଣଗ୍ରାହ୍ୟ } ବିଂ. ( ଗୁଣ ଗ୍ରାହ୍ୟ, ଜ୍ଞ ) ଯେଉଁ
ଗୁଣଜ୍ଞ } ବ୍ୟକ୍ତି ଗୁଣ ଗ୍ରହଣ କରି ପାରେ।

ଗୁଣତ୍ରୟ, ବି. ନ. ସତ୍ତ୍ୱ, ରଜଃ, ତମଃ ଏହି ତିନି ଗୁଣ।

ଗୁଣନ, ବି. ନ. (ଗୁଣ୍-ଅନ) ମନ୍ତ୍ରଣା, ଅଭ୍ୟାସ, ପୂରଣ, ଏକ ଅଙ୍କଦ୍ୱାରା ଅନ୍ୟ ଅଙ୍କକୁ ଗୁଣ କରିବା।

ଗୁଣନିକା, ବି. ସ୍ତ୍ରୀ. ( ଗୁଣନୀ-କ-ଆ ) ଗୁଣନ, ଅଭ୍ୟାସ, ନୃତ୍ୟ, ଶୂନ୍ୟ (୦)।

ଗୁଣନୀୟ, ବିଂ. (ଗୁଣ୍-ଅନୀୟ ) ଯେଉଁ ଅଙ୍କକୁ ଗୁଣ କରିବାକୁ ହେବ, ଗୁଣ୍ୟ।

ଗୁଣନୀୟକ, ବି. ପୁଂ. (ଗୁଣନୀୟ-କ) ଯେଉଁ ରାଶି ଦ୍ୱାରା ଅନ୍ୟ ଗୋଟିଏ ରାଶିକୁ ଭାଗ କଲେ କିଛି ମାତ୍ର ଭାଗଶେଷ ନ ଥାଏ, ତାହା ଦ୍ୱିତୀୟ ରାଶିର ଗୁଣନୀୟକ।

ଗୁଣପୂର୍ଣ୍ଣି, ବି. ପୁଂ. (ଗୁଣ-ପୂର୍ଣ୍ଣି) ଗୁଣାକର, ଗୁଣାଧାର।

ଗୁଣଭୃତ୍, ବିଂ. ( ଗୁଣ-ଭୃ-୦ ) ଗୁଣଧାରୀ, ଗୁଣବାନ୍। ବି. ପୁଂ. ପରମେଶ୍ୱର।

ଗୁଣମଣି, ବି. ( ଦେଶଜ ) ଗୁଣପୂର୍ଣ୍ଣ, ନାନା ଗୁଣବିଶିଷ୍ଟ।

ଯଥା—ଗୁଣମଣି ଗୁଣସାଗର, ଗୁଣ ରହିଅଛି ଅଶୀ ହାତର,
ଅଶୀ ହାତ ଥିବୁ, ଗୁଣ ଗାଉଥିବୁ। ଚିଗ।

ଗୁଣମୟ, ବିଂ. (ଗୁଣ-ମୟ) ପ୍ରଭୂତ ଗୁଣସମ୍ପନ୍ନ।

ଗୁଣଲୁବ୍ଧ, ବିଂ. (ଗୁଣ ଲୁବ୍ଧ ) ଗୁଣଗ୍ରାହୀ।

ଗୁଣବତ୍ତା, ବି. ସ୍ତ୍ରୀ. (ଗୁଣବତ୍-ତା) ଗୁଣଶାଳିତା, ଗୁଣ ଥିବା।

ଗୁଣବତୀ, ବିଂ. (ଗୁଣ-ବତ୍-ଈ) ଯାହାର ଗୁଣ ଅଛି, ଗୁଣବିଶିଷ୍ଟା।

ଗୁଣବାଚକ, ବିଂ.(ଗୁଣ-ବାଚକ) ଯାହା ବସ୍ତୁ ବା ବ୍ୟକ୍ତିର ଗୁଣକୁ ବ୍ୟକ୍ତ କରେ।

ଗୁଣବାନ୍. ବିଂ. ( ଗୁଣ-ବତ୍ ) ଗୁଣବିଶିଷ୍ଟ। ଯଥା—

ଧନୁ ଧନୁ ଅଧିକ ଗୁଣବାନ,
ହେଲା କାନ୍ତି ଗୁଣଙ୍କ ବଶମାନ। ପ୍ରେ. ସୁ.

ଗୁଣବୃକ୍ଷ, ବି. ପୁଂ. ( ଗୁଣ-ବୃକ୍ଷ ) ଜାହାଜର ମାସ୍ତୁଲ।

ଗୁଣଶାଳୀ, ବିଂ. (ଗୁଣ-ଶାଳିନ୍) ଗୁଣବାନ୍, ଯାହାର ଗୁଣ ଅଛି।

ଗୁଣଶୂନ୍ୟ, ବିଂ.(ଗୁଣ-ଶୂନ୍ୟ) ଯାହାର କୌଣସି ଗୁଣ ନାହିଁ, ଗୁଣହୀନ।

ଗୁଣସଙ୍ଗ, ବି. ପୁଂ. (ଗୁଣ-ସଙ୍ଗ) ସୁଖ ଦୁଃଖରେ ଆସକ୍ତି।

ଗୁଣସାଗର, ବି. ପୁଂ. (ଗୁଣ-ସାଗର) ବ୍ରହ୍ମା, ବୁଦ୍ଧବିଶେଷ। ବିଂ. ସକଳ ଗୁଣର ସାଗର।

ଗୁଣସ୍ତମ୍ଭ, ବି. ପୁଂ. (ଗୁଣ-ସ୍ତମ୍ଭ)ଗୁଣବୃକ୍ଷ,ଯାହାଜର ମାସ୍ତୁଲ।

ଗୁଣା, ବି. ( ଦେଶଜ ) ସ୍ତ୍ରୀମାନଙ୍କ ନାକର ଅଳଙ୍କାରବିଶେଷ। ଯଥା—

ଫଲଗୁଣା ମାଠଗୁଣ, ବିବେକ କରଇ ବଣା;
ନାସା ପୃଷ୍ଠକେ ପୃଷ୍ଠକେ ଥାଇ ଝଟକେ ସେ। ର ବ.

**ଗୁଣାଗାର**, ବି. ( ଦେଶଜ ) ଅର୍ଥଦଣ୍ଡ, ଜରିମାନା ।

**ଗୁଣାଣ**, ବି°. ( ଗୁଣନ-ଶବ୍ଦଜ ) ଅଙ୍କ ଗୁଣିବା ପ୍ରଣାଳୀ ।

**ଗୁଣାବଳୀ**, ବି. ସ୍ତ୍ରୀ. (ଗୁଣ-ଆବଳୀ) ଗୁଣଶ୍ରେଣୀ, ଗୁଣସମୂହ ।

**ଗୁଣି**, ବି. ( ଦେଶଜ ) ତନ୍ତ୍ର ମନ୍ତ୍ର ବିଦ୍ୟା ।

**ଗୁଣିବା**, କ୍ରି. ବି. ( ଗୁଣ୍ ଧାତୁଜ ) ସ୍ମରଣ କରିବା, ସୁମରିବା, ଘାତ କରିବା । ଯଥା—

୩ × ୪ = ୧୨ ।

**ଗୁଣିଆ**, ବି. ( ଗୁଣିନ୍ ଶବ୍ଦଜ ) ଐନ୍ଦ୍ରଜାଲିକ, ଭୂତବୈଦ୍ୟ । ଯଥା—

ବନ୍ଧ ରେ ତୁ ମୋ ଗୁଣିଅଗୁରୁ;
ବରତ କେ ଯିବ ଦୋହ ଅଗରୁ ।

**ଗୁଣିତ**, ବି°. (ଗୁଣ-ତ) ପୂରିତ, ଅନ୍ୟ ଅଙ୍କଦ୍ୱାରା ଯେଉଁ ଅଙ୍କକୁ ଗୁଣନ କରା ହୋଇଅଛି ।

**ଗୁଣିତକ**, ବି. ପୁଂ. ( ଗୁଣିତ-କ ) ଯେଉଁ ରାଶିକୁ ଅପର ଗୋଟିଏ ରାଶିଦ୍ୱାରା ଭାଗ କଲେ କିଛିମାତ୍ର ଭାଗଶେଷ ନ ଥାଏ, ତାହା ଦ୍ୱିତୀୟ ରାଶିର ଗୁଣିତକ ।

**ଗୁଣୀ**, ବି°. (ଗୁଣ-ଇନ୍) ଗୁଣବାନ୍, ଗୁଣବିଶିଷ୍ଟ, ଧର୍ମୀ । ବି. ପୁଂ. ଧନୁ ।

**ଗୁଣୀଭୂତ**, ବି°. ( ଗୁଣ-ଭୂ-ତ, ଈ ଆଗମ ) ଅପ୍ରଧାନଭାବରେ ଅବସ୍ଥିତ ।

**ଗୁଣୁଗୁଣୁ**, ବି. (ପ୍ରା) ଭ୍ରମର ଶବ୍ଦ, ଶବ୍ଦବିଶେଷ ।

**ଗୁଣେଶ୍ୱର**, ବି. ପୁଂ. (ଗୁଣ-ଈଶ୍ୱର) ଚିତ୍ରକୂଟ ପର୍ବତ, ଗୁଣର ଆଧାର ।

**ଗୁଣୋପେତ**, ବି°. (ଗୁଣ-ଉପେତ) ଗୁଣଶାଳୀ, ଗୁଣବାନ୍ ।

**ଗୁଣ୍ଠ**, ବି. (ଦେଶଜ) ଏକ ମାଣର ପଚିଶ ଭାଗର ଏକ ଭାଗ ।

**ଗୁଣ୍ଠନ**, ବି. ନ. ( ଗୁଣ୍ଠ-ଅନ ) ବେଷ୍ଟନ, ଆବରଣ ।

**ଗୁଣ୍ଠା**, ବି. ( ଦେଶଜ ) ଅଣ୍ଟାବାଡ଼ି, ବିମାନାଦି କାନ୍ଧେଇବାବେଳେ ବାହକମାନେ ଏହାକୁ ବ୍ୟବହାର କରନ୍ତି ।

**ଗୁଣ୍ଠିତ**, ବି°. (ଗୁନ୍ଠ୍-ତ) ଆବୃତ, ଆଚ୍ଛାଦିତ ।

**ଗୁଣ୍ଠୁଣୀ**, ବି°. (ଦେଶଜ) ବାଙ୍କୁରୀ, କ୍ଷୁଦ୍ରକାୟ ।

**ଗୁଣ୍ଡ**, ବି. ପୁଂ. ( ଗୁନ୍ଡ୍-ଅ ) ଚୂର୍ଣ୍ଣ, ମର୍ଦ୍ଦନ, ତୃଣବିଶେଷ ।

**ଗୁଣ୍ଡ** } ବି. (ଗୁଣ୍ଡ ଶବ୍ଦଜ) ଧୂଆଁପତ୍ର ଓ ଭଙ୍ଗ
**ଗୁଣ୍ଡି** } ଘଣିଆ ପ୍ରଭୃତିରେ ପ୍ରସ୍ତୁତ ପାକରେ ଖାଇବା ପଦାର୍ଥବିଶେଷ, ଚୂର୍ଣ୍ଣ ।

**ଗୁଣ୍ଡକ**, ବି. ପୁଂ. (ଗୁଣ୍ଡ-ଅକ) ଚୂର୍ଣ୍ଣ, ମଇଳା ।

**ଗୁଣ୍ଡା**, ବି. ( ଦେଶଜ ) ଧୂଳି, କ୍ଷୁଦ୍ର, ଖଦ୍ର, ଖଣ୍ଡ, ଅନ୍ନ ଭୋଜନର ମାତ୍ରାବିଶେଷ । ବଦମାସ୍, ଦୁଷ୍ଟ ।

**ଗୁଣ୍ଡିଆ**, ବି. (ପ୍ରାଦେଶିକ ସମ୍ବଲପୁର) ପୋତକ-ଜାତୀୟ କ୍ଷୁଦ୍ର ମଶା ।

**ଗୁଣ୍ଡିଚା**, ବି. ଜଗନ୍ନାଥ ଦେବଙ୍କର ଉତ୍ସବ-ବିଶେଷ । ଯଥା—

ସ୍ନାନ ଗୁଣ୍ଡିଚା ଏ ବେନି ସ୍ୱୟଂ ଲୀଳା ଯାତ,
ପତିତପାବନ ଅର୍ଥେ ପ୍ରସାଦ୍ଧି ବାହାର ହେ । କୋ. ଦ୍ରୁ.

**ଗୁଣ୍ଡିତ**, ବି°. ( ଗୁଣ୍ଡ-ତ ) ଚୂର୍ଣ୍ଣିତ, ଯାହା ଚୂର୍ଣ୍ଣ କରା ହୋଇଅଛି, ଚୂର୍ଣ୍ଣଯୁକ୍ତ ।

**ଗୁଣ୍ଡୁଚିମୂଷା**, ବି. ପୁଂ. ପର୍ଣ୍ଣମୃଗ, ମୂଷିକବିଶେଷ । ଯଥା—

କପୋତେ ଥିବଲେ ତରୁଷଣ୍ଡେ ଲୁଚି,
ପଦ୍ମ ଅନ୍ତରାଳେ ଥିବଲେ ଗୁଣ୍ଡୁଚି । ନ. କେ.

**ଗୁଣ୍ୟ**, ବି°. ( ଗୁଣ୍-ଯ ) ଗୁଣନୀୟ, ଯାହାକୁ ଗୁଣ କରାଯାଏ ।

**ଗୁସ୍ତ**, ବି. ପୁଂ. (ଗୁଧ୍-ସ) ସ୍ତବକ, ସ୍ତମ୍ଭ, ହାର-ବିଶେଷ ।

**ଗୁସ୍ତକ**, ବି. ପୁଂ. (ଗୁସ୍ତ-କ) ଗୁଚ୍ଛ, ସ୍ତବକ, ଗ୍ରନ୍ଥର ପରିଚ୍ଛେଦ, ହାରବିଶେଷ ।

**ଗୁସ୍ତପୁଷ୍ପ** } ବି. ପୁଂ. ( ଗୁସ୍ତ, ଗୁସ୍ତକ-ପୁଷ୍ପ )
**ଗୁସ୍ତକପୁଷ୍ପ** } ଛାତିଆନା ଗଛ ।

ଗୁଦ, ବି. (ଗୁ-ଦ) ମଳଦ୍ୱାର, ପାୟୁ ।

ଗୁଦକୀଳ, ବି. ପୁଂ. (ଗୁଦ-କୀଲ) ଅର୍ଶରୋଗ ।

ଗୁଦଗ୍ରହ, ବି. ପୁଂ. (ଗୁଦ-ଗ୍ରହ) ଉଦାବର୍ତ୍ତରୋଗ, ମଳବନ୍ଧ ହେବା ।

ଗୁଦାଙ୍କୁର, ବି. ପୁଂ. ( ଗୁଦ-ଅଙ୍କୁର ) ଅର୍ଶରୋଗ ।

ଗୁଦଡ଼ି, ବି. (ଯାବନିକ) କନ୍ଥା, ସନ୍ନ୍ୟାସିମାନଙ୍କର ଗାତ୍ରାଚ୍ଛାଦନ ।

ଗୁନ୍ଥା, ବି. ( ଗ୍ରଥନ ଶବ୍ଦଜ ) ଗୁନ୍ଥିବା । ବିଂ. ଗ୍ରଥିତ । ଯଥା—

ଚମ୍ପା ଉଦୀବରେ ମିଶି ଶତଦଳ
ଗୁନ୍ଥା ହେବା ମାଳା ପ୍ରାୟେ ଦିଶଇ ସୁନ୍ଦର । କ. ବ

ଗୁନ୍ଥିବା, କ୍ରି. ( ଗ୍ରଥ୍ ଧାତୁଜ ) ମାଳା କରିବା, ଲଗାଇ ଖଞ୍ଜିବା ।

ଗୁନ୍ଦ, ବି. ଏକପ୍ରକାର ଅଠା ।

ଗୁନ୍ଦରେଇବା, କ୍ରି. ମିଥ୍ୟା କହିବା ।

ଗୁପ୍ତ, ବିଂ. (ଗୁପ୍-ତ) ରକ୍ଷିତ, ଗୂଢ଼, ଲୁକ୍କାୟିତ, ଅଦୃଶ୍ୟ, ସଂବୃତ । ବି. ପୁଂ. ବୈଶ୍ୟର ଉପାଧି ।

ଗୁପ୍ତଗତି, ବି. ପୁଂ. ( ଗୁପ୍ତ-ଗତି ) ଗୁପ୍ତଚର, ପାଣିସର୍ପ ।

ଗୁପ୍ତଚର, ବିଂ. ( ଗୁପ୍ତ-ଚର ) ଯାହାର ଚର ଗୋପନରେ ବିଚରଣ କରେ, ଗୂଢ଼ରୂପେ ଚରପ୍ରେରକ । ବି. ପୁଂ. ଗୂଢ଼ରୂପେ ଭ୍ରମଣକାରୀ ଦୂତ, ବଳଦେବ ।

ଗୁପ୍ତପାଦ, ବି. ପୁଂ. (ଗୁପ୍ତ-ପାଦ୍-ଅ) ସର୍ପ ।

ଗୁପ୍ତି, ବି. ସ୍ତ୍ରୀ. ( ଗୁପ୍-ତି ) ରକ୍ଷା, ପହରା, ଗୋପନ, ଭୂମିର ଗହ୍ୱର, କାରାଗାର, ରଥଗର୍ତ୍ତ, ନୌକାଦିର ଗର୍ତ୍ତ । ପୁଂ. ଯମ, ଅସ୍ତ୍ରବିଶେଷ ।

ଗୁମ୍, ବିଂ. ନିସ୍ତବ୍ଧ । ଅଂ. ଅନୁକରଣ ଶବ୍ଦବିଶେଷ ।

ଗୁମର, ବି. ( ଦେଶଜ ) ଅହଙ୍କାର, ଦମ୍ଭ, ମାତ୍ସର୍ଯ୍ୟ ।

ଗୁମାନ, ବି. ( ଦେଶଜ ) ଠେକ, ଅଭିମାନ ଯଥା—

ଘନଶ୍ୟାମ ଗୁଣମାନ
ଜାଣିଅଛି କି ମୋ ଧର୍ମ୍ମ ଗୁମାନ । ବ. ଚ.

ଗୁମାସ୍ତା, ( ଯାବନିକ ) ଜମିଦାରୀ କଚେରୀର ହିସାବପତ୍ର ରଖିବା ମୋହରିର ।

ଗୁମୁଟି, ବି. ( ଦେଶଜ ) ଆଲୋକବିହୀନ କ୍ଷୁଦ୍ର ଗୃହ ।

ଗୁମ୍ଫ, ବି. ପୁଂ. ( ଗୁନ୍ଫ୍-ଅ ) ଗ୍ରନ୍ଥନ, ଶ୍ମଶ୍ରୁ, ନଶ, ବାହୁଭୂଷଣ ।

ଗୁମ୍ଫନ, ବି. ନ. ( ଗୁନ୍ଫ୍-ଅନ ) ଗ୍ରନ୍ଥନ, ଗୁନ୍ଥିବା ।

ଗୁମ୍ଫା, ବି· (ଦେଶଜ) ଗୁହା, ଗର୍ତ୍ତ ।

ଗୁମ୍ଫିତ, ବିଂ. (ଗୁନ୍ଫ୍-ତ) ଗ୍ରଥିତ, ଯାହା ଗୁନ୍ଥା ହୋଇଅଛି ।

ଗୁମ୍ବଜ, ବି. (ଯାବନିକ) ତୋରଣାକାରବିଶିଷ୍ଟ, ଗମ୍ବୁଜ । ଯଥା —

ଜଳୋଦ୍ଗତ ଇନ୍ଦ୍ରମାନର ଗୁମ୍ବଜ
ପ୍ରାୟେ ଦିଶୁଥାଇ ଦ୍ୱୀପ-ଶୈଳ-ବ୍ରଜ । ଚିଲିକା ।

ଗୁରୁ, ବି. ପୁଂ. ( ଗୃ-ଉ ) ଆଚାର୍ଯ୍ୟ, ଅଧ୍ୟାପକ, ଶିକ୍ଷାଦାତା, ମନ୍ତ୍ରୋପଦେଷ୍ଟା, ପୁରୋହିତ, ନିୟମକାରକ ବ୍ୟକ୍ତି, ବୃହସ୍ପତି, ଦ୍ରୋଣାଚାର୍ଯ୍ୟ, ଦୀର୍ଘ ସ୍ୱରବର୍ଣ୍ଣ, ଯଥା—ଆ, ଈ, ଊ ଇତ୍ୟାଦି । ବିଂ. ଅଲଘୁ, ଭାରୀ, ଉତ୍କଟ, ଶ୍ଲାଘ୍ୟ, ଦୁସ୍ତର, ଦୁର୍ବହ, ମହତ୍, ବୃହତ୍, କଠିନ, ଉତ୍କୃଷ୍ଟ, ପୂଜ୍ୟ, ଅତିଶୟ ।

ଗୁରୁକ୍ରମ, ବି. ପୁଂ. ( ଗୁରୁ-କ୍ରମ ) ପରମ୍ପରାଗତ ଉପଦେଶ ।

ଗୁରୁଘ୍ନ, ବି.ପୁଂ. (ଗୁରୁ-ହନ୍-ଅ) ଧଳା ସୋରିଷ । ବିଂ. ଗୁରୁହତ୍ୟାକାରୀ ।

ଗୁରୁଜନ, ବି. ପୁଂ. ( ଗୁରୁ-ଜନ ) ମାନ୍ୟବ୍ୟକ୍ତି, ପିତା ପିତାମହ ପ୍ରଭୃତି ।

ଗୁରୁଣ୍ଡିବା, କ୍ରି. ଅ. ( ଦେଶଜ ) ଶିଶୁମାନଙ୍କର ଆଣ୍ଠୁରେ ଚାଲିବାକୁ ଗୁରୁଣ୍ଡିବା କହନ୍ତି । ଯଥା—

ଗୁରୁଣ୍ଡି ଗୁରୁଣ୍ଡି ଏରୁଣ୍ଡି ଉପରେ ଶ୍ରୀକୃଷ୍ଣ ବସନ୍ତି ଯାଇ
ମାତାଙ୍କ ଅଡ଼କୁ ଅନାଇଁ ଅନାଇଁ ମାଟି ଦେହଥାନ୍ତି ଖାଇ ।

ଗୁରୁତମ, ( ଗୁରୁ-ତମ ) ସର୍ବାପେକ୍ଷା ଅଧିକ ଗୁରୁ ।

ଗୁରୁତର, ବି॰. ( ଗୁରୁ-ତର ) ଦୁଇଙ୍କ ମଧ୍ୟରେ ଅଧିକ ଗୁରୁ ।

ଗୁରୁତଳ୍ପଗ, ବି. ପୁଂ. ( ଗୁରୁ-ତଳ୍ପ-ଗମ୍-ଅ ) ବିମାତୃଗାମୀ, ଗୁରୁପତ୍ନୀଗାମୀ ।

ଗୁରୁତ୍ୱ, ନ. } ବି. ( ଗୁରୁ ତ୍ୱ, ତା ) ମହତ୍ତ୍ୱ.
ଗୁରୁତା, ସ୍ତ୍ରୀ. } ଗୌରବ, ଆଧିକ୍ୟ, ଭାର, ଗୁରୁର କାର୍ଯ୍ୟ, ଅଲଘୁତା ।

ଗୁରୁପତ୍ର, ବି. ନ. ( ଗୁରୁ-ପତ୍ର ) ଧାତୁବିଶେଷ, ଟିନ୍ ।

ଗୁରୁପାକ, ବି॰. ( ଗୁରୁ-ପାକ ) ଯେଉଁ ପଦାର୍ଥ ଆହାର କଲେ ସହଜରେ ଜୀର୍ଣ୍ଣ ହୁଏ ନାହିଁ । ଦୁଷ୍ପାଚ୍ୟ ।

ଗୁରୁମର୍ଦ୍ଦଳ, ବି. ପୁଂ. ( ଗୁରୁ-ମର୍ଦ୍ଦଳ ) ବାଦ୍ୟ-ବିଶେଷ, ଡିଣ୍ଡିମବାଦ୍ୟ ।

ଗୁରୁହା, ବି॰. ( ଗୁରୁ-ହନ୍-୦ ) ଗୁରୁଘ୍ନ, ଗୁରୁ-ହତ୍ୟାକାରୀ ।

ଗୁର୍ଜ୍ଜର, ବି. ପୁଂ. ଗୁଜରାଟ ଦେଶ, ଗୁଜରାଟ ଦେଶୀୟ ଲୋକ ।

ଗୁର୍ଜ୍ଜରୀ, ବି. ସ୍ତ୍ରୀ. ରାଗିଣୀବିଶେଷ, ଗୁର୍ଜ୍ଜର ଦେଶୀୟା ସ୍ତ୍ରୀ ।

ଗୁର୍ବିଣୀ } ବି. ସ୍ତ୍ରୀ. ( ଗୁରୁ-ଇନ୍-ଈ ) ଗର୍ଭିଣୀ,
ଗୁର୍ବୀ } ଅନ୍ତଃସତ୍ତ୍ୱା, ସସତ୍ତ୍ୱା ।

ଗୁର୍ବୀ, ବି. ସ୍ତ୍ରୀ. (ଗୁରୁ-ଈ) ଗର୍ଭିଣୀ, ଗୌରବବତୀ, ଗୁରୁପତ୍ନୀ ।

ଗୁଲ, ବି. ପୁଂ. (ଗୁଡ଼୍-ଅ) ଗୁଡ଼, ( ଦେଶଜ ) ଅଙ୍ଗାରବଟିକା, ପୋଡ଼ା ଗୁଡ଼ାଖୁ ବା ପିକାର ଅଂଶ

ଗୁଲଞ୍ଚ, ବି. ପୁଂ ( ଗୁଳୁଚ ଶବ୍ଦଜ) ଲତାବିଶେଷ। ଅଂ. ବନ୍ଧୁତ୍ୱ ବା ସମ୍ବନ୍ଧବୋଧକ ପ୍ରତ୍ୟୟ ।

ଗୁଲା, ବି. (ଦେଶଜ) ଶଗଡ଼ ଚକଦ୍ୱୟ ଯିବାର ପଥ, ବଟିକା, କଡାଛଡ଼ା ନଡ଼ିଆ, ଭାଗ ନିର୍ଣ୍ଣୟ ସଂକେତ ଗୁଣ୍ଡି ।

ଗୁଲାଲ, ବି. (ଯାବନିକ) ପିଚକାରୀର ଫଗୁପାଣି, ଫଗୁ । ଯଥା—

ନନ୍ଦତରୁଣଙ୍କ ଅମଳ କପୋଳ
ଅରୁଣ ଗୁଲାଲଘାତେ । ପାବନ୍ତୀ ।

ଗୁଲିକା, ବି. ସ୍ତ୍ରୀ. ( ଗୁଡ୍-ଅକ ) ଗୁଳି, ବନ୍ଧୁକ ପ୍ରଭୃତିରେ ବ୍ୟବହାରୀୟ ଗୋଳା ।

ଗୁଲିକାଣ୍ଡ, ବି. ନ. (ଗୁଳି-କାଣ୍ଡ ) ବାହୁଲ ।

ଗୁଲୀ, ବି. ସ୍ତ୍ରୀ. (ଗୁଡ୍-ଈ) ବଟିକା, ଗୋଳା, ବନ୍ଧୁକାଦିରେ ବ୍ୟବହୃତ ସୀସାର ଗୋଲି ।

ଗୁଲି, ବି ( ଦେଶଜ ) ଅଫିମ ଅର୍କରେ ପ୍ରସ୍ତୁତ ଏକପ୍ରକାର ମାଦକ ଦ୍ରବ୍ୟ ।

ଗୁଲୁଗୁଲି, ବି. (ଦେଶଜ) ସ୍ତ୍ରୀବିଳାପ, ଯଥା— ଅଣସର ଗୁଲୁଗୁଲି ।

ଗୁଲୁଚୀ, ବି. ( ଗୁଡ଼ୁଚି ଶବ୍ଦଜ ) ସ୍ୱନାମପ୍ରସିଦ୍ଧ ଲତା ।

ଗୁଲୁଚ୍ଛ } ବି. ପୁଂ. ( ଗୁଡ୍-ଉଚ୍ଛ, ଉଞ୍ଛ ) ଗୁଚ୍ଛ,
ଗୁଲୁଞ୍ଛ } ସ୍ତବକ ।

ଗୁଲ୍ଫ, ବି. ପୁଂ. (ଗୁଲ୍-ଫ) ପାଦମୂଳ, ଗୋଇଠି ।

ଗୁଲ୍ମ, ବି. ପୁଂ. (ଗୁଡ୍-ମ) ରୋଗବିଶେଷ, ପୀଲୋହ୍ଣ, ସ୍ତମ୍ଭ, ଲତାଗୁଚ୍ଛ, ସୈନ୍ୟ ସଂଖ୍ୟାବିଶେଷ, ଥାନା, ଛୋଟ ଛୋଟ ବୃକ୍ଷ, ବୁଦା । ଯଥା—

ଗୁଲ୍ମହେଲେ ପଥ ଚାଲନ୍ତି ଯାଇ;
ବଧମ-ସ୍ଥଳପଣେ ଘାସ ଯୋଡ଼ି । ଭୂ. ସ୍ତ.

ଗୁଲ୍ମମୂଲ, ବି. ନ. (ଗୁଲ୍ମ-ମୂଲ) ଆର୍ଦ୍ରକ, ଅଦା ।

ଗୁଲ୍ମିନୀ, ବି. ସ୍ତ୍ରୀ. (ଗୁଲ୍ମ-ଇନ୍-ଈ) ଲତା, ବିସ୍ତୃତ ଲତା ।

ଗୁବାକ } ବି. ପୁଂ. (ଗୁ-ଆକ) ଗୁଆଗଛ ।
ଗୁବାକ } ନ. ଗୁଆ । ଯଥା—

ତହିଁରେ ଗୁବାକଶ୍ରେଣୀ ଫଳେ ଅନମିତ । କ. କ.

ଗୁହ, ବି. ପୁଂ. ( ଗୁହ୍-ଅ ) କାର୍ତ୍ତିକେୟ, ବିଷ୍ଣୁ, ରାମଙ୍କ ବନ୍ଧୁ ବିଶେଷ, ଗୁହକ, ବେଗବାନ୍ ଅଶ୍ୱ, ଗର୍ତ୍ତ, (ଗୁଥ ଶବ୍ଦଜ) ମଳ।

ଗୁହା, ବି. ସ୍ତ୍ରୀ. ( ଗୁହ୍-ଆ ) ପର୍ବତାଦିର ଗହ୍ୱର, ଗର୍ତ୍ତ, ଅଭ୍ୟନ୍ତର ସାକ୍ଷୀ।

ଗୁହାର, ଗୁହାରି } ବି. (ହିନ୍ଦି) ଫେରାଦ, ଅଭିଯୋଗ, ନିବେଦନ କରିବା। ଯଥା—

ନରପତି ଆଗେ କଲି ଗୁହାରି
ଦଣ୍ଡ ଦିଅଇନ୍ତି ନେ ବଣୀଧାରୀ।

ଗୁହାରିଆ, ବି. (ଦେଶଜ) ଏକପ୍ରକାର ଗଛ। ବିଂ. ଯେ ଗୁହାରି କରେ, ପ୍ରାର୍ଥନାକାରୀ, ଦେବତାଙ୍କ ନିକଟରେ ଅର୍ଘ୍ୟ ପଢ଼ିବା ଲୋକ।

ଗୁହାଳ, ବି. ( ଗୋଶାଳା ଶବ୍ଦଜ ) ଗୋରୁ ରହିବାର ସ୍ଥାନ ବା ଘର।

ଗୁହାଶୟ, ବି. ପୁଂ. (ଗୁହା-ଶୀ-ଅ) ସିଂହ ବ୍ୟାଘ୍ର ପ୍ରଭୃତି ପଶୁ, ଅଜ୍ଞାନ, ଜୀବାତ୍ମା। ବିଂ. ଗୁହାସ୍ଥିତ।

ଗୁହିନ, ( ଗୁହ୍-ଇନ) ବନ, ଅରଣ୍ୟ।

ଗୁହ୍ୟ, ଗୋହ୍ୟ } ବିଂ. ( ଗୁହ-ଯ ) ଗୋପନୀୟ, ଅପ୍ରକାଶ୍ୟ। ବି. ନ. ନିର୍ଜ୍ଜନସ୍ଥାନ ମଳଦ୍ୱାର, ଉପସ୍ଥ। ପୁଂ. କଚ୍ଛପ, ଦମ୍ଭ, ଅହଂକାର, ପରମେଶ୍ୱର।

ଗୁହ୍ୟକ, ବି. ପୁଂ. ( ଗୁହ୍-କ ) ଦେବଯୋନି-ବିଶେଷ, କୁବେରାନୁଚର।

ଗୁହ୍ୟକେଶ୍ୱର, ବି. ପୁଂ. ( ଗୁହ୍ୟକ-ଈଶ୍ୱର ) କୁବେର।

ଗୁହ୍ୟଗୁରୁ, ବି. ପୁଂ. ( ଗୁହ୍ୟ-ଗୁରୁ ) ଶିବ।

ଗୁହ୍ୟଦୀପକ, ବି. ପୁଂ. (ଗୁହ୍ୟ-ଦୀପକ) ଖଦ୍ୟୋତ, ଜୁଳୁଜୁଳିଆ ପୋକ।

ଗୁହ୍ୟନିଷ୍ୟନ୍ଦ, ବି. ପୁଂ. ( ଗୁହ୍ୟ-ନିଷ୍ୟନ୍ଦ ) ମୂତ୍ର, ପ୍ରସ୍ରାବ।

ଗୁହ୍ୟପୁଷ୍ପ, ବି. ପୁଂ. (ଗୁହ୍ୟ-ପୁଷ୍ପ) ଅଶ୍ୱତ୍ଥବୃକ୍ଷ।

ଗୁହ୍ୟଭାଷିତ, ବି. ନ. ( ଗୁହ୍ୟ-ଭାଷିତ ) ମନ୍ତ୍ର, ଗୁପ୍ତବାକ୍ୟ।

ଗୂଢ଼, ବିଂ. (ଗୁହ୍-ତ) ଅନ୍ତରିତ, ଅଜ୍ଞାତ, ପ୍ରଚ୍ଛନ୍ନ, ଗୁପ୍ତ, ଅପ୍ରକାଶିତ, ସଂବୃତ, ଗହନ, ଯାହା ସହଜରେ ବୋଧ ହୁଏ ନାହିଁ, ନିଗୂଢ଼, ରହସ୍ୟ।

ଗୂଢ଼ଚାରୀ, ବିଂ. ( ଗୂଢ଼-ଚାରିନ୍ ) ଯେ ଗୁପ୍ତ-ରୂପରେ ଚଳେ, ଯେ ଆପଣାର ଉଦ୍ଦେଶ୍ୟ ଅପ୍ରକାଶ ରଖି ଅନ୍ୟର କର୍ମ ଓ ଅଭିପ୍ରାୟ ଅନୁସନ୍ଧାନ କରେ।

ଗୂଢ଼ଜ, ବି. ପୁଂ. (ଗୂଢ଼-ଜ) ଗୂଢ଼ୋତ୍ପନ୍ନ ପୁତ୍ର।

ଗୂଢ଼ନୀଡ଼, ବି. ପୁଂ. (ଗୂଢ଼-ନୀଡ଼) ଖଞ୍ଜନପକ୍ଷୀ।

ଗୂଢ଼ପଥ, ବି. ପୁଂ. ( ଗୂଢ଼-ପଥ ) ଅନ୍ତଃକରଣ, ଗୁପ୍ତପଥ।

ଗୂଢ଼ପଦ୍, ଗୂଢ଼ପାଦ } ବି. ପୁଂ. (ଗୂଢ଼-ପଦ୍, ପାଦ) ଭୁଜଙ୍ଗ, ସର୍ପ, ସାପ। ବିଂ. ଗୁପ୍ତପଦବିଶିଷ୍ଟ।

ଗୂଢ଼ପୁରୁଷ, ବି. ପୁଂ. ( ଗୂଢ଼-ପୁରୁଷ ) ଗୂଢ଼ଚର, ଛଦ୍ମବେଶୀ ଦୂତ।

ଗୂଢ଼ପୁଷ୍ପକ, ବି. ପୁଂ. ( ଗୂଢ଼-ପୁଷ୍ପ-କ ) ବକୁଳ ବୃକ୍ଷ।

ଗୂଢ଼ମାର୍ଗ, ବି. ପୁଂ. ( ଗୂଢ଼-ମାର୍ଗ ) ଗୋପନୀୟ ପଥ, ସୁଡ଼ଙ୍ଗ।

ଗୂଢ଼ମୈଥୁନ, ବି. ପୁଂ. ( ଗୂଢ଼-ମୈଥୁନ ) କାକ, ବାୟସ।

ଗୂଢ଼ାଙ୍ଗ, ବି. ପୁଂ. (ଗୂଢ଼-ଅଙ୍ଗ) କଚ୍ଛପ, କଇଁଛ। ବିଂ. ଗୁପ୍ତଦେହବିଶିଷ୍ଟ।

ଗୂଢ଼ୋତ୍ପନ୍ନ, ବି. ପୁଂ. ( ଗୂଢ଼-ଉତ୍ପନ୍ନ ) ଅଜ୍ଞାତ-ପିତୃକ ପୁତ୍ର।

ଗୂଥ, ବି. ପୁଂ. (ଗୂ-ଥ) ବିଷ୍ଠା, ମଳ।

ଗୂନ, ବିଂ. ( ଗୂ-ତ ) କୃତମଳତ୍ୟାଗ; ଯେ ମଳତ୍ୟାଗ କରିଅଛି।

ଗୂରଣ, ଗୋରଣ } ବି ନ. (ଗୂର, ଗୁର-ଅନ) ଉଦ୍ୟମ, ଚେଷ୍ଟା, ଉତ୍ତୋଳନ।

ଗୂହ, ବି. ( ଗୁଥ ଶବ୍ଦଜ ) ବିଷ୍ଠା, ମଳ।

ଗୃଞ୍ଜନ, ବି ନ. (ଗୃନ୍ଜ୍-ଅନ) ବିଷାକ୍ତ ପଶୁମାଂସ, ରସୁଣ, ରକ୍ତବର୍ଣ୍ଣ ମୂଳବିଶେଷ, ଗାଜର।

**ଗୃଧ୍ନୁ**, ବିଂ. (ଗୃଧ୍-ନୁ) ଲୋଲୁପ, ଲୋଭୀ ।

**ଗୃଧ୍ର**, ବି. ପୁଂ. (ଗୃଧ୍-ର) ଶାଗୁଣାପକ୍ଷୀ । ଯଥା—

ବଢନ୍ତେ ଓଁଠାର ଚଢ଼ି ଶବମ୍ବୁ ପୂ
ପୁଷ୍ଟ ଥିଲେ ଗୃଧ୍ର ସଙ୍ଗତେ ଗୋମାୟୁ । ର. କେ.

**ଗୃଧ୍ରରାଜ**, ବି. ପୁଂ. (ଗୃଧ୍ର-ରାଜନ୍) ଜଟାୟୁ, ସମ୍ପାତି, ଗରୁଡ଼ ।

**ଗୃଷ୍ଟି**, ବି. ସ୍ତ୍ରୀ. (ଧୃଷ-ତି) ଏକଥର ପ୍ରସବ ହୋଇଥିବା ଗାଈ ।

**ଗୃହ**, ବି. ପୁଂ. ନ (ଗ୍ରହ-ଅ) ଘର, ଗୃହସ୍ଥାଶ୍ରମ, ଭାର୍ଯ୍ୟା, ମେଷାଦି ରାଶି ।

**ଗୃହଗୋଧୀ**, **ଗୃହଗୋଧିକା**, ବି. ସ୍ତ୍ରୀ. (ଗୃହ-ଗୋଧୀ, ଗୋଧିକା) ଝିଟିପିଟି, ପଲ୍ଲୀ, ହାଣ୍ଡିଅଣୀ ।

**ଗୃହଚ୍ଛିଦ୍ର**, ବି. ନ. (ଗୃହ-ଛିଦ୍ର) ଗୃହର ଦୋଷ, ଆପଣା ଘରର କଳଙ୍କ ।

**ଗୃହଭେଦ**, ବି. ପୁଂ. ସିନ୍ଧଗ୍ରହ, ଗୃହବିଚ୍ଛେଦ ।

**ଗୃହମୃଗ**, ବି. ପୁଂ. (ଗୃହ-ମୃଗ) କୁକ୍କୁର ।

**ଗୃହମେଧୀ**, ବି. ପୁଂ. (ଗୃହ ମେଧ-ଇନ୍) ଗୃହସ୍ଥାଶ୍ରମୀ, ଗୃହସ୍ଥ, ଗୃହପତି ।

**ଗୃହମେଧୀୟ**, ବିଂ. (ଗୃହମେଧିନ୍-ଈୟ) ଗୃହସ୍ଥସମ୍ବନ୍ଧୀୟ ।

**ଗୃହସ୍ୱାନ୍ତ**, ବିଂ. (ଗୃହ-ଅନ୍ତ) ଗ୍ରହଣେଚ୍ଛୁ, ଗାୟକ ।

**ଗୃହଲକ୍ଷ୍ମୀ**, ବି. ସ୍ତ୍ରୀ. (ଗୃହ-ଲକ୍ଷ୍ମୀ) ଗୃହର ଲକ୍ଷ୍ମୀସ୍ୱରୂପା ସ୍ତ୍ରୀ, ସଚ୍ଚରିତ୍ରା ସ୍ତ୍ରୀ ।

**ଗୃହବାଟିକା**, ବି. ସ୍ତ୍ରୀ (ଗୃହ-ବାଟିକା) ଘରର ଉଦ୍ୟାନ, ବଗିଚା ।

**ଗୃହସ୍ଥ**, ବି. ପୁଂ. (ଗୃହ-ସ୍ଥା-ଅ) ସଂସାରୀ, ଦ୍ୱିତୀୟାଶ୍ରମୀ ।

**ଗୃହସ୍ଥୂଣ** ବି. ନ. (ଗୃହ-ସ୍ଥୂଣ) ଗୃହସ୍ତମ୍ଭ, ଘରର ଖୁଣ୍ଟ ।

**ଗୃହାଗତ**, ବି. ପୁଂ. (ଗୃହ-ଆଗତ) ଆଗନ୍ତୁକ ଅତିଥି । ବିଂ. ଯେ ଘରକୁ ଆସିଅଛି ।

**ଗୃହାରାମ**, ବି. ପୁଂ. (ଗୃହ ଆରାମ) ଘରନିକଟସ୍ଥ ଉଦ୍ୟାନ ।

**ଗୃହାଶ୍ମା**, ବି. ପୁଂ. (ଗୃହ-ଅଶ୍ମନ୍) ପେଷଣ ପ୍ରସ୍ତର, ଶିଳ ।

**ଗୃହିଣୀ**, ବି. ସ୍ତ୍ରୀ. (ଗୃହ-ଇନ୍-ଈ) ଭାର୍ଯ୍ୟା, ପତ୍ନୀ ।

**ଗୃହୀ**, ବି. ପୁଂ. (ଗୃହ-ଇନ୍) ଗୃହସ୍ଥ, ଗୃହପତି ।

**ଗୃହୀତ**, ବିଂ. (ଗ୍ରହ-ତ) ଯାହା ଗ୍ରହଣ କରାଯାଇଅଛି, ପ୍ରାପ୍ତ, ସ୍ୱୀକୃତ, ଆକ୍ରାନ୍ତ, ଧୃତ ଅର୍ଜିତ, ଅଭ୍ୟସ୍ତ, ଲବ୍ଧ, ଜ୍ଞାତ, ସାକ୍ଷାତ୍କୃତ ।

**ଗୃହୀତା**, ବିଂ. (ଗ୍ରହ-ତୃନ୍) ଗ୍ରାହକ, ଗ୍ରହଣକର୍ତ୍ତା ।

**ଗୃହ୍ୟ**, ବିଂ. (ଗୃହ୍-ଯ) ଅଧୀନ, ଆସକ୍ତ, ପକ୍ଷ, ଦଳାକ୍ରାନ୍ତ, ଗ୍ରହଣର ଯୋଗ୍ୟ, ଗୃହପାଳିତ, ଗୃହୋତ୍ପନ୍ନ, ଧର୍ମଶାସ୍ତ୍ରର ଗ୍ରନ୍ଥବିଶେଷ, ଗୃହ୍ୟ ଦେଶ ।

**ଗେଙ୍ଗୁଟି**, ବି. (ଦେଶଜ) ପଥରଚୂନର ଉପାଦେୟ ବସ୍ତୁବିଶେଷ, ପ୍ରସ୍ତରବିଶେଷ ।

**ଗେଟମା**, ବି. (ଦେଶଜ) ବାମନ, କ୍ଷୁଦ୍ର, ଗେଡ଼ା ।

**ଗେଟି**, ବି. (ଦେଶଜ) ବର୍ତ୍ତୁଳ ଗୋଲା, ପଥର ଗୋଡ଼ି ।

**ଗେଡ଼ା**, ବିଂ. (ଦେଶଜ) ବାଙ୍ଗର ।

**ଗେଣ୍ଡା**, ବି. (ଗେଣ୍ଡୁକ ଶବ୍ଦଜ) ପ୍ରାଣିବିଶେଷ ।

**ଗେଣ୍ଡାଳିଆ**, ବି. (ଦେଶଜ) ପକ୍ଷିବିଶେଷ, ସ୍ୱନାମଖ୍ୟାତ ପକ୍ଷୀ ।

**ଗେଣ୍ଡ**, **ଗେଣ୍ଡୁକ**, **ଗେନ୍ଦୁକ**, ବି. ପୁଂ. (ଗା-ଇଣ୍ଡୁକ) କନ୍ଦୁକ, ପେଣ୍ଡୁ, ଏକପ୍ରକାର ଫୁଲ ।

**ଗେଧ**, ବି. (ଦେଶଜ) ଥାଙ୍କୁଡ଼ଦଳପତି, ବୁଢ଼ା ମାଙ୍କଡ଼ ।

**ଗେୟ**, ବି. ନ. (ଗୈ-ଯ) ଗାନ । ବିଂ. ଗାନଯୋଗ୍ୟ ।

**ଗେରୁ**, ବି. (ଗୈରିକ ଶବ୍ଦଜ) ରକ୍ତବର୍ଣ୍ଣ ମୃତ୍ତିକାବିଶେଷ ।

ଗେରୁଅ, ବି. (ଗୈରିକ ଶବ୍ଦଜ) ଗେରୁରଙ୍ଗ-ବିଶିଷ୍ଟ, କଷାୟ ।

ଗେଲ, ବି. (ଦେଶଜ) ଶ୍ରଦ୍ଧା, ସ୍ନେହ, ପରିହାସ, ଭଙ୍ଗି, ଭଙ୍ଗୀ । ଯଥା—

ଗେଲେ ଗେଲେ କି ଗେଲେ ଗୁଲଲ ।

ଗେଲବସର }
ଗେଲୁଆ } ବିଂ. (ଦେଶଜ) ସ୍ନେହ ଓ ଆଦରର ପାତ୍ର ।

ଗେହ, ବି. ନ. (ଗ-ଇହ-ଅ) ଗୃହ, ଘର, ନିକେତନ, ବାସସ୍ଥାନ ।

ଗେହୀ, ବି. ପୁଂ. (ଗେହ-ଇନ) ଗୃହୀ, ଗୃହସ୍ଥ ।

ଗେଲ୍ଲା, ବି. (ଦେଶଜ) ସେବକ୍ଲା ।

ଗୈରିକ, ବି. ନ. (ଗିରି-ଇକ) ଗେରୁମାଟି, ସ୍ୱର୍ଣ୍ଣ । ବିଂ. ଗିରିସମ୍ଭୂତ । ଯଥା—

ଏତେ ଲକ୍ଷଣ ବିଗ୍ରହ, କଣ୍ଠ ଗଇରିକଗୋଷ୍ଠୀ । ଲା. ବି.

ଗୈରେୟ, ବି. ନ. (ଗିରି- ଏୟ) ଗେରୁମାଟି । ବିଂ. ଗିରିଜାତ ବସ୍ତୁ ।

ଗୋ, ବି. ପୁଂ. (ଗମ୍-ଓ) ପଶୁ, ବୃଷ, ଚନ୍ଦ୍ର, ସୂର୍ଯ୍ୟ, ସ୍ୱର୍ଗ, ଦୃଷ୍ଟି, ବାଣ, ଜଳ, ଇନ୍ଦ୍ରିୟ, କେଶ, ଶରୀର, ଲୋମ, କିରଣ, ବଜ୍ର, ଧେନୁ, ଦିକ୍, ବାକ୍ୟ, ବାଗୀଶ୍ୱରୀ, ପୃଥିବୀ, ମାତା, ଗାୟତ୍ରୀ ।

ଗୋଇ, ବି. (ହିନ୍ଦି) ମରମ, ମର୍ମ, ଅପ୍ରକାଶ୍ୟ-ବିଷୟ, ଗୁହ୍ୟଛିଦ୍ର, (ପ୍ରା. ଗୋପୀ ଶବ୍ଦଜ) ଗୌଡ଼ୁଣୀ ।

ଗୋଇଠା, କ୍ରି. ବି. (ଦେଶଜ) ଗୋଇଠିରେ ଆଘାତ କରିବା, ନାତ ମାରିବା । ଯଥା—

ହା ଦୈବ ! ଜମ୍ବୁକ ପଶି ହର୍ଯ୍ୟକ୍ଷ ଗୁହାରେ,
ଗୋଇଠା ପ୍ରହାର କେବ ତା ମସ୍ତକେ ଓଷ୍ଠାର
ଗ୍ରାସ ଧାର, ହର୍ଯ୍ୟକ୍ଷ ତ ସହିବ ମଉନେ । ମ. ଯା.

ଗୋଇଠି, ବି. (ଗୋହିର ଶବ୍ଦଜ) ପାଦମୂଳ ।

ଗୋଇନ୍ଦା }
ଗୋଏନ୍ଦା } ବି. (ଯାବନିକ) ଗୁପ୍ତଚର ।

ଗୋକର୍ଣ୍ଣ, ବି. ପୁଂ. (ଗୋ-କର୍ଣ୍ଣ) ବିତସ୍ତି ପରିମାଣ, ଅନାମିକାଯୁକ୍ତ ଅଙ୍ଗୁଷ୍ଠପରିମାଣ, ଖଚର, ଗଣ୍ଡୂଷ, ମୃଗବିଶେଷ, ଅଶ୍ୱତର, ସର୍ପ, ଚକ୍ଷୁଃଶ୍ରବାଃ, ତୀର୍ଥସ୍ଥାନବିଶେଷ ।

ଗୋକଲ, ବି. (ଗୋ-କଲ) ଗୋ ଗ୍ରାସ, ଗୋରୁଙ୍କୁ ଦତ୍ତ ଘାସ ।

ଗୋକଲା, ବି. (ଦେଶଜ) ଅଙ୍ଗୁଳିସନ୍ଧିର ରୋଗ ।

ଗୋକୀଲ, ବି. ପୁଂ. (ଗୋ-କୀଲ) ମୂଷଳ, ଲାଙ୍ଗଳ ।

ଗୋକୁଳ, ବି. ନ. (ଗୋ-କୁଳ) ଗୋସମୂହ, ଗୋଷ୍ଠ, ଗୋସ୍ଥାନ, ଯମୁନାନଦୀର ନିକଟସ୍ଥ ଗ୍ରାମବିଶେଷ ।

ଗୋକୃତ, ବି. ନ. (ଗୋ-କୃତ) ଗୋମୟ, ଗୋବର ।

ଗୋଖର, ବି. (ଦେଶଜ) ବିଷଧର ସର୍ପବିଶେଷ, କର୍ଣ୍ଣଭୂଷଣବିଶେଷ ।

ଗୋଖରୀ, ବି. (ଗୋକ୍ଷୁର ଶବ୍ଦଜ) କର୍ଣ୍ଣଭୂଷଣ-ବିଶେଷ, ଗଣ୍ଡିଆ, କଣ୍ଟକଗୁଳ୍ମବିଶେଷ ।

ଗୋଖା, ବି. (ଦେଶଜ) ସ୍ୱନାମଖ୍ୟାତ ମତ୍ସ୍ୟଜୀବୀ ଜାତି ।

ଗୋକ୍ଷୁର, ବି. ପୁଂ. ଗୋଖରୀ ବୃକ୍ଷ ।

ଗୋଘ୍ନ, ବିଂ. (ଗୋ-ଘ୍ନ) ଗୋହନ୍ତା, ଗୋହତ୍ୟା-କାରୀ । ବି. ପୁଂ. ଅତିଥି ।

ଗୋଚର, ବି. ପୁଂ. (ଗୋ-ଚର) ଆଶ୍ରୟ, ବିଷୟ, ଇନ୍ଦ୍ରିୟଗ୍ରାହ୍ୟ, ସାକ୍ଷାତ୍କାର, ଜ୍ଞାତସାର, ଗୋଚାରଣ ସ୍ଥାନ, ଗୋରୁମାନଙ୍କର ଚରିବା ସ୍ଥାନ । ବିଂ. ଆଶ୍ରିତ, ସ୍ଥିତ ।

ଗୋଛା, ବି. (ପ୍ରା, ଗୁଚ୍ଛ ଶବ୍ଦଜ) ବିଡ଼ା ।

ଗୋଜଣା, ବି. (ଦେଶଜ) କାଠି ଖେଳାଇବା, ଖୁଣ୍ଟା ।

ଗୋଜ }
ଗୋଜା } ବିଂ. (ଦେଶଜ) ମୁନିଆଁ । ଯଥା—

ସ୍ନେହେ କରୁଥାଇ ଅଧର ଗୋଜ,
ଚମ୍ବନ ନ ଦିଏ କାରଣ ଲାଜ । ସୁ. ରେ.

ଲୁଣପଟି, ରେଖା ।

ଗୋଜାଗରକ, ବି. ନ. ( ଗୋ-ଜାଗୃ-ଅକ ) କଲ୍ୟାଣ, ମଙ୍ଗଳ, । ପୁଂ. କଣ୍ଠଜାର ବୃଷ ।

ଗୋଞ୍ଜମା, ବି. (ଦେଶଜ) କଡି ନଥିଅ ।

ଗୋଞ୍ଜା, ବିଂ. (ଦେଶଜ) ଅଖଣ୍ଡ, ବର୍ତ୍ତୁଳ ।

ଗୋଞ୍ଜାଇବା, କ୍ରି. ବି. ଉତ୍ତୋଳନ କରିବା, ଟେକିବା ।

ଗୋଞ୍ଜାଳ, ବି. ଗୋଲାକାର କ୍ଷୁଦ୍ର ଖଡ଼ୀ ।

ଗୋଟ, ଗୋଟିଏ, (ମାନ୍ୟାର୍ଥରେ) } ବି. ଏକ-
ଗୋଟାଏ, (ଅମାନ୍ୟାର୍ଥରେ) } ଗୋଟି, ଏକ ।

ଗୋଟକା, ବି. ( ଦେଶଜ ) ମିଷ୍ଟାନ୍ନବିଶେଷ, ଯଥା—

ରମ୍ଭା ଅଲ୍ପ ଦଧି ଶଟେ ଘିଅ ନେଇ
ଗୋଟକା ଅଧାମ ଆଦି । ମ. ମ.

ଗୋଟପୁଅ, ବି. (ଦେଶଜ) ନାହୁଁଅ ପିଲା ।

ଗୋଟପୋକ, ବି. ( ଦେଶଜ ) ପାଟ ପୋକ, ଟସର ପୋକ ।

ଗୋଠ, ବି. ( ପ୍ରା. ଗୋଷ୍ଠ ଶବ୍ଦଜ ) ଗୋସ୍ଥାନ, ଗୁହାଳ, କଣ୍ଠଦେଶର ଭୂଷଣ । ଯଥା—(ଗୋସ୍ଥାନ ଅର୍ଥରେ)

କୃଷକ ବଳଦ ଯାଉଛି ବହନ,
ଗୋଠକୁ ଗଉଡ଼ ନେଉଛି ଗୋଧନ । ଗ. ମ,

ଗୋଠିଅ, ବିଂ. ( ଦେଶଜ ) ଗୋଠରେ ଥିବା ଗାଈ ପ୍ରଭୃତି ।

ଗୋଡ଼, ବି. (ଦେଶଜ) ପାଦମୂଳ, ଆଦି ।

ଗୋଡ଼ା, ବି. ଦେଶଜ) ମୂଳ, ପତ୍ତନ ।

ଗୋଡ଼ାଇବା, କ୍ରି. ବି. ( ଗୋଡ଼ର ନାମଧାତୁ ) ଅନୁଧାବନ କରିବା ।

ଗୋଡ଼ିଣିଆ, ବିଂ. ( ଦେଶଜ ) ଅନୁସରଣକାରୀ ଅନୁଗାମୀ ।

ଗୋଡ଼ି, ବି. ( ଦେଶଜ ) ସାନ ସାନ ପଥର ଓ ଖପରା ।

ଗୋଡ଼ିଶାଲ, ବି. ( ଦେଶଜ ) କାଷ୍ଠର ଯୋଡ଼ ସ୍ଥାନରେ ବ୍ୟବହୃତ ହେବା କଣ୍ଟାବିଶେଷ ।

ଗୋଣ୍ଡ, ବି. ପୁଂ. ( ଗୋ-ଅଣ୍ଡ ) ନାଭିଦେଶ ବର୍ଦ୍ଧିତ ମାଂସ, ( ଗୁନଡ୍-ଅ ) ନୀଚ ଜାତିବିଶେଷ ।

ଗୋତମ } ବି. ପୁଂ. ନ୍ୟାୟଶାସ୍ତ୍ରପ୍ରଣେତା ମୁନି,
ଗୌତମ } ଗୋଶ୍ରେଷ୍ଠ ।

ଗୋତମାନ୍ୱୟ, ବି. ପୁଂ. ( ଗୋତମ-ଅନ୍ୱୟ ) ଶାକ୍ୟମୁନି ।

ଗୋତମୀ } ବି. ସ୍ତ୍ରୀ. ଦୁର୍ଗା, ରାକ୍ଷସୀବିଶେଷ ।
ଗୌତମୀ }

ଗୋତାମରା } ବିଂ. (ଦେଶଜ) ଦଗାବାଜ, ଶଠ,
ଗୋତ୍ରମାରୁ } ଧୂର୍ତ୍ତ, ପାଣିରେ ଏକ ସ୍ଥାନରେ ବୁଡ଼ି ଅନ୍ୟ ସ୍ଥାନରେ ବାହାରିବା ।

ଗୋତୀର୍ଥ, ବି. ନ. ଗୋଷ୍ଠ, ଗୋଚରଣ ସ୍ଥାନ ।

ଗୋତ୍ର, ବି. ନ. ( ଗୁ-ତ୍ର ) ବଂଶ, କୁଳ, ନାମ, ଗୋତ୍ରପ୍ରବର୍ତ୍ତକ ଶାଣ୍ଡିଲ୍ୟ ପ୍ରଭୃତି ଋଷିଙ୍କ ସନ୍ତାନପରମ୍ପରା, ଅରଣ୍ୟ, କ୍ଷେତ୍ର, ପଥ, ଛତ୍ର. ଗୋତ୍ର, ( ଗୋ-ତ୍ରୈ-ଅ ) ପୁଂ. ପର୍ବତ ।

ଗୋତ୍ରଜ, ବିଂ. ( ଗୋତ୍ର-ଜନ୍-ଅ ) ଯେ ଏକ ଗୋତ୍ରରେ ଜନ୍ମ ହୋଇଅଛି, ସଗୋତ୍ର ।

ଗୋତ୍ରଭିଦ୍, ବି ପୁଂ. ( ଗୋତ୍ର-ଭିଦ୍-୦ ) ଇନ୍ଦ୍ର, ପର୍ବତଭେଦନକର୍ତ୍ତା ।

ଗୋତ୍ରା, ବି. ସ୍ତ୍ରୀ. (ଗୋତ୍ର-ଅ-ଆ) ଗୋରୁସମୂହ, ପୃଥିବୀ ।

ଗୋଦ, ବି. ପୁଂ. ( ଗୋ-ଦ ) ମସ୍ତିଷ୍କ, ମଗଜ । ବିଂ. ଯେ ଗୋରୁ ଦାନ କରେ ।

ଗୋଦନ୍ତ, ବି. ନ. ( ଗୋ-ଦନ୍ତ ) ହରିତାଳ । ପୁଂ. ଗୋରୁ ଦାନ୍ତ ।

ଗୋଦର, ବିଂ. ଆମବାତହେତୁ ସ୍ଥୂଳ ହୋଇଥିବା ଚରଣାଦି ।

ଗୋଦା } ବି. ସ୍ତ୍ରୀ. ( ଗୋ-ଦା ) ନଦୀ-
ଗୋଦାବରୀ } ବିଶେଷ ।

ଗୋଦାନ, ବି. ନ. (ଗୋ-ଦୋ ଅନ) କେଶାନ୍ତ ସଂସ୍କାର, କେଶଚ୍ଛେଦନରୂପ ସଂସ୍କାର, (ଗୋ-ଦା-ଅନ) ଗୋପ୍ରଦାନ ।

ଗୋଦାମ, ବି. (ଦେଶଜ) ଶସ୍ୟାର୍ଥ କିମ୍ବା ଅନ୍ୟ ଅପରାସ୍ଥରେ ଗଚ୍ଛିତ ପଦାର୍ଥର ସ୍ଥାନ, ଗଞ୍ଜ ।

ଗୋଦାରଣ, ବି. ନ. ( ଗୋ-ଦାରଣ ) ଲଙ୍ଗଳ ।

ଗୋଦ୍ରବ, ବି. ପୁଂ. (ଗୋ-ଦ୍ରବ) ଗୋମୂତ୍ର ।

ଗୋଧନ, ବି. ନ. ଗୋରୁ, ଗାଈ । ଯଥା—

ଚେଳଣ ବେଗେ ପହୁଡ଼ ଗୋଧନ ଘେନି ଗଉଡ଼
ବଜାଇ ବଜାଇ ବଂଶୀ ଖୁଲନ୍ତି ସ୍ୱନେ । କ. ବ.

ଗୋଧା } ବି. ସ୍ତ୍ରୀ. ( ଗୁଧ୍-ଅ, ଇକ-ଅ )
ଗୋଧିକା } ଗୋଧିସାପ, ଧନୁର୍ଗୁଣାଘାତ ନିବାରଣ ନିମିତ୍ତ ବାମ କହୁଣି ତଳଠାରୁ କଚଟି ପର୍ଯ୍ୟନ୍ତ ବାନ୍ଧିଥିବା ଚର୍ମମୟ ଆବରଣ ।

ଯଥା—

ପ୍ରଥମରେ ଏ ବଳ ହେଲେ ବାହାର ଯେ
ଲୋଧାରେ ଗୋଧାରେ କର ମଣ୍ଡନ କର ଯେ । ଲ. ବି

ଗୋଧି, ବି. ପୁଂ. (ଗୋ-ଧା-ଇ କିମ୍ବା ଗୁଧ୍-ଇ) ଲଲାଟଦେଶ, ଗୋଧିସାପ ।

ଗୋଧୁକ୍, ବିଂ ( ଗୋ-ଦୁହ୍-୦ ) ଗୋଦୋହନକାରୀ ।

ଗୋଧୂମ } ବି. ପୁଂ. (ଗୁଧ୍-ଊମ, ଉମ) ଗହମ ।
ଗୋଧୁମ }

ଗୋଧୂମଚୂର୍ଣ୍ଣ, ବି. ନ. ( ଗୋଧୂମ-ଚୂର୍ଣ୍ଣ ) ଅଟା, ମଇଦା, ଗହମଚୂନା ।

ଗୋଧୂଳି, ବି. ସ୍ତ୍ରୀ. ( ଗୋ-ଧୂଳି ) ସାୟଂକାଳ, ଗୋରୁମାନେ ଗୃହକୁ ଆସିବାର ସମୟ, ଗୋରୁମାନେ ଗୃହକୁ ଆସିବା ସମୟରେ ସେମାନଙ୍କର ପଦଗୂଳନାରେ ଧୂଳିରାଶି ଊର୍ଦ୍ଧ୍ୱକୁ ଉଠେ, ଏହେତୁରୁ ସେ ସମୟକୁ ଗୋଧୂଳି ସମୟ ବୋଲି କହନ୍ତି । ଯଥା—

ଗୋଧୂଳି ଗଗନ ସୂଚନ ଦଶେ ଶଢବରଣେ । ଚ. ଭା.

ଗୋଧେନୁ, ବି. ସ୍ତ୍ରୀ. ( ଗୋ-ଧେନୁ ) ଦୁଗ୍ଧବତୀ ଗାଈ ।

ଗୋନର୍ଦ୍ଦ, ବି. ନ. (ଗୋ-ନର୍ଦ୍ଦ-ଅ) ସାରସ ପକ୍ଷୀ, ପର୍ବତବିଶେଷ, ଦେଶବିଶେଷ ।

ଗୋନର୍ଦ୍ଦୀୟ, ବି. ପୁଂ. ( ଗୋ-ନର୍ଦ୍ଦୀୟ ) ପାଣିନି ମୁନି ।

ଗୋନସ } ବି. ପୁଂ. ( ଗୋ-ନାସିକା ) ବୃହତ୍
ଗୋନାସ } ସର୍ପ, ବୋଡ଼ା ସାପ ପ୍ରଭୃତି ।

ଗୋନାସିକା, ବି. (ଗୋ-ନାସିକା) ପୁଣ୍ୟ ପର୍ଯ୍ୟସ୍ଥିନୀ ବୈତରଣୀର ଉତ୍ପତ୍ତିସ୍ଥଳ । ଏହି ପର୍ବତ କେନ୍ଦୁଝର ଗଡ଼ଜାତର ଅନ୍ତର୍ଗତ ।

ଗୋନିଷ୍ୟନ୍ଦ, ବି. ପୁଂ. ( ଗୋ-ନିଷ୍ୟନ୍ଦ ) ଗୋମୂତ୍ର ।

ଗୋପ, ବି. ପୁଂ. ( ଗୋ-ପା-ଅ ) ଗୌଡ଼ ଜାତି ଭୂପାଳ, ଗୋରକ୍ଷକ, ଗୋପାଳ । (ଗୁପ୍-ଅ) ବିଂ. ରକ୍ଷକ ।

ଗୋପକ, ବିଂ. ( ଗୁପ୍-ଅକ ଅଥବା ଗୋପ-କ ) ଯେ ଗୋପନ କରେ, ରକ୍ଷକ ।

ଗୋପତି, ବି. ପୁଂ. ( ଗୋ-ପତି ) ବୃଷ, ଶିବ, ଶ୍ରୀପତି, ଶ୍ରୀକୃଷ୍ଣ, ଭୂପ, ସୂର୍ଯ୍ୟ, ଇନ୍ଦ୍ର ।

ଗୋପଦଳ, ବି. ପୁଂ. (ଗୋପ-ଦଳ) ଗୁଆଗଛ ।

ଗୋପନ, ବି. ନ. ( ଗୁପ୍-ଅନ ) ରକ୍ଷଣ, ଲୁଗ୍ଲଇବା ।

ଗୋପନୀୟ, ବିଂ. ( ଗୁପ୍-ଅନୀୟ ) ରକ୍ଷଣୀୟ, ଅପ୍ରକାଶ୍ୟ, ଗୋପ୍ୟ ।

ଗୋପବଲ୍ଲଭ, ବି. ପୁଂ. (ଗୋପ ବଲ୍ଲଭ) ଶ୍ରୀକୃଷ୍ଣ । ବିଂ. ଗୋପମାନଙ୍କ ପ୍ରିୟ ।

ଗୋପାୟିତ, ବିଂ. (ଗୁପ୍-ଣିଚ୍-ତ) ରକ୍ଷିତ, ପୁଷ୍ଟ ।

ଗୋପାଳ, ବି. ପୁଂ. ( ଗୋ-ପାଳ ) ରଖୁଆଳ, ଗଉଡ଼, ଗୋପ, କୃଷ୍ଣ, ଭୂପତି ।

ଗୋପାଳକ, ବି. ପୁଂ. ( ଗୋ-ପାଳକ ) କୃଷ୍ଣ, ଶିବ, ଗୋରକ୍ଷକ ।

ଗୋପାଷ୍ଟମୀ, ବି. ସ୍ତ୍ରୀ. (ଗୋପ-ଅଷ୍ଟମୀ) କାର୍ତ୍ତିକ ମାସର ଶୁକ୍ଳାଷ୍ଟମୀ ।

ଗୋପିକା, ବି. ସ୍ତ୍ରୀ. (ଗୋପୀ-କ-ଆ) ଗୌଡୁଣୀ, ରକ୍ଷିକା ।

ଗୋପିତ୍ତ, ବି. ନ. ଗୋରୋଚନା, ଗନ୍ଧଦ୍ରବ୍ୟ-ବିଶେଷ ।

ଗୋପୀ, ବି. ସ୍ତ୍ରୀ. ( ଗୋପ-ଈ ) ଗୋପାଳର ସ୍ତ୍ରୀ, ଗୌଡୁଣୀ ।

ଗୋପୀନାଥ } ବି. ପୁଂ (ଗୋପୀ-ନାଥ ବଲ୍ଲଭ)
ଗୋପୀବଲ୍ଲଭ } ଶ୍ରୀକୃଷ୍ଣ, ଶ୍ରୀପତି । ଯଥା—

ଅକିଞ୍ଚନଜନଙ୍କ ପ୍ରାଣନାଥ ହେ ମୋହନ,
ଅରୁଣାଧର କରୁଣା କର ଗୋପୀନାଥ ହେ । ସଂ. ସା

ଗୋପୀଯନ୍ତ୍ର, ବି. ଏକତାର୍‌ ବାଦ୍ୟଯନ୍ତ୍ରବିଶେଷ ।

ଗୋପୁଚ୍ଛ, ବି. ପୁଂ. ( ଗୋ ପୁଚ୍ଛ ) ଗୋଲାଙ୍ଗୁଳ, ହାରବିଶେଷ, ବାନରବିଶେଷ ।

ଗୋପୁର, ବି ନ. ( ଗୁପ୍‌-ଉର ) ପୁରଦ୍ୱାର, ନଗରଦ୍ୱାର, ବୃହଦାକାର ତୋରଣବିଶେଷ । ଯଥା—

ସୁନ୍ଦର ଗୋପୁରବୃନ୍ଦ କନକ ରଚନେ । ମ ଯା.

ଗୋପୁରୀଷ, ବି. ନ. (ଗୋ-ପୁରୀଷ) ଗୋମୟ, ଗୋବର ।

ଗୋପେନ୍ଦ୍ର, ବି. ପୁଂ. (ଗୋପ ଇନ୍ଦ୍ର) ବିଷ୍ଣୁ, କୃଷ୍ଣ ।

ଗୋପ୍ତା, ବିଂ. (ଗୁପ୍‌-ତୃ ରକ୍ଷକ, ରକ୍ଷାକର୍ତ୍ତା, ପ୍ରତିପାଳକ ।

ଗୋପ୍ୟ, ବି. ପୁଂ. (ଗୁପ୍‌-ଯ) ଭୃତ୍ୟ, ଦାସୀପୁତ୍ର । ବିଂ. ରକ୍ଷଣୀୟ, ଗୋପନୀୟ ।

ଗୋପ୍ୟକ, ବି. ପୁଂ. (ଗୋପ୍ୟ-କ) ଦାସ, ଭୃତ୍ୟ ।

ଗୋପ୍ୟାର୍ଥ, ବି. ପୁଂ. (ଗୋପ୍ୟ-ଅର୍ଥ ) ରକ୍ଷଣୀୟ, ଗଚ୍ଛିତ ବସ୍ତୁ, ବନ୍ଧକୀ ପଦାର୍ଥ ।

ଗୋପ୍ରକାଣ୍ଡ, ବି. ପୁଂ. ( ଗୋ-ପ୍ରକାଣ୍ଡ ) ଉତ୍ତମ ଗୋରୁ, ଶ୍ରେଷ୍ଠ ଗୋ ।

ଗୋପ୍ରଚ୍ଚର, ବି. ପୁଂ. (ଗୋ-ପ୍ରଚ୍ଚର) ଗୋଚର-ସ୍ଥାନ, ଗୋରୁ ଚରିବା ସ୍ଥାନ ।

ଗୋପ୍ରତର, } ବି ପୁଂ. (ଗୋ-ପ୍ରତର,ପ୍ରତାର)
ଗୋପ୍ରତାର, } ତୀର୍ଥବିଶେଷ, ଗୋରୁମାନଙ୍କର ପାର ହେବା ।

ଗୋବ ବି. (ଦେଶଜ) ଗୁଆ ପରି ଲୁହା କଣ୍ଟାର ମୁଣ୍ଡ, ଦାଗ ।

ଗୋବର, ବି.ନ. ( ପ୍ରା. ଗୋବର୍‌ ଶବ୍ଦଜ ) ଗୋମୟ, ଗୋବିଷ୍ଠା ।

ଗୋବରଗଣେଶ, ବି. (ଦେଶଜ) ଗୋବରରେ ତିଆରି ଗଣେଶ ପରି ଅକର୍ମଣ୍ୟ, ଅପଟୁ ।

ଗୋବରା, ବି. ( ଦେଶଜ ) ଏକପ୍ରକାର ଚଢ଼େଇ ।

ଗୋବରେଇବା, କ୍ରି. ( ଦେଶଜ ) ଗାଈର ଗର୍ଭସ୍ରାବ ହେବା ।

ଗୋବା, ବି. (ଦେଶଜ) ବାଡ଼ି ଅଗରେ ପ୍ରହାର କରିବା ।

ଗୋବିବା, କ୍ରି. (ଦେଶଜ) ବାଡ଼ି ଅଗରେ ଖୋବିବା ।

ଗୋମତୀ, ବି. ସ୍ତ୍ରୀ. (ଗୋମତ୍‌-ଈ) ନଦୀବିଶେଷ, ବୈଦିକ ମନ୍ତ୍ରବିଶେଷ ।

ଗୋମୟ, ବି. ନ. ( ଗୋ ମୟ ) ଗୋବିଷ୍ଠା, ଗୋବର ।

ଗୋମାନ୍‌, ବିଂ. ( ଗୋ-ମତ୍‌ ) ଯାହାର ଅନେକ ଗୋରୁ ଅଛନ୍ତି, ସ୍ତୁତିବାଦକ, କିରଣଶାଳୀ ।

ଗୋମାୟୁ, ବି. ପୁଂ. ( ଗୋ ମା-ଉ ) ଶୃଗାଳ, ବିଲୁଆ । ଯଥା—

ବିକଟେ ଉଠାଇ ତହିଁ ଶବସ୍ନାୟୁ
ଯୁଝୁଥିଲେ ଗୃଧ୍ର ସଙ୍ଗତେ ଗୋମାୟୁ । ନ. କେ.

ଗୋମୁଖ, ବି. ପୁଂ. (ଗୋ-ମୁଖ ) କୁଟିଳାକାର ଗୃହ, କୁଟିଳ ବାଦ୍ୟଭାଣ୍ଡ, ଶୃଙ୍ଗାଦି, ବିଲେପନ, ପ୍ରମଥବିଶେଷ, କୁମ୍ଭୀର, ଯକ୍ଷବିଶେଷ ।

ଗୋମୁଖୀ, ବି. ସ୍ତ୍ରୀ. ( ଗୋମୁଖ-ଈ) ହିମାଳୟସ୍ଥ ଗୋମୁଖାକାର ଗୁହା, ନଦୀବିଶେଷ, ଜପମାଳାର ଥଳି ।

ଗୋମୂତ୍ର, ବି. ନ. (ଗୋ-ମୂତ୍ର) ଗୋରୁମୂତ ।

ଗୋମୂତ୍ରିକା, ବି. ସ୍ତ୍ରୀ. (ଗୋ-ମୂତ୍ରିକା) ଚିତ୍ର-କାବ୍ୟର ବନ୍ଧବିଶେଷ, ଶ୍ଳୋକରଚନା-ବିଶେଷ ।

ଗୋମେଦ, ବି. ପୁଂ. (ଗୋ-ମିଦ୍‌-ଅ) ପୀତବର୍ଣ୍ଣ ମଣିବିଶେଷ, ଦ୍ୱୀପବିଶେଷ ।

ଗୋମେଧ, ବି. ପୁଂ. (ଗୋ-ମେଧ) ଯଜ୍ଞବିଶେଷ ।

ଗୋର୍, ବି. (ଯାବନିକ) କବର, ସମାଧି ।

**ଗୋରକ୍ଷକ,** ବି. ପୁଂ. (ଗୋ-ରକ୍ଷ୍-ଅକ) ଗୋପାଳକ, ରଜା । ବିଂ. ଗୋପାଳନକାରୀ ।

**ଗୋରଡ଼ା,** ବି. (ଦେଶଜ) ଗୋରୁଖୁଆଡ଼, ଅଟେଇ ।

**ଗୋରସ,** ବି. ନ. (ଗୋ-ରସ) ଦୁଗ୍ଧାଦି ।

**ଗୋରସଜ,** ବି. ନ. (ଗୋରସ-ଜ) ତକ୍ର, ଘୋଳଦହି ।

**ଗୋରା,** ବିଂ. (ଗୌର ଶବ୍ଦଜ) ଗୌରବର୍ଣ୍ଣ । ଯଥା—

ଗ୍ରହମଣ୍ଡଳରେ ମଣ୍ଡିତ ଚନ୍ଦ୍ର କନକଗୋରା । ଚ. ଭା.

ବି. ଚୈତନ୍ୟଦେବ, ଯଥା—

ସନ୍ନ୍ୟାସ ବେଶ ଧାରଣ କରି ଗୋରା ଦେଖଣ ସକଳ ସ୍ୱାର୍ଥ ।
ତ ମାନଲେ ଶଚୀକୁହା ବସ୍ତ୍ର ପ୍ରିୟା ଭାବେ କରେ ତାଡ଼ ମାଥ ।
ସଙ୍ଗୀତକଳ୍ପଲତା ।

ଶ୍ୱେତକାୟ ପୁରୁଷ ।

**ଗୋରାପ,** ବି. (ଦେଶଜ) କ୍ଷୁଦ୍ର ଜାହାଜ ।

**ଗୋରୀ,** ବିଂ. (ଗୌରୀ ଶବ୍ଦଜ) ଗୌରବର୍ଣ୍ଣା ସ୍ତ୍ରୀ ।

**ଗୋରୁ,** ବି. ପୁଂ. (ଗୋ ଶବ୍ଦଜ) ବୃଷ, ଗାଈ । ଯଥା—

ଧୂଳି ଉଡ଼ାଇଣ ଦାଣ୍ଡେ କରି ହମ୍ବା ରଡ଼ି,
ଯାଉଛନ୍ତି ଗୋରୁପଲ ଗୋଠରୁ ବାହୁଡ଼ି । ଛ. ମ.

**ଗୋରୁତ,** ବି. ନ. କ୍ରୋଶଦ୍ୱୟ ପରିମାଣ ।

**ଗୋରେଖଗୁଡ଼ୁଲ,** ବିଂ. (ଦେଶଜ) ଗରଗଡ଼ୁ ।

**ଗୋରୋଚ,** ବି. ନ. (ଗୋ-ରୋଚ) ହରିତାଳ ।

**ଗୋରୋଚନା,** ବି. ସ୍ତ୍ରୀ. (ଗୋ-ରୁଚ-ଅନ ଆ) ଗୋମସ୍ତକଲବ୍ଧ ଉଜ୍ଜ୍ୱଳ ପୀତଦ୍ରବ୍ୟବିଶେଷ, ଗୋମସ୍ତକସ୍ଥିତ ଶୁଷ୍କପିତ୍ତ । ଯଥା—

ଗୋରୋଚନା ତିଳା ଶୋହେ କପୋଳେ । ଗୋ. ଭ.

**ଗୋଳ,** ବି. (ଦେଶଜ) ଗୋଳମାଲ, ଅଳି । ଯଥା—

କଲେ ସେ ଦିନ ଯେଉଁରୂପେ ଗୋଳ,
କୋଳେ ଯଶୋଦା ଖଣ୍ଡ ଇଲେ ଭୋଳ । ବ. ଚ.

କ୍ରି. ମିଶାଅ ।

**ଗୋଳ, ଗୋଳକ** } ବି. ଓ ବିଂ. ପୁଂ. (ଗୁଡ଼-ଅ, ଅକ, ଡ=ଲ) ବର୍ତ୍ତୁଳାକାର ପଦାର୍ଥ, ଯେଉଁ ଦାରୁମୟ ଗୋଳକରେ ଅଥବା ବର୍ତ୍ତୁଳରେ ପୃଥିବୀ ଓ ଆକାଶର ପ୍ରତିରୂପ ଅଙ୍କିତ ଅଛି । ପତିର ମୃତ୍ୟୁ ପରେ ଉପପତି ଔରସରେ ବିଧବା ଗର୍ଭରୁ ଜାତ ସନ୍ତାନ, ଜାରଜ, (ମୃତେ ଭର୍ତ୍ତରି ଗୋଳକଃ) ।

**ଗୋଲ୍ଅଳୁ,** ବି. (ଦେଶଜ) ବିଲାତି ଅଳୁ ।

**ଗୋଳକଧନ୍ଦା,** ବି. (ଦେଶଜ) ବିଷମ ସମସ୍ୟା, କ୍ରୀଡ଼ାବିଶେଷ;

**ଗୋଲନ୍ଦାଜ,** (ଯାବନିକ) ଯେଉଁମାନେ ଗୋଲା ଚଳାଇ ଯୁଦ୍ଧ କରନ୍ତି ।

**ଗୋଲମରିଚ,** ବି. ପୁଂ. ସ୍ୱନାମପ୍ରସିଦ୍ଧ ବୃକ୍ଷ । ନ. ତତ୍ ଫଳ ।

**ଗୋଲମାଲ,** ବି (ଯାବନିକ) ଗୋଳ, ତହଲ ।

**ଗୋଲା,** ବି. ସ୍ତ୍ରୀ. (ଦେଶଜ) ଧାନ୍ୟାଦିର ଅଗାର, ଗୋଲାକାର ଲୌହପିଣ୍ଡ, ଗୁଳି । ଏକ ଜାତୀୟ ଶୂଦ୍ର ।

**ଗୋଳାଇବା, ଗୋଳିବା** } କ୍ରି. (ଦେଶଜ) ମିଶାଇବା, ଗୋଳମାଳ କରିବା, ଦୁର୍ବାସ୍ତୁ କରିବା ।

**ଗୋଲାଙ୍ଗୁଳ,** ବି. ପୁଂ. (ଗୋ-ଲାଙ୍ଗୁଳ) କୃଷ୍ଣମୁଖ ବାନରବିଶେଷ, ନ୍ୟାୟବିଶେଷ । ନ. ଗୋରୁ-ଲାଙ୍ଗୁଳ, ଗୋରୁ ଲାଞ୍ଜ ।

**ଗୋଲାପ,** ବି. (ଯାବନିକ) ପୁଷ୍ପବିଶେଷ । ଯଥା—

କାମିନୀ ନାଆଁଲ ଗୋଲାପ ଫୁଲ
ଫଟୁଆରୁ ଉପବନ ମଞ୍ଜୁଳ । ଘ. ମା.

**ଗୋଲାପଜାମୁ,** ବି. (ଦେଶଜ) ଏକପ୍ରକାର ଫଳ, ଏକପ୍ରକାର ମିଷ୍ଟାନ୍ନ ।

**ଗୋଲାମ,** ବି. (ଯାବନିକ) ଦାସ । ଯଥା—

ଲେଙ୍ଗ ଟୁପିଟା ଲୋକଙ୍କୁ ପାଉଛନ୍ତି ଗୋଲାମକୁ ବଡ଼ପଣ,
ଦୁଇ କଲି ଲୋକ ଘୋଡ଼ା ମାଡ଼ିବାର ଏ କଥାକୁ ଧନ୍ୟ ଧନ୍ୟ ।

**ଗୋଲାମି,** ବି. (ଯାବନିକ) ଦାସତ୍ୱ ।

**ଗୋଲି,** ବିଂ. (ଦେଶଜ) ଗୋଳିଆ ।

**ଗୋଲି,** ବି. (ଦେଶଜ) ଗୋଲାକାର ବାଳ-କ୍ରୀଡ଼ନକବିଶେଷ ।

ଗୋଳଅ, ବି°. (ଦେଶଜ) ପଙ୍କିଳ, ଅସ୍ୱଚ୍ଛ । ବି. କପଟ । ଯଥା—

ଗୋଳଅ ନ ଦଶି କହ ଚନ୍ଦ୍ରମୁଖି,
ଗହନ ନ ଥିବା ବେଳେ ।

ଘାଣ୍ଟିବା ଲୋକ ।

ଗୋଲୋକ, ବି ପୁଂ. (ଗୋ-ଲୋକ) ବୈକୁଣ୍ଠ, କୃଷ୍ଣଙ୍କ ସ୍ଥାନ ।

ଗୋବର୍ଦ୍ଧନ, ବି ପୁଂ. (ଗୋ-ବର୍ଦ୍ଧନ) ବୃନ୍ଦାବନସ୍ଥ ପର୍ବତବିଶେଷ, ଶ୍ରୀକୃଷ୍ଣ । ଯଥା—

ଗୋବର୍ଦ୍ଧନ ଗୋବର୍ଦ୍ଧନ ଧରିଲ ନାମ କରେ ଅପଣେ ।

ଗୋବର୍ଦ୍ଧନଧର, ବି. ପୁଂ. ( ଗୋବର୍ଦ୍ଧନ-ଧର ) ଶ୍ରୀକୃଷ୍ଣ, ପ୍ରସିଦ୍ଧ ଅଛି ଯେ ଶ୍ରୀକୃଷ୍ଣ ତାହାଙ୍କର ଐଶ୍ୱରିକ ଶକ୍ତି ଜଗତରେ ପ୍ରଦର୍ଶନ କରିବା ପାଇଁ ଗୋବର୍ଦ୍ଧନ ପର୍ବତକୁ କନିଷ୍ଠାଙ୍ଗୁଳି ଦ୍ୱାରା ଉତ୍ପାଟିତ କରି ପ୍ରବଳ ଝଞ୍ଜାବାୟୁରୁ ଗୋପାଳମାନଙ୍କୁ ରକ୍ଷା କରିଥିଲେ ।

ଗୋବସ୍ତ, ବି. ପୁଂ. (ଗୋ-ବସ୍ତ) ଗୋରୁର ବସ୍ତ, ବାଛୁରୀ ।

ଗୋବଶା, ବି. ସ୍ତ୍ରୀ. ( ଗୋ-ବଶା ) ବନ୍ଧ୍ୟା ଗୋରୁ ।

ଗୋବିଟ୍, ବି. ସ୍ତ୍ରୀ. ନ. (ଗୋ-ବିଟ୍) ଗୋମୟ, ଟୋବିଷ୍ଠା, ଗୋବର ।

ଗୋବିନ୍ଦ, ବି. ପୁଂ. ( ଗୋ-ବିଦ-ଅ ) କୃଷ୍ଣ, ବୃହସ୍ପତି । ବି°. ଗୋପାଳକ । ଯଥା—

ଗୋବିନ୍ଦ ଗୋପାଳ ମେଳେ
ଗାଈ କେ ଚରାଇ ଯମୁନାକୂଳେ,
ଗୀତ ଗାଇ ନାଚନ୍ତିଲେ ।

ଗୋବିନ୍ଦଦ୍ୱାଦଶୀ, ବି. ସ୍ତ୍ରୀ. ଫାଲଗୁନ ମାସର ପୁଷ୍ୟା ନକ୍ଷତ୍ରଯୁକ୍ତା ଶୁକ୍ଳଦ୍ୱାଦଶୀ ।

ଗୋବୃନ୍ଦାରକ, ବି.ପୁଂ. (ଗୋ-ବୃନ୍ଦାରକ) ଉତ୍ତମ ଗୋରୁ ।

ଗୋବ୍ରଜ, ବି. ନ. ( ଗୋ-ବ୍ରଜ୍-ଅ ) ଗୋଷ୍ଠ, ଗୋପତିସ୍ଥାନ ।

ଗୋଶାଳ } ବି. ନ. ( ଗୋ-ଶାଳା ) ଗୋଗୃହ,
ଗୋଶାଳା } ଗୁହାଳ ।

ଗୋଶୀର୍ଷ, ବି. ନ. ( ଗୋ ଶୀର୍ଷ ) ଗୋମସ୍ତକ, ଚନ୍ଦନ, ହରିଚନ୍ଦନ, ଅସ୍ତ୍ରବିଶେଷ ।

ଗୋଶୃଙ୍ଗ, ବି. ପୁଂ. ( ଗୋ-ଶୃଙ୍ଗ ) ମୁନିବିଶେଷ, ଗୋରୁର ଶୃଙ୍ଗ, ଗୋଶୃଙ୍ଗନିର୍ମିତ ସାମରିକ ଯନ୍ତ୍ର, ପର୍ବତବିଶେଷ ।

ଗୋଷ୍ଠ, ବି. ପୁଂ. ନ. (ଗୋ-ସ୍ଥା-ଅ) ଗୋସ୍ଥାନ, ଗୋଠ । ଯଥା—

ବଜାଇ ବଜାଇ ବଂଶୀ ସୁଲଳିତ ସ୍ୱନେ,
ଗୋଷ୍ଠକୁ ଗମଇ ଧୀରେ ଆହ୍ଲାଦିତ ମନେ ।

ଗୋଷ୍ଠାଷ୍ଟମୀ, ବି. ସ୍ତ୍ରୀ. ଗୋପାଷ୍ଟମୀ, କାର୍ତ୍ତିକ ମାସର ଶୁକ୍ଳାଷ୍ଟମୀ ।

ଗୋଷ୍ଠୀ, ବି. ସ୍ତ୍ରୀ. ( ଗୋଷ୍ଠ-ଅ-ଈ ) ଅନେକ ଲୋକ ସମବେତ ହେବାର ସ୍ଥାନ, ସଭା, ପରିବାର, କ୍ରୀଡ଼ା, ସଂଳାପ, ପଶୁ ।

ଗୋଷ୍ଠୀପତି, ବି. ପୁଂ. (ଗୋଷ୍ଠୀ-ପତି) ପରିବାରପାଳକ, ସଭାପତି ।

ଗୋଷ୍ପଦ, ବି. ନ. (ଗୋ-ପଦ,ସ-ଆଗମ) ଗୋଖୁର ପରିମିତ ସ୍ଥାନ, ଗୋରୁର ପଦଚିହ୍ନ, ଗୋରୁମାନଙ୍କର ଗତାୟାତ ସ୍ଥାନ । ଯଥା—

ଗୋପାଳଙ୍କ କୁଳଶୀଳ ଗଙ୍ଗାରୁ ଗମ୍ଭୀର ହେ,
ଗୋଷ୍ପଦରୁ ଊଣା ମଣିଲ କି ବଂଶୀଧର ହେ । କବିସୂର୍ଯ୍ୟ

ଗୋସଙ୍ଗ, ବି. ପୁଂ. (ଗୋ-ସଙ୍ଗ) ପ୍ରଭାତ, ପ୍ରାତଃକାଳ ।

ଗୋସର୍ପ, ବି. ପୁଂ. (ଗୋ-ସର୍ପ) ଗୋଧସାପ ।

ଗୋଘଲ, ବି ( ଯାବନିକ ) ସ୍ନାନ ।

ଗୋସ୍ତନୀ. ବି. ସ୍ତ୍ରୀ. ( ଗୋସ୍ତନ-ଈ ) ଦ୍ରାକ୍ଷା, ଅଙ୍ଗୁର ।

ଗୋସା, (ଯାବନିକ) ରାଗ, କୋପ ।

ଗୋସାଇଁ, ବି. ( ଗୋସ୍ୱାମୀ ଶବ୍ଦଜ ) ପ୍ରଭୁ, ସ୍ୱାମୀ, ବ୍ରାହ୍ମଣର ଶବ୍ଦ ।

ଗୋସାଣୀ } ବି. ( ଦେଶଜ ) ପିଶାଚୀ,
ଗୋସାମଣି } ଡାହାଣୀ ।

ଗୋସ୍ୱାମୀ, ବି. ପୁଂ. ( ଗୋ-ସ୍ୱାମୀ ) ଗୋଷ୍ଠପତି, ଅଧିକାରୀ ବ୍ୟକ୍ତି, ଗୋରକ୍ଷକ, ବାହ୍ମଣ,

ଲଚ୍ଚ୍ୟାନନ୍ଦବଂଶୀୟ ବ୍ରାହ୍ମଣ, ଉପାଧିବିଶେଷ, ଗୋସାଇଁ ।

ଗୋଡ଼ଉ, (ଦେଶଜ) ଗଳି, ଦୁଇ ପାଖରେ ବାଡ଼ ଥିବା ସଂକୀର୍ଣ୍ଣ ପଥ ।

ଗୋଡ଼ଶୀତଳୀ, ବି. ସ୍ତ୍ରୀ. ବେଲଗଛ ।

ଗୋହାଲ, (ଗୋଶାଲା ଶବ୍ଦଜ) ଗୋଗୃହ ।

ଗୋହିତ, ବି. (ଗୁହ୍ ଇତ) ପାଦମୂଳ, ଗୋଇଠି ।

ଗୋହ୍ୟ, ବିଂ. (ଗୁହ-ଯ) ଆଚ୍ଛାଦିତ, ଆବୃତ, ଲୁକ୍କାୟିତ । ବି. ପୁଂ. ଗୁହ୍ୟଦେଶ ।

ଗୌଞ୍ଜିକ, ବି. (ଗୁଞ୍ଜା-ଇକ) ସ୍ୱର୍ଣ୍ଣକାର ।

ଗୌଡ଼, ବି. ପୁଂ. ଦେଶବିଶେଷ, ଗୌଡ଼ଦେଶୀୟ ଲୋକ । (ଦେଶଜ) ଗୋପାଳ ଜାତି ।

ଗୌଡ଼ୀ, ବି. ସ୍ତ୍ରୀ. ( ଗୁଡ଼-ଅ-ଈ ) ଗୁଡ଼ଦ୍ୱାରା ପ୍ରସ୍ତୁତ ସୁରା, ରାଗିଣୀବିଶେଷ, କାବ୍ୟର ରୀତି ବିଶେଷ ।

ଗୌଡ଼ୀୟ, ବିଂ ( ଗୌଡ଼-ଈୟ ) ଗୌଡ଼-ଦେଶୀୟ, ଚୈତନ୍ୟପ୍ରବର୍ତ୍ତିତ ସମ୍ପ୍ରଦାୟ ।

ଗୌଣ, ବିଂ. (ଗୁଣ ଅ) ଅପ୍ରଧାନ, ଗୁଣୀଭୂତ । ନ. ବିଳମ୍ବ । ଯଥା—

> ବ୍ୟଗ୍ରେ ଗୌଣେ ଆସୁ ମାର୍ଗରେ କେଦାର—
> ଦେଖିଲା ବ୍ୟାଘ୍ର ପ୍ରହର । କେ· ଗୌ

ଗୌଣୀ, ବି. ସ୍ତ୍ରୀ. ( ଗୌଣ-ଈ ) ଶବ୍ଦର ବୃତ୍ତି ବିଶେଷ । ( ଦେଶଜ ) ଧନ୍ୟାଦି ପରିମାପକ ପାତ୍ରବିଶେଷ ।

ଗୌତମ, ବି. ପୁଂ. ( ଗୋତମ-ଅ ) ଶତାନନ୍ଦ-ଋଷି, ଋଷିବିଶେଷ, ବୁଦ୍ଧ ।

ଗୌତମସମ୍ଭବା, ବି. ସ୍ତ୍ରୀ. ଗୋଦାବରୀ ନଦୀ ।

ଗୌତମୀ, ବି. ସ୍ତ୍ରୀ. ( ଗୌତମ-ଈ ) ଗୌତମ-ବଂଶୀୟା ସ୍ତ୍ରୀ, ଗୋଦାବରୀ ନଦୀ, ଦୁର୍ଗା, ରାକ୍ଷସୀବିଶେଷ ।

ଗୌଧାର
ଗୌଧେୟ
ଗୌଧେର } ବି. ପୁଂ. ( ଗୋଧା-ଆର, ଏୟ, ଏର ) ଗୋଧିକାତ୍ମଜ, ଗୋଧିଛୁଆ ।

ଗୌର, ବିଂ. (ଗୁଡ଼୍-ଅ, ଡ଼=ର) ଶ୍ୱେତ, ପୀତ, ଶ୍ୱେତରକ୍ତ, ଲୋହିତ, ପରିଷ୍କୃତ ବିଶୁଦ୍ଧ । ବି. ପୁଂ. ଶ୍ୱେତସର୍ଷପ, ଚନ୍ଦ୍ର । ନ. ପଦ୍ମକିଞ୍ଜଲ୍କ, ପଦ୍ମକେଶର, ସ୍ୱର୍ଣ୍ଣ କୁଙ୍କୁମ ।

ଗୌରଚନ୍ଦ୍ର, ବି. ପୁଂ. ଚୈତନ୍ୟ ଦେବ ।

ଗୌରବ, ବି. ନ. ( ଗୁରୁ-ଅ ) ଭାର, ଗୁରୁତ୍ୱ, ଆଦର, ମହିମା, ମର୍ଯ୍ୟାଦା, ଉତ୍କର୍ଷ । ଯଥା—

> ଗୁରୁ ଗଉରବ ଯାହାଠାରେ ନାହିଁ
> ଦିଲ୍ଲି ଲଗା କେଉଁ କଥା । ସ. ମା.

ଗୌରବିତ, ବିଂ. (ଗୌରବ-ଇତ ) ଗୌରବ-ଯୁକ୍ତ, ମାନ୍ୟ ।

ଗୌରାଙ୍ଗ, ବି. ପୁଂ. ଚୈତନ୍ୟଦେବ, ବିଷ୍ଣୁ ।

ଗୌରାସ୍ୟ, ବି. ପୁଂ. (ଗୌର-ଅସ୍ୟ) ଶ୍ୱେତମୁଖ କୃଷ୍ଣ ବାନର ।

ଗୌରିକା, ବି. ସ୍ତ୍ରୀ (ଗୌରୀ କ-ଆ) ଅଷ୍ଟବର୍ଷୀୟା କନ୍ୟା, ଗୌରୀ ।

ଗୌରିଲ, ବି. ପୁଂ. (ଗୌର-ଇଲ) ଶ୍ୱେତସର୍ଷପ, ଧଳା ସୋରିଷ, ଲୌହଚୂର୍ଣ୍ଣ ।

ଗୌରୀ, ବି. ସ୍ତ୍ରୀ (ଗୌର-ଈ) ପାର୍ବତୀ, ଅଷ୍ଟ-ବର୍ଷୀୟା କନ୍ୟା, ପୃଥିବୀ, ଗୋରୋଚନା, ହରିଦ୍ରା, ରାଗିଣୀବିଶେଷ, ନଦୀବିଶେଷ, ସୁନ୍ଦରୀ ସ୍ତ୍ରୀ ।

ଗୌରୀଗୁରୁ. ବି. ( ଗୌରୀ-ଗୁରୁ=ପିତା ) ହିମାଳୟ । ଯଥା—

> ନମୋ ଦେବାତ୍ମନେ ଶ୍ରୀଗୌରୀଗୁରବେ । ଚଳକା ।

ଗୌରୀଜ, ବି. ପୁଂ. (ଗୌରୀ-ଜ) କାର୍ତ୍ତିକେୟ, ଗଣେଶ । ନ. ଧାତୁବିଶେଷ, ଅଭ୍ରକ ।

ଗୌରୀଲଳିତ, ବି. ନ. ହରିତାଳ ।

ଗୌରୀଶିଖର, ବି. ନ. ହିମାଳୟର ଶୃଙ୍ଗବିଶେଷ, ଯେଉଁ ସ୍ଥାନରେ ଗୌରୀ ତପସ୍ୟା କରିଥିଲେ ।

ଗୌରୀସୁତ, ବି. ପୁଂ.(ଗୌରୀ-ସୁତ) କାର୍ତ୍ତିକେୟ ।

ଗ୍ରଥିତ
ଗ୍ରନ୍ଥିତ } ବିଂ. ( ଗ୍ରନ୍ଥ-ତ ) ଗୁମ୍ଫିତ, ଯାହା ଗୁନ୍ଥା ହୋଇଅଛି, ପ୍ରୋତ, ରଚିତ, ଆକ୍ରାନ୍ତ ।

**ଗ୍ରନ୍ଥ**, ବି. ପୁଂ. ( ଗ୍ରନ୍ଥ୍-ଅ ) ଗାନ୍ତ୍ରିକ, ସନ୍ଦର୍ଭ, ଶାସ୍ତ୍ର, ପୁସ୍ତକ, ଧନସମ୍ପତ୍ତି, ସମ୍ପର୍କ, ଅନୁଷ୍ଟୁପ୍ ତନ୍ତ୍ର… [illegible]

**ଗ୍ରନ୍ଥକାର**, ବି. ପୁଂ (ଗ୍ରନ୍ଥ-କାର) ଗ୍ରନ୍ଥକର୍ତ୍ତା। ଗ୍ରନ୍ଥରଚକ।

**ଗ୍ରନ୍ଥକୀଟ**, ବି. ( ଗ୍ରନ୍ଥ-କୀଟ ) ବହିରେ ଲାଗିବା ପୋକ, ସର୍ବଦା ଗ୍ରନ୍ଥପାଠରେ ନିଯୁକ୍ତ। ଯଥା—

ହେ ପଣ୍ଡିତକୁଳ। ଆତ୍ମବଞ୍ଚନାରେ ପଡ଼ି
ଗ୍ରନ୍ଥକୀଟ ହୋଇ ସିନା କଟାଉଛ ବୃଥା
ଯୁଗାକାଳ, କବିତାର ସଙ୍କଳ୍ପ ଆମେ ଦେ। ମହାଯାତ୍ରା

**ଗ୍ରନ୍ଥନ**, ବି. ନ. (ଗ୍ରନ୍ଥ୍-ଅନ) ଗୁନ୍ଥିବା, ରଚନା।

**ଗ୍ରନ୍ଥି**, ବି. ପୁଂ. ( ଗ୍ରନ୍ଥ୍-ଇ ) ବଂଶ ଆଦିର ସନ୍ଧି, ଶରୀରର ସନ୍ଧି, ଗଣ୍ଠି, ବନ୍ଧ, ରୋଗବିଶେଷ, ବାତରୋଗ, ବକ୍ରତା।

**ଗ୍ରନ୍ଥିକ**, ବି. ପୁଂ. (ଗ୍ରନ୍ଥ-କ ଅଥବା ଗ୍ରନ୍ଥ-ଇକ ) ଗଣକ, ଦୈବଜ୍ଞ, ପିପ୍ପଳୀବୃକ୍ଷ, କନିଷ୍ଠ ପାଣ୍ଡବ, ସହଦେବ। ନ. ଗୁଗ୍ଗୁଲ।

**ଗ୍ରନ୍ଥିଲ**, ବିଂ. (ଗ୍ରନ୍ଥି-ଲ ଅସ୍ତ୍ୟର୍ଥେ) ବହୁଗ୍ରନ୍ଥିଯୁକ୍ତ, କର୍କଶ, ଗଣ୍ଠିଗଣ୍ଠିଆ।

**ଗ୍ରନ୍ଥିବନ୍ଧନ**, ବି. ନ. ( ଗ୍ରନ୍ଥି-ବନ୍ଧନ ) ଗଣ୍ଠି ପକାଇବା, ବିବାହ କାଳରେ ବରକନ୍ୟାଙ୍କର ବସ୍ତ୍ରରେ ବସ୍ତ୍ର ବନ୍ଧନ।

**ଗ୍ରନ୍ଥିଭେଦ**, ବି. ପୁଂ. (ଗ୍ରନ୍ଥି-ଭିଦ୍-ଅ) ଚୋରବିଶେଷ।

**ଗ୍ରନ୍ଥିମାନ୍**, ବିଂ. (ଗ୍ରନ୍ଥି-ମତ୍) ଗ୍ରନ୍ଥିଯୁକ୍ତ।

**ଗ୍ରନ୍ଥିଲ**, ବିଂ. (ଗ୍ରନ୍ଥି-ଲ) ସନ୍ଧିଯୁକ୍ତ, ଗଣ୍ଠିଯୁକ୍ତ।

**ଗ୍ରନ୍ଥିହର**, ବି. ପୁଂ. (ଗ୍ରନ୍ଥି-ହର) ମନ୍ତ୍ରୀ।

**ଗ୍ରନ୍ଥୀ**, ବିଂ. (ଗ୍ରନ୍ଥ-ଇନ୍) ଯାହାର ଅନେକ ଗ୍ରନ୍ଥ ଅଛି।

**ଗ୍ରସନ**, ବି. ନ. ( ଗ୍ରସ୍-ଅନ ) ଗ୍ରାସ କରିବା, ଗିଳିବା, ଅସୁରବିଶେଷ।

**ଗ୍ରସମାନ**, ବିଂ. (ଗ୍ରସ୍-ଆନ) ଯେ ଗ୍ରାସ କରୁଅଛି।

**ଗ୍ରସ୍ତ**, ବି. ନ. (ଗ୍ରସ୍-ତ) ଅସମ୍ପୂର୍ଣ୍ଣ ବାକ୍ୟ। ବିଂ. ଆଚ୍ଛାଦିତ, ଭକ୍ଷିତ, ଆକ୍ରାନ୍ତ।

**ଗ୍ରହ**, ବି. ପୁଂ. ( ଗ୍ରହ୍-ଅ ) ସୂର୍ଯ୍ୟାଦି ନବଗ୍ରହ, ଯେଉଁସବୁ ଜ୍ୟୋତିଃ ପଦାର୍ଥ ସୂର୍ଯ୍ୟ କର୍ତ୍ତୃକ ଆକୃଷ୍ଟ ହୋଇ ତାହାର ଚତୁର୍ଦ୍ଦିଗରେ ମଣ୍ଡଳାକାର ପଥରେ ନିଯୁକ୍ତ ପରିଭ୍ରମଣ କରେ, ସ୍ୱୀକାର, ଆଦାନ, ଗ୍ରହଣ, ଅନୁଗ୍ରହ, ଅଧ୍ୟବସାୟ, ଜ୍ଞାନ, ବୋଧ, ବାଲପାଡ଼ିକା ପୂତନାଦି, ଧାରଣ, ଗ୍ରାସ, ନିର୍ବନ୍ଧ, ରଣୋଦ୍ୟମ, ସନ୍ନିକର୍ଷ, ଚନ୍ଦ୍ର ସୂର୍ଯ୍ୟଗ୍ରହଣ।

**ଗ୍ରହଣ**, ବି. ନ. (ଗ୍ରହ୍ ଅନ) ସ୍ୱୀକାର, ନେବା, ବଶୀକରଣ, ଜ୍ଞାନ, ଇନ୍ଦ୍ରିୟ, ବନ୍ଧନ, ଆଦର, ଗ୍ରହ ବା ଉପଗ୍ରହର ଛାୟାପତନଦ୍ୱାରା କିୟଦଂଶରେ ବା ସର୍ବାଂଶରେ ଅଦର୍ଶନ, ଯଥା— ଚନ୍ଦ୍ରଗ୍ରହଣ, ସୂର୍ଯ୍ୟଗ୍ରହଣ, ଧାରଣା, ଅବଲମ୍ବନ, ହସ୍ତ।

**ଗ୍ରହଣି**, **ଗ୍ରହଣୀ** } ବି. ସ୍ତ୍ରୀ. (ଗ୍ରହ୍-ଅନ, ସ୍ତ୍ରୀଲିଙ୍ଗରେ ଈ) ଉଦରଭଙ୍ଗ ରୋଗ, ନାଡ଼ୀବିଶେଷ।

**ଗ୍ରହଣୀୟ**, ବିଂ. (ଗ୍ରହ-ଅନୀୟ) ଗ୍ରହଣଯୋଗ୍ୟ।

**ଗ୍ରହଣୀହର**, ବି. ନ. ( ଗ୍ରହଣୀ-ହର ) ଲବଙ୍ଗ। ବିଂ. ଗ୍ରହଣୀ ରୋଗନାଶକ।

**ଗ୍ରହଦେବତା**, ବି. ସ୍ତ୍ରୀ. (ଗ୍ରହ-ଦେବତା) ସୂର୍ଯ୍ୟାଦି ଗ୍ରହର ଅଧିଷ୍ଠାତ୍ରୀ ଦେବତା।

**ଗ୍ରହନାୟକ**, ବି. ପୁଂ. ( ଗ୍ରହ-ନାୟକ ) ଶନି, ସୂର୍ଯ୍ୟ।

**ଗ୍ରହନେମି**, ବି. ପୁଂ. (ଗ୍ରହ-ନେମି) ଚନ୍ଦ୍ର।

**ଗ୍ରହପତି**, ବି. ପୁଂ. (ଗ୍ରହ-ପତି) ସୂର୍ଯ୍ୟ।

**ଗ୍ରହପୀଡ଼ା**, ବି. ସ୍ତ୍ରୀ. (ଗ୍ରହ-ପୀଡ଼ା) ଗ୍ରହବୈଗୁଣ୍ୟ ନିବନ୍ଧନ ମନୁଷ୍ୟର ଯେ ସମସ୍ତ ଅଧିବ୍ୟାଧି ଉପସ୍ଥିତ ହୁଏ।

**ଗ୍ରହଯାଗ**, ବି. ପୁଂ. ( ଗ୍ରହ-ଯାଗ ) ଆଦିତ୍ୟାଦି ନବଗ୍ରହର ବୈଗୁଣ୍ୟ ଶାନ୍ତିନିମିତ୍ତ ହୋମ।

**ଗ୍ରହରାଜ**, ବି. ପୁଂ. (ଗ୍ରହ-ରାଜ) ସୂର୍ଯ୍ୟ। ବିଂ. ଶ୍ରେଷ୍ଠ ଗ୍ରହ। ଯଥା—

ଅସ୍ତ ହେଲେ ରବି ଗ୍ରହରାଜ ଦିନମଣି;
ଭାସମୟ ହାର ପିନ୍ଧି ଆସିଲା ରଜନୀ। କ. କି

ଗ୍ରହବର ବି. ପୁଂ. ( ଗ୍ରହ-ବର ) ସୂର୍ଯ୍ୟ, ବୃହସ୍ପତି ।

ଗ୍ରହବିପ୍ର, ବି. ପୁଂ. ( ଗ୍ରହ-ବିପ୍ର ) ଅଗ୍ରଦାନୀ, ଦୈବଜ୍ଞ ।

ଗ୍ରହାଧାର, ବି. ପୁଂ. (ଗ୍ରହ-ଆଧାର) ଧ୍ରୁବତାରା, ଏ ଗ୍ରହ ନିର୍ଦ୍ଦିଷ୍ଟ ସ୍ଥାନରେ ସ୍ଥିର ହୋଇ ଅବସ୍ଥିତି କରେ ।

ଗ୍ରହାମୟ, ବି. ପୁଂ. ( ଗ୍ରହ-ଆମୟ ) ଭୂତାଦିର ଆବେଶବଶତଃ ଉତ୍ପନ୍ନ ରୋଗ ।

ଗ୍ରହିଲ ବି. ( ଗ୍ରହ୍-ଇଲ ) ଆଗ୍ରହଯୁକ୍ତ, ନିର୍ବନ୍ଧ-ଯୁକ୍ତ ।

ଗ୍ରହୀତା, ବିଂ. (ଗ୍ରହ-ତୃ) ଗ୍ରାହକ, ଗ୍ରହଣକାରୀ ।

ଗ୍ରାମ, ବି. ପୁଂ. ( ଗ୍ରସ୍-ଅ ନିପାତନରେ ) ଲୋକାଳୟ, ବହୁଜନର ବାସସ୍ଥାନ, ଗାଁ । ଯଥା—

ଅପ୍ରେକ୍ଷିତ ଦିଶେ ଯତନ ଆଖୁଶାଳରେ ବସି,
ଗ୍ରାମକଥା ଗ୍ରାମବାସିଏ ଗଳ୍ପ କରନ୍ତି ହସି । ଛ. ମା.

ଅନ୍ୟ ଶବ୍ଦ ପରେ ଯୁକ୍ତ ହେଲେ ସମୂହ, ଯଥା—ଗୁଣଗ୍ରାମ, ଶବ୍ଦଗ୍ରାମ, ସ୍ୱରର ଅଂଶ-ବିଶେଷ, ସଙ୍ଗୀତରେ ଷଡ୍‌ଜ ମଧ୍ୟମ ଗାନ୍ଧାର ଏହି ତିନି ସ୍ୱରଭେଦ ।

ଗ୍ରାମକୂଟ, ବି. ପୁଂ. ( ଗ୍ରାମ-କୂଟ ) ଚତୁର୍ଥ ବର୍ଣ୍ଣ, ଶୂଦ୍ର ।

ଗ୍ରାମଣୀ, ବି. ପୁଂ. (ଗ୍ରାମ-ନୀ-କ୍ୱିପ୍) ଗ୍ରାମର ପ୍ରଧାନ ଲୋକ ।

ଗ୍ରାମତକ୍ଷ, ବି. ପୁଂ. (ଗ୍ରାମ-ତକ୍ଷ) ଗ୍ରାମ୍ୟସୂତ୍ରଧର, ଗାଁ ବଢ଼େଇ ।

ଗ୍ରାମଦେବତା, ବି. ସ୍ତ୍ରୀ. (ଗ୍ରାମ-ଦେବତା) ଗ୍ରାମସ୍ଥ ସର୍ବସାଧାରଣ ଲୋକପ୍ରତିଷ୍ଠିତ ଦେବମୂର୍ତ୍ତି ।

ଗ୍ରାମଧର୍ମ, ବି ପୁଂ. ( ଗ୍ରାମ-ଧର୍ମ ) ମୈଥୁନ, ସ୍ତ୍ରୀସଂସର୍ଗ ।

ଗ୍ରାମମୁଖ, ବି. ପୁଂ (ଗ୍ରାମ-ମୁଖ) ହାଟ, ବଜାର ।

ଗ୍ରାମମୃଗ, ବି. ପୁଂ. (ଗ୍ରାମ-ମୃଗ) କୁକୁର ।

ଗ୍ରାମଯାଜକ, ବି. ପୁଂ. ( ଗ୍ରାମ-ଯାଜକ ) ଗ୍ରାମ ପୁରୋହିତ ।

ଗ୍ରାମସ୍ଥ, ବିଂ. (ଗ୍ରାମ-ସ୍ଥା-ଅ) ଏକଗ୍ରାମବାସୀ ।

ଗ୍ରାମହାସକ, ବି ପୁଂ. (ଗ୍ରାମ-ହାସକ) ଭଗିନୀପତି, ଭଣୋଇ ।

ଗ୍ରାମାଧାନ, ବି. ନ. ( ଗ୍ରାମ-ଆଧାନ ) ମୃଗୟା, ଶିକାର ।

ଗ୍ରାମାନ୍ତ, ବି. ପୁଂ. (ଗ୍ରାମ-ଅନ୍ତ) ଗ୍ରାମର ପ୍ରାନ୍ତଭାଗ, ଉପଶଲ୍ୟ ।

ଗ୍ରାମିକ, ବିଂ ( ଗ୍ରାମ ଇକ ) ଗ୍ରାମ ରକ୍ଷଣରେ ନିଯୁକ୍ତ, ଗ୍ରାମାଧ୍ୟକ୍ଷ ।

ଗ୍ରାମୀଣ, ବିଂ. (ଗ୍ରାମ-ଈନ) ଗ୍ରାମୋତ୍ପନ୍ନ, ଗ୍ରାମ-ବାସୀ । ପୁଂ. ଗ୍ରାମ୍ୟ ଶୂକର, କୁକ୍କୁର, କାକ ।

ଗ୍ରାମୀଣା, ବି. ପୁଂ. ( ଗ୍ରାମୀଣ-ଆ ) ନୀଳ ବୃକ୍ଷ, ଏଥିରୁ ନୀଳରଙ୍ଗ ପ୍ରସ୍ତୁତ ହୁଏ ।

ଗ୍ରାମ୍ୟ, ବିଂ. (ଗ୍ରାମ-ଯ) ଗ୍ରାମଜାତ । ଯଥା—

ଗ୍ରାମ୍ୟସୀମନ୍ତିନୀ ଜଣ-ଅନୁସାର-
ଅନୁକୂଳ ବାଲି-ସ୍ତୂପାବଳୀ ଯାର । ନ. ବେ.

ଇତର, ନୀଚ, ଅସଭ୍ୟ, ଅଶ୍ଳୀଳ ।

ଗ୍ରାମ୍ୟକର୍କଟୀ, ବି. ସ୍ତ୍ରୀ. ( ଗ୍ରାମ୍ୟ-କର୍କଟୀ ) କୁଷ୍ମାଣ୍ଡ ।

ଗ୍ରାମ୍ୟତା, ବି. ସ୍ତ୍ରୀ. ( ଗ୍ରାମ୍ୟ-ତା ) ଜଘନ୍ୟତା, ଅସଭ୍ୟତା, ଅଶ୍ଳୀଳତା ।

ଗ୍ରାମ୍ୟଧର୍ମ, ବି. ପୁଂ. ( ଗ୍ରାମ୍ୟ-ଧର୍ମ ) ମୈଥୁନ, ରମଣ ।

ଗ୍ରାମ୍ୟପଶୁ, ବି. ପୁଂ. ଗୋ, ମେଷ, ଛାଗ ଇତ୍ୟାଦି ।

ଗ୍ରାମ୍ୟମୃଗ, ବି. ପୁଂ. ( ଗ୍ରାମ୍ୟ-ମୃଗ ) କୁକ୍କୁର ।

ଗ୍ରାମ୍ୟାଶ୍ୱ, ବି. ପୁଂ. (ଗ୍ରାମ୍ୟ-ଅଶ୍ୱ) ଗର୍ଦ୍ଦଭ ।

ଗ୍ରାବା, ବି. ପୁଂ. ( ଗ୍ରହ-ବନ୍ ) ପ୍ରସ୍ତର, ମେଘ, ପର୍ବତ । ବିଂ. ଦୃଢ଼ । ଯଥା—

ପ୍ରତ୍ୟକ୍ଷଗୃହିଣୀ କରୁଣା ପକ୍ଷେ ହେମାର ଏ କାଳ ଛବି
ଦେଖିଥିଲେ ନିଷ୍ଟେ ତରଳ ଯାଆନ୍ତା କି ଗ୍ରାବା କି ଅବା ପବି ।
ଯ. କେ.

ଗ୍ରାସ, ବି. ପୁଂ. (ଗ୍ରସ୍-ଅ) କବଳ ।

ଗ୍ରାସାଚ୍ଛାଦନ, ବି. ନ. ( ଗ୍ରାସ-ଆଚ୍ଛାଦନ ) ଅନ୍ନ-ବସ୍ତ୍ର, ଅଶନ ବସନ ।

ଗ୍ରାହ, ବି. ପୁଂ. (ଗ୍ରହ୍-ଅ) ଗ୍ରହଣ, ଜ୍ଞାନ, ଜଳହସ୍ତୀ, ହାଙ୍ଗର, କୁମ୍ଭୀର । ଯଥା—

ପର୍ବତାକାର ଗ୍ରାହଗଣ ଭେଦ ଫେନରାଶି,
ତରଙ୍ଗ ଉପରେ ଦେଖି ଉଠନ୍ତି ଭାସି । କ. ବ.

ଗ୍ରାହକ, ବିଂ. (ଗ୍ରହ-ଅକ) ଗ୍ରହଣକାରୀ, ଗ୍ରହଣ-କର୍ତ୍ତା । ବି. ପୁଂ. ବାଜପକ୍ଷୀ, ବିଷବୈଦ୍ୟ ।

ଗ୍ରାହିତ, ବିଂ, (ଗ୍ରହ-ଣିଚ୍-ତ) ସ୍ୱୀକାରିତ ।

ଗ୍ରାହୀ, ବିଂ. ( ଗ୍ରହ-ଇନ୍ ) ଗ୍ରାହକ, ଆକର୍ଷକ । ବି. ପୁଂ. କପିତ୍ଥ କଇଁଥ ।

ଗ୍ରାହ୍ୟ, ବିଂ. (ଗ୍ରହ-ଯ) ଗ୍ରହଣଯୋଗ୍ୟ, ସ୍ୱୀକାର୍ଯ୍ୟ, ଜ୍ଞେୟ, ଉପାଦେୟ, ଗଣନୀୟ, ଆଦରଣୀୟ ।

ଗ୍ରୀବା, ବି. ସ୍ତ୍ରୀ. (ଗୃ-ବ-ଅ) କନ୍ଧରା, ବେକ । ଯଥା —

ତାଙ୍କରଙ୍କ ଅଶ୍ରୁ କରି ଢଳଢଳ
ଗ୍ରେବାଲକ୍ଷ ଗ୍ରୀବା ଟେକି ନମ୍ରଦଳ । ନ. କେ

ଗ୍ରୀବୀ, ବି. ପୁଂ. ସ୍ତ୍ରୀ. (ଗ୍ରୀବା-ଇନ୍) ଉଷ୍ଟ୍ର, ଓଟ ।

ଗ୍ରୀଷ୍ମ, ବି. ପୁଂ, (ଗ୍ରସ୍—ନେବା-ମ) ଜ୍ୟେଷ୍ଠଋତୁ, ଆତପସମୟ, ଉତ୍ତାପ । ବିଂ. ଉଷ୍ଣ ।

ଗ୍ରୀଷ୍ମମଣ୍ଡଳ, (Torrid Zone) କର୍କଟ ଓ ମକରକ୍ରାନ୍ତିର ଅନ୍ତର୍ବର୍ତ୍ତୀ ଭୂଭାଗ ।

ଗ୍ରୈବ, ଗ୍ରୈବେୟ } ବି. ନ. (ଗ୍ରୀବା-ଅ, ଏୟ,
ଗ୍ରୈବେୟକ } କ) କଣ୍ଠଭୂଷଣ, କଣ୍ଠ-ବନ୍ଧନ । ବିଂ. ଗ୍ରୀବାସମ୍ବନ୍ଧୀୟ ।

ଗ୍ଲପନ, ବି. ନ, ( ଗ୍ଲୈ-ଣିଚ୍-ଅନ ) କ୍ଳାନ୍ତ, ଭୁଷା ।

ଗ୍ଲସ୍ତ, ବିଂ. (ଗ୍ଲସ୍-ତ) ଭକ୍ଷିତ, ଭୁକ୍ତ ।

ଗ୍ଲହ, ବି. ପୁଂ. (ଗ୍ଲହ-ଅ) ପଶାଖେଳରେ ବାଜି, ବା ପଣ, ଦ୍ୟୁତ ।

ଗ୍ଲାନ, ବିଂ. (ଗ୍ଲା ବା ଗ୍ଲୈ-ତ) ଗ୍ଲାନିଯୁକ୍ତ ।

ଗ୍ଲାନ } ବିଂ. ( ଗ୍ଲୈ-ତ, ସ୍ନୁ, ) ଗ୍ଲାନିଯୁକ୍ତ,
ଗ୍ଲାସ୍ନୁ } କ୍ଳାନ୍ତ, ଅସୁସ୍ଥ ।

ଗ୍ଲାନି, ବି. ସ୍ତ୍ରୀ (ଗ୍ଲୈ-ନି) କ୍ଳାନ୍ତି, ଶ୍ରାନ୍ତି, ଅସ୍ୱାସ୍ଥ୍ୟ, ହାନି, ଅବସନ୍ନତା ।

ଗ୍ଲେୟ, ବିଂ. (ଗ୍ଲା ବା ଗ୍ଲୈ-ଯ) ଗ୍ଲାନିଯୋଗ୍ୟ ।

ଗ୍ଲୌ, ବି. ପୁଂ. (ଗ୍ଲୈ—କ୍ଷୟ ପାଇବା-ଡୌ) ଚନ୍ଦ୍ର, କର୍ପୂର ।

# ଘ

ଘ, ବ୍ୟଞ୍ଜନର ଚତୁର୍ଥ ବର୍ଣ୍ଣ । ଏହାର ଉଚ୍ଚାରଣ ସ୍ଥାନ ଜିହ୍ୱାମୂଳ । ବି. ପୁଂ. ଠନ୍ ଠନ୍ ଶବ୍ଦ, ଘଣ୍ଟା, ଘୁଙ୍ଗୁର, ଘର୍ଘରଧ୍ୱନି, ଘଗ୍ଘର ।

ଘଇତା, ବି. (ଗୃହୀତା ଶବ୍ଦଜ) ସ୍ୱାମୀ, ଭର୍ତ୍ତା ।

ଘଉଡ଼ିବା, କ୍ରି. ( ଦେଶଜ ) ତଡ଼ି ଦେବା, ଦୂର କରିଦେବା । ଯଥା—

ଗର୍ଭି ଗର୍ଭେ ଗୁଳି ଗଲା ପର ଗଳ ବନ୍ଦୋବସ୍ତ ଦେଲ ଘଉଡ଼ି ।
କ. ଚ.

ଘଅଁ ବିଂ. (ପ୍ରା. ଘନ ଶବ୍ଦଜ) ଗହଳିଆ, ନିବିଡ଼, ଲଗାଲଗି । ଯଥା—

ମଞ୍ଜ ଘଞ୍ଜ ଘନ ବରଳ ଫରଳ ବର୍ତ୍ତୁଳ ମୁକୁତାମାଳ । ବ. ଭ

ଘଟ, ବି ପୁଂ. (ଘଟ୍-ଅ) କଳସ, କୁମ୍ଭ, ଗଜକୁମ୍ଭ, କୁମ୍ଭରାଶି, ପରମାଣବିଶେଷ, ( ପ୍ରଚଳିତ କଥାରେ) ଦେହ, ଶରୀର । (କଳସ ଅର୍ଥରେ) ଯଥା—

ପଡ଼ନ୍ତେ ବଢ଼ାଇଣ ଘଟ ଜଳରେ । କ. ବ.

ଘଟକ, ବି. ପୁଂ. ( ଘଟ୍-ଅକ ) ଦୂତ, ମଧ୍ୟସ୍ଥ, ବନସ୍ପତି, ପୁଷ୍ପ ବ୍ୟତିରେକେ ଯେଉଁ ବୃକ୍ଷର ଫଳ ହୁଏ, ଯୋଜନାକାରୀ । ଯଥା—

ସଙ୍ଗ ସଙ୍ଗ ଉଚ୍ଛଳ ଘଟ ଘଟକ କମଳଜ । ବ. ଚି

ଘଟକର୍ପର, ବି. ପୁଂ. ବିକ୍ରମାଦିତ୍ୟଙ୍କ ନବରତ୍ନା-ନ୍ତର୍ଗତ କବିବିଶେଷ, ଭଗ୍ନ ଘଟାଦିର ଖଣ୍ଡ, ଖପର ।

ଘଟକାର } ବି.ପୁଂ. ( ଘଟ-କାର, କୃ-° )
ଘଟକୃତ୍ } କୁମ୍ଭକାର, କୁମ୍ଭାର ।

ଘଟକୁମାର, ବି.ପୁଂ. (ଘଟ-କୁମାର) କୁମ୍ଭଯୋନି, ଅଗସ୍ତି । ଯଥା—

ଘୋଟୁଁ ଘଟକୁ ମାର ଚଳନ୍ତେ ଘଟକୁମାର
ଠେକ ଭାବକୁ ଶୁଣି ଯେହ୍ନୁ । ସ. ବ.

ଘଟଜ, ବି. ପୁଂ. (ଘଟ-ଜନ୍-ଅ) ଅଗସ୍ତ୍ୟ ।

ଘଟଣ, ବିଂ. (ଦେଶଜ) ସୁନ୍ଦର । ଯଥା —

ଘର ମୋର ନ ମଣନ୍ତୁ ନନ୍ଦ,
ଘଟଣ ନ ଦଶେ ପୁଅ ନ ଥିଲେ ଗୋବିନ୍ଦ ।

ଘଟଣା } ବି. ସ୍ତ୍ରୀ. (ଘଟ୍-ଅନ-ଆ) ହସ୍ତିସୈନ୍ୟ,
ଘଟନା } ଯୋଜନା, ସଂଘଟନ, ଆକସ୍ମିକ ବ୍ୟାପାର, ଦୈବଗତି, ବିଧିନିର୍ବନ୍ଧ ।

ଘଟଦାସୀ, ବି. ସ୍ତ୍ରୀ. (ଘଟ-ଦାସୀ) ଦୂତୀ, କୁଟୁଣୀ ।

ଘଟଯୋନି, ବି. ପୁଂ. (ଘଟ-ଯୋନି) କୁମ୍ଭଯୋନି, ଅଗସ୍ତ୍ୟ ।

ଘଟରଘୁମା, ବି. ପୁଂ. (ଦେଶଜ) ଯାମଘୋଷୀ ପକ୍ଷିବିଶେଷ । ଯଥା—

ମୂର୍ଚ୍ଛନ୍ତ ହର୍ଷେ ବିଅନ୍ତୁ ସ୍ୱନେ ଘଟରଘୁମା- ଘରଣୀ ।
ଉର୍ବଶୀ ।

ଘଟସୁତ, ବି. ପୁଂ. ( ଘଟ-ସୁତ ) କୁମ୍ଭଯୋନି, ଅଗସ୍ତ୍ୟ ।

ଘଟସ୍ଥାପନ, ବି. ନ. ଦେବମୂର୍ତ୍ତି ନିର୍ମାଣ ନ କରି ତତ୍ପରିବର୍ତ୍ତେରେ ଘଟ ସ୍ଥାପନ କରି ସେହି ଘଟରେ ଉକ୍ତ ଦେବତାର ଆବାହନ ।

ଘଟା, ବି. ପୁଂ. (ଘଟ-ଆ) ସଂଘଟନ, ଗଜସୈନ୍ୟ, ସଭା, ସମୂହ, ସମାରୋହ, ଆଡ଼ମ୍ବର, (ଦେଶଜ) ଦାଗ । ( ସମୂହ ଅର୍ଥରେ ) ଯଥା—

ଘନଘଟା ଘୋରଧ୍ୱନି ବଧିର ଶ୍ରବଣ । ବ ବ.

ଘଟାଇବା, କ୍ରି. ( ଘଟ ଧାତୁଜ ) ସଂଘଟନ କରାଇବା, ଆଣି ଉପସ୍ଥିତ କରାଇବା ।

ଘଟାଟୋପ, ବି. ପୁଂ. ଆଡ଼ମ୍ବର । ଶବାର ଢାଙ୍କି ରଖିବା ନିମିତ୍ତ ବ୍ୟବହୃତ ବସ୍ତ୍ରନିର୍ମିତ ଆବରଣ ।

ଘଟିକ, ବି. ନ. (ଘଟ-ଇକ) ନିତମ୍ବ ।

ଘଟିକା, ବି. ସ୍ତ୍ରୀ. ( ଘଟୀ-କ-ଅ ) ମୁହୂର୍ତ୍ତ, ଦଣ୍ଡାତ୍ମକ କାଳ, ଅଢ଼େଇ ଦଣ୍ଡ, ପାଦଗ୍ରନ୍ଥି, କ୍ଷୁଦ୍ର ଘଟ ।

ଘଟିତ, ବିଂ. (ଘଟ୍-ତ) ସଂଘଟିତ, ଯୋଜିତ, ସଂକ୍ରାନ୍ତ ।

ଘଟିବା, କ୍ରି. (ଘଟ-ଧାତୁଜ) ସଂଘଟନ ହେବା ।

ଘଟୀ, ବି, ସ୍ତ୍ରୀ. (ଘଟ୍-ଈ) ଦଣ୍ଡପରିମାଣ କାଳ, କାଳନିର୍ଣ୍ଣୟାତ୍ମକ ଯନ୍ତ୍ର, ମୁହୂର୍ତ୍ତ, କାଂସ୍ୟ ପିତ୍ତଳାଦି ଧାତୁନିର୍ମିତ ଅନତିବୃହତ୍ ଜଳପାତ୍ର, କଳସ । ଯଥା—

ଘଟୀ ସ୍ୱରକି କରେ ନାହିଁ କି ବିବେକରେ
ମହାର୍ଣ୍ଣବରେ ଅବଗାହିଲୁଁ ଗୋ । କ, ଚ.

ଘଟୀଯନ୍ତ୍ର, ବି. ନ. (ଘଟୀ-ଯନ୍ତ୍ର) କୂପାଦିରୁ ପାଣି କାଢ଼ିବାର କଳ, କାଳନିର୍ଣ୍ଣାୟକ ଯନ୍ତ୍ର, ଘଡ଼ୀ ।

ଘଟୋତ୍କଚ, ବି. ପୁଂ. (ଘଟ-ଉତ୍କଚ) ହିଡ଼ିମ୍ବ ରାକ୍ଷସୀର ଗର୍ଭରେ ଭୀମ ଔରସଜାତ ପୁତ୍ର, ଏହାର ମସ୍ତକ ଘଟକୁମ୍ଭ ପରି କେଶଶୂନ୍ୟ ଥିଲା, ଏହି କାରଣରୁ ଏହାର ନାମ ଘଟୋତ୍କଚ ହୋଇଅଛି ।

ଘଟୋଦ୍ଭବ, ବି. ପୁଂ. (ଘଟ-ଉଦ୍ଭବ) ଅଗସ୍ତ୍ୟ ମୁନି ।

ଘଟ୍ଟ, ପୁଂ. } ବି. (ଘଟ୍ଟ୍-ଅ, ଈ) ନଦୀ ପ୍ରଭୃତିର
ଘଟ୍ଟୀ, ସ୍ତ୍ରୀ. } ଘାଟ, ଶୁଳ୍କଗ୍ରହଣ ସ୍ଥାନ, ଚାଳନ ।

ଘଟ୍ଟଜୀବୀ, ବି. ପୁଂ. (ଘଟ୍ଟ-ଜୀବୀ) କେଉଟ ।

ଘଟ୍ଟନ, ବି. ନ. (ଘଟ୍ଟ୍-ଅନ) ଆଘାତ, ଘର୍ଷଣ, ଘୋଟିବା, ସଂଘଟନ ।

ଘଟ୍ଟନା, ବି. ସ୍ତ୍ରୀ. (ଘଟ୍ଟ୍-ଅନ-ଆ) ଚାଳନା, ଇତସ୍ତତଃ ହଲେଇବା ।

ଘଟ୍ଟନୀ, ବି. ସ୍ତ୍ରୀ. ( ଘଟ୍ଟ-ଅନ-ଈ ) ଘୋଟିବା ନିମିତ୍ତ କାଷ୍ଠଦଣ୍ଡ ।

ଘଟ୍ଟିତ, ବିଂ. (ଘଟ୍ଟ୍-ତ) ନିର୍ମିତ, ସଂଘଟିତ, ଚାଳିତ, ଯାହା ଘୋଟା ହୋଇଅଛି ।

ଘଡ଼ଘଡ଼, ବି. ଅନୁକରଣ ଶବ୍ଦବିଶେଷ ।

ଘଡ଼ଘଡ଼ୀ, ବି. (ସ୍ତ୍ରୀ) ବଜ୍ରଶବ୍ଦ । ଯଥା—

ପୁଣି ବର୍ଷିବେ ଶୁଣି ଏ ଘଡ଼ଘଡ଼ୀ,
ଚମକ ପଡ଼ିଥିବ ଗନ୍ଧକପଙ୍କ । ମୁ. ଲେ.

ଘଡ଼ା, ବି. (ଘଟ ଶବ୍ଦଜ) ବଡ଼ କଳସ, ପିତଳ ନିର୍ମିତ କଳସ ।

ଘଡି, ବି. (ସ୍ତ୍ରୀ) ସମୟସୂଚକ ଯନ୍ତ୍ର, ଦୁଇଦଣ୍ଡ ପରିମିତ କାଳ, ମୃଦଙ୍କାପାତ୍ରବିଶେଷ । (ସମୟସୂଚକ ଅର୍ଥରେ) ଯଥା—

ଆସୁଥିବ ପରୀ ବୋଲି ଘଡ଼ି ଘଣ୍ଟା ଗଣିବ ଛଇଳୀ,
ତୋର ସପନେ ଭୁବିଙ୍କା ପ୍ରିୟଙ୍କ ଥିବେ ତନ୍ତ୍ରବଦନା ରେ ।
ସ. ସା.

ଘଡ଼ିଆଳ, ବି. (ଦେଶଜ) କୁମ୍ଭୀରବିଶେଷ ।

ଘଣା, ବି. (ଦେଶଜ) ଗବ, ସୋରିଷ, ଶେଷା ପ୍ରଭୃତି ତୈଳଜ ପଦାର୍ଥରୁ ତେଲ ବାହାର କରିବା ଯନ୍ତ୍ରବିଶେଷ ।

ଘଣି, ବି. (ଦେଶଜ) ବନ୍ଧନ ରଜ୍ଜୁର ଦାଗ, ଶଗଡ଼ ଚକଦ୍ୱାରା ରାସ୍ତା ଉପରେ ହୋଇଥିବା ଖାଲ ।

ଘଣ୍ଟ, ବି. ପୁଂ. (ହନ୍-ଟ, ଅ) କାଂସ୍ୟାଦି ଧାତୁନିର୍ମିତ ବାଦ୍ୟଯନ୍ତ୍ରବିଶେଷ ।

ଘଣ୍ଟପାଟୁଆ, ବି. (ଦେଶଜ) ଶୀତଳା ଠାକୁରାଣୀଙ୍କର ଆଜ୍ଞାପ୍ରତୀହାରକବିଶେଷ ।

ଘଣ୍ଟା ବି. (ହନ୍-ଟ-ଅ) କାଂସ୍ୟନିର୍ମିତ ବାଦ୍ୟଯନ୍ତ୍ରବିଶେଷ । ପିଟାଘଣ୍ଟା, ସାର୍ଦ୍ଧ ଦ୍ୱିଦଣ୍ଡାତ୍ମକ କାଳ, ଘାଣ୍ଟିବା ବା ଆଲୋଡ଼ନ, ଘଟକାଯନ୍ତ୍ର ।

ଘଣ୍ଟାକର୍ଣ୍ଣ, ବି. ପୁଂ. (ଘଣ୍ଟା-ଆକର୍ଣ୍ଣ) ଶିବଗଣବିଶେଷ, ପଣ୍ଡିତବିଶେଷ ।

ଘଣ୍ଟାଚକଟା ବି. (ଦେଶଜ) ଗୋଳମାଳ ।

ଘଣ୍ଟାପଥ, ବି. ପୁଂ. (ଘଣ୍ଟା-ପଥ) ଗ୍ରାମର ପ୍ରଧାନ ପଥ ।

ଘଣ୍ଟାବୀଜ, ବି. ପୁଂ. (ଘଣ୍ଟା-ବୀଜ) ଜୟପାଳବୃକ୍ଷ । ଲ. ଜୟପାଳ ମଞ୍ଜି ।

ଘଣ୍ଟିକା } ବି. ସ୍ତ୍ରୀ. (ଘଣ୍ଟା-ଇକ୍-ଆ, ଘଣ୍ଟା-ଈକ୍)
ଘଣ୍ଟୀ } ଜିହ୍ୱା ଉପରେ ଶ୍ୱାସନଳୀ ଦ୍ୱାରୋପରି ଯେଉଁ କ୍ଷୁଦ୍ର ମାଂସଖଣ୍ଡ ଥାଏ, ଉପଜିହ୍ୱା ।

ଘଣ୍ଟୀ, ବି. (ଦେଶଜ) ଘାଗୁଡ଼ି, ଠାକୁରପୂଜାରେ ବ୍ୟବହୃତ କ୍ଷୁଦ୍ର ବାଦନଯନ୍ତ୍ର । କାଂସ୍ୟନିର୍ମିତ ବଡ଼ ଘୁଙ୍ଗୁର । ଯଥା—

ଘଣ୍ଟୀ ନାଦେ କର୍ଣ୍ଣ ଦେଲେ ଯେମନ୍ତେ ମୃଗ । ଗା. ବ.

ଘତ, ବିଂ. (ଦେଶଜ) ଧରଣ, କୌଶଳ ।

ଘନ, ବି. ନ. (ହନ୍-ଅ) କରତାଳ, ମନ୍ଦିର, ଘଣ୍ଟା, ଘୁଙ୍ଗୁର ପ୍ରଭୃତି ଧାତୁମୟ ବାଦ୍ୟଯନ୍ତ୍ର, ମଧ୍ୟମ ନୃତ୍ୟ, ଲୌହ, ଚର୍ମ । ପୁଂ. ମେଘ ଲୌହ, ମୁଦ୍ଗର, ଜମାଟ, ଦୃଢ଼ତା, କାଠିନ୍ୟ, ମୁସ୍ତା, ଔଘ, ଦେହ, ବିସ୍ତାର, କୌଣସି ରାଶିକୁ ସେହି ରାଶିଦ୍ୱାରା ଦୁଇଥର ଗୁଣନ । ଯଥା—୩ର ଘନ=୨୭ । ବିଂ. ନିବିଡ଼, ସାନ୍ଦ୍ର, କଠିନ, ଦୁର୍ଭେଦ୍ୟ, ଭାରୀ, ଅବିରତ । (ମେଘ ଅର୍ଥରେ) ଯଥା—

ଉତ୍କଣ୍ଠାକୁଳ ହୋଇ ଘନକୁ ଭାଷେ,
ସଜୀବ ମଣି ଜଡ଼କଥା ପ୍ରକାଶେ । ମେ. ଦୂ.

ଘନକଫ, ବି. ପୁଂ. (ଘନ-କଫ) କରକା, ଭୁଆପଥର ।

ଘନକାଳ, ବି. ପୁଂ. (ଘନ-କାଳ) ବର୍ଷାସମୟ । ଯଥା—

ଯେବେ ଘନକାଳ କାଳ ମଣି ବିଦ୍ୟୁଜ୍ଜାଳ ଜ୍ୱାଳ
ଅଗ୍ନିବୃଷ୍ଟି ମହୋଜ୍ଜ୍ୱଳ ଜ୍ୱଳ । ପ୍ରେ. ସୁ.

ଘନକ୍ଷେତ୍ର, ବି. ନ. ଦୈର୍ଘ୍ୟ ପ୍ରସ୍ଥ ଓ ବେଧବିଶିଷ୍ଟ କ୍ଷେତ୍ର ।

ଘନଘନ, ବି. (ଦେଶଜ) ଶୀଘ୍ର ଶୀଘ୍ର, ଅନବରତ, ମୁହୁର୍ମୁହୁଃ ।

ଘନଘୋଷ, ବି ପୁଂ. (ଘନ-ଘୋଷ) ମେଘଗର୍ଜନ, ଘଡ଼ଘଡ଼ି ।

ଘନଚତୁଷ୍କୋଣ, ବି. ପୁଂ. ଦୈର୍ଘ୍ୟ ପ୍ରସ୍ଥ ଓ ବେଧବିଶିଷ୍ଟ ଚତୁଷ୍କୋଣ ।

ଘନଜ୍ୱାଳା, ବି. ସ୍ତ୍ରୀ. (ଘନ-ଜ୍ୱାଳା) ବଜ୍ରାଗ୍ନି, ବିଦ୍ୟୁତ୍ ।

**ଘନଚୋଲ**, ବି. ପୁଂ. (ଘନ-ଚୁଲ୍-ଅ) ଚଟକ-ପକ୍ଷୀ ।

**ଘନତ୍ୱ**, ବି. ନ. (ଘନ-ତ୍ୱ) ଗାଢତା, କାଠିନ୍ୟ, ନିବିଡ଼ତା ।

**ଘନପଦବୀ**, ବି. ସ୍ତ୍ରୀ. (ଘନ-ପଦବୀ) ଆକାଶ ।

**ଘନଫଳ**, ବି. ନ. ଗୋଟିଏ ରାଶିକୁ ସେହି ରାଶି-ଦ୍ୱାରା ଦୁଇଥର ଗୁଣ କଲେ ଯେଉଁ ଫଳ ହୁଏ । ଯଥା — ୩ × ୩ × ୩ = ୨୭ ।

**ଘନମୂଳ**, ବି. ନ. ଯେଉଁ ରାଶି ଆପଣାଦ୍ୱାରା ଦୁଇଥର ଗୁଣିତ ହୁଏ ସେହି ରାଶି ସେହିପରି ଗୁଣଫଳର ଘନମୂଳ, ଯେପରି ୨୭ ର ଘନମୂଳ ୩ ।

**ଘନରସ**, ବି. ପୁଂ. (ଘନ-ରସ) ଜଳ, କର୍ପୂର, ଘନ ଅଠା । ଯଥା—

ବନ୍ଧା ମେଘେ ଘନରସ ବରଷା ହୋଇବ
ଭସ୍ମ ହୋଇଥିବା ଜନ ମୂର୍ତ୍ତିକି ପାଇବ ଯେ । ଲ. ବ,

**ଘନବଲ୍ଲିକା** } **ଘନବଲ୍ଲୀ** } ବି. ସ୍ତ୍ରୀ. (ଘନ-ବଲ୍ଲିକା, ବଲ୍ଲୀ) ବିଦ୍ୟୁତ୍, ଅମୃତସ୍ରବଲତା ।

**ଘନବାସ**, ବି. ପୁଂ. (ଘନ-ବାସ) କୁଷ୍ମାଣ୍ଡ ।

**ଘନବାହନ**, ବି. ପୁଂ. (ଘନ-ବାହନ) ମେଘ ବାହନ ଯାହାର, ଇନ୍ଦ୍ର, ଶିବ ।

**ଘନବୀଥି**, ବି. ସ୍ତ୍ରୀ. (ଘନ-ବୀଥି) ଆକାଶ ।

**ଘନଶ୍ୟାମ**, ବିଂ. (ଘନ-ଶ୍ୟାମ) ସଜଳ ମେଘ ପରି ଶ୍ୟାମବର୍ଣ୍ଣ ।

**ଘନସାର**, ବି. ପୁଂ. (ଘନ-ସାର) କର୍ପୂର, ପାରଦ, ଜଳ । (କର୍ପୂର ଅର୍ଥରେ) ଯଥା—

ମାଂସଗତ ଚନ୍ଦ୍ର ସଙ୍ଗ ବିନା
ମୁଁ ଲୋଡ଼ା ନ କରଇ ଘନସାର ହେ କୋକିଳ । ପ୍ର. ସ୍ୱ

**ଘନାଗମ**, ବି. ପୁଂ. (ଘନ-ଆଗମ) ବର୍ଷାକାଳ ।

**ଘନାଘନ**, ବି. ପୁଂ. (ଘନ ଦେଖ. ଦ୍ୱିତ୍ୱ) ଇନ୍ଦ୍ର, ଅପକାରକ ହସ୍ତୀ, ମତ୍ତହସ୍ତୀ, ବର୍ଷଣକାରୀ ମେଘ, ପରସ୍ପର ସଂଘର୍ଷଣ । ବିଂ. ସତତଘାତୁକ, ନିରନ୍ତର, ସାନ୍ଦ୍ର, ନିଷ୍ଠୁର ।

**ଘନାତ୍ୟୟ** } **ଘନାନ୍ତ** } ବି. ପୁଂ. (ଘନ-ଅତ୍ୟୟ, ଅନ୍ତ) ଶରତ୍କାଳ ।

**ଘନାଶ୍ରୟ**, ବି. ପୁଂ. (ଘନ-ଆଶ୍ରୟ) ଆକାଶ ।

**ଘନିଷ୍ଠ**, ବିଂ. (ଘନ-ଇଷ୍ଠ) ଅତିଶୟ ଘନ, ନିକଟସ୍ଥ, ଆସନ୍ନ, ଅତି ନିକଟ ।

**ଘନୀଭୂତ**, ବିଂ. (ଘନ-ଭୂ-ତ, ଈ ଆଗମ) ସାନ୍ଦ୍ରୀଭୂତ, ଯାହା ଘନ ହୋଇଅଛି ।

**ଘନୋପଲ**, ବି. ପୁଂ. (ଘନ-ଉପଲ) କରକା, କୁଆପଥର ।

**ଘମାଘୋଟ**, ବି. ଯାକଯମକ, ଆନନ୍ଦ ବିଶେଷ । ବିଂ. ନିବିଡ଼, ଗାଢ଼ ।

**ଘମିର**, ବି. (ଦେଶଜ) ଘିମିର ।

**ଘର**, ବି. (ଗୃହ ଶବ୍ଦଜ) ଗୃହ, ଭବନ ।

**ଘରକରଣା**, ବି. (ଗ୍ରା) ଗୃହଧର୍ମ ।

**ଘରଚଟିଆ**, ବି. (ଦେଶଜ) ସ୍ୱନାମଖ୍ୟାତ କ୍ଷୁଦ୍ର ପକ୍ଷୀ ।

**ଘରଟ୍ଟ**, ବି. ପୁଂ. (ଘର-ଅଟ୍ଟ-ଅ) ପେଷଣଯନ୍ତ୍ର, ଚକି ।

**ଘରଣୀ**, ବି. (ଗୃହିଣୀ ଶବ୍ଦଜ) ଗୃହିଣୀ । ଯଥା—

ଚୋଚା ଶାଳ ଉଭା ଡାକ; ଗୁଅ ହେନ୍ତାଳ; ଟେଣ୍ଡି ଦେଢାଳ,
ଘରଣୀ ଚେଢ଼ୁଆଳ; ଏ ଘର ଉଦ୍ଧରି ଅପାରକାଳ ।

**ଘରବୁଡ଼ା**, ବିଂ (ଦେଶଜ) ଯେ ଘରକୁ ବୁଡ଼ାଇ ଦିଏ, ଯେ ଘରର ସର୍ବନାଶ ସାଧନ କରେ । ଯଥା—

ଜଳଧି ଅଙ୍କେ ନାଥ— ଘର ଦେବାଥିଲ,
ବୁଡ଼ାଇ ଦେଇଛି ଆପଣି,
ଭ୍ରମରି ବିନା ଦୋଷ, ଆଶ୍ଚର୍ଯ୍ୟ ନୁହେ ଆଜ,
ଜଳର ଘରବୁଡ଼ା ପଣ । କବିତାକଲ୍ଲୋଳିନୀ ।

**ଘରା**, ବି (ଦେଶଜ) ଛିଦ୍ର, ପକ୍ଷୀ, ବିରୁଡ଼ି କାଇ ପ୍ରଭୃତିଙ୍କ ବସା ।

**ଘରୁଆ**, ବିଂ. (ଦେଶଜ) ସ୍ୱଗୃହସ୍ଥ, ଘରକରଣା ଲୋକ ।

**ଘରୋଇ**, ବିଂ. (ଦେଶଜ) ଘର ସମ୍ବନ୍ଧୀୟ, ଗୃହ-ପ୍ରଚଳିତ, ଅପ୍ରକାଶ୍ୟ । (ସରକାରିର ବିପରୀତ)

ଘର୍ଘଟ, ବି. ପୁଂ. ( ଘର୍-ଘଟ୍-ଅ ) ମତ୍ସ୍ୟବିଶେଷ, ସିଙ୍ଗିମାଛ ।

ଘର୍ଘର, ବି. ପୁଂ. ( ଘର୍ଘ-ରା, ରା = ଦାନ)ପର୍ବତ-ପଥ, ଦ୍ୱାର, ପେଚକ, ନାଦବିଶେଷ, ଘଡ଼ଘଡ଼ଶବ୍ଦ । ଯଥା—

ଘୋର ଘର୍ଘର ଘୋଷେ ପୂରି କାନନ,
ଘନଙ୍କ ହାହା ରବେ ଯେସନେ ମନ୍ଦନ । କ. କ.

ଘର୍ଘରା, ବି. ସ୍ତ୍ରୀ. (ଘର୍ଘର-ଆ) ଘୁଙ୍ଗୁର, ନଦୀବିଶେଷ, ବୀଣାବିଶେଷ । ବିଂ. ଘର୍ଘର ଶବ୍ଦବିଶିଷ୍ଟ ।

ଘର୍ଘରିକା, ବି. ସ୍ତ୍ରୀ. ( ଘର୍ଘରୀ-କ-ଅ ) ଘୁଙ୍ଗୁର, ଘାଗୁଡ଼ି, ଭଜାଧାନ, ନଦୀବିଶେଷ, ବାଦ୍ୟ-ଯନ୍ତ୍ର ବିଶେଷ ।

ଘର୍ମ, ବି. ପୁଂ. (ଘୃ-ମ) ଗ୍ରୀଷ୍ମ, ରୌଦ୍ର, ଝାଳ, ସ୍ୱେଦ । ବିଂ. ଉଷ୍ଣ । ( ସ୍ୱେଦାର୍ଥରେ ) ଯଥା—

ଝଟିକେ ହିମ ଘର୍ମେ ଭିଜିଗଲା,
ମର୍ମେ ଲେଖିଥିଲା ଘନେ । ଲ. ଚ.

ଘର୍ମଭାନୁ, ବି. ପୁଂ. ( ଘର୍ମ-ଭାନୁ ) ସୂର୍ଯ୍ୟ ।

ଘର୍ମଚର୍ଚ୍ଚିକା, ବି. ସ୍ତ୍ରୀ. ( ଘର୍ମ-ଚର୍ଚ୍ଚିକା ) ଘିମିରି ।

ଘର୍ମାକ୍ତ, ବିଂ. ( ଘର୍ମ-ଅକ୍ତ ) ଯାହା ଘର୍ମଦ୍ୱାରା ଆର୍ଦ୍ର ହୋଇଅଛି, ସ୍ୱେଦାର୍ଦ୍ର ।

ଘର୍ମାନ୍ତ, ବି. ପୁଂ. (ଘର୍ମ-ଅନ୍ତ) ବର୍ଷାକାଳ ।

ଘର୍ଷକପକ୍ଷୀ, ବି. ପୁଂ. ଯେଉଁ ପକ୍ଷୀମାନେ ନଖ-ଦ୍ୱାରା ଭୂମି ବିଦାରଣ କରନ୍ତି । ଯଥା— ମୟୂର, କୁକ୍କୁଟ ପ୍ରଭୃତି ।

ଘର୍ଷଣ, ବି. ନ. (ଘୃଷ୍-ଅନ) ଘଷିବା, ମାର୍ଜ୍ଜନ ।

ଘର୍ଷଣାଳ, ବି. (ଘର୍ଷଣ-ଅଲ) ଶିଳପୁଅ ।

ଘର୍ଷଣୀ, ବି. ସ୍ତ୍ରୀ. ( ଘର୍ଷଣ-ଈ ) ହରିଦ୍ରା ।

ଘର୍ଷିତ, ବିଂ. ( ଘୃଷ-ତ ) ଯାହାକୁ ଘର୍ଷଣ କରା-ଯାଇଅଛି, ଯହିଁରେ ଘର୍ଷଣ ଲାଗିଅଛି ।

ଘଷରା, ବିଂ ( ଘୃଷ୍ଟ ଶବ୍ଦଜ ) ଘର୍ଷଣଦ୍ୱାରା କ୍ଷୟପ୍ରାପ୍ତ, ଅଚଳ, ପୁରୁଣା ।

ଘଷି, ବି. (ଦେଶଜ) ଶୁଷ୍କ ଗୋମୟ ।

ଘଷିବା, କ୍ରି. (ଘର୍ଷଣ ଶବ୍ଦଜ) ଘର୍ଷଣ କରିବା । ଘୋରିବା, ହାତ ଗୋଡ଼ ମୋଡ଼ିବା ।

ଘସା } ବିଂ. ( ଘର୍ଷଣ ଶବ୍ଦଜ ) ଯାହା ଘର୍ଷଣ
ଘଷା } କରାଯାଇଅଛି, ଯଥା ଘସା ଜଳ । କ୍ରି-ଘସିବା ।

ଘସ୍ର, ବି. ପୁଂ. (ଘସ୍-ର) ଦିନ । ନ. କୁଙ୍କୁମ ।

ଘସ୍ରନାଥ, ବି. ପୁଂ. (ଘସ୍ର-ନାଥ) ସୂର୍ଯ୍ୟ । ଯଥା—

ଘସ୍ରନାଥନନ୍ଦନା ଅନାଉଣିକ ମନା
କାହୁଁ ଚେ ଥଇଁ ହସ୍ତ ରହିଁଲୁ ଗୋ । ଭ. ଚ.

ଘା, ବି. (ପ୍ରା. ଘାତ ଶବ୍ଦଜ) ଆଘାତ, କ୍ଷତ ।

ଘାଇ, ବି. (ଦେଶଜ) ସଂକୀର୍ଣ୍ଣ ଜଳପଥ, ନଦୀ ବୃଦ୍ଧିଦ୍ୱାରା ବନ୍ଧାଦି ଭଗ୍ନ ହୋଇ ଯେଉଁ ଜଳପଥ ହୁଏ ।

ଘାଇଲା } ବିଂ. ( ଦେଶଜ ) କ୍ଷତଯୁକ୍ତ,
ଘାଉଆ } ଆଘାତ ପ୍ରାପ୍ତ ।

ଘାଉଡ଼ା, ବି. (ଘାତି = ହିଂସା କରିବା, ଧାତୁଜ) ସର୍ପଦଂଶନ, ସାପ କାମୁଡ଼ିବା ।

ଘାଏ } ଅଂ ( ଦେଶଜ ) ଦାଉରେ, ଏକ
ଘାଏଁ } ଆଘାତରେ ।

ଘାଗରା ବି. (ଘର୍ଘରା ଶବ୍ଦଜ) କୁଞ୍ଚିତ ପରିଧେୟ ବସ୍ତ୍ରବିଶେଷ ।

ଘାଗୁଡ଼ି, ବି. (ପ୍ରା. ଘର୍ଘରୀ ଶବ୍ଦଜ) କଣ୍ଠର ଆଭରଣ-ବିଶେଷ, କ୍ଷୁଦ୍ର ଘଣ୍ଟିକା, ଘୁଙ୍ଗୁର । ଯଥା—

କଣ୍ଠରେ ବାନ୍ଧିଥାଇ ସ୍ୱର୍ଣ୍ଣଘାଗୁଡ଼ି ଯେ ।

ଘାଟ, ବି. (ପ୍ରା. ଘଟ୍ଟ ଶବ୍ଦଜ) ନଦୀ ପାର ହେବାର ସ୍ଥାନ, ଜଳାଶୟାଦିରେ ଅବତରଣ କରିବା ସ୍ଥାନ । ନଦୀ ପାର ହେବା ମୂଲ । ଯଥା—

ଜଗି ଦଧି ବିକଯିବା ବାଟକୁ,
ଗୋପୀଙ୍କି ମାଗନ୍ତି ଦାଣ ଘାଟକୁ ।

ଘାଟ, ବି. ପୁଂ. (ଘଟ୍-ଇ-ଅ) ଗ୍ରୀବା, ବେକ ।

ଘାଣ୍ଟଅ } ବ. (ପ୍ରା. ଘଣ୍ଟ ଶବ୍ଦଜ) ନଷ୍ଟ ପାଇ
ଘାଣ୍ଟୁଅ } କରିବା ବ୍ୟକ୍ତି, ମାଣ୍ଡି । ଯଥା—

ଉପଳଚଳଷ୍ମା ଭଙ୍ଗେ, କେଳକଦମ୍ବ ନିକଟେ,
କପଟ ଚେଳଣ ବାଟେ, ସେ ନୂଆ ଘାଣ୍ଟଅ । ସଂ. ସା.

ଘାଟି, ବ. (ପ୍ରା. ଘଟ୍ଟ ଶବ୍ଦଜ) ଗିରିସଂକଟ, ପର୍ବତଦ୍ୱୟର ମଧ୍ୟବର୍ତ୍ତୀ ସଂକୀର୍ଣ୍ଣ ପଥ, ବିପଦ, ରକ୍ଷାସଙ୍କ ।

ଘାଣ୍ଡ } ବ. (ଦେଶଜ) ତର୍କାରି ବିଶେଷ ।
ଘାଣ୍ଡିଅ } ବଂ. ଗୋଳିଆ । ଯଥା—

ରୈରବାର ଭୋଗଯୋଗ୍ୟ ସ୍ୱଭାବ ଘାଣ୍ଡିଅ । ମ. ଯା.

ଘାଣ୍ଟିକ, ବଂ. (ଘଣ୍ଟା-ଇକ) ଘଣ୍ଟାବାଦକ । ବ. ପୁଂ. ଯେଉଁ ସବୁ ଲୋକ ଏକତ୍ର ହୋଇ ଦେବତା ସମ୍ମୁଖରେ ଘଣ୍ଟ ବଜାଇ ଆରାଧନା କରନ୍ତି ।

ଘାଣ୍ଡିବା, କ୍ରି. (ଦେଶଜ) ଗୋଳାଇବା ।

ଘାଣ୍ଟି ହେବା, କ୍ରି.(ଘଟ ଧାତୁଜ) ବ୍ୟାକୁଳ ହେବା ଯଥା—

ଘାଣ୍ଟି ହେଉଛି ମାନ, ଅଖିଳ ଶତପନ—
ନେତ୍ରୀ ଯା ଆମ୍ଭ ବଶ ନୋହିଲୁ ରେ । କ. ଚ.

ଘାତ, ବ. ପୁଂ. (ହନ୍-ଅ) ପ୍ରହାର, ହନନ, ବଧ, ପ୍ରହାର ସାଧନ ଅସ୍ତ୍ର, ଗୁଣନ, ଅଙ୍କଗୁଣନ, କୌଣସି ରାଶିକୁ ସେହି ରାଶିଦ୍ୱାରା ବାରମ୍ବାର ଗୁଣ କରିବା (Power) ।

ଘାତକ, ବଂ. ( ହନ୍-ଅକ ) ବଧକାରକ, ପ୍ରହାରକ । ଯଥା—

ଘାତକ ଅହିତ ପରେ ନାହେ ଦମ୍ଭରେ । କ. ବ.

ଘାତନ, ବ. ନ. ( ହନ୍-ଅନ ) ହନନ, ବଧ, ଆଘାତ । (ଘାତ-ଅନ) ହତ୍ୟାସମ୍ପାଦନ, ଅନ୍ୟଦ୍ୱାରା ବଧ କରାଇବା । ବଂ. ଘାତକ ।

ଘାତସହ, ବଂ. ଯେଉଁ ସବୁ ଦ୍ରବ୍ୟ ଅଳ୍ପମାତ୍ର ଆଘାତ ପାଇଲେ ଭଗ୍ନ ହୁଏ ନାହିଁ ତନ୍ତୁ ବିଶେଷ ।

ଘାତାବେଶ ବ. ପୁଂ. କୌଣସି ରାଶି ଧାରାବାହିକରୂପେ ସେହି ରାଶିଦ୍ୱାରା ଗୁଣିତ ହେଲେ ଗୋଟିଏ ରାଶି ଉତ୍ପନ୍ନ ହୁଏ, ଯେଉଁ ପ୍ରକ୍ରିୟାଦ୍ୱାରା ସେହି ରାଶି ଉତ୍ପନ୍ନ ହୁଏ, ତାହାର ନାମ "ଘାତାବେଶ" ।

ଘାତି, ବ. ପୁଂ. ( ଘାତ-ଇ ) ପକ୍ଷିବନ୍ଧନ ବା ନାଶ, ଆଘାତ, ପ୍ରହାର ।

ଘାତିପକ୍ଷୀ, ବ. ପୁଂ. ( ଘାତି-ପକ୍ଷୀ ) ବାଜପକ୍ଷୀ ।

ଘାତୀ, ବଂ. ( ଘାତ-ଇନ୍ ) ଘାତକ, ହତ୍ୟାକାରୀ ।

ଘାତୁକ, ବଂ. ( ଘାତ-ଉକ ) ହିଂସ୍ର, ନାଶକ, ନିଷ୍ଠୁର ।

ଘାତ୍ୟ, ବଂ. (ଘାତ-ଯ) ବଧ, ହନନଯୋଗ୍ୟ ।

ଘାନ୍ତି, କ୍ରି. ବଂ. (ପ୍ରାଚୀନ ପଦ୍ୟ) ଥର । ଯଥା—

କୃଳକୁ ଗୃହିଁ କେ କହନ୍ତି,
ମରଣ ହୋଇଲୁ ଏ ଘାନ୍ତି । ଭାଗବତ ।

ଘାର, ବ. ପୁଂ. (ଘୃ-ଅ) ସିଞ୍ଚନ, ଛିଞ୍ଚିବା ।

ଘାରିବା, କ୍ରି. (ଘୂର୍ଣ୍ଣି ଶବ୍ଦଜ) ଲାଗିବା, ଘୋଟିବା, ଘାଲି ହେବା, ଢୁଳାଇବା । ଯଥା—

ବେର କି ହୋଏ ଚୋର,
ବିଷପ୍ରାୟେ ଘାରେ ମୋ ଶରୀର । ବୈ. ବ.

ଅଭିଭୂତ କରିଦେବା ।ଯଥା :—

ଘାରି ଦେଲୁ କି ରସେ, ଅକ୍ଷୟୁର୍ଗେଶ ସ୍ୱସେ । କ. ଚ.

ଘାଲି, ବ. ବଂ. (ଦେଶଜ) ମିଥ୍ୟାରେ ଅବା ଛଳରେ ଶୋଇଲା ପରି ହେବା ।

ଘାଟରା, ବଂ. (ଦେଶଜ) ଅସ୍ତବ୍ୟସ୍ତ, ଖ୍ୟାତ ।

ଘାସ, ବ. ପୁଂ. (ଘସ୍-ଅ) ଦୂର୍ବାଦି ତୃଣ ।

ଘାସି ବ. ପୁଂ. (ଘସ୍-ଇ) ଅଗ୍ନି । (ଦେଶଜ) ହାଡ଼ି, ମେହେନ୍ତର ।

ଘାସିଆ, ବଂ. (ଦେଶଜ) ଘାସ କାଟି ଯେ ଯୋଗାଏ, ହାଡ଼ି ।

ଘିଅ, ବ (ପ୍ରା. ଘୃତ ଶବ୍ଦଜ) ହବିଃ, ଅଜ୍ୟ ।

ଘିଲୁଅଁଷି, ବ (ପ୍ରା. ଘୃତକୁଷ୍ମାଣ୍ଡ ଶବ୍ଦଜ) ଘୃତକୁମାରୀ, ସ୍ୱନାମଖ୍ୟାତ ଗୁଳ୍ମବିଶେଷ ।

ଘିଚ୍ଛିବା, କ୍ରି. (ଦେଶଜ) ଘୋଷାରିବା, ଗ୍ରହଣ କରିବା ।

ଘିମିଷ୍ଟି, ବି. (ପ୍ରା. ଘର୍ମ ଶବ୍ଦଜ) ଘର୍ମବିଚର୍ଚ୍ଚିକା, ଘର୍ମଜ ଚର୍ମରୋଗ ।

ଘୁଘୁ, ବି. (ଅନୁକରଣ ଶବ୍ଦ) ଶବ୍ଦବିଶେଷ ।

ଘୁଙ୍ଗା, ବିଂ. (ଦେଶଜ) ମୂକ, ବାକ୍‌ଶକ୍ତିହୀନ ।

ଘୁଙ୍ଘୁଡ଼ି, ବି. (ଅନୁକରଣ ଶବ୍ଦ) ଶୟନକାଳରେ ନାସିକାର କୁତ୍ସିତଶବ୍ଦ ।

ଘୁଙ୍ଗୁର, ବି. (ଘଣ୍ଟିକା ଶବ୍ଦଜ) କଟିଦେଶର ଅଳଙ୍କାରବିଶେଷ ।

ଘୁଞ୍ଚାଇବା, କ୍ରି. (ଦେଶଜ) ଚଳାଇବା ।

ଘୁଞ୍ଚିବା, କ୍ରି. (ଦେଶଜ) ସ୍ଥାନାନ୍ତରିତ ହେବା, ଦୂରୀଭୂତ ହେବା ।

ଘୁଟି, ପୁଂ. }
ଘୁଟି, ସ୍ତ୍ରୀ. } ବିଂ. (ଘୁଟ୍-ଅ, ଇ, ଇକ,
ଘୁଟିକ, ପୁଂ. } ଇକ-ଆ) ଗୁଲ୍‌ଫ, ଗୋଇଠି ।
ଘୁଟିକା, ସ୍ତ୍ରୀ. }

ଘୁଡ଼ୀ, ବି. (ପ୍ରା. ଘୂର୍ଣ୍ଣି ଶବ୍ଦଜ) କାଗଜରେ ପ୍ରସ୍ତୁତ ଶୂନ୍ୟଗାମୀ କ୍ରୀଡ଼ନଦ୍ରବ୍ୟବିଶେଷ ।

ଘୁଣ, ବି. ପୁଂ. (ଘୁଣ୍-ଅ) କାଷ୍ଠକୀଟବିଶେଷ । ଯଥା—

ସମାଜେ ଏ ସ୍ଥାନରବ ଘୁଣରୂପେ ପଶି
ଅସ୍ଥି ମଜ୍ଜା ଶୋଷି, ତାକୁ କରିବ ଜର୍ଜ୍ଜର । ମ. ଯା.

ଘୁଣାକ୍ଷର, ବି. କ. (ଘୁଣ-ଅକ୍ଷର) ଘୁଣକୃତ ଅକ୍ଷର, ଘୁଣ ଅକ୍ଷର କାଟିବ ବୋଲି ଚେଷ୍ଟା କରେ ନାହିଁ କିନ୍ତୁ କାଠୁ କାଠୁ କୌଣସି କୌଣସି ସ୍ଥାନରେ ଅକ୍ଷରାକାର ହୋଇଯାଏ, ସେହିପରି କରିବ ବୋଲି ମନସ୍ଥ ନ କରି ସୁଦ୍ଧା ଯାହା ଘଟେ ତାହାକୁ ଘୁଣାକ୍ଷର ଶବ୍ଦରେ ନିର୍ଦ୍ଦିଷ୍ଟ କରାଯାଏ । ଯଥା—

ଘୁଣାକ୍ଷର ପ୍ରାୟେ ଦୋଷ ଯେବେ ହେଲା
ସେନଅକୁ ନଷ୍ଟ ତାହା । ଭୂ. ଚ.

ଘୁଣ୍ଟ } ବି. ପୁଂ. (ଘଟ୍ଟ-ଅ, କ) ଗୁଲ୍‌ଫ,
ଘୁଣ୍ଟକ } ଗୋଇଠି ।

ଘୁଣ୍ଟିକା, ବି. କ ବାଲଘଣ୍ଟି ।

ଘୁଣ୍ଡ୍ର, ବି. ପୁଂ. (ଘୁଣ୍ଡ୍-ର) ଭ୍ରମର ।

ଘୁମ, ବି. (ଦେଶଜ) ନିଦ୍ରା, ତନ୍ଦ୍ରା, ସ୍ୱପ୍ନ, ଖଇବାଦି ରଖିବା ନିମିତ୍ତ ମାଟିରେ ପ୍ରସ୍ତୁତ ବଡ଼ ବଡ଼ ପାତ୍ରବିଶେଷ ।

ଘୁମା, ବି. (ଦେଶଜ) ଘୁମ, ଭାଣ୍ଡବିଶେଷ । ବିଂ. ଢୁଲା ।

ଘୁମାଇବା, କ୍ରି. (ଦେଶଜ) ଢୁଲାଇବା । ଯଥା—

ଘୁମାଇବାର ସମ୍ଭବଇ ନାହିଁ କି ଆମ୍ଭ
ସୁଯୋଗୁଁ ଦିନା ବସି ଅଇଲୁ ଗୋ । ବି. ଚ.

ଘୁମୁରା, ବି. (ଦେଶଜ) ଏକପ୍ରକାର ବାଦ୍ୟଯନ୍ତ୍ର ।

ଘୁମୁରିବା, କ୍ରି. (ଅନୁକରଣ ଶବ୍ଦ) ଶବ୍ଦବିଶେଷ, ଘୁମ୍ ଘୁମ୍ ଶବ୍ଦ କରିବା ।

ଘୁର୍ଘୁରି, ବି. ପୁଂ. (ଘୁର=ଅନୁକରଣ ଶବ୍ଦ ଘୁର=ଶବ୍ଦ କରିବା-ଅ) କଳକଟିଆ ।

ଘୁରାଇବା, କ୍ରି. (ଘୂର୍ଣ୍ଣନ ଶବ୍ଦଜ) ବୁଲାଇବା ।

ଘୁରିବା, କ୍ରି (ଘୂର୍ଣ୍ଣନ ଶବ୍ଦଜ) ବୁଲିବା ।

ଘୁସ, ବି. ପୁଂ. (ଯାବନିକ) କାର୍ଯ୍ୟସିଦ୍ଧି ନିମିତ୍ତ ଗୋପନରେ ଦେୟ ବସ୍ତୁ, ଉତ୍କୋଚ ।

ଘୁସଖୋର, ବି. (ଯାବନିକ) ଯେ ବ୍ୟକ୍ତି ଉତ୍କୋଚ ଗ୍ରହଣ କରି କାର୍ଯ୍ୟ କରେ, ଲାଞ୍ଚୁଆ ।

ଘୁଷିତ } ବିଂ. (ଘୁଷ୍-ତ) ଶବ୍ଦିତ, ବାଦିତ,
ଘୁଷ୍ଟ } ନାଦିତ । ନ. ଘୋଷଣା ।

ଘୁଷୁରି ବି. (ଘୃଷ୍ଟି ଶବ୍ଦଜ) ଶୂକର, ବରାହ ।

ଘୁଷୁରିଆ, ବିଂ. ( ଘୃଷ୍ଟି ଶବ୍ଦଜ ) ଶୂକରରକ୍ଷକ, ଶୂକରପାଳକ ।

ଘୁଷୁରିବା, କ୍ରି. (ଦେଶଜ) ଭୂମିରେ ଲୁଣ୍ଠିତ ହେବା ।

ଘୁସୃଣ, ବି. କ. ( ଘୁସ୍=ଭୂଷିତ କରିବା-ଋଣ) କୁଙ୍କୁମ ।

ଘୁକ, ବି. ପୁଂ. (ଘୂ=ଅନୁକରଣ ଶବ୍ଦ-କି-ଅ) ପେଚକ ।

ଘୂକାର, ବ. ପୁଂ. (ଘୂକ-ଅର) କାକ, ବାୟସ ।

ଘୂର୍ଣ୍ଣ, ବ. ପୁଂ. ( ଘୂର୍ଣ୍ଣ-ଅ ) ଭ୍ରମି, ଘୂର୍ଣ୍ଣି, ଘିରାଣାଗ ।

ଘୂର୍ଣ୍ଣନ, ନ. } ବ. (ଘୂର୍ଣ୍ଣ-ଅନ, ଇ)ମଣ୍ଡଳାକାର
ଘୂର୍ଣ୍ଣି, ସ୍ତ୍ରୀ. } ପଥରେ ପରିଭ୍ରମଣ, ଆବର୍ତ୍ତ, ଘୂରିବା ।

ଘୂର୍ଣ୍ଣାୟମାନ, ବିଂ. (ଘୂର୍ଣ୍ଣ-ଆନ, ଯ, ମ ଆଗମ) ଘୂର୍ଣ୍ଣ୍ୟମାଣ, ଯାହା ବୁଲୁଅଛି ।

ଘୂର୍ଣ୍ଣିତ, ବିଂ. (ଘୂର୍ଣ୍ଣ-ତ) ଭ୍ରାନ୍ତ, ଭ୍ରମିତ ।

ଘୃଣା, ବ. ସ୍ତ୍ରୀ. ( ଘୃଣ୍-ଅ-ଆ ) ଦୟା, କରୁଣା, ଅବଜ୍ଞା, ଅଶ୍ରଦ୍ଧା, ଜୁଗୁପ୍ସା । ଯଥା—

ଘନେ ଏ କଥା ମନେ ଅଛି; ଘୃଣା କି କାରଣେ ନୋହିଲା ।
ଅ. ଚ.

ଘୃଣି, ବ. ପୁଂ. (ଘୃଣ୍-ଇ) ଚନ୍ଦ୍ର ସୂର୍ଯ୍ୟର କିରଣ, ସୂର୍ଯ୍ୟ, ତରଙ୍ଗ, ଜଳ ।

ଘୃଣିତ, ବିଂ. (ଘୃଣ୍-ତ) ଘୃଣାଯୁକ୍ତ, ଅବଜ୍ଞାତ ।

ଘୃଣୀ, ବିଂ. ( ଘୃଣା-ଇନ୍ ) ଜୁଗୁପ୍ସାକାରୀ, ଦୟାଳୁ ।

ଘୃତ, ବ. ନ. ( ଘୃ-ତ ) ଘିଅ, ଆଜ୍ୟ, ହବିଃ, ଜଳ ।

ଘୃତକୁମାରୀ, ବ. ସ୍ତ୍ରୀ. (ଘୃତ-କୁମାରୀ) ସ୍ୱନାମ-ଖ୍ୟାତ ଗୁଳ୍ମବିଶେଷ, ଘିକୁଆଁରୀ ।

ଘୃତଦୀଧିତି, ବ. ପୁଂ. (ଘୃତ-ଦୀଧିତି) ଅଗ୍ନି ।

ଘୃତପୂର, ବ. ପୁଂ. (ଘୃତ-ପୂର)ପକ୍ୱାନ୍ନବିଶେଷ ।

ଘୃତାକ୍ତ, ବିଂ. ( ଘୃତ-ଅକ୍ତ—ଲେପିତ ) ଯାହା ଘୃତରେ ଲିପ୍ତ ହୋଇଅଛି, ଯେ ସର୍ବାଙ୍ଗରେ ଘୃତ ଲଗାଇଅଛି ।

ଘୃତାଚୀ, ବ. ସ୍ତ୍ରୀ. (ଘୃତ-ଅଚ୍‌ ୦-ଈ) ଅପ୍ସରା-ବିଶେଷ ।

ଘୃତୋଦ, ବ. ପୁଂ. (ଘୃତ-ଉଦ) ଘୃତସମୁଦ୍ର ।

ଘୃଷ୍ଟ, ବିଂ. ( ଘୃଷ୍-ତ ) ମାର୍ଜ୍ଜିତ, ଯାହା ଘଷା ହୋଇଅଛି । ବ. ପୁଂ. ଗନ୍ଧଦ୍ରବ୍ୟବିଶେଷ ।

ଘୃଷ୍ଟତାଡ଼ିତ, ବ. ନ. (Frictional Electricity) ଘର୍ଷଣଦ୍ୱାରା ଯେଉଁ ତଡ଼ିତଶକ୍ତି ଜନ୍ମେ ।

ଘୃଷ୍ଟି, ବ. ସ୍ତ୍ରୀ. (ଘୃଷ୍-ତି) ଘର୍ଷଣ, ସ୍ପର୍ଦ୍ଧା । ପୁଂ. ସ୍ତ୍ରୀ. ଶୂକର, ଶୂକରୀ । ( ଶୂକର ଅର୍ଥରେ ) ଯଥା—

ପୂର୍ଣ୍ଣ ହେବାରୁ ସର ଘୃଷ୍ଟିସମୂହେ । ର. ସ.

ଘେନା, ବିଂ. ବ. ( ଦେଶଜ ) ଗୃହୀତ, ସ୍ୱୀକୃତ, ଗ୍ରହଣ, ସ୍ୱୀକାର ।

ଘେନାଇବା, କ୍ରି. ( ଦେଶଜ ) ମନାଇବା, ବୁଝାଇବା । ଯଥା—

ଘେନାଇ ଅମ୍ଭେ ଯେତେ କହିଲୁଁ ଗୋ,
ଘେନିଲୁ ନାହିଁ ବାଳା ପହିଲୁ ଗୋ । ବ. ଚ.

ଘେନାଘେନି, କ୍ରି. ବ ଟେକାଟେକି । ଯଥା—

ଘନପୀନସ୍ତନା ଗୁରୁବେଣୀ,
ଘେନାଘେନି କେତେ ଜାଣ ପୁଣି । କା. ଚୌ.

ଘେନି, ଅଂ. ( ଦେଶଜ ) ପାଇଁ, ହେତୁରୁ । ଯଥା—

ତୋ ଘେନି ତମାଲ ଶ୍ୟାମ ମୋ ମରଣ କଷିଲି ରେ । ବ. ଚ.

ଅ. କ୍ରି. ଗ୍ରହଣ କରି ।

ଘେନିବା କ୍ରି. ( ଦେଶଜ ) ଗ୍ରହଣ କରିବା, (ସମ୍ବଲପୁର) କିଣିବା ।

ଘେର } ବ ( ଦେଶଜ ) ବେଷ୍ଟନ, ବେଢଣ,
ଘେରି } ପ୍ରାଚୀର । ଯଥା—

ତୋର ଲାଗି ଘେର ପଡ଼ିବା ହେବଟି
ଘେର ପର ଆଚରଣ । ବ. ଚ.

ଘେରିବା, କ୍ରି. ବେଢ଼ିବା ।

ଘୈତା, ବ. ( ଗୃହସ୍ଥ ଶବ୍ଦଜ ) ସ୍ୱାମୀ, ପୁରୁଷ, ଘଇତା ।

ଘୋଘା, ( ଅନୁକରଣ ଶବ୍ଦ ) ଗୋଲମାଲସୂଚକ ଶବ୍ଦ ।

ଘୋଟ } ବ. ପୁଂ. ( ଘୁଟ୍-ଅ, ଅକ ) ଅଶ୍ୱ,
ଘୋଟକ } ଘୋଡ଼ା ।

ଘୋଟିବା, କ୍ରି. ଦେଶଜ) ଢାଙ୍କିବା, ଅଚ୍ଛାଦନ କରିବା । ଯଥା —

ଘୋଟି ଆସୁଅଛି ଯେ ଘୋର ଅନ୍ଧକାର ନଣି ।

ଘୋଉବା, ମର୍ଦ୍ଦନ କରିବା । ଯଥା—

ଘୋଟି ବଟବଲ୍ମଳ ଘୋର ଘୋର କାଙ୍ଗଲ,
ଜହର ବୁଲେ ତାହା ପିଇଲୁ ଗୋ । ବ. ଚ;

ଘୋଡ଼, ବଂ. ବ. ( ଦେଶଜ ) ଗୁପ୍ତ, ପ୍ରଚ୍ଛନ୍ନ, ଆଚ୍ଛାଦନ ।

ଘୋଡ଼ଣୀ, ବ. (ଦେଶଜ) ଢାଙ୍କୁଣୀ । ଯଥା—

ଶ୍ବେତ ଘୋଡ଼ଣୀକି ମଣ୍ଡନ ହାସ;
ପ୍ରବାଳ ମାଳା କି ବକ୍ଷଳଙ୍ଗ ।

ଘୋଡ଼ଲାଗି, ବ. ( ଦେଶଜ ) ଜଗନ୍ନାଥଙ୍କର ଶୀତକାଳର ବସ୍ତ୍ରଭୂଷଣବିଶେଷ । ଯଥା—

ଦାରୁବ୍ରହ୍ମର କେ ବଡ଼ ଘୋଡ଼ଲାଗି ଜାଡ଼କୁ ଡରଣ,
ଅନଳକୋଣକୁ ଅଗ୍ରେ ବଳେ ଭାନୁ ଯେତେକ୍ଷା ହୋଇଣ

ଘୋଡ଼ା, ବ. ପୁଂ. ( ଘୋଟକ ଶବ୍ଦଜ ) ଅଶ୍ବ, ତୁରଙ୍ଗ ।

ଘୋଡ଼ାଇବା, କ୍ରି. (ଦେଶଜ) ଢାଙ୍କିବା, ଆଚ୍ଛାଦନ କରିବା ।

ଘୋଡଡେଣ୍ଡା } ବଂ. ( ଦେଶଜ ) ଯାହାକୁ
ଘୋଡଡେବା } ଘୋଡ ହୁଅନ୍ତି, ଶୀତବସ୍ତ୍ରପ୍ରଭୃତି ।

ଘୋଡ଼ୀ, ବ. ସ୍ତ୍ରୀ. ( ପ୍ରା. ଘୋଟକୀ ଶବ୍ଦଜ ) ସ୍ତ୍ରୀ ଅଶ୍ବ, ମାଇଘୋଡ଼ା ।

ଘୋଣା, ବ. ସ୍ତ୍ରୀ. (ଘୁଣ୍-ଅ) ଅଶ୍ବନାସିକା, ନାସିକା । ଯଥା—

ଘୋଣାରେ ଦେଲେ ମୋତି ନାକଚଣା । ଲ. ବ.

ଘୋଣୀ, ବ. ପୁଂ. (ଘୋଣ-ଇନ୍) ଶୂକର ।

ଘୋର, ବ. ପୁଂ. (ଘୁର୍ ଅ) ଶିବ, ଋଷିବିଶେଷ । ସ୍ତ୍ରୀ. ଭୟାନକ ରାତ୍ରି, ଭୟ, ବିଷ । ବଂ. ଭୟଙ୍କର, ବିକଟ, ମହତ୍, ବିଷମ, ଦୁର୍ଗମ, ଦାରୁଣ, ନିବିଡ଼ ।

ଘୋରଣା, ବ. (ଦେଶଜ) ପେଷଣଯନ୍ତ୍ର, ଚକି ।

ଘୋରଦର୍ଶନ, ବ. ପୁଂ. (ଘୋର-ଦର୍ଶନ) ପେଚକ । ବଂ ବିକଟାକାର ।

ଘୋରବାସନ, ବ. ପୁଂ. ( ଘୋର-ବାସ୍-ଅନ ) ଶୃଗାଳ ।

ଘୋରିବା, କ୍ରି. (ଘର୍ଷଣ ଶବ୍ଦଜ) ଘର୍ଷଣ କରିବା, ଘଷି ଛଣ୍ଡାଇବା ।

ଘୋରି, ବ. (ଯାବନିକ) ମୁଷଲମାନ ରାଜବଂଶ-ବିଶେଷ ।

ଘୋଲଦହି, ବ. ( ଦେଶଜ ) ତକ୍ର, ଦହିରୁ ମନ୍ଥନ କରି ଲହୁଣୀ ବାହାର କରି ନେଲେ ଅବଶିଷ୍ଟ ଯାହା ରହେ ।

ଘୋଲାବିନ୍ଧା, ବ. ବେଦନାବିଶେଷ ।

ଘୋଷ, ବ. ପୁଂ. (ଘୁଷ୍-ଅ) ଗଉଡ଼ସାହି, ଗଉଡ଼, ଧ୍ବନି, ମେଘଧ୍ବନି, କଂସା, କାୟସ୍ଥମାନଙ୍କ ପଦବୀ ।

ଘୋଷକ, ବଂ. (ଘୁଷ୍-ଅକ) ପ୍ରଚାରକ ।

ଘୋଷଣ, ନ } ବ (ଘୋଷ-ଅନ) ଉଚ୍ଚୈଃଶବ୍ଦ,
ଘୋଷଣା, ସ୍ତ୍ରୀ } ଇତସ୍ତତଃ ବିଜ୍ଞାପନ ପ୍ରଚାର ।

ଘୋଷୟିତ୍ନୁ, ବ. ପୁଂ. (ଘୁଷ୍-ଇତ୍ନୁ, ଯ ଆଗମ) ବ୍ରାହ୍ମଣ, କୋକିଳ, କସ୍ତୁରୀ ।

ଘୋଷବତୀ, ବ. ସ୍ତ୍ରୀ. (ଘୋଷ-ବତ୍-ଈ) ବୀଣା ।

ଘୋଷା, ବ. ସ୍ତ୍ରୀ. (ଦେଶଜ) ସଙ୍ଗୀତାଦି ଗାନ କାଳରେ ଆଦ୍ୟୋଚ୍ଚାରିତ ଯେଉଁ ବିଷୟ ପ୍ରତ୍ୟେକ ପଦ ଶେଷରେ ପୁନଃପୁନଃ ଗାନ କରିବାକୁ ହୁଏ ତାହାକୁ ଘୋଷା ବୋଲାଯାଏ, ଧ୍ରୁବପଦ ।

ଘୋଷିତ, ବଂ. ( ଘୁଷ୍-ତ ) ପ୍ରଚାରିତ, ଯେଉଁ ବିଷୟର ଘୋଷଣା ହୋଇ ଯାଇଅଛି ।

ଘୋଷିବା, କ୍ରି. ( ଘୁଷ୍-ଧାତୁଜ ) ପାଠାଭ୍ୟାସ କରିବା, ପ୍ରଚାର କରିବା, ଘୋଷଣା କରିବା ।

ଘୋସାଡ଼ିବା } କ୍ରି. ( ଦେଶଜ ) ଓଟାରିବା,
ଘୋସାରିବା } ଟାଣିବା ।

ଘ୍ନ, ବଂ. (ହନ୍-ଅ) ଧ୍ବଂସକ, ନଷ୍ଟକାରୀ ।

ଘ୍ରାଣ, ବ. ନ (ଘ୍ରା ଅନ) ନାସିକା, ଗନ୍ଧଗ୍ରହଣ । ବଂ. ଘ୍ରାତ, ଆଘ୍ରାତ ।

ଘ୍ରାଣତର୍ପଣ, ବ. ପୁଂ. ( ଘ୍ରାଣ-ତର୍ପଣ ) ସୁଗନ୍ଧ, ସୌରଭ ।

ଘ୍ରାଣେନ୍ଦ୍ରିୟ, ବ. ନ. (ଘ୍ରାଣ-ଇନ୍ଦ୍ରିୟ) ନାସିକା, ଯେଉଁ ଇନ୍ଦ୍ରିୟଦ୍ୱାରା ବସ୍ତୁର ଗନ୍ଧଗ୍ରହଣ କରାଯାଏ ।

ଘ୍ରାତ, ବି°. (ଘ୍ରା-ତ) ଯାହା ଘ୍ରାଣ କରା ହୋଇ-ଅଛି, ଆଘ୍ରାତ ।

ଘ୍ରାତବ୍ୟ, ବି°. (ଘ୍ରା-ତବ୍ୟ ଯାହାର ଗନ୍ଧ ନେବାକୁ ହେବ, ଘ୍ରାଣଯୋଗ୍ୟ ।

ଘ୍ରାତି, ବି. ସ୍ତ୍ରୀ. (ଘ୍ରା-ତି) ନାସିକା, ଆଘ୍ରାଣ ।

—o—

## ଙ

ଙ, ବ୍ୟଞ୍ଜନବର୍ଣ୍ଣର ପଞ୍ଚମ ବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ ଜିହ୍ୱାମୂଳ । ବି. ପୁଂ. ( ଙୁ=ଶବ୍ଦ କରିବା-ଅ) ବିଷୟସ୍ପୃହା, ବିଷୟ, ବିଷୟସ୍ପୃହା, ଉଦୟ, ଭୈରବ, ଧ୍ୱନି ।

—o—

## ଚ

ଚ, ବ୍ୟଞ୍ଜନବର୍ଣ୍ଣର ଷଷ୍ଠ ବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ ତାଳୁ । ଅ°. ସମୁଚ୍ଚୟ, ଅନ୍ୱୟ, ଏବଂ, ପଶ୍ଚାତ୍ତର, ଇତରେତର ଯୋଗ, ସମାହାର, ଦ୍ୱନ୍ଦ୍ୱ, ଅନୁଷଙ୍ଗିକତା, ଅବଧାରଣ, ପାଦପୂରଣ । ବି. ପୁଂ. ଚୌର, ଚନ୍ଦ୍ର, ଚଣ୍ଡେଶ୍ୱର, କୂର୍ମ ।

ଚଅଁର, ବି. (ପ୍ରା. ଚାମର ଶବ୍ଦଜ) ଚମରୀପୁଚ୍ଛ-ନିର୍ମିତ ବ୍ୟଜନବିଶେଷ, ବାଲବ୍ୟଜନ ।

ଚଇତ, ବି. (ଚୈତ୍ର ଶବ୍ଦଜ) ଚୈତ୍ର ମାସ ।

ଚଇତାଳ } ବି°. ( ଚଇତ-ଆଳ,
ଚଇତିଆଳ } ଓଡ଼ିଆ ପ୍ରତ୍ୟୟ ) ଚଇତ ମାସରେ ଜାତ, ଚଇତ ମାସ ସମ୍ବନ୍ଧୀୟ ।

ଚଉ } ବି°. ( ଚତୁଃର୍ ଶବ୍ଦଜ ) ଚାରି,
ଚୌ } ଚାରିଗୁଣ ।

ଚଉକ, ବି. ଚାରିକୋଣ, ଚତୁଷ୍କୋଣ, ଚାରିଅଙ୍ଗୁଳ ।

ଚଉକତି ବି. (ଦେଶଜ) ଚାରିପାଖ । ଯଥା :—

ଦେଖିଛନ୍ତି ଚଉକତି ଯୂଥପତି କି ଥାଟି ଦେବେ ସମ୍ରାଟ, ବୈ ବ,

ଚଉକସ ବି°. (ଦେଶଜ) ମଜବୁତ୍, ଚାରିଆଡ଼େ କୁଶଳ ।

ଚଉକାଠ, ବି. ଦୁଆର ମୁହଁରେ କବାଟର ଆଶ୍ରୟରୂପେ ଲାଗିଥିବା ଚାରିଖଣ୍ଡ କାଠର ବନ୍ଧ, ଦୁଆର ବନ୍ଧ ।

ଚଉକି, ବି. ( ଦେଶଜ ) କାଷ୍ଠାସନବିଶେଷ, Chair, କର୍ଣ୍ଣାଭରଣବିଶେଷ, ପହରା, ଗ୍ରାମ ରକ୍ଷାର ବିଶେଷ ବିଭାଗ ।

ଚଉକିଆ } ବି. ( ଦେଶଜ ) ଗ୍ରାମର
ଚଉକିଦାର } ପହରାବାଲା ।

ଚଉଠ, ବି. (ଦେଶଜ) ଚତୁର୍ଥାଂଶ, ଚାରିଭାଗରୁ ଏକଭାଗ ।

ଚଉଠୀ, ବି. (ଚତୁର୍ଥୀ ଶବ୍ଦଜ) ବିବାହର ଚତୁର୍ଥ ଦିବସ ।

ଚଉଡ଼ା, ବି. ( ଦେଶଜ ) ପ୍ରସ୍ଥ, ଓସାର, ଫର୍ଚ୍ଚା ।

ଚଉଡ଼ୋଳ, } ବି. ( ପ୍ରା. ଚତୁର୍ଦ୍ଦୋଳ
ଚଉଦୋଳ } ଶବ୍ଦଜ) ଚାରି ଜଣ ମନୁଷ୍ୟ ଦ୍ୱାରା ବହନୀୟ ଶିବିକାବିଶେଷ, ବିମାନ ।

ଚଉତ } ବି. ବି°. ( ଦେଶଜ ) ଚାରିପରସ୍ତ,
ଚଉତା } ଚାରି ପରସ୍ତ ହୋଇଥିବା ।

ଚଉତନା, ବି (ଦେଶଜ) ରୁମାଲ । ଯଥା :—

> ଦେଖିଛନ୍ତି ଶିଷ୍ୟ ଉପଶିଷ୍ୟ ବେଶ ହୋଇ,
> କେ ଚଉତନା କେ ପାଗ ମୁଣ୍ଡେ ମଣ୍ଡିଅଛି । ଭା. ବ.

ଚଉତରା } ବି (ଚତ୍ୱର ଶବ୍ଦଜ) ଚାନ୍ଦନୀ,
ଚଉତାରା } ବେଦୀ ।

ଚଉତାର, ବି. (ଦେଶଜ) ଦୁଇ ଦୁଇ ଖିଅ ସୂତା ପ୍ରତିଭରେ ବୁଣା ।

ଚଉତିରିଶ, ବି.ଓ ବି°. (ଚତୁସ୍ତ୍ରିଂଶତ୍ ଶବ୍ଦଜ) ୩୪ ସଂଖ୍ୟା ।

ଚଉଦ, ବି ଓ ବି°. ( ଚତୁର୍ଦ୍ଦଶ ଶବ୍ଦଜ ) ୧୪ ସଂଖ୍ୟା ।

ଚଉଧରୀ, ବି. (ଦେଶଜ) ଉପାଧିବିଶେଷ ।

ଚଉପଦୀ, ବି. (ଚତୁଷ୍ପଦୀ ଶବ୍ଦଜ) ଏକପ୍ରକାର ଗୀତ, ସଙ୍ଗୀତ, ପଦ୍ୟଚୋଳି ।

ଚଉପାଢ଼ୀ, ବି. (ଚତୁଷ୍ପାଠୀ ଶବ୍ଦଜ) ଗ୍ରାମବାସୀ ବା ସାଧାରଣ ଆଗନ୍ତୁକ ବ୍ୟକ୍ତିମାନଙ୍କ ଉପବେଶନାର୍ଥ ଗୃହମଧ୍ୟରେ ବା ପାର୍ଶ୍ୱରେ ଥିବା ମୃତ୍ତିକାନିର୍ମିତ ପୀଢ଼ି, ବାରଣ୍ଡା ପାଠଶାଳା ।

ଚଉବନ, ବି. ବି°. (ଦେଶଜ) ୫୪ ସଂଖ୍ୟା ।

ଚଉବନା, ବି°. (ଦେଶଜ) ୧୦୫ ଟଙ୍କା ଓଜନର କଣ୍ଟକୀ ସେର ।

ଚଉବାହା, ବି. ଚତୁର୍ଭୁଜ, ଚତୁଷ୍ପଦ ଗୃହଗୋଷ୍ଠ ।

ଚଉରା, ବି. (ଦେଶଜ) ହିନ୍ଦୁଙ୍କର ତୁଳସୀବୃକ୍ଷ ରୋପଣ କରିବାର ସ୍ତୂପବିଶେଷ ।

ଚଉରାନବେ, ବି. ବି° ( ଚତୁର୍ନବତି ଶବ୍ଦଜ ) ୯୪ ସଂଖ୍ୟା ।

ଚଉରାଳିଶି, ବି. ବି°. ( ଚତୁଶ୍ଚତ୍ୱାରିଂଶତ୍ (ଶବ୍ଦଜ ୪୪ ସଂଖ୍ୟା ।

ଚଉରାଶି, ବି. ( ଚତୁରଶୀତି ଶବ୍ଦଜ ) ୮୪ ସଂଖ୍ୟକରାଶି ।

ଚଉସମ, ବି. ( ଚତୁଃସମ ଶବ୍ଦଜ ) ଚନ୍ଦନ, ଅଗୁରୁ, କସ୍ତୁରୀ ଓ କୁଙ୍କୁମ ଏହି ଚାରି ସୁଗନ୍ଧ ଦ୍ରବ୍ୟର ସମଷ୍ଟି, ଶୁଣ୍ଠି, ପିପ୍ପଳୀ, ଗୋଲମରିଚ ଓ ରସୁଣ—ଏହାର ସମଷ୍ଟି ।

ଚଉସ୍ତରି, ବି. ବି°. ( ଚତୁଃସପ୍ତତି ଶବ୍ଦଜ ) ୭୪ ସଂଖ୍ୟା

ଚଉହିଁସା, ବି. (ଦେଶଜ) ଏକମହଲା କୋଠାଘର, କେଶନିର୍ମିତ ରଜ୍ଜୁ ।

ଗର୍ଭରେ କଲ ଚଉହିଁସା, ପ୍ରକାଶ ରୂପା ଭଉଁରା । ଗ୍ରା. ବ

ଚକ, ବି. (ଚକ୍ରର ଅପଭ୍ରଂଶ) ଚକ୍ର, ଚକ୍ରାକାର ସ୍ଥାନ ବା କ୍ଷେତ୍ର, ଏକପ୍ରକାର ଖଡ଼ି, Chalk

ଚକ୍‌ଚକ୍ } ବି. ବି°. (ଦେଶଜ) ପ୍ରଦୀପ୍ତ, ଦୀପ୍ତ,
ଚକ୍‌ମକ୍ } ସୁନ୍ଦର ।

ଚକଟା, ବି. (ଦେଶଜ) ଦୁଗ୍ଧ ପାଚିଲା କଦଳୀ-ମର୍ଦ୍ଦିତ ସୁମିଷ୍ଟ ଖାଦ୍ୟବିଶେଷ ।

ଚକଟିବା, କ୍ରି. (ଦେଶଜ) ଦଳିବା, ଘୂରିବା ।

ଚକଡ଼ା } ବି. ( ଦେଶଜ ) ଚକ୍ର, ଅଞ୍ଚଳ ।
ଚକଲା }

ଚକମକି, ବି. (ଦେଶଜ) ଅଗ୍ନ୍ୟୁତ୍ପାଦକ ପ୍ରସ୍ତର ।

ଚକବନ୍ଦୀ ବି. କୌଣସି ଜମି ବା ଗ୍ରାମର ସୀମା ନିର୍ଦ୍ଦିଷ୍ଟ ।

ଚକା, ବି°. ( ଚକ୍ର ଶବ୍ଦଜ ) ଗୋଲ, ବର୍ତ୍ତୁଳ । ଯଥା—

ଚକାନୟନକୁ ଭଙ୍ଗୀ ରେ ମାନଧ ଚକାନୟନକୁ ଚନ୍ଦ୍ର ।

ବି. ଜାନୁ ଛନ୍ଦି ବସିବା ।

ଚକାସିତ, ବି°. ( ଚକାସ୍=ଦୀପ୍ତି ପାଇବା-ତ) ଦୀପ୍ତ, ଉଜ୍ଜ୍ୱଳ, ଶୋଭିତ, ପ୍ରକାଶିତ ।

ଚକି, ବି. (ଚକ୍ର ଶବ୍ଦଜ) ଗହମ ପ୍ରଭୃତି ପେଷଣାର୍ଥ ପ୍ରସ୍ତରନିର୍ମିତ ଯନ୍ତ୍ରବିଶେଷ, କାଗଜନିର୍ମିତ ପଦାର୍ଥ, ଯାହା ସୂତାଦ୍ୱାରା ବାୟୁରେ ଉଡ଼ା ଯାଏ, ଘୁଡ଼ି ।

ଚକିତ, ବି°. (ଚକ୍-ତ) ଭୀତ, ଚମକିତ । ବି. ଭୟ । ଯଥା—

କହି ଗୋପସୁତମାନଙ୍କ ଚକିତ, ବଢ଼ନ୍ତ ମନେ ରଖାଇଲେ ।

ଚକିତା, ବି. ସ୍ତ୍ରୀ. ( ଚକିତ-ଆ ) ଷୋଡ଼ଶାକ୍ଷର ସଂସ୍କୃତ ଛନ୍ଦୋବିଶେଷ । ବି°. ଭୀତା, ଚମକିତା ।

ଚକୁଆ, ବି. (ଚକ୍ରାହ୍ୱ ଶବ୍ଦଜ) ଚକ୍ରବାକ ପକ୍ଷୀ । ( ଏହାର ସ୍ତ୍ରୀଲିଙ୍ଗରେ ଚକୋଇ ହୁଏ)

ଚକୁଳିଆ ପଣ୍ଡା, ବି. ( ଦେଶଜ ) ନିମ୍ନଶ୍ରେଣୀସ୍ଥ ବ୍ରାହ୍ମଣ ।

ଚକୁଳୀ, ବି. (ଶଷ୍କୁଲ ଶବ୍ଦଜ) ପିଷ୍ଟକବିଶେଷ ।

ଚକୋର, ବି. ପୁଂ. ( ଚକ୍-ଓର ) ପକ୍ଷିବିଶେଷ, ଏହି ପକ୍ଷୀ ଚନ୍ଦ୍ରକାପାନରେ ତୃପ୍ତ ହୁଏ । ଯଥା—

ଚନ୍ଦ୍ରକୁ ଚକୋର ଜଳଧରକୁ ଚାତକ
ପ୍ରାୟେ ଚାହେଁ ଆଶା କରଥିଛ ମୁଁ ଅନେକ । ପ୍ରେ. ସୁ

ଚକୋରୀ, ବି. ସ୍ତ୍ରୀ. (ଚକୋର-ଈ) ସ୍ତ୍ରୀ ଚକୋର ।

ଚକୁରି, ବି. ( ପ୍ରା. ଚକ୍ର ଶବ୍ଦଜ ) ଘୋଟକାଦିର ଗୋଲକୁଣ୍ଡଳି ଭ୍ରମଣ । ଯଥା—

ତାଙ୍କୁ ଅଶ୍ବାରୋହୀ ଘେନି ଅଶ୍ବବର
ଛନ୍ଦରେ ବୁଲାଇ ଦିଅଇ ଚକୁରି । ନ· କେ·

ଚକ୍‌ଚକ୍, ବି. ( ଦ୍ବିରୁକ୍ତ ଚକ୍ୟ ଶବ୍ଦଜ ) ସ୍ବଚ୍ଛତା, ଉଜ୍ଜ୍ବଳତା, ଦୀପ୍ତି ।

ଚକ୍ତି, ବି. କ୍ଷୁଦ୍ର କ୍ଷୁଦ୍ର ଗୋଲାକାର କାଗଜ ପ୍ରଭୃତିର ଖଣ୍ଡ ।

ଚକ୍ର, ବି. ପୁଂ. (ଚକ୍‌-ର ଅଥବା କୃ—କରିବା-ଅ, ଦ୍ବିତ୍ବ) ଚକ୍ରବାକ ପକ୍ଷୀ । ନ. ସୈନ୍ୟ, ରାଜ୍ୟ, ଦେଶ, ପ୍ରଦେଶ, ସମୂହ, ରଥାଦିର ଚକ, ତୈଳଯନ୍ତ୍ର, ଘଣା, ଚକ୍ରାକୃତି ଅସ୍ତ୍ର, ଗ୍ରାମସମୂହ, ଇନ୍ଦ୍ରଜାଲ, କୁମ୍ଭକାରର ଚକ, ଜଳର ଆବର୍ତ୍ତ, ସୈନ୍ୟରଚନାବିଶେଷ, ତନ୍ତ୍ରୋକ୍ତ ମୂଳାଧାରସ୍ଥିତ ଷଟ୍‌ପଦ୍ମ, ବାଦ୍ୟଚକ୍ର, କାବ୍ୟବନ୍ଧବିଶେଷ, ଛଳ, କୁମନ୍ତ୍ରଣା, ହସ୍ତସ୍ଥ ରେଖାବିଶେଷ, ଦମ୍ଭବିଶେଷ, ଛନ୍ଦବିଶେଷ । (ସମୂହ ଅର୍ଥରେ) ଯଥା—

ଚକ୍ର-ସ୍ତ୍ରୀ-ଚକ୍ର ନକ୍ର ଛେଦନେ ସ୍ଥିରକଚଙ୍କ;
ଫିଙ୍ଗିଛି ଘାତ ସିନ୍ଧିରେ କାମ କି ସ୍ନେହେ । ଲା· ବ,

ଚକ୍ରଗଣ୍ଡୁ, ବି. ପୁଂ. ( ଚକ୍ର-ଗଣ୍ଡୁ ) ଚକ୍ରାକାର ମାଣ୍ଡି, ଗୋଲ ତକିଆ ।

ଚକ୍ରଜୀବକ, ବି. ପୁଂ. (ଚକ୍ର-ଜୀବକ) କୁମ୍ଭକାର, କୁମ୍ଭାର ।

ଚକ୍ରତୀର୍ଥ, ବି. ନ. ( ଚକ୍ର-ତୀର୍ଥ ) ସୁଦର୍ଶନ ଚକ୍ରଦ୍ଵାରା କୃତ ପ୍ରଭାସସ୍ଥ ବୈଷ୍ଣବ ତୀର୍ଥବିଶେଷ । କେହି କେହି ପୁରୀଧାମକୁ ମଧ୍ୟ ଚକ୍ରତୀର୍ଥ କହନ୍ତି । ଯଥା—

ସେ ହିନ୍ଦୁ ହେ ପୁଣ୍ୟଶ୍ଳୋକ ଲୋକେ ଏହି ସ୍ଥଳୀ
ସିନ୍ଧୁତୀରେ ବୋଲନ୍ତି ଚକ୍ରତୀର୍ଥ ନାମେ । ମ· ଯା.

ଚକ୍ରଦଂଷ୍ଟ୍ର, ବି. ପୁଂ. ( ଚକ୍ର-ଦଂଷ୍ଟ୍ର ) ଶୂକର, ବରାହ ।

ଚକ୍ରଧର, ବି. ପୁଂ. (ଚକ୍ର-ଧର) ବିଷ୍ଣୁ, ସର୍ପ, ଦେଶାଧିପ, ଗ୍ରାମାଧିପ । ବିଂ. ଐନ୍ଦ୍ରଜାଲିକ ।

ଚକ୍ରନଦୀ, ବି· ସ୍ତ୍ରୀ. ଗଣ୍ଡକୀ ନଦୀ ।

ଚକ୍ରପଥ, ବି. ପୁଂ. (ଚକ୍ର-ପଥ) ମଣ୍ଡଳାକାର ପଥ ।

ଚକ୍ରପାଣି, ବି. ପୁଂ. ( ଚକ୍ର-ପାଣି ) ବିଷ୍ଣୁ । ଯଥା—

ଧର୍ମଙ୍କ ସମ୍ମୁଖୁ ପାର୍ଥ ଘେନିଣ ମେଲାଣି,
କପିଧ୍ବଜେ ବିଜେ କଲେ ସଙ୍ଗେ ଚକ୍ରପାଣି । ଜ· ବ.

ଚକ୍ରପାଦ, ବି. ପୁଂ. (ଚକ୍ର-ପାଦ) ରଥ, ଗାଡ଼ି, ହସ୍ତୀ ।

ଚକ୍ରପାଳ, ବି. ପୁଂ. ( ଚକ୍ର-ପାଳ ) ଦେଶାଧିପ, କୌଣସି ଦେଶ ବା ପ୍ରଦେଶର ଶାସନକର୍ତ୍ତା ।

ଚକ୍ରପୁଷ୍କରିଣୀ, ବି. ସ୍ତ୍ରୀ. କାଶୀସ୍ଥ ମଣିକର୍ଣ୍ଣିକା ।

ଚକ୍ରବନ୍ଧୁ }
ଚକ୍ରବାନ୍ଧବ } ବି. ପୁଂ. ( ଚକ୍ର-ବନ୍ଧୁ, ବାନ୍ଧବ) ସୂର୍ଯ୍ୟ, (ଦିବସରେ ଚକ୍ରବାକମିଥୁନର ମିଳନ ହୁଏ ବୋଲି ସୂର୍ଯ୍ୟଙ୍କୁ ଚକ୍ରବନ୍ଧୁ ବୋଲାଯାଏ । )

ଚକ୍ରଭୃତ୍, ବି. ପୁଂ. (ଚକ୍ର-ଭୃ-ତ) ବିଷ୍ଣୁ । ବିଂ ଚକ୍ରଧାରୀ ।

ଚକ୍ରଭେଦିନୀ, ବି. ସ୍ତ୍ରୀ. ( ଚକ୍ର-ଭେଦିନୀ ) ରାତ୍ରି ( ରାତ୍ରିରେ ଚକ୍ରବାକମିଥୁନର ବିଚ୍ଛେଦ ହୁଏ, ବୋଲି ରାତ୍ରିର ନାମ ଚକ୍ରଭେଦିନୀ । )

ଚକ୍ରଭ୍ରମ, ବି. ପୁଂ. ( ଚକ୍ର-ଭ୍ରମ ) ଶାଣାଦିଯନ୍ତ୍ର, କୁନ୍ଦଯନ୍ତ୍ର ।

ଚକ୍ରମୁଖ, ବି. ପୁଂ. (ଚକ୍ର-ମୁଖ) ଘୁଷୁରି, ଶୂକର ।

ଚକ୍ରଯାନ, ବି. ନ. ( ଚକ୍ର-ଯାନ ) ରଥ, ଗାଡି ପ୍ରଭୃତି ।

ଚକ୍ରରଦ, ବି. ପୁଂ. (ଚକ୍ର-ରଦ) ଶୂକର, ବରାହ ।

ଚକ୍ରବର୍ତ୍ତୀ, ବି. ପୁଂ. (ଚକ୍ର-ବୃତ୍ ଇନ୍) ସମ୍ରାଟ୍, ସାର୍ବଭୌମ, ବ୍ରାହ୍ମଣଜାତିର ଉପାଧିବିଶେଷ ।

ଚକ୍ରବାକ, ପୁଂ. }
ଚକ୍ରବାକୀ, ସ୍ତ୍ରୀ. } ବି. ( ଚକ୍ର-ବଚ୍‌-ଅ, ଈ ) ଚକୋର, ଚକୁଆଚକୀ, ପକ୍ଷିବିଶେଷ । ଯଥା—

ସର ସଦୃ ଚକ୍ରବାକ କଲେ ପଦ୍ମ,
ଅବଲୋକେ ମଣି ଶର୍ବରୀ । ଲ· ବ·

ଚକ୍ରବାଡ଼ } ବ. ପୁଂ. ( ଚକ୍ର-ବଲ-ଅ )
ଚକ୍ରବାଳ } (Horizon) ଲୋକାଲୋକ ପର୍ବତ । କ୍ଳ. ମଣ୍ଡଳାକାର ଦିକ୍‌ସମୂହ, କୌଣସି ସ୍ଥାନରେ ଠିଆ ହୋଇ ଦୃଷ୍ଟି ସଞ୍ଚାରଣ କଲେ ଯେଉଁ ସ୍ଥଳରେ ପୃଥିବୀ ଓ ଆକାଶ ମିଳିତ ହେଲା ପରି ବୋଧ ହୁଏ । ଯଥା—,

କେତେ ରୂପ ଧରୁଅଛି ଚକ୍ରବାଳ,
ଦେଖାଉଛି ନବ ନବ ଇନ୍ଦ୍ରଜାଲ । କ୍ଳ. କେ.

ଚକ୍ରବାତ, ବ. ପୁଂ. ( ଚକ୍ର-ବାତ ) ବାତ୍ୟା, ଘୂର୍ଣ୍ଣିବାୟୁ, ଖଣ୍ଡି ଅଭୂତ ।

ଚକ୍ରବୃଦ୍ଧି, ବ. ସ୍ତ୍ରୀ. (Compound interest.) ସୁଧର ସୁଧ, ବୃଦ୍ଧିର ବୃଦ୍ଧି ।

ଚକ୍ରବ୍ୟୂହ, ବ. ପୁଂ. ( ଚକ୍ର-ବ୍ୟୂହ ) ଯୁଦ୍ଧାର୍ଥ ମଣ୍ଡଳାକାରରେ ସୈନ୍ୟ ସ୍ଥାପନା ।

ଚକ୍ରହସ୍ତ, ବ. ପୁଂ. ( ଚକ୍ର-ହସ୍ତ ) ବିଷ୍ଣୁ ।

ଚକ୍ରାଙ୍ଗ, ବ. ପୁଂ. ( ଚକ୍ର-ଅଙ୍ଗ ) ରଥ, ଶକଟ, ବଗିଗ୍ଧ, ହଂସ ।

ଚକ୍ରାଙ୍ଗୀ, ବ. ସ୍ତ୍ରୀ. (ଚକ୍ରାଙ୍ଗ-ଈ) ହଂସୀ ।

ଚକ୍ରାଟ, ବ. ପୁଂ. (ଚକ୍ର-ଅଟ) ବିଷବୈଦ୍ୟ, ଧୂର୍ତ୍ତ, ସ୍ୱର୍ଣ୍ଣମୁଦ୍ରା ।

ଚକ୍ରାନ୍ତ, ବ. ପୁଂ.(ଚକ୍ର-ଅନ୍ତ) (Conspiracy) ଷଡ଼ଯନ୍ତ୍ର, କୁମନ୍ତ୍ରଣା ।

ଚକ୍ରାନ୍ତକାରୀ, ବିଂ. ( ଚକ୍ରାନ୍ତ-କାରିନ୍ ) ଯେ ଚକ୍ରାନ୍ତ କରେ, ଯେ ଚକ୍ରାନ୍ତରେ ଲିପ୍ତ ଥାଏ ।

ଚକ୍ରାୟୁଧ, ବ. ପୁଂ. (ଚକ୍ର-ଆୟୁଧ) ବିଷ୍ଣୁ ।

ଚକ୍ରାବର୍ତ୍ତ, ବ. ପୁଂ. ( ଚକ୍ର-ଆବର୍ତ୍ତ ) ମଣ୍ଡଳାକାରରେ ଭ୍ରମଣ ।

ଚକ୍ରିକା, ବ. ସ୍ତ୍ରୀ. ଜାନୁ, ଆଣ୍ଠୁ ।

ଚକ୍ରୀ, ବ. ପୁଂ. (ଚକ୍ର-ଇନ୍) ବିଷ୍ଣୁ, କୁମ୍ଭକାର, ଚକ୍ରବାକ, ସର୍ପ, ସମ୍ରାଟ୍, ତେଲି, ବାଜୀକର, କୁମନ୍ତ୍ରଣାଦାୟକ, ଖଳ, ଦେଶାଧିପ, କାକ, ଗର୍ଦ୍ଦଭ, ଶକଟାଦିରେ ଆରୂଢ଼ ବ୍ୟକ୍ତି ।

ଚକ୍ରୀବାନ୍, ବ. ପୁ. (ଚକ୍ରୀ-ବତ୍) ଗର୍ଦ୍ଦଭ, ଗଧ, ନୃପବିଶେଷ ।

ଚକ୍ରେଶ୍ୱର, ବ. ପୁଂ. ( ଚକ୍ର-ଈଶ୍ୱର ) ସମ୍ରାଟ୍, ତାନ୍ତ୍ରିକମତାବଲମ୍ବୀ, ମଦ୍ୟପାୟୀମାନଙ୍କ ଦଳପତି ।

ଚକ୍ରେଶ୍ୱରୀ, ବ. ସ୍ତ୍ରୀ. (ଚକ୍ର-ଈଶ୍ୱର-ଈ) ଦେବୀବିଶେଷ, ବିଦ୍ୟାଦେବୀ, ସରସ୍ୱତୀ ।

ଚଷଣ, ବ. ନ. (ଚଷ୍-ଅନ) ମଦ୍ୟପାନରେ ରୁଚିକର ଭକ୍ଷ୍ୟଦ୍ରବ୍ୟ, ଚାଟ୍, ଚଟଣୀ, କଥନ ।

ଚକ୍ଷାଃ, ବ. ପୁଂ. (ଚକ୍ଷ୍-ଅସ୍) ବୃହସ୍ପତି, ଦେବଗୁରୁ, ଉପଦେଶକ, ଶିକ୍ଷକ ।

ଚକ୍ଷୁଃ, ବ. ନ. (ଚକ୍ଷ-ଉସ୍) ନୟନ, ଦର୍ଶନେନ୍ଦ୍ରିୟ, ଈକ୍ଷଣ ।

ଚକ୍ଷୁଃଶୂଳ, ବ. (ଚକ୍ଷୁସ୍-ଶୂଳ) ଦୃଷ୍ଟିର ଅସହ୍ୟ ।

ଚକ୍ଷୁଃଶ୍ରବାଃ, ବ. ପୁଂ. (ଚକ୍ଷୁସ୍-ଶ୍ରବସ୍) ସର୍ପ ।

ଚଣ୍ଣ ଶୋଭା ଗୁଣେ ହୋଇ ଯେ,
ବଗ୍ରର ଚକ୍ଷୁଃଶ୍ରବା ହୋଇଥାନ୍ତେ ମେ
ମୁଖ ଆସ୍ୱାଦନ ପାଇ ଯେ । ବ. ଚ.

ଚକ୍ଷୁଷ୍ମତ୍ତା, ବ. ସ୍ତ୍ରୀ. ( ଚକ୍ଷୁଷତ୍-ତା ) ତୀକ୍ଷ୍ଣଦୃଷ୍ଟି, ଦର୍ଶନଶକ୍ତିର ପ୍ରବଳତା ।

ଚକ୍ଷୁଷ୍ମାନ୍, ବ. (ଚକ୍ଷୁସ୍-ମତ୍) ଯାହାର ଦର୍ଶନଶକ୍ତି ବିଲକ୍ଷଣ ପ୍ରବଳ ।

ଚକ୍ଷୁଷ୍ୟ, ବିଂ. (ଚକ୍ଷୁସ୍-ଯ) ଚକ୍ଷୁର ହିତଜନକ, ସୁନ୍ଦର, ପ୍ରିୟଦର୍ଶନ ।

ଚଖା, ବ. (ଚଷ୍ ଧାତୁଜ) ଜିହ୍ୱାଦ୍ୱାରା ସ୍ୱାଦ ଗ୍ରହଣ କରିବା । ବିଂ. ଯେଉଁ ଲୋକ ଚାଖେ, ଯେଉଁ ଲୋକ ଜାଣିବା ଉଦ୍ଦେଶ୍ୟରେ ପରୀକ୍ଷା କରେ ଅଥଚ ଜାଣେ ନାହିଁ, ଧୂର୍ତ୍ତ ।

ଚଗଲା, ବ. (ଦେଶଜ) ଦୁଷ୍ଟ, ଅସ୍ଥିରମନା ।

ଚଗଲାମି, ବ. (ଦେଶଜ) ଦୁଷ୍ଟତା, ଚଞ୍ଚଳତା ।

ଚଙ୍କିବା କ୍ରି. (ଦେଶଜ) ଚମକିବା ।

ଚଙ୍କ୍ରମଣ. ବ. ନ. ( ଚଙ୍କ୍ରମ୍-ଅନ ) ପୁନଃପୁନଃ ଭ୍ରମଣ ।

**ଚଙ୍ଗଚଙ୍ଗ**, ବିଂ. (ଦେଶଜ) ଚଞ୍ଚଳ, ଅସ୍ଥିର, ଅବ୍ୟବସ୍ଥିତ ।

**ଚଜା**, ବି. (ତର୍ଜ ଧାତୁଜ) ତର୍ଜନ, ଭୟପ୍ରଦର୍ଶନ ।

**ଚଜିବା** / **ଚଢ଼ିବା** } କ୍ରି. ବି. (ଦେଶଜ) ତର୍ଜନ କରିବା ।

**ଚଞ୍ଚତ୍**, ବିଂ. (ଚନ୍ଚ-ଅତ୍) ଚଞ୍ଚଳ ।

**ଚଞ୍ଚରୀ**, ବି. ସ୍ତ୍ରୀ. ଭ୍ରମରୀ, ତେନ୍ତୁଲୀ ।

**ଚଞ୍ଚରୀକ**, ବି. ପୁଂ. (ଚର୍-ଈକ) ଭ୍ରମର । ଯଥା—

ଚଞ୍ଚରୀକ ତୁଲ୍ୟ ଚାର ଚରଳ ଡୋଳାରେ ।

**ଚଞ୍ଚଳ**, ବିଂ. (ଚଲ୍-ଅ) ଅସ୍ଥିର, ଚପଳ, ଅବ୍ୟବସ୍ଥିତ, ଯାହାର ମତର ସ୍ଥିରତା ନାହିଁ ଲୋଲୁପ, କମ୍ପିତ, ବିଚଳିତ । ବି. ପୁଂ. ବାୟୁ ।

**ଚଞ୍ଚଳା**, ବି. ସ୍ତ୍ରୀ. (ଚଞ୍ଚଳ-ଆ) ବିଦ୍ୟୁତ୍, ଲକ୍ଷ୍ମୀ । ଯଥା —

ଘନେ କି ଚଞ୍ଚଳା ଥରେ । ବି. ଚ.

**ଚଞ୍ଚା**, ବି. ସ୍ତ୍ରୀ. (ଚଞ୍ଚ-ଆ) ନଳନିର୍ମିତ ଆସ୍ତରଣ ।

**ଚଞ୍ଚା** / **ଚଞ୍ଚୁ** } ବି. (ଦେଶଜ) ନଡ଼ିଆଖୋସାର ଜାଲ ଆକୃତି ଗ୍ରନ୍ଥି ବା ଆବରଣ ।

**ଚଞ୍ଚୁ**, ବି. ସ୍ତ୍ରୀ. (ଚଞ୍ଚ୍-ଉ) ପକ୍ଷିର ଥଣ୍ଟ ।

**ଚଞ୍ଚୁକ**, ବି. ସ୍ତ୍ରୀ. (ଚଞ୍ଚୁ-କ) ପକ୍ଷିର ଥଣ୍ଟ ।

**ଚଞ୍ଚୁଭୃତ୍**, ବି. ପୁଂ. (ଚଞ୍ଚୁ-ଭୃତ୍) ପକ୍ଷୀ ।

**ଚଞ୍ଚୂ**, ବିଂ. ସ୍ତ୍ରୀ. (ଚଞ୍ଚ-ଊ) ପକ୍ଷିର ଥଣ୍ଟ ।

**ଚଞ୍ଚା**, ବିଂ (ଦେଶଜ) ଗ୍ରେପାଛଡ଼ା, ଯାହାକୁ ଗ୍ରହିଁ ଥାନ୍ତି । ବିଂ. ଗୁକ୍ତିହୀନ ।

**ଚଟ୍**, କ୍ରି, ବିଂ. (ଦେଶଜ) ଶୀଘ୍ର ।

**ଚଟକ**, ବି. ପୁଂ. (ଚଟ୍-ଅକ) ଘରଚଟିଆ । (ଦେଶଜ) ସ୍ୱାଦ, ମଜା ।

**ଚଟକଣା**, ବି (ଦେଶଜ) ଗ୍ରପୁଡ଼ା ।

**ଚଟକଣି**, ବି. (ଦେଶଜ) ସରୁ ଗ୍ରପୁଡ଼ା, ସାମାନ୍ୟ ଚପେଟାଘାତ ।

**ଚଟକା**, ବି. (ଚଟକାର ଶବ୍ଦଜ) ଚେପଟା ।

**ଚଟଚଟ**, ବିଂ. (ଦେଶଜ) ଯାହା ହାତକୁ ଅଠାପରି ଲାଗେ ।

**ଚଟଚଟ୍**, କ୍ରି. ବିଂ. ଅନୁକରଣ ଶବ୍ଦବିଶେଷ, ଅତିଶୀଘ୍ର ।

**ଚଟପଟୀ**, ବି. (ଦେଶଜ) ଭଣ୍ଡାରୀମାନେ ଯେଉଁ ଚର୍ମଖଣ୍ଡରେ କ୍ଷୁର ଘଷି ଧାର କରନ୍ତି ।

**ଚଟା**, ବିଂ. (ଦେଶଜ) ଯେ ଚାଟେ । ବି. ଚାଟିବା ।

**ଚଟାଇ** ବି. (ଦେଶଜ) ମଶିଣା, ପଟି ।

**ଚଟାଣ**, ବିଂ (ଦେଶଜ) (Floor) ଗୃହତଳ, ବହିସ୍ଥ ସମତଳଭୂମି ।

**ଚଟି** / **ଚଟୀ** } ବି. ପଥ ନିକଟରେ ଥିବା କ୍ଷୁଦ୍ର ବଜାର, ଚର୍ମପାଦୁକାବିଶେଷ ।

**ଚଟୁ**, ବି. ନ. (ଚଟ୍-ଉ) ଚାଟୁ, ପ୍ରିୟବାକ୍ୟ, ଉଦର, ପେଟ, ବ୍ରତୀମାନଙ୍କର ଆସନବିଶେଷ, ଚୂଣ ପ୍ରଭୃତି ଘାଣ୍ଟିବା ନିମିତ୍ତ ବ୍ୟବହୃତ କାଷ୍ଠଦଣ୍ଡବିଶେଷ । ଯଥା—

ଯେତେ ଇଚ୍ଛା ତେତେ ଘାଣ୍ଟ, ଚୂଣ ସ୍ୱାଦ କି ଜାଣିବ ଚଟୁ ।

**ଚଟୁଆ**, ବି. (ଦେଶଜ) ଫଡ଼ିଙ୍ଗା ।

**ଚଟୁଣି** / **ଚଟୁଣୀ** / **ଚଟଣୀ** } ବି. ମୁଖରୋଚକ ଅମ୍ଳ ଲେହ୍ୟବିଶେଷ ।

**ଚଟୁଳ**, ବିଂ. (ଚଟ-ଉଲ ବା ଚଟୁ-ଲ) ଚଞ୍ଚଳ, ଶୀଘ୍ର, ସୁନ୍ଦର, ମନୋହର । ଯଥା—

ଚଟୁଳ ଗୁରୁ ନଇଁନ୍ତୁ ଏ ଲକ୍ଷ୍ୟ ନ ଘଡ଼େ ମନ୍ତୁ ।

**ଚଟୁଳା**, ବି. ସ୍ତ୍ରୀ. (ଚଟୁଳ-ଆ) ବିଦ୍ୟୁତ୍ ।

**ଚଟୁଲୋଳ**, ବିଂ. (ଚଟୁ-ଲୋଳ) ଅତିଶୟ ଚଞ୍ଚଳ, ଅତିଶୟ ସୁନ୍ଦର, ଚାଟୁକାର ।

**ଚଟେଇ**, ବି. (ଦେଶଜ) ଦେଁସ, ମସିଣା ।

**ଚଡ଼ାକ**, ବି. (ଦେଶଜ) ବଜ୍ର । ଯଥା —

ଚଡ଼ ବଡ଼ ଚଡ଼େ ଯେବେ ପଡ଼ଇ ଚଡ଼ାକ,
ଉପୁଜାଇ ବିଷ୍ଣୁବାଦିହୃଦୟେ ଦମକ । କ. ବ.

ଚଢ଼ଢ଼ବା, କ୍ରି. (ଦେଶଜ) ସାମାନ୍ୟ ପରିମାଣରେ ଫାଟିବା ।

ଚଢ଼ଚଢ଼ ଅଂ. ଶବ୍ଦାନୁକରଣବିଶେଷ ।

ଚଢ଼ା, ବି. (ଦେଶଜ) ଦ୍ୱୀପ । ନଦୀ ମଧ୍ୟସ୍ଥ ଉଚ୍ଚଭୂମି, ପଠା ।

ଚଢ଼ାଇ } ବି. (ଦେଶଜ) ପକ୍ଷୀ । ଯଥା—
ଚଢ଼ାଇ }

ଚପଳେ ବଧି ବଗର ଏତେ,
ଚଢ଼ାଇ ଚଢ଼ି ଅଛଳେ କ୍ଷରେ । ବ. ଚ.

ଚଢ଼ୁ, ବି. (ଦେଶଜ) ଚଅଁ, ଦେହରେ ଉତ୍ତପ୍ତ ଲୌହଶଲାକାଦର ଦାଗ ।

ଚଢ଼ା, ବିଂ. ବୃଦ୍ଧିପ୍ରାପ୍ତ, ଅଧିକ ।

ଚଢ଼ାଇବା, କ୍ରି. ବି. (ଦେଶଜ) ବସାଇବା । ଯଥା—

ନାହ ଫଳଧନୁ ଧନୁ ଭୁରୁରେ ତା ଅଞ୍ଜନଗୁଣ ଚଢ଼ାଇବ ।

ମଢ଼ାଇବା । ଯଥା—

ଚଢ଼ାଇ ଦେଲି ଗୃହରର ଚନ୍ଦନ-
ଚହ୍ଲରୂଳେ କର୍କଷ୍ଟୀ ଲଷ୍ଟୀ ଘରକୁ ରେ । ଘ. ସା.

ଚଢ଼ାଉ, କ୍ରି. ବି. (ଦେଶଜ) ଆକ୍ରମଣ କରିବା ।

ଚଢ଼ାବୃଦ୍ଧି, ବି. (ଦେଶଜ) ଚକ୍ରବୃଦ୍ଧି ।

ଚଢ଼ିବା, କ୍ରି. ବି. (ଦେଶଜ) ଆରୋହଣ କରିବା ।

ଚଣକ, ବି. ପୁଂ. (ଚଣ୍-ଅକ) ବୁଟ, ମୁନିବିଶେଷ ।

ଚଣକାତ୍ମଜ, ବି. ପୁଂ. ( ଚଣକ-ଆତ୍ମଜ ) ବାତ୍ସ୍ୟାୟନ ମୁନି ।

ଚଣା, ବି. (ଚଣକ ଦେଶଜ) ବୁଟଜାତୀୟ ଶସ୍ୟ । ଯଥା—

ଖାଣ ଚଣା ନାରଦ ଖେବାଇଙ୍କର ପରି । ବ. ଚ.

ଚଣ୍ଡ. ବି. ପୁଂ. (ଚଣ୍ଡ୍-ଅ) ତିନ୍ତିଡ଼ି ବୃକ୍ଷ, ଯମଦୂତ, ଦୈତ୍ୟବିଶେଷ, ଶୁମ୍ଭ ନିଶୁମ୍ଭଙ୍କ ଅନୁଚର । ନ. ଉଷ୍ଣତା, କ୍ରୋଧ, ତୀକ୍ଷ୍ଣତା, ଉଗ୍ରତା । ବିଂ. ଉଷ୍ଣ, ତୀକ୍ଷ୍ଣ, ଉଗ୍ର, ଅତିକୋପନ, ଅତିଶୟ କ୍ରୁଦ୍ଧ । ଯଥା—

ଚଣ୍ଡ ହୋଇ ଦେଖ ବିଖଣ୍ଡ କରୁଛି,
ମଧୁର ନାହିଁ ତା ତୁଣ୍ଡରେ । ବ. ଚ.

ଚଣ୍ଡନାୟିକା } ବି. ସ୍ତ୍ରୀ. (ଚଣ୍ଡ-ନାୟିକା, ଚଣ୍ଡ-
ଚଣ୍ଡବତୀ } ଇ) ଦୁର୍ଗା, ଅଷ୍ଟନାୟିକା ଅନ୍ତର୍ଗତ ନାୟିକାବିଶେଷ ।

ଚଣ୍ଡବଳ, ବି. ନ. ( ଚଣ୍ଡ-ବଳ ) ଦେବତାଙ୍କୁ ନୈବେଦ୍ୟ ଅର୍ପଣ କରି ଯେଉଁ ଅଲ୍ପାଂଶ ଭୂମିରେ ଦିଆଯାଏ ।

ଚଣ୍ଡାଂଶୁ, ବି. ପୁଂ. (ଚଣ୍ଡ-ଅଂଶୁ) ସୂର୍ଯ୍ୟ ।

ଚଣ୍ଡାଳ } ବି. ପୁଂ. ( ଚଣ୍ଡ୍-ଅଲ୍-ଅ ଅଥବା
ଚଣ୍ଡାଳ } ଚଣ୍ଡ୍-ଅଲ) ନିଷାଦଜାତି, ଶୂଦ୍ରର ଔରସରେ ବ୍ରାହ୍ମଣୀର ଗର୍ଭରେ ଏହି ଜାତିର ଜନ୍ମ ହୁଏ, ଯେଉଁ ବ୍ୟକ୍ତିର ଦୟା ମମତା ନାହିଁ ଏବଂ ଯେ ଲୋକଙ୍କ ପ୍ରତି ନିଷ୍ଠୁର ବ୍ୟବହାର କରେ ତାହାକୁ ମଧ୍ୟ ଚଣ୍ଡାଳ ଶବ୍ଦରେ ନିର୍ଦ୍ଦେଶ କରାଯାଏ । ଯଥା—

ନିରଦୟ ନିରପେକ୍ଷ ନିର୍ଭୟେ ଚଣ୍ଡାଳ,
ବାମ କରେ କରଷି ଧରଣ ମୋର ନାଥ । ବ. ବ.

ଚଣ୍ଡାଳୁଣୀ, ବି. ସ୍ତ୍ରୀ. ଚଣ୍ଡାଳର ସ୍ତ୍ରୀ ।

ଚଣ୍ଡିକା } ବି. ସ୍ତ୍ରୀ. (ଚଣ୍ଡ-ଇକ-ଅ, ଚଣ୍ଡ୍-ଈ)
ଚଣ୍ଡୀ } ଅତିକୋପନା ସ୍ତ୍ରୀ, ଦୁର୍ଗା । ଯଥା—

ଚଣ୍ଡିକା ଦେଖିଲେ ଲାଗିଛି ଗହଳ ।

ଚଣ୍ଡୀମଣ୍ଡପ, ବି. ପୁଂ. (ଚଣ୍ଡୀ-ମଣ୍ଡପ) ଦୁର୍ଗା କାଳୀ ପ୍ରଭୃତି ଦେବୀମାନଙ୍କ ପୂଜାର ସ୍ଥାନ ।

ଚଣ୍ଡୁ, ବି. ପୁଂ. ( ଚଣ୍ଡ୍-ଉ ) ମୂଷା । (ଦେଶଜ) ମାଦକଦ୍ରବ୍ୟବିଶେଷ ।

ଚତର, ବିଂ. (ଦେଶଜ) ଚକାକୃତି ସମତଳ ।

ଚତୁଃଶାଲ, ନ. } ବିଂ. ( ଚତୁର୍-ଶାଳା,ଅ)
ଚତୁଃଶାଳା, ସ୍ତ୍ରୀ. } ଯେଉଁ ଗୃହ ମଧ୍ୟରେ ଚାରିଗୋଟି ଗୃହ ଅଛି, ପରସ୍ପରାଭିମୁଖ ଚାରି ଗୃହ ।

ଚତୁଃଷଷ୍ଠି, ବି. ସ୍ତ୍ରୀ. (ଚତୁର୍-ଷଷ୍ଠି) ଚୌଷଠି, ୬୪ ।

ଚତୁର } ବିଂ. (ଚତ୍-ଉର, ବାର)ଚାରି, ୪,
ଚତ୍ୱାର } ଧର୍ମ, ଅର୍ଥ, କାମ, ମୋକ୍ଷ ଏହି ଚତୁର୍ବର୍ଗ; ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର, ଏହି ଚତୁର୍ବର୍ଣ୍ଣ; ଋକ୍, ଯଜୁଃ, ସାମ, ଅଥର୍ବ ଏହି ଚାରିବେଦ; ସତ୍ୟ, ତ୍ରେତା, ଦ୍ୱାପର, କଳି ଏହି ଚାରି ଯୁଗ ।

ଚତୁର, ବିଂ (ଚତ୍-ଉର) କାର୍ଯ୍ୟଦକ୍ଷ, ନିପୁଣ, ସୁନ୍ଦର, ନେତ୍ରଗୋଚର, ବୁଦ୍ଧିଜୀବୀ, ଚଞ୍ଚଳ । (ଦେଶଜ) ଶଠ, ଧୂର୍ତ୍ତ ।

ଚତୁରଙ୍ଗ, ବି. ପୁଂ. (ଚତୁର୍-ଅଙ୍ଗ) ହସ୍ତୀ ଅଶ୍ୱ, ରଥ ପଦାତିରୂପ ଚାରିଭାଗରେ ବିଭକ୍ତ ସେନା, ପାଶକ୍ରୀଡ଼ାବିଶେଷ, ପଶାଖେଳ । ବିଂ. ଚାରି ଅଙ୍ଗଯୁକ୍ତ । ଯଥା—

ବାଜିଲେ ତୂର ସାଜିଲେ ଚତୁରଙ୍ଗ
ପ୍ରବେଶ ହେଲେ ସିଂହଦ୍ୱାର । ଲା. ବି.

ଚତୁରତା, ବି. ସ୍ତ୍ରୀ (ଚତୁର-ତା) ସୁବୋଧତା, ବୁଦ୍ଧିଜୀବିତା, ଦକ୍ଷତା, ଶଠତା ।

ଚତୁରଶୀତି, ବିଂ. (ଚତୁର୍-ଅଶୀତି) ୮୪ ସଂଖ୍ୟା ଚୌରାଅଶୀ ।

ଚତୁରସ୍ର, ବିଂ. (ଚତୁର୍-ଅସ୍ର) ଚତୁଷ୍କୋଣ, ଚାରି-କୋଣିଆ, ଚୌରସ, ଉଚ୍ଚନୀଚ ନୁହେଁ, ନିର୍ଦ୍ଦୋଷ, ଅବ୍ୟଭିଚରିତ ।

ଚତୁରାମ୍ବା, ବି. ପୁଂ.(ଚତୁର-ଆମ୍ବନ୍)ପରମେଶ୍ୱର ।

ଚତୁରାନନ, ବି. ପୁଂ. ( ଚତୁର୍-ଆନନ ) ଚତୁର୍ମୁଖ, ବ୍ରହ୍ମା ।

ଚତୁରାଶ୍ରମ, ବି. ନ.(ଚତୁର୍-ଆଶ୍ରମ) ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ସନ୍ନ୍ୟାସ ଏହି ଚାରି ଆଶ୍ରମ ।

ଚତୁରୀ, ବିଂ. (ଚତୁର-ଈ) ନିପୁଣା । ଯଥା—

ଅଳି କାହୁଁ ଅଛୁ ଚାରୁ ଚତୁରୀ,
କାଲି ହସୁଥିଲୁ ମୋତେ ସ୍ୱମରି ।

ଚତୁର୍ଗତି, ବି. ପୁଂ. ( ଚତୁର୍-ଗତି ) କଚ୍ଛପ, ପରମେଶ୍ୱର ।

ଚତୁର୍ଥ, ବିଂ. (ଚତୁର୍-ଥ) ଚାରି ସଂଖ୍ୟାର ପୂରକ ।

ଚତୁର୍ଥୀ, ବି. ସ୍ତ୍ରୀ. ( ଚତୁର୍ଥ-ଈ ) ତିଥିବିଶେଷ, ବ୍ୟାକରଣର ବିଭକ୍ତିବିଶେଷ ।

ଚତୁର୍ଥୀକର୍ମ, ବି. ନ (ଚତୁର୍ଥୀ-କର୍ମ ବିବାହା-ନନ୍ତର ଚତୁର୍ଥୀ ତିଥିରେ କର୍ତ୍ତବ୍ୟ କର୍ମ ।

ଚତୁର୍ଦ୍ଦଶ, ବିଂ. ( ଚତୁର୍-ଦଶନ୍-ଅ ) ଚୌଦ ସଂଖ୍ୟା, ୧୪ ।

ଚତୁର୍ଦ୍ଦଶବିଦ୍ୟା, ବି. ସ୍ତ୍ରୀ. ଋକ୍, ଯଜୁ, ସାମ, ଅଥର୍ବ ଏହି ଚାରି ବେଦ; ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ ଜ୍ୟୋତିଷ, ଛନ୍ଦ ଏହି ଛଅ ବେଦାଙ୍ଗ; ଧର୍ମଶାସ୍ତ୍ର, ପୁରାଣ, ମୀମାଂସା ଓ ତର୍କ ଏହି ସମସ୍ତର ସମଷ୍ଟିକୁ ଚତୁର୍ଦ୍ଦଶ ବିଦ୍ୟା ବୋଲିଯାଏ ।

ଚତୁର୍ଦ୍ଦଶଭୁବନ, ବି. ନ. ସପ୍ତସ୍ୱର୍ଗ ଓ ସପ୍ତପାତାଳ, ଯଥା—ଭୂଃ, ଭୁବଃ, ସ୍ୱଃ, ମହଃ, ଜନଃ, ତପଃ, ସତ୍ୟ, ଅତଳ, ସୁତଳ, ବିତଳ, ତଳାତଳ, ମହାତଳ, ରସାତଳ, ପାତାଳ ।

ଚତୁର୍ଦ୍ଦଶୀ, ବି. ସ୍ତ୍ରୀ. (ଚତୁର୍ଦ୍ଦଶ ଈ) ତିଥିବିଶେଷ ।

ଚତୁର୍ଦ୍ଦିକ୍, ବି. ସ୍ତ୍ରୀ. (ଚତୁର୍-ଦିଶ୍) ଚାରିଆଡ଼ ।

ଚତୁର୍ଦ୍ଦୋଳ, ବି. ପୁଂ. (ଚତୁର୍-ଦୋଳ) ଚାରିଜଣ ମନୁଷ୍ୟଦ୍ୱାରା ବହନୀୟ ଶିବିକାବିଶେଷ, ଚଉଦୋଳ । ଯଥା—

ବେନିଙ୍କି ବସାଇ ଚତୁର୍ଦ୍ଦୋଳେ ସର୍ବେ ନେଲେ ଶ୍ମଶାନେ ।
ଭଷା ।

ଚତୁର୍ଦ୍ଧାମ, ବି. ନ. ( ଚତୁର୍-ଧାମ ) ଚାରିଧାମ, ଯଥା—ରାମନାଥ, ବୈଦ୍ୟନାଥ, ଜଗନ୍ନାଥ, ଦ୍ୱାରକାନାଥ ।

ଚତୁର୍ଦ୍ଧା, ଅଂ. (ଚତୁର୍-ଧା) ଚାରିପ୍ରକାର, ଚାରି-ଥର ।

ଚତୁର୍ଭଦ୍ର, ବି. ନ. (ଚତୁର୍-ଭଦ୍ର) ଚତୁର୍ବର୍ଗ, ଧର୍ମ, ଅର୍ଥ, କାମ, ମୋକ୍ଷ ।

ଚତୁର୍ଭୁଜ, ବି. ପୁଂ. (ଚତୁର୍-ଭୁଜ) ବିଷ୍ଣୁ, ନାରାୟଣ, ଚାରି ସରଳରେଖାଦ୍ୱାରା ଆବୃତ କ୍ଷେତ୍ର ।

**ଚତୁର୍ମୁଖ**, ବି. ପୁଂ. (ଚତୁର୍-ମୁଖ) ବ୍ରହ୍ମା ।

**ଚତୁର୍ଯୁଗ** ବି. ନ (ଚତୁର-ଯୁଗ) ସତ୍ୟ, ତ୍ରେତା, ଦ୍ୱାପର, କଳି ଏହି ଚାରିଯୁଗ ।

**ଚତୁର୍ବର୍ଗ**, ବି. ପୁଂ. (ଚତୁର୍-ବର୍ଗ) ଧର୍ମ, ଅର୍ଥ, କାମ, ମୋକ୍ଷ । ଯଥା—

ଚତୁର୍ବର୍ଣ୍ଣେ ଚତୁର୍ବର୍ଗ ଦେବାକୁ ସମର୍ଥ ହେ । କୋ. ବ୍ର. ସୁ.

**ଚତୁର୍ବର୍ଣ୍ଣ**, ବି. ପୁଂ. (ଚତୁର୍-ବର୍ଣ୍ଣ) ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ଏହି ଚାରି ଜାତି ।

**ଚତୁର୍ବିଂଶତି**, ବି. ସ୍ତ୍ରୀ. (ଚତୁର୍-ବିଂଶତି) ଚବିଶ, ୨୪ ।

**ଚତୁର୍ବିଦ୍ୟ**, **ଚତୁର୍ବେଦୀ** } ବି. ପୁଂ. (ଚତୁର-ବିଦ୍ୟା) ଚାରି ବେଦବେତ୍ତା ।

**ଚତୁର୍ବିଧ**, ବିଂ. (ଚତୁର୍-ବିଧା) ଚାରି ପ୍ରକାର ।

**ଚତୁର୍ବ୍ୟୂହ**, ବି. ପୁଂ, କୃଷ୍ଣ, ବଳରାମ, ପ୍ରଦ୍ୟୁମ୍ନ, ଅନିରୁଦ୍ଧ ଏହି ଚତୁରାତ୍ମକ ବିଷ୍ଣୁ । ବିଂ. ଚାରି ପ୍ରକାର ବ୍ୟୂହବିଶିଷ୍ଟ ।

**ଚତୁର୍ବେଦ**, ବି. ପୁଂ. (ଚତୁର୍-ବେଦ) ଋକ୍, ଯଜୁଃ, ସାମ, ଅଥର୍ବ ଏହି ଚାରି ବେଦ ।

**ଚତୁଶ୍ଚତ୍ୱାରିଂଶତ୍**, ବି. ସ୍ତ୍ରୀ. (ଚତୁର ଚତ୍ୱାରିଂଶତ୍) ଚଉରାଳିଶ, ୪୪ ।

**ଚତୁଷ୍କ**, ବି. ନ. (ଚତୁର୍-କ) ଚତ୍ୱର, ଚତୁଃସ୍ତମ୍ଭଯୁକ୍ତ ମଣ୍ଡପ ।

**ଚତୁଷ୍କର**, ବି. ପୁଂ. (ଚତୁର-କର) ଯେଉଁସବୁ ଜୀବମାନଙ୍କର ହସ୍ତ ଓ ପଦର ଅଗ୍ରଭାଗ କରତୁଲ୍ୟ । ବିଂ. ଚାରିହସ୍ତବିଶିଷ୍ଟ ।

**ଚତୁଷ୍କରୀ**, ବି. ପୁଂ. (Quadrumana) (ଚତୁର୍-କର-ଇନ୍) ଯେଉଁସବୁ ପଶୁମାନଙ୍କର ପଦଚତୁଷ୍ଟୟର ଅଗ୍ରଭାଗ କରରୂପରେ ପରିଣତ । ଯଥା—ବାନରାଦି ।

**ଚତୁଷ୍କୀ**, ବି. ସ୍ତ୍ରୀ ଚାରିକୋଣିଆ ପୁଷ୍କରିଣୀ, ମଶାରି, ଚୌକି ।

**ଚତୁଷ୍ଟୟ**, ବିଂ. (ଚତୁର୍-ତୟ) ଚାରି ଅବୟବ, ଚତୁର୍ବିଧ, ଚାରିପ୍ରକାର । ବି. ନ. ଚାରି ସଂଖ୍ୟା ।

**ଚତୁଷ୍ପଥ**, ବି. ନ. (ଚତୁର୍-ପଥିନ୍) ଚୌରାସ୍ତା, ଛକ । ପୁଂ. ବ୍ରାହ୍ମଣ ।

**ଚତୁଷ୍ପଦ**, ନ. **ଚତୁଷ୍ପଦୀ**, ସ୍ତ୍ରୀ. } ବି. (ଚତୁର୍-ପଦ, ଈ) ଚୌପଦୀ, ଚାରିଚରଣବିଶିଷ୍ଟ ପଦ୍ୟ । ପୁଂ. ପଶୁ ।

**ଚତୁଷ୍ପାଟୀ**, ବି. ସ୍ତ୍ରୀ. (ଚତୁର-ପାଟୀ) ନଦୀ ।

**ଚତୁଷ୍ପାଠୀ**, ବି. ସ୍ତ୍ରୀ. (ଚତୁର୍-ପାଠ-ଈ ସ୍ତ୍ରୀ) ଚାରି ବେଦ ବା ଶାସ୍ତ୍ରର ଅଧ୍ୟୟନାଳୟ, ଚୌପାଢ଼ୀ, ଟୋଲ୍ ।

**ଚତୁଷ୍ପାଣି**, ବି. ପୁଂ. (ଚତୁର୍-ପାଣି) ଚତୁର୍ଭୁଜ, ବିଷ୍ଣୁ ।

**ଚତୁଷ୍ପାଦ**, ବି. ପୁଂ. (ଚତୁର୍-ପାଦ) ଯାହାର ଚାରି ପାଦ ଅଛି, ପଶୁ ।

**ଚତୁସ୍ତଳ**, ବିଂ (ଚତୁର-ତଳ) ଚାରିତଳ, ଚାରିମହଲା ।

**ଚତୁସ୍ତ୍ରିଂଶତ୍**, ବି. ସ୍ତ୍ରୀ. (ଚତୁର୍-ତ୍ରିଂଶତ୍) ଚୌତ୍ରିଶ, ୩୪ ।

**ଚତୁସ୍ସମ**, ବି. ନ. (ଚତୁର୍-ସମ) ଚନ୍ଦନ, ଅଗୁରୁ, କସ୍ତୁରୀ, କୁଙ୍କୁମ ଏହି ଚାରି ଦ୍ରବ୍ୟ; ଲବଙ୍ଗ, ସୈନ୍ଧବ, ହରିତକୀ, ଜୁଆଣି ଏହି ଚାରି ଦ୍ରବ୍ୟ । ଯଥା—

କାହା ଅଙ୍ଗେ ଚତୁଃସମ ଲେପିବି କରି ସୁଷମ
ନିଦ୍ରାରେ କେ ହୋଇଥିବ ସାଇ । ମଥୁରାମଙ୍ଗଳ ।

**ଚତ୍ୱର**, ବି. ନ. (ଚତ୍ ବର) ଅଗଣା । ଯଥା—

କେ ପୁଂସ୍ପ ସଭ୍ରେ ଚତ୍ୱରେ ଗୋପିତ
କଲା ଆଣି କାହା ଲଜ୍ଜାକୁ । ଲ. ବ.

ଦୁଆର, ଯଜ୍ଞସ୍ଥାନ, ରଙ୍ଗସ୍ଥାନ ।

**ଚତ୍ୱାରିଂଶତ୍**, ବି. ସ୍ତ୍ରୀ. (ଚତୁର୍-ଦଶନ୍, ନିପାତନ) ଚାଳିଶ, ୪୦ ।

**ଚତ୍ୱାଲ**, ବି. ପୁଂ. (ଚତ୍ ବାଲ) ହୋମକୁଣ୍ଡ, ଦର୍ଭ, କୁଶ, ଗର୍ତ୍ତ, ଅଗଣା, ଦୁଆର ।

**ଚଦର**, ବି. (ଦେଶଜ) ଚାଦର, ଉତ୍ତରୀୟ ବସ୍ତ୍ରବିଶେଷ ।

ଚହକା } କ୍ରି. ବି. ( ତର୍ଜନ ଶବ୍ଦଜ ) ଥାଣ
ଚହ୍ଲକା } କରିବା, ଧମକାଇବା । ଯଥା—

ନଣନ୍ଦ କଥା ତ ଶୁଣିଲ ଯେବେ,
ଖୋଷା କଟାଇବ ଚହକୁ ମୋତେ ।

ଚନ୍ଦିର, ବି. ପୁଂ. ( ଚନ୍ଦ୍-ଇର ) ହସ୍ତୀ, ଚନ୍ଦ୍ର, କର୍ପୂର, ସର୍ପ ।

ଚନ୍ଦକ, ବି. ପୁଂ. (ଚନ୍ଦ୍-ଅକ) ମତ୍ସ୍ୟବିଶେଷ ।

ଚନ୍ଦନ, ବି. ପୁଂ. ( ଚନ୍ଦ୍-ଅନ ) ସ୍ୱନାମପ୍ରସିଦ୍ଧ ବୃକ୍ଷ । ନ. ଚନ୍ଦନ କାଷ୍ଠ, ଘୃଷ୍ଟ ଚନ୍ଦନ ।

ଚନ୍ଦନଧେନୁ, ବି. ସ୍ତ୍ରୀ. ପତିପୁତ୍ରବତୀ ନାରୀର ମୃତ୍ୟୁ ଉତ୍ତାରୁ ଦୀୟମାନ ଚନ୍ଦନାଙ୍କିତ ଗବୀ ।

ଚନ୍ଦନପୁଷ୍ପ, ବି. ନ. ଲବଙ୍ଗ ।

ଚନ୍ଦନା, ବି. ସ୍ତ୍ରୀ.(ଚନ୍ଦନ ଦେଖ) ପକ୍ଷିଣୀବିଶେଷ, ନଦୀବିଶେଷ, ବୋଡ଼ା ଜାତୀୟ ସାପ ।

ଚନ୍ଦନାଚଳ } ବି. ପୁଂ. (ଚନ୍ଦନ-ଅଚଳ, ଅଦ୍ରି)
ଚନ୍ଦନାଦ୍ରି } ମଳୟ ପର୍ବତ ।

ଚନ୍ଦା, ବିଂ. ( ଦେଶଜ ) ଟାଙ୍ଗରା, ଯାହାର ମସ୍ତକରୁ ଲୋମ ଉଠିଯାଇଥାଏ, ଅନାବୃତ ।

ଚନ୍ଦ୍ର } ବି. ପୁଂ. ( ଚନ୍ଦ୍-ର, ଅ ) ଚନ୍ଦ୍ରମା,
ଚନ୍ଦ } କର୍ପୂର, ଜଳ, ମୟୂରଚନ୍ଦ୍ରିକ, ସ୍ୱର୍ଣ୍ଣ, ହୀରକ । ବିଂ. ଆହ୍ଲାଦଜନକ ।

ଚନ୍ଦ୍ରଉଦଆ, ବି. (ଚନ୍ଦ୍ରୋଦୟ ପରି ମନୋହର ଦେଖାଯାଏ ବୋଲି ) ଏକପ୍ରକାର ଉଜ୍ଜ୍ୱଳ ଆଲୋକପ୍ରଦ ବସ୍ତୁ ଓ ତାହାର ଆଲୋକ ।

ଚନ୍ଦ୍ରକ, ବି. ପୁଂ. ( ଚନ୍ଦ୍ର-କ ) ମୟୂରପୁଚ୍ଛର ଚକ୍ରାକାର ଚିହ୍ନ, ମତ୍ସ୍ୟବିଶେଷ, ନଖ ।

ଚନ୍ଦ୍ରକଳା, ବି. ସ୍ତ୍ରୀ. ( ଚନ୍ଦ୍ର-କଳା ) ଚନ୍ଦ୍ରଙ୍କର କଳା, ଚନ୍ଦ୍ରମଣ୍ଡଳର ଷୋଡ଼ଶ ଭାଗ ।

ଚନ୍ଦ୍ରକବାନ୍, ବି. ପୁଂ. ( ଚନ୍ଦ୍ରକ-ବତ୍ ) ମୟୂର ।

ଚନ୍ଦ୍ରକାନ୍ତ, ବି. ପୁଂ. (ଚନ୍ଦ୍ର-କାନ୍ତ) ମଣିବିଶେଷ, ଏପରି ପ୍ରବାଦ ଅଛି ଯେ ଚନ୍ଦ୍ରଙ୍କର କିରଣ ସ୍ପର୍ଶରେ ଏହି ମଣି ଦ୍ରବୀଭୂତ ହୁଏ । ନ. ଚନ୍ଦନ-କାଷ୍ଠ, କୁମୁଦ ।

ଚନ୍ଦ୍ରକାନ୍ତା, ବି. ସ୍ତ୍ରୀ. (ଚନ୍ଦ୍ର-କାନ୍ତ-ଆ)ଜ୍ୟୋତ୍ସ୍ନା-ରାତ୍ରି ।

ଚନ୍ଦ୍ରକାନ୍ତି, ବି. ନ. ( ଚନ୍ଦ୍ର-କାନ୍ତି ) ରଜତ, ରୌପ୍ୟ ।

ଚନ୍ଦ୍ରକୀ, ବି. ପୁଂ. (ଚନ୍ଦ୍ର-ଇନ୍ ) ମୟୂର ।

ଚନ୍ଦ୍ରକେତୁ, ବି. ପୁଂ. ଲକ୍ଷ୍ମଣଙ୍କ ପୁତ୍ର ।

ଚନ୍ଦ୍ରଗୁପ୍ତ, ବି. ପୁଂ. ନନ୍ଦବଂଶୀୟ ଦାସୀଗର୍ଭଜାତ ନୃପବିଶେଷ, ଚିତ୍ରଗୁପ୍ତ ।

ଚନ୍ଦ୍ରଚୂଡ଼, ଚନ୍ଦ୍ରମୌଳି, } ବି.ପୁଂ (ଚନ୍ଦ୍ର-ଚୂଡ଼ା,
ଚନ୍ଦ୍ରଶେଖର, ଚନ୍ଦ୍ରାପୀଡ଼ } ମୌଳି, ଶେଖର, ଆପୀଡ଼ ମହାଦେବ, ଶିବ, ପର୍ବତବିଶେଷ । (ଶିବଅର୍ଥରେ) ଯଥା—

ନମ୍ରେ ଚନ୍ଦ୍ରଚୂଡ଼ ଚରଣ ସ୍ତବେ ସ୍ତରେ ସଞ୍ଚରି । ଚ. ଖ.

ଚନ୍ଦ୍ରନାମା, ବି. ପୁଂ. (ଚନ୍ଦ୍ର-ନାମନ୍) କର୍ପୂର ।

ଚନ୍ଦ୍ରଭାଗା, ବି. ସ୍ତ୍ରୀ.( ଚନ୍ଦ୍ରଭାଗ-ଆ) ହିମାଳୟର ଚନ୍ଦ୍ରଭାଗ ପର୍ବତରୁ ଉତ୍ପନ୍ନ କାଶ୍ମୀରରେ ପ୍ରବାହିତ ଗୋଟିଏ ନଦୀ, କୋଣାର୍କ ନିକଟବର୍ତ୍ତୀ ଉତ୍କଳୀୟ ତୀର୍ଥବିଶେଷ ।

ଚନ୍ଦ୍ରଭାନୁ, ବି. ପୁଂ. ଗୋପବିଶେଷ, ଚନ୍ଦ୍ରାବଳୀର ପିତା ।

ଚନ୍ଦ୍ରଭୂତି, ବି. ନ. ରୌପ୍ୟ, ରୁପା ।

ଚନ୍ଦ୍ରମଣି, ବି. ପୁଂ. (ଚନ୍ଦ୍ର-ମଣି) ଚନ୍ଦ୍ରକାନ୍ତ ମଣି ।

ଚନ୍ଦ୍ରମଣ୍ଡଳ, ବି. ନ. ( ଚନ୍ଦ୍ର-ମଣ୍ଡଳ ) ଚନ୍ଦ୍ରର ଗୋଲାକାର କଳେବର । ଯଥା—

ନିର୍ମଳ ଚନ୍ଦ୍ରମଣ୍ଡଳ ଶରଦେ ବରଜି । ପ୍ରେ. ସୁ.

ଚନ୍ଦ୍ରମାଃ, ବି. ପୁଂ. (ଚନ୍ଦ୍ର-ମସ୍-ଂ) ଚନ୍ଦ୍ର ।

ଚନ୍ଦ୍ରଲୋହକ, ବି. ନ ( ଚନ୍ଦ୍ର-ଲୋହକ ) ରୌପ୍ୟ, ରୁପା ।

ଚନ୍ଦ୍ରବଲ୍ଲରୀ, ବି. ସ୍ତ୍ରୀ. ( ଚନ୍ଦ୍ର-ବଲ୍ଲରୀ ) ସୋମ-ଲତା ।

ଚନ୍ଦ୍ରବଂଶ, ବି ପୁଂ. ଚନ୍ଦ୍ରଠାରୁ ଜାତ ପୁରୁଷ-ପରମ୍ପରା । ବିଂ. ଚନ୍ଦ୍ରବଂଶୀୟ ।

ଚନ୍ଦ୍ରବିନ୍ଦୁ, ବି. ପୁଂ. ଅର୍ଦ୍ଧଚନ୍ଦ୍ରାକାରଯୁକ୍ତ ବିନ୍ଦୁ, ଯଥା— ँ ।

ଚନ୍ଦ୍ରବିହଙ୍ଗମ, (ଚନ୍ଦ୍ର-ବିହଙ୍ଗମ) ବକପକ୍ଷୀ ।
ଚନ୍ଦ୍ରବ୍ରତ, ବି. ନ. ଚାନ୍ଦ୍ରାୟଣ ବ୍ରତ, ଚନ୍ଦ୍ରଲୋକ ପ୍ରାପ୍ତି ନିମିତ୍ତ ବ୍ରତବିଶେଷ ।
ଚନ୍ଦ୍ରଶାଳା, ବି. ସ୍ତ୍ରୀ. ( ଚନ୍ଦ୍ର-ଶାଳା ) ଜ୍ୟୋସ୍ନା, ଅଟ୍ଟାଳିକା ବା ପ୍ରାସାଦର ଶିରୋଗୃହ ।
ଯଥା—
ଚନ୍ଦ୍ରଶାଳା ଚୂଡ଼େ ବସି ରବିରେ ସେବନ୍ତ । ବ. ବ.
ଚନ୍ଦ୍ରଶେଖର, ବି. ପୁଂ. ( ଚନ୍ଦ୍ର-ଶେଖର ) ଶିବ, ନୃପବିଶେଷ, ତୀର୍ଥବିଶେଷ, ପର୍ବତ ।
ଚନ୍ଦ୍ରସଂଜ୍ଞ, ବି. ପୁଂ. (ଚନ୍ଦ୍ର-ସଂଜ୍ଞା) କର୍ପୂର ।
ଚନ୍ଦ୍ରସମ୍ଭବ, ବି. ପୁଂ. (ଚନ୍ଦ୍ର-ସମ୍ଭବ) ଚନ୍ଦ୍ରପୁତ୍ର, ବୁଧ ।
ଚନ୍ଦ୍ରସମ୍ଭବା, ବି. ସ୍ତ୍ରୀ. ( ଚନ୍ଦ୍ର-ସମ୍ଭବ-ଆ ) ନର୍ମଦା ନଦୀ ।
ଚନ୍ଦ୍ରହାର, ବି ( ଦେଶଜ ) କଣ୍ଠର ଆଭରଣବିଶେଷ ।
ଚନ୍ଦ୍ରହାସ, ବି. ପୁଂ. (ଚନ୍ଦ୍ର-ହାସ) ଖଡ୍ଗ, ରାବଣର ଖଡ୍ଗ । ନ. ରୌପ୍ୟ ।
ଚନ୍ଦ୍ରାତପ, ବି. ପୁଂ. (ଚନ୍ଦ୍ର-ଆତପ) ଜ୍ୟୋସ୍ନା । ଚାନ୍ଦୁଆ ।
ଚନ୍ଦ୍ରାବଳୀ, ବି. ସ୍ତ୍ରୀ. କୃଷ୍ଣଙ୍କ ପ୍ରିୟା ରାଧିକାଙ୍କ ସଖୀ ବିଶେଷ । ଚନ୍ଦ୍ରଭାନୁଙ୍କ କନ୍ୟା ।
ରାଧା ନାମହିଁ ତ ତାହାର ବହୁତ
ନାମ ପୁଣିହିଁ ତ ଚନ୍ଦ୍ରାବଳୀ । ବ. ତ.
ଚନ୍ଦ୍ରିକା, ବି. ସ୍ତ୍ରୀ. (ଚନ୍ଦ୍ର-ଇକ-ଆ) ଜ୍ୟୋସ୍ନା, ମତ୍ସ୍ୟବିଶେଷ, ଚନ୍ଦ୍ରଭାଗା ନଦୀ, ଛନ୍ଦୋବିଶେଷ, ତୀର୍ଥବିଶେଷ । (ଜ୍ୟୋସ୍ନା ଅର୍ଥରେ) ଯଥା—
ଧୋବାଇ ଦେଲେ ଭୂଷିତ ଚକୋରଚଞ୍ଚୁ ରେ ଶୀତ—
କର ଚନ୍ଦ୍ରିକାକୁ ବଡ଼, ଯାଏ କଣ୍ଠ ସହିବ ରେ । ବ. ଚ
ଚନ୍ଦ୍ରିକାପାୟୀ, ବି. ପୁଂ. ସ୍ତ୍ରୀ. (ଚନ୍ଦ୍ରିକା-ପା-ଇନ୍) ଚକୋରପକ୍ଷୀ ।
ଚନ୍ଦ୍ରିଲ, ବି. ପୁଂ. (ଚନ୍ଦ୍ର-ଇଲ) ଶିବ, ଭଣ୍ଡାରୀ, ବାସ୍ତୁକ ।

ଚନ୍ଦ୍ରୋପଲ, ବି. ପୁଂ. ( ଚନ୍ଦ୍ର-ଉପଲ ) ଚନ୍ଦ୍ରକାନ୍ତମଣି ।
ଚପା, ବିଂ. (ଦେଶଜ) ଚାଙ୍ଗୁଡ଼ା, ଯାହା ମୁଣ୍ଡରେ ବାଳ ନ ଥାଏ ।
ଚପ୍‌କନ୍, ବି. (ଯାବନିକ) ଅଙ୍ଗରଖାବିଶେଷ ।
ଚପଟ, ବି. ( ଚପେଟ ଶବ୍ଦଜ ) ପୀଡ଼ା, ଅପାତ, ବାଧା, ଚାପ ।
ଚପରାସ୍, ବି. ( ଯାବନିକ ) ଚପରାସିମାନଙ୍କ ତୋଡ଼ା ।
ଚପରାସୀ, ବି. ( ଯାବନିକ ) ସରକାରୀ ବା ଜମିଦାରୀ କଚେରୀରେ ଥିବା କନିଷ୍ଠ କର୍ମଚାରୀ ।
ଚପଳ, ବିଂ. ( ଚପ୍ ବା ଚୁପ୍-ଅଳ, ଚ୍ଛ—ଅ ) ଚଞ୍ଚଳ, ଯଣ୍ଡେକ, ଦୁର୍ବିନୀତ, ବିକଳ, ଚପଳ, ଧୃଷ୍ଟ । କ୍ରି. ବିଂ. ଶୀଘ୍ର, ଷଣେକ । ବି. ପୁଂ. ପ୍ରସ୍ତରବିଶେଷ, ଚୋର, ପାରଦ, ମତ୍ସ୍ୟ, ଗନ୍ଧଦ୍ରବ୍ୟବିଶେଷ । ( ଚଞ୍ଚଳ ଅର୍ଥରେ ) ଯଥା—
ଚପଳ ସ୍ୱଭାବ ଜାଣି, ଚମ୍ପକଲତିକା ଭଣି । ବ. ଚ.
ଚପଳା, ବି. ସ୍ତ୍ରୀ. ( ଚପଳ-ଆ ) ଲକ୍ଷ୍ମୀ, ବିଦ୍ୟୁତ୍, ବେଶ୍ୟା, ସୁରା, ଜିହ୍ୱା, ଛନ୍ଦୋବିଶେଷ, ପିପ୍ପଳୀ । ଯଥା—
ମିଶିଯାଏ ଯଥା ଚପଳା ନୀଳ ଜଳଦ ଅଙ୍ଗେ,
ମିଶିଗଲ ତଥା ଅବଳା ସେହି ନୀଳତନୁଙ୍ଗେ । ତ. ସ
ଚପେଟ, ପୁଂ. } ବି. (ଚପ୍-ଇଟ୍-ଅ, କଯୋଗରେ
ଚପେଟିକା, ସ୍ତ୍ରୀ. } ଚପେଟିକା) ଚାପୁଡ଼ା ।
ଚବକା, ବି. (ଦେଶଜ) ଛୋଟ ପୋଖରୀ, ଚୂଆ ।
ଚଉଦ, ବି. (ଚତୁର୍ଦ୍ଦଶ ଶବ୍ଦଜ) ୧୪ ସଂଖ୍ୟା ।
ଚମ, ବି. (ଚର୍ମ ଶବ୍ଦଜ) ଛାଲ, ଚମଡ଼ା, ତ୍ୱକ୍ ।
ଚମକ, ବି. (ଚମତ୍କାର ଶବ୍ଦଜ) ଭୟ, ଛନକା, କୌଣସି ଶବ୍ଦାଦି ଶୁଣି ବା ଭୟଙ୍କର ରୂପ ଦେଖି ହଠାତ୍ ଯେ ଭୟ ହୁଏ । ଯଥା—
ହଂସକ ନୂପୁର ପାଦେ, ତୂଳ ଝୁଣ୍ଟିଆ ପ୍ରପଦେ,
ଚେତନା ଚମକ ପକାଇ ଦେବ ଏ ଝମକ ଚମକକାବେ ।
ଦ. ଭା

ଚମକାଇବା, କ୍ରି. ଭୟରେ କମ୍ପାଇବା, ଡରାଇବା ।
ଚମକିବା, କ୍ରି. ଡରିବା ବା ଭୟରେ କମ୍ପିବା ।
ଚମଚଟା ବି. (ଦେଶଜ) ଚେମେଣି ଚଢ଼େଇ । ଯଥା—

ସ୍ୱର୍ଣ୍ଣଖୋପାଲୋକେ ଉଠୁଥିଲା ଯହିଁ ଅଗୁରୁ ଧୂପର ଘଟା,
ଚମିରକୁ ତହିଁ କଜଳ୍ପ ବଜନେ ପକ୍ଷକାଡେ ଚମଚଟା । ପାବଂତୀ ।

ଚମଡ଼ା, ବି. (ଚର୍ମ ଶବ୍ଦଜ) ଛାଲ, ଚମ, ତ୍ୱକ୍ ।
ଚମତ୍କରଣ, ବି. ନ. ( ଚମତ୍-କୃ-ଅନ ) ଆଶ୍ଚର୍ଯ୍ୟ ବୋଧ ଜନ୍ମାଇବା, ଚମତ୍କୃତ କରିବା ।
ଚମତ୍କାର, ବି. ପୁଂ. ( ଚମତ୍-କୃ-ଅ ) ଆଶ୍ଚର୍ଯ୍ୟ, ବିସ୍ମୟ, ଅନିର୍ବଚନୀୟ ଆନନ୍ଦ । ଯଥା—

ଚମତ୍କାର କଥା ଦେଖି କପଟ ପେଟରେ ରଖି,
ଚେତେ ନିଜ ନ କହନ୍ତି ଧନ ରେ । ବି. ଚ.

ଚମତ୍କାରକ } ବି°. (ଚମତ୍କରଣ ଦେଖ ଅକ
ଚମତ୍କାରୀ } ଇନ୍) ବିସ୍ମୟକର, ଆଶ୍ଚର୍ଯ୍ୟଜନକ ।
ଚମତ୍କୃତ, ବି°. ( ଚମତ୍-କୃତ ) ଆଶ୍ଚର୍ଯ୍ୟାନ୍ୱିତ, ବିସ୍ମୟାବିଷ୍ଟ ।
ଚମତ୍କାରିତା ( ଚମତ୍କାରିନ୍-ତା) ବିସ୍ମୟକରତା, ମନୋହାରିତ୍ୱ ।
ଚମଦଲା, ବି. କଣ୍ଠରୋଗବିଶେଷ ।
ଚମର, ବି. ନ. ( ଚମ୍-ଅର ) ଚାମର, ବାଳବ୍ୟଜନ । ପୁଂ. ମୃଗବିଶେଷ, ହିମାଳୟ ପର୍ବତର ଉତ୍ତରରେ ଯେଉଁ କ୍ରମନିମ୍ନ ପାଷାଣମୟ ସ୍ଥାନ ଜଙ୍ଗଲରେ ବେଷ୍ଟିତ ହୋଇଅଛି, ସେହି ସ୍ଥାନର ଗୋରୁକୁ ଚମର ବୋଲାଯାଏ, ଏହାର ଲାଙ୍ଗୁଳରେ ଚାମର ହୁଏ, ଦୈତ୍ୟବିଶେଷ । ଚମରୀ, ସ୍ତ୍ରୀ. ମୃଗୀବିଶେଷ ।
ଚମସ, ବି. ପୁଂ. ନ. ( ଚମ୍-ଅସ ) ଯଜ୍ଞପାତ୍ର, ଚିରୁଣୀ, ଚାମର ।
ଚମସୀ, ବି. ସ୍ତ୍ରୀ. (ଚମସ୍-ଈ) ପିଷ୍ଟକବିଶେଷ ।
ଚମାର, ବି. ( ଚର୍ମକାର ଶବ୍ଦଜ ) ନୀଚଜାତିବିଶେଷ, ଶିଅଲ, ଛାଲପତ୍ର ବ୍ୟବସାୟୀ ।
ଚମୀକର, ବି. ପୁଂ. ସ୍ୱର୍ଣ୍ଣଖଣି ।

ଚମୂ, ବି. ସ୍ତ୍ରୀ. (ଚମ୍-ଊ) ସେନାଦଳ, ଗଜ ୭୨୯, ରଥ ୭୨୯, ଅଶ୍ୱ ୨୧୮୭, ପଦାତି ୩୬୪୫ ଏତତ୍‌ସଂଖ୍ୟକ ସୈନ୍ୟ । ଯଥା—

ଘାରୁଛନ୍ତି ଚମୂପତି ଏହିମତେ,
ଅବତୀର୍ଣ୍ଣ ହେଲା ସହସା ଅଗ୍ରତେ । ନ. କେ.

ଚମୂଚର, ବି. ପୁଂ. (ଚମୂ-ଚର) ସୈନିକ ପୁରୁଷ, ସେନାନାୟକ, ସୈନ୍ୟାଧ୍ୟକ୍ଷ ।
ଚମୂରୁ, ବି. ପୁଂ. (ଚମ୍-ଊରୁ) ହରିଣବିଶେଷ ।
ଚମ୍ପକ, ବି. ପୁଂ. (ଚମ୍ପ୍-ଅକ) ଚମ୍ପାଗଛ । ନ. ଚମ୍ପାଫୁଲ, ନଗରବିଶେଷ, ସ୍ୱନାମପ୍ରସିଦ୍ଧ କଦଳୀବିଶେଷ ।
ଚମ୍ପକଦ୍ୱାଦଶୀ, ବି. ଜ୍ୟେଷ୍ଠ ଶୁକ୍ଳଦ୍ୱାଦଶୀ ।
ଚମ୍ପଟ୍, ବି. (ଚଳ ଧାତୁଜ) ପ୍ରସ୍ଥାନ, ପଳାୟନ ।
ଚମ୍ପତି, ବି. (ଚମୂପତି ଶବ୍ଦଜ) ସେନାପତି, ଉତ୍କଳୀୟ ପ୍ରାଚୀନ ସୈନିକ ଉପାଧିବିଶେଷ ।
ଚମ୍ପା, ବି. ସ୍ତ୍ରୀ. ସ୍ୱନାମପ୍ରସିଦ୍ଧ ନଗରୀ, ଭାଗଲପୁର, ନଦୀବିଶେଷ, କର୍ଣ୍ଣପତ୍ନୀ, (ଦେଶଜ) ଚମ୍ପକବୃକ୍ଷ, ଚମ୍ପକପୁଷ୍ପ । ଯଥା—

ଚମ୍ପା ସେ ରମ୍ୟ-ଯୋଷା ଶିରେ ବହି,
ଶିବ ତହିଁରେ ଗୁରୁତର ସ୍ନେହୀ ।

ଚମ୍ପାଧିପ, ବି. ପୁଂ. (ଚମ୍ପା-ଅଧିପ) କର୍ଣ୍ଣବୀର ।
ଚମ୍ପାବତୀ, ବି. ସ୍ତ୍ରୀ. ( ଚମ୍ପା-ବତ୍-ଈ ) କର୍ଣ୍ଣଙ୍କ ରାଜଧାନୀ ।
ଚମ୍ପୂ, ବି. ସ୍ତ୍ରୀ. (ଚମ୍-ଊ, ପ-ଆଗମ) ଗଦ୍ୟପଦ୍ୟମୟ କାବ୍ୟଗ୍ରନ୍ଥ ।
ଚମ୍ପେଇକେଉଲ, ବି. ( ଦେଶଜ ) ଗୋଧିକାବିଶେଷ ।
ଚମ୍ବୁ, ବି. (ଦେଶଜ) ଏକପ୍ରକାର ଗଣ୍ଡାମୀ ତାଳ ବା ଲୋଟା ।
ଚୟ, ବି. ପୁଂ ( ଚି-ଅ ) ସମୂହ, ରାଶି, ବପ୍ର, ପ୍ରାକାର, ସଞ୍ଚୟ ।
ଚୟନ, ବି. ନ. (ଚି-ଅନ) ସଂଗ୍ରହ, ସଙ୍କଳନ, ପୁଷ୍ପାଦି ତୋଳିବା, ଇଷ୍ଟକାଦିଦ୍ୱାରା ନିର୍ମାଣ ।

ଚର, ବି. ପୁଂ (ଚର୍-ଅ) ଗୁପ୍ତଦୂତ, ଗୋପନରେ ରାଜାର ଭଦ୍ରାଭଦ୍ର ଦର୍ଶନ ନିମନ୍ତେ ନିଯୁକ୍ତ ବ୍ୟକ୍ତି । ବିଂ. ଅସ୍ଥାବର, ଜଙ୍ଗମ, ଗମନଶୀଳ ।

ଚରକ, ବି. ପୁଂ. (ଚର୍-ଅକ) ବୈଦ୍ୟ ଗ୍ରନ୍ଥ-ବିଶେଷର କର୍ତ୍ତା, ଗ୍ରନ୍ଥବିଶେଷ, ଦୂତ ।

ଚରକା
ଚରଖା
ଚରଖୀ } ବି. (ଦେଶଜ) ସୂତାକାଟିବା ଯନ୍ତ୍ର-ବିଶେଷ, ଅରଟ ।

ଚରଣ, ବି. ପୁଂ. ନ. ( ଚର୍-ଅନ ) ପଦ, ବେଦର ଅଂଶବିଶେଷ, ଶ୍ଲୋକର ଚତୁର୍ଥାଂଶ, ଗୋତ୍ର, ମୂଳ, ଭ୍ରମଣ, ଭକ୍ଷଣ, ଚରିବା, ଆଚରଣ, ଅନୁଷ୍ଠାନ, ଶୀଳ ।

ଚରଣଗ୍ରନ୍ଥି, ବି. ପୁଂ. ( ଚରଣ-ଗ୍ରନ୍ଥି ) ଗୁଳ୍‌ଫ, ଗୋଇଠି ।

ଚରଣାମୃତ, ବି. ନ. ( ଚରଣ-ଅମୃତ ) ପାଦୋଦକ । ଯଥା—

ବ୍ରହ୍ମାରେ ଯୌତ ଯେ ପଦ ନୋହୁଛି,
ବୋଲେ ବିଷାଦ ନ ପାଇ ଚରଣାମୃତ ପାନକୁ ଇଚ୍ଛି । ବୈ. ବି.

ଚରଣାରବିନ୍ଦ, ବି. ନ. ( ଚରଣ-ଅରବିନ୍ଦ ) ଚରଣରୂପ ପଦ୍ମ ।

ଚରଣାୟୁଧ, ବି. ପୁଂ. (ଚରଣ-ଆୟୁଧ) କୁକ୍କୁଟ, କୁକୁଡ଼ା । ଯଥା—

ଚରଣାୟୁଧଭିନ୍ନ ରହିଲା ରେ,
ଅରବିନ୍ଦହିଁ ବିବୁ ଫୁଟିଲା ରେ ।

ଚରମ, ବି. ତ୍ରି. ( ଚର-ଅମ ) ଅନ୍ତ, ଶେଷ, ପଶ୍ଚିମ ଦିକ୍, ଅନ୍ତିମ କାଳ, ପୃଷ୍ଠଦେଶ । ଯଥା—

ଅନାଦିମଙ୍ଗଳଙ୍କ କେଶଗୁଚ୍ଛ ଶୋଭୁଥାଇ ଚରମ । କୃଷ୍ଣ ।

(ପଶ୍ଚିମ ଦିକ୍ ଅର୍ଥରେ)

ଚରମାଚଳଚୂଳ ରବି ମଣ୍ଡିଲ,
ଛଳ କରିବାକୁ ଗୋଳ ରେ । ସ. ଯା.

ଚରମପତ୍ର
ଚରମଲେଖ } ବି. ପୁଂ. (ଚରମ-ପତ୍ର, ଲିଖ୍-ଅ) ଉଇଲ କରିବା ।

ଚରମକ୍ଷ୍ମାଭୃତ୍
ଚରମାଚଳ
ଚରମାଦ୍ରି } ବି. ପୁଂ. (ଚରମ-କ୍ଷ୍ମା-ଭୃତ୍, ଅଚଳ, ଅଦ୍ରି ) ଅସ୍ତ-ପର୍ବତ, ଏହି ପର୍ବତରେ ସୂର୍ଯ୍ୟ ଅସ୍ତ ଯାଏ ।

ଚରସ୍, ବି. (ଦେଶଜ) ମାଦକଦ୍ରବ୍ୟବିଶେଷ, ଗଞ୍ଜାଇର ଅଠା ।

ଚରା, ବି. (ଚର ଧାତୁଜ) ଗୋମେଷାଦିଙ୍କ ଖାଦ୍ୟ ତୃଣାଦି, ଚରିବୁଲିବା, ଚଡ଼ା ।

ଚରାଇବା, କ୍ରି. ବି. (ପ୍ରା. ଚର ଧାତୁଜ) ଗୋରୁ ପ୍ରଭୃତି ପଶୁଙ୍କୁ ବୁଲାଇ ଖୁଆଇବା ।

ଚରାଚର, ବି. ପୁଂ. (ଚର-ଅଚର) ଜଙ୍ଗମ ଓ ସ୍ଥାବର, ଜଗତ୍ । ଯଥା—

ଚରାଚର ଗୁରୁ ଭଗ୍ନମସ୍ତ
ଚକିଷ୍ଟ ଦେଲୁ ମୋ ହୃଦାଶସ୍ତ । କ୍ଷି. ଚ.

ଚରି, ବି. ପୁଂ. (ଚର୍-ଇ) ପଶୁ, ପ୍ରାଣୀ ।

ଚରିତ, ବି. ନ. (ଚର୍-ତ) ଆଚରଣ, ବିବରଣ, ଅନୁଷ୍ଠାନ, ରୀତି, ସଞ୍ଚାର, ଚେଷ୍ଟିତ, କାର୍ଯ୍ୟ । ବିଂ. ଅନୁଷ୍ଠିତ, କୃତ, ସଫଳ, ସିଦ୍ଧ, ସମ୍ପନ୍ନ, ଫଳିତ, ଭକ୍ଷିତ, ଆଶ୍ରିତ ।

ଚରିତାର୍ଥ, ବିଂ. ( ଚରିତ-ଅର୍ଥ ) କୃତାର୍ଥ, ଯାହାର କାର୍ଯ୍ୟ ସିଦ୍ଧ ହୋଇଅଛି, କୃତକାର୍ଯ୍ୟ, ସଫଳପ୍ରୟୋଜନ, ସଫଳକାର୍ଯ୍ୟ ।

ଚରିତାର୍ଥିତ, ବିଂ. (ଚରିତାର୍ଥ-ଇତ) କୃତାର୍ଥୀକୃତ, ଯେ ଚରିତାର୍ଥତା ଲାଭ କରିଅଛି ।

ଚରିତ୍ର, ବି. ନ. (ଚର୍-ଇତ୍ର) ସ୍ୱଭାବ, ଆଚରଣ ।

ଚରିବା, କ୍ରି. ବି. (ଚର ଧାତୁଜ) ଗୋରୁ ପ୍ରଭୃତି ପଶୁ ବୁଲି ଖାଇବା ।

ଚରିଷ୍ଣୁ, ବିଂ. (ଚର-ଇଷ୍ଣୁ) ଜଙ୍ଗମ, ଗମନଶୀଳ ।

ଚରୁ, ବି. ପୁଂ. ( ଚର୍-ଉ ) ଯଜ୍ଞୀୟ ପାୟସାନ୍ନ, ହୋମାର୍ଥ ପ୍ରସ୍ତୁତ ଚାଉଳବିଶେଷ । ( ଦେଶଜ ) ତତଲା ଲୁହାଦ୍ୱାରା ଗୋ ମନୁଷ୍ୟ ପ୍ରଭୃତିଙ୍କ ଦେହରେ ଦାଗ ଦେବା ।

ଚର୍ଖି, ବି. (ଚକ୍ର ଶବ୍ଦଜ) ଚକ୍ରାକାର ଭ୍ରମଣଯନ୍ତ୍ର, କପାଶାଇ ।

ଚର୍ଚ୍ଚରୀ, ବି. ସ୍ତ୍ରୀ (ଚର୍ଚ୍-ଅର୍-ଈ) ବାଦ୍ୟବିଶେଷ, ଗାନବିଶେଷ, ଉତ୍ସବ, ନୃତ୍ୟ ।
ଯଥା—
ହେଲଣି ଚର୍ଚ୍ଚରୀ ପ୍ରକଟ କଟକେ । ଗା. ବ.

ଚର୍ଚ୍ଚା, ବି. ସ୍ତ୍ରୀ. (ଚର୍ଚ୍-ଆ) ଆଲୋଚନା, ଅନୁଶୀଳନ, ଲେପନ, ଚିନ୍ତା, ଅନୁଧ୍ୟାନ, ବିଚାର ।

ଚର୍ଚ୍ଚିତ, ବିଂ. (ଚର୍ଚ୍ଚା-ଇତ) ଚନ୍ଦନାଦିଦ୍ୱାରା ଲେପିତ, ଆଲୋଚିତ, ଅନୁଶୀଳିତ । ଯଥା
ଚନ୍ଦନଚର୍ଚ୍ଚିତ ନୀଳ କଳେବର ପୀତବସନ ବନମାଳୀ ।
ଗୀତଗୋବିନ୍ଦ ।

ଚର୍ପଟ, ବି. (ଚର୍ପ-ଅଟ) ଚପେଟ, ଚାପୁଡ଼ା, ଚାପଡ଼େଇବା ।

ଚର୍ମ, ବି. ନ (ଚର୍-ମ) ତ୍ୱକ୍, ଛାଲ, ଚମଡ଼ା, ବର୍ମ ।

ଚର୍ମକାର } ବି. ପୁଂ. (ଚର୍ମନ୍-କାର, ଆର)
ଚମାର } ଚମାର, ମୋଚି ।

ଚର୍ମଚଟକା, ବି. ଚେମେଣି ଚଢ଼େଇ, ଚମଚଟା ।

ଚର୍ମଣ୍ୱତୀ, ବି. (ଚର୍ମନ୍-ବତ୍-ଈ) ଦଶପୁରନଦୀ, ଏହାର ଆଧୁନିକ ନାମ ଚମ୍ବଲ୍, ଯଜ୍ଞ ଉଦ୍ଦେଶ୍ୟରେ ରନ୍ତିଦେବଙ୍କ କର୍ତ୍ତୃକ ନିହତ ସହସ୍ର ସହସ୍ର ବୃଷଚର୍ମର ରକ୍ତରୁ ଏହି ନଦୀର ଉତ୍ପତ୍ତି ହୋଇଥିବାରୁ ଏହାକୁ ଚର୍ମଣ୍ୱତୀ କହନ୍ତି ।

ଚର୍ମପାଦୁକା, ବି. (ଚର୍ମ-ପାଦୁକା) ଯୋତା ।

ଚର୍ଯ୍ୟା, ବି. ସ୍ତ୍ରୀ. (ଚର୍-ଯ-ଆ) ଆଚରଣ, ବ୍ୟବହାର ।

ଚର୍ବଣ, ବି. ନ. (ଚର୍ବ୍-ଅନ) ଚୋବାଇବା, ସ୍ୱାଦଗ୍ରହଣ ।

ଚର୍ବିତ, ବିଂ. (ଚର୍ବ-ତ) ଭକ୍ଷିତ, ସ୍ୱାଦିତ ।

ଚର୍ବି, ବି. (ଯାବନିକ) ବସା, ଶରୀରସ୍ଥ ଧାତୁବିଶେଷ ।

ଚଲ, ବିଂ. (ଚଲ-ଅ) ଚଞ୍ଚଳ, ଅସ୍ଥିର, ଜଙ୍ଗମ, କମ୍ପିତ ।

ଚଲଚଞ୍ଚୁ, ବି. ପୁଂ. (ଚଲ-ଚଞ୍ଚୁ) ଚକୋର ପକ୍ଷୀ ।

ଚଲଚିତ୍ତ, ବିଂ. (ଚଲ-ଚିତ୍ତ) ଯାହାର ଚିତ୍ତ ସ୍ଥିର ନୁହେ, ଯାହାର ମନର ସ୍ଥିରତା ନାହିଁ ।

ଚଲଣା, ବି. (ଦେଶଜ) ଫଳବିଶେଷ ।

ଚଲଣି, ବି. (ଚଳନ ଶବ୍ଦଜ) ଚଳନ, ବ୍ୟବହାର, ଚାଲି, ଦେଶାଚାର ।

ଚଲତ୍ } (ଚଲ-ଅତ୍) ଚଞ୍ଚଳ, ଗମନଶୀଳ,
ଚଳନ୍ତା } କମ୍ପମାନ, ଯାହା ହୋଇଲୁଅଛି ।

ଚଲତ୍‌ଶକ୍ତି, ବି. ସ୍ତ୍ରୀ. ଚାଲିବାର ସାମର୍ଥ୍ୟ ।

ଚଲଦଙ୍ଗ, ବି. ପୁଂ. (ଚଲତ୍-ଅଙ୍ଗ) ମତ୍ସ୍ୟବିଶେଷ, ଗଡ଼ାଇ ମାଛ ।

ଚଲଦଳ, ବି. ପୁଂ. (ଚଲ-ଦଳ) ଅଶ୍ୱତ୍ଥ ବୃକ୍ଷ ।
ଯଥା—
ସଦା ଚଳଦଳ ପତ୍ର ପିପ୍ପଳ । ଚଉବା.

ଚଳନ, ବି. ନ. (ଚଲ୍-ଅନ) ଗମନ, ଭ୍ରମଣ, କମ୍ପନ । ପୁଂ. ଚରଣ, ଗୋଡ଼, (ଦେଶଜ) ଚଳତ ଥିବା, ବ୍ୟବହାର ।

ଚଳନୀ, ବି. ସ୍ତ୍ରୀ. (ଚଳନ-ଈ) ପରିଧେୟ ବସ୍ତ୍ର, ଘାଗରା ।

ଚଳନ୍ତି, ବିଂ. (ଚଳତ୍ ଶବ୍ଦଜ) ଚଳୁଥିବା, ସଚଳ ।

ଚଲପତ୍ର, ବି. ପୁଂ. (ଚଲ-ପତ୍ର) ଅଶ୍ୱତ୍ଥ ବୃକ୍ଷ ।

ଚଲା, ବି. ସ୍ତ୍ରୀ. (ଚଲ୍-ଆ) ଲକ୍ଷ୍ମୀ, ବିଦ୍ୟୁତ୍ ।

ଚଲା } ବି. (ଯାବନିକ) ହୁଣ୍ଡି, ପ୍ରେରଣ ।
ଚଲାନ୍ } ଖଜଣାଖାନାରେ ଟଙ୍କା ଦାଖଲ କରିବା ନିମିତ୍ତ ଯେଉଁ ବିବରଣ ଲିପିବଦ୍ଧ କରାଯାଏ ।

ଚଲା, ବି. (ଚଲ୍ ଧାତୁଜ) ଚାଲିବା । (ପ୍ରାଦେଶିକ ଗଞ୍ଜାମ) ଧୋଇବାହି ।

ଚଲାଇବା, କ୍ରି. (ଦେଶଜ) ପାଦସାହାଯ୍ୟରେ ବୁଲାଇବା, କୌଣସି ବିଶିଷ୍ଟ କର୍ତ୍ତବ୍ୟ

ସଞ୍ଚାଳନ କରିବା, ଲଗାଇବା, କୌଣସି ନୂତନ ରୀତି ପ୍ରବର୍ତ୍ତାଇବା ।

ଚଲାଇବା, କ୍ରି. (ଚଲ୍ ଧାତୁଜ) ଚାଳନ କରିବା, ଚାଲୁଣୀରେ ଛାଣିବା ।

ଚଲାକ୍ / ଚଲାଖ } ବିଂ. (ଯାବନିକ) ଚତୁର ।

ଚଲାକ / ଚାଲାକ୍ } ବି. (ଯାବନିକ) ଚତୁରତା । (ଦେଶଜ) ପାଦ ଗମନ ।

ଚଲଚଲ, ବିଂ. (ଚଲ୍-ଅ, ଚଲର ଦ୍ୱିତ୍ୱ, ଚଲାଚଲ) ଗତିଶୀଳ, ଅତ୍ୟନ୍ତ ଚଞ୍ଚଳ । (ଚଲ-ଅଚଲ) ଚଳନ୍ତ-ଅଚଳନ୍ତ, ପ୍ରଚଳିତ ଅପ୍ରଚଳିତ । ବିଂ. ପୁଂ. କାକ । ଯଥା — (ଅତ୍ୟନ୍ତ ଚଞ୍ଚଳ ଅର୍ଥରେ) —

କ ହସେ ଚଲାଚଲ, ଗୁରୁ ଚନ୍ଦ୍ରକଳୁନ, ମଣିରେ କ. ଚ.

ଚଲାଣ, ବି. (ଯାବନିକ) ଛାଡ଼ଚିଠି, ପ୍ରେରଣ ।

ଚଳିତ, ବିଂ. (ଚଲ-ତ) ଗତ, ପ୍ରସ୍ଥିତ, ଚଞ୍ଚଳ, ଅସ୍ଥିର, କମ୍ପିତ, ପ୍ରଚଳିତ, ବ୍ୟବହୃତ ।

ଚଳିବା, କ୍ରି. ବି. (ଚଳନ ଶବ୍ଦଜ) ଗମନ କରିବା, (ଦେଶଜ) ସହିବା । ଯଥା—

ଚଳ ଉଠିଲୁ ଯେ ଲଳିତଅଙ୍ଗୀ କ ଗେଲେ
ଖଳ କଣ୍ଟ ଯେଉଁ ପଦକ ପଦକ ବଳିବ ନା ଭୁଲି ଦେଲେ ।

ଚଳିଷ୍ଣୁ, ବିଂ. (ଚଲ୍-ଇଷ୍ଣୁ) ଗମନଶୀଳ, ଯାହା ସ୍ଥିର ନୁହେ ।

ଚଳୁ, ବି. ପୁଂ. (ଚଲ୍-ଉ) ଗଣ୍ଡୂଷ, ଚଳେ, ଆଚମନ ।

ଚଳୁଆ, ବିଂ. (ଦେଶଜ) ଚଣ୍ଡା, କ୍ରୋଧୀ

ଚଳୁକ, ବି. ପୁଂ. (ଚଲ୍-ଉକ) ପ୍ରସୃତ ହସ୍ତ-କୋଷ, ପୋଷ, କ୍ଷୁଦ୍ରଭାଣ୍ଡ ।

ଚଳେ, ବି. (ପ୍ରା. ଚଳୁ ଶବ୍ଦଜ) ଏକ ଗଣ୍ଡୂଷ, ଏକ ପୋଷ ।

ଚଶମା, ବି (ଯାବନିକ) ପରିବୀକ୍ଷଣ, ନୟନାବରଣ, ପ୍ରତିଚକ୍ଷୁ ।

ଚଷକ, ବି. ପୁଂ. (ଚଷ୍-ଅକ) ମଦ୍ୟପାନପାତ୍ର । ନ. ମଦ୍ୟବିଶେଷ, ମଧୁ । ଚଷା, ଯଥା —

ଚଷକ ନାମ କ୍ରମକେ ପ୍ରବର୍ତ୍ତିଲ ଚଷକ ସେ ମଦ୍ୟପାନ । ଗୀତାଭିଧାନ.

ଚଷା, ବି. ପୁଂ (କୃଷୀ ଶବ୍ଦଜ) କୃଷକ ।

ଚଷାଣ୍ଡିଆ, ବିଂ. ଅଖାଡୁଆ, ନିର୍ବୋଧ ।

ଚଷାମୁଅ, ବି. (ଦେଶଜ) ପକ୍ଷିବିଶେଷ । ଯଥା—

ବହିଲେ ଯନ୍ତ୍ରରେ କୁକ୍କୁଟ କୌଶିକ
ଚଷାମୁଏ ମିଳ ଭଷାଭୌର୍ଦ୍ଧ୍ୱନିକ । ନ. ବେ.

ଚଷାଭୁଷା, ବିଂ. (ଦେଶଜ) ନିର୍ବୋଧ, ବିବେକଶକ୍ତିରହିତ ।

ଚଷାଲ, ବି. ପୁଂ. (ଚଷ୍-ଅଲ) ଯଜ୍ଞୀୟ ପଶୁବନ୍ଧନାର୍ଥ କାଷ୍ଠ, ଯୂପକଟକ, ଯୂପୋପରିସ୍ଥ କାଷ୍ଠନିର୍ମିତ ବଳୟ ।

ଚଷିବା, କ୍ରି. (ଦେଶଜ) ଲଙ୍ଗଳରେ ଭୂମି କର୍ଷଣ କରିବା, ଖୋଳିବା ।

ଚଷୁ / ଚସୁ } ବି. (ଚୂଷ ଶବ୍ଦଜ) ଧାନର ଶୁଙ୍ଗା । ଯଥା —

ବହୁ ବର୍ଷେ ଏହୁ ବହୁଶୀର୍ଷ ପଶୁ
ଢୋଷି ସିନା ଖାଲି କୁଟୁଅଛୁ ଚସୁ । ଦରବାର.

ଚଷୁକୁଟିବା / ଚସୁକୁଟିବା } କ୍ରି. (ଦେଶଜ) ବୃଥାଶ୍ରମ କରିବା ।

ଚହଟ, ବି. (ଦେଶଜ) ଶୋଭା, କାନ୍ତି, ପ୍ରକାଶ । ଯଥା—

ନୋହି ଏ କଥା ଗୋପରେ ଚହଟ,
ନଟ ବାସ ଦଅ ଘଣ୍ଟି କପଟ । ବ. ଚ.

ଆମୋଦ, ସୁବାସ ।

ଚହଟଚମ୍ପା ବିଂ. ସ୍ତ୍ରୀ. (ଦେଶଜ) ବାହ୍ୟାଡ଼ମ୍ବର-ଯୁକ୍ତା ସ୍ତ୍ରୀ ।

ଚହଟିବା, କ୍ରି. (ଦେଶଜ) ବ୍ୟାପ୍ତ ହେବା, ସୁଗନ୍ଧ ପ୍ରସରିବା, ପ୍ରକାଶିତ ହେବା । ଯଥା—

ବାସ ଚହଟ ଅଙ୍ଗୁ ଯାଉଥିଲା,
ବେଢ଼ିଥିଲେ ଉଡ଼ି ଭ୍ରମରମାଳା ବୈ. ବ.

ଚହଲ, ବି. (ଦେଶଜ) ଗୋଳମାଳ । ଯଥା—

କାହିଁ ଏବେ ସେ ଚହଲ ଯାର ଘୋର ଶୋରେ
କରିଥିଲ ଏଡେ ବାଳ ଶ୍ରବଣ ବଧିର । ବୈ. ବ.

ଚହଲିବା, କ୍ରି. (ଦେଶଜ) ତରଳ ପଦାର୍ଥ ଦୋହଲିବା ବା ହଲିବା ।

ଚା, ବି. (ଯାବନିକ) ବୃକ୍ଷବିଶେଷର ପତ୍ର ।

ଚାଇଁ, ବିଂ. (ଦେଶଜ) ଚଗଲା, ଚଲାଖ, ଚତୁର ।

ଚାଇଁ ଚାଇଁ, ବିଂ. ଉତ୍ତାପଜନକ, ଚେଁ ଚେଁ ଶବ୍ଦ, ଶୀଘ୍ର ଶୀଘ୍ରରେ ।

ଚାଉଳ, ବି. (ଚାଳନୀ ଶବ୍ଦଜ ଅର୍ଥାତ୍ ଚାଲୁଣୀଦ୍ୱାରା ପରିଷ୍କୃତ ହୋଇଥାଏ ବୋଲି "ଚାଉଳ" ଏହି ନାମ ହୋଇଅଛି ) ତଣ୍ଡୁଳ, କୁସୁମ ବୀଜ ।

ଚାଉଳିଆ, ବି. ( ଦେଶଜ ) ତଣ୍ଡୁଳ-ବ୍ୟବସାୟୀ । ପିଜୁଳି ଫଳ । ବିଂ. ଚାଉଳ ପରି ଠାଣି ।

ଚାକଚକ୍ୟ, ବି. ଦୀପ୍ତି, ଉଜ୍ଜ୍ୱଳତା ।

ଚାକର, ବି. (ଯାବନିକ) ଭୃତ୍ୟ, ଦାସ, କର୍ମକାରୀ ।

ଚାକରାଣୀ, ବି. (ଯାବନିକ) ଦାସୀ ।

ଚାକରି } ବି. ( ଯାବନିକ ) ଦାସତ୍ୱ, କର୍ମ,
ଚାକିରି } କାର୍ଯ୍ୟ ।

ଚାକୁ ବି. (ଯାବନିକ) କ୍ଷୁଦ୍ର ଛୁରୀ ।

ଚାକୁଣ୍ଡା, ବି. (ଦେଶଜ) ଗୁଳ୍ମବିଶେଷ, ଦଦ୍ରୁଘ୍ନ ।

ଚାକ୍ରିକ, ବି. ପୁଂ. (ଚକ୍ର-ଇକ) ତେଲି, ସାରଥି, ଗାଡ଼ୋୟାନ ।

ଚାକ୍ଷୁଷ, ବିଂ. (ଚକ୍ଷୁସ୍-ଅ) ଚକ୍ଷୁଗୋଚର, ପ୍ରତ୍ୟକ୍ଷ, ଚକ୍ଷୁଦ୍ୱାରା ଯାହା ଗୃହୀତ ହୋଇ ପାରେ । ବି. ନ. ଆଖିରେ ଦେଖିଥିବା, ସତ୍ତ୍ୱ ମନ୍ତ୍ର ।

ଚାଖଣା, ବିଂ. ( ଦେଶଜ ) ଖାଇବାବେଳେ ଯାହାକୁ ଚାଖନ୍ତି, ଅଚାର ପ୍ରଭୃତି ।

ଚାଖଣ୍ଡ, ବି. (ଦେଶଜ) ଦ୍ୱାଦଶାଙ୍ଗୁଳ ପରିମାଣ, ବିତସ୍ତି ।

ଚାଖି } ବି. ( ଚଷ ଶବ୍ଦଜ ) ବାଳଙ୍ଗି ଗନ୍ଧ,
ଚାଖୀ } ଚାତର । ଯଥା—

> ଚାଖି ଦେଖାଉ ତୁ ମୋ ଆଗେ କେତେ ।

ଚାଖିବା, କ୍ରି. (ଚଷ ଧାତୁଜ) ଆସ୍ୱାଦନ କରିବା । ଯଥା—

> ଚାଖିବା ଦେଖିବା ଶ୍ରବଣ ନାହିଁ,
> ବକାରବଲେ ଚାଲ୍ଯାଏ ସେହି । ବ. ଚ.

ଚାଙ୍ଗୁଡ଼ା, ବି. ଦେଶଜ) ଚାଙ୍ଗୁଡ଼ି, ଡାଲା ।

ଚାଙ୍ଗୁ, ବି. (ଦେଶଜ) ବାଦ୍ୟବିଶେଷ ।

ଚାଙ୍ଗୁଡ଼ି, ବି. (ଦେଶଜ) ଡାଲା, ପାତ୍ରବିଶେଷ । ଯଥା—

> ବାଳକ ବାଳିକା ଧରିଣ ଚାଙ୍ଗୁଡ଼ି,
> ଫୁଲ ତୋଳୁଛନ୍ତି ଦଉଡ଼ି ଦଉଡ଼ି । ଛ ମା.

ଚାଚେରି, ବି. (ଚର୍ଚ୍ଚରୀ ଶବ୍ଦଜ ) ଦୋଳଯାତ୍ରାର ଉତ୍ସବ ।

ଚାଞ୍ଚ } ବି (ଦେଶଜ ) ନାରିକେଳପତ୍ର
ଚାଞ୍ଚରି } ବା ବାଉଁଶ ପଟିଆରେ ନିର୍ମିତ
ଚାଞ୍ଚଡ଼ା } ଆସନବିଶେଷ ବା ଛାତି ।

ଚାଞ୍ଚଲ୍ୟ, ବି. ନ. ( ଚଞ୍ଚଳ-ଯ ) ଚଞ୍ଚଳତା, ଅସ୍ଥିରତା ।

ଚାଞ୍ଛ, ବି. ( ଦେଶଜ ) ନଡ଼ିଆ ଖୋସାର ଅବରକ ଛାଲ ।

ଚାଞ୍ଛିବା, କ୍ରି. ( ଦେଶଜ ) ଯନ୍ତ୍ର ସାହାଯ୍ୟରେ ଉପରର ଆବରଣ କାଢ଼ିବା ବା ଛେଲିବା ।

ଚାଟ, ବି. ପୁଂ. (ଚଟ୍-ଅ) ବିଶ୍ୱାସଘାତକ ବ୍ୟକ୍ତି, ଚୋର । (ଦେଶଜ) ଛାତ୍ର, କୁମାର । ଯଥା—

> କେ ବୋଲେ ନନ୍ଦଚାଟକୁ ଗୋ,
> ମୂର୍ଚ୍ଛିଲେ ଏ ଗୋପେ କେଉଁ ଗୋପୀ ମଣି
> ରଖି ପାରିବ ଘଟକୁ ଗୋ । ବ. ଚ.

ଚାଟଣୀ, (ଏ ଅର୍ଥରେ ଏ ଶବ୍ଦ ବିସନ୍ତ ହୁଏ) ।

ଚାଟଶାଳୀ, ବି. ( ଦେଶଜ ) ପାଠଶାଳା । ଯଥା—

> ହର୍ଷେ ଶିଶୁଗଣ ପୋଥି ଧରି ହାତେ,
> ଚାଟଶାଳୀ ଯାନ୍ତି ଆନନ୍ଦେ ପ୍ରଭାତେ । ଛ. ମା.

ଚାଟିବା, କ୍ରି. ବି. (ଦେଶଜ) ଲେହନ କରିବା ।

ଚାଟୁ } ବି. (ଚଟ୍-ଉ) ସ୍ତୁତିବାକ୍ୟ, ଖୋସା-
ଚଟୁ } ମୋଦିଆ କଥା, ମିଥ୍ୟା ପ୍ରିୟବାକ୍ୟ, ଖୋସାମୋଦ । ଯଥା —

> ଫୁଲିଗଲି ମୁଁ ଚାଟୁ ଶୁଣି ମନରେ,
> ଫୁଲିଲକ୍ଷ୍ମୀ ମଧ୍ୟ ଦେଲି ପାଦରେ । ର. ଚ.

ଚାଟୁକାର, ବିଂ. (ଚାଟୁ-କାର) ପ୍ରିୟଭାଷୀ, ଖୋସାମୋଦିଆ ।

ଚାଟୁପଟୁ } ବିଂ. (ଚାଟୁ-ପଟୁ) ଭଣ୍ଡ,ପ୍ରତାରକ,
ଚାଟୁବଟୁ } ଯେଉଁ ବ୍ୟକ୍ତି ଅତ୍ୟନ୍ତ ଖୋଷାମୋଦ କରି ପାରେ ।

ଚାଟୁବାଦ, ବି. ପୁଂ. (ଚାଟୁ-ବାଦ) ପ୍ରିୟବଚନ, ଅନ୍ୟର ପ୍ରୀତି ଜନ୍ମାଇବା ନିମିତ୍ତ ଅନୁଚିତ ପ୍ରିୟବାକ୍ୟ କଥନ ।

ଚାଟୁବାଦୀ } ବିଂ. (ଚାଟୁ-ବାଦୀ,ଭାଷୀ) ଚାଟୁ-
ଚାଟୁଭାଷୀ } କାର,ଖୋଷାମୋଦିଆ ।

ଚାଟୂକ୍ତି, ବି.ସ୍ତ୍ରୀ (ଚାଟୁ-ଉକ୍ତି) ପ୍ରିୟକଥା, ସ୍ତୁତି-ବାକ୍ୟ, ମିଥ୍ୟା ପ୍ରିୟ ବାକ୍ୟ ।

ଚାଣକ୍ୟ,ବି. ପୁଂ. (ଚଣକ-ଯ) ମୁନିବିଶେଷ, ଏ ନନ୍ଦବଂଶ ଧ୍ୱଂସ କରି ଚନ୍ଦ୍ରଗୁପ୍ତଙ୍କୁ ମଗଧ ଦେଶର ସିଂହାସନରେ ପ୍ରତିଷ୍ଠିତ କରିଥିଲେ, ଗ୍ରନ୍ଥକାରବିଶେଷ, ପଣ୍ଡିତବିଶେଷ, ବିଷ୍ଣୁଗୁପ୍ତ, ଗ୍ରନ୍ଥବିଶେଷ ।

ଚାଣୂର, ବି. ପୁଂ. ଦୈତ୍ୟବିଶେଷ,କଂସର ମଲ୍ଲ-ବିଶେଷ ।

ଚାଣ୍ଡି, ବି. (ପ୍ରା. ସମ୍ବଲପୁର) ପିମ୍ପୁଡ଼ି ।

ଚାଣ୍ଡାଲ, ବି. ପୁଂ. ( ଚଣ୍ଡାଲ-ଅ ) ନିଷାଦ, ଚଣ୍ଡାଲ ।

ଚାଣ୍ଡାଲୀ, ବି. ସ୍ତ୍ରୀ. (ଚାଣ୍ଡାଲ-ଈ) ନିଷାଦୀ ।

ଚାଣ୍ଡେ, କ୍ରି ବିଂ. (ଚଣ୍ଡ ଶବ୍ଦଜ ) ଶୀଘ୍ର ଶୀଘ୍ର, ବେଗରେ । ଯଥା—

> ଫୁଲଚାଣ୍ଡ ଫୁଲକୋଦଣ୍ଡ ଚାଣ୍ଡେ ଆକର୍ଣ୍ଣ ଟାଣି,
> ସମ୍ମୋହନ ବାଣ ଚିତ୍ତଙ୍କ ଦେଲେ ହୃଦୟେ ହାଣି ।ଚି.ଭା

ଚାତକ, ବି. ପୁଂ. (ଚତ୍ =ଯାଚ୍ଞା କରିବା-ଅକ, ଯେ ମେଘ ନିକଟରେ ଜଳପ୍ରାର୍ଥନା କରେ) ସୁନାମପ୍ରସିଦ୍ଧ ପକ୍ଷିବିଶେଷ, ଏପରି ପ୍ରବାଦ ଅଛି ଯେ ଚାତକମାନେ ବୃଷ୍ଟିର ଜଳ ବ୍ୟତୀତ ଅନ୍ୟ ଜଳ କଦାଚ ପାନ କରନ୍ତି ନାହିଁ ।

ଚାତକାନନ୍ଦନ, ବି. (ଚାତକ-ଆନନ୍ଦନ ) ବର୍ଷା-କାଳ ।

ଚାତର, ବି. (ଚତୁର ଶବ୍ଦଜ) ବାଲୁଙ୍ଗା, ଗର୍ବ । ଯଥା —

> ସମ୍ପତ୍ତି ବେଳେ ଚାତର ନ କରିବ,
> ବିପତ୍ତି ବେଳେ କାତର ନ ହେବ ।

ଚାତୁର, ବି. ପୁଂ. (ଚତୁର-ଅ) ଗୋଲ ତକିଆ, ଚତୁରତା । ବିଂ. ଚକ୍ଷୁର୍ଗୋଚର,ପ୍ରିୟଭାଷୀ ।

ଚାତୁରିକ, ବି. ପୁଂ. ( ଚତୁର-ଇକ ) ସାରଥି, ରଥାଦି ପରିଚାଳକ ।

ଚାତୁରୀ, ବିଂ. ( ଚତୁର-ଅ-ଈ ) ଚତୁରତା, ନୈପୁଣ୍ୟ,ପ୍ରବଞ୍ଚନା,ଶଠତା ।

ଚାତୁର୍ମାସ୍ୟ, ବି.ନ. (ଚତୁର୍-ମାସ-ଯ) ଚତୁର୍ମାସ-ସାଧ୍ୟ ବ୍ରତବିଶେଷ, ଏହି ବ୍ରତ ଆଷାଢ଼ ମାସର ଶୁକ୍ଳ ଦ୍ୱାଦଶୀ ବା ପୂର୍ଣ୍ଣିମାରେ ଆରମ୍ଭ କରି କାର୍ତ୍ତିକ ମାସର ଶୁକ୍ଳ ଦ୍ୱାଦଶୀରେ ସମାପନ କରିବାକୁ ହୁଏ । ବର୍ଷାକାଳ ଚାରି ମାସର ସମଷ୍ଟି ।

ଚାତୁର୍ଯ୍ୟ, ବି. ନ. ( ଚତୁର-ଯ ) ଚତୁରତା, ନୈପୁଣ୍ୟ,ପ୍ରବଞ୍ଚନା,ଶଠତା ।

ଚାତୁର୍ବର୍ଣ୍ୟ, ବିଂ. (ଚତୁର-ବର୍ଣ୍ଣ-ଯ) ଚତୁର୍ବର୍ଣ୍ଣ-ସମ୍ବନ୍ଧୀୟ । ବି.ପୁଂ. ବ୍ରାହ୍ମଣ,କ୍ଷତ୍ରିୟ,ବୈଶ୍ୟ, ଶୂଦ୍ର ଏହି ଚାରି ଜାତି, ଚାରି ବର୍ଣ୍ଣର ଧର୍ମ ।

ଚାଦର, ବି. (ଯାବନିକ) ଉତ୍ତରୀୟ ବସ୍ତ୍ର ।

ଚାନ୍ଦ, ବି. (ଚନ୍ଦ୍ର ଶବ୍ଦଜ) ଚନ୍ଦ୍ର ।

ଚାନ୍ଦନା, ବି. ( ଯାବନିକ ) ଭୂମିରେ ପ୍ରକାର ସ୍ତମ୍ଭବିଶେଷ, ଘର ବାଡ଼ି ଯେଉଁ ଜମିରେ କରାଯାଏ ।

ଚାନ୍ଦନୀ,ବି. (ଦେଶଜ) ଚତୁର୍ଣ୍ଣି ପ୍ରାଙ୍ଗଣ, ଚନ୍ଦ୍ରତପ, ପିଣ୍ଡା, ଚନ୍ଦ୍ରକିରଣ । ଯଥା—

> ଦେଖେ ନୃପତିନନ୍ଦିନୀ ଭୂପତିଘର ଚାନ୍ଦନୀ,
> ସମରେ ମଣି ଚାନ୍ଦନୀ ଚନ୍ଦ୍ରକୁ ଚାହିଁ । ଲା. ବ.

ଚାନ୍ଦା, ବି. (ଯାବନିକ) ଭେଦା, ( Subscription) ।

ଚାନ୍ଦି, ବି. (ଦେଶଜ) ବିଶୁଦ୍ଧ ରୁପା, ଏକ ଜାତୀୟ ମାଛ, ଗୋଡ଼ ଚଳପା ।

ଚାନ୍ଦଅ, ବିଂ. (ଦେଶଜ) ଯେଉଁ ଜୀବ ମୁଣ୍ଡରେ ଚାନ୍ଦ ଚିହ୍ନ ଥାଏ ।

ଚାନ୍ଦୁଆ, ବି. ( ଚନ୍ଦ୍ରାତପ ଶବ୍ଦଜ ) ଚନ୍ଦ୍ରାତପ, ସାମିଆନା ।

ଚାନ୍ଦ୍ର, ବିଂ. (ଚନ୍ଦ୍ର-ଅ) ଚନ୍ଦ୍ରସମ୍ବନ୍ଧୀୟ, ଚନ୍ଦ୍ରନିର୍ମିତ, ଚାନ୍ଦ୍ରବ୍ୟାକରଣାଧ୍ୟାୟୀ । ବି. ପୁଂ ଚନ୍ଦ୍ରକାନ୍ତମଣି, ତିଂଶତ୍ ତିଥ୍ୟାତ୍ମକ ମାସ, ଚାନ୍ଦ୍ର ମାସ, ଚନ୍ଦ୍ରଲୋକ, ଚାନ୍ଦ୍ରାୟଣବ୍ରତ, ବ୍ୟାକରଣବିଶେଷ ।

ଚାନ୍ଦ୍ରମାସ, ବି. ପୁଂ (ଚାନ୍ଦ୍ର ମାସ) ତିଂଶତ୍ ତିଥ୍ୟାତ୍ମକ ମାସ, ଅମାବାସ୍ୟା ବା ପୂର୍ଣ୍ଣିମା ଠାରୁ ଏହି ମାସର ଗଣନା ଆରମ୍ଭ କରିବାକୁ ହୁଏ ।

ଚାନ୍ଦ୍ରାୟଣ, ବି.ନ. (ଚନ୍ଦ୍ର-ଆୟନ ଅଥବା ଚନ୍ଦ୍ର-ଅୟ-ଅନ) ଚାନ୍ଦ୍ରବ୍ରତ, ଶୁକ୍ଳପ୍ରତିପଦ୍ ଅବଧି ଅମାବାସ୍ୟା ପର୍ଯ୍ୟନ୍ତ ପ୍ରତ୍ୟହ ଭୋଜନନିୟମରୂପ ବ୍ରତ, ପ୍ରାୟଶ୍ଚିତ୍ତବିଶେଷ ।

ଚାପ, ବି. ନ. (ଚପ୍=ବାଣ କ୍ଷେପଣ କରିବା-ଅ, ଅଥବା ଚପ୍=ବଂଶବିଶେଷ-ଅ) ଧନୁ । ଯଥା—

> ନିର୍ଭୟେ ନଇଲେ ଚାଲରେ ସୁଜନ,
> ଚାପେ ଶର ଖଞ୍ଜି ସଙ୍ଗେ ଫାଲଧନ । ନ.କେ.

(ଦେଶଜ) ଓଜନ, ଭାର, ନୌକାବିଶେଷ, ପତ୍ରଖଣ୍ଡ, ସ୍ୱର୍ଣ୍ଣନିର୍ମିତ କର୍ଣ୍ଣାଭରଣବିଶେଷ ।

ଚାପଡ଼ } ବି. ( ଚପେଟ ଶବ୍ଦଜ ) କରତଳ
ଚାପୁଡ଼ା } ପ୍ରହାର, ଚପେଟ, ଥାପଡ଼ ।

ଯଥା—

> ହନୁ ତାହାଙ୍କୁ ଚାପଡ଼େ ମାଇଲେ,
> ଭୟରେ ଦେଖା ତାଙ୍କୁ ଦେଲେ । ବି.ଘ.

ଚାପଡ଼ାଇବା } କ୍ରି. (ଦେଶଜ) କରତଳଦ୍ୱାରା
ଚାପୁଡ଼ାଇବା } ଆଘାତ କରିବା, ଚପେଟାଘାତ କରିବା ।

ଚାପଦଣ୍ଡ, ବି. ଯାହାଦ୍ୱାରା ଜଳାଦି ଉର୍ଦ୍ଧ୍ୱଗତ ଓ ଅଧୋଗତ ହୁଏ, ଯେପରି ପିଚକାରୀର ଦଣ୍ଡ ।

ଚାପଲ } ବି. ନ (ଚପଳ-ଅ,ଯ) ଚପଳତା,
ଚାପଲ୍ୟ } ଚଞ୍ଚଳତା, ଅସ୍ଥୈର୍ଯ୍ୟ, ଔଦ୍ଧତ୍ୟ, ଅନବସ୍ଥିତି, ଅବିମୃଷ୍ୟକାରିତା ।

ଚାପସରି, ବି (ଦେଶଜ) କର୍ଣ୍ଣାଭରଣବିଶେଷ, ଚନ୍ଦ୍ରହାର ପରି କଟିର ଆଭରଣ ।

ଚାପିବା, କ୍ରି. ବି. (ଦେଶଜ) ଓଜନ ବା ଭାର ପ୍ରଦାନ କରିବା । ଯଥା—

> ନଳଙ୍କ ଚରଣେ ଚାପିଲେ ।

ଚାମର } ବି. (ଚମସ୍ ଶବ୍ଦଜ) ଚାଙ୍କି ।
ଚାମଚ }

ଚାମର ନ. } ବି. (ଚମର-ଅ,ଈ) ଚମରୀପୁଚ୍ଛ-
ଚାମରୀ ସ୍ତ୍ରୀ. } ନିର୍ମିତ ବ୍ୟଜନବିଶେଷ, ବାଳବ୍ୟଜନ, ଚଅଁର । ଯଥା—

> ଚାମର ମୟୂରପୁଚ୍ଛ ଯା ଗଳନ୍ତି ନାଉଁଛନ୍ତି କେଶ ।

ଚାମରପୁଷ୍ପ, ବି. ପୁଂ. ( ଚାମର-ପୁଷ୍ପ ) ଗୁଆଗଛ, ଆମ୍ରବୃକ୍ଷ, କିଆଫୁଲ ଗଛ, କାଶତୃଣ ।

ଚାମରୀ, ବି ପୁଂ. ( ଚାମର-ଇନ୍ ) ଘୋଟକ ଅଶ୍ୱ ।

ଚାମୀକର, ବି. ନ. ( ଚାମୀକର-ଅ ) ସ୍ୱର୍ଣ୍ଣ ଯଥା—

> ଚାମୀକର ଚାରୁଶିରୀ-ମଣି ସେ କେଉଁ ଅମରୀ,
> ଚାହିଁ ନାହିଁ ହଜେ ମୋ ନୟନ ।

ଚାମୁଣ୍ଡା, ବି. ସ୍ତ୍ରୀ. (ଚଣ୍ଡ=ଅସୁରବିଶେଷ-ମୁଣ୍ଡ=ଅସୁରବିଶେଷ, ଚଣ୍ଡ ସ୍ଥାନରେ ଚା, ଚଣ୍ଡମୁଣ୍ଡଙ୍କୁ ଆକ୍ରମଣ କରି ଆଣିଥିଲେ ବୋଲି ଏହାଙ୍କ ନାମ ଚାମୁଣ୍ଡା, ଅଥବା ଚମୂ=ସେନା, ଲା=ଗ୍ରହଣ କରିବା-ଡ) ଦୁର୍ଗା ।

ଚାମ୍ପେୟ, ବି. ନ. (ଚମ୍ପା-ଏୟ) ଚମ୍ପକ, ନାଗକେଶର, ସ୍ୱର୍ଣ୍ଣ, କିଞ୍ଜଳ୍କ ।

ଚାର, ବି. ପୁଂ. ( ଚର୍-ଅ ) ଗତି, ସଞ୍ଚାର, କାରାଗାର, ଶୃଙ୍ଖଳ, ବନ୍ଧନ, ଗୁପ୍ତଚର, ପ୍ରଣିଧି । ନ. କୃତ୍ରିମ ବିଷ । (ଗୁପ୍ତଚର ଅର୍ଥରେ) । ଯଥା—

> ଧନକୁ ଉପଚାର ଧନକୁ କି ବିଚାର,
> ପେଷ ଚ ନ ପଚାର ଚାର ଗୋ ସହଚରି । ଲ ବ.

ଦେଉଳ ବା କୋଠା ନିର୍ମାଣରେ ବନ୍ଧା ସିଢ଼ି ।

ଚାରଚକ୍ଷୁଃ, ବି. ପୁଂ. ( ଚାର-ଚକ୍ଷୁଃ ) ରାଜା, ନୃପତି ।

ଚାରଣ, ବି. ପୁଂ. ( ଚାର-ଅନ ) ନଟ, ଦେବ-ଯୋନିବିଶେଷ, ଧର୍ମଶାସ୍ତ୍ରପାଠକ, ଭାଟ, କାରାଗାର, ବନ୍ଦୀ, ସ୍ତୁତିପାଠକ । କ୍ରି. ଚରାଇବା । ଯଥା—

ଧୀରେ ଯେବେ ଧୀରେ କୃଷ୍ଣ ଚଳନ୍ତି,
ଧେନୁ ଗୋଚାରଣେ ହେଲେ ବହୁତ । ର. ଚ.

ଚାରଣୀ } (ଦେଶଜ) ଚାରି ଅଣା ମୂଲ୍ୟର ମୁଦ୍ରା
ଚାରିଅଣୀ } ଖଣ୍ଡ ।

ଚାରବାୟୁ, ବି. ପୁଂ. (ଚାର-ବାୟୁ) ଗ୍ରୀଷ୍ମକାଳୀନ ବାୟୁ ।

ଚାରଭଟ, ବି. ପୁଂ. (ଚାର-ଭଟ) ବୀର, ଯୋଦ୍ଧା ।

ଚାରା, ବି. ( ଦେଶଜ ) କ୍ଷୁଦ୍ର ବୃକ୍ଷ, ସାନ ଗଛ, ଉପାୟ । ଯଥା—

ଅପ୍ରକଟ ହୋଇ ରହିବାପାଇଁ କାହିଁ ଚା ରା ।

ଚାରି, ବିଂ. (ଚତୁର ଶବ୍ଦଜ) ୪ ସଂଖ୍ୟା

ଚାରିଆଖି, ବି. ( ଦେଶଜ ) ସାକ୍ଷାତ୍କାର, ଦେଖା ।

ଚାରିକାତ, ବି. (ଦେଶଜ) ଦୁଇ ହାତ ଓ ଦୁଇ ଗୋଡ଼ ।

ଚାରିଖାନ, ବିଂ. (ଦେଶଜ) ଚତୁର୍ବିଧ ।

ଚାରିଜାମା, ବି. (ଦେଶଜ) ଅଶ୍ୱସଜ୍ଜାବିଶେଷ ।

ଚାରିତ, ବିଂ. (ଚାର-ତ) ସଞ୍ଚାରିତ ।

ଚାରିତ୍ର } ବି. ନ. ( ଚରିତ୍ର-ଅ,ଯ ) ଚରିତ୍ର,
ଚାରିତ୍ର୍ୟ } ସ୍ୱଭାବ, ଦୁଷ୍ଟଚରିତ୍ର ।

ଚାରପାଇ ବି. ( ଯାବନିକ ) କାଷ୍ଠନିର୍ମିତ ଚାରି ଗୋଡ଼ବିଶିଷ୍ଟ କ୍ଷୁଦ୍ର ଖଟବିଶେଷ ।

ଚାରୁ, ବିଂ. ( ଚାର୍-ଉ ) ସୁନ୍ଦର, ମନୋହର, ସୁଦୃଶ୍ୟ ।

ଚାରୁଧାରା, ବି. ସ୍ତ୍ରୀ. (ଚାରୁ-ଧାର-ଆ) ଇନ୍ଦ୍ରପତ୍ନୀ, ଶଚୀ, ମନୋହର ପ୍ରଭାବ । ଯଥା—

ବଚନକୁ ଅନୁଗମନ, କର ଜାହ୍ନବୀ ଶୋଭନ,
ହରେ ସୁରବର ତାପ ଚାରୁଧାରା,ସେ । ବୈ. ବ.

ଚାରୁନାଳକ, ବି.ନ. (ଚାରୁ-ନାଳକ) ଦ୍ରାକ୍ଷାଲତା ।

ଚାରୁଲୋଚନ, ବି. ପୁଂ. ( ଚାରୁ-ଲୋଚନ ) ହରିଣ ।

ଚାରୁଲୋଚନା, ବି. ସ୍ତ୍ରୀ. ( ଚାରୁ-ଲୋଚନ-ଆ ) ହରିଣାକ୍ଷୀ । ବିଂ. ସୁନ୍ଦରନେତ୍ରା ।

ଚାରୁଶିଳା, ବି. ସ୍ତ୍ରୀ. ( ଚାରୁ-ଶିଳା ) ମଣି, ରତ୍ନ ।

ଚାରୁଶୀଳ, ବିଂ. ( ଚାରୁ-ଶୀଳ ) ସୁଶୀଳ, ସତ୍-ସ୍ୱଭାବ । ଳା, ସ୍ତ୍ରୀ. ସତ୍‌ସ୍ୱଭାବା ।

ଚାର୍ବାକ ବି. ପୁଂ. (ଚାରୁ-ବାକ୍) ନାସ୍ତିକବିଶେଷ, ତାର୍କିକବିଶେଷ, ଚାର୍ବାକ ମତରେ ସଚେତନ ଦେହ ଭିନ୍ନ ଆତ୍ମା ନାହିଁ, ଏମାନଙ୍କ ମତରେ ପୃଥିବୀ, ଜଳ, ବାୟୁ ଓ ଅଗ୍ନି ଏହି ଚାରି ଭୂତରୁ ସମୁଦାୟ ବସ୍ତୁ ସୃଷ୍ଟି ହୋଇଅଛି । ଚାର୍ବାକ ମତାବଲମ୍ବିମାନେ ପରଲୋକ ଓ ପୁନର୍ଜନ୍ମ ସ୍ୱୀକାର କରନ୍ତି ନାହିଁ, ବୃହସ୍ପତି ଏହି ମତର ପ୍ରବର୍ତ୍ତୟିତା ।

ଚାର୍ବୀ, ବି. ସ୍ତ୍ରୀ. (ଚାରୁ-ଈ) ମନୋହାରିଣୀ ସ୍ତ୍ରୀ, କୁବେରପତ୍ନୀ, ଜ୍ୟୋତ୍ସ୍ନା, ଦୀପ୍ତି ।

ଚାଲ, ବି. ପୁଂ. (ଚଲ୍-ଅ) ଗୃହର ଆଚ୍ଛାଦନ ।

ଚାଲ୍, ବି, (ଦେଶଜ) ରୀତି, ପ୍ରଥା, ଧରଣ, ଆଚରଣ ।

ଚାଲକ, ବି ପୁଂ. (ଚାଲ-ଅକ) ମତ୍ତ ହସ୍ତୀ । ବିଂ. ଯେଉଁ ବ୍ୟକ୍ତି ଚଳାଏ । ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯେ ନେଇଯାଏ ।

ଚାଲନ, ବି. ନ. ( ଚାଲ-ଅନ ) ଏକ ସ୍ଥାନରୁ ସ୍ଥାନାନ୍ତରକୁ ନୟନ, ଚଳାଣ ।

ଚାଲନା, ବି. ସ୍ତ୍ରୀ.(ଚାଲନ-ଆ)ଚର୍ଚ୍ଚା,ଅନୁଶୀଳନ, ସୂଚନା, ପ୍ରସ୍ତାବ ।

ଚାଲନୀ, ବି (ଚାଲ-ଅନ-ଈ) ଚାଲୁଣୀ ।

ଚାଲ୍‌ଚୁଲ୍, ବି. ( ଦେଶଜ ) ଚାଲିବା, ବୁଲିବା, ଗତାୟାତ ।

ଚାଲାଖ, ବିଂ. (ଯାବନିକ)ଚତୁର, ନିପୁଣ, ଦକ୍ଷ । ଖୀ, ଚତୁରତା ।

ଚାଳ } ବି. (ଦେଶଜ) କ୍ଷୁଦ୍ର ଚାଳ, ଚାଳ-
ଚାଳିଆ } ସଂଲଗ୍ନ କ୍ଷୁଦ୍ର ଗୃହ ।

ଚାଳିତ, ବିଂ. (ଚାଳି-ତ) ଯାହା ଚାଳଣ ହୋଇଅଛି, ସ୍ଥାନାନ୍ତରିତ, ପ୍ରସ୍ତାବିତ, ଅନୁଶୀଳିତ ।

ଚାଲିବା, କ୍ରି. ବି. (ଚାଲ ଧାତୁଜ) ଗମନ କରିବା ।

ଚାଳିଶ, ବିଂ. (ଚତ୍ୱାରିଂଶତ୍ ଶବ୍ଦଜ) ସଂଖ୍ୟାବିଶେଷ, ୪୦ ।

ଚାଳିଶା, ବି. (ଦେଶଜ) ନେତ୍ରରୋଗବିଶେଷ, ପ୍ରାୟ ୪୦ ବର୍ଷ ବୟସରେ ହେବା ଚକ୍ଷୁ ଦୃଷ୍ଟିବିଶେଷ ।

ଚାଲୁଣୀ, ବି. ସ୍ତ୍ରୀ. (ଚାଳନୀ ଶବ୍ଦଜ) ଶସ୍ୟାଦି ଛାଣିବା ନିମିତ୍ତ ବହୁ ଛିଦ୍ରଯୁକ୍ତ ପାତ୍ର ।

ଚାକୁ, ବି. (ଯାବନିକ) ଚାକୁକାଠି, କଟୁ ।

ଚାବୁକ, ବି. (ଯାବନିକ) କୋରଡ଼ା, ଛାଟଣୀ ।

ଚାଷ } ବି. ପୁଂ. (ଚଷ୍ = ଭକ୍ଷଣ କରିବା-ଅ)
ଚାସ } ଚାତକ, ଭଦଭଦଳିଆ ଚଢ଼େଇ, (ଦେଶଜ) କୃଷିକର୍ମ ।

ଚାଷୀ, ବି. (ଦେଶଜ) କୃଷକ, କୃଷିଜୀବୀ ।

ଚାଷୁଣୀ, ବି. (ଦେଶଜ) ଚଷାର ସ୍ତ୍ରୀ ।

ଚାହାଣୀ, ବି. (ଦେଶଜ) ଅନାଇବା । ଯଥା—

ଉଦାସୀନ ବାଣୀ ଅଟଳ ଚାହାଣୀ,
ଛୁଟେ ହୃଦପୁର କହଇ କାହାଣୀ । ନ.କେ.

ଚାହାଳୀ, ବି. (ଦେଶଜ) ଚାଟଶାଳୀ, ଗ୍ରାମ୍ୟବିଦ୍ୟାଳୟ ।

ଚାହିଁବା, କ୍ରି. ବି. (ଦେଶଜ) ଦେଖିବା, ଅନାଇବା ।

ଚାହିଦା, ବି. (ଗ୍ରାମ୍ୟ) ପ୍ରୟୋଜନ ।

ଚାହିବା, କ୍ରି. (ଦେଶଜ) ମାଗିବା, ପ୍ରାର୍ଥନା କରିବା । ଯଥା—

ନୃପତି ବୋଇଲେ ଆଉ ଯା ଚାହିଁବ ଦେବ,
ଏ ଗୋରକ୍ଷୁ ମୁଁ କେବେହେଁ ଛାଡ଼ି ନ ପାରିବ । ବେ.ପ.

ଚିଅଁ, ବି. (ଦେଶଜ) ତପ୍ତ ଲୌହାଦିଦ୍ୱାରା ପଶୁ କିମ୍ବା ମନୁଷ୍ୟ ଶରୀରରେ ଦାଗ ଦେବା ।

ଚିକ୍, ବି. (ଦେଶଜ) କଣ୍ଠାଭରଣ, ବାଉଁଶ କାଠିନିର୍ମିତ ପରଦାବିଶେଷ ।

ଚିକ୍‌ଚିକ୍, ବିଂ. (ଦେଶଜ) ଜକଜକ, ଝକଝକ ।

ଚିକ୍‌ଟା, ବିଂ. (ଦେଶଜ) ଅଠାଳିଆ ।

ଚିକଣ, ବିଂ. (ଚିକ୍କଣ ଶବ୍ଦଜ) ସ୍ନିଗ୍ଧ, ଝକଝକିଆ, ସୁଶ୍ରୀ । ଯଥା—

ଗୃହରୁ ସୁମନାକୁ ଚାହିଁ, ଚିକଣ କାନ୍ଥିଅ କହୁ । ବି.ଚ.

ବି. ତେଲ ଦେଇ ଲହୁଣୀ ପ୍ରଭୃତି ସ୍ନେହବସ୍ତୁ ।

ଚିକିତ୍ସକ, ବି. ପୁଂ. (କିତ୍ = ରୋଗ ନାଶ କରିବା-ସ-ସ୍ୱାର୍ଥେ, ଦ୍ୱିତ୍ୱ = ଚିକିତ୍ସ-ଅକ) ବୈଦ୍ୟ ।

ଚିକିତ୍ସା, ବି. ସ୍ତ୍ରୀ. (ଚିକିତ୍ସ-ଆ) ରୋଗ ପ୍ରତୀକାର ।

ଚିକିତ୍ସିତ, ବିଂ. (ଚିକିତ୍ସ-ତ) ଯାହାର ଚିକିତ୍ସା ହୋଇଅଛି । ବି. ନ. ଚିକିତ୍ସା କରିବା ।

ଚିକିତ୍ସ୍ୟ, ବିଂ. (ଚିକିତ୍ସ-ଯ) ପ୍ରତିକାର୍ଯ୍ୟ ।

ଚିକିଲ, ବି. ପୁଂ. (ଚିକ୍-ଇଲ) ପଙ୍କ, କାଦୁଅ ।

ଚିକୀର୍ଷା, ବି. ସ୍ତ୍ରୀ. (କୃ-ସ, ଇଚ୍ଛାର୍ଥେ-ଅ) କରିବାର ଇଚ୍ଛା ।

ଚିକୀର୍ଷିତ, ବିଂ. (ଚିକୀର୍ଷ-ତ) କରିବାନିମିତ୍ତ ଅଭିପ୍ରେତ, ବାଞ୍ଛିତ ।

ଚିକୀର୍ଷୁ, ବିଂ. (ଚିକୀର୍ଷ-ଉ) କରିବାକୁ ଇଚ୍ଛୁକ ।

ଚିକୁର, ବି. ପୁଂ. (ଚି = ବର୍ଦ୍ଧିତ ହେବା-କୁର, ଅଥବା, ଚି = ଅବ୍ୟକ୍ତ ଶବ୍ଦ-କୁର୍ = ଶବ୍ଦ କରିବା-ଅ) କେଶ, ପର୍ବତ, ସରୀସୃପ, ସର୍ପ, ପକ୍ଷିବିଶେଷ । ବିଂ. ଚପଳ, ଚଞ୍ଚଳ, ଅପରାଧୀ । (କେଶ ଅର୍ଥରେ) ଯଥା—

ଶ୍ରଦ୍ଧାରେ କରନ୍ତି ଯୋଷା ଚୂର୍ଣ୍ଣ ଚିକୁରକୁ ଶୋଷା,
ଦିଶନ୍ତି ଯତ୍ନଚଉଁରି ରତ୍ନଭଉଁରି । ଲ.ବ.

ଚିକ୍କଣ, ବିଂ. (ଚିତ୍-କଣ, ଚିତ୍ = କ୍) ସ୍ନିଗ୍ଧ, ଚିକଚିକିଆ, ସୁଶ୍ରୀ । ବି. ପୁଂ. ଗୁଆ ଗଛ । ନ. ଗୁଆ ।

ଚିଙ୍ଗଟ } ବି. ପୁଂ. (ଚିଙ୍ଗ-ଅଟ, ଏଟ,
ଚିଙ୍ଗୋଟ } ଅଡ଼ି) ଚିଙ୍ଗୁଡ଼ି ମାଛ ।
ଚିଙ୍ଗଡ଼ି }

ଚିଙ୍ଗଟୀ, ବି. ସ୍ତ୍ରୀ. (ଚିଙ୍ଗଟ-ଈ) ଛୋଟ ଚିଙ୍ଗୁଡ଼ି ।

ଚିଙ୍ଗୁଡ଼ି, ବି. (ଚିଙ୍ଗଟ ଶବ୍ଦଜ) ମତ୍ସ୍ୟବିଶେଷ ।

ଚିଙ୍ଗୁଡ଼ିଆ ଦଳ, ବି. (ଦେଶଜ) ଏକ ଜାତୀୟ କ୍ଷୁଦ୍ର ଦଳ ।

ଚିଚିଣ୍ଡା, ବି. ପୁଂ. ଫଳବିଶେଷ, ଛଚିନ୍ଦା ।

ଚିଚ୍ଛକ୍ତି, ବି. ସ୍ତ୍ରୀ. ( ଚିତ୍-ଶକ୍ତି ) ଚୈତନ୍ୟ, ଚିତ୍ତଜ୍ଞାନ ।

ଚିଜ, ବି. (ଯାବନିକ) ପଦାର୍ଥ, ଦ୍ରବ୍ୟ ।

ଚିଟା, ବିଂ. ( ଦେଶଜ ) ଅଠାଅଠା, ଚହଟିଆ, ବିରକ୍ତ ।

ଚିଠାଉ, ବି. (ଦେଶଜ) ପତ୍ର, ଲିପି । ଯଥା —

ନ ନଳିନ୍ଦୁଙ୍କର ପଦ୍ମପାଦେ ଚିତ୍ତ ଥାଇ,
ରାଜସୁତା ପ୍ରୀତି କି ଭଣିଲାକୁ ଚିଠାଇ । ଦେ. ୟ.

ଚିଠା, ବି. (ଦେଶଜ) ଖସଡ଼ା, Draft

ଚିଠି, ବି. (ଦେଶଜ) ପତ୍ର, ଲିପି ।

ଚିଡ଼ଲ } ବିଂ. ( ଦେଶଜ ) ରାଗୀ, କୋପନ-
ଚିଡ଼ା } ସ୍ୱଭାବବିଶିଷ୍ଟ ।

ଚିଡ଼ିଆଖାନା, ବି. ( ହିନ୍ଦୀ ) ପକ୍ଷିମାନଙ୍କୁ ରଖିବା ସ୍ଥାନ ।

ଚିଡ଼ିବା, କ୍ରି. (ଦେଶଜ) ବିରକ୍ତ ହେବା, ରାଗିବା ।

ଚିତ, ବିଂ. ( ଚି-ତ) ଆଚ୍ଛାଦିତ, ବ୍ୟାପ୍ତ, ରଚିତ, ଗୁମ୍ଫିତ, ସଞ୍ଚିତ । ବି, (ଚିତ୍ତ ଶବ୍ଦର ପଦ୍ୟ ପ୍ରୟୋଗ, ମନ, ଚିତ୍ତ ।

ଚିତଉ, ବି. (ଦେଶଜ) ପିଷ୍ଟକବିଶେଷ ।

ଚିତଳ, ବି. ( ଦେଶଜ ) ଫଲୀମଛ ପରି ଏକ ପ୍ରକାର ମାଛ ।

ଚିତା, ବି.ସ୍ତ୍ରୀ. ( ଚିତ-ଅ ) ଶବଦାହ ସ୍ଥାନ, ଚୁଲ୍ଲୀ, ଶବଦାହପାଇଁ ଭୂମିରେ ଚୁଲ୍ଲୀ କରି ତହୁପରି ସଜ୍ଜିତ କାଷ୍ଠରାଶି । ( ଚିହ୍ନ ଶବ୍ଦଜ ) ତିଳକ, ଚିହ୍ନ ।

ଚିତାକାଟିବା, କ୍ରି. (ଦେଶଜ ) ତିଳକ କରିବା, ପ୍ରତାରଣା କରିବା ।

ଚିତାବାଘ, ବି. ପୁଂ. ବ୍ୟାଘ୍ରବିଶେଷ ।

ଚିତି, ବି.ସ୍ତ୍ରୀ. (ଚି-ତି) ଚିତା, ସମୂହ, ରାଶି, ଚୟ, ଇଷ୍ଟକାଦି ପରିମାଣନିରୂପକ ଅଙ୍କବିଶେଷ, ଇଷ୍ଟକାଦି ପୁଞ୍ଜ, ନିର୍ବିଷୟ ଜ୍ଞାନ ।

ଚିତିମାରିବା, କ୍ରି. (ଦେଶଜ) ଶୂନ୍ୟରେ ଲକ୍ଷ୍ୟ ଦେଇ ଫିଙ୍ଗିବା, ଚିତ୍ର ପରି ଦାଗ ପଡ଼ିବା ।

ଚିତିସାପ, ବି. (ଚିତ୍ରସର୍ପ ଶବ୍ଦଜ) ସର୍ପବିଶେଷ ।

ଚିତୋଇବା, କ୍ରି. (ଦେଶଜ) ମନେ ପକାଇବା ।

ଚିତ୍, ବି. ସ୍ତ୍ରୀ. (ଚିତ୍-୦) ଜ୍ଞାନ, ଚୈତନ୍ୟ । ଅଂ. ଅସାକଲ୍ୟ । ଯଥା — କିଞ୍ଚିତ୍, କଦାଚିତ୍, ଉତ୍ଥାନ ।

ଚିତ୍କାର, ବି. ( ଚିତ୍-କୃ-ଅ ) ଡାକପକାଇବା, ଉଚ୍ଚଶବ୍ଦ ।

ଚିତ୍ତ, ବି.ନ. (ଚିତ୍-ତ) ମନଃ, ହୃଦୟ, ଅନ୍ତଃକରଣ ।

ଚିତ୍ତଜ୍ଞ, ବିଂ. (ଚିତ୍ତ-ଜ୍ଞ) ଯେ ମନର ଭାବ ବୁଝିପାରେ ।

ଚିତ୍ତଜ, ବି.ପୁଂ. (ଚିତ୍ତ-ଜ) କନ୍ଦର୍ପ, ମନୋଜ, ମନୋଭବ ।

ଚିତ୍ତପ୍ରସାଦ, ବି. ପୁଂ. ( ଚିତ୍ତ-ପ୍ରସାଦ ) ମନର ସନ୍ତୋଷ । ଯଥା—

ସଦା ନୌମିତ୍ରି ମୂର୍ତ୍ତି ଚିରପ୍ରକମ୍ପରେ
ବସନ୍ତ ଯେସନେ ମୋର ଚିତ୍ତ ପ୍ରସାଦରେ । ବ. ବ.

ଚିତ୍ତବିକ୍ଷେପ, ବି. ପୁଂ. ଦୁଃଖକର ବିଷୟରୁ ନିବୃତ୍ତ ହୋଇ ସର୍ବଦା ସୁଖକର ବିଷୟରେ ଚିତ୍ତର ପ୍ରବୃତ୍ତି, ଏହା ଅବସ୍ଥା ଯୋଗର ବ୍ୟାଘାତକ ।

ଚିତ୍ତବିପ୍ଳବ } ବି. ପୁଂ. ( ଚିତ୍ତ-ବିପ୍ଳବ, ବିଭ୍ରମ )
ଚିତ୍ତବିଭ୍ରମ } ବୁଦ୍ଧିଭ୍ରଂଶ, ଉନ୍ମାଦ, ବାତୁଳତା ।

ଚିତ୍ତବୃତ୍ତି, ବି. ସ୍ତ୍ରୀ. ( ଚିତ୍ତ ବୃତ୍ତି ) ମନୋବୃତ୍ତି, ମୈତ୍ରୀ, କରୁଣା, ମୁଦିତା, ଉପେକ୍ଷା ଏହି ଚତୁର୍ବିଧ ଚିତ୍ତର ଅବସ୍ଥା, ମନୋଗତ ଭାବ, ମାନସିକ ଧର୍ମ ।

ଚିତ୍ତସମୁନ୍ନତି, ବି. ସ୍ତ୍ରୀ. (ଚିତ୍ତ-ସମୁନ୍ନତି) ଅଭିମାନ, ଅହଙ୍କାର, ଚିତ୍ତର ଉନ୍ନତ ଅବସ୍ଥା ।

ଚିତ୍ପାତ, ବି. (ଚିତ୍-ପାତ) ଚିତ୍ ହୋଇ ପଡ଼ିବା ।

ଚିତ୍ୟ, ବି. ପୁଂ. (ଚିତା-ଯ, ଅଥବା ଚିତ୍-ଯ) ଅଗ୍ନି ।

ଚିତ୍ୟା, ବି. ସ୍ତ୍ରୀ. (ଚିତ୍ୟ-ଆ) ଚିତା, ଚୟନ ।

ଚିତ୍ର, ବି. ନ. ( ଚିତ୍ର-ଅ ) ଆଶ୍ଚର୍ଯ୍ୟ, ଆଲେଖ୍ୟ, ଛବି, ରଙ୍ଗ ଦେବା, ତିଳକ, ଶବ୍ଦାଲଙ୍କାରବିଶେଷ । ପୁଂ. ଆକାଶ, ଯମ, ଚିତା ଗଛ, ଏରଣ୍ଡ ବୃକ୍ଷ, ନାନା ବର୍ଣ୍ଣ, କର୍ବୁର ବର୍ଣ୍ଣ । ବିଂ. ନାନାବର୍ଣ୍ଣଯୁକ୍ତ । ନାନାବିଧ. ଆଶ୍ଚର୍ଯ୍ୟଜନକ । ଯଥା—

ଭାଲ ଅଙ୍ଗ ତୋଇ ଚିତ୍ର ଅନ୍ତସରେ । ଚନ୍ଦ୍ରିକା ।

ଚିତ୍ରକ, ବି. ନ. ( ଚିତ୍ର-କ ) ଚିତ୍ର, ତିଳକ । (ଚିତ୍ର-କୈ-ଅ) ପୁଂ. ବ୍ୟାଘ୍ରବିଶେଷ, ଚିତାବାଘ । ( ଚିତ୍ର ଅକ ) ବିଂ. ଚିତ୍ରକାରକ ।

ଚିତ୍ରକଣ୍ଠ, ବି. ପୁଂ. (ଚିତ୍ର-କଣ୍ଠ) ବନକପୋତ ।

ଚିତ୍ରକମ୍ବଳ, ବି. ପୁଂ. ( ଚିତ୍ର-କମ୍ବଳ ) ଗାଲିଚା, ଚିତ୍ରିତ ଆସନ ।

ଚିତ୍ରକର, ଚିତ୍ରକୃତ, ଚିତ୍ରକାର } ବି. ପୁଂ. ( ଚିତ୍ର-କର, କୃତ୍, କାର ) ବର୍ଣ୍ଣସଙ୍କର ଜାତିବିଶେଷ, ଏମାନେ ଛବି ଲେଖନ୍ତି ।

ଚିତ୍ରକାୟ, ବି. ପୁଂ. (ଚିତ୍ର-କାୟ) ଚିତ୍ରକ, ଚିତାବାଘ ।

ଚିତ୍ରକାବ୍ୟ, ବି. ନ. ପଦ୍ମବନ୍ଧ ପ୍ରଭୃତି ଘଟିତ କାବ୍ୟ ।

ଚିତ୍ରକୂଟ, ବି ପୁଂ. ( ଚିତ୍ର-କୂଟ ) ରାମଗିରି, ବୁନ୍ଦେଲଖଣ୍ଡ ଦେଶର ପ୍ରସିଦ୍ଧ କାମତାପାହାଡ଼, ବର୍ତ୍ତମାନ ତାହା ଚିତ୍ରକୋଟ ନାମରେ ପ୍ରସିଦ୍ଧ । ଯଥା—

ଚରଣ ଗମନ ଚିତ୍ରେ ଚିତ୍ରକୂଟ ଗିରି । କ. ଚ.

ଚିତ୍ରଗତ, ବିଂ. ( ଚିତ୍ର-ଗତ ) ଚିତ୍ରାର୍ପିତ, ଚିତ୍ରଲିଖିତ ।

ଚିତ୍ରଗନ୍ଧ, ବି. ନ. ( ଚିତ୍ର-ଗନ୍ଧ ) ହରିତାଳ ।

ଚିତ୍ରଗୁପ୍ତ, ବି. ପୁଂ. ( ଚିତ୍ର ଗୁପ୍ତ ) ଯମବିଶେଷ, ଚତୁର୍ଦ୍ଦଶ ଯମ ମଧ୍ୟରୁ ଏକ ଯମ, ଯମର ଲେଖକ ।

ଚିତ୍ରଣ, ନ. ଚିତ୍ରଣା, ସ୍ତ୍ରୀ. } ବି. ( ଚିତ୍ର ଅନ, ଅନ-ଆ ) ଲିଖନ, ଚିତ୍ରକରଣ ।

ଚିତ୍ରପଟ, ବି. ପୁଂ. ( ଚିତ୍ର-ପଟ ) ଛବି ଅଙ୍କିତ ହୋଇଥିବା ବସ୍ତ୍ରଖଣ୍ଡ, ଆଲେଖ୍ୟପଟ । ଯଥା—

ହେ ଚିତ୍ରପଟ ବ୍ରହ୍ମାଣ୍ଡ ଆଧାର,
ଜ୍ୟୋତିର୍ମୟ ଜଗତ ନିତ୍ୟ ନମସ୍କାର ।

ଚିତ୍ରପିଚ୍ଛକ, ବି. ପୁଂ. ( ଚିତ୍ର-ପିଚ୍ଛ, କ ଯୋଗ ) ମୟୂର ।

ଚିତ୍ରପୁଙ୍ଖ, ବି. ପୁଂ (ଚିତ୍ର-ପୁଙ୍ଖ) ଶର, ବାଣ ।

ଚିତ୍ରପୃଷ୍ଠ, ବି. ପୁଂ. ( ଚିତ୍ର-ପୃଷ୍ଠ ) ଘରଚଟିଆ ପକ୍ଷୀ ।

ଚିତ୍ରଫଳ, ବି. ପୁଂ. (ଚିତ୍ର-ଫଳ) ଚିତଳ ମାଛ ।

ଚିତ୍ରଫଳକ, ବି. ନ. ( ଚିତ୍ର-ଫଳକ ) ଯାହା ଉପରେ ଛବି ଅଙ୍କାଯାଏ ।

ଚିତ୍ରଭାନୁ, ବି. ପୁଂ. (ଚିତ୍ର-ଭାନୁ) ଅଗ୍ନି, ସୂର୍ଯ୍ୟ, ଭୈରବ, ଅର୍କବୃକ୍ଷ ।

ଚିତ୍ରଯୋଧୀ, ବି. ପୁଂ. ( ଚିତ୍ର-ଯୋଧୀ ) ଅର୍ଜୁନ, ଅର୍ଜୁନ ବୃକ୍ଷ । ବିଂ. ଯେ ଅଦ୍ଭୁତରୂପେ ଯୁଦ୍ଧ କରେ ।

ଚିତ୍ରରଥ, ବି. ପୁଂ. (ଚିତ୍ର-ରଥ) ସୂର୍ଯ୍ୟ, ଗନ୍ଧର୍ବବିଶେଷ, ଏ ଦକ୍ଷ କନ୍ୟା ଗର୍ଭରେ କଶ୍ୟପଙ୍କ ଔରସରେ ଜନ୍ମଗ୍ରହଣ କରିଥିଲେ । ଯଥା—

କେତେ ଚିତ୍ରରଥ ଗନ୍ଧର୍ବପ୍ରଭୃ
ଅଳକା ଧନେ ହେଉଛନ୍ତି କିମ୍ପୁ । କୋ. ବ୍ର ସୁ.

ଚିତ୍ରଶାଳା, ପୁଂ. ଚିତ୍ରଶାଳିକା, ସ୍ତ୍ରୀ. } ବି. (ଚିତ୍ର-ଶାଳା, ଇକ-ଆ) ଚିତ୍ରବହୁଳ ଗୃହ, ଯେଉଁ ସ୍ଥାନରେ ପ୍ରକୃତ ଇତିବୃତ୍ତ, ପଦାର୍ଥ, ମୀମାଂସା ଓ ସାହିତ୍ୟ ବିଦ୍ୟାସଂକ୍ରାନ୍ତ ଏବଂ ଶିଳ୍ପସାଧିତ କୌତୂହଳୋଦ୍ବୋଧକ ବସ୍ତୁ ସମୂହ ସ୍ଥାପିତ ଥାଏ, ଚିତ୍ରକରଣ ଗୃହ ।

ଚିତ୍ରଶୈଖଣ୍ଡିଜ, ବି. ପୁଂ. ( ଚିତ୍ରଶିଖଣ୍ଡୀ=ସପ୍ତର୍ଷି ମଧ୍ୟରେ ଜଣେ – ଅଙ୍ଗିରାଃ ଜନ୍-ଅ ) ବୃହସ୍ପତି ।

ଚିତ୍ରଶିଖଣ୍ଡୀ, ବି. ପୁଂ. ( ଚିତ୍ର-ଶିଖଣ୍ଡୀ ) ମରୀଚି, ଅଙ୍ଗିରା, ଅତ୍ରି, ପୁଲସ୍ତ୍ୟ, ପୁଲହ, କ୍ରତୁ ଓ ବଶିଷ୍ଠ ଏହି ସପ୍ତ ଋଷି ।

ଚିତ୍ରସେନ, ବି. ପୁଂ. ଧୃତରାଷ୍ଟ୍ରଙ୍କର ପୁତ୍ରବିଶେଷ, ଗନ୍ଧର୍ବରାଜ ବିଶ୍ୱାବସୁର ପୁତ୍ର, ପଞ୍ଚବିଂଶୀୟ ଜିନବିଶେଷ, କର୍ଣ୍ଣର ପୁତ୍ରବିଶେଷ ।

ଚିତ୍ରା, ବି. ସ୍ତ୍ରୀ ( ଚିତ୍ର-ଆ ) ଚିତ୍ରରୂପ, ମାୟା, ନଦୀବିଶେଷ, ଅପ୍ସରାବିଶେଷ, ନକ୍ଷତ୍ରବିଶେଷ । ଯଥା—

ଚନ୍ଦ୍ରମ ମୂର୍ତ୍ତି ଦେଖି ନକ୍ଷତ୍ର ଚିତ୍ରା,
ଛନ୍ଦ ନ ବଶେ ଯେହ୍ନେ କୋଇଲ ମୃଦୁତା ଗୋ ।

ଚିତ୍ରାଙ୍ଗ, ବି. ପୁଂ. ( ଚିତ୍ର-ଅଙ୍ଗ ) ହରିତାଳ, ହିଙ୍ଗୁଳ, ସର୍ପ, ପନିକିଜୁ ଗଛ ।

ଚିତ୍ରାଙ୍ଗଦ, ବି. ପୁଂ. ( ଚିତ୍ର-ଅଙ୍ଗ-ଦ ) ନୃପବିଶେଷ, ଶାନ୍ତନୁପୁତ୍ର, ବିଚିତ୍ରବୀର୍ଯ୍ୟର ଭ୍ରାତା ଗନ୍ଧର୍ବବିଶେଷ

ଚିତ୍ରାଙ୍ଗଦା, ବି. ସ୍ତ୍ରୀ. (ଚିତ୍ର-ଅଙ୍ଗ ଦ ଆ) ରାବଣର ମହିଷୀ, ଅର୍ଜୁନ ସ୍ତ୍ରୀ । ଯଥା—

ବାହୁବଳେ ନିଜ ପୁରେ ବଧୁଲୁ ସୁନ୍ଦରୀ
ଚିତ୍ରାଙ୍ଗଦା କେଶପୁରେ ନିଜ ଦଳବଳେ । ମ. ଯା.

ଚିତ୍ରାୟସ, ବି ନ. (ଚିତ୍ର-ଅୟସ) ତୀକ୍ଷ୍ଣ ଲୌହ, ଇସ୍ପାତ୍ ।

ଚିତ୍ରାୟୁଧ, ବିଂ. (ଚିତ୍ର-ଆୟୁଧ) ବିଚିତ୍ର ଆୟୁଧଯୁକ୍ତ । ବି. ପୁଂ. ଧୃତରାଷ୍ଟ୍ରପୁତ୍ର । ନ. ଅଦ୍ଭୁତ ଅସ୍ତ୍ର ।

ଚିତ୍ରାର୍ପିତ, ବିଂ. ( ଚିତ୍ର-ଅର୍ପିତ ) ଚିତ୍ରଫଳକରେ ଲିଖିତ । ଯଥା—

ଗହଁ ଗହଁ ତୋ ସରଣୀ କଳୁଷକୁ ରେ ତରୁଣି
ଚିତ୍ରାର୍ପିତ ପରି ଥିଲ ଦେଖି । କ. ଚ

ଚିତ୍ରିଣୀ, ବି. ସ୍ତ୍ରୀ ନାୟିକାବିଶେଷ ।

ଚିତ୍ରିତ, ବିଂ. ଚିତ୍ର-ତ) ଯାହା ଚିତ୍ରପଟରେ ଅଙ୍କିତ କରା ହୋଇଅଛି, ଚିତ୍ରାର୍ପିତ, ନାନା ବର୍ଣ୍ଣ-ବିଶିଷ୍ଟ ଚିତ୍ରଯୁକ୍ତ ।

ଚିତ୍ରୋକ୍ତି, ବି. ସ୍ତ୍ରୀ. ( ଚିତ୍ର=ଅଦ୍ଭୁତ-ଉକ୍ତି ) ଆକାଶବାଣୀ, ଅଦ୍ଭୁତ ବାକ୍ୟ ।

ଚିତ୍ରୋତ୍ପଳା, ବି. ( ଚିତ୍ର-ଉତ୍ପଳ-ଆ ) ମହାନଦୀ, ମହାକାଳୀର ବିଶାଳ ଶାଖାନଦୀ ।

ଚିଥଲ, ବି. (ଦେଶଜ) ଖୁରାଣ୍ଟି, ଚିରଙ୍ଗ ।

ଚିଦାତ୍ମା, ବି. ପୁଂ. (ଚିତ୍-ଆତ୍ମା) ଜ୍ଞାନମୟ ଆତ୍ମା, ଜ୍ଞାନସ୍ୱରୂପ ଆତ୍ମା ।

ଚିଦାନନ୍ଦ, ବି. ପୁଂ. ନିତ୍ୟଚୈତନ୍ୟସ୍ୱରୂପ ନିତ୍ୟାନନ୍ଦମୟ ପରମପୁରୁଷ, ପରମାତ୍ମା ସଦାନନ୍ଦ ଶିବ ।

ଚିଦାଭାସ, ବି. ପୁଂ. ( ଚିତ୍-ଆଭାସ ) ଜ୍ଞାନର ପ୍ରକାଶ, ଜ୍ଞାନ, ଜୀବାତ୍ମା ।

ଚିଦ୍ରୂପ, ବି. ପୁଂ. (ଚିତ୍-ରୂପ) ଜ୍ଞାନମୟ ଆତ୍ମା, ଜ୍ଞାନୀ । ବିଂ. ପ୍ରିୟ, ସ୍ଫୂର୍ତ୍ତିମାନ୍ ।

ଚିନା, ବି (ଦେଶଜ) ସ୍ୱର୍ଣ୍ଣ ରୌପ୍ୟାଦି ଓଜନର ପରିମାଣବିଶେଷ । ଏକପ୍ରକାର ଧାନ୍ୟ, ଯଥା କାଙ୍ଗୁ ।

ଚିନି, ବି. ( ଦେଶଜ ) ଶର୍କରା, ଗୁଡ଼ବିକାର-ବିଶେଷ ।

ଚିନ୍ତକ, ବିଂ ( ଚିନ୍ତ-ଅକ ) ଯେ ଚିନ୍ତା କରେ, ଚିନ୍ତାଯୁକ୍ତ ।

ଚିନ୍ତନ, ନ. } ବି. ( ଚିନ୍ତ-ଅନ ଆ ) ଧ୍ୟାନ,
ଚିନ୍ତା, ସ୍ତ୍ରୀ. } ଉପାସନା, ଅନୁଧ୍ୟାନ, ଭାବନା, ଉଦ୍‌ବେଗ, ସ୍ମରଣ, ଆଲୋଚନା, କୌଣସି ବିଷୟ ସ୍ଥିର ବା ସ୍ମରଣ କରିବା ନିମିତ୍ତ ମନମଧ୍ୟରେ ଆନ୍ଦୋଳନ । ଯଥା—

ଚିନ୍ତା-ତାମସ ଯେ ପଙ୍କ ଉଠିଲା ଉଛୁଳି;
ହୃଦକୁମୁଦ ପ୍ରମୋଦ ହେଲା ଦିନ ତାପ ନ ରହିଲା ମନେ ।
ବୈ. ତି.

ଚିନ୍ତାବେଶ୍ମ, ବି. ନ (ଚିନ୍ତା-ବେଶ୍ମନ୍) ମନ୍ତ୍ରଣା କରିବାର ଗୃହ ।

ଚିନ୍ତାମଣି, ବି. ପୁଂ. ( ଚିନ୍ତା-ମଣି ) ବାଞ୍ଛିତ ଫଳଦାୟକ ରତ୍ନବିଶେଷ, ସ୍ପର୍ଶମଣି, ବ୍ରହ୍ମା, ବୁଦ୍ଧବିଶେଷ । (ସ୍ପର୍ଶମଣି ଅର୍ଥରେ) ଯଥା—

ପାଇ ଚିନ୍ତାମଣି ଶିଳକଣା ମଣି
ମୁଁ ପାପିଷ୍ଠୀ କଲି କି ନିଗଣ । ବ; ଚ;

ଚିନ୍ତିତ, ବିଂ. ( ଚିନ୍ତ ତ ) ସ୍ମୃତ, ଆଲୋଚିତ ଭାବିତ, ଚିନ୍ତାକାରକ, ଚିନ୍ତାଯୁକ୍ତ, ଯାହା ବିଷୟରେ ଚିନ୍ତା କରା ହୋଇଅଛି ।

ଚିନ୍ତ୍ୟ, ବି°.(ଚିନ୍ତ-ଯ) ଚିନ୍ତନୀୟ, ଚିନ୍ତାର ବିଷୟ, ଦୂଷଣୀୟ ।

ଚିନ୍ତ୍ୟମାନ, ବି°. (ଚିନ୍ତ-ଆନ) ଅନୁଧ୍ୟାୟମାନ, ଯାହା ଚିନ୍ତା କରାଯାଉଅଛି ।

ଚିନ୍ମୟ, ବି°. ( ଚିତ୍-ମୟ ) ଜ୍ଞାନମୟ ଈଶ୍ୱର ।

ଯଥା—

ସେ ଭାବେ ଭେଳ ହୋଇ ସାଧୁ ହୃଦୟ
ଦେଲେ ହେଲା କ ଜଡ଼ ବଶ ଚିନ୍ମୟ । ଭୁ. ସ୍ତ.

ଚିପା, ବି. (ଦେଶଜ) କୃପଣ ଖିଲ, ଚିପିବା ।

ଚିପିଟ, ଚିପିଟକ, ଚିପୁଟ, ଚିବିଟ, } ବି. ପୁଂ. ( ପିଟ୍—ଚେପ୍ଟା କରିବା-ଅ ନିପାତନରେ ) ଚୂଡ଼ା । ବି°. ଚେପ୍ଟା, (ଚୂଡ଼ା ଅର୍ଥରେ)

ଯଥା—

ଚିପିଟ ଅଛ, ଏଥିକୁ ପୁଞ୍ଜି ଚର୍ଚ୍ଚିକୁ ଗୋରସ ମିଳିବ କାଳ ।
ର. ପ,

ଚିପିବା, କ୍ରି.(ଚିପ ଶବ୍ଦଜ) ଚିପ ଦେଇ ସଙ୍କୋଚନ କରିବା । ଯଥା—

ଚିପି ପଦାଙ୍ଗୁଳି ଛିରେ ଦେବ ଗୃନ ଦୃଷ୍ଟିପଥକୁ ନ ହୁଡ଼ । 
ସଂ. ସା.

ଚିପୁଡ଼ିବା, ଚିପୁଡ଼ିବା } କ୍ରି.(ଦେଶଜ) ହସ୍ତଦ୍ୱାରା ସମ୍ପୀଡ଼ିତ କରି ରସ ନିର୍ଗତ କରିବା ।

ଯଥା—

ଚନ୍ଦ୍ରକୁ ଚିପୁଡ଼ି ସୁଧା ନେବା, ଚକଭୂଷିତର ମୁଖେ ଭରି ।

ଚିମଣି, ବି. (ଦେଶଜ) ଚାହୁଡ଼ଜାତୀୟ କ୍ଷୁଦ୍ରକାୟ ପକ୍ଷୀବିଶେଷ, ଚେମଣି, ଚମଚଟା । ଯଥା—

ଚେଣା ବାସ ଚରଚମଃସଙ୍ଗ ସ୍ୱ ଚିମଣି
ଦଲ ପଲ ବାହାର ସେ ଦେଖିଲ ସନ୍ଧ୍ୟାକୁ । ମ; ଯ;

ଚିମୁଟା, ଚିମୁଟା } ବି. ( ଦେଶଜ ) ଦୁଇଖଣ୍ଡ ଲୁହା କାଠିରେ ନିର୍ମିତ ଯନ୍ତ୍ରବିଶେଷ ।

ଚିମୁଟିବା, ଚିମୁଟିବା } କ୍ରି. (ଦେଶଜ) ଦୁଇ ନଖଦ୍ୱାରା ପୀଡ଼ିବା ।

ଚିର, କ୍ରି. ବି°. ( ଚିରଂ ଶବ୍ଦଜ ) ବହୁକାଳ, ଅନେକକାଳ । ବି. ନ. ଦୀର୍ଘକାଳ ।

ଚିରକର୍ମୀ, ବି°. ( ଚିରଂ-କର୍ମନ୍ ) ଦୀର୍ଘସୂତ୍ରୀ, ଚିରକ୍ରିୟ ।

ଚିରକାରୀ, ବି°. (ଚିର-କାରୀ) ଦୀର୍ଘସୂତ୍ରୀ ।

ଚିରକ୍ରିୟ, ବି°. ( ଚିର-କ୍ରିୟା ) ଦୀର୍ଘସୂତ୍ରୀ, ବିଳମ୍ବରେ କାର୍ଯ୍ୟକାରକ, ଯେ ବିଳମ୍ବରେ କାର୍ଯ୍ୟ କରେ ।

ଚିରକୁଟ୍, ଚିରକୁଟ } ବି. (ଦେଶଜ) କ୍ଷୁଦ୍ର କାଗଜଖଣ୍ଡ, ଛିଣ୍ଡା କନା ।

ଚିରଜୁଣୀ, ଚିରଗୁଣୀ } ବି. ( ଦେଶଜ ) ରାକ୍ଷସୀ, ଡାଆଣୀ ।

ଚିରଚିରାଇବା, କ୍ରି. (ଦେଶଜ) ଭୟରେ ଚିତ୍କାର କରିବା ।

ଚିରଜୀବୀ, ଚିରଞ୍ଜୀବୀ } ବି. ପୁଂ. (ଚିରଂ-ଜୀବ-ଇନ୍) ବିଷ୍ଣୁ, କାକ, ମାର୍କଣ୍ଡେୟ, ଶାଲ୍ମଳୀବୃକ୍ଷ । ଅଶ୍ୱତ୍ଥାମା, ବଳି, ବ୍ୟାସ, ହନୁମାନ୍, ବିଭୀଷଣ, କୃପ, ପରଶୁରାମ ଏହି ସାତ ଜଣ ଚିରଜୀବୀ । ବି°. ବହୁକାଳସ୍ଥାୟୀ, ଯାହାର କେବେହେଁ ମୃତ୍ୟୁ ହେବ ନାହିଁ, ଅମର ।

ଚିରଣ୍ଟୀ, ଚିରଣ୍ଟୀ } ବି. ସ୍ତ୍ରୀ. ( ଚିର ଅଟ୍-ଈ, ଇଟ୍-ଈ ) ବିବାହିତା ହୋଇ କିମ୍ବା ଅବିବାହିତା ହୋଇ ପିତୃଗୃହସ୍ଥିତା କନ୍ୟା । ଯଥା—

ଚିରଣ୍ଟୀ ବାଳୀ ଭେଳକାନ୍ତ ଥାଳୀ
ଚଣ୍ଡାଳ କନା କେ ଛୁଇଁବା ଭଳି । ର. ପ.

ଚିରନ୍ତ, ଚିରନ୍ତନ } ବି°. (ଚିର-ନ୍ତ,ତନ) ଚିରକାଳୀନ ପୁରାତନ, ଯାହା ଅନେକ ଦିନରୁ ପ୍ରଚଳିତ ଅଛି ।

ଚିରନିଦ୍ରା, ବି°. (ଚିର-ନିଦ୍ରା) ମୃତ୍ୟୁ ।

ଚିରନୀହାରବାହ, ବି. (Glacier) ଚିରନୀହାର ରେଖାର ନିମ୍ନଭାଗରେ ଯେଉଁ ବରଫରାଶି ଜମାଟ ହୋଇଥାଏ, ଯେବେହେଁ ଦ୍ରବୀଭୂତ ହୁଏ ନାହିଁ ।

ଚିରନୀହାରସୀମା, ବି. (Snow-line) ପର୍ବତର ଯେଉଁ ଭାଗ ସର୍ବଦା ତୁଷାରମଣ୍ଡିତ, ତାହାର ନିମ୍ନ ରେଖା ।

ଚିରସ୍ଥାୟୀ, ବିଂ.(ଚିର-ସ୍ଥା ଧାତୁ) ଯାହା ବହୁକାଳ ଥାଏ, ଅବିନଶ୍ୱର ।

ଚିରା, ବିଂ. (ଚୀର ଶବ୍ଦଜ) ଛିନ୍ନ, ଅକର୍ମଣ୍ୟ । ଯାହା ଚିରାଯାଇଅଛି । (ଦେଶଜ) ଚିଆଁ । ଯଥା—

ଲୁଚି କୁଞ୍ଜରେ ଚେଇ ଚିରାଇଥାନ୍ତି ବାହୁସ
ଭୂଷେ ମୁହୂର୍ତ୍ତେ ସଖୀମାନେ ।
ଚିରମସ୍ତ ଶୁଙ୍ଗ ବେଣୁ ବାଦ୍ୟନାଦ ଶୁଣୁ ଶୁଣୁ
ଶେଷ ହୁଏ ଦିନ ଦିନେ ଦିନେ ରେ । ବି. ଚି

ଚିରାଇତା, ବି. (ଚିରତିକ୍ତ ଶବ୍ଦଜ) ତିକ୍ତ ଔଷଧ ବିଶେଷ, ଭୂନିମ୍ବ ।

ଚିରାଗତ ବିଂ. ( ଚିର-ଆଗତ ) ଯାହା ଅନେକ ଦିନରୁ ପ୍ରଚଳିତ ଅଛି ।

ଚିରାୟୁଃ, ବିଂ. (ଚିର-ଆୟୁଃ) ଚିରଜୀବୀ । ବି.ପୁଂ. ଦେବତା ।

ଚିରାଲ, ବି. (ଦେଶଜ) ପତାକା ।

ଚିରିବା, କ୍ରି. ଛିଣ୍ଡାଇବା, ଫାଡ଼ିବା ।

ଚିରଣୀ
ଚିରୁଣୀ } ବି.(ଦେଶଜ) କଙ୍କତିକା, ପାନିଆଁ ।

ଚିର୍ଭଟୀ, ବି. ସ୍ତ୍ରୀ. ପୁଷ୍ପଫଳ, କାକୁଡ଼ି ।

ଚିଲ, ବି ( ଚିଲ୍ଲ ଶବ୍ଦଜ ) ସ୍ୱନାମପ୍ରସିଦ୍ଧ ପକ୍ଷି-ବିଶେଷ ।

ଚିଲମ, ବି. ( ଯାବନିକ ) ଗଞ୍ଜାଇ ଓ ଗୁଡ଼ାଖୁ ଯହିଁରେ ପିଆଯାଏ ।

ଚିଲମିଲିକା, ବି. ପୁଂ. ସ୍ତ୍ରୀ.(ଚିର-ମିଲ୍-ଇକ-ଆ, ର=ଲ ) ଖଦ୍ୟୋତ, ବିଦ୍ୟୁତ୍, କଣ୍ଠାଭରଣ ।

ଚିଲରି, ବି. ( ପ୍ରାଦେଶିକ, ଗଞ୍ଜାମ ) ରେଜା, ରେଜଗି, ଟଙ୍କା ପରିବର୍ତ୍ତରେ ଅନ୍ୟାନ୍ୟ କ୍ଷୁଦ୍ର ମୁଦ୍ରା, ତୁଚ୍ଛ, ସାମାନ୍ୟ ।

ଚିଲା, ବି. ( ଦେଶଜ ) ପକ୍ଷୀର ଝାମ୍ପ, ଯଥାଃ—

ଗଜ କଚ୍ଛପର ଯୁଦ୍ଧ ପ୍ରାପ୍ତ ମହାଦନ୍ତେ ଚରୁଥାନ୍ତି ଜଳ ।
ମନେ ନାହିଁ ଯିବେ ବୋଲି ପକ୍ଷୀରାଜ ଉପରୁ ମାରିଲେ ଚିଲା ।
ପାର୍ବତୀ ।

ବିଂ. କ୍ଲେଦଯୁକ୍ତ ବା ଆର୍ଦ୍ର । ଯଥା—
ଚିଲ୍ଲ ଆଖି ।

ଚିଲ୍ଲାଇବା, ବି. (ଦେଶଜ) ଚିଲ୍ ପରି ଚିତ୍କାର କରିବା । ଯଥା—

ତେଣେ ସେ ଦିବା ଠାବରେ ବାଳ କୁ ଚିଲାଇ । ବି. ଚ. ।

ଚିଲିକା, ବି. ସ୍ତ୍ରୀ. ଓଡ଼ିଶାର ଦକ୍ଷିଣ ଦିଗସ୍ଥିତ ହ୍ରଦବିଶେଷ ।

ଚିଲ୍ଲ, ବି. ପୁଂ. ( ଚିଲ୍ଲ୍-ଅ ) ଚିଲ ।

ଚିଲ୍ଲୀ
ଚିଲ୍ଲିକା } ବି. ଭ୍ରୂ, ଯଥା —

ଭୃପ ଚକ୍ଷୁ ଚିଲ୍ଲୀ ବଲ୍ଲୀ ଚଳେ,
ଗଣ୍ଡ ଚିକ୍କଣ ଶ୍ରେଣୀଯୁଗଳେ । ର, ଚ,

ଚିବ
ଚିବୁ
ଚିବୁକ } ବି. ପୁଂ. (ଚିବ୍=ଆଚ୍ଛାଦନ କରିବା ଇ, ଉ, କ-ଯୋଗ) ଦାଢ଼ୀ । କ. ଓଷ୍ଠ ।

ଚିହୁଙ୍କିବା, ବି. (ଚମକ ଶବ୍ଦଜ ) ଚମକିବା ।

ଚିହ୍ନ, ବି. କ. (ଚିହ୍ନ-ଅ) କଳଙ୍କ, ଦାଗ, ଲକ୍ଷଣ, ଯେଉଁ କାର୍ଯ୍ୟ ଦେଖି କାରଣର ଅନୁମାନ କରାଯାଏ, ଯାହାଦ୍ୱାରା ଚିହ୍ନାଯାଏ, ପତାକା, ଧ୍ୱଜ ।

ଚିହ୍ନଟ
ଚିହ୍ନୋଟ } ବି. (ଦେଶଜ) ଯେ ଚିହ୍ନାଇ ଦିଏ ।

ଚିହ୍ନରି, ବିଂ. (ଦେଶଜ) ଯେ ଚିହ୍ନେ । ଯଥା—

ଶ୍ରୀ ରାଧା ବାଲୁଡ଼ୀ ପ୍ରେମଭାବ ଭୁଲି ସେମ ଚିହ୍ନରି ସ୍ୱାଦକମାନେ
ବି. ଚି

ଚିହ୍ନା, ବିଂ. (ଚିହ୍ନିତ ଶବ୍ଦଜ) ପରିଚିତ ।

ଚିହ୍ନିତ, ବିଂ. ( ଚିହ୍ନ୍-ତ ) ଚିହ୍ନଯୁକ୍ତ, ଅଙ୍କିତ, ଲକ୍ଷିତ, ନିର୍ଦ୍ଦିଷ୍ଟ ।

ଚିହ୍ନିବା, କ୍ରି. ପରିଚୟ କରିବା, ଭଲ ମନ୍ଦ ବିବେଚନା କରିବା ।

ଚିତ୍କାର, ବି. ପୁଂ ( ଚିତ୍ କୃ-ଅ) ଉଚ୍ଚୈଃସ୍ୱରେ ବଡ଼ପାଟି ।

ଚୀନ, ବି. ପୁଂ. (ଚି-ନ, ଇ=ଈ) ମୃଗବିଶେଷ, ଦେଶବିଶେଷ, ଚୀନଦେଶୀୟ ଲୋକ, ତଦ୍ଦେଶୀୟ ସୂକ୍ଷ୍ମ ବସ୍ତ୍ର, ଧ୍ୱଜ, ପତାକା ।

ଚୀନଜ, ବି ନ. (ଚୀନ-ଜ-ନ-ଅ) ଇସ୍ପାତ ।

ଚୀନାଂଶୁକ, ବି. ନ. (ଚୀନ-ଅଂଶୁକ) ପଟ୍ଟବସ୍ତ୍ରବିଶେଷ, ସୂକ୍ଷ୍ମ ବସ୍ତ୍ର ।

ଚୀନା, ବି. (ଦେଶଜ) ଶସ୍ୟବିଶେଷ ।

ଚୀନାମାଲୀ, ବି. (ଦେଶଜ) ଧାନର ନାମବିଶେଷ ।

ଚୀର, ବି. ନ. (ଚି-ର, ଇ=ଈ ବାହୁଲ୍ୟ=ବିକ୍ଷେପ କରିବା-ଅ) ଛିନ୍ନ ବସ୍ତ୍ରଖଣ୍ଡ, ଗଛର ଛାଲ । (ଛିନ୍ନବସ୍ତ୍ର ଅର୍ଥରେ) ଯଥା—

ଧଡ଼ିରେ ଚୀର ଦେଇ ଘର ନ ସହଇ,
ଆଗରେ ନାଗରରାଜ ।

ଚୀରଭୃତ୍ } ବି ପୁଂ. ସ୍ତ୍ରୀ. (ଚୀର-ଭୃତ୍, ଇନ୍)
ଚୀରୀ } ତାପସ । ବିଂ. ଚୀରଧାରୀ ।

ଚୀର୍ଣ୍ଣ, ବିଂ. (ଚୀର୍-ତ) କୃତ, ସଞ୍ଚିତ, ଅନୁଶୀଳିତ, ବିଭକ୍ତ, ଖଣ୍ଡିତ ।

ଚୀବର, ବି. ନ. (ଚି-ବର) କୌପୀନ, ଚୀର ।

ଚୀବରୀ, ବି. ପୁଂ. (ଚୀବର-ଇନ୍) ବୌଦ୍ଧସନ୍ନ୍ୟାସୀ ।

ଚୁଁ, ଚୁଁ ମାରିବା, ବି. (ଦେଶଜ) ଅନୁକରଣ ଶବ୍ଦବିଶେଷ ଅନ୍ତଃପୁରସ୍ଥା କୁଳବଧୂମାନଙ୍କର ସଙ୍କେତକ ଶବ୍ଦ ।

ଚୁଆ, ବି. (ଦେଶଜ) ସୁଗନ୍ଧ ତୈଳବିଶେଷ । କ୍ଷୁଦ୍ର ପୋଖରୀ ।

ଚୁଆଇବା, କ୍ରିଂ (ଦେଶଜ) ଯନ୍ତ୍ର ସାହାଯ୍ୟରେ କୌଣସି ବସ୍ତୁରୁ ଅର୍କ ବାହାର କରିବାର ପ୍ରଣାଳୀ ।

ଚୁଆଡ଼, ବି. (ଦେଶଜ) ଜଙ୍ଗଲି ଜାତିବିଶେଷ ।

ଚୁକ୍ତି, ବି. (ଯାବନିକ) ନିୟମ, ସମାଧା, ନିଷ୍ପତ୍ତି ।

ଚୁଗୁଲି, ବି. (ଦେଶଜ) ପରନିନ୍ଦା, ପରାପବାଦ । ଖର୍ ।

ଚୁଗୁଲିଆ } (ଦେଶଜ) ପରର ନିନ୍ଦା ଯେ
ଚୁଗୁଲିଖୋର } ଗାନ କରେ, ପରାପବାଦକ ।

ଚୁଙ୍ଗା, ବି. (ଦେଶଜ) ବାଉଁଶନଳ । ବିଂ. ଚପଳ ।

ଚୁଙ୍ଗୀ, ବି (ଦେଶଜ) ବସ୍ତିନି ତେଲଡ଼ବି, ନଳ, କୁମ୍ଭା ।

ଚୁଙ୍ଗୁଚୁଙ୍ଗିଆ, ବିଂ. (ଦେଶଜ) ଭୁରଭୁରିଆ, ଅଥୟ । ଯଥା—

ଚୁଙ୍ଗୁଚୁଙ୍ଗିଆ ମଗୁର ନାଟା ଗଡ଼ରେ ନ ଥାଇ ବାଳ,
ଏ ତିନିଙ୍କୁ ବିଶ୍ୱାସ ନ ଯିବ ଜାଣିଁ ଥିବ ଯେତେ ହାଲ ।
ଚଗ

ଚୁଙ୍ଗୁଡ଼ୀ, ବି. (ଚିଙ୍ଗୁଡ଼ି ଶବ୍ଦଜ) ମତ୍ସ୍ୟବିଶେଷ ।

ଚୁଙ୍ଗୁଡ଼ିଆଦଳ, ବି. ଏକ ପ୍ରକାର ଦଳ ।

ଚୁଚୁନ୍ଦ୍ରା, ବି. (ଦେଶଜ) ମୂଷିକଜାତୀୟ ଜନ୍ତୁବିଶେଷ, ଗନ୍ଧମୂଷିକ । ଯଥା—

ଚୁଚୁନ୍ଦ୍ରାକୁ ନାଗ ଧଇଲା ଦୁର୍ଯୋଗ
ବଧାରା ସମ୍ପ ଦଥିଲା କହୁଁ ଗୋ । ବି. ଚ.

ଚୁଚୁନ୍ଦ୍ରୀ, ବି. (ଦେଶଜ) ବାଣବିଶେଷ, ରୋଗବିଶେଷ ।

ଚୁଚୁକ } ବି. ପୁଂ. ନ. (ଚୁଚ୍-କୈ-ଅ) କୁଚାଗ୍ର,
ଚୂଚୁକ } ସ୍ତନର ଅଗ୍ରଭାଗ । ଯଥା—

ଶଙ୍ଖ ମୃଦୁହାସ ଚୁଚୁକ କମ୍ରକ,
ସର୍ବ ମଙ୍ଗଳପ୍ରଦ ଭାଳ । ଲ. ବ.

ଚୁଞ୍ଚୁ, ବି ପୁଂ. ଚୁଚୁନ୍ଦ୍ରା । ବିଂ. (କୌଣସି ଶବ୍ଦ ଉତ୍ତରରେ ପ୍ରଯୁକ୍ତ ହେଲେ) ଖ୍ୟାତ, ଯଥା-- ବିଦ୍ୟାଚୁଞ୍ଚୁ ।

ଚୁଟିଆ, ବିଂ. (ଦେଶଜ) ଯାହାର କେଶ ଅଛି, ଯାହାର ଶିଖା ଅଛି । ବି. ଏକପ୍ରକାର ମୂଷା । ଯଥା—

କାଗଭକ୍ଷ୍ୟ କ୍ଷୟଶୀଳ ଭରବାର,
ପୋଷାକ ଚୁଟିଆ ମୂଷାର ଆହାର । ଦରବାର ।

ଚୁଟୀ, ବି. (ଚୂଡ଼ା ଶବ୍ଦଜ) କେଶ, ବାଳ, ଶିଖା ।

ଚୁଡ଼ା, ବି. (ଚିପିଟକ ଶବ୍ଦଜ) ଧାନ୍ୟରୁ ପ୍ରସ୍ତୁତ ଖାଦ୍ୟଦ୍ରବ୍ୟବିଶେଷ ।

ଚୁଡ଼ିଆ, ବି. (ଦେଶଜ) ଓଢଣ ବସ୍ତ୍ରବିଶେଷ ।

ଚୁଡ଼ୀ, ବି. (ଦେଶଜ) ସ୍ତ୍ରୀଲୋକର ହସ୍ତାଭରଣବିଶେଷ ।

ଚୂପ୍ ବିଂ. (ହିନ୍ଦୀ) ନୀରବ, ମୌନ ।

ଚୂଟୁଲ } ବି. ( ଦେଶଜ ) ସ୍ତ୍ରୀମାନଙ୍କ ପାଦ
ଚଟୁଲ } ଅଙ୍ଗୁଠିର ଅଳଙ୍କାରବିଶେଷ, ଗୋଲ ଯୋଡ଼ା ।

ଚୂମ୍ବ, (ଚୂମ୍ବ-ଅ) ମୁଖରେ ମୁଖସ୍ପର୍ଶ, ସ୍ନେହରେ ମୁଖ ସଙ୍କୁଚିତ କରି ଓଷ୍ଠାର ସହିତ ସ୍ପର୍ଶ । ଯଥା—

ଚୁମ୍ବିଲେ ଭରତ ଶତ୍ରୁଘ୍ନ ଶିର
ଅଙ୍ଗେ ଆଦରେ ଭଗ୍ନପ୍ରବୀର । ବି. ଚ.

ଚୁମ୍ବକ, ବି. ପୁଂ. ( ଚୁମ୍ବ-ଅକ ) ଲୌହାକର୍ଷକ ମଣି । ବିଂ. ଧୂର୍ତ୍ତ, ଲମ୍ପଟ, ସଙ୍ଗ୍ରହକର୍ତ୍ତା, ଯେ ନାନା ଗ୍ରନ୍ଥରୁ ଅନେକ ବିଷୟ ସଙ୍ଗ୍ରହ କରେ, ଏକଦେଶଜ୍ଞ, ଚୁମ୍ବନକାରୀ, ଯେ ଚୁମ୍ବନ କରେ ।

ଚୁମ୍ବନ, ବି. ନ. (ଚୁମ୍ବ-ଅନ) ମୁଖରେ ମୁଖସ୍ପର୍ଶ, ଚୁମ୍ବିବା । ଯଥା—

ଲବେ ହୋଇ ବିଂଧା ଚୁମ୍ବନ ସୁଧା ବଧାନେ ସୁଦୟା କରି ।
କେ. ଗୌ.

ଚୁମ୍ବିତ,ବିଂ. (ଚୁମ୍ବ-ତ) ଯାହାକୁ ଚୁମ୍ବନ କରାଯାଇଅଛି, ସ୍ପୃଷ୍ଟ, ସଂଯୁକ୍ତ, ମିଳିତ ।

ଚଲ, ବି. (ଦେଶଜ) ବୃଷପୃଷ୍ଠସ୍ଥ କକୁଦ ।

ଚୁଲ୍ଲା } ବି. ସ୍ତ୍ରୀ. ( ଚୁଲ୍ଲ୍-ଅ-ଆ, ଇ, ଈ)
ଚୁଲ୍ଲି }
ଚୁଲ୍ଲୀ } ଅଗ୍ନିସ୍ଥାନ, ଚୂଲି, ଚିତ, ଦାହସ୍ଥାନ ।

ଚୂଲ୍‌ଟୁଣ୍ଟିଆ, ବି. (ଦେଶଜ) ପାଦ ଅଙ୍ଗୁଳିର ଅଳଙ୍କାର ବିଶେଷ । ଯଥା—

ଚୂଲଟୁଣ୍ଟିଅ ପ୍ରଚଦେ । ଲ. ବ.

ଚୂଡ଼ା, ବି. ସ୍ତ୍ରୀ.(ଚୂଡ-ଅ, ଚୂଡ=ଚୂଡ଼) ସଂସ୍କାର ବିଶେଷ, ମୟୂରଶିଖା, ମସ୍ତକର ମଧ୍ୟସ୍ଥିତ ଶିଖା, ଚୁଟୀ, କେଶ, ଅଗ୍ରଭାଗ, ଶୃଙ୍ଗ, ଶିଖର, ଶିରୋଭୂଷଣ, ମୁକୁଟ, ବାହୁଭୂଷଣ, ଚୂଡ଼ୀ, ଭୂଷଣ । (ଅଗ୍ରଭାଗ ଅର୍ଥରେ) ଯଥା—

ନବୋଢ଼ିତ ଧନମଣି ଅରକ୍ତ କିରଣ
ବାଳକ ଶିବରଚୂଡ଼ା ଚମ୍ପିଲ ବଦନ । ବି. ବ.

ଚୂଡ଼ାକରଣ, ବି.ନ. (ଚୂଡ଼ା-କୃ-ଅନ) ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଏହି ତିନି ବର୍ଣ୍ଣର ସଂସ୍କାର ବିଶେଷ, ଏହି ସଂସ୍କାରରେ ସମସ୍ତ ମସ୍ତକ ମୁଣ୍ଡନ କରି ମଧ୍ୟସ୍ଥଳରେ ଅଳ୍ପମାତ୍ର କେଶ ଅର୍ଥାତ୍ ଶିଖା ରଖି ଦିଅନ୍ତି ।

ଚୂଡ଼ାନ୍ତ, ବି. ନ.(ଚୂଡ଼ା-ଅନ୍ତ) ଦିଗନ୍ତ, ଶେଷ ନିଷ୍ପତ୍ତି, ଚୂଡ଼ାର ଅନ୍ତ, ଚୂଡ଼ାର ଶେଷ, ଶେଷ ସୀମା, ପରାକାଷ୍ଠା ।

ଚୂଡ଼ାମଣି, ବି.ପୁଂ.(ଚୂଡ଼ା-ମଣି) ଶିରୋରତ୍ନ,ଶିରୋଭୂଷଣ । ବିଂ. ପ୍ରଧାନ, ଶ୍ରେଷ୍ଠ ।

ଚୂତ, ବି. ପୁଂ. (ଚୁଷ୍-ତ) ଆମ୍ରବୃକ୍ଷ । ନ. ଅମ୍ବ । (ଚ୍ୟୁତ-ଅ) ଗୁହ୍ୟଦ୍ୱାର, ପ୍ରସବଦ୍ୱାର ।

ଚୂନ, ବି. (ଚୂର୍ଣ୍ଣ ଶବ୍ଦଜ) କ୍ଷାରବିଶେଷ, ପ୍ରସ୍ତର ଓ ଶମ୍ବୁକାଦିର ଭସ୍ମ ।

ଚୂନରୀ, ବି. ( ଚୂର୍ଣ୍ଣକାର ଶବ୍ଦଜ ) ଯେଉଁ ଜାତିର ଲୋକମାନେ ଚୂନ ପ୍ରସ୍ତୁତ କରନ୍ତି ।

ଚୂନା, ବି. (ଚୂର୍ଣ୍ଣ ଶବ୍ଦଜ) ଗୁଣ୍ଡା, ଚୂର୍ଣ୍ଣ । ଯଥା—

ମାଡ଼ ମାରି ହାଡ଼ କରିବି ଚୂନା,
ରଖିବକି ଢାଲ ଜନର କହ୍ନା ।

ଚୂମା, ବି. (ଦେଶଜ)ଭୁଷି, ଶସ୍ୟାଦିର ଚୋପା ।

ଚୂର } ବିଂ. (ଦେଶଜ) ଗୁଣ୍ଡ, ଚୂନା ।
ଚୂର }

ଚୂରିବା, କ୍ରି. (ଚୂର୍ଣ୍ଣ ଶବ୍ଦଜ) ଚୂର୍ଣ୍ଣ କରିବା ।

ଚୂର୍ଣ୍ଣ, ବି. ପୁଂ. (ଚୂର୍ଣ୍ଣ-ଅ ) ଧୂଳି, ଗୁଣ୍ଡା, ଅବିର, ସୁଗନ୍ଧଧୂଳି, ଚୂନ, ଶକ୍ତୁ । ବିଂ. ଯାହା ଚୂର୍ଣ୍ଣ ହୋଇଅଛି, ଯାହା ନଷ୍ଟ ହୋଇଅଛି ।

ଚୂର୍ଣ୍ଣକ, ବି. ପୁଂ. (ଚୂର୍ଣ୍ଣ-କ) ଗୁଣ୍ଡା,ଧୂଳି ।(ଚୂର୍ଣ୍ଣ-ଅକ) ଛତୁ । ନ. ବ୍ୟାଖ୍ୟାନ ଗ୍ରନ୍ଥବିଶେଷ, ଆଭାସ,ଅଭିପ୍ରାୟପ୍ରଦର୍ଶନ ।

ଚୂର୍ଣ୍ଣକାର,ବି.ପୁଂ.(ଚୂର୍ଣ୍ଣ-କାର) ଚୂନବ୍ୟବସାୟୀ ଜାତି ।

ଚୂର୍ଣ୍ଣକୁନ୍ତଳ, ବି. ପୁଂ. (ଚୂର୍ଣ୍ଣ-କୁନ୍ତଳ) ଅଳକା । ଯଥା—

ବହିଣ ଚୂର୍ଣ୍ଣକୁନ୍ତଳ ପଢ଼ଇବା ଅଙ୍କବିଲ । ବୈ. ବ.

ଚୂର୍ଣ୍ଣଭଙ୍ଗୀ, ବି. (ଦେଶଜ) ଏକମହଲା ଚୂନ-ଘର । ଯଥା —

ସୁପତଶ୍ରୀ ଲଗ୍ନ ମଙ୍ଗଳପତ୍ର ଦିଏ ଭଙ୍ଗୀ,
ହେ ତେଣିକ ରଣେ କି ଶୋଭା ଚୂର୍ଣ୍ଣଭଙ୍ଗୀ । ଲା. ବ.

ଚୂର୍ଣ୍ଣନ, ବି. ନ. ( ଚୂର୍ଣ୍ଣ-ଅନ ) ଗୁଣ୍ଡା କରିବା, ଚୂରିବା ।

ଚୂର୍ଣ୍ଣିତ, ବିଂ. (ଚୂର୍ଣ୍ଣି-ତ) ଯାହା ଚୂର୍ଣ୍ଣ କରା ହୋଇ ଅଛି, ଚୂର୍ଣ୍ଣୀକୃତ ।

ଚୂର୍ଣ୍ଣୀଭୂତ, ବିଂ. (ଚୂର୍ଣ୍ଣ-ଚ୍ୱି-ଭୂ-ତ) ଯାହା ଚୂର୍ଣ୍ଣ ହୋଇ ଯାଇଅଛି ।

ଚୂଳ, ଚୂଳା — ବି. ସ୍ତ୍ରୀ. ( ଚୂଳ-ଅ ) ଚୂଡ଼ା, ପ୍ରାସାଦୋପରିସ୍ଥ ଶିରୋଗୃହ, ବୃଷର କକୁଦ ।

ଚୂଳ, ବି. (ଚୂଳ ଶବ୍ଦଜ) କଠାଉର ଚୂଳ ।

ଚୂଷଣ, ବି. ନ. (ଚୂଷ୍-ଅନ) ଜିହ୍ୱାଦ୍ୱାରା ରସାକର୍ଷଣ ।

ଚୂଷ୍ୟ, ବିଂ (ଚୂଷ-ଯ) ରସାକର୍ଷଣଯୋଗ୍ୟ ।

ଚେଇଁବା, କ୍ରି. (ଚେତନ ଶବ୍ଦଜ) ଜାଗିବା । ଯଥା—

ଚେଇଁ ଶୋଇବ ପେ, ଡାକୁ ଉଠାଇବ କେ ।

ଚେଁଖେ, କ୍ରି. ବିଂ. (ଦେଶଜ) ଶୀଘ୍ରେ ।

ଚେକା, (ଚକ ଶବ୍ଦଜ) ଘାସସଂଲଗ୍ନ ଚକ୍ରାକାର ମୃତ୍ତିକାଖଣ୍ଡ, ଚକାକୃତି, ପଦ୍ମାସନ । ବିଂ- ଗୋଲ ।

ଚେଙ୍ଗ, ବି. (ଦେଶଜ) ଦାଗ, ଦଗା ।

ଚେଙ୍ଗ, ବି. (ଦେଶଜ) ମତ୍ସ୍ୟବିଶେଷ ।

ଚେଟ, ଚେଟକ, ଚେଡ଼ — ବି. ପୁଂ. (ଚିଟ୍-ଅ, କ)
ଚେଟିକା, ଚେଟୀ, ଚେଡ଼ୀ — ବି. ସ୍ତ୍ରୀ. (ଚିଟ୍-କା, ଟୀ, ଡ଼ୀ)
— ଦାସ, ଦାସୀ, ଉପନାୟକ, ଉପନାୟିକା । ଯଥା—

ତହୁଁ ବିବାହ ଅବସରେ ପେଡ଼ି;
କେମାନ୍ତୁ ଦେଖିଲେ ନଦ୍ରାଚଢ ଚେଡ଼ୀ । ନ, କେ:

ଚେଡ଼ପୋ, ଚେରପୋ, — ବି. (ଦେଶଜଗାଳରେ ବ୍ୟବହୃତ, ଚେଡ଼ୀପୁତ୍ର ଶବ୍ଦଜ) ପୋଇଲୀ ପୁଅ ।

ଚେଣ୍ଟା, ବିଂ. (ଦେଶଜ) ଯେଉଁ ଲୋକ ଝଗଡ଼ା କରେ ।

ଚେତ୍, ଅଂ. (ଚିତ୍-ଅ) ଯଦି, ବିବେଚନା ।

ଚେତଃ, ବି. ନ. ( ଚିତ୍-ଅସ୍ ) ଚିତ୍ତ, ମନ, ଅନ୍ତଃକରଣ ।

ଚେତକ, ବିଂ. ଚିତ୍-ଅକ) ଉଦ୍‌ବୋଧକ, ଯେଉଁ ଲୋକ ବିସ୍ମୃତ ବିଷୟକୁ ସ୍ମରଣ କରାଇ ଦିଏ ।

ଚେତନ, ବି. ପୁଂ. ( ଚିତ୍-ଅନ ) ଆତ୍ମା ଜୀବ । ନ. ଚିତ୍ତ । ବିଂ. ଚୈତନ୍ୟବିଶିଷ୍ଟ, ଜାଗ୍ରତ ।

ଚେତନା, ବି. ସ୍ତ୍ରୀ (ଚିତ୍ ଅନ ଆ) ସଂଜ୍ଞା, ବୁଦ୍ଧି ଜ୍ଞାନ, ଚୈତନ୍ୟ ।

ଚେତା, ବି. ( ଚିତ୍ ଶବ୍ଦଜ ) ଜ୍ଞାନ, ସଂଜ୍ଞା, ଚୈତନ୍ୟ । ବିଂ. ସଚେତ । ଯଥା—

ଚେତା ଥିଲେ ପରି କିଛି ସୁଖରେ ତ ହେଉଅଛି;
ଚକ୍ଷଣ ତ ଦିଶୁଛି ମୋ ଦେହ । ବି. ଚ.

ଚେତିବା, କ୍ରି. ( ଚେତନ ଶବ୍ଦଜ ) ଜାଣିବା, ଜାଗ୍ରତ ହେବା, ସତର୍କ ହେବା, ସ୍ମରଣ କରିବା

ଚେତାଇବା, ଚେତେଇବା — କ୍ରି. ବି ( ଚେତନ ଶବ୍ଦଜ ) ସ୍ମରଣ କରାଇଦେବା, ମନେ କରାଇଦେବା, ନିଦରୁ ଉଠାଇବା, ସାବଧାନ କରିବା ।

ଚେତାଳ, ବିଂ. ( ଚିତ୍ ଧାତୁଜ ) ସତର୍କ, ସାବଧାନ ।

ଚେତ୍, ବି. ( ଚିତ୍ ଶବ୍ଦଜ ) ଚେତନା, ହୋସ୍ । ସଂ. ଅ. ଯଦି ।

ଚେଦି, ବି. ପୁଂ. ଦେଶବିଶେଷ, ଚନ୍ଦେଲ ଦେଶ, ବଂଶବିଶେଷ, ତଦ୍ଦେଶୀୟ ଲୋକ ।

ଚେନ୍, ବି. (ଇଂ, Chain) ଶିକୁଳି, ଜଞ୍ଜିର, କ୍ଷେତ୍ରଫଳ ନିର୍ଣ୍ଣୟରେ ବ୍ୟବହୃତ ୬୬ ଫୁଟ

ଯଥମିତ ମାପିବାର ଶିକୁଳ, ଦୈର୍ଘ୍ୟକର୍ଣ୍ଣିପୃକ ୧୦୦ଫୁଟ ପରମିତ ଲୌହ ଶିକୁଳ, ନବ୍ୟ ଘଡ଼ ଚେନ, ପ୍ରାଚୀନ କୁଣ୍ଡଳ,ଦରବାର ।

**ଚେନ୍‌ମ୍ୟାନ୍**, ବ. ଇଂ(Chain man)ଯେଉଁ ଲୋକ ଚେନ୍ ଦ୍ୱାରାଯ୍ୟରେ ଜମି ମାପେ ।

**ଚେନା**, ବ. (ଦେଶଜ) ଖଣ୍ଡ, କ୍ଷୁଦ୍ର, ପଡ଼ା ।

**ଚେପା**, ବଂ (ଦେଶଜ) ଚେପ୍ଟା, ହୋଲା ।

**ଚେପ୍ଟା**, ବଂ. (ଚିପିଟ-ଶବ୍ଦଜ) ଚେପା, ହୋଲା ।

**ଚେମଡ଼** } ବଂ. (ଦେଶଜ) ଯାହା ସହଜରେ
**ଚେମଡ଼ା** } ଛାଡ଼େ ନାହିଁ ।

**ଚେମଣି**,ବ. (ଦେଶଜ) ଚମଚାଟା ।

**ଚେୟ୍ୟ**, ବଂ.(ଚି-ଅ) ଚୟନୀୟ, ଯାହା ତୋଳିବା ଉଚିତ ।

**ଚେୟ୍ଡ଼**, ବ. ଶର । ଯଥା —

ସର୍ପଟି ବେଲୁ କାମ ଚେୟ୍ଡ଼କୁ ।

**ଚେୟାର୍**, ବ. ( ଇଂ, Chair) ଚୌକି, ବେଶାସନ ।

**ଚେର**, ବ. (ଦେଶଜ) ମୂଳ ।

**ଚେରଚଣା**, ବ. ମୁଗଫଲ, ଚିନାବାଦାମ ।

**ଚେରରାଜ୍ୟ**, ବ. ଏହାର ଉତ୍ତରରେ କର୍ଣ୍ଣାଟ, ଦକ୍ଷିଣରେ ସମୁଦ୍ର ଏବଂ ପଶ୍ଚିମରେ କେରଳ ଦେଶ ଥିଲା ।

**ଚେରୁଆ**, ବଂ. ( ଦେଶଜ, ଚେର-ଉଆ, ଯୁକ୍ତାର୍ଥରେ) ଚେରଯୁକ୍ତ ।

**ଚେରେଇବା**, କ୍ରି. (ଚେରଶବ୍ଦଜ ଚେରଦେବା, ହୃଷ୍ଟପୁଷ୍ଟ ହେବା ।

**ଚେଲ**, ବଂ. (ଚିଲ-ଅ) ଅଧମ, ଚେଲା । ବ.ନ. ବସ୍ତ୍ର, ପରିଚ୍ଛଦ । ଯଥା —

ଯୁଗ୍ମଙ୍ଗଲେ ଗୀତ ଅଗତ ବହିଲେ
ଯେ ଚୁଆଇ ବାଳା ଅଗ୍ର ଚେଲ ଖଲେ । ନ,ଚ.

**ଚେଲା**, ବ. ପୁଂ. ବୈଷ୍ଣବ ପ୍ରଭୃତିଙ୍କର ଉତ୍ତରାଧିକାରୀ, ଶିଷ୍ୟ, ଟହଲିଆ, ସେବକ ।

**ଚେଳ**,ବ. (ଚେଲ ଶବ୍ଦଜ) ପଟ୍ଟବସ୍ତ୍ରବିଶେଷ ।

**ଚେଳକା**, } ବ. ସ୍ତ୍ରୀ. (ଚେଲ-କ ପଟ୍ଟବସ୍ତ୍ର ।
**ଚେଳୀ**, }

**ଚେଷ୍ଟମାନ**, ବଂ. ( ଚେଷ୍ଟ-ଅନ )ଯେ ଚେଷ୍ଟା କରୁଅଛି, ଉଦ୍ୟୋଗୀ ।

**ଚେଷ୍ଟା**,ସ୍ତ୍ରୀ. } ବ. (ଚେଷ୍ଟ୍-ଅ,ତ) କାୟିକ
**ଚେଷ୍ଟିତ**,ନ. } ବ୍ୟାପାର, ଅଭୀଷ୍ଟସାଧକ ଅନିଷ୍ଟନାଶକ କ୍ରିୟା, ବ୍ୟାପାର, କର୍ମ, କାର୍ଯ୍ୟ, ଚେଷ୍ଟା, ସାହସ, ଯତ୍ନ, ଉଦ୍ୟୋଗ ।

**ଚେଷ୍ଟିତ**, ବଂ. ( ଚେଷ୍ଟ-ତ ) ସଚେଷ୍ଟ, ଯେ ଚେଷ୍ଟା କରେ ।

**ଚେହେରା**,ବ. ( ଫାର୍ସୀ )ଗଠନ, ଆକୃତି, ରୂପ କାନ୍ତି ।

**ଚୈତନ୍ୟ**, ବ. ପୁଂ. (ଚେତନ-ଯ)ଭଗବାନଙ୍କର ଅଂଶାବତାର, ଆତ୍ମା । ନ. ଚେତନର ଧର୍ମ, ଜ୍ଞାନ,ଚେତନା, ଜାଗରଣ, ବୁଦ୍ଧି, ପ୍ରକୃତି, ବୋଧ ।

**ଚୈତ୍ୟ**, ବ.ନ. (ଚିତ୍ୟ ଅ) ପୂଜାସ୍ଥାନ, ଯଜ୍ଞସ୍ଥାନ, ବୌଦ୍ଧମାନଙ୍କର ଦେବାଳୟବିଶେଷ, ମନୁଷ୍ୟଶ୍ରେଷ୍ଠ । ପୁଂ. ଶ୍ମଶାନତରୁ, ରଥ୍ୟାବୃକ୍ଷ, ପୂଜନୀୟ ବୃକ୍ଷ । ବଂ. ଚିତାସମ୍ବନ୍ଧୀୟ ।

**ଚୈତ୍ର**, } ବଂ ପୁଂ. ( ଚିତ୍ରା-ଅ, ଇକ)
**ଚୈତ୍ରିକ** } ବସନ୍ତକାଳର ଦ୍ୱିତୀୟ ମାସ, ମଧୁମାସ ।

**ଚୈତ୍ରରଥ**, ବ. ନ. (ଚିତ୍ରରଥ-ଅ, କୁବେରର ଉଦ୍ୟାନ ।

**ଚୈତ୍ରୀ**, ବ. ସ୍ତ୍ରୀ. (ଚିତ୍ରା-ଅ,ଈ) ଚିତ୍ରାନକ୍ଷତ୍ରଯୁକ୍ତା ପୂର୍ଣ୍ଣିମା ।

**ଚୈଦ୍ୟ**, ବ ପୁଂ. (ଚେଦ-ଯ)ଶିଶୁପାଳ । ବଂ. ଚେଦଦେଶୀୟ, ଚେଦବଂଶୀୟ ।

**ଚୋକ୍ଷ**, ବଂ. (ଚୁକ୍ଷ୍-ଷ୍, — କ)ଦକ୍ଷ, ନିପୁଣ, ଶାନ୍ତ, ମନୋଜ୍ଞ, ନିର୍ମଳ, ଶୀତ । ବ. ପୁଂ. ପର୍ବତ ବନପ୍ରଦେଶ ।

ଚୋଖ, ବି. (ଯାବନିକ) ସୌନ୍ଦର୍ଯ୍ୟ, କ୍ରୋଧ ।
ଯଥା—
ଚୋଖରେ ଲଳିତା ଭଣେ, ଚାହିଁ ନାହିଁ ତୁମ୍ଭେ କେ ସେ,
ଗୁଣର ମାତର କାହାର ଗୃହର ଥିଲ କର ଏ ଅଶେ । ବି. ଚି.

ବିଂ. ସଂଯୁକ୍ତ ।

ଚୋଖା } ବିଂ. ( ଯାବନିକ ) ତୀକ୍ଷ୍ଣ, ବିଶୁଦ୍ଧ,
ଚୋଖି } ଉତ୍କୃଷ୍ଟ ।

ଚୋଖି, ବି. (ଯାବନିକ) ରାଗିଣୀବିଶେଷ ।

ଚୋଗା, ବି. (ଯାବନିକ) ପୋଷାକବିଶେଷ ।

ଚୋଚମିବା } କ୍ରି. ଭଲରୂପେ ଚୋଷିବା ।
ଚୁଚୁମିବା }

ଚୋଟ, ବି. (ଦେଶଜ) ଅସ୍ତ୍ରର ଆଘାତ, ବାର, ଥର । ଯଥା —
ଅଷ୍ଟାର ଭଲ ଭଲ୍ଲ ଭୂଷିଲେ. ମଲ୍ଲ ଯୁଝିଲେ ଶାର୍ଦ୍ଦୂଳ ଭୂଲେ
ଖଡ୍ଗର ଚୋଟ ପରୀକ୍ଷା କଲେ ଦଣ୍ଡଗପରେ ଯେ । ଗ୍ର. ବି.

ଚୋଠା, ବିଂ. (ଦେଶଜ) କୃପଣ, ବଦମାସ୍ ।

ଚୋଦନା, ବି. ( ଚୋଦ ଅନ-ଆ ) ପ୍ରେରଣ, ବିଧାନ, ତର୍ଜ୍ଜନା, ପ୍ରବର୍ତ୍ତନା ।

ଚୋଦୟିତା, ବିଂ. ( ଚୋଦ-ତୃ=ଚୋଦୟିତୃ ) ପ୍ରେରକ, ପ୍ରବର୍ତ୍ତକ ।

ଚୋଦିତ, ବିଂ. ( ଚୋଦ-ତ ) ପ୍ରେରିତ, ନିୟୋଜିତ ।

ଚୋପ, ବି. (ଦେଶଜ) ରାଗ, କ୍ରୋଧ, ଶର, ଅଧିକାରପତ୍ର, ଦାନପତ୍ର ।

ଚୋପଦାର, ବି. ( ଯାବନିକ ) ରାଜାନୁଚର-ବିଶେଷ ।

ଚୋପନ, ବି. ନ. (ଚୁପ୍-ଅନ) ମନ୍ଦ ମନ୍ଦ ଗମନ, ଚୁପ୍ ଚୁପ୍ ଯିବା, ଚୁପ୍ କରି ରହିବା, ମୌନ ।

ଚୋପା }
ଚୋପି } ବି. ଛେଲି, ବୃକ୍ଷାଦିର ବଲ୍କଲ ।

ଚୋର, ବି. ପୁଂ. ( ଚୁର୍-ଅ ) ପରଦ୍ରବ୍ୟ-ଅପହାରକ, ତସ୍କର, ଯେ ଚୋରି କରେ । ନ. ଗନ୍ଧଦ୍ରବ୍ୟବିଶେଷ ।

ଚୋରଣୀ, ବି. ସ୍ତ୍ରୀ. ଚୋରର ସ୍ତ୍ରୀ ଲିଙ୍ଗ ।

ଚୋରା, ବିଂ. (ଚୋର ଶବ୍ଦଜ) ଅପହୃତ, ଯଥା— ଚୋରା ମାଲ୍ । ଗୁପ୍ତ, ଯଥା—ଚୋରା ବସନ୍ତ ।

ଚୋରାଇବା, କ୍ରି.(ଚୁର୍ ଧାତୁଜ) ଚୋରି କରିବା ।

ଚୋର } ବି. ( ଚୁର୍ ଧାତୁଜ ) ଚୌର୍ଯ୍ୟ,
ଚୋରି } ତସ୍କରତା ।

ଚୋରିତ, ବିଂ. (ଚୌର-ତ) ଅପହୃତ, ଯାହା ଚୋରି ହୋଇଅଛି ।

ଚୋଳ, ବି. ପୁଂ. ( ଚୁଲ-ଅ ) ଦେଶବିଶେଷ, ତାଞ୍ଜୋର, ପାଣ୍ଡ୍ୟମଣ୍ଡଳର ଉତ୍ତର ପନାକିନୀ ନଦୀ ପର୍ଯ୍ୟନ୍ତ ଏହି ଦେଶର ସୀମା । ଯଥା—
ଏ ଉତପାରୁଁ ପଲ୍ଲବ ଚୋଳେ ଚଞ୍ଚଳତ । ଇ. ବ,

ଚୋଳକ, ବି. ପୁଂ. (ଚୁଲ୍-ଅକ) ବର୍ମ୍ମ, ସାଞ୍ଜୁ, ବଲ୍କଲ, ଛାଲ ।

ଚୋଳୀ ବି. ସ୍ତ୍ରୀ. କାଞ୍ଚୁଲି, ଘାଘରା ।

ଚୋବାଇବା, କ୍ରି. ବି. (ଚର୍ବଣ ଶବ୍ଦଜ) ଦନ୍ତଦ୍ୱାରା ପେଷଣ କରିବା ।

ଚୋଷ୍ୟ, ବିଂ. (ଚୁଷ୍-ଯ) ଯାହା ଚୁଷି ବା ଚୋଚମି କରି ଖାଇବାକୁ ହୁଏ ।

ଚୋସ୍ତ, ବିଂ. ( ଯାବନିକ ) ଚୌକସ୍, ପକ୍କା, ଶକ୍ତ ।

ଚୌକ, ବି. (ଚତୁଷ୍କ ଶବ୍ଦଜ) କେନ୍ଦ୍ର, ଗୃହପଣ, ଚୌକାଠ,ଘରର ଗୃହପାଶସ୍ଥିତ ଭୂମି ଉପରେ ଥିବା କାଷ୍ଠଖଣ୍ଡମାନ, ଛକରାସ୍ତା, ଗୃହଗୁଣ ।

ଚୌକସ୍, ବି. ( ଯାବନିକ ) ମନୋଯୋଗୀ, ସତର୍କ, ମଜବୁତ୍ ।

ଚୌପିଠିଆ, ବିଂ. (ଦେଶଜ) ସବୁକାର୍ଯ୍ୟରେ ଦକ୍ଷ ।

ଚୌକା, ବିଂ. (ଚତୁଷ୍କୋଣ ଶବ୍ଦଜ) ଗୃହକୋଣିଆ ପାକସ୍ଥାନ, ଗଡ଼ିଆ, ଲିପିବା ।

ଚୌକାଠ, ବି. ନ. (ଚୌ-କାଠ) ଦ୍ୱାରବନ୍ଧ ।

ଚୌକି, ବି. ( ଚତୁଷ୍କୀ ଶବ୍ଦଜ ) କାଷ୍ଠାସନ, ପହରା, ରକ୍ଷା ।

ଚୌକିଆ } ବି. ପ୍ରହରୀ, ଜଗୁଆଳୀ ।
ଚୌକିଦାର }

ଚୌଠ } ବି. ( ଚତୁର୍ଥ ଶବ୍ଦଜ ) ଚାରି ଭାଗର
ଚୌଥ } ଏକ ଭାଗ, ଏକଚତୁର୍ଥାଂଶ ।

ଚୌଠୀ, ବି. (ଚତୁର୍ଥୀର ଅପଭ୍ରଂଶ) ବିବାହର ପର ୪ର୍ଥ ଦିବସର କାର୍ଯ୍ୟବିଶେଷ, ତିଥି-ବିଶେଷ ।

ଚୌଡ଼ } ବି. ନ. ( ଚୂଡ଼-ଅ ) ଚୂଡ଼ାକରଣ
ଚୌଳ } ସଂସ୍କାର ।

ଚୌଡ଼ା, ବି. (ଦେଶଜ) ପ୍ରସ୍ଥପରିମାଣ, ପରିସର, ଓସାର । ବିଂ. ଓସାରିଆ ।

ଚୌଥ, (ଚତୁର୍ଥ ଶବ୍ଦଜ) ଏକ ଚତୁର୍ଥାଂଶ, ଚାରି ଭାଗର ଏକ ଭାଗ, ଚୌଠ ।

ଚୌଦ, ବି. (ଚତୁର୍ଦ୍ଦଶ ଶବ୍ଦଜ) ୧୪ ସଂଖ୍ୟା ।

ଚୌଧୁରୀ, ବି. ( ଚତୁର୍ଦ୍ଧୁରୀ ଶବ୍ଦଜ ) ଉପାଧି-ବିଶେଷ, ମୋଠା, ଗ୍ରାମ ବା ବଜାରର ପ୍ରଧାନ ବ୍ୟକ୍ତି ।

ଚୌପଟ, ବିଂ. ଚାରିଗୁଣ ।

ଚୌପାଢ଼ୀ, ବି. (ଚତୁଷ୍ପାଠୀ ଶବ୍ଦଜ) ଚାରିବେଦ-ଅଧ୍ୟୟନ ସ୍ଥାନ, ଟୋଲ, ଗୃହ ବାହାରରେ ବସିବା ସ୍ଥାନ ।

ଚୌପାୟା ବି. ( ଦେଶଜ ) ଚାରିପାଦବିଶିଷ୍ଟ ଆସନବିଶେଷ ।

ଚୌପେଟିଆ, ବିଂ. ( ଦେଶଜ ) ସବୁକାର୍ଯ୍ୟରେ ଦକ୍ଷ, ସୁହସ୍ତ ।

ଚୌମ୍ବକ, ବିଂ. (Magnetic) (ଚୁମ୍ବକ-ଅ) ଆକର୍ଷକ, ଚୁମ୍ବକସଂକ୍ରାନ୍ତ ।

ଚୌର, ବି. ପୁଂ. ସ୍ତ୍ରୀ. (ଚୋର-ଅ) ଚୋର, ଯେ ଚୋରି କରେ ।

ଚୌରି }
ଚୌରିକା } ବି. ସ୍ତ୍ରୀ. ( ଚୋର-ଇ, କ-ଅ, ଈ)
ଚୌରୀ } ତସ୍କରତା, ଚୋରି ।

ଚୌର୍ଯ୍ୟ, ବି. ନ. ( ଚୋର-ଯ ) ତସ୍କରତା, ଚୋରି ।

ଚୌବଗ୍ଗ, ବି. (ଯାବନିକ) ଜଳକୁଣ୍ଡ ।

ଚୌବନ୍ଧ, ବି. (ଦେଶଜ) ଦ୍ୱାରବନ୍ଧ ।

ଚୌହଟା, ବିଂ ( ଦେଶଜ ) ମଜବୁତ୍, ଦୃଢ଼, କର୍ମକ୍ଷମ ।

ଚୌହଦୀ, ବି. (ଯାବନିକ ଚତୁଃସୀମା ।

ଚୌସାର, ବି. (ଚତୁଃସାର ଶବ୍ଦଜ) ପଶାପାଲି ।

ଚ୍ୟବନ, ବି. ପୁଂ. ( ଚ୍ୟୁ-ଅନ ) ଋଷିବିଶେଷ, ଭୃଗୁନନ୍ଦନ, ପୁଲୋମାର ଗର୍ଭରେ ଭୃଗୁଙ୍କ ଔରସରେ ଏହାଙ୍କର ଜନ୍ମ ହୋଇଥିବ, କ୍ଷରଣ, ଝରଣ, ଗଳନ, ଛିଦ୍ର ।

ଚ୍ୟବନପ୍ରାଶ, ବି. ପୁଂ. ଚକ୍ରଦତ୍ତୋକ୍ତ ଔଷଧ-ବିଶେଷ ।

ଚ୍ୟୁତ, ବିଂ. (ଚ୍ୟୁ-ତ) ଭ୍ରଷ୍ଟ, ପତିତ, କ୍ଷରିତ, ଗଳିତ, ନଷ୍ଟ, ଚଞ୍ଚଳ ।

ଚ୍ୟୁତି, ବି. ସ୍ତ୍ରୀ. ( ଚ୍ୟୁ-ତି ) କ୍ଷରଣ, ପତନ, ହାନି, ନାଶ ।

ଚ୍ୟୋତ, ବି. ପୁଂ. (ଚ୍ୟୁତ-ଅ) କ୍ଷରଣ, ପତନ, ହାନି, ନାଶ ।

ଚ୍ୟୋତତ୍, ବିଂ. ( ଚ୍ୟୁତ୍-ଅତ୍ ) କ୍ଷରଣଶୀଳ, ବିନାଶଶୀଳ ।

— — — —

# ଛ

ଛ, ବ୍ୟଞ୍ଜନ ବର୍ଣ୍ଣର ସପ୍ତମ ବର୍ଣ୍ଣ; ଏହାର ଉଚ୍ଚାରଣ ସ୍ଥାନ ଜିହ୍ୱାମୂଳ । ବିଂ. ( ଛୋ-ଅ ) ନିର୍ମଳ, ତରଳ, ଛେଦକ, କମ୍ପିତ । ବି. ପୁଂ ଛେଦ, ଖଣ୍ଡ । ନ. ଗୃହମାହାତ୍ମ୍ୟ ।

ଛ, ଛଅ । ବିଂ. ୬ ସଂଖ୍ୟା ।

ଛଅଁଚିବା, କ୍ରି (ଶୌଚ ଶବ୍ଦଜ) ଶୌଚ କରିବା, ନିର୍ମଳ ହେବା ।

ଛଅର, ବି. (କ୍ଷୌର ଶବ୍ଦଜ ) କେଶଛେଦନ ।

ଛଇ, ବ. ( ଛବି ଶବ୍ଦଜ ) ବାଲଙ୍ଗି, ଗୃହର ।

ଛଇଲ, ବ. ( ଛବି ଶବ୍ଦଜ ) ଶୌଖିନ, ରସିକ ।
ଯଥା—
ସୁବର୍ଣ୍ଣ ଶିଖାଫଳେ ସେ ଛଇଲା ବେଢେ ଛତ୍ର ପ୍ରବନ୍ଧାଇ,
ଦେଖୁଥାନ୍ତି ନାନାରଙ୍ଗେ ସେ ନବୀନ ନାଗର ମନ ଭୁଲାଇ ।
ଯ. କେ.

ଛଇଳ, ବଂ. (ଛବିଲ ଶବ୍ଦର ଅପଭ୍ରଂଶ) ସୁନ୍ଦର, ବେଶବିନ୍ୟାସଦ୍ୱାରା ମନୋହର । ଯଥା —
ଦେଖି ଧାଇଁଲେ ଛଇଳ କହ୍ନାଇ ।

ଛଇଲା } ବଂ. ( ଛବିଲ ଶବ୍ଦଜ ) ସୁନ୍ଦରୀ ।
ଛଇଲୀ } ଯଥା —
ଦେଖେ ପକାଇଲା ଛଇଲା ଲାଜ ଭୟେ ଅନ୍ଧୀସ । ଚ. ଘ.

ଛକ୍କ, ବ. ( ଦେଶଜ ) ଯନ୍ତ୍ରବିଶେଷ, ରୋଗବିଶେଷ ।

ଛକୁଡ଼ା, ବଂ. ( ଦେଶଜ ) କଳା ଧଳା ରଙ୍ଗ ବିଶିଷ୍ଟ ( ଗୋରୁ, ଘୋଡ଼ା ) ଚଭୁର ।

ଛକ୍କର, ବ. (ପ୍ରାଚୀନ) ସାଞ୍ଜୁ, କବଚ,ଆଚ୍ଛାଦନ ।

ଛକ, ବ. (ଦେଶଜ) ଚତୁଷ୍ପଥମେଳନ ସ୍ଥାନ ।
ଯଥା —
ଚନ୍ଦ୍ର ଭେଦ ଦେଖାଇବାକୁ ଆମ୍ଭର,
ଛକେ ଛକେ ଜଗିଅଛନ୍ତି ଚର ।
X ଏହିପରି ଚିହ୍ନ ।

ଛକାଛକ,(ଦେଶଜ) ଜଗାଜଗି ।

ଛକାପଞ୍ଝା, ବ ( ଦେଶଜ ) ସତର୍କତା, ଗୃଢ଼ୁର୍ଯ୍ୟ ।

ଛକିବା, କ୍ରି. (ଦେଶଜ) ଜଗିବା ।

ଛଗଣ, ବ. ନ. (ଛ-ଗଣ) ଶୁଷ୍କ ଗୋମୟ, ଘସି ।

ଛଟା, ବଂ. ( ଦେଶଜ ) ବଣୁଵ, ଛଣା । ବି. ଛଣିବା ।

ଛଚ୍ଚ, ବଂ. (ଦେଶଜ) ଭୂତ୍ରମ, ସଚ୍ଚା ।

ଛଚନା } ବ. (ଦେଶଜ) ଏକଜାତୀୟ ଲମ୍ବ ଲତା
ଛଚନା } ଫଳ ଓ ତାହାର ଗଛ ।

ଛଞ୍ଚା, ବ. (ଦେଶଜ) ଭୋଜନର ଦ୍ରବ୍ୟସମ୍ଭାର, ସଜାଡ଼ି, ସଞ୍ଚିତ୍ରି ।

ଛଞ୍ଚାଣ, ବ. (ଦେଶଜ) ସଞ୍ଚାଣ, ବାଜ ।

ଛଞ୍ଚିବା, କ୍ରି. (ସଞ୍ଚୟ ଶବ୍ଦଜ) ସଞ୍ଚୟ କରିବା ।

ଛଟକ,(ଛଟା ଶବ୍ଦଜ) ସୁନ୍ଦର, ଶୋଭା । ଯଥା —
କଟକ ନିର୍ମାଣ ଛଟକ ଦେଖି । ନ. କେ.

ଛଟପଟ, ବଂ. (ଦେଶଜ) କଲବଲ । ଯଥା—
ଛୁଟି ଯାଇ ଦବେଇଲା, ଛଟପଟ ହେବ ସିନା । ବ ଚ.

ଛଟା, ବ. ସ୍ତ୍ରୀ. (ଛ୍ଟ-ଅଚ୍-ଆ) ଦୀପ୍ତି, ଆଲୋକ, ଭଙ୍ଗୀ, ଶୋଭା, ସମୂହ । ଯଥା—
ଛଟା ତାହା କଣ୍ଠସ୍ୱର ଛୁରି ହେଲାନ ବକ୍ଷର । ବ. ଚ.
(ଦେଶଜ) ଛଳ, ଗୃଢ଼ୁର୍ଯ୍ୟ ।

ଛଟାଙ୍କି, ବ. (ଦେଶଜ) ସେରକର ଷୋଡ଼ଶାଂଶ, ପରମାଣବିଶେଷ, ତରଳ ପଦାର୍ଥର ପରମାଣ ଓ ଓଜନବିଶେଷ ।

ଛଡ଼ } ବ. (ଦେଶଜ) ହାଡବାଡ଼ ।
ଛଡ଼ି }

ଛଡ଼ା, ବ. ସ୍ତ୍ରୀ, (ଦେଶଜ) ଅଳ୍ପବୟସ୍କା ଗାଈ, ମାଈ ବାଛୁରୀ, ଅପ୍ରସୂତା ଗାଈ । ବି. ବ୍ୟତୀତ, ବ୍ୟତୀତ ।

ଛଡ଼ାଇବା, କ୍ରି. (ଦେଶଜ) ପୃଥକ୍ କରିବା, କାଟି ପକାଇବା, ଦୂର କରାଇବା ।

ଛଡ଼ାଛଡ଼ି, ବ. ପୃଥକ୍ ପୃଥକ୍, ଟେଙ୍ଗାଟେଣି ।

ଛଣ, ବ. (ଶଣ ଶବ୍ଦଜ) ଶୁଷ୍କ ତୃଣବିଶେଷ ।

ଛଣପଟ, ବ. (ଶଣ ଶବ୍ଦଜ) ଶଣଗଛ ଓ ତାହାର ଚୋଟ । ଯଥା—
ପୁଷ୍ପେ ଶୋଭିତ ଛଣପଟ କଅଛ,
ସୁବର୍ଣ୍ଣ ଛନି କାନ୍ତି କି ମନୋହାରୀ । ଛନ୍ଦମାଳା ।

ଛଣା, ବ. (ଦେଶଜ) ପଚିଷ୍ଣୁତ । ଯଥା—
ଛଣା ଦଧି ସରମଣ ରୁ ମଧୁର ଲଗୁଥାଇ ଶ୍ୟାମପ୍ରୀତି ।

ଛଣୀ, ବ. ( ଷଣ ଶବ୍ଦଜ ) ଛଣପଟନିର୍ମିତ ରଜ୍ଜୁ, ଟଙ୍କା ରଖିବାର ଥଳୀ ।

ଛତର, ବ. (ସତ୍ର ଶବ୍ଦଜ) ସଦାବ୍ରତ, ସଦାଦାନ ।

ଛତରଖିଆ,ବଂ. ମାଗିଖିଆ, ଯେ ଛତରରେ ଖାଇ କାଳ ହରାଇଅଛି ।

ଛତରଞ୍ଜି, ବ. ଏକପ୍ରକାର ଶଣନିର୍ମିତ ଆସନ, ଦରି ।

ଛତରା, ବ. (ଦେଶଜ) ଭଣ୍ଡ, ବସୁଲିଆ, ବାଉଳା ।

ଛତା, ବ. (ଛତ୍ର ଶବ୍ଦଜ) ଆତପତ୍ର ।

ଛତାଭୁଷା } ବି. (ଶତାବସ୍ଥ ଶବ୍ଦଜ) ବୃକ୍ଷ-
ଛତୁଅସ୍ଥା } ବିଶେଷ ।

ଛତ, ବି. (ଛତ୍ର ଶବ୍ଦଜ) ବଡ଼ ଛତା, (ସମ୍ବଲପୁର) ଛତୁ, ଧାମ୍ପ, ଅଗ୍ରଭାଗ ।

ଛତିଅଣା, ବି. ସପ୍ତପର୍ଣ୍ଣ ବୃକ୍ଷ ।

ଛତିଆ, ବି. (ଦେଶଜ) ଛତାର ମଳ ।

ଛତିଶ, ବି, ବିଂ. ( ଷଟ୍ତ୍ରିଂଶ ଶବ୍ଦଜ ) ୩୬ ସଂଖ୍ୟା ।

ଛତିଶା, ବି. (ଗ୍ରାମ୍ୟ) ଜାରଜ, ୩୬ ସଂଖ୍ୟକ, ଯଥା—ଛତିଶା କଯୋଗ ।

ଛତୁ, ବି. (ଶକ୍ତୁ ଶବ୍ଦଜ) ଯବାଦି ଚୂର୍ଣ୍ଣ, (ଛତ୍ରାକ ଶବ୍ଦଜ) ଶିଲୀନ୍ଧ୍ର, ଏକପ୍ରକାର ଫୁଲ ।

ଛତ୍ର } ବି. ନ. (ଛଦ୍-ତ୍ର) ଆତପତ୍ର, ଛତା,
ଛତ୍ର } ଆଚ୍ଛାଦନ । (ସତ୍ର ଶବ୍ଦଜ) ସଦାବ୍ରତ ।

ଛତ୍ରଖିଆ, ବିଂ. (ଛତ୍ର ଶବ୍ଦଜ) ମାଗିଖିଆ, ଭିକାରୀ ।

ଛତ୍ରଭଙ୍ଗ, ବି. ପୁଂ. ( ଛତ୍ର-ଭଙ୍ଗ ) ବୈଧବ୍ୟ, ସ୍ୱାତନ୍ତ୍ର୍ୟ, ନୃପନାଶ, ଅରାଜକତା, ପରାଜିତ ହୋଇ ପଳାଇ ଯିବା ।

ଛତ୍ରା, ବି. ପାନମହୁରି, ଧନିଆ ।

ଛତ୍ରାକ, ବି. (ଛତ୍ର-ଅକ) ଛତୁ, ଶିଲୀନ୍ଧ୍ର ।

ଛତ୍ରୀ, ବି. ପୁଂ. (ଛତ୍ର-ଇନ୍) ନାପିତ, ଭଣ୍ଡାରୀ, ବାରିକ । ବିଂ. ଛତାଧାରୀ, ଛତାଧରା ।

ଛତ୍ୱର, ବି. ପୁଂ. (ଛଦ୍-ବର) ଗୃହ, କୁଞ୍ଜ ।

ଛଦ, ବି. ପୁଂ. ( ଛଦ୍-ଅ ) ପତ୍ର, ପକ୍ଷ, ପର, ଆଚ୍ଛାଦନ, ତମାଳ ବୃକ୍ଷ ।

ଛଦନ, ବି. ନ. ( ଛଦ୍-ଅନ ) ଆଚ୍ଛାଦନ, ପତ୍ର, ପକ୍ଷ, ତେଜପତ୍ର ।

ଛଦାମ, ବି. ( ଦେଶଜ ) ଏକ ପାଇସାର ଚାରି ଭାଗରୁ ଏକଭାଗ ।

ଛଦିଃ } ବି. ସ୍ତ୍ରୀ. (ଛଦ୍-ଇସ୍,ଇ) ଛାଦ, ଚାଳ,
ଛଦି } ଆଚ୍ଛାଦନ । ଯଥା—

> ଛଦି ଅଳକାର ଅସଂଖ୍ୟ ଦର୍ଶକବୃନ୍ଦେ ଶୋଭିତ,
> ବାତାୟନ ହେଲା ଲଳନା ଲୋଚନେ କୁବଳୟିତ । ଛଷା

ଛଦ୍ମ, ବି. ନ. (ଛଦ୍-ମନ୍) ଛଳ, କପଟ ।

ଛଦ୍ମବେଶ, ବି ପୁଂ. ଲୋକମାନଙ୍କୁ ପ୍ରତାରଣା କରିବା ନିମିତ୍ତ ଯେଉଁ ବେଶ କରାଯାଏ, କପଟବେଶ ।

ଛଦ୍ମବେଶୀ, ବିଂ. (ଛଦ୍ମବେଶ-ଇନ୍) ଯେ ଛଦ୍ମବେଶ କରେ, କାପଟିକ ।

ଛନ, ବି. (ଦେଶଜ) ଡରାଇବା ଭୟ ଦେଖାଇବା । ଯଥା—

> ରେ ଦୁର୍ଗିଧନ ! ଦମ୍ଭ ଦେଖିବାକୁ ମୋନା ଦେଲ ଛନ । ବ. ଚ.

ଛନକା, ବି. ( ଦେଶଜ ) ଭୟ । ଯଥା—

> ଅବଶେ ଅଶି ମୁଁ ବୁଝିଲି ଛନକେ । ନ. ହେ.

ଛନଛନ, ବି. ( ଦେଶଜ ) ଉଦ୍ବିଗ୍ନ, ଚଞ୍ଚଳ, ଭୀତ ।

ଛନ୍ଦ, ବି. ପୁଂ. ( ଛନ୍ଦ-ଅ ) ଅଭିପ୍ରାୟ, ବଶତା, ଅଭିଳାଷ, ବିଷ । ବନ୍ଧନୀ, ସନ୍ନିପାତ ରୋଗ । ବିଂ. ଗୋପନୀୟ, କପଟ ।

ଛନ୍ଦ,
ଛନ୍ଦଣୀ } ବି. (ଦେଶଜ) ଗାଈ ଛନ୍ଦିବା ଦଉଡ଼ି

ଛନ୍ଦଃ, ବି. ନ. (ଛନ୍ଦ-ଅସ୍) ପଦ୍ୟବନ୍ଧ, ଇଚ୍ଛା, ବେଦ ।

ଛନ୍ଦାଛନ୍ଦି, ବିଂ. ( ଦେଶଜ) ପରସ୍ପର ଅବଦ୍ଧ ।

ଛନ୍ଦାନୁଗମନ } ବି. ନ. ( ଛନ୍ଦ-ଅନୁଗମନ,
ଛନ୍ଦାନୁସରଣ } ଅନୁସରଣ ) ଆପଣାର ଇଚ୍ଛାନୁସାରେ ଚଳିବା ।

ଛନ୍ଦାନୁବର୍ତ୍ତୀ, ବିଂ. ( ଛନ୍ଦ-ଅନୁବର୍ତ୍ତୀ ) ଯେ ପରର ମନ ଯୋଗାଏ, ଯେ ପରର ମନ ମନାଏ, ଇଚ୍ଛାଧୀନ ।

ଛନ୍ଦିବା, କ୍ରି. (ଦେଶଜ) ବାନ୍ଧିବା, ପରସ୍ପର ବନ୍ଧନ ।

ଛନ୍ଦୋଗ, ବି. ପୁଂ. ( ଛନ୍ଦସ୍-ଗ ) ସାମବେଦ-ଗାୟକ, ସାମବେଦଜ୍ଞ ।

ଛନ୍ନ, ବିଂ. (ଛଦ୍-ତ) ଗୁପ୍ତ, ନିର୍ଜନସ୍ଥ, ଆଚ୍ଛାଦିତ, ଲୁପ୍ତ, ନଷ୍ଟ । ବି. ନିର୍ଜନ ସ୍ଥାନ ।

ଛନ୍ନମତି, ବିଂ. ( ଛନ୍ନ-ମତି ) ଯାହାର ବୁଦ୍ଧିଭ୍ରଂଶ ହୋଇଅଛି, ନଷ୍ଟବୁଦ୍ଧି ।

ଛପନ, ବି. ବିଂ. ( ଷଟ୍ପଞ୍ଚାଶତ୍ ଶବ୍ଦଜ ) ୫୬ ସଂଖ୍ୟା ।

ଛପପର
ଛପର } ବି. (ହିନ୍ଦୀ) ଗୃହର ଆବରଣ, ଚାଳ ।

ଛପା, ବିଂ. (ଦେଶଜ) ମୁଦ୍ରିତ, ଲୁଚ୍ଚ । ବି. ମୁଦ୍ରା ବା ଛପା ।

ଛପିବା, କ୍ରି. (ହିନ୍ଦୀ, ଛପ୍‌ନା ଶବ୍ଦଜ) ଲୁଚିବା ।

ଯଥା—

ଛଣା ପୀୟୂଷ ସଦୃଶ ହାସେ,
ଛପି ଥାଇ ଲାଜ କି ବିଳାସେ ।

ଛବିଶ, ବି. ବିଂ. (ଷଡ୍‌ବିଂଶ ଶବ୍ଦଜ) ୨୬ ସଂଖ୍ୟା ।

ଛମଣ୍ଡ, ବି. ପୁଂ. ( ଛମ୍-ଅଣ୍ଡ ) ଅନାଥ ଶିଶୁ, ପିତୃହୀନ ବାଳକ, ଛେଉଣ୍ଡ ।

ଛୟାଁଣୋଇ
ଛୟାନବେ } ବି. ବିଂ. (ଷଣ୍ଣବତି ଶବ୍ଦଜ, ୯୬ ସଂଖ୍ୟା

ଛୟାଅଶୀ, ବି ବିଂ. ( ଷଡ଼ଶୀତି ଶବ୍ଦଜ ) ୮୬ ସଂଖ୍ୟା ।

ଛର୍ଦ୍ଦନ, ବି. ନ. ( ଛର୍ଦ୍ଦ-ଅନ ) ବମନ । ପୁଂ. ଅଲମ୍ବୁଷ ରାକ୍ଷସ, ନିମ୍ବବୃକ୍ଷ ।

ଛର୍ଦ୍ଦିଘ୍ନ, ବି. ପୁଂ. (ଛର୍ଦ୍ଦି-ଘ୍ନ) ନିମ୍ବବୃକ୍ଷ ।

ଛଗ, ବି. (ଦେଶଜ) ଛଟା । ଯଥା—

କର୍ପୂରଚନ୍ଦନଛଗ, ପକାଇ ସେ ପୁର କଲି ଚୋରା ।

ଛଳ ବି. ନ. ( ଛୋ-ଳ ) କପଟତା, ଶଠତା, ପ୍ରତାରଣା, ଛଦ୍ମବେଶ, ବାକ୍ୟଦୂଷଣବିଶେଷ, ବକ୍ତା ଯେଉଁ ଶବ୍ଦ ଓ ଯେଉଁ ଅର୍ଥ ପ୍ରୟୋଗ କରନ୍ତି ସେ ଶବ୍ଦର ସେ ଅର୍ଥ ଗ୍ରହଣ ନ କରି ତଦ୍‌ବିପରୀତାର୍ଥ କଳ୍ପନାପୂର୍ବକ ପ୍ରତିବାଦୀ ଯେଉଁ ମିଥ୍ୟାଦୋଷାରୋପ କରନ୍ତି । ଯଥା—

ଛଳବାହୁମାଣ ହେ, ଛାଡ଼ ଏ ସାହସ ।

ଛଳନ, ନ.
ଛଳନା, ସ୍ତ୍ରୀ. } ବି. ( ଛଳ-ଅନ, ଅନ୍-ଆ ) ପ୍ରତାରଣା, ଶଠତା ।

ଛଳାଇବା, କ୍ରି. (ଛଳ ଶବ୍ଦଜ) କପଟରେ ନାନା ପ୍ରକାର କହିବା ।

ଛଳିବା, କ୍ରି. ପ୍ରତାରିତ କରିବା ।

ଛବି, ବି. ସ୍ତ୍ରୀ ( ଛୋ ଇ ) ଦୀପ୍ତି, ଶୋଭା, ଉଜ୍ଜ୍ୱଳତା, ଚିତ୍ରିତ ମୂର୍ତ୍ତି, ପ୍ରତିମୂର୍ତ୍ତି । ଯଥା—

ଛବି ତ ଅବଳ କଣେ; ଛପିବାରେ ଅଛି କି ସେ ।

ଛଷଠି, ବି. ବିଂ. (ଷଟ୍‌ଷଷ୍ଟି ଶବ୍ଦଜ) ୬୬ ସଂଖ୍ୟା ।

ଛସ୍ତରି, ବି. ବିଂ ( ଷଟ୍‌ସପ୍ତତି ଶବ୍ଦଜ ) ୭୬ ସଂଖ୍ୟା ।

ଛାଅଣି
ଛାଉଣି } ବି. (ଦେଶଜ) ଛପରବନ୍ଧ, ଆଚ୍ଛାଦନ କରିବା ।

ଛାଇ, ବି. ( ଛାୟା ଶବ୍ଦଜ ) ପ୍ରତିବିମ୍ବ ।

ଯଥା—

ଛାଇକି ଅନାଇ ଛାତି ଫୁଲାଇ ନିଭଙ୍ଗେ । ବି. ଚି.

ଛାଇନିଦ, ବି. (ଦେଶଜ) ତନ୍ଦ୍ରା, ଅଳ୍ପନିଦ୍ରା, ନିଦ୍ରାର ଆରମ୍ଭ ।

ଛାଇବା, କ୍ରି. ( ଦେଶଜ ) ଛପର କରିବା, ଘୋଡ଼ାଇବା ।

ଛାଉଣି, ବି. (ଛାୟା ଶବ୍ଦଜ) ଛପରବନ୍ଧ, ସୈନ୍ୟ-ଶିବିର ।

ଛାଏଁ, ଅଂ. (ଦେଶଜ) ସ୍ୱୟଂ, ସ୍ୱଇଚ୍ଛାରେ, ଆପେ ଆପେ ।

ଛାଗ, ଛାଗଳ,
ଛାଗଳକ, } ଛଗ, ଛଗଳ-ଅ, ଅକ) ଅଜ, ଅଜା, ଛେଳି ।

ଛାଗରଥ, ବି. ପୁଂ. (ଛାଗ-ରଥ) ଅଗ୍ନି ।

ଛାଗବାହାନ, ବି. ପୁଂ. (ଛାଗ-ବାହନ) ଅଗ୍ନି ।

ଛାଙ୍କିବା, କ୍ରି. (ଦେଶଜ) ଛାଣିବା ।

ଛାଚ, ବି. (ଦେଶଜ) କନ୍ଦ, ନବାତ ।

ଛାଟ
ଛାଟଣି } ବି. (ହିନ୍ଦୀ) ଚାବୁକ । ଯଥା—

ଅଶ୍ୱକୁ ସାଟିଥି କଲେ ଛାଟଣି ପ୍ରହାର ।

ଛାଟିଆ, ବି. ( ଦେଶଜ ) ଚୌକିଆ, ପାଇକ, ଛାଟ ।

ଛାଟିପିଟି, କ୍ରି ବିଂ. (ଦେଶଜ) ବ୍ୟସ୍ତ, ଗୋଡ଼ହାତ ଛାଟି ହେବା ।

ଛାଟିବା. କ୍ରି. (ଦେଶଜ) ନିକ୍ଷେପ କରିବା, ମାଟି ପ୍ରଭୃତି ଲେସିବା ।

ଛାଞ୍ଚ, ବି. (ଦେଶଜ) ଠସା, ଆଦର୍ଶ ।

ଛାଞ୍ଚୁଣି, ବି. (ଦେଶଜ) ଝାଡ଼ୁ, ସମ୍ମାର୍ଜନୀ ।

**ଛାଡ଼**, ବି. (ହିନ୍ଦୀ, ଛୋଡ଼ ଶବ୍ଦଜ) ତ୍ୟାଗ, ଅନୁମତି, ମୁକ୍ତି । (ତ୍ୟାଗ ଅର୍ଥରେ) ଯଥା—

ଛାଡ଼ିଲ ସେମନ୍ତ ସ୍ୱଭାବ,
ପ୍ରାଣ ଗଲେ ହେଲେ ଛାଡ଼ ନ ଯିବ ।

**ଛାଡ଼ଖାଇ**, (ଦେଶଜ) କାର୍ତ୍ତିକ ପୂର୍ଣ୍ଣିମାର ପରଦିନ ।

**ଛାଡ଼ପତ୍ର**, ବି. (ଦେଶଜ) ତ୍ୟାଗପତ୍ର, ମୁକ୍ତିପତ୍ର ।

**ଛାଡ଼ିବା**, କ୍ରି. (ଦେଶଜ) ତ୍ୟାଗ କରିବା । ଯଥା—

କେବଳ ନ ଛାଡ଼ିବ ଅଣ୍ଟ, ଅନଳେ ପତଙ୍ଗ ପ୍ରାୟେ
ହେଲେ ହେବ ନାଶ । ପ୍ରେ. ଚି.

**ଛାଣିବା**, କ୍ରି. (ଦେଶଜ) ବସ୍ତ୍ରାଦିଦ୍ୱାରା ସାରାଂଶ ବାହାର କରିବା ।

**ଛାତ**, ବି॰. (ଛୋ-ତ) ଛିନ୍ନ, ଦୁର୍ବଳ, କ୍ଷୀଣ, କୃଶ । (ଛଦ ଶବ୍ଦଜ) କୋଠାର ଆଚ୍ଛାଦନ ।

**ଛାତି**, ବି. (ଦେଶଜ) ବକ୍ଷ । ଯଥା—

ପଡ଼ ନାହିଁ କଲେ ପଡ଼ିବ ରଡ଼;
ମୋ ଛାତି ଦୁଅନ୍ତା ସିନା କରତ ।

**ଛାତ୍ର**, ବି. ପୁଂ. (ଛତ୍ର-ଅ) ଶିଷ୍ୟ, ପଢ଼ୁଆ ।

**ଛାତ୍ରଗଣ୍ଡ**, ବି. ପୁଂ. ଶିକ୍ଷା ବିଷୟରେ ଯେଉଁ ଛାତ୍ରର ଯତ୍ନ ଓ ଅନୁରାଗ ନାହିଁ ।

**ଛାତ୍ରବୃତ୍ତି**, ବି. ସ୍ତ୍ରୀ. ଛାତ୍ରର ଜୀବିକା, ଛାତ୍ରର ଉତ୍ସାହବର୍ଦ୍ଧନାର୍ଥ ପ୍ରଦତ୍ତ ପାରିତୋଷିକ ।

**ଛାଦ**, ବି. ନ. (ଛଦ୍-ଅ) ଘରର ଆଚ୍ଛାଦନ, ଚାଲ, ଛାତ ।

**ଛାଦକ**, ବି॰. (ଛଦ୍-ଅକ) ଆଚ୍ଛାଦକ, ଯେ ଘର ଛାଉଣି କରେ, ଯେ ଘରର ଛାଦ ନିର୍ମାଣ କରେ ।

**ଛାଦନ**, ବି. ନ. ( ଛାଦ-ଅନ ) ଆବରଣ, ଆଚ୍ଛାଦନ, ଘରଛାଉଣି, ଘରର ଛାଦ ନିର୍ମାଣ କରିବା ପତ୍ର ।

**ଛାଦିତ**, ବି॰. (ଛାଦ-ତ) ଆଚ୍ଛାଦିତ, ଆବୃତ, ଯାହା ଛାଉଣି ହୋଇଅଛି, ଯାହାର ଛାଦ କରିତ ହୋଇଅଛି ।

**ଛାନିଆଁ**, ବି॰. (ଦେଶଜ) ଅକସ୍ମାତ୍ ଭୀତ ।

**ଛାନ**, ବି. (ଛନ୍ଦ ଧାତୁଜ) ଅଧ୍ୟାୟ, ପଦ୍ୟ ଗ୍ରନ୍ଥର ପରିଚ୍ଛେଦବିଶେଷ ।

**ଛାନ୍ଦସ**, ବି. ପୁଂ. ( ଛନ୍ଦସ୍-ଅ ) ବେଦାଧ୍ୟାୟୀ, ବେଦାଧ୍ୟାପକ । ବି॰. ଛନ୍ଦସମ୍ବନ୍ଧୀୟ ।

**ଛାନ୍ଦୋଗ୍ୟ**, ବି. ନ. (ଛନ୍ଦସ୍-ଗ-ଯ) ବେଦର ଅଂଶବିଶେଷ, ସାମବେଦୀୟ ଉପନିଷଦ୍ ।

**ଛାପ**, ବି. ( ଚୂର୍ଣ୍ଣିକରଣାର୍ଥ ଚପ୍ ଧାତୁଜ ) ମୁଦ୍ରା, ଚିହ୍ନ, ଛାପା । (ଦେଶଜ) ଛେପ ।

**ଛାପଛାକଣ**, ବି॰. ( ଦେଶଜ ) ଦେଖିବାକୁ ସୁନ୍ଦର ।

**ଛାପା**, ବି. ମୁଦ୍ରାଙ୍କନ ।

**ଛାପାଖାନା**, ବି. ମୁଦ୍ରାଯନ୍ତ୍ରାଳୟ ।

**ଛାମୁ**, ବି. (ସାମ୍ନେ (ହିନ୍ଦୀ) ସଂସ୍କୃତ=ସମ୍ମୁଖ ଶବ୍ଦଜ) ସମ୍ମୁଖ, ରାଜାଙ୍କ ସମୀପ, ରାଜା ।

ଅରେ ଛବିନାଥ, ଛାମ ଛଡ଼ିବାର କଲ ମନବଧ ।

**ଛାମୁଆ**, ବି. ରାଜାଙ୍କ ପାଖଲୋକ, ଛାମୁରେ ଯେଉଁମାନେ ରହନ୍ତି ।

**ଛାମୁକରଣ**, ବି, (ଦେଶଜ) ରାଜା ବା ଜମିଦାର-ମାନଙ୍କର ହିସାବପତ୍ର ରଖିବା କର୍ମଚାରୀ-ବିଶେଷ ।

**ଛାମଣ୍ଡିଆ** } ବି. (ଛାୟାମଣ୍ଡପ ଶବ୍ଦଜ) ବିବାହାଦି
**ଛାମଣ୍ଡପ** } ଶୁଭକାର୍ଯ୍ୟ ନିର୍ବାହ ନିମନ୍ତେ ନିର୍ମିତ ମଣ୍ଡପବିଶେଷ ।

**ଛାୟା** ବି. ସ୍ତ୍ରୀ. (ଛୋ-ଯ) ଅନାତପ, ରୌଦ୍ରା-ଭାବ, ଅନ୍ଧକାର, ପ୍ରତିବିମ୍ବ, କାନ୍ତି, ଶୋଭା, ପ୍ରଭା, ଆଲୋକ, ସୂର୍ଯ୍ୟଙ୍କ ପତ୍ନୀ, ପାଳନ, ଶ୍ରେଣୀ, ଉତ୍କୋଚ, ଆବର୍ତ୍ତନ, ଯେ ପ୍ରକାର ବୃକ୍ଷର ଛାୟା, ଛାଇ, ଛନ୍ଦୋବିଶେଷ । (ଛାଇ ଅର୍ଥରେ) ଯଥା—

ଛାୟା ପ୍ରାୟ ତୁମ୍ଭ ସଙ୍ଗେ ବିଚରିବି ବନେ ।

**ଛାୟାକର**, ବି॰. (ଛାୟା-କର) ଛତ୍ରଧାରୀ, ଯେ ଛାୟା କରେ ।

**ଛାୟାଙ୍କ**, ବି. ପୁଂ. (ଛାୟା-ଅଙ୍କ) ସୂର୍ଯ୍ୟଙ୍କ ପ୍ରତିବିମ୍ବ ପଡ଼ିବାରେ ଯାହା ପ୍ରକାଶିତ ହୁଏ, ଚନ୍ଦ୍ର ।

ଛାୟାଚନସ୍ତ } ବି. ପୁଂ. (ଛାୟା ଚନସ୍ତ, ଅମ୍ବଜ)
ଛାୟାସ୍ତ୍ରଜ } ଶନୈଶ୍ଚର, ଶନଗ୍ରହ ।

ଛାୟାତରୁ, ବି. ପୁଂ. (ଛା । ତରୁ) ବୃହତ୍ ବୃକ୍ଷ, ଯେଉଁ ବୃକ୍ଷର ଅନେ : ଛାୟା ହୁଏ । ନ. ମେରୁ ବୃକ୍ଷ, ସୁରପଲ୍ଲାଗ ବୃକ୍ଷ ।

ଛାୟାପଥ, ବି.ପୁଂ. (ଛାୟା ପଥ) ଶୋଭାଯୁକ୍ତ ପଥ ରଜନୀଯୋଗରେ ଦୃଶ୍ୟମାନ ନକ୍ଷତ୍ରପୁଞ୍ଜ-ସମାବୃତ ପଥ ପର ପ୍ରତୀୟମାନ ନଭୋ-ମଣ୍ଡଳର ଏକ ଅଂଶବିଶେଷ. ଜ୍ୟୋତିଷ୍କ ମଧ୍ୟବର୍ତ୍ତୀ ଅର୍ଦ୍ଧମଣ୍ଡଳାକୃତ ପ୍ରଦେଶବିଶେଷ. ଜ୍ୟୋତିଷ୍କମଧ୍ୟବର୍ତ୍ତୀ ମଣ୍ଡଳାକାର ନକ୍ଷତ୍ର-ଶ୍ରେଣୀ, ହାଣ୍ଡିଦାଣ୍ଡ ।

ଯେସନେ ଶରଦେ ଗ୍ରହ ତ ବନ୍ଦେମଣ୍ଡିତ,
ଗଗନ ନଗର ଛାୟାପଥେ ବିଭୂଷିତ । କ. ବ.

ଛାୟାବାଜି, ବି. ଇନ୍ଦ୍ରଜାଲ, ଭୋଜବିଦ୍ୟା ।

ଛାର, ବିଂ. (କ୍ଷାର ଶବ୍ଦଜ)ମନ୍ଦ,ଅଗ୍ରାହ୍ୟ, ଶ୍ଳେଷ୍ମ, ନୀଚ, ଅଧମ । ଯଥା—

ଛର ଫୁଲଧନୁ ଧର ଭୁ ସ୍ୱରେ ବୋଲଉ ଶୁର ।

ଛାରଖାର, ବିଂ. ( ଦେଶଜ ) ବିନଷ୍ଟ, ଭସ୍ମସାତ୍ ।

ଛାରପୋକ, ବି. ( ଦେଶଜ ) ଗନ୍ଧକୀଟ, ମକ୍କୁଣ, ଓଡ଼ଶ ।

ଛାଲ, ବି. (ଛଲ୍ଲି ଶବ୍ଦଜ) ତ୍ୱକ୍,ବକଲ,ପଶୁଚର୍ମ ।

ଛାଲି, ବି. (ଦେଶଜ) ଗଛର ବକଲ ।

ଛି, }
ଛିଅ } ଅଂ. ନିନ୍ଦା, ଘୃଣାସୂଚକ ଶବ୍ଦ ।

ଛିଅଁଇବା, କ୍ରି. ( ଦେଶଜ ) ଛପର କରିବା, ଗ୍ରେପା ଛଡ଼ାଇବା ।

ଛିକାର, ବି. ଧିକ୍କାର, ଛିଛିକାର ।

ଛିକ, ବି. ନାସିକା ଧ୍ୱନି ।

ଛିକିବା, କ୍ରି. ( ଦେଶଜ ) ନାସିକା ଧ୍ୱନି କରିବା ।

ଛିଅଡ଼ା, ବି. ( ଦେଶଜ ) ବର୍ଷା ପାଣି ପବନ ଅଘାତରେ ବକ୍ରଭାବରେ ପଡ଼ିବା ।

ଛିଆ, ବି. (ଦେଶଜ) ସେଚନ । ବିଂ. ସିକ୍ତ ।

ଛିଆଁଡ଼ିବା, କ୍ରି. ( ଦେଶଜ ) ଦୂରରୁ ବିକ୍ଷେପ କରିବା ।

ଛିଞ୍ଚିବା, କ୍ରି. (ସିଚ୍ ଧାତୁଜ) ସେଚନ କରିବା ।

ଛିଟ, ବି. ଚିତ୍ରିତ ବସ୍ତ୍ର ।

ଛିଟା, ବି. (ହିନ୍ଦୀ)ବିନ୍ଦୁ, କଣା,କୌଣସି ପଦାର୍ଥରେ ଦାଗ ଲାଗିଯିବା ପରିମାଣବିଶେଷ ।

ଛିଟିକା } ବି. ( ହିନ୍ଦୀ ) ବିନ୍ଦୁ, ଛିଟା,
ଛିଟ୍‌କା } ବିନ୍ଦା ।

ଛିଟିକିଣି, ବି. ( ଦେଶଜ ) ମୂଷା ମାରିବା କଲ, ଠେକା ମାରିବା ଫାଶ ।

ଛିଟିକିବା }
ଛିଡ଼ିକିବା } କ୍ରି. (ଦେଶଜ) ତରଳ ପଦାର୍ଥ ବିନ୍ଦୁ ବିନ୍ଦୁ ହୋଇ ଦୂରକୁ
ଛିଟିକିପଡ଼ିବା } ଚାଲିଯିବା । ଯଥା—

ଘଟେ ଭୂଅଇ ସ୍ତେ ପଡ଼ି ଛିଟିକି,
କ୍ଷୀରୋଦ ଫେନ ବସ୍ତ୍ର ଅଙ୍ଗେ ଛଡ଼ିକି । ଦୁ. ସ୍ତ୍ର.

ଛିଡ଼ା, ବି. (ଦେଶଜ)ଠିଆ, । ଯଥା—

ଧାନ ହୋଇଥିଲା ଛିଡ଼ା
ଆସ ମିଳିଗଲେ ଘନ ବୁଢ଼ା ।

ଛିଡ଼ିବା }
ଛିଣ୍ଡିବା } କ୍ରି. (ଦେଶଜ) ଛିନ୍ନ ହେବା, ବିଷ୍ଟ ହେବା, ଦୁଧ ପାଣି ଫାଟିଯିବା ।

ଛିଣ୍ଡା, ବିଂ. (ଛିନ୍ନ ଶବ୍ଦଜ )ଛିନ୍ନ ।

ଛିଣ୍ଡାଇବା, କ୍ରି. (ଦେଶଜ) ଛିନ୍ନ କରିବା ।

ଛିଣ୍ଡାଳ }
ଛିଣ୍ଡାଳୀ } ବି. ସ୍ତ୍ରୀ. (ହିନ୍ଦୀ ଛିନାଲ ଶବ୍ଦଜ) ନଷ୍ଟା, କୁଳଟା ।

ଛିଣ୍ଡିବା, କ୍ରି. ( ଦେଶଜ ) ଛିନ୍ନ ହେବା, ଖସି-ପଡ଼ିବା, ନଷ୍ଟ ହେବା ।

ଛିତ୍ୱର, ବି. ପୁଂ. (ଛିଦ୍-ବର) ଧୂର୍ତ୍ତ, ବୈରୀ । ବିଂ. ଛେଦକ ।

ଛିଦୁର, ବିଂ. (ଛିଦ୍-ଉର)ଛିନ୍ନ, ଛିଣ୍ଡା, ଛେଦକ, ଛେଦନଶୀଳ,ବୈରୀ, ପ୍ରତାରକ ।

ଛିଦ୍ର, ବି. ନ. (ଛିଦ୍-ର) ବିବର, କ୍ଷୁଦ୍ର ଗର୍ତ୍ତ, ଅବକାଶ, ଅପକର୍ଷ, ନ୍ୟୂନତା, ଦୋଷ । ଯଥା—

ଛିଦ୍ରଭେଦ ଦେନମାନ୍ତୁ ମୋହନ,
ଛିକେ ଛିକେ କଟିଥିଲା ତଉ ।

ଛନ୍ଦ୍ରାନୁସରଣ, ଛନ୍ଦ୍ରାନୁସନ୍ଧାନ, ଛନ୍ଦ୍ରାନ୍ୱେଷଣ } ବି. ନ. (ଛନ୍ଦ୍ର-ଅନୁସରଣ, ଅନୁସନ୍ଧାନ, ଅନ୍ୱେଷଣ) ଛନ୍ଦ୍ର ଖୋଜି ବୁଲିବା, ଦୋଷ ଅନୁସନ୍ଧାନ କରିବା ।

ଛନ୍ଦ୍ରାନୁସାରୀ, ବିଂ. (ଛନ୍ଦ୍ର-ଅନୁସାରୀ) ଯେ ଛନ୍ଦ୍ର ଖୋଜି ବୁଲେ, ଯେ ଦୋଷ ଅନୁସନ୍ଧାନ କରେ ।

ଛନ୍ଦ୍ରାନ୍ୱେଷୀ, ବିଂ. (ଛନ୍ଦ୍ର-ଅନ୍ୱେଷୀ) ଯେ ଦୋଷ ଅନୁସନ୍ଧାନ କରେ, ଯେ ଛନ୍ଦ୍ର ଖୋଜି ବୁଲେ ।

ଛନଛନ୍ନ, ବିଂ. (ଦେଶଜ) ଇତସ୍ତତଃ ବିକ୍ଷିପ୍ତ, ଲଣ୍ଡଭଣ୍ଡ, ଛନ୍ନଭନ୍ନ ।

ଛନ୍ନ, ବିଂ. (ଛନ୍ଦ୍-ତ) ଖଣ୍ଡିତ, ଛିଣ୍ଡା ।

ଛନ୍ନଭନ୍ନ, ବିଂ. (ଛନ୍ନ-ଭନ୍ନ) ଇତସ୍ତତଃ ବିକ୍ଷିପ୍ତ, ଛିନ୍ନଭିନ୍ନ, ବିନଷ୍ଟ ।

ଛୁ, ବି. (ହିନ୍ଦୀ) ପଳାୟନ, ଚମ୍ପଟ, ଦଉଡ଼ ।

ଛୁଅ, ବି. (ଦେଶଜ) ଶାବକ, ଶିଶୁ ।

ଛୁଆଁ, ବିଂ. (ସ୍ପର୍ଶ ଶବ୍ଦଜ) ଦୂଷିତ, ଛପର ।

ଛୁଆଇବା, କ୍ରି. (ଦେଶଜ) ଆଚ୍ଛାଦନ କରାଇବା । ଯଥା—

ପତ୍ରାବଳୀରେ ଯତନେ ଛୁଆଇ ।

ଛୁଇଁ, ବି. (ହିନ୍ଦୀ ଛୁମି ଶବ୍ଦଜ) ଫଳବିଶେଷ ।

ଛୁଇଁବା, କ୍ରି. ସ୍ପର୍ଶ କରିବା ।

ଛୁଞ୍ଚ, ବି. (ସୂଚି ଶବ୍ଦଜ) ସୂଚ, ଲୁଗା ପ୍ରଭୃତି ସିଲିବାର ଯନ୍ତ୍ରବିଶେଷ ।

ଛୁଟି, ଛୁଟୀ } ବି. (ହିନ୍ଦୀ) ବିଦାୟ, ଛାଡ଼, ଉଦ୍ଧାର, ଅବକାଶ ।

ଛୁଟିବା, ଛୁଟିଯିବା } କ୍ରି. (ଦେଶଜ) ଦୂରକୁ ଚାଲିଯିବା, ନଷ୍ଟ ହେବା । ଯଥା—

ଛୁଟିଯାଇ କଟେଡ, ଛଟପଟ ହେବ ସିନା । କ.ଚ,

ଛୁଡ, ବି. (ଦେଶଜ) ମଲ, ମୂତ୍ର,ବନ୍ଧୁ ବନ୍ଧୁ ହୋଇ ମୁହ ପଡିବା ।

ଛୁତକଅ, ବି. (ସୂତକ ଶବ୍ଦଜ) ସୂତକା- ଶୌଚ ।

ଛୁରା, ବି. ସ୍ତ୍ରୀ. (ଛୁର-ଅ ଆ) ଛୁରି, ଚୂନା । (ଦେଶଜ ବଡ଼ ଛୁରୀ, ଟଙ୍ଗା । କଡ଼ଆଗଛ ।

ଛୁରଅନା, ବି. ପୁଂ ପୁଷ୍ପବୃକ୍ଷବିଶେଷ । ଯଥା -

ପୁଙ୍ଗ ବରତେ ଯହିଁ ବସଙ୍ଗନା
ସୁର ଛୁଇ ପରୁ ମଣେ ଛୁରଅନା । କ ବେ

ଛୁରି, ଛୁରିକା, ଛୁରୀ } (ଛୁର୍-ଇ, ଅକ-ଆ, ଈ) ଅସ୍ତ୍ରବିଶେଷ, ଅସିପୁତ୍ରୀ, ଚାକୁ ।

ଛୁରିତ, ବିଂ. (ଛୁର-ତ) ଲିପ୍ତ, ବ୍ୟାପ୍ତ, ଖଚିତ, ଶୋଭିତ, ଛିନ୍ନ । (ଶୋଭିତ ଅର୍ଥରେ) ଯଥା—

ଯହିଁ ଯହିଁ ଚଢ ହେଲେ ଅସ୍ତମିତ;
ପଦ୍ମିନୀ ଶାଣା ହେଲା କୁଙ୍କୁମେ ଛୁରିତ ।

ଛେଉଣ୍ଡ, ବିଂ. (ଛମଣ୍ଡ ଶବ୍ଦଜ) ପିତୃମାତୃହୀନ, ଅନାଥ ।

ଛେକ, ବି. ପୁଂ. (ଛୋ-ଇକ) ପାଳିତ ପକ୍ଷୀ-ମୃଗାଦି, ଅନୁପ୍ରାସବିଶେଷ, ବ୍ୟଞ୍ଜନସ୍ୱରର ଯଥାକ୍ରମେ ପୁନରାବୃତ୍ତି ସଂଖ୍ୟା । ବି. ଉଦସ୍ଥ, ଦେବତା ନବଟକୁ ଭନ୍ଧନଭୋଗ ଭାରଦ୍ୱାରା ବନ୍ଦନ କରିବା ।

ଛେଚିବା, କ୍ରି. (ଦେଶଜ) କୁଟିବା ।

ଛେଚା, ବିଂ. (ଦେଶଜ) ପିଟା, ଛନ୍ଦା । ବି. ଆଘାତ, ପ୍ରହାର ।

ଛେଣୀ, ବି. (ଛିଦ୍ ଧାତୁଜ) ଲୌହ ଅସ୍ତ୍ରବିଶେଷ ।

ଛେଡଖାନା, ବି. ପାଇଖାନା ।

ଛେଦ, ବି. ପୁଂ. (ଛିଦ୍-ଅ) ଛେଦନ, ଖଣ୍ଡ, ଭାଗ, ବିରାମ, ପରିଚ୍ଛେଦ । (ଦେଶଜ) ବଳ, କର୍ତ୍ତିକ ।

ଛେତା ବିଂ. (ଶ୍ୱେତ ଶବ୍ଦଜ) ଧଳା, ଶ୍ୱେତ ।

ଛେତ୍ତା, ବି. (ଛିଦ୍-ତୃ) ଛେଦକ, ଯେ କାଟେ ।

ଛେଦିବା, କ୍ରି. (ଦେଶଜ) କାଟିବା, ହାଣିବା ।

ଛେଦକ, ବିଂ. (ଛିଦ୍-ଅକ) ଯେ ଛେଦନ କରେ, କର୍ତ୍ତକ, ଭାଜକ ।

ଛେଦନ, ବି. ନ. (ଛିଦ୍-ଅନ) କର୍ତ୍ତନ, କାଟି. ଖଣ୍ଡ ।

ଛେଦନୀୟ, ବିଂ. (ଛିଦ୍-ଅନୀୟ) ଯାହାକୁ ଛେଦନ କରିବା ଉଚିତ, ଛେଦ୍ୟ, ଛେଦନଯୋଗ୍ୟ, କର୍ତ୍ତନୀୟ ।

ଛେଦା, ବି. (ଦେଶଜ) ଖଡ଼ିରହିତ ଏକପ୍ରକାର ଲୁଗା, ନୀରସ କ୍ଷୁଦ୍ର ଇକ୍ଷୁଖଣ୍ଡ, ଦଣ୍ଡବିଶେଷ ।

ଛେଦିତ ବିଂ. (ଛିଦ୍-ତ) କର୍ତ୍ତିତ, ଦ୍ୱିଧାକୃତ ।

ଛେଦ୍ୟ, ବିଂ. ( ଛିଦ୍-ଯ ) ଛେଦନଯୋଗ୍ୟ, କର୍ତ୍ତନୀୟ ।

ଛେନା, ବି. (ଦେଶଜ) ଦୁଗ୍ଧଜାତ ଖାଦ୍ୟଦ୍ରବ୍ୟ-ବିଶେଷ ।

ଛେପ, ବି. ନ (ଷ୍ଠୀବ ଧାତୁଜ) ନିଷ୍ଠୀବନ, ଥୁଥୁ ।

ଛେମ,ବି. (କ୍ଷମ ଶବ୍ଦଜ) କ୍ଷମତା, ଯୋଗ୍ୟତା ।

ଛେରା, ବିଂ (ଦେଶଜ) ଚନ୍ଦନାଦିବିଶେଷ୍ଟ । ବି. ତରଳ ପୁଷ୍ପବିଶେଷ ।

ଛେରିବା,କି. (ଦେଶଜ) ଜଳୀୟ ମଳନିଃସରଣ ।

ଛେଲ, ବି. (ଶଲ୍ୟ ଶବ୍ଦଜ) ଅସ୍ତ୍ରବିଶେଷ । ତୀକ୍ଷ୍ଣ-ଶର । ଯଥା—

ଛେଲରୂ ତ ତନ୍ତ୍ରା ବଳ, ଭିତରେ କଲ୍ପଣି କେଳ । କ. ତ.

ଛେଲ, ବି. (ଦେଶଜ) ପରିମାଣବିଶେଷ, ବଳଦ ପିଠିରେ ଲଦା ହେବା ଭାର । କ୍ରି. ଗଣ୍ଠିବା ।

ଛେଳ, ବି. ପୁଂ. ଛାଗଳ, ଅଜା ।

ଛେଲ, ବି (ଛଲ୍ଲୀ ଶବ୍ଦଜ) ତ୍ୱକ୍, ବଲ୍କଲ ।

ଛେଲିବା, କି. (ଦେଶଜ) ତ୍ୱକ୍ ବା ଚୋପା ବାହାର କରିବା, ଗଣ୍ଠିବା ।

ଛୋକାର, ବି. (ଶକାର ଶବ୍ଦଜ) ବେଶ୍ୟାପୁତ୍ର, ଲଉଡ଼ିଆ, ରକ୍ଷିତା ସ୍ତ୍ରୀର ଭାଇ, ନିର୍ଲଜ୍ଜ, ଅସଭ୍ୟ-ଜାତ । ସ୍ତ୍ରୀ. ଛୋକାରୁଣୀ ।

ଛୋଟ, ଛୋଟିଆ } ବିଂ. ( ଦେଶଜ ) କ୍ଷୁଦ୍ର, କନିଷ୍ଠ, ଅଧମ ।

ଛୋଟା, ବିଂ (ଦେଶଜ) ଲେଗଡ଼ା, ଖଞ୍ଜ ।

ଛୋଟିକା, ବି. ସ୍ତ୍ରୀ. ( ଛୁଟ-ଅକ-ଅ ) ଅଙ୍ଗୁଳି-ଧ୍ୱନି, ଚୁଟ୍କି ।

ଛୋଟୀ, ବି ପୁଂ. (ଛୁଟ୍-ଇନ୍) ଧୀବର, ଜାଲିଆ । ବିଂ. ଲେଙ୍ଗଡ଼ୀ ।

ଛୋଟେଇବା, କ୍ରି. ( ଦେଶଜ ) ଲେଙ୍ଗେଡ଼ିବା, ସାନ କରିଦେବା ।

ଛୋପରା, ବି. ( ଦେଶଜ ) ବୋଲ୍, ଭଗଲ୍ଲ, କୌତୁକୀ ।

ଛୋରଣ, ବି. ନ. (ଛୁର-ଅନ) ପରିତ୍ୟାଗ, ଛାଡ଼ି-ଦେବା ।

ଛୋଲ୍ଲ, ବି. (ହିନ୍ଦୀ)ସୋଲ୍ଲ, ବୃହ ।

—×—

# ଜ

ଜ, ବି. ପୁଂ. ବ୍ୟଞ୍ଜନ ବର୍ଣ୍ଣର ଅଷ୍ଟମ ଅକ୍ଷର, ଏହାର ଉଚ୍ଚାରଣ ସ୍ଥାନ ତାଳୁ । ଶିବ, ବିଷ୍ଣୁ । ବିଂ. ଜୟଯୁକ୍ତ,ଉତ୍ପତ୍ତି,ବେଗ, ପାପ୍ତି, ଜନକ, ପିତା, ମାତା, ଭୁକ୍ତ, ଶୀଘ୍ର ।

ଜଉ, ବି. (ଜତୁ ଶବ୍ଦଜ) ଲାଖ ।

ଜକଜକ, ବିଂ. (ଦେଶଜ ) ଉଜ୍ଜ୍ୱଳ, ଚିକ୍କଣ । ଯଥା –

ଜକଜକ ହୋଇ ଅଗ୍ରେ ଝଟକଇ ମାଣିକ୍ୟଶମ୍ଭ । ଉଷା ।

ଜକା, ବିଂ.(ଦେଶଜ) ଯେ ଜାତ ରଖେ, କୃପଣ, ଯାହାକୁ ଜାତ ରଖନ୍ତି । ଯଥା— କଳଜକା ଗୁଆ ।

ଜକାଜକି, ବିଂ. (ଦେଶଜ ) ଭଡ଼ାଭଡ଼ି, ଠେଲା-ଠେଲି, ଲଗାଲଗି ।

ଜକ୍ଷ୍ମା, ବି.ପୁଂ. ( ଜକ୍ଷ୍-ମନ୍ ) କ୍ଷୟରୋଗ, କାଶ-ରୋଗ ।

ଜଖ, ବି. (ଯକ୍ଷ ଶବ୍ଦର ଅପଭ୍ରଂଶ) ପ୍ରବାଦ ଅଛି - ଯେ କୌଣସି ସ୍ଥାନରେ ସୁନା ଅନେକ ଦିନ ରହିଲେ ସେ ଜନ୍ତୁ ପାଲଟିଯାଇ ଭ୍ରମଣଶୀଳ ହୁଏ,ସେହି ସ୍ୱର୍ଣ୍ଣରାଶିକୁ "ଜଖ" କହନ୍ତି ।

ଜଖମ, ବି. (ଯାବନିକ) ଆଘାତ । ବିଂ. ଆଘାତ-ପ୍ରାପ୍ତ ।

ଜଗ, ବି. (ପଦ୍ୟରେ ବ୍ୟବହୃତ) ଜଗତ୍ ।

ଜଗଚ୍ଚକ୍ଷୁ, ବି. ପୁଂ. (ଜଗତ୍-ଚକ୍ଷୁସ୍) ସୂର୍ଯ୍ୟ ।

ଜଗଝମ୍ପା, ବି. ବାଦ୍ୟଯନ୍ତ୍ରବିଶେଷ ।

ଜଗତ୍, ବି.କ୍ଳୀ. ( ଗମ୍-କ୍ୱିପ୍ ) ବିଶ୍ୱ, ଲୋକ, ସଂସାର, ବାୟୁ, ଜଙ୍ଗମ, ଅସ୍ଥାୟୀ ।

ଜଗତ୍କର୍ତ୍ତା, ବି. ପୁଂ. (ଜଗତ୍-କର୍ତ୍ତା) ଈଶ୍ୱର ।

ଜଗତ୍ପାତା, ବି.ପୁଂ. (ଜଗତ୍-ପାତା) ଜଗଦୀଶ୍ୱର ।

ଜଗତ୍ପିତା, ବି.ପୁଂ. (ଜଗତ୍-ପିତା) ଜଗଦୀଶ୍ୱର ।

ଜଗତ୍ପ୍ରାଣ, ବି ପୁଂ. ( ଜଗତ୍-ପ୍ରାଣ ) ବାୟୁ, ପବନ ।

ଜଗତୀ, ବି. ସ୍ତ୍ରୀ. ( ଜଗତ୍ ଦେଶ-ଈ ) ପୃଥିବୀ, ଭୁବନ, ଲୋକ, ଛନ୍ଦୋବିଶେଷ, ଚନ୍ଦ୍ରଶାଳା ।

ଯଥା—

> ମଥୁରା କନ୍ଦର୍ପ-ହରା ଜଗତୀରୁ ଯହିଁ
> ଦେଖୁଥିଲେ କୁତୂହଳେ ଯାଦବୀ ଯୁବତୀ
> ସନ୍ଧ୍ୟାଳଙ୍କୃତ ତଟବାହିନୀ ଯମୁନା । ମ.ଯା.

ଜଗଦମ୍ବା, ବି. ସ୍ତ୍ରୀ. ( ଜଗତ୍-ଅମ୍ବା ) ଦୁର୍ଗା, ଜଗନ୍ମାତା, କାଳୀ ।

ଜଗଦାତ୍ମନ୍ } ବି ପୁଂ. (ଜଗତ୍-ଆତ୍ମନ୍, ଆଧାର)
ଜଗଦାଧାର } କାଳ, ବାୟୁ, ଈଶ୍ୱର ।

ଜଗଦୀଶ, ବି.ପୁଂ. ( ଜଗତ୍-ଈଶ ) ଜଗତ୍ପ୍ରଭୁ, ବିଷ୍ଣୁ ।

ଜଗଦ୍ଦୀପ, ବି. ପୁଂ. (ଜଗତ୍-ଦୀପ) ପରମେଶ୍ୱର ।

ଜଗଦ୍ଧାତ୍ରୀ, ବି. ସ୍ତ୍ରୀ. ( ଜଗତ୍-ଧାତ୍ରୀ ) ଦୁର୍ଗା, ଜଗନ୍ମାତା ।

ଜଗଦ୍ଯୋନି, ବି. ପୁଂ. (ଜଗତ୍-ଯୋନି) ବ୍ରହ୍ମା, ବିଷ୍ଣୁ, ଶିବ । ସ୍ତ୍ରୀ. ପୃଥିବୀ ।

ଜଗନ୍ନାଥ, ବି. ପୁଂ. ( ଜଗତ୍-ନାଥ ) ବିଷ୍ଣୁ, ପୁରୁଷୋତ୍ତମ, ପୁରୀଧାମସ୍ଥ ଦାରୁବ୍ରହ୍ମମୂର୍ତ୍ତି ।

ଜଗମୋହନ, ବି. (ଜଗନ୍ମୋହନ ଶବ୍ଦଜ) ବିଷ୍ଣୁ, ମନ୍ଦିରର ସମ୍ମୁଖ ଗୃହ ବା ଗୃହାଂଶ ।

ଜଗଦ୍ବନ୍ଧୁ } ବି. ( ଜଗତ୍-ବନ୍ଧୁ )
ଜଗବନ୍ଧୁ ଦେଶଜ } ଜଗନ୍ନାଥ, ଲୋକବନ୍ଧୁ ।

ଜଗା, ବିଂ. ଯେ ଜଗେ, ରଖୁଆଳ । ବି. ଜଗିବା ।

ଜଗିବା, କ୍ରି. ( ଜାଗ୍ରତ ଶବ୍ଦଜ) ଜାଗ୍ରତ ରହିବା, ପହରା ଦେବା, ରକ୍ଷା କରିବା ।

ଜଗୁ, ବି. ( ଜଗତ୍ ଶବ୍ଦଜ, ପ୍ରାଚୀନ ପଦ୍ୟରେ ବ୍ୟବହୃତ) ଜଗତ୍ । ଯଥା—

> ଜଗୁଜୀବନ ଦ.ଶରଥି, ଜାନକୀ ଦେବୀ ପ୍ରାଣପତି
> କ: ଲୋ. ଚ.

ଜଗୁଆ }
ଜଗୁଆଳ } ବି. ଯେ ଜଗେ, ଜଗିବା ଲୋକ,
ଜଗୁଆଳି } ରକ୍ଷକ ।

ଜଘନ, ବି. ନ. ( ହନ୍-ଅନ ) ସ୍ତ୍ରୀଲୋକର ନିତମ୍ବର ସମ୍ମୁଖଭାଗ । ଯଥା—

> କୃଶାଙ୍ଗୀ କୃଶୋଦରୀ କୁନ୍ଦଦଶନା,
> ଗୁରୁଜଘନ ଭରେ ମନ୍ଦଗମନା । ମେ. ଦୂ.

ଜଘନ୍ୟ, ବିଂ. (ଜଘନ-ଯ) ନୀଚ, ଗର୍ହିତ, ଚରମ । ବି. ପୁଂ. ଶୂଦ୍ର ।

ଜଙ୍ଗମ, ବିଂ. (ଗମ୍- ଯଙ୍ଲୁଗନ୍ତ ଅ, ଗମନଶୀଳ, ଅସ୍ଥାବର । ଯଥା—

> ଜଙ୍ଗମ ହେବାର କ .. ସାର-
> ...ଗି ...ରିଲା ସେ କ ...ର । କ: ଚ.

ଜଙ୍ଗଲ, ବି. ନ. (ଜଙ୍ଗମ-ଲା-ଅ)ବନ । ପୁଂ. ନ. ମାଂସ । ବିଂ. ନିର୍ଜନ ।

ଜଙ୍ଗଲୀ, ବିଂ. ବନ୍ୟ, ଅସଭ୍ୟ ।

ଜଙ୍ଗୁଲ, ବି. ନ. ଜଙ୍ଗୁ-ଲ) ବିଷ ।

ଜଙ୍ଘ, ବି. (ଜଙ୍ଘା ଶବ୍ଦଜ) ଅଣ୍ଟୁର ଉପରଭାଗ ।

ଜଙ୍ଘା, ବି. ସ୍ତ୍ରୀ. (ଜନ୍-ଅ ଆ) ଗୋଇଠିଠାରୁ ଜାନୁ ପର୍ଯ୍ୟନ୍ତ ।

ଜଙ୍ଘାକରିକ } ବି. ପୁଂ. (ଜଙ୍ଘା-କର ଇକ,
ଜଙ୍ଘାଲ } ଜଙ୍ଘା-ଲ, ଜଙ୍ଘା ଇଲ )
ଜଙ୍ଘିଲ } ଦ୍ରୁତଗାମୀ, ଧାବକ, ମୃଗ ।

ଜଙ୍ଘୀ } ବି. (ଦେଶଜ ) ପା ଜାମା, ଯେଉଁ
ଜଙ୍ଘିଆ } ପାଜାମା କେବଳ ଜଙ୍ଘାଏ ବିସ୍ତୃତ ।

ଜଙ୍ଗିଲାଟ, ବି. ( ଯାବନିକ ) ସେନାପତି । Commander-in-Chief

ଜଙ୍ଗିଫଉଡ଼ା, ବି. ସ୍ତ୍ରୀ କ୍ଷୁଦ୍ର ଫଣାଟଙ୍ଗା, ଛୋଟ ଫଉଡ଼ା ।

ଜଜ୍, ବି. (ଇଂ Judge) ବିଚାରକ, ପ୍ରଧାନ ବିଚାରପତି ।

ଜଜାଙ୍ଗ, ବି. (ଦେଶଜ ) ଏକଜାତୀୟ ଗଛ ଓ ତାହାର ଫଳ ।

ଜଞ୍ଜାଳ, ବି. (ଦେଶଜ) ଅଳ, ଗୋଳ, ଉତ୍ପାତ ।

ଜଞ୍ଜିର, ବି. (ଦେଶଜ ) ଶିକୁଳି, ଝିଞ୍ଜିରୀ ।

ଜଟ, ବି. (ଜଟା ଶବ୍ଦଜ) କେଶବିନ୍ୟାସବିଶେଷ, ମଞ୍ଜରୀ, ଜଟା । ଯଥା—

ବାଡ଼ିରେ ଜଟ କରଣ ପ୍ରକଟ ପିନ୍ଧିଲେ ବକଳ ପଟ । ବୈ. ବ.

ଜଟା, ବି. ସ୍ତ୍ରୀ. ( ଜଟ-ଅ ଆ ) ସଂହତ କେଶ, ଜଟ, ମଞ୍ଜରୀ । ଯଥା—

ଧୂର୍ଜଟୀ ଜଟାରୁ ଯେସନେ ଗଙ୍ଗାଜଳ,
କୋଷ୍ଠାପୁର ପୁରୁଅଛି ଧଗଡଳ ।

ଜଟାଜଟି, ବି. (ଦେଶଜ) ଠକାଠକି ।

ଜଟାଜୂଟ, ବି. ପୁଂ. (ଜଟା-ଜୂଟ) ଜଟାସମୂହ ।

ଜଟାଧର, ବି. ପୁଂ. (ଜଟା-ଧର) ଶିବ ।

ଜଟାମାଂସୀ, ବି. ସ୍ତ୍ରୀ. (ଜଟା-ମାଂସୀ) ଲତାବିଶେଷ, ସୁଗନ୍ଧ ଦ୍ରବ୍ୟବିଶେଷ ।

ଜଟାୟୁ / ଜଟାୟୁଃ } ବି. ପୁଂ. ( ଜଟା-ଆୟୁସ୍ ) ଶକୁନ୍ତରାଜ, ସଂପାତିର ସାନ ଭାଇ, ଦଶରଥଙ୍କ ସଖା, ଅରୁଣପୁତ୍ର ।

ଜଟାଳ, ବିଂ. ( ଜଟା-ଳ ) ଜଟାଧର, ଜଟାଯୁକ୍ତ, ବି. ପୁଂ. ଜଟାଧାରୀ, ବ୍ରହ୍ମଚାରୀ, ବଟବୃକ୍ଷ, ସିଂହ, ଗୁଗ୍ଗୁଲ, କର୍ପୂର ।

ଜଟାସୁର, ବି. ପୁଂ. ଅସୁରବିଶେଷ, ଏହାକୁ ଭୀମ ବଧ କରିଥିଲେ ।

ଜଟିଆ, ବିଂ. (ଦେଶଜ ) ଯାହା ମୁଣ୍ଡରେ ଜଟ ଅଛି, ଜଟାଧାରୀ, ଚିଲିକାକୂଳସ୍ଥ ପର୍ବତ-ବିଶେଷ ।

ଜଟିଳ, ବି. ପୁଂ. (ଜଟା-ଇଲ) ବଟବୃକ୍ଷ, ସିଂହ, ଜଟାଧାରୀ ବ୍ରହ୍ମଚାରୀ । ବିଂ. ଜଟାବିଶିଷ୍ଟ, କୁଟିଳ ।

ଜଟିଳା, ବି. ସ୍ତ୍ରୀ. (ଜଟିଳ-ଆ) ରାଧାଙ୍କ ଶାଶୁ ।

ଜଠର, ବି. ପୁଂ. ନ. ( ଜନ-ଅର, ନ ସ୍ଥାନରେ ଠ) ଉଦର, ଜରାୟୁ, ଗର୍ଭ । ବିଂ. କଠିନ, କର୍କଶ, ବୃଦ୍ଧ ।

ଜଡ଼, ବିଂ. (ଜଲ୍-ଅ) ନିଶ୍ଚେଷ୍ଟ, ନିସ୍ପନ୍ଦ । ବି. ପୁଂ. ଜ୍ଞାନଶକ୍ତିବିହୀନ, ନିଷ୍କ୍ରିୟ ବ୍ୟକ୍ତି, ମୂର୍ଖ । ନ. ସୀମା ।

ଜଡ଼ତା, ବି. ସ୍ତ୍ରୀ. (ଜଡ଼-ତା) ମୂର୍ଖତା, ଜାଡ୍ୟ, ଶୈଥିଲ୍ୟ, ଅପଟୁତା, ଶୈତ୍ୟ ।

ଜଡତ୍ୱ, ବି. ସ୍ତ୍ରୀ. (ଜଡ-ତ୍ୱ) ମୂର୍ଖତା, ଶୀତଳତା, ଅପଟୁତା ।

ଜଡପଦାର୍ଥ, ବି. ପୁଂ. ଅଚେତନ ବସ୍ତୁ, ଯେପରି କାଷ୍ଠ, ପାଷାଣ ଇତ୍ୟାଦି ।

ଜଡବାର, ବି. ପୁଂ. ବୃଷ । ଯଥା—

ପ୍ରବେଶ ପୁରାରି ଜଳର ସମସ୍ତ ଜଡବାର ମୁରଞ୍ଜନ । ଭା. ବ

ଜଡ଼ଭରତ, ବି. ପୁଂ. ବ୍ରାହ୍ମଣବିଶେଷ, ଜନ୍ମାନ୍ତରେ ଏ ରାଜର୍ଷି ଭରତ ଥିଲେ । (ଦେଶଜ) ଅତିଶୟ ଅକର୍ମଣ୍ୟ ।

ଜଡା, ବି. (ଦେଶଜ) ଏରଣ୍ଡ, ଗବ, କାଲୁ, ମୂକ ।

ଜଡ଼ାଉ, ବି. ଖଞ୍ଜା କାମ, ରତ୍ନାଦିଖଚିତ ।

ଜଡ଼ି, ବି. (ଦେଶଜ) ବୁଟି, ଚେରମୂଳଘଟିତ ଏକ ଜାତୀୟ ଔଷଧ ।

ଜଡ଼ିତ, ବି. (ଦେଶଜ) ଲିପ୍ତ, ସଂଯୁକ୍ତ ।

ଜଡ଼ିବା, କ୍ରି. ମିଶିବା, ଯୁକ୍ତ ହେବା । ଯଥା—

ଅନ୍ଧକାରେ ଇନ୍ଦୁକିରଣ ପଡ଼ିଲା,
ଅତଣ୍ଡି କି ଶ୍ୟାମ ତମାଳେ ଜଡ଼ିଲା । ନ. କେ.

ଜଡୀଭୂତ, ବିଂ. (ଜଡ-ଚ୍ୱି-ଭୂ-ତ) ହତବୁଦ୍ଧି, ଯାହାର ବୁଦ୍ଧି ଲୋପ ପାଇଅଛି, ନିତାନ୍ତ ସ୍ଫୂର୍ତ୍ତିହୀନ, ବିସ୍ମୟ ବା ଭୟ ହେତୁ ସ୍ପନ୍ଦରହିତ ।

ଜଣ, ବ. ପୁଂ. (ଜନର ଅପଭ୍ରଂଶ) ମନୁଷ୍ୟର ସଙ୍ଖ୍ୟା, ଗୋଟା । ଯଥା—ଦୁଇ ଜଣ ମନୁଷ୍ୟ =ଦୁଇ ଗୋଟି ମନୁଷ୍ୟ ।

ଜଣା, ବଂ.(ଜ୍ଞା ଧାତୁଜ) ଜ୍ଞାତ । ବ. ଜଣାଇବା । ଯଥା—

ନ ଜଣଇ ମଁ ଜଣା ବୋଲି ମୋତେ ଜଣା । ବ. ମୁ.

ଜଣାଣ, ବଂ. (ଜ୍ଞା ଧାତୁଜ) ପ୍ରାର୍ଥନା ।

ଜତୁ, ବ. ନ. (ଜନ୍-ଉ) ଲାଷା, ଲାଖ, ଜଉ ।

ଜତୁକ, ବ. ନ. (ଜତୁ-କ) ହିଙ୍ଗୁ, ଲାଷା ।

ଜତୁରସ, ବ. ପୁଂ. ଅଲତା ।

ଜତ୍ରୁ, ବ. ନ. (ଜନ୍-ରୁ) କଣ୍ଠର ଦୁଇପାର୍ଶ୍ୱସ୍ଥିତ ଅସ୍ଥିଦ୍ୱୟ, କଣ୍ଠର ହାଡ଼, ହଂସୁଲି ହାଡ଼ ।

ଜଥା ବ. (ଦେଶଜ) ଏକପ୍ରକାର ଦେଶୀ ପିନ୍ଧା-ଲୁଗା, ଯୋଡ଼ାଲୁଗା ।

ଜନ, ବ. ପୁଂ. (ଜନ୍-ଅ) ଲୋକ, ବ୍ୟକ୍ତି, ଭୁବନ, ଇତର ଲୋକ, ଅପ୍ସରାବିଶେଷ ।

ଜନକ, ବ ପୁଂ (ଜନ ଅକ) ପିତା, ଜନ୍ମ-ଦାତା, ମିଥିଳାର ରଜା ।

ଜନକତନୟା, ବ. ସ୍ତ୍ରୀ. (ଜନକ-ତନୟା) ଜାନକୀ, ସୀତା ।

ଜନକାରୀ, ବ. ପୁଂ. (ଜନ-କୃ-ଇନ୍) ଅଲକ୍ତକ, ଲାଷା ।

ଜନତା, ବ. ସ୍ତ୍ରୀ (ଜନ-ତା) ଜନସମୂହ, ଗହଳ, ଭିଡ଼ ।

ଜନନ, ବ. ପୁଂ. (ଜନ୍-ଇ-ଅନ) ପିତା, ଉତ୍ପା-ଦକ । (ଜନ୍ ଅନ) ଜନ୍ମ ।

ଜନନୀ, ବ. ସ୍ତ୍ରୀ. (ଜନ୍-ଅନ ଈ) ମାତା, ଦୟା, ପୃଥିବୀ ।

ଜନପଦ } ବ. ପୁଂ. (ଜନ-ପଦ=ସ୍ଥାନ,
ଜନପାଦ } ଜନପଦ-ଅ) ଦେଶ, ବସତି ସ୍ଥାନ, ଲୋକାଳୟ ।

ଜନମେଜୟ } ବ ପୁଂ. (ଜନମ୍ ଏଜ-ଅ)
ଜନ୍ମେଜୟ } ବିଷ୍ଣୁ, ପରୀକ୍ଷିତଙ୍କ ପୁତ୍ର ।

ଜନୟିତା, ବ. ପୁଂ. (ଜନି-ତୃ) ପିତା ।

ଜନୟିତ୍ରୀ, ବ. ସ୍ତ୍ରୀ. (ଜନି-ତୃ-ଈ) ମାତା । ବିଂ. ଉତ୍ପାଦିକା ।

ଜନରବ, ବ. ପୁଂ ଲୋକେ ଯେଉଁ କଥା ରଟନା କରନ୍ତି, କୋଳାହଳ ।

ଜନଲୋକ, ବ. ପୁଂ. (ଜନ-ଲୋକ) ମହର୍ଲୋକର ଉପରସ୍ଥ ଲୋକ ।

ଜନଶ୍ରୁତି, ବ. ସ୍ତ୍ରୀ କିମ୍ବଦନ୍ତୀ, ଶୁଣା କଥା ।

ଜନସ୍ଥାନ, ବ. ନ. (ଜନ-ସ୍ଥାନ) ଦଣ୍ଡକାରଣ୍ୟ ମଧ୍ୟସ୍ଥ ସ୍ଥାନବିଶେଷ, ଲୋକାଳୟ ।

ଜନାନ୍ତିକ, ବ. ନ. (ଜନ-ଅନ୍ତିକ) ଅନ୍ୟ ଜନ ସମକ୍ଷରେ ପରସ୍ପର ଗୋପନରେ କଥୋପ-କଥନ ।

ଜନାର୍ଦ୍ଦନ, ବ. ପୁଂ. (ଜନ-ଅର୍ଦ୍ଦନ) ବିଷ୍ଣୁ । ବିଂ. ଲୋକପୀଡ଼କ ।

ଜନାଶ୍ରୟ, ବ. ପୁଂ. (ଜନ-ଆଶ୍ରୟ) ପଟମଣ୍ଡପ, ଅଳ୍ପ ଦିନ ନିମିତ୍ତ ନିର୍ମିତ ଗୃହ, ଲୋକାଳୟ ।

ଜନି } ବ. ସ୍ତ୍ରୀ (ଜନ୍-ଇ, ଈ) ଉତ୍ପତ୍ତି, ଜନ୍ମ,
ଜନୀ } ନାରୀ, ମାତା, ପୁତ୍ରବଧୂ, ଭାର୍ଯ୍ୟା ।

ଜନକା, ବ. ସ୍ତ୍ରୀ. (ଜନକ-ଆ) ପୁତ୍ରବଧୂ, ଜନୟିତ୍ରୀ ।

ଜନିତ, ବିଂ. (ଜନି-ତ) ଉତ୍ପାଦିତ, ଯାହା ଉତ୍ପନ୍ନ କରା ହୋଇଅଛି ।

ଜନିତା, ବ. ପୁଂ. ସ୍ତ୍ରୀ. (ଜନି-ତୃ) ପିତା, ମାତା ।

ଜନେଷ୍ଟ, ବ ନ. (ଜନ ଇଷ୍ଟ) ହରିଦ୍ରା ।

ଜନ୍ତାଳ, ବ. (ଦେଶଜ) ଦେବ ଦେବୀ ମନ୍ଦିରରେ ଦିଆଯିବା ଭୋଜ୍ୟ ।

ଜନ୍ତୁ, ବ. ପୁଂ. (ଜନ-ତୁ) ପ୍ରାଣୀ, ଜୀବ, ଶରୀରୀ ।

ଜନ୍ଦା, ବ. (ଦେଶଜ) ପିପୀଲିକାବିଶେଷ ।

ଜନ୍ଦାଖାଇ, ବ. (ଦେଶଜ) ଏକପ୍ରକାର ବୃକ୍ଷ ଓ ତାହାର ଫଳ ।

ଜନ୍ମ, ବ ନ. (ଜନ୍-ମନ୍) ଉତ୍ପତ୍ତି, ଭୁବନ, ଲୋକ, ସଂସାର ।

ଜନ୍ମଗତ, ବିଂ. (ଜନ୍ମ-ଗତ) ସ୍ୱାଭାବିକ, ପ୍ରକୃତି-
ସିଦ୍ଧ, ସହଜ, ପୈତୃକ ।
ଜନ୍ମଦ, ବି. ପୁଂ. (ଜନ୍ମନ୍-ଦ) ଜନ୍ମଦାତା, ପିତା ।
ଜନ୍ମପତ୍ରିକା, ବି. ସ୍ତ୍ରୀ, କୋଷ୍ଠୀ, ଜାତକପତ୍ର ।
ଜନ୍ମାନ୍ତର, ବି. ନ. (ଜନ୍ମ-ଅନ୍ତର) ଅନ୍ୟଜନ୍ମ,
ପୂର୍ବଜନ୍ମ, ଲୋକାନ୍ତର, ପରଲୋକ ।
ଜନ୍ମାନ୍ତରୀଣ, ବିଂ. ( ଜନ୍ମାନ୍ତର-ଈନ ) ଯାହା
ଜନ୍ମାନ୍ତରରେ ଘଟିଅଛି ବା ଘଟିବ ।
ଜନ୍ମାନ୍ଧ, ବି. (ଜନ୍ମନ୍-ଅନ୍ଧ) ଆଜନ୍ମ ଦୃଷ୍ଟିହୀନ,
ଭୂମିଷ୍ଠ ହେବା ପୂର୍ବରୁ ଯାହାର ଦର୍ଶନଶକ୍ତି
ନଷ୍ଟ ହୋଇଅଛି ।
ଜନ୍ମାବଚ୍ଛିନ୍ନ, ବି. (ଜନ୍ମନ୍ ଅବଚ୍ଛିନ୍ନ) ଯାବଜ୍ଜୀବନ
ସମୟ, ବଞ୍ଚିବା କାଳ ।
ଜନ୍ମାଷ୍ଟମୀ, ବି.ସ୍ତ୍ରୀ. (ଜନ୍ମନ୍-ଅଷ୍ଟମୀ) କୃଷ୍ଣଜନ୍ମ-
ତିଥି, ଭାଦ୍ର ମାସର କୃଷ୍ଣାଷ୍ଟମୀ ।
ଜନ୍ୟ, ବିଂ. (ଜନ୍-ଯ) ଜାୟମାନ, (ଜନି-ଯ)
ଉତ୍ପାଦ୍ୟ ।

ଜପ } ବି. ପୁଂ. (ଜପ-ଅ, ଜପା-ଅ) ମନ୍ତ୍ରାଦିର
ଜାପ } ପୁନଃପୁନଃ ଉଚ୍ଚାରଣ, ସ୍ୱାଧ୍ୟାୟ ।
ଜପନ, ବି. ନ. (ଜପ୍-ଅନ) ଜପ ।
ଜପମାଳା } ବି. ସ୍ତ୍ରୀ. ଯେଉଁ ମାଳାକୁ ଅବଲମ୍ବନ
ଜପମାଳି } କରି ଜପ କରନ୍ତି । ଯଥା—
କେହୁ ଅବା ଜପମାଳା ଜପେ ଅବିରତେ । ମ. ଯ.
ଜପିବା, କ୍ରି. ଜପ ଧାତୁଜ) ଜପ କରିବା, ଧ୍ୟାନ
ପୂର୍ବକ ମନ୍ତ୍ରାଦି ସ୍ମରଣ କରିବା ।
ଜବର } ବି. (ଯାବନିକ) ଦୃଢ଼, ମଜବୁତ,
ଜବରଦସ୍ତ } କାର୍ଯ୍ୟକ୍ଷମ ।
ଜବଦ୍-ବି. (ଯାବନିକ) ଅପମାନିତ, ପରାଜିତ ।
ଜବାବ୍, ବି. ( ଯାବନିକ ) ପ୍ରତ୍ୟୁତ୍ତର, ଉକ୍ତି ।
ଜମଦଗ୍ନି, ବି. ପୁଂ. (ଜମଦ୍-ଅଗ୍ନି) ପରଶୁରାମଙ୍କ
ପିତା ।
ଜମା, ବି. ( ଯାବନିକ ) ଆୟ, ସଞ୍ଚୟ, ବୃଦ୍ଧି ।
ସଞ୍ଚିତ ଧନ । ବିଂ. ସଞ୍ଚିତ ।

ଜମାଇବା, କ୍ରି. (ଦେଶଜ) ସଞ୍ଚୟ କରିବା,
ରାଶୀକୃତ କରିବା ।
ଜମାଉତ } ବୈଷ୍ଣବସମ୍ପ୍ରଦାୟ ବିଶେଷ ।
ଜମାତ୍ }
ଜମାନ୍, ବି. ( ଯାବନିକ ) ଘଡ଼ା, ଘମାଭୂତ,
ରାଶୀକୃତ ।
ଜମାଦାର, ବି. (ଯାବନିକ) ପିଆଦା,ନିମ୍ନକର୍ମଚାରୀ-
ମାନଙ୍କ ଅଧିକାରୀ ।
ଜମାବନ୍ଦି, ବି. (ଯାବନିକ) ଖଜଣା, ବନ୍ଦୋବସ୍ତ
ଓ ତତ୍ସମ୍ପର୍କୀୟ କାଗଜପତ୍ର ।
ଜମାରୁ, କ୍ରି. ବିଂ. (ଦେଶଜ) ଆଦୌ, ମୂଳରୁ,
ଟିକିଏ ସୁଦ୍ଧା ।
ଜମି } ବି. (ଯାବନିକ) ଭୂମି, କ୍ଷେତ୍ର ।
ଜମୀ }
ଜମିଦାର, ବିଂ. (ଯାବନିକ) ଭୂମ୍ୟଧିକାରୀ ।
ଜମିଦାରୀ, ବି. (ଯାବନିକ) ଭୂମିରେ ଏକପ୍ରକାର
ଅଧିକାର ।
ଜମ୍ପତି, ବି. ପୁଂ. (ଜମ୍-ପତି; ସ୍ତ୍ରୀପୁରୁଷ, ଦମ୍ପତି ।
ଜମ୍ବାଲ, ବି. ପୁଂ. (ଜମ୍-ବଲ-ଅ) କେତକୀବୃକ୍ଷ ।
ନ. କର୍ଦ୍ଦମ, ଶୈବାଳ । ଯଥା—

ଚନ୍ଦନ ଦ ଉପରେ
ହେଉଛି ତପତ ଲୋହ ଜମ୍ବାଳ ପ୍ରକାର । ସ୍ତ୍ରୀ. ବୃ.

ଜମ୍ବାଳିନୀ, ବି. ସ୍ତ୍ରୀ. ( ଜମ୍ବାଳ-ଇନ୍-ଈ )
ଶୈବଳିନୀ, ନଦୀ ।
ଜମ୍ବିର } ବି. ପୁଂ. (ଜମ୍-ଇର, ଈର, ବ ଆଗମ)
ଜମ୍ବୀର } ଲେମ୍ବୁ, ଗଛ । ନ. ତାହାର ଫଳ ।
ଜମ୍ବୁ } ବି. ସ୍ତ୍ରୀ. ( ଜମ୍-ଉ,ଊ, ବ ଆଗମ )
ଜମ୍ବୂ } ଜମ୍ବୁଦ୍ୱୀପ, ଜାମୁଗଛ ।
ଜମ୍ବୁକ } ବି. ପୁଂ. ( ଜମ୍-ଉକ, ଊକ, ବ
ଜମ୍ବୂକ } ଆଗମ ) ବରୁଣ, ନୀଚ ବ୍ୟକ୍ତି,
ଗୋଲାପ ଜାମୁ ଗଛ, ଶୃଗାଳ ।

**ଜମ୍ବୁଦ୍ୱୀପ**, ବ. ପୁଂ. ( ଜମ୍ବୁ-ଦ୍ୱୀପ ) ପୃଥିବୀର ସପ୍ତ ଦ୍ୱୀପାନ୍ତର୍ଗତ ଦ୍ୱୀପବିଶେଷ, ଭାରତବର୍ଷ, ଏହି ଦ୍ୱୀପରେ ସୁଦର୍ଶନନାମକ ପ୍ରସିଦ୍ଧ ଗୋଟିଏ ଜାମୁ ଗଛ ଅଛି, ସେଥିପାଇଁ ଏ ଦ୍ୱୀପକୁ ଜମ୍ବୁଦ୍ୱୀପ କହନ୍ତି ।

**ଜମ୍ବୁଲ, ଜମ୍ବୂଲ** } ବ. ପୁଂ. ( ଜମ୍ବୁ, ମୂ-ଲ ) ଜାମୁ ଗଛ, କେତକୀ ଗଛ ।

**ଜମ୍ଭ**, ବ. ପୁଂ. (ଜନ୍‌ଭ୍-ଅ) ଦୈତ୍ୟବିଶେଷ, ଦମ୍ଭ, ଅଂଶ, ତୃଣ, ହନୁ, ଜମ୍ବୀର, ଲେମ୍ବୁ ।

**ଜମ୍ଭାରି**, ବ. ପୁଂ. ( ଜମ୍ଭ-ଅରି ) ଇନ୍ଦ୍ର, ବଜ୍ର, ଅଗ୍ନି ।

**ଜୟ**, ବ. ପୁଂ. (ଜି-ଅ) ଯୁଦ୍ଧାଦି ସ୍ଥଳରେ ଶତ୍ରୁଦମନ, ବଶୀକରଣ, ଶତ୍ରୁପରାଜୟ ।

**ଜୟଢକ୍କା**, ବ. ସ୍ତ୍ରୀ. ( ଜୟ-ଢକ୍କା ) ଜୟସୂଚକ ଢକ୍କା, ଯୁଦ୍ଧକାଳରେ ଯେ ଢକ୍କା ବଜାଯାଏ ।

**ଜୟତ୍ସେନ**, ବ. ପୁଂ. ବିରାଟଭବନରେ ଥିବା ଛଦ୍ମବେଶୀ ନକୁଳ ।

**ଜୟଦୁର୍ଗା**, ବ. ସ୍ତ୍ରୀ. ଦୁର୍ଗାମୂର୍ତ୍ତିବିଶେଷ ।

**ଜୟଦେବ**, ବ. ପୁଂ. ଗୀତଗୋବିନ୍ଦ କାବ୍ୟକାରକ ।

**ଜୟଦ୍ବଲ**, ବ. ପୁଂ. ବିରାଟଭବନରେ ଥିବା ଛଦ୍ମବେଶୀ ସହଦେବ ।

**ଜୟଦ୍ରଥ**, ବ. ପୁଂ. ( ଜୟତ୍-ରଥ ) ସିନ୍ଧୁରାଜ, ଦୁର୍ଯ୍ୟୋଧନର ଭଗିନୀପତି, ଦୁଃଶୀଳାର ସ୍ୱାମୀ ।

**ଜୟଧ୍ୱଜ**, ବ. ପୁଂ. (ଜୟ-ଧ୍ୱଜ) ଜୟଶବ୍ଦ ।

**ଜୟନ୍ତ**, ବ. ପୁଂ. (ଜି-ଅନ୍ତ) ଇନ୍ଦ୍ରପୁତ୍ର, ଶିବ ।

**ଜୟନ୍ତିକା**, ବ. ସ୍ତ୍ରୀ. (ଜୟନ୍ତୀ-କ, ସ୍ତ୍ରୀ) ହରିଦ୍ରା, ହଳଦୀ ।

**ଜୟନ୍ତୀ**, ବ. ସ୍ତ୍ରୀ. (ଜି-ଅନ୍ତୀ) ଇନ୍ଦ୍ରଙ୍କର କନ୍ୟା, ଦୁର୍ଗା, ଅଷ୍ଟମୀଘଟିତ ଯୋଗବିଶେଷ, ବୃକ୍ଷବିଶେଷ ।

**ଜୟପତାକା**, ବ. ସ୍ତ୍ରୀ. ଜୟସୂଚକ ପତାକା, ଜିଣିବା ପରେ ଯେଉଁ ପତାକା ଉତ୍ତୋଳନ କରାଯାଏ ।

**ଜୟପତ୍ର**, ବ. ନ. ଜୟସୂଚକ ପତ୍ର, ବିଚାରକ ମକଦ୍ଦମାର ବୃତ୍ତାନ୍ତ କହିତ ଯେଉଁ ପତ୍ରରେ ଲେଖି ଜୟୀକୁ ପ୍ରଦାନ କରନ୍ତି, ଡିକ୍ରୀ ।

**ଜୟପାଲ**, ବ. ପୁଂ. (ଜୟ-ପାଲ) ରାଜା, ବ୍ରହ୍ମା, ବିଷ୍ଣୁ, ବୃକ୍ଷବିଶେଷ ।

**ଜୟମଙ୍ଗଳ**, ବ. ପୁଂ. (ଜୟ-ମଙ୍ଗଳ) ରାଜବାହ୍ୟ ହସ୍ତୀ, ଜ୍ୱରନାଶକ ଔଷଧବିଶେଷ ।

**ଜୟଶୀଳ**, ବି. (ଜୟ-ଶୀଲ) ଜୟୀ, ଯେ ସର୍ବତ୍ର ଜୟଲାଭ କରେ ।

**ଜୟା**, ବ. ସ୍ତ୍ରୀ. (ଜୟ-ଆ) ପାର୍ବତୀ ସଖୀ, ପାର୍ବତୀ, ହରୀତକୀ, ଜୟନ୍ତୀବୃକ୍ଷ, ଭାଙ୍ଗ, ତୃତୀୟା ଅଷ୍ଟମୀ ତ୍ରୟୋଦଶୀ ତିଥି, ପତାକାବିଶେଷ ।

**ଜୟୀ**, ବି. ( ଜୟ-ଇନ୍ ) ଜୟଶୀଳ, ଜୟଯୁକ୍ତ, ଯେ ସର୍ବତ୍ର ଜୟଲାଭ କରେ ।

**ଜର**, ବ. (ଜ୍ୱର ଶବ୍ଦଜ) ଜ୍ୱର ରୋଗ ।

**ଜରଜର**, ବି. ( ଜର୍ଜ୍ଜର ଶବ୍ଦର ଅପଭ୍ରଂଶ ) ଜର୍ଜ୍ଜର ।

**ଜରଠ**, ବି. ( ଜୃ-ଅଠ ) ନିଷ୍ଠୁର, କର୍କଶ, କଠିନ, ଜୀର୍ଣ୍ଣ, ବୃଦ୍ଧ । ପୁଂ. ଜରା ।

**ଜରଣ**, ବି. ( ଜୃ-ଅନ ) ଜୀର୍ଣ୍ଣ, ବୃଦ୍ଧ । ପୁଂ. ଜୀରକ, ଜୀରା । ନ. ହେଙ୍ଗୁ ।

**ଜରତ୍**, ବି. (ଜୃ-ଅତ୍) ଅଶକ୍ତ ବୃଦ୍ଧ, ଜୀର୍ଣ୍ଣ, ପୁରାତନ ।

**ଜରତୀ**, ବ. ସ୍ତ୍ରୀ. ବୃଦ୍ଧା, ବୁଢ଼ୀ । ଯଥା —

ଜରତୀ ବରଷାର ଧବଳ କେଶ
କାଶ କୁସୁମେ ଶୁକ୍ଳ ଚନ୍ଦ୍ରମାପଟା । ଭୂ. ପ୍ର.

**ଜରତ୍କାରୁ**, ବ. ପୁଂ. (ଜରତ୍-କାରୁ) ସ୍ୱନାମପ୍ରସିଦ୍ଧ ମୁନି, ଏହି ମହର୍ଷି କଠୋର ତପସ୍ୟାଦ୍ୱାରା ଅପଣାର କଠିନ ଓ ବଳିଷ୍ଠ ଦେହକୁ କ୍ରମେ କ୍ରମେ କ୍ଷୀଣ କରିଥିଲେ ବୋଲି ତାହାଙ୍କର ନାମ ଜରତ୍କାରୁ ହେଲା ଏବଂ ଉକ୍ତ କାରଣବଶତଃ ବାସୁକିର ଭଗିନୀ ମଧ୍ୟ ଜରତ୍କାରୁ ନାମରେ ବିଖ୍ୟାତ ହୋଇଥିଲା । ସ୍ତ୍ରୀ. ମନସାଦେବୀ, ଜରତ୍କାରୁପତ୍ନୀ ।

**ଜରଦ୍ଗବ**, ବ. ପୁଂ. (ଜରତ୍-ଗୋ ) ବୃଦ୍ଧ ବୃଷ, ଗୃଧ୍ରବିଶେଷ ।

ଜରନ୍ତ, ବିଂ. (ଜୃ-ଅନ୍ତ) ବୃଦ୍ଧ, ଜୀର୍ଣ୍ଣ । ବି. ପୁଂ. ମହିଷ ।

ଜରସମନ, ବି. (ଯାବନିକ) ମୂର୍ଚ୍ଛା ।

ଜରା, ବି. ସ୍ତ୍ରୀ. (ଜୃ-ଅ) ବାର୍ଦ୍ଧକ୍ୟ । ଯଥା—

ଜନ୍ମ ମରଣ ଜରା ମୃତ୍ୟୁ, ଉଭୟ ସୁଖ ଦୁଃଖ ହେତୁ ।

ଜୀର୍ଣ୍ଣତା, ରାକ୍ଷସୀବିଶେଷ, କାଳକନ୍ୟା, ମୃତ୍ୟୁକନ୍ୟା, ଖୀରକା ବୃକ୍ଷ ।

ଜରାଗ୍ରସ୍ତ, ବିଂ. (ଜରା-ଗ୍ରସ୍ତ) ଜରା ଯାହାକୁ ଗ୍ରାସ କରିଅଛି, ଜରାଭିଭୂତ ।

ଜରାଭୀରୁ, ବି. ପୁଂ. (ଜରା-ଭୀରୁ) କନ୍ଦର୍ପ । ବିଂ. ଜରା ନିମିତ୍ତ ଭୀରୁ, ଯେଉଁ ବ୍ୟକ୍ତି ବାର୍ଦ୍ଧକ୍ୟକୁ ଅତ୍ୟନ୍ତ ଭୟ କରେ ।

ଜରାୟୁ, ବି ପୁଂ. (ଜରା-ଇ ଉ) ମାଂସପେଶୀବିଶିଷ୍ଟ ସ୍ଥଳୀ, ଗର୍ଭାଶୟ, ଗର୍ଭ, ଯେଉଁ ସ୍ଥାନରେ ଭ୍ରୂଣ ଜାତ ହୋଇ ପରିବର୍ଦ୍ଧିତ ହୁଏ, ଜଟାୟୁ ପକ୍ଷୀ ।

ଜରାୟୁଜ, ବିଂ. (ଜରାୟୁ-ଜନ୍-ଅ) ଗର୍ଭଚର୍ମସ୍ଥଳୀଜାତ, (ମନୁଷ୍ୟ ଗୋ ପ୍ରଭୃତି) ।

ଜରାସନ୍ଧ, ବି. ପୁଂ. (ଜରା-ସନ୍ଧ) ମଗଧ ଦେଶର ନୃପବିଶେଷ. କୃଷ୍ଣଶତ୍ରୁ, ବୃହଦ୍ରଥର ପୁତ୍ର, ଏହାପରି ପ୍ରବାଦ ଅଛି ଯେ ଜନ୍ମକାଳରେ ଜରାସନ୍ଧର ଦେହ ଦୁଇଖଣ୍ଡରେ ବିଭକ୍ତ ହୋଇ ଗର୍ଭରୁ ନିର୍ଗତ ହୋଇଥିଲା, ପରେ ଜରାନାମକ ରାକ୍ଷସୀ ଉକ୍ତ ଦୁଇଖଣ୍ଡକୁ ଏକତ୍ର ସଂଯୋଜିତ କରିଥିଲା । ଯଥା—

ଜରାସନ୍ଧେ ହୋଇଲେ ଚିତ୍ତଦୁର୍ଗେ ଯହିଁ,
ବାସୁଦେବ ବୁକୋଦର କେଶବ ବିଜୟୀ ହେଲେ । ମ, ନା

ଜରି, ବି. (ଦେଶଜ) ଉଜ୍ଜ୍ୱଳଧାତୁରୁ ନିର୍ମିତ ସୂକ୍ଷ୍ମ ପତ୍ର ଓ ତାର ।

ଜରିଅରେ, ବି. ମଧ୍ୟବର୍ତ୍ତିତାରେ, Through

ଜରିବ୍, (ଆରବୀ) ଜମିର ପରିମାଣ ସ୍ଥିର କରିବା ।

ଜରିମାନା, (ଆରବୀ) ଅର୍ଥଦଣ୍ଡ ।

ଜରୀ, ବି. (ଜରା-ଇନ୍) ବୃଦ୍ଧ, ବୁଢ଼ା । (ଦେଶଜ) ପର୍କଟୀବୃକ୍ଷ ।

ଜର୍ଜ୍ଜର, ବି. ପୁଂ. (ଜର୍ଜ୍-ଅର) ଶୈଳଜ, ଇନ୍ଦ୍ରଧ୍ୱଜ । ବିଂ. ଜୀର୍ଣ୍ଣ, ବିଶୀର୍ଣ୍ଣ ।

ଜର୍ଜ୍ଜରିତ, ବିଂ. (ଜୃ-ଣିଚ୍-ତ ଜର୍ଜ୍-ତ) ଜୀର୍ଣ୍ଣ, ବିଶୀର୍ଣ୍ଣ ।

ଜଳ, ବି. ନ. (ଜଳ୍-ଅ) ସଲିଳ, ଅମ୍ବୁ, ବାରି ।

ଜଳକ, ବି. ନ. ଶଙ୍ଖ ।

ଜଳକା, ବିଂ. କ୍ଷୀଣଦୃଷ୍ଟି, ଯେ ଗ୍ରହିଁ ଥିଲେ ସୁଦ୍ଧା ଦେଖି ପାରେ ନାହିଁ ।

ଜଳକଣ୍ଟକ, ବି. ପୁଂ. (ଜଳ-କଣ୍ଟକ) କୁମ୍ଭୀର ।

ଜଳକର, ବି. ପୁଂ. (ଜଳ-କର) ଜଳରୁ ଯେ ରାଜସ୍ୱ ଉତ୍ପନ୍ନ ହୁଏ ।

ଜଳକରଙ୍କ, ବି. ପୁଂ. (ଜଳ-କରଙ୍କ) ପଦ୍ମ, ଶଙ୍ଖ, ମେଘ, ନାରକେଳ ।

ଜଳଚରାଟ, ବି. ପୁଂ. (ଜଳ-ଚର-ଅଟ) ଗ୍ରାହ, ଜଳଜନ୍ତୁ ।

ଜଳକୂର୍ମ୍ମ, ବି. ପୁଂ. (ଜଳ-କୂର୍ମ୍ମ) ଶିଶୁମାର ।

ଜଳକୁନ୍ତଳ, ଜଳକେଶ } ବି. ପୁଂ. (ଜଳ-କୁନ୍ତଳ) ଶୈବାଳ ।

ଜଳକ୍ରୀଡ଼ା, ବି. ସ୍ତ୍ରୀ. ନଦ୍ୟାଦିରେ ସମବୟସ୍କ ସଖା ବା ସଖୀଗଣ ସହିତ ଜଳକ୍ଷେପରୂପ କ୍ରୀଡ଼ା ।

ଜଳଚର, ବିଂ. (ଜଳ-ଚର) ଜଳଜନ୍ତୁ, ଜଳଚାରୀ ।

ଜଳଚାରୀ, ବିଂ. (ଜଳ-ଚରନ୍) ଯେଉଁମାନେ ଜଳରେ ବିଚରଣ କରନ୍ତି, ଯଥା—ବକ, ସାରସାଦି ।

ଜଳଛତ୍ର, ବି. ଗ୍ରୀଷ୍ମକାଳରେ କ୍ଳାନ୍ତ ଲଭଥିବା ପଥିକମାନଙ୍କର ଜଳପ୍ରାପ୍ତି ସ୍ଥାନ, ଛାପା ।

ଜଳଜ, ବି. ନ. (ଜଳ-ଜ) ପଦ୍ମ, ଶଙ୍ଖ । ବିଂ. ଜଳଜାତ ।

ଜଳଜଳ, ବିଂ. (ଜାଜ୍ୱଲ୍ୟ ଧାତୁଜ) ଉଜ୍ଜ୍ୱଳ, ଚକଚକ ।

ଜଳଜଳା, ବିଂ. (ଗ୍ରାମ୍ୟ) ନିର୍ଲଜ୍ଜ, ବେହୟା, ଅଲ୍ପବୁଦ୍ଧ ।

ଜଳଜନ୍ତୁ, ବି. ପୁଂ. ( ଜଳ-ଜନ୍ତୁ ) ଯେଉଁ ଜନ୍ତୁ ଜଳରେ ବାସ କରନ୍ତି, ମକର କୁମ୍ଭୀରାଦି ।

ଜଳଡ଼ିମ୍ବ, ବି. ପୁଂ. ( ଜଳ-ଡିମ୍ବ ) ଶମ୍ବୁକ, ଶାମୁକା ।

ଜଳଦ, ବି. ପୁଂ. (ଜଳ-ଦା-ଅ) ପୟୋଦ, ମେଘ, ବାଉଦ, ମେଘଦୂତ । ଯଥା—

ପ୍ରବଳ-ବାୟୁ ବେବେ ଉଡ଼େ ଜଳଦ,
ଲୁପ୍ତକ ଯଥା କୁଳଧର୍ମ ସମ୍ପଦ । ଭୂ. ପ୍ର.

ତ୍ରି. ଜଳଦାତା ।

ଜଲ୍‌ଦି, କ୍ରି. ବି. (ଯାବନକ) ଶୀଘ୍ର ।

ଜଳଧର, ବି. ନ. (ଜଳ-ଧୃ-ଅ) ମେଘ, ସମୁଦ୍ର, ମୁଥାଘାସ ।

ଜଳଧି, ବି. ନ. (ଜଳ-ଧା-ଇ) ସମୁଦ୍ର ।

ଜଳନିଧି, ବି. ନ. (ଜଳ-ନି-ଧା-ଇ) ସମୁଦ୍ର ।

ଜଳନ୍ଧର, ବି. ପୁଂ. ( ଜଳ-ଧର ) ଶିବଙ୍କଠାରୁ ଜନ୍ମିବା ବୋଲି ଏହାଙ୍କୁ ସମୁଦ୍ର ଗ୍ରହଣ କରିଥିଲେ, ଅସୁରବିଶେଷ ।

ଜଳପତି, ବି. ପୁଂ. (ଜଳ-ପତି) ବରୁଣ, ସମୁଦ୍ର ।

ଜଳପାତ୍ର, ବି. ନ. ( ଜଳ-ପାତ୍ର ) ପାନପାତ୍ର, ଜଳ ରଖିବା ପାତ୍ର,ଲୋଟା ଅବଖୁରା ପ୍ରଭୃତି ।

ଜଳପାନ ବି. ନ. ପାଣି ପିଇବା (ଦେଶଜ) ଜଳଖିଆ, ଭୁଜା ବା ପିଷ୍ଟକାଦି ଦ୍ରବ୍ୟ ।

ଜଳପ୍ରପା, ବି. ସ୍ତ୍ରୀ. ( ଜଳ-ପ୍ରପା ) ଜଳଦାନର ଗୃହ, ଜଳଛତ୍ର ।

ଜଳପ୍ରପାତ, ବି. ପୁଂ. ( ଜଳ-ପ୍ରପାତ ) ନିର୍ଝର, ଝରଣା, କୌଣସି ଉଚ୍ଚ ସ୍ଥାନରୁ ସଶବ୍ଦରେ ଜଳସ୍ରୋତର ପତନ ।

ଜଳପ୍ଲାବନ ବି. ନ. ( ଜଳ-ପ୍ଲାବନ ) ବନ୍ୟା, ଜଳଦ୍ୱାରା ଦେଶ ଭାସିଯିବା ।

ଜଳପ୍ଲାବିତ, ବି.(ଜଳ-ପ୍ଲୁ-ତ) ଜଳରେ ନିମଗ୍ନ, ଜଳଦ୍ୱାରା ବ୍ୟାପ୍ତ ।

ଜଳବୁଦ୍‌ବୁଦ, ବି. ନ. (ଜଳ-ବୁଦ୍‌ବୁଦ) ଜଳବିମ୍ବ, ପାଣଫୋଟକା ।

ଜଳବେଣୀ, ବି. ସ୍ତ୍ରୀ. ଜଳପ୍ରବାହ, ଧାରା । ଯଥା—

ପଡ଼ୁଛି ସୁରର କଦମ୍ବମୂଳେ,
ଜଳବେଣୀରମ୍ୟ କ ଛବୀକୂଳେ । କ. ଚ.

ଜଳମାର୍ଗ, ବି. ପୁଂ. (ଜଳ-ମାର୍ଗ) ଜଳପ୍ରଣାଳୀ, ଜଳପଥ, ନର୍ଦ୍ଦମା ।

ଜଳମୁକ୍, ବି. ପୁଂ. (ଜଳ-ମୁଚ୍-୦) ମେଘ ।

ଜଳଯନ୍ତ୍ର, ବି. ନ. (ଜଳ-ଯନ୍ତ୍ର) ଜଳୋତ୍ତୋଳନର କଳ, ଧାରାଯନ୍ତ୍ର, ଯେଉଁ ଯନ୍ତ୍ରରୁ ଜଳ ଅନବରତ ସ୍ରବୁଥାଏ କିମ୍ବା ଯେଉଁ ଯନ୍ତ୍ରରେ ଜଳ ପରିଷ୍କୃତ କରାଯାଏ । ଯଥା—

ଜଳଯନ୍ତ୍ର ପୁରେ ରାମା ସଙ୍ଗତରେ ବସି ହରୁଥାଇ ଜନ୍ତୁ ।

ଜଳଯାନ, ବି. ନ. ( ଜଳ-ଯା-ଅନ) ଜାହାଜ, ନୌକା ।

ଜଳରସ, ବି. ନ. (ଜଳ-ରସ) ଲବଣ, ଲୁଣ ।

ଜଳରାକ୍ଷସୀ, ବି. ସ୍ତ୍ରୀ ଲବଣସମୁଦ୍ରସ୍ଥିତା ସିଂହିକା ରାକ୍ଷସୀ ।

ଜଳରୁଟ, ଜଳରୁହ } ବି. ପୁଂ. ନ. (ଜଳ-ରୁହ) ପଦ୍ମ । ତ୍ରି. ଜଳଜାତ ।

ଜଳଲତା, ବି. ସ୍ତ୍ରୀ. ତରଙ୍ଗ, ଢେଉ ।

ଜଳବାହ, ବି. ପୁଂ. (ଜଳ-ବହ-ଅ) ମେଘ, ଯେ ଜଳ ବହନ କରେ ।

ଜଳବିଷୁବ, ବି. ନ. ( ଜଳ-ବିଷୁବ ) କାର୍ତ୍ତିକ ସଂକ୍ରାନ୍ତି ।

ଜଳବୃଶ୍ଚିକ, ବି.ପୁଂ.(ଜଳ-ବୃଶ୍ଚିକ) ଚିଙ୍ଗୁଡ଼ିମାଛ ।

ଜଳଶୟ୍ୟ, ଜଳଶୟନ, ଜଳଶାୟୀ, } ବି. ପୁଂ. (ଜଳ-ଶୟ୍ୟ, ଶୟନ, ଶାୟୀ) ବିଷ୍ଣୁ, ନାରାୟଣ । ତ୍ରି. ଜଳସ୍ଥିତ ।

ଜଳସ୍ତମ୍ଭ, ବି. ପୁଂ. (Water spout) ସ୍ତମ୍ଭାକାରରେ ପତିତ ବା ଉତ୍ତୋଳିତ ଜଳରାଶି ।

ଜଳହସ୍ତୀ, ବି. ପୁଂ. ସ୍ତ୍ରୀ. (ଜଳ-ହସ୍ତିନ୍) ହସ୍ତୀସଦୃଶ ଜଳଜନ୍ତୁବିଶେଷ ।

ଜଳା, (ଦେଶଜ) ଋକ୍ଷ, କଣା ।

ଜଳାକବାଠୀ, ବି. (ଦେଶଜ) ଝରକା (Window) । ଯଥା—

ବୃନ୍ଦ ଉଣ୍ଣୀର ବାନ୍ଧ, କଣ୍ଠ ପଶ୍ଚାତ୍ୟେ ବାଣ୍ଠୀ,
ଜଳାକବାଠୀକ ନବାର ରେ । ଲ ବ.

ଜଳାକା, ବି. ସ୍ତ୍ରୀ. (ଜଳ-ଅକ୍-ଆ) ଜୋକ ।

ଜଳାଞ୍ଜଳି, ବି. ପୁଂ. ( ଜଳ-ଅଞ୍ଜଳି ) ଜଳର ଅଞ୍ଜୁଳା, ଅଞ୍ଜଳିପ୍ରମାଣ ଜଳ, ତର୍ପଣ, ଜଳାପ । ( ଦେଶଜ ) କୌଣସି କାର୍ଯ୍ୟର ଏକାବେଳକେ ବିରତ ପରିତ୍ୟାଗ ।

ଜଳାଧାର, ବି. ପୁଂ. (ଜଳ-ଆଧାର) ଜଳାଶୟ, ଯହିଁରେ ଜଳ ଥାଏ, ସମୁଦ୍ର, ଜଳପାତ୍ର । ବିଂ. ଜଳସ୍ଥିତ ।

ଜଳାର୍ଦ୍ର, ବିଂ. (ଜଳ-ଆର୍ଦ୍ର) ଜଳରେ ଅଭିଷିକ୍ତ, ଓଜା, ତିନ୍ତା । ଯଥା—

ଜଳାର୍ଦ୍ର କୁନ୍ତଳ ଧାରେ କଣ୍ଠେ ସମୀରେ । ବି. ବ.

ଜଳାବର୍ତ୍ତ, ବି. ପୁଂ. ( ଜଳ-ଆବର୍ତ୍ତ ) ଘୂର୍ଣ୍ଣିତ ଜଳ, ଜଳଭଉଁରୀ, ଜଳଭ୍ରମୀ ।

ଜଳାଶୟ, ବି. ପୁଂ. ( ଜଳ-ଆଶୟ ) ଜଳର ଆଧାର, ସମୁଦ୍ର, ନଦ ନଦୀ ପ୍ରଭୃତି । ନ. ସୁଗନ୍ଧି ଘାସବିଶେଷ ।

ଜଳିବା, କ୍ରି (ଜ୍ୱଲ୍ ଧାତୁଜ ) ପ୍ରଜ୍ୱଳିତ ହେବା, ପୋଡ଼ିବା ।

ଜଳୀ, ବି. (ଜଳ-ଇନ୍) ପରଶା, ଜଳାଶୟ ।

ଜଳେଚର, ବି. ପୁଂ. (ଜଳେ-ଚର) ହଂସ, ବକ ଇତ୍ୟାଦି ଜଳଚର ପକ୍ଷୀ, ମତ୍ସ୍ୟାଦି ।

ଜଳେନ୍ଦ୍ର, ବି ପୁଂ (ଜଳ-ଇନ୍ଦ୍ର) ବରୁଣ, ସମୁଦ୍ର ।

ଜଳେନ୍ଧନ, ବି. ପୁଂ. (ଜଳ-ଇନ୍ଧନ ) ବାଡ଼ବାନଳ ।

ଜଳେଶୟ, ବି. ପୁଂ. ( ଜଳେ-ଶୀ-ଅ ) ମତ୍ସ୍ୟ, ସମୁଦ୍ର, ବିଷ୍ଣୁ ।

ଜଳେଶ୍ୱର, ବି. ପୁଂ. (ଜଳ-ଈଶ୍ୱର) ଜଳାଧିପତି, ବରୁଣ, ସମୁଦ୍ର ।

ଜଳୋଚ୍ଛ୍ୱାସ, ବି ପୁଂ. (ଜଳ-ଉଚ୍ଛ୍ୱାସ) ଜଳର ସ୍ଫୀତତା, ଜୁଆର, ନଦୀ ପ୍ରଭୃତିର ସୀମା ଅତିକ୍ରମ କରି ଜଳ ଉଠିବା ।

ଜଳୋଦର, ବି. ନ. ( ଜଳ-ଉଦର ) ଉଦର ରୋଗବିଶେଷ, ଉଦରୀ ।

ଜଳୌକା }
ଜଳୌକାଃ } ବି.ସ୍ତ୍ରୀ. (ଜଳ-ଓକସ୍) ଜୋକ ।

ଜଳ୍ପ }
ଜଳ୍ପନ } ବି. ନ. (ଜଳ୍ପ-ଅ, ଅନ, ଆ ) ବାଗ୍ମଳତା, କଥନ, କହିବାର ।
ଜଳ୍ପନା }

ଜଳ୍ପକ, ବିଂ. (ଜଳ୍ପ୍-ଅକ) ଯେ ଅନେକ କହେ, ଯେ ବୃଥା ଅନେକ କଥା କହେ, ବାଗ୍ମିଳ ।

ଜଳ୍ପିତ, ବିଂ. ( ଜଳ୍ପ-ତ ) କଥିତ, ଉକ୍ତ, ପ୍ରସ୍ତାବିତ । ବି. ନ. ଜଳ୍ପନ, କଥନ ।

ଜଲଦୀ, କ୍ରି.ନ. (ଯ ବନିକ) ତ୍ୱରା,ଶୀଘ୍ର, ଶୀଘ୍ରେ ।

ଜଲବି, ବି. (ଦେଶଜ) ମିଷ୍ଟାନ୍ନବିଶେଷ ।

ଜବ, ବି. ପୁଂ. (ଜୁ-ଅ) ବେଗ, ଗତି । (ଜବ୍-ଅ) ବିଂ. ବେଗବାନ୍, ସତ୍ୱର ।

ଜବନ, ବିଂ. (ଜବ୍-ଅନ) ଦ୍ରୁତଗାମୀ, ବେଗବାନ୍ । ବି. ପୁଂ. ବେଗ । ନ. ବେଗ, ଅଶ୍ୱ, ମୃଗବିଶେଷ, ଆରବ ଦେଶ, ଯବନ ଜାତି ।

ଜବନିକା }
ଜବନୀ } ବି. ସ୍ତ୍ରୀ. (ଜୁ-ଅନ,କ) ତିରସ୍କରଣୀ, ପରଦା, ଯବନସ୍ତ୍ରୀ ।

ଜବସ, ବି. ପୁଂ. (ଜୁ-ଅସ) ତୃଣ, ଘାସ । ଯଥା—

ଗଜ ତୁଣ୍ଡ ଉପଜୀବୀ ଭ୍ରମନ୍ତ କେଦାରେ ।
ମାରୁତ କ୍ରୋଡ଼ିତ କରି ଜବସ ମଧ୍ୟରେ ଯେ । ରା. ବ.

ଜବା, ବି. ସ୍ତ୍ରୀ. ସ୍ୱନାମପ୍ରସିଦ୍ଧ ପୁଷ୍ପ ବା ବୃକ୍ଷ, ମନ୍ଦାର ।

ଜହ୍ନ, ବି. (ପ୍ରାଦେଶିକ, ସମ୍ବଲପୁର) ବେଶ, ଅଧିକ ।

ଜହର, ବି. (ଯାବନିକ) ବିଷ, ଗରଳ । ଯଥା—

ଜହରକୁ ତୋଳ ଦେଲ୍ଲ ପର ଗିଳ
ଦେହର ମୋହର ପୀଡ଼ା ଗଲ୍ଲ ହେ ।

ଜହରାତ୍ } ବ. (ଯାବନକ) ମଣିରତ୍ନ ।
ଜହ୍ୱରାତ୍ }

ଜହ୍ୱରୀ, ବ. (ଯାବନକ) ମଣିରତ୍ନାଦିର ବ୍ୟବସାୟୀ ।

ଜହ୍ନ, ବ. (ଜ୍ୟୋତ୍ସ୍ନାର ଅପଭ୍ରଂଶ) ଚନ୍ଦ୍ର, ଶଶୀ, ଚନ୍ଦ୍ରକିରଣ ।

ଜହ୍ନା, ବ. (ଦେଶଜ) ଶସ୍ୟବିଶେଷ ।

ଜହ୍ନୀ, ବ.ସ୍ତ୍ରୀ. (ଜ୍ୟୋତ୍ସ୍ନା ଶବ୍ଦଜ) ଫଳବିଶେଷ ।

ଜହ୍ନୁ, ବ. ପୁଂ, ଋଷିବିଶେଷ, ଚନ୍ଦ୍ରବଂଶୋଦ୍ଭବ କୁରୁରାଜପୁତ୍ର ।

ଜହ୍ନୁକନ୍ୟା } ବ. ସ୍ତ୍ରୀ. ଗଙ୍ଗା, ଭାଗୀରଥୀ ।
ଜହ୍ନୁତନୟା }

ଜାଇ } ବ. (ଜାତି ଶବ୍ଦଜ) ସ୍ୱନାମପ୍ରସିଦ୍ଧ ପୁଷ୍ପ ବା ବୃକ୍ଷ । ଯଥା—
ଜାଈ }

କଦମ୍ବ ଶିରେ ପୂଜ ଚମ୍ପା ମାଳତୀ
ଯୂଥ ଜାଈ ପୁନ୍ନାଗ ପ୍ରଫୁଲ୍ଲ ଅତି । ଛ ମା.

(ଦେଶଜ) ଜାଲ ।

ଜାଇତ୍ରୀ } ବ. (ଜାୟିତ୍ରୀ ଓ ଜାତିପତ୍ରୀ ଶବ୍ଦଜ) ଏକପ୍ରକାର ମସଲା ।
ଜାଇପତ୍ରୀ }

ଜାଇଫଳ, ବ. (ଜାତିଫଳ ଶବ୍ଦଜ) ଏକପ୍ରକାର ମସଲା ।

ଜାଉ } ବ. (ଯବାଗୁ ଶବ୍ଦଜ) ଅନ୍ନମଣ୍ଡ ।
ଯାଉ }

ଜାକ, ବି°. (ଦେଶଜ) ସଂକୀର୍ଣ୍ଣ ।

ଜାକଜମକ, ବ. (ଯାବନକ) ଆଡ଼ମ୍ବର, ଆଟୋପ ।

ଜାକିବା, କ୍ରି. (ଦେଶଜ) କୁଣ୍ଢାଇ ଧରିବା ।

ଜାଗର, ବ.ନ. (ଜାଗୃ-ଅ) ଅନିଦ୍ରା, ଶିବରାତ୍ରି, ଫାଲ୍ଗୁନ କୃଷ୍ଣ ଚତୁର୍ଦ୍ଦଶୀ ।

ଜାଗରଣ, ବ. ନ. (ଜାଗୃ-ଅନ) ଅନିଦ୍ରା, ଚେଇଁବା,

ଜାଗରିତ, ବି°. (ଜାଗୃ-ତ) ଜାଗରଣଯୁକ୍ତ, ଜାଗ୍ରତ୍, ବିନିଦ୍ର ।

ଜାଗରୂକ, ବି°. (ଜାଗୃ-ଊକ) ସଜୀବ, ଜାଗରଣଶୀଳ, ଜାଗ୍ରତ, ପ୍ରହସ୍ତ ।

ଜାଗା } ବ. (ଦେଶଜ) ଅଖଡ଼ା, ସ୍ଥାନ ।
ଜେଗା }

ଜାଗିର, ବ. (ଜାୟଗୀର ଶବ୍ଦଜ, ପାରସ୍ୟ ଭାଷା) ରାଜଦତ୍ତ ପୁରସ୍କାରସ୍ୱରୂପ ଭୂସମ୍ପତ୍ତି ।

ଜାଗିବା, କ୍ରି. (ଜାଗୃ ଧାତୁଜ) ଜାଗ୍ରତ ଥିବା, ଅନିଦ୍ରାରେ ରହିବା ।

ଜାଗୁଲି, ବ. (ଦେଶଜ) ଦହି ବସାଇବା ନିମିତ୍ତ ମୃତ୍ତିକାନିର୍ମିତ କ୍ଷୁଦ୍ର କ୍ଷୁଦ୍ର ପାତ୍ର ।

ଜାଗ୍ରତ୍, ବି°. (ଜାଗୃ-ଅତ୍) ଜାଗରଣବିଶିଷ୍ଟ, ନିଦ୍ରୋତ୍ଥିତ, ସଜୀବ, ଚେଇଁବା ବ୍ୟକ୍ତି ।

ଜାଙ୍ଗଲ, ବ. ପୁଂ. କପିଞ୍ଜଳ ପକ୍ଷୀ, ବନ, ଅରଣ୍ୟମୟ ପ୍ରଦେଶ, ବିଷ । ନ. ମାଂସ । ବି°. ଜଙ୍ଗଲସମ୍ବନ୍ଧୀୟ । ଯଥା—

ଘୋଟ୍ଟ କଣ୍ଟକମୂଳ, ଘୋର ଘୋର ଜାଙ୍ଗଲ
ଜହର ଭୁଲେ ତାହା ପିଇଲୁ ଗୋ । ବ. ର.

ଜାଙ୍ଗଲ } ବ. ପୁଂ. (ଜଙ୍ଗଲ-ଇ, ଇକ) ବ୍ୟାଳଗ୍ରାହୀ, ସାପୁଆ । ବି°. ଜଙ୍ଗଲବାସୀ ।
ଜାଙ୍ଗଲିକ }

ଜାଙ୍ଗଲୀ } ବ. ସ୍ତ୍ରୀ. (ଜାଙ୍ଗଲ, ଜାଙ୍ଗୁଲ-ଈ) ବିଷବିଦ୍ୟା ।
ଜାଙ୍ଗୁଲୀ }

ଜାଙ୍ଗଲିକ } ବ.ପୁଂ. (ଜାଙ୍ଗଲ, ଜାଙ୍ଗୁଲ-ଇକ) ସାପୁଆ କେଳା ।
ଜାଙ୍ଗୁଲିକ }

ଜାଜ୍ୱଲ୍ୟମାନ, ବି°. (ଜ୍ୱଲ-ଯଙନ୍ତ ଅନ) ଅତ୍ୟୁଜ୍ଜ୍ୱଲ, ଅତି ଜ୍ୱଳନ୍ତ ।

ଜାଠ, ବ. (ଦେଶଜ) କୃପଣ ।

ଜାଡ଼, ବ. (ଦେଶଜ) ହିମ, ଶୀତ । ଯଥା—
ଦରୁଦ୍ରୁଥିଲୁ କେ କଡ଼ ଘୋଡ଼ିଲାଗି ଜାଡ଼କୁ ଡରଣ ।

ଜାଡ୍ୟ, ବ. ନ. (ଜଡ-ଯ) ଜଡ଼ତା, ମୂର୍ଖତା, ଅବସନ୍ନତା, ସ୍ତମ୍ଭ ।

ଜାଣିବା, କ୍ରି. (ଜ୍ଞା ଧାତୁଜ) ବୁଝିବା, ଜ୍ଞାନ କରିବା ।

ଜାତ, ବି°. (ଜନ୍-ତ) ଉତ୍ପନ୍ନ, ଉଦ୍ଭୂତ, ପ୍ରଶସ୍ତ, ବ୍ୟକ୍ତ । ବ. ନ. ଜନ୍ମ, ଉତ୍ପତ୍ତି, ସମୂହ ।

ଜାତକ, ବି. ନ. (ଜାତ-କ) ଭୂମିଷ୍ଠ ବାଳକର ଶୁଭାଶୁଭଜ୍ଞାପକ ପତ୍ର । ପୁଂ. ଭିକ୍ଷୁକ, ସନ୍ନ୍ୟାସୀ । ବିଂ. ଉତ୍ପନ୍ନ ।

ଜାତକର୍ମ, ବି. ନ. (ଜାତ-କର୍ମ) ଜନ୍ମସଂସ୍କାର-ବିଶେଷ, ଦଶବିଧ ସଂସ୍କାର ଅନ୍ତର୍ଗତ ସଂସ୍କାର-ବିଶେଷ ।

ଜାତରୂପ, ବି. ନ (ଜାତ ରୂପ) ପ୍ରଶସ୍ତ ବର୍ଣ୍ଣ, ସ୍ୱର୍ଣ୍ଣ ।

ଜାତବେଦାଃ, ବି. ପୁଂ. (ଜାତ-ବିଦ୍-ଅସ୍) ଅଗ୍ନି । ଯଥା—

> କରୁଛନ୍ତି ଜାଣି ଜାତବେଦାଙ୍କୁ ସତ ଶତକ୍ରତୁ
> ଛଳରେ ଘନ କୋଟେଣ୍ଟିରେ ସହଚର । ଲା. ନ.

ଜାତି, ବି. ସ୍ତ୍ରୀ. (ଜନ୍-ତି) ଗୋତ୍ର, ପ୍ରକାର, ଜନ୍ମ, ବଂଶ, କ୍ଷତ୍ରିୟ ବ୍ରାହ୍ମଣ ଶୂଦ୍ର ପ୍ରଭୃତି, ଜାତିପୁଷ୍ପ, ଜାଈଫୁଲ ।

ଜାତିଆ, ବିଂ. (ଜାତୀୟ ଶବ୍ଦଜ) କୁଳୀନ, ଉତ୍କୃଷ୍ଟ ।

ଜାତିଆଣ, ବିଂ. (ଦେଶଜ) ଜାତୀୟ ।

ଜାତିକୋଷ, ଜାତିସାର } ବି. ନ. ଜାତିଫଳ, ଜାଈଫଳ ।

ଜାତିସଙ୍କର, ବି. ପୁଂ. ବିଭିନ୍ନ ଜାତୀୟ ପିତା ମାତାଠାରୁ ଉତ୍ପନ୍ନ, ବର୍ଣ୍ଣସଙ୍କର ।

ଜାତିସ୍ମର, ବିଂ. (ଜାତି=ପୂର୍ବଜନ୍ମ-ସ୍ମର) ପୂର୍ବଜନ୍ମର ବୃତ୍ତାନ୍ତସ୍ମାରକ, ଯାହାର ପୂର୍ବଜନ୍ମର କଥା ମନେ ଥାଏ, ତୀର୍ଥବିଶେଷ ।

ଜାତିପତ୍ରୀ, ବି. ସ୍ତ୍ରୀ. (ଜାତି-ପତ୍ରୀ) ଜାୟିତ୍ରୀ ।

ଜାତୀ, ବି. (ଜାତି-ଈ) ମାଳତୀ ପୁଷ୍ପ ।

ଜାତୀଫଳ, ବି. ନ. ସୁଗନ୍ଧ ଫଳବିଶେଷ, ଜାଈଫଳ ।

ଜାତୀୟ, ବିଂ. (ଜାତି-ଈୟ) ଜାତିସମ୍ବନ୍ଧୀୟ ।

ଜାତୁକ, ବି. ନ. (ଜତୁକ-ଅ) ହିଙ୍ଗୁ ।

ଜାତୁଧାନ, ବି. ପୁଂ. (ଜାତୁ ଧାନ) ରାକ୍ଷସ, ନିଶାଚର, ରାତ୍ରିଚର ।

ଜାତୁଷ, ବିଂ. (ଜତୁ-ଅ, ଷ ଆଗମ) ଜତୁନିର୍ମିତ, ଲାକ୍ଷାନିର୍ମିତ ।

ଜାତ୍ୟ, ବିଂ. (ଜାତି-ଯ) କୁଳୀନ, ଶ୍ରେଷ୍ଠ, ପ୍ରଧାନ, କାନ୍ତ, କମନୀୟ, ମନୋହର ।

ଜାତ୍ୟତ୍ରିଭୁଜ, ବି. ପୁଂ. ଯେ ତ୍ରିଭୁଜକ୍ଷେତ୍ରରେ ଗୋଟିଏ ସମକୋଣ ଥାଏ । (Right-angled Triangle)

ଜାଦୁ, ବି. ନ (ଯାବନିକ) କୁହୁକ, ମାୟା, ଭେଲ୍କି । (ଦଦ୍ରୁ ଶବ୍ଦଜ) କଣ୍ଡୂରୋଗବିଶେଷ ।

ଜାଦୁକର. ବି. ପୁଂ. (ଯାବନିକ) କୁହୁକୀ, ମାୟାବୀ ।

ଜାଦୁଘର, ବି. (ଦେଶଜ) ବିବିଧ ଦର୍ଶନୀୟ ବସ୍ତୁ ଯେଉଁଘରେ ଥାଏ (musium) ।

ଜାନ୍, ବି. (ଯାବନିକ) ଜୀବନ, ପ୍ରାଣ ।

ଜାନକୀ, ବି. ସ୍ତ୍ରୀ. (ଜନକ-ଅ-ଈ) ସୀତା, ଜନକସୁତା, ବୈଦେହୀ ।

ଜାନପଦ, ବିଂ. (ଜନପଦ-ଅ) ଜନପଦସମ୍ବନ୍ଧୀୟ, ଦେଶସ୍ଥ ଦେଶାନ୍ତରରୁ ଆଗତ । ବି. ଦେଶ, ଜନପଦ ।

ଜାନୁ, ବି. ପୁଂ. ନ. (ଜାନ-ଉ) ଉରୁସନ୍ଧି, ଆଣ୍ଠୁ ।

ଜାନୁଆର, ବି (ଯାବନିକ) ଜନ୍ତୁ ।

ଜାପ, ବି. ପୁଂ (ଜାପ୍-ଅ) ମନେ ମନେ ମନ୍ତ୍ରାଦି ପାଠ, ଈଶ୍ୱରଙ୍କର ସ୍ତୋତ୍ରପାଠ, ମନ୍ତ୍ରୋଚ୍ଚାରଣ ।

ଜାପକ. ବିଂ. (ଜାପ-ଅକ, ଜପକର୍ତ୍ତା, ସର୍ବଦା ମନ୍ତ୍ରୋଚ୍ଚାରଣକାରୀ, ଯେ ଜପ କରେ ।

ଜାପନ, ବି. ନ. (ଜାପି-ଅନ) ନିରସନ, ନିଷ୍ପାଦନ, ପ୍ରତ୍ୟାଖ୍ୟାନ, ସମାପନ, ନିର୍ବର୍ତ୍ତନ ।

ଜାବାଲ, ଜାବାଲି } ବି. ପୁଂ. (ଅଜା-ବାଲ, ଇ) ଛାଗୋପଜୀବୀ, ମୁନିବିଶେଷ ।

ଜାବୁଡ଼ା, ବି. (ଦେଶଜ), ଥାପଡ଼, ଚାପୁଡ଼ା ।

ଜାମଦଗ୍ନ୍ୟ, ବି. ପୁଂ. (ଜମଦଗ୍ନି-ଯ) ଜମଦଗ୍ନିଙ୍କ ପୁତ୍ର, ପରଶୁରାମ ।

ଜାମ୍‌ଦାନି, (ଯାବନିକ) ବସ୍ତ୍ରବିଶେଷ ।

ଜାମା ବି. (ଯାବନିକ) କୁର୍ତ୍ତି, ଅଙ୍ଗରଖା ।

ଜାମାତା, ବି. ପୁଂ. (ଜା-ମା-ତୃ) କନ୍ୟାର ପତି, ଜ୍ୱାଇଁ, ଜୁଆଇଁ ।

ଜାମି } ବି. ସ୍ତ୍ରୀ. (ଜୈ-ମି) ଭଗିନୀ, କୁଳସ୍ତ୍ରୀ,
ଜାମୀ } ପତିବ୍ରତା ନାରୀ ।

ଜାମିନ୍, ବି. (ଯାବନିକ) ପରିରକ୍ଷଣ, ବନ୍ଧକ, ପ୍ରତିବନ୍ଧ ହେବା ।

ଜାମିନ୍‌ଦାର, ବି. (ଯାବନିକ) ପ୍ରତିଭୂ ।

ଜାମୁ, ବିଂ. (ଜମ୍ବୁ ଶବ୍ଦଜ) ଜାମୁଗଛ ଓ ତାହାର ଫଳ ।

ଜାମୁଳୀ, ବି. ସ୍ତ୍ରୀ. ରକ୍ତବର୍ଣ୍ଣ, ବାଣଲଗା ବଳଦା । ଯଥା—

ଦେଖ ଜାମୁଳୀ ଦନାଳୀ ନଳୀ
ସୁନନ୍ଦ ଭୁ ଶବ୍ଦ କୁଳଶଗୁଳୀ । ଲ. ଚ,

ଜାମ୍ବବତୀ, ବି. ସ୍ତ୍ରୀ. (ଜାମ୍ବବତ୍-ଈ) କୃଷ୍ଣଙ୍କର ପତ୍ନୀବିଶେଷ ।

ଜାମ୍ବବାନ୍ } ବି ପୁଂ. (ଜାମ୍ବ-ବତ୍, ଜାମ୍ବୁ-
ଜାମ୍ବୁବାନ୍ } ବତ୍ ) ଭଲ୍ଲୁକରାଜ, ଋକ୍ଷରାଜ ।

ଜାମ୍ବୁନଦ, ବି. ନ. (ଜମ୍ବୁନଦୀ-ଅ) ସ୍ୱର୍ଣ୍ଣ, ଜମ୍ବୁନଦୀଜାତ ।

ଜାୟ୍ଦ, ବି. (ଯାବନିକ) ବିବରଣ, ସମ୍ପତ୍ତି ।

ଜାୟଦାଦ, ବି. (ପାରସ୍ୟ ଭାଷା) ସମ୍ପତ୍ତି ।

ଜାୟମାନ, ବିଂ. (ଜନ୍-ଆନ ) ଉତ୍ପଦ୍ୟମାନ, ଯାହା ଜନ୍ମିଅଛି ।

ଜାୟା, ବି. ସ୍ତ୍ରୀ. (ଜନ୍-ଯ) ଭାର୍ଯ୍ୟା, ବନିତା, ପତ୍ନୀ ।

ଜାୟାପତି, ବି. ପୁଂ. (ଜାୟା-ପତି ସ୍ତ୍ରୀ ପୁରୁଷ, ଦମ୍ପତି, ଚକ୍ରପକ୍ଷୀ ।

ଜାୟାଜୀବ } ବି. ପୁଂ. ନଟ, ବେଶ୍ୟାପତି ।
ଜାୟାଜୀବୀ }

ଜାର, ବି. ପୁଂ. (ଜୃ-ଅ) ଉପପତି, ଗୁପ୍ତପତି ।

ଜାରକ, ବିଂ. (ଜୃ-ଅକ) ଜୀର୍ଣ୍ଣକାରକ, ପାଚକ ।

ଜାରଜ, ବି. ପୁଂ. ଜାର-ଜନ୍-ଅ ଉପପତିଜାତ ସନ୍ତାନସନ୍ତତି ।

ଜାରଣ, ବି. ନ. (ଜୃ-ଅନ) ଜାରିବା, ଜୀର୍ଣ୍ଣ କରିବା, ସଂଶୋଧନ କରିବା, ସ୍ୱର୍ଣ୍ଣାଦି ଧାତୁ କିମ୍ବା ପାରଦ ରସର ଶୋଧନ ।

ଜାରି } ବି. (ଯାବନିକ) ପ୍ରଚାର, ଘୋଷଣା,
ଜାହିର } ଅଧିକାର ।

ଜାରିବା, କି. (ଜୃ ଧାତୁଜ) ଅଗ୍ନି ସାହାଯ୍ୟରେ ଜଳୀୟ ଅଂଶକୁ ଦୂର କରିବା, ଜୀର୍ଣ୍ଣ କରିବା, ଭସ୍ମସାତ୍ କରିବା ।

ଜାଲ, ବି. ନ. (ଜାଲ୍-ଅ) ସମୂହ । (ଦେଶଜ) ଜାଳେଣୀ କାଠ ।

ଜାଲ, ବି. ନ. (ଜଲ୍-ଅ) ମତ୍ସ୍ୟାଦି ବା ପକ୍ଷ୍ୟାଦି ବନ୍ଧନାର୍ଥ ସୂତ୍ରନିର୍ମିତ ଯନ୍ତ୍ର । ଯଥା—

ଉଦେଣ ସାଗରୁ ପ୍ରଚଣ୍ଡ ଲହରୀ ଜାଲମାର୍ଗେ କି ବହର ।
କୋ, ବ୍ର. ସୁ.

ଜାଲ୍, ବି. (ଯାବନିକ) କପଟତା, ପ୍ରମାଦ । ବିଂ. କୃତ୍ରିମ ।

ଜାଲକ, ବି. ନ. (ଜାଲ-କ) ଜାଲ, ସମୂହ । ଯଥା—

ଯଥା ନାପଜାଳକ, ତଥା ତନୁ ପୁଲକ
ପୂରୁ ପୁଲକ ତନୁଦେଶେ ରେ, ସହଚର । ଲ. ବ

ପୁଂ. ଗବାକ୍ଷ ।

ଜାଲପାଦ, ବି. ପୁଂ. (ଜାଲ-ପାଦ) ହଂସ, ଶରାଳୀ ପକ୍ଷୀ (Web footed) ।

ଜାଲିଆ, (ଆରବୀ) ଜାଲକାରକ, ପ୍ରତାରକ ।

ଜାଲିକ, ବି. ପୁଂ. (ଜାଲ-ଇକ) ବ୍ୟାଧ, କପଟୀ, ମାଙ୍କଡ଼ସା, ଧୀବର ।

ଜାଲି } ବି ( ଦେଶଜ ) ଜାଲ ପରି ଅସଂଖ୍ୟ
ଜାଲୀ } ଛିଦ୍ରବିଶିଷ୍ଟ ପଦାର୍ଥ, ଶିରୋଭୂଷା ବିଶେଷ । ଯଥା—

କୁଡ଼ାଜାଲି ଏ ସଦୃଶ ଯେ,
ଶ୍ୟାମଳ କମଳ କଳରେ କଳଙ୍କ ମେଷଣି ସୁଧା ବରଷା ଯେ ।
ଲ. ବ.

ଜାଲିଠେଙ୍ଗୁ / ଜାଲୀଠେଙ୍ଗୁ } ବି. (ଦେଶଜ) ପୁଷ୍ପ ବା ଅନ୍ୟ ପ୍ରକାର ପିଷ୍ଟକ ଉତ୍ତପ୍ତ ଘୃତରୁ ଉଠାଇବାକୁ ବ୍ୟବହୃତ ଛିଦ୍ରବିଶିଷ୍ଟ ଲୌହ ଯନ୍ତ୍ରବିଶେଷ ।

ଜାଳିବା, କ୍ରି. (ଜ୍ୱଲ ଧାତୁଜ) ଦହନ କରିବା, ପୋଡ଼ିବା, ଉତ୍ତପ୍ତ କରିବା ।

ଜାଲ୍ମ, ବିଂ. (ଜଲ୍-ମ) ନୀଚ, ଅଧମ, ମୂର୍ଖ, ଅବିବେଚକ, ପାମର ।

ଜାବଡ଼ା / ଜାବୁଡ଼ା } ବି. ଖୁମ୍ପୁଡ଼ା

ଜାହାଜ, ବି. (ଯାବନିକ) ଜଳଯାନ, ପୋତ, ନୌକା, ସମୁଦ୍ରରେ ଗତି କରିବାଭଳି ବଡ଼ ବଡ଼ ନୌକା ।

ଜାହ୍ନବୀ, ବି. ସ୍ତ୍ରୀ. (ଜହ୍ନୁ-ଅ ଈ) ଜହ୍ନୁକନ୍ୟା, ଗଙ୍ଗା ।

ଜିଅ / ଜିଅନାଡ଼ି } ବି. (ଦେଶଜ) ଅସ୍ଥିହୀନ ଭୂମିଜ ଲମ୍ବ କୀଟ ।

ଜିଆଁଇବା / ଜୀଆଁଇବା } (ଜୀବ୍ ଧାତୁଜ) ଜୀବିତ ରଖିବା । ଜୀବିତ କରିବା ।

ଜିଇଁବା / ଜୀଇଁବା } କ୍ରି. (ଜୀବ ଧାତୁଜ) ପ୍ରାଣ ଧାରଣ କରିବା, ସଜୀବ ରହିବା ।

ଜିଗମିଷା, ବି. ସ୍ତ୍ରୀ. (ଗମ୍-ସନ୍-ଆ) ଗମନେଚ୍ଛା ।

ଜିଗମିଷୁ, ବିଂ. (ଗମ୍-ସନ୍-ଉ) ଗମନେଚ୍ଛୁ ।

ଜିଗର, ବି. (ଯାବନିକ) ଜିଦ୍ ।

ଜିଗୀଷା, ବି. ସ୍ତ୍ରୀ. (ଜି-ସନ୍-ଆ) ଜୟେଚ୍ଛା, ଉଦ୍ୟମ ।

ଜିଗୀଷୁ, ବିଂ. (ଜି ସନ୍-ଉ) ଜୟେଚ୍ଛୁ, ଉଦ୍ୟମଶାଳୀ ।

ଜିଘତ୍ସା, ବି. ସ୍ତ୍ରୀ. (ଅଦ୍-ସନ୍-ଆ) ଭୋଜନେଚ୍ଛା, ବୁଭୁକ୍ଷା, କ୍ଷୁଧା ।

ଜିଘତ୍ସୁ, ବିଂ. (ଅଦ ସନ୍-ଉ) ଭୋଜନେଚ୍ଛୁ, ବୁଭୁକ୍ଷୁ ।

ଜିଘୃକ୍ଷା, ବି. ସ୍ତ୍ରୀ. (ଗ୍ରହ୍-ସନ୍ ଇଚ୍ଛାର୍ଥେ-ଅ, ଭାବେ) ଗ୍ରହଣେଚ୍ଛା ।

ଜିଘୃକ୍ଷୁ, ବିଂ. (ଗ୍ରହ-ସନ୍-ଉ) ଗ୍ରହଣେଚ୍ଛୁ, ନେବାକୁ ଇଚ୍ଛୁକ ।

ଜିଘାଂସା, ବି. ସ୍ତ୍ରୀ. (ହନ୍-ସନ୍-ଆ) ହନନେଚ୍ଛା, ବଧେଚ୍ଛା ।

ଜିଘାଂସୁ, ବିଂ. (ହନ-ସନ୍ ଉ) ହନନେଚ୍ଛୁ । ବି ପୁଂ. ଶତ୍ରୁ ।

ଜିଜ୍ଞାସା, ବି. ସ୍ତ୍ରୀ. (ଜ୍ଞା-ସନ୍-ଆ) ପ୍ରଶ୍ନ, ଜାଣିବାର ଇଚ୍ଛା, ଅନୁସନ୍ଧାନ କରିବାର ଇଚ୍ଛା ।

ଜିଜ୍ଞାସିତ, ବିଂ. (ଜିଜ୍ଞାସ-ତ) ପୃଷ୍ଟ, ଯେଉଁ-ବିଷୟରେ ଜିଜ୍ଞାସା କରାଯାଇଅଛି ।

ଜିଜ୍ଞାସୁ, ବିଂ. (ଜ୍ଞା-ସନ୍-ଉ) ଜାଣିବାକୁ ଇଚ୍ଛୁକ ।

ଜିଜ୍ଞାସ୍ୟ, ବିଂ. (ଜ୍ଞା-ସନ୍-ଯ) ପ୍ରଶ୍ନର ଯୋଗ୍ୟ, ଜାଣିବା ଉଚିତ, ଅନୁସନ୍ଧେୟ ।

ଜିଜୀବିଷା, ବି. ସ୍ତ୍ରୀ. (ଜୀବ ସନ୍-ଆ) ଜୀବନେଚ୍ଛା, ବଞ୍ଚିବାର ଇଚ୍ଛା ।

ଜିଜୀବିଷୁ, ବିଂ. (ଜୀବ୍ ସନ ଉ) ଜୀବନାଭିଳାଷୀ, ବଞ୍ଚିବାକୁ ଇଚ୍ଛୁକ ।

ଜିଣା / ଜିତା } ବିଂ. (ଦେଶଜ) ଯେ ଜୟ କରେ । ବି. ଜୟ ।

ଜିଣିବା / ଜିତିବା } କ୍ରି. (ଦେଶଜ) ଜୟ କରିବା, ଜୟଯୁକ୍ତ ହେବା ।

ଜିତ, ବିଂ. (ଜି-ତ) ପରାଜିତ, ବଶୀକୃତ, ଜୟଲବ୍ଧ । ବି. ନ. ଜୟ ।

ଜିତେନ୍ଦ୍ରିୟ, ବିଂ. (ଜିତ-ଇନ୍ଦ୍ରିୟ) ଯେ ଇନ୍ଦ୍ରିୟମାନଙ୍କୁ ବଶ କରିଅଛି, ଇନ୍ଦ୍ରିୟଜୟକାରୀ । ବି. ପୁଂ. ତପସ୍ୱୀ ।

ଜିତ୍ୱର, ବିଂ. (ଜି ବର, ତ ଆଗମ) ଜୟଶୀଳ, ଜୟୀ ।

ଜିଦ୍ / ଜିଦ୍ଦ } ବି. (ଯାବନିକ) ଜିଗର, ନିର୍ବନ୍ଧ ।

ଜିନ, ବି. (ଜି-ନ) ଜୈନମତପ୍ରବର୍ତ୍ତକ ମୁନି, ବିଷ୍ଣୁ ।

ଜିନ୍, ବି. (ଯାବନିକ) ଘୋଡ଼ା ପିଠିରେ ଯେଉଁ ଆସନ ପଡ଼େ ।

ଜିନସ, ବି. (ଯାବନିକ) ଦ୍ରବ୍ୟ, ବସ୍ତୁ, ପଦାର୍ଥ ।

ଜିଭ, ବି. (ଜିହ୍ୱା ଶବ୍ଦଜ) ଜିହ୍ୱା, ରସନା ।

**ଜମା**, ବ. ( ଯାବନକ ) ମାରଫତ୍, ତତ୍ତ୍ୱାବଧାନ ।

**ଜିର** } ବ. ( ଜୀରକ ଶବ୍ଦଜ , ଏକପ୍ରକାର
**ଜୀର** } ମସଲା ।

**ଜିରଫ**, ବ. ଲମ୍ବପଦ ଓ ଲମ୍ବଗ୍ରୀବାବିଶିଷ୍ଟ ଚତୁଷ୍ପଦ ଜନ୍ତୁବିଶେଷ । (Giraffe)

**ଜିଲା**, ବ. ( ଯାବନକ ) ପ୍ରଦେଶର ବିଭାଗ ।

**ଜିଲିପି**, ବ. (ଦେଶଜ) ଏକପ୍ରକାର ମିଷ୍ଟାନ୍ନ ।

**ଜିଷ୍ଣୁ**, ବ. ପୁଂ. (ଜି-ଷ୍ଣୁ) ଇନ୍ଦ୍ର, ବିଷ୍ଣୁ, ସୂର୍ଯ୍ୟ, ଅର୍ଜ୍ଜୁନ । ବିଂ. ଜୟଶୀଳ । ଯଥା—

ଦୁର୍ଦ୍ଧର୍ଷ ହେ ଜିଷ୍ଣୁ, ଏହୁ କୋଦଣ୍ଡ ଗାଣ୍ଡୀବ । ମ.ଯା.

**ଜିହୀର୍ଷା**, ବ. ସ୍ତ୍ରୀ. (ହୃ-ସନ୍ ଇଚ୍ଛାର୍ଥେ-ଅ, ଭାବେ) ହରଣେଚ୍ଛା ।

**ଜିହୀର୍ଷୁ**, ବିଂ. ( ହୃ-ସନ୍-ଉ ) ହରଣ କରିବାକୁ ଇଚ୍ଛୁକ ।

**ଜିହ୍ମ**, ବିଂ. (ହା-ମ) କୁଟିଳ, ବକ୍ର, ଖଳ, ଜଡ଼, ଅପ୍ରସନ୍ନ, ଅସତ୍ ।

**ଜିହ୍ମଗ**, ବ. ପୁଂ. (ଜିହ୍ମ=ବକ୍ର-ଗମ୍-ଅ) ସର୍ପ । ବିଂ. ବକ୍ରଗାମୀ, ମନ୍ଦଗତି ।

**ଜିହ୍ୱା**, ବ. ସ୍ତ୍ରୀ. (ଲିହ୍-ବ-ଆ) ରସନା, ଜିଭ ।

**ଜିହ୍ୱାମୂଳୀୟ**, ବ ପୁଂ. (ଜିହ୍ୱାମୂଳ-ଈୟ) ଜିହ୍ୱା ମୂଳରୁ ଉଚ୍ଚାରିତ ବର୍ଣ୍ଣ । ଯଥା — କ, ଖ, ଗ, ଘ, ଙ ।

**ଜୀଅନ୍ତା**, ବିଂ. (ଜୀବନ୍ତ ଶବ୍ଦଜ) ଯାହାର ପ୍ରାଣ ଅଛି ।

**ଜୀଅଇବା**, କ୍ରି. ( ଜୀବ୍ ଧାତୁଜ ) ବଞ୍ଚାଇବା ।

**ଜୀଇଁବା**, କ୍ରି. ( ଜୀବ୍ ଧାତୁଜ ) ବଞ୍ଚିବା, ପ୍ରାଣ ଧାରଣ କରିବା ।

**ଜୀନ**, ବିଂ. (ଜ୍ୟା-ତ) ଜୀର୍ଣ୍ଣ, ବୃଦ୍ଧ, ପ୍ରାଚୀନ ।

**ଜୀମୂତ**, ବ. ପୁଂ. ( ଜୀ-ମୂତ ) ଇନ୍ଦ୍ର, ପର୍ବତ, ମେଘ । ଯଥା—

ବନେ ଯେ ଦେଖି ବର୍ଣ୍ଣାମିତ୍ର-ଜୀମୂତ,
ବିକଳ କରିବାରୁ ମିତ୍ର ଜୀମୂତ ଯେ । ପ୍ରେ. ସୁ.

**ଜୀମୂତବାହନ**, ବ. ପୁଂ. (ଜୀମୂତ-ବାହନ) ମେଘ ବାହନ, ଇନ୍ଦ୍ର ।

**ଜୀର** } ବ. ପୁଂ. (ଜୃ-ଅ, ଅକ) ଜୀରା, ଖଡ୍ଗ,
**ଜୀରକ** } ଅଣୁ ।

**ଜୀର୍ଣ୍ଣ**, ବିଂ. (ଜୃ-ତ) ପୁରାତନ, ବୃଦ୍ଧ, ଜର୍ଜ୍ଜରିତ, ପରିପାକ ।

**ଜୀର୍ଣ୍ଣସଂସ୍କାର**, ବ. ପୁଂ. ମରାମତି, ପୁନଃ ପ୍ରସ୍ତୁତ କରଣ ।

**ଜୀର୍ଣ୍ଣୋଦ୍ଧାର**, ବ. ପୁଂ. ( ଜୀର୍ଣ୍ଣ-ଉତ୍-ହୃ-ଅ ) ସଂସ୍କରଣ, ମରାମତି ।

**ଜୀବ**, ବ. ପୁଂ. (ଜୀବ୍-ଅ) ଦେହାବଚ୍ଛିନ୍ନ ଆତ୍ମା, ପ୍ରାଣୀ, ଜୀବାତ୍ମା, ବୃହସ୍ପତି ।

**ଜୀବଜୀବ** } ବ. ପୁଂ. (ଜୀବ-ଜୀବ ) ଚକୋର ।
**ଜୀବଞ୍ଜୀବ** } ଯଥା—

ଜୀବଞ୍ଜୀବନେତ୍ରୀ ଲାଗି ଜୀବ, ଜୀବଧବ ପୂରକୁ ତ ଯିବ ।

**ଜୀବତ୍**, ବିଂ. ( ଜୀବ୍-ଅତ୍ ) ଜୀବନବିଶିଷ୍ଟ, ଜୀବିତ ।

**ଜୀବତତ୍ତ୍ୱ**, ବ. ନ. ଯେଉଁ ଶାସ୍ତ୍ରରେ ଜୀବ ମାନଙ୍କର ଜାତି ସ୍ୱଭାବ କ୍ରିୟା ଏବଂ ତତ୍ତ୍ୱ ପ୍ରଭୃତି ବର୍ଣ୍ଣିତ ଥାଏ । (Zoology)

**ଜୀବନ**, ବ. ନ. (ଜୀବ୍-ଅନ) ପ୍ରାଣ, ଜୀବିକା, ଜଳ, ମଜ୍ଜା, ବାୟୁ । (ଜଳ, ଅର୍ଥରେ) । ଯଥା—

ବନରେ ଅକାଶରେ ଜୀବନ ଘନ । ଭୂ. ସ୍ୱ

(ପ୍ରାଣ ଅର୍ଥରେ) ଯଥା—

ଜୀବନ ଯୌବନ ଧନ ପଦ୍ମପତ୍ର ନୀର । କ. ବ.

**ଜୀବନଚରିତ**, ବ ( ଜୀବନ-ଚରିତ ) ଜୀବନ, ବୃତ୍ତାନ୍ତ, Life

**ଜୀବନଦ**, ବ. (ଜୀବନ=ଜଳ-ଦା-ଅ) ମେଘ । ଯଥା—

ଜୀବନଦ ନୀଳ କଳକଯୁଗଳ,
ବଧୁବିମ୍ବେ ଢୋଇ ବଳାସ ବଳୋଳ । କ. ଚ.

ପ୍ରାଣପ୍ରଦ ।

ଜୀବନୀ ବି. (ଜୀବ୍-ଅନ-ଈ) ଯାହାଦ୍ୱାରା ଜୀବିତ ରହିବାକୁ ହୁଏ, ଜୀବନଦାୟିକା । ଯଥା— ଜୀବନୀ ଶକ୍ତି । (ଦେଶଜ) ଜୀବନବୃତ୍ତାନ୍ତ ।

ଜୀବନ୍ୟାସ, ବି. ପୁଂ. (ଜୀବ-ନ୍ୟାସ) ପ୍ରାଣପ୍ରତିଷ୍ଠା ମନ୍ତ୍ର । ଯଥା—

ବିଗ୍ରହ ପ୍ରକାଶ, ମୋହନମନ୍ତ୍ରେ ଦେଇ ଜୀବନ୍ୟାସ ।

ଜୀବନ୍ତ, ବିଂ (ଜୀବ୍-ଅନ୍ତ) ଜୀଅନ୍ତା, ପ୍ରାଣ-ବିଶିଷ୍ଟ । ବି. ପୁଂ. ପ୍ରାଣ, ଔଷଧ ।

ଜୀବନ୍ମୁକ୍ତ, ବିଂ. (ଜୀବତ୍-ମୁକ୍ତ) ତତ୍ତ୍ୱଜ୍ଞାନୀ ।

ଜୀବଲୋକ, ବି. ପୁଂ. (ଜୀବ-ଲୋକ) ପ୍ରାଣ ଓ ଚେତନବିଶିଷ୍ଟ ପଦାର୍ଥର ବାସସ୍ଥାନ, ସଂସାର, ମର୍ତ୍ତ୍ୟଲୋକ ।

ଜୀବହତ୍ୟା, ବି· ସ୍ତ୍ରୀ. (ଜୀବ-ହତ୍ୟା) ଜୀବର ପ୍ରାଣ ନାଶ କରିବା, ଜୀବହିଂସା ।

ଜୀବାତୁ, ବି. ପୁଂ. ନ. ( ଜୀବ-ଆତୁ ) ଜୀବିକା, ଅନ୍ନ, ଜୀବନ, ଜୀବନୌଷଧ ।

ଜୀବାତ୍ମା ବି. ପୁଂ. (ଜୀବ-ଆତ୍ମା) ଦେହସ୍ଥ ଆତ୍ମା । ଯଥା—

ମିଶିଯାଏ ଯଥା ଜୀବାତ୍ମା ବିଶ୍ୱ-ଆତ୍ମା ଚରଣେ । ଚ. ଭା.

ଜୀବପୁରୁଷ, ଶରୀର ।

ଜୀବିକା, ବି. ସ୍ତ୍ରୀ. (ଜୀବ-କ-ଅ) ଜୀବନୋପାୟ, ବୃତ୍ତି, କୃଷି ବାଣିଜ୍ୟାଦି । ଯଥା—

ମୁମୁକ୍ଷୁ ସ୍ତବକମଳ ଉପଜ, ଗ୍ରାହକ ବଣିକ ଅମୂଲ୍ୟ ରତ୍ନ;
ଚତୁର ଜୀବିକା, ଶୁଣି କ ହା ମନ ନୋହିବ ବିକା । ବ. ଚ.

ଜୀବିତ, ବିଂ. (ଜୀବ-ତ) ଜୀବନଯୁକ୍ତ । ବି ନ. ପ୍ରାଣ, ଜୀବନ ।

ଜୀବିତେଶ, ବି. ପୁଂ. (ଜୀବିତ-ଈଶ) ପ୍ରାଣେଶ୍ୱର, ସୂର୍ଯ୍ୟ, ଚନ୍ଦ୍ର, ଯମ ।

ଜୀବୀ, ବିଂ. (ଜୀବ-ଇନ୍) ଜୀବନବିଶିଷ୍ଟ, ପ୍ରାଣୀ ।

ଜୁ, ବି. (ଦେଶଜ) ଜୀବ, ଶକ୍ତି, ସାମର୍ଥ୍ୟ ।

ଜୁଆ, ବି (ଦ୍ୟୂତ ଶବ୍ଦଜ) ଦ୍ୟୂତକ୍ରୀଡ଼ା, ଏକ-ପ୍ରକାର କଉଡ଼ିଖେଳ । ଏଥିରେ ବାଜି ରଖି ଖେଳନ୍ତି ।

ଜୁଆଇଁ }
ଜ୍ୱାଇଁ } ବି. (ଜାମାତୃ ଶବ୍ଦଜ) ଜାମାତା ।

ଜୁଆଁଇବା, କ୍ରି. (ଦେଶଜ) ଅମ୍ଳ ବସ୍ତୁକୁ ଲୁଣ-ସହିତ ଖରାରେ ପାକ କରିବା ।

ଜୁଅଙ୍ଗ, ବି. ପାର୍ବତୀୟ ଜାତିବିଶେଷ, ଏମାନେ ବୃକ୍ଷର ପତ୍ର ପରିଧାନ କରନ୍ତି ।

ଜୁଆଚୋର, ବି. (ଦେଶଜ) ଶଠ, ଠକ, ପ୍ରବଞ୍ଚକ, ଯେ କୌଶଳକ୍ରମେ ଜୁଆ ଖେଳରେ ଠକି ନିଏ ।

ଜୁଆର, ବି. ସମୁଦ୍ରରୁ ଆଗତ ଜଳସ୍ରୋତଃ, ଜଳୋଚ୍ଛ୍ୱାସ ।

ଜୁଆରି }
ଜୁଆରିଆ } ବି. (ଦେଶଜ) ଜୁଆ ଖେଳାଳି ।

ଜୁଆଳି }
ଯୁଆଳି } ବି (ଯୁଗଲ-ଶବ୍ଦଜ) ଲଙ୍ଗଳର ଗୋରୁକାନ୍ଧସ୍ଥ କାଷ୍ଠଖଣ୍ଡ ।

ଜୁଇ, ବି. ପୁଷ୍ପବିଶେଷ, ଯୂଥି ପୁଷ୍ପ ଚମ୍ପାଗ୍ନି । ସଂ. ଜାଇଁ ।

ଜୁଗୁପ୍ସା, ବି. ସ୍ତ୍ରୀ. (ଗୁପ୍-ସନ୍-ଅ) ନିନ୍ଦା, କୁତ୍ସା, ଘୃଣା ।

ଜୁଟାଇବା, କ୍ରି. ( ଦେଶଜ ) ସଂଗ୍ରହ କରିବା, ଯୋଗାଡ଼ କରିବା ।

ଜୁଟିବା. କ୍ରି. ( ଦେଶଜ ) ମିଳିବା, ଏକତ୍ର ହେବା ।

ଜୁଡ଼ା }
ଜୁଡ଼ା } ବି. (ଚୂଡ଼ା ଶବ୍ଦଜ) କେଶବିନ୍ୟାସ ବିଶେଷ । ଯଥ—

ଯଥା—

ରଙ୍ଗଭଣ୍ଡି ଭଲ ଦନ୍ତ୍ୟଜୁଡ଼ାକୁ;
ସଜାଡ଼ିଲେ ଯୁବ ଜାନର୍ଡ଼ାକୁ । ସ. ର.

ଜୁଣ, ବି. ( ଦେଶଜ ) ଏକପ୍ରକାର ତୃଣ ।

ଜୋତା }
ଜୋତା } ବି. ( ଯାବନିକ ) ଚର୍ମପାଦୁକା ।

ଜୁସ୍ତି, ବି. ( ଯାବନିକ ) ଯେଉଁମାନେ କଚେରି ବେଳେ ବିଚାରପତିଙ୍କୁ ସାହାଯ୍ୟ କରନ୍ତି ।

ଜୁଲୁକା, ( ଯୁଗଳ ଶବ୍ଦଜ ) ବଳଣୀ ଅଟକ-ବାର ଲୌହ ବା କାଷ୍ଠର ଅଟକବିଶେଷ ।

ଜୁଲାପ୍, ବି. (ଯାବନିକ) ବିରେଚକ ଔଷଧ, ଯାହା ଖାଇଲେ ଝାଡ଼ା ହୁଏ ।

ଜୁଲୁପି, ବି (ଦେଶଜ) ଗାଲମୁଛା, ଗାଲଯାଏ ଲମ୍ବି ଥିବା ଓ କଭୁରୀ ହୋଇଥିବା କଳ ।

ଜୁଲୁଜୁଲୀପୋକ, ବି. ( ଦେଶଜ ) ଖଦ୍ୟୋତ, ଜ୍ୟୋତିରିଙ୍ଗଣ ।

ଜୁଲୁମ୍ } ବି. ( ଯବନିକ ) ବଳାତ୍କାର,
ଜୁଲମ୍ } ଅତ୍ୟାଚାର ।

ଜୁଷ୍ଟ, ବିଂ. ( ଜୁଷ୍-ତ ) ସେବିତ, ଉପାସିତ, ଅଭ୍ୟସ୍ତ, ପୂଜିତ ।

ଜୁହାର, ବି. (ହିନ୍ଦୀ) ବିନୀତ ଭାବରେ ଯୋଡ଼-ହସ୍ତରେ ଦଣ୍ଡବତ କରିବା । ଯଥା—

ପୁରୁଷ କଥାକୁ ଡରେ ସେ କରେ ଦୂରୁଁ ଜୁହାର । ଚ. ଭା.

ଜୁହାରିବା, କ୍ରି. (ଦେଶଜ) ନମସ୍କାର କରିବା । ଯଥା—

ଜୁହାରୁଛି ଶ୍ୟାମ ପ୍ରିଁତକ ଗୋ । ଫଗୀତ ।

ଜୁଟ, ବି. ପୁଂ. (ଜୁଟ୍-ଅ) ସମୂହ, ଜଟା, ବନ୍ଧନ ।

ଜୁତି, ବି. ସ୍ତ୍ରୀ. (ଜୁ-ତି) ଜବ, ବେଗ, ଗତି ।

ଜୁର } ବି. (ଦେଶଜ) ନଷ୍ଟ, ଲୁଟ, ଉଜାଡ ।
ଜୁର } ଯଥା—

ନଶାକାଳେ ମୃଗ ବରାହ ବନ ହୋଇ ବାହାର
ଜଙ୍ଗେ କୃଷକେ ଅଧିକ ଶସ୍ୟ କରଣ ଜୁର । ଗ, ମା;

ଜୁଷ, ବି. ସ୍ତ୍ରୀ. (ଜୁଷ୍-ଅ) କ୍ୱାଥ, ଝୋଲ ।

ଜୃମ୍ଭ, ପୁଂ. } ବି. ( ଜୃମ୍ଭ୍ ଅ, ଅନ, ଅ )
ଜୃମ୍ଭଣ, ନ. } ପ୍ରସ୍ଫୁଟନ, ପ୍ରକାଶ, ହାଇ,
ଜୃମ୍ଭା, ସ୍ତ୍ରୀ. } ମୁଖବିକାଶ । ଯଥା—

ମତ୍ତ ଜୃମ୍ଭାବଶେ ଗଜତ;
ଦରବିକଶିତ କୋକନଦ ଯେମନ୍ତ । ଲା. ଚ.

ଜୃମ୍ଭକାସ୍ତ୍ର, ବି. ସ୍ତ୍ରୀ. (ଜୃମ୍ଭକ-ଅସ୍ତ୍ର) ଶତ୍ରୁମାନଙ୍କର ନିଦ୍ରାକାରକ ଅସ୍ତ୍ର ।

ଜୃମ୍ଭିତ, ବିଂ. (ଜୃମ୍ଭ୍-ତ) ପ୍ରସ୍ଫୁଟିତ, ପ୍ରକାଶିତ, ବିକଶିତ ।

ଜେଉଟ, ବି. (ଦେଶଜ) ଫଳବିଶେଷ ।

ଜେଠା, ବି. ପୁଂ. (ଦେଶଜ) (ଜ୍ୟେଷ୍ଠଭ୍ରାତ ଶବ୍ଦଜ) ପିତାର ଜ୍ୟେଷ୍ଠ ଭ୍ରାତା ।

ଜେଠାଇ } ବି. ସ୍ତ୍ରୀ. (ଦେଶଜ) ପିତାର
ଦେଠଇ } ଜ୍ୟେଷ୍ଠ ଭ୍ରାତାର ସ୍ତ୍ରୀ ।

ଜେଉଡ଼ା } (ଜ୍ୟେଷ୍ଠ ତାତ ଶବ୍ଦଜ) ବାପର
ଦେଉଡ଼ା } ବଡ଼ ଭାଇ, ପିତୃବ୍ୟ ।

ଜେତା, ବିଂ. (ଜି-ତୃ) ଜୟଶୀଳ ।

ଜେନା, ବି. (ଦେଶଜ) ଜୟଶୀଳ ପ୍ରାଚୀନ ଉତ୍କଳ ସୈନିକଙ୍କ ଉପାଧିବିଶେଷ ।

ଜେନାମଣି, ବି. ପୁଂ. ଭୂପାଳ, କୁମାର, ରାଜପୁତ୍ର ।

ଜେମା, ବି. ସ୍ତ୍ରୀ. (ଦେଶଜ) ରାଜକନ୍ୟା, ରାଜାର ଝିଅ । ଯଥା—

ଏମନ୍ତ ଯଶ ଜେମାର ଜଗତେ ଶୁଭିଲା ।

ଜେୟ, ବିଂ. ପୁଂ. (ଜି ଯ) ଜେତବ୍ୟ ।

ଜେର୍, ବି. (ଯାବନିକ) ଅବଶିଷ୍ଟ, ପୂର୍ବପୃଷ୍ଠାର ବାକି, ଶତ ।

ଜେରା, ବି. (ଯାବନିକ) କୂଟପ୍ରଶ୍ନ ।

ଜେଲ } ବି. (jail) କାରା, କାରାଗୃହ,
ଜେଲଖାନା } ବନ୍ଦଶାଳା ।

ଜୈତ୍ର, ବିଂ. ( ଜି-ତ୍ର ) ଜୟଶୀଳ । ବି. ନ. ଔଷଧ । ପୁଂ. ପାରଦ । (ଜୟଶୀଳ ଅର୍ଥରେ) ଯଥା—

ଶତ୍ରୁଦର୍ପହାରୀ ଏହୁ ଜୈତ୍ରମଣି
ଶିରୋମଣିରୂପେ ପିନ୍ଧିବୁ ନୃମଣି । ନ. କେ.

ଜୈନ. ବି. ପୁଂ. (ଜିନ-ଅ) ବୌଦ୍ଧ, ଜିନମତା-ବଲମ୍ବୀ ।

ଜୈବାତୃକ, ବି. ପୁଂ. (ଜୀବ-ଆତୃକନ୍) ଚନ୍ଦ୍ର, କର୍ପୂର, ପୁତ୍ର, ଔଷଧ । ବିଂ. ଦୀର୍ଘଜୀବୀ, ଦୀର୍ଘାୟୁଃ, କୃଶ ।

ଜୈମିନି, ବି. ପୁଂ. ମୀମାଂସାଦର୍ଶନପ୍ରଣେତା ମୁନି ।

ଜୋକ, ବି. ( ଜଳୌକା ଶବ୍ଦଜ ) ରକ୍ତଶୋଷକ ଏକପ୍ରକାର ଜଳୀୟ ଜୀବ ।

ଜୋଡ଼, ବି. (ଦେଶଜ) କ୍ଷୁଦ୍ର ନାଳ, କ୍ଷୁଦ୍ର ନଦୀ ।

ଜୋଗାଡ଼, ବି. (ଦେଶଜ) ଉଦ୍ଯୋଗ, ତଦ୍‌ବିର ।

ଜୋଗାଡ଼ିବା, କ୍ରି, କୌଣସି ପଦାର୍ଥ ପ୍ରସ୍ତୁତ କରିବାର ଉଦ୍ଯୋଗ ଆରମ୍ଭ କରିବା, ଆୟୋଜନ କରିବା ।

ଜୋତା, ବି. (ଯାବନିକ) ଚର୍ମପାଦୁକା ।

ଜୋଷିତ୍ } ବି. ସ୍ତ୍ରୀ. ( ଜୁଷ୍-ଇତ୍, ଇତ-ଆ )
ଜୋଷିତା } ନାରୀ, ସ୍ତ୍ରୀ ।

ଜ୍ଞ, ବିଂ. (ଜ୍ଞା-ଅ) ଜ୍ଞାନୀ, ପଣ୍ଡିତ । ବି.ପୁଂ. ବ୍ରହ୍ମା, ଚନ୍ଦ୍ର, ମଙ୍ଗଳଗ୍ରହ, ବୁଧ ।

ଜ୍ଞପିତ } ବିଂ. (ଜ୍ଞପି-ତ) ଜ୍ଞପିତ ।
ଜ୍ଞପ୍ତ }

ଜ୍ଞପ୍ତି, ବି. ସ୍ତ୍ରୀ. ( ଜ୍ଞପି-ତି ) ବିଜ୍ଞାପନ, ଜ୍ଞାନ. ବୋଧ ।

ଜ୍ଞାତ, ବିଂ. (ଜ୍ଞା-ତ) ବିଦିତ, ଅବଗତ ।

ଜ୍ଞାତବ୍ୟ, ବିଂ. ( ଜ୍ଞା-ତବ୍ୟ ) ଜାଣିବାଯୋଗ୍ୟ, ଜ୍ଞେୟ ।

ଜ୍ଞାତସାର, ବିଂ. (ଜ୍ଞାତ-ସାର) ଯେ ସାର ଜାଣି-ଅଛି, ସାରଜ୍ଞ । କ୍ରି. ବିଂ. ଜ୍ଞାନଗୋଚରରେ ।

ଜ୍ଞାତା, ବିଂ. (ଜ୍ଞା-ତୃ) ବୋଧା, ଯେ ଜାଣେ ।

ଜ୍ଞାତି, ବି. ପୁଂ. ( ଜ୍ଞା-ତି ) ଦାୟାଦ, ସଗୋତ୍ର, ସପିଣ୍ଡ ।

ଜ୍ଞାନ, ବି. ନ.(ଜ୍ଞା-ଅନ) ବୋଧ, ପ୍ରତୀତି, ବୁଦ୍ଧି ।

ଜ୍ଞାନବାନ୍, ବିଂ. (ଜ୍ଞାନ-ବତ୍) ଜ୍ଞାନୀ, ପଣ୍ଡିତ ।

ଜ୍ଞାନମୟ, ବି. ପୁଂ. ( ଜ୍ଞାନ-ମୟ ) ପରଂବ୍ରହ୍ମ, ପରମେଶ୍ୱର ।

ଜ୍ଞାନଯୋଗ, ବି. ପୁଂ. ଜ୍ଞାନ ସହିତ ସମ୍ବନ୍ଧ, ବ୍ରହ୍ମ ପ୍ରାପ୍ତିର ଉପାୟ, ବ୍ରହ୍ମପ୍ରାପ୍ତିଜନକ ଚେଷ୍ଟା-ବିଶେଷ ।

ଜ୍ଞାନୀ, ବିଂ. ( ଜ୍ଞାନ-ଇନ୍ ) ଜ୍ଞାନବାନ୍, ବିଜ୍ଞ, ତତ୍ତ୍ୱଜ୍ଞାନୀ ।

ଜ୍ଞାନେନ୍ଦ୍ରିୟ, ବି. ନ. (ଜ୍ଞାନ-ଇନ୍ଦ୍ରିୟ) ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା, ତ୍ୱକ୍ ଏବଂ ମନ ।

ଜ୍ଞାପକ, ବିଂ.(ଜ୍ଞାପି-ଅକ) ନିବେଦକ, ଆବେଦକ ।

ଜ୍ଞାପନ, ବି. ନ. ( ଜ୍ଞାପି-ଅନ ) ଆବେଦନ, ବିଦିତକରଣ, ଜଣାଣ ।

ଜ୍ଞାପୟିତା, ବିଂ (ଜ୍ଞାପି ତୃ) ଜ୍ଞାପକ ।

ଜ୍ଞାପିତ, ବିଂ. (ଜ୍ଞାପି-ତ) ବିଜ୍ଞାପିତ ।

ଜ୍ଞେୟ, ବିଂ. (ଜ୍ଞା-ଯ) ବୋଧଗମ୍ୟ, ଜ୍ଞାତବ୍ୟ ।

ଜ୍ୟା, ବି. ସ୍ତ୍ରୀ. (ଜ୍ୟା-०) ପୃଥିବୀ, ମାତା. ଧନୁର ଗୁଣ ।

ଜ୍ୟାମିତି, ବି. (ସ୍ତ୍ରୀ (ଜ୍ୟା—ପୃଥିବୀ-ମିତି—ପରିମାଣ Geometry) କ୍ଷେତ୍ରତତ୍ତ୍ୱ ।

ଜ୍ୟାୟାନ୍, ବିଂ. ( ବୃଦ୍ଧ-ଇୟସ୍ ) ଅଧିକତର ବୟସ୍କ, ଶ୍ରେଷ୍ଠ, ଅଗ୍ରଜ, ଦୁଇଜଣଙ୍କ ମଧ୍ୟରେ ବଡ଼ ।

ଜ୍ୟେଷ୍ଠ, ବିଂ. (ବୃଦ୍ଧ-ଇଷ୍ଠ) ଅଗ୍ରଜ, ପ୍ରବୃଦ୍ଧ ।

ଜ୍ୟେଷ୍ଠତାତ, ବି. ପୁଂ. (ଜ୍ୟେଷ୍ଠ ତାତ) ପିତାର ବଡ଼ ଭାଇ, ବଡ଼ ବାପ, ଜେଠା, ଦଦେଇ ।

ଜ୍ୟେଷ୍ଠା, ବି. ସ୍ତ୍ରୀ. (ବୃଦ୍ଧ-ଇଷ୍ଠ-ଆ) ବଡ଼ଭଉଣୀ, ମଧ୍ୟମାଙ୍ଗୁଳି, ଗଙ୍ଗା, ଅଷ୍ଟାଦଶ ନକ୍ଷତ୍ର । ଯଥା—

ଖଞ୍ଜନନେତ୍ରି ଏହିଣ ଏ ଜ୍ୟେଷ୍ଠାରୂଢ଼,
ଛନ ଭାରକା ଜୋକ-ଉଦନଲକ୍ଷ୍ୟ ।

ଜୈ୍ୟଷ୍ଠ } ବି. ପୁଂ. ( ଜ୍ୟେଷ୍ଠା-ଅ ) ଦ୍ୱିତୀୟ
ଜ୍ୟେଷ୍ଠ } ମାସ ।

ଜ୍ୟୋତିଃ, ବି. ନ. ( ଦ୍ୟୁତ-ଇସ୍ ) ତେଜଃ, ପ୍ରକାଶ, ଦୀପ୍ତି, ଜ୍ୱାଳା, ନକ୍ଷତ୍ର, ଚୈତନ୍ୟ, ଚକ୍ଷୁରିନ୍ଦ୍ରିୟ, ଶସ୍ତ୍ରବିଶେଷ, ସୂର୍ଯ୍ୟ, ଅଗ୍ନି, ଆତ୍ମା, ପୁତ୍ର, ଅର୍ଥ, ଜ୍ୟୋତିଷଶାସ୍ତ୍ର, ଶାଖା ।

ଜ୍ୟୋତିରିଙ୍ଗଣ, ବି.ପୁଂ.(ଜ୍ୟୋତିସ୍-ଇଙ୍ଗ-ଅନ) ଖଦ୍ୟୋତ, ଜୁଳୁଜୁଳିଆ ପୋକ । ଯଥା—

ତରୁବରେ ଜ୍ୟୋତିରିଙ୍ଗଣଗଣ ଜ୍ୟୋତିଷ ଦେଖାନ୍ତି ପୁଣ ।
ବୈ, ବି.

ଜ୍ୟୋତିର୍ବେଦ } ବିଂ. (ଜ୍ୟୋତିଃ-ବିଦ୍-ଅ, ତୃ)
ଜ୍ୟୋତିର୍ବେତ୍ତା } ଜ୍ୟୋତିଷଶାସ୍ତ୍ରଜ୍ଞ ।

ଜ୍ୟୋତିର୍ମୟ, ବିଂ. ( ଜ୍ୟୋତିସ୍-ମୟ ) ଜ୍ୟୋତିରାତ୍ମକ, ଜ୍ୟୋତିଃସ୍ୱରୂପ, ଜ୍ୟୋତିଃ-ପୂର୍ଣ୍ଣ ।

**ଜ୍ୟୋତିଷ୍ଚକ୍ର**, ବି. ନ. (ଜ୍ୟୋତିସ୍ ଚକ୍ର) ରାଶିଚକ୍ର, ଚନ୍ଦ୍ର ସୂର୍ଯ୍ୟ ଗ୍ରହ ନକ୍ଷତ୍ରସମୂହ ।

**ଜ୍ୟୋତିଃଶାସ୍ତ୍ର**, ବି. ନ. ଆକାଶସ୍ଥ ଗ୍ରହ ନକ୍ଷତ୍ରାଦିଙ୍କର ଆକାର, ଗତି, ଆକର୍ଷଣ, ଗତି-କାଳ ଓ ସ୍ଥିତି ଏବଂ ତଦନୁସାରେ ଲୋକ-ମାନଙ୍କ ଫଳାଫଳ ଉପରେ ଯେଉଁ ଶାସ୍ତ୍ରରେ ବିଶଦରୂପେ ବର୍ଣ୍ଣିତ ଥାଏ ।

**ଜ୍ୟୋତିଷ** / **ଜ୍ୟୌତିଷ** } ବି. ନ. (ଜ୍ୟୋତିଷ-ଅ) ଜ୍ୟୋତିଃଶାସ୍ତ୍ର, ଅଙ୍କଶାସ୍ତ୍ର ।

**ଜ୍ୟୋତିଷିକ**, ବି°. (ଜ୍ୟୋତିଷ-ଇକ) ଜ୍ୟୋତିର୍ବେତ୍ତା ।

**ଜ୍ୟୋତିଷ୍କ**, ବି. ପୁଂ. (ଜ୍ୟୋତିସ୍-କ) ଗ୍ରହ ନକ୍ଷତ୍ରାଦି । ନ. ମେରୁ ଶୃଙ୍ଗବିଶେଷ-(Heavenly bodies) ।

**ଜ୍ୟୋତିଷ୍ପଥ**, ବି. ପୁଂ. (ଜ୍ୟୋତିସ୍-ପଥ) ଆକାଶ ।

**ଜ୍ୟୋତିଷ୍ମାନ୍**, ବି. (ଜ୍ୟୋତିସ୍-ମତ୍) ଜ୍ୟୋତି-ର୍ବିଶିଷ୍ଟ । ବି. ପୁଂ. ସୂର୍ଯ୍ୟ ।

**ଜ୍ୟୋତ୍ସ୍ନା**, ବି. ସ୍ତ୍ରୀ (ଜ୍ୟୋତିସ୍-ନ-ଆ) ଚନ୍ଦ୍ରିକା, କାନ୍ତି, ଶୋଭା ।

**ଜ୍ୟୋତ୍ସ୍ନୀ** / **ଜ୍ୟୌତ୍ସ୍ନୀ** / **ଜ୍ୟୋତ୍ସ୍ନିକା** } ବି. ସ୍ତ୍ରୀ. (ଜ୍ୟୋତ୍ସ୍ନା-ଅ-ଈ, ଇକ-ଆ) ଚନ୍ଦ୍ରକାଯୁକ୍ତ ରାତ୍ରି, ଲତାବିଶେଷ, ଫଳବିଶେଷ, ଜହ୍ନୀ ।

**ଜ୍ୱର**, ବି. ପୁଂ. (ଜ୍ୱର୍-ଅ) ଗାତ୍ରତାପ, ସନ୍ତାପ, ରୋଗବିଶେଷ ।

**ଜ୍ୱରଘ୍ନ**, ବି°. (ଜ୍ୱର-ହନ୍-ଅ) ଜ୍ୱରନାଶକ, ବାସୁକ ।

**ଜ୍ୱରାତିସାର**, ବି. ପୁଂ. (ଜ୍ୱର ଅତିସାର) ଜ୍ୱରଯୁକ୍ତ ଅତିସାର ରୋଗ ।

**ଜ୍ୱରାନ୍ତକ**, ବି. ପୁଂ. (ଜ୍ୱର-ଅନ୍ତକ) ଔଷଧ-ବିଶେଷ । ବି° ଜ୍ୱରନାଶକ ।

**ଜ୍ୱଳତ୍**, ବି°. (ଜ୍ୱଲ୍-ଅତ୍) ଯାହା ଜଳୁଅଛି, ଜ୍ୱଳନ୍ତ ।

**ଜ୍ୱଳନ**, ବି. ନ. (ଜ୍ୱଲ୍-ଅନ) ଦୀପନ, ଜ୍ୱାଳା । ପୁଂ. ଅଗ୍ନି । ଯଥା—

> ଏ ମନ୍ଦୋଷ୍ଣ କନକ ଜ୍ୱଳନ କଳ୍ପସ୍ଥଳ,
> ଛୁଇଁଲେ କରବ ଦହନ ରେ ସହଚର । ଲ. ବ.

**ଜ୍ୱଳିତ**, ବି°. (ଜ୍ୱଲ-ତ) ଦୀପ୍ତ, ଦଗ୍ଧ ।

**ଜ୍ୱାଳା**, ବି. ପୁଂ. (ଜ୍ୱଲ-ଅ) ଅଗ୍ନିଶିଖା, ଦାହ ।

**ଜ୍ୱାଳାମୁଖୀ**, ବି. ସ୍ତ୍ରୀ. ତୀର୍ଥବିଶେଷ ।

**ଜ୍ୱାଳାବକ୍ତ୍ର**, ବି. ପୁଂ. (ଜ୍ୱାଳା-ବକ୍ତ୍ର) ବ୍ରହ୍ମା, ଶିବ ।

**ଜ୍ୱାଳିତ**, ବି°. (ଜ୍ୱଲ-ଣିଚ୍-ତ) ଦୀପିତ, ଦାହିତ, ଭସ୍ମୀକୃତ, ସନ୍ତାପିତ, କ୍ଲେଶିତ ।

**ଜ୍ୱାଳୀ**, ବି. ପୁଂ. (ଜ୍ୱଲ୍-ଣିଚ୍-ଇନ୍) ଶିବ । ବି°. ଶିଖାଯୁକ୍ତ, ଦୀପ୍ତିମାନ୍ ।

—o—

# ଝ

**ଝ**, ବ୍ୟଞ୍ଜନବର୍ଣ୍ଣର ନବମ ବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ ତାଳୁ । ବି. ପୁଂ. ବୃହସ୍ପତି, ଦୈତ୍ୟରାଜ ଇନ୍ଦ୍ର । ସ୍ତ୍ରୀ. ଝଞ୍ଜାବାତ, ଜଳବର୍ଷଣ, ଶବ୍ଦ । ବି°. ନଷ୍ଟ, ନଷ୍ଟ ।

**ଝକ**, ବି. (ଦେଶଜ) ଦୀପ୍ତି, କାନ୍ତି ।

**ଝକମକ**, ବି. (ଦେଶଜ) ଅଗ୍ନ୍ୟୁତ୍ପାଦକ ପ୍ରସ୍ତର-ବିଶେଷ ।

**ଝକମାରି**, ବି. (ଦେଶଜ) ଅପରାଧ, ଦୁଷ୍ଟ, ବେକୁବ ।

**ଝଙ୍କା**, ବି. (ଦେଶଜ) ବଡ଼ ଝୋକାଇ ।

**ଝଙ୍କାର** / **ଝଙ୍କୃତି** } ବି. ପୁଂ. ସ୍ତ୍ରୀ. (ଝମ୍-କୃ-ଅ, ତି) ଧ୍ୱନିବିଶେଷ, ଝନଝନଶବ୍ଦ, ଭ୍ରମରାଦିର ଶବ୍ଦ । ଯଥା—

> ଝଙ୍କାର କରେ ମଧୁପ ଯେ, ଝାଡ଼େ କି ପଞ୍ଚ କନ୍ଦର୍ପ । ବି. ଚି.

**ଝଙ୍କାଳିଆ**, ବି° (ଦେଶଜ) ଝାମ୍ପୁଡ଼ା, ଘନ ଭାବରେ ବଢ଼ିଛି । ଯଥା—

> ଝଙ୍କାଳିଆ ରମ୍ଭା ତରୁ ।

**ଝଙ୍କାଝୋର**, ବି°. (ଦେଶଜ) ପ୍ରଚୁର, ଯଥେଷ୍ଟ ।

ଝଗଡ଼ି } ବି. (ଦେଶଜ) କଳହ, ବିବାଦ,
ଝଗଡ଼ା } ଦ୍ୱନ୍ଦ୍ୱ । ଯଥା —

ଝଗଡ଼ା ସାଧନ କୃଷ୍ଣ ମନ୍ତ୍ର ରହସ୍ୟ ଲୋକେ କୋଇଲ ।

ଝଗଡ଼ କରିବାର, କ୍ରି. ବି. ( ଦେଶଜ ) ବକ ବକ ହେବାର, ଅକାରଣ ଗପିବାର, ବୃଥା ଧନ୍ଦା ପାଇବା । ଯଥା —

ଝଗଡ଼ ମାନ ହେଲେ ହେ ଶ୍ୟାମ । କ. ଚ.

ଝଞ୍ଜଟ, ବି. (ଦେଶଜ) ଗୋଲମାଲ, ଲେଙ୍ଗଗ, ଝଞ୍ଜାଲ, କାର୍ଯ୍ୟାତିଶଯ୍ୟ ।

ଝଞ୍ଜା, ବି. ସ୍ତ୍ରୀ. ଝଡ଼, ବୃଷ୍ଟି, ଧ୍ୱନିବିଶେଷ, ପ୍ରବଳ ବାୟୁ । ବଂ. ଭଯ୍ୟ ।

ଝଞ୍ଜାନଳ } ବି. ପୁଂ. ( ଝଞ୍ଜା-ଅନଳ, ବାତ )
ଝଞ୍ଜାବାତ } ଝଡ଼, ତୋଫାନ, ଉତ୍ତପ୍ତ ବାୟୁ, ବର୍ଷାକାଳୀନ ପବନ । ଯଥା—

ଝଞ୍ଜାନଳ ଲାଗି ତୃଷା ପ୍ରକାଶି
ସଜାବରେ ଦହି ଦେଲ ବଦେଶୀ । ଲ. ବ.

ଝଞ୍ଝିର, ବି. (ଦେଶଜ) ଶିକୁଳି ।

ଝଟ } କ୍ରି. ବିଂ. (ଝଟିତି ଶବ୍ଦର ଅପଭ୍ରଂଶ)
ଝଟପଟ୍ } ଶୀଘ୍ରେ, ବେଗେ, ଶୀଘ୍ର, ଅବିଳମ୍ବେ ।

ଝଟଝଟ, ବି. (ଦେଶଜ) ଦୀପ୍ତି । ଯଥା —

ଝଟ ଝଟ ହେଉଥାଇ ଦେହଶିଖା ।

ଝଟକ, ବି. (ଦେଶଜ) ଦୀପ୍ତି, କାନ୍ତି ଶୋଭା । ଯଥା—

ଝିକ ପଡନ ଅଙ୍ଗେ ଶୋଭା; ଝଟକ ବଦ୍ୟୁ ପ୍ରାପ୍ୟେ ଆଭା ।

ଝଟକା, ବି. ( ଦେଶଜ ) ଏକପ୍ରକାର ଘୋଡ଼ାଗାଡ଼ି ।

ଝଟକିବା, ଜାଜ୍ୱଲ୍ୟମାନ ହେବା । ଯଥା—

କର୍ଣ୍ଣେ ମକରକୁଣ୍ଡଳ, ଝଟକେ ଗଣ୍ଡମଣ୍ଡଳ ।

ଝଟତି, କ୍ରି. ବିଂ. (ଝଟିତି ଶବ୍ଦଜ) ଶୀଘ୍ର, ଚଞ୍ଚଳ ।

ଝଟପଟ, କ୍ରି. ବିଂ. (ଦେଶଜ) ସତ୍ୱର, ଶୀଘ୍ର ।

ଝଣ୍ଟ } ବି. (ପ୍ରାକୃତିକ) ବୃକ୍ଷ ଗୁଳ୍ମାଦିର ସରୁ
ଝାଣ୍ଟ } ସରୁ ଶାଖା । ଯଥା—

ଝୁଣ୍ଟାର ବୋଝ, ଝାଣ୍ଟକୁ ନ ଗଲେ ମାଣ୍ଟକୁ ଯାଉ ।

ଝଟପଟା, ବିଂ. (ଦେଶଜ) ଅତ୍ୟନ୍ତ, ଶୀଘ୍ର, (ପ୍ରାୟ 'କଳ' ଶବ୍ଦର ବିଶେଷଣରୂପରେ ଚଳେ ), ଦୃଢ଼ ସଂଲଗ୍ନ ।

ଝଟିକା, ବି (ପ୍ରାକୃତିକ) ତୋଫାନ, ବାତ୍ୟା ।

ଝଟିତି, କ୍ରି ବିଂ. (ଝଟ୍-ଇତି) ଶୀଘ୍ର, ଦ୍ରୁତ, ବେଗେ ।

ଝଡ଼ି } ବି. (ଦେଶଜ) ଅବିଶ୍ରାନ୍ତ ବୃଷ୍ଟିପାତ
ଝଡ଼ } ସହ ତୋଫାନ ।

ଝଡ଼ା, ବିଂ. ବି. (ଦେଶଜ) ପତିତ, ସ୍ଖଳିତ, ଭୂତାଦି ଛଡ଼ାଇବା, ଅସାର ଅଂଶ ରହିତ ।

ଝଡ଼ପୋକ, ବି. (ଦେଶଜ) ବୃଷ୍ଟିସୂଚକ ପୋକବିଶେଷ, ପକ୍ଷିଯୁକ୍ତ ଉଇ ପିମ୍ପୁଡ଼ି ।

ଝଡ଼ିବା, କ୍ରି. (ଦେଶଜ) ଖସିପଡ଼ିବା, ଜୀର୍ଣ୍ଣ ହେବା, ଶୀର୍ଣ୍ଣ ହେବା, ହ୍ରାସ ହେବା । ଯଥା —

ଝଡ଼ିବ ବଳ କୋମଳ ଗାତ୍ର, ଝମଧୂଳ ଆଙ୍ଗି ପୀଡ଼ା ତାତରୁ ।
କ. ଚ.

ଝଣଝଣ, ( ଅନୁକରଣ ଅବ୍ୟୟ ) ଅଳଙ୍କାର ପ୍ରଭୃତିର ଧ୍ୱନି ।

ଝଣତ୍କାର } ବି.ପୁଂ. (ଝନତ୍କାର) ଝନ୍ଝନ୍
ଝନତ୍କାର } ଶବ୍ଦ, ଅନୁକରଣ ଶବ୍ଦ ।

ଝଣ୍ଡା, ବି. ( ଦେଶଜ) ଧ୍ୱଜା,ମାଳ । ଯଥ —

ସୋଡଶବାସିଙ୍କର ଦ୍ୱାରରେ ବାରଣ ମଙ୍ଗଳ ଝଣ୍ଡା;
ରୂପେ ଚମକଇ ଯହିଁ ଉଗ୍ରଚଣ୍ଡୀ ଖେଳାଇ ଖଣ୍ଡା । ଉଷା

ଝପ, କ୍ରି. (ଦେଶଜ) ବନ୍ଧନ, ଶୀଘ୍ର, ଚଞ୍ଚଳ ।

ଝପଟ, ବି. (ହିନ୍ଦୀ ଭାଷାଜ) ଦଉଡ଼ି ।

ଝମକ, ବି. ଧମକ ।

ଝମଝମ, ବି. (ଅନୁକରଣ ଅବ୍ୟୟ) ଅଳଙ୍କାରାଦିର ଶବ୍ଦ ।

ଝବା
ଝୁବା } ବି. ( ଦେଶଜ ) ଗୋଟକଳସ ।
ଝୋବା } ଯଥା—

ଝବା ଦନା ଦବ ବାଢ଼ ଯେ, ଆଙ୍କରେ ହୋଇବ ଧନ୍ଦ । କ. ଚ.

ଝର } ବି. ପୁଂ. ସ୍ତ୍ରୀ ( ଝୃ-ଅ, ଅନ-ଆ )
ଝରଣା } ନିର୍ଝର, ଉସ । ଯଥା—

ଝରଇ ନୟନୁ ପାଣି ଯେ, ଝର ବୋହିବାର ଜାଣି ।

ଝରକା, ବି. (ଦେଶଜ) ବାତାୟନ, ଖିଡ଼କି ।

ଝରଝର } ଅ, ଜଳାଦିର ପତନ ଶବ୍ଦ ।
ଝର୍ଝର } ଯଥା—

ନିର୍ଝରିଣୀ ଝରଝର ଶବଦେ
ବହଇ କାନନେ ଶଇଳପଦେ । ଗ. ମା.

ଝରସୁତା, ବି. ସ୍ତ୍ରୀ. (ଝର-ସୁତା) ନଦୀ ।

ଝରା, ବି. (ଦେଶଜ) ପୁଷ୍ପଗୁଚ୍ଛ, କନ୍ଦରୁ ନିର୍ଗତ ଗୁଚ୍ଛବିଶେଷ । ସଂ. ବାଲୁଙ୍ଗା । ପୁଷ୍ପଗୁଚ୍ଛ ଅର୍ଥରେ । ଯଥା—

ଝରା ସକଳ କାଢେ ସୁମନସରେ
ଶ୍ୟାମ ଦେଖି ମଞ୍ଜି ନ ସୁମନସରେ । ପ୍ରେ. ସୁ.

ଝରାକାଠି, ବି. (ଦେଶଜ) ମସ୍ତକର ଅଳଙ୍କାର ବିଶେଷ ।

ଝରି, ବି. (ଦେଶଜ) ଜଳପାତ୍ରବିଶେଷ, ଗଡ଼ୁ ବିଶେଷ ।

ଝରିବା, କ୍ରି (ଦେଶଜ) ଖସିବା, ବହିବା ।

ଝଲକ, ବି. ନ. (ଝଲ ଶବ୍ଦଜ) ଆନ୍ଦୋଳନ, ଝଟକ । ଯଥା—

ଝଲକ ଅଙ୍ଗୀ ତ କରୁଛ ଭଙ୍ଗୀ ତ ବର୍ଷିବଲେ କେତେ ଗୁରୁ ।

ସଂ. ପ୍ରତିବିମ୍ବ । ଯଥା—

କପାଳେ ସୁବର୍ଣ୍ଣ ଚନ୍ଦ୍ରରେଖା ଝଲକା ।

ଝଲକା, ବି. ( ଝଲକ୍ ଶବ୍ଦଜ ) କର୍ଣ୍ଣାଲଙ୍କାରବିଶେଷ, ଯୋଷ ବା ମଜାଏ । ଯଥା—

ଝଲକେ ଝଲକା ଏ ଅଙ୍ଗମାନ ।

ଝଲକିବା, କ୍ରି. ( ଝଲ ଶବ୍ଦଜ ) ଉଦ୍ଭାସିବା, ଚମକିବା, ଝଟକିବା, ଆନ୍ଦୋଳିତ ହେବା, ଖସିଯିବା । ଯଥା—

ଶତ ମନୋରଥ ଝଲକେ ଯେସନ୍ତେ ଆଶା କାନନେ । ନ, କେ.

ଝଲମଲ, କ୍ରି. ବି. (ଝଲ ଶବ୍ଦଜ) ଚକ୍‌ମକ, ଜକଜକ, ଉଜ୍ଜ୍ୱଳ । ଯଥା—

ହସ୍ତ ଦଣେ ସୁନାଶିଳ ଝଲମଲ ଦନ୍ତେ
ପାନେ ପାଦସାରଣ୍ଟି ସେ ଜମ୍ବୁଫଳ ମତେ ଯେ । ଲ୍ଲ.ବ.

ଝଲସାଇବା, କ୍ରି. (ଦେଶଜ) ଚମକାଇବା, ଆଖିକୁ ଭୁଲାଇଦେବା ।

ଝଲସିବା କ୍ରି. (ଦେଶଜ) ଚମକିବା, ଝଟକିବା ।

ଝଳ, ବିଂ. ( ଝଲ ଶବ୍ଦଜ ) ଉଜ୍ଜ୍ୱଳ, ସୁନ୍ଦର । ବି. ଦୀପ୍ତି । ଯଥା —

ରସିକା ରସିକାନ୍ତ ଭାବ ଗୋପନେ
ଜଗ ସରଗ ଝଳ ଦଣେ ବଦନେ । କ. ଚ.

ଝଳିବା, କ୍ରି. ( ଝଲ ଶବ୍ଦଜ ) ଶୋଭା ପାଇବା, ସୁନ୍ଦର ଦିଶିବା, ମିଶିବା ।

ଝଲ୍ଲ, ବି. ପୁଂ. (ଝଲ୍-ଲ) ଜାତିବିଶେଷ ।

ଝଲ୍ଲକ, ବି. ନ. ( ଝଲ୍ଲ-କୈ-ଅ ) କାଂସ୍ୟନିର୍ମିତ ବାଦ୍ୟବିଶେଷ ।

ଝଲ୍ଲରୀ, ବି. ସ୍ତ୍ରୀ. (ଝଲ୍ଲ-ର-ଈ) ବାଦ୍ୟବିଶେଷ ।

ଝଷ, ବି ପୁଂ. (ଝଷ-ଅ) ମତ୍ସ୍ୟ, ତାପ, ବନ, ମୀନରାଶି ।

ଝଷକେତନ } ବି. ପୁଂ. (ଝଷ-କେତନ,କେତୁ)
ଝଷକେତୁ } କନ୍ଦର୍ପ, ମୀନକେତନ, ମଦନ । ଯଥା—

ଝାଡ଼ବନେ ଦିଅ ହରି ମେ, ଝଷକେତନଙ୍କ ଭୟ । ବ. ଚ.

ଝାଇଁ, ବି. (ଅନୁକରଣ ଶବ୍ଦଜ) ମୂର୍ଚ୍ଛା । ବିଂ. ଗର, ଗାଢ଼, ତପ୍ତ ।

ଝାଉଁ, ବି. (ଝାବୁକ ଶବ୍ଦଜ) ବୃକ୍ଷବିଶେଷ, ଝାଉଁ ଗଛ ।

ଝାଉଁଳିବା, କ୍ରି. (ଝଲସ ଶବ୍ଦଜ) ମଉଳିଯିବା, ବୃକ୍ଷ ପତ୍ରାଦି ଶୁଖିଯିବା । ଯଥା —

ଝ ଉଁଳିବା କବ ତମାଳ ତମା
ଝିଙ୍କି ଆଣି ଥରେ କଲଣ କମା । ବ. ଚ.

ଝାଙ୍କ, ବି. (ଦେଶଜ) ଦମ୍, ଦଳ, ଗୋଠ, ମଣ୍ଡଳୀ ।

ଝାଙ୍କର, ବି. (ସମ୍ବଲପୁର) ଗେଁଡିଆ, ଗ୍ରାମର ପହରିଆଳି ।

ଝାଙ୍କିବା କ୍ରି. (ଦେଶଜ) ଲୁଚି ଅନାଇବା । ଯଥା—

ଠାବେ ଠାବେ ଅଭ୍ରଖଣ୍ଡ ସ୍ୱର୍ଣ୍ଣକାନ୍ତି,
ଶିରେ ଦେଇ ଶୈଳଶ୍ରେଣୀ ଝ ଙ୍କଥାନ୍ତି । ଚଲକା ।

ଅତର୍କିତ ଭାବରେ ଆକ୍ରମଣ କରିବା, ମାଦକ ଦ୍ରବ୍ୟାଦି ସେବନରେ ଢୁଲାଇବା ବା ମଞ୍ଜି ହେବା, ଝାଣିବା, ଅଢ଼ଳିବା ।

ଝାଞ୍ଜ, ବି. (ଝନଝନ ଶବ୍ଦଜ) କରତାଳ, ମନ୍ଦିରା-ବିଶେଷ ।

ଝାଞ୍ଜି, ବି. (ଦେଶଜ) ଗ୍ରୀଷ୍ମ, ଉଷ୍ଣପବନ, ତାତି । ଯଥା—

ଝଡ଼ିବ କଳ କୋମଳ ଗାତରୁ
ଝଣଥିବ ଝାଞ୍ଜିପୀଡ଼ା ଭୀତରୁ । କ. ଚ.

ଝାଡୁଆ, ବି. (ହିନ୍ଦୀ, ଝାଡୁଣି ଶବ୍ଦଜ) ଓଳଉଣି, ସମ୍ମାର୍ଜ୍ଜନୀ, ଆବର୍ଜ୍ଜନା, ଅଳିଆ ।

ଝାଡ଼, ବି. (ହିନ୍ଦୀ) କାଚନିର୍ମିତ ଆଲୋକାଧାର, ଜଙ୍ଗଲ, ବନ । ଯଥା—

ଝଡ଼ବୋଧଅ ହୃତ; ଝପକେଶନକୁ ଡରି । କ. ଚ

ଝାଡ଼ନ୍, ବି. (ଦେଶଜ) ଯେଉଁ କନାରେ ଝାଡ଼ନ୍ତି Duste.

ଝାଡ଼ା, ବି. (ହିନ୍ଦୀ) ମଳ, ମଳନିଃସରଣ ।

ଝାଡ଼ାକଇ } ବି (ଦେଶଜ, ଝାଡ଼ା=ମଳ-
ଝାଡ଼ାବାନ୍ତି } ନିଃସରଣକରଣ-କଇ=ବମନ) ଝାଡ଼ାବାନ୍ତି, ଓଲାଉଠା ରୋଗ ।

ଝାଡ଼ିବା, କ୍ରି. (ହିନ୍ଦୀ, ଝାଡ଼ୁ ଶବ୍ଦଜ) ପରିଷ୍କାର କରିବା, ମନ୍ତ୍ରପାଠ କରି ଫୁଙ୍କିବା ଓ ଭୂତାଦି ଛଡ଼ାଇବା, ଦୋହଲାଇବା, କମ୍ପାଇବା, ଶୀର୍ଣ୍ଣ କରିଦେବା, ଗାଳିଦେବା ।

ଝାଡ଼ୁ, ବି. (ହିନ୍ଦୀ) ସମ୍ମାର୍ଜ୍ଜନୀ, ଓଳଉଣି ।

ଝାଡ଼ୁଅ, ବିଂ.-ଆରଣ୍ୟକ, ବନବାସୀ ।

ଝାଟକା, ବିଂ. (ଝଟିତି ଶବ୍ଦଜ) ଶୀଘ୍ର । ଯଥା—

ହରି ନାମ ଭ୍ରମ ହେଲେ ଯେ ଝାଟ କାରେ ଗୃହୀ କଲେ ।
ବ. ଚ.

ଝାପ୍ସା, ବିଂ. ଅସ୍ପଷ୍ଟ, (ଦୃଷ୍ଟି ସମ୍ବନ୍ଧରେ) ଝାଲୁ-ଝାଲୁଆ ।

ଝାମ୍ପ, ବି. ( ଝମ୍ପ ଶବ୍ଦଜ ) କୁଦା, ଲମ୍ଫ, ମାଛ ମାରିବାର ଯନ୍ତ୍ରବିଶେଷ ।

ଝାମ୍ପି, ବି.(ଦେଶଜ)ପତ୍ରନିର୍ମିତ ମସ୍ତକାବରଣ ।

ଝାମ୍ପିବା, କ୍ରି. (ଝମ୍ପ ଶବ୍ଦଜ) ଉପରୁ ହଠାତ୍ ଆକ୍ରମଣ, ପକ୍ଷ୍ୟାଦି ମନୁଷ୍ୟାଦିଙ୍କଠାରୁ ଅତର୍କିତ ଭାବରେ କୌଣସି ପଦାର୍ଥ ନେଇଯିବା ।

ଝାମ୍ପୁଆ } ବିଂ. ( ଦେଶଜ ) ବହୁବିସ୍ତୃତ,
ଝାମ୍ପୁଡ଼ା } ଛତରା, ଇତସ୍ତତଃ ବିସ୍ତୃତ କେଶାଦି ।

ଝାମ } ବି. (ଝମ୍ ଧାତୁଜ) ଅଗ୍ନିପୂର୍ଣ୍ଣ ଗର୍ତ୍ତ,
ଝାମ୍ବ } ଯଣା ଏକାନ୍ତରେ ଅଗ୍ନି ଉପରେ ଚାଲିବା । ଯଥା—

କାମ ଚଳାଇଲା ମରଣି ଝାମରେ
ନାଗସାହୋଷ୍ଠୀ ବଦେଶ । ଭା.ବ

ମୂର୍ଚ୍ଛା । ଯଥା—

ଝାମ ଯିବେ ଦାମ୍ଭିକ ଦେଖିକରି ।

ଶଗଡ଼ ଚକ ଗୃହପାଖରେ ଥିବା ବୃତ୍ତାକାର ଲୌହବେଷ୍ଟନୀ ।

ଝାମା, (ଝାମକ ଶବ୍ଦଜ) ଅତ୍ୟନ୍ତ ଦଗ୍ଧ ଇଷ୍ଟକ ।

ଝାଳ, ବି. (ଝଳ ଶବ୍ଦଜ) ଘର୍ମ ସ୍ୱେଦ ।

ଝାଲରି, ବି. (ଝଲ ଶବ୍ଦଜ) ମଶାରି ଓ ଚନ୍ଦ୍ରୁଆ ପ୍ରଭୃତିର ସୀମାନ୍ତ ପ୍ରଦେଶରେ ଝୁଲୁଥିବା ବସ୍ତ୍ରବିଶେଷ । ଯଥା—

ଚନ୍ଦ୍ରାତପ ତଳେ ଝୁଲଇ ମଣ୍ଡଳ,
ଝାଲରି ମଣ୍ଡିତେ ପଦ୍ମଫୁଲ । ଧଇଳା

ଝାଳିବା, କ୍ରି. (ଦେଶଜ) ଧାତୁନିର୍ମିତ ପାତ୍ର ଓ ଅଳଙ୍କାରାଦି ମାର୍ଜ୍ଜନ କରିବା, ଉଜ୍ଜ୍ୱଳ କରିବା ।

ଝାସ, ବି. ( ଝମ୍ପ ଶବ୍ଦଜ ) ଆତ୍ମହତ୍ୟା ଉଦ୍ଦେଶ୍ୟରେ ଜଳ ବା ଅଗ୍ନିରେ ପ୍ରବେଶ । ଯଥା—

ଝାସ ଯମୁନାରେ ଦେବ ନବ ନିଁରେ,କନ୍ଦାଇ ପାଇବ ପୁଣି

ଅଗ୍ନି ବା ସୂର୍ଯ୍ୟ ତେଜ ।

ଝିଅ, ବି. (ଦେଶଜ) ଦୁହିତା, ତନୟା ।

ଝିଆରୀ, ବି. (ଦେଶଜ) ଜ୍ୟେଷ୍ଠ ବା କନିଷ୍ଠ ଭାଇର ଝିଅ ।

ଝିଙ୍କ, ବି. (ଦେଶଜ କ୍ଷୁଦ୍ର ପଶୁବିଶେଷ ।ଯଥା—

ଝିଙ୍କ ଝାଉଁବେବା ଲକ୍ଷିତ ହୋଇବ
ଶରେ ଦେଖ ଘନ୍ ଭରି । ବ ଚ

ଝିଙ୍କର, ବି. (ଦେଶଜ)ବଡ଼ ଗୋଡ଼, ଖପରା ।

**ଝିଙ୍କା**, ବି. (ଦେଶଜ) ଚୁଲ୍ଲୀଉପରେ ହାଣ୍ଡିପ୍ରଭୃତି ରଖିବାର ମୃତ୍ତିକାସ୍ତୂପବିଶେଷ । କ୍ରି. ବି. ଉଚ୍ଚରେ । ଯଥା—

ଝରନ୍ତି ବୃତରେ ପକ୍ଷୀ ଯେ, ଝିଙ୍କା ରଥ ଘୁଂଘୁଂ ଲକ୍ଷି ।

**ଝିଙ୍କିବା**, କ୍ରି. ବି. (ଦେଶଜ) ଟାଣିବା, ସବଳେ ଆକର୍ଷଣ କରିବା । ଯଥା—

ଝଗଡ଼ା କରୁ ଅଭନ୍ନ ଝିଙ୍କିଛ ଲୁସୁମ ଧନୁ । ବ. ଚ.

**ଝିଙ୍କାରି**, ବି. ଝିଲ୍ଲୀ, ପତଙ୍ଗବିଶେଷ ।

**ଝିଙ୍ଗାସ୍**, ବି. (ଜିଘାଂସା ଶବ୍ଦଜ) ଗାଳି, ତିରସ୍କାର ଧିକ୍କାର ।

**ଝିଙ୍ଗାସିବା**, କ୍ରି. ଗାଳିଦେବା, ତିରସ୍କାର କରିବା ।

**ଝିଞ୍ଚିପିଟ ⎫ ଝିଞ୍ଚିପିଟି ⎭** ବି. (ଦେଶଜ) ସରୀସୃପବିଶେଷ ଗୃହଗୋଧିକା ।

**ଝିଣ୍ଟିକା**, ବି. (ଦେଶଜ) ପତଙ୍ଗବିଶେଷ ।

**ଝିଣ୍ଟାଇବା**, କ୍ରି. (ଦେଶଜ) ବିଦାରିବା, ସାରଗ୍ରହଣ କରିବା ।

**ଝିନ**, ବିଂ. (କ୍ଷୀଣ ଶବ୍ଦଜ) ସରୁ, ପାତଳ । ଯଥା—

ଝିନବସନକୁ ଦେଖିବ ମୁଁ ନକ,
ଘନ କୁଚ ଯାଏ ସରୁ ଯେ । ବ, ଚ

**ଝିପ୍‌ଝିପି**, ଅ°. (ଅନୁକରଣ ଅବ୍ୟୟ) ଅଳ୍ପ ଅଳ୍ପ ବର୍ଷା ପ୍ରତି ପ୍ରଯୁଜ୍ୟ ।

**ଝିମିଝିମି**, ଅ°. (ଦେଶଜ) ଅଙ୍ଗବିଶେଷରେ ରକ୍ତ ସଞ୍ଚାଳନର ବ୍ୟାଘାତ ହେଲେ ଯେଉଁ ଯନ୍ତ୍ରଣା ଅନୁଭୂତ ହୁଏ । ଯଥା —

ଝିମିଝିମି କଳେବର ଯେ, ଝାଳ ବହେ ଝରଝର । ବ.ଚ

**ଝିମିଟ**, ବି. (ଦେଶଜ) ମୁହୂର୍ତ୍ତ, ଅଳ୍ପ ସମୟ । ଯଥା—

ଝଗଡ଼ି ମାନ ହେଲ ହେ ଶ୍ୟାମ,
ଝିମିଟ ହେବାକୁ ସହସ୍ରେ ଯାମ । କ. ଚ

**ଝିମିଟିଖେଳ ⎫ ଝିମାଣିଖେଳ ⎭** ବି. (ଦେଶଜ) ଡୁଡୁଖେଳ, ବାଗୁଡ଼ିଖେଳ, (ଝିମିଟି ଖେଳରୁ ମହାସ୍ପୃହର ଜାତ । ଇତି) ।

**ଝିଲ**, ବି (ଦେଶଜ) ଖାଲ, ଜୋର, ନାଳୀ ।

**ଝିଲି**, ବି. (ଦେଶଜ) ଏକପ୍ରକାର ପିଠା ।

**ଝିଲିମିଲି**, ବି. ଦେଶଜ କବାଟର ଜାଲି, ଜାଲି କବାଟ ।

**ଝିଲ୍ଲିକା ⎫ ଝିଲ୍ଲୀ ⎭** ବି. ସ୍ତ୍ରୀ. (ଝିଲ୍ଲ-ଇକ-ଆ, ଈ) ପତଙ୍ଗବିଶେଷ, ଝିଙ୍କାରି । ଯଥା —

ଢଗଢଗନ୍ତରେ ଶୁଭେ ଝିଲ୍ଲିସ୍ୱନ,
କବା ସେ ଯାମିନୀ ନୂପୁର ନିକ୍ୱଣ । ନ. ହେ

**ଝୁଙ୍କ ⎫ ଝୁଙ୍କି ⎭** ବି. (ଦେଶଜ) ଶିଥିଲ, ନିଶା ମତ୍ତତା

**ଝୁଙ୍କିବା**, କ୍ରି. (ଦେଶଜ) ଅଳ୍ପଷ୍ଟ ହେବା, ନୋଇଁବା. ମାଦକଦ୍ରବ୍ୟ ସେବନ ହେତୁ ବିହ୍ୱଳ ହେବା ।

**ଝୁଟା**, ବିଂ. (ଯାବନିକ) ମିଥ୍ୟା, କୃତ୍ରିମ, ଉଚ୍ଛିଷ୍ଟ ।

**ଝୁଣା**, ବି. (ଧୂନା ଶବ୍ଦଜ) ସାଲଗଛର ନିର୍ଯ୍ୟାସ, ଦନ୍ତଦ୍ୱାରା ସବଳେ ଆଘାତ କରିବା, ଝୁଣିବା ।

**ଝୁଣିବା**, କ୍ରି. (ଦେଶଜ) ରକ୍ତ ଶୋଷଣପୂର୍ବକ କାମୁଡ଼ିବା, ଶବ୍ଦ ଏବଂ ଅଙ୍ଗଭଙ୍ଗୀ ସହିତ ମୁଖଦ୍ୱାରା ଅସ୍ଥିମାଂସର ପୃଥକ୍‌କରଣ ।

**ଝୁଣ୍ଟା ⎫ ଝୁଣ୍ଟା ମାରିବା ⎭** ବି. (ଦେଶଜ) କୌଣସି କାର୍ଯ୍ୟ ବା ଆକ୍ରମଣରୁ ରକ୍ଷା ପାଇବା ଉଦ୍ଦେଶ୍ୟରେ ମହତ୍ ବ୍ୟକ୍ତିଙ୍କ ନାମରେ ଶପଥ ଦେବା, ରାଣ ପକାଇବା ।

**ଝୁଣ୍ଟିଆ**, ବି. (ଦେଶଜ) ପଦାଙ୍ଗୁଳିର ଅଳଙ୍କାର ବିଶେଷ । ଯଥା—

ଝିଲ୍ଲୀ ଡାକ କର୍ଣ୍ଣେ ଶୁଣି, ଝୁଣ୍ଟିଆ ପଗସ୍ୱେ ମଣି । ବ.ଚ.

**ଝୁଣ୍ଟିବା**, କ୍ରି. (ଦେଶଜ) କାନ୍ଥ ଗୋଡ଼ ଶୁଣ୍ଟି କୌଣସି କଠିନ ପଦାର୍ଥରେ ପଦାଙ୍ଗୁଳି ଆଘାତ ପାଇବା । ଯଥା —

ମୁହିଁ ମାତ୍ର ଝାଲେ ଝରୁଛି ବାଳା ପଜରୁ ଝୁଣ୍ଟୁ । ବ. ଚ.

ଝୁମୁକା, ବି. (ଦେଶଜ ଖେଳିବା ପଦାର୍ଥବିଶେଷ, କର୍ଣ୍ଣଭୂଷଣବିଶେଷ, ବୃକ୍ଷବିଶେଷ ।

ଝୁମୁଝୁମୁ, ଅଂ. (ଅନୁକରଣ ଶବ୍ଦ) ଅଳଙ୍କାର ଧ୍ୱନି ମଧୁର ଶବ୍ଦ ।

ଝୁମ୍ପା, ବି. (ଦେଶଜ) ଫୁଲି, କେଶବନ୍ଧନନିମିତ୍ତ ଯେଉଁ ପାଟଫୁଲ ହୁଏ ତାହାର ସୀମାସ୍ଥିତ ରଞ୍ଜିତ ଗ୍ରନ୍ଥି, ଗୁଚ୍ଛ । ଯଥା

ଝୁମ୍ପା ସଜଡ଼ା କବରୀ ଯେ, ଝୁମ୍ପା ଫୁଲ ପୁଡ଼େ କରି ଯେ ।

ଝୁମ୍ପି, ବି (ଦେଶଜ) ଏକପ୍ରକାର ମସ୍ତକଭୂଷଣ ଓ କର୍ଣ୍ଣଭୂଷଣ ।

ଝୁମ୍ପୁଡ଼ି, ବି. (ଦେଶଜ ) ଗୁଳ୍ମବିଶେଷ, ଶାକବିଶେଷ ।

ଝୁରୁ, ବି. ( ଦେଶଜ ) ଶଗଡ଼ର ଅଗ୍ରଭାଗ, ଶଗଡ଼ର ଜୁଆଳି, ଆଗଗରୁଆ, ଗୁଣ୍ଡ,ଚୂନା ।

ଝୁରିବା, କ୍ରି. ( ଦେଶଜ ) ଅଶ୍ରୁସହ ଖେଦ କରିବା, ପ୍ରିୟବ୍ୟକ୍ତିର ବିରହରେ ତାହାର ଗୁଣାଦି ସ୍ମରଣ କରିବା । ଯଥା—

ଏବେ ମରୁଅଛି ଝୁରି; ଚନ୍ଦ୍ର ବଦନ ପାଇ ହଗଇଲି ପରି
ପ୍ରେ. ସୁ.

ଝୁଲ, ବି. ( ଦେଶଜ ) ଘରର କଳା, ଅଳନ୍ଧୁ, ଗୃହଧୂମ, ଅଗ୍ନିକଣା । ଯଥା—

ଝୁଲ ଅନଳରୁ ବିନ୍ଦୁ ଗରଳରୁ ବୃଷ୍ଟି ବିତ ପରିଣତ ଯେ ।

ପଦାଙ୍ଗୁଳିର ଅଳଙ୍କାରବିଶେଷ, ମୟୂରପୁଚ୍ଛ ।

ଝୁଲଣ } ବି. ( ଦୋଳନ ଶବ୍ଦଜ )
ଝୁଲଣଯାତ୍ରା } କୃଷ୍ଣଙ୍କର ଝୁଲିବା ଉତ୍ସବ, ଶ୍ରାବଣ ଶୁକ୍ଳ ଦଶମୀଠାରୁ ପୂର୍ଣ୍ଣିମାପର୍ଯ୍ୟନ୍ତ ଦିବସରେ କୃତ ଉତ୍ସବ ।

ଝୁଲଣା, ବି. ( ଦୋଳନ ଶବ୍ଦଜ ) ଦୋଳି । ଯଥା—

ଝର ବଉଳ ରନ୍ଧ୍ରର ଯେ,
ଝୁଲଣା ରାଧାକୃଷ୍ଣର ଝୁଲଇ ଦେବି କି ।
ଏ ପବନ ବିଜ ଭାବେ ସାମନ୍ତ ଫିହାର । ବି. ଚି.

ଝୁଲା, ବିଂ. ଯେ ଝୁଲେ, ଝୁଲିବା, ଏକପ୍ରକାର ସଙ୍ଗୀତର ତାଳ, ମୂର୍ଚ୍ଛି ।

ଝୁଲାଇବା, କ୍ରି. ( ଦେଶଜ ) ଲଟକାଇବା, ଦୋହଲାଇ ଦେବା ।

ଝୁଲି, ବି. ( ଦୁଲ ଧାତୁଜ) ମୁଣି, ଝୋଥଳି । ଯଥା—

ଝୁଲିମାଳା ଧରି କପି କନ୍ଥାଧରି,
ଯୋଗୀ ହେବି ମିତେ ଭଣି । ବି. ଚି.

ଝୁଲିବା, କ୍ରି. ( ଦୁଲ ଧାତୁଜ ) ଦୋହଲିବା, ହଲିବା ।

ଝୋଟ, ବି. (ଦେଶଜ) ନଳିତା ଓ ଶଣ ପ୍ରଭୃତି ଗୁଳ୍ମଜାତୀୟ ବୃକ୍ଷତ୍ୱକ୍‌ରୁ ନିର୍ଗତ ସୂତ୍ରବତ୍ ପଦାର୍ଥ । ଯଥା —

ଝୋଟକୁ ଅନଳ ପରି ଯେ; ଝାମ ଦେଲା ସମ୍ଭବରି ।

ଝୋଟି } ବି ଦେଶଜ ମୁରୁଜ ବା ପିଠଉରେ
ଝୁଟି } ଦେବା ଚିତା ବା ଚିତ୍ର ।

ଝୋଳ, ବି. (ଦେଶଜ) ଅଣ, ରସା ।

ଝୋଲା, ବି. ( ଦୁଲ ଧାତୁଜ ) ମୁଣି ।

ଝୋଲା ମାରିବା, କ୍ରି. ( ଦେଶଜ ) ଅଚେତନ ହେବା, ମୂର୍ଚ୍ଛିତ ହେବା । ଯଥା —

ଝଳ ପଞ୍ଚାଳୀ ଝଟକେ ନ ହୁଁକ,
ଝୋଲା ମାଇଲା ଭୂମ୍ୟକୁ କାହୁଁକି । କ. ଚ.

ଝୋବା, ବି. ( ଦେଶଜ ) ଶ୍ରେଷ୍ଠ ମାଟିଆ ।

—×—

# ଞ

ଞ, ବ୍ୟଞ୍ଜନବର୍ଣ୍ଣର ଦଶମ ବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ ଅନୁନାସିକ ତାଳୁ । ବି. ପୁଂ. ଗାୟକ, ଘର୍ଘର ଧ୍ୱନି, ବଳିବର୍ଦ୍ଦ, ଶୁକ୍ର, ଯୋଗୀ, ଶବ୍ଦ, ସ୍ୱଧର୍ମଭ୍ରଷ୍ଟ, କ୍ରୂର, ଶୁକ୍ରାଚାର୍ଯ୍ୟ ।

— —

# ଟ

**ଟ,** ବ୍ୟଞ୍ଜନବର୍ଣ୍ଣର ଏକାଦଶ ବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ ମୂର୍ଦ୍ଧା । ବି. ପୁଂ. (ଟକ୍-ଅ) ଶବ୍ଦ, ପାଦ, ଶିବ, ବାମନ । ନ. କରଙ୍କ ।

**ଟଉ,** ବି. ( ଦେଶଜ ) ଏକପ୍ରକାର ମିଶ୍ରିତ ଧାତୁ ।

**ଟକ** } ବି. ( ଦେଶଜ ) ଖାଇବା ଇଚ୍ଛା,
**ଟକର** } ଯେପରି ପ୍ରତିଦିନ ଦୁଧ ଖାଉଥିବା ବ୍ୟକ୍ତିର ଦୁଧରେ ଟକ ଥାଏ, ଲାଳସା, ଆସକ୍ତି ।

**ଟକଟକ,** ବିଂ. (ଦେଶଜ) ଚଞ୍ଚଳ, ଶବ୍ଦବିଶେଷ, ବେଦନାବିଶେଷ ।

**ଟକ୍କର,** ବି. ( ଯାବନିକ ) ବାଜି ମାରିବା, ସମକକ୍ଷତା, ପ୍ରତିଯୋଗିତା ।

**ଟକମକ,** ଅ. ଅନୁକରଣ ଶବ୍ଦବିଶେଷ । ଯଥା—
ଭାତ ଟକମକ ହୋଇ ଫୁଟୁଅଛି ।

**ଟକଲା,** ବିଂ. (ଦେଶଜ) ଦେହରଖା, ଠାପୁଆ, ଅଳସୁଆ, ଖାଦ୍ୟଲୋଲୁପ ।

**ଟକଟକା,** ବିଂ. (ଦେଶଜ) ଲୋଭୀ, ତରତରିଆ, ଲାଳସାଯୁକ୍ତ ।

**ଟଙ୍କ୍ର,** ବି. ନ. (ସଂସ୍କୃତ) ତାଲୁଦ୍ଧ ।

**ଟଗର,** ବି. ( ତଗର ଶବ୍ଦଜ ) ପୁଷ୍ପବିଶେଷ, ତଗ୍‌ବୃକ୍ଷ । ଯଥା—

ଅସିତ ଅପରାଜିତା ଧବଳ ଟଗର ।

**ଟଙ୍କ,** ବି. ପୁଂ. (ଟନ୍‌କ-ଅ) ପ୍ରସ୍ତରଭେଦନ ଅସ୍ତ୍ର, ଗଇନ୍ତି, ମୁନା, ଖଡ୍ଗକୋଷ, ପର୍ବତର ଉନ୍ନତ ପ୍ରଦେଶ, ଟାଙ୍ଗୀ । ଯଥା—

ମାତୃପାଦ ଧ୍ୟାୟି ଗଲ ମୁଁ ନାଟଙ୍କେ,
ବନାନ୍ତେ ପଶିଲ ଯାଇ ଗିରିଟଙ୍କେ । ନ. କେ.

**ଟଙ୍କଣ,** ବି. ପୁଂ. (ଟନ୍‌କ୍-ଅନ) ପାର୍ବତୀୟ ଅଶ୍ୱ, ଟାଙ୍କଣ, ସୋହାଗା ।

**ଟଙ୍କଧର,** ବି. ପୁଂ. (ଟଙ୍କ-ଧୃ-ଅ) ମହାଦେବ ।

**ଟଙ୍କଶାଳା,** ବି. ସ୍ତ୍ରୀ. ( ଟଙ୍କ-ଶାଲା ) ଯେଉଁ ଗୃହରେ ଟଙ୍କା ନିର୍ମାଣ ହୁଏ ।

**ଟଙ୍କା,** ବି. ସ୍ତ୍ରୀ. (ଟନକ୍ ଶବ୍ଦଜ) ରୌପ୍ୟମୁଦ୍ରା, ଏକ ଟଙ୍କା ଷୋଳ ଅଣା ବା ଚଉଷଠି ପଇସା ମାତ୍ର ।

**ଟଙ୍କାର,** ବି. ପୁଂ. (ଟ-କୃ-ଅ) ଧନୁଜ୍ୟାର ଶବ୍ଦ, ବିସ୍ମୟ, ଆଶ୍ଚର୍ଯ୍ୟ, ଖ୍ୟାତି. ପ୍ରସିଦ୍ଧି, ପ୍ରତିପତ୍ତି । ବିଂ. ଟଙ୍କାରଯୁକ୍ତ । ରୀ, ସ୍ତ୍ରୀ. ତାରାଦେବୀ ।

**ଟଙ୍କି,** ବି. ( ଦେଶଜ ) ବାଦେଇ ଜମିରେ ନିରୂପିତ ରାଜକରବିଶେଷ, ଭୂମିରେ ଏକପ୍ରକାର ସ୍ୱତ୍ୱ ।

**ଟଙ୍କିତ,** ବିଂ. ( ଟଙ୍କ-ତ ) ଶବ୍ଦିତ, ଉଲ୍ଲିଖିତ, ବଦ୍ଧ ।

**ଟଙ୍କିଲ,** ବିଂ. (ଟଙ୍କ ଶବ୍ଦଜ) ପ୍ରସ୍ତରମୟ, ପାହାଡ଼-ମୟ, ଟାଙ୍ଗିପରିପୂର୍ଣ୍ଣ । ଯଥା—

ଯା କଣ୍ଟକ ଟେକ ଟଙ୍କିଲ ଟୁଇଆ ।

**ଟଙ୍ଗାଇବା,** କ୍ରି. ( ଦେଶଜ ) ଝୁଲାଇବା, ଲଟକାଇବା ।

**ଟଣକା,** ବି. (ଟନ୍‌କ୍ ଧାତୁଜ) ଟାଣି ଧରିବା ରଜ୍ଜୁ ।

**ଟଣଟଣ,** ବି. (ଅନୁକରଣ ଶବ୍ଦ) ଶବ୍ଦବିଶେଷ, ବ୍ରଣାଦିର ପକ୍ୱାବସ୍ଥାର ବେଦନା ।

**ଟଣାଟଣି,** କ୍ରି. ବି. ( ଟନ୍‌କ୍ ଧାତୁଜ ) ଓଟରା-ଓଟରି ।

**ଟର୍ପ୍ପି,** ବି. (ଇଂରାଜୀ ଶବ୍ଦ) ମୁକ୍ତାର ବା ଓକିଲଙ୍କ ନିକଟରେ ମୌକିଲ ସଂଗ୍ରହକାରୀ, ତରଣୀ ବା ଟରଣୀ ।

**ଟପଟପ** } ବିଂ. (ଅନୁକରଣ ଶବ୍ଦ) ଜଳବିନ୍ଦୁ,
**ଟପର୍‌ଟପର** } ପତନ ।
ଶବ୍ଦ, ଶୀଘ୍ର । ଯଥା—

ଟପଟପ ଭାଷା କେବେ ସହୁବେ । ବ. ଉ.
ମେଘ ବରଷିଲା ଟପର୍‌ଟପର କେଶର ମାଇଲା ଗଜା । କର୍ଣ୍ଣକୁମାରୀ

**ଟୁଘା**, ବି. (ଦେଶଜ) ସମ୍ବାଦବାହକ, ଡ଼ଗର । ଯଥା —
ଟୁଘା ପ୍ରକାରର ବଡ଼କୁ ଦୋଡ଼ର ଯେତେ ସମାଗ୍ର ରୋପେ ଲ.ଟୀ

**ଟୁଘାଳିଆ**, ବି. (ଦେଶଜ) ପଛଗଳୁଆ ।

**ଟୁପିବା**, କ୍ରି. ବି. ( ହିନ୍ଦୀ ) ଡଳିବା, ଅତିକ୍ରମ କରିବା ।

**ଟୁଲି**, ବି. ( ଦେଶଜ ) ଫଳବିଶେଷ, ଲେମ୍ବୁ-ଜାତୀୟ ଫଳ । ଯଥା—
ଟୁଲି ଫଳ ପ୍ରାୟେ ଖୋଷା ଖୋସିଛି ଯୋଷା । ଲ. ବ.

**ଟୁମକ**, ବି. ( ଦେଶଜ ) ଢେଣ୍ଡରା ଢେଙ୍ଗୁରା ଘୋଷଣା ।

**ଟୁମଟମ**, ବି. ( ଯାବନିକ ) ଦୁଇଚକିଆ ଏକ-ପ୍ରକାର ଘୋଡ଼ାଗାଡ଼ି ।

**ଟୁଲଟୁଲ**
**ଟୁଲମୁଲ** } ବିଂ. ( ଟୁଲ୍ ଧାତୁଜ ) ଅସ୍ଥିର, ଅଦୃଢ଼, ଚଞ୍ଚଳ । ଯଥା —
ଟଳଟଳ ହେଉଥାନ୍ତି ଚାଲିବାର ବେଳେ ।

**ଟେଲାଟେଲି**
**ଟାଲମଟାଲ** } ବିଂ. ( ଦେଶଜ ) ଭଣ୍ଡାଭଣ୍ଡି, ଟାଳଟୁଳ ।

**ଟଳିବା**, କ୍ରି. ( ଟଳ୍ ଧାତୁଜ ) ଗଡ଼ିପଡ଼ିବା, ଦୋହଲିବା, ହଟିବ, ଅନ୍ୟଥା ହେବା, ଅଗତ ହେବା । ଯଥା—
ରଥୀ ପଦ୍ମଚୁଡ଼ା ବୁଦ୍ଧ ଅଚଳ
କେ ଟାଳିଲେ ଟଳିବ କି ଚଳେ । ବ. ଚ.

**ଟେ**, ଅ. ( ଅନୁକରଣ ଶବ୍ଦ ) ଜଳାଦି ତରଳ ପଦାର୍ଥରେ ଅନ୍ୟ ପଦାର୍ଥର ପତନ ଶବ୍ଦ । ଯଥା—
ଟେହକ ହସୀ କଟଣାରୀ ମନ,
ଟେ ପରି ରସେ ବୁଡ଼ିବ ପେନ । ବ. ଚ.
ଇଂ. ବି. ପୁଷ୍ପବୃକ୍ଷ ରଖିବ ପାଇଁ ମୃତ୍ତିକାନିର୍ମିତ ପାତ୍ରବିଶେଷ, କନ୍ଦିଆ ।

**ଟେହକ**, ବିଂ. ( ଦେଶଜ ) ସୁନ୍ଦର, ରକ୍ତବର୍ଣ୍ଣ । ଯଥା—
ଟେହକହାସୀ କୁଣ୍ଡଳ ଘେନେ ନକ ବନ୍ଦିନମନ୍ତ୍ର ବେଢ଼ିରେ ।
ଲ. ବ.

**ଟେହଟେହ**, ବିଂ. (ଦେଶଜ) ଅତି ଗାଢ଼ । ଯଥା—
ଟେହଟେହ ହସୁଥାନ୍ତି କୋଳେ
ଟଳଟଳ ହେଉଥାନ୍ତି ଚାଲିବାର ବେଳେ ।

**ଟେହଲ**, ବି. ( ହିନ୍ଦୀ ) ବୁଲିବା, ଭ୍ରମଣ, ସେବା ।

**ଟେହଲିଆ**, ବିଂ. ( ହିନ୍ଦୀ ) ସେବାକାରୀ, ଭ୍ରମଣକାରୀ ବୃଥା ଭ୍ରମଣକାରୀ ।

**ଟା**, ଅ. (ଦେଶଜ) ଅବଜ୍ଞାର୍ଥରେ ଶବ୍ଦ ଶେଷରେ ପ୍ରଯୁକ୍ତ ପଦ । ଯଥା - ଗୁଇଁଟା, ଘୋଡ଼ାଟା ଇତ୍ୟାଦି ।

**ଟାଆଁସା**, ବିଂ. ( ଦେଶଜ ) ଟାଣ, କର୍କଶ ।

**ଟାଉଟାଉ**, କ୍ରି ବିଂ. ( ଦେଶଜ ) ତରତର । ଯଥା—
ଆନନ୍ଦେ ଡାଟ ଉ ଫିଟାଉ ଫିଟାଉ ଟାଉଟାଉ ହେଲା ମନ ।
ବ. ଚ.

**ଟାକର**, ବି. ( ଅନୁକରଣ ଶବ୍ଦ ) ଅଙ୍ଗୁଳି ଗ୍ରନ୍ଥି-ଦ୍ୱାରା ମସ୍ତକରେ ଆଘାତ କରିବା, ଠଣା । ଯଥା—
ପ୍ରେମ ସ୍ୱାଦୁ ନଦେ ସୁଧା ଶାକର,
ଦ୍ୱିଜର ମୁଣ୍ଡରେ ଶବ ଟାକର ।

**ଟାକରା**, ବି. ( ଦେଶଜ ) ଭାଲୁକାରେ ଜିହ୍ୱା ସଂଯୁକ୍ତ ଶବ୍ଦ ।

**ଟକିବା**, କ୍ରି ( ଦେଶଜ) ଜଗି ବସିବା, ଅପେକ୍ଷା କରି ରହିବା । ଯଥା—
ମାଳିନ୍ଥ ସୂର୍ଯ୍ୟ ଙ୍ଗକାଳକୁ ଆକାଶୁଁ କରିବାକୁ ପାଣିଗଢ ।

**ଟକୁଆ**, ବି. ( ଦେଶଜ ) ଅମ୍ବକାଠ, ମିଷ୍ଟାନ୍ନ-ବିଶେଷ, କାଣୀ କାଟିବାର ଯନ୍ତ୍ର ବିଶେଷ ।

**ଟାଙ୍କି**, ବି. (ଦେଶଜ) ଚର୍ମ ନଳୀଗୋଡ଼ ।

**ଟାଙ୍କିବା**, କ୍ରି. (ଦେଶଜ) ଡାକରେ ଅନୁମାନିକ ଓଜନ, ସମ୍ଭାଳି କରିବା ।

**ଟାଙ୍କୁ**, ବି. (ଦେଶଜ) ଉଇହୁଙ୍କା ମଝିରେ ଥିବା ଉଇରାଣୀ ବା ଉଇପଲ୍ଲି ।

**ଟାଙ୍କୁରିବା**, କ୍ରି. ( ଦେଶଜ ) ରୋମାଞ୍ଚ ହେବା, ଜେଳୁରିବା ।

**ଟାଙ୍କେ**, କ୍ରି. ବିଂ. (ଦେଶଜ) ବହୁତ, ଅନେକ ।

**ଟାଙ୍ଗଣ**, ବି. (ଦେଶଜ) ଛୋଟ ଘୋଡ଼ା ।

**ଟାଙ୍ଗଣା**, ବ. ( ଟଙ୍ଗଣ ଶବ୍ଦଜ ) ସୋହାଗା । ଯଥା—

ଟାଙ୍ଗଣା ସେ ସୁନାକୁ ଭୂଷ୍ମ ପ୍ରଚ ।

**ଟାଙ୍ଗର**, ବ. ( ଟଙ୍କ ଶବ୍ଦଜ ) ବୃକ୍ଷାଦିଶୂନ୍ୟ ପାହାଡ଼ିଆ ଭୂମି, ପ୍ରସ୍ତରମୟ ପ୍ରଦେଶ, କେଶ ଶୂନ୍ୟ ମସ୍ତକ । ଯଥା—

ଫିଟୁଛି ଋଇ ଦେଖ ଟାଙ୍ଗର ଅଙ୍ଗେ,
ପାଷଣ୍ଡେ ହରିପ୍ରେମ ଯଥା ସୁମଙ୍ଗେ । ଭୂ. ସ୍ତୁ.

**ଟାଙ୍ଗରା**, ବିଂ. (ଟଙ୍କ ଶବ୍ଦଜ) ଯାହା ମୁଣ୍ଡରେ ବାଳ ନ ଥାଏ, ଚନ୍ଦାମୁଣ୍ଡିଆ ।

**ଟାଙ୍ଗା**, ବ. (ଯାବନିକ) ଦୁଇ ଚକିଆ ଏକପ୍ରକାର ଗଦି ପଡ଼ାଥିବା ଗାଡ଼ି ।

**ଟାଙ୍ଗି**, ବ. (ଦେଶଜ) ପ୍ରସ୍ତରମୟ ସ୍ଥାନ, ଛୋଟ ପାହାଡ଼ ।

**ଟାଙ୍ଗିଆ** / **ଟାଙ୍ଗୀ** } ବ. (ଟଙ୍ଗ ଶବ୍ଦଜ) କୁଠାରବିଶେଷ, କ୍ଷୁଦ୍ର ପାହାଡ଼, ପ୍ରସ୍ତରମୟ ପ୍ରଦେଶ ।

**ଟାଙ୍ଗିବା**, କ୍ରି. (ଦେଶଜ) ଲଟକାଇବା ।

**ଟାଣ**, ବିଂ. (ଦେଶଜ) ଶକ୍ତ, କଠିନ । ଯଥା—

ବଡ଼ ଟାଣ ଭୁଜଙ୍ଗ ଟଣ ।

ବ. ଗୁମାନ, ଶ୍ରେଷ୍ଠତା, ତୀକ୍ଷ୍ଣ, କର୍କଶ ।

**ଟାଣି**, ବ. (ଦେଶଜ) ଲୁଗାରେ ଲମ୍ବଭାଗରେ ଥିବା ସୂତା ।

**ଟାଣିବା**, କ୍ରି. (ଟାଣ ଧାତୁଜ) ଝିଙ୍କିବା, ଓଟାରିବା ଆକର୍ଷଣ କରିବା । ଯଥା—

ଟାଣନ୍ତି କର୍ଣ୍ଣଯାଏ ଶରାସନ,
ଟାଢ଼ ଦେଉଛନ୍ତି ମେ ଧୈର୍ଯ୍ୟ ଗୁଣ ନା । ବ. ଚ.

**ଟାପରା**, ବ. ( ଦେଶଜ ) ପରିହାସ, ଥଟ୍ଟା । ଯଥା—

ଟାପରାଯୋଗ୍ୟ କେ କହିଲେ ବନ୍ଧୁ
ଟ.କ ରହିଛ ତୋ ଅଙ୍କକୁ ମହୁଁ । ବ. ଚ.

**ଟାପୁ**, ବ. (ଦେଶଜ) ଦ୍ୱୀପ, ପଶୁମାନଙ୍କର ପାଦ ।

**ଟାଲ**, ବ. (ଦେଶଜ) କଣ୍ଟା, ଛଳନାଦ୍ୱାରା କାଳକ୍ଷେପ କରିବା ।

**ଟାଲ**, ବ. ( ଦେଶଜ ) ପାଣିଥିବା ଝୁଲ, ପାଣିକାଲ ।

**ଟାଲଟୁଲ** / **ଟାଲମଟାଲ** } ବିଂ. ( ଉର୍ଦ୍ଦୁ ) ଠକାଠକି, ଭଣ୍ଡାଇବା ।

**ଟାଳିବା**, କ୍ରି. (ଦେଶଜ) ଭାଙ୍ଗିବା, ବ୍ୟର୍ଥ କରିବା, ଅନ୍ୟଥା କରିବା । ଯଥା—

ଅଟଳ ମହିମ ଅଟେ ତ ତାଙ୍କର,
ଟାଳିବାକୁ ସାଧ୍ୟ ନାହିଁଟି କାହାର ।

**ଟାଁସା**, ବିଂ. (ଦେଶଜ) କର୍କଶ, କଠୋର ।

**ଟାହି**, ବ. (ଦେଶଜ) ପରିହାସ, ଉପହାସମିଶ୍ରିତ ଥଟ୍ଟା । ଯଥା—

ଟାହିରେ ପଣ୍ଡରେ କି ପ୍ରକାଶଛି,
ଟଙ୍କେ ବନ୍ଧାଇଛି ମଦନ ଭଡ଼ । ବ. ଚ.

**ଟାହିବା**, କ୍ରି ( ଦେଶଜ ) ପରିହାସ କରିବା, ବିଦ୍ରୂପ କରିବା ।

**ଟାହୁଲି**, ବ. ( ଦେଶଜ ) ଥଟ୍ଟା, ପରିହାସ । ଯଥା—

ଟାହୁଲି ନ କର ହେ ବଂଶୀଧର ।

**ଟି**, ଅ (ଦେଶଜ) ପ୍ରଶ୍ନାର୍ଥକ, ନିଶ୍ଚୟାର୍ଥକ ଓ ଆଦରାର୍ଥକ ଉତ୍ତରପଦ ।

**ଟିଆ**, ବ. ( ଦେଶଜ ) ଏକ ପ୍ରକାର ଶୁଆ, ପକ୍ଷୀବିଶେଷ ।

**ଟିଆଇବା** / **ଟିହାଇବା** } କ୍ରି. ( ଦେଶଜ ) ଉତ୍ତେଜିତ କରିବା ।

**ଟିକି** / **ଟିକିକ** / **ଟିକିକ** } ବିଂ (ଦେଶଜ) ଅଳ୍ପ, ଅଳ୍ପକ, କ୍ଷୁଦ୍ର, ସାମାନ୍ୟ । ଯଥା—

ଟିକିକ କଥାକୁ ଗମା ଦେଉ ବୃଷା ଭୂଷିଲୁ ରେ । ଚ. ଚ.

**ଟିକଟିକ**, ବ. (ଦେଶଜ) ଅରଣ୍ୟଗୃହୀ ଛୋଟ ପକ୍ଷୀବିଶେଷ ।

**ଟିକର**, ବିଂ. (ଦେଶଜ) ଉଚ୍ଚ, ଉଚ୍ଚସ୍ଥାନ ।

**ଟିକରା**, ବ. (ଦେଶଜ, ବାଲେଶ୍ୱର) ଉଇହୁଙ୍କା ।

**ଟିକା**, ବ. (ଦେଶଜ) ତିଳକବିନ୍ଦୁ, ବସନ୍ତ ରୋଗ ନିବାରଣାର୍ଥ ହସ୍ତରେ ସୂକ୍ଷ୍ମ ଛିଦ୍ର କରି ଗୋବୀଜ ଗ୍ରହଣ କରିବା । ବିଂ ଶ୍ରେଷ୍ଠ, ପ୍ରଧାନ, ସାର (ତିଳକ ଅର୍ଥରେ) । ଯଥା—

ହୋଇବ ସେଚନା ଯେଣ କପାଳେ,
ଟିକା ଦେଖି ମୋହ ହେବେ ଅଳିଳେ । ବ. ଚ.

ଟିକାପୁଅ, ଟିକାଏତ } ବିଂ. ( ଦେଶଜ ) ରାଜାଙ୍କ
ଟିକାଇତ, ଟୀକାଇତ } ନିକଟରେ ଉପାଧି-
ପ୍ରାପ୍ତ । ବି. ରାଜପୁତ୍ର, ସମ୍ଭ୍ରାନ୍ତ ବ୍ୟକ୍ତି । ଯଥା —

ଟିକାଏତ ଅଷ୍ଟଦୁର୍ଗର କହନ୍ତି ଶ୍ୟାମ ଏକା ଅତଇନ୍ତ ।

ଟିକାଏ । ବିଂ. (ଦେଶଜ) ଅଳ୍ପ, କିଞ୍ଚିତ୍, କ୍ଷୁଦ୍ର ।
ଟିକିଏ । ଯଥା —

ଟିକାଏ ହେଲେ ଯେ ହୃଦୟ ସରୋଜେ ନୋହିଲା ମାଯ ତୋଷ ।

ଟିକିଅ, ବି. ( ଦେଶଜ ) ଅଙ୍ଗାର ଚୂର୍ଣ୍ଣର ଚକି ।

ଟିକିଟିକି ବିଂ. ( ଦେଶଜ ) ଖଣ୍ଡ ଖଣ୍ଡ, କ୍ଷୁଦ୍ର, ଛୋଟଛୋଟ । ଯଥା —

ଟିକିଟିକି ହେବ ଯୁବତୀ ଗାତ୍ର; ଟାଙ୍ଗଣା ସେ ନୃନାକୁ ଭ୍ରମ ପାତ୍ର ।

ଟିକିଲି, ବି ( ଟିକା ଶବ୍ଦଜ ) ସ୍ତ୍ରୀମାନଙ୍କର ଭ୍ରୂଦ୍ୱୟର ମଧ୍ୟସ୍ଥ ଅଳଙ୍କାରବିଶେଷ ।

ଟିଙ୍କ, ବି. ( ଦେଶଜ ) ଗୋରୁ ଦେହର କୀଟ-ବିଶେଷ ।

ଟିଙ୍ଗିଟିଲା, ବିଂ. (ଦେଶଜ) ଚିଡ଼ା, କୋପନ ।

ଟିଟ୍ଟିଭ } ବି. ପୁଂ. ( ଟିଟ୍ଟି-ଭା ଅ ) ଟେଁଟେଁଯା
ଟିଟିଭ } ପକ୍ଷୀ ।

ଟିଣା, ବିଂ. (ଦେଶଜ) ରାଗୀ, ଯେ ଅଳ୍ପ କଥାରେ ଚିଡ଼ିଉଠେ । ବି. ଉପଧାତୁବିଶେଷ ।

ଟିଣିଅ, ବି. ଖେରଞ୍ଜିଗଛ ।

ଟିନ }
ଟିଣ } ବି. (ଇଂରାଜୀ) ଉପଧାତୁବିଶେଷ ।

ଟିପଣା, ବି. (ଟିପ୍ପଣୀ ଶବ୍ଦଜ) ସ୍ମରଣାର୍ଥ କୌଣସି ବିଷୟ ଲେଖି ରଖିବା, ଜାତକ ବା ଜନ୍ମ-ପତ୍ରିକାର ସଂକ୍ଷେପ ।

ଟିପିବା, କ୍ରି. (ଟିପ୍ପଣୀ ଶବ୍ଦଜ) ସ୍ମରଣାର୍ଥ କୌଣସି ବିଷୟ ଲେଖିବା ।

ଟିପ୍ପଣୀ, ବି. (ଟିପ୍ ଧାତୁଜ) ଜନ୍ମପତ୍ରିକାର ସଂକ୍ଷେପ, ଟୀକା, ସଂକ୍ଷିପ୍ତ ଟୀକା ।

ଟିପାଇ, ବି. (ତ୍ରିପାଦ ଶବ୍ଦଜ) ଶଗଡ଼ଙ୍କୁ ରାମୁଣ୍ଡି ଟେକି ଧରିବା କାଷ୍ଠ, ତିନି ପାଦବିଶିଷ୍ଟ କ୍ଷୁଦ୍ର ମେଜ ବା କାଷ୍ଠାଧାରବିଶେଷ ।

ଟିପିଦେବା, କ୍ରି. (ଟିପ୍ ଧାତୁଜ) ଇସାରା କରିବା । ଯଥା —

ଟିପି ଦେଲେ କଂସ ଆଗେ ବେ ନୃଶଂସ
ନନ୍ଦ ବନ୍ଦୀ ହେବେ ଟେଣାରେ ।

ଚିପିଦେବା ।

ଟିପ, କ୍ରି. ବିଂ. ( ଟିପ୍ ଧାତୁଜ ) ଅଙ୍ଗୁଳ୍ୟଗ୍ର-ପରିମିତ, ଅତି ଅଳ୍ପ, ସ୍ୱଳ୍ପ ଦୋଷ । ଯଥା —

ଥାଉ ଥାଉ ଗୁଣ କେତେ ବିଚକ୍ଷଣ
ଟିପ ଦେବ ଦିଶୁ ନାହିଁ । ବ. ଭ.

ଟିମା, ବି. (ଦେଶଜ) ଗେଡ଼ା, ବାଙ୍ଗରା, ଖର୍ବ ।

ଟିରକି, ବି. (ଦେଶଜ) ମେରୁଦଣ୍ଡର ନିମ୍ନସ୍ଥାନ ।

ଟୀକା, ବି. ସ୍ତ୍ରୀ. (ଟୀକ୍-ଅ-ଆ) ବିବୃତି, ବ୍ୟାଖ୍ୟା ।

ଟୀକାକାର, ବିଂ. (ଟୀକା-କୃ-ଅ) ଗ୍ରନ୍ଥର ବିବରଣ କର୍ତ୍ତା, ବ୍ୟାଖ୍ୟାତା ।

ଟୁକୁଣା, ବି. (ବାଲେଶ୍ୱର) ଢ଼ାଲ, ଲେଟା ।

ଟୁଙ୍ଗା, ବି. (ଦେଶଜ) ବନ୍ୟ ଖାଦ୍ୟବିଶେଷ ।

ଟୁଙ୍ଗୀ, ବି. (ଦେଶଜ) କ୍ଷୁଦ୍ରଗୃହ ।

ଟୁଣା । ବି. (ଦେଶଜ) ଭୁଟୁକା, ଢମିଆ,
ଟୁଣୁକା । ଗାରଡ଼ି ଇତ୍ୟାଦି ।

ଟୁଣୁକାଟୁଣୁକି, ବି. ସାମାନ୍ୟ ଉପଚାର, ସାମାନ୍ୟ ଔଷଧ ।

ଟୁପା, ବି. (ସମ୍ବଲପୁର) ସାନ ପାଛିଆ ।

ଟୁରା, ବି. (ସମ୍ବଲପୁର) ଛୋଉଣ୍ଡ ବା ପିତୃମାତୃ-ହୀନ ।

ଟେକ, ବି. (ଦେଶଜ) ଗୁମାନ, ବଡ଼ିମା, ପ୍ରଶଂସା, ପ୍ରାଧାନ୍ୟ, ଠାଣି । ଯଥା —

କାହ୍ନୁ ନୃପତି ବୁଲଗା ଅଧର ଟେକ ।

କ୍ରି. ଉଠାଅ ।

ଟେକା, ବି. ( ଦେଶଜ ) ଲୋଷ୍ଟ୍ର, ଢେଲୁଆ, ମୃତ୍ତିକା ଖଣ୍ଡ । କ୍ରି. ଉତ୍ତୋଳନ କରିବା । (ଲୋଷ୍ଟ୍ର ଅର୍ଥରେ) ଯଥା—

ଟେକା ଶସ୍ତ୍ରକୁ ଡର ନ ଥିବା ଗଉଡ଼ର
କନ୍ଧରେ ବୁହାଇଲ ହରଜୁରେ ।

**ଟେକାଟେକ**, ବ. (ଦେଶଜ) ଯୋଡ଼ାଯୋଡ଼, ଧରାଧରି, ଉତ୍ତୋଳନକରଣ । ବ. ତୋଷାମୋଦ, ଖୁଣ୍ଟୁ । । ଯଥା –

ଟେକାଟେକ ମୋତେ କଲ ନାନାମତେ
ତୁମ୍ଭ କାମନା ପୂରବ ।

**ଟେକିବା** } **ଟେକାଇବା** } କ୍ରି. (ଦେଶଜ) ଉଠାଇବା, ଉତ୍ତୋଳନ କରିବା । ଯଥା—

ପ୍ରେମିକାକୁଳେ ମୁଁ ଟେକାଇବ ଛନ୍ଦ ।

**ଟେଙ୍କର**, ବ. (ସମ୍ବଲପୁର ବଗୁଡ଼ି ।

**ଟେଖାଇ** } **ଟେଖୋଇ** } ବ. ( ଦେଶଜ ) ଏକପ୍ରକାର ପକ୍ଷୀ ।

**ଟେର**, ବ. (ଦେଶଜ) ପ୍ରମାଣ, ସନ୍ଧାନ, ଅନୁସନ୍ଧାନ, ଅବଗମ ।

**ଟେରା**, ବିଂ. (ଟେରଛ ଶବ୍ଦଜ) ଯାହାର ଗୋଟିଏ ଚକ୍ଷୁ ବଡ଼ ଗୋଟିଏ ଚକ୍ଷୁ ସାନ, ବକ୍ର ଦୃଷ୍ଟିଯୁକ୍ତ ।

**ଟେରାବାଡ଼**, ବ (ଦେଶଜ) ପରଦା, ଯବନିକା, କନାତ ତାଟି ।

**ଟେରୀ**, ବିଂ. ଯେଉଁ ସ୍ତ୍ରୀଲୋକର ଗୋଟିଏ ଚକ୍ଷୁ ବଡ଼ ଅନ୍ୟଟି ସାନ ।

**ଟେଲା**, ବ. (ଦେଶଜ) ଢେକା, ଢେଷ୍ଟ୍ର ।

**ଟେଲଗ୍ରାଫ୍** } **ଟେଲଗ୍ରାମ୍** } ବ. ( ଇଂ. Telegram ) ତାରବାର୍ତ୍ତା ।

**ଟେବଲ**, ବ. ( ଇଂ. Table ) ମେଜ, କାଷ୍ଠାଧାର ।

**ଟେହିବା**, କ୍ରି. ( ଦେଶଜ ) ଉସ୍କେଇବା, ଉତ୍ତେଜିତ କରିବା, ମନ୍ଦ କାର୍ଯ୍ୟରେ ପ୍ରବର୍ତ୍ତାଇବା, ହିହାଇବା ।

**ଟୋକା**, ବ. (ତୋକ ଶବ୍ଦଜ = ଅପତ୍ୟ) ପିଲା, ବାଳକ, ଯୁବକ ।

**ଟୋକାଇ** } **ଟୋକେଇ** } ବ (ଦେଶଜ) ବେଭୁଲି, ବେତା, ବଂଶ ବା ବେତନିର୍ମିତ ପାତ୍ରବିଶେଷ ।

**ଟୋକୀ** } **ଟୋକଳ** } ବ (ଦେଶଜ) ଅଳ୍ପବୟସ୍କା ସ୍ତ୍ରୀ, ବାଳିକା । ଯଥା—

ଟୋକୀ କେ ଗୋପେ ରହିବେ ତା ଶୁଣି,
ହାଉ ହାଉ ହେବେ ଯୁବରମଣୀ । ବ. ଚ.

**ଟୋଙ୍କିବା**, କ୍ରି. (ଦେଶଜ) ଝୁଣ୍ଟିବା, ବାଡ଼ିବା, ଚୋଟ ଦେବା, ଖୁଣ୍ଟିବା, ଚଞ୍ଚୁ୍ୟାଦି ଗୋଡ଼ାଇ ଚର୍ବଣ କରିବା ।

**ଟୋପ**, ବ. (ଦେଶଜ) ଖାଲ, କାରାଗାର, କାଷ୍ଠ ଧରିବା ସକାଶେ ଯେଉଁ ଗର୍ତ୍ତ ଖୋଳା ଯାଏ । ଯଥା—

× ଣ କ ଅନ୍ଧ କହନ୍ତି ହରି,
ଟୋପ ପ୍ରାୟ ମୋ ମନ ମତ୍ତ କରି । ବ ଚ.

**ଟୋପର**, ବ. (ଦେଶଜ) ମୁକୁଟ, ମସ୍ତକାବରଣ, ମହ ବା ବାଉଁଶନିର୍ମିତ ମସ୍ତକର ଆଚ୍ଛାଦନବିଶେଷ, ବନ୍ୟ ପକ୍ଷୀବିଶେଷ ।

**ଟୋପା**, ବ. ( ଦେଶଜ ) ବିନ୍ଦୁ, ଜଳବିନ୍ଦୁ, ଜଳାଦି ତରଳ ପଦାର୍ଥର ଅଳ୍ପ ପରିମାଣ ।

**ଟୋପି** } **ଟୋପୀ** } ବ. (ଦେଶଜ ଶିରସ୍ତ୍ରାଣ ବା ମସ୍ତକାବରଣ, ଜଳକଣ, ଡାଙ୍ଗ ବା ସ୍ଥୂଳ ଖୋଳ ଗୁଣ୍ଡୁ । (ଜଳକଣ ଅର୍ଥରେ) ଯଥା —

ଟୋପିଏ ସ୍ନେହନା ଯେବେ କପାଳେ,
ଚାକା ଦେଖି ମୋହ ହେବେ ଅଖିଳେ ।

**ଟୋଲ**, ବ. ( ବଙ୍ଗଭାଷା ) ଚତୁଷ୍ପାଠୀ, ସଂସ୍କୃତ ପାଠଶାଳା, ମନ୍ଥଲ ଫଳ ଓ ଗଛ ।

**ଟୋଲ୍ଲ**, ବିଂ. (ଦେଶଜ) ଚେପା, ଆଘାତ ପାଇ ଧାତୁନିର୍ମିତ ଜଳପାତ୍ରାଦିର କୌଣସି ଅଂଶ ଦବି ଗଲେ ତାହାକୁ "ଟୋଲ୍ଲ" କହନ୍ତି ।

———

# ଠ

**ଠ**, ବ୍ୟଞ୍ଜନବର୍ଣ୍ଣର ଦ୍ୱାଦଶବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ ମୂର୍ଦ୍ଧା । ବି. ପୁଂ. ଶିବ, ମହାଧ୍ୱନି, ଚନ୍ଦ୍ରମଣ୍ଡଳ, ଶୂନ୍ୟ, ଇନ୍ଦ୍ରିୟଗୋଚର ।

**ଠଉର**, ବି. ( ସ୍ଥା ଧାତୁଜ ) ସ୍ଥିରତା, ଠିକଣା, ଅନୁମାନ ।

**ଠଉରାଇବା**, କ୍ରି. ( ସ୍ଥା ଧାତୁଜ ) ଖୋଜିବା, ଅନୁମାନ କରିବା, ସ୍ଥିର କରିବା ।

**ଠଉରିବା**, କ୍ରି. ( ସ୍ଥା ଧାତୁଜ ) ଅବସ୍ଥାନ, ସ୍ଥିର ରହିବା । ଯଥା —

ଠାବ ନାହିଁ ମହାବାନ୍ଧ, ଠଉରବ ମୁଁ କେମନ୍ତେ ଆଜ ।

**ଠକ** }
**ଠଗ** } ବିଂ. ( ଦେଶଜ ) ଖଳ, ଦୁଷ୍ଟ, ପ୍ରତାରକ, ପ୍ରବଞ୍ଚକ ।

**ଠକ୍‌ଠକ୍**, ଅଂ. ଅନୁକରଣ ଶବ୍ଦବିଶେଷ । ବି ଶୂନ୍ୟ ।

**ଠକାଠକି**, ବିଂ. ( ଠକ ଶବ୍ଦଜ ) ଭଣ୍ଡାଭଣ୍ଡି ।

**ଠକାଇବା**, କ୍ରି. (ଠକ ଶବ୍ଦଜ) ପ୍ରତାରିତ କରିବା, ଅବଲମ୍ବନ କରିବା, ଆଶ୍ରୟ ଦେବା ।

**ଠକାମି**, ବିଂ. (ଦେଶଜ) ପ୍ରତାରଣା, ଠକାଇବା ।

**ଠକାର**, ବି. ( ଦେଶଜ ) ଠକପଣ, ସଙ୍କେତ କପଟ ।

**ଠକିବା**, କ୍ରି. (ଠକ ଶବ୍ଦଜ) ପ୍ରତାରିତ କରିବା, ପ୍ରତାରିତ ହେବା ।

**ଠକ୍କୁର**, ବି. ପୁଂ. ଦେବତା ପ୍ରତିମା, ଠାକୁର ।

**ଠଣ**, ବି. (ଦେଶଜ) ଅଙ୍ଗର ଶୋଭା, ଗଠନ । ଯଥା—

ଠଣ ସୁନ୍ଦର ଶିରୋମଣି, ଠିକେ କମଳା ଯାର ରାଣୀ ।

**ଠଣଠଣ**, ଅଂ. ( ଅନୁକରଣ ଶବ୍ଦ ) ଶବ୍ଦବିଶେଷ ।

**ଠଣା**, ବି. ( ଦେଶଜ ) ଥାକ, କାନ୍ଥକୁରା, ପ୍ରଦୀପର ସ୍ଥାନ । ଯଥା—

ବଣାରୁ ଦନ୍ତବାଉ ଠଣାରୁ ପଳାଯିବ
ଉତର କପି ଉଚ୍ଚତର ନସେ । ବୈ. ବି.

ବନ୍ଧୁଙ୍କ ଇଙ୍ଗିତ ଦ୍ୱାରା ମସ୍ତକରେ ଅଘାତବିଶେଷ । ଯଥା —

ଠଣା ଠୁଙ୍କି ଢାପନାସ ଦଣ୍ଡେ ମନମଥ ପାଶ
ବନ୍ଧନ କଲୁ ସିନା ହେମାଭେ ମୋ ଶତରେ । ବି, ଚ,

**ଠଣ୍ଠର**, ବି. (ଦେଶଜ) ନେତ୍ରଦ୍ୱାରା ସଙ୍କେତ କରିବା ।

**ଠସ**, ବି. (ଦେଶଜ) ଗୁଣ୍ଡି, ପରିହାସ । ଯଥା -

ଶଠ ବୁଦ୍ଧ ଧିଠ ଲମ୍ପଟ ନାୟକ
ବିଦେଶକୁ ଯିବା କଥା ସତ କି ଅବା ଠସ ।

**ଠସା**, ବି. (ଦେଶଜ) ଟାପରା, ଥଟ୍ଟା, ଗୁଣ୍ଡି ।

**ଠା**, }
**ଠାଅ** } ବି. ( ଦେଶଜ ) ସ୍ଥାନ, ଜାଗା, ଭୋଜନର ସ୍ଥାନ, ପୀଢ଼ାପାଣି ।

**ଠାଇଁ**, ବି. ( ଦେଶଜ ) ସ୍ଥାନରେ, ସମୀପରେ ନିକଟରେ, ଥୁଆଥୋଇ, ବିଧବାର ପୁନର୍ବିବାହ ।

**ଠାଇବା**, କ୍ରି. ( ସ୍ଥିତ ଶବ୍ଦଜ ) ସ୍ଥିର ହେବା, ରହିବା । ଯଥା—

ଅଛି ବଡ଼ ହାଣ୍ଡି ସେ ଧାର, ନେନ ନ ଠାଇଲ ଉହିଁର ।

**ଠାକୁର**, ବି. (ଠକ୍କୁର ଶବ୍ଦଜ) ଦେବତା, ପ୍ରଭୁ, ମାନ୍ୟବ୍ୟକ୍ତି ।

**ଠାକୁରାଣୀ**, ବି. (ଠାକୁର-ଆଣୀ) ଦେବୀ, ରାଣୀ, ଗୃହିଣୀ ।

**ଠାଣି**, }
**ଠାଣୀ** } ବି. (ଦେଶଜ) ପ୍ରକାର, ଅଙ୍ଗଭଙ୍ଗୀ, ଶୋଭା, ଆକୃତି । ଯଥା—

ଭଲ ସେ ରୂପଠାଣୀ କହିଁ ନ ହିଁ ରେ ।

**ଠାପୁଆ**, ବିଂ. (ଦେଶଜ) ଅଳସୁଆ, ମଠୁଆ । ଯଥା—

କେହୁ ବା ଠାପୁଆପଣେ, ଧର୍ମ ଧ୍ୱଜ ଧରି,
ପରଠାରୁ ସଦା ଅର୍ଥଶୋଷଣ-ପ୍ରୟାସୀ
ଧର୍ମ ନାମେ, ନିଜ ପେଟପୋଷଣ ସକାଶେ । ମ. ସା.

**ଠାବ**, ବି. ( ସ୍ଥା ଧାତୁଜ ) ସ୍ଥାନ, ଠିକଣା । ଯଥା —

ଠାବ ନାହିଁ ମହାବାନ୍ଧ, ଠଉରବ ମୁଁ କେମନ୍ତେ ଆଜ ।

**ଠାର**, ବି. ( ଦେଶଜ ) ଇଙ୍ଗିତ, ସଙ୍କେତ ।

ଠାର, ବ. (ଦେଶଜ) ସଙ୍କେତ, ଇସାରା ।

ଠାରିବା, କ୍ରି. ( ଦେଶଜ ) ସଙ୍କେତ କରିବା, ଇସାରା କରିବା ।

ଠିଅ, ବି. (ଦେଶଜ) ଛିଡ଼ା, ଉଭା ।

ଠିକ୍, ବି°. (ଦେଶଜ) ଯଥାର୍ଥ, ଉଚିତ ।

ଠିକ, ବି°. ( ଦେଶଜ ) ଠୁଳ, ଗାଦି, ମୋଟ ସମଷ୍ଟି, ନିଶ୍ଚିତ । ଯଥା —

ଠିକେ ମୁଁ କହୁଛୁ ଭୋଟେ, ଠାବ ଦେଇଥିବୁ ତତେ ।

ଠିକଣା, ବି. (ଦେଶଜ) ନିଶ୍ଚିତ ସ୍ଥାନ, ନିଦର୍ଶନ ଠାବ ।

ଠିକା, ବି°. (ଦେଶଜ) ଅଚିରସ୍ଥ, ଅସ୍ଥାୟୀ, ସାମୟିକ । ବି. ନିର୍ଦ୍ଦିଷ୍ଟ ପ୍ରାପ୍ୟରେ ଚୁକ୍ତି ।

ଠିକାଦାର, ବି. (ଯାବନିକ) କାନଚରାଟି ବା କଣ୍ଟ୍ରାକ୍ଟର ।

ଠିକିବା, କ୍ରି. (ଦେଶଜ) ବାଧା ପାଇବା, ଚେଙ୍ଗ ପାଇବା ।

ଠୁକ୍ଠୁକ୍, ଅ°. (ଅନୁକରଣ ଶବ୍ଦ) ଶବ୍ଦ-ବିଶେଷ ।

ଠୁକିବା } କ୍ରି. (ଦେଶଜ) ଆଘାତ କରିବା,
ଠୁକ୍କିବା } ପ୍ରହାର କରିବା ।

ଠୁଙ୍ଗା, ବି°. (ଦେଶଜ) ଗେଡ଼ା, ବାଙ୍ଗର ।

ଠୁଣୁକା } ବି°. (ଦେଶଜ) ବାଙ୍ଗରା, ଖୋଟ,
ଠୁଣା } ଖର୍ବ ।

ଠୁଣୁଠୁଣୁକା } ବି. (ଦେଶଜ) ସାଧାରଣ
ଠୁଣୁଠୁଣୁକିଆ } ଔଷଧ, ଭୁଟୁକା ।

ଠୁଣ୍ଟା, ବି°. (ଦେଶଜ) ବାମନ, ଖର୍ବ, ଗେଡ଼ା ।

ଠୁଳ, ବି°. (ସ୍ଥୂଳ ଶବ୍ଦଜ) ସମୂହ, ଏକତ୍ର, ରୁଣ୍ଡ, ଠିକ । ଯଥା—

ନବୀଶଯ୍ୟା ନବୀବନ୍ଧ ନବୀକୂଳ
ସବୁଠାରେ ଲୋକେ ହୋଇଛନ୍ତି ଠୁଳ । ନ. କେ

ଠୁଲି, ବି. (ଦେଶଜ) ମସ୍ତକାବରକ ହାଡ଼, ମୁଣ୍ଡର ହାଡ଼, ଖପୁରି ।

ଠେକ, ବି. (ଦେଶଜ) ଠେଁସ, ଅବଲମ୍ବନ, ଆଶ୍ରୟ, ଅଟକ, ଉଚ୍ଚ ।

ଠେକରା, ବି. (ଦେଶଜ) ଠେକ ।

ଠେକା, ବି. (ଦେଶଜ) ପାଗଡ଼ିପରି ମୁଣ୍ଡରେ ଲୁଗା ବାନ୍ଧିବା ।

ଠେଙ୍ଗ, ବି. (ଦେଶଜ) ଭାଣ୍ଡ, ମୃତ୍ତିକାପାତ୍ର-ବିଶେଷ ।

ଠେକୁଆ, ବି. (ଦେଶଜ) ଶଶକ, ମୃଗବିଶେଷ ।

ଠେଙ୍ଗ, ବି. (ଦେଶଜ) ନଳୀଗୋଡ଼, ଉଚ୍ଚ-ଭୂମି ।

ଠେଙ୍ଗା, ବି. (ଦେଶଜ) ବଡ଼ ବାଡ଼ି, ଯଷ୍ଟି, ଦ୍ରବ୍ୟବିଶେଷ ।

ଠେଙ୍ଗାଠେଙ୍ଗି, ବି. ( ଦେଶଜ ) ପିଟାପିଟି, ମରାମରି, ବାଡ଼ିଆବାଡ଼ି ।

ଠେଙ୍ଗି, ବି. (ଦେଶଜ) ଗଣ୍ଠି, ହାଡ଼ର ଯୋଡ଼ ।

ଠେଙ୍ଗେଣୀ, ବି. ( ଦେଶଜ ) ସାନ ବାଡ଼ି, ଗୋରୁ ପ୍ରଭୃତିଙ୍କ ପଞ୍ଜରର ହାଡ଼ ।

ଠେଲ୍ଲା, ବି. (ଦେଶଜ) ପେଲ୍ଲା ।

ଠେଲ୍ଲାଠେଲି, ବି. (ଦେଶଜ) ପେଲ୍ଲାପେଲି ।

ଠେଲିବା, କ୍ରି. ( ଦେଶଜ ) ପେଲିବା, ଏକଆଡ଼କୁ ଚଳାଇବାକୁ ବଳପ୍ରୟୋଗ କରିବା ।

ଠେସ } ବି. (ଦେଶଜ) ଅବଲମ୍ବନ, ଆଶ୍ରୟ,
ଠେଁସ } ପେଲ୍ଲା ।

ଠେଁସା, ବି°. ( ଦେଶଜ ) ଠାପୁଆ, ଅଳସୁଆ, ପେଲ୍ଲା ।

ଠେଁସିବା, କ୍ରି (ଦେଶଜ) ପେଲିବା, ନ ମାନିବା, ଲଙ୍ଘିବା ।

ଠୋ, ଅ°. (ଅନୁକରଣ ଶବ୍ଦ) ଶବ୍ଦବିଶେଷ । ଯଥା —

ଠୋ କରି ଛୁଟାଇ ଦେ ନା, ପ୍ରିୟସଖି ମୋ ବେଦନା । ବ. ଚ.

ଠୋକର, ବି. (ହିନ୍ଦୀ) ବାଧା, ଆଘାତ ।

ଠୋଠୋ, ଅ° (ଅନୁକରଣ ଶବ୍ଦ) ହାସ୍ୟବିଶେଷ, ଶବ୍ଦବିଶେଷ ।

ଠୋଲ୍ଲା, ବି. (ଦେଶଜ) ପତ୍ରନିର୍ମିତ ପାତ୍ର, ଚୌପଖା, ଦୋନା ବା ଦନା ।

ଠୋସ, ବି. (ଦେଶଜ) ଦମ୍ଭ, ତ୍ରାଣ । ବିଂ. ଖଣ୍ଡ ।

---

# ଡ

ଡ, ବ୍ୟଞ୍ଜନବର୍ଣ୍ଣର ତ୍ରୟୋଦଶ ବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ ମୂର୍ଦ୍ଧା । ବି. ପୁଂ. ଶିବ, ଶବ୍ଦ, ତ୍ରାସ, ବାଡ଼ବାଗ୍ନି । ସ୍ତ୍ରୀ. ଡାକିନୀ ।

ଡଉଁରିଆ } ବି. (ଦେଶଜ) ହସ୍ତ ବା କଣ୍ଠା-
ଡେଉଁରିଆ } ଭରଣ ଅଳଙ୍କାରବିଶେଷ ।

ଡଉଲ ବିଂ. (ଦେଶଜ) ସୁନ୍ଦର । ବି. ଠେନ, ଢେଉ ।

ଡକରା, ବି. (ଦେଶଜ) ଆହ୍ୱାନ ।

ଡକା, ବି. (ଦେଶଜ) ଚିତ୍କାର, କ୍ରନ୍ଦନ, ଆହ୍ୱାନ, ଚହଳ । ଯଥା—

ବାଳକଯାକ ହେଲେ ଗୋପରେ ଡକା
କହିଁଲା ପୁଅର ଗ୍ରେର ନାଟକା । ର. କ.

ଡକାଇତ } (ହିନ୍ଦୀ ଖଣ୍ଡ, ଖଲଦ୍ରୋହ ।
ଡକାଏତ }

ଡକାଡକି, କ୍ରି. ବି. ( ଦେଶଜ ) ପରସ୍ପରର ଆହ୍ୱାନ ।

ଡକାବୋବାଳି, କ୍ରି. ବି. ( ଦେଶଜ ) କାନ୍ଦ-ବୋବାଳି ।

ଡଗଡଗ, କ୍ରି. ବିଂ. (ଦେଶଜ) ଶୀଘ୍ର ଶୀଘ୍ର, ଚଞ୍ଚଳ ଚଞ୍ଚଳ ।

ଡଗର, ବି. (ଦେଶଜ) ଦୂତ, ଚର । ଯଥା—

ଅଙ୍କ ପ୍ରମାଣେ ଡଗର ଅଇଲା,
କଂସ ଅଙ୍କା ବୋଲି ଗୋପେ କହିଲା ।

ଡଗରା, ବି (ଦେଶଜ) ପ୍ରଘୋଷକ ଅର୍ଥାତ୍ ଯେଉଁ ବ୍ୟକ୍ତିଦ୍ୱାରା ଘୋଷଣା ପ୍ରଚାରିତ ହୁଏ, ଦୂତ । ଯଥା—

କୁମ୍ଭାରୁଆ ଖର ପ୍ରଚଣ୍ଡବେଗେ
ରଙ୍ଗେ ବଜାଇଣ ବାନଜନାରସ । ନ କେ.
ବିଂ. ନିଷ୍ଫଳଗଞ୍ଜକାରୀ ।

ଡଙ୍କ, ବି. (ଦେଶଜ) ଲତାର କୋମଳ ଅଗ୍ର ।

ଡଙ୍କା, ବି. (ଦେଶଜ) ଅଙ୍କୁଶ, ଡାଳି ପ୍ରଭୃତି ଘୋଷିବାର ଏକପ୍ରକାର ଯନ୍ତ୍ର ।

ଡଙ୍କାର, ବି. (ଦେଶଜ) କଣ୍ଟକ ବୃକ୍ଷବିଶେଷ ।

ଡଙ୍କି, ବି. (ଦେଶଜ) ତମ୍ବା ବା ପିତ୍ତଳନିର୍ମିତ ସାନ ହଣ୍ଡା, ଗୁମଚା ।

ଡଙ୍କୁଣୀ, ବି ସ୍ତ୍ରୀ (ଡାକିନୀ ଶବ୍ଦଜ) ଡାହାଣୀ ।

ଡଙ୍ଗା, ବି. (ଦେଶଜ) ନୌକା, ଜଳଯାନ ।

ଡଜନ, ବିଂ. (ଇଂ.) ବାରଗୋଟା ପରିମାଣ ।

ଡମ, ବି. ପୁଂ. (ଦେଶଜ) ଜାତିବିଶେଷ, ନୀଚ-ଜାତି ।

ଡମଣ } ବି. (ଦେଶଜ) କବାଟରେ ଲଗାଇବା
ଡମଣି } ଲୁହା କବ୍ଜାବିଶେଷ ।

ଡମରୁ, ବି. ପୁଂ. (ଡମ=ଅନୁକରଣ ଶବ୍ଦ-ଋ=ଗମନ କରିବା-ଉ) ବାଦ୍ୟବିଶେଷ, ଡୁବଡୁବ ବାଦ୍ୟଯନ୍ତ୍ର ।

ଡମଡୌଲ, ବିଂ. (ଦେଶଜ) ଅମିତବ୍ୟୟୀ ।

ଡମ୍ଫା, ବିଂ. (ଦେଶଜ) ଉଦ୍ଧତ, ଅଗଚଲା, ଅଗବେଲା, ଡବଡବା, ଫମ୍ପା ।

ଡମ୍ବର, ବିଂ. (ଡମ୍ବ ଅର) ଉଦ୍ଧତ, ବିଖ୍ୟାତ । ବି. ପୁଂ. ଉତ୍କର୍ଷ । ଆଡ଼ମ୍ବର ।

ଡମ୍ବରୁ, ବି. (ଡମରୁ ଶବ୍ଦଜ) ଡମରୁନାମକ ବାଦ୍ୟଯନ୍ତ୍ର ।

ଡର, ବି. (ହିନ୍ଦୀ, ଦର ଶବ୍ଦଜ) ଭୟ । ଯଥା—

ଡର ନାହିଁ କି ହେ ପର ରମଣୀ ହରଣେ । କ. ଚ;

ଡରକୁଳା, ବିଂ. (ଦେଶଜ) ଡରୁଆ ।

ଡରାଇବା, କ୍ରି. ଭୟ ଦେଖାଇବା ।

ଡରାଣ, ବିଂ (ଦେଶଜ) ଭୟ, ଡରାଇବା ।

ଡରିବା, କ୍ରି. ଭୀତ ହେବା ।

ଡରୁଆ, ବିଂ. ( ଦର ଶବ୍ଦଜ ) ଭୟାଳୁ, ଡରକୁଳା ।

**ଡବଡବ**, ଅଂ. (ଅନୁକରଣ ଶବ୍ଦ ଶବ୍ଦବିଶେଷ।

ଯଥା—

ଡବଡବ ବାଜୁ ନିଃସରବ ଗୀତ ପ୍ରହରେ କମ୍ପିକମ୍ପି।

**ଡବଡବା**, ବିଂ. (ଦେଶଜ) ଡମ୍ଫା, ଯାହା ପେଟରେ କଥା ରହେ ନାହିଁ।

**ଡହକ୍**, (ଦାହ ଶବ୍ଦଜ) ତାତି, ତପ୍ତ।

**ଡହଡ** } ବିଂ. (ଦହ ଧାତୁଜ) ଗରମ,
**ଡହଡହ** } ଉତ୍ତପ୍ତ। ଯଥା—

ଡହଡହ ହେବ ମୃଦୁ ଅପୂର୍ବ ଶ୍ୟାମ ଶ୍ରୀଅଙ୍ଗୁଷ୍ଠ ଛେଇଁ।

**ଡହରା**, ବିଂ. (ଦେଶଜ) ଡମ୍ଫା, ଯାହା ପେଟରେ କଥା ରହେ ନାହିଁ, ନାରଦ।

**ଡହଲବିକଲ**, ବିଂ. (ଦେଶଜ) ଶୋକରେ କାତର ହେବା, ଶୋକାକୁଳ, ଚିନ୍ତାବିଦଗ୍ଧ।

**ଡାଅଣା** } ବିଂ. (ଦେଶଜ) ଲୋଭୀ, ରଙ୍କ,
**ଡାହାଣା** } ଅହାରଲୋଭୀ।

**ଡାଅଣୀ** } ବି. ସ୍ତ୍ରୀ. (ଡାକିନୀର ଅପଭ୍ରଂଶ)
**ଡାହାଣୀ** } ଯୋଗିନୀ, ଅପଦେବତାଙ୍କର ଗୁଣିଯୁକ୍ତା ସ୍ତ୍ରୀ।

**ଡାଆଁଶ**, ବି (ଦଂଶ ଶବ୍ଦଜ) ଦଂଶକ, ପଶୁଦଂଶକ, ମକ୍ଷିକା।

**ଡାକ**, ବି. ପୁଂ. ପିଶାଚବିଶେଷ, ଆହ୍ୱାନ ଶବ୍ଦ, ଚିତ୍କାର, ସମ୍ବାଦ (Post)।

**ଡାକଘର**, ବି. (ବିଦେଶଜ) ଚିଠିପତ୍ର ଆଦାନ-ପ୍ରଦାନାର୍ଥ ନିର୍ଦ୍ଦିଷ୍ଟ ଗୃହ ବା ସ୍ଥାନ।

**ଡାକରା**, ବି. (ଦେଶଜ) ନିମନ୍ତ୍ରଣ।

**ଡାକି**, ବି. (ଦେଶଜ ଡମରୁ। ଯଥା—

ଡାକି ମଧ୍ୟମାକୁ ଡାକି ଆଣିବାକୁ ଠୋକୁ କହି ଭରସା।
ବି. କ

**ଡାକିନୀ**, ବି. ସ୍ତ୍ରୀ (ଡାକ—ଇ-ନୀ) ଡାହାଣୀ, ପିଶାଚୀ।

**ଡାକିବା**, କ୍ରି. (ଦେଶଜ) ଆହ୍ୱାନ କରିବା।

**ଡାକୁ**, ବିଂ. (ଦେଶଜ) ଦସ୍ୟୁ। ବି. ଡକାଏତ।

**ଡାକୁଅ**, ବିଂ. (ଦେଶଜ) ଆହ୍ୱାନକାରୀ।

**ଡାଗରପୁଅ**, ବି. (ଦେଶଜ) ଏକପ୍ରକାର କାଠିଖେଳ।

**ଡାଗରା**, (ଦେଶଜ) କେଶକୀଟବିଶେଷ, ଝିଙ୍କା।

**ଡାଙ୍କେଣୀ**, ବି. (ଡାକିନୀ ଶବ୍ଦଜ) ଡାହାଣୀ।

**ଡାଙ୍ଗ**, ବି. (ଦେଶଜ) ଯଷ୍ଟି, ପାଞ୍ଚଣ, ଯଷ୍ଟି-ବିଶେଷ। ଯଥା—

ଯେତେ ମଣ୍ଡାଙ୍କୁ ଦେଖଇ ଆଗେ
ଧାଇଁ କରି ବାଡ଼ୀ ପିଟଇ ଡାଙ୍ଗେ।

**ଡାମର**, ବି. ପୁଂ. (ଡମ-ଅର) ତନ୍ତ୍ରଶାସ୍ତ୍ରବିଶେଷ। ବିଂ. ଉଦ୍ଧତ।

**ଡାମରିକୁଅ**, ବି. କଡକଡ କାଉ।

**ଡାମ୍ଫଣ**, ବି (ଦେଶଜ ବଡ଼ କୁମ୍ଭ।

**ଡାଳ**, ବି. (ଦେଶଜ) ଶାଖା। ଯଥା—

ତରୁଡାଳେ ବସି ପିକ ଭୃଙ୍ଗ ପ୍ରେମ ଗୀତ,
ମନୋହର ଧ୍ୱନେ ଗାଇ ରମେ ଲୋକଚିତ୍ତ। ବି. ବି.

**ଡାଳଚିନି**, ବି. (ଦାରୁଚିନି ଶବ୍ଦଜ) ମିଷ୍ଟ ତ୍ୱକ୍ବିଶେଷ, ଗୁଡତ୍ୱକ।

**ଡାଳଖାଇ**, ବି ଦେବୀବିଶେଷ, ଗଡ଼ଜାତ ଅଞ୍ଚଳର ଅସଭ୍ୟ ସ୍ତ୍ରୀମାନଙ୍କର ନୃତ୍ୟ-ବିଶେଷ।

**ଡାଲ୍ମା**, ବି. (ଡଲ୍ଲକ ଶବ୍ଦଜ) ବାଉଁଶନିର୍ମିତ ପାତ୍ରବିଶେଷ, ଚାଙ୍ଗୁଡ଼ି।

**ଡାଲି**, ବିଂ. (ଦେଶଜ) ସାନ ଡାଲ, ଏକପ୍ରକାର ହିଆର।

**ଡାଳିମ**, ବି. ପୁଂ. (ଦଲ ଅ-ଇମ) ଡାଳିମ୍ବଗଛ। ସ୍ତ୍ରୀ. ଡାଳିମ୍ବ ଫଳ।

**ଡାଳିମ୍ବ**, (ଡାଳିମ ଶବ୍ଦଜ) ଡାଳିମ୍ବ ଫଳ ଓ ଗଛ।

**ଡାଲି**, ବି ଦେଶଜ) ହରଡ଼, ମୁଗ, ବିରି, ମସୁର ପ୍ରଭୃତି ଶସ୍ୟ, ଉକ୍ତ ପଦାର୍ଥର ସିଝା ଖାଦ୍ୟ-ଦ୍ରବ୍ୟବିଶେଷ, ଭେଟି, ଉପହାର।

**ଡାଲୁଅ** } ବି. (ଦେଶଜ) ଧାନ୍ୟବିଶେଷ,
**ଦାଲୁଅ** } ଗ୍ରୀଷ୍ମ ଋତୁରେ ଯେଉଁ ଧାନ୍ୟ ହୁଏ।

ଢାବ, ବି. ଔଷଧ ଭାଳିକା ।

ଢାବା, ବି°. (ବନ୍ଧ ଧାତୁଜ) ବନ୍ଧ, ଯୋଡ଼ା । ସମ୍ପୂର୍ଣ୍ଣ । ଯଥା - ଢାବା ମନ୍ଥ ।

ଢାହାଣ, ବି. (ଦକ୍ଷିଣ ଶବ୍ଦଜ) ଦକ୍ଷିଣ ।

ଢାହାଣୀ, ବି°. (ଦେଶଜ) ଖାଦ୍ୟଡମ୍ଫୀ ।

ଢାଳ୍ଛି, ବି. ବୃକ୍ଷଶାଖା ।

ଢାହୁକ, ବି. ( ଦାତ୍ୟୂହ ଶବ୍ଦଜ ) କାଳକଣ୍ଠକ, ପକ୍ଷିବିଶେଷ ଯଥା—

> ଢାହୁ ଢାହୁକ କେଙ୍କୀ କେକରବ ଘନ ଘନ ଚମକେ ।

ଢିଅଁ, କ୍ରି. ବି. (ଦେଶଜ) କୁଦା, ଲମ୍ଫ, ବାଡ଼ଏଲଗ୍ନ ଢେଇଁଯିବା ପଥ । ବି. ଯନ୍ତ୍ରାମକ, ଭୂତା ।

ଢିକ୍ରି } ବି (ଇଂ. ଡିକ୍ରି ଶବ୍ଦଜ) ମକଦମାରେ
ଢିଗ୍ରି } ଜୟ ।

ଢିଙ୍ଗର, ବି. ପୁଂ. (ଲିଙ୍ଗ=ଯାଇବା-ଅର, ଲ=ଡ) ସେବକ, ଦାସ, ନୀଚଲୋକ, ଲମ୍ପଟ, ସ୍ଥୂଳକାୟ ବ୍ୟକ୍ତି, ନିକ୍ଷେପ, ପଠାଇବା । ବି°. ଶଠ, ଧୂର୍ତ୍ତ ।

ଢିଙ୍ଗା, ବି. (ଦେଶଜ) ବଡ଼ ଉକୁଣି, କେଶକୀଟ ।

ଢିଙ୍ଗୀ, ବି. (ଦେଶଜ) କ୍ଷୁଦ୍ର ନୌକା ।

ଢିଣ୍ଡିମ, ବି. ପୁଂ. (ଢିଣ୍ଡି=ଅନୁକରଣ ଶବ୍ଦ-ଟି=କ୍ଷେପଣ କରିବା-ଅ ) ନାଗରା, ବାଦ୍ୟଯନ୍ତ୍ରବିଶେଷ ।

ଢିମିରି, ବି. ( ଉଦୁମ୍ବର ଶବ୍ଦଜ ) ଫଳବିଶେଷ, ବୃକ୍ଷବିଶେଷ ।

ଢିମ୍ବ, ବି. ପୁଂ (ଡିବ୍-ବ-ଅ) ଅଣ୍ଡା, ଡିମ, ପ୍ରଜାପତି ପ୍ରଭୃତି କୀଟାଦିର ଶୈଶବକାଳୀନ ଅବସ୍ଥାବିଶେଷ, ଅଳ୍ପବୟସ୍କ ଜନ୍ତୁ, ଭୟଜନିତ ଚିତ୍କାର, ବିବାଦ, କଳହ, ବିପ୍ଳବ, ଫୁସଫୁସ, ପ୍ଳୀହା ।

ଢିମ୍ବଜ, ବି°. (ଡିବ୍-ଜନ୍-ଅ) ଡିମ୍ବରୁ ଜାତ । ବି. ପକ୍ଷୀ ।

ଢିମ୍ବ } ବି. ପୁଂ. ( ଡିଭ୍-ଅ, ଅକ) ଶିଶୁ ।
ଢିମ୍ବକ } ବି°. ମୂର୍ଖ, ଅଜ୍ଞ ।

ଢିବା } ବି. ( ଦେଶଜ ) ଧାନ ରଖିବାର
ଢିବିଆ } ପାତ୍ରବିଶେଷ, ଧାନ୍ୟାଦି ମାପିବାର ପାତ୍ରବିଶେଷ ।

ଢିବି } ବି. ( ଦେଶଜ ) କର୍ପୂର ଢାଳିବାର
ଢିବିରି } ଉପଯୋଗୀ କ୍ଷୁଦ୍ର ଦୀପବିଶେଷ ।

ଢିବିଢିବି, ଅ°. ଧ୍ୱନିବିଶେଷ, ଢିଣ୍ଡିମଧ୍ୱନି ।

ଢିହ, ବି. ( ଦେଶଜ ) ବାସଯୋଗ୍ୟ ଉଚ୍ଚ ଭୂମି, ଯକ୍ଷ୍ମୀଙ୍କ ଅଧାର । ଯଥା—

> ବାଡ଼ ଧରି ବୁଢ଼ୀ କରଇ କୋହ,
> ଅଡ଼ ଭିହାଡ଼କୁ ମାରଇ ଢିହ ।

ଢୁଇଁ, ବି. ( ଦେଶଜ) ଆକୁଳଯୁକ୍ତ, ବ୍ୟାକୁଳ । ଯଥା—

> ଡାକି ଚ କଣ ମୋହନ ବଂଶୀରବେ ବହିର ସୁରେ ଏ ବନେ,
> ଢୁଇଁ ହେବୁ ସିନା ଆମ୍ଭେ ଫଳ ବନା ନ ପଡ଼ୁ ଛା ଆମ୍ଭ କାନେ ।
> ବ, ଚ.

ଢୁଣ୍ଡୁ, ବି. (ଦେଶଜ) ଏକପ୍ରକାର ଖେଳ ।

ଢୁଣ୍ଡୁ } ବି. ପୁଂ. (ଢୁଣ୍ଡୁ-ଭ) ଧଣ୍ଡ ସାପ ।
ଢୁଣ୍ଡୁଭ }

ଢୁବନ, ବି. ନ. (ଦେଶଜ) ନିମଜ୍ଜନ, ଅବଗାହନ, ଡୁବିବା ।

ଢୁବିବା, ବି. (ଦେଶଜ) ଜଳରେ ବୁଡ଼ିବା । ଅସ୍ତ ହେବା । ଯଥା—

> ଡୁବନ୍ତି ଯନ୍ତ୍ରାଳେ ରବି ହେମଛବି,
> ଯାରେ ଦେଖିବାର ଶିଷ୍ୟଙ୍କେ ରବି । ନ. କେ.

ଢୁବି } ବି. (ଦେଶଜ) ନିମଜ୍ଜନ, ବୁଡ଼ ।
ଢୁବା }

ଢେଇଁବା, କ୍ରି. ( ଦେଶଜ ) କୁଦିବା, ଲମ୍ଫ ଦେବା ।

ଢେକ୍ତ, ବି. (ଯାବନିକ ଧାତୁନିର୍ମିତ ପାକପାତ୍ର ।

ଢେଙ୍ଗା, ବି°. (ଦେଶଜ) ଲମ୍ବା, ଅତି ଉଚ୍ଚ ।

**ଢେଙ୍କୁର୍**, ବି. (ଦେଶଜ) କାଗଜ୍ ।

**ଢେଣା**, ବି. (ଡୀ ଧାତୁଜ) ପକ୍ଷ, ହାତ ।

**ଢେଣ୍ଟୁଅ**, ବି. (ଦେଶଜ) ପଥରର ଟେଲା, ଟେକା, ଢେଳା, ବୋଲୁଅ ।

**ଢେମ୍ପ**, (ଦେଶଜ) ଫଳ ଓ ଫୁଲର ନାଡ଼, ବାଦ୍ୟ-ବିଶେଷ ।

**ଢେର୍**, ବି. (ଯାବନିକ) ବସ୍ତ୍ରନିର୍ମିତ ଗୃହ, ବସାଘର ।

**ଢେଲ୍**, ବି. ( ଦେଶଜ ) ବିଲମ୍ବ ଡେରି ।

**ଢେରିବା**, କ୍ରି. ( ଦେଶଜ ) ସଲଖାଇବା, ଆଉଜାଇବା । ଯଥା—

ଢେରି କର୍ଣ୍ଣପଥ, ଶୁଣ ମୋ ଆରତି, ଆହେ ନାଥ କଳ୍ପତରୁ ।

ସଳଖ କରି ଥୋଇବା ।

**ଢେବର**, ବି. ( ଦେଶଜ ) ବାମଭାଗର ହସ୍ତ ପଦାଦି ।

**ଢୋମ** } ବି. ନୀଚ ଜାତିବିଶେଷ, ବର୍ଣ୍ଣସଙ୍କର
**ଡମ** } ଜାତିବିଶେଷ ।

**ଢୋର** } ବି. ନ. ( ଦୋଷ-ର୍-ଅ,କ ) ରଜ୍ଜୁ,
**ଢୋରକ** } ତାଗ ପ୍ରଭୃତି । ଯଥା—

ଢୋର ଲଗି ଘେର ପଲ୍ଲବ
ହେବନ୍ତି ଗ୍ରେର ଧରି ଅତିରଣ । ଭ. ର.

**ଢୋରା**, ବି. (ଦେଶଜ) ଗାର, ଟିରା ସୋରା, ଲମ୍ବ ରେଖା । ଯଥା—

ଢେଉ ଢୋରା ହୋଇ ପରଶିଛି ଟିକେ,
ଠାବେ ଠାବେ ଯାର ମାର୍ଗ ଗଇରିକ । ଚିଲିକା ।

**ଢୋରି** ବି. (ଦେଶଜ) ସୂତ୍ର-ରଜ୍ଜୁ ।

**ଢୋରିଆ**, ବି. ( ଦେଶଜ ) ଗାରଗାରକିଆ, ରେଖାରଞ୍ଜିତ ବସ୍ତ୍ରବିଶେଷ ।

**ଢୋଲା**, ବି (ଦେଶଜ ଆଖିର ପିତୁଳା । ଯଥା —

ଢୋଲା ପଡ଼ନାହିଁ ପଲାଏ ତୁମ୍ଭଙ୍କ ଯଶୋଦା ଅଛନ୍ତି ପାଳି ।

**ଢୋଲ୍**, ବି. (ଢୁଲ୍-ଧାତୁଜ) ଖଟିଆ ।

**ଢୋଲି**, ବି. (ଢୁଲ ଧାତୁଜ) ଖଟିଆ, ଚକ୍ରପାଦ୍ୟା-ଯୁକ୍ତ ଯାନବିଶେଷ, ଧାନ୍ୟାଦି ରଖିବାର ପାତ୍ର-ବିଶେଷ ।

**ଢୌଲ୍**, ବି. (ଦେଶଜ) ଢଙ୍ଗ, ଆଚରଣ, ରୀତି, ବ୍ୟବହାର, ଆକୃତି । ବିଂ. ସୁନ୍ଦର ।

---

# ଣ

**ଣ**, ବ୍ୟଞ୍ଜନବର୍ଣ୍ଣର ଚତୁର୍ଦ୍ଦଶ ବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ ମୂର୍ଦ୍ଧା । ବି. ପୁଂ. ଶିବ, କୁକ୍କୁର, କୁକ୍କୁରଲାଙ୍ଗୁଳ, ସର୍ପ, ଧ୍ୱନି । ବିଂ. ନିର୍ଗୁଣ ।

**ଣକ୍କା**, ବି. ସ୍ତ୍ରୀ. (ଣକ=ଅନୁକରଣ ଶବ୍ଦ-ଟ୍ରେ-ଅ) ପଟହ, ଢୋଲ, ବାଦ୍ୟଯନ୍ତ୍ରବିଶେଷ ।

**ଣକ୍କାର**, ବି. ହାଙ୍କୁଟି ।

**ଣଗ** } ବି. (ଦେଶଜ) ସ୍ତ୍ରୀଲୋକ ବା
**ଣେଗ** } ଇତର ସାଧାରଣ ଲୋକ ଯେଉଁ ସବୁ ପ୍ରବଚନ ଉଦାହରଣ ସ୍ଥଳରେ କହନ୍ତି । ଯଥା—

ଯେତେ ମାଟିରୁ ମାଠ, ମୁଁ ସେହି ଦରପୋଡ଼ା ହାଠ ।

**ଣଙ୍ଗ**, ବି. (ଦେଶଜ) ଆଚରଣ, ଭଙ୍ଗୀ ।

**ଣଣା**, ବିଂ. (ଦେଶଜ) ପରିଶ୍ରାନ୍ତ ।

**ଣଣୁଆ**, ବିଂ. (ଦେଶଜ) ଦୁଧିଆଳୀ । ବି. ଦୁର୍ବଳ ଗାଈ ।

**ଣପ**, ବି. (ଦେଶଜ) ଛବି, ରୂପ, ଆକୃତି, ମୂର୍ତ୍ତି ।

**ଣମ**, ବି. (ଦେଶଜ) ଟଙ୍କ, ବଡ଼େଇ । ଯଥା —

ଣମ ଯେ କଲା ସ୍ୱପ୍ନେ କଂସ, ତାରେ ଅସୁର ଗଲ ନାଶ ।

**ଣମଣା**, ବି. (ଧର୍ମ ଶବ୍ଦଜ) ନିର୍ବିଷ ବଡ଼ ସାପ ।

**ଣମା** ବି. (ଦେଶଜ) ଗୋରୁ ଗାଈଙ୍କୁ ଦିଆଇବାର ବାଉଁଶନିର୍ମିତ ପାତ୍ରବିଶେଷ ।

**ଣମାଳୀ**, ବି. (ଦେଶଜ) ରୂପକଥା, କବିତ୍ୱହୀନ ରଚନା ।

**ଣଳଣଳ**, କ୍ରି. ବି. (ଦେଶଜ) ଅସ୍ଥିର, ଅଥୟ, ଚଞ୍ଚଳ ।

**ଣଳା**, ବିଂ. (ଦେଶଜ) ଲଡା, ଚରାଇଥାଉଥିବେ କରାଯାଇଥିବା । ଯଥା—ଣଳା କଲେଇ ।

ଢଳିବା, କ୍ରି. (ଦେଶଜ) ଟଳିବା, ଅଉଜିବା। ଯଥା—

ଢଳ ଢଳ କି ଗେଲେ ଗ୍ଲାନ ରେ।

ଢବା, ବି°. (ଦେଶଜ) ପୋଖରୀ, ଅନ୍ଧୂପର, ଅନ୍ଧୂ।

ଢାଇ, ବି. (ଦେଶଜ) ମୁଣ୍ଡ ଲଡ଼େଇ।

ଢାଇଁଢାଇଁ, ବି. (ଦେଶଜ) ବାଦ୍ୟଯନ୍ତ୍ରର ଶବ୍ଦବିଶେଷ।

ଢାଉ, ବି. (ଦେଶଜ) ଗେରୁ, ନାଲି ମାଟି।

ଢାକ, ବି. (ଦେଶଜ) ବୃହତ୍ ବାଦ୍ୟଯନ୍ତ୍ରବିଶେଷ।

ଢାଙ୍କିବା, କ୍ରି. (ଦେଶଜ) ଆଚ୍ଛାଦନ କରିବା, ଘୋଡ଼ାଇ ରଖିବା। ଯଥା—

ଗାବ୍ର ଦୁଃଖିଧନ ନୀଳମଣି, କନ୍ଧ'ରେ କନ୍ଧାଇ ଢାଙ୍କି ତ ଜ ମୁହିଁ
ଢାଙ୍କି ରଖିଅଛୁ ଏ ଘର ଲବଣୀ।

ଢାଙ୍କୁଣି, ବି. ( ଦେଶଜ ) ଆବରଣପାତ୍ର, ଆଚ୍ଛାଦନ।

ଢାଲ, ବି. (ଯାବନିକ) ଫଲକ, ତରବାର ଅଘାତରୁ ଆପଣାକୁ ରକ୍ଷା କରିବା ନିମିତ୍ତ ଚର୍ମନିର୍ମିତ ଅସ୍ତ୍ରବିଶେଷ।

ଢାଲ, ବି. (ଦେଶଜ) କ୍ଷୋଟ କୁମ୍ଭ, ଧାତୁନିର୍ମିତ ଜଳପାତ୍ରବିଶେଷ।

ଢାଳିବା, କ୍ରି. (ଦେଶଜ) ଗଡ଼ିବା, ଅଜାଡ଼ିବା।

ଢାଲୁ, ବି°. (ଦେଶଜ) ଗଡ଼ାଣିଆ।

ଢାଲେ, କ୍ରି. ବି°. (ଦେଶଜ) ବାରେ, ଥରେ, କିଛିଥରେ। ଯଥା —

ଢାଲେ ଢ ଢାଳଲୁ ନାହିଁ କୃପାଦୃଷ୍ଟ୍ୟାର୍ଦ୍ରଙ୍କ ରେ। କ. ଚ.

ଅକ୍ଳେଶରେ। ଯଥା —

ଢାଲେ ଅସୁର ଗଲା ନାଶ।

ଢିଙ୍କି
ଢେଙ୍କି } ବି. (ଦେଶଜ) ଧାନ କୁଟିବାର ଯନ୍ତ୍ରବିଶେଷ।

ଢିଙ୍କିଶାଳ, ବି. (ଦେଶଜ) ଯେଉଁ ଘରେ ଢିଙ୍କି ଥାଏ।

ଢିପ, ବି°. (ଦେଶଜ) ଉଚ୍ଚସ୍ଥାନ, କୁଦ।

ଢିମା, ବି. (ଦେଶଜ) ମୃଦ୍ଭାଜିତ ପ୍ରସ୍ତରଖଣ୍ଡ।

ଢିଗ, ବି (ଦେଶଜ) ଠେକ, ଅବଲମ୍ବନ। ଯଥା—

ଢାଳିଲ ଦେବ କଥା ନଥ ମୋ ନାଶର
ଢିଗ ବାନ୍ଧ ଅମ୍ଭେମାନେ।

ଢିଲା, ବି°. ( ହିନ୍ଦୀ ) ଢିଗୁଲା, ଶିଥିଳ, ହେଲା।

ଢୁମ୍ପା, ବି. (ଦେଶଜ) ଏକପ୍ରକାର ବାଦ୍ୟଯନ୍ତ୍ର।

ଢୁଲ, ବି. (ଦେଶଜ) ତନ୍ଦ୍ରା, ନିଦ୍ରାବେଶ।

ଢୁଲାଇବା, କ୍ରି. (ଦେଶଜ) ଘୁମାଇବା, ନିଦ୍ରାବିଷ୍ଟ ହେବା। ଯଥା—

ଢୁଲାଇଲା ପରି ଢଳ ଢଳେ ପଡ଼ିଯିବା ଭଳି,
ହେଲନି ସେ କୁନ୍ଦକଳିଦଶନା ଏ ସରିକି ରେ। କ. ଚ.

ଢୁଲୁଢୁଲୁ, କ୍ରି. ( ଦେଶଜ ) ନିଦରେ ଘାରି ହେବା।

ଢେଉ, ବି. (ହିନ୍ଦୀ) ଲହରୀ, ତରଙ୍ଗ।

ଢେଙ୍କା, ବି. (ଦେଶଜ) ଢିଗ।

ଢେମଣା, ବି (ଦେଶଜ) ଜାର, ଉପପତି, ସର୍ପବିଶେଷ। ସ୍ତ୍ରୀ, ଢେମଣୀ, ଭ୍ରଷ୍ଟା ସ୍ତ୍ରୀ, କୁଲଟା।

ଢେର, ବି°. (ଯାବନିକ) ବହୁତ, ଅଧିକ, ଯଥେଷ୍ଟ।

ଢେଲା, ବି. (ଦେଶଜ) ଟେକା, ମୃତ୍ତିକାଖଣ୍ଡ।

ଢୋକ, ବି. (ଦେଶଜ) ଏକଥରକେ ଯେତେ ଜଳ ପିଆଯାଏ, ଗଲାଧଃକରଣ।

ଢୋକାଇବା, କ୍ରି. (ଦେଶଜ) ମରିବା ପୂର୍ବେ ପ୍ରାଣବାୟୁ ଦ୍ୱାକୁଟି ଆକାରରେ ବାହାରିବା।

ଢୋକିବା, କ୍ରି. ଦେଶଜ) ପିଇବା, ଉଦରସ୍ଥ କରିବା। ଯଥା—

ଢୋକାଇ ଦେଲେ କୁଟିଳ ଚକୋର ନେତ୍ରରେ
ଶୀତଳନୁ ଚନ୍ଦ୍ରକାକୁ ବଡ଼ ଧାଏ କରି ସରିକି ରେ। କ. ଚ.

ଢୋକେ, ବି°. (ଦେଶଜ) ମନାଏ, ଢଳେ, କଳେ। ଯଥା—

ଢୋକେ ପି, ଦଣ୍ଡେ ଜି।

ଢୋଲ } ବି. ( ଢୁଲ୍-ଅ,ଡ ) ବାଦ୍ୟଯନ୍ତ୍ର-
ଢୋଲକ } ବିଶେଷ, ପେଟ ।

ଢୋଲା, ବି°. (ଢୋଲ ଶବ୍ଦଜ) ଫମ୍ପା, ମେଣ୍ଟୁ, ମୋଟା, ଯାହାର ପେଟ ବଡ଼ ।

ଢୋଲିଆ, ବି°. (ଢୋଲ ଶବ୍ଦଜ) ଢୋଲବାଦ୍ୟ-କାରୀ ।

ଢୌକନ, ବି. ନ. ( ଢୌକ-ଅନ ) ଗମନ. ଉପଢୌକ, ଲାଞ୍ଚ ।

——

# ଣ

ଣ, ବ୍ୟଞ୍ଜନବର୍ଣ୍ଣର ପଞ୍ଚଦଶ ବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ ମୂର୍ଦ୍ଧା । ବି. ପୁଂ. ଜ୍ଞାନ, ନିର୍ଣ୍ଣୟ, ନିଶ୍ଚୟ, ଶିବ, ଭୂଷଣ, ଜଳାଶୟ ।

ଣ୍ୟ, ବି. ପୁଂ. ବ୍ରହ୍ମଲୋକସ୍ଥ ସରୋବରବିଶେଷ ।

ଣତ୍ୱବିଧାନ, ବି. (ବ୍ୟାକରଣପରିଭାଷା) 'ନ'ର 'ଣ'ରେ ପରିଣତ ହେବା ବିଧି ।

—o—

# ତ

ତ, ବ୍ୟଞ୍ଜନବର୍ଣ୍ଣର ଷୋଡ଼ଶ ବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ ଦନ୍ତ । (ତକ୍-ଅ)ବି. ପୁଂ. ଚୋର, ପୁଚ୍ଛ, ଅମୃତ, ପୁଚ୍ଛ, ମ୍ଲେଚ୍ଛ, କ୍ରୋଡ଼, ରତ୍ନ । ନ. ସ୍ତ୍ରୀ. ତରଣ, ପୁଣ୍ୟ ।

ତଅଁର, ବି. (ଦେଶଜ) ରଞ୍ଜିତ ସୂତାବିଶେଷ ।

ତଅଁସା } ବି. (ଦେଶଜ) ବାଉଁଶୀ, ଏକପ୍ରକାର
ତଅଁଲୀ } ବନ୍ୟ ଜାତୀୟ ଲୋକ ।

ତଇ, ବି. ( ଦେଶଜ ) ଏକ ପ୍ରକାର ରନ୍ଧନ ବର୍ତ୍ତନ ।

ତଇଲା, ବି. ( ଦେଶଜ ) ବଣ କାଷ୍ଠ ଲୋକେ ଯେଉଁ କମି ଖଣ୍ଡରେ ଚାଷ କରନ୍ତି ।

ତକ୍, ଅ° (ଯାବନିକ) ଯାଏ, ପର୍ଯ୍ୟନ୍ତ ।

ତଉଁସା, ବି. (ଦେଶଜ) ଲୁଗାବିଶେଷ ।

ତଉଲିବା, କ୍ରି. (ଦେଶଜ) ଓଜନ କରିବା ।

ତକମା, ବି. (ଯାବନିକ) ପଦକ । ଯଥା—

ଛାଡ଼େ ବଳମ୍ବିତ ସୁବର୍ଣ୍ଣ ତକମା,
ନାସିକା ଶୋଭନ ସୁବର୍ଣ୍ଣ ବସମା । ଦରବାର ।

ତକରାର, ବି. ( ଯାବନିକ ) କଳହ, ବିତଣ୍ଡା, ପୁନରୁକ୍ତି, ବାଦାନୁବାଦ ।

ତକାତକ, ବି.( ଦେଶଜ ) ପରସ୍ପରକୁ ଅପେକ୍ଷା କରିବା ।

ତକିଆ, ବି. (ଦେଶଜ) ମାଣ୍ଡି, ମୁରୁଲା ।

ତକ୍ତପୋଷ୍, ବି. (ଯାବନିକ) ଖଟ ।

ତକ୍ତା, ବି. (ଦେଶଜ) କାଠ ପଟା ।

ତକ୍ର, ବି. ନ. (ତକ୍-ର) ଦୁଗ୍ଧବିକାର, ଘୋଳ ଦହି ।

ତକ୍ଷ, ବି ପୁଂ. (ତକ୍ଷ୍-ଅ) ଭରତ ରାଜାଙ୍କ ପୁତ୍ର ।

ତକ୍ଷକ, ବି. ପୁଂ. ( ତକ୍ଷ-ଅକ ) ନାଗବିଶେଷ, ବିଶ୍ୱକର୍ମା, ବଢ଼େଇ, ନାଟ୍ୟାଧ୍ୟକ୍ଷ, ସୂତ୍ରଧର ।

ତକ୍ଷଣ, ବି. ନ. (ତକ୍ଷ୍-ଅନ)ରନ୍ଧା, ଚାଞ୍ଛିବା ଅସ୍ତ୍ର-ବିଶେଷ, କୃଶକରଣ, ପରିଷ୍କାରକରଣ ।

ତକ୍ଷଣେ, କ୍ରି. ବି°. ( ତତ୍କ୍ଷଣ ଶବ୍ଦର ଗ୍ରାମ୍ୟ ପ୍ରୟୋଗ) ସେହିକ୍ଷଣରେ ।

ତକ୍ଷଶିଳା, ବି ସ୍ତ୍ରୀ. ( ତକ୍ଷ୍=ଚାଞ୍ଛିବା-ଶିଳା=ପ୍ରସ୍ତର) ପଞ୍ଜାବ ଅନ୍ତର୍ଗତ ନଗରୀବିଶେଷ ।

ତକ୍ଷା, ବି. ପୁଂ. (ତକ୍ଷ୍ ଅ) ବିଶ୍ୱକର୍ମା, ବଢ଼େଇ, ଚିତ୍ରା ନକ୍ଷତ୍ର ।

ତଗର, ବି. ପୁଂ. (ତ-ଗୃ-ଅ) ଟଗରଫୁଲର ଗଛ । ନ. ଟଗରଫୁଲ ।

ତଙ୍କ, ବି. ପୁଂ. ( ତଙ୍କ୍-ଅ ) ପଥରକଟା ଅସ୍ତ୍ର-ବିଶେଷ, ଟୁଆଗ ।

ତଙ୍କନ, ବି. ନ. ( ତଙ୍କ୍-ଅନ ) ଦୁଃଖରେ ପ୍ରାଣ ଧାରଣ ।

ତଜ୍‌ବିଜ, ବି. (ଆରବୀ ଭାଷା) ବିଚାର, ଅନୁସନ୍ଧାନ, ପରୀକ୍ଷା ।

ତଞ୍ଚକ, ବି°. (ଗ୍ରାମ୍ୟ) ପ୍ରବଞ୍ଚକ, ପ୍ରତାରକ ।

ତଞ୍ଚକତା, ବି. ସ୍ତ୍ରୀ. ( ଗ୍ରାମ୍ୟ ) ପ୍ରବଞ୍ଚନା, ଶଠତା, ଛଳ, ଚତୁରତା ।

ତଟ, ବି. କ୍ରି. (ତଟ୍-ଅ) କୂଳ, ତୀର ।

ତଟକା, ବି°. (ଯାବନିକ) ସଦ୍ୟ ।

ତଟସ୍ଥ, ବି°. ( ତଟ-ସ୍ଥା-ଅ ) ତୀରସ୍ଥ, ମଧ୍ୟସ୍ଥ, ନିର୍ଲିପ୍ତ, ଅପକ୍ଷପାତୀ, ଉଦାସୀନ, ସମୀପସ୍ଥ, ବ୍ୟସ୍ତ, ଚମତ୍କୃତ ।

ତଟାକ
ତଟାଗ } ବି. ପୁଂ. (ତଟ୍-ଅକ, ଅଗ, ଅ ) ବୃହତ୍ ପୁଷ୍କରିଣୀ ।
ତଡାଗ

ତଗାଦା, ବି. (ଯାବନିକ) ଜମିର ଉତ୍ପନ୍ନ ନିମନ୍ତେ ଜମିଦାର ବା ଗଭର୍ଣ୍ଣମେଣ୍ଟ ପ୍ରଜାମାନଙ୍କଠାରୁ ଯେଉଁ କର ନିଅନ୍ତି ।

ତଟିନୀ, ବି. ସ୍ତ୍ରୀ. (ତଟ-ଇନ୍-ଈ) ନଦୀ, ନିମ୍ନଗା ।

ତଟୀ, ବି. ସ୍ତ୍ରୀ. ତୀର, ତଟ ।

ତଣ୍ଡୁ, ବି. କିନାରା, ପ୍ରାନ୍ତ ।

ତଡ଼ିତ, କ୍ରି. ବି°. (ଦେଶଜ) ଶୀଘ୍ର, ଚଞ୍ଚଳ ।

ଯଥା—

ଦକ୍ଷିଣ ପବନ ପ୍ରସାର ଗଲେ ମୁଁ ଉଠିଲି ଯାଇ ତଡ଼ିତ । ଯ.କେ.

ତଡ଼ପନ, ବି. ଉଲ୍ଲମ୍ଫନ ।

ତଡ଼ବଡ଼, ଝଟ୍‌ପଟ, ଶୀଘ୍ର ।

ତଡ଼ାକା, ବି. ସ୍ତ୍ରୀ. ତଟ, ଆଘାତ ।

ତଡ଼ାଗ, ବି. ପୁଷ୍କରିଣୀ, ବଡ଼ ପୋଖରୀ ।

ତଡ଼ାଘାତ, ବି. ପୁଂ. (ତଡ୍-ଆଘାତ) ବପ୍ରକ୍ରୀଡ଼ା, ତଟାଘାତ ।

ତଡ଼ିତ୍, ବି. ସ୍ତ୍ରୀ. (ତଡ୍-ଇତ୍) ବିଦ୍ୟୁତ୍, ବିଜୁଳି, ସୌଦାମିନୀ, ଚପଳା ।

ତଡ଼ିତ୍ୱାନ୍ ବି°. (ତଡ଼ିତ-ବତ୍ ) ବିଦ୍ୟୁତ୍‌ଯୁକ୍ତ । ବି. ମେଘ ।

ତଡ଼ିଦ୍‌ଗର୍ଭ, ବି. ପୁଂ. (ତଡ଼ିତ୍-ଗର୍ଭ) ମେଘ ।

ତଡ଼ିନ୍ମୟ, ବି°. (ତଡ଼ିତ୍-ମୟ) ତଡ଼ିତ ସ୍ୱରୂପ ।

ତଡ଼ିବା, କ୍ରି. (ଦେଶଜ) ବାହାର କରିଦେବା, ଦୂର କରିଦେବା ।

ତଣା, ବି. (ଦେଶଜ) ଅଣ୍ଡୁଆ, ଅପଦ ।

ତଣ୍ଟି, ବି. ପୁଂ. (ଦେଶଜ ) କଣ୍ଠ, ଗଳଦେଶ, ବେକ ।

ତଣ୍ଟିଆ, ବି. ପୁଂ. ( ଦେଶଜ ) ଗଳାରେ ହସ୍ତ ଦେଇ ଠେଲି ଦେବା ।

ତଣ୍ଡ, ବି. ପୁଂ. (ଦେଶଜ) ଜରିମାନା, ଅର୍ଥଦଣ୍ଡ ।

ତଣ୍ଡକ, ବି. ପୁଂ. ( ତନ୍ଡ଼-ଅକ ) ଖଞ୍ଜନପକ୍ଷୀ, ଫେଣ, କଣ୍ଟକ, ସମାସବହୁଳ ବାକ୍ୟ, ତରୁସ୍କନ୍ଧ । ବି°. କିନ ଶକ, ବହୁରୂପୀ ।

ତଣ୍ଡି, ବି. ପୁଂ. ତୃଣବିଶେଷ, ଋଷିବିଶେଷ, ଏହାଙ୍କର ଯଜୁ ବେଦର ସୂତ୍ରକାରକ ।

ତଣ୍ଡିବା, କ୍ରି. ( ଦେଶଜ ) ଅର୍ଥଦଣ୍ଡ କରିବା, ବଳାତ୍‌କାରରେ ନେବା ।

ତଣ୍ଡୁଳ, ବି. ପୁଂ. ( ତଣ୍ଡ୍ ଉଳ ) ଚାଉଳ ।

ତତ, ବି°. (ତନ୍-ତ) ବିସ୍ତୃତ, ବ୍ୟାପ୍ତ । ବି. ପୁଂ. ବାୟୁ । ନ. ବୀଣାଦି ବାଦ୍ୟ ।

ତତଲା, ବି°. (ତପ୍ତ ଶବ୍ଦଜ) ଉଷ୍ଣ, ଗରମ ।

ତତଃ, ଅ°. ( ତଦ୍-ତସ୍ ) ତଦନନ୍ତର, ସେହି ନିମିତ୍ତ, ତେବେ, ସେଠାରେ, ତହୁଁରୁ ।

ତତେଇବା, କ୍ରି. (ତପ୍ତ ଶବ୍ଦଜ) ଗରମ କରିବା ।

ତତ୍, ଅ°. ସେ, ସେହି । ବି°. ବିସ୍ତାରକ ।

ତତ୍‌କାଳ, ବି. ପୁଂ. (ତଦ୍-କାଳ) ସେହି ସମୟ । କ୍ରି. ବି°. ଶୀଘ୍ର, ହଠାତ୍ ।

ତତ୍କାଳିକ, ବି°. (ତତ୍‌କାଳ-ଇକ) }
ତତ୍କାଳୀନ, ବି°. (ତତ୍‌କାଳ-ଈନ) } ସେହି କାଳରେ ଯାହା ଘଟିଅଛି, ତଦାନୀନ୍ତନ ।

ତତ୍‌କ୍ରିୟ, ବି°. (ତତ୍-କ୍ରିୟା) ବିନା ବେତନରେ ଯେ କର୍ମ କରେ ।

ତତ୍‌କ୍ଷଣ, ବି. ପୁଂ. (ତତ୍-କ୍ଷଣ) ସେହିକ୍ଷଣ ।

ତତ୍‌କ୍ଷଣାତ୍, ଅ°. (ତତ୍-କ୍ଷଣ-ଆତ୍) ସେହିକ୍ଷଣ, ଅବିଳମ୍ବେ ।

ତତ୍ତୁଲ୍ୟ, ବିଂ. ( ତଦ୍-ତୁଲ୍ୟ ) ତାହାର ସମାନ, ତତ୍ସମ, ତଦ୍ସଦୃଶ ।

ତତ୍ପର, ବିଂ. ( ତଦ୍-ପର ) ଆସକ୍ତ, ବ୍ୟଗ୍ର, ନିପୁଣ, ତତ୍ପ୍ରଧାନ । କ୍ରି. ବିଂ. ତଦନନ୍ତର ।

ତତ୍ପରତା, ବି ସ୍ତ୍ରୀ. ( ତଦ୍-ପର-ତା ) ସଚେଷ୍ଟତା, ଦକ୍ଷତା, ଯତ୍ନ, ଆଗ୍ରହ, ଅଭିନିବେଶ, ସତର୍କତା ।

ତତ୍ପରାୟଣ, ବିଂ. ( ତଦ୍-ପରାୟଣ ) ତଦାସକ୍ତ, ତଦାଶ୍ରିତ ।

ତତ୍ପୁରୁଷ, ବି. ପୁଂ. ( ତଦ୍-ପୁରୁଷ ) ସମାସ-ବିଶେଷ, ଯେଉଁ ସମାସରେ ପୂର୍ବ ପଦରେ ଦ୍ୱିତୀୟାଦି ବିଭକ୍ତିର ଲୋପ ହୁଏ, ପରମ ପୁରୁଷ ।

ତତ୍ତ୍ୱ, ବି. ନ. ( ତଦ୍-ତ୍ୱ ) ଈଶ୍ୱର, ବ୍ରହ୍ମ, ସତ୍ୟ, ତଥ୍ୟ, ପ୍ରକୃତ ଅବସ୍ଥା, ସ୍ୱରୂପ, ତତ୍ତ୍ୱ, ପଦାର୍ଥ, ଅନ୍ୱେଷଣ, ଅନୁସନ୍ଧାନ ।

ତତ୍ତ୍ୱଜିଜ୍ଞାସୁ, ବିଂ. ( ତତ୍ତ୍ୱ-ଜିଜ୍ଞାସୁ ) ଯେଉଁ ବ୍ୟକ୍ତି ବ୍ରହ୍ମ ବିଷୟ ଜାଣିବାକୁ ଇଚ୍ଛା କରେ ।

ତତ୍ତ୍ୱଜ୍ଞ, ବିଂ. ( ତତ୍ତ୍ୱ-ଜ୍ଞା-ଅ ) ତତ୍ତ୍ୱଜ୍ଞାନୀ, ଯଥାର୍ଥବେତ୍ତା, ସ୍ୱରୂପଜ୍ଞ ।

ତତ୍ତ୍ୱଜ୍ଞାନୀ, ବିଂ. ( ତତ୍ତ୍ୱଜ୍ଞାନ-ଇନ୍ ) ବ୍ରହ୍ମଜ୍ଞାନୀ, ବ୍ରହ୍ମଜ୍ଞ, ସ୍ୱରୂପଜ୍ଞ, ଯଥାର୍ଥବେତ୍ତା ।

ତତ୍ତ୍ୱଦର୍ଶୀ, ବିଂ. ( ତତ୍ତ୍ୱ ଦୃଶ୍-ଇନ୍ ) } ତତ୍ତ୍ୱଜ୍ଞ,
ତତ୍ତ୍ୱବିଦ୍, ବିଂ. ( ତତ୍ତ୍ୱ-ବିଦ୍-୦ ) } ଜ୍ଞାନୀ,
ବିଚକ୍ଷଣ, ଦର୍ଶନଶାସ୍ତ୍ରଜ୍ଞ ।

ତତ୍ତ୍ୱାନୁସନ୍ଧାନ, ବି. ନ. ( ତତ୍ତ୍ୱ-ଅନୁସନ୍ଧାନ ) ପ୍ରକୃତ ଅବସ୍ଥାର ଅନ୍ୱେଷଣ, ତଥ୍ୟାନୁସନ୍ଧାନ ।

ତତ୍ତ୍ୱାନୁସନ୍ଧାୟୀ, ବିଂ. ତତ୍ତ୍ୱାନ୍ୱେଷୀ ।

ତତ୍ତ୍ୱାବଧାୟକ, ବିଂ. ( ତତ୍ତ୍ୱ-ଅବ-ଧୈ-ଅକ ) ତତ୍ତ୍ୱାବଧାନକାରୀ ।

ତତ୍ତ୍ୱାବଧାରକ, ବିଂ. ( ତତ୍ତ୍ୱ-ଅବ-ଧୃ-ଇ ଅକ ) ଯେ କୌଣସି ବିଷୟରେ ତତ୍ତ୍ୱ ନିରୂପଣ କରେ, ଉକ୍ଷଣାବେକ୍ଷଣକର୍ତ୍ତା, ଅଧ୍ୟକ୍ଷ ।

ତତ୍ତ୍ୱାବଧାନ, ବି. ନ. ( ତତ୍ତ୍ୱ-ଅବଧାନ ) କୌଣସି ବିଷୟ ପ୍ରକୃତରୂପେ ସମ୍ପନ୍ନ ହେଉ-ଅଛି କି ନାହିଁ ଏ ବିଷୟରେ ଅବଲୋକନ, ଅଧ୍ୟକ୍ଷତା କରିବା ।

ତତ୍ତ୍ୱାବଧାରଣ, ବି. ନ. ( ତତ୍ତ୍ୱ-ଅବଧାରଣ ) ଯଥାର୍ଥ ବୋଧ, ବିଷୟାଦିର ସ୍ୱରୂପ ନିର୍ଣ୍ଣୟ ।

ତତ୍ର, ଅଂ. ( ତଦ୍-ତ୍ର ) ସେଠାରେ, ତଦ୍ବିଷୟରେ ।

ତତ୍ରତ୍ୟ, ବିଂ. ( ତତ୍ର-ତ୍ୟ ) ତତ୍ସ୍ଥାନଜାତ, ସେଠାର, ସେହି ସ୍ଥାନସ୍ଥ ।

ତତ୍ରାପି, ଅଂ. (ତତ୍ର-ଅପି) ତଥାପି, ତେବେହେଁ ।

ତଥା, ଅଂ (ତଦ୍-ଥା) ସେହି ପ୍ରକାର, ତଥ୍ୟ, ସତ୍ୟ, ଏବଂ, ଅଧିକ, ତନ୍ନିମିତ୍ତ, ତହିଁରେ, ସ୍ୱୀକାର, ସାଦୃଶ୍ୟ, ସମୁଚ୍ଚୟ, ନିଶ୍ଚୟ ।

ତଥାଗତ, ବିଂ. ( ତଥା-ଆଗତ ) ସେହି ପ୍ରକାର ଆସିବା । ବି. ପୁଂ. ବୁଦ୍ଧ ।

ତଥାଚ } ଅଂ. ( ତଥା-ଚ, ଅପି ) ତଥାପି,
ତଥାପି } ତେବେହେଁ ।

ତଥାବିଧ, ବିଂ. ( ତଥା-ବିଧା ) ତାଦୃଶ, ସେହି-ପ୍ରକାର ।

ତଥାସ୍ତୁ, ଅଂ. (ତଥା-ଅସ୍ତୁ) ତାହା ହେଉ ।

ତଥି, ସଂ. (ତତ୍ ଶବ୍ଦଜ) ତହିଁ, ସେଠାରେ ।

ତଥୈବ, ଅଂ. (ତଥା-ଏବ) ସେହି ପ୍ରକାର ।

ତଥୈବଚ, ଅଂ. (ତଥା-ଏବ ଚ) ସେହିରୂପରେ ହେବା, ସାଙ୍ଗପୂର୍ବକ ନୁହେ ।

ତଥ୍ୟ, ବି ନ. ( ତଥା-ଯ ) ଯଥାର୍ଥ, ପ୍ରକୃତ ଅବସ୍ଥା । ବିଂ. ସତ୍ୟ, ପ୍ରକୃତ ।

ତଦ୍, ସଂ. (ତନ୍-ଅଦ୍ ) ସେ, ସେହି, ପ୍ରସିଦ୍ଧ । ନ. ବ୍ରହ୍ମ । ଅଂ. ତନ୍ନିମିତ୍ତ, ସେହି ହେତୁ ।

ତଦ୍ବୀର, (ହିନ୍ଦୀ) ଉଦ୍ୟୋଗ, ଚେଷ୍ଟା, ଯତ୍ନ ।

ତଦତିରିକ୍ତ, ବିଂ. ( ତଦ୍-ଅତିରିକ୍ତ ) ତାହା ଅପେକ୍ଷା ଅଧିକ ।

ତଦନନ୍ତର, ଅଂ. (ତଦ୍-ଅନନ୍ତର) ତହିଁଉତ୍ତାରୁ, ତାହା ପରେ ।

ତଦନୁଗତ, ବିଂ. ( ତଦ୍-ଅନୁଗତ ) ତାହାର ଅନୁଗତ ।

ତଦନୁଯାୟୀ, ବିଂ. (ତଦ୍-ଅନୁଯାୟୀ) ସେହିପରି ।

ତଦନୁରୂପ, ବିଂ. (ତଦ୍-ଅନୁରୂପ ) ସେହିପରି, ତାଦୃଶ, ତତ୍ତୁଲ୍ୟ ।

ତଦନୁସାରି, ବିଂ. ସେହି ଅନୁସାରେ ଯେ ଚଳେ ।

ତଦନ୍ତ, ବି. ନ. ( ତଦ୍-ଅନ୍ତ ) ଶେଷ, ସୀମା, ଅନୁସନ୍ଧାନ, ତତ୍ତ୍ୱ । ବିଂ. ତତ୍ପରେ, ତଦନନ୍ତର ।

ତଦପି, ଅଂ. (ତଦ୍-ଅପି) ତଥାପି, ସେହି ମଧ୍ୟ ।

ତଦ୍ବତ୍, ବିଂ. ( ତଦ୍-ବତ୍ ) ତତ୍ତୁଲ୍ୟ, ତତ୍ସଦୃଶ, ସେହିପରି ।

ତଦବଧି, କ୍ରି. ବିଂ. ( ତଦ୍-ଅବଧି ) ସେହି ସମୟରୁ, ତଦାପ୍ରଭୃତି ।

ତଦବସ୍ଥ, ବିଂ. (ତଦ୍ ଅବସ୍ଥା) ସେହିପରି, ଏକଦଶାପନ୍ନ, ତଦ୍ଭାବାପନ୍ନ ।

ତଦର୍ଥ, କ୍ରି. ବିଂ. ( ତଦ୍ ଅର୍ଥ ) ତନ୍ନିମିତ୍ତ, ସେହିହେତୁରୁ ।

ତଦା, ଅଂ. ( ତଦ୍-ଦା ) ସେହି ସମୟରେ, ସେତେବେଳେ ।

ତଦାନୀଂ, ଅଂ. (ତଦ୍-ଦାନୀଂ) ସେତେବେଳେ ।

ତଦାନୀନ୍ତନ, ବିଂ. ( ତଦାନୀଂ-ତନ ) ତତ୍କାଳୀନ, ସେହି ସମୟରେ ଯାହା ଘଟିଅଛି ।

ତଦାରଖ, ବି. (ଯାବନିକ) ଅନୁସନ୍ଧାନ ।

ତଦୀୟ, ବିଂ. (ତଦ୍-ଈୟ) ତତ୍ସମ୍ବନ୍ଧୀୟ, ତାହାର ଅଧିକୃତ ।

ତଦ୍ଗୁଣ, ବି. ପୁଂ. (ତଦ୍-ଗୁଣ) କାବ୍ୟାଲଙ୍କାରବିଶେଷ, ତାହାର ଗୁଣ ।

ତଦ୍ଗତ, ବିଂ. (ତଦ୍-ଗତ) ଏକାଗ୍ର, ଅନନ୍ୟବୃତ୍ତି, ତଦାସକ୍ତ ।

ତଦ୍ଦଣ୍ଡ, କ୍ରି. ବିଂ. ( ତଦ୍-ଦଣ୍ଡ ) ତତ୍କ୍ଷଣାତ୍, ଅବିଳମ୍ବରେ, ସେହି ମୁହୂର୍ତ୍ତରେ ।

ତଦ୍ବିଧ, ବିଂ. ( ତଦ୍-ବିଧା ) ତଥାବିଧ, ସେହିପ୍ରକାର ।

ତଦ୍ଭାବ, ବି. ପୁଂ. ( ତଦ୍-ଭାବ ) ତଦ୍ବିଷୟକ ଚିନ୍ତା ।

ତଦ୍ଭିନ୍ନ, ବିଂ. (ତଦ୍-ଭିନ୍ନ) ତାହାଠାରୁ ଅନ୍ୟ, ତଦ୍ବ୍ୟତିରିକ୍ତ ।

ତଦ୍ରୂପ, ବିଂ. ( ତଦ୍-ରୂପ ) ତଦ୍ବିଧ, ସେହି ରୂପ, ସେହିପ୍ରକାର ।

ତଦ୍ଧିତ, ବି. ନ ( ତଦ୍-ହିତ ) ଶବ୍ଦରୁ ଉତ୍ତର ପ୍ରତ୍ୟୟ କଲେ ଯେଉଁ ସବୁ ପଦ ନିଷ୍ପନ୍ନ ହୁଏ । ବିଂ. ତଦ୍ବିଷୟର ଉପଯୁକ୍ତ ।

ତନଖା, ବି. (ହିନ୍ଦୀ)ବେତନ, ଦରମା, ଠିକ ।

ତନୟ, ବି. ପୁଂ. (ତନ୍=ବିସ୍ତାର କରିବା-ଅୟ, ଯେ ନାମ, ଯଶ, ବଂଶ ଇତ୍ୟାଦି ବିସ୍ତାର କରେ ) ପୁତ୍ର ।

ତନୟା, ବି. ସ୍ତ୍ରୀ. (ତନୟ-ଆ) କନ୍ୟା, ଝିଅ ।

ତନୟିତ୍ନୁ, ବି. ପୁଂ. (ତନ-ଇତ୍ନୁ) ବଜ୍ର, ମେଘ, ବଳାହକ ।

ତନିଷ୍ଠ, ବିଂ. (ତନୁ-ଇଷ୍ଠ) କ୍ଷୀଣତର, ଅତିକୃଶ, ଅତିକ୍ଷୁଦ୍ର, ଅତ୍ୟଳ୍ପ ।

ତନୁଃ, ବି. ନ. (ତନ୍-ଉସ୍) ଶରୀର, ଦେହ ।

ତନୁ } ବି. ସ୍ତ୍ରୀ. (ତନ-ଉ, ଊ) ଶରୀର, ମୂର୍ତ୍ତି ।
ତନୂ } ବିଂ. ଅଳ୍ପ, କୃଶ, ସୂକ୍ଷ୍ମ, କୋମଳ ।

ତନୁଚ୍ଛଦ, ବି. ପୁଂ. (ତନୁ-ଛଦ) ବର୍ମ, କବଚ, ସାଞ୍ଜୁ ।

ତନୁଚ୍ଛାୟ, ବିଂ. (ତନୁ-ଛାୟା) ଅଳ୍ପଛାୟାବିଶିଷ୍ଟ ।

ତନୁଜ } ବି. ପୁଂ. ( ତନୁ, ତନୂ-ଜନ୍-ଅ )
ତନୂଜ } ପୁତ୍ର, ପୁଅ ।

ତନୁଜା, ବି. ସ୍ତ୍ରୀ. ( ତନୁ-ଜନ୍-ଅ-ଆ ) କନ୍ୟା, ଝିଅ, ଦୁହିତା ।

ତନୁତ୍ୟାଗ, ବି. ପୁଂ. ( ତନୁ-ତ୍ୟଜ୍-ଅ ) ଦେହତ୍ୟାଗ, ମୃତ୍ୟୁ, ମରଣ ।

ତନୁଭୃତ୍, ବି. ପୁଂ. (ତନୁ-ଭୃ) ଦେହୀ, ଜୀବ ।

ତନୁମଧ୍ୟା, ବି. ସ୍ତ୍ରୀ. (ତନୁ-ମଧ୍ୟ-ଆ) କୃଶାଙ୍ଗୀ ।

ତନୁରୁହ } ବି. ପୁଂ. ( ତନୁ,ତନୂ-ରୁହ୍ ଅ )
ତନୂରୁହ } ଲୋମ,ପକ୍ଷର ପର, ପୁତ୍ର,କନ୍ୟା ।

ତନୁବାର, ବି. ପୁଂ. (ତନୁ-ବୃ ଅ) ବର୍ମ, ସାଞ୍ଜୁ ।

ତନୂନପ, ବି. ନ. (ତନୁ-ଊନ-ପା) ଘୃତ, ଘିଅ ।

ତନ୍ତୁ, ବି. (ତନ୍ ଧାତୁଜ) ଲୁଗାବୁଣିବାର ଯନ୍ତ୍ର ।

ତନ୍ତ୍ରୀ, ବି ( ତନ ଧାତୁଜ ) ଯେ ଲୁଗା ବୁଣେ, ତନ୍ତୁବାୟ ।

ତନ୍ତୁ, ବି. ପୁଂ. (ତନ୍-ତୁ) ସୂକ୍ଷ୍ମ, ସୂତା, ତାର ।

ତନ୍ତୁକ, ବି. ପୁଂ ସର୍ଷପ, ସୋରଷ । ସ୍ତ୍ରୀ. ଶିରା, ନାଡ଼ୀ ।

ତନ୍ତୁକାଷ୍ଠ, ବି. ନ. ( ତନ୍ତୁ-କାଷ୍ଠ ) ଯାହାଦ୍ୱାରା ତନ୍ତ୍ରମାନେ ସୂତା ପରିଷ୍କାର କରନ୍ତି ।

ତନ୍ତୁକୀ, ବି. ସ୍ତ୍ରୀ. ( ତନ୍ତୁ-କୀ ) ନାଡ଼ୀ, ଶିରା, ଧମନୀ ।

ତନ୍ତୁକୀଟ, ବି. ପୁଂ. ପୋକବିଶେଷ, ବୁଢ଼ିଆଣୀ, ଗୋଟିପୋକ ।

ତନ୍ତୁନାଭ, ବି. ସ୍ତ୍ରୀ. (ତନ୍ତୁ ନାଭ-ଅ) ବୁଢ଼ିଆଣୀ ପୋକ, ମାକଡ଼ସା ।

ତନ୍ତୁବାପ } ବି. ପୁଂ. ( ତନ୍ତୁ ବପ-ଅ, ବେ-ଅ)
ତନ୍ତୁବାୟ } ତନ୍ତ୍ରୀ, ମାକଡ଼ସା ।

ତନ୍ତ୍ର, ବି. ନ. (ତନ୍-ତ୍ର) ଶିବୋକ୍ତ ଗ୍ରନ୍ଥବିଶେଷ, ଶିବ ଓ ଶକ୍ତିର ଉପାସନାବିଧାୟକ ବେଦର ଶାଖାବିଶେଷ, ସିଦ୍ଧାନ୍ତ, ମୀମାଂସା, ଔଷଧ, କାରଣ, ଉପାୟ, ସୈନ୍ୟ, ରାଜ୍ୟ, ସୂତ୍ର, ତନ୍ତୁବାୟ, ବ୍ୟବସାୟ । ବିଂ. ଅଧୀନ, ଅପୃତ୍ତ ।

ତନ୍ତ୍ରବାପ } ବି. ପୁଂ. ( ତନ୍ତ୍ର ବାପ, ବେ-ଅ )
ତନ୍ତ୍ରବାୟ } ତନ୍ତ୍ରୀ ।

ତନ୍ତ୍ରସଂସ୍ଥା } ବି. ସ୍ତ୍ରୀ. ରାଜ୍ୟଶାସନପ୍ରଣାଳୀ ।
ତନ୍ତ୍ରସଂସ୍ଥିତି } ( System of Government )

ତନ୍ତ୍ରିପାଲ, ବି. ପୁଂ.ବିରାଟରାଜ୍ୟରେ ବାସକାଳରେ ସହଦେବ ଏହି ନାମ ଧାରଣ କରିଥିଲେ ।

ତନ୍ତ୍ରୀ, ବି. ନ. (ତନ୍ତ୍ର-ଇ) ବୀଣା, ରଜ୍ଜୁ ।

ତନ୍ଦ୍ରା, ବି. ସ୍ତ୍ରୀ (ତନ୍ଦ୍ର-ଆ) ଅଳ୍ପନିଦ୍ରା,ନିଦ୍ରାବେଶ ।

ତନ୍ଦ୍ରାଳୁ } ବିଂ. (ତନ୍ଦ୍ରା-ଆଳୁ, ଇତ ) ନିଦ୍ରାଳୁ,
ତନ୍ଦ୍ରିତ } କ୍ଳାନ୍ତ ।

ତନ୍ଦ୍ରି, }
ତନ୍ଦ୍ରୀ } ବି. ସ୍ତ୍ରୀ. (ତନ୍ଦ୍ର-ଇ, ଈ, ଇକ-ଆ)
ତନ୍ଦ୍ରିକା } ନିଦ୍ରାବେଶ, ଆଳସ୍ୟ, ମୂର୍ଚ୍ଛା ।

ତନ୍ନତନ୍ନ, କ୍ରି. ବିଂ. ( ତଦ୍-ନ, ଦ୍ୱିତ୍ୱ ) ତାହା ନୁହେ,ତାହା ନୁହେ,ଖଣ୍ଡଖଣ୍ଡ, ସୂକ୍ଷ୍ମାନୁସୂକ୍ଷ୍ମ, ପୁଙ୍ଖାନୁପୁଙ୍ଖ ।

ତନ୍ମୟ, ବିଂ. (ତଦ୍-ମୟ ତଦାତ୍ମକ,ତତ୍ସ୍ୱରୂପ ।

ତନ୍ମାତ୍ର, କ୍ରି. ବିଂ. ( ତଦ୍-ମାତ୍ରା) ସେହିମାତ୍ର, କେବଳ ତାହା । ବି. ସାଂଖ୍ୟମତରେ ସୂକ୍ଷ୍ମ, ପଞ୍ଚଭୂତ ।

ତନ୍ୱୀ, ବିଂ. (ତନୁ-ଈ) କ୍ଷୀଣା, କୃଶାଙ୍ଗୀ ।

ତପଃ, ବି.ନ. (ତପ୍-ଅସ୍) ତପସ୍ୟା ।

ତପ, ବି ନ. (ତପ-ଅ ,ଗ୍ରୀଷ୍ମକାଳ ।

ତପତୀ, ବି. ସ୍ତ୍ରୀ. ( ତପ-ଅତ୍-ଈ ) ସୂର୍ଯ୍ୟପତ୍ନୀ, ଛାୟା,ନଦୀବିଶେଷ ।

ତପନ, ବି. ପୁଂ (ତପ-ଅନ) ସୂର୍ଯ୍ୟ, ଗ୍ରୀଷ୍ମଋତୁ, ତାପ, ସୂର୍ଯ୍ୟକାନ୍ତମଣି, ଅର୍କବୃକ୍ଷ । ବିଂ. ସନ୍ତାପଜନକ ।

ତପନତନୟ, ବି. ପୁଂ. ( ତପନ-ତନୟ ) ଯମ, କର୍ଣ୍ଣ ।

ତପନତନୟା } ବି. ସ୍ତ୍ରୀ. (ତପନ-ତନୟ-ଆ,
ତପନଜା } ତପନ-ଜନ୍-ଅ ) ଶମୀ ଯମୁନା ନଦୀ ।

ତପନୀୟ, ବିଂ. (ତପ-ଅନୀୟ) ତାପଯୋଗ୍ୟ । ବି. ସ୍ୱର୍ଣ୍ଣ । ଯଥା—

ତପନୀୟ ଗୋରି ବରଣ କାଣି, ଚଳପଟନ ପକ୍ଷ୍ମପକ୍ଷ ଅଣି ।
ଉ.ଉ.

ତପନେଷ୍ଟ, ବି. ନ. ( ତପନ-ଇଷ୍ଟ ) ତାମ୍ର, ତମ୍ବା ।

ତପଶ୍ଚରଣ } ବି. ନ. (ତପଃ-ଚରଣ,ଚାରଣ)
ତପଶ୍ଚାରଣ } ତପସ୍ୟାର ଅନୁଷ୍ଠାନ, ତପଃସାଧନ ।

ତପସ, ବି. ପୁଂ. (ତପ୍-ଅସ୍) ଚନ୍ଦ୍ର, ପକ୍ଷୀ, ସୂର୍ଯ୍ୟ ।
ତପହିଲ, ବି (ଯାବନିକ) ବିଶେଷ ବିବରଣ ।
ତପସ୍ତକ୍ଷ, ବି. ପୁଂ. ( ତପସ୍-ତକ୍ଷ ) ଇନ୍ଦ୍ର, ମରୁତ୍ୱାନ୍ ।
ତପସ୍ୟ, ବି. ପୁଂ. ( ତପସ୍-ଯ ) ଫାଲ୍‌ଗୁନ ମାସ, କୁନ୍ଦପୁଷ୍ପ, ଅର୍ଜ୍ଜୁନ । ବିଂ. ତପସ୍ୟାରତ ।
ତପସ୍ୟା, ବି ସ୍ତ୍ରୀ. (ତପସ୍-ଯ-ଆ) ବ୍ରତଚର୍ଯ୍ୟା ।
ତପସ୍ୱୀ, ବି. ପୁଂ. ( ତପସ୍-ବିନ୍ ) ତାପସ, ମୁନି । ବିଂ. ଧାର୍ମିକ, କ୍ଳେଶସହିଷ୍ଣୁ ।
ତପାତ୍ୟୟ, ବି. ପୁଂ. (ତପ-ଅତ୍ୟୟ) ବର୍ଷାକାଳ, ଗ୍ରୀଷ୍ମ ସମୟ ।
ତପୀ, ବି. (ଦେଶଜ) ତପସ୍ୱୀ ।
ତପୁ,ତପୂ,ବିଂ. ତାହାର ପୂର୍ବ, ତତ୍ପୂର୍ବ }
ତପ, ବିଂ. ତାହାର ପଶ୍ଚିମ, ତତ୍ପଶ୍ଚିମ } ଏପରି ବ୍ୟବହାର
ତଦ, ବିଂ. ତାହାର ଦକ୍ଷିଣ, ତଦ୍ଦକ୍ଷିଣ }
ଉତ୍କଳରେ ହୋଇଥାଏ ।
ତପୋଧନ } ବି. ପୁଂ. ( ତପସ୍ ଧନ,ନିଧି )
ତପୋନିଧି } ତାପସ, ଯୋଗୀ, ମୁନି, ଋଷି ।
ତପୋବଟ, ବି. ପୁଂ ( ତପସ୍-ବଟ ) ବ୍ରହ୍ମାବର୍ତ୍ତ-ଦେଶ ।
ତପୋବନ, ବି. ନ. (ତପଃ ବନ) ମୁନିମାନଙ୍କର ମଠ ବା ଆଶ୍ରମ ।
ତପୋରାଶି, ବି. ପୁଂ. ତପସ୍ୱୀ ।
ତପୋଲୋକ, ବି. ପୁଂ. ପୃଥିବୀର କୋଟିଯୋଜନ-ଊର୍ଦ୍ଧ୍ୱସ୍ଥିତ ଲୋକବିଶେଷ ।
ତପ୍ତ, ବିଂ. (ତପ୍-ତ) ଉଷ୍ଣ, ତାପଯୁକ୍ତ, ଖେଦ-ଯୁକ୍ତ ।
ତପ୍ତକୁମ୍ଭ, ବି. ପୁଂ. (ତପ୍ତ-କୁମ୍ଭ ନରକବିଶେଷ ।
ତପ୍ତକୃଚ୍ଛ୍ର, ବି. ପୁଂ. (ତପ୍ତ-କୃଚ୍ଛ୍ର) ବ୍ରତବିଶେଷ, ଯେଉଁ ବ୍ରତରେ ତିନି ଦିବସ ଉଷ୍ଣ ଦୁଗ୍ଧ, ଘୃତ ଏବଂ ଜଳ ପାନ କରିବାକୁ ହୁଏ ।
ତଫାତ୍, ବି. (ଆରବୀ) ପୃଥକ, ଦୂରତ୍ୱ । ବିଂ. ଦୂର, ଭିନ୍ନ ।

ତବ୍‌ଲା, ବି. (ଆରବୀ) ବାଦ୍ୟଯନ୍ତ୍ରବିଶେଷ ।
ତବ, ସଂ. (ଯୁଷ୍ମଦ୍ ଶବ୍ଦଜ) ତୁମ୍ଭର ।
ତବର } ବିଂ (ଦେଶଜ) ତପ୍ତ । ବି. ଗରମଭାତ ।
ତବାର }
ତମଃ, ବି. ନ. ( ତମ୍-ଅସ୍ ) ତମୋଗୁଣ, ଅନ୍ଧକାର, ନରକ, ପାପ, ଶୋକ, ରାହୁ ।
ତମ, ବି. ପୁଂ ( ତମ୍-ଅ ) ତମୋଗୁଣ, ରାହୁ, ଅନ୍ଧକାର । ବିଂ. ଅଧିକ ( ଅନେକଙ୍କ ମଧ୍ୟରେ ଉତ୍କର୍ଷ ବା ଅପକର୍ଷ ବୁଝିବାପାଇଁ ଗୁଣବାଚକ ଶବ୍ଦରୁ ଉତ୍ତର "ତମ" ପ୍ରତ୍ୟୟ ହୁଏ) ।
ତମତମ, ବି. (ଦେଶଜ) କ୍ରୋଧଭରେ, ଫଣଫଣ ।
ତମର, ବି. ନ. (ତମ୍-ଅର) ସୀସକ, ସୀସା ।
ତମସ, ବି. ନ.(ତମ୍-ଅସ) ଅନ୍ଧକାର ।
ତମସା, ବି. ସ୍ତ୍ରୀ. ନଦୀବିଶେଷ ।
ତମସୁକ, ( ଯାବନିକ ) ଖତ, ଅଧମର୍ଣ୍ଣ ରାଜକୀୟ ପତ୍ରରେ ଯାହା ଲେଖି ଦେଇ ଉତ୍ତମର୍ଣ୍ଣ ନିକଟରୁ ଋଣସ୍ୱରୂପ ଅର୍ଥାଦି ଗ୍ରହଣ କରେ, ଦସ୍ତାବିଜବିଶେଷ ।
ତମସ୍ୱିନୀ, ବି. ସ୍ତ୍ରୀ. (ତମସ୍-ବିନ୍-ଈ) ଅନ୍ଧକାର-ମୟୀ ରାତ୍ରି, ଦାରୁହଳଦୀ ।
ତମା, ବି. ସ୍ତ୍ରୀ (ତମ୍-ଆ) ରାତ୍ରି, ତମାଲବୃକ୍ଷ ।
ତମାଖୁ, ବି. ନ. ( ତାମ୍ରକୂଟ ଶବ୍ଦଜ ) ଧୂଆଁପତ୍ର ବା ନାସପତ୍ର ।
ତମାଦି, ବି ବିଂ. ( ଯାବନିକ ) କାଲଦୋଷ, କାଲଦୋଷଯୁକ୍ତ ।
ତମାମ୍, ବିଂ (ଆରବୀ) ସମ୍ପୂର୍ଣ୍ଣ, ସମସ୍ତ, ପୂର୍ଣ୍ଣ ।
ତମାଲ, ବି. ପୁଂ. (ତମ୍-ଆଲ) ବୃକ୍ଷବିଶେଷ । ସତ୍ୟାମ୍ବା ଗଛ, ଚନ୍ଦନ, ତିଲକ, ଖଡ୍ଗ । (ବୃକ୍ଷାର୍ଥରେ) । ଯଥା—

ନୀଳ ବର୍ଣ୍ଣ ଯାର ତାଙ୍କ-ତମାଳମଞ୍ଜରୀ । ବ. ବି.

ତମାଲକ, ବି. ନ. ( ତମାଲ-କ ) ତେଜପତ୍ର । ପୁଂ. ତମାଲବୃକ୍ଷ ।

ତମାଲପତ୍ର, ବି. ନ. ( ତମାଲ-ପତ୍ର ) ତିଳକ, ସତ୍ୟଭାମା ଗଛର ପତ୍ର ।

ତମି } ବି. ସ୍ତ୍ରୀ. (ତମ-ଇ,ଈ) ରାତ୍ରି ।
ତମୀ }

ତମିସ୍ର, ବି. ପୁଂ. (ତମସ୍-ର) ଅନ୍ଧକାର, କ୍ରୋଧ, ଅଜ୍ଞାନ । ବିଂ. ଅନ୍ଧକାରଯୁକ୍ତ । ସ୍ତ୍ରୀ, ତମିସ୍ରା, ଅନ୍ଧକାରମୟୀ ରାତ୍ରି ।

ତମିସ୍ରପକ୍ଷ, ବି. ପୁଂ. କୃଷ୍ଣପକ୍ଷ ।

ତମୋଗୁଣ, ବି. ପୁଂ. ( ତମସ୍-ଗୁଣ ) ପ୍ରକୃତିର ତୃତୀୟ ଗୁଣ, ଏହି ଗୁଣର ପ୍ରାଧାନ୍ୟ ହେଲେ ମନୁଷ୍ୟ କାମକ୍ରୋଧାଦି ନୀଚ ପ୍ରକୃତିର ବଶବର୍ତ୍ତୀ ହୁଏ ।

ତମୋଘ୍ନ, ବି. ପୁଂ. (ତମଃ-ହନ୍-ଅ) ଅଗ୍ନି, ଚନ୍ଦ୍ର, ସୂର୍ଯ୍ୟ, ପ୍ରଦୀପ, ଜ୍ଞାନ, ବିଷ୍ଣୁ, ଶିବ । ବିଂ. ତମୋନାଶକ ।

ତମୋନୁଦ୍ } ବି. ପୁଂ. ( ତମଃ-ନୁଦ୍, ନୁଦ
ତମୋନୁଦ } -୦, ଅ ) ଚନ୍ଦ୍ର, ସୂର୍ଯ୍ୟ, ଅଗ୍ନି, ପୁତ୍ର, ଦୀପ, ଜ୍ଞାନ । ବିଂ. ଅନ୍ଧକାରନାଶକ ।

ତମୋପହ, ବି. ପୁଂ. (ତମଃ-ଅପ-ହନ୍-ଅ) ଚନ୍ଦ୍ର, ସୂର୍ଯ୍ୟ, ଦୀପ, ଜ୍ଞାନ, ପୁତ୍ର ।

ତମୋବିକାର, ବି. ନ. (ତମଃ-ବିକାର) ରୋଗ, ପୀଡ଼ା ।

ତମୋଭିଦ୍, ବି. ପୁଂ.(ତମଃ-ଭିଦ୍) ଖଦ୍ୟୋତ, ଜୁଳୁଜୁଳିଆପୋକ ।

ତମୋମଣି, ବି. ପୁଂ. (ତମସ୍-ମଣି) ଖଦ୍ୟୋତ ।

ତମୋମୟ, ବିଂ. ( ତମସ୍-ମୟ ) ଅନ୍ଧକାରାଚ୍ଛନ୍ନ, ଅହଙ୍କାରପରିପୂର୍ଣ୍ଣ, ଅଜ୍ଞାନାବୃତ ।

ତମୋହର, ବି ପୁଂ. (ତମସ୍-ହର) ଚନ୍ଦ୍ର ।

ତମ୍ପ, ବି. (ଦେଶଜ) ବିଷଧର ସର୍ପବିଶେଷ ।

ତମ୍ପୀ, ବି. ସ୍ତ୍ରୀ. ଗାଈ, ଗାଭୀ ।

ତମ୍ବା, ବି. ସ୍ତ୍ରୀ. (ତାମ୍ର ଶବ୍ଦଜ) ଧାତୁବିଶେଷ ।

ତମ୍ବି } ବି. (ଯାବନିକ) ରାଗ ବା କ୍ରୋଧ,
ତମ୍ବୀ } ବାରମ୍ବାର କୌଣସି ବିଷୟରେ ହୁକୁମ ଦେବା ।

ତମ୍ବୁ, ବି. (ଯାବନିକ) ରାଉଟି, ଶିବିର, ବସ୍ତ୍ରନିର୍ମିତ ଗୃହ । ଯଥା—

ଧାଡ଼ି ଧାଡ଼ି ହୋଇ ମହାନଦୀ ଯାଏ
ଶୁଭ୍ର ତମ୍ବୁ ଶୋଭେ ଅନ୍ଧାରେ ହାପ୍ରେ । ନ. ଦେ

ତୟ୍ୟାର } ବି. ବିଂ. ( ଯାବନିକ ) ନିର୍ମାଣ,
ତୟ୍ୟାର } ନିର୍ମିତ ।

ତର, ବି. ପୁଂ. ( ତୃ-ଅ ) ଦୁଇ ବସ୍ତୁ ମଧ୍ୟରେ ଏକର ଉତ୍କର୍ଷସାଧନବିଶେଷ, ସନ୍ତରଣ । (ଦେଶଜ ସମୟାବସର । ଯଥା—

ତର ନ ସହଇ ।

ତରକା, ବିଂ. (ଦେଶଜ) ହୁରୁଡ଼ା, ଚଞ୍ଚଳ ।

ତରକାରି, ବି. ତିଅଣ, ଭୁଜଣ, ବ୍ୟଞ୍ଜନର ଯୋଗ୍ୟ ଫଳମୂଳାଦି ।

ତରକିବା, କ୍ରି. (ଦେଶଜ) ହୁରୁଡ଼ିବା ।

ତରକ୍ଷୁ } ବି. ପୁଂ (ତର-କ୍ଷି-ଉ ହେଣ୍ଟାବାଘ,
ତରକ୍ଷୁ } କ୍ଷୁଦ୍ର ବାଘ ।

ତରଙ୍ଗ, ବି. ନ. ( ତୃ-ଅଙ୍ଗ ) ଊର୍ମି, ଲହରୀ, ଢେଉ, ବୀଚି, ଭଙ୍ଗୀ ।

ତରଙ୍ଗିଣୀ, ବି. ସ୍ତ୍ରୀ. (ତରଙ୍ଗ-ଇନ୍-ଈ) ନଦୀ ।

ତରଙ୍ଗିତ } ବିଂ. (ତରଙ୍ଗ-ଇତ ) ଲହରୀ
ତରଙ୍ଗାୟିତ } ଯୁକ୍ତ, ତରଙ୍ଗଯୁକ୍ତ, ଚଞ୍ଚଳ, ଭଙ୍ଗିବିଶିଷ୍ଟ । ଯଥା—

ତଉଦଗେ ନୀଳ ତଳୁକାବକ୍ଷ ତରଙ୍ଗାୟିତ । ଚ.ଚ.

ତରଚ୍ଛ, ବି. (ତ୍ରାସ ଶବ୍ଦଜ) ଭୟ ।

ତରଞ୍ଚ, ବିଂ. (ତ୍ରସ୍ତ ଶବ୍ଦଜ) ଭୀତ ।

ତରଡ଼ା, ବି (ଦେଶଜ) ଫଳବିଶେଷ ।

ତରଣ, ବି ନ. ( ତୃ-ଅନ ) ପାରଗମନ, ପାରି ହେବା, ଭେଳା, ସ୍ୱର୍ଗ ।

ତରଣି } ବି ସ୍ତ୍ରୀ. (ତୃ-ଅନ୍-ଇ ) ନୌକା,
ତରଣୀ } ଭେଳା, ସୂର୍ଯ୍ୟ, କିରଣ, ତାମ୍ର । ଯଥା—

ବିଷ୍ଣୁ ଦେବ ବିଷ୍ଣୁ ପଦ ଉଦ୍ଧାର ଭେଦ ଶବଦ
ତରଣିରେ ଗଢାଯାଇ ତହିଁ ଉଠଇ । ବୈ.ବି.

ତରଣ୍ଡ, ବି. ପୁଂ. ( ତୃ-ଅଣ୍ଡ ) ଭେଳା, ଦେଶବିଶେଷ । ସ୍ତ୍ରୀ. ନୌକା ।

ତରତମ, ବିଂ. ନ୍ୟୂନାଧିକ । ବି. ତଦ୍ଧିତ ପ୍ରତ୍ୟୟ ବିଶେଷ, ଏହା ଅତିଶୟ ଅର୍ଥରେ ପ୍ରୟୋଗ ହୁଏ ।

ତରନ୍ତ, ବି. ପୁଂ. (ତୃ-ଅନ୍ତ)ସମୁଦ୍ର, ପ୍ଲବ, ଭେକ, ରାକ୍ଷସ ।

ତରନ୍ତୀ, ବି. ସ୍ତ୍ରୀ. (ତୃ-ଅନ୍ତୀ) ନୌକା ।

ତରତର, କ୍ରି. ବିଂ. (ଭୂଧାତୁଜ) ଶୀଘ୍ର, ଚଞ୍ଚଳ ।

ଯଥା—

ତରତର କରି ଦେଲ ଗୃହ୍ନିଁ ।

ତରତିବ୍, ( ଆରବୀ ) ସଜ୍ଜିତ, ନିୟମାନୁଯାୟୀ, କ୍ରମାନୁଯାୟୀ ।

ତରପଣ୍ୟ, ବି. ନ. (ତର-ପଣ୍ୟ) ପାର ହେବାର ମୂଲ୍ୟ, ପାରଘାଟର ଭଡ଼ା ବା ମାସୁଲ ।

ତରଭୂଜ } ବି. ନ. ଲତାବିଶେଷ, ଫଳ-
ତରମୁଜ } ବିଶେଷ ।

ତରଯମା, ବି. (ଯାବନିକ) ଭାଷାନ୍ତର କରିବା ।

ତରଯୁତ୍, ବି. ବିଂ. (ଯାବନିକ) ଆବାଦ, କୃଷି-ଉପଯୋଗୀ ।

ତରଳ, ବିଂ. ( ତୃ-ଅଳ ) ଚଞ୍ଚଳ, ଦ୍ରବୀଭୂତ, ପାତଳ, ଦୀପ୍ତିଯୁକ୍ତ । ବି. ହାର, ହାରମଧ୍ୟସ୍ଥ ମଣି ।

ତରଳା, ବି. ପୁଂ. (ତୃ-ଅଳ-ଆ) କାମୁକ, ମନ୍ଦ-ମାଛି । ସ୍ତ୍ରୀ ମଦ୍ୟ । ବିଂ. ଉଜ୍ଜ୍ୱଳା ।

ତରଳଲୋଚନା, ବିଂ. ( ତରଳ-ଲୋଚନ-ଆ ) ଯେଉଁ ସ୍ତ୍ରୀର ନୟନ ଚଞ୍ଚଳ ।

ତରଳିତ, ବିଂ. ( ତରଳ-ଇ-ତ ) କମ୍ପିତ, ବିସ୍ତାରିତ , ଦ୍ରବୀଭୂତ ।

ତରବର, ବିଂ. ଚଞ୍ଚଳ ।

ତରବାର } ବି ପୁଂ. (ତର-ବୃ-ଅ,ଇ) ଶସ୍ତ୍ର-
ତରବାରି } ବିଶେଷ, ଖଡ୍ଗ, ଖଣ୍ଡା ।

ତରସ୍, ବି.ନ. ( ତୃ-ଅସ୍ ) ବେଗ, ବେଗ, ଭେଳା, ତୀର, କ୍ରୋଧ ।

ତରସ୍ତ, ( ତ୍ରସ୍ତ ଶବ୍ଦଜ ) ବ୍ୟସ୍ତ, ଦ୍ରୁତଗାମୀ ।

ତରସ୍ଥାନ, ବି.ନ. (ତର-ସ୍ଥାନ) ନଦୀତରଣ ସ୍ଥାନ, ଘାଟ ।

ତରସ୍ୱାନ୍, ବିଂ. ( ତରସ୍-ବତ୍ ) ବେଗବାନ୍, ବଳବାନ୍ ।

ତରସା, କ୍ରି. ବିଂ. ( ତର-ଅସା ) ଶୀଘ୍ର, ଚଞ୍ଚଳ ।

ତରସ୍ୱୀ, ବିଂ. (ତରସ୍-ବିନ୍) ବେଗବାନ୍, ବଳିଷ୍ଠ । ବି. ବାୟୁ, ଗରୁଡ଼ ।

ତରା, ବି. (ତାରା-ଶବ୍ଦଜ) ତାରା, ନକ୍ଷତ୍ର ।

ତରାଜୁ, ବି. (ପାରସ୍ୟ ଭାଷା) ଓଜନ କରିବାର ଯନ୍ତ୍ରବିଶେଷ ।

ତରାଟ, ବି. ଠଗର ଫୁଲ ।

ତରାଟି, କ୍ରି. ବିଂ. କଟାକ୍ଷପାତ କରି, କଣେଇକରି ।

ଯଥା —

ତରାଟି ଗୃହ୍ନିଁଲା ଶ୍ରୀମ କୁରଥାନ୍ତି ପ୍ରତି । କ. ବ.

ତରାଟିବା, କ୍ରି. ( ଦେଶଜ ) ଆଖିକୋଣରେ ଗୃହ୍ନିଁବା ।

ତରି } ବି. ସ୍ତ୍ରୀ ( ତୃ-ଇ, ଈ ) ନୌକା,
ତରୀ } ଭେଳା, ତରକା, ବସ୍ତ୍ରାଦି ରଖିବା ନିମନ୍ତେ ପେଟକ । (ନୌକା ଅର୍ଥରେ) ।

ଯଥା—

ଅଭାଗିମାନୁ ଯେ ତରୀରେ ଦେବର
ବହି ଆଣିଲେ ଏହି ବନ ଉଦର । କ. ବ.

ତରିବା, କ୍ରି. ( ତୃ ଧାତୁଜ ) ପାର ହେବା ।

ତରୁ, ବି. ପୁଂ. ( ତୃ-ଉ ) ବୃକ୍ଷ, ଗଛ, ପାଦପ

ତରୁଣ, ବିଂ. ( ତୃ-ଉନ ) ନୂତନ, ଯୁବା ।

ତରୁଣଦଧି, ବି. ନ. ସଦ୍ୟୋଜାତ ଦହି ।

ତରୁଣୀ, ବି. ସ୍ତ୍ରୀ. ( ତୃ-ଉନ-ଈ ) ଯୁବତୀ, ଦନ୍ତୀ ବୃକ୍ଷ, ଘୃତକୁମାରୀ ।

ତରୁନଖ, ବି. ପୁଂ. କଣ୍ଟା ।

ତରୁମୃଗ, ବି. ପୁଂ. ( ତରୁ-ମୃଗ ) ବାନର, ଶାଖାମୃଗ, ମର୍କଟ, ମାଙ୍କଡ ।

ତରୁରାଗ, ବି. ପୁଂ. (ତରୁ-ରାଗ) ନୂତନ ପଲ୍ଲବ, କିଶଲୟ ।

ତରୁରାଜ, ବି. ପୁଂ. ( ତରୁ-ରାଜା ) ତାଳଗଛ, ନଡ଼ିଆଗଛ ।

ତରୁରୁହ, ବି. ପୁଂ. (ତରୁ-ରୁହ) ବୃକ୍ଷ ଉପରେ ଜାତ ବୃକ୍ଷ ।

ତରୁବଲ୍ଲୀ, ବି. ସ୍ତ୍ରୀ. (ତରୁ-ବଲ୍ଲୀ) ବୃକ୍ଷର ଉପରେ ଜାତ ହୋଇଥିବା ଲତା ।

ତରୁଶାୟୀ, ବିଂ. (ତରୁ-ଶୀ-ଇନ୍) ଯେଉଁମାନେ ବୃକ୍ଷ ଉପରେ ଶୟନ ବା ବିଶ୍ରାମ କରନ୍ତି, ମର୍କଟାଦି ।

ତରୁସାର, ବି. ପୁଂ. (ତରୁ-ସାର) ବୃକ୍ଷସାର, କର୍ପୂର, ସୁଗନ୍ଧ ଦ୍ରବ୍ୟବିଶେଷ ।

ତର୍କ, ବି. ପୁଂ. ( ତର୍କ ଅ ) ବାଦାନୁବାଦ, ବିଚାର, ନ୍ୟାୟଶାସ୍ତ୍ର ।

ତର୍କଣା, ବି. ( ତର୍କ-ଅନ-ଆ ) ଅନୁମାନ, ବିତର୍କ, କଳନା ।

ତର୍କବିଦ୍ୟା, ବି. ସ୍ତ୍ରୀ. ( ତର୍କ-ବିଦ୍ୟା ) ନ୍ୟାୟବିଦ୍ୟା, ତର୍କଶାସ୍ତ୍ର ।

ତର୍କାଭାସ, ବି. ପୁଂ. (ତର୍କ ଆଭାସ) ଅସତ୍ତର୍କ, ଅଜ୍ଞଙ୍କର ଯୁକ୍ତି ।

ତର୍କିତ, ବିଂ. (ତର୍କ-ଇତ) ବିଚାରିତ, ବିବେଚିତ, ସମ୍ଭାବିତ, ଅନୁମିତ, ଉତ୍ପ୍ରେକ୍ଷିତ ।

ତର୍କିବା, କ୍ରି. ( ତର୍କ ଧାତୁଜ ) ହୁରୁଡ଼ିବା, ସତର୍କ ହେବା ।

ତର୍କୀ, ବିଂ. ( ତର୍କ-ଇନ୍ ) ତର୍କକାରକ । ବି. ନୈୟାୟିକ, ତର୍କଶାସ୍ତ୍ରବେତ୍ତା ।

ତର୍ଜନ, ବି. ନ. ( ତର୍ଜ-ଅନ ) ଭୟପ୍ରଦର୍ଶନ, ଭର୍ତ୍ସନା, ଆସ୍ଫାଳନ, କ୍ରୋଧ, ଦ୍ୱେଷ ।

ତର୍ଜନୀ, ବି. ସ୍ତ୍ରୀ. ( ତର୍ଜ-ଅନ-ଈ ) ବୃଦ୍ଧ ଅଙ୍ଗୁଷ୍ଠର ନିକଟସ୍ଥ ଅଙ୍ଗୁଳୀ ।

ତର୍ଜିତ, ବିଂ. (ତର୍ଜ-ତ) ତାଡ଼ିତ, ଭର୍ତ୍ସିତ, ଭୟପ୍ରଦର୍ଶିତ ।

ତର୍ଣ୍ଣ }
ତର୍ଣ୍ଣକ } ବି. ପୁଂ. (ତୃଣ-ଅ,ଅକ) ସଦ୍ୟୋଜାତ ଗୋବତ୍ସ, ସଦ୍ୟୋଜାତ ଶିଶୁ ।

ତର୍ଣ୍ଣି, ବି. ପୁଂ. (ତର୍ଣ୍ଣ-ଇ) ସୂର୍ଯ୍ୟ, ଭେଳା ।

ତର୍ଣ୍ଣିଷ୍ଠକ, ବି.ନ. (ତୃ-ଇକ) ନୌକା, ଭେଳା ।

ତର୍ପଣ, ବି. ନ. ( ତୃପ-ଅନ ) ତୃପ୍ତିଜନକ, ପିତୃଲୋକଙ୍କର ପ୍ରୀତ୍ୟର୍ଥ ଜଳଦାନ ।

ତର୍ପିତ, ବିଂ (ତୃପ୍-ତ) ସନ୍ତୋଷିତ ।

ତର୍ଷ, ବି.ପୁଂ. (ତୃଷ୍-ଅ) ତୃଷା, ପିପାସା, ଇଚ୍ଛା ।

ତର୍ହି, ଅ°. (ତଦ୍ ର୍ହି) ତେବେ ।

ତଳ, ବି. ପୁଂ. (ତଳ୍-ଅ) ଅଧୋଭାଗ, ପାତାଳ, ଉପରଭାଗ, ମୂଳର ଚତୁଃପାର୍ଶ୍ୱବର୍ତ୍ତୀ ସ୍ଥାନ । ନ. କାନନ, ଗର୍ତ୍ତ, ଜ୍ୟାଘାତ ବାରଣ, ଚପୁଡ଼ା, ତାଳବୃକ୍ଷ, ଖଡ୍ଗାଦିର ମୁଷ୍ଟି ।

ତଳତ୍ର, ବି. ନ. (ତଳ-ତ୍ରୈ-ଅ) ଚର୍ମନିର୍ମିତ ଦସ୍ତାନା ।

ତଳପ୍ରହାର, ବି. ପୁଂ (ତଳ-ପ୍ରହାର) ଚପୁଡ଼ା ।

ତଳଲୋକ, ବି.ପୁଂ. ଭୂତଳସ୍ଥ ଲୋକ, ପାତାଳ ।

ତଳବ, ବି. (ତଳ-ବା-ଅ) ତଳବାଦ୍ୟ ବାଦକ ।

ତଲବ, ବି. (ଆରବୀ) ବେତନ, ଆହ୍ୱାନପତ୍ର ।

ତଲବାର, ବି. (ଯାବନିକ) ଅସି, ଖଡ୍ଗ, ତରବାରି ।

ତଲାଶ୍, ବି. (ଯାବନିକ) ପୋଖରୀ, ତଡ଼ାଗ ।

ତଳାତଳ, ବି. ନ ( ତଳ-ତଳ ଦ୍ୱିତ୍ୱ ) ସପ୍ତ ପାତାଳରୁ ଗୋଟିଏ ।

ତଳାଭିଘାତ, ବି. ନ. ( ତଳ ଅଭିଘାତ ) କରତଳଦ୍ୱାରା ପ୍ରହାର, ଚପେଟାଘାତ ।

ତଲାସ }
ତଲ୍ଲାସ } (ଆରବୀ) ଅନୁସନ୍ଧାନ, ଅନ୍ୱେଷଣ ।

ତଳ୍ପ, ବି. ଶଯ୍ୟା । ଯଥା —

ଶୁଆଇଲେ ଉଲ୍ଲିପ୍ରୀମପତିଙ୍କି ଝଟତି
ଅସ୍ୱପ୍ନକ୍ଷୁଭିତ ତଳ୍ପେ ପରଶୁ ଆଘାତେ । ନ: ଯା ।

ତଳ, ବି. (ଦେଶଜ) ଗଜା ଗଛ ।

ତଳିନ, ବି. ନ. (ତଳ-ଇନ) ଶଯ୍ୟା । ବିଂ. ବିରଳ, ସ୍ୱଚ୍ଛ, ନିର୍ମଳ ।

ତଳପା, ବି. (ଦେଶଜ) ପାଦତଳ, ଗୋଡ଼ତଳ ।

ତଲେଇ, ବି (ଦେଶଜ) ବାଉଁଶରେ ତିଆରି ପଟି, ପାଲି ।

ତଳ୍ପକୀଟ, ବି. ପୁଂ. (ତଳ୍ପ-କୀଟ) ଛାରପୋକ ।

ତଲ୍ମି, (ଯାବନିକ) ଗହଣା, ବୁକୁମ୍, ବସ୍ତ୍ର ।

ତଲ୍ଲି, ବି. ନ. ଗଣ୍ଡି, ଜଳାଶୟ । ସ୍ତ୍ରୀ ଯୁବତୀ, ନୌକା, ବରୁଣର ସ୍ତ୍ରୀ ।

ତସବଡ଼, ବି (ଦେଶଜ) ତାଡ଼, ହୁଗ୍ରାପ ।

ତସର, ବି ପୁଂ ଗୋଟିପୋକର ସୂତା ।

ତସଲା, ବି (ଦେଶଜ) ପିତ୍ତଳପାତ୍ରବିଶେଷ ।

ତସବୀର, (ଆରବୀ) ପ୍ରତିମୂର୍ତ୍ତି, ଛବି ।

ତସା, ବି (ଦେଶଜ) ଚଷା ।

ତସୁ, ବି. (ତୁଷ ଶବ୍ଦଜ) ଧାନର ଚୋପା ।

ତସ୍କର, ବି. ପୁଂ. (ତତ୍-କୃ-ଅ) ଚୋର, ଅପହାରକ ।

ତସ୍କରତା, ବି. (ତସ୍କର-ତା) ଚୌର୍ଯ୍ୟ, ଚୋରି ।

ତସ୍କରୀ, ବିଂ. (ତସ୍କର ଈ) କୋପନା ସ୍ତ୍ରୀ ।

ତସ୍ଲିବାନ୍, ବିଂ. (ସ୍ତ୍ରା-ବତ୍) ସ୍ତିତ ।

ତହ, ବି. (ଦେଶଜ) ଲୁଗାର ଭାଙ୍ଗ, ଛଳନା, ଧପା ।

ତହବିଲ, ବି. ( ଯାବନିକ ) ପୁଞ୍ଜି, ରୋକଡ଼, ପାଣ୍ଠି ।

ତହସିଲ, ବି. ( ଯାବନିକ ) ପ୍ରଦେଶର ରାଜସ୍ୱାଦାୟ ବିଭାଗ, ଆଦାୟ ।

ତହିଁ, ସଂ. (ପ୍ରା) ତା ପରେ ।

ତାଉଅ, ବି. (ଦେଶଜ ) ଲୌହନିର୍ମିତ ଚଟକା ପାତ୍ରବିଶେଷ ।

ତାକ, ବି. (ଦେଶଜ) କାନ୍ଥଖୋଲା, ଠଣା ।

ତାକତ୍, ବି. (ଯାବନିକ) ବଳ, ଅଧିକାର ।

ତାକଚରକ, (ଦେଶଜ) ଭଙ୍ଗୀ, ସତର୍କଭାବ । ଯଥା—

ଅରେ ଚନ୍ଦ୍ରବଦନି ତାକଚରକ ତୁ ଜାଣୁ କେତେ ପର ।

ତାକିଦ୍, ବି. (ଯାବନିକ) ସାବଧାନ, ସତର୍କ ।

ତାକୁଡ଼ି, ବି. (ତର୍କୁ ଶବ୍ଦଜ) ସୂତା କାଟିବାର ଯନ୍ତ୍ରବିଶେଷ ।

ତାଗ, ବି. (ଦେଶଜ) ସରୁ ଦଉଡ଼ି ।

ତାଚ୍ଛଲ୍ୟ, ବି. (ଦେଶଜ) ଅବହେଳା, ଅବଜ୍ଞା, ଅଶ୍ରଦ୍ଧା ।

ତାଜ, ବି. ( ଯାବନିକ ) ଶିରୋଭୂଷଣ, ମୁକୁଟ, ଭୂଷଣ ।

ତାଜା, ବିଂ. (ଯାବନିକ) ସଜ, ଟଟକା, ସରସ ।

ତାଜିଆ, ବି. ( ଯାବନିକ ) ମହରମ ପର୍ବରେ ମୁସଲମାନମାନେ ଯେଉଁ ମେଢ଼ ବାହାର କରନ୍ତି ।

ତାଜବ୍, ବି. (ଯାବନିକ) ଆଶ୍ଚର୍ଯ୍ୟ । ବିଂ ଆଶ୍ଚର୍ଯ୍ୟାନ୍ୱିତ ।

ତାଟ, ବି. ( ଦେଶଜ ) ଟାଙ୍ଗୁଡ଼ି, ତାଲିଆ, ତାଳପତ୍ରନିର୍ମିତ ଆବରଣବିଶେଷ ।

ତାଟଙ୍କ, ବି. ପୁଂ. ( ତାଟ-ଅଙ୍କ ) କର୍ଣ୍ଣଭୂଷଣ, କାପ ।

ତାଟକା }
ତାଟକା } ବିଂ. ( ପ୍ରା ) ତ୍ରସ୍ତ, ସ୍ତବ୍ଧ । ଯଥା—

ସଜନୀମାନେ ଦେଖି ହେଲେ ତାଟକା ।

ତାଟି, ବି. (ଦେଶଜ) ବାଉଁଶ ବମ୍ବା ତାଳପତ୍ରନିର୍ମିତ ବାଡ଼ ।

ତାଟିଆ, ବି. ( ଦେଶଜ ) ଧାତୁନିର୍ମିତ ପାତ୍ରବିଶେଷ ।

ତାଡ଼, ବି. (ତାଟଙ୍କ ଶବ୍ଦଜ) ବାହୁର ଆଭରଣ ।

ତାଡ଼କା, ବି. ସ୍ତ୍ରୀ. ସୁକେତୁ ରାକ୍ଷସର କନ୍ୟା, ମାରୀଚ ରାକ୍ଷସର ମାତା ।

ତାଡ଼ନ, ବି.ନ. (ତାଡ଼-ଅନ) ତର୍ଜ୍ଜନ, ଭର୍ତ୍ସନା, ଶାସନ, ଦଣ୍ଡ ।

ତାଡ଼ନା, ବି. ସ୍ତ୍ରୀ. ଶାସନ, ଉତ୍ପୀଡ଼ନ ।

ତାଡ଼ନୀ, ବି. ( ତାଡ଼-ଅନ-ଈ ) କଶା, ତାଡ଼ନଦଣ୍ଡ ।

ତାଡ଼ପତ୍ର, ବି. ନ. କର୍ଣ୍ଣାଲଙ୍କାରବିଶେଷ ।

ତାଡ଼ିଆ, ବି. (ଦେଶଜ) ଏକପ୍ରକାର ମାଟିହାଣ୍ଡି, ଜଗନ୍ନାଥ ମନ୍ଦିରର ମହାପ୍ରସାଦବିଶେଷ ।

ତାଡ଼ିତ, ବିଂ ( ତାଡ଼-ତ ) ଆହତ, ଶାସିତ, ତିରସ୍କୃତ, ଉତ୍ପୀଡ଼ିତ, ଦୂରୀକୃତ ।

ତାଡ଼ବା, କ୍ରି. ବି. ମୂଳୋତ୍ପାଟନ କରିବା, ଖୋଳିବା । ଯଥା—

ବୃଷ ଉଷ୍ଟ ବଣେ ଯେଣୁ ଲୁଦେ କର ତାଡ଼ୁଛି ।

ତାଡ଼ୀ, ବି. ସ୍ତ୍ରୀ. ( ତାଡ଼ିବା ଶବ୍ଦଜ ) ଆଭରଣ-ବିଶେଷ, ତାଳ ବା ଖଜୁରି ଗଛର ରସ ।

ତାଡ଼୍ୟମାନ, ବିଂ. ( ତଡ଼-ଆନ, ଯ, ମ ଆଗମ ) ପୀଡ଼୍ୟମାନ, ଯାହାକୁ ପ୍ରହାର ଦଣ୍ଡ ବା ଶାସନ କରାଯାଇଅଛି । ବି ବାଦ୍ୟଯନ୍ତ୍ର-ବିଶେଷ ।

ତାଣ୍ଡବ, ବି. ପୁଂ. (ତଣ୍ଡୁ-ଅ) ଉଦ୍ଧତ ନୃତ୍ୟ, ଦେବତାମାନଙ୍କର ନୃତ୍ୟ, ଶିବଙ୍କର ନୃତ୍ୟ ।

ତାତ୍, ବି. (ସନ୍ତାପାର୍ଥ ତପ୍ ଧାତୁଜ) ଉତ୍ତାପ, ତାପ ।

ତାତ୍କାଳିକ, ବିଂ. (ତତ୍କାଳ-ଇକ) ତତ୍କାଳୋ-ଦ୍ଭବ, ତତ୍କାଳଜାତ ।

ତାତ୍ପର୍ଯ୍ୟ, ବି. ନ. (ତତ୍ପର-ଯ) ଅଭିପ୍ରାୟ, ମର୍ମ, ଅର୍ଥ ।

ତାତ, ବି. ପୁଂ. (ତାୟୃ=ପାଳନ କରିବା ତ ) ପିତା, ପବିତ୍ର ବ୍ୟକ୍ତି, ସ୍ନେହପାତ୍ର, ସ୍ନେହସୂଚକ ବାକ୍ୟ । ବିଂ. ମାନ୍ୟ, ପୂଜ୍ୟ ।

ତାତି, ବିଂ. (ତପ୍ ଧାତୁଜ) ଗରମ, ଝାଞ୍ଜି, ଉତ୍ତାପ, ତାପ । (ତନ୍-ତି) ପୁତ୍ର, ବୃଦ୍ଧି ।

ତାତିଲା, ତତଲା } ବିଂ (ଦେଶଜ) ଉତ୍ତପ୍ତ ।

ତାଦବସ୍ଥ୍ୟ, ବି. ନ. (ତଦବସ୍ଥା-ଯ) ସେହି ଭାବ, ସେହି ପ୍ରକାରେ ସ୍ଥିତି, ତଦ୍ରୂପତା ।

ତାଦର୍ଥ୍ୟ, ବି. ନ. ( ତଦର୍ଥ-ଯ ) ତନ୍ନିମିତ୍ତାର୍ଥ, ତଦର୍ଥତା, ସେନିମିତ୍ତ ।

ତାଦର୍ଥ, ବି. ନ. (ତଦ୍-ଅର୍ଥ ସମାନାଭିପ୍ରାୟ, ତତ୍ ପ୍ରୟୋଜନ ।

ତାଦାତ୍ମ୍ୟ, ବି. ନ. ( ତଦାତ୍ମ-ଯ ) ଅଭେଦ, ତତ୍ସ୍ୱରୂପତା ।

ତାଦୃକ୍, ତାଦୃଶ } ବିଂ. (ତଦ୍-ଦୃଶ) ସେହି ପ୍ରକାର, ତଦ୍ରୂପ ।

ତାନ, ବି. ପୁଂ. (ତନ୍-ଅ) ବିସ୍ତାର, ଗାନାଙ୍ଗ-ବିଶେଷ, ସ୍ୱରାନ୍ତରପ୍ରବର୍ତ୍ତିକ ସ୍ୱର ସ୍ଥିତି ପ୍ରବୃତ୍ତ୍ୟାଦି ହେତୁରୁ ବୀଣାଦି ବାଦ୍ୟସ୍ୱର-ବିଶେଷ, ତନ୍ତୀମାନେ ଲୁଗା ବୁଣିବାପାଇଁ ସଜାଇଥିବା ସୂତ୍ରସମୂହ ।

ତାନପୂରା, ବି. ପୁଂ. (ତାନ-ପୂରା) ବୀଣାକାର ବାଦ୍ୟଯନ୍ତ୍ରବିଶେଷ ।

ତାନ୍ତ, ବିଂ. (ତମ୍-ତ) କ୍ଳାନ୍ତ, ଶ୍ରାନ୍ତ, ଦୁର୍ବଳ, କ୍ଷୀଣ, ମ୍ଳାନ ।

ତାନ୍ତବ, ବିଂ. (ତନ୍ତୁ-ଅ) ତନ୍ତୁନିର୍ମିତ, ଯେ ସବୁ ଦ୍ରବ୍ୟକୁ ଟାଣି ଅତ୍ୟନ୍ତ ସୂକ୍ଷ୍ମ ତାର ପ୍ରସ୍ତୁତ କରାଯାଏ ।

ତାନ୍ତବତା, ଯେଉଁ ଗୁଣ ଥିବାରୁ କେତେଗୁଡ଼ିଏ ପଦାର୍ଥକୁ ଟାଣି ତନ୍ତୁ ଅର୍ଥାତ୍ ତାର ପ୍ରସ୍ତୁତ କରାଯାଇ ପାରେ ।

ତାନ୍ତ୍ରିକ, ବିଂ. ( ତନ୍ତ୍ର-ଇକ ) ତନ୍ତ୍ରଶାସ୍ତ୍ରମତା-ବଲମ୍ବୀ, ତନ୍ତ୍ରଶାସ୍ତ୍ରବେତ୍ତା, ତନ୍ତ୍ରଶାସ୍ତ୍ରସମ୍ବନ୍ଧୀୟ ।

ତାପ, ବି. ପୁଂ. (ତପ୍-ଅ) ଉଷ୍ଣତା, ଜ୍ୱର, କ୍ଳେଶ, ମନଃପୀଡ଼ା, ଯାତନା, ଆଧ୍ୟାତ୍ମିକ ଆଧିଭୌତିକ ଆଧିଦୈବିକ ଏହି ତିନି ପ୍ରକାର ତାପ ।

ତାପକ, ବିଂ. (ତପ-ଅକ) ତାପଜନକ । ବି. ପୁଂ. ଜ୍ୱର ।

ତାପତ୍ୟ, ବି. ପୁଂ. (ତପତୀ-ଯ) ଅର୍ଜ୍ଜୁନ ।

ତାପତ୍ରୟ, ବି. ନ. ଆଧ୍ୟାତ୍ମିକ, ଆଧିଦୈବିକ, ଆଧିଭୌତିକ ଏହି ତ୍ରିବିଧ ସନ୍ତାପ ।

ତାପନ, ବି. ପୁଂ. (ତାପି ଅନ) ସୂର୍ଯ୍ୟ, ମଦନର ପଞ୍ଚଶରାନ୍ତର୍ଗତ ଶରବିଶେଷ, ସୂର୍ଯ୍ୟକାନ୍ତମଣି, ସୂର୍ଯ୍ୟକିରଣ । ବିଂ. ତାପଜନକ ।

ତାପମାନଯନ୍ତ୍ର, (Thermometer) ବି. ଯେ ଯନ୍ତ୍ରଦ୍ୱାରା ଉତ୍ତାପର ପରିମାଣ ନିରୂପଣ କରା-ଯାଏ ।

ତାପସ, ବିଂ. ପୁଂ. (ତପସ୍-ଅ) ତପସ୍ୱୀ, ମୁନି । ବି. ନ. ତେଜପତ୍ର ।

ତାପସତରୁ, ତାପସଦ୍ରୁମ } ବି. ପୁଂ. ( ତାପସ-ତରୁ,ଦ୍ରୁମ ) ଇଙ୍ଗୁଦୀବୃକ୍ଷ, ଏହି ବୃକ୍ଷର ତୈଳରେ ତପସ୍ୱିମାନଙ୍କର ସମସ୍ତ କାର୍ଯ୍ୟ ନିର୍ବାହ ହୁଏ,ଏଣୁ କରି ଏହାକୁ ତାପସତରୁ କହନ୍ତି ।

ତାପସ୍ୟ, ବି. ନ. ( ତପସ୍-ଯ ) ତାପସର ଧର୍ମ, ତପସ୍ୱିର ଆଚରଣ ।

ତାପିଚ୍ଛ, ତାପିଞ୍ଜ, ତାପଞ୍ଜ } ବି. ପୁଂ. ( ତାପିନ୍-ଛଦ-ଅ ) ତମାଲବୃକ୍ଷ । ( ତାପିଞ୍ଜ ପକ୍ଷେ ଛ ଧାତୁ ) ।

ତାପିତ, ବିଂ. (ତାପି-ତ) ଦୁଃଖିତ, ଖେଦାନ୍ୱିତ, ତାପଯୁକ୍ତ ।

ତାପୀ, ବିଂ ( ତାପ-ଇନ୍ ) ତାପଯୁକ୍ତ, ତାପ-ଜନକ । ବି. ପୁଂ. ବୁଦ୍ଧ ।

ତାପେଶ୍ୱର, ବି. ପୁଂ. ତୀର୍ଥବିଶେଷ ।

ତାବଲ, ତବଲ } ବି. ( ଯାବନିକ ) ପିତ୍ତଳ ପାତ୍ର-ବିଶେଷ । ଏକପ୍ରକାର ବାଦ୍ୟଯନ୍ତ୍ର ।

ତାବଦା, ବି. (ସ୍ତବ୍ଧ ଶବ୍ଦଜ) ସ୍ତବ୍ଧ ।

ତାମ, ବି. ପୁଂ (ତମ-ଅ) ଦୁଃଖ, ଦୋଷ, ପାପ, ଭୟର ବିଷୟ ।

ତାମର, ବି. ନ. (ତମ-ର) ଜଳ, ଘୃତ ।

ତାମରସ, ବି. ନ. ( ତମର-ସ-ଅ) ପଦ୍ମ, ତମ୍ବା, ସ୍ୱର୍ଣ୍ଣ, ସାରସ ପକ୍ଷୀ ।

ତାମସ, ବି. ପୁଂ. (ତମସ୍-ଅ) ପେଚକ, ଖଳ, ସର୍ପ, ଖଳବ୍ୟକ୍ତି । ଯଥା—

ତଦ୍ଭାଗ ତାରକର ଶ୍ରେଷ୍ଠ ବ୍ରହ୍ମଦେ ।
ତାମସ ହୃଦେ ସତ୍ତ୍ୱଗୁଣ ନ ଉଦେ । ରୂ. ସ୍ତ.

ତାମସା, ବି. (ଯାବନିକ) ରହସ୍ୟ, କୌତୁକ ।

ତାମସିକ, ବିଂ. (ତାମସ-ଇକ) ଗର୍ବିତ, ଜଡ଼ିତ, ତମୋଗୁଣାନ୍ୱିତ ।

ତାମସୀ, ବି. ସ୍ତ୍ରୀ. (ତାମସ-ଈ) ଅନ୍ଧକାରରାତ୍ରି, ଦୁର୍ଗା, କାଳୀ ବା ମସୀ । ବିଂ. ତାମସିକ, ତମୋମୟୀ, ତମୋଗୁଣଯୁକ୍ତ, ଗାଢ଼ ଅନ୍ଧ-କାରାଚ୍ଛନ୍ନ ।

ତାମିଲ୍, ବି. (ଯାବନିକ) କାର୍ଯ୍ୟରେ ପରିଣତ, ଦ୍ରାବିଡ଼ ଜାତି ଓ ତାହାର ଭାଷାବିଶେଷ ।

ତାମିଳୀ, ତାମୁଲୀ } ବି. (ତାମ୍ବୂଲୀ ଶବ୍ଦଜ) ପାନବ୍ୟବସାୟୀ ଜାତିବିଶେଷ ।

ତାମିସ୍ର, ବି. ପୁଂ. (ତମିସ୍ର-ଅ) ନିଶାଚର, ଅଜ୍ଞାନ-ବିଶେଷ । ନ. ଅନ୍ଧକାରମୟ, ନରକବିଶେଷ ।

ତାମ୍ପଡ଼ା, ବି. (ଦେଶଜ) ଚିଙ୍ଗୁଡ଼ି ଶୁଖୁଆ ।

ତାମ୍ର, ବି. ନ. (ତମ୍-ର) ତମ୍ବା, ଧାତୁବିଶେଷ, କୁଷ୍ଠରୋଗବିଶେଷ । ବିଂ. ଅରୁଣବର୍ଣ୍ଣ ।

ତାମ୍ରକ, ବି. ନ. (ତାମ୍ର-କ) ତମ୍ବା ।

ତାମ୍ରକର୍ଣ୍ଣୀ, ବି. ସ୍ତ୍ରୀ. (ତାମ୍ର-କର୍ଣ୍ଣୀ) ଅଞ୍ଜନା ନାମ୍ନୀ ପଶ୍ଚିମଦିଗ୍ ହସ୍ତିନୀ ।

ତାମ୍ରକୁଟ, ବି. ପୁଂ. ନ. ( ତାମ୍ର-କୁଟ ) ତମାଖୁ, ଧୂଆଁପତ୍ର, ଧୂମ୍ରପାନଯୋଗ୍ୟ ପତ୍ରବିଶେଷ ।

ତାମ୍ରକୃମି, ବି.ପୁଂ. (ତାମ୍ର-କୃମି) ଇନ୍ଦ୍ରଗୋପ କୀଟ, ସାଧବବୋହୂ ପୋକ ।

ତାମ୍ରଗର୍ଭ, ବି. ସ୍ତ୍ରୀ. (ତାମ୍ର-ଗର୍ଭ) ତୁତିଆ ।

ତାମ୍ରଚୂଡ଼, ବି. ପୁଂ. ( ତାମ୍ର-ଚୂଡ଼ା ) କୁକ୍କୁଟ, କୁକୁଡ଼ା ।

ତାମ୍ରପତ୍ର, ବି. ପୁଂ. (ତାମ୍ର-ପତ୍ର) ଜୀବଶାକ । ନ. ତାମ୍ରନିର୍ମିତ ପତ୍ର, ନୂତନ ପଲ୍ଲବ ।

ତାମ୍ରପର୍ଣ୍ଣୀ, ବି. ସ୍ତ୍ରୀ. (ତାମ୍ର-ପର୍ଣ୍ଣୀ) ନଦୀବିଶେଷ, କର୍ଣ୍ଣାଟର ଅନ୍ତର୍ଗତ ନଦୀ ।

ତାମ୍ରପଲ୍ଲବ, ବି.ପୁଂ. (ତାମ୍ର-ପଲ୍ଲବ) ଅଶୋକବୃକ୍ଷ, ରକ୍ତ ପଲ୍ଲବ ।

ତାମ୍ରପୁଷ୍ପ, ବି. ପୁଂ. (ତାମ୍ର-ପୁଷ୍ପ) ରକ୍ତକାଞ୍ଚନ ବୃକ୍ଷ, ଭୂମିଚମ୍ପକ । ବିଂ. ରକ୍ତପୁଷ୍ପଯୁକ୍ତ ।

ତାମ୍ରଲିପ୍ତ, ବି. ନ. ତମଲୁକ ।

ତାମ୍ରସାର, ବି. ପୁଂ (ତାମ୍ର-ସାର) ରକ୍ତଚନ୍ଦନ ବୃକ୍ଷ । ନ ରକ୍ତଚନ୍ଦନ ।

ତାମ୍ରାକ୍ଷ, ବି. ନ. (ତାମ୍ର-ଅକ୍ଷି) ରକ୍ତବର୍ଣ୍ଣ ଚକ୍ଷୁ । ପୁଂ. କୋଇଲି । ବିଂ. ରକ୍ତବର୍ଣ୍ଣ ଚକ୍ଷୁଯୁକ୍ତ ।

ତାମ୍ବୀ, ବି. (ଦେଶଜ) ଶସ୍ୟ ମାପିବାର ଏକପ୍ରକାର ଶୌଣୀ, ହିନ ।

ତାମ୍ବୁ
ତମ୍ବୁ } ବି. (ଦେଶଜ) ଶିବିର, ବସ୍ତ୍ରଗୃହ, ଡେରା ।

ତାମ୍ବୂଳ, ବି. ନ (ତମ୍-ବୂଳ) ପାନ, ନାଗବଲ୍ଲୀ ।

ତାମ୍ବୂଳକରଙ୍କ, ବି. ପୁଂ. (ତାମ୍ବୂଳ-କରଙ୍କ) ପାନବଟା, ପାନଡ଼ିବିଆ ।

ତାମ୍ବୂଳକରଙ୍କବାହିନୀ, ବି. ସ୍ତ୍ରୀ. (ତାମ୍ବୂଳକରଙ୍କ ବହ ଇନ୍-ଈ) ଦାସୀ, ଯେ ପାନ ଭର୍ତ୍ତି ଡ଼ିବିଆରେ ଦିଏ ।

ତାମ୍ବୂଳୀ
ତାମ୍ବୂଳିକ } ବି. ପୁଂ. ସ୍ତ୍ରୀ. (ତାମ୍ବୂଳ-ଈ,ଇକ) ତାମ୍ବୂଳବିକ୍ରୟୀ, ତାମ୍ବୁଲି ଜାତି ।

ତାର, ବି. ପୁଂ. (ତୃ-ଅ) ଉଚ୍ଚୈଃସ୍ୱର, ପରିଷ୍କାର, ମୁକ୍ତାହାରମଧ୍ୟମଣି, ରକ୍ଷକ, ବାନରବିଶେଷ, ବାଳିର ପୁତ୍ର, ଉତ୍ତରଣ, ଓଁକାର, ପ୍ରଣବ । ନ. ରୌପ୍ୟ, ମୁକ୍ତା, ଚକ୍ଷୁର ତାରା, ନକ୍ଷତ୍ର, ଗ୍ରହ । ବିଂ. ଅତି ଉଚ୍ଚ, ସ୍ଥୂଳ, ଦୀପ୍ତିମନ୍ତ, ଉତ୍କୃଷ୍ଟ, ଉତ୍ତମ, ପରିଷ୍କୃତ, ବିସ୍ତୃତ, ଲୌହ ପ୍ରଭୃତି ଧାତୁର ସୂକ୍ଷ୍ମ ସୂତ୍ର ।

ତାରକଜିତ୍, ବି. ପୁଂ. (ତାରକ-ଜିତ୍) କାର୍ତ୍ତିକେୟ ।

ତାରକଦିକମ, ବି. (ଦେଶଜ) ସୁନାରୂପାର ସୂକ୍ଷ୍ମ କାରୁକାର୍ଯ୍ୟ ।

ତାରକ, ନ.
ତାରକା, ସ୍ତ୍ରୀ. } ବି. (ତୃ-ଅକ) ଚକ୍ଷୁର ଡୋଳା, ନକ୍ଷତ୍ର । ପୁଂ. କର୍ଣ୍ଣଧାର, ତାରକାସୁର । ନ. ଭେଳା । ବିଂ. ରକ୍ଷକ, ରକ୍ଷାକର୍ତ୍ତା । (ନକ୍ଷତ୍ର ଅର୍ଥରେ) ଯଥା—
ତରଳ ତାରକାହାରମୟୀ ନାକନାଗରୀ ଦୃକା ।

ତାରକାରି, ବି. ପୁଂ. (ତାରକ-ଅରି) କାର୍ତ୍ତିକେୟ ।

ତାରକିତ, ବିଂ. (ତାରକା ଇତ) ନକ୍ଷତ୍ରିତ, ତାରକାଯୁକ୍ତ, ସଞ୍ଜାତତାରକା, ଉଜ୍ଜ୍ୱଳ ।

ତାରକୀ, ବିଂ. (ତାରକା ଇନ୍) ତାରକାଯୁକ୍ତ । ସ୍ତ୍ରୀ. ରାତ୍ରି ।

ତାରଣ, ବିଂ. (ତୃ-ଅନ) ଭେଳକ, ଯେଉଁ ବ୍ୟକ୍ତି ପାର କରେ, ତ୍ରାଣକର୍ତ୍ତା । ବି. ପୁଂ. ଭେଳା, ପାର କରିବା, ବିପଦରୁ ଉଦ୍ଧାର କରିବା ।

ତାରତମ, ବି. (ତାରତମ୍ୟ ଶବ୍ଦଜ) ପ୍ରଭେଦ ।

ତାରତମ୍ୟ, ବି. ନ. (ତରତମ-ଯ) ନ୍ୟୂନାଧିକ, ଇତର ବିଶେଷ ।

ତାରତର, ବି. (ଦେଶଜ) ମନୋହର, ସୁନ୍ଦର ।

ତାରଳ, ବିଂ. (ତରଳ-ଅ) କାମୁକ, ଲମ୍ପଟ ।

ତାରଲ୍ୟ, ବି. ନ. (ତରଳ-ଯ) ଚଞ୍ଚଳତା, ତରଳତା ।

ତାରା, ବି. ସ୍ତ୍ରୀ. (ତୃ-ଆ) ନକ୍ଷତ୍ର, ଅକ୍ଷିମଧ୍ୟ, ବୃହସ୍ପତିଭାର୍ଯ୍ୟା, ବାଳିର ଭାର୍ଯ୍ୟା, ମୁକ୍ତା, ଦ୍ୱିତୀୟା ଶକ୍ତି, ଦ୍ୱିତୀୟା ମହାବିଦ୍ୟା, ଦୁର୍ଗା, ବୌଦ୍ଧଦେବୀ ।

ତାରାଧିପ
ତାରାଧିପତି } ବି. ପୁଂ. (ତାରା-ଅଧିପ,ଅଧିପତି) ଚନ୍ଦ୍ର ।

ତାରାପତି, ବି.ପୁଂ. (ତାରା-ପତି) ଚନ୍ଦ୍ର, ବୃହସ୍ପତି, ବାଳି, ଶିବ, ସୁଗ୍ରୀବ ।

ତାରାପଥ, ବି. ପୁଂ (ତାରା-ପଥ) ଆକାଶ, ନଭୋମଣ୍ଡଳ ।

ତାରାପୀଡ଼, ବି. ପୁଂ. (ତାରା-ଆପୀଡ଼) ଚନ୍ଦ୍ର, ନୃପତିବିଶେଷ ।

ତାରାଭୂଷା, ବି. ସ୍ତ୍ରୀ. (ତାରା-ଭୂଷା) ରାତ୍ରି, ରଜନୀ ।

ତାରାଭ୍ର, ବି.ପୁଂ. (ତାରା-ଅଭ୍ର) କର୍ପୂର ।

ତାରାମଣ୍ଡଳ, ବି. ନ. (ତାରା-ମଣ୍ଡଳ) ପ୍ରକାଣ୍ଡ ଦେବମନ୍ଦିର, ନକ୍ଷତ୍ରମଣ୍ଡଳ ।

ତାରାମୃଗ, ବି. ପୁଂ. (ତାରା-ମୃଗ) ତାରାଚକ୍ଷୁ ଦ୍ୱାରା ରଚିତ ମୃଗ, ମାୟାମୃଗ, ମୃଗଶିରା ନକ୍ଷତ୍ର ।

ତାରଣ, (ଆରବୀ ଭାଷା) ଦିବସ, ଦିନ ।

ତାରଣୀ, ବି. ସ୍ତ୍ରୀ. (ତୃ-ଇନ-ଈ) ଦୁର୍ଗା । ବିଂ. ତ୍ରାଣକର୍ତ୍ତ୍ରୀ, ଗଳାରେ ପିନ୍ଧିବା ଏକପ୍ରକାର ସୂତାର ତାଗ ।

ତାରଫ, (ହିନ୍ଦୀ) ପ୍ରଶଂସା, ସ୍ତବ, ସ୍ତୁତି ।

ତାରୁଣ୍ୟ, ବି.ନ. (ତରୁଣ-ଯ) ଯୌବନ, ଯୁବତ୍ୱ, ଯୌବନାବସ୍ଥା ।

ତାରେୟ, ବି. ପୁଂ. ( ତାରା-ଏୟ ) ତାରାପୁତ୍ର ଅଙ୍ଗଦ ।

ତାର୍କିକ, ବିଂ. (ତର୍କ-ଇକ) ତର୍କଶାସ୍ତ୍ରଜ୍ଞ, ତର୍କଶାସ୍ତ୍ରାଧ୍ୟାୟୀ ।

ତାର୍କ୍ଷ୍ୟ, ବି.ପୁଂ. ( ତାର୍କ୍ଷ-ଯ ) ରସାଞ୍ଜନ, ଅଶ୍ୱ, ସର୍ପ, ଗରୁଡ଼, ଶାଳବୃକ୍ଷ, ଅରୁଣ, ରଥ, ଅର୍ଜୁନ-ବୃକ୍ଷବିଶେଷ ।

ତାର୍କ୍ଷ୍ୟଧ୍ୱଜ, ବି. ପୁଂ. ( ତାର୍କ୍ଷ୍ୟ-ଧ୍ୱଜ ) ବିଷ୍ଣୁ, ନାରାୟଣ ।

ତାର୍କ୍ଷ୍ୟନାୟକ, ବି. ପୁଂ. ( ତାର୍କ୍ଷ୍ୟ-ନୀ-ଅକ ) ଗରୁଡ଼ ।

ତାର୍ଯ୍ୟ, ବିଂ. (ତୃ-ଯ) ତରଣୀୟ, ତରଣାର୍ଥେ ଯାହା ଦିଆଯାଏ ( ଶୁଳ୍କ ) ।

ତାଳ, ବି. ପୁଂ. (ତଲ୍-ଅ) ଗାନବାଦ୍ୟ ବିଷୟରେ କାଳ ଓ କ୍ରିୟାର ପରିମାଣ, କାଳ ପରିମାଣ-ବିଶେଷ, ବିସ୍ତୃତ ଅଙ୍ଗୁଷ୍ଠ ଓ ମଧ୍ୟମାଙ୍ଗୁଳି ପରିମାଣ, ବୃକ୍ଷବିଶେଷ, ତୃଣରାଜ, ହରିତାଳ ତାଳଫଳ ।

ତାଳକ, ବି. ନ. (ତାଳ ଅକ) ହରିତାଳ, ତାଲା, ଦ୍ୱାରରୋଧକ ଯନ୍ତ୍ର, ସୁଗନ୍ଧି ମୃତ୍ତିକା ।

ତାଳକୀ, ବି. ସ୍ତ୍ରୀ (ତାଳ-କ-ଈ) ତାଳରସ, ତାଡ଼ି ।

ତାଳକେତୁ, ବି. ପୁଂ. (ତାଳ-କେତୁ) ଭୀଷ୍ମ ।

ତାଳଧ୍ୱଜ, ବି. ପୁଂ. (ତାଳ-ଧ୍ୱଜ) ବଳଦେବ, ବଳରାମ ।

ତାଳଧ୍ୱଜା, ବି. ସ୍ତ୍ରୀ. (ତାଳ-ଧ୍ୱଜ-ଆ) ନଗରୀ-ବିଶେଷ, ତାଳଗଛର ପତ୍ର ।

ତାଳନବମୀ, ବି. ସ୍ତ୍ରୀ, ଭାଦ୍ର ମାସର ଶୁକ୍ଳ ନବମୀ ।

ତାଳପତ୍ର, ବି. ନ. (ତାଳ-ପତ୍ର) କର୍ଣ୍ଣଭୂଷଣ-ବିଶେଷ, ତାଳଗଛର ପତ୍ର ।

ତାଳଭୃତ୍, ବି. ପୁଂ. (ତାଳ-ଭୃ-°) ବଳଦେବ ।

ତାଳଯନ୍ତ୍ର, ବି. ନ. (ତାଳ-ଯନ୍ତ୍ର) କୋଲପ, ଚାବି ।

ତାଳବୃନ୍ତ } ବି. ପୁଂ. (ତାଳ-ବୃନ୍ତ, କ)
ତାଳବୃନ୍ତକ } ବ୍ୟଜନ, ପଙ୍ଖା, ତାଳବିଞ୍ଚଣା ।

ତାଳବେଲ, ବି. ପୁଂ. ବିକ୍ରମାଦିତ୍ୟଙ୍କ ବଶୀଭୂତ ଓ ଆଜ୍ଞାବହ ଉପଦେବତାଦ୍ୱୟ ।

ତାଳବ୍ୟ, ବିଂ. (ତାଳୁ-ଯ) ତାଳୁସମ୍ବନ୍ଧୀୟ । ବି. (ତାଳୁ-ଯ) ଉଚ୍ଚାରିତ ବର୍ଣ୍ଣ ।

ତାଳସଜ, ବି. ନ. (ଦେଶଜ) ତାଳମଞ୍ଜିରେ ଥିବା କୋମଳ ଶସ ।

ତାଲା, ବି. (ଦେଶଜ) କୋଲପ, ଦ୍ୱାରଦେଶ-ରୋଧକ ଯନ୍ତ୍ର ।

ତାଲାକାଠି, ବି. (ଦେଶଜ) ଚାବିକାଠି, କଞ୍ଚି ।

ତାଳାଙ୍କ, ବି. ପୁଂ. (ତାଳ-ଅଙ୍କ) ବଳରାମ, ମହାଦେବ, ଲକ୍ଷଣାକ୍ରାନ୍ତ ପୁରୁଷ, ପୁସ୍ତକ, ଶାକବିଶେଷ ।

ତାଳି, ବି. ସ୍ତ୍ରୀ. (ତାଳ ଶବ୍ଦଜ) କରତାଳଧ୍ୱନି, କନାପଟି ।

ତାଲିକା, ବି. (ହିନ୍ଦୀ) ଯେଉଁ କାଗଜରେ ବିଶେଷ ବିବରଣ ଲେଖାଯାଏ, ଲିଷ୍ଟ ।

ତାଲିମ୍, ( ଆରବୀ ଇଲମ୍ ଶବ୍ଦଜ ) ଶିକ୍ଷା, ଉପଦେଶ ।

ତାଳୀ, ବି. ସ୍ତ୍ରୀ. (ତାଳ-ଈ) ହେନ୍ତାଳଗଛ, ତାଳଗଛ, ତାଡ଼ି, ତାଲା, ଯେ ବାଦ୍ୟ ସଂଯୋଗରେ ତାଳ ପ୍ରଦାନ କରେ । ପୁଂ. ଶିବ, ମୁନିବିଶେଷ, କନାରେ ପ୍ରସ୍ତୁତ ପଟି । ଯଥା—

ଆହୁଅଛି ମିଥ୍ୟା ଯାର ବସ୍ତ୍ରଯାକ ତାଳୀ,
ତାଳୀ ପରେ ତାଳୀ ପୁଣି ତାଳୀ ତା ଉପରେ । ମହାଯାତ୍ରା ।

ତାଳୁ, ବି. ନ. (ତୃ—ଗମନ କରିବା—ଉ) ଯାହାଠାରୁ ବାକ୍ୟ ନିର୍ଗତ ହୁଏ, ପାଟିର ଉପରିଭାଗ, ମୂର୍ଦ୍ଧା ଓ ଦନ୍ତର ମଧ୍ୟବର୍ତ୍ତୀ ସ୍ଥାନ ।

ତାଲୁକ, ବି. ନ. (ତାଲୁ-କ) ତାଲୁ, ଭୂମ୍ୟଧିକାର, ଜମିଦାରୀ ରାଜ୍ୟ ।

ତାଳୁକା, ବି. (ଦେଶଜ) ଗୋଇଠିର ତଳ ଅଂଶ, ଗୋଇଠିତଳେ ଉଠିବା ବ୍ରଣବିଶେଷ ।

ତାଲୁକା } ବି. (ଯାବନିକ) ରାଜସ୍ୱସଂକ୍ରାନ୍ତ
ତାଲୁକ୍ } ପ୍ରାଦେଶିକ ବିଭାଗ ।

ତାଲେବର } ବିଂ. (ଯାବନିକ) ଧନାଢ୍ୟ,
ତାଲବର } ଭାଗ୍ୟବାନ୍ ।

ତାବତ୍, ଅଂ. ଅବଧି ପରିଚ୍ଛେଦ, ସାକଲ୍ୟ, ଅବଧାରଣ, ତଦବଧି, ସେହିପର୍ଯ୍ୟନ୍ତ, ତତ୍କାଳରେ । ବିଂ. ତତ୍ସଂଖ୍ୟକ ।

ତାବିଜ, ବି. ନ. (ଯାବନିକ) କଣ୍ଠର ଆଭରଣବିଶେଷ, ଅଲଙ୍କାରବିଶେଷ ।

ତାବିଷ, ବି. ପୁଂ. (ତବ୍-ଇଷ) ସ୍ୱର୍ଗ, ସ୍ୱର୍ଣ୍ଣ, ସମୁଦ୍ର । ସ୍ତ୍ରୀ. ଦେବକନ୍ୟା, ନଦୀ, ଭୂମି ।

ତାବେ, ବି. (ଯାବନିକ) ଅଧୀନତା ।

ତାବେଦାର, (ଯାବନିକ) ଅଧୀନ ।

ତାସ, ବି. (ଦେଶଜ) କ୍ରୀଡାର୍ଥ ଚିତ୍ରିତ କ୍ଷୁଦ୍ର ଚିତ୍ରପଟ୍ଟ ।

ତାହୁଣୀ, ବି. ସ୍ତ୍ରୀ. (ଦେଶଜ) ଗୃହିଣୀ, ତାହାର ସ୍ତ୍ରୀ ।

ତାହା, (ତଦ୍ ଶବ୍ଦଜ) ସେହି ।

ତାହିବା } କ୍ରି. (ଦେଶଜ) ଉତ୍ତେଜିତ
ତାଇବା } କରିବା, ଉସୁମେଇବା । ଯଥା—

> କ୍ୟାସେ ଶ୍ୱାସ ରହିଲା ନାଶେ ମାର,
> ତାହିଲା ମୂର୍ଚ୍ଛା ମୂର୍ଚ୍ଛିତ ଗଲା କାହିଁ ସେ ।

ତିଅଣ, (ସଂସ୍କୃତ ତେମନ) ତରକାରୀ ।

ତିକ୍ତ, ବି. ପୁଂ. (ତିଜ୍-ତ) ତିକ୍ତରସ । ବିଂ. ତିକ୍ତରସଯୁକ୍ତ, ସୁଗନ୍ଧ ।

ତିକ୍ତକ, ବି. ପୁଂ. (ତିକ୍ତ-କ) ପଟୋଳ, ଚିରେଇତା, ନିମ୍ବ ।

ତିକ୍ତପତ୍ର, ବି. ପୁଂ. (ତିକ୍ତ-ପତ୍ର) କାକଡ଼ ।

ତିକ୍ତସାର, ବି. ପୁଂ. (ତିକ୍ତ-ସାର) ଖଦିରବୃକ୍ଷ ।

ତିଖ, ବିଂ. (ତୀକ୍ଷ୍ଣ ଶବ୍ଦଜ) ଉଚ, ଉଗ୍ର, ତୀକ୍ଷ୍ଣ, ତୀବ୍ର ।

ତିଗ୍ମ, ବିଂ. (ତିଜ୍-ମ) ତୀକ୍ଷ୍ଣ, ଉଷ୍ଣ, ଖର, ଉଗ୍ର, କଟୁ, ଉତ୍କଟ । ବି. ନ. ଉଷ୍ଣତା ।

ତିଗ୍ମରଶ୍ମି } ବି. ପୁଂ. (ତିଗ୍ମ-ରଶ୍ମି) ସୂର୍ଯ୍ୟ,
ତିଗ୍ମାଂଶୁ } ଭାସ୍କର, ଦିବାକର ।

ତିଙ୍ଗୁଦ, ବି. ପୁଂ. ବୃକ୍ଷବିଶେଷ, ଇଙ୍ଗୁଦୀବୃକ୍ଷ ।

ତିତଉ, ବି. ପୁଂ. (ତନ୍-ଇତ୍-ଉ) ଚାଲୁଣୀ, ସଚ୍ଛିଦ୍ର ବାଉଁଶପାତିଆ ନିର୍ମିତ ପାତ୍ରବିଶେଷ ।

ତିତିକ୍ଷା, ବି. ସ୍ତ୍ରୀ. (ତିଜ୍-ସନ୍-ଅ) କ୍ଷମା, ସହିଷ୍ଣୁତା । ଯଥା—

> ତିତିକ୍ଷା ସେ ରତ ସଦା ମହାଭାଗବତେ । ମ. ଯା.

ତିତିକ୍ଷୁ, ବିଂ. (ତିଜ୍-ସନ୍-ଉ) କ୍ଷମାଶୀଳ, ସହିଷ୍ଣୁ ।

ତିତିଭ, ବି. ପୁଂ. ଇନ୍ଦ୍ରଗୋପ କୀଟ, ସାଧବବୋହୂ ପୋକ ।

ତିତୀର୍ଷୁ, ବିଂ. (ତୃ-ସନ୍-ଉ) ତରଣେଚ୍ଛୁ ।

ତିତିର } ବି. ପୁଂ. (ତିତ୍-ତିର-ଅ,ଇ) ପକ୍ଷି-
ତିତ୍ତିର } ବିଶେଷ, ମୁନିବିଶେଷ ।

ତିଥ, ବି. ପୁଂ. (ତିକ୍-ଥ) ଅଗ୍ନି, କାଳ, ପ୍ରାବୃଟ୍କାଳ ।

ତିଥି, ବି. ସ୍ତ୍ରୀ. (ଅତ୍-ଇଥି) ଚାନ୍ଦ୍ରମାସର ତ୍ରିଂଶ ଅଂଶ, ପ୍ରତିପଦାଦି, ଚନ୍ଦ୍ରକଳାର ହ୍ରାସ ବୃଦ୍ଧି ଦ୍ୱାରା ସୀମାବଦ୍ଧ କାଳ ।

ତିଥିସନ୍ଧି, ବି. ପୁଂ. ଦୁଇ ତିଥିର ମିଳନ ।

ତିନି, ବିଂ. (ତ୍ରି ଶବ୍ଦଜ) ୩ ସଂଖ୍ୟା ।

ତିନିକାଳ, ବି. ବାଲ୍ୟାବସ୍ଥା, ଯୌବନାବସ୍ଥା ଓ ପ୍ରୌଢ଼ାବସ୍ଥା, ସତ୍ୟ, ତ୍ରେତା ଓ ଦ୍ୱାପର, ଭୂତ, ଭବିଷ୍ୟତ୍ ଓ ବର୍ତ୍ତମାନ ।

ତିନ୍ତିଡ଼ିକା } ବି. ସ୍ତ୍ରୀ. (ତିନ୍ତିଡ଼-କ-ଅ) ତେନ୍ତୁଳୀ
ତିନ୍ତିଡ଼ୀ } ଗଛ । ନ. ତେନ୍ତୁଳିଫଳ ।

ତିନ୍ତୁବା, କ୍ରି. ବି. ( ଦେଶଜ ) ଆର୍ଦ୍ର ହେବା, ଓଜଳା ।

ତିନ୍ତୁଳ } ବି. ( ତିନ୍ତିଡ଼ି ଶବ୍ଦଜ ) ସ୍ୱନାମଖ୍ୟାତ
ତେନ୍ତୁଳ } ଅମ୍ଳଫଳ ଓ ତାହାର ଗଛ ।

ତିନ୍ଦୁ } ବି. ପୁଂ. (ତିମ୍-ଉ-କ) କେନ୍ଦୁଗଛ ।
ତିନ୍ଦୁକ } ଯଥା—

ପ୍ରବାଳ ପତାକା ଉଡ଼ାଇ ତିନ୍ଦୁକ ଉଚ୍ଚ ଦେଖ
ଠାବେ ଠାବେ । ପାବଂତୀ ।

ତିନ୍ଦୁକତୀର୍ଥ, ବି. ନ. ମଥୁରାନିକଟସ୍ଥ ତୀର୍ଥ-ବିଶେଷ ।

ତିବ୍ବତ୍, ବି. ଦେଶବିଶେଷ ।

ତିମି, ବି. ପୁଂ. (ତିମ୍-ଇ ପ୍ରକାଣ୍ଡ ମତ୍ସ୍ୟବିଶେଷ । ସମୁଦ୍ର । ( ମତ୍ସ୍ୟ ଅର୍ଥରେ ) ଯଥା—

ଦୂରେ ତିମିବୃନ୍ଦ ଏହା କରନ୍ତି ଭକ୍ଷଣ । କ. ବ.

ତିମିଙ୍ଗିଳ, ବି. ପୁଂ. ( ତିମି ଗୃ ଗିଲ୍-ଅ ) ଅତି ବଡ଼ ମତ୍ସ୍ୟ । ଯଥା—

ତିମି ତିମିଙ୍ଗିଳରୂପେ ଭ୍ରମିଲେ ଭୈରବେ । ମ. ଯା.

ତିମିଜ, ବି. ନ. (ତିମି-ଜନ୍-ଅ) ମୁକ୍ତାବିଶେଷ ।

ତିମିତ, ବିଂ. (ତିମି-ତ) ନିଶ୍ଚଳ, ଆର୍ଦ୍ର, ଓଦା ।

ତିମିର, ବି. ନ. (ତିମ୍-ଇର) ଅନ୍ଧକାର ନେତ୍ର-ରୋଗବିଶେଷ । ବିଂ. ଅନ୍ଧକାରମୟ ।

ତିମିରନୁଦ୍, ବି ପୁଂ. (ତିମିର-ନୁଦ୍-०) ସୂର୍ଯ୍ୟ ।

ତିମିରରିପୁ, ବି. ପୁଂ. ସୂର୍ଯ୍ୟ, ଆଲୋକ ।

ତିରନ୍ଦାଜ } ବି. ( ଯାବନିକ ) ଶରନିକ୍ଷେପ-
ତୀରନ୍ଦାଜ } କାରୀ ସୈନ୍ୟ ।

ତିରଶ୍ଚୀ, ବି. ସ୍ତ୍ରୀ. ( ତିର୍ଯ୍ୟଚ୍-ଈ ) ପକ୍ଷିଣୀ, ସ୍ତ୍ରୀଜାତୀୟ ପଶୁ ।

ତିରଶ୍ଚୀନ, ବିଂ. ( ତିର୍ଯ୍ୟଚ୍-ଈନ ) ତେର୍ଚ୍ଛା, କୁଟିଳ । ଯଥା—

ଝଟିଥିଲ ଯେ ପ୍ରଭୁ ଆଗେ ଦୃଷ୍ଟି ବୈଡ଼ୂର୍ଯ୍ୟକୁଳନାସ
ବିଶାଳ କିଶୁଳବଣ ତିରଶ୍ଚୀନେ ଉପଚନ୍ଦେ ମଧ୍ୟ କାଶ । ଯ. କେ.

ତିରଃ, ଅ°. ( ତୃ-ଅସ୍ ) ଅନ୍ତର୍ଦ୍ଧାନ, ଅବଜ୍ଞା, ଅପ୍ରକାଶ୍ୟ, ତିରସ୍କାର ।

ତିରସ୍କରଣୀ, } ବି. ( ତିରସ୍-କୃ-ଅନ୍-ଈ )
ତିରସ୍କାରଣୀ. } ପର୍ଦ୍ଦା, ଆଚ୍ଛାଦନ, ଅଦର୍ଶନୀ ବିଦ୍ୟା ।

ତିରସ୍କାର, ପୁଂ. } ବି. ସ୍ତ୍ରୀ. ( ତିରସ୍-କୃ ଅ )
ତିରସ୍କ୍ରିୟା, ସ୍ତ୍ରୀ. } ନିନ୍ଦା, ଭର୍ତ୍ସନା, ଅବଜ୍ଞା, ଆଚ୍ଛାଦନ, କଞ୍ଚୁକ ।

ତିରସ୍କୃତ, ବିଂ. ( ତିରସ୍-କୃ-ତ ) ଅବଜ୍ଞାତ, ନିନ୍ଦିତ, ଭର୍ତ୍ସିତ, ଆଚ୍ଛାଦିତ ।

ତିରଶ, ବି, ବିଂ (ତ୍ରିଂଶତ୍ ଶବ୍ଦଜ) ୩० ସଂଖ୍ୟା ।

ତିରୋଧାନ, ବି. ନ. (ତିରସ୍-ଧା-ଅନ) ଅଦର୍ଶନ, ଅନ୍ତର୍ଦ୍ଧାନ, ଆଚ୍ଛାଦନ, ବ୍ୟବଧାନ ।

ତିରୋଭାବ, ବି. ପୁଂ. (ତିରସ୍-ଭୂ-ଅ) ଅଦର୍ଶନ, ଆଚ୍ଛାଦନ ।

ତିରୋଭୂତ, ବିଂ. ( ତିରସ୍-ଭୂ-ତ ) ଆଚ୍ଛାଦିତ, ଅନ୍ତର୍ହିତ ।

ତିରୋହିତ, ବିଂ. ( ତିରସ୍-ଧା-ତ ) ଅନ୍ତର୍ହିତ, ଆଚ୍ଛାଦିତ ।

ତିର୍ଯ୍ୟକ୍, ଅ°. ବିଂ. (ତିରସ-ଅନ୍ଚ୍-०) ବକ୍ର, କୁଟିଳ, ତେର୍ଚ୍ଛା, ପାର୍ଶ୍ୱ, ନିରୁଦ୍ଧ । ଯଥା—

ତଞ୍ଚଳେ ଏଡ଼ାଇ ଶିକାର ଶରେ ତିର୍ଯ୍ୟକେ ଶସ୍ତେ ।

ତିର୍ଯ୍ୟଗ୍ଯୋନି, ବି. ସ୍ତ୍ରୀ. ( ତିର୍ଯ୍ୟକ୍-ଯୋନି ) ପଶୁପକ୍ଷ୍ୟାଦି ଜାତି ।

ତିର୍ଯ୍ୟଗ୍ଗତି, ବି. ସ୍ତ୍ରୀ. (ତିରସ୍-ଅନ୍ଚ୍-ଗମ୍-ତି) ବକ୍ରଗମନ ।

ତିର୍ଯ୍ୟଗ୍ଯାନ, ବି. ପୁଂ. (ତିର୍ଯ୍ୟକ୍ ଯାନ) କୁଳୀର, କଙ୍କଡ଼ା ।

ତିର୍ଯ୍ୟଙ୍ } ବିଂ. (ତିରସ୍-ଅଞ୍ଚ୍-०,ଅ) ବକ୍ର-
ତିର୍ଯ୍ୟଞ୍ଚ } ଗମନଶୀଳ । ବି. ପଶୁ, ପକ୍ଷୀ ।

ତିଲ, ବି. ପୁଂ. (ତିଲ୍-ଅ) ରାଶି, ତଦାକାର ଦେହସ୍ଥ ଚିହ୍ନ, ସୂକ୍ଷ୍ମକାଳ । ବିଂ. ଅତ୍ୟଳ୍ପ ।

ତିଲକ, ବି. ପୁଂ. ନ. ( ତିଲ-ଅକ ) ଟୋପ ଚିତା, ରୋଗବିଶେଷ । ପୁଂ. ତିଳବୃକ୍ଷ ।

ତିଲକାଶ୍ରୟ, ବି. ପୁଂ (ତିଲକ-ଆଶ୍ରୟ) ଲଲାଟ କପାଳ ।

ତିଲକୀ, ବିଂ. (ତିଲକ-ଇନ୍) ତିଲକଯୁକ୍ତ, ତିଲକଧାରୀ ।

ତିଲତଣ୍ଡୁଲକ, ବି. ନ. (ତିଲ-ତଣ୍ଡୁଲ-କ) ତିଲମିଶ୍ରିତ ତଣ୍ଡୁଲ ।

ତିଲପର୍ଣ୍ଣିକା, ବି ସ୍ତ୍ରୀ. ରକ୍ତଚନ୍ଦନ, ତିଲପର୍ଣ୍ଣୀ ।

ତିଲରସ } ବି. ପୁଂ. { ତିଲ-ରସ } ଖସା-
ତିଲସ୍ନେହ } { ତିଲ-ସ୍ନେହ } ତେଲ, ରାଶିତେଲ, ତିଲତୈଳ ।

ତିଲୋତ୍ତମା, ବି. ସ୍ତ୍ରୀ. ( ତିଲ-ଉତ୍ତମ ) ସ୍ୱର୍ଗୀୟ ଅପ୍ସରାବିଶେଷ ।

ତିଲୋଦକ, ବି. ନ. (ତିଲ-ଉଦକ) ତିଲମିଶ୍ରିତ ଜଳ ।

ତିଲୌଦନ, ବି ନ. (ତିଲ-ଓଦନ) ତିଲମିଶ୍ରି ଅନ୍ନ ।

ତିଷ୍ୟ, ବି. ପୁଂ. (ତିଷ-ଯ) ପୁଷ୍ୟାନକ୍ଷତ୍ର, ପୌଷ ମାସ, କଳିଯୁଗ ।

ତିଷ୍ୟକ, ବି. ପୁଂ. (ତିଷ୍ୟ-କ) ଯେଉଁ ମାସରେ ପୁଷ୍ୟାନକ୍ଷତ୍ରଯୁକ୍ତ ପୌର୍ଣ୍ଣମାସୀ ହୁଏ ।

ତିଷ୍ୟପୁଷ୍ପ, ବି. ନ. (ତିଷ୍ୟ-ପୁଷ୍ପ) ଅଁଳା ।

ତିହାର, ବି. (ହିନ୍ଦୀ) ପର୍ବ ।

ତିହୁଡ଼ି ବି. ( ଦେଶଜ ) ଔଷଧ ଲତାବିଶେଷ ।

ତୀକ୍ଷ୍ଣ, ବି. ନ. (ତିଜ୍-ସ୍ନ) ଉଗ୍ରତା, ଉଷ୍ଣତା, ବିଷ, ଲୌହବିଶେଷ, ଯୁଦ୍ଧ, ମଡ଼କ, ମୃତ୍ୟୁ, ଅସ୍ତ୍ର, ବୈଦ୍ୟକଲୁଣ, ଝାଳ । ପୁଂ. ସୋରା । ବିଂ. ଉଷ୍ଣ, ଶୀଘ୍ରକାରୀ, ଅନଳସ, ବୁଦ୍ଧିମାନ୍, ଖର, ଉଗ୍ର, ଆତ୍ମହତ୍ୟାକାରୀ ।

ତୀକ୍ଷ୍ଣକଣ୍ଟକ, ବି. ପୁଂ. (ତୀକ୍ଷ୍ଣ-କଣ୍ଟକ) ଧୁତୁରା ଗଛ, ହୁହୁଗଛ ।

ତୀକ୍ଷ୍ଣକନ୍ଦ, ବି. ପୁଂ. ( ତୀକ୍ଷ୍ଣ-କନ୍ଦ ) ପଳାଣ୍ଡୁ, ପିଆଜ ।

ତୀକ୍ଷ୍ଣକର୍ମା, ବିଂ. ( ତୀକ୍ଷ୍ଣ-କର୍ମନ୍ ) କାର୍ଯ୍ୟଦକ୍ଷ, ପାରଗ, ତତ୍ପର, ଉଦ୍ୟୋଗୀ ।

ତୀକ୍ଷ୍ଣଗନ୍ଧ } ବି. ପୁଂ. (ତୀକ୍ଷ୍ଣ-ଗନ୍ଧ,କ) ସଜନା-
ତୀକ୍ଷ୍ଣଗନ୍ଧକ } ଗଛ, ରକ୍ତତୁଳସୀ, ଶ୍ୱେତ-ଅଲାଇଚ, ବୃକ୍ଷବିଶେଷ । ସ୍ତ୍ରୀ. ସର୍ଷପ ।

ତୀକ୍ଷ୍ଣତଣ୍ଡୁଲା, ବି ସ୍ତ୍ରୀ. ( ତୀକ୍ଷ୍ଣ-ତଣ୍ଡୁଲ-ଆ ) ପିପ୍ପଳୀ ।

ତୀକ୍ଷ୍ଣଦଂଷ୍ଟ୍ର, ବି. ପୁଂ. (ତୀକ୍ଷ୍ଣ-ଦଂଷ୍ଟ୍ରା) ବ୍ୟାଘ୍ର ।

ତୀକ୍ଷ୍ଣଧାର, ବି ପୁଂ. (ତୀକ୍ଷ୍ଣ-ଧାରା) ଖଡ୍ଗ, ଖଣ୍ଡା ।

ତୀକ୍ଷ୍ଣପତ୍ର, ପୁଂ. } ବି.(ତୀକ୍ଷ୍ଣ-ପତ୍ର, ପୁଷ୍ପ)ଲବଙ୍ଗ ।
ତୀକ୍ଷ୍ଣପୁଷ୍ପ, ନ. } ସ୍ତ୍ରୀ. କେତକୀବୃକ୍ଷ ।

ତୀକ୍ଷ୍ଣରସ, ବି.ପୁଂ. (ତୀକ୍ଷ୍ଣ-ରସ) ସୋରା, ଯବକ୍ଷାର ।

ତୀକ୍ଷ୍ଣାୟସ, ବି ନ. ( ତୀକ୍ଷ୍ଣ-ଅୟସ୍ ) ଇସ୍ପାତ । ବିଂ. ଇସ୍ପାତନିର୍ମିତ ।

ତୀୟର, ବି. ( ଧୀବର ଶବ୍ଦଜ ) ବର୍ଣ୍ଣସଙ୍କର ଜାତିବିଶେଷ ।

ତୀଖ } ବିଂ. (ତୀକ୍ଷ୍ଣ ଶବ୍ଦଜ) ଲମ୍ବଭାବରେ ଉଚ୍ଚ,
ତିଖ } ଚାଲୁସ୍ଥାନ, ଗରମ ।

ତୀଖା, ବି. (ଦେଶଜ) କାଚନିର୍ମିତ ହସ୍ତାଭରଣ ।

ତୀଖାଇବା, କ୍ରି. (ଦେଶଜ) ମଟେଇଦେବା, ଉତ୍ତେଜିତ କରିବା ।

ତୀର ବି. ନ. (ତୀର-ଅ) ନଦୀକୂଳ, ତଟ, ବାଣ, ଟୀନଧାତୁ ।

ତୀର୍ଣ୍ଣ, ବିଂ. (ତୃ-ତ) ଉତ୍ତୀର୍ଣ୍ଣ, ଆପ୍ଳୁତ, ଅଧିରୂଢ ।

ତୀର୍ଥ, ବି. ପୁଂ, ନ. (ତୃ-ଥ) ପାପରୁ ମୁକ୍ତି ପାଇବା ନିମନ୍ତେ ଲୋକେ ଯେଉଁ ସ୍ଥାନକୁ ଗମନ କରନ୍ତି, ପୁଣ୍ୟସ୍ଥାନ ।

ତୀର୍ଥକର } ବି. ପୁଂ. ( ତୀର୍ଥ-କୃ-ଅ, କୃତ୍ )
ତୀର୍ଥକୃତ୍ } ଶାସ୍ତ୍ରକାର, ବୌଦ୍ଧମତପ୍ରବର୍ତ୍ତକ ମୁନି ।

ତୀର୍ଥକାକ, ବି. ପୁଂ. ( ତୀର୍ଥ-କାକ ) ତୀର୍ଥସ୍ଥିତ କାକ ପରି ବ୍ୟବହାରୀ ଲୋକ, ଲୋଲୁପ, ତୀର୍ଥସ୍ଥିତ କାକ ।

ତୀର୍ଥରାଜ, ବି. ପୁଂ ( ତୀର୍ଥ-ରାଜା ) ପ୍ରୟାଗତୀର୍ଥ, ସମୁଦ୍ର । ଯଥା—

ମେ ଦୁର୍ଗ ପରଖି! ତୀର୍ଥରାଜ ଗର୍ଜ୍ଜନରେ
କହେ ଅବଗାହେ ପାପବ୍ୟୂହ ଦହନରେ । କୋ.ବ୍ର.ସୁ.

ତୀର୍ଥରାଜୀ, ବି. ସ୍ତ୍ରୀ. ( ତୀର୍ଥ-ରାଜୀ ) କାଶୀ, ବାରାଣସୀ ।

ତୀର୍ଥସେବୀ, ବି. ପୁଂ. ସ୍ତ୍ରୀ. (ତୀର୍ଥ-ସେବିନ୍) ବକ ପକ୍ଷୀ । ବିଂ. ତୀର୍ଥବାସୀ ।

ତୀବର, ବି. ପୁଂ. (ତୃ-ବର) ସମୁଦ୍ରବ୍ୟାଧ ଧୀବର ଜାତି ।

ତୀବ୍ର, ବିଂ. (ତୀବ୍-ର) ଉଷ୍ଣ, ଅଧିକ, ମହତ୍, ଦୁଃସହ, ତୀକ୍ଷ୍ଣ । ବି. ନ. ଆଧିକ୍ୟ, ଉଷ୍ଣତା, ତୀକ୍ଷ୍ଣତା । ପୁଂ. ଶିବ ।

ତୀବ୍ରଗନ୍ଧା, ବି. ସ୍ତ୍ରୀ. (ତୀବ୍ର-ଗନ୍ଧ-ଆ) ଯୁଆଣୀ ।

ତୁ, ସଂ. (ଦେଶଜ) ତୁମ୍ଭର ଅସମାନ୍ୟାର୍ଥକ ଓ ସ୍ନେହସୂଚକ ପ୍ରତିପଦ ।

ତୁଅ / ତୁହା } ବି. (ଦେଶଜ) ଥର ।

ତୁ, ଅ. (ତୁଦ୍-ଉ) ସମ୍ପର୍କ, ପ୍ରଭେଦ, କିନ୍ତୁ, ଆଧିକ୍ୟ, ଅଧିକନ୍ତୁ, ନିୟୋଗ, ନିଗ୍ରହ, ଯଦି, ପ୍ରଶଂସା, ଅବଧାରଣ ।

ତୁକାର, ବି. (ଦେଶଜ) ଭର୍ତ୍ସନା, ଗାଳି ।

ତୁଙ୍ଗ, ବିଂ. (ତୁନ୍ଜ-ଅ) ଉନ୍ନତ, ଶ୍ରେଷ୍ଠ, ଉଚ୍ଚ । ବି. ପୁଂ. ପର୍ବତ, ନଡ଼ିଆଗଛ, ମେଷାଦି ରାଶିବିଶେଷ, ହରିଦ୍ରା, ରାତ୍ରି ।

ତୁଙ୍ଗଭଦ୍ରା, ବି. (ତୁଙ୍ଗ-ଭଦ୍ରା) ପୁଂ. ମତ୍ତହସ୍ତୀ । ସ୍ତ୍ରୀ. ମହୀଶୂର ଅନ୍ତର୍ଗତ ନଦୀ-ବିଶେଷ ।

ତୁଙ୍ଗଶେଖର, ବି. ପୁଂ. (ତୁଙ୍ଗ-ଶେଖର) ପର୍ବତ । ବିଂ. ଉଚ୍ଚ ଶେଖରଯୁକ୍ତ ।

ତୁଙ୍ଗୀ, ବି. ପୁଂ. (ତୁଙ୍ଗ-ଇନ୍) ଉଚ୍ଚସ୍ଥ ଗ୍ରହ । ବିଂ. ଉଚ୍ଚସ୍ଥାନସ୍ଥିତ । ସ୍ତ୍ରୀ. ହରିଦ୍ରା, ରାତ୍ରି, ମହାଶତାବରୀ ।

ତୁଚ୍ଛ, ବିଂ. (ତୁଲ—ଓଜନ କରିବା-ଛ) ହେୟ, ଅଳ୍ପ, ଅସାର, ଶୂନ୍ୟ, ହୀନ । ବି. ନ. ତୁଷ ।

ତୁଛା / ତୁଚ୍ଛା } ବିଂ. (ଦେଶଜ) କେବଳ । ଯଥା—

ତୁଛା ଚିନ୍ତା କେବେ ଫେଡ଼ିଲା କଷଣ ।

ଖାଲି, ଅମିଶ୍ର ।

ତୁଚ୍ଛାକୁ, କ୍ରି. ବିଂ. (ଦେଶଜ) ଅକାରଣେ, ବିନାପ୍ରୟୋଜନରେ, ବୃଥା । ଯଥା—

ତୁଚ୍ଛାକୁ ଏତେ, ମନ୍ଦ ନାହିଁ ଗୋଡ଼ କଣ୍ଢେଇ କେତେ ?

ତୁଛାଇବା କ୍ରି. (ଦେଶଜ) ଅଜାଡ଼ିବା ।

ତୁଟି, ବି. (ତ୍ରୁଟି ଶବ୍ଦଜ) ଘାତ, ହାନି ।

ତୁଟିବା, କ୍ରି. (ତ୍ରୁଟ୍ ଧାତୁଜ) ଭଗ୍ନ ହେବା, ଚକ୍ଷୁଲଜ୍ଜା ତ୍ୟାଗ କରିବା, ଛାଡ଼ିବା । ଯଥା—

ବେଶରେ ଆବେଶ ହେବା କମଳେ ତୁଟିଲା,
ଅହାରେ କମଳା ହୋଇ ଗମନେ ଫୁଟିଲା । ଲ· ବ,

ତୁଟୁକା, ବି. (ଦେଶଜ) ସାଧାରଣ ଔଷଧ ।

ତୁଠ / ତୋଠ } ବି. (ଦେଶଜ) ନଦୀ ବା ପୁଷ୍କରିଣୀରେ ସ୍ନାନ କରିବା ସ୍ଥାନ, ମୃତକ ଶ୍ରାଦ୍ଧଘାଟ ।

ତୁଣ୍ଡ, ବି. ନ. (ତୁଣ୍ଡ୍-ଅ) ମୁଖ, ଓଷ୍ଠାଧର, ଚଞ୍ଚୁ, ଶିବ । ( ମୁଖ ଅର୍ଥରେ ) ଯଥା—

କହ କହ ହେଲେ କହୁ ନୋହୁଚ ତୁଣ୍ଡେ ।

ତୁଣ୍ଡପୋଡ଼ା, ବି. (ଦେଶଜ) କଣ୍ଟକ ବୃକ୍ଷ-ବିଶେଷ ।

ତୁଣ୍ଡି, ବି. ପୁଂ. (ତୁଣ୍ଡ୍-ଇ) ଅଶ୍ୱ । ସ୍ତ୍ରୀ. ନାଭି ।

ତୁଣ୍ଡିଭ / ତୁଣ୍ଡିଲ } ବିଂ. (ତୁଣ୍ଡି-ଭ, ଲ) ବୃହତ୍ ନାଭିଯୁକ୍ତ, ସ୍ଥୂଳୋଦର ।

ତୁଣ୍ଡୀ, ବି. (ତୁଣ୍ଡ-ଇନ୍) ଗୋରୁ ଆଦିଙ୍କର ମୁଖରେ ପ୍ରଦତ୍ତ ଫାଶ ।

ତୁଣ୍ଡେଇ, ବିଂ. କଳହପ୍ରିୟା ସ୍ତ୍ରୀ ।

ତୁତ, ବି. (ଦେଶଜ) ଗୋଟିପୋକ ଯେଉଁ ଗଛର ପତ୍ର ଖାଇ ବଢ଼େ ।

ତୁତିଆ, ବି. (ତୁତ୍ଥ ଶବ୍ଦଜ) ତାମ୍ରର ମଳ, ବିଷାକ୍ତ ପଦାର୍ଥବିଶେଷ ।

ତୁନି ହେବା, କ୍ରି (ତୁଷ୍ଣୀ ଶବ୍ଦଜ) ନୀରବ ହେବା, ମୁଖବନ୍ଦ କରିବା, ଚୁପ୍ ହେବା । ଯଥା—

ମିତ ତୁନି ହୋ· ଲେ ତୁ ତ ଅନୁଭବୀ କୋଟି,
ସ୍ନେହକାତ ସୁଖ ତା ବଳେଟେ ଦୁଃଖ,
ଯେ ଜାଣେ ସେ ଅପି କହୁ ।

ତୁନ, ବି. ନ. ( ତୁଦ୍-ଅ, ନ ଆଗମ ) ଉଦର, ପେଟ । ସ୍ତ୍ରୀ. ନାଭି ।

ତୁନ୍ଦି, ବି. ନ. ( ତୁଦ୍-ଅ-ଇ ) ଉଦର, ପେଟ, ନାଭି, ଗନ୍ଧର୍ବବିଶେଷ ।

ତୁନ୍ଦକ, ତୁନ୍ଦିଭ, } ବିଂ. ( ତୁଦ୍-ଇକ, ଇଭ-ଇଲ )
ତୁନ୍ଦିଲ } ସ୍ଥୂଳୋଦର, ପେଟା ।

ତୁନ୍ନ, ବିଂ. ( ତୁଦ୍-ତ ) ବ୍ୟଥିତ, ଛିନ୍ନ । ବି. ପୁଂ. ବୃକ୍ଷବିଶେଷ ।

ତୁନ୍ନବାୟ, ବି. ପୁଂ. ( ତୁନ୍ନ ବେ-ଅ ) ଦରଜି ।

ତୁମୂଳ } ବିଂ. ( ତୁ=ବଧ କରିବା-ମୂଳ,
ତୁମୂଳ } ମୂଳ ) ବିଶୃଙ୍ଖଳ, ଘୋରତର, ଅତିଶୟ, ଉତ୍କଟ, ଭୟାନକ, ବ୍ୟାକୁଳ । ବି. ପୁଂ. ନ. କଳହ, ଗଣ୍ଡଗୋଳ ।

ତୁମ୍ବ, ତୁମ୍ବି, } ବି. ପୁଂ. ( ତୁମ୍ବ୍-ଅ, ଇ, ଈ )
ତୁମ୍ବୀ } ଲାଉ, ଲାଉଖୋଳ, ବୀଣାଦି ବାଦ୍ୟଯନ୍ତ୍ରର ହାଣ୍ଡି ବା ଆଧାର । ଶଗଡ଼ଚକର ମଧ୍ୟସ୍ଥଳର କାଷ୍ଠଖଣ୍ଡ ।

ତୁମ୍ବୁରୁ, ବି. ପୁଂ. ( ତୁମ୍ବ-ଉରୁ ) ଗନ୍ଧର୍ବବିଶେଷ, ବୃକ୍ଷବିଶେଷ ।

ତୁମ୍ଭେ, ସ. ( ଯୁଷ୍ମଦ୍ ଶବ୍ଦ ) ତୁମେ ।

ତୁରଗ, ତୁରଙ୍ଗ, } ବି ପୁଂ. ( ତୁର-ଗମ୍-ଅ ଅଶ୍ୱ,
ତୁରଙ୍ଗମ } ମନଃ ।

ତୁରଗୀ } ବି. ପୁଂ. ( ତୁରଗ, ତୁରଙ୍ଗ-ଇନ୍ )
ତୁରଙ୍ଗୀ } ଘୋଡ଼ସବାର । ସ୍ତ୍ରୀ. ଅଶ୍ୱଗନ୍ଧା, ଅଶ୍ୱସ୍ତ୍ରୀ, ଜାତି ।

ତୁରଙ୍ଗବଦନ, ବି. ପୁଂ. ( ତୁରଙ୍ଗ-ବଦନ ) ସ୍ୱର୍ଗ-ଗାୟକ, କିନ୍ନର ।

ତୁରନ୍ତ, ( ଦେଶଜ ) ଶୀଘ୍ର, ଚଞ୍ଚଳ, ତ୍ୱରା, ଜବ ।

ତୁରାସହ } ବି ପୁଂ. ( ତୁରା-ସହ୍-ଂ , ଇନ୍ଦ୍ର,
ତୁରାଷାଟ୍ } ମେଘବାହନ, ମଘବା, ପାକ-ଶାସନ, ସୁନାସୀର, ପୁରନ୍ଦର, ଶକ୍ର, ବାସବ ।

ତୁରି } ବି. ସ୍ତ୍ରୀ. ତୁର=ସତ୍ୱର ହେବା-ଅ
ତୁରୀ } କର୍ମ୍ମ। ତୁର-ଇ ) ତନ୍ତ୍ରବାୟର ଯନ୍ତ୍ରବିଶେଷ ।

ତୁରତ, ବିଂ. ( ତ୍ୱରା ଶବ୍ଦଜ ) ଶୀଘ୍ର, ହଠାତ୍ । ଯଥା—

କଠୋର ତୁରତ୍ ଦରଭ କରିବାକୁ ନାଣ ଅରଣ ବୁଝିବ ।

ତୁରୀୟ, ( ଚତୁର୍-ଈୟ ) ଚତୁର୍ଥ । ବି. ନ. ପରଂବ୍ରହ୍ମ, ପରମାତ୍ମା ।

ତୁରୁଷ୍କ, ବି. ନ. ( ତୁର-ଉସ୍-କ ) ତୁର୍କିସ୍ଥାନ, ଦେଶବିଶେଷ ।

ତୁର୍ଯ୍ୟ }
ତୂର୍ଯ୍ୟ } ବିଂ. ( ଚତୁର-ଯ ) ଚତୁର୍ଥ ।

ତୁର୍ବସୁ, ବି.ପୁଂ. ( ଚତୁର୍-ବସୁ ) ଯଯାତି ରାଜାର ପୁତ୍ରବିଶେଷ ।

ତୁଲ, କ୍ରି. ଓଜନ କର, ତୌଲ ।

ତୁଲ, ( ତୁଲ୍ୟ ଶବ୍ଦଜ ) ସମାନ, ସାଥି, ତୁଲ୍ୟ ।

ତୁଲନା, ବି. ସ୍ତ୍ରୀ. ( ତୁଲ୍-ଅନ୍-ଆ ) ଉପମା, ସାଦୃଶ୍ୟ, ଦୃଷ୍ଟାନ୍ତ, ପରମାଣ ।

ତୁଲସୀ, ବି. ସ୍ତ୍ରୀ. ( ତୁଲ୍-ସୋ-ଅ-ଈ ) ସ୍ୱନାମ-ପ୍ରସିଦ୍ଧ ବୃକ୍ଷ, ବିଷ୍ଣୁପୁରାଣମତରେ ଜଳନ୍ଧରର ସ୍ତ୍ରୀ, ବ୍ରହ୍ମପୁରାଣମତରେ ରାଧିକାଙ୍କ ସଖୀ ।

ତୁଲା, ବି. ସ୍ତ୍ରୀ. ( ତୁଲ୍-ଅ ) ପରମାଣଦଣ୍ଡ, ଭାରର ପରମାଣ, ସପ୍ତମରାଶି, ସାଦୃଶ୍ୟ, ସାମ୍ୟ ।

ତୁଲାଇବା, କ୍ରି. ( ତୁଲ ଧାତୁଜ ) ଓଜନ କରାଇବା ।

ତୁଲାଇବା, କ୍ରି. ( ଦେଶଜ ) ନିଷ୍ପତ୍ତି କରିବା, ସମାଧାନ କରିବା, ସମାନ କରିବା ।

ତୁଲାକୂଟ, ବିଂ. ( ତୁଲା-କୂଟ ) ଯେ ଦ୍ରବ୍ୟାଦିର ପରମାଣ ବିଷୟରେ ଅନ୍ୟଥା କରେ, ଯେ ଓଜନ କମ ଦିଏ । ବି. ନ. ପରମାଣରେ ଅନ୍ୟଥା କରିବା, ଓଜନ କମ ଦେବା ।

ତୁଲାକୋଟି, ବି.ସ୍ତ୍ରୀ, ( ତୁଲା-କୁଟ୍-ଇ ) ନୂପୁର, ପରମାଣବିଶେଷ, ଅର୍ବୁଦ ସଂଖ୍ୟା, ତୁଲାଦଣ୍ଡର ଅଗ୍ରଭାଗ ।

ପରିମାଣଦଣ୍ଡ, ନିକ୍ତି ।

ତୁଳାଦଣ୍ଡ, ବି. ପୁଂ. ପରିମାଣଦଣ୍ଡ, ନିକ୍ତି ।

ତୁଳାଦାନ, ବି. ନ ସ୍ୱୀୟ ଦେହ ପରିମାଣା-ନୁସାରେ ଦାନ, ତୁଳାପୁରୁଷସଂଜ୍ଞକ ମହାଦାନ ।

ତୁଳାଧାରୀ, ବିଂ. ( ତୁଳା-ଧୃ-ଇନ୍ ) ଯେ ବ୍ୟକ୍ତି ଓଜନ କରେ ।

ତୁଳାପୁରୁଷ, ବି ପୁଂ. ମହାଦାନବିଶେଷ, ଯହିଁରେ ଆପଣାର ଶରୀରପରିମିତ ସ୍ୱର୍ଣ୍ଣାଦି ଦାନ କରାଯାଏ ।

ତୁଳାଯନ୍ତ୍ର, ବି. ନ. ତୁଳାଦଣ୍ଡ, ପରିମାଣଦଣ୍ଡ ।

ତୂଳି } ବି. ସ୍ତ୍ରୀ. ( ତୁଳ-ଇ, ଇକ-ଅ, ଈ )
ତୂଳିକା } ତୂଳାନିର୍ମିତ ଶଯ୍ୟା, ତୋଷକ ।
ତୂଳୀ } (ଦେଶଜ) ମଥାନ, ଚିତ୍ରକାରର ଲେଖନୀ ।

ତୁଳିତ, ବିଂ. (ତୁଳ୍-ତ ) ପରିମିତ, ଉପମିତ, ଯାହା ସହିତ ତୁଳନା କରା ହୋଇଅଛି, ଉତ୍କ୍ଷିପ୍ତ ।

ତୁଲେ, ଅଂ(ତୁଲ୍ୟ ଶବ୍ଦଜ) ସଙ୍ଗରେ ।

ତୁଲ୍ୟ, ବିଂ. (ତୁଳା-ଯ) ସଦୃଶ, ସମାନ ।

ତୁଲ୍ୟଯୋଗିତା, ବି. ସ୍ତ୍ରୀ (ତୁଲ୍ୟ-ଯୋଗିନ୍-ତା) ବାକ୍ୟାଲଙ୍କାରବିଶେଷ ।

ତୁବର, ବି. ପୁଂ. (ତୁ-ବର) କଷାୟରସ, କଷା । ବିଂ. କଷାୟରସଯୁକ୍ତ । ସ୍ତ୍ରୀ. ଆଢ଼କୀ, ଧାନ୍ୟବିଶେଷ ।

ତୁଷ, ବି.ପୁଂ. (ତୁଷ୍-ଅ) ଧାନ୍ୟାଦିର ଚୋପା, ତଷୁ ।

ତୁଷଗ୍ରହ, ବି.ପୁଂ. (ତୁଷ-ଗ୍ରହ ) ଅଗ୍ନି, ଅନଳ, ବହ୍ନି ।

ତୁଷସାର, ବି. ପୁଂ. (ତୁଷ-ସୃ-ଅ) ଅଗ୍ନି ।

ତୁଷାନଳ, ବି ପୁଂ. ( ତୁଷ-ଅନଳ ) ତୁଷାଗ୍ନି, ତୁଷାଗ୍ନିରେ ଶରୀରଦାହରୂପ ପ୍ରାୟଶ୍ଚିତ୍ତ-ବିଶେଷ ।

ତୁଷାର, ବି. ପୁଂ. ( ତୁଷ-ଆର ) ନୀହାର, ହିମ, ଜଳକଣା, ଶୈତ୍ୟ, ବରଫ, ଦେଶବିଶେଷ । ବିଂ. ଶୀତଳ ।

ତୁଷାରଗିରି, ବି. ପୁଂ. ହିମାଳୟ ।

ତୁଷାରମୂର୍ତ୍ତି } ବି. ପୁଂ. (ତୁଷାର-ମୂର୍ତ୍ତି, ଅଂଶୁ)
ତୁଷାରାଂଶୁ } ହିମାଂଶୁ, ଚନ୍ଦ୍ର ।

ତୁଷାରାଦ୍ରି, ବି. ପୁଂ. (ତୁଷାର-ଅଦ୍ରି ) ହିମାଳୟ ପର୍ବତ ।

ତୁଷ୍ଟ, ବିଂ. (ତୁଷ୍-ତ) ତୃପ୍ତ, ଆହ୍ଲାଦିତ ।

ତୁଷ୍ଟି, ବି. ସ୍ତ୍ରୀ. ( ତୁଷ-ତି ) ସନ୍ତୋଷ, ତୃପ୍ତି, ହର୍ଷ ।

ତୁହାଇତୁହାଇ, କ୍ରି. ବିଂ. (ଦେଶଜ) ଥରକୁଥର ।
ଯଥା—
କହାଯାଉଥାଏ ସିନା ।
ତୁହାଇ ତୁହାଇ ପୃଷ୍ଠ ଦେଉଥିଲେ ଲୁହା କି ହୋଇବ ସୁନା ।

ତୁହି, ସଂ. 'ତୁମ୍ଭେ'ର ଅପଭ୍ରଂଶ ।

ତୁହିନ, ବି. ନ. (ତୁହ-ଇନ) ହିମ, ଜ୍ୟୋତ୍ସ୍ନା । ବିଂ. ଶୀତଳ ।

ତୁହିନକର, ବି. ପୁଂ. ( ତୁହିନ-କର ) ଚନ୍ଦ୍ର, କର୍ପୂର ।

ତୁହିନାଂଶୁ, ବି. ପୁଂ. ( ତୁହିନ-ଅଂଶୁ ) ଚନ୍ଦ୍ର, କର୍ପୂର ।

ତୁହିନାଦ୍ରି ବି. ପୁଂ (ତୁହିନ-ଅଦ୍ରି) ହିମାଳୟ ପର୍ବତ ।

ତୂଣ, ପୁଂ. } ବି ( ତୂଣ୍-ଅ, ଈ, ଇର ) ଶର
ତୂଣୀ, ସ୍ତ୍ରୀ. } ରଖିବାର ପାତ୍ର, ଶରଧାନି ।
ତୂଣୀର, ପୁଂ. }

ତୂର, ନ. } ବି ( ତୁର-ଅ ) ବାଦ୍ୟଯନ୍ତ୍ର,
ତୂରୀ, ସ୍ତ୍ରୀ. } କ୍ଷୁଦ୍ର ଭେରୀ ।

ତୂର୍ଣ୍ଣ, କ୍ରି. ବିଂ. (ତୁର-ତ) ଶୀଘ୍ର, ଦ୍ରୁତ । ବିଂ ସତ୍ୱର ।

ତୂର୍ଯ୍ୟ, ବି. ନ. ( ତୁର-ଯ ଅଥବା ତତୁର-ଯ ) ବିବିଧ ବାଦ୍ୟଯନ୍ତ୍ର ।

ତୂଳ, ବି. ପୁଂ. ନ. ( ତୂଳ୍-ଅ ) ତନ୍ତୁଳୀଗଛ, କପା, ଶିମିଳୀତୂଳା । ନ ଆକାଶ ।

ତୂଳକ, ବି.ନ. (ତୂଳ-କ) କପା ।

ତୂଳଶର୍କରା, ବି. ସ୍ତ୍ରୀ. (ତୂଳ-ଶର୍କରା)କପାମଞ୍ଜି ।

**ତୂଳା**, ବି. ( ତୂଲ-ଶବ୍ଦଜ ) କପା, ଶିମିଳି-ତୂଳା ।

**ତୂଳାଉଣା**, ବି. ( ଦେଶଜ ) ତୂଳାକୁ ଧୁଣିବା ଯେଉଁ ଜାତିର ବ୍ୟବସାୟ ।

**ତୂଳ** / **ତୂଳିକା** } ବି. ସ୍ତ୍ରୀ. ଚିତ୍ରକରର ବର୍ତ୍ତି, ଯାହା-ଦ୍ୱାରା ରଙ୍ଗ ଦିଆଯାଏ ।

**ତୂଷ୍ଣୀମ୍ଭାବ**, ବି. ପୁଂ. ( ତୂଷ୍ଣୀମ୍-ଭାବ ) ମୌନା-ବଲମ୍ବନ, ଚୁପ ହୋଇଥିବା ।

**ତୂଷ୍ଣୀମ୍ଭୂତ**, ବିଂ. (ତୂଷ୍ଣୀମ୍-ଭୂ-ତ) ନୀରବ ।

**ତୃଣ**, ବି. ନ. (ତୃହ୍-ଣ) ଘାସ, କୁଟା ପ୍ରଭୃତି ।

**ତୃଣକେତୁ**, ବି. ପୁଂ. ( ତୃଣ-କେତୁ ) ବଂଶ, ବାଉଁଶ, ତାଳଗଛ ।

**ତୃଣଜୀବୀ**, ବିଂ. ( ତୃଣ-ଜୀବୀ ) ଯେଉଁ ସବୁ ପଶୁ ତୃଣ ଭୋଜନ କରି ପ୍ରାଣ ଧାରଣ କରନ୍ତି ।

**ତୃଣଦ୍ରୁମ**, ବି. ପୁଂ. ନାରିକେଳ, ତାଳ, ଗୁବାକ, ତାଳୀ, କେତକୀ, ଖର୍ଜୁର, ହିନ୍ତାଳ ।

**ତୃଣଧାନ୍ୟ**, ବି. ନ. ନୀବାର, ବାଲୁଙ୍ଗା ଧାନ ।

**ତୃଣଧ୍ୱଜ**, ବି. ପୁଂ. (ତୃଣ-ଧ୍ୱଜ) ବଂଶ, ବାଉଁଶ ।

**ତୃଣରାଜ**, ବି. ପୁଂ. ( ତୃଣ-ରାଜନ୍ ) ତାଳଗଛ, ନଡ଼ିଆ ଗଛ ।

**ତୃଣାବର୍ତ୍ତ**, ବି. ପୁଂ. ( ତୃଣ-ଆ-ବୃତ-ଅ ) କଂସ-ରାଜାର ଅନୁଚର ଦୈତ୍ୟ ବିଶେଷ, ଘୂର୍ଣ୍ଣିବାୟୁ ।

**ତୃଣୋଦ୍ଭବ**, ବି. ପୁଂ. ( ତୃଣ-ଉଦ୍ଭବ ) ନୀବାର, ତୃଣଜାତ ଅଗ୍ନି ।

**ତୃଣ୍ୟା**, ବି. ସ୍ତ୍ରୀ. ( ତୃଣ୍-ଯ-ଆ ) ତୃଣରାଶି, ତୃଣସମୂହ ।

**ତୃତୀୟ**, ବିଂ. (ତ୍ରି-ତୀୟ) ତିନିର ପୂରଣବାଚକ, ତୃତୀୟା । ବି ସ୍ତ୍ରୀ ତିଥିବିଶେଷ ।

**ତୃତୀୟାଶ୍ରମ**, ବି. ନ. (ତୃତୀୟ-ଆଶ୍ରମ) ବାନପ୍ରସ୍ଥା-ଶ୍ରମ ।

**ତୃପ୍ତ**, ବିଂ. (ତୃପ୍-ତ) ସନ୍ତୁଷ୍ଟ, ଆହ୍ଲାଦିତ, ହୃଷ୍ଟ ପୂର୍ଣ୍ଣକାମ ।

**ତୃପ୍ତି**, ବି. ସ୍ତ୍ରୀ. (ତୃପ୍-ତି) ସନ୍ତୋଷ, ତୃଷ୍ଣାନିବୃତ୍ତି, ଆହ୍ଲାଦ ।

**ତୃଷ୍** / **ତୃଷା** / **ତୃଷ୍ଣା** } ବି. ସ୍ତ୍ରୀ. (ତୃଷ୍-ଅ) ପିପାସା, ଇଚ୍ଛା, ଆକାଂକ୍ଷା, ଲୋଭ ।

**ତୃଷିତ**, ବିଂ. ( ତୃଷ୍-ତ ) ପିପାସୁ, ଇଚ୍ଛୁକ, ଲୁବ୍ଧ ।

**ତେଇଶ**, ବି. ବିଂ. ( ତ୍ରୟୋବିଂଶ ଶବ୍ଦଜ ) ୨୩ ସଂଖ୍ୟା ।

**ତେଙ୍ଗଡ଼ା**, ବି. (ଦେଶଜ) ଗାଡ଼ିବାଟରେ ଯେଉଁ ସ୍ଥାନରେ ବାଣ୍ଡି ରହେ ।

**ତେଜଃ**, ବି. ନ. (ତିଜ୍-ଅସ୍) ଦୀପ୍ତି ।

**ତେଜଣୀ**, ବି.(ଗ୍ରା) ତୀକ୍ଷ୍ଣକରଣ, ଧାର ତେଜିବା କାଠି ।

**ତେଜନ**, ବି. ନ. ( ତିଜ୍-ଅନ ) ତୀକ୍ଷ୍ଣକରଣ, ବାଉଁଶ ।

**ତେଜପତ୍ର**, ବି. ନ. (ତେଜ-ପତ୍ର) ବୃକ୍ଷବିଶେଷର ପତ୍ର ।

**ତେଜସ୍କର**, ବିଂ. (ତେଜସ୍-କୃ-ଅ) ତେଜୋ-ବୃଦ୍ଧିକାରକ, ଶକ୍ତିକାରକ ।

**ତେଜସ୍ୱାନ୍** / **ତେଜସ୍ୱୀ** } ବିଂ. ( ତେଜସ୍-ବତ୍, ଇନ୍ ) ପ୍ରଭାବଶାଳୀ ବଳବାନ୍, ତେଜୋବିଶିଷ୍ଟ ।

**ତେଜିତ**, ବିଂ. (ତିଜ୍-ତ) ଶାଣିତ, ମାର୍ଜିତ, ଉତ୍ତେଜିତ ।

**ତେଜିବା**, କ୍ରି. ଧାରପ୍ରଭୃତିରେ ବଳତାକୁ ଉଣେ-ଇବା, ତ୍ୟାଗ କରିବା ।

**ତେଜୀୟାନ୍**, ବିଂ. ( ତେଜସ୍-ଈୟସ୍ ) ଅତି ତେଜସ୍ୱୀ ।

**ତେଜୋମୟ**, ବିଂ. (ତେଜସ୍-ମୟ) ଜ୍ୟୋତିର୍ମୟ, ତେଜଃପୂର୍ଣ୍ଣ, ଉଜ୍ଜ୍ୱଳ ।

**ତେଜୋରୂପ**, ବି. ନ. (ତେଜସ୍-ରୂପ) ବ୍ରହ୍ମ ।

**ତେଢ଼ା**, (ତିର୍ଯ୍ୟକ୍ ଶବ୍ଦଜ) ବଙ୍କା, ବକ୍ରଭାବ, ଅମାନିଆଁ ।

ତେଢ଼ିବା, କ୍ରି. (ଦେଶଜ) ଲଙ୍ଘିବା, ଲଙ୍ଘି ଅକାଟରେ ଯିବା ।

ତେଣିକି, ଅ. ସେହି ଦଗକୁ ।

ତେଣୁ, ଅଂ. ସେହୁଦେଉରୁ ।

ତେଣେ, ଅଂ. ସେ ଦଗରେ ।

ତେଣ୍ଟା, ବି. ( ଦେଶଜ ) ମତ୍ସ୍ୟାଦି ଭେଦନ କରିବାର ଅସ୍ତ୍ରବିଶେଷ, ଜଞ୍ଜାଳ । ଯଥା—

ଓଟ୍ଟାଲେ ଶିକାରଖେଳେ ବ୍ରାହ୍ମିଂଗାନ୍ତୁମେ,
ତେଣ୍ଟା, ଏକମୁନା, ଝାଙ୍ଗି ଆଦି ଲକ୍ଷ ଧରି । ମ ଯା.

ତେଢ଼େଇ, ବି. ସ୍ତ୍ରୀ. ( ଦେଶଜ ) ଅଟାନଥା ସ୍ତ୍ରୀ, ପକ୍ଷିବିଶେଷ, ଯେଉଁ ପକ୍ଷୀ କୌଣସି ପ୍ରାଣୀକୁ ଦେଖିବାମାତ୍ରେ ରାବ କରେ ।

ତେଣ୍ଡା, ବି. (ଦେଶଜ) ଜଳ ଉଠାଇବା ଯନ୍ତ୍ର-ବିଶେଷ ।

ତେତାଲ, ବି. ( ତ୍ରିତଲ ଶବ୍ଦଜ ) ଉପର୍ଯ୍ୟୁପରି ତିନି ପ୍ରସ୍ତ ଗୃହ ।

ତେତିଶ, ବି. ବିଂ.(ତ୍ରୟସ୍ତ୍ରିଂଶତ୍) ସଂଖ୍ୟାବିଶେଷ, ୩୩ ।

ତେନ୍ତୁସ, ( ଦେଶଜ ) ଶଗଡ଼ ଦଣ୍ଡାର ଅଗ୍ର ଉପରିସ୍ଥ କାଷ୍ଠଖଣ୍ଡ ।

ତେନ୍ତୁଳି } ବି. (ତିନ୍ତିଡ଼ି ଶବ୍ଦଜ ) ସ୍ୱନାମଖ୍ୟାତ
ତିନ୍ତୁଳି } ଅମ୍ଳ ଫଳ ଓ ତାହାର ଗଛ ।

ତେପନ, ବି. ବିଂ. ସଂଖ୍ୟାବିଶେଷ, ୫୩ ।

ତେମନି, ବି. (ତେମନ-ଇ) ଧୂମନିର୍ଗମନ ମାର୍ଗ, ଚେମନି ।

ତେମନ୍ତ, ଅଂ. ସେହିପରି, ତଦ୍ରୂପ । ଯଥା—

ବନ୍ଧୁ ତେମନ୍ତ ମୁଁ ତୋର,
ସବୁଠାରେ ଲୁହାଇବ ସୁଦର୍ଶନେକାଯୁର । ଚୈ. ସୁ.

ତେର, ବି. ବିଂ. ସଂଖ୍ୟାବିଶେଷ, ୧୩ ।

ତେରଜ ବିଂ. (ଯାବନିକ) ଯୋଗ, ମିଶାଣ ।

ତେଲ, ବି. ନ. ( ତୈଳ ଶବ୍ଦଜ ) ମାଲପା, ମଥାଦିହୁ ।

ତେଲଙ୍ଗା, ବି. ଜାତିବିଶେଷ ।

ତେଲୁଆଣି } ବି. ( ଦେଶଜ ) ପଲ୍ଲମ,
ତେଲୁଣି } ତେଲିର ସ୍ତ୍ରୀ ।

ତେଲିଆ, ବିଂ. ତୈଳଯୁକ୍ତ, ଚିକ୍କଣ, ସୁଖୀ ।

ତେଲି, ବି. ଜାତିବିଶେଷ ।

ତେବନ, ବି. ନ. (ତେବ୍-ଅନ) କ୍ରୀଡ଼ାକାନନ, କେଳିବନ ।

ତେବେ, ଅଂ, ତାହାହେଲେ, ସେହିସମୟରେ ।

ତେବେକେ } ଅଂ. (ଦେଶଜ) ତଥାପି ।
ତେବେହେଁ }

ତେମନ, ଅଂ, ତେମନ୍ତ, ସେପରି ।

ତେସ୍ତରି, ବିଂ. ବି (ତ୍ରିସପ୍ତତି ଶବ୍ଦଜ ୭୩ ସଂଖ୍ୟା

ତେହ୍ନେ, ଅଂ. ସେପ୍ରକାର, ସେପରି ।

ତୈଜସ, ବିଂ. ( ତେଜସ୍-ଅ ) ଧାତୁମୟ ପାତ୍ର, ଘୃତ, ତେଜୋବିକାର, ରଜୋଗୁଣୋତ୍ପନ୍ନ । ବି.ନ. ଧାତୁଦ୍ରବ୍ୟ, ଘୃତ ।

ତୈଜସାବର୍ତ୍ତିନୀ, ବି. ସ୍ତ୍ରୀ. ( ତୈଜସ୍-ଆବର୍ତ୍ତିନୀ ) ଧାତୁଦ୍ରବ୍ୟ ତରଳାଇବାର କୋଇ ବା ପାତ୍ର ।

ତୈକ୍ଷ୍ଣ୍ୟ, ବିଂ. ( ତିକ୍ଷା-ଅ ) ତିକ୍ଷାଶୀଳ, ସହିଷ୍ଣୁ ।

ତୈତିଲ, ବି. ପୁଂ. ( ତିତିଲ-ଅ )ଗଣ୍ଡାର । ନ. ବବ, ବାଳବ ପ୍ରଭୃତି କରଣର ଅନ୍ତର୍ଗତ ଚତୁର୍ଥ କରଣ, ଦେବତା ।

ତୈଳ, ବି. ନ. (ତିଳ-ଅ) ତିଳାଦିର ତେଲ, ମାଲପା ।

ତୈଳକାର, ବି. ପୁଂ. (ତୈଳ-କୃ-ଅ) ତେଲି ।

ତୈଲଙ୍ଗ, ବି. (ଦେଶଜ) ଦେଶବିଶେଷ, ଜାତି-ବିଶେଷ ।

ତୈଳଦ୍ରୋଣୀ, ବି. ସ୍ତ୍ରୀ. (ତୈଳ-ଦ୍ରୋଣୀ) କଣ୍ଠ-ପର୍ଯ୍ୟନ୍ତ ମଜ୍ଜନାର୍ଥ ତୈଳପୂର୍ଣ୍ଣ କାଷ୍ଠାଦିନିର୍ମିତ ପାତ୍ର ।

ତୈଳପା } ବି. ସ୍ତ୍ରୀ. ( ତୈଳ-ପା-ଅ,
ତୈଳପାୟିକା } ଅକ-ଅ ) ତେଲପୋକ,
ଅସରପା ।

ତୈଳଯନ୍ତ୍ର, ବି. ନ. (ତୈଳ-ଯନ୍ତ୍ର) ଘଣା ।

ତୈଳିକ } ବି. ପୁଂ. (ତୈଳ ଇକ, ଇନ୍)
ତୈଳୀ } ତେଲି । ବିଂ. ତୈଳ
ସମ୍ବନ୍ଧୀୟ ।

ତୈଷ, ବି. ପୁଂ. (ତିଷ-ଅ) ପୌଷ ମାସ ।

ତୋଟା, ବି. ନ. (ଦେଶଜ) ବଡ଼ ବଗିଚା ନାନା ଜାତୀୟ ବୃକ୍ଷର ସମାବେଶ ।

ତୋଣ୍ଟି, ବି. ଗଳା, ଗଳଦେଶ, ତଣ୍ଟି ।

ତୋଟିକଟା, ବିଂ. ( ଦେଶଜ ) ଯେ ତୋଟିକୁ କାଟେ, ହିଂସାପରାୟଣ ।

ତୋଡ଼, ବିଂ. ( ଦେଶଜ ) ବେଗ, ତେଜସ୍, ସ୍ରୋତ ।

ତୋଡ଼କ, ବିଂ. ( ତୁଡ୍-ଅକ ) ଯେ ଭାଙ୍ଗି ଫୋପାଡ଼ି ଦିଏ, ଭଞ୍ଜକ ।

ତୋଡ଼ା, ବି. (ଦେଶଜ ଟଙ୍କାର ଥଳୀ, ପୁଷ୍ପାଦିର ସ୍ତବକ ।

ତୋଡ଼ାଣି, ବି. ( ଦେଶଜ ) ପଖାଳ ଭାତର ଜଳୀୟ ଅଂଶ ।

ତୋଡ଼ି, ବି (ଦେଶଜ) ମତ୍ସ୍ୟବିଶେଷ ।

ତୋତା, ବି. (ଯାବନିକ) ଶୁକପକ୍ଷୀ ।

ତୋତ୍ର, ବି. ନ. (ତୁଦ୍ ତ୍ର) ପାଞ୍ଚଣବାଡ଼ି, ଗୋରୁ ଆଦି ଜନ୍ତୁଙ୍କୁ ମାରିବାର ଯଷ୍ଟି, ଅଙ୍କୁଶ ।

ତୋଦନ, ବି.ନ. (ତୁଦ୍ ଅନ) ଦୁଃଖ, ବେଦନା, ପୀଡ଼ା, ଅଙ୍କୁଶ ।

ତୋପ, ବି. ( ଯାବନିକ ) ଅଗ୍ନେୟାସ୍ତ୍ର, କମାଣ ।

ତୋଫା, ବିଂ. (ଯାବନିକ) ଉଜ୍ଜ୍ୱଳ ।

ତୋଫାନ, ବି (ଯାବନିକ) ବାତାସ, ପ୍ରଭଞ୍ଜନ ।

ତୋମର, ବି. ନ. (ତୁ-ମ-ଅ) ଶାବଳାଦି ଅସ୍ତ୍ର ।

ତୋୟ, ବି. ନ. (ତାୟ ଅ) ଜଳ, ପୂର୍ବାଷାଢ଼ା-ନକ୍ଷତ୍ର ।

ତୋୟଡ଼ିମ୍ବ, ବି ପୁଂ. (ତୋୟ-ଡିମ୍ବ) କରକା, କୁଆପଥର ।

ତୋୟଦ, ବି. ପୁଂ. (ତୋୟ-ଦ) ମେଘ, ଜଳଦ। ନ. ଘୃତ ।

ତୋୟଧର, ବି. ପୁଂ. ( ତୋୟ-ଧର ) ମେଘ, ଜଳଧର ।

ତୋୟଧି } ବି. ପୁଂ. ( ତୋୟ ଧି, ନିଧି )
ତୋୟନିଧି } ସମୁଦ୍ର, ସାଗର ।

ତୋୟବିମ୍ବ, ବି. ନ. ( ତୋୟ-ବିମ୍ବ ) ଜଳ-ବିମ୍ବ ।

ତୋରଣ, ବି. ପୁଂ. ନ. (ତୁର-ଅନ) ବହିର୍ଦ୍ୱାର, ଫାଟକ, ଚୌକାଠ । ଯଥା—

ଅଭ୍ରଭେଦୀ ସେ ତୋରଣ—ତଳକୁ ଦେଖିଲେ ତୋରଣ
ପାବେର ଲଙ୍ଘିଣ ପୁରେ ପଶେ ଅନାୟାସେ । ମ.ସା.

ତୋର, ବି. ( ଆରବୀ. ତୁରସ୍ ଶବ୍ଦଜ ) ସୁନ୍ଦର, ମନୋହର । ଯଥା—

ତୈଲଙ୍ଗୀ ବସନ ଭୂଷଣେ ପୁଣି ଦିଶଇ ତୋର ।

କ୍ରି. ବିଂ ଶୀଘ୍ର ।

ତୋରାଣି, ବି. (ତୋୟ ଶବ୍ଦଜ) ଅନ୍ନରେ ମିଶ୍ରିତ ହୋଇଥିବା ପାଣି ।

ତୋଲ } ବି. ପୁଂ. ନ. ( ତୁଲ୍-ଅ, କ )
ତୋଲକ } ପରିମାଣବିଶେଷ, ଏକ ଭରି ।

ତୋଲନ, ବି. ପୁଂ. ( ତୁଲ୍-ଅନ ) ଉତ୍ଥାପନ, ଓଜନ, ତୁଳିବା ।

ତୋଲା, ବି. ( ତୋଲକ ଶବ୍ଦଜ ) ଭରି, ୧୦ ମସା ବା ଏକ ଟଙ୍କା ଓଜନ, ଫୁଲ ପ୍ରଭୃତି ତୋଳିବା, ନିର୍ମାଣ, ହାଟପ୍ରଭୃତିରେ ଆଦାୟ ହେବା ଶୁଳ୍କ ବା ଟ୍ୟାକ୍ସ ।

ତୋଳିବା, କ୍ରି. ( ତୁଳ-ଧାତୁଜ ) ଉଠାଇବା, ଛିଣ୍ଡାଇବା, ନିର୍ମାଣ କରିବା, ଗୋଟାଇବା, ଟେକିବା । ଯଥା—

ତୋଳିଛନ୍ତି କୁନ୍ତ-ଟଳ ଶିଖର । ଚଳିକା ।

ତୋଷ, ବି. ପୁଂ ( ତୁଷ୍-ଅ ) ସନ୍ତୋଷ, ହର୍ଷ, ଆହ୍ଲାଦ ।

ତୋଷଣ, ବି. ନ. ( ତୁଷ୍-ଅନ ) ସନ୍ତୁଷ୍ଟ କରିବା ।

ତୋଷାମଦ, ବି. ( ଯାବନିକ ) ଚାଟୁବଚନ, ଖୋସାମଦ୍ ।

ତୋଷିତ, ବିଂ. (ତୁଷ୍-ତ) ସନ୍ତୁଷ୍ଟ, ହର୍ଷିତ ।

ତୋଷିବା, କ୍ରି ( ତୁଷ୍ ଧାତୁଜ ) ସନ୍ତୁଷ୍ଟ କରିବା । ଯଥା—

ଅମୃତ ଜନସ୍ତ ବଚନ, କେହ୍ନ ତୋଷିବ ପ୍ରାଣମନ ।

ତୌଜି, ବି. ( ଯାବନିକ ) ଜମିଜମା ହିସାବ ଯେଉଁ କାଗଜରେ ମୁଦ୍ରିତ ହୁଏ, ରାଜସ୍ବ ଅଦାୟର ବହିଖ ।

ତୌର୍ଯ୍ୟ, ବି. ନ. ( ତୂର୍ଯ୍ୟ ଅ ) ତୂର୍ଯ୍ୟବାଦ୍ୟ, ମୃଦଙ୍ଗାଦି ଧ୍ୱନି ।

ତୌର୍ଯ୍ୟତ୍ରିକ, ବି. ନ. (ତୌର୍ଯ୍ୟ-ତ୍ରିକ) ନୃତ୍ୟ, ଗୀତ, ବାଦ୍ୟ ଏହି ତିନି ପ୍ରକାରର ଏକତ୍ର ମିଳନକୁ ତୌର୍ଯ୍ୟତ୍ରିକ କହନ୍ତି । ଯଥା—

ବହିଲେ କାନ୍ତାରେ କୁଙ୍କୁମ କୌଶିକ
ତଥାପୁଣି ମିଳି ଉଷାତୌର୍ଯ୍ୟତ୍ରିକ । ନ. କେ.

ତୌଲ, ବି. ( ତୁଲ ଧାତୁଜ ) ମାପ, ତୁଲା, ତୁଲାଯନ୍ତ୍ର ।

ତୌଲିକ / ତୌଲିକିକ } ବି. ପୁଂ. (ତୂଲିକା ଅ, ଇକ) ଚିତ୍ରକର ।

ତ୍ୟକ୍ତ, ବିଂ. (ତ୍ୟଜ୍-ତ) ବର୍ଜିତ, ବହିଷ୍କୃତ, କ୍ଷିପ୍ତ, ଦତ୍ତ ।

ତ୍ୟାଗ, ବି. ପୁଂ. ( ତ୍ୟଜ୍-ଅ ) ବର୍ଜନ, ଦାନ, ବୈରାଗ୍ୟ, ବିସର୍ଜନ ।

ତ୍ୟାଗପତ୍ର, ବି. ( ତ୍ୟାଗ-ପତ୍ର ) ପରିତ୍ୟାଗପତ୍ର, ଛାଡ଼ପତ୍ର ।

ତ୍ୟାଗୀ, ବିଂ. ( ତ୍ୟାଗ-ଇନ୍ ) ଦାତା, ଶୂର, ବୀର, ବର୍ଜନଶୀଳ, ବୈରାଗୀ, ବିବେକୀ, କର୍ମଫଳତ୍ୟାଗୀ, ଯେ ସମସ୍ତ ତ୍ୟାଗ କରିଅଛି ।

ତ୍ୟାଜ୍ୟ, ବିଂ. ( ତ୍ୟଜ୍ ଯ ) ତ୍ୟାଗ କରିବାର ଯୋଗ୍ୟ, ବର୍ଜନଯୋଗ୍ୟ ।

ତ୍ରପ, ପୁଂ. / ତ୍ରପା, ସ୍ତ୍ରୀ. } ବି. ( ତ୍ରପ୍ ଅ, ଆ ) ଲଜ୍ଜା, କୁଳଟା, ବେଶ୍ୟା, କୀର୍ତ୍ତି, କୁଳ, ବଂଶ, ଜନସ୍ରୁ, ଯଶଃ । ଯଥା—

ଅପରନ ମୁଖସରେ ରଞ୍ଜି ଦେଲେ ସେ ତ୍ରପା କଣ୍ଠ କପୋଳ ।
ଉ. ଭେ.

ତ୍ରପିତ, ବିଂ. (ତ୍ରପ୍-ତ) ଲଜ୍ଜିତ ।

ତ୍ରପିଷ୍ଠ / ତ୍ରପୀୟାନ୍ } ବିଂ. (ତ୍ରପା-ଇଷ୍ଠ, ଈୟସ୍) ଅତିଶୟ ଲଜ୍ଜିତ ।

ତ୍ରୟ, ବି. ନ. (ତ୍ରି-ଅୟ) ୩ ସଂଖ୍ୟା ।

ତ୍ରୟସ୍ତ୍ରିଂଶ, ବି. ବିଂ. (ତ୍ରୟସ୍-ତ୍ରିଂଶ) ୩୩ ସଂଖ୍ୟାର ପୂରଣ ।

ତ୍ରୟୀ, ବି. ସ୍ତ୍ରୀ. (ତ୍ରି-ଅୟ-ଈ) ଋକ୍ ଯଜୁଃ ସାମ ଏହି ତିନି ବେଦ, ଗୃହିଣୀ, ବୁଦ୍ଧି, ସୋମରାଜୀ ବୃକ୍ଷ, ବ୍ରହ୍ମା ବିଷ୍ଣୁ ଶିବ ଏହି ତିନି ମୂର୍ତ୍ତି, ଦୁର୍ଗା । ବିଂ. ତ୍ରିତ୍ୱସଂଖ୍ୟାବିଶିଷ୍ଟ ।

ତ୍ରୟୀତନୁ, ବି. ପୁଂ. ( ତ୍ରୟୀ-ତନୁ ) ସୂର୍ଯ୍ୟ, ଧର୍ମଶାସ୍ତ୍ରରେ ପ୍ରସିଦ୍ଧ ଅଛି ଯେ ସାମବେଦ ଓ ଅନ୍ୟାନ୍ୟ ବେଦାଂଶ ସୂର୍ଯ୍ୟଙ୍କଠାରୁ ପ୍ରସୂତ ହୋଇଅଛି ।

ତ୍ରୟୀଧର୍ମ, ବି ପୁଂ. (ତ୍ରୟୀ-ଧର୍ମ) ଋକ୍, ଯଜୁଃ, ସାମ ଏହି ତିନି ବେଦର ଧର୍ମକାଣ୍ଡ ।

ତ୍ରୟୀମୁଖ, ବି. ପୁଂ. (ତ୍ରୟୀ ମୁଖ) ବ୍ରାହ୍ମଣ ।

ତ୍ରୟୋଦଶ ବିଂ. (ତ୍ରି-ଦଶନ୍-ଅ) ତେର ସଂଖ୍ୟାର ପୂରଣବାଚକ ।

ତ୍ରୟୋଦଶୀ, ବି. ସ୍ତ୍ରୀ. ( ତ୍ରୟୋଦଶ-ଈ ) ତିଥି-ବିଶେଷ ।

ତ୍ରସରେଣୁ, ବି. ପୁଂ ସ୍ତ୍ରୀ. ( ତ୍ରସ୍=ଗମନଶୀଳ ଜନ୍ମା ବିସ୍ଥାନରେ ତ୍ରସ୍-ରେଣୁ ) ସୂକ୍ଷ୍ମକଣା, ଛିଦ୍ରାଗତ ସୂର୍ଯ୍ୟକିରଣରେ ଯାହା ଦୃଷ୍ଟ ହୁଏ, ସୂର୍ଯ୍ୟପହୀବିଶେଷ ।

ତ୍ରସ୍ତ, ବିଂ. ( ତ୍ରସ୍-ତ ) ଚକିତ, ଭୀତ, ଭୀରୁ, ଚଞ୍ଚଳ, କମ୍ପିତ ।

ତ୍ରାଣ, ବି. ନ ( ତ୍ରୈ-ଅନ ) ରକ୍ଷା, ଉଦ୍ଧାର । ବିଂ. ରକ୍ଷକ ।

ତ୍ରାଣ } ବିଂ. (ତ୍ରୈ-ତ) ରକ୍ଷିତ ।
ତ୍ରାତ }

ତ୍ରାତା, ବିଂ. (ତ୍ରୈ-ତୃ) ରକ୍ଷାକର୍ତ୍ତା, ଉଦ୍ଧାରକର୍ତ୍ତା, ପାଳକ ।

ତ୍ରାୟମାଣ, ବିଂ. (ତ୍ରୈ-ଆନ) ତ୍ରାଣକାରୀ, ଯାହାକୁ ତ୍ରାଣ ବା ରକ୍ଷା କରାଯାଉଅଛି । ସ୍ତ୍ରୀ. ଲତାବିଶେଷ ।

ତ୍ରାସ, ବି. ପୁଂ. (ତ୍ରସ୍-ଅ) ଭୟ, ଶଙ୍କା, ସାଧ୍ୱସ, ମଣିର ଦୋଷ, କଳଙ୍କ ।

ତ୍ରାସିତ, ବିଂ. (ତ୍ରାସି-ତ) ଭୀତ, ବିଭ୍ରାସିତ ।

ତ୍ରାହି, କ୍ରି. (ତ୍ରୈ-ହି) ରକ୍ଷା କର । ଯଥା—

ତ୍ରାହି ରବରେ ଗଗନ ପ୍ରତିଧ୍ୱନିତ ହେବାକୁ ଲାଗିଲା ।
ପ୍ର. ମା.

ତ୍ରି, ବିଂ. (ତୃ-ଇ) ସଂଖ୍ୟାଭେଦ, ୩, ( ଅନ୍ୟାନ୍ୟ ଭାଷାରେ ଏହାର ସୌସାଦୃଶ୍ୟ ଦେଖ । ଯଥା— ସଂସ୍କୃତ=ତ୍ରି, ଗ୍ରୀକ୍=ଟ୍ରାଇସ୍, ଲାଟିନ୍=ଟ୍ରେସ୍, ଜର୍ମାନ୍=ଡ୍ରାଇ, ଇଂରାଜୀ=ଥ୍ରି, ବଙ୍ଗଳା=ତିନ । )

ତ୍ରିଂଶ, ବିଂ. (ତ୍ରିଂଶତ୍-ଅ) ୩୦ ସଂଖ୍ୟାର ପୂରଣ ।

ତ୍ରିଂଶତ୍, ବି. ସ୍ତ୍ରୀ (ତ୍ରିଂ-ଦଶନ୍) ୩୦ ସଂଖ୍ୟା ।

ତ୍ରିଂଶତ୍ତମ, ବିଂ. ( ତ୍ରିଂଶତ-ତମ ) ତ୍ରିଂଶତ୍ ସଂଖ୍ୟାର ପୂରକ ।

ତ୍ରିକ, ବି. (ତ୍ରି-କ) ପୃଷ୍ଠଦଣ୍ଡର ନିମ୍ନ, କଟୀ, ତେମୁହାଣି ଛକ ସ୍ଥାନ ।

ତ୍ରିକଟୁ, ବି. ପୁଂ. ( ତ୍ରି-କଟୁ ) ଶୁଣ୍ଠି, ପିପ୍ପଳୀ, ଗୋଲମରିଚ ।

ତ୍ରିକର୍ମା, ବି. ପୁଂ. ( ତ୍ରି-କର୍ମନ୍ ) ଦାନ, ଯଜ୍ଞ, ଅଧ୍ୟୟନକାରୀ ବ୍ରାହ୍ମଣ ।

ତ୍ରିକାଳ, ବି. ନ. (ତ୍ରି-କାଳ) ପ୍ରାତଃ, ମଧ୍ୟାହ୍ନ, ସାୟାହ୍ନ; ଭୂତ, ଭବିଷ୍ୟତ୍, ବର୍ତ୍ତମାନ ।

ତ୍ରିକାଳଜ୍ଞ, ବିଂ. (ତ୍ରିକାଳ-ଜ୍ଞା-ଅ) କାଳତ୍ରୟଦର୍ଶୀ, ଭୂତ, ଭବିଷ୍ୟତ୍, ବର୍ତ୍ତମାନ ଏହି ତିନି କାଳର କଥାକୁ ଯେ ଜାଣେ ।

ତ୍ରିକାଳଦର୍ଶୀ, ବିଂ.(ତ୍ରିକାଳ-ଦର୍ଶିନ୍) ତ୍ରିକାଳଜ୍ଞ । ବି. ପୁଂ. ଋଷି, ମୁନି ।

ତ୍ରିକୁଳ, ବି. (ତ୍ରି-କୁଳ) ପିତୃକୁଳ, ମାତୃକୁଳ ଓ ଶ୍ୱଶୁରକୁଳ ।

ତ୍ରିକୂଟ, ବି. ପୁଂ. (ତ୍ରି-କୂଟ) କେରଳ ଦେଶର ପର୍ବତବିଶେଷ, ଯାହାର ଉପରେ ଲଙ୍କା ନଗରୀ । ନ. ସାମୁଦ୍ରିକ ଲବଣ, ସୈନ୍ଧବ ଲୁଣ । ସ୍ତ୍ରୀ. ଭୈରବୀବିଶେଷ ।

ତ୍ରିକୋଣ, ବିଂ. (ତ୍ରି-କୋଣ) ତିନିକୋଣବିଶିଷ୍ଟ ସ୍ଥାନ ।

ତ୍ରିକୋଣମଣ୍ଡଳଭୂମି ବି. କାମାଖ୍ୟାଙ୍କ ସ୍ଥିତ ତୀର୍ଥ ।

ତ୍ରିକୋଣମିତି, ବି. ସ୍ତ୍ରୀ. ( ତ୍ରିକୋଣ-ମା-ତି, ତ୍ରିକୋଣ ବସ୍ତୁର ପରିମାପକ ବିଦ୍ୟା ।

ତ୍ରିଗଣ, ବି. ପୁଂ. (ତ୍ରି-ଗଣ) ଧର୍ମ, ଅର୍ଥ, କାମ ଏହି ତିନି, ତ୍ରିବର୍ଗ ।

ତ୍ରିଗର୍ତ୍ତ, ବି. ପୁଂ. ( ତ୍ରି-ଗର୍ତ୍ତ ) ଗଣିତବିଶେଷ, ଲାହୋର ସନ୍ନିହିତ ଦେଶବିଶେଷ । ସ୍ତ୍ରୀ. ଭୋଗାଭିଳାଷିଣୀ ସ୍ତ୍ରୀ । ବିଂ. ତ୍ରିଗର୍ତ୍ତ ଦେଶବାସୀ ।

ତ୍ରିଗୁଣ, ବି. ନ. (ତ୍ରି-ଗୁଣ) ସତ୍ତ୍ୱ ରଜଃ ତମ ଏହି ୩ ପ୍ରକାର ଗୁଣ, ସୁଖ, ଦୁଃଖ ଓ ମୋହ ଏହି ତିନି ଗୁଣ । ଯଥା—

ତ୍ରିଗୁଣ ରଜ୍ଜୁ କରେ ଧରି; ମୃଗ କରନ୍ତୁ ନରହରି

ବିଂ. ତିନିଥର ଗୁଣିତ । ସ୍ତ୍ରୀ. ଦୁର୍ଗା ।

ତ୍ରିଗୁଣାତ୍ମକ, ବିଂ. (ତ୍ରିଗୁଣ-ଆତ୍ମନ୍-କ) ଗୁଣତ୍ରୟବିଶିଷ୍ଟ, ଯାହାର ତିନିଗୁଣ ଅଛି ।

ତ୍ରିଗୁଣିତ, ବିଂ. ( ତ୍ରିଗୁଣ-ଇତ ) ତ୍ରିସଙ୍ଖ୍ୟା, ତିନିବାର ଗୁଣିତ ।

ତ୍ରିଜଗତ୍, ବି. ନ. ( ତ୍ରି-ଜଗତ୍ ) ତ୍ରିଭୁବନ, ସ୍ୱର୍ଗ ମର୍ତ୍ତ୍ୟ ପାତାଳ ।

ତ୍ରିଜଟା, ବି. ସ୍ତ୍ରୀ. ରାକ୍ଷସୀବିଶେଷ, ରାବଣାଲୟସ୍ଥ ଜାନକୀଙ୍କର ପକ୍ଷପାତିନୀ ରାକ୍ଷସୀ । ପୁଂ. ଶିବ, ବିଲ୍ୱବୃକ୍ଷ ।

ତ୍ରିଜାତକ, ବି. ନ. (ତ୍ରି-ଜାତ-କ) ଜାଇତ୍ରୀ, ଅଳାଇଚ ଓ ତେଜପତ୍ର ।

ତ୍ରିତୟ / ତ୍ରୟୀ } ବି. (ତ୍ରି-ତୟ) ତିନି ସଂଖ୍ୟାଯୁକ୍ତ ।

ତ୍ରିତାପ, ବି. ନ (ତ୍ରି-ତାପ) ଆଧ୍ୟାତ୍ମିକ, ଆଧିଦୈବିକ ଏବଂ ଆଧିଭୌତିକ ଏହି ତିନି ପ୍ରକାର ତାପ ।

ତ୍ରିଦଣ୍ଡ, ବି ନ. (ତ୍ରି-ଦଣ୍ଡ) ବାକ୍ଦଣ୍ଡ, ମନୋଦଣ୍ଡ ଓ କାୟଦଣ୍ଡ ଏହି ତିନି ପ୍ରକାର ।

ତ୍ରିଦଶ, ବି. (ତ୍ରି-ଦଶା) ଦେବତା, ଅମର । ବିଂ. ତ୍ରିଂଶସଂଖ୍ୟକ ।

ତ୍ରିଦଶଗୁରୁ, ବି. ପୁଂ. (ତ୍ରିଦଶ-ଗୁରୁ) ଦେବଗୁରୁ, ବୃହସ୍ପତି ।

ତ୍ରିଦଶଗୋପ, ବି. ପୁଂ. ରକ୍ତବର୍ଣ୍ଣ କୀଟବିଶେଷ, ସାଧବବୋହୂ ପୋକ ।

ତ୍ରିଦଶପତି, ବି. ପୁଂ. ( ତ୍ରିଦଶ-ପତି ) ଇନ୍ଦ୍ର, ଦେବରାଜ ।

ତ୍ରିଦଶମଞ୍ଜରୀ, ବି.ସ୍ତ୍ରୀ. (ତ୍ରିଦଶ-ମଞ୍ଜରୀ) ତୁଳସୀ ।

ତ୍ରିଦଶାଧିପ / ତ୍ରିଦଶାଧିପତି } ବି. ପୁଂ. (ତ୍ରିଦଶ-ଅଧିପ, ଅଧିପତି) ଇନ୍ଦ୍ର ।

ତ୍ରିଦଶାୟୁଧ, ବି. ନ. (ତ୍ରିଦଶ-ଆୟୁଧ) ଅଶନି, ବଜ୍ର, ଇନ୍ଦ୍ରଧନୁ ।

ତ୍ରିଦଶାରି, ବି. ପୁଂ. ( ତ୍ରିଦଶ-ଅରି ) ଅସୁର, ଦୈତ୍ୟ, ଦାନବ ।

ତ୍ରିଦଶାଳୟ, ବି. ପୁଂ. (ତ୍ରିଦଶ-ଆଳୟ) ସ୍ୱର୍ଗ, ସୁମେରୁ ।

ତ୍ରିଦଶାହାର, ବି. ପୁଂ. (ତ୍ରିଦଶ-ଆହାର) ଅମୃତ, ସୁଧା ।

ତ୍ରିଦିବ, ବି. ପୁଂ. ନ. ( ତ୍ରି-ଦିବ୍-ଅ ) ସ୍ୱର୍ଗ, ଆକାଶ । ସ୍ତ୍ରୀ. ନଦୀବିଶେଷ ।

ତ୍ରିଦିବେଶ, ବି. ପୁଂ. (ତ୍ରିଦିବ-ଈଶ) ଦେବତା, ଅମର ।

ତ୍ରିଦୋଷ, ବି. ପୁଂ. ( ତ୍ରି-ଦୋଷ ) ବାତ, ପିତ୍ତ, କଫ ଏହି ତ୍ରିଦୋଷ ।

ତ୍ରିଧା / ତ୍ରିବିଧ } ଅଂ. ( ତ୍ରି-ଧା, ବିଧ ) ତିନି ପ୍ରକାର, ତିନିଖଣ୍ଡ, ତିନିବାର ।

ତ୍ରିଧାତୁ, ବି. ପୁଂ. ( ତ୍ରି-ଧା-ତୁ ) ଗଣେଶ । ନ. ଧାତୁତ୍ରୟ ।

ତ୍ରିଧାମ, ବି. ପୁଂ. (ତ୍ରି-ଧାମନ୍) ବିଷ୍ଣୁ, ଶିବ, ଅଗ୍ନି, ମୃତ୍ୟୁ । ବି. ତ୍ରିସଂଖ୍ୟାନ୍ୱିତ ।

ତ୍ରିନୟନ / ତ୍ରିନେତ୍ର / ତ୍ରିଲୋଚନ } ବି. ପୁଂ. ( ତ୍ରି-ନୟନ, ନେତ୍ର, ଲୋଚନ ) ଶିବ, ମହାଦେବ, ଶଙ୍କର, ପୂର୍ବେ ପାର୍ବତୀ ଦେବୀ ଶିବଙ୍କର ନେତ୍ରଦ୍ୱୟ ସମାବୃତ କରିବାରୁ ସମସ୍ତ ଜଗତ୍ ଅନ୍ଧକାରରେ ସମାଚ୍ଛନ୍ନ ହେଲା, ସେହି ସମୟରେ ସୃଷ୍ଟିରକ୍ଷା ନିମନ୍ତେ ଶିବଙ୍କ ଇଚ୍ଛାନୁଯାୟୀ ଅତିଶୟ ତେଜୋମୟ ତୃତୀୟ ନେତ୍ର ପ୍ରାଦୁର୍ଭୂତ ହେଲା ।

ତ୍ରିନୟନା / ତ୍ରିନେତ୍ରା / ତ୍ରିଲୋଚନା } ବି. ସ୍ତ୍ରୀ. (ତ୍ରି-ନୟନ, ନେତ୍ର, ଲୋଚନ-ସ୍ତ୍ରୀଲିଙ୍ଗରେ-ଆ ) ପାର୍ବତୀ, ଦୁର୍ଗା, ଭବାନୀ, ଅମ୍ବିକା ।

ତ୍ରିପଣ୍ଡ, ବିଂ. (ଦେଶଜ) ଘନ, ଗାଢ଼, ଜର୍ଜର ।

ତ୍ରିପତାକ, ବିଂ. (ତ୍ରି-ପତାକା) ତିନିପତାକାବିଶିଷ୍ଟ । ପୁଂ. ମଧ୍ୟମା ଓ ଅନାମିକା ବ୍ୟତୀତ ଉନ୍ନତାଙ୍ଗୁଳିତ୍ରୟ ହସ୍ତ । ବି. ନ. ରେଖାତ୍ରୟାଙ୍କିତ ଲଲାଟଦେଶ ।

ତ୍ରିପତ୍ର, ବି. ପୁଂ. ( ତ୍ରି-ପତ୍ର ) ବେଲଗଛ । ବିଂ. ପତ୍ରତ୍ରୟବିଶିଷ୍ଟ ।

ତ୍ରିପଥ, ବି. ନ. (ତ୍ରି-ପଥିନ୍) ତ୍ରିମାର୍ଗ ।

ତ୍ରିପଥଗା, ବି. ସ୍ତ୍ରୀ. (ତ୍ରିପଥ-ଗା) ତ୍ରିପଥଗାମିନୀ, ଗଙ୍ଗା ।

ତ୍ରିପଦୀ / ତ୍ରିପଦିକା } ବି. ସ୍ତ୍ରୀ. (ତ୍ରି-ପଦ୍-ଈ, ତ୍ରି-ପଦ୍-ଇକ-ଆ) ଛନ୍ଦୋବିଶେଷ, ଯେଉଁ ଛନ୍ଦରେ ଶ୍ଳୋକର ଅର୍ଦ୍ଧଭାଗ ତିନି ଅଂଶରେ ବିଭକ୍ତ ଥାଏ, ଟିପେଇ, ହସ୍ତିର ପାଦବନ୍ଧନ ରଜ୍ଜୁ, ଶୃଙ୍ଖଳାଦି ।

ତ୍ରିପର୍ଣ୍ଣୀ, ବି. ପୁଂ. (ତ୍ରି-ପର୍ଣ୍ଣ) ପଳାଶ ବୃକ୍ଷ । ବି°. ଯାହାର ତିନୋଟି ପତ୍ର ଅଛି ।

ତ୍ରିପାଦ୍ } ବି. ପୁଂ. ( ତ୍ରି-ପାଦ୍, ପଦ ) ତ୍ରିବିକ୍ରମ, ବାମନଦେବ, ବିଷ୍ଣୁ ।
ତ୍ରିପାଦ } ବି°. ତ୍ରିପାଦବିଶିଷ୍ଟ ।

ତ୍ରିପିଷ୍ଟପ } ବି. ନ. ( ତ୍ରି-ପିଷ୍ଟପ, ବିଷ୍ଟପ ) ତ୍ରିଲୋକ, ସ୍ୱର୍ଗ, ତ୍ରିଭୁବନ ।
ତ୍ରିବିଷ୍ଟପ }

ତ୍ରିପୁଟ, ବି. ପୁଂ. (ତ୍ରି-ପୁଟ୍) ତଟ, ତୀର, ଖେସାରି ଡାଲି, ଶର, ତାଳ । ସ୍ତ୍ରୀ. ମଲ୍ଲିକା, ଛୋଟ ଅଳାଇଚ ।

ତ୍ରିପୁଣ୍ଡ୍ର } ବି. ନ. (ତ୍ରି-ପୁଣ୍ଡ୍ର, କ) ଭସ୍ମାଦି-
ତ୍ରିପୁଣ୍ଡ୍ରକ } କୃତ କପାଳସ୍ଥ ତିର୍ଯ୍ୟକ୍ ରେଖା ।

ତ୍ରିପୁରଘ୍ନ, ବି. ପୁଂ. (ତ୍ରିପୁର-ହନ୍-ଅ) ତ୍ରିପୁର-ହନ୍ତା, ମହାଦେବ ।

ତ୍ରିପୁରଦହନ } ବି. ପୁଂ. (ତ୍ରିପୁର-ଦହ-ଅନ,
ତ୍ରିପୁରାନ୍ତକ } ଅନ୍ତକ, ଅରି) ଶିବ, ମହା-
ତ୍ରିପୁରାରି } ଦେବ, ତ୍ରିନେତ୍ର, ଶୂଳପାଣି ।

ତ୍ରିଫଳା, ବି. ସ୍ତ୍ରୀ. (ତ୍ରି-ଫଳ-ଆ ) ହରିଡା, ବାହାଡ଼ା, ଅଁଳା ଏହି ତିନି ଫଳ ।

ତ୍ରିବର୍ଗୀୟ } ବି°. ( ତ୍ରିବର୍ଗ-ଈୟ, ଇକ )
ତ୍ରିବାର୍ଗିକ } ତ୍ରିବିଧ, ତ୍ରିବର୍ଗଜାତ, ତ୍ରିବର୍ଗ-ସମ୍ବନ୍ଧୀୟ ।

ତ୍ରିବଳି } ବି. ସ୍ତ୍ରୀ.(ତ୍ରି-ବଳି, ବଳୀ) ଉଦର ଓ
ତ୍ରିବଳୀ } କଣ୍ଠାଦିର ମାଂସ ସଙ୍କୋଚଜନିତ ରେଖାତ୍ରୟ ।

ତ୍ରିଭଦ୍ର, ବି. ନ. (ତ୍ରି-ଭଦ୍ର) ସୁରତପ୍ରସଙ୍ଗ, ରତି-କ୍ରୀଡ଼ା ।

ତ୍ରିଭୁଜ, ବି. ପୁଂ. (ତ୍ରି-ଭୁଜ) ତ୍ରିକୋଣ କ୍ଷେତ୍ର, ତିନି ଗୋଟି ସରଳରେଖାଦ୍ୱାରା ଆବୃତ କ୍ଷେତ୍ର ।

ତ୍ରିଭୁବନ, ବି. ନ. (ତ୍ରି-ଭୁବନ) ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ।

ତ୍ରିମଦ, ବି. ପୁଂ. (ତ୍ରି-ମଦ) ବିଦ୍ୟାମଦ, ଧନମଦ ଓ ଅଭିଜାତ୍ୟ ମଦ ।

ତ୍ରିମଧୁ, ବି. ପୁଂ. (ତ୍ରି-ମଧୁ) ଋଗ୍ବେଦର ଅଂଶ ବିଶେଷ । ନ. ଘୃତ, ମଧୁ ଓ ଚିନି ।

ତ୍ରିମାର୍ଗଗା ବି.ସ୍ତ୍ରୀ. (ତ୍ରିମାର୍ଗ-ଗମ୍-ଅ) ତ୍ରିପଥଗା, ଗଙ୍ଗା ।

ତ୍ରିମୂର୍ତ୍ତି, ବି. ପୁଂ. ( ତ୍ରି-ମୂର୍ତ୍ତି ) ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ।

ତ୍ରିଯମ୍ବକ } ବି. ପୁଂ. (ତ୍ରି=ତିନି-ଅମ୍ବକ=ନେତ୍ର)
ତ୍ର୍ୟମ୍ବକ } ଶିବ, ମହାଦେବ ।

ତ୍ରିଯାମକ, ବି. ନ. (ତ୍ରି ଯମ୍-ଅକ) କଳୁଷ, ପାପ ।

ତ୍ରିଯାମା, ବି. ସ୍ତ୍ରୀ. (ତ୍ରି-ଯାମ) ରାତ୍ରି, ଯମୁନାନଦୀ, ହରିଦ୍ରା ।

ତ୍ରିଲୋକ } ବି. ନ. (ତ୍ରି-ଲୋକ-ଈ) ସ୍ୱର୍ଗ, ମର୍ତ୍ତ୍ୟ
ତ୍ରିଲୋକୀ } ଓ ପାତାଳ ।

ତ୍ରିଲୋକେଶ, ବି. ପୁଂ. (ତ୍ରି-ଲୋକ-ଈଶ) ଶିବ, ବିଷ୍ଣୁ ଓ ସୂର୍ଯ୍ୟ, ତ୍ରିଲୋକର ଅଧିପତି ।

ତ୍ରିଲୋଚନ, ବି. ପୁଂ. (ତ୍ରି-ଲୋଚନ) ମହାଦେବ ।

ତ୍ରିବର୍ଗ, ପୁଂ. (ତ୍ରି-ବର୍ଗ) ଧର୍ମ, ଅର୍ଥ ଓ କାମ ଏହି ତିନି, ତ୍ରିଫଳା, ତ୍ରିକଟୁ ।

ତ୍ରିବର୍ଣ୍ଣିକ, ବି. ପୁଂ. ( ତ୍ରି-ବର୍ଣ୍ଣ-କ ) ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଏହି ତିନି ବର୍ଣ୍ଣ, ତ୍ରିଫଳା, ତ୍ରିକଟୁ ।

ତ୍ରିବିକ୍ରମ, ବି. ପୁଂ. ( ତ୍ରି-ବିକ୍ରମ ) ବାମନରୂପୀ ବିଷ୍ଣୁ, ଏ ତିନି ପାଦଦ୍ୱାରା ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳକୁ ଆକ୍ରମଣ କରିଥିଲେ ।

ତ୍ରିବିଦ୍ୟା, ବି. ସ୍ତ୍ରୀ. ( ତ୍ରି-ବିଦ୍ୟା ) ବେଦର ଶାଖାତ୍ରୟ ।

ତ୍ରିବିଧ, ବି°. (ତ୍ରି-ବିଧା) ତିନି ପ୍ରକାର, ତ୍ରିଧା ।

ତ୍ରିବିଷ୍ଟପ, ବି. ନ. (ତ୍ରି-ବିଷ୍ଟପ=ଭୁବନ) ସ୍ୱର୍ଗ, ତ୍ରିଭୁବନ ।

ତ୍ରିବେଣୀ, ବି. ସ୍ତ୍ରୀ. (ତ୍ରି-ବେଣୀ) ଯେଉଁ ସ୍ଥାନରେ ଗଙ୍ଗା, ଯମୁନା ଓ ସରସ୍ୱତୀର ଯୋଗ ହୋଇ-ଅଛି ।

ତ୍ରିବେଦୀ, ବି. ପୁଂ. (ତ୍ରିବେଦ-ଇନ୍) ଋକ୍, ଯଜୁଃ, ସାମ ଏହି ତିନି ବେଦଜ୍ଞାତା ବ୍ରାହ୍ମଣ ।

ତ୍ରିଶଙ୍କୁ, ବି. ପୁଂ. (ତ୍ରି-ଶଙ୍କୁ) ଚାତକପକ୍ଷୀ, ଖଦ୍ୟୋତ, ଶଲଭ, ସ୍ୱନାମପ୍ରସିଦ୍ଧ ନୃପ ।

ତ୍ରିଶତ, ବି. ନ. ତିନି ଶତ, ୩୦୦ ।

ତ୍ରିଶିର } ବି. ପୁଂ. ରାବଣର ପୁତ୍ର । ନ. ତ୍ରିଶିଖା } ତ୍ରିଶୂଳ, କିରୀଟ । ବିଂ. ଶାଖାତ୍ରୟଯୁକ୍ତ ।

ତ୍ରିଶିର, ବି. ପୁଂ. (ତ୍ରି-ଶିରସ୍) କୁବେର, ରାକ୍ଷସବିଶେଷ, ଜ୍ୱର, ତ୍ରିମସ୍ତକ ।

ତ୍ରିଶୀର୍ଷକ, ବି. ନ. (ତ୍ରି-ଶୀର୍ଷକ) ତ୍ରିଫଳଯୁକ୍ତ ଅସ୍ତ୍ର, ତ୍ରିଶୂଳ ।

ତ୍ରିଶୂଳ, ବି. ନ ଶିବଙ୍କର ଅସ୍ତ୍ର ।

ତ୍ରିଶୂଳୀ, ବି. ପୁଂ. (ତ୍ରି-ଶୂଳ ଇନ୍) ଶିବ । ବିଂ. ତ୍ରିଶୂଳଧାରୀ ।

ତ୍ରିଶୃଙ୍ଗ, ବି. (ତ୍ରି-ଶୃଙ୍ଗ) ତ୍ରିକୂଟ ପର୍ବତ, ତ୍ରିକୋଣ ।

ତ୍ରିଷ୍ଟୁଭ, ବି. ନ. (ତ୍ରି-ସ୍ତୁମ୍ଭ-୦) ୧୧ ଅକ୍ଷର-ବିଶିଷ୍ଟ ଛନ୍ଦଃ ।

ତ୍ରିସୀମା, ବି. (ତ୍ରି-ସୀମା) ବାମ, ଦକ୍ଷିଣ ଓ ସମ୍ମୁଖ ଏହି ତିନିଆଡ଼ ।

ତ୍ରିସ୍ରୋତାଃ, ବି. ସ୍ତ୍ରୀ. (ତ୍ରି ସ୍ରୋତସ୍) ଭାଗୀରଥୀ, ଗଙ୍ଗା, ତ୍ରିପଥଗା ।

ତ୍ରୁଟି } ବି. (ତ୍ରୁଟ୍ ଇ, ଈ) ନ୍ୟୂନତା, ଅପରାଧ, ତ୍ରୁଟୀ } କ୍ଷତି, ହାନି, ସଂଶୟ, ପଞ୍ଚକ୍ଷଣ ପରିମିତ କାଳ, ଶ୍ରେଷ୍ଠ ଅଳ ଛତ ।

ତ୍ରୁଟିତ, ବିଂ. (ତ୍ରୁଟ୍-ତ) ଛିନ୍ନ, ଭଗ୍ନ, ସ୍ଖଳିତ, ଗଳିତ ।

ତ୍ରେତା, ବି. ସ୍ତ୍ରୀ. (ତ୍ରି-ଇତ-ଅ) ଦ୍ୱିତୀୟ ଯୁଗ, ଦକ୍ଷିଣ, ଗାର୍ହପତ୍ୟ, ଆହବନୀୟ ଏହି ତିନି ପ୍ରକାର ଅଗ୍ନି ।

ତ୍ରେଧା } ଅଂ. (ତ୍ରି-ଧା) ତିନିପ୍ରକାର, ତ୍ରୈଧା } ତିନିବାର ।

ତ୍ରୈକାଳିକ, ବିଂ. (ତ୍ରିକାଳ-ଇକ) ତ୍ରିକାଳ ସମ୍ବନ୍ଧୀୟ, ପ୍ରାତଃ ମଧ୍ୟାହ୍ନ ଓ ସାୟଂକାଳରେ ଯାହା ଘଟେ, ଭୂତ ଭବିଷ୍ୟତ୍ ଓ ବର୍ତ୍ତମାନ ସଂକ୍ରାନ୍ତ ।

ତ୍ରୈଗୁଣ୍ୟ, ବି. ନ. (ତ୍ରିଗୁଣ-ଯ) ସତ୍ତ୍ୱ, ରଜଃ, ତମ ଏହି ତିନି ଗୁଣର ସମଷ୍ଟି, ତିନି ଗୁଣ କରିବା ।

ତ୍ରୈମାତୁର, ବି. ପୁଂ. (ତ୍ରିମାତୃ-ଉର-ଅ) ତିନି ମାତାର ପୁତ୍ର, କୌଶଲ୍ୟା ଓ କୈକେୟୀ-ପ୍ରଦତ୍ତ ପାୟସାଂଶ ଭୋଜନ କରି ସୁମିତ୍ରା ଯାହାଙ୍କୁ ଗର୍ଭରେ ଧାରଣ କରିଥିଲେ, ଲକ୍ଷ୍ମଣ ।

ତ୍ରୈମାସିକ, ବିଂ. (ତ୍ରିମାସ-ଇକ) ତିନି ମାସରେ ଯାହା ଉତ୍ପନ୍ନ ହୁଏ, ତ୍ରିମାସକ ।

ତ୍ରୈରାଶିକ, ବି. ନ. (ତ୍ରି-ରାଶି-ଇକ) ତିନି ରାଶି ଜଣା ଥିଲେ ଚତୁର୍ଥ ରାଶି ବାହାର କରିବାର ଗାଣିତିକ ନିୟମବିଶେଷ ।

ତ୍ରୈଲୋକ୍ୟ, ବି. ନ. (ତ୍ରିଲୋକ-ଯ) ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ।

ତ୍ରୈବର୍ଗିକ } ବିଂ. (ତ୍ରିବର୍ଗ-ଇକ, ଯ) ତ୍ରୈବର୍ଗ୍ୟ } ଧର୍ମାର୍ଥକାମସାଧକ ।

ତ୍ରୈବାର୍ଷିକ, ବିଂ. (ତ୍ରିବର୍ଷ-ଇକ) ତ୍ରିବର୍ଷଭୂତ, ତିନିବର୍ଷବ୍ୟାପୀ ।

ତ୍ରୈବିଦ୍ୟ, ବି. ପୁଂ. (ତ୍ରିବିଦ୍ୟା-ଅ) ତ୍ରିବେଦୀ, ତିନି ବେଦବେତ୍ତା ।

ତ୍ରୋଟି } ବି. ସ୍ତ୍ରୀ. (ତ୍ରୁଟ୍-ଇ, ଇନ୍) ଚଞ୍ଚୁ, ତ୍ରୋଟୀ } ପକ୍ଷୀର ଥଣ୍ଟ ।

ତ୍ରୋତ୍ର, ବି. ନ. (ତ୍ରୈ-ତ୍ର) ଗବାଦି ତାଡ଼ନ-ଦଣ୍ଡ, ପାଞ୍ଚଣ ବାଡ଼ି ।

ତ୍ର୍ୟଂଶ, ବି. ପୁଂ. (ତ୍ରି-ଅଂଶ) ତୃତୀୟ ଅଂଶ ।

ତ୍ର୍ୟମ୍ବକ, ବି. ପୁଂ. (ତ୍ରି-ଅମ୍ବ-ଅକ) ଶିବ, ତ୍ରିଲୋଚନ ।

ତ୍ର୍ୟମ୍ବକସଖା, ବି ପୁଂ. ଯକ୍ଷରାଜ, କୁବେର ।

ତ୍ର୍ୟହସ୍ପର୍ଶ, ବି. ପୁଂ. (ତ୍ରି ଅହନ୍-ସ୍ପର୍ଶ) ଏକ-ଦିନରେ ତିନି ତିଥିର ମିଳନ ।

ତ୍ର୍ୟାହିକ, ବିଂ. (ତ୍ରି ଅହନ୍-ଇକ) ତୃତୀୟ ଦିନରେ ଯାହା ହୁଏ, ତୃତୀୟ ଦିବସ-ସମ୍ବନ୍ଧୀୟ ।

ତ୍ୱକ୍, ସ୍ତ୍ରୀ. } ବି. ( ତ୍ୱଚ୍-ଂ ) ବଲ୍କଲ, ଚର୍ମ,
ତ୍ୱଚ୍, ନ. } ସ୍ପର୍ଶେନ୍ଦ୍ରିୟ, ଦାରୁଚିନି ।
ତ୍ୱଚ୍, ସ୍ତ୍ରୀ. }

ତ୍ୱକ୍ଷୀରୀ, ବି. ସ୍ତ୍ରୀ. (ତ୍ୱକ୍-କ୍ଷୀର) ବଂଶଲୋଚନା ।

ତ୍ୱକ୍ପତ୍ର, ବି. ନ. ( ତ୍ୱକ୍-ପତ୍ର ) ତେଜପତ୍ର, ଦାରୁଚିନି ।

ତ୍ୱକ୍ସାର } ବି ପୁଂ. ( ତ୍ୱକ୍-ସାର ) ବଂଶ,
ତ୍ୱଚସାର } ବାଉଁଶ, ଦାରୁଚିନି ।

ତ୍ୱଗଙ୍କୁର, ବି. ପୁଂ. (ତ୍ୱକ୍-ଅଙ୍କୁର) ରୋମାଞ୍ଚ ।

ତ୍ୱଗ୍ଜ, ବି. ନ. ( ତ୍ୱକ୍-ଜ ) ରୋମ, ଲୋମ, ରୁଧିର, ରକ୍ତ ।

ତ୍ୱଗ୍ଦୋଷ, ବି. ପୁଂ. ( ତ୍ୱକ୍-ଦୋଷ ) କୁଷ୍ଠରୋଗ । ବିଂ. କୁଷ୍ଠରୋଗାକ୍ରାନ୍ତ ।

ତ୍ୱତ୍, ବିଂ. ( ତନ୍-ଂ ) ଅନ୍ୟ, ତନ୍ନ, ଏକବଚନାନ୍ତ ଯୁଷ୍ମଦ୍‌ବାଚକ ।

ତ୍ୱଦୀୟ, ବିଂ. (ତ୍ୱତ୍-ଈୟ) ତୁମ୍ଭର, ତୁମ୍ଭସମ୍ବନ୍ଧୀୟ ।

ତ୍ୱଦ୍ବିଧ, ବିଂ. ( ତ୍ୱତ୍-ବିଧା ) ତୁମ୍ଭପରି, ତୁମ୍ଭ ସଦୃଶ ।

ତ୍ୱରମାଣ, ବିଂ. (ତ୍ୱର-ଆନ) ସତ୍ୱର ।

ତ୍ୱରା, ବି. ସ୍ତ୍ରୀ. (ତ୍ୱର-ଆ) ବେଗ, ଶୀଘ୍ରତା ।

ତ୍ୱରିତ, କ୍ରି. ବିଂ. ( ତ୍ୱରା-ଇତ ) ସତ୍ୱର, ଶୀଘ୍ର ।
ଯଥା—

ତ୍ୱରିତେ ବଧୂମୋହ ବିନାଶ ଆଶେ
ଶୀକର ଶୀତବାୟୁ ପେଷିଲେ ପାଶେ । କ. ବ

ତ୍ୱାଦୃକ୍ } ବିଂ ( ଯୁଷ୍ମଦ୍-ଦୃଶ୍-ଂ, ଅ ) ତୁମ୍ଭ
ତ୍ୱାଦୃଶ } ସଦୃଶ ।
ତ୍ୱାଦୃଷ }

ତ୍ୱିଷ୍ } ବି. ସ୍ତ୍ରୀ. ( ତ୍ୱିଷ୍-ଂ ) ତେଜଃ,
ତ୍ୱିଷା } କାନ୍ତି, ବର୍ଣ୍ଣ ।

ତ୍ୱିଷାମ୍ପତି, ବି ପୁଂ. ( ତ୍ୱିଷାଂ-ପତି ) ସୂର୍ଯ୍ୟ ।
ଯଥା—

ଗମନ୍ତି ଯେକାଳେ ଫିନ୍ଧି ତ୍ୱିଷାମ୍ପତି,
କ୍ୟୋତମିଁଧି ବର୍ମେ ଲୁମାଗ୍ରୀ ବସନ୍ତି ।

ଅର୍କବୃକ୍ଷ ।

---

# ଥ

ଥ, ବ୍ୟଞ୍ଜନବର୍ଣ୍ଣର ସପ୍ତଦଶ ବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ ଦନ୍ତ । ବି. ପୁଂ. ପର୍ବତ, ରୋଗବିଶେଷ, ଚିହ୍ନ । ନ. ଭୟରେ, ରକ୍ଷଣ, ଭୟ ।

ଥକା, ବି. ( ସ୍ତୁଚିତ ଶବ୍ଦଜ ) ଅବସାଦ, କ୍ଳାନ୍ତି, ଶ୍ରାନ୍ତି । ବିଂ. ଶ୍ରାନ୍ତ ।

ଥକାମରା, ବିଂ. ( ସ୍ତୁଚିତ ଶବ୍ଦଜ ) ଅବସନ୍ନ, କ୍ଳାନ୍ତ. ଶ୍ରାନ୍ତ ।

ଥକିଯିବା } କ୍ରି. ( ସ୍ତୁଚିତ ଶବ୍ଦଜ ) ବିଳୁଯିବା,
ଥକିବା } ଅବସନ୍ନ ହେବା ।

ଥଙ୍ଗଥଙ୍ଗ, ବିଂ. (ଦେଶଜ) ରହି ରହି ହେବା ।

ଥଟ୍ଟା } ବି. (ଦେଶଜ) ପରିହାସ ।
ଥଟ୍ଟା }

ଥଟାରି, ବି. ( ଦେଶଜ ) ଜାତିବିଶେଷ, ଯେଉଁ ଜାତି କଂସା ଏବଂ ପିତ୍ତଳନିର୍ମିତ ପାତ୍ର ଓ ଅଲଙ୍କାରାଦି ପ୍ରସ୍ତୁତ ଏବଂ କାରବାର କରନ୍ତି ।

ଥଣ୍ଡା, ବିଂ. ( ଦେଶଜ ) ଶୀତଳ, ହୃଷ୍ଟପୁଷ୍ଟ । ବି. ଶୀତଳତା ।

ଥଣ୍ଟ, ବି (ଦେଶଜ) ଚଞ୍ଚୁ ।

ଥଣ୍ଟିଆ, ବି. ( ଦେଶଜ ) ଯାହାର ଦୀର୍ଘ ଥଣ୍ଟ ଥାଏ, କୁମ୍ଭୀର ।

ଥନ, ବି. (ସ୍ତନର ଅପଭ୍ରଂଶ) କୁଚ, ପୟୋଧର ।
ଯଥା —

କୋଇଲି ଲୋ ଥନ ଭାଙ୍ଗି କ୍ଷୀରପାନ ଦେଲି
ଥନର କାଳକୁ ପୁତ୍ର ଦେଖି ନ ପାଇଲି ଲୋ ।

ଥନଥନ, ବି ( ଦେଶଜ ) ଚକ୍ଷୁର ଲୋତକପୂର୍ଣ୍ଣ ଅବସ୍ଥା ।

ଥନହନ୍ତା, ବି. (ଦେଶଜ) ସ୍ତନରୋଗବିଶେଷ ।

ଥନ୍ତ୍ରସ, ବିଂ. ( ଦେଶଜ ) ଅକର୍ମଣ୍ୟ, ଲୋଷ୍ଟ୍ରେନ, ଯାହାର ଦାଢ଼ି ବା ମୁଛ ନ ଥାଏ ।

ଥକ୍କଲ, ବି°. (ଦେଶଜ) ମୋଟା (କେବଳ ପେଟ ପ୍ରତି ପ୍ରୟୋଗ ହୋଇଥାଏ)।

ଥପଥପ, ଅ°. ( ଦେଶଜ ) ଜଳାଦି ତରଳ ପଦାର୍ଥରେ ବନ୍ଦୁ ବନ୍ଦୁ ପତନର ଶବ୍ଦ ।

ଥବିର, ବି°. ( ସ୍ଥବିର ଶବ୍ଦଜ ) ବୃଦ୍ଧ । ଯଥା—

ଥବିର କାଳକୁ ସ୍ୱପ୍ନ ଦେଖି ନ ପାରିଲ ଯେ ବୋଇଲ ।

ଥମିବା } କ୍ରି. ( ସ୍ତମ୍ଭ ଶବ୍ଦଜ ) ଅଟକିବା,
ଥମ୍ଭିବା } ରହିଯିବା ।

ଥୟ, ବି°. ( ସ୍ଥା ଧାତୁଜ ) ସ୍ଥିର । ଯଥା—

ତାପ ତପୋବନ୍ତଙ୍କ ଥୟ ନୋହିଲା ।

ଥର, ବି. ବାର, କମ୍ପ । ଯଥା—

ଯେବେ ମୋ ନେତ୍ରପଥରେ ପଡ଼ିଥଲେ ବାଳବୃନ୍ଦେଅ ଥରେ
ଥରେ ଯ ଏ ମୋ ହୃଦୟ ଥରେ । ବ. ଚ.

ଥରଥର, ବି°. (ଦେଶଜ) କମ୍ପାନ୍ୱିତ, କମ୍ପିତ । ଯଥା—

ଯେବେ ଭୟେ ଆହା ତହୁଁ ଫୁଲ ଥରଥରେ ।

ଥରହର, ବି°. ( ଦେଶଜ ) କମ୍ପାନ୍ୱିତ, ପ୍ରକମ୍ପିତ । ଯଥା—

ଶବଦେ ଅବନୀ ଭୟେ କମ୍ପେ ଥରହର ।

ଥରିବା, କ୍ରି. (ଦେଶଜ) କମ୍ପିବା ।

ଥରୁଆ, ବି°. (ଦେଶଜ) ଯେ ଥରେ, ଭୟାକ୍ତ ।

ଥଳ, ବି. ( ସ୍ଥଳ ଶବ୍ଦର ଅପଭ୍ରଂଶ ) ଶୁଖିଲା ସ୍ଥାନ ।

ଥଲଥଲଆ, ବି°. (ଦେଶଜ ଥକଥକଆ, ମେଞ୍ଚା-ମେଞ୍ଚା ।

ଥଳି,ଥଳିଆ } ବି. ( ସ୍ଥଳୀ ଶବ୍ଦଜ ) ମୁଣା, ଟଙ୍କା
ଥଳୀ } ରଖିବା ମୁଣି ।

ଥାକ, ବି. (ଯାବନିକ) ଶ୍ରେଣୀ, ଦଲ, ସ୍ତର, ଠଣା ।

ଥାକୁଲ୍ଲ, ବି°. (ଦେଶଜ) ଅତି ମୋଟା ।

ଥାଟ, ବି. (ସ୍ଥା) ସୈନ୍ୟ । ଯଥା—

ଶୁଣ ସେ ଗୁହିଁଲ ବୀର ନଳ ଥାଟ ପ୍ରତି,
ଅସି ସ.ହା ହୁଅ ଯର ଅଛଇ ଶବଦ । କ. ବ.

ବଙ୍ଗାଳ ପ୍ରଚଳମାର ମେଢ଼ ।

ଥାତି, ବି°. (ସ୍ଥା ଧାତୁଜ) ପାଉଣା, ଜମା, ଗଚ୍ଛିତ ଧନ ।

ଶୋଭା ବନ୍ୟମୃଗ ଆଭରଣାର
ଏ ବନ୍ୟମୋହନ କେତେ ମତନ୍ତ ।

ଥାନ, ବି. (ସ୍ଥା ଧାତୁଜ) ଲୁଗା ପ୍ରଭୃତିର ଥାନ, କେତେକ ପରିମାଣ ଜମି ।

ଥାନମୁଣ୍ଡା, ବି. ( ଦେଶଜ ) ସନ୍ଧିସ୍ଥଳ, କାନ ଓ ଆଖିର ମଧ୍ୟବର୍ତ୍ତୀ ଅଂଶ ।

ଥାନା, ବି. ( ଯାବନିକ ) ଶାନ୍ତି ରକ୍ଷକଙ୍କର କାର୍ଯ୍ୟକ୍ଷେତ୍ର, ପୋଲିସ ଷ୍ଟେସନ୍ ।

ଥାନାପତି, ବି. ( ସ୍ଥାନପତି ଶବ୍ଦଜ ) ସ୍ଥାନର ମାଲିକ ବା ପ୍ରଧାନ ।

ଥାନା, ବି. (ଯାବନିକ) ଭୂମିରେ ପ୍ରଜାର ଏକ-ପ୍ରକାର ସ୍ୱତ୍ୱ ।

ଥାପି, ଅ. କ୍ରି. ସ୍ଥିର କରି ।

ଥାପିବା, କ୍ରି. ( ସ୍ଥାପନ ଶବ୍ଦଜ ) ରଖିବା, ସ୍ଥାପନ କରିବା ।

ଥାଲ, ବି. (ଦେଶଜ) ଲାଉ ଖୋଲରେ ନିର୍ମିତ ଭିକ୍ଷାପାତ୍ର । ଯଥା—

ଏ ଘରକୁ ଖାଇ ପ୍ରେମବଯୋଗୀ ଯୋଗୀଙ୍କର ଥାଲ ।

ଥାଳ } ବି. (ସ୍ଥାଲୀ ଶବ୍ଦଜ) ଧାତୁନିର୍ମିତ
ଥାଳୀ } ପାତ୍ରବିଶେଷ ।

ଥାଳିଆ, ବି. (ସ୍ଥାଳୀ ଶବ୍ଦଜ) ଛୋଟ ଥାଳ, ରେକାବି ।

ଥିନାକଟ } ବି. ( ଦେଶଜ ) ଏକପ୍ରକାର
ଥିନାକଟ } ବାଦ୍ୟ ଧ୍ୱନି ।

ଥିର }
ଥିରି } ବି°. (ସ୍ଥିର ଶବ୍ଦଜ ଅଚଞ୍ଚଳ ।

ଥୁ, ବି. (ଦେଶଜ) ଛେପ, ଥୁତ୍କାର ।

ଥୁଆ, ବି°. (ଦେଶଜ) ସ୍ଥିତ, ସ୍ଥାପିତ ।

ଥୁଆଥୋଇ, ବି. ( ଦେଶଜ ) ବିଧବା ସ୍ତ୍ରୀର ପୁନର୍ବିବାହ, ଦ୍ରବ୍ୟ ପଦାର୍ଥମାନ ଯଥା ସ୍ଥାନରେ ରଖିବା ।

ଥୁକ, ବି. (ଦେଶଜ) ଛେପ ।

ଥୁକାର, ବି. ( ଥୁତ୍କାର ଶବ୍ଦଜ ) ଛେପ ପକାଇବା ।

ଥୁଣ୍ଟା, ବିଂ. ( ଦେଶଜ ) ଶାଖାହୀନ, ଖୁଣ୍ଟା, ସ୍ଥାଣୁ ।

ଥେଣ୍ଟା, ବିଂ. (ହିନ୍ଦୀ, ଥେଣ୍ଟ୍ ଶବ୍ଦଜ ଅମାନିଆ, ଅବାଧ୍ୟ ।

ଥୋଇଲି, ବିଂ. ( ଦେଶଜ ) ରଖିବା ସ୍ତ୍ରୀ, ରକ୍ଷିତା ।

ଥୋଇବା, କ୍ରି. ( ସ୍ଥା ଧାତୁଜ ) ରଖିବା । ଯଥା—

ମନ କୃପଣଙ୍କୁ ଯେଉଁ ବରଭ ରତନ
ଗଣ୍ଠି କରି ଥୋଇଅଛ କରି କି ଯତନ ।

ଥୋକେ } ବିଂ. କେତେକ, କେତେଗୁଡ଼ିଏ ।
ଥୋକାଏ } ଯଥା—

ଥୋକେ ପକ୍ୱ ନାରିକେଳ ଶଙ୍ଖ ଭି ରେଚକ ହେ ।

ଥୋଡ଼, ବି. (ଦେଶଜ) କେନ୍ଦ୍ରା, କଦଳୀଗଛର ମଞ୍ଜ ବାହାର ନ ଥିବା କାଣ୍ଡ, ଦାଣ୍ଡି ।

ଥୋଡ଼ } ବିଂ. ( ଦେଶଜ ) ହସ୍ତର
ଥୋଡ଼ମାହାଡ଼ } ଶୁଣ୍ଡ ।

ଥୋଡ଼ା, ବିଂ. (ଯାବନିକ) ଅଳ୍ପ, ସ୍ତୋକ ।

ଥୋଡ଼ } ବି ( ଦେଶଜ ) ଚିବୁକ, ଦାଢ଼ି
ଥୋଡ଼ୀ } ମାଛ । (ସ୍ଥୂଳ ଶବ୍ଦଜ ଭାରବାହକ ।

ଥୋଡ଼ିଅ } ବି. ନ. (ଦେଶଜ) ଯେଉଁ ଲୋକ
ଥୋଇଅ } ବଳଦଦ୍ୱାରା ଭାର ବହନ କରେ, ଜାତିବିଶେଷ । ଯଥା—

ଥୋଡ଼ିଅ ବଳଦ ଉପରେ, ପଲ୍ଲାଣ ପକାଏ ସତ୍ୱରେ ।

ଥୋପ, ବି. ( ଦେଶଜ ) ବନ୍ସି ଇତ୍ୟାଦିରେ ମତ୍ସ୍ୟାଦି ଧରିବା ନିମିତ୍ତ ଯେଉଁ ଅହାର ଦିଆଯାଏ । ଯଥା—

ନାଶେ ଗଳ ମୋହିବର; ଥୋପ ଦେଲିଛ କି କାମ ଧୀବର ।

ଥୋପା, ବି. ( ସ୍ତବକ ଶବ୍ଦଜ ) ଗୁଚ୍ଛ, କାନ୍ଦି, ଲୁହାର ମୁଗ୍ଦର ।

ଥୋପିପଡ଼ିବା, କ୍ରି. ( ଦେଶଜ ) ବହୁ ପଡ଼ିବା । ଯଥା—

ଥୋପି ପଡ଼ୁଛି କି ଭଙ୍ଗ ଅଧରୁ ।

ଥୋବରା, ବିଂ. (ଦେଶଜ) ନିର୍ଲଜ୍ଜ । କ୍ରି, ଥକିଯିବା ।

ଥୋମଣି } ବି. ( ଦେଶଜ ) ପଶୁମାନଙ୍କର
ଥୋମୁଣୀ } ଓଷ୍ଠ ।

ଥୋର }
ଥୋରପାହାର } ବି. (ଦେଶଜ) ହସ୍ତ ଶୁଣ୍ଡ ।

—o—

ଦ

ଦ, ବ୍ୟଞ୍ଜନବର୍ଣ୍ଣର ଅଷ୍ଟାଦଶ ବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ ଦନ୍ତ । ବି. ନ. (ଦା=ଦାନ କରିବା, ଦୋ = ଛେଦନ କରିବା-ଅ) ପୁଂ. ପର୍ବତ, ଦାନ, ଛେଦ, ଭାଗକରଣ । ସ୍ତ୍ରୀ. କଦଳୀପତ୍ର ।

ଦଅଣା, ବି. ସ୍ତ୍ରୀ. ପୁଷ୍ପବିଶେଷ

ଦଇନା କରିବା, କ୍ରି . (ଦୈନ୍ୟ ଶବ୍ଦଜ )ଦୈନ୍ୟ ସହିତ ଅନୁରୋଧ କରିବା । ଯଥା—

ମୁଁ ଦଇନା କରୁଛି ତୁ ନ ଯିବୁ ଯମୁନା ।

ଦଉଡ଼, ବି. (ଦେଶଜ) ଦଉଡ଼ିବା, ଧାଇଁବା ।

ଦଉଡ଼ା }
ଦଉଡ଼ି } ବି. (ଦେଶଜ) ରଜ୍ଜୁ । ଯଥା—

ବଚନ ପ୍ରେମ କନ୍ଧା ଦଉଡ଼ି
ଶିଥିଳ ହେଲେ ପାଣ ଯାଏ ଛଡ଼ି ।

ଦଉଡ଼ିଦେବା, କ୍ରି. (ଦେଶଜ) ଫାଶି ଲଗାଇ ଆତ୍ମହତ୍ୟା କରିବା ।

ଦଉଡ଼ିବା, କ୍ରି. (ଦେଶଜ) ଧାଇଁବା ।

ଦଉରା, ବି. (ଯାବନିକ) ଭ୍ରମଣ ବା ଗସ୍ତ, ଗୁରୁତର ଅପରାଧର ବିଚାର ।

ଦଂଶ } ବି. ପୁଂ. (ଦନ୍ଶ୍-ଅ-ଅକ) ଡାଂଶ,
ଦଂଶକ } ମଶା, ଦନ୍ତ, ବର୍ମ, ଦଂଶନ ।

ଦଂଶନ, ବ. ପୁଂ. ( ଦନ୍‌ଶ୍‌-ଅନ ) ବନମକ୍ଷିକା, ଡ଼ାଂଶ, ଦନ୍ତ, ବର୍ମ, ଦୋଷ, ଖଣ୍ଡନ, ଦନ୍ତାଘାତ, କାମୁଡ଼ିବା ।

ଦଂଶିତ, ବିଂ. (ଦନ୍‌ଶି-ତ) ଦନ୍ତଦ୍ୱାରା ଖଣ୍ଡିତ ।

ଦଂଷ୍ଟ୍ର, ବ. ପୁଂ. (ଦନ୍‌ଶ୍‌-ତ୍ର) ଦନ୍ତ, ରଦନ ।

ଦଂଷ୍ଟ୍ରା, ବ. ସ୍ତ୍ରୀ. ଦନ୍‌ଶ୍‌ ତ୍ର-ଆ) ବଡ଼ ଦନ୍ତ ।

ଦଂଷ୍ଟ୍ରୀ, ବିଂ ( ଦଂଷ୍ଟ୍ରା-ଇନ୍‌ ) ବୃହଦ୍‌ଦନ୍ତବିଶିଷ୍ଟ, ଦାନ୍ତୁଡ଼ା । ବ. ପୁଂ. ସର୍ପ, ବରାହ ।

ଦକ, ବ. ଭୟ, ଚମକ ।

ଦକଦକ, ବିଂ ( ଦେଶଜ ) ଭୟଗ୍ରସ୍ତ ।

ଦକା, ବ. (ଦେଶଜ) ଡର , ଭୟ, ଛନକା ।

ଦକ୍ଷ, ବିଂ. (ଦକ୍ଷ୍‌-ଅ) ସମର୍ଥ, ପଟୁ, ନିପୁଣ । ବ. ପୁଂ. ସ୍ୱନାମପ୍ରସିଦ୍ଧ ରାଜା, କୁକ୍କୁଟ, ମହାଦେବଙ୍କ ବୃଷଭ, ମୁନିବିଶେଷ । ବ. ସ୍ତ୍ରୀ. ପୃଥିବୀ ।

ଦକ୍ଷକନ୍ୟା } ବ. ସ୍ତ୍ରୀ. ( ଦକ୍ଷ-କନ୍ୟା, ଜନ୍‌-ଅ-
ଦକ୍ଷଜା } ଆ ) ଦୁର୍ଗା, ସତୀ, ଅଶ୍ୱିନ୍ୟାଦି ସପ୍ତବିଂଶତି ନକ୍ଷତ୍ର ।

ଦକ୍ଷତା, ବ. ସ୍ତ୍ରୀ. (ଦକ୍ଷ-ତା) ପଟୁତା, ନୈପୁଣ୍ୟ, କ୍ଷମତା ।

ଦକ୍ଷିଣ, ବିଂ.(ଦକ୍ଷ୍‌-ଇନ) ଅନୁକୂଳ.ଦାକ୍ଷିଣ୍ୟଯୁକ୍ତ, ପରଛନ୍ଦାନୁବର୍ତ୍ତୀ, ସରଳ, ଅକପଟ, ଉଦାର, ସମର୍ଥ, ଦକ୍ଷ, ନିପୁଣ, ଉତ୍ତରର ବିପରୀତ, ବାମେତର, ଡାହାଣ । ବ. ପୁଂ. ନାୟକ-ବିଶେଷ, ସକଳ ନାୟିକା ସହିତ ଯେ ନାୟକର ସମାନ ଅନୁରାଗ ଥାଏ ।

ଦକ୍ଷିଣକେନ୍ଦ୍ର }
ଦକ୍ଷିଣମେରୁ } ବ. ପୁଂ. ପୃଥିବୀର ଦକ୍ଷିଣପ୍ରାନ୍ତ ।

ଦକ୍ଷିଣା, ବ. ସ୍ତ୍ରୀ. ( ଦକ୍ଷିଣ-ଆ ) ପୁରୋହିତର ବେତନ, ଯଜ୍ଞାଦି କର୍ମାବସାନରେ ଅନୁଷ୍ଠିତ କର୍ମର ସମ୍ପୂର୍ଣ୍ଣତା ନିମିତ୍ତ ଦାନ, ପୁରସ୍କାର, ଯଜ୍ଞପତ୍ନୀ, ଦକ୍ଷିଣ ଦିକ୍‌ ବା ଦେଶ, ଦେଶ-ବିଶେଷ ।

ଦକ୍ଷିଣାଗ୍ନି, ବ. ପୁଂ. (ଦକ୍ଷିଣ-ଅଗ୍ନି) ଅଧ୍ୱରପତ୍ନୀ, ଦକ୍ଷିଣଦିଗରେ ସ୍ଥାପନୀୟ ଯଜ୍ଞାଗ୍ନି ବିଶେଷ ।

ଦକ୍ଷିଣାଚଳ, ବ. ପୁଂ. ଦକ୍ଷିଣ-ଅଚଳ ) ମଳୟ ପର୍ବତ ।

ଦକ୍ଷିଣାନିଳ, ବ ପୁଂ. ( ଦକ୍ଷିଣ-ଅନିଳ ) ମଳୟ ସମୀରଣ ।

ଦକ୍ଷିଣାପଥ, ବ. ପୁଂ.(ଦକ୍ଷିଣା-ପଥ) ଦକ୍ଷିଣ ଦେଶ, ଦାକ୍ଷିଣାତ୍ୟ ।

ଦକ୍ଷିଣାୟନ, ବ ନ. ( ଦକ୍ଷିଣ-ଅୟନ ) ବିଷୁବ-ରେଖାର ଦକ୍ଷିଣବର୍ତ୍ତୀ ସୂର୍ଯ୍ୟମାର୍ଗ ।

ଦକ୍ଷିଣାୟନାନ୍ତବୃତ୍ତ, ସୂର୍ଯ୍ୟର ଦକ୍ଷିଣ ଦିଗ ଗତିର ସୀମ ନିରୂପକ ରେଖା ।

ଦକ୍ଷିଣାବର୍ତ୍ତ, ବ. ପୁଂ. ( ଦକ୍ଷିଣ-ଆବର୍ତ୍ତ )ଶଙ୍ଖ-ବିଶେଷ, ବିନ୍ଧ୍ୟଗିରିର ଦକ୍ଷିଣ ଦେଶ । ବିଂ.ଯାହା ଦକ୍ଷିଣ ଦିଗକୁ ଝୁଙ୍କିଅଛି ।

ଦକ୍ଷିଣାଶାପତି, ବ. ପୁଂ.(ଦକ୍ଷିଣ-ଆଶା-ପତି,ଯମ, ଭୌମଗ୍ରହ ।

ଦଖଲ, ବ. ( ଯାବନିକ) ଅଧିକାର ।

ଦଖଲ୍ଲ, ବ. (ଦେଶଜ) କର୍ଦ୍ଦମ, କାଦୁଅ ।

ଦଗା, ବ. (ଦେଶଜ) ଶଠତା ।

ଦଗାଦଆ }
ଦଗାଦାର } ବିଂ. (ଯାବନିକ) ଶଠ, ଠକ ।
ଦଗାବାଜ }

ଦଙ୍ଗା, ବିଂ. (ଯାବନିକ) କଳହ ।

ଦଗ୍ଧ, ବିଂ. (ଦହ୍‌-ତ) ସନ୍ତପ୍ତ, ଭସ୍ମୀକୃତ ।

ଦଢ଼, ବ. (ଦୃଢ଼ ଶବ୍ଦଜ) ମଜବୁତ, ଦୃଢ଼ ।

ଦଣ୍ଡ, ବ. ପୁଂ. ନ. ( ଦଣ୍ଡ୍‌-ଅ ) ଯଷ୍ଟି । ପୁଂ. ଶାସନ, ଦମନ, ଶିକ୍ଷା, ୬୦ ପଳ ପରି-ମିତ କାଳ ।

ଦଣ୍ଡକ, ବ. ପୁଂ. (ଦଣ୍ଡ-କ) ନୃପବିଶେଷ । ନ. ଛନ୍ଦୋବିଶେଷ ।

ଦଣ୍ଡକା, ବ. ସ୍ତ୍ରୀ. ( ଦଣ୍ଡ-କ-ଆ ) ଦେଶବିଶେଷ, ଯେଉଁ ଦେଶରେ ଦଣ୍ଡକାରଣ୍ୟ ନାମକ ବନ ଅଛି ।

ଦଣ୍ଡକାକ, ବ. ପୁଂ. ଡାମରା କୁଆ ।

**ଦଣ୍ଡକାରଣ୍ୟ,** ବି. ନ. ( ଦଣ୍ଡକ-ଅରଣ୍ୟ ) ସମୁଦାୟ ଦାକ୍ଷିଣାତ୍ୟ ବିଶେଷତଃ ଦକ୍ଷିଣାତ୍ୟର ପୂର୍ବଭାଗ ।

**ଦଣ୍ଡକରେ** } **ଦଣ୍ଡକେ** } କ୍ରି. ବିଂ. ( ଦେଶଜ ) ଅଳ୍ପ ସମୟରେ ।

**ଦଣ୍ଡଧର,** ବି. ପୁଂ (ଦଣ୍ଡ-ଧର) ରାଜା, ଯମ, କୁମ୍ଭକାର, ସନ୍ନ୍ୟାସୀ । ବି. ଯଷ୍ଟିଧାରୀ ।

**ଦଣ୍ଡନାୟକ,** ବି. ପୁଂ. (ଦଣ୍ଡ ନାୟକ)ସେନାପତି, ଦଣ୍ଡବିଧାନକର୍ତ୍ତା, ରାଜା ।

**ଦଣ୍ଡନୀତି,** ବି. ସ୍ତ୍ରୀ. ( ଦଣ୍ଡ-ନୀତି ) ରାଜନୀତି ଶାସ୍ତ୍ରବିଶେଷ, ଯହିଁରେ ରାଜ୍ୟ-ଶାସନସମ୍ବନ୍ଧୀୟ ଯାବତୀୟ ନିୟମ ଓ ଉପଦେଶ ଅଛି ।

**ଦଣ୍ଡନୀୟ,** ବିଂ. (ଦଣ୍ଡ-ଅନୀୟ) ଦଣ୍ଡାର୍ହ, ଦଣ୍ଡ-ଦେବା ଯୋଗ୍ୟ ।

**ଦଣ୍ଡପାଟ,** ବି. (ଦେଶଜ) ପ୍ରଦେଶର ବିଭାଗ-ବିଶେଷ ।

**ଦଣ୍ଡପାଣି,** ବି. ପୁଂ. ( ଦଣ୍ଡ-ପାଣି ) ଯମ, ରାଜା, କୁମ୍ଭକାର, ଶିବଙ୍କର ଅନୁଚରବିଶେଷ । ବିଂ. ଯଷ୍ଟିଧାରୀ ।

**ଦଣ୍ଡ ଭାଙ୍ଗିବା** } **ଦଣ୍ଡ କରିବା** } କ୍ରି. ବି. (ଦେଶଜ) ଦଣ୍ଡବତ ଭୂମିରେ ପଡ଼ି ଶରୀର ଚାଳନା କରିବା ।

**ଦଣ୍ଡଭୃତ୍,** ବିଂ ପୁଂ. ( ଦଣ୍ଡ ଭୃତ୍ ) କୁମ୍ଭକାର । ବିଂ. ଦଣ୍ଡଧାରୀ ।

**ଦଣ୍ଡଯାତ୍ରା,** ବି. ସ୍ତ୍ରୀ. (ଦଣ୍ଡ-ଯାତ୍ରା) ଦିଗ୍‌ବିଜୟାର୍ଥ ଗମନ, ବରଯାତ୍ରା, ସମ୍ୟକ୍ ଗମନ ।

**ଦଣ୍ଡବତ୍,** ଅ°. ( ଦଣ୍ଡ-ବତ ) ଦଣ୍ଡ ପରି ପତିତ ହେବା । ବି (ଦେଶଜ) ଭୂମିଷ୍ଠ ପ୍ରଣାମ ।

**ଦଣ୍ଡବିଧି,** ବି. ପୁଂ. (ଦଣ୍ଡ-ବିଧି) ଦୁଷ୍କୃତ ଦମନାର୍ଥ ନିୟମାବଳୀ, ଦଣ୍ଡବିଧାନ ।

**ଦଣ୍ଡସଂହିତା,** ବି. ସ୍ତ୍ରୀ. (ଦଣ୍ଡ-ସଂହିତା) ଦଣ୍ଡ-ବିଷୟକ ଶାସ୍ତ୍ର, ଫୌଜଦାରୀ ଆଇନ ।

**ଦଣ୍ଡା,** ବିଂ. (ଦେଶଜ) ଗୋଟର ପଞ୍ଜରା, ଯଷ୍ଟି, ଶକଟର ପଶ୍ଚାଦ୍‌ଭାଗ ।

**ଦଣ୍ଡାୟମାନ,** ବି.° (ଦଣ୍ଡାୟ-ମାନ) ଯେ ଠିଆ ହୋଇଅଛି ।

**ଦଣ୍ଡି,** ବି. (ଦେଶଜ) ନାହିକାର ଆଭରଣ-ବିଶେଷ ।

**ଦଣ୍ଡିଆ,** ବି. (ଦେଶଜ) ଦଣ୍ଡିଦାର, ଶୃଙ୍ଖଳ ପ୍ରଭୃତିର ବ୍ୟବସାୟୀ, ଦୋକାନୀ, ବେପାରୀ, କରଅଦାୟକାରୀ ।

**ଦଣ୍ଡିତ,** ବି°. (ଦଣ୍ଡ୍-ତ) ଶାସିତ, ଦଣ୍ଡପ୍ରାପ୍ତ ।

**ଦଣ୍ଡିଦାର,** ବି. (ପ୍ରା) ଯେ ଶୃଙ୍ଖଳ ଇତ୍ୟାଦି ଓଜନ କରେ ।

**ଦଣ୍ଡୀ,** ବି. ପୁଂ. (ଦଣ୍ଡ-ଇନ୍) ଯମ, ଦ୍ୱାରପାଳ, ନୃପବିଶେଷ, ଚତୁର୍ଥାଶ୍ରମୀ, ସନ୍ନ୍ୟାସୀ, ମହାଦେବ, ଦମନକ ବୃକ୍ଷ । ବିଂ. ଦଣ୍ଡଧାରୀ । (ଦେଶଜ) ଗୁଳାଦଣ୍ଡ ।

**ଦଣ୍ଡୁଆସି,** ବି. (ଦେଶଜ) ଚୌକିଆ, ଚମୁଆ ।

**ଦଣ୍ଡ୍ୟ,** ବିଂ. (ଦଣ୍ଡ-ଯ) ଦଣ୍ଡାର୍ହ, ଦଣ୍ଡନୀୟ ।

**ଦଢ଼,** ବିଂ. (ଦୃଢ଼ ଶବ୍ଦଜ) ଅଚ୍ଛିନ୍ନ, ଅଭଗ୍ନ ।

**ଦତ୍ତ,** ବିଂ. ( ଦା-ତ ) ଅର୍ପିତ, ଉତ୍ସୃଷ୍ଟ, ତ୍ୟକ୍ତ ।

**ଦତ୍ତକପୁତ୍ର,** ବି. ପୁଂ. (ଦତ୍ତକ-ପୁତ୍ର) ପୋଷ୍ୟ-ପୁତ୍ର ।

**ଦତ୍ତାତ୍ରେୟ,** ବି. ପୁଂ. (ଦତ୍ତ-ଆତ୍ରେୟ) ଅତ୍ରି-ମୁନିଙ୍କ ପୁତ୍ର, ଭଗବାନଙ୍କର ଅବତାର-ବିଶେଷ ।

**ଦତ୍ତାପହାରୀ,** ବିଂ (ଦତ୍ତ-ଅପ-ହୃ-ଇନ୍) ଦତ୍ତ ପଦାର୍ଥ ଯେ ଫେରାଇ ନିଏ ।

**ଦତ୍ତାବଧାନ,** ବିଂ. (ଦତ୍ତ-ଅବଧାନ) ଅବହିତ, ମନୋଯୋଗୀ ।

**ଦଦରା,** ବିଂ. (ଦର୍ଦ୍ଦର ଶବ୍ଦଜ) ଫଟା, ଅଳ୍ପଭଗ୍ନ । ଯଥା—

ଦଦରା ନାବକୁ ବନ୍ଧୁହ ପାଣି, ଅଝାଳ ଦଉଡ଼ି ଧରଛ ଟାଣି ।

**ଦଦା,** ବି. (ଦେଶଜ) ପିତାଙ୍କ ସାନ ଭାଇ, ଦାଦା, ବଡ଼ଭାଇ (ସମ୍ବଲପୁର) ।

**ଦଦ୍ରୁ** } **ଦଦ୍ରୁ** } ବି. ପୁଂ. (ଦରିଦ୍ରା-ଉ, ଭା) ଚର୍ମ୍ମ ରୋଗବିଶେଷ, ଦାଦୁ ।

ଦଦ୍ରୁଘ୍ନ, ବ. ପୁଂ. (ଦଦ୍ରୁ-ହନ୍-ଅ) ଚକ୍ରମର୍ଦ୍ଦଗଛ । ଵିଂ. ଦଦ୍ରୁନାଶକ ।

ଦଧି, ଵି. ନ. (ଧା-ଇ) ଦହି, ଡକ । 

ଦଧିଚର, ଵ. ପୁଂ. (ଦଧି-ଚର ଅ) ଦଧିମନ୍ଥନ-ଦଣ୍ଡ, ଖୁଅ ।

ଦଧିମୁଖ, ଵ. ପୁଂ. (ଦଧି-ମୁଖ) ବାନରବିଶେଷ ।

ଦଧିବାମନ, ଵ. ପୁଂ. (ଦଧି-ବାମନ) କୃଷ୍ଣ ।

ଦଧିସାର, ଵ. ପୁଂ. ( ଦଧି-ସାର ) ଲବଣୀ, ଲହୁଣୀ ।

ଦଧୀଚ } ଵ. ପୁଂ. ( ଦଧି-ଈଚ, ଈଚ )
ଦଧୀଚି } ଅଥର୍ବ ମୁନିଙ୍କ ଔରସରେ କର୍ଦ୍ଦମ ପ୍ରଜାପତିଙ୍କ କନ୍ୟାର ଗର୍ଭରେ ଉତ୍ପନ୍ନ ମୁନିବିଶେଷ, ବୃତ୍ରାସୁର ବଧ ନିମନ୍ତେ ଏହି ମୁନିଙ୍କ ଅସ୍ଥିରେ ବଜ୍ର ନିର୍ମିତ ହୋଇଥିଲା । ଯଥା—

ଦଧ୍ୟାଶିର ମୁନି ଦଧୀଚି ପଦ୍ମର ପ୍ରଷ୍ଟାନନେ ପୂଜିମିଶ୍
ବହେ ପାଦେ ଯାର ଦୟା ପ୍ରବାହକା ସୁପ୍ରଷଲୀ ସୁଗାଲ୍ଲୀଶ ।
ପାଦଙ୍ଗ ।

ଦନା } ଵ (ଦେଶଜ । ପତ୍ରନିର୍ମିତ ଠୋଲା ।
ଦୋନା } ପଶୁଯୋନି ।

ଦନୁ, ଵ. ସ୍ତ୍ରୀ. (ଦନ୍-ଉ) କଶ୍ୟପପତ୍ନୀ, ରାକ୍ଷସ-ମାତା, ଦକ୍ଷକନ୍ୟା ।

ଦନୁଜ, ଵ. ପୁଂ. (ଦନୁ-ଜନ୍-ଅ) ଦାନବ, ରାକ୍ଷସ, ଅସୁର ।

ଦନ୍ତ, ଵ. ପୁଂ. (ଦନ୍-ତ) ଦାନ୍ତ, ପର୍ବତଶୃଙ୍ଗ, ଚିରନ୍ତନତମ୍ଭ, କୁଞ୍ଜ, ସାନୁ, ୩୨ ସଂଖ୍ୟା ।

ଦନ୍ତକାଷ୍ଠ, ଵ ନ. (ଦନ୍ତ କାଷ୍ଠ) ଦନ୍ତଧାବନ କାଷ୍ଠ ।

ଦନ୍ତଚ୍ଛଦ, ଵ. ପୁଂ (ଦନ୍ତ-ଛଦ. ଓଷ୍ଠ, ଓଠ ।

ଦନ୍ତଧାବନ, ଵ. ନ. (ଦନ୍ତ-ଧାବ୍ ଅନ) ଦନ୍ତ-ମାର୍ଜ୍ଜନ, ଦାନ୍ତ ଘଷିବା ।

ଦନ୍ତବକ୍ର, ଵ. ପୁଂ. କୃଷ୍ଣଙ୍କର ବିଦ୍ୱେଷୀ ନୃପ-ବିଶେଷ, ଶିଶୁପାଳର ଭ୍ରାତା ।

ଦନ୍ତଶାଳକ, ଵ. ପୁଂ. (ଦନ୍ତ-ଶାଳ-କ) ଜାଲମ୍ବ-ବୃକ୍ଷ ।

ଦନ୍ତଶଠ, ଵ. ପୁଂ. (ଦନ୍ତ-ଶଠ୍-ଅ) କପିତ୍ଥ, ନାରଙ୍ଗ, କରମଙ୍ଗା ।

ଦନ୍ତା, ଵିଂ. (ଦନ୍ତ ଶବ୍ଦଜ) ଦାନ୍ତୁରା, ଯେ ଦାନ୍ତ ଦେଖାଏ, ହାତୀ ।

ଦନ୍ତାୟୁଧ, ଵି· ପୁଂ. (ଦନ୍ତ-ଆୟୁଧ) ଶୂକର ।

ଦନ୍ତାଳିକା } ଵ. ସ୍ତ୍ରୀ. (ଦନ୍ତ-ଆଳୀ—ଶ୍ରେଣୀ,
ଦନ୍ତାଳୀ } ଦନ୍ତ-ଅଲ୍—ଭୂଷିତ କରିବା-ଅ-ଈ) ଅଶ୍ୱ ପ୍ରଭୃତିର ମୁଖରଜ୍ଜୁ, ଲଗାମ ।

ଦନ୍ତାବଳ, ଵ. ପୁଂ. (ଦନ୍ତ-ବଳ, ଅ ସ୍ଥାନରେ ଆ ) ହସ୍ତୀ ।

ଦନ୍ତୀ, ଵ. ପୁଂ. (ଦନ୍ତ-ଇନ୍) ହସ୍ତୀ, ପର୍ବତ । ଵିଂ. ଦନ୍ତଯୁକ୍ତ ।

ଦନ୍ତୁର, ଵିଂ. (ଦନ୍ତ-ଉର) ଉନ୍ନତ ବା ବହିର୍ଗତ ଦନ୍ତବିଶିଷ୍ଟ, ଉନ୍ନତାନତ, ଉଚ୍ଚନୀଚ, ବନ୍ଧୁର, କୁଟିଳ ।

ଦନ୍ତ୍ୟ, ଵିଂ. (ଦନ୍ତ-ଯ) ଦନ୍ତଦ୍ୱାରା ଉଚ୍ଚାରିତ, ଯଥା—ତ, ଥ, ଦ, ଧ, ନ, ଲ, ସ ପ୍ରଭୃତି ।

ଦନ୍ଦଶୂକ, ଵ ପୁଂ. [ଦନ୍ଦନ୍ଶ୍ (ଯଙ୍ ଲୁଗନ୍ତ ଦନଶ୍ ଧାତୁ) ଊକ] ସର୍ପ, ରାକ୍ଷସ ।

ଦପ୍ତର, ଵ. ( ଯାବନିକ ) ଖାତା, ହିସାବ ବହି ।

ଦପ୍ତରୀ, ଵ. (ଯାବନିକ) ଯେ ବହି ବାନ୍ଧେ ।

ଦଫା, ଵ. (ଯାବନିକ) ଧାରା, ନିୟମ, ପରିଚ୍ଛେଦ, ପ୍ରକରଣ, ପୃଷ୍ଠା, ଥର, ବାର ।

ଦଫାଦାର, ଵ. ( ଯାବନିକ ) ନିମ୍ନଶ୍ରେଣୀସ୍ଥ କର୍ମଚାରୀଙ୍କ ତତ୍ତ୍ୱାବଧାରକ, ପିଆଦା ।

ଦବାଇବା, କ୍ରି. (ଦେଶଜ) ତଳକୁ ଚାପିବା, କମାଇବା, ଉପରେ ଚପାଇ ରଖିବା ।

ଦମ୍, ଵ. (ଯାବନିକ) ନିଃଶ୍ୱାସ, ଜୀବନ, ବଞ୍ଚନା, ପ୍ରତାରଣା ।

ଦମ, ଵ. ପୁଂ. (ଦମ୍-ଅ) ଦମନ, ଶାସନ, ଇନ୍ଦ୍ରିୟନିଗ୍ରହ, କ୍ଲେଶସହନ, କୁକର୍ମରୁ ମନୋନିବୃତ୍ତି ।

ଦମକ, ବିଂ. (ଦମ-ଅକ) ଦମନକାରୀ, ଶାସନକର୍ତ୍ତା । (ଦେଶଜ) ଚମକ ।

ଦମକଳ, ବି. (ଦେଶଜ) ଯେଉଁ କଳ ସାହାଯ୍ୟରେ ପାଣି ନିମ୍ନରୁ ଉଚ୍ଚକୁ ଉଠେ ।

ଦମଘୋଷ, ବି. ପୁଂ. ଚେଦିଦେଶର ରାଜା, ଶିଶୁପାଳପିତା ।

ଦମ୍‌ଦମ୍, ବି. (ଦେଶଜ) ଭୟରେ ସ୍ପନ୍ଦନ, ଥରିବା, କମ୍ପିବା । କ୍ରି. ବିଂ. ଥରଥର ।

ଦମନ, ବି. ନ. (ଦମ୍-ଅନ) ଶାସନ, ବଶୀକରଣ, ନିବାରଣ, ଇନ୍ଦ୍ରିୟନିଗ୍ରହ । ପୁଂ. ବୀର, ମୁନିବିଶେଷ, ପୁଷ୍ପବିଶେଷ ।

ଦମନୀୟ, ବିଂ. (ଦମ୍ ଅନୀୟ) ଶାସନୀୟ, ଦମନଯୋଗ୍ୟ ।

ଦମୟନ୍ତୀ, ବି. ସ୍ତ୍ରୀ. (ଦମ୍-ଇ-ଅତ୍-ଈ) ନଳ ରାଜାଙ୍କ ମହିଷୀ ।

ଦମିତ, ବିଂ. (ଦମ୍-ତ) ଶାସିତ, ବଶୀଭୂତ ।

ଦମ୍ପତି, ବି. ପୁଂ. (ଜାୟା-ପତି) ସ୍ତ୍ରୀ ଓ ପୁରୁଷ ।

ଦମ୍ଭ, ବି. ପୁଂ. (ଦନ୍ଭ-ଅ) ଗର୍ବ, କପଟତା, ଦୁଷ୍ଟତା, ଶଠତା । (ଦେଶଜ) ଧୈର୍ଯ୍ୟ, ବଳ, ଦୃଢ଼ତା । ଯଥା—

> ରେ ଦୁଃଖିଧନ, ଦୁଃଖମୟ ନ କର ମରମମନ,
> ଦମ୍ଭ ଦେଖିବାକୁ ଦିନା କଲ ଛନ । ବ. ଚ.

ଦମ୍ଭୀ, ବିଂ. (ଦମ୍ଭ-ଇନ୍) ଗର୍ବକାରୀ, ପ୍ରବଞ୍ଚକ, ଶଠ ।

ଦମ୍ଭୋଳି, ବି. ପୁଂ. (ଦମ୍ଭ-ଲି) କୁଳିଶ, ବଜ୍ର ।

ଦମ୍ୟ, ବିଂ. (ଦମ-ଯ) ଦମନର ଯୋଗ୍ୟ, ଶିଶୁ ବୃଷଭ, ଶ୍ରେଷ୍ଠ ବାଛୁରି ।

ଦୟା, ବି. ସ୍ତ୍ରୀ. (ଦୟ-ଅ ଆ) ପରଦୁଃଖରେ ଦୁଃଖାନୁଭବ, ପରଦୁଃଖ ହରଣେଚ୍ଛା, କୃପା, ସ୍ନେହ, ଅନୁଗ୍ରହ ।

ଦୟାମୟ } ବିଂ. (ଦୟା-ମୟ, ବତ୍) ଦୟାଳୁ ।
ଦୟାବାନ୍ }

ଦୟାଭୂତ, ବି. ନ. ବୌଦ୍ଧମାନଙ୍କର ଧର୍ମଶାସ୍ତ୍ର ।

ଦୟାଳୁ, ବିଂ. (ଦୟା-ଆଲୁ ଶୀଳାର୍ଥେ) ଦୟାବାନ୍, କାରୁଣିକ, ସ୍ନେହବାନ୍, ଏକପ୍ରକାର ପକ୍ଷୀ ।

ଦୟିତ, ବିଂ. (ଦୟ-ତ) ପ୍ରିୟ, ସ୍ନେହପାତ୍ର । ବି. ପୁଂ. ବଲ୍ଲଭ । ସ୍ତ୍ରୀ. ପତ୍ନୀ, ଅଙ୍କଲକ୍ଷ୍ମୀ, ପ୍ରଣୟିନୀ ଭାର୍ଯ୍ୟା ।

ଦର୍, ବି. (ଯାବନିକ) ଭାଉ, ମୂଲ୍ୟ ।

ଦର, ବି. ପୁଂ. ନ. (ଦୃ-ଅ) ଭୟ, କମ୍ପ । ନ. ଶଙ୍ଖ । ଅଂ. ଈଷତ୍, ଅଳ୍ପ, ଅର୍ଦ୍ଧ । ଯଥା—

> ଦରହସିତ ବଦନ ଦେଖିଣ ଚାଳର ।

ଦରକ, ବିଂ. (ଦର-କ) ଭୀରୁ ଭୟପ୍ରାପ୍ତ, ଶଙ୍କିତ ।

ଦରକାର, (ଯାବନିକ) ଅବଶ୍ୟକ, ପ୍ରୟୋଜନ ।

ଦରଖାସ୍ତ, ବି (ଯାବନିକ) ପ୍ରାର୍ଥନାପତ୍ର, ଆବେଦନପତ୍ର ।

ଦରଜୀ, ବି. (ଦେଶଜ) ବସ୍ତ୍ରସୀବନକାରୀ, ସୌଚିକ ।

ଦରଣ୍ଡା, ବି. (ଦେଶଜ) ଅନ୍ୱେଷଣ, ଖୋଜିବା ।

ଦରଦ } ବି. (ଦେଶଜ) ବ୍ୟଥା, ଦୁଃଖ,
ଦରଜ } ବେଦନା । ଯଥା—

> ଗୋଡ଼ ଖସି ଖେଦ ଦେବାର ଦରଦ
> ଯିବାର ଉପାୟ କହ ରେ । ବ.ଚ.

ଦରବାର, (ପାରସୀ) ସଭା, ରାଜାଳୟ ।

ଦରମା } ବି. (ଯାବନିକ) ବେତନ ।
ଦରମାହା }

ଦରହସା, ବିଂ. (ଦେଶଜ) ସ୍ମିତଶାଳୀ, ଅଳ୍ପ ହସିବାରେ ଅଭ୍ୟସ୍ତ ।

ଦରାଣ୍ଡିବା, କ୍ରି. ଅଣ୍ଡାଳିବା, ଖୋଜିବା । ଯଥା—

> ଚକିତ ହୋଇ ଦରାଣ୍ଡଇ ଶେଯ,
> ଚିହ୍ନ ନ ଦେଖି ହୋଇଲା ଆଶ୍ଚର୍ଯ୍ୟ ।

ଦରି } ବି. ସ୍ତ୍ରୀ. (ଦର-ଇ) ଗିରିକନ୍ଦର,
ଦରୀ } ବଡ଼ ଖାତଭଣ୍ଡି ।

ଦରିଆ, ବି. (ଯାବନିକ) ସମୁଦ୍ର ।

ଦରଅପଟ୍, ( ଯାବନିକ ) ବିଗୁର, ନ୍ୟାଯ୍ୟ ବିଚାର ।

ଦରିତ, ବିଂ. ( ଦର-ଇତ ) ଭୀତ, ଶଙ୍କିତ, ଦରିଣ୍ଡି, ବିଭକ୍ତ । ନ. ଦୁଃଖ ।

ଦରିଦ୍ର, ବିଂ (ଦରିଦ୍ରା-ଅ) ନିର୍ଦ୍ଧନ, ନିଃସ୍ୱ,ଦୀନ, ବିହୀନ, ରହିତ, କ୍ଷୀଣ ।

ଦରୁଟି }
ଦରେଟି } ବିଂ. ( ଦେଶଜ ) ଅର୍ଦ୍ଧପକ୍ୱ ଅବ୍ୟକ୍ତ । ଯଥା—

ଶିଶୁର ଦରେଟି ଅମୃତ ବଚନ ଶ୍ରବଣର ଶୀଣ ଭାଷା । ଧ୍ୱନ ।

ଦରୋଅନ }
ଦରୁଅନ } ( ଯାବନିକ ) ଦ୍ୱାରରକ୍ଷକ, ଦ୍ୱାରପାଳ ।

ଦର୍ଦ୍ଦୁର, ବି. ପୁଂ. ( ଦୃ-ଉର ) ଭେକ, ବେଙ୍ଗ, ମେଘ, ବାଦ୍ୟଯନ୍ତ୍ରବିଶେଷ । ନ. ଗ୍ରାମ, ସମୂହ ।

ଦର୍ପ, ବି. ପୁଂ. ( ଦୃପ୍-ଅ ) ଗର୍ବ, ଅହଙ୍କାର, ଦପ ।

ଦର୍ପକ, ବି. ପୁଂ. ( ଦୃପ୍ ଇ ଅକ ) ମଦନ, କାମଦେବ । ବିଂ. ଉତ୍ତେଜକ ।

ଦର୍ପଣ, ବି. ପୁଂ. (ଦୃପ୍-ଅନ) ଆଦର୍ଶ, ମୁକୁର ।

ଦର୍ପହା, ବି. ପୁଂ. (ଦର୍ପ-ହନ୍-୦) ବିଷ୍ଣୁ । ବିଂ. ଦର୍ପହାରୀ ।

ଦର୍ପୀ, ବିଂ. (ଦର୍ପ-ଇନ୍ )ଦାମ୍ଭିକ, ଅହଙ୍କାରୀ ।

ଦର୍ଭ, ବି. ପୁଂ. (ଦୃଭ୍-ଅ) ଘାସ, ଦୁବା, କୁଶ ।

ଦର୍ଶ, ବି. ପୁଂ. ( ଦୃଶ୍-ଅ ) ଅମାବାସ୍ୟା, ଦୃଷ୍ଟି, ଦର୍ଶନ । ବିଂ. ଦ୍ରଷ୍ଟା ।

ଦର୍ଶକ, ବିଂ. ( ଦୃଶ୍-ଅକ ) ଦୃଷ୍ଟିକର୍ତ୍ତା, ଯେ ଦେଖେ ।

ଦର୍ଶନ, ବି. ନ. ( ଦୃଶ୍-ଅନ ) ଅବଲୋକନ, ଦେଖିବା, ଜ୍ଞାନ, ସ୍ୱପ୍ନ, ନୟନ, ଧର୍ମ, ଆକୃତି, ଇଚ୍ଛା, ଦର୍ପଣ, ସାଂଖ୍ୟ, ପାତଞ୍ଜଳ, ନ୍ୟାୟ, ବୈଶେଷିକ, ମୀମାଂସା ଓ ବେଦାନ୍ତ ଏହି ଛ ଶାସ୍ତ୍ର ।

ଦର୍ଶନୀ, ବି. (ଦର୍ଶନୀୟ ଶବ୍ଦଜ)ଭେଟି, ଉପହାର ।

ଦର୍ଶନୀୟ, ବିଂ. ( ଦୃଶ୍-ଅନୀୟ ) ଦର୍ଶନଯୋଗ୍ୟ, ସୁନ୍ଦର. ରମଣୀୟ. ମନୋଜ୍ଞ, ଯାହା ଦେଖିବା ଆବଶ୍ୟକ ।

ଦର୍ଶୟିତା, ବିଂ. (ଦୃଶ୍-ଇ-ତୃ) ପ୍ରଦର୍ଶକ । ବି.ପୁଂ ଦ୍ୱାରପାଳ ।

ଦର୍ଶିତ, ବିଂ. (ଦୃଶ୍-ଇ-ତ) ପ୍ରକାଶିତ ।

ଦର୍ଶୀ, ବିଂ. ( ଦୃଶ୍-ଇନ୍ ) ନିରୀକ୍ଷକ, ଦ୍ରଷ୍ଟା, ଦର୍ଶନକାରୀ, ( ଏହି ଶବ୍ଦର ସ୍ୱତନ୍ତ୍ର ପ୍ରୟୋଗ ନାହିଁ । ଯଥା—ପରିଣାମଦର୍ଶୀ, ଦୂରଦର୍ଶୀ ଇତ୍ୟାଦି) ।

ଦଳ, ବି. ପୁଂ. ନ. (ଦଲ୍-ଅ) ପତ୍ର, ପୁଷ୍ପପାଖୁଡ଼ା, ସମୂହ, ଦଳନ ।

ଦଳ, ବି. (ଦେଶଜ) ଜଳଜାତ ଘାସ, ବୋଲ-ଝାଙ୍କି ।

ଦଳନ, ବି. ନ. (ଦଲ୍-ଅନ) ମର୍ଦ୍ଦନ, ନିଷ୍ପୀଡ଼ନ ବିଦାରଣ, ବିନାଶ, ଭେଦନ, ଛିନ୍ନନ, ଚୂର୍ଣ୍ଣନ । ସ୍ତ୍ରୀ· ଲୋଷ୍ଟ୍ର, ଢେଲା ।

ଦଳପତି, ବି. ପୁଂ. (ଦଳ-ପତି) ସେନାପତି ।

ଦଲମ, ବି. ( ଦେଶଜ ଗୃହାଦି ନିର୍ମାଣର ଉପକରଣ ।

ଦଳବେହେରା, ବି. ପୁଂ. (ଦେଶଜ) କାଯ୍ୟସେ-ଦାର, ପାଇକମାନଙ୍କ ମଧ୍ୟରେ ଶ୍ରେଷ୍ଠ ।

ଦଳା, ବି. ବିଂ. (ଦେଶଜ) ଦଳନ, ଦଳିତ ।

ଦେଖିଲ ବାଳାକୁ ସୁପ୍ରେମଶାଳାକୁ ଦଳା କଳ୍ପିଲ କନ୍ଦଳାକୁ

ଦଲାଲ, ବି (ଯାବନିକ] କ୍ରୟବିକ୍ରୟ ମଧ୍ୟସ୍ଥ ।

ଦଲାଲି, ବି. ( ଯାବନିକ ) ଦସ୍ତୁରୀ, ଦଲାଲର କର୍ମ ।

ଦଲିଲ, ବି. (ଯାବନିକ ) ରାଜଚହ୍ନିତ କାଗଜ-ପତ୍ର, ଦସ୍ତାବିଜ ।

ଦଳିତ, ବିଂ. ( ଦଲ୍-ତ ) ମର୍ଦ୍ଦିତ, ଖଣ୍ଡିତ, ପ୍ରସ୍ଫୁଟିତ, ବିକଶିତ, ଉଦ୍ଘାଟିତ ।

ଦଳିବା, କ୍ରି. (ଦଳ ଧାତୁଜ) ଚିପିବା, ମର୍ଦ୍ଦନ କରିବା, ଦଳନ କରିବା ।

**ଦବ**, ବି. ପୁଂ. (ଦୁ = ଉତ୍ତପ୍ତକରିବା-ଅ) ବନାଗ୍ନି, ଦାବାନଳ, ଅରଣ୍ୟ, ବନ, ସନ୍ତାପ ।

**ଦବଥୁ**, ବି. ପୁଂ. (ଦୁ = ଉତ୍ତପ୍ତ କରିବା-ଅଥୁ) ଉଦ୍‌ବେଗ, ଦୁଃଖ, ପରିତାପ, ସନ୍ତାପ ।

**ଦବିଷ୍ଠ**, **ଦବୀୟସ୍** } ବିଂ. (ଦୂର-ଇଷ୍ଠ, ଈୟସ୍) ଅତି-ଦୂରବର୍ତ୍ତୀ । ଯଥା—

ଦବିଷ୍ଠ ଏ କଷ୍ଟଯାକ ହେବ ଅଷ୍ଟ ଦୁର୍ଗନାଥର ଏ ବରଚିତ
ବି. ଚ.

**ଦଶ**, ବିଂ. (ଦନ୍‌ଶ-ଅନ୍) ଦଶ ସଂଖ୍ୟା, ୧୦ ।

**ଦଶକ**, ବି. ନ. (ଦଶନ୍-କ) ୧୦ସଂଖ୍ୟା ।

**ଦଶକଣ୍ଠ**, ଦଶକନ୍ଧର, **ଦଶଗ୍ରୀବ**, ଦଶମୁଖ, **ଦଶାନନ**, ଦଶାସ୍ୟ } ବି. ପୁଂ. (ଦଶନ୍, ଦଶ-କଣ୍ଠ-ବ) ରାବଣ ।

**ଦଶକର୍ମ**, ବି. ନ. (ଦଶ-କର୍ମନ୍) ବିବାହ, ଗର୍ଭାଧାନ, ପୁଂସବନ, ସୀମନ୍ତୋନ୍ନୟନ, ଜାତକର୍ମ, ନାମକରଣ, ଅନ୍ନପ୍ରାଶନ, ଚୂଡ଼ାକରଣ, ଉପନୟନ ଓ ସମାବର୍ତ୍ତନ ଏହି ଦଶବିଧ ସଂସ୍କାରକର୍ମ ।

**ଦଶକୁମାର** ବି. ନ. ଦଣ୍ଡିପ୍ରଣୀତ ଦଶଜଣ କୁମାରଙ୍କର ଜୀବନଦ୍ୟୋତକ ଆଶ୍ଚର୍ଯ୍ୟ ଉପନ୍ୟାସ ।

**ଦଶଦିକ୍‌ପାଳ**, ବି. ପୁଂ. କୁବେର, ଇନ୍ଦ୍ର, ଯମ, ବରୁଣ, ଈଶାନ, ଅଗ୍ନି, ନୈର୍‌ଋତ, ବାୟୁ, ବ୍ରହ୍ମା, ଅନନ୍ତ—ଯଥାକ୍ରମେ ଉତ୍ତର, ପୂର୍ବ, ଦକ୍ଷିଣ, ପଶ୍ଚିମ, ଉତ୍ତରପୂର୍ବ, ଦକ୍ଷିଣପୂର୍ବ, ଦକ୍ଷିଣପଶ୍ଚିମ, ଉତ୍ତରପଶ୍ଚିମ, ଊର୍ଦ୍ଧ୍ୱ ଓ ଅଧଃ ଏହି ଦିଗମାନଙ୍କୁ ପାଳନ କରୁଥିବାରୁ ସେମାନଙ୍କୁ ଦଶଦିକ୍‌ପାଳ ବୋଲାଯାଏ ।

**ଦଶଧା**, ଅଂ. (ଦଶ-ଧା) ଦଶପ୍ରକାର, ଦଶଥର ।

**ଦଶନ**, ବି. ପୁଂ. (ଦନ୍‌ଶ୍-ଅନ) ଦନ୍ତ ।

**ଦଶପୁର**, ବି. ନ. (ଦଶ-ପୁର) ମାଳବ ଦେଶର ଅନ୍ତର୍ଗତ ନଗରବିଶେଷ ।

**ଦଶଭୁଜା**, ବି. ସ୍ତ୍ରୀ. (ଦଶ ଭୁଜ) ଦୁର୍ଗାଦେବୀ ।

**ଦଶମ**, ବିଂ. (ଦଶନ୍-ମ) ୧୦ ସଂଖ୍ୟାର ପୂରଣ ।

**ଦଶମହାବିଦ୍ୟା**, ବି. ସ୍ତ୍ରୀ. କାଳୀ, ତାରା, ଭୁବନେଶ୍ୱରୀ ଆଦି ଦେବୀଗଣ । ଯଥା—

କାଳୀ ତାରା ମହାବିଦ୍ୟା ଷୋଡ଼ଶୀ ଭୁବନେଶ୍ୱରୀ ।
ଭୈରବୀ ଛିନ୍ନମସ୍ତା ଚ ବିଦ୍ୟା ଧୂମାବତୀ ତଥା ।

**ଦଶମିକ**, ବିଂ. (ଦଶମ-ଇକ) ଯାହାଦ୍ୱାରା କୌଣସି ଅଖଣ୍ଡରାଶିର ଦଶାଂଶର ଏକାଂଶ ବ୍ୟକ୍ତ କରାଯାଏ, ଗାଣିତିକ ପ୍ରକ୍ରିୟା-ବିଶେଷ ।

**ଦଶମୀ**, ବି. ସ୍ତ୍ରୀ. (ଦଶମ-ଈ) ତିଥିବିଶେଷ । ବିଂ. ନବତିବର୍ଷାତିରିକ୍ତ ବୟସ୍କ ।

**ଦଶମୂଳ**, ବି. ନ. (ଦଶନ୍-ମୂଳ) ପାଚନବିଶେଷ, ଦଶମୂଳ ସଂଖ୍ୟାପ୍ରଣାଳୀ ।

**ଦଶରଥ**, ବି. ପୁଂ. (ଦଶନ୍-ରଥ) ରାମଚନ୍ଦ୍ରଙ୍କର ପିତା ।

**ଦଶବିଧ**, ବିଂ. (ଦଶନ୍-ବିଧ) ଦଶପ୍ରକାର ।

**ଦଶହରା**, ବି. ସ୍ତ୍ରୀ (ଦଶନ୍-ହୃ-ଅ) ଜ୍ୟେଷ୍ଠ ମାସର ଶୁକ୍ଳଦଶମୀ, ଗଙ୍ଗାର ଜନ୍ମଦିନ । (ଦେଶଜ) ଆଶ୍ୱିନ ଶୁକ୍ଳଦଶମୀ ।

**ଦଶା**, **ଦଶୀ** } ବି. ସ୍ତ୍ରୀ. (ଦଶନ୍-ଅ-ଈ) ବସ୍ତ୍ରର ପାନ୍ତ, ଅବସ୍ଥା, ଦୀପବର୍ତ୍ତିକା, ଭାବ, ଅଭି-ଳାଷ, ଚିନ୍ତା ।

**ଦଶାର୍ଣ୍ଣ**, ବି. ପୁଂ. (ଦଶ-ଋଣ) ବିନ୍ଧ୍ୟପର୍ବତର ପୂର୍ବ ଦକ୍ଷିଣସ୍ଥ ଦେଶବିଶେଷ ।

**ଦଶାର୍ହ**, ବିଂ. (ଦଶନ୍-ଅର୍ହ) ବୁଦ୍ଧ, ଦେଶବିଶେଷ ।

**ଦଶାବତାର**, ବି. ପୁଂ. (ଦଶନ୍-ଅବତାର) ବିଷ୍ଣୁ, ମତ୍ସ୍ୟ, କୂର୍ମ, ବରାହ, ନୃସିଂହ, ବାମନ, ପରଶୁରାମ, ରାମଚନ୍ଦ୍ର, ବଳରାମ, ବୁଦ୍ଧ, କଳ୍କୀ ବିଷ୍ଣୁଙ୍କର ଏହି ଦଶାବତାର ।

**ଦଶାଶ୍ୱ**, ବି. ପୁଂ. (ଦଶନ୍-ଅଶ୍ୱ) ଚନ୍ଦ୍ର ।

**ଦଶାଶ୍ୱମେଧିକ**, ବି. ପୁଂ. (ଦଶ ଅଶ୍ୱମେଧ ଇକ) କାଶୀସ୍ଥ ତୀର୍ଥବିଶେଷ ।

**ଦଶାହ**, ବି. ପୁଂ. (ଦଶନ୍-ଅହନ୍) ଦଶଦିନ, ମୃତ୍ୟୁର ଦଶମ ଦିବସ, ଦଶଦିନବ୍ୟାପକ କାଳ ।

ଦଶି, ବି. (ଦେଶଜ) ଲୁଗାର ଧଡ଼ି ।

ଦଶିପୋକ, ବି. (ଦେଶଜ) ପେଟରେ ଜନ୍ମିଥିବା ଏକପ୍ରକାର କୃମି ।

ଦଶେନ୍ଧନ, ବି. ପୁଂ. (ଦଶା-ଇନ୍ଧନ) ପ୍ରଦୀପ, ଦୀପ ।

ଦଶେରକ, ବି. ପୁଂ. ( ଦଶେର-କ ) ମରୁଦେଶ, ତୃଣଜଳାଦିଶୂନ୍ୟ ପ୍ରଦେଶ, ମରୁଭୂମି ।

ଦଷ୍ଟ, ବିଂ. (ଦନ୍ଶ୍-ତ) ଯାହାକୁ ଦଂଶନ କରିଅଛି ।

ଦସିଅ, ବି. (ଦେଶଜ) ମୋଟା ବସ୍ତ୍ରବିଶେଷ ।

ଦସ୍ତ, ବି. (ଯାବନିକ) ଝାଡ଼ା ।

ଦସ୍ତଖତ୍, (ଯାବନିକ) ସ୍ୱାକ୍ଷର ।

ଦସ୍ତା, ବି. (ଦେଶଜ) ଧାତୁବିଶେଷ ।

ଦସ୍ତାନା, ବି. ( ଯାବନିକ ) ଅଙ୍ଗୁଳିତ୍ର, ହାତ ମୋଜା ।

ଦସ୍ତାବିଜ, ବି. (ପାରସୀ) ଅଦାଲତରେ ପ୍ରମାଣାର୍ଥ ପ୍ରଦତ୍ତ କାଗଜ ପତ୍ରାଦି, ଦଲିଲ ।

ଦସ୍ତି, ବି. (ଦେଶଜ) ଭୂମି ମାପିବାର ପରିମାଣବିଶେଷ, ୬ ହାତ ପରିମିତ ଦଣ୍ଡ ।

ଦସ୍ତୁର ବି. (ଯାବନିକ) ଧାରା, ପ୍ରଣାଳୀ ।

ଦସ୍ତୁରି, ବିଂ. (ଯାବନିକ) ଦ୍ରବ୍ୟ କ୍ରୟବିକ୍ରୟକାଳରେ କେତାର ଭୃତ୍ୟ ବିକ୍ରେତାଠାରୁ ଯାହା ପାଏ ।

ଦସ୍ୟୁ, ବି. ପୁଂ. (ଦସ୍=କ୍ଷୟ କରିବା-ଯୁ) ଚୋର, ତସ୍କର, ଶତ୍ରୁ, ଉତ୍ପୀଡ଼ନକାରୀ ।

ଦହ, ବି. ପୁଂ. (ଦହ୍-ଅ) ଦଗ୍ଧ ହେବା । ବିଂ, ଦଗ୍ଧ । (ଦୀର୍ଘିକା ଶବ୍ଦଜ) ଜଳପାଟ, ଝିଲ । ଯଥା—

> ଦହଅ ଦହରୁ ପକ୍ଷୀ ଦଳେ ଦଳେ
> ଉଡ଼ି ଆସୁଛନ୍ତି ନବେ କୋଳାହଳେ । ନ. କେ.

ଦହକ ବି. (ଦେଶଜ) ଉତ୍ତାପ ।

ଦହଗଞ୍ଜ, ବି. (ଗ୍ରାମ୍ୟ) ବିବ୍ରତ, ଉତ୍ତ୍ୟକ୍ତ ।

ଦହଜ୍ଜ, ବିଂ. (ଗ୍ରାମ୍ୟ) ଉତ୍ତପ୍ତ ।

ଦହନ, ବି. ପୁଂ. (ଦହ୍-ଅନ) ଅଗ୍ନି, ଦୁଷ୍ଟଲୋକ, ଦାହ । ବିଂ. ଜଳାଇକ, ଦଗ୍ଧକାରୀ ।

ଦହନୀୟ, ବିଂ. (ଦହ୍-ଅନୀୟ) ଜ୍ୱଳନୀୟ, ଦାହ୍ୟ ।

ଦହପାଣି, ବି. (ଦେଶଜ) ଯେଉଁ ପାଣିରୁ ଲୁଣ ମାରନ୍ତି ।

ଦହଲ, ବିଂ. କାତୁଥ ।

ଦହି, ବି. (ଦଧି ଶବ୍ଦଜ) ଦୁଗ୍ଧର ବିକାର ।

ଦହିମାଛିଆ, ବି. (ଦେଶଜ) ଧୋବା ।

ଦହିବା, କ୍ରି ( ଦହ ଧାତୁଜ ) ଦଗ୍ଧ କରିବା, ପୋଡ଼ିବା ।

ଦହ୍ୟମାନ, ବିଂ. ( ଦହ୍-ଆନ କର୍ମବାଚ୍ୟରେ ) ଯାହା ଦଗ୍ଧ ହେଉଅଛି ।

ଦା } ବି. (ଦାତ୍ର ଶବ୍ଦଜ) ଧାନ୍ୟାଦି କାଟିବାର ଅସ୍ତ୍ରବିଶେଷ ।
ଦାଅ }

ଦାଇକା } ବି ( ଦେଶଜ ) ଅଶ୍ଳୀଳ ଗୀତବିଶେଷ ।
ଦାଏକା }

ଦାଉ, ବିଂ. (ଦେଶଜ) ଅତ୍ୟନ୍ତ, ଅତୈାଷ, ସନ୍ତାପ, ବାଧା । ଯଥା—

> ସମ୍ଭଳା କି ଯିବ ଅଉ,
> ଅମ୍ଭୋରୁହାକ୍ଷୀର କେନ୍ଦ୍ରକଣ୍ଠାସର ଦମ୍ଭୋଳିରୁ ବଳ ଦାଉ ।

ଦାଉଦାଉ, ବିଂ. (ଦେଶଜ) ଜକଜକ, ଉଜ୍ଜ୍ୱଳ । ଯଥା --

> ତା ଶିରମୁକୁଟ ଦିଶେ ଦାଉଦାଉ ।

ଦାଉଣୀ, ବି, ସ୍ତ୍ରୀ. ( ଦାମନୀ ଶବ୍ଦଜ ) ଯହିଁରେ ଅନେକ ଗୋରୁ ବନ୍ଧାଯାନ୍ତି ।

ଦାଏର ବି. (ଯାବନିକ) ଦାଖଲ, ଉପସ୍ଥାପନ ।

ଦାକ୍ଷାୟଣୀ } ବି ସ୍ତ୍ରୀ (ଦକ୍ଷ-ଆୟନ-ଈ) ଦୁର୍ଗା, ଦେବମାତା, ସତୀ, ଦନ୍ତୀବୃକ୍ଷ, ରେବତୀନକ୍ଷତ୍ର ।
ଦାକ୍ଷାୟିଣୀ }

ଦାକ୍ଷିଣାତ୍ୟ, ବି. ପୁଂ . (ଦକ୍ଷିଣ-ତ୍ୟ) ଦକ୍ଷିଣଦେଶ, ବିନ୍ଧ୍ୟଗିରିର ଦକ୍ଷିଣସ୍ଥ ଦେଶ, ନାରିକେଳ । ବିଂ. ଦକ୍ଷିଣ ଦେଶଜାତ, ଦକ୍ଷିଣଦିଗସ୍ଥ ।

ଦାକ୍ଷିଣ୍ୟ, ବି. ନ. (ଦକ୍ଷିଣ ବା ଦକ୍ଷିଣା-ଯ) ଆନୁକୂଲ୍ୟ, ପରଚ୍ଛନ୍ଦାନୁବୃତ୍ତି, ସାମର୍ଥ୍ୟ, ସରଳତା, ସୌଜନ୍ୟ ।

ଦାଖଲ, (ଯାବନକ) ପ୍ରବେଶ କରିବା, ଅର୍ପଣ କରିବା, ଉପସ୍ଥିତ ହେବା ।

ଦାଖଲଖାରଜ, (ଆରବୀ) କଲେକ୍ଟରୀ ରେଜେଷ୍ଟ୍ରୀରୁ ପୂର୍ବତନ ଅଧିକାରୀର ନାମ କର୍ତ୍ତନ କରି ସେଥିରେ ନୂତନ ଅଧିକାରୀର ନାମ ଲେଖାଇବା ।

ଦାଗ, ବି. (ଯାବନକ) ଚିହ୍ନ, ଅଙ୍କ, କଳଙ୍କ ।

ଦାଗୀ, ବିଂ. (ଯାବନକ) ଚିହ୍ନିତ, ଦୋଷ କରି ଯେ ଦଣ୍ଡ ପାଇଅଛି ।

ଦାଡ଼ିମ୍, ବି. ପୁଂ. ଡାଳିମ୍ବ ।

ଦାଢ଼, ବି. (ଦେଶଜ) ଅସ୍ତ୍ରାଦିର ଧାର । ଯଥା—

ସଦା ଯୁଝେ କାଳ ବପଦରେ ଦାଢ଼େ ।

ପରିମାଣବିଶେଷ । କଡ଼ାର ୧/୬ ଅଂଶ ।

ଦାଢ଼ି, ବି. (ଦାଢ଼ିକା ଶବ୍ଦଜ) ଶ୍ମଶ୍ରୁ, ଗଣ୍ଡଦେଶ ଓ ଚିବୁକରେ ଉତ୍ପନ୍ନ ଲୋମାବଳି ।

ଦାଢ଼ିକା ବି. ସ୍ତ୍ରୀ. ( ଦୋ=ଛେଦନ କରିବା ତି-କ-ଅ ) ଗଣ୍ଡ ଓ ଚିବୁକନିର୍ଗତ ଉତ୍ପନ୍ନ କେଶ, ଶ୍ମଶ୍ରୁ ।

ଦାଢ଼ୁଆ, ବିଂ. (ଦେଶଜ) ଶାଣିତ, ତୀକ୍ଷ୍ଣ ।

ଦାଣ୍ଡିବା, କ୍ରି. (ଦେଶଜ) ଅକଟ କରିବା ।

ଦାଣ୍ଡ, ବି. (ଦେଶଜ) ପଥ, ବାଟ ।

ଦାଣ୍ଡି, ବି. (ଦେଶଜ) ଶ୍ରେଣୀ, ସାହି ।

ଦାତ, ବିଂ. (ଦୋ=ଛେଦନ କରିବା ତ) ଛିନ୍ନ ।

(ଦୈ=ଶୁଦ୍ଧ କରିବା-ତ) ଶୁଦ୍ଧ ପବିତ୍ର ।

ଦାତବ୍ୟ, ବିଂ. (ଦା-ତବ୍ୟ) ଦାନଯୋଗ୍ୟ, ଦେୟ ।

ଦାତା, ବିଂ. (ଦା-ତୃ) ଦାନଶୀଳ, ବଦାନ୍ୟ, ଦାନକର୍ତ୍ତା ।

ଦାତୃତ୍ୱ, ବି. ନ. (ଦାତୃ-ତ୍ୱ) ବଦାନ୍ୟତା, ଦାନଶୀଳତା ।

ଦାତ୍ୟୂହ } ବି. ପୁଂ. (ଦାତି-ଉହ) ଡାହୁକ
ଦାତ୍ୟୌହ } ପକ୍ଷିବିଶେଷ, ପାଣିକୁଆ, ଚାତକ, ମେଘ ।

ଦାତ୍ର, ବି. ନ. (ଦୋ-ତ୍ର) ଦା, ତୃଣାଦି ଛେଦନ କରିବାର ଅସ୍ତ୍ରବିଶେଷ । ଯଥା—

କୃଷୀବଳ ଦାତ୍ରେ ଅବା ପକ୍ୱ ଶସ୍ୟାବଳି । ମ. ଯା.

ଦାଦନ, ବି. (ଯାବନକ) ଠିକା କର୍ମୀବର ଅଗ୍ରିମ ବେତନ । (ଦେଶଜ) ଋଣ ।

ଦାଦା } ବି. (ଦାୟାଦ ଶବ୍ଦଜ) ପିତାର
ଦାଦି } ସାନଭ୍ରାତା, ଖୁଡ଼ୁତା ।

ଦାନ, ବି. ନ. (ଦା=ଦାନ କରିବା, ଦୋ=ଛେଦନ କରିବା, ଦୈ=ଶୁଦ୍ଧ କରିବା, ଦେ=ପାଳନ କରିବା ଅନ) ବିତରଣ, ତ୍ୟାଗ, ହସ୍ତିର ମଦଜଳ, ଛେଦନ । (ଦେଶଜ) ପଶା ପ୍ରଭୃତି ଖେଳରେ ପଡ଼ିବା ଶାରିର ଚିହ୍ନ, ସଂଖ୍ୟା ।

ଦାନପତ୍ର, ବି. ନ. "ଏ ପଦାର୍ଥ ଏହାଙ୍କୁ ଦେଲି" ଏହା ଯେଉଁ ପତ୍ରରେ ଲେଖାଯାଏ ।

ଦାନବ ବି. ପୁଂ. (ଦନୁ-ଅ) ଦୈତ୍ୟ, ଅସୁର ।

ଦାନବାରି ବି. ପୁଂ, (ଦାନବ-ଅରି) ଦୈତ୍ୟଶତ୍ରୁ, ଦେବତା, ବିଷ୍ଣୁ । (ଦାନ-ବାରି) ହସ୍ତିର ମଦଜଳ ।

ଦାନବୀର, ବି. ପୁଂ. (ଦାନ-ବୀର) ବଳି, କର୍ଣ୍ଣ ।

ଦାନଶୀଳ, ବିଂ. ( ଦାନ-ଶୀଳ ) ଦାତା, ବଦାନ୍ୟ ।

ଦାନା, ( ଦାନବ ଶବ୍ଦଜ ) ଦୈତ୍ୟ, ଭୂତ, ଦେବଯୋନି । (ଯାବନକ) ଶସ୍ୟାଦିର ବଜା ।

ଦାନୀ, ବିଂ. (ଦେଶଜ) ଯେ ଦାନ କରେ । ଆଧାର ।

ଦାନୀୟ, ବିଂ. (ଦା-ଅନୀୟ) ଦେୟ, ଦାନର ଯୋଗ୍ୟ ।

ଦାନୁଆ, ବିଂ (ଦାନୀୟ ଶବ୍ଦଜ) ଯେଉଁ ଲୋକ ଦାନଗ୍ରହଣ କରେ, ଯେଉଁ ବସ୍ତୁ ଦାନରୂପେ ପ୍ରଦତ୍ତ ହୁଏ ।

ଦାନ୍ତ, ବିଂ. (ଦମ୍-ତ) ବଶୀକୃତ, ଉପଃକ୍ଲେଶସହିଷ୍ଣୁ, ଜିତେନ୍ଦ୍ରିୟ, ସୌମ୍ୟ, ଶାନ୍ତି । (ଦେଶଜ) ଦନ୍ତ ।

ଦାନ୍ତକାଠି, ବି. (ଦେଶଜ) ଦାନ୍ତ ପରିଷ୍କାର କରିବା କାଠି ।

ଦାନ୍ତଖୁଣ୍ଟା, ବି. (ଦେଶଜ) ଦାନ୍ତ ଖୁଣ୍ଟିବାର କାଠି ।

ଦାନ୍ତୁଡ଼ା, ଦାନ୍ତୁସ } ବିଂ. (ଦନ୍ତୁର ଶବ୍ଦଜ) ଯାହାର ବଡ଼ ବଡ଼ ଦାନ୍ତ ଅଛି । ସ୍ତ୍ରୀ. ଦାନ୍ତୁଷୀ ।

ଦାମ, ବି ନ. (ଦୋ-ମନ୍) ରଜ୍ଜୁ, ସୂତ୍ର, ମାଳା, ଗୁଚ୍ଛ । ଯଥା—

ନୀଳୋତ୍ପଳଦଳଦାମରୁଚି ବେନି ଅକ୍ଷି । ମ. ଯା.

ଦାମୁଡ଼ି, ବି. (ଦେଶଜ) ଅଳ୍ପବୟସ୍କ ବଳଦ, ଯାହୁଲା ।

ଦାମୋଦର, ବି. ପୁଂ. ଦାମନ୍—ରଜ୍ଜୁ-ଉଦର) କୃଷ୍ଣ, ବିଷ୍ଣୁ, ନାରାୟଣ ।

ଦାମ୍ପତ୍ୟ, ବିଂ. (ଦମ୍ପତି-ଯ) ଦମ୍ପତୀସମ୍ବନ୍ଧୀୟ ।

ଦାମ୍ଭିକ, ବିଂ. (ଦମ୍ଭ-ଇକ) ଅହଙ୍କାରୀ, ଧୂର୍ତ୍ତ । ବି. ପୁଂ. ବକ, କପଟାଚାରୀ ।

ଦାୟ, ବି. ପୁଂ. (ଦ -ଯ) ପୈତୃକ ଧନ, ବିଭାଜ୍ୟ ବସ୍ତୁ, ପୂର୍ବ ସ୍ୱାମିର ସ୍ୱାମିତ୍ୱ ନାଶ ଉତ୍ତାରୁ— ତତ୍ସମ୍ବନ୍ଧାଧୀନ ଦ୍ରବ୍ୟରେ ଯେଉଁ ସ୍ୱତ୍ୱ ହୁଏ ତହିଁରେ ଦାୟ ଶବ୍ଦ ପ୍ରୟୋଗ କରାଯାଏ ।

ଦାୟକ, ବିଂ. (ଦା-ଅକ) ଯତ୍ନପୂରକ, ଦାତା, କ୍ଲୀବ ।

ଦାୟବନ୍ଧୁ, ବି.ପୁଂ. ( ଦାୟ—ପୈତୃକଧନ-ବନ୍ଧୁ ) ଭ୍ରାତା ।

ଦାୟଭାଗ, ବି ପୁଂ. (ଦାୟ-ଭାଗ) ପିତ୍ରାଦିର ଧନବିଭାଗବିଷୟକ ଶାସ୍ତ୍ର, ପୈତୃକ ଧନ ବିଭାଗ ।

ଦାୟାଦ, ବି. ପୁଂ. ( ଦାୟ-ଆ-ଦା-ଅ ) ପୁତ୍ର, କନ୍ୟା, କ୍ଲୀବ, ସପିଣ୍ଡ, ଉତ୍ତରାଧିକାରୀ । ଯଥା—

ଭୂମୋହକ ଅର୍ଥ୍ୟ ନାମ ଦାୟାଦ ଜଗତେ । ମ, ଯା.

ଦାୟିତ୍ୱ ବି. ( ଦାୟିନ୍-ତ୍ୱ ) ଦାତୃତ୍ୱ, ଯତ୍ନ- ପୂରଣ ।

ଦାୟୀ, ବିଂ. (ଦା-ଇନ୍) ଦାତା, ଯତ୍ନପୂରକ । ଯାହା ଉପରେ କାର୍ଯ୍ୟର ଭାର ଥାଏ ଓ ଯେ ଯତ୍ନପୂରଣ କରେ ( ଅନ୍ୟ ଶବ୍ଦସଙ୍ଗେ ଯୁକ୍ତ ହେଲେ 'ଦାନକାରୀ' ଅର୍ଥ ପ୍ରକାଶ କରେ, ଯେପରି—ସୁଖଦାୟୀ ) ।

ଦାର, ଦାରା } ବି. ପୁଂ. (ଦୃ-ଅ) ପତ୍ନୀ, ସ୍ତ୍ରୀ ।

ଦାରକ, ବି. ପୁଂ. (ଦୃ-ଅକ) ପୁତ୍ର, ଶିଶୁ ।

ଦାରକର୍ମ, ବି. ନ. (ଦାର-କର୍ମନ୍) ବିବାହ ।

ଦାରଗ୍ରହଣ, ବି. ନ. ପତ୍ନୀଗ୍ରହଣ, ବିବାହ ।

ଦାରଣ, ବି. ନ. (ଦୃ-ଅନ) ବିଦାରଣ, ଭେଦ କରିବା । ବିଂ. ବିଦାରକ ।

ଦାରଦ, ବି. ପୁଂ (ଦରଦ-ଅ) ବୃକ୍ଷବିଶେଷ, ସମୁଦ୍ର, ହେଙ୍ଗୁଳ ।

ଦାରପରିଗ୍ରହ, ବି. ପୁଂ. ( ଦାର-ପରିଗ୍ରହ ) ସ୍ତ୍ରୀଗ୍ରହଣ, ବିବାହ ।

ଦାରବ, ବିଂ. (ଦାରୁ ଅ) କାଷ୍ଠନିର୍ମିତ, ଦାରୁ- ମୟ ।

ଦାରା, ବି. ସ୍ତ୍ରୀ. (ଦୃ-ଆ) ଭାର୍ଯ୍ୟା, ପତ୍ନୀ । (ଯାବନିକ) ବାଦ୍ୟଯନ୍ତ୍ରବିଶେଷ ।

ଦାରିକା ବି. ( ଦୃ-ଅକ-ସ୍ତ୍ରୀ. ଆ ) କନ୍ୟା । ପୁଂ. ଦାରକ ।

ଦାରିତ, ବିଂ. (ଦୃ-ଇତ) ଭେଦିତ, ବିଦାରିତ ।

ଦାରିଦ୍ର, ଦାରିଦ୍ର୍ୟ } ବି. ନ. (ଦରିଦ୍ରା-ଅ, ଯ ) ଦୈନ୍ୟ, ଅକିଞ୍ଚନତ୍ୱ, ନିର୍ଧନତା ।

ଦାରୀ, ବି. ସ୍ତ୍ରୀ. ( ଦାର ଶବ୍ଦଜ ) କସବୀ, ବେଶ୍ୟା ।

ଦାରୁ, ବି. ପୁଂ. (ଦୃ-ଉ) କାଷ୍ଠ । ନ. ଦେବଦାରୁ ବୃକ୍ଷ ।

ଦାରୁକ, ବି. ପୁଂ. (ଦୃ-ଉକ) ଦେବଦାରୁ ବୃକ୍ଷ, କୃଷ୍ଣଙ୍କ ସାରଥି, କାଷ୍ଠ ।

ଦାରୁଗନ୍ଧା, ବି. ସ୍ତ୍ରୀ. ଗନ୍ଧଦ୍ରବ୍ୟବିଶେଷ ।

ଦାରୁଣ, ବିଂ. (ଦୃ-ଇ-ଉନ) ଭୟଙ୍କର, କ୍ରୂର, କଠୋର, ଦୁଃସହ, ଉତ୍କଟ, କର୍କଶ, ଉଗ୍ର, ମର୍ମଭେଦୀ, ନିଷ୍ଠୁର ।

**ଦାରୁମୟ**, ବ°. ( ଦାରୁ-ମୟ ) କାଷ୍ଠନିର୍ମିତ, କାଷ୍ଠମୟ ।
**ଦାରୁସାର**, ବ. ନ. (ଦାରୁ-ସାର ଚନ୍ଦନ ।
**ଦାରୁହରିଦ୍ରା**, ବ. ଦାରୁହଳଦୀ ।
ଦାରୋଗା, ବ. ( ଯାବନକ ) ପୁଲିସ୍ କର୍ମଚାରି-ବିଶେଷ, ଦ୍ୱାରୀ ।
ଦାର୍ଢ୍ୟ, ବ. ନ. (ଦୃଢ଼-ଯ) କାଠିନ୍ୟ, ଦୃଢ଼ତା, ସ୍ଥୈର୍ଯ୍ୟ ।
ଦାର୍ଦ୍ଦୁର, ବ. ନ.( ଦର୍ଦ୍ଦୁର=ପର୍ବତ ଇତ୍ୟାଦି-ଅ) ଦକ୍ଷିଣାବର୍ତ୍ତ ଶଙ୍ଖ. ଲକ୍ଷା, ଜଳ୍ପ, ଜଳ ।
**ଦାର୍ବଣ୍ଟ**, ବ. ନ. ( ଦାରୁ-ଅଟ୍-ଅ ) ମନ୍ତ୍ରଭବନ ମନ୍ତ୍ରଣା କରିବା ଗୃହ, ଚନ୍ଦ୍ରାଭବନ ।
ଦାର୍ବୀ, ବ.ସ୍ତ୍ରୀ.(ଦୃ=ରୋଗବିଦାରଣକରିବା-ବ) ଦାରୁହରିଦ୍ରା, ଦେବଦାରୁବୃକ୍ଷ, ଗୋଜିହ୍ୱା, ହରିଦ୍ରା ।
ଦାର୍ଶନିକ,ବ°. (ଦର୍ଶନ-ଇକ) ଦର୍ଶନଶାସ୍ତ୍ରବେତ୍ତା ।
ଦାବ, ବ. ପୁଂ. ( ଦୁ-ଅ ) ବନାଗ୍ନି, ଦାବାନଳ, ବନ ଅଗ୍ନି ।
ଦାବାଗ୍ନି / ଦାବାନଳ } ବ. ପୁଂ. ( ଦାବ-ଅଗ୍ନି, ଅନଳ) ବନୋଦ୍ଭବ ଅଗ୍ନି,କାଷ୍ଠଘର୍ଷଣଦ୍ୱାରା ଯେ ଅଗ୍ନି ଜାତ ହୋଇ ବନକୁ ଦହନ କରେ ।
ଦାବି, ବ. ( ଯାବନକ ) ପାଉଣା, ଅଧିକାର, ସ୍ୱତ୍ୱ ।
**ଦାବିବା**, କ୍ରି. (ଦେଶଜ) ଚିପିବା ।
ଦାଶ, ବ. (ଦାଶ୍=ଦାନ କରିବା-ଅ (ଅଲ) ମ୍ପ୍ରଦାନବାଚ୍ୟରେ) ଯେ ଦାନଗ୍ରହଣଯୋଗ୍ୟ ବା ଯାହାକୁ ଦାନ ଦିଆଯାଏ, ଏକଶ୍ରେଣୀୟ ଶ୍ରୋତ୍ରିୟ ବ୍ରାହ୍ମଣ । ( ଦାଶ୍=ବଧ କରିବା-ଅ) ଧୀବର, କେଉଟ, ଭୃତ୍ୟ ।
ଦାଶରଥ / ଦାଶରଥି } ବ. ପୁଂ. (ଦଶରଥ ଅ, ଇ ରାମ-ଚନ୍ଦ୍ର । ବ°. ଦଶରଥସମ୍ବନ୍ଧୀୟ ।
**ଦାସ**, ବ. ପୁଂ. ( ଦାସ୍-ଅ ) ଧୀବର, ଭୃତ୍ୟ, ଶୂଦ୍ରଜାତି ।
ଦାସକେଉଣ୍ଡା, ବ. (ଦେଶଜ) ଗୁଳ୍ମବିଶେଷ ।
ଦାସତ୍ୱ, ବ. ନ. ( ଦାସ-ତ୍ୱ ) ଦାସର କର୍ମ ବା ଅବସ୍ଥା, ଅଧୀନତା ।
ଦାସୀ, ବ. ସ୍ତ୍ରୀ (ଦାସ୍-ଅ-ଈ) ଦାସର ସ୍ତ୍ରୀ, ଶୂଦ୍ର ସ୍ତ୍ରୀ, ଚାକରାଣୀ ।
ଦାସେୟ, ବ. ପୁଂ. (ଦାସୀ ବା ଦାସ-ଏୟ)ଦାସୀ-ଗର୍ଭଜାତ ପୁତ୍ର, ଧୀବର ।
ଦାସେୟୀ, ବ ସ୍ତ୍ରୀ ( ଦାସୀ ବା ଦାସ-ଏୟ-ଈ ) ସତ୍ୟବତୀ ।
ଦାସେର, ବ. ପୁଂ. ( ଦାସ-ଏର ) ଉଷ୍ଟ୍ର, ଶୂଦ୍ର, କୈବର୍ତ୍ତ ।
ଦାସେରକ, ବ. ପୁଂ. (ଦାସ-ଏର-କ)ଦାସୀପୁତ୍ର, ଉଷ୍ଟ୍ର, ଓଟ । ଯଥା—

ଦାସେରକ ଅଶ୍ରା କରି ଚରୁଛନ୍ତି;
ଗ୍ରୀବାଉଚ୍ଚ ଗ୍ରୀବା ଟେକି ନିମ୍ନଦଳ । ନ ଭେ.

ଦାସ୍ୟ, ବ. ନ. ( ଦାସ ଯ ) ଦାସତ୍ୱ, ସେବା, ଗୋଲାମି ।
ଦାହ, ବ. ପୁଂ. ( ଦହ୍-ଅ ) ଦହନ, ଜ୍ୱଳନ, ସନ୍ତାପ ।
ଦାହକ, ବ°. (ଦହ୍-ଅକ) ଦାହକାରୀ ।
ଦାହଜ୍ୱର, ବ ପୁଂ. (ଦାହ-ଜ୍ୱର) ଯେଉଁ ଜ୍ୱରରେ ଅତିଶୟ ଗାତ୍ରଦାହ ଉପସ୍ଥିତ ହୁଏ, ଦାହ-ପ୍ରଧାନ ଜ୍ୱର ।
ଦାହନ, ବ. ନ. ( ଦାହ-ଅନ ) ଭସ୍ମୀକରଣ, ପୋଡ଼ିବା ।
ଦାହ୍ୟ, ବ°. (ଦହ୍-ଯ ଦହନଯୋଗ୍ୟ, ଜ୍ୱଳନୀୟ ।
ଦି, ବ°. (ଦ୍ୱି ଶବ୍ଦଜ) ଦୁଇ ।
ଦିଅଁ, ବ. (ଦେବ ଶବ୍ଦଜ ) ଦେବତା ।
ଦିଅର, ବ. ପୁଂ. (ଦେବର ଶବ୍ଦଜ) ପତିର କନିଷ୍ଠ ଭ୍ରାତା ।
ଦିଆଶଲି / ଦିଆଶିଲାଇ } ବ. ( ଦୀପଶଲାକା ଶବ୍ଦଜ) ନିଆଁ କାଠି ।
ଦିଓଟି, ବ°. (ଦେଶଜ) ଦୁଇଗୋଟି, ଅଳ୍ପ, ସ୍ୱଳ୍ପ ।

ଦିକ୍, ବି. ସ୍ତ୍ରୀ. (ଦିଶ୍-୦) ପୂର୍ବାଦିଦିଗ, ଅଂଶ, ଖଣ୍ଡ, ସୀମା, ପକ୍ଷ, ଦେଶ, ଅଞ୍ଚଳ, ଆଶା ।
ବି. ବିଂ. (ଦେଶଜ) ବିରକ୍ତି, ବିରକ୍ତ ।

ଦିକ୍‌ଦାରି, ବିଂ. (ଯାବନିକ) ବିରକ୍ତ ।

ଦିକ୍‌ପତି, ଦିକ୍‌ପାଳ } ବି. ପୁଂ. (ଦିକ୍-ପତି, ପାଳ) ପୂର୍ବାଦି ଦଶ ଦିଗର ରକ୍ଷକ । ଯଥା—ଇନ୍ଦ୍ର, ଅଗ୍ନି, ଯମ, ନୈର୍ଋତ, ବରୁଣ, ବାୟୁ, କୁବେର, ମହାଦେବ, ବ୍ରହ୍ମା, ଅନନ୍ତ, ସୂର୍ଯ୍ୟ, ଶୁକ୍ର, ମଙ୍ଗଳ, ରାହୁ, ଶନି, ସୋମ, ବୁଧ, ବୃହସ୍ପତି ପୂର୍ବାଦିକ୍ରମେ ଏମାନେ ଅଷ୍ଟ ଦିକ୍‌ପାଳ ।

ଦିକ୍‌ଶୂଳ, ବି. ନ. (ଦିକ୍-ଶୂଳ) ଦିଗ୍‌ବିଶେଷକୁ ଗମନ ନିମିତ୍ତ ନିଷେଧ ବାର ।

ଦିକ୍‌ଡ଼ା, ବିଂ (ଦେଶଜ) ଦିକଡ଼ା ମୂଲ୍ୟର ଅର୍ଥାତ୍ ଅତିତୁଚ୍ଛ, ଦୁଇକଡ଼ା ।

ଦିଗନ୍ତ, ବି. ପୁଂ. ନ. (ଦିକ୍-ଅନ୍ତ) ଦିଗସମୁଦାୟର ଶେଷଭାଗ ।

ଦିଗମ୍ବର, ବି. ପୁଂ (ଦିକ୍-ଅମ୍ବର) ଶିବ, ବୌଦ୍ଧ-ବିଶେଷ । ନ. ଅନ୍ଧକାର । ବିଂ. ବିବସ୍ତ୍ର, ଉଲଙ୍ଗ । ଯଥା—

ଏକାମ୍ର-ଈଶ୍ୱର ପ୍ରଭୁ ଦିଗମ୍ବର ପାଦପଦ୍ମ ଧ୍ୟାୟି ଚିତ୍ତେ,
ସାହସ ବାନ୍ଧିଲା ହୃଦୟେ ଅବଳା ପ୍ରାଣ ଦେବ କାନ୍ତ ପ୍ରୀତେ ।
କେ. ଗୌ ।

ଦିଗ୍‌ଗଜ, ବି. ପୁଂ. (ଦିକ୍-ଗଜ) ଐରାବତ, ପୁଣ୍ଡରୀକ, ବାମନ, କୁମୁଦ, ଅଞ୍ଜନ, ପୁଷ୍ପଦନ୍ତ, ସାର୍ବଭୌମ, ସୁପ୍ରତୀକ ଏହି ଆଠ ଦିଗର ହସ୍ତୀ ।

ଦିଗ୍‌ବାରଣ, ବି. (ପ୍ରା) ଦିଗଜରୂପଣ ।

ଦିଗ୍‌ଦର୍ଶନ, ବି. ନ. (ଦିକ୍-ଦୃଶ୍-ଅନ) ବିଜ୍ଞତା, ବହୁଦର୍ଶିତା, ଦିକ୍‌ନିର୍ଣ୍ଣୟ ।

ଦିଗ୍‌ଦର୍ଶନ-ଯନ୍ତ୍ର, ବି. ନ. ଦିଗ୍‌ନିର୍ଣ୍ଣାୟକ ଯନ୍ତ୍ର । (Compass)

ଦିଗ୍ଧ, ବିଂ. (ଦିହ୍-ତ) ଲିପ୍ତ, ମିଶ୍ରିତ, ବିଷାକ୍ତ । ବି. ବିଷାକ୍ତ ବାଣ, ଅଗ୍ନି । ବି. ନ. ସ୍ନେହ, ଲେପନ, ପ୍ରବନ୍ଧ । ଯଥା —

ଦଷ୍ଟଦଗ୍ଧ ଶଙ୍ଖ ପ୍ରାୟେ କହୁ ପୃଚ୍ଛ,
ଶଙ୍କା ଉପୁଜାଏ ନବଃ ଶାସ୍ତ୍ରତ । ଉଲ୍ଲଙ୍ଘ ।

ଦିଗ୍ବାସାଃ ବି. ପୁଂ. (ଦିକ୍-ବାସସ୍) ଶିବ । ବିଂ. ଉଲଙ୍ଗ ।

ଦିଗ୍‌ବିଜୟ, ବି. ପୁଂ. (ଦିକ୍-ବି-ଜି-ଅ) ବିଦ୍ୟା ବା ଯୁଦ୍ଧଦ୍ୱାରା ନାନାପ୍ରକାର ଆପଣାର କ୍ଷମତା ପ୍ରଦର୍ଶନ, ଆଧିପତ୍ୟ ସଂସ୍ଥାପନ ।

ଦିଗ୍‌ବିଦିକ୍, ବି. ସ୍ତ୍ରୀ. (ଦିକ୍-ବିଦିକ୍) ସକଳ ଦିକ୍ ।

ଦିଙ୍ନାଗ, ବି. ପୁଂ (ଦିକ୍-ନାଗ) ଦିକ୍‌ଗଜ ।

ଦିଙ୍ମଣ୍ଡଳ, ବି. ନ. (ଦିକ୍-ମଣ୍ଡଳ) ଦିକ୍‌ଚକ୍ର, ଦିକ୍‌ଚକ୍ରବାଳ ।

ଦିଙ୍ମାତ୍ର, ବି ନ. (ଦିକ୍-ମାତ୍ର) ଏକଦେଶ । ବିଂ. ଅଳ୍ପମାତ୍ର ।

ଦିତି ବି. ସ୍ତ୍ରୀ (ଦୋ-ତି) କଶ୍ୟପମୁନିଙ୍କ ପତ୍ନୀ, ଦୈତ୍ୟଜନନୀ । ପୁଂ. ସ୍ୱନାମପ୍ରସିଦ୍ଧ ନୃପ-ବିଶେଷ, ଛେଦନ, ଖଣ୍ଡନ ।

ଦିତିଜ, ଦିତିସୁତ } ବି. ପୁଂ. (ଦିତି-ଜ, ସୁତ) ଦୈତ୍ୟ, ଅସୁର, ଦାନବ ।

ଦିତ୍ସା, ବି. ସ୍ତ୍ରୀ. (ଦା-ସ ଅଥବା ସନ୍) ଦାନେଚ୍ଛା ।

ଦିଦୃକ୍ଷା, ବି. (ଦୃଶ୍-ସନ୍, ଅ) ଦେଖିବାର ଇଚ୍ଛା ।

ଦିଧିଷ୍ଟ, ବି. ପୁଂ. (ଧା-[ପାପ] ଧାରଣ କରିବା-ସୋ = ଗ୍ରହଣ କରିବା-ଉ) ଦୁଇବାର ବିବାହିତ ପୁରୁଷ । ସ୍ତ୍ରୀଲିଙ୍ଗରେ ଦିଧିଷୂ = ଦୁଇବାର ବିବାହିତା ସ୍ତ୍ରୀ । ଜ୍ୟେଷ୍ଠା ଭଗିନୀ ଅବିବାହିତା ଥାଉଁ ଥାଉଁ କନିଷ୍ଠା ବିବାହ କଲେ, ତାହାକୁ ମଧ୍ୟ ଦିଧିଷୂ ବୋଲାଯାଏ ।

ଦିଧିଷୁ, ବି. ପୁଂ. (ଧା-ସୋ-ଉ) ଦୁଇଥର ବିବାହିତା ସ୍ତ୍ରୀର ସ୍ୱାମୀ, ଦ୍ୱିତୀୟ ସ୍ୱାମୀ ।

ଦିନ, ବି. ପୁଂ ନ. (ଦୋ-ଇନ୍) ଦିବସ, ଦିବାଭାଗ ।

ଦିନକର, ଦିନମଣି } ବି. ପୁଂ. (ଦିନ-କୃ-ଅ, ଦିନ-ମଣି) ସୂର୍ଯ୍ୟ, ଦିବାକର ।

**ଦିନକରାତ୍ମଜ**, ବ ପୁଂ (ଦିନକର-ଆତ୍ମଜ) ଶନି, ଯମ । ସ୍ତ୍ରୀ ଯମୁନା ।

**ଦିନଦୁଃଖିତ**, ବ. ପୁଂ ସ୍ତ୍ରୀ (ଦିନ ଦୁଃଖିତ) ଚକ୍ରବାକପକ୍ଷୀ ।

**ଦିନଦ୍ୟୁତି** ବ, ଦିନ-ଦ୍ୟୁତି ସୂର୍ଯ୍ୟ । ଯଥା—

କୃଷ୍ଣ ବାରୁଣୀଙ୍କ ଦିନଦ୍ୟୁତି:
ତପନେ ଅମ୍ବର କରି ଲଙ୍ଘି । କବିସୂର୍ଯ୍ୟ.

**ଦିନପାତ**, ବ, ପୁଂ. (ଦିନ-ପାତ) ଦିନକାଟିବା, ଦିନଯାପନ ।

**ଦିନବନ୍ଧୁ**, ବ, ପୁଂ, (ଦିନ-ବନ୍ଧୁ, ସୂର୍ଯ୍ୟ ।

**ଦିନମୁଖ**, ବ, ନ, (ଦିନ-ମୁଖ) ପ୍ରାତଃକାଳ ।

**ଦିନାନ୍ତ, ଦିନାତ୍ୟୟ, ଦିନାବସାନ** } ବ, ପୁଂ, (ଦିନ-ଅନ୍ତ, ଅତ୍ୟୟ, ଅବସାନ ) ଦିନର ଶେଷ, ସନ୍ଧ୍ୟାସମୟ, ସାୟଂକାଳ ।

**ଦିନାମାର**, ବ. ଡେନ୍‌ମାର୍କ ଦେଶର ଅଧିବାସୀ ।

**ଦିନେଶ**, ବ. ପୁଂ, (ଦିନ-ଈଶ) ସୂର୍ଯ୍ୟ, ଅର୍କବୃକ୍ଷ ।

**ଦିପାଳି**, ବ, (ଦୀପାବଳୀ ଶବ୍ଦଜ) ଦୀପାବଳି ଅମାବାସ୍ୟା କ୍ଷୁଦ୍ରଦୀପ ।

**ଦିଲୀପ**, ବ. ପୁଂ. (ଦିଲୀ-ପ) ସୂର୍ଯ୍ୟବଂଶୀୟ ନୃପବିଶେଷ, ରଘୁରାଜାଙ୍କ ପିତା ।

**ଦିବ୍, ସ୍ତ୍ରୀ. ଦିବ, ନ.** } ବ. ( ଦିବ୍-୦, ଅ ) ସ୍ୱର୍ଗ, ଆକାଶ, ( ଦିବ୍ ଶବ୍ଦରେ ) ସ୍ୱର୍ଗାଧିଷ୍ଠାତ୍ରୀ ଦେବତା, ଅଦୃଷ୍ଟ ।

**ଦିବସ**, ବ. ପୁଂ. ନ. (ଦିବ୍-ଅସ) ଦିନ ।

**ଦିବସକର**, ବ. ପୁଂ. ( ଦିବସ-କୃ-ଅ ) ସୂର୍ଯ୍ୟ, ଦିନମଣି, ପ୍ରଭାକର ।

**ଦିବସମୁଖ**, ବ. ନ. (ଦିବସ-ମୁଖ) ପ୍ରାତଃକାଳ ।

**ଦିବାକର**, ବ. ପୁଂ. (ଦିବା-କୃ-ଅ) ସୂର୍ଯ୍ୟ ।

**ଦିବାନ୍ଧ**, ବ. ପୁଂ. (ଦିବା-ଅନ୍ଧ) ପେଚକ । ବିଂ. ଦିନକଣା ।

**ଦିବାମଧ୍ୟ**, ବ. ନ. ( ଦିବା-ମଧ୍ୟ ) ମଧ୍ୟାହ୍ନ, ଦୁଇପ୍ରହରବେଳା ।

**ଦିବାରାତ୍ର**, ବ ନ. (ଦିବା-ରାତ୍ରି) ଅହୋରାତ୍ର, ଦିନରାତି ।

**ଦିବାଲ୍ୟା**, ବିଂ. (ଦୁର୍ବଳ ଶବ୍ଦଜ) ଦୁର୍ବଳ, କ୍ଷୀଣ, ଯଥା—

ଦିବାଲ୍ୟା ହେବାର ଦେହ ମଙ୍କପାର
ଜାଣି ଯା ହେଲା ମାନସ ମୋର । କ. ର.

**ଦିବାଲି, ଦେବାଳି, ଦିଆଲି** } ବିଂ. ( ଦୀପାବଳି ଶବ୍ଦଜ ) ଦୀପାବଳି ଅମାବାସ୍ୟା ।

**ଦିବାବସୁ**, ବ. ପୁଂ. ( ଦିବା-ବସୁ ) ସୂର୍ଯ୍ୟ, ଅର୍କବୃକ୍ଷ ।

**ଦିବି**, ବ. ନ. (ଦିବ୍-ଇ) ସ୍ୱର୍ଗ, ଗଗନ । ପୁଂ. ଚାଷପକ୍ଷୀ ।

**ଦିବିଷଦ୍, ଦିବୋକସ୍, ଦିବୌକସ୍** } ବ. ପୁଂ. { (ଦିବି-ସଦ୍-୦ (ଦିବ୍, ଦିବ-ଓକସ୍ } ଦେବତା, ଅମର ।

**ଦିବିଷ୍ଠ**, ବିଂ. (ଦିବି=ସ୍ୱର୍ଗରେ-ସ୍ଥା-ଅ) ସ୍ୱର୍ଗସ୍ଥ, ସ୍ୱର୍ଗୀୟ ।

**ଦିବ୍ୟ**, ବିଂ. (ଦିବ୍=ସ୍ୱର୍ଗ ଯ) ସ୍ୱର୍ଗୀୟ, ଆକାଶୀୟ । ( ଦିବ୍=ଦୀପ୍ତ ହେବା-ଯ ) ସୁନ୍ଦର, ମନୋହର, ଶ୍ରେଷ୍ଠ, ଉତ୍କୃଷ୍ଟ । ବ. ନ. ଶପଥ ।

**ଦିବ୍ୟଗନ୍ଧ**, ବ. ପୁଂ. (ଦିବ୍ୟ-ଗନ୍ଧ) ଗନ୍ଧକ । ନ. ଲବଙ୍ଗ ।

**ଦିବ୍ୟରଥ**, ବ. ପୁଂ. ( ଦିବ୍ୟ-ରଥ ) ବିମାନ, ବ୍ୟୋମଯାନ ।

**ଦିବ୍ୟରସ**, ବ. ପୁଂ. (ଦିବ୍ୟ ରସ) ପାରଦ, ପାରା ।

**ଦିଶ, ଦିଶା** } ବ. (ଦେଶଜ) ବୃତ୍ତି, ରାଗ ।

**ଦିଶା**, ବ. ସ୍ତ୍ରୀ. ପୂର୍ବାଦି ଦିକ୍, ଦନ୍ତ୍ୟଶତକବିଶେଷ ସ୍ଥିତି, ବୃତ୍ତି ।

**ଦିଶିବା**, କ୍ରି. (ଦୃଶ୍ ଧାତୁଜ) ଦେଖାଯିବା, ଦୃଷ୍ଟିଗୋଚର ହେବା ।

**ଦିଷ୍ଟ**, ବ. ପୁଂ. (ଦିଶ୍-ତ) କାଳ । ନ. ଭାଗ୍ୟ । ବିଂ. ଆଦିଷ୍ଟ, କଥିତ, ଦତ୍ତ, ପ୍ରଦର୍ଶିତ ।

ଦିଷ୍ଟାନ୍ତ, ବି. ପୁଂ. (ଦିଷ୍ଟ-ଅନ୍ତ) ମରଣ, ମୃତ୍ୟୁ ।

ଦିହ, ବିଂ. (ଦେହ ଶବ୍ଦଜ) ଦେହ, ଶରୀର ।

ଦିହୁଡ଼ି, ବି. (ଦେଶଜ) ମଶାଲ । ଯଥା—

ବନ୍ଦର ଦିହୁଡ଼ି ଅନ୍ଧାର ଘଞ୍ଚରେ
ଶୁରେ ମଣିମା ମଣିମା ସ୍ୱନ ସେ ବୈ. ବ

ଦୀକ୍ଷକ, ବିଂ, (ଦୀକ୍ଷା-ଅକ) ଶିକ୍ଷକ, ଉପଦେଷ୍ଟା ।

ଦୀକ୍ଷା, ବି. ସ୍ତ୍ରୀ, (ଦୀକ୍ଷା-ଅକ) ଉପଦେଶକ, ମନ୍ତ୍ର ଗ୍ରହଣ, ଅର୍ଚ୍ଚନା, ଯଜ୍ଞାଦି କର୍ମରେ ସଂସ୍କାର, ଅନୁଷ୍ଠାନ, ନିୟମ ବା ସଂକଳ୍ପ କରି ପ୍ରବୃତ୍ତ ହେବା ।

ଦୀକ୍ଷାଗୁରୁ, ବି. ପୁଂ. ଇଷ୍ଟଦେବ, ଯେ ତନ୍ତ୍ର ମତାନୁସାରେ ମନ୍ତ୍ରର ଉପଦେଶ ଦିଅନ୍ତି ।

ଦୀକ୍ଷିତ, ବିଂ. (ଦୀକ୍ଷ-ତ) ବ୍ରତାଦି ବା ଯଜ୍ଞାଦି କର୍ମରେ ସଂକଳ୍ପପୂର୍ବକ ପ୍ରବୃତ୍ତ, ଉପଦେଶିତ ।

ଦୀଘୀ, ବି.(ଦୀର୍ଘିକା ଶବ୍ଦଜ) ଦୀର୍ଘ ଜଳାଶୟ, ବଡ଼ ପୋଖରୀ ।

ଦୀଧିତି, ବି. ସ୍ତ୍ରୀ. (ଦୀଧି-ତି) କିରଣ, ଆଲୋକ ।

ଦୀନ, ବିଂ. (ଦୀ=କ୍ଷୟ ପାଇବା-ତ) ଦରିଦ୍ର, ଦୁଃଖିତ, କାତର, ଶୋଚ୍ୟ, ହୀନ, କ୍ଷୁବ୍ଧ, ସନ୍ତପ୍ତ, ଭୀତ ।

ଦୀନନାଥ, ବି. ପୁଂ. (ଦୀନ-ନାଥ) ନାରାୟଣ ।

ଦୀନାର, ବି. ପୁଂ. (ଦୀନ-ଋ-ଅ) ସ୍ୱର୍ଣ୍ଣମୁଦ୍ରା, ବତିଶ ରତି ପରିମିତ ସୁବର୍ଣ୍ଣ ମୋହର ।

ଦୀପ, ବି. ପୁଂ. (ଦୀପ୍-ଅ) ପ୍ରଦୀପ, ବର୍ତ୍ତିସ୍ଥ ଜ୍ୱଳନ୍ତ ଅଗ୍ନିଶିଖା ।

ଦୀପକ, ବିଂ. (ଦୀପ୍-ଅକ) ଉତ୍ତେଜକ, ଦୀପ୍ତିକାରକ । ବି. ନ. କୁଙ୍କୁମ, କାବ୍ୟାଲଙ୍କାର ବିଶେଷ ।

ଦୀପଦଣ୍ଡି, ବି. ପୁଷ୍କରଣୀ ଆଦିର ମଧ୍ୟସ୍ଥିତ ଦେଉଳବିଶେଷ । ଯଥା—

ଦୀପଦଣ୍ଡି ଲଭି ମଙ୍ଗଳପଲ୍ଲି ହୁଏ ଉଭିଶ୍ରୀ । ଲା. ବ.

ଦୀପନ, ବି. ନ. (ଦୀପ୍-ଅନ) ଉଦ୍ଦୀପନ, ଉତ୍ତେଜନ, ପଳାଣ୍ଡୁ, ଲସୁନ ।

ଦୀପବୃକ୍ଷ, ବି. ପୁଂ. (ଦୀପ-ବୃକ୍ଷ) ଦୀପାଧାର, ପିଲ୍‌ସୁଜ ପ୍ରଭୃତି ।

ଦୀପଶଲାକା, ବି. ପୁଂ. (ଦୀପ-ଶଲାକା) ଦିଆସିଲିଇ ।

ଦୀପଶିଖା, ବି. ସ୍ତ୍ରୀ. (ଦୀପ-ଶିଖା) କଜ୍ଜଳ, କାଳିମା, ଦୀପର ଶିଖା ।

ଦୀପାଳୀ, ବି. ସ୍ତ୍ରୀ. (ଦୀପ-ଆଳୀ) ଦୀପମାଳା, ଦେୱାଲି, ଯକ୍ଷରାତ୍ରି ।

ଦୀପିକା, ବି. ସ୍ତ୍ରୀ. (ଦୀପକ-ଆ) ଶ୍ରୀନିବାସକୃତ ଗ୍ରନ୍ଥବିଶେଷ, ରାଗିଣୀବିଶେଷ, ଜ୍ୟୋତ୍ସ୍ନା, ପ୍ରକାଶିକା ।

ଦୀପ୍ତ, ବିଂ. (ଦୀପ୍-ତ) ପ୍ରଜ୍ୱଳିତ, ପ୍ରକାଶିତ, ଉଦ୍ଦୀପିତ, ଆଲୋକମୟ ।

ଦୀପ୍ତଜିହ୍ୱା, ବି. ସ୍ତ୍ରୀ. ଉଲ୍କାମୁଖୀ, ଶୃଗାଳୀବିଶେଷ ।

ଦୀପ୍ତଲୋଚନ, ବି. ପୁଂ. (ଦୀପ୍ତ-ଲୋଚନ) ବିଡ଼ାଳ, ଅନ୍ଧକାରରେ ଯାହାର ଚକ୍ଷୁ ଦୀପ୍ତିବିଶିଷ୍ଟ ହୁଏ ।

ଦୀପ୍ତଲୋହ, ବି. ନ. (ଦୀପ୍ତ-ଲୋହ) କଂସା ।

ଦୀପ୍ତାକ୍ଷ, ବି. ପୁଂ. (ଦୀପ୍ତ-ଅକ୍ଷି) ବିଡ଼ାଳ । ବିଂ. ଉଜ୍ଜ୍ୱଳ ଚକ୍ଷୁବିଶିଷ୍ଟ ।

ଦୀପ୍ତାଗ୍ନି, ବି. ପୁଂ. (ଦୀପ୍ତ-ଅଗ୍ନି) ଅଗସ୍ତ୍ୟ ମୁନି, ପ୍ରଜ୍ୱଳିତ ଅଗ୍ନି । ବିଂ. ତୀକ୍ଷ୍ଣ ଜଠରାନଳବିଶିଷ୍ଟ ।

ଦୀପ୍ତାଙ୍ଗ, ବି. ପୁଂ. (ଦୀପ୍ତ-ଅଙ୍ଗ) ମୟୂର । ବିଂ. ପ୍ରଭାବିଶିଷ୍ଟ ଅଙ୍ଗ ।

ଦୀପ୍ତି, ବି. ସ୍ତ୍ରୀ. (ଦୀପ୍-ତି) ତେଜଃ, ପ୍ରଭା, ଶୋଭା, କାନ୍ତି ।

ଦୀପ୍ତିମାନ୍, ବିଂ. (ଦୀପ୍ତି-ମତ୍) ଉଜ୍ଜ୍ୱଳ, ପ୍ରଭାଶାଳୀ, ଶୋଭାବିଶିଷ୍ଟ ।

ଦୀପ୍ୟ, ବିଂ. (ଦୀପ୍-ଯ) ପ୍ରଜ୍ୱଳନଯୋଗ୍ୟ । ବି. ପୁଂ. ମୟୂରଶିଖା ।

ଦୀପ୍ୟମାନ, ବିଂ. (ଦୀପ୍-ଆନ) ଦୀପ୍ତିଶୀଳ, ଶୋଭମାନ ।

ଦୀପ୍ର, ବିଂ. (ଦୀପ୍-ର, ଶୀଳାଦ୍ୟର୍ଥେ) ଦୀପ୍ତିଶାଳୀ । ଯଥା—

ଟର୍ପଂକେ ବଶାଳ ଶୂଳ ଥୋଇ ସ୍ବବଦେଶେ
ଧାଇ ଧାଇ ଜାଗ୍ର ଯେହ୍ନେ ଫଣୀଧର ଫଣା । ମ. ଯା

ଦୀୟମାନ, ବଂ. ( ଦା-ଅନ ) ଯାହା ଦଆ ଯାଉଅଛି ।

ଦୀର୍ଘ, ବଂ. (ଦ୍ରାଘ୍-ଅ) ଲମ୍ବା, ଅଧିକ । ବ. ପୁଂ. ଗ୍ରମଶର, ଉଷ୍ଟ୍ର, ସିଂହ, କନ୍ୟା, ତୁଳା, ବୃଶ୍ଚିକ ଏହି ଗୃହରେ ଦୀର୍ଘରାଶି ।

ଦୀର୍ଘକଣ୍ଠ, ବ ପୁଂ. (ଦୀର୍ଘ-କଣ୍ଠ) ବକପକ୍ଷୀ । ବଂ. ଲମ୍ବକଣ୍ଠ ।

ଦୀର୍ଘକେଶ, ବ. ନ. (ଦୀର୍ଘ-କେଶ) ଭଲ୍ଲୁକ ।

ଦୀର୍ଘଗତ, ବ. ପୁଂ. (ଦୀର୍ଘ-ଗମ୍-କ୍ତ) ଉଷ୍ଟ୍ର, ସ୍ବଚ୍ଛର ଗମନ ।

ଦୀର୍ଘଗ୍ରୀବ, ବ. ପୁଂ. (ଦୀର୍ଘ-ଗ୍ରୀବା) ଉଷ୍ଟ୍ର, ବକ । ବଂ. ଲମ୍ବଗ୍ରୀବାଯୁକ୍ତ ।

ଦୀର୍ଘଚ୍ଛଦ, ବ. ପୁଂ. (ଦୀର୍ଘ-ଛଦ=ପତ୍ର) ଇକ୍ଷୁଦଣ୍ଡ । ବଂ. ଦୀର୍ଘପତ୍ରବିଶିଷ୍ଟ ।

ଦୀର୍ଘଜଙ୍ଘ, ବ. ପୁଂ. (ଦୀର୍ଘ-ଜଙ୍ଘା) ବକ, ଉଷ୍ଟ୍ର । ବଂ. ଯାହାର ଜଙ୍ଘ ଦୀର୍ଘ ।

ଦୀର୍ଘଜିହ୍ବା, ବ. ପୁଂ. (ଦୀର୍ଘ-ଜିହ୍ବା) ସର୍ପ ।

ଦୀର୍ଘଜୀବୀ, ବଂ. (ଦୀର୍ଘ-ଜୀବନ୍) ଯେ ଅଧିକ କାଳ ବଞ୍ଚେ ।

ଦୀର୍ଘତପାଃ, ବ. ପୁଂ. (ଦୀର୍ଘ-ତପସ୍) ଗୌତମ ଋଷି, ନୃପବିଶେଷ ।

ଦୀର୍ଘତରୁ, ବ. ପୁଂ. ତାଳବୃକ୍ଷ, ଗୁବାକବୃକ୍ଷ ।

ଦୀର୍ଘଦର୍ଶୀ, ବଂ. (ଦୀର୍ଘ-ଦର୍ଶିନ୍) ଦୂରଦର୍ଶୀ, ପରିଣାମଦର୍ଶୀ । ବ. ପଣ୍ଡିତ, ଗୃଧ୍ର, ଭଲ୍ଲୁକ, ଭାଲୁ ।

ଦୀର୍ଘଦୃଷ୍ଟି, ବ. ସ୍ତ୍ରୀ. (ଦୀର୍ଘ-ଦୃଷ୍ଟି) ଦୂରଦର୍ଶନଶକ୍ତି । ବଂ. ଦୂରଦର୍ଶୀ ।

ଦୀର୍ଘନାଦ, ବ. ପୁଂ. (ଦୀର୍ଘ-ନାଦ) ଶଙ୍ଖ । ବଂ. ଦୀର୍ଘଶବ୍ଦକାରୀ ।

ଦୀର୍ଘନିଦ୍ରା, ବ. ସ୍ତ୍ରୀ. ( ଦୀର୍ଘ-ନିଦ୍ରା ) ମୃତ୍ୟୁ, ମହାନିଦ୍ରା, ବହୁକ୍ଷଣସ୍ଥାୟିନୀ ନିଦ୍ରା ।

ଦୀର୍ଘପାଦ, ବ. ପୁଂ. (ଦୀର୍ଘ-ପାଦ) କଙ୍କପକ୍ଷୀ ।

ଦୀର୍ଘମାତ୍ରା, ବ. ସ୍ତ୍ରୀ. ବର୍ଣ୍ଣମାତ୍ରବିଶେଷ ।

ଦୀର୍ଘରାତ୍ର, ବ. ପୁଂ. (ଦୀର୍ଘ-ରାତ୍ର) ବଡ଼ ରାତ୍ର, ଦୀର୍ଘନିଶା, ବହୁକାଳ ।

ଦୀର୍ଘରୋମା, ବ. ପୁଂ. (ଦୀର୍ଘ-ରୋମନ୍) ଭଲ୍ଲୁକ । ବଂ. ଦୀର୍ଘ ଲୋମଯୁକ୍ତ ।

ଦୀର୍ଘବକ୍ତ୍ର, ବ. ପୁଂ. ( ଦୀର୍ଘ-ବକ୍ତ୍ର=ମୁଖ ) ହସ୍ତୀ ।

ଦୀର୍ଘସତ୍ର, ବ. ନ. (ଦୀର୍ଘ-ସତ୍ର) ଦୀର୍ଘକାଳସାଧ୍ୟ ଯଜ୍ଞବିଶେଷ ।

ଦୀର୍ଘସୁରତ, ବ. ପୁଂ. (ଦୀର୍ଘ-ସୁରତ = ରତିକ୍ରୀଡ଼ା) କୁକ୍କୁର ।

ଦୀର୍ଘସୂତ୍ରତା }
ଦୀର୍ଘସୂତ୍ରିତା } ବ. ସ୍ତ୍ରୀ. ( ଦୀର୍ଘ-ସୂତ୍ର-ତା, ଇନ୍-ତା ) ଅନେକ ବିଳମ୍ବରେ କର୍ମ କରିବା, ଶୀଘ୍ର କାର୍ଯ୍ୟ କରିବାକୁ ଅଯତ୍ନ ବା ଅନିଚ୍ଛା କରିବା ।

ଦୀର୍ଘସୂତ୍ର }
ଦୀର୍ଘସୂତ୍ରୀ } ବଂ. ଯେ ଅତ୍ୟନ୍ତ ବିଳମ୍ବରେ କାର୍ଯ୍ୟ କରେ । ଅଳ୍ପକ୍ଷଣସାଧ୍ୟ କର୍ମ ଯେ ବହୁକ୍ଷଣରେ କରେ ।

ଦୀର୍ଘାୟୁଃ, ବଂ. ( ଦୀର୍ଘ-ଆୟୁସ୍ ) ଚିରଞ୍ଜୀବୀ । ବ. ପୁଂ. ମାର୍କଣ୍ଡେୟ ମୁନି, କାକ, ଶାଳ୍ମଳୀବୃକ୍ଷ ।

ଦୀର୍ଘିକା, ବ. ସ୍ତ୍ରୀ. (ଦୀର୍ଘ-କ-ଆ) ବୃହତ୍ ପୁଷ୍କରିଣୀ ।

ଦୀର୍ଣ୍ଣ, ବଂ. (ଦୃ-ତ) ବିଦାରିତ, ଭଗ୍ନ, ଛିନ୍ନ । ବ. ନ. ବିଦାରଣ ।

ଦୁଆତ, ବ. (ଯାବନିକ) କାଳି ରଖିବା ପାତ୍ର, ମସୀଆଧାର ।

ଦୁଆର, ବ. (ଦ୍ବାର ଶବ୍ଦଜ) ଦ୍ବାର, ଗୃହସମ୍ମୁଖବର୍ତ୍ତୀ ପିଣ୍ଡା, ଅଗଣା ।

ଦୁଆରୀ, ବ. (ଦ୍ବାରୀ ଶବ୍ଦଜ) ଦ୍ବାରପାଳ, ଦ୍ବାରରକ୍ଷକ ।

ଦୁଇ, ସଂଖ୍ୟାବିଶେଷ, ୨ ।

ଦୁଃଖ, ବ. ନ. ( ଦୁଃଖ-ଅ ) ସନ୍ତାପ, କ୍ଳେଶ, ମନଃକ୍ଷୋଭ, ଯନ୍ତ୍ରଣା, ମନଃପୀଡ଼ା, ଅସୁଖ ।

**ଦୁଃଖାର୍ତ୍ତ**, ବିଂ. (ଦୁଃଖ-ଆର୍ତ୍ତ) କାତର, ପୀଡ଼ିତ, ଯେ ଦୁଃଖରେ କାତର ହୋଇଥାଏ ।

**ଦୁଃଖିତ**, ବିଂ. (ଦୁଃଖ-ଇତ) ଦୁଃଖଯୁକ୍ତ, କ୍ଳେଶିତ, ତାପିତ ।

**ଦୁଃଖୀ**, ବିଂ. ( ଦୁଃଖ-ଇନ୍ ) ଦୁଃଖିତ, ଯେ ଦୁଃଖଭୋଗ କରେ, ଦୀନ, ଦରିଦ୍ର ।

**ଦୁଃଶଳା**, ବି. ସ୍ତ୍ରୀ. ଧୃତରାଷ୍ଟ୍ରକନ୍ୟା, ଜୟଦ୍ରଥ-ପତ୍ନୀ ।

**ଦୁଃଶାସ**, ବିଂ. ( ଦୁର୍-ଶାସ-ଅ, କର୍ମ ) ଯାହାକୁ ଅତି କଷ୍ଟରେ ଶାସନ କରାଯାଏ ।

**ଦୁଃଶାସନ**, ବି. ପୁଂ. (ଦୁର୍-ଶାସ୍-ଅନ) ଦୁର୍ଯ୍ୟୋଧନର ମଧ୍ୟମ ଭ୍ରାତା । ବିଂ. ଯାହାକୁ ଅତି କଷ୍ଟରେ ଶାସନ କରାଯାଏ ।

**ଦୁଃଶୀଳ**, ବିଂ. ( ଦୁର୍-ଶୀଳ ) ଦୁଷ୍ଟଚରିତ୍ର, ମନ୍ଦ ସ୍ୱଭାବବିଶିଷ୍ଟ ।

**ଦୁଃଶ୍ରବ**, ବିଂ. ( ଦୁର୍-ଶ୍ରୁ-ଅ ) ଅଶ୍ରାବ୍ୟ, ଯାହା ଶୁଣିଲେ ଦୁଃଖ ଉପସ୍ଥିତ ହୁଏ ।

**ଦୁଃସମୟ**, ବି. ପୁଂ. (ଦୁର୍-ସମୟ) ମନ୍ଦ ସମୟ, ଦୁଃଖର ଅବସ୍ଥା, ଆକାଳ, ଦୁର୍ଭିକ୍ଷ ।

**ଦୁଃସହ**, ବିଂ. (ଦୁର୍-ସହ ) କଷ୍ଟସହ୍ୟ, ଅସହନୀୟ, ଅତ୍ୟନ୍ତ କ୍ଳେଶଦାୟକ ।

**ଦୁଃସାଧ**, ବିଂ. (ଦୁର୍-ସାଧ) ଦୁଷ୍କର, ଯାହାକୁ କଷ୍ଟରେ କରାଯାଏ, ଅସାଧ, ଅପ୍ରତୀକାର୍ଯ୍ୟ ।

**ଦୁଃସାହସ**, ବି. ପୁଂ. ( ଦୁର୍-ସାହସ ) ଅନୁଚିତ ସାହସ । ବିଂ. ଦୁଃସାହସିକ ।

**ଦୁଃସ୍ଥ** } ବିଂ. (ଦୁର୍-ସ୍ଥା-ଅ) ଦରିଦ୍ର, ଦୁରବସ୍ଥା-
**ଦୁସ୍ଥ** } ପନ୍ନ, ମୂର୍ଖ ।

**ଦୁଃସ୍ଥିତ**, ବିଂ. ( ଦୁର୍-ସ୍ଥା-ତ ) ଦୁଃଖରେ ଅବସ୍ଥିତ ।

**ଦୁଃସ୍ଥିତି**, ବି. ସ୍ତ୍ରୀ. (ଦୁର୍-ସ୍ଥିତି) ଦୁରବସ୍ଥା, ଅସ୍ଥିରତା, ଦୁଃଖରେ ଅବସ୍ଥାନ ।

**ଦୁଃସ୍ୱପ୍ନ** ବି. ପୁଂ. ଅଶୁଭସ୍ୱପ୍ନ, ଯେଉଁ ସ୍ୱପ୍ନ ଦେଖିଲେ ଅମଙ୍ଗଳ ଘଟେ ।

**ଦୁକ୍‌ଦୁକ୍** } କ୍ରି ବିଂ. (ଦେଶଜ) ହୃଦୟକମ୍ପନ,
**ଦୁକୁଦୁକୁ** } ଭୟ ବା ଉତ୍ସାହଜନିତ ହୃଦର ଅସ୍ଥିରତା । ଯଥା—

ଏବେ ସୁନ୍ଦା ସଙ୍ଗେ ସେ ମୃଗଲୋଚନୀ ଗତ କରେ ଦୁକୁଦୁକୁ ।
ଯ. ବେ.

**ଦୁକୂଳ**, ବି. ନ. (ଦୁ-ଉଲ, କୂ ଆଗମ) ରେଶମୀ ଲୁଗା, ଶୁଭ୍ରବସ୍ତ୍ର, ସୂକ୍ଷ୍ମବସ୍ତ୍ର, ଉତ୍ତରୀୟ ବସ୍ତ୍ର । ଯଥା —

ଦୁକୂଳ ବସନ ହେମ ଲୁଅନ୍ତି ଦକ୍ଷିଣେତରେ,
ଫିଙ୍ଗୁଛି ଧରୁଛି କନ୍ଦୁକ ବାମା ଦକ୍ଷିଣ କରେ । ଚ. ଚ.

**ଦୁଗ୍ଧ**, ବି. ନ. ( ଦୁହ୍-ତ ) କ୍ଷୀର, ଦୁଗ୍ଧ ଦୋହନ । ବିଂ. ଯାହାକୁ ଦୋହନ କରା ହୋଇଅଛି ।

**ଦୁଗ୍ଧପୋଷ୍ୟ**, ବିଂ. (ଦୁଗ୍ଧ ପୋଷ୍ୟ) ଯେଉଁମାନେ କେବଳ ଦୁଗ୍ଧପାନ କରି ଜୀବନ ଧାରଣ କରନ୍ତି । ବି. ପୁଂ. ଶିଶୁ ।

**ଦୁଜା**, ବି. (ଦ୍ୱିତୀୟ ଶବ୍ଦଜ)ସଂକ୍ରାନ୍ତିର ପରବର୍ତ୍ତୀ ଦିବସ, ନିରଂଶ ଦିବସ ।

**ଦୁଜେ**, କ୍ରି.ବି. ( ଦ୍ୱିତୀୟ ଶବ୍ଦଜ ) ଦ୍ୱିତୀୟତଃ । ଯଥା —

ଏକେ ସୁନ୍ଦର ଚୈତ୍ରର ଶୀତଳ,
ଦୁଜେ ମଳୟରେ ହଜେ ବିରହୀ କାଳ ।

**ଦୁଣ୍ଡୁଭ**, ବି. ପୁଂ. (ଦୁଣ୍ଡୁ-ଭା-ଅ) ଢୋଣ୍ଡସାପ ।

**ଦୁଦୁରା**, ବି. ଧୁତୁରାଗଛ ଓ ତାହାର ଫଳ ।

**ଦୁଧ**, ବି. ( ଦୁଗ୍ଧ ଶବ୍ଦଜ ) ପୟଃ, କ୍ଷୀର ।

**ଦୁଧିଆଳୀ**, ବିଂ. (ଦେଶଜ) ଦୁଗ୍ଧବତୀ ଗାଈ ।

**ଦୁନିଆଁ**, ବି. (ଯାବନିକ ସଂସାର ।

**ଦୁନ୍ଦୁ**, ବି ପୁଂ. (ଦୁ-ଦମ୍-ଉ) ବସୁଦେବ, କୃଷ୍ଣଙ୍କ ପିତା, ଦୁନ୍ଦୁଭି ବାଦ୍ୟ ।

**ଦୁନ୍ଦୁଭି**, ବି. ପୁଂ. ( ଦୁନ୍ଦୁ-ଭା-ଇ ) ବୃହତ୍ ଢକ୍କା, ନାଗରା, ରାକ୍ଷସବିଶେଷ, ବରୁଣ, ବିଷ ।

**ଦୁବ** } ବି ସ୍ତ୍ରୀ. ( ଦୂର୍ବା ଶବ୍ଦଜ ) ଘାସ-
**ଦୂବ** } ବିଶେଷ ।

ଦୁର୍, ଅ°. ଦୁଃଖ, କଷ୍ଟ, ମନ୍ଦ, ଦୁଷ୍ଟ, ନିଷିଦ୍ଧ ।

ଦୁରକ୍ଷ, ବି. ପୁଂ. ( ଦୁର-ଅକ୍ଷ ) କପଟପାଶକ, ଦୁଷ୍ଟଦ୍ୟୂତ । ବି°. ଦୁଷ୍ଟ ନେତ୍ରଯୁକ୍ତ ।

ଦୁରତିକ୍ରମ, ବି°. ( ଦୁର୍-ଅତି-କ୍ରମ-ଅ ) ଅଲଙ୍ଘନୀୟ, ଯାହା ଅତିକ୍ରମ କରିବା ଦୁଃସାଧ୍ୟ ।

ଦୁରତ୍ୟୟ, ବି°. ( ଦୁର୍-ଅତ୍ୟୟ ) ଦୁର୍ବିନାଶ୍ୟ, ଦୁରତିକ୍ରମ, ଦୁସ୍ତର ।

ଦୁରଦୃଷ୍ଟ, ବି. ନ. (ଦୁର୍-ଅଦୃଷ୍ଟ) ଦୁର୍ଭାଗ୍ୟ, ମନ୍ଦକପାଳ, ପାପ ।

ଦୁରଧିଗମ, ବି°. (ଦୁର୍-ଅଧି-ଗମ-ଅ ) ଦୁଷ୍ପ୍ରାପ୍ୟ, ଯାହା କଷ୍ଟରେ ମିଳେ, ଦୁର୍ଗମ, ଦୁଷ୍ପ୍ରବେଶ୍ୟ ଦୁର୍ଜ୍ଞେୟ ।

ଦୁରନ୍ତ, ବି°. ( ଦୁର୍-ଅନ୍ତ ) ଦୁର୍ଦ୍ଦାନ୍ତ, ଦୁଷ୍ଟ, ଅବାଧ୍ୟ ।

ଦୁରପନେୟ, ବି°. ( ଦୁର୍-ଅପ-ନୀ-ଯ ) ଯାହା ଦୂର କରିବା କଠିନ ଅଟେ ।

ଦୁରଭିଗ୍ରହ, ବି°. ( ଦୁର୍-ଅଭି-ଗ୍ରହ-ଅ ) ଯାହା କଷ୍ଟରେ ଗ୍ରହଣ କରାଯାଏ ।

ଦୁରବଗମ, ବି°. (ଦୁର୍-ଅବ-ଗମ-ଅ) ଦୁର୍ଜ୍ଞେୟ ।

ଦୁରବସ୍ଥ, ବି°. ( ଦୁର୍-ଅବସ୍ଥା ) ଦୁର୍ଦ୍ଦଶାପନ୍ନ, ଯାହାର ଅବସ୍ଥା ମନ୍ଦ ।

ଦୁରବସ୍ଥା, ବି. ସ୍ତ୍ରୀ. (ଦୁର୍-ଅବସ୍ଥା) ମନ୍ଦ ଅବସ୍ଥା, ଦୁର୍ଦ୍ଦଶା ।

ଦୁରାକାଙ୍କ୍ଷ, ବି°. ( ଦୁର୍-ଆକାଙ୍କ୍ଷା ) ଯେ ବ୍ୟକ୍ତିର ଇଚ୍ଛା କାହିଁରେ ପୂର୍ଣ୍ଣ ନିବୃତ୍ତି ହୁଏ ନାହିଁ ।

ଦୁରାକାଙ୍କ୍ଷା, ବି. ସ୍ତ୍ରୀ. ( ଦୁର୍-ଆକାଙ୍କ୍ଷା ) ଦୁଷ୍ଟ ଆକାଙ୍କ୍ଷା, କାହିଁରେ ଆକାଙ୍କ୍ଷା ନିବୃତ୍ତି ନ ହେବା ।

ଦୁରାକ୍ରମ୍ୟ, ବି°. ( ଦୁର୍-ଆକ୍ରମ୍ୟ ) ଯାହାକୁ ଆକ୍ରମଣ କରିବା ଦୁଃସାଧ୍ୟ ।

ଦୁରାଗ୍ରହ, ବି. ପୁଂ. (ଦୁର୍-ଆ-ଗ୍ରହ-ଅ) ଦୁଶ୍ଚେଷ୍ଟା, ମନ୍ଦ ବିଷୟରେ ଅଭିନିବେଶ ।

ଦୁରାଚାର, ବି°. ( ଦୁର୍-ଆଚାର ) ଦୁଷ୍ଟାଚାରୀ । ବି. ପୁଂ. କୁବ୍ୟବହାର, କଦାଚାର ।

ଦୁରାତ୍ମା, ବି°. (ଦୁର୍-ଆତ୍ମନ୍ ) ପାପାତ୍ମା, ନିର୍ଦ୍ଦୟ, ଦୁଷ୍ଟ, ଉତ୍ପୀଡ଼କ, ଅତ୍ୟାଚାରୀ, ଦୁଷ୍ଟଚିତ୍ତ, ମନ୍ଦସ୍ୱଭାବ ।

ଦୁରାଧର୍ଷ, ବି°. (ଦୁର୍-ଆ-ଧୃଷ୍-ଅ) ଦୁର୍ଦ୍ଧର୍ଷଣୀୟ । ବି. ପୁଂ. ଶ୍ୱେତ ସର୍ଷପ ।

ଦୁରାପ, ବି°. (ଦୁର୍-ଆପ୍-ଅ) ଦୁଷ୍ପ୍ରାପ୍ୟ, ଦୁର୍ଲ୍ଲଭ ।

ଦୁରାରୋହ, ବି°. ( ଦୁର୍-ଆ-ରୁହ-ଅ ) ଦୁର୍ଗମ, ଅତ୍ୟୁନ୍ନତ । ବି. ପୁଂ. ନାରିକେଳ ବୃକ୍ଷ ।

ଦୁରାଲଭା, ବି. ସ୍ତ୍ରୀ. ( ଦୁର୍-ଆ-ଲଭ୍-ଅ ) ସ୍ୱନାମପ୍ରସିଦ୍ଧ କ୍ଷୁଦ୍ର ବୃକ୍ଷ, ଦୁଲଭା, ଯାହା ଦୁଃଖରେ ସ୍ପର୍ଶ କରାଯାଏ ।

ଦୁରାଳାପ, ବି. ପୁଂ. (ଦୁର୍-ଆଳାପ) ଦୁଷ୍ଟବାକ୍ୟ, କଟୁକଥା, ଗାଳି, କୁତ୍ସିତ କଥୋପକଥନ । ବି°. କଟୁଭାଷୀ, ଦୁଷ୍ଟବକ୍ତା ।

ଦୁରାଶୟ, ବି. ନ. (ଦୁର୍-ଆଶୟ) ମନ୍ଦ ଅଭିପ୍ରାୟ, ଯାହାର ଉଦ୍ଦେଶ୍ୟ ମନ୍ଦ ।

ଦୁରାଶା, ବି. ସ୍ତ୍ରୀ. ( ଦୁର୍-ଆଶା ) ଦୁଷ୍ଟ ଆଶା, ଦୁର୍ମନୋରଥ ।

ଦୁରାସଦ ବି°. ( ଦୁର୍-ଆ-ସଦ୍-ଅ ) ଦୁଷ୍ପ୍ରାପ୍ୟ, ଦୁର୍ଲ୍ଲଭ, ଦୁର୍ଦ୍ଧର୍ଷ ।

ଦୁରିତ ବି. ନ. (ଦୁର୍-ଇତ) ପାପ, ଦୁଷ୍କୃତ । ବି°. ପାପିଷ୍ଠ ।

ଦୁରୁତ୍ତର, ବି°. (ଦୁର୍-ଉତ୍ତର) ଦୁସ୍ତର, ଯାହା ପାର ହେବା କଠିନ । ବି. ନ. ଅସତ୍ ଉତ୍ତର ।

ଦୁରୂହ, ବି° (ଦୁର୍-ଊହ-ଅ) କଠିନ, ଦୁର୍ବୋଧ୍ୟ, କଷ୍ଟସାଧ୍ୟ, ଦୁର୍ଜ୍ଞେୟ ।

ଦୁରୋଦର, ବି. ପୁଂ. (ଦୁର୍-ଆ-ଉଦର-ବାଦ) ଦ୍ୟୂତକ୍ରୀଡ଼ା, ପଶାଖେଳ, ବାଜି ଧରି ଖେଳିବା, ଦ୍ୟୂତ, ଅସୁରବିଶେଷ ।

ଦୁର୍ଗ, ବି. ନ. ( ଦୁର୍-ଗମ୍-ଅ ) ଗଡ଼, କୋଟ । ବି°. ଯେଉଁ ସ୍ଥାନକୁ ଯିବା କଠିନ ।

ଦୁର୍ଗତ, ବି°. (ଦୁର୍-ଗମ୍-ତ) ଦରିଦ୍ର, ଦୁର୍ଦ୍ଦଶାଗ୍ରସ୍ତ, ବିପଦ୍‌ଗ୍ରସ୍ତ ।

ଦୁର୍ଗତି, ବି. ସ୍ତ୍ରୀ. ( ଦୁର୍ ଗମ୍-ତି ) ଦାରିଦ୍ର୍ୟ, ଦୁରବସ୍ଥା, ନରକ ।

ଦୁର୍ଗନ୍ଧ, ବି ପୁଂ. (ଦୁର୍-ଗନ୍ଧ ) ମନ୍ଦଗନ୍ଧ, ପୂତିଗନ୍ଧ, ପଳାଣ୍ଡୁ, ପିଆଜ । ବି°. ଦୁର୍ଗନ୍ଧଯୁକ୍ତ ।

ଦୁର୍ଗମ, ବି°.(ଦୁର୍ ଗମ-ଅ) ଯେଉଁ ସ୍ଥାନକୁ ଅତି କଷ୍ଟରେ ଗମନ କରାଯାଏ, ଦୁର୍ଲଭ, ଦୁର୍ଜ୍ଞେୟ ।

ଦୁର୍ଗସଞ୍ଚର, ବି. ପୁଂ. ( ଦୁର୍ଗ-ସଞ୍ଚର ) ପୋଲ, ଘାଟ ।

ଦୁର୍ଗା, ବି. ସ୍ତ୍ରୀ. (ଦୁର୍ ଗମ୍-ଅ ସ୍ତ୍ରୀଲିଙ୍ଗରେ ଆ । ମହାଦେବୀ, ଶିବପତ୍ନୀ, ଅପରାଜିତା ଲତା ।

ଦୁର୍ଗ୍ରହ, ବି°.(ଦୁର୍ ଗ୍ରହ୍ ଅ) ଦୁଷ୍ପ୍ରାପ୍ୟ,ଦୁର୍ଲଭ । ବି. ପୁଂ. ମନ୍ଦଗ୍ରହ ।

ଦୁର୍ଗାନବମୀ, ବି. ସ୍ତ୍ରୀ. କାର୍ତ୍ତିକ ମାସର ଶୁକ୍ଳ-ନବମୀ ।

ଦୁର୍ଗୋତ୍ସବ, ବି. ପୁଂ. ନ. (ଦୁର୍ଗା-ଉତ୍ସବ) ଦୁର୍ଗା ଦେବୀଙ୍କ ପୂଜାନିମିତ୍ତ, ଉତ୍ସବ ।

ଦୁର୍ଘଟ, ବି°. (ଦୁର୍-ଘଟ) କଠିନ, ଯାହା ଅତି କଷ୍ଟରେ ଘଟେ, ଦୁଃସାଧ୍ୟ ।

ଦୁର୍ଘଟନା, ବି. ସ୍ତ୍ରୀ. (ଦୁର୍-ଘଟ୍-ଅନ ଆ ) ଅଶୁଭ ଘଟନା, ବିପଦ ।

ଦୁର୍ଜନ, ବି°. (ଦୁର୍-ଜନ) ଖଳ, କ୍ରୂର, ନିଷ୍ଠୁର, ଦୁଷ୍ଟ ।

ଦୁର୍ଜୟ, ବି°. ( ଦୁର୍-ଜି-ଅ ) ଯାହାକୁ ଅତ୍ୟନ୍ତ କଷ୍ଟରେ ଜୟ କରାଯାଏ, ଅଦମ୍ୟ ।

ଦୁର୍ଜାତ, ବି°. (ଦୁର୍ ଜାତ) ଯାହାର ଜନ୍ମ ବୃଥା । ବି. ନ. ଦୁର୍ଭାଗ୍ୟ, ବିପଦ ।

ଦୁର୍ଦମ୍ୟ } ବି°. ( ଦୁର୍-ଦମ୍-ଯ, ଦମ୍-ତ ) ଅଶାନ୍ତ, ଦୁରନ୍ତ, ଦୁଷ୍ଟ, କଷ୍ଟରେ ଦମନୀୟ । ବି ପୁଂ. ବତ୍ସତର ।
ଦୁର୍ଦାନ୍ତ }

ଦୁର୍ଦଶା, ବି. ସ୍ତ୍ରୀ. ( ଦୁର୍ ଦଶା ) ଦୁରବସ୍ଥା, ମନ୍ଦାବସ୍ଥା ।

ଦୁର୍ଦାନ୍ତ, ବି°. ( ଦୁର୍-ଦମ୍-ତ ) ଯାହାକୁ ଦମନ କରିବା ଅସାଧ୍ୟ ।

ଦୁର୍ଦ୍ଦିନ, ବି. ନ. (ଦୁର୍-ଦିନ) ମେଘାଚ୍ଛନ୍ନ ଦିବସ, ଦୁଃସମୟ । ଯଥା —

ଏବେ ତ କ୍ଷୀଣ ଧନ ହେବା ଦୁର୍ଦ୍ଦିନ ଦିନ,
ନ ଲଭ ବସ୍ତ୍ରଅମେଳନ୍ତୁ । ଗୀ, ବ.

ଦୁର୍ଦ୍ଦୈବ, ବି ନ. ( ଦୁର୍-ଦୈବ ) ଦୁର୍ଭାଗ୍ୟ, ମନ୍ଦ ଭାଗ୍ୟ, ଦୁର୍ଘଟନା, ପାପ ।

ଦୁର୍ଦ୍ଧର, ବି°. (ଦୁର୍-ଧୃ-ଅ) ଦୁଃସହ, ଅନିବାର୍ଯ୍ୟ, ଦୁର୍ଦ୍ଧର୍ଷ, ଦୁର୍ଗମ । ବି. ପାରଦ, ଯାଗ, ଭାଲୁଅ, ଦୈତ୍ୟବିଶେଷ ।

ଦୁର୍ଦ୍ଧର୍ଷ, ବି°. (ଦୁର୍-ଧୃଷ୍-ଅ) ଯାହାର କୌଣସି ଅପମାନ ବା ଅନିଷ୍ଟ କରାଯାଇ ନ ପାରେ, ଯାହାର ତେଜ ବିକ୍ରମ ପ୍ରଭୃତି ଏପରି ଯେ ତାହା ନିକଟକୁ ଯିବାକୁ ଭୟ ହୁଏ । ଯଥା —

ମାଲ୍ୟଗିରିବାସୀ ଦୁର୍ଦ୍ଧର୍ଷ ଜୁଆଙ୍ଗ । ନ. କେ,

ଅସହନୀୟ ଦୁର୍ଦ୍ଦମନୀୟ ।

ଦୁର୍ନୟ, ବି. ପୁଂ. ( ଦୁର୍-ନୟ ) ଦୁର୍ନୀତି, ମନ୍ଦନୀତି ।

ଦୁର୍ନାମକ, ବି. ନ. (ଦୁର୍ନାମ-କ) ଅର୍ଶରୋଗ ।

ଦୁର୍ନାମ, ବି. ନ (ଦୁର୍-ନାମନ୍) କଳଙ୍କ, ନିନ୍ଦା, ଅପ୍ରଶଂସା, କୁତ୍ସା, ଅର୍ଶରୋଗ ।

ଦୁର୍ନିବାର, ବି°. (ଦୁର୍-ନିବାର) ଯାହାକୁ କଷ୍ଟରେ ନିବାରଣ କରାଯାଏ ।

ଦୁର୍ନିମିତ୍ତ, ବି. ନ. ( ଦୁର୍-ନିମିତ୍ତ ) ଅଶୁଭଚିହ୍ନ, ଅମଙ୍ଗଳ ଚିହ୍ନ ।

ଦୁର୍ନିରୀକ୍ଷ୍ୟ, ବି°. ( ଦୁର୍-ନିରୀକ୍ଷ୍ୟ) ଯାହା ପ୍ରତି ଦୃଷ୍ଟିପାତ କରିବା ଅସାଧ୍ୟ ।

ଦୁର୍ନୀତ, ବି°. (ଦୁର୍-ନୀ-ତ) ଯାହାର ରୀତି ନୀତି ଭଲ ନୁହେ, ଉଚ୍ଛୃଙ୍ଖଳ, ଅଶିଷ୍ଟ । ବି. ସ୍ତ୍ରୀ. କୁନୀତି, ଅସଦାଚରଣ ।

ଦୁର୍ବଳ, ବି°. ( ଦୁର୍-ବଳ ) ବଳହୀନ, ଜୀର୍ଣ୍ଣ, ଅଶକ୍ତ, କ୍ଷୀଣ, କୃଶ, ଶିଥିଳ ।

**ଦୁର୍ବୁଦ୍ଧି**, ବି°. ( ଦୁର୍-ବୁଦ୍ଧି ) ଦୁର୍ମତି, କୁବୁଦ୍ଧିଶାଳୀ । ବି. ସ୍ତ୍ରୀ. ମନ୍ଦବୁଦ୍ଧି ।

**ଦୁର୍ଭଗ**, ବି°. (ଦୁର୍-ଭଗ) ଭାଗ୍ୟହୀନ, ଦୁରଦୃଷ୍ଟ, ଅପ୍ରିୟ ।

**ଦୁର୍ଭର**, ବି°. ( ଦୁର୍-ଭର ) ଦୁଃସହ, ଦୁର୍ବହ, ଗୁରୁ, ଭାର ।

**ଦୁର୍ଭାଗ୍ୟ**, ବି. ନ. (ଦୁର୍-ଭାଗ୍ୟ) ଦୁରଦୃଷ୍ଟ, ମନ୍ଦଭାଗ୍ୟ । ବି°. ଯାହାର ଅଦୃଷ୍ଟ ଭଲ ନୁହେ ।

**ଦୁର୍ଭାବନା**, ବି. ସ୍ତ୍ରୀ. ( ଦୁର୍-ଭାବନା ) ଚିନ୍ତା, ଉଦ୍‌ବେଗ ।

**ଦୁର୍ଭିକ୍ଷ**, ବି. ନ. (ଦୁର୍-ଭିକ୍ଷା) ଦେଶରେ ଖାଦ୍ୟଦ୍ରବ୍ୟର ଅଭାବ, ଅକାଳ ।

**ଦୁର୍ଭେଦ୍ୟ**, ବି°.(ଦୁର୍-ଭେଦ୍ୟ) ଅଭେଦ୍ୟ, ଯାହା ଭେଦ କରି ହୁଏ ନାହିଁ ।

**ଦୁର୍ମତି**, ବି°.(ଦୁର୍-ମତି) ଦୁର୍ବୁଦ୍ଧି, କୁମତିଶାଳୀ । ବି. ବତ୍ସରବିଶେଷ ।

**ଦୁର୍ମଦ**, ବି°. (ଦୁର୍-ମଦ୍-ଅ) ଉନ୍ମତ୍ତ, ଦୁର୍ଦ୍ଧର୍ଷ । ବି. ପୁଂ. ଧୃତରାଷ୍ଟ୍ରପୁତ୍ରବିଶେଷ, ରାଧିକାର ଦେବର ।

**ଦୁର୍ମନାଃ**, ବି°. (ଦୁର୍-ମନସ୍) ଚିନ୍ତିତ, ଦୁଃଖିତ, ବିଷଣ୍ଣ, ଉଦ୍‌ବିଗ୍ନଚିତ୍ତ ।

**ଦୁର୍ମନାୟମାନ**, ବି°. (ଦୁର୍ମନାୟ-ମାନ) ଉଦ୍‌ବିଗ୍ନଚିତ୍ତ, ଦୁର୍ଭାବନାଗ୍ରସ୍ତ ।

**ଦୁର୍ମର୍ଷଣ**, ବି°. ( ଦୁର୍-ମୃଷ୍-ଅନ ) ଯାହା ସହ୍ୟ କରିବା କଠିନ, ଅସହନୀୟ । ବି. ପୁଂ. ବିଷ୍ଣୁ, ଧୃତରାଷ୍ଟ୍ରପୁତ୍ରବିଶେଷ ।

**ଦୁର୍ମୁଖ**, ବି. ପୁଂ. ( ଦୁର୍-ମୁଖ ) ଅଶ୍ୱ, ବାନର, ଅସୁରବିଶେଷ, ନାଗବିଶେଷ, ରାମଚନ୍ଦ୍ରଙ୍କ ଗୁପ୍ତଚର । ବି°. କଟୁଭାଷୀ, ଅପ୍ରିୟ କର୍କଶବାଦୀ, ଅଶିକ୍ଷିତ ।

**ଦୁର୍ମୂଲ୍ୟ** ବି°.(ଦୁର୍-ମୂଲ୍ୟ)-ମହାର୍ଘ, ବହୁମୂଲ୍ୟ ।

**ଦୁର୍ମେଧାଃ**, ବି°. ( ଦୁର୍-ମେଧସ୍ ) ମେଧାହୀନ, ଅବୋଧ, ଅଳ୍ପବୁଦ୍ଧି ।

**ଦୁର୍ଯୋଗ**, ବି. ପୁଂ. ( ଦୁର୍-ଯୋଗ ) ଦୁର୍ଦ୍ଦିନ, ଦୁଃସମୟ ।

**ଦୁର୍ଯ୍ୟୋଧନ**, ବି. ପୁଂ. ( ଦୁର୍-ଯୁଧ୍-ଅନ ) ଧୃତରାଷ୍ଟ୍ରର ଜ୍ୟେଷ୍ଠପୁତ୍ର । ବି°. ଯାହା ସାଙ୍ଗରେ ଅତି କଷ୍ଟରେ ଯୁଦ୍ଧ କରାଯାଏ ।

**ଦୁର୍ଲକ୍ଷ୍ୟ**, ବି°. ( ଦୁର୍-ଲକ୍ଷ୍-ଯ ) ଅଦୃଶ୍ୟ, ଯାହା ଅତି କଷ୍ଟରେ ଦେଖାଯାଏ ।

**ଦୁର୍ଲଙ୍ଘ**, **ଦୁର୍ଲଙ୍ଘ୍ୟ** } ବି°. ( ଦୁର୍-ଲଙ୍ଘ, ଅ, ଯ ) ଯାହା କଷ୍ଟରେ ଲଙ୍ଘନ କରିବାକୁ ହୁଏ, ଅଲଙ୍ଘ୍ୟ ।

**ଦୁର୍ଲଭ**, **ଦୁର୍ଲଭ୍ୟ** } ବି°. ( ଦୁର୍-ଲଭ୍-ଅ, ଯ ) ଦୁଷ୍ପ୍ରାପ୍ୟ, ଯାହା ସହଜରେ ମିଳେ ନାହିଁ, ବହୁମୂଲ୍ୟ ।

**ଦୁର୍ଲେଖ୍ୟ**, ବି. ନ. ( ଦୁର୍-ଲେଖ୍ୟ ) ଗର୍ହିତ ଲେଖ୍ୟପତ୍ର, ଜାଲ ଦଲିଲ ।

**ଦୁର୍ବଚଃ**, ବି. ନ. (ଦୁର୍-ବଚସ୍) ଦୁର୍ବାକ୍ୟ, କଟୁକଥା, ନିନ୍ଦାବାକ୍ୟ । ବି°. ଅକଥ୍ୟ, ଅବକ୍ତବ୍ୟ ।

**ଦୁର୍ବର୍ଣ୍ଣ**, ବି. ନ. (ଦୁର୍-ବର୍ଣ୍ଣ) ରଜତ, ରୌପ୍ୟ । ବି°. ମଳିନ ।

**ଦୁର୍ବହ**, ବି°. (ଦୁର୍-ବହ୍-ଅ) ଦୁଃସହ, କଷ୍ଟରେ ବହନୀୟ ।

**ଦୁର୍ବାକ୍**, **ଦୁର୍ବାଦ୍** } ବି°. ( ଦୁର୍-ବାକ୍, ବାଦ୍ ) କଟୁଭାଷୀ, ଯେ ମନ୍ଦ କଥା କହେ ।

**ଦୁର୍ବାକ୍ୟ**, ବି. ନ. ( ଦୁର୍-ବାକ୍ୟ ) କଟୁବାକ୍ୟ, ଅପ୍ରିୟ କଥା, ଅଶ୍ଳୀଳ ବାକ୍ୟ ।

**ଦୁର୍ବାର**, ବି°. (ଦୁର୍-ବୃ-ଅ) ଅନିବାର୍ଯ୍ୟ, ଯାହା ବାରଣ କରାଯାଇ ନ ପାରେ ।

**ଦୁର୍ବାସାଃ**, ବି. ପୁଂ. (ଦୁର୍-ବାସସ୍) ଅତ୍ରିମୁନିଙ୍କ ପୁତ୍ର । ବି°. କୁତ୍ସିତ ବସ୍ତ୍ରଧାରୀ ।

**ଦୁର୍ବିଧ**, ବି°. ( ଦୁର୍-ବିଧ ) ଦରିଦ୍ର, ଖଳ, ଦୁଷ୍ଟ, ମୂର୍ଖ ।

**ଦୁର୍ବିନୀତ**, ବି° (ଦୁର୍-ବି-ନୀ-ତ) ଖଳ, ଅବାଧ୍ୟ, ଉଦ୍ଧତ, ଦୁଷ୍ଟ, ଅଶିଷ୍ଟ, ଅବିନୀତ ।

ଦୁର୍ବିପାକ, ବି. ପୁଂ. ( ଦୁର୍-ବିପାକ ) ଦୁର୍ଘଟନା, ମନ୍ଦ ପରିଣାମ ।

ଦୁର୍ବିଷହ, ବିଂ. ( ଦୁର୍-ବି ସହ-ଅ ) ଅସହ୍ୟ, ଦୁର୍ବ୍ବହ । ବି. ପୁଂ. ଧୃତରାଷ୍ଟ୍ରପୁତ୍ରବିଶେଷ ।

ଦୁର୍ବୃତ୍ତ, ବିଂ. ( ଦୁର୍-ବୃତ୍ତ ) ଦୁଷ୍ଚରିତ୍ର, ଧୂର୍ତ୍ତ, ଦୁର୍ଜନ, ଉଦ୍ଧତ, ଦୁରାତ୍ମା ।

ଦୁର୍ହୃଦ୍, ବି. ପୁଂ. ( ଦୁର୍-ହୃଦ୍ ) ଶତ୍ରୁ । ବିଂ. ଦୁଷ୍ଟାନ୍ତଃକରଣ, କ୍ରୂରଚିତ୍ତ ।

ଦୁଲଣା / ଦୁଲଣୀ } ବି. ( ଦେଶଜ ) ଗେଲ୍ହା, ସ୍ନେହପାତ୍ର । ଯଥା—

ଘେନ ରାଣୀଙ୍କର ନନ୍ଦନପିଭୁଲା
ଥିଲ ମୋ ରାଜଦୁଲଣା ।    ଯ. ଜେ

ଦୁଲ୍ଲଭ / ଦୁର୍ଲ୍ଲଭ } ବି. (ଦୁରାଲଭା ଶବ୍ଦଜ) ସ୍ୱନାମ ପ୍ରସିଦ୍ଧ ସୁଗନ୍ଧ ଗୁଳ୍ମ ।

ଦୁଲ୍ଲାଳ, ବିଂ. (ଦୁର୍ଲଲିତ ଶବ୍ଦଜ ?) ପ୍ରଶ୍ରୟ ପ୍ରାପ୍ତ ଗେହ୍ଲା, ପ୍ରିୟ, ମନୋଜ୍ଞ, ଗେହ୍ଲାପୁଅ, ପ୍ରେମ, ଅନୁରାଗ ।

ଦୁଲୁକିବା, କ୍ରି. ( ଦେଶଜ ) କମ୍ପି ଉଠିବା ।

ଦୁବେଇ, ବି. ( ହିନ୍ଦୀ ) ଦ୍ୱିବେଦୀ, ଏକଜାତୀୟ ବ୍ରାହ୍ମଣ ।

ଦୁଶ୍ଚର, ବିଂ. ( ଦୁର୍-ଚର୍-ଅ ) ଯାହା ଆଚରଣ କରିବା କଠିନ, ଦୁର୍ଗମ । ବି. ପୁଂ. ଶମ୍ବୁକ, ଭଲ୍ଲୁକ ।

ଦୁଶ୍ଚରିତ / ଦୁଶ୍ଚରିତ୍ର } ବି. ନ. ( ଦୁର୍-ଚରିତ, ଚରିତ୍ର ) ମନ୍ଦ ପ୍ରକୃତି, କୁସ୍ୱଭାବ । ବିଂ. ଯାହାର ଚରିତ୍ର ମନ୍ଦ ।

ଦୁଶ୍ଚିକିତ୍ସ୍ୟ, ବିଂ. ( ଦୁର୍-ଚିକିତ୍ସା-ଯ ) ଯାହାର ସହଜରେ ଚିକିତ୍ସା ହୋଇ ନ ପାରେ, କଷ୍ଟେ, ଅପ୍ରତିବିଧେୟ ।

ଦୁଶ୍ଚେଷ୍ଟା / ଦୁଶ୍ଚେଷ୍ଟିତ } ବି. ନ. (ଦୁର୍ ଚେଷ୍ଟା, ଚେଷ୍ଟିତ) ମନ୍ଦ ଆଚରଣ, ମନ୍ଦଚେଷ୍ଟା ।

ଦୁଷ୍କର, ବିଂ. (ଦୁର୍-କୃ-ଅ) ଯାହା କଷ୍ଟରେ କରାଯାଏ, ଦୁଃଖସାଧ୍ୟ ।

ଦୁଷ୍କର୍ମ, ବି. ନ. (ଦୁର୍-କର୍ମନ୍) ମନ୍ଦକର୍ମ ।

ଦୁଷ୍କର୍ମା, ବିଂ. (ଦୁର୍-କର୍ମନ୍ ) ମନ୍ଦକର୍ମା ।

ଦୁଷ୍କୁଳ, ବି. ନ. (ଦୁର୍-କୁଳ) ମନ୍ଦକୁଳ, ନୀଚବଂଶ ।

ଦୁଷ୍କୁଳୀନ, ବିଂ. ( ଦୁଷ୍କୁଳ ଈନ ) ଅସତ୍ କୁଳଜାତ, ନୀଚ ବଂଶୋଦ୍ଭବ ।

ଦୁଷ୍କୃତ, ବି. ନ. (ଦୁର୍-କୃ-ତ) ପାପ, ଦୁଷ୍କର୍ମ । ବିଂ. ପାପଜନକ, ପାପଯୁକ୍ତ ।

ଦୁଷ୍କୃତି / ଦୁଷ୍କ୍ରିୟା } ବି. ସ୍ତ୍ରୀ. ( ଦୁର୍-କୃ-ତି, କୃ-ଯ-ଅ ) ପାପ, ମନ୍ଦକର୍ମ, ଦୁର୍ଭାଗ୍ୟ ।

ଦୁଷ୍କୃତୀ, ବିଂ. ( ଦୁଷ୍କୃତ-ଇନ୍ ) ଦୁଷ୍କୃତକାରୀ, ପାପକାରକ ।

ଦୁଷ୍ଟ, ବିଂ. ( ଦୁଷ୍-ତ ) ଦୋଷଯୁକ୍ତ, ଅପବିତ୍ର, ଅଧାର୍ମିକ, ଦୁର୍ବଳ, ଅଧମ, ଦୁର୍ଜନ ।

ଦୁଷ୍ଟଯୋଗ, ବି. ପୁଂ. ବୈଧୃତି, ବ୍ୟତିପାତାଦି ଯୋଗ ।

ଦୁଷ୍ପ୍ରବେଶ, ବିଂ. (ଦୁର୍-ପ୍ରବେଶ) ଦୁର୍ଗମ, ଯହିଁରେ ପ୍ରବେଶ କରିବା କଠିନ ।

ଦୁଷ୍ପ୍ରାପ / ଦୁଷ୍ପ୍ରାପ୍ୟ } ବିଂ. (ଦୁର୍-ପ୍ର-ଆପ୍-ଅ, ଯ ) ଦୁର୍ଲଭ, ଯାହା ପାଇବା କଠିନ ।

ଦୁଷ୍ମନ୍ତ / ଦୁଷ୍ୟନ୍ତ } ବି. ପୁଂ. ( ଦୁଷ୍-ମନ୍-ତ ) ଭରତ ରାଜାଙ୍କ ପିତା, ଶକୁନ୍ତଳାଙ୍କ ପତି ।

ଦୁସ୍ତର, ବିଂ. ( ଦୁର୍ ତୃ-ଅ ) ଦୁରତିକ୍ରମ, ଦୁଷ୍ପରିହର, ଯାହା ପାର ହେବା କଠିନ ।

ଦୁଷ୍ମନ୍, ବିଂ. ଯାବନିକ) ଦୋଷୀ, ଶତ୍ରୁ ।

ଦୁହାଇ / ଦୋହି } ବି. (ଦେଶଜ) ଶପଥ, ରାଣ ।

ଦୁହିତା, ବି. ସ୍ତ୍ରୀ. ( ଦୁହ୍-ତୃ ) କନ୍ୟା, ଝିଅ, ପୁତ୍ରୀ ।

ଦୁହାଁ, ବି. (ଦୁହ୍ ଧାତୁଜ) ଦୋହନ, ଦୁହିଁବା ।

ଦୁହାଁଳ, ବିଂ. ( ଦେଶଜ ) ଦୁଧିଆଳ, ଯେ ଦୁଧ ଦିଏ ।

ଦୁହିଁବା, କ୍ରି. ( ଦୋହନ ଶବ୍ଦଜ ) ଦୋହନ କରିବା, ଠାଣିବା ।

ଦୁହ୍ୟମାନ, ବିଂ. ( ଦୁହ-ମାନ, କର୍ମବାଚ୍ୟେ ) ଯାହାକୁ ଦୋହନ କରାଯାଏ, ଦୋହନବିଶିଷ୍ଟ ।

**ଦୂତ**, ପୁଂ. (ଦୁ—ଗମନ କରିବା-ତ) ବାର୍ତ୍ତା-ବହ, ଚର, ସନ୍ଦେଶବହ, ହରକରା।

**ଦୂତି, ଦୂତିକା, ଦୂତୀ** } ବି. ସ୍ତ୍ରୀ. ( ଦୁ-ତି, ତିକା, ତୀ ) ବାର୍ତ୍ତାବାହକା, କୁଟ୍ଟିଣୀ।

**ଦୂତ୍ୟ**, ବି. ନ. ( ଦୂତ-ଯ ) ଦୂତର କାର୍ଯ୍ୟ, ଦୂତର କର୍ମ।

**ଦୂନ**, ବିଂ. ( ଦୁ-ତ ) ପଥଶ୍ରାନ୍ତ, ପରିତପ୍ତ, କ୍ଲିଷ୍ଟ।

**ଦୂର**, ବିଂ. ( ଦୁର-ଇ-ରକ୍ ) ଦୀର୍ଘ, ଅତ୍ୟନ୍ତ, ଗାଢ଼, ଅଗୋଚର।

**ଦୂରଗ, ଦୂରଗାମୀ** } ବିଂ. ( ଦୂର-ଗମ୍-ଅ, ଗମ୍-ଇନ୍ ) ଯେ ଦୂରକୁ ଯାଏ।

**ଦୂରତଃ**, ଅଂ. (ଦୂର-ତସ) ଦୂରରୁ, ଦୂରରେ।

**ଦୂରଦର୍ଶୀ**, ବି. ପୁଂ. (ଦୂର-ଦୃଶ୍-ଇନ୍) ପରିଣାମଦର୍ଶୀ, ପଣ୍ଡିତ, ଗୃଧ୍ର।

**ଦୂରଦୃଷ୍ଟି**, ବିଂ. ( ଦୂର-ଦୃଷ୍ଟି ) ଅନେକ ଦୂର ପର୍ଯ୍ୟନ୍ତ ଯେ ଦେଖି ପାରେ, ଦୀର୍ଘଦୃଷ୍ଟି। ବି. ସ୍ତ୍ରୀ ଦୂରଦର୍ଶନ।

**ଦୂରବର୍ତ୍ତୀ**, ବିଂ. ( ଦୂର-ବୃତ୍-ଇନ୍ ) ଯାହା ଦୂରରେ ଅଛି, ଦୂରସ୍ଥ।

**ଦୂରଯାୟୀ**, ବିଂ. (ଦୂର-ଯା ଇନ୍) ଦୂରଗାମୀ।

**ଦୂରବୀକ୍ଷଣ**, ବି. ନ. (ଦୂର-ବି-ଈକ୍ଷ-ଅନ) ଯନ୍ତ୍ର-ଦ୍ୱାରା ଦୂରସ୍ଥିତ ପଦାର୍ଥ ନିକଟରେ ଦୃଶ୍ୟ ହୁଏ।

**ଦୂରବେଧୀ**, ବିଂ. ( ଦୂର-ବିଧ୍-ଇନ୍ ) ଦୂରସ୍ଥିତ ପଦାର୍ଥକୁ ଯେ ବିଦ୍ଧ କରେ; ଶର, ଗୁଳି ପ୍ରଭୃତି।

**ଦୂରସ୍ଥ**, ବିଂ. (ଦୂର-ସ୍ଥା-ଅ) ଦୂରବର୍ତ୍ତୀ।

**ଦୂରୀକରଣ**, ବି. ନ. (ଦୂର-ଚ୍ୱି-କୃ ଅନ) ବହିଷ୍କୃତ କରିବା, ଅବମାନନାପୂର୍ବକ ତଡ଼ିଦେବା।

**ଦୂରୀକୃତ**, ବିଂ. (ଦୂର-ଚ୍ୱି-କୃତ) ତାଡ଼ିତ, ଅବମାନନାପୂର୍ବକ ଯାହାକୁ ଦୂର କରା ହୋଇଅଛି।

**ଦୂରୀଭୂତ**, ବିଂ. ( ଦୂର-ଚ୍ୱି-ଭୂ-ତ ) ଯେ ଦୂର ହୋଇ ଯାଇଅଛି, ଯେ ଅବମାନନା ସହିତ ଦୂର ହୋଇ ଯାଇଅଛି।

**ଦୂର୍ବା**, ବି. ସ୍ତ୍ରୀ. (ଦୂର୍ବ-ଅ-ଆ) ଦୁବଘାସ, ଦୂବାଘାସ ପ୍ରସିଦ୍ଧ ତୃଣ।

**ଦୂର୍ବାଷ୍ଟମୀ**, ବି. ସ୍ତ୍ରୀ. ଭାଦ୍ର ମାସର ଶୁକ୍ଳାଷ୍ଟମୀ।

**ଦୂଷକ**, ବିଂ. (ଦୂଷି-ଅକ) ଅପବାଦକ, ଯେ ଦୋଷ ଦିଏ।

**ଦୂଷଣ**, ବି. ନ (ଦୂଷି-ଅନ) ଦୋଷ। ଯଥା—

> କାନ୍ତ ଦୂଷଣ ଘୋଷଣ,
> ହେଲେ ହେବ ପଛୁ ନିନ୍ଦା କଷଣ ଗୋ,
> ମୁଁ ତ କଲିଣି ନିନ୍ଦା ଭୂଷଣ। ବ. ଚ.

ପୁଂ. ରାବଣର ମାତୃସ୍ୱସ୍ରେୟ, ରାକ୍ଷସବିଶେଷ।

**ଦୂଷଣାରି**, ବି. ପୁଂ. (ଦୂଷଣ-ଅରି) ରାମ।

**ଦୂଷିତ**, ବିଂ. (ଦୂଷି-ତ) ନିନ୍ଦିତ, ଦୋଷଯୁକ୍ତ।

**ଦୂଷ୍ୟ**, ବିଂ. (ଦୂଷି-ଯ) ଦୂଷଣୀୟ, ନିନ୍ଦନୀୟ।

**ଦୃକ୍**. ବି. ସ୍ତ୍ରୀ. (ଦୃଶ୍-୦) ଚକ୍ଷୁ, ଦର୍ଶନ, ଜ୍ଞାନ। ବିଂ. ଦର୍ଶକ।

**ଦୃକ୍‌ପାତ**, ବି. ପୁଂ. (ଦୃକ୍-ପାତ) ଦୃଷ୍ଟିନିକ୍ଷେପ।

**ଦୃଢ଼**, ବିଂ. (ଦୃହ୍-ତ) କଠିନ, ସମର୍ଥ, ଗାଢ଼, ଅତିଶୟ। ବି. ନ. ଲୌହ।

**ଦୃଢ଼ତା**, ବି. ସ୍ତ୍ରୀ. (ଦୃଢ଼-ତା) କାଠିନ୍ୟ, ସ୍ଥିରତା, ଅବିଚଳନ।

**ଦୃଢ଼ପ୍ରତିଜ୍ଞ**, ବିଂ. (ଦୃଢ଼-ପ୍ରତିଜ୍ଞା) ଯାହାର ପ୍ରତିଜ୍ଞା କଦାପି ଅନ୍ୟଥା ହୁଏ ନାହିଁ, ସ୍ଥିରପ୍ରତିଜ୍ଞ।

**ଦୃଢ଼ମୁଷ୍ଟି**, ବିଂ. (ଦୃଢ଼-ମୁଷ୍ଟି) କୃପଣ, ବ୍ୟୟକୁଣ୍ଠ, ଯାହାର ମୁଷ୍ଟି ଦୃଢ଼। ବି. ପୁଂ. ଖଡ୍ଗାଦି ଅସ୍ତ୍ର।

**ଦୃଢ଼ବ୍ରତ**, ବିଂ ଅଧ୍ୟବସାୟବିଶିଷ୍ଟ, ଅବଲମ୍ବିତ କାର୍ଯ୍ୟ ସାଧନରେ ଯାହାର ଦୃଢ଼ ଯତ୍ନ ଅଛି।

**ଦୃଢ଼ସନ୍ଧ**, ବିଂ. (ଦୃଢ଼-ସନ୍ଧା) ସ୍ଥିରସନ୍ଧାନ, ଦୃଢ଼ପ୍ରତିଜ୍ଞ। ପୁଂ. ଧୃତରାଷ୍ଟ୍ରପୁତ୍ରବିଶେଷ।

**ଦୃଢ଼ାଙ୍ଗ**, ବିଂ. (ଦୃଢ଼-ଅଙ୍ଗ) ଦୃଢ଼କାୟ।

**ଦୃତ**, ବିଂ. (ଦୃ-ତ) ଆଦୃତ, ସମ୍ମାନିତ।

**ଦୃପ୍ତ, ଦୃପ୍ର** } ବିଂ. (ଦୃପ୍-ତ, ର) ଗର୍ବିତ, ଉଦ୍ଧତ, ଦୁଷ୍ଟ। ବି. ପୁଂ. ବଳିଷ୍ଠ।

ଦୃଷଦ୍ } ବି. ସ୍ତ୍ରୀ. ( ଦୃ-ଶଦ୍, ଷଦ୍-କ୍ୱିପ୍ ) ପାଷାଣ
ଦୃଷଦ୍ } ପ୍ରସ୍ତର, ବସ୍ଟୃତ ଶିଳା ।

ଦୃଷଦ୍ବତୀ, ବି ସ୍ତ୍ରୀ. (ଦୃଷଦ୍-ବତ୍-ଈ) ଅଧୁନାକ ହସ୍ତିନାଗରର ଉତ୍ତରପୂର୍ବ୍ବସ୍ଥିତ ନଦୀବିଶେଷ, ଦୁର୍ଗା ।

ଦୃଶା, ବି. ସ୍ତ୍ରୀ. (ଦୃଶ୍-ଅ-ଆ ଚକ୍ଷୁଃ, ନୟନ ।

ଦୃଶ୍ୟ, ବିଂ. (ଦୃଶ୍-ଯ) ଦର୍ଶନୀୟ, ସୁନ୍ଦର ସ୍ୱରୂପ । ବି. ନ. ଦର୍ଶନୀୟ ବସ୍ତୁ ।

ଦୃଶ୍ୟକାବ୍ୟ, ବି. ନ. ରଙ୍ଗାଳୟରେ ନଟଗଣ-କର୍ତ୍ତୃକ ଦର୍ଶନୀୟ କାବ୍ୟବିଶେଷ, ନାଟକ ।

ଦୃଷ୍ଟ, ବିଂ. (ଦୃଶ୍-ତ) ଜ୍ଞାତ, ଲୌକିକ, ଅବଲୋକିତ । ବି. ନ. ଦର୍ଶନ ।

ଦୃଷ୍ଟରଜାଃ, ବି. ସ୍ତ୍ରୀ. (ଦୃଷ୍ଟ-ରଜସ୍) ନବଯୁବତୀ, ପ୍ରାପ୍ତବୟସ୍କା ।

ଦୃଷ୍ଟାନ୍ତ, ବି. ପୁଂ. ( ଦୃଷ୍ଟ-ଅନ୍ତ ) ଉଦାହରଣ, ନିଦର୍ଶନ, ମୃତ୍ୟୁ ।

ଦୃଷ୍ଟି, ବି. ସ୍ତ୍ରୀ. (ଦୃଶ୍-ତି) ଚକ୍ଷୁଃ, ଦର୍ଶନ, ଜ୍ଞାନ ।

ଦୃଷ୍ଟିଗୋଚର, ବିଂ. (ଦୃଷ୍ଟି-ଗୋଚର) ନେତ୍ର-ଗୋଚର, ଚକ୍ଷୁଦ୍ୱାରା ଯାହା ଦେଖାଯାଏ ।

ଦୃଷ୍ଟିବିକ୍ଷେପ, ବି. ପୁଂ. (ଦୃଷ୍ଟି-ବିକ୍ଷେପ) କଟାକ୍ଷ, ଅପାଙ୍ଗଦୃଷ୍ଟି ।

ଦୃଷ୍ଟିବିଜ୍ଞାନ, ବି.ନ. (ଦୃଷ୍ଟି ବିଜ୍ଞାନ ) ଆଲୋକ ଓ ଦର୍ଶନବିଷୟକ ବିଦ୍ୟା ।

ଦେଇ } ଅଂ. (ତୃତୀୟା ବିଭକ୍ତିର ଚିହ୍ନ) ଦ୍ୱାରା,
ଦେଇ } ଚାଟେ ।

ଦେଇ, ବି. ସ୍ତ୍ରୀ. ( ଦେବୀ ଶବ୍ଦଜ ରାଜକନ୍ୟା, ସମ୍ଭ୍ରାନ୍ତବଂଶୀୟା ।

ଦେଉ }
ଦେଓ } ବି. (ବଙ୍ଗ) ଦେବ, ରାଜକୁମାର ।

ଦେଉଳ ବି. (ଦେବକୁଳ ଶବ୍ଦଜ) ଦେବାଳୟ, ଦେବମନ୍ଦିର ।

ଦେଉଳିଆ } ବିଂ. ( ଦେଶଜ ) ଋଣୀ, ଋଣ
ଦେବାଳିଆ } ପରିଶୋଧରେ ଅକ୍ଷମ, ନିଃସ୍ୱ, ଯେଉଁମାନେ ଦେଉଳରେ ସେବା ଦ୍ୱାରା କାର୍ଯ୍ୟନିର୍ବ୍ବାହ କରନ୍ତି ।

ଦେଖଣାହାର, ବି. (ଦେଶଜ) ଦେଖିବା ଲୋକ, ଦର୍ଶକ ।

ଦେଖା, ବି. ( ଦୃଶ୍ ଧାତୁଜ ) ଦର୍ଶନ । ବିଂ. ଦର୍ଶକ, ଦ୍ରଷ୍ଟା ।

ଦେଖାଦେଖି, ବି. ପରସ୍ପର ଦର୍ଶନ ।

ଦେଖାଇବା, କ୍ରି. (ଦୃଶ୍ ଧାତୁର ଣିଜନ୍ତ) ପ୍ରତ୍ୟକ୍ଷ କରାଇବା ।

ଦେଖାଳି, ବିଂ. (ଦେଶଜ) ଦର୍ଶକ ।

ଦେଖିବା, କ୍ରି. (ଦୃଶ୍ ଧାତୁଜ) ଦର୍ଶନ କରିବା, ନିରୀକ୍ଷଣ କରିବା ।

ଦେଢେଇ, ବି. (ଦେଶଜ) ଦଦେଇଙ୍କ ସ୍ତ୍ରୀ ।

ଦେଢ଼ୁତା, ବି. (ଜ୍ୟେଷ୍ଠତାତ ଶବ୍ଦଜ ) ପିତାଙ୍କ ବଡ଼ଭାଇ ।

ଦେଢ଼ଶାଶୁ, ବି. ( ଦେଶଜ ) ସ୍ତ୍ରୀର ବଡ଼ ଭଉଣୀ ।

ଦେଢ଼ଶ୍ୱଶୁର, ବି. (ଦେଶଜ) ସ୍ୱାମିଙ୍କ ବଡ଼ଭାଇ ।

ଦେଡ଼, ବିଂ. ( ଦେଶଜ ) ଏକ ଅଙ୍କ ଅର୍ଦ୍ଧେ, ସାର୍ଦ୍ଧ, ୧½ ।

ଦେଢ଼ିଆ, ବିଂ. (ଦେଶଜ) ଅସମତଳ ।

ଦେଢ଼ି, ବି ( ଦେଶଜ ) ଅଧା ସୁଧରେ ଧାନ କରଜ ।

ଦେଣ }
ଦେଣା } ବି. (ଯାବନିକ) ଋଣ, ଦେୟ ।

ଦେଦୀପ୍ୟମାନ, ବି. (ଦୀପ୍-ଯଙ୍-ଅନ) ଜାଜ୍ୱଲ୍ୟ-ମାନ, ଅତି ଦୀପ୍ତିବିଶିଷ୍ଟ ।

ଦେୟ, ବିଂ. (ଦା-ଯ) ଦେଣା, ଦାନର ଯୋଗ୍ୟ, ଦାନର ଉପଯୁକ୍ତ ।

ଦେବ, ବି ପୁଂ. ( ଦିବ୍-ଅ) ଈଶ୍ୱର, ଦେବତା, ସୁର, ରାଜା, ବ୍ରାହ୍ମଣ । ବିଂ. ପୂଜ୍ୟ, ଶ୍ରେଷ୍ଠ, ସମୁଜ୍ଜ୍ୱଳ ।

ଦେବକ, ବି. ପୁଂ. ( ଦେବ-ଅକ ) କୃଷ୍ଣଙ୍କର ମାତାମହ, ଦେବକୀର ପିତା । ବିଂ. କ୍ରୀଡ଼କ ।

ଦେବକର୍ଦ୍ଦମ, ବି. ପୁଂ. (ଦେବ କର୍ଦ୍ଦମ) ଚନ୍ଦନ, କର୍ପୂର ଓ କୁଙ୍କୁମମିଶ୍ରିତ ପଦାର୍ଥ ।

ଦେବକୀ } ବ. ସ୍ତ୍ରୀ. ( ଦେବକ-ଅ-
ଦୈବକୀ } ଅପତ୍ୟାର୍ଥେ ଈ ) ବସୁଦେବଙ୍କ ସ୍ତ୍ରୀ, କଂସର ଭଗ୍ନୀ, କୃଷ୍ଣଙ୍କର ମାତା ।

ଦେବକୁଳ, ବ. ନ. (ଦେବ-କୁଳ) ଦେବାଳୟ, ଦେଉଳ, ପୂଜାସ୍ଥାନ, ବଂଶ, ସମୂହ ।

ଦେବକୁସୁମ, ବ. ସ୍ତ୍ରୀ. (ଦେବ-କୁସୁମ) ଲବଙ୍ଗ ।

ଦେବଖାତ, ବ. ନ. ( ଦେବ-ଖାତ ) ସ୍ୱାଭାବିକ ଖାତ, ହ୍ରଦ, ଅକୃତ୍ରିମ ଜଳାଶୟ ।

ଦେବଗାୟନ, ବ. ପୁଂ. ( ଦେବ ଗାୟନ ) ଗନ୍ଧର୍ବ ।

ଦେବଗିରି, ବ. ପୁଂ. ( ଦେବ-ଗିରି ) ପର୍ବତ-ବିଶେଷ ।

ଦେବଗୁରୁ, ବ ପୁଂ. (ଦେବ-ଗୁରୁ) ବୃହସ୍ପତି ।

ଦେବଗୃହ, ବ. ନ. ( ଦେବ ଗୃହ ) ଦେବତାଙ୍କ ସ୍ଥାନ, ଦେବାଳୟ, ଚନ୍ଦ୍ର ଓ ସୂର୍ଯ୍ୟମଣ୍ଡଳ ।

ଦେବଚର୍ମସ୍କନ୍ଦ, ବ. ପୁଂ. ( ଦେବ-ଚର୍ମସ୍କନ୍ଦ ) ଅଶ୍ୱିନୀକୁମାର ।

ଦେବତରୁ, ବ. ପୁଂ. ( ଦେବ-ତରୁ ) ମନ୍ଦାର, ସନ୍ତାନ, ପାରିଜାତ, କଳ୍ପବୃକ୍ଷ, ହରିଚନ୍ଦନ ଏହି ପାଞ୍ଚ ବୃକ୍ଷ ।

ଦେବତା, ବ. ସ୍ତ୍ରୀ. (ଦେବ-ତନ୍-ଅ-ଆ) ଦେବ, ଅମର, ସୁର, ତ୍ରିଦଶ ।

ଦେବତାଡ଼, ବ ପୁଂ. ( ଦେବ-ତଡ୍-ଅ ) ରାହୁ, ଅଗ୍ନି, ମେଘ ।

ଦେବତ୍ୱ, ବ. ନ. ( ଦେବ-ତ୍ୱ ) ଦେବତାର ଧର୍ମ ଗୁଣ ବା ଅବସ୍ଥା, ଦେବଭାବ ।

ଦେବତ୍ର } ବଂ. { ଦେବ-ତ୍ରୈ-ଅ }
ଦେବୋତ୍ତର } { ଦେବ-ଉତ୍ତର }
ଦେବତାସେବାନିମିତ୍ତ ପ୍ରଦତ୍ତ ଭୂମି ।

ଦେବଦତ୍ତ, ବଂ. ( ଦେବ-ଦତ୍ତ ) ଦେବତାଙ୍କୁ ଦତ୍ତ, ଦେବତାଙ୍କ କର୍ତ୍ତୃକ ଦତ୍ତ । ବ. ପୁଂ. ଅର୍ଜୁନଙ୍କ ଶଙ୍ଖ ।

ଦେବଦାରୁ, ବ. ପୁଂ. ( ଦେବ-ଦାରୁ ) ସ୍ୱନାମ-ପ୍ରସିଦ୍ଧ ବୃକ୍ଷ ।

ଦେବଦାସୀ, ବ. ସ୍ତ୍ରୀ. ( ଦେବ ଦାସୀ ) ଯେଉଁ ନର୍ତ୍ତକୀ ଦେବତା ନିକଟରେ ନୃତ୍ୟ ଓ ଗାନ କରେ, ବାରାଙ୍ଗନା ।

ଦେବଦୀପ, ବ. ପୁଂ. ( ଦେବ-ଦୀପ ) ଲୋଚନ, ଚକ୍ଷୁ ।

ଦେବଦୁନ୍ଦୁଭି, ବ ପୁଂ. ରକ୍ତତୁଳସୀ, ଦେବଢକ୍କା ।

ଦେବଦେବ, ବ ପୁଂ. ( ଦେବ-ଦେବ ) ବ୍ରହ୍ମା, ଶିବ, ବିଷ୍ଣୁ, ଦେବଶ୍ରେଷ୍ଠ ।

ଦେବଧୂପ, ବ. ପୁଂ. ( ଦେବ-ଧୂପ ) ଗୋଗୁଲ, ଗୁଗ୍ଗୁଲ ।

ଦେବନଦୀ, ବ. ସ୍ତ୍ରୀ. (ଦେବ-ନଦୀ) ଗଙ୍ଗା ।

ଦେବପଥ, ବ. ପୁଂ. ( ଦେବ-ପଥ ) ସ୍ୱର୍ଗପଥ, ଆକାଶପଥ, ଛାୟାପଥ ।

ଦେବପୁରୀ, ବ. ସ୍ତ୍ରୀ. ( ଦେବ-ପୁରୀ ) ଇନ୍ଦ୍ରପୁରୀ, ଅମରାବତୀ ।

ଦେବମାତା, ବ. ସ୍ତ୍ରୀ. ( ଦେବ-ମାତୃ ) ଅଦିତି, କଶ୍ୟପପତ୍ନୀ ।

ଦେବମାତୃକ, ବଂ. ( ଦେବ-ମାତୃ-କ ) ବୃଷ୍ଟି-ଜଳୋତ୍ପନ୍ନ ଶସ୍ୟଦ୍ୱାରା ପାଳିତ ଦେଶ ।

ଦେବମାସ, ବ. ପୁଂ. ଗର୍ଭର ଅଷ୍ଟମ ମାସ ।

ଦେବମୁନି, ବ. ପୁଂ. ନାରଦ, ତୁମ୍ବୁରୁ ପ୍ରଭୃତି ।

ଦେବଯାନ ବ. ନ. (ଦେବ-ଯାନ) ଦେବରଥ, ବ୍ୟୋମଯାନ ।

ଦେବଯାନୀ } ବ. ସ୍ତ୍ରୀ. ଶୁକ୍ରାଚାର୍ଯ୍ୟକନ୍ୟା,
ଦେବଯାନୀ } ଯଯାତି ରାଜାଙ୍କ ପତ୍ନୀ ।

ଦେବଯୁଗ, ବ. ପୁଂ. ଦେବପ୍ରିୟ ଯୁଗ, ସତ୍ୟ-ଯୁଗ ।

ଦେବଯୋନି, ବ. ପୁଂ. (ଦେବ-ଯୋନି) ଉପ-ଦେବତା, ଭୂତାଦି ।

ଦେବର, ବ. ପୁଂ (ଦିବ୍-ଅର) ପତିର କନିଷ୍ଠ ଭ୍ରାତା, ଦିଅର ।

ଦେବରାଜ, ବ ପୁଂ (ଦେବ ରାଜନ୍) ଇନ୍ଦ୍ର ।

ଦେବରାତ, ବ. ( ଦେବ-ରା=ଦାନ କରିବା-ତ ) ପରୀକ୍ଷିତ, ଦେବଦତ୍ତ, ଦେବରକ୍ଷିତ ।

ଦେବର୍ଷି, ବି. ପୁଂ. ( ଦେବ-ଋଷି ) ନାରଦାଦି ମୁନି ।

ଦେବଲ, ବି. ପୁଂ. (ଦେବ-ଲା-ଅ) ଯେ ବ୍ରାହ୍ମଣ ଗ୍ରାମ୍ୟ ଅଥବା ଅନେକ ସାଧାରଣ ଦେବତା ପୂଜା କରି ଜୀବିକା ନିର୍ବାହ କରେ, ଦେଉଳିଆ ପଣ୍ଡା ।

ଦେବଲୋକ, ବି. ପୁଂ. (ଦେବ-ଲୋକ) ସ୍ୱର୍ଗ ।

ଦେବବର୍ତ୍ମ, ବି. ପୁଂ. ( ଦେବ-ବର୍ତ୍ମ = ମୁଖ ) ଅଗ୍ନି ।

ଦେବବାଣୀ ବି. ସ୍ତ୍ରୀ. ( ଦେବ-ବାଣୀ ) ସଂସ୍କୃତ ଭାଷା ।

ଦେବଶିଳ୍ପୀ, ବି. ପୁଂ. (ଦେବ-ଶିଳ୍ପିନ୍) ବିଶ୍ୱକର୍ମା । ଯଥା—

ଯହୁଁ ଦେବଶିଳ୍ପୀ ଯା ଦେଖି ଲଭୁଥିଲେ ଲାଜ । ଚ. ଭି.

ଦେବବୃକ୍ଷ, ବି. ପୁଂ. ମନ୍ଦାରବୃକ୍ଷ, ଗୁଗ୍ଗୁଲ, ସପ୍ତପର୍ଣ୍ଣବୃକ୍ଷ ।

ଦେବବ୍ରତ, ବି. ପୁଂ. ( ଦେବ = ଇନ୍ଦ୍ରିୟସଂଯମ-ବ୍ରତ ) ଗାଙ୍ଗେୟ, ଭୀଷ୍ମ ।

ଦେବସେନା, ବି. ସ୍ତ୍ରୀ. (ଦେବ-ସେନା) ଦେବ-ସୈନ୍ୟ, ବ୍ରହ୍ମାଙ୍କ କନ୍ୟା, ସ୍କନ୍ଦପତ୍ନୀ ।

ଦେବସେନାପତି, ବି. ପୁଂ. (ଦେବସେନା-ପତି) କାର୍ତ୍ତିକେୟ ।

ଦେବସ୍ୱ, ବି. କ୍ଲୀ. (ଦେବ ସ୍ୱ) ଦେବତାଙ୍କ ବସ୍ତୁ, ଯାଜ୍ଞିକ ଧନ, ଦେବସେବାନିମିତ୍ତ ନିୟୋଜିତ ଧନ ।

ଦେବହୂତି, ବି. ସ୍ତ୍ରୀ. ସ୍ୱାୟମ୍ଭୁବ ମନୁଙ୍କ କନ୍ୟା । କପିଳମାତା ।

ଦେବାନ } ବି. ( ଯାବନିକ ) ରାଜପ୍ରତିନିଧି,
ଦେଓ୍ୱାନ୍ } ମନ୍ତ୍ରୀ ।

ଦେବାନି, ବି. ( ଯାବନିକ ) ସମ୍ପତ୍ତି, Civil. ଯଥା—ଦେବାନି ଅଦାଲତ୍ ।

ଦେବାୟୁଧ, ବି. କ୍ଲୀ. (ଦେବ ଆୟୁଧ) ଶକ୍ରଧନୁ, ଦିବ୍ୟାସ୍ତ୍ର, ବଜ୍ରାଦି ।

ଦେବା, କ୍ରି. (ଦା ଧାତୁଜ) ଦାନ କରିବା ।

ଦେବାଳୟ, ବି. ପୁଂ. (ଦେବ-ଆଳୟ) ଦେଉଳ, ମନ୍ଦିର, ସ୍ୱର୍ଗ ।

ଦେବାଶ୍ୱ, ବି. ପୁଂ. (ଦେବ-ଅଶ୍ୱ) ଉଚ୍ଚୈଃଶ୍ରବାଃ, ଇନ୍ଦ୍ରଘୋଟକ ।

ଦେବୀ, ବି. ସ୍ତ୍ରୀ. ( ଦେବ-ସ୍ତ୍ରୀ, ଈ ) ଦେବତା, ଠାକୁରାଣୀ, ମାନନୀୟା ସ୍ତ୍ରୀ, ବ୍ରାହ୍ମଣୀ ।

ଦେବେଶ, ବି. ପୁଂ. (ଦେବ-ଈଶ) ଶିବ, ମହା-ଦେବ ।

ଦେଶ, ବି. ପୁଂ. ( ଦିଶ୍-ଅ ) ପୃଥିବୀର ଅଂଶ-ବିଶେଷ, ରାଜ୍ୟ, ପୃଥିବୀର ଯେଉଁ ଅଂଶରେ ଏକଜାତୀୟ ଲୋକର ବାସ ଥାଏ, ଅଂଶ, ଭାଗ । ଯଥା —କଣ୍ଠଦେଶ, ପୃଷ୍ଠଦେଶ ।

ଦେଶକ, ବି. ପୁଂ. (ଦିଶ୍-ଅକ) ଶାସନକର୍ତ୍ତା, ଉପଦେଶକ ।

ଦେଶକାଳଜ୍ଞ } ବିଂ. ( ଦେଶ-କାଳ-ଜ୍ଞା-ଅ,
ଦେଶକାଳବିଦ୍ } ବିଦ୍-୦ ) ଯେଉଁ ବ୍ୟକ୍ତି ଦେଶ କାଳ ବୁଝି କାର୍ଯ୍ୟ କରେ ।

ଦେଶାଧିପ } ବି. ପୁଂ. ( ଦେଶ-ଅଧିପ, ଅଧି-
ଦେଶାଧିପତି } ପତି) ଦେଶର ଶାସନକର୍ତ୍ତା, ରାଜା ।

ଦେଶାନ୍ତର, ବି. ପୁଂ. ( ଅନ୍ୟ-ଦେଶ ) ଅନ୍ୟ ଦେଶ, ଦୂରଦେଶ ।

ଦେଶୀୟ } ବିଂ. (ଦେଶ-ଈୟ, ଇନ୍) ଦେଶ-
ଦେଶୀ } ଜାତ, ଦେଶସମ୍ବନ୍ଧୀୟ ।

ଦେହ, ବି. ପୁଂ. କ୍ଲୀ. (ଦିହ୍-ଅ) ଅଙ୍ଗ, ଶରୀର । ପୁଂ. ଲେପନ, ଜୀବନ, ଜୀବିତକାଳ ।

ଦେହକ୍ଷୟ, ବି. ପୁଂ. ( ଦେହ-କ୍ଷୟ ) ରୋଗ, ପୀଡ଼ା । କ୍ଲୀ. ଦେହନାଶ ।

ଦେହଜ, ବି. ପୁଂ. ( ଦେହ-ଜନ୍-ଅ ) ପୁତ୍ର । ସ୍ତ୍ରୀ. କନ୍ୟା ।

ଦେହଭୃତ୍, ବି. ପୁଂ. ( ଦେହ-ଭୃତ୍ ) ଜୀବ-ଜନ୍ତୁ, ଆତ୍ମା ।

**ଦେହଯାତ୍ରା**, ବି. ସ୍ତ୍ରୀ. ( ଦେହ-ଯାତ୍ରା ) ପ୍ରାଣ-ଧାରଣର ଉପଯୋଗୀ ବ୍ୟାପାର, ଜୀବନଯାପନ, ମୃତ୍ୟୁ ।

**ଦେହଲଗା**, ବିଂ. ( ଦେଶଜ ) ଯେଉଁ ଭୃତ୍ୟ ସେବା କରିବାପାଇଁ ସର୍ବଦା ପାଖରେ ରହେ, ଯଥା—

ପ୍ରଭୁ ବୋଲଇଣ ତୁମ୍ଭେ ଅନୁକ୍ଷଣ,
ହେଲ ଦେହଲଗ ଭୃତ୍ୟର ବାହନ । ଦରବାର ।

**ଦେହଳ** / **ଦେହଳୀ** } ବି. ସ୍ତ୍ରୀ. ( ଦେହ-ଲା-ଅ-ଇ, ଈ ) ଚୌକାଠର ତଳ ବା ଉପର କାଠ, ଏରୁଣ୍ଡି, ଗୃହର ସମ୍ମୁଖସ୍ଥ ପିଣ୍ଡା ।

ଚକ୍ରବାତ ପରି ଦେହଳୀକି ନାନା ଠାଇଁ
ଅରୁଣ ଅମ୍ବୁଜପଦ ନ ପାରେ ବଳାଇ । ଲ ଚ.

**ଦେହସାର**, ବି. ପୁଂ. (ଦେହ-ସାର) ମଜ୍ଜା, ଅସ୍ଥି ଏବଂ ମାଂସମଧ୍ୟସ୍ଥ ସ୍ନେହବିଶେଷ ।

**ଦେହୀ**, ବିଂ. ( ଦେହ-ଇନ୍ ) ପ୍ରାଣୀ, ଶରୀରୀ । ବି ପୁଂ. ଆତ୍ମା, ଜୀବ ।

**ଦେହୁଡ଼ୀ**, (ହିନ୍ଦୀ) ସିଂହଦ୍ୱାର ।

**ଦେହୁରୀ**, ବି. (ଦେଶଜ) ଦେବାସେବକ, ମାଳୀ, ଶବରଜାତୀୟ ପୂଜକ ।

**ଦୈତେୟ** / **ଦୈତ୍ୟ** } ବି. ପୁଂ. ( ଦିତି-ଏୟ,ଯ ) ଅସୁର, ଦିତିସୁତ ।

**ଦୈତ୍ୟଗୁରୁ**, ବି. ପୁଂ. ( ଦୈତ୍ୟ-ଗୁରୁ ) ଶୁକ୍ରାଚାର୍ଯ୍ୟ ।

**ଦୈତ୍ୟଦେବ**, ବି. ପୁଂ. (ଦୈତ୍ୟ ଦେବ) ବାୟୁ, ବରୁଣ ।

**ଦୈତ୍ୟମାତା**, ବି. ସ୍ତ୍ରୀ. ଦିତି, କଶ୍ୟପପତ୍ନୀ ।

**ଦୈତ୍ୟାରି**, ବି. ପୁଂ. ( ଦୈତ୍ୟ-ଅରି ) କୃଷ୍ଣ, ବିଷ୍ଣୁ, ଦେବତା ।

**ଦୈନ**, ବି. ନ. (ଦୀନ-ଅ) ଦୀନତା, ଦାରିଦ୍ର୍ୟ । ବିଂ. ଦୈନିକ ।

**ଦୈନନ୍ଦିନ**, ବିଂ. (ଦିନ-ଦିନ ଅ) ପ୍ରାତ୍ୟହିକ, ପ୍ରତିଦିବସୀୟ ।

**ଦୈନିକ**, ବିଂ. ( ଦିନ-ଇକ ) ଦିନସମ୍ବନ୍ଧୀୟ, ପ୍ରାତ୍ୟହିକ ।

**ଦୈନ୍ୟ**, ବି. ନ. ( ଦୀନ ଯ ) ଦାରିଦ୍ର୍ୟ, ଦୁଃଖ, କାର୍ପଣ୍ୟ, ଶୋଚନୀୟତା, ଖେଦ, ହ୍ରାସ ।

**ଦୈର୍ଘ୍ୟ**, ବି. ନ. ( ଦୀର୍ଘ-ଯ ) ଦୀର୍ଘତା, ଲମ୍ବ-ପରିମାଣ ।

**ଦୈବ**, ବି. ପୁଂ.ନ. (ଦେବ-ଅ) ଭାଗ୍ୟ, ଅଦୃଷ୍ଟ, ବିଧାତ୍ୱବିଶେଷ । ବିଂ. ଦେବସମ୍ବନ୍ଧୀୟ, ଭାଗ୍ୟଜାତ, ସ୍ୱର୍ଗଲୋକସଂକ୍ରାନ୍ତ, ଲୌକିକ ।

**ଦୈବଘଟନା**, ବି. ସ୍ତ୍ରୀ. ଅତର୍କିତ ଘଟଣା, ଅସମ୍ଭାବିତ ବ୍ୟାପାର ।

**ଦୈବଜ୍ଞ**, ବି. ପୁଂ. ( ଦୈବ-ଜ୍ଞା-ଅ ) ଗଣକ, ଭାଗ୍ୟକଥୟିତା, ଜ୍ୟୋତିଷଶାସ୍ତ୍ରଜ୍ଞ । ବିଂ. ଯେ ଗଣନାଦ୍ୱାରା ଶୁଭାଶୁଭ ନିର୍ଦ୍ଦେଶ କରି ପାରେ ।

**ଦୈବଦୁର୍ବିପାକ**, ବି. ପୁଂ. ଦୈବପ୍ରତିକୂଳତା, ଭାଗ୍ୟବିପର୍ଯ୍ୟୟ ।

**ଦୈବବାଣୀ**, ବି. ସ୍ତ୍ରୀ. (ଦୈବ-ବାଣୀ) ଆକାଶ-ବାଣୀ, ଅମାନୁଷୀ କଥା, ଦେବତାମାନେ ଅଲକ୍ଷିତ ଥାଇଁ ଯେଉଁ ଉପଦେଶ ବାକ୍ୟ ନିର୍ଦ୍ଦେଶ କରନ୍ତି, ସଂସ୍କୃତ ଭାଷା ।

**ଦୈବବିଡ଼ମ୍ବନା**, ବି. ସ୍ତ୍ରୀ. ଦୈବର ପ୍ରତିକୂଳତା, ବୃଥାବିଡ଼ମ୍ବନା ।

**ଦୈବଯୋଗ**, ବି. ପୁଂ. ଦୈବଘଟନା । କ୍ରି. ବିଂ. ଦୈବବଶତଃ ।

**ଦୈବାତ୍**, ଅଂ. ( ଦୈବ ଅତ୍ ) ଦୈବବଶତଃ, ଅକସ୍ମାତ୍, ହଠାତ୍ ।

**ଦୈବାଦେଶ**, ବି. ପୁଂ. (ଦୈବ-ଆଦେଶ) ଦୈବ-ବାଣୀ, ପ୍ରତ୍ୟାଦେଶ ।

**ଦୈବାୟତ୍ତ**, ବିଂ. ( ଦୈବ-ଆୟତ୍ତ ) ଯାହା ମନୁଷ୍ୟର ଇଚ୍ଛାନୁସାରେ ଘଟେ ନାହିଁ, ଦୈବାଧୀନ ।

**ଦୈବିକ**, ବିଂ. (ଦେବ-ଇକ) ଦେବସମ୍ବନ୍ଧୀୟ, ଦୈବଘଟିତ ।

ଦୈବୀ, ବି. ସ୍ତ୍ରୀ. (ଦେବ-ଅ-ଈ) ଦୈବଘଟନା, ଦୈବଯୋଗ । ବିଂ. ଦେବସମ୍ବନ୍ଧୀୟ ।

ଦୈବୋପହତ, ବିଂ. ( ଦୈବ-ଉପହତ ) ହତଭାଗ୍ୟ, ଦୈବ ଯାହାର ପ୍ରତିକୂଳ ହୋଇଅଛି ।

ଦୈଶିକ, ବିଂ. ( ଦେଶ-ଇକ ) ଦେଶସମ୍ବନ୍ଧୀୟ, ଏକଦେଶସଂକ୍ରାନ୍ତ ।

ଦୈହିକ, ବିଂ. ( ଦେହ-ଇକ ) ଦେହସମ୍ବନ୍ଧୀୟ, ଶାରୀରିକ ।

ଦୋଅଣୀ, ବି. ( ଦେଶଜ ) ଦୁଇଅଣା ପରିମିତ ମୁଦ୍ରା ।

ଦୋକନା, ବିଂ. ( ଦେଶଜ ) ଦୁଇଶାଖାବିଶିଷ୍ଟ ।

ଦୋକାନ, ବି. (ଯାବନିକ) ପଣ୍ୟଶାଳା ।

ଦୋକାନୀ / ଦୋକାନଦାର, ବି. ( ଯାବନିକ ) ଯେ ଦୋକାନ ଦିଏ ।

ଦୋକ୍ତା / ଦୋଖତା, ବି. (ଦେଶଜ) ଧୂଆଁପତ୍ର ।

ଦୋଘାଇ, ବି. (ଗ୍ରାମ୍ୟ) ବିଷମସମସ୍ୟା ।

ଦୋଗ୍ରସି / ଦୋଗ୍ରୁଣୀ, ବି. ସ୍ତ୍ରୀ. (ଦେଶଜ) ଭ୍ରଷ୍ଟା ସ୍ତ୍ରୀ । ଯଥା—

> ସେ ଗୁରୁବାକ୍ୟ ପରମାଣି,
> ଏ ଘରେ ମୁହିଁ ଦୋଗ୍ରୁଣୀ । ଭାଗବତ ।

ଦୋତାଲା, ବି. ବିଂ. ( ଦ୍ୱି ତଲ ଷଦଜ ) ଦୋମହଲାବିଶିଷ୍ଟ, ଦୋମହଲା ପକା ।

ଦୋଦୁଲ୍ୟମାନ, ବିଂ. ( ଦୁଲ୍-ଯଙ୍-ଆନ ) ଯାହା ପୁନଃପୁନଃ ଦୋହଲୁଅଛି ।

ଦୋପଟ୍ଟା, ବି. ( ଦେଶଜ ) ଏକପ୍ରକାର ଚୂଲ୍ଲୀ ।

ଦୋରବସ୍ତ, ବି. (ଯାବନିକ) ସମଗ୍ର, ସମସ୍ତ ।

ଦୋରସ୍ତ, ବିଂ. ( ଯାବନିକ ) ଠିକଣା, ନିଖୁଣ, ସଜଡ଼ା ।

ଦୋରୁଅ, ବି. ( ଦେଶଜ ) ଅଙ୍ଗୁରସ, ଦ୍ରବ, ରସ ।

ଦୋରେନ୍ଦା, ବିଂ. (ଗ୍ରାମ୍ୟ) ଦ୍ରୋହୀ, ଶତ୍ରୁ ।

ଦୋର୍ଦଣ୍ଡ, ବି. ପୁଂ. ( ଦୋସ୍-ଦଣ୍ଡ ) ବାହୁଦଣ୍ଡ, ଭୁଜଦଣ୍ଡ, ଦୁଇ ବାହୁ ।

ଦୋର୍ମୂଳ, ବି. ନ. (ଦୋସ୍-ମୂଳ) କକ୍ଷ, ବାହୁମୂଳ ।

ଦୋଳି, ବି. ପୁଂ. ( ଦୋଲ-ଅ ) ଦୋଳନ, ଦୋଲା, ଝୁଲଣା, ବିମାନାଦି ଯାନ, ପକ୍ଷିବିଶେଷ ।

ଦୋଲକ, ବି. ପୁଂ. ( ଦୋଲ-କ ) ସୂକ୍ଷ୍ମ ସୂତ୍ରରେ ଲମ୍ବିତ ଦୋଲାୟମାନ ଭାରି ବସ୍ତୁ ।

ଦୋଲା, ବି. ( ଦୁଲ ଧାତୁଜ ) ଦୋଳି, ଡୋଳି, ଝୁଲା ।

ଦୋଳି, ବି. (ଦେଶଜ) ଦୋଲା, ଝୁଲଣା ।

ଦୋଲାୟମାନ, ବିଂ (ଦୋଲ-ଯ-ଆନ) ଦୋଦୁଲ୍ୟମାନ, ଯାହା ଦୋହଲୁଅଛି ।

ଦୋଲାୟିତ, ବି. ନ. (ଦୋଲା-ଯ-ତ) ଇତସ୍ତତଃ ଚଳନ, କମ୍ପନ । ବିଂ. ଇତସ୍ତତଃ ଚାଳିତ ।

ଦୋଷ, ବି. ପୁଂ. ( ଦୁଷ୍-ଅ ) ପାପ, ଅପରାଧ, ଅନିଷ୍ଟ, କୁକର୍ମ, ନିନ୍ଦା, କଳଙ୍କ, ତ୍ରୁଟି, ହାନି, କ୍ଷତି, ବାତ ପିତ୍ତ କଫାଦିର ଅନ୍ୟଥା ଭାବ ।

ଦୋଷଗ୍ରାହୀ, ବିଂ. ( ଦୋଷ-ଗ୍ରହ-ଇନ୍ ) ଯେ ଦୋଷ ଗ୍ରହଣ କରେ ।

ଦୋଷଜ୍ଞ, ବି. ପୁଂ. ( ଦୋଷ-ଜ୍ଞା-ଅ ) ପଣ୍ଡିତ, ଚିକିତ୍ସକ । ବିଂ. ଯେ ଦୋଷ ଜାଣେ ।

ଦୋଷତ୍ରୟ, ବି. ନ. ( ଦୋଷ-ତ୍ରୟ ) ବାତ, ପିତ୍ତ, କଫ ଏହି ତ୍ରିବିଧ ଦୋଷ ।

ଦୋଷା, ବି. ସ୍ତ୍ରୀ. (ଦୁଷ୍-ଅ) ରାତ୍ରି, ବାହୁ ।

ଦୋଷାକର, ବି. ପୁଂ. (ଦୋଷା-କର) ଚନ୍ଦ୍ର, ନିଶାକର । ଯଥା—

> ପ୍ରଦୋଷକୁ ନାଶ କଲା ଦୋଷାକର ହୋଇ ।

ଦୋଷାବନ୍ଧ, ବିଂ. ( ଦୋଷ-ଅବନ୍ଧ ) ଯହିଁରେ ଦୋଷ ଅଛି, ଦୋଷଜନକ ।

**ଦୋଷୀ**, ବିଂ. (ଦୋଷ-ଇନ୍) ଅପରାଧୀ, ଦୋଷ-ଯୁକ୍ତ ।

**ଦୋସଡ଼ା**, ବି. (ଦେଶଜ) ଗୁଦର, ପାଛୁଡ଼ା ।

**ଦୋସର**, ବିଂ. (ଦ୍ୱିତୀୟ ଶବ୍ଦଜ) ସଙ୍ଗୀ, ଦ୍ୱିତୀୟ । ଯଥା—

ଧନ୍ୟ କର୍ଣ୍ଣ ପ୍ରଶଂସତା ଜୀବନ ଦୋସର,
କି ଅମୃତ ରସାୟନ ଢାଳିଲ କର୍ଣ୍ଣରେ । କର୍ଣ୍ଣବଧ ।

**ଦୋସରା**, ବିଂ. (ଦ୍ୱିତୀୟ ଶବ୍ଦଜ ) ଅନ୍ୟ, ଇତର, ଦ୍ୱିତୀୟ ।

**ଦୋସାଧୁ**, ବି. (ଦେଶଜ) କନ୍ଥୁଆଲ ।

**ଦୋସ୍ତ**, ବି. (ଯାବନିକ) ବନ୍ଧୁ, ସଙ୍ଗୀ ।

**ଦୋହ**, ବି ପୁଂ. (ଦୁହ-ଅ) ଦୋହନ, ଦୋହନ-ପାତ୍ର, ସନ୍ତୋଷ, ଦୁଗ୍ଧ, ଛନ୍ଦୋବିଶେଷ, ତୃପ୍ତି ।

**ଦୋହକ**, ବିଂ. ( ଦୋହ-ଅକ ) ଯେ ଦୁଗ୍ଧ ଦୋହନ କରେ ।

**ଦୋହଦ**, ବି. ନ. ( ଦୋହ=ସନ୍ତୋଷ-ଦ ) ଇଚ୍ଛା, ଗର୍ଭିଣୀର ଅଭିଳାଷ, ଗର୍ଭଚିହ୍ନ ।

**ଦୋହଦବତୀ**, ବିଂ. (ଦୋହଦ-ବତ୍-ଈ ) ଦ୍ରବ୍ୟ-ବିଶେଷରେ ସ୍ପୃହାବତୀ, ଗର୍ଭିଣୀ ।

**ଦୋହଦଲକ୍ଷଣ**, ବି.ନ. (ଦୋହଦ-ଲକ୍ଷଣ) ଭ୍ରୂଣ, ଗର୍ଭସ୍ଥ ଶିଶୁ, ଗର୍ଭଚିହ୍ନ ।

**ଦୋହଦିନୀ**, ବି ସ୍ତ୍ରୀ ( ଦୋହଦ-ଇନ୍ ) ଗର୍ଭବତୀ ।

**ଦୋହନ**, ବି. ନ. ଦୁହ-ଅନ) ଦୁହିଁବା, ସଂଗ୍ରହ-କରଣ । ସ୍ତ୍ରୀ· ଦୋହନପାତ୍ର ।

**ଦୋହରା**, ବିଂ. ଦ୍ୱିବାର, ଦ୍ୱିଗୁଣ ।

**ଦୋହଲିବା**, କ୍ରି. (ଦେଶଜ) ଝୁଲିବା, ହଲିବା ।

**ଦୋହାଇ**, **ଦୋହି**, **ଦ୍ୱାହି** } ବି. ସୁବିଚାର ପ୍ରାର୍ଥନା କରିବା, ଶପଥ, ରାଣ ।

**ଦୌଡ଼**, ବି. (ଦେଶଜ) ଧାବନ, କ୍ଷିପ୍ରଗତି ।

**ଦୌଡ଼ା, ଦୌଡ଼**, **ଦଉଡ଼ା, ଦଉଡ଼** } ( ଦେଶଜ ) ରଜ୍ଜୁ, ଡୋର ।

**ଦୌଡ଼ିବା**, କ୍ରି. (ଦେଶଜ) ଶୀଘ୍ର ଗମନ କରିବା ।

**ଦୌରାତ୍ମ୍ୟ**, ବି. ନ. (ଦୁରାତ୍ମନ୍-ଯ) ଅତ୍ୟାଚାର, ଉପଦ୍ରବ, ନିଷ୍ଠୁରତା ।

**ଦୌର୍ବଲ୍ୟ**, ବି. ନ. ( ଦୁର୍ବଲ-ଯ ) ଦୁର୍ବଳତା, କ୍ଷୀଣତା ।

**ଦୌର୍ଭାଗ୍ୟ**, ବି. ନ. ( ଦୁର୍ଭଗ ଯ ) ଦୁରଦୃଷ୍ଟ, ମନ୍ଦଭାଗ୍ୟ ।

**ଦୌଲତ**, ବି. (ଆରବୀ) ଧନ, ସମ୍ପତ୍ତି, ଅର୍ଥ ।

**ଦୌବାରିକ**, ବି. ପୁଂ. (ଦ୍ୱାର-ଇକ) ଦ୍ୱାରପାଳ, ଦ୍ୱାରୀ, ଦ୍ୱାରରେ ନିଯୁକ୍ତ ଲୋକ ।

**ଦୌହିତ୍ର**, ବି. ପୁଂ. ( ଦୁହିତୃ-ଅ ) ଦୁହିତାର ପୁତ୍ର, ନାତି ।

**ଦୌହିତ୍ରୀ**, ବି. ସ୍ତ୍ରୀ. (ଦୁହିତୃ-ଅ-ଈ) ଦୁହିତାର କନ୍ୟା, ଝିଅର ଝିଅ, ନାତୁଣୀ ।

**ଦ୍ୟାବାପୃଥିବୀ**, **ଦ୍ୟାବାଭୂମି** } ବି. ସ୍ତ୍ରୀ. (ଦ୍ୟୋ-ପୃଥିବୀ, ଭୂମି) ପୃଥିବୀ ଓ ସ୍ୱର୍ଗ ଉଭୟ, ପୃଥିବୀ ଓ ଆକାଶର ମଧ୍ୟସ୍ଥାନ । ଯଥା—

ଝଟିଦିଶି ଉତ୍କଳର ଆଲୋକପ୍ରବାହ,
ଦ୍ୟାବାପୃଥିବୀର କିବା ସେ ଦୈବ ବିବାହ । କୁସୁମାଞ୍ଜଳି

**ଦ୍ୟୁ**, ବି. ନ. (ଦିବ୍-୦) ଆକାଶ, ସ୍ୱର୍ଗ, ଦିନ, ଅଗ୍ନି, ସୂର୍ଯ୍ୟ ।

**ଦ୍ୟୁତ**, ବି. ପୁଂ. (ଦ୍ୟୁତ-୦)କିରଣ, ତେଜଃ ।

**ଦ୍ୟୁତି**, ବି.ସ୍ତ୍ରୀ. ( ଦ୍ୟୁତ୍-ଇ ) ଦୀପ୍ତି, ପ୍ରକାଶ, ଶୋଭା, ତେଜଃ, କିରଣ ।

**ଦ୍ୟୁତିକର**, ବିଂ ପୁଂ. (ଦ୍ୟୁତି-କର) ଧ୍ରୁବନକ୍ଷତ୍ର । ବିଂ. ଦୀପ୍ତିକାରକ ।

**ଦ୍ୟୁତିମାନ୍**, ବିଂ. ( ଦ୍ୟୁତି-ମତ୍ )ପ୍ରଶସ୍ତ କାନ୍ତି-ଯୁକ୍ତ ।

**ଦ୍ୟୁପତି**, ବି. ପୁଂ. (ଦ୍ୟୁ-ପତି), **ଦ୍ୟୁମଣି**, ବି. ପୁଂ. (ଦ୍ୟୁ-ମଣି) } ସୂର୍ଯ୍ୟ, ଚନ୍ଦ୍ର ।

**ଦ୍ୟୁମତ୍ସେନ**, ବି. ପୁଂ. ( ନୃପବିଶେଷ ) ସତ୍ୟବାନଙ୍କର ପିତା ।

**ଦ୍ୟୁମ୍ନ**, ବି. ନ. (ଦ୍ୟୁ-ମ୍ନା-ଅ) ଧନ, ସମ୍ପତ୍ତି, ହିରଣ୍ୟ, ସୁବର୍ଣ୍ଣ, ବଳ, ସାମର୍ଥ୍ୟ ।

ଦ୍ୟୁଲୋକ, ବି. ପୁଂ. ( ଦ୍ୟୁ-ଲୋକ ) ସ୍ୱର୍ଗ-ଲୋକ ।

ଦ୍ୟୂତ, ବି. ନ. ( ଦିବ୍-ତ ) ପାଶକ୍ରୀଡ଼ା, ଜୁଆ ଖେଳ, ବାଜି ରଖି ଖେଳିବା ।

ଦ୍ୟୂତକର, ବି. ପୁଂ. ( ଦ୍ୟୂତ-କୃ-ଅ ) ପାଶକ୍ରୀଡ଼କ ।

ଦ୍ୟୂତବୀଜ, ବି. ନ. ( ଦ୍ୟୂତ-ବୀଜ ) କପର୍ଦ୍ଦକ, କଉଡ଼ି ।

ଦ୍ୟୂନ, ବିଂ. (ଦିବ୍-ତ) କ୍ରୀଡ଼ାଶୀଳ ।

ଦ୍ୟୋ, ବି. ସ୍ତ୍ରୀ. (ଦିବ-ଓ) ସ୍ୱର୍ଗ, ଆକାଶ ।

ଦ୍ୟୋତ, ବି. ପୁଂ. (ଦ୍ୟୁତ-ଅ) ଆତପ, ଆଲୋକ, ଦୀପ୍ତି, ପ୍ରକାଶ ।

ଦ୍ୟୋତକ, ବିଂ. ( ଦ୍ୟୁତ-ଅକ ) ବ୍ୟଞ୍ଜକ, ଭାବବୋଧକ, ସୂଚକ ।

ଦ୍ୟୋତିତ } ଦ୍ୟୁତିତ } ବିଂ ( ଦ୍ୟୋତ-ତ ) ଦୀପିତ, ପ୍ରକାଶିତ, ଶୋଭିତ, ଭାବବୋଧିତ ।

ଦ୍ରଢ଼ିମା ବି. ପୁଂ. ( ଦୃଢ଼-ଇମନ୍ ) କାଠିନ୍ୟ, ଦୃଢ଼ତା ।

ଦ୍ରବ, ବି. ପୁଂ. ( ଦ୍ରୁ-ଅ ) ଗତି, ଗଳନ, ପଲାୟନ, ବେଗ, ପରିହାସ । ବିଂ. ତରଳ, ଗଳିତ ।

ଦ୍ରବଣ, ବି. ନ. ( ଦ୍ରୁ-ଅନ ) କ୍ଷରଣ, ଗତି, ଅନୁତାପ ।

ଦ୍ରବିଡ଼, ବି. ପୁଂ. ( ଦ୍ରୁ-ଇଡ଼ ) ମ୍ଲେଚ୍ଛବିଶେଷ, ଦେଶବିଶେଷ ।

ଦ୍ରବିଣ, ବି. (ଦ୍ରୁ-ଇନ) ଧନ, ବିତ୍ତ, ସୁବର୍ଣ୍ଣ ।

ଦ୍ରବୀକରଣ, ବି. ନ. (ଦ୍ରବ-ଚ୍ୱି-କରଣ) ଦ୍ରବ କରିବା, ତରଳ କରିବା ।

ଦ୍ରବୀକୃତ, ବିଂ. (ଦ୍ରବ-ଚ୍ୱି-କୃତ) ଯାହା ତରଳା ଯାଇଅଛି ।

ଦ୍ରବୀଭୂତ, ବିଂ. (ଦ୍ରବ-ଚ୍ୱି-ଭୂ-ତ-) ତରଳିତ, ଯାହା ଦ୍ରବ ହୋଇଅଛି ।

ଦ୍ରବ୍ୟ, ବି. ନ. (ଦ୍ରୁ-ଯ) ପଦାର୍ଥ, ସାମଗ୍ରୀ, ବସ୍ତୁ ।

ଦ୍ରଷ୍ଟବ୍ୟ, ବିଂ. ( ଦୃଶ୍-ତବ୍ୟ ) ଦର୍ଶନୀୟ, ଦର୍ଶନଯୋଗ୍ୟ ।

ଦ୍ରଷ୍ଟା, ବିଂ. ( ଦୃଶ-ତୃ ) ଯେ ଦେଖେ, ଦର୍ଶକ, ସାକ୍ଷୀ, ତତ୍ତ୍ୱରକ ।

ଦ୍ରାକ୍ଷା, ବି. ସ୍ତ୍ରୀ. (ଦ୍ରାକ୍ଷ-ଅ) କିସ୍‌ମିସ୍, ଅଙ୍ଗୁର ।

ଦ୍ରାଘିମା, ବି. ପୁଂ. (ଦୀର୍ଘ-ଇମନ୍) ଦୈର୍ଘ୍ୟ, ପୃଥିବୀ ଗୋଲକର ଉତ୍ତର ଓ ଦକ୍ଷିଣ କେନ୍ଦ୍ର ଭେଦ କରି ପୃଥିବୀ ଉପରେ କଳ୍ପିତ ରେଖା ।

ଦ୍ରାଘିମାନ୍ତର, ଏକ ଦ୍ରାଘିମାଂଶଠାରୁ ଅନ୍ୟ ଦ୍ରାଘିମାଂଶ ପର୍ଯ୍ୟନ୍ତ ସ୍ଥାନର ଦୂରତ୍ୱ ।

ଦ୍ରାଘିଷ୍ଠ, ବିଂ. (ଦୀର୍ଘ-ଇଷ୍ଠ) ଅତିଶୟ ଦୀର୍ଘ ।

ଦ୍ରାବ, ବି. ପୁଂ. (ଦ୍ରବ-ଅ) କ୍ଷରଣ, ଶୀଘ୍ରଗମନ ।

ଦ୍ରାବକ, ବି. ପୁଂ. (ଦ୍ରୁ-ଅକ) ରସିକ, ଲମ୍ପଟ, ଚନ୍ଦ୍ରକାନ୍ତମଣି, ସ୍ପର୍ଶମଣି, ଚୋର, ମହମ । ବିଂ. ଦ୍ରବକାରକ, ପ୍ରବର୍ତ୍ତକ ।

ଦ୍ରାବିଡ଼, ବି. ପୁଂ. (ଦ୍ରବିଡ଼-ଅ) ପ୍ରଦେଶବିଶେଷ ।

ଦ୍ରାବ୍ୟ, ବିଂ. (ଦ୍ରବ-ଯ) ଯେସବୁ ପଦାର୍ଥ ତାପ ସଂଯୋଗରେ ତରଳିଯାଏ । ଯଥା —ସ୍ୱର୍ଣ୍ଣ, ରୌପ୍ୟ, ମହମ, ସୀସା ।

ଦ୍ରୁ, ବି. ପୁଂ. ( ଦ୍ରୁ-କ୍ୱି ) ବୃକ୍ଷ, ଶାଖା । ସ୍ତ୍ରୀ. ଗତି ।

ଦ୍ରୁଘଣ, ବି. ( ଦ୍ରୁ-ହନ୍-ଅ ) କୁରାଢ଼ୀ, ଲୌହମୁଦ୍ଗର, ବ୍ରହ୍ମା ।

ଦ୍ରୁଣ, ବି. ନ. ( ଦ୍ରୁଣ୍-ଅ ) ଧନୁକ, ଖଡ୍ଗ । ପୁଂ. ଭ୍ରମର, ବୃଶ୍ଚିକ, ଖଳ ।

ଦ୍ରୁଣସ, ବିଂ. ( ଦ୍ରୁ-ନାସିକା, ନାସିକା ସ୍ଥାନରେ ନସ୍ ) ଦୀର୍ଘ ନାସିକାଯୁକ୍ତ ।

ଦ୍ରୁତ, ବିଂ. (ଦ୍ରୁ-ତ) ପଲାୟିତ, ଧାବିତ, ଦ୍ରବୀଭୂତ, ଅର୍ଦ୍ର, ଶୀଘ୍ର । ବି. ନ. ଶୀଘ୍ରତା ।

ଦ୍ରୁତି, ବି. ସ୍ତ୍ରୀ. ( ଦ୍ରୁ-ତି ) ପଲାୟନ, ଦ୍ରବୀଭାବ, ତରଳ ହୋଇଯିବା ।

ଦ୍ରୁନଖ, ବି. ପୁଂ. (ଦ୍ରୁ-ନଖ) କଣ୍ଟକ ।

ଦ୍ରୁପଦ, ବି. ପୁଂ ପଞ୍ଚାଳଦେଶ ରାଜା, ପାଣ୍ଡବଙ୍କ ଶ୍ୱଶୁର, ଚନ୍ଦ୍ରବଂଶୀୟ ନୃପବିଶେଷ ।

**ଦ୍ରୁମ**, ବି. ପୁଂ. (ଦ୍ରୁ-ମ) ଗଛ, ବୃକ୍ଷ, ପାରିଜାତ ବୃକ୍ଷ, କୁବେର ।

**ଦ୍ରୁହ**, ବି°. (ଦ୍ରୁହ-୦) ଅପକାରକ, କ୍ଷତିକାରକ, ଅନଷ୍ଟକାରୀ । ବି. ପୁଂ. ପୁତ୍ର । ସ୍ତ୍ରୀ. କନ୍ୟା ।

**ଦ୍ରୁହଣ**, ବି. (ଦ୍ରୁହ୍-ଇନ) ବ୍ରହ୍ମା, ବିଷ୍ଣୁ ।

**ଦ୍ରୁହ୍ୟୁ**, ବି. ପୁଂ. ଯଯାତି ରାଜାର ପୁତ୍ରବିଶେଷ ।

**ଦ୍ରୋଣ**, ବି. ପୁଂ. ନ. (ଦ୍ରୁ-ନ) ୩୨ ସେର ପରିମାଣ, କୁରୁବଂଶର ଗୁରୁ, ଦ୍ରୋଣାଚାର୍ଯ୍ୟ, ଡାମରାକୁଆ, ବୃଶ୍ଚିକ, ବୃହତ୍ ଜଳାଶୟ, ମେଘବିଶେଷ, ପର୍ବତବିଶେଷ ।

**ଦ୍ରୋଣି**,
**ଦ୍ରୋଣୀ**, ବି. ସ୍ତ୍ରୀ. (ଦ୍ରୁ-ନି, ଣୀ) ଜଳସେଚନୀ, ଜଳକୁଣ୍ଡ, ସ୍ନାନଡ଼ଙ୍ଗା, ଦୁଇ ପର୍ବତର ମଧ୍ୟବର୍ତ୍ତୀ ଭୂମି । ଉପତ୍ୟକା, ଯଥା—

ତୀର୍ଥାଶ୍ରମଗିରିପୂର୍ଣ୍ଣ ମହାନଦୀଦ୍ରୋଣି ।

**ଦ୍ରୋହ**, ବି. ପୁଂ. (ଦ୍ରୁହ-ଅ) ବିରୁଦ୍ଧାଚରଣ, ଅପକାର, ଅନିଷ୍ଟଚିନ୍ତା, ହିଂସା, ପରାଭବ ।

**ଦ୍ରୋହୀ**, ବି°. (ଦ୍ରୁହ-ଇନ୍) ଅନିଷ୍ଟାଚରଣ, ଅପକାରୀ, ଯେ ଅନିଷ୍ଟ ଚିନ୍ତା [illegible] କର ।

**ଦ୍ରୋଣାୟନ**
**ଦ୍ରୌଣାୟନି**
**ଦ୍ରୌଣି**, ବି. ପୁଂ. (ଦ୍ରୋଣ-ଅୟନ ଅୟନ-ଇ) ଦ୍ରୋଣପୁତ୍ର, ଅଶ୍ୱତ୍ଥାମା ।

**ଦ୍ରୌପଦୀ**, ବି. ସ୍ତ୍ରୀ. (ଦ୍ରୁପଦ-ଅ ଈ) ପାଣ୍ଡବମାନଙ୍କର ସ୍ତ୍ରୀ, ଦ୍ରୁପଦରାଜାଙ୍କ କନ୍ୟା ।

**ଦ୍ରୌପଦେୟ**, ବି. ପୁଂ. (ଦ୍ରୌପଦୀ-ଏୟ, ଅପତ୍ୟାର୍ଥେ) ଯୁଧିଷ୍ଠିରାଦି ପଞ୍ଚଭ୍ରାତାଙ୍କ ଦ୍ୱାରା ଦ୍ରୌପଦୀ ଗର୍ଭଜାତ ପଞ୍ଚ ପୁତ୍ର ।

**ଦ୍ୱନ୍ଦ୍ୱ**, ବି. ନ. (ଦ୍ୱି ଦ୍ୱି, ନିପାତନ) ମିଥୁନ, ସ୍ତ୍ରୀପୁରୁଷ, ଯୋଡ଼ା, ସମାସବିଶେଷ, ରୋଗବିଶେଷ, ବିବାଦ, କଳହ ।

**ଦ୍ୱନ୍ଦ୍ୱଚର**
**ଦ୍ୱନ୍ଦ୍ୱଚାରୀ**, ବି. ପୁଂ. (ଦ୍ୱନ୍ଦ୍ୱ-ଚର, ଚରି) ଚକ୍ରବାକ ପକ୍ଷୀ ।

**ଦ୍ୱନ୍ଦ୍ୱଜ**, ବି. ପୁଂ. (ଦ୍ୱନ୍ଦ୍ୱ-ଜ) ଦୋଷଦ୍ୱୟୋତ୍ପନ୍ନ ରୋଗ ।

**ଦ୍ୱନ୍ଦ୍ୱଯୁଦ୍ଧ**, ବି ନ. (ଦ୍ୱନ୍ଦ୍ୱ-ଯୁଦ୍ଧ) ମଲ୍ଲଯୁଦ୍ଧ ।

**ଦ୍ୱୟ**, ନ.
**ଦ୍ୱୟୀ**, ସ୍ତ୍ରୀ
**ଦ୍ୱିକ**, ନ. ବି. ଦୁଇ, ଉଭୟ, ଦୁଇସଂଖ୍ୟା ।

**ଦ୍ୱାଃସ୍ଥ**
**ଦ୍ୱାସ୍ଥ**, ବି. ପୁଂ. (ଦ୍ୱାର୍-ସ୍ଥା-ଅ) ଦ୍ୱାରପାଳ । ଯଥା—

ବସିଛନ୍ତି ଦଶରଥ ସଭା ମଧ୍ୟେ,
ବେତ୍ରହସ୍ତ ଦ୍ୱାସ୍ଥ କହେ ଅତି ଶ୍ରଦ୍ଧେ । ବୈ. ବି,

ମହାଦେବଙ୍କ ଦ୍ୱାରୀ ନନ୍ଦୀ ।

**ଦ୍ୱାଚତ୍ୱାରିଂଶତ୍**, ବି°. (ଦ୍ୱି-ଚତ୍ୱାରିଂଶତ୍) [illegible] ସଂଖ୍ୟା ।

**ଦ୍ୱାତ୍ରିଂଶତ୍**, ବି°. (ଦ୍ୱି-ତ୍ରିଂଶତ୍) ୩୨ ସଂଖ୍ୟା ।

**ଦ୍ୱାଦଶ**, ବି°. (ଦ୍ୱି ଦଶନ୍) ୧୨ ସଂଖ୍ୟା ।

**ଦ୍ୱାଦଶକର**, ବି. ପୁଂ. (ଦ୍ୱାଦଶ-କର) ବୃହସ୍ପତି, କାର୍ତ୍ତିକେୟ ।

**ଦ୍ୱାଦଶାଂଶୁ**, ବି. ପୁଂ. (ଦ୍ୱାଦଶ-ଅଂଶୁ) ବୃହସ୍ପତି ।

**ଦ୍ୱାଦଶାତ୍ମା**, ବି. ପୁଂ. (ଦ୍ୱାଦଶ-ଆତ୍ମନ୍) ସୂର୍ଯ୍ୟ, ଅର୍କନଗଛ ।

**ଦ୍ୱାଦଶାୟୁଃ**, ବି. ପୁଂ. (ଦ୍ୱାଦଶ-ଆୟୁଃ) କୁକୁର ।

**ଦ୍ୱାପର**, ବି. ପୁଂ. (ଦ୍ୱି-ପର) ତୃତୀୟ ଯୁଗ, ୮୬୪୦୦୦ ବର୍ଷ ପରିମିତ କାଳ ।

**ଦ୍ୱାର**, ବି. ନ (ଦ୍ୱାର-ଅ) ଦୁଆର, ଉପାୟ, ସମ୍ମୁଖ, କପାଟ ।

**ଦ୍ୱାରକା**
**ଦ୍ୱାରିକା**
**ଦ୍ୱାରବତୀ**, ବି. ସ୍ତ୍ରୀ. (ଦ୍ୱାର-କ, ଇକ-ଅ, ଅ-ବତୀ) । କୃଷ୍ଣଙ୍କ ରାଜଧାନୀ ତନ୍ନାମ ତୀର୍ଥବିଶେଷ ।

**ଦ୍ୱାରକେଶ**, ବି. ପୁଂ. (ଦ୍ୱାରକା-ଈଶ) ଶ୍ରୀକୃଷ୍ଣ ।

**ଦ୍ୱାରପାଳ**
**ଦ୍ୱାରପାଳି**
**ଦ୍ୱାରପାଳକ**, ବି. ପୁଂ. (ଦ୍ୱାର-ପାଲ, ପାଲି, ପାଲକ) ପ୍ରହରୀ, ଦ୍ୱାରୀ, ଦ୍ୱାରରକ୍ଷକ ।

**ଦ୍ୱାରଦେଶ**, ବି. ନ. (ଦ୍ୱାର-ଦେଶ) ଦ୍ୱାରନିକଟ ।

**ଦ୍ୱାରଯନ୍ତ୍ର**, ବି. ନ (ଦ୍ୱାର-ଯନ୍ତ୍ର) ତାଲା, କୋଲପ, ଅର୍ଗଳ ।

ଦ୍ୱାରବାନ୍, ବି. ପୁଂ. (ଦ୍ୱାର-ବତ୍) ଯେ ଦ୍ୱାର ରକ୍ଷା କରେ, ଦୌବାରିକ, ଦରୱାନ ।

ଦ୍ୱାରସ୍ଥ, ବି. ପୁଂ. (ଦ୍ୱାର ସ୍ଥା-ଅ) ଦ୍ୱାରପାଳ । ବିଂ. ଦ୍ୱାରସ୍ଥିତ ।

ଦ୍ୱାରା ଅଂ. (ଦ୍ୱାର-ଆ) କର୍ତ୍ତୃକ, ଦେଇ, ସାହାଯ୍ୟରେ (ତୃତୀୟା ବିଭକ୍ତିର ଚିହ୍ନ)

ଦ୍ୱାରିକ } ବି. ପୁଂ. (ଦ୍ୱାର-ଇକ, ଇନ୍)
ଦ୍ୱାରୀ } ଦ୍ୱାରପାଳ, ପ୍ରହରୀ ।

ଦ୍ୱାବିଂଶ, ବିଂ. (ଦ୍ୱି-ବିଂଶ) ୨୨ ସଂଖ୍ୟାର ପୂରଣ ।

ଦ୍ୱାବିଂଶତି, ବିଂ. (ଦ୍ୱି-ବିଂଶତି) ୨୨ ସଂଖ୍ୟା ।

ଦ୍ୱି, ବିଂ. (ଦ୍ୱୃ-ଇ) ଦୁଇ ସଂଖ୍ୟା, ସଂଖ୍ୟାବାଚକ ଶବ୍ଦ ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହେଲେ ଦ୍ୱି ଶବ୍ଦ ସ୍ଥାନରେ ଦ୍ୱା ଆଦେଶ ହୁଏ । ଯଥା— ଦ୍ୱାଦଶ ।

ଦ୍ୱିଃ, ଅଂ. (ଦ୍ୱି-ହ୍) ଦୁଇ ବାର, ଦୁଇ ପ୍ରକାର ।

ଦ୍ୱିକ, ବି. ପୁଂ. (ଦ୍ୱି-କ) ଚକ୍ରବାକ, କାକ । ବିଂ. ଦ୍ୱିତ୍ୱସଂଖ୍ୟାଯୁକ୍ତ । ନ. ଦ୍ୱୟ, ଦୁଇ ।

ଦ୍ୱିଗର୍ଭ, ବି. ପୁଂ (ଦ୍ୱି-ଗର୍ଭ) ଯେଉଁ ପ୍ରାଣୀମାନଙ୍କ ଉଦରର ଅଧଃପ୍ରଦେଶରେ ସନ୍ତାନ ଧାରଣୋପଯୁକ୍ତ ଥଳି ପରି ଦୁଇଟି ଅଧାର ଥାଏ । ଯଥା— କଙ୍ଗାରୁ ।

ଦ୍ୱିଗୁ, ବି. ପୁଂ. (ଦ୍ୱି-ଗୋ) ସମାସବିଶେଷ, ଯାହାର ପୂର୍ବରେ ସଂଖ୍ୟାବାଚକ ପଦ ଥାଏ ।

ଦ୍ୱିଗୁଣ } ବିଂ. (ଦ୍ୱି-ଗୁଣ, ଗୁଣିତ) ଦୁଇ ବାର
ଦ୍ୱିଗୁଣିତ } ଗୁଣିତ, ଦୁଇଦ୍ୱାରା ଗୁଣିତ ।

ଦ୍ୱିଗୁଣୀକୃତ, ବିଂ. (ଦ୍ୱିଗୁଣ-ଚ୍ୱି-କୃତ) ଯାହା ଦ୍ୱିଗୁଣ କରାଯାଇଅଛି ।

ଦ୍ୱିଜ } ବି. ପୁଂ. (ଦ୍ୱି-ଜ, ଜନ୍ମନ୍, ଜାତି)
ଦ୍ୱିଜନ୍ମା } ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ପକ୍ଷୀ ଆଦି,
ଦ୍ୱିଜାତି } ଯାହା ଦୁଇ ଥର ଜାତ ହୁଏ ।

ଦ୍ୱିଜପତି, ବି. ପୁଂ. (ଦ୍ୱିଜ-ପତି) ଚନ୍ଦ୍ର, କର୍ପୂର, ଗରୁଡ଼, ଦ୍ୱିଜଶ୍ରେଷ୍ଠ ।

ଦ୍ୱିଜରାଜ, ବି. ପୁଂ. (ଦ୍ୱିଜ-ରାଜନ୍) ଚନ୍ଦ୍ର, ବ୍ରାହ୍ମଣ । ଯଥା—

ଉଳ୍ଲଙ୍ଘରେ ଅଶା କରେ ଭୁମ୍ଭେ ଶୁଭକ୍ଷଣେ ।
ହେ ସକେତ, ଶଙ୍କରୁ ଦ୍ୱିଜରାଜରୂପେ । ମ. ଭା.

ଦ୍ୱିଜବନ୍ଧୁ, ବି ପୁଂ. ଅପକୃଷ୍ଟ ଦ୍ୱିଜ, ଦୈବଜ୍ଞ, ଭାଟ ପ୍ରଭୃତି ।

ଦ୍ୱିଜବର, ବି ପୁଂ. (ଦ୍ୱିଜ ବର) ବ୍ରାହ୍ମଣ ।

ଦ୍ୱିଜା, ବି. (ଦ୍ୱି-ଜନ୍-ଅ, ଆ) ଦ୍ୱିତୀୟ ନକ୍ଷତ୍ର, ବ୍ରାହ୍ମଣୀ ।

ଦ୍ୱିଜିହ୍ୱ, ବି.ପୁଂ. (ଦ୍ୱି-ଜିହ୍ୱା) ଯାହାର ଦୁଇଟି ଜିହ୍ୱା, ସର୍ପ, ଯେ ଏକ ବ୍ୟକ୍ତି ନିକଟରେ ଏକ ପ୍ରକାର କହି ଅନ୍ୟ ନିକଟରେ ଅନ୍ୟ ପ୍ରକାର କହେ, ଦୁର୍ଜ୍ଜନ, ଖଳ, ଚୋର ।

ଦ୍ୱିଜେନ୍ଦ୍ର, ବି. ପୁଂ. (ଦ୍ୱିଜ ଇନ୍ଦ୍ର) ଦ୍ୱିଜଶ୍ରେଷ୍ଠ ।

ଦ୍ୱିଜେଶ, ବି, ପୁଂ. (ଦ୍ୱିଜ-ଈଶ) ଗରୁଡ଼, ଚନ୍ଦ୍ର, କର୍ପୂର ।

ଦ୍ୱିତୟ, ବି. ନ. (ଦ୍ୱି ତୟ) ୨ ସଂଖ୍ୟା, ଦ୍ୱୟ, ଦୁଇ ପ୍ରକାର ।

ଦ୍ୱିତଲ, ବିଂ. (ଦ୍ୱି-ତଳ) ଦୋମହଲା, ଦୋତାଲା ।

ଦ୍ୱିତୀୟ, ବିଂ. (ଦ୍ୱି-ତୀୟ) ୨ ସଂଖ୍ୟାର ପୂରଣ ।

ଦ୍ୱିତୀୟା, ବି. ସ୍ତ୍ରୀ. ତିଥିବିଶେଷ, ଭାର୍ଯ୍ୟା ।

ଦ୍ୱିତୀୟାଶ୍ରମ, ବି. ପୁଂ. (ଦ୍ୱିତୀୟ-ଆଶ୍ରମ) ଗାର୍ହସ୍ଥ୍ୟାଶ୍ରମ ।

ଦ୍ୱିଦଳ, ବି. (ଦ୍ୱି-ଦଳ, ବିଭାଜନପରଭାଷା) ମୁଗ, ହର ପ୍ରଭୃତି ଶସ୍ୟ ।

ଦ୍ୱିଦେହ, ବି. ପୁଂ. (ଦ୍ୱି-ଦେହ) ଗଜାନନ, ଗଣେଶ ।

ଦ୍ୱିଧା } କ୍ରି. ବିଂ. ଅଂ. (ଦ୍ୱି-ଧା) ଦୁଇ
ଦ୍ୱେଧା } ପ୍ରକାର, ଦ୍ୱିବିଧ ।

ଦ୍ୱିଧାକୃତ, ବିଂ ଯାହାକୁ ଦୁଇ ଅଂଶରେ ବିଭକ୍ତ କରାଯାଇଅଛି ।

ଦ୍ୱିପ, ବି. ପୁଂ. (ଦ୍ୱି-ପା-ଅ) ଯେ ଦୁଇ ଇନ୍ଦ୍ରିୟରେ ପାନ କରେ । ଯଥା— ଗଜ, ହସ୍ତୀ ।

ଦ୍ୱିପଦ, ବି. ପୁଂ. (ଦ୍ୱି-ପଦ) ମନୁଷ୍ୟ, ରାକ୍ଷସ, ଦେବତା, ପକ୍ଷୀ । ବିଂ. ପଦଦ୍ୱୟବିଶିଷ୍ଟ । ସ୍ତ୍ରୀ. ଛନ୍ଦୋବିଶେଷ ।

ଦ୍ୱିଭୁଜ, ବିଂ. (ଦ୍ୱି-ଭୁଜ) ଭୁଜଦ୍ୱୟବିଶିଷ୍ଟ ।

ଦ୍ୱିମାତୃକ, ବି. ପୁଂ. ( ଦ୍ୱି-ମାତୃ-କ ) ଗଣେଶ, ଜରାସନ୍ଧ, ଭଗୀରଥ ।

ଦ୍ୱିମାତୃଜ, ବି. ପୁଂ. (ଦ୍ୱିମାତୃ-ଜନ୍ ଅ) ଗଣେଶ, ଜରାସନ୍ଧ ।

ଦ୍ୱିରଦ, ବି. ପୁଂ. (ଦ୍ୱି-ରଦ) ହସ୍ତୀ ।

ଦ୍ୱିରଦାନ୍ତକ, ବି. ପୁଂ. (ଦ୍ୱିରଦ-ଅନ୍ତକ) ସିଂହ ।

ଦ୍ୱିରୁକ୍ତ, ବିଂ. (ଦ୍ୱିଃ-ଉକ୍ତ) ଦୁଇବାର କଥିତ, ଅଭ୍ୟସ୍ତ ।

ଦ୍ୱିରୁକ୍ତି, ବି. ସ୍ତ୍ରୀ. (ଦ୍ୱିଃ-ବଚ୍-ତି) ଦୁଇ ପ୍ରକାର ଉକ୍ତି, ଗୋଟିଏ କଥାକୁ ଦୁଇଥର କହିବା ।

ଦ୍ୱିରୂଢ଼ା ବି. ସ୍ତ୍ରୀ. ( ଦ୍ୱିଃ-ଊଢା ) ଦୁଇ ବାର ବିବାହିତା ସ୍ତ୍ରୀ, ପୁନର୍ଭୂ ।

ଦ୍ୱିରେଫ, ବି. ପୁଂ. (ଦ୍ୱି-ରେଫ) ଭ୍ରମର, ମଧୁକର, ଷଟ୍‌ପଦ ।

ଦ୍ୱିବଚନ, ବି. ନ. ବ୍ୟାକରଣର ଦ୍ୱିସଂଖ୍ୟା-ବୋଧକ ବିଭକ୍ତି ।

ଦ୍ୱିବର୍ଷିକ, ବିଂ. (ଦ୍ୱିବର୍ଷ-ଇକ) ଦୁଇବର୍ଷିଆ ।

ଦ୍ୱିବିଧ, ବିଂ. (ଦ୍ୱି-ବିଧା) ଦୁଇ ପ୍ରକାର ।

ଦ୍ୱିଶଫ, ବି. ପୁଂ. (ଦ୍ୱି-ଶଫ=ଖୁର) ଦୁଇ ଖୁର-ଯୁକ୍ତ ପଶୁ, ଗୋ ମହିଷାଦି ।

ଦ୍ୱିଶୀର୍ଷକ, ବି. ପୁଂ. (ଦ୍ୱି-ଶୀର୍ଷ-କ) ଅଗ୍ନି ।

ଦ୍ୱିଷତ୍, ତ୍ରି. } ବି. ( ଦ୍ୱିଷ୍-ଅତ୍, ୦ ) ଶତ୍ରୁ,
ଦ୍ୱିଟ୍, ପୁଂ. } ଦ୍ୱେଷୀ । ବିଂ. ଦ୍ୱେଷକାରୀ ।

ଦ୍ୱିସପ୍ତତି, ବି. ସ୍ତ୍ରୀ. (ଦ୍ୱି-ସପ୍ତତି) ୭୨ ସଂଖ୍ୟା ।

ଦ୍ୱିସହସ୍ରାକ୍ଷ, ବି ପୁଂ. ( ଦ୍ୱିସହସ୍ର-ଅକ୍ଷି ) ଅନନ୍ତ ଦେବ ।

ଦ୍ୱିହୃଦୟା, ବି. ସ୍ତ୍ରୀ. (ଦ୍ୱି-ହୃଦୟ) ଗର୍ଭିଣୀ, ଅନ୍ତଃ-ସତ୍ତ୍ୱା ।

ଦ୍ୱୀପ, ବି. ପୁଂ. ନ. (ଦ୍ୱି-ଅପ୍-ଅ) ଚତୁର୍ଦିଗରେ ଜଳବେଷ୍ଟିତ ସ୍ଥଳଭାଗ ।

ଦ୍ୱୀପବାନ୍, ବି. ପୁଂ. (ଦ୍ୱୀପ-ବତ୍) ସମୁଦ୍ର, ନଦ । ସ୍ତ୍ରୀ. ନଦୀ, ଭୂମି ।

ଦ୍ୱୀପୀ, ବି. ପୁଂ. (ଦ୍ୱୀପ-ଇନ୍) ବ୍ୟାଘ୍ର, ସମୁଦ୍ର ।

ଦ୍ୱେଷ, ବି. ପୁଂ. ( ଦ୍ୱିଷ୍-ଅ ) ଶତ୍ରୁତା, ବୈର, ଈର୍ଷା, କ୍ରୋଧ, ଅସୂୟା ବିରାଗ ।

ଦ୍ୱେଷୀ, ବିଂ. (ଦ୍ୱିଷ୍-ଇନ୍) ଦ୍ୱେଷଯୁକ୍ତ ।

ଦ୍ୱେଷ୍ୟ, ବିଂ. ( ଦ୍ୱିଷ୍-ଯ ) ଦ୍ୱେଷର ପାତ୍ର ବା ବିଷୟ ।

ଦ୍ୱେଷ୍ଟା, ବିଂ. (ଦ୍ୱିଷ୍-ତୃ) ଦ୍ୱେଷକର୍ତ୍ତା, ଶତ୍ରୁ ।

ଦ୍ୱୈତ, ବି. ନ. (ଦ୍ୱି-ଇତ=ଦ୍ୱୀତ, ଦ୍ୱୀତ-ଅ =ଦ୍ୱୈତ) ଦ୍ୱିବିଧତ୍ୱ, ଦ୍ୱିତୀୟତ୍ୱ ଦୁଇ ପଦାର୍ଥର ଅସ୍ତିତ୍ୱ, ବନବିଶେଷ । ବିଂ. ଦ୍ୱୈଧବାଦୀ, ଦ୍ୱିତ୍ୱଶୂନ୍ୟ । ଯଥା—

ସଙ୍ଗୁ ରୂପ ତୋର ଚଉଭଲ୍ଲାସ୍ୱଭ,
ମୁମଧୁର ଦ୍ୱୈତଭାବର ଦ୍ୟୋତକ । ଚଲନ୍ଧା ।

ଦ୍ୱୈତବନ, ବି. ନ. ବନବିଶେଷ, ବନବାସ କାଳରେ ଯୁଧିଷ୍ଠିରାଦି ଏହି ବନରେ ବାସ କରିଥିଲେ, ଶୋକ-ମୋହ-ରହିତ ବନ-ବିଶେଷ ।

ଦ୍ୱୈତବାଦୀ, ବିଂ. (ଦ୍ୱୈତ-ବଦ୍-ଇନ୍) ଯେଉଁମାନେ ଜୀବାତ୍ମା ଓ ପରମାତ୍ମାକୁ ଭିନ୍ନ ବୋଲି ସ୍ୱୀକାର କରନ୍ତି ।

ଦ୍ୱୈଧ, ବି. ନ. (ଦ୍ୱିଧା-ଅ) ଦ୍ୱିଧା, ଦ୍ୱିପ୍ରକାର, ସନ୍ଦେହ, ବିବାଦ, ଯୁଦ୍ଧକୌଶଳ, ମତଭେଦ, ଯୁଦ୍ଧଗତିଭେଦ ।

ଦ୍ୱୈପାୟନ, ବି. ପୁଂ. (ଦ୍ୱୀପ-ଅୟନ) ଦ୍ୱୀପ ଯାହାର ଜନ୍ମସ୍ଥାନ, ବ୍ୟାସଦେବ ।

ଦ୍ୱୈମାତୁର, ବି. ପୁଂ. (ଦ୍ୱିମାତୃ-ଅ) ଗଣେଶ, ଜରାସନ୍ଧ । ବିଂ. ଦୁଇ ମାତାର ସନ୍ତାନ ।

ଦ୍ୱୈମାତୃକ, ବି. ପୁଂ. (ଦ୍ୱିମାତୃ-କ) ବୃଷ୍ଟିଜଳ ଓ ନଦୀଜଳୋତ୍ପନ୍ନ ଧାନ୍ୟାଦି ।

ଦ୍ୱ୍ୟର୍ଥ, ବିଂ. (ଦ୍ୱି-ଅର୍ଥ) ଯହିଁରେ ଦୁଇ ଅର୍ଥ ବୁଝାଯାଏ, ଅର୍ଥଦ୍ୱୟଯୁକ୍ତ ।

—୦—

# ଧ

ଧ, ବ୍ୟଞ୍ଜନ ବର୍ଣ୍ଣର ଊନବିଂଶ ଅକ୍ଷର, ଏହାର ଉଚ୍ଚାରଣସ୍ଥାନ ଦନ୍ତ । ବି. ନ. (ଧା-ଅ) ଧନ । ପୁଂ. ବ୍ରହ୍ମା ।

ଧଅ, ଧଅଗ୍ର } ବି. ଧବବୃକ୍ଷ ।

ଧଇଁ, ବି. (ଦେଶଜ) କାଶରୋଗବିଶେଷ ।

ଧଇଁସଇଁ, ବିଂ. (ଦେଶଜ) ରୁଦ୍ଧଶ୍ୱାସ ।

ଧଉଳ, ବି. (ଦେଶଜ) ମାଛ ଧରିବାର ଏକପ୍ରକାର ଯନ୍ତ୍ର, ଭୁବନେଶ୍ୱର ନିକଟବର୍ତ୍ତୀ ଗୋଟିଏ କ୍ଷୁଦ୍ର ପାହାଡ଼ ।

ଧକ, ବି. (ଦେଶଜ) ଧକାଇବା । ଯଥା—

ବିକ୍ରମ-ଗଞ୍ଜନ-ଖଞ୍ଜନନୟନୀଙ୍କ ଧକ ସ୍ପୃହ ଇ ସୁଧାଉଛ । ଲା. ବି.

ଧକ୍‌ଚକ୍, ବିଂ. (ଦେଶଜ) ବିରକ୍ତ, ବିଚଳିତ ।

ଧକ୍‌ଧକ୍, ବି. (ଦେଶଜ) ବେଦନା, ଉଦରର ଅସ୍ଫୂର୍ତ୍ତିଭାବ । କ୍ରି. ବିଂ. ଉଜ୍ଜ୍ୱଳରୂପେ ।

ଧକ୍କା, ବି. (ଦେଶଜ) ଆଘାତ, ବାହୁର ଘାତ ।

ଧକାଇବା, କ୍ରି. (ଦେଶଜ) ପ୍ରବଳବେଗରେ ନିଃଶ୍ୱାସ ଛାଡ଼ିବା ।

ଧଟୀ, ବି. ଲୁଗାଧଡ଼ି । ଯଥା —

କାନ୍ତ କଟିବାସଧଟୀ ଦୃଢ଼ରେ ଧର
ଖଞ୍ଜନଙ୍କ ନାସିକାସ୍ତ ଗମନ କର ।

ଧଡ, ବି. (ଦେଶଜ) ଶରୀର, ଦେହ ।

ଧଡକ, ଧଡସ } ବି. (ଦେଶଜ) ତେଜ, ଧମକ ।

ଧଡ଼୍‌ପଡ୍, କ୍ରି. ବିଂ. (ଦେଶଜ) ଶୀଘ୍ର ।

ଧଡସି, ଧଥସି } ବିଂ. (ଦେଶଜ) ଶୀଘ୍ର । ଯଥା—

ନେତ୍ର ବଢ଼ଶୀରେ ସେ ଧଡସି ଅନୁଗୁଣେ
ପୁରୁଷ ମନ-ମୀନକୁ ଧରି ନେଲା ବେଗେ । ଲା. ବି.

ଧଡ଼ା, ବି. (ଦେଶଜ) ଅର୍ଗଳ, କାଷ୍ଠଦଣ୍ଡ ।

ଧଡ଼ି, ଧଡୀ } ବି. (ଧଟୀ ଶବ୍ଦଜ) ବସ୍ତ୍ରାଦିର ଧାର, ସୀମା ବା କିନାର ।

ଧଡ଼ିଆ, ବିଂ. (ଦେଶଜ) ଦୁର୍ବଳ, କୃଶ, ଅସିଝା, କଇଲା ।

ଧଣତା, ଧଣନ୍ତା } ବିଂ. (ଦେଶଜ) ବିସ୍ୱାଦୁ, ପାଣି-ଚିଆ । ଯଥା—ଧଣନ୍ତା ପଖାଳ ।

ଧଣିଆ, ଧଣୀଆ, ଧନ୍ୟା } ବି. ନ. (ଧନନାମ୍ନକ ଶବ୍ଦଜ) ଶସ୍ୟବିଶେଷ, କୋଥମିର ଫଳ ।

ଧଣିଷ୍ଠ, ବି. ଏକବିଂଶତିତମ ନକ୍ଷତ୍ର ।

ଧଣ୍ଡ, ବି. (ଦେଶଜ) ସର୍ପବିଶେଷ ।

ଧଣ୍ଡସଣ୍ଡ, ବି. (ଦେଶଜ ଅକଥ୍ୟ, ଅଶ୍ଳୀଳ ।

ଧଣ୍ଡା, ବି. (ଦେଶଜ) ଫୁଲମାଳା, ହାର ।

ଧଣ୍ଡି, ବି. (ଦେଶଜ) କ୍ଷୁଦ୍ର ପତାକା, ଡଗା, ଧ୍ୱଜଦଣ୍ଡ ।

ଧତଡ଼ା, ଧତଡ଼ି } ବିଂ. (ଦେଶଜ) ଦଦରା, ପୁରୁଣା ।

ଧତୂର, ବି. ପୁଂ (ଧେ-ଉର) ଧୂତୁରା, ଦୁଦୁରା ।

ଧନ, ବି. ନ. (ଧନ୍-ଅ) ବିତ୍ତ, ସମ୍ପତ୍ତି, ଗୋ-ଧାନ୍ୟାଦି ।

ଧନଞ୍ଜୟ, ବି. ପୁଂ. (ଧନ-ଜି-ଅ) ଅଗ୍ନି, ଅର୍ଜୁନ, ସର୍ପବିଶେଷ, ଶରୀରସ୍ଥ ବାୟୁ, କକୁଭ ବୃକ୍ଷ ।

ଧନଦ, ବି. ପୁଂ. (ଧନ-ଦା-ଅ) କୁବେର । ବିଂ. ଧନଦାତା ।

ଧନପତି, ଧନାଧିପ } ବି. ପୁଂ. (ଧନ-ପତି, ଅଧିପ) କୁବେର ।

ଧନବତୀ, ବି. ସ୍ତ୍ରୀ. (ଧନ-ବତ୍-ଈ) ଧନିଷ୍ଠା-ନକ୍ଷତ୍ର । ବିଂ. ଧନଶାଳିନୀ ।

ଧନବନ୍ତ, ବିଂ. (ଧନବତ୍ ଶବ୍ଦଜ) ଧନବାନ୍, ଧନୀ ।

ଧନବାନ୍, ଧନୀ } ବିଂ. (ଧନ-ବତ୍, ଧନ-ଇନ୍) ଧନୀ, ଐଶ୍ୱର୍ଯ୍ୟଶାଳୀ । ବି. ପୁଂ. ମହାଜନ ।

ଧନାଗମ, ବି. ପୁଂ. (ଧନ-ଆଗମ) ଅର୍ଥାଗମ, ଆୟ ।

ଧନାଧ୍ୟକ୍ଷ, ବି. ପୁଂ. (ଧନ-ଅଧ୍ୟକ୍ଷ) କୁବେର, ଧନରକ୍ଷକ ।

ଧନାର୍ଥୀ, ବିଂ. (ଧନ-ଅର୍ଥୀ) ଯେ ଧନ ଅନ୍ୱେଷଣ କରେ, କୃପଣ ।

ଧନିକ, ବିଂ. (ଧନ-ଇକ) ଧନାଢ୍ୟ, ଧନବାନ୍, ଉତ୍ତମର୍ଣ୍ଣ, ମହାଜନ ।

ଧନିଷ୍ଠା, ବି. ସ୍ତ୍ରୀ. (ଧନବତ୍-ଇଷ୍ଠ, ବତ୍ ଲୋପ ଆ) ନକ୍ଷତ୍ରବିଶେଷ, ତ୍ରୟୋବିଂଶ ନକ୍ଷତ୍ର ।

ଧନୀ, ବିଂ. ( ଧନ୍-ଇନ୍ ) ଧନବାନ୍ ( ସଂସ୍କୃତ ଧନୀକା ଶବ୍ଦଜ) ଗୁଣବତୀ, ସୁନ୍ଦରୀ ଯୁବତୀ ।

ଧନୀକା, ବି. ସ୍ତ୍ରୀ. ( ଧନ-ଈକ-ଆ ) ଯୁବତୀ ।

ଧନୁ } ବି. ପୁଂ. ନ. ( ଧନ-ଉ, ଉସ୍ )
ଧନୁଃ } କାର୍ମ୍ମୁକ, ଧନୁକ, ନବମ ରାଶି, ଚତୁର୍ହସ୍ତ ପରିମିତ ଦଣ୍ଡ ।

ଧନୁର୍ଗୁଣ, ବି. ପୁଂ. (ଧନୁଃ-ଗୁଣ) ଧନୁର ଗୁଣ, ଜ୍ୟା, ମୌର୍ବୀ ।

ଧନୁର୍ଦ୍ଧର } ବି. ପୁଂ. ( ଧନୁସ୍-ଧୃ-ଅ, ଧନୁସ୍
ଧନୁର୍ଭୃତ୍ } ଭୃତ୍, ଧନୁସ୍-ମତ୍ ) ଧନୁର୍ଦ୍ଧାରୀ,
ଧନୁଷ୍ମାନ୍ } ଧନ୍ୱୀ, ଧାନୁଷ୍କ, ତୀରନ୍ଦାଜ, ଯେ ଧନୁ ଧାରଣ କରେ ।

ଧନୁର୍ବେଦ, ବି. ପୁଂ. (ଧନୁସ୍-ବେଦ) ଧନୁର୍ବିଦ୍ୟା-ବୋଧକ ଶାସ୍ତ୍ର ।

ଧନୁଷ୍କର, ବି. ପୁଂ. (ଧନୁସ୍-କର) ଧନୁର୍ଦ୍ଧର ।

ଧନୁଷ୍କୋଟି, ବି. ସ୍ତ୍ରୀ. ( ଧନୁସ୍-କୋଟି ) ଧନୁର ଅଗ୍ରଭାଗ ।

ଧନୁଷ୍ଟଙ୍କାର, ବି. ନ. ( ଧନୁସ୍-ଟଙ୍କାର ) ଧନୁଶବ୍ଦ । ପୁଂ. ରୋଗବିଶେଷ ।

ଧନୁଷ୍ପାଣି, ବିଂ. (ଧନୁଃ-ପାଣି) ଧନୁର୍ଦ୍ଧର, ଯେ ଧନୁ ଧାରଣ କରେ ।

ଧନେଶ } ବି. ପୁଂ. ( ଧନ-ଈଶ-ଈଶ୍ୱର )
ଧନେଶ୍ୱର } କୁବେର । ବିଂ. ଧନସ୍ୱାମୀ ।

ଧନ୍ଦା, ବି. (ଦେଶଜ) କାର୍ଯ୍ୟସମୂହ, ଜଞ୍ଜାଳ, ବେପାର । ଯଥା—

ଧୋକା ରଖିଲେ ଧନ୍ଦା ଫିଟିବ ନାହିଁ ।
ପଚରଶ୍ରମ ।

ଧନ୍ଦାଳ ହେବା, କ୍ରି. ( ଦେଶଜ ) ବ୍ୟସ୍ତସମସ୍ତ ହେବା; ଖୋଜିବା ।

ଧନ୍ଦ ହେବା, କ୍ରି. (ଦେଶଜ) ବ୍ୟସ୍ତ ହେବା ।

ଧନ୍ୟ, ବିଂ. (ଧନ-ଯ) ଭାଗ୍ୟବାନ୍, ସୌଭାଗ୍ୟ-ଶାଳୀ, ସାଧୁ, ଧାର୍ମିକ ।

ଧନ୍ୟବାଦ, ବି. ପୁଂ. (ଧନ୍ୟ-ବାଦ) ପ୍ରଶଂସାବାଦ ।

ଧନ୍ୱନ୍ତରି, ବି. ପୁଂ. (ଧନ୍ୱ-ଅନ୍ତ-ଋ-ଇ) ଦେବ-ଚିକିତ୍ସକ, ରାଜା ବିକ୍ରମାଦିତ୍ୟଙ୍କର ନବ ରତ୍ନରୁ ଏକ ରତ୍ନ । ଯଥା—

ଅସାଧ ସେ ବ୍ୟାଧି; ଯାହା ଭାରତର ଦେହେ
ପୋଷିବ; ଜାଣି ନ ଥିବେ ଧ୍ୟାନେ ଧନ୍ୱନ୍ତରି । ମ. ଯା.

ଧନ୍ୱୀ, ବିଂ. (ଧନ୍ୱ-ଇନ୍) ଧନୁର୍ଦ୍ଧାରୀ, ଧନୁଷ୍ମାନ୍, ବିଦଗ୍ଧ । ବି. ପୁଂ. ଅର୍ଜ୍ଜୁନ, ବକୁଳ, ଅର୍ଜ୍ଜୁନବୃକ୍ଷ ।

ଧପଟ } ବି. (ଦେଶଜ) ଦୌଡ଼, ଦ୍ରୁତଗତି ।
ଝପଟ }

ଧପଡ଼ି }
ଧପାଡ଼ି } ବିଂ. (ଦେଶଜ) ଠକ, ପ୍ରବଞ୍ଚକ ।
ଧପାବାଜ }

ଧପଧପ, ବି. (ଦେଶଜ) ଉଜ୍ଜ୍ୱଳତର ଦୀପ୍ତି । କ୍ରି. ବିଂ. ଦପଦପ ।

ଧପା, ବି. ( ଯାବନିକ ) ଭଣ୍ଡାଇବା, ଠକାଇବା ।

ଧମକ, ବି. ପୁଂ. ( ଧ୍ମା=ଶବ୍ଦ କରିବା-ଅକ ) କର୍ମକାର, ଭୟପ୍ରଦର୍ଶନ । ଯଥା—

ଚେତନା ଚମକ ପକାଇ ଦେବ ଏ ଧମକ ଚମକ ନାହିଁ ।

ବଳ ।

ଧମକାଇବା, କ୍ରି. (ଦେଶଜ) ଡରାଇବା, ଭୟ ଦେଖାଇବା ।

ଧମନି } (Artery) ବି. ସ୍ତ୍ରୀ. (ଧ୍ମା-ଅନ,ଈ)
ଧମନୀ } ନାଡ଼ୀ, ଶିରା, ଗଳା, ହରିଦ୍ରା, ହସ୍ତିବନ୍ଧସିନୀ ।

ଧର, ବି. ପୁଂ. (ଧୃ-ଅ) ପର୍ବତ, କାର୍ପାସ ତୁଲା, କୂର୍ମରାଜ, ବସୁବିଶେଷ । ବିଂ. ଧାରଣକର୍ତ୍ତା, ଯଥା —ଜଳଧର, ଗଙ୍ଗାଧର ।

ଧରଟ, କ୍ରି. (ଦେଶଜ) ଦୋଷ ଧରିବା, ଖୁଣିବା ।

ଧରଣ, ବି. ନ. ( ଧୃ-ଅନ ) ପ୍ରକାର, ପ୍ରଣାଳୀ, ପଦ୍ଧତି, ଧାରଣ । ପୁଂ ହିମାଳୟ ପର୍ବତ, ଭୁବନ, ଲୋକ, ସୂର୍ଯ୍ୟ, ସ୍ତନ, ଧାନ୍ୟ, ସେତୁ ।

ଧରଣା, କ୍ରି. (ଦେଶଜ) ଅଧା ପଡ଼ିବା ।

ଧରଣି
ଧରଣୀ } ବି. ସ୍ତ୍ରୀ. ( ଧୃ-ଅନି, ଈ ) ପୃଥିବୀ ବସୁନ୍ଧରା ।

ଧରଣିଧର
ଧରଣୀଧର } ବି. ପୁଂ. ( ଧରଣି, ଧରଣୀ-ଧର ) ବିଷ୍ଣୁ, ଅନନ୍ତ, ମହାବରାହ, ପର୍ବତ, କୂର୍ମରାଜ ।

ଧରଣୀଶ୍ୱର, ବି. ପୁଂ. ( ଧରଣୀ-ଈଶ୍ୱର ) ଶିବ, ରାଜା, ବିଷ୍ଣୁ ।

ଧରଣୀସୁତା, ବି ସ୍ତ୍ରୀ. ( ଧରଣୀ-ସୁତା ) ସୀତା, ରାଜର୍ଷି ଜନକ ଭୂମି କର୍ଷଣ କରିବା କାଳରେ ସୀତା ଦେବୀଙ୍କୁ ପ୍ରାପ୍ତ ହୋଇଥିବାରୁ ଏପରି ନାମ ହୋଇଅଛି ।

ଧରପଗଡ଼, କ୍ରି. (ଦେଶଜ) ଧରି ବାନ୍ଧିବା ।

ଧରା, ବି. ସ୍ତ୍ରୀ. (ଧୃ-ଅ) ପୃଥିବୀ, ନାଡ଼ୀ, ଜରାୟୁ, ଗର୍ଭାଶୟ, ମେଦ । ବିଂ. ଧାରଣକର୍ତ୍ତ୍ରୀ ।

ଧରାତଳ, ବି. ନ. (ଧରା-ତଳ) ଯାହାର ଦୈର୍ଘ୍ୟ ପ୍ରସ୍ଥ ଅଛି ଓ ବେଧ ନାହିଁ, ପୃଥିବୀର ଉପରିଭାଗ, ଭୂତଳ ।

ଧରାତ୍ମଜ, ବି ପୁଂ. (ଧରା-ଆତ୍ମଜ) ଭୌମ, ମଙ୍ଗଳଗ୍ରହ, ନରକାସୁର । ଜା-ସ୍ତ୍ରୀ. ସୀତା ।

ଧରାଧର, ବି. ପୁଂ. ( ଧରା-ଧର ) ବିଷ୍ଣୁ, ପର୍ବତ, କୂର୍ମରାଜ, ମହାବରାହ ।

ଧରାଧରି, କ୍ରି. (ଦେଶଜ) ପରସ୍ପରକୁ ଧରିବା, ଧରପଗଡ଼ ।

ଧରିତ୍ରୀ, ବି. ସ୍ତ୍ରୀ. (ଧୃ-ଇତ୍ର-ଈ) ପୃଥିବୀ, ଧରଣୀ ।

ଧରିବା, କ୍ରି. ( ଧୃ-ଧାତୁଜ ) ଧାରଣ କରିବା, ଗେନିବା, ଅଣ୍ଡିରା ବାଛୁରିର ମୁଷ୍କ ଛେଦନ କରିବା, ବଳ କରିବା, ବେଦନା ଅନୁଭବ କରିବା ।

ଧର୍ତ୍ତବ୍ୟ, ବିଂ. ( ଧୃ-ତବ୍ୟ ) ଗ୍ରାହ୍ୟ, ଧରିବେରଯ୍ୟ, ଧାରଣଯୋଗ୍ୟ ।

ଧର୍ତ୍ତା, ବିଂ. (ଧୃ-ତୃ) ଧାରଣକର୍ତ୍ତା, ବନ୍ଧନକର୍ତ୍ତା ।

ଧର୍ମ, ବି. ପୁଂ. ନ. ( ଧୃ-ମ ) ସୁକୃତ, ପୁଣ୍ୟ, ଶାସ୍ତ୍ରାନୁଯାୟୀ ଆର୍ଯ୍ୟର ବ୍ୟବହାର, ସ୍ୱତ୍ୱ, କର୍ତ୍ତବ୍ୟ, ଭାବ, ସ୍ୱାଭାବିକ ଅବସ୍ଥା, ଗୁଣ, ସତ୍କର୍ମ, ଯଜ୍ଞ, ସ୍ୱଭାବ, ସାଦୃଶ୍ୟ, ଲଗ୍ନର ନବମ ସ୍ଥାନ, ଅହିଂସା । ପୁଂ. ଜୀବ, ଯମ, ଧନୁକ, ବୃଷ ।

ଧର୍ମକ୍ଷେତ୍ର, ବି. ନ. ( ଧର୍ମ-କ୍ଷେତ୍ର ) କୁରୁକ୍ଷେତ୍ର, ପୁଣ୍ୟସ୍ଥାନ ।

ଧର୍ମଘଟ, ବି. ପୁଂ. ବୈଶାଖ ମାସରେ ଦାତବ୍ୟ ସୁଗନ୍ଧୋଦକପୂର୍ଣ୍ଣ କଳସ, ଧର୍ମରକ୍ଷା ନିମିତ୍ତ ଘଟ, ମେଳ (strike)

ଧର୍ମଚାରିଣୀ, ବି. ସ୍ତ୍ରୀ. ( ଧର୍ମ-ଚର-ଇନ୍-ଈ ) ସହଧର୍ମିଣୀ, ସାଧ୍ୱୀ ।

ଧର୍ମଚାରୀ, ବିଂ. ( ଧର୍ମ-ଚର୍-ଇନ୍ ) ଧାର୍ମିକ, ପୁଣ୍ୟଶୀଳ, ସଦାଚାରୀ ।

ଧର୍ମଜ, ବି. ପୁଂ. (ଧର୍ମ-ଜନ୍-ଅ) ଔରସପୁତ୍ର ।

ଧର୍ମଜ୍ଞ, ବିଂ. (ଧର୍ମ-ଜ୍ଞା)ଯେ ଧର୍ମ ଜାଣେ, ଧାର୍ମିକ ।

ଧର୍ମତଃ, ଅଂ. ( ଧର୍ମ-ତସ୍ ) ଯଥାର୍ଥରୂପେ, ଯଥାଯୋଗ୍ୟ ।

ଧର୍ମତତ୍ତ୍ୱ, ବି. ନ. (ଧର୍ମ-ତତ୍ତ୍ୱ) ପରମାର୍ଥରହସ୍ୟ, ଧର୍ମର ନିଗୂଢ଼ ମର୍ମ ।

ଧର୍ମଦ୍ରୋହୀ, ବିଂ. ( ଧର୍ମ-ଦ୍ରୁହ୍-ଇନ୍) ଧର୍ମଦ୍ୱେଷକାରୀ । ବି. ପୁଂ. ରାକ୍ଷସ ।

ଧର୍ମଧ୍ୱଜୀ, ବିଂ. ( ଧର୍ମଧ୍ୱଜ-ଇନ୍ ) ବକଧାର୍ମିକ, କପଟଧାର୍ମିକ ।

ଧର୍ମନନ୍ଦନ, ବି. ପୁଂ. (ଧର୍ମ-ନନ୍ଦନ) ଯୁଧିଷ୍ଠିର ।

ଧର୍ମନିଷ୍ଠ, ବିଂ. ଧର୍ମ-ନିଷ୍ଠା) ଧର୍ମିଷ୍ଠ, ପୁଣ୍ୟବାନ୍, ଧର୍ମପରାୟଣ, ଯାହାର ଧର୍ମରେ ଆନ୍ତରିକ ଅସ୍ଥା ଅଛି ।

**ଧର୍ମନୀତ**, ବ ସ୍ତ୍ରୀ. ନୀତଜ୍ଞାନବିଷୟକ ଶାସ୍ତ୍ର, ଯେ ଶାସ୍ତ୍ରଦ୍ୱାରା ଉଚିତାନୌଚିତ୍ୟାବଧାରଣ କରାଯାଏ ।

**ଧର୍ମପତ**, ବ. ପୁଂ. ( ଧର୍ମ-ପତ) ବରୁଣ ।

**ଧର୍ମପତ୍ନୀ**, ବ. ସ୍ତ୍ରୀ. ( ଧର୍ମ-ପତ୍ନୀ ) ସହଧର୍ମିଣୀ, ଭାର୍ଯ୍ୟା ।

**ଧର୍ମପରାୟଣ**, ବ. ପୁଂ. (ଧର୍ମ-ପର-ଅୟନ) ଯେ ବ୍ୟକ୍ତି ଧର୍ମକୁ ପରମ ପଦାର୍ଥ ଜ୍ଞାନ କରେ, ଧାର୍ମିକ ।

**ଧର୍ମପୁତ୍ର**, ବ. ପୁଂ. ( ଧର୍ମ ପୁତ୍ର ) ଯୁଧିଷ୍ଠିର, ଧର୍ମାନୁସାରେ କୃତ ପୁତ୍ର ।

**ଧର୍ମବକ**, ବ. ପୁଂ. ( ଧର୍ମ-ବକ ) କପଟ ଧାର୍ମିକ ଲୋକ ।

**ଧର୍ମଭୟ**, ବ. (ଧର୍ମ-ଭୟ ) ଅଧର୍ମ କଲେ ଦଣ୍ଡ ପାଇବାର ଭୟ ।

**ଧର୍ମଭୀରୁ**, ବି°. ( ଧର୍ମ-ଭୀରୁ ) ଯେ ଅଧର୍ମକୁ ଭୟ କରେ, ଧର୍ମପରାୟଣ ।

**ଧର୍ମଯୁଗ**, ବ. ନ. ଧର୍ମପ୍ରଧାନ ଯୁଗ, ସତ୍ୟଯୁଗ ।

**ଧର୍ମରାଜ**, ବ. ପୁଂ. (ଧର୍ମ-ରାଜ) ଯମ, ଯୁଧିଷ୍ଠିର, ବୁଦ୍ଧ ।

**ଧର୍ମଲକ୍ଷଣ**, ବ ନ. ( ଧର୍ମ-ଲକ୍ଷଣ ) ଧର୍ମଚିହ୍ନ, ଧୃତି, କ୍ଷମା, ଦମ, ଶୌଚ, ଅସ୍ତେୟ, ଇନ୍ଦ୍ରିୟନିଗ୍ରହ, ଧୀ, ବିଦ୍ୟା, ସତ୍ୟ, ଅକ୍ରୋଧ ଏହି ଦଶବିଧ ।

**ଧର୍ମବିଦ୍**, ବି°. (ଧର୍ମ-ବିଦ୍) ଧାର୍ମିକ, ଧର୍ମଜ୍ଞ ।

**ଧର୍ମଶାଳା**, ବ. ସ୍ତ୍ରୀ. (ଧର୍ମ-ଶାଳା) ଧର୍ମାର୍ଥ ଗୃହ, ପାନ୍ଥଶାଳା, ବିଚାରାଳୟ ।

**ଧର୍ମଶାସ୍ତ୍ର**, ବ ନ. (ଧର୍ମ-ଶାସ୍ତ୍ର) ସ୍ମୃତିଶାସ୍ତ୍ର, ମନ୍ୱାଦି ସ୍ମୃତି ।

**ଧର୍ମଶୀଳ**, ବି°. (ଧର୍ମ-ଶୀଳ) ଧାର୍ମିକ ।

**ଧର୍ମସଂହିତା**, ବ. ସ୍ତ୍ରୀ. (ଧର୍ମ ସଂହିତା ) ଯେଉଁ ପୁସ୍ତକରେ ଯାବତୀୟ ଧର୍ମବିଷୟକ ଉପଦେଶ ସଂଗୃହୀତ ହୋଇଅଛି, ଧର୍ମଶାସ୍ତ୍ର ।

**ଧର୍ମସୁତ**, ବ. ପୁଂ. ( ଧର୍ମ-ସୁତ) ରାଜା ଯୁଧିଷ୍ଠିର ।

**ଧର୍ମାତ୍ମା**, ବି°. (ଧର୍ମ-ଆତ୍ମନ୍) ଧର୍ମଶୀଳ, ଧାର୍ମିକ ।

**ଧର୍ମାଧିକରଣ**, ବ. ନ. ( ଧର୍ମ-ଅଧିକରଣ ) ବିଚାରାଳୟ । ପୁଂ. ବିଚାରକ । ବି°. ଧର୍ମଶାସ୍ତ୍ରଜ୍ଞ ।

**ଧର୍ମାଧିକାର**, ବ. ପୁଂ. ( ଧର୍ମ ଅଧିକାର ) ନ୍ୟାୟ ଅନ୍ୟାୟ ବିଚାରର ଅଧିକାର, ବିଚାରପତିର ପଦ ବା କାର୍ଯ୍ୟ ।

**ଧର୍ମାଧିକାରୀ**, ବ. ପୁଂ. ( ଧର୍ମାଧିକାର-ଇନ୍ ) ଯାହାର ହସ୍ତରେ ନ୍ୟାୟ ଅନ୍ୟାୟ ବିଚାରର ଭାର ନ୍ୟସ୍ତ ଥାଏ, ବିଚାରକ ।

**ଧର୍ମାଧ୍ୟକ୍ଷ**, ବ. ପୁଂ. (ଧର୍ମ-ଅଧ୍ୟକ୍ଷ) ବିଚାରପତି ।

**ଧର୍ମାବତାର**, ବ. ପୁଂ. (ଧର୍ମ-ଅବତାର) ମୂର୍ତ୍ତିମାନ୍ ଧର୍ମ ।

**ଧର୍ମାବହ**, ବି°. ଧର୍ମର ରକ୍ଷକ ।

**ଧର୍ମାଭାସ**, ବ. ପୁଂ. (ଧର୍ମ-ଆଭାସ) ଅପ୍ରଶସ୍ତ ଧର୍ମ ।

**ଧର୍ମାସନ**, ବ. ନ. (ଧର୍ମ-ଆସନ ) ବିଚାରାସନ, ବିଚାରପତିର ଉପବେଶନ ସ୍ଥାନ ।

**ଧର୍ମିଷ୍ଠ**, ବି°. (ଧର୍ମ-ଇଷ୍ଠ) ଅତି ଧାର୍ମିକ ।

**ଧର୍ଷ**, ପୁଂ. } ବ. (ଧୃଷ୍-ଅ, ଅନ) ପରାଜୟ କରିବା,
**ଧର୍ଷଣ**, ନ. } ଅବଜ୍ଞାକରଣ, ଅବଜ୍ଞା, ପରାଭବ ।
ସ୍ତ୍ରୀ. ଅସତୀ ସ୍ତ୍ରୀ । ଯଥା—

> ଶ୍ବେତଚନ୍ଦନ ମନ ମନ୍ଦାର ତୋର ଏତେ ଗୁମାନ
> ଚେଜସ୍ୱୀ ଧର୍ଷଣ ପ୍ରମାଦେ ଘନେ ଯିବ ତୋ ପ୍ରାଣ । ଚ.ଚ

**ଧର୍ଷକ**, ବ. ପୁଂ. (ଧୃଷ୍-ଅକ) ନଟ, ନୃତ୍ୟକାରକ । ବି°. ଧର୍ଷଣକାରୀ ଦାମ୍ଭିକ ।

**ଧର୍ଷଣକାରିଣୀ**, ବ. ସ୍ତ୍ରୀ. (ଧର୍ଷଣ-କୃ-ଇନ୍-ଈ) ଭ୍ରଷ୍ଟା ସ୍ତ୍ରୀ, ଦୂଷିତା କୁମାରୀ ।

**ଧର୍ଷିତ**, ବି°. (ଧୃଷ୍-ତ) ପରାଜିତ, ଅବମାନିତ ।

**ଧଲା**, ବି°. (ଧବଳ ଶବ୍ଦଜ) ଶ୍ୱେତ ବା ଶୁକ୍ଳ ।

**ଧଲାଚଢ଼ା**, ବ. (ଦେଶଜ) ଔଷଧି ଗୁଳ୍ମବିଶେଷ ।

**ଧବ**, ବ. ପୁଂ. ( ଧୂ ଅ ) ପତି, ଖଦିରଜାତୀୟ ବୃକ୍ଷ ।

**ଧବଳ**, ବ. ପୁଂ. (ଧାବ୍-ଅଳ) ଶୁକ୍ଳବର୍ଣ୍ଣ, କୁଷ୍ଠରୋଗ । ବି°. ଶ୍ୱେତବର୍ଣ୍ଣବିଶିଷ୍ଟ, ସୁନ୍ଦର । ନ. ରୋଗବିଶେଷ, ଶ୍ୱେତ ମରିଚ ।

ଧବଳପକ୍ଷ, ବ. ପୁଂ. (ଧବଳ-ପକ୍ଷ) ହଂସ, ଶୁକ୍ଳ-ପକ୍ଷ ।

ଧବଳା } ବ. ସ୍ତ୍ରୀ. (ଧବଳ-ଅ, ଆ, ଈ) ଶୁକ୍ଳବର୍ଣ୍ଣ
ଧବଳୀ } ଧେନୁ ।

ଧବଳିତ, ଣଂ. (ଧବଳ-ଇତ ଶୁକ୍ଳୀକୃତ, ଯାହା ଶ୍ୱେତବର୍ଣ୍ଣ କରା ହୋଇଅଛି । ଯଥା—

ଅସ୍ଥିମାଳା ନରମୁଣ୍ଡେ ଧବଳିତ ଦେଶ ।

ଧାଁ, ବ. (ଦେଶଜ) ଦୌଡ଼ ।

ଧା, ବ. ପୁଂ (ଧା-ଠ) ବ୍ରହ୍ମା, ବୃହସ୍ପତି, ଧାରଣ-କର୍ତ୍ତା ।

ଧାଇଁବା, କ୍ରି. ଦୌଡ଼ିବା, ଧାବମାନ ହେବା । ଯଥା—

ଧାଇଁ ଯାଇ ଧଇଲି ମୁଁ ତାଙ୍କ ଅଞ୍ଚଳ,
ସେ ଯାଇଁ ଡେଇଁ ପଡ଼ିଲେ ଯମୁନାଜଳ ।

ଧାଈ, ବ. ସ୍ତ୍ରୀ. (ଧାତ୍ରୀ ଶବ୍ଦଜ) ଉପମାତା, ଦାଈ ।

ଧାଡ଼ି, ବ. ନ. ପଂକ୍ତି, ଶ୍ରେଣୀ, ଦଉଡ଼ି ।

ଧାଡ଼ିଆ, ବ. (ଦେଶଜ) ଦୂତ, ଚପା, ଡାକବାଲା ।

ଧାଙ୍ଗଡ଼, ବ. (ଦେଶଜ) ଏକପ୍ରକାର ବାଦ୍ୟ ଓ ନୃତ୍ୟ ।

ଧାଙ୍ଗଡ଼ା, ବ. ପୁଂ. (ଦେଶଜ) ବନ୍ୟ ଜାତୀୟ ଯୁବକ, ସ୍ତ୍ରୀ. ଧାଙ୍ଗଡ଼ୀ ।

ଧାଟି, ବ. ଶତ୍ରୁ ଅଭିମୁଖରେ ଗମନ, ଶ୍ରେଣୀ, ଧାଡ଼ି ।

ଧାଡ଼, ବ. (ଧାଟୀ ଶବ୍ଦଜ) ଶ୍ରେଣୀ ।

ଧାଡ଼ୁଆ, ବ. (ଦେଶଜ, ବାଲେଶ୍ୱରରେ ପ୍ରଚଳିତ) ବୁଢ଼ା ମାକଡ଼, ଗୋଧ ।

ଧାତକୀ, ବ. ସ୍ତ୍ରୀ. (ଧା-ଅକ୍, ତ ଆଗମ, ଈ) ପୁଷ୍ପ ବୃକ୍ଷବିଶେଷ ।

ଧାତା, ବ. ପୁଂ. (ଧା-ତୃ) ବିଧାତା, ବ୍ରହ୍ମା, ବିଷ୍ଣୁ, ପିତା । ଣଂ. ରକ୍ଷକ, ଧାରଣକର୍ତ୍ତା, ସୃଷ୍ଟିକର୍ତ୍ତା, କର୍ମୀତା ।

ଧାତକାରେ, କ୍ରି. ଣଂ. (ଦେଶଜ) ଶୀଘ୍ର ।

ଧାତୁ, ବ. ପୁଂ. (ଧା-ତୁ) ଦେହଧାରକ ବସ୍ତୁ । ଯଥା—ବାତ, ପିତ୍ତ, କଫ, ଶୋଣିତ, ମାଂସ, ମେଦଃ, ମଜ୍ଜା, ଶୁକ୍ର, ଅସ୍ଥି ପ୍ରଭୃତି, ସ୍ୱର୍ଣ୍ଣ, ରୌପ୍ୟ, କାଂସ୍ୟ, ପିତ୍ତଳ, ତାମ୍ର, ସୀସକ, ରଙ୍ଗ, ଲୌହ ଏହି ଅଷ୍ଟବିଧ ତୈଜସ ପଦାର୍ଥ; ଭୂ, ସ୍ଥା, ଗମ୍ ପ୍ରଭୃତି କ୍ରିୟାବାଚକ ପ୍ରକୃତି; ସ୍ୱଭାବ, ସ୍ୱରୂପ, ଉପାଦାନ, ଜ୍ଞାନେନ୍ଦ୍ରିୟ, ଗାଇରି, ହିଙ୍ଗୁଳ ।

ଧାତୁଦ୍ରାବକ, ବ. ପୁଂ. (ଧାତୁ-ଦ୍ରାବ-ଅକ) ଟାଙ୍ଗଣୀ, ସୋହାଗା ।

ଧାତୁପାଠ, ବ. ପୁଂ. (ଧାତୁ-ପାଠ) ପାଣିନ୍ୟାଦି ପ୍ରଣୀତ ଧାତ୍ୱର୍ଥବୋଧକ ଗ୍ରନ୍ଥବିଶେଷ ।

ଧାତୁବିଦ୍ୟା, ବ. ସ୍ତ୍ରୀ. (ଧାତୁ-ବିଦ୍ୟା) ଯେଉଁ ବିଦ୍ୟାଦ୍ୱାରା ସ୍ୱର୍ଣ୍ଣ, ରୌପ୍ୟ, ଲୌହ, ଅଙ୍ଗାର ପ୍ରଭୃତି ଧାତୁର ସ୍ୱରୂପ ବା ଅବସ୍ଥା ଜଣାଯାଏ ।

ଧାତୁବୈରୀ, ବ. ପୁଂ. ନ. (ଧାତୁ ବୈରିନ୍) ଗନ୍ଧକ ।

ଧାତୁମୟ, ଣଂ. (ଧାତୁ-ମୟ) ଧାତୁନିର୍ମିତ ।

ଧାତୁରା, ବ. (ଧୁସ୍ତୂର ଶବ୍ଦଜ) ଦୁଦୁରାଗଛ ।

ଧାତୁରାଜକ, ବ. ନ. (ଧାତୁ-ରାଜ-କ) ଶୁକ୍ର, ରେତଃ, ବୀର୍ଯ୍ୟ ।

ଧାତ୍ରୀକା, ବ. ସ୍ତ୍ରୀ. (ଧାତ୍ରୀ-କ-ଅ) ଅଁଳା ।

ଧାତ୍ରୀ, ବ. ସ୍ତ୍ରୀ. (ଧାତୃ-ଈ) ଉପମାତା, ପୃଥିବୀ, ମା ।

ଧାତ୍ରୀପୁତ୍ର, ବ. ପୁଂ. (ଧାତ୍ରୀ-ପୁତ୍ର) ନଟ, ଉପମାତାର ପୁତ୍ର ।

ଧାନ, ବ. ନ. (ଧା-ଅନ) ଆଧାର, ସ୍ଥାନ, ଅଧାର, (ଧାନ୍ୟ ଶବ୍ଦଜ) ସତୁଷ ତଣ୍ଡୁଳ । (ଦେଶଜ) ଓଜନ ପରମାଣ । ଯଥା—ଶୁଭ ଧାନରେ ଏକ ରତି ।

ଧାନୁଆ, ବ. (ଦେଶଜ) ଧାନ ପରି କ୍ଷୁଦ୍ର ଲଙ୍କା-ମରିଚବିଶେଷ । (ବାଲେଶ୍ୱର) ଯେ ଅନେକ ଧାନ ଜମା ରଖିଥାଏ ।

ଧାନୁଷ୍କ, ବ. (ଧାନୁଷ୍କ ଶବ୍ଦଜ) ଧନୁର୍ଦ୍ଧାରୀ ।

ଧାନୁଷ, ବିଂ. (ଧନୁଷ-ଅ) ଧନୁର୍ଦ୍ଧର ।

ଧାନ୍ୟ, ବି. ନ. (ଧନ-ଯ) ଧାନ, ସତୁଷ ତଣ୍ଡୁଲ, ଚାରି ତିଳ ପରିମାଣ ।

ଧାନ୍ୟକ, ବି. ନ. (ଧାନ୍ୟ-କ) ଧଣିଆ ।

ଧାନ୍ୟତ୍ୱକ୍, ବି. ସ୍ତ୍ରୀ. (ଧାନ୍ୟ-ତ୍ୱଚ୍) ତୁଷ ।

ଧାନ୍ୟରାଜ, ବି.ପୁଂ (ଧାନ୍ୟ-ରାଜନ୍) ଯବ, ଯଅ ।

ଧାପ, ବି. ( ଦେଶଜ ) ପ୍ରତାପ, ତେଜ, ବେଗ ।

ଧାପେ, ବିଂ. (ଦେଶଜ) ହିକଏ, କଷ୍ଟରେ, ଶୀଘ୍ର, ତତ୍କ୍ଷଣାତ୍ ।

ଧାମ, ବି. ନ. ( ଧା-ମନ୍ ) ଗୃହ, ସ୍ଥାନ, ପ୍ରଭାବ, ଦୀପ୍ତି, ତେଜଃ, ଶରୀର, ଆଧାର, ଆସ୍ପଦ ।

ଧାମା, ବି. (ଦେଶଜ) ଚମା, ବାଉଁଶପାତିଆରେ ନିର୍ମିତ କୁଣ୍ଡ ।

ଧାର, ବି. ପୁଂ. ( ଧୃ-ଅ ) ଋଣ, ପ୍ରାନ୍ତଭାଗ, ଶେଷ ସୀମା, ଅସ୍ତ୍ରର ତୀକ୍ଷ୍ଣାଂଶ ।

ଧାରକ, ବିଂ. (ଧୃ-ଅକ) ଧାରଣକର୍ତ୍ତା । ପୁଂ. ଯେ ଅନ୍ୟ ନିକଟରୁ ଋଣ କରେ, ଅଧମର୍ଣ୍ଣ, ଔଷଧବିଶେଷ ।

ଧାରଣ, ବି. ନ. (ଧୃ-ଇ=ଧାରି-ଅନ ) ଗ୍ରହଣ, ଅବଲମ୍ବନ ।

ଧାରଣା, ବି. ସ୍ତ୍ରୀ. ( ଧୃ-ଇ=ଧାରି-ଅନ-ଆ ) ସ୍ଥିରତା, ନିଶ୍ଚୟ, ବୁଦ୍ଧି, ବିଶ୍ୱାସ । (ଦେଶଜ) ମଣ୍ଡୋପରି ପତିତ କାଷ୍ଠ ବା ବଂଶଦଣ୍ଡ, ଆଶ୍ରୟ, ଦେବତାଙ୍କ ନିକଟରେ ଅନୁସରଣ ।

ଧାରଣୀୟ, ବିଂ. (ଧୃ-ଅନୀୟ) ଧାରଣଯୋଗ୍ୟ ।

ଧାରୟିତା, ବିଂ. (ଧାରି-ତୃ) ଧାରକ । ବି. ସ୍ତ୍ରୀ. ପୃଥିବୀ, ଧରଣୀ ।

ଧାରା, ବି. ସ୍ତ୍ରୀ. (ଧୃ-ଅ ) ଘଟାଦି ଛିଦ୍ର, ସ୍ରୋତ, ନିୟମ, ବୃଷ୍ଟି, ଅସ୍ତ୍ରର ତୀକ୍ଷ୍ଣ ପ୍ରାନ୍ତଭାଗ । ଯଥା—

ଧାରା ଧାରା ଧାରା ଧାର ବହୁଥିଲା ରେ । ବ. ଚ.

ଧାରାଧର, ବି. ପୁଂ. (ଧାରା-ଧର) ମେଘ, ଖଡ୍ଗ, ଅସ୍ତ୍ର ।

ଧାରାପାତ, ବି. ପୁଂ. ( ଧାରା-ପାତ ) ଜଳଧାରାର ପତନ, ଅଙ୍କସୂତ୍ର ।

ଧାରାଯନ୍ତ୍ର, ବି. ନ. (ଧାରା-ଯନ୍ତ୍ର) ଯେ ଯନ୍ତ୍ରରୁ ଜଳଧାରା ନିର୍ଗତ ହୁଏ ।

ଧାରାବାହିକ, ଧାରାବାହୀ } ବିଂ. (ଧାରା-ବହ-ଇକ, ଇନ୍) ଅବିଚ୍ଛିନ୍ନ, ଅବିରତସ୍ଥାୟୀ, ଯାହା ଚିରକାଳ ଚାଲି ଆସୁଅଛି ।

ଧାରାସମ୍ପାତ, ବି. ପୁଂ. ( ଧାରା-ସମ୍-ପତ୍-ଅ ) ଅତିଶୟ ବର୍ଷଣ ।

ଧାରିବା, କ୍ରି. (ଧାର ଧାତୁଜ) ଋଣ କରିବା ।

ଧାରୀ, ବିଂ. (ଧୃ-ଇନ୍) ଧାରଣକର୍ତ୍ତା ।

ଧାରୁଆ, ବିଂ. (ପ୍ରା) ଋଣୀ, କର୍ଜଦାର ।

ଧାର୍ତ୍ତରାଷ୍ଟ୍ର, ବି. ପୁଂ. (ଧୃତରାଷ୍ଟ୍ର=ରାଜା,ପଶ୍ଚାତ୍-ଅ) କୃଷ୍ଣବର୍ଣ୍ଣ ଓଷ୍ଠ ଓ ଚରଣବିଶିଷ୍ଟ ଶ୍ୱେତହଂସ, ଗେଡହଂସ, ଧୃତରାଷ୍ଟ୍ର ରାଜାଙ୍କ ସନ୍ତାନଗଣ ।

ଧାର୍ମିକ, ବିଂ. ( ଧର୍ମ-ଇକ ) ଧର୍ମଶୀଳ, ଧର୍ମିଷ୍ଠ, ପୁଣ୍ୟାତ୍ମା ।

ଧାର୍ଯ୍ୟ, ବିଂ. (ଧୃ-ଯ) ଗ୍ରାହ୍ୟ, ଧାରଣୀୟ, ସ୍ଥିରୀକରଣୀୟ ।

ଧାବକ, ବିଂ. (ଧାବ୍-ଅକ) ଦ୍ରୁତଗାମୀ । ବି. ପୁଂ. ରଜକ, ଧୋବା, ଜନବିଶେଷ ।

ଧାବନ, ବି. ନ. ( ଧାବ-ଅନ ) ଧୋଇବା, ବେଗଗମନ, ଦୌଡ଼ିବା ।

ଧାବମାନ, ବିଂ. (ଧାବ୍-ଆନ) ଯେ ଚାଲୁଅଛି,ଯେ ଦୌଡ଼ୁଅଛି ।

ଧାବିତ, ବିଂ. (ଧାବ-ତ) ଧୌତ, ଦ୍ରୁତଗତ, ଯେ ବେଗରେ ଚାଲୁଅଛି ।

ଧାସ, ବି. (ଦେଶଜ) ଭଗ୍ନାପ ।

ଧାସୁଆ, ବିଂ. (ଦେଶଜ) ଖାଦମିଶା (ରୁପା) ।

ଧିକ୍, ଅଂ. (ଧିକ=ବିନାଶ କରିବା-ଇକ) ନିନ୍ଦା, ଭର୍ତ୍ସନାସୂଚକ ଅବ୍ୟୟ ।

ଧିକ୍କାର, ପୁଂ. } ବି. ( ଧିକ୍-କାର, କିୟା ) ନିନ୍ଦା, ଭର୍ତ୍ସନ, ଅବଜ୍ଞା ।
ଧିକ୍କିୟା,ସ୍ତ୍ରୀ. }

ଧିଙ୍ଗାସ, ବି. (ଦେଶଜ) ଗାଳି, ଭର୍ତ୍ସନା ।

ଧିଠ, ବିଂ. ( ଧୃଷ୍ଟ ଶବ୍ଦଜ ) ଦୁଷ୍ଟ, ନିର୍ଲ୍ଲଜ୍ଜ ।

ଯଥା—

ମୁହିଁ ନ ଲଗାଅ ହେଉ ଏ ଧିଠକୁ ।

ଧିମା, ବିଂ. (ଦେଶଜ) ଧୀର, ଅଚଞ୍ଚଳ ।

ଧିଷଣ, ବି. ପୁଂ. (ଧିଷଣା-ଅ) ବୃହସ୍ପତି । ସ୍ତ୍ରୀ. ବୁଦ୍ଧି, ଜ୍ଞାନ ।

ଧିଷଣାଧିପ, ବି. ପୁଂ. (ଧିଷଣା=ବୁଦ୍ଧି-ଅଧିପ=ଅଧିପତି) ବୃହସ୍ପତି ।

ଧୀ, ବି. ପୁଂ. (ଧ୍ୟୈ-୦) ବୁଦ୍ଧି, ଜ୍ଞାନ, ମତି ।

ଧୀଗୁଣ, ବି. ପୁଂ. ଶୁଶ୍ରୂଷା, ଶ୍ରବଣ, ଗ୍ରହଣ, ଧାରଣ, ତର୍କ, ବିତର୍କ, ଅର୍ଥବୋଧ, ତତ୍ତ୍ୱଜ୍ଞାନ ଏହି ଅଷ୍ଟବିଧ ବୁଦ୍ଧିଗୁଣ ।

ଧୀମାନ୍, ବିଂ. (ଧୀ-ମତ୍) ବୁଦ୍ଧିମାନ୍, ଜ୍ଞାନୀ । ବି. ପୁଂ. ବୃହସ୍ପତି । ସ୍ତ୍ରୀ. ବୁଦ୍ଧିମତୀ ।

ଧୀର, ବିଂ. ( ଧୀ-ରା-ଅ ) ଧୈର୍ଯ୍ୟଶାଳୀ, ପଣ୍ଡିତ, ଗମ୍ଭୀର ।

ଧୀରତା, ସ୍ତ୍ରୀ. } ବି. (ଧୀର-ତା, ତ୍ୱ) ଧୈର୍ଯ୍ୟ- ସ୍ଥିରତା, ସହିଷ୍ଣୁତା, ଗାମ୍ଭୀର୍ଯ୍ୟ, ପାଣ୍ଡିତ୍ୟ ।
ଧୀରତ୍ୱ, ନ. }

ଧୀରପ୍ରଶାନ୍ତ, ବି. ପୁଂ. (ଧୀର-ପ୍ରଶାନ୍ତ) ନାୟକ- ବିଶେଷ, ଯାହାର ସାମାନ୍ୟ ଗୁଣ ଅନେକ ଅଛି ।

ଧୀରଲଳିତ, ବି. ପୁଂ. (ଧୀର-ଲଳିତ) ନାୟକ- ବିଶେଷ, ଯେ ନାୟକ ଚିନ୍ତାଶୂନ୍ୟ, ନମ୍ର ଏବଂ ନୃତ୍ୟଗୀତାଦିରେ ଅସକ୍ତ, ଷୋଡ଼ଶା- କ୍ଷରପାଦକ ଛନ୍ଦୋବିଶେଷ ।

ଧୀରସ୍କନ୍ଧ, ବି. ପୁଂ. (ଧୀର-ସ୍କନ୍ଧ) ମହିଷ, ମସ୍ତିଷ୍କ ।

ଧୀରାଧୀରା, ବି. ସ୍ତ୍ରୀ. ( ଧୀରା-ଅଧୀରା ) ନାୟିକା- ବିଶେଷ, ଯେ ନାୟିକାର କୋପ ପ୍ରକାଶ କିୟତ୍ ପରିମାଣରେ ଜଣାଯାଏ ଓ କିୟତ୍ ପରିମାଣରେ ଅବ୍ୟକ୍ତ ଥାଏ ।

ଧୀରେ } କ୍ରି. ବିଂ. ଅସ୍ତେଅସ୍ତେ, ଶନୈଃ- ଶନୈଃ ।
ଧୀରେଧୀରେ }

ଧୀରୋଦାତ୍ତ, ବି. ପୁଂ. (ଧୀର-ଉଦାତ୍ତ) ନାୟକ- ବିଶେଷ ଯେ ବ୍ୟକ୍ତି ଆତ୍ମଶ୍ଳାଘା ନ କରେ ।

ଧୀରୋଦ୍ଧତ, ବି. ପୁଂ. (ଧୀର-ଉଦ୍ଧତ) ନାୟକ- ବିଶେଷ, ଯେ ବ୍ୟକ୍ତି ମାୟାବୀ, ଉଦ୍ଧତ, ଚଞ୍ଚଳ, ଅହଙ୍କୃତ ଏବଂ ଆତ୍ମଶ୍ଳାଘା ବିଷୟରେ ନିରତ ।

ଧୀବର, ବି. ପୁଂ. (ଧୃ-ବର) କେଉଟ । ସା,ସ୍ତ୍ରୀ. କେଉଟୁଣୀ ।

ଧୀଶକ୍ତି, ବି. ସ୍ତ୍ରୀ. ( ଧୀ-ଶକ୍ତି ) ବୁଦ୍ଧିଶକ୍ତି ବୁଦ୍ଧି, ସାମାର୍ଥ୍ୟ ।

ଧୁ, ବି ସ୍ତ୍ରୀ. ( ଧୁ=କମ୍ପନ-୦ ) କମ୍ପନ ।

ଧୁଆ, ବିଂ. ( ଧାବ ଧାତୁଜ ) ଧୌତ ଧୁଆ, ସ୍ୱଚ୍ଛ ।

ଧୁକନା, ବି. ( ସମ୍ବଲପୁରୀ ) ପଙ୍ଖା, ବିଞ୍ଚଣା ।

ଧୁକ, ବି. ( ସମ୍ବଲପୁରୀ ) ପବନ ।

ଧୁକ୍‌ଧୁକ୍, କ୍ରିଂ. ବିଂ. ( ଦେଶଜ ) ନିର୍ବାଣୋ- ନ୍ମୁଖ ।

ଧୁଡୁକୀ, ବି. (ଦେଶଜ) ଏକପ୍ରକାର ବାଦ୍ୟଯନ୍ତ୍ର ।

ଧୁତ } ବି. (ଧୁ, ଧୂ-ତ) ତ୍ୟକ୍ତ, କମ୍ପିତ ।
ଧୂତ }

ଧୁତୁରା, ( ଧୁସ୍ତୁର ଶବ୍ଦଜ ) ଦୁଦୁରା ।

ଧୁନନ, } ବି. ନ. ( ଧୁ-ଧୂ-ଇ-ଅନ ) ଚାଳନ, କମ୍ପନ ।
ଧୂନନ, }

ଧୁନି } ବି. ସ୍ତ୍ରୀ. (ଧୁ-ନି,ନୀ) ନଦୀ । ( ଦେଶଜ ) ସନ୍ନ୍ୟାସିମାନଙ୍କଦ୍ୱାରା ରକ୍ଷିତ ନିଆଁଗଦା ।
ଧୁନୀ }

(ଧ୍ୱନି ଶବ୍ଦଜ) ଶବ୍ଦ ।

ଧୂପାଇବା, କ୍ରି ( ଦେଶଜ ) ଧୂଆଇବା

ଧୂପିବା, କ୍ରି. ( ଦେଶଜ ) ବଢ଼ାଇବା,

ଯଥା ।—

ଧରମ ବଳ୍ଲ କ ମୋର ଧୂପିଦେଇ ନନ୍ଦକର,
କୋଳକୁ ଆଣିଲୁ କଲା ଜନ୍ଦକ । ବ. ଚ

ଧୂମଧାମ୍-ବି. (ଦେଶଜ) ଗୋଳମାଳ, କୋଳାହଳ ।

ଧୂମା, ବି. ପୁଂ. (ଦେଶଜ) ମୋଟା, ସ୍ଥୂଳକାୟ, ସ୍ତ୍ରୀ-ଧୂମୀ ।

ଧୂମାଧୂମି, ବି. (ଦେଶଜ) ଉତ୍ଥାନ ।

ଧୂମାଳିଆ, ବିଂ. (ଦେଶଜ) ଧୂମପୂର୍ଣ୍ଣ, ଧୂଳମୟ ।

ଧୂରନ୍ଧର, ଧୂରୀଣ, ଧୂର୍ଯ୍ୟ, ଧୁରନ୍ଧର, } ବି. (ଧୁର-ଧୃ-ଅ, ଧୁର୍-ଈନ,ଯ,ଧୁର୍-ବହ୍-ଅ) ଭାରବାହକ, ବହନକାରୀ, ବାହକ, ଅଗ୍ରଣୀ, ଶ୍ରେଷ୍ଠ ।

ଧୁର, ଧୁରା } ବି. (ଧୁର୍ବ-ଅ, ଆ) ଝୁରା, ଭାର, ଅଗ୍ର, ଧୂର । ଅଂ. ଅଗ୍ରେ ।

ଧୂନନ, ଧୂବନ } ବି. (ଧୂ-ଅନ) କମ୍ପନ ।

ଧୂଷ, ବି. (ଦେଶଜ) ଧାନର ଧୂଳ, ଧୂଳ ।

ଧୂଷା, ବି. (ଦେଶଜ) ପଶମୀ ବସ୍ତ୍ରବିଶେଷ ।

ଧୂସରା, ବିଂ. (ଦେଶଜ) ଧୂଳିଆ, ପାଣ୍ଡୁର ।

ଧୁସ୍ତୁର,ଧୁସ୍ତୂର, ଧୂସ୍ତୁର,ଧୂସ୍ତୂର, } ବି. ପୁଂ. ଧୂତୁରା ଗଛ,ଦୁଦୁରା ।

ଧୂଆଁ, ବି. ସ୍ତ୍ରୀ. (ଧୂମ ଶବ୍ଦଜ) ଧୂମ ।

ଧୂଆଁପତ୍ର, ବି. (ଧୂମ ଓ ପତ୍ର ଶବ୍ଦଜ) ତମାଖୁ ପତ୍ର, ନାସପତ୍ର ।

ଧୂତ, ବିଂ. (ଧୂ-ତ) ତ୍ୟକ୍ତ, କମ୍ପିତ, ଭର୍ତ୍ସିତ, କଳସ୍ତ, ତର୍କିତ । ବି. ସ୍ତ୍ରୀ. ଭାର୍ଯ୍ୟା ।

ଧୂନକ, ବି. ପୁଂ. (ଧୂନ ଅକ) ଝୁଣା, ଖାଲୁଆ-କ୍ଷୀର ।

ଧୂପ, ବି. ପୁଂ. (ଧୂପ-ଅ) ଗନ୍ଧଦ୍ରବ୍ୟବିଶେଷ ।

ଧୂପନ, ବି.ନ. (ଧୂପ୍-ଅନ) ଧୂପଦ୍ୱାରା ସୁବାସିତ କରିବା, ତାପନ, ଝୁଣା ।

ଧୂପାଙ୍ଗ, ବି. ପୁଂ. (ଧୂପ-ଅଙ୍ଗ) ତାପନ ତେଲ ।

ଧୂପିକା, ବି ସ୍ତ୍ରୀ. (ଧୂପ-କ-ଆ) କୁଜ୍‌ଝଟିକା ।

ଧୂପିତ, ଧୂପାୟିତ } ବିଂ. (ଧୂପ,-ଧୂପାୟ-ତ) ପଥଶ୍ରାନ୍ତ, ତାପିତ, ଧୂପଦ୍ୱାରା ସୁବାସିତ ।

ଧୂମ, ବି. ପୁଂ. (ଧ-ମ) ଧୂଆଁ ।

ଧୂମକେତନ, ଧୂମକେତୁ } ବି. ପୁଂ. (ଧୂମ-କେତନ, କେତୁ) ଅଗ୍ନି, କେତୁଗ୍ରହ, ଉତ୍ପାତବିଶେଷ । ବିଂ. ଧୂମକେତୁ ପରି ରକ୍ତବର୍ଣ୍ଣ ।

ଧୂମଜ, ବି. ପୁଂ. (ଧୂମ-ଜନ୍-ଅ) ମେଘ ।

ଧୂମଧ୍ୱଜ, ବି. ପୁଂ. (ଧୂମ-ଧ୍ୱଜ) ଅଗ୍ନି, କେତୁଗ୍ରହ ।

ଧୂମପାୟୀ, ବିଂ. (ଧୂମ-ପାୟୀ) ଯେ ଧୂମ ପାନ କରେ ।

ଧୂମ୍ର, ଧୂମଳ } ବି. ପୁଂ. (ଧୂମ-ର, ଲା-ଅ) କୃଷ୍ଣ ଲୋହିତ ବର୍ଣ୍ଣ, ବାଇଗଣୀ ରଙ୍ଗ ।

ଧୂମାବତୀ, ବି. ସ୍ତ୍ରୀ (ଧୂମ-ଆ=ଧୂମା-ବତ୍-ଈ) ଦୁର୍ଗା, ଦୁର୍ଗାଙ୍କର ଦଶବିଧ ମୂର୍ତ୍ତିମଧ୍ୟରେ ଏକ ମୂର୍ତ୍ତି ।

ଧୂମିକା, ବି. ସ୍ତ୍ରୀ. (ଧୂମ-ଇକ ଆ) କୁଜ୍‌ଝଟିକା, କୁହୁଡି ।

ଧୂମ୍ରଲୋଚନ, ବି. ପୁଂ (ଧୂମ୍ର-ଲୋଚନ) କପୋତ, ପାରା, ଶୁମ୍ଭ ନିଶୁମ୍ଭ ଦୈତ୍ୟଙ୍କ ସେନାପତି ।

ଧୂମ୍ରାକ୍ଷ, ବିଂ. (ଧୂମ୍ର-ଅକ୍ଷି) ଧୂମ୍ରବର୍ଣ୍ଣ ନେତ୍ର-ବିଶିଷ୍ଟ । ବିଂ.ପୁଂ. ରାଜପୁତ୍ରବିଶେଷ, ରାବଣ-ସୈନ୍ୟାନ୍ତର୍ଗତ ରାକ୍ଷସବିଶେଷ ।

ଧୂର୍ଜ୍ଜଟି, ବି. ପୁଂ. (ଧୂର-ଜଟ୍-ଇ) ଶିବ, ତ୍ରିଲୋଚନ । ଯଥା —

> ଧୂର୍ଜ୍ଜଟି ଜଟାରୁ ଯେସନ୍ତେ ଗଙ୍ଗାଜଳ,
> ଜ୍ୟୋତ୍ସ୍ନାପୂର ପୂରୁଅଛି ଧବଳ । ନ. ଦେ.

ଧୂର୍ତ୍ତ, ବିଂ. (ଧୂର୍ବ-ତ) ଶଠ, ପ୍ରବଞ୍ଚକ । ବି. ପୁଂ. ଦ୍ୟୂତକ୍ରୀଡ଼ା, ଜୁଆର । ନ. ବିଟଲବଣ ।

ଧୂର୍ତ୍ତିକ, ବି. ପୁଂ. (ଧୂର୍ତ୍ତି-କ) ଶୃଗାଳ, ଧୂର୍ତ୍ତ ।

ଧୂର୍ଦ୍ଧର, ଧୂର୍ବହ } ବିଂ. (ଧୁର୍-ଧୃ-ଅ, ବହ-ଅ) ଧୁରନ୍ଧର, ଭାରବାହୀ ।

ଧୂର୍ମ୍ମୁଷ, ଧୂର୍ମୁଷ } ବି. (ଯାବନିକ) ଯହିଁରେ ପିଟାଯାଏ, ଲୁହା ବା କାଠର ପିଟଣା ।

ଧୂଳ, ଧୂଳୀ } ବି. ସ୍ତ୍ରୀ. (ଧୂ-ଳ, ଲୀ) ପାଂଶୁ, ରେଣୁ । ଯଥା—

> ବୋଇଲେ ଅଳୀକ ଏ ବନଧୂଳିକି
> ବୋଳିଦିଅ ମୋର ହୃଦସ୍ଥଳେ । ବ. ଚ.

ଧୂଳଥ, ବି°. ( ଧୂଳି ଶବ୍ଦଜ ) ଧୂଳିବୋଳା, ପାଦଗ୍ଧୂରୀ ଯାତ୍ରୀ ।

ଧୂଳିକା, ବି. ସ୍ତ୍ରୀ (ଧୂଳି-କ-ଆ) କୁଜ୍‌ଝଟିକା ।

ଧୂଳିଧ୍ୱଜ, ବି.ପୁଂ. ( ଧୂଳି-ଧ୍ୱଜ ) ଘୂର୍ଣ୍ଣିବାୟୁ । (Whirl-wind)

ଧୂଳିପଟଳ, ବି. ପୁଂ. ( ଧୂଳି-ପଟଳ ) ଉଡ୍ଡୀୟମାନ ଧୂଳିରାଶି ।

ଧୂସର, ବି. ପୁଂ. (ଧୂ-ସର ) ଧୂଳିଆବର୍ଣ୍ଣ, ଈଷତ୍ ପାଣ୍ଡୁବର୍ଣ୍ଣ, ଉଷ୍ଟ୍ର, ଗର୍ଦ୍ଦଭ, କପୋତ ।

ଧୂସରିତ, ବି°. (ଧୂସର-ଇତ) ଈଷତ୍ ପାଣ୍ଡୁବର୍ଣ୍ଣବିଶିଷ୍ଟ ।

ଧୃତ, ବି°. (ଧୃ-ତ) ଗୃହୀତ, ସ୍ଥିତ, ଅବଲମ୍ବିତ, ସ୍ଥାପିତ, ଅଙ୍ଗୀକୃତ । ବି. ପୁଂ. ତ୍ରୟୋଦଶ ମନୁଙ୍କ ପୁତ୍ରବିଶେଷ, ନୃପବିଶେଷ । ନ. ଧାରଣ, ଗ୍ରହଣ ।

ଧୃତବର୍ମା, ବି°. (ଧୃତ-ବର୍ମନ୍ ) ବର୍ମଧାରୀ । ବି ପୁଂ. ନୃପବିଶେଷ ।

ଧୃତରାଷ୍ଟ୍ର, ବି. ପୁଂ. (ଧୃତ-ରାଷ୍ଟ୍ର) ପାଣ୍ଡୁରାଜାଙ୍କ ଜ୍ୟେଷ୍ଠଭ୍ରାତା, ହଂସବିଶେଷ, ନାଗବିଶେଷ, ଚନ୍ଦ୍ରବଂଶୀୟଙ୍କର ଜ୍ୟେଷ୍ଠ ପୁତ୍ର । ସ୍ତ୍ରୀ. ହଂସୀ, କଶ୍ୟପଙ୍କ କନ୍ୟା ।

ଧୃତି, ବି. ସ୍ତ୍ରୀ. (ଧୃ-ତି)ଧାରଣ, ଧୈର୍ଯ୍ୟ,ଯୋଗବିଶେଷ, ସନ୍ତୋଷ, ସ୍ଥିତି, ସୁଖ, ଯାଗ, ସର୍ବାଙ୍ଗ ପ୍ରୀତି ।

ଧୃତିମାନ୍, ବି. ( ଧୃତି-ମତ୍ ) ଧୈର୍ଯ୍ୟଶାଳୀ, ସନ୍ତୁଷ୍ଟ, ସୁଖୀ । ବି ପୁଂ. ଅଜାମିଳ ରାଜାର ପୁତ୍ର ।

ଧୃଷ୍ଟ, ବି°. ( ଧୃଷ୍-ତ ) ନିର୍ଲଜ୍ଜ, ଉଦ୍ଧତସ୍ୱଭାବ, ଲମ୍ପଟ । ବି. ପୁଂ. ନାୟକବିଶେଷ, ଯେ ନାୟକ ଅପରାଧୀ ହୋଇ ଆପଣାର ଅପରାଧ ସ୍ୱୀକାର କରେ ନାହିଁ ।

ଧୃଷ୍ଟତା, ବି. ସ୍ତ୍ରୀ. ( ଧୃଷ୍ଟ-ତା ) ନିର୍ଲଜ୍ଜତା, ପ୍ରଗଲ୍‌ଭତା, ଔଦ୍ଧତ୍ୟ ।

ଧୃଷ୍ଟଦ୍ୟୁମ୍ନ, ବି.ପୁଂ. (ଧୃଷ୍ଟ-ଦ୍ୟୁମ୍ନ) ଦ୍ରୁପଦ ରାଜାର ପୁତ୍ର ।

ଧୃଷ୍ଟା, ବି. ସ୍ତ୍ରୀ. (ଧୃଷ୍ଟ-ଆ) ଅସତୀ ।

ଧୃଷ୍ଣୁ, ବି°. (ଧୃଷ୍-ନୁ) ପ୍ରଗଲ୍‌ଭ, ନିର୍ଲଜ୍ଜ, ସହିଷ୍ଣୁ, ଧର୍ଷଣଶୀଳ ।

ଧେଡ
ଧେଢ଼ } (ଦେଶଜ) ମାଛ, ମାଛ ଜାତିବିଶେଷ ।

ଧେଣ୍ଡୁରା, ବି. ( ହିନ୍ଦି) ନାଗରା, ବାଦ୍ୟବିଶେଷ, ମନାଦି ।

ଧେନୁ, ବି. ସ୍ତ୍ରୀ ( ଧେ-ନୁ ) ନବପ୍ରସୂତା ଗାଈ, ସବତ୍ସା ଗୋ ।

ଧେନୁକ, ବି. ପୁଂ. ( ଧେନୁ-କ ) ଅସୁରବିଶେଷ, ଧେନୁସମୂହ ।

ଧେନୁକା, ବି. ସ୍ତ୍ରୀ. (ଧେନୁ-କ-ଆ) ପଶୁନାୟିକା, ହସ୍ତିନୀ ।

ଧେନୁକାରି, ବି. ପୁଂ. (ଧେନୁକ-ଅରି) କୃଷ୍ଣ ।

ଧେୟ, ବି°. (ଧା-ଯ) ଗ୍ରହଣୀୟ, ଜ୍ଞେୟ ।

ଧୈର୍ଯ୍ୟ, ବି. ନ. (ଧୀର-ଯ) ସ୍ଥିରତା, ଧୀରତା, ସହିଷ୍ଣୁତା ।

ଧୈବତ, ବି. ନ. ( ଧୀବତ୍-ଅ ) ସ୍ୱରବିଶେଷ, କେହି କେହି ଏହି ସ୍ୱରକୁ ଘୋଡ଼ା ଶବ୍ଦ ପରି, କେହି କେହି ଭେକ ଶବ୍ଦ ପରି କହନ୍ତି ।

ଧୋଇ, ବି. (ଦେଶଜ) ଅତିବୃଷ୍ଟିଜନିତ ଶସ୍ୟନାଶ ।

ଧୋଇଥ, ବି°. (ଦେଶଜ) ଅତିବୃଷ୍ଟି ହେବାରୁ ଯେଉଁ ସ୍ଥାନର ଶସ୍ୟ ନଷ୍ଟ ହୁଏ ।

ଧୋଇବା, କ୍ରି. (ଧୌତ ଶବ୍ଦଜ) ଧୌତ କରିବା ।

ଯଥା—

ଭୃତ୍ୟ ମୋ ଏ ପୋଷେ କୁଟୁମ୍ବ
ବସାଇ ନ ଦେବ ପାଦ ନ ଧୋଇ ।ବୈ। ବୈ. ବ.

ଧୋଓରା
ଧୋଅରା } ବି.(ଦେଶଜ) ବର୍ଷା ଜଳରେ ଗ୍ରାମର ଯେଉଁ ଆବର୍ଜନା ଧୋଇ ହୋଇ ସାଉଁରୁପେ ଜମିରେ ପଡ଼େ ।

ଧୋକଡ଼ା, ବି°. (ଦେଶଜ)ଜୀର୍ଣ୍ଣ, ଶ୍ଳଥ ବା ଢିଲା ।

ଧୋକଡ଼
ଧୋକଡ଼ୁ } ବି. (ଦେଶଜ) ଝୁଲା, ମୁଣି ।

**ଧୋକା,** ବି.(ଦେଶଜ) ସନ୍ଦେହ, ସଂଶୟ, ଶଙ୍କା । ଯଥା—

ଧୋକା ରହିଲେ ଧନ୍ଦା ଫିଟିବ ନାହିଁ ।

**ଧୋଡ଼ା,** ବି. (ଦେଶଜ) ଉଚ୍ଚସ୍ଥାନ, ଢିପ । ଯଥା—

ବଡ଼ିନସୋଢ଼ା ସେ ଉଡ଼ା ଉଡ଼ା, ପବନସଙ୍ଗେ ହୋଇଣ ଯୋଡ଼ା,
ସେ ତାଲ ଧୋଡ଼ା ଡେଇଣ ଛଡ଼ା ହୋଇ ବଞ୍ଚିଲେ ସେ ।
ସୁ. ପ.

**ଧୋତରା,** ବିଂ. (ଦେଶଜ) ପୁରୁଣା, ଅତି ଜୀର୍ଣ୍ଣ ।

**ଧୋତି,** ବି. (ଦେଶଜ) ପିନ୍ଧିବା ବସ୍ତ୍ର, ପଖାଲ-କନା ।

**ଧୋବ** / **ଧୋବଲ** } ବିଂ.(ଧବଳ ଶବ୍ଦଜ) ଶୁକ୍ଳ, ଧବଳ ।

**ଧୋବଧାଉଳିଆ,** ବିଂ. (ଦେଶଜ) ଶୁକ୍ଳବସ୍ତ୍ରଧାରୀ, ଭଦ୍ରବେଶୀ ।

**ଧୋବା,** ବି. (ଧବ ଧାତୁଜ) ରଜକ । ସ୍ତ୍ରୀ. ଧୋବଣୀ ।

**ଧୋରଣ,** ବି. (ଧୋର ଅନ) ହସ୍ତୀ ଅଶ୍ୱ ପ୍ରଭୃତି ବାହନ ।

**ଧୋରଣି** / **ଧୋରଣୀ** } ବି. (ଧୋର୍-ଅନ) କିଂବଦନ୍ତୀ, ଜନଶ୍ରୁତି ।

**ଧୌତ,** ବିଂ. (ଧାବ-ତ) ପରିଷ୍କୃତ, କ୍ଷାଳିତ, ମାର୍ଜିତ । ବି. ନ. ରଜତ ।

**ଧୌମ୍ୟ,** ବି. ପୁଂ. ଧୂମ୍ରଙ୍କ ପୁତ୍ର, ଦେବଲଙ୍କ କନିଷ୍ଠ ଭ୍ରାତା, ପାଣ୍ଡବମାନଙ୍କ ପୁରୋହିତ ।

**ଧ୍ମାକ୍ଷ** / **ଧ୍ୱାଂକ୍ଷ** } ବି. (ଧ୍ମାକ୍ଷ—ଅ) ଡାମରାକୁଆ, କାକ, ମତ୍ସ୍ୟଭକ୍ଷକ ପକ୍ଷୀ ।

**ଧ୍ମାତ,** ବିଂ. (ଧ୍ମା=ଅଗ୍ନି ସଂଯୋଗ କରିବା, ଶବ୍ଦ କରିବା-ତ) ଶବ୍ଦିତ, ବାଦିତ, ଦଗ୍ଧ ।

**ଧ୍ୟାତ,** ବିଂ. (ଧ୍ୟୈ-ତ) ଚିନ୍ତିତ, ସ୍ମୃତ, ଅନୁଶୀଳିତ ।

**ଧ୍ୟାତବ୍ୟ,** ବିଂ.(ଧ୍ୟୈ-ତବ୍ୟ)ଚିନ୍ତନୀୟ ସ୍ମରଣୀୟ ।

**ଧ୍ୟାନ,** ବି. ନ. (ଧ୍ୟୈ-ଅନ) ଚିନ୍ତା, ସ୍ମରଣ, ଆଲୋଚନା ।

**ଧ୍ୟେୟ,** ବିଂ. (ଧ୍ୟୈ-ଯ) ଧ୍ୟାନର ଯୋଗ୍ୟ, ସ୍ମରଣୀୟ ।

**ଧ୍ରୁବ,** ବି. ପୁଂ. (ଧ୍ରୁ-ଅ) ନିଶ୍ଚୟ । ଯଥା—

ଏ ବାଣୀକି ମୋର ଧ୍ରୁବ କରି ଜାଣ ।

ନକ୍ଷତ୍ରବିଶେଷ, ବ୍ରହ୍ମା, ବିଷ୍ଣୁ, ଶିବ ଉତ୍ତାନପାଦ ରାଜାର ପୁତ୍ର ।

**ଧ୍ରୁବପଦ,** ବି. (ଧ୍ରୁବ-ପଦ) ଗୀତାଦିର ଘୋଷା ।

**ଧ୍ରୁବରେଖା,** ବି. ସ୍ତ୍ରୀ. ବିଷୁବରେଖା, ନାଡ଼ୀମଣ୍ଡଳ, Equator. )

**ଧ୍ରୁବଲୋକ,** ବି. ପୁଂ.(ଧ୍ରୁବ-ଲୋକ)ସ୍ୱର୍ଗବିଶେଷ । ଯଥା—

ଧ୍ରୁବ ଧ୍ରୁବଲୋକ ବଳି ମେ ନିନ୍ଦା ଅବଳୀ
ଗଲେ କି ତାହା ତେଜିବ ଜୀବ । ବ. ଚ.

**ଧ୍ୱଂସ,** ବି. ପୁଂ. (ଧ୍ୱନ୍ସ୍-ଅ) ନାଶ, କ୍ଷୟ, ହାନି, ପତନ, ଖଣ୍ଡନ, ଗମନ ।

**ଧ୍ୱଂସନ,** ବି. ନ. (ଧ୍ୱନ୍ସ୍-ଅନ) ନାଶ,କ୍ଷୟ,ପତନ ।

**ଧ୍ୱଂସିତ,** ବିଂ. (ଧ୍ୱନ୍ସ୍-ତ) ବିନାଶିତ, ପାତିତ, ଖଣ୍ଡିତ ।

**ଧ୍ୱଜ,** ବି. ନ. (ଧ୍ୱଜ୍-ଅ) ଚିହ୍ନ, ପତାକା ନିଶାଣ, ପୁଂଚିହ୍ନ ।

**ଧ୍ୱଜଭଙ୍ଗ,** ବି. ପୁଂ. (ଧ୍ୱଜ-ଭଙ୍ଗ) କ୍ଳୀବତ୍ୱଜନକ ରୋଗବିଶେଷ, ପୁରୁଷର ସନ୍ତାନୋତ୍ପାଦିକା ଶକ୍ତି ନ ଥିବା ।

**ଧ୍ୱଜା,** ବି. ସ୍ତ୍ରୀ. (ଧ୍ୱଜ-ଆ) କେତନ, ପତାକା ।

**ଧ୍ୱଜୀ,** ବି. ପୁଂ. (ଧ୍ୱଜ-ଇନ୍) ବ୍ରାହ୍ମଣ, ରଥ, ସର୍ପ, ଅଶ୍ୱ, ମୟୂର, ଚମୂ, ସେନ । ସ୍ତ୍ରୀ. ସେନା, ବାହିନୀ । ବିଂ. ଧ୍ୱଜଧାରୀ ।

**ଧ୍ୱନି,** ବି ପୁଂ. (ଧ୍ୱନ୍-ଇ)ଶବ୍ଦ, ରବ, ସ୍ୱନ, ନାଦ ।

**ଧ୍ୱନିତ,** ବିଂ (ଧ୍ୱନ୍-ତ) ନାଦିତ, ଶବ୍ଦିତ ।

**ଧ୍ୱସ୍ତ,** ବିଂ (ଧ୍ୱନ୍ସ୍-ତ) ପତିତ, ନଷ୍ଟ ।

**ଧ୍ୱାନ,** ବି. ପୁଂ. (ଧ୍ୱନ୍-ଅ) ଶବ୍ଦ, ନାଦ, ଧ୍ୱନି ।

**ଧ୍ୱାନ୍ତ,** ବି. ନ. (ଧ୍ୱନ୍-ତ) ତିମିର, ଅନ୍ଧକାର ।

**ଧ୍ୱାନ୍ତାରି,** ବି.ପୁଂ. (ଧ୍ୱାନ୍ତ-ଅରି) ଚନ୍ଦ୍ର, ଅଗ୍ନି, ସୂର୍ଯ୍ୟ ।

ଧ୍ୱାନ୍ତହାରୀ, ବି· ଅନ୍ଧକାରନାଶକାରୀ । ବି. ପୁଂ ସୂର୍ଯ୍ୟ, ଚନ୍ଦ୍ର, ଆଲୋକ, ପ୍ରଦୀପ ।

—୦—

# ନ

ନ, ବ୍ୟଞ୍ଜନ ବର୍ଣ୍ଣର ବିଂଶବର୍ଣ୍ଣ, ଯାହାର ଉଚ୍ଚାରଣ ସ୍ଥାନ ଦନ୍ତ । ଅ°. (ନୀ-ଅ) ନିଷେଧବାଚକ ଅବ୍ୟୟ, ଭେଦ, ସାଦୃଶ୍ୟ, ଅଭାବ । ବି· ପୁଂ. ବୌଦ୍ଧ, ଗଣେଶ, ବନ୍ଧନ, ରଣ, ଦାନ ।

ନଅ, ବି. ବି°. (ନବ ଶବ୍ଦଜ) ୯ ସଂଖ୍ୟା ।

ନଅଣ୍ଟ ବି°. (ଦେଶଜ) ଅଭାବ ।

ନଅର, ବି. (ନଗର ଶବ୍ଦଜ) ରାଜାଙ୍କ ଉଆସ, ରାଜଭବନ । ଯଥା—

ଅନୁଗ୍ରହ ସାଲକ୍ଷୀରେ ହୋଇଅଛି ନଅରେ
ଧୂପ ଆମୋଦ । ପବଙ୍ଗ ।

ନଅରମୁଥା, ବି. (ନଗରମୁସ୍ତକ ଶବ୍ଦଜ) ଏକପ୍ରକାର ବଡ଼ ମୁଥା ।

ନଇଁବା, କ୍ରି. ( ନମ୍ ଧାତୁଜ ) ନତ ହେବା । ଯଥା—

ନଇ ପଡ଼ିଥିବୁ ଯେତେବେଳେ
ବଧାଏ ମାଂସକ ଛେଦେବେଳେ ।

ନଈ, ବି. ସ୍ତ୍ରୀ. (ନଦୀର ଅପଭ୍ରଂଶ) ନଦୀ ।

ନଉ, ବି. ବି°. (ନବତି ଶବ୍ଦଜ) ୯୦ ସଂଖ୍ୟା ।

ନଉଡ଼ି }
ଲଉଡ଼ି } ବି°. ( ଲଗୁଡ଼ ଶବ୍ଦଜ ) ବାଡ଼ି । ଯଥା—

ଏତେ ବୋଲି କୋପ କରଣ ବୁଢ଼ୀ
ହସ୍ତରେ ଧାର ଥଇଲା ନଉଡ଼ି ।

ନଉତି, ବି. ( ଦେଶଜ ) ପରିମାପକବିଶେଷ, ଗୌଣୀ, ବଡ଼ ହାଣ୍ଡି । ଯଥା—

ଏତେଲେଣକୁ ପଚାରନ୍ତି ମଞ୍ଜାରୀ,
ତହୁ ବାଙ୍କ କଣ ନଉତି ଗୁର ।

ନଉରୁଣୀ }
ନହରୁଣ } ବି. (ଦେଶଜ) ନଖ କାଟିବା ଶସ୍ତ୍ର ।

ନଉଲି }
ନହୁଲି } ବି. (ଦେଶଜ) ନବୀନ, ନୂତନ । ଯଥା— ନହୁଲି ବୟସ ।

ନକଲ, ବି (ଯାବନିକ) କୌତୁକ, ପରିହାସ, ଉତାରିବା, ଆଦର୍ଶ, ଅନୁରୂପ, ପ୍ରତିଲିପି, ଅନୁକରଣ ।

ନକଲନବିସ, ବି. ( ଯାବନିକ ) ନକଲକାରୀ, ଯେଉଁ ମୋହରିର ନକଲ କରେ ।

ନକଲି, ବି. (ଦେଶଜ) ଅସଲ ନୁହେ, ଭେଲ; ବିକୃତ, ଅନୁକୃତ ।

ନକଲିଆ, ବି. (ଦେଶଜ) ପରିହାସକାରୀ ।

ନକଶା, ବି (ଯାବନିକ) ଛବି, ପ୍ରତିମୂର୍ତ୍ତି ।

ନକୁଳ, ବି ପୁଂ. (ନ-କୁଳ) ନେଉଳ, ଚତୁର୍ଥ ପାଣ୍ଡବ, ମହାଦେବ । ବି°. କୁଳହୀନ ।

ନକେଇ, ବି°. (ଦେଶଜ) ଜାଙ୍ଗୁଆ ।

ନକୁଳୀ, ବି. ସ୍ତ୍ରୀ. (ନ-କୁଳ-ଈ) କୁକ୍କୁଟୀ, କୁଙ୍କୁମ ।

ନକ୍ତ, ବି. ନ. ( ନଜ୍=ଲଜ୍ଜିତ ହେବା-ତ ) ରାତ୍ରି ।

ନକ୍ତକ, ବି. ପୁଂ. (ନକ୍ତ-କ) ଛିନ୍ନବସ୍ତ୍ର ।

ନକ୍ତଚର, ବି. ପୁଂ. (ନକ୍ତଚର୍-ଅ) ରାକ୍ଷସ, ପିଶାଚ, ପେଚକ, ଚୋର । ବି°. ରାତ୍ରିଚର

ନକ୍ତନ୍ଦିବ, ବି. ନ. (ନକ୍ତମ୍-ଦିବା) ଦିବାରାତ୍ରି, ଦିନରାତି ।

ନକ୍ତମାଲ, ବି. ପୁଂ. ( ନକ୍ତମ୍-ଆ-ଅଲ୍-ଅ ) କରଞ୍ଜବୃକ୍ଷ ।

ନକ୍ତମୁଖା, ବି. ସ୍ତ୍ରୀ. (ନକ୍ତମ୍-ମୁଖ୍-ଅ) ରଜନୀ, ରାତ୍ରି ।

ନକ୍ର, ବି. ପୁଂ. (ନ-କ୍ରମ୍-ଅ) କୁମ୍ଭୀର । ନ. ଦ୍ୱାରର ଅଗ୍ରକାଷ୍ଠ ।

ନକ୍ରା, ବି. ସ୍ତ୍ରୀ. (ନ-କ୍ରମ୍-ଅ-ଆ) ନାସିକା ।

ନକ୍ଷତ୍ର, ବି. ନ. ( ନ-କ୍ଷି-ଅତ୍ର ) ତାରକା, ଅଶ୍ୱିନ୍ୟାଦି ସପ୍ତବିଂଶତି ତାରା, ତାରା, ମୁକ୍ତା ।

ନକ୍ଷତ୍ରଚକ୍ର, ବି. ନ. ( ନକ୍ଷତ୍ର-ଚକ୍ର ) ରାଶିଚକ୍ର, ତନ୍ତ୍ରୋକ୍ତ ମନ୍ତ୍ରଗ୍ରହଣୋପଯୋଗୀ ଚକ୍ରବିଶେଷ ।

ନକ୍ଷତ୍ରନେମି, ବି. ପୁଂ. (ନକ୍ଷତ୍ର-ନେମି) ଚନ୍ଦ୍ର, ବିଷ୍ଣୁ, ଧ୍ରୁବନକ୍ଷତ୍ର । ବି. ସ୍ତ୍ରୀ. ରେବତୀ ନକ୍ଷତ୍ର ।

ନକ୍ଷତ୍ରପ, ବି. ପୁଂ. (ନକ୍ଷତ୍ର-ପା-ଅ) ଚନ୍ଦ୍ର ।

ନକ୍ଷତ୍ରମାଳା, ବି. ସ୍ତ୍ରୀ. (ନକ୍ଷତ୍ର-ମାଳା) ନକ୍ଷତ୍ର-ସମୂହ, ନକ୍ଷତ୍ରଶ୍ରେଣୀ ।

ନଖ, ବି. ପୁଂ. କ୍ଳୀ. ( ନ-ଖନ୍-ଅ ) ଅଙ୍ଗୁଳିର ଅଗ୍ରସ୍ଥ ଅସ୍ଥିବିଶେଷ । ପୁଂ. ଅଂଶ, ଖଣ୍ଡ ।

ନଖରଞ୍ଜନୀ ବି. ( ନଖ-ରଞ୍ଜନୀ ) ନହୁରୁଣୀ ।

ନଖର, ବି. ପୁଂ. (ନଖର୍-ଅ) ନଖ ।

ନଖରାୟୁଧ, ବି. ପୁଂ. ( ନଖର-ଆୟୁଧ ) ସିଂହ, ବ୍ୟାଘ୍ର, କୁକ୍କୁଟ ପ୍ରଭୃତି, ଯେଉଁମାନେ ନଖ-ଦ୍ୱାରା ଅସ୍ତ୍ର କାର୍ଯ୍ୟ ନିର୍ବାହ କରନ୍ତି ।

ନଖୀ, ବିଂ. (ନଖ ଇନ୍) ନଖବିଶିଷ୍ଟ, ଯାହାର ନଖ ଅଛି, ଆଜି ପ୍ରଚଳିତ କଥାରେ ସେତାର ପ୍ରଭୃତି ବଜାଇବାନିମିତ୍ତ ଲୌହତାରରେ ନିର୍ମିତ ଅଙ୍ଗୁଳୀୟବିଶେଷ ।

ନଗ, ବିଂ. (ନ-ଗମ୍-ଅ) ପର୍ବତ, ବୃକ୍ଷ ।

ନଗଜ, ବି. ପୁଂ. (ନଗ=ଜନ୍-ଅ) ହସ୍ତୀ । ବିଂ. ପର୍ବତଜାତ, ପାର୍ବତୀୟ । ସ୍ତ୍ରୀ. ପାର୍ବତୀ, କ୍ଷୁଦ୍ର ପାଷାଣଭେଦୀ ଲତା ।

ନଗଦ, ବିଂ. (ଯାବନିକ) ପ୍ରସ୍ତୁତ ମୂଲ୍ୟ ଦେଇ କ୍ରୟ କରିବା, ତତ୍କାଳ, ବର୍ତ୍ତମାନ ।

ନଗନନ୍ଦିନୀ, ବି. ସ୍ତ୍ରୀ. (ନଗ-ନନ୍ଦିନୀ) ଦୁର୍ଗା ।

ନଗପତି, ବି. ପୁଂ. (ନଗ-ପତି) ହିମାଳୟ, ଚନ୍ଦ୍ର, ପର୍ବତଶ୍ରେଷ୍ଠ ।

ନଗଭିଦ୍, ବି. ପୁଂ. (ନଗ-ଭିଦ୍-୦) ଇନ୍ଦ୍ର ।

ନଗର, କ୍ଳୀ. }
ନଗରୀ, ସ୍ତ୍ରୀ. } ବି. ( ନଗ-ର, ଈ ) ସହର, ନାନା ଜାତି ଓ ନାନା ଶିଳ୍ପ ବାଣିଜ୍ୟାଦିର ସ୍ଥାନ ।

ନଗରପାଳ, ବି. ପୁଂ. (ନଗର-ପାଳ) ନଗର-ରକ୍ଷକ, ଚୌକିଦାର ।

ନଗରରକ୍ଷୀ, ବିଂ. ( ନଗର-ରକ୍ଷ୍-ଇନ୍ )ନଗର-ପାଳ ।

ନଗାଟନ, ବି. ପୁଂ. ( ନଗ-ଅଟ୍-ଅନ ) ବାନର, କପି ।

ନଗାଧିପ, ବି. ପୁଂ. (ନଗ-ଅଧିପ) ହିମାଳୟ ।

ନଗାଧିରାଜ, ବି. ପୁଂ. ( ନଗ-ଅଧିରାଜ ) ହିମାଳୟ ।

ନଗି }
ଲଗି } ବି. (ଦେଶଜ) ଅଙ୍କୁଶ ।

ନଗ୍ନ, ବିଂ. ( ନଜ୍-ତ ) ଉଲଙ୍ଗ, ବିବସ୍ତ୍ର, ଲଙ୍ଗଳା । ବି. ପୁଂ. କ୍ଷପଣକ, ସ୍ତୁତିପାଠକ ।

ନଗ୍ନକ, ବିଂ. (ନଗ୍ନ-କ) ବିବସ୍ତ୍ର ।

ନଗ୍ନିକା, ବି. ସ୍ତ୍ରୀ. (ନଗ୍ନ-କ-ଆ ) ଅପ୍ରାପ୍ତବୟସ୍କା ନାରୀ, ବିବସ୍ତ୍ରା ସ୍ତ୍ରୀ ।

ନଙ୍ଗର, ବି. ( ଯାବନିକ ) ଜାହାଜ ପ୍ରଭୃତିକୁ ଅଟକାଇବା ପାଇଁ ବ୍ୟବହୃତ ଲୌହନିର୍ମିତ ଏକପ୍ରକାର ଗୁରୁଭାର ଲୌହଖଣ୍ଡ ।

ନଙ୍ଗଳା }
ଲଙ୍ଗଳା } ବିଂ. ( ନଗ୍ନ ଶବ୍ଦଜ ) ବସ୍ତ୍ରଶୂନ୍ୟ, ଦିଗମ୍ବର ।

ନଙ୍ଗୁଳ }
ଲଙ୍ଗୁଳ } ବି.(ଦେଶଜ) ଏକପ୍ରକାର ଦିଗମ୍ବର ସନ୍ନ୍ୟାସୀ, ଯାହାର ସଂସାରଚିନ୍ତା ନ ଥାଏ ।

ନଚେତ୍, ଅଂ (ନ-ଚେତ୍) ନଚେତ୍ ନହେବା ।

ନଜର, (ଯାବନିକ) ଦୃଷ୍ଟି, ତତ୍ତ୍ୱାବଧାନ । ଯଥା—

ପଡ଼ିଗଲେ ତା ନଜରେ ।

ନଜରନଳୀ }
ନଦରନଳୀ } ବି. ( ଦେଶଜ ) ଦୂରବୀକ୍ଷଣ ଯନ୍ତ୍ର ।

ନଜରବନ୍ଦୀ, ବି. ( ଯାବନିକ ) ଆଖିଆଗରେ ରଖିବା ।

ନଜଲ୍, ବିଂ. (ଯାବନିକ) ନିକଟବର୍ତ୍ତୀ ।

ନଜୀର, ( ଆରବୀ, ନଜର ଶବ୍ଦଜ ) ଦୃଷ୍ଟା-ନ୍ତ, ଉଦାହରଣ ।

ନଟ, ବି. ପୁଂ. ( ନଟ୍-ଅ ) ନର୍ତ୍ତକ, ଅଭିନୟ-କର୍ତ୍ତା, ଯେ ନୃତ୍ୟ କରେ, ମାୟୀ, ଜଞ୍ଜାଳୀ । ଯଥା—

କେ ବୋଲେ ଏତେ ନଟଙ୍କୁ, ସଜନ କହ,
ଗୋରସ ଦେବା ବାଟ ଛଡ଼, ଏ ଯିବା ହାଟକୁ । ବ. ଚ.

ନଟଖାଇ, ବି. ପୁଂ. ବାଜିକର, ଐନ୍ଦ୍ରଜାଲିକ । ଯଥା—

ଧାତା ନଟକାର ପରି, ଦେଖାଉ ତ ହରିନେଇ କନକଗଭସ୍ତି
ପ୍ରେ. ତ୍ରି.

ନଟଖୁଟ, ବି. (ଦେଶଜ) ହୁନର, କୌତୁକ ।

ନଟଖୁଟିଆ, ବିଂ. ( ଦେଶଜ ) କୌତୁକପ୍ରିୟ, ରଙ୍ଗିଆ, ଚପଳ ।

ନଟନ, ବି. ନ. (ନଟ୍-ଅନ) ନୃତ୍ୟ, ନାଟ୍ୟ ।

ନଟବର, ବି. ପୁଂ (ନଟ-ବର) କୃଷ୍ଣ, ନୃତ୍ୟକର୍ମରେ ପଟୁ ।

ନଟରି } ବି. (ଦେଶଜ) ଜଞ୍ଜାଳ, ଗୋଳମାଳ ।
ଲଟରି } ବିଂ. ଜଞ୍ଜାଳିଆ, ଗୋଳମାଳିଆ ।

ନଟୀ, ବି. ସ୍ତ୍ରୀ. (ନଟ-ଈ) ନର୍ତ୍ତକୀ, ଅଭିନୟକର୍ତ୍ତ୍ରୀ, ବେଶ୍ୟା ।

ନଟୁ, ବି. (ଦେଶଜ) କାଷ୍ଠନିର୍ମିତ ଏକପ୍ରକାର କ୍ରୀଡ଼ନକ, ପେଣ୍ଡୁ, କନ୍ଦୁକ ।

ନଟେଶ୍ୱର, ବି. ପୁଂ. (ନଟ-ଈଶ୍ୱର) ଶିବ ।

ନଡ଼, ବି. ପୁଂ. ( ନଲ୍-ଅ, ଲ ସ୍ଥାନରେ ଡ ) ନଳ ।

ନଡ଼କା, ବିଂ. (ଦେଶଜ) ଶ୍ଳଥ, ଝୁଲା ।

ନଡ଼ନଡ଼, ବିଂ. (ଦେଶଜ) ପତନୋନ୍ମୁଖ ।

ନଡ଼ବଡ଼ } ବିଂ. ( ଦେଶଜ ) ଶ୍ଳଥ, ଅଦୃଢ଼,
ଲଡ଼ବଡ଼ } ଗୋଳମାଳିଆ, ଲମ୍ପଟ ।

ନଡ଼ା, ବି. (ଦେଶଜ) ଛଣ ।

ନଡ଼ିଆ, ବି. (ନାରିକେଳ ଶବ୍ଦଜ) ନାରିକେଳ ।

ନଡ଼ୁ }
ଲଡ଼ୁ } ବି. (ଦେଶଜ) ମିଠାଇ ।

ନଢ଼େଇ }
ଲଢ଼େଇ } ବିଂ. (ଦେଶଜ) ଯୁଦ୍ଧ ।

ନଣନ୍ଦ, ବି. (ନନାନ୍ଦୃ ଶବ୍ଦଜ) ପତିର ଭଗିନୀ ।

ନଣନ୍ଦେଇ } ବି. ( ନନାନ୍ଦୃ ଶବ୍ଦଜ ) ନଣନ୍ଦର
ନଣନ୍ଦୋଇ } ପତି ।

ନଣ୍ଡା }
ଲଣ୍ଡା } ବିଂ. ଶିଖାଶୂନ୍ୟ, ମୁଣ୍ଡିତ ।

ନତ, ବିଂ. ( ନମ୍-ତ ) ପ୍ରଣତ, ନମ୍ର, କୁବ୍ଜ, ଅନତ, ଈଷଦ୍‌ବକ୍ର ।

ନତାଙ୍ଗୀ, ବି. ସ୍ତ୍ରୀ. (ନତ-ଅଙ୍ଗ-ଈ) ସନ୍ନତଗାତ୍ରୀ ସ୍ତ୍ରୀ ।

ନତି, ବି. ସ୍ତ୍ରୀ. ( ନମ୍-ତି ) ପ୍ରଣାମ, ନମସ୍କାର କୁଟିଳତା, ଆବର୍ତ୍ତନ ।

ନତୁବା, ଅଂ. (ନ ତୁ-ବା) ନଚେତ୍, ଅଥବା ।

ନତୋନ୍ନତ, ବିଂ. ( ନତ-ଉନ୍ନତ ) ଖାଲଢିପ, ବନ୍ଧୁର ।

ନଥ } ବି. ନ. (ହିନ୍ଦୀ) ନାକର ଅଳଙ୍କାର-
ନୋଥ } ବିଶେଷ । ଯଥା—

ଓଢ଼ଣା ଦେଇ ମାଥରେ ଅଭ୍ରଙ୍ଗ କରେ ହାତରେ;
ଦେଖି ମନ୍ମଥରେ କେ ଅ ନ ଥରେ ନେନ୍ତ ପଡ଼ିଲେ ନଥରେ
ବ. ଚ.

ନଥା } ବି. (ଦେଶଜ) ତାଳି, ଉପରେ ପଡ଼ିବା,
ଲଥା } ଉପକଥା ।

ନଥି, ବି. ( ଯାବନିକ ) ଏକତ୍ର ସୂତ୍ରିତ କାଗଜ ।

ନଦ, ବି. ପୁଂ. ( ନଦ୍-ଅ ) ପୁଂବାଚକ ଜଳ-ପ୍ରବାହ । ଯଥା—ବ୍ରହ୍ମପୁତ୍ର ନଦ ।

ନଦନ, ବି. (ଦେଶଜ) ଆସ୍ତରଣ, ବୋଝ । ଯଥା—

ଝୁଲୁଆଆ ହାତୀ ଝୁଲୁଆ ଝୁଲୁଆ ପିଇଥାଅ ବାଆ ପାଣି ।
ମାହୁନ୍ତ ଆସିଲେ ନଦନ ପକାଇ ଯିବୁ ବରଡ଼ାଳ ଆଣି ।
ବାଳବୋଧ

ନଦରନଳୀ, ବି. (ଦେଶଜ) ଦୂରବୀକ୍ଷଣ ଯନ୍ତ୍ର । ଯଥା—

ନିକଟ ଦୂର ପ୍ରକଟ ଦରଶକ ସେ କ୍ଷଣ କ୍ଷଣକେ ହେଲା ସେ
ଦ୍ୱିବିଧ ନଦରନଳୀ ଅଧରକୁ ସମସ୍ତ ଈକ୍ଷଣ ନେଲା ସେ ।
କୋ. ତ୍ରି. ସୁ.

ନଦାରଦ, ବିଂ. (ଯାବନିକ) ଶୂନ୍ୟ, ଅନାବ-ଶ୍ୟକ ।

ନଦବା }
ଲଦବା } କ୍ରି. (ଦେଶଜ) ଭାର ଥୋଇବା ।

ନଈ, ବି. ସ୍ତ୍ରୀ. (ନଦ୍-ଅ-ଈ) ସ୍ୱାଭାବିକ ଜଳ-ପ୍ରବାହ । ଯଥା—ଗଙ୍ଗାନଈ ।

ନଈକୂଳବନ୍ଧୁ, ବି. (ଦେଶଜ) ଯାମଘୋଷ ପକ୍ଷିବିଶେଷ । ଯଥା—

ନଈକୂଳେଁ ଶୁଣି ସୁଜାତର ସ୍ୱର
ନଈକୂଳବନ୍ଧୁ ଦେଲା ପ୍ରତ୍ୟୁତ୍ତର । ନ. କେ

ନଦୀଜ, ବି. ପୁଂ. (ନଦୀ-ଜନ୍-ଅ) ଗାଙ୍ଗେୟ, ଭୀଷ୍ମ, ଅର୍ଜୁନବୃକ୍ଷ, ହିଜ୍ଜଳବୃକ୍ଷ । ବିଂ. ନଦୀରୁ ଜାତ ।

ନଦୀମାତୃକ, ବିଂ. (ନଦୀ-ମାତୃକ) ନଦୀ ଜଳରେ ଉତ୍ପନ୍ନ ଶସ୍ୟରେ ପାଳିତ ଦେଶ ।

ନଦୀଷ୍ଠ, ବିଂ. (ନଦୀ-ସ୍ଥା-ଅ) ଯେ ନଦୀରେ ସ୍ନାନ କରେ ।

ନଧ୍ରୀ, ବି. ସ୍ତ୍ରୀ. (ନହ-ତ୍ର-ଈ) ଚର୍ମରଜ୍ଜୁ, ଚମଦଉଡ଼ି ।

ନନା, ବି. (ଦେଶଜ) ପିତା, ବଡ଼ ଭାଇ ।

ନନୁ, ଅଂ. (ନ-ନୁଦ୍-ଉ, ଉଦ୍‌ଲୋପ) ପ୍ରଶ୍ନ, ସ୍ୱୀକାର, ଅନୁଜ୍ଞା, ସନ୍ଦେହ, ସମ୍ଭାବନା, ନିଶ୍ଚୟ, ଅବଧାରଣା ।

ନନ୍ଦ, ବି. ପୁଂ. (ନନ୍ଦ୍-ଅ) କୃଷ୍ଣଙ୍କ ପାଳକ ପିତା, ପରମେଶ୍ୱର, ଚନ୍ଦ୍ରବଂଶୀୟ ନୃପବିଶେଷ । ନ୍ଦା, ପୁଂ. ସ୍ତ୍ରୀ. ଆନନ୍ଦ, (ଦେଶଜ) କୁଆନନ୍ଦ ।

ନନ୍ଦକ, ବି. ପୁଂ. (ନନ୍ଦ୍-ଅକ) କୃଷ୍ଣଙ୍କ ଖଡ୍ଗ । ବିଂ. ଆନନ୍ଦଜନକ ।

ନନ୍ଦକୀ, ବିଂ. (ନନ୍ଦକ-ଇନ୍) ବିଷ୍ଣୁ, କୃଷ୍ଣ ।

ନନ୍ଦନ, ବି. ପୁଂ. (ନନ୍ଦ୍-ଇ-ଅନ) ପୁତ୍ର, ବିଷ୍ଣୁ, ମହାଦେବ, ପର୍ବତବିଶେଷ । ନ. ଇନ୍ଦ୍ରୋ-ଦ୍ୟାନ । ବିଂ. ଆନନ୍ଦଜନକ ।

ନନ୍ଦନନନ୍ଦନ, ବି. ପୁଂ. (ନନ୍ଦ-ନନ୍ଦନ) କୃଷ୍ଣ ।

ନନ୍ଦନା, ବି. ସ୍ତ୍ରୀ. (ନନ୍ଦ-ଅନ୍-ଆ) କନ୍ୟା, ଝିଅ, ଯଥା—

ଘଡ଼ୁକା ଅନନ୍ଦନା ଅନାଉଣି କି ମନା
କରୁ ଯା ଆଇ ହସ ଗୃହଁଲୁ ଗୋ । ବ. ଚ,

ନନ୍ଦା, ବି. ସ୍ତ୍ରୀ. (ନନ୍ଦ-ଇ-ଅ ଆ) ଜଳାଧାର, ଦୁର୍ଗା, ପ୍ରତିପଦ୍, ଷଷ୍ଠୀ, ଏକାଦଶୀ ଏହି ତିନି ତିଥି ।

ନନ୍ଦାତ୍ମଜ, ବି. ପୁଂ. (ନନ୍ଦ-ଆତ୍ମଜ) ଶ୍ରୀକୃଷ୍ଣ । ସ୍ତ୍ରୀ. ଦୁର୍ଗା ।

ନନ୍ଦିଆ, ବି. (ଦେଶଜ) ବଡ ବଡ କୁଣ୍ଡ, ଜାଡାଙ୍ଗ ।

ନନ୍ଦିକା, ବି. ସ୍ତ୍ରୀ. (ନନ୍ଦୀ-କ-ଆ) କେଶରବଂଶୀୟ ଶେଷ ରାଜା ସୁବର୍ଣ୍ଣ କେଶରୀଙ୍କର କନ୍ୟା, ଇନ୍ଦ୍ରୋଦ୍ୟାନ, ତିଥିବିଶେଷ, ନନ୍ଦା ।

ନନ୍ଦିକେଶ୍ୱର, ବି. ପୁଂ. (ନନ୍ଦିକା-ଈଶ୍ୱର) ଶିବଙ୍କ ପ୍ରଧାନ ଅନୁଚର, ନନ୍ଦୀ ।

ନନ୍ଦିଗ୍ରାମ, ବି. ପୁଂ. ଗ୍ରାମବିଶେଷ, ଶ୍ରୀରାମଚନ୍ଦ୍ରଙ୍କ ବନବାସ କାଳରେ ଭରତ ତାଙ୍କ ପାଦୁକା ସିଂହାସନୋପରି ରଖି ଏ ସ୍ଥାନରେ ବାସ କରଥିଲେ ।

ନନ୍ଦିଘୋଷ, ବି. ପୁଂ. ନନ୍ଦି-ଘୋଷ) ଅର୍ଜୁନଙ୍କ ରଥ, ପୁରୀ ଜଗନ୍ନାଥଙ୍କ ରଥ ।

ନନ୍ଦିତ, ବିଂ. (ନନ୍ଦ-ଇ-ତ) ଆନନ୍ଦିତ, ତୋଷିତ ।

ନନ୍ଦିନୀ, ବି. ସ୍ତ୍ରୀ. (ନନ୍ଦ-ଇନ୍-ଈ) ପାର୍ବତୀ, କନ୍ୟା, ଝିଅ । ଯଥା—

କହନ୍ତି ବୃଷଭାନୁନନ୍ଦିନୀ କେ ଯେ ।

ଗଙ୍ଗା, ବଶିଷ୍ଠଙ୍କର ହୋମଧେନୁ ।

ନନ୍ଦୀ, ବି. ପୁଂ. (ନନ୍ଦ-ଇନ୍) ଶିବଙ୍କ ପ୍ରଧାନ ଅନୁଚର । ସ୍ତ୍ରୀ. ଦୁର୍ଗା । ବିଂ. ଆନନ୍ଦିତ ।

ନନ୍ଦୀଶ / ନନ୍ଦୀଶ୍ୱର } ବି. ପୁଂ. (ନନ୍ଦୀ-ଈଶ, ଈଶ୍ୱର) ଶିବ, ମହାଦେବ, ନନ୍ଦୀ, ନନ୍ଦିକେଶ୍ୱର ।

ନପୁଂସକ, ବି. ପୁଂ. ନ. (ନ-ପୁଂସକ) ଯେ ବ୍ୟକ୍ତିକୁ ସ୍ତ୍ରୀ ବା ପୁରୁଷ ବୋଲି ଗଣନା କରାଯାଏ ନାହିଁ, କ୍ଲୀବ, ଛିନ୍ନମୁଷ୍କ, ଲିଙ୍ଗବିଶେଷ ।

ନପ୍ତା, ବି. ପୁଂ. (ନ-ପତ୍-ତୃ) ନାତି, ପୁତ୍ର ବା କନ୍ୟାର ପୁତ୍ର ।

ନପ୍ତ୍ରୀ, ବି. ସ୍ତ୍ରୀ. (ନ-ପତ୍-ତୃ-ଈ) ନାତୁଣୀ, ପୌତ୍ରୀ, ଦୌହିତ୍ରୀ ।

ନଫର, (ଆରବୀ) ଭୃତ୍ୟ, ଦାସ ।
ନଫା, ବି. (ଯାବନିକ) ଲାଭ, ମୁନଫା ।
ନବିଶନ୍ଦା, (ଯାବନିକ) ଲେଖକ ।
ନଭ, ବି. ନ. (ନଭ୍-ଅ) ଆକାଶ । ପୁଂ. ଶ୍ରାବଣ ମାସ । ବିଂ. ହିଂସକ ।
ନଭଃ, ବି. ନ. (ନଭ୍-ଅସ୍) ଆକାଶ, ସ୍ୱର୍ଗ । ପୁଂ. ଶ୍ରାବଣ ମାସ, ବର୍ଷାକାଳ ।
ନଭଶ୍ଚକ୍ଷୁଃ ବି. ପୁଂ. (ନଭସ୍-ଚକ୍ଷୁସ୍) ସୂର୍ଯ୍ୟ ।
ନଭଶ୍ଚର, ବିଂ. (ନଭସ୍-ଚର୍ ଅ) ଆକାଶଗାମୀ । ବି. ପୁଂ. ପକ୍ଷୀ, ବିଦ୍ୟାଧର, ଗନ୍ଧର୍ବ ପ୍ରଭୃତି, ବାୟୁ, ମେଘ, ସୂର୍ଯ୍ୟାଦି ଗ୍ରହ, ରାକ୍ଷସ ।
ନଭସ, ବି. ନ. (ନଭ୍-ଅସ୍) ଆକାଶ, ସ୍ୱର୍ଗ ।
ନଭସ୍ତଳ, ବି. ନ. (ନଭସ୍-ତଳ) ଗଗନତଳ, ଆକାଶଦେଶ ।
ନଭସ୍ୱାନ୍, ବି. (ନଭଃ ବତ୍) ବାୟୁ, ପବନ, ଯୁବା ।
ନଭୋଗ, ବି. ପୁଂ. (ନଭସ୍-ଗମ୍-ଅ) ଦେବତା, ମେଘ । ବିଂ. ଆକାଶଗାମୀ ।
ନଭୋନଦୀ, ବି. ସ୍ତ୍ରୀ. (ନଭସ୍ ନଦୀ) ସ୍ୱର୍ଗଗଙ୍ଗା, ମନ୍ଦାକିନୀ ।
ନଭୋମଣି, ବି. ପୁଂ. (ନଭସ୍-ମଣି) ସୂର୍ଯ୍ୟ ।
ନଭୋମଣ୍ଡଳ, ବି. ନ. (ନଭସ୍-ମଣ୍ଡଳ) ଗଗନମଣ୍ଡଳ, ଆକାଶମଣ୍ଡଳ ।
ନଭୋରେଣୁ, ବି. ପୁଂ. ସ୍ତ୍ରୀ. (ନଭସ୍-ରେଣୁ) କୁଜ୍‌ଝଟିକା, କୁହୁଡ଼, ଅନ୍ଧକାର ।
ନମଃ, ଅଂ. (ନମ-ଅସ୍) ନମସ୍କାର ।
ନମନ, ବି. ନ. (ନମ୍-ଅନ) ନତ ହେବା, ନଇଁବା, ପ୍ରଣାମ ।
ନମନୀୟ, ବିଂ. (ନମ୍-ଅନୀୟ) ନମନର ଯୋଗ୍ୟ, ଯାହାକୁ ନୁଆଁଇ ଯାଇ ପାରେ ।
ନମସ୍କାର, ବି. ପୁଂ. (ନମସ୍-କାର) କର ଶିରଃ ସଂଯୋଗପୂର୍ବକ ନତ ହେବା, ପ୍ରଣାମ, ନତିସ୍ୱୀକାର ।

ନମସ୍କୃତ, ବିଂ. (ନମସ୍-କୃ-ତ) ଯାହାଙ୍କୁ ନମସ୍କାର କରାଯାଇଅଛି ।
ନମସ୍ୟ, ବିଂ. (ନମସ୍-ଯ) ପୂଜନୀୟ, ପ୍ରଣମ୍ୟ, ନମସ୍କାରଯୋଗ୍ୟ । ସ୍ତ୍ରୀ. ପୂଜା, ଅର୍ଚ୍ଚନା, ନତି ।
ନମାଜ }
ନମାଜ } ବି. (ଯାବନିକ) ମୁସଲମାନମାନଙ୍କ ଉପାସନା ।
ନମିତ ବିଂ. (ନମ-ତ) ବକ୍ରୀକୃତ, ପ୍ରଣମିତ, ନମସ୍କୃତ ।
ନମିବା, କ୍ରି. (ନମ ଧାତୁଜ) ନତ ହେବା, ନମସ୍କାର କରିବା ।
ନମୁଚି, ବି. ପୁଂ. (ନ-ମୁଚ୍-ଇ) କନ୍ଦର୍ପ, କାମଦେବ, ଅସୁରବିଶେଷ ।
ନମୁଚିସୂଦନ }
ନମୁଚିଦ୍ୱିଟ୍ } ବି ପୁଂ. (ନମୁଚି=ଅସୁରବିଶେଷ-ସୂଦନ=ନାଶ କରିବା, ନମୁଚି-ଦ୍ୱିଷ୍=ଦ୍ୱେଷକରିବା) ଇନ୍ଦ୍ର ।
ନମୁନା }
ନମୁନା } ବି (ଯବନିକ) ଆଦର୍ଶ, ନିଦର୍ଶନ ।
ନମେରୁ, ବି. ପୁଂ. (ନ-ମେରୁ ଅବା ନମ୍-ଏରୁ) ସୁରପୁନ୍ନାଗ ବୃକ୍ଷ, ରୁଦ୍ରାକ୍ଷ । ଯଥା—

ସ୍ୱର୍ଣ୍ଣଦୀପୁଲିନେ ସ୍ୱର୍ଣ୍ଣ ନମେରୁ ସଦୃଶ,
ସରସ୍ୱତୀ ତଟେ ଉଭା କେ ମହାପୁରୁଷ । ରଂ. ସ୍ୱା. ଦେ.

ନମ୍ୟ, ବିଂ. (ନମ-ଯ) ନମନୀୟ, ନତ କରିବା-ଯୋଗ୍ୟ ।
ନମ୍ର, ବିଂ. (ନମ୍-ର) ବିନୀତ, ଶିଷ୍ଟ, ନତ, ପ୍ରଣତ ।
ନମ୍ରକ, ବି. ପୁଂ. (ନମ୍ର-କୈ-ଅ) ବେତସବୃକ୍ଷ ।
ନମ୍ରତା, ବି. ସ୍ତ୍ରୀ (ନମ୍ର-ତା) ଶିଷ୍ଟତା, ନମ୍ରତା, କୋମଳତା, ସୁଶୀଳତା ।
ନୟ, ବି. ପୁଂ. (ନୀ ଅ) ଉପଦେଶ, ନୀତି, ନୀତିଶାସ୍ତ୍ର, ଦ୍ୟୂତକ୍ରୀଡ଼ାବିଶେଷ । ବିଂ. ନ୍ୟାଯ୍ୟ, ଉପଯୁକ୍ତ । (ନୀତି ଅର୍ଥରେ) ଯଥା—

ନୟେ ବୃହସ୍ପତି, ପାଳନେ ଶ୍ରୀପତି । କ. ବା.

ନୟନ, ବି. ନ. ( ନୀ-ଅନ ) ନେତ୍ର, ଚକ୍ଷୁ, ପ୍ରାପଣ, ଯାପନ । ସ୍ତ୍ରୀ. ଚକ୍ଷୁର ତାରା ।

ନୟନୋତ୍ସବ, ବି. ପୁଂ. (ନୟନ-ଉତ୍ସବ) ପ୍ରଦୀପ, ଆଲୋକ, ଚକ୍ଷୁର ଆନନ୍ଦ ।

ନୟବିଦ୍, ବି. ପୁଂ. (ନୟ-ବିଦ୍) ନୀତିଜ୍ଞ, ନୀତି-ଶାସ୍ତ୍ରବିଦ୍ ।

ନର, ବି. ପୁଂ. ( ନୃ-ଅ ) ମନୁଷ୍ୟ, ମାନବ, ପୁରୁଷ, ଅର୍ଜ୍ଜୁନ, ବିଷ୍ଣୁ, ଋଷିବିଶେଷ, ବିଷ୍ଣୁଙ୍କ ଅବତାରବିଶେଷ । ସ୍ତ୍ରୀ. ନାରୀ ।

ନରକ, ବି. ପୁଂ. ( ନୃ-ଅକ ) ନିରୟ, ଦୁଃଖ-ଭୋଗର ସ୍ଥାନ, ଦୈତ୍ୟବିଶେଷ ।

ନରକକୁଣ୍ଡ, ବି. ନ. ସଂଯମନୀପୁରୀସ୍ଥ ଯାତନା-ମୟ ସ୍ଥାନବିଶେଷ ।

ନରକଜିତ୍, ବି. ପୁଂ. ନରକ-ଜି-୦) ବିଷ୍ଣୁ ।

ନରକପାଲ, ବି. ପୁଂ. ନ. ମଡ଼ାର ମୁଣ୍ଡ ।

ନରକଭୂମି, ବି. ସ୍ତ୍ରୀ. (ନରକ-ଭୂମି) ଯାତନା-ବିଶେଷର ଭୋଗଯୋଗ୍ୟ ସ୍ଥାନ ।

ନରକାନ୍ତକ, ବିଂ. ( ନରକ-ଅନ୍ତକ ) ବିଷ୍ଣୁ, ନାରାୟଣ ।

ନରକୀଲକ, ବି. ପୁଂ. ( ନର-କୀଲକ ) ଗୁରୁଘ୍ନ, ଗୁରୁହତ୍ୟାକାରୀ ।

ନରକେଶରୀ, ବି. ପୁଂ. (ନର-କେଶରୀ) ନୃସିଂହ-ଦେବ, ମାନବଶ୍ରେଷ୍ଠ ।

ନରଙ୍ଗ, ବି. ପୁଂ. ( ନୃ-ଅଙ୍ଗ ) ବ୍ରଣ । ନ. ମେଢ୍ର ।

ନରଦେବ, ବି. ପୁଂ. ( ନର-ଦେବ ) ରାଜା, ବ୍ରାହ୍ମଣ ।

ନରଦ୍ୱିଟ୍, ବି. ପୁଂ. (ନର ଦ୍ୱିଷ୍-୦) ରାକ୍ଷସ ।

ନରନାରାୟଣ, ବି. ପୁଂ. (ନର-ନାରାୟଣ) ଅର୍ଜ୍ଜୁନ, ବଦରିକାଶ୍ରମସ୍ଥ ଋଷିଦ୍ୱୟ ।

ନରପତି, ବି. ପୁଂ. ( ନର-ପତି ) ରାଜା, ନୃପତି ।

ନରପୁଙ୍ଗବ, ବି. ପୁଂ. (ନର-ପୁଙ୍ଗବ) ନରଶ୍ରେଷ୍ଠ, ରାଜା ।

ନରମ } ବିଂ. ( ନମ୍ର ଶବ୍ଦଜ ) କୋମଳ,
ନରମା } ଅକଠିନ, ସହଜ ।

ନରମେଧ, ବି. ପୁଂ. (ନର-ମେଧ) ଯଜ୍ଞବିଶେଷ ।

ନରଲୋକ, ବି. ପୁଂ. ( ନର-ଲୋକ ) ମନୁଷ୍ୟ-ଲୋକ, ମର୍ତ୍ତ୍ୟଲୋକ ।

ନରସିଂହ ବି. ପୁଂ. ( ନର-ସିଂହ ) ନୃସିଂହ ଅବତାର, ନାରାୟଣଙ୍କର ଚତୁର୍ଥ ଅବତାର, ମନୁଷ୍ୟଶ୍ରେଷ୍ଠ ।

ନରହରି, ବି. ପୁଂ. (ନର-ହରି) ନୃସିଂହ ଅବତାର, ବିଷ୍ଣୁ ହିରଣ୍ୟକଶିପୁର ବିନାଶାର୍ଥ ଏହି ରୂପ ଧାରଣ କରିଥିଲେ ।

ନରାଜ, ବି. (ଦେଶଜ) ତରାଜୁ. ଏକପ୍ରକାର ତୁଳାଦଣ୍ଡ ।

ନରାଧମ, ବି. ପୁଂ. (ନର-ଅଧମ ) ମନୁଷ୍ୟ ମଧ୍ୟରେ ହେୟ, ଯାହାର ସ୍ୱଭାବ ଅସ୍ଥିର ଓ ଚରିତ୍ର ଅତି ମନ୍ଦ ।

ନରାଧିପ, ବି. ପୁଂ. (ନର-ଅଧିପ) ରାଜା ।

ନରାନ୍ତକ, ବି. ପୁଂ. (ନର-ଅନ୍ତକ) ଯମ, ରାକ୍ଷସ-ବିଶେଷ, ରାବଣର ପୁତ୍ର । ବିଂ. ନରଘାତୀ ।

ନରେନ୍ଦ୍ର, ବି. ପୁଂ. ( ନର-ଇନ୍ଦ୍ର ) ନରଶ୍ରେଷ୍ଠ, ରାଜା, ବିଷବୈଦ୍ୟ ।

ନରେଶ } ବି ପୁଂ. ( ନର-ଈଶ, ଈଶ୍ୱର )
ନରେଶ୍ୱର } ନରପତି, ରାଜା ।

ନରୋତ୍ତମ, ବି. ପୁଂ. ( ନର-ଉତ୍ତମ ) ବିଷ୍ଣୁ, ନୃପତି, ହରିଭକ୍ତିପରାୟଣ ସାଧକବିଶେଷ ।

ନର୍ତ୍ତକ, ବି. ପୁଂ. ( ନୃତ୍-ଅକ ) ନଟ, ହସ୍ତୀ, ମୟୂର । ବିଂ. ନୃତ୍ୟକାରକ । ସ୍ତ୍ରୀ. ନର୍ତ୍ତକୀ, ହସ୍ତିନୀ, ମୟୂରୀ ।

ନର୍ତ୍ତନ, ବି. ନ. (ନୃତ୍-ଅନ୍) ନୃତ୍ୟ, ନାଚ ।

ନର୍ତ୍ତିତ, ବିଂ. (ନର୍ତ୍ତି-ତ) ଦୋଳିତ, କମ୍ପିତ । ବି. ନ. ନର୍ତ୍ତନ ।

ନର୍ଦ୍ଦମା ବି. (ଦେଶଜ) ପାଣି ବହିଯିବାର ନଳୀ, ପୟନାଳ, ପ୍ରଣାଳୀ ।

ନର୍ଦ୍ଦିତ, ବିଂ. (ନର୍ଦ୍-ତ) ଶବ୍ଦିତ, କୃତନାଦ ।

ନର୍ମ, ବି. କ୍ଲୀ (ନୃ-ମନ୍) କ୍ରୀଡ଼ା, ପରିହାସ, ବିହାର, ପ୍ରିୟ, କୌତୁକ ।

ନର୍ମକୀଳ, ବି. ପୁଂ. (ନର୍ମନ୍=ବିହାର-କୀଲ=ଶଙ୍କୁ) ସ୍ୱାମୀ ।

ନର୍ମଠ, ବି. ପୁଂ. (ନର୍ମନ୍-ଠ) ସ୍ତନର ଅଗ୍ରଭାଗ, ଲମ୍ପଟ । ବିଂ. କ୍ରୀଡ଼ାରତ ।

ନର୍ମଦ, ବି. ପୁଂ. ( ନର୍ମନ୍-ଦା-ଅ ) କ୍ରୀଡ଼ା ସଚିବ । ବି. ପରିହାସଦାୟକ ।

ନର୍ମଦା, ବି. ସ୍ତ୍ରୀ. (ନର୍ମନ୍-ଦା-ଅ-ଆ) ବିନ୍ଧ୍ୟାଚଳରୁ ନିର୍ଗତ ନଦୀବିଶେଷ, ରେବା ନଦୀ ।

ନର୍ମସଚିବ, ବି. ପୁଂ. (ନର୍ମନ୍=ବିହାରାଦି-ସଚିବ=ମନ୍ତ୍ରୀ) କ୍ରୀଡ଼ାସଚିବ, ଭଣ୍ଡ ।

ନଲ, ବି. ପୁଂ. ( ନଲ-ଅ ) ଶର, ସୂର୍ଯ୍ୟବଂଶୀୟ ନୃପବିଶେଷ, ଗୋଲାକାର ଛିଦ୍ରବିଶିଷ୍ଟ ଲମ୍ବ ପଦାର୍ଥ, ଦମୟନ୍ତୀଙ୍କ ପତି, ନଳନାମକ ରାଜା, ପିତୃଲୋକବିଶେଷ, ବାନରବିଶେଷ । ନ. ପଦ୍ମ ( ଦେଶଜ ) ଭୂମି ମାପ କରିବାର ବ୍ୟବହୃତ ଯଷ୍ଟି ବା ପଦିକା, ଏକପ୍ରକାର ତୃଣଜାତୀୟ ଘାସ ।

ନଲକ, ବି. ନ. (ନଲ-କ) ନଳ, ମଜ୍ଜାଚ୍ଛିଦ୍ର ଅସ୍ଥି, ଅସ୍ଥିବିଶେଷ ।

ନଲକିନୀ, ବି. ସ୍ତ୍ରୀ. (ନଲକ-ଇନ୍-ଈ) ଜଙ୍ଘ ।

ନଲକୀଲ, ବି. ପୁଂ. (ନଲ-କୀଲ) ଜାନୁ, ଆଣ୍ଠୁ ।

ନଲକୂବର, ବି. ପୁଂ. ( ନଲ-କୂବର ) କୁବେର ପୁତ୍ର ।

ନଲଦ, ବି. ନ (ନଲ=ସୁଗନ୍ଧ-ଦା-ଅ) ଉଶୀର, ବେଣାର ମୂଳ, ପୁଷ୍ପକ ରଥ, ମକରନ୍ଦ । ବିଂ. ନଲଦାତା ।

ନଲମୀନ, ବି. ପୁଂ. (ନଲ-ମୀନ) ବଙ୍ଗୁଡ଼ିମାଛ ।

ନଲବଣ } ନଲବନ } ବି. ନଲନାମକ ଘାସଦ୍ୱାରା ପରିପୂର୍ଣ୍ଣ ସ୍ଥାନ । ଯଥା—

କାଳଅଙ୍ଗ ଘୋର ଚନ୍ଦ୍ର ଅନ୍ତରାଳେ
କାଣ୍ଡୀ ନଳବନ ଶୈଳ ଦୀପମାଳେ । ଚଉଦା ।

ନଲା, ବି. (ଦେଶଜ) ପାଣିବହିଯିବା ପଥ, ମାଟି ପ୍ରଭୃତିରେ ନିର୍ମିତ ଜଳନିଷ୍କାଶନ ଉପଯୋଗୀ ନାଲ, ବାଉଁଶ ପ୍ରଭୃତିର ଚୁଙ୍ଗୀ ।

ନଲି } ନଲୀ } ବି. ( ନଲ ଶବ୍ଦଜ ) ନଳ, ବନ୍ଧୁକ । ବିଂ. ସରୁ, କୃଶ ।

ନଲିକା, ବି. ସ୍ତ୍ରୀ. (ନଲୀ-କ-ଆ) ନାଡ଼ୀ, ନଳ, ସୁଗନ୍ଧଦ୍ରବ୍ୟବିଶେଷ, ତୂଣ ।

ନଲିତ, ପୁଂ. } ନଲିତା, ସ୍ତ୍ରୀ. } ବି. ( ନଲ-ଇତ ) ଶାକବିଶେଷ, ନଳିତାପତ୍ର, ଏଥିରୁ ଝୋଟ ଉତ୍ପନ୍ନ ହୁଏ ।

ନଲିନ, ବି. ନ. (ନଲ୍-ଇନ) ପଦ୍ମ, ଜଳ, ନୀଳଗଛ, ଶୈବାଳ । ପୁଂ ସାରସପକ୍ଷୀ । ସ୍ତ୍ରୀ. ପଦ୍ମଲତା, ପଦ୍ମିନୀ, ପଦ୍ମସମୂହ ।

ନଲିନୀ, ବି. ସ୍ତ୍ରୀ. (ନଲ୍-ଇନ୍-ଈ) ପଦ୍ମିନୀ, କମଳସମୂହ, ଯେଉଁ ଜଳାଶୟରେ ଯଥେଷ୍ଟ ପଦ୍ମ ଜନ୍ମେ, ସ୍ୱର୍ଗଙ୍ଗା ।

ନଲିନୀରୁହ, ବି. ନ. ( ନଲିନୀ-ରୁହ ) ମୃଣାଳ, ପଦ୍ମଯୋନି, ବ୍ରହ୍ମା ।

ନଲିନେଶୟ, ବି. ପୁଂ. (ନଲିନେ-ଶୀ-ଅ) ବିଷ୍ଣୁ, ନାରାୟଣ ।

ନବ, ବିଂ. (ନୂ=ସ୍ତୁତିକରି ଇତ୍ୟାଦି-ଅ) ନୂତନ, ନୂଆ, (ନବନ୍ ଶବ୍ଦଜ) ୯ମ ସଂଖ୍ୟା । ବି. ପୁଂ. ସ୍ତବ ।

ନବକାରିକା, ବି. ସ୍ତ୍ରୀ. (ନବ-କାରିକା) ନବୋଢା, ନବବିବାହିତା, ଅଚିରପ୍ରାପ୍ତଯୌବନା, ନୂତନକାରିକା ।

ନବଗ୍ରହ, ବି ପୁଂ. (ନବନ୍-ଗ୍ରହ) ସୂର୍ଯ୍ୟ, ଚନ୍ଦ୍ର, ମଙ୍ଗଳ, ବୁଧ, ବୃହସ୍ପତି, ଶୁକ୍ର, ଶନି, ରାହୁ, କେତୁ ଏହି ନଅ ଗ୍ରହ ।

ନବଚତ୍ୱାରିଂଶତ୍, ବି. ସ୍ତ୍ରୀ. ( ନବ=ନବାଧିକ-ଚତ୍ୱାରିଂଶତ୍ ) ଊନପଞ୍ଚାଶ ସଂଖ୍ୟା, ୪୯ ।

ନବଛିଦ୍ର, ବି. ନ. (ନବ-ଛିଦ୍ର) ଦେହ ।

ନବତି, ବି. ସ୍ତ୍ରୀ. ( ନବନ୍-ଅତି ) ୯୦ ସଂଖ୍ୟା ବିଂ. ୯୦ ସଂଖ୍ୟାଯୁକ୍ତ ।

ନବଢକା, ବ. ସ୍ତ୍ରୀ. (ନବ-ଢକ୍ ଅ-ଆ) ଭୁଲକା, ଭୁଲୀ ।

ନବଦଣ୍ଡ, ବି. ନ. (ନବ ଦଣ୍ଡ) ରାଜଛତ୍ରବିଶେଷ ।

ନବଦଳ, ବି. ନ. ( ନବ-ଦଳ ) ନୂତନ ପତ୍ର, ନୂତନ ପଦ୍ମପତ୍ର, ପଦ୍ମର କେଶରର ସମୀପସ୍ଥ ପତ୍ର ।

ନବଧାଶ୍ୱତ, ବି. ପୁଂ. ( ନବନ୍-ଧାଶ୍ୱତ ) ମଙ୍ଗଳଗ୍ରହ ।

ନବଦୁର୍ଗା, ବି. ସ୍ତ୍ରୀ. ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରି, ମହାଗୌରୀ ସିଦ୍ଧିଦା ଏହି ନବ ଦୁର୍ଗାମୂର୍ତ୍ତି ।

ନବଦ୍ୱାର, ବି. ନ. ( ନବନ୍-ଦ୍ୱାର ) କର୍ଣ୍ଣଦ୍ୱୟ, ଚକ୍ଷୁଦ୍ୱୟ, ନାସାଦ୍ୱୟ, ମୁଖ, ଉପସ୍ଥ ଓ ଗୁହ୍ୟ ନଅ ଦ୍ୱାର ।

ନବଧା, କ୍ରି. ବିଂ. ( ନବ-ଧା ) ନଅ ପ୍ରକାର, ନଅ ଥର ।

ନବ, ବିଂ. ନଅ ସଂଖ୍ୟା ।

ନବନୀତ, ବି.ନ. (ନବ-ନୀତ) ଲହୁଣୀ, ଲବଣୀ ।

ନବନୀତକ, ବି. ନ. (ନବ ନୀତ-କ) ଘୃତ ।

ନବପତ୍ରିକା, ବି. ସ୍ତ୍ରୀ. କଦଳୀ, ଡାଳିମ୍ବ, ଧାନ୍ୟ, ହରିଦ୍ରା, କଚୁ, ମାଣକଚୁ, ବିଲ୍ୱ, ଅଶୋକ, ଜୟନ୍ତୀ ଏହି ନଅ ପତ୍ରଯୁକ୍ତା ନବଦୁର୍ଗା, ସ୍ତ୍ରୀ ମୂର୍ତ୍ତି ।

ନବଫଳକା, ବିଂ. ସ୍ତ୍ରୀ ( ନବ-ଫଳ-କ-ଆ ) ନବୋଢା, ନବଜାତରଜସ୍କା, ଯେଉଁ ସ୍ତ୍ରୀର ପ୍ରଥମ ବାର ଋତୁ ହୋଇଅଛି ।

ନବବଧୂ, ବି. ସ୍ତ୍ରୀ. (ନବ-ବଧୂ) ନୂତନ ବିବାହିତା ସ୍ତ୍ରୀ, ନବୋଢା, ନବୀନ ଭାର୍ଯ୍ୟା ।

ନବମ, ବିଂ ( ନବନ୍-ମ ) ୯ ସଂଖ୍ୟାର ପୂରଣ ।

ନବମୀ, ବି. ସ୍ତ୍ରୀ (ନବନ୍-ମ-ଈ) ତିଥିବିଶେଷ ।

ନବମଲ୍ଲିକା } ବି. ସ୍ତ୍ରୀ. (ନବ-ମଲ୍ଲିକା, ମାଳକା)
ନବମାଳକା } ନଆଳିଫୁଲ, ପୁଷ୍ପବିଶେଷ, ଲତାବିଶେଷ ।

ନବର, } ବି. ( ନଗର ଶବ୍ଦର ) ଅପଭ୍ରଂଶ ।
ନଅର, }

ନବଯୌବନା, ବି. ସ୍ତ୍ରୀ. ( ନବ-ଯୌବନ-ଆ ) ଯୁବତୀ ସ୍ତ୍ରୀ ।

ନବରଙ୍ଗ, ବି. ନ. ନବ-ରଙ୍ଗ, ନୂତନ ଖେଳ, କୌତୁକ, ଢଙ୍ଗ ।

ନବରତ୍ନ, ବି. ନ. (ନବନ୍-ରତ୍ନ) ମୁକ୍ତା, ମାଣିକ୍ୟ, ବୈଦୂର୍ଯ୍ୟ, ଗୋମେଦ, ବଜ୍ର, ବିଦ୍ରୁମ, ପଦ୍ମରାଗ, ମରକତ, ନୀଳକାନ୍ତ ଏହି ନବରତ୍ନ, ବିକ୍ରମାଦିତ୍ୟ ରାଜାଙ୍କର ନଅ ଜଣ ସଭା ପଣ୍ଡିତ ।

ଯଥା—ଧନ୍ୱନ୍ତରି, କ୍ଷପଣକ, ଅମରସିଂହ, ଶଙ୍କୁ, ବେତାଳଭଟ୍ଟ, ଘଟକର୍ପର, କାଳିଦାସ, ବରାହମିହିର, ବରରୁଚି ।

ନବରସ, ବି. ପୁଂ. ( ନବ-ରସ ) ଅଳଙ୍କାରୋକ୍ତ ଶୃଙ୍ଗାରାଦି ନବବିଧ ରସ । ଯଥା—
ଶୃଙ୍ଗାର, ବୀର, କରୁଣ, ଅଦ୍ଭୁତ, ହାସ୍ୟ, ଭୟାନକ, ବୀଭତ୍ସ, ରୌଦ୍ର ଓ ଶାନ୍ତ ଏହି ନଅ ରସ ।

ନବରାତ୍ରି, ବି. ନ. (ନବନ୍-ରାତ୍ରି) ଆଶ୍ୱିନ ଶୁକ୍ଳ ପ୍ରତିପଦାଠାରୁ ନବମୀ ପର୍ଯ୍ୟନ୍ତ ନଅ ଦିନ କର୍ତ୍ତବ୍ୟ ଦୁର୍ଗାବ୍ରତବିଶେଷ ।

ନବସୂତିକା, ବି. ସ୍ତ୍ରୀ. (ନବ-ସୂତ କ-ଆ) ଧେନୁ, ନବପ୍ରସୂତା ସ୍ତ୍ରୀ ।

ନବାତ, ବି. (ଦେଶଜ) କନ୍ଦ ।

ନବାନ୍ନ, ବି. ନ. ( ନବ-ଅନ୍ନ ) ନୂତନ ଅନ୍ନ, ସ୍ୱନାମପ୍ରସିଦ୍ଧ କ୍ରିୟାବିଶେଷ, ନୂଆଖିଆ ।

ନବାବ, ବି. (ଯବନିକ) ରାଜପ୍ରତିନିଧି, କୌଣସି ନଗର ବା ପ୍ରଦେଶର ଶାସନକର୍ତ୍ତା ।

ନବାବ, ବି. ( ଦେଶଜ ) ନବାବପଣିଆ, ବଡ଼ଲୋକୀ ।

ନବୀକରଣ, ବି. ନ. ( ନବ-ଚ୍ୱି-କୃ-ଅନ ) ପୁନର୍ବାର ନୂତନ କରିବା ।

ନବୀକୃତ, ବିଂ. (ନବ-ଚ୍ୱି-କୃ କ୍ତ) ଯାହା ନୂତନ କରା ହୋଇଅଛି ।

ନବୀନ, ବିଂ. (ନବ-ଈନ) ନୂତନ, ନବ୍ୟ, ତରୁଣ, ଅଧୁନାତନ, ସଦ୍ୟ ।

ନବୀଭୂତ, ବିଂ. (ନବ-ଭୂତ) ନୂତନତ୍ୱପ୍ରାପ୍ତ ।

ନବ୍ବେ, ବି, ବିଂ. (ନବତି ଶବ୍ଦଜ) ୯୦ ସଂଖ୍ୟା ।

ନବୋଢ଼ା, ବି. ସ୍ତ୍ରୀ. (ନବ-ଊଢ଼ା) ନୂତନ ବିବାହିତା ସ୍ତ୍ରୀ ।

ନବ୍ୟ, ବିଂ. (ନବ-ଯ) ନୂତନ, ନବୀନ, ଯୁବା, ଅଳ୍ପବୟସ୍କ, ଅପ୍ରବୀଣ, ଇଦାନୀନ୍ତନ । ବି. ପୁଂ. ସ୍ତବ, ପ୍ରଶଂସା ।

ନଶ୍ୱର, ବିଂ. (ନଶ୍-ବର) ନାଶଶୀଳ, ଅନିତ୍ୟ, ଅସ୍ଥାୟୀ । ଯଥା—

ଜଣା ଯେ ମାନବବର୍ଗେ ସମସ୍ତ ନଶ୍ୱର,
ଚିରସ୍ଥାୟୀ ନୁହେ କେହି ଜଗତ ମଧ୍ୟର । ଦ. ବ.

ନଷ୍ଟ, ବିଂ. (ନଶ୍-କ୍ତ) ନାଶପ୍ରାପ୍ତ, ପଳାୟିତ, ପ୍ରକୃତ ଗୁଣହୀନ, ଅଭଦ୍ର, ଅସତ୍ ।

ନଷ୍ଟଚନ୍ଦ୍ର, ବି. ପୁଂ. (ନଷ୍ଟ-ଚନ୍ଦ୍ର) ଦୋଷଯୁକ୍ତ ଚନ୍ଦ୍ର, ଗଣେଶ ଚତୁର୍ଥୀର ଚନ୍ଦ୍ର, ଅମାବସ୍ୟାର ଚନ୍ଦ୍ର ।

ନଷ୍ଟଚେତନ, ବିଂ. (ନଷ୍ଟ ଚେତନା) ହତଚେତନ, ଅଚେତନ, ଚୈତନ୍ୟଶୂନ୍ୟ, ହତଜ୍ଞାନ ।

ନଷ୍ଟଚେଷ୍ଟ, ବିଂ. (ନଷ୍ଟ-ଚେଷ୍ଟା) ସ୍ପନ୍ଦହୀନ, ଜଡ଼, ସ୍ପନ୍ଦଶୂନ୍ୟ ।

ନଷ୍ଟା, ବି. ସ୍ତ୍ରୀ. (ନଶ୍-କ୍ତ, ସ୍ତ୍ରୀ ଆ) ଭ୍ରଷ୍ଟା, କୁଳଟା, ବ୍ୟଭିଚାରିଣୀ ।

ନସ୍, ପୁଂ. } ବି. (ନସ୍-୦, ଆ) ନାସିକା, ନାକ ।
ନସା, ସ୍ତ୍ରୀ. }

ନସିବ, (ଆରବୀ) ଭାଗ୍ୟ, ଅଦୃଷ୍ଟ ।

ନସ୍ୟ, ବି. ନ. (ନସ୍-ଯ) ନାସ । ସ୍ତ୍ରୀ. ନାସିକା । ବିଂ. ନାସିକାର ହିତଜନକ ।

ନସ୍ୟଧାନୀ, ବି. ସ୍ତ୍ରୀ. (ନସ୍ୟ-ଧାନୀ=ଆଧାର) ନାସଧାର, ଯହିଁରେ ନସ୍ୟ ରଖାଯାଏ ।

ନହବତ, ବି. (ଯାବନିକ) ବାଦ୍ୟବିଶେଷ ।

ନହି, ଅଂ. (ନ-ହି) ନା, ନିଷେଧ ।

ନହୁଣୀ, } ବି (ନବନୀତ ଶବ୍ଦଜ) ଲବଣୀ ।
ଲହୁଣୀ, }

ନହରୁଣୀ, ବି. (ଦେଶଜ) ନଖ କାଟିବା ଶସ୍ତ୍ରବିଶେଷ ।

ନହୁଲି, ବି. (ଦେଶଜ) କୋମଳ, ଯଥା — ନହୁଲି ବୟସ ।

ନହୁଷ, ବି. ପୁଂ (ନହ୍-ଉଷ) ଯଯାତିଙ୍କର ପିତା, ସର୍ପବିଶେଷ ।

ନହୁଷାତ୍ମଜ, ବି. ପୁଂ. (ନହୁଷ ଆତ୍ମଜ) ଯଯାତି ରାଜା ।

ନା } ଅଂ. (ନହ-ଅ-ଆ) ନିଷେଧବାଚକ ଅବ୍ୟୟ, ନାହିଁ, ନାମ ।
ନାଁ }

ନାଁକୁ, ଅ. (ଦେଶଜ) ନାମମାତ୍ର, ନାମତଃ ।

ନାଇବା, କ୍ରି. (ଗ୍ରାମ୍ୟ) ଠିଳିବା, ଲଗାଇବା ।

ନାଉ } ବି. (ଅଲାବୁ ଶବ୍ଦଜ) ଲତାଫଳବିଶେଷ ।
ଲାଉ }

ନାଉର } ବି. (ଦେଶଜ) ନାବିକ, ଯେ ନାହା ଚଳାଏ ।
ନାଉରିଆ }

ନାଏକ } ବି. (ନାୟକ ଶବ୍ଦର ଅପଭ୍ରଂଶ) ଯୋଗ୍ୟ, ଉପଯୁକ୍ତ ।
ଲାଏକ }

ନାଏବ, ବି. (ଯାବନିକ) ପ୍ରତିନିଧି, କର୍ମଚାରିବିଶେଷ ।

ନାକ, ବି. ପୁଂ. (ନ-ଅକ) ସ୍ୱର୍ଗ, ଆକାଶ, (ନାସିକା ଶବ୍ଦଜ) ନାସିକା, ଘ୍ରାଣେନ୍ଦ୍ରିୟ ।

ନାକଚଣା, ବି. (ଦେଶଜ) ନାସିକାର ଅଳଙ୍କାର ବିଶେଷ ।

ନାକଟ, ବିଂ. (ଦେଶଜ) ମନ୍ଦ ।

ନାକୁଆ, ବି. (ଦେଶଜ) ପାନପାତ୍ରବିଶେଷ ।

ନାକୁଅସୀ, ବି. (ଦେଶଜ) ନାକରୁ ବାଳ ବାହାର କରିବା ଯନ୍ତ୍ର ।

ନାକୋଇ, ବିଂ. ସ୍ତ୍ରୀ. (ଦେଶଜ) ଲମ୍ବନାକୀ ।

ନାକ୍ଷତ୍ର } ବିଂ. ( ନକ୍ଷତ୍ର-ଅ, ଇକ ) ନକ୍ଷତ୍ର
ନାକ୍ଷତ୍ରିକ } ସମ୍ବନ୍ଧୀୟ ।

ନାଗ, ବି. ପୁଂ. (ନଗ-ଅ) କଦ୍ରୁସନ୍ତାନ, ସର୍ପ, ହସ୍ତୀ, ମେଘ, ଶ୍ରେଷ୍ଠ, ନାଗକେଶର, ପୁନ୍ନାଗ, ମୁଥା, ଅଶ୍ଳେଷାନକ୍ଷତ୍ର, । କ. ସୀସକ ।

ନାଗକର୍ଣ୍ଣ, ବି. ପୁଂ. ଏରଣ୍ଡବୃକ୍ଷ, ଗବଗଛ ।

ନାଗକୁମାରିକା, ବି. ସ୍ତ୍ରୀ. ଗୁଡ଼ୂଚି ।

ନାଗକେଶର, ବି. ପୁଂ. ( ନାଗ-କେଶର) ପୁଷ୍ପବୃକ୍ଷବିଶେଷ, ନାଗକେଶର ବୃକ୍ଷ, ନାଗେଶର ଫୁଲ ।

ନାଗଗର୍ଭ, ବି. ପୁଂ. (ନାଗ-ଗର୍ଭ) ସିନ୍ଦୂର ।

ନାଗଚୂଡ଼, ବି. ପୁଂ. (ନାଗ-ଚୂଡ଼ା) ମହାଦେବ ।

ନାଗଜ, ବି. କ. (ନାଗ-ଜ-ନ-ଅ) ସିନ୍ଦୂର । ବିଂ. ନାଗଠାରୁ ଜାତ ।

ନାଗଦନ୍ତ, ବି. ପୁଂ. ( ନାଗ ଦନ୍ତ ) ହସ୍ତିଦନ୍ତ, ଗୃହର ଭିତ୍ତିନିର୍ଗତ କାଷ୍ଠ, ଖିଲ । ସ୍ତ୍ରୀ. ବେଶ୍ୟା, ହସ୍ତିଶୁଣ୍ଡା ଗଛ ।

ନାଗପାଶ, ବି. ପୁଂ. (ନାଗ-ପାଶ) ବରୁଣର ଅସ୍ତ୍ର, ସର୍ପରୂପ ପାଶ ।

ନାଗପୁର, ବି. କ. (ନାଗ-ପୁର) ହସ୍ତିନାପୁର, ପାତାଳ, ଦେଶବିଶେଷ ।

ନାଗପୁଷ୍ପ, ବି. ପୁଂ. (ନାଗ-ପୁଷ୍ପ) ନାଗେଶ୍ୱର ବୃକ୍ଷ, ଚମ୍ପକବୃକ୍ଷ, ପୁନ୍ନାଗବୃକ୍ଷ ।

ନାଗବଳ, ବିଂ. ( ନାଗ-ବଳ ) ହସ୍ତିତୁଲ୍ୟ ବଳବାନ୍ । ବି. ପୁଂ. ଭୀମ ।

ନାଗବନ୍ଧୁ, ବି. ପୁଂ. ( ନାଗ-ବନ୍ଧୁ ) ଅଶ୍ୱତ୍ଥବୃକ୍ଷ ।

ନାଗମଲ୍ଲ, ବି. ପୁଂ. ( ନାଗ-ମଲ୍ଲ ) ଐରାବତ ହସ୍ତୀ ।

ନାଗମାତା, ବି. ସ୍ତ୍ରୀ. (ନାଗମାତୃ ଶବ୍ଦଜ) କଦ୍ରୁ, ମନସାଦେବୀ, ମନଃଶିଳା ।

ନାଗର, ବିଂ. (ନଗର-ଅ) ନଗରଜାତ, ନଗରସମ୍ବନ୍ଧୀୟ, ରସିକ । ବି. ପୁଂ. ଦେବର, ଦେଓର, ନାରଙ୍ଗ ଲେମ୍ବୁଗଛ । କ. ଦେବନାଗର ଅକ୍ଷର, ଭିତବନ୍ଧ ।

ନାଗରକ, ବି. ପୁଂ. ( ନାଗର-କ ) ଚୋର, ନଗରରକ୍ଷକ, ଚିତ୍ରକର ।

ନାଗରକ୍ତ, ବି. କ. (ନାଗ-ରକ୍ତ) ସିନ୍ଦୂର ।

ନାଗରଙ୍ଗ, ବି. ପୁଂ. (ନାଗ-ରଙ୍ଗ) ନାରଙ୍ଗ, କମଳାଜାତୀୟ ।

ନାଗରା, ବି. (ଦେଶଜ) ବାଦ୍ୟବିଶେଷ,ନାଗରା । ଯଥା—

> ଲୁଣ୍ଠାକୁ ଅ ଖଗ ପ୍ରଭୃତ ଭଗରା;
> ଛଗେ ବଜାଉଛ କି ଜନନାଗରା । କ.ବ୍ରେ,

ଚର୍ମପାଦୁକାବିଶେଷ ।

ନାଗରାଚି, ବି. (ଦେଶଜ) ଯେ ନାଗରା ଧରେ ବା ବଜାଏ ।

ନାଗରାଜ, ବି. ପୁଂ. ( ନାଗ-ରାଜନ ) ଅନନ୍ତ, ଐରାବତ, ସର୍ପରାଜ ।

ନାଗରିକ, ବିଂ. ( ନଗର-ଇକ ) ନଗରବାସୀ, ନଗରସମ୍ବନ୍ଧୀୟ ।

ନାଗରୀ, ବି. ସ୍ତ୍ରୀ. (ନଗର ଈ ( ସ୍ତ୍ରୀ ) ରସିକା, ବିଦଗ୍ଧା ।

ନାଗଲତା, ବି. ସ୍ତ୍ରୀ. (ନାଗ-ଲତା) ତାମ୍ବୂଲ ଲତା, ପୁଂ. ଚିହ୍ନ ।

ନାଗଲୋକ, ବି. ପୁଂ. (ନାଗ-ଲୋକ) ପାତାଳ, ରସାତଳ ।

ନାଗବଲ୍ଲରୀ } ବି. ସ୍ତ୍ରୀ. ( ନାଗ-ବଲ୍ଲରୀ, ବଲ୍ଲୀ )
ନାଗବଲ୍ଲୀ } ତାମ୍ବୂଲ ଲତା, ପାନଗଛ ।

ଯଥା—

> ପ୍ରଗମାଲେ ଚହିଁ କଡ଼େ ନାଗବଲ୍ଲୀ । କ. କେ.

ନାଗସମ୍ଭବ, ବି. କ. (ନାଗ-ସମ୍ଭବ) ସିନ୍ଦୂର ।

ନାଗା, ବି. ପୁଂ. ସନ୍ନ୍ୟାସୀବିଶେଷ, ପାର୍ବତୀୟ ଅସଭ୍ୟ ଜାତିବିଶେଷ ।

ନାଗାଧିପ } ବି. ପୁଂ. (ନାଗ ଅଧିପ,ଅଧିପତି)
ନାଗାଧିପତି } ଅନନ୍ତ, ସର୍ପରାଜ, ବାସୁକି, ଐରାବତ ।

ନାଗାନ୍ତକ } ବି. ପୁଂ (ନାଗ-ଅନ୍ତକ, ଅଶନ,
ନାଗାଶନ } ଅରାତି ) ଗରୁଡ଼, ମୟୂର,
ନାଗାରାତି } ସିଂହ ।

ନାଗେଶ, ବି. ପୁଂ. ( ନାଗ-ଈଶ ) ଅନନ୍ତ, ଶେଷନାଗ, ଶିବଲିଙ୍ଗବିଶେଷ, ତୀର୍ଥ-ବିଶେଷ ।

ନାଗେଶ୍ୱର, ବି. ପୁଂ. ( ନାଗ-ଈଶ୍ୱର ) ପୁଷ୍ପ-ବିଶେଷ, ଐରାବତ ହସ୍ତୀ, ଅନନ୍ତ, ଗରୁଡ଼, ଶିବ ।

ନାଚ, ବି. ( ନୃତ୍ୟ ଶବ୍ଦଜ ) ନୃତ୍ୟ, ଅଙ୍ଗଭଙ୍ଗି, ନର୍ତ୍ତନ ।

ନାଚଖାନା, ବି. (ଯାବନିକ) ନୃତ୍ୟଶାଳା, ନୃତ୍ୟ କ୍ରିୟା । ଯଥା—

ଦେଇଅଛୁ ଭାଲ ଭଲ ମେବାନାନା,
କେତେ ଥର ଦେଇଅଛୁ ନାଚଖାନା ଦରବାର ।

ନାଚାର, ବିଂ. (ଯାବନିକ) ଅସହାୟ, ନିରୁପାୟ, ଅନାୟତ୍ତ ।

ନାଚିବା, କ୍ରି. (ଦେଶଜ) ନୃତ୍ୟ କରିବା ।

ନାଚୁଣୀ, ବି. ସ୍ତ୍ରୀ. (ଦେଶଜ) ନର୍ତ୍ତକୀ, ନୃତ୍ୟ-କାରିଣୀ ସ୍ତ୍ରୀ ।

ନାଛ, ବି. ( ନସ୍ୟ ଶବ୍ଦଜ ) ନାସ, ଧୂଆଁପତ୍ର ଗୁଣ୍ଡି ।

ନାଛିବା, କ୍ରି. (ଲକ୍ଷ୍ୟ ଶବ୍ଦଜ) ଲକ୍ଷ କରିବା, ଦାଗ ଦେବା । ଯଥା—

ଛତ ଅନଙ୍ଗ କି ନାଛଇ ଧୂର୍ଜ୍ଜଟି ।

ନାଜର } ବି. ( ଯାବନିକ ) କାର୍ଯ୍ୟ ପର୍ଯ୍ୟ
ନାଜିର } ବେକ୍ଷଣ କର୍ମଚାରୀ ।

ନାଟ, ବି. ପୁଂ. ( ନଟ୍-ଅ ) ନୃତ୍ୟ, ନାଚ, ଅଭିନୟ, ଦେଶବିଶେଷ, କର୍ଣ୍ଣାଟକ, ବସ୍ତ୍ର । ଯଥା—

ନାଟ ବର୍ଷଁ କାହିଁ ଧଇଧର ହୋଇ ପଶିଲେ ଯେଝା ଅମ୍ବର ।

ନାଟକ, ବି. ନ. (ନଟ୍-ଅକ) ରୂପକ ଓ ଉପ-ରୂପକ ଏହି ଦୁଇ ଭାଗରେ ବିଭକ୍ତ ଦୃଶ୍ୟ-କାବ୍ୟର ରୂପକ ଭାଗର ପ୍ରଥମ ଓ ପ୍ରଧାନ ପ୍ରକାର ଦୃଶ୍ୟକାବ୍ୟ, ଅଭିନୟ ଗ୍ରନ୍ଥ । ଯଥା—ଶକୁନ୍ତଳା, ବେଣୀସଂହାର ପ୍ରଭୃତି । ନାଃ ଇନ୍ଦ୍ରସଭା । ବିଂ. ନର୍ତ୍ତକ ।

ନାଟକୀୟ, ବିଂ. ( ନାଟକ-ଈୟ ) ନାଟକ-ସଂଯୁକ୍ତ ।

ନାଟବନ୍ଦୀ } ବି. ( ଯାବନିକ ) ରାଜସ୍ୱ
ଲାଟବନ୍ଦୀ } ଅଦାୟ ଦିବସ ।

ନାଟମନ୍ଦିର, ବି. ନ. ଦେବମନ୍ଦିର ସମ୍ମୁଖସ୍ଥ ପ୍ରାସାଦବିଶେଷ ।

ନାଟାମ୍ର, ବି. ପୁଂ. ତରୁଭୂଜ, କାଙ୍କଡ଼ ।

ନାଟିକା, ବି. ସ୍ତ୍ରୀ. (ନଟ୍-ଅକ-ଆ) କ୍ଷୁଦ୍ର ନାଟକ-ବିଶେଷ, ଯହିଁରେ କେବଳ ଚାରିଟା ଅଙ୍କ ଥାଏ; ଯଥା—ରତ୍ନାବଳୀ ପ୍ରଭୃତି, ନର୍ତ୍ତକୀ, ନାଡ଼ୀ । ଯଥା—

ଲଗୁ ନ ଥିଲା ତମା କରନ୍ତୁ ନାଟିକା ।

ନାଟୁଆ, ବି. (ଦେଶଜ ) ନର୍ତ୍ତକ, ନୃତ୍ୟ-ପରାୟଣ । ଯଥା—

ଭରତଅ ନିଜ ପ୍ରିୟାସଙ୍ଗେ ନାଟ୍ୟତରଙ୍ଗେ ମଗ୍ନ ନାଟୁଆ
ଇନ୍ଦ୍ରଧନୁଖଣ୍ଡ ପ୍ରାଚେ ଖଣ୍ଡି ଉଡ଼ା ଦେଇ ବୁଲ ବାଲୁଆ ।
ପାବନ ।

ନାଟ୍ୟ, ବି. ନ. (ନଟ-ଯ) ନୃତ୍ୟ, ଗୀତ, ବାଦ୍ୟ ଏହି ତିନିର ସମବାୟ, ତୌର୍ଯ୍ୟତ୍ରିକ, ନୃତ୍ୟକ୍ରିୟା ।

ନାଟ୍ୟଶାଳା, ବି. ସ୍ତ୍ରୀ. (ନାଟ୍ୟ-ଶାଳା) ନାଟଘର, ନାଟମନ୍ଦିର, ରଙ୍ଗଭୂମି ।

ନାଡ଼, ବି. ( ନାଳ ଶବ୍ଦଜ ) ଧାନର ଦଣ୍ଡ, ଯଥା—ପଦ୍ମନାଡ଼, (ନାଡ଼ୀ ଶବ୍ଦଜ) ଶରୀରସ୍ଥ ଶିରା ।

ନାଡ଼ା, ବି. ( ନାଡ଼ୀ ଶବ୍ଦଜ ) ଉଦରମଧ୍ୟସ୍ଥ ମୋଟ ଶିରା ।

ନାଡ଼ି } ବି. ସ୍ତ୍ରୀ. ( ନଡ଼୍-ଇ,ଈ ) ଦେହସ୍ଥ
ନାଡ଼ୀ } ଶିରା, ଚୁଙ୍ଗୀ, ହସ୍ତସ୍ଥ ଶିରା, ଏକଦଣ୍ଡ ସମୟ । (ଦେଶଜ) ନାଡ଼ୀ ଆକୃତି-ବିଶିଷ୍ଟ ଏକପ୍ରକାର ମିଷ୍ଟାନ୍ନ ।

ନାଡ଼ୀଚକ୍ର, ବି. ନ ନାଭିସ୍ଥ ନାଡ଼ୀମୂଳ ।

ନାଡ଼ୀନକ୍ଷତ୍ର, ବି. ନ. (ନାଡ଼ି-ନକ୍ଷତ୍ର ) ଜନ୍ମ-ନକ୍ଷତ୍ର । (ଲକ୍ଷଣାର୍ଥ) ସୂକ୍ଷ୍ମ ରହସ୍ୟ ।

ନାଡ଼ୀମଣ୍ଡଳ, ବି. ( Equator ) ବିଷୁବ-ରେଖା ।

**ନାଡ,** ବି. (ଦେଶଜ) ଗୋଡ଼ରେ ପ୍ରହାର ।

**ନାଡ଼,** ବି (ନପ୍ତୃ ଶବ୍ଦଜ) ପୁତ୍ର ବା କନ୍ୟାର ପୁତ୍ର ।

**ନାଡୁଣୀ,** ବି. (ନପ୍ତୃ ଶବ୍ଦଜ) ପୁତ୍ର ବା କନ୍ୟାର ଝିଅ ।

**ନାଥ,** ବି. ପୁଂ. ( ନାଥ୍-ଅ ) ସ୍ୱାମୀ, ପ୍ରଭୁ, କର୍ତ୍ତା ।

**ନାଦ,** ବି. ପୁଂ. ( ନଦ୍-ଅ ) ଧ୍ୱନି, ଶବ୍ଦ, ଗର୍ଜ୍ଜନ ।

**ନାଦବିନ୍ଦୁ,** ବି. ପୁଂ. ଉଚ୍ଚାରଣଚିହ୍ନବିଶେଷ ଅର୍ଦ୍ଧଚନ୍ଦ୍ରାକୃତି ବର୍ଣ୍ଣବିଶେଷ ।

**ନାଦିତ,** ବିଂ. (ନାଦ-ଇତ) ଶବ୍ଦିତ, ନିନାଦିତ, ଧ୍ୱନିତ ।

**ନାଦୀ,** ବିଂ. ( ନଦ୍-ଇନ ) ଯେ ଶବ୍ଦ କରେ, ଶବ୍ଦାୟମାନ, ଶବ୍ଦିତ

**ନାନ,** ବି. (ପ୍ରାଚୀନ ପଦ୍ୟ) ପୁତ୍ର, ଯଥା —

ଖୋଜନ୍ତି ପଶି ବନ ବନ,
ଡାକନ୍ତି ଆସ ନନ୍ଦନାନ । ଭାଗବତ ।

**ନାନମାନ,** ବି. ( ଦେଶଜ ) ଏକପ୍ରକାର ପିଠିପିଠା ।

**ନାନା,** ଅଂ. ବହୁବିଧ, ଅନେକପ୍ରକାର ବ୍ୟତି-ରେକ, ଅନ୍ୟ ।

**ନାନୀ,** ବି. (ଦେଶଜ) ବଡ଼ ଭଉଣୀ ।

**ନାନାବିଧ** } ବିଂ. (ନାନା-ବିଧ, ରୂପ) ବିବିଧ,
**ନାନାରୂପ** } ବହୁପ୍ରକାର ।

**ନାନାର୍ଥ,** ବିଂ. ( ନାନା-ଅର୍ଥ ) ଯେଉଁ ଶବ୍ଦର ଅନେକ ଅର୍ଥ, ଅନେକାର୍ଥଯୁକ୍ତ ।

**ନାନ୍ଦୀ,** ବି. ସ୍ତ୍ରୀ. (ନନ୍ଦ୍-ଇ) ନାଟକାଦି ପ୍ରାରମ୍ଭରେ ଦେବତାଦିଙ୍କର ସ୍ତୁତି ବା ବନ୍ଦନା, ମଙ୍ଗଳା-ଚରଣ ।

**ନାନ୍ଦୀମୁଖ,** ବି ପୁଂ. ( ନାନ୍ଦୀ-ମୁଖ ) ବୃଦ୍ଧିଶ୍ରାଦ୍ଧ ଭୋଜୀ ମାତୃପିତୃଗଣ, କୂପାଦିର ଆଚ୍ଛାଦନ । ନ. ଆଭ୍ୟୁଦୟିକ ଶ୍ରାଦ୍ଧ ।

**ନାଁପକାଇବା,** କ୍ରି. (ଦେଶଜ) କୁକର୍ମ କରି କଳଙ୍କିତ ବୋଲି ପରିଚିତ ହେବା ।

**ନାପସନ୍ଦ,** ବି. (ଦେଶଜ) ଅନଭିମତ, ଅପସନ୍ଦ ।

**ନାପିତ,** ବି. ପୁଂ. ( ନ-ଆପ୍-ତ ) ଜାତିବିଶେଷ, ଭଣ୍ଡାରି ।

**ନାପିବା,** କ୍ରି. (ସମ୍ବଲପୁର) ମାପିବା ।

**ନାବାଳକ,** ବି. (ଦେଶଜ) ଅପ୍ରାପ୍ତବୟସ୍କ ।

**ନାଭି,** ବି. ପୁଂ. ସ୍ତ୍ରୀ. (ନହ୍-ଇ. ହସ୍ତାଦିରେ ଭ) ଉଦରର ମଧ୍ୟବର୍ତ୍ତୀ, ଉଦରର ମଧ୍ୟଭାଗରେ ଗର୍ତ୍ତାକାର ନିମ୍ନାଂଶ, ନାହି । ପୁଂ. ଚକ୍ରର ମଧ୍ୟ ପିଣ୍ଡିକା, ସମ୍ରାଟ୍, ପ୍ରଧାନ, କ୍ଷତ୍ରିୟ । ସ୍ତ୍ରୀ-ସ୍ତ୍ରୀ. କସ୍ତୁରୀ, ମଦ୍ୟ ।

**ନାଭିଜ** } ବି. ପୁଂ. ନାଭି-ଜନ୍-ଅ, ଜନ୍ମନ୍)
**ନାଭିଜନ୍ମା** } ପଦ୍ମଯୋନି, ବ୍ରହ୍ମା ।

**ନାଭିଭୂ,** ବି. ପୁଂ. (ନାଭି-ଭୂ) ବ୍ରହ୍ମା ।

**ନାଭିସ୍ଥଳ,** ବି. ନ. (ନାଭି-ସ୍ଥଳ) ମଧ୍ୟସ୍ଥାନ, ମଧ୍ୟସ୍ଥଳ, ନାହିପ୍ରଦେଶ ।

**ନାମ,** ଅଂ. (ନମ୍-ଅ) ସମ୍ଭାବନା କୃତ୍ସ୍ନ, ଆଶ୍ଚର୍ଯ୍ୟ, କୋପ, ସ୍ମରଣ, ବିତର୍କ, କ୍ରୋଧ, ଛଳ, ଆଖ୍ୟା, ପ୍ରସକ୍ତି, ସ୍ୱୀକାର, କଥା, ଅଳୀକ ।

**ନାମ,** ବି. ନ. ( ନମ୍-ମନ୍ ) ବିଭକ୍ତିହୀନ ଶବ୍ଦ, ବସ୍ତୁ ବା ବ୍ୟକ୍ତିବୋଧକ ଅସାଧାରଣ ଶବ୍ଦ, ସଂଜ୍ଞା ।

**ନାମକରଣ,** ବି. ନ. (ନାମନ୍-କୃ-ଅନ) ସଂସ୍କାର-ବିଶେଷ, ବିଧିପୂର୍ବକ ସନ୍ତାନର ପ୍ରଥମ ନାମ ଦେବା ।

**ନାମଗନ୍ଧ,** ବି. ଲେଶମାତ୍ର ସମ୍ପର୍କ ।

**ନାମଧାତୁ,** ବି ( ନାମ-ଧାତୁ ) ଶବ୍ଦରୂପଧାତୁ, (ବ୍ୟାକରଣ ପରିଭାଷା)

**ନାମଧେୟ,** ବି. ନ. (ନାମ-ଧେୟ) ନାମ, ସଂଜ୍ଞା, ଆଖ୍ୟା ।

**ନାମାବଳି,** ବି. ନ. (ନାମ-ଆବଳି) ଦେବତା ନାମ-ଯୁକ୍ତ ଉତ୍ତରୀୟ ବସ୍ତ୍ର ।

ନାୟକ, ବି. ପୁଂ. ( ନୀ ଅକ ) ଗ୍ରନ୍ଥର ପ୍ରଧାନ-ବର୍ଣ୍ଣନୀୟ ବ୍ୟକ୍ତି, ସେନାପତି, ଉପଦେଷ୍ଟା, ହାରମଧ୍ୟମଣି, ପ୍ରଣୟୀ, ପୁରୁଷ, ନେତା, ଗୃହସ୍ୱାମୀ, ଶ୍ରେଷ୍ଠ, ଅଧ୍ୟକ୍ଷ ।

ନାୟିକା, ବି. ସ୍ତ୍ରୀ. (ନୀ ଅକ-ଆ) ଗ୍ରନ୍ଥର ପ୍ରଧାନ ବର୍ଣ୍ଣନୀୟା ସ୍ତ୍ରୀ, ପ୍ରଣୟିନୀ ସ୍ତ୍ରୀ, ଭଗବତୀଙ୍କ ଅଷ୍ଟଶକ୍ତି । ଯଥା—ଉଗ୍ରଚଣ୍ଡା, ପ୍ରଚଣ୍ଡା ଚଣ୍ଡୋଗ୍ରା, ଚଣ୍ଡନାୟିକା, ଅତିଚଣ୍ଡା, ଚାମୁଣ୍ଡା, ଚଣ୍ଡା, ଚଣ୍ଡାବତୀ ।

ନାୟେବ, ବି. ( ଯାବନିକ ) ନାଏବ, ପ୍ରତିନିଧି, କର୍ମଚାରୀବିଶେଷ ।

ନାର, ନ } ବି. ( ନର = ବିଷ୍ଣୁ, ଅ = ଅପତ୍ୟାର୍ଥେ ) ଜଳ । ନ. ନରସମ୍ବନ୍ଧ ।
ନାରା, ସ୍ତ୍ରୀ. }
ପୁଂ. ବତ୍ସ, ବାଛୁରି, ବାଳକ ।

ନାରକ, ବିଂ. ( ନରକ ଅ ) ନରକଭୋଗୀ, ନରକସ୍ଥ, ନରକଘଟିତ, ନରକସଂକ୍ରାନ୍ତ । ପୁଂ. ଦୁଃଖଭୋଗର ସ୍ଥାନ, ନରକ ।

ନାରକୀ, ବିଂ. (ନରକ-ଇନ୍) ନରକସ୍ଥ, ନରକ-ଭୋଗୀ, ପାପିଷ୍ଠ ।

ନାରଖାର, ବି. ( ଦେଶଜ ) ଛାରଖାର, ନଷ୍ଟ, ଧ୍ୱଂସ । ଯଥା—

ତାଙ୍କ ଇଚ୍ଛାରେ ହେଲେ ନାରଖାର ।

ନାରଙ୍ଗ, ବି. ପୁଂ. ( ନାର୍-ଗ ) ନାରଙ୍ଗ ଗଛ, ଯମଜ ।

ନାରଙ୍ଗି, ବି. ( ଦେଶଜ ) ନାରଙ୍ଗ ବର୍ଣ୍ଣ-ବିଶିଷ୍ଟ ।

ନାରଦ, ବି. ପୁଂ. (ନାର-ଦା-ଅ) ବ୍ରହ୍ମାଙ୍କ ପୁତ୍ର, ଦେବର୍ଷିବିଶେଷ, ପୁରାଣବିଶେଷ ।

ନାରଦୀୟ, ବି. ନ. ( ନାରଦ-ଈୟ ) ନାରଦ-ସମ୍ବନ୍ଧୀୟ ଉପପୁରାଣବିଶେଷ ।

ନାରାଚ, ବି. ପୁଂ. (ନାର-ଆ-ଚମ୍-ଅ) ଲୌହମୟ ବାଣ, ଦୁର୍ଦ୍ଦିନ, ମେଘାଚ୍ଛନ୍ନ ଦିବସ, ଅକ୍ଷର-ଛନ୍ଦୋବିଶେଷ ।

ନାରାଚୀ, ବି ସ୍ତ୍ରୀ. (ନାରାଚ-ଈ) କଣ୍ଟି, ନାରାଚକୃତି ଲୌହମୟ ତୁଳା ।

ନାରାଜ, ବି. (ନାରାଚ ଶବ୍ଦଜ) ବାଣ, (ଯାବନିକ) ଅସନ୍ତୁଷ୍ଟ ।

ନାରାୟଣ, ବି. ପୁଂ (ନାର୍ = ଜଳ-ଅୟନ = ସ୍ଥାନ ଅଥବା ନାର = ନରସମ୍ବନ୍ଧ-ଅୟନ = ସ୍ଥାନ ) ପରମେଶ୍ୱର, ବିଷ୍ଣୁ, କୃଷ୍ଣ, ଅଜାମିଳପୁତ୍ର ।

ନାରାୟଣତୈଳ, ବି. ନ. ଔଷଧପକ୍ୱ ତୈଳ-ବିଶେଷ ।

ନାରିକେଳ } ବି. ପୁଂ. ସ୍ତ୍ରୀ. (ନାରକ-ଈର୍-ଅ)
ନାରିକେଲ } ସ୍ୱନାମପ୍ରସିଦ୍ଧ ଫଳ, ବୃକ୍ଷ-ବିଶେଷ । ନ. ତତ୍‌ଫଳ, ନଡ଼ିଆ ।

ନାରୀ, ବି. ସ୍ତ୍ରୀ. (ନର ଅ-ଈ) ସ୍ତ୍ରୀଲୋକ ।

ନାଳ, ବି. ନ. ସ୍ତ୍ରୀ. (ନଳ-ଅ) ନଳ, ମୃଣାଳ, ପଦ୍ମ ଡାଙ୍ଗ ପ୍ରଭୃତି, ଶିରା, ପାଣିରପଳଣୀ, କେନାଲ, ହରିତାଳ, ( ନଳା ଶବ୍ଦଜ ) ନଳ ।

ନାଲ, ବି. (ଯାବନିକ) ଘୋଡ଼ା ଗୋରୁ ପ୍ରଭୃତି ପଶୁଙ୍କ ଖୁରରେ ଦିଆଯିବା ଲୌହପତ୍ର, ରକ୍ତବର୍ଣ୍ଣ, ବିଂ. ରକ୍ତବର୍ଣ୍ଣବିଶିଷ୍ଟ ।

ନାଳ } ବିଂ. ନାଡ଼ୀ, ଚୁଙ୍ଗୀ, ପାଣିନଳା,
ନାଳୀ } ନଡ଼ିଆର କୋମଳ ଶସ, ଘଣ୍ଟାଦଣ୍ଡ କାଳ ।

ନାଲି, ବିଂ. (ଯାବନିକ ନାଲ ଶବ୍ଦଜ) ରକ୍ତବର୍ଣ୍ଣ-ବିଶିଷ୍ଟ । ବିଂ. ରକ୍ତିମା ।

ନାଳିଆ, ବି. (ଦେଶଜ) ପାଣି ବହିଯିବା ପଳଣୀ ।

ନାଳିକ, ବି. ପୁଂ. (ନାଳ-କ) ମହିଷ । ନ. ପଦ୍ମ । ସ୍ତ୍ରୀ. ନଳିତା ଶାକ । ଯଥା—

ରକ୍ତନୟନକୁ ଟେକି, ନାଳିକ ବନକୁ ନାଲି କେନ ଦେଖି କରପାରନ୍ତି ସେ ଫିକା ।

ନାଲିଶ୍ } ବି. (ଯାବନିକ) ଅଭିଯୋଗ, ମକ-
ନାଲିଷ୍ } ଦମା ।

ନାଳୀକ, ବି. ପୁଂ. (ନାଳୀ-କୈ-ଅ) ଶର, ଶଲ୍ୟାସ୍ତ୍ର, ଶରୀର । ନ. ପଦ୍ମସମୂହ, ପଦ୍ମନାଡ଼ ।

ନାଲୁଅ, ବି. (ଦେଶଜ) ମସାଲରେ ଯେଉଁ ପାତ୍ରରୁ ତୈଳ ଦିଆଯାଏ । ବିଂ.-ନାଲଯୁକ୍ତ ।

ନାବ, ବି. ନ. (ନୁ-ଅ) ନୌକା । ଯଥା—

ବୁଡ଼ି ଏ ମୋ ପୋଡ଼େ କୁଃସ୍ଥ;
ବସାଇ ନ ଦେବ ପାଦ ନ ଧୋଇ ନାବ । ବୈ. ବ.

ନାବକ, ବି. ପୁଂ. (ନୌ-ଇକ) କର୍ଣ୍ଣଧାର, ମାଝୀ, ଯେ ନୌକା ଚଲାଏ । ବିଂ. ନୌକାସଙ୍କ୍ରାନ୍ତ ।

ନାବା, ବି. ସ୍ତ୍ରୀ. ଶ୍ରେଣୀବଦ୍ଧ ନୌକା, ଜାହାଜ ପ୍ରଭୃତି । ବିଂ. (ନୌ-ଇନ୍) ପୋତାଧ୍ୟକ୍ଷ, ନାବକ ।

ନାବ୍ୟ, ବିଂ. (ନୌ-ଯ) ନୌକାଦ୍ୱାରା ଗମ୍ୟ, ଯେଉଁ ଭାଟରେ ନୌକା ଯାଇ ପାରେ, ଯାହା ନୌକା ଭିନ୍ନ ଗମନ ଯୋଗ୍ୟ ନୁହେ । ବି. ନ. (ନବ-ଯ) ତରୁଣାବସ୍ଥା, ନୂତନତ୍ୱ ।

ନାଶ, ବି.ପୁଂ. (ନଶ୍-ଅ) ଧ୍ୱଂସ, ମୃତ୍ୟୁ, ପଳାୟନ, ଅଦର୍ଶନ ।

ନାଶକ, ବିଂ. (ନଶ୍-ଅକ) ନାଶକାରୀ, ଯେ ନାଶ କରେ, କ୍ଷୟକାରୀ, ଧ୍ୱଂସକ ।

ନାଶନ, ବି. ନ. (ନଶ୍-ଅନ) ଉଚ୍ଛେଦନ, ବିଲୋପନ । ବିଂ. କ୍ଷୟକାରୀ ।

ନାଶିତ, ବିଂ. (ନଶ୍-ତ) ବିନାଶିତ, ହତ ।

ନାଶୀ, ବିଂ. (ନାଶ-ଇନ୍) ଯାହାର ନାଶ ଅଛି, ବିନାଶଶୀଳ, ନଶ୍ୱର, (ନାଶି-ଇନ୍) ଯେ ନାଶ କରେ, ଉଚ୍ଛେଦକ ।

ନାସ, ବି. (ନସ୍ୟ ଶବ୍ଦଜ) ଧୂଁଆପତ୍ରର ଚୂର୍ଣ୍ଣ ।

ନାସତ୍ୟ, ବି. ପୁଂ. (ନାସା, ଭ୍ୟଜ୍ ଅ; ନ-ଅସତ୍ୟ) ସ୍ୱର୍ଗବୈଦ୍ୟ, ଅଶ୍ୱିନୀକୁମାରଦ୍ୱୟ ।

ନାସଦାନୀ, ବି. (ନସ୍ୟଧାନୀ ଶବ୍ଦଜ) ଯେଉଁ ପାତ୍ରରେ ନାସ ରଖନ୍ତି ।

ନାସପତ୍ର, ବି. (ଦେଶଜ) (ନାସ=ନସ୍ୟ+ପତ୍ର) ନାସ କରିବା ନିମିତ୍ତ ବ୍ୟବହାର୍ଯ୍ୟ ପତ୍ର, ତମାଖୁ ପତ୍ର, ଧୂଁଆପତ୍ର ।

ନାସା } ବି. ସ୍ତ୍ରୀ. (ନାସ-ଅ-ଆ, ନାସା-କ-ଆ)
ନାସିକା } ଘ୍ରାଣେନ୍ଦ୍ରିୟ ।

ନାସାଦାରୁ, ବି. ନ. ଦ୍ୱାରବନ୍ଧ ଉପରିଭାଗସ୍ଥିତ କାଷ୍ଠଖଣ୍ଡ ।

ନାସି, ବି. (ଦେଶଜ) ପର୍ବତର ଅଗ୍ରଭାଗ, ଯଥା—

ନୀଳଅଙ୍ଗ ଘୋର ଘନ ଅଭ୍ରସଙ୍ଗେ
ନାସି ନଳବନ ଶୈଳଦ୍ୱୀପମାନେ । ଶଲ୍ୟ ।

ଫଳାଦିର ପ୍ରାନ୍ତଭାଗ ଯଥା—କେରନାସି, ଆମ୍ବନାସି, ଲମ୍ବା ।

ନାସୀର, ବି.ନ. (ନା—ଶବ୍ଦ କରିବା ଅର୍ଥରେ) ସେନାମୁଖ, ଅଗ୍ରବର୍ତ୍ତୀ ସୈନ୍ୟ ।

ନାସ୍ତି, ଅଂ. (ନ-ଅସ୍ତି) ନୁହେ, ନାହିଁ ।

ନାସ୍ତିକ, ବିଂ. (ନାସ୍ତି-କ) ଯେଉଁ ଲୋକ ଈଶ୍ୱରଙ୍କ ଅସ୍ତିତ୍ୱ କିମ୍ବା ପରଲୋକ ସ୍ୱୀକାର କରେ ନାହିଁ ।

ନାସ୍ତିକତା, ସ୍ତ୍ରୀ. } ବି. (ନାସ୍ତିକ-ତା, ଯ) ଈଶ୍ୱର
ନାସ୍ତିକ୍ୟ, ନ. } ବା ପରଲୋକରେ ଅବିଶ୍ୱାସ କରିବା ।

ନାହା, ବି. ପୁଂ. (ନାଥ ଶବ୍ଦଜ) ସ୍ୱାମୀ, ପ୍ରଭୁ । ନୌକା । ଯଥା—

ଲଙ୍କା ହେଉଛୁ କି ହାକୁ,
ଲେଉଟିବାର ଅପ୍ରତ୍ତ ସିନା ମୋ ନାହାକୁ । ପ୍ରେ. ମ.

ନାହାକ, ବି. (ନାୟକ ଶବ୍ଦଜ) ଅବଧାନ, ନାୟକ ।

ନାହାକା, ବିଂ. (ନାୟକ ଶବ୍ଦଜ) ପ୍ରଧାନ, ଯଥା—ନାହାକା ଘେର ।

ନାହୁ, ବି. (ନାଉ ଶବ୍ଦଜ) ନାଉ ।

ନାହିଁ, ଅଂ. (ନିଷେଧାର୍ଥକ) ନାସ୍ତି, ନା ।

ନାହୁଡ଼, ବି. (ଦେଶଜ) ଷଣ୍ଢ, ବରୁଢ଼ ପ୍ରଭୃତିର ବିଷାକ୍ତ ଶୃଙ୍ଗ ।

ନି, ଅଂ. ଉପସର୍ଗ, ନିଷେଧ, ଅଭାବ, ନିକୃଷ୍ଟ, ନିଶ୍ଚୟ; ସଂଶୟ, ସାମୀପ୍ୟ, ନିନ୍ଦା, ନିବେଶ, ବିନ୍ୟାସ ନିତ୍ୟ, କୌଶଳ, ଆଶ୍ରୟ, ଦାନ, ମୁକ୍ତି, ଅନ୍ତର୍ଭାବ, ବନ୍ଧନ, ରାଶି, ଅଧୋଭାଗ ।

ନିଃକ୍ଷତ୍ର, } ବିଂ. (ନିର୍ କ୍ଷତ୍ର, କ୍ଷତ୍ରିୟ)
ନିଃକ୍ଷତ୍ରିୟ, } କ୍ଷତ୍ରିୟଶୂନ୍ୟ ।

ନିଃଶଙ୍କ, ବିଂ. (ନିର୍-ଶଙ୍କା) ନିର୍ଭୟ, ଭୟଶୂନ୍ୟ ଶଙ୍କାରହିତ ।

ନିଃଶବ୍ଦ, ବିଂ. (ନିର୍-ଶବ୍ଦ) ଶବ୍ଦରହିତ, ନୀରବ ।

ନିଃଶେଷ, ବିଂ. ( ନିର୍-ଶେଷ ) ଶେଷରହିତ, ସମ୍ପୂର୍ଣ୍ଣ ।

ନିଃଶେଷିତ, ବିଂ (ନିଃଶେଷ-ଇତ) ନିଃଶେଷ-ପ୍ରାପ୍ତ, ଯାହା ଶେଷ ହୋଇଅଛି ।

ନିଃଶ୍ରେଣି / ନିଃଶ୍ରେଣୀ } ବି. ସ୍ତ୍ରୀ. (ନିର୍-ଶ୍ରେଣି, ଶ୍ରେଣୀ) ଅଧିରୋହିଣୀ, ନିଶୁଣି, ସିଢ଼ି ।

ନିଃଶ୍ରେୟସ, ବି. ନ. ( ନିର୍-ଶ୍ରେୟସ୍-ଅ ) ମୁକ୍ତି, ଭକ୍ତି, ସୁଖ, ଜ୍ଞାନ, କୁଶଳ, ମଙ୍ଗଳ । ପୁଂ. ଶିବ ।

ନିଃଶ୍ୱାସ, ବି. ପୁଂ. ( ନିର୍-ଶ୍ୱସ୍-ଅ ) ନାସାଗତ ବାୟୁ ।

ନିଃସଙ୍ଗ, ବିଂ. (ନିର୍-ସଙ୍ଗ) ସଙ୍ଗରହିତ, ସମ୍ପର୍କଶୂନ୍ୟ, ବିଷୟାନୁରାଗରହିତ ।

ନିଃସତ୍ତ୍ୱ, ବିଂ ( ନିର୍ ସତ୍ତ୍ୱ ) ଅସାର, ଦୁର୍ବଳ, ପ୍ରାଣଶୂନ୍ୟ ।

ନିଃସନ୍ଧି, ବିଂ. (ନିର୍-ସନ୍ଧି) ଦୃଢ଼, ସନ୍ଧିରହିତ ।

ନିଃସମ୍ପାତ, ବି. ପୁଂ. (ନିର୍-ସମ୍ପାତ) ନିଶୀଥ, ଅର୍ଦ୍ଧରାତ୍ର । ବିଂ. ଗମନାଗମନଶୂନ୍ୟ ।

ନିଃସମ୍ବଳ, ବିଂ. ( ନିର୍ ସମ୍ବଳ ) ସଙ୍ଗତିହୀନ, ଯାହାର କୌଣସି ସମ୍ବଳ ନାହିଁ, ଦରିଦ୍ର ।

ନିଃସରଣ, ବି.ନ. (ନିର୍-ସୃ-ଅନ) ନିର୍ଗମ, ଦ୍ୱାର, ମୃତ୍ୟୁ, ଉପାୟ, ମୁକ୍ତି ।

ନିଃସାର, ବିଂ.(ନିର୍ ସୃ ଅ) ବଳହୀନ, ରସହୀନ ।

ନିସ୍ରେଜ, ବି. ପୁଂ. ନିର୍ଗମ ପଥ ।

ନିଃସାରଣ, ବି. ନ. (ନିର୍ ସାରି-ଅନ, ନିର୍ବାସନ, ବହିଷ୍କରଣ, ନିର୍ଗମ ପଥ ।

ନିଃସାରିତ, ବିଂ. ( ନିର୍-ସାରି ତ ) ବହିଷ୍କୃତ, ନିର୍ବାସିତ, ନିଷ୍କୃତ ।

ନିଃସୃତ, ବିଂ. ( ନିର୍-ସୃ-ତ ) ନିର୍ଗତ, ବହିର୍ଗତ ।

ନିଃସ୍ପୃହ, ବିଂ. (ନିଃ-ସ୍ପୃହା ଅ, ନିଷ୍କାମ, ସ୍ପୃହାଶୂନ୍ୟ ।

ନିଃସ୍ରବ / ନିସ୍ରାବ } ବି. ପୁଂ. ( ନିର୍-ସ୍ରୁ-ଅ ) ଝରଣ, ତରଳ ପଦାର୍ଥ ନିର୍ଗମନ, ତରଳ-ପଦାର୍ଥ, ଭାତର ମଣ୍ଡ ।

ନିଃସ୍ୱ, ବିଂ. (ନିର୍-ସ୍ୱ) ଦରିଦ୍ର, ଦୁଃଖୀ, ନିର୍ଧନ, ଜ୍ଞାତିରହିତ ।

ନିଅଂଶ, ବିଂ. ନିର୍ବଂଶ ।

ନିଅଂଶିଆ / ନିରଂଶିଆ } ବିଂ.(ଗ୍ରାମ୍ୟ ଗାଳି)ବଂଶହୀନ । ସ୍ତ୍ରୀ-ନିଅଂଶୀ ।

ନିଅଣ୍ଠ / ନିଅଣ୍ଟ } ବି. (ଦେଶଜ) ଅଭାବ, ଊଣା ।

ନିଅଳସ, ବିଂ. ନିରଳସ, ଆଳସ୍ୟହୀନ, ଚଞ୍ଚଳ ।

ନିଆଁ, ବି. (ଦେଶଜ)ଅଗ୍ନି, ଅନଳ ।

ନିଆଁକାଠି / ନିଆଁଖଡ଼ି } ବି. (ଦେଶଜ) ଦିଆସିଲି ।

ନିଆଁଗିଲା, ବିଂ. (ଦେଶଜ) ଦୁଃସାହସିକ, ଅସମ୍ଭବଭାଷୀ ।

ନିଆଇବା, କ୍ରି. (ନୀ ଧାତୁ ଣିଜନ୍ତ) ଅନ୍ୟଦ୍ୱାରା ନେବା ।

ନିଆଜ / ନ୍ୟାଜ } ବି. (ଦେଶଜ) ଅନାଜ, ଅନୁମାନ ।

ନିଆଡ଼ି, ବି. (ଦେଶଜ) ସମ୍ମୁଖ, ଆଗମୁହଁ ।

ନିଅଣ୍ଣା, ବିଂ. (ଗ୍ରାମ୍ୟ) ନିରଶ ।

ନିଆରା, (ଯାବନିକ) ସ୍ୱତନ୍ତ୍ର, ଭିନ୍ନ ।

ନିଆଳୀ, ବି. (ନବମାଳିକା ଶବ୍ଦଜ) ପୁଷ୍ପବିଶେଷ ।

ଯଥା—

କାମିନୀ ନିଆଳୀ କେତକୀ ଫୁଲ,
ଫୁଟିବାରୁ ଉପବନ ମଞ୍ଜୁଳ ।

ନିଉଁଛାଇବା, କ୍ରି. (ଦେଶଜ) ବନ୍ଦାଇବା ।

ଯଥା—

ସପ୍ତଅଳତ ବନ୍ଦାଇ, ଘରକୁ ନେଲେ ଅଳ୍ପ ନିଉଁଛାଇ ।

ନିଉଁଛାଳ, ବି. (ଦେଶଜ) ବନ୍ଦାପନା କରିବା ।

ନିଉଁଛୁଣା, ବିଂ. (ଗ୍ରାମ୍ୟ) ତୁଚ୍ଛ, ହୀନ, ନିଷ୍ପ୍ରୟୋଜନ ।

ନିଉଡ଼ିବା, କ୍ରି. (ଦେଶଜ) ଚାଳିବା, ଚିଢ଼ିବା ।

ନକ, ବି°. (ଦେଶଜ) ସ୍ୱଚ୍ଛ, ପରିଷ୍କାର, ସୁନ୍ଦର ।

ନିକଟ, ବି°. (ନି-କଟ୍-ଅ) ସମୀପ, ଅଦୂର ।

ନିକଟବର୍ତ୍ତୀ } ବି. (ନିକଟ-ବୃତ୍-ଇନ୍, ନିକଟ-
ନିକଟସ୍ଥ } ସ୍ଥା-ଅ ଯେ ନିକଟରେ ଅଛି, ସମୀପସ୍ଥିତ ।

ନିକମା } ବି°. ଅକର୍ମା, କର୍ମଶୂନ୍ୟ ।
ନକମା }

ନିକର, ବି. (ଦେଶଜ) ନିଷ୍ଠୁର । ଯଥା—

ନିଜ ଇଷ୍ଟ ଛାଡ଼ିଲୁ ନିକର ସଜନ ଗୋ ।

ବି°. କରହେତୁ ।

ନିକର ବି. ପୁଂ. (ନି-କୃ-ଅ) ସମୂହ, ରାଶି । ଅ°. (ଦେଶଜ) ନିଷ୍ଠୁର । ଯଥା—

ଭରତରେ ଅଗ୍ନି ଶୀର ଘଟିବ ନିକର ।
କହିଲ ଯ, କେବେ ତାହା ନୋହିବ ଅନ୍ୟଥା । ମ. ଯା.

ନିକଷ } ବି. ପୁଂ. ( ନି-କଷ୍,କଷ୍-ଅ ) କଷ୍ଟି
ନିକଷ } ପଥର, ଶାଣ, ସୁବର୍ଣ୍ଣ ରଜତାଦିର ପରୀକ୍ଷା ସ୍ଥାନ ।

ନିକଷଣ, ବି. ନ. ( ନି-କଷ୍-ଅନ ) ଘର୍ଷଣ, ଉତ୍କ୍ଷେପଣ, ଖନନ ।

ନିକଷା, ବି. ସ୍ତ୍ରୀ ରାକ୍ଷସୀବିଶେଷ, ରାବଣର ମାତା ।

ନିକଷାତ୍ମଜ, ବି. ପୁଂ. (ନିକଷା ଆତ୍ମଜ) ରାକ୍ଷସ ।

ନିକଷୋପଲ, ବି. ପୁଂ. (ନିକଷ-ଉପଲ) କଷ୍ଟିପଥର, ଶାଣ ।

ନିକା, (ଯାବନିକ) ଦ୍ୱିତୀୟ ବିବାହ, ଥୁଅଥୋଇ । କ୍ରି. ବି°. ନିଷ୍ଟିତରୂପେ ।

ନିକାଞ୍ଚନ, ବି°. (ଦେଶଜ) ଜନଶୂନ୍ୟ, ନିର୍ଜନ । ଯଥା—

ଏବେ ଯା ନବେସୋ, ଅଲ୍ପ ଅଗେ ତାହା ମହା ନିକାଞ୍ଚନ ସ୍ଥଳ ;
ଯ. କେ.

ନିକାର, ବି. ନ. (ନି-କୃ=ପରାଜୟ କରିବା-ଅ) ଅପକାର, ପରାଭବ, ଅପମାନ, ତିରସ୍କାର, ଅନାଦର ।

ନିକାଲିବା } ବି. ( ଯାବନିକ ) ବାହାର
ନିକାଲିବା } କରିଦେବା, ପଦଚ୍ୟୁତ କରିବା ।

ନିକଶ, ବି. ନ. (ନି-କାଶ୍-ଅ) ପ୍ରକାଶ ।

ନିକାଷ, ବି. ନ. (ନି କଷ୍-ଅ) କର୍ଷଣ, ଘର୍ଷଣ ।

ନିକାସ, } ବି°.(ନି-କାସ୍-ଅ) ଭୁଲା । (ଯାବନିକ)
ନୀକାଶ, } ଶେଷ, ଜଳନିର୍ଗମ ପଥ ।

ନିକାସି, ବି. (ଦେଶଜ) ଶେଷନିଷ୍ପତ୍ତି, ହିସାବ । ଯଥା —

ଧୃଷ୍ଟଦ୍ୟୁମ୍ନ ବଶିଗେ ବଳଙ୍ଗ ଗଲେ ନାଶ,
ନିକାସି ଦେବାକୁ ଗଲେ ଶମନ ସକାଶ ।

ନିକି, ଅ°. କି, କଣ, ( ପ୍ରଶ୍ନ, ସମ୍ଭାବନାସୂଚକ ଅବ୍ୟୟ )

ନିକଟା } ବି°. ( ଦେଶଜ ) ଅଚ୍ଛନ୍ନା, ଯେ
ନିକୁଠା } ସହଜରେ ଛାଡ଼େ ନାହିଁ ।

ନିକତି } ବି. (ଦେଶଜ) ସୁନା ରୂପାଦି ଓଜନ
ନିକ୍ତି } କରିବାର ଯନ୍ତ୍ରବିଶେଷ, ତୁଲାପାତ୍ର । ଯଥା—

କାଚ କାଞ୍ଚନେ ତୁଳନ୍ତ ପରସ୍ୱେ,
କଦବାଣୀ ନିକତିରେ ସେ ହେବ ।

ନିକୁଞ୍ଜ, ବି. ପୁଂ. ନ. ( ନି-କୁଞ୍ଜ ) ଲତାମଣ୍ଡପ, ଲତାଗୃହ, କୁଞ୍ଜ ।

ନିକୁଟିବା, କ୍ରି. ( ଦେଶଜ ) ବାହାରକୁ ଦାନ୍ତ ଦେଖାଇବା ।

ନିକୁମ୍ଭ, ବି. ପୁଂ. ( ନି-କୁ-ଭୂ-ଅ, ମ୍ ଅଗମ ) କୁମ୍ଭକର୍ଣ୍ଣ ରାକ୍ଷସର ପୁତ୍ର, ଶିବଙ୍କର ଅନୁଚର, ଦନ୍ତିକା ଗଛ । ମ୍ଭୀ, ସ୍ତ୍ରୀ. କୁମ୍ଭକର୍ଣ୍ଣର କନ୍ୟା ।

ନିକୋଛ } ବି°.(ଦେଶଜ)ନ୍ୟୂନ, ତୁଚ୍ଛ, ହୀନ ।
ନିକୁଛ }

ନିକୁମ୍ଭିଳା, ବି. ( ନି-କୁମ୍ଭ-ଇଲ-ଅ ) ଲଙ୍କାର ଗୁହାବିଶେଷ, ଯେ ସ୍ଥାନରେ ଯଜ୍ଞାଦି ସମାହିତ ହେଉଥିଲା, ଦେବୀବିଶେଷ ।

ନିକୁରମ୍ବ, ବି. ( ନିକୁର-ଅମ୍ବ ) ସମୂହ ।

ନିକୃତ, ବି. ନ. (ନି-କୃ-ତ) ତିରସ୍କାର, ଅପକାର, ଶଠତା, ଦୈନ୍ୟ, ନିନ୍ଦା । ବିଣ. ଅପକୃତ, ପରାଭୂତ, ପ୍ରତାରିତ, ଅବମାନିତ ।

ନିକୃନ୍ତ, ବି°. (ନି-କୃତ୍-ତ) ଛିନ୍ନ, ଖଣ୍ଡିତ ।

ନିକୃଷ୍ଟ, ବିଂ. ( ନି-କୃଷ୍-ତ ) ଅପକୃଷ୍ଟ, ନୀଚ, ଜଘନ୍ୟ ।

ନିକେତ, ପୁଂ. } ବି. ( ନି-କିତ୍-ଅ, ଅନ )
ନିକେତନ, ନ. } ଘର, ଆଲୟ, ଗୃହ ।

ଯଥା—

ସ୍ୱାଧୀନତା ଦେବୀ ପ୍ରିୟ ନିକେତନ ଅଟେ ଯେ ତ୍ରୀଷ୍ଟନ । କି. ବ ।

ନିକ୍ୱଣ } ବି. ପୁଂ. ( ନି-କ୍ୱଣ୍-ଅ ) ଧ୍ୱନି,
ନିକ୍ୱାଣ } ବୀଣାଦିର ଧ୍ୱନି, ଶବ୍ଦ ।

ନିକ୍ଷିପ୍ତ, ବିଂ. (ନି-କ୍ଷିପ୍-ତ) ନ୍ୟସ୍ତ, ତ୍ୟକ୍ତ, ଅର୍ପିତ, ଯାହା ନିକ୍ଷେପ କରାଯାଇଅଛି ।

ନିକ୍ଷେପ, ବି. ପୁଂ. (ନି କ୍ଷିପ୍-ଅ) ନ୍ୟାସ, ସ୍ଥାପନ, ତ୍ୟାଗ ।

ନିଖ, ବି. (ନିଖା ଶବ୍ଦଜ) କେଶକୀଟବିଶେଷ ।

ନିଖଟୁ, ବିଂ. (ଦେଶଜ) ଅସମର୍ଥ, ଅଯୋଗ୍ୟ ।

ନିଖର୍ବ, ବିଂ. (ନି-ଖର୍ବ) ବାମନ । ବି ନ. ଦଶସହସ୍ର କୋଟି ସଂଖ୍ୟା ।

ନିଖଡ଼ା, ବି. (ଦେଶଜ) ଜଳଜାତ ଫଳବିଶେଷ ।

ନିଖାତ, ବିଂ. ( ନି-ଖନ୍-ତ ) ସ୍ଥାପିତ, ଖନିତ, ପ୍ରୋଥିତ, ଯାହା ମୃତ୍ତିକାରେ ପୋତା ହୋଇଅଛି ।

ନିଖାରିବା, କ୍ରି. (ଦେଶଜ) ଭଲ କରି ଦେଖିବା, ଲେଉଟ ପାଉଟ କରିବା ।

ନିଖାରି ନିଖାରି ଦେଖି ସେ କାଗଜ । ଦରବାର ।

ନିଖିଳ, ବିଂ. ( ନି-ଖିଲ ) ସମସ୍ତ, ସମ୍ପୂର୍ଣ୍ଣ, ଅଖଣ୍ଡ ।

ନିଖୁଣ, ବିଂ. (ଅନ୍ୟୂନ ଶବ୍ଦଜ) ସମ୍ପୂର୍ଣ୍ଣ, ଅଖଣ୍ଡିତ ।

ନିଗଡ଼, ବି. ପୁଂ. ନ. ( ନି-ଗଡ଼୍-ଅ ) ବେଡ଼ି, ଲୌହଶୃଙ୍ଖଳ, ଲୌହମୟ ପାଦବନ୍ଧନୀ ।

ନିଗଡ଼ିତ, ବିଂ. ( ନିଗଡ଼-ଇତ ) ଶୃଙ୍ଖଳବଦ୍ଧ, ବଦ୍ଧ ।

ନିଗଦିତ, ବିଂ. ( ନି-ଗଦ୍-ତ ) କଥିତ, ଉକ୍ତ, ନିର୍ଦ୍ଦିଷ୍ଟ, ଉଲ୍ଲିଖିତ । ବି. ନ. କଥନ, କଥା ।

ନିଗମ, ବି. ପୁଂ. ( ନି-ଗମ୍-ଅ) ନଗର, ପଥ, ବାଣିଜ୍ୟ, ହାଟ, ଶାସ୍ତ୍ରବିଶେଷ, ବେଦାନ୍ତ ଶାସ୍ତ୍ର ।

ନିଗାଡ଼ିବା, କ୍ରି (ଦେଶଜ) ଗାଳିବା, ଝରାଇବା ।

ନିଗିଡ଼ିବା, କ୍ରି.(ଦେଶଜ)ଅସ୍ତେ ଅସ୍ତେ ଝରିବା ।

ନିଗୂଢ଼, ବିଂ. ( ନି-ଗୁହ୍-ତ ) ଗୁପ୍ତ, ଲୁକ୍କାୟିତ, ଅପ୍ରକାଶିତ ।

ନିଗୃହୀତ, ବିଂ. (ନି-ଗ୍ରହ-ତ) ଦଣ୍ଡିତ, ଶାସିତ, ବଶୀକୃତ, ରୁଦ୍ଧ ।

ନିଗ୍ରହ, ବି. ପୁଂ. ( ନି-ଗ୍ରହ-ଅ ) ଅନୁଗ୍ରହର ବିପରୀତ, ତାଡ଼ନା, ପ୍ରହାର, ନିରାକରଣ, ତିରସ୍କାର, ଶାସନ, ଦମନ, ଦଣ୍ଡ, ବନ୍ଧନ, ଭର୍ତ୍ସନା, ସଂଯମ, ଚିକିତ୍ସା, ସୀମା, ଯାତନା, ବିଡ଼ମ୍ବନା, ନିବାରଣ ।

ନିଘା, ବିଂ. (ଦେଶଜ) କୃପଣ ।

ନିଘଞ୍ଚ, ବି. (ଦେଶଜ) ଅତି ନିବିଡ଼ ।

ନିଘଣ୍ଟୁ, ବି. ( ନି-ଘଣ୍ଟ୍-ଉ, କର୍ତ୍ତୃ ) ସୂଚୀପତ୍ର, ନିର୍ଘଣ୍ଟ, ବୈଦିକ ଅଭିଧାନବିଶେଷ ।

ନିଘା, ବି. (ଦେଶଜ) ଦୃଷ୍ଟି, ନଜର୍ ।

ନିଘ୍ନ, ବିଂ. ( ନି-ହନ୍-ଅ ) ଆୟତ୍ତ, ବଶୀଭୂତ, ଗୁଣିତ, ପୋଷା, ସେବକ ।

ନିଚୟ, ବି. ପୁଂ. ( ନି-ଚି-ଅ ) ସମୂହ, ପୁର, ଉପଚୟ, ନିଶ୍ଚୟ ।

ନିଚିତ, ବିଂ. ( ନି-ଚି-ତ ) ବ୍ୟାପ୍ତ, ପରିପୂର୍ଣ୍ଣ, ରଚିତ, ସଞ୍ଚିତ ।

ନିଚୁଲ, ବି. ପୁଂ. ( ନି-ଚୁଲ୍-ଅ ) ସ୍ଥଳବେତସ, ବେତସ ।

ନିଚୋଳ, ବି. ନ. (ନି-ଚୁଲ୍-ଅ) ଆଚ୍ଛାଦନ ବସ୍ତ୍ର, ଉତ୍ତରୀୟ ବସ୍ତ୍ର ।

ନିଛକ, ବିଂ. ଷଡ୍ରିପୁଶୂନ୍ୟ ।

ନିଛାଟ } ବିଂ. (ଦେଶଜ) ନିର୍ଜନ । ଯଥା—
ନିଛାଟିଆ }

ଚଉଦିଗେ ଗୃହ, କେହୁ କେଣେ ନାହାଁ;
ନିଛାଟ ଘାଟକୁ ଗଲ ।

**ନିଜ**, ବି. (ନି-ଜନ୍-ଅ) ଆପଣାର, ସ୍ୱକୀୟ । ଯଥା—

ନିଜସର ସ୍ୱଖ ଭୁଞ୍ଜିବାକୁ ଯବେ
ଇଚ୍ଛ ଯେବେ କର ଯତନ ଦୂର ।

ସ୍ୱାଭାବିକ, ନିତ୍ୟ ।

**ନିଜସ୍ୱ**, ବି. (ନିଜ-ସ୍ୱ=ସମ୍ପତ୍ତି) ଆପଣା ସମ୍ପତ୍ତି ।

**ନିଟ**, ବି. (ଦେଶଜ) ନିଶ୍ଚୟ, ତଥ୍ୟ ।

**ନିଠେଇବା**, କ୍ରି. (ଦେଶଜ) ମଠେଇବା । ନିରେଖିବା ।

**ନିତମ୍ବ**, ବି. ପୁଂ. (ନି-ତମ୍-ବ) ସ୍ତ୍ରୀଲୋକ କଟିର ପଶ୍ଚାଦ୍‌ଭାଗ, ପିଚ୍ଛ, ପର୍ବତର ପାର୍ଶ୍ୱ ଦେଶ, ତଟ, ସ୍କନ୍ଧ । ଯଥା—

ଲମ୍ବିତ ସୁଗେଲ ନିତମ୍ବବମ୍ବେ ହେମ ମେଖଳା । ଚ. ଭା.

**ନିତମ୍ବିନୀ**, ବି. ସ୍ତ୍ରୀ. (ନିତମ୍ବ-ଇନ୍ ସ୍ତ୍ରୀଲିଙ୍ଗରେ ଈ) ପ୍ରଶସ୍ତ ନିତମ୍ବବତୀ ରମଣୀ ।

**ନିତରାଂ**, କ୍ରି. ବି. ଅ. ସର୍ବଦା, ଅତ୍ୟନ୍ତ, ଅବଶ୍ୟ ।

**ନିତଳ**, ବି. ପୁଂ. (ନି-ତଳ) ସପ୍ତ ପାତାଳାନ୍ତର୍ଗତ ପାତାଳବିଶେଷ ।

**ନିତାନ୍ତ**, ବି. (ନି-ତମ୍-ତ) ଅତ୍ୟନ୍ତ, ଅତିଶୟ, ଅବଶ୍ୟ ।

**ନିତି**, କ୍ରି. ବି. (ନିତ୍ୟ ଶବ୍ଦଜ) ପ୍ରତ୍ୟହ ।

**ନିତ୍ୟ**, କ୍ରି. ବି. (ନି-ତ୍ୟ) ଅବିରତ, ସର୍ବଦା, ସତତ, ଧାରାବାହିକ, ପ୍ରାତ୍ୟହିକ ।

**ନିତ୍ୟକର୍ମ**, ବି.ନ. (ନିତ୍ୟ-କର୍ମନ୍) }
**ନିତ୍ୟକ୍ରିୟା**, ବି. ସ୍ତ୍ରୀ. (ନିତ୍ୟ-କ୍ରିୟା) } ପ୍ରତିଦିନ ଯେ କର୍ମ କରାଯାଏ, ଦୈନନ୍ଦିନ ବ୍ୟାପାର ।

**ନିତ୍ୟଗତି**, ବି. ପୁଂ. (ନିତ୍ୟ ଗତି) ସଦାଗତି, ବାୟୁ ।

**ନିତ୍ୟଯଜ୍ଞ**, ବି. ପୁଂ. ଅଗ୍ନିହୋତ୍ରାଦି ଯଜ୍ଞ ।

**ନିତ୍ୟାନ**, ବି. (ଦେଶଜ) ଦୁଷ୍ଟ, ପ୍ରତ୍ୟହ ।

**ନିଦ**, ବି. ପୁଂ. (ନି-ଦୋ-ଅ) ରବ, (ନିଦ୍ରା ଶବ୍ଦର ଅପଭ୍ରଂଶ) ନିଦ୍ରା । ଯଥା—

ଭବବନୋଦ ହେ, କୃଷ୍ଣବର୍ଣ୍ଣ ଶେଯେ ମାଡ଼େ ନିଦ ।

**ନିଦକା**, ବି. (ଦେଶଜ) ନିର୍ଭୟ, ଲଣ୍ଟୁନ୍ତ ।

**ନିଦର୍ଶନ**, ବି. ନ. (ନି-ଦୃଶ୍-ଅନ) ଉଦାହରଣ, ଦୃଷ୍ଟାନ୍ତ, ଚିହ୍ନ ।

**ନିଦା**, ବି. (ଦେଶଜ) ଘନ, ଅଫମ୍ପା, ନିରେଟ ।

**ନିଦାଘ**, ବି. ପୁଂ. (ନି ଦହ-ଅ) ଗ୍ରୀଷ୍ମକାଳ, ଘର୍ମଜଳ । ବି. ଉଷ୍ଣ. ତପ୍ତ ।

**ନିଦାନ**, ବି. ନ. (ନି-ଦା-ଅନ) ମୂଳକାରଣ, କାରଣ, ଚିକିତ୍ସାଗ୍ରନ୍ଥବିଶେଷ ।

**ନିଦାରୁଣ**, ବି. (ନି-ଦାରୁଣ) ଅତି ଦାରୁଣ, ଭୟାନକ, ନିର୍ଦ୍ଦୟ, କଠିନ, ଦୁଃସହ, ଅସହ୍ୟ ।

**ନିଦିଧ୍ୟାସନ**, ବି. (ନି-ଧ୍ୟୈ=ଚିନ୍ତା କରିବା, ସନ୍-ଅ) ମନୋନିବେଶପୂର୍ବକ ଧାରାବାହିକ ଚିନ୍ତା ।

**ନିଦିଷ୍ଟ**, ବି. (ନି-ଦିଶ୍-ତ) ଆଦିଷ୍ଟ, ଉପଦିଷ୍ଟ, କଥିତ ।

**ନିଦେଶ**, ବି. ପୁଂ. (ନି-ଦିଶ୍-ଅ) ଆଜ୍ଞା, ଅନୁମତି, ଉକ୍ତି, କଥନ, ସମୀପ, ନିକଟ, ପାତ୍ର ।

**ନିଦେଷ୍ଟା**, ବି. (ନି-ଦିଶ୍-ତୃ) ଆଦେଷ୍ଟା, ଆଜ୍ଞାକାରକ, ଆଜ୍ଞାଦାତା ।

**ନିଦ୍ରା**, ବି. ସ୍ତ୍ରୀ. (ନି-ଦ୍ରା-ଅ) ନିଦ, ନିମୀଳନ, ଆଳସ୍ୟ, ସମୟବିଶେଷରେ ଶାରୀରିକ ଓ ମାନସିକ ବ୍ୟାପାରର ବିରାମ ।

**ନିଦ୍ରାଣ** }
**ନିଦ୍ରିତ** } ବି. (ନି-ଦ୍ରା-ତ, ଇତ) ନିଦ୍ରାଗତ, ଅଳସ ।

**ନିଦ୍ରାଳୁ**, ବି. (ନିଦ୍ରା-ଆଳୁ) ନିଦ୍ରିତ, ନିଦ୍ରାଶୀଳ, ଅଳସ ।

**ନିଧଡ଼କ**, ବି. (ଦେଶଜ) ନିର୍ଭୟ, ଦୃଢ଼, ନିଶ୍ଚିତ ।

**ନିଧନ**, ବି ପୁଂ. (ନି-ଧନ୍-ଅ) ମୃତ୍ୟୁ, ଧନହୀନ, ବିନାଶ ।

ନିଧାନ, ବି. ନ. (ନି-ଧା-ଅନ) ନିଧି, ଭୂଗର୍ଭସ୍ଥ ଅସ୍ୱାମିକ ରତ୍ନାଦି, କୁବେରର ସମ୍ପତ୍ତିବିଶେଷ, ଗଚ୍ଛିତ ବସ୍ତୁ, ସମୁଦ୍ର ।

ନିଧି, ବି. (ନି-ଧା-ଇ) ସମ୍ପତ୍ତି, କୁବେର ସମ୍ପତ୍ତି, ସମ୍ପତ୍ତିବିଶେଷ, ଭୂଗର୍ଭସ୍ଥ ଅସ୍ୱାମିକ ଧନ, ନିକ୍ଷେପ, ଆଧାର । ନିଧି ୯ ପ୍ରକାର ଯଥା—ପଦ୍ମ, ମହାପଦ୍ମ, ଶଙ୍ଖ, ମକର, କଚ୍ଛପ, ମୁକୁନ୍ଦ, କୁନ୍ଦ, ନୀଲ ଓ ଖର୍ବ ।

ନିଧିନାଥ, ନିଧୀଶ, ନିଧୀଶ୍ୱର } ବି. ପୁଂ. (ନିଧି ନାଥ, ଈଶ, ଈଶ୍ୱର) କୁବେର ।

ନିଧୁବନ, ବି. ନ (ନି ଧୂ-ଅନ) ରତିକ୍ରୀଡ଼ା, ଆମୋଦ, ରମଣ, କେଳି, ଉପଭୋଗ ।

ନିଧ୍ୱାନ, ବି. ପୁଂ. (ନି-ଧ୍ୱନ୍-ଅ) ଶବ୍ଦ, ଧ୍ୱନି ।

ନିନଦ, ନିନାଦ } ବି ପୁଂ. (ନି-ନଦ୍-ଅ) ଧ୍ୱନି, ଶବ୍ଦ, ଗର୍ଜ୍ଜନ ।

ନିନାଦିତ, ବିଂ. (ନି ନଦ୍-ତ) ଶବ୍ଦିତ, ଧ୍ୱନିତ, ବାଦିତ ।

ନିନୀଷା, ବି. ସ୍ତ୍ରୀ (ନୀ-ସନ୍-ଅ-ଆ) ନେବାର ଇଚ୍ଛା ବିଂ-ନିନୀଷୁ ।

ନିନ୍ଦକ, ବିଂ. (ନିନ୍ଦ-ଅକ) ଅପବାଦକ, ନିନ୍ଦାକାରୀ ।

ନିନ୍ଦନ, ନ., ନିନ୍ଦା, ସ୍ତ୍ରୀ. } ବି. (ନିନ୍ଦ୍-ଅନ, ଅ-ଆ) କୁତ୍ସା, ଅପବାଦ, ଜୁଗୁପ୍ସା ।

ନିନ୍ଦନୀୟ, ନିନ୍ଦ୍ୟ } ବିଂ. (ନିନ୍ଦ୍-ଅନୀୟ, ଯ) ଅପ୍ରଶଂସନୀୟ, ଦୂଷଣୀୟ ।

ନିନ୍ଦିତ ବିଂ. (ନିନ୍ଦ୍-ତ) ଦୂଷିତ, ଗର୍ହିତ, ମାର ।

ନିନ୍ଦ୍ୟ, ବିଂ. (ନିନ୍ଦ୍-ଯ) ଅପ୍ରଶଂସ୍ୟ, ଦୂଷଣୀୟ ।

ନିପ, ବି. ପୁଂ. ନ (ନି-ପ) କଦମ୍ବବୃକ୍ଷ, କଳସ, ଘଟ ।

ନିପଟ, ବିଂ. ( ଦେଶଜ ) ଅତ୍ୟନ୍ତ, ଅତିଶୟ । ଯଥା—

ନିପଟ ନିଷ୍ଠୁର ବିଶୁଦ୍ଧ ତ ଅଛ ନିରଳସ ଚନ୍ଦ୍ରମଖ । କ ଚ.

ନିପଠ, ନିପାଠ } ବି. ପୁଂ. ( ନି-ପଠ୍-ଅ ) ପାଠ, ଅଧ୍ୟୟନ ।

ନିପତନ, ବି. ନ. ( ନି-ପତ୍-ଅନ ) ପତନ, ନିପାତ, ପଡ଼ିବା ।

ନିପତିତ, ବିଂ. ( ନି ପତ୍-ତ ) ଅଧଃପତିତ, ଯେ ପଡ଼ି ଯାଇଅଛି ।

ନିପାତ, ବି. ପୁଂ. (ନି-ପତ୍-ଅ) ମୃତ୍ୟୁ, ନିଧନ, ମରଣ, ପତନ, ଅଧଃପତନ ।

ନିପାତନ, ବି. ନ. (ନି-ପାତି-ଅନ) ପ୍ରକ୍ଷେପଣ, ଅଧଃକ୍ଷେପଣ, ପ୍ରହାର, ବଧ, ବିନାଶନ, ଅଧୋନୟନ, ବ୍ୟାକରଣର ପଦ ସିଦ୍ଧ କରିବା ପାଇଁ ସୂତ୍ରୋକ୍ତ ଯେଉଁ ନିୟମ ଅଛି ତାହା ଅତିକ୍ରମ କରି ପଦ ସାଧନ ।

ନିପାତିତ, ବିଂ. ( ନି ପତି-ତ ) ଅଧୋନୀତ, ବିନାଶିତ ।

ନିପାନ, ବି. ନ. (ନି-ପା-ଅନ) କୂପ ନିକଟରେ ପଶ୍ୱାଦିର ଜଳପାନ ନିମିତ୍ତ କ୍ଷୁଦ୍ର ଜଳାଧାର, ଦୁଗ୍ଧଭାଣ୍ଡ, ପଶ୍ୱାଦିର ଜଳପାନ କରିବାର ଘାଟ, ଗୋଦୋହନପାତ୍ର ।

ନିପୀଡ଼କ, ବିଂ. ( ନି-ପୀଡ-ଅକ ) ଯେ ପୀଡ଼ା ଦିଏ, ଯେ ଅପକାର ବା ଅତ୍ୟାଚାର କରେ ।

ନିପୀଡ଼ନ, ବି. ନ. (ନି-ପୀଡ଼୍-ଅନ) ଅବବାଦନ, ପଦାଦି ସେବା, ମର୍ଦ୍ଦନ, କ୍ଲେଶପ୍ରଦାନ, ନିଷ୍ପୀଡ଼ନ ।

ନିପୀଡ଼ିତ, ବିଂ. ( ନି-ପୀଡ଼୍-ତ ) ଅବବାଦିତ, ଆକ୍ରାନ୍ତ, କ୍ଲେଶିତ, ଉତ୍ପୀଡ଼ିତ, ମର୍ଦ୍ଦିତ ।

ନିପୁଣ, ବିଂ. ( ନି-ପୁଣ୍-ଅ ) ଦକ୍ଷ, ସମର୍ଥ, ପଟୁ, କାର୍ଯ୍ୟକ୍ଷମ ।

ନିବଦ୍ଧ, ବିଂ. ( ନି-ବନ୍ଧ୍-ତ ) ଗ୍ରଥିତ, ବଦ୍ଧ, ନିବେଶିତ, ସ୍ଥିରୀକୃତ, ରଚିତ, ଅର୍ପିତ, ନିୟମିତ, ପରାହତ ।

ନିବନ୍ଧ, ବି. ପୁଂ. (ନି ବନ୍ଧ୍-ଅ) ରଚନା, ପ୍ରଣୟନ,

ତନ୍ତ୍ର, ପ୍ରସ୍ତାବ, ନିୟମ, ବ୍ୟବସ୍ଥା, ନିମ୍ବବୃକ୍ଷ । ନ. ଗୀତ, ଗାନ ।

ନିବନ୍ଧନ, ବି. ନ. ( ନି ବନ୍ଧ୍ ଅନ ) କାରଣ, ହେତୁ, ବ୍ୟବସ୍ଥା, ନିୟମ, ରଚନା ।

ନିବର୍ହଣ, ବି. ନ. (ନି-ବର୍ହ=ବଧ କରିବା-ଅନ) ମାରଣ, ଉଚ୍ଛେଦ ।

ନିଭ, ବିଂ. (ନି ଭା-ଅ) ତୁଲ୍ୟ, ସଦୃଶ । ବି. ପୁଂ. ବ୍ୟାଜ, କପଟ, ପ୍ରକାଶ ।

ନିଭୃତ, ବିଂ. (ନି-ଭୃ-ତ) ବିଜନ, ଗୁପ୍ତ, ଲୁକ୍କାୟିତ, ଅସ୍ତମିତ, ନିଶ୍ଚଳ, ନିର୍ଜ୍ଜନ ।

ନିମ, ବି. (ନିମ୍ବ ଶବ୍ଦଜ) ବୃକ୍ଷବିଶେଷ, ନିମ୍ବବୃକ୍ଷ,

ନିମକ, ବି. (ଯାବନିକ) ଲବଣ ।

ନିମକହରାମ, ବିଂ. (ଯାବନିକ) କୃତଘ୍ନ ।

ନିମକହାରାମ, ବିଂ. (ଯାବନିକ) କୃତଘ୍ନ ।

ନିମଗ୍ନ, ବିଂ. ( ନି ମସ୍ଜ୍-ତ ) ମଗ୍ନ, ବୁଡ଼ିଯିବା, ଆବିଷ୍ଟ, ଏକାଗ୍ର, ଆସକ୍ତ ।

ନିମଜ୍ଜଥୁ, ବି. ପୁଂ. ( ନି ମସ୍ଜ୍-ଅଥୁ ) ଶୟନ, ଅବଗାହନ, ଅନ୍ତର୍ନିବେଶ ।

ନିମଜ୍ଜନ, ବି. ନ. ( ନି-ମସ୍ଜ୍-ଅନ ) ସ୍ନାନ, ଅବଗାହନ, ବୁଡ଼ିଯିବା ।

ନିମନ୍ତେ, ଅଂ. (ନିମିତ୍ତ ଶବ୍ଦଜ) ପାଇଁ, ଲାଗି ।

ନିମନ୍ତ୍ରଣ, ବି. ନ. ( ନି-ମନ୍ତ୍ର୍-ଅନ ) ଭୋଜନାର୍ଥ ଆହ୍ୱାନ, କୌଣସି ସ୍ଥାନରେ ଉପସ୍ଥିତ ହେବା ନିମିତ୍ତ ଆହ୍ୱାନ ।

ନିମନ୍ତ୍ରିତ, ବିଂ. (ନି-ମନ୍ତ୍ର୍-ତ) ଆହୂତ, ଯାହାକୁ ନିମନ୍ତ୍ରଣ କରା ହୋଇଅଛି ।

ନିମାଇ, ବି. (ନାମ) ଶ୍ରୀଚୈତନ୍ୟ ଦେବ ।

ନିମି, ବି ପୁଂ. (ନି-ମା=ପରିମାଣ କରିବା-ଇ ) ଚନ୍ଦ୍ରବଂଶୀୟ ନୃପବିଶେଷ, ଇକ୍ଷ୍ୱାକୁଙ୍କ ପୁତ୍ରବିଶେଷ ।

ନିମିତ୍ତ, ବି. ନ. (ନି-ମିଦ=ସ୍ନିଗ୍ଧ ହେବା ତ ) କାରଣ, ହେତୁ, ଶୁଭାଶୁଭ ଚିହ୍ନ, ପ୍ରୟୋଜନ, ଉଦ୍ଦେଶ୍ୟ, ଚିହ୍ନ । ଅଂ. ନିମନ୍ତେ ।

ନିମିତ୍ତ } ବି. (ଦେଶଜ) ବିବାହାଦି ଉତ୍ସବ,
ନିମନ୍ତ୍ୟ } ଉତ୍ସବ, ଭୋଜ ।

ନିମିତ୍ତବିଦ୍, ବି. ପୁଂ. ( ନିମିତ୍ତ ବିଦ • ) ଦୈବଜ୍ଞ, ଗଣକ, ଯେ ଶୁଭାଶୁଭ ଚିହ୍ନ ବୁଝି ପାରେ ।

ନିମିଷ } ବି. ପୁଂ. ( ନି-ମିଷ-ଅ ) ପଲକ,
ନିମେଷ } ଚକ୍ଷୁର୍ନିମୀଲନ, ପକ୍ଷ୍ମପାତ ।

ନିମୀଲନ, ବି. ନ ( ନି-ମୀଲ-ଅନ ) ବୁଜିବା, ମୁଦିବା, ମୋହ, ସଙ୍କୋଚକରଣ, ମରଣ, ଅପ୍ରକାଶ, ମୁଦ୍ରିତକରଣ ।

ନିମୀଳିତ, ବିଂ. (ନି ମୀଲ ତ) ମୁଦ୍ରିତ, ସଙ୍କୁଚିତ, ମୋହିତ, ନିଷ୍ପନ୍ଦ ।

ନିମ୍ନ, ବିଂ. (ନି ମ୍ନା-ଅ) ନୀଚ, ଅଧଃ, ଗଭୀର ।

ନିମ୍ନଗା, ବି. ସ୍ତ୍ରୀ. (ନିମ୍ନ-ଗମ-ଅ-ଆ) ନଦୀ । ବିଂ. ଅଧୋଗାମିନୀ । ଯଥା —

ନିମ୍ନଗା ନୀର ବେଗେ ସାଗରେ ଧାଇଁ । ଭୁ. ବୁ.

ନିମ୍ନୋନ୍ନତ, ବିଂ. (ନିମ୍ନ-ଉନ୍ନତ) ବନ୍ଧୁର, ଉଚ୍ଚନୀଚ, ଉନ୍ନତାନତ ।

ନିମ୍ବ } ବି. ପୁଂ. ( ନିମ୍ବ-ଅ, ଅକ) ନିମ୍ବ-
ନିମ୍ବକ } ଗଛ ।

ନିମ୍ବୁକ, ବି ପୁଂ. କାଗଜିଲେମ୍ବୁ ଗଛ ।

ନିୟତ, ବିଂ. ( ନି-ଯମ୍-ତ ) ଦମିତ, ସଂଯତ, ବଦ୍ଧ, ଶାସିତ, ବଶୀକୃତ, ସ୍ଥିର, ନିଶ୍ଚିତ ।

ନିୟତି, ବି. ସ୍ତ୍ରୀ. ( ନି ଯମ୍-ତି ) ଭାଗ୍ୟ, ଈଶ୍ୱର ବିଧାନ, ଅଦୃଷ୍ଟ ।

ନିୟନ୍ତା, ବିଂ. ( ନି-ଯମ-ତୃ ) ସାରଥି । ବିଂ. ନିୟାମକ, ଶାସକ ।

ନିୟନ୍ତ୍ରିତ, ବିଂ. ( ନି-ଯନ୍ତ୍ର୍-ତ ) ଦମିତ, ବଦ୍ଧ, ନିବାରିତ, ସଙ୍କୋଚିତ ।

ନିୟମ, ବି. ପୁଂ. ( ନି-ଯମ୍-ଅ ) ପ୍ରତିଜ୍ଞା, ଅଙ୍ଗୀକାର, ବିଧିବ୍ୟବସ୍ଥା, ଅବଧାରଣ, ଧାର୍ଯ୍ୟ, ଖତ, ଚୁକ୍ତି, ଦମନ, ଧର୍ମକର୍ମ, ଧର୍ମାନୁଷ୍ଠାନ, ସୂତ୍ର, ଲକ୍ଷଣ, ବନ୍ଧନ, ଶପଥ ।

ନିୟମପନ୍ଥ, ବି. ଯେଉଁ ଶାସନପ୍ରଣାଳୀରେ ରାଜାଙ୍କୁ କେତେକ ନିର୍ଦ୍ଧାରିତ ନିୟମର ଅଧୀନ ହୋଇ ଚଳିବାକୁ ହୁଏ ।

ନିୟମିତ, ବି°. (ନି-ୟମ-ତ) ଦମିତ, ନିବାରିତ, ନିଷିଦ୍ଧ, ନିୟମବଦ୍ଧ, ବ୍ୟବସ୍ଥାପିତ, ଅବଧାରିତ, ନିଶ୍ଚିତ, ଅକୃଷ୍ଟ ।

ନିୟାନ, ବି ନ. (ନି-ଯା-ଅନ) ଗୋଚାରଣ ସ୍ଥାନ, ଗୋଷ୍ଠ ।

ନିୟାମକ, ବି°. ( ନି-ୟମ-ଅକ ) ଯେ ନିୟମ ବ୍ୟବସ୍ଥା କରେ, ନିୟନ୍ତା, ନିୟମକର୍ତ୍ତା, ବିଧିଦାୟକ, ବ୍ୟବସ୍ଥାପକ । ବି. ପୁଂ. ପୋତ, ବାହକ, ନାବିକ ।

ନିୟୁକ୍ତ, ବି°. (ନି-ଯୁଜ୍ ତ) ପ୍ରବର୍ତ୍ତିତ, ବ୍ୟାପୃତ, ଅଧିକୃତ, ଆଦିଷ୍ଟ, ପ୍ରବୃତ୍ତ ।

ନିୟୁତ, ବି. ପୁଂ. ନ. ( ନି-ଯୁ-ତ ) ଦଶ ଲକ୍ଷ ସଂଖ୍ୟା ।

ନିୟୁଦ୍ଧ, ବି. ନ. ( ନି-ଯୁଧ ) ମଲ୍ଲଯୁଦ୍ଧ, ବାହୁଯୁଦ୍ଧ, ଦ୍ୱନ୍ଦ୍ୱଯୁଦ୍ଧ ।

ନିୟୋକ୍ତା, ବି°. ( ନି-ଯୁଜ୍-ତୃ ) ନିୟୋଗକର୍ତ୍ତା, ପ୍ରଭୁ, ପ୍ରବର୍ତ୍ତକ ।

ନିୟୋଗ, ବି. ପୁଂ. (ନି-ଯୁଜ୍-ଅ) ଶାସନ, ଆଜ୍ଞା, ପ୍ରେରଣ, ଭାରାର୍ପଣ, ମନୋଯୋଗ, ପ୍ରବୃତ୍ତି, ନିଶ୍ଚୟ, ଅଧିକାର ।

ନିୟୋଗପତ୍ର, ବି. ନ. ( ନିୟୋଗ-ପତ୍ର ) ଯେ ପତ୍ରଦ୍ୱାରା କୌଣସି ବ୍ୟକ୍ତିଙ୍କୁ କୌଣସି କର୍ମ ବା ପଦରେ ନିୟୁକ୍ତ କରାଯାଏ ।

ନିୟୋଗୀ, ବି°. (ନିୟୋଗ ଇନ୍) ଯେ କୌଣସି କାର୍ଯ୍ୟରେ ନିୟୁକ୍ତ ବା ବ୍ୟାପୃତ ହୋଇଅଛି, ଯେ ଆଦିଷ୍ଟ ହୋଇଅଛି, ବ୍ୟାପୃତ ।

ନିୟୋଜନ, ବି. ନ. (ନି-ଯୁଜ୍-ଅନ) ପ୍ରେରଣ, ପ୍ରବର୍ତ୍ତନ, ନିୟୋଗ କରିବା, ଆଦେଶ କରିବା

ନିୟୋଜୟିତା, ବି°. (ନି-ଯୋଜି-ତୃ) ନିୟୋଗକର୍ତ୍ତା, ଯେ ନିୟୋଗ କରେ ।

ନିୟୋଜିତ, ବି°. (ନି-ଯୋଜି ତ) ବ୍ୟାପାରିତ, ପ୍ରବର୍ତ୍ତିତ, ପ୍ରେରିତ ।

ନିୟୋଜ୍ୟ, ବି°. ( ନି-ଯୁଜ୍ ଯ ) କିଙ୍କର, ଦାସ, ସେବକ, ଭୃତ୍ୟ ।

ନିର୍ } ( ଉପସର୍ଗ, ଅବ୍ୟୟ, ବ୍ରଂ ) ନିଶ୍ଚୟ,
ନିସ୍ } ନିଷେଧ, ନିଃଶେଷ, ଅତିକ୍ରାନ୍ତ, ବହିଷ୍କରଣ, ନିର୍ଗମନ ।

ନିରକ୍ଷ, ବି°. ନିରକ୍ଷଦେଶ, ନିରକ୍ଷବୃତ୍ତ, ନିରକ୍ଷରେଖା, ବିଷୁବରେଖା, ନାଭୀମଣ୍ଡଳ Equator) ।

ନିରକ୍ଷର, ବି°. (ନିଃ ଅକ୍ଷର) ଅକ୍ଷର ଜ୍ଞାନହୀନ, ମୂର୍ଖ ।

ନିରକ୍ଷାନ୍ତର, ନିରକ୍ଷ ରେଖାଠାରୁ ପୃଥିବୀର କୌଣସି ଏକ ସ୍ଥାନର ଦୂରତ୍ୱ (Latitude)

ନିରଂଶ, ବି°. (ନିର୍-ଅଂଶ) ଅଂଶରହିତ, ଭାଗ୍ୟହୀନ । ବି. ପୁଂ. ସଂକ୍ରାନ୍ତି, ରବିଭୋଗ କାଳର ପ୍ରଥମ ଓ ଶେଷଦିନ ।

ନିରଂଶଦିବସ, ବି. ସଂକ୍ରାନ୍ତିର ପରବର୍ତ୍ତୀ ଦିବସ ।

ନିରଙ୍କୁଶ, ବି°. ( ନିର୍-ଅଙ୍କୁଶ ) ଅନିବାର୍ଯ୍ୟ, ସ୍ୱେଚ୍ଛାଚାରୀ, ସ୍ୱାଧୀନ ।

ନିରଖ, ବି. (ଯାବନିକ) ଭାଉ, ଦର ।

ନିରଖି | ନିରେଖି | ବି. (ଦେଶଜ) ଅରକ୍ଷକ ।

ନିରଞ୍ଜନ, ବି°. (ନିର୍-ଅଞ୍ଜନ) ନିର୍ମଳ, ଅଞ୍ଜନଶୂନ୍ୟ, ଅବିଦ୍ୟାଦୋଷରହିତ । ବି. ନ. ପରବ୍ରହ୍ମ । ପୁଂ. ଶିବ । ସ୍ତ୍ରୀ. ପୂର୍ଣ୍ଣିମା ତିଥି ।

ନିରତ, ବି°. (ନି ରମ୍-ତ) ଆସକ୍ତ, ଅନୁରକ୍ତ, ବ୍ୟାପୃତ, ନିଯୁକ୍ତ । କ୍ରି. ବି°. ସର୍ବଦା । ଯଥା—

ନିରତେ ଚଳୁଥିବ ମୋ ଗୁଣମାନ ।

ନିରତିଶୟ, ବି°. ( ନିର୍-ଅତିଶୟ ) ଅତ୍ୟୁତ୍କୃଷ୍ଟ, ଅତ୍ୟଧିକ ।

ନିରନ୍ତର, ବି°. (ନିର୍-ଅନ୍ତର) ନିବିଡ଼, ଘନ । କ୍ରି. ବି°. ପ୍ରତିକ୍ଷଣ, ସର୍ବଦା ।

ନିରନ୍ତରାଳ, ବି°. (ନିର୍-ଅନ୍ତରାଳ) ସଂକୀର୍ଣ୍ଣ ।

ନିରନ୍ନ, ବି°. (ନିର୍-ଅନ୍ନ) ଦରିଦ୍ର ।

ନିରନ୍ୱୟ ବି°. ( ନିର୍-ଅନ୍ୱୟ ) ନିଃସନ୍ତାନ, ନିଃସମ୍ପର୍କ ।

**ନିରପତ୍ୟ**, ବି. ( ନିର୍ ଅପତ୍ୟ ) ନିଃସନ୍ତାନ, ପୁତ୍ରକନ୍ୟାରହିତ ।

**ନିରପତ୍ରପ**, ବି. (ନିର୍ ଅପତ୍ରପା) ନିର୍ଲଜ୍ଜ ।

**ନିରପରାଧ**, ବି. (ନିର୍-ଅପରାଧ) ଅପରାଧଶୂନ୍ୟ, ନିର୍ଦ୍ଦୋଷ ।

**ନିରପାୟ**, **ନିରପାୟୀ**, } ବି. (ନିର୍-ଅପ-ଯ଼ୁ) ଅପାୟରହିତ, ଅକ୍ଷୟ, ଅବିନଶ୍ୱର ।

**ନିରପେକ୍ଷ**, ବି. (ନିର୍-ଅପେକ୍ଷା) ଅପେକ୍ଷାରହିତ, ଅପକ୍ଷପାତୀ, ଉଦାସୀନ, ସ୍ୱାଧୀନ ।

**ନିରୟ**, ବି. ପୁଂ. ( ନିର୍ = ନିର୍ଗତ-ଅୟ = ସୌଭାଗ୍ୟ ) ପାପୀମାନେ ମୃତ୍ୟୁ ପରେ ଯେଉଁ ସ୍ଥାନକୁ ଯାଇ ଶାସ୍ତି ଭୋଗ କରନ୍ତି, ନରକ, ଦୁର୍ଗତି ।

**ନିରର୍ଗଳ**, ବି. (ନିର୍-ଅର୍ଗଳ) ଅବାଧ, ଅପ୍ରତିବନ୍ଧ, ଅନର୍ଗଳ, ଅର୍ଗଳରହିତ, ଉଦ୍ଦାମ, ବିଶୃଙ୍ଖଳ ।

**ନିରର୍ଥକ**, ବି. (ନିର୍-ଅର୍ଥ-କ) ବ୍ୟର୍ଥ, ବିଫଳ, ଅର୍ଥରହିତ, ଅନର୍ଥକ, ନିଷ୍ପ୍ରୟୋଜନ ।

**ନିରବ**, ବି. (ନି-ରବ) ନିଃଶବ୍ଦ, ମୌନୀ ।

**ନିରବକାଶ**, ବି. (ନିର୍-ଅବକାଶ) ଅବକାଶଶୂନ୍ୟ, ଅବସରରହିତ ।

**ନିରବଗ୍ରହ**, ବି. ( ନିର୍-ଅବଗ୍ରହ ) ସ୍ୱତନ୍ତ୍ର, ନିଷ୍ପ୍ରତିବନ୍ଧକ, ବ୍ୟାଘାତ ପ୍ରଭୃତିଶୂନ୍ୟ ।

**ନିରବଚ୍ଛିନ୍ନ**, ବି. (ନିର୍-ଅବଚ୍ଛିନ୍ନ) ଅନବଚ୍ଛିନ୍ନ, ନିରନ୍ତର, ବିଶୁଦ୍ଧ, ନିର୍ମଳ, କେବଳ, ନିରବକାଶ ।

**ନିରବଧି**, ବି. (ନିର୍-ଅବଧି) ନିରନ୍ତର, ସତତ, ସନ୍ତତ, ସର୍ବଦା, ଅସୀମ ।

**ନିରବୟବ**, ବି. ( ନିର୍-ଅବୟବ ) ନିରାକାର, ଅବୟବରହିତ । ବି. ପୁଂ. ପରମାଣୁ ।

**ନିରବଲମ୍ବନ**, ବି. (ନିର୍-ଅବଲମ୍ବନ) ନିରାଶ୍ରୟ, ନିଃସହାୟ ।

**ନିରବଶେଷ**, ବି. ( ନିର୍-ଅବଶେଷ ) ସମଗ୍ର, ସମୁଦାୟ ।

**ନିରବସିତ**, ବି. (ନିର୍-ଅବ-ସୋ-ତ) ବହିଷ୍କୃତ ।

**ନିରସ**, ବି. (ନି-ରସ) ନୀରସ, ରସହୀନ ।

**ନିରସନ**, ବି. ନ. (ନିର୍-ଅସ୍ ଅନ) ନିରାକରଣ, ନିକ୍ଷେପ, ହନନ, ବଧ ।

**ନିରସ୍ତ**, ବି. (ନିର୍-ଅସ୍-ତ) ନିକ୍ଷିପ୍ତ, ପରିତ୍ୟକ୍ତ, ଦୂରୀକୃତ, ବହିଷ୍କୃତ, କ୍ଷାନ୍ତ, ନିବୃତ୍ତ, ପ୍ରତିହତ, ଭର୍ତ୍ସିତ ।

**ନିରସ୍ତ୍ର**, ବି. (ନିର୍-ଅସ୍ତ୍ର) ଅସ୍ତ୍ରଶୂନ୍ୟ, ନିରାୟୁଧ ।

**ନିରାକରଣ**, ବି. ନ. ( ନିର୍-ଆ-କୃ ଅନ ) ନିବାରଣ, ଦୂରୀକରଣ, ଖଣ୍ଡନ, ନିର୍ଣ୍ଣୟ, ଅବଧାରଣ, ମୀମାଂସା, ସିଦ୍ଧାନ୍ତ ।

**ନିରାକରିଷ୍ଣୁ**, ବି. (ନିର୍ ଆ କୃ-ଇଷ୍ଣୁ) ନିରାକରଣଶୀଳ, ଦୂରୀକରଣସମର୍ଥ, ବ୍ୟାଘାତଜନକ ।

**ନିରାକାଙ୍କ୍ଷ**, ବି. ( ନିର୍ ଆକାଙ୍କ୍ଷା ) ନିଃସ୍ପୃହ, ଆକାଙ୍କ୍ଷାରହିତ ।

**ନିରାକାର**, ବି. ପୁଂ. (ନିର୍-ଆ-କୃ-ଅ) ଆକାଶ, ବିଷ୍ଣୁ, ଶିବ, ପରମେଶ୍ୱର । ବି. ଆକାରରହିତ, ଯାହାର ଶରୀର ନାହିଁ ।

**ନିରାକୃତ**, ବି. ( ନିର୍-ଆ-କୃ-ତ ) ନିବାରିତ, ଦୂରୀକୃତ, ଖଣ୍ଡିତ, ନିରସ୍ତ, ନିର୍ଣ୍ଣୀତ, ଅବଧାରିତ, ମୀମାଂସିତ ।

**ନିରାକୃତି**, ବି. ସ୍ତ୍ରୀ. (ନିର୍-ଆ-କୃ-ତି) ନିବାରଣ । ବି. ନିରାକାର, ଆକୃତିହୀନ, ବେଦାଧ୍ୟୟନହୀନ ।

**ନିରାଟ**, ବି. (ଦେଶଜ) ଅଚ୍ଛିଦ୍ର, ଦୃଢ଼, ନିଦା, ପ୍ରଚଣ୍ଡ ।

**ନିରାତଙ୍କ**, ବି. ( ନିର୍-ଆତଙ୍କ ) ଆତଙ୍କରହିତ, ନିର୍ଭୟ ।

**ନିରାତପ**, ବି. (ନିର୍-ଆତପ) ଆତପଶୂନ୍ୟ । ବି. ସ୍ତ୍ରୀ. ରାତ୍ରି ।

**ନିରାଧାର**, ବି. (ନିଃ-ଆଧାର) ଆଧାର ରହିତ, ଅବଲମ୍ବନଶୂନ୍ୟ, ନିରାଶ୍ରୟ । (ଦେଶଜ) ନିଖିଡ, ଖାଦ୍ୟହୀନ, ଉପବାସୀ । ଯଥା —

ଏକାଦଶୀ ନିରାହାର, ଭାଗରେ ଭାଗରେ କନ୍ଦା ମାର ।
ଘରା ।

**ନିରାନନ୍ଦ,** ବିଂ. ( ନିର୍-ଆନନ୍ଦ ) ଆନନ୍ଦରହିତ, ଶୋକାକୁଳ ।

**ନିରାପଦ,** ବିଂ. ( ନିର୍-ଆପଦ ) ଯାହାର ଆପଦ ନାହିଁ, ନିରୁପଦ୍ରବ, ଅକଣ୍ଟକ ।

**ନିରାମୟ,** ବିଂ. ( ନିର୍-ଆମୟ ) ନୀରୋଗ, ସୁସ୍ଥ, ରୋଗହୀନ । ବି. ପୁଂ. ବନ୍ୟଛାଗ, ଶୂକର ।

**ନିରାମିଷ,** ବିଂ. (ନିର୍-ଆମିଷ) ମାଂସାଦି ଆମିଷ-ରହିତ ।

**ନିରାୟୁଧ,** ବିଂ. (ନିର୍-ଆୟୁଧ ) ନିରସ୍ତ୍ର, ଆୟୁଧ-ଶୂନ୍ୟ ।

**ନିରାଲମ୍ବ,** ବିଂ. (ନିର୍-ଆଲମ୍ବ) ଅବଲମ୍ବନଶୂନ୍ୟ, ଆଶ୍ରୟହୀନ ।

**ନିରାଶ,** ବିଂ. ( ନିର୍ ଆଶା ) ହତାଶ, ଆଶା-ରହିତ ।

**ନିରାଶା,** ବି. ( ପଦ୍ୟରେ ନୈରାଶ୍ୟ ଶବ୍ଦଜ ) ନୈରାଶ୍ୟ, ଆଶାଶୂନ୍ୟତା । ଯଥା—

ନିରେଖି ନିରାଶା ବଶେ ନ ହୁଅ ଜର୍ଜର । ଜାବନ ଚନ୍ଦ୍ର ।

**ନିରାଶ୍ରୟ,** ବିଂ. (ନିର୍-ଆଶ୍ରୟ) ଅସହାୟ, ସହାୟ-ରହିତ, ଅଶରଣ ।

**ନିରାସ,** ବି. ପୁଂ. (ନିର୍-ଅସ) ନିକ୍ଷେପ, ତ୍ୟାଗ, ନିରାକରଣ, ଦୂରୀକରଣ, ଖଣ୍ଡନ ।

**ନିରାହାର,** ବିଂ. (ନିର୍ ଆହାର) ଆହାରରହିତ, ଉପବାସୀ । ବି. ପୁଂ. ଭୋଜନାଭାବ ।

**ନିରିନ୍ଦ୍ରିୟ,** ବିଂ. (ନିର୍-ଇନ୍ଦ୍ରିୟ) ଇନ୍ଦ୍ରିୟରହିତ । ଯଥା—ଅନ୍ଧ, ପଙ୍ଗୁ, କ୍ଳୀବ ପ୍ରଭୃତି ।

**ନିରୀକ୍ଷକ,** ବିଂ. ( ନିର୍-ଈକ୍ଷ-ଅକ ) ଦର୍ଶକ, ଯେ ନିରୀକ୍ଷଣ କରେ ।

**ନିରୀକ୍ଷଣ,** ନ } ବି. ( ନିର୍-ଈକ୍ଷ-ଅନ, ଆ)
**ନିରୀକ୍ଷା,** ସ୍ତ୍ରୀ. } ଦର୍ଶନ, ନୟନଦ୍ୱାରା ଅନୁଭବ କରିବା ।

**ନିରୀକ୍ଷମାଣ,** ବିଂ. ( ନିର୍-ଈକ୍ଷ-ଅନ)ଦର୍ଶୀ, ଯେ ଦେଖୁଅଛି ।

**ନିରୀକ୍ଷିତ,** ବିଂ. ( ନିର୍-ଈକ୍ଷ-ତ ) ଦୃଷ୍ଟ, ଅବ-ଲୋକିତ ।

**ନିରୀଶ୍ୱର,** ବିଂ. ( ନିର୍-ଈଶ୍ୱର ) ଯେ ଈଶ୍ୱରଙ୍କ ଅସ୍ତିତ୍ୱ ସ୍ୱୀକାର କରେ ନାହିଁ, ନାସ୍ତିକ ।

**ନିରୀଶ୍ୱରବାଦୀ,** ବିଂ. (ନିରୀଶ୍ୱର-ବାଦୀ) "ଈଶ୍ୱର ନାହାନ୍ତି" ଏହି ମତ ଯେ ଅବଲମ୍ବନ କରେ ।

**ନିରୀହ,** ବିଂ. ( ନିର୍ ଈହା ) ନିଶ୍ଚେଷ୍ଟ,ଶାନ୍ତ-ପ୍ରକୃତିକ, ଯେ କାହା ସହିତ ବିରୋଧ ବା ବିବାଦ କରେ ନାହିଁ, ଧୀର, ଶିଷ୍ଟ ।

**ନିରୁକ୍ତ,** ବି. ନ. ( ନିର୍-ବଚ୍-ତ ) ବେଦାଙ୍ଗ ଗ୍ରନ୍ଥବିଶେଷ, ଅପ୍ରକାଶିତ । ବିଂ. ନିର୍ଣ୍ଣୀତ, ମୀମାଂସିତ ।

**ନିରୁକ୍ତି,** ବି. ସ୍ତ୍ରୀ. (ନିର୍ ଉକ୍ତି ) ନିଃଶେଷକଥନ, ନିର୍ବାଚନ, ନିର୍ଣ୍ଣୟ, ମୀମାଂସା ।

**ନିରୁତା,** ବିଂ. (ଦେଶଜ ) ଅମିଶ୍ରିତ, ପରିଶୁଦ୍ଧ, ଉତ୍ତମ ।

**ନିରୁତ୍ତର,** ବିଂ. ( ନିର୍-ଉତ୍ତର ) ଉତ୍ତରହୀନ, ଯେ ଉତ୍ତର ଦେଇ ନ ପାରେ ।

**ନିରୁଦ୍ଧ,** ବିଂ. ( ନି-ରୁଧ୍-ତ ) ନିବାରିତ, ପ୍ରତିବଦ୍ଧ, ଅବରୁଦ୍ଧ ।

**ନିରୁପମ,** ବିଂ. (ନିର୍-ଉପମା) ଯାହାର ଉପମା ନାହିଁ, ଅନୁପମ, ଅତୁଳ, ସର୍ବୋତ୍କୃଷ୍ଟ, ଅପ୍ରତିମ, ଅସାଦୃଶ୍ୟ ।

**ନିରୁପାଧି,** ବିଂ. (ନିର୍-ଉପାଧି) ପରିଶୁଦ୍ଧ, ଛଳ-ଶୂନ୍ୟ, ଅମାୟିକ ।

**ନିରୂଢ଼,** ବିଂ. ( ନି-ରୂଢ଼ ) ଉତ୍ପନ୍ନ, ପ୍ରସିଦ୍ଧ, ଅବିବାହିତ । ବି. ପୁଂ. ରୂଢ଼ିଲକ୍ଷଣଦ୍ୱାରା ଅର୍ଥ ପ୍ରତିପାଦକ ଶବ୍ଦ, ପଶୁଯାଗବିଶେଷ ।

**ନିରୂପକ,** ବିଂ. (ନି ରୂପ-କ) ନିର୍ଣ୍ଣାୟକ, ଯେ ନିରୂପଣ କରେ ।

**ନିରୂପଣ**, ବି. ନ. (ନି-ରୂପ୍-ଅନ) ନିର୍ଣ୍ଣୟ, ଦର୍ଶନ, ବିତର୍କ, ନିୟୋଗ, ବିବରଣ ।

**ନିରୂପିତ**, ବିଂ. (ନି-ରୂପ୍-ତ) ନିର୍ଣ୍ଣୀତ, ସ୍ଥିରୀକୃତ, ନିଶ୍ଚିତ, ଦୃଷ୍ଟ, ବିଚାରିତ, ବିଯୁକ୍ତ ।

**ନିରେଖ**, ବିଂ. ( ନୀରକ୍ଷ ଶବ୍ଦଜ ) ଅରକ୍ଷକ, ଅନାଥ । ଯଥା—

ରେ ବନ୍ଧୁ ଭଖ ହୋଇଲନ୍ତି ନିରେଖ । ର.କ.

**ନିରେଖିବା**, କ୍ରି. (ନିରୀକ୍ଷଣ ଶବ୍ଦଜ) ଦେଖିବା, ଅନାଇବା, ଅତ୍ୟନ୍ତ ମନୋଯୋଗ ସହିତ ଦେଖିବା । ଯଥା—

ନିରେଖିବା ଭୃଗୁମନଙ୍କର ।

**ନିରୋଧ**, ବି. ପୁଂ. (ନି-ରୁଧ୍-ଅ) ବେଷ୍ଟନ, ଅବରୋଧ, ନିବାରଣ, ବିନାଶ, ପ୍ରତିରୋଧ, ବାରଣ, ଯତି, ନିଗ୍ରହ ।

**ନିରୋଧକ**, ବିଂ. ( ନି-ରୁଧ୍-ଅକ ) ନିରୋଧକାରକ ।

**ନିରୋଧନ**, ବି. ନ. (ନି-ରୁଧ୍-ଅନ) ରୁଦ୍ଧକରଣ, ବାଧା ।

**ନିରୋଳ**, ବିଂ. ( ନୀରୋଳ ଶବ୍ଦଜ ) ନିର୍ଜ୍ଜନ, ଏକାନ୍ତ, ସୁସ୍ପଷ୍ଟ, ଅବିମିଶ୍ର । ଯଥା—

ଅହାର ଥୋଇ ନାଲ ତଳେ
ଅନ୍ତରେ ବସିଲେ ନିରୋଳେ । ଭାଗବତ ।

**ନିର୍ଗତ**, ବିଂ. (ନିର୍-ଗମ୍-ତ) ବହିର୍ଗତ, ଅପଗତ, ନିଃସୃତ ।

**ନିର୍ଗନ୍ଧ**, ବିଂ. (ନିର୍-ଗନ୍ଧ) ଗନ୍ଧଶୂନ୍ୟ ।

**ନିର୍ଗମ**, ପୁଂ. } ବି. ( ନିର୍-ଗମ୍-ଅନ, ଅ )
**ନିର୍ଗମନ**, ନ. } ବହିର୍ଗମନ, ବହିର୍ଗତ ହେବା ।

**ନିର୍ଗୁଣ**, ବିଂ. (ନିର୍-ଗୁଣ) ଗୁଣହୀନ, ବିଦ୍ୟାଦିଶୂନ୍ୟ । ବି. ପୁଂ. ସତ୍ତ୍ୱ ରଜଃ ତମୋଗୁଣହୀନ ପରମାତ୍ମା, ପରମେଶ୍ୱର ।

**ନିର୍ଗୁଣ୍ଡୀ**, ବି. ସ୍ତ୍ରୀ. ( ନିର୍-ଗୁଣ୍ଡ୍-ଅ-ଈ ) ବେଙ୍ଗୁଆରବୃକ୍ଷ ।

**ନିର୍ଗୂଢ଼**, ବିଂ. (ନିର୍-ଗୁହ୍-ତ) ସଂବୃତ, ନିତାନ୍ତ ଗୂଢ଼ । ବି. ପୁଂ. ବୃକ୍ଷର କୋଟର ।

**ନିର୍ଗ୍ରନ୍ଥ**, ବି. ପୁଂ. ( ନିର୍-ଗ୍ରନ୍ଥ ) ଦିଗମ୍ବର, ଦରିଦ୍ର, ମୂର୍ଖ, ମୁନି, ଦ୍ୟୂତକାର । ବିଂ. ନିଃସହାୟ, ନିର୍ବୋଧଗ୍ରସ୍ତ, ଗ୍ରନ୍ଥିଶୂନ୍ୟ ।

**ନିର୍ଘଣ୍ଟ**, ବି. ପୁଂ. ( ନିର୍-ଘଣ୍ଟ୍-ଅ ) ସୂଚୀପତ୍ର, ନିର୍ଣ୍ଣୟ ।

**ନିର୍ଘାତ**, ବି. ପୁଂ. (ନିର୍-ହନ୍-ଅ) ପ୍ରବଳବାୟୁ, ଘୂର୍ଣ୍ଣୀବାୟୁ, ବାୟୁରେ ବାୟୁର ଅଭିଘାତଜନିତ ଶବ୍ଦ, ଗମ୍ଭୀରଶବ୍ଦ । ( ଦେଶଜ ) ବଜ୍ର । ବିଂ ବିଷମ, ନିଷ୍ଠୁର, ଭୟାନକ ।

**ନିର୍ଘୃଣ**, ବିଂ. ( ନିର୍-ଘୃଣା ) ନିର୍ଦ୍ଦୟ, ନିଷ୍ଠୁର, ଘୃଣାହୀନ ।

**ନିର୍ଘୋଷ**, ବି. ପୁଂ. (ନିର୍-ଘୁଷ୍-ଅ) ଶବ୍ଦ, ଧ୍ୱନି, ଗମ୍ଭୀରଧ୍ୱନି, ଉତ୍କଟଶବ୍ଦ, ଯେଉଁ ଶବ୍ଦ ଶୁଣିଲେ ଭୟ ଜାତ ହୁଏ । ଯଥା—ବଜ୍ରଶବ୍ଦ ।

**ନିର୍ଜନ**, ବିଂ. (ନିର୍-ଜନ) ଜନଶୂନ୍ୟ, ନିଭୃତ, ବିଜନ, ବସତିହୀନ ।

**ନିର୍ଜର**, ବି. ପୁଂ. ( ନିର୍-ଜର୍-ଅ ) ଦେବତା, ତ୍ରିଦଶ । ନ. ସୁଧା । ବିଂ. ଜରାରହିତ ।

**ନିର୍ଜଳ**, ବିଂ. (ନିର୍-ଜଳ) ଜଳହୀନ, ଜଳଶୂନ୍ୟ, ଶୁଷ୍କ ।

**ନିର୍ଜିତ**, ବିଂ. (ନିର୍-ଜି-ତ) ପରାଜିତ, ବଶୀକୃତ ।

**ନିର୍ଜୀବ**, ବିଂ. (ନିର୍-ଜୀବ) ଜୀବଶୂନ୍ୟ, ନିତାନ୍ତ କ୍ଳାନ୍ତ, ମୃତପ୍ରାୟ, ଅଚେତନ, ମୂର୍ଚ୍ଛାଗତ ।

**ନିର୍ଝର**, ବି. ପୁଂ. (ନିର୍-ଝର) ଝରଣା, ଜଳପ୍ରବାହ । ଯଥା—

ନଦବାରିଧାରା ଯା ଗଣ୍ଡସ୍ଥଳରେ, ଶଇଳୁଁ ଯେହ୍ନେ ନିର୍ଝର ।

ସୂର୍ଯ୍ୟଘୋଟକ, ତୁଷାନଳ ।

**ନିର୍ଝରିଣୀ**, ବି. ସ୍ତ୍ରୀ. ( ନିର୍ଝର-ଇନ୍-ଈ ) ନଦୀ, ଗିରିନଦୀ, ପ୍ରବାହବତୀ ନଦୀ । ଯଥା—

ନିର୍ଝରିଣୀ ଝରଝର ଶବଦେ, ବହଇ କାନନେ ଶଇଳପଦେ ।

**ନିର୍ଝରୀ**, ବି. ପୁଂ. (ନିର୍ଝର-ଇନ୍) ପର୍ବତ ।

**ନିର୍ଣ୍ଣୟ**, ପୁଂ. } ବି. (ନିର୍-ନୀ-ଅ, ଅନ) ନିଶ୍ଚୟ,
**ନିର୍ଣ୍ଣୟନ**, ନ. } ଅବଧାରଣ, ନିଷ୍ପତ୍ତି, ସିଦ୍ଧାନ୍ତ ।

ନିର୍ଣ୍ଣାୟକ, ବିଂ. (ନିର୍-ନୀ-ଅକ) ନିଷ୍ପାଦକ, ଉକ, ମୀମାଂସକ, ବିଚାରକାରୀ, ନିଷ୍ପାଦକ, ଯେ ନିର୍ଣ୍ଣୟ କରେ ।

ନିର୍ଣ୍ଣୀତ, ବିଂ. ( ନିର୍-ନୀ-ତ ) ଅବଧାରିତ, ନିଶ୍ଚିତ, ନିରୂପିତ ।

ନିର୍ଣ୍ଣେୟ, ବିଂ. ( ନିର୍-ନୀ-ଯ ) ନିଶ୍ଚୟ କରିବା-ଯୋଗ୍ୟ ।

ନିର୍ଦ୍ଦୟ, ବିଂ. (ନିର୍-ଦୟା) ନିଷ୍ଠୁର, ଦୟାହୀନ, ହିଂସ୍ର, କ୍ରୂର ।

ନିର୍ଦ୍ଦର, ବିଂ. ( ନିର୍-ଦୃ-ଅ ) ନିର୍ଲଜ୍ଜ, କଠିନ, କର୍କଶ, ନିର୍ଭୟ । ବି. ପୁଂ. ନିର୍ଝର ।

ନିର୍ଦ୍ଦଶନ, ବିଂ. (ନିର୍-ଦଶନ) ଦନ୍ତହୀନ, ଦନ୍ତ-ରହିତ ।

ନିର୍ଦ୍ଦହନ, ବିଂ. (ନିର୍-ଦହ୍ ଅନ) ଅଗ୍ନିଶୂନ୍ୟ । ବି ପୁଂ. ଭଲିଆ ଗଛ । ନ. ସମ୍ୟଗ୍ ଦହନ ।

ନିର୍ଦ୍ଦିଷ୍ଟ, ବିଂ. ( ନିର୍-ଦିଶ୍ ତ ) ନିରୂପିତ, ନିର୍ଦ୍ଧାରିତ, ଉଲ୍ଲିଖିତ, କଥିତ, ଉପଦିଷ୍ଟ, ଆଦିଷ୍ଟ ।

ନିର୍ଦ୍ଦେଶ, ବି. ପୁଂ. ( ନିର୍-ଦିଶ୍-ଅ ) ଆଦେଶ, ଆଜ୍ଞା, ନିରୂପଣ, କଥନ, ପ୍ରଦର୍ଶନ, ଅବଧାରଣ, ଉଲ୍ଲେଖ, ବର୍ଣ୍ଣନ ।

ନିର୍ଦ୍ଦେଶକ } ବିଂ. ( ନିର୍ ଦିଶ୍-ଅକ୍, ତୃ ) ଯେ
ନିର୍ଦ୍ଦେଷ୍ଟା } ନିର୍ଦ୍ଦେଶ କରେ, ଆଜ୍ଞାପକ, ଉଲ୍ଲେଖକ, ପ୍ରଦର୍ଶକ ।

ନିର୍ଦ୍ଦୋଷ, ବିଂ. ( ନିର୍-ଦୋଷ ) ଦୋଷରହିତ, ଅପରାଧଶୂନ୍ୟ ।

ନିର୍ଧନ, ବିଂ. ( ନିର୍-ଧନ ) ଧନହୀନ, ଦରିଦ୍ର । ବି. ପୁଂ. ବୃଦ୍ଧ ବୃଷଭ ।

ନିର୍ଦ୍ଧାର, ପୁଂ. } ବି. ( ନିର୍-ଧୃ-ଅ, ଅନ )
ନିର୍ଦ୍ଧାରଣ, ନ. } ନିର୍ଣ୍ଣୟ, ମୀମାଂସା ସିଦ୍ଧାନ୍ତ ।

ନିର୍ଦ୍ଧାରକ, ବିଂ. (ନିର୍ ଧାର-ଅକ) ଯେ ନିର୍ଦ୍ଧାରଣ କରେ, ନିର୍ଣ୍ଣାୟକ ।

ନିର୍ଦ୍ଧାରିତ, ବିଂ. (ନିର୍-ଧାରି-ତ) ନିଶ୍ଚିତ, ନିଶ୍ଚୟୀ-କୃତ, ନିର୍ଣ୍ଣୀତ, ଅବଧାରିତ, ସିଦ୍ଧାନ୍ତ, ମୀମାଂସିତ ।

ନିର୍ଦ୍ଧାର୍ଯ୍ୟ, ବିଂ. ( ନିର୍-ଧାରି-ଯ ) ନିର୍ଣ୍ଣେୟ, ନିରୂପଣୀୟ ।

ନିର୍ଦ୍ୱନ୍ଦ୍ୱ, ବିଂ. (ନିର୍ ଦ୍ୱନ୍ଦ୍ୱ) ଦ୍ୱନ୍ଦ୍ୱରହିତ ।

ନିର୍ଦ୍ଧୂତ, ବିଂ. ( ନିର୍ ଧୂ-ତ ) ବିବର୍ଜିତ, ପରି-ତ୍ୟକ୍ତ, ବହିଷ୍କୃତ, ଖଣ୍ଡ, ଦୂରୀକୃତ ।

ନିର୍ଦ୍ଧୌତ, ବିଂ. ( ନିର୍-ଧୌତ ) ଧୌତ, ପରିଷ୍କୃତ, କ୍ଷାଳିତ, ମାର୍ଜିତ ।

ନିର୍ନିମିତ୍ତ, ବିଂ. ( ନିର୍-ନିମିତ୍ତ ) ଅକାରଣ, ନିମିତ୍ତରହିତ, ଆକସ୍ମିକ, ନିରର୍ଥକ, ନିଷ୍ପ୍ରୟୋଜନ ।

ନିର୍ବନ୍ଧ, ବି. ପୁଂ (ନିର୍-ବନ୍ଧ୍-ଅ) ଅଭିନିବେଶ, ଆଗ୍ରହ, ବ୍ୟବସ୍ଥା, ନିୟମ, ଉତ୍କଟ ଯତ୍ନ, ବରକନ୍ୟା ବିବାହ ପ୍ରସଙ୍ଗରେ ବାଗ୍‌ଦାନ ।

ନିର୍ବଳ, ବିଂ. (ନିର୍-ବଳ) ଶକ୍ତିହୀନ, କ୍ଷୀଣ ।

ନିର୍ବାଧ, ବିଂ. ( ନିର୍-ବାଧା ) ବାଧାରହିତ, ନିଷ୍ପ୍ରତିବନ୍ଧକ ।

ନିର୍ବୁଦ୍ଧି } ବିଂ. ( ନିର୍-ବୁଦ୍ଧି, ବୋଧ )
ନିର୍ବୋଧ } ଅଜ୍ଞାନ, ମୂର୍ଖ, ଯାହାର ହିତାହିତ ବିଚାର ନାହିଁ ।

ନିର୍ଭୟ, ବିଂ. ( ନିର୍-ଭୀ-ଅ ) ଭୟରହିତ, ନିଃଶଙ୍କ । ବି. ପୁଂ. ଶ୍ରେଷ୍ଠ ଅଶ୍ୱ ।

ନିର୍ଭର, ବିଂ. (ନିର୍-ଭୃ-ଅ) ଅଧିକ, ଅତିରିକ୍ତ, ବହୁଳ, ପୂର୍ଣ୍ଣ । ନ. ସାରଭାଗ, ଅତିରେକ । ପୁଂ. ଭାର, ଆଶ୍ରୟ ।

ନିର୍ଭର୍ତ୍ସନ, ବି. ନ, (ନିର୍-ଭର୍ତ୍ସ-ଅନ) ତିରସ୍କାର, ନିନ୍ଦା ।

ନିର୍ଭା, ଦେ. ( ନିର୍ବାହ ଶବ୍ଦର ଗ୍ରାମ୍ୟ ) ନିର୍ବାହ, ନିଷ୍ପତ୍ତି ।

ନିର୍ଭାଗ୍ୟ, ବିଂ. ( ନିର୍-ଭାଗ୍ୟ ) ମନ୍ଦଭାଗ୍ୟ, ଦୁର୍ଭାଗ୍ୟ ।

ନିର୍ଭିନ୍ନ, ବି. ନ. ( ନିର୍-ଭିଦ୍ ) ବିଦାରିତ, ଖଣ୍ଡିତ, ଅଭିନ୍ନ, ବିକଶିତ ।

ନିର୍ଭୀକ, ବି°. ( ନିର୍-ଭୀ-କ ଭୟରହିତ, ନିଃଶଙ୍କ ।

ନିର୍ଭେଦ, ବି ପୁଂ (ନିର୍ ଭିଦ୍-ଅ) ବିଦାରଣ, ବିଭଜନ ।

ନିର୍ମଦ, ବି. ପୁଂ. (ନିର୍-ମଦ) ମଦକ୍ଷରଣରହିତ ହସ୍ତୀ ।

ନିର୍ମନ୍ଥ, ପୁଂ. } ବି. (ନିର୍-ମନ୍ଥ୍-ଅ, ଅନ)
ନିର୍ମନ୍ଥନ, ନ. } ମର୍ଦ୍ଦନ, ଘର୍ଷଣ ।

ନିର୍ମମ, ବି°. (ନିର୍ ମମ) ମମତାଶୂନ୍ୟ, ବାସନା-ରହିତ ।

ନିର୍ମଳ, ବି°. (ନିର୍ ମଳ୍-ଅ) ଶୁଦ୍ଧ, ପରିଷ୍କୃତ, ସ୍ୱଚ୍ଛ । ବି. ନ. ନିର୍ମାଲ୍ୟ ।

ନିର୍ମାଣୀ } ବି°. (ପାରସ୍ୟ ଶବ୍ଦଜ) ନିରାଶ୍ରୟ ।
ନିରସ୍ଥାଣି } ଯଥା—

ନିର୍ମାଣୀ ଲୋକର ଧର୍ମହିଁ ସହାୟ;
ଅଟଇ ଲୋକ ପକ୍ଷ ନଇବାହା ।

ନିର୍ମାଣ, ନ. } ବି. (ନିର୍-ମା-ଅନ୍,ତି) ଗଠନ,
ନିର୍ମିତି, ସ୍ତ୍ରୀ. } ରଚନ, ଗ୍ରନ୍ଥନ, ପ୍ରସ୍ତୁତକରଣ ।

ନିର୍ମାତା, ବି°. ( ନିର୍-ମା-ତୃ ) ନିର୍ମାଣକର୍ତ୍ତା, ଯେ ନିର୍ମାଣ କରେ ।

ନିର୍ମାଲ୍ୟ, ବି. ନ. ( ନିର୍ମଳ-ଯ, ଭାବ୍ୟା, ନିର୍-ମାଲ୍ୟ, ) ନିର୍ମଳତା, ଦେବତା ନିକଟରେ ନିବେଦିତ ପୁଷ୍ପାଦି ।

ନିର୍ମିତ, ବି°. ( ନିର୍-ମା-ତ ) ରଚିତ, ଗଠିତ ପ୍ରସ୍ତୁତ ।

ନିର୍ମୁକ୍ତ, ବି. ପୁଂ. ( ନିର୍ ମୁଚ୍-ତ ) କାତିଛଡ଼ା ସାପ । ବି°. ବନ୍ଧନମୁକ୍ତ ।

ନିର୍ମୂଳ, ବି°. ନିର୍ ମୂଳ) ଯାହାର ମୂଳ ପର୍ଯ୍ୟନ୍ତ ନଷ୍ଟ ହୋଇଅଛି ।

ନିର୍ମୂଳୀ, ବି. (ଦେଶଜ) ମୂଳହୀନ ସୂତ୍ରାକାର ଲତାବିଶେଷ ।

ନିର୍ମୋକ, ବି. ପୁଂ. (ନିର୍-ମୁଚ୍-ଅ) ସାପକାତି, କବଚ, ସାଞ୍ଜୁ, ଆକାଶ । ଯଥା—

ନିର୍ମୋକମୁକ୍ତି ଲଭି ପ୍ରାପ୍ତେ କମ୍ପିତ । ଦ. ସା.

ନିର୍ମୋହ, ବି°. (ନିର୍ ମୋହ) ମୋହଶୂନ୍ୟ । ବି. ପୁଂ. ରୈବତମନୁଙ୍କ ପୁତ୍ର ।

ନିର୍ଯାଣ, ବି ନ. (ନିର୍-ଯା-ଅନ) ମୁକ୍ତି, ପଶୁର ପୃଷ୍ଠାସ୍ତରଣ, ପଲାଣ, ହସ୍ତିଚକ୍ଷୁର କୋଣ, ପଶୁମାନଙ୍କ ପାଦବନ୍ଧନ ରଜ୍ଜୁ, ବହିର୍ଗମନ ।

ନିର୍ଯାତ, ବି°. (ନିର୍-ଯା-ତ) ନିଃସୃତ, ବହିର୍ଗତ, ନିର୍ଗତ ।

ନିର୍ଯାତକ, ବି°. ( ନିର୍-ଯାତକ ) ଯେ ଅନିଷ୍ଟ କରେ, ଯେ ବୈର ପରିଶୋଧ କରେ ।

ନିର୍ଯାତନ, ବି. ନ ( ନିର୍ ଯାତି-ଅନ ) ଅନିଷ୍ଟ-କାରୀର ଅନିଷ୍ଟ କରିବା, ପ୍ରତିହିଂସା, ଦାନ, ପ୍ରତ୍ୟର୍ପଣ, ପ୍ରହାର, ନିଗ୍ରହ, ମାରଣ ।

ନିର୍ଯାମ, ବି. ପୁଂ. (ନିର୍-ଯମ-ଅ ) ପୋତବାହ, ନାବିକ ।

ନିର୍ଯାସ, ବି. ପୁଂ. (ନିର୍-ଯସ୍-ଅ) କ୍ଷରଣ କ୍ୱାଥ । ଅଂ. ନିଚୋଡ଼, ନିଷ୍କର୍ଷ, ସିଦ୍ଧାନ୍ତ ।

ନିର୍ଲଜ୍ଜ, ବି°. ( ନିର୍-ଲଜ୍ଜା ) ଲଜ୍ଜାହୀନ, ବେହାୟା ।

ନିର୍ଲିପ୍ତ, ବି°. (ନିର୍-ଲିପ୍ତ) ଲେପଶୂନ୍ୟ, ସମ୍ବନ୍ଧ-ଶୂନ୍ୟ ।

ନିର୍ଲେପ, ବି°. ( ନିର୍ ଲିପ-ଅ ) ଲେପଶୂନ୍ୟ, ଆସଙ୍ଗରହିତ, ପାପଶୂନ୍ୟ, ସ୍ୱତନ୍ତ୍ର । ଯଥା—

ସକଳ ଥାନ୍ତ୍ ରସ ହରେ, ନିର୍ଦ୍ଦୋଷ ନିର୍ଲେପ କଗ୍ରରେ ।

ବି. ପୁଂ. ସାଧୁ ।

ନିର୍ଲୋମ, ବି°. (ନିର୍-ଲୋମ) ଲୋମଶୂନ୍ୟ ।

ନିର୍ବଚନ, ବି ନ. (ନିର୍-ବଚନ) ବର୍ଣ୍ଣନ, ନିଷ୍କର୍ଷ କଥନ, ନିରୁକ୍ତି, ବ୍ୟାଖ୍ୟା, ମୀମାଂସା । ବି°. ବଚନଶୂନ୍ୟ ।

ନିର୍ବପଣ, ବି. ନ.(ନିର୍-ବପ ଅନ) ପିତୃଲୋକଙ୍କ ଉଦ୍ଦେଶ୍ୟରେ ଦାନ, ଅନ୍ନାଦିପରିବେଷଣ, ଦାନ ।

ନିର୍ବର୍ଣ୍ଣନ, ବି. ନ. ( ନିର୍-ବର୍ଣ୍ଣ-ଅନ ) ଦର୍ଶନ, ଅବଲୋକନ, ବିଶେଷ ରୂପେ ବର୍ଣ୍ଣନା କରିବା ।

ନିର୍ବର୍ତ୍ତକ, ବିଂ. (ନିର୍-ବୃତ୍-ଅକ) ସମ୍ପାଦକ, ଯେ କାର୍ଯ୍ୟାଦି ନିର୍ବାହ କରେ ।

ନିର୍ବର୍ତ୍ତନ, ବି. ନ. (ନିର୍-ବୃତ୍-ଅନ) ନିଷ୍ପାଦନ, ସମ୍ପାଦନ ।

ନିର୍ବର୍ତ୍ତିତ, ବିଂ. ( ନିର-ବୃତ୍-ତ ) ସମ୍ପାଦିତ, ନିଷ୍ପାଦିତ ।

ନିର୍ବର୍ଷପ୍ରଦେଶ, ବି ପୁଂ. ବର୍ଷାଶୂନ୍ୟ ପ୍ରଦେଶ, ଯେଉଁ ପ୍ରଦେଶରେ ବୃଷ୍ଟି ହୁଏ ନାହିଁ ।

ନିର୍ବର୍ହଣ, ବି. ନ (ନିର୍-ବର୍ହ୍-ଅନ) ବିନାଶ, ମାରଣ ।

ନିର୍ବହଣ, ବି. ନ. ( ନିର୍-ବହ-ଅନ ) ନିଷ୍ଠା, ନିର୍ବାହ ।

ନିର୍ବାଚନ, ବି. ନ. (ନିର୍-ବାଚ-ଅନ) ନିର୍ଦ୍ଧାରଣ-କରଣ, ବାଛି ବାହାର କରିବା, ମନୋନୀତ କରିବା

ନିର୍ବାଚ୍ୟ, ବିଂ. ( ନିର୍-ବଚ-ଯ ) ନିରୂପଣୀୟ, ଅନିନ୍ଦନୀୟ ।

ନିର୍ବାଣ, ବି. ନ. (ନିର୍-ବା-ତ) ମୋକ୍ଷ, ନାଶ, ନିଭିଯିବା, ଶାନ୍ତି, ଅସ୍ତଗମନ । ଯଥା—

ଅବଧର ଭେକ କର ହେ ନିର୍ବାଣ । କ. ବ.

ବିଶ୍ରାମ, ହସ୍ତିର ସ୍ନାନ ।

ନିର୍ବାତ, ବିଂ. ( ନିର୍-ବା-ତ ) ବାୟୁଶୂନ୍ୟ, ଅଚଞ୍ଚଳ, ସ୍ଥିର । ଯଥା—

ନିର୍ବାତ ନିଷ୍କମ୍ପ ହ୍ରଦେ ତରଙ୍ଗ ଯେସନ । କ. ବ.

ନିର୍ବାଦ, ବି. ପୁଂ.(ନିର୍-ବଦ୍-ଅ) ଅପବାଦ,ନିନ୍ଦା, ଅବଜ୍ଞା, କଳହ ।

ନିର୍ବାପ } ନିବାପ } ବି. ପୁଂ. ( ନିର୍, ନି ବପ୍-ଅ ) ମୃତ ବ୍ୟକ୍ତିର ଉଦ୍ଦେଶ୍ୟରେ ଦାନ, ପିତୃଲୋକ ଉଦ୍ଦେଶ୍ୟରେ ଦାନ, ନିଭାଇ ଦେବା ।

ନିର୍ବାପକ, ବିଂ. (ନିର୍-ବାପି-ଅକ) ବିନାଶକ,ଯେ ନିଭାଇ ଦିଏ ।

ନିର୍ବାପଣ, ବି. ନ. (ନିର୍-ବାପି-ଅନ) ବଧ, ନାଶ, ଦାନ, ନିଭାଇ ଦେବା, ସ୍ୱୀକରଣ ।

ନିର୍ବାପିତ, ବିଂ. (ନିର୍-ବାପି-ତ) ନାଶିତ, ଦତ୍ତ, ନିର୍ବାଣପ୍ରାପିତ ।

ନିର୍ବାସକ, ବିଂ.(ନିର-ବାସି-ଅକ)ନିର୍ବାସନକର୍ତ୍ତା ।

ନିର୍ବାସନ, ବି ନ. ( ନିର୍-ବାସି-ଅନ ) ଦେଶରୁ ତଡ଼ି ଦେବା, ବଧ, ଦୂରୀକରଣ ।

ନିର୍ବାସିତ, ବିଂ. ( ନିର୍-ବାସି-ତ ) ଦ୍ୱୀପାନ୍ତରିତ, ବିବାସିତ, ବହିଷ୍କୃତ, ହତ ।

ନିର୍ବାହ, ବି ପୁଂ. ( ନିର୍-ବହ-ଅ ) ସମ୍ପାଦନ, ନିଷ୍ପତ୍ତି, ସମାପ୍ତି ।

ନିର୍ବାହକ, ବିଂ. (ନିର୍-ବାହି-ଅକ) ନିର୍ବାହକାରକ, ସମ୍ପାଦକ, ନିଷ୍ପାଦକ ।

ନିର୍ବାହିତ, ବିଂ. ( ନିର୍-ବାହି-ତ ) ସମ୍ପାଦିତ, ନିଷ୍ପାଦିତ, ଯାହା ସମ୍ପନ୍ନ ହୋଇଅଛି ।

ନିର୍ବିକଳ୍ପ, ବିଂ. (ନିର୍-ବିକଳ୍ପ) ସଂଶୟରହିତ, ବିଶେଷ୍ୟ ବିଶେଷଣତା ସମ୍ବନ୍ଧଶୂନ୍ୟ । ବି. ନ. ଅଖଣ୍ଡଜ୍ଞାନ ।

ନିର୍ବିକାର, ବିଂ. ( ନିର୍-ବିକାର ) ଅବିକୃତ, ବିକାରଶୂନ୍ୟ ।

ନିର୍ବିଘ୍ନ, ବି ନ. (ନିର୍-ବିଘ୍ନ) ବିଘ୍ନଶୂନ୍ୟ, ବାଧା-ରହିତ ।

ନିର୍ବିଦ } ନିର୍ବିଣ୍ଣ } ବିଂ. ( ନିର୍-ବିଦ୍-ଅ, ତ ) ଖିନ୍ନ, ଦୁଃଖିତ, ଭୟ ବା ଶୋକରେ ନିତାନ୍ତ କାତର, ନିର୍ବେଦଯୁକ୍ତ ।

ନିର୍ବିବେକ, ବିଂ. (ନିର-ବିବେକ) ବିବେଚନା-ରହିତ, ଅବିବେକୀ, ହିତାହିତଜ୍ଞାନଶୂନ୍ୟ ।

ନିର୍ବିଭେଦ, ବିଂ. (ନିର-ବିଭେଦ) ଅଭିନ୍ନ,ଭେଦ-ରହିତ ।

ନିର୍ବିଶଙ୍କ, ବିଂ. (ନିର-ବି-ଶଙ୍କା) ନିଃଶଙ୍କ,ନିର୍ଭୟ ।

ନିର୍ବିଶେଷ, ବିଂ. (ନିର-ବିଶେଷ) ପ୍ରଭେଦରହିତ, ଅଭିନ୍ନ । କ୍ରି. ବିଂ. ବିଶେଷ ବ୍ୟତିରେକେ ।

ନିର୍ବିଷୟ, ବିଂ. ( ନିର୍-ବିଷୟ ) ଯାହା ଇନ୍ଦ୍ରିୟର ଗ୍ରାହ୍ୟ ନୁହେ, ଚକ୍ଷୁ କର୍ଣ୍ଣାଦି ବହିରିନ୍ଦ୍ରିୟର ଅଗୋଚର ।

ନିର୍ବିଷ୍ଟ, ବିଂ. ( ନିର୍-ବିଶ୍-ତ ) ପ୍ରାପ୍ତ, ଲବ୍ଧ, ଅନୁଭୂତ, ଉପଭୁକ୍ତ, ପୁଷ୍ଟ, ସ୍ଥିତ, ବିବାହିତ ।

ନିର୍ବୀର୍ଯ୍ୟ, ବିଂ. (ନିର୍-ବୀର୍ଯ୍ୟ ) ବୀର୍ଯ୍ୟହୀନ, ବଳହୀନ, ନିସ୍ତେଜ ।

ନିର୍ବୀର, ବିଂ. (ନିର୍-ବୀର) ବୀରଶୂନ୍ୟ ।

ନିର୍ବୁଦ୍ଧି, ବିଂ (ନିର୍-ବୁଦ୍ଧି) ବୁଦ୍ଧିଶୂନ୍ୟ, ନିର୍ବୋଧ, ବୋକା ।

ନିର୍ବୃତ, ବିଂ. (ନିର୍-ବୃ-ତ) ସନ୍ତୁଷ୍ଟ ।

ନିର୍ବୃତି, ବି. ସ୍ତ୍ରୀ. ( ନିର୍-ବୃ-ତି ) ମୃତ୍ୟୁ, ମୁକ୍ତି, ଶାନ୍ତି, ସିଦ୍ଧି, ସନ୍ତୋଷ, ସୁଖ ।

ନିର୍ବୃତ୍ତ, ବିଂ. (ନିର୍-ବୃତ୍-ତ ) ନିଷ୍ପନ୍ନ, ସମ୍ପନ୍ନ, ସୁସିଦ୍ଧ, ଜାତ ।

ନିର୍ବୃତ୍ତି, ବି.ସ୍ତ୍ରୀ (ନିର୍-ବୃତ୍-ତି) ନିଷ୍ପତ୍ତି । ବିଂ. ଜୀବିକାଶୂନ୍ୟ ।

ନିର୍ବେଦ, ବି. ପୁଂ. (ନିର୍-ବିଦ୍-ଅ) ସ୍ୱାବମାନନା, ଅନୁତାପ, ବୈରାଗ୍ୟ, ଔଦାସୀନ୍ୟ । ବିଂ. ବେଦବହିର୍ଭୂତ ।

ନିର୍ବେଶ, ବି. ପୁଂ. ( ନିର୍-ବିଶ-ଅ ) ଭୋଗ, ବିବାହ, ମୂର୍ଚ୍ଛା, ବେତନ, ଲାଭ ।

ନିର୍ବ୍ୟଥନ, ବି. ନ. (ନିର୍-ବ୍ୟଥନ) ଛିଦ୍ର, ଗର୍ତ୍ତ, ବିବର, ଦୁଃଖ, ଅତିଶୟ ପୀଡ଼ନ, ଅତ୍ୟନ୍ତ କ୍ଲେଶ ଦେବା । ବିଂ. ବ୍ୟଥାଶୂନ୍ୟ ।

ନିର୍ବ୍ୟାଜ, ବିଂ. (ନିର୍-ବ୍ୟାଜ) ଅକପଟ, ବ୍ୟାଜରହିତ, ଛଳଶୂନ୍ୟ ।

ନିର୍ହ୍ରାଦ, ବି. ପୁଂ. (ନିର୍-ହ୍ରଦ-ଅ) ନିନାଦ, ଶବ୍ଦ, ଧ୍ୱନି, ରବ ।

ନିଳୟ, ବି. ପୁଂ. ( ନି ଲୀ ଅ ) ଆଳୟ, ଗୃହ, ବାସସ୍ଥାନ, ଆଶ୍ରୟ ।

ନିଲଜ, ବି. ( ନିର୍ଲଜ୍ଜ ଶବ୍ଦଜ ) ଲଜ୍ଜାହୀନ । ସ୍ତ୍ରୀ ନିଲଜୀ ।

ନିଲକ୍ଷଣୀ, ବିଂ. ସ୍ତ୍ରୀ. ( ନିର୍ଲକ୍ଷଣା ଶବ୍ଦଜ ) ଅଲକ୍ଷଣୀ, ଦୁର୍ଲକ୍ଷଣା ସ୍ତ୍ରୀ ।

ନିଲମ, ବି. (ଦେଶଜ) ବଳୟର ଖାଡୁବିଶେଷ ।

ନିବର୍ତ୍ତ, ବିଂ. (ନି-ବୃତ୍-ଅ) ନିବୃତ୍ତ, ଶାନ୍ତ, ବିରତ ।

ନିବର୍ତ୍ତନ, ବି. ନ. (ନି-ବୃତ୍-ଅନ) ବିରାମ, ପ୍ରତ୍ୟାବର୍ତ୍ତନ, ନିବୃତ୍ତି, ପୁନରାଗମନ, ପ୍ରତ୍ୟର୍ପଣ ।

ନିବର୍ତ୍ତିତ, ବିଂ. (ନି-ବର୍ତ୍ତି-ତ) ପ୍ରତ୍ୟାବର୍ତ୍ତିତ, ନିବାରିତ ।

ନିବର୍ହଣ, ବି. ନ. (ନି ବର୍ହ-ଅନ) ଉଚ୍ଛେଦସାଧନ, ବିନାଶ, ମାରଣ, ବଧ ।

ନିବର୍ହିତ, ବିଂ. (ନି-ବର୍ହ୍-ତ) ବିନାଶିତ, ନିହତ, ଅପହୃତ, ଅପସାରିତ ।

ନିବସତି, ବି. ସ୍ତ୍ରୀ. ( ନି-ବସତି ) ଗୃହ, ବାସସ୍ଥାନ ।

ନିବସଥ, ବି. ପୁଂ. (ନି-ବସ୍-ଅଥ) ଲୋକାଳୟ, ଗ୍ରାମ, ଜନପଦ ।

ନିବସନ, ବି. ନ. (ନି-ବସ-ଅନ) ନିବାସ, ଗୃହ, ବସ୍ତ୍ର ।

ନିବହ, ବି. ପୁଂ. (ନି-ବହ୍-ଅ) ନିକର, ସମୂହ, ସପ୍ତ ବାୟୁର ଅନ୍ତର୍ଗତ ବାୟୁବିଶେଷ । (ସମୂହ ଅର୍ଥରେ) ଯଥା —

ମହାଭୁଜନିବହ ପୃଷ୍ଠଭୂଷଣ
ଫିଙ୍ଗିଲେ ଅଙ୍ଗୁ ମହୀତଳେ କ୍ଷଣ । ବ, ବ.

ନିବାଡ଼, ବିଂ. ( ନିବିଡ଼ ଶବ୍ଦଜ ) ଦୃଢ଼, ମଜବୁତ ।

ନିବାତ, ବି. ପୁଂ. (ନି-ବାତ) ଦୃଢ଼ କବଚ, ଅସ୍ତ୍ରଦ୍ୱାରା ଅଭେଦ୍ୟ ବର୍ମ, ଆଶ୍ରୟ, ନିବାସ । ବିଂ. ବାତଶୂନ୍ୟ ସ୍ଥାନ, ଦୃଢ଼ ।

ନିବାତକବଚ, ବି. ପୁଂ. ଅତି ଦୁର୍ଦ୍ଦାନ୍ତ ମହାପରାକ୍ରାନ୍ତ ତିନି କୋଟି ଅସୁର, ଏମାନେ ହିରଣ୍ୟକଶିପୁର ପୁତ୍ର ସଂହ୍ରାଦର ତନୟ ।

ନିବାର, ବି. ପୁଂ. (ନି-ବୃ-ଅ) ନିବାରଣ, ପ୍ରତିବନ୍ଧକ, ପ୍ରତିରୋଧ ।

ନିବାରଣ, ବି. ନ (ନି-ବାରି-ଅନ) ନିଷେଧ, ବାରଣ, ନିରାକରଣ, ପ୍ରତିବନ୍ଧ ।

ନିବାରଣୀୟ, ନିବାର୍ଯ୍ୟ } ବି. ( ନି-ବୃ-ଅନୀୟ, ଯ ) ନିବାରଣ କରିବାର ଯୋଗ୍ୟ ।

ନିବାରିତ, ବିଂ. (ନି-ବାରି-ତ) ଯାହାକୁ ବାରଣ କରା ହୋଇଅଛି, ନିଷିଦ୍ଧ ।

ନିବାସ, ବି. ପୁଂ. ( ନି-ବସ୍-ଅ ) ଗୃହ, ବାସସ୍ଥାନ, ଆଧାର ।

ନିବାସୀ, ବିଂ. (ନି-ବସ୍-ଇନ୍-) ଯେ ବାସ କରେ, ବାସିନ୍ଦା, ବାସକାରୀ ।

ନିବିଡ଼, ବିଂ. (ନି-ବିଲ, ଲ ସ୍ଥାନରେ ଡ) ଗାଢ଼, ଘନ, ଦୃଢ଼, ନିରବକାଶ, ସ୍ଥୂଳ ।

ନିବିଷ୍ଟ, ବିଂ. (ନି-ବିଶ୍-ତ) ନିବେଶଯୁକ୍ତ, ସଂଲଗ୍ନ, ଲବ୍ଧ, ମନଃସଂଯୋଗାନ୍ୱିତ, ଅବସ୍ଥ, ମନୋଯୋଗୀ ।

ନିବୃତ, ବି. ନ. (ନି-ବୃ-ତ) ଆଚ୍ଛାଦନ ବସ୍ତ୍ର, ଉତ୍ତରୀୟ ବସ୍ତ୍ର । ବିଂ. ଆଚ୍ଛାଦିତ, ପରିବେଷ୍ଟିତ ।

ନିବୃତ୍ତ, ବିଂ. ( ନି-ବୃତ୍-ତ ) ବିରତ, କ୍ଷାନ୍ତ, ସମାପିତ, ପ୍ରତ୍ୟାବୃତ୍ତ, ଚଳିତ, ବାଧିତ । ବି. ନ. ନିବୃତ୍ତି ।

ନିବୃତ୍ତି, ବି. ସ୍ତ୍ରୀ. ( ନି-ବୃତ୍-ତି ) ବିରାମ, କ୍ଷାନ୍ତି, ବିଶ୍ରାମ, ଉପଶମ, ସମାପନ, ଅସ୍ୱୀକାର ।

ନିବେଦନ, ବି. ନ. ( ନି-ବେଦ-ଅନ ) ଜଣାଣ, ବିଜ୍ଞାପନ, ସମର୍ପଣ, ଆବେଦନ, ବର୍ଦ୍ଧନ ।

ନିବେଦିତ, ବିଂ. (ନି-ବେଦ-ତ) ଜ୍ଞାପିତ, ସମର୍ପିତ, ଦତ୍ତ, ସୂଚିତ ।

ନିବେଦ୍ୟ, ବିଂ. ( ନି-ବେଦ-ଯ ) ଜ୍ଞାପନୀୟ, ନିବେଦନାର୍ହ, ସମର୍ପଣୀୟ ।

ନିବେଶ, ବି. ପୁଂ. (ନି-ବିଶ୍-ଅ) ଶିବିର, ସୈନ୍ୟ ବିନ୍ୟାସ, ବିବାହ, ନିବେଶନ, ପ୍ରବେଶ, ଯୁଦ୍ଧ, ସ୍ଥାନ, ଅର୍ପଣ, ଉପବେଶନ, ମନୋଯୋଗ ।

ନିବେଶିତ, ବିଂ. ( ନି-ବିଶ୍-ଣିଚ୍-ତ ) ସ୍ଥାପିତ, ବିନ୍ୟସ୍ତ, ନିବିଷ୍ଟ, ପ୍ରବେଶିତ, ପ୍ରେରିତ ।

ନିଶ, ବି. ( ଦେଶଜ ) ସାରକେଶ, ମୁଛ ।

ନିଶମନ, ବି. ନ. (ନି-ଶମ୍-ଅନ) ଦର୍ଶନ, ଶ୍ରବଣ ।

ନିଶା, ବି. ସ୍ତ୍ରୀ. (ନି-ଶୋ-ଅ-ଆ) ରାତ୍ରି, ରଜନୀ, ହରିଦ୍ରା, ମେଷ, ବୃଷ, ମିଥୁନ, କର୍କଟ, ଧନୁ ଓ ମକର ଲଗ୍ନ । (ଯାବନିକ) ଅମଲ, ମାଦକଦ୍ରବ୍ୟ ।

ନିଶାକର, ବି. ପୁଂ. (ନିଶା-କୃ-ଅ) ଚନ୍ଦ୍ର, କୁକ୍କୁଟ ।

ନିଶାଖୋର, ବିଂ. (ଯାବନିକ) ମାଦକସେବୀ ।

ନିଶ ଗର୍ଜନ, ବି. (ଦେଶଜ) ନିଶୀଥ ସମୟରେ ଯେଉଁ ଅବ୍ୟକ୍ତ ଗମ୍ଭୀର ଶବ୍ଦ ଶୁଣାଯାଏ ।

ନିଶାଚର, ବି. ପୁଂ. (ନିଶା-ଚର) ରାକ୍ଷସ, ଶୃଗାଳ, ପେଚକ, ସର୍ପ, ଚକ୍ରବାକ, ପିଶାଚ, ଭୂତ, ଚୌର, ପ୍ରହରୀ । ସ୍ତ୍ରୀ-ସ୍ତ୍ରୀ. ରାକ୍ଷସୀ, ପିଶାଚୀ, ଅଭିସାରିକା, ବେଶ୍ୟା, ସୁଗନ୍ଧଦ୍ରବ୍ୟ ବିଶେଷ ।

ନିଶାଜଳ, ବି ନ. (ନିଶା-ଜଳ) ହିମ, ଶିଶିର, ନୀହାର, ତୁଷାର ।

ନିଶାଟ, ବି. ପୁଂ. (ନିଶା ଅଟ=ଗମନ କରିବା) ପେଚକ, ନିଶାଚର ।

ନିଶାଣ, ବି. (ନିଦର୍ଶନ ଶବ୍ଦଜ) ଧ୍ୱଜା, ପତାକା, ଚିହ୍ନ ।

ନିଶାତ, ନିଶିତ } ବିଂ. ( ନି-ଶୋ-ତ ) ଶାଣିତ, ତୀକ୍ଷ୍ଣୀକୃତ ।

ନିଶାଦ, ବି. ପୁଂ. (ନି-ଶଦ୍-ଅ) ଚଣ୍ଡାଳ, ବ୍ୟାଧ ବିଂ. ରାତ୍ରିଭୋଜୀ ।

ନିଶାନ୍ତ, ବି. ନ. (ନି-ଶମ୍-ତ, କିମ୍ବା ନିଶା-ଅମ୍-ତ) ଗୃହ, ଭବନ । ପୁଂ. (ନିଶା ଅନ୍ତ) ରାତ୍ରିଶେଷ, ପ୍ରାତଃକାଳ । ବିଂ. ଶାନ୍ତ, ଅକ୍ଷୁବ୍ଧ ।

ନିଶାପ, ବି. ( ଯାବନିକ ) ନ୍ୟାଯ୍ୟାନ୍ୟାୟର ବିଚାର ।

ନିଶାପତି, ନିଶାନାଥ, ନିଶାମଣି } ବି. ପୁଂ. (ନିଶାପତି, ନାଥ, ମଣି) ଚନ୍ଦ୍ର, କର୍ପୂର ।

ନିଶାମୃଗ, ବି. ପୁଂ. (ନିଶା-ମୃଗ) ଶୃଗାଳ ।

ନିଶାରତ୍ନ, ବି. ନ. (ନିଶା-ରତ୍ନ) ଚନ୍ଦ୍ର, କର୍ପୂର ।

ନିଶାବେଦୀ, ବି. ପୁଂ. (ନିଶା-ବେଦନ୍) କୁକ୍କୁଟ ।

**ନିଶାହ୍ସ**, (ନିଶା-ହ୍ସ) କୁମୁଦ, ଶ୍ୱେତପଦ୍ମ ।

**ନିଶି** ବି. (ନିଶା ଶବ୍ଦଜ) ରାତି, ରାତିରେ ।

**ନିଶିତ**, ବିଂ. ( ନି-ଶୋ = ତୀକ୍ଷ୍ଣକରିବା-ତ) ଶାଣିତ, ତୀକ୍ଷ୍ଣୀକୃତ । ବି. ନ. ଲୌହ ।

**ନିଶୀଥ**, ବି. ପୁଂ. (ନି-ଶୀ-ଥ) ଅର୍ଦ୍ଧରାତ୍ର । ଯଥା—

ନେତ୍ରଲୋକେ ନର୍ତ୍ତିଁ ନିଶୀଥେ ଜଳଦେବୀ ସଙ୍ଗୀତ
ଶୁଣନ୍ତି କେତେ ନାବିକେ ଦୂରେ ବାହିଁ ବୋଇତ । ତ, ଭା.

**ନିଶୀଥିନୀ** } ବି. ସ୍ତ୍ରୀ. (ନିଶୀଥ-ଇନ୍, ଯ) ରାତ୍ରି,
**ନିଶୀଥ୍ୟା** } ରଜନୀ ।

**ନିଶୁଣୀ**, ବି. ସ୍ତ୍ରୀ (ନିଶ୍ରେଣୀ ଶବ୍ଦଜ ) କାଠ ବା ବାଉଁଶନିର୍ମିତ ସିଡ଼ି ।

**ନିଶ୍ଚୟ**, ବି. ପୁଂ. (ନିର୍-ଚି-ଅ ନିର୍ଣ୍ଣୟ, ଅସଂଶୟ, ବ୍ୟବସାୟ, ସଂକଳ୍ପ, ସିଦ୍ଧାନ୍ତ, ପରିଚ୍ଛେଦ ।

**ନିଶ୍ଚଳ**, ବିଂ. (ନିର୍-ଚଳ-ଅ) ସ୍ଥିର, ଅଚଳ । ସ୍ତ୍ରୀ. ଅଚଳା, ପୃଥିବୀ, ଶାଳପର୍ଣ୍ଣୀ ।

**ନିଶ୍ଚିତ**, ବିଂ. (ନିର୍-ଚି-ତ) ନିର୍ଣ୍ଣୀତ, ନିଃସନ୍ଦେହ, ପରିଜ୍ଞାତ ।

**ନିଶ୍ଚିନ୍ତ**, ବିଂ. (ନିର୍-ଚିନ୍ତା) ଚିନ୍ତାରହିତ, ଚିନ୍ତାଶୂନ୍ୟ, ନିରୁଦ୍ବେଗ, ସ୍ଥିର ।

**ନିଶ୍ଚେଁ**, କ୍ରି. ବିଂ. ( ନିଶ୍ଚୟ ଶବ୍ଦଜ, ନିଶ୍ଚୟରେ ।

ନିଶ୍ଚେଁ ଯେବେ ସିଦ୍ଧ ଦ୍ୟୁପୁରୀ । ନ. ୨.

**ନିଶ୍ଚେଷ୍ଟ**, ବିଂ. (ନିର୍ ଚେଷ୍ଟା) ଚେଷ୍ଟାରହିତ, ଗତିଶକ୍ତିରହିତ, ଅଳସ ।

**ନିଶ୍ଚେଷ୍ଟତା**, ଯେଉଁ ଗୁଣ ଥିବାରୁ ଜଡ଼ ପଦାର୍ଥସବୁ ଚଳି ପାରେ ନାହିଁ ଏବଂ ଚାଳିତ ହେଲେ ସୁଦ୍ଧା ସ୍ୱୟଂ ସ୍ଥିର ହୋଇ ପାରେ ନାହିଁ, ସେହି ଗୁଣର ନାମ ନିଶ୍ଚେଷ୍ଟତା । ((Inertia)

**ନିଶ୍ୱସିତ**, ବି. ନ. (ନି ଶ୍ୱସ୍-ତ ). ନାସାଗତ ବାୟୁ, ନିଶ୍ୱାସ । ବିଂ. ଯେ ନିଶ୍ୱାସ ପକାଉଅଛି ।

**ନିଶ୍ୱାସ**, ପୁଂ. } ବି. ( ନି-ଶ୍ୱସ୍-ଅ, ଅନ )
**ନିଶ୍ୱସନ**, ନ. } ପ୍ରାଣବାୟୁ, ବହିର୍ମୁଖଶ୍ୱାସ ।

**ନିଷକ୍ତ**, ବିଂ. (ନି-ସନ୍ଜ୍-ତ) ସଂଲଗ୍ନ, ସଂକ୍ରାନ୍ତ ସଂଯୁକ୍ତ, ସମାଶ୍ଳିଷ୍ଟ ।

**ନିଷଙ୍ଗ**, ବି. ପୁଂ. (ନି-ସନ୍ଜ-ଅ ) ବାଣାଧାର, ତୂଣୀର, ସଂସର୍ଗ, ସମ୍ମିଳନ, ଆଲିଙ୍ଗନ ।

**ନିଷଙ୍ଗୀ**, ବିଂ. ( ନିଷଙ୍ଗ-ଇନ୍) ବାଣଧାରୀ, ଧନୁର୍ଦ୍ଧର, ଧାନୁଷ୍କ । ବି. ପୁଂ. ଧୃତରାଷ୍ଟ୍ର ପୁତ୍ରବିଶେଷ ।

**ନିଷଣ୍ଣ**, ବିଂ. (ନି-ସଦ୍-ନ) ଉପବିଷ୍ଟ, ଶାୟିତ, ସ୍ଥିତ, ଅବଲମ୍ବନକାରୀ ।

**ନିଷଧ**, ବି. ପୁଂ (ନି-ସଦ-ଅ ) ଭାରତବର୍ଷରେ ଦକ୍ଷିଣପୂର୍ବ ଦେଶବିଶେଷ, ନିଷଧ ଦେଶର ରାଜା, ନିଷାଦ ସ୍ୱର । ବିଂ. କଠିନ ।

**ନିଷାଣ**, ବି. (ଦେଶଜ) ଚିହ୍ନ, ଶଙ୍ଖ, ନାଗରା, ଚିହ୍ନାଇବା ।

**ନିଷାଣଦାର**, ବି. (ଯାବନିକ) ଯେ ଚିହ୍ନାଏ, ପରିଚାୟକ ।

**ନିଷାଦ** ବି.ପୁଂ. (ନି-ସଦ୍-ଅ) ଚଣ୍ଡାଳ, ଧୀବର, ବ୍ୟାଧ, ଜାତିବିଶେଷ, ସପ୍ତସ୍ୱରାନ୍ତର୍ଗତ ସ୍ୱରବିଶେଷ ।

**ନିଷାଦୀ**, ବି. ପୁଂ. ( ନି-ସଦ୍-ଇନ୍ ) ହସ୍ତିପକ, ମାହୁନ୍ତ, ହସ୍ତ୍ୟାରୋହୀ । ବିଂ. ନିଷଣ୍ଣ, ଉପବିଷ୍ଟ, ସ୍ଥିତ ।

**ନିଷିକ୍ତ**, ବିଂ. ( ନି ସିଚ୍-ତ ଜଳାଦିସିକ୍ତ, କ୍ଷରିତ ।

**ନିଷିଦ୍ଧ**, ବିଂ ( ନି ସିଧ୍-ତ ) ନିବାରିତ, ପ୍ରତ୍ୟାଖ୍ୟାତ, ବାଧିତ, ତିରସ୍କୃତ ।

**ନିଷୂଦନ** } ବି. ନ. ( ନି ସୂଦ = ବଧ କରିବା-
**ନିସୂଦନ** } ଅନ) ହତ୍ୟା, ବଧ, ନିଷେଧ, ନିବାରଣ । ବିଂ. ବିନାଶକ ।

**ନିଷେକ**, ବି. ପୁଂ. (ନି-ସିଚ୍-ଅ) କ୍ଷରଣ, ବର୍ଷଣ, ସେଚନ, ଗର୍ଭାଧାନ ।

**ନିଷେଧ**, ବି. ପୁଂ. ( ନି-ସିଧ୍-ଅ ) ନିବାରଣ, ମନା, ଭର୍ତ୍ସନା, ବାଧା ।

**ନିଷେଧକ**, ବିଂ. ( ନି-ସିଧ୍-ଅକ ) ନିବାରକ, ଯେ ନିବାରଣ କରେ ।

**ନିଷେବଣ**, ବି. ନ. ( ନି-ସେବ୍-ଅନ ) ସେବା, ଶୁଶ୍ରୂଷା, ପରିଚର୍ଯ୍ୟା, ଅନୁରାଗ, ଔଷଧାଦି ପାନ ।

**ନିଷେବିତ**, ବିଂ. ( ନି-ସେବ୍-ତ ) ଆଶ୍ରିତ, ଉପାସିତ, ଆଚରିତ, ସେବିତ ।

**ନିଷ୍କ**, ବି. ପୁଂ. ନ.(ନିର୍-କୈ=ପ୍ରକାଶ ବା ଦୀପ୍ତି-ଅ) ମୁଦ୍ରା, ମୋହର, ବତିଶ ରତି ସ୍ୱର୍ଣ୍ଣ, ସ୍ୱର୍ଣ୍ଣ, ଅଳଙ୍କାର ।

**ନିଷ୍କଣ୍ଟକ**, ବିଂ. ( ନିର୍ କଣ୍ଟକ ) କଣ୍ଟକରହିତ, ନିରାପଦ, ଶତ୍ରୁହୀନ ।

**ନିଷ୍କର୍ମା**, ବିଂ. ( ନିର୍-କର୍ମନ୍ ) ନିକମା, ଯାହାର କୌଣସି କର୍ମ ନାହିଁ, ନିରୁଦ୍ୟମ, ଅଳସ ।

**ନିଷ୍କରୁଣ**, ବିଂ. ନିର୍-କରୁଣା) ନିଷ୍ଠୁର, ଅକରୁଣ, କ୍ରୂର ।

**ନିଷ୍କର୍ଷ**, ବି. ପୁଂ. ( ନିର୍-କୃଷ୍-ଅ ) ସତ୍ୟପ୍ରମାଣ, ନିଷ୍ପତ୍ତି, ନିଶ୍ଚୟ, ବିଶ୍ୱାସ ।

**ନିଷ୍କର୍ଷଣ**, ବି. ନ. ( ନିର୍-କୃଷ୍ ଅନ ) ସାର ବାହାର କରିବା, ଅପନୟନ, ନିଶ୍ଚୟ ।

**ନିଷ୍କାମ**, ବିଂ. ( ନିର୍-କାମ ) କାମନାରହିତ, ନିସ୍ପୃହ ।

**ନିଷ୍କାଷ**, ବି ପୁଂ. ( ନିର୍-କଷ୍-ଅ ) ବାରନ୍ଦା, ବାତାୟନ ।

**ନିଷ୍କାଶନ**, **ନିଷ୍କାସନ** } ବି. ନ. ( ନିର୍-କଶ୍-ଅନ ) ବହିଷ୍କରଣ, ଦୂରୀକରଣ, ନିଃସାରଣ, ନିର୍ବାସନ ।

**ନିଷ୍କାଶିତ**, **ନିଷ୍କାସିତ**, } ବିଂ. ( ନିର୍ କାଶି-ତ ) ନିଃସାରିତ, ଦୂରୀକୃତ, ନିର୍ବାସିତ, ତାଡ଼ିତ ।

**ନିଷ୍କୁଟ**, ବି. ନ. (ନିର୍-କୁଟ) ଅନ୍ତଃପୁର କବାଟ, ଗୃହର ସମୀପସ୍ଥ ଉପବନ, କ୍ଷେତ୍ର, ଅବରୋଧ ।

**ନିଷ୍କୃତି**, ବି. ସ୍ତ୍ରୀ (ନିର୍-କୃ-ତି) ନିସ୍ତାର, ଉଦ୍ଧାର, ମୁକ୍ତି, ପରିଶୋଧକରଣ ।

**ନିଷ୍କୋଷଣ**, ବି ନ. ( ନିର୍-କୁଷ୍-ଅନ ) ବହିର୍ନିଃସାରଣ, ନିଷ୍କାଶନ ।

**ନିଷ୍କ୍ରମ**, ବି. ପୁଂ. (ନିର୍-କ୍ରମ୍-ଅ) ବହିର୍ଗମ, ବୁଦ୍ଧିବୃତ୍ତି, ଶକ୍ତି, ଦୁଷ୍କୁଳ, ନୀଚତା, ଅବନତି ।

**ନିଷ୍କ୍ରୟ**, ବି ପୁଂ. (ନିର୍-କ୍ରୀ-ଅ) ବେତନ, ମୂଲ୍ୟ, ସାମର୍ଥ୍ୟ, ବିନିମୟ, ପ୍ରତ୍ୟୁପକାର ।

**ନିଷ୍କ୍ରାନ୍ତ**, ବିଂ. ( ନିର୍-କ୍ରମ୍-ତ ) ନିର୍ଗତ, ବହିର୍ଗତ ।

**ନିଷ୍କ୍ରିୟ**, ବିଂ. ( ନିର୍-କ୍ରିୟା ) କ୍ରିୟାଶୂନ୍ୟ, ଜଡ଼, ନିଷ୍କର୍ମା ।

**ନିଷ୍ଠା**, ବି. ସ୍ତ୍ରୀ (ନି-ସ୍ଥା-ଅ-ଆ) ନିର୍ବାହ, ନିଷ୍ପତ୍ତି, ଦୃଢ଼ଜ୍ଞାନ, ଦୃଢ଼ଭକ୍ତି, ବ୍ରତାଦିକ୍ଲେଶ, ପ୍ରାପ୍ୟ ।

**ନିଷ୍ଠୀବ**, **ନିଷ୍ଠେବ**, ପୁଂ. **ନିଷ୍ଠୀବନ**, **ନିଷ୍ଠେବନ**, ନ. } ବି. ( ନି ଷ୍ଠୀବ୍, ଷ୍ଠିବ୍-ଅ, ଅନ ) ଥୁ ଥୁ କରିବା, ଛେପ ପକାଇବା, ଛେପ ।

**ନିଷ୍ଠୁର**, ବିଂ. ( ନି-ସ୍ଥା-ଉର ) କ୍ରୂର, ନିର୍ଦ୍ଦୟ, କଠିନ । ବି. ନ. କର୍କଶ ବା ଅଶ୍ଳୀଳ ବାକ୍ୟ, ପରୁଷବଚନ ।

**ନିଷ୍ଣ**, ବିଂ. (ନି-ସ୍ନା-ଅ) କୁଶଳ, ନିପୁଣ ।

**ନିଷ୍ଣାତ**, ବିଂ. ( ନି-ସ୍ନା-ତ ) ନିପୁଣ, ପ୍ରବୀଣ, ପଣ୍ଡିତ, ପାରଗ ।

**ନିଷ୍ପତ୍ତି**, ବି. ସ୍ତ୍ରୀ. ( ନିର୍-ପଦ୍-ତି) ସମାପ୍ତି, ସିଦ୍ଧି, ଅବଧାରଣ, ନିଶ୍ଚୟ, ମୀମାଂସା, ଉତ୍ପତ୍ତି ।

**ନିଷ୍ପନ୍ଦ**, ବିଂ. (ନିର୍-ସ୍ପନ୍ଦ) ସ୍ପନ୍ଦରହିତ, ଅଚଳ ।

**ନିଷ୍ପନ୍ନ**, ବିଂ. ( ନିର୍-ପଦ-ତ ) ସିଦ୍ଧ, ସମାପ୍ତ, ସମ୍ପନ୍ନ ।

**ନିଷ୍ପରିଗ୍ରହ**, ବି. ପୁଂ. ( ନିର-ପରିଗ୍ରହ ) ଯୋଗୀ, ତପସ୍ୱୀ, ସନ୍ନ୍ୟାସୀ, ଯତି, ବାନପ୍ରସ୍ଥ, ପରିବ୍ରାଜକ ।

**ନିଷ୍ପାଦନ**, ବି. ନ. (ନିର୍-ପାଦ-ଅନ) ନିଷ୍ପତ୍ତିକରଣ, ସିଦ୍ଧାନ୍ତକରଣ, ସମାଧାନକରଣ, ପ୍ରତିଜ୍ଞାପୂରଣ, ନିଷ୍ପତ୍ତି, ସମ୍ପାଦନ, ସମାପନ, ନିର୍ବାହ ।

**ନିଷ୍ପାଦନୀୟ**, ବିଂ (ନିର୍-ପଦ୍-ଅନୀୟ) ନିଷ୍ପାଦ୍ୟ, ସମାପ୍ୟ ।

**ନିଷ୍ପାଦିତ**, ବିଂ. ( ନିର୍-ପାଦ-ତ ) ସମ୍ପାଦିତ, ନିର୍ବାହିତ, ସମାପିତ, ସମ୍ପନ୍ନ କରିବା ।

ନିଷ୍ପାଦ୍ୟ, ବିଂ. ( ନିର-ପାଦ-ଯ ) ନିଷ୍ପାଦନୀୟ, ସାଧ୍ୟ, ସମାପ୍ୟ, ସାଧନୀୟ, ଉପପାଦ୍ୟ ।

ନିଷ୍ପାପ ବିଂ. ( ନିର୍-ପାପ ) ନିର୍ଦ୍ଦୋଷ, ନିରପରାଧ, ପାପହୀନ ।

ନିଷ୍ପୀଡ଼ନ, ବି. ନ. (ନିର୍-ପୀଡ଼ନ) ଚିପୁଡ଼ିବା ।

ନିଷ୍ପୁତ୍ର, ବି. ପୁଂ. ( ନିର୍-ପୁତ୍ର ) ନିଃସନ୍ତାନ, ଅନପତ୍ୟ ।

ନିଷ୍ପୃହ, ବିଂ. ( ନିର୍-ସ୍ପୃହ-ଅ ) ସ୍ପୃହାରହିତ, ଅନିଚ୍ଛୁକ ।

ନିଷ୍ପେଷ } ବି. ନ. ( ନିର୍-ପିଷ-ଅ, ଅନ )
ନିଷ୍ପେଷଣ } ଚୂର୍ଣ୍ଣନ, ମର୍ଦ୍ଦନ, ଘର୍ଷଣ, ପେଷଣ ।

ନିଷ୍ପ୍ରତିଭ, ବିଂ. (ନିର୍-ପ୍ରତିଭା) ପ୍ରତିଭାଶୂନ୍ୟ, ସ୍ଫୁର୍ତ୍ତିହୀନ, ଅଜ୍ଞ, ମୂର୍ଖ, ଜଡ଼ ।

ନିଷ୍ପ୍ରଭ, ବିଂ. ( ନିର୍-ପ୍ରଭା-ଅ ) ପ୍ରଭାଶୂନ୍ୟ, ନିସ୍ତେଜ, ସ୍ଫୁର୍ତ୍ତିରହିତ । ଯଥା—

ସମସ୍ତ ନିଷ୍ପ୍ରଭ ହେଉଛନ୍ତି ମନୁଷ୍ୟ କରମ ଫଳେ । ବ. ବ.

ଅସ୍ୱଚ୍ଛ । ବି. ପୁଂ. ଦାନବବିଶେଷ ।

ନିଷ୍ପ୍ରୟୋଜନ, ବିଂ. (ନିର୍-ପ୍ର-ଯୁଜ୍-ଅନ) ପ୍ରୟୋଜନଶୂନ୍ୟ, ଅନାବଶ୍ୟକ, ନିରର୍ଥକ, ଅକାରଣ ।

ନିଷ୍ଫଳ, ବିଂ. (ନିର୍-ଫଳ) ବିଫଳ, ବୃଥା, ନିରର୍ଥକ, ବ୍ୟର୍ଥ ।

ନିଷ୍ୟନ୍ଦ } ବି. ପୁଂ. ( ନି-ସ୍ୟନ୍ଦ-ଅ ) କ୍ଷରଣ,
ନିସ୍ୟନ୍ଦ } ନିର୍ଝର ।

ନିଃ, ଅଂ. ନିଷେଧ, ନିଶ୍ଚୟ, ସାକଲ୍ୟ ।

ନିସଙ୍କୁଡ଼ି, ବି. ( ଦେଶଜ ) ଯାହା ସଙ୍କୁଡ଼ି ନୁହେ, ଜଳଖିଆ ।

ନିସତ, ବିଂ. ( ନିଃସତ୍ତ୍ୱ ଶବ୍ଦଜ ) ଅଳସ ଜଡ଼ ।

ନିସମ୍ପାତ, ବି. ପୁଂ. ( ନି ସମ୍ପାତ ) ନିଶୀଥ, ଅର୍ଦ୍ଧରାତ୍ର ।

ନିସର୍ଗ, ବି. ପୁଂ. ( ନି-ସୃଜ୍-ଅ ) ପ୍ରକୃତି, ସ୍ୱାଭାବିକ, ଅବସ୍ଥା, ସୃଷ୍ଟି, ସ୍ୱଭାବ, ସର୍ଗ ।

ନିସାର, ବିଂ. ( ନି-ସାର ) ସାରହୀନ, ଅସାର ।

ନିସାହା, ବିଂ. (ଦେଶଜ) ନିଃସହାୟ ।

ନିସୃଷ୍ଟ, ବିଂ. ( ନି-ସୃଜ୍-ତ ) ନ୍ୟସ୍ତ, ଅର୍ପିତ, ମଧ୍ୟସ୍ଥ, ପ୍ରେରିତ, ରକ୍ଷିତ, ସମର୍ପିତ ।

ନିସ୍ତବ୍ଧ, ବିଂ. ( ନି-ସ୍ତମ୍ଭ୍-ତ ) ନୀରବ, ଗତିରହିତ, ସ୍ଥିର ।

ନିସ୍ତରଙ୍ଗ, ବିଂ. ( ନିଃ-ତରଙ୍ଗ ) ତରଙ୍ଗଶୂନ୍ୟ ।

ନିସ୍ତରିବା, କ୍ରି ( ନିସ୍ତାର ଶବ୍ଦଜ ) ମୁକ୍ତି ପାଇବା । ଯଥା—

ନନ୍ଦନନ୍ଦନ ଗୋପୀନାଥ
ନିସ୍ତରି ଯିବା ନରେ ଅନ୍ତ । ବ. ଲେ.

ନିସ୍ତରଣ, ବି. ନ ( ନିର୍-ତୃ-ଅନ) ଉଦ୍ଧାର, ପାର ହେବା, ସିଦ୍ଧି, ମୁକ୍ତି, ଉପାୟ, ନିସ୍ତାର, ନିର୍ଗମ ।

ନିସ୍ତଳ, ବିଂ. ( ନିର୍-ତଳ ) ବର୍ତ୍ତୁଳ, ଗୋଲାକାର ।

ନିସ୍ତାର, ବି. ନ. (ନିର୍-ତୃ-ଅ) ମୁକ୍ତି, ଉପାୟ, ରକ୍ଷା, ତ୍ରାଣ ।

ନିସ୍ତାରକ, ବିଂ. ( ନିର-ତୃ-ଅକ ) ତ୍ରାଣକର୍ତ୍ତା ଉଦ୍ଧାରକର୍ତ୍ତା ।

ନିସ୍ତାରଣ, ବି. ନ. (ନିର-ତୃ-ଅନ) ଉଦ୍ଧାର, ମୁକ୍ତି, ନିର୍ଗମନ, ସିଦ୍ଧି, ରକ୍ଷଣ ।

ନିସ୍ତେଜ } ବିଂ. ( ନିର୍-ତେଜଃ ) ତେଜୋରହିତ,
ନିସ୍ତେଜାଃ } ପ୍ରତାପଶୂନ୍ୟ, ଦୁର୍ବଳ ।

ନିସ୍ତ୍ରିଂଶ, ବି. ପୁଂ. ( ନିର୍-ତ୍ରିଂଶତ୍-ଅ ) ଖଡ୍ଗ । ବିଂ. ନିର୍ଦ୍ଦୟ, ନିଷ୍ଠୁର, କ୍ରୂର ।

ନିସ୍ପନ୍ଦ, ବିଂ. ( ନି-ସ୍ପନ୍ଦ୍-ଅ ) ସ୍ପନ୍ଦରହିତ, ଅଚଳ, ସ୍ଥିର ।

ନିସ୍ପୃହ, ବିଂ. ( ନିର୍-ସ୍ପୃହା ) ଆକାଂକ୍ଷାରହିତ, ସ୍ପୃହାବର୍ଜିତ ।

ନିସ୍ୟନ୍ଦ } ବି. ପୁଂ. ( ନି-ସ୍ୟନ୍ଦ୍-ଅ )
ନିଷ୍ୟନ୍ଦ } କ୍ଷରଣ ।

ନିସ୍ରବ } ବି. ପୁଂ. ( ନି-ସ୍ରୁ-ଅ ) କ୍ଷରଣ,
ନିସ୍ରାବ } ନିର୍ଗମନ, ଅନ୍ନମଣ୍ଡ, ପେଜ ।

ନିସ୍ୱ / ନିଃସ୍ୱ } ବିଂ. ( ନି, ନଃ-ସ୍ୱ ) ନିର୍ଦ୍ଧନ, ଦୁଃଖୀ, ଅର୍ଥହୀନ ।

ନିସ୍ୱନ, ବି. ପୁଂ. ( ନି-ସ୍ୱନ୍-ଅ ) ଧ୍ୱନି, ଶବ୍ଦ, ନିନାଦ ।

ନିହଙ୍ଗ / ନିହଙ୍ଗୀ } ବି. (ନିଃସଙ୍ଗ ଶବ୍ଦଜ) ଏକପ୍ରକାର ବୈଷ୍ଣବ ସମ୍ପ୍ରଦାୟ ।

ନିହତ, ବିଂ. (ନି-ହନ୍-ତ) ବିନଷ୍ଟ, ହତ ।

ନିହନନ, ବି. ନ. ନି-ହନ୍-ଅନ) ବଧ, ହତ୍ୟା ।

ନିହନ୍ତା, ବିଂ. ( ନି-ହନ୍-ତୃ ) ବିନାଶକାରୀ, ସଂହାରକ ।

ନିହାତି, ବିଂ. (ଦେଶଜ) ନିତାନ୍ତ, ନିପଟ ।

ନିହାଣ, ବି. (ଦେଶଜ) ବଢ଼େଇର ଶସ୍ତ୍ରବିଶେଷ, ବଟାଲି ।

ନିହାଲ, ବିଂ. (ଦେଶଜ) ନିଶ୍ଚିନ୍ତ, କ୍ଳାନ୍ତ ।

ନିହିତ, ବିଂ. (ନି-ଧା-ତ) ସ୍ଥାପିତ, ଗୁପ୍ତ, ସ୍ଥିତ, ନିକ୍ଷିପ୍ତ, ଅନ୍ତର୍ହିତ, ଅର୍ପିତ ।

ନିହ୍ନବ, ବି. ପୁଂ. (ନି-ହ୍ନୁ-ଅ) ଅପଳାପ, ଗୋପନ, ଅବିଶ୍ୱାସ, ଅସ୍ୱୀକାର ।

ନିର୍ହ୍ରାଦ, ବି ପୁଂ. (ନିର୍ ହ୍ରାଦ୍-ଅ) ଧ୍ୱନି, ନିନାଦ, ଶବ୍ଦ । ଯଥା—

ଦନ୍ତାବଳ ସଞ୍ଚାରବେ, ଅବର ବୃଂହିତେ
ଉଠିଲା ନିର୍ହ୍ରାଦ କର୍ଣ୍ଣବିବର ବିଦାରି । ମ. ଯା.

ନୀକାର, ବି. ପୁଂ. ( ନି-କୃ-ଅ ) ଧିକ୍କାର, ଘୃଣା, ଅବଜ୍ଞା ।

ନୀକାଶ / ନୀକାସ } ବିଂ. (ନି-କାଶ୍-ଅ) ସଦୃଶ, ତୁଲ୍ୟ, ଉପମା, ନିଶ୍ଚୟ । ( ଦେଶଜ ) ସମାପନ, ଶେଷ ।

ନୀଚ, ବିଂ. (ନି-ଇ-ଚ-ଅ) ନିମ୍ନ, ମନ୍ଦ, ଅପକୃଷ୍ଟ, ନିକୃଷ୍ଟ, କ୍ଷୁଦ୍ର, ଇତର ।

ନୀଚତା, ବି. ସ୍ତ୍ରୀ. ( ନୀଚ-ତା ) ଅଧମତା, ଅପକୃଷ୍ଟତା, ଜଘନ୍ୟତା ।

ନୀଚାଶୟ, ବିଂ. ( ନୀଚ-ଆଶୟ ) କ୍ଷୁଦ୍ରାଶୟ, ନୀଚମନାଃ ।

ନୀରୁ / ନିରୁ } ବି. ଫଳବିଶେଷ ।

ନୀଡ଼, ବି. ପୁଂ. ନ. ( ନି-ଇଡ଼୍-ଅ ) କୁଳାୟ, ପକ୍ଷିର ବସା ।

ନୀଡ଼ଜ / ନୀଡ଼ୋଦ୍ଭବ } ବି. ପୁଂ. ( ନୀଡ଼-ଜ, ଉଦ୍ଭବ ) ପକ୍ଷୀ ।

ନୀତ, ବିଂ. ( ନୀ-ତ ) ଗୃହୀତ ।

ନୀତି, ବି. ସ୍ତ୍ରୀ. ( ନୀ-ତି ) ନ୍ୟାୟ୍ୟ ବ୍ୟବହାର, ଶାସ୍ତ୍ରବିଶେଷ, ସ୍ଥିତି, ପ୍ରାପ୍ତି, ସୁଧାରି ।

ନୀତିଜ୍ଞ, ବିଂ. (ନୀତି-ଜ୍ଞା-ଅ) ନୀତିଶାସ୍ତ୍ରବିଶାରଦ ।

ନୀଖ, ବି. (ଦେଶଜ) କେଶକୀଟବିଶେଷ ।

ନୀପ, ବି. ପୁଂ. (ନୀ-ପ) କଦମ୍ବଗଛ ।

ନୀବାର, ବି. ପୁଂ. ( ନୀ-ବୃ-ଅ ) ତୃଣଧାନ୍ୟବିଶେଷ, ବାଲୁଙ୍ଗା ଧାନ ।

ନୀବି, ବି. ସ୍ତ୍ରୀ. (ନୀବ୍ ଇ) ବଣିକମାନଙ୍କର ମୂଳଧନ, ସ୍ତ୍ରୀଲୋକମାନଙ୍କର କଟୀବନ୍ଧନ ବସ୍ତ୍ରର ଗ୍ରନ୍ଥି, କଷ୍ଟ ।

ନୀୟମାନ, ବିଂ. (ନୀ-ଶାନ-ଯ, ମ ଆଗମ) ଗୃହ୍ୟମାଣ, ପ୍ରାପ୍ୟମାଣ, ଘେନିଯିବା ।

ନୀର, ବି. ନ. (ନୀ-ର) ଜଳ, ରସ, ସଲିଳ ।

ନୀରଜ, ବି. ନ. (ନୀର୍-ଜନ୍-ଅ) ଜଳଜ, ପଦ୍ମ, ମୋତି । ବିଂ. ଜଳଜାତ ବସ୍ତୁ, ନିର୍ଧୂଳି । ଜାଃ,ସ୍ତ୍ରୀ. ଅରଜସ୍ୱଳା ।

ନୀରଦ, ବି. ପୁଂ. (ନୀର୍-ଦା ଅ) ମେଘ, ଜଳଦ, ମୁଥା । ବିଂ. (ନୀର୍-ରଦ) ଦନ୍ତହୀନ ।

ନୀରଧି / ନୀରନିଧି } ବି. ପୁଂ. (ନୀର-ଧା-ଇ, ନିଧି) ସମୁଦ୍ର, ପୟୋନିଧି, ଜଳନିଧି ।

ନୀରନ୍ଧ୍ର ବିଂ. (ନିର୍-ରନ୍ଧ୍ର) ଘନ, ଛିଦ୍ରରହିତ, ନିବିଡ଼ । ଯଥା —

ଅର୍ଦ୍ଧପଥେ ତାଙ୍କ ଦେଖିଲେ ଏ ଠାବେ
ନୀରନ୍ଧ୍ର ପ୍ରାଚୀରକୃତ ଏହୁ ମହାଗିରି । ମ. ଯା.

ନୀରବ, ବିଂ. (ନିଃ-ରବ) ଶବ୍ଦଶୂନ୍ୟ, ନିଃଶବ୍ଦ ।

ନୀରସ, ବିଂ. ( ନିର୍-ରସ ) ରସହୀନ, ଶୁଷ୍କ । ବି. ପୁଂ. ଡାଳିମ୍ବ ।

ନୀରାଜନ, ବି. ନ / ନୀରାଜନା, ବି. ସ୍ତ୍ରୀ. } (ନୀର-ଅଞ୍ଜନ) ଆରତି, ପୂଜା । ଯଥା—

ବନ୍ଧାଣ ରତନଥାଳୀ ପତ୍ରହସ୍ତେ ଯେନ
ସଖୀଙ୍କଲେ ଲକ୍ଷ୍ମୀଗଣୀ ନୀରାଜନାବଧି । ମ. ଯା.

**ନୀରୋଗ,** ବି°. ( ନିର୍-ରୋଗ ) ରୋଗ-ଶୂନ୍ୟ, ପୀଡ଼ାରହିତ, ସୁସ୍ଥ ।

**ନୀଲ,** ବି. ପୁଂ. (ନୀଲ୍-ଅ) ବର୍ଣ୍ଣବିଶେଷ, ପର୍ବତ-ବିଶେଷ, ବାନରବିଶେଷ, ନିଧିବିଶେଷ, ମଣି-ବିଶେଷ । ସ୍ତ୍ରୀ. ନୀଲବର୍ଣ୍ଣ ମକ୍ଷିକା । ବି°. ନୀଲ-ବର୍ଣ୍ଣଯୁକ୍ତ ।

**ନୀଳକଣ୍ଠ,** ବି. ପୁଂ. ( ନୀଲ-କଣ୍ଠ ) ଶିବ, ମୟୂର, ଖଞ୍ଜନପକ୍ଷୀ, ଭରଦ୍ୱାଜପକ୍ଷୀ, ତୀର୍ଥବିଶେଷ, ବୃକ୍ଷବିଶେଷ ।

**ନୀଲକାନ୍ତ,** ବି. ପୁଂ. ( ନୀଲ-କାନ୍ତ ) ନୀଲଶିଳା, ଇନ୍ଦ୍ରନୀଲମଣି ।

**ନୀଲକୁନ୍ତଳା,** ବି. ସ୍ତ୍ରୀ. ଦୁର୍ଗା, ସଖୀବିଶେଷ ।

**ନୀଲଗ୍ରୀବ,** ବି. ପୁଂ. ( ନୀଲ-ଗ୍ରୀବା ) ଶିବ, ମହାଦେବ ।

**ନୀଲତାଲ,** ବି. ପୁଂ. ହିନ୍ତାଲବୃକ୍ଷ, ତମାଲଗଛ ।

**ନୀଲଧ୍ୱଜ,** ବି. ପୁଂ. ( ନୀଲ-ଧ୍ୱଜା ) ତମାଲଗଛ, ନୀଲବର୍ଣ୍ଣ ପତାକା, ନୃପବିଶେଷ ।

**ନୀଲଲୋହିତ,** ବି. ( ନୀଲ-ଲୋହିତ ) ଶିବ, ମହାଦେବ, ବାଇଗଣି ରଙ୍ଗ ।

**ନୀଲା,** ବି. ନୀଲମଣି, ଇନ୍ଦ୍ରନୀଲ ।

**ନୀଳାଚଳ,** ବି. ପୁଂ. ପୁରୁଷୋତ୍ତମକ୍ଷେତ୍ର,ଶ୍ରୀକ୍ଷେତ୍ର, ନୀଲଗିରି ନାମକ ପାର୍ବତ୍ୟ ଭୂମିର ପ୍ରାନ୍ତ-ଦେଶରେ ଜଗନ୍ନାଥକ୍ଷେତ୍ର ପ୍ରତିଷ୍ଠିତ ହୋଇ ଥିବାରୁ ଏହାର ନାମ ନୀଳାଚଳ । ଯଥା --

ନୀଳାଚଳ ତଳେ ଯହିଁ ଲୋଟେ ବାରିନିଧି । ମ. ଯା.

**ନୀଳାମ୍ବର,** ବି. ପୁଂ. ( ନୀଲ-ଅମ୍ବର ) ବଳରାମ, ଶନୈଶ୍ଚର,ରାକ୍ଷସ । ନ. ନୀଲବସନ, ଆକାଶ ।

**ନୀଳାମ୍ବୁ,** ବି. ପୁଂ. (ନୀଲ-ଅମ୍ବୁ) ସମୁଦ୍ର ।

**ନୀଲମା,** ବି ପୁଂ. ( ନୀଲ-ଇମନ୍ ) ନୀଲତ୍ୱ, ନୀଲବର୍ଣ୍ଣ ।

**ନୀଲୋତ୍ପଳ,** ବି. ନ. (ନୀଲ-ଉତ୍ପଳ ) ନୀଳକଇଁ, ଇନ୍ଦୀବର ।

**ନୀବି** } ବି. ସ୍ତ୍ରୀ. (ନି-ବ୍ୟେ-ଇ) ମୂଲଧନ, ପଣ୍ଡ
**ନୀବୀ** } କଟିବସ୍ତ୍ରଗ୍ରନ୍ଥି, କଛା,

ଗଣ୍ଠି ଦେଇ ତର ନବାଡେ଼
ନୀବିକି କାଞ୍ଚୀ ଖଞ୍ଜି ମଧ୍ୟଦେଶେ ।

**ନୀବୃତ୍,** ବି. ପୁଂ. ସ୍ତ୍ରୀ. ( ନି-ବୃତ୍-ଂ ) ଦେଶ, ଜନପଦ ।

**ନୀଶାର,** ବି. ପୁଂ. ( ନି ଶୃ-ଅ ) ହିମ ଓ ବାୟୁ ଇତ୍ୟାଦି ନିବାରକ ଆବରଣ ବସ୍ତ୍ର, ମଶାରି ଓ ପରଦା ପ୍ରଭୃତି ।

**ନୀହାର,** ବି. ପୁଂ. ( ନି-ହୃ-ଅ ) ତୁଷାର, ହିମ, ବରଫ ।

**ନୀହାରିକା,** ବି. ସ୍ତ୍ରୀ. ଯେ ସବୁ ନକ୍ଷତ୍ର ଚକ୍ଷୁର ଗୋଚର ନୁହେ, କିନ୍ତୁ ଦୂରବୀକ୍ଷଣ ଯନ୍ତ୍ରଦ୍ୱାରା ଦେଖିଲେ କୁହୁଡ଼ି ପରି ଦିଶେ ।

**ନୁଆଁଇବା,** କ୍ରି. (ନମ ଧାତୁଜ) ନତ କରାଇବା ।

**ନୁଆରିବା,** କ୍ରି. ( ଦେଶଜ ପ୍ରାଚୀନ ପଦ୍ୟ ) ନ ପାରିବା, ଜଣାଇବା ।

**ନୁଉଁକୁଣା,** ବି. (ଦେଶଜ) ହତଶ୍ରୀ, ଅକର୍ମଣ୍ୟ ।

**ନୁଖୁରା,** ବି°. ( ଦେଶଜ ) ମାଖରା, ଅଚିକ୍କଣ, ରୁକ୍ଷ ।

**ନୁଙ୍ଗୁଡ଼ା** } ବି°. (ଦେଶଜ) ଘୃଣ୍ୟ, ନିଗ୍ର ।
**ନୁଙ୍ଗୁରା** }

**ନୁଡ଼ୁକ,** ବି. (ଦେଶଜ) ନାସାଲଙ୍କାରବିଶେଷ

**ନୁଣ୍ଡା** } ବି. (ଦେଶଜ) ଚାଲବଣ୍ଡା ।
**ଲୁଣ୍ଡା** }

**ନୁତ,** ବି°. ( ନୁ=ସ୍ତବ କରିବା-ତ ) ସ୍ତୁତ, ପ୍ରଶଂସିତ, ପୂଜିତ ।

**ନୂତନ,** ବି°. (ନୂତନ ଶବ୍ଦଜ) ନୂତନ ।

**ନୂତନ** } ବି°. ( ନୂ-ତନ, ହ ) ନବୀନ,
**ନୂତ୍ନ** } ଅଭିନବ, ନୂଆ ।

**ନୂପୁର,** ବି. ପୁଂ. (ନୂ-ପୃ-ଅ) ପ୍ରସିଦ୍ଧ ପଦଭୂଷଣ, ନେପୁର ।

**ନୃ,** ବି. ପୁଂ. (ନୀ-ଋ) ମନୁଷ୍ୟ, ପୁରୁଷ ।

ନୃତ୍ୟ, ବି. ନ. (ନୃତ୍-ଯ) ତାଳ, ମାନ, ରସ-ଶ୍ରୟ, ବିଳାସଯୁକ୍ତ ହାବଭାବ ପ୍ରକାଶ ସହକାରେ ଅଙ୍ଗିକ କ୍ରିୟାର ନାମ ନୃତ୍ୟ, ଅଭିନୟ, ନାଚ ।

ନୃପ } ବି. ପୁଂ. ( ନୃ-ପା-ଅ, ନୃ-ପତି )
ନୃପତି } ରାଜା, ନରପତି ।

ନୃବାହନ, ବି. ପୁଂ. ( ନୃ = ମନୁଷ୍ୟ-ବାହନ ) କୁବେର ।

ନୃଶଂସ, ବିଂ. ( ନୃ-ଶନ୍ସ୍-ଅ ) ନିର୍ଦ୍ଦୟ, କ୍ରୂର, ପରଦ୍ରୋହୀ ।

ନୃସିଂହ } ବି. ପୁଂ. (ନୃ-ସିଂହ, ହରି) ବିଷ୍ଣୁଙ୍କ
ନୃହରି } ଅବତାରବିଶେଷ । ବିଂ. ମନୁଷ୍ୟଶ୍ରେଷ୍ଠ ।

ନୃସିଂହଚତୁର୍ଦ୍ଦଶୀ, ବି. ସ୍ତ୍ରୀ. ବୈଶାଖ ମାସର ଶୁକ୍ଳ ଚତୁର୍ଦ୍ଦଶୀ, ଏହି ଦିବସ ହିରଣ୍ୟକଶିପୁବଧାର୍ଥେ ନୃସିଂହଦେବ ଅବତୀର୍ଣ୍ଣ ହୋଇଥିଲେ ।

ନେଉଟ, ବି. (ଦେଶଜ) ଫେର, ପ୍ରତିକ୍ରିୟା ।

ନେଉଟିଅ, ବି (ଦେଶଜ) ଶାକବିଶେଷ ।

ନେଉଟିବା, କ୍ରି. ବି. (ଦେଶଜ) ଫେରିବା ।

ନେଉଳ, ବି. (ନକୁଲ ଶବ୍ଦର ଅପଭ୍ରଂଶ) ଜନ୍ତୁବିଶେଷ, ସର୍ପଶତ୍ରୁ ।

ନେଙ୍ଗଡ଼ା, ବିଂ. (ଦେଶଜ) ଛୋଟା, ଖଞ୍ଜ ।

ନେଡ଼ି, ବି. (ଦେଶଜ) କରତଳ ।

ନେଣ୍ଡି, ବିଂ. (ଦେଶଜ) ହୀନ, ତୁଚ୍ଛ, କଦର୍ଯ୍ୟ ।

ନେତ, ବି. ( ନେତ୍ର-ଶବ୍ଦଜ ) ବସ୍ତ୍ରବିଶେଷ, ପତାକା ।

ନେତା, ବି. ପୁଂ. ( ନୀ-ତୃ ) ପ୍ରେରକ, ପ୍ରାପକ, ନିର୍ବାହକ, ଚାଳକ, ଅଧ୍ୟକ୍ଷ ।

ନେଞ୍ଚରା, ବି. (ଦେଶଜ) ଅଳଥା ।

ନେତୃତ୍ୱ, ବି. ନ. ( ନେତୃ-ତ୍ୱ ) ନାୟକତା, ଅଧ୍ୟକ୍ଷତା ।

ନେତ୍ର, ବି. ନ. (ନୀ-ତ୍ର) ଚକ୍ଷୁ, ନୟନ, ବୃକ୍ଷମୂଳ, ପଥ, ତନ୍ତ୍ର, ରଥ, ବସ୍ତ୍ର । ବିଂ. ନାୟକ, ଚାଳକ ପ୍ରେରକ, ପ୍ରାପକ, ରକ୍ଷକ । ତ୍ରୀ-ସ୍ତ୍ରୀ ଲକ୍ଷ୍ମୀ, ନଦୀ, ନାସ୍ତି ।

ନେତ୍ରପକ୍ଷ, ବି. ( ନେତ୍ର-ପତ୍ର ) ଆଖିପତା, ପକ୍ଷ୍ମ । ଯଥା—

ରଖିବ ଶିଶୁକୁ ନଜ ଦେହ ଅବରଣେ,
ନେନେ ନେନପତ୍ର ଯଥା ପ୍ରମାଦେ ସଙ୍କଟେ । ମ, ଯା°

ନେତ୍ରାମ୍ବୁ, ବି. ନ. ( ନେତ୍ର-ଅମ୍ବୁ ) ଅଶ୍ରୁ, ନେତ୍ରଜଳ, ନୟନବାରି ।

ନେଦିଷ୍ଠ, ବିଂ ( ଅନ୍ତିକ-ଇଷ୍ଠ ) ଅତି ନିକଟବର୍ତ୍ତୀ ।

ନେପଥ୍ୟ, ବି. ନ. (ନୀ-ଂ = ନେ-ପଥ୍ୟ) ସଜ୍ଜା, ସଜ୍ଜାଗୃହ, ବେଶ, ରଙ୍ଗଭୂମି, ଅଲଙ୍କାର ।

ନେପାଳ, ବି. ପ୍ରଦେଶବିଶେଷ ।

ନେପୁର, ବି. ( ନୂପୁର-ଶବ୍ଦଜ ) ପାଦାଭରଣବିଶେଷ ।

ନେଫଡ଼ା, ବି (ଦେଶଜ) ଫଳବିଶେଷ । ବିଂ. ଦରିଦ୍ରା ।

ନେଫେଡ଼ିବା, କ୍ରି (ଦେଶଜ) ନିକୁଟିବା, ଦାନ୍ତ ଦେଖାଇବା ।

ନେମି } ବି. ସ୍ତ୍ରୀ. ( ନୀ-ମି ) ଚକ୍ରର ପ୍ରାନ୍ତ,
ନେମୀ } ଚକ୍ରଧାରା ।

ନେଳୀ, ବି (ନୀଳ ଶବ୍ଦଜ) ନୀଳବର୍ଣ୍ଣି, ନୀଳବସ୍ତ୍ର ।

ନେବା, କ୍ରି. ବି. ( ନୀ-ଧାତୁଜ ) ଘେନିବା, (ହିନ୍ଦୀ) ଫିତା ।

ନେସିବା } କ୍ରି. ( ଦେଶଜ ) ଲେପିବା,
ଲେସିବା } ବୋଳିବା ।

ନେହୁରା, ବି. (ଦେଶଜ) ଅନୁରୋଧ, ପ୍ରାର୍ଥନା, ଖୁସାମଦ୍ ।

ନୈକଟ୍ୟ, ବି. ନ. ( ନିକଟ-ଯ ) ସାମୀପ୍ୟ, ନିକଟତ୍ୱ ।

ନୈକଷେୟ, ବି. ପୁଂ. (ନିକଷା-ଏୟ) ନିକଷାପୁତ୍ର, ରାବଣ ପ୍ରଭୃତି ।

ନୈଷ୍ଠିକ, ବିଂ ( ନିଷ୍ଠା-ଇକ ) ନିଷ୍ଠାଯୁକ୍ତ, ନିଷ୍ଠାସମ୍ବନ୍ଧୀୟ ।

ନୈଦାଘ, ବିଂ. (ନିଦାଘ ଅ) ନିଦାଘସମ୍ବନ୍ଧୀୟ ।

ନୈପୁଣ୍ୟ } ବି. ନ. ( ନିପୁଣ-ଯ, ଅ )
ନୈପୁଣ } ଦକ୍ଷତା, ନିପୁଣତା ।

ନୈମିତ୍ତିକ, ବିଂ (ନିମିତ୍ତ-ଇକ) ପ୍ରୟୋଜନାର୍ଥକ, ନିମିତ୍ତୋତ୍ପନ୍ନ ।

ନୈମିଷ, ବି. (ନିମିଷ-ଅ) ନୈମିଷାରଣ୍ୟ ନାମକ ପୁଣ୍ୟତୀର୍ଥ ।

ନୈୟାୟିକ, ବି. ପୁଂ. ( ନ୍ୟାୟ-ଇକ ) ନ୍ୟାୟଶାସ୍ତ୍ରଜ୍ଞ, ତାର୍କିକ, ନ୍ୟାୟାଧ୍ୟାୟୀ ।

ନୈରାଶ୍ୟ, ବି. ନ. (ନିରାଶା-ଯ) ଆଶାଶୂନ୍ୟତା, ହତାଶ ହେବା ।

ନୈର୍‌ଋତ, ବି. ପୁଂ. (ନିର୍‌ଋତି-ଅ) ଦକ୍ଷିଣ ପଶ୍ଚିମ କୋଣ, ରାକ୍ଷସ ।

ନୈବେଦ୍ୟ, ବି. ନ. (ନିବେଦ-ଯ) ଦେବୋଦ୍ଦେଶ୍ୟରେ ନିବେଦନୀୟ ପଦାର୍ଥ ।

ନୈଶ, ବିଂ. (ନିଶା-ଯ) ରାତ୍ରିକାଳୀନ, ରାତ୍ରିସମ୍ବନ୍ଧୀୟ ।

ନୈଷଧ, ବି. ପୁଂ. (ନିଷଧ-ଯ) ନଳ ରାଜା, ନିଷଧ ଦେଶର ରାଜା । ନ. ଶ୍ରୀହର୍ଷ କବିରଚିତ କାବ୍ୟଗ୍ରନ୍ଥବିଶେଷ । ବିଂ. ନିଷଧସମ୍ବନ୍ଧୀୟ ।

ନୈଷ୍ଠିକ, ବିଂ (ନିଷ୍ଠା-ଇକ) ନିଷ୍ଠାପର, ବ୍ରତୀ ।

ନୈଷ୍ଠୁର୍ଯ୍ୟ, ବି. ନ. (ନିଷ୍ଠୁର-ଯ) ନିଷ୍ଠୁରତା ।

ନୈସର୍ଗିକ, ବିଂ. ( ନିସର୍ଗ-ଇକ ) ସ୍ୱାଭାବିକ, ପ୍ରାକୃତିକ, ନିସର୍ଗଜାତ ।

ନୋ, ଅଂ. (ନୁଦ୍-ଓ) ନା, ନାହିଁ, ନିଷେଧ ।

ନୋଗ୍‌ } ବିଂ. ( ଦେଶଜ ) ସଂକୁଚିତ, ନୀଚ,
ଲୋଗ୍‌ } ଅଧମ ।

ନୋଗ୍‌କୋଗ୍‌, ବିଂ. (ଦେଶଜ) ସଂକୋଚ ପ୍ରାପ୍ତ ।

ନୋଚେତ୍‌, ଅଂ ନୋହିଲେ, ନଭୁବା ।

ନୋଟା } ବି. (ଦେଶଜ) ତାଳ, ଜଳପାତ୍ର ।
ଲୋଟା }

ନୋତର୍‌, ବି. (ଦେଶଜ) ଲୁଳିତ, ମୁଦ୍ରିତ ।

ନୋଦନ, ବି. ନ. ( ନୁଦ୍-ଅନ ) ଛେଦନ, ନିବାରଣ ଅପସାରଣ, ପ୍ରେରଣ ।

ନୋଧା } ବି. (ଦେଶଜ) କାଷ୍ଠାଦିରେ ଛିଆର
ଲୋଧା } ପାଣିର ପଡ଼ଣି ।

ନୋଲା, ବି. (ଦେଶଜ) ବେଢ଼ାଘାଞ୍ଚ ଚନ୍ଦ୍ର ।

ନୋଳ, ବି. (ଦେଶଜ) କର୍ଣ୍ଣାଭରଣବିଶେଷ ।

ନୋଳିଆ, ବି. (ଦେଶଜ) ତେଲଙ୍ଗା କେଉଟ, ସାମୁଦ୍ରିକ ଧୀବର ।

ନୋହିଲେ, ଅଂ (ଦେଶଜ) ନଚେତ୍ ।

ନୌ } ବି. ସ୍ତ୍ରୀ. ( ନୁଦ୍-ଊ, କ ) ତରଣୀ,
ନୌକା } ଜଳଯାନ ।

ନୌକର, ବି. (ଯାବନିକ) ଭୃତ୍ୟ ।

ନୌତାର୍ଯ୍ୟ, ବିଂ. (ନୌ-ତାର୍ଯ୍ୟ) ନାବ୍ୟ, ନୌକାଗମ୍ୟ ।

ନୌବିଦ୍ୟା, ବି. ସ୍ତ୍ରୀ. ନାବିକବିଦ୍ୟା ।

ନ୍ୟକ୍କାର, ବି. ( ନ୍ୟକ୍-କାର ) ଘୃଣା, ଅବଜ୍ଞା, ବମନ ।

ନ୍ୟଗ୍ରୋଧ, ବି ପୁଂ. (ନ୍ୟକ୍-ରୋଧ) ବଟବୃକ୍ଷ ।

ନ୍ୟସ୍ତ, ବିଂ. ( ନି ଅସ୍-ତ ) ନିକ୍ଷିପ୍ତ, ତ୍ୟକ୍ତ, ଅର୍ପିତ, ସ୍ଥାପିତ, ପ୍ରେରିତ, ରଚିତ, ସ୍ଥାପିତ, ବିସ୍ତାରିତ ।

ନ୍ୟସ୍ତଶସ୍ତ୍ର, ବି. ପୁଂ. (ନ୍ୟସ୍ତ-ଶସ୍ତ୍ର) ପିତୃଲୋକ । ବିଂ. ଯେ ଅସ୍ତ୍ର ପରିତ୍ୟାଗ କରିଅଛି ।

ନ୍ୟାୟ, ବି. ପୁଂ. ( ନି-ଇ-ଅ ) ନୀତି, ଯୁକ୍ତି, ତର୍କଶାସ୍ତ୍ର ।

ନ୍ୟାୟବଳ, ବି. ନ. ( ନ୍ୟାୟ-ବଳ ) ଶତରଞ୍ଜ ଖେଳର ପୁତ୍ତଳିକା । ଯଥା—

ଚଳୁଥିଲେ ଅନୁକ୍ଷଣେ ରାଜାଙ୍କରେ ଯାଙ୍କର
ନ୍ୟାୟବଳ ବଳ-ରୂପେ କୋଟି କୋଟି ପ୍ରାଣୀ । ମ. ଯା.

ନ୍ୟାୟୀ, ବିଂ. ( ନ୍ୟାୟ-ଇନ୍ ) ନ୍ୟାୟବାନ୍, ନ୍ୟାୟପର ।

ନ୍ୟାଯ୍ୟ, ବିଂ. ( ନ୍ୟାୟ-ଯ ) ଯଥାର୍ଥ, ଉଚିତ, ଯୋଗ୍ୟ ।

ନ୍ୟାସ, ବି. ପୁଂ. (ନି-ଅସ୍-ଅ) ଅର୍ପଣ, ନିକ୍ଷେପ, ବିନ୍ୟାସ, ତ୍ୟାଗ, ଜମା ରଖିବା, ପ୍ରାଣାୟାମ ସହ ମନ୍ତ୍ରପ୍ରୟୋଗ ।

ନ୍ୟାସୀ, ବି°. ( ନ୍ୟାସ-ଇନ୍ ) ତ୍ୟାଗଶୀଳ, ସନ୍ନ୍ୟାସଧର୍ମାବଲମ୍ବୀ ।

ନ୍ୟୁବ୍ଜ, ବି°. ( ନି-ଉବ୍ଜ-ଅ ) ବୃତ୍ତଖଣ୍ଡ ବା ଧନୁର ଉତର ପାଖ, ବକ୍ର, ଅଧୋମୁଖ ।

ନ୍ୟୂନ, ବି°. (ନି-ଊନ୍-ଅ) ଅଳ୍ପ, କ୍ଷୁଦ୍ର, ଊଣା ।

ନ୍ୟୂନତା, ବି. ସ୍ତ୍ରୀ· ( ନ୍ୟୂନ-ତା ) ଅଳ୍ପତା, କ୍ଷୁଦ୍ରତା ।

ନ୍ୟୂନାତିରେକ, ବି°. (ନ୍ୟୂନ-ଅତିରେକ) କମ୍ ବେଶି, ଅଳ୍ପାଧିକ ।

ନ୍ୟୂନାଧିକ, ବି°. ( ନ୍ୟୂନ-ଅଧିକ ) ନ୍ୟୂନାତିରେକ, ତାରତମ୍ୟ, ଅଳ୍ପ ବହୁତ ।

---

# ପ

ପ, ବ୍ୟଞ୍ଜନ ବର୍ଣ୍ଣର ଏକବିଂଶ ବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ ଓଷ୍ଠ । ବି. ପୁଂ. ( ପା= ପାଳନ କରିବା, ପାନ କରିବା-ଅ ) ରାଜା, ରାଜପୁତ୍ର, ଅଣ୍ଡ, ବାୟୁ, ପାନ, ପତ୍ର । ବି°. ଯେ ପାଳନ କରେ, ଯେ ପାନ କରେ, (ଏହା କୌଣସି ଶବ୍ଦର ଶେଷରେ ପ୍ରଯୁକ୍ତ ହୁଏ ) ଯଥା— ଦ୍ୱୀପ, ମଧୁପ, ନୃପ ।

ପଅଁରି, ପହଁରି } ବି. ( ଦେଶଜ ) ଝାଡ଼ୁମୁଠା, ଖଞ୍ଜୁଣୀ ।

ପଇ, ବି. (ଦେଶଜ) ଶଗଡ଼ଚକର ବୃତ୍ତାକାର କାଷ୍ଠ ଖଣ୍ଡ, କ୍ଷୁଦ୍ରନାଳୀ ।

ପଇଞ୍ଚି, ବି. ( ଦେଶଜ ) ହସ୍ତାଭରଣ, ସାନ ଖଡ଼ୁ ।

ପଇଟ, ପଇଠ } ବି. ( ଦେଶଜ ) ଭରା, ବସ୍ତିବନ୍ଦୀ କରିଦେବା, ପ୍ରବିଷ୍ଟ, ଆଦାୟ ।

ପଇଠାଇବା, କ୍ରି. ବି. ( ଦେଶଜ ) ଅଭ୍ୟାସ କରିବା ।

ପଇଠି, ବି. (ଦେଶଜ) ଭରା, ଜର୍ଜର । ଯଥା—

ସଖୀଙ୍କରେ କରପଇଠିକି ଦେଇ ମଜ୍ଜେ ଜଳ କୁଶୋଦରୀ
ବହିଷ୍କଶେ୍ୟ ମାରବ କଷ୍ଟଳ ଅଲେଖ୍ୟଲଖିତ ପ୍ରତିମା ପରି ।
ସ. ବେ.

ସଙ୍ଗୁଲା । ଯଥା— ପଇଠି ବୋଝ ।

ପଇଡ଼, ବି. ( ପୟଃପେଶୀ ଶବ୍ଦଜ ) କଷି ନଡ଼ିଆ ।

ପଇତା, ବି. (ପବିତ୍ର ଶବ୍ଦଜ) ଯଜ୍ଞୋପବୀତ ।

ପଇଢ, ବି. (ଦେଶଜ) ରନ୍ଧା ଡାଲି ।

ପଇଁତ୍ରିଶ, ବି°. ସଂଖ୍ୟାବିଶେଷ, ୩୫ ।

ପଇଦଲ, ବି. (ଦେଶଜ) ପାଦଗୃସ୍ୱା, ପାଇକ ।

ପଇସା, ବି. (ଦେଶଜ) ତାମ୍ରମୁଦ୍ରା ।

ପଉଟି, ପୌଟି } ବି. (ଦେଶଜ) ଶସ୍ୟାଦିର ପରିମାଣବିଶେଷ, ୨୦ ଗୌଣୀ ।

ପକା, ପକ୍କା } ବି°. ( ଦେଶଜ ) ନିବାଡ଼ । ବି. କୋଠାଘର ।

ପକାଇବା, କ୍ରି. ( ଦେଶଜ ) ଫୋପାଡ଼ିବା, ନିକ୍ଷେପ କରିବା ।

ପକ୍ୱ, ବି°. (ପଚ୍-ତ) ପରିଣତ, ପାକଳ, ପାକନିଷ୍ପନ୍ନ, ବିନାଶୋନ୍ମୁଖ ।

ପକ୍ଷ, ବି. ପୁଂ ( ପକ୍ଷ୍=ପରିଗ୍ରହ କରିବା-ଅ ) ଶୁକ୍ଳ ବା କୃଷ୍ଣ ପ୍ରତିପଦ୍‌ଠାରୁ ପୂର୍ଣ୍ଣିମା ବା ଅମାବାସ୍ୟା ପର୍ଯ୍ୟନ୍ତ ପହିର ଡେଣା, ପିଚ୍ଛ, ବାଣର ପୁଙ୍ଖ, ପାର୍ଶ୍ୱ, ସଖା ।

ପକ୍ଷକ, ବି. ପୁଂ. (ପକ୍ଷ-କ) ପକ୍ଷଦ୍ୱାର, ଖିଡ଼କି ଦ୍ୱାର, ପାର୍ଶ୍ୱ, ସହାୟ ।

ପକ୍ଷଚର, ବି. ପୁଂ. (ପକ୍ଷ=ଅର୍ଦ୍ଧମାସ-ଚର= ଯେ ଗମନ କରେ-ଅ) ଚନ୍ଦ୍ର, ହସ୍ତୀ । ପୁଂ. ସ୍ତ୍ରୀ. ଦ୍ୱନ୍ଦ୍ୱଚର, ଚକ୍ରବାକ, ସହଚର ।

ପକ୍ଷତା, ବି. ସ୍ତ୍ରୀ. (ପକ୍ଷ-ତା) ପକ୍ଷଧର୍ମ ।

ପକ୍ଷତି, ବି. ସ୍ତ୍ରୀ. (ପକ୍ଷ-ତି) ପ୍ରତିପଦ୍, ପକ୍ଷମୂଳ ।

ପକ୍ଷଦ୍ୱାର, ବି. ନ. ( ପକ୍ଷ-ଦ୍ୱାର ) ପାର୍ଶ୍ୱଦ୍ୱାର, ଖିଡ଼କି ଦ୍ୱାର ।

ପକ୍ଷପାତ, ବି. ପୁଂ. ( ପକ୍ଷ-ପାତ ) ଅନୁଗ୍ରହ, ଆସକ୍ତି, ଏକ ପକ୍ଷରେ ଅଧିକ ଅନୁଗ୍ରହ ।

ପକ୍ଷପାତିତା, ବି. ସ୍ତ୍ରୀ., (ପକ୍ଷପାତିନ୍-ତା) ଅନୁକୂଲବର୍ତ୍ତିତା, ସାହାଯ୍ୟକରଣ ।

ପକ୍ଷପାତୀ, ବିଂ. (ପକ୍ଷ-ପତ୍-ଇନ୍) ଅନୁଗ୍ରାହକ, ଏକ ପକ୍ଷରେ ଅଧିକ ଅନୁଗ୍ରହକାରୀ ।

ପକ୍ଷାଘାତ, ବି. ପୁଂ. ( ପକ୍ଷ-ଆଘାତ ) ରୋଗବିଶେଷ, ଏହି ରୋଗରେ ଦେହର ଅର୍ଦ୍ଧଭାଗ ବା ସମସ୍ତ ହସ୍ତ ପଦାଦି ଅବଶ ଓ ଅସାର ହୋଇଯାଏ ।

ପକ୍ଷାନ୍ତ, ବି. ପୁଂ. ( ପକ୍ଷ-ଅନ୍ତ ) ପୂର୍ଣ୍ଣିମା, ଅମାବାସ୍ୟା ।

ପକ୍ଷାନ୍ତର, ବି. ନ. (ପକ୍ଷ-ଅନ୍ତର) ଅନ୍ୟ ପକ୍ଷ ।

ପକ୍ଷିରାଜ, ବି. ପୁଂ. (ପକ୍ଷିନ୍-ରାଜା) ଗରୁଡ଼ ।

ପକ୍ଷୀ, ବି. ପୁଂ. ( ପକ୍ଷ-ଇନ୍ ) ଖଗ, ବିହଙ୍ଗ, ବାଣ ।

ପକ୍ଷୀନ୍ଦ୍ର, ବି. ପୁଂ. (ପକ୍ଷୀ-ଇନ୍ଦ୍ର) ଗରୁଡ଼ ।

ପକ୍ଷ୍ମ, ବି. ନ. ( ପକ୍ଷ୍-ମନ୍ ) ନେତ୍ରଲୋମ, ପଲକ, ପୁଷ୍ପକେଶର, ସୂକ୍ଷ୍ମାଦିର ଅଗ୍ରଭାଗ ।

ପଖ, ବି. ( ପକ୍ଷ ଶବ୍ଦଜ ) ମାସାର୍ଦ୍ଧ ।

ପଖଳ, ବିଂ. ପ୍ରକ୍ଷାଳିତ, ଧୂଆ ।

ପଖା, ବି. ବନ୍ଧଣୀ, ପଙ୍ଖା, ପାର୍ଶ୍ୱ, ଚୁଲ୍ଲୀର ପାର୍ଶ୍ୱଦେଶ ।

ପଖାଉଜ } ବି. (ଦେଶଜ) ମୃଦଙ୍ଗାକୃତି ବାଦ୍ୟ-
ପଖଉଜ } ଯନ୍ତ୍ରବିଶେଷ ।

ପଖାଳ, ବି. (ଦେଶଜ) ପାଣିମିଶା ଭାତ ।

ପଖାଳକର୍ସ } ବି. ( ଦେଶଜ ) ଏକପ୍ରକାର
ପଖାଳକରଥ } ଦେଶୀ ପିନ୍ଧା ଲୁଗା ।

ପଖାଳିବା, କ୍ରି. (ପ୍ରକ୍ଷାଳନ ଶବ୍ଦଜ) ଧୋଇବା ।

ପଖି, ବି. (ପକ୍ଷ ଶବ୍ଦଜ) ପକ୍ଷୀର ପର, ପତତ୍ର ।

ପଖିଆ, ବି. (ଦେଶଜ) ତାଳପତ୍ର, ଆଚ୍ଛାଦନୀବିଶେଷ, ବୃଷ୍ଟିନିବାରକ ।

ପଖିଚଣ୍ଠା, ବି. ରାମାୟଣବର୍ଣ୍ଣିତ ଜଟାୟୁ ପକ୍ଷୀ ।

ପଗ } ବି. (ପର୍ବ ଶବ୍ଦଜ) ପର୍ବ, ଦୁଇ ଗଣ୍ଠିର
ପବ } ମଧ୍ୟସ୍ଥଳ ।

ପଗଡ଼, ବି. (ଦେଶଜ) ମିସ୍ତ୍ରି ପ୍ରଭୃତିର ବାନ୍ଧା, ପିଣ୍ଡ ବା ଗୁଳା ।

ପଗଡ଼ି, ବି. ( ଯାବନିକ ) ଫେଟା, ଉଷ୍ଣୀଷ, ପାଗ ।

ପଗଡ଼ିବା, କ୍ରି. (ଯାବନିକ) ଧରିବା ।

ପଗାର, ବି. (ଯାବନିକ) ପନ୍ଥ, ହୁଡ଼ା, ସୀମା ।

ପଘା, ବି. (ଦେଶଜ) ଗୋରୁ ବାଛୁରୀ ବାନ୍ଧିବାର ଦଉଡ଼ି ।

ପଙ୍କ, ବି. ପୁଂ. ନ. (ପନ୍ଚ୍-ଅ) ପାପ, କର୍ଦ୍ଦମ ।

ପଙ୍କଜ, ବି. ପୁଂ. (ପଙ୍କ-ଜନ୍-ଅ) ସାରସ ପକ୍ଷୀ । ବି. ନ. ପଦ୍ମ । ବିଂ. କର୍ଦ୍ଦମଜାତ ।

ପଙ୍କଜିନୀ, ବି. ସ୍ତ୍ରୀ. (ପଙ୍କଜ-ଇନ୍-ଈ) ପଦ୍ମିନୀ, ପଦ୍ମଲତା, ପଦ୍ମାକର, ପୁଷ୍କରିଣୀ ।

ପଙ୍କରୁହ } ବି.ନ. (ପଙ୍କ-ରୁହ-ଅ ପଦ୍ମ) । ପୁଂ.
ପଙ୍କେରୁହ } ସାରସ ପକ୍ଷୀ । ଯଥା—

ଅନ୍ତରେ ବାହାର ପଙ୍କେରୁହମୁଖୀ ସଙ୍କେତ ସ୍ଥଳକୁ ଗଲା ।
ବୈ. ଗୋ.

ପଙ୍କିଳ, ବିଂ. (ପଙ୍କ-ଇଲ) କର୍ଦ୍ଦମଯୁକ୍ତ, ପଙ୍କଯୁକ୍ତ ।

ପଙ୍କୁଆ, ବିଂ. ପଙ୍କଲିପ୍ତ, ପଙ୍କତର ।

ପଂକ୍ତି, ବିଂ. ସ୍ତ୍ରୀ. (ପନ୍ଚ୍-ତି) ଶ୍ରେଣୀ, ଦଶାକ୍ଷର ପାଦ ଛନ୍ଦୋବିଶେଷ, ଦଳ, ଧାଡ଼ି ।

ପଙ୍ଖା, ବି. (ଦେଶଜ) ବିଞ୍ଚଣା, ଝୁଲା ବ୍ୟଜନ ।

ପଙ୍ଗତ, (ପଂକ୍ତି ଶବ୍ଦଜ) ଏକ ସ୍ଥାନରେ ପଂକ୍ତିକ୍ରମେ ବସି ଆହାର କରିବା ।

ପଙ୍ଗପାଳ, ବି. (ଦେଶଜ) ଏକଜାତୀୟ ଟିଙ୍କିଳା ।

ପଙ୍ଗା, ବି. (ଦେଶଜ) ଏକପ୍ରକାର ଲୁଣ ।

ପଙ୍ଗୁ, ବିଂ. ( ପଣ୍-ଅଙ୍ଗୁ ) ହସ୍ତପଦହୀନ, ଲେଙ୍ଗଡ଼ା । ବି. ପୁଂ. ଶନିଗ୍ରହ ।

ପଚନ, ବି. ପୁଂ. (ପଚ୍-ଅନ) ଅଗ୍ନି, ପାକକାରୀ । ନ. ପାକ, ରନ୍ଧନ ।

ପଉପଉ, ବିଂ. (ଦେଶଜ) ଲଉଲଉ, ପକ୍ୱ ।

ପଚସ, ବ. (ପ୍ରଚ୍ଛ ଧାତୁଜ) ପୃଚ୍ଛା, ପ୍ରଶ୍ନ । ବି°. ଋଚ୍ଛା, ଗନ୍ଧଅ ।

ପଚ୍ଚ, ବି. ସ୍ତ୍ରୀ. (ପଚ୍-ଅ) ପାକ, (ପାକ ଅର୍ଥରେ ପଚ ଧାତୁଜ) । ବି°. ବିକୃତ, ନଷ୍ଟ, ସଢ଼ା ।

ପଚ୍ଚଇବା, କ୍ରି. (ଦେଶଜ) ପକ୍ୱ କରିବା ।

ପଚ୍ଚରିବା, କ୍ରି. (ଦେଶଜ) ଜିଜ୍ଞାସା କରିବା ।

ପଚ୍ଚଶ } ପଞ୍ଚାଶ } ବ. ବି°. ( ପଞ୍ଚାଶତ୍ ଶବ୍ଦଜ ) ୫୦ ସଂଖ୍ୟା ।

ପଚିବା, କ୍ରି. ( ପଚ୍-ଧାତୁଜ) ବିକୃତ ହେବା, ସଢ଼ି ଯିବା ।

ପଚିଶ, ବ. ବି°. ପଞ୍ଚବିଂଶତି ୨୫ ।

ପଚେଳିମ, ବି° (ପଚ୍-ଏଳିମ) ସ୍ୱୟଂପକ୍ୱ, ଗଛ-ପାଚିଲ । ଯଥା—

ପଚେଳିମ ଫଳ ପରି ଗ୍ରୀବାରୁ ମସ୍ତକ,
ଶରେ ପଡ଼ି ବାହାରୁଛି ଉକ୍ତ ଉକଭକ ।

ପଛ, ବି°. (ପଶ୍ଚାତ୍ ଶବ୍ଦଜ) ପୃଷ୍ଠଦେଶ, ପଶ୍ଚାଦ୍-ବର୍ତ୍ତୀ, ପରେ ।

ପଛୁଆ, ବି°. (ଦେଶଜ) ପଶ୍ଚାଦ୍‌ବର୍ତ୍ତୀ ହେବା ।

ପଛିଲ, ବ. (ଦେଶଜ) ବେଳାଭୂମି ବା ପରିସର ।

ପଛେଇବା, କ୍ରି, (ଦେଶଜ) ପଛକୁ ଘୁଞ୍ଚିବା ।

ପଜାଇବା, କ୍ରି. (ଦେଶଜ) ଦାଢ଼ କରିବା ।

ପଝା, ବ. (ପ୍ରା) ରୋମନ୍ଥ, ପାକୁଳ କରିବା, ଚର୍ବିତଚର୍ବଣ ।

ପଝାରି, ବ. (ଦେଶଜ) ନୌଯାତ୍ରୀ , ଯେଉଁ-ମାନେ ନୌକାରେ ନଈ ପାର ହୁଅନ୍ତି । ଯଥା—

ପାହାଡ଼ିଆ ଘଗ ଘଣ୍ଟ ନାଉରିଆ ବିବୁଛି ପଝାରି ପାର ।
ନିର୍ଝରିଣୀ ।

ପଞ୍ଚ, ବି°. (ପଚ୍-ଅ) ପଞ୍ଚସଂଖ୍ୟା, ୫ ।

ପଞ୍ଚକ, ବ. ନ. (ପଞ୍ଚନ୍-କ) ପାଞ୍ଚ . ପଞ୍ଚସମ୍ବନ୍ଧୀୟ । (ପ୍ରା) କାର୍ତ୍ତିକ ମାସର ଶେଷ ପାଞ୍ଚଦିନ ।

ପଞ୍ଚକଷାୟ, ବ. ପୁଂ. ଜମ୍ବୁ, ଶାଳ୍ମଳି, ବାଟ୍ୟାଲ, ବକୁଳ, ବଦର, ଏହି ପାଞ୍ଚ ପ୍ରକାର ମହା-କ୍ଷାରାୟ କଷାୟ ପଦାର୍ଥ ।

ପଞ୍ଚକୋଲ, ବ. ନ. ( ପଞ୍ଚ-କୋଲ ) ପାଚନ-ବିଶେଷ ।

ପଞ୍ଚଗବ୍ୟ ବ. ନ. ( ପଞ୍ଚ-ଗବ୍ୟ ) ଦଧି, ଦୁଗ୍ଧ, ଘୃତ, ଗୋମୟ ଏବଂ ଗୋମୂତ୍ର ଏହି ପାଞ୍ଚ ।

ପଞ୍ଚଜନ, ବ. ପୁଂ. (ପଞ୍ଚ-ଜନ) ପୁରୁଷ, ମନୁଷ୍ୟ, ଦୈତ୍ୟବିଶେଷ, ଏହି ଦୈତ୍ୟର ଅସ୍ଥିରୁ କୃଷ୍ଣଙ୍କର ପାଞ୍ଚଜନ୍ୟ ଶଙ୍ଖ ନିର୍ମିତ ହୋଇଅଛି ।

ପଞ୍ଚତତ୍ତ୍ୱ, ବ. ନ. ( ପଞ୍ଚନ୍-ତତ୍ତ୍ୱ ) ପୃଥିବ୍ୟାଦି ପଞ୍ଚଭୂତ, କ୍ଷିତି, ତେଜଃ, ଜଳ, ବାୟୁ, ଆକାଶ; ମଦ୍ୟ, ମାଂସ, ମତ୍ସ୍ୟ, ମୁଦ୍ରା ମୈଥୁନ ଏହି ପଞ୍ଚ ମକାରାଦି ଶବ୍ଦ ।

ପଞ୍ଚତନ୍ତ୍ର, ବ. ନ. ନୀତିଶାସ୍ତ୍ରବିଶେଷ ।

ପଞ୍ଚତନ୍ମାତ୍ର, ବ. ନ ( ପଞ୍ଚନ୍-ତନ୍ମାତ୍ର ) ରୂପ, ରସ , ଗନ୍ଧ, ସ୍ପର୍ଶ ଓ ଶବ୍ଦ । ପୃଥିବ୍ୟାଦି ସୂକ୍ଷ୍ମ ପଞ୍ଚଭୂତ ଅକାଶାଦି ।

ପଞ୍ଚତପାଃ, ବ. ପୁଂ. ( ପଞ୍ଚନ୍-ତପସ୍ ) ଯେ ପଞ୍ଚାଗ୍ନି ମଧ୍ୟରେ ପ୍ରବେଶ କରନ୍ତି, ତପସ୍ୱି-ବିଶେଷ ।

ପଞ୍ଚତା } ପଞ୍ଚତ୍ୱ } ବ. ସ୍ତ୍ରୀ. ନ. (ପଞ୍ଚନ୍-ତା, ତ୍ୱ) ମରଣ, ମୃତ୍ୟୁ, ପଞ୍ଚଭୂତ ।

ପଞ୍ଚତିରିଶ, ବ. ବି°. ( ପଞ୍ଚତ୍ରିଂଶତ୍ ଶବ୍ଦଜ ) ୩୫ ସଂଖ୍ୟା ।

ପଞ୍ଚଦଶ, ବି°. (ପଞ୍ଚନ୍-ଦଶନ୍) ପନ୍ଦର ସଂଖ୍ୟାର ପୂରକ ।

ପଞ୍ଚଦଶୀ, ବ. ସ୍ତ୍ରୀ. (ପଞ୍ଚ ଦଶ-ଈ) ଅମାବାସ୍ୟା, ପୂର୍ଣ୍ଣିମା, ବେଦାନ୍ତଗ୍ରନ୍ଥବିଶେଷ ।

ପଞ୍ଚଦେବତା, ବ ସ୍ତ୍ରୀ. ଆଦିତ୍ୟ, ଗଣେଶ, ଦେବୀ, ରୁଦ୍ର ଓ କେଶବ ଏହି ପଞ୍ଚଦେବ । କେହି କେହି ଗଣେଶାଦିଙ୍କୁ ପଞ୍ଚଦେବ କହନ୍ତି ।

ପଞ୍ଚଧା, କ୍ରି. ବି°. ଅ°. ପଞ୍ଚ ପ୍ରକାର ।

ପଞ୍ଚନଖ, ବ. ପୁଂ. ( ପଞ୍ଚନ୍-ନଖ ) ମନୁଷ୍ୟ, ବାନର, ହସ୍ତୀ, କୂର୍ମ, ବ୍ୟାଘ୍ର । ବି°. ପଞ୍ଚନଖ-ଯୁକ୍ତ ।

ପଞ୍ଚନଦ, ବି. ପୁଂ. ( ପଞ୍ଚନ୍-ନଦୀ-ଅ ) ଶତଦ୍ରୁ, ବିପାଶା, ଇରାବତୀ, ଚନ୍ଦ୍ରଭାଗା ବିତସ୍ତା ଏହି ପଞ୍ଚନଦୀଯୁକ୍ତ ଦେଶ, ପଞ୍ଜାବ ।

ପଞ୍ଚନିମ୍ବ, ବି. ନ. (ପଞ୍ଚ ନିମ୍ବ) ନିମ୍ବବୃକ୍ଷର ପତ୍ର, ତ୍ୱକ୍, ପୁଷ୍ପ, ଫଳ ଓ ମୂଳ ।

ପଞ୍ଚପଲ୍ଲବ, ବି. ନ. (ପଞ୍ଚନ୍-ପଲ୍ଲବ) ଆମ୍ର, ଅଶ୍ୱତ୍ଥ, ବଟ, ପ୍ଲକ୍ଷ, ଯଜ୍ଞଡୁମ୍ବିର, ସତଗ୍ରହର ବୈଦିକ କର୍ମରେ ଘଟ ଉପରେ ଏହି ପଞ୍ଚପଲ୍ଲବ ବସା ଯାଇଥାଏ, ଜନ୍ମମତରେ ପନସ, ଆମ୍ର, ଅଶ୍ୱତ୍ଥ, ବଟ, ବକୁଳ ଏହି ପଞ୍ଚପଲ୍ଲବ, ଅନ୍ୟ ମତରେ ଆମ୍ର, ଜାମ୍ବୁ, କପିତ୍ଥ, ବୀଜପୂରକ ଏବଂ ବିଲ୍ୱ ଏହି ପଞ୍ଚପଲ୍ଲବ ।

ପଞ୍ଚପାତ୍ର, ବି. ନ. (ପଞ୍ଚନ୍-ପାତ୍ର) ଦେବପକ୍ଷଦ୍ୱୟ ଏବଂ ପିତୃପକ୍ଷତ୍ରୟ ଏହି ପଞ୍ଚପାତ୍ର ଶ୍ରାଦ୍ଧ, ପାର୍ବଣୋକ୍ତ ପାତ୍ର ।

ପଞ୍ଚପିତା, ବି. ପୁଂ. ଅନ୍ନଦାତା, ଭୟତ୍ରାତା, ପିତା ଶ୍ୱଶୁର, ଉପନେତା ଏହି ପାଞ୍ଚ ।

ପଞ୍ଚପିତ୍ତ, ବି. ନ. ବରାହ, ଛାଗ, ମହିଷ, ମତ୍ସ୍ୟ ଓ ମୟୂର ପିତ୍ତ ।

ପଞ୍ଚପ୍ରାଣ, ବି. ପୁଂ. ପ୍ରାଣ, ଅପାନ, ସମାନ, ଉଦାନ, ବ୍ୟାନ ଶରୀରସ୍ଥ ଏହି ପଞ୍ଚବାୟୁ ।

ପଞ୍ଚଭଦ୍ର, ବି. ପୁଂ. (ପଞ୍ଚନ୍-ଭଦ୍ର ଯେଉଁ ଅଶ୍ୱର ହୃଦୟରେ, ପୃଷ୍ଠରେ, ମୁଖରେ ଓ ପାର୍ଶ୍ୱଦ୍ୱୟରେ ଆବର୍ତ୍ତ ଅଛି । ନ. ପାଚନବିଶେଷ ।

ପଞ୍ଚଭୂତ, ବି. ନ. ( ପଞ୍ଚନ୍-ଭୂତ ) କ୍ଷିତି, ଅପ, ତେଜଃ, ମରୁତ୍, ବ୍ୟୋମ ।

ପଞ୍ଚମ, ବି. (ପଞ୍ଚନ୍-ମ ପୂରଣାର୍ଥେ) ରାଗବିଶେଷ, ଅତି ଉଚ୍ଚୈଃସ୍ୱର, ଏହି ସ୍ୱର ନାଭିରୁ ଉତ୍ଥିତ ହୋଇ ବକ୍ଷ, ହୃଦୟ, କଣ୍ଠ ଏବଂ ମସ୍ତକ ଏହି ପାଞ୍ଚ ସ୍ଥାନ ବିଚରଣ କରେ ବୋଲି ଏହାକୁ "ପଞ୍ଚମ ସ୍ୱର" ବୋଲାଯାଏ, କୋକିଳ ଧ୍ୱନି । ନ. ମୈଥୁନ । ବିଂ. ପାଞ୍ଚର ପୂରଣ, ସୁନ୍ଦର, ରୁଚିର, ମନୋଜ୍ଞ, ନିପୁଣ, ଦକ୍ଷ ।

ପଞ୍ଚମକାର, ବି. ନ. (ପଞ୍ଚନ୍-ମକାର = ମ ଅକ୍ଷର ଯେଉଁ ପାଞ୍ଚ ଶବ୍ଦର ପ୍ରଥମରେ ଥାଏ) ମତ୍ସ୍ୟ, ମାଂସ, ମଦ୍ୟ, ମୁଦ୍ରା, ମୈଥୁନ ଏହି ପାଞ୍ଚ ।

ପଞ୍ଚମହାପାତକ, ବି. ନ. (ପଞ୍ଚନ୍-ମହାପାତକ ବ୍ରହ୍ମହତ୍ୟା, ସୁରାପାନ, ସ୍ୱର୍ଣ୍ଣ ସ୍ତେୟ, ଗୁରୁପତ୍ନୀ-ସଂସର୍ଗ ଏବଂ ପାପିମାନଙ୍କ ସହବାସ ଏହି ପାଞ୍ଚ ।

ପଞ୍ଚମହାଯଜ୍ଞ, ବି. ପୁଂ. ( ପଞ୍ଚନ୍-ମହତ୍-ଯଜ୍ଞ ) ବେଦାଧ୍ୟୟନ, ଅଗ୍ନିହୋତ୍ର, ପିତୃତର୍ପଣ, ଭୂତବଳି, ଅତିଥିପୂଜା ଏହି ପାଞ୍ଚ ପ୍ରକାର ଗୃହସ୍ଥର କର୍ତ୍ତବ୍ୟ କର୍ମ ।

ପଞ୍ଚମାସ୍ୟ, ବି. ପୁଂ. (ପଞ୍ଚମ = ସ୍ୱରବିଶେଷ-ଆସ୍ୟ = ମୁଖ) ପଞ୍ଚମ ସ୍ୱରରେ ଯେ ଗାନ କରେ, ପଞ୍ଚମ ସ୍ୱରଭାଷୀ, କୋକିଳ ।

ପଞ୍ଚମୀ, ବି. ସ୍ତ୍ରୀ. ( ପଞ୍ଚମ-ଈ ) ପାଣ୍ଡବପତ୍ନୀ ଦ୍ରୌପଦୀ, ତିଥିବିଶେଷ, ଚନ୍ଦ୍ରର ପଞ୍ଚମ କଳାର କ୍ରିୟାକାଳ ।

ପଞ୍ଚମୁଖ, ବି. ପୁଂ. (ପଞ୍ଚନ୍-ମୁଖ) ଶିବ, ପଞ୍ଚାନନ, ସିଂହ, କେଶରୀ ।

ପଞ୍ଚଯଜ୍ଞ, ବି. ପୁଂ. ( ପଞ୍ଚନ୍-ଯଜ୍ଞ ) ବ୍ରହ୍ମଯଜ୍ଞ, ନୃଯଜ୍ଞ, ଦୈବଯଜ୍ଞ, ପିତୃଯଜ୍ଞ, ଭୂତଯଜ୍ଞ, ଏହି ପାଞ୍ଚ ।

ପଞ୍ଚରତ୍ନ, ବି. ନ. ( ପଞ୍ଚନ୍-ରତ୍ନ ) କନକ, ହୀରକ, ମୁକ୍ତା, ନୀଳକାନ୍ତ, ପଦ୍ମରାଗ ଏହି ପାଞ୍ଚ ।

ପଞ୍ଚରାତ୍ର, ବି. ନ. ( ପଞ୍ଚନ୍-ରାତ୍ରି ) ପଞ୍ଚଜ୍ଞାନ-ସାଧନ ଗ୍ରନ୍ଥବିଶେଷ, ପାଞ୍ଚ ରାତ୍ରି ।

ପଞ୍ଚଲକ୍ଷଣ, ବି. ନ. ପଞ୍ଚନ୍ = (ସୃଷ୍ଟି, ପ୍ରଳୟ, ବଂଶବର୍ଣ୍ଣନା, ମନୁର ରାଜତ୍ୱ ଏବଂ ତାହାଙ୍କର ପୁତ୍ରାଦିର ଚରିତ୍ର) = ପାଞ୍ଚ-ଲକ୍ଷଣ = ଚିହ୍ନ ) ପୁରାଣଶାସ୍ତ୍ର ।

ପଞ୍ଚଲବଣ, ବି. ନ. ( ପଞ୍ଚନ୍-ଲବଣ ) କାଚ, ସୈନ୍ଧବ, ସାମୁଦ୍ର, ବିଟ, ସୌବର୍ଚ୍ଚଳ ଏହି ପାଞ୍ଚ ପ୍ରକାର ଲବଣ ।

ପଞ୍ଚଲୌହ, ପଞ୍ଚଲୌହକ } ବି. ନ. (ପଞ୍ଚ=ପାଞ୍ଚ-ଲୌହ, ଲୌହକ) ସୁବର୍ଣ୍ଣ, ରଜତ, ତାମ୍ର, ରଙ୍ଗ, ସୀସକ ଏହି ପଞ୍ଚବିଧ ଧାତୁ ।

ପଞ୍ଚବଟୀ, ବି. ନ. ଦଣ୍ଡକାରଣ୍ୟସ୍ଥ ବନବିଶେଷ, ଅଶ୍ୱତ୍ଥ, ବିଲ୍ୱ, ବଟ, ଧାତ୍ରୀ, ଅଶୋକ ଏହି ପାଞ୍ଚ ପ୍ରକାର ବୃକ୍ଷ ଥିବାରୁ ଏହାର ନାମ ପଞ୍ଚବଟୀ ।

ପଞ୍ଚବକ୍ତ୍ର, ବି. ପୁଂ. (ପଞ୍ଚନ୍=ପାଞ୍ଚ-ବକ୍ତ୍ର=ମୁଖ) ପଞ୍ଚାନନ, ଶିବ, ରୁଦ୍ରାକ୍ଷବିଶେଷ । ବିଂ. (ପଞ୍ଚ=ଆୟୃତ, ବିସ୍ତୃତ-ବକ୍ତ୍ର=ମୁଖ) ସିଂହ, କେଶରୀ ।

ପଞ୍ଚବାଣ, ପଞ୍ଚଶର } ବି. ପୁଂ. (ପଞ୍ଚନ୍-ବାଣ, ଶର) କନ୍ଦର୍ପ, କାମ, କନ୍ଦର୍ପର ପାଞ୍ଚଟି ବାଣ । ଯଥା—ଅରବିନ୍ଦ, ଅଶୋକ, ଚୂତ, ନବମଲ୍ଲିକା, ନୀଳୋତ୍ପଳ, ଅଥବା ସମ୍ମୋହନ, ଉନ୍ମାଦନ, ଶୋଷଣ, ତାପନ, ସ୍ତମ୍ଭନ ।

ପଞ୍ଚଶସ୍ୟ, ବି. ନ. (ପଞ୍ଚନ୍-ଶସ୍ୟ) ଧାନ୍ୟ, ମୁଗ, ଯବ, ତିଳ, ଶ୍ୱେତସର୍ଷପ ।

ପଞ୍ଚଶାଖ, ବି. ପୁଂ. (ପଞ୍ଚନ୍-ଶାଖା) କର, ହସ୍ତ । ବିଂ ପାଞ୍ଚଶାଖାଯୁକ୍ତ ।

ପଞ୍ଚଶିଖ, ବି. ପୁଂ. (ପଞ୍ଚ=ବିସ୍ତୃତ-ଶିଖା=ଚୂଡ଼ା ବା କେଶର) ସିଂହ, ଧର୍ମର ଔରସରେ ହିଂସାର ଗର୍ଭସମ୍ଭୂତ ମନୁବିଶେଷ ।

ପଞ୍ଚଷଠୀ, ବି. ବିଂ. (ପଞ୍ଚଷଷ୍ଟି ଶବ୍ଦଜ) ୬୫ ସଂଖ୍ୟା ।

ପଞ୍ଚସୁଗନ୍ଧକ, ବି. ନ. (ପଞ୍ଚନ୍-ସୁଗନ୍ଧ-କ) ଲବଙ୍ଗ, କର୍ପୂର, କଙ୍କୋଲ, ଗୁବାକ, ଜାତୀଫଳ ଏହି ପାଞ୍ଚ ସୁଗନ୍ଧ ଦ୍ରବ୍ୟ ।

ପଞ୍ଚସ୍ତରି, ବି. ବିଂ. (ପଞ୍ଚସପ୍ତତି ଶବ୍ଦଜ) ୭୫ ସଂଖ୍ୟା ।

ପଞ୍ଚାଏତ, ପଞ୍ଚାୟତ } ବି. ପୁଂ. (ଦେଶଜ) କୌଣସି ବିଷୟ ନିଷ୍ପତ୍ତି କରିବାପାଇଁ ଗ୍ରାମରେ କେତେକ ଜଣ ଭଦ୍ରଲୋକ ମିଶି ଯେଉଁ ସଭା କରନ୍ତି, ସେହି ସଭାର ନାମ "ପଞ୍ଚାଏତ" ।

ପଞ୍ଚାଗ୍ନି, ବି. ପୁଂ. (ପଞ୍ଚନ୍-ଅଗ୍ନି) ଚତୁର୍ଦ୍ଦିଗରେ ଅଗ୍ନି ଉପରେ ସୂର୍ଯ୍ୟ ଏହି ପାଞ୍ଚ, ତପସ୍ୱିବିଶେଷ ।

ପଞ୍ଚାଙ୍ଗ, (ପଞ୍ଚନ୍-ଅଙ୍ଗ) ପଞ୍ଚ ଅବୟବ ବିଶିଷ୍ଟ । ବି. କଚ୍ଛପ, ଅଶ୍ୱବିଶେଷ, ମୂଳ, ତ୍ୱକ୍, ପତ୍ର, ପୁଷ୍ପ ଫଳ ଏହି ପାଞ୍ଚ, ଜପ, ହୋମ, ତର୍ପଣ, ସ୍ନାନ, ବ୍ରାହ୍ମଣଭୋଜନ ଏହି ପଞ୍ଚାଙ୍ଗ ।

ପଞ୍ଚାଙ୍ଗୁଳ, ବି. ପୁଂ. (ପଞ୍ଚନ୍=ପାଞ୍ଚ-ଅଙ୍ଗୁଳ=ଯାହାର ପତ୍ର ପାଞ୍ଚ ଅଙ୍ଗୁଳି ସଦୃଶ) ଏରଣ୍ଡ ବୃକ୍ଷ, ଗବଗଛ, । ବିଂ. ପାଞ୍ଚ ଅଙ୍ଗୁଳିପରିମିତ ।

ପଞ୍ଚାଶୋଇ, ପଞ୍ଚାନବେ } ବି. ବିଂ. (ପଞ୍ଚନବତି ଶବ୍ଦଜ) ୯୫ ସଂଖ୍ୟା ।

ପଞ୍ଚାନନ, ବି. ପୁଂ. (ପଞ୍ଚନ୍-ଆନନ) ଶିବ, ସିଂହ ।

ପଞ୍ଚାବନ, ବି. ବିଂ. (ପଞ୍ଚପଞ୍ଚାଶତ୍ ଶବ୍ଦଜ) ୫୫ ସଂଖ୍ୟା ।

ପଞ୍ଚାମୃତ, ବି. ନ. (ପଞ୍ଚନ୍=ପାଞ୍ଚ-ଅମୃତ=ସୁଧା) ଦଧି, ଦୁଗ୍ଧ, ଘୃତ, ମଧୁ, କନ୍ଦ ଏହି ପାଞ୍ଚ ।

ପଞ୍ଚାମ୍ର, ବି. ନ. (ପଞ୍ଚନ୍-ଆମ୍ର) ଅଶ୍ୱତ୍ଥ, ଚମ୍ପକ, ବକୁଳ, ନାରକେଳ ଏହି ପାଞ୍ଚ ।

ପଞ୍ଚାଳ, ବି. ପୁଂ. (ପଞ୍ଚନ୍-ଅଳ) ଭାରତବର୍ଷର ଉତ୍ତରଭାଗସ୍ଥ ଦେଶବିଶେଷ ।

ପଞ୍ଚାଳିକା, ବି.ସ୍ତ୍ରୀ. (ପଞ୍ଚ ଲ ଇକ, ଆ) ପୁତ୍ତଳୀ, ଗୀତବିଶେଷ, ପଶାର ଛକ ।

ପଞ୍ଚାଳିଶ, ବି. ବିଂ. (ପଞ୍ଚଚତ୍ୱାରିଂଶତ୍ ଶବ୍ଦଜ) ୪୫ ସଂଖ୍ୟା ।

ପଞ୍ଚାଳୀ, ବି. (ପଞ୍ଚ-ଆଳ-ଇ) ପିତୁଲା, କଣ୍ଢେଇ । ଯଥା—

ଧୂଳି ପଞ୍ଚାଳୀ ଝଟକେ ନାହିଁକି,
ଖେଳ ମାଇଲ ମୁଁ କାହିଁକି ? ଦମ୍ପୁ ।

ପଞ୍ଚାଶତ୍, ବିଂ. (ପଞ୍ଚନ୍-ଦଶନ୍) ୫୦ ସଂଖ୍ୟା ।

ପଞ୍ଚାଶୀ } ବି. ବଂ. ୮୫ ସଂଖ୍ୟା ।
ପଞ୍ଚାଶୀ
ପଞ୍ଚାଶୀତି

ପଞ୍ଚାସ୍ୟ, ବି. ପୁଂ. ( ପଞ୍ଚନ୍-ଅସ୍ୟ ) ଶିବ, ମହାଦେବ, ସିଂହ, ମୃଗେନ୍ଦ୍ର, କେଶରୀ ।

ପଞ୍ଚୁ, ବି (ଦେଶଜ) ପଞ୍ଚାଏତ ।

ପଞ୍ଚୁଆତ, ବି. ( ଦେଶଜ ) ଶିଶୁ ଜନ୍ମର ପଞ୍ଚମ ଦିନର ଉତ୍ସବ, ପଶାଖେଳର ଦାନ-ବିଶେଷ ।

ପଞ୍ଚେନ୍ଦ୍ରିୟ, ବି. ନ. (ପଞ୍ଚନ୍-ଇନ୍ଦ୍ରିୟ) ଚକ୍ଷୁ, କର୍ଣ୍ଣ ନାସିକା, ତ୍ୱକ୍, ଜିହ୍ୱା ଏହି ପଞ୍ଚ ଇନ୍ଦ୍ରିୟ ।

ପଞ୍ଚେଷୁ, ବି. ପୁଂ. (ପଞ୍ଚନ୍-ଇଷୁ) କନ୍ଦର୍ପ, ପଞ୍ଚଶର, ମଦନ ।

ପଞ୍ଜର } ବି. ନ. ( ପଚ୍‌ଜ-ଅର ) କଙ୍କାଳ, ପଞ୍ଜରୀ } ଅସ୍ଥିମାଳାବିଶିଷ୍ଟ ଶରୀର, ପକ୍ଷ୍ୟାଦି ବନ୍ଧଗୃହ, ପିଞ୍ଜରା, ପଞ୍ଜୁରୀ, ଝରକା ।

ପଞ୍ଜି } ବି. ସ୍ତ୍ରୀ. (ପିଜନ୍-ଇ) ପାଞ୍ଜି, ତିଥି ନକ୍ଷତ୍ରାଦି କାଳଜ୍ଞାପକ ଗ୍ରନ୍ଥ ।
ପଞ୍ଜିକା
ପଞ୍ଜୀ

ପଞ୍ଜୁରି } ବି. ନ. ( ପିଞ୍ଜର ଶବ୍ଦର ଅପଭ୍ରଂଶ ପଞ୍ଜୁରୀ } ପକ୍ଷ୍ୟାଦିର ବନ୍ଧଗୃହ ।

ପଞ୍ଝା, ବି. ନ (ପ୍ର) ଦଳ, ସମୂହ, ପଲ ।

ପଟ, ବି. ପୁଂ. ନ ( ପଟ୍-ଅ ) ବସ୍ତ୍ର, ଚିତ୍ରପଟ, ଛବି । ନ. ଖଲ, ଛେଲି, ପଟ୍ଟିକା । ସ୍ତ୍ରୀ ଯବନିକା । (ଦେଶଜ) ଅଣ୍ଟା, କଅଁଗଛଚେର, ଯୋଡ଼ିକରୁ ଗୋଟିଏ ।

ପଟକା, ବି (ଦେଶଜ) କଟିବସ୍ତ୍ର, ଅଣ୍ଟାପଡ଼ା ।

ପଟଚର, ବି. (ପଟଚ୍-ଚର-ଅ) ଚୋର, ପୁରୁଣା-ଲୁଗା ।

ପଟଣ } ବି. (ପତ୍ତନ ଶବ୍ଦଜ) ଗ୍ରାମପୁଞ୍ଜ, ଗ୍ରାମ, ପଟଣା } ପତ୍ତନ ।

ପଟମଣ୍ଡପ, ବି. ପୁଂ. (ପଟ—ବସ୍ତ୍ର-ମଣ୍ଡପ—ଗୃହ) ତମ୍ବୁ, ବସ୍ତ୍ରଗୃହ ।

ପଟଲ, ବି. (ପଟ୍-ଅଲ) ସ୍ତୂପାକାର, ସମୂହ । ଘ୍ରଲ, ଗୃହର ଛାତ, ଚକ୍ଷୁରୋଗବିଶେଷ, ପରଲ ପଡ଼ିବା ।

ପଟବାସ, ବି. ପୁଂ. (ପଟ-ବାସ) ଖାଣ୍ଟି, ଶାଢ଼ୀ, ତମ୍ବୁ, ବସ୍ତ୍ରଗୃହ ।

ପଟହ, ବି. ପୁଂ. ନ. ( ପଟ-ହା-ଅ ) ନାଗରା, ଢେଁଡ଼ା, ଅଡ଼ମ୍ବର ।

ପଟା, ବି. (ଦେଶଜ) ଚକ୍ତା, ଭୂସମ୍ପତ୍ତିର ସନନ୍ଦ-ବିଶେଷ ।

ପଟାନ୍ତର, ବି. ନ. ( ପଟ ଅନ୍ତର ) ତୁଳନା, ଉପମା ।

ପଟପଟି, ବି. (ଦେଶଜ ଚଳାଚଳ । ବଂ. ମତର ଅନୁକୂଳ ।

ପଟାଳ, ବି. (ଦେଶଜ) କ୍ଷୁଦ୍ର କଅଁର, କାଠ ବା ବଂଶ ଖଣ୍ଡର ଭେଲା ।

ପଟି, ବି. ସ୍ତ୍ରୀ. (ପଟ୍-ଇ )ବସ୍ତ୍ରବିଶେଷ, ପଟ୍ଟି, କଅଁଚର ଖଣ୍ଡବିଶେଷ, ଖଜୁରିଆଦି ପତ୍ର-ବୁଣା ବିଛଣା, ଚାଳ, ସାହି ।

ପଟୀୟାନ୍, ବଂ. ( ପଟୁ-ଈୟସ୍ ) ଅତି ପଟୁ, ସୁଚତୁର, ସୁନିପୁଣ, ଅତିଶୟ ଦକ୍ଷ ।

ପଟୀର ବି. ନ ( ପଟ୍-ଈର ) ଖେତ, ଚାଳନୀ, ଲୋଚନ, ଚନ୍ଦନ, ମେଘ, ବଂଶ, ଉଦର, ମୂଳକ, ଖଦିର, ବାତରୋଗବିଶେଷ । ବି. ପୁଂ. କନ୍ଦର୍ପ, ଚନ୍ଦନବୃକ୍ଷ, ମେଘ ।

ପଟୁ, ବଂ. ( ପାଟି-ଉ ) ନିପୁଣ, ଦକ୍ଷ, ସମର୍ଥ, ପରିଶ୍ରମୀ, ଚତୁର, ତୀକ୍ଷ୍ଣ । (ଦେଶଜ) ଜଳ-ପ୍ରବାହରେ ବହି ଆସିବା ସାର ।

ପଟୁଆର, ବି. (ଦେଶଜ) ଶୋଭାଯାତ୍ରା । ଉତ୍ସବ Procession.

ପଟୁଆର, ବି. ( ଦେଶଜ ) ଜମି ମାପବାର କର୍ମଚାରୀ ।

ପଟୁକା, ବି. ( ଦେଶଜ ) କଟିବସ୍ତ୍ର, କଦଳୀ-କାସୁଙ୍ଗା ।

ପଟେ, (ଦେଶଜ) ଅଧଯୋଡ଼ା ।

ପଟୋଲ, ବି ପୁଂ. ( ପଟ୍-ଓଲ ) ସୁନାମପ୍ରସିଦ୍ଧ ଫଳବିଶେଷ । ନ. ବସ୍ତ୍ରବିଶେଷ, ପଟ୍ଟବସ୍ତ୍ର ।

ପଟୋଳୀ, ବି. ସ୍ତ୍ରୀ. (ପଟୋଳ-ଈ) କ୍ଷୁଦ୍ର ପଟୋଳ, ଫଳବିଶେଷ ।

ପଟ୍ଟ, ବି ପୁଂ. (ପଟ୍-ତ) ପେଷଣାର୍ଥ ପ୍ରସ୍ତୁତ ଶିଳ, ପଟ', ରାଜାସନ, ବସ୍ତ୍ରବିଶେଷ ।

ପଟ୍ଟଗୃହ, ବି. ନ. (ପଟ୍ଟ-ଗୃହ) ତମ୍ବୁ, ବସ୍ତ୍ରନିର୍ମିତ ଗୃହ ।

ପଟ୍ଟନ, ବି. ନ. (ପଟ୍-ତନ) ପାଟଣା, ନଗର ।

ପଟ୍ଟଦେବୀ / ପଟ୍ଟମହିଷୀ } ବି. ସ୍ତ୍ରୀ. (ପଟ୍ଟ-ଦେବୀ, ମହିଷୀ) ରାଜାଙ୍କ ପ୍ରଧାନ ମହିଷୀ ପାଟରାଣୀ ।

ପଟ୍ଟା, ବି. ନ. (ଦେଶଜ) ଜମି ଭୋଗ କରିବା ନିମିତ୍ତ ଜମିଦାରଠାରୁ ପ୍ରାପ୍ତ ଅନୁମତିପତ୍ର ।

ପଟ୍ଟିକା, ବି. ସ୍ତ୍ରୀ. (ପଟ୍ଟ-କ, ଆ) ଅଞ୍ଚଳ । ଯଥା—

ଅତ୍ରରେ କାଳନ୍ଦୀସ୍ରୋତେ ଯାଏଁ ଶରବେଗେ
ଖଞ୍ଜାଇଣ, ଉଙ୍ଗେ ଦୋଳ ଧବଳ ପଟ୍ଟିକା । ମ. ଯା.

ପଟ୍ଟିଶ / ପଟ୍ଟିସ } ବି. (ପଟ୍-ଟିଶ, ଟିସ) ଯୁଦ୍ଧାସ୍ତ୍ରବିଶେଷ ।

ପଠନ, ବି. ନ. (ପଠ୍-ଅନ) ପାଠ, ଅଧ୍ୟୟନ ।

ପଠା, ବି. (ଦେଶଜ) ପୃଷ୍ଠଦେଶସ୍ଥ ତୃଣ ସ୍ରୋତବିଶେଷ, ନଦୀମଧ୍ୟସ୍ଥ ଗୋଚର ସ୍ଥାନ । ଯଥା—

ବାନ୍ଧେସୁମେ ଶୁକ୍ଳ ଉନ୍ନାପଠା ।

ପଠାଇବା, କ୍ରି. (ଦେଶଜ) ପ୍ରେରଣ କରିବା ।

ପଠାଣ, ବି (ଯାବନିକ) ଯବନ, ମୁସଲମାନ ।

ପଠନୀୟ, ବିଂ. (ପଠ୍-ଅନୀୟ) ପାଠ୍ୟ, ପଢ଼ିବାର ଯୋଗ୍ୟ ।

ପଠିତ, ବିଂ. (ପଠ୍-ତ) ଅଧୀତ, ଉଚ୍ଚାରିତ ।

ପଠାଣୀ / ପଠୌଣୀ } ବି (ଦେଶଜ) ପଠାଣର ସ୍ତ୍ରୀ ।

ପଡ଼ା, ବି. ନ. (ଦେଶଜ) ପଲ୍ଲୀଗ୍ରାମ, ଖଣ୍ଡ । କ୍ରି ପଡ଼ିବା ।

ପଡ଼ି, ବି. ନ. (ଦେଶଜ) କୌଣସି ଲୋକର ଭରଣପୋଷଣାର୍ଥ ଦିଆଯିବା ନିର୍ଦ୍ଦିଷ୍ଟ ସାହାଯ୍ୟ ।

ପଡ଼ିଆ, ବି. (ଦେଶଜ) ପଦା, ପ୍ରାନ୍ତର ।

ପଡ଼ିବା, କ୍ରି (ପତ୍ ଧାତୁଜ) ପତିତ ହେବା, ମନ ମିଳିବା ।

ପଡ଼ିଶା, ବି. (ପ୍ରତିବେଶୀ ଶବ୍ଦଜ) ପାଖଘର ।

ପଡ଼ିହାରୀ / ପଡ଼ିଆରି } ବି. (ପ୍ରତିହାରୀ ଶବ୍ଦଜ) ଦ୍ୱାରପାଳ, ଦେବପୂଜକବିଶେଷ ।

ପଡ଼ୋଶୀ, ବି. (ପ୍ରତିବାସୀ ଶବ୍ଦଜ) ପ୍ରତିବାସୀ ।

ପଢ଼ା, ବି. (ଦେଶଜ) ପାଠ ଅଧ୍ୟୟନ କରିବା ।

ପଢ଼ିବା, କ୍ରି. (ପଠ୍ ଧାତୁଜ) ଅଧ୍ୟୟନ କରିବା ।

ପଢ଼ୁଆ, ବି. ନ. (ଦେଶଜ) ଛୋଟ ନୌକା । ବିଂ. ଛାତ୍ର, ପାଠକ ।

ପଣ, ବି. ପୁଂ. (ପଣ୍-ଅ) ପ୍ରତିଜ୍ଞା, ବାଜିମାରିବା, ବେତନ, ମୂଲ୍ୟ, ୨୦ ଗଣ୍ଡା ପରିମାଣ । ଅଂ ହି, ତା ଅର୍ଥବୋଧକ ପ୍ରତ୍ୟୟବିଶେଷ । ଯଥା—

ତୁହି ମୁଖ ଦରପଣେ, ବଶ ହେଲେ ମୋ ପରି ପଣେ,
ଶୋଭା ନ ଦିଶିବ ଦାସୀପଣେ । ବ. ଚ.

ପଣଅଜା, ବି. (ଦେଶଜ) ପ୍ରପିତାମହ, ପ୍ରମାତାମହ ।

ପଣକିଆ, ବି. (ଦେଶଜ) ପଣଯୁକ୍ତ ଗୁଣନର ଖେଳା ।

ପଣନ୍ତ / ପଣତ } ବି. ନ. (ଦେଶଜ) ବସ୍ତ୍ରାଞ୍ଚଳ । ଯଥା—

ପଣନ୍ତ ଦେଇଛି ଶିରେ, ଧରିଛି ଦକ୍ଷିଣ କରେ । ସ୍ୱ. ବି.

ପଣବ, ବି. (ପଣ୍-ଅବ) ଏକପ୍ରକାର ବାଦ୍ୟଯନ୍ତ୍ର ।

ପଣସ, ବି. ପୁଂ. (ପନ୍-ଅସ) ପଣ୍ୟଦ୍ରବ୍ୟ, ବିକ୍ରେୟ ସାମଗ୍ରୀ । (ଦେଶଜ) ଫଳବିଶେଷ ।

ପଣା, ବି. (ପ୍ରପାନକ ଶବ୍ଦଜ) ନବାତମିଶ୍ରିତ ଜଳ । ଯଥା—

ଚିଣା ଶୁଆ ସନପଣ ରୁ ମୟୂର, ଲମ୍ବୁଥିଲ ଶ୍ୟାମଗ୍ରୀବ ।

ପଣାଙ୍ଗନା, ବି. ସ୍ତ୍ରୀ. (ପଣ୍-ଅଙ୍ଗନା) ବେଶ୍ୟା, କୁଲଟା ।

ପଣାୟିତ } ବିଂ. (ପଣ୍-ତ) ସ୍ତୁତ, ପ୍ରଶଂସିତ,
ପଣିତ } କ୍ରୀତ, ବ୍ୟବହୃତ, ବର୍ଣ୍ଣିତ, ବିକ୍ରୀତ ।

ପଣାସଂକ୍ରାନ୍ତି, ବି. ମହାବିଷୁବ ସଂକ୍ରାନ୍ତି ।

ପଣିତବ୍ୟ, ବିଂ. (ପଣ ତବ୍ୟ) ବ୍ୟବହାର୍ଯ୍ୟ, କ୍ରେତବ୍ୟ, ବିକ୍ରେୟ, ବିକିବାର ଉପଯୁକ୍ତ ।

ପଣିବା, କ୍ରି. (ଦେଶଜ) ମୁହାଁଇବା, ଠିକିରେ ଧାନ ଦେବା, ବହୁତ ମାରିବା ।

ପଣ୍ଡ, ବି. ପୁଂ. ନ. (ପଣ୍ଡ=ଗମନ କରିବା-ଅ) ନପୁଂସକ, ଗଦା । ବିଂ. ନିଷ୍ଫଳ ନିରର୍ଥକ ।

ପଣ୍ଡଶ୍ରମ, ବି. (ପଣ୍ଡ ଶ୍ରମ) ଅନର୍ଥକ ଆୟାସ, ବିଫଳଯତ୍ନ, ନିରର୍ଥକ ଶ୍ରମ ।

ପଣ୍ଡା, ବି. ସ୍ତ୍ରୀ. (ପଣ୍ଡ-ଆ) ଶାସ୍ତ୍ରବୁଦ୍ଧି, ପାଣ୍ଡିତ୍ୟ, ଶାସ୍ତ୍ରଜ୍ଞାନ । (ଦେଶଜ) ଅଣ୍ଡିରା ମଇଁଷି, ଦେବପୂଜକ ବ୍ରାହ୍ମଣ । ବ୍ରାହ୍ମଣର ପଦବୀ-ବିଶେଷ । (ପଣ୍ଡ ଶବ୍ଦଜ) ସାରହୀନ । ଯଥା — ପଣ୍ଡା ଫଳ ।

ପଣ୍ଡିତ, ବି. ପୁଂ. (ପଣ୍ଡା ଇତ) ଶାସ୍ତ୍ରଜ୍ଞ, ବିଦ୍ୱାନ୍, ନିପୁଣ, ଦକ୍ଷ, ମେଧାବୀ ।

ପଣ୍ଡିତମନ୍ୟ } ବିଂ. { ପଣ୍ଡିତ-ମନ୍-ଯ
ପଣ୍ଡିତମାନୀ } { ପଣ୍ଡିତ ମନ୍-ଇନ୍ }
ପଣ୍ଡିତ ଉମାନୀ, ଯେ ପଣ୍ଡିତ ନ ହୋଇ ଆପଣାକୁ ପଣ୍ଡିତ ଜ୍ଞାନ କରେ ।

ପଣ୍ୟ, ବିଂ. (ପଣ୍-ଯ) ବିକ୍ରେୟ ବସ୍ତୁ, ବ୍ୟବହାର୍ଯ୍ୟ ।

ପଣ୍ୟବୀଥିକା } ବି. ସ୍ତ୍ରୀ. (ପଣ୍ୟ-ବୀଥିକା,
ପଣ୍ୟବୀଥୀ } ବୀଥୀ) ବିପଣି, ହାଟ, ବଜାର ।

ପଣ୍ୟଶାଳା, ବି. ସ୍ତ୍ରୀ. (ପଣ୍ୟ=ବିକ୍ରେୟଦ୍ରବ୍ୟ ଶାଳା=ଗୃହ) ହାଟ, ବଜାର ପ୍ରଭୃତି ।

ପଣ୍ୟସ୍ତ୍ରୀ, ବି ସ୍ତ୍ରୀ. (ପଣ୍ୟସ୍ତ୍ରୀ) ପଣ୍ୟାଙ୍ଗନା, ବେଶ୍ୟା, ସାଧାରଣ ଉପଭୋଗ୍ୟା କାମିନୀ ।

ପଣ୍ୟାଙ୍ଗନା } ବି.ସ୍ତ୍ରୀ. (ପଣ୍ୟ, ପଣ-ଅଙ୍ଗନା)
ପଣାଙ୍ଗନା } ବେଶ୍ୟା ।

ପଣ୍ୟାଜୀବ, ବି. ପୁଂ. ବଣିକ୍ ।

ପତଗ } ବି. ପୁଂ. (ପତ୍-ଗମ୍-ଅ) ବିହଙ୍ଗ,
ପତଙ୍ଗ } ପକ୍ଷୀ, ଝିଣ୍ଟିକା, ଶଲଭ, ସୂର୍ଯ୍ୟ,
ପତଙ୍ଗମ } ଅଗ୍ନି, ଶର, ଚନ୍ଦନବିଶେଷ, ପାରଦ ।

ପତଙ୍ଗିକା, ବି. ସ୍ତ୍ରୀ. (ପତଙ୍ଗ କ-ଆ) ଏକପ୍ରକାର ମଧୁମକ୍ଷିକା, ମହୁମାଛିବିଶେଷ ।

ପତଞ୍ଜଳି, ବି. ପୁଂ. (ପତତ୍ ଅଞ୍ଜଳି) ମୁନିବିଶେଷ, ପାତଞ୍ଜଳ ନାମକ ଯୋଗଶାସ୍ତ୍ରଜ୍ଞ ଓ ପାଣିନି ବ୍ୟାକରଣର ଭାଷ୍ୟକର୍ତ୍ତା । କଥିତ ଅଛି ଯେ, ସର୍ପରୂପରେ ପାଣିନି ମୁନିଙ୍କ ହସ୍ତରେ ସ୍ୱର୍ଗରୁ ପଡ଼ିଥିଲେ ।

ପତତ୍ର, ବି. ନ. (ପତ୍-ତ୍ରୈ-ଅ) ପକ୍ଷୀର ଡେଣା ।

ପତତ୍ରି } ବି ପୁଂ. (ପତତ୍ର-ଇ,ଇନ୍) ବିହଙ୍ଗ,
ପତତ୍ରୀ } ଖଗ, ପକ୍ଷୀ ।

ପତନ, ବି. (ପତ୍-ଅନ) ଚଳନ, ସ୍ଖଳନ, ଭ୍ରଂଶ, ପାପ ।

ପତଳା, ବିଂ. (ଦେଶଜ) ସରୁ । ଯଥ — ପତଳା ଶାଢ଼ୀ ।

ପତରିଶାଜୀରୁଣୀ, ବି. ସ୍ତ୍ରୀ ପାର୍ବତୀୟ ସ୍ତ୍ରୀ ଜାତି ବିଶେଷ ।

ପତଳା, ବିଂ. ସୂକ୍ଷ୍ମ, ପାତଳ ।

ପତା, ବି. ପତ୍ର, ପତ୍ର । (ଯାଜପୁର) ଟିକଣା ।

ପତାଇବା, କ୍ରି. (ଦେଶଜ) ପ୍ରସାରିବା । ଯଥା—

ବିନ୍ଦୁକ ଅଧରେ ବନ୍ଧୁକ ଯଦ୍ଧ କର ପତାଇ,
ଗିରୁ ଭିନ୍ତୁ ରଙ୍ଗେ ନଗ୍ନ ଦେଲ ଉର୍ଦ୍ଧ୍ୱ ଗୁହାଁ । ଚ. ଚ.

ପତାକା, ବି. ସ୍ତ୍ରୀ (ପତ-ଅକ-ଆ) ଧ୍ୱଜା, ଧ୍ୱଜପଟ, ନାଟକର ଅଙ୍ଗବିଶେଷ ।

ପତାକୀ, ବିଂ. (ପତାକା-ଇନ୍) ପତାକାଧାରୀ । ପୁଂ. ପଦାତି ।

ପତି, ବି.ପୁଂ. (ପା-ଅତି) ଭର୍ତ୍ତା, ସ୍ୱାମୀ, ନାୟକ, ପ୍ରଭୁ । (ଦେଶଜ) ଗଞ୍ଜାଇଗଛର ପତ୍ର ।

ପତିଆସ, ବିଂ. ଖାତିର, ବିଶ୍ୱାସ ।

ପତିଘାତିନୀ, ପତିଘ୍ନୀ } ବି. ସ୍ତ୍ରୀ (ପତି ହନ୍-ଇନ୍-ଈ, ଅ ଈ) ସ୍ୱାମିହତ୍ୟାକାରିଣୀ, ପତି-ନାଶିନୀ ।

ପତିତ, ବିଂ. (ପତ୍-ତ) ଚଳିତ, ଗଳିତ, ଅଧୋଗତ, ସ୍ଖଳିତ, ଧର୍ମ୍ମଚ୍ୟୁତ, ପାପୀ ।

ପତିତପାବନ, ବି. ପୁଂ. ପତିତର ପରିତ୍ରାଣ-କାରୀ ।

ପତିଦେବତା, ବି. ସ୍ତ୍ରୀ. (ପତି-ଦେବତା) ସତୀ, ସାଧ୍ୱୀ, ପତିବ୍ରତା । ଯଥା —

ଗୃହେ ସୁଗୃହିଣୀ ସୁପତିବ୍ରତା, ଜୀବନେ ମରଣେ ପତିଦେବତା,
ପତି ପାଦପଦ୍ମେ ମତି ଯାହାର, କମଳେ କମଳା ସମ ଉଦାର ।
ସାହିତ୍ୟପ୍ରସଙ୍ଗ ।

ପତିପ୍ରାଣା, ବି. ସ୍ତ୍ରୀ. (ପତି-ପ୍ରାଣ) ପତିବ୍ରତା, ସତୀ । ଯଥା —

ପତିପ୍ରାଣା ଜାନକୀ ହେଲେ ମୂର୍ଚ୍ଛିତା । କ.ବ.

ପତିମ୍ବରା, ବି. ପୁଂ. (ପତି-ବୃ ଅ) ସ୍ୱୟମ୍ବରା, ଯେଉଁ ସ୍ତ୍ରୀ ଅନେକ ପୁରୁଷ ମଧ୍ୟରୁ ପତି ମନୋନୀତ କରେ, କୃଷ୍ଣଜୀରକ, କଳାଜୀରା ।

ପତିବ୍ରତା, ବି. ସ୍ତ୍ରୀ. (ପତି-ବ୍ରତ) ଯାହାର ପତି ବ୍ରତର ତୁଲ୍ୟ ଅର୍ଥାତ୍ ସଦା ସେବ୍ୟ, ସତୀ, ସାଧ୍ୱୀ, ପତିପରାୟଣା ।

ପତିହୀନା, ବି. ସ୍ତ୍ରୀ. (ପତି-ହୀନ) ପତିରହିତା, ସ୍ୱାମିହୀନା, ବିଧବା ।

ପତୁଲି, ବି. (ଦେଶଜ) କ୍ଷୁଦ୍ର ମାଛପାତ୍ରବିଶେଷ, ଧାନବେଙ୍ଗଲା ।

ପତ୍ତନ, ବି. ନ. (ପତ୍-ତନ) ଉପକ୍ରମ, ଆରମ୍ଭ, ନଗର, ସହର, ପାଟଣା, ଯେଉଁଠାରେ ଗମନର ବିସ୍ତାର ଅଛି ।

ପତ୍ତି, ବି. ପୁଂ. (ପଦ୍-ତି) ପଦାତିକ ସୈନ୍ୟ, ବୀର । ସ୍ତ୍ରୀ. ଗତି, ସେନାବିଶେଷ, ଏକ ହସ୍ତୀ, ଏକ ରଥ, ତିନି ଅଶ୍ୱ ଏବଂ ପଞ୍ଚ ପଦାତିକ ।

ପତ୍ନୀ, ବି. ସ୍ତ୍ରୀ. (ପତି-ଈ=ଜାୟାର୍ଥେ, ନ ଆଗମ) ପରିଣୀତା ସ୍ତ୍ରୀ, ଭାର୍ଯ୍ୟା, ଜାୟା ।

ପତ୍ର, ବି. ନ. (ପତ୍-ର) ଦଳ, ପତର, ବାଣର ପକ୍ଷ, ପୁସ୍ତକାଦିର ପୃଷ୍ଠା, ପକ୍ଷୀର ଡେଣା, ବାହନ, ଚିଠି, ଭାଷା ।

ପତ୍ରଦାରକ ବି. ପୁଂ. କରତ ।

ପତ୍ରରଥ, ବି ପୁଂ. (ପତ୍ର-ରଥ) ପକ୍ଷୀ ।

ପତ୍ରଲତା, ବି. ସ୍ତ୍ରୀ. (ପତ୍ର-ଲତା) ତିଳକ, ପତ୍ରାବଳୀ ରଚନା, ପାନର ଗଛ ।

ପତ୍ରଲେଖା, ବି. ସ୍ତ୍ରୀ, ନ. (ପତ୍ର-ଲେଖା) କପୋଳାଦିରେ ପତ୍ରାବଳୀ ବିରଚନା, ତିଳକ ।

ପତ୍ରବଲ୍ଲୀ. ବି. ସ୍ତ୍ରୀ. (ପତ୍ର-ବଲ୍ଲୀ) ତିଳକ, ପତ୍ରାବଳୀ ରଚନା, ପାନର ଗଛ ।

ପତ୍ରବାଳ, ବି. ପୁଂ. (ପତ୍ର ବଲ୍-ଅ) କ୍ଷେପଣୀ, ନୌକାଦଣ୍ଡ ।

ପତ୍ରବିଶେଷକ, ବି. ସ୍ତ୍ରୀ. ନ (ପତ୍ର ବିଶେଷକ) କପୋଳାଦିରେ ପତ୍ରାବଳୀ ବିରଚନ, ତିଳକ ।

ପତ୍ରାଞ୍ଜନ, ବି. ନ. (ପତ୍ର-ଅଞ୍ଜନ) ମସୀ, କାଳୀ ।

ପତ୍ରିକା । ପତ୍ରୀ । ବି. ସ୍ତ୍ରୀ. (ପତ୍ର-ଇକ-ଆ, ପତ୍ର ଈ) ଲିପି, ଚିଠି, ଭାଷା, ସମ୍ବାଦପତ୍ର ।

ପତ୍ରୀ, ବି. ପୁଂ. (ପତ୍ର-ଇନ୍) ପକ୍ଷୀ, ବାଣ । ବିଂ. ପତ୍ରବିଶିଷ୍ଟ, ପୃଥକ ଗ୍ରନ୍ଥରେ ଉପାଧି-ବିଶେଷ ।

ପଥ, ବି ପୁଂ. (ପଥ୍=ଗମନ କରିବା-ଅ) ରାସ୍ତା, ବାଟ, ଉପାୟ ।

ପଥର, ବି. (ପ୍ରସ୍ତର ଶବ୍ଦଜ) ପାଷାଣ ।

ପଥି, ବି. (ପଥ୍ୟ ଶବ୍ଦଜ) ରୋଗର ବିହିତ ଆହାର ।

ପଥିକ, ବି. ପୁଂ. (ପଥିନ୍-କ) ଭ୍ରମଣକାରୀ, ପାନ୍ଥ, ବିଦେଶୀ, ବାଟୋଇ ।

**ପଥୁକ**, ବି. (ପଥିକ ଶବ୍ଦଜ) ବାଟୋଇ, ପଥିକ। ଯଥା—

ପଥଶ୍ରାନ୍ତ ହୋଇ ପଥୁକ ସକଳ,
ବସନ୍ତି ତରୁତଳରେ ହୋଇ ଏକମେଳ। ବେ. ଚ.

**ପଥୁରି**, ବି. (ଦେଶଜ) ପଥର ବାସନ।

**ପଥୁରିଆ**, ବି. ପ୍ରସ୍ତରଶିଳ୍ପୀ, ଯେଉଁମାନେ ପଥର କାଟି ଜୀବିକା ନିର୍ବାହ କରନ୍ତି।

**ପଥ୍ୟ**, ବିଂ. (ପଥି-ଯ) ହିତଜନକ। ବି. ପଥ୍ୟ, ରୋଗୀର ଯୋଗ୍ୟ ଆହାର।

**ପଦ**, ବି. ନ. (ପଦ୍-ଅ) ଚରଣ, ଚରଣଚିହ୍ନ, ପଦ୍ୟାଂଶ, ବିଭକ୍ତିଯୁକ୍ତ ଶବ୍ଦ, ବିଶେଷ୍ୟାଦି ପାଞ୍ଚ ପ୍ରକାର, ଐଶ୍ୱର୍ଯ୍ୟ, ବ୍ୟବସାୟ।

**ପଦକ**, ବି. ପୁଂ. (ପଦ-କ) କଣ୍ଠଭୂଷଣ। ଯଥା—

କରେ କଙ୍କଣୀ ବାହୁଟୀ ହୃଦେ ପଦକ।

ଗୋଟିଏ କଥା।

**ପଦଗ**, ବି. ପୁଂ. (ପଦ-ଗମ୍-ଅ) ପଦାତି।

**ପଦବି**, **ପଦବୀ** } ବି. ସ୍ତ୍ରୀ. (ପଦ୍-ଅବି) ପଥ, ବ୍ୟବସାୟ, ଉପଗମ, ଉପାଧି, ସୋପାନ।

**ପଦବ୍ରଜ**, ବି. (ପଦ୍-ବ୍ରଜ୍-ଅ) ପଦଗମନ, ପଦଚାଳନା।

**ପଦସ୍ଥ**, ବିଂ. (ପଦ-ସ୍ଥା-ଅ) ସ୍ୱାଧିକାରସ୍ଥିତ, ସମ୍ମାନାସ୍ପଦ।

**ପଦା**, ବି. (ଦେଶଜ) ପଡ଼ିଆ। ବହିର୍ଭାଗ। ବି. ଖୋଲା, ଶୂନ୍ୟ।

**ପଦାଙ୍କ**, ବି. (ପଦ-ଅଙ୍କ) ପାଦଚିହ୍ନ। ଯଥା—

ସଙ୍ଗରେ ମୃଗୀଏ ବିହରୁଣଥାନ୍ତି ଫେରେ ଯାର ତରବରି
ପଦାଙ୍କ ତାଙ୍କର ପୂରିଦେଉଥାଇ ତରୁମୂଳର ଧୂଳି। ଯ. ଦେ.

**ପଦାତ**, **ପଦାତି**, **ପଦାତିକ** } ବି. ପୁଂ. (ପଦ-ଅତ୍-ଅ, ଇ, ଇକ) ପାଦଗାମୀ ସୈନ୍ୟ, ପିଆଦା।

**ପଦାର୍ଥ**, ବି. ପୁଂ. (ପଦ-ଅର୍ଥ) ଅଭିଧେୟ ପଦର ଅର୍ଥ, ବସ୍ତୁ, ଦ୍ରବ୍ୟ।

**ପଦାର୍ଥବିଦ୍ୟା**, ବି. ସ୍ତ୍ରୀ. ଯେଉଁ ଶାସ୍ତ୍ରଦ୍ୱାରା ଜଡ଼ ପଦାର୍ଥମାନଙ୍କର ଗୁଣ ଓ ଗତିର ବିଷୟ ଜଣାଯାଏ।

**ପଦ୍ଧକା**, ବି. (ଦେଶଜ) ଭୂମିପରିମାପକ ଦଣ୍ଡ।

**ପଦ୍ଧତି**, ବି. ସ୍ତ୍ରୀ. (ପଦ୍-ହନ୍-ତି) ପଥ, ଶ୍ରେଣୀ, ରୀତି, ଉପାଧି, ପଦବୀ।

**ପଦ୍ମ**, ବି. ପୁଂ. ନ. (ପଦ୍-ମ) କମଳ, ସଂଖ୍ୟାବିଶେଷ, ସର୍ପବିଶେଷ, ନିଧିବିଶେଷ।

**ପଦ୍ମକ**, ବି. ନ. (ପଦ୍ମ-କ) ହସ୍ତିର ମସ୍ତକାଦିର ରକ୍ତବର୍ଣ୍ଣ ବିନ୍ଦୁ ବିନ୍ଦୁ ଚିହ୍ନ।

**ପଦ୍ମନାଭ**, ବି. ପୁଂ. (ପଦ୍ମ-ନାଭି) ବିଷ୍ଣୁ। ବିଂ. ପଦ୍ମ ପରି ନାଭିଯୁକ୍ତ।

**ପଦ୍ମପୁରାଣ**, ବି. ନ. ବ୍ୟାସଦେବପ୍ରଣୀତ ମହାପୁରାଣବିଶେଷ।

**ପଦ୍ମବନ୍ଧ**, ବି. ପୁଂ. ଚିତ୍ରକାବ୍ୟବିଶେଷ।

**ପଦ୍ମବନ୍ଧୁ**, ବି. ପୁଂ. (ପଦ୍ମ-ବନ୍ଧୁ) ସୂର୍ଯ୍ୟ, ଭ୍ରମର।

**ପଦ୍ମଭୂ**, ବି. ପୁଂ. (ପଦ୍ମ-ଭୂ) ବ୍ରହ୍ମା।

**ପଦ୍ମଯୋନି**, ବି. ପୁଂ. (ପଦ୍ମ-ଯୋନି) ବ୍ରହ୍ମା, ପିତାମହ।

**ପଦ୍ମରାଗ**, ବି. ପୁଂ. ରକ୍ତବର୍ଣ୍ଣ ମଣିବିଶେଷ।

**ପଦ୍ମଲାଞ୍ଛନ**, ବି. ପୁଂ. ନୃପ, ବ୍ରହ୍ମା, ସୂର୍ଯ୍ୟ, କୁବେର।

**ପଦ୍ମଲାଞ୍ଛନା**, ବି. ସ୍ତ୍ରୀ. ଲକ୍ଷ୍ମୀ, ସରସ୍ୱତୀ, ଦୁର୍ଗା।

**ପଦ୍ମବାସା**, ବି. ସ୍ତ୍ରୀ. ସରସ୍ୱତୀ, ଲକ୍ଷ୍ମୀ।

**ପଦ୍ମା**, ବି. ସ୍ତ୍ରୀ. (ପଦ୍ମ-ଅ-ଆ) ଲକ୍ଷ୍ମୀ, ମନସାଦେବୀ, ନଦୀବିଶେଷ, ଲବଙ୍ଗ।

**ପଦ୍ମାକର**, ବି. ପୁଂ. (ପଦ୍ମ-ଆକର) ପଦ୍ମଯୁକ୍ତ ଜଳାଶୟ।

**ପଦ୍ମାଳୟା**, ବି. ସ୍ତ୍ରୀ. (ପଦ୍ମ-ଆଳୟ-ଆ) ଲକ୍ଷ୍ମୀ।

**ପଦ୍ମାବତୀ**, ବି. ସ୍ତ୍ରୀ. (ପଦ୍ମ-ବତ୍-ଈ) ମନସାଦେବୀ, ନଦୀବିଶେଷ।

**ପଦ୍ମାସନ**, ବି. ନ. (ପଦ୍ମ-ଆସନ) ଯୋଗାସନ, ଉପବେଶନବିଶେଷ। ପୁଂ. ବ୍ରହ୍ମା।

**ପଦ୍ମିନୀ**, ବି. ସ୍ତ୍ରୀ. (ପଦ୍ମ-ଇନ୍-ଈ) କମଳିନୀ, ଚତୁର୍ବିଧ ସ୍ତ୍ରୀ ମଧ୍ୟରେ ପ୍ରଥମା ସ୍ତ୍ରୀ।

ପଦ୍ମିନୀକାନ୍ତ } ବି ପୁଂ. ( ପଦ୍ମିନୀ-କାନ୍ତ, ବଲ୍ଲଭ ) ସୂର୍ଯ୍ୟ ।
ପଦ୍ମିନୀବଲ୍ଲଭ }

ପଦ୍ମେଶୟ, ବି. ପୁଂ. (ପଦ୍ମେ-ଶୟ) ବିଷ୍ଣୁ ।

ପଦ୍ମୋଦ୍ଭବ, ବି. ପୁଂ. (ପଦ୍ମ-ଉଦ୍ଭବ) ବ୍ରହ୍ମା ।

ପଦ୍ୟ, ବି. ନ. (ପଦ୍-ଯ) ଶ୍ଳୋକ, ଛନ୍ଦୋଯୁକ୍ତ ବାକ୍ୟ ।

ପଧାନ, ବି ପୁଂ. (ପ୍ରଧାନର ଅପଭ୍ରଂଶ) ଗ୍ରାମର ପ୍ରଧାନ ବ୍ୟକ୍ତି ।

ପନଙ୍ଗାନାରାୟଣ, ବି. (ଦେଶଜ) ଦୁର୍ଯ୍ୟୋଧନ ।

ପନସ, ବି. ପୁଂ. (ପଣ୍-ଅସ) ପଣସ ଗଛ । ନ ପଣସ ଫଳ ।

ପନି } ବି. ( ଦେଶଜ ) ଚତ୍ରକରର ପଦାର୍ଥବିଶେଷ, ପଣୀ ।
ପଣି }

ପନିଥିର } ବି. (ଦେଶଜ) ପଟବାଡ଼ିକ୍ରସ୍ତି ।
ପନିଥିସି }

ପନ୍ଥୀ, ବି. (ଦେଶଜ) ପଟବା କାଟିବା ଅସ୍ତ୍ରବିଶେଷ ।

ପନ୍ନର, ବି. ସୁବାସିତ ଜଳ ।

ପନ୍ଥା, ବି. ପୁଂ. ( ପଥିନ୍ ଶବ୍ଦଜ ) ପଥ, ଉପାୟ, ସ୍ପୃହା ।

ପନ୍ଦର, ବି ବିଂ. ପଞ୍ଚଦଶ ସଂଖ୍ୟା, ୧୫ ।

ପନ୍ଦାର, (ଡ଼) ବି. (ଦେଶଜ) ଓଳ ।

ପନ୍ଦାଡ଼, ବି. ( ଦେଶଜ ) ଶଗଡ଼ ଭୁମିରେ ମୁହଁ ଲାଗିଥିବା ଲମ୍ବାବଲା ।

ପନ୍ନ, ବିଂ. (ପଦ୍-ତ) ଚ୍ୟୁତ, ଗଳିତ ।

ପନ୍ନଗ, ବି. ପୁଂ. (ପଦ୍-ନ-ଗମ୍-ଅ) ସର୍ପ ।

ପନ୍ନଗାରି } ବି. ପୁଂ. ( ପନ୍ନଗ-ଅରି, ଅଶନ ) ଗରୁଡ଼ ।
ପନ୍ନଗାଶନ }

ପମ୍ପା, ବି. ସ୍ତ୍ରୀ. ନଦୀବିଶେଷ, ସରୋବରବିଶେଷ ।

ପୟଃ } ବି ନ. ( ପା ଅସ୍, ଅସ୍ ) ଦୁଗ୍ଧ, ଜଳ ।
ପୟସ୍ }

ପୟଃପ୍ରଣାଳୀ, ବି. ସ୍ତ୍ରୀ. ଜଳନିର୍ଗମ ପଥ, ନର୍ଦ୍ଦମା ।

ପୟର, ବି. (ଦେଶଜ) ପାଦ, ଚରଣ ।

ପୟସ୍ୟ, ବିଂ. (ପୟସ୍-ଯ) ଦୁଗ୍ଧଦ୍ୱାରା ପ୍ରସ୍ତୁତ । ସ୍ୟା. ଛେନା ।

ପୟସ୍ୱିନୀ, ବିଂ. ପୟସ୍-ବିନ୍-ଈ) ଦୁଗ୍ଧବତୀ । ବି. ସ୍ତ୍ରୀ. ନଦୀ ।

ପୟାର, ବି. (ଦେଶଜ) ଚତୁର୍ଦ୍ଦଶାକ୍ଷର କବିତାବିଶେଷ, ସଂସ୍କୃତ ଶ୍ଳୋକର ଓଡ଼ିଆ ଅନୁବାଦ, ପଦ୍ୟ ।

ପୟୋଜ, ବି. ନ. (ପୟସ୍-ଜନ୍-ଅ) ପଦ୍ମ ।

ପୟୋଦ, ବି. ପୁଂ. (ପୟସ୍-ଦା-ଅ) ମେଘ ।

ପୟୋଧର, ବି. ପୁଂ. ( ପୟସ୍-ଧୃ-ଅ ) ମେଘ, ସ୍ତନ, ନାରକେଳ ।

ପୟୋଧି } ବି. ପୁଂ. ( ପୟସ୍-ଧା-ଇ, ନିଧି) ସମୁଦ୍ର, ସାଗର । ଯଥା—
ପୟୋନିଧି }

ଅଗ୍ନି କି ନମିଲେ ସର୍ବେ ପ୍ରବେଶି ପୂଜନେ । ମ. ଭା. ।

ପୟୋମୁକ୍, ବି. ପୁଂ. (ପୟସ୍-ମୁଚ୍-ଂ ) ଜଳଧର, ମେଘ ।

ପର, ବିଂ. (ପୃ-ଅ) ଆସକ୍ତ, ନିଷ୍ଠ, ଶତ୍ରୁ, ଭିନ୍ନ ଲୋକ, ପକ୍ଷିର ପକ୍ଷ, ପ୍ରଧାନ । ବି. ପୁଂ. ପରମାତ୍ମା । ନ. ମୁକ୍ତି, ମୋକ୍ଷ, ବ୍ରହ୍ମ । କ୍ରି. ବିଂ. ଅନନ୍ତର, ପଶ୍ଚାତ୍, କେବଳ ।

ପରଃଶତ, (ପରି-ଶତ) ଶତାଧିକ । ବି. ନ, ଶତାଧିକ ସଂଖ୍ୟା ।

ପରଶ୍ୱଃ, ବିଂ. ( ପର=ଅନନ୍ତର ଶ୍ୱସ୍=ଭବିଷ୍ୟତ କାଳ ) ଆଗାମୀ ଦିବସର ପର ଦିବସ, ପରଦିନ ।

ପରକନା, ବି. ନ. କଣ୍ଠା କାଟିବା ନିମନ୍ତେ ବ୍ୟବହୃତ ଯନ୍ତ୍ରବିଶେଷ ।

ପରକାଳ, ବି. ପୁଂ. (ପର-କାଳ) ଉତ୍ତରକାଳ, ଶେଷକାଳ, ପରତ୍ର, ପରଲୋକ ।

ପରକୀୟ, ବିଂ. (ପର-କ-ଈୟ) ଅପରସମ୍ବନ୍ଧୀୟ, ଅନ୍ୟର । ସ୍ତ୍ରୀ. ନାୟିକାବିଶେଷ ।

ପରଖ, ବି. (ପରୀକ୍ଷା ଶବ୍ଦଜ) ପର୍ଯ୍ୟାଲୋଚନା, ବିବେଚନା କରିବା ।

ପରଖିବା, କ୍ରି. ( ପରୀକ୍ଷା ଶବ୍ଦଜ ) ପରୀକ୍ଷା କରିବା, ଔଷଧରେ ଅନୁପାନ ମିଶାଇବା ।

ପରଗଣା, ବି. (ଯାବନିକ) ପ୍ରଦେଶ, ତାଲୁକ ।

ପରଙ୍ଗାନି, ବି. ସ୍ତ୍ରୀ. ପରନିନ୍ଦା ।

ପରତେ } ବି. ( ପରତ୍ୟୟ ଶବ୍ଦଜ, ଗ୍ରାମ୍ୟ )
ପରତ } ପରତ୍ୟୟ, ଶ୍ରଦ୍ଧା ।

ପରତେଇବା } କ୍ରି. ( ଦେଶଜ ) ପରତ୍ୟୟ
ପଡ଼ତେଇବା } କରାଇବା, ପ୍ରବୋଚନା କରିବା ।

ପରଚ୍ଛନ୍ଦାନୁବର୍ତ୍ତୀ, ବିଂ. ( ପର-ଛନ୍ଦ = ଇଚ୍ଛା-ଅନୁବର୍ତ୍ତୀ ) ଯେ ପରର ଇଚ୍ଛାନୁସାରେ କାର୍ଯ୍ୟ କରେ, ପରାଧୀନ ।

ପରଚ୍ଛିଦ୍, ବି. (ଦେଶଜ) ପାଚିର କାନ୍ଥ ।

ପରଛିଦ୍ର, ବି. ନ. ଅନ୍ୟର ଦୋଷ, ପରର ଦୋଷ ।

ପରଜିବା, କ୍ରି. ( ଦେଶଜ ) ବଘ ରବା, ଲୁଚିବା ।

ପରତନ୍ତ୍ର, ବିଂ. ପରାଧୀନ, ପରବଶ ।

ପରତେ, ବି. (ଗ୍ରାମ୍ୟ ଓ ପଦ୍ୟ, ପ୍ରତ୍ୟୟ ଶବ୍ଦଜ) ବିଶ୍ୱାସ ।

ପରତ୍ର, ଅଂ. (ପର-ତ୍ର) ପରକାଳରେ ।

ପରତ୍ୱ, ବି. ନ. (ପର-ତ୍ୱ) ଗୁଣବିଶେଷ ।

ପରଦା } (ଯାବନିକ) ଯବନିକା, ଆବରଣ ।
ପର୍ଦ୍ଦା }

ପରଦାନସିନ, ବିଂ. ସ୍ତ୍ରୀ (ଯାବନିକ) ଅବରୋଧ-ବାସିନୀ ।

ପରପଞ୍ଚ, ବିଂ. ( ଦେଶଜ ) କୁତ୍ସିତ, କଦର୍ଯ୍ୟ, ଜଟିଳ ।

ପରଦାର, ବି. ପୁଂ. ପରସ୍ତ୍ରୀ, ପରଭାର୍ଯ୍ୟା ।

ପରଦାରିକ, ବିଂ. (ପରଦାର-ଇକ) ପରସ୍ତ୍ରୀରେ ଆସକ୍ତ, ପର ସ୍ତ୍ରୀ ଗମନକାରୀ ।

ପରଦେଶ, ବି. ପୁଂ. ସ୍ୱୀୟ ଅଧିକୃତ ଦେଶର ଭିନ୍ନ ଦେଶ ।

ପରନ୍ତପ, ବିଂ. (ପରଂ-ତପ୍-ଅ) ଯେ ଶତ୍ରୁକୁ ତାପ ଦିଅନ୍ତି, ଶତ୍ରୁଦମନକାରୀ, ଯେ ଶତ୍ରୁକୁ କଷ୍ଟ ଦିଅନ୍ତି ।

ପରନ୍ତୁ, ଅଂ. (ପରଂ-ତୁ) କିନ୍ତୁ, ଅଧିକନ୍ତୁ ।

ପରପଦ, ବି. ନ. ( ପର-ପଦ ) ଶ୍ରେଷ୍ଠପଦ, ଉତ୍କୃଷ୍ଟ ସ୍ଥାନ, ମୁକ୍ତି, ମୋକ୍ଷ ।

ପରପିଣ୍ଡାଦ, ବିଂ. (ପର-ପିଣ୍ଡ-ଅଦ୍-ଅ) ପରାନ୍ନ-ଜୀବୀ, ପରାନ୍ନଦ୍ୱାରା ଯେ ଜୀବନ ଧାରଣ କରେ ।

ପରପୁରୁଷ, ବି. ପୁଂ. (ପର-ପୁରୁଷ) ଶ୍ରେଷ୍ଠ ପୁରୁଷ, ବିଷ୍ଣୁ, ସ୍ୱତନ୍ତ୍ର ପୁରୁଷ, ଅନ୍ୟ ପୁରୁଷ ।

ପରପୁଷ୍ଟ, ବି. ପୁଂ. (ପର-ପୁଷ୍ଟ)କୋକିଳ । ବିଂ. ପରପୋଷିତ ।

ପରପୂର୍ବା, ବି. ସ୍ତ୍ରୀ. (ପର-ପୂର୍ବ) ଯେଉଁ ସ୍ତ୍ରୀର ପୂର୍ବରେ ଅନ୍ୟ ସ୍ୱାମୀ ଥିଲା, ଯେଉଁ ସ୍ତ୍ରୀ ପୂର୍ବ ପତି ତ୍ୟାଗାନନ୍ତର ଅନ୍ୟ ପତି ଗ୍ରହଣ କରେ ।

ପରବ, ବି. (ପର୍ବନ୍ ଶବ୍ଦଜ) ଉତ୍ସବ, ଆନନ୍ଦ-ଜନକ କ୍ରିୟା, ପର୍ବ ।

ପରବଶ, ବିଂ. ( ପର-ବଶ ) ଅନ୍ୟ ବ୍ୟକ୍ତିର ବଶୀଭୂତ, ପରାଧୀନ ।

ପରବାନା, ( ଯାବନିକ ) ହୁକୁମନାମା, ଅଜ୍ଞା ପତ୍ର ।

ପରଂବ୍ରହ୍ମ } ବି. ନ. (ପର-ବ୍ରହ୍ମନ୍) ପରମେ-
ପରବ୍ରହ୍ମ } ଶ୍ୱର, ପରମପୁରୁଷ ।

ପରଭାଗ, ବି. ପୁଂ. ( ପର-ଭାଗ ) ଶ୍ରେଷ୍ଠାଂଶ, ଉତ୍କୃଷ୍ଟ ଭାଗ୍ୟ, ସୁସମ୍ପଦ, ପରର ଭାଗ,ଶେଷ ଭାଗ ।

ପରଭୁକ୍ତା, ବି. ସ୍ତ୍ରୀ. (ପର-ଭୁଜ୍-ତ-ଆ) ଅନ୍ୟ ପୁରୁଷ ସମ୍ଭୋଗକଳଙ୍କିତା, ପରପୁରୁଷରତା ।

ପରଭୃତ, ବି. ପୁଂ. ( ପର-ଭୃତ=ପୁଷ୍ଟ ) କୋକିଳ । ବିଂ. ଅନ୍ୟର ପ୍ରତିପାଳିତ । ସ୍ତ୍ରୀ. କୋକିଳା ।

ପରମ, ବି°. (ପର-ମା-ଅ) ଉତ୍କୃଷ୍ଟ, ଶ୍ରେଷ୍ଠ, ପ୍ରଧାନ, ଶେଷ, ପ୍ରକୃତ, ଅଦ୍ୟ, ପ୍ରଥମ, ପ୍ରଣବ । ଯଥା—
ଜଗତ ପରମ ମଣ୍ଡୂଳ ଶିରେ ଶୈଳଙ୍ଗୀ କୂଡ଼ା । ତ ଙ୍ଗ.

ପରମଗତି, ବି.ସ୍ତ୍ରୀ. (ପରମ-ଗତି) ମୁକ୍ତି, ମୋକ୍ଷ । ବି°. ମୁକ୍ତିର ହେତୁ, ମୋକ୍ଷର ଉପାୟ ।

ପରମପଦ, ବି. ପୁଂ. ନ. ମୁକ୍ତି, ଅପବର୍ଗ ।

ପରମପୁରୁଷ, ବି. ପୁଂ. ପରମେଶ୍ୱର, ଜଗତର ଆଦିକାରଣ ।

ପରମର୍ଷି, ବି. ପୁଂ. (ପରମ-ଋଷି) ଶ୍ରେଷ୍ଠ ଋଷି, ବେଦବ୍ୟାସାଦି ଋଷି ।

ପରମହଂସ, ବି. ପୁଂ. (ପରମ-ହଂସ) ମହାଯୋଗୀ ସିଦ୍ଧପୁରୁଷବିଶେଷ ।

ପରମାଣୁ, ବି. ପୁଂ. (ପରମ-ଅଣୁ) ପଦାର୍ଥର କ୍ଷୁଦ୍ରତମ ଅବିଭାଜ୍ୟ ଅଂଶ ।

ପରମାତ୍ମା, ବି. ପୁଂ. (ପରମ ଆତ୍ମନ୍) ପରମେଶ୍ୱର, ପରବ୍ରହ୍ମ । ଯଥା—
ଆତ୍ମା ପରମାତ୍ମା ପ୍ରତି ନରହେ ଧାବତି । ମ. ଯା.

ପରମାନନ୍ଦ, ବି. ପୁଂ. (ପରମ-ଆନନ୍ଦ) ପରମାତ୍ମା ।

ପରମାୟୁଃ, ବି. ନ. (ପରମ-ଆୟୁସ୍) ଜୀବିତକାଳ, ଆୟୁ ।

ପରମାର୍ଥ, ବି. ପୁଂ. (ପରମ-ଅର୍ଥ) ତତ୍ତ୍ୱବିଷୟ, ଯଥାର୍ଥ, ଉତ୍କୃଷ୍ଟ ବସ୍ତୁ, ଧର୍ମ, ଧନ ।

ପରମାର୍ଥବିଦ୍, ବି°. (ପରମାର୍ଥ-ବିଦ୍-କ୍ୱିପ୍) ଯାଥାର୍ଥ୍ୟବେତ୍ତା, ଈଶ୍ୱରତତ୍ତ୍ୱଜ୍ଞ ।

ପରମେଶ, ବି. ପୁଂ. (ପରମ-ଈଶ) ବିଷ୍ଣୁ, ପରମେଶ୍ୱର ।

ପରମେଶ୍ୱର, ବି. ପୁଂ. (ପରମ-ଈଶ୍ୱର) ଶିବ, ବିଷ୍ଣୁ, ପରବ୍ରହ୍ମ, ଜଗଦୀଶ୍ୱର ।

ପରମେଷ୍ଠୀ, ବି. ପୁଂ. (ପରମେ-ସ୍ଥା-ଇନ୍) ପରମେଶ୍ୱର, ବ୍ରହ୍ମା, ଶିବ, ବିଷ୍ଣୁ ।

ପରମ୍ପରା, ବି. ସ୍ତ୍ରୀ (ପର-ପର-ଆ) ଧାରା, ଶ୍ରେଣୀ, ଅନୁକ୍ରମ, ବଂଶ ।

ପରମ୍ପରୀଣ, ବି°. (ପରମ୍ପରା-ଈନ) କ୍ରମାଗତ, ଧାରାବାହିକ ।

ପରଲ, ବି. (ଦେଶଜ) ନେତ୍ରରୋଗବିଶେଷ ।

ପରଲୋକ, ବି.ପୁଂ. (ପର-ଲୋକ) ଲୋକାନ୍ତର, ମୃତ୍ୟୁ, ଅନ୍ୟଲୋକ ।

ପରବଶ, ବି°. (ପର-ବଶ) ଅନ୍ୟର ବଶୀଭୂତ ।

ପରବାଣି, ବି. ପୁଂ. (ପର-ବାଣି) ଧର୍ମାଧ୍ୟକ୍ଷ, ବତ୍ସରକ, ବତ୍ସର, ମୟୂର, ଷଡ଼ାନନଙ୍କ ବାହନ ।

ପରଶ, ବି. ନ. (ସ୍ପର୍ଶ ଶବ୍ଦଜ) ରତ୍ନବିଶେଷ, ପରଶ ପଥର ।

ପରଶୁ, ବି. ପୁଂ. (ପର-ଶୃ-ଉ) କୁଠାର, କୁରାଢ଼ୀ ।

ପରଶୁଧର, ବି. ପୁଂ. (ପରଶୁ-ଧର) ଗଣେଶ, ପରଶୁରାମ । ବି°. ପରଶୁଧାରୀ ।

ପରଶୁରାମ, ବି. ପୁଂ. (ପରଶୁ-ରାମ) ଜମଦଗ୍ନିଙ୍କ ପୁତ୍ର, ଭାର୍ଗବ, ଏ ପିତାଙ୍କ ଆଜ୍ଞା ପ୍ରତିପାଳନାର୍ଥ ମାତୃହତ୍ୟା କରିଥିଲେ; ପୃଥିବୀକୁ ଏକବିଂଶ ବାର ନିକ୍ଷତ୍ରିୟ ଏବଂ କାର୍ତ୍ତବୀର୍ଯ୍ୟାର୍ଜୁନଙ୍କୁ ବଧ କରିଥିଲେ ।

ପରଶ୍ୱଃ, ଅ°. ପରଦିନ ।

ପରଷା ବି. (ପରିବେଷଣ ଶବ୍ଦଜ) ଖାଦ୍ୟବସ୍ତୁ ବଣ୍ଟନ, ଖିବା-କ୍ରି. ଖାଦ୍ୟବସ୍ତୁ ବାଣ୍ଟିବା ।

ପରଷୁଣୀ, ବି. ପରିବେଷଣକାରୀ ।

ପରଷୁଣିଆ, ବି. (ଦେଶଜ) ପରିବେଷଣ ଉପଯୋଗୀ ଏକପ୍ରକାର ପାତ୍ର, ପରିବେଷଣକାରୀ ।

ପରସ୍ତ, ବି. (ପ୍ରସ୍ଥ-ଶବ୍ଦଜ) ସ୍ତର, ଥର, ବାର ।

ପରସ୍ପର, ବି°. (ପର-ପର) ଅନ୍ୟୋନ୍ୟ, ଇତରେତର, ଏକକୁ ଆରେକ, ଉଭୟତଃ ।

ପରା, ଅ°. (ପୃ-ଆ) ଉପସର୍ଗ, ଅହଙ୍କାର, ଗମନ, ପ୍ରାଧାନ୍ୟ, ଘାତ, ଅତିକ୍ରମ, ବିକ୍ରମ, ଆଭିମୁଖ୍ୟ, ବଧ, ଅତିଶୟ, ତିରସ୍କାର, ବିମୋକ୍ଷ, ଅନାଦର, ଭଙ୍ଗ, ଗତି, ପ୍ରତ୍ୟାବୃତ୍ତି ।

ପରାକ୍, ବି. ପୁଂ. (ପରା-ଅକ୍) ଦ୍ୱାଦଶଦିବସ ଉପବାସବ୍ରତ, ଖଡ୍ଗ, ରୋଗବିଶେଷ, ଜନ୍ତୁବିଶେଷ ।

ପରାକାଷ୍ଠା, ବିଂ. ଏକଶେଷ, ଶେଷ ।

ପରାକୃତ, ବିଂ. (ପରା-କୃ-ତ) ପ୍ରାକୃତ ।

ପରାକ୍ରମ, ବି ପୁଂ. (ପରା-କ୍ରମ୍-ଅ) ବଳ, ବୀର୍ଯ୍ୟ, ଶକ୍ତି ।

ପରାକ୍ରାନ୍ତ, ବିଂ. (ପରା-କ୍ରମ ତ) ପ୍ରଭାବଶାଳୀ ଶୌର୍ଯ୍ୟସମ୍ପନ୍ନ, ଶକ୍ତିସମ୍ପନ୍ନ, ପରାକ୍ରମଶାଳୀ ।

ପରାଗ, ବି. ପୁଂ. (ପରା-ଗମ୍-ଅ) ଧୂଳି, ପୁଷ୍ପରେଣୁ, ଗନ୍ଧଚୂର୍ଣ୍ଣ, ଗିରିବିଶେଷ, ଉପରାଗ ।

ପରାଗତ, ବିଂ. (ପରା-ଆ-ଗମ୍-ତ) ଯୁକ୍ତ, ବ୍ୟାପ୍ତ, ପ୍ରତ୍ୟାଗତ ।

ପରାଙ୍ମୁଖ, ବିଂ. (ପରାଙ୍-ମୁଖ) ବିମୁଖ, ନିବୃତ୍ତ, ପ୍ରତିକୂଳ, ମୁଖ ବୁଲାଇବା ।

ପରାଚିତ, ବିଂ. (ପର-ଆଚିତ) ପରକର୍ତ୍ତୃକ ପରିପାଳିତ, ସମ୍ୟକ୍ ବ୍ୟାପ୍ତ ।

ପରାଚୀନ, ବିଂ. (ପରାଚ୍-ଈନ) ବିମୁଖ, ପରାଙ୍ମୁଖ, ପୁରାତନ, ପ୍ରାଚୀନ ।

ପରାଜୟ, ବି. ପୁଂ. ପରା-ଜି-ଅ) ପରାଭବ, ହାରିଯିବା ।

ପରାଜିତ, ବିଂ. (ପରା-ଜି-ତ) ବିଜିତ, ପରାଭୂତ, ଯେ ହାରି ଯାଇଅଛି ।

ପରାତ୍ପର, ବି (ପରାତ୍=ଶ୍ରେଷ୍ଠଠାରୁ-ପର =ଶ୍ରେଷ୍ଠ) ପରମାତ୍ମା ।

ପରାଧୀନ, ବିଂ. (ପର-ଅଧୀନ) ପରତନ୍ତ୍ର, ପରାୟତ୍ତ, ପରବଶ ।

ପରାନ୍ନ, ବିଂ. (ପର-ଅନ୍ନ) ପରାନ୍ନଭୋଜୀ । ବି. ନ. ପରର ଅନ୍ନ ।

ପରାଭବ, ବି. ପୁଂ. (ପରା-ଭୂ-ଅ) ପରାଜୟ, ଅତିକ୍ରମ, ବିନାଶ, ତିରସ୍କାର ।

ପରାଭୂତ, ବିଂ. (ପରା-ଭୂ-ତ) ପରାଜିତ, ପରାସ୍ତ, ତିରସ୍କୃତ ।

ପରାମର୍ଶ, ବି. ପୁଂ. (ପରା-ମୃଶ୍-ଅ) ମନ୍ତ୍ରଣା, ବିଚାର, ଯୁକ୍ତି ।

ପରାୟଣ, ବିଂ. (ପର-ଅୟନ) ଅନୁରକ୍ତ, ଆସକ୍ତ । ବି. ନ ଶ୍ରେଷ୍ଠ ଆଶ୍ରୟ, ଉତ୍ତମ ଅବଲମ୍ବନ । ବି ପୁଂ. ବିଷ୍ଣୁ ।

ପରାର୍ଦ୍ଧ, ବି. ନ. (ପର-ଅର୍ଦ୍ଧ) ବ୍ରହ୍ମାଙ୍କ ପରମାୟୁର ଅର୍ଦ୍ଧ, ସଂଖ୍ୟାବିଶେଷ ।

ପରାବର୍ତ୍ତ, ବି. ପୁଂ. (ପରା-ବୃତ୍-ଅ) ପରିବର୍ତ୍ତନ, ବିନିମୟ, ପ୍ରତିଦାନ, ପ୍ରତ୍ୟାବର୍ତ୍ତନ, ପୁନରାଗମନ ।

ପରାବର୍ତ୍ତିତ, ବିଂ. (ପରା-ବୃତ୍-ତ) ପ୍ରତ୍ୟାବର୍ତ୍ତିତ ।

ପରାବୃତ୍ତି, ବି. ସ୍ତ୍ରୀ. (ପରା-ବୃତ୍-ତି) ପ୍ରତ୍ୟାବର୍ତ୍ତନ, ପରିବର୍ତ୍ତନ ।

ପରାଶର, ବି. ପୁଂ. (ପର-ଆ-ଶୃ-ଅ) ବ୍ୟାସଦେବଙ୍କ ପିତା, ସ୍ମୃତିଶାସ୍ତ୍ରପ୍ରଣେତା ଋଷିବିଶେଷ ।

ପରାସନ, ବି. ନ. (ପର-ଅସ୍ ଅନ) ହତ୍ୟା, ବଧ ।

ପରାସୁ, ବିଂ. (ପର-ଅସୁ) ମୃତ, ଗତପ୍ରାଣ ।

ପରାସୁତା, ବି. ନ. (ପରାସୁ-ତା) ମୃତ୍ୟୁ, ନିଦ୍ରାବଶତା ।

ପରାସ୍ତ, ବିଂ. (ପରା-ଅସ୍-ତ) ପରାଜିତ ।

ପରାହ୍ନ, ବି. ପୁଂ. ପର-ଅହନ୍) ପରଦିନ ।

ପରାହତ, ବିଂ. (ପରା-ହନ୍-ତ) ପରାଭୂତ, ତିରସ୍କୃତ, ଆହତ, ଆକ୍ରାନ୍ତ ।

ପରାହ୍ଣ, ବି. ପୁଂ. (ପର-ଅହନ୍-ଅ) ଅପରାହ୍ଣ, ଉପର ଓଳି, ଦିବସର ଶେଷଭାଗ ।

ପରି, ଅଂ. (ପୃ-ଇନ୍) ସର୍ବତୋଭାବେ, ତୁଲ୍ୟ, ସଦୃଶ ।

ପରିକର, ବି. ପୁଂ. (ପରି-କୃ-ଅ) ଶଯ୍ୟା, ସହଚର, କିଙ୍କର, ଆରମ୍ଭ, କଷଣି । ବିଂ. ସାହାଯ୍ୟକାରୀ ।

**ପରିକର୍ମ**, ବି. ପୁଂ. ( ପରି-କର୍ମନ୍ ) ଅଙ୍ଗସଂସ୍କାର ପରିକର, ଗୃହକର, ପରିଚାରକ ।

**ପରିକଳ୍ପିତ**, ବିଂ. ( ପରି-କ୍ଳୃପ୍-ତ ) ଅନୁଷ୍ଠିତ, ନିର୍ଦ୍ଦିଷ୍ଟ, ରଚିତ, ସ୍ୱୀକୃତ ।

**ପରିକୀର୍ଣ୍ଣ**, ବିଂ. ( ପରି-କୄ-ତ ) ବିସ୍ତୃତ, ସମର୍ପିତ, ପ୍ରସାରିତ, ପ୍ରତ୍ୟୁପ୍ତ ।

**ପରିକୀର୍ତ୍ତିତ**, ବିଂ. ( ପରି-କୀର୍ତ୍ତିତ ) ପ୍ରଶଂସିତ, ଉଚ୍ଚାରିତ, ବିଖ୍ୟାତ ।

**ପରିକ୍ରମ**, ବି. ପୁଂ. (ପରି-କ୍ରମ) ଗମନ, ପ୍ରଦକ୍ଷିଣ କରିବା, ବିହାର ।

**ପରିକ୍ରୟ**, ବି. ପୁଂ. ବିକ୍ରୀତ ବସ୍ତୁର ପୁନଃ କ୍ରୟ ।

**ପରିକ୍ରିୟା**, ବି. ସ୍ତ୍ରୀ. (ପରି-କ୍ରିୟା) ପରିଖାଦିଦ୍ୱାରା ବେଷ୍ଟନ, ସଂସ୍କରଣ ।

**ପରିକ୍ଳିଷ୍ଟ**, ବିଂ. ( ପରି-କ୍ଳିଶ୍-ତ ) ପରିଶ୍ରାନ୍ତ, ଅତିକ୍ଳିଷ୍ଟ, ବିରକ୍ତ ।

**ପରିକ୍ଷୟ**, ବି. ପୁଂ. ( ପରି କ୍ଷୟ ) ବିନାଶ, ଧ୍ୱଂସ, ପତନ ।

**ପରିକ୍ଷିତ୍**, ବି. ପୁଂ. ( ପରି-କ୍ଷି-୦ ) ଚନ୍ଦ୍ରବଂଶୀୟ ନୃପବିଶେଷ, ଅର୍ଜ୍ଜୁନଙ୍କ ପୌତ୍ର, ଅଭିମନ୍ୟୁଙ୍କ ପୁତ୍ର, ଜନମେଜୟଙ୍କ ପିତା ।

**ପରିଖା**, ବି. ସ୍ତ୍ରୀ. (ପରି-ଖନ୍-ଅ-ଆ) ଚତୁର୍ଦ୍ଦିଗର ଖାଲ, ଖାତଦ୍ୱାରା ବେଷ୍ଟନ, ଗଡ଼ଖାଇ ।

**ପରିଗଣିତ**, ବିଂ. ( ପରି-ଗଣିତ ) ସଂଖ୍ୟାତ, ଯାହା ଗଣନା କରା ହୋଇଅଛି ।

**ପରିଗୃହୀତ**, ବିଂ. ( ପରି-ଗ୍ରହ୍-ତ ) ସ୍ୱୀକୃତ, ଯାହା ଗ୍ରହଣ କରା ହୋଇଅଛି, ପ୍ରାପ୍ତ, ଲବ୍ଧ, ସମ୍ମତ, ଅନୁଷ୍ଠିତ, ସଂଯତ ।

**ପରିଗ୍ରହ**, ବି. ପୁଂ. (ପରି-ଗ୍ରହ-ଅ) ପତ୍ନୀ, ପରିଜନ, ସ୍ୱୀକାର, ଦାନଗ୍ରହଣ । ଯଥା —

ଏ ସବୁ ଗୁଣ ବହେ ଚନ୍ଦ୍ର, ଜୀବର ନୋହେ ପରିଗ୍ରହ ।

**ପରିଗ୍ରାହକ**, ବି. ପୁଂ. (ପରି-ଗ୍ରହ୍-ଅକ) ସ୍ୱୀକାରକର୍ତ୍ତା, ସ୍ୱୀକାରକ ।

**ପରିଘ**, ବି. ପୁଂ. ( ପରି-ହନ୍-ଅ ) ଲୌହମୁଖ ମୁଦ୍ଗର, ଅର୍ଗଳ, ଶୂଳ ।

**ପରିଘାତ**, ବି. ପୁଂ. (ପରି-ହନ୍-ଅ) ଲୌହମୁଖ ମୁଦ୍ଗର, ବ୍ୟାଘାତ, ପ୍ରତିବନ୍ଧ ।

**ପରିଚୟ**, ବି. ପୁଂ. ( ପରି-ଚି-ଅ ) ପ୍ରଣୟ, ଅଭ୍ୟାସ, ଜଣାଶୁଣା, ଜ୍ଞାନ, ଚିହ୍ନିବା ।

**ପରିଚର**, ବି. ପୁଂ. (ପରି-ଚର୍-ଅ) ପରିଚାରକ, ଅନୁଚର, ସେନାପତି ।

**ପରିଚର୍ଯ୍ୟା**, ବି. ସ୍ତ୍ରୀ. (ପରି ଚର-ଯ-ଆ) ସେବା, ଉପାସନା ।

**ପରିଚାରକ**, ବି. ପୁଂ. ( ପରି ଚର-ଅକ ) ଦାସ, ସେବକ ।

**ପରିଚାରିକା**, ବି. ସ୍ତ୍ରୀ ( ପରି-ଚର-ଅକ-ଆ ) ଦାସୀ, ଗୃହକର୍ତ୍ତ୍ରୀ ।

**ପରିଚର୍ଯ୍ୟ**, ବିଂ. ( ପରି-ଚର୍-ଯ ) ସେବ୍ୟ, ଶୁଶ୍ରୂଷଣୀୟ ।

**ପରିଚିତ**, ବିଂ (ପରି-ଚି-ତ) ଜ୍ଞାତ, ଚିହ୍ନିତ ।

**ପରିଚ୍ୟୁତ**, ବିଂ. (ପରି-ଚ୍ୟୁ-ତ) ସ୍ଖଳିତ, ପତିତ, ଭ୍ରଷ୍ଟ ।

**ପରିଚ୍ଛଦ**, ବି. ପୁଂ. ( ପରି-ଛଦ୍-ଅ ) ବେଶ, ପୋଷାକ, ଅନୁଚର, ପରିଜନ, ପରିବାର, ଆଚ୍ଛାଦନ, ହସ୍ତ୍ୟଶ୍ୱାଦି ଉପକରଣ ।

**ପରିଚ୍ଛନ୍ଦ**, ବି. ପୁଂ. ପରିଚ୍ଛଦ, ପୋଷକ, ସଙ୍ଗି-ସମୂହ ।

**ପରିଚ୍ଛନ୍ନ**, ବିଂ. ( ପରି-ଛଦ୍-ତ ) ପରିଷ୍କୃତ, ଆଚ୍ଛାଦିତ, ଆଚ୍ଛନ୍ନ, ଅଭିଭୂତ, ସଂବୃତ, ପରିଶୁଦ୍ଧ, ପରିଚ୍ଛଦଯୁକ୍ତ ।

**ପରିଛା**, ବି. (ପର୍ଶିଆନ୍ ଶବ୍ଦଜ) ଅଧ୍ୟକ୍ଷ, ତତ୍ତ୍ୱାବଧାରକ ।

**ପରିଚ୍ଛିନ୍ନ**, ବିଂ. ( ପରି-ଛିଦ୍-ତ ) ସୀମାବଦ୍ଧ, ନିର୍ଣ୍ଣୀତ, ଉଲ୍ଲିଖିତ, ପରିଷ୍କୃତ, ସ୍ୱଚ୍ଛ, ଲୁପ୍ତ ।

**ପରିଚ୍ଛେଦ**, ବି ପୁଂ. (ପରି-ଛେଦ) ସୀମାନିର୍ଣ୍ଣୟ, ବିଭାଗ, ଗ୍ରନ୍ଥାଦିର ଅଧ୍ୟାୟ, ଅଂଶ, ଭାଗ ।

**ପରିଚ୍ଛେଦ୍ୟ**, ବିଂ. (ପରି-ଛିଦ୍-ଯ) ଇତ୍ୟନ୍ତରୂପେ ଅବଧାର୍ଯ୍ୟ, ବିଭାଜ୍ୟ, ପରିମେୟ ।

ପରିଜ୍ଜନ, ବି. ପୁଂ. ( ପରି-ଜନ ) ପରିଶୂରକ, ପରିବାର, କୁଟୁମ୍ବ । ଯଥା—

ଉନ୍ମୁକ୍ତ ଶରତ ଲକ୍ଷ୍ମୀ ପରିଜନ,
ସ୍ବାଦେ ଦେଶେ ଦେଶେ କରନ୍ତି ଭ୍ରମଣ । ଚଇକା ।

ପରିଜ୍ଞାନ, ବି. ନ. ( ପରି-ଜ୍ଞା-ଅନ ) ସର୍ବତୋ-ଭାବରେ ଅବଗତ ହେବା ।

ପରିଡ଼ା, (ଦେଶଜ) ଶୂଦ୍ରଜାତିବିଶେଷର ଉପାଧି-ବିଶେଷ ।

ପରିଣତ, ବିଂ. (ପରି ନମ୍-ତ) ପକ୍ୱ, ଅବସ୍ଥାନ୍ତର ପ୍ରାପ୍ତ, ନତ ।

ପରିଣତି, ବି. ସ୍ତ୍ରୀ, ( ପରି-ନମ୍-ତି ) ପରିପାକ, ଅବସ୍ଥାନ୍ତରପ୍ରାପ୍ତି, ଶେଷ, ବାର୍ଦ୍ଧକ୍ୟ ।

ପରିଣୟ, ବି. ପୁଂ. ( ପରି-ନୀ-ଅ ) ବିବାହ, ଦାରପରିଗ୍ରହ, ପାଣିଗ୍ରହଣ ।

ପରିଣାମ, ବି. ପୁଂ. (ପରି-ନମ୍-ଅ) ପରିପାକତା, ଅବସ୍ଥାନ୍ତରପ୍ରାପ୍ତି, ବାର୍ଦ୍ଧକ୍ୟ, ଚରମଦଶା, ଶେଷ ।

ପରିଣାମଦର୍ଶୀ, ବିଂ. ( ପରିଣାମ-ଦୃଶ୍-ଇନ୍ ) ସୂକ୍ଷ୍ମଦର୍ଶୀ, ବିଜ୍ଞ, ବିଚକ୍ଷଣ, ଯେ ଉତ୍ତର-କାଳକୁ ବିବେଚନା କରି କାର୍ଯ୍ୟ କରେ ।

ପରିଣାହ } ବି. ପୁଂ (ପରି-ନହ୍-ଅ) ବିଶାଳତା,
ପରୀଣାହ } ବିସ୍ତାର, ଓସାର ।

ପରିଣୀତ, ବିଂ. (ପରି-ନୀ-ତ) ବିବାହିତ ।

ପରିଣେତା, ବି. ପୁଂ. (ପରି-ନୀ ତୃ) ବିବାହକର୍ତ୍ତା, ପତି ।

ପରିଣେୟ, ବିଂ. ( ପରି-ନୀ-ଯ ) ବିବାହ-ଯୋଗ୍ୟ ।

ପରିତଃ, କ୍ରି. ବିଂ. ଅଂ. (ପରି-ତସ୍ ) ସର୍ବତୋ-ଭାବରେ, ସମ୍ପୂର୍ଣ୍ଣରୂପରେ, ଚତୁର୍ଦ୍ଦିଗରେ ।

ପରିତାପ, ବି. ପୁଂ. ( ପରି-ତପ୍-ଅ ) ଦୁଃଖ, ଶୋକ, ସନ୍ତାପ, ମାନସିକ କ୍ଲେଶ, ମନସ୍ତାପ, ଉତ୍ତାପ, ନରକବିଶେଷ, ଭୟ, କମ୍ପ ।

ପରିତୁଷ୍ଟ, ବିଂ. ( ପରି-ତୁଷ୍ ତ ) ଆହ୍ଲାଦିତ, ସନ୍ତୁଷ୍ଟ, ପରିତୃପ୍ତ, ପରିତୋଷପ୍ରାପ୍ତ ।

ପରିତୋଷ, ବି. ପୁଂ. (ପରି-ତୁଷ୍-ଅ) ସନ୍ତୋଷ ତୃପ୍ତି ।

ପରିତ୍ୟକ୍ତ, ବିଂ. ( ପରି-ତ୍ୟଜ୍-ତ ) ଯାହା ପରିତ୍ୟାଗ କରି ଯାଇଅଛି ଅବା ପରିତ୍ୟାଗ କରିବାର ଯୋଗ୍ୟ ।

ପରିତ୍ୟାଗ, ବି. ପୁଂ. (ପରି-ତ୍ୟଜ୍-ଅ, ବିସର୍ଜ୍ଜନ, ବର୍ଜନ, ତ୍ୟାଗ ।

ପରିତ୍ରାଣ, ବି. ନ. ( ପରି-ତ୍ରୈ-ଅନ ) ରକ୍ଷା, ଉଦ୍ଧାର ।

ପରିତ୍ରାତା, ବିଂ. (ପରି-ତ୍ରୈ ତୃ) ପରିତ୍ରାଣକାରକ, ରକ୍ଷାକର୍ତ୍ତା, ରକ୍ଷକ ।

ପରିଦାନ, ବି. ନ. ( ପରି-ଦାନ ) ବିନିମୟ, ବଦଳ ।

ପରିଦାୟୀ, ବିଂ. ( ପରି-ଦା ଇନ୍ ) ଯେ ବ୍ୟକ୍ତି ଶାସ୍ତ୍ରଦୋଷ ଲଙ୍ଘନ କରି ଦାନ କରେ, ଜ୍ୟେଷ୍ଠ ଅବିବାହିତ ଥାଉଁ ଥାଉଁ କନିଷ୍ଠକୁ ଯେ କନ୍ୟାଦାନ କରେ ।

ପରିଦିନ, ବି ( ଦେଶଜ ) ଗତ ଦିବସର ପୂର୍ବ ଦିବସ, ଆଗାମୀ ଦିବସର ପରଦିବସ ।

ପରିଦେବନ, ନ. } ବି. (ପରିଦେବି-ଅନ, ଅ)
ପରିଦେବନା, ସ୍ତ୍ରୀ. } ବିଳାପ, ଅନୁତାପ ।

ପରିଧାନ, ବି. ନ. (ପରି-ଧା-ଅନ) ପରିଧେୟ ବସ୍ତ୍ର, ଆଚ୍ଛାଦନ ।

ପରିଧାପନ ବି. ନ. (ପରି-ଧାପି-ଅନ) ପରିଧେୟ ବସ୍ତ୍ର, ପିନ୍ଧିବା ।

ପରିଧାବନ, ବି. ନ. ପଶ୍ଚାଦ୍ଧାବନ, ଅନୁଗମନ, ଅନୁଶୀଳନ, ପର୍ଯ୍ୟାଲୋଚନା ।

ପରିଧି, ବି. ପୁଂ. (ପରି-ଧା-ଇ) ଚନ୍ଦ୍ର ସୂର୍ଯ୍ୟଙ୍କର ମଣ୍ଡଳ, ପରିବେଷ୍ଟନ, ପରିବେଶ, ବୃତ୍ତର ସୀମା ।

ପରିଧିସ୍ଥ, ବିଂ. ( ପରିଧି-ସ୍ଥା ଅ ) ପରିଶୂରକ, ଅନୁଚର, ଚତୁଃପାର୍ଶ୍ୱସ୍ଥ, ଯୁଦ୍ଧକାଳରେ ଶତ୍ରୁଘାତରୁ ରଥ ରକ୍ଷାକାରକ, ସୈନ୍ୟ-ମାନଙ୍କ ପ୍ରତି ରାଜାଙ୍କ ଦଣ୍ଡବିଧାୟକ ।

ପରଧେୟ, ବିଂ. (ପର-ଧା-ଯ) ପିନ୍ଧିବାର ଉପଯୁକ୍ତ, ପିନ୍ଧିବାର ଯୋଗ୍ୟ ।

ପରପକ୍ୱ, ବିଂ. (ପର-ପକ୍ୱ) ସୁଜୀର୍ଣ୍ଣ, ପାଚିଲା, ପରିଣତ, ବହୁଦର୍ଶୀ, ସଂସ୍କୃତ, ସିଦ୍ଧ, ଚତୁର, ପଟୁ, ନିପୁଣ ।

ପରପନ୍ଥକ } ବିଂ. (ପର-ପନ୍ଥକ, ପନ୍ଥିନ୍) ଶତ୍ରୁ,
ପରପନ୍ଥୀ } ବିପକ୍ଷ, ଦସ୍ୟୁ ।

ପରପାକ, ବି. ପୁଂ. (ପର-ପଚ୍-ଅ) ପରିଣାମ, ଶେଷାବସ୍ଥା, ପକ୍ୱତା, ଉତ୍ତମ ପାକ ।

ପରପାଟି } ବି. ସ୍ତ୍ରୀ. (ପର-ପଟ୍-ଇନ୍) ସୁଶୃଙ୍ଖଳା,
ପରପାଟୀ } ସୁନ୍ଦର, ଉତ୍ତମ, ଅନୁକ୍ରମ, ଆନୁପୂର୍ବୀ ।

ପରପାଳନ, ବି. ନ. (ପର-ପାଲ-ଅନ) ପାଳନ କରିବା, ରକ୍ଷା କରିବା ।

ପରପାଳିତ, ବିଂ. (ପର-ପାଲ-ତ) ରକ୍ଷିତ, ପୋଷିତ ।

ପରପୂତ, ବିଂ. (ପର-ପୂତ) ପବିତ୍ର, ଶୁଦ୍ଧ, ପରିଷ୍କୃତ ।

ପରପୂର୍ଣ୍ଣ, ବିଂ. (ପର-ପୂ-ତ) ସମ୍ପୂର୍ଣ୍ଣ, ବ୍ୟାପ୍ତ, ପରିତୃପ୍ତ, ପ୍ରଚୁର, ଯଥେଷ୍ଟ ।

ପରପୂର୍ତ୍ତିତା, ବି. ସ୍ତ୍ରୀ (ପର-ପୂର୍ତ୍ତି-ତା) ସମ୍ପୂର୍ଣ୍ଣତା, ପରିତୃପ୍ତି ।

ପରପ୍ଲବ, ବିଂ. (ପର-ପ୍ଲୁ-ଅ) କମ୍ପମାନ, ଚପଳ, ଚଞ୍ଚଳ, ଅସ୍ଥିର । ବି. ପୁଂ. ମଜ୍ଜନ, ପରିପ୍ଲାବନ, ପୀଡ଼ନ ।

ପରପ୍ଲୁତ, ବିଂ. (ପର-ପ୍ଲୁ-ତ) ସିକ୍ତ, ଜଳାଦିଦ୍ୱାରା ପ୍ଲାବିତ ।

ପରଭବ, ବି. ପୁଂ. (ପର-ଭୂ-ଅ) ପରାଭବ, ପରାଜୟ, ଅବଜ୍ଞା, ଅନାଦର, ତିରସ୍କାର ।

ପରଭାଷଣ, ବି. ନ. (ପର=ଦୋଷକୀର୍ତ୍ତନ ଭାଷଣ =କଥନ) ନିନ୍ଦାପୂର୍ବକ ତିରସ୍କାର, ନିନ୍ଦାବାକ୍ୟ, ଆଳାପ, କଥୋପକଥନ ।

ପରଭାଷା, ବି. ସ୍ତ୍ରୀ. (ପର-ଭାଷା) ସଂକ୍ଷେପାର୍ଥ, ସଙ୍କେତବିଶେଷ, ଗ୍ରନ୍ଥ ସଂକ୍ଷେପ କରିବାପାଇଁ ସାଙ୍କେତିକ ନିୟମସମୂହ ।

ପରଭାଷିତ, ବିଂ. (ପର-ଭାଷ୍-ତ) ଅବଧାରିତ, ଉକ୍ତ, କଥିତ ।

ପରଭୂତ, ବିଂ. (ପର-ଭୂ-ତ) ଅଭିଭୂତ, ତିରସ୍କୃତ, ଅବଜ୍ଞାତ, ଅନାଦୃତ ।

ପରଭ୍ରମ, ବି. ପୁଂ. (ପର-ଭ୍ରମ) ପରିଭ୍ରମଣ, ପର୍ଯ୍ୟଟନ, ବୁଲିବା ।

ପରଭ୍ରଷ୍ଟ, ବିଂ. (ପର-ଭ୍ରଷ୍ଟ) ପତିତ, ଚ୍ୟୁତ, ନଷ୍ଟ, ଧ୍ୱସ୍ତ ।

ପରମର୍ଷ, ବି. ପୁଂ. (ପର-ମୃଷ=ସହ୍ୟ କରିବା-ଅ) ଈର୍ଷା, ଅସୂୟା, ଦ୍ୱେଷ ।

ପରମଲ, ବି. ପୁଂ. (ପର-ମଲ) ମର୍ଦ୍ଦନଜନିତ ଗନ୍ଧ, ସୁଗନ୍ଧ, ସର୍ବତୋଭାବରେ ଚମତ୍କାର, ପଣ୍ଡିତ-ସମୂହ ।

ପରମାଣ, ବି. ନ. (ପର-ମା-ଅନ) ମାପ, ଓଜନ, ସଂଖ୍ୟାକରଣ ।

ପରମାଣଫଳ, ବି. ଭୂମିର ସୀମାନ୍ତର୍ଗତ ସ୍ଥାନର ପରିମାଣ, କ୍ଷେତ୍ରଫଳ ।

ପରମିତ, ବିଂ. (ପର-ମା-ତ) ଯଥାଯୋଗ୍ୟ ପରିମାଣଯୁକ୍ତ, ଅଳ୍ପ ।

ପରମିତି, ବି. ସ୍ତ୍ରୀ. (ପର-ମା-ତି) ପରିମାଣ, ଜ୍ୟାମିତି ସମ୍ବନ୍ଧୀୟ ଗ୍ରନ୍ଥ ।

ପରମୁଣ୍ଡା ଦିବା, କ୍ରି. (ପ୍ରାଚୀନ ପଦ୍ୟ) ନମସ୍କାର କରିବା, ମୁଣ୍ଡିଆ ମାରିବା ।

ବସ ବାତ୍ସୁନବ ଗୁଣ ଅବଧାନେ ପରମୁଣ୍ଡା ଯାଇ ଦୋର ।

ପରମେୟ, ବିଂ. (ପର-ମା-ଯ) ପରିମାଣର ଯୋଗ୍ୟ, ପରିମିତ ।

ପରମୋକ୍ଷ, ବି. ପୁଂ. (ପର-ମୋକ୍ଷ-ଅ) ମୋଚନ, ଭଙ୍ଗ ।

ପରରମ୍ଭ, } ବି. ପୁଂ. (ପର-ରଭ୍-ଅ) ଆଲିଙ୍ଗନ । ଯଥା—
ପରିରମ୍ଭ, }

ପଲକକନକ ଦୃଷ୍ଟିବାଧା ହେଲା ସମ୍ପ୍ରତର ପ୍ରାପ୍ତେ ପ୍ରତେ ।
ପୁଲକ ଅନ୍ତର ପରରମ୍ଭେ ପୁଣି ଯୋଜନ ବେନଙ୍କ ମତେ ।
ଯ. କେ.

ପରିବର୍ଜନ, ବି. ନ. ( ପରି-ବୃଜ୍-ଅନ ) ପରି-ତ୍ୟାଗ, ବିସର୍ଜନ, ହତ୍ୟା, ବଧ ।

ପରିବର୍ତ୍ତ, ପୁଂ. } ବି. ( ପରି-ବୃତ୍-ଅ, ଅନ )
ପରିବର୍ତ୍ତନ, ନ. } ବିନିମୟ, ବଦଳ, ନିବୃତ୍ତି ।

ପରିବର୍ତ୍ତିତ, ବିଂ. (ପରି-ବର୍ତ୍ତି-ତ) ଯାହା ବଦଳ କରା ହୋଇଅଛି ।

ପରିବର୍ଦ୍ଧିତ, ବିଂ. ( ପରି-ବୃଧ୍-ତ ) ଯାହା ବଢ଼ାଯାଇଅଛି ।

ପରିବା, ବି. (ଦେଶଜ) ତରକାରି ଉପଯୋଗୀ କଞ୍ଚା ଫଳାଦି ।

ପରିବାଦ } ବି. ପୁଂ. ( ପରି-ବାଦ ) ଅପବାଦ
ପରୀବାଦ } ନିନ୍ଦା ।

ପରିବାଦକ, ବିଂ. ( ପରି-ବଦ୍-ଅକ) ନିନ୍ଦାକାରୀ, ଅପବାଦକ, ଦୋଷକୀର୍ତ୍ତିକ ।

ପରିବାଦିନୀ, ବି. ସ୍ତ୍ରୀ. (ପରି-ବଦ୍-ଇନ୍-ଈ) ସପ୍ତ ତନ୍ତ୍ରବିଶିଷ୍ଟ ବୀଣା ।

ପରିବାଦୀ, ବି. ପୁଂ. (ପରିବାଦ-ଇନ୍ ) ନିନ୍ଦକ, ଅପବାଦକ ।

ପରିବାପନ, ବି. ନ. (ପରି-ବାପି-ଅନ) ମୁଣ୍ଡନ, ବପନ ପରିଚ୍ଛେଦ ।

ପରିବାପିତ, ବିଂ. ( ପରିବାପ-ଇତ ) ମୁଣ୍ଡିତ, ରୋପିତ ।

ପରିବାର } ବି. ପୁଂ. (ପରି-ବୃ ଅ) ପରିଜନ,
ପରୀବାର }
ପୋଷ୍ୟ, କୁଟୁମ୍ବ, ପ୍ରଚଳିତ କଥାରେ ଭାର୍ଯ୍ୟା ।

ପରିବାରିତ, ବିଂ. ପରିବାର-ତ) ବେଷ୍ଟିତ ।

ପରିବାହ } ବି. ପୁଂ. ( ପରି-ବହ-ଅ
ପରୀବାହ } ଜଳୋଚ୍ଛ୍ୱାସ, ଜଳପ୍ରବାହ, ମୁହାଣ ।

ପରିବୀକ୍ଷଣ, ବି. ନ. (ପରି-ବି-ଈକ୍ଷ୍-ଅନ) ମନଃ-ସଂଯୋଗପୂର୍ବକ ଦର୍ଶନ ।

ପରିବେଦନ, ବି. ନ. (ପରି ବିଦ୍ ଅନ) ଜ୍ୟେଷ୍ଠ-ଭାଇ ଅବିବାହିତ ଥାଉଁ ଥାଉଁ ସାନ ଭାଇର ବିବାହ, କ୍ଲେଶ ଯନ୍ତ୍ରଣା, ବିବେଚନା ।

ପରିବେଦନା, ବି. ସ୍ତ୍ରୀ ( ପରି-ବିଦ୍-ଅନ-ଆ ) ବୁଦ୍ଧି, ବିବେଚନା, ବ୍ୟଥା, ଯାତନା, ପଶ୍ଚାତାପ ।

ପରିବେଦନୀ, ବି. ସ୍ତ୍ରୀ. ( ପରି ବିଦ୍ ଇନ୍ ଈ ) ଜ୍ୟେଷ୍ଠାର ଅବିବାହିତା ଥିବା ସମୟରେ ବିବାହିତା କନିଷ୍ଠା ।

ପରିବେଶ, ବି. ପୁଂ. (ପରି ବିଶ୍ ଅ) ପରିଧି, ଚନ୍ଦ୍ରସୂର୍ଯ୍ୟର ମଣ୍ଡଳ, ପରିବେଷଣ । ଯଥା—

> ସହସା ଅପୂର୍ବ ଜ୍ୟୋତିରେ ଦ୍ୟୋତିତ ହେଲା ପ୍ରାଚୀ
> ନବେଦେଶ,
> ନବୋଦିତ ରବି ଉପରେ ଦଶିଲା ଇନ୍ଦ୍ରଧନୁ ପରିବେଶ ।
> ସ. ଦେ.

ପରିବେଷଣ, ବି. ନ. ( ପରି-ବିଷ୍-ଅନ ) ଭକ୍ଷ୍ୟ ବସ୍ତୁର ବିଭାଗପୂର୍ବକ ଅର୍ପଣ ।

ପରିବେଷ୍ଟନ, ବି. ନ. ( ପରି-ବେଷ୍ଟ୍-ଅନ ) ଚତୁର୍ଦ୍ଦିଗରେ ଘୂରିବା, ବେଷ୍ଟନ କରିବା ।

ପରିବେଷ୍ଟିତ, ବିଂ. (ପରି-ବେଷ୍ଟ୍-ତ) ଚତୁ-ର୍ଦ୍ଦିଗରେ ବେଷ୍ଟିତ, ପରିବୃତ ।

ପରିବ୍ରଜ୍ୟା, ବି. ସ୍ତ୍ରୀ (ପରି ବ୍ରଜ୍ୟା) ସନ୍ନ୍ୟାସଧର୍ମ, ତପସ୍ୟା, ଭିକ୍ଷୁବୃତ୍ତି ।

ପରିବ୍ରାଜ } ବି. ପୁଂ. (ପରି-ବ୍ରଜ୍-ଅ, ଅକ)
ପରିବ୍ରାଜକ }
ଭିକ୍ଷୁ, ଚତୁର୍ଥାଶ୍ରମୀ, ଭ୍ରମଣକାରୀ ।

ପରିବ୍ରାଜିକା, ବି. ସ୍ତ୍ରୀ. ( ପରି-ବ୍ରଜ୍-ଅକ-ଆ ) ଭିକ୍ଷୁକୀ ।

ପରିଶିଷ୍ଟ, ବିଂ. ( ପରି-ଶିଷ୍-ତ ) ଅବଶିଷ୍ଟ । ବି. ନ. ଗ୍ରନ୍ଥର ସମାପ୍ତି ଉତ୍ତାରେ ଯେଉଁ ଅବଶିଷ୍ଟ ଭାଗ ତହିଁରେ ଯୁକ୍ତ କରାଯାଏ ।

ପରିଶୀଳନ, ବି. ନ. ( ପରି-ଶୀଲ୍-ଅନ ) ଅନୁଶୀଳନ, ଅବଗାହନ, ଅନୁଷ୍ଠାନ, ଆଲିଙ୍ଗନ ।

ପରିଶୁଦ୍ଧ, ବିଂ. ( ପରି-ଶୁଧ୍-ତ ) ପରିଷ୍କୃତ, ସଂଶୋଧିତ ।

ପରିଶୁଷ୍କ, ବି°. ( ପରି-ଶୁଷ୍-ତ ) ଅତିଶୟ ଶୁଷ୍କ, ନୀରସ । ବି. ନ. ପରିପକ୍ୱ ମାଂସବିଶେଷ ।

ପରିଶେଷ, ବି. ପୁଂ. ( ପରି-ଶେଷ ) ଅବଶେଷ, ସମାପନ, ଅନ୍ତ । ବି°. ଅବଶିଷ୍ଟ ।

ପରିଶୋଧ, ବି ପୁଂ. ( ପରି-ଶୁଧ୍-ଅ ) ଋଣ ଶୁଝି ଦେବା, ପ୍ରତିଶୋଧ ।

ପରିଶ୍ରମ, ବି. ପୁଂ. (ପରି-ଶ୍ରମ୍-ଅ) ଆୟାସ, କ୍ଳେଶ, ଉଦ୍‌ଯୋଗ, ଚେଷ୍ଟା ।

ପରିଶ୍ରମୀ, ବି°. ( ପରିଶ୍ରମ-ଇନ୍ ) ଯତ୍ନଶୀଳ, ଉଦ୍‌ଯୋଗୀ, ପରିଶ୍ରମକାରୀ ।

ପରିଶ୍ରାନ୍ତ, ବି°. ( ପରି-ଶ୍ରମ୍-ତ ) କ୍ଳାନ୍ତ, ଶ୍ରାନ୍ତିଯୁକ୍ତ ।

ପରିଷଦ୍, ବି. ସ୍ତ୍ରୀ. (ପରି-ସଦ୍-°) ସଭା, ସମାଜ, ବହୁଜନସମାଗମ ସ୍ଥାନ ।

ପରିଷଦ, ବି. ପୁଂ. ( ପରି ସଦ୍-ଅ ) ସଭାସଦ, ଅନୁଚର, ସଭ୍ୟ ।

ପରିଷାର }
ପରିଷ୍କାର } ବି. ପୁଂ. ( ପରି-କୃ-ଅ ) ସ୍ୱଚ୍ଛତା, ନିର୍ମଳତା, ଶୁଦ୍ଧ କରିବା ।

ପରିଷ୍କୃତ, ବି°. (ପରି-କୃତ) ନିର୍ମଳ, ଶୋଧିତ, ସ୍ୱଚ୍ଛ, ଅଲଙ୍କୃତ, ଭୂଷିତ ।

ପରିଷ୍ୱଙ୍ଗ, ବି. ପୁଂ. ( ପରି ସ୍ୱନ୍‌ଜ-ଅ ) ଆଲିଙ୍ଗନ ।

ପରିସର, ବି. ପୁଂ. (ପରି-ସୃ-ଅ)ପ୍ରଦେଶ, ପର୍ଯ୍ୟନ୍ତ ଭୂମି, ଓସାର, ବିସ୍ତାର, ନଦୀ ନଗର ପର୍ବତ ପ୍ରଭୃତିର ନିକଟବର୍ତ୍ତୀ ଭୂମି ।

ପରିସରଣ, ବି. ନ. ( ପରି-ସୃ-ଅନ ) ପରିଭବ, ମୃତ୍ୟୁ ।

ପରିସୀମା, ବି. ସ୍ତ୍ରୀ. (ପରି-ସୀମନ୍) ଇୟତ୍ତା, ସୀମା, ପର୍ଯ୍ୟନ୍ତ ।

ପରିସ୍ରା, ବି. (ପରିସ୍ରାବ ଶବ୍ଦଜ) ମୂତ୍ର, ପ୍ରସ୍ରାବ ।

ପରିହାର }
ପରୀହାର } ବି. ପୁଂ. ( ପରି-ହୃ-ଅ) ପରିତ୍ୟାଗ, ଅବଜ୍ଞା, ଅନମଣ, ମୋଚନ, ଛାଡ଼ିଦେବା, ଉପେକ୍ଷା ।

ପରିହାର୍ଯ୍ୟ }
ପରିହର୍ତ୍ତବ୍ୟ } ବି°. ( ପରି-ହୃ-ଘ୍ୟ, ତବ୍ୟ ) ପରିହାର ଯୋଗ୍ୟ, ପରିତ୍ୟାଜ୍ୟ ।

ପରିହାସ }
ପରୀହାସ } ବି. ପୁଂ. ( ପରି-ହସ୍-ଅ ) କୌତୁକ, ଥଟ୍ଟା, ଉପହାସ ।

ପରିହାସ୍ୟ, ବି°. ( ପରିହାସ-ଯ ) ଉପହାସାସ୍ପଦ, ପରିହାସ କରିବାର ଯୋଗ୍ୟ ।

ପରିହିତ, ବି°. ପରି-ଧା-ତ) ଆଚ୍ଛାଦିତ, ସ୍ଥାପିତ ।

ପରିହୀନ, ବି°. (ପରି-ହା-ତ) ପ୍ରତାରିତ, ହ୍ରାସ-ପ୍ରାପ୍ତ, କ୍ଷୀଣ, ପରିତ୍ୟକ୍ତ ।

ପରୀକ୍ଷକ, ବି°. (ପରି-ଈକ୍ଷ୍-ଅକ) ପରୀକ୍ଷାକାରକ, ଗୁଣଦୋଷବିଚାରକ ।

ପରୀକ୍ଷଣ, ବି. ନ. ପରି-ଈକ୍ଷ୍-ଅନ) ଦୋଷଗୁଣ-ବିଚାର, ଶପଥ ।

ପରୀକ୍ଷା, ବି. ( ପରି-ଈକ୍ଷ୍ ଅ-ଆ ) ଗୁଣ ଦୋଷ ବିଚାର ।

ପରୀକ୍ଷିତ୍ }
ପରୀକ୍ଷିତ } ବି. ପୁଂ ( ପରି-କ୍ଷି-°, ତ ) ଅର୍ଜୁନଙ୍କ ନାତି, ଅଭିମନ୍ୟୁଙ୍କ ପୁତ୍ର ଏ ମାତା ଗର୍ଭରେ ବିନାଶିତ ହୋଇ କୃଷ୍ଣଙ୍କଦ୍ୱାରା ପୁନର୍ଜୀବିତ ହୋଇଥିଲେ ।

ପରୀକ୍ଷିତ, ବି°. ( ପରି ଈକ୍ଷ୍-ତ ) ଯାହା ପରୀକ୍ଷା କରାଯାଇଅଛି । ଯହାର ଦୋଷଗୁଣ ବିବେଚିତ ହୋଇଅଛି ।

ପରୁଆ, ବି. (ଦେଶଜ) ଭଗ୍ନ, ଭ୍ରାନ୍ତ ।

ପରୁଆନା, ବି. (ଯାବନିକ) ଆଦେଶପତ୍ର ।

ପରୁଷ, ବି°. ( ପୃ-ଉଷନ୍ ) କର୍କଶ, ନିଷ୍ଠୁର, କଠିନ, ଉଦ୍ଧତ । ବି. ନ. କର୍କଶତା, କାଠିନ୍ୟ ।

ପରେ, ଅ°. ଉତ୍ତାରେ, ଶେଷରେ ।

ପରେତ, ବି°. ( ପର-ଇ-ତ ) ମୃତ, ପ୍ରେତ, ମଡ଼ା ।

**ପରେତରାଟ୍**, ବି. ପୁଂ. (ପରେତ ରାଜ୍-ଣ) ଯମ, ପ୍ରେତଶ୍ରେଷ୍ଠ, ପ୍ରେତପତି ।

**ପରେଷ୍ଟି**, ବି. ପୁଂ. (ପର-ଇଷ୍ଟି) ବ୍ରହ୍ମା ।

**ପରୋକ୍ଷ**, ବିଂ. ପର(-ଅକ୍ଷି-ଅ) କର୍ମ୍ମ (ପର-ଅକ୍ଷ, ସ ଅଗମ) ଅପ୍ରତ୍ୟକ୍ଷ, ଚକ୍ଷୁର ଅନ୍ତରାଳ, ଅସାକ୍ଷାତ୍ । ବି. ପୁଂ. ତପସ୍ୱୀ, ଋଷି, ବ୍ୟାକରଣରେ ଅତୀତକାଳ ।

**ପରୋପକାର**, ବି. ପୁଂ. (ପର-ଉପକାର)ପରହିତ ସାଧନ ବ୍ୟାପାର ।

**ପର୍କଟୀ**, ବି. ସ୍ତ୍ରୀ. (ପୃଚ୍-ଅଟ୍-ଇନ୍) ଅଶ୍ୱତ୍ଥବୃକ୍ଷ ।

**ପର୍ଜନ୍ୟ**, ବି. ପୁଂ. (ପୃଚ୍=ଜଳସେଚନ କରିବା-ଅନ୍ୟ) ଇନ୍ଦ୍ର, ଶବ୍ଦକାରୀ ମେଘ ।

**ପର୍ଣ୍ଣ**, ବି. ନ. (ପର୍ଣ୍ଣ୍-ଅ) ପତ୍ର, ତାମ୍ବୂଲ, ପକ୍ଷ । ପୁଂ. ପଳାଶବୃକ୍ଷ ।

**ପର୍ଣ୍ଣକାର**, ବି. ପୁଂ. (ପର୍ଣ୍ଣ-କାର) ପାନବିକ୍ରେତା, ତାମ୍ବୂଳୀ ।

**ପର୍ଣ୍ଣକୁଟୀର**, ବି. ପୁଂ (ପର୍ଣ୍ଣ-କୁଟୀର) ପତ୍ରକୁଡ଼ିଆ ।

**ପର୍ଣ୍ଣଲତା**, ବି. ସ୍ତ୍ରୀ. (ପର୍ଣ୍ଣ-ଲତା) ତାମ୍ବୂଲଲତା, ପାନଲତା ।

**ପର୍ଣ୍ଣଶାଳା**, ବି. ସ୍ତ୍ରୀ. (ପର୍ଣ୍ଣ-ଶାଳା) ପର୍ଣ୍ଣକୁଟୀର, ପତ୍ରକୁଡିଆ ।

**ପର୍ଣ୍ଣାଶନ**, ବି. ପୁଂ. (ପର୍ଣ୍ଣ-ଅଶନ) ମେଘ । ବିଂ. ପତ୍ରଭୋଜୀ । ବି. ନ. ପତ୍ରଭକ୍ଷଣ ।

**ପର୍ଣ୍ଣୀ**, ବି. ପୁଂ. (ପର୍ଣ୍ଣ-ଇନ୍) ବୃକ୍ଷ । ବିଂ. ପତ୍ରଯୁକ୍ତ ।

**ପର୍ଦ୍ଦନ**, ବି. (ପର୍ଦ୍-ଅନ) ବାତକର୍ମ୍ମ, ପାଦ୍ର ।

**ପର୍ଦ୍ଦା**, ବି. (ଯାବନିକ) ଯବନିକା, ବସ୍ତ୍ରାଦିନିର୍ମିତ ବ୍ୟବଧାନ ।

**ପର୍ଯ୍ୟଙ୍କ**, ବି. ପୁଂ (ପରି-ଅନ୍କ୍ ଅ) ପଲଙ୍କ, ଖଟ, ଧ୍ୟାନ ସମୟରେ ଉପବେଶନବିଶେଷ ।

**ପର୍ଯ୍ୟଟକ**, ବି. ପୁଂ. (ପରି-ଅଟ୍-ଅକ)ପରିବ୍ରାଜକ, ଇତସ୍ତତଃ ଭ୍ରମଣକାରୀ ।

**ପର୍ଯ୍ୟଟନ**, ବି. ନ. (ପରି-ଅଟ୍-ଅନ) ଭ୍ରମଣ, ପରିଭ୍ରମଣ, ଇତସ୍ତତଃ ଭ୍ରମଣ ।

**ପର୍ଯ୍ୟନ୍ତ**, ବି. ପୁଂ. (ପରି-ଅନ୍ତ) ପ୍ରାନ୍ତ, ସୀମା, ଅବଧି, ନିକଟ, ଅବସାନ । ବିଂ. ଶେଷସୀମା ପ୍ରାପ୍ତ ।

**ପର୍ଯ୍ୟନ୍ତଭୂ**, ବି. ସ୍ତ୍ରୀ. (ପର୍ଯ୍ୟନ୍ତ-ଭୂ) ପରିସର, ନଦୀ, ନଗର ପର୍ବତାଦିର ନିକଟ ଭୂମି ।

**ପର୍ଯ୍ୟବସାନ**, ବି. ନ. (ପରି-ଅବସାନ) ସମାପନ, ସମାପ୍ତି, ଶେଷ ।

**ପର୍ଯ୍ୟବସିତ**, ବିଂ. (ପରି-ଅବସିତ) ସମାପ୍ତ, ନିଃଶେଷିତ ।

**ପର୍ଯ୍ୟବେକ୍ଷଣ**, ବି. ନ. (ପରି-ଅବ-ଈକ୍ଷ-ଅନ) ମନୋନିବେଶପୂର୍ବକ ଦର୍ଶନ, ତତ୍ତ୍ୱାବଧାନ ।

**ପର୍ଯ୍ୟବେକ୍ଷଣିକା**, ବି. ସ୍ତ୍ରୀ. (ପରି-ଅବ-ଈକ୍ଷ-ଅନ-ଇକ-ଆ) ମାନମନ୍ଦିର, ଗ୍ରହନକ୍ଷତ୍ରାଦି ଦେଖିବାର ଘର । observatory

**ପର୍ଯ୍ୟସ୍ତ**, ବିଂ. (ପରି ଅସ୍ତ) ବିକ୍ଷିପ୍ତ, ପ୍ରସାରିତ, ପତିତ, ଆହତ ।

**ପର୍ଯ୍ୟାକୁଳ**, ବିଂ. (ପରି-ଆକୁଳ) ବ୍ୟାକୁଳ, ବ୍ୟତିବ୍ୟସ୍ତ, ବିକ୍ଷିପ୍ତ ।

**ପର୍ଯ୍ୟାଣ**, ବି. (ପରି-ଯା-ଅନ) ପଲାଣ, ଘୋଡ଼ା ପ୍ରଭୃତି ପଶୁଙ୍କ ପିଠି ଆସନ ।

**ପର୍ଯ୍ୟାପ୍ତ**, ବିଂ. (ପରି-ଆପ୍-ତ) ପରିମିତ, ପ୍ରଚୁର, ଯଥେଷ୍ଟ । ବି. ନ. ସାମର୍ଥ୍ୟ, ପ୍ରାଚୁର୍ଯ୍ୟ, ତୃପ୍ତି, ଶକ୍ତି ।

**ପର୍ଯ୍ୟାପ୍ତି** ବି. ସ୍ତ୍ରୀ. (ପରି-ଆପ୍-ତି)ପ୍ରାଚୁର୍ଯ୍ୟ,ପ୍ରାପ୍ତି, ସାମର୍ଥ୍ୟ, ପରିଚ୍ଛେଦ ।

**ପର୍ଯ୍ୟାୟ** ବି. ପୁଂ. (ପରି-ଇ-ଅ) ଅନୁକ୍ରମ, ପାଳି, ସୁବିଧା, ସମ୍ପର୍କବିଶେଷ, ସମାର୍ଥକ ଶବ୍ଦ ।

**ପର୍ଯ୍ୟାଲୋଚନା**, ବି. ସ୍ତ୍ରୀ. (ପରି-ଆ-ଲୋଚ-ଅନ-ଆ) ଅନୁଶୀଳନ, ସମାଲୋଚନା, ବିତର୍କ, ସର୍ବଦା ଅଭ୍ୟାସ ।

**ପର୍ଯ୍ୟାସ**, ବି. ପୁଂ. (ପରି-ଅସ୍-ଅ) ପରିବର୍ତ୍ତନ, ବିସ୍ତାର, ବିନାଶ, ପତନ ।

**ପର୍ଯ୍ୟୁତ୍ସୁକ**, ବିଂ. (ପରି-ଉତ୍ସୁକ) ଅନୁରକ୍ତ, ଉତ୍କଣ୍ଠିତ ।

ପର୍ଯ୍ୟୁଦସ୍ତ, ବିଂ. ( ପରି-ଉତ୍-ଅସ୍-ତ ) ନିଷିଦ୍ଧ, ନିବାରିତ, ପରାଭୂତ ।

ପର୍ଯ୍ୟୁଷିତ, ବିଂ. (ପରି-ବସ୍ ତ) ପୂର୍ବଦିବସୀୟ, ବାସି । ଯଥା—

ଜଗତେ ଶୋଭନ୍ତି ଦୁଃଖିନୀ ନନ୍ଦିକା,
ପର୍ଯ୍ୟୁଷିତ ପଦ୍ମ ପ୍ରାୟେ ତନୁ ଫିକା । ନ. କେ.

ପର୍ବ, ବି. ନ. ( ପୃ-ବନ୍ ) ଗ୍ରନ୍ଥି, ସନ୍ଧି, ଉତ୍ସବ, ଅଧ୍ୟାୟ, ଅଷ୍ଟମୀ ପୂର୍ଣ୍ଣିମା ଚତୁର୍ଦ୍ଦଶୀ ଅମାବାସ୍ୟା ତିଥି ଓ ସଂକ୍ରାନ୍ତି ଏହି ପାଞ୍ଚ ପର୍ବ, ଅମାବସ୍ୟା ଓ ପ୍ରତିପଦର ସନ୍ଧି, ପୂର୍ଣ୍ଣିମା ।

ପର୍ବତ, ବି. ପୁଂ. ( ପର୍ବନ୍-ତ ) ପାହାଡ଼, ଗିରି, ମତ୍ସ୍ୟବିଶେଷ, ଦେବବିଶେଷ ।

ପର୍ବତଜା, ବି. ସ୍ତ୍ରୀ. (ପର୍ବତ ଜନ୍-ଅ-ଆ ) ନଦୀ, ପାର୍ବତୀ, ଦୁର୍ଗା ।

ପର୍ବତାରି, ବି. ପୁଂ. ( ପର୍ବତ-ଅରି ) ଦେବରାଜ, ଇନ୍ଦ୍ର ।

ପର୍ବତୀୟ, ବିଂ. ( ପର୍ବତ-ଈୟ, ସମ୍ବନ୍ଧାର୍ଥେ ) ପାର୍ବତ୍ୟ, ପାର୍ବତୀୟ ।

ପର୍ବଯୋନି, ବି. ପୁଂ. ପର୍ବ = ଗ୍ରନ୍ଥି-ଯୋନି = ଉତ୍ପତ୍ତିସ୍ଥାନ) ଆଖୁ ପ୍ରଭୃତି ।

ପର୍ବସନ୍ଧି, ବି. ପୁଂ. (ପର୍ବନ୍ ସନ୍ଧି ) ପ୍ରତିପଦ୍ ଓ ପଞ୍ଚଦଶୀର ମଧ୍ୟକାଳ ।

ପର୍ଶୁ, ବି. ପୁଂ. ( ପର୍-ଶୁ-ଉ) କୁଠାର, କୁହ୍ରାଡ଼ୀ · ପାର୍ଶ୍ୱର ଅସ୍ଥି, ପଞ୍ଜରା ।

ପର୍ଶୁପାଣି, ବି. ପୁଂ. ( ପର୍ଶୁ-ପାଣି ) ଗଣେଶ, ଗଜାନନ, ପରଶୁରାମ ।

ପର୍ଶୁରାମ, ବି. ପୁଂ. ( ପର୍ଶୁ-ରାମ ) ଯାମଦଗ୍ନ୍ୟ, ପରଶୁରାମ ।

ପଳ, ବି. ନ. (ପଳ୍-ଅ) ୪ତୋଳା, ସୂକ୍ଷ୍ମ କାଳ-ବିଶେଷ, ମାଂସ । ଯଥା—

ବାଣ୍ଟ ପଳ ପଳ, କର ଏହା ପଳ
ଶିରେ ଜପଇ ଠାଡ଼ ଉଚାର । ବୈ, ବ.

ପଲ, ବିଂ. (ଦେଶଜ) ସମୂହ । ଯଥା—

ଯାଉଛନ୍ତି ଗୋରୁପଲ ଗୋଠରୁ ବାହୁଡ଼ି । ଛ. ମା.

ପଲଉ, ବି. ( ପଲାନ୍ନ ଶବ୍ଦଜ ) ମାଂସମିଶ୍ରିତ ଖେଚୁଡ଼ି, କାନକା, ଖେଚୁଡ଼ି ।

ପଲକ, (ଯାବନିକ)ଚକ୍ଷୁର ପତା, ନିମେଷ ।

ପଲଖ }
ପଲଖା } ବି. ( ଦେଶଜ ) କାଠର ସରୁଆନ ଉପର ଖୋଲ, ଅସାର ଅଂଶ, ଉପରର ଶୁଷ୍କ ଆବରଣ ।

ପଲଟନ, (ଯାବନିକ) ସେନାଦଳ ।

ପଲମ, ବି. ନ. (ଦେଶଜ) ମାଟିନିର୍ମିତ ଢାଙ୍କେଇ ବା ପାତ୍ରବିଶେଷ ।

ପଲବ, ବି.ପୁଂ. (ପଲ ବା-ଅ) ମତ୍ସ୍ୟଧାରଣ ଯନ୍ତ୍ର-ବିଶେଷ, ପେଲଣା ।

ପଲବିବା, କ୍ରି. ଗଛର ନୂଆପତ୍ର ଧରିବା, ପଲ୍ଲବିତ ହେବା, ଅଧିକ ହେବା ।

ପଲଲ, ବି. (ପଲ୍-ଅଲ) ମାଂସ, ପଙ୍କ ।

ପଲସ୍ତରା, ବି. ଲେପ, ଲେପ ବୋଳି ଚିକ୍କଣ କରିବା ।

ପଲା, ବି. ( ଦେଶଜ ) ତେଲାଦି ବ୍ୟବହାର କରିବାର ଲୌହନିର୍ମିତ ପାତ୍ରବିଶେଷ ।

ପଲାଇବା, କ୍ରି. ବି. (ପଳାୟନ ଶବ୍ଦଜ)ପଳାୟନ କରିବା । ଯଥା—

କାହୁଁ ପଲାଉଛୁ ସୁନ୍ଦରୀ ହୋଇ ଏଡ଼େ କାତର । ଚ.ଭା.

ପଲ୍ଲା, ବି.( ଦେଶଜ ) ପରକୁଡିଆ, କ୍ଷୁଦ୍ର ଗୃହ ।

ପଲ୍ଲାଣ, ବି. (ଦେଶଜ) ଘୋଡବଳଦ ପିଠିରେ ଦିଆଯାଉଥିବା ଆସନ ଗଦିବିଶେଷ,ପର୍ଯ୍ୟାଣ । ଯଥା -

ଥୋଇଣ୍ଟା ବଳଦ ଉପରେ, ପଲ୍ଲାଣ ଥୋଇଲେ ସତ୍ୱରେ ।

ପଲାଣ୍ଡୁ, ବି. ପୁଂ. ( ପଲ-ଅଣ୍ଡୁ ) ପିଆଜ, ପିଆଜ ।

ପଲାନ୍ନ, ବି. ନ. ( ପଲ-ଅନ୍ନ ) ମାଂସାନ୍ନ, ପଲଉ ।

ପଲାୟନ, ବି. ନ. (ପରା-ଅୟ-ଅନ) ପଲାଇବା, ଭୟାଦି ହେତୁରୁ ପ୍ରସ୍ଥାନ ।

ପଲାୟିତ, ବିଂ. ( ପରା-ଅୟ-ତ ) ପ୍ରସ୍ଥିତ, ଯେ ପଲାଇଅଛି ।

ପଲ୍ଲାଲ, ବ. (ପଲ-ଅଲ, ସଂଜ୍ଞାର୍ଥେ) ପାଲ, ଲୁଣ୍ଠା, ଶୁଷ୍କତୃଣ ।

ପଲ୍ଲାଶ, ବି. ପୁଂ. (ପଲ ଅଶ) ପତ୍ର, କିଂଶୁକ-ବୃକ୍ଷ । ବିଂ ଶ୍ୟାମବର୍ଣ୍ଣବିଶିଷ୍ଟ । ବି. ପୁଂ. ସ୍ତ୍ରୀ. ରାକ୍ଷସ, ପ୍ରେତ ।

ପଲାଶିବା, କ୍ରି. ଦ୍ରୁତଗତିରେ ଚାଲିବା ।

ପଲଶିଲାବେଳେ ପାଦ୍ବଣକେ କୋଣେ ଚାଲୁଆଛି ଅରଥର ।
ଛୁ. ହା. ଛ.

ପଲ୍ଲି, ବି. (ପଲ୍ଲୀ ଶବ୍ଦଜ) କ୍ଷୁଦ୍ର ଗ୍ରାମ ।

ପଲିତ, ବିଂ. (ପଲ୍ ତ) ବୃଦ୍ଧ । ବି ନ. ବାର୍ଦ୍ଧକ୍ୟ ହେତୁରୁ କେଶର ଶୁକ୍ଲତା, ତାପ, କର୍ଦ୍ଦମ ।

ପଲ୍ୟଙ୍କ, ବି. ପୁଂ. (ପରି-ଅଙ୍କ) ପଲଙ୍କ, ଖଟ ।

ପଲ୍ଲବ, ବି. ପୁଂ. (ପଦ୍ ଲୂ-ଅ) ନୂତନ ପତ୍ର, କିଶଲୟ, ଶ୍ଳୋକ ତଳ, ବିସ୍ତାର, ଅଲତା ।

ପଲ୍ଲବଗ୍ରାହୀ, ବିଂ. (ପଲ୍ଲବ-ଗ୍ରହ-ଇନ୍) ଭିନ୍ନ ଭିନ୍ନ ବିଷୟରେ ଯାହାର ଅଳ୍ପ ଅଳ୍ପ ଜ୍ଞାନ ଥାଏ । ଅଳ୍ପଜ୍ଞ ।

ପଲ୍ଲବାସ୍ତ୍ର, ବି. ପୁଂ. ( ପଲ୍ଲବ-ଅସ୍ତ୍ର ) କାମଦେବ, ରତିପତି ।

ପଲ୍ଲବକ, ବିଂ. (ପଲ୍ଲବ-ଇକ) କାମୁକ, ଲମ୍ପଟ ।

ପଲ୍ଲବିତ, ବିଂ. (ପଲ୍ଲବ ଇତ) ପଲ୍ଲବଯୁକ୍ତ, ପଲ୍ଲବ-ବିଶିଷ୍ଟ ।

ପଲ୍ଲି } ବି. ସ୍ତ୍ରୀ. (ପଲ୍ଲ୍-ଇ,ଈ) ଗ୍ରାମ, ଖଣ୍ଡ,
ପଲ୍ଲୀ } ପଡ଼ା ।

ପଲ୍ୱଲ, ବି. ପୁଂ. ନ. (ପଲ୍-ବଲ) କ୍ଷୁଦ୍ର ଜଳାଶୟ, ଗାଡ଼ିଆ ।

ପବ, ବି. ପୁଂ. (ପୂ-ଅ) ଶୋଧନ, ବାୟୁ । ବିଂ. ପରିଷ୍କୃତ, ପବିତ୍ର, ବିଶୁଦ୍ଧ, ପ୍ରଚଳିତ କଥାରେ ଏକ ଅଂଶ ବା ଖଣ୍ଡ ।

ପବନ, ବି. ପୁଂ. (ପୂ-ଅନ) ବାୟୁ । ନ. କୁମ୍ଭକାରର କୁମ୍ଭାଗାର, ଶୋଧନ । ବିଂ. ପରିଷ୍କୃତ ବିଶୁଦ୍ଧ ।

ପବନନନ୍ଦନ, ବି. ପୁଂ. (ପବନ ନନ୍ଦନ) ଭୀମ, ହନୁମାନ୍ ।

ପବନପଥ, ବି. ପୁଂ. (ପବନ-ପଥ ଆକାଶ ।

ପବନାଶ } ବି. ପୁଂ. (ପବନ-ଅଶ, ଅଶନ)
ପବନାଶନ } ସର୍ପ । ବିଂ. ବାୟୁଭକ୍ଷକ ।

ପବମାନ, ବି. ପୁଂ. (ପୂ ଆନ) ବାୟୁ, ପବନ, ଅଗ୍ନି । ବିଂ. ପବିତ୍ରକାରକ ।

ପବି, ବି. ପୁଂ. (ପୂ-ଇ) ଅଶନି, ବଜ୍ର ।

ପବିତ, ବିଂ. (ପୂ-ତ) ପୂତ, ପବିତ୍ର । ବି. ନ. ମରିଚ, ସୂତ୍ର ।

ପବିତ୍ର, ବିଂ. (ପୂ-ଇତ୍ର) ବିଶୁଦ୍ଧ । ବି. ସ୍ତ୍ରୀ. କୁଶ । ନ. ଘୃତ, ମଧୁ ।

ପବିତ୍ରା, ବି. ସ୍ତ୍ରୀ. ( ପବିତ୍ର-ଆ ) ନଦୀବିଶେଷ, ତୁଳସୀ, ହରିଦ୍ରା ।

ପବିତ୍ରିତ, ବିଂ. ( ପବିତ୍ର-ଇତ ) ପରିଶୋଧିତ, ପରିଷ୍କୃତ, ପବିତ୍ରୀକୃତ । ଯଥା—

ସର୍ବ ଦେବଦେବୀ ମାନେ ପବିତ୍ରିତ,
ନୀଳଚକ୍ର ପାଦେ ବନ୍ଦେ ସେ ସହିତ । ଚନ୍ଦ୍ରିକା ।

ପଶମ, ବି. (ଯାବନିକ) ଊର୍ଣ୍ଣା, ଲୋମ ।

ପଶମୀ, ବିଂ. ପଶମରେ ନିର୍ମିତ, ଲୋମନିର୍ମିତ ।

ପଶା, ବି. (ପାଶକ ଶବ୍ଦଜ) ଅକ୍ଷ, ଚଉପର । ଯଥା—

ବନେ ହୋଇଥିଲୁ ଘୋର ବରଷା ।
ବୋଇଲୁ ବାନ୍ଧବ ଖେଳିବା ପଶା ।

କୋଡ଼ି କାଙ୍କ ପ୍ରବୃତ୍ତିର ପତ୍ରାକୃତି ଅଂଶ ।

ପଶା ପାଳି, ବି. ( ଦେଶଜ ) ପଶାଖେଳିବାର ଘରକଟା ଚଉତକା ।

ପଶିବା, କ୍ରି. (ପ୍ର-ବିଶ୍ ଧାତୁଜ) ପ୍ରବେଶ କରିବା, ପ୍ରବିଷ୍ଟ ହେବା ।

ପଶୁ, ବି. ପୁଂ. (ପଶ୍-ଉ) ଲୋମଯୁକ୍ତ ଲାଙ୍ଗୁଳ-ବିଶିଷ୍ଟ ଚତୁଷ୍ପଦ ଜନ୍ତୁ ।

ପଶୁକ୍ରିୟା, ବି. ସ୍ତ୍ରୀ. ( ପଶୁ-କ୍ରିୟା ) ମୈଥୁନ, ରମଣ ।

ପଶୁପତି, ବି. ପୁଂ. (ପଶୁ-ପତି) ଦେବବିଶେଷ, ଶିବ ।

ପଶୁପାଳ } ବି. ପୁଂ. ( ପଶୁ-ପାଳ,ପାଳକ )
ପଶୁପାଳକ } ପଶୁରକ୍ଷକ, ରଖୁଆଳ, ଜଗନ୍ନାଥଙ୍କ ସେବକବିଶେଷ ।

ପଶୁରାଜ, ବି. ପୁଂ. (ପଶୁ-ରାଜା) ସିଂହ, ମୃଗେନ୍ଦ୍ର ।

ପଶ୍ଚାତ୍, ଅ°. (ଅପର-ଅସ୍ତାତ୍) ପଶ୍ଚିମେ, ପରେ, ପଛରେ ।

ପଶ୍ଚାତ୍ତାପ, ବି. ପୁଂ. (ପଶ୍ଚାତ୍-ତାପ) ଅନୁତାପ । ଯଥା—

ପଶ୍ଚାତ୍ତାପ ହେଲା ମୋର,
ଏବେ କଳହାନ୍ତରିତା ନାମ ପରକାର । ପ୍ରେ. ମୁ.

ପଶ୍ଚାର୍ଦ୍ଧ, ବି. ପୁଂ. (ଅପର=ପଶ୍ଚ-ଅର୍ଦ୍ଧ) ପାଦଠାରୁ ନାଭିପର୍ଯ୍ୟନ୍ତ, ଅପରାର୍ଦ୍ଧ ।

ପଶ୍ଚିମ, ବି. ପୁଂ. (ପଶ୍ଚାତ୍-ଇମ) ଚରମ, ଶେଷ, ଅନନ୍ତର । ନ. ପୃଷ୍ଠଦେଶ । ସ୍ତ୍ରୀ. ସୂର୍ଯ୍ୟାଦିର ଅସ୍ତଗମନ ଦିଗ । ଯଥା :—

କରୁଥିଲି ଆଶା କରିବି ଯାପନ,
ତୋ ପଶ୍ଚିମଙ୍ଗରେ ପଶ୍ଚିମ ଜୀବନ । ଚିଲିକା ।

ପଶ୍ଚିମା, ବି°. ( ପଶ୍ଚିମ ଶବ୍ଦଜ ) ପଶ୍ଚିମଦେଶୀୟ, ଭାରତର ଉତ୍ତର ପଶ୍ଚିମାଞ୍ଚଳବାସୀ ।

ପଶ୍ୟତୋହର, ବି. ପୁଂ.(ପଶ୍ୟତଃ-ହର) ଚୋର, ତସ୍କର, ସ୍ୱର୍ଣ୍ଣକାର ।

ପସନ୍ଦ, ବି. ( ଯାବନିକ ) ଅନୁମାନ, ସୁନ୍ଦର, ମନୋମତ । ଯଥା—

ଖରଚ କରିବ ଲକ୍ଷେ ଟଙ୍କା,
ପସନ୍ଦ ନ ଥିଲେ ସବୁ ବଙ୍କା । ଢଗ ।

ପସରା, ବି. ( ଦେଶଜ ) ବିକ୍ରୟଦ୍ରବ୍ୟପୂର୍ଣ୍ଣ ପାତ୍ର, ଦୋକାନ । ଯଥା—

ଗୋରି ହାତେ ଦେଲି ପ୍ରଣୟପସରା ।

ପସାର, ବି. (ପ୍ରସର ଶବ୍ଦଜ) ବ୍ୟବସାୟ ବସ୍ତୃତି ବା ବ୍ୟାପ୍ତି ।

ପସାରୀ, ବି. ଦୋକାନୀ, ବିକ୍ରୟକାରୀ ।

ପସାରୁଣୀ, ବି. (ଦେଶଜ) ସ୍ୱନାମପ୍ରସିଦ୍ଧ ଲତା ବିଶେଷ ।

ପସୁରି, ବି. ( ପ=ପଞ୍ଚନ୍ ଶବ୍ଦଜ-ସୁରି=ସେର ଶବ୍ଦଜ) ୫ ସେର ।

ପହଞ୍ଚାଇବା, କ୍ରି. ( ଦେଶଜ ) ପୂଜା ପ୍ରଭୃତି, ପାକଲ କରିବା, ଉପସ୍ଥିତ କରାଇବା, ଦୋଳ ପ୍ରଭୃତି ଚଳାଇବା ।

ପହଞ୍ଚିବା, କ୍ରି. (ଦେଶଜ) ଉପସ୍ଥିତ ହେବା ।

ପହଡ଼ } ବି. (ଦେଶଜ) ସୁଖନିଦ୍ରା, ଡବା, କ୍ରି. ସୁଖରେ ଶୋଇବା ।
ପହୁଡ଼ }

ପହଣି, ବି. (ଦେଶଜ) ପାଣିନାଲ ।

ପହଣ୍ଡ, ବି. (ଦେଶଜ) ପଦକ୍ଷେପ ।

ପହଣ୍ଡି, ବି. (ଦେଶଜ) ଧୀରଗମନ । ଯଥା—

ପୂର୍ବଙ୍କରେ ପୂର୍ବଙ୍କ ଗର୍ବ ଉପୁଜାଇ,
ପହଣ୍ଡି ବଜାୟୁ କଲେ ଝୁଲଇ ଝୁଲଇ । କୋ. ବ୍ର. ସୁ.

ପହର, ବି. ପ୍ରହର, ଗୃହଘଡ଼ି, ଅଠଦଣ୍ଡ ବା ତିନଘଣ୍ଟା ପରିମିତ କାଳ ।

ପହଁରା, ବି. ( ଦେଶଜ ) ଝାଡ଼, ଝାଅଁଣି, ସନ୍ତରଣ କରିବା । କ୍ରି. ଝାଡ଼ିବା, ଓଲାଇବା, ସନ୍ତରଣ କରିବା ।

ପହରା, ବି. ( ଦେଶଜ ) ଚୌକିଦେବା, ଜଗି ରହିବା ।

ପହଲ, ବି. (ଦେଶଜ) ଢଗ ।

ପହଲିବା, କ୍ରି. ( ଦେଶଜ ) ଦମ୍ଭସହକାରେ ହାତ ହଲାଇ ଚାଲିବା । ଯଥା—

ପୁଣି ଚାଲଇ ପହଲଇ
ଅଗ ହୋଇଲେ ଲବଗ୍ରାମୀ । ଭଗବତ ।

ପହ୍ଣ, ବି. (ଯାବନିକ) କ୍ଷେତ୍ରର ସୀମାବନ୍ଧ ମାଟି ବାଡ଼, ହିଡ଼, ବଗିଚାର ସୀମା, ଚକର ଅଂଶ ।

ପହୁଆ, ବି. (ଦେଶଜ) ଶଗଡ଼ଚକ ।

ପହୁଜ, ବି. ( ଦେଶଜ ) ଗର୍ବ ବା ଦମ୍ଭପ୍ରକାଶ, ଗୋଳମାଳ, ଜଞ୍ଜାଳ, ବାଦାନୁବାଦ ।

ପହିଲା, ବି°. ( ଯାବନିକ ) ପ୍ରଥମ, ଆଦ୍ୟ, ମାସର ପ୍ରଥମ ଦିନ ।

ପହିଲି } ବି°. (ଯାବନିକ) ପ୍ରଥମ, ଆଦ୍ୟ ।
ପହିଲ }

ପହୁଡ଼ି, ବି. (ଦେଶଜ) ଶୋଇବା । ଯଥା—

ତେଙ୍କଣ ବେଗେ ପହୁଡ଼ି ଗୋଧନ ସେନ ଗଉଡ଼
ବଜାଇ ବଜାଇ ବଂଶୀ ସୁଲଳିତ ସ୍ୱନେ । ଢ. ବ.

ପହ୍ନା, ବି. (ପ୍ରସ୍ନବ ଶବ୍ଦଜ) ଗବାଦି ପଶୁର ଦୁଗ୍ଧାଧାର ।

ପଣ୍ଡାଇବା, କ୍ରି. ( ପଣ୍ଡା ଶବ୍ଦଜ ) ଦୁଧ ଦେବା ପାଇଁ ମନ କରିବା ।

ପା / ପାଆ } ବି. ( ଦେଶଜ ) ଚତୁଷ୍ପଦ, ଶରୀର ଭାଗରୁ ଏକ ଭାଗ, ପାଦ ।

ପାଇଁ / ପାଇଁକି } ଅଂ (ଦେଶଜ) ନିମନ୍ତେ, ଲାଗି ।

ପାଇକ, ବି. (ପଦାତିକ ଶବ୍ଦଜ) ଗ୍ରାମରକ୍ଷକ, ପିଆଦା ।

ପାଇଖାନା, ( ଯାବନିକ ) ମଳତ୍ୟାଗ କରିବାର ସ୍ଥାନ ।

ପାଇକ୍ଷ / ପାକ୍ଷ } ବି. (ଦେଶଜ) ବଡ଼ ରାଜା ।

ପାଇଜାମା, ବି. ( ଯାବନିକ ) ନିମ୍ନାଙ୍ଗର ପରିଚ୍ଛଦ ବିଶେଷ ।

ପାଇଟି, ବି. (ଦେଶଜ) ଗୃହାଦିର କାର୍ଯ୍ୟ ।

ପାଇଟିଆଳ, ବିଂ. ( ଦେଶଜ ) କର୍ମକାରୀ, ଯେ ପାଇଟି କରେ ।

ପାଇବା, କ୍ରି. ( ପ୍ର-ଅପ୍-ଧାତୁଜ ) ଲଭିବା, ଅଣ୍ଟିବା ।

ପାଉଣା, ବି. ପ୍ରାପ୍ୟ, ଆଦାୟଯୋଗ୍ୟ ।

ପାଉତି, ବି. ( ଯାବନିକ ) ପ୍ରାପ୍ତିସ୍ୱୀକାରପତ୍ର, ରସିଦ ।

ପାଉଁଶ, ବି (ପାଂଶୁ ଶବ୍ଦଜ) ପାଂଶୁ ଭସ୍ମ ।

ପାଂଶୁ / ପାଂସୁ } ବି. ପୁଂ. (ପନ୍ସ୍-ଉ) ରଜଃ, ଧୂଳି, ଖାର, ପାପ ।

ପାଂଶୁଳ, ବିଂ. ( ପାଂଶୁ-ଲ) ଧୂଳିଯୁକ୍ତ, ପାପିଷ୍ଠ । ବି. ପୁଂ. ଶିବ ।

ପାଂଶୁଳା, ବି. ସ୍ତ୍ରୀ. ( ପାଂଶୁ-ଲ, ସ୍ତ୍ରୀଲିଙ୍ଗେ ଆ ) ଅସତୀ ସ୍ତ୍ରୀ, ରଜଃସ୍ୱଳା । (ପାଂଶୁ=ଧୂଳି ଲ) ପୃଥିବୀ ।

ପାଂସନ, ବିଂ, (ପନ୍ସ-ଅନ) ଦୂଷକ, ପାପିଷ୍ଠ ।

ପାକ, ବି. ପୁଂ. (ପଚ୍-ଅ) ରନ୍ଧନ, ପରିପାକ, ପରିଣତି, କେଶର ଶୁକ୍ଳତା, ଫଳ, ପେଚକ ।

ପାକଲ, ବି. ପୁଂ. (ପାକ-ଲା-ଅ) ହସ୍ତିର ଜ୍ୱର, ବାୟୁ, ଅଗ୍ନି । ନ. ଔଷଧବିଶେଷ, କୁଷ୍ଠ । ବିଂ. ବୃଦ୍ଧ, ଅବସ୍ଥାନ୍ତରପ୍ରାପ୍ତ, ପକ୍ୱ ।

ପାକଲା, ବିଂ ( ପକ୍ୱ ଶବ୍ଦଜ ) ପାଚିଲା, ପରିପକ୍ୱ ।

ପାକଶାଳା, ବି. ସ୍ତ୍ରୀ. (ପାକ-ଶାଳା) ରନ୍ଧନାଳୟ, ରାନ୍ଧିବା ଘର ।

ପାକଶାସନ, ବି. ପୁଂ. ( ପାକ-ଶାସକ ) ଇନ୍ଦ୍ର, ପାକନାମକ ଅସୁରର ଶାସନକର୍ତ୍ତା ।

ପାକଶାସନି, ବି. ପୁଂ. (ପାକ-ଶାସନ-ଇ) ଇନ୍ଦ୍ର-ପୁତ୍ର, ଜୟନ୍ତ, ଅର୍ଜ୍ଜୁନ, ବାଳି ବାନର ।

ପାକସ୍ଥଳୀ, ବି. ସ୍ତ୍ରୀ. ( Stomach ) ଉଦରର ଯେଉଁ ଅଂଶରେ ଖାଦ୍ୟପଦାର୍ଥ ଜୀର୍ଣ୍ଣ ହୁଏ, ପାକ କରିବାର ପାତ୍ର ।

ପାକସ୍ଥାନ, ବି. ନ. (ପାକ ସ୍ଥାନ) ରନ୍ଧନାଳୟ, ହେଁସେଇଘର ।

ପାକୁଆ, ବିଂ. (ଦେଶଜ) ଦନ୍ତହୀନ ।

ପାକୁଳ / ପାଗୁଳ } ବି. ( ଦେଶଜ ) ରୋମନ୍ଥ, ପଶୁର ଗିଳିତ ଦ୍ରବ୍ୟର ଚର୍ବଣକ୍ରିୟା ।

ପାକ୍ଷିକ, ବିଂ. (ପକ୍ଷ-ଇକ) ପକ୍ଷସମ୍ବନ୍ଧୀୟ, ପ୍ରତି ପକ୍ଷରେ ଯାହା ଘଟେ, ପକ୍ଷପାତୀ, । ବି. ପୁଂ. ବ୍ୟାଧ, ବାଣୁଆ, ଯେ ପକ୍ଷୀ ମାରେ ।

ପାଖ, ବି. (ପାର୍ଶ୍ୱ ଶବ୍ଦଜ) ନିକଟ, ସମୀପ ।

ପାଖଡ଼ା / ପାଖର } ବି. (ଦେଶଜ) ଖଇରବିଶେଷ ।

ପାଖରା, ବିଂ. ( ଦେଶଜ ) ନିର୍ଲଜ୍ଜ, ଲଳଜଳା, ଦୁଷ୍ଟ ।

ପାଖୁଡ଼ା, ବି. (ଦେଶଜ) ପୁଷ୍ପଦଳ ।

ପାଖେଇବା, କ୍ରି. (ଦେଶଜ) ଆଡ଼େଇବା, ନିକଟବର୍ତ୍ତୀ ହେବା ।

ପାଗ, ବି. (ଦେଶଜ) ପଗଡ଼ି, ପାକ, ପ୍ରାକୃତିକ ଅବସ୍ଥା ।

ପାଗ, ବି. (ଦେଶଜ) ଘୋଡ଼ା ପ୍ରଭୃତିଙ୍କ ରହିବା ମେଲ୍ଲ ଘର ।

ପାଗଲ୍, ବିଂ. ବାତୁଳ, ଉନ୍ମତ୍ତ ।

ପାଚକ, ବିଂ. (ପଚ୍-ଅକ) ଜୀର୍ଣ୍ଣକାରକ, ପାକକର୍ତ୍ତା । ବି. ପୁଂ. ଅଗ୍ନି । ନ. ଉଦରର ରସବିଶେଷ । ପଚିକା, ସ୍ତ୍ରୀ. ରନ୍ଧନକାରଣୀ, ଯେ ସ୍ତ୍ରୀଲୋକ ପାକ କରେ । (ଦେଶଜ) ଗଞ୍ଜାଟ, ପଶ ପ୍ରଭୃତିର କଣ୍ଠା ଭାଙ୍ଗ ।

ପାଚନ, ବି. ନ. ( ପାଚ-ଅନ ) ଔଷଧବିଶେଷ, କ୍ୱାଥ । ପୁଂ. ଅଗ୍ନି, ପ୍ରାୟଶ୍ଚିତ୍ତ । ବିଂ. ଜୀର୍ଣ୍ଣକାରକ ।

ପାଚଲା, ବି. (ଦେଶଜ) ପକ୍ୱ ।

ପାଚିବା, କ୍ରି. ( ପଚ୍-ଧାତୁଜ ) ପକ୍ୱ ହେବା, ପଶା ପ୍ରଭୃତି ଖେଳରେ ଜିତିବା ।

ପାଚେରି, ବି. (ପ୍ରାଚୀର ଶବ୍ଦଜ) ବେଢ଼ା, କାନ୍ଥ, ଭିତ୍ତି ।

ପାଛୁଆ, ବିଂ. (ଦେଶଜ) ସାନ ଟୋକାଇ ।

ପାଛୁଡ଼ା, ବି. (ଦେଶଜ) ଗୁଦର, ଉତ୍ତରୀୟ ବସ୍ତ୍ର । ଯଥା—

ବାଢେ ଫର ଫର ରୁପା କରିର ପାଛୁଡ଼ା
ପଡ଼ିଲେ ଯ ଶୋହେ ପର୍ଣ୍ଣଶ୍ୟାମ ଶୈଳ ଦେହେ । ମ. ଯା.

ପାଛୋଟିବା, କ୍ରି. (ଦେଶଜ) ଅଗବଢ଼ି ଆଣିବା । ଯଥା—

ଭୂମ୍ୟଙ୍କୁ ପାଛୋଟ ଅସୂହନ୍ତ କି ଅଦରେ । କ. କ.

ପାଜି, ବିଂ. (ଯାବନିକ) ଦୁଷ୍ଟ, ନୀଚାଶୟ ।

ପାଞ୍ଚ, ବି. ( ଦେଶଜ ) ବିଗୁଡ, ମନ୍ତ୍ରଣା, ୫ ସଂଖ୍ୟା ।

ପାଞ୍ଚଜନ୍ୟ, ବି. ପୁଂ. ( ପଞ୍ଚଜନ-ଯ ) ବିଷ୍ଣୁଙ୍କର ଶଙ୍ଖ, ଅଗ୍ନି ।

ପାଞ୍ଚଣ ବି. ( ଦେଶଜ ) ଗୋରୁମାନଙ୍କୁ ଅଡ଼ାଇବାପାଇଁ ବ୍ୟବହୃତ ଛାଟ, ଔଷଧବିଶେଷ ।

ପାଞ୍ଚଭୌତିକ, ବିଂ. (ପଞ୍ଚଭୂତ-ଇକ) ପୃଥିବ୍ୟାଦି ପଞ୍ଚଭୂତଜାତ ।

ପାଞ୍ଚାଲ, ବି. ପୁଂ. ( ପଞ୍ଚାଲ-ଅ ) ଦେଶବିଶେଷ, ପଞ୍ଜାବ, ତକ୍ଷକ, ରଣ୍ଡାସ୍ତ, ତନ୍ତୁବାୟ, ରଜକ, କଂସେଇ ଏହି ପାଞ୍ଚ ଜାତି । ବିଂ. ପଞ୍ଚାଲଦେଶୋଦ୍ଭବ, ପଞ୍ଚାଲଦେଶୀୟ ।

ପାଞ୍ଚାଲୀ, ବି. ସ୍ତ୍ରୀ. ( ପାଞ୍ଚାଲ-ଅ-ଈ ) ଦ୍ରୌପଦୀ, କାଷ୍ଠାଦି ପୁତ୍ତଳିକା ।

ପାଞ୍ଜି, ବି. ( ଦେଶଜ ) ବିବାହାଦି ମଙ୍ଗଳ କାର୍ଯ୍ୟରେ ପରିହିତ ବସ୍ତ୍ର ।

ପାଞ୍ଜିବା, କ୍ରି. ( ଦେଶଜ ) ବିଚାର କରିବା, କଳ୍ପନା କରିବା ।

ପାଞ୍ଜି, ବି. (ପଞ୍ଜିକା ଶବ୍ଦଜ) ଦିନ ଦି ନିର୍ଦ୍ଧାରଣ ପୁସ୍ତକ, ହିସାବ ଖାତା ।

ପାଞ୍ଜିଆ, ବି. ( ଦେଶଜ ) ହିସାବ ପ୍ରଭୃତି ଯେ ରଖେ, ମୋହରିର ।

ପାଟ, ବି. (ଦେଶଜ) ପ୍ରଶସ୍ତ ଭୂମି, ବଡ଼ ଭୂମିଖଣ୍ଡ, ପଟ୍ଟ, ନାଲିସୂତା, ଜଳମଗ୍ନ ପ୍ରାନ୍ତର, କୌଷେୟ ବସ୍ତ୍ର । ଯଥା—

ସମଗଣ ପାଟେ ହଂସ ହଂସୀ ପଦ୍ମପତ୍ରଗେ ଶବ୍ଦର ବୋଲ ।

ପାଟକ, ବି. ପୁଂ. ( ପଟ୍-ଅକ ) ଗ୍ରାମର ଅଂଶବିଶେଷ, ତୀର, ତଟ । (ଦେଶଜ) ଜାତିର ଶାଖା, ଜାତିର ଦଳ । ଯଥା, ବଢ଼େଇ ପାଟକ ।

ପାଟଚର, ବି. (ପଟଚର-ଅ ସ୍ୱାର୍ଥେ) ଗୃହୀ, ଚୋର ।

ପାଟଣା, ବି (ଦେଶଜ) ଗ୍ରାମ, ପୁର, ନଗର ।

ପାଟନ, ବି. ନ. ( ପଟ୍-ଇ-ଅନ ) କର୍ତ୍ତନ, ଛେଦନ, ବିଦାରଣ ।

ପାଟପୋକ, ବି. (ଦେଶଜ) ସାଧବଘର ବୋହୂ ।

ପାଟଫୁଲି, ବି. ( ଦେଶଜ ) ପାଟ ସୂତାରେ ନିର୍ମିତ ଡ଼ୋର ।

ପାଟମହାଦେଇ, ବି. ସ୍ତ୍ରୀ. (ପଟ୍ଟମହାଦେବୀ ଶବ୍ଦଜ) ପ୍ରଧାନ ରାଣୀ ।

ପାଟରା, ବି. ପୁଂ. ( ଦେଶଜ ) ଜାତିବିଶେଷ, ସୂତ୍ରବ୍ୟବସାୟୀ, କାପୁଡ଼ ।

ପାଟରାଣୀ, ବି. ସ୍ତ୍ରୀ. ପାଟରାର ଭାର୍ଯ୍ୟା, ପ୍ରଧାନ ରାଣୀ ।

**ପାଟଳ**, ବି. ପୁଂ. ( ପାଟଳା-ଅ ) ଶ୍ୱେତରକ୍ତ ବର୍ଣ୍ଣ । ବିଂ. ତଦ୍‌ବର୍ଣ୍ଣଯୁକ୍ତ । ବି. ନ. ପୁଷ୍ପବିଶେଷ ।

**ପାଟଳ**, ବି. ସ୍ତ୍ରୀ. ( ପାଟଳା-ଇ ) ବୃକ୍ଷବିଶେଷ, ପାଟଳବୃକ୍ଷ, ତତ୍‌ପୁଷ୍ପ ।

**ପାଟଳିତ**, ବିଂ. (ପାଟଳ-ଇତ) ପାଟଳବର୍ଣ୍ଣଯୁକ୍ତ ।

**ପାଟଳିପୁତ୍ର**, ବି. ନ. ( ପାଟଳି-ପୁତ୍ର ) ପାଟନା ନଗର, ମଗଧର ରାଜଧାନୀ ।

**ପାଟବ**, ବି. ନ. (ପଟୁ-ଅ) ପଟୁତା, ନୈପୁଣ୍ୟ, ଆରୋଗ୍ୟ ।

**ପାଟୁ**, ବି. (ଦେଶଜ) ଭୁଣ୍ଡ ଭୁଣ୍ଡ ଶବ୍ଦ ।

**ପାଟିତ**, ବିଂ. (ପାଟ-ତ) ଭଗ୍ନ, ବିଦୀର୍ଣ୍ଣ, ହତ ।

**ପାଟୀ**, ବି. ସ୍ତ୍ରୀ. ( ପାଟି-ଈ ) ଶୃଙ୍ଖଳା, ଧାଡ଼ି, ପ୍ରଣାଳୀ, ଏକ ଜାତୀୟ, ଶ୍ରେଣୀ, ଖଳକ ଚନ୍ଦନାଦି ରଚନା ।

**ପାଟୀଗଣିତ**, ବି. ନ. ଯହିଁରେ ଗଣିତ ବିଷୟ ଧାରାନୁଯାୟୀ ଲିଖିତ ଥାଏ, ଅଙ୍କବିଦ୍ୟା ।

**ପାଟୁଆ**, ବି. ( ଦେଶଜ ) ଗ୍ରାମ୍ୟଯାତ୍ରାବିଶେଷ, ଝାମୁଯାତ, ଯେଉଁମାନେ ଝାମ ଯାତରେ ନାଚନ୍ତି ।

**ପାଟୁପାଟୁ**, ବିଂ.(ଦେଶଜ) ତୃଷା ହେତୁରୁ ଯାହାର କଣ୍ଠ ଭୁଣ୍ଡାଦି ଶୁଷ୍କ ହୋଇଥାଏ ।

**ପାଠ**, ବି. ପୁଂ. (ପଠ୍-ଅ) ଅବୃତ୍ତି, ଅଧ୍ୟୟନ, ପାଠ୍ୟ ଅଂଶ ।

**ପାଠକ**, ବି. ପୁଂ. (ପଠ୍-ଅକ) ପାଠକର୍ତ୍ତା, ଛାତ୍ର, (ପାଠି-ଅକ) ଅଧ୍ୟକ୍ଷ, ଶିକ୍ଷକ ।

**ପାଠଶାଳା**, ବି. ସ୍ତ୍ରୀ. (ପାଠ-ଶାଳା) ବିଦ୍ୟାଳୟ, ଚାଟଶାଳୀ ।

**ପାଠୀ**, ବିଂ. ( ପଠ୍-ଇନ୍ ) ପାଠକାରକ, ପଠକ ।

**ପାଠୁଆ**, ବିଂ. (ପାଠ-ଉଆ) ଯେ ପାଠ ଜାଣେ, ବିଦ୍ୱାନ୍ ।

**ପାଠ୍ୟ**, ବିଂ. (ପଠ୍-ଯ) ପଠନୀୟ, ପାଠର ଉପଯୁକ୍ତ ।

**ପାଡ଼ି**, ବି. (ଦେଶଜ) ଅପାନ ବାୟୁ ।

**ପାଡ଼ିବା**, କ୍ରି. ( ଦେଶଜ ) ବାଉଁଶଇବା, ଅଧୋବାୟୁ ତ୍ୟାଗ କରିବା ।

**ପାଢ଼ୁଆ**, ବିଂ. (ଦେଶଜ) ଯେ ଧାର ନେଇ ଦିଏ ନାହିଁ, ଠକ ।

**ପାଣ**, ବି. (ଦେଶଜ) ଜାତିବିଶେଷ ।

**ପାଣି**, ବି. ପୁଂ. ( ପଣ୍-ଇ ) ହସ୍ତ । (ପାନୀୟର ଅପଭ୍ରଂଶ ) ଜଳ, ବ୍ରାହ୍ମଣମାନଙ୍କ ମଧ୍ୟରୁ ଏକ ସମ୍ପ୍ରଦାୟର ଉପାଧି ।

**ପାଣିଗ୍ରହଣ** } ବି. ନ. (ପାଣି-ଗ୍ରହଣ, ପୀଡ଼ନ)
**ପାଣିପୀଡ଼ନ** } ବିବାହ ।

**ପାଣିଚିଆ**, ବିଂ. (ଦେଶଜ) ସୁସ୍ୱାଦୁ ଦ୍ରବ୍ୟର ଜଳ ପରି ଅସ୍ୱାଦନ ।

**ପାଣିଜ**, ବି. ପୁଂ. (ପାଣି-ଜ) କରରୁହ, ନଖ ।

**ପାଣିନି**, ବି. ପୁଂ. (ପାଣିନ ଇ) ବ୍ୟାକରଣସୂତ୍ରକାରକ ମୁନିବିଶେଷ ।

**ପାଣିପାଟିଆ**, ବି. (ଦେଶଜ) ଭୁଣାଟ, ଘରଚାଳର ମୁହଁପଟା ।

**ପାଣିଶିଉଳ**, ବି. କଲ୍ହାର, ଜଳଜ ବୃକ୍ଷବିଶେଷ ।

**ପାଣ୍ଠି**, ବି. ମୂଳଧନ, ଜମା ।

**ପାଣ୍ଡର**, ବି. ପୁଂ. (ପଣ୍ଡ-ଅର) ପୀତଶୁକ୍ଳବର୍ଣ୍ଣ, ଶୁଭ୍ରବର୍ଣ୍ଣ, ପାଣ୍ଡୁବର୍ଣ୍ଣ, ବୃକ୍ଷବିଶେଷ । ନ ଗେରୁମାଟି, କୁନ୍ଦପୁଷ୍ପ । ବିଂ. ପାଣ୍ଡୁବର୍ଣ୍ଣବିଶିଷ୍ଟ ।

**ପାଣ୍ଡବ** } ବି. ପୁଂ. (ପଣ୍ଡୁ-ଅ, ଏୟ) ପାଣ୍ଡୁ
**ପାଣ୍ଡବେୟ** } ରାଜାର ପୁତ୍ର, ଯୁଧିଷ୍ଠିରାଦି ପାଞ୍ଚ ଭାଇ ।

**ପାଣ୍ଡିଆ**, ବି. (ଦେଶଜ) ଏକପ୍ରକାର ପକ୍ଷୀ, ଚକ୍ରବାକ ।

**ପାଣ୍ଡିତ୍ୟ**, ବି. ନ. (ପଣ୍ଡିତ-ଯ) ପଣ୍ଡିତର ଭାବ ବା ଧର୍ମ, ପଣ୍ଡିତପଣିଆ, ବିଚକ୍ଷଣତା ।

**ପାଣ୍ଡୁ**, ବି. ପୁଂ. (ପନଡ୍-ଉ) ଚନ୍ଦ୍ରବଂଶୀୟ ନୃପବିଶେଷ, ରୋଗବିଶେଷ, ଶ୍ୱେତପୀତ ବର୍ଣ୍ଣ । ବିଂ. ତଦ୍‌ବର୍ଣ୍ଣଯୁକ୍ତ ।

ପାଣ୍ଡୁଫଳ, ବି. ନ. ପଟୋଳ ।

ପାଣ୍ଡୁର, ବିଂ. (ପଣ୍ଡ-ଉର) ଶ୍ୱେତବର୍ଣ୍ଣ, ଶ୍ୱେତ-ପୀତବର୍ଣ୍ଣ, ତଦ୍‌ବର୍ଣ୍ଣବିଶିଷ୍ଟ ।

ପାଣ୍ଡୁଲିପି, ପାଣ୍ଡୁଲେଖ୍ୟ } ବି. ନ. (ପାଣ୍ଡୁ-ଲିପି, ଲେଖ୍ୟ) ଖସଡ଼ା ଅଥବା ଚଠା ।

ପାଣ୍ଡ୍ୟ, ବି. ଦକ୍ଷିଣଭାରତର ଦେଶବିଶେଷ ଓ ତଦ୍ଦେଶର ରାଜା ।

ପାଣ୍ତୋଇ, ବି. (ଦେଶଜ) ଜୋତା ।

ପାତ, ବି. ପୁଂ. (ପତ୍-ଅ) ପତନ, ଭ୍ରଂଶ, ପଡ଼ିବା, ରାହୁଗ୍ରହ । ବିଂ. ରକ୍ଷିତ, ପାଳିତ ।

ପାତକ, ବି. ନ. (ପାତି-ଅକ) ପତନସାଧନ, ପାପ, ଦୁଷ୍କାର୍ଯ୍ୟ ।

ପାତକୀ, ବି. ପୁଂ. (ପାତକ-ଇନ୍) ପାପୀ ।

ପାତଞ୍ଜଳ, ବିଂ. (ପତଞ୍ଜଳି-ଅ) ପତଞ୍ଜଳି ମୁନି-ପ୍ରଣୀତ ଦର୍ଶନଶାସ୍ତ୍ର ।

ପାତନ, ବି. ନ. (ପାତି-ଅନ) ଅଧଃକ୍ଷେପଣ, ବିନ୍ୟାସ, ବିସ୍ତାରଣ ।

ପାତଳ, ବିଂ. (ଦେଶଜ) ସରୁ, କ୍ଷୀନ, କ୍ଷୀଣ ।

ପାତଳଘଣ୍ଟା, ବି. ( ସମ୍ବଲପୁର ) ବଲ୍ଲୀତ ବାଇଗଣ ।

ପାତା, ବିଂ. (ପା-ତୃ) ରକ୍ଷାକର୍ତ୍ତା, ରକ୍ଷକ, ପାଳନକର୍ତ୍ତା ।

ପାତାଳ, ବି. ନ. ( ପତ-ଆଲ ) ଅଧୋଭୁବନ, ତଳ, ଅତଳ, ବିତଳ, ନିତଳ, ତଳାତଳ, ମହାତଳ, ସୁତଳ, ଏହି ସପ୍ତ ପାତାଳ ।

ପାତି, ବି.ପୁଂ. (ପା-ଅତି) ପ୍ରଭୁ,ଅଧିପତି, ସ୍ୱାମୀ । (ଦେଶଜ) ବାନର ବିଶେଷ, ପାତଳ ପତ୍ର, ପାତ୍ର ।

ପାତିଅ, ବି. (ଦେଶଜ)ଧାତୁର ପତ୍ର, ବାଉଁଶର ଚୁଞ୍ଚରି ।

ପାତିତ, ବିଂ. ( ପାତି-ତ ) ଅଧୋଦେଶରେ ନିକ୍ଷେପିତ ।

ପାତିବ୍ରତ୍ୟ, ବି. ନ. (ପତିବ୍ରତା-ଯ) ପତିବ୍ରତାର ଧର୍ମ୍ମ, ସତୀତ୍ୱ ।

ପାତୀ, ବିଂ. (ପତ୍-ଇନ) ପତନଶୀଳ ।

ପାତୁଅ, ବି. ( ଦେଶଜ ) ପତ୍ରପିନ୍ଧା ଶବର, ବନ୍ୟଜାତିବିଶେଷ ।

ପାତ୍ର, ବି. ପୁଂ. (ପା-ତ୍ର) ଭାଜନ । ନ. ଯୋଗ୍ୟ, ବର, ଯୋଗ୍ୟବ୍ୟକ୍ତି, ସ୍ରୁଵାଦି ଯଜ୍ଞପାତ୍ର, ଆଧାର, ମନ୍ତ୍ରୀ ।

ପାତ୍ରୀ, ବି. ସ୍ତ୍ରୀ. (ପାତ୍ର-ଈ) କନ୍ୟା, ଯୋଗ୍ୟା ସ୍ତ୍ରୀ ।

ପାଥ, ବି. ପୁଂ. (ପା-ଥ) ଅଗ୍ନି, ସୂର୍ଯ୍ୟ । ନ ଜଳ, ବାରି ।

ପାଥେୟ ବି. ନ. (ପଥିନ୍-ଏୟ) ପଥର ସମ୍ବଳ, ବାଟଖରଚ ।

ପାଦ, ବି. ପୁଂ. (ପଦ୍-ଅ) ଚରଣ, ବୃକ୍ଷମୂଳ, ଶ୍ଲୋକର ଚତୁର୍ଥାଂଶ ।

ପାଦକଟକ, ବି. ପୁଂ. (ପାଦ-କଟକ) ନୂପୁର ।

ପାଦଚାରୀ, ବିଂ. (ପାଦ-ଚର ଇନ୍) ପାଦଦ୍ୱାରାରେ ଗମନକାରୀ । ବି. ପୁଂ. ପଦାତିକ ।

ପାଦଜ, ବି. ପୁଂ. (ପଦ ଜନ୍-ଅ) ଶୂଦ୍ର ।

ପାଦପ, ବି. ପୁଂ. (ପାଦ-ପା-ଅ) ବୃକ୍ଷ,ପାଦପୀଠ । ସ୍ତ୍ରୀ. ପାଦୁକା । ଯଥା —

> ଅର୍କପାଦପ ହେଲା ପତ୍ରବିହୀନ,
> ଶୌରିକ୍ଷେତ୍ର ଖଣ୍ଡେ ଯଥା କୁଅନ୍ତି ଦୀନ । ଭୁ. ସ୍ତ-

ପାଦପୀଠ, ବି. ନ. (ପାଦ-ପୀଠ) ପାଦ ରଖିବାର ସ୍ଥାନ ।

ପାଦବିକ, ବି. ପୁଂ. (ପଦବୀ-ଇକ) ପାନ୍ଥ, ପଥିକ, ପର୍ଯ୍ୟଟକ

ପାଦାତି, ପାଦାତିକ } ବି.ପୁଂ. ( ପଦ-ଅତ୍-ଇ, କ ) ପଦାତିକ ସୈନ୍ୟ ।

ପାଦୁକ, ବି. (ପାଦୋଦକ ଶବ୍ଦଜ) ପାଦୋଦକ, ଯଥା —ବିଷ୍ଣୁପାଦୁକ ।

ପାଦୁକା, ବି. ସ୍ତ୍ରୀ କଠାଉ, ଜୋତା ।

ପାଦ୍ୟ, ବି. ନ. (ପାଦ-ଯ)ପାଦପ୍ରକ୍ଷାଳନାର୍ଥ ଜଳ, ପୂଜୋପଚାର ।

ପାଦ୍ରୀ, ବି. ( ବୈଦେଶିକ ) ଖ୍ରୀଷ୍ଟଧର୍ମପ୍ରଚାରକ ।

ପାନ, ବି. ନ. (ପା-ଅନ)ପିଇବା । (ପର୍ଣ୍ଣ ଶବ୍ଦଜ) ଲତାବିଶେଷ, ତାମ୍ବୂଲ ।

ପାନପାତ୍ର, ବି. ନ. (ପାନ-ପାତ୍ର) ଚଷକ, ମଦ୍ୟ ପାନ କରିବାର ପାତ୍ର ।

ପାନମହୁରୀ, ବି. (ଦେଶଜ) ଏକପ୍ରକାର ମସଲା ।

ପାନରୀ, ବି. (ଦେଶଜ) ପାନ ବ୍ୟବସାୟୀ ।

ପାନିଆ, ବି. (ଦେଶଜ) କଙ୍କତିକା, ଚିରଣୀ ।

ପାନୀୟ, ବି. ନ. (ପା-ଅନୀୟ) ଜଳ । ବିଂ ପାନର ଯୋଗ୍ୟ, ଚୂଷଣୀୟ ।

ପାନ୍ଥ, ବି. ପୁଂ. (ପଥିନ୍-ଅ) ପଥିକ, ସର୍ବଦା ଭ୍ରମଣକାରୀ, ପର୍ଯ୍ୟଟକ ।

ପାନ୍ଥନିବାସ / ପାନ୍ଥଶାଳା } ବି. ପୁଂ. ପଥିକମାନଙ୍କ ରହିବା ସ୍ଥାନ, ଧର୍ମଶାଳା ।

ପାପ, ବି. ନ. (ପା-ପ) ଅଧର୍ମ, ଦୁଷ୍କୃତ, ଅନିଷ୍ଟ । ବିଂ. ପାପଜନକ, କ୍ଷତିକାରକ । ବି. ପୁଂ ଲମ୍ପଟ ।

ପାପଗ୍ରହ, ବି. ପୁଂ. ଅର୍ଦ୍ଧଚନ୍ଦ୍ର, ମଙ୍ଗଳଗ୍ରହ, ରାହୁ, ଶନି, ରବି ବୁଧ, ଅନିଷ୍ଟକର ଗ୍ରହ ।

ପାପଘ୍ନ, ବିଂ. (ପାପ-ହନ୍-ଅ) ପାପନାଶକ ।

ପାପଡ଼ / ପାଁପଡ଼ } ବି. ଏକପ୍ରକାର ପିଷ୍ଟକ ।

ପାପରୋଗ, ବି.ପୁଂ. (ପାପ-ରୋଗ)ବସନ୍ତରୋଗ ।

ପାପାତ୍ମା / ପାପାଶୟ } ବିଂ. ( ପାପ-ଆତ୍ମା, ଆଶୟ ) ଅଧାର୍ମିକ, ପାପିଷ୍ଠ, ଦୁରାଶୟ ।

ପାପିଷ୍ଠ, ବିଂ. ( ପାପ-ଇଷ୍ଠ ) ଅତି ପାପୀ, ଅଧାର୍ମିକ ।

ପାପୀ, ବିଂ. (ପାପ-ଇନ୍) ପାପଯୁକ୍ତ, ପାପକାରୀ, ପାତକୀ, ଅପରାଧୀ ।

ପାପୀୟସୀ, ବିଂ. (ପାପ ଈୟସ୍-ଈ) ଅତିପାପିନୀ ।

ପାପୁଲି, ବି. (ଦେଶଜ) ହାତ ତଳ ।

ପାସୁଗ, ବି. (ଦେଶଜ) ପିଣ୍ଡା, ବାରଣ୍ଡା ।

ପାମର, ବିଂ. (ପାମନ୍-ର-ଅ) ମୂର୍ଖ, ନୀଚ, ଦୁଷ୍ଟ, ଖଳ, ପାପୀ, ଅଧମ ।

ପାମରୀ, ବି ସ୍ତ୍ରୀ. (ପାମର-ଈ) ପାପିଷ୍ଠା ।

ପାୟସ, ବି. ପୁଂ. ନ. ( ପୟସ୍-ଅ ) ପରମାନ୍ନ, ଦୁଗ୍ଧ ଓ ଶର୍କରାପକ୍ୱ ଅନ୍ନ, ଖିରି । ବିଂ. ପୟଃସମ୍ବନ୍ଧୀୟ, ଦୁଗ୍ଧବିକାର ।

ପାୟା, ବି. (ଦେଶଜ) ଚୌକି ପ୍ରଭୃତିର ଗୋଡ଼, (ଯାବନିକ) ପଦ, ଅଧିକାର ।

ପାୟୁ, ବି ପୁଂ. (ପା-ଉ) ମଳଦ୍ୱାର ।

ପାର, ବି. ନ. ( ପର ଅ ) ନଦୀର ପରତୀର, ଉତ୍ତାର । ପୁଂ. ପ୍ରାନ୍ତ, ଚରମସୀମା ।

ପାରକ, ବି ପୁଂ. ସୁବର୍ଣ୍ଣ, ସୁନା । (ପୃ-ଅକ)ବିଂ. ସମର୍ଥ, ନିପୁଣ, ପଟୁ, ଦକ୍ଷ, କୁଶଳ, ପାଳନକାରୀ ।

ପାରଖୀ, ବିଂ. ( ପରୀକ୍ଷା ଶବ୍ଦଜ ) ପରୀକ୍ଷାକାରୀ, ବିଂ. ପରୀକ୍ଷା । ଯଥା—

ମାର କ ଗଢ଼ିଲା ଏ ମୂର୍ତ୍ତିକି କରି ସୁନ୍ଦ ଥିଲ ପାରଖୀ । ଯ.ବେ.

ପାରଗ, ବିଂ. ( ପାର-ଗମ୍-ଅ ) ପାରଗାମୀ, ସମର୍ଥ ।

ପାରଗତ, ବିଂ. (ପାର-ଗତ) ଅତିକ୍ରାନ୍ତ, ପଣ୍ଡିତ ।

ପାରଣା, ବି. ସ୍ତ୍ରୀ. (ପାର-ଅନ-ଆ) ବ୍ରତାନ୍ତର ଭୋଜନ, ତୃପ୍ତି, ଉପବାସର ପରଦିନ କରିବା ଭୋଜନ । ଯଥା—

ଗୃଧ୍ରଙ୍କର ହେଲା ରୁଧିର ପାରଣା ।

ପାରତନ୍ତ୍ର୍ୟ, ବି. ନ. (ପରତନ୍ତ୍ର-ଯ ) ପରାଧୀନତା, ପରତନ୍ତ୍ରତା ।

ପାରତ୍ରିକ, ବିଂ. (ପରତ୍ର-ଇକ) ପାରଲୌକିକ, ପରଲୋକସମ୍ବନ୍ଧୀୟ ।

ପାରଦ, ବି ପୁଂ. (ପାର-ଦା-ଅ) ପାରା, ଧାତୁବିଶେଷ ।

ପାରଦର୍ଶୀ, ବିଂ. ( ପାର-ଦୃଶ୍-ଇନ୍ ) ପରିଣାମଦର୍ଶୀ, ବିଜ୍ଞ, ନିପୁଣ, ପଟୁ, ଚତୁର, ସମର୍ଥ ।

ପାରଦାରିକ,ବି. ପୁଂ.(ପରଦାର-ଇ-କ)ଯେ ପରସ୍ତ୍ରୀ ଗମନ କରେ ।

ପାରଦାର୍ଯ୍ୟ, ବି. ନ. ( ପରଦାର-ଯ ) ପରସ୍ତ୍ରୀଗମନ, ବ୍ୟଭିଚାର ।

ପାରମାର୍ଥିକ, ଣ°. ( ପରମାର୍ଥ-ଇକ ) ପରମାର୍ଥ-ବିଷୟକ, ପରମାତ୍ମାସମ୍ବନ୍ଧୀୟ, ଜ୍ଞାନମାର୍ଗ-ସମ୍ବନ୍ଧୀୟ ।

ପାରମ୍ପର୍ଯ୍ୟ } ବି. ନ. ( ପରମ୍ପରା-ଯ-ଇକ )
ପାରମ୍ପରିକ } ପରମ୍ପରାଗତ, ଅନୁକ୍ରମ, ପୁରାତନ କଥା ।

ପାରଲୌକିକ, ଣ°. ( ପରଲୋକ-ଇକ ) ପରଲୋକସମ୍ବନ୍ଧୀୟ, ପାରତ୍ରିକ ।

ପାରଶୀକ } ବି. ପୁଂ. ପାରସ୍ୟ ଦେଶସମ୍ବନ୍ଧୀୟ,
ପାରସୀକ } ପାରସ୍ୟଦେଶୀୟ ଲୋକ ।

ପାରସୀ, ବି. ସ୍ତ୍ରୀ. ପାରସ୍ୟ ଭାଷା, ପାରସ୍ୟ ଦେଶର ଦ୍ରବ୍ୟାଦି ।

ପାରା, ବି. ସ୍ତ୍ରୀ. ପାରାବତ, ପକ୍ଷିବିଶେଷ । ପୁଂ, ପାରଦ ଧାତୁ ।

ପାରାପତ } ବି ପୁଂ. ( ପାର୍-ଆ-ପତ ଅ )
ପାରାବତ } କପୋତ, ପାରା ।

ପାରାପାର } ବି. ପୁଂ. (ପାର-ଅପାର, ଅବାର)
ପାରାବାର } ସାଗର, ସମୁଦ୍ର, ଅର୍ଣ୍ଣବ । ନ. ତଟଦ୍ୱୟ ।

ପାରାୟଣ, ବି. ନ. (ପାର-ଅୟନ) ନିୟମିତ ସମୟ ମଧ୍ୟରେ କୌଣସି ଗ୍ରନ୍ଥର ସମୁଦାୟ ପାଠ, ପୁରାଣପାଠ, ସମାପ୍ତି, ସାକଲ୍ୟ ।

ପାରି, ବି. (ପାର ଶବ୍ଦଜ) ନଦୀତଟ ।

ପାରିଜାତ } ବି. ପୁଂ. ( ପାରି-ଜାତ, ଅକ )
ପାରିଜାତକ } ମନ୍ଦାର, ଦେବତରୁବିଶେଷ ।

ପାରିତୋଷିକ, ବି. ନ. ( ପରିତୋଷ-ଇକ ) ପରିତୋଷ ହେତୁ ପୁରସ୍କାର ।

ପାରିଧି, ବି. ମୃଗୟା, ଶିକାର ।

ପାରିପାଟ୍ୟ, ବି. ନ. ( ପରିପାଟୀ-ଯ ) ପରିପାଟୀ, ସୁଶୃଙ୍ଖଳା ।

ପାରିପାର୍ଶ୍ୱିକ, ବି, ପୁଂ. ( ପରି-ପାର୍ଶ୍ୱ-ଇକ ) ପାରିଷଦ, ଉପଗ୍ରହ, କୌଣସି ବୃହତ୍ ଗ୍ରହର ଚତୁର୍ଦିଗରେ ପରିଭ୍ରମଣକାରୀ କ୍ଷୁଦ୍ର ଗ୍ରହ । ଣ°. ପାର୍ଶ୍ୱବର୍ତ୍ତୀ, ପାର୍ଶ୍ୱଚର ।

ପାରିଭାଷିକ, ଣ°. (ପରିଭାଷା-ଇକ) ପରିଭାଷା-ସମ୍ବନ୍ଧୀୟ ।

ପାରିଯାତ୍ର, ବି. କୁଳପର୍ବତ ବିଶେଷ ।

ପାରିବା, କ୍ରି, ( ଦେଶଜ ) ସମର୍ଥ ହେବା, ପକାଇବା, ଖେଳିବା, ପାଡ଼ିବା । ଯଥା—

ତାହି ନାହି ତବ ପାରି ଧର୍ମଦ୍ରୋହୀ,
କେ କାହିଁ ପଡ଼ିଲେ ଛନ୍ନ ଭିନ୍ନ ହୋଇ । ଚଇତା ।

ପାରିଷଦ, ବି. ପୁଂ.(ପରିଷଦ୍-ଅ) ସଭାସଦ,ସଭ୍ୟ । ଣ°. ସଭାସମ୍ବନ୍ଧୀୟ ।

ପାରିହାର୍ଯ୍ୟ, ବି. ପୁଂ. ( ପରିହାର-ଯ ) ବଳୟ, କରଭୂଷଣ ।

ପାରୀନ୍ଦ୍ର } ବି. ପୁଂ. (ପାରୀ=ଅନ୍ୟ ପ୍ରାଣୀ-ଇନ୍ଦ୍ର)
ପାରେନ୍ଦ୍ର } ସିଂହ, ଅଜଗର ସର୍ପ ।

ପାରୁ, ବି. ପୁଂ. ( ପା ରୁ ) ଅଗ୍ନି, ସୂର୍ଯ୍ୟ । (ଦେଶଜ) ସିଠା, ଗୁଳ୍ମ ।

ପାରୁପର୍ଯ୍ୟନ୍ତ, କ୍ରି. ଣ°. ଯଥାଶକ୍ତି ।

ପାରୁଶ, ବି. ପାର୍ଶ୍ୱ, ପାଖ । ପତ୍ରରେ ବାଢ଼ିବା ଅନ୍ନ ବ୍ୟଞ୍ଜନାଦି । ଯଥା—

ଅନ୍ନ ପାରୁଶେ ଦେଲେ ଢେଇ । ଦା, ଭ

ପାରୁଷ୍ୟ, ବି. ନ. (ପରୁଷ-ଯ) କର୍କଶତା, ନିନ୍ଦା ତିରସ୍କାର, ଇନ୍ଦ୍ରଙ୍କ ଉପବନ, ଅଗୁରୁ ଚନ୍ଦନ । ପୁଂ. ବୃହସ୍ପତି ।

ପାର୍ଥ, ବି. ପୁଂ. (ପୃଥା ଅ) ପୃଥାପୁତ୍ର, ଯୁଧିଷ୍ଠିରାଦି, ଗନ୍ଧର୍ବବିଶେଷ, ଅର୍ଜୁନବୃକ୍ଷ ।

ପାର୍ଥକ୍ୟ, ବି. ନ. ( ପୃଥକ୍ ଯ ) ପୃଥକତ୍ୱ, ବିଭିନ୍ନତା ।

ପାର୍ଥିବ, ବି. ପୁଂ. ( ପୃଥିବୀ-ଅ ) ରାଜା । ଣ°. ପୃଥିବୀସମ୍ବନ୍ଧୀୟ । ସ୍ତ୍ରୀ. ପୃଥିବୀର କନ୍ୟା ଅର୍ଥାତ୍ ସୀତା ।

ପାର୍ବଣ, ବି. ପୁଂ. ( ପର୍ବନ୍ ଅ ) ଅମାବାସ୍ୟାଦି ପର୍ବରେ କର୍ତ୍ତବ୍ୟ ଶ୍ରାଦ୍ଧ, ଉତ୍ସବ । ଣ°. ପର୍ବ-ସମ୍ବନ୍ଧୀୟ । ( ଦେଶଜ ) ଦଶହରା ପର୍ବ, ଦୁର୍ଗାପୂଜା ପର୍ବ ।

ପାର୍ବତୀ, ବି. ସ୍ତ୍ରୀ. ( ପର୍ବତ-ଅ, ଈ ) ଗିରିଜା, ଉମା, ଦୁର୍ଗା ।

ପାର୍ବତୀନନ୍ଦନ, ବି. ପୁଂ. ( ପାର୍ବତୀ-ନନ୍ଦନ ) କୁମାର, କାର୍ତ୍ତିକେୟ ।

ପାର୍ବତୀୟ, ବିଂ. (ପର୍ବତ-ଈୟ) ପର୍ବତସମ୍ବନ୍ଧୀୟ, ପାହାଡ଼ିଆ ।

ପାର୍ଶ୍ୱ, ବି. ପୁଂ. ନ. ( ପର୍ଶୁ-ଅ ) ପ୍ରାନ୍ତ, ଏକଦେଶ, କକ୍ଷର ଅଧଃପ୍ରଦେଶ, ପାଖ । ବିଂ. ସମୀପ, ନିକଟ ।

ପାର୍ଶ୍ୱପରିବର୍ତ୍ତନ, ବି. ନ. ( ପାର୍ଶ୍ୱ-ପରିବର୍ତ୍ତନ ) ପାଶ ଲେଉଟାଇବା, କର ଲେଉଟାଇବା, ଭାଦ୍ର ଶୁକ୍ଳ ଦ୍ୱାଦଶୀରେ ବିଷ୍ଣୁଙ୍କର ପାର୍ଶ୍ୱ-ପରିବର୍ତ୍ତନ ହେତୁରୁ ଉତ୍ସବବିଶେଷ ।

ପାର୍ଷଦ, ବି. ପୁଂ. ( ପର୍ଷଦ୍=ସଭା-ଅ ) ପାରିଷଦ, ସଭାସଦ୍ ।

ପାଳ, ବି. ପୁଂ. ( ପାଳ-ଅ ) ରକ୍ଷକ । ବି. ପୁଂ. ପଲ, ସମୂହ, ଦଳ । (ପ୍ରା) କୁଟା, ତୃଣ, ନଦୀ-ତଟରେ ଥିବା ଉର୍ବର ଭୂମି ।

ପଲ, ବି. (ଦେଶଜ) ନୌକାର ଅହ୍ଲାଲ ।

ପାଳକ, ବିଂ. ( ପାଳ-ଅକ ) ପ୍ରଭୁପାଳକ, ରକ୍ଷକ ।

ପାଲଙ୍ଗ, ବି (ଦେଶଜ) ଶାକବିଶେଷ ।

ପାଲଟିବା, କ୍ରି, (ଦେଶଜ) ପରିବର୍ତ୍ତନ କରିବା, ବଦଳାଇବା ।

ପାଲଟି, ବି. ସ୍ତ୍ରୀ. (ଦେଶଜ) ପୋଇଲି, ଦାସୀ ।

ପାଲଧୂଆ, ବି ଦେଶଜ) ଏକପ୍ରକାର ବୃକ୍ଷ ।

ପାଳନ. ବି. ନ. ( ପାଳ-ଅନ ) ରକ୍ଷଣ, ପୋଷଣ ।

ପାଲା, ବି. ( ଦେଶଜ ) ସତ୍ୟନାରାୟଣପୂଜା ।

ପାଳି } ବି. ସ୍ତ୍ରୀ. ( ପାଳ-ଇ, ଈ ) ପଂକ୍ତି,
ପାଳୀ } ଶ୍ରେଣୀ, କୋଡ଼, ଖଡ୍ଗର ତୀକ୍ଷ୍ଣ ଧାର, କୋଣ, ପ୍ରାନ୍ତଭାଗ, ସେତୁ । ( ଦେଶଜ ) ନିର୍ଦ୍ଦିଷ୍ଟ ସମୟ, ବାର, ଦୁଆ ।

ପାଳିଆ, ବି. (ଦେଶଜ) ଯେ ଦୁଆ ଧରେ, ଯେ ପାଳି ଅନୁସାରେ କାର୍ଯ୍ୟ କରେ ।

ପାଲି, ବି. (ଦେଶଜ) ପଶା ଖେଳ ଘର ।

ପାଲିଙ୍କି, ବି. (ଦେଶଜ) ପୁରୁଣାକାଳିଆ ଖୋଲା ସବାରି ।

ପାଳିତ, ବିଂ. (ପାଳ-ତ) ରକ୍ଷିତ, ପୋଷିତ, ବର୍ଦ୍ଧିତ, ଲାଳିତ ।

ପାଲି, ବି. ( ପଲ୍ଲୀ ଶବ୍ଦଜ ) ପ୍ରାଚୀନକାଳରେ ମଗଧ ପ୍ରଭୃତି ଅଞ୍ଚଳର ପଲ୍ଲୀଗ୍ରାମରେ ଯେଉଁ ଭାଷା ପ୍ରଚଳିତ ଥିଲା, ପଲ୍ଲୀଗ୍ରାମ ।

ପାଳୁଅ, ବି. (ଦେଶଜ) ସ୍ୱନାମପ୍ରସିଦ୍ଧ ବୃକ୍ଷ-ବିଶେଷ ଯହିଁରେ ପାୟସ ହୁଏ ।

ପାଳୁଆ, ବି. (ଦେଶଜ) ନଦୀକୂଳ ପାଳଜମିରେ ଜନ୍ମ ।

ପାଲୁଣୀ, ବି. ସ୍ତ୍ରୀ. (ଦେଶଜ) ପାଣର ସ୍ତ୍ରୀ ।

ପାବକ, ବି. ପୁଂ. (ପୂ ଅକ) ଅଗ୍ନି, ସଦାଚାର ଚିତ୍ରକ । ବିଂ. ପବିତ୍ରଲୋକ ।

ପାବନ, ବିଂ. (ପୂ-ଣିଚ୍-ଅନ) ପବିତ୍ର, ଶୋଧକ, ପବିତ୍ରକାରକ । ବି. ନ. ଗୋମୟ, ପବିତ୍ର-କରଣ, ଜଳ, ପ୍ରାୟଶ୍ଚିତ୍ତ, ରୁଦ୍ରାକ୍ଷ । ପୁଂ. ବ୍ୟାସଦେବ, ଅଗ୍ନି ।

ପାବଚ୍ଛ, ବି. ପାହାଚ, ସୋପାନ ।

ପାବନି, ବି. ପୁଂ. (ପବନ-ଇ, ଅପତ୍ୟାର୍ଥେ) ପବନପୁତ୍ର, ହନୁମାନ୍ ।

ପାବନୀ, ବିଂ. (ପାବନ-ଈ) ପବିତ୍ରକାରିଣୀ । ବି. ସ୍ତ୍ରୀ. ଗଙ୍ଗା, ତୁଳସୀ, ହରୀତକୀ, ଗାଈ ।

ପାଶ, ବି. ପୁଂ. (ପାଶି-ଅ) ଫାଶ, ରଜ୍ଜୁ । (କେଶବାଚକ ଶବ୍ଦ ପରେ ଥିଲେ) ଗୁଚ୍ଛ, ପାଖ, ନିକଟ ।

ପାଶକ, ବିଂ. ( ପାଶି-ଅକ ) ପାଶକର୍ତ୍ତା । ବି. ପୁଂ. ପଶା, ଚଉପାଶ ।

ପାଶବ } ବି. ନ. (ପଶୁ-ଅ) ବିଂ. ପଶୁ
ପାଶବିକ } ସମ୍ବନ୍ଧୀୟ ।

ପାଣୀ, ବି. ପୁଂ. (ପାଣ-ଇନ୍) ଯମ, ବରୁଣ, ବ୍ୟାଧ । ବିଂ. ଯାହାର ପଣ ଅଛି, ପାଣିଧାରୀ ।

ପାଶୁପତ, ବି. ପୁଂ. (ପଶୁପତି-ଅ) ସୁପ୍ରସିଦ୍ଧ ଅସ୍ତ୍ର । ଯଥା—

ପାଶୁପତ ଅସ୍ତ୍ର ସିଦ୍ଧ ଅଟଇ ତୋହର । କ. ବ.

ଶୈବ । ବିଂ. ଶିବସମ୍ବନ୍ଧୀୟ ।

ପାଶ୍ଚାତ୍ୟ, ବିଂ. (ପଶ୍ଚାତ୍-ଯ) ପଶ୍ଚିମଦେଶୀୟ, ପଶ୍ଚିମଦିଗସ୍ଥ । ବି. ପୁଂ. ଯବନ ।

ପାଷଣ୍ଡ, ବି. ପୁଂ. (ପାପ-ସନ୍-ଡ, ନିପାତନ) ନାସ୍ତିକ, ସଦାଚାରଭ୍ରଷ୍ଟ, ପାମର, ବିଧର୍ମୀ ।

ପାଷାଣ, ବି. ପୁଂ. (ପିଷ୍-ଅନ) ପ୍ରସ୍ତର, ପଥର । ଯଥା—

ଏ ବେଶ ହୋଇଲେ ପାଷାଣ ତରଲେ
ଯୁବତୀ ବଞ୍ଚିବେ କେହି । ସ. ସା.

ପାସୋରିବା, କ୍ରି. ( ଦେଶଜ ) ଭୁଲିଯିବା, ବିସ୍ମୃତ ହେବା । ଯଥା—

ପାସୋରି ଶକ୍ରସୁତନ୍ୟା ଯଶୋରୂପ ଧନେ । କ. ବ.

ପାହାଚ, ବି. (ପାବଚ୍ଛ ଶବ୍ଦଜ) ସୋପାନ ।

ପାହାଡ଼, ବି. (ଦେଶଜ) ଶ୍ରେଷ୍ଠ ପର୍ବତ, ଅତ୍ୟୁଚ୍ଚ ନୋହିଥିବା ପର୍ବତ ।

ପାହାଡ଼ା, ବି. (ଦେଶଜ) ପଥରେ ପ୍ରସାରିତ ବସ୍ତୁ ।

ପାହାଡ଼ିଆ, ବିଂ. ( ଦେଶଜ ) ପାର୍ବତୀୟ, ପ୍ରସ୍ତରମୟ ।

ପହାନ୍ତା } ପାହାନ୍ତିଆ } ବି. (ଦେଶଜ) ପ୍ରଭାତ, ପ୍ରତ୍ୟୂଷର ପୂର୍ବ ସମୟ ।

ପାହାର, ବି. (ପ୍ରହାର ଶବ୍ଦଜ) ମାଡ଼, ଆଘାତ । ଯହିଁରେ ପ୍ରହାର କରନ୍ତି ।

ପାହାର ବି. (ପ୍ରହରୀ ଶବ୍ଦଜ) ପ୍ରହରୀ, ଦ୍ୱାରୀ ।

ପାହୁ, ବି. ( ଦେଶଜ ) ପାହୁଲା, ପଇସା, ଅସ୍ଥାୟୀ ପ୍ରଜାସ୍ୱତ୍ୱ ।

ପାହୁବା, କ୍ରି. ପ୍ରଭାତିବା । ଯଥା—

ରାତି ପାହିଲାଣି ସୁବର୍ ବାଜ
ଉଠ ଉଠ ମଠ ନ କର ଅଜ । ମଧୁସୂଦନ ।

ପାହୁଡ଼, ବି. (ଦେଶଜ) ପାଦର ଅଲଙ୍କାର । ଯଥା—

ଅହା ସେ ଅବନୀରମ୍ଭାର ଭଲତ କନକରମ୍ଭା ଚରଣ—
ପାହୁଡ଼େ ଯାହାର ଇର୍ଷା ବହି, ଦହି ହୁଅଇ ରସିକମନ ।
ଯ. କେ,

ପାହୁଣ୍ଡ, ବି. (ଦେଶଜ) ପାଦକ୍ଷେପ, ପଦକ୍ଷେପ, ପଦହଣ୍ଡ ।

ପାହୁରାଣୀ, ବି. ଝିଙ୍କିର ପାହାର ।

ପାହୁଲ, (ଦେଶଜ) ପଦଚିହ୍ନ । ଯଥା—

ବ୍ୟଗ୍ରେ ଗୌଣେ ଆସୁଁ ମାର୍ଗରେ କେଦାର
ଦେଖିଲ୍ଲ ବ୍ୟାଘ୍ର ପାହୁଲ । କେ. ଗୌ.

ପାହୁଲା, ବି. (ଦେଶଜ) ପଇସାର ½ ଅଂଶ, ପାହୁ ।

ପିଅର, ବି. ପୁଂ. (ଦେଶଜ) ପିତା, ଜନକ, ବାପ, ତାତ ।

ପିଆ, ବି. (ଦେଶଜ) ପାନ । ବିଂ. ପାନକାରୀ, ପେୟ ।

ପିଆଜ, ବି. (ଦେଶଜ) ପଲାଣ୍ଡୁ ।

ପିଆଦା, ବି. (ଯାବନିକ) ପିଅନ୍, ସିପାହୀଜାତୀୟ କର୍ମଚାରୀ ।

ପିଆଲ, ବି. (ଦେଶଜ) ଏକପ୍ରକାର ଅରଣ୍ୟ-ବୃକ୍ଷ ।

ପିଅଶାଳ, ବି. ( ଦେଶଜ ) ସ୍ୱନାମପ୍ରସିଦ୍ଧ ବୃକ୍ଷ-ବିଶେଷ ।

ପିଇବା କ୍ରି. (ପା-ଧାତୁଜ) ପାନ କରିବା ।

ପିଇସା } ପିଉସା } ବି ( ପିତୃସ୍ୱସୃ ଶବ୍ଦଜ ) ପିତାର ଭଉଣୋଇ । ସ୍ତ୍ରୀ. ସୀ, ପିତାର ଭଗିନୀ ।

ପିକ, ବି. ପୁଂ. (ପି-କୈ-ଅ) କୋକିଳ । (ଦେଶଜ) ପାନ ଖାଇଲେ ଯେଉଁ ଛେପ ବାହାରେ ତାହାକୁ ପିକ କହନ୍ତି ।

ପିକଦାନୀ, ବି. (ଯାବନିକ) ପିକ ପକାଇବା ନିମିତ୍ତ ବ୍ୟବହୃତ ପାତ୍ରବିଶେଷ ।

ପିକା } ପିଙ୍କା } ବି. (ଦେଶଜ) ଧୂଆଁ ପତ୍ରର ବିଡ଼ି ।

ପିଙ୍ଗ, ବି. ପୁଂ. (ପିନ୍ଜ-ଅ) ପିଙ୍ଗଳବର୍ଣ୍ଣ, ନୀଳ-ପୀତମିଶ୍ରିତ ବର୍ଣ୍ଣ, ତଦ୍‌ବର୍ଣ୍ଣଯୁକ୍ତ, ମୂଷିକ । ନ. ବାଳକ, ହରିତାଳ ।

ପିଙ୍ଗଚକ୍ଷୁ, ବି. ପୁଂ. କୁମ୍ଭୀର, କଙ୍କ ।

ପିଙ୍ଗଜଟ, (ପିଙ୍ଗ-ଜଟା) ମହାଦେବ ।

ପିଙ୍ଗଳ, ବି. ପୁଂ. (ପିନ୍‌ଜ୍-ଅଳ) ନୀଳପୀତମିଶ୍ରିତ ବର୍ଣ୍ଣ, ରୁଦ୍ର, ମଙ୍ଗଳଗ୍ରହ, ବାନର । ନ. ପିତ୍ତଳ ।

ପିଙ୍ଗଳା, ବି. ସ୍ତ୍ରୀ. ( ପିନ୍‌ଜ୍-ଅଳ-ଅ ) କୁମୁଦ ହସ୍ତିର ସ୍ତ୍ରୀ, ବେଶ୍ୟାବିଶେଷ, ଶିଂଶପାବୃକ୍ଷ ।

ପିଙ୍ଗା, ବି. ସ୍ତ୍ରୀ. ପିନ୍‌ଜ୍-ଆ) ଗୋରୋଚନା, ଦୂର୍ବା, ହରିଦ୍ରା ।

ପିଚ, ବି. (ଦେଶଜ) ବୃକ୍ଷବିଶେଷ, ଫଳବିଶେଷ ।

ପିଚଣ୍ଡ } ବି. ପୁଂ. ( ଅପି-ଚମ୍-ଡ଼ ) ପଶୁର
ପିଚଣ୍ଡ } ଅବୟବ, ଉଦର, ପେଟ ।

ପିଚଣ୍ଡିଳ } ବିଂ. ପିଚଣ୍ଡ, ପିଚଣ୍ଡ-ଇଲ) ବୃହତ୍
ପିଚଣ୍ଡିଳ } ଉଦରବିଶିଷ୍ଟ ।

ପିଚୁ, ବି. (ପିଚ୍ ଶବ୍ଦଜ) କଦମ୍ବ ।

ପିଚୁଶୁଣୀ, ବି ପିଶାଚୀ, ଡାହାଣୀ ।

ପିଚକାରି ବିଂ. (ଦେଶଜ) ଜଳକ୍ଷେପଣ ଯନ୍ତ୍ର ।

ପିଚୁମର୍ଦ୍ଦ, ବି. ପୁଂ. ( ପିଚୁ-ମର୍ଦ୍ଦ ) ନିମ୍ବବୃକ୍ଷ ।

ପିଚ୍ଛ, ବି.ନ. (ପିଚ୍ଛ୍-ଅ) ମୟୂରପୁଚ୍ଛ, ଚୂଡ଼ା । ପୁଂ. ଲାଙ୍ଗୁଳ ।

ପିଚ୍ଛା, ବି. ସ୍ତ୍ରୀ (ପିଚ୍ଛ-ଅ) ପଶ୍ଚାଦ୍‌ଭାଗ, ଭାତର ମଣ୍ଡ, ସର୍ପର ଲାଳ, ପଂକ୍ତି, ଶ୍ରେଣୀ ।

ପିଚ୍ଛିଳ, ବିଂ. (ପିଚ୍ଛା-ଇଲ, ଅସ୍ତ୍ୟର୍ଥେ) ଖସଡ଼ା । ଯଥା—

ଅହରହ ଦାନବାରି-ପିଚ୍ଛିଳ ପ୍ରାଙ୍ଗଣେ । ମ. ଯା,

ପିଚ୍ଛିଳା, ବି. ସ୍ତ୍ରୀ (ପିଚ୍ଛା-ଇଲ-ଅ ପୂତିକା, ଶିମୂଳ ଗଛ ।

ପିଛେ, ଅଂ. (ଦେଶଜ) ପଛରେ, ସକାଶେ, ପ୍ରତି । ବି. ପଲକ, ପକ୍ଷ୍ମପାତ ।

ପିଛୁଲା, ବିଂ ଦେଶଜ) ପଛ ଥିବା, ପଶ୍ଚାଦ୍-ବର୍ତ୍ତୀ ।

ପିଚୁଳୀ, ବି. (ଦେଶଜ) ଗ୍ରନ୍ଥି ଫୁଲିବା ରୋଗ ।

ପିଚୁଲେଇବା, କ୍ରି. (ଦେଶଜ) ଧୋଇବା ।

ପିଜୁଳି, ବି. (ଦେଶଜ) ଗୁଞ୍ଜଳଥା ଫଳ ।

ପିଞ୍ଜଟ, ବି, ପୁଂ. ( ପିନଜ୍-ଅଟ ) ଚକ୍ଷୁମଳ, ନେତ୍ରବର୍ମ ।

ପିଞ୍ଜର } ବି. ନ. (ପିନ୍‌ଜ୍-ଅର) ପକ୍ଷୀଙ୍କୁ, ପକ୍ଷ୍ୟାଦି
ପିଞ୍ଜରା } ବନ୍ଦ କରି ରଖିବାର ସ୍ଥାନ, ହରତାଳ, ସ୍ୱର୍ଣ୍ଣ । ଯଥା—

କରୂଷ ସୁବର୍ଣ୍ଣ ଯେ ସହସ୍ର ବାନ ପଞ୍ଜର ପରି ରେ,
କର୍ଣ୍ଣକୁ ନଉନ ହଣେ ଏତେ ବାନ ଥାଇ ତା ଶରୀରେ । ବୈ, ହ

ପିଞ୍ଜିବା, କ୍ରି. ତୂଳାରୁ ମଞ୍ଜି କାଢ଼ିବା, ଧୁଣିବା ।

ପିଟକ, ବି. ପୁଂ. (ପିଟ୍-କ) ପେଟରା । ନ. ଗ୍ରନ୍ଥ, କୁଠାର । ବିଂ. ବିସ୍ଫୋଟକ ।

ପିଟଣୀ, ବି (ଦେଶଜ) ଯାହାଦ୍ୱାରା ପିଟନ୍ତି, ପାହାର ।

ପିଟା, ବିଂ. (ଦେଶଜ) ମାଡ଼ୁଆ, ପ୍ରେଷିତ, ପିଷ୍ଟ, ମର୍ଦ୍ଦିତ । ବି ମାଡ଼ ।

ପିଟିବା, କ୍ରି. (ଦେଶଜ) ମାରିବା, ପ୍ରହାର କରିବା, ଆଘାତ କରିବା ।

ପିଠା, ବି. (ପିଷ୍ଟକ ଶବ୍ଦଜ) ପୂପ ।

ପିଠି, (ପୃଷ୍ଠ ଶବ୍ଦଜ) ପୃଷ୍ଠ ।

ପିଠୋଉ, ବି. (ଦେଶଜ) ପିଠା କରିବା ନିମନ୍ତେ ବଟା ବ୍ରୀହି ଓ ଚାଉଳ ଆଦି ।

ପିଡ଼ୁଆ, ବି. (ଦେଶଜ) ତୈଳପ୍ରଦ ବୀଜର ମଳି-କଲ୍କ ।

ପିଡ଼, ବି. (ପୀଠ ଶବ୍ଦଜ) ଚକ୍ରତରୀ ।

ପିଡ଼ା, ବି. (ପୀଠ ଶବ୍ଦଜ) ଗୃହ ସ୍ଥଳର ଉପର ଭାଗ, କାଷ୍ଠାସନ । ଯଥା—

ପିଡ଼ା ଉପରେ ପିଡ଼ାମାନ ଥୋଇ
ତହିଁ ଉପରେ ଉଠିଲେ ମାଧୋଇ । ଗୋ, ଙ୍କ

ପିଣ୍ଡ, ବି. ପୁଂ. ନ. ( ପିନ୍‌ଡ୍-ଅ ) ପିତୃଲୋକ-ମାନଙ୍କୁ ପ୍ରଦେୟ ବର୍ତ୍ତୁଳାକାର ଭକ୍ଷ୍ୟବସ୍ତୁ, ଶରୀର । ଯଥା—

ପିଣ୍ଡକୁ ମୋର କେହୁ ବହନ କରିବ ନାହିଁ
ଏଥିଲେ ପ୍ରାଣମ ଯୋଗ ତାଙ୍କୁ ବାରେ ଦେବ ଦେଖାଇ । ଫ.ସା.

ଗୋଲାକୃତି ବସ୍ତୁ ।

ପିଣ୍ଡପୁଷ୍ପ, ବି. ନ. ( ପିଣ୍ଡ-ପୁଷ୍ପ ) ଅଶୋକପୁଷ୍ପ, ଜବାଫୁଲ, ଟଗରଫୁଲ ।

ପିଣ୍ଡା, ବି. (ଦେଶଜ) ପାଭିଜ ଦଲାଣ ।

ପିଣ୍ଡିତ, ବିଂ. (ପିଣ୍ଡ୍-ତ) ଗଣିତ, ଗୁଣିତ, ଘନ, ସାନ୍ଦ୍ର, ସଂହତ ।

ପିଣ୍ଡୁଳା, ବି. (ଦେଶଜ) ପିଣ୍ଡାକାର ବସ୍ତୁ ।

ପିତଳ, ବି. ଧାତୁବିଶେଷ, ପିତ୍ତଳ ।

ପିତା, ବି ପୁଂ. ( ପା-ତୃ ) ଜନକ, ବାପ । ବିଂ. (ପିତ୍ତ ଶବ୍ଦଜ) ତିକ୍ତ ।

ପିତାମହ, ବି. ପୁଂ. ( ପିତୃ-ଆମହ ) ବ୍ରହ୍ମା, ପିତୃପିତା, ଅଜା ।

ପିତାମହୀ, ବି. ସ୍ତ୍ରୀ. (ପିତାମହ-ଈ) ପିତାଙ୍କ ମାତା ।

ପିତାଶୁଣୀ } ବି. ସ୍ତ୍ରୀ ( ପିଶାଚିନୀ ଶବ୍ଦଜ )
ପିତୃଶୁଣୀ } ଡାହାଣୀବିଶେଷ ।

ପିତୁଲା, ବି. ସ୍ତ୍ରୀ. ( ପୁତ୍ତଳିକା ଶବ୍ଦଜ ) ମୂର୍ତ୍ତି ।

ପିତୃକର୍ମ, ବି. ନ. (ପିତୃ-କର୍ମନ୍) ପିତୃଶ୍ରାଦ୍ଧାଦି ।

ପିତୃତୀର୍ଥ, ବି. ନ. ( ପିତୃ=ପୂର୍ବପୁରୁଷ-ତୀର୍ଥ ) ଗୟାଧାମ ।

ପିତୃପକ୍ଷ, ବି. ପୁଂ. ( ପିତୃ=ପିତୃପ୍ରିୟ ପକ୍ଷ ) ଆଶ୍ୱିନ କୃଷ୍ଣପକ୍ଷ, ପ୍ରେତପକ୍ଷ । ବିଂ. ପିତୃକୁଳଜାତ ।

ପିତୃପତି, ବି. ପୁଂ. (ପିତୃ ପତି) ଯମ ।

ପିତୃବ୍ୟ, ବି. ପୁଂ. (ପିତୃ-ବ୍ୟ) ପିତାଙ୍କ ଭ୍ରାତା ।

ପିତୃଷ୍ୱସା, ବି. ସ୍ତ୍ରୀ. (ପିତୃ-ସ୍ୱସା) ପିଉସୀ. ପିତାଙ୍କ ଭଗିନୀ ।

ପିତ୍ତ, ବି. ନ. (ଅପି-ଦୋ=ଛେଦନ କରିବା କିମ୍ବା ଦେ=ପାଳନ କରିବା) ଶରୀରସ୍ଥ ଧାତୁବିଶେଷ ।

ପିତ୍ତଳ, ବି. ନ. (ପିତ୍ତ-ଲା-ଅ) ତାମ୍ର ଓ ସୀସକମିଶ୍ରିତ ଧାତୁବିଶେଷ, ଭୂର୍ଜ୍ଜପତ୍ର । ପିତ୍ତଯୁକ୍ତ, ପୈତ୍ତିକ ।

ପିତ୍ର୍ୟ } ବିଂ. ( ପିତୃ ଯ, କ ) ପିତୃସମ୍ବନ୍ଧୀୟ
ପିତୃକ } ପିତାଙ୍କଠାରୁ ଲବ୍ଧ । ବି. ନ. ପିତୃତୀର୍ଥ, ଅଙ୍ଗୁଷ୍ଠ ଓ ତର୍ଜ୍ଜନୀର ମଧ୍ୟଭାଗ, ମଧୁ । ପୁଂ. ପିତାର ଜ୍ୟେଷ୍ଠ ଭ୍ରାତା ।

ପିହୁଡ଼ି, ବି. (ଦେଶଜ) ଗୁଜୁଲିଆ, ପିଚୁଳ ।

ପିଧାନ, ବି. ନ ( ଅପି ଧା-ଅନ ) ଆଚ୍ଛାଦନ, ଆବରଣ ।

ପିନଦ୍ଧ, ବି. ( ଅପି-ନହ୍-ତ ) ବଦ୍ଧ, ପରିହିତ, ଆବୃତ । ଯଥା—

ଭିଡା ହୋଇ ଉଚ୍ଚ ଘନ ସ୍ତନଯୁଗ୍ମ କାଞ୍ଚିଳେ କଷ୍ଟ କରିଛି,
ବିବିଧ କୁସୁମ ଶୀତ କ୍ଷେତ୍ର କି ପଦ୍ମ ପାଞ୍ଚୁଲ ପର୍ଣ୍ଣେ ପିନଦ୍ଧ । ଯ.କେ.

ପିନାକ, ବି. ପୁଂ ନ. (ପା-ଆକ) ମହାଦେବଙ୍କର ଧନୁ ।

ପିନାକୀ, ବି. ପୁଂ. ( ପିନାକ-ଇନ୍ ) ଶିବ, ମହାଦେବ ।

ପିନ୍ଧା, ବି. (ଦେଶଜ) ପରିଧେୟବସ୍ତ୍ର, ପିନ୍ଧିବା । ବିଂ. ପିନ୍ଧିଥିବା ।

ପିନ୍ଧିବା, କ୍ରି. (ପରିଧାନ ଶବ୍ଦଜ) ପରିଧାନ କରିବା ।

ପିପାସା, ବି. ସ୍ତ୍ରୀ. (ପା-ସନ୍-ଆ) ପିଇବାର ଇଚ୍ଛା, ତୃଷ୍ଣା, ପାନେଚ୍ଛା ।

ପିପାସିତ, ବିଂ. (ପା-ସନ୍-ତ) ପାନେଚ୍ଛୁ, ତୃଷିତ ।

ପିପାସୁ, ବିଂ. (ପା-ସନ୍-ଉ) ତୃଷାର୍ତ୍ତ, ପାନେଚ୍ଛୁ ।

ପିପୀଲକ } ବି. ସ୍ତ୍ରୀ. ( ପିଲ-ଅକ ) ପିମ୍ପୁଡ଼ି ।
ପିପୀଲିକା }

ପିପ୍ପଳ, ବି. ପୁଂ. (ପା-ଅଳ) ଅଶ୍ୱତ୍ଥବୃକ୍ଷ, ବହବ-ତୃନ୍ୟ ପକ୍ଷୀ, ନରଂଶୁକ । ନ. ଜଳ, ବସ୍ତ୍ରଖଣ୍ଡବିଶେଷ ।

ପିପ୍ପଳି } ବି. ସ୍ତ୍ରୀ. ( ପିପ୍ପଳ ଇ, ଈ ) ପିପ୍ପଳୀ-
ପିପ୍ପଳୀ } ଗଛ ।

ପିପ୍ପିଲି, ବି. ସ୍ତ୍ରୀ. ପୁରୀଜିଲ୍ଲାର ଅନ୍ତର୍ଗତ ସ୍ଥାନବିଶେଷ । ( ଏହାର ଅନ୍ୟ ନାମ ପିପିଲି, ପିଙ୍ଗୋଲ — ଚିଲାଇ କାର୍ଯ୍ୟ ପାଇଁ ଏ ସ୍ଥାନ ପ୍ରସିଦ୍ଧ ) ।

ପିମ୍ପୁଡ଼ୀ, ବି. (ପିପୀଲିକା ଶବ୍ଦଜ) ।

ପୀର, ବି. (ଯାବନିକ) ମୁସଲମାନସାଧୁ, ମୁସଲମାନଙ୍କ ଉପାସ୍ୟ ସାଧୁଙ୍କ କବର ।

ପିଲା, ବି. (ଦେଶଜ) ବାଳକ ।

ପିଲସଜ, ବି. (ଦେଶଜ) ପିତ୍ତଳାଦିର ଉଚ୍ଚ ପ୍ରଦୀପ ବା ଦୀପାଧାର ।

ପିଶଙ୍ଗ, ବି. ପୁଂ. (ପିଶ୍-ଅଙ୍ଗ) ପିଙ୍ଗଳବର୍ଣ୍ଣ । ବିଂ. ପିଙ୍ଗଳବର୍ଣ୍ଣଯୁକ୍ତ । ଯଥା—

ଛୁରିଅଛା ପୁଷ୍ପପରାଗ ପିଶଙ୍ଗ ଏକମାତ୍ର କାଇକଙ୍ଗ । ଯ କେ-

ପୈଶାଚ, ବି. ପୁଂ. (ପିଶାଚ-ଅଣ୍-ଅ) ଭୂତ, ଦେବଯୋନିବିଶେଷ ।

ପିଶିତ, ବି. ନ. (ପିଶ୍-ତ) ମାଂସ ।

ପିଶୁନ, ବିଂ. (ପିଶ୍-ଉନ) ଖଳ, କ୍ରୂର, ସୂତ୍ରଚର । ବି. ପୁଂ. କାକ, ନାରଦ । ନ. କୁଙ୍କୁମ । ବିଂ. ରକ୍ତବର୍ଣ୍ଣବିଶିଷ୍ଟ । ଯଥା—

ଶୋଣିତେ ସମରସ୍ଥଳୀ ହେଲା ସେ ପିଶୁନ । ଭ.ବ.

ପିଷ୍ଟ, ବିଂ. (ପିଷ୍-ତ) ମର୍ଦ୍ଦିତ, ଚୂର୍ଣ୍ଣିତ । ବି. ନ. ସୀସକ ।

ପିଷ୍ଟକ, ବି. ପୁଂ. ନ. (ପିଷ୍ଟ-ଅକ) ପିଠା, ରୁଟି ପ୍ରଭୃତି । ନ. ଢଳଚୂର୍ଣ୍ଣ ।

ପିଷ୍ଟପ, ବି. (ବିଶ୍-ଅପ, ନିପାତନ) ଜଗତ୍, ସଂସାର ।

ପିସ୍ତଲ, ବି. (ପର୍ତ୍ତୁଗୀଜ ଭାଷା) ଆଗ୍ନେୟ ଅସ୍ତ୍ରବିଶେଷ, ବନ୍ଧୁକ ।

ପିହାଣ, ବି. (ଦେଶଜ) ଢାଙ୍କୁଣୀ, ସରା ।

ପିହିତ, ବିଂ. (ଅପି-ଧା-ତ) ଆଚ୍ଛାଦିତ, ଅବରୁଦ୍ଧ, ତିରୋହିତ ।

ପିହୁଲା, ବି. (ଦେଶଜ) ଶିଶୁରୋଗବିଶେଷ, ପୂତନାରୋଗ ।

ପୀଠ, ବି. କ୍ଲୀ. (ପିଠ୍-ଅ) ବସିବାର ଚୌକି ବା ପିଢ଼ା, ସ୍ଥାନବିଶେଷ, ୫୧ ମହାପୀଠ, ଯେଉଁ ଯେଉଁ ସ୍ଥାନରେ ସତୀଙ୍କ ଶରୀରାବୟବ ପତିତ ହୋଇଥିଲା, ଯଥା—ଯାଜପୁରର ବିରଜା ପୀଠ, ଇତ୍ୟାଦି ।

ପୀଡ଼ନ, ବି. ନ. (ପୀଡ଼୍-ଅନ) ଦୁଃଖ ଦେବା, ଯାତନା ଦେବା, ପରାଜୟ ।

ପୀଡ଼ା, ବି. ସ୍ତ୍ରୀ. (ପୀଡ଼୍-ଆ) ବ୍ୟଥା, ଦୁଃଖ, ରୋଗ, ଯନ୍ତ୍ରଣା ।

ପୀଡ଼ିତ, ବିଂ. (ପୀଡ଼ା-ଇତ) ବ୍ୟଥିତ, ଦୁଃଖିତ, ରୋଗୀ ।

ପୀତ, ବି. ପୁଂ. (ପା-ତ) ପୁଷ୍ପରାଗ, ହରିଦ୍ରାବର୍ଣ୍ଣ । ବିଂ. ହଳଦିଆବର୍ଣ୍ଣଯୁକ୍ତ, ଯାହା ପାନ କରାଯାଇଅଛି, ପାନକରା ।

ପୀତସାର, ବି. ପୁଂ. (ପୀତ-ସାର) ଚନ୍ଦନ, ହରିଚନ୍ଦନ, ଗୋମେଦମଣି ।

ପୀତା, ବି. ସ୍ତ୍ରୀ. (ପୀତ-ଆ) ହରିଦ୍ରା, ଗୋରୋଚନା ।

ପୀତାମ୍ବର, ବି. ପୁଂ. (ପୀତ-ଅମ୍ବର) କୃଷ୍ଣ, ବିଷ୍ଣୁ ।

ପୀନ, ବିଂ. (ପ୍ୟାୟ୍-ତ) ସ୍ଥୂଳ, ପ୍ରବୃଦ୍ଧ, ପୃଥୁଳ, ସମ୍ପନ୍ନ ।

ପୀନସ, ବି. ପୁଂ. (ପୀନ ସୋ ଅ) ନାସିକାର ରୋଗବିଶେଷ ପିନସ ରୋଗ ।

ପୀନୋଧ୍ନୀ, ବି. ସ୍ତ୍ରୀ. (ପୀନ ଊଧସ୍-ଈ) ସ୍ଥୂଳସ୍ତନୀ ଧେନୁ, ସ୍ଥୂଳଗଣ୍ଡାଯୁକ୍ତ ଗାଭୀ ।

ପୀୟୂଷ, ବି. ନ. (ପୀୟ୍-ଊଷ) ଅମୃତ ଯଥା—

ବଷ ପୀୟୂଷ ବୋଲି ମୁଁ ଦେଲି ଗୃଣି, ରେ ପ୍ରାଣସଖି ।

ପୁଂ. ନ. ଅଭିନବ ଗୋଦୁଗ୍ଧ ।

ପୀବର, ବିଂ. (ପ୍ୟାୟ୍-ବର) ସ୍ଥୂଳ, ବଳିଷ୍ଠ ।

ପୁଂଲିଙ୍ଗ, ବି. ପୁଂ. (ପୁମସ୍-ଲିନ୍‌ଗ-ଅ) ପୁରୁଷବାଚକ ଶବ୍ଦ । ନ. ପୁରୁଷଚିହ୍ନ, ପୁରୁଷାଙ୍ଗ ।

ପୁଂଶ୍ଚଳୀ, ବି. ସ୍ତ୍ରୀ. (ପୁମସ୍-ଚଲ-ଈ) ଭ୍ରଷ୍ଟା, ଅସତୀ ସ୍ତ୍ରୀ, ବେଶ୍ୟା, କୁଳଟା, ନଷ୍ଟାଚରୀ ।

ପୁଂସ୍କାର, ବି. ପୁରୁଷତ୍ୱ, ପୁରୁଷକାର, ପୌରୁଷ । ଯଥା—

ତୁମ୍ଭେ ସକଳ ନୃପବର, କେବ ମୋହର ପୁଂସ୍କାର । ଭ.ବ.

ପୁଂସବନ, ବି. ନ. ( ପୁମସ୍-ସୂ-ଅନ ) ଗର୍ଭିଣୀର ସଂସ୍କାର । ସ୍ତ୍ରୀ. କର୍ତ୍ତବ୍ୟ ବ୍ରତବିଶେଷ ।

ପୁଂସ୍ତ୍ୱ, ବି. ନ. (ପୁମସ୍-ତ୍ୱ ) ପୁରୁଷତ୍ୱ, ଶୁକ୍ର, ପୁରୁଷର ଅସାଧାରଣ ଚିହ୍ନ ।

ପୁଅ, ବି. (ପୁତ୍ର ଶବ୍ଦଜ) ନନ୍ଦନ, ତନୟ ।

ପୁଅ, ବି. (ଦେଶଜ) କ୍ଷୁଦ୍ର ବୃକ୍ଷ । ଯଥା— କଦଳୀ-ପୁଅ, ମିଷ୍ଟାନ୍ନବିଶେଷ ।

ପୁଅଣୀ, ବି. (ଦେଶଜ ପୁନର୍ବିବାହ ।

ପୁଅଣ୍ଡା, ବି. ନବପ୍ରସୂତ ।

ପୁଆର, ବି କ୍ଷୁଦ୍ର କଦାଣ ବା ବଟାଳୀ ।

ପୁଆଳ, ବି. ( ଦେଶଜ, ସମ୍ବଲପୁର ) ପାଳ କୁଟା ।

ପୁଙ୍ଖ, ବି. ପୁଂ. (ପୁମସ୍-ଖନ୍-ଅ) ବାଣର ପକ୍ଷଯୁକ୍ତ ସ୍ଥାନ, ମୂଳ ।

ପୁଙ୍ଖାନୁପୁଙ୍ଖ, ବିଂ. ସୂକ୍ଷ୍ମାନୁସୂକ୍ଷ୍ମ ବିସ୍ତୃତ, ସବିଶେଷ ବିବେଚନା ।

ପୁଙ୍ଗ, ବି. ପୁଂ. ନ. ( ପୁମସ୍-ଗମ୍-ଅ ) ରାଶି, ସମୂହ ।

ପୁଙ୍ଗବ, ବି. ପୁଂ. ( ପୁମସ୍ ଗୋ-ଅ ) ବୃଷ, ଷଣ୍ଢ । ବିଂ. (ଶବ୍ଦର ପରେ ଥିଲେ) ଶ୍ରେଷ୍ଠ । ଯଥା—

ଗର୍ଭଲକ୍ଷଣ ଦେଖି ମୁନିପୁଙ୍ଗବ । ବୈ. ବି.

ପୁଚ୍ଛ, ବି. ପୁଂ. ନ. (ପିଚ୍ଛ -ଅ) ଲାଙ୍ଗୁଳ,ପଶ୍ଚାଦ୍-ଭାଗ ।

ପୁଚ୍ଛକଣ୍ଟକ, ବି. ପୁଂ. ( ପୁଚ୍ଛ-କଣ୍ଟକ ) ବୃଶ୍ଚିକ, ବିଛା ।

ପୁଚ୍ଛୀ, ବି. ପୁଂ. ( ପୁଚ୍ଛ-ଇନ ) ମୟୂର, କୁକ୍କୁଟ, ଅର୍କବୃକ୍ଷ । ବିଂ. ଲାଙ୍ଗୁଳବିଶେଷ ।

ପୁଚ୍ଛା, ବି. ପୃଚ୍ଛା, ପ୍ରଶ୍ନ ।

ପୁଚ୍ଛିବା, କ୍ରି. (ପ୍ରଚ୍ଛ ଧାତୁଜ) ପଚାରିବା ।

ପୁଞ୍ଜ, ବି. ପୁଂ. ( ପୁମସ-ଜ ) ରାଶି, ସ୍ତୂପ, ସମୂହ ।

ପୁଞ୍ଜା, ବି. (ଦେଶଜ) ଗୃହଗୋଷ୍ଠା, ଗଣ୍ଡା ।

ପୁଞ୍ଜିତ, ବିଂ. ( ପୁଞ୍ଜ-ଇତ ) ରାଶୀକୃତ, ରାଶୀ-ଭୂତ ।

ପୁଞ୍ଜୀ, ବି. ନ. (ପୁମସ୍-ଜନ୍-ଈ) ରାଶି, ପାଣ୍ଠି, ମୂଳଧନ ।

ପୁଟ, ବି. କ୍ରି. ( ପୁଟ୍-ଅ ) ଆବରଣ, ଅଞ୍ଜଳି, ଢିବା, ଯୁଗ୍ମ, ଦୋନା । ପୁଂ. ନ. ଅଶ୍ୱର ଖୁରା ।

ପୁଟକ, ବି. ନ. ( ପୁଟ-କୈ-ଅ ) ପଦ୍ମ ପତ୍ରାଦି-ନିର୍ମିତ ପାତ୍ର, ପୁଡ଼ା

ପୁଟକିତ, ବିଂ. (ପୁଟକ-ଇତ) ଆବଦ୍ଧ, ଆବୃତ ।

ପୁଟକିନୀ, ବି. ସ୍ତ୍ରୀ. ( ପୁଟକ-ଇନ୍-ଈ ) ପଦ୍ମିନୀ, ପଦ୍ମସମୂହ, ପଦ୍ମଲତା ।

ପୁଟପାକ, ବି. ପୁଂ. (ପୁଟ ପାକ) ଶୁଷ୍କ ଗୋମୟରେ ଔଷଧ ପାକ ।

ପୁଟଭେଦନ, ବି. ନ. ପତ୍ତନ, ନଗର, ପୁର ।

ପୁଟଳି, ବି. (ଦେଶଜ) ପୁଡ଼ିଆ ।

ପୁଟିତ, ବି. ନ. (ପୁଟ ଇତ) ଯୁକ୍ତ କରଯୁଗଳ, ଅଞ୍ଜଳି । ବିଂ. ଗ୍ରଥିତ, ପାଟିତ, ଆବୃତ ।

ପୁଡ଼ା, ବି. (ଦେଶଜ) ପୋଟଳା, ପୁସ୍ତକର ପତ୍ର, ପୃଷ୍ଠ, ପୃଷ୍ଠା, ପାର୍ଶ୍ୱ ।

ପୁଡ଼ୁଗ, ବି. ( ଗଡ଼ଜାତ ସମ୍ବଲପୁର ) ଓଳିଆ, ଶସ୍ୟାଦିର ପରିମାଣବିଶେଷ ।

ପୁଣି, ଅଂ. ପୁନର୍ବାର ।

ପୁଣ୍ଡରୀକ, ବି. ନ. (ପୁଣ୍ଡ-ଅରୀକ) ଅଗ୍ନିକୋଣର ହସ୍ତୀ, ଶ୍ୱେତପଦ୍ମ । ଯଥା—

ଧବଳ ପୁଣ୍ଡରୀକମାଳା ପରାୟେ
ଦିଶିବ ଅନ୍ତରେ ମୋ ଶ୍ୟାମ କାୟେ । ମେ. ଦୂ.

କମଣ୍ଡଳୁ, ନୃପବିଶେଷ, ଶୁଭ୍ରବର୍ଣ୍ଣ, ସହକାର ।

ପୁଣ୍ଡରୀକାକ୍ଷ, ବି. ପୁଂ. (ପୁଣ୍ଡରୀକ-ଅକ୍ଷି) କୃଷ୍ଣ, ବିଷ୍ଣୁ । ଯଥା—

କପଟେ ପୁଣ୍ଡରୀକାକ୍ଷ କହିଲେ କପଟୀକି । ବୈ. ବି.

ପୁଣ୍ଡ୍ର } ବି. ପୁଂ. ( ପୁଣ୍ଡ୍-ର, କ ) ଚିହ୍ନ,
ପୁଣ୍ଡ୍ରକ } ତିଳକ, କୃମି, ମାଧବୀଲତା, ଦେଶବିଶେଷ ।

ପୁଣ୍ୟ, ବି. ନ. (ପୁଣ-ଯ) ଧର୍ମ, ସୁକୃତ । ବିଂ. ପବିତ୍ର, ନିଷ୍ପାପ, ନିର୍ମଳ । ସ୍ତ୍ରୀ. ତୁଳସୀ ।

ପୁଣ୍ୟଜନ, ବି. ପୁଂ. (ପୁନ୍ୟ-ଅଜନ) ରାକ୍ଷସ, ଯକ୍ଷ । (ପୁଣ୍ୟ-ଜନ) ଧାର୍ମିକ, ସଜ୍ଜନ ।

ପୁଣ୍ୟଜନେଶ୍ୱର, ବି. ପୁଂ. (ପୁଣ୍ୟ-ଜନ ଈଶ୍ୱର) ଯକ୍ଷରାଜ, କୁବେର ।

ପୁଣ୍ୟବାନ୍, ବିଂ. (ପୁଣ୍ୟ-ବତ୍) ଧାର୍ମିକ, ପୁଣ୍ୟଯୁକ୍ତ, ଭାଗ୍ୟବାନ୍, ସୌଭାଗ୍ୟଶାଳୀ ।

ପୁଣ୍ୟଶ୍ଳୋକ, ବିଂ. (ପୁଣ୍ୟ-ଶ୍ଳୋକ=ଯଶଃ) ପବିତ୍ରଚରିତ୍ର । ଯଥା—

ରାମ ଲୋକେ ପୁଣ୍ୟଶ୍ଳୋକ ସେହି ଲୁଚିଲେ
କିଏ ବା ଆମ୍ଭଙ୍କୁ ରଖିବ ? ଅହୋ ରେ ଦଇବ ! ମ.ଯ.

ବି. ପୁଂ. ବିଷ୍ଣୁ, ଯୁଧିଷ୍ଠିର, ନଳରାଜା । ସ୍ତ୍ରୀ. ଦ୍ରୌପଦୀ, ସୀତା ।

ପୁତ୍, ବିଂ. (ପୂ-ତ) କୁତ୍ସିତ । ବି. ନ. ନରକବିଶେଷ ।

ପୁତ, ବି. (ପୁତ୍ର ଶବ୍ଦଜ) ପୁଅ, ସନ୍ତାନ ।

ପୁତୁରା ବି. (ଦେଶଜ) ଭାଇର ପୁଅ ।

ପୁତ୍ତଳ } ପୁତ୍ତଳିକା } ପୁତ୍ତଳୀ } ବି. ସ୍ତ୍ରୀ. (ପୁତ୍ତ-ଳ, କ ଆ, ଲୀ) ପିତୁଳା, ପ୍ରତିମା, କୁଣ୍ଢେଇ ।

ପୁତ୍ତିକା, ବି. ସ୍ତ୍ରୀ. (ପୁତ୍=ଅବ୍ୟକ୍ତ ଶବ୍ଦ-ତନ=ବିସ୍ତାର କରିବା-ଅ-କ) ପତଙ୍ଗବିଶେଷ, ଉଇ, ମଧୁମକ୍ଷିକା ।

ପୁତ୍ର } ପୁତ୍ର } ବି. ପୁଂ. (ପୁତ୍-ତ୍ରୈ-ଅ) (ପୂ-ତ୍ର) ତନୟ, ନନ୍ଦନ, ସୁତ, ସନ୍ତାନ । ସ୍ତ୍ରୀ କନ୍ୟା ।

ପୁତ୍ରକ, ବି. ପୁଂ. (ପୁତ୍ର-କ) ପୁତ୍ର, ସ୍ନେହପାତ୍ର, ସରଭ ।

ପୁତ୍ରକାମ, ବିଂ. (ପୁତ୍ର-କାମ-ଅ) ପୁତ୍ରାଭିଳାଷୀ, ଯେ ପୁତ୍ରକାମନା କରେ ।

ପୁତ୍ରବାନ୍, ବିଂ. (ପୁତ୍ର-ବତ୍) ପୁତ୍ରବିଶିଷ୍ଟ ଯାହାର ପୁତ୍ର ଅଛି ।

ପୁତ୍ରିକା, ବି. ସ୍ତ୍ରୀ. (ପୁତ୍ର-କ-ଅ) କନ୍ୟା, ପିତୁଳା ।

ପୁତ୍ରୀ } ପୁତ୍ରୀ } ବି. ସ୍ତ୍ରୀ. (ପୁତ୍ର-ଈ) କନ୍ୟା, ପୁତ୍ରବତୀ । ବିଂ. (ପୁତ୍ର-ଇନ୍) ପୁତ୍ରବାନ୍ ।

ପୁତ୍ରୀୟ, ବିଂ. (ପୁତ୍ର-ଈୟ) ପୁତ୍ରସମ୍ବନ୍ଧୀୟ, ପୁତ୍ରନିମିତ୍ତକ ।

ପୁତ୍ରେଷ୍ଟି, ବି. ସ୍ତ୍ରୀ. (ପୁତ୍ର-ଯଜ୍-ତି) ପୁତ୍ରଜନନାର୍ଥ ଯଜ୍ଞବିଶେଷ ।

ପୁନଃପୁନଃ, ଅଂ. (ପୁନର୍-ପୁନର୍) ବାରମ୍ବାର, ମୁହୁର୍ମୁହୁଃ ।

ପୁନରାଗତ, ବିଂ. (ପୁନଃ-ଆଗତ) ପ୍ରତ୍ୟାଗତ, ଯେ ପୁନର୍ବାର ଆସିଅଛି ।

ପୁନରାଗମନ, ବି. ନ. (ପୁନଃ-ଆଗମନ) ପ୍ରତ୍ୟାଗମନ ।

ପୁନରାୟ, (ଦେଶଜ) ପୁନର୍ବାର, ପୁନଶ୍ଚ ।

ପୁନରାବର୍ତ୍ତ, ବି. ପୁଂ. (ପୁନର୍-ଆବର୍ତ୍ତ) ପୁନରାଗମନ, ଘୂର୍ଣ୍ଣନ, ପୁନର୍ଜନ୍ମ ।

ପୁନରୁକ୍ତି, ବି, ସ୍ତ୍ରୀ. (ପୁନଃ-ଉକ୍ତି) ଉକ୍ତିର ପୁନଃକଥନ, କହିବା କଥାକୁ ପୁଣି କହିବା ।

ପୁନର୍ଜନ୍ମ, ବି. ସ୍ତ୍ରୀ. (ପୁନର୍-ଜନ୍ମନ୍) ପୁନର୍ବାର ସଂସାରରେ ଜନ୍ମଗ୍ରହଣ ।

ପୁନର୍ନବ, ବି. ପୁଂ. (ପୁନର୍-ନବ) ନଖ, ନଖର, ଏହା ଛେଦନ କଲେ ପୁନର୍ବାର ଜନ୍ମ ହୁଏ ।

ପୁନର୍ନବା, ବି. ପୁନଃ-ନବ-ଆ) ପୁରୁଣି ଶାଗ ।

ପୁନର୍ଭବ, ବି. ପୁଂ. (ପୁନର୍-ଭବ) ନଖ, କରରୁହ, ପୁନର୍ଜନ୍ମ ।

ପୁନର୍ଭବୀ, ବି. ପୁଂ. (ପୁନଃ-ଭବ-ଇନ୍) ଆତ୍ମା, ଏହା ଦେହ ଅନ୍ତରରେ ବିଦ୍ୟମାନ ଥାଏ ।

ପୁନର୍ଭୂ, ବି. ସ୍ତ୍ରୀ. (ପୁନର୍-ଭୂ-୦) ବିଧବା ହୋଇ ଦ୍ୱିତୀୟବାର ବିବାହ ହୋଇଥିବା ସ୍ତ୍ରୀ । ବିଂ. ପୁନର୍ବାର ଜାତ ।

ପୁନର୍ବସୁ, ବି. ପୁଂ. (ପୁନର୍-ବସୁ) ବିଷ୍ଣୁ, ଶିବ, ସପ୍ତମ ନକ୍ଷତ୍ର, କାତ୍ୟାୟନ ମୁନି ।

**ପୁନର୍ବିବାଦ**, ବି. ନ. (ପୁନର୍-ବିବାଦ) ପ୍ରଥମ ବିଚାରକାଳର ସଂସ୍କାରବିଶେଷ, ଦ୍ୱିତୀୟ ବିବାଦ ।

**ପୁନଶ୍ଚ**, ଅଂ. ପୁଣି, ପୁନର୍ବାର ।

**ପୁନାଗ**, ବି. (ପୁନ୍ନାଗ ଶବ୍ଦଜ) ପୋଲାଙ୍ଗ ।

**ପୁନ୍ନଅ**, **ପୁନେଇ** } ବି. (ପୂର୍ଣ୍ଣିମା ଶବ୍ଦଜ) ପୂର୍ଣ୍ଣିମା ।

**ପୁନ୍ନାଗ**, ବି. ପୁଂ. (ପୁମସ୍-ନାଗ) ପୁନାଙ୍ଗଗଛ, ଶ୍ୱେତ ହସ୍ତୀ, ନାଗେଶ୍ୱର ବୃକ୍ଷ, ଶ୍ୱେତୋତ୍ପଳ ।

**ପୁମାନ୍**, ବି. ପୁଂ. (ପା-ଡୁମସ୍) ପୁରୁଷ, ମନୁଷ୍ୟ, ପୁଂଲିଙ୍ଗ ।

**ପୁମ୍ବତ୍**, ଅଂ. (ପୁମନ୍-ବତ୍) ପୁରୁଷ ପରି, ମନୁଷ୍ୟ ସଦୃଶ ।

**ପୁୟ**, ବି. (ପୂୟ ଶବ୍ଦଜ; ବିକୃତ ପୂତିଗନ୍ଧଯୁକ୍ତ ରକ୍ତ ।

**ପୁର**, ବି. ନ. (ପୃ-ଅ) ଗୃହ, ଦେହ । ନ. ସ୍ତ୍ରୀ. ନଗର, ନଗରୀ । ନ. ପାଟଳୀପୁତ୍ର । ବିଂ. ପୂର୍ଣ୍ଣ, ପ୍ରଚୁର ।

**ପୁରଃ**, ଅଂ. (ପୁର୍-ଅସ୍) ଅଗ୍ରେ, ସମ୍ମୁଖରେ ।

**ପୁରଃସର**, ବିଂ. (ପୁରସ୍-ସର) ପୂର୍ବକ, ଅଗ୍ରସର, ଯେ ଅଗ୍ରରେ ଗମନ କରେ, ପରିଚର ।

**ପୁରଞ୍ଜନ**, ବି. ପୁଂ. (ପୁର = ଦେହ-ଜନ) ଆତ୍ମା, ଜୀବ ।

**ପୁରଟ**, ବି. ନ. ସୁବର୍ଣ୍ଣ ।

**ପୁରତଟୀ**, ବି. ସ୍ତ୍ରୀ, (ପୁର-ତଟୀ) ହାଟ, କ୍ଷୁଦ୍ର ଗ୍ରାମ ।

**ପୁରତଃ**, ଅଂ. (ପୁର-ତସ୍) ଅଗ୍ରେ, ସମ୍ମୁଖରେ, ଅଗ୍ରମୁଖରେ ।

**ପୁରତେ**, କ୍ରି. ବିଂ. (ପୁରତଃ ଶବ୍ଦଜ) ସମ୍ମୁଖରେ, ଆଗରେ ।

**ପୁରଦ୍ୱାର**, ବି. ନ. (ପୁର-ଦ୍ୱାର) ନଗରଦ୍ୱାର, ଘରଦ୍ୱାର, ସଦର ଦରୋଜା ।

**ପୁରଦ୍ୱିଟ୍**, ବି. ପୁଂ. (ପୁର-ଦ୍ୱିଷ୍-ଂ) ଶିବ, ମହାଦେବ, ତ୍ରିପୁରାରି ।

**ପୁରନ୍ଦର**, ବି. ପୁଂ. (ପୁର-ଦୃ-ଅ) ଇନ୍ଦ୍ର, ଚୌର, ବିଷ୍ଣୁ ।

**ପୁରନ୍ଦରୀ**, ବି. ସ୍ତ୍ରୀ. (ପୁର-ଦୃ-ଅ, ସ୍ତ୍ରୀଲିଙ୍ଗେ ଈ) ଗଙ୍ଗା ।

**ପୁରନ୍ଧ୍ର**, **ପୁରନ୍ଧ୍ରୀ** } ବି. ସ୍ତ୍ରୀ. (ପୁର-ଧୃ-ଅ-ଈ) ପତିପୁତ୍ରବତୀ ସ୍ତ୍ରୀ, ଗୃହିଣୀ, ସୁଚରିତ୍ରା ।

**ପୁରପାଳ**, ବି. ପୁଂ. (ପୁର-ପାଳ) ଦେହପାଳକ ଜୀବ, ନଗରପାଳ ।

**ପୁରଶାସନ**, ବି. ପୁଂ. (ପୁର-ଶାସ୍-ଅନ) ମହାଦେବ ।

**ପୁରଶ୍ଚରଣ**, ବି. ନ. (ପୁରସ୍-ଚର୍-ଅନ) ଅଭୀଷ୍ଟ ମନ୍ତ୍ର ବିହିତନିୟମରେ ମନ୍ତ୍ରଜପ, ହୋମ, ତର୍ପଣ, ଅଭିଷେକ ଓ ବ୍ରାହ୍ମଣଭୋଜନ ଏହି ପଞ୍ଚାଙ୍ଗ ସାଧନଦ୍ୱାରା ସ୍ୱୀୟ ଇଷ୍ଟ ଦେବତାଙ୍କର ପୂଜା ।

**ପୁରଶ୍ଛଦ**, ବି. ପୁଂ ତୃଣବିଶେଷ, ଉଲୁଅଗଛ ।

**ପୁରସ୍କାର**, ପୁଂ. **ପୁରସ୍କ୍ରିୟା**, ସ୍ତ୍ରୀ. } ବି. (ପୁରସ୍-କୃ-ଅ, କ୍ରିୟା) ପୂଜା, ସମ୍ମାନ, ପାରିତୋଷିକ, ଦାନ ।

**ପୁରସ୍କୃତ**, ବିଂ. (ପୁରସ୍-କୃ-ତ) ପୂଜିତ, ସମ୍ମାନିତ, ସମ୍ମୁଖରେ ସ୍ଥାପିତ, ପାରିତୋଷିକ ପ୍ରାପ୍ତ ।

**ପୁରସ୍ତ୍ରୀ**. ବି. ସ୍ତ୍ରୀ. ନଗରବାସିନୀ ସ୍ତ୍ରୀଲୋକ, ଗୃହକାର୍ଯ୍ୟଦକ୍ଷା ସ୍ତ୍ରୀ ।

**ପୁରା**, ଅଂ. (ପୁର୍-ଆ) ପୂର୍ବକାଳରେ, ପ୍ରଥମରେ, ପୁରାବୃତ୍ତ, ନିକଟରେ ଭବିଷ୍ୟତ୍ ବା ଅତୀତ କାଳରେ, ପଶ୍ଚାତ୍, ପୁରାଣ । (ଦେଶଜ) ପୂର୍ଣ୍ଣ, ପୁରାଇବା । କ୍ରି. (ପୃ ଧାତୁଜ) ପୂର୍ଣ୍ଣ କରିବା, ପ୍ରବେଶ କରାଇବା ।

**ପୁରାକୃତ**, ବିଂ. (ପୁରା-କୃ-ତ) ପ୍ରାରବ୍ଧ କର୍ମ, ପୂର୍ବକାଳକୃତ (ପୁଣ୍ୟାଦି) ।

**ପୁରାଣ**, ବି. ନ. (ପୁରା-ନ ଅଥବା ପୁରା-ନୀ-ଅ) ସର୍ଗ, ପ୍ରତିସର୍ଗ, ବଂଶ, ମନ୍ୱନ୍ତର, ବଂଶାନୁ-

ଉକ୍ତ ଏହି ଲକ୍ଷଣାନ୍ୱିତ ବ୍ୟାସାଦି ମୁନିପ୍ରଣୀତ ବେଦାର୍ଥବର୍ଣ୍ଣିତ ଗ୍ରନ୍ଥବିଶେଷ, ଅଷ୍ଟାଦଶ ପୁରାଣ । ଯଥା— ବ୍ରାହ୍ମ୍ୟ, ପାଦ୍ମ୍ୟ, ବୈଷ୍ଣବ, ଶୈବ, ଭାଗବତ, ନାରଦୀୟ, ମାର୍କଣ୍ଡେୟ, ଆଗ୍ନେୟ, ଭବିଷ୍ୟ, ବ୍ରହ୍ମବୈବର୍ତ୍ତ, ଲୈଙ୍ଗ, ବରାହ, ସ୍କାନ୍ଦ, ବାମନ, କୌର୍ମ, ମାତ୍ସ୍ୟ, ଗରୁଡ଼, ବ୍ରହ୍ମାଣ୍ଡ । ବିଂ. ପ୍ରାଚୀନ, ପୁରାତନ ।

ପୁରାଣପୁରୁଷ, ବି. ପୁଂ. (ପୁରାଣ ପୁରୁଷ) ବିଷ୍ଣୁ, ଆଦିପୁରୁଷ, ବୃଦ୍ଧ ।

ପୁରାତନ, ବିଂ. (ପୁରା ତନ) ପ୍ରାଚୀନ, ଅନାଦି ।

ପୁରାରି, ବି. ପୁଂ (ପୁର-ଅରି) ଶିବ, ମହାଦେବ ।

ପୁରାବସୁ, ବି. ପୁଂ. (ପୁରା-ବସୁ) ଭୀଷ୍ମ ।

ପୁରାବିତ୍, ବି. ପୁଂ. (ପୁରା-ବିଦ୍-୦) ପୂର୍ବଜ୍ଞ, ପଣ୍ଡିତ, ଇତିହାସବେତ୍ତା, ପୂର୍ବବୃତ୍ତଜ୍ଞ ।

ପୁରାବୃତ୍ତ, ବି. ନ. (ପୁରା-ବୃତ୍ତ) ପୂର୍ବବୃତ୍ତାନ୍ତ, ଇତିହାସ, ପୁରୁଣା କଥା, ଆଖ୍ୟାୟିକା ।

ପୁରାସାହ, ବି. ପୁଂ. (ପୁରା-ସହ-ଅ) ଇନ୍ଦ୍ର ।

ପୁରି, ବିଂ (ଦେଶଜ) ଗହମ ଅଟା ଏବଂ ଘୃତରେ ପ୍ରସ୍ତୁତ ପିଷ୍ଟକବିଶେଷ ।

ପୁରୀ ବି. ସ୍ତ୍ରୀ. ( ପୁର-ଈ ) ନଗରୀ, ଭବନ, କଟକର ଦକ୍ଷିଣସ୍ଥ ନଗରୀ, ପବିତ୍ର ତୀର୍ଥସ୍ଥାନ, ସନ୍ନ୍ୟାସିମାନଙ୍କର ଉପାଧିବିଶେଷ ।

ପୁରୀଷ, ବି. ନ. (ପୃ=ପାଳନ କରିବା-ଈଷ) ଯେ ବୃକ୍ଷାଦିର ମୂଳ ପାଳନ କରେ, ବିଷ୍ଠା, ମଳ ।

ପୁରୁ ବିଂ. ( ପୃ-ଉ ) ପ୍ରଚୁର, ଅଧିକ । ବି. ପୁଂ. ଯଯାତି ରାଜାଙ୍କ କନିଷ୍ଠ ପୁତ୍ର, ଦୈତ୍ୟବିଶେଷ, ଦେବଲୋକ, ପରାଗ ।

ପୁରୁଖା, ବିଂ. (ଦେଶଜ) ପ୍ରବୀଣ ।

ପୁରୁଣା, ବିଂ. ( ପୁରାଣ ଶବ୍ଦଜ ) ପ୍ରାଚୀନ, ପୁରାତନ ।

ପୁରୁଣି, ବି. (ଦେଶଜ) ଶାକବିଶେଷ ।

ପୁରୁଦଂଶା, ବି. ପୁଂ. (ପୁରୁ-ଦନ୍ଶ୍-ଅସ୍) ଇନ୍ଦ୍ର, ଯେ ପୁରୁଙ୍କୁ ଦଂଶନ ଅର୍ଥାତ୍ ବିନାଶ କରିଥିଲେ ।

ପୁରୁଷ, ବି. ପୁଂ. (ପୃ-ଉଷ) ନର, ମନୁଷ୍ୟ, ଆତ୍ମା, ଈଶ୍ୱର ।

ପୁରୁଷକାର, ବି. ପୁଂ. (ପୁରୁଷ କାର) ପୌରୁଷ, ଉତ୍ସାହ, ଚେଷ୍ଟା ।

ପୁରୁଷଗ୍ରହ, ସୂର୍ଯ୍ୟ, ମଙ୍ଗଳ ଓ ବୃହସ୍ପତି ।

ପୁରୁଷତ୍ୱ, ବି.ନ.(ପୁରୁଷ-ତ୍ୱ) ମନୁଷ୍ୟତ୍ୱ, ପୌରୁଷ, ବୀର୍ଯ୍ୟ, ଉତ୍ସାହ ।

ପୁରୁଷତ୍ୱହୀନ, ବିଂ. ପୁଂସ୍ତ୍ୱହୀନ, ନପୁଂସକ ।

ପୁରୁଷନକ୍ଷତ୍ର, ବି. ହସ୍ତା, ମୂଳା, ଶ୍ରବଣା, ପୁନର୍ବସୁ, ମୃଗଶିରା ଓ ପୁଷ୍ୟା —ଏହି ଛଗୋଟି ନକ୍ଷତ୍ର ।

ପୁରୁଷରାଶି, ବି. ମେଷ, ମିଥୁନ, ସିଂହ, ତୁଳା, ଧନୁ ଓ କୁମ୍ଭ —ଏହି ଛଗୋଟି ରାଶି ।

ପୁରୁଷବ୍ୟାଘ୍ର } ବି. ପୁଂ. ପୁରୁଷ-ବ୍ୟାଘ୍ର, ସିଂହ)
ପୁରୁଷସିଂହ } ନରଶ୍ରେଷ୍ଠ ।

ପୁରୁଷାଙ୍ଗ, ବି. ପୁଂ. (ପୁରୁଷ-ଅଙ୍ଗ) ପୁଂଚିହ୍ନ ।

ପୁରୁଷାଦ୍ୟ, ବି. ପୁଂ (ପୁରୁଷ-ଆଦ୍ୟ) ବିଷ୍ଣୁ ।

ପୁରୁଷାୟୁଷ, ବି.ନ (ପୁରୁଷ-ଆୟୁସ୍-ଅ) ପୁରୁଷର, ଜୀବିତ କାଳ, ଶତବର୍ଷ ।

ପୁରୁଷାର୍ଥ, ବି. ପୁଂ. ଧର୍ମ, ଅର୍ଥ, କାମ, ମୋକ୍ଷ ରୂପ ପୁରୁଷର ପ୍ରୟୋଜନ ସୁଖ ।

ପୁରୁଷୋତ୍ତମ, ବି. ପୁଂ. (ପୁରୁଷ-ଉତ୍ତମ) ବିଷ୍ଣୁ, ପୁରୁଷଶ୍ରେଷ୍ଠ, ଓଡ଼ିଶାର ଗଙ୍ଗାବଂଶୀୟ ଏକ ରାଜା, ପୁରୀ ତୀର୍ଥ ।

ପୁରୁହୂତ, ବି. ପୁଂ (ପୁରୁ-ହୂତ) ଇନ୍ଦ୍ର ।

ପୁରୂରବାଃ, ବି. ପୁଂ. (ପୁରୁ-ରୁ-ଅସ୍) ଚନ୍ଦ୍ରବଂଶୀୟ ନୃପବିଶେଷ, ବୁଧଙ୍କ ପୁତ୍ର ।

ପୁରୋଗ }
ପୁରୋଗମ } ବିଂ. (ପୁରସ୍=ଅଗ୍ରେ-ଗ, ଗମ, ଗାମିନ୍) ଅଗ୍ରଗାମୀ, ପ୍ରଧାନ ।
ପୁରୋଗାମିନ୍ }

ପୁରୋଗତ, ବିଂ. ( ପୁରସ୍-ଗତ ) ଯେ ଅଗ୍ରେ ଗମନ କରିଅଛି, ପୂର୍ବଗତ ।

ପୁରୋଗତି, ବି. ପୁଂ. (ପୁରସ୍-ଗତି) କୁକ୍କୁର । ସ୍ତ୍ରୀ. ଅଗ୍ରେ ଗମନ । ବିଂ. ଅଗ୍ରଗ ।

ପୁରୋଚନ, ବି. ପୁଂ ପାଣ୍ଡବମାନଙ୍କ ଦହନାର୍ଥ ଜତୁଗୃହରେ ନିଯୁକ୍ତ ଦୁର୍ଯ୍ୟୋଧନର ମନ୍ତ୍ରୀ ।

ପୁରୋଡାଶ୍ } ବି. ପୁଂ ( ପୁରସ୍-ଦାଶ୍-ଂ,ଅ ) ଯଜ୍ଞୀୟ ଘୃତ ।
ପୁରୋଡାଶ }

ପୁରୋଧାଃ, ବି. ପୁଂ. ( ପୁରସ୍-ଧା-ଅସ୍ ) ପୁରୋହିତ ।

ପୁରୋହିତ, ବି. ପୁଂ. (ପୁରସ୍-ଧା-ତ) ଶ୍ରାଦ୍ଧାଦି କର୍ମ କରିବା ବ୍ରାହ୍ମଣ ।

ପୁଲ, ବି. ପୁଂ. (ପୁଲ୍-ଅ) ପୁଲକ, ରୋମାଞ୍ଚ । ବିଂ. ବିପୁଲ, ବୃହତ୍ ।

ପୁଲକ, ବି. ପୁଂ. (ପୁଲ୍-ଅକ) ରୋମାଞ୍ଚ, ଆନନ୍ଦ, ହରିତାଳ ।

ପୁଲକାଙ୍ଗ, ବି. ପୁଂ. ବରୁଣର ପାଶ ।

ପୁଲକାଲୟ ବି. ପୁଂ. କୁବେର ।

ପୁଲକିତ ବିଂ. (ପୁଲକ-ଇତ) ହୃଷ୍ଟ, ରୋମାଞ୍ଚିତ, ଆହ୍ଲାଦିତ, ଉଲ୍ଲସିତ ।

ପୁଲକୀ, ବିଂ.(ପୁଲକ ଇନ୍) ପୁଲକିତ, ରୋମାଞ୍ଚିତ, ପୁଲକଯୁକ୍ତ । ବି. ପୁଂ. କଦମ୍ବବୃକ୍ଷ ।

ପୁଲସ୍ତ୍ୟ, ବି. ପୁଂ (ପୁଲ-ସ୍ତ୍ୟେ-ଅ) ସପ୍ତର୍ଷିମାନଙ୍କ ମଧ୍ୟରୁ ଏକ ଋଷି ।

ପୁଲହ, ବି ପୁଂ. ( ପୁଲ-ହା-ଅ ) ଋଷିବିଶେଷ, ସପ୍ତର୍ଷି ଅନ୍ତର୍ଗତ ଏକ ଋଷି ।

ପୁଲାଏ, ବି. (ଦେଶଜ) ମେଞ୍ଚାଏ, ଗୁଡ଼ାଏ ।

ପୁଲାକ, ବି. ଅଗାଡ଼, ଏକପୁଲା ।

ପୁଳି, ବି. (ଦେଶଜ) ଏକପ୍ରକାର ପିଠା ।

ପୁଲିନ, ବି. ନ. (ପୁଲ-ଇନ) ତଟ, ଦ୍ୱୀପ ।

ପୁଳିନ୍ଦ, ବି. ପୁଂ. ଶବର, ବନ୍ୟଜାତି । ଯଥା—

> ଝୁଣା ଲାଗି ହତ ହୋଇ ପୁଳିନ୍ଦକୁଟୀରେ । ମ. ଯା,

ପୁଳିନ୍ଦା, ବି. ( ଦେଶଜ ) ଲଫାପା, କାଗଜର ଖୋଳ ।

ପୁଲିସ୍, ବି. ( ଇଂ. police ) ଶାନ୍ତିରକ୍ଷକ । ଯଥା—

> କେ ବୋଲଇ ମୁହିଁ ଅଟଇ ପୁଲିସ,
> ବନାଉଁଛି ସୁଖ ପାଉଇ କୁଳଶ । ବ, ବା.

ପୁଲୋମଜା, ବି. ସ୍ତ୍ରୀ. ( ପୁଲୋମନ୍-ଜ-ଅ ) ଶଚୀ, ଇନ୍ଦ୍ରାଣୀ, ଇନ୍ଦ୍ରପତ୍ନୀ ।

ପୁଲୋମା, ବି. ପୁଂ. (ପୁଲୋମନ୍) ଅସୁରବିଶେଷ ଇନ୍ଦ୍ରଙ୍କ ଶ୍ୱଶୁର, ଶଚୀଙ୍କ ଜନକ ।

ପୁଷ, ବି. (ପୌଷ ଶବ୍ଦଜ) ପୁଷ ମାସ ।

ପୁଷ୍କର, ବି. ନ. ( ପୁଷ୍-କର ) ପଦ୍ମ, ପଦ୍ମକୋଷ, ଜଳ, ଆକାଶ, ତୀର୍ଥ, କାଣ୍ଡ, ବାଣ, ଯୁଦ୍ଧ । ପୁଂ. ବରୁଣର ପୁତ୍ର, ନଳ ରାଜାର ଭ୍ରାତା, ମେଘବିଶେଷ । ଯଥା—

> ପୁଷ୍କର ଆବର୍ତ୍ତିକ ବିଦିଶେ ସମ୍ଭୂତ ।
> ବର୍ଷାଉଛ ଧବଳଲେ ଅଟ ଜୀମୂତ । ମେ, ଦୂ.

ପର୍ବତବିଶେଷ, ରୋଗବିଶେଷ, ସାରସପକ୍ଷୀ ।

ପୁଷ୍କରାକ୍ଷ, ବି. ପୁଂ. ( ପୁଷ୍କର-ଅକ୍ଷି ଅ ) ବିଷ୍ଣୁ, ପୁଣ୍ଡରୀକାକ୍ଷ ।

ପୁଷ୍କରାହ୍ୱ, ବି. ପୁଂ. (ପୁଷ୍କର-ଆହ୍ୱା) ସାରସପକ୍ଷୀ ।

ପୁଷ୍କରିଣୀ, ବି. ସ୍ତ୍ରୀ. ( ପୁଷ୍କର-ଇନ୍-ଈ ) ସରସୀ, ହସ୍ତିନୀ, ପଦ୍ମିନୀ, ପୋଖରୀ ।

ପୁଷ୍କରୀ, ବି. ପୁଂ. ( ପୁଷ୍କର-ଇନ୍ ) ହସ୍ତୀ, ଗଜ ।

ପୁଷ୍କଳ, ବିଂ. ( ପୁଷ୍-କଲ ) ଶ୍ରେଷ୍ଠ, ଅଧିକ, ପୂର୍ଣ୍ଣ ।

ପୁଷ୍ଟ, ବିଂ. (ପୁଷ୍-ତ) ପ୍ରତିପାଳିତ, ବୃଦ୍ଧିପ୍ରାପ୍ତ ।

ପୁଷ୍ଟି, ବି. ସ୍ତ୍ରୀ (ପୁଷ୍-ତି) ପୋଷଣ, ବୃଦ୍ଧି, ପ୍ରତିପାଳନ ।

ପୁଷ୍ଟିକର, ବିଂ. ( ପୁଷ୍ଟି କର ) ବୃଦ୍ଧିକାରକ, ସ୍ଥୂଳତାସମ୍ପାଦକ ।

ପୁଷ୍ଟିକାନ୍ତ, ବି. ପୁଂ. (ପୁଷ୍ଟି-କାନ୍ତ) ଗଣେଶ, ଲମ୍ବୋଦର ।

ପୁଷ୍ପ, ବି. ନ. (ପୁଷ୍ପ-ଅ) କୁସୁମ, ଫୁଲ, ସ୍ତ୍ରୀରଜଃ, ବିକାଶ, ନେତ୍ରରୋଗବିଶେଷ ।

ପୁଷ୍ପକ, ବି. ନ. ( ପୁଷ୍ପ-କ ) କୁବେରର ରଥ, ରସାଞ୍ଜନ, ନେତ୍ରରୋଗବିଶେଷ, ରତ୍ନନିର୍ମିତ କଙ୍କଣ ।

ପୁଷ୍ପକରଣ୍ଡକ, ବି. ନ. ( ପୁଷ୍ପ-କରଣ୍ଡକ ) ଫୁଲ-ତୋଳା ଗୁଣ୍ଡୁଚି ।

**ପୁଷ୍ପକୀଟ**, ବି ପୁଂ. ( ପୁଷ୍ପ-କୀଟ ) ଭ୍ରମର, ପୁଷ୍ପର କୀଟ ।

**ପୁଷ୍ପକେତନ, ପୁଷ୍ପକେତୁ ପୁଷ୍ପଧ୍ୱଜ** } ବି. ପୁଂ. (ପୁଷ୍ପକେତନ, କେତୁ, ଧ୍ୱଜ ) କନ୍ଦର୍ପ, କାମଦେବ, ମଦନ, ମନ୍ମଥ ।

**ପୁଷ୍ପଘାତକ**, ବି. ପୁଂ. ( ପୁଷ୍ପ-ଘାତକ ) ବାଉଁଶ, ପୁଷ୍ପ ହେଲେ ବାଉଁଶ ମରିଯାଏ, ଏହି ହେତୁରୁ ତାଙ୍କୁ ପୁଷ୍ପଘାତକ କହନ୍ତି ।

**ପୁଷ୍ପଦନ୍ତ**, ବି. ପୁଂ. ( ପୁଷ୍ପ ଦନ୍ତ ) ବାୟୁକୋଣର ହସ୍ତୀ, ନାଗବିଶେଷ, ଗନ୍ଧର୍ବରାଜବିଶେଷ, ବିଦ୍ୟାଧରବିଶେଷ ।

**ପୁଷ୍ପଦ୍ରବ**, ବି. ପୁଂ. (ପୁଷ୍ପ-ଦ୍ରବ)ପୁଷ୍ପରସ, ମକରନ୍ଦ ମଧୁ ।

**ପୁଷ୍ପଧନ୍ୱା**, ବି. ପୁଂ. (ପୁଷ୍ପ-ଧନୁସ୍) ମଦନ, କାମଦେବ, କନ୍ଦର୍ପ ।

**ପୁଷ୍ପନ୍ଧୟ**, ବି. ପୁଂ. ( ପୁଷ୍ପ-ଧେ-ଅ ) ଅଳି, ଭ୍ରମର ।

**ପୁଷ୍ପପଥ**, ବି. ପୁଂ. (ପୁଷ୍ପ ପଥ ଯୋନି, ସ୍ତ୍ରୀଚିହ୍ନ ।

**ପୁଷ୍ପପୁର**, ବି. ନ. (ପୁଷ୍ପ-ପୁର) ପାଟନା, ପାଟଳୀପୁତ୍ର, ନଗରବିଶେଷ ।

**ପୁଷ୍ପଫଳ**, ବି. ପୁଂ. (ପୁଷ୍ପ ଫଳ) କପିତ୍ଥ, କୁଷ୍ମାଣ୍ଡ, ପାଣିକଖାରୁ ।

**ପୁଷ୍ପମାସ**, ବି. ପୁଂ. (ପୁଷ୍ପ-ମାସ) ବସନ୍ତକାଳ ।

**ପୁଷ୍ପରଥ**, ବି. ପୁଂ. (ପୁଷ୍ପ-ରଥ) ଭ୍ରମଣାର୍ଥ ରଥ, କ୍ରୀଡ଼ାରଥ ।

**ପୁଷ୍ପରସ**, ବି. ପୁଂ. (ପୁଷ୍ପ-ରସ) ମକରନ୍ଦ, ଫୁଲର ମଧୁ ।

**ପୁଷ୍ପରାଗ**, ବି. ପୁଂ. (ପୁଷ୍ପ-ରାଗ) ପଦ୍ମରାଗମଣି,ମଣିବିଶେଷ ।

**ପୁଷ୍ପରେଣୁ**, ବି. ପୁଂ. ( ପୁଷ୍ପ ରେଣୁ ) ପରାଗ, ପୁଷ୍ପରଜ, ପୁଷ୍ପଧୂଳି ।

**ପୁଷ୍ପଲିହ**, ବି. ପୁଂ. ( ପୁଷ୍ପ-ଲିହ-ଅ ) ଭ୍ରମର, ମଧୁକର ।

**ପୁଷ୍ପବାଟିକା ପୁଷ୍ପବାଟୀ** } ବି. ସ୍ତ୍ରୀ. ( ପୁଷ୍ପ-ବାଟିକା, ବାଟୀ ) କୁସୁମୋଦ୍ୟାନ, ଫୁଲବଗିଚା ।

**ପୁଷ୍ପବାଣ ପୁଷ୍ପଶର** } ବି. ପୁଂ. ( ପୁଷ୍ପ-ବାଣ, ଶର ) କନ୍ଦର୍ପ ।

**ପୁଷ୍ପସମୟ**, ବି. ପୁଂ. ( ପୁଷ୍ପ-ସମୟ ) ବସନ୍ତସମୟ, ଋତୁସମୟ ।

**ପୁଷ୍ପସାର ପୁଷ୍ପସ୍ୱେଦ** } ବି. ପୁଂ. (ପୁଷ୍ପ-ସାର, ସ୍ୱେଦ) ଫୁଲର ମଧୁ, ମକରନ୍ଦ, ତୁଳସୀ ।

**ପୁଷ୍ପହାସା**, ବି. ସ୍ତ୍ରୀ. ( ପୁଷ୍ପ ହାସ ) ରଜସ୍ୱଳା, ଋତୁମତୀ ।

**ପୁଷ୍ପହୀନା**, ବି. ସ୍ତ୍ରୀ. ( ପୁଷ୍ପ-ହୀନା ) ବନ୍ଧ୍ୟା ସ୍ତ୍ରୀ, ଯାହାର ପୁଷ୍ପ ଅର୍ଥାତ୍ ରଜଃ ନିବୃତ୍ତ ହୋଇଅଛି, ଡମ୍ବିରଗଛ ।

**ପୁଷ୍ପାଜୀବ**, ବି. ପୁଂ. ( ପୁଷ୍ପ-ଆଜୀବ) ମାଳାକାର, ମାଳୀ ।

**ପୁଷ୍ପାଞ୍ଜଳି**, ବି. ପୁଂ. (ପୁଷ୍ପ-ଅଞ୍ଜଳି ) ଏକ ଅଞ୍ଜୁଳା ଫୁଲ ।

**ପୁଷ୍ପାୟୁଧ**, ବି. ପୁଂ. ( ପୁଷ୍ପ-ଆୟୁଧ ) ମଦନ, କନ୍ଦର୍ପ ।

**ପୁଷ୍ପିତ**, ବିଂ. (ପୁଷ୍ପ-ଇତ) କୁସୁମିତ, ପ୍ରକାଶିତ । ସ୍ତ୍ରୀ. ଋତୁମତୀ ।

**ପୁଷ୍ପେଷୁ**, ବି. ପୁଂ. (ପୁଷ୍ପ ଇଷୁ) କନ୍ଦର୍ପ ।

**ପୁଷ୍ପୋତ୍ସବ**, ବି. ପୁଂ. (ପୁଷ୍ପ-ଉତ୍ସବ) ସ୍ତ୍ରୀମାନଙ୍କର ପ୍ରଥମ ରଜୋଦର୍ଶନରେ କରଣୀୟ ଉତ୍ସବବିଶେଷ, କୁସୁମକ୍ରୀଡ଼ା, ରଜୋତ୍ସବ ।

**ପୁଷ୍ୟା**, ବି. ସ୍ତ୍ରୀ. (ପୁଷ୍-ଯ-ଆ) ୮ମ ନକ୍ଷତ୍ର, ପୌଷ ମାସ ।

**ପୁଷି**, ବି (ଦେଶଜ) ବିରାଡ଼ି ।

**ପୁସ୍ତକ**, ନ. **ପୁସ୍ତିକା**, ସ୍ତ୍ରୀ. } ବି. ଗ୍ରନ୍ଥ, ଛାପ, ବହି ପୋଥି ।

**ପୁସ୍ତକର୍ମ**, ବି. ନ. (ପୁସ୍ତ-କର୍ମ) ଲେପନ, ଶିଳ୍ପକର୍ମ ।

**ପୁସ୍ତକାଗାର**, ବି. ନ. ( ପୁସ୍ତକ-ଆଗାର ) ପୁସ୍ତକାଳୟ ।

**ପୁହାଇବା**, କ୍ରି. (ଦେଶଜ) ପ୍ରଭାତ କରାଇବା, ନିଆଁ ବା ଖରା ସେବନ କରିବା ।

**ପୂଗ**, ବି. ପୁଂ. (ପୂ ଗ) ଗୁବାକବୃକ୍ଷ । ଯଥା—

ପୁଗମାନେ ଯହିଁ କଢ଼େ ନାଗବଲ୍ଲୀ ।

ପଣସଗଛ, ପୁଞ୍ଜ, ରାଶି, ସମୂହ । ନ. ଗୁବାକ ।

**ପୂଜକ**, ବିଂ. (ପୂଜ୍-ଅକ) ପୂଜାକର୍ତ୍ତା, ଉପାସକ, ସେବକ, ଅର୍ଚ୍ଚକ ।

**ପୂଜନ**, ବି. ନ. ( ପୂଜ୍-ଅନ ) ପୂଜା, ଉପାସନା, ଅର୍ଚ୍ଚନା, ଆରାଧନା ।

**ପୂଜନୀୟ**, ବିଂ. (ପୂଜ୍-ଅନୀୟ) ପୂଜାର ଯୋଗ୍ୟ, ପୂଜ୍ୟ, ଆରାଧ୍ୟ, ଉପାସ୍ୟ, ନମସ୍ୟ, ଆଦରଣୀୟ ।

**ପୂଜୟିତା**, ବିଂ. (ପୂଜ୍-ତୃ) ଉପାସକ, ଅର୍ଚ୍ଚକ ।

**ପୂଜୟିତ୍ରୀ**, ବିଂ. (ପୂଜ-ତୃ-ଈ) ପୂଜାକାରିଣୀ ।

**ପୂଜା**, ବି. ସ୍ତ୍ରୀ. (ପୂଜ୍-ଆ) ଅର୍ଚ୍ଚନା, ଉପାସନା, ପ୍ରଶଂସା, ସେବା, ସ୍ତୁତି ।

**ପୂଜାର୍ହ**, ବିଂ. (ପୂଜା-ଅର୍ହ) ପୂଜାର ଯୋଗ୍ୟ ।

**ପୂଜାହାରୀ**, ବି. ପୁଂ. ( ପୂଜା-ଅହାରୀ ) ଦେବ-ପୂଜକ ବ୍ରାହ୍ମଣ । ବିଂ. ପୂଜାକାରୀ ।

**ପୂଜିତ**, ବିଂ. ( ପୂଜ୍-ତ ) ଅର୍ଚ୍ଚିତ, ସେବିତ, ଆଦୃତ ।

**ପୂଜ୍ୟ**, ବିଂ. ( ପୂଜ୍-ଯ ) ପୂଜନୀୟ, ପୂଜାର ଯୋଗ୍ୟ ।

**ପୂଜ୍ୟମାନ**, ବିଂ. ( ପୂଜ୍-ଆନ ) ସେବ୍ୟମାନ, ଯାହାଙ୍କୁ ପୂଜା କରାଯାଉଅଛି ।

**ପୂତ**, ବିଂ. (ପୂ-ତ) ନିର୍ମଳ, ପବିତ୍ର, ପରିଷ୍କୃତ, ଅକପଟ, ସତ୍ୟ । ବି. ପୁଂ. ଶଙ୍ଖ, କୁଶ । ସ୍ତ୍ରୀ. ଦୂର୍ବା । (ପବିତ୍ର ଅର୍ଥରେ) ଯଥା—

ଶୀଳପୁର ଯହିଁ ଉତ୍କ୍ରୋପୂଜା ନୀର
ପୂତ ଅଂଶେକେ ଶ୍ରୀଭଗବତୀର । ନ. ଚେ.

**ପୂତକ୍ରତୁ**, ବି. ପୁଂ. ( ପୂତ-କ୍ରତୁ ) ଇନ୍ଦ୍ର ।

**ପୂତନା**, ବି. ସ୍ତ୍ରୀ. (ପୂତ-ଅନ-ଆ) ହରୀତକୀ, ବକାସୁରର ଭଗିନୀ,ଦାନବୀବିଶେଷ । ପିତ୍ତଲା-ରୋଗ ।

**ପୂତନାରି**, ବି. ପୁଂ. (ପୂତନା-ଅରି) ଶ୍ରୀକୃଷ୍ଣ, ନାରାୟଣ । ବିଂ. ପୂତନାର ବଧକାରୀ ।

**ପୂତା**, ବି. ସ୍ତ୍ରୀ. (ପୂତ-ଆ) ଦୂର୍ବା ।

**ପୂତି**, ବି. ସ୍ତ୍ରୀ. (ପୂ-ତି) ପବିତ୍ରତା, (ପୂୟ-ତି) ଦୁର୍ଗନ୍ଧ । ବିଂ. ଦୁର୍ଗନ୍ଧବିଶିଷ୍ଟ ।

**ପୂତିକ**, ବି. ନ. (ପୂତି-କ) ବିଷ୍ଠା, ମଳ, ପୁରୀଷ ।

**ପୂତିକରଞ୍ଜ**, ବି. ପୁଂ. ( ପୂତିକ-ରଞ୍ଜ୍-ଅ ) କରଞ୍ଜବିଶେଷ ।

**ପୂତିକା**, ବି. ସ୍ତ୍ରୀ. (ପୂୟ-ତି-କ) ପୋଇଶାଗ, ମାର୍ଜ୍ଜାରୀ, ବିରାଡ଼ୀ ।

**ପୂତିକାଷ୍ଠ**, ବି ନ. (ପୂତି-କାଷ୍ଠ) ଦେବଦାରୁ, ସରଳବୃକ୍ଷ, ପବିତ୍ରଦାରୁ ।

**ପୂତିଗନ୍ଧ**, ବି (ପୂତି-ଗନ୍ଧ) ଦୁର୍ଗନ୍ଧ, ପଚା ଗନ୍ଧ । ବି.ପୁଂ. ଗନ୍ଧକ, ଇଙ୍ଗୁଦୀବୃକ୍ଷ । ବି.ନ. ରଙ୍ଗ ।

**ପୂନ**, ବିଂ. (ପୂ=ପବିତ୍ର କରିବା-ତ) ପବିତ୍ର, ନଷ୍ଟ, ନାଶପ୍ରାପ୍ତ ।

**ପୂପ**, **ପୂପକ** } ବି. ପୁଂ. (ପୂ ପକ୍) ପିଷ୍ଟକ, ପିଠା ।

**ପୂୟ**, ବି. (ପୂୟ=ଅ) ପୂଜ, ଦୂଷିତ ରକ୍ତ ।

**ପୂର**, ବି. ପୁଂ. (ପୂର୍ ଅ) ଜଳରାଶି, ପ୍ରବାହ ସମୂହ, ଖାଦ୍ୟବିଶେଷ, ପରିପୂରଣ, ବ୍ରଣ-ସଂଶୁଦ୍ଧି । ବିଂ. ପୂର୍ଣ୍ଣ । ଯଥା—

ଗହ୍ନିଁ ଗହ୍ନିଁ ସୁନୀଳ ସମୁଦ୍ର ତୋ ସଲିଳ
ଚଳ ବୁ ଦେଲୁ ମହୀ ପୂରେ । ବାସ୍ତବ ।

**ପୂରକ**, ବିଂ. (ପୂର-ଅକ) ଗୁଣକ, ପୂର୍ତ୍ତି-କାରକ । ପ୍ରାଣାୟାମରେ ବାହାରର ବାୟୁ ଗ୍ରହଣ କରିବା ।

**ପୂରଠ**, ବିଂ. ମୁଦ୍ରିତ, ପୂର୍ତ୍ତି ।

**ପୂରଣ**, ବି ନ. ( ପୂର-ଅନ ) ପୂର୍ଣ୍ଣ ହେବା, ବୃଦ୍ଧି, ପୂର୍ଣ୍ଣ କରିବା ।

**ପୂରୟିତା**, ବିଂ. (ପୂର ତୃ) ପୂରକ, ପୂର୍ଣ୍ଣକାରକ ବି. ପୁଂ. ବିଷ୍ଣୁ ।

ପୂର୍, ବିଂ. ପୂର୍ଣ୍ଣ, ଭର୍ତ୍ତି ।

ପୂରିବା, କ୍ରି. (ପୃ ଧାତୁଜ) ପୂର୍ଣ୍ଣ ହେବା ।

ପୂରିକା, ବି. ସ୍ତ୍ରୀ. (ପୂର-କ) ପୂରୀ, କଚୁରୀ ପ୍ରଭୃତି ।

ପୂରିତ, ବିଂ. (ପୂର-ତ) ଗୁଣିତ, ପୂର୍ଣ୍ଣ ।

ପୂରୁଷ, ବି. ପୁଂ. (ପୂର ଉଷ) ପୁରୁଷ, ପୁଂଜାତୀୟ ମନୁଷ୍ୟ ।

ପୂର୍ଣ୍ଣ, ବିଂ. (ପୃ-ତ) ସମ୍ପୂର୍ଣ୍ଣ, ସମର୍ଥ, ସକଳ । ବି. ପୁଂ. ପକ୍ଷିବିଶେଷର ସ୍ୱର, ଦେବବିଶେଷ, ନାଗବିଶେଷ । ନ. ଜଳ ।

ପୂର୍ଣ୍ଣକାମ, ବିଂ. (ପୂର୍ଣ୍ଣ-କାମ) ପୂର୍ଣ୍ଣ ମନୋରଥ, ଯାହାର ଅଭୀଷ୍ଟ ସିଦ୍ଧ ହୋଇଅଛି ।

ପୂର୍ଣ୍ଣକୁମ୍ଭ, ବି. ପୁଂ. (ପୂର୍ଣ୍ଣ କୁମ୍ଭ) ଜଳପୂରିତ କଳସ ।

ପୂର୍ଣ୍ଣପାତ୍ର, ବି. ନ. (ପୂର୍ଣ୍ଣ-ପାତ୍ର) ପୁତ୍ରଜନ୍ମାଦି ଉତ୍ସବ ସମୟରେ ଦେୟ ବସ୍ତ୍ରାଳଙ୍କାରାଦି, ପୂର୍ଣ୍ଣପାତ୍ର, ଜଳପୂର୍ଣ୍ଣ ପାତ୍ର ।

ପୂର୍ଣ୍ଣମା } ବି. ସ୍ତ୍ରୀ. (ପୂର୍ଣ୍ଣ-ମା, ମାସୀ)
ପୂର୍ଣ୍ଣମାସୀ } ପୂର୍ଣ୍ଣିମା ତିଥି ।

ପୂର୍ଣ୍ଣମୀ, ବି. (ପୂର୍ଣ୍ଣିମା ଶବ୍ଦଜ) ପୂର୍ଣ୍ଣିମା ତିଥି ।

ପୂର୍ଣ୍ଣା, ବି. ସ୍ତ୍ରୀ. (ପୂର୍ଣ୍ଣ-ଆ) ପଞ୍ଚମୀ, ଦଶମୀ, ପୂର୍ଣ୍ଣିମା, ଅମାବାସ୍ୟା ତିଥି ।

ପୂର୍ଣ୍ଣାନକ, ବି. ନ. (ପୂର୍ଣ୍ଣ ଅନ ଅକ) ପୁତ୍ରଜନ୍ମାଦି ଉତ୍ସବ ସମୟରେ ଦେୟ ବସ୍ତ୍ରାଦି ପର-ପୂର୍ଣ୍ଣ ପାତ୍ରବିଶେଷ, ଚନ୍ଦ୍ରାଲୋକ, ପଟହ ଶବ୍ଦ, ଢକ୍କାର ଶବ୍ଦ ।

ପୂର୍ତ୍ତି, ବି. ସ୍ତ୍ରୀ. (ପୃ-ତି) ପୂରଣ, ପୂର୍ତ୍ତି ।

ପୂର୍ଣ୍ଣିମା, ବି. ସ୍ତ୍ରୀ. (ପୂର୍ଣ୍ଣ-ଇମ ଆ) ଶୁକ୍ଳ ପକ୍ଷର ପଞ୍ଚଦଶୀ ତିଥି ।

ପୂର୍ତ୍ତ, ବି. ସ୍ତ୍ରୀ. (ପୃ-ତ) ସାଧାରଣର ଉପକାରାର୍ଥ ଜଳାଶୟାଦି ଖନନ, ପୂରଣ । ବିଂ. ପୂରିତ, ଆଚ୍ଛାଦିତ, ଆଚ୍ଛନ୍ନ ।

ପୂର୍ତ୍ତବିଭାଗ, ବି. ବାରିକ ଡିପାର୍ଟ୍‌ମେଣ୍ଟର ଇଞ୍ଜିନିୟରିଙ୍ଗ ଶାଖା, public works department

ପୂର୍ତ୍ତି, ବି. ସ୍ତ୍ରୀ. (ପୂର-ତି) ପୂର୍ଣ୍ଣତା, ପରିପୂରଣ, ବ୍ୟାପ୍ତି, ସମାପ୍ତି ।

ପୂର୍ବ, ସଂ. (ପୂର୍ବ-ଅ) ଆଦି, ପ୍ରଥମ, ସମସ୍ତ ଜ୍ୟେଷ୍ଠ, ପୂର୍ବକାଳୀନ, ପ୍ରାଚ୍ୟଦେଶୀୟ, ପଶ୍ଚାଦ୍‌ବର୍ତ୍ତୀ । ବି. ପୁଂ. ପୂର୍ବପୁରୁଷ । ନ. କାରଣ, ଇତିବୃତ୍ତ । ସ୍ତ୍ରୀ. ପୂର୍ବଦିକ୍ ।

ପୂର୍ବକାୟ, ବି. ପୁଂ. (ପୂର୍ବ-କାୟ) ନାଭିର ଉପରିଭାଗସ୍ଥ ଦେହର ଅର୍ଦ୍ଧାଂଶ ।

ପୂର୍ବଜ } ବି. ପୁଂ. (ପୂର୍ବ-ଜନ୍-ଅ, ଜନ୍ମନ୍-ଅ)
ପୂର୍ବଜନ୍ମା } ଜ୍ୟେଷ୍ଠଭ୍ରାତା, ପୂର୍ବପୁରୁଷ ।

ପୂର୍ବତନ, ବିଂ. (ପୂର୍ବ-ତନ) ପୂର୍ବକାଳୀନ, ପୂର୍ବ ସମୟର, ଆଦ୍ୟ ।

ପୂର୍ବଦେବ, ବି. ପୁଂ. (ପୂର୍ବ-ଦେବ) ଅସୁର, ଦୈତ୍ୟ ।

ପୂର୍ବପକ୍ଷ, ବି. ପୁଂ. (ପୂର୍ବ-ପକ୍ଷ) ଶାସ୍ତ୍ରୀୟ ପ୍ରଶ୍ନ, ଶୁକ୍ଳପକ୍ଷ, ଅଭିଯୋଗ ।

ପୂର୍ବପର୍ବତ, ବି. ପୁଂ. (ପୂର୍ବ- ପର୍ବତ) ଉଦୟଗିରି, ଉଦୟ ପର୍ବତ ।

ପୂର୍ବପୁରୁଷ, ବି. ପୁଂ (ପୂର୍ବ-ପୁରୁଷ) ପିତୃ, ପିତାମହାଦି ।

ପୂର୍ବଫାଲ୍‌ଗୁନୀ, ବି ସ୍ତ୍ରୀ. (ପୂର୍ବ-ଫାଲ୍‌ଗୁନୀ) ସପ୍ତବିଂଶ ନକ୍ଷତ୍ରାନ୍ତର୍ଗତ ନକ୍ଷତ୍ରବିଶେଷ ।

ପୂର୍ବଭାଦ୍ରପଦ, ବି. ସ୍ତ୍ରୀ. (ପୂର୍ବ-ଭାଦ୍ରପଦ ଅ) ନକ୍ଷତ୍ରବିଶେଷ ।

ପୂର୍ବରଙ୍ଗ, ବି. ପୁଂ. (ପୂର୍ବ-ରଙ୍ଗ) ନାଟ୍ୟୋପକ୍ରମ, ପ୍ରାକ୍‌ସଙ୍ଗୀତ, ପ୍ରସ୍ତାବନା, ନାଟ୍ୟଶାଳା ।

ପୂର୍ବରାଗ, ବି. ପୁଂ. ପ୍ରଥମ ଅନୁରାଗ, ପରସ୍ପର ଦର୍ଶନ ବା ଶୋଭା ଗୁଣାଦି ଶ୍ରବଣଦ୍ୱାରା ଅନୁରକ୍ତ ନାୟକ ନାୟିକାର ମିଳନ ପୂର୍ବ ଅବସ୍ଥାର ଶୋଚନୀୟ ଅବସ୍ଥାବିଶେଷ, ସେହି ଅବସ୍ଥା ଦଶବିଧ । ଯଥା—ଅଭିଳାଷ, ଚିନ୍ତା, ସ୍ମୃତି, ଗୁଣକଥନ, ଉଦ୍‌ବେଗ, ପ୍ରଳାପ, ଉନ୍ମାଦ, ବ୍ୟାଧି, ଜଡ଼ତା, ମୂର୍ଚ୍ଛା, ମରଣ ।

ପୂର୍ବରାତ୍ର, ବି. ପୁଂ. ( ପୂର୍ବ-ରାତ୍ରି ) ରାତ୍ରିର ପ୍ରଥମଭାଗ, ବିଗତ ଦିବସର ରାତ୍ରି ।

ପୂର୍ବରୂପ, ବି. ନ. (ପୂର୍ବ ରୂପ) ପୂର୍ବ ଲକ୍ଷଣ, ରୋଗ ବ୍ୟାଧିର ପୂର୍ବ ଲକ୍ଷଣ ।

ପୂର୍ବଲକ୍ଷଣ, ବି. ନ. ( ପୂର୍ବ-ଲକ୍ଷଣ ) ଭାବୀ ପଦାର୍ଥର ପ୍ରଥମ ଚିହ୍ନ ।

ପୂର୍ବଶୈଳ, ବି. ପୁଂ. ( ପୂର୍ବ-ଶୈଳ ) ଉଦୟ ପର୍ବତ ।

ପୂର୍ବସର, ବିଂ.(ପୂର୍ବ-ସର) ଅଗ୍ରଗାମୀ, ଅଗ୍ରସର ।

ପୂର୍ବାଦ୍ରି, ବି. ପୁଂ. (ପୂର୍ବ-ଅଦ୍ରି) ଉଦୟାଚଳ ।

ପୂର୍ବାଷାଢ଼ା, ବି. ସ୍ତ୍ରୀ. ( ପୂର୍ବ-ଅଷାଢ଼ା ) ନକ୍ଷତ୍ର-ବିଶେଷ ।

ପୂର୍ବାହ୍ଣ, ବି. ପୁଂ. ( ପୂର୍ବ ଅହନ୍ ଅ ) ଦିବସର ପ୍ରଥମଭାଗ, ସୂର୍ଯ୍ୟୋଦୟଠାରୁ ଦଶଦଣ୍ଡ କାଳ।

ପୂର୍ବୋକ୍ତ, ବିଂ. (ପୂର୍ବ-ଉକ୍ତ) ପୂର୍ବକଥିତ, ଯାହା ପ୍ରଥମରେ କୁହାଯାଇଅଛି ।

ପୂଷା, ବି. ପୁଂ. ( ପୂଷ୍=ପୋଷଣକରିବା-ଅ ) ସୂର୍ଯ୍ୟ । ସ୍ତ୍ରୀ. ପୃଥିବୀ ।

ପୂଷାତ୍ମଜ, ବି. ପୁଂ. (ପୂଷା-ଆତ୍ମଜ) ମେଘ, ଇନ୍ଦ୍ର।

ପୃକ୍ତ, ବିଂ. (ପୃଚ୍-ତ) ମିଶ୍ରିତ, ଯୁକ୍ତ, ସଂଲଗ୍ନ । ବି. ନ. ଧନ ।

ପୃକ୍ତି, ବି. ସ୍ତ୍ରୀ.(ପୃଚ୍-ତି) ସଂସ୍ପର୍ଶ, ସମ୍ପର୍କ, ମିଶ୍ରଣ।

ପୃଚ୍ଛା, ବି ସ୍ତ୍ରୀ. (ପୃଚ୍ଛ୍-ଆ) ପ୍ରଶ୍ନ, ପଚାରିବା ।

ପୃତନା, ବି. ସ୍ତ୍ରୀ. ସେନା, ୧୨୧୫ ପଦାତି, ୭୨୯ ଅଶ୍ୱ, ୨୪୩ ହସ୍ତୀ ୨୪୩ ରଥଯୁକ୍ତ ସେନା-ଦଳ ।

ପୃଥକ୍, ଅଂ. ( ପୃଥ୍-ଅକ୍ ) ଭିନ୍ନ, ଇତର, ବିନା, ବର୍ଜିତ ।

ପୃଥଗ୍‌ଜନ, ବି. ପୁଂ. ( ପୃଥକ୍-ଜନ ) ମୂର୍ଖ, ନୀଚଲୋକ, ପାପୀ, ଇତରଲୋକ ।

ପୃଥା, ବି. ସ୍ତ୍ରୀ. ( ପ୍ରଥ୍-ଅ-ଆ ) କୁନ୍ତୀ, ପାଣ୍ଡୁ-ରାଜାଙ୍କ ପତ୍ନୀ ।

ପୃଥାଜ } ପୃଥାସୁତ } ବି. ପୁଂ. ( ପୃଥା-ଜ,ସୁତ ) କୁନ୍ତୀଙ୍କ ପୁତ୍ର, ଯୁଧିଷ୍ଠିରାଦି, ଅର୍ଜୁନବୃକ୍ଷ ।

ପୃଥିବୀ, ବି. ସ୍ତ୍ରୀ. (ପ୍ରଥ୍-ଇବ) ଭୂମି, ଧରା ।

ପୃଥିବୀପତି } ପୃଥିବୀପାଳ } ପୃଥିବୀକ୍ଷିତ୍ } ବି. ପୁଂ. ( ପୃଥିବୀ-ପତି, ପାଳ, କ୍ଷିତ୍) ଭୂପତି, ରାଜା, ଯମ ।

ପୃଥୁ, ବି. ପୁଂ. (ପ୍ରଥ୍-ଉ) ଅଗ୍ନି, ତ୍ରେତାଯୁଗରେ ସୂର୍ଯ୍ୟବଂଶୀୟ ଷଷ୍ଠମ ରାଜା, ବେଣୁରାଜପୁତ୍ର । ସ୍ତ୍ରୀ. କୃଷ୍ଣଜୀରକ, ଅହିଫେନ । ବିଂ. ବିସ୍ତୃତ, ବିଶାଳ, ବୃହତ୍ ସ୍ଥୂଳ ।

ପୃଥୁରୋମା, ବି. ପୁଂ. ( ପୃଥୁ-ରୋମନ୍ ) ମାଛ । ଯଥା—

ପୃଥୁରୋମାନୟନୀ ଉଦର ପୂରଇ । ଲା. ବ.

ବିଂ. ବୃହଲ୍ଲୋମଯୁକ୍ତ ।

ପୃଥୁଳ, ବିଂ. (ପୃଥୁ ଳ) ବୃହତ୍, ବଡ଼, ମହତ୍, ବିସ୍ତୃତ, ସ୍ଥୂଳ । ଯଥା—

ମଧୁପ ଗୁଞ୍ଜିତେ ହେଉ ସେ ପୃଥୁଳ । କ. କ.

ପୃଥୁଶେଖର, ବି. ପୁଂ. ( ପୃଥୁ=ବୃହତ୍ ଶେଖର =ଚୂଡ଼ା) ପର୍ବତ ।

ପୃଥୁସ୍କନ୍ଧ, ବି. ପୁଂ. (ପୃଥୁ-ସ୍କନ୍ଧ) ଶୂକର, ବରାହ ।

ପୃଥୂଦର, ବି. ପୁଂ. (ପୃଥୁ-ଉଦର) ମେଷ । ବିଂ. ସ୍ଥୂଳୋଦର ।

ପୃଥ୍ୱୀ ବି. ସ୍ତ୍ରୀ. (ପୃଥୁ-ଈ) ପୃଥୁରାଜାଙ୍କ ରାଜ୍ୟ, ପୃଥିବୀ, ଧରିତ୍ରୀ ।

ପୃଷତ୍, ବି. ନ. ( ପୃଷ୍-ଅତ୍) ଜଳାଦିର ବିନ୍ଦୁ, ମୃଗବିଶେଷ । ବିଂ. ସିକ୍ତ ।

ପୃଷତ, ବି. ପୁଂ. (ପୃଷ୍-ଅତ) ଜଳାଦିର ବିନ୍ଦୁ, ଜଳକଣା, ଶ୍ୱେତବିନ୍ଦୁଯୁକ୍ତ ମୃଗ ।

ପୃଷତାମ୍ପତି, ବି. ପୁଂ. ( ପୃଷତାଂ-ପତି ) ବାୟୁ ।

ପୃଷତୀ, ବି ସ୍ତ୍ରୀ. (ପୃଷତ୍-ଈ) ଶ୍ୱେତବିନ୍ଦୁଯୁକ୍ତା ମୃଗୀ, ହରିଣୀବିଶେଷ ।

ପୃଷଦଶ୍ୱ, ବି. ପୁଂ. (ପୃଷତ୍-ଅଶ୍ୱ) ବାୟୁ ଅନିଳ ।

ପୃଷଦାଜ୍ୟ, ବି. ନ. (ପୃଷତ୍=ଦ୍ରବ ବସ୍ତୁର ବିନ୍ଦୁ-ଆଜ୍ୟ=ଘୃତ) ଦଧିମିଶ୍ରିତ ଘୃତ ।

ପୃଷନ୍ତ, ବି. ନ. (ପୃଷ୍-ଅନ୍ତ) ଜଳବିନ୍ଦୁ, ଜଳ-କଣା ।

**ପୃଷୋଦର**, ବଂ. ( ପୃଷତ୍-ଉଦର ) ଯାହାର ଉଦରରେ ଗୋଲାକାର ଚିହ୍ନ ଅଛି, ମେଘ ।

**ପୃଷୋଦ୍ୟାନ**, ବ. ନ. ( ପୃଷତ୍-ଉଦ୍ୟାନ ) କ୍ଷୁଦ୍ରୋପବନ, ଶ୍ରେଷ୍ଠ ବଗିଚା ।

**ପୃଷ୍ଟ**, ବ. ନ. (ପ୍ରଚ୍ଛ୍-ତ) ଜିଜ୍ଞାସିତ ।

**ପୃଷ୍ଠ**, ବ. ନ. ( ପୃଷ୍-ଥ ) ପଶ୍ଚାଦ୍‌ଭାଗ, ପିଠି, ବହିର୍ଦ୍ଦିଗ, ପୃଷ୍ଠା, ଚରମମାତ୍ର ।

**ପୃଷ୍ଠଚର**, ବଂ (ପୃଷ୍ଠ-ଚର୍-ଅ) ପଶ୍ଚାଦ୍‌ଭାଗସ୍ଥିତ, ପଛରେ ଥିବା ।

**ପୃଷ୍ଠଚକ୍ଷୁଃ**, ବ. ପୁଂ. ( ପୃଷ୍ଠ-ଚକ୍ଷୁସ୍ ) କଙ୍କଡ଼ା ।

**ପୃଷ୍ଠତଃ**, ଅଂ. ( ପୃଷ୍ଠ-ତସ୍ ) ପଶ୍ଚାଦ୍‌ଭାଗରେ, ପଛଆଡ଼େ, ପଛରେ ।

**ପୃଷ୍ଠଦଣ୍ଡ**, ବ.ନ. ମେରୁଦଣ୍ଡ, ପିଠିର ମଝି ହାଡ଼ ।

**ପୃଷ୍ଠଦୃଷ୍ଟି**, ବ. ପୁଂ. (ପୃଷ୍ଠ-ଦୃଷ୍ଟି) ଭାଲୁ, ଯିବା ସମୟରେ ଏମାନେ ପଛଆଡ଼କୁ ଦୃଷ୍ଟିନିକ୍ଷେପ କରନ୍ତି ।

**ପୃଷ୍ଠପୋଷକ**, ବଂ. (ପୃଷ୍ଠ-ପୋଷକ) ଅନୁକୂଳ, ସାହାଯ୍ୟକାରୀ ।

**ପୃଷ୍ଠଭଙ୍ଗ**, ବ. ପୁଂ. (ପୃଷ୍ଠ-ଭନଜ୍-ଅ) ପରାଜୟ, ପଳାୟନ, ଯୁଦ୍ଧରେ ହାରି ପଳାଇବା ।

**ପୃଷ୍ଠଶୃଙ୍ଗ**, ବ. ପୁଂ. ( ପୃଷ୍ଠ-ଶୃଙ୍ଗ ) ବନ୍ୟଛାଗ, ବଣଛେଳି ।

**ପୃଷ୍ଠଶୃଙ୍ଗୀ**, ବ. ପୁଂ.(ପୃଷ୍ଠ-ଶୃଙ୍ଗ-ଇନ୍) ଭୀମସେନ, ନପୁଂସକ, ମହିଷ ।

**ପୃଷ୍ଠ୍ୟ**, ବ. ପୁଂ. (ପୃଷ୍ଠ-ଯ) ପୃଷ୍ଠଦ୍ୱାରା ଭାରବାହୀ ଅଶ୍ୱ, ଟାଙ୍ଗୁଘୋଡ଼ା । ଯଥା—

> ମହାକବି ପୃଷ୍ଠ୍ୟପୃଷ୍ଠେ ଅଟେ ଅସ୍ଥାନରେ । ମ. ଯା.

**ପୃଷ୍ଣି**, ବ (ପୃଷ୍-ନି) କ୍ଷୁଦ୍ର ।

**ପେଁକାଳୀ**, ବ. ( ଦେଶଜ ) ବାଦ୍ୟବିଶେଷ, ମହୁରୀ ।

**ପେଖନା**, ବ. ପେଖିଣି, ବାହାନା ।

**ପେଙ୍ଗା**, ବଂ. (ଦେଶଜ) ଟେଙ୍ଗା ।

**ପେଙ୍ଗାଇବା**, କ୍ରି. (ଦେଶଜ) ଟେଙ୍ଗାଇବା ।

**ପେଚ } ପେଞ୍ଚ }** ବ. ( ଦେଶଜ କ୍ୱଚିତ୍, ଏକପ୍ରକାର କଣ୍ଟା । screw.

**ପେଚକ**, ବ. ପୁଂ. ( ପଚ-ଅକ, ନିପାତନ ) ପେଚା, ଉଲ୍ଲୁକ, ମଧୁମକ୍ଷିକା, ହସ୍ତୀର ପୁଚ୍ଛମୂଳ । ମେଘ, ପର୍ଯ୍ୟଙ୍କ, ସ୍ତ୍ରୀଯୋନି ଆଚ୍ଛାଦକ ମାଂସପିଣ୍ଡବିଶେଷ ।

**ପେଚକୀ } ପେଚଲ }** ବ. ପୁଂ. ( ପେଚକ-ଇନ୍, ଇଲ ) ହସ୍ତୀ, କରୀ, ଗଜ ।

**ପେଚା**, ବ. (ପେଚକ ଶବ୍ଦଜ) ପେଚକ ପକ୍ଷୀ ।

**ପେରୁ } ପେରୁଲ }** ବ. ପୁଂ. ( ପିର୍-ଉ, ଉଲ ) ଶାକବିଶେଷ, ସାରୁମଣ୍ଡି ।

**ପେଜ**, ବ. (ଦେଶଜ) ଭିଜାନାନ୍ନ ନିର୍ଗତ ଜଳ ।

**ପେଟ**, ପୁଂ. } ବ. ( ପଟ୍-ଅ, ଅକ ) **ପେଟକ**, ପୁଂ. ନ } ପେଟରା, ଝାମ୍ପି ପ୍ରଭୃତି, ସମୂହ । ( ଦେଶଜ ) ଉଦର, ଗର୍ଭ ।

**ପେଟରା**, ବ. ପୁଂ. (ଦେଶଜ) ପେଡ଼ି ।

**ପେଟା**, ବଂ. (ଦେଶଜ) ଯାହାର ପେଟ ବଡ଼ ।

**ପେଟିକା**, ବ. କ୍ଷୁଦ୍ର ପେଡ଼ି ।

**ପେଟୁ } ପେଟୁକ }** ବଂ. (ପ୍ରାକୃତ) ଉଦରମ୍ଭରି, ଉଦରସର୍ବସ୍ୱ ।

**ପେଟେଇବା**, କ୍ରି. (ଦେଶଜ) ପେଟଭଲକୁ କରି ଶୋଇବା ।

**ପେଠୀ } ପେଣ୍ଠୀ }** ବ. ( ଦେଶଜ ) ବାଙ୍ଗରୀ ସ୍ତ୍ରୀ । ଯଥା—

> କରରେ ଦେଇ କରପଇଠିକି,
> କହୁଛନ୍ତି ବାନ୍ଧୁ କେଉଁ ପେଣ୍ଠୀକି । ବ. ଚ.

**ପେଡ଼ା**, ବ. ( ଦେଶଜ ) ମିଷ୍ଟାନ୍ନବିଶେଷ, ପେଟରା ।

**ପେଡ଼ି**, ବ. (ପେଟୀ ଶବ୍ଦଜ) ପେଟରାବିଶେଷ ।

**ପେଡ଼ିବା**, କ୍ରି. ( ପେଷଣ ଶବ୍ଦଜ ) ରସ ବାହାର କରିବା, ପେଷଣ କରିବା ।

**ପେଣ୍ଟାଲୁନ୍**, ବ. ( ଇଂ. Pantaloon ) ଏକପ୍ରକାର ପାଇଜାମା ।

**ପେଣ୍ଡ**, ବ. ପୁଂ. (ଦେଶଜ) ଗଞ୍ଜ, ହାଟ ।

**ପେଣ୍ଡା**, ବ. (ଦେଶଜ) ଗୁଚ୍ଛ, କାନ୍ଧ, ଅନେକ ଗୁଡ଼ାଏ ଫୁଲ ବା ଫଳ ଏକତ୍ର ହୋଇ ବୃକ୍ଷ-

ଶାଖାରେ ଥିଲେ ତାହାକୁ ପେଣ୍ଡା କହନ୍ତି, ଯଥା—ପେଣ୍ଡାଏ ଫୁଲ, ପେଣ୍ଡାଏ କଦଳୀ । ଉରୁର ମାଂସଳ ଅଂଶ ।

ପେଣ୍ଡୁ, ବି. କନ୍ଦୁକ, Ball

ପେନ୍‌ସିଲ୍, ବି. ( Pencil ) ସୀସକଲେଖନୀ-ବିଶେଷ ।

ପେମ, ବି. (ପ୍ରେମ ଶବ୍ଦଜ) ପ୍ରେମ ।

ପେୟ, ବି. ନ. ( ପା-ଯ ) ଜଳ, ଦୁଗ୍ଧ । ବିଂ. ପାନୀୟ, ପାନର ଯୋଗ୍ୟ ।

ପେୟୂଷ, ବି. ନ. ପୁଂ. ( ପୀୟୂ ଉଷ ) ନବପ୍ରସୂତା ଗାଈର ଦୁଗ୍ଧ,ଅମୃତ, ପୀୟୂଷ, ଅଭିନବ ଘୃତ ।

ପେଲ, ବି. ନ. (ପିଲ୍-ଅ) ଅଣ୍ଡକୋଷ । ପୁଂ. ଗୁହ୍ୟାଂଶ, ଗମନ ।

ପେଲବ, ବିଂ. ( ପେଲ-ବା ଅ ) କୃଶ, କ୍ଷୀଣ, ମୃଦୁ, କୋମଳ, ନରମ, ବିରଳ, ସୂକ୍ଷ୍ମ ।

ପେଲିବା, କ୍ରି. (ଦେଶଜ) ଠେଲିବା । ଯଥା—

ସୁନ୍ଦରର-ସିନ୍ଧୁ କେଳି-ତରଙ୍ଗ କି ସେ ପଦରୁ ପେଲିବା କାହ ।

ପେଶଲ } ବିଂ. ( ପିଶ୍-ଅଲ, ପିଷ୍-ଅଲ) ସୁନ୍ଦର,
ପେଷଲ } ମୃଦୁ, କୋମଳ, ଦକ୍ଷ, ଧୂର୍ତ୍ତ,
ପେସଲ } ଚତୁର, ନିପୁଣ ।

ପେଶି, ବି. (ଦେଶଜ) ତୈଳପ୍ରଦ ଶସ୍ୟବିଶେଷ ।

ପେଶୀ, ବି. ସ୍ତ୍ରୀ. (ପେଶି-ଈ) ଡିମ୍ବ, ମାଂସପିଣ୍ଡ, ଖଡ୍ଗାଦିର କୋଷ, ମୁକୁଳ ।

ପେଷଣ, ବି. ନ. (ପିଷ୍-ଅନ) ଚୂର୍ଣ୍ଣନ, ମର୍ଦ୍ଦନ, ପେଷଣପାତ୍ର, ଖଲ୍ଲଦ ।

ପେଷଣି } ବି. ସ୍ତ୍ରୀ. (ପିଷ୍-ଅନ୍-ଈ) ପେଷଣଯନ୍ତ୍ର,
ପେଷଣୀ }

ପେଷିବା, କ୍ରି. ( ପିଷ୍ ଧାତୁଜ ) ଚୂର୍ଣ୍ଣ କରିବା, ପ୍ରେରଣ କରିବା, ପଠାଇବା । ଯଥା —

ଜାଣି ପାରିଲେ କଂସ ପେଷି କରିବ ଧ୍ୱଂସ
କହିଲାସୁତ ଘରବୁଢ଼ାକୁ ଗୋ ।

ପେସ୍‌କସ୍, ବି. ( ଯାବନିକ ) ଦେଶୀୟ ରାଜ୍ୟରୁ ସରକାରଙ୍କ ପ୍ରାପ୍ୟ କର ।

ପେସା, ବି. ବ୍ୟବସାୟ ।

ପେଠ, (ଯାବନିକ) ଦାଖଲ ।

ପୈତା } ବି. (ଉପବୀତ ଶବ୍ଦଜ) ଯଜ୍ଞୋପବୀତ ।
ପଇତା }

ପୈତାମହ, ବିଂ. ( ପିତାମହ-ଅ ) ପିତାମହ-ସମ୍ବନ୍ଧୀୟ ।

ପୈତୃକ, ବିଂ. ( ପିତୃ-କ ) ପିତୃ ପିତାମହାଦି-ସମ୍ବନ୍ଧୀୟ ।

ପୈତୃଷ୍ୱସ୍ରୀୟ, } ବି. ପୁଂ. (ପିତୃଷ୍ୱସୃ-ଈୟ, ଏୟ)
ପୈତୃଷ୍ୱସ୍ରେୟ, } ପିତାର ଭଗିନେୟ । ପିଇସୀ ପୁଅ ଭାଇ ।

ପୈତ୍ତ } ବି ( ପିତ୍ତ-ଅ, ଇକ ) ପିତ୍ତ-
ପୈତ୍ତିକ } ସମ୍ବନ୍ଧୀୟ, ପିତ୍ତଜନ୍ୟ ରୋଗ ।

ପୈତ୍ର } ବିଂ. ( ପିତୃ-ଅ,ଯ,ଇକ ) ପୈତୃକ,
ପୈତ୍ର୍ୟ } ପିତୃସମ୍ବନ୍ଧୀୟ । ବି. ନ. ପିତୃତୀର୍ଥ,
ପୈତ୍ରିକ } ଅଙ୍ଗୁଷ୍ଠ ଓ ତର୍ଜ୍ଜନୀର ମଧ୍ୟଭାଗ ।

ପୈଶାଚ, ବିଂ. ( ପିଶାଚ ଅ ) ପିଶାଚସମ୍ବନ୍ଧୀୟ, ଅସୁରକ । ବି. ପୁଂ. ଅଷ୍ଟପ୍ରକାର ବିବାହ, ଅନ୍ତର୍ଗତ ବିବାହବିଶେଷ, ବଳପୂର୍ବକ ବିବାହ କପଟପୂର୍ବକ କନ୍ୟାର ପାଣିଗ୍ରହଣ ।

ପୈଶୁନ୍ୟ, ବି. ନ ( ପିଶୁନ ଯ ) ପିଶୁନତା, ଖଳତା, ଧୂର୍ତ୍ତତା, ସୂଚନା ।

ପୋଇ, ବି ( ପୂତିକା ଶବ୍ଦଜ ) ଏକପ୍ରକାର ଶାଗ ।

ପୋଇଲୀ, ବି. ସ୍ତ୍ରୀ. (ଦେଶଜ) ଚାକରାଣୀ,ଦାସୀ

ପୋଏ } ବି. ପୁଅମାନେ ।
ପୁଏ }

ପୋକ, ବି. ପୁଂ. (ଦେଶଜ) କୀଟ, କୃମି ।

ପୋକର } ବିଂ. (ଦେଶଜ) ପୋକଖିଆ ।
ପୋକା }

ପୋକ୍ତ } ବିଂ. (ଯାବନିକ) ପରିପକ୍ୱ,
ପୋଖନ୍ତ } କଠିନ, ଶକ୍ତ, ଦୃଢ଼ ।

ପୋକ୍ତାନ, ବି. (ଦେଶଜ) ଲୁଣରଖିବା ।

ପୋଖତି, ବି. ପ୍ରସୂତି, ସଦ୍ୟପ୍ରସୂତା ନାରୀ ।

ପୋଖସ୍ତା, ବି. ସ୍ତ୍ରୀ. ( ପୁଷ୍କରଣୀ ଶବ୍ଦଜ ) ପୁଷ୍କରଣୀ ।

ପୋଖସ୍ତାପାଣି, (ଦେଶଜ) ଝାଡ଼ାଫେରି ଯିବା, ମଇଦାନ ଯିବା, ବାହାରକୁ ଯିବା ।

ପୋଗଣ୍ଡ, ବି°. ବିକଳାଙ୍ଗ, ଅପୋଗଣ୍ଡ, ସ୍ୱଭାବତଃ ନ୍ୟୂନାଧିକାଙ୍ଗ । ବି. ପୁଂ. ୫ ବର୍ଷଠାରୁ ୧୫ ବର୍ଷର ଶିଶୁକୁ ପୋଗଣ୍ଡ କହନ୍ତି ।

ପୋଛିବା, କ୍ରି. ପରିଷ୍କାର କରିବା ।

ପୋଟଳ, ବି. (ପଟୋଳ ଶବ୍ଦଜ) ଲତାଫଳ ବିଶେଷ ।

ପୋଟଳା, ବି. ପୁଡ଼ା ।

ପୋଟା, ବି. ସ୍ତ୍ରୀ. ( ପୁଟ-ଅ ) ସ୍ତ୍ରୀ-ପୁଂସଲକ୍ଷଣା ଶ୍ମଶ୍ରୁବିଶିଷ୍ଟା ସ୍ତ୍ରୀ ।

ପୋଟିକ, ବି. ପୁଂ. (ପୋଟ-ଇକ) ବିସ୍ଫୋଟକ. ବଥ, ଫୋଟକା ।

ପୋଡ଼, କ୍ରି. (ଦେଶଜ) ଦାହ କର ।

ପୋଡ଼ା, ବି. (ଦେଶଜ) ଦଗ୍ଧ, କୃତଦାହ ।

ପୋଡିବା, କ୍ରି. (ଦେଶଜ) ଦଗ୍ଧ କରିବା ।

ପୋତ } ପୋତୁଅ } ବି. ( ଦେଶଜ ) ଅଣ୍ଡିରା ମହିଷି ।

ପୋତ, ବି. ପୁଂ. (ପୂ-ତ) ଶିଶୁ, ଶାବକ, ବହିତ୍ର, ଜାହାଜ, ବସ୍ତ୍ର । କ୍ରି. ପୋତିବା । ବା କାଠନିର୍ମିତ ଗୃହ ମାଳ ।

ପୋତକ, ବି. (ଦେଶଜ) କୀଟବିଶେଷ ।

ପୋତକୀ } ପୋତକା } ବି. ନ. (ପୂତ ଅକ) ପୋଇ ଶାକ, ଶ୍ୟାମପକ୍ଷୀ ।

ପୋତାଧ୍ୟକ୍ଷ, ବି. ପୁଂ. ଜାହାଜାଦିର କାପ୍ତାନ, ଜାହାଜରକ୍ଷକ ବ୍ୟକ୍ତି ।

ପୋତଭଙ୍ଗ, ବି. ପୁଂ. ( ପୋତ-ଭଞ୍ଜ-ଅ ) ନୌକା ପ୍ରଭୃତିର ଅଜ୍ଞାନ, ତଙ୍ଗାର ଅଜ୍ଞାନ ।

ପୋତବାହ, ବି ପୁଂ. (ପୋତ-ବହ-ଅ) ନାବିକ, କର୍ଣ୍ଣଧାର ।

ପୋତାଶ୍ରୟ, ବି. ଯେଉଁ ସ୍ଥାନରେ ଜାହାଜାଦି ନିରାପଦରେ ନଙ୍ଗର କରିଯାଏ Harbour)

ପୋତିବା, କ୍ରି. ପ୍ରୋଥିତ କରିବା ବା ଅଚ୍ଛାଦିତ କରିବା ।

ପୋଥି ବି. ନ. (ପୁସ୍ତକର ଅପଭ୍ରଂଶ) ପୁସ୍ତକ, ବହି । ଯଥା—

ହର୍ଷେ ଶିଶୁଗଣ ପୋଥି ଧରି ହାତେ,
ଗୃହଶାଳୀ ଯାନ୍ତି ଅନନ୍ଦ ପ୍ରଭାତେ ।

ପୋପରା, ବି°. ପୋକରା, ଘୁଣଖିଆ ।

ପୋରଅା, ବି°. (ଦେଶଜ) ଅତିଶୟ ପୁରୁଣା, ଅମଙ୍ଗଳଭୂତ, ଜୀର୍ଣ୍ଣ ।

ପୋଲ, ବି. (ଦେଶଜ) ଫମ୍ପା, ମେଲା, ମୁକୁଳା, ପାଣିନିର୍ଗମ ହେବାର ପଥ, ନଳା ।

ପୋଲା, ବି°. (ଦେଶଜ) ମାଗଣା, ବିନାମୂଲ୍ୟ, ଯଥା—ପୋଲାଖିଆ । ଫମ୍ପା, ଯଥା—ପୋଲା ବାଉଁଶ ।

ପୋଲୁହ, ବି. (ଦେଶଜ) ମାଛ ଧରିବା ଯନ୍ତ୍ର-ବିଶେଷ ।

ପୋଶାକ, ବି. (ହିନ୍ଦୀ) ପିନ୍ଧିବାର ଉତ୍ତମବସ୍ତ୍ର ।

ପୋଷ, ବି. ଅଧଅଞ୍ଜୁଳା ।

ପୋଷଣ, ବି. ନ. ( ପୁଷ୍-ଅନ ) ପାଳନ, ବର୍ଦ୍ଧନ ।

ପୋଷା } ପୋଷିଆ } ବି°. ( ଦେଶଜ ) ବଶୀଭୂତ, ପାଳିତ ।

ପୋଷ୍ଟା, ବି°. (ପୁଷ୍-ତୃ) ପ୍ରତିପାଳକ, ପାଳନ-କର୍ତ୍ତା ।

ପୋଷ୍ୟ, ବି°. ( ପୁଷ୍-ଯ ) ପୋଷଣୀୟ, ପ୍ରତିପାଳନୀୟ, ଭୃତ୍ୟ ।

ପୋଷ୍ୟପୁତ୍ର, ବି. ପୁଂ. (ପୋଷ୍ୟ-ପୁତ୍ର) ଦତ୍ତକ-ପୁତ୍ର, ପାଳିତପୁତ୍ର ।

ପୋସ୍ତ, ବି. ଅଫିମଗଛର ବୀଜ ।

ପୋହଳା, ବି. (ପ୍ରବାଳ ଶବ୍ଦଜ) ପ୍ରବାଳ, ବିଦ୍ରୁମ ।

ପୌଂସବନ, ବି. ନ. ( ପୁଂସବନ-ଅ ) ପୁଂସବନ ସଂସ୍କାର ।

ପୌଗଣ୍ଡ, ବି. ନ. (ପୋଗଣ୍ଡ-ଅ) ୫ ବର୍ଷଠାରୁ ୧୫ ବର୍ଷ ପର୍ଯ୍ୟନ୍ତ ଅବସ୍ଥାବିଶେଷ ।

ପୌଣ୍ଡ୍ର, ବି ପୁଂ. (ପୁଣ୍ଡ୍ର-ଅ) ପୁଣ୍ଡ୍ର ଦେଶର ଲୋକ, ଭୀମର ଶଙ୍ଖ ।

ପୌତ୍ତଳିକ, ବିଂ. (ପୁତ୍ତଳ-ଇକ) ପିତୁଳାପୂଜକ, ସାକାରୋପାସକ ।

ପୌତ୍ର, ବି. ପୁଂ. (ପୁତ୍ର-ଅ) ପୁତ୍ରର ପୁତ୍ର, ନାତି ।

ପୌତ୍ରୀ, ବି. ସ୍ତ୍ରୀ. (ପୁତ୍ର-ଅ-ଈ) ପୁତ୍ରର କନ୍ୟା, ନାତୁଣୀ ।

ପୌନଃପୁନିକ, ବିଂ. (ପୁନଃପୁନଃ-ଇକ) ପୁନଃ ପୁନଃ ଜାତ, ଆବର୍ତ୍ତନଶୀଳ, ଯାହା ଏକରୂପରେ ଉତ୍ପନ୍ନ ହୁଏ ।

ପୌନଃପୁନ୍ୟ, ବି. ନ. (ପୁନର୍-ଯ, ଦ୍ୱିତ୍ୱ) ପୁନଃପୁନଃ, ବାରମ୍ବାର ।

ପୌନରୁକ୍ତ, ବି. ନ. (ପୁନରୁକ୍ତ-ଅ) ପୁନଃ କଥନ, ଦ୍ୱିରୁକ୍ତି, ପୁନରୁଚ୍ଚାରଣ ।

ପୌନର୍ଭବ, ବି.ପୁଂ. (ପୁନର୍ଭୂ-ଅ) ଦ୍ୱାଦଶବିଧ ପୁତ୍ରାନ୍ତର୍ଗତ ପୁତ୍ରବିଶେଷ, ଦ୍ୱିରୂଢ଼ାପୁତ୍ର, ଦୁଇଥର ବିବାହିତା ସ୍ତ୍ରୀର ପୁତ୍ର ।

ପୌର, ବିଂ. (ପୁର-ଅ) ପୁରବାସୀ, ନାଗରିକ, ନାଗରଜନ, ରାମକର୍ପୂର ।

ପୌରକ, ବି. ପୁଂ. ( ପୌର-କ ) ଗୃହର ବାହାରେ ଥିବା ଉଦ୍ୟାନ ।

ପୌରବ, ବିଂ. ( ପୁରୁ-ଅ ) ପୁରୁବଂଶୀୟ, ପୁରୁବଂଶଜାତ ।

ପୌରସ୍ତ୍ୟ, ବିଂ. ( ପୁରସ୍-ତ୍ୟ ) ପ୍ରାଚ୍ୟ, ପୂର୍ବଦେଶୀୟ, ଅଗ୍ରେଭବ, ପ୍ରଥମ ।

ପୌରାଣ, ବିଂ. ( ପୁରାଣ-ଅ ) ପୁରାଣସମ୍ବନ୍ଧୀୟ ।

ପୌରାଣିକ, ବି. ପୁଂ. ( ପୁରାଣ-ଇକ) ଅଖ୍ୟାନ, ଅଖ୍ୟାୟିକା, ପୁରାଣ ଶାସ୍ତ୍ରରେ ପଣ୍ଡିତ । ବିଂ. ପୁରାଣସମ୍ବନ୍ଧୀୟ, ପୂର୍ବତନକାଳୀନ ।

ପୌରିକ, ବିଂ. (ପୁର-ଇକ) ପୁରଜାତ, ପୁରସମ୍ବନ୍ଧୀୟ । ବି. ପୁଂ. ଦାକ୍ଷିଣାତ୍ୟଦେଶବିଶେଷ ।

ପୌରୁଷ, ବି. ନ. (ପୁରୁଷ-ଅ) ପୁରୁଷତ୍ୱ, ପରାକ୍ରମ, ତେଜଃ, ରେତ, ସାହସ, ଉଦ୍ୟମ, ଉଦ୍‌ଯୋଗ । ବିଂ. ପୁରୁଷସମ୍ବନ୍ଧୀୟ, ପୁରୁଷପରିମିତ ।

ପୌରୁଷେୟ, ବିଂ. (ପୁରୁଷ-ଏୟ) ପୁରୁଷକୃତ, ମନୁଷ୍ୟଚରିତ, ମାନୁଷିକ । ବି. ପୁଂ. ମନୁଷ୍ୟସମୂହ, ହତ୍ୟା ।

ପୌରୋହିତ୍ୟ, ବି. ନ. (ପୁରୋହିତ-ଯ) ଯାଜକତା, ପୁରୋହିତର କର୍ମ ।

ପୌର୍ଣ୍ଣମାସ, ବି. ପୁଂ (ପୌର୍ଣ୍ଣମାସୀ-ଅ) ପୂର୍ଣ୍ଣିମା ତିଥିରେ କର୍ତ୍ତବ୍ୟ ଯାଗବିଶେଷ ।

ପୌର୍ଣ୍ଣମାସୀ, ବି. ସ୍ତ୍ରୀ. (ପୂର୍ଣ୍ଣମାସ-ଅ-ଈ) ପୂର୍ଣ୍ଣିମା ତିଥି ।

ପୌର୍ବାପର୍ଯ୍ୟ, ବି. ନ. (ପୂର୍ବାପର-ଯ) ପୂର୍ବାପରତ୍ୱ, ଅନୁକ୍ରମ, କାରଣ, ଫଳ ।

ପୌଲସ୍ତ୍ୟ, ବି. ପୁଂ, ( ପୁଲସ୍ତ୍ୟ-ଅ ) କୁବେର, ରାବଣ, କୁମ୍ଭକର୍ଣ୍ଣ, ବିଭୀଷଣ ।

ପୌଲସ୍ତ୍ୟୀ, ବି. ସ୍ତ୍ରୀ. (ପୁଲସ୍ତ୍ୟ-ଯ, ଈ) ସୂର୍ପଣଖା, ରାବଣଭଗିନୀ ।

ପୌଲୋମୀ, ବି. ସ୍ତ୍ରୀ. (ପୁଲୋମନ୍-ଅ-ଈ) ଶଚୀ, ଇନ୍ଦ୍ରାଣୀ ।

ପୌଷ, ବି. ପୁଂ. ( ପୁଷ୍ୟ-ଅ ) ଯେ ମାସର ପୂର୍ଣ୍ଣିମାରେ ପୁଷ୍ୟା ନକ୍ଷତ୍ର ହୁଏ, ଦ୍ୱାଦଶ ମାସାନ୍ତର୍ଗତ ନବମ ମାସ ।

ପୌଷ୍କର, ବି, ନ. (ପୁଷ୍କର-ଅ) ପୁଷ୍କରର ମୂଳ ।

ପୌଷ୍ପ, ବିଂ. ( ପୁଷ୍ପ-ଅ ) ପୁଷ୍ପରଚିତ, ପୁଷ୍ପସମ୍ବନ୍ଧୀୟ ।

ପ୍ର, ଉପସର୍ଗ, ଅବ୍ୟୟ, ଆରମ୍ଭ, ଉତ୍କର୍ଷ, ଖ୍ୟାତି, ଉତ୍ପତ୍ତି ବ୍ୟବହାର, ସର୍ବତୋଭାବ, ପ୍ରାଥମ୍ୟ, ଗତି ।

ପ୍ରକଟ, ବିଂ. (ପ୍ର-କଟ) ସ୍ପଷ୍ଟ, ପ୍ରତ୍ୟକ୍ଷ, ପ୍ରକାଶିତ ।

ପ୍ରକଟିତ, ବିଂ. (ପ୍ର-କଟ୍-ତ) ପ୍ରକାଶିତ, ସ୍ପଷ୍ଟ, ବ୍ୟକ୍ତ ।

ପ୍ରକମ୍ପନ, ବି. ପୁଂ. ( ପ୍ର-କମ୍ପ-ଅନ ) ବାୟୁ, ନରକବିଶେଷ, ଅତିଶୟ କମ୍ପନ, ବେପଥୁ ।

ପ୍ରକର, ବି. ନ. ( ପ୍ର-କୃ-ଅ ) ସମୂହ, ପୁଷ୍ପାଦିର ସ୍ତବକ, ସହାୟତା । ନ. ଅଗୁରୁ । ବିଂ. କର୍ମପଟୁ ।

ପ୍ରକରଣ, ବି. ନ. ( ପ୍ର-କୃ-ଅନ ) ପ୍ରସ୍ତାବ, ଗ୍ରନ୍ଥାଂଶ, ଅଧ୍ୟାୟ, ପ୍ରସଙ୍ଗ, ପରିଚ୍ଛେଦ ।

ପ୍ରକର୍ଷ, ବି. ପୁଂ. ( ପ୍ର-କୃଷ୍-ଅ ) ଉତ୍କର୍ଷ, ଆଧିକ୍ୟ, ସମସ୍ତ, ପ୍ରାଧାନ୍ୟ ।

ପ୍ରକାଣ୍ଡ, ବି. ( ପ୍ର-କାଣ୍ଡ ) ଉତ୍କୃଷ୍ଟ, ବୃହତ । ବି. ପୁଂ. ନ. ବୃକ୍ଷର ମୂଳଠାରୁ ସ୍କନ୍ଧ ପର୍ଯ୍ୟନ୍ତ ଗଛର ଗଣ୍ଡି, ଶାଖା, ଡାଳ । ନ. ଶବ୍ଦର ପରେ ପ୍ରଯୁକ୍ତ ହେଲେ ଶବ୍ଦାର୍ଥବୋଧକ ।

ପ୍ରକାମ, ବି. (ପ୍ର କମ୍-ଅ) ଯଥେଷ୍ଟ, ପର୍ଯ୍ୟାପ୍ତ ।

ପ୍ରକାର, ବି. ପୁଂ. (ପ୍ର-କୃ-ଅ) ପ୍ରଭେଦ, ଶ୍ରେଣୀ-ଭେଦ, ନିୟମ, ବିଧ, ସାଦୃଶ୍ୟ, ଭଳି ।

ପ୍ରକାରାନ୍ତର, ବି. ନ. (ପ୍ରକାର-ଅନ୍ତର) ଅନ୍ୟ ପ୍ରକାର, ଭିନ୍ନ ନିୟମ ।

ପ୍ରକାଶ, ବି. ପୁଂ. (ପ୍ର-କାଶ-ଅ) ଦୀପ୍ତି, ଆଲୋକ, ବିକାଶ, ସ୍ପଷ୍ଟତା, ସାଦୃଶ୍ୟ । ବିଂ. ସ୍ପଷ୍ଟ, ବ୍ୟକ୍ତ ।

ପ୍ରକାଶକ, ବିଂ. ( ପ୍ର-କାଶ୍-ଅକ ) ପ୍ରକାଶକାରୀ, ଯେ ପ୍ରକାଶ କରେ ।

ପ୍ରକାଶନ, ବି. ନ. (ପ୍ର-କାଶ-ଅନ୍) ପ୍ରକାଶ କରଣ ।

ପ୍ରକାଶାତ୍ମା, ବି. ପୁଂ. ( ପ୍ରକାଶ-ଆତ୍ମନ୍ ) ସୂର୍ଯ୍ୟ, ଈଶ୍ୱର । ବିଂ. ବ୍ୟକ୍ତସ୍ୱଭାବ ।

ପ୍ରକାଶିତ, ବିଂ. ( ପ୍ର-କାଶ୍-ତ ) ଦୀପ୍ତ, ଶୋଭିତ, ପ୍ରକଟିତ, ପ୍ରସ୍ଫୁଟିତ, ପ୍ରଚାରର ଉପଯୁକ୍ତ, ଆବିଷ୍କୃତ । ବି. ନ. ପ୍ରକାଶ ।

ପ୍ରକାଶ୍ୟ, ବିଂ. (ପ୍ରକାଶ-ଯ) ପ୍ରକାଶର ଯୋଗ୍ୟ ।

ପ୍ରକୀର୍ଣ୍ଣ, ବିଂ. ( ପ୍ର-କୄ-ତ ) ବିକ୍ଷିପ୍ତ, ପ୍ରସାରିତ, ପ୍ରଚାରିତ, ପ୍ରକଟିତ, ଅସମ୍ବଦ୍ଧ । ବି. ନ. ଚମ୍ପୂ ପରିଚ୍ଛେଦ, ନାନାବିଷୟିଣୀ ସୂତ୍ରମାଳା ।

ପ୍ରକୀର୍ଣ୍ଣକ, ବି. ନ. (ପ୍ରକୀର୍ଣ୍ଣ-କ) ଚାମର, ଗ୍ରନ୍ଥ-ବିଚ୍ଛେଦ, ବିସ୍ତାର । ପୁଂ. ଘୋଟକ ।

ପ୍ରକୀର୍ତ୍ତିତ, ବିଂ. (ପ୍ର-କୃତ୍-ତ) କୀର୍ତ୍ତିତ, କଥିତ, ବ୍ୟାଖ୍ୟାତ, ପ୍ରସିଦ୍ଧ ।

ପ୍ରକୁପିତ, ବିଂ. (ପ୍ର-କୁପ୍-ତ) ଅତିଶୟ କ୍ରୁଦ୍ଧ ।

ପ୍ରକୁଳ, ବି. ନ. (ପ୍ର-କୁଳ) ମନୋହର ଦେହ, ପ୍ରଶସ୍ତ ଶରୀର ।

ପ୍ରକୃତ, ବିଂ. (ପ୍ର-କୃ-ତ) ନିର୍ମିତ, ବାସ୍ତବିକ, ସ୍ୱାଭାବିକ, ରଚିତ ।

ପ୍ରକୃତି, ବି. ସ୍ତ୍ରୀ. (ପ୍ର-କୃ-ତି) ସ୍ୱଭାବ, ଶକ୍ତି । ସ୍ତ୍ରୀ. ସ୍ତ୍ରୀଲିଙ୍ଗ, ଯୋନି, ଜୀବାତ୍ମା, ପରମାତ୍ମା, ପଞ୍ଚଭୂତ, ମାୟାଶକ୍ତି, ଚୈତନ୍ୟ, ସ୍ୱାମୀ, ମନ୍ତ୍ରୀ, ସହାୟ, ଧନ, ଦେଶ, ଦୁର୍ଗ, ସୈନ୍ୟ ଏହି ସାତ ପ୍ରକାର ରାଜ୍ୟାଙ୍ଗ; ବ୍ୟାକରଣରେ ଶବ୍ଦ ଓ ଧାତୁ; ସତ୍ତ୍ୱରଜସ୍ତମୋଗୁଣର ସାମ୍ୟାବସ୍ଥା, ଈଶ୍ୱରସୃଷ୍ଟ ଯାବତୀୟ ପଦାର୍ଥମାନଙ୍କର ସାଧାରଣ ନାମ । ଯଥା—

ହେମନ୍ତ ଶିଶିର କାଲେ ଭ୍ରମର ଅଦେଶେ,
ପ୍ରକୃତି ସଜଇ ଅତି ଯାନସାନ ବେଶେ । କ. ବି.

ପ୍ରକୃଷ୍ଟ, ବିଂ. ( ପ୍ର-କୃଷ୍-ତ ) ଶ୍ରେଷ୍ଠ, ପ୍ରଶସ୍ତ, ଉତ୍କୃଷ୍ଟ ।

ପ୍ରକୋପ, ବି. ପୁଂ. ( ପ୍ର-କୁପ୍-ଅ ) ଅତିଶୟ କୋପ, ବ୍ୟାଧିର ଉତ୍କଟତା ।

ପ୍ରକୋଷ୍ଠ, ବି ପୁଂ. ( ପ୍ର-କୁଷ-ଠ ) ଦ୍ୱାରପାର୍ଶ୍ୱସ୍ଥ ମଣ୍ଡପ, କୋଠରୀ, କହୁଣୀର ନିମ୍ନଭାଗରୁ ମଣିବନ୍ଧ ପର୍ଯ୍ୟନ୍ତ ବାହୁଭାଗ । ଯଥା—

ପକାଇଲା ଇନ୍ଦ୍ରନୀଳମଣି ଚୂଡ଼ ପ୍ରକୋଷ୍ଠୁଁ କାଢ଼ି ଚଞ୍ଚଳ ।
ଯ. କୋ.

**ପ୍ରକ୍ରମ**, ବି. ପୁଂ. (ପ୍ର-କ୍ରମ୍-ଅ) ପ୍ରଥମାରମ୍ଭ, ଉପକ୍ରମ, ଅନୁଷ୍ଠାନ, ଗମନ, ଅବସର, ଅତିକ୍ରମ ।

**ପ୍ରକ୍ରାନ୍ତ**, ବିଂ. (ପ୍ର-କ୍ରମ୍-ତ) ଆରବ୍ଧ, ଉପକ୍ରାନ୍ତ, ଅତିକ୍ରାନ୍ତ, ପ୍ରକରଣସ୍ଥ, ଗତ, ଅବସ୍ଥିତ ।

**ପ୍ରକ୍ରିୟା**, ବି. ସ୍ତ୍ରୀ. ( ପ୍ର-କୃ-ଯ-ଆ ) ପ୍ରକରଣ, ଅନୁଷ୍ଠାନ, ପ୍ରୟୋଗ ।

**ପ୍ରକ୍ଷାଳନ**, ବି. ନ (ପ୍ର-କ୍ଷାଳ-ଅନ) ଧୌତକରଣ, ମାର୍ଜ୍ଜନ, ପରିଷ୍କରଣ ।

**ପ୍ରକ୍ଷାଳିତ**, ବିଂ. (ପ୍ର-କ୍ଷାଳ-ତ) ଧୌତ, ମାର୍ଜିତ, ପରିଷ୍କୃତ ।

**ପ୍ରକ୍ଷିପ୍ତ**, ବିଂ. ( ପ୍ର-କ୍ଷିପ୍-ତ ) ବିନ୍ୟସ୍ତ, ନିକ୍ଷିପ୍ତ, ଅନ୍ତର୍ନିବେଶିତ ।

**ପ୍ରକ୍ଷେପ**, ପୁଂ. }
**ପ୍ରକ୍ଷେପଣ**, ନ. } ବି. ( ପ୍ର-କ୍ଷିପ୍-ଅ-ଅନ ) ବିନ୍ୟାସ, ପକାଇବା, ଫିଙ୍ଗିବା ।

**ପ୍ରକ୍ଷେପିକା**, ବି. ସ୍ତ୍ରୀ (ପ୍ର-କ୍ଷିପ୍-ଅକ-ଆ) ଯେଉଁ ଶକ୍ତି ଦ୍ୱାରା କୌଣସି ପଦାର୍ଥ ନିକ୍ଷିପ୍ତ ହୁଏ ।

**ପ୍ରକ୍ଷ୍ୱେଡ଼ନ**, ବି. ନ (ପ୍ର-କ୍ଷ୍ୱିଡ୍-ଅନ) ଲୌହମୟ ଶର, ନାରାଚ, ଅସ୍ତ୍ର ।

**ପ୍ରଖର**, ବିଂ. ( ପ୍ର-ଖର ) ଅତ୍ୟୁଷ୍ଣ, ତୀକ୍ଷ୍ଣ, ତୀବ୍ର ।

**ପ୍ରଖ୍ୟ**, ବିଂ. ( ପ୍ର-ଖ୍ୟା-ଅ ) ତୁଲ୍ୟ, ସଦୃଶ, ପ୍ରକାର ।

**ପ୍ରଖ୍ୟା**, ବି. ସ୍ତ୍ରୀ. ( ପ୍ର-ଖ୍ୟା-ଅ ) ପ୍ରକାର ତୁଲ୍ୟ, ସାଦୃଶ୍ୟ, ଖ୍ୟାତି ।

**ପ୍ରଖ୍ୟାତ**, ବିଂ. (ପ୍ର-ଖ୍ୟା-ତ) ପ୍ରସିଦ୍ଧ, ବିଖ୍ୟାତ ଯଶସ୍ୱୀ ।

**ପ୍ରଗଣ୍ଡ**, ବି. ପୁଂ. (ପ୍ର-ଗଣ୍ଡ) କନୁଇଠାରୁ ସ୍କନ୍ଧ ପର୍ଯ୍ୟନ୍ତ ବାହୁଭାଗ । ଣ୍ଡୀ., ସ୍ତ୍ରୀ. ଦୁର୍ଗଭିତ୍ତି, ଶିବିର ।

**ପ୍ରଗତ**, ବିଂ. (ପ୍ର-ଗତ) ପ୍ରସ୍ଥିତ, ପୃଥଗ୍ଭୂତ ।

**ପ୍ରଗଲ୍ଭ**, ବିଂ. (ପ୍ର-ଗଲ୍ଭ-ଅ) ଉଦ୍ଧତ, ନିର୍ଲଜ୍ଜ, ଦାମ୍ଭିକ, ଅଭିଜ୍ଞ, ସମର୍ଥ, ଦୃଢ଼, ପ୍ରଧାନ, ନିର୍ଭୀକ, ସାହସୀ, ଉତ୍ସାହୀ, ପ୍ରତ୍ୟୁତ୍ପନ୍ନମତି, ଅବନୀତ, ପ୍ରତିଭାନ୍ୱିତ । ବି. ପୁଂ. ଗର୍ବ । ସ୍ତ୍ରୀ. ଭା- ନାୟିକାବିଶେଷ ।

**ପ୍ରଗଲ୍ଭତା**, ବି. ସ୍ତ୍ରୀ. (ପ୍ର-ଗଲ୍ଭ-ତା) ଔଦ୍ଧତ୍ୟ, ନିର୍ଲଜ୍ଜତା, ପ୍ରତିଭା, ଅଧ୍ୟବସାୟ, ଅକ୍ଷୋଭ, ଦମ୍ଭ, ଅହଙ୍କାର, ସାମର୍ଥ୍ୟ, ପ୍ରାଧାନ୍ୟ, ସାହସ, ନିର୍ଭୀକତା ।

**ପ୍ରଗାଢ଼**, ବିଂ. ( ପ୍ର-ଗାଢ଼ ) ଅଧିକ, ଅତିଶୟ, ଦୃଢ଼, କଠିନ, ନିବିଡ଼ ।

**ପ୍ରଗୁଣ**, ବିଂ. (ପ୍ର-ଗୁଣ) ପ୍ରକୃଷ୍ଟ ଗୁଣଶାଳୀ, ଦକ୍ଷ, ସରଳ, ସିଧା, ଅନୁକୂଳ ।

**ପ୍ରଗ୍ରହ** }
**ପ୍ରଗ୍ରାହ** } ବି. ପୁଂ. ( ପ୍ର-ଗ୍ରହ-ଅ ) ଅଶ୍ୱାଦିର ଲଗାମ, ବାଗ, ବନ୍ଦୀ, କୟେଦୀ, ନିକ୍ତି ପ୍ରଭୃତିର ଦଉଡ଼ି, ତୁଳାସୂତ୍ର, କିରଣ, ଗ୍ରହଣୀ ।

**ପ୍ରଘଟ**, ବିଂ. (ପ୍ରକଟ ଶବ୍ଦଜ) ପରିଚିତ, ବିଦିତ । ବି. ପ୍ରଖ୍ୟାତି ।

**ପ୍ରଘାତ**, ବି. ପୁଂ. (ପ୍ର-ଘାତ) ଯୁଦ୍ଧ, ସଂଗ୍ରାମ ।

**ପ୍ରଘୋଷକ**, ବି ପୁଂ. ( ପ୍ର-ଘୋଷ କ ) ଧ୍ୱନି, ଶବ୍ଦ ।

**ପ୍ରଚକ୍ଷାଃ**, ବି. ପୁଂ. ( ପ୍ର-ଚକ୍ଷ-ଅସ୍ ) ବୃହସ୍ପତି ।

**ପ୍ରଚକ୍ଷୁ**, ବି. (ପ୍ର ଚକ୍ଷୁ) ଚଷମା ।

**ପ୍ରଚଣ୍ଡ**, ବିଂ. ( ପ୍ର-ଚଣ୍ଡ ) ଅତ୍ୟୁଷ୍ଣ, ପ୍ରଖର, ଅସହ୍ୟ, ଦୁଃସହ, ଭୀଷଣ, ଭୟାନକ, ଅତିକୋପନ, ଦୁର୍ବହ, ପ୍ରବଳ, ଦୁର୍ଦ୍ଧର୍ଷ, ପ୍ରତାପଶାଳୀ ।

**ପ୍ରଚଣ୍ଡା**, ବି. ସ୍ତ୍ରୀ. ଭଗବତୀଙ୍କ ସଖୀବିଶେଷ, ଶ୍ୱେତଦୁବ୍ବା ।

**ପ୍ରଚୟ**, ବି. ପୁଂ. ( ପ୍ର-ଚି-ଅ ) ରାଶି, ବୃଦ୍ଧି, ଉପଚୟ, ଚୟନ ।

**ପ୍ରଚର**, ବି. ପୁଂ. ( ପ୍ର-ଚର୍ ଅ ) ବର୍ତ୍ମ, ପଥ, ଗମନ, ପ୍ରଚାର, ପ୍ରସିଦ୍ଧି ।

**ପ୍ରଚଳନ**, ବି. ନ. ( ପ୍ର-ଚଲ୍-ଅନ ) ପ୍ରଚାର, ଚଳନ ।

ପ୍ରଚଳାକ, ବ. ପୁଂ. (ପ୍ରଚଳ-ଅକ) ମୟୂରପୁଚ୍ଛ, ଫଣା, ଭୁଜଙ୍ଗମ ।
ପ୍ରଚଳାକୀ, ବ. ପୁଂ. (ପ୍ରଚଳାକ ଇନ୍) ମୟୂର, ସର୍ପ ।
ପ୍ରଚଳିତ, ବଂ. (ପ୍ର-ଚଲ୍-ତ) ଯାହା ଚଳନ ହୋଇଅଛି, ପ୍ରସ୍ଥିତ, ପ୍ରସିଦ୍ଧ, ପ୍ରବର୍ତ୍ତିତ ।
ପ୍ରଚାର, ବ. ପୁଂ. (ପ୍ର-ଚର୍-ଅ) ଚଳନ ପ୍ରସିଦ୍ଧି, ପ୍ରକାଶ ।
ପ୍ରଚାରକ } ବଂ. (ପ୍ର-ଚର-ଅକ, ତୃ) ପ୍ରଚାରୟିତା } ପ୍ରକାଶକ, ଯେ ପ୍ରଚାର କରେ ।
ପ୍ରଚାରଣ, ବ. ନ. (ପ୍ରଚାର-ଅନ) ପ୍ରକାଶକରଣ, ଚଳନ ।
ପ୍ରଚାରିତ, ବଂ. (ପ୍ର-ଚର-ତ) ଯାହା ପ୍ରଚାର ହୋଇଅଛି, ବିଜ୍ଞାପିତ, ପ୍ରକାଶିତ ।
ପ୍ରଚାଳିତ, ବଂ. (ପ୍ର-ଚାଲ-ତ) ଯାହା ଚାଳିତ କରା ହୋଇଅଛି, ଚଳେଇବା ।
ପ୍ରଚୀୟମାନ, ବଂ. (ପ୍ର-ଚି ଅନ) ପୁଷ୍ୟମାଣ, ବୃଦ୍ଧିଶୀଳ ।
ପ୍ରଚୁର, ବଂ. (ପ୍ରଚୁର୍-ଅ ; ପ୍ରଭୂତ, ବହୁଳ, ଅଧିକ ।
ପ୍ରଚେତାଃ, ବ. ପୁଂ. (ପ୍ର-ଚେତସ୍) ବରୁଣ, ମୁନିବିଶେଷ । ବଂ. ହୃଷ୍ଟଚିତ୍ତ, ଅହ୍ଲାଦିତ ।
ପ୍ରଚେତା, ବ. ପୁଂ. (ପ୍ର-ଚି-ତୃ) ସାରଥି ।
ପ୍ରଚେୟ, ବଂ. (ପ୍ର-ଚି-ଯ) ବର୍ଦ୍ଧନୀୟ, ଚୟନୀୟ, ଗ୍ରହଣଯୋଗ୍ୟ, ଗ୍ରାହ୍ୟ ।
ପ୍ରଚୋଦନ, ବ.ନ. (ପ୍ର-ଚୁଦ୍ ଅନ) ପ୍ରେରଣ । ନୀ, ସ୍ତ୍ରୀ. କଣ୍ଟକାରୀ ।
ପ୍ରଚୋଦିତ, ବ. (ପ୍ର-ଚୋଦ-ତ) ପ୍ରେରିତ, ନିୟୋଜିତ ।
ପ୍ରଚ୍ଛଦ, ବ. ପୁଂ. (ପ୍ର ଛଦ୍ ଅ) ଅଚ୍ଛାଦନ, ଆବରଣବସ୍ତ୍ର, ଅସ୍ତରଣବସ୍ତ୍ର ଗୁଦର ।
ପ୍ରଚ୍ଛନ୍ନ, ବଂ. (ପ୍ର-ଛଦ୍-ତ) ଅଚ୍ଛାଦିତ, ଗୁପ୍ତ, ଅଢନ୍ନ । ବ. ନ. ଗବାକ୍ଷ, ବାତାୟନ, ଗୁପ୍ତ ଦ୍ୱାର ।

ପ୍ରଚ୍ଛଦପଟ, ବ. ପୁଂ. (ପ୍ରଚ୍ଛଦ-ପଟ) ଅଚ୍ଛାଦନ ଆବରଣବସ୍ତ୍ର ।
ପ୍ରଚ୍ଛାଦନ, ବ. ନ. (ପ୍ର-ଛଦ-ଅନ) ଅଚ୍ଛାଦନ, ଅବରଣବସ୍ତ୍ର, ଉତ୍ତରୀୟବସ୍ତ୍ର, ଅସ୍ତରଣ ବସ୍ତ୍ର ।
ପ୍ରଚ୍ଛାଦିତ; ବଂ. (ପ୍ର-ଛଦ-ତ) ଆବୃତ, ଅଚ୍ଛାଦିତ ।
ପ୍ରଜନନ, ବ. ନ. (ପ୍ର-ଜନ୍-ଅନ) ଯୋନି, ଜନ୍ମ, ପ୍ରଗମ ।
ପ୍ରଜନିକା, ବ.ସ୍ତ୍ରୀ. (ପ୍ର-ଜନି-ଅକ) ଜନନୀ, ମାତା ।
ପ୍ରଜଳ୍ପନ, ବ. ନ. (ପ୍ର ଜଳ୍ପ୍ ଅନ) ଆଳାପ, କଥନ ।
ପ୍ରଜବ, ବ. ପୁଂ. (ପ୍ର-ଜୁ ଅ) ପ୍ରକୃଷ୍ଟ ବେଗ, ଅତିଶୟ ବେଗ ।
ପ୍ରଜା, ବ. ସ୍ତ୍ରୀ. (ପ୍ର-ଜନ୍ ଅ, ଆ) ଅଧିକାରସ୍ଥ ଜନ ସନ୍ତାନ, ସନ୍ତତି ।
ପ୍ରଜାଗର, ବ. ପୁଂ. (ପ୍ର-ଜାଗର) ଜାଗରଣ । ବଂ. ଜାଗରୂକ ।
ପ୍ରଜାତ, ବଂ. (ପ୍ର-ଜାତ) ଉତ୍ପନ୍ନ ।
ପ୍ରଜାତନ୍ତ୍ର, ବ. ନ. (ପ୍ରଜା-ତନ୍ତ୍ର) ପ୍ରଜାମାନଙ୍କ ଦ୍ୱାରା ପରିଚାଳିତ ରାଜ୍ୟଶାସନ ।
ପ୍ରଜାତା, ବ. ସ୍ତ୍ରୀ. ପ୍ର-ଜାତ-ଅ, ଆ) ପ୍ରସୂତା, ଯେଉଁ ସ୍ତ୍ରୀର ସନ୍ତାନ ହୋଇଅଛି ।
ପ୍ରଜାଦ, ବଂ. (ପ୍ରଜା ଦା-ଅ) ସନ୍ତାନପ୍ରଦ, ଯେ ସନ୍ତାନ ଦାନ କରନ୍ତି, ଯେଉଁ ଔଷଧ ସେବନ କଲେ ସନ୍ତାନ ହୁଏ ।
ପ୍ରଜାନ୍ତକ, ବ. ପୁଂ. (ପ୍ରଜା-ଅନ୍ତକ) କାଳ, ଯମ । ବଂ. ପ୍ରଜାପୀଡ଼କ ।
ପ୍ରଜାପ, ବ. ପୁଂ. (ପ୍ରଜା ପା-ଅ) ରାଜା, ପ୍ରଜାରକ୍ଷକ ।
ପ୍ରଜାପତି, ବ ପୁଂ. (ପ୍ରଜା-ପତି) ବ୍ରହ୍ମା, ବିଶ୍ୱକର୍ମା, ଜାମାତା, ସୂର୍ଯ୍ୟ, ଅଗ୍ନି, ପିତା, ରାଜା; ମରୀଚି, ଅତ୍ରି, ଅଙ୍ଗିରା, ପୁଲସ୍ତ୍ୟ, ପୁଲହ,

କ୍ରତୁ, ଦକ୍ଷ, ବଶିଷ୍ଠ, ଭୃଗୁ, ନାରଦ, ବ୍ରହ୍ମାଙ୍କ ସୃଷ୍ଟ ଏହି ଦଶ ବ୍ୟକ୍ତି, ପତଙ୍ଗବିଶେଷ। ଯଥା—

ବାଲସ୍ତୂପ ଯୋଗେ ରଙ୍ଗେ ଯହିଁ ପ୍ରଜାପତିଙ୍କ ଥାଟ।
ସୁନ୍ଦର ଶଗଡ଼ବାଟ ଅଥି ନକୁଞ୍ଜେ କରନ୍ତି ନାଟ। ଭଞ୍ଜ।

ପ୍ରଜାପାଳ, ବି. ପୁଂ. ( ପ୍ରଜା-ପାଳ ) ରାଜା, ପ୍ରଜାପତି।

ପ୍ରଜାବତୀ, ବି. ସ୍ତ୍ରୀ. ( ପ୍ରଜା-ବତ୍-ଈ ) ଜ୍ୟେଷ୍ଠ ଭ୍ରାତାର ଭାର୍ଯ୍ୟା, ଭ୍ରାତୃଜାୟା, ସନ୍ତାନବତୀ, ମାତା।

ପ୍ରଜାହିତ, ବି. ନ. (ପ୍ରଜା ହିତ) ଜଳ। ବିଂ. ପ୍ରଜାର ଉପକାରୀ।

ପ୍ରଜୁଷ୍ଟ, ବିଂ. ( ପ୍ର-ଜୁଷ୍-ତ ) ଅତ୍ୟନ୍ତ ଆସକ୍ତ, ଅନୁରକ୍ତ।

ପ୍ରଜେଶ } ବି. ପୁଂ. ( ପ୍ରଜା-ଈଶ, ଈଶ୍ୱର )
ପ୍ରଜେଶ୍ୱର } ରାଜା।

ପ୍ରଜ୍ଞ, ବିଂ. (ପ୍ର-ଜ୍ଞା ଅ) ଜ୍ଞାନୀ, ବିଚକ୍ଷଣ, ପଣ୍ଡିତ।

ପ୍ରଜ୍ଞପ୍ତି, ବି. ସ୍ତ୍ରୀ. (ପ୍ର-ଜ୍ଞାପି-ତି) ସଙ୍କେତ, ଜଣାଇବା, ସମ୍ବାଦ, ସମୟ।

ପ୍ରଜ୍ଞା, ବି. ସ୍ତ୍ରୀ. ( ପ୍ର-ଜ୍ଞା-ଅ ) ବୁଦ୍ଧି, ଜ୍ଞାନ, ସରସ୍ୱତୀ, ମନ୍ତ୍ରଣା।

ପ୍ରଜ୍ଞାଚକ୍ଷୁ, ବି. ପୁଂ. ( ପ୍ରଜ୍ଞା-ଚକ୍ଷୁସ୍ ) ଧୃତରାଷ୍ଟ୍ର। ବିଂ. ଜ୍ଞାନନେତ୍ର।

ପ୍ରଜ୍ଞାନ, ବି. ନ. (ପ୍ର-ଜ୍ଞାନ) ବୁଦ୍ଧି, ଜ୍ଞାନ, ଚିହ୍ନ, ସଙ୍କେତ। ବିଂ. ପଣ୍ଡିତ।

ପ୍ରଜ୍ଞାବାନ୍, ବିଂ. (ପ୍ରଜ୍ଞା-ବତ୍) ବୁଦ୍ଧିମାନ୍, ଜ୍ଞାନୀ।

ପ୍ରଜ୍ୱଳିତ, ବିଂ. (ପ୍ର-ଜ୍ୱଲ୍-ତ) ଜ୍ୱଳନଯୁକ୍ତ।

ପ୍ରଜ୍ୱାଳିତ, ବିଂ. (ପ୍ର-ଜ୍ୱାଲି-ତ) ପ୍ରଦୀପିତ, ସନ୍ତପ୍ତ।

ପ୍ରଣତ, ବିଂ. ( ପ୍ର-ନମ୍-ତ ) ନମ୍ର, କୃତପ୍ରଣାମ, ବକ୍ର, ପଟୁ।

ପ୍ରଣତି, ବି. ସ୍ତ୍ରୀ. (ପ୍ର-ନମ୍-ତି) ପ୍ରଣାମ, ନମସ୍କାର, ନମ୍ରତା, ବିନୟ। ଯଥା—

ଜାନକୀ ପଦ୍ମର ପତଙ୍ଗ ଅତି,
ନ ଘେନନ୍ତି ଲଙ୍କାପତି ପ୍ରଣତି। ବି. ବି.

ପ୍ରଣପତ୍ୟ, ବି. (ଦେଶଜ) ପ୍ରଣାମ କରିବା।

ପ୍ରଣମିବା, କ୍ରି. ( ପଦ୍ୟ, ପ୍ର-ନମ୍ ଧାତୁଜ ) ନମସ୍କାର କରିବା। ଯଥା—

ପ୍ରଣମି ବଶିଷ୍ଠ ମୁନିଚରଣେ।
ଧର୍ଯ୍ୟ ଘେନି ପ୍ରଭୁ ସାଶ୍ରୁଲୋଚନେ। ବି. ବି.

ପ୍ରଣୟ, ବି. ପୁଂ. ( ପ୍ର-ନୀ-ଅ ) ପ୍ରେମ, ଭଲ ପାଇବା, ପ୍ରାର୍ଥନା, ଶ୍ରଦ୍ଧା, ପରିଚୟ, ବିଶ୍ୱାସ, ପ୍ରସବ, ଯାଚ୍ଞା, ନିର୍ବାଣ।

ପ୍ରଣୟନ, ବି. ନ ( ପ୍ର-ନୀ-ଅନ ) ନିର୍ମାଣ, ରଚନା, ଅଗ୍ନିସମ୍ବନ୍ଧିନୀ ମନ୍ତ୍ରାଦି।

ପ୍ରଣୟିନୀ, ବି. ସ୍ତ୍ରୀ. (ପ୍ରଣୟ-ଇନ୍-ଈ) ଅନୁରକ୍ତା ଭାର୍ଯ୍ୟା ବା ନାୟିକା।

ପ୍ରଣୟୀ, ବି. ପୁଂ. ( ପ୍ରଣୟ-ଇନ୍ ) ଅନୁରକ୍ତ ପତି ବା ନାୟକ। ବିଂ. ପ୍ରେମାସ୍ପଦ, ଅନୁରକ୍ତ।

ପ୍ରଣବ, ବି. ପୁଂ. ( ପ୍ର-ନୁ-ଅ ) ଈଶ୍ୱରଙ୍କର ଗୂଢ଼ନାମ, ବେଦର ଆଦିବୀଜ, ଓଁକାର।

ପ୍ରଣାଦ, ବି. ପୁଂ ( ପ୍ର-ନାଦ ) ପ୍ରଣୟୀନିକଟକ ମୁଖାଦିର ଶବ୍ଦ, ତାରଧ୍ୱନି, ଉଚ୍ଚଶବ୍ଦ, କର୍ଣ୍ଣରୋଗବିଶେଷ।

ପ୍ରଣାମ, ବି. ପୁଂ. (ପ୍ର-ନମ୍ ଅ) ପ୍ରଣତି, ନମସ୍କାର, ଭକ୍ତି ଓ ସ୍ତବ ଉଭୟଯୁକ୍ତ ନମସ୍କାର, ଏହା ଚାରି ପ୍ରକାର। ଯଥା— ଅଷ୍ଟାଙ୍ଗ, ଅଭିବାଦନ, ପଞ୍ଚାଙ୍ଗ, କରଶିରଃସଂଯୋଗ।

ପ୍ରଣାଳୀ, ବି. ସ୍ତ୍ରୀ. (ପ୍ର ନଲ-ଈ) ଜଳନିର୍ଗମପଥ, ନର୍ଦ୍ଦମା, ଶ୍ରେଣୀ, ସ୍ରୋତ, ଧାରା, ଯେଉଁ ସଙ୍କୀର୍ଣ୍ଣ ଜଳଭାଗ ଦୁଇ ବୃହତ୍ ଜଳଭାଗକୁ ପରସ୍ପର ସଂଯୁକ୍ତ କରେ।

ପ୍ରଣାଶ, ବି. ପୁଂ. ( ପ୍ର-ନଶ୍-ଅ ) ମୃତ୍ୟୁ, ମରଣ, ପଳାୟନ।

ପ୍ରଣିଧାନ, ବି.ନ. (ପ୍ର-ନି ଧା-ଅନ) ମନୋନିବେଶ, ମନର ଏକାଗ୍ରତା, ଧ୍ୟାନ, ଯତ୍ନ, ସମାଧିଦ୍ୱାରା ଦୃଷ୍ଟି, ଯୋଗ, ସମାଧି।

ପ୍ରଣିଧି, ବି ପୁଂ. ( ପ୍ର-ନି ଧା-ଇ ) ଦୂତ, ଚର, ପ୍ରାର୍ଥନା, ଅବଧାନ, ମନୋଯୋଗ, ଅନୁଚର।

ପ୍ରଣିପାତ, ବି. ପୁଂ. (ପ୍ର-ନି-ପତ୍-ଅ) ପ୍ରଣାମ, ନମସ୍କାର ।

ପ୍ରଣିହିତ, ବିଂ. ପ୍ର-ନି-ଧା-ତ) ଅର୍ପିତ, ସ୍ୱୀକୃତ, ସମାଧିସ୍ଥ, ସମାହିତ, ପ୍ରସାରିତ, ପ୍ରାପ୍ତ ।

ପ୍ରଣୀତ, ବିଂ. (ପ୍ର-ନୀ-ତ) ରଚିତ, ନିର୍ମିତ, କୃତ, ଉକ୍ତ, କଥିତ, ପ୍ରେରିତ, ପ୍ରବେଶିତ, ନିକ୍ଷିପ୍ତ । ବି. ପୁଂ. ମନ୍ତ୍ରାଦିଦ୍ୱାରା ସଂସ୍କୃତ ଯଜ୍ଞୀୟ ଅଗ୍ନି ।

ପ୍ରଣେତା, ବିଂ. (ପ୍ର-ନୀ-ତୃ ରଚୟିତା, ରଚନାକାରୀ, ନିର୍ମାତା ।

ପ୍ରଣେୟ, ବିଂ. (ପ୍ର-ନୀ-ଯ) ବଶ୍ୟ, ଶୋତପନ, କୃତଲୌକିକସଂସ୍କାର, ଧ୍ରାପଣୀୟ ।

ପ୍ରଣୋଦିତ, ବିଂ. ( ପ୍ର-ନୋଦ୍-ତ ) ପ୍ରେରିତ, ନିୟୋଜିତ ।

ପ୍ରତନୁ, ବିଂ. (ପ୍ର-ତନୁ) ସୂକ୍ଷ୍ମ, ସରୁ, ପତଳା ।

ପ୍ରତପ୍ତ, ବିଂ. (ପ୍ର-ତପ୍-ତ) ତାପିତ, ଉତ୍ତପ୍ତ ।

ପ୍ରତର୍କ, ବି. ପୁଂ. (ପ୍ର-ତର୍କ-ଅ) ସଂଶୟ ।

ପ୍ରତର୍କଣ, ବି. ନ. ( ପ୍ର-ତର୍କ-ଅନ ) ବିତର୍କ, ବାଦାନୁବାଦ ।

ପ୍ରତାନ, ବି. ପୁଂ. (ପ୍ର-ତନ୍-ଅ) ବିସ୍ତାର, ଲତାର ତନ୍ତୁ ।

ପ୍ରତାନିନୀ, ବି. ସ୍ତ୍ରୀ. ( ପ୍ର-ତନ୍-ଇନ୍-ଇ ) ବଲ୍ଲୀ, ଲତା ।

ପ୍ରତାପ, ବି. ପୁଂ. ( ପ୍ର-ତପ୍-ଅ ) ପ୍ରଭାବ, ଧନ, ସୈନ୍ୟାଦିଜନିତ ତେଜଃ, ଆତପ, ଉଷ୍ଣତା, ସନ୍ତାପ ।

ପ୍ରତାପନ, ବିଂ. ( ପ୍ର-ତାପି-ଅନ ) ତାପଜନକ । ବି. ନ ପୀଡ଼ନ । ପୁଂ. କୁମ୍ଭୀପାକନାମକ ନରକ ।

ପ୍ରତାରକ, ବି. ପୁଂ. (ପ୍ର ତୃ-ଅକ) ବଞ୍ଚକ, ଧୂର୍ତ୍ତ, ଶଠ ।

ପ୍ରତାରଣ, ନ. } ବି. { ପ୍ର-ତୃ-ଅନ-ଅ }
ପ୍ରତାରଣା, ସ୍ତ୍ରୀ. } { ପ୍ର-ତୃ-ଅନ-ଆ }
ବଞ୍ଚନା, ଠକାଇବା, ପାରିଗମନ, ଉତ୍ତୀର୍ଣ୍ଣ ହେବା ।

ପ୍ରତାରିତ, ବିଂ. (ପ୍ର-ତୃ-ଣିଚ୍-ତ) ବଞ୍ଚିତ, ଯାହାକୁ ଠକାଯାଏ ।

ପ୍ରତି, ଅଂ. ଉପ. (ପ୍ର-ଅତି) ପ୍ରତିନିଧି, ବିପରୀତ ପ୍ରତିକୂଳ, ପରବର୍ତ୍ତୀ ପ୍ରତ୍ୟେକ, ପୁନର୍ବାର, ଲକ୍ଷ୍ୟ, ଉପର, ଲକ୍ଷଣ, ତରି, ଆଭିମୁଖ୍ୟ, ସ୍ଥାପ୍ତା, ବ୍ୟାବୃତ୍ତି, ପ୍ରଶସ୍ତି, ବିରୋଧ, ଅଳ୍ପ, ମାତ୍ରା, ଅଂଶ, ଭାଗ, ପ୍ରତିଦାନ, ସାଦୃଶ୍ୟ, ନିଶ୍ଚୟ, କନା, ଦ୍ୱିତିକ, ବ୍ୟାପ୍ତି, ସମାଧି । (ଦେଶଜ) ଓସର ।

ପ୍ରତିକର, ବି. ପୁଂ. ( ପ୍ରତି-କୃ-ଅ ) ବିସ୍ତୀର୍ଣ୍ଣତା, ବିକ୍ଷେପ ।

ପ୍ରତିକର୍ତ୍ତା, ବିଂ. ( ପ୍ରତି-କୃ-ତୃ ) ଅପକାରିର ଅପକାରକ, ପ୍ରତିକୋରକାରକ ।

ପ୍ରତିକର୍ମ, ବି. ନ ( ପ୍ରତି-କର୍ମନ୍ ) ପ୍ରସାଧନ, ବେଶଭୂଷା, ପ୍ରତିକାର ।

ପ୍ରତିକଷ୍ଟ, ବି. ନ. ( ପ୍ରତି-କଷ୍ଟ ) କର୍ମାନୁରୂପ କଷ୍ଟ ।

ପ୍ରତିକାୟ, ବି. ପୁଂ. ( ପ୍ରତି-କାୟ ) ଲକ୍ଷ୍ୟ, ପ୍ରତିରୂପ, ପ୍ରତିମୂର୍ତ୍ତି ।

ପ୍ରତିକାର } ବି. ପୁଂ. ( ପ୍ରତି-କୃ-ଅ )
ପ୍ରତୀକାର } ବୈରନିର୍ଯ୍ୟାତନ, ପ୍ରତିଫଳ, ପ୍ରତିଦ୍ୱେଷ, ଉପଶମ, ପରିଶୋଧ, ଉପାୟ, ଚିକିତ୍ସା ।

ପ୍ରତିକାର୍ଯ୍ୟ } ବିଂ. ( ପ୍ରତି-କୃ-ଯ ) ପ୍ରତିକାର
ପ୍ରତୀକାର୍ଯ୍ୟ } କରିବା ଯୋଗ୍ୟ ।

ପ୍ରତିକାଶ } ବିଂ. ( ପ୍ରତି-କାଶ ) ସଦୃଶ,
ପ୍ରତୀକାଶ } ତୁଲ୍ୟ ।

ପ୍ରତିକୂପ, ବି. ପୁଂ. ( ପ୍ରତି-କୂପ ) ପରିଖା, ଗଡ଼ଖାଇ ।

ପ୍ରତିକୂଳ, ବିଂ. ( ପ୍ରତି-କୂଳ ) ପ୍ରତିପକ୍ଷ, ବାମ, ବିରୁଦ୍ଧ । ଯଥା —

ତୁମ୍ଭ ପ୍ରତିକୂଳେ ତୁମ୍ଭଙ୍କୁ ସାକ୍ଷୀ କରିବ ଧନେ । ତ. ଭ.

ପ୍ରତିକୃତ, ବିଂ. ପ୍ରତି-କୃତ ) ପ୍ରତିଦତ୍ତ, ପ୍ରତିଶୋଧିତ, ଉପଶମିତ ।

ପ୍ରତିକୃତି, ବି. ସ୍ତ୍ରୀ. ( ପ୍ରତି-କୃ-ତି ) ପ୍ରତିମୂର୍ତ୍ତି, ପ୍ରତିକାର, ପ୍ରତିନିଧି, ସାଦୃଶ୍ୟ ।

ପ୍ରତିକୃଷ୍ଟ, ବିଂ. (ପ୍ରତି-କୃଷ୍ଟ) ନିକୃଷ୍ଟ, ଦୁଇଥର କୃଷ୍ଟ ।

ପ୍ରତିକ୍ରିୟା, ବି. ସ୍ତ୍ରୀ. (ପ୍ରତି-କ୍ରିୟା) ପ୍ରତିକାର ।

ପ୍ରତିକ୍ଷଣ, କ୍ରି. ବିଂ. (ପ୍ରତି-କ୍ଷଣ) କ୍ଷଣେ କ୍ଷଣେ, ପ୍ରତିମୁହୂର୍ତ୍ତି ।

ପ୍ରତିକ୍ଷିପ୍ତ, ବିଂ. ( ପ୍ରତି-କ୍ଷିପ୍-ତ ) ପ୍ରେରିତ, ନିନ୍ଦିତ, ତିରସ୍କୃତ, ବାଧିତ, ନିଷିଦ୍ଧ, ନିବାରିତ ।

ପ୍ରତିଗତ, ବି. ନ. (ପ୍ରତି-ଗତ) ପକ୍ଷୀର ଗତିବିଶେଷ । ବିଂ. ପରାବୃତ୍ତ ।

ପ୍ରତିଗିରି, ବି. ପୁଂ. (ପ୍ରତି-ଗିରି) ପର୍ବତସଦୃଶ, କ୍ଷୁଦ୍ର ପର୍ବତ, ପାହାଡ଼ ।

ପ୍ରତିଗ୍ରହ, ବି. ପୁଂ. (ପ୍ରତି-ଗ୍ରହ୍-ଅ) ସ୍ୱୀକାର, ଗ୍ରହଣ, ଅନୁଗ୍ରହ, ସୈନ୍ୟପୃଷ୍ଠ, ସୈନ୍ୟରକ୍ଷା, ପ୍ରତିକୂଳ ଗ୍ରହ, ପ୍ରତ୍ୟଭିଯୋଗ, ଦେୟବସ୍ତୁ, ପିକଦାନୀ ।

ପ୍ରତିଗ୍ରହଣ, ବି. ନ. (ପ୍ରତି-ଗ୍ରହ୍-ଅନ) ସ୍ୱୀକାର, ଦାନ ନେବା ।

ପ୍ରତିଗ୍ରାହ, ବି. ପୁଂ. ( ପ୍ରତି-ଗ୍ରହ୍-ଅ ) ସ୍ୱୀକାର, ନିଷ୍ଠୀବନପାତ୍ର, ପିକଦାନୀ ।

ପ୍ରତିଘ, ବି. ପୁଂ. ( ପ୍ରତି-ହନ୍-ଅ ) ପ୍ରତିବନ୍ଧକ, ବ୍ୟାଘାତ, କୋପ, କ୍ରୋଧ, ମୂର୍ଚ୍ଛା । ବିଂ. ପ୍ରତିକୂଳ ।

ପ୍ରତିଘାତ, ପ୍ରତୀଘାତ, } ବି. ପୁଂ. ( ପ୍ରତି-ହନ୍-ଅ ) ଗୋଟିଏ ପଦାର୍ଥ ଆଉ ଗୋଟିଏ ପଦାର୍ଥକୁ ଆଘାତ କଲେ ଆହତ ପଦାର୍ଥ ଯେ ପୁନର୍ବାର ତାହାକୁ ଆଘାତ କରେ, ଆଘାତ, ପ୍ରତିବନ୍ଧ, ବ୍ୟାଘାତ, ନିକ୍ଷେପ ।

ପ୍ରତିଘାତନ, ବି. ନ. (ପ୍ରତି-ହନ୍-ଅନ) ମାରଣ, ହତ୍ୟା, ବଧ, ବାଧା ।

ପ୍ରତିଘ୍ନ, ବି. ନ. (ପ୍ରତି-ଘ୍ନ) ଅଙ୍ଗ, ଶରୀର ।

ପ୍ରତିଚ୍ଛନ୍ଦଃ, ବି. ପୁଂ. (ପ୍ରତି-ଛନ୍ଦ୍-ଅସ୍) ପ୍ରତିରୂପ, ଅଭିପ୍ରାୟାନୁରୂପ ।

ପ୍ରତିଚ୍ଛାୟା, ବି. ସ୍ତ୍ରୀ. ( ପ୍ରତି-ଛାୟା ) ପ୍ରତିମୂର୍ତ୍ତି, ପ୍ରତିକୃତି, ଚିତ୍ର, ଛବି, ସାଦୃଶ୍ୟ ।

ପ୍ରତିଚ୍ଛେଦ, ବି. ପୁଂ. ( ପ୍ରତି-ଛେଦ ) ବାଧା, ପ୍ରତିବନ୍ଧ, ବୈପରୀତ୍ୟ ।

ପ୍ରତିଜଙ୍ଘା, ବି. ସ୍ତ୍ରୀ. (ପ୍ରତି-ଜଙ୍ଘା) ଘଣ୍ଟିକା ।

ପ୍ରତିଜ୍ଞା, ବି. ସ୍ତ୍ରୀ. (ପ୍ରତି-ଜ୍ଞା-ଆ) କର୍ତ୍ତବ୍ୟରୂପରେ ଅବଧାରଣ, ଅଙ୍ଗୀକାର, ସଂକଳ୍ପ, ଯେଉଁ ବିଷୟର ବ୍ୟବସ୍ଥାପନ କରିବାକୁ ହେବ ତାହାର ଉପନ୍ୟାସ, ଅଭିଯୋଗ, ପଣ । ନ୍ୟାୟମିତି ପ୍ରଭୃତି ଶାସ୍ତ୍ରରେ ସାଧ୍ୟ । Proposition

ପ୍ରତିଜ୍ଞାତ, ବିଂ. ( ପ୍ରତି-ଜ୍ଞାତ ) ଅଙ୍ଗୀକୃତ, କର୍ତ୍ତବ୍ୟରୂପରେ ଅବଧାରିତ, ଅଭିଯୋଗର ବିଷୟ ।

ପ୍ରତିଜ୍ଞେୟ, ବି. ପୁଂ. (ପ୍ରତି-ଜ୍ଞା-ଯ) ସ୍ତୁତିପାଠକ । ବିଂ. ପ୍ରତିଜ୍ଞାର ବିଷୟ, ଅଙ୍ଗୀକାର୍ଯ୍ୟ ।

ପ୍ରତିତାଲ, ବି. ପୁଂ. (ପ୍ରତି-ତାଲ) ସ୍ୱରବିଶେଷ, ସ୍ତ୍ରୀ. ଗୃହକାଠି, କୁଞ୍ଚି ।

ପ୍ରତିଦାନ, ବି. ନ. ( ପ୍ରତି-ଦାନ ) ପରିବର୍ତ୍ତନ, ବିନିମୟ, ବଦଲ, ଗଚ୍ଛିତ ବା ଗୃହୀତ ଦ୍ରବ୍ୟର ପ୍ରତ୍ୟର୍ପଣ ।

ପ୍ରତିଦାରଣ, ବି. ନ. ( ପ୍ରତି-ଦାରଣ ) ସଂଗ୍ରାମ, ଯୁଦ୍ଧ ।

ପ୍ରତିଦିନ, କ୍ରି. ବିଂ. (ପ୍ରତି-ଦିନ) ପ୍ରତ୍ୟହ, ଦିନ ଦିନ ।

ପ୍ରତିଦିଶ, ବି. ନ. ( ପ୍ରତି-ଦିଶ୍ ) ପ୍ରତ୍ୟେକ ଦିଗ୍ ।

ପ୍ରତିଦେୟ, ବିଂ. (ପ୍ରତି-ଦେୟ) ପ୍ରତିଦାନ କରିବା ଯୋଗ୍ୟ, ଫେରିଦେବା ଉପଯୁକ୍ତ ।

ପ୍ରତିଦ୍ୱନ୍ଦ୍ୱୀ, ବିଂ. ( ପ୍ରତି-ଦ୍ୱନ୍ଦ୍ୱ-ଇନ୍ ) ପ୍ରତିପକ୍ଷ, ଶତ୍ରୁ ।

ପ୍ରତିଧ୍ୱନି } ବି. ପୁଂ. ( ପ୍ରତି-ଧ୍ୱନି, ଧ୍ୱାନ )
ପ୍ରତିଧ୍ୱାନ } ପ୍ରତିଶବ୍ଦ ।

ପ୍ରତିଧ୍ୱନିତ } ବିଂ. ( ପ୍ରତି-ଧ୍ୱନିତ, ଧ୍ୱାନ୍ତ )
ପ୍ରତିଧ୍ୱାନ୍ତ } ପ୍ରତିଶବ୍ଦିତ ।

ପ୍ରତିନନ୍ଦନ, ବି. ନ. ( ପ୍ରତି-ନନ୍ଦ୍-ଅନ ) ଅଭିନନ୍ଦନ, ପ୍ରଶଂସା, ଆଶୀର୍ବାଦଦ୍ୱାରା ସମ୍ଭାଷଣ ।

ପ୍ରତିନିଧି, ବି. ପୁଂ. ( ପ୍ରତି-ନି-ଧା-ଇ ) ତୁଲ୍ୟ, ସଦୃଶ, ପ୍ରତିରୂପ, ବଦଳ, ପ୍ରତିଭୂ ।

ପ୍ରତିନିବୃତ୍ତ, ବିଂ. ( ପ୍ରତି-ନିବୃତ୍ତ ) ପ୍ରତ୍ୟାଗତ, ଫେରି ଆସିବା ।

ପ୍ରତିପ } ବି. ପୁଂ. ( ପ୍ରତି-ପା-ଅ ) ଚନ୍ଦ୍ରବଂଶୀୟ
ପ୍ରତୀପ } ନୃପବିଶେଷ, ଶାନ୍ତନୁଙ୍କ ପିତା, ଭୀଷ୍ମଙ୍କ ପିତାମହ ।

ପ୍ରତିପକ୍ଷ, ବି. ପୁଂ. ( ପ୍ରତି-ପକ୍ଷ ) ବିପକ୍ଷ, ଶତ୍ରୁ, ପ୍ରତିବାଦୀ, ଆସାମୀ ।

ପ୍ରତିପତ୍ତି, ବି. ସ୍ତ୍ରୀ ( ପ୍ରତି-ପଦ୍-ତି ) ପ୍ରାପ୍ତି, ପଦପ୍ରାପ୍ତି, ମାନ, ସମ୍ମାନ, ସୁଖ୍ୟାତି, ଗୌରବ, ପ୍ରବୃତ୍ତି, ଅନୁମାନ, ନିଶ୍ଚୟ, କର୍ତ୍ତବ୍ୟଜ୍ଞାନ, ଅଙ୍ଗୀକାର ।

ପ୍ରତିପଦ୍, ବି. ସ୍ତ୍ରୀ. ( ପ୍ରତି-ପଦ୍-୦ ) ଶୁକ୍ଳ ବା କୃଷ୍ଣପକ୍ଷର ପ୍ରଥମ ତିଥି, ବୁଦ୍ଧି ।

ପ୍ରତିପନ୍ନ, ବିଂ. ( ପ୍ରତି ପଦ୍-ତ ) ସମ୍ପାଦିତ, ଜ୍ଞାତ, ଅବଧାରିତ, ନିଶ୍ଚିତ, ପ୍ରାମାଣିକ, ଯୁକ୍ତିବାଦ ଦ୍ୱାରା ସମର୍ଥିତ, ଅଙ୍ଗୀକୃତ, ଗୃହୀତ, ପ୍ରାପ୍ତ ।

ପ୍ରତିପାଦକ, ବିଂ. ( ପ୍ରତି ପଦ୍-ଅକ ) ନିର୍ବାହକ, ନିର୍ଣ୍ଣାୟକ, ବୋଧକ, ଜ୍ଞାପକ, ଉତ୍ପାଦକ ।

ପ୍ରତିପାଦନ, ବି. ନ. ( ପ୍ରତି-ପାଦ ଅନ ) ଦାନ, ସମ୍ପାଦନ, ନିର୍ବାହ, ଜ୍ଞାପକ, ବୋଧନ, ପ୍ରତିପତ୍ତି, ଉତ୍ପାଦନ, ସ୍ୱୀକରଣ ।

ପ୍ରତିପାଦିତ, ବିଂ. ( ପ୍ରତି-ପାଦ-ତ ) ନିଷ୍ପାଦିତ, ସମ୍ପାଦିତ, ଦତ୍ତ, ସ୍ୱୀକୃତ, ବିଜ୍ଞାପିତ, ବୋଧିତ ।

ପ୍ରତିପାଦ୍ୟ, ବିଂ. ( ପ୍ରତି-ପଦ୍-ଯ ) ଅଭିଧେୟ, ବୋଧ୍ୟ, ନିର୍ଣ୍ଣେୟ ବିଷୟ ।

ପ୍ରତିପାଳକ, ବିଂ. ( ପ୍ରତି ପାଳ-ଅକ ) ରକ୍ଷକ, ଯେ ପ୍ରତିପାଳନ କରେ ।

ପ୍ରତିପାଳନ, ବି. ନ. ( ପ୍ରତି-ପାଳ୍-ଅନ ) ରକ୍ଷଣ, ପୋଷଣ ।

ପ୍ରତିପାଳିତ, ବିଂ. ( ପ୍ରତି-ପାଳ୍-ତ ) ଯାହାକୁ ପ୍ରତିପାଳନ କରାଯାଇଅଛି ।

ପ୍ରତିପୋଷକ, ବିଂ. ( ପ୍ରତି-ପୁଷ୍-ଅକ ) ସହାୟକାରୀ, ଆନୁକୂଲ୍ୟକାରୀ ।

ପ୍ରତିପ୍ରିୟ, ବି. ନ. ( ପ୍ରତି-ପ୍ରିୟ ) ପ୍ରତ୍ୟୁପକାର, ଉପକାରର ଉପକାର ।

ପ୍ରତିଫଳ, ବି. ନ, ( ପ୍ରତି-ଫଳ ) ପ୍ରତିବିମ୍ବ, ପ୍ରତ୍ୟୁପକାର, ପ୍ରତିଶୋଧ । ଯଥା—

ପ୍ରତିଫଳ ଦେବେ ରବିଙ୍କି ମନେ ହେଲା ସାହସ । ଚ. ଚ.

ପ୍ରତିଫଳିତ, ( ପ୍ରତି-ଫଳ୍-ତ ) ପ୍ରତିବିମ୍ବିତ ।

ପ୍ରତିବଦ୍ଧ, ବିଂ. ( ପ୍ରତି-ବଦ୍ଧ ) ବ୍ୟାହତ, ବ୍ୟାଧିତ ।

ପ୍ରତିବନ୍ଧ, ବି. ପୁଂ. ( ପ୍ରତି-ବନ୍ଧ୍-ଅ ) ବାଧା, ବିଘ୍ନ, ବ୍ୟାଘାତ ।

ପ୍ରତିବନ୍ଧକ, ବିଂ. ( ପ୍ରତି ବନ୍ଧ୍-ଅକ ) ବାଧାଜନକ, ବ୍ୟାଘାତକାରକ । ବି. ପୁଂ. ବିଟପ, ଶାଖା ।

ପ୍ରତିବୋଧ, ବି. ପୁଂ. ( ପ୍ରତି-ବୋଧ ) ଜାଗରଣ, ଚୈତନ୍ୟ, ପ୍ରବୋଧ ।

ପ୍ରତିଭା, ବି. ସ୍ତ୍ରୀ. ( ପ୍ରତି-ଭା-ଅ ) ଅସାଧାରଣ ବୁଦ୍ଧିଶକ୍ତି, ପ୍ରତ୍ୟୁତ୍ପନ୍ନମତି, ବୁଦ୍ଧି, ପ୍ରଭା, ଦୀପ୍ତି, ସାଦୃଶ୍ୟ ।

ପ୍ରତିଭାତ, ବିଂ. ( ପ୍ରତି-ଭା-ତ ) ପ୍ରଦୀପ୍ତ, ଉଦିତ ।

ପ୍ରତିଭାନ୍ୱିତ } ବିଂ. ( ପ୍ରତିଭା-ଅନ୍ୱିତ, ବତ୍,
ପ୍ରତିଭାବାନ୍ } ମୁଖ, ) ଅସାଧାରଣ ବୁଦ୍ଧି
ପ୍ରତିଭାମୁଖ } ଶକ୍ତିଶାଳୀ ।

ପ୍ରତିଷ୍ଠିତ, ବିଂ. ( ପ୍ରତି-ସ୍ଥା-ତ ) ପ୍ରାପ୍ତ, ଶୋଧିତ ।

ପ୍ରତିଭୂ, ବି. ପୁଂ. ( ପ୍ରତି-ଭୂ-ଂ ) ଉତ୍ତମର୍ଣ୍ଣୀୟ, ଜାମିନ ।

ପ୍ରତିମ, ବିଂ. ( ପ୍ରତି-ମା ଅ ) ଶବ୍ଦର ପରବର୍ତ୍ତୀ ହେଲେ ସଦୃଶାର୍ଥବୋଧକ । ମା, ସ୍ତ୍ରୀ. ସାଦୃଶ୍ୟ, ପ୍ରତିମୂର୍ତ୍ତି, ପ୍ରତିକୃତି, ଛବି । ଯଥା—

ପ୍ରତିକୋଠିରେ କଳା ଚଉଷଠିରେ ପ୍ରତିମ ମାନ ନବ ତ ।

ପ୍ରତିବିମ୍ବ, ଗଜଦନ୍ତବନ୍ଧ ।

ପ୍ରତିମୂର୍ତ୍ତି, ବିଂ. ସ୍ତ୍ରୀ. ( ପ୍ରତି-ମୂର୍ତ୍ତି ) ପ୍ରତିକୃତି, ଆକୃତି, ଛବି ।

ପ୍ରତିମୋଚନ, ବି. ନ. ( ପ୍ରତି-ମୁଚ୍-ଅନ ) ବିମୋଚନ, ବନ୍ଧନମୋଚନ, ନିର୍ଯ୍ୟାତନ, ପରିଧାନ ।

ପ୍ରତିଯୋଗ, ବି. ପୁଂ. (ପ୍ରତି-ଯୁଜ୍-ଅ)ବିପକ୍ଷତା, ବିରୋଧ ।

ପ୍ରତିଯୋଗୀ, ବି. ପୁଂ. (ପ୍ରତି-ଯୁଜ୍-ଇନ୍) ପ୍ରତିଦ୍ୱନ୍ଦ୍ୱୀ, ବିରୋଧୀ, ସଦୃଶ,ସମକକ୍ଷ, ତୁଲ୍ୟବଳ, ପ୍ରତିକୂଳ ।

ପ୍ରତିଯୋଧ, ବି. ପୁଂ. (ପ୍ରତି-ଯୁଧ୍-ଅ) ପ୍ରତିପକ୍ଷ, ଯୋଦ୍ଧା ।

ପ୍ରତିରବ, ବି. ପୁଂ. (ପ୍ରତି-ରବ) ପ୍ରତିଧ୍ୱନି ।

ପ୍ରତିରୁଦ୍ଧ, ବିଂ. ( ପ୍ରତି-ରୁଧ୍-ତ ) ଅବରୁଦ୍ଧ, ଅଟକ କରିବା, ନିବାରିତ ।

ପ୍ରତିରୂପ, ବି. ନ. (ପ୍ରତି-ରୂପ) ସାଦୃଶ୍ୟ, ପ୍ରତିମୂର୍ତ୍ତି, ପ୍ରତିବିମ୍ବ । ବିଂ. ସଦୃଶ ।

ପ୍ରତିରୋଧ, ବି. ପୁଂ. (ପ୍ରତି-ରୁଧ୍-ଅ) ନିବାରଣ, ଚୌର୍ଯ୍ୟ, ପ୍ରତିବନ୍ଧ, ଅବରୋଧ, ଅଟକ, ତିରସ୍କାର ।

ପ୍ରତିରୋଧକ } ପ୍ରତିରୋଧୀ } ବି. ପୁଂ. ( ପ୍ରତି-ରୁଧ୍-ଅକ ଇନ୍) ଚୋର । ବିଂ. ଯେ ପ୍ରତିରୋଧ କରେ, ନିରୋଧକ, ବ୍ୟାଘାତକ ।

ପ୍ରତିରୋଧିତ, ବିଂ. (ପ୍ରତି ରୋଧ ତ) ନିବାରିତ, ବ୍ୟାହତ ।

ପ୍ରତିଲୋମ, ବିଂ. ( ପ୍ରତି-ଲୋମ-ଅ ) ବାମ, ପ୍ରତିକୂଳ, ବ୍ୟୁତ୍କ୍ରମ, ଓଲଟା ।

ପ୍ରତିଲୋମଜ, ବିଂ. (ପ୍ରତି-ଲୋମ-ଜ) କ୍ଷତ୍ରିୟର ଔରସରେ ବ୍ରାହ୍ମଣୀର ଗର୍ଭଜାତ, ବୈଶ୍ୟର ଔରସରେ କ୍ଷତ୍ରିୟାର ଗର୍ଭଜାତ ଇତ୍ୟାଦି କ୍ରମରେ ଉତ୍ପନ୍ନ ।

ପ୍ରତିବାଦ } ପ୍ରତୀବାଦ } ବି. ପୁଂ. ( ପ୍ରତି-ବଦ୍-ଅ ) ପ୍ରତିକୂଳ ଉକ୍ତି, ବିରୋଧରେ କହିବା, ଅପତ୍ତି ।

ପ୍ରତିବାଦୀ, ବିଂ. ( ପ୍ରତି-ବଦ୍-ଇନ୍ ) ପ୍ରତିପକ୍ଷ, ଆସାମୀ, ପ୍ରତ୍ୟର୍ଥୀ ।

ପ୍ରତିବାସର, ବି. ନ. ( ପ୍ରତି-ବାସର ) ପ୍ରତିଦିନ, ପ୍ରତ୍ୟହ ।

ପ୍ରତିବାସୀ, ବିଂ. (ପ୍ରତି ବାସୀ)ନିକଟବର୍ତ୍ତୀ ଗୃହସ୍ଥ, ପଡ଼ୋଶୀ ।

ପ୍ରତିବିଧାନ, ବି. ନ. (ପ୍ରତି-ବି-ଧା-ଅନ) ପ୍ରତିକାର, ସଜ୍ଜା ।

ପ୍ରତିବିମ୍ବ, ବି. ନ. ( ପ୍ରତି-ବିମ୍ବ ) ପ୍ରତିଚ୍ଛାୟା, ଦର୍ପଣାଦିରେ ପଡ଼ିଲ ଅନୁରୂପ ଆକୃତି ।

ପ୍ରତିବିମ୍ବନ, ବି. ନ. ( ପ୍ରତିବିମ୍ବ-ଅନ ) ସ୍ୱଚ୍ଛ ପଦାର୍ଥରେ ଅନୁରୂପ ଆକୃତି ପତନ ।

ପ୍ରତିବିମ୍ବିତ, ବିଂ. ( ପ୍ରତିବିମ୍ବ ଇତ ) ପ୍ରତିବିମ୍ବ ପ୍ରାପ୍ତ, ଯାହାର ପ୍ରତିବିମ୍ବ ପଡ଼ିଅଛି ।

ପ୍ରତିବେଶ } ପ୍ରତୀବେଶ } ବି. ପୁଂ. ( ପ୍ରତି-ବିଶ୍-ଅ ) ସମୀପବର୍ତ୍ତୀ ବାସସ୍ଥାନ ।

ପ୍ରତିବେଶୀ } ପ୍ରତୀବେଶୀ } ବିଂ ( ପ୍ରତିବେଶ-ଇନ୍ ) ପ୍ରତିବାସୀ, ସମୀପବର୍ତ୍ତୀ ଗୃହସ୍ଥ ।

ପ୍ରତିଶବ୍ଦ, ବି. ପୁଂ (ପ୍ରତି-ଶବ୍ଦ) ପ୍ରତିଧ୍ୱନି, ଏକାର୍ଥବୋଧକ ଶବ୍ଦ ।

ପ୍ରତିଶ୍ରୟ, ବି. ପୁଂ (ପ୍ରତି-ଶ୍ରି-ଅ) ସଭା, ଆଶ୍ରୟସ୍ଥାନ, ଗୃହ, ଯଜ୍ଞଶାଳା, ଅତିଥିଶାଳା ।

ପ୍ରତିଶ୍ରବ, ବି. ପୁଂ. ( ପ୍ରତି-ଶ୍ରୁ-ଅ ) ସ୍ୱୀକାର, ଅଙ୍ଗୀକାର ।

ପ୍ରତିଶ୍ରୁତ, ବିଂ. ( ପ୍ରତି ଶ୍ରୁ-ତ ) ସ୍ୱୀକୃତ, ଅଙ୍ଗୀକୃତ ।

ପ୍ରତିଷିଦ୍ଧ, ବିଂ. ( ପ୍ରତି-ଷିଧ୍-ତ ) ନିବାରିତ, ନିଷିଦ୍ଧ ।

ପ୍ରତିଷେଧ, ବି. ପୁଂ. ( ପ୍ରତି-ଷିଧ୍-ଅ ) ନିଷେଧ, ନିବାରଣ, ପରିହାର, ତ୍ୟାଗ ।

ପ୍ରତିଷ୍ଟମ୍ଭ, ବି. ପୁଂ. (ପ୍ରତି-ସ୍ତନ୍ଭ୍-ଅ) ପ୍ରତିବନ୍ଧ, ବାଧା, ରୋଧ ।

ପ୍ରତିଷ୍ଠ, ବିଂ. ( ପ୍ରତି-ସ୍ଥା-ଅ ) ଗୌରବାନ୍ୱିତ, ପ୍ରତିଷ୍ଠାଯୁକ୍ତ ।

ପ୍ରତିଷ୍ଠା, ବି. ସ୍ତ୍ରୀ ( ପ୍ରତି-ସ୍ଥା-ଅ-ଆ ) ସୁଖ୍ୟାତି, ଗୌରବ, ମର୍ଯ୍ୟାଦା, ବ୍ରତାଦିର ଉଦ୍‌ଯାପନ, ସଂସ୍କାରବିଶେଷ, ପୁଷ୍କରିଣ୍ୟାଦି ଉତ୍ସର୍ଗ, ଅବଲମ୍ବନ, ଆଶ୍ରୟ, ଆସ୍ପଦ, ସ୍ଥାନ, ପୃଥିବୀ, ସମ୍ପ୍ରୀତି, ସ୍ଥିତି, ଛନ୍ଦୋବିଶେଷ ।

ପ୍ରତିଷ୍ଠାନ, ବି. ନ. ( ପ୍ରତି-ସ୍ଥା-ନ ) ଗୋଦାବରୀ ନଦୀ ତୀରସ୍ଥ ନଗରବିଶେଷ, ଏହାର ବର୍ତ୍ତମାନ ନାମ ମଙ୍ଗଲାପଟ୍ଟନ ।

ପ୍ରତିଷ୍ଠାପିତ, ବିଂ. ( ପ୍ରତି-ସ୍ଥାପି-ତ ) ସ୍ଥାପିତ, ଅର୍ପିତ ଉତ୍ସୃଷ୍ଟ ।

ପ୍ରତିଷ୍ଠିତ, ବିଂ. ( ପ୍ରତିଷ୍ଠା-ଇତ ) ବିଖ୍ୟାତ, ପ୍ରଶଂସିତ, ସମ୍ମାନିତ, ସମାପିତ, ସଂସ୍କୃତ, ବଦ୍ଧମୂଳ, ସ୍ଥାପିତ, ସ୍ଥିତ ।

ପ୍ରତିଷ୍ଣାତ, ବିଂ. ( ପ୍ରତି-ସ୍ନା-ତ ) ବିଶୁଦ୍ଧ, ପବିତ୍ର, ପୂତ ।

ପ୍ରତିସଂହାର, ବି.ପୁଂ. (ପ୍ରତି-ସମ୍-ହୃ-ଅ) ନିବର୍ତ୍ତନ, ପ୍ରତ୍ୟାକର୍ଷଣ, ସଙ୍କୋଚ ।

ପ୍ରତିସଂହୃତ, ବିଂ. (ପ୍ରତି-ସମ୍-ହୃ-ତ ) ସଙ୍କୁଚିତ, ପ୍ରତ୍ୟାକୃଷ୍ଟ, ପ୍ରତ୍ୟାନୀତ, ନିବର୍ତ୍ତିତ, ଅବରୁଦ୍ଧ,

ପ୍ରତିସମାଧାନ, ବି. ନ. ( ପ୍ରତି-ସମ୍ ଆ-ଧା-ଅନ ) ପ୍ରତୀକାର ।

ପ୍ରତିସର, ବି. ପୁଂ. (ପ୍ରତି-ସୃ-ଅ) ହାତସୂତା, ନିଜ, ସୈନ୍ୟପୃଷ୍ଠ, କଙ୍କଣ, ପ୍ରାତଃକାଳ, ହସ୍ତସୂତ୍ର, ମନ୍ତ୍ରବିଶେଷ, ବ୍ରଣଶୋଧନ, ଷତ୍ରାଦ୍ଧି ଅରୋଗ୍ୟ କରିବା । ପୁଂ ନ. ଭୂଷଣ । ବିଂ. ନିଯୋଜ୍ୟ, ଅଧୀନ ।

ପ୍ରତିସର୍ଗ, ବି. ପୁଂ. (ପ୍ରତି-ସର୍ଗ) ବ୍ରହ୍ମାଙ୍କ ସୃଷ୍ଟି-ପରେ ଦକ୍ଷାଦିଙ୍କ ସୃଷ୍ଟି, ମରୀଚ୍ୟାଦିକର୍ତ୍ତୃକ ସୃଷ୍ଟି

ପ୍ରତିସବ୍ୟ ବିଂ. (ପ୍ରତି-ସବ୍ୟ) ପ୍ରତିକୂଳ ବିପରୀତ

ପ୍ରତିସୃଷ୍ଟ, ବିଂ (ପ୍ରତି-ସୃଜ୍-ତ) ପ୍ରେରିତ, ଦତ୍ତ, ବିସୃଷ୍ଟ, ପ୍ରତ୍ୟାଖ୍ୟାତ ।

ପ୍ରତିହତ, ବିଂ. (ପ୍ରତି-ହନ୍-ତ) ନିରସ୍ତ, ବ୍ୟାହତ, ଆହତ, ପ୍ରେରିତ, ପ୍ରତିବଦ୍ଧ, ରୁଦ୍ଧ, ପ୍ରତିସ୍ଖଳିତ,

ପ୍ରତିହନ୍ତା } ବି. ( ପ୍ରତି-ହନ, ତୃ )
ପ୍ରତିହର୍ତ୍ତା } ନିବାରକ, ନାଶକ ।

ପ୍ରତିହାର } ବି. ପୁଂ. ( ପ୍ରତି-ହୃ-ଅ ) ଦ୍ୱାର,
ପ୍ରତୀହାର } ଦ୍ୱାରପାଳ, ଦୌବାରିକ, ପରିହାର, ତ୍ୟାଗ, ବାଜୀକର, ମାୟା, କପଟତା ।

ପ୍ରତିହାରୀ } ବି' ସ୍ତ୍ରୀ. ( ପ୍ରତିହାର-ଇନ୍ )
ପ୍ରତୀହାରୀ } ଦ୍ୱାରପାଳ । ଇଣୀ, ସ୍ତ୍ରୀ. ଦ୍ୱାରପାଳିକା ।

ପ୍ରତିହାର୍ଯ୍ୟ, ବିଂ. (ପ୍ରତି-ହୃ-ଯ) ପରିହାର୍ଯ୍ୟ, ତ୍ୟାଜ୍ୟ ।

ପ୍ରତିହାସ } ବି. ପୁଂ. (ପ୍ରତି-ହସ୍-ଅ) ଉପହାସ-
ପ୍ରତୀହାସ } କାରୀ, ପ୍ରତିହାସ୍ୟ ।

ପ୍ରତିହିଂସା, ବି. ସ୍ତ୍ରୀ. (ପ୍ରତି-ହିଂସା) ବୈରଶୁଦ୍ଧି, ବୈରନିର୍ଯ୍ୟାତନ ।

ପ୍ରତୀକ, ବିଂ. (ପ୍ରତି-ଇକ) ପ୍ରତିକୂଳ, ବିପରୀତ । ବି. ପୁଂ. ଅଙ୍ଗ, ଅବୟବ ।

ପ୍ରତୀକାର, ବି. ପୁଂ. (ପ୍ରତି-କୃ-ଅ) ପ୍ରତିଫଳ, ବୈରନିର୍ଯ୍ୟାତନ, ପରିଶୋଧ, ଉପାୟ, ଚିକିତ୍ସା ।

ପ୍ରତୀକାର୍ଯ୍ୟ, ବିଂ. (ପ୍ରତି-କୃ-ଯ) ପ୍ରତୀକାର କରିବାର ଯୋଗ୍ୟ ।

ପ୍ରତୀକାଶ, ବିଂ. (ପ୍ରତି-କାଶ୍-ଅ) ତୁଲ୍ୟ, ସଦୃଶ

ପ୍ରତୀକ୍ଷଣ, ନ. } ବ. (ପ୍ରତି-ଈକ୍ଷ-ଅନ୍-ଅ, ଆ )
ପ୍ରତୀକ୍ଷା, ସ୍ତ୍ରୀ. } ଅପେକ୍ଷା, ପ୍ରତିପାଳନ, ପୂଜା ।

ପ୍ରତୀଚୀ, ବ. ସ୍ତ୍ରୀ. ପଶ୍ଚିମଦିଗ୍ ।

ପ୍ରତୀଚୀନ } ବଂ. ( ପ୍ରତୀଚୀ-ଈନ,ଯ ) ପଶ୍ଚିମ
ପ୍ରତୀଚ୍ୟ } ଦିଗଜାତ, ପଶ୍ଚିମଦିଗସ୍ଥ, ପଶ୍ଚିମ-ଦେଶୀୟ ।

ପ୍ରତୀତ, ବଂ. ( ପ୍ରତି-ଇ-ତ ) ଖ୍ୟାତ, ପ୍ରସିଦ୍ଧ, ସମ୍ମାନିତ, ଜ୍ଞାତ, ପ୍ରୀତ, ହୃଷ୍ଟ, ଜ୍ଞାନବାନ୍, ଅଙ୍ଗୀକୃତ, ବିଶ୍ୱସ୍ତ ।

ପ୍ରତୀତି, ବ. ସ୍ତ୍ରୀ. (ପ୍ରତି ଇ-ତି) ଖ୍ୟାତି, ପ୍ରସିଦ୍ଧି, ଜ୍ଞାନ, ସମ୍ମାନ, ଆଦର, ହର୍ଷ, ପ୍ରୀତି, ବିଶ୍ୱାସ ।

ପ୍ରତୀପ, ବ. ପୁଂ. ( ପ୍ରତି-ଅପ୍-ଅ,ଅପ=ଈପ ) ଶାନ୍ତନୁ ରାଜାଙ୍କ ପିତା । ବଂ. ପ୍ରତିକୂଳ, ବିପରୀତ, ପରାଙ୍ମୁଖ, ପଶ୍ଚିମ ।

ପ୍ରତୀୟମାନ, ବଂ. (ପ୍ରତି-ଇ ଆନ) ଜ୍ଞାୟମାନ, ଯାହା ଜଣା ହୋଇଅଛି ।

ପ୍ରତେ, ବ. ବିଶ୍ୱାସ । ଯଥା—

ମୀନ ଲତାରେ କରଛ ଝଳ,
ପ୍ରତେ ବନ୍ଧେ କି କରନ୍ତି କେଳ । ଲ. ବ.

ପ୍ରତୋଦ,ବ.ପୁଂ.(ପ୍ର-ତୁଦ୍-ଅ)ଅଶ୍ୱାଦିର ତାଡ଼ନ-ଦଣ୍ଡ ଚାବୁକ ।

ପ୍ରତ୍ନ, ବଂ. ( ପ୍ର-ନ ) ପୁରାତନ, ପୁରୁଣା ।

ପ୍ରତ୍ନତତ୍ତ୍ୱ, ବ.ପୁଂ. (ପ୍ରତ୍ନ-ତତ୍ତ୍ୱ) ପୁରାଣ, ଇତିହାସ

ପ୍ରତ୍ୟକ୍, ଅଂ. (ପ୍ରତି-ଅନ୍ଚ-୦) ପଶ୍ଚାତ୍, ପୂର୍ବ, ପଶ୍ଚିମଦିଗ୍ । ବଂ. ପଶ୍ଚାଦ୍ବର୍ତ୍ତୀ, ପଶ୍ଚିମଦେଶୀୟ ।

ପ୍ରତ୍ୟକ୍ଷ, ବଂ. ( ପ୍ରତି ଅକ୍ଷ ) ଦୃଶ୍ୟ, ସାକ୍ଷାତ୍ ଇନ୍ଦ୍ରିୟଗ୍ରାହ୍ୟ, ଇନ୍ଦ୍ରିୟବିଷୟ । ବ. ନ. ଇନ୍ଦ୍ରିୟଜନ୍ୟ ଜ୍ଞାନ ।

ପ୍ରତ୍ୟକ୍ଷଦର୍ଶକ, ବ. ପୁଂ. ( ପ୍ରତ୍ୟକ୍ଷ-ଦୃଶ୍-ଅକ ) ସାକ୍ଷୀ, ଯେ ସ୍ୱୟଂ ଦେଖେ ।

ପ୍ରତ୍ୟକ୍ଷବାଦ, ବ.ପୁଂ.(ପ୍ରତ୍ୟକ୍ଷ-ବାଦନ୍)ବୌଦ୍ଧ ।

ପ୍ରତ୍ୟକ୍ଷୀକୃତ, ବଂ. ( ପ୍ରତ୍ୟକ୍ଷ-ଚ୍ୱି-କୃତ ) ଯାହା ପ୍ରତ୍ୟକ୍ଷ କରା ହୋଇଅଛି ।

ପ୍ରତ୍ୟଗ୍ର, ବଂ. ( ପ୍ରତି-ଅଗ୍ର ) ନୂତନ, ଟାଟକା, ଅମ୍ଳାନ, ଶୋଧିତ ।

ପ୍ରତ୍ୟଙ୍ଗ, ବ. ନ. ( ପ୍ରତି-ଅଙ୍ଗ ) ଅଙ୍ଗାବୟବ, ଅଙ୍ଗର ଅଙ୍ଗ, ହସ୍ତ ପଦ କର୍ଣ୍ଣ ନାସିକା ପ୍ରଭୃତି ଅବୟବ, ଉପକରଣ ।

ପ୍ରତ୍ୟନ୍ତ, ବ ପୁଂ (ପ୍ରତି-ଅନ୍ତ ମ୍ଳେଚ୍ଛଦେଶ । ବଂ. ପ୍ରାନ୍ତବର୍ତ୍ତୀ, ସନ୍ନିହିତ, ନିକଟବର୍ତ୍ତୀ ।

ପ୍ରତ୍ୟଭିଯୋଗ, ବ. ପୁଂ. ( ପ୍ରତି-ଅଭିଯୋଗ ) ଅଭିଯୋକ୍ତାର ପ୍ରତି ଅଭିଯୋଗ, ଅଭିଯୁକ୍ତ ବ୍ୟକ୍ତିର ଆତ୍ମଦୋଷଖଣ୍ଡନପୂର୍ବକ ଅଭିଯୋକ୍ତାର ପ୍ରତିକୂଳରେ ଅଭିଯୋଗ, ଆପିଲ ।

ପ୍ରତ୍ୟଭିବାଦ, ପୁଂ. } ବ. (ପ୍ରତି-ଅଭିବାଦ,
ପ୍ରତ୍ୟଭିବାଦନ,ନ. } ଅଭିବାଦନ) ପ୍ରଣମ୍ୟ ବ୍ୟକ୍ତିକୁ ପ୍ରଣାମ କଲେ ସେ ଯେଉଁ ଆଶୀର୍ବାଦ କରନ୍ତି ।

ପ୍ରତ୍ୟୟ, ବ. ପୁଂ. ( ପ୍ରତି-ଇ-ଅ ) ନିଶ୍ଚୟଜ୍ଞାନ, ବିଶ୍ୱାସ, ଶପଥ, ହେତୁ, ଖ୍ୟାତି, ପ୍ରସିଦ୍ଧି, ରନ୍ଧ୍ର, ଛିଦ୍ର, ଅଧୀନ, ବ୍ୟାକରଣରେ ଶବ୍ଦ ବା ଧାତୁର ଉତ୍ତର ପ୍ରଯୁକ୍ତ ହୋଇଥାଏ ।

ପ୍ରତ୍ୟୟିତ, ବଂ. (ପ୍ରତ୍ୟୟ-ଇତ ବିଶ୍ୱସ୍ତ, ବିଶ୍ୱାସ-ପାତ୍ର, ପ୍ରତ୍ୟୟଗତ ।

ପ୍ରତ୍ୟୟୀ, ବଂ. (ପ୍ରତ୍ୟୟ-ଇନ୍) ବିଶ୍ୱାସୀ ।

ପ୍ରତ୍ୟର୍ଥୀ, ବଂ. (ପ୍ରତି-ଅର୍ଥ-ଇନ୍) ବିପକ୍ଷ, ଶତ୍ରୁ, ପ୍ରତିକୂଳ, ପ୍ରତିବାଦୀ, ଅସାମୀ ।

ପ୍ରତ୍ୟର୍ପଣ, ବ. ନ (ପ୍ରତି-ଅର୍ପଣ) ପ୍ରତିଦାନ, ଫେରେଇଦେବା ।

ପ୍ରତ୍ୟର୍ପିତ, ବଂ. ( ପ୍ରତି-ଅର୍ପିତ ) ପ୍ରତିଦତ୍ତ, ଯାହା ଫେରାଇ ଦିଆ ହୋଇଅଛି ।

ପ୍ରତ୍ୟବସାନ, ବ. ନ. (ପ୍ରତି-ଅବ-ସୋ-ଅନ ) ଭୋଜନ, ଭକ୍ଷଣ ।

ପ୍ରତ୍ୟବସିତ, ବଂ. (ପ୍ରତି-ଅବ-ସୋ-ତ) ଭୁକ୍ତ, ଭକ୍ଷିତ ।

ପ୍ରତ୍ୟବହାର, ବି. ପୁଂ. ( ପ୍ରତି-ଅବ-ହୃ-ଅ ) ପ୍ରଳୟ, ଧ୍ୱଂସ, ନାଶ ।

ପ୍ରତ୍ୟବାୟ, ବି. ପୁଂ. (ପ୍ରତି-ଅବ-ଇ-ଅ) ପାପ, ଅନିଷ୍ଟ, କ୍ଷତି, ବିପରୀତ ଆଚରଣ ।

ପ୍ରତ୍ୟବେକ୍ଷଣ, ନ. } ବି.(ପ୍ରତି-ଅବ-ଈକ୍ଷ-ଅନ, ଅ )
ପ୍ରତ୍ୟବେକ୍ଷା, ସ୍ତ୍ରୀ } ବିଶେଷରୂପେ ଦର୍ଶନ, ତତ୍ତ୍ୱାବଧାନ, ଅନୁସନ୍ଧାନ, ବିଗ୍ରହ ।

ପ୍ରତ୍ୟହ, ଅ°. (ପ୍ରତି-ଅହନ୍) ପ୍ରତିଦିନ ।

ପ୍ରତ୍ୟାଖ୍ୟାତ, ବି°. (ପ୍ରତି-ଆ-ଖ୍ୟା-ତ) ନିରାକୃତ, ନିରସ୍ତ, ଦୂରୀକୃତ, ଅଙ୍ଗୀକୃତ ।

ପ୍ରତ୍ୟାଖ୍ୟାନ, ବି. ନ. ( ପ୍ରତି-ଆ-ଖ୍ୟା-ଅନ ) ନିରସନ, ନିହ୍ନକରଣ, ଦୂରୀକରଣ, ଅସ୍ୱୀକାର ।

ପ୍ରତ୍ୟାଗତ, ବି°. (ପ୍ରତି ଆଗତ) ପ୍ରତ୍ୟାବୃତ୍ତ, ଫେରି ଆସିବା ।

ପ୍ରତ୍ୟାଦିଷ୍ଟ, ବି° ( ପ୍ରତି-ଆ-ଦିଶ୍-ତ ) ପ୍ରତ୍ୟାଖ୍ୟାତ, ନିରାକୃତ, ଜ୍ଞାପିତ, ତ୍ୟକ୍ତ ।

ପ୍ରତ୍ୟାଦେଶ, ବି. ପୁଂ. (ପ୍ରତି-ଆ-ଦିଶ୍-ଅ) ନିରାକରଣ, ପ୍ରତ୍ୟାଖ୍ୟାନ, ପ୍ରତିବନ୍ଧ, ପରିତ୍ୟାଗ, ଜ୍ଞାପନ, ଦୈବବାଣୀ ।

ପ୍ରତ୍ୟାବୃତ୍ତ, ବି°. ( ପ୍ରତି-ଆ-ବୃତ୍-ତ ) ପ୍ରତ୍ୟାଗତ, ପୁନରାଗତ ।

ପ୍ରତ୍ୟାଶା, ବି. ସ୍ତ୍ରୀ. ( ପ୍ରତି ଆଶା ) ଆକାଂକ୍ଷା, ଭରସା, ପ୍ରତ୍ୟୟ ।

ପ୍ରତ୍ୟାଶୀ, ବି°. (ପ୍ରତ୍ୟାଶା-ଇନ୍) ଯେ ପ୍ରତ୍ୟାଶା କରେ ।

ପ୍ରତ୍ୟାହତ, ବି°. (ପ୍ରତି-ଆ-ହନ୍-ତ) ପ୍ରତିବନ୍ଧ, ବ୍ୟାହତ, ସଙ୍କୁଚିତ, କୁଣ୍ଠିତ ।

ପ୍ରତ୍ୟାହାର, ବି. ( ପ୍ରତି-ଆ-ହୃ-ଅ ) ଫେରାଇ ନେବା ।

ପ୍ରତ୍ୟାହୃତ, ବି°. (ପ୍ରତି-ଆ-ହୃ-ତ) ପ୍ରତ୍ୟାନୀତ, ପ୍ରତ୍ୟାକୃଷ୍ଟ ।

ପ୍ରତ୍ୟୁକ୍ତି, ବି. ( ପ୍ରତି-ବଚ୍-ତି ) ପ୍ରତିବଚନ, ଉତ୍ତର ।

ପ୍ରତ୍ୟୁତ, ଅ°. (ପ୍ରତି-ଉତ) ଉକ୍ତିର ବୈପରୀତ୍ୟ, ବରଂ, ଅନ୍ୟପକ୍ଷେ ।

ପ୍ରତ୍ୟୁତ୍ତର, ବି. ନ. ( ପ୍ରତି-ଉତ୍ତର ) ଉତ୍ତରର ଉତ୍ତର ।

ପ୍ରତ୍ୟୁତ୍ପନ୍ନ, ବି°. ( ପ୍ରତି-ଉତ୍ପନ୍ନ ) ପୁନରୁତ୍ପନ୍ନ, ପୁନର୍ବାର ଜାତ, ସତ୍ୱର, ହଠାତ୍ ।

ପ୍ରତ୍ୟୁତ୍ପନ୍ନମତି, ବି°. ( ପ୍ରତ୍ୟୁତ୍ପନ୍ନ-ମତି ) ପ୍ରତିଭାନ୍ୱିତ, ଅସାଧାରଣ ବୁଦ୍ଧିଶକ୍ତିବିଶିଷ୍ଟ, ହଠାତ୍ କୌଣସି ବିଷୟର ନିର୍ଣ୍ଣେତା, ଉପସ୍ଥିତ ବିଷୟରେ ଯାହାର ବୁଦ୍ଧି ସ୍ଫୂର୍ତ୍ତି ପାଏ, ବିପଦ ସମୟରେ ଯେ ହତବୁଦ୍ଧି ନ ହୁଏ । ବି ନ. ଉପସ୍ଥିତ ବୁଦ୍ଧି ।

ପ୍ରତ୍ୟୁପକାର, ବି. ପୁଂ. (ପ୍ରତି-ଉପକାର) କୌଣସି ବ୍ୟକ୍ତିର ଉପକାର କଲେ ସେ ଉପକର୍ତ୍ତାର ଯେ ଉପକାର କରେ ।

ପ୍ରତ୍ୟୁଷ } ବି. ନ. ( ପ୍ରତି-ଉଷ, ଉଷ, )
ପ୍ରତ୍ୟୂଷ } ପ୍ରାତଃ, ପ୍ରାତଃକାଳ ।

ପ୍ରତ୍ୟୂହ, ବି. ପୁଂ. ( ପ୍ରତି-ଉହ୍-ଅ ) ବିଘ୍ନ, ବାଧା, ବ୍ୟାଘାତ ।

ପ୍ରତ୍ୟେକ, କ୍ରି. ବି°. (ପ୍ରତି- ଏକ, ଏକବଚନାନ୍ତ) ଏକ ଏକ ସମୁଦାୟ, ପୃଥକ୍ ପୃଥକ୍ ।

ପ୍ରଥମ, ବି°. ( ପ୍ରଥ୍-ଅମ) ଆଦ୍ୟମ, ଅଦ୍ୟ, ମୁଖ୍ୟ, ପ୍ରଧାନ, ଶ୍ରେଷ୍ଠ ।

ପ୍ରଥମତଃ, ଅ°. (ପ୍ରଥମ-ତସ୍) ପ୍ରଥମେ, ଅଗ୍ରେ ।

ପ୍ରଥା, ବି. ନ. ( ପ୍ରଥ୍-ଅ ) ରୀତି, ଧାରା, ଖ୍ୟାତି, ପ୍ରସିଦ୍ଧି, ବିସ୍ତାର ।

ପ୍ରଥିତ, ବି°. (ପ୍ରଥ୍-ତ) ପ୍ରସିଦ୍ଧ, ଖ୍ୟାତ, ପ୍ରକୃଷ୍ଟ, ବିସ୍ତୃତ ।

ପ୍ରଥିଷ୍ଠ } ବି°. ( ପୃଥୁ-ଇଷ୍ଠ, ଇୟସ୍ ) ଅତି-
ପ୍ରଥୀୟାନ୍ } ବୃହତ୍ ।

ପ୍ରଦ, ବି°. (ପ୍ର-ଦା-ଅ) ଦାତା, ଦାନକାରୀ, ଯେ ପ୍ରଦାନ କରେ ।

ପ୍ରଦକ୍ଷିଣ, ବି. ନ. (ପ୍ର-ଦକ୍ଷିଣ) ପୂଜନୀୟ ବା ପ୍ରିୟ ବ୍ୟକ୍ତିର ଦକ୍ଷିଣ ଦିଗରୁ ଆରମ୍ଭ କରି

ଚତୁର୍ଦ୍ଦିଗରେ ବେଷ୍ଟନ, ବନ୍ଦନା, ଅଭ୍ୟର୍ଥନା ।

ପ୍ରଦତ୍ତ, ବିଂ. ( ପ୍ର-ଦା-ତ ) ସମର୍ପିତ, ଯାହା ଦିଅ ହୋଇଅଛି ।

ପ୍ରଦର, ବି. ପୁଂ. (ପ୍ର-ଦୃ-ଅ) ଭଙ୍ଗ, ବିଦାରଣ, ବାଣ, ସ୍ତ୍ରୀଲୋକର ରୋଗବିଶେଷ, ଋତୁ ସମୟରେ ଅଧିକ ପରିମାଣରେ ରକ୍ତ କ୍ଷରଣ ।

ପ୍ରଦର୍ଶକ, ବିଂ. (ପ୍ର ଦୃଶ୍-ଅକ) ଯେ ଦେଖାଏ, ପ୍ରଦର୍ଶନକାରୀ ।

ପ୍ରଦର୍ଶନ, ବି. ନ. (ପ୍ର-ଦୃଶ୍-ଣିଚ୍-ଅନ) ଉଲ୍ଲେଖ, ଦେଖାଇବା ।

ପ୍ରଦର୍ଶନୀ, ବି. ( ପ୍ର-ଦୃଶ୍-ଣିଚ୍-ଅନ ଈ ) ଦେଖାଇବା । ପ୍ରଦର୍ଶନଯୋଗ୍ୟ ପଦାର୍ଥମାନଙ୍କର ଏକତ୍ର ସମବାୟ । Exhibition

ପ୍ରଦର୍ଶିତ, ବିଂ. ( ପ୍ର-ଦର୍ଶି-ତ ) ଉଲ୍ଲିଖିତ, ଯାହା ଦେଖାଇ ଦିଆ ହୋଇଅଛି ।

ପ୍ରଦଳ, ବି. (ଦେଶଜ) ଗୋଳମାଳ ।

ମୋର ପ୍ରଦଳ ଶୁଣି ନନ୍ଦରାଣୀ,
ଘରଭିତରୁ ବାହାର ତକ୍ଷଣି । ଗୋ. ଭା.

ପ୍ରଦାନ, ବି. ନ. (ପ୍ର ଦା-ଅନ) ଦାନ, ବିତରଣ, ଅର୍ପଣ, ଦେବା ।

ପ୍ରଦୀପ, ବି. ପୁଂ. (ପ୍ର-ଦୀପ୍-ଅ) ଦୀପ । ଯଥା—

ଅନ୍ଧାର ହୋଇବାରୁ ପ୍ରଦୀପ ଲେଉଁ,
ତକ୍ଷଣେ ଫେଇ ଦେଲ ଗବାକ୍ଷଗୁଡ଼ା ଯେ ।

ବର୍ତ୍ତୀରେ ଥିବା ଜ୍ୱଳନ୍ତ ଅଗ୍ନିଶିଖା, ପ୍ରକାଶକ ।

ପ୍ରଦୀପ୍ତ, ବିଂ. (ପ୍ର-ଦୀପ୍-ତ) ପ୍ରକାଶିତ, ଉଜ୍ଜ୍ୱଳ ।

ପ୍ରଦେୟ, (ପ୍ର-ଦେୟ) ପ୍ରଦାନର ଯୋଗ୍ୟ ।

ପ୍ରଦେଶ, ବି. ପୁଂ. ( ପ୍ର-ଦେଶ ) ସ୍ଥାନ, ଦେଶ, ଏକଦେଶ, ଜିଲ୍ଲା, ବୃଦ୍ଧାଙ୍ଗୁଷ୍ଠର ଅଗ୍ରଠାରୁ ତର୍ଜ୍ଜନୀର ଅଗ୍ରପର୍ଯ୍ୟନ୍ତ ପରିମାଣ, ଭିତ୍ତି, କାନ୍ଥ ।

ପ୍ରଦୋଷ, ବି. ପୁଂ. ( ପ୍ର-ଦୋଷ ) ରଜନୀମୁଖ, ସାୟଂକାଳ । ଯଥା—

ଝିଙ୍କଝିଙ୍କେ ଅଷ୍ଟ ପ୍ରଦୋଷ କରଣେ ।

(ପ୍ର-ଦୋଷ) ବିଂ. ଦୁଷ୍ଟ, ଦୋଷଯୁକ୍ତ ।

ପ୍ରଦ୍ୟୁମ୍ନ, ବି ପୁଂ. ( ପ୍ର-ଦ୍ୟୁମ୍ନ ) କନ୍ଦର୍ପ, କାମଦେବ ।

ପ୍ରଦ୍ୟୋତ, ବି. ପୁଂ. ( ପ୍ର-ଦ୍ୟୋତ ) କିରଣ, ଆଲୋକ, ଦୀପ୍ତି ।

ପ୍ରଦ୍ରବ, ପ୍ରଦ୍ରାବ } ବି. ପୁଂ. ( ପ୍ର-ଦ୍ରୁ-ଅ ) ପ୍ରସ୍ଥାନ, ପଳାୟନ, ଧାବନ ।

ପ୍ରଧାନ, ବି. ନ. ( ପ୍ର-ଧା-ଅନ ) ପରମେଶ୍ୱର, ପରମାତ୍ମା, ସାକାର ଜଗତର ପ୍ରଥମ କାରଣ, ବୁଦ୍ଧି । ବିଂ. ଶ୍ରେଷ୍ଠ ।

ପ୍ରପଞ୍ଚ, ବି. ପୁଂ. (ପ୍ର-ପଚ୍-ଅ) ବିସ୍ତାର, ବିସ୍ତୃତ ବସ୍ତୁ, ସମୂହ, ଭ୍ରମ, ଭ୍ରାନ୍ତି, ଅଜ୍ଞାନ, ମାୟା, ବଞ୍ଚନା, ବୈପରୀତ୍ୟ, ସଂସାର । ଯଥା—

ତେଜି ପ୍ରପଞ୍ଚର ମାୟା ତହୁଁ ପାଇ ଭଲ,
ପାଞ୍ଚାଳୀ ସହିତେ ଅତେ ତେଲି ଟେକ ହେଲେ । ମ. ଯା.

ପ୍ରପଥ, ବିଂ. (ପ୍ର-ପଥ୍-ଅ) ଶିଥିଳ, ଅଲଗା ।

ପ୍ରପଦ, ବି. ନ ( ପ୍ର ପଦ ) ପାଦାଗ୍ର, ଗୋଡ଼ର ଅଗ୍ରଭାଗ । ଯଥା—

ପ୍ରପଦରେ କାଂସ୍ୟାମ୍ବୁଜ ଶବଦେ ଯଉଁ ଶୋଭ । ଲ. ବ.

ପ୍ରପନ୍ନ, ବିଂ. ( ପ୍ର-ପଦ୍-ତ ) ପ୍ରାପ୍ତ, ଶରଣାଗତ, ଆଶ୍ରିତ । ଯଥା—

ପ୍ରପନ୍ନ ହେବା କୋରେ କଲ୍ପିଲେ କଲ୍ପିଷ ।

ସ୍ୱୀକୃତ, ଦରିଦ୍ର, ଅନ୍ୱେଷୀ ।

ପ୍ରପା, ବି. ସ୍ତ୍ରୀ. (ପ୍ର-ପା) ପାନୀୟଶାଳା, ଜଳସତ୍ର ।

ପ୍ରପାତ, ବି. ପୁଂ. ( ପ୍ର-ପତ୍-ଅ ) ପର୍ବତାଦିର ନିରବଲମ୍ବ ଅତ୍ୟୁଚ୍ଚ ସ୍ଥାନ, ଭୃଗୁଦେଶ, ପତନ, ନିର୍ଝର, ଅତ୍ୟୁଚ୍ଚ ତୀର, କୂଳ ।

ପ୍ରପିତାମହ, ବି. ପୁଂ. (ପ୍ର-ପିତାମହ) ପିତାମହଙ୍କ ପିତା ।

ପ୍ରପିତାମହୀ, ବି. ସ୍ତ୍ରୀ. (ପ୍ର-ପିତାମହୀ) ପିତାମହଙ୍କ ମାତା ।

ପ୍ରପୌତ୍ର, ବି. ପୁଂ. ( ପ୍ର-ପୌତ୍ର ) ପୌତ୍ରର ସନ୍ତାନ, ଅଣନାତି ।

ପ୍ରଫୁଲ୍ଲ, ବିଂ. (ପ୍ର-ଫୁଲ୍ଲ-ତ) ପ୍ରସ୍ଫୁଟିତ, ବିକଶିତ, ସହାସ୍ୟ, ପ୍ରସନ୍ନ ।

ପ୍ରବନ୍ଧ, ବି. ପୁଂ. ( ପ୍ର-ବନ୍ଧ୍-ଅ ) କାବ୍ୟାଦି ରଚନା, ସନ୍ଦର୍ଭ, ଅବଚ୍ଛେଦ, ପୂର୍ବାପର ସଙ୍ଗତି, ବନ୍ଧନ, ପରସ୍ପରାନ୍ୱିତ ବାକ୍ୟ-ସମୂହ ।

ପ୍ରବଳ ବିଂ. (ପ୍ର-ବଳ) ସାତିଶୟ ବଳବାନ୍ । ଯଥା—

ଶୀତ ଅଦ୍ଭୁତ ମିତ ହେଲା ପ୍ରବଳ ।

ପ୍ରବାଳ, ବି. ପୁଂ. ନ. ( ପ୍ର-ବଳ-ଅ) ସମୁଦ୍ରସମ୍ଭୂତ ଲୋହିତବର୍ଣ୍ଣ ରତ୍ନବିଶେଷ, ବିଦ୍ରୁମ,ପୋହଳା । ଯଥା—

ବନ୍ଧ ଅଟେ ମୁଣ୍ଡ ତାର ପ୍ରବାଳ ଅଙ୍କୁରେ । ବ, ବ.

କିଶଳୟ, ନୂତନ ପଲ୍ଲବ, ବୀଣା ଦଣ୍ଡ ।

ପ୍ରବାଳକୀଟ, ବି. ପୁଂ ସମୁଦ୍ରଜାତ ରକ୍ତବର୍ଣ୍ଣ କୀଟବିଶେଷ ।

ପ୍ରବାଳଫଳ, ବି. ନ. ରକ୍ତଚନ୍ଦନ ।

ପ୍ରବୁଦ୍ଧ, ବିଂ. ( ପ୍ର-ବୁଧ୍-ତ ) ଜ୍ଞାନୀ, ଜାଗରିତ, ପ୍ରଫୁଲ୍ଲ ।

ପ୍ରବୋଧ, ବି ପୁଂ. ( ପ୍ର-ବୁଧ୍-ଅ ) ଜାଗରଣ, ବିକାଶ, ଜ୍ଞାନ ।

ପ୍ରବୋଧନ. ବି ନ. (ପ୍ର-ବୋଧି-ଅନ, ଜାଗରିତ-କରଣ, ଜ୍ଞାପନ, ସାନ୍ତ୍ୱନା, ବୁଝାଇବା, ଉତ୍ତେଜନା, ଉପଦେଶ, ମର୍ଦ୍ଦନଦ୍ୱାରା ସୁଗନ୍ଧ-ଦ୍ରବ୍ୟର ପୂର୍ବଗନ୍ଧ ପୁନରୁତ୍ପାଦନ ।

ପ୍ରବୋଧିତ, ବିଂ. ( ପ୍ର ବୁଧ ତ ) ଜାଗରିତ, ଜ୍ଞାପିତ, ଉତ୍ତେଜିତ, ଯାହାକୁ ପ୍ରବୋଧ ଦିଆ ହୋଇଅଛି ।

ପ୍ରଭଞ୍ଜନ, ବି. ପୁଂ. (ପ୍ର-ଭନ୍‌ଜ୍-ଅନ) ଝଞ୍ଜା ବାୟୁ, ବତାସ । ବିଂ. ଭଞ୍ଜନକାରୀ ।

ପ୍ରଭବ, ବି. ପୁଂ (ପ୍ର-ଭୂ-ଅ) ଉତ୍ପତ୍ତି, ଜନ୍ମ, ଉତ୍ପତ୍ତିସ୍ଥାନ, କାରଣ, ପ୍ରଭାବ, ପରାକ୍ରମ. ବର୍ଷବିଶେଷ । ବିଂ. ଉତ୍ପାଦକ ।

ପ୍ରଭା, ବି. ସ୍ତ୍ରୀ. ( ପ୍ର-ଭା-ଅ ) ଦୀପ୍ତି, ତେଜଃ, ପ୍ରକାଶ, କୁବେରପୁରୀ, ଦୁର୍ଗା, ସୂର୍ଯ୍ୟପତ୍ନୀ ।

ପ୍ରଭାକର, ବି. ପୁଂ. (ପ୍ର-ଭା-କର) ସୂର୍ଯ୍ୟ, ଚନ୍ଦ୍ର, ସମୁଦ୍ର, ଅଗ୍ନି, ମୀମାଂସାଜ୍ଞ ପଣ୍ଡିତବିଶେଷ । ବିଂ. ତେଜସ୍କର ।

ପ୍ରଭାତ, ବି. ନ. ( ପ୍ର-ଭା-ତ ) ପ୍ରାତଃକାଳ, ପ୍ରତ୍ୟୁଷ । ବିଂ. ପ୍ରଭାଯୁକ୍ତ ।

ପ୍ରଭାତିବା, କ୍ରି. ( ପ୍ରଭାତ ଶବ୍ଦଜ ପଦ୍ୟ ) ରାତି ପାହିବା, ସକାଳ ହେବା । ଯଥା—

ପ୍ରହରଣ୍ଣ ବଢ଼ିବଣ ହସିଲେ ଉଲ୍ଲେ,
ପଙ୍କଜ ବଲଣୀ ଲଙ୍ଗା ହୃଦୟ ଅଚଳେ । ବ, ବ.

ପ୍ରଭାବ, ବି. ପୁଂ. (ପ୍ର-ଭୂ-ଅ) ପ୍ରତାପ, ଧନ ଓ ରଣଜନିତ ତେଜଃ ପ୍ରଭୁଶକ୍ତି, ମହିମା, ସାମର୍ଥ୍ୟ, ଉଦ୍ଭବ, ଶାନ୍ତି ।

ପ୍ରଭାସ, ବି. ପୁଂ. ( ପ୍ର-ଭାସ୍-ଅ ) ଭାରତବର୍ଷର ପଶ୍ଚିମସ୍ଥ ତୀର୍ଥବିଶେଷ, ସୋମତୀର୍ଥ, ବସୁ-ବିଶେଷ ।

ପ୍ରଭୁ } ବି. ପୁଂ. ( ପ୍ର-ଭୂ-ଉ, ଇଷ୍ଣୁ)
ପ୍ରଭବିଷ୍ଣୁ } ନିଗ୍ରହାନୁଗ୍ରହସମର୍ଥ ସ୍ୱାମୀ, ରାଜା, ବିଷ୍ଣୁ, ପାରଦ, ସମର୍ଥ, ଶକ୍ତ, ଶ୍ରେଷ୍ଠ ।

ପ୍ରଭୁତା, ସ୍ତ୍ରୀ. } ବି. ପୁଂ. ( ପ୍ର-ଭୁ-ତା, ତ୍ୱ )
ପ୍ରଭୁତ୍ୱ, ନ. } ଆଧିପତ୍ୟ, କର୍ତ୍ତୃତ୍ୱ, ପ୍ରାଧାନ୍ୟ ପ୍ରଭାବ, ସ୍ୱାମିତ୍ୱ, ସାମର୍ଥ୍ୟ ।

ପ୍ରଭୁଭକ୍ତ, ବିଂ. ( ପ୍ରଭୁ-ଭକ୍ତ ପ୍ରଭୁଙ୍କ ପ୍ରତି ଅନୁରକ୍ତ, ଆଜ୍ଞାବହ ।

ପ୍ରଭୂତ, ( ପ୍ର-ଭୂ-ତ ) ପ୍ରଚୁର, ବହୁ, ଉଦ୍ଗତ, ଉନ୍ନତ, ଅଧୀନ, ଶାସିତ ।

ପ୍ରଭୃତି, ବିଂ. (ପ୍ର ଭୃ ତି) (ଶବ୍ଦ ପରେ ଥିଲେ) ଇତ୍ୟାଦି, ତଦାଦି, ଆଦି । ଅଂ. ଅବଧି ।

ପ୍ରଭେଦ, ବି. ପୁଂ. ( ପ୍ର-ଭିଦ୍-ଅ ) ପ୍ରକାର, ବିଭିନ୍ନତା, ବୈଲକ୍ଷଣ୍ୟ, ଭେଦ, ବିଶେଷ, ବିକାଶ, ପ୍ରସ୍ଫୁଟନ ।

ପ୍ରମତ୍ତ, ବିଂ. (ପ୍ର-ମତ୍ତ) ପ୍ରମାଦଯୁକ୍ତ, ପାଗଳ, ଅଲ୍ପଜ୍ଞ, ଅସାବଧାନ,ଅତ୍ୟାସକ୍ତ,ଅତିମତ୍ତ ।

ପ୍ରମଥ, ବି. ପୁଂ. (ପ୍ର-ମଥ୍-ଅ) ଶିବଙ୍କ ପାରିଷଦ, ଘୋଟକ । ଥା, ସ୍ତ୍ରୀ. ହରୀତକୀ ।

ପ୍ରମଥନ, ବି. ନ. (ପ୍ର-ମଥ୍-ଅନ) ହତ୍ୟା, ବଧ, ବିନାଶ, ମର୍ଦ୍ଦନ, ବିଲୋଡ଼ନ ।

ପ୍ରମଥାଧିପ, ବି. ପୁଂ. (ପ୍ରମଥ-ଅଧିପ) ଶିବ, ମହାଦେବ ।

ପ୍ରମଦ, ବିଂ. ( ପ୍ର-ମଦ୍-ଅ ) ମତ୍ତ, ପ୍ରମତ୍ତ, ଉନ୍ମତ୍ତ । ବି. ପୁଂ. ଆନନ୍ଦ, ହର୍ଷ ।

ପ୍ରମଦକାନନ, ପ୍ରମଦବନ } ବି. ନ. ( ପ୍ରମଦ-କାନନ, ବନ ) ରାଜାଙ୍କର ଅନ୍ତଃପୁରୋଦ୍ୟାନ, ଆନନ୍ଦକାନନ ।

ପ୍ରମଦା, ବି. ସ୍ତ୍ରୀ. (ପ୍ର-ମଦ୍-ଅ ଆ) ସୁନ୍ଦରୀ ନାରୀ । ଯଥା—

ପ୍ରମଦା ଯେଉଁ ଭାବ ଦେଇଛ,
ପଥର ଟାର ପରି ଭେଦେ ଅଛି ।

ପ୍ରମାଣ, ବି. ନ. (ପ୍ର-ମା-ଅନ) ନିଶ୍ଚୟ, ହେତୁ, ପ୍ରତ୍ୟକ୍ଷ, ଅନୁମାନ, ଉପମାନ, ଶବ୍ଦ ଏହି ଚାରି; ଏତଦ୍ଭିନ୍ନ ବେଦାନ୍ତ ମତରେ ଅର୍ଥାପତ୍ତି ଓ ଅନୁପଲବ୍ଧି ନାମରେ ଦୁଇଟି ଅତିରିକ୍ତ ପ୍ରମାଣ ଅଛି—ସତ୍ୟ, ମର୍ଯ୍ୟାଦା, ସାକ୍ଷୀ, ଲେଖ୍ୟ, ଶାସ୍ତ୍ର, ପ୍ରଧାନ, ପରିମାଣ, ପ୍ରମାତା, ଯଥାର୍ଥ ଜ୍ଞାନ, ନିଶ୍ଚୟ, ଜ୍ଞାନସାଧନ ଇନ୍ଦ୍ରିୟ ।

ପ୍ରମାଥୀ, ବିଂ. ( ପ୍ର-ମଥ୍-ଇନ୍ ) ପୀଡ଼ାଦାୟକ, କ୍ଲେଶକର । ଯଥା—

ଅବଗତ ପ୍ରମାଥୀ ପୃଥ୍ୱୀ ଅଧିପତି । ମ. ଯା

ପ୍ରମାଦ, ବି. ପୁଂ. (ପ୍ର-ମଦ୍-ଅ) ଅନବଧାନତା, ଅସାବଧାନତା, ଭ୍ରମ, ଅନ୍ତଃକରଣ ଦୌର୍ବଲ୍ୟ ।

ପ୍ରମିତ, ବିଂ. ( ପ୍ର-ମାତ ) ଜ୍ଞାତ, ବିଦିତ, ଅବଗତ, ନିଶ୍ଚିତ, ପରିମିତ ।

ପ୍ରମିତି, ବି. ସ୍ତ୍ରୀ. (ପ୍ର-ମା-ତି) ନିଶ୍ଚୟଜ୍ଞାନ, ପ୍ରମାଣ, ପରିମାଣ ।

ପ୍ରମୀତ, ବିଂ. (ପ୍ର-ମୀ-ତ) ମୃତ, ହତ, ନିହତ, ଯଜ୍ଞାର୍ଥ ହତ ।

ପ୍ରମୀଳା, ବି. ସ୍ତ୍ରୀ. ( ପ୍ର ମୀଲ୍-ଅ, ଆ ) ତନ୍ଦ୍ରା, ଅବସାଦ, ମୁଦ୍ରଣ, ମେଘନାଦ ପତ୍ନୀ ।

ପ୍ରମୁଖ, ବିଂ. (ପ୍ର-ମୁଖ) ପ୍ରଥମ, ପ୍ରଧାନ, ଶ୍ରେଷ୍ଠ, ପ୍ରଭୃତି । ବି. ନ. ଅଗ୍ର । ପୁଂ. ସମୂହ । ଅଂ. (ସଂ. ପ୍ରମୁଖ ଶବ୍ଦର ପଞ୍ଚମୀ ଏକବଚନ) ପ୍ରମୁଖାତ୍, ମୁଖରୁ ।

ପ୍ରମୁଦିତ, ବିଂ. (ପ୍ର-ମୁଦ୍ ତ) ହୃଷ୍ଟ, ଅହ୍ଲାଦିତ, ପ୍ରଫୁଲ୍ଲ, ବିକସିତ ।

ପ୍ରମେହ, ବିଂ. (ପ୍ର-ମିହ୍-ଅ) ମୂତ୍ରଦୋଷ ରୋଗବିଶେଷ ।

ପ୍ରମୋଦ, ବି. ପୁଂ. (ପ୍ର-ମୁଦ୍-ଅ)ଆମୋଦ,ଆନନ୍ଦ, ହର୍ଷ ।

ପ୍ରମୋଦିତ, ବିଂ. ( ପ୍ର-ମୁଦ୍-ତ ) ଆମୋଦିତ, ଆନନ୍ଦିତ । ବି. ପୁଂ. କୁବେର ।

ପ୍ରଯତ, ବିଂ ( ପ୍ର-ଯମ୍-ତ ) ସଂଯତ, ଦତ୍ତ, ପବିତ୍ର ।

ପ୍ରଯତ୍ନ, ବି. ପୁଂ. (ପ୍ର-ଯତ୍ନ) ଅଧ୍ୟବସାୟ, ପ୍ରୟାସ, ପ୍ରକୃଷ୍ଟ ଯତ୍ନ ।

ପ୍ରୟାଗ, ବି. ପୁଂ. (ପ୍ର-ଯଜ୍-ଅ) ଗଙ୍ଗା, ଯମୁନା, ସରସ୍ୱତୀ ଏହି ତିନି ନଦୀର ସଙ୍ଗମସ୍ଥାନ, ଏଲାହାବାଦ, ଯଜ୍ଞ, ଶତକ୍ରତୁ, ଇନ୍ଦ୍ର, ଅଶ୍ୱ ।

ପ୍ରୟାଣ, ବି. ନ. ( ପ୍ର-ଯା ଅନ ) ଯୁଦ୍ଧଯାତ୍ରା, ପ୍ରସ୍ଥାନ, ଗମନ । ଯଥା—

ମନ କ୍ଷେତ୍ରକୁ ପଙ୍କ କର ପ୍ରୟାଣ । ମେ. ଦ୍.

ପ୍ରୟାସ, ବି. ପୁଂ. ( ପ୍ର-ଯସ୍-ଅ ) ଆୟାସ, ଶ୍ରମ, ଯତ୍ନ ।

ପ୍ରଯୁକ୍ତ, ବିଂ. (ପ୍ର-ଯୁଜ୍-ତ)ରଚିତ, ଅନୁଷ୍ଠିତ, ଉଦ୍ଦିଷ୍ଟ, ଅର୍ପିତ, ଯାହା ପ୍ରୟୋଗ କରା ହୋଇଅଛି ନିଯୁକ୍ତ ପ୍ରେରିତ, ଉଲ୍ଲିଖିତ,ଉଚ୍ଚରିତ, ଉଦାହୃତ, ଯାହା ଧାର ଦିଆଯାଇଅଛି । ବିଂ. ହେତୁ, କାରଣ ।

ପ୍ରଯୁକ୍ତି, ବି. ସ୍ତ୍ରୀ. ( ପ୍ର-ଯୁଜ୍-ତି ) ପ୍ରୟୋଗ, ପ୍ରୟୋଜନ ।

ପ୍ରଯୋକ୍ତା, ବିଂ. ( ପ୍ର-ଯୁଜ୍-ତୃ ) ପ୍ରୟୋଗକର୍ତ୍ତା, ପ୍ରବର୍ତ୍ତକ, ଅନୁଷ୍ଠାତା, ଋଣଦାତା, ଉତ୍ତମର୍ଣ୍ଣ ।

ପ୍ରଯୋଜକ, ବିଂ. ( ପ୍ର-ଯୁଜ୍-ଅକ ) ପ୍ରବର୍ତ୍ତକ, ଅନୁଷ୍ଠାନକାରୀ, ପ୍ରେରକ, କର୍ତ୍ତା ।

ପ୍ରୟୋଗ, ବି. ପୁଂ. (ପ୍ର-ଯୁଜ୍-ଅ) ଉଦାହରଣ, ଫଳ, ପ୍ରବର୍ତ୍ତନ, ଅନୁଷ୍ଠାନ, ଅଭିନୟ, ଯତ୍ନ, ଅର୍ପଣ, ଋଣଦାନ, ନିଦର୍ଶନ, ଉଲ୍ଲେଖ ।

ପ୍ରୟୋଜନ, ବି. ନ. ( ପ୍ର-ଯୁଜ୍-ଅନ ) ହେତୁ, ଉଦ୍ଦେଶ୍ୟ, ପ୍ରୟୋଜକକରଣ, କାର୍ଯ୍ୟ, ଫଳ ।

ପ୍ରୟୋଜନୀୟ, ବିଂ (ପ୍ର-ଯୁଜ୍-ଅନୀୟ) କାର୍ଯ୍ୟୋପଯୋଗୀ, ଆବଶ୍ୟକ ।

ପ୍ରଯୋଜ୍ୟ, ବିଂ. (ପ୍ର-ଯୁଜ୍-ଯ) ଯାହାକୁ ପ୍ରୟୋଗ କରାଯାଏ, କର୍ତ୍ତବ୍ୟ । ବି. ପୁଂ. ପ୍ରେଷ୍ୟ, ଭୃତ୍ୟ । ନ. ମୂଳଧନ ।

ପ୍ରରୋଚନ, ବି. ନ. (ପ୍ର-ରୁଚ୍-ଅନ) ଉତ୍ତେଜନା, ରୁଚିସମ୍ପାଦନ ।

ପ୍ରରୋହ, ବି. ପୁଂ. (ପ୍ର-ରୁହ୍-ଅ) ଅଙ୍କୁର, ଗଜା । ଯଥା—

ହେବ ଏ ଅଚିରେ ଯଥାଚିତ ଯଶବୀଜର ପ୍ରରୋହଶ୍ରେଣୀ ।

ପ୍ରଲପିତ, ବିଂ. (ପ୍ର-ଲପ୍-ତ) କଥିତ, ବୃଥା ଉକ୍ତ । ବି. ନ. ପ୍ରଲାପ ।

ପ୍ରଲମ୍ବ, ବି. ପୁଂ. (ପ୍ର-ଲମ୍ବ୍-ଅ) ଦୈତ୍ୟବିଶେଷ, ଉଦ୍ଭିଦର ଅଙ୍କୁର, ହାରବିଶେଷ, ମେଘ, ଅତିଶୟ ଲମ୍ବ । ଯଥା—

ବଳମ୍ବକୁ କାରଣ କି ପ୍ରଲମ୍ବଲମ୍ବିତା । ଲ. ବ.

ବିଂ. ଲମ୍ବମାନ୍ ।

ପ୍ରଲମ୍ବଘ୍ନ, ବି. ପୁଂ. (ପ୍ର-ଲମ୍ବ-ଘ୍ନ) ବଳରାମ ।

ପ୍ରଲମ୍ବିତ, ବିଂ. ( ପ୍ର-ଲମ୍ବ୍-ତ ) ଯାହା ଝୁଲି ପଡ଼ିଅଛି ।

ପ୍ରଳୟ, ବି. ପୁଂ. (ପ୍ର-ଲୀ-ଅ) କଳ୍ପାନ୍ତ, ବ୍ରହ୍ମାଣ୍ଡର ବିନାଶ, ପ୍ରଳୟ ଶୃଙ୍ଗାରପ୍ରକାର । ଯଥା— ନାଟ୍ୟ, ପ୍ରାକୃତ, ନୈମିତ୍ତିକ ଓ ଆତ୍ୟନ୍ତିକ, ମୃତ୍ୟୁ, ଧ୍ୱଂସ, ନାଶ, ଧ୍ୱଂସ, ମୂର୍ଚ୍ଛା ।

ପ୍ରଲାପ, ବି. ପୁଂ. (ପ୍ର-ଲପ୍-ଅ) ଅନର୍ଥକ ବାକ୍ୟ, ଉନ୍ମତ୍ତ ଲୋକମାନଙ୍କ ପରି କଥା କହିବା ।

ପ୍ରଲେପ, ବି. ପୁଂ. ( ପ୍ର-ଲିପ୍-ଅ ) ଲେପନ, ବୋଳିବା, ଲେପନ ଦ୍ରବ୍ୟ ।

ପ୍ରଲୋଭ, ବି. ପୁଂ. ( ପ୍ର-ଲୋଭ ) ଅତିଲୋଭ ଅତିଶୟ ଲାଳସା, ଲାଳେଚ୍ଛା ।

ପ୍ରଲୋଭନ, ବି. ନ. (ପ୍ର-ଲୋଭ-ଅନ) ଲୋଭ ଦେଖାଇବା । ବିଂ. ଲୋଭପ୍ରଦର୍ଶକ ।

ପ୍ରବକ୍ତା, ବିଂ. (ପ୍ର-ବଚ୍-ତୃ) ସଦ୍‌ବକ୍ତା, ନବ ସତ୍ୟ ପ୍ରବର୍ତ୍ତକ ।

ପ୍ରବଚନ, ବି. ନ (ପ୍ର-ବଚନ) ବେଦ, ବେଦାର୍ଥଜ୍ଞାନ, ଉତ୍ତମ ଜ୍ଞାନ, ପ୍ରକୃଷ୍ଟ କଥା, ଶାସ୍ତ୍ରବଚନ ।

ପ୍ରବଞ୍ଚକ, ବି. ପୁଂ. (ପ୍ର-ବଞ୍ଚ-ଅକ) ପ୍ରତାରକ, ଧୂର୍ତ୍ତ ।

ପ୍ରବଞ୍ଚନ, ବି. ନ. ( ପ୍ର-ବଞ୍ଚନ ) ପ୍ରତାରଣା, ଠକାଇବା,

ପ୍ରବଞ୍ଚିତ, ବିଂ. (ପ୍ର-ବଞ୍ଚିତ) ପ୍ରତାରିତ, ଯେ ଠକି ଥାଏ ।

ପ୍ରବଣ, ବିଂ. ( ପ୍ର-ବନ୍-ଅ ) ନତ, କ୍ରମନିମ୍ନ, ଗଡ଼ାଣିଆ, ଢାଲୁ, ତତ୍ପର, ଅଭିମୁଖ, ଅନୁକୂଳ, କ୍ଷୀଣ, ଆୟତ, ଭୂଗତ, ବିନୀତ, ଦୀର୍ଘ । ବି. ପୁଂ. ଚତୁଷ୍ପଥ, ଉଦର ।

ପ୍ରବର, ବି ନ. (ପ୍ର-ବର) ଗୋତ୍ର, ସନ୍ତତି । ବିଂ. ଅତ୍ୟୁତ୍ତମ । ବି. ପୁଂ. ଗୋତ୍ରପ୍ରବର୍ତ୍ତକ ମୁନି ।

ପ୍ରବର୍ତ୍ତକ, ବିଂ. (ପ୍ର-ବୃତ୍-ଅକ) ପ୍ରବୃତ୍ତିଦାୟକ, ପ୍ରଦର୍ଶକ, ଅନାବର୍ତ୍ତକ, ଅବଚ୍ଛେଦକାରୀ, ପ୍ରଣେତା ।

ପ୍ରବର୍ତ୍ତନ, ବି. ନ. (ପ୍ର-ବୃତ୍-ଅନ) ପ୍ରବୃତ୍ତି, ଆରମ୍ଭ । ବିଂ. ପ୍ରବୃତ୍ତିଜନକ, ଉତ୍ତେଜକ ।

ପ୍ରବର୍ତ୍ତିତ, ବିଂ. (ପ୍ର-ବୃତ୍-ତ) ଚାଳିତ, ଉତ୍ପାଦିତ, ଆରବ୍ଧ, ପ୍ରତ୍ୟାବର୍ତ୍ତିତ, ପେଡ଼ିଭିବା, ଉତ୍ତେଜିତ, ପ୍ରେରିତ ।

ପ୍ରବର୍ଦ୍ଧ, ବିଂ. (ପ୍ର-ବୃଧ୍-ଅ) ପ୍ରଧାନ, ଶ୍ରେଷ୍ଠ ।

ପ୍ରବାଦ, ବି. ପୁଂ. (ପ୍ର-ବଦ୍-ଅ) ଜନଶ୍ରୁତି, ଜନରବ, ଅପବାଦ, ପରମ୍ପରାଗତ ବାକ୍ୟ ।

ପ୍ରବାସ, ବି. ପୁଂ. (ପ୍ର-ବସ୍-ଅ) ବିଦେଶରେ ସ୍ଥିତି, ଅନ୍ୟ ଦେଶରେ ବାସ ।

ପ୍ରବାସୀ, ବିଂ. ( ପ୍ରବାସ-ଇନ୍ ) ବିଦେଶସ୍ଥ, ବିଦେଶବାସୀ ।

ପ୍ରବାହ, ବି. ପୁଂ. ( ପ୍ର-ବହ-ଅ ) ସ୍ରୋତଃ, କ୍ରମାଗତ ଚଳନ, ଅବିଚ୍ଛେଦ, ପ୍ରସାର, ବିସ୍ତାର, ଉତ୍ତମ, ଘୋଟକ ।

ପ୍ରବାହକ, ବି. ପୁଂ. ( ପ୍ର-ବହ-ଅକ ) ରାକ୍ଷସ । ବିଂ. ବହନକାରୀ ।

ପ୍ରବାହିତ, ପ୍ରବାହୀ } ବିଂ. ( ପ୍ରବାହ-ଇତ, ଇନ୍ ) ପ୍ରବାହବିଶିଷ୍ଟ ।

ପ୍ରବିଷ୍ଟ, ବିଂ. (ପ୍ର-ବିଶ୍-ତ) ଯାହା ପ୍ରବେଶ କରିଅଛି ।

ପ୍ରବୀଣ, ବିଂ. (ପ୍ର-ବୀଣ-ଅ) ବିଜ୍ଞ । ଯଥା—

ପ୍ରବୀଣ ଜନଠାରୁ ସଦୁପଦେଶ
ଲଭି ହୁଅନ୍ତି ମୂହିଁ ବିଜ୍ଞ ବିଶେଷ । ବି. ବ

ବହୁଦର୍ଶୀ, ନିପୁଣ, ଦକ୍ଷ ।

ପ୍ରବୀର, ବି. ପୁଂ. (ପ୍ରବୀ-ର) ଉତ୍ତମ ଯୋଦ୍ଧା । ବିଂ. ପ୍ରଧାନ, ଶ୍ରେଷ୍ଠ । ଯଥା —

ପାନ ମିନ ସଙ୍ଗେ କେଶରୀ ପ୍ରବୀର
ବାହୁଡ଼ିଲେ ଅଧ୍ୟ-ଯାମେ ଯମିନୀର । ନ. କେ.

ପ୍ରବୃତ୍ତ, ବିଂ (ପ୍ର-ବୃତ୍-ତ) ରତ, ପ୍ରବୃତ୍ତିବିଶିଷ୍ଟ, ଉଦ୍ୟତ, ଚଳିତ, ଆରବ୍ଧ, ନିଯୁକ୍ତ ।

ପ୍ରବୃତ୍ତି, ବି. ସ୍ତ୍ରୀ. (ପ୍ର-ବୃତ୍-ତି) ଇଚ୍ଛା, ଯତ୍ନ, ବାର୍ତ୍ତା, ସମ୍ବାଦ, ପ୍ରବାହଃ, ସ୍ରୋତଃ, ଗତି, ବ୍ୟାପାର, ଉତ୍ପତ୍ତି ।

ପ୍ରବୃତ୍ତିଜ୍ଞ, ବି. ପୁଂ. (ପ୍ରବୃତ୍ତି-ଜ୍ଞା-ଅ) ବାର୍ତ୍ତାବହ, ଚର ।

ପ୍ରବୃଦ୍ଧ, ବିଂ. ( ପ୍ର-ବୃଧ୍-ତ ) ପ୍ରସାରିତ, ଅତି ବୃଦ୍ଧିଯୁକ୍ତ, ଅଗାଧ, ସ୍ଫୀତ ।

ପ୍ରବେଣି, ପ୍ରବେଣୀ } ବି. ସ୍ତ୍ରୀ. ( ପ୍ର-ବେଣ-ଇ, ସ୍ତ୍ରୀ ) କେଶବିନ୍ୟାସ, ହସ୍ତିର ପୃଷ୍ଠସ୍ଥିତ ଚିତ୍ରିତ ବସ୍ତ୍ର ବା କମ୍ବଳ । ଯଥା—

ଶଙ୍ଖ ସୂର୍ଯ୍ୟବର୍ଣ୍ଣିଶୋଭି ପ୍ରବେଣି ଆବୃତ । ମ. ଞ୍ଜ,

ପ୍ରବେଶ, ବି ପୁଂ. (ପ୍ର-ବିଶ୍-ଅ) ଅନ୍ତର୍ନିବେଶ, ଭିତରକୁ ଯିବା ।

ପ୍ରବେଶନ, ବି. ନ. (ପ୍ର-ବିଶ୍-ଅନ) ସିଂହଦ୍ୱାର, ପ୍ରଧାନ ଦ୍ୱାର, ପ୍ରବେଶକରଣ ।

ପ୍ରବେଶିକା, ବି. ସ୍ତ୍ରୀ. ( ପ୍ର-ବିଶ୍-ଅକ ) ଯାହା ଦେଖାଇଲେ ପ୍ରବେଶ କରି ହୁଏ, ଟିକେଟ୍ ।

ପ୍ରବେଶିତ, ବିଂ. (ପ୍ର-ବେଶି-ତ) ଯାହାକୁ ପ୍ରବେଶ କରା ହୋଇଅଛି ।

ପ୍ରବେଷ୍ଟା, ପ୍ରବେଶକ } ବିଂ. ( ପ୍ର-ବିଶ୍-ତୃ, ଅକ ) ପ୍ରବେଶକାରୀ, ଯେ ପ୍ରବେଶ କରେ ।

ପ୍ରବେଶ୍ୟ, ବିଂ. (ପ୍ର-ବିଶ୍-ଯ) ପ୍ରବେଶଯୋଗ୍ୟ ।

ପ୍ରବ୍ରଜ୍ୟା, ବି. ( ପ୍ର-ବ୍ରଜ-ଯ-ଆ ) ସନ୍ନ୍ୟାସ, ଭିକ୍ଷୁବ୍ରତ ।

ପ୍ରଶଂସନ, ନ., ପ୍ରଶଂସା, ସ୍ତ୍ରୀ. } ବି. (ପ୍ର-ଶଂସ୍-ଅନ, ଆ) ସ୍ତୁତି, ସ୍ତବ, ଧନ୍ୟବାଦ, ଗୁଣକୀର୍ତ୍ତନ ।

ପ୍ରଶଂସନୀୟ, ବିଂ. ( ପ୍ର-ଶଂସ୍-ଅନୀୟ ) ପ୍ରଶଂସାଯୋଗ୍ୟ, ସୁଖ୍ୟାତିଭାଜନ ।

ପ୍ରଶଂସିତ, ବିଂ. (ପ୍ର-ଶଂସ୍-ତ) ଯାହାକୁ ପ୍ରଶଂସା କରା ହୋଇଅଛି ।

ପ୍ରଶମନ, ବି. ନ. (ପ୍ର-ଶମ୍-ଅନ) ହନନ, ବଧ, ଶାନ୍ତି, ନିବାରଣ, ସାନ୍ତ୍ୱନାଦିଦ୍ୱାରା ସ୍ଥିରୀକରଣ ।

ପ୍ରଶମିତ, ବିଂ. (ପ୍ର-ଶମି-ତ) ନିବାରିତ, ନିବୃତ୍ତ, ସୁସ୍ଥ, ପ୍ରଶାନ୍ତ ।

ପ୍ରଶସ୍ତ, ବିଂ. (ପ୍ର-ଶସ୍-ତ) ଶ୍ରେଷ୍ଠ, ପ୍ରଶଂସନୀୟ ।

ପ୍ରଶସ୍ତି, ବି. ସ୍ତ୍ରୀ. ( ପ୍ର-ଶସ୍-ତି ) ପ୍ରଶଂସା, ଉତ୍କୃଷ୍ଟତା, ଶ୍ରେଷ୍ଠତା ।

ପ୍ରଶାନ୍ତ, ବିଂ. (ପ୍ର-ଶମ୍-ତ) ଶମତାପ୍ରାପ୍ତ, ନିବୃତ୍ତ ।

ପ୍ରଶ୍ନ, ବି. ପୁଂ. (ପ୍ରଚ୍ଛ-ନ) ପଚାରିବା, ଜିଜ୍ଞାସା ।

ପ୍ରଶସ୍ତ, ବି. ପୁଂ. (ପ୍ର-ଶ୍ରି-ଅ) ସ୍ନେହ, ସ୍ନେହଯୁକ୍ତ ସମ୍ମାନ, ବିନୟ ।

ପ୍ରଶ୍ୱାସ, ବି. ପୁଂ. (ପ୍ର-ଶ୍ୱସ୍-ଅ) ନାସିକାଗତ ବାୟୁର ନିର୍ଗମନ ।

ପ୍ରଷ୍ଟବ୍ୟ, ବିଂ. (ପ୍ରଚ୍ଛ୍-ତବ୍ୟ) ପ୍ରଶ୍ନଯୋଗ୍ୟ, ଜିଜ୍ଞାସ୍ୟ ।

ପ୍ରଷ୍ଟା, ବିଂ. (ପ୍ରଚ୍ଛ୍-ତୃ) ପ୍ରଶ୍ନକାରକ, ଜିଜ୍ଞାସୁ ।

ପ୍ରସକ୍ତ, ବିଂ. (ପ୍ର ସନ୍ଜ୍-ତ) ଅନବରତ, ଅବିଚ୍ଛିନ୍ନ, ଆସକ୍ତ ।

ପ୍ରସକ୍ତି, ବି. ସ୍ତ୍ରୀ (ପ୍ର-ସନ୍ଜ୍-ତି) ଆସକ୍ତି, ପ୍ରଣୟ, ପ୍ରବୃତ୍ତି, ପ୍ରସଙ୍ଗ ।

ପ୍ରସଙ୍ଗ, ବି. ପୁଂ. (ପ୍ର ସନ୍ଜ୍-ଅ) ସମ୍ପର୍କ, ସମ୍ବନ୍ଧ, ସଙ୍ଗତିବିଶେଷ, ଆସକ୍ତି, ଆସକ୍ତି, ପ୍ରସ୍ତାବ ।

ପ୍ରସନ୍ନ, ବିଂ. (ପ୍ର-ସଦ୍-ତ) ସନ୍ତୁଷ୍ଟ, ପ୍ରଫୁଲ୍ଲ, ଅନୁକୂଳ, ସ୍ୱଚ୍ଛ, ନିର୍ମଳ ।

ପ୍ରସନ୍ନତା, ବି. ସ୍ତ୍ରୀ. (ପ୍ରସନ୍ନ ତା) ଅନୁଗ୍ରହ, ପ୍ରସାଦ, ହର୍ଷ, ସନ୍ତୋଷ, ପ୍ରଫୁଲ୍ଲତା, ସ୍ୱଚ୍ଛତା, ନିର୍ମଳତା, ଉଜ୍ଜ୍ୱଳତା ।

ପ୍ରସର, ବି. ପୁଂ. (ପ୍ର ସୃ-ଅ) ବିସ୍ତାର, ବ୍ୟାପ୍ତି, ଗମନ ।

ପ୍ରସରଣ, ବି.ନ. (ପ୍ର-ସୃ-ଅନ) ଶତ୍ରୁପକ୍ଷର ଚତୁର୍ଦିଗରେ ବେଷ୍ଟନ, ଇତସ୍ତତୋଗମନ, ବ୍ୟାପ୍ତି, ଉତ୍ପତ୍ତି, ବିସ୍ତାର, ସ୍ୱାର୍ଥ ପ୍ରବୃତ୍ତି ।

ପ୍ରସର୍ପଣ, ବି. ନ. (ପ୍ର-ସୃପ୍-ଅନ) ପ୍ରସରଣ, ଗମନ, ବ୍ୟାପ୍ତି ।

ପ୍ରସବ, ବି. ପୁଂ (ପ୍ର-ସୂ-ଅ) ଉତ୍ପାଦନ, ସନ୍ତାନ ଜନ୍ମ କରିବା, ଗର୍ଭମୋଚନ, ଉତ୍ପତ୍ତି, ଜନ୍ମ, ସନ୍ତାନ, ବିସ୍ତାର, ଫଳ, ପୁଷ୍ପ ।

ପ୍ରସବିତା, ବିଂ. (ପ୍ର-ସୂ-ତୃ) ଜନକ, ପିତା ।

ପ୍ରସହନ, ବି. ନ. (ପ୍ର-ସହ୍-ଅନ) ଅଭିଭବ, କ୍ଷମା, ସହିଷ୍ଣୁତା, ଆଲିଙ୍ଗନ । ବି. ପୁଂ. ହିଂସ୍ର ଜନ୍ତୁ, ସିଂହ ବ୍ୟାଘ୍ର ପ୍ରଭୃତି ।

ପ୍ରସହ୍ୟ, ଅଂ. (ପ୍ର-ସହ-ଯ) ବଳାତ୍କାର, ହଠାତ୍ ।

ପ୍ରସାଦ, ବି. ପୁଂ. (ପ୍ର-ସଦ୍-ଅ) ପ୍ରସନ୍ନତା, ଅନୁଗ୍ରହ । ଯଥା —

ବନ୍ଧୁଙ୍କ ପ୍ରସାଦ ହୋଇ କରେ ବିଚରଣ । କ. ର

ସ୍ୱଚ୍ଛତା, ନିର୍ମଳତା, କାବ୍ୟର ଗୁଣବିଶେଷ, ସ୍ୱାସ୍ଥ୍ୟ, ସୌମ୍ୟତା, ଦେବତାବେଦିତ ଦ୍ରବ୍ୟ ଓ ଗୁରୁଜନଙ୍କ ଭୁକ୍ତାବଶିଷ୍ଟ ।

ପ୍ରସାଧକ, ବି. ପୁଂ. (ପ୍ର ସାଧ୍-ଅକ) ଅଳଙ୍କର୍ତ୍ତା, ପ୍ରସାଧନକାରୀ, ସମ୍ପାଦକ, ନିର୍ବାହକ ।

ପ୍ରସାଧନ, ବି. ନ. (ପ୍ର-ସାଧ୍-ଅନ) ଅଳଙ୍କରଣ, ସଜାଇବା, ସଜ୍ଜାବସ୍ତୁ, ସାଧନ, ସମ୍ପାଦନ, କଣ୍ଟକ ଶୋଧନ ।

ପ୍ରସାଧନୀ, ବି. ସ୍ତ୍ରୀ. ପାନିଆ, କଙ୍କତିକା, ଯଥା —

ବାଣ ଦନ୍ତ ପ୍ରସାଧନୀ ଗୁଣ । ବୈ. ବି.

ପ୍ରସାଧିତ, ବିଂ. (ପ୍ର-ସାଧ୍-ତ ଅଳଙ୍କୃତ, ସଜ୍ଜିତ, ସମ୍ପାଦିତ ।

ପ୍ରସାରଣ, ବି. ନ. (ପ୍ର-ସୃ-ଅନ) ବିସ୍ତାରକରଣ ।

ପ୍ରସାରିତ, ବିଂ. (ପ୍ର-ସାରି-ତ) ବ୍ୟାପ୍ତ, ବିସ୍ତାରିତ, ନିର୍ଗତ ।

ପ୍ରସିଦ୍ଧ, ବିଂ. (ପ୍ର-ସିଧ୍-ତ) ବିଖ୍ୟାତ, ଜ୍ଞାତ, ଭୂଷିତ ।

ପ୍ରସିଦ୍ଧି, ବି.ସ୍ତ୍ରୀ. (ପ୍ର-ସିଧ୍-ତି) ଖ୍ୟାତି ପ୍ରତିପତ୍ତି, ଭୂଷା ।

ପ୍ରସୁପ୍ତ, ବିଂ. (ପ୍ର-ସୁପ୍ତ) ନିଦ୍ରିତ ।

ପ୍ରସୂ, ବି. ସ୍ତ୍ରୀ (ପ୍ର-ସୂ-୦) ମାତା, ଘୋଟକୀ, ଲତା, କଦଳୀବୃକ୍ଷ ।

ପ୍ରସୂତ, ବିଂ. ପ୍ର ସୂ ତ) ଉତ୍ପାଦିତ, ଉତ୍ପନ୍ନ, ଜାତ ।

ପ୍ରସୂତା, ପ୍ରସୂତି, ପ୍ରସୂତିକା — ବି. ସ୍ତ୍ରୀ. (ପ୍ରସୂତ, ତି, କା) ଜାତାପତ୍ୟା, ଯେଉଁ ସ୍ତ୍ରୀର ସନ୍ତାନ ହୋଇଅଛି ।

ପ୍ରସୂତିଜ, ବି. ନ. (ପ୍ରସୂତି-ଜ) ପ୍ରସବଜନ୍ୟ, ଦୁଃଖ, ଦୁଃଖ, କ୍ଲେଶ ।

ପ୍ରସୂନ, ବି. ନ. (ପ୍ର-ସୂ-ତ) ପୁଷ୍ପ, ମୁକୁଳ । ବିଂ. ଜାତ ।

ପ୍ରସେକ, ବି. ପୁଂ. (ପ୍ର-ସିଚ୍-ଅ) ନିଷେକ, କ୍ଷରଣ, ସିଞ୍ଚନ ।

ପ୍ରସ୍କନ୍ଦନ, ବି. ନ. (ପ୍ର-ସ୍କନ୍ଦ୍-ଅନ) ବିରେଚନ, ଝାଡ଼ାବାନ୍ତି ।

ପ୍ରସ୍ତର, ବି. ପୁଂ. (ପ୍ର-ସ୍ତୃ-ଅ) ପାଷାଣ, ପଥର, ମଣି, ପଲ୍ଲବାଦିରଚିତ ଶଯ୍ୟା ।

ପ୍ରସ୍ତାବ, ବି. ପୁଂ. (ପ୍ର-ସ୍ତୁ-ଅ) ପ୍ରସଙ୍ଗ, କଥାନୁଷ୍ଠାନ, ପ୍ରକରଣ, ଅବସର, ସୁଯୋଗ ।

ପ୍ରସ୍ତାବନା, ବି. ସ୍ତ୍ରୀ. (ପ୍ର-ସ୍ତୁ ଣିଚ୍ ଅନ-ଆ, ଭାବେ) ଆରମ୍ଭ, ନାଟକ ପ୍ରଭୃତି ଗ୍ରନ୍ଥମାନଙ୍କରେ ଅଭିନୟାରମ୍ଭ ବିଷୟ କଥା ।

ପ୍ରସ୍ତାବିତ, ବିଂ. (ପ୍ରସ୍ତାବ ଇତ) ଯାହାର ପ୍ରସ୍ତାବ କରା ହୋଇଅଛି ।

ପ୍ରସ୍ତୁତ, ବିଂ. (ପ୍ର-ସ୍ତୁ-ତ) ପ୍ରକୃତ, ପ୍ରକ୍ରାନ୍ତ, ଉଲ୍ଲିଖିତ, କଥିତ, ଉପସ୍ଥିତ, ପ୍ରଶଂସିତ, ପ୍ରାସଙ୍ଗିକ ।

ପ୍ରସ୍ଥ, ବି. ପୁଂ. (ପ୍ର-ସ୍ଥା-ଅ) ପରିମାଣବିଶେଷ ପର୍ବତର ଉପରିସ୍ଥ ସମାନ ଭୂମି, ପରିସର, ବିସ୍ତାର, ଚଉଡ଼ା ।

ପ୍ରସ୍ଥାନ, ବି. ନ. (ପ୍ର-ସ୍ଥା-ଅନ) ଗମନ, ଯାତ୍ରା, ପ୍ରୟାଣ, ଶତ୍ରୁର ଅଭିମୁଖରେ ବିଜିଗୀଷୁର ଯାତ୍ରା ।

ପ୍ରସ୍ଥିତ, ବିଂ. (ପ୍ର-ସ୍ଥା-ତ) ଗମନୋଦ୍ୟୁକ୍ତ, ଗତ, ଯେ ପ୍ରସ୍ଥାନ କରିଅଛି ।

ପ୍ରସ୍ନବ, ବି. (ପ୍ର-ସ୍ନୁ-ଅ) ଦୁଧକ୍ଷରିବା ପଣ୍ହା ।

ପ୍ରସ୍ଫୁଟ, ପ୍ରସ୍ଫୁଟିତ } ବିଂ. (ପ୍ର-ସ୍ଫୁଟ-ଅ, ତ) ପ୍ରକାଶିତ, ବିକଶିତ, ପ୍ରଫୁଲ୍ଲ ।

ପ୍ରସ୍ରବ, ବି. ପୁଂ. (ପ୍ର-ସ୍ରୁ-ଅ) କ୍ଷରଣ, ଗଳନ, ଝରଣ ।

ପ୍ରସ୍ରବଣ, ବି. ନ. (ପ୍ର-ସ୍ରୁ-ଅନ) ଉତ୍ସ, ନିର୍ଝର, ଝରଣା, କ୍ଷରଣ, ସ୍ୱେଦନ । ପୁଂ. ମାଲ୍ୟବାନ୍ ପର୍ବତ, ସ୍ୱେଦ, ଘର୍ମ ।

ପ୍ରସ୍ରା, ପ୍ରସ୍ରାବ } ବି. (ପ୍ରସ୍ରାବ ଶବ୍ଦଜ) ମୂତ୍ର, ମୂତ ।

ପ୍ରସ୍ରାବ, ବି. ପୁଂ. (ପ୍ର-ସ୍ରୁ-ଅ) ମୂତ୍ର, ମୁତ୍ର ।

ପ୍ରସ୍ରୁତ, ବି. (ପ୍ର-ସ୍ରୁ-ତ) କ୍ଷରିତ, ଗଳିତ ।

ପ୍ରହର, ବି. ପୁଂ. (ପ୍ର-ହୃ-ଅ) ଦିବାରାତ୍ରିର ଅଷ୍ଟମଭାଗ, ଯାମ ।

ପ୍ରହରଣ, ବି. ନ. (ପ୍ର-ହୃ-ଅନ) ଅସ୍ତ୍ର, ଯୁଦ୍ଧ, ପ୍ରହାର, କର୍ଣ୍ଣୀରଥ, ସ୍ତ୍ରୀଲୋକମାନଙ୍କର ବାହନାର୍ଥ ଆଚ୍ଛାଦିତ ଶକଟ ।

ପ୍ରହରୀ, ବି. ପୁଂ. (ପ୍ରହର-ଇନ୍) ଯାମିକ, ଚୌକିଦାର ।

ପ୍ରହସ୍ତ, ବି. ପୁଂ. (ପ୍ର-ହସ୍ତ) ଚପେଟ, ଚାପୁଡ଼ା, ରାବଣର ସେନାପତି ରାକ୍ଷସବିଶେଷ ।

ପ୍ରହସନ, ବି. ନ. (ପ୍ର-ହସ୍-ଅନ) ଅତିହାସ୍ୟ, ବ୍ୟଙ୍ଗୋକ୍ତି, ପରିହାସ, ଥଟ୍ଟା, ହାସ୍ୟରସପ୍ରଧାନ ନାଟ୍ୟଗ୍ରନ୍ଥବିଶେଷ ।

ପ୍ରହାର, ବି. ପୁଂ. (ପ୍ର-ହୃ-ଅ) ଆଘାତ, ନିଗ୍ରହ, ଯୁଦ୍ଧ ।

ପ୍ରହେଳିକା, ପ୍ରହେଳୀ } ବି. ସ୍ତ୍ରୀ. (ପ୍ର-ହିଲ-ଅକ-ଆ) କୂଟପ୍ରଶ୍ନ ।

ପ୍ରହ୍ଲାଦ, ବି. ପୁଂ. (ପ୍ର-ହ୍ଲାଦ୍-ଅ) ହିରଣ୍ୟକଶିପୁ ରାଜାର ପୁତ୍ର, ଅହ୍ଲାଦ, ଆନନ୍ଦ ।

ପ୍ରହ୍ଲାଦନ, ବି. ନ. (ପ୍ର-ହ୍ଲାଦ-ଅନ) ଆହ୍ଲାଦକରଣ, ଆନନ୍ଦଜନନ ।

ପ୍ରାଂଶୁ, ବି. (ପ୍ର-ଅଂଶୁ) ଉଚ୍ଚ, ଉନ୍ନତ, ଡେଙ୍ଗା ।

ପ୍ରାକ୍, ଅଂ. (ପ୍ର-ଅଞ୍ଚ୍-୦) ପୂର୍ବ, ପ୍ରଥମ, ପୂର୍ବଦେଶ ।

ପ୍ରାକାର, ବି. ପୁଂ. (ପ୍ର-ଆ-କୃ-ଅ) ପ୍ରାଚୀର, ବେଷ୍ଟନ, ବେଢ଼ା ।

ପ୍ରାକୃତ, ବିଂ. (ପ୍ର-ଅକୃତ) ଇତର, ଅଧମ, (ପ୍ରକୃତି-ଅ) ଭାଷାବିଶେଷ, ଚଳିତ ଭାଷା, ସ୍ୱାଭାବିକ, ନୈସର୍ଗିକ, ସାଧାରଣ, ସାମାନ୍ୟ, ମୁକ୍ତାହମ୍ବାପ୍ତ ।

ପ୍ରାକୃତତନ୍ତ୍ର, ବି. ପ୍ରଜାମାନଙ୍କ ପରିଚାଳିତ ରାଜ୍ୟଶାସନ, (Democracy) ।

ପ୍ରାକୃତଭୂଗୋଳ, ( Physical Geography) ଯେଉଁ ଭୂଗୋଳବୃତ୍ତାନ୍ତଦ୍ୱାରା ପୃଥିବୀର ଜଳ ସ୍ଥଳ ବିଭାଗ, ପର୍ବତାଦିର ବିବରଣ, ଭିନ୍ନଭିନ୍ନ ପ୍ରଦେଶର ଜଳବାୟୁ ଓ ତଦୁତ୍ପନ୍ନ ଦ୍ରବ୍ୟାଦିର ବିଷୟ ଜଣାଯାଏ ।

ପ୍ରାକୃତିକ, ବିଂ. (ପ୍ରାକୃତ-ଇକ) ସ୍ୱାଭାବିକ, ପ୍ରକୃତି ସମ୍ବନ୍ଧୀୟ ।

ପ୍ରାକୃତିକ ଇତିବୃତ୍ତ, (Natural History) ଯେଉଁ ଶାସ୍ତ୍ରଦ୍ୱାରା ସୃଷ୍ଟ ପଦାର୍ଥର ସ୍ୱରୂପ ଓ ଅବସ୍ଥାର ବିଷୟ ଜଣାଯାଏ ।

ପ୍ରାକୃତିକବିଜ୍ଞାନ, ବି. ନ. ଯେଉଁ ଶାସ୍ତ୍ରରେ ପ୍ରାକୃତିକ କାର୍ଯ୍ୟବିଷୟକ ଜ୍ଞାନ ଜନ୍ମେ ।

ପ୍ରାକ୍ତନ, ବିଂ. (ପ୍ରାକ୍ ତନ) ପୂର୍ବକାଳୀନ, ପୂର୍ବଜନ୍ମାର୍ଜିତ, ଜନ୍ମାନ୍ତରୀଣ ।

ପ୍ରାଖର୍ଯ୍ୟ, ବି. ନ. (ପ୍ରଖର-ଯ) ପ୍ରଖରତା ତୀକ୍ଷ୍ଣତା ।

ପ୍ରାଗଲ୍ଭ୍ୟ, ବି. ନ. ( ପ୍ରଗଲ୍ଭ-ଯ ) ପ୍ରଗଲ୍ଭତା, ଔଦ୍ଧତ୍ୟ ।

ପ୍ରାଗୁକ୍ତ, ବିଂ. (ପ୍ରାକ୍-ଉକ୍ତ) ପୂର୍ବୋକ୍ତ, ପୂର୍ବୋଲ୍ଲିଖିତ ।

ପ୍ରାଗ୍‌ଜ୍ୟୋତିଷ, ବି. ପୁଂ. ( ପ୍ରାକ୍-ଜ୍ୟୋତିଷ ) ଆସାମ ଅନ୍ତର୍ଗତ କାମରୂପ ।

ପ୍ରାଙ୍, ବିଂ. ( ପ୍ର-ଅନ୍‌ଚ୍-୦ ) ପୂର୍ବଦେଶ, ପୂର୍ବଦିକ୍, ପୂର୍ବକାଳ ।

ପ୍ରାଙ୍ଗଣ, ବି. ନ. ( ପ୍ର-ଅନ୍‌ଗ୍-ଅନ ) ଅଙ୍ଗନ, ଅଗଣା, ଗୃହଭୂମି, ପର୍ବତାଦ୍ୟ ।

ପ୍ରାଙ୍ମୁଖ, ବିଂ. ପ୍ରାକ୍-ମୁଖ) ପୂର୍ବମୁଖ ।

ପ୍ରାଚୀ, ବି. ସ୍ତ୍ରୀ. (ପ୍ରାଚ୍-ଈ) ପୂର୍ବଦିଗ । ଯଥା—

ପ୍ରାଚୀ ନଭେ ଏବେ ରାଜହଂସ ବନ
ଭେଦ ତତ୍ପୂର ତିଭି ପ୍ରସ୍ରବଣ । କା. କେ.

ପ୍ରାଚୀନ, ବିଂ. (ପ୍ରାଚ୍-ଈନ) ପୂର୍ବ, ପୂର୍ବକାଳୀନ, ପୁରାତନ, ବୃଦ୍ଧ, ପ୍ରାଚ୍ୟ, ପୂର୍ବଦେଶୀୟ ।

ପ୍ରାଚୀପତି, ବି. ପୁଂ. (ପ୍ରାଚୀ-ପତି) ପୂର୍ବଦିକ୍‌ପତି, ଇନ୍ଦ୍ର ।

ପ୍ରାଚୀର, ବି. ନ. ( ପ୍ର-ଅ-ଚୀ-ର ) ଭିତ୍ତି, କାନ୍ଥ, ପାଚେରି ।

ପ୍ରାଚୁର୍ଯ୍ୟ, ବି. ନ. (ପ୍ରଚୁର-ଯ) ପ୍ରଚୁରତା, ବାହୁଲ୍ୟ, ଆଧିକ୍ୟ ।

ପ୍ରାଚେତସ, ବି. ପୁଂ. (ପ୍ରଚେତସ୍-ଅ) ବରୁଣପୁତ୍ର, ବାଲ୍ମୀକି ।

ପ୍ରାଚ୍ୟ, ବିଂ. (ପ୍ରାଚ୍-ଯ) ପୂର୍ବଦେଶୀୟ, ପୂର୍ବଦିକ୍‌ସ୍ଥ । ବି. ପୁଂ. ପୂର୍ବଦେଶ ।

ପ୍ରାଜନ, ବି. ନ. ( ପ୍ର-ଅଜ-ଅନ ) ଚାଳନଦଣ୍ଡ, ପାଞ୍ଚଣବାଡ଼ି, ଚାଳନ ।

ପ୍ରାଜାପତ୍ୟ, ବି. ପୁଂ. ( ପ୍ରଜାପତି-ଯ ) ବିବାହ-ବିଶେଷ, ପ୍ରୟାଗ । ନ. ଦ୍ୱାଦଶ ଦିବସସାଧ୍ୟ ବ୍ରତବିଶେଷ, ରୋହିଣୀନକ୍ଷତ୍ର । ବିଂ ପ୍ରଜାପତି-ସମ୍ବନ୍ଧୀୟ ।

ପ୍ରାଜ୍ଞ, ବିଂ. ( ପ୍ର-ଆ-ଜ୍ଞା-ଅ ବା ପ୍ରଜ୍ଞା-ଅ ) ପଣ୍ଡିତ, ବିଜ୍ଞ, ଦକ୍ଷ, ନିପୁଣ ।

ପ୍ରାଞ୍ଜଳ, ବିଂ. (ପ୍ର-ଅନ୍‌ଜ୍-ଅଲ) ସରଳ, ସହଜ, ନିର୍ମଳ, ଉଜ୍ଜ୍ୱଳ ।

ପ୍ରାଞ୍ଜଳି, ବିଂ. (ପ୍ର-ଅଞ୍ଜଳି) ବଦ୍ଧାଞ୍ଜଳି, କୃତାଞ୍ଜଳି ।

ପ୍ରାଣ, ବି. ପୁଂ. ( ପ୍ର-ଅନ-ଅ ) ହୃଦୟସ୍ଥ ବାୟୁ, ବାୟୁ, ବଳ ଜୀବନ, ପ୍ରାଣବାୟୁ ୫ଗୋଟି । ଯଥା— ପ୍ରାଣ, ଅପାନ, ଉଦାନ, ସମାନ, ବ୍ୟାନ ।

ପ୍ରାଣଚ୍ଛିଦ୍, ବିଂ. (ପ୍ରାଣ-ଛିଦ୍-୦) ପ୍ରାଣନାଶକ ।

ପ୍ରାଣନାଥ, ବି. ପୁଂ. (ପ୍ରାଣ-ନାଥ) ସ୍ୱାମୀ, ପତି, ଭର୍ତ୍ତା ।

ପ୍ରାଣଭୃତ୍, ବି.ପୁଂ.( ପ୍ରାଣ-ଭୃ-କ୍ୱିପ୍ ) ପ୍ରାଣୀ,ଜୀବ ।

ପ୍ରାଣସଂଯମ, ବି. ପୁଂ. (ପ୍ରାଣ-ସଂଯମ) ପ୍ରାଣାୟାମ, ପ୍ରାଣବାୟୁର ନିରୋଧ ।

ପ୍ରାଣସଦ୍ମ, ବି. ନ. (ପ୍ରାଣ-ସଦ୍ମ) ଶରୀର, ଦେହ ।

ପ୍ରାଣାନ୍ତ, ବି. ପୁଂ. (ପ୍ରାଣ-ଅନ୍ତ) ପ୍ରାଣାବସାନ, ମୃତ୍ୟୁ ।

ପ୍ରାଣିତତ୍ତ୍ୱ } ( Zoology ) ପ୍ରାଣିମାନଙ୍କ
ପ୍ରାଣିବିଦ୍ୟା } ଆକାର ଓ ସ୍ୱଭାବାଦି ପରି-
ଜ୍ଞାନାର୍ଥକ ବିଦ୍ୟା ।

ପ୍ରାଣୀ, ବି. ପୁଂ. (ପ୍ରାଣ-ଇନ୍) ପ୍ରାଣବିଶିଷ୍ଟ, ଜୀବ, ଜନ୍ତୁ ।

ପ୍ରାଣେଶ } ବି. ପୁଂ. ( ପ୍ରାଣ-ଈଶ, ଈଶ୍ୱର )
ପ୍ରାଣେଶ୍ୱର } ପତି, ଭର୍ତ୍ତା ।

ପ୍ରାତଃକୃତ୍ୟ, ବି. ନ. (ପ୍ରାତର୍-କୃତ୍ୟ) ପ୍ରାତଃକାଳୀନ କର୍ତ୍ତବ୍ୟ ।

ପ୍ରାତର୍, ଅ°. (ପ୍ର-ଅତ୍-ଅର୍) ପ୍ରଭାତ ।

ପ୍ରାତରାଶ, ବି ପୁଂ. (ପ୍ରାତର୍-ଅଶ) ପ୍ରାତଃକାଳୀନ ଭୋଜନ ।

ପ୍ରାତିକୂଲ୍ୟ, ବି. ନ. (ପ୍ରତିକୂଳ-ଯ) ପ୍ରତିକୂଳତା, ବୈପରୀତ୍ୟ ।

ପ୍ରାତିପ, ବି. ପୁଂ. ( ପ୍ରତୀପ-ଅ ) ପ୍ରତୀପପୁତ୍ର, ଶାନ୍ତନୁ ।

ପ୍ରାଥମିକ, ବି°. (ପ୍ରଥମ-ଇକ), ଆଦ୍ୟ, ପ୍ରଥମଭୂତ, ଯାହା ପ୍ରଥମେ ହୁଏ ।

ପ୍ରାଦୁର୍ଭାବ, ବି. ପୁଂ. ( ପ୍ରାଦୁସ୍-ଭୂ-ଅ ) ପ୍ରକଟିତ ହେବା, ଉଦ୍ଭବ ।

ପ୍ରାଦୁର୍ଭୂତ, ବି°. ( ପ୍ରାଦୁସ୍-ଭୂ-ତ ) ପ୍ରକାଶିତ, ଆବିର୍ଭୂତ ।

ପ୍ରାଦେଶ, ବି.ପୁଂ. (ପ୍ର ଆ-ଦିଶ୍-ଅ) ବୃଦ୍ଧାଙ୍ଗୁଳି ଓ ତର୍ଜନୀ ବିସ୍ତାର କଲେ ଏକର ଅଗ୍ରଠାରୁ ଅପରର ଅଗ୍ରପର୍ଯ୍ୟନ୍ତ ପରିମାଣ । (ପ୍ରଦେଶ-ଅ) ଦେଶ ।

ପ୍ରାଧାନ୍ୟ, ବି. ନ. ( ପ୍ରଧାନ-ଯ ) ଶ୍ରେଷ୍ଠତ୍ୱ, ଉତ୍କର୍ଷ, ପ୍ରଧାନତ୍ୱ, ପ୍ରଭୁତ୍ୱ, ପ୍ରାବଲ୍ୟ, ଆଧିକ୍ୟ ।

ପ୍ରାନ୍ତ, ବି.ପୁଂ. (ପ୍ର-ଅନ୍ତ) ପ୍ରାନ୍ତଭାଗ, ଶେଷସୀମା ।

ପ୍ରାନ୍ତର, ବି. ନ. (ପ୍ର-ଅନ୍ତର) ଅତିଦୂର ଓ ଛାୟା ଜଳାଦିଶୂନ୍ୟ ପଥ, ଜନଶୂନ୍ୟ ପ୍ରଦେଶ, ପଡ଼ିଆ, ବନ, ଜଙ୍ଗଲ, କୋଠର ।

ପ୍ରାପଣ, ବି. ନ. (ପ୍ର-ଅପ୍-ଅନ) ପ୍ରାପ୍ତି । (ପ୍ର-ଆପି-ଅନ) ନେବା, ପାଇବା ।

ପ୍ରାପଣିକ, ବି. ( ପ୍ର-ଆପଣ-ଇକ ) ବଣିକ, ବାଣିଜ୍ୟକାରୀ ।

ପ୍ରାପିତ, ବି°. (ପ୍ର ଆପି-ତ) ନୀତ, ପାଇବା ।

ପ୍ରାପ୍ତ, ବି°. ( ପ୍ର-ଆପ୍-ତ ) ଲବ୍ଧ, ଉପସ୍ଥିତ, ଅଧିଗତ ।

ପ୍ରାପ୍ତକାଲ, ବି. (ପ୍ରାପ୍ତ-କାଲ) ମୃତ୍ୟୁ ।

ପ୍ରାପ୍ତି, ବି ସ୍ତ୍ରୀ (ପ୍ର-ଆପ୍-ତି) ଲାଭ, ଅଧିଗମ, ଅର୍ଜନ, ଉନ୍ନତି, ବୃଦ୍ଧି ଉପସ୍ଥିତି, ଅନୁମତି, ଅଷ୍ଟବିଧ ଐଶ୍ୱର୍ଯ୍ୟାନ୍ତର୍ଗତ ଐଶ୍ୱର୍ଯ୍ୟବିଶେଷ ।

ପ୍ରାପ୍ୟ, ବି°. ( ପ୍ର-ଆପ୍-ଯ ) ପ୍ରାପ୍ତିର ଯୋଗ୍ୟ, ଲଭ୍ୟ, ଗମ୍ୟ, ବ୍ୟାକରଣରେ କର୍ମବିଶେଷ ।

ପ୍ରାବଲ୍ୟ, ବି. ନ. ( ପ୍ରବଲ-ଯ ) ପ୍ରବଲତା, ପ୍ରାଧାନ୍ୟ ।

ପ୍ରାବୋଧିକ, ବି. ପୁଂ. ( ପ୍ରବୋଧ-ଇକ ) ପ୍ରାତଃକାଳ, ପ୍ରତ୍ୟୁଷ ।

ପ୍ରାଭାତିକ, ବି°. (ପ୍ରଭାତ-ଇକ) ପ୍ରାତଃକାଳୀନ, ପ୍ରଭାତକାଳୀନ ।

ପ୍ରାମାଣିକ, ବି. ପୁଂ. ( ପ୍ରମାଣ-ଇକ ) ଅଧ୍ୟକ୍ଷ, ପଣ୍ଡିତ । ବି°. ପ୍ରମାଣସିଦ୍ଧ, ବିଶ୍ୱାସ ।

ପ୍ରାମାଣ୍ୟ, ବି. ନ. ( ପ୍ରମାଣ-ଯ ) ପ୍ରମାଣତ୍ୱ, ବିଶ୍ୱାସ୍ୟତା ।

ପ୍ରାମାଦିକ, ବି°. (ପ୍ରମାଦ-ଇକ) ଅନବଧାନତା-ଜନିତ ।

ପ୍ରାମାଦ୍ୟ, ବି. ନ. (ପ୍ରମାଦ-ଯ) ଅନବଧାନତା, ପ୍ରମାଦ, ପାଗଳାମି ।

ପ୍ରାୟ, ବି. ପୁଂ. ( ପ୍ର-ଇ-ଅ ) ଅନଶନସଙ୍କଳ୍ପପୂର୍ବକ ଅନଶନ, ମୃତ୍ୟୁ, ମରଣ, ବାହୁଲ୍ୟ, ବୟସ । ନ. ପାପ । ବି°. ତୁଲ୍ୟ, ସଦୃଶ ।

ପ୍ରାୟଶଃ, ଅ°. (ପ୍ରାୟ-ଶସ୍) ବାହୁଲ୍ୟରୂପେ, ପ୍ରାୟ ।

ପ୍ରାୟଶ୍ଚିତ୍ତ, ନ. } ବି. ( ପ୍ରାୟସ୍ ଚିତ୍ ତ )
ପ୍ରାୟଶ୍ଚିତ୍ତି, ସ୍ତ୍ରୀ. } ଶୁଦ୍ଧିଜନକ, ପାପକ୍ଷୟ-
ସାଧନ କର୍ମ ।

ପ୍ରାୟଶ୍ଚିତ୍ତୀ, ବି°. ( ପ୍ରାୟଶ୍ଚିତ୍ତ-ଇନ୍ ) ପ୍ରାୟଶ୍ଚିତ୍ତ-କରଣାର୍ହ ବ୍ୟକ୍ତି ।

**ପ୍ରାୟସ୍**, ଅ°. ( ପ୍ର-ଅୟ୍-ଅସ୍ ) ବାହୁଲ୍ୟରୂପେ, ତପସ୍ୟା ।

**ପ୍ରାୟିକ**, ବି°. (ପ୍ରାୟ-ଇକ) ଯାହା ବାହୁଲ୍ୟରୂପେ ହୋଇଥାଏ ।

**ପ୍ରାୟୋଦ୍ୱୀପ**, ବି. ପୁଂ. (ପ୍ରାୟସ୍-ଦ୍ୱୀପ) ଯେ ଭୂମିର ପ୍ରାୟ ଚତୁର୍ଦ୍ଦିଗରେ ଜଳ ।

**ପ୍ରାୟୋପବିଷ୍ଟ**, ବି°. (ପ୍ରାୟ-ଉପବିଷ୍ଟ) ପ୍ରାୟୋପବେଶନବିଶିଷ୍ଟ, ପ୍ରାୟୋପବେଶନଯୁକ୍ତ ।

**ପ୍ରାୟୋପବେଶ**, ପୁଂ. }
**ପ୍ରାୟୋପବେଶନ**, ନ. } ବି ( ପ୍ରାୟ-ଉପବେଶ, ଉପବେଶନ) ଅତିସଙ୍କଳ୍ପପୂର୍ବକ ଅନଶନ, ମରଣାର୍ଥ ଉପବେଶନ ।

**ପ୍ରାରବ୍ଧ**, ବି°. ( ପ୍ର-ଆରବ୍ଧ ) ଯାହା ଆରବ୍ଧ ହୋଇଅଛି । ବି. ନ. ଅଦୃଷ୍ଟ, ପୂର୍ବାନୁଷ୍ଠିତ । ଯଥା—

> କହେ ମୋର ଯେବେ କି ଫଳ ଉଥାଇ
> ପ୍ରାରବ୍ଧ ସଙ୍ଗେ କରେଥି । ଯ. କେ.

**ପ୍ରାରବ୍ଧକର୍ମ**, ବି. ନ. ପ୍ରାରବ୍ଧ-କର୍ମନ୍ ) ଯେ କର୍ମଦ୍ୱାରା ଶରୀର ହୁଏ, ଭୋଗ ନୋହିଲେ କୌଣସିରୂପେ ପ୍ରାରବ୍ଧ କର୍ମ କ୍ଷୟ ହୁଏ ନାହିଁ, ଏହି କାରଣରୁ ଜୀବନ୍ମୁକ୍ତ ବ୍ୟକ୍ତିଙ୍କୁ ପ୍ରାରବ୍ଧ କର୍ମ ଭୋଗ କରିବା ନିମନ୍ତେ ଶରୀର ଧାରଣ କରିବାକୁ ହୁଏ ।

**ପ୍ରାରବ୍ଧି**, ବି. ସ୍ତ୍ରୀ. (ପ୍ର-ଆ ରଭ୍-ତି) ହସ୍ତୀବନ୍ଧନ ରଜ୍ଜୁ, ଆରମ୍ଭ, ଉପକ୍ରମ ।

**ପ୍ରାରମ୍ଭ**, ବି. ପୁଂ. (ପ୍ର-ଆରମ୍ଭ) ଉପକ୍ରମ, ପ୍ରଥମୋଦ୍ୟୋଗ, ଆରମ୍ଭ ।

**ପ୍ରାର୍ଥନ** }
**ପ୍ରାର୍ଥନା** } ବି. ( ପ୍ର-ଅର୍ଥ-ଅନ, ଆ ) ଯାଚ୍ଞା, ମାଗିବା ଅଭିମତ, ଇଚ୍ଛା, ନିବେଦନ ।

**ପ୍ରାର୍ଥନୀୟ** }
**ପ୍ରାର୍ଥୟିତବ୍ୟ** } ବି° ( ପ୍ର-ଅର୍ଥ-ଅନୀୟ, ତବ୍ୟ) ପ୍ରାର୍ଥନା କରିବା ଯୋଗ୍ୟ, ଯାଚିତବ୍ୟ । ନ. ଦ୍ୱାପର ଯୁଗ ।

**ପ୍ରାର୍ଥୟିତା**, ବି°. ( ପ୍ର-ଅର୍ଥି-ତୃ ) ଯାଚକ, ପ୍ରାର୍ଥନାକାରୀ ।

**ପ୍ରାର୍ଥିତ**, ବି°. (ପ୍ର-ଅର୍ଥି-ତ) ଅଭିଲଷିତ, ଯାହା ନିକଟରେ ପ୍ରାର୍ଥନା କରାଯାଏ, ଯାଚିତ, ଅଭିଯାତ, ଆକ୍ରାନ୍ତ, ହତ ।

**ପ୍ରାଲେୟ**, ବି. ନ. ( ପ୍ରଲୟ ଅ ) ହିମ, ଶିଶିର, ବରଫ ।

**ପ୍ରାବର**, ବି. ପୁଂ. ( ପ୍ର-ଆ-ବୃ-ଅ ) ପ୍ରାଚୀର, ବେଢ଼ା, ବେଷ୍ଟନ, ବେଢ଼ଣ, ଉତ୍ତରୀୟ ବସ୍ତ୍ର ।

**ପ୍ରାବରଣ**, ବି. ନ. ( ପ୍ର-ଆ-ବୃ-ଅନ) ଉତ୍ତରୀୟ ବସ୍ତ୍ର, ଗିଲାପ, ଆବରଣ ବସ୍ତ୍ର ।

**ପ୍ରାବୀଣ୍ୟ**, ବି. ନ. (ପ୍ରବୀଣ-ଯ) ନୈପୁଣ୍ୟ, ଦକ୍ଷତା, ପ୍ରବୀଣତ୍ୱ, ବିଚକ୍ଷଣତା, ଚତୁରତା ।

**ପ୍ରାବୃଟ୍**, ବି. ପୁଂ. (ପ୍ର-ଆ-ବୃଷ୍-୦) ବର୍ଷାକାଳ ।

**ପ୍ରାବୃତ**, ବି°. ( ପ୍ର-ଆ-ବୃ-ତ ) ଆଚ୍ଛାଦିତ, ବେଷ୍ଟିତ ।

**ପ୍ରାବୃତି**, ବି. ସ୍ତ୍ରୀ. ( ପ୍ର-ଆ ବୃ-ତି ) ପ୍ରାଚୀର, ବେଢ଼ା ।

**ପ୍ରାବୃଷ୍** }
**ପ୍ରାବୃଷ** } ବି. ସ୍ତ୍ରୀ. ( ପ୍ର-ଆ-ବୃଷ ୦, ଅ ) ବର୍ଷାକାଳ ।

**ପ୍ରାବୃଷିକ**, ବି°. (ପ୍ରାବୃଷ୍-ଇକ) ବର୍ଷାକାଳୀନ । ବି. ପୁଂ. ମୟୂର ।

**ପ୍ରାବୃଷେଣ୍ୟ**, ବି°. ( ପ୍ରାବୃଷ୍-ଏଣ୍ୟ ) ପ୍ରଚୁର ବର୍ଷାକାଳୀନ । ବି. ପୁଂ. କଦମ୍ବବୃକ୍ଷ ।

**ପ୍ରାବୃଷ୍ୟ**, ବି°. (ପ୍ରାବୃଷ-ଯ) ବର୍ଷାକାଳୀନ । ବି. ନ. ବୈଦୂର୍ଯ୍ୟମଣି ।

**ପ୍ରାବେଶନ**, ବି. ନ. (ପ୍ର-ଆବେଶନ) ଶିଳ୍ପଶାଳା ।

**ପ୍ରାଶନ**, ବି. ନ. ( ପ୍ର-ଅଶ୍-ଅନ ) ଭୋଜନ, ଆହାର ।

**ପ୍ରାଶସ୍ତ୍ୟ**, ବି. ନ. ( ପ୍ରଶସ୍ତ-ଯ ) ପ୍ରଶସ୍ତତା, ବିସ୍ତାର, ପରିସର, ଉତ୍କର୍ଷ ।

**ପ୍ରାଶିତ**, ବି°. ( ପ୍ର-ଅଶ୍-ତ ) ଭକ୍ଷିତ, ଭୁକ୍ତ ଗ୍ରସ୍ତ । ବି. ନ. ପିତୃଯଜ୍ଞ ।

**ପ୍ରାଶ୍ନିକ**, ବି°. (ପ୍ରଶ୍ନ-ଇକ) ପ୍ରଶ୍ନକାରୀ । ବି. ପୁଂ. ସଭ୍ୟ ।

ପ୍ରାସ, ବ. ପୁଂ. (ପ୍ର-ଅସ୍-ଅ) କ୍ଷେପଣୀୟ ଅସ୍ତ୍ର ବିଶେଷ । (ଦେଶଜ) ବେଦନା, ଦରଦ ।

ପ୍ରାସଙ୍ଗିକ, ବିଂ. ( ପ୍ରସଙ୍ଗ ଇକ ) ପ୍ରସଙ୍ଗକ୍ରମେ ଉତ୍ପନ୍ନ, ଆନୁଷଙ୍ଗିକ ।

ପ୍ରାସାଦ, ବ. ପୁଂ. ( ପ୍ର ଆ-ସଦ୍ ଅ ) ବୃହତ୍ ଅଟ୍ଟାଳିକା । ଯଥା —

ମନେ ହେଉଥିଲେ ରମ୍ୟ ପ୍ରାସାଦେ ସେ ଥିଲେ । କ. ବ.

ଉଚ୍ଚଶିଖରମୟ ଦେବାଳୟ ।

ପ୍ରାସାଦକୁକ୍କୁଟ, ବ. ପୁଂ. ( ପ୍ରାସାଦ-କୁକ୍କୁଟ ) ପାରାବତ, ପାରା ।

ପ୍ରାସିକ, ବ. ପୁଂ. (ପ୍ରାସ-ଇକ) ପ୍ରାସ ଅସ୍ତ୍ରଧାରୀ ।

ପ୍ରାସ୍ତ, ବିଂ. ( ପ୍ର ଅସ-ତ ) ପ୍ରକ୍ଷିପ୍ତ, ନିରସ୍ତ, ପାତିତ, ଅସ୍ତ ।

ପ୍ରାସ୍ଥାନିକ, ବିଂ. (ପ୍ରସ୍ଥାନ-ଇକ) ପ୍ରସ୍ଥାନ କାଳୋଚିତ ।

ପ୍ରିୟ, ବ. ପୁଂ. ( ପ୍ରୀ-ଅ ) ସ୍ୱାମୀ, ମୃଗବିଶେଷ । ବିଂ. ପ୍ରୀତିପାତ୍ର । ରମ୍ୟ, ସ୍ନେହପାତ୍ର ।

ପ୍ରିୟକ, ବ. ପୁଂ. (ପ୍ରିୟ-କ) ମୃଦୁ ଚିତ୍ର ମସୃଣ ଓ ଘନ ଲୋମବିଶିଷ୍ଟ ମୃଗ, ପ୍ରିୟଙ୍ଗୁବୃକ୍ଷ,ଅଳି, ଭ୍ରମର, କୁଙ୍କୁମ, କଦମ୍ବବୃକ୍ଷ, ଅସନବୃକ୍ଷ ।

ପ୍ରିୟଙ୍କର, ବିଂ. (ପ୍ରିୟଂ-କୃ-ଅ) ପ୍ରିୟକାରକ ।

ପ୍ରିୟଙ୍ଗୁ, ବ. ସ୍ତ୍ରୀ. ( ପ୍ରିୟ-ଅନ୍‌ଗ ଉ ) ଲତାବିଶେଷ, ଶ୍ୟାମଲତା, ରାଇସୋରିଷ, ପିପ୍ପଳୀ ।

ପ୍ରିୟତର
ପ୍ରିୟତମ } ବିଂ. ( ପ୍ରିୟ-ତର, ତମ) ଅଧିକ ପ୍ରିୟ । ବିଂ. ପୁଂ. ବୃକ୍ଷବିଶେଷ, ମୟୂରପୁଚ୍ଛ ।

ପ୍ରିୟତମା, ବ. ସ୍ତ୍ରୀ. (ପ୍ରିୟ ତମ-ଆ) ଭାର୍ଯ୍ୟା । ବିଂ. ଅତିଶୟ ପ୍ରିୟା ।

ପ୍ରିୟତା, ବ. ସ୍ତ୍ରୀ. (ପ୍ରିୟ-ତା) ସ୍ନେହ ।

ପ୍ରିୟଦର୍ଶନ, ବିଂ. (ପ୍ରିୟ-ଦର୍ଶନ) ଯାହା ଦେଖିବାକୁ ଅତ୍ୟନ୍ତ ସୁନ୍ଦର, ସୁଦୃଶ୍ୟ । ବ. ପୁଂ. ଶୁକପକ୍ଷୀ ।

ପ୍ରିୟଦର୍ଶୀ, ବିଂ. ( ପ୍ରିୟ-ଦୃଶ୍-ଇନ୍ ) ଯେ ସମସ୍ତଙ୍କୁ ପ୍ରିୟ ବୋଲି ମନେ କରନ୍ତି, ବିଶ୍ୱପ୍ରେମିକ, ମହାରାଜ ଅଶୋକ ତାଙ୍କ ଅନୁଶାସନମାନଙ୍କରେ ଆପଣାକୁ "ପ୍ରିୟଦର୍ଶୀ" ନାମରେ ଅଭିହିତ କରିଅଛନ୍ତି, ମୂର୍ଖ ।

ପ୍ରିୟଭାଷଣ, ବ. ନ. ( ପ୍ରିୟ-ଭାଷଣ ) ପ୍ରିୟ କଥା କହିବା ।

ପ୍ରିୟମ୍ବଦ, ବିଂ. ( ପ୍ରିୟମ୍-ବଦ ) ପ୍ରିୟବାଦୀ ବ. ପୁଂ. ଗନ୍ଧର୍ବବିଶେଷ, ଖେଚର ।

ପ୍ରିୟମ୍ବଦା, ବ. ସ୍ତ୍ରୀ. ( ପ୍ରିୟଂ-ବଦ-ଅ-ଆ ) ଶକୁନ୍ତଳାଙ୍କ ସଖୀ । ବିଂ. ପ୍ରିୟଭାଷିଣୀ ।

ପ୍ରିୟବାଦୀ, ବିଂ. ( ପ୍ରିୟ-ବଦ୍-ଇନ୍ ) ଯେ ପ୍ରିୟକଥା କହେ, ସୁରୁକଥକ ।

ପ୍ରିୟସଖ, ବ. ପୁଂ. ( ପ୍ରିୟ-ସଖି-ଅ) ପ୍ରିୟବନ୍ଧୁ, ଖଦିରବୃକ୍ଷ, ଖଇରଗଛ ।

ପ୍ରିୟସାଲକ, ବ. ପୁଂ. ପିଯ୍ଯାସାଲଗଛ, ଅସନଗଛ ।

ପ୍ରିୟା, ବ. ସ୍ତ୍ରୀ (ପ୍ରୀ-ଅ-ଆ) ଭାର୍ଯ୍ୟା, ମଲ୍ଲିକା, ମଦିରା, ବାର୍ତ୍ତା, ଅଳାଇଚ । ( ଭାର୍ଯ୍ୟା ଅର୍ଥରେ ) ଯଥା —

ଏହା କହି ଦେବ କୁସୁମାୟୁଧ ପ୍ରିୟା ସଙ୍ଗତେ,
ଅନ୍ତରୀକ୍ଷେ ଲୁଚି ରହିଲେ ମୀନକେତନ ରଥେ । ଚି.ଭ.

ପ୍ରୀଣନ, ବ ନ. ( ପ୍ରୀ ଣିଚ୍-ଅନ ) ତର୍ପଣ, ତୃପ୍ତିଜନକ, ପ୍ରୀତିବିଧାନ ।

ପ୍ରୀତ, ବିଂ. (ପ୍ରୀ-ତ) ତୃପ୍ତ, ସନ୍ତୁଷ୍ଟ, ଆହ୍ଲାଦିତ । ନ. ହର୍ଷ. ଆନନ୍ଦ, ଆହ୍ଲାଦ ।

ପ୍ରୀତି, ବ. ସ୍ତ୍ରୀ. (ପ୍ରୀ-ତି) ତୃପ୍ତି, ହର୍ଷ, ସନ୍ତୋଷ, ପ୍ରେମ, ଅନୁରାଗ, କନ୍ଦର୍ପପତ୍ନୀ ।

ପ୍ରୀତିଅ, ବିଂ. ( ପ୍ରୀତି ଶବ୍ଦଜ ) ପ୍ରୀତିଯୁକ୍ତ, ପ୍ରୀତିମାନ୍ ।

ପୀରତିଅ ନ ମେ ଶୂର ଭକ୍ତ ଅନେ ଦାସୀ,
ଉଚ୍ଛାମେ କହଇ ଦେଖ ଯୋଧବୃନ୍ଦ ଆସି । ବ୍ୟଙ୍ଗବିକ୍ରି

ପ୍ରୀତିଦ, ବି. ପୁଂ. ( ପ୍ରୀତି-ଦା-ଅ ) ବିଦୂଷକ, ଭାଣ୍ଡ । ବିଂ. ଯେ ପ୍ରୀତିଦାନ କରେ, ସୁଖଦ, ହର୍ଷଦାତା ।

ପ୍ରୀତିମାନ୍, ବିଂ. ( ପ୍ରୀତି-ମତ୍ ) ପ୍ରୀତିଯୁକ୍ତ, ପ୍ରଣୟୀ, ବତ୍ସଳ ।

ପ୍ରୀୟମାଣ, ବିଂ. (ପ୍ରୀ-ଆନ ) ତୃପ୍ୟମାନ, ସନ୍ତୁଷ୍ଟ, ହୃଷ୍ଟଚିତ୍ତ, ପ୍ରୀତାତ୍ମା ।

ପ୍ରେକ୍ଷଣ, ବି. ନ. (ପ୍ର-ଈକ୍ଷ୍-ଅନ) ଚକ୍ଷୁଃ, ଦର୍ଶନ, ଦେଖିବା ।

ପ୍ରେକ୍ଷଣୀୟ ବିଂ. ( ପ୍ର-ଈକ୍ଷ୍-ଅନୀୟ ) ଦ୍ରଷ୍ଟବ୍ୟ, ଦର୍ଶନୀୟ ।

ପ୍ରେକ୍ଷା, ବି. ସ୍ତ୍ରୀ. (ପ୍ର-ଈକ୍ଷ୍-ଅ,ଆ ) ପ୍ରଜ୍ଞା, ବୁଦ୍ଧି, ଦର୍ଶନ, ଦୃଷ୍ଟି, ପର୍ଯ୍ୟାଲୋଚନା, ନୃତ୍ୟ ବା ନୃତ୍ୟଦର୍ଶନ, ଶାଖା ।

ପ୍ରେକ୍ଷାଗୃହ, ବି. ନ. (ପ୍ରେକ୍ଷା ଗୃହ) ଦର୍ଶକଗୃହ, ଦର୍ଶନାର୍ଥ ଉପର୍ଯ୍ୟୁପରି ରଚିତ ଉପବେଶନାସନ-ବିଶେଷ ଗେଲେରିଘର ।

ପ୍ରେକ୍ଷାବାନ୍, ବିଂ. ( ପ୍ରେକ୍ଷା-ବତ୍ ) ବୁଦ୍ଧିମାନ୍, ବିବେଚକ ।

ପ୍ରେକ୍ଷିତ, ବିଂ. (ପ୍ରେକ୍ଷ-ତ) ଦୃଷ୍ଟ, ଆଲୋଚିତ ।

ପ୍ରେତ, ବି. ପୁଂ. (ପ୍ର-ଇତ) ପିଶାଚ, ମୃତବ୍ୟକ୍ତିର ଆତ୍ମା । ବିଂ. ମୃତ ।

ପ୍ରେତକାର୍ଯ୍ୟ, ପ୍ରେତକୃତ୍ୟ, ପ୍ରେତକର୍ମ } ବି. ନ. (ପ୍ରେତ-କାର୍ଯ୍ୟ, କୃତ୍ୟ, କର୍ମନ୍) ମୃତର କାର୍ଯ୍ୟ, ଦହନ ସପିଣ୍ଡୀକରଣାଦି, ଅନ୍ତ୍ୟେଷ୍ଟି କ୍ରିୟା ।

ପ୍ରେତଗୃହ, ପ୍ରେତବନ } ବି. ନ. ( ପ୍ରେତ-ଗୃହ, ବନ ) ଶ୍ମଶାନ, ଶବଦାହସ୍ଥାନ ।

ପ୍ରେତନଦୀ, ବି. ସ୍ତ୍ରୀ. (ପ୍ରେତ-ନଦୀ) ବୈତରଣୀ ନଦୀ ।

ପ୍ରେତପକ୍ଷ, ବି. ପୁଂ. ଚାନ୍ଦ୍ରାଶ୍ୱିନ କୃଷ୍ଣପକ୍ଷ ।

ପ୍ରେତପଟହ, ବି. ପୁଂ. ( ପ୍ରେତ-ପଟହ ) ମୃତ୍ୟୁକାଳରେ ବାଦନୀୟ ବାଦ୍ୟବିଶେଷ ।

ପ୍ରେତପତି, ପ୍ରେତରାଜ } ବି. ପୁଂ. ( ପ୍ରେତ-ପତି, ରାଜା ) ଯମ ।

ପ୍ରେତପିଣ୍ଡ, ବି. ପୁଂ. ( ପ୍ରେତ ପିଣ୍ଡ ) ମରଣାବଧି ସପିଣ୍ଡୀକରଣ ପର୍ଯ୍ୟନ୍ତ ମୃତ ବ୍ୟକ୍ତିର ଉଦ୍ଦେଶ୍ୟରେ ପ୍ରଦତ୍ତ ପିଣ୍ଡ ।

ପ୍ରେତପୁର, ବି. ନ. ଯମାଳୟ । ଯଥା—

ବାନ୍ଧବଙ୍କୁ ତେଜନ ହେବର ପ୍ରେତପୁର । ବ. ଚ.

ପ୍ରେତବାହିତ, ବିଂ. (ପ୍ରେତ-ବାହିତ) ଭୂତାବିଷ୍ଟ, ଯାହାକୁ ଭୂତ ଲାଗିଥାଏ ।

ପ୍ରେତରାକ୍ଷସୀ, ବି. ସ୍ତ୍ରୀ. ଯାହାର ଦର୍ଶନରେ ପ୍ରେତଗଣ ଭୟରେ ପଳାୟନ କରନ୍ତି. ତୁଳସୀ।

ପ୍ରେତଲୋକ, ବି. ପୁଂ. ଯମଲୋକ ।

ପ୍ରେତବନ, ବି. ନ. ଶ୍ମଶାନ ।

ପ୍ରେତଶିଳା, ବି. ସ୍ତ୍ରୀ. ପିଣ୍ଡଦାନାର୍ଥ ଗୟାସ୍ଥିତ ପ୍ରସ୍ତରବିଶେଷ ।

ପ୍ରେତଶୌଚ, ବି. ନ. ମୃତବ୍ୟକ୍ତିର ଅଶୌଚ ।

ପ୍ରେପ୍ସୁ, ବିଂ. ( ପ୍ର-ଆପ୍-ସନ୍-ଉ ) ପାଇବାକୁ ଇଚ୍ଛୁକ ।

ପ୍ରେମ, ପ୍ରେମା } ବି. ପୁଂ. ନ. ( ପ୍ରିୟ-ଇମନ୍ ) ଅନୁରାଗ, ପ୍ରଣୟ, ପ୍ରୀତି, ସ୍ନେହ ।

ଯଥା—

ନନ୍ଦନନ୍ଦନ ପ୍ରେମା, ପ୍ରେମାରେ ନୁହେ କମା

ନାରମ୍ଭିଗଲି ଯେବେ ତୈଥିବ । ବ. ଚ

ପରିହାସ । ପୁଂ. ଇନ୍ଦ୍ର, ବାୟୁ ।

ପ୍ରେମିକ, ବିଂ. ( ପ୍ରେମନ୍-ଇକ ) ପ୍ରଣୟୀ, ସ୍ନେହୀ ।

ପ୍ରେମୀ, ବିଂ. (ପ୍ରେମନ୍-ଇନ୍) ପ୍ରଣୟୀ, ଅନୁରକ୍ତ, ସ୍ନେହବିଶିଷ୍ଟ ।

ପ୍ରେୟାନ୍, ବିଂ. (ପ୍ରିୟ ଇୟସ୍ ପ୍ରିୟତମ ।

ପ୍ରେୟସୀ, ବି. ସ୍ତ୍ରୀ. ( ପ୍ରିୟ-ଇୟସ୍-ଈ ) ପ୍ରିୟା, ପ୍ରିୟତମ । ଯଥା —

ଚଳିଲେ ପ୍ରେୟସୀ ତୁମ୍ଭ ଶ୍ରବଣେ । କ. କ.

ପ୍ରେରଣ, ପ୍ରେଷଣ } ବି. ନ. ( ପ୍ର-ଈର୍,ଇଷ୍-ଅନ ) ପଠାଇବା, ଆଜ୍ଞାକରଣ, ନିୟୋଗ।

ପ୍ରେରଣା, ବି. ସ୍ତ୍ରୀ. (ପ୍ର-ଈର-ଅନ୍-ଆ) ପଠାଇବା, ଆଜ୍ଞା କରିବା, ନିଯୋଗ କରିବା ।

ପ୍ରେରିତ } ବିଂ. (ପ୍ର-ଈର, ଇଟ୍-ତ) ଆକ୍ଷିପ୍ତ,
ପ୍ରେଷିତ } ଆଦିଷ୍ଟ, ନିଯୋଜିତ, ଯାହାକୁ ପଠାଯାଇଅଛି, ବିସର୍ଜିତ ।

ପ୍ରେଷ୍ଠ, ବିଂ. (ପ୍ରିୟ-ଇଷ୍ଠ) ପ୍ରିୟତମ, ଅତିପ୍ରିୟ, ସ୍ନେହପାତ୍ର ।

ପ୍ରେଷ୍ୟ } ବି. ପୁଂ. ( ପ୍ର-ଇଷ୍ ଯ ) ଦାସ,
ପ୍ରୈଷ୍ୟ } ଭୃତ୍ୟ, ଦୂତ । ବିଂ. ପ୍ରେରଣୀୟ ।

ପ୍ରେଷ୍ୟା, ବି. ସ୍ତ୍ରୀ. ( ପ୍ରେଷ୍ୟ-ଆ ) ଦାସୀ, ଜଙ୍ଘା ।

ପ୍ରୋକ୍ତ, ବିଂ. (ପ୍ର-ଉକ୍ତ) ପ୍ରକୃଷ୍ଟରୂପେ କଥିତ । ବି. ନ. କଥନ ।

ପ୍ରୋକ୍ଷଣ, ବି. ନ. ( ପ୍ର-ଉକ୍ଷ୍-ଅନ, ଶୁଦ୍ଧି ନିମିତ୍ତ ଜଳସେଚନ, ଯଜ୍ଞାର୍ଥ ପଶୁବଧ, ହତ୍ୟା, ବଧ, ସେଚନ, ଜଳସେଚନ ।

ପ୍ରୋକ୍ଷିତ, ବିଂ. ( ପ୍ର-ଉକ୍ଷ-ତ ) ଅଭିଷିକ୍ତ, ସିକ୍ତ, ହତ, ଯଜ୍ଞାଦିରେ ହତ, ଯଜ୍ଞରେ ସଂସ୍କୃତ, ଯଜ୍ଞାର୍ଥ ମନ୍ତ୍ରଦ୍ୱାରା ସଂସ୍କୃତ (ମାଂସାଦି) ।

ପ୍ରୋଜ୍ଝିତ, ବିଂ ( ପ୍ର-ଉଜ୍ଝ୍-ତ ) ପରିତ୍ୟକ୍ତ, ବର୍ଜିତ ।

ପ୍ରୋଞ୍ଛନ, ବି. ନ. ( ପ୍ର-ଉଞ୍ଛ-ଅନ ) ମାର୍ଜନ, ପୋଛିବା, ମାଜିବା ।

ପ୍ରୋତ୍ଫୁଲ୍ଲ, ବିଂ. ( ପ୍ର-ଉତ୍ ଫୁଲ୍ଲ ) ବିକସିତ, ପ୍ରସ୍ଫୁଟିତ ।

ପ୍ରୋତ୍ସାହ, ବି ପୁଂ. (ପ୍ର-ଉତ୍ସାହ) ସାତିଶୟ ଯତ୍ନ, ଅଧ୍ୟବସାୟ, ଉତ୍ତେଜନା ।

ପ୍ରୋତ୍ସାହିତ, ବିଂ. (ପ୍ରୋତ୍ସାହ ଇତ) ପ୍ରବର୍ତ୍ତିତ, ଉତ୍ସାହଯୁକ୍ତ, ପ୍ରେରିତ ।

ପ୍ରୋଥ, ବି. ପୁଂ. ନ. (ପ୍ରୁ-ଥ ) ଅଶ୍ୱ ନାସିକାର ଅଗ୍ର । ପୁଂ. କଟିଦେଶ, ଶାଢ଼ୀ, ଭ୍ରୂଣ, ଗର୍ଭସ୍ଥ ଜୀବ । ବିଂ. ପ୍ରସ୍ଥିତ ।

ପ୍ରୋଥିତ, ବିଂ. ( ପ୍ରୋଥ-ତ ) ଭୂଗର୍ଭନିହିତ, ପୋତା ।

ପ୍ରୋଷ, ବି. ପୁଂ. ( ପ୍ରୁଷ୍-ଅ ) ସନ୍ତାପ, କ୍ଲେଶ, ଦହନ ।

ପ୍ରୋଷିତ, ବିଂ. (ପ୍ର-ବସ୍-ତ) ବିଦେଶସ୍ଥ, ନିବୃତ୍ତ, ଅବଗତ, ପ୍ରବାସଗତ ।

ପ୍ରୋଷିତଭର୍ତ୍ତୃକା, ବି. ସ୍ତ୍ରୀ. (ପ୍ରୋଷିତ-ଭର୍ତ୍ତୃ-କ-ଅ) ଯେ ନାୟିକାର ସ୍ୱାମୀ ବିଦେଶରେ ଥାଏ ।

ପ୍ରୋଷ୍ଠୀ, ବି. ସ୍ତ୍ରୀ. ( ପ୍ର-ଓଷ୍-ଠ-ଈ) ଶଫରୀ, କେରାଣ୍ଡୀ ମାଛ ।

ପ୍ରୋଦ୍ଧ, ବି. ପୁଂ. ( ପ୍ର-ଉଦ୍ଧ-ଅ ) ହସ୍ତିର ପଦ, ହସ୍ତିର ପାଦଗ୍ରନ୍ଥି, ପର୍ବ, ତର୍କ । ବିଂ. ପଟୁ, ଦକ୍ଷ, ନିପୁଣ ।

ପ୍ରୋଢ଼, ବିଂ. ( ପ୍ର-ବହ୍-ତ ) ପ୍ରବୃଦ୍ଧ, ପ୍ରଗାଢ଼, ପ୍ରଚୁର, ପ୍ରଗଲ୍ଭ, ବିବାହିତ, ଦକ୍ଷ, ନିପୁଣ, ଯୌବନର ପର ବାର୍ଦ୍ଧକ୍ୟର ପୂର୍ବାବସ୍ଥା, ଯୁବା ।

ପ୍ରୋଢ଼ା } ବି. ସ୍ତ୍ରୀ. ୩୦ ଠାରୁ ୫୫ ବର୍ଷ
ପ୍ରୌଢ଼ା } ପର୍ଯ୍ୟନ୍ତ ବୟସ୍କା ନାୟିକା ।

ପ୍ରୌଢ଼ି, ବି ସ୍ତ୍ରୀ. ( ପ୍ର ବହ୍-ତି ) ଉତ୍କର୍ଷ, ଅଧ୍ୟବସାୟ, ଉତ୍ସାହ, ସାମର୍ଥ୍ୟ, ଉଦ୍ୟମ, ଉଦ୍ୟୋଗ, ଅଭିଯୋଗ । ( ଦେଶଜ ) ଗର୍ବ, ଅଭିମାନ ।

ପ୍ରୌଢ଼ିବାଦ, ବି. ପୁଂ. ବାଦାନୁବାଦ ।

ପ୍ଲକ୍ଷ, ବି. ପୁଂ. ଅଶ୍ୱତ୍ଥବୃକ୍ଷ । ସ୍ତ୍ରୀ. ସପ୍ତଦ୍ୱୀପା ପୃଥିବୀର ଏକଗୋଟି ଦ୍ୱୀପ, ଖିଡ଼କୀ ଦ୍ୱାର ।

ପ୍ଲବ, ବି. ପୁଂ. ( ପ୍ଲୁ-ଅ ) ଲୁଦ ଲୁଦ ଚାଲିବା, ସନ୍ତରଣ, ଭେଳ, ଭେକ, ମାଙ୍କଡ଼, ମେଷ, ଜଳଚରାଦି ପକ୍ଷୀ, ଚଣ୍ଡାଳ, ମାଛଧରିବା ପୋଲୁଦ, ପ୍ଲକ୍ଷ ।

ପ୍ଲବକ, ବି. କ୍ରି. ( ପ୍ଲୁ ବ-କ ) ନର୍ତ୍ତକ, ଚଣ୍ଡାଳ, ଭେକ ।

ପ୍ଲବଗ }
ପ୍ଲବଙ୍ଗ } ବି. ପୁଂ. (ପ୍ଲବ-ଗମ୍-ଅ) ବାନର,
ପ୍ଲବଙ୍ଗମ } ଭେକ, ହରିଣ, ସୂର୍ଯ୍ୟଙ୍କ ସାରଥି ।

ପ୍ଲବଗଣ, ବି. ପୁଂ. (ପ୍ଲବ ଗଣ) ଯେ କୁଦି କୁଦି ଚାଲେ, ମଣ୍ଡୂକ, ବେଙ୍ଗ, ଭେକ ।

ପ୍ଲବନ, ବି. ନ. ( ପ୍ଲୁ-ଅନ ) ଲଙ୍ଘନ, ସନ୍ତରଣ, ଅବଗାହନ, ଜଳପ୍ଲାବନ ।

ପ୍ଲବମାନ, ବିଂ. ( ପ୍ଲୁ-ଆନ ) ଭାସମାନ, ଭାସିଯିବା ।

ପ୍ଲାଟିନମ୍, ବି. ରୌପ୍ୟବତ୍ ଧାତୁବିଶେଷ ।

ପ୍ଲାବକା, ବି. ସ୍ତ୍ରୀ ନୌକା, ଭେଳା ।

ପ୍ଲାବନ, ବି. ନ. (ପ୍ଲୁ-ଅନ) ଅଭିଷେକ, ସେକ, ଜଳାଦିଦ୍ୱାରା ବ୍ୟାପ୍ତି, ଜଳରେ ଭାସିଯିବା ।

ପ୍ଲାବିତ, ବିଂ. (ପ୍ଲାବି-ତ) ଜଳାଦିଦ୍ୱାରା ବ୍ୟାପ୍ତ, ଯାହା ଜଳରେ ମଗ୍ନ ହୋଇଅଛି, ଯାହା ଜଳରେ ଭାସି ଯାଇଅଛି, ସିକ୍ତ, ପରିପ୍ଲୁତ, ଜଳମଗ୍ନ ।

ପ୍ଲିହ ⎫ ବି. ପୁଂ. ଯେ ଅନ୍ତରେ ଅର୍ଥାତ୍ ହୃଦୟ
ପ୍ଲୀହା ⎭ ମଧ୍ୟରେ ବଢ଼େ, କୁକ୍ଷି ବାମପାର୍ଶ୍ୱସ୍ଥ ମାଂସପିଣ୍ଡ ବିଶେଷ ।

ପ୍ଲୁତ, ବି. ନ. (ପ୍ଲୁ-ତ) ଲମ୍ଫ, ଅଶ୍ୱର ଗତି-ବିଶେଷ, ଲମ୍ଫଗମନ । ପୁଂ. ତୃତୀୟ ସ୍ୱର, ତ୍ରିମାତ୍ର ସ୍ୱର, ତ୍ରିମାତ୍ର ବର୍ଣ୍ଣ ।

---

## ଫ

ଫ, ବ୍ୟଞ୍ଜନ ବର୍ଣ୍ଣର ଦ୍ୱାବିଂଶ ବର୍ଣ୍ଣ । ବି. ନ. କର୍କଶ ବାକ୍ୟ, ନିଷ୍ଫଳ ବାକ୍ୟ, ଫୁତ୍କାର । ପୁଂ. ଝଞ୍ଜାବାତ, ଗୀତ, ଯଜ୍ଞସାଧନବିଶେଷ, ସଂଜ୍ଞାବିଶେଷ, ବ୍ୟଞ୍ଜନବର୍ଣ୍ଣ ଓ ବର୍ଣ୍ଣାଭାବ ।

ଫଁ ଫଁ, ଅଂ. ( ଦେଶଜ ) ଅନୁକରଣ ଶବ୍ଦ-ବିଶେଷ ।

ଫଏସଲା, ବି ( ଯାବନିକ ) ନିଷ୍ପତ୍ତି, ନିଷ୍ପତ୍ତି-ପତ୍ର ।

ଫଉଜ ⎫ ବି. (ଯାବନିକ) ସୈନ୍ୟଦଳ ।
ଫୌଜ ⎭

ଫଉଅରେ ପଶ ଉପେନରେ ଭର ରଖ ସେ ମାଳମଣିକୁ,
ଫଉଜ ତୁଟିଲେ କୁଞ୍ଜଦ୍ୱାରେ ରହାଅ ବେମ୍ବବନ୍ଧୀଧାରିଣୀକୁ ।
କି, ଚ.

ଫକଡ଼, ବିଂ ( ଦେଶଜ ) ଦରିଦ୍ର, ମାତ୍ର, ବହିରାଡ଼ମ୍ବରପୂର୍ଣ୍ଣ ।

ଫକା, ଫକ୍କା ⎫ ବିଂ. ଦେଶଜ ) ରକ୍ତହୀନ,
ଫିକା ⎭ ପାଣ୍ଡୁରବର୍ଣ୍ଣବିଶିଷ୍ଟ । ଯଥା—

ପର୍ଯ୍ୟୁଷିତ ପଦ୍ମ ପ୍ରାୟେ ତନୁ ଫିକା । କ. କେ.

ଫକାସୀ, ବି. ଦମ୍, ନିଶ୍ୱାସପ୍ରଶ୍ୱାସ ସବୁ ଶକ୍ତି ।

ଫକୀର, ବି. (ଯାବନିକ) ଦରିଦ୍ର, ଯବନଭିକ୍ଷୁକ । ଯଥା—

ଅଜି ଯେ ରାଜେନ୍ଦ୍ରାସନେ କାଲି ସେ ଫକୀର । କ. ଚ.

ଫଗୁ, ବି. ( ଫଲ୍ଗୁ ଶବ୍ଦର ଅପଭ୍ରଂଶ ) ଅବିର, ଲାଲବର୍ଣ୍ଣ ଚୂର୍ଣ୍ଣ, । ଯଥା—

ମୁଠାକୁ ଫିଙ୍ଗି ଯିବାରେ ଏ ପ୍ରମୀତ ଫଗୁ ଖେଳିବାରେ ଲଳନା,
ବସନ୍ତ ରାଜା ବଶକୁ କି କରନ୍ତି ରଙ୍ଗ ପଟେଳ ଗୃହନା । କ.ବ.

ଫଗୁଣ, ବି. (ଫାଲ୍ଗୁନର ଅପଭ୍ରଂଶ ଯେଉଁ ମାସରେ ଉତ୍ତରାଫାଲ୍ଗୁନୀ ନକ୍ଷତ୍ରଯୁକ୍ତ ପୂର୍ଣ୍ଣିମା ହୁଏ, କୁମ୍ଭ ମାସ । ଯଥା—

ଗୁଣମଣିକ ଗୁଣେ ସନ୍ତାପିତ ଦ୍ୱିଗୁଣେ
ନିଷ୍ଟୁର ଅସିବେ ଫଗୁଣେ ରେ ସହଚରୀ । ଲ ବ.

ଫଜତ, ବିଂ. ( ଫଜୟତ୍ ଶବ୍ଦଜ ) ତିରସ୍କୃତ, ଲାଞ୍ଛିତ, ଅବମାନିତ । ଯଥା—

ଫଜତ ହୋଇ ଦୂରରେ ଥିଲେ ଘୋଟେ ଉଜଡ ଥିବାର ସତ ।
ବୈ. ଚ.

ଫଜୟତ୍, ବି. (ଯାବନିକ) ଗାଳି, ତିରସ୍କାର ।

ଫଟ ⎫ ବି. ପୁଂ, ସ୍ତ୍ରୀ ( ସ୍ଫଟ୍ = ବିକଶିତ ହେବା,
ଫଟା ⎭ ଭେଦ କରିବା-ଅ, ନିପାତନ ) ସର୍ପର ଦନ୍ତ, ଧୂର୍ତ୍ତ, ପ୍ରତାରଣା, ଶଠତା ।

ଫଟକା ବି. (ଦେଶଜ) ଖଡ଼ ଅଥବା ଅଗ୍ନିବାଣ ବା ଛନ୍ଦବିଶେଷ ।

ଫଟ୍‌ଫଟ୍, ଅ°. (ଦେଶଜ) ଅନୁକରଣ ଶବ୍ଦ-ବିଶେଷ ।

ଫଟା, ବି°. (ଦେଶଜ) ଫାଟଯୁକ୍ତ, ଭଙ୍ଗା । ଯଥା—

ଫଟା କପାଳେ ତ ଅଛି ଲେଖା
ସେଥି ଯାଇ ନୋହିବାକୁ ଦେଖା ।

ଫଟାଇବା, କ୍ରି. (ଦେଶଜ) ବିଦୀର୍ଣ୍ଣ କରିବା ।

ଫଟୋଗ୍ରାଫ୍, ବି. ( photograph ) ଛାୟାଚିତ୍ର ।

ଫଡ଼କା, ବି. (ଦେଶଜ) ପତାକା । ଯଥା—

କୋଇ ଡଙ୍କା ବଦ୍ଧ୍ୟ ପଡ଼କା ଅଛି ବହୁ । ଲ. ବ.

ଫଡ଼ଫଡ଼, ଅ°. ( ଦେଶଜ ) ଅନୁକରଣ ଶବ୍ଦ, ଶବ୍ଦବିଶେଷ ।

ଫଡ଼ା, ବି (ଦେଶଜ) କାଷ୍ଠ ଦ୍ରବ୍ୟର ଖଣ୍ଡ । ବି°. ଚିରା ।

ଫଡ଼ି, ବି. (ଫଳକ ଶବ୍ଦଜ) ଫର, ପାଇକମାନଙ୍କର ଅସ୍ତ୍ରବାରଣ ।

ଫଣଅ } ବି. (ଦେଶଜ) ପଶ୍ୱାଦିର କଟିଠାରୁ ସମସ୍ତ ଚରଣ, ଗୋଡ଼ର ସମୁଦାୟ ଅଂଶ ।
ଫଣିଅ

ଫଣଫଣା, ବି.(ଦେଶଜ) ଗୁଳ୍ମଜାତୀୟ ବୃକ୍ଷବିଶେଷ ।

ଫଣ } ବି. ସ୍ତ୍ରୀ. ( ଫଣ୍-ଅ, ଆ ) ସର୍ପର ବିସ୍ତାରିତ ମସ୍ତକ ।
ଫଣା

ଫଣାକର
ଫଣାଧର } ବି. ପୁ°. (ଫଣାକର, ଧର, ଭୃତ୍) ସର୍ପ, ଭୁଜଙ୍ଗ ।
ଫଣାଭୃତ୍

ଫଣାବାନ୍ } ବି. ପୁ°. ( ଫଣାବତ୍, ଇନ୍ ) ସର୍ପ, ଫଣାଧର । ଯଥା—
ଫଣୀ

ଉପାଡ଼ିଲୁ କିବା ଭେଦଣ ଅବନୀ,
ଉଠିଲେ ଉଠେ ଫଣୀପତି ଫଣାମଣି । ନ. କେ.

ଫଣିପ୍ରିୟ, ବି. ପୁ°. (ଫଣିନ୍-ପ୍ରିୟ) ବାୟୁ ।

ଫଣିଫେନ, ବି. ପୁ°. ଅହିଫେନ, ଅଫିମ ।

ଫଣୀନ୍ଦ୍ର, ବି. ପୁ°. ( ଫଣିନ୍-ଇନ୍ଦ୍ର ) ସର୍ପରାଜ, ଅନନ୍ତଦେବ । ଯଥା—

ଗର୍ଜିଲେ କି ନାକ ବଇଲ୍ଲାଲା ଅନନ୍ତ ଲେ ଫଣୀନ୍ଦ୍ର ବାସୁକି ।

ଫଣୀଶ୍ୱର, ବି. ପୁ°. (ଫଣିନ୍-ଈଶ୍ୱର) ସର୍ପରାଜ ।

ଫଣ୍ଡ, ବି. ପୁ°. (ଫଣ୍-ଡ଼) ଜଠର, ଉଦର ।

ଫତୁଆ, ବି. (ଯାବନିକ) ବ୍ୟର୍ଥ, ମନୋରଥ ।

ଫତୁରଖୋର୍, ବି°. (ଯାବନିକ) ଅପବାଦଯୁକ୍ତ, ମିଥ୍ୟାଭାଷୀ ।

ଫତୁରଖୋର ଆଖରେ ହେବାର ଏହି କୋ ଏଥି ଫଳ ।
ବ୍ର. ଭ.

ଫତୁର, ବି°. (ଯାବନିକ) ନିର୍ଧନ, ଦରିଦ୍ର ।

ଫତେ, ବି. (ଯାବନିକ) ଜୟ ।

ଫନ୍ଦ, ବି. ପାଦ୍ରାଦିର ପ୍ରାନ୍ତଭାଗ, କୌଶଳ ।

ଫନ୍ଦା, ବି. ( ଦେଶଜ ) ଆଶ୍ରୟ, ଅବଲମ୍ବନ, ଜୀବିକା । ଯଥା—

ଫନ୍ଦାଧର ମୁଁ ଫିଙ୍ଗିଦେଲି ପାଣିକି ।
ଫୁରୁଣ ହେବ କାହା ଦେଇ ଏବେ । ଭ. ଚ.

ଫନ୍ଦୀ, ବି. (ଦେଶଜ) ଫିକର, ଉପାୟ । ବି°. କୌଶଳୀ, ଉପାୟବନ୍ତ, ବ୍ୟବସାୟୀ ।

ଫମ୍ପା, ବି. (ଦେଶଜ) ଅନ୍ତଃସାରଶୂନ୍ୟ, ପୋଲା ।

ଫୟସଲା, ବି°. ( ଯାବନିକ ) ମୋକଦ୍ଦମାର ନିଷ୍ପତ୍ତି ।

ଫର, ବି. ନ. (ଫଲ୍-ର) ଫଳକ, ଢାଲ ।

ଫରକ୍, ବି. (ଯାବନିକ) ପ୍ରଭେଦ, ପାର୍ଥକ୍ୟ ।

ଫରକଟା, ବି°. (ଦେଶଜ) ବିସ୍ତାରିତ । ଯଥା—

ପ୍ରକଟାଇ ପକ୍ଷ ନାହିଁ ହେବିଟି ଅ,
ଫରକଟା ଗୋଟିଏ ଜୁଏ ପ୍ଲେ ଉଆ । ବ. ବା.

ଫର୍ଦ } ବି (ଯାବନିକ) ହିସାବର ତାଲିକା, ଏକଦସ୍ତାର ୨୪ ଅଂଶ ବା ଏକ ଖଣ୍ଡ କାଗଜ ।
ଫର୍ଦ୍ଦ

ଫରଫର, ଅ°. ଅନୁକରଣ ଶବ୍ଦ, ଅତ୍ୟନ୍ତ ଚଞ୍ଚଳ ।

ଫରମାସ୍, ବି. (ଯାବନିକ) ଆଦେଶ, ଅନୁଜ୍ଞା ।

ଫରମସ ଫାର ସୈନ୍ୟ ସକଳ;
ଫରଦ୍ଦର ଭଡ଼େ ନେଉଟସଙ୍କ ।

ଫରୁ, ବି. ଫଳକ, ଚର୍ମଅଭୂଣି । ଯଥା—

ଫରୁ ଖଣ୍ଡା ଥାନ୍ତା ଭବେ;
ବଡ଼ ସାହେବ ଙ୍କ ପଶନ୍ତା ଘରେ ।

ଏକପ୍ରକାର ମଲ୍ଲକ୍ରୀଡ଼ା ।

ଫରିଆଦ, ବିଂ. ( ଯବନଜ ) ଅଭିଯୋଗ । ଯଥା —

ଫରିଅଦ କାହିଁ ଚୋ ଆଗେ କରିବ ନନ୍ଦା କଲେ ପଛେ କର ।
ବି. ଚ.

ଫରିଅଦ୍, ବିଂ. (ଯାବନିକ) ଯେ ଫରିଆଦ ବା ଅଭିଯୋଗ କରେ, ମୁଦେଇ ।

ଫରୁଆ, ବି. ( ଦେଶଜ ) ସଂପୁଟକ, ହିଙ୍ଗୁଳ ପ୍ରଭୃତି ପଦାର୍ଥ ରଖିବା ନିମିତ୍ତ କାଷ୍ଠନିର୍ମିତ ପାତ୍ରବିଶେଷ । ଯଥା—

ଫରୁଆ ଗର୍ଭ ଫେଇ ନର୍ଦ୍ଦୋଷ ମଣି;
ଫିଙ୍ଗି ଯା ଦେଲୁ ସେଟେ ସଦୋଷ ମଣି । ଚ. ଚ.

ଫର୍ଦ୍ଦା, ବି. (ଯବନଜ) ପ୍ରସାର । ବିଂ. ପ୍ରଶସ୍ତ, ନିର୍ମଳ ।

ଫଳ, ବି. ନ. ( ଫଳ୍-ଅ ) ବୃକ୍ଷ ଲତାଦିରୁ ଉତ୍ପନ୍ନ ଶସ୍ୟ, ଉତ୍ପନ୍ନ ବସ୍ତୁ, କାର୍ଯ୍ୟସିଦ୍ଧି, ଧନ, ଲାଭ, ପ୍ରୟୋଜନ, ଜାଫଳ, ସ୍ୱର୍ଗାଦି ସୁଖ, ସୁଖ ଦୁଃଖ, ଫଳକ, ପଟା, ଢାଲ, ଖଡ୍ଗାଦିର ପତ୍ର, ବାଣର ଅଗ୍ରଭାଗସ୍ଥ ଲୌହ ଲଙ୍ଗଳଲୁହା, ଉତ୍ତର । ପୁଂ. କୁଟଜବୃକ୍ଷ ।

ଫଳକ, ବି. ପୁଂ. ନ. (ଫଳ୍-ଅକ) ଢାଲ, ପଟା, କପାଳର ଅସ୍ଥି ।

ଫଳକପାଣି, ବି. ପୁଂ. ( ଫଳକ-ପାଣି ) ଫଳକଧାରୀ ।

ଫଳକୀ, ବି. ପୁଂ. ( ଫଳକ-ଇନ୍ ) ଢାଲଧାରୀ, ମତ୍ସ୍ୟବିଶେଷ ।

ଫଳକେଶର, ବି. ପୁଂ. ( ଫଳ-କେଶର ) ନାରିକେଳବୃକ୍ଷ ।

ଫଳକୋଷକ, ବି. ପୁଂ. ମୁଷ୍କ, ଅଣ୍ଡକୋଷ ।

ଫଳତଃ, ଅଂ. (ଫଳ-ତସ୍) ବାସ୍ତବିକ, ବସ୍ତୁତଃ ଅର୍ଥାତ୍ ।

ଫଳତ୍ରୟ } ବି. ନ. (ଫଳ-ତ୍ରୟ, ତ୍ରିକ) ତ୍ରିଫଳା
ଫଳତ୍ରିକ } ଶୁଣ୍ଠି, ପିପ୍ପଳୀ ଓ ମରିଚ ।

ଫଳଣା, ବି. (ଦେଶଜ) ଅମୁକ, ( ଅନିର୍ଦ୍ଦିଷ୍ଟ ବ୍ୟକ୍ତି ବା ବସ୍ତୁ ଅର୍ଥରେ ପ୍ରଯୁକ୍ତ ) ।

ଫଳଦ, ବିଂ. ( ଫଳ ଦା ଅ ) ଫଳଦାତା । ବି. ପୁଂ. ବୃକ୍ଷ ।

ଫଳନ୍ତା } ବିଂ. (ଫଳତ୍ ଶବ୍ଦଜ) ଫଳବିଶିଷ୍ଟ,
ଫଳନ୍ତି } ଯାହା ଫଳଅଛି ବା ଫଳୁଅଛି ।

ଫଳପାକାନ୍ତ, ବି. ସ୍ତ୍ରୀ. (ଫଳ-ପାକ-ଅନ୍ତ) ଫଳ ପକ୍ୱ ହେଲେ ଯେଉଁ ବୃକ୍ଷ ଲ. ତାମାନେ ନାଶ ପ୍ରାପ୍ତ ହୁଅନ୍ତି ଔଷଧି ।

ଫଳପୂର, ବି. ପୁଂ. (ଫଳ-ପୂର୍-ଅ) ଦାଡ଼ିମ୍ବ ।

ଫଳପ୍ରଦ, ବିଂ. ( ଫଳ ପ୍ରଦ ) ଯେ ଫଳ ଦାନ କରେ ।

ଫଳବାନ୍, ଫଳତ } ବିଂ. (ଫଳ-ବତ୍, ଇତ
ଫଳନ, ଫଳୀ } ଇନ, ଇନ୍) ଫଳବିଶିଷ୍ଟ
ବି. ପୁଂ. ଫଳବାନ୍ ବୃକ୍ଷ ।

ଫଳଶାଳୀ, ବିଂ. (ଫଳ-ଶାଳିନ୍) ଫଳଯୁକ୍ତ ।

ଫଳଶ୍ରୁତି, ବି. ସ୍ତ୍ରୀ. ( ଫଳ ଶ୍ରୁତି ) କର୍ମର ଫଳଶ୍ରବଣ ।

ଫଳା, ବି. (ଦେଶଜ) ବ୍ୟଞ୍ଜନବର୍ଣ୍ଣରେ ବ୍ୟଞ୍ଜନ ବର୍ଣ୍ଣ ସଂଯୋଗ ପ୍ରଣାଳୀ । ଯଥା- ସତରଫଳା ।

ଫଳାନ୍ତ, ବି.ପୁଂ. (ଫଳ-ଅନ୍ତ) ବଂଶ, ବାଉଁଶ

ଫଳାଫଳ, ବି. (ଫଳ-ଅଫଳ) ହାନି ଲାଭ ।

ଫଳାଶନ, ବି. ପୁଂ. (ଫଳ-ଅଶନ) ଶୁକପକ୍ଷୀ । ବିଂ. ଫଳଭକ୍ଷକ ।

ଫଳି, ବି. (ଦେଶଜ) ମତ୍ସ୍ୟବିଶେଷ, ଶଙ୍ଖ ଦଣ୍ଡାଦିଦ୍ୱୟର ସଂଯୋଜକ କାଷ୍ଠଖଣ୍ଡ ।

ଫଳିନୀ } ବି. ସ୍ତ୍ରୀ. (ଫଳିନ୍-ଈ, ଫଳ-ଈ) ପ୍ରିୟଙ୍ଗୁ
ଫଳୀ } ଲତା

ଫଳିବା, କ୍ରି. (ଫଳ୍ ଧାତୁଜ) ଫଳଯୁକ୍ତ ହେବା, ସଫଳ ହେବା । ଶରୀରର ଚର୍ମରେ ଅବୁ ପର ବାହାରିବା ।

ଫଳୋଦୟ, ବି. ପୁଂ. (ଫଳ-ଉଦୟ) ଫଳୋତ୍ପତ୍ତି, ଲାଭ, ସ୍ୱର୍ଗ, ଆନନ୍ଦ ।

ଫଲ୍ଗୁ, ବି. ସ୍ତ୍ରୀ. ( ଫଲ୍-ଗୁ ) ଗୟାତୀର୍ଥର ନଦୀ-ବିଶେଷ, ବୃଥାବାକ୍ୟ, ଲୋହିତବର୍ଣ୍ଣ ଚୂର୍ଣ୍ଣ, ଅବିର, ବସନ୍ତକାଳ । ବିଂ. ତୁଚ୍ଛ, ଅସାର, ମନୋହର ।

ଫଲ୍ଗୁନ } ବି. ପୁଂ. ( ଫଲ୍ଗୁନ, ଗ ଆଗମ ) ଅର୍ଜୁନ, ଫାଲ୍ଗୁନ ମାସ । ନୀ-ସ୍ତ୍ରୀ. ନକ୍ଷତ୍ରବିଶେଷ ।
ଫାଲ୍ଗୁନ }

ଫଙ୍କା, ବିଂ. (ଦେଶଜ, ଫାଲୁକା, ଭଙ୍ଗାପ୍ରବଣ, ଯେ ଠାଣ ବା ଶକ୍ତ ନୁହେ ।

ଫସରଫସା, ବି. (ଦେଶଜ) ଅକାରଣ, ବ୍ୟର୍ଥ ।

ଫସରଫାଟିବା, କ୍ରି. (ଦେଶଜ) ଅରୁଣୋଦୟ ହେବା, ପୂର୍ବଦିଗରେ ଦୃଷ୍ଟିଗୋଚର ଚିହ୍ନ ଦେଖାଯିବା ।

ଫସଲ, ବି. (ଯାବନିକ) କୃଷି, କୃଷିଜାତ ଶସ୍ୟାଦି ।

ଫାଇଦ, ବି. (ସ୍ଫାୟୀ ଧାତୁଜ) ପରିମାଣର ବୃଦ୍ଧି, ଅଧିକ, ଲାଭ, ମୁନଫା, ଠିକା ନେବା ।

ଫାଏଦା, ବି. (ଯାବନିକ) ଲାଭ, ଉପକାର ।

ଫାଙ୍କ, ବି. (ଦେଶଜ) ଛିଦ୍ର, ଅନ୍ତର । ଯଥା—

ନଇଲେ ବାଙ୍କ ଦେଖଇ ଫାଙ୍କ ।

ଫାଙ୍କି, ବି. ( ଫକ୍କିକା ଶବ୍ଦଜ ) ଛଳନା, ପ୍ରତାରଣା ।

ଫାଙ୍କିଦେବା } କ୍ରି. ଠକିଦେବା, ପ୍ରତାରଣା କରିବା ।
ଫାଙ୍କିବା }

ଫାଜିଲ } ବିଂ. (ଯାବନିକ) ଅତିରିକ୍ତ, ବେଶି, ଯେ ବ୍ୟକ୍ତି ଆପଣାର ଜାଣିବା ଅପେକ୍ଷା ବେଶି କହେ । ବି. ଫାଜିଲମି ଓ ଫାଜିଲ୍ମି ।
ଫାଜିଲ୍ }

ଫାଟ, ବି. (ସ୍ଫୁଟ ଧାତୁଜ) ଗର୍ତ୍ତ, ଛିଦ୍ର ।

ଫାଟକ, ବି. (ଯାବନିକ) ସଦରଦ୍ୱାର, ଦୁର୍ଗାଦିର ପ୍ରବେଶଦ୍ୱାର ।

ଫାଟିବା, କ୍ରି. (ପ୍ରା) ବିଦୀର୍ଣ୍ଣ ହେବା । ଯଥା

ଫାଟିଲା ଚଉଦ ଭୁବନ ପୁଣି ରେ ବ୍ରହ୍ମାଣ୍ଡ । ବ, ସ.

ଫାଟୁଆ, ବି. (ଦେଶଜ) ଗୋମେଷାଦିର ରୋଗ-ବିଶେଷ ।

ଫାଡ଼ିବା, କ୍ରି. (ଫାଟନ ଶବ୍ଦଜ) ଚିରିବା, ଛିନ୍ନ କରିବା, ଅଂଶ କରିବା ।

ଫାଣ୍ଟ, ବିଂ. ( ଫଣ୍-ତ ) ଅକ୍ଲେଶରେ ପ୍ରସ୍ତୁତ । ବି. ନ. କ୍ୱାଥବିଶେଷ ।

ଫାଣ୍ଟିବା, କ୍ରି. ( ପ୍ରା. ଫାଣ୍ଟ ଶବ୍ଦଜ ) ପେଣ୍ଡିତ କରିବା, ଫେଣେଇବା ।

ଫାଣ୍ଡି, ବି. (ଯାବନିକ) ଶାନ୍ତିରକ୍ଷା ନିମିତ୍ତ ପୁଲିସ କର୍ମଚାରୀମାନଙ୍କର ରହିବା ସ୍ଥାନ Outpost.

ଫାନସ } ବି (ଯାବନିକ କାଗଜାଦିଦ୍ୱାରା ନିର୍ମିତ ଦୀପ ଜାଳିବାର ପାତ୍ର-ବିଶେଷ ।
ଫାନୁସ }

ଫାନ୍ଦ, ବି. (ଦେଶଜ) ପାଶ, କୌଶଳ । ଯଥା

ବରଯୁବା ମୋହଫାନ୍ଦ ଯେ,
ନିଷ୍ଫଳ କଳ ଅନଙ୍ଗସାଗରେ ବୃଦ୍ଧି କି ଶ୍ରାନ୍ତି ଗୁଣ ଯେ । ବ. ଚ.

ଫାମ୍ପିବା, କ୍ରି. (ଦେଶଜ) ଫୁଲିବା ।

ଫାରଶୀ } ବି. ( ପର୍ଶୁ ଶବ୍ଦଜ ) ଏକପ୍ରକାର ଶସ୍ତ୍ର ।
ଫାର୍ଶି }

ଫାଲ, ବି. (ଦେଶଜ) ଲଙ୍ଗଳଲୁହା ।

ଫାଲଆ, ବି. (ଦେଶଜ) ବିସ୍ତୃତ । ବି. ଖଣ୍ଡ, ଯଥା—କାଠଫାଲଆ ।

ଫାଲୁଆ, ବି. (ଦେଶଜ) ବଡ଼ ଫଳ ପରି ଅଣ୍ଡଯୁକ୍ତ ବିଶିଷ୍ଟ । ଯଥା —

ଅଳସୀ ମାରଇ ଫାଲୁଆ ଗୁଣ୍ଡ,
ଗୃହେ ରହିଥାଏ ଗେରସ୍ତ ମୁଣ୍ଡ । ହା ଚ.

ଫାଲ୍ଗୁନ, ବି. ପୁଂ. (ଫଲ୍ଗୁନ-ଅ) ଫଗୁଣ ମାସ । ନୀ, ସ୍ତ୍ରୀ. ଫାଲ୍ଗୁନ ମାସର ପୂର୍ଣ୍ଣିମା ।

ଫାଲ୍ଗୁନି, ବି. (ଫଲ୍ଗୁନୀ-ଇ) ଅର୍ଜୁନ ।

ଫାଶ, ବି. ( ପାଶ ଶବ୍ଦର ଅପଭ୍ରଂଶ ) ପାଶ ।

ଯଥା—

ଧନକୁ ନିର୍ଧନ ଅବା ପ୍ରବଳ ଦୁର୍ବଳ,
ସେ ସୂତର ଫାଶୁଁ କେହୁ ନୁହନ୍ତି ମୁକତ । ମ. ଯା,

ଫାଶୀ, ବି. (ପ୍ରା. ପାଶ ଶବ୍ଦଜ) ଉଦ୍‌ବନ୍ଧନ, ଦଉଡ଼ି ଦେଇ ମରିବା ।

ଫାସିଅ, ବି. ( ଦେଶଜ ) କର୍ଣ୍ଣ ଓ ନାସାର ଅଲଙ୍କାରବିଶେଷ ।

ଫିକା, ବିଂ. (ଫକ୍କା ଦେଖ) ରକ୍ତହୀନ, ପାଣ୍ଡୁର ।

ଫିକର, ବି. (ଯାବନିକ) ଉପାୟ, କୌଶଳ ।

ଫିଙ୍ଗାଲ, ବିଂ. ଶିକ୍ଷକାବାଦକମାନଙ୍କ ମଧ୍ୟରୁ ଯେ ଭାଙ୍କେ ।

ଫିଙ୍ଗିବା, କ୍ରି. ବି. (ଯାବନିକ) ନିକ୍ଷେପ କରିବା-ପକାଇବା । ଯଥା—

କି ପାମା ଭ୍ରମା ଶ୍ୟାମା ଅତଶଯ୍ୟରେ, କସ୍ତୁରୀ କା ତେଲ ଫିଙ୍ଗନ୍ତେ ।

ଫିଟାଇବା, କ୍ରି. (ଦେଶଜ) ମୁକ୍ତ କରିବା ।

ଯଥା—

ବସି ସମ ବର ଫିଟାଇ କବର,
ଦେଖୁଥାଇ ଯୋଉ ହୃଦେ ଭାର ।

ଫିଟକର, ବି. (ଦେଶଜ) ଫଟିକ ।

ଫିତା, ବି. (ଦେଶଜ) ବନ୍ଧନରଜ୍ଜୁ, ସୂତ୍ରନିର୍ମିତ ରଜ୍ଜୁ ।

ଫିରଙ୍ଗ, ବି. ସ୍ୱନାମପ୍ରସିଦ୍ଧ ଦେଶବିଶେଷ ।

ଫିରଙ୍ଗୀ, ବି. ଫିରଙ୍ଗ ଦେଶୋଦ୍ଭବ ପୁରୁଷ, ଦେଶୀୟ ସ୍ତ୍ରୀଲୋକ ଗର୍ଭରେ ଇୟୁରୋପ ଦେଶୀୟ ପୁରୁଷର ଔରସଜାତ ସନ୍ତାନ ।

ଫିରଫିସ, ବି. (ଦେଶଜ) କର୍ଣ୍ଣାଲଙ୍କାରବିଶେଷ ।

ଫିସ୍, ବି. (ଇଂ. fees) ଦେୟ, ମାସୁଲ୍, ଶୁଳ୍କ ।

ଫୁକାର, ବି. (ଦେଶଜ) ପୋଲ, ପୋଲ ମଧ୍ୟବର୍ତ୍ତୀ ଶୂନ୍ୟସ୍ଥାନ ।

ଫୁକାରିବା, କ୍ରି. (ଦେଶଜ) ଡାକିବା, ଗର୍ଜନ-କରିବା ।

ଫୁଙ୍କିବା, କ୍ରି. ( ଫୁତ୍‌କାର ଶବ୍ଦଜ ) ମୁଖରୁ ସବଳରେ ବାୟୁ ନିର୍ଗତ କରିବା ।

ଫୁଟ, ବିଂ. (ସ୍ଫୁଟ୍-ଅ) ବିଦୀର୍ଣ୍ଣ, ପ୍ରସ୍ଫୁଟିତ । ବି. ପୁଂ. ସର୍ପର ଫଣା । (ଇଂରାଜୀ Foot) ଦୈର୍ଘ୍ୟର ପରିମାଣବିଶେଷ, ୧୨ ଅଙ୍ଗୁଳ ପରିମାଣ । ପଣସ ପ୍ରଭୃତିର ଖୋସା ।

ଫୁଟା, ବିଂ. (ପ୍ରା) ବିଦୀର୍ଣ୍ଣ, ସଚ୍ଛିଦ୍ର, ଭଙ୍ଗା । ବଦାଇବା ମସଲା, ପ୍ରସ୍ଫୁଟିତ ।

ଫୁଟି, ବି (ଦେଶଜ) ଫଳବିଶେଷ ।

ଫୁଟିଫୁଟିକା, ବି (ଦେଶଜ) ଲତାବିଶେଷ ।

ଫୁଟିବା, କ୍ରି. (ସ୍ଫୁଟ ଧାତୁଜ) ବିଦୀର୍ଣ୍ଣ ହେବା । ଯଥା—

ପ୍ରାଣ ନ ଗଲା ତହିଁ ଦେଖିଲି ତ ଦୈବ କଲା ତ ଏବେ ହିଁ ।
ନେନ ଫୁଟନ୍ତ ଭ ଛଦ ଫୁଟିଯାଉ ପ୍ରାଣ ତହିମାଳ ବେଗ କରି ।
ବ. ଚ.

ସଶବ୍ଦରେ ବିଦୀର୍ଣ୍ଣ ହେବା, ପ୍ରସ୍ଫୁଟିତ ହେବା, ଥକାଯିବା ।

ଫୁଟୁକ, ବି. (ଶ୍ଳେଟିକା ଶବ୍ଦଜ) ହସ୍ତର ମଧ୍ୟମା ଓ ଅଙ୍ଗୁଷ୍ଠଦ୍ୱାରା କୃତ ଶବ୍ଦବିଶେଷ ।

ଫୁତ୍, ଅଂ. ( ଫୁତ୍-ଂ. ନିପାତନ ) ଅନୁକରଣ ଶବ୍ଦ ।

ଫୁତ୍କର, ବି. ପୁଂ. (ଫୁତ୍-କର) ଅଗ୍ନି ।

ଫୁତ୍କାର, ପୁଂ. } ବି. (ଫୁତ୍-କାର,କୃତ) ଫୁଙ୍କି
ଫୁତ୍କୃତ, ସ୍ତ୍ରୀ. } ଦେବା, ଫୁସ୍‌ଫୁସ୍ ଶବ୍ଦ ।

ଯଥା—

ମତ୍ତ ହୋଇ କେହୁ କ୍ରୋଧମୋଦେ
ଫୁତ୍କାରେ ଉଡ଼ାଏ କେତେ ରାଜା ମହାରାଜା । ମ.ଯା.

ଫୁରସତ୍ } ବି ( ଯାବନିକ )ଅବସର, ଅବ-
ଫୁରୁସତ୍ } କାଶ ।

ଫୁରୁଣା, ବି. ( ଦେଶଜ ) ଆନନ୍ଦ, ଗର୍ବ

ଯଥା—

ଥାଉଁ ତେଁ କପି ଗଣିବ ସାଉତା କାଣାକୁ
ମନ ଫୁରୁଣାକୁ ପାରିବ କପି ଆଣିବ । ବ. ଚ.

ଫୁଲି, ବି. (ଫୁଲ୍ଲ ଶବ୍ଦଜ) ପୁଷ୍ପ, କୁସୁମ ।

ଫୁଲଖଡ଼ୀ, ବି. (ଦେଶଜ) ଦୁଧଖଡ଼ୀ ।

ଫୁଲଗୁଣା, ବି. ( ଦେଶଜ ) ନାକର ଅଲଙ୍କାର-ବିଶେଷ । ଯଥା –

ଫୁଲଗୁଣା ମାଠଗୁଣା,ବବେକ କରଇ ବଣା ।
ନଖା ପୁଟକେ ପୁଟକେ ଥାଇ ଝଟକେ ଯେ । ଲ.ବ.

ଫୁଲଧନୁ, ବି ପୁଂ. ( ଫୁଲ-ଧନୁ ) ମଦନ, କନ୍ଦର୍ପ ।

ଫୁଲସରୀ, ବି. (ଦେଶଜ) ବ୍ରାହ୍ମଣମାନଙ୍କର ବ୍ରତ ଉଦାହାଦିରେ ଦେବା ଅଶୀର୍ବାଦାର୍ଥ ସରୀ ।

ଫୁଲା ବି. (ଦେଶଜ) ଚକ୍ଷୁରୋଗବିଶେଷ, ଶୋଥ-ରୋଗ, ସ୍ଫୀତ ।

ଫୁଲାଇବା, କ୍ରି. ( ଦେଶଜ ) ସଗର୍ବରେ ସ୍ଫୀତ ହେବା । ଯଥା —

ଏ କହୁଛି କାହୁଁ ଛାତି ଫୁଲାଇ ।

ଫୁଲ୍ଲ, ବିଂ. (ଫୁଲ-ତ) ବିକସିତ, ପ୍ରସ୍ଫୁଟିତ । ବି. ନ. ପୁଷ୍ପ, ଫୁଲ ।

ଫୁଲ୍ଲି, ବି. ( ଫୁଲ୍ଲ ଶବ୍ଦଜ ) ସୂତ୍ରନିର୍ମିତ ପୁଷ୍ପାକାର ଗୁଚ୍ଛବିଶେଷ, କେଶବନ୍ଧନୀର ପ୍ରାନ୍ତସ୍ଥ ଗୁଚ୍ଛ । ଯଥା —

ପଛକୁ ରୁଚିର ଫୁଲି, ମାନସ ଭୁଲି ଯେ ।

ଫୁଲୁକା, ବି. ( ଦେଶଜ ) ମଛ ଗଳାରେ ଥିବା ଫୁଲପରି ଅବୟବବିଶେଷ ।

ଫୁଲୁରି, ବି. ( ଦେଶଜ ) ସୁବାସିତ ତେଲ । ବିଂ. ସୁବାସଯୁକ୍ତ ।

ଫୁସ୍‌ଫୁସ୍, ବି. ଶରୀରସ୍ଥ ଯନ୍ତ୍ରବିଶେଷ । ଅଂ. ଅନୁକରଣ ଶବ୍ଦବିଶେଷ ।

ଫୁସ୍‌ଲାଇବା, କ୍ରି. ( ଯାବନକ ) ଭୁଲାଇବା, ଲୋକଙ୍କୁ ପ୍ରଲୋଭନାଦିଦ୍ୱାରା ସ୍ୱପକ୍ଷୀୟ କରିବା ।

ଫେଟା, ବି. ( ଦେଶଜ ) ପରିଧେୟ ବସ୍ତ୍ର-ବିଶେଷ ।

ଫେଡ଼ଣ, ବି. ମୋଚଣ

ଫେଡ଼ାଣ, ବି. ( ଦେଶଜ ) ବିୟୋଗ, ବ୍ୟବ-କଳନ ।

ଫେଡ଼ାଙ୍କ, ବି. ( ଦେଶଜ ) ବ୍ୟବକଳନ, ବିୟୋଗ, ବ୍ୟବକଳନର ପ୍ରଚଳିତ ପ୍ରଣାଳୀ-ବିଶେଷ ।

ଫେଡ଼ିବା } କ୍ରି. ( ଦେଶଜ ) ଫିଟାଇବା,
ଫେଇବା } ବନ୍ଧନ ମୁକ୍ତ କରିବା, ମୋଚନ କରିବା । ଯଥା—

ଫେଡ଼ି ପଡ଼ି ଅରମ୍ଭିଲ ବକ୍ରର ବଗର । ପ୍ରେ. ସୁ.

ଫେଣ } ବି. ପୁଂ. (ସ୍ଫାୟ୍-ନ) ତରଳ ପଦାର୍ଥ
ଫେନ } ଉପରେ ଭାସୁଥିବା ବୁଦ୍‌ବୁଦ୍ ବା ଫୋଟକସବୁ । ଯଥା--

ଦିଶୁଛି କପୋଳେ ଫେନପୁଞ୍ଜ ଲାଗିବାରୁ,
କର୍ଣ୍ଣେ ଫେନ୍ହେ ବିରାଜଇ ଗ୍ରମର ସୁଗ୍ରୁ । ବି.ଚ.

ଫେଣା, ବି. ( ପ୍ରା, ଫାଣି ଶବ୍ଦଜ ) ଗୁଡ଼ଜାତ ମିଷ୍ଟାନ୍ନବିଶେଷ, ମଧୁକୋଷ, କଦଳୀପୁଞ୍ଜ ।

ଫେଣାଇବା } କ୍ରି. ( ଦେଶଜ ) ବଠା କରିବୁ
ଫେଣିବା } ଫେଣାଇବା ।

ଫେନିଲ, ବିଂ. (ଫେନ-ଇଲ) ଫେନଯୁକ୍ତ ।

ଫେଣ୍ଟ, ବି. (ଦେଶଜ) ବସ୍ତ୍ରର ବେଷ୍ଟନ, ପ୍ରତ୍ୟା ବର୍ତ୍ତନ ।

ଫେରଣ, ବି. (ଦେଶଜ) ବସ୍ତ୍ରର ଭାଙ୍ଗବିଶେଷ ।

ଫେର } ବି. ପୁଂ. ( ଫେ = ଅନୁକରଣ
ଫେରଣ୍ଡ } ଶବ୍ଦ-ରୁ-ଅ, ଅଣ୍ଡ,ରୁ-ଉ) ଶୃଗାଳ,
ଫେରୁ } ଭେରଣ୍ଡା ।

ଫେରଫାର, ବି. ( ଦେଶଜ ) ଜୀବିକା, ଉପାୟ, କାରବାର, ଆଦାନ ପ୍ରଦାନ ।

ଫେରବ, ବି. ପୁଂ. ( ଫେ-ରୁ-ଅ ) ଶୃଗାଳ, ଭେରଣ୍ଡା, ରାକ୍ଷସ । ବିଂ. ଧୂର୍ତ୍ତ, ହିଂସ୍ର ।

ଫେରସ୍ତ, ବିଂ. ( ଯାବନକ ) ପ୍ରତ୍ୟାବର୍ତ୍ତିତ, ପ୍ରତ୍ତଦତ୍ତ ।

ଫେରା, ବି. (ଦେଶଜ) ଭ୍ରମଣ, ପୁନରାବୃତ୍ତି ।

ଫେରାଫେରି, ବି. (ଦେଶଜ) ଲେଉଟା ଲେଉଟି, ବଦଳାବଦଳି, ବୁଲାବୁଲି ।

ଫେରାବ୍, ବି. (ଯାବନିକ) ଅଭିଯୋଗ, ଗୁହାରି ।

ଫେରାର୍, ବି. (ଯାବନିକ) ପଳାୟନ ।

ଫେରାରି, ବିଂ. (ଯାବନିକ) ପଳାଇଯାଇଥିବା ଅପରାଧୀ ।

ଫେରିବା, କ୍ରି. (ଦେଶଜ) ପ୍ରତ୍ୟାବର୍ତ୍ତନ କରିବା, ବୁଲିବା ।

ଫେରିବାଲା, ବିଂ. (ଯାବନିକ) ଯେଉଁମାନେ ବୁଲିବୁଲି ବିକ୍ରୟ କରନ୍ତି ।

ଫେସନ, ବି (ଇଂ. Fashion) ଆକାର, ଗଠନ, ରୂପସୌଷ୍ଠବ । ଯଥା—

ସ୍ତ୍ରୀ ନ ମାନେ ଭଲ ଫେଶନ ଦେଖେଇ । ଦ. ବା

ଫୋଟକା, ବି (ପ୍ରା, ସ୍ଫୋଟକ ଶବ୍ଦଜ) ଅଗ୍ନି-ଦାହାଦିଜନିତ ସଦ୍ୟ ଅଥଚ ଅବିଦୀର୍ଣ୍ଣ ଜଳ-ଯୁକ୍ତ ବ୍ରଣ, ଅଘାତାଦିଜନିତ ବାୟୁପୂର୍ଣ୍ଣ ଜଳ ବୁଦ୍‌ବୁଦ୍ । ଯଥା —

ପାଣି ଫୋଟକା ପରି ଜନମିଛେ ଯିବ ସରି
କଥି ନିମନ୍ତେ ଏତେ ମେଲିଛ ନା ରେ ।

ଫୋଡ଼, ବି. (ଦେଶଜ) ଛିଦ୍ର, କଣା ।

ଫୋଡ଼ଣୀ, ବି. (ଦେଶଜ) ଫୋଡ଼ କରିବା ଯନ୍ତ୍ର-ବିଶେଷ ।

ଫୋଡ଼ିବା, କ୍ରି. (ସ୍ଫୁଟ ଧାତୁଜ) ବିଦୀର୍ଣ୍ଣ କରିବା, ଛିଦ୍ର କରିବା ।

ଫୋପଡ଼ି, ବି. (ଦେଶଜ) ନିକ୍ଷେପଯୋଗ୍ୟ କାଷ୍ଠଖଣ୍ଡ । ଯଥା—

ଆମ୍ବଗଛରେ ଆମ୍ବ ନାହିଁ ଫୋପଡ଼ି କପଇଁ ମାରୁ ।

ଫୋପାଡ଼ିବା, କ୍ରି. (ଦେଶଜ) ନିକ୍ଷେପ କରିବା ।

ଫୌଜ, ବି. (ଯାବନିକ) ସେନା, ଚମୂ ।

ଫୌଜଦାରୀ, ବି. (ଯାବନିକ) ଦଳବଦ୍ଧ ହୋଇ ମାରାମାରି କରିବା, ଶାନ୍ତିଭଙ୍ଗ ।

ଫୌଜଦାରୀ ଆଇନ, ବି. (ଯାବନିକ) ଶାନ୍ତି ଭଙ୍ଗର ଦଣ୍ଡବିଧାୟକ ବ୍ୟବସ୍ଥା

# ବ

ବ, ବ୍ୟଞ୍ଜନବର୍ଣ୍ଣର ତ୍ରୟୋବିଂଶ ବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ ଓଷ୍ଠ । (ବଲ୍= ଶବ୍ଦ କରିବା ଅ) ବି. ପୁଂ. ବରୁଣ, ସିନ୍ଧୁ. ତୋୟ, ଯୋନି, ବପନ, ବନ୍ଦନ, ଗମନ ।

ବଂହିଷ୍ଠ } ବିଂ. ( ବହୁଳ ଇଷ୍ଠ, ଇୟସ୍ )
ବଂହୀୟାନ୍ } ଅତି ବହୁଳ ।

ବଇଠା, ବି. ( ଦେଶଜ ) ପୀଢ଼ ।

ବଇଠି, ବି. (ଦେଶଜ) ଯାହା ଉପରେ ପଦାର୍ଥ ବସେ ।

ବଇତମ, ବି. (ଦେଶଜ) ପୁରୁଣା

ବଉ, ବି. (ବଧୂ ଶବ୍ଦଜ) ବଧୂ, ପୁଅର ସ୍ତ୍ରୀ ।

ବଉଦ, ବି. (ବାରିଦ ଶବ୍ଦଜ) ମେଘ । ଯଥା—

ଗଜା ବଉଦର ଭ୍ରମ ତହିଁ ଉପୁଜାଇ । ମ. ଯା.

ବଉଳ, ବି. (ବକୁଳ ଶବ୍ଦଜ) ବକୁଳ ପୁଷ୍ପ, ଆମ୍ବ ଗଛର ଫୁଲ ।

ବଉଳିବା, କ୍ରି. ( ବକୁଳ ଶବ୍ଦଜ ) ପୁଷ୍ପ ଧରିବା, ଫୁଟିବା ।

ବଉଳିଛି ବନେ ଥିଲା ପେଣ୍ଠି ମତ୍ତ ବନ୍ଧ ନାହିଁ ଗତି ।
ଉର୍ବଶୀ ।

ବକ୍‌ବକ୍, ବିଂ. ଯେ ବହୁତ ବକେ । ବି. ବହୁତ, ବକିବା ବା କହିବା ।

ବକତ୍ } ବି. (ଯାବନିକ) ସମୟ, କାଳ ।
ବଖତ୍ }

ବକରା, ବିଂ. ଯେ ବହୁତ ବକେ, ବାଚାଳ ।

ବକଲ } ବି. ବଲ୍‌କଲ ଶବ୍ଦଜ) ଗଛର ଛେଲି
ବକଲା } ବଲ୍କଲ ।

ବକ୍‌ସି, ବି. ( ଯାବନିକ ) ରାଜକର୍ମଚାରୀବିଶେଷ, ଉପାଧିବିଶେଷ, ସେନାପତି ।

ବକ୍‌ସିସ୍, ବି. ( ଯାବନିକ ) ପୁରସ୍କାର, ପାରି-ତୋଷିକ ।

ବଢ଼ା, ବି. ( ଦେଶଜ ) ନିର୍ବୋଧ । ବି. କହୁଳା ।

ବଢ଼ିବା, କ୍ରି. ( ଦେଶଜ ) ଗାଳିଦେବା, ଗୁଡ଼ାଏ କହିବା ।

ବଡ଼ବା, ବି. ସ୍ତ୍ରୀ. ( ବଲ-ବା-ଅ-ଆ,ଲ=ଡ଼ ) ଘୋଟକୀ, କୁମ୍ଭଦାସୀ, ଦ୍ବିଜଯୋଷିତ୍, ଅଶ୍ୱିନୀ ନକ୍ଷତ୍ର ଅଶ୍ୱମୁଖୀ ସମୁଦ୍ରସ୍ଥ ଦେବୀବିଶେଷ, ସୂର୍ଯ୍ୟଦେବଙ୍କ ପତ୍ନୀ ଅଶ୍ୱିନୀକୁମାରଦ୍ୱୟଙ୍କ ମାତା, ଦାସୀ ।

ବଡ଼ବାଗ୍ନି, ବି. ପୁଂ. ( ବଡ଼ବା-ଅଗ୍ନି ) ସମୁଦ୍ରର ଜଳମଧ୍ୟସ୍ଥ ଅଗ୍ନି, ବଡ଼ବାନଳ ।

ବଡ଼ବାସୁତ, ବି. ପୁଂ. (ବଡ଼ବା-ସୁତ) ଅଶ୍ୱିନୀକୁମାରଦ୍ୱୟ ।

ବଣିଆ } ବି. (ବଣିକ୍ ଶବ୍ଦଜ) ବ୍ୟବସାୟୀ
ବଣିକାର } ଜାତିବିଶେଷ ( ଏ ଜାତି ଦୁଇପ୍ରକାର, ସୁନାରି ବଣିଆ, ପୋଟଳି ବଣିଆ) ଯଥା—

> ବଣିକାର ହସ୍ତ ସ୍ୱର୍ଗ ପ୍ରକ୍ଷିପ୍ତ,
> ବସ୍ତ୍ରାବସ୍ତ୍ର ଭଲ ସବୁ ଜାଣନ୍ତି । ବୈ. ଦ.

ବଣିକ୍, ବି ପୁଂ. (ପଣ୍ ଇକ୍, ପ=ବ) କ୍ରୟବିକ୍ରୟକାରୀ, ବଣିଆ, ବୈଶ୍ୟଜାତି ।

ବଣିକ୍‌ପଥ, ବି. ପୁଂ. ( ବଣିକ୍-ପଥ ) ବଜାର, ହାଟ ।

ବଣିଗ୍‌ବହ, ବି. ପୁଂ. ( ବଣିକ୍-ବହ ) ଉଷ୍ଟ୍ର, ଓଟ ବା ଓଟ ।

ବଣିଜ୍ୟ, ବି. ନ. (ବଣିକ୍-ଯ) କ୍ରୟବିକ୍ରୟ ।

ବଦର, ପୁଂ. } ବି. (ବଦ୍ ଅର, ଈ, ଇକ ଅ,
ବଦରି, } ସ୍ତ୍ରୀ. } ଈ) ବରକୋଳି ଗଛ । ନ.
ବଦରିକା, } ବରକୋଳି ଫଳ । ଯଥା—
ବଦରୀ, }

> ମାଘ ମାସେ ନ ଭକ୍ଷିବ ବଦରୀ ମୂଳାକୁ ଯେ ।

କାର୍ପାସଫଳ, କପା ବକଳା ।

ବଦରିକାଶ୍ରମ, ବି. ପୁଂ. ( ବଦରିକା-ଆଶ୍ରମ ) ବ୍ୟାସଦେବଙ୍କର ଆଶ୍ରମ, ତୀର୍ଥବିଶେଷ, ଏହି ତୀର୍ଥ କାଶ୍ମୀର ଅନ୍ତର୍ଗତ ଶ୍ରୀନଗର ନାମକ ନଗରର ଅଳକନନ୍ଦା ନଦୀର ପଶ୍ଚିମ ତୀରରେ ଅଛି ।

ବଦରୀଶୈଳ, ବି. ନ. (ବଦରୀ-ଶୈଳ) ହିମାଳୟର ପର୍ବତୈକଦେଶ, ବଦରିକାଶ୍ରମ, ଆଜିକାଲି ଏହାକୁ ବଦ୍ରୀନାଥ ବୋଲାଯାଏ ।

ବଦ୍ଧ, ବି. (ବନ୍ଧ-ତ) ସଂଯତ, ବନ୍ଧା, ଗ୍ରଥିତ, ଉଦ୍ବନ୍ଧ, ବିହିତ ।

ବଦ୍ଧପରିକର, ବି. (ବଦ୍ଧ-ପରିକର=କଟିବନ୍ଧ) ଯେଉଁ ବ୍ୟକ୍ତି ଦୃଢ଼ରୂପେ ଅଣ୍ଟା ବାନ୍ଧିଅଛି, ଲାକ୍ଷଣିକ ଅର୍ଥ=ଦୃଢ଼ପ୍ରତିଜ୍ଞ ।

ବଦ୍ଧମୁଷ୍ଟି, ବି. ( ବଦ୍ଧ-ମୁଷ୍ଟି ) ଦୃଢ଼ମୁଷ୍ଟି, କୃପଣ ।

ବଦ୍ଧମୂଳ, ବି. (ବଦ୍ଧ-ମୂଳ) ଦୃଢ଼ମୂଳ, ଯାହାର ମୂଳ ଉପାଡ଼ିବା କଠିନ ।

ବଦ୍ଧଶିଖ, ବି. ପୁଂ. (ବଦ୍ଧ-ଶିଖା) ଶିଶୁ । ବି. ଯେ ଶିଖା ବନ୍ଧନ କରିଅଛି, ଶିଷ୍ୟ ।

ବଦ୍ଧାଞ୍ଜଳି, ବି. ବଦ୍ଧ-ଅଞ୍ଜଳି) କୃତାଞ୍ଜଳି ।

ବଧ, ବି. ପୁଂ. (ହନ୍-ଅ, ହନ ସ୍ଥାନରେ ବଧ ) ବିନାଶ କରିବା, ହନନ, ହତ୍ୟା ।

ବଧକ, ବି. ( ହନ୍-ଅକ ) ହତ୍ୟାକାରୀ, ଯେ ବଧ କରେ ।

ବଧତ୍ର, ବି. ନ. (ବଧ୍-ଅତ୍ର) ଆୟୁଧ, ଅସ୍ତ୍ର ।

ବଧସ୍ଥଳୀ, ବି. ସ୍ତ୍ରୀ. ( ବଧ-ସ୍ଥଳୀ ) ପ୍ରାଣବଧର ସ୍ଥାନ, ବଧ୍ୟଭୂମି ।

ବଧାର୍ହ, ବି. (ବଧ-ଅର୍ହ) ବିନାଶଯୋଗ୍ୟ, ବଧର ଉପଯୁକ୍ତ ।

ବଧିର, ବି. ( ବନ୍ଧ୍-ଇର ) ଶ୍ରବଣଶକ୍ତିହୀନ, କାଲ ।

ବଧିବା, କ୍ରି. ବିନାଶ କରିବା, ମାରିବା ।

ବଧୂ, ବି ସ୍ତ୍ରୀ. ( ବନ୍ଧ୍-ଊ ) ନାରୀ, ଯୋଷିତ୍, ନବୋଢ଼ା, ନବବିବାହିତା ସ୍ତ୍ରୀ, ପତ୍ନୀ, ଭାର୍ଯ୍ୟା, ପୁତ୍ରବଧୂ, ବୋହୂ । ଯଥା —

> ବଧୂ ଯାଉଛି ସଙ୍ଗେ,
> ବଡ଼ ମାୟାବୀ ରକ୍ଷପୁଙ୍ଗେ । ବୈ. ଦ.

ବଧୂଜନ, ବି. ପୁଂ ( ବଧୂ-ଜନ ) ଯୁବତୀ ସ୍ତ୍ରୀ, ବୋହୂ ।

ବଧୂଟୀ, ବି. ସ୍ତ୍ରୀ. ( ବଧୂ-ଟୀ ) କ୍ଷୁଦ୍ରବଧୂ, ଟିକି ବୋହୂ ।

ବଧୂଲି, ତ. ( ବନ୍ଧୁଲି ଶବ୍ଦଜ ) ରଙ୍ଗଣୀଫୁଲ । ଯଥା ବଧୂଲି ଅଧର ।

ବଧୋଦ୍ୟତ, ବିଂ. (ବଧ-ଉଦ୍ୟତ) ବଧନିମିତ୍ତ ଉଦ୍ୟୁକ୍ତ, ଆତତାୟୀ ।

ବଧ୍ୟ, ବିଂ. ( ହନ୍-ଯ ) ବଧଯୋଗ୍ୟ, ହନନୀୟ ।

ବଧପାଳ ବି. ପୁଂ. (ବଧ-ପାଳ୍-ଅ ) କାରାଗୃହ-ରକ୍ଷକ ।

ବଧଭୂମି, ବି. ସ୍ତ୍ରୀ. ( ବଧ୍ୟ-ଭୂମି ) ବଧସ୍ଥାନ, ଯେଉଁ ଠାରେ ସର୍ବସମକ୍ଷରେ କୌଣସି ବ୍ୟକ୍ତିର ପ୍ରାଣଦଣ୍ଡ ଦିଆଯାଏ ।

ବନ୍ତାଳକଦଳୀ, ବି. ବ୍ୟଞ୍ଜନୋପଯୋଗୀ କଦଳୀ-ବିଶେଷ ।

ବନ୍ଦୋବସ୍ତ, ବି. (ଯାବନିକ) ସୁବ୍ୟବସ୍ଥା । ବିଂ. ସୁବ୍ୟବସ୍ଥିତ ।

ବନ୍ଧ, ବି. ପୁଂ. (ବନ୍ଧ୍-ଅ) ଗଚ୍ଛିତ ଦ୍ରବ୍ୟ, ବୃନ୍ତ, ଫୁଲର ଡେମ୍ଫ, ବନ୍ଧନ, ବାନ୍ଧିବା, ଟନ୍ତି, ଗଣ୍ଠି, ଉତ୍ପତ୍ତି, ଧାତୁ, ଯୋଗ, ଶରୀର, ରୋଧ, ବଡ଼ ହିଡ଼ ।

ବନ୍ଧକ, ବି. ନ. (ବନ୍ଧ୍-ଅକ) ଋଣନିମିତ୍ତ ଋଣ-ଦାତାଙ୍କ ନିକଟରେ ଗଚ୍ଛିତ ବସ୍ତୁ, ବନ୍ଧମଦ୍ର ।

ବନ୍ଧକୀ, ବି. ସ୍ତ୍ରୀ. ( ବନ୍ଧ୍-ଅକ-ଈ ) ପୁଂଶ୍ଚଳୀ, ଅସତୀ ।

ବନ୍ଧତନ୍ତ୍ର, ବି. ନ. ( ବନ୍ଧ-ତନ୍ତ୍ର ) ଚତୁରଙ୍ଗ ସୈନ୍ୟ ।

ବନ୍ଧନ, ବି. ନ. (ବନ୍ଧ୍-ଅନ) ସଂଯମନ, ଭୁକ୍ତ କରିବା, ଅବରୋଧ, ଅଟକ, ବଧ, ବନ୍ଧ, ଉଦ୍ବନ୍ଧନ, ବୃନ୍ତ, ବାଣର ପୁଙ୍ଖ, ବନ୍ଧନ ନିମିତ୍ତ ରଜ୍ଜୁ, ଶୃଙ୍ଖଳ ପ୍ରଭୃତି ।

ବନ୍ଧନୀ, ବି. ସ୍ତ୍ରୀ. ( ବନ୍ଧ୍-ଅନ-ଈ ) ଶରୀର-ଅସ୍ଥି ସବୁ ପରସ୍ପର ସଂଶ୍ଳିଷ୍ଟ ରହିବା ନିମିତ୍ତ ସ୍ନାୟୁ-ବିଶେଷ ପଦାର୍ଥ ଅନେକ ସଂଖ୍ୟାକୁ ଏକ ସଂଶ୍ଳିଷ୍ଟ-ରୂପରେ ପ୍ରକାଶ କରିବାର ଚିହ୍ନବିଶେଷ । ଯଥା— ( ), [ ]

ବନ୍ଧା, ବି. (ବନ୍ଧ୍ ଧାତୁଜ) ବନ୍ଧନ, ବିଂ. ଅବଦ୍ଧ । ଯଥା—ସେ ଏହି ଘରକୁ ବନ୍ଧା ଦେଇଅଛନ୍ତି ।

ବନ୍ଧାବନ୍ଧି, ବିଂ ପରସ୍ପର, ଅବଦ୍ଧ । ଯଥା—

ତରୁ ତ୍ରତତିର ପ୍ରେମେ ବନ୍ଧାବନ୍ଧି ଛନ୍ଦାଛନ୍ଦି ହୋଇଥିଲେ,
ଯୋଗୁଁ କୁଞ୍ଜପୁଞ୍ଜେ ଅନ୍ଧାରିତ ଯାଉ ଠାବେ ଠାବେ ନୀରବେଶା ।
ଯ. ହେ.

ବନ୍ଧୁ, ବି. ପୁଂ. ( ବନ୍ଧ୍-ଉ ) ଜ୍ଞାତି, କୁଟୁମ୍ବ, ସ୍ୱଜନ, ଭ୍ରାତା, ମିତ୍ର, ବନ୍ଧୁକବୃକ୍ଷ ।

ବନ୍ଧୁକ ବନ୍ଧୂକ, ବନ୍ଧୁଜୀବ, ବନ୍ଧୁଜୀବକ, } ବି. ପୁଂ. ( ବନ୍ଧ୍-ଉକ, ଊକ, ବନ୍ଧୁ ଜୀ-ବ-ଅ, କ ) ସ୍ୱନାମପ୍ରସିଦ୍ଧ ରକ୍ତବର୍ଣ୍ଣ ପୁଷ୍ପବୃକ୍ଷ ଓ ତାହାର ଫୁଲ, ବଧୂଲି ଫୁଲ, ରଙ୍ଗଣୀ ଫୁଲ । ଯଥା—

ବନ୍ଧୂକ ଅଧରେ କନ୍ଦୁକ ଫିଙ୍ଗି କର ପତନ । ଚ, ଚ.

ବନ୍ଧୁତା, ବି. ସ୍ତ୍ରୀ. (ବନ୍ଧୁ-ତା ମିତ୍ରତା, ମିତ୍ର-ସମ୍ବନ୍ଧ । ମିତ୍ରତା ଅର୍ଥରେ ଯଥା—

କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର,
ଯାର ପ୍ରାପତ ଯୋଗୁଁ ତେବତା ନର । କ. ବ.

ବନ୍ଧୁର ବନ୍ଧୂର } ବିଂ. (ବନ୍ଧ୍-ଉର, ଊର) ରମ୍ୟ, ସୁନ୍ଦର, ମନୋହର, ଉଚ୍ଚନୀଚ, ଖାଲଢିପ । ଯଥା—

ମେଘନାଦ ଭୀମପ୍ରହାର ଅଙ୍କିତ
ବନ୍ଧୁର ସେ ଉରୋଦେଶେ । ବ୍ର. ବ

ବଧିର, ଶବ୍ଦଜନକ, ନମ୍ର । ବି. ପୁଂ. ବିହଙ୍ଗ, ହଂସ, ବକ । ନ ମୁକୁଟ ।

ବନ୍ଧୁରା ବନ୍ଧୂରା } ବିଂ. ଅସତୀ । ବି. ସ୍ତ୍ରୀ. ବେଶ୍ୟା ।

**ବନ୍ଧୂଳ,** ବି. ପୁଂ. (ବନ୍ଧ୍-ଊଳ) ଅସତୀପୁତ୍ର, ଜାରଜ ସନ୍ତାନ, ବନ୍ଧୂକବୃକ୍ଷ । ବିଂ. ନମ୍ର, ସୁନ୍ଦର ।

**ବନ୍ଧୂଲି,** ବି. (ବନ୍ଧ୍-ଉଲି) ରଙ୍ଗଣୀଫୁଲ ଓ ତାହାର ଗଛ ।

**ବନ୍ଧ୍ୟ,** ବିଂ. (ବନ୍ଧ୍-ଯ) ନିଷ୍ଫଳ, ବନ୍ଧନ-ଯୋଗ୍ୟ ।

**ବନ୍ଧ୍ୟା,** ବିଂ. (ବନ୍ଧ୍ୟ-ଆ) ସନ୍ତାନୋତ୍ପାଦନ ଶକ୍ତିହୀନା, ବାଞ୍ଝ, ବନ୍ଧନଯୋଗ୍ୟ ।

**ବବୁର,** ବି. (ଦେଶଜ) ଏକପ୍ରକାର କଣ୍ଟାଗଛ । ବାବୁଲଗଛ ।

**ବବୁର୍ଚ୍ଚି,** ବି (ଯାବନିକ) ପାଚକ ।

**ବଭ୍ରବୀ,** ବି ସ୍ତ୍ରୀ. (ବଭ୍ରୁ=ଶିବ-ଈ) ଦୁର୍ଗା ।

**ବଭ୍ରୁ,** ବି. ପୁଂ. (ଭୃ=ପାଳନ କରିବା-ଉ) ବିଷ୍ଣୁ, ଶିବ, ଅଗ୍ନି, ନେଉଳ, ଯଦୁବଂଶୀୟ ବ୍ୟକ୍ତିବିଶେଷ, ଦେଶବିଶେଷ, ମୁନିବିଶେଷ । ବିଂ ବିଶାଳ, ବିପୁଳ, ବଡ଼, ପିଙ୍ଗଳବର୍ଣ୍ଣ ।

**ବମ୍ବ** ବି. ଏକପ୍ରକାର ଜଳଜୀବ । ନୀଚଲୋକ-ମାନେ ଏହାକୁ ମତ୍ସ୍ୟରୂପେ ବ୍ୟବହାର କରନ୍ତି ।

**ବମ୍ବରାଳୀ,** ବି. ସ୍ତ୍ରୀ (ବମ୍ବର=ମକ୍ଷିକା-ଆଳୀ) ସମୂହ ।

**ବର୍କଟ,** ବି. ପୁଂ. (ବର୍କ୍-ଅଟ) ବ୍ରୀହିବିଶେଷ । ବିଂ. ଲମ୍ପଟ ।

**ବର୍କଟୀ,** ବି. ସ୍ତ୍ରୀ. (ବର୍କ୍-ଅଟ-ଈ) ବେଶ୍ୟା, ବାରାଙ୍ଗନା, ବ୍ରୀହିବିଶେଷ ।

**ବର୍ବର,** ବିଂ. (ବର୍ବ୍-ଅର) ନୀଚ, ମୂର୍ଖ, ଅତି ଅସଭ୍ୟ ।

**ବର୍ହ,** ବି ନ. (ବର୍ହ୍-ଅ) ମୟୂରପୁଚ୍ଛ । ପୁଂ. ନ. ପତ୍ର । ପୁଂ. ସଙ୍ଗୀ ।

**ବର୍ହୀ,** ବି. ପୁଂ. (ବର୍ହ-ଇନ୍) ମୟୂର ।

**ବଳ,** ବି. ପୁଂ. (ବଲ୍-ଅ) ବଳରାମ, କୃଷ୍ଣାଗ୍ରଜ ବାସୁକି, ଅନନ୍ତ ଦୈତ୍ୟବିଶେଷ, କାକ, ବରୁଣଗଛ, ସାମର୍ଥ୍ୟ, ପରାକ୍ରମ, ସାର, ଶକ୍ତ ଭାବ, ସ୍ଥୂଳତା, ଦୃଢ଼ତା, ଦେହ, ରୂପ, ଶୁକ୍ର, ରକ୍ତ । ଭିତ୍ୟ. ସୁହୃତ୍, ଶ୍ରେଣୀ, ଦ୍ୱିଷତ୍, ଆଟବିକ, ମୌଳ ଏହି ଛଅପ୍ରକାର ସୈନ୍ୟ । ବିଂ. ବଳବାନ୍, ବଳିଷ୍ଠ ।

**ବଳା,** ସ୍ତ୍ରୀ. ଅସ୍ତ୍ରବିଦ୍ୟାବିଶେଷ, ବିଶ୍ୱାମିତ୍ର ତାଡ଼କା ବଧସମୟରେ ରାମଚନ୍ଦ୍ରଙ୍କୁ ଏହି ବିଦ୍ୟା ପ୍ରଦାନ କରିଥିବା ରାମାୟଣରେ ଉକ୍ତ ଅଛି ।

**ବଳକ୍ଷ,** ବି. ପୁଂ. (ବେଲ ହେ-ଅ) ଶ୍ୱେତବର୍ଣ୍ଣ । ବିଂ. ଶ୍ୱେତବର୍ଣ୍ଣବିଶିଷ୍ଟ । ଯଥା—

ବଳକ୍ଷପକ୍ଷକୁ ଅନେକେ ବନ୍ଧି ।
ବହନ ସେ ଉମନାବିନ ବନ୍ଧି । ବୈ. ବି,

**ବଳଗଣ୍ଡି,** ବି. ପୁଷ୍ପଦାଣ୍ଡର ଅଂଶବିଶେଷ ।

**ବଳଜ,** ବି. ପୁଂ. (ବଲ-ଜନ୍-ଅ) ଧାନ୍ୟରାଶି । ନ. ଶସ୍ୟ, କ୍ଷେତ୍ର, ପୁରଦ୍ୱାର, ଯୁଦ୍ଧ । ବିଂ. ଶକ୍ତିସମ୍ଭୂତ ।

**ବଳଜା,** ବି. ସ୍ତ୍ରୀ. (ବଳ-ଜା) ଉତ୍ତମା ସ୍ତ୍ରୀ, ଜୁଇଫୁଲ ।

**ବଳଦ,** ବି. ନ. (ବଲୀବର୍ଦ୍ଦ ଶବ୍ଦଜ) ଯେଉଁ-ମାନେ ଗାଡ଼ି ଓ ହଳ ପ୍ରଭୃତି ବହନ କରନ୍ତି, ବଲୀବଦ ।

**ବଳଦିଆ,** ବି. (ବଳଦ ଇଆ, ଓଡ଼ିଆ ପ୍ରତ୍ୟୟ) ଯେଉଁମାନେ ବଳଦପିଠିରେ ବୋଝ ବୁହାନ୍ତି, ଥୋରିଆ ।

**ବଳଦେବ,** ବି. ପୁଂ. (ବଳ-ଦେବ) କୃଷ୍ଣଙ୍କ ବଡ଼ ଭାଇ, ରୋହିଣୀପୁତ୍ର, ବାୟୁ ।

**ବଳଦ୍ୱିଟ୍,** ବି. ପୁଂ. (ବଳ-ଦ୍ୱିଷ୍-?) ଇନ୍ଦ୍ର, ବଳାରାତି ।

**ବଳନିସୂଦନ, ବଳଭିଦ୍, ବଳାରାତି** } ବି. ପୁଂ. (ବଳ-ନିସୂଦନ, ଭିଦ୍, ଅରାତି) ଇନ୍ଦ୍ର, ଶଚୀପତି ।

**ବଳପ୍ରସୂ,** ବି. ସ୍ତ୍ରୀ. (ବଳ-ପ୍ରସୂ) ରୋହିଣୀ, ବଳଦେବଙ୍କ ମାତା ।

ବଳଭଦ୍ର, ବି. ପୁଂ. (ବଳ-ଭଦ୍ର) ବଳରାମ, ଅନନ୍ତ, ବଳବାନ୍ ବ୍ୟକ୍ତି ।

ବଳଭଦ୍ରା, ବି. ସ୍ତ୍ରୀ. (ବଳଭଦ୍ର-ଆ) କୁମାରୀ ।

ବଳମ୍, ବି. (ଯାବନିକ) ଏକପ୍ରକାର ଯୁଦ୍ଧାସ୍ତ୍ର ।

ବଳରାମ, ବି. ପୁଂ. (ବଳ-ରମ୍-ଅ) କୃଷ୍ଣଙ୍କ ବଡ଼ ଭାଇ, ବଳଦେବ ।

ବଳବନ୍ତ, ବିଂ. (ବଳବତ୍ ଶବ୍ଦଜ) ବଳବାନ୍, ବଳୀ ।

ବଳବାନ୍, ବିଂ. (ବଳ-ବତ୍) ବଳୁଆ, ବଳିଷ୍ଠ । ଅଂ. ଅତିଶୟ ।

ବଳବିନ୍ୟାସ, ବି. ପୁଂ. (ବଳ-ବିନ୍ୟାସ) ସୈନ୍ୟମାନଙ୍କୁ ଶ୍ରେଣୀବଦ୍ଧ କରିବା, ବ୍ୟୂହରଚନା ।

ବଳଶାଳୀ, ବିଂ. ( ବଳ-ଶାଳିନ୍ ) ବଳବାନ୍, ବଳିଷ୍ଠ ।

ବଳସ୍ଥିତି, ବି. ସ୍ତ୍ରୀ. ( ବଳ-ସ୍ଥିତି ) ଶିବିର, ସୈନ୍ୟାବାସ, ସେନାନିବେଶ, ଛାଉଣୀ ।

ବଳହା, ବି. ପୁଂ. (ବଳ-ହନ-୦) ଇନ୍ଦ୍ର, ଶ୍ଳେଷ୍ମା, ସର୍ଦ୍ଦି ।

ବଳା, ବି. (ବଳ୍-ଅ-ଆ) ଅସ୍ତ୍ରବିଦ୍ୟାବିଶେଷ, ସ୍ତ୍ରୀମାନଙ୍କ ପଦର ବଳୟ ଓ କରର ଆଭରଣ ବିଶେଷ, ଲୁହାର ବୃତ୍ତାକାର ବଳୟ । (ଦେଶଜ) ଗୁଣଯୁକ୍ତ ।

ବଳାଇବା, କ୍ରି. (ବଳ୍ ଧାତୁଜ) ପ୍ରବର୍ତ୍ତାଇବା । ଅତିକ୍ରମ କରିବା, ଅବଶିଷ୍ଟ ରଖିବା ।

ବଳାକା, ବି. ସ୍ତ୍ରୀ. (ବଳ ଅକ୍-ଅ, ଆ,) କ୍ଷୁଦ୍ରଜାତୀୟ ବକଶ୍ରେଣୀ, କୁଜୀ ବଗ ।

ବଳାତ୍, ଅଂ. ବଳପୂର୍ବକ, ହଠାତ୍ ।

ବଳାତ୍କାର, ବି. ପୁଂ. (ବଳ-ଅତ୍-କୃ-ଅ = ବଳାତ୍କାର) ଜୋର କରିବା । ଯଥା—

> କେଦାରେଶ୍ୱର ଦର୍ଶନେ କଲା ବଳାତ୍କାର ।

ବଳପୂର୍ବକ କରିବା, ଦଣ୍ଡଦାନ ।

ବଳାନୁଜ, ବି. ପୁଂ. (ବଳ-ଅନୁଜ) କୃଷ୍ଣ ।

ବଳାରାତି, ବି. ପୁଂ. (ବଳ-ଅରାତି) ଇନ୍ଦ୍ର ।

ବଳାହକ, ବି. ପୁଂ. (ବଳ = ଶକ୍ତି-ଅ = ଜଳକ୍ଷେପାର୍ଥ-ହା = ତ୍ୟାଗ କରିବା-ଅକ) ମେଘ, ପର୍ବତ, ଦୈତ୍ୟବିଶେଷ, ସର୍ପବିଶେଷ, ମୁଥା । (ମେଘ ଅର୍ଥରେ) । ଯଥା—

> ବଳିଲ ଯେସନେ ବଳାହକେ ।

ବଳି, ବି. ପୁଂ. (ବଳ୍-ଇ) ବିରୋଚନପୁତ୍ର ଦୈତ୍ୟ, ରାଜସ୍ୱ, କର, ପୂଜାସାମଗ୍ରୀ, ପୂଜା, ଭୂତଯଜ୍ଞ, ଜୀବଗଣଙ୍କୁ ଖାଦ୍ୟଦାନ, ଚାମରଦଣ୍ଡ । ସ୍ତ୍ରୀ, ସ୍ତ୍ରୀ ଉଦରାଦି ସ୍ଥାନରେ ଚର୍ମସ୍ଥିତ ମାଂସ, ଜରାବିଶ୍ଳଥ ଚର୍ମ, ଭଙ୍ଗୀ, ଗୁହ୍ୟଦ୍ୱାରର ଅଭ୍ୟନ୍ତରସ୍ଥ ମାଂସପିଣ୍ଡ ଶରୀରମଧ୍ୟସ୍ଥ ରେଖ, ଗୃହଦାରୁବିଶେଷ ଭୁଇଁଆ ଖୁଣ୍ଟ, ଓଳ ବା ଛପରର ଶେଷଭାଗ ।

ବଳିଆ, ବି. (ଦେଶଜ) କୁକୁରଜାତୀୟ ଏକ ପ୍ରକାର ବନ୍ୟ ହିଂସ୍ରଜୀବ ।

ବଳିଆର, ବିଂ. ( ଦେଶଜ ) ବଳବାନ୍, ବଳବତ୍ତର । ଯଥ —

> ସତ୍ୟହିଁ ଏକା ବଳିଆର, ବ୍ରହ୍ମାଣ୍ଡ ମଧ୍ୟେ ସତ୍ୟ ସାର ।
> ମଧୁସୂଦନ ।

ବଳିତ, ବିଂ. (ବଳ-ଇତ) ବଳଯୁକ୍ତ ।

ବଳିତା, ବି. (ଦେଶଜ) ଦୀପର ବର୍ତ୍ତି, ସଳିତା ।

ବଳିଦାନ, ବି. କ୍ଳି. ( ବଳି-ଦାନ ) ଦେବୋଦ୍ଦେଶ୍ୟରେ ପୂଜାର ଉପହାର ଦାନ, ଦେବତା ଉଦ୍ଦେଶ୍ୟରେ ବିଧିପୂର୍ବକ ପଶୁବଧ ।

ବଳିଧ୍ୱଂସୀ, ବି. ପୁଂ. ( ବଳି-ଧ୍ୱଂସିନ୍ ) ବିଷ୍ଣୁ, ନାରାୟଣ ।

ବଳିନନ୍ଦନ, ବି. ପୁଂ. (ବଳି-ନନ୍ଦନ) ବାଣାସୁର, ବାଣରାଜା ।

ବଳିଦମ, ବି. ପୁଂ. ( ବଳିମ୍-ଦମ ) ବଳିଧ୍ୱଂସୀ, ବିଷ୍ଣୁ ।

ବଳିପୁଷ୍ଟ, ବି. ପୁଂ. (ବଳି-ପୁଷ୍ଟ) କାକ ।

ବଳିଭ, ବିଂ. (ବଳି-ଭ) ବଳିଯୁକ୍ତ ।

ବଳିଭୁକ୍, ବି. ପୁଂ. (ବଳି-ଭୁଜ୍-୦) କାକ, ବାୟସ । ଯଥା—

ନନ୍ଦବ୍ରଜ ଯେସନ ବନପ୍ରିୟ ମଧ୍ୟେ ବରେ ସ୍ଵନ । ବୈ. ବ.

ବଳମନ୍ଦିର, ବି. ନ. (ବଳ-ମନ୍ଦିର) ଅଧୋଭୁବନ, ପାତାଳପୁର ।

ବଳମାନ୍, ବିଂ. (ବଳ-ମତ୍) ବଳବିଶିଷ୍ଟ, ବଳନ ।

ବଳମୁଖ } ବି. ପୁଂ. ( ବଳ, ବଳୀ-ମୁଖ )
ବଳୀମୁଖ } ବାନର, କପି ।

ବଳିବା, କ୍ରି. (ଦେଶଜ) ଅଧିକ ହେବା, ପୁଡା, କଡା ପ୍ରଭୃତିକୁ ଦଉଡ଼ିରେ ପରିଣତ କରିବା, ଜାତ ହେବା, ଅଗ୍ରହାନ୍ୱିତ ହେବା, ଲେହ୍ୟ ବସ୍ତୁକୁ ବର୍ତ୍ତୁଳାକାର କରିବା ।

ବଳସଦ୍ମ } ବି. ନ. ( ବଳ-ସଦ୍ମନ୍,
ବଳମନ୍ଦିର } ମନ୍ଦିର) ପାତାଳ, ରସାତଳ ।

ବଳହା, ବି. ପୁଂ. ( ବଳ-ହନ୍-ଂ ) ବିଷ୍ଣୁ, ବଳଧ୍ୱଂସୀ ।

ବଳିଷ୍ଠ } ବିଂ. (ବଳବତ୍ ଇଷ୍ଠ, ଈୟସ୍)
ବଳୀୟାନ୍ } ଅତିଶୟ ବଳବାନ୍ ।

ବଳୀ, ବିଂ. (ବଳ-ଇନ୍) ବଳବାନ୍ । ବି. ପୁଂ ବଳରାମ, ଉଷ୍ଟ୍ର, ମହିଷ, ଶୂକର, ବୃଷଭ ।

ବଳୀବର୍ଦ୍ଦ, ବି. ପୁଂ. ( ବଳ=ଶକ୍ତି-ବର୍ଦ୍ଧ= ବର୍ଦ୍ଧନ, ଳ=ଳୀ, ଧ ସ୍ଥାନରେ ଦ) ବଳଦ, ଷଣ୍ଢ ।

ବଲ୍ଯ, ବି. ନ. (ବଲ୍-ଯ) ପ୍ରଧାନ ଧାତୁ, ଶୁକ୍ର । ବିଂ. ବଳକାରକ ।

ବହପ, ବି. (ଦେଶଜ) ସାହସ ।

ବହଲ, ବିଂ. (ବହ୍-ଅଲ) ଅନେକ, ଅଧିକ, ଦୃଢ଼, କଠିନ । ବି ପୁଂ. ପୋତ, ନୌକା, (ଦେଶଜ) ମୋଟା, ସାନ୍ଦ୍ର ।

ବହଳଆ, ବିଂ. (ଦେଶଜ) ମୋଟା ।

ବହୁଣୀ } (ଦେଶଜ) ଭଉଣୀ, ଭଗିନୀ ।
ବହେଣୀ } ଯଥା—

ବହୁଣୀ ହେ ମୋର ନ ଜାଣି ସଂସାର ମଧ୍ୟରେ କେ ଅଛି ।
ବୈ. ବ.

ବହୁସ, ବିଂ. (ଦେଶଜ) କାଲ ।

ବହିବା, କ୍ରି. (ବହ୍ ଧାତୁଜ) ବହନ କରିବା, ଅତିବାହିତ ହେବା । ଯଥା—

ଭୂମି ଅପେକ୍ଷାରେ ମୋ ୪ ଦିନ ବହିଗଲା ।

ତରଳ ବସ୍ତୁ ସଂଗୃହୀତ ହେବା ।

ବହୁ, ବିଂ. (ବଂହ୍-ଉ) ଅନେକ, ଅଧିକ, ପ୍ରଚୁର । ଯଥା—

କାହିଁଗଲା ବହୁ ପ୍ରତିଧ୍ୱନି ଛଳରେ । କା. ବି.

(ବଧୂଶବ୍ଦଜ) ପୁତ୍ରବଧୂ ।

ବହୁକ୍ଷମ, ବିଂ. ( ବହୁ-କ୍ଷମ୍-ଅ ) ସହିଷ୍ଣୁ, ସହନଶୀଳ । ବି. ପୁଂ. ଜୈନମାନଙ୍କର ଉପାସ୍ୟ ମୁନିବିଶେଷ ।

ବହୁଜ୍ଞ, ବିଂ. (ବହୁ-ଜ୍ଞା-ଅ) ବହୁଦର୍ଶୀ, ଯେ ଅନେକ ବିଷୟ ଜାଣେ ।

ବହୁତ, ବିଂ. ( ଦେଶଜ ) ଅନେକ, ପ୍ରଚୁର, ବହୁ ।

ବହୁତୃଣ, ବି. ନ. (ବହୁ-ତୃଣ) ତୃଣବତ୍, ତୃଣତୁଲ୍ୟ । ବିଂ. (ତୃଣବହୁଳ ପ୍ରଦେଶ ।

ବହୁତ୍ର, ଅଂ. (ବହୁ-ତ୍ର) ଅନେକ ସ୍ଥଳରେ ।

ବହୁତ୍ୱକ୍କ } ( ବହୁ-ତ୍ୱଚ୍-କ, ବହୁତ୍ୱଚ୍-ଂ)
ବହୁତ୍ୱକ୍ } ଭୂର୍ଜ୍ଜପତ୍ରଗଛ ।

ବହୁଦର୍ଶୀ, ବିଂ. ( ବହୁ-ଦୃଶ-ଇନ୍ ) ବହୁଜ୍ଞ, ବିଜ୍ଞ ।

ବହୁଧା, ଅଂ. ( ବହୁ-ଧା ) ବହୁ ପ୍ରକାର, ବହୁବାର, ବହୁବିଧ ।

ବହୁଧାର, ବି. ନ. ( ବହୁ-ଧାର ) ଅଶନି, ବଜ୍ର ।

ବହୁନାଦ, ବି ପୁଂ. (ବହୁ-ନାଦ) ଶଙ୍ଖ ।

ବହୁପତ୍ର, ବି. ପୁଂ. ( ବହୁ-ପତ୍ର ) ପଲାଣ୍ଡୁ, ପିଆଜ । ବିଂ. ଅନେକ ପତ୍ରବିଶିଷ୍ଟ ।

ବହୁପର୍ଣ୍ଣୀ, ବି. ସ୍ତ୍ରୀ. (ବହୁ-ପର୍ଣ୍ଣ-ଈ) ସପ୍ତଛଦବୃକ୍ଷ, ଛତିଆନଗଛ । ବିଂ. ଅନେକ ପତ୍ରବିଶିଷ୍ଟ ।

ବହୁପାଦ୍ } ବି. ପୁଂ. (ବହୁ-ପାଦ୍, ପାଦ)
ବହୁପାଦ } ବଟବୃକ୍ଷ, କାରଣ ଏହି ବୃକ୍ଷର ଶାଖାରୁ ଓହଳସବୁ ଓହ୍ଲାଇ ନିଜେ ନିଜେ ଗୋଟିଏ ଗୋଟିଏ ପୃଥକ୍‌ବୃକ୍ଷ ହୁଅନ୍ତି ।

ବହୁପ୍ରଜ, ବି. ପୁଂ. (ବହୁ-ପ୍ରଜା) ଶୂକର, ତୃଣବିଶେଷ ।

ବହୁପ୍ରଦ, ବିଂ. (ବହୁ-ପ୍ରଦ) ବଦାନ୍ୟ, ଅତିଶୟ ଦାତା ।

ବହୁପ୍ରସୂ, ବିଂ. (ବହୁ-ପ୍ରସୂ) ଯେଉଁ ସ୍ତ୍ରୀ ଅନେକ ସନ୍ତାନ ପ୍ରସବ କରିଅଛି ।

ବହୁଫଳ, ବି. ପୁଂ. (ବହୁ-ଫଳ) କଦମ୍ବବୃକ୍ଷ । ବିଂ. ବହୁଫଳବିଶିଷ୍ଟ, ଉର୍ବର ।

ବହୁଫଳୀ, ବି. ସ୍ତ୍ରୀ. ଅଁଳାବୃକ୍ଷ ।

ବହୁଭାଷୀ, ବିଂ. (ବହୁ-ଭାଷୀ) ବାଚାଳ, ଯେଉଁ ବ୍ୟକ୍ତି ଅନେକ କଥା କହେ ।

ବହୁମତ, ବିଂ. ( ବହୁ-ମନ୍-ତ ) ଅତିଶୟ ଆଦୃତ ।

ବହୁମଳ, ବି. ପୁଂ. (ବହୁ-ମଳ) ସୀସକ, ସୀସା । ବିଂ. ଅନେକ ମଳଯୁକ୍ତ ।

ବହୁମାନ, ବି. ପୁଂ. (ବହୁ-ମାନ) ଅତିଶୟ ଆଦର, ଅତିଯତ୍ନ ।

ବହୁମୂର୍ଦ୍ଧା, ବିଂ. (ବହୁ-ମୂର୍ଦ୍ଧନ୍) ଯାହାର ଅନେକ ମସ୍ତକ । ବି. ପୁଂ. ବିଷ୍ଣୁ ।

ବହୁମୂଲ୍ୟ, ବିଂ. (ବହୁ-ମୂଲ୍ୟ) ମହାର୍ଘ, ଯାହାର ମୂଲ୍ୟ ଅଧିକ ।

ବହୁରୂପ, ବି ପୁଂ (ବହୁ-ରୂପ) ଧୂଣା, ବ୍ରହ୍ମା, ବିଷ୍ଣୁ, ଶିବ, କାମଦେବ, କୃକଳାସ, କେଶ । ବିଂ. ନାନାରୂପଧାରୀ ।

ବହୁରେତାଃ, ବି. ପୁଂ. ( ବହୁ-ରେତସ୍ ) ବ୍ରହ୍ମା ।

ବହୁରୋମା, ବି. ପୁଂ. (ବହୁ-ରୋମନ୍) ମେଷ, ମେଣ୍ଢା । ବିଂ. ବହୁଲୋମଯୁକ୍ତ ।

ବହୁଳ, ବିଂ. (ବହୁ-ଲା-ଅ) ଅନେକ, ଅଧିକ, କୃଷ୍ଣବର୍ଣ୍ଣବିଶିଷ୍ଟ । ବି. ପୁଂ. କୃଷ୍ଣପକ୍ଷ କୃଷ୍ଣବର୍ଣ୍ଣ । ନ. ଆକାଶ ।

ବହୁଳା, ବି. ସ୍ତ୍ରୀ. (ବହୁ-ଲା-ଅ-ଆ) ଗାଭୀ, ଏଳାଲତା, ନୀଳଗଛ ।

ବହୁଳୀକୃତ, ବିଂ. (ବହୁଳ-କୃତ, ଈ ଆଗମ) ବିସ୍ତାରିତ, ଧାନ୍ୟାଦି ନିସ୍ତୁଷ କରିବା ।

ବହୁବଚନ, ବି. ନ. (ବହୁ-ବଚନ) ଯାହାଦ୍ୱାରା ଅନେକ ବସ୍ତୁ ବୁଝାଯାଏ ।

ବହୁବଳ, ବି. ପୁଂ (ବହୁ-ବଳ) ସିଂହ । ବିଂ. ଅତିଶୟ ବଳବାନ୍ ।

ବହୁବିଧ ବିଂ. ( ବହୁ-ବିଧ ) ନାନାପ୍ରକାର, ବିବିଧ ।

ବହୁବୀଜ, ବି. ନ. (ବହୁ-ବୀଜ) ଆତଫଳ । ବିଂ. ବହୁବୀଜବିଶିଷ୍ଟ ।

ବହୁବ୍ରୀହି, ବି. ପୁଂ. (ବହୁ-ବ୍ରୀହି) ସମାସବିଶେଷ, ଯେଉଁ ଦୁଇ ପଦର ସମାସ କରାଯାଏ, ସମସ୍ତ ପଦ ଯେବେ ତାହାକୁ ନ ବୁଝାଇ ଅନ୍ୟ ପଦର ବିଶେଷଣ ହୁଏ । ବିଂ. ବହୁଧାନ୍ୟବିଶିଷ୍ଟ ।

ବହୁଶଃ, କ୍ରି. ବିଂ. ଅଂ. (ବହୁ-ଶସ୍) ବାହୁଲ୍ୟ-ରୂପେ, ଅନେକଥର ।

ବହୁଶ୍ରୁତ, ବିଂ. (ବହୁ-ଶ୍ରୁତ) ସୁଶିକ୍ଷିତ, ସୁପଣ୍ଡିତ, ବେଦାଦି ଶାସ୍ତ୍ରଜ୍ଞ ।

ବହୁସାର, ବି. ପୁଂ. (ବହୁ-ସାର) ଖଦିରବୃକ୍ଷ ।

ବହୁସୂ, ବି. ସ୍ତ୍ରୀ. (ବହୁ-ସୂ) ଶୂକରୀ, ବହୁପ୍ରସୂ ।

ବହୁସୂତି, ବି. ସ୍ତ୍ରୀ. (ବହୁ-ସୂ-ତି) ବହୁ ବତ୍ସ-ପ୍ରସବିନୀ ଗାଭୀ ।

ବହୁସ୍ୱନ, ବି. ପୁଂ. ( ବହୁ-ସ୍ୱନ ) ପେଚକ, ପେଚା ।

ବହ୍ୱପତ୍ୟ, ବି. ପୁଂ. (ବହୁ-ଅପତ୍ୟ) ଶୂକର, ମୂଷିକ । ବିଂ. ବହୁସନ୍ତାନବିଶିଷ୍ଟ ।

ବହ୍ୱାଶୀ, ବିଂ. (ବହୁ-ଅଶିନ୍) ବହୁଭୋଜନଶୀଳ, ବହୁ ଇଚ୍ଛାବିଶିଷ୍ଟ ।

ବାଡ଼ବ, ବି. ପୁଂ. ( ବଡ଼ବା-ଅ ) ବଡ଼ବାର ମୁଖାଗ୍ନି, ସାମୁଦ୍ରିକ ଅଗ୍ନି, ବ୍ରାହ୍ମଣ, ବଡ଼ବା-ସମୂହ, ଜାତିବିଶେଷ । ପୁଂ. ନ. ପାତାଳ । ବିଂ. ବଡ଼ବାସମ୍ବନ୍ଧୀୟ, ( ସାମୁଦ୍ରିକ ଅଗ୍ନି ଅର୍ଥରେ) । ଯଥା—

ତାଡ଼ିବ ଅନଳ ଏହା କରଇ ଧାରଣ । କ.ବ.

ବାଡ଼ବାଗ୍ନି } ବି. ପୁଂ. (ବଡ଼ବାଗ୍ନି, ବଡ଼ବା-
ବାଡ଼ବାନଳ } ନଳ-ଅ) ସମୁଦ୍ରସ୍ଥ ଅଗ୍ନି, ନରକବିଶେଷ ।

ବାଡ଼ବେୟ, ବି. ପୁଂ. (ବଡ଼ବା-ଏୟ) ଅଶ୍ୱିନୀକୁମାରଦ୍ୱୟ । ପୁଂ. ସମୁଦ୍ରସ୍ଥ ଅଗ୍ନି । ବିଂ. ବଡ଼ବା ସମ୍ବନ୍ଧୀୟ ।

ବାଡ଼ବ୍ୟ, ବିଂ. (ବଡ଼ବା=ବ୍ରାହ୍ମଣ-ଯ) ବଡ଼ବା-ସମ୍ବନ୍ଧୀୟ । ବି. ନ. ବ୍ରାହ୍ମଣସମୂହ ।

ବାଡ଼ି, ବି. ( ଦେଶଜ ) ଯଷ୍ଟି, ବାଟିକା, ଘରର ପାର୍ଶ୍ୱବର୍ତ୍ତୀ ସ୍ଥାନ, ଝାଡ଼ା, ହଇଜା ।

ବାଡ଼ିଢିଆଡ଼, ବି. (ଦେଶଜ) ଝାଟିମାଟି କାନ୍ଥ, ଯେଉଁ କାନ୍ଥରେ ବାଉଁଶ ପ୍ରଭୃତି ପୋତି ମାଟି ଲଗିଥାନ୍ତି ।

ବାଢ଼ୁଅ, ବି. (ଦେଶଜ) ଅବିବାହିତ ।

ବାଣ, ବି. ପୁଂ. (ବଣ୍=ଶବ୍ଦ କରିବା-ଅ) ଶର, ତୀର । ଯଥା—

ବାଣୀ ତାଣ ମୋହର ହୋଇଲା । ବୈ.ବ.

ଅଗ୍ନି, ବଳିରାଜାର ଜ୍ୟେଷ୍ଠପୁତ୍ର, ବାଣରାଜା, ଶବ୍ଦ, କନ୍ଦବିଶେଷ, ଗୋସ୍ତନ । ( ଦେଶଜ ) ଆତସବାଜି ବା ଆଗ୍ନେୟ କ୍ରୀଡ଼ା, ମାରିବା ପାଇଁ ଏକପ୍ରକାର ମନ୍ତ୍ର ପ୍ରୟୋଗ ।

ବାଣିଜ, ବି. ପୁଂ. (ବଣିଜ୍-ଅ) ବଣିକ୍, କ୍ରୟ-ବିକ୍ରୟକାରୀ, ବାଡ଼ବାଗ୍ନି ।

ବାଣିଜିକ, ବି. ପୁଂ. (ବଣିଜ୍-ଇକ) ବଣିକ, କ୍ରୟବିକ୍ରୟକାରୀ ।

ବାଣିଜ୍ୟ, ବି. ନ. ( ବଣିଜ୍-ଯ ) ବଣିଗ୍‌ବୃତ୍ତି, କ୍ରୟବିକ୍ରୟ । ଯଥା—

ଗ୍ରାହକ ପ୍ରେମ ବାଣିଜ୍ୟ ପସରା,
କାମୀ କାମଦା ଚିନ୍ତାମଣି ପସରା । ବା.ଚ.

ବାଣିଜ୍ୟବାୟୁ, ବି. (ବାଣିଜ୍ୟ-ବାୟୁ ) ଈଶାନ-କୋଣ ଓ ଅଗ୍ନିକୋଣରୁ ଯେଉଁ ବାୟୁ ନିୟତ ବହେ, ଏହାଦ୍ୱାରା ବାଣିଜ୍ୟର ସୁବିଧା ହୁଏ । କାରଣ ଏହି ବାୟୁ ଜାହାଜାଦି ଗମନାଗମନ ପକ୍ଷରେ ଅତ୍ୟନ୍ତ ସାହାଯ୍ୟ କରେ ।

ବାଣ୍ଟ, ବି. (ଦେଶଜ) ବିଭାଗ, ବଣ୍ଟା ବା ପରିମାଣ-ବିଶେଷ ।

ବାଣ୍ଟିବା, କ୍ରି. (ଦେଶଜ) ବିଭାଗ କରିବା, ବିସ୍ତାର କରିବା । ଯଥା—

"ସେ ମନରେ ବାଣ୍ଟି ଏହିପରି କହିଲେ ।"

ବାଦର, ବିଂ. (ବଦର-ଅ) କାର୍ପାସନିର୍ମିତ ବସ୍ତ୍ରାଦି । ବି. ପୁଂ. କୋଳିଗଛ ।

ବାଦରୀ, (ଡ଼ୀ) ବି. ସ୍ତ୍ରୀ. (ବଦର-ଅ-ଈ) କପା-ଗଛ । (ଦେଶଜ) ବାଦୁଡ଼ି ।

ବାଦରାୟଣ, ବି. ପୁଂ. (ବାଦର-ଅୟନ ) ବେଦ-ବ୍ୟାସ, ବ୍ୟାସଦେବ ।

ବାଦରାୟଣି, ବି. ପୁଂ. (ବାଦରାୟଣ-ଇ) ବ୍ୟାସ-ଦେବପୁତ୍ର ଶୁକଦେବ ।

ବାଦାମ, ( ଯାବନିକ, ସଂସ୍କୃତ=ବାତାମ୍ ) ସ୍ୱନାମଖ୍ୟାତ ଫଳବିଶେଷ ।

ବାଦୁଡ଼ି, ବି. (ଦେଶଜ) ବାଦରୀ ।

ବାଧ, ବି. ପୁଂ. (ବାଧ୍-ଅ) ବ୍ୟାଘାତ, ପ୍ରତିବନ୍ଧ, କାରଣ, ରୋଧ, ଉପଦ୍ରବ, ପୀଡ଼ା ।

ବାଧକ, ବିଂ. (ବାଧ-ଅକ) ପ୍ରତିବନ୍ଧକ, ନିବାରକ, ବାଧାଦାୟକ । ବି. ପୁଂ. ସ୍ତ୍ରୀଲୋକମାନଙ୍କର ସନ୍ତାନ ପ୍ରସବ ପ୍ରତିବନ୍ଧକ ରୋଗବିଶେଷ ।

ବାଧନ, ବି ନ. ( ବାଧ୍-ଅନ ) ଦୁଃଖ, କଷ୍ଟ, ପୀଡ଼ା, ପ୍ରତିବନ୍ଧ, ଉପଦ୍ରବ ।

ବାଧା, ବି. ସ୍ତ୍ରୀ. ( ବାଧ-ଅ-ଆ ) କ୍ଳେଶ, ଦୁଃଖ, ପ୍ରତିବନ୍ଧ, ଉପଦ୍ରବ ।

ବାଧିତ, ବିଂ. ( ବାଧ୍-ତ ) ପୀଡ଼ିତ, ବ୍ୟଥିତ, ନିବାରିତ, ବ୍ୟାହତ, ବଶୀଭୂତ, ଆୟତ୍ତ, ବଶ ।

ବାଧିବା, କ୍ରି. ( ବାଧ୍ ଧାତୁଜ ) ବାଟିବା, କଷ୍ଟ ଅନୁଭବ ହେବା । ଯଥା—

ବାଧିଲା ଜାଣି ରମା— ରମଣ କର ତମା
ନୋହିଲେ ଦଣ୍ଡେ ଧଅ ଠାଣି । କବିସୂର୍ଯ୍ୟ ।

ବାଧ୍ୟ, ବିଂ. (ବାଧ୍-ଯ) ବାରଣଯୋଗ୍ୟ, ନିଷିଦ୍ଧ, ପୀଡ଼ନୀୟ, ବଶୀଭୂତ ।

ବାଧତା, ବ୍ର. ସ୍ତ୍ରୀ. ( ବାଧ-ତା ) ବଶ୍ୟତା, ନ୍ଲିଷ୍ଟତା ।

ବାନ୍ଧକନେୟ, ବ. ପୁଂ. (ବନ୍ଧକୀ=ଅସତୀ-ଏୟ) ଅସତୀପୁତ୍ର, ଜାରଜ ।

ବାନ୍ଧବ, ବ ପୁଂ. ( ବନ୍ଧୁ-ଅ ) ବନ୍ଧୁ, ମିତ୍ର, ଆତ୍ମୀୟ, ସ୍ୱଜନ, ଭ୍ରାତା ।

ବାନ୍ଧିବା, କ୍ରି. ( ବନ୍ଧ୍-ଧାତୁଜ ) ବନ୍ଧନକରିବା, ଗଣ୍ଠିପକାଇବା ।

ବାନ୍ଧେଣି, ବ. ( ବନ୍ଧନ ଶବ୍ଦଜ ) ବାନ୍ଧିବା, ବନ୍ଧନ, ( ସମ୍ବଲପୁର ) ଝାଡ଼ୁ, ସମ୍ମାର୍ଜନୀ, ବାଢ଼ୀ ।

ବାଭ୍ରବୀ, ବ. ସ୍ତ୍ରୀ. ( ବଭ୍ରୁ=ଶିବ ଅ-ଈ ) ଦୁର୍ଗା ।

ବାର୍ଦ୍ଧକିର, ବ. ପୁଂ. ( ବର୍ଦ୍ଧକୀ=ବେଶ୍ୟା-ର ) ଅସତୀପୁତ୍ର, ଅମ୍ରପଲ୍ଲବ, ଦସ୍ୟୁ, ହୀନ ।

ବାର୍ଲି, ବ. (ଇଂ Barlly) ଯବଚୂର୍ଣ୍ଣ ।

ବାଲ, ବ. ପୁଂ. (ବଲ୍-ଅ) ବାଳକ, ଲାଙ୍ଗୁଳ, କେଶ, ଗନ୍ଧଦ୍ରବ୍ୟବିଶେଷ । ବିଂ. ଅଜ୍ଞାନ, ମୂର୍ଖ, ନୂତନ । ଲା-ସ୍ତ୍ରୀ· ନୂତନା ସ୍ତ୍ରୀ ।

ବାଲକ, ବ. ପୁଂ. (ବାଲ କ) ଶିଶୁପୁତ୍ର, ବଳୟ, ବଳା, ଅଙ୍ଗୁରୀୟକ, ମୂଢ଼, ଲାଙ୍ଗୁଳ, ଗନ୍ଧଦ୍ରବ୍ୟବିଶେଷ ।

ବାଲକୃମି, ବ. ପୁଂ. ( ବାଲ-କୃମି) କେଶକୀଟ, ଉକୁଣୀ ।

ବାଲଖିଲ୍ୟ } ବ. ପୁଂ. ବୃଦ୍ଧାଙ୍ଗୁଷ୍ଠ ପରିମାଣ
ବାଲଖିଲ୍ୟା } ମୁନିବିଶେଷ, ବ୍ରହ୍ମାଙ୍କର ଶରୀରସ୍ଥ ଲୋମରୁ ଷାଠିଏ ହଜାର ବାଲଖିଲ୍ୟ ଜନ୍ମିଥିଲେ ।

ବାଲଗ୍ରହ, ବ. ପୁଂ. ( ବାଲ-ଗ୍ରହ ) ବାଳକର ପୀଡ଼ାଦାୟକ ଗ୍ରହବିଶେଷ ।

ବାଲଚର୍ଯ୍ୟ, ବ. ପୁଂ. ( ବାଲ-ଚର୍ଯ୍ୟ=ସେବ ) କାର୍ତ୍ତିକେୟ । ନ. ବାଳକର ଚରିତ୍ର ।

ବାଲଚନ୍ଦ୍ର, ବ, ନ ( ବାଲ-ଚନ୍ଦ୍ର ) ବାଲ-ଚନ୍ଦ୍ରମା ।

ବାଲଧନ, ବ. ନ. ( ବାଲ ଧନ ) ନାବାଳକର ଧନ, ଅପ୍ରାପ୍ତବୟସ୍କ ବାଳକର ସମ୍ପତ୍ତି ।

ବାଲଧି, ବ. ପୁଂ. ( ବାଲ ଧା-ଇ ) ସଲୋମ ଲାଙ୍ଗୁଳ, ପୁଚ୍ଛ, ଚାମର ।

ବାଲପୁଷ୍ପୀ, ବ. ସ୍ତ୍ରୀ. ( ବାଲ=କେଶ-ପୁଷ୍ପ=ଫୁଲ ଈ) ଯୂଥିକା, ଯୁଇଗଛ ।

ବାଲଭଦ୍ରକ, ବ. ପୁଂ. ବିଷବିଶେଷ ।

ବାଲମୂଷିକା ବ. ସ୍ତ୍ରୀ. (ବାଲ=କ୍ଷୁଦ୍ର-ମୂଷିକା) କ୍ଷୁଦ୍ର ମୂଷିକ, ଚୁଟିଆ ମୂଷା ।

ବାଲରାଜ, ବ. ନ. ( ବାଲ-ରାଜ ) ବୈଦୂର୍ଯ୍ୟ-ମଣି ।

ବାଲବସ୍ତ୍ର, ବ. ପୁଂ. ( ବାଲ-ବସ୍ତ୍ର ) କପୋତ, ପାରା ।

ବାଲବାୟୁଜ, ବ. ନ. ( ବାଲବାୟୁ=ଦେଶ-ବିଶେଷ-ଜ) ବୈଦୂର୍ଯ୍ୟମଣି ।

ବାଲବାହ୍ୟ, ବ. ପୁଂ. (ବାଲ=କେଶ-ବହ୍= ଚେଷ୍ଟା କରିବା-ଯ) ବନ୍ୟଛାଗଲ ।

ବାଲବ୍ୟଜନ, ବ. ନ. (ବାଲବ୍ୟଜନ) ଚାମର, ପ୍ରକୀର୍ଣ୍ଣକ ।

ବାଲସୂର୍ଯ୍ୟ, ବ.ନ. ବୈଦୂର୍ଯ୍ୟମଣି । ପୁଂ. ପ୍ରାତଃ-କାଳୀନ ସୂର୍ଯ୍ୟ ।

ବାଲହସ୍ତ, ବ. ପୁଂ. ( ବାଲ-ହସ୍ତ ) କେଶଗୁଚ୍ଛ, ସଲୋମ ଲାଙ୍ଗୁଳ, ବାଲଧି ।

ବାଲାର୍କ, ବ. ପୁଂ. ( ବାଲ-ଅର୍କ ) ନବୋଦିତ ସୂର୍ଯ୍ୟ, ପ୍ରାତଃକାଳୀନ ସୂର୍ଯ୍ୟ ।

ବାଲି } ବ. ପୁଂ. ( ବାଲ-ଇ, ଇନ୍ ) ବାନର
ବାଲୀ } ରାଜବିଶେଷ, କିଷ୍କିନ୍ଧ୍ୟାପତି, ଇନ୍ଦ୍ର ପୁତ୍ର, କପି ।

ବାଲଥ, ବ. ( ଦେଶଜ) କାତି ନ ଥିବା ଏକ ଜାତୀୟ ମାଛ ।

ବାଲିନୀ, ବ. ସ୍ତ୍ରୀ. ( ବାଲ-ଇନ-ଈ ) ଅଶ୍ୱିନୀ ନକ୍ଷତ୍ର ।

ବାଲଶ, ବିଂ. ( ବାଲ-ଶୀ-ଅ ) ଅଜ୍ଞାନ ଯଥା—

ମୂର୍ଖ ହୋଇଲ ଏହ୍ମନେ ବାଳଶ ।

ଶିଶୁ । ଲ· ଉପାଧାନ, ତକିଆ । ଯଥା—

ଦେଶ ଯେସଇ ଥିଲ ମୁଁ ଦୂରୁ ଦେଖି,
ତଡ଼ ବାଲିଶ ପଟ୍ଟେ ତହିଲ ଲାଗି ।

ବାଲଚନ୍ଦ୍ର, ବାଲଚନ୍ଦ } ବି. ପୁଂ. (ବଳ-ଚନ୍ଦ୍ର, ଚନ୍) ଶ୍ରୀରାମଚନ୍ଦ୍ର ।

ବାଲି, ବି. (ବାଲୁକା ଶବ୍ଦଜ) ବାଲୁକା, କ୍ଷୁଦ୍ର ପ୍ରସ୍ତରକଣା । (ବାର୍ଲି ଶବ୍ଦଜ) ବାର୍ଲି, ଯବଚୂର୍ଣ୍ଣ, Barley

ବାଲିଆ, ବିଂ. ବାଲିମିଶା ।

ବାଲିକାଗଜ, ବି. (ଦେଶଜ) ଏକପ୍ରକାର ମାଟିଆ ରଙ୍ଗର କାଗଜ ।

ବାଲିଗିରଡ଼ା, ବି. (ଦେଶଜ) ମସୃଣ କ୍ଷୁଦ୍ର ପ୍ରସ୍ତର ଖଣ୍ଡ, ଏକପ୍ରକାର ମାଛ । ଯଥା —

ଯେମିତ ଦଅଁଙ୍କୁ ସେମିତ ପୂଜା,
ବାଲିଗିରଡ଼ାକୁ ଗୁହଳ ଭଜା । ଦଗ ।

ବାଲିଙ୍ଗି, ବି. (ଦେଶଜ) ଗର୍ବ, ଅସ୍ଫାଳନ ।

ବାଲିଶ, ବି. ପୁଂ. ମୂତ୍ରକୃଚ୍ଛ୍ର ରୋଗ ।

ବାଲୁକା, ବି. ସ୍ତ୍ରୀ., ବାଲୁଙ୍କା (ଦେଶଜ) } (ବଲ୍-ଉ-କ-ଆ) ସିକତା, ବାଲି ।

ଯଥା—

ପୂଜନ୍ତି ଦେବ ଶଙ୍କରେ ବାଲୁଙ୍କା ମନ୍ଦରେ । କ. ବ.

କର୍ପୂର ।

ବାଲୁତ, ବି. (ଦେଶଜ) ବାଳକ, ଶିଶୁ ।

ବାଲେୟ, ବି. ପୁଂ. (ବାଲ-ଏୟ) ଗର୍ଦ୍ଦଭ, ଦୈତ୍ୟବିଶେଷ । ବିଂ. ପୂଜାର ଉପଯୁକ୍ତ, ମୃଦୁ, କୋମଳ, ବାଳକର ଉପଯୁକ୍ତ, ବାଳକର ହିତକର ।

ବାଲ୍ୟ, ବି. କ୍ଲ. (ବାଲ-ଯ) ଶୈଶବ, ବାଲ୍ୟାବସ୍ଥା, (୧୬ ବର୍ଷ ପର୍ଯ୍ୟନ୍ତ ।) ଯଥା—

ବାଲ୍ୟେ ଲଭିଥିଲେ ଶ୍ରୀରାମ ଶରଭଙ୍ଗ ଶାପ । କ. ବ.

ବାଲୁର, ବି. (ଦେଶଜ) ଏକପ୍ରକାର ତୃଣ, ଅଲୁଲାୟିତ କ୍ଷୁଦ୍ର କେଶପାଶ, ଚୂର୍ଣ୍ଣକୁନ୍ତଳ ।

ବାଷଠି, ବି. (ଦେଶଜ) ଦ୍ୱିଷଷ୍ଟି, ୬୨ ସଂଖ୍ୟା ।

ବାଷ୍ପ, ବଷ୍ପ } ବି. ପୁଂ. (ବାଧ୍-ପ, ଧ୍=ଷ୍) ଅଶ୍ରୁ, ନେତ୍ରଜଳ, ଉଷ୍ମା, ସୂକ୍ଷ୍ମ ଜଳକଣା, କଣ୍ଠରୋଧ ।

ବାଷ୍ପପୋତ, ବାଷ୍ପୀୟପୋତ } ବି. କଲ ଜାହାଜ ।

ବାଷ୍ପମାନଯନ୍ତ୍ର, ବି. ଯେଉଁ ଯନ୍ତ୍ରରେ ବାୟୁସ୍ଥ ବାଷ୍ପର ପରିମାଣ ନିରୂପିତ ହୁଏ ।

ବାଷ୍ପଶକଟ, ବାଷ୍ପୀୟରଥ } ବି. କଲଗାଡ଼ି ।

ବାହାଦୁର, ବି. (ଯାବନିକ) କ୍ଷମ, ପାରଗ, ଉପାଧିବିଶେଷ । ବି. ବାହାଦୁରୀ ।

ବାହାନ, ବି. (ବାହନ ଶବ୍ଦଜ) ଯାନ ।

ବାହାନା, ବି. (ଦେଶଜ) ଛଳନା ।

ବାହାପଟ, ବି. ବାହୁଫୁଟାଇବା, ହସ୍ତସଂକୋଚ-କର ବାହୁରେ ଆଘାତ କରିବା ।

ବାହାବା, ବି. (ଦେଶଜ) ଧନ୍ୟବାଦ, ପ୍ରଶଂସା ।

ଜନତା କହନ୍ତେ ବାହାବା ବାହାବା । ଦରବାର ।

ବାହାରିବା, କ୍ରି. ବହିର୍ଗତ ହେବା, ଉଦ୍ଗତ ହେବା ।

ବାହାଲ, ବାହେଲ୍ } ବି. (ଯାବନିକ) ମୁକରର ।

ବାହି, ବି. (ଦେଶଜ) ସ୍ତ୍ରୀମାନଙ୍କର ଭୂଷଣ, ଶଙ୍ଖା ବା କାଚର ମୁଠା, ହସ୍ତାଭରଣବିଶେଷ ।

ବାହିବା, କ୍ରି. (ବହ୍ ଧାତୁଜ) ବହନ କରିବା, ବଢ଼ାଇବା, ବୁଡ଼ାଇବା ।

ବାହୁ, ବି. ପୁଂ. (ବାଧ୍-ଉ, ଧ=ହ) ଭୁଜ କନ୍ଧଠାରୁ ଅଙ୍ଗୁଳିର ଅଗ୍ରଭାଗ ପର୍ଯ୍ୟନ୍ତ ଅବୟବ ।

ବାହୁକ, ବି. ପୁଂ. (ବାହୁ-କ) ସାରଥି-ବେଶଧାରୀ ନଳ ରାଜା, କପି । ବିଂ. ଦାସ, ଅଧୀନ ।

ବାହୁକୁଣ୍ଠ, ବି. ପୁଂ. (ବାହୁ-କୁଣ୍ଠ) ପକ୍ଷ, ଡେଣା ।

ବାହୁଜ, ବି. ପୁଂ. (ବାହୁ-ଜ) କ୍ଷତ୍ରିୟ, କାରଣ ଏମାନେ ବ୍ରହ୍ମାଙ୍କର ବାହୁରୁ ଉତ୍ପନ୍ନ ହୋଇଥିଲେ, ଶୁକପକ୍ଷୀ ।

ବାହୁଡ଼ା, ବି°. (ବ୍ୟାବୃତ୍ତ ଶବ୍ଦଜ)ଜଗନ୍ନାଥଙ୍କର ଯାତ୍ରାବିଶେଷ, ଫେରିବା ।

ବାହୁଡ଼ିବା, କ୍ରି. ( ବ୍ୟାବୃତ୍ତ ଶବ୍ଦଜ ) ଫେରି ଆସିବା ଯଥା—

ଅସିଲେଣି ବୀର ଶିବିରେ ବାହୁଡ଼ି ।

ବାହୁତ୍ରାଣ, ବି. ନ. (ବାହୁ-ତ୍ରୈ-ଅନ)ଅସ୍ତ୍ରାଘାତ ନିବାରଣ ନିମିତ୍ତ ବାହୁରେ ବଦ୍ଧ ଲୌହମୟ ଆବରଣ ।

ବାହୁଦନ୍ତୀ, ବି. ପୁଂ. (ବାହୁ ଦନ୍ତ ଇନ୍) ଇନ୍ଦ୍ର ।

ବାହୁଦା, ବି. ସ୍ତ୍ରୀ ( ବାହୁ-ଦା ) ନଦୀବିଶେଷ, ଏହା ହିମାଳୟଠାରୁ ନିର୍ଗତ ହୋଇଅଛି । କଥିତ ଅଛି ଯେ, ବାହୁଦା ନାମରେ ଜଣେ ମୁନି ଏହି ନଦୀରେ ଅବଗାହନ କରି ତାହାଙ୍କର ଛିନ୍ନ ହସ୍ତ ପୁନଃପ୍ରାପ୍ତ ହୋଇଥିଲେ ବୋଲି ଏହାର ନାମ ବାହୁଦା ହୋଇଅଛି ।

ବାହୁନା, ବି. ( ଦେଶଜ ) ବିଳାପ କରିବା, ମୃତ ବସ୍ତୁର ଗୁଣ ସ୍ମରଣ କରି ଶୋକ କରିବା, ଝୁରିବା ।

ବାହୁନିବା, କ୍ରି. (ଦେଶଜ) ଝୁରିବା, କାନ୍ଦିବା, ବିଳାପ କରିବା । ଯଥା—

କେହି ନ ଶୁଣିଲେ ବାହୁନି ବାହୁନି କଲି ମୁଁ ଯେତେ ବିଳାପ ।

ବାହୁମୂଳ, ବି. ନ ( ବାହୁ-ମୂଳ ) ଦୋର୍ମୂଳ, କକ୍ଷ, କାଖ ।

ବାହୁଯୁଦ୍ଧ, ବି. ନ. (ବାହୁ-ଯୁଦ୍ଧ) ମଲ୍ଲଯୁଦ୍ଧ ।

ବାହୁଳ, ବି. ପୁଂ. (ବାହୁଳୀ-ଅ ) କାର୍ତ୍ତିକ ମାସ, ( ବହୁଳ=ଅଗ୍ନି-ଅ ) ଅଗ୍ନି । (ବାହୁ ଲ) ବାହୁତ୍ରାଣ । ( ବହୁଳ=ଅନେକ-ଅ ) ବହୁଳିତ୍ୱ, ଅନେକତ୍ୱ ।

ବାହୁଳେୟ, ବି. ପୁଂ. (ବହୁଳା-ଏୟ) କାର୍ତ୍ତିକେୟ, ଷଡ଼ାନନ । ଯଥା—

ବାହୁଳେୟ ତରୁ-ଆନନେ ଗାୟକ କଳ୍ପତରୁ ପ୍ରଭେଦନ । ବ ଚ.

ବାହୁଲ୍ୟ ବି. ନ. ( ବହୁଳ-ଯ ) ଆଧିକ୍ୟ, ପ୍ରାଚୁର୍ଯ୍ୟ ।

ବିନ୍ଦୁ, ବି. ପୁଂ. (ବିନ୍ଦ୍-ଉ) ଦ୍ରବଦ୍ରବ୍ୟର କଣା, ଶୂନ୍ୟଚିହ୍ନ, ଅନୁସ୍ୱାର, ଭ୍ରୂମଧ୍ୟ, ଯାହାର ଅବସ୍ଥିତି ଅଛି କିନ୍ତୁ ବିସ୍ତୃତି ନାହିଁ ।

ବିବି, (ହିନ୍ଦୀ) ମାନ୍ୟା ସ୍ତ୍ରୀଲୋକ, ସ୍ତ୍ରୀ ।

ବିଭୃତ୍, ବି°. (ଭୃ-ଅତ୍) ଧାରଣକାରୀ, ପୋଷଣକର୍ତ୍ତା ।

ବୀଭତ୍ସ } ବି°. ( ବଧ୍=ନିନ୍ଦା କରିବା-ସନ୍-
ବୀଭତ୍ସା } କ୍ୱିପ୍ ) ଅତ୍ୟନ୍ତ ଘୃଣାକର, ଅତି କଦର୍ଯ୍ୟ, କ୍ରୂର ,ପାପୀ । ବି. ପୁଂ ରସବିଶେଷ, ଜୁଗୁପ୍ସା ଯେଉଁ ରସର ସ୍ଥାୟିଭାବ ।

ବୀଭତ୍ସୁ, ବି. ପୁଂ. ( ବୀଭତ୍ସ-ଦେଖ-ଉ ) ଅର୍ଜ୍ଜୁନ, ପାଣ୍ଡୁ ରାଜାଙ୍କର ତୃତୀୟ ପୁତ୍ର ।

ବୁକ୍କ, ବି . ତ୍ରି. (ବୁକ୍-ଅ) ବକ୍ଷସ୍ଥଳ, ଗୁଡ଼ । ପୁଂ. ଛାଗ ।

ବୁଦ୍ଧ, ବି. ପୁଂ. ବୁଧ୍-ତ) ବିଷ୍ଣୁଙ୍କର ଅବତାର ବିଶେଷ, ବୌଦ୍ଧମତପ୍ରଣେତା । ବି°. ପଣ୍ଡିତ, ଜ୍ଞାତ, ଜାଗରିତ ।

ବୁଦ୍ଧି, ବି. ସ୍ତ୍ରୀ. (ବୁଧ୍-ତି) ଜ୍ଞାନ,ବୋଧ, ନିଶ୍ଚୟାତ୍ମିକା ମନୋବୃତ୍ତିବିଶେଷ, ଅନ୍ତଃକରଣ ।

ବୁଦ୍ଧିଜୀବୀ, ବି°. (ବୁଦ୍ଧି-ଜୀବ୍-ଇନ୍) ବୁଦ୍ଧିମାନ୍, ଜ୍ଞାନୀ ।

ବୁଦ୍ଧିମାନ୍, ବି°, ( ବୁଦ୍ଧି-ମତ୍ ) ବୁଦ୍ଧିବିଶିଷ୍ଟ, ଜ୍ଞାନୀ ।

ବୁଦ୍ଧିବୃତ୍ତି, ବି. ସ୍ତ୍ରୀ. ବୁଦ୍ଧିର ଧର୍ମ ।

ବୁଦ୍ଧିସହାୟ, ବି. ପୁଂ. ( ବୁଦ୍ଧି-ସହାୟ ) ମନ୍ତ୍ରୀ, ପରାମର୍ଶଦାତା ।

ବୁଦ୍ଧୀନ୍ଦ୍ରିୟ, ବି. ନ. ( ବୁଦ୍ଧି-ଇନ୍ଦ୍ରିୟ ) ଯଥା, ଚକ୍ଷୁ, ଶ୍ରୋତ୍ର, ନାସିକା, ଜିହ୍ୱା, ତ୍ୱକ୍ ।

ବୁଦ୍‌ବୁଦ୍, ବି.ପୁଂ. (ବୁଦ୍-ବୁଦ୍)ଜଳବିନ୍ଦୁ । ଯଥା—

କ୍ଷଣକେ ହୁଅଇ ମ୍ଳାନ ଗର୍ବ ଦମ୍ଭ ଅଭିମାନ,
ସଂସାରର ଆଡ଼ମ୍ବର ବୁଦ୍‌ବୁଦ୍ ଆକାରେ । ଲ. ର.

ବୁଧ, ବି.ପୁଂ. ( ବୁଧ-ଅ ) ଚନ୍ଦ୍ରଙ୍କର ପୁତ୍ର, ବୁଧଗ୍ରହ, ପଣ୍ଡିତ, ସୂର୍ଯ୍ୟବଂଶୀୟ ନୃପତିବିଶେଷ ।

ବୁଧରତ୍ନ, ବି. ନ. (ବୁଧ-ରତ୍ନ) ମରକତମଣି ।

ବୁଧସୁତ, ବି. ପୁଂ. ( ବୁଧ-ସୁତ ) ପୁରୁରବା ରାଜା ।

ବୁଧାନ, ବି. ପୁଂ. (ବୁଧ ଆନ) ଗୁରୁ, ଜ୍ଞାନୀବ୍ୟକ୍ତି, ଜନ ।

ବୁଧିତ, ବିଂ. (ବୁଧ-ତ) ଅବଗତ, ଜ୍ଞାତ ।

ବୁଧ୍ନ, ବି. ପୁଂ. (ବୁଧ୍-ନ) ଶିବ, ବୃକ୍ଷମୂଳ ।

ବୁନିଆଦ୍ / ବୁନିଆଦ } ବି. (ଯାବନିକ) ମୂଳଭିତ୍ତି, ଅସଲ-କଥା,

ବୁନ୍ଦା, ବି. ( ବିନ୍ଦୁ ଶବ୍ଦଜ ) ବିନ୍ଦୁ, ଟୋପା ।

ବୁନ୍ଦିଆ, ବି. ( ଦେଶଜ ) ଏକପ୍ରକାର ମିଷ୍ଟାନ୍ନ ।

ବୁବୁଧାନ, ବି. ପୁଂ. (ବୁଧ୍-ଆନ) ଆଚାର୍ଯ୍ୟ, ପଣ୍ଡିତ, ଦେବତା ।

ବୁଭୁକ୍ଷା, ବି. ସ୍ତ୍ରୀ. (ଭୁଜ୍-ସନ୍-ଆ) ଭୋଜନେଚ୍ଛା, କ୍ଷୁଧା ।

ବୁଭୁକ୍ଷିତ, ବିଂ. (ବୁଭୁକ୍ଷା-ଇତ) କ୍ଷୁଧିତ ।

ବୁଭୁତ୍ସା, ବି. ସ୍ତ୍ରୀ (ବୁଧ-ସନ୍ ଅ-ଆ ) ଜାଣିବାର ଇଚ୍ଛା, ଜିଜ୍ଞାସା ।

ବୁଭୂଷା, ବି. ସ୍ତ୍ରୀ (ଭୂ-ସନ୍-ଅ-ଆ) ସମୃଦ୍ଧେଚ୍ଛା ।

ବୁରୁଜ, ବି. ( ଦେଶଜ ) ଦୁର୍ଗ ବା ପ୍ରାଚୀରର ଦେହରୁ ବାହାରିଥିବା ଅତିରିକ୍ତ ଅଂଶ, ଶତ୍ରୁସୈନ୍ୟର ଗୁଳିର ଆଘାତ ସହିବାଲାଗି ପ୍ରାଚୀରାଦିର ଅତିରିକ୍ତ ଅଂଶ, ବାରୁଦ ଘର, ଅସ୍ତ୍ରାଗାର ।

ବୁଲ, ବି (ଦେଶଜ) ଭ୍ରମଣ । ବିଂ. ଯେ ବୁଲେ । ଯଥା—ବୁଲ ଫକୀର । ( ଭ୍ରମଣ ଅର୍ଥରେ) ଯଥା—

ଶରମପ୍ରଦ ଅଙ୍ଗ ସରକ ହେଲା,
ଶମନସ୍ୱସାତଟ ଅଟବୀ ବୁଲା । ବ. ଚ.

ବୁଲାଇବା, କ୍ରି. ( ଦେଶଜ ) ଘୁରାଇବା, ଭ୍ରମଣ କରାଇବା ।

ବୁଲାକ, ବି. ( ଦେଶଜ ) ନାସିକାର ଅଲଙ୍କାର ବିଶେଷ, ଦଣ୍ଡି ।

ବୁଲି, ବି, ସ୍ତ୍ରୀ. (ବୁଲ୍=ମଗ୍ନ ହେବା-ଇ ) ଭଗ, ସ୍ତ୍ରୀଚିହ୍ନ ।

ବୁଲିବା, କ୍ରି. ( ଦେଶଜ ) ଭ୍ରମଣ କରିବା, ପର୍ଯ୍ୟଟନ କରିବା, ଫେରିଆସିବା ।

ବୁଷ / ବୁସ } ବି. ନ. ( ବୁସ୍=ତ୍ୟାଗ କରିବା-ଅ) କୁଣ୍ଡା, ଭୁଷି, ଭୁକ୍ତଧାନ୍ୟ, ଅଗାଡି ।

ବୃଦ୍ଧାଇବା, କ୍ରି. (ବର୍ଦ୍ଧ ଧାତୁଜ) ବର୍ଦ୍ଧନ କରାଇବା, ଚଳାଇବା ।

ବୃଢ଼େ, କ୍ରି. ବିଂ. ( ଦେଶଜ ) ଥରେ, ଯଥେଷ୍ଟ ଭାବରେ ।

ବେ, ଅଂ ( ଯାବନିକ ) ଅମାନ୍ୟାର୍ଥ ସୂଚକ ଅବ୍ୟୟରୂପେ କ୍ରିୟା ଶେଷରେ ଲାଗେ । ଯଥା— ଯାବେ, ଦେ-ବେ । ଶବ୍ଦ ଆଦ୍ୟରେ ଲାଗିଲେ ନିଷେଧାର୍ଥ ସୂଚିତ ହୁଏ । ଯଥା— ବେଢଙ୍ଗ, ବେଡ଼ଉଲ ।

ବେନ୍ଧୁର, ବିଂ. (ଦେଶଜ) ଦୁଧ ଅଉଟିବା ନିମିତ୍ତ ବୃହତ୍ ମୃତ୍ପାତ୍ର ।

ବୋଦ୍ଧା, ବିଂ. (ବୁଧ୍-ତୃ) ଜ୍ଞାତା, ଯେ ଜାଣେ ।

ବୋଧ, ବି. ପୁଂ. ( ବୁଧ୍-ଅ ) ଜ୍ଞାନ, ବୁଦ୍ଧି, ଜାଗରଣ, ଉପଲବ୍ଧି, ପ୍ରବୋଧନ ।

ବୋଧକ, ବିଂ. (ବୋଧି-ଅକ) ଜ୍ଞାପକ, ସୂଚକ ।

ବୋଧକର, ବି. ପୁଂ. (ବୋଧ-କର) ବୈତାଳିକ, ସ୍ତୁତିପାଠକ ।

ବୋଧନ, ବି ନ. ( ବୁଧ-ଅନ ) ଜ୍ଞାନ, ଜ୍ଞାପନ, ଜଣାଇବା, ଜାଗରଣ, ସନ୍ଦୀପନ, ଉଦ୍ଦୀପନ ।

ବୋଧନୀ, ବି. ସ୍ତ୍ରୀ. (ବୁଧ-ଅନ୍-ଈ) କାର୍ତ୍ତିକ ଶୁକ୍ଳ ଏକାଦଶୀ, ଉତ୍ଥାନୈକାଦଶୀ, ଡିଅଁଲୀ ।

ବୋଧନୀୟ / ବୋଧ୍ୟ } ବିଂ. (ବୁଧ୍-ଅନୀୟ, ଯ ) ଜ୍ଞାତବ୍ୟ, ଜାଣିବା ଯୋଗ୍ୟ ।

ବୋଧପ୍ରବାହ, ବି. ଯେଉଁ ଶକ୍ତିଦ୍ୱାରା ଦର୍ଶନ, ଶ୍ରବଣ, ଚିନ୍ତା ପ୍ରଭୃତି କାର୍ଯ୍ୟ କରାଯାଏ ସେହି ଶକ୍ତିକୁ ବୋଧପ୍ରବାହ ବୋଲାଯାଏ ।

ବୋଧବାସର, ବି. ପୁଂ. ଭଗବାନଙ୍କର ପ୍ରବୋଧ ଦିନ, ଉତ୍ଥାନୈକାଦଶୀ ।

ବୋଧି, ବି. ପୁଂ. (ବୁଧ୍-ଇ) ଅଶ୍ୱତ୍ଥବୃକ୍ଷ, ସମାଧି-ବିଶେଷ । ବିଂ. ଜ୍ଞାତା ।

ବୋଧିତ, ବିଂ. (ବୋଧି-ତ) ଜ୍ଞାପିତ, ଜାଗରିତ ।

ବୋଧିତରୁ, ବୋଧିଦ୍ରୁମ } ବି. ପୁଂ (ବୋଧି-ତରୁ, ଦ୍ରୁମ) ଅଶ୍ୱତ୍ଥବୃକ୍ଷ ।

ବୋଧିତବ୍ୟ, ବିଂ. ( ବୋଧି-ତବ୍ୟ ) ଜ୍ଞାପନୀୟ, ଜଣାଇବାର ଯୋଗ୍ୟ ।

ବୋଧିବା, କ୍ରି. ( ବୁଧ ଧାତୁଜ ) ବୁଝିବା, ମନକୁ ସ୍ଥିର କରିବା ।

ବୋଧିସତ୍ତ୍ୱ, ବି. ପୁଂ. ( ବୋଧି-ସତ୍ତ୍ୱ ) ବୁଦ୍ଧ-ବିଶେଷ, ବୌଦ୍ଧସନ୍ନ୍ୟାସୀ ।

ବୌଦ୍ଧ, ବି. ପୁଂ. ( ବୁଦ୍ଧ-ଅ ) ବୁଦ୍ଧମତାବଲମ୍ବୀ, ନାସ୍ତିକ । ନ. ବୁଦ୍ଧକୃତ ନିରୀଶ୍ୱରଶାସ୍ତ୍ର ।

ବୌଧ, ବି. ପୁଂ. ( ବୁଧ-ଅ ) ବୁଧଙ୍କ ପୁଏ, ପୁରୁରବା ।

ବୌଧାୟନ, ବି. ପୁଂ. ଋଷିବିଶେଷ ।

ବ୍ରତତି, ବ୍ରତତୀ } ବି. ସ୍ତ୍ରୀ. ( ପ୍ର-ତନ-ତି,ତୀ,ପ=ବ ) ବଲ୍ଲୀ, ଲତା, ବିସ୍ତାର ।

ବ୍ରଧ୍ନ, ବି. ପୁଂ. (ବନ୍ଧ୍-ନ, ବନ୍ଧ=ବ୍ରଧ୍) ବୃକ୍ଷମୂଳ ଦେଶ, ଶିବ, ସୂର୍ଯ୍ୟ, ବ୍ରହ୍ମା, ପୁଏ, ଶସ୍ୟାର, ରୋଗବିଶେଷ ।

ବ୍ରହ୍ମ,ବି.ପୁଂ.(ବୃହ୍=[ମନୁଷ୍ୟଜାତି]ବୃଦ୍ଧିପାଇବା-ମନ୍ ) ବ୍ରହ୍ମା, ବିଧାତା, ବ୍ରାହ୍ମଣ, ପୁରୋହିତ-ବିଶେଷ, ଯୋଗବିଶେଷ । ନ. ପରମେଶ୍ୱର, ବେଦମନ୍ତ୍ର, ବେଦ, ବ୍ରହ୍ମତେଜଃ, ତପସ୍ୟା ।

ବ୍ରହ୍ମକନ୍ୟକା, ବି ସ୍ତ୍ରୀ.(ବ୍ରହ୍ମ-କନ୍ୟକା) ବାଗ୍‌ଦେବୀ, ସରସ୍ୱତୀ ।

ବ୍ରହ୍ମକୂଟ, ବ୍ରହ୍ମଗିରି } ବି. ପୁଂ. ( ବ୍ରହ୍ମ-କୂଟ, ଗିରି ) ପର୍ବତବିଶେଷ ।

ବ୍ରହ୍ମକୂର୍ଚ୍ଚ ବି. ନ. ବ୍ରତବିଶେଷ, ଅହୋରାତ୍ର ଉପ-ବାସ କରିବାରୁ ପଞ୍ଚଗବ୍ୟ ପାନରୂପ ବ୍ରତ ।

ବ୍ରହ୍ମଗ୍ରନ୍ଥି, ବି. ପୁଂ. ଯଜ୍ଞୋପବୀତର ଗ୍ରନ୍ଥିବିଶେଷ ।

ବ୍ରହ୍ମଘ୍ନ, ବିଂ. ( ବ୍ରହ୍ମ-ହନ୍-ଅ ) ବ୍ରହ୍ମହତ୍ୟା-କାରକ ।

ବ୍ରହ୍ମଚର୍ଯ୍ୟ, ବି. ନ. (ବ୍ରହ୍ମ-ଚର୍ଯ୍ୟ) ବ୍ରହ୍ମଚାରୀର ଧର୍ମ, ସ୍ତ୍ରୀ ପୁରୁଷର ସ୍ମରଣ କୀର୍ତ୍ତନ ପ୍ରଭୃତି ଅଷ୍ଟବିଧ ମୈଥୁନାଭାବ ବ୍ରତବିଶେଷ ।

ବ୍ରହ୍ମଚାରିଣୀ, ବି. ସ୍ତ୍ରୀ. (ବ୍ରହ୍ମଚାରିନ୍-ଈ) ବ୍ରହ୍ମ-ଚର୍ଯ୍ୟ ବ୍ରତଚାରିଣୀ ସ୍ତ୍ରୀ ।

ବ୍ରହ୍ମଚାରୀ, ବି. ପୁଂ. (ବ୍ରହ୍ମ-ଚର ଇନ୍) ପ୍ରଥମ ଆଶ୍ରମୀ,ଉପନୟନାନ୍ତର ଯେଉଁ ବ୍ରାହ୍ମଣତନୟ ଗୁରୁଗୃହରେ ବାସ କରି ବେଦାଧ୍ୟୟନ କରନ୍ତି ।

ବ୍ରହ୍ମଜୀବୀ, ବି. ପୁଂ ( ବ୍ରହ୍ମ-ଜୀବୀ ) ଅପକୃଷ୍ଟ ବ୍ରାହ୍ମଣ, ମୂଲ୍ୟଗ୍ରହଣ ପୂର୍ବକ ବେଦାଧ୍ୟାପକ, ବେଦଜୀବୀ ।

ବ୍ରହ୍ମଜ୍ଞ,ବିଂ. (ବ୍ରହ୍ମନ୍-ଜ୍ଞା-ଅ) ବେଦଜ୍ଞ,ତତ୍ତ୍ୱଜ୍ଞାନୀ ।

ବ୍ରହ୍ମଜ୍ଞାନ, ବି. ନ. ବ୍ରହ୍ମବିଷୟକ ଜ୍ଞାନ, ଆତ୍ମତତ୍ତ୍ୱ-ବୋଧ ।

ବ୍ରହ୍ମଣ୍ୟ, ବିଂ (ବ୍ରହ୍ମନ୍-ଯ) ବ୍ରହ୍ମ ବା ବ୍ରାହ୍ମଣ-ସମ୍ବନ୍ଧୀୟ । ବି. ନ. ବ୍ରହ୍ମତେଜଃ, ବ୍ରହ୍ମତ୍ୱ, ବିଷ୍ଣୁ, ଶନୈଶ୍ଚର, ବ୍ରହ୍ମଦାରୁ ବୃକ୍ଷ ।

ବ୍ରହ୍ମତୀର୍ଥ, ବି ନ. ପୁଷ୍କରତୀର୍ଥ, ଅଙ୍ଗୁଷ୍ଠ ମୂଳଭାଗ ।

ବ୍ରହ୍ମତ୍ର ( ବ୍ରହ୍ମ-ତ୍ରୈ-ଅ) ବ୍ରହ୍ମୋତ୍ତର, ବ୍ରାହ୍ମଣ-ମାନଙ୍କ ଭରଣପୋଷଣ ନିମିତ୍ତ ଯେଉଁ ଭୂମି ନିଷ୍କରରୂପେ ଦିଆଯାଇଥାଏ ।

ବ୍ରହ୍ମତ୍ୱ, ବି. ନ. (ବ୍ରହ୍ମନ୍-ତ୍ୱ) ବ୍ରହ୍ମଭାବ, ବ୍ରହ୍ମ-ସାଯୁଜ୍ୟ, ବ୍ରହ୍ମପଦ ।

ବ୍ରହ୍ମଦଣ୍ଡ, ବି. ପୁଂ. (ବ୍ରହ୍ମ ଦଣ୍ଡ) ବ୍ରାହ୍ମଣର ଅଭିଶାପ, ବ୍ରାହ୍ମଣର ଯଷ୍ଟି ।

ବ୍ରହ୍ମଦତ୍ତ, ବି. ପୁଂ. (ବ୍ରହ୍ମ-ଦତ୍ତ) ଇକ୍ଷ୍ୱାକୁବଂଶୀୟ ନୃପତିବିଶେଷ ।

ବ୍ରହ୍ମଦାୟ, ବି. ପୁଂ. ବେଦାଧ୍ୟୟନାନନ୍ତର ପ୍ରାପ୍ୟ ବ୍ରାହ୍ମଣଧନ ।

ବ୍ରହ୍ମଦୈତ୍ୟ, ବି. ପୁଂ. ପ୍ରେତଯୋନିପ୍ରାପ୍ତ ବ୍ରାହ୍ମଣ ।

ବ୍ରହ୍ମନାଭ, ବି. ପୁଂ. (ବ୍ରହ୍ମନ୍-ନାଭ) ବିଷ୍ଣୁ ।
ବ୍ରହ୍ମପାଦପ, ବି. ପୁଂ. ( ବ୍ରହ୍ମନ୍-ପାଦପ ) ପଳାଶବୃକ୍ଷ ।
ବ୍ରହ୍ମପୁତ୍ର, ବି. ପୁଂ. (ବ୍ରହ୍ମନ୍ ପୁତ୍ର) ବିଷବିଶେଷ, ସ୍ୱନାମଖ୍ୟାତ ନଦ, କ୍ଷେତ୍ରବିଶେଷ ।
ବ୍ରହ୍ମପୁତ୍ରୀ, ବି. ସ୍ତ୍ରୀ. ( ବ୍ରହ୍ମନ୍-ପୁତ୍ର-ଈ) ସରସ୍ୱତୀ ନଦୀ ।
ବ୍ରହ୍ମବନ୍ଧୁ, ବି. ପୁଂ. (ବ୍ରହ୍ମନ୍ ବନ୍ଧୁ) ଅପକୃଷ୍ଟ ବ୍ରାହ୍ମଣ, ନିନ୍ଦିତ ବ୍ରାହ୍ମଣ ।
ବ୍ରହ୍ମଭୂତ, ବି. ସ୍ତ୍ରୀ. (ବ୍ରହ୍ମ ଭୂତ) ସନ୍ଧ୍ୟାକାଳ ।
ବ୍ରହ୍ମଭୂୟ, ବି. ନ. (ବ୍ରହ୍ମନ୍-ଭୂୟ) ବ୍ରହ୍ମତ୍ୱ, ବ୍ରହ୍ମ-ସାଯୁଜ୍ୟ, ଈଶ୍ୱରସ୍ୱରୂପ ।
ବ୍ରହ୍ମଯଜ୍ଞ, ବି. ପୁଂ. (ବ୍ରହ୍ମନ୍-ଯଜ୍ଞ) ବେଦାଧ୍ୟୟନ ।
ବ୍ରହ୍ମଯୋନି, ବି. ପୁଂ. (ବ୍ରହ୍ମନ୍-ଯୋନି) ପର୍ବତ-ବିଶେଷ, ବ୍ରହ୍ମଗିରି, କୁରୁକ୍ଷେତ୍ର ସରସ୍ୱତୀ ନଦୀ ତୀରରେ ପୃଥୂଦକ ନିକଟସ୍ଥ ତୀର୍ଥବିଶେଷ ।
ବ୍ରହ୍ମରନ୍ଧ୍ର, ବି. ନ. ମସ୍ତକର ମଧ୍ୟସ୍ଥାନ, ବ୍ରହ୍ମତାଳୁ ।
ବ୍ରହ୍ମରାକ୍ଷସ, ବି ପୁଂ. ଭୂତବିଶେଷ, ବ୍ରହ୍ମଦୈତ୍ୟ, ମହାଦେବଙ୍କର ଗଣବିଶେଷ ।
ବ୍ରହ୍ମର୍ଷି, ବି ପୁଂ. (ବ୍ରହ୍ମନ୍ ଋଷି) ବଶିଷ୍ଠାଦି ବ୍ରାହ୍ମଣ-ଋଷି ।
ବ୍ରହ୍ମର୍ଷିଦେଶ, ବି. ପୁଂ. ( ବ୍ରହ୍ମର୍ଷି-ଦେଶ ) କୁରୁ-କ୍ଷେତ୍ର, ମତ୍ସ୍ୟ, ପଞ୍ଚାଳ, ଶୂରସେନ—ଏହି ଚାରିଦେଶ ।
ବ୍ରହ୍ମଲୋକ, ବି. ପୁଂ. (ବ୍ରହ୍ମନ୍-ଲୋକ) ବ୍ରହ୍ମାଙ୍କ ଭୁବନ ।
ବ୍ରହ୍ମବଦ୍ୟ, ବି. ନ. (ବ୍ରହ୍ମନ୍-ବଦ-ଯ) ବ୍ରହ୍ମବାକ୍ୟ ।
ବ୍ରହ୍ମବର୍ଚ୍ଚସ, ବି. ନ. (ବ୍ରହ୍ମନ୍-ବର୍ଚ୍ଚସ୍-ଅ) ବ୍ରାହ୍ମଣର ବ୍ରତାନୁଷ୍ଠାନ ଓ ବେଦାଧ୍ୟୟନଜନିତ ସମ୍ପତ୍ତି, ବ୍ରହ୍ମତେଜଃ ।
ବ୍ରହ୍ମବର୍ତ୍ତ, ବି. ପୁଂ. ( ବ୍ରହ୍ମନ୍-ବର୍ତ୍ତ ) ବ୍ରହ୍ମାବର୍ତ୍ତ ଦେଶ ।
ବ୍ରହ୍ମବର୍ଦ୍ଧନ, ବି. ନ. (ବ୍ରହ୍ମନ୍-ବର୍ଦ୍ଧନ) ତାମ୍ର, ତମ୍ବା ।

ବ୍ରହ୍ମବାଦ, ବି. ପୁଂ. (ବ୍ରହ୍ମ-ବାଦ) ବେଦାଧ୍ୟୟନ, ବେଦପାଠ ।
ବ୍ରହ୍ମବାଦିନୀ, ବି. ସ୍ତ୍ରୀ. ( ବ୍ରହ୍ମନ୍-ବଦ୍ ଇନ୍-ଈ ) ବେଦମାତା, ଗାୟତ୍ରୀ ।
ବ୍ରହ୍ମବାଦୀ, ବିଂ. (ବ୍ରହ୍ମ-ବଦ୍-ଇନ୍) ବେଦାନ୍ତ ମତାବଲମ୍ବୀ ବେଦାଧ୍ୟାୟୀ, ବ୍ରାହ୍ମଣ ।
ବ୍ରହ୍ମବିଦ୍, ବି. ପୁଂ. (ବ୍ରହ୍ମ ବିଦ୍-୦) ବ୍ରହ୍ମଜ୍ଞାନୀ ।
ବ୍ରହ୍ମବିଦ୍ୟା, ସ୍ତ୍ରୀ. } ବି. ବ୍ରହ୍ମନ୍-ବିଦ୍ୟା,
ବ୍ରହ୍ମବେଦ, ପୁଂ. } ବେଦ) ବ୍ରହ୍ମଜ୍ଞାନ, ବେଦାନ୍ତ ଶାସ୍ତ୍ର ।
ବ୍ରହ୍ମବୃତ୍ତି, ବି. ସ୍ତ୍ରୀ. (ବ୍ରହ୍ମନ୍-ବୃତ୍ତି) ବ୍ରାହ୍ମଣର ଜୀବନୋପାୟ, ବ୍ରହ୍ମସ୍ୱ ।
ବ୍ରହ୍ମବୈବର୍ତ୍ତ, ବି. ନ. ( ବ୍ରହ୍ମନ୍-ବିବର୍ତ୍ତ-ଅ ) ଅଷ୍ଟାଦଶ ପୁରାଣ ଅନ୍ତର୍ଗତ ପୁରାଣବିଶେଷ ।
ବ୍ରହ୍ମଶଲ୍ୟ, ବି. ପୁଂ. (ବ୍ରହ୍ମନ୍-ଶଲ୍ୟ) ବବୁର ଗଛ ।
ବ୍ରହ୍ମଶାସନ, ବି. ପୁଂ. (ବ୍ରହ୍ମନ୍-ଶାସନ) ବ୍ରହ୍ମାଙ୍କ ବିଗ୍ରହଗୃହ, ବ୍ରହ୍ମାଙ୍କ ଆଜ୍ଞା, ନବଦ୍ୱୀପର ସନ୍ନିହିତ ଗ୍ରାମବିଶେଷ, ବ୍ରାହ୍ମଣଶାସନ ।
ବ୍ରହ୍ମଶିରଃ, ବି. ନ. (ବ୍ରହ୍ମନ୍-ଶିରଃ) ବ୍ରହ୍ମ-ତେଜୋମୟ ମହାପ୍ରଭାବ ଅସ୍ତ୍ରବିଶେଷ ।
ବ୍ରହ୍ମସୂତ୍ର, ବି, ନ (ବ୍ରହ୍ମନ୍-ସୂତ୍ର) ବ୍ରହ୍ମଯଜ୍ଞ, ବେଦାଧ୍ୟୟନ ।
ବ୍ରହ୍ମସାବର୍ଣ୍ଣି, ବି ସ୍ତ୍ରୀ. ମନୁବିଶେଷ, ଦଶମ ମନୁ ।
ବ୍ରହ୍ମସୂ, ବି. ପୁଂ. (ବ୍ରହ୍ମନ୍-ସୂ) ଅନିରୁଦ୍ଧ, କାମ-ଦେବ ।
ବ୍ରହ୍ମସୂତ୍ର ବି. ନ. ( ବ୍ରହ୍ମନ୍ ସୂତ୍ର ) ଯଜ୍ଞୋପବୀତ, ପୈତା, ଶାରୀରକ ସୂତ୍ର ।
ବ୍ରହ୍ମସ୍ୱ, ବି. ( ବ୍ରହ୍ମନ୍-ସ୍ୱ ) ବ୍ରାହ୍ମଣ ଧନ ।
ବ୍ରହ୍ମହତ୍ୟା, ବି. ସ୍ତ୍ରୀ. (ବ୍ରହ୍ମନ୍ ହତ୍ୟା) ବ୍ରାହ୍ମଣ-ବଧ ।
ବ୍ରହ୍ମହା, ବିଂ. (ବ୍ରହ୍ମନ୍-ହନ୍-୦) ବ୍ରାହ୍ମଣ ବିନାଶ-କାରୀ, ବ୍ରହ୍ମହତ୍ୟାକାରୀ, ଶୂଦ୍ରାପତି ବ୍ରାହ୍ମଣ ।

ବ୍ରହ୍ମହୁତ, ବି. ନ. ( ବ୍ରହ୍ମନ୍-ହୁତ ) ନୃଯଜ୍ଞ, ଅତିଥିସେବା ।

ବ୍ରହ୍ମା, ବି. ପୁଂ. (ବ୍ରହ୍ମନ୍) ବିଧାତା, ସୃଷ୍ଟିକର୍ତ୍ତା, ଋତ୍ୱିକ୍‌ବିଶେଷ ।

ବ୍ରହ୍ମାଞ୍ଜଳ, ବି. ପୁଂ. (ବ୍ରହ୍ମ-ଅଞ୍ଜଳ) ସାମବେଦ ପାଠକାଳୀନ ସ୍ୱରବିଭାଗାର୍ଥ ଅଞ୍ଜଳ କରିବା, ଅଧ୍ୟୟନର ଆଦ୍ୟରେ ଓ ଅନ୍ତରେ ପ୍ରଣବୋଚ୍ଚାରଣପୂର୍ବକ ଗୁରୁଙ୍କ ନିକଟରେ କୃତାଞ୍ଜଳ ।

ବ୍ରହ୍ମାଣୀ, ବି. ସ୍ତ୍ରୀ. (ବ୍ରହ୍ମନ୍-ଈ) ବ୍ରହ୍ମାଙ୍କ ଶକ୍ତି ଦେବୀବିଶେଷ, ବ୍ରହ୍ମାଙ୍କ ପତ୍ନୀ ।

ବ୍ରହ୍ମାଣ୍ଡ, ବି. ପୁଂ. ( ବ୍ରହ୍ମନ୍-ଅଣ୍ଡ ) ଜଗତ, ବିଶ୍ୱଗୋଲକ ।

ବ୍ରହ୍ମାମ୍ବୁ, ବି. ପୁଂ. ଅଶ୍ୱ, ଘୋଟକ ।

ବ୍ରହ୍ମାଭ୍ୟାସ, ବି. ପୁଂ. (ବ୍ରହ୍ମ-ଅଭ୍ୟାସ) ବେଦପାଠ, ବେଦାଧ୍ୟୟନ, ପୁନଃପୁନଃ ବେଦାବୃତ୍ତିକରଣ ।

ବ୍ରହ୍ମାମ୍ଭଃ, ବି. ନ. (ବ୍ରହ୍ମନ୍-ଅମ୍ଭସ୍) ଗୋମୂତ୍ର ।

ବ୍ରହ୍ମାରଣ୍ୟ, ବି. ନ. (ବ୍ରହ୍ମନ୍-ଅରଣ୍ୟ) ବେଦପାଠର ସ୍ଥାନ ।

ବ୍ରହ୍ମାବର୍ତ୍ତ, ବି. ପୁଂ. ( ବ୍ରହ୍ମନ୍-ଆବର୍ତ୍ତ ) କୁରୁକ୍ଷେତ୍ର ନିକଟସ୍ଥ ଏବଂ ସରସ୍ୱତୀ ଓ ଦୃଷଦ୍ୱତୀ ଏହି ଉଭୟ ନଦୀର ମଧ୍ୟବର୍ତ୍ତୀ ଦେଶ ।

ବ୍ରହ୍ମାସନ, ବି. ନ. (ବ୍ରହ୍ମନ୍-ଆସନ) ଯୋଗାସନ, ଧ୍ୟାନାସନ ।

ବ୍ରହ୍ମାସ୍ତ୍ର, ବି. ନ. (ବ୍ରହ୍ମ ଅସ୍ତ୍ର) ବ୍ରହ୍ମଦୈବତାସ୍ତ୍ର, ବ୍ରହ୍ମଶାପ ।

ବ୍ରହ୍ମିଷ୍ଠ, ବିଂ. (ବ୍ରହ୍ମନ୍-ସ୍ଥା-ଅ) ବ୍ରହ୍ମଜ୍ଞାନୀ, ବ୍ରହ୍ମନିଷ୍ଠ । ବି. ସ୍ତ୍ରୀ. ଦୁର୍ଗା ।

ବ୍ରହ୍ମୋତ୍ତର, ବିଂ. ( ବ୍ରହ୍ମନ୍-ଉତ୍ତର ) ବ୍ରାହ୍ମଣମାନଙ୍କୁ ଦତ୍ତ ଭୂମ୍ୟାଦି ।

ବ୍ରାହ୍ମ, ବି ନ. ( ବ୍ରହ୍ମନ୍-ଅ ) ବ୍ରହ୍ମପୁରାଣ । ପୁଂ. ବିବାହବିଶେଷ, ବ୍ରହ୍ମୋପାସକ । ସ୍ତ୍ରୀ. ବ୍ରହ୍ମାଙ୍କ ଶକ୍ତିବିଶେଷ; ସରସ୍ୱତୀ, ରୋହିଣୀ ନକ୍ଷତ୍ର । ବିଂ. ବ୍ରହ୍ମସମ୍ବନ୍ଧୀୟ ।

ବ୍ରାହ୍ମଣ, ବି. ପୁଂ. ( ବ୍ରହ୍ମନ୍-ଅ ) ଶ୍ରେଷ୍ଠବର୍ଣ୍ଣ, ଦ୍ୱିଜୋତ୍ତମ । ନ. ବେଦର ଅଂଶବିଶେଷ । ଣୀ-ସ୍ତ୍ରୀ. ବ୍ରାହ୍ମଣର ପତ୍ନୀ । ବିଂ. ବ୍ରହ୍ମଜ୍ଞ ।

ବ୍ରାହ୍ମଣାୟନ, ବି. ପୁଂ. (ବ୍ରାହ୍ମଣ-ଅୟନ) ବିଶୁଦ୍ଧବଂଶୋଦ୍ଭବ ବ୍ରାହ୍ମଣ ।

ବ୍ରାହ୍ମଣ୍ୟ, ବି. ନ. (ବ୍ରାହ୍ମଣ-ଯ) ବ୍ରାହ୍ମଣସମୂହ, ବ୍ରାହ୍ମଣତ୍ୱ । ପୁଂ. ଶନିଗ୍ରହ ।

ବ୍ରାହ୍ମମୁହୂର୍ତ୍ତ, ବି. ପୁଂ. (ବ୍ରାହ୍ମ-ମୁହୂର୍ତ୍ତ) ଅରୁଣୋଦୟର ପ୍ରଥମ ଦୁଇଦଣ୍ଡ, ସୂର୍ଯ୍ୟୋଦୟର ପ୍ରାକ୍କାଳ ।

ବ୍ରାହ୍ମ୍ୟ, ବିଂ. (ବ୍ରହ୍ମ-ଯ) ବ୍ରହ୍ମସମ୍ବନ୍ଧୀୟ । ବି. ନ. ବିସ୍ମୟ ।

ବ୍ରୁବାଣ, ବିଂ. (ବ୍ରୂ-ଆନ) ଯେ କହୁଅଛି, ବକ୍ତା ।

---

# ଭ

ଭ, ବ୍ୟଞ୍ଜନର ଚତୁର୍ବିଂଶ ବର୍ଣ୍ଣ । ବି. ନ. (ଭା=ଦୀପ୍ତି ପାଇବା-ଅ) ନକ୍ଷତ୍ର, ଗ୍ରହ । ପୁଂ. ଶୁକ୍ରାଚାର୍ଯ୍ୟ, ରାଶି, ଭ୍ରାନ୍ତି । (ଭଣ୍ = ଶବ୍ଦ କରିବା-ଅ) ଭ୍ରମର ।

ଭଅଁର, ବି. (ଭ୍ରମର-ଶବ୍ଦଜ) ଭ୍ରମର, ମଧୁକର, ଭୃଙ୍ଗ । ବଢ଼େଇର ଛିଦ୍ର କରିବା ଉପଯୋଗୀ ଯନ୍ତ୍ରବିଶେଷ ।

ଭଇଁର, ବି. (ଦେଶଜ) କଣ୍ଟକ ଗୁଳ୍ମବିଶେଷ ।

ଭଉଁରୀ, ବି. ( ଭ୍ରମରୀ ଶବ୍ଦଜ ) ଜଳଭଉଁରୀ ।

ସିନ୍ଧୁଜଳ ପିଇବାକୁ ପ୍ରବର୍ତ୍ତିଣ ଘନ
ଭଉଁରୀବେଗରେ ଦେଖ ଭ୍ରମୁଛି କେମନ । କ. ବ.

ଚନ୍ଦନଯାତ୍ରାର ଶେଷ ଦିନରେ ଦେଉଳଖିପର୍ବ, ପେଟଝୁଲା, କୁନ୍ଦନ ଯନ୍ତ୍ର ।

ଭଉଁରିଆ, ବି. (ଦେଶଜ) ଭୂତିସଂକ୍ରାନ୍ତ କାର୍ଯ୍ୟବିଶେଷ ।

ଭଉଣୀ, ବି. (ଭଗିନୀ ଶବ୍ଦଜ) ଭଗିନୀ, ସ୍ୱସା ।

ଭଉଅ, ବି. (ଦେଶଜ) ଓଲୁ ।

ଭଉଭଉ୍, ଅ° (ଅନୁକରଣ ଶବ୍ଦ) ଶବ୍ଦ-ବିଶେଷ, କୁକୁରମାନଙ୍କର ଶବ୍ଦ ।

ଭକ୍ତ, ବି. ନ. (ଭଜ୍-ତ) ଓଦନ, ଭାତ । ବିଂ. ଅନୁରକ୍ତ, ଯାହାର ଭକ୍ତି ଅଛି, ଅନୁଗତ, ସେବକ, ବିଭକ୍ତ ।

ଭକ୍ତକର, ବି. ପୁଂ. (ଭକ୍ତ-କର) କୃତ୍ରିମ ଧୂପ । ବିଂ. ପାଚକ ।

ଭକ୍ତକାର, ବି. ପୁଂ. (ଭକ୍ତ-କାର) ପାଚକ, ଯେ ଅନ୍ନ ପାକ କରେ, ସୋଷେଇଆ ।

ଭକ୍ତତୂର୍ଯ୍ୟ, ବି. ନ. (ଭକ୍ତ-ତୂର୍ଯ୍ୟ) ଭୋଜନ-କାଳରେ ବାଦନୀୟ ବାଦ୍ୟ ।

ଭକ୍ତି, ବି. ସ୍ତ୍ରୀ. (ଭଜ୍-ତି) ପୂଜ୍ୟବ୍ୟକ୍ତି ପ୍ରତି ଅନୁରାଗ, ପ୍ରେମ, ସେବା, ଉପଚାର, (ଭଞ୍ଜ୍-ତି) ରଚନା, ଭଙ୍ଗୀ । ଯଥା—

ହେମ ଭକ୍ତିମତୀ କି ସେ ଅବଳାର ବେଣୀ । ମ. ଗୀ.

ଭକ୍ତିମାନ୍, ବିଂ. (ଭକ୍ତି-ମତ୍) ଭକ୍ତିବିଶିଷ୍ଟ, ଯାହାର ଭକ୍ତି ଅଛି ।

ଭକ୍ଷକ, ବିଂ. (ଭକ୍ଷ୍-ଅକ) ଭୋକ୍ତା, ଭକ୍ଷଣକାରୀ ।

ଭକ୍ଷଣ, ବି. ନ. (ଭକ୍ଷ୍-ଅନ) ଭୋଜନ, ଖାଇବା ।

ଭକ୍ଷଣୀୟ, ବିଂ. (ଭକ୍ଷ୍-ଅନୀୟ) ଭୋଜନୀୟ, ଭକ୍ଷଣଯୋଗ୍ୟ ।

ଭକ୍ଷିତ, ବିଂ. (ଭକ୍ଷ୍-ତ) ଭୁକ୍ତ, ଖାଦିତ ।

ଭକ୍ଷ୍ୟ, ବିଂ. (ଭକ୍ଷ୍-ଯ) ଭକ୍ଷଣୀୟ, ଭକ୍ଷଣଯୋଗ୍ୟ । ବି. ଖାଦ୍ୟଦ୍ରବ୍ୟ ।

ଭଗ, ବି. ନ. (ଭଜ-ଅ) ଯୋନି, ସ୍ତ୍ରୀଚିହ୍ନ, ଉତ୍ପତ୍ତି-ସ୍ଥାନ, ସୌନ୍ଦର୍ଯ୍ୟ, ଉତ୍କର୍ଷ, ଇଚ୍ଛା, ଶକ୍ତି, ପୂର୍ବାଫାଲ୍ଗୁନୀ ନକ୍ଷତ୍ର । ପୁଂ. ରବି, ଚନ୍ଦ୍ର, ମାହାତ୍ମ୍ୟ ଧର୍ମ, ଅଷ୍ଟବିଧ ଐଶ୍ୱର୍ଯ୍ୟ, ବୀର୍ଯ୍ୟ, ଯଶଃ, ଶ୍ରୀ, ଜ୍ଞାନ ଓ ବୈରାଗ୍ୟ ଏହି ୬ ଗୋଟିର ସମଷ୍ଟିକୁ 'ଭଗ' ବୋଲାଯାଏ । ଯାହାଙ୍କ-ଠାରେ ଏ ସମସ୍ତ ବିଦ୍ୟମାନ ଥାଏ ସେ ଭଗବାନ୍ ।

ଭଗତ, ବିଂ. (ଭକ୍ତ ଶବ୍ଦର ଗ୍ରାମ୍ୟ ଉଚ୍ଚାରଣ) ଭକ୍ତ ।

ଭଗତି, ବି. (ଭକ୍ତି ଶବ୍ଦର ଗ୍ରାମ୍ୟ ଉଚ୍ଚାରଣ) ଭକ୍ତି ।

ଭଗଦତ୍ତ, ବି. ପୁଂ. କାମରୂପେଶ୍ୱର ନୃପବିଶେଷ, ନରକ ରାଜାର ଜ୍ୟେଷ୍ଠପୁତ୍ର ।

ଭଗନ୍ଦର, ବି. ପୁଂ (ଭଗ-ଦୃ-ଅ) ଗୁହ୍ୟବ୍ରଣ ।

ଭଗବତୀ, ବି. ସ୍ତ୍ରୀ. (ଭଗ-ବତ୍-ଈ) ଦୁର୍ଗା । ବିଂ. ପୂଜ୍ୟା ।

ଭଗବଦ୍‌ଗୀତା, ବି ସ୍ତ୍ରୀ. ଭୀଷ୍ମପର୍ବାନ୍ତର୍ଗତ କର୍ମ-ଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗସୂଚକ ଗ୍ରନ୍ଥବିଶେଷ ।

ଭଗବାନ୍, ବିଂ. (ଭଗ-ବତ୍) ଉପଯୁକ୍ତ, ଐଶ୍ୱର୍ଯ୍ୟାଦି ଷଡ଼୍‌ଗୁଣଯୁକ୍ତ, ପୂଜ୍ୟ, ମାନ୍ୟ । ବି. ପୁଂ. ପରମେଶ୍ୱର, ଈଶ୍ୱର, ବୁଦ୍ଧ ।

ଭଗାଙ୍କୁର, ବି. ପୁଂ. (ଭଗ-ଅଙ୍କୁର) ଯୋନିଦ୍ୱାରର ଉପରିସ୍ଥ ସୂକ୍ଷ୍ମାଗ୍ର କ୍ଷୁଦ୍ର ମାଂସପିଣ୍ଡବିଶେଷ ।

ଭଗାର, ବି. (ଭଗଦ୍ୱାରୀ ଶବ୍ଦଜ) ଶତ୍ରୁ, ବୈରୀ, ବିପକ୍ଷ । ଯଥା—

କହୁଁ ପାଇଁ କଲ ଭଗାର ହୋଇ ବୁ । ବ. ର.

ଭଗିନୀ } ବି. ସ୍ତ୍ରୀ. (ଭଗ-ଇନ୍-ଈ) ସହୋ-
ଭଗ୍ନୀ } ଦରା, ଭଉଣୀ, ସ୍ୱସା ।

ଭଗୀରଥ, ବି. ପୁଂ. ସୂର୍ଯ୍ୟବଂଶୀୟ ନୃପବିଶେଷ, ଦିଲୀପ ରାଜାଙ୍କ ପୁତ୍ର, ଏ ପୃଥିବୀକୁ ଗଙ୍ଗାଙ୍କୁ ଆଣିଥିଲେ ।

ଭଗ୍ନ, ବିଂ. (ଭଞ୍ଜ୍-ତ) ପରାଜିତ, ନିରସ୍ତ, ଅପ-ମାନିତ, ଖଣ୍ଡିତ, ଭଙ୍ଗା, ବିନଷ୍ଟ ।

ଭଗ୍ନପୃଷ୍ଠ, ବିଂ. (ଭଗ୍ନ-ପୃଷ୍ଠ) ପଶ୍ଚାଦ୍‌ବର୍ତ୍ତୀ, ଯାହାର ପୃଷ୍ଠଦେଶ ଭାଙ୍ଗି ଯାଇଅଛି । ବି. ପୁଂ. ପଶ୍ଚାଦ୍‌ଭାଗ ।

ଭଗ୍ନପ୍ରକ୍ରମତା, ବି. ସ୍ତ୍ରୀ. କାବ୍ୟର ଦୋଷବିଶେଷ, କ୍ରମଭଙ୍ଗ ।

ଭଗ୍ନାଂଶ, ବି. (ଭଗ୍ନ-ଅଂଶ) ଯେଉଁ ରାଶିଦ୍ୱାରା ଏକର ଅଂଶ ବ୍ୟକ୍ତ କରାଯାଏ ।

ଭଗ୍ନାସ୍ୱା, ବି. ପୁଂ. ( ଭଗ୍ନ-ଆସ୍ୱନ୍ ) ଭନ୍ଦ୍ର । ଭନ୍ଦ୍ର ବୃହସ୍ପତିପତ୍ନୀଙ୍କର ସତୀତ୍ୱ ହରଣ କରିବାରୁ ଶିବ ଏହାଙ୍କୁ ତ୍ରିଶୂଳଦ୍ୱାରା ଦ୍ୱିଖଣ୍ଡିତ କରି-ଥିଲେ, ଏହି ହେତୁରୁ ଏହାଙ୍କର ନାମ ଭଗ୍ନାସ୍ୱା ହୋଇଅଛି ।

ଭଙ୍ଗ, ବି. ପୁଂ. (ଭନ୍ଜ୍-ଅ) ତରଙ୍ଗ, ପରାଜୟ, ଭେଦ, ଛଳକଳ, ନାଶ, ଗମନ, ଭଗ୍ନ ହେବା, ଖଣ୍ଡ, ବ୍ୟସନ, ରୋଗ, ଭଙ୍ଗ, ଭୟ, କୌଟିଲ୍ୟ । ଯଥା —

ରଣେ ଭଙ୍ଗ ଦେଲ ଦେଖି ରଥକୁଳେଶ୍ୱର ।

ଭଙ୍ଗପ୍ରବଣ, ବିଂ. ଭଙ୍ଗୁର, ଯାହା ସହଜରେ ଭାଙ୍ଗିଯାଏ । ଯଥା — କାଚ ପ୍ରଭୃତି ।

ଭଙ୍ଗା, ବିଂ. ( ଭଙ୍ଗ ଶବ୍ଦଜ ) ଭଗ୍ନ, ଭୁଷ୍ଠା ।

ଭଙ୍ଗି, ଭଙ୍ଗୀ } ବି. ସ୍ତ୍ରୀ. (ଭନ୍ଜ୍-ଇ,ଈ) ଭଙ୍ଗ, ଗୃଭଙ୍ଗୀ, ବ୍ୟଙ୍ଗ, ତରଙ୍ଗ, ଶୋଭା, ରଚନା, ଭଙ୍ଗିମା ।

ଭଙ୍ଗିମା, ବି. ପୁଂ. (ଭଙ୍ଗ-ଇମନ୍) ଭଙ୍ଗୀ, ଶୋଭା । ଯଥା —

ଭୁଲାଇଲ ପର ବଶେ ନେନଭଙ୍ଗିମା ଲେ ।

ଭଙ୍ଗୁର, ବିଂ. (ଭନ୍ଜ୍-ଉର) ବକ୍ର, ବଙ୍କା, କ୍ରୂର, ଭଙ୍ଗଶୀଳ, ଭଙ୍ଗପ୍ରବଣ, ବିନଶ୍ୱର, ନଶ୍ୱରାବାଙ୍କ ।

ଭଜନ, ନ. ଭଜନା, ସ୍ତ୍ରୀ. } ( ଭଜ୍-ଅନ, ଆ ) ଉପାସନା, ଅରାଧନା, ସେବା, ଆଶ୍ରୟ ଗ୍ରହଣ, ଭାଗ, ଉପାସନା, ସଙ୍ଗୀତବିଶେଷ ।

ଭଜା, ବି. (ଭ୍ରସ୍ଜ୍ ଧାତୁଜ) ଭୃଷ୍ଟ, ଭର୍ଜିତ, ଯଥା — ଗୁଡ଼ିଲଭଜା ।

ଭଜମାନ, ବିଂ. ( ଭଜ-ଆନ ) ଉପାସନାକାରୀ, ବିଭାଜକ, ନ୍ୟାଯ୍ୟ, ଉପଯୁକ୍ତ ।

ଭଞ୍ଜକ, ବିଂ. ( ଭନ୍ଜ୍-ଅକ ) ଭଞ୍ଜନକାରକ, ଭଗ୍ନକାରକ ।

ଭଞ୍ଜନ, ବି. ନ. (ଭନ୍ଜ୍-ଅନ) ଭଙ୍ଗ, କୌଟିଲ୍ୟ, ଭଗ୍ନ କରିବା । ବିଂ. ଭଞ୍ଜକ ।

ଭଟ, ବି. ପୁଂ. (ଭଟ୍-ଅ) ଯୋଦ୍ଧା, ବୀର, ଜାତି-ବିଶେଷ ଜାତିବିଶେଷ ।

ଭଟଭଟ, ବି. ଗୋଳମାଳ, କଳହ ।

ଭଠ, ବି କୁଆଁର ଶଙ୍ଖ ଟିବାର ନାମ ଭଠା, ଶୃଙ୍ଖଳା ।

ଭଟ୍ଟ, ବି. ପୁଂ. ପଣ୍ଡିତ, ଦର୍ଶନଶାସ୍ତ୍ରଜ୍ଞ, ସ୍ୱାମୀ, ସ୍ତୁତିପାଠକ, ସ୍ୱାମିତ୍ୱ, ଶତ୍ରୁ ।

ଭଟ୍ଟମିଶ୍ର, ବି. ଜଗନ୍ନାଥୀୟ କୁଳୀନ ବ୍ରାହ୍ମଣ ସଂପ୍ରଦାୟ ।

ଭଟ୍ଟାଚାର୍ଯ୍ୟ, ବି. ପୁଂ. (ଭଟ୍ଟ-ଆଚାର୍ଯ୍ୟ) ଦର୍ଶନ-ଶାସ୍ତ୍ରଜ୍ଞ, ଅଧ୍ୟାପକ, ଉପାଧିବିଶେଷ ।

ଭଟ୍ଟାର, ବିଂ. (ଭଟ୍ଟ-ଋ-ଅ) ମାନ୍ୟ, ପୂଜ୍ୟ ।

ଭଟ୍ଟାରକ, ବି. ପୁଂ. (ଭଟ୍ଟ-ଋ-ଅ, କ ଯୋଗ) ମୁନି, ଦେବତା, ସୂର୍ଯ୍ୟ, ନାଟ୍ୟୋକ୍ତିରେ-ରାଜା । ବିଂ. ପୂଜ୍ୟ ।

ଭଟ୍ଟି, ବି. ପୁଂ. ଭଟ୍ଟିପ୍ରଣୀତ ସ୍ୱନାମପ୍ରସିଦ୍ଧ ରାମକଥାଶ୍ରୟ ମହାକାବ୍ୟ ।

ଭଟ୍ଟିନୀ, ବି. ସ୍ତ୍ରୀ. (ଭଟ୍ଟ-ଇନ୍-ଈ) ଅନଭିଷେକା ମହିଷୀ, ବ୍ରାହ୍ମଣଭାର୍ଯ୍ୟା ।

ଭଡ଼, ବିଂ. (ଦେଶଜ) ବଡ଼, ବୃହତ୍ । ଯଥା— ଭଡ଼ ପାନ, ଭଡ଼ ଧୂଆଁ ପତ୍ର ।

ଭଡ଼ା, ବି. ଗୃହାଦିର କେରାୟା, ମାସୁଲ ।

ଭଡ଼ାଟିଆ, ବି. (ଦେଶଜ) ଯେଉଁ ଲୋକ ଘର ଭଡ଼ା କରି ରହେ, ଭଡ଼ାଦିଆ, ଯାହା ଭଡ଼ା ଦିଆଯାଏ ।

ଭଡୁଆ, ବି. (ଦେଶଜ) ଭାଡୁଆ, ଯେଉଁମାନେ ବେଶ୍ୟା ନଚାନ୍ତି ଜାତିବିଶେଷ ।

ଭଣଜା, ବି. (ଭଗିନେୟ ଶବ୍ଦଜ) ଭଉଣୀପୁଅ, ଭଣଜା ।

ଭଣଭଣ, ଅଂ. ମଛି ଆଦିର ଶବ୍ଦବିଶେଷ, ଗଣ୍ଠି ଗଣି ଶବ୍ଦ ।

ଭଣିତ, ବିଂ. (ଭଣ୍-ତ) କଥିତ, ଉଚ୍ଚାରିତ । ବି. ନ. କଥନ ।

ଭଣିତା, ବି. (ଭଣ୍-ତ-ଆ) ଗ୍ରନ୍ଥ ମଧ୍ୟରେ ଅଧ୍ୟାୟଚ୍ଛେଦ ଶେଷରେ ଗ୍ରନ୍ଥକର୍ତ୍ତାର ନାମ ପ୍ରକାଶକରଣ ।

ଭଣିତ, ବି. ସ୍ତ୍ରୀ. (ଭଣ୍-ଇ)ବାକ୍ୟ,କଥା,କଥନ । (ଦେଶଜ)ଉପସଂହାରରେ ଲେଖକର ନାମ କଥନ ।

ଭଣିବା, କ୍ରି. (ଭଣ୍ ଧାତୁଜ)କହିବା,କବିତା ଆଦିର ଉପସଂହାରରେ କବିଙ୍କର ନାମ ପ୍ରକାଶ କରିବା ।

ଭଣ୍ଡାକୀ, ବି. ସ୍ତ୍ରୀ. ( ଭଣ୍ଡ୍-ଅକ-ଈ, ମ ଆଗମ ) ବାର୍ତ୍ତାକୀ, ବାଇଗଣ ।

ଭଣ୍ଡ, ବି. ପୁଂ. (ଭନ୍ଡ୍-ଅ) କୌତୁକୀ, ମସ୍କରା, ଧୂର୍ତ୍ତ ।

ଭଣ୍ଡତପସ୍ୱୀ, ବି. ପୁଂ ( ଭଣ୍ଡ-ତପସ୍ୱୀ ) କପଟ ତପସ୍ୱୀ, ବକଧର୍ମୀ ।

ଭଣ୍ଡନ, ବି ନ. ( ଭନ୍ଡ୍-ଅନ ) ପ୍ରତାରଣା, ଭଣ୍ଡାଇବା, କବଚ, ଯୁଦ୍ଧ ।

ଭଣ୍ଡହାସିନୀ, ବି. ସ୍ତ୍ରୀ. (ଭଣ୍ଡ-ହାସିନୀ) ଗଣିକା. ବେଶ୍ୟା ।

ଭଣ୍ଡା ବି. (ଦେଶଜ) କଦଳୀର ଫଳକୋଷ, ପେଣ୍ଡା ।

ଭଣ୍ଡାଇବା, କ୍ରି. (ଦେଶଜ) ଠକାଇବା ।

ଭଣ୍ଡାମି, ବି. (ଦେଶଜ) ଶୁଣ୍ଡୁକି, ଛଳ, ଭଣ୍ଡତା ।

ଭଣ୍ଡାର, ବି.(ଭାଣ୍ଡାଗାର ଶବ୍ଦଜ)କୋଷ,କୋଠି ।

ଭଣ୍ଡାରି. ବି. ( ଦେଶଜ ) ବାରିକ, ନରସୁନ୍ଦର, ନାପିତ, ଜାତିବିଶେଷ, କୋଷାଧ୍ୟକ୍ଷ । ସ୍ତ୍ରୀ. ଭଣ୍ଡାରୁଣୀ ।

ଭଣ୍ଡି, ବି. ସ୍ତ୍ରୀ. ( ଭନଡ଼୍-ଇ ) ବୀଚ, ତରଙ୍ଗ, ଡେଉ, ସ୍ତ୍ରୀମାନଙ୍କର କେଶବନ୍ଧନର ଉପଯୋଗୀ ଅଳଙ୍କାରବିଶେଷ, ଭଙ୍ଗି, ଇଷ୍ଟକ ଭିତରେ କରାଯାଇଥିବା ଛିଦ୍ର ।

ଭଣ୍ଡିକା, ଭଣ୍ଡୀ }
ଭଣ୍ଡୀତକୀ, ଭଣ୍ଡୀର } ବି ସ୍ତ୍ରୀ. ମଞ୍ଜିଷ୍ଠା ଲତା ।

ଭଣ୍ଡିବା, କ୍ରି. ଠକିବା, ପ୍ରତାରଣ କରିବା, ଧପା ମାରିବା

ଭଣ୍ଡିର, ଭଣ୍ଡୀର }
ଭଣ୍ଡିଲ, ଭଣ୍ଡୀଲ } ବି. ପୁଂ. ( ଭନ୍ଡ୍-ଇର, ଈର, ଈଲ ) ଶିରୀଷବୃକ୍ଷ ।

ଭଣ୍ଡୁର }
ଭଣ୍ଡୋର } ବି. (ଦେଶଜ) ଖରାପ, ନାଶ ।

ଭଦଭଦଳିଆ }
ଭଦଳିଆ } ବି. ଭରଦ୍ୱାଜପକ୍ଷୀ, ଜମ୍ବୁପକ୍ଷୀ ।

ଭଦ୍ର, ବି. ନ. ( ଭଦ୍ ର ) ସୌଭାଗ୍ୟ, ମଙ୍ଗଳ, ମୁଥା, ସୁବର୍ଣ୍ଣ । ବି. ପୁଂ. ଶିବ, ବୃଷଭ, ଗଜବିଶେଷ, ସମୁଦ୍ର, ଖଞ୍ଜନପକ୍ଷୀ, କଦମ୍ବ-ବୃକ୍ଷ, ରାମଙ୍କର ଦୂତବିଶେଷ, ବଳଭଦ୍ର । ବିଂ. ଭାଗ୍ୟବନ୍ତ, କୁଶଳୀ, ଶ୍ରେଷ୍ଠ, ସାଧୁ, ଉତ୍ତମ ।

ଭଦ୍ରକ, ବି. ନ. ( ଭଦ୍ର-କ ) ମୁଥାବିଶେଷ, ଭଦ୍ରମୁଥା । ପୁଂ. ଦେବଦାରୁବୃକ୍ଷ । ବିଂ. ମନୋଜ୍ଞ, ସୁନ୍ଦର ।

ଭଦ୍ରକାଳୀ, ବି. ସ୍ତ୍ରୀ. ( ଭଦ୍ର-କାଲ୍-ଅ, ଈ ) ଦୁର୍ଗା, କାତ୍ୟାୟନୀ ।

ଭଦ୍ରକୁମ୍ଭ, ବି. ପୁଂ. ( ଭଦ୍ର କୁମ୍ଭ ) ମଙ୍ଗଳାର୍ଥ ପୂର୍ଣ୍ଣକୁମ୍ଭ, ଜଳପୂର୍ଣ୍ଣ ଘଟ ।

ଭଦ୍ରଖ }
ଭଦ୍ରକ } ବି. ଓଡ଼ିଶାର ବାଲେଶ୍ୱର ଜିଲ୍ଲାସ୍ଥ ସ୍ଥାନବିଶେଷ ।

ଭଦ୍ରଗନ୍ଧିକା, ବି. ସ୍ତ୍ରୀ. ( ଭଦ୍ର-ଗନ୍ଧ କ-ଆ ) ମୁସ୍ତକ, ମୁଥା ।

ଭଦ୍ରଙ୍କର, ବିଂ. ( ଭଦ୍ର-କୃ-ଅ ) କ୍ଷେମଙ୍କର, ମଙ୍ଗଳକାରକ ।

ଭଦ୍ରତୁରଗ, ବି. ନ. ଜମ୍ବୁଦ୍ୱୀପର ନବବର୍ଷାନ୍ତର୍ଗତ ବର୍ଷବିଶେଷ ।

ଭଦ୍ରଦାରୁ, ବି. ପୁଂ. ନ. ( ଭଦ୍ର-ଦାରୁ ) ଦେବଦାରୁ ।

ଭଦ୍ରନାମା, ବି. ପୁଂ. (ଭଦ୍ର ନାମନ୍) କାଠହଣା ପକ୍ଷୀ ।

ଭଦ୍ରମୁଖ, ବିଂ. ଭଦ୍ରତାସୂଚକ ମୁଖଯୁକ୍ତ, ସୌମ୍ୟଦର୍ଶନ ।

ଭଦ୍ରମୁସ୍ତା, ବି. ସ୍ତ୍ରୀ. ( ଭଦ୍ର-ମୁସ୍ତା ) ନାଗର-ମୁସ୍ତକ, ନାଗରମୁଥା ।

ଭଦ୍ରଯବ, ବି. ନ. (ଭଦ୍ର-ଯବ) ଇନ୍ଦ୍ରଯବ ।

ଭଦ୍ରଶ୍ରୀ, ବି. ପୁଂ. ( ଭଦ୍ର-ଶ୍ରୀ ) ଚନ୍ଦନବୃକ୍ଷ । ଯଥା—

ବାଦ୍ୟଧ୍ୱନିମାତ୍ରପ୍ରାପ୍ତେ ମାଳନ,
ସ୍ତ୍ରୀର ସୁମନା ଭଦ୍ରଶ୍ରୀଦାମା । ବୈ. ବ.

ଭଦ୍ରା, ବି. ସ୍ତ୍ରୀ. ତିଥିବିଶେଷ, ଦ୍ୱିତୀୟା, ସପ୍ତମୀ, ଓ ଦ୍ୱାଦଶୀ ତିଥି, ଶ୍ରୀକୃଷ୍ଣଙ୍କର ପତ୍ନୀବିଶେଷ, କୃଷ୍ଣଭଗ୍ନୀ, ସୁଭଦ୍ରା, ବଣିକର ଶେଷ ଛନ୍ଦ-ଦଣ୍ଡ ।

ଭଦ୍ରାତ୍ମଜ, ବି. ପୁଂ. ( ଭଦ୍ର-ଆତ୍ମଜ ) ଅସି, ଖଡ୍ଗ ।

ଭଦ୍ରାଦିକ, ବି. ପୁଂ. (ଭଦ୍ର-ଦୃ-ଅକ) ପୃଥିବୀର ଅନ୍ତର୍ଗତ ଅଷ୍ଟାଦଶ କ୍ଷୁଦ୍ର ଦ୍ୱୀପମଧ୍ୟରୁ ଏକଦ୍ୱୀପ ।

ଭଦ୍ରାଶ୍ୱ, ବି. ପୁଂ. (ଭଦ୍ର-ଅଶ୍ୱ) ପୃଥିବୀର ନବ-ବର୍ଷାନ୍ତର୍ଗତ ବର୍ଷବିଶେଷ ।

ଭଦ୍ରାଶ୍ରୟ, ବି. ପୁଂ. ( ଭଦ୍ର-ଆଶ୍ରୟ ) ଚନ୍ଦନ-ବୃକ୍ଷ ।

ଭଦ୍ରାସନ, ବି. ନ. (ଭଦ୍ର-ଆସନ) ସିଂହାସନ, ଯୋଗାସନ, ବସନ୍ତଗୃହ ।

ଭପତି, ବି. ପୁଂ. ( ଭ-ପତି ) ନକ୍ଷତ୍ରନାଥ, ଚନ୍ଦ୍ର ।

ଭପଞ୍ଜର, ବି. ନ, (ଭ-ପଞ୍ଜର) ନକ୍ଷତ୍ରଚକ୍ର ।

ଭମ୍ର, ବି, ପୁଂ. (ଭମ୍-ଭ୍ର-ଅ) ଧୂମ, ଧୂଆଁ, ମକ୍ଷିକା, ମାଛି ।

ଭମ୍ରରାଳିକା, ବି. ସ୍ତ୍ରୀ (ଭମ୍ରରାଳୀ-କ) ଦଂଶ, ଡାଂଶ ।

ଭମ୍ରରାଳୀ, ବି. ସ୍ତ୍ରୀ. (ଭମ୍ର-ରା-ଲ) ବୃହତ୍ ମକ୍ଷିକା ।

ଭୟ, ବି. ନ. ( ଭୀ-ଅ ) ତ୍ରାସ, ଶଙ୍କା, ଆତଙ୍କ ।

ଭୟଙ୍କର, ବିଂ. ( ଭୟ-କୃ-ଅ ) ଭୟଜନକ, ଭୀଷଣ, ଘୋର । ଯଥା—

ବାଧିଲ ଭୂମଣ୍ଡଳ ଯୁଦ୍ଧ ଅତି ଭୟଙ୍କର ।

ଭୟାନକ, ବି. ପୁଂ. (ଭୀ ଆନକ, ରସବିଶେଷ, ଭୟ ଯେଉଁ ରସର ସ୍ଥାୟୀ ଭାବ, ବ୍ୟାଘ୍ର, ରାହୁ । ବିଂ. ଭୟଙ୍କର ।

ଭୟାପହ, ବି. ପୁଂ. (ଭୟ-ଅପ-ହା-ଅ) ରାଜା । ବିଂ. ଭୟନାଶକ ।

ଭୟାଳୁ, ବିଂ. (ଭୟ-ଆଳୁ) ଭୀରୁ, ଭୀରୁ ସାହସୀ ।

ଭୟାବହ, ବିଂ. (ଭୟ-ଆ-ବହ-ଅ) ଭୟଜନକ, ଭୟଙ୍କର ।

ଭର, ବି. ପୁଂ. (ଭୃ-ଅ) ଆଧିକ୍ୟ, ସମୂହ, ଭାର, ଭରଣ, ଗୌରବ । ବିଂ. ଭରଣକର୍ତ୍ତା ।

ଭରଟ, ବି. ପୁଂ. (ଭୃ-ଅଟ) କୁମ୍ଭକାର, କୁମ୍ଭାର ।

ଭରଣ, ବି. ନ. (ଭୃ-ଅନ) ପୂରଣ, ପୋଷଣ, ପ୍ରତିପାଳନ, ବେତନ, ଧାରଣ । (ଦେଶଜ) ଅଣ୍ଟା ଗୌଣୀ ପରିମାଣ । ଣୀ, ସ୍ତ୍ରୀ. ଦ୍ୱିତୀୟ ନକ୍ଷତ୍ର ।

ଭରଣୀୟ, ବିଂ. ( ଭୃ-ଅନୀୟ ) ଭରଣଯୋଗ୍ୟ, ପୋଷ୍ୟ ।

ଭରଣ୍ଡ, ବି ପୁଂ. (ଭୃ-ଅଣ୍ଡ) ପ୍ରଭୁ, ସ୍ୱାମୀ, ରାଜା, ବୃଷ, କୃମି ।

ଭରଣ୍ୟ, ବିଂ. (ଭରଣ-ଯ) ଭରଣୀୟ ।

ଭରଣ୍ୟଭୁକ୍, ବିଂ. (ଭରଣ୍ୟ-ଭୁଜ୍-୦) ବେତନଗ୍ରାହୀ, କର୍ମକାର, ଯେଉଁ ବ୍ୟକ୍ତି ବେତନ ନେଇ କର୍ମ କରେ ।

ଭରତ, ବି. ପୁଂ. (ଭୃ-ଅତ) ଦଶରଥ ରାଜାଙ୍କ ମଧ୍ୟମପୁତ୍ର, ଶକୁନ୍ତଳାଗର୍ଭଜାତ ଦୁଷ୍ମନ୍ତରାଜଙ୍କ ପୁତ୍ର, ନାଟ୍ୟଶାସ୍ତ୍ରପ୍ରଣେତା ମୁନି, ନଟ, ନାୟକ, ନାଟ୍ୟଶାସ୍ତ୍ର, ଶବର, ବ୍ୟାଧ, ତନ୍ତୁବାୟ ।

ଭରତଖଣ୍ଡ, ବି.ନ. ଭାରତବର୍ଷାନ୍ତର୍ଗତ କୁମାରିକା ଖଣ୍ଡ ।

ଭରତପୁତ୍ରକ, ବି ପୁଂ (ଭରତ-ପୁତ୍ର-କ) ନଟ, ଅଭିନୟକାରକ ।

ଭରତିଅ, ବି. ପକ୍ଷିବିଶେଷ ।

ଭରଦ୍ୱାଜ, ବି. ପୁଂ. (ଭର-ଦ୍ୱାଜ) ମୁନିବିଶେଷ, ପକ୍ଷିବିଶେଷ, ଭଦଭଦଳିଆ ଚଢ଼େଇ ।

ଭରସା, ବି. ସ୍ତ୍ରୀ. ଆଶା, ପ୍ରତ୍ୟୟ, ସାହସ ।

ଭରସିବା, କ୍ରି. ସାହସ କରିବା ।

ଭର୍ତ୍ତି, ବିଂ. ( ଭୃ ଧାତୁଜ ) ପୂର୍ଣ୍ଣ । ବି. ବୋଝ, ଠେସ ।

ଭରଣ୍ଡି, ବି. (ଦେଶଜ, ଧାନ୍ୟାଦି କୁଟିବାର ଗଣ୍ଡି, ଟିଙ୍କି ପାହାର ପଡ଼ିବାର ଗର୍ତ୍ତାକାର ସ୍ଥାନ ।

ଭରପୁର, ବିଂ. (ଦେଶଜ) ପରିପୂର୍ଣ୍ଣ ।

ଭରି, ବି. (ଭୃ ଧାତୁଜ) ଦଶ ମସା ବା ଏକ ଟଙ୍କା ଓଜନ । ବିଂ. ପୂର୍ଣ୍ଣ ।

ଭରଣୀ, ବି. ସ୍ତ୍ରୀ. ( ଭରତ୍=ହରିଦ୍ବର୍ଣ୍ଣ-ଈ । ହରିଦ୍ବର୍ଣ୍ଣ, ସବୁଜରଙ୍ଗ ।

ଭରିତ, ବିଂ. (ଭୃ-ଇତ) ପାଳିତ, ପୂରିତ, ଭାର-ଯୁକ୍ତ । ବି. ହରିଦ୍ବର୍ଣ୍ଣ ।

ଭରିବା, କ୍ରି. ବି. (ଭରି ଶବ୍ଦଜ) ପୂର୍ଣ୍ଣ କରିବା, ପିଝିବା ।

ଭରୁ, ବି. ପୁଂ. ( ଭୃ-ଉ ) ବିଷ୍ଣୁ, ଶିବ, ସମୁଦ୍ର, ସ୍ୱାମୀ, ସ୍ବର୍ଣ୍ଣ ।

ଭର୍ଗ, ବି. ପୁଂ. (ଭ୍ରସ୍ଜ୍-ଅ) ଶିବ, ବ୍ରହ୍ମା, ସୂର୍ଯ୍ୟସ୍ଥ ଐଶତେଜଃ, ଭର୍ଜନ, ଭଜିବା ।

ଭର୍ଜନ, ବି. ନ. (ଭଜ୍ ଅନ) ଭାଜିବା, ଭଜା ।

ଭର୍ତ୍ତବ୍ୟ, ବିଂ. ( ଭୃ-ତବ୍ୟ ) ପୋଷଣଯୋଗ୍ୟ, ପ୍ରତିପାଳ୍ୟ ।

ଭର୍ତ୍ତା, ବି. ପୁଂ. (ଭୃ ତୃ) ପତି, ସ୍ୱାମୀ, ଅଧିପତି, ରାଜା । ବିଂ. ପାଳନକର୍ତ୍ତା, ଧାରଣକର୍ତ୍ତା ।

ଭର୍ତ୍ତୃଦାରକ, ବି. ପୁଂ. (ଭର୍ତ୍ତୃ-ଦାରକ) ନାଟକରେ ରାଜପୁତ୍ର । ରିକା, ସ୍ତ୍ରୀ. ନାଟ୍ୟୋକ୍ତିରେ ରାଜ-କନ୍ୟା ।

ଭର୍ତ୍ତି, ବି. (ଭୃ ଧାତୁଜ) ପ୍ରବିଷ୍ଟ, ପୂର୍ତ୍ତି ।

ଭର୍ତ୍ତୃହରି, ବି. ପୁଂ. (ଭର୍ତ୍ତୃ-ହରି) ବିକ୍ରମାଦିତ୍ୟଙ୍କ ଜ୍ୟେଷ୍ଠ ଭ୍ରାତା ।

ଭର୍ତ୍ସନ, ନ. } ବି. ( ଭର୍ତ୍ସ-ଅନ, ଆ ) କୁତ୍ସା,
ଭର୍ତ୍ସନା, ସ୍ତ୍ରୀ. } ନିନ୍ଦା, ତର୍ଜନ, ତିରସ୍କାର ।

ଭର୍ତ୍ସିତ, ବିଂ. (ଭର୍ତ୍ସ-ତ) ନିନ୍ଦିତ, ତିରସ୍କୃତ ।

ଭର୍ମ, ଭର୍ମନ୍, ବି. ନ. ( ଭୃ-ମ, ମନ୍ ) ଭୃତି, ବେତନ, ସ୍ୱର୍ଣ୍ଣ । ଯଥା—

ଭର୍ମଦେହା ସରସିଜବକ୍ତ୍ରା, ଭ୍ରମରବର ମୋହନସଙ୍ଗେ ।

ଭରଣ, ପୋଷଣ, ନାଭି ।

ଭଲ ବି. (ଦେଶଜ) ଉତ୍ତମ, ଅଷ୍ଟ, ବେଶ୍ । ଯଥା—

ଭଲ କରି ଦେଖ ମୋର ଭ୍ରାତାଙ୍କ ବଦନ । ଭ, ଚ,

ଭଲ୍ପ, କ୍ରି. ବିଂ. (ଦେଶଜ) ଅଳ୍ପ । ଯଥା—

ମନ କଳ୍ପିତ ସୁଖର୍ଦ୍ଧି ସାକ୍ଷାତ ହୋଇବ,
ମୁହିଁ ଭଲ୍ପ ଭାଗ୍ୟବନ୍ତ ଭଲେ ଦଇବ । ଦୋ. ଦ୍ୟୁ.

ଉତ୍ତମ ।

ଭଳ, ବି. (ଦେଶଜ) ପ୍ରକାର, ସର । ଯଥା—

ତୁମ୍ଭ ଭଳ ଯେବେ ନୋହିଲା ପାତର ।

ଭଲେ, ବି. (ଦେଶଜ) ସହଜେ, ଭଲଭାବରେ । ଯଥା—

ଏ ମନ ପ୍ରଭୁପାଦେ ଦେଲେ ।
ମାୟା ଯେ ନ ଲାଗଇ ଭଲେ । ଭାଗବତ

ଭଲ୍ଲ, ବି. ପୁଂ. (ଭଲ୍ଲ୍=ବଧ କରିବା-ଅ) ଭାଲୁ । ପୁ. ନ. ଶସ୍ତ୍ରବିଶେଷ, ଫଳକ ଅସ୍ତ୍ର, ଭାଲି ।

ଭଲ୍ଲକ, ଭଲ୍ଲୁକ, ଭଲ୍ଲୂକ } ବି. ପୁଂ. (ଭଲ୍ଲ-କ, ଭଲ୍ଲ-ଉକ, ଊକ) ଋକ୍ଷ, ଭାଲୁ ।

ଭଲ୍ଲାତ, ଭଲ୍ଲାତକ } ବି. ପୁଂ. ( ଭଲ୍ଲ-ଅତ୍-ଅ = ଭଲ୍ଲାତ, କ ଯୋଗେ ଭଲ୍ଲାତକ) ବୃକ୍ଷବିଶେଷ ଭାଲିଆଗଛ ଓ ତାହାର ଫଳ ।

ଭଲ୍ଲିକା, ବି. ସ୍ତ୍ରୀ. (ଭଲ୍ଲୀ-କ-ଆ) ଭାଲିଆଗଛ ।

ଭବ, ବି. ପୁଂ. ( ଭୂ-ଅ ) ସ୍ଥିତି, ଉତ୍ପତ୍ତି, ପ୍ରାପ୍ତି, ଲାଭ, ଜଗତ୍, ସଂସାର, ଶିବ, ଈଶ୍ୱର, ପ୍ରାଧାନ୍ୟ, ମଙ୍ଗଳ, ଓ ଆଉ ଫଳ । (ସଂସାର ଅର୍ଥରେ ଯଥା—

ସହସା ହେଲା କି ସ୍ୱର୍ଗ ଏ ଭବ ଭବନ ।

ବିଂ. ଉତ୍ପନ୍ନ । ( ଶବ୍ଦର ପରବର୍ତ୍ତୀ ହେଲେ ) ଉତ୍ପତ୍ତିଜନକ ।

ଭବତ୍, ବିଂ. (ଭା-ଅବତ୍) ଯୁଷ୍ମଦର୍ଥକ ତୁମ୍ଭେ, ଆପଣ, ମାନ୍ୟ ।

ଭବତ୍, ବିଂ. (ଭୂ ଅତ୍) ହେଉଥିବା ଥିବା, ବର୍ତ୍ତମାନ ।

ଭବତୀ, ବି. (ଭୂ-ଅତ୍-ଈ) ମାନ୍ୟା ସ୍ତ୍ରୀ ବିଷୟକ ଶବ୍ଦ, ଆପଣଙ୍କ ।

ଭବଦାରୁ, ବି. ପୁଂ. ( ଭବ-ଦାରୁ ) ଦେବଦାରୁ ବୃକ୍ଷ ।

ଭବଦୀୟ, ବିଂ. ( ଭବତ୍-ଈୟ) ଯୁଷ୍ମଦ୍‌ସମ୍ବନ୍ଧୀୟ, ତୁମ୍ଭର ।

ଭବନ, ବି. ନ. (ଭୂ-ଅନ୍) ଆଳୟ, ଗୃହ, ବାସ-ସ୍ଥାନ । ଯଥା—

କହିବା ହେଲା କି ସ୍ୱର୍ଗ ଏ ଭବଭବନ ।

' ଉତ୍ପତ୍ତି, ସୃଷ୍ଟି ।

ଭବନାଶିନୀ, ବି. ସ୍ତ୍ରୀ. ( ଭବ-ନାଶିନୀ ) ସରଯୂ ନଦୀ ।

ଭବନ୍ତ, ବି. ପୁଂ. ( ଭୂ-ଅନ୍ତ ) କାଳ, ସମୟ, ବର୍ତ୍ତମାନ କାଳ । ନ୍ତୀ, ସ୍ତ୍ରୀ, ପତିବ୍ରତା ସ୍ତ୍ରୀ ।

ଭବଭୂତି, ବି. ପୁଂ ( ଭବ-ଭୂତି ) ଶ୍ରୀକଣ୍ଠ, ପଦ୍ମ-ନଗରନିବାସୀ କଶ୍ୟପବଂଶୀୟ ଭଟ୍ଟଗୋପାଳ ନାମକ ଶ୍ରୋତ୍ରିୟ ବ୍ରାହ୍ମଣର ପୌତ୍ର, ନୀଳ କଣ୍ଠଙ୍କ ପୁତ୍ର, ମାଳତୀମାଧବ, ଉତ୍ତରରାମଚରିତ, ବୀରଚରିତ ପ୍ରଭୃତି ନାଟକପ୍ରଣେତା ସ୍ୱନାମ-ପ୍ରସିଦ୍ଧ କବିବିଶେଷ, ଭୋଜରାଜାଙ୍କ ପଣ୍ଡିତ, ଶିବଙ୍କର ଐଶ୍ୱର୍ଯ୍ୟ ।

ଭବରୁଦ୍, ବି. ସ୍ତ୍ରୀ. ( ଭବ-ରୁଦ୍ ) ପ୍ରେତପଟହ, ଅନ୍ତ୍ୟେଷ୍ଟି କ୍ରିୟା କାଳରେ ବାଦନୀୟ ବାଦ୍ୟ ବିଶେଷ ।

ଭବାଚଳ, ବି. ପୁଂ. ମନ୍ଦରଗିରିର ପୂର୍ବବର୍ତ୍ତୀ ପର୍ବତ, କୈଳାସ ପର୍ବତ ।

ଭବାତ୍ମଜା, ବି. ସ୍ତ୍ରୀ. ମନସାଦେବୀ ।

ଭବାଦୃଶ୍ } ବିଂ. ( ଭବତ୍ ଦୃଶ୍-କ୍ୱିପ୍, ଅ )
ଭବାଦୃଶ } ତୁମ୍ଭଭଳି, ଆପଣଙ୍କ ପରି ।

ଭବାନୀ, ବି. ସ୍ତ୍ରୀ. (ଭବ-ଆନୀ) ଦେବପତ୍ନୀ ।

ଭବାନୀଗୁରୁ, ବି. ପୁଂ. (ଭବାନୀ-ଗୁରୁ) ହିମାଳୟ ପର୍ବତ ।

ଭବାଯୁନା, ବି ସ୍ତ୍ରୀ. (ଭବ-ଅୟୁନ ଆ) ଜାହ୍ନବୀ, ଗଙ୍ଗା ।

ଭବିକ, ବି. (ଭବ ଇକ ) ଶୁଭଜନକ, କୁଶଳୀ । ବି ନ. ଶୁଭ, କଲ୍ୟାଣ, ମଙ୍ଗଳ ।

ଭବିତବ୍ୟ, ବିଂ. (ଭୂ-ତବ୍ୟ) ଭାବୀ, ଅବଶ୍ୟମ୍ଭାବୀ, ଯାହା ଅବଶ୍ୟ ହେବ । ଯଥା —

କି ଏ ଦେଖିଅଛୁ ସେହି ଭବିତବ୍ୟ । ନ. ଢେ.

ଭବିତବ୍ୟତା, ବି. ( ଭବିତବ୍ୟ-ତା ) ଅବଶ୍ୟମ୍ଭାବିତା ।

ଭବିତା } ବିଂ. ( ଭୂ-ତ, ଇଷ୍ଣୁ )ଭବିଷ୍ୟତ୍,
ଭବିଷ୍ଣୁ } ଭାବୀ, ଉନ୍ନତିଶୀଳ ।

ଭବିଲ, ବି. ପୁଂ. ( ଭୂ-ଇଲ ) କାମୁକ, ଲମ୍ପଟ । ବିଂ. ଭାବୀ, ଭବିଷ୍ୟତ୍ ।

ଭବିଷ୍ୟ, ବିଂ. ( ଭୂ-ସ୍ୟତ୍ ପକ୍ଷେ ତ ଲୋପ ) ଭବିଷ୍ୟତ୍ । ଯଥା—

ଭବିଷ୍ୟ ଭାରତୀ କବିପତିଙ୍କର ଭବ ଜୀବନେ ସଫଳ ।
ସାହିତ୍ୟପ୍ରସଙ୍ଗ ।

ଭବିଷ୍ୟତ୍, ବିଂ. ( ଭୂ-ସ୍ୟତ୍ ) ଅନାଗତ, ଯାହା ପରେ ହେବ । ବି. ନ. ପୁରାଣବିଶେଷ ।

ଭବିଷ୍ୟଦ୍‌ବାଣୀ, ବି. ସ୍ତ୍ରୀ. ଯାହା ପରେ ଘଟିବ ତାହା ଆଗରୁ କୋଳିବା ।

ଭବିଷ୍ୟତ୍‌ସୂଚନା, ବି. ଭାବୀ ବିଷୟର ପ୍ରସ୍ତାବ, ପରେ ଯାହା ଘଟିବ ଆଗରୁ ତାହାର ପ୍ରସ୍ତାବ କରିବା ।

ଭବ୍ୟ, ବିଂ. (ଭୂ-ଯ) ଶୁଭଜନକ, ଶୁଭଯୁକ୍ତ, ଶିଷ୍ଟ, ଶାନ୍ତ, ସାଧୁ, ଭାଗ୍ୟବାନ୍, ସମୀଚୀନ, ଯୋଗ୍ୟ, ସତ୍ୟ, ଭାବୀ । ବି. ନ. ଶୁଭ, ଅସ୍ଥି, କରମଙ୍ଗାଗଛ, ଋଷିବିଶେଷ । ବ୍ୟା, ସ୍ତ୍ରୀ. ଦୁର୍ଗା ।

ଭସାଇବା, କ୍ରି. (ଭାସ ଧାତୁଜ) ପାଣି ଉପରେ ପହଁରିବା ।

ଭସ୍ତ୍ରା } ବି. ( ଭସ୍-ତ୍ର-ଅ-ଆ, ଈ) ଚର୍ମନିର୍ମିତ
ଭସ୍ତ୍ରୀ } ଥଳୀ । ଯନ୍ତା ନାମକ ବାୟୁଗ୍ରହଣ
ଭସ୍ତ୍ରିକା } ଯନ୍ତ୍ର ।

ଭସ୍ମ, ବି. ନ. (ଭସ୍-ମନ୍) ପାଉଁଶ । ଯଥା —

ଭସ୍ମସ୍ତଳି ଚଢ଼ାନ୍ତଲେ ବନକଣ୍ଠ ବିଶେଷ । କ. ବ

ଭସ୍ମକ, ବି. ନ. ( ଭସ୍ମନ୍-କ ) ରୋଗବିଶେଷ, ଯେଉଁ ରୋଗରେ ବାୟୁ ପିତ୍ତର ଅଧିକ ଓ କଫର ହ୍ରାସ ହୁଏ ଏବଂ ଭୁକ୍ତ ବସ୍ତୁ ଉଦର-ଗତ ହେବା ମାତ୍ରକେ ଭସ୍ମ ହୋଇଯାଏ, ସ୍ୱର୍ଣ୍ଣ, ରୌପ୍ୟ ।

ଭସ୍ମକାର, ବି. ପୁଂ. ( ଭସ୍ମନ୍-କାର ) ରଜକ, ଧୋବା ।

ଭସ୍ମବେଧକ } ବି. ପୁଂ. (ଭସ୍ମନ୍-ବେଧକ,ଅହ୍ୱୟ) କର୍ପୂର ।
ଭସ୍ମାହ୍ୱୟ

ଭସ୍ମସାତ୍, ଅ°. ( ଭସ୍ମନ୍-ସାତ୍ ) କର୍ପୂର, ଭସ୍ମ ରୂପରେ ପରିଣତ ।

ଭସ୍ମୀଭୂତ, ବି°. (ଭସ୍ମ-ଈ (ଚ୍ୱି) ଅଭୂତ ତଦ୍ ଭବାର୍ଥେ-ଭୂତ) ଭସ୍ମପ୍ରାପ୍ତ, ବିନାଶିତ ।

ଭା } ବି. ସ୍ତ୍ରୀ. ( ଭା-ଅ-ଆ, ଭାସ୍-୦ ) ପ୍ରଭା,
ଭାଃ } ଆଲୋକ, କାନ୍ତି, କିରଣ, ଶୋଭା । ପୁଂ. ସୂର୍ଯ୍ୟ ।

ଭାଇ, ବି (ଭ୍ରାତୃ ଶବ୍ଦଜ) ଭ୍ରାତା, ସହୋଦର । ଯଥା—

ସାନ ସାନ ଋଣମାନେ ଭାଇ ଦୁଇ ଜଣ । କା. କୁ.

ଭାଇବୋହୂ, ବି. ଭ୍ରାତୃବଧୂ ସାନଭାଇର ସ୍ତ୍ରୀ ।

ଭାଉ, ବି. (ଦେଶଜ) ଦର, ମୂଲ୍ୟ ।

ଭାଉଜ, ବି.(ଭ୍ରାତୃଜାୟାର ଅପଭ୍ରଂଶ) ଭାଇର ସ୍ତ୍ରୀ ।

ଭାକ୍, ବି°. (ଭଜ୍-୦) ଅଂଶୀ, ଭାଗୀ । ଯଥା - ଧନଭାକ୍, ସୁଖଭାକ୍ ଇତ୍ୟାଦି ।

ଭାକୁର, ବି. ମତ୍ସ୍ୟବିଶେଷ ।

ଭାକୋଷ, ବି. ପୁଂ. (ଭା-କୋଷ) ସୂର୍ଯ୍ୟ ।

ଭାକ୍ତିକ, ବି°. ଭକ୍ତ-ଇକ) ଅନ୍ନଦ୍ୱାରା ପ୍ରତିପାଳିତ ।

ଭାଖା, ବି. (ହିନ୍ଦୀ) ଭାଷା, କଥା, ବୋଲି ।

ଭାଗ, ବି. ପୁଂ. ( ଭଜ୍-ଅ ) ଅଂଶ, ଖଣ୍ଡ, ଏକ ଦେଶ, ପ୍ରଦେଶ, ସ୍ଥାନ, ଅଦୃଷ୍ଟ, ଭାଗ୍ୟ ।

ଭାଗଧେୟ, ବି. ପୁଂ. (ଭାଗ-ଧେୟ) ରାଜସ୍ୱ, ଅଂଶ, ଭାଗ । ନ. ଭାଗ୍ୟ । ବି°. ଦାୟାଦ ।

ଭାଗବତ, ବି. ନ. ( ଭଗବତ୍-ଅ ) ବ୍ୟାସ-ପ୍ରଣୀତ ଭଗବଦ୍‌ବିଷୟକ ଗ୍ରନ୍ଥବିଶେଷ । ପୁଂ. ଭଗବଦ୍‌ଭକ୍ତ, ବୈଷ୍ଣବ ।

ଭାଗହର, ବି°. (ଭାଗ-ହର) ଅଂଶଗ୍ରାହୀ ।

ଭାଗହାର, ବି.ପୁଂ.(ଭାଗ-ହାର)ଯେଉଁ ଉପାୟରେ କୌଣସି ନିର୍ଦ୍ଦିଷ୍ଟ ରାଶିକୁ କୌଣସି ନିର୍ଦ୍ଦିଷ୍ଟ ସଂଖ୍ୟାଦ୍ୱାରା ସମାନ ଅଂଶରେ ବିଭାଗ କରିବାକୁ ହୁଏ ।

ଭାଗିକ, ବି° (ଭାଗ-ଇକ) ବୃଦ୍ଧି ସହିତ ମୂଳଦ୍ରବ୍ୟ, ଅସଲ ସୁଦ ଟଙ୍କା ।

ଭାଗିନେୟ, ବି. ପୁଂ. ( ଭଗିନୀ-ଏୟ ) ଭଗିନୀର ସନ୍ତାନ ।

ଭାଗିବା, କ୍ରି. ଦୂର ହେବା,ପଳାଇବା, ଭାଙ୍ଗିବା ।

ଭାଗୀ, ବି°. (ଭାଗ-ଇନ୍) ଅଂଶୀ, ଗ୍ରହଣକାରୀ ।

ଭାଗୀରଥୀ, ବି. ସ୍ତ୍ରୀ. ( ଭଗୀରଥ-ଅ-ଈ ) ଗଙ୍ଗା, ଭଗୀରଥାନୀତା ।

ଭାଗ୍ୟ, ବି. ନ (ଭଜ୍-ଯ, ଅଥବା ଭାଗ-ଯ) ଅଦୃଷ୍ଟ, ଦୈବ, ଭାଗଯୋଗ୍ୟ, ଭାଗବିଶିଷ୍ଟ, ଭାଜିକ ।

ଭାଗ୍ୟଧର, ବି°. ( ଭାଗ୍ୟ-ଧୃ-ଅ ) ଭାଗ୍ୟବନ୍ତ, ସୌଭାଗ୍ୟଶାଳୀ, କପାଳିଆ । ଯଥା—

ଭାଗ୍ୟଧର ଭାଗ-ଅକାଶେ ଫୁଟିବ ତାରକୁମ୍ପ ଏ ନଜାନା ।
ପ. ବ୍ର.

ଭାଗ୍ୟବାନ୍, ବି°. ( ଭାଗ୍ୟ-ବତ୍ ) ଭାଗ୍ୟବନ୍ତ, ଅଦୃଷ୍ଟବାନ୍, ସୌଭାଗ୍ୟଶାଳୀ, ଶୁଭ ଦୃଷ୍ଟି-ବିଶିଷ୍ଟ ।

ଭାଗ୍ୟବିପର୍ଯ୍ୟୟ, ବି. ପୁଂ. ଭାଗ୍ୟର ବୈପରୀତ୍ୟ, ଦୁର୍ଭାଗ୍ୟ ।

ଭାଙ୍ଗ, ବି. (ଦେଶଜ) କୁସୁମ୍ଭ, ବିଜୟା, ସିଦ୍ଧି, ମାଦକଦ୍ରବ୍ୟବିଶେଷ । ( ସମ୍ବଲପୁରରେ ) ଧୂଆଁ ପତ୍ର, ବସ୍ତ୍ରାଦିରେ ଭଙ୍ଗା ଚିହ୍ନ, ଲାବଣ୍ୟ-ଭାବ ।

ଭଙ୍ଗିବା, କ୍ରି. ବି. (ଭନ୍‌କ୍ତ ଧାତୁଜ) ଭଗ୍ନ କରିବା, ମୋଡ଼ିବା, ନାଶ କରିବା ।

ଭାଜକ, ବିଂ. (ଭଜ୍-ଅକ) ଅଂଶକାରକ, ଯାହା-ଦ୍ୱାରା ଭାଗ କରାଯାଏ ।

ଭାଜକାଂଶ, ବି.ପୁଂ. (ଭାଜକ-ଅଂଶ) ଗୁଣନୀୟକ ।

ଭାଜନ, ବି. ନ. (ଭଜ୍-ଅନ) ପାତ୍ର, ଆଧାର, ଉପଯୁକ୍ତ ।

ଭାଜିତ, ବିଂ. (ଭାଜ୍-ତ) ପୃଥକ୍‌କୃତ, ବିଭକ୍ତ । ବି. ନ. ଭାଗ, ଅଂଶ ।

ଭାଜି, ବି. ଭଜା, ଶାଗ ।

ଭାଜିବା, କ୍ରି. ( ଭଙ୍ଗ ଶବ୍ଦଜ ) ଭାଙ୍ଗିବା ଓ ପଳାୟନ କରିବା । ଯଥା—

ଦୁର୍ଜନ ପଥ ଏ ଭଜନ, ଭସ୍ମେ ଭଜିଲେ ଯେ ଗୀଜନ ।

(ଭର୍ଜନ ଶବ୍ଦଜ ଉଷ୍ଣ କରିବା, ଭର୍ଜନ କରିବା ।

ଭାଜ୍ୟ, ବିଂ.(ଭଜ୍ ଯ)ଭାଗାର୍ହ, ଯାହା ଭାଗ କରା-ଯାଏ ।

ଭାଟ, ବି. (ଭଟ୍ଟ ଶବ୍ଦଜ) ବର୍ଣ୍ଣସଙ୍କର ଜାତିବିଶେଷ, ସ୍ତୁତିପାଠକ, ରାଜଦୂତ ।

ଭାଠୀ, ବି. ମଦ ପ୍ରଭୃତି ରାନ୍ଧିବାର ଚୁଲି ଥିବା ସ୍ଥାନ, ସ୍ତୂପ, ଗଦା, ପରିମାଣବିଶେଷ, ଦନ୍ତପନ୍ତି ।

ଭାଡ଼, ବି. (ଦେଶଜ) କାଷ୍ଠାଦି ରଖିବାର ମଞ୍ଚ ।

ଭାଣିଜୀ, ବି. ( ଭାଗିନେୟୀ ଶବ୍ଦଜ ) ଭଣଜାର ଭଉଣୀ, ଭଗିନୀର କନ୍ୟା ।

ଭାଣ୍ଡ, ବି. ନ. (ଭଣ୍-ଡ, ଅଥବା ଭଣ୍ଡ୍-ଅ) ପାତ୍ର, ମୂଳଧନ, ପୁଞ୍ଜି, ଅଳଙ୍କାର, ଭୂଷଣ, ଅଶ୍ୱ-ଭୂଷଣ, ଭଣ୍ଡାମି, ଭଣ୍ଡ, ଠକ ।

ଭାଣ୍ଡପୁଟ, ବି. ପୁଂ. ( ଭାଣ୍ଡ-ପୁଟ ) ନାପିତ, ଭଣ୍ଡାରି ।

ଭାଣ୍ଡାଗାର, ବି. ପୁଂ. (ଭଣ୍ଡ-ଆଗାର) ଧନାଗାର, ଭଣ୍ଡାର ।

ଭାଣ୍ଡିକ, ବି. ପୁଂ. (ଭାଣ୍ଡ-ଇକ ) ଗାୟକ ।

ଭାଣ୍ଡୀର, ବି. ପୁଂ. (ଭାଣ୍ଡ-ଈର ଅ) ବଟବୃକ୍ଷ ।

ଭାତ, ବି. (ଭା-ତ) ଦୀପ୍ତିମାନ୍ । ବି. ନ ପ୍ରଭାତ, ପ୍ରାତଃକାଳ । (ଭକ୍ତ ଶବ୍ଦଜ) ବି. ଅନ୍ନ ।

ଭାତି, ବି. ସ୍ତ୍ରୀ. (ଭା-ତି) ଶୋଭା, ଦୀପ୍ତି ।

ଭାତିଆ, ବି. (ଗ୍ରାମ୍ୟ) ବୃତ୍ତି, ଭତ୍ତା ।

ଭାତୁଆ, ବିଂ. (ଦେଶଜ) ଅନ୍ନଦାସ, ପେଣ୍ଡାଦି ।

ଭାତୁଡ଼ୀ, ବି. (ଦେଶଜ) ଦେହଜାତ ବ୍ରଣାକାର କ୍ଷୁଦ୍ର ମାଂସପିଣ୍ଡବିଶେଷ ।

ଭାଦ୍ର, ବି. ପୁଂ. (ଭାଦ୍ର-ଅ) ବୈଶାଖାଦି ମାସର ପଞ୍ଚମ ମାସ ।

ଭାଦ୍ରପଦ, ବି. ପୁଂ.(ଭାଦ୍ର-ପଦ) ଭାଦ୍ର ମାସ । ଦା, ସ୍ତ୍ରୀ. ପୂର୍ବଭାଦ୍ରପଦ ଓ ଉତ୍ତରଭାଦ୍ରପଦ ନକ୍ଷତ୍ର ।

ଭାଦ୍ରମାତୁର, ବି. ପୁଂ. (ଭାଦ୍ରମାତୃ-ଅ) ସାଧ୍ୱୀ ସ୍ତ୍ରୀର ପୁତ୍ର, ସତୀତନୟ ।

ଭାଦ୍ରବ, ବି. (ଭାଦ୍ର ଶବ୍ଦଜ) ଭାଦ୍ର ମାସ,ଭୋଦୁଅ ମାସ ।

ଭାନ, ବି. ନ. (ଭ-ଅନ) ପ୍ରକାଶ, ଶୋଭା ।

ଭାନୁ, ବି. ପୁଂ. (ଭା-ନୁ) ସୂର୍ଯ୍ୟ, କିରଣ, କାନ୍ତି, ଶିବ, ପ୍ରଭୁ, ରାଜା । (ସୂର୍ଯ୍ୟ ଅର୍ଥରେ) ଯଥା—

ଭଞ୍ଜିତ ଜଳଦ ମଞ୍ଜୁ ଦେବେ ଅବତର

ଭୂତଳ ପଶ୍ଚିମେ ଭାନୁ କୋଳରେ ଡୋହର । କ. ବ.

ଭାନୁଜା
ଭାନୁସୁତା } ବି. ସ୍ତ୍ରୀ. ଯମୁନା ।

ଭାନୁଫଳା, ବି. ସ୍ତ୍ରୀ. (ଭାନୁ-ଫଳା) କଦଳୀଫଳ, କଦଳୀ ।

ଭାନୁମାନ୍, ବି. ପୁଂ. ( ଭାନୁ-ମତ୍ ) ସୂର୍ଯ୍ୟ । ବିଂ. କାନ୍ତିମାନ୍, ଦୀପ୍ତିମାନ୍ ।

ଭାମ, ବି. ପୁଂ. (ଭାମ୍-ଅ ) କ୍ରୋଧ, ସୂର୍ଯ୍ୟ, ଦୀପ୍ତି, ଭଗିନୀପତି । ମା, ସ୍ତ୍ରୀ. କୋପନା ସ୍ତ୍ରୀ, ନାରୀ ।

ଭାମକ, ବି ପୁଂ. (ଭାମ୍-କ) ଭଗିନୀପତି ।

ଭାମିନୀ, ବି.ସ୍ତ୍ରୀ. (ଭାମ୍-ଇନ୍,ଈ) ଅତି କୋପନା ସ୍ତ୍ରୀ, ନାରୀ ।

ଭାମିନୀବିଳାସ, ବି. ପୁଂ. ଜଗନ୍ନାଥମିଶ୍ରକୃତ କାବ୍ୟ ଗ୍ରନ୍ଥବିଶେଷ ।

ଭାମୀ ବି°. (ଭାମ୍-ଇନ୍) କ୍ରୁଦ୍ଧ, କୋପାନ୍ୱିତ ।

ଭାର, ବି. ପୁଂ. ( ଭୃ-ଅ ) ଗୁରୁତ୍ୱ, ରାଶି, ସମୂହ, ବୋଝ, ପରିମାଣବିଶେଷ ।

ଭାରକେନ୍ଦ୍ର, ବି. ପଦାର୍ଥ ମଧ୍ୟରେ ନିର୍ଦ୍ଦିଷ୍ଟ ବିନ୍ଦୁ, ଯେଉଁଠାରେ ଭାରର ସମତା ହୁଏ ।

ଭାରତ, ବି. ନ. (ଭରତ-ଅ) ଭାରତବର୍ଷ, ଗ୍ରନ୍ଥବିଶେଷ, ମହାଭାରତ । ପୁଂ. ନଟ, ଅଗ୍ନି, ଭରତଙ୍କ ସନ୍ତାନ । ବି°. ଭରତବଂଶୀୟ ।

ଭାରତି, ବି. (ଦେଶଜ) ଶବମୁଣା, ଜୁଣୀର । ଯଥା—

ଲୁସ୍ତମ କୋଦଣ୍ଡ କାଣ୍ଡ କେତେ କରିଥିଲା ଖଣ୍ଡ
କର୍କଶ ବୋହିବା ଭାରତିରେ । କ. ତ.

ଭାରତୀ, ବି. ସ୍ତ୍ରୀ ବାକ୍ୟ, ବଚନ, ବୃତ୍ତିବିଶେଷ, ପକ୍ଷିବିଶେଷ, ସରସ୍ୱତୀ । ଯଥା—

ଅସ ମା ଭରତେ ଭାରତୀ ରାଣୀ । ବି. ବି.

ଭାରତବର୍ଷ, ବି. ନ. (ଭରତ-ବର୍ଷ) ଜମ୍ବୁଦ୍ୱୀପର ନବବର୍ଷାନ୍ତର୍ଗତ ବର୍ଷବିଶେଷ, ସମୁଦ୍ରର ଉତ୍ତର ହିମାଳୟର ଦକ୍ଷିଣସ୍ଥ ଦେଶ ।

ଭାରଦା, ବି. (ଦେଶଜ) ଯେଉଁ ଲୋକ ନିଜସ୍ତ୍ରୀକୁ ପରପୁରୁଷପ୍ରତି ଆସକ୍ତ କରାଏ ।

ଭାରଦ୍ୱାଜ, ବି. ପୁଂ. (ଭରଦ୍ୱାଜ-ଅ) ଭରଦ୍ୱାଜ, ଦ୍ରୋଣାଚାର୍ଯ୍ୟ, ଅଗସ୍ତ୍ୟମୁନି, ପକ୍ଷିବିଶେଷ । ନ. ଅସ୍ଥି, ହାଡ଼ ।

ଭାରମଧ୍ୟ, ବି. ବସ୍ତୁର ଯେଉଁ ସ୍ଥାନରେ ଭାରର ସମତା ହୁଏ ।

ଭାରଯଷ୍ଟି, ବି. ସ୍ତ୍ରୀ. (ଭାର-ଯଷ୍ଟି) ଭାରବହନଦଣ୍ଡ, ବାହୁଙ୍ଗି ।

ଭାରବାହ୍, ଭାରବାହ, ଭାରବାହକ, ଭାରବାହୀ, ଭାରହର, ଭାରହାର, ଭାରୀ } ବି°. (ଭାର-ବାହ୍, ବାହ, ବାହକ, ବାହିନ୍, ହର, ହାର, ଇନ୍) ଭାରବହନକାରୀ, ବୋହିଆ ।

ଭାରସହ, ବି°. (ଭାର ସହ) ଯାହା ଭାରରେ ଛିଣ୍ଡି ପଡ଼େ ନାହିଁ, ଭାରସହନ ସମର୍ଥ ।

ଭାରବି, ବି. ପୁଂ. କିରାତାର୍ଜୁନୀୟ ଗ୍ରନ୍ଥକର୍ତ୍ତା ।

ଭାରି, ବି°. (ଭାର ଶବ୍ଦଜ) ଭାରୀ, ଗୁରୁ ।

ଭାରି, ବି. ପୁଂ. (ଭୃ-ଇ) ସିଂହ । (ଦେଶଜ) ଗୁରୁ ।

ଭାରିକ, ବି°. (ଭାର-ଇକ) ଭାରବାହକ, ଭାରୀ, ଭାରଯୁକ୍ତ ।

ଭାରୀ, ବି°. (ଭାର ଶବ୍ଦଜ) ଗୁରୁ, ଭାର, ବହୁତ ।

ଭାରୁଆ, ଭାରିଆ } ବି°. (ଭାରବାହ ଶବ୍ଦଜ) ଯେ ଭାର ବହନ କରେ ।

ଭାର୍ଗବ, ବି. ପୁଂ. (ଭୃଗୁ-ଅ) ଶୁକ୍ରାଚାର୍ଯ୍ୟ, ପରଶୁରାମ, ଧନ୍ୱୀ, ଧନୁର୍ଦ୍ଧାରୀ, ଗଜ, ହସ୍ତୀ ।

ଭାର୍ଗବପ୍ରିୟ, ବି ପୁଂ. (ଭାର୍ଗବ-ପ୍ରିୟ) ହୀରକ ।

ଭାର୍ଗବୀ, ବି. ସ୍ତ୍ରୀ. (ଭୃଗୁ-ଈ) ପାର୍ବତୀ, ଶ୍ରୀ, ଲକ୍ଷ୍ମୀ, ଦୂର୍ବା, ପୁରୀ ଜିଲ୍ଲାରେ ପ୍ରବାହିତ ନଦୀବିଶେଷ ।

ଭାର୍ଜନ, ବି. (ଭାଜନ ଶବ୍ଦର ଗ୍ରାମ୍ୟ ପ୍ରୟୋଗ) ଯୋଗ୍ୟ, ଉପଯୁକ୍ତ ପାତ୍ର ।

ଭାର୍ଯ୍ୟା, ବି. ସ୍ତ୍ରୀ. (ଭୃ-ଯ-ଆ) ପତ୍ନୀ, ଜାୟା ।

ଭାର୍ଯ୍ୟାଟ ବି. ପୁଂ. (ଭାର୍ଯ୍ୟା-ଅଟ୍ ଅ) ଯେଉଁ ବ୍ୟକ୍ତି ସ୍ୱସ୍ତ୍ରୀକୁ ପରପୁରୁଷର ପାଖକୁ ଯିବାପାଇଁ ଅନୁମତି ଦିଏ ।

ଭାର୍ଯ୍ୟାପତି, ବି. ପୁଂ. (ଭାର୍ଯ୍ୟା-ପତି) ଜାୟାପତି, ସ୍ତ୍ରୀପୁରୁଷ ।

ଭାଲ, ବି. ପୁଂ. (ଭା-ଲ) କପାଳ, ଲଲାଟ, ତେଜଃ ।

ଭାଲଣା, ଭାଲେଣି } ବି. (ଦେଶଜ) ଭାବନା, ଚିନ୍ତା ।

ଭାଲଦର୍ଶନ, ବି ପୁଂ ସିନ୍ଦୂର ।

ଭାଲଦୃକ୍, ଭାଲଲୋଚନ } ବି. ପୁଂ. (ଭାଲ ଦୃଶ, ଲୋଚନ) ତ୍ରିନେତ୍ର, ଶିବ ।

ଭାଲାଙ୍କ, ବି. ପୁଂ. (ଭାଲ-ଅଙ୍କ) ରୋହିତମତ୍ସ୍ୟ, ଲକ୍ଷଣାକ୍ରାନ୍ତ ପୁରୁଷ, କଚ୍ଛପ, ଶିବ ।

ଭାଲିଆ, ବି. (ଭଲ୍ଲାତକ ଶବ୍ଦଜ) ସ୍ୱନାମଖ୍ୟାତ ଗଛ ଓ ତାହାର ଫଳ ।

ଭାଳିବା, କ୍ରି. (ଦେଶଜ) ଭାବିବା, ଭାବନା କରିବା । ଯଥା—

ତୋତେ ଗୃହମୁହିଁ କେଉଁ ଗୁଣେ ମୁହିଁ
ଯୋଗାଇବି ଏହା ଭାଳେ ନିତ ।

ଭାଲୁ, ବି. ( ଭଲ୍ଲୂକ ଶବ୍ଦଜ ) ଋକ୍ଷ, ହିଂସ୍ରପଶୁ-ବିଶେଷ ।

ଭାଲୁକ, ଭାଲୂକ, ଭାଲ୍ଲୁକ, ଭାଲ୍ଲୂକ — ବି. ପୁଂ. ( ଭଲ୍, ଭଲ୍ଲ୍-ଉକ, ଊକ ) ଋକ୍ଷ, ଭାଲୁ ।

ଭାବ, ବି. ପୁଂ. ( ଭୂ-ଅ ) ଉତ୍ପତ୍ତି, ଜନ୍ମ, ସ୍ଥିତି, ବିଭୂତି, ସ୍ୱଭାବ, ଆଶୟ, ଚିତ୍ତ, ମନଃ, ଆତ୍ମା, ମନୋବିକାରବିଶେଷ ଇତ୍ୟାଦି ଏବଂ ନିର୍ବେବାଦ, କ୍ରିୟା, ଧାତ୍ୱର୍ଥ, ବିଳାସ, ଶରୀରଭଙ୍ଗୀ, ପଦାର୍ଥ, ବସ୍ତୁ, ଚେତନ ପଦାର୍ଥ, ବାକ୍ୟର ମର୍ମ, ଉପଦେଶ, ବିଦ୍ୱାନ୍, ବିଜ୍ଞ, ବୋଦ୍ଧା, ଅଭିପ୍ରାୟ, ଚେଷ୍ଟା, ଜଗତ୍ ସଂସାର, ସୃଷ୍ଟି, ସମ୍ଭାବନା, ନାଟ୍ୟୋକ୍ତିରେ ମାନ୍ୟ, ପୂଜ୍ୟ ।

ଭାବକ, ବିଂ. (ଭାବ କ) ଉତ୍ପାଦକ, ଚିନ୍ତାକାରୀ ।

ଭାବନ, ନ. } ଭାବନା, ସ୍ତ୍ରୀ. } ବି ( ଭାବ ଅନ୍ ଆ ) ଧ୍ୟାନ, ଚିନ୍ତା । ଯଥା—

ବୃଥା ଭାବନା ଅଉ କରିବ ନାହିଁ,
ଭାବନାରେ ଅନ୍ନ ମିଳଇ ନାହିଁ । କ. ବ.

ମନେ ମନେ କଳ୍ପନା, ଅନୁଧ୍ୟାନ, ବିବେଚନା, ଉଦ୍ରେକ, ମିଶ୍ରଣ, ସଜାଇବା, ପର୍ଯ୍ୟାଲୋଚନା ଅଧିବାସନ, ଔଷଧସଂସ୍କାରବିଶେଷ ।

ଭାବମିଶ୍ର, ବି. ପୁଂ. ପଣ୍ଡିତଶ୍ରେଷ୍ଠ ।

ଭାବାର୍ଥ, ବି.ପୁଂ. ଭାବ-ଅର୍ଥ ଅଭିପ୍ରାୟ । ତାତ୍ପର୍ଯ୍ୟ,

ଭାବିକ, ବିଂ. (ଭାବ-ଇକ) ସ୍ୱାଭାବିକ, ରସାତ୍ମକ, ବୈଷୟିକାଳିକ । ବି ନ. ଅଳଙ୍କାରବିଶେଷ ।

ଭାବିତ, ବିଂ. ( ଭାବ-ତ ) ଚିନ୍ତିତ, ମିଶ୍ରିତ, ଅଙ୍ଗୀକୃତ, ଆର୍ଦ୍ରୀକୃତ, ବାସିତ, ଶୁଦ୍ଧ, ପରିଶୀଳିତ, ପ୍ରାପ୍ତ, ସ୍ଥାପିତ, ସଂସ୍କୃତ, ପ୍ରମାଣୀକୃତ ।

ଭାବିନ୍ଦ୍ର, ବି. ନ. (ଭାବି-ଇନ୍ଦ୍ର) ତ୍ରୈଲୋକ୍ୟ, ସ୍ୱର୍ଗ ମର୍ତ୍ତ୍ୟ ପାତାଳ ।

ଭାବିନୀ, ବି. ସ୍ତ୍ରୀ. (ଭାବ-ଇନ୍-ଈ) କାମିନୀ, ପ୍ରିୟା । ଯଥା—

ଭାବିନୀ ଭାବନାରେ ହୋଇ କାତର,
ସର୍ବଦା ସ୍ମରୁଥିବ ତା କେଶୁଁ ନାର ।

ଭାବିବା, କ୍ରି. ଚିନ୍ତା କରିବା, ଭାଳିବା ।

ଭାବୀ, ବିଂ (ଭୂ-ଇନ୍) ଭବିଷ୍ୟତ୍, ଆଗାମୀ ।

ଭାବୁକ, ବି. ନ. (ଭୂ-ଉକ) ମଙ୍ଗଳ, ଶୁଭ । ପୁଂ. ଭଗିନୀପତି । ବିଂ. ଭାବଗ୍ରାହକ । ଯଥା—

ପ୍ରକୃତିସୁନ୍ଦରୀ ହେରେ ଭାବୁକ ହୃଦୟ । ଜ. ବ୍ର.

ଭାବନାଶୀଳ ।

ଭାବ୍ୟ, ବିଂ. (ଭୂ-ଯ) ଭବିତବ୍ୟ, ଯାହା ଅବଶ୍ୟ ହେବ, ସାଧ୍ୟ, ନିଷ୍ପାଦ୍ୟ ।

ଭାଷଣ, ବି. ନ. (ଭାଷ୍-ଅନ) କଥନ, କହିବା ।

ଭାଷା, ବି.ସ୍ତ୍ରୀ. (ଭାଷ୍-ଅ,ଆ) ଅର୍ଥଯୁକ୍ତ ଉଚ୍ଚାରିତ ଶବ୍ଦ, କଥା, କଥନ, ଯାହାଦ୍ୱାରା ଲୋକେ କଥାବାର୍ତ୍ତା କହୁଅନ୍ତି, ସଂସ୍କୃତ ଓଡ଼ିଆ ବଙ୍ଗଳା ପ୍ରଭୃତି, ରାଗିଣୀବିଶେଷ, ବାଗ୍‌ଦେବତା ।

ଭାଷାନ୍ତରିତ, ବିଂ.(ଭାଷ -ଅନ୍ତରିତ) ଏକ ଭାଷାରୁ ଅନ୍ୟ ଭାଷାରେ ଅନୁବାଦିତ ।

ଭାଷିତ, ବିଂ. (ଭାଷ୍-ତ) କଥିତ, ଉକ୍ତ । ବି. ନ. ଭାଷା, ବଚନ ।

ଭାଷୀ, ବିଂ. (ଭାଷ୍ ଇନ୍) କଥକ, ଯେ କହେ ।

ଭାଷ୍ୟ, ବି. ନ. (ଭାଷ୍-ଯ) ବ୍ୟାଖ୍ୟାନ, ବିବରଣ ଗ୍ରନ୍ଥ, ଗୃହବିଶେଷ, ଟୀକା । ବିଂ. କଥନୀୟ ।

ଭାଷ୍ୟକର, ବି.ପୁଂ. (ଭାଷ୍ୟ-କର) ଟୀକାଲେଖକ, ପତଞ୍ଜଳି ମୁନି ।

ଭାସ୍, ଭାସା, ସ୍ତ୍ରୀ. } ଭାସ, ପୁଂ. } ଭାସସ୍, ନ. } ବି (ଭାସ୍-୦, ଅ, ଅସ୍) ଦୀପ୍ତି, କାନ୍ତି, ଆଲୋକ ।

ଭାସ, ବି.ପୁଂ. (ଭାସ୍-ଅ) ଗୃଧ୍ର, କୁକ୍କୁଟ, ଗୋଷ୍ଠ, ଶକୁନ୍ତପକ୍ଷୀ ।

ଭାସନ୍ତ, ବି. ପୁଂ. (ଭାସ୍-ଅନ୍ତ) ସୂର୍ଯ୍ୟ, ଚନ୍ଦ୍ର, ଭାସ ପକ୍ଷୀ । ବିଂ. ସୁନ୍ଦର, ମନୋହର । ନ୍ତୀ, ସ୍ତ୍ରୀ. ନକ୍ଷତ୍ର ।

ଭାସନ୍ତା, ବି°. ( ଭାସ୍ ଧାତୁଜ ) ଜଳ ଉପରେ ଭାସମାନ ।

ଭାସମାନ }
ଭାସୀ } ବି°. ( ଭାସ୍-ଆନ, ଇନ୍ ) ଶୋଭମାନ, ଦୀପ୍ୟମାନ, ଜଳରେ ସନ୍ତରଣକାରୀ, ଯଥା ଜଳରେ ଭାସୁଅଛି ।

ଭାସିବା, କ୍ରି. ବି. (ଭାସ ଧାତୁଜ) ଲଘୁ ପଦାର୍ଥ ତରଳ ପଦାର୍ଥ ଉପରେ ସଞ୍ଚାଳିତ ହେବା । ଯଥା—

ଭାସିବ କେ ରାମୁ ସୁଙ୍ଗାରେ ।

ଭାସୁ, ବି. ପୁଂ. (ଭାସ୍-ଉ) ସୂର୍ଯ୍ୟ ।

ଭାସୁର, ବି°. (ଭାସ୍ ଉର) ଦୀପ୍ୟମାନ, ଦୀପ୍ତିଯୁକ୍ତ । ବି. ପୁଂ. ସ୍ଫଟିକ, ବୀର ।

ଭାସ୍କର, ବି. ପୁଂ. ( ଭାସ୍-କର ) ସୂର୍ଯ୍ୟ, ଅଗ୍ନି, ପଣ୍ଡିତବିଶେଷ, ଭାସ୍କରାଚାର୍ଯ୍ୟ, ସିଦ୍ଧାନ୍ତଶିରୋମଣି ପ୍ରଭୃତି ଜ୍ୟୋତିଷ ଗ୍ରନ୍ଥକର୍ତ୍ତା, ବୀର, ପ୍ରସ୍ତରାଦିରେ ଯେଉଁମାନେ ମୂର୍ତ୍ତି ଓ ଅକ୍ଷରାଦି ଖୋଦିତ କରନ୍ତି । ନ. ସୁବର୍ଣ୍ଣ ।

ଭାସ୍ୱର, ବି°. (ଭାସ୍-ବର) ଦୀପ୍ୟମାନ, ଦୀପ୍ତିଯୁକ୍ତ, ଦୀପ୍ତିଶୀଳ । ଯଥା—

ପ୍ରଚଣ୍ଡ ପାଣ୍ଡବ ଯୋଧେ ଅପୂର୍ବ ଭାସ୍ୱର
ଧରି କ୍ରୋଧେ ମହାଯୁଦ୍ଧେ ଆଇଲେ ସତ୍ୱର । କ. ବ.

ଭାସ୍ୱାନ୍, ବି. ପୁଂ. ( ଭାସ୍-ବତ୍ ) ସୂର୍ଯ୍ୟ, ଦୀପ୍ତି । ବି°. ଦୀପ୍ତିବିଶିଷ୍ଟ, ଦୀପ୍ତିଶାଳୀ ।

ଭିଆଇବା, କ୍ରି. ( ଦେଶଜ ) ଜାତ କରିବା, ବିଧାନ କରିବା ।

ଭିଆଣ, ବି. (ବିଧାନ ଶବ୍ଦଜ) ରଚନା, ନିର୍ମାଣ । ବିଧାନ । ଯଥା--

କଲେ ନାନା ଉତ୍ସବ ଆନନ୍ଦ ଭିଆଣ ।

ଜମିଦାରୀ ହିସାବର ଏକ ପ୍ରକାର କାଗଜ, ଉପାୟ । ଯଥା—

ପ୍ରଚକ୍ଷଣ ଦେବ ପ୍ରାଞ୍ଜଳେ ପ୍ରଭୁତୋଷ ଭିଆଣ । ତ. ଭ.

ଭିକ }
ଭିକ୍ଷ } ବି. (ଭିକ୍ଷା ଶବ୍ଦଜ) ଭିକ୍ଷା ।

ଭିକାରୀ, ବି. ( ଭିକ୍ଷାକାରୀ ଶବ୍ଦଜ ) ଯେ ଭିକ୍ଷା ମାଗେ । ସ୍ତ୍ରୀ. ଭିକାରୁଣୀ ।

ଭିକ୍ଷା, ବି. ସ୍ତ୍ରୀ. (ଭିକ୍ଷ୍-ଅ-ଆ) ଯାଚ୍ଞା, ପ୍ରାର୍ଥନା, ସେବା, ଯାଚିତ ବସ୍ତୁ ।

ଭିକ୍ଷାଚର, ବି°. (ଭିକ୍ଷା-ଚର-ଅ) ଯାଚକ, ଭିକ୍ଷୁକ ।

ଭିକ୍ଷାଶୀ, ବି°. ( ଭିକ୍ଷା-ଅଶ୍-ଇନ୍ ) ଭିକ୍ଷ୍ୟାକାଙ୍ଖୀ, ଭିକ୍ଷୁକ ।

ଭିକ୍ଷୁ, ବି. ପୁଂ. ( ଭିକ୍ଷା-ଉ ) ପରିବ୍ରାଜକ, ଭିକ୍ଷୋପଜୀବୀ, ଚତୁର୍ଥାଶ୍ରମୀ ।

ଭିକ୍ଷୁକ, ବି°. (ଭିକ୍ଷ୍-ଉକ) ଯାଚକ, ଭିକ୍ଷାଜୀବୀ ।

ଭିଜା, ବି°. (ଦେଶଜ) ଆର୍ଦ୍ର, ଓଦା ।

ଭିଜେଇବା, କ୍ରି. ବି. (ଦେଶଜ) ଆର୍ଦ୍ର କରିବା, ଜଳଯୁକ୍ତ କରିବା ।

ଭିଠା, ବି. (ଦେଶଜ) ବାସସ୍ଥଳୀ, ଘରଡିହ ।

ଭିଡ଼, ବି. (ଦେଶଜ) ଲୋକସମୂହ, ଜନତା ।

ଭିଡିବା, କ୍ରି ( ଦେଶଜ ) କୁଣ୍ଢାଇବା, ଆକର୍ଷଣ କରିବା, ଦୃଢ଼ରୂପେ ବାନ୍ଧିବା ।

ଭିଣା, ବି ( ଦେଶଜ ) ଯେଉଁ ଜାତିର ତୂଳା ଭିଣିବା ବ୍ୟବସାୟ, ଭିଣିବା, ପିଞ୍ଜିବା, ବଢାଇବା । ବି°. ଯାହା ଭିଣାଯାଇଅଛି ।

ଭିଣିବା, କ୍ରି. (ଦେଶଜ) ପିଞ୍ଜିବା, ବଢାଇବା ।

ଭିଣୋଇ, ବି. (ଭଗିନୀପତି ଶବ୍ଦଜ) ଭଗିନୀପତି । ଯଥା—

କୋମଳ ମଧୁର ବାଣୀ ଆକାଶମଣ୍ଡଳୁ ଶୁଣି
ଭଗ୍ନୀ ଭିଣୋଇଙ୍କ ନେଇ ଶାଙ୍କୁଳୀ ଦେଲା । ର. ବ.

ଭିତର, ବି. ( ଦେଶଜ ) ମଧ୍ୟସ୍ଥ, ଅଭ୍ୟନ୍ତର, ଅନ୍ତଃପୁର ।

ଭିତିର, ବି. (ଦେଶଜ) ଗୋପନୀୟ, ଭିତରେ ଥିବା ।

ଭିତ୍ତ, ବି. ନ. (ଭିଦ୍-ତ) ଖଣ୍ଡ ।

ଭିତ୍ତି, ବି. ସ୍ତ୍ରୀ. (ଭିଦ୍-ତି) ଅବୃତ, କାନ୍ଥ । ଯଥା—

ଭିତ୍ତି ଅନ୍ତ୍ରରେ ଥିବେ ସେ ସଖି । ଲ. ବ.

ପ୍ରଭେଦ, ବିଭାଗ, ପ୍ରଦେଶ, ଅବସର ।

ଭିତ୍ତିକା, ବି. ସ୍ତ୍ରୀ. (ଭିତ୍ତି-କ) ଭିତ୍ତି, କାନ୍ଥ ।

ଭିତ୍ତିଚୌର, ବି. ପୁଂ. ( ଭିତ୍ତି-ଚୌର ) ଚୋରବିଶେଷ, ସିନ୍ଧଚୋର ।

ଭିଦ୍, ବି. ( ଭିଦ୍-୦ ) ବିଦାରଣ, ଛେଦନକରଣ, ଛେଦନ, ପ୍ରଭେଦ । ବିଂ. ଭେଦକର୍ତ୍ତା । ଯଥା—ଗୋତ୍ରଭିଦ୍ ଇତ୍ୟାଦି ।

ଭିଦକ, ବି. ନ. (ଭିଦ୍ ଅକ) ଅଶନି, ବଜ୍ର, ଖଡ୍ଗ ।

ଭିଦା, ବି. ସ୍ତ୍ରୀ ( ଭିଦ୍-ଅ ) ବିଦାରଣ, ଚିର, ପ୍ରଭେଦ, ଭିନ୍ନତା ।

ଭିଦାବରୋଧକତା, ବି. ସ୍ତ୍ରୀ ( ଭିଦା-ଅବରୋଧ-କତା) ଯେ ବସ୍ତୁର ଯୋଗାକର୍ଷଣ ସହଜରେ ଭେଦ କରାଯାଇ ନ ପାରେ ।

ଭିଦୁର, ବିଂ. ( ଭିଦ୍-ଉର ) ମିଶ୍ର, ଏକୀଭୂତ । ଭେଦଶୀଳ, ଭଙ୍ଗୁର, ଯାହା ସହଜରେ ଭାଙ୍ଗିଯାଏ । ବି. ନ. ବଜ୍ର, ଅଶନି ।

ଭିଦ୍ୟ, ବି. ପୁଂ. (ଭିଦ୍-ଯ) କୂଳଭେଦକାରୀ ନଦ ।

ଭିଦ୍ର, ବି. ପୁଂ. ନ. (ଭିଦ୍-ର) ଅଶନି, ବଜ୍ର ।

ଭିନ୍ଦିପାଳ, ବି. ପୁଂ. (ଭିନ୍ଦି-ପାଲ୍-ଅ) କ୍ଷେପଣୀୟ ଅସ୍ତ୍ରବିଶେଷ ।

ଭିନ୍ନ, ବିଂ. (ଭିଦ୍-ତ) ଅନ୍ୟ, ବିଦୀର୍ଣ୍ଣ, ବିଶୀର୍ଣ୍ଣ, ଶିଥିଳିତ, ବିଫଳିତ, ମର୍ଦ୍ଦିତ, ଛିନ୍ନ, ଭଗ୍ନ, ଖଣ୍ଡିତ, ନିରସ୍ତ, ପ୍ରତିଫଳିତ, ବିଗଳିତ, ବିକଶିତ, ମିଶ୍ରିତ, ତ୍ୟକ୍ତ, ମଦ୍ୟସ୍ରାବୀ, ସ୍ଖଳିତ, ଲୁଣ୍ଠିତ, ବିଦଳିତ, ବିହ୍ୱଳୀଭୂତ, ପୃଷ୍ଠ ।

ଭିଲ୍ଲ, ବି. ପୁଂ. ଅସଭ୍ୟ ଜାତିବିଶେଷ, ଭୀଲ ।

ଭିଲ୍ଲୀ, ବି. ସ୍ତ୍ରୀ ଲୋଧ୍ରବୃକ୍ଷ ।

ଭିଷକ୍, ବି. ପୁଂ. (ଭିଷ୍-ଅକ୍) ବୈଦ୍ୟ, ଚିକିତ୍ସକ ।

ଭୀ / ଭୀତି } ବି ସ୍ତ୍ରୀ. ( ଭୀ-୦, ତି ) ଭୟ, ତ୍ରାସ, ଶଙ୍କା ଭୟ, କମ୍ପ ।

ଭୀତ, ବିଂ. (ଭୀ-ତ) ଭୟଯୁକ୍ତ, ତ୍ରସ୍ତ, ଶଙ୍କିତ । ବି. ଭୟ ।

ଭୀମ, ବି. ପୁଂ. (ଭୀ-ମ) ମଧ୍ୟମ ପାଣ୍ଡବ, ବୃକୋଦର, ଶିବ, ଦମୟନ୍ତୀଙ୍କ ପିତା, ନୃପବିଶେଷ, ଭୟାନକ ରସ । ବିଂ. ଘୋର, ଭୀଷଣ, ଭୟାନକ । ମା, ସ୍ତ୍ରୀ. ଦୁର୍ଗା ।

ଭୀମନାଦ, ବି. ପୁଂ. (ଭୀମ-ନାଦ) ସିଂହ, ଭୟାନକ ଶବ୍ଦ । ଯଥା—

ଭୀମନାଦେ ଭଇପଣେ ବେଢ଼ି ଶିବାଗଣ
କୁଳତପେ ଶବସାଗି କରନ୍ତି ଭକ୍ଷଣ । କ. ଚ.

ଭୀମବିକ୍ରାନ୍ତ, ବି. ପୁଂ. ( ଭୀମ-ବିକ୍ରାନ୍ତ ) ସିଂହ । ବିଂ. ଭୟାନକ ପରାକ୍ରମଶାଳୀ ।

ଭୀମଶାସନ, ବି. ପୁଂ ( ଭୀମ-ଶାସନ ) କୃତାନ୍ତ, ଯମ ।

ଭୀମସେନ, ବି ପୁଂ. (ଭୀମ-ସେନା) ମଧ୍ୟମ ପାଣ୍ଡବ, ବୃକୋଦର, କର୍ପୂରବିଶେଷ ।

ଭୀମୈକାଦଶୀ, ବି ସ୍ତ୍ରୀ. ମାଘ ମାସର ଶୁକ୍ଳ ଏକାଦଶୀ ।

ଭୀରୁ, ବିଂ. (ଭୀ-ରୁ) ତ୍ରସ୍ତ, ଭୀତସ୍ୱଭାବ । ବି. ପୁଂ. ଶୃଗାଳ, ବ୍ୟାଘ୍ର । ସ୍ତ୍ରୀ. ସ୍ତ୍ରୀବିଶେଷ ।

ଭୀରୁକ, ବିଂ. (ଭୀରୁ କ) ଭୟଯୁକ୍ତ, କାତର । ବି. ପୁଂ. ପେଚକ, ଶୃଗାଳ, ଭଲ୍ଲୁକ । ନ. ବନ ।

ଭୀରୁରନ୍ଧ୍ର, ବି. ପୁଂ. ( ଭୀରୁ-ରନ୍ଧ୍ର ) ଅଗ୍ନିକୁଣ୍ଡ ।

ଭୀରୁହୃଦୟ, ବି. ପୁଂ. ( ଭୀରୁ-ହୃଦୟ ) ମୃଗ, ହରିଣ ।

ଭୀଷଣ, ବିଂ. ( ଭୀ-ଣିଚ୍ ଅନ ) ଭୟଙ୍କର, ଦାରୁଣ, ଗାଢ଼, ଦୃଢ଼ । ବି. ପୁଂ. ଶିବ, ଭୟାନକରସ, ଭୟ ।

ଭୀଷ୍ମ, ବି. ପୁଂ. (ଭୀ-ମ) ପାଣ୍ଡୁରାଜାଙ୍କ ପିତାମହର ଭ୍ରାତା, ଶାନ୍ତନୁ ରାଜାଙ୍କ ପୁତ୍ର, ଗାଙ୍ଗେୟ, ଯେ ଦାରପରିଗ୍ରହ ଓ ରାଜ୍ୟଭୋଗ କରି ନାହାନ୍ତି, ଶିବ, ରାକ୍ଷସ । ବିଂ. ଭୟାନକ, ଭୟଙ୍କର ।

ଭୀଷ୍ମକ, ବି. ପୁଂ. ବିଦର୍ଭରାଜ, ରୁକ୍ମିଣୀଙ୍କ ପିତା ।

ଭୀଷ୍ମପଞ୍ଚକ, ବି. ନ. କାର୍ତ୍ତିକ ଶୁକ୍ଳ ଏକାଦଶୀ ଅବଧି ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହି ପାଞ୍ଚ ତିଥିରେ କର୍ତ୍ତବ୍ୟ ବ୍ରତବିଶେଷ, ଏହି ପାଞ୍ଚ ତିଥି ।

ଭୀଷ୍ମସୂ / ଭୀଷ୍ମଜନନୀ } ବି. ସ୍ତ୍ରୀ. ( ଭୀଷ୍ମ-ସୂ-କ୍ୱିପ୍, ଜନନୀ ) ଭୀଷ୍ମଙ୍କ ମାତା, ଗଙ୍ଗା ।

ଭୀଷ୍ମାଷ୍ଟମୀ ବି. ସ୍ତ୍ରୀ. ମାଘ ମାସର ଶୁକ୍ଳ ଅଷ୍ଟମୀ ।

ଭୁଅଁ, ବି. (ଦେଶଜ) ଅଣ୍ଡିରା ବିରାଡ଼ି ।

ଭୁଅସୁଣୀ, ବି. (ଦେଶଜ) କୁଳବଧୂ, କୁଳସ୍ତ୍ରୀ ।

ଭୁଙ୍କିବା, କ୍ରି. (ଦେଶଜ) କୁକୁର ଭୋବାଇବା, ବୃଥା ବକ ହେବା, କଠିନ ବସ୍ତୁରେ ଶସ୍ତ୍ରାଦି ପ୍ରବେଶ କରିବା ।

ଭୁକ୍, ବିଂ. (ଭୁଜ୍-ିପ୍) ଭୋକ୍ତା, ଯେ ଭୋଜନ କରେ । ଯଥା—ଜଳଭୁକ୍ ଇତ୍ୟାଦି ।

ଭୁକ୍ତ, ବିଂ. (ଭୁଜ୍-ତ) ଭକ୍ଷିତ, ଉପଭୁକ୍ତ, ଅନ୍ତର୍ଗତ ।

ଭୁକ୍ତଭୋଗୀ, ବିଂ. ପୁନଃପୁନଃ ଭୋଗକର୍ତ୍ତା ।

ଭୁକ୍ତାବଶିଷ୍ଟ, ବିଂ. (ଭୁକ୍ତ-ଅବଶିଷ୍ଟ) ଅଇଁଠା ।

ଭୁକ୍ତି, ବି. ସ୍ତ୍ରୀ. (ଭୁଜ୍-ତି) ଭୋଜନ, ଭୋଗ ।

ଭୁଗ୍ନ, ବିଂ. (ଭୁଜ୍-ତ) ବକ୍ର, ବଙ୍କା, ରୋଗାଦି-ଦ୍ୱାରା କୁବ୍ଜୀକୃତ, ନତ ।

ଭୁଜ, ବି. ପୁଂ. (ଭୁଜ୍-ଅ) ବାହୁ, ହସ୍ତ, ଭୂର୍ଜପତ୍ର, ଧନୁକର ଆକୃତି, ଗୋଲକର ବସ୍ତୁ, ତ୍ରିକୋଣାଦି କ୍ଷେତ୍ରର ରେଖାବିଶେଷ, କୌଡ଼ିଲ୍ଲା ।

ଭୁଜକୋଟର, ବି. ପୁଂ. (ଭୁଜ-କୋଟର) କକ୍ଷ, କାଖ ।

ଭୁଜଗ, ବି. ପୁଂ. (ଭୁଜ-ଗମ୍-ଅ) ସର୍ପ, ଫଣୀ ।

ଭୁଜଗଦାରଣ, ବି. ପୁଂ. (ଭୁଜଗ-ଦାରଣ) ଗରୁଡ଼ ।

ଭୁଜଗାନ୍ତକ, ଭୁଜଗାଶନ } ବି. ପୁଂ. (ଭୁଜଗ-ଅନ୍ତକ, ଅଶନ) ଗରୁଡ଼, ମୟୂର ।

ଭୁଜଙ୍ଗ, ଭୁଜଙ୍ଗମ } ବି. ପୁଂ (ଭୁଜ-ଗମ୍-ଅ) ସର୍ପ, ବିଟ ।

ଭୁଜଙ୍ଗଭୁକ୍, ବି. ପୁଂ. (ଭୁଜଙ୍ଗ-ଭୁଜ୍ କ୍ୱିପ୍) ଗରୁଡ଼, ମୟୂର ।

ଭୁଜଶିରଃ, ବି. କ୍ଳୀ. (ଭୁଜ-ଶିରସ୍) ସ୍କନ୍ଧ, କାନ୍ଧ ।

ଭୁଜା, ବି. (ଦେଶଜ) ଚୁଡ଼ା, ମୁଢ଼ି ପ୍ରଭୃତି ଖାଦ୍ୟଦ୍ରବ୍ୟବିଶେଷ ।

ଭୁଜାନ୍ତର, ବି. କ୍ଳୀ. (ଭୁଜ-ଅନ୍ତର) ବକ୍ଷଃସ୍ଥଳ, ଅନ୍ୟ ଭୁଜ ।

ଭୁଜିଷ୍ୟ, ବି. ପୁଂ. (ଭୁଜ୍-ଇଷ୍ୟ) ଦାସ, ଭୃତ୍ୟ, ହସ୍ତସୂତ୍ର ।

ଭୁଟଭାଟ, ବି. (ଦେଶଜ) ଗୋପନୀୟ କଥା-ଭାଷା ।

ଭୁଞ୍ଜିବା, କ୍ରି. (ଦେଶଜ) ଭୋଗ କରିବା, ଭୋଜନ କରିବା । ଯଥା—

ନିଜଘର ସୁଖ ଭୁଞ୍ଜି ନାହିଁ ଘରେ
ଇଚ୍ଛା ହେବେ ଜର ଯଜ୍ଞେ ଦୂର । ବୈ. ବି.

ଭୁଡ଼ୁଙ୍ଗ, ବି. (ଦେଶଜ) ଭୂସା ।

ଭୁଣ୍ଡି, ବି. (ଦେଶଜ) ଭଣ୍ଡି, ଅଗ୍ରଭାଗ । ଯଥା—ଫଗୁଆଭୁଣ୍ଡି ।

ଭୁନ, ବି. (ଦେଶଜ) ବିଧବାର ବସ୍ତ୍ରବିଶେଷ ।

ଭୁରା, ବି. (ଦେଶଜ) ଗୁଡ଼ବିକାର ।

ଭୁରିକ୍, ବି. ସ୍ତ୍ରୀ. (ଭୁ-ଇକ୍) ପୃଥିବୀ ।

ଭୁଲ, ବି. (ଦେଶଜ) ବିସ୍ମୃତି, ଭ୍ରମ, ଭ୍ରାନ୍ତି ।

ଭୁଲତା, ବି. (ଭ୍ରୂଲତା ଶବ୍ଦର ଗ୍ରାମ୍ୟ ପ୍ରୟୋଗ) ଭ୍ରୂ ।

ଭୁଲାଇବା, କ୍ରି. (ଦେଶଜ) ଭ୍ରମ କରାଇବା ।

ଭୁଲିବା, କ୍ରି. ବିସ୍ମୃତ ହେବା, ପାସୋରିବା, ଭ୍ରାନ୍ତ ହେବା ।

ଭୁବନ, ବି. କ୍ଳୀ. (ଭୂ-ଅନ) ଜଗତ୍, ସପ୍ତ ପାତାଳ ଓ ସପ୍ତ ସ୍ୱର୍ଗ ଏହି ଚତୁର୍ଦ୍ଦଶ, ଜଳ, ଆକାଶ ।

ଭୁବନେଶ୍ୱର, ବି. (ଭୁବନ-ଈଶ୍ୱର) ପୁରୀଜିଲାସ୍ଥ ଶିବକ୍ଷେତ୍ରବିଶେଷ, ମହାଦେବବିଶେଷ, ଲିଙ୍ଗରାଜ ।

ଭୁବନେଶ୍ୱରୀ, ବି. ସ୍ତ୍ରୀ ଦଶ ମହାବିଦ୍ୟାନ୍ତର୍ଗତା ଦେବୀବିଶେଷ ।

ଭୁବଃ, ବି. (ଭୂ-ଅସ୍, ଭୂ ଇନ୍) ଆକାଶ, ସୂର୍ଯ୍ୟ ଓ ପୃଥିବୀର ମଧ୍ୟବର୍ତ୍ତୀ ପ୍ରଦେଶ, ସପ୍ତ ଲୋକ ମଧ୍ୟରୁ ଦ୍ୱିତୀୟ ଲୋକ ।

ଭୁବର୍ଲୋକ, ବି. ପୁଂ. (ଭୁବସ୍-ଲୋକ) ପୃଥିବୀ ଓ ସୂର୍ଯ୍ୟର ମଧ୍ୟପ୍ରଦେଶ ।

ଭୂଶୁଣ୍ଡା, ବ. (ଦେଶଜ) ମୋଟା ଲୋକ ।

ଭୂଶୁଣ୍ଡି, ବ. ସ୍ତ୍ରୀ. ଅଗ୍ନେୟାସ୍ତ୍ରବିଶେଷ । (ଦେଶଜ) ଅପଭ୍ରଷ୍ଟ, ଛୋଟା ପୁଟୁଳା ସ୍ତ୍ରୀ । ଯଥା—

> ଦେବନଗୃହରେ ପଶି ଭୂଶୁଣ୍ଡୀ
> ଗୋଟା ଗୋଟା କରି ଖେଳଇ ହାଣ୍ଡି ।

ଭୂଷା, ବ. (ଦେଶଜ) ପ୍ରହାର, କେଞ୍ଚା ।

ଭୂଷୀ } ବ. ( ଦେଶଜ ) ଯବ ଗୋଧୂମାଦିର
ଭୂସୀ } ଭୁକ୍, ଧାନ୍ୟାଦିର ଚୋପା ବା ତଷ୍ଟୁ ।

ଭୂଡିବା, କ୍ରି. (ଦେଶଜ) ବିନ୍ଧିବା, କେଞ୍ଚିବା ।

ଭୂଡୁକିବା } କ୍ରି. ( ଦେଶଜ ) ହଠାତ୍ ବାହାରି
ଭୂଡୁକ୍ରିବା } ଦେବା । ଯଥା—

> ଭୂଡୁକିବନ୍ତ ସହୋଦର ନାସ୍ପନ୍ଦ ଥିଲ । ବ ଚ.

ଭୂ, ବ. ସ୍ତ୍ରୀ. ( ଭୂ-° ) ପୃଥିବୀ, ସ୍ଥାନ, ଆଧାର, ଯଜ୍ଞାଗ୍ନି । ଅଂ. ପାତାଳ ।

ଭୂଇଁ, ବ. (ଭୂମି ଶବ୍ଦଜ) କ୍ଷେତ୍ର, କ୍ଷେତ ।

ଭୂଇଁଦଅଣ, (ଭୂମିଦାଳନ ଶବ୍ଦଜ) ରଜସଂକ୍ରାନ୍ତିର ପରବର୍ତ୍ତୀ ଦିବସ ।

ଭୂକଦମ୍ବ, ବ. ସ୍ତ୍ରୀ. ଯେଉଁ ଗ୍ରୀବାକୃତି ଭୂମିଖଣ୍ଡ ଅନ୍ୟ ଅପ୍ରଶସ୍ତ ଭୂମିଖଣ୍ଡ ଦ୍ୱୟକୁ ସଂଯୋଜିତ କରେ ।

ଭୂକମ୍ପ, ବ. ପୁଂ. (ଭୂ-କମ୍ପ) ଭୂମିକମ୍ପ, ପୃଥିବୀର କମ୍ପନ ।

ଭୂକର୍ଣ୍ଣ, ବ. ପୁଂ. ( ଭୂ-କର୍ଣ୍ଣ ) ଜ୍ୟୋତିଃଶାସ୍ତ୍ରରେ ନକ୍ଷତ୍ରମଣ୍ଡଳର ବ୍ୟାସାର୍ଦ୍ଧ ।

ଭୂକଶ୍ୟପ, ବ. ପୁଂ. (ଭୂ-କଶ୍ୟପ) ବସୁଦେବ, କୃଷ୍ଣଙ୍କ ପିତା ।

ଭୂକାକ, ବ. ପୁଂ. ନୀଳବର୍ଣ୍ଣ କପୋତ ।

ଭୂକେଶ, ବ. ପୁଂ. (ଭୂ-କେଶ) ଶୈବାଳ, ବଟ ବୃକ୍ଷ । ଶା, ସ୍ତ୍ରୀ. ରାକ୍ଷସୀ ।

ଭୂକ୍ଷିତ୍, ବ. ପୁଂ. (ଭୂ-କ୍ଷି-°) ଶୂକର ।

ଭୂଗର, ବ. ନ. (ଭୂ-ଗର) ଗରଳ, ବିଷ ।

ଭୂଗର୍ଭ, ବ. ପୁଂ. (ଭୂ-ଗର୍ଭ) ଭବଭୂତି କବି, ଭୂମିର ଅଭ୍ୟନ୍ତର ଭାଗ ।

ଭୂଗୋଳ, ବ. ପୁଂ. (ଭୂ-ଗୋଳ) ଭୂମଣ୍ଡଳ, ଯେଉଁ ଶାସ୍ତ୍ରଦ୍ୱାରା ପୃଥିବୀର ଉପରିଭାଗର ସବିଶେଷ ବୃତ୍ତାନ୍ତ ଜଣାଯାଏ ।

ଭୂଗୋଳବିଦ୍ୟା, ବ. ଯେଉଁ ବିଦ୍ୟାଦ୍ୱାରା ପୃଥିବୀର ଆକୃତି, ବିଭାଗ, ଗତି ଓ ସମ୍ବନ୍ଧ ଜଣାଯାଏ ତାହାକୁ ଭୂଗୋଳବିଦ୍ୟା କହନ୍ତି ।

ଭୂଚର, ବିଂ. (ଭୂ-ଚର) ଯେଉଁମାନେ ଭୂମିରେ ବାସ କରନ୍ତି, ମନୁଷ୍ୟ ଗୋ ଅଶ୍ୱ ପ୍ରଭୃତି ।

ଭୂଚକ୍ର, ବ. ନ. (ଭୂ-ଚକ୍ର) ପୃଥିବୀର ମାନଚିତ୍ର, ମ୍ୟାପ୍ ।

ଭୂଚ୍ଛାୟା ବ. ସ୍ତ୍ରୀ. (ଭୂ-ଛାୟା) ଅନ୍ଧକାର ।

ଭୂଜମ୍ବୁ, ବ. ସ୍ତ୍ରୀ. (ଭୂ-ଜମ୍ବୁ) ଗୋଧୂମ, ଗହମ ।

ଭୂତ, ବ. ପୁଂ. ନ (ଭୂ-ତ) ପିଶାଚ । ପୁଂ. ଶିବଙ୍କ ଅନୁଚର । ନ. ପୃଥିବୀ ଜଳ ଅଗ୍ନି ବାୟୁ ଆକାଶ ଏହି ପାଞ୍ଚ, ଜନ୍ତୁ, ଚେତନ ପଦାର୍ଥ, ପ୍ରାଣୀ, ସତ୍ୟ, ତତ୍ତ୍ୱାନୁସନ୍ଧାନ । ବିଂ. ଉତ୍ପନ୍ନ, ଅତୀତ, ଲବ୍ଧ, ଜ୍ଞାତ, ସତ୍ୟ, ତୁଲ୍ୟ, ସଦୃଶ, ସ୍ୱରୂପ, ଉଚିତ ।

ଭୂତକାଳ, ବ. ପୁଂ. ଅତୀତକାଳ ।

ଭୂତଘ୍ନ, ବ.ପୁଂ. (ଭୂତ-ଘ୍ନ)ଉଷ୍ଟ୍ର, ଉଟ, ଭୂର୍ଜବୃକ୍ଷ । ବିଂ. ଭୂତନାଶକ ।

ଭୂତଚତୁର୍ଦ୍ଦଶୀ, ବ. ସ୍ତ୍ରୀ କାର୍ତ୍ତିକ କୃଷ୍ଣଚତୁର୍ଦ୍ଦଶୀ, ଏହାକୁ ଯମଚତୁର୍ଦ୍ଦଶୀ କହନ୍ତି ।

ଭୂତଜଟା, ବ. ସ୍ତ୍ରୀ. ଜଟାମାଂସୀ ।

ଭୂତତ୍ତ୍ୱବିଦ୍ୟା, ବ. ନ. ପୃଥିବୀର ଅଭ୍ୟନ୍ତରସ୍ଥ ପଦାର୍ଥ ସମୁଦାୟର ନିର୍ଣ୍ଣୟାତ୍ମକ ଶାସ୍ତ୍ର ।

ଭୂତଧାତ୍ରୀ ବ. ସ୍ତ୍ରୀ.( ଭୂତ-ଧାତ୍ରୀ ) ଧରିତ୍ରୀ, ପୃଥିବୀ । ଯଥା—

> ଭୂତଧାତ୍ରୀ ମାତ ବସୁଧେ କିଆ ଦୁଃଖ ଭୁଲବେ ।

ଭୂତନାଥ } ବ. ପୁଂ. (ଭୂତ-ନାଥ, ଈଶ) ଶିବ ।
ଭୂତେଶ }

ଭୂତନାୟିକା, ବ. ସ୍ତ୍ରୀ. ( ଭୂତ-ନାୟିକା ) ଦୁର୍ଗା, ପାର୍ବତୀ ।

ଭୂତନାଶନ, ବି. ନ. ( ଭୂତ ନଶ୍-ଣିଚ୍-ଅନ ) ସର୍ଷପ, ରୁଦ୍ରାକ୍ଷ ।

ଭୂତପୂର୍ଣ୍ଣିମା, ବି. ସ୍ତ୍ରୀ. ( ଭୂତ-ପୂର୍ଣ୍ଣିମା ) ଆଶ୍ୱିନ ପୂର୍ଣ୍ଣିମା, କୋଜାଗର ପୂର୍ଣ୍ଣିମା ।

ଭୂତପୂର୍ବ, ବି°. (ପୂର୍ବରେ ଭୂତ) ଯାହା ପୂର୍ବରେ ଥିଲା, ପୂର୍ବ ।

ଭୂତଭାବନ, ବି. ପୁଂ. ( ଭୂତ-ଭାବି-ଅନ ) ସୃଷ୍ଟିକର୍ତ୍ତା ।

ଭୂତଭୃତ୍, ବି. ପୁଂ. (ଭୂତ ଭୃ ०) ପାଳନକର୍ତ୍ତା ।

ଭୂତଯଜ୍ଞ, ବି. ପୁଂ. ଜୀବମାନଙ୍କୁ ଖାଦ୍ୟଦାନ ।

ଭୂତଳ, ବି. ନ. (ଭୂ-ତଳ) ପାତାଳ, ଧରାତଳ, ପୃଥିବୀର ଉପରଭାଗ ।

ଭୂତବିକ୍ରିୟା, ବି. ସ୍ତ୍ରୀ. (ଭୂତ-ବିକ୍ରିୟା) ଅପସ୍ମାର ରୋଗ ।

ଭୂତଶୁଦ୍ଧି, ବି. ସ୍ତ୍ରୀ (ଭୂତ-ଶୁଦ୍ଧି) ଶରୀରସ୍ଥ ପାପ-ପୁରୁଷ ଦହନପୂର୍ବକ ଶରୀର ଶୋଧନ ।

ଭୂତସଞ୍ଚାର, ବି. ପୁଂ. ( ଭୂତ-ସମ୍-ଚର୍-ଅ ) ଭୂତାବେଶ । ସୀ, ସ୍ତ୍ରୀ. ଦାବାନଳ ।

ଭୂତସର୍ଗ, ବି. ନ. (ଭୂତ-ସର୍ଗ) ଭୂତସୃଷ୍ଟି, ଏହା ଚତୁର୍ଦ୍ଦଶବିଧ —ବ୍ରାହ୍ମ, ପ୍ରଜାପତ୍ୟ, ସୌମ୍ୟ, ଐନ୍ଦ୍ର, ଗାନ୍ଧର୍ବ, କୌବେର, ରାକ୍ଷସ, ପୈଶାଚ, ମନୁଷ୍ୟ, ସ୍ଥାବର, ପାଶବ, ମାର୍ଗ, ଶାକୁନିକ, ସାର୍ପ ।

ଭୂତାତ୍ମା, ବି. ପୁଂ. (ଭୂତ-ଆତ୍ମନ) ଦେହ, ଶିବ, ବ୍ରହ୍ମା, ବିଷ୍ଣୁ, ପରଂବ୍ରହ୍ମ, ଯୁଦ୍ଧ ।

ଭୂତାବିଷ୍ଟ, ବି°. ( ଭୂତ-ଆବିଷ୍ଟ ) ଭୂତଗ୍ରସ୍ତ, ଭୂତାଶ୍ରିତ ।

ଭୂତାରି, ବି. ନ. (ଭୂତ-ଅରି) ହେଙ୍ଗୁ ।

ଭୂତାର୍ତ୍ତ, ବି°. (ଭୂତ-ଆର୍ତ୍ତ) ଭୂତାବିଷ୍ଟ, ଭୂତଗ୍ରସ୍ତ ।

ଭୂତାର୍ଥ, ବି°. ( ଭୂତ-ଅର୍ଥ ) ଯଥାର୍ଥ, ସତ୍ୟ, ଅକୃତ୍ରିମ ।

ଭୂତାବାସ, ବି. ପୁଂ. ( ଭୂତ-ଆବାସ ) ଶରୀର, ଦେହ, ବିଷ୍ଣୁ, ବୃକ୍ଷବିଶେଷ ।

ଭୂତାବେଶ, ବି. ପୁଂ. (ଭୂତ-ଆବେଶ) ଭୂତସଞ୍ଚାର ।

ଭୂତି, ବି. ସ୍ତ୍ରୀ. ( ଭୂ-ତି ) ଶିବଙ୍କର ଅଣିମାଦି ଅଷ୍ଟବିଧ ଐଶ୍ୱର୍ଯ୍ୟ, ଭସ୍ମ, ମହିମା, ସମ୍ପତ୍ତି ସିଦ୍ଧି, ଉତ୍ପତ୍ତି, ଅଭ୍ୟୁଦୟ, ମଙ୍ଗଳ, ଉତ୍କର୍ଷ, ମାତଙ୍ଗର ହିନ୍ଦୂରାଦି ସଜ୍ଜା, ହସ୍ତିଶୃଙ୍ଗାର ।

ଭୂତିକୀଳ, ବି. ପୁଂ. ଭୂଖାତ, ଖାଲ ।

ଭୂତିଗର୍ଭ, ବି. ପୁଂ. (ଭୂତି ଗର୍ଭ) ଭବଭୂତି ।

ଭୂତିନିଧାନ, ବି. ନ. ( ଭୂତି-ନିଧାନ ) ଧନିଷ୍ଠା ନକ୍ଷତ୍ର ।

ଭୂତେଶ, ବି ପୁଂ. (ଭୂତ-ଈଶ) ଶିବ ।

ଭୂତ୍ତମ, ବି. ନ. (ଭୂ-ଉତ୍ତମ) କାଞ୍ଚନ, ସୁବର୍ଣ୍ଣ ।

ଭୂଦାର, ବି. ପୁଂ. (ଭୂ-ଦୃ-ଅ) ବରାହ, ଶୂକର ।

ଭୂଦେବ } ବି. ପୁଂ. ( ଭୂ-ଦେବ, ସୁର )
ଭୂସୁର } ବ୍ରାହ୍ମଣ ।

ଭୂଦେଷ, ବି. ପୁଂ. ହିଂସା, ମିଥ୍ୟା, ପ୍ରତାରଣା ପ୍ରଭୃତି ।

ଭୂଧର, ବି. ପୁଂ. (ଭୂ-ଧର) ଅନନ୍ତଦେବ, ଯନ୍ତ୍ର-ବିଶେଷ, ପର୍ବତ ।

ଭୂନମ୍ବ, ବି. ପୁଂ. (ଭୂ-ନିମ୍ବ) ଚିରେଇତା ।

ଭୂପ
ଭୂପତି } ବି. ପୁଂ. (ଭୂ-ପ, ପତି, ପାଳ, ଭୁଜ୍)
ଭୂପାଳ } ରାଜା, ନୃପ ।
ଭୂଭୁଜ୍

ଭୂପଦ, ବି. ପୁଂ. (ଭୂ-ପଦ) ତରୁ, ବୃକ୍ଷ । ପୀ, ସ୍ତ୍ରୀ. ମଲ୍ଲିକା ।

ଭୂପୁତ୍ରୀ, ବି. ସ୍ତ୍ରୀ. (ଭୂ-ପୁତ୍ରୀ) ସୀତା, ଜାନକୀ ।

ଭୂଭୃତ୍ } ବି. ପୁଂ. (ଭୂ, ଭୂମି-ଭୃ ०) ପର୍ବତ,
ଭୂମିଭୃତ୍ } ନୃପତି ।

ଭୂମଣ୍ଡଳ, ବି. (ଭୂ-ମଣ୍ଡଳ) ପୃଥିବୀ ।

ଭୂମୟ, ବି°. (ଭୂ-ମୟ) ମୃଦାତ୍ମକ, ମୃଣ୍ମୟ । ୟୀ, ସ୍ତ୍ରୀ. ଛାୟା, ସୂର୍ଯ୍ୟପତ୍ନୀ ।

ଭୂମା, ବି°. (ଭୂ-ମନ୍) ଭୂୟିଷ୍ଠ, ବହୁଳ, ଅଧିକ । ବି. ପୁଂ. ସର୍ବବ୍ୟାପୀ ପୁରୁଷ ।

ଭୂମି } ବି. ପୁଂ ସ୍ତ୍ରୀ. ( ଭୂ-ମି ) ପୃଥିବୀ, ସ୍ଥାନ,
ଭୂମୀ } କ୍ଷେତ୍ର, ଆଧାର, ଆକାର, ଜିହ୍ବା ।

ଭୂମିକା, ବି. ସ୍ତ୍ରୀ. ( ଭୂମି-କ-ଆ ) ବେଶ ଧାରଣ, ରୂପାନ୍ତର ପରିଗ୍ରହ, ସଜାଇବା, ରଚନା, ଗ୍ରନ୍ଥର ଆଭାସ, ବକ୍ତବ୍ୟ ବିଷୟର ସୂଚନା, ବିଷ୍ଣା ।

ଭୂମିଚମ୍ପକ, ବି. ପୁଂ. ( ଭୂମି-ଚମ୍ପକ ) ପୁଷ୍ପବୃକ୍ଷ-ବିଶେଷ, ଭୂଇଁଚମ୍ପାଗଛ ।

ଭୂମିଜ, ବି. ପୁଂ. (ଭୂମି-ଜ) ମଙ୍ଗଳଗ୍ରହ, ନରକ ରାଜା, ନରକାସୁର । ବିଂ. ପୃଥିବୀଜାତ, କ୍ଷେତ୍ରୋତ୍ପନ୍ନ ।

ଭୂମିଜା, ବି. ସ୍ତ୍ରୀ. (ଭୂମି-ଜା) ସୀତା, ଜାନକୀ ।

ଭୂମିଜୀବୀ, ବି. ପୁଂ. ( ଭୂମି-ଜୀବିନ୍ ) ବୈଶ୍ୟ, କୃଷିଜୀବୀ ।

ଭୂମିଦେବ, ବି. ପୁଂ. ( ଭୂମି-ଦେବ ) ଭୂଦେବ, ବ୍ରାହ୍ମଣ ।

ଭୂମିପ } ବି. ପୁଂ. ( ଭୂମି-ପ,ପତି ) ଭୂପତି,
ଭୂମିପତି } ରାଜା ।

ଭୂମିପାଳ, ବି. ପୁଂ. (ଭୂମି-ପାଳ) ଭୂପତି, ରାଜା ।

ଭୂମିଭୁଜ, ବି. ପୁଂ. (ଭୂମି-ଭୁଜ) ରାଜା,ଭୂପତି ।

ଭୂମିରୁହ, ବି. ପୁଂ. (ଭୂମି-ରୁହ) ବୃକ୍ଷ, ଗଛ ।

ଭୂମିଲେପନ, ବି. ନ. (ଭୂମି-ଲେପନ) ଗୋମୟ, ଗୋବର ।

ଭୂମିବର୍ଦ୍ଧନ, ବି. ପୁଂ. ନ. (ଭୂମି-ବର୍ଦ୍ଧନ) ମୃତ ଦେହ, ଶବ, ମଡ଼ା ।

ଭୂମିଷ୍ଠ, ବିଂ. (ଭୂମି-ସ୍ଥା-ଅ) ପ୍ରଣତ, ଭୂମିରେ ପତିତ, ଭୂମିରେ ସ୍ଥିତ, ଜାତ, ଉତ୍ପନ୍ନ । ଯଥା—

ଭୂମିଷ୍ଠ ହୁଅଇ ଜୀବ ଜନନୀଜଠରୁ । ମ. ଯା.

ଭୂମିସମ୍ଭବା, ବି. ସ୍ତ୍ରୀ. ( ଭୂମି-ସମ୍ଭବା ) ସୀତା, ଜାନକୀ ।

ଭୂମିସ୍ପୃକ୍, ବି. ପୁଂ. (ଭୂମି-ସ୍ପୃଶ୍-ଙ) ମନୁଷ୍ୟ, ବୈଶ୍ୟ, ଚୋରବିଶେଷ, ଅନ୍ଧ, ଲେଙ୍ଗଡ଼ା । ବିଂ. ଭୂମିସ୍ପର୍ଶକାରୀ ।

ଭୂମୀନ୍ଦ୍ର, ବି. ପୁଂ. (ଭୂମି-ଇନ୍ଦ୍ର) ନୃପତି, ରାଜା ।

ଭୂୟଃ, ବିଂ. (ବହୁ-ଈୟସ୍) ବହୁତର, ଅଧିକ । ବି. ନ. ବାହୁଲ୍ୟ, ଆଧିକ୍ୟ । ଅଂ. ପୁନଃପୁନଃ, ବାରମ୍ବାର ।

ଭୂୟିଷ୍ଠ, ବିଂ. ( ବହୁ-ଇଷ୍ଠ ) ପ୍ରଚୁର, ବହୁଳ, ଅଧିକ ।

ଭୂରି, ବିଂ.ଅଂ. (ଭୂ-ରି) ଅଧିକ, ଅନେକ, ବହୁ । ବି. ନ. ସୁବର୍ଣ୍ଣ । ପୁଂ. ବ୍ରହ୍ମା, ବିଷ୍ଣୁ, ଶିବ ।

ଭୂରିପ୍ରେମା, ବି. ପୁଂ. (ଭୂରି-ପ୍ରେମନ୍) ଚକ୍ରବାକ-ପକ୍ଷୀ ।

ଭୂରିଶ୍ରବାଃ, ବି. ପୁଂ. (ଭୂରି-ଶ୍ରବସ୍) ଚନ୍ଦ୍ରବଂଶୀୟ ସୋମଦତ୍ତ ରାଜପୁତ୍ର, ଅର୍ଜୁନ ତାହାଙ୍କୁ ବଧ କରିଥିଲେ ।

ଭୂରୁହ, ବି. ପୁଂ. (ଭୂ-ରୁହ) ବୃକ୍ଷ, ଗଛ ।

ଭୂର୍ଜ } ବି. ପୁଂ. (ଭୂ-ଉର୍ଜ-ଅ) ଭୂର୍ଜପତ୍ରର
ଭୂର୍ଜପତ୍ର } ଗଛ, ମୃଦୁତ୍ୱକ୍ ।

ଭୂର୍ଜକଣ୍ଟକ, ବି. ପୁଂ. (ଭୂର୍ଜ-କଣ୍ଟ-କ) ବର୍ଣ୍ଣସଙ୍କର ଜାତିବିଶେଷ

ଭୂର୍ଲୋକ, ବି. ପୁଂ (ଭୂର୍-ଲୋକ) ମର୍ତ୍ତ୍ୟଲୋକ, ପୃଥିବୀ ।

ଭୂଲତା, ବି. ସ୍ତ୍ରୀ. (ଭୂ-ଲତା) କିଞ୍ଚୁଲୁକ, ଜିଆ ।

ଭୂଲ୍ଲେଖୀ, ବିଂ. (ଭୂ-ଉଦ୍-ଲିଖ-ଇନ) ଯେଉଁ ପକ୍ଷିମାନେ ଭୂମି ଖନନ କରି ଆହାର ଅନ୍ୱେଷଣ କରନ୍ତି ।

ଭୂଷଣ, ନ. } ବି. (ଭୂଷ୍-ଅନ, ଆ) ଅଳଙ୍କାର,
ଭୂଷା, ସ୍ତ୍ରୀ. } ଆଭରଣ, ସଜ୍ଜା, ଶୋଭା, ଅଳଂକୃତକରଣ ।

ଭୂଷିତ, ବିଂ. (ଭୂଷ୍-ତ) ଅଳଂକୃତ, ଶୋଭିତ, ସଜ୍ଜିତ ।

ଭୂଷିବା, କ୍ରି. (ଦେଶଜ) କେଞ୍ଚିବା । ଯଥା—

ଭଣି ଗୀତେ ଏତେ ଅନାପନ୍ନେ ମୋତେ
ଭୂଷିଦେଲ ହଲେ ଝଟଧ୍ୱନ ।

ଭୂଷ୍ୟ, ବିଂ. ( ଭୂଷ-ଯ ) ଅଳଙ୍କାର୍ଯ୍ୟ, ଭୂଷଣ-ଯୋଗ୍ୟ ।

ଭୂସୁତ, ବି. ପୁଂ. (ଭୂ-ସୁତ) ମଙ୍ଗଳଗ୍ରହ, ନରକାସୁର ।

ଭୂସୁତା, ବି. ସ୍ତ୍ରୀ. (ଭୂ-ସୁତା) ସୀତା, ଜାନକୀ ।

ଭୂସ୍ପୃକ୍ } ବି. ପୁଂ. (ଭୂ-ସ୍ପୃଶ୍-୦) ମନୁଷ୍ୟ ।
ଭୂସ୍ପୃଶ୍ } ବିଂ. ଭୂମିସ୍ପର୍ଶକାରୀ ।

ଭୂସ୍ୱର୍ଗ, ବି. ପୁଂ. (ଭୂ-ସ୍ୱର୍ଗ) ସୁମେରୁ ପର୍ବତ ।

ଭୂସ୍ୱାମୀ, ବି. ପୁଂ. (ଭୂ-ସ୍ୱାମିନ୍) ରାଜା, ଭୂପତି, ଜମିଦାର ।

ଭ୍ରୂକୁଂସ } ବି, ପୁଂ. (ଭ୍ରୂ-କୁନ୍ସ୍(ଶ୍)-ଅ)
ଭ୍ରୂକୁଂଶ } ସ୍ତ୍ରୀବେଶଧାରୀ ନଟ ।

ଭ୍ରୂକୁଟି, ବି. ସ୍ତ୍ରୀ. (ଭ୍ରୂ-କୁଟ୍-ଇ) ଭ୍ରୂଭଙ୍ଗୀ, ଭ୍ରୂକୁଟି ।

ଭୃଗୁ, ବି. ପୁଂ. (ଭ୍ରସ୍ଜ୍-ଉ) ମୁନିବିଶେଷ, ବଂଶ-ବିଶେଷ, ଦୈବ, ଶୁକ୍ରାଚାର୍ଯ୍ୟ, ଅତ୍ୟୁଚ୍ଚ ସ୍ଥାନ, ପର୍ବତାଦିର ତାଳୁପ୍ରଦେଶ । ଯଥା—

ଝର୍ଝର ଶବଦେ ଚକିତା ନିର୍ଝର ଯହିଁ ଗଡ଼ଇ,
ଭୃଗୁରୁ ଭୃଗୁକୁ ଡେଇଁ ପଡ଼ଇ ।

ଭୃଗୁପତି, ବି. ପୁଂ. (ଭୃଗୁ-ପତି) ପରଶୁରାମ ।

ଭୃଗୁସୁତ, ବି. ପୁଂ. (ଭୃଗୁ-ସୁତ) ଶୁକ୍ରାଚାର୍ଯ୍ୟ, ପରଶୁରାମ ।

ଭୃଙ୍ଗ, ବି. ପୁଂ. (ଭୃ-ଗ) ଭ୍ରମର । ଯଥା—

କମଳ ସୁବାସ ଅଙ୍ଗ ଚଉପାଶ ବେଢ଼ି ଉଡ଼ନ୍ତି ଭୃଙ୍ଗ ।
ଉ. ଭ.

ଲମ୍ପଟ, ବୃକ୍ଷବିଶେଷ ।

ଭୃଙ୍ଗଜ, ବି. ପୁଂ. ଅଗୁରୁ. ସୁଗନ୍ଧ କାଷ୍ଠବିଶେଷ ।

ଭୃଙ୍ଗରାଜ, ବି. ପୁଂ (ଭୃଙ୍ଗ-ରାଜ୍-ଅ) ଭ୍ରମର, ପକ୍ଷିବିଶେଷ, ଯନ୍ତ୍ରବିଶେଷ, ବୃକ୍ଷବିଶେଷ ।

ଭୃଙ୍ଗରଟ, ଭୃଙ୍ଗାରଟ } ବି. ପୁଂ. (ଭୃଙ୍ଗ-ରଟ
ଭୃଙ୍ଗରିଟି, ଭୃଙ୍ଗାରିଟି } ଅ, ଅ=ଇବା, ଇ)
ଶିବାନୁଚର, ଭୃଙ୍ଗୀ ।

ଭୃଙ୍ଗାର, ବି. ପୁଂ. (ଭୃ-ଆର) ଜଳପାତ୍ରବିଶେଷ । ନ. ଲବଙ୍ଗ, ସୁବର୍ଣ୍ଣ ।

ଭୃଙ୍ଗାରିକା } ବି. ସ୍ତ୍ରୀ. (ଭୃଙ୍ଗ-ଅର-କ)
ଭୃଙ୍ଗାରୀ } ଝୁରଅପୋକ, ଝିଲ୍ଲୀ ।

ଭୃଙ୍ଗୀ, ବି. ପୁଂ. (ଭୃଙ୍ଗ-ଇନ୍) ଶିବଙ୍କର ଜଣେ ଅନୁଚର ।

ଭୃଙ୍ଗୀଶ, ବି. ପୁଂ. (ଭୃଙ୍ଗୀ-ଈଶ) ଶିବ, ମହାଦେବ ।

ଭୃତ୍, ବିଂ. (ଭୃ-୦) ପାଳନକର୍ତ୍ତା, ଧାରଣକର୍ତ୍ତା ।

ଭୃତ, ବିଂ. (ଭୃ-ତ) ପାଳିତ, ପୁଷ୍ଟ, ପୂର୍ଣ୍ଣ ।

ଭୃତକ, ବିଂ. (ଭୃ-ତ-କ) ବେତନଗ୍ରାହୀ, ଭୃତ୍ୟ । ବି ନ. ବେତନ । ପୁଂ. ମାସ ।

ଭୃତଭୂତି, ବିଂ. (ଭୃତ-ଭୂତି) କ୍ଷମତାଶାଳୀ, ଉନ୍ନତ, ବର୍ଦ୍ଧମାନ, ଭସ୍ମଲେପିତ ।

ଭୃତି, ବି. ନ. (ଭୃ-ତି) ବେତନ, ପୁଞ୍ଜି, ମୂଳଧନ, ଭରଣ, ପାଳନ, ମୂଲ୍ୟ, ପୂରଣ ।

ଭୃତିଜୀବୀ, ବିଂ. (ଭୃତି-ଜୀବ-ଇନ୍) ବେତନ-ଭୋଗୀ, ବେତନଗ୍ରାହୀ ।

ଭୃତିଭୁକ୍, ବିଂ. (ଭୃତି-ଭୁଜ୍-୦) ବେତନଭୋଗୀ, ବେତନଗ୍ରାହୀ ।

ଭୃତ୍ୟ, ବି. ପୁଂ. (ଭୃ-ଯ) ଦାସ, ଚାକର । ବିଂ. ପାଳ୍ୟ ।

ଭୃମି, ବି. ପୁଂ. (ଭ୍ରମ୍-ଇ) ଘୂର୍ଣ୍ଣି ବାୟୁ, ଆବର୍ତ୍ତ, ଜଳର ଭଉଁରୀ, ଭ୍ରମଣ ।

ଭୃଶ, ବିଂ. (ଭୃଶ-ଅ) ବହୁ, ଅନେକ । ଅ. ଅତ୍ୟର୍ଥ, ସାତିଶୟ, ବାରବାର, ପୁନଃପୁନଃ ।

ଭୃଷ୍ଟ, ବିଂ. (ଭ୍ରସ୍ଜ୍-ତ) ଭର୍ଜିତ, ଭଙ୍ଗା, ଭଜା ।

ଭୃଷ୍ଟାନ୍ନ, ବି. ନ. (ଭୃଷ୍ଟ-ଅନ୍ନ) ଚାଉଳ ସିଦ୍ଧ କରି ଭାଜିବା, ମୁଢ଼ି ।

ଭୃଷ୍ଟି, ବି. ସ୍ତ୍ରୀ. (ଭ୍ରସ୍ଜ୍-ତି) ଭର୍ଜନ, ଜନଶୂନ୍ୟ ଉଦ୍ୟାନ ।

ଭେକ, ବି ପୁଂ. (ଭୀ-କ) ମଣ୍ଡୂକ, ବେଙ୍ଗ । ଯଥା—

ପଙ୍କଶୂନ୍ୟ ଏବେ ସରୋବର ଜଳ ନଦୀ ଦେହ କୃଶ ଅତି ।
ଭେକ ମୀନ ଆଦି ଜଳଚର ପ୍ରାଣୀ ମରନ୍ତି ଲଭି ଦୁର୍ଗତି ।
ଲ. ମା.

ମେଘ ।

ଭେକ } ବି. ( ଦେଶଜ ) ବେଶ, ବୃତ୍ତି,
ଭେଖ } ଅବସ୍ଥା ।

ନମୋ ନନ୍ଦ ପଦ୍ମଭୃଙ୍ଗ, ଭକତଜନଙ୍କର ଭେକ । ଦା. ଭ.

ଭେକଟା, ବି.(ଦେଶଜ) ଏକପ୍ରକାର ବଡ଼ ମାଛ, ଚିଲିକାରେ ଏହି ମାଛ ଦେଖାଯାଏ । ଯଥା—

ଧଳ୍ଲାର ମୁକୁଳା ଶୁକ୍ତି ବର୍ଣ୍ଣଛଟା,
ଶଙ୍ଖାବୃତ ବପୁ ପ୍ରକଟେ ଭେକଟା । ଚିଲିକା.

ଭେକଭୁକ୍, ବି. ପୁଂ. ( ଭେକ-ଭୁଜ-୦ ) ସର୍ପ, ଭୁଜଙ୍ଗମ ।

ଭେକା, ବି. (ଦେଶଜ) ବିହ୍ଵଳ, ବାହ୍ୟଜ୍ଞାନଶୂନ୍ୟ, ଭେଲକା । ଯଥା—

ଭେକା କରିଦେଲା ଦେଖାକି ଭୀଷଣ ଅଶ୍ରୁତପୂର୍ବ ଘଟନା,
ଯେତେ ଅଛିଲା ଯେ ପାପରେ ସ୍ୱରୂପ କରି ନ ପାରି କଳ୍ପନା ।
ପାର୍ବତୀ ।

ଭେଙ୍କ, ବି. ( ଦେଶଜ ) ବୃକ୍ଷବିଶେଷ, ଫଳବିଶେଷ ।

ଭେଟ, (ଦେଶଜ) ସାକ୍ଷାତ୍, ଦେଖା, ଭେଟି । ଯଥା—

ଭେଟ ହୁଅନ୍ତେ ବାରିଲେ ବାରଣ ମାନେ କି ପ୍ରେମିକମନ,
ମଣ୍ଡୁକ ମୂଳରେ ପଥ ଓଗାଳିଲେ ଥାନ୍ତି କି ତହିଁ ଭଜନ ।
କେ. କୌ.

ଭେଟଣା, ବି.(ଦେଶଜ) ଭୂତ ପିଶାଚଙ୍କ ସଙ୍ଗେ ହଠାତ୍ ଭେଟ ହେବା ।

ଭେଟିବା, କ୍ରି. (ଦେଶଜ) ସାକ୍ଷାତ୍ କରିବା । ଯଥା—

ଭେଟିବାକୁ ମୃତ୍ୟୁଭୂମି କରିଲ ଲଙ୍କାରେ । କ. ବ.

ଭେଟୀ, ବି. (ଦେଶଜ, ଉପଢୌକନ ।

ଭେଡ଼ା, ବି. (ଦେଶଜ) ମେଷ, ମେଣ୍ଢା, ଗାଡ଼ର, ଶସ୍ୟକ୍ଷେତ୍ରର ମଧ୍ୟବର୍ତ୍ତୀ ପଡ଼ିଆ ଓ ଜଙ୍ଗଲମୟ ଭୂମି । ସ୍ତ୍ରୀ. ଭେଡ଼ୀ ।

ଭେଣ୍ଡା, ବି. (ଦେଶଜ) ଯୁବା ପୁରୁଷ । ଯଥା —

ଗଣ୍ଡା ଗଣ୍ଡା ଲଡ଼ୁ ସମେ ଚଣ୍ଡ ପାଇକେ ସନ୍ନାଦ୍ଧ ।
ଭେଣ୍ଡ ଭେଣ୍ଡା ବିଜ ପରଶିଲେ ପୂର୍ଣ୍ଣ ପକ୍ଷେ ଅନାଡ଼ ।
ଗୋ ବ. ନା.

ଭେଣ୍ଡି, ବି. (ଦେଶଜ) ଖାଦ୍ୟଫଳବିଶେଷ ।

ଭେଣ୍ଡୀ, ବି. (ଦେଶଜ) ଯୁବତୀ ।

ଭେଦ, ବି. ପୁଂ. (ଭିଦ୍-ଅ) ବିଚ୍ଛେଦ, ଅନୈକ୍ୟ, ବୈଲକ୍ଷଣ୍ୟ, ବିଭାଗ, ଛେଦନ, ବିଦାରଣ, ବେଧନ, ଭଙ୍ଗ, ଉପାଧି, ବିଶେଷ, ଭିନ୍ନତା, ପ୍ରକାଶ, ରେଚନ, ଉଦରଭଙ୍ଗ, ମନୋଭଙ୍ଗ, ଉନ୍ମେଷ, ଅନ୍ୟୋନ୍ୟଭାବ ।

ଭେଦକ, ବିଂ. (ଭିଦ୍-ଅକ) ବିଦାରକ,ବିଶେଷକାରକ, ବିରେଚକ ଔଷଧାଦି ।

ଭେଦନ, ବି. ନ. (ଭିଦ୍-ଅନ) ବିଦାରଣ, ଭଙ୍ଗକରଣ, ବେଧନ,ବ୍ୟାଘାତକରଣ, ଅନୈକ୍ୟକରଣ, ବିଚ୍ଛେଦକରଣ, ବିରେଚନ ।

ଭେଦା, ବି. (ଦେଶଜ) ଗୃନା ।

ଭେଦିତ, ବିଂ. (ଭେଦ-ତ) ବିଦାରିତ, ପୃଥକ୍କୃତ, ଛେଦିତ ।

ଭେଦୀ, ବିଂ (ଭେଦ-ଇନ) ଭେଦକାରୀ, ଭେଦବିଶିଷ୍ଟ । ( ଦେଶଜ ) ବିରେଚକ, ଯାହା ଝାଡ଼ା କରାଏ ।

ଭେଦୁର } ବି. ନ. (ଭିଦ୍-ଉର,ଇର) ଭିଦୁର,
ଭେଦିର } ବଜ୍ର ।

ଭେଦ୍ୟ, ବିଂ. ( ଭିଦ୍-ଯ ) ଭେଦନୀୟ, ବିଦାର୍ଯ୍ୟ, ବିଶେଷ୍ୟ, ବିଭାଜ୍ୟ ।

ଭେନ, ବି. ପୁଂ. ( ଭ = ଗ୍ରହନକ୍ଷତ୍ରାଦି-ଇନ= ଅଧିପତି) ସୂର୍ଯ୍ୟ ।

ଭେରୀ,ପୁଂ. } ବି. (ଭୀ ର) ଢକ୍କା, ବାଦ୍ୟଯନ୍ତ୍ର
ଭେରୀ,ସ୍ତ୍ରୀ. } ବିଶେଷ ।

ଭେରେଣ୍ଡା, ବି. ପୁଂ. (ଏରଣ୍ଡ ଶବ୍ଦଜ) ଗଛବିଶେଷ, (ଦେଶଜ) ଅଣ୍ଡିରା ବଳୁଆ ।

ଭେଲ, ବି. ପୁଂ. ( ଭୀ ର ) ଉଡ଼ୁପ, ଭେଳା, ମୁନିବିଶେଷ । ବିଂ. ଭୀରୁ, ମୂର୍ଖ, ଚଞ୍ଚଳ । (ଦେଶଜ) କୁଙ୍କୁମ । ଯଥା—

ଭଲ ସୁନା ବୋଲି ଭବେ ଯା ବଳସେ,
ଭେଲ ବିନା ଚନ୍ଦ୍ରରୂପ ନ କସେ । ଦ ବା.

ଭେଲକ, ବି. ନ. ( ଭେଲ-କ ) ଉଡ଼ୁପ, ଭେଳା ।

ଭେଲ୍କ, ବି. କୁହୁକ ।

ଭେଲା, ବି. ପଟାଳି, ଯାହା ପାଣିରେ ଭାସେ, ଆଶ୍ରୟ । ଯଥା—

ସଂସାର ସାଗରୁ ପାର ହେବାପାଇଁ ବାନ୍ଧିଅଛ ଆଶା-ଭେଳା ।

ଭେଷଜ, ବି. ନ. ( ଭେଷ-ଜି-ଅ ) ଭୈଷଜ୍ୟ, ଔଷଧ ।

ଭେଷଜାଙ୍ଗ, ବି. ନ. (ଭେଷଜ-ଅଙ୍ଗ) ଅନୁପାନ, ଔଷଧର ସହିତ ପାନୀୟ ରସାଦି ।

ଭେଡ଼ା, ବି. (ଦେଶଜ) କଦର୍ଯ୍ୟ ।

ଭୈକ୍ଷ, ବି. ନ. ( ଭିକ୍ଷା-ଅ ) ଭିକ୍ଷାଲବ୍ଧ ବସ୍ତୁ, ଭିକ୍ଷା ।

ଭୈକ୍ଷଜୀବୀ
ଭୈକ୍ଷଭୁକ୍
ଭୈକ୍ଷାଶୀ } ବି°. ( ଭୈକ୍ଷ-ଜୀବନ୍, ଭୁଜ୍, ଅଶିନ୍ ) ଭିକ୍ଷୁ ଜୀବୀ, ଯେ ଭିକ୍ଷାଲବ୍ଧ ବସ୍ତୁଦ୍ୱାରା ଜୀବିକା ନିର୍ବାହ କରେ ।

ଭୈମୀ, ବି. ସ୍ତ୍ରୀ. ( ଭୀମ ଅ-ଈ ) ଦମୟନ୍ତୀ, ଭୀମ ଏକାଦଶୀ, ମାଘ ଶୁକ୍ଲୈକାଦଶୀ ।

ଭୈରବ, ବି. ପୁଂ. (ଭୀରୁ-ଅ) ଶିବ, ମହାଦେବ, ମହାଦେବଙ୍କର ଭୟଙ୍କର ମୂର୍ତ୍ତି-ଅସିତାଙ୍ଗ, ରୁରୁ, ଚଣ୍ଡ, କ୍ରୋଧ, ଉନ୍ମତ୍ତ, କୁପିତ, ଭୀଷଣ, ସଂହାର ଏହି ଆଠ, ରାଗ-ବିଶେଷ, ନଦବିଶେଷ, ଭୟଙ୍କର ରୂପ ।

ଭୈରବୀ, ବି. ସ୍ତ୍ରୀ. ରାଗିଣୀବିଶେଷ, ଶୈବ ସ୍ତ୍ରୀବିଶେଷ । ବି°. ଭୟଙ୍କର ।

ଭୈଷଜ
ଭୈଷଜ୍ୟ } ବି ନ. ( ଭେଷଜ-ଅ, ଯ ) ଭେଷଜ, ଔଷଧ ।

ଭୈଷ୍ମୀ, ବି. ସ୍ତ୍ରୀ. (ଭୀଷ୍ମକ-ଅ, ଅପତ୍ୟାର୍ଥେ ଈ, ସ୍ତ୍ରୀ) ଭୀଷ୍ମକ ରାଜକନ୍ୟା, ରୁକ୍ମିଣୀ ।

ଭୋ
ଭୋଃ } ଅ°. (ଭା-ଓ, ଓସ୍) ସମ୍ବୋଧନସୂଚକ, ଶବ୍ଦ ।

ଭୋଇ, ବି. (ଦେଶଜ) ବାହକ, ନୀଚଜାତି-ବିଶେଷ, ପ୍ରାଚୀନ କାଳରେ ଯେଉଁମାନେ ଗ୍ରାମର କର ଆଦାୟ କରି ଜମିଦାର ବା ରାଜାଙ୍କୁ ଦେଉଥିଲେ, ରାଜକର୍ମଚାରୀ-ବିଶେଷ ।

ଭୋକ, ବି. (ଦେଶଜ) କ୍ଷୁଧା ।

ଭୋକୀ
ଭୋକିଲା } ବି°. ( ଦେଶଜ ) କ୍ଷୁଧାର୍ତ୍ତ । ଯଥା —

ଭୋକିଲା ପରକି ସୁଧା ଭୁଞ୍ଜି ଚମ୍ପି ଶିରେ ପଦ କରଛିଲୁ ରେ ।

ଭୋକ୍ତବ୍ୟ, ବି°. (ଭୁଜ୍-ତବ୍ୟ) ଭୋଜନଯୋଗ୍ୟ, ଉପଭୋଗ୍ୟ ।

ଭୋକ୍ତା, ବି°. ( ଭୁଜ୍-ତୃ ) ଭୋଜନକର୍ତ୍ତା ଭୋଗୀ ।

ଭୋଗ, ବି. ପୁଂ. ( ଭୁଜ୍-ଅ ) ସୁଖ, ସୁଖଦୁଃଖା-ନୁଭବ, ଉପଭୋଗ, ଧନ, ଭୋଜନ, ସର୍ପ, ସର୍ପର ଦେହ, ସର୍ପଫଣା, ପଣ୍ୟସ୍ତ୍ରୀର ବେତନ, ପାଳନ, ଦେହ ।

ଭୋଗଗୁଚ୍ଛ, ବି. ନ. ସମ୍ଭୋଗ ନିମିତ୍ତ ବେଶ୍ୟାକୁ ଦେବାଯୋଗ୍ୟ ଧନ ।

ଭୋଗଗୃହ, ବି. ନ ( ଭୋଗ-ଗୃହ ) ବାସଗୃହ, ଅନ୍ତଃପୁର ।

ଭୋଗଦେହ, ବି. ପୁଂ. ସୂକ୍ଷ୍ମଶରୀର, ଯେ ଶରୀରରେ ସୁଖଦୁଃଖ ଭୋଗ ହୁଏ ।

ଭୋଗଭୂମି, ବି. ସ୍ତ୍ରୀ. (ଭୋଗ-ଭୂମି) ସୁଖଭୋଗର ସ୍ଥାନ, ସ୍ୱର୍ଗ ।

ଭୋଗବାନ୍, ବି. ପୁଂ. ( ଭୋଗ-ବତ୍ ) ସର୍ପ, ନୃତ୍ୟ, ଗୀତ । ବି°. ଭୋଗବିଶିଷ୍ଟ ।

ଭୋଗବତୀ, ବି. ସ୍ତ୍ରୀ. (ଭୋଗ-ବତ୍ ଈ) ପାତାଳ-ଗଙ୍ଗା, ନାଗପୁରୀ । ବି°. ଭୋଗବିଶିଷ୍ଟା ।

ଭୋଗସଦ୍ମ, ବି. ନ. ( ଭୋଗ-ସଦ୍ମନ୍ ) ବାସ-ଗୃହ ।

ଭୋଗାବଳୀ, ବି. ସ୍ତ୍ରୀ. (ଭୋଗ-ଆବଳୀ) ସ୍ତୁତି, ପ୍ରଶଂସା, ନାଗପୁରୀ ।

ଭୋଗାର୍ହ, ବି. ନ. ( ଭୋଗ-ଅର୍ହ ) ଧନ, ସମ୍ପତ୍ତି ।

ଭୋଗିକ, ବି. ପୁଂ. (ଭୋଗ-ଇକ) ଅଶ୍ୱପାଳକ, ସହିସ ।

ଭୋଗୀ, ବି. ପୁଂ. ( ଭୋଗ-ଇନ୍ ) ସର୍ପ, ରାଜା, ଗ୍ରାମାଧ୍ୟକ୍ଷ ଭଣ୍ଡାରି । ବିଂ. ଭୋଗବିଶିଷ୍ଟ, ଭୋଗକାରୀ, ସୁଖୀ । ଗିନୀ, ସ୍ତ୍ରୀ. ମହାଦେବ୍ୟଭିନ୍ନ ରାଜାର ଅନ୍ୟାନ୍ୟ ସ୍ତ୍ରୀ ।

ଭୋଗୀନ୍ଦ୍ର, ଭୋଗୀଶ } ବି. ପୁଂ. ( ଭୋଗିନ୍-ଇନ୍ଦ୍ର, ଈଶ) ସର୍ପରାଜ, ଅନନ୍ତଦେବ; ବାସୁକି ।

ଭୋଗେଇ, ବି. ( ଦେଶଜ ) ବାଉଁଶପାତିଆ ପ୍ରଭୃତିରେ ନିର୍ମିତ କ୍ଷୁଦ୍ର ପାତ୍ର ।

ଭୋଗ୍ୟ, ବିଂ. (ଭୁଜ୍-ଯ) ଭୋଗର ଯୋଗ୍ୟବସ୍ତୁ, ଭୋଗାର୍ହ । ବି. ନ. ଧନ, ଧାନ୍ୟ ।

ଭୋଗ୍ୟା, ବି. ସ୍ତ୍ରୀ. ( ଭୋଗ୍ୟ-ଆ ) ଗଣିକା, ବେଶ୍ୟା ।

ଭୋଜ, ବି. ପୁଂ. (ଭୁଜ୍-ଅ) ଭୋଜପୁର, ଧାରା ନଗରର ରାଜାବିଶେଷ, ଯଦୁବଂଶ ।

ଭୋଜନ, ବି. ନ. (ଭୁଜ୍-ଅନ) ଭକ୍ଷଣ, ଭକ୍ଷ୍ୟ-ଦ୍ରବ୍ୟ ।

ଭୋଜବିଦ୍ୟା, ବି. ସ୍ତ୍ରୀ. ଐନ୍ଦ୍ରଜାଲିକ ବିଦ୍ୟା, ଭେଲ୍କି ।

ଭୋଜ, ଭୋଜି } ବି. (ଭୋଜ୍ୟ ଶବ୍ଦଜ) ଉତ୍ସବାଦିରେ ଭୋଜନ । ଯଥା—

ବିଦେହ ରାଜନ ଭୋଜି ସମ୍ଭାର ରଚିଅଛି । ବୈ. ବି

ଭୋଜ୍ୟ, ବିଂ. ( ଭୁଜ୍-ଯ ) ଭକ୍ଷ୍ୟବସ୍ତୁ, ଭୋଜବଂଶୀୟ, ମହାଦେବ ।

ଭୋଟାଙ୍ଗ, ବି. ପୁଂ. ଦେଶବିଶେଷ, ଭୁଟାନ ।

ଭୋଦୁଅ, ବି. (ଭାଦ୍ର ଶବ୍ଦଜ) ଭାଦ୍ର ମାସ ।

ଭୋପା, ବି. ( ଦେଶଜ ) ଦେଉଳର ପୂଜକ-ବିଶେଷ, ସାହସୀ, ବହୁଭାଷୀ ।

ଭୋର, ବି. (ଦେଶଜ) ପ୍ରଭାତ, ନିଶାବସାନ ।

ଭୋଲ, ବି. (ଭ୍ରମ ଶବ୍ଦଜ) ଭ୍ରମ, ବିସ୍ମରଣ । ଯଥା—

ପାସୋରେ ଆପଣା ବିନୟ ପ୍ରେମ ମୋହନ ଭୋଳେ । ଚ ଗୁ.

ଭୋଳା, ବିଂ. (ବିହ୍ୱଳ ଶବ୍ଦଜ) ଉନ୍ମତ୍ତ, ଭ୍ରାନ୍ତ, ନିର୍ଲିପ୍ତ ।

ଭୋଳାନାଥ, ବି. (ଦେଶଜ) ଶିବ, ନିର୍ଲିପ୍ତ ଲୋକ ।

ଭୌତ, ବିଂ. (ଭୂତ-ଅ) ଭୂତସମ୍ବନ୍ଧୀୟ । ବି.ପୁଂ. ଭୂତଯକ୍ଷ । ତୀ-ସ୍ତ୍ରୀ. ରଜନୀ, ରାତ୍ରି ।

ଭୌତିକ, ବିଂ. ( ଭୂତ-ଇକ ) ଭୂତସମ୍ବନ୍ଧୀୟ, ଭୂତକୃତ । ବି. ପୁଂ. ମହାଦେବ ।

ଭୌତିକନିୟମ, ବି. ଯେଉଁ ନିୟମରେ ଭୌତିକ ପଦାର୍ଥର କାର୍ଯ୍ୟ ନିର୍ବାହ ହୁଏ, ଯେପରି ଅଗ୍ନିରେ ଅନ୍ନପାକ ହୁଏ, ଜଳରେ ନୌକା ମଗ୍ନ ହୁଏ, ବୃକ୍ଷାଦିରୁ ପତିତ ହେଲେ ହସ୍ତପଦାଦି ଭଗ୍ନ ହୋଇଯାଏ ଇତ୍ୟାଦି ।

ଭୌତିକପଦାର୍ଥ, ବି. ଜଳ ବାୟୁ ସ୍ୱର୍ଣ୍ଣ ରୌପ୍ୟ ମୃତ୍ତିକା ପ୍ରଭୃତି ଅଚେତନ ପଦାର୍ଥ, ଯେଉଁ ସକଳ ବସ୍ତୁ ଏକ ପ୍ରାକୃତିକ ପରମାଣୁର ଯୋଗରେ ଉତ୍ପନ୍ନ ହୁଏ ।

ଭୌମ, ବି. ପୁଂ. (ଭୂମି-ଅ) ମଙ୍ଗଳଗ୍ରହ, ନରକାସୁର । ବିଂ. ଭୂମିସମ୍ବନ୍ଧୀୟ, ଭୂମିଜାତ । ମୀ, ସ୍ତ୍ରୀ. ସୀତା, ଜାନକୀ ।

ଭ୍ରଂଶ, ବି ପୁଂ. (ଭ୍ରନ୍ଶ୍-ଅ ) ପତନ, ଚ୍ୟୁତ ହେବା, ପଳାୟନ ।

ଭ୍ରୁକୁଂସ, ଭ୍ରୁକୁଂଶ, ବି. ପୁଂ. (ଭ୍ରୂ-କୁନ୍ସ୍ (ଶ)-ଅ) ସ୍ତ୍ରୀବେଶଧାରୀ ନଟ ।

ଭ୍ରୁକୁଟି, ବି. ପୁଂ. ( ଭ୍ରୂ-କୁଟି-ଅ ) ଭ୍ରୁକୁଟୀ, କ୍ରୋଧାଦିଦ୍ୱାରା ଭ୍ରୂର ବକ୍ରତା ।

ଭ୍ରମ, ବି. ପୁଂ. (ଭ୍ରମ୍-ଅ) ମିଥ୍ୟାଜ୍ଞାନ, ଭ୍ରାନ୍ତି, ଭ୍ରମଣ, ଜଳଭ୍ରମ, ଜଳାବର୍ତ୍ତ, ଜଳନିର୍ଗମ ସ୍ଥାନ, ନର୍ଦ୍ଦମ, କୁମ୍ଭକାରର ଚକ୍ର, କୁନ୍ଦଯନ୍ତ୍ର, ଭୁଲ ।

ଭ୍ରମଣ, ବି. ନ. (ଭ୍ରମ୍-ଅନ) ପର୍ଯ୍ୟଟନ, ବୁଲିବା ।

ଭ୍ରମର, ବି. ପୁଂ. (ଭ୍ରମ୍-ଅର) ମଧୁକର, ଭୃଙ୍ଗ, ଅଳି । ଯଥା—

କଳା ଭ୍ରମରକୁ ଜିଣି ମାଳମାରେ ଦଶେ ମୃଗତୃଷ୍ଣା ଜଳ । ର. ମା.

କାମୁକ । ସ୍ତ୍ରୀ. ଭ୍ରମରୀ ।

ଭ୍ରମରକ, ବି. ପୁଂ. (ଭ୍ରମର-କ) ଭୃଙ୍ଗ, ବାଳ-ମୃତ୍ତିକ, ମୂଷା, ଶୃଙ୍ଗ, ଜଳଭ୍ରମ, ଲଲାଟଲମ୍ବିତ ଚୂର୍ଣ୍ଣକୁନ୍ତଳ ।

ଭ୍ରମରାଳକ, ବି. ପୁଂ. ଭ୍ରମର-ଅଳକ) ଲଲାଟସ୍ଥିତ ଚୂର୍ଣ୍ଣକୁନ୍ତଳ ।

ଭ୍ରମି, ବି. ସ୍ତ୍ରୀ. ( ଭ୍ରମ-ଇ ) ଘୂର୍ଣ୍ଣିଜଳ, ଆବର୍ତ୍ତ, ଭ୍ରମଣ, ଭ୍ରାନ୍ତି, ଘୂର୍ଣ୍ଣନ ।

ଭ୍ରଷ୍ଟ, ବିଂ. (ଭ୍ରନ୍ଶ୍-ତ) ଗଳିତ, ଚ୍ୟୁତ, ପତିତ, ଅଧାର୍ମିକ, ଦୋଷଯୁକ୍ତ, ନଷ୍ଟ । ଷ୍ଟା-ସ୍ତ୍ରୀ. ବ୍ୟଭିଚାରିଣୀ ସ୍ତ୍ରୀ ।

ଭ୍ରାଜକ, ବି. ସ୍ତ୍ରୀ. (ଭ୍ରାଜ୍-ଅକ) ଶରୀରସ୍ଥ ଧାତୁ-ବିଶେଷ, ପିତ୍ତ । ବିଂ. ଦୀପ୍ତିକାରକ ।

ଭ୍ରାଜଥୁ, ବି. ପୁଂ. (ଭ୍ରାଜ୍-ଅଥୁ) ଦୀପ୍ତି, ଶୋଭା ।

ଭ୍ରାଜିଷ୍ଣୁ, ବିଂ. ( ଭ୍ରାଜ୍-ଇଷ୍ଣୁ ) ଦୀପ୍ତିଶୀଳ, ଶୋଭାଯୁକ୍ତ, ଉଜ୍ଜ୍ୱଳ ।

ଭ୍ରାଜୀ, ବିଂ. (ଭ୍ରାଜ୍-ଇନ୍) ଦୀପ୍ତିଶୀଳ, ଶୋଭାଯୁକ୍ତ ।

ଭ୍ରାତା, ବି. ପୁଂ. (ଭ୍ରାଜ୍-ତୃ) ସହୋଦର, ଭାଇ ।

ଭ୍ରାତୁଷ୍ପୁତ୍ର, ବି. ପୁଂ. ( ଭ୍ରାତୁଃ-ପୁତ୍ର ) ଭ୍ରାତାର ସନ୍ତାନ ।

ଭ୍ରାତୃଜ, ବି. ପୁଂ. (ଭ୍ରାତୃ-ଜନ୍-ଅ) ଭ୍ରାତୃପୁତ୍ର, ପୁତୁରା ।

ଭ୍ରାତୃଜା, ବି. ସ୍ତ୍ରୀ. ( ଭ୍ରାତୃ-ଜା ) ଭ୍ରାତୁଷ୍କନ୍ୟା, ଝିଆରି ।

ଭ୍ରାତୃଦ୍ୱିତୀୟା, ବି. ସ୍ତ୍ରୀ. ଭାଇଦ୍ୱିତୀୟା, କାର୍ତ୍ତିକ ଶୁକ୍ଳଦ୍ୱିତୀୟା ।

ଭ୍ରାତୃବ୍ୟ. ବି. ପୁଂ. ( ଭ୍ରାତୃ-ବ୍ୟ ) ଭ୍ରାତୁଷ୍ପୁତ୍ର, ପୁତୁରା, ଶତ୍ରୁ ।

ଭ୍ରାତୃଶ୍ୱଶୁର, ବି. ପୁଂ. ସ୍ୱାମିଙ୍କ ଜ୍ୟେଷ୍ଠ ଭ୍ରାତା, ଦେଢ଼ଶୁର ।

ଭ୍ରାତ୍ରୀୟ, ବିଂ. ( ଭ୍ରାତୃ-ଈୟ ) ଭ୍ରାତୃସମ୍ବନ୍ଧୀୟ । ବି. ପୁଂ. ଭ୍ରାତୁଷ୍ପୁତ୍ର ।

ଭ୍ରାନ୍ତ, ବିଂ. (ଭ୍ରମ୍-ତ) ଘୂର୍ଣ୍ଣାୟମାନ, ଭ୍ରମଣଯୁକ୍ତ, ଭ୍ରାନ୍ତିଯୁକ୍ତ । ବି. ନ. ଭ୍ରମଣ ।

ଭ୍ରାନ୍ତି, ବି. ସ୍ତ୍ରୀ. (ଭ୍ରମ୍-ତି) ଭ୍ରମଣ, ଭ୍ରମ, ଭୁଲ । ଯଥା—

ହର କରେ ଫଣାମଣି ତରଙ୍ଗର ଭ୍ରାନ୍ତି । କ, ବ,

ଭ୍ରାନ୍ତିମାନ୍, ବିଂ. (ଭ୍ରାନ୍ତି-ମତ୍) ଭ୍ରାନ୍ତିଯୁକ୍ତ । ବି. ପୁଂ. କାବ୍ୟାଳଙ୍କାରବିଶେଷ, ସାଦୃଶ୍ୟ ହେତୁରୁ ପ୍ରକୃତ ବିଷୟରେ କବି କଳ୍ପନା-କୃତ ଅନ୍ୟବସ୍ତୁର ଭ୍ରମ ।

ଭ୍ରାନ୍ତିହର, ବିଂ. ( ଭ୍ରାନ୍ତି-ହର ) ଭ୍ରମନାଶକ । ବି. ପୁଂ. ମନ୍ତ୍ରୀ ।

ଭ୍ରାମକ, ବି. ପୁଂ. ( ଭ୍ରମ ଅକ ) ଶୃଗାଳ, ଧୂର୍ତ୍ତ, ଚୁମ୍ବକପଥର । ବିଂ. ଭ୍ରମଜନକ ।

ଭ୍ରାମର, ବି. ନ. ( ଭ୍ରମର ଅ ) ମଧୁ, ନୃତ୍ୟ-ବିଶେଷ, ଚୁମ୍ବକପଥର । ବିଂ. ଭ୍ରମରସମ୍ବନ୍ଧୀୟ ।

ଭ୍ରାମରୀ, ବି. ସ୍ତ୍ରୀ. ( ଭ୍ରମର-ଅ, ଈ ) ପାର୍ବତୀ, ଦୁର୍ଗା । (ମହାସୁରଙ୍କୁ ଛଳନା କରିବା ନିମିତ୍ତ ପାର୍ବତୀ ଭ୍ରମରରୂପ ଧରିଥିଲେ )

ଭ୍ରାଷ୍ଟ୍ର, ବି ପୁଂ. ନ. (ଭ୍ରସ୍ଜ୍ ତ) ଭର୍ଜ୍ଜନପାତ୍ର । ବି ଆକାଶ ।

ଭ୍ରୂ, ବି. ସ୍ତ୍ରୀ. ( ଭ୍ରମ୍-ଉ ) ଚକ୍ଷୁର ଊର୍ଦ୍ଧ୍ୱ ଓ ଲଲାଟର ନିମ୍ନସ୍ଥିତ ରୋମରାଜି ।

ଭ୍ରୂକୁଟି, ଭ୍ରୂକୁଟି, ବି. ସ୍ତ୍ରୀ. ( ଭ୍ରୂ କୁଟ୍-ଇ ) କ୍ରୋଧାଦିଦ୍ୱାରା ଭ୍ରୂର ବକ୍ରତା, ଭ୍ରୂଭଙ୍ଗ ।

ଭ୍ରୂକ୍ଷେପ, ବି. ପୁଂ. ( ଭ୍ରୂ-କ୍ଷେପ ) ଭ୍ରୂଭଙ୍ଗ, ଭ୍ରୂଚାଳନ, ଭ୍ରୂବିଳାସ ।

ଭ୍ରୂକୁଂସ, ଭ୍ରୂକୁଂଶ. ବି. ପୁଂ. ( ଭ୍ରୂ-କୁନ୍ସ୍-ଅ ) ସ୍ତ୍ରୀବେଶଧାରୀ ନଟ ।

ଭ୍ରୂଣ, ବି. ପୁଂ. ( ଭ୍ରୂଣ-ଅ ) ବାଳକ, ଗର୍ଭସ୍ଥ ସନ୍ତାନ ।

ଭ୍ରୂଣଘ୍ନ, ବିଂ. (ଭ୍ରୂଣ ହନ୍-ଅ) ଭ୍ରୂଣହତ୍ୟାକାରୀ ।

ଭ୍ରୂଣହତ୍ୟା, ବି. ସ୍ତ୍ରୀ. ଗର୍ଭସ୍ଥ ଜୀବର ପ୍ରାଣବଧ ।

ଭ୍ରୂଣହା, ବିଂ. (ଭ୍ରୂଣ ହା) ଭ୍ରୂଣହତ୍ୟାକାରକ ।

ଭ୍ରୂଭଙ୍ଗ, ଭ୍ରୂଭଙ୍ଗି, ଭ୍ରୂଭଙ୍ଗୀ } ବି. ପୁଂ. ଭ୍ରୂକୁଟି, ଭ୍ରୂବିଳାସ । ଯଥା—

ଭ୍ରୂଲଙ୍ଗ ମାନଙ୍କେ ଯାର ନହନ୍ତ ନୂପର
ଭ୍ରମ୍ପ ହୋଇ ଉଡ଼ନ୍ତହିଁ ଲଜ୍ଜାଲେ ବୁଡ଼ନ୍ତି । କ. ବ

ଭ୍ରୂଲତା, ବ. ସ୍ତ୍ରୀ. ଚକ୍ଷୁର ଉପରଭାଗସ୍ଥିତ ଲୋମଶ୍ରେଣୀ, ଭ୍ରୂଲତା ।

ଭ୍ରେଷଣ, ବ.ନ. (ଭ୍ରେଷ୍-ଅନ) ଚଳନ, ଗମନ ।

---

## ମ

ମ, ବ୍ୟଞ୍ଜନବର୍ଣ୍ଣର ପଞ୍ଚବିଂଶ ବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ ଓଷ୍ଠ । ବ. ପୁଂ. (ମା— ପରିମାଣ କରିବା-ଅ) କଷ୍ଟ, ଶିବ, ଯମ,ସମୟ, ଚନ୍ଦ୍ର, ବିଷ, ମନୁଷ୍ୟ, ବ୍ରହ୍ମା ।

ମଁ,ଅ. ( ଦେଶଜ ) ବିତର୍କ ଓ ନିଶ୍ଚୟାର୍ଥକ ଅବ୍ୟୟ ।

ମଅଳ, ବ. (ମଳୀମସ ଶବ୍ଦଜ) ମଇଳା, ମଳିନ ।

ମଇ, ବ. (ଦେଶଜ) କ୍ଷେତ୍ରର ଢେଲା ଭାଙ୍ଗିବା ନିମିତ୍ତ ବ୍ୟବହୃତ କାଷ୍ଠ ଅବା ବାଉଁଶନିର୍ମିତ ସିଡ଼ି ।

ମଇଦା, ବ. ( ଯାବନିକ ) ଗହମର ଅତି ସରୁ ଚୂନା ।

ମଇଳା, ବି. (ମ୍ଳାନ ଶବ୍ଦଜ) ଅପରିଷ୍କୃତ ।

ମଇଁଷି, ବ. ସ୍ତ୍ରୀ. (ମହିଷ ଶବ୍ଦର ଅପଭ୍ରଂଶ ) ପଶୁବିଶେଷ । ଯଥା—

ଅରଣା ମଇଁଷି ରହିଛି ଅନାଇ,
ମଇଁଷିର ପ୍ରାଣ ନ ଯାଅ ବନାଇ । ମଧୁସୂଦନ

ମଇଁଷାଳ / ମଇଁଷିଆଳ } ବ. (ଦେଶଜ) ଯେଉଁମାନେ ମଇଁଷି ଜଗନ୍ତି, ଗଉଡ଼ ।

ମଉଛବ / ମଉଛ } ବ. ( ମହୋତ୍ସବ ଶବ୍ଦର ଗ୍ରାମ୍ୟ ପ୍ରୟୋଗ ) ମହୋତ୍ସବ ।

ମଉଜ, ବ. ( ଦେଶଜ ) ଆମୋଦପ୍ରମୋଦ, ମୌଜ । ଯଥା—

ଶୂନ୍ୟ ଘରୋଦ୍ୟାନ ଯହିଁ ବେଶଭୂଷାଥାଇ,
ମଉଜେ ବହୁଥିଲେ ନାଗରିକ ଯୁବା । ଦ. ବ.

ମଉଡ଼, ବ. (ମୁକୁଟ ଶବ୍ଦଜ) ଟୋପି, ମୁକୁଟ ।

ମଉନ, ବି. (ମୌନ ଶବ୍ଦଜ) ତୁନି । ଯଥା—

ତୁମ୍ଭ ପଦର ନୂପୁର ପଘୁରଛୁ ଖସି,
ମଉନରେ ପଡ଼ିଥିଲା ଏଠାରେ ପ୍ରେୟସୀ । କ. ବ.

ମଉଳା, ବ. (ମାଉଳ ଶବ୍ଦଜ) ମାଉଳ, ମାମୁଁ ।

ମଉଳିବା, କ୍ରି ( ମ୍ଳାନ ଶବ୍ଦଜ) ଝାଉଁଳିବା । ଯଥା—ଫୁଲଟି ମଉଳି ଯାଇଅଛି ।

ମଉସା, ବ୍. ପୁଂ. ( ମାତୃସ୍ୱସା ଶବ୍ଦଜ ) ମାଉସୀର ଭଗିନୀପତି ।

ମକଚିବା, କ୍ରି. (ଦେଶଜ) ଦଳିବା ।

ମକଦମ୍, ବ. ( ଯାବନିକ ) ମଧ୍ୟସ୍ୱତ୍ୱାଧିକାରୀ ଭୂସ୍ୱାମୀ ।

ମକଦମା, ବ. (ଯାବନିକ) ଅଭିଯୋଗ, ନାଲିଶ୍, ଧର୍ମଦ୍ୱାରରେ ବିଚାରର ପ୍ରାର୍ଥନା ।

ମକଦମୀ, ବ. (ଯାବନିକ) ମକଦମର ଅଧିକାର ବା କର୍ମ, ଏକପ୍ରକାର ଜମିଦାରୀ ।

ମକମକ, ଅ. (ଦେଶଜ) ଶାମୁକା ପ୍ରଭୃତିଙ୍କର ଶବ୍ଦ, ଅନୁକରଣ ।

ମକର, ବ. ପୁଂ. (ମ-କୃ-ଅ) ମକରରାଶି, ମତ୍ସ୍ୟବିଶେଷ, କାମଦେବଙ୍କ ଧ୍ୱଜ, ଦଶମରାଶି, କୁବେରଙ୍କ ନିଧିବିଶେଷ, ଗଙ୍ଗାଙ୍କ ବାହନ ।

ମକରକେତନ, ବ. ପୁଂ. ( ମକର-କେତନ ) ସମୁଦ୍ର, କନ୍ଦର୍ପ, ମୀନକେତନ, ମକରମତ୍ସ୍ୟର ଗୃହ ।

ମକରକେତୁ, ବ. ପୁଂ. (ମକର-କେତୁ) କନ୍ଦର୍ପ ।

ମକରକ୍ରାନ୍ତି, (Tropic Capricorn) ବିଷୁବ ରେଖାରେ ୨୩ ½ ଅଂଶ ଦକ୍ଷିଣରେ ଅବସ୍ଥିତ ରେଖା ।

ମକରଧ୍ୱଜ, ବ. ପୁଂ. ( ମକର-ଧ୍ୱଜ ) ମଦନ, କନ୍ଦର୍ପ, ଔଷଧବିଶେଷ ।

ମକରନ୍ଦ, ବ. ପୁଂ. ( ମକର-ଦୋ-ଅ ) ପୁଷ୍ପର ମଧୁ, ପୁଷ୍ପରସ, କୁନ୍ଦ ଫୁଲର ଗଛ, ପୁଷ୍ପରେଣୁ ।

ମକରବ୍ୟୂହ, ବି. ପୁଂ. ମକରାକାର ସୈନ୍ୟ-ବିନ୍ୟାସ ।

ମକରାକର } ବି. ପୁଂ. ( ମକର-ଆକର,
ମକରାଳୟ } ଆଳୟ) ସମୁଦ୍ର ।

ମକରାଙ୍କ, ବି. ପୁଂ. ( ମକର-ଅଙ୍କ ) ମକରଧ୍ୱଜ, ମଦନ, ସମୁଦ୍ର ।

ମକରାଶ୍ୱ, ବି ପୁଂ. (ମକର-ଅଶ୍ୱ) ବରୁଣ ।

ମକରିକା, ବି. ସ୍ତ୍ରୀ. ( ମକର-ଇକ-ଆ ) ମକରାକାର ପତ୍ରାବଳୀ ।

ମକରୀ, ବି.ପୁଂ. (ମକର-ଇନ୍) ସମୁଦ୍ର, ଗଣ୍ଡଜନ୍ତୁବିଶେଷ ।

ମକା, ବି (ଦେଶଜ) ଏକପ୍ରକାର ଶସ୍ୟ ।

ମକାର, ବି. ପୁଂ. (ମ-କାର) ମ ଅକ୍ଷର, ମତ୍ସ୍ୟ ମାଂସ ମଦ୍ୟ ମୁଦ୍ରା ମୈଥୁନ ଏହି ପାଞ୍ଚ ।

ମକୁଟ, ବି. ନ. (ମନ୍କ୍-ଉଟ) ମୁକୁଟ, ଶିରୋଭୂଷଣ ।

ମକୁଟା, ବି. (ଦେଶଜ) ରେଶମୀ ବସ୍ତ୍ରବିଶେଷ । ପାଟଖଦି ।

ମକୁର, ବି. ପୁଂ. ( ମନ୍କ୍-ଉର ) କୁମ୍ଭକାରର ଦଣ୍ଡ, ଆଦର୍ଶ, ଦର୍ପଣ, ମୁକୁଳ, ବକୁଳବୃକ୍ଷ ।

ମକୁଳ, ବି. ପୁଂ. (ମନ୍କ୍-ଉଳ) ମୁକୁଳ,କଳିକା, ବକୁଳ ।

ମକ୍କା, ବି. ( ଯାବନିକ ) ଦେଶବିଶେଷ, ଆରବ ଦେଶର ରାଜଧାନୀ, ମୁସଲମାନମାନଙ୍କର ପ୍ରଧାନ ତୀର୍ଥ ।

ମକ୍କେଲ, ବି. (ଯାବନିକ) ମହକିଲ, ଓକିଲ ପ୍ରଭୃତି ଯାହାର ପ୍ରତିନିଧିରୂପେ କାର୍ଯ୍ୟ କରନ୍ତି ।

ମକ୍କୋଲ, ବି. ପୁଂ. (ମକ୍କ୍-ଓଲ) କଟିନୀ, ଖଡ଼ୀ ।

ମକ୍ଷ, ବି. ପୁଂ. (ମକ୍ଷ୍-ଅ ) ସମୂହ, କ୍ରୋଧ, ନିଜ ଦୋଷ ଗୋପନ କରିବା ।

ମକ୍ଷିକା } ବି. ସ୍ତ୍ରୀ. ( ମକ୍ଷ୍-ଅକ-ଆ ) କୀଟ
ମକ୍ଷୀକା } ବିଶେଷ, ମାଛି ।

ମକ୍ଷିକାମଳ, ବି. ନ. (ମକ୍ଷିକା-ମଳ) ମହମ ।

ମଖ, ବି. ପୁଂ. (ମଖ୍-ଅ) ଯାଗ, ଯଜ୍ଞ, କତୁ ।

ମଖନ, ବି. (ଦେଶଜ) ନହୁଣୀ, ନବନୀତ ।

ମଖମଲ, ବି. (ଯାବନିକ) ବସ୍ତ୍ରବିଶେଷ ।

ମଖଶାଳା, ବି. ସ୍ତ୍ରୀ. (ମଖ-ଶାଳା) ଯଜ୍ଞଶାଳା ।

ମଗଜ, ବି. ପୁଂ. (ଯାବନିକ) ମସ୍ତିଷ୍କ, ମଜ୍ଜା ।

ମଗଜଲଡ଼ୁ, ବି. ( ଦେଶଜ ) ଏକପ୍ରକାର ମିଷ୍ଟାନ୍ନ ।

ମଗଦୂର, ବି (ଯାବନିକ) କ୍ଷମତା, ଯୋଗ୍ୟତା ।

ମଗଧ, ବି. ପୁଂ. ( ମଗ-ଧା-ଅ ) ଦକ୍ଷିଣ ବେହାର ଦେଶ, ସ୍ତୁତିପାଠକ ।

ମଗଧେଶ୍ୱର, ବି. ପୁଂ. (ମଗଧ-ଈଶ୍ୱର) ଜରାସନ୍ଧ ରାଜା, ମଗଧ ଦେଶର ଅଧିପତି ।

ମଗର, ବି (ମକର ଶବ୍ଦଜ) ମକର, ଜଳଜନ୍ତୁବିଶେଷ ।

ମଗରା, ବିଂ. (ଦେଶଜ) ଏକଗୁଆ, ଅବାଧ୍ୟ । ଯଥା—

ଚଲୁଥା ଯେ ତଡ ମଗରା ଗରଡ଼ ଶୁଣିଲେ ହେବ ପ୍ରଚଣ୍ଡ ।

ମଗୁଶିର, ବି. (ଦେଶଜ) ମାର୍ଗଶିର ମାସ ।

ମଗ୍ନ, ବିଂ. ( ମସଜ୍-ତ ) ଅନ୍ତଃପ୍ରବିଷ୍ଟ, ଯେ ବୁଡ଼ିଥାଏ ।

ମଘ, ବି ପୁଂ. (ମହ-ଅ) ଦ୍ୱୀପବିଶେଷ,ମଘନାମକ ମ୍ଳେଚ୍ଛମାନଙ୍କର ଦେଶ, ସୁଖ, ପୂଜା । ନ. ପୁଷ୍ପବିଶେଷ ।

ମଘବା, ବି. ପୁଂ. (ମହ-ଅନ୍, ବ ଆଗମ) ଇନ୍ଦ୍ର, ଦେବରାଜ ।

ମଘା, ବି. ସ୍ତ୍ରୀ. (ମହ ଅ) ନକ୍ଷତ୍ରବିଶେଷ, ଦଶମନକ୍ଷତ୍ର, ଔଷଧବିଶେଷ ।

ମଘାଭୂ, ବି. ପୁଂ. (ମଘା-ଭୂ) ଶୁକ୍ରଗ୍ରହ ।

ମଙ୍ଗ, ବି. ପୁଂ ( ମନ୍ଗ-ଅ ) ନୌକାର ଶିରୋଭାଗ ।

ମଙ୍ଗନ } ( ମଙ୍ଗଳ ଶବ୍ଦଜ ) ବିବାହର ପୂର୍ବ
ମଙ୍ଗଳନ } ଦିବସ ।

ମଙ୍ଗଳ, ବି. ନ. (ମଙ୍ଗ୍-ଅଳ) କ୍ଷେମ, କୁଶଳ, ଶୁଭ । ପୁଂ. କୁଜଗ୍ରହ । ସ୍ତ୍ରୀ. ଉମା, ପାର୍ବତୀ, ଦୁର୍ଗା, ପତିବ୍ରତା ସ୍ତ୍ରୀ, ହରିଦ୍ରା । ବିଂ. ଶୁଭଦାୟକ ।

ମଙ୍ଗଳଚଣ୍ଡିକା } ବି. ସ୍ତ୍ରୀ. ଦୁର୍ଗା, ଭଗବତୀ ।
ମଙ୍ଗଳଚଣ୍ଡୀ }

ମଙ୍ଗଳପାଠକ, ବି. ପୁଂ. ( ମଙ୍ଗଳ-ପାଠକ ) ବନ୍ଦୀ, ସ୍ତୁତିପାଠକ ।

ମଙ୍ଗଳବାର, ବି. କୁଜବାର ।

ମଙ୍ଗଳସନ୍ନିଧାନ, ବି. ସ୍ୱସ୍ତିକ ଶ୍ରୀ ପ୍ରଭୃତି, ଯାହା ବହୁଣଡାଲାରେ ଦିଆଯାଏ ।

ମଙ୍ଗଳା, ବି. ସ୍ତ୍ରୀ. ପାର୍ବତୀ, ଦୁର୍ଗା । ଯଥା—

କ୍ଷେତ୍ରବର କାକଟପୁର ମହାମଙ୍ଗଳା ଚ. ଭା.

ପତିବ୍ରତା ସ୍ତ୍ରୀ ।

ମଙ୍ଗଳାଚରଣ, ବି. ନ. (ମଙ୍ଗଳ-ଆଚରଣ) କର୍ମାରମ୍ଭରେ ଶୁଭଜନକ କ୍ରିୟା ।

ମଙ୍ଗଳିବା } କ୍ରି. (ମଙ୍ଗଳ ଶବ୍ଦଜ) ଶୁଭାନୁଷ୍ଠାନ
ମଙ୍ଗୁଳିବା } କରିବା, ମଙ୍ଗଳବିଧିର ଅନୁଷ୍ଠାନ କରିବା ।

ମଙ୍ଗଲ୍ୟ, ବିଂ. (ମଙ୍ଗଳ-ଯ) ଶୁଭଜନକ, ଶୁଭକର, ସୁନ୍ଦର, ସୁଖଦ । ବି. ନ. ଦଧି, ଚନ୍ଦନ, ସ୍ୱର୍ଣ୍ଣ, ସିନ୍ଦୂର । ପୁଂ. ଅଶ୍ୱତ୍ଥବୃକ୍ଷ, ବେଲଗଛ, ନାରିକେଲଗଛ ।

ମଙ୍ଗାଇବା, କ୍ରି. ବି. ( ଦେଶଜ ) ମନାଇବା, ପ୍ରବର୍ତ୍ତାଇବା ।

ମଙ୍ଗିନୀ, ବି. ସ୍ତ୍ରୀ. ( ମଙ୍ଗ-ଇନ୍-ଈ ) ତରୀ, ନୌକା ।

ମଙ୍ଗିବା, କ୍ରି. ବି. (ଦେଶଜ) ସମ୍ମତ ହେବା ।

ମଚକିବା, କ୍ରି. ବି. (ଦେଶଜ) ମୋଡ଼ି ହୋଇଯିବା ହଠାତ୍ ଭାଙ୍ଗିଯିବା ।

ମଚମଚ, ଅଂ. (ଦେଶଜ) ଅନୁକରଣ ଶବ୍ଦ ।

ମଚଳା, ବି. (ଦେଶଜ) କର୍ଣ୍ଣରୋଗବିଶେଷ ।

ମଚ୍ଛ, ବି. ପୁଂ. (ମଦ୍-ସ) ମତ୍ସ୍ୟ, ମାଛ ।

ମଜବୁତ୍, ବିଂ. (ଯାବନିକ) ଦୃଢ଼, ଶକ୍ତ, ଦୀର୍ଘକାଳ ସ୍ଥାୟୀ ।

ମଜରା, ବି. (ଯାବନିକ) ଆଲସ୍ୟ, ଶ୍ରାନ୍ତ ।

ମଜଲସ, ବି. (ଯାବନିକ) ସମାରୋହ, ସଭା ।

ମଜା, ବିଂ. (ମସ୍ଜ୍-ଆଲୁକ) ମଗ୍ନ, ଗଳିତ । ବି. ସୁଖ । (ଯାବନିକ ତାମସା, ଉଦ୍ରୂପ । ବିଂ. ପରିଷ୍କୃତ ।

ମଜୁମଦାର, ବି. (ପାରସ୍ୟ. ମଜୁମାଦାର ଶବ୍ଦଜ) ଉପାଧିବିଶେଷ ।

ମଜୁରା, ବି. (ଯାବନିକ) ପରିଶୋଧ ।

ମଜୁରୀ, ବି. (ଯାବନିକ) ଦୈନିକ ବେତନ ।

ମଜ୍ଜଥୁ, ବି. ପୁଂ. (ମସ୍ଜ୍-ଅଥୁ) ମଜ୍ଜନ ।

ମଜ୍ଜନ, ବି. ନ. (ମସ୍ଜ୍-ଅନ) ସ୍ନାନ, ଅବଗାହନ, ମଗ୍ନ ହେବା, ମଜ୍ଜା, ଅସ୍ଥିସାର ।

ମଜ୍ଜା, ବି. ପୁଂ. (ମସ୍ଜ୍-ଅ ଅସ୍ଥି ଓ ମାଂସର ମଧ୍ୟସ୍ଥ ସ୍ନେହବିଶେଷ, ବୃକ୍ଷସାର ।

ମଜାଇବା } କ୍ରି. ରଞ୍ଜାଇବା, ଆସକ୍ତ କରିବା,
ମଜ୍ଜାଇବା } ମଜ୍ଜନ କରିବା ।

ମଜ୍ଜାରସ, ବି. ପୁଂ. (ମଜ୍ଜା-ରସ) ଶୁକ୍ର, ରେତଃ ।

ମଝୋଲ, ବିଂ ( ମଧ୍ୟ ଶବ୍ଦଜ ) ମଧ୍ୟଭଲ । ବି. ମଝିସ୍ଥାନ ।

ମଝି, ବି. (ମଧ୍ୟ ଶବ୍ଦଜ) ମଧ୍ୟଭାଗ ।

ମଝିଆ }
ମଝିଆଁ } ବି. ମଧ୍ୟମ ।

ମଞ୍ଚ } ବି. ପୁଂ. ( ମନ୍ଚ-ଅ, କ ) ପର୍ଯ୍ୟଙ୍କ,
ମଞ୍ଚକ } ଖଟ, ଉନ୍ନତ ସ୍ଥାନ, ବେଦୀ, ମଞ୍ଚା, ଉଚ୍ଚ ମଣ୍ଡପବିଶେଷ ।

ମଞ୍ଚା, ବି. (ମଞ୍ଚ ଶବ୍ଦଜ) ଭାଡ଼ି । ଯଥା—

ମଞ୍ଚାରୁ ପଡ଼ି ମାମୁଁ ମଲା, ମୋତେ ତ ପଡ଼ିବ ରହିଲା ।

ମଞ୍ଜ, ବି. (ମଜ୍ଜା ଶବ୍ଦଜ) ବୃକ୍ଷାଦିର ଓ କାଷ୍ଠାଦିର ସାରଭାଗ ।

ମଞ୍ଜରି } ବି. ସ୍ତ୍ରୀ (ମଞ୍ଜ-ର୍-ଇ, ଈ) ଅଙ୍କୁର, ମୁକୁଳ,
ମଞ୍ଜରୀ } ଡଙ୍କ, ଝାଡ଼, ମୁକ୍ତା, ତିଳକ ବୃକ୍ଷ, ଲତା ।

ମଞ୍ଜରିତ, ବି°. ( ମଞ୍ଜରୀ ଇତ ) ଅଙ୍କୁରିତ, ମୁକୁଳିତ ।

ମଞ୍ଜା, ବି ସ୍ତ୍ରୀ. ( ମଜ୍ଜ୍-ଅ ) ଋଗୀ, ମଞ୍ଜରୀ । (ଦେଶଜ) କଦଳୀମଞ୍ଜା ।

ମଞ୍ଜାରି, ବି. ପୁଂ. ( ମାର୍ଜାର ଶବ୍ଦଜ ) ବିରାଡ଼ି, ବିଲେଇ । ଯଥା—

ଯେତେବେଳେ ମଞ୍ଜାରୀ ଦେଖଇ ଆଗେ,
ଭାଙ୍ଗ ଘର ବୁଢ଼ୀ ପିଟଇ ରାଗେ । ହା ରି.

ମଞ୍ଜି } ମଞ୍ଜୀ } ବି. ସ୍ତ୍ରୀ (ମଜ୍ଜ୍-ଇ) ମଞ୍ଜରୀ, ବୀଜ ।

ମଞ୍ଜିଷ୍ଠା, ବି ସ୍ତ୍ରୀ ( ମଞ୍ଜ-ସ୍ଥା ଷ-ଆ ) ରକ୍ତବର୍ଣ୍ଣ ଲତାବିଶେଷ, ଅଳତା ।

ମଞ୍ଜୀର, ବି ପୁଂ. ନ. ( ମଜ୍ଜ-ଈର ) ଚରଣାଭରଣ, ନୂପୁର । ପୁଂ. ମନ୍ଥନଦଣ୍ଡ-ବନ୍ଧନସ୍ତମ୍ଭ ।

ମଞ୍ଜୁ, ବି°. ( ମଜ୍ଜ୍-ଉ ) ମନୋଜ୍ଞ, ସୁନ୍ଦର, ମଧୁର । ଯଥା—

ପ୍ରଦୋଷେ ତୋ କୋଳେ ଶିର ନ୍ୟସ୍ତ ପ୍ରେମଭରେ,
ଶୋଇଥିଲି ପ୍ରିୟେ ! ମଞ୍ଜୁ ବଞ୍ଜୁଳ କୁଞ୍ଜରେ । କ. ବ.

ମଞ୍ଜୁଆତି, ବି. (ଦେଶଜ) ବୃକ୍ଷବିଶେଷ । ଯଥା—

ନଗେ ମଞ୍ଜୁ ମଞ୍ଜୁଆତି ।

ମଞ୍ଜୁକେଶୀ, ବି. ପୁଂ. (ମଞ୍ଜୁ କେଶ-ଇନ୍) କୃଷ୍ଣ । ବି°. ମନୋହର କେଶବିଶିଷ୍ଟ ।

ମଞ୍ଜୁଗମନା, ବି. ସ୍ତ୍ରୀ. ( ମଞ୍ଜୁ ଗମନ-ଆ ) ହଂସୀ ।

ମଞ୍ଜୁପ୍ରାଣ, ବି. ପୁଂ. (ମଞ୍ଜୁ-ପ୍ରାଣ) ବ୍ରହ୍ମା ।

ମଞ୍ଜୁର, ବି. ( ଯାବନିକ ) ସହି, ଅଙ୍ଗୀକାର, ସ୍ୱୀକାର ।

ମଞ୍ଜୁଳ, ବି°. ( ମଞ୍ଜୁ-ଲ ) ମନୋହର, ସୁନ୍ଦର, ମଧୁର । ଯଥା—

କୁଞ୍ଜେ କୁଞ୍ଜେ ରବ ଉଠୁ ସୁମଞ୍ଜୁଳ ।

ସମୀଚୀନ । ବି. ନ. ବେତକୁଞ୍ଜ । ପୁଂ. ଶୈବାଳ ।

ମଞ୍ଜୁଷା } ମଞ୍ଜୂଷା } ବି. ସ୍ତ୍ରୀ. (ମଜ୍ଜ୍-ଉଷ, ଉଷା) ହିଙ୍ଗୁଳ, ପାଷାଣ, ପ୍ରସ୍ତର, ପେଡ଼ି, ମଞ୍ଜିଷ୍ଠା ।

ମଟକି, ବି. ( ଦେଶଜ ) ମୁହୂର୍ତ୍ତି, ପଲକମାତ୍ର କାଳ ।

ମଟମଟ, ଅ°. (ଦେଶଜ) ଅନୁକରଣ ଅବ୍ୟୟବିଶେଷ ।

ମଟର, ବି. ( ଦେଶଜ ) ଫଳବିଶେଷ । ( ଇଂ. Motor ) ମଟର ଗାଡ଼ି ।

ମଟାମ, ବି. ( ଦେଶଜ ) ସମକୋଣବିଶିଷ୍ଟ ଯନ୍ତ୍ର, ବଢ଼ଇ ଏବଂ ରାଜମିସ୍ତ୍ରିମାନେ ଏହା ବ୍ୟବହାର କରନ୍ତି ।

ମଟକା } ମସକା } ବି. ( ଦେଶଜ ) ଯେଉଁ ବୃକ୍ଷାଦି ଅଳ୍ପ ସହଜରେ ଭାଙ୍ଗିଯାଏ । ଯଥା— ସଜନା, ଅମୃଡ଼ା ଇତ୍ୟାଦି ।

ମଟାଳ, ବି°. (ଦେଶଜ) କଠିନ, ମୃତ୍ତିକାମୟ ।

ମଟାଳିବା, କ୍ରି. (ଦେଶଜ) ଡେରି କରିବା, କାଳବିଳମ୍ବ କରିବା ।

ମଠ, ବି. ପୁଂ. (ମଠ୍-ଅ) ମନ୍ଦିର, ଦେବାଳୟ, ଛାତ୍ରାବାସ, ଋଷି ବା ସନ୍ନ୍ୟାସିଙ୍କ ଆଶ୍ରମ । ଯଥା—

ଋଷିମାନଙ୍କ ମଠ ଦେଖାଇବା,
ତୁମ୍ଭର ମନୋରଥ ପୂରାଇବା ।

( ଦେଶଜ ) ବି°. ଅଳସ, ଶିଥିଳ, ମୃଦୁ । ବି. ବିଳମ୍ବ । ଯଥା—

ମଠେ ଚଢ଼ି ଯହିଁ ଭୂପଭଦ୍ରା କରେ । ନ. କେ.

ମଠା, ବି. (ଦେଶଜ) ରେଶମୀ ବସ୍ତ୍ରବିଶେଷ ।

ମଠୁଆ, ବି. (ଦେଶଜ) ଅଳସୁଆ ।

ମଡ଼କ, ବି. ( ମରକ ଶବ୍ଦଜ ) ମାରୀଭୟ, ବହୁ ମନୁଷ୍ୟଙ୍କର ମୃତ୍ୟୁ ସମୟ ।

ମଡ଼ଛା, ବି. (ମୃତବତ୍ସା ଶବ୍ଦଜ) ଯେଉଁ ସ୍ତ୍ରୀର ସନ୍ତାନସବୁ ମରିଯାନ୍ତି ।

ମଡ଼ମଡ଼, ଅ°. ଅନୁକରଣ ଧ୍ୱନିବିଶେଷ ।

ମଡ଼ମଡ଼ିଆ, ବି°. (ଦେଶଜ) ଧଡ଼ିଆ, ଦୁର୍ବଳ, ଭଙ୍ଗପ୍ରବଣ ।

ମଡ଼ା, ବି. ( ମୃତ ଶବ୍ଦଜ ) ମୃତଦେହ, ଶବ, ମଦିଁଛ ।

ମଢ଼, ବି. (ଦେଶଜ) ମୃତଦେହ ।

**ମଢ଼ିଆ**, ବି. (ଦେଶଜ କୁଡ଼ିଆ, ପର୍ଣ୍ଣକୁଟୀର । ଯଥା—

ଏକେ ଭଲ, ମଢ଼ିଆ ଦୁଆରେ ଦେଖା ଭଇ,
ମୋତେ ଚାହୁଁଥିବେ ଏନମୃଗଙ୍କର ଯୋଉ ଲୋକେ କୋଳାଇ
କାନ୍ଥକୋଳରେ ।

**ମଢ଼ୁଆଣାଙ୍କୋଳ**, ବି. (ଦେଶଜ) ଗୃହଶାଳୀରେ ଅବାଧ ଗ୍ରହଙ୍କ ନିମିତ୍ତ ଡାଲପତ୍ର ନିର୍ମିତ ବନ୍ଧନବିଶେଷ । ଯଥା—

ଚରଣେ ଧଅନ୍ତୁ ମା ଗୋ ମଢ଼ୁଆଣାଙ୍କୋଳ ।

**ମଣ**, ବି. ( ମଣ୍ ଧାତୁଜ ) ଅପୃତ୍ତ କରିବା, ମନେଇବା ।

**ମଣାଇବା**, କ୍ରି. (ମଣ୍ ଧାତୁଜ) ବୁଝେଇବା ।

**ମଣାଣ**, ବି. (ମଣ ଧାତୁଜ) ମନାଇବା । ଯଥା—

ଚିନ୍ତିଥିବେ ଯାହା ଜଣାଣ ମଣାଣ ନ କଲି ବନ୍ଧନଶରେ ।

**ମଣି**, ପୁଂ. } ବି. ( ମନ୍-ଇ, ଈ ) ରତ୍ନବିଶେଷ,
**ମଣୀ**, ସ୍ତ୍ରୀ. } ବହୁମୂଲ୍ୟ ପ୍ରସ୍ତରବିଶେଷ, ମୁକ୍ତା-ପ୍ରଭୃତି, ମଣିବନ୍ଧ, କବ୍ଜା । ପୁଂ. ନାଗବିଶେଷ, (ଦେଶଜ) କ୍ରି. ଜ୍ଞାନ କର । ଯଥା—

ସଜାଡ଼ ମଣି ହୃଦ କଥ ପ୍ରକାଶେ । ନୈ. ଦୂ

**ମଣିକର୍ଣ୍ଣିକା**, ବି. ସ୍ତ୍ରୀ. କାଶୀସ୍ଥ ତୀର୍ଥବିଶେଷ, ମଣିମୟ କର୍ଣ୍ଣଭୂଷଣ ।

**ମଣିକାନନ**, ବି. ନ. (ମଣି-କାନନ) କଣ୍ଠ, ଗଳା ।

**ମଣିକାର**, ବି. ପୁଂ. (ମଣି-କୃ-ଅ) ମଣିପରିଷ୍କାରକ, ମଣିପରୀକ୍ଷକ, ଜହ୍ୱରୀ, ଗ୍ରନ୍ଥକାରବିଶେଷ ।

**ମଣିକୂଟ**, ବି. ପୁଂ. (ମଣି-କୂଟ) ପର୍ବତବିଶେଷ ।

**ମଣିଗ୍ରୀବ**, ବି. ପୁଂ. (ମଣି-ଗ୍ରୀବା) କୁବେରପୁତ୍ର । ବିଂ. ରତ୍ନକଣ୍ଠ ।

**ମଣିତ**, ବି. ନ. (ମଣି-ତ) ରମଣକାଳ ଧ୍ୱନି, ରତି-କୂଜିତ ।

**ମଣିପୁର**, ବି. ପୁଂ. (ମଣି-ପୁର) ନାଭିସ୍ଥଳ । ନ. ଷଟ୍‌ଚକ୍ରର ଅନ୍ତର୍ଗତ ନାଭିମଧ୍ୟସ୍ଥ ଦଶଦଳ ଚକ୍ର, ନାଭିପଦ୍ମ ।

**ମଣିବନ୍ଧ**, ବି. ପୁଂ. (ମଣି-ବନ୍ଧ) କରଗଣ୍ଠି, ହାତର କବ୍ଜା । ଯଥା—

ଗୋର ମଣିବନ୍ଧେ ପିନ୍ଧାଇ ଅଙ୍ଗର ଦେଲା ଇନ୍ଦ୍ରମଣି ବଳା ।
ଯ. କେ.

**ମଣିବା**, କ୍ରି. (ମଣ୍ ଧାତୁଜ) ଅଙ୍ଗୀକାର କରିବା, ବୁଝିବା, ମନେ କରିବା, ବୋଧ କରିବା । ଯଥା—

ଲୁଣି ମଣିଲୁଣି ମଧୁ ଝରଇ,
ଶୁଣି ତା ବଚନ ବଂଶୀ ସ୍ୱରକୁ । କବିସୂର୍ଯ୍ୟ ।

**ମଣିଭଦ୍ର**, ବି. ପୁଂ. ଯକ୍ଷବିଶେଷ ।

**ମଣିମା**, ବି. ( ଦେଶଜ ) ରାଜସମ୍ବୋଧନସୂଚକ ଶବ୍ଦ । ଯଥା—

ମଣିମା ମଣିମା ଡାକ ଅନୁକ୍ଷଣ ଶୁଭେ ।

**ମଣିମାନ୍**, ବିଂ. ( ମଣି-ମତ୍ ) ମଣିବିଶିଷ୍ଟ, ମଣି-ଭୂଷିତ । ବି. ପୁଂ. ସୂର୍ଯ୍ୟ

**ମଣିମାଳା**, ବି ସ୍ତ୍ରୀ. (ମଣି-ମାଳା) ମଣିମୟ ହାର, ଦନ୍ତକ୍ଷତବିଶେଷ, ଲକ୍ଷ୍ମୀ, ଦୀପ୍ତି ।

**ମଣିବୀଜ**, ବି. ପୁଂ. (ମଣି-ବୀଜ) ଦାଡ଼ିମ୍ବବୃକ୍ଷ ।

**ମଣିଷ**, ବି. ମନୁଷ୍ୟ ।

**ମଣିସର**, ବି ପୁଂ. ( ମଣି-ସର) ମଣିମୟ ହାର, ମୁକ୍ତାହାର, ମୁକ୍ତାମାଳା ।

**ମଣିରକ**, ବି. ନ. ଚନ୍ଦ୍ରକାନ୍ତମଣି । ପୁଂ ମଛରଙ୍କା ପକ୍ଷୀ ।

**ମଣିବକ**, ବି. ନ. ପୁଷ୍ପ, ଫୁଲ ।

**ମଣୋହି**, ବି. ( ଦେଶଜ ) ନୈବେଦ୍ୟ, ରାଜା-ମାନଙ୍କର ଭୋଜନ ।

**ମଣ୍ଡ**, ବି. ପୁଂ. ନ ( ମଣ୍ଡ୍-ଅ ) ସାର, ଭାତ ପ୍ରଭୃତିର ସୂକ୍ଷ୍ମାଂଶ । ପୁଂ. ଏରଣ୍ଡବୃକ୍ଷ, ଭୂଷଣ । ସ୍ତ୍ରୀ ସୁରା, ମଦିରା ।

**ମଣ୍ଡନି**, ବି. (ମଣ୍ଡ୍ ଧାତୁଜ) ସଜ୍ଜା, ଭୂଷଣ ।

**ମଣ୍ଡନ**, ବି. ନ. (ମଣ୍ଡ୍-ଅନ) ଭୂଷଣ, ଅଳଙ୍କରଣ । ବିଂ. ଅଳଙ୍କାରକ । ବି. ପୁଂ. ପଣ୍ଡିତ-ବିଶେଷ ।

**ମଣ୍ଡପ**, ବି. ପୁଂ. ନ. (ମଣ୍ଡ୍-ପା-ଅ) ଗୃହ, ଦେବ-ଗୃହ, ବିବାହଗୃହ । ଯଥା—

ଜନ୍ମାଷ୍ଟ କଲେ ଯେ ବାଣୀ ସନ୍ଧ୍ୟାବସାନେ,
ବସାଇବା ମଣ୍ଡପରେ କନ୍ୟା ଯୁମନେ । ବୈ. ବି.

ବିଂ. ମଣ୍ଡପାୟୀ ।

ମଣ୍ଡଳ, ବି. ନ. (ମଣ୍ଡ୍-ଅଳ) ଚନ୍ଦ୍ର ସୂର୍ଯ୍ୟାଦିଙ୍କ ପରିଧି, ବେଷ୍ଟନ। ନ. ଗୋଲ, ଚକ୍ର, ଦେଶ, ବିଭାଗ, ସ୍ଥାନ, ପ୍ରଦେଶ, ରାଜ୍ୟ, ଅରି ମିତ୍ରାଦି ଦ୍ୱାଦଶ ବିଧ ରାଜ୍ୟ, ଧନୁର୍ଦ୍ଧରମାନଙ୍କର ସ୍ଥାନବିଶେଷ, କୃତ୍ରିମ ରେଖାଦିଦ୍ୱାରା ରଚିତ ଆସନବିଶେଷ। ପୁଂ. କୁକୁର, ସର୍ପ-ବିଶେଷ।

ମଣ୍ଡଳାଗ୍ର, ବି. ପୁଂ. (ମଣ୍ଡଳ-ଅଗ୍ର) ଅସି, ଖଡ୍ଗ।

ମଣ୍ଡଳାଧୀଶ, ବି. ପୁଂ. (ମଣ୍ଡଳ-ଅଧୀଶ) ମଣ୍ଡଳେଶ୍ୱର, ଚତୁଃଶତଯୋଜନ ଦେଶାଧିପ।

ମଣ୍ଡଳାୟିତ, ବିଂ. (ମଣ୍ଡଳ-ଯ-ତ) ବର୍ତ୍ତୁଳ, ଗୋଲାକାର।

ମଣ୍ଡଳୀ, ବି. ପୁଂ. (ମଣ୍ଡଳ-ଇନ୍) ସର୍ପ, ସୂର୍ଯ୍ୟ, ବିଲେଇ, କଣ୍ଠାଶ, ବଟବୃକ୍ଷ। ବିଂ. ଚକ୍ରାକାରରେ ସଙ୍କୁଚିତ, ମଣ୍ଡଳବିଶିଷ୍ଟ।

ମଣ୍ଡଳେଶ } ବି. ପୁଂ. (ମଣ୍ଡଳ-ଈଶ, ଈଶ୍ୱର)
ମଣ୍ଡଳେଶ୍ୱର } ରାଜା, ସମ୍ରାଟ୍।

ମଣ୍ଡହାରକ, ବି. ପୁଂ. (ମଣ୍ଡ-ହୃ-ଅକ) ଶୌଣ୍ଡିକ, ଶୁଣ୍ଡି।

ମଣ୍ଡା, ବି. (ଦେଶଜ) ପିଷ୍ଟକବିଶେଷ, ମିଷ୍ଟାନ୍ନ-ବିଶେଷ।

ମଣ୍ଡିତ, ବିଂ. (ମଣ୍ଡ୍-ତ) ଭୂଷିତ, ସଜ୍ଜିତ, ବେଷ୍ଟିତ।

ମଣ୍ଡିବା, କ୍ରି. (ମଣ୍ଡ ଧାତୁଜ) ଭୂଷିତ କରିବା। ଯଥା—

ଗୁରୁ ଚନ୍ଦ୍ର ଉପମାନ ଦେଇ ମଣ୍ଡିଲେ।

ମଣ୍ଡୂକ, ପୁଂ. } ବି. (ମଣ୍ଡ୍-ଊକ-ଈ) ଭେକ,
ମଣ୍ଡୂକୀ, ସ୍ତ୍ରୀ. } ବେଙ୍ଗ। ପୁଂ. ମୁନିବିଶେଷ।

ମତ, ବିଂ. (ମନ୍-ତ) ଜ୍ଞାତ, ଅଭିପ୍ରେତ, ସମ୍ମତ, ସମ୍ମାନିତ। ବି. ନ. ଅଭିପ୍ରାୟ ସମ୍ମତି। ଅଂ. ପରି।

ମତଙ୍ଗ, ବି. ପୁଂ. (ମଦ-ଅଙ୍ଗ) ମୁନିବିଶେଷ, ହସ୍ତୀ, ମେଘ।

ମତଙ୍ଗଜ, ବି. ପୁଂ. (ମତଙ୍ଗ-ଜ) ହସ୍ତୀ, ମାତଙ୍ଗ, କୁଞ୍ଜର, କରୀ।

ମତଲବ୍ } ବି. (ଯାବନିକ) ଅଭିପ୍ରାୟ, ଇଚ୍ଛା,
ମତଲପ୍ } କ୍ରମ, ଗତି।

ମତଲ୍ଲିକା, ବି. ସ୍ତ୍ରୀ. (ମତ୍-ଅଲ-ଅକ) ପ୍ରଶସ୍ତ, ଉତ୍ତମ।

ମତି, ବି. ସ୍ତ୍ରୀ. (ମନ୍-ତି) ବୁଦ୍ଧି, ଜ୍ଞାନ, ଅନ୍ତଃକରଣ, ମନଃ, ସ୍ମୃତି, ଇଚ୍ଛା, ପ୍ରବୃତ୍ତି।

ମତିଭ୍ରଂଶ, ପୁଂ. } ବି. (ମତି ଭ୍ରଂଶ, ଭ୍ରମ, ଭ୍ରାନ୍ତି)
ମତିଭ୍ରମ, ପୁଂ. } ବୁଦ୍ଧିଭ୍ରଂଶ, ଭୁଲ।
ମତିଭ୍ରାନ୍ତି, ସ୍ତ୍ରୀ }

ମତିମାନ୍, ବିଂ. (ମତି ମତ୍) ସୁଧୀ, ବୁଦ୍ଧିମାନ୍।

ମତୁଆଲା, ବିଂ. (ମତ୍ତ ଶବ୍ଦଜ) ପାଗଳ।

ମତ୍କୁଣ, ବି. ପୁଂ. (ମଦ୍ କୁଣ୍-ଅ) ଛାରପୋକ, ଶ୍ମଶ୍ରୁଶୂନ୍ୟ ପୁରୁଷ, ନାରିକେଳ।

ମତ୍ତ, ବି. ପୁଂ. (ମଦ୍-ତ) କ୍ରୋଧାନ୍ଧ ହସ୍ତୀ, ଧୂସ୍ତୂର, କୋକିଳ, ମହିଷ। ବିଂ. ଆନନ୍ଦିତ, ବିହ୍ୱଳ, ମତୁଆଲା, କ୍ଷୀବ, ଉନ୍ମତ୍ତ।

ମତ୍ତକାଶିନୀ } ବି. ସ୍ତ୍ରୀ. (ମତ୍ତ-କାଶ୍, କାସ୍-ଇନ୍-
ମତ୍ତକାସିନୀ } ଈ) ଉତ୍ତମା ସ୍ତ୍ରୀ।

ମତ୍ତବାରଣ, ବି. ପୁଂ. (ମତ୍ତ-ବାରଣ) ମତ୍ତହସ୍ତୀ। ନ. କୋଠାର ବରଣ୍ଡା, ଘେରାଜାଗା, ପୂଗ-ଚୂର୍ଣ୍ଣ।

ମତ୍ତାଲମ୍ବ, ବି. ପୁଂ. (ମତ୍ତ-ଆଲମ୍ବ) ଅପାଶ୍ରୟ, ବାରଣ୍ଡା।

ମତ୍ୟ, ବି. ନ. (ମତି-ଯ) ଫଳକବିଶେଷ, ମଇ, ଜ୍ଞାନାନୁଶୀଳନ।

ମତ୍ସ, ବି. ପୁଂ. (ମଦ୍-ସ) ମତ୍ସ୍ୟ, ମାଛ।

ମତ୍ସର, ବି. ପୁଂ. (ମଦ୍ ସର) ବୈର, ଦ୍ୱେଷ, କ୍ରୋଧ, ପରଶ୍ରୀକାତରତା। ବିଂ. କ୍ଷୁଦ୍ର, କୃପଣ, ପରଶ୍ରୀକାତର। ଯଥା—

ପାଶୋର ମତ୍ସରଭାବ ଚିରକାଳ ପାଇଁ।

ମତ୍ସରୀ, ବିଂ. (ମତ୍ସର-ଇନ୍) ପରଶ୍ରୀକାତର, ଦୁର୍ଜନ, ଖଳ, ଦ୍ୱେଷକାରୀ, କ୍ରୋଧୀ, କ୍ରୂର।

ମତ୍ସ୍ୟ, ବି. ପୁଂ. (ମଦ୍-ସ୍ୟ) ମୀନ, ମାଛ, ବିଷ୍ଣୁଙ୍କ ପ୍ରଥମ ଅବତାର, ପୁରାଣବିଶେଷ, ଦେଶ-ବିଶେଷ, ବର୍ତ୍ତମାନ ଜୟପୁର, ରଙ୍ଗପୁର, ଦିନାଜପୁର ଏବଂ କୁଚବିହାରକୁ ପୂର୍ବେ ମତ୍ସ୍ୟଦେଶ ବୋଲଯାଉଥିଲା ।

ମତ୍ସ୍ୟକରଣ୍ଡିକା, ବି. ସ୍ତ୍ରୀ. ( ମତ୍ସ୍ୟ-କରଣ୍ଡ-କ-ଆ) ମତ୍ସ୍ୟଧାନୀ, ମାଛ ରଖିବାର ଖାଲୋଇ ।

ମତ୍ସ୍ୟଗନ୍ଧା, ବି. ସ୍ତ୍ରୀ. (ମତ୍ସ୍ୟ-ଗନ୍ଧ)ବ୍ୟାସଦେବଙ୍କ ମାତା, ଜଳପିପ୍ପଳି ।

ମତ୍ସ୍ୟଜୀବୀ, ବି. ପୁଂ. ( ମତ୍ସ୍ୟ-ଜୀବ୍-ଇନ୍ ) ଧୀବର, କେଉଟ ।

ମତ୍ସ୍ୟଧାନୀ, ବି. ସ୍ତ୍ରୀ. (ମତ୍ସ୍ୟ-ଧା-ଅନ-ଈ) ମାଛ ରଖିବାର ଖାଲୋଇ ।

ମତ୍ସ୍ୟରଙ୍ଗ, ବି ପୁଂ (ମତ୍ସ୍ୟ ରଙ୍ଗ) ମାଛରଙ୍କା ପକ୍ଷୀ ।

ମତ୍ସ୍ୟରାଜ, ବି ପୁଂ. (ମତ୍ସ୍ୟ-ରାଜ)ରୋହିତମତ୍ସ୍ୟ, ରୋହିମାଛ, ବିରାଟରାଜା, କର୍ଣ୍ଣରାଜ ।

ମତ୍ସ୍ୟବେଧନ, ନ. } ବି. (ମତ୍ସ୍ୟ-ବିଧ୍-ଅନ,ଈ)
ମତ୍ସ୍ୟବେଧନୀ, ସ୍ତ୍ରୀ. } ବଡ଼ିଶ, ବନଶୀ ।

ମତ୍ସ୍ୟାଶନ, ବି. ପୁଂ. (ମତ୍ସ୍ୟ ଅଶନ) ମାଛରଙ୍କା ପକ୍ଷୀ । ବିଂ. ମତ୍ସ୍ୟଭକ୍ଷକ ।

ମତ୍ସ୍ୟୋଦରୀ, ବି. ସ୍ତ୍ରୀ. (ମତ୍ସ୍ୟ-ଉଦର-ଇନ୍-ଈ) ସତ୍ୟବତୀ, ବ୍ୟାସଦେବଙ୍କ ମାତା, କାଶୀସ୍ଥ ତୀର୍ଥବିଶେଷ ।

ମଥନ, ବି ନ (ମଥ୍-ଅନ) ମନ୍ଥନ, ବିଲୋଡ଼ନ, ମୋହିଁବା, ବିନାଶ, କ୍ଳେଶ ।

ମଥା, ବି. ( ମସ୍ତକ ଶବ୍ଦଜ ) ମସ୍ତକ, ମୁଣ୍ଡ । ଯଥା—

ନାଶ ହୋଇ ଯୁଦ୍ଧେ ଦେଲ ନିଜ ମଥା । କ. ବ.

ମଥାଜାଲି, ବି. (ଦେଶଜ) ମସ୍ତକର ଅଳଙ୍କାର-ବିଶେଷ ।

ମଥାବନ୍ଧ, ବି. (ଦେଶଜ) ତେଲ ।

ମଥାନ, ବି. ( ଦେଶଜ ) ଚୂଳ, ଘରର ଉପରି-ଭାଗ ।

ମଥିତ, ବିଂ. (ମଥ୍ ତ) ବିଲୋଡ଼ିତ, ମୋହିଁବା, ବିନାଶିତ, ପୀଡ଼ିତ, ହତ ।

ମଥୀ, ବି. ପୁଂ. (ମନ୍ଥ ଇନ୍) ମନ୍ଥନଦଣ୍ଡ ।

ମଥୁରା }
ମଥୂରା } ବି. ସ୍ତ୍ରୀ. (ମଥ୍-ଉର, ଉର-ଆ ) ଆଗ୍ରା ପ୍ରଦେଶର ଅନ୍ତର୍ଗତ ପ୍ରସିଦ୍ଧ ନଗରୀ, ମଧୁପୁରୀ ।
ମଥୁରା }

ମଥୁରେଶ, ବି. ପୁଂ (ମଥୁରା-ଈଶ) କୃଷ୍ଣ ।

ମଦ, ବି. ପୁଂ. (ମଦ ଅ) ଆନନ୍ଦ, ଆନନ୍ଦଜନିତ, ସମ୍ମୋହ, ମଦିରାକୃତ ମନୋବିକାର, ମତ୍ତତା, ମଦିରାଗ, ଉନ୍ମାଦ, ରେତଃ, ଅହଙ୍କାର, ଗର୍ବ, ହସ୍ତୀର ଗଣ୍ଡସ୍ଥଳାଦିରୁ କ୍ଷରିତ ଘର୍ମବିଶେଷ ।

ମଦକଟ, ବି. ପୁଂ. ( ମଦ କଟ୍-ଅ ) ବୃଷ, ଷଣ୍ଢ, ମତ୍ତହସ୍ତୀ ।

ମଦକଲ, ବିଂ. ( ମଦ-କଲ୍-ଅ ) ମତ୍ତତାଜନ୍ୟ, ମଧୁର ଗୁଞ୍ଜନକାରୀ । ବି ପୁଂ. ମତ୍ତହସ୍ତୀ ।

ମଦଗନ୍ଧ, ବି. ପୁଂ. (ମଦ-ଗନ୍ଧ) ଛତିଅନାଗଛ, ସପ୍ତଚ୍ଛଦବୃକ୍ଷ । ସ୍ତ୍ରୀ. ସୁରା, ମଦିରା ।

ମଦତ୍, ବି. ( ଦେଶଜ ) ମାଦକଦ୍ରବ୍ୟବିଶେଷ, ଗୁଲି ।

ମଦନ, ବି. ପୁଂ. ( ମଦ୍-ଅନ ) କାମଦେବ, ବସନ୍ତକାଳ, ବୃକ୍ଷବିଶେଷ, ଧୂତୁରାଗଛ, ଭ୍ରମର । ବିଂ. ମତ୍ତତାଜନକ ।

ମଦନପାଠକ, ବି. ପୁଂ. ( ମଦନ-ପାଠକ ) କୋକିଳ ।

ମଦନମୋହନ, ବି. ପୁଂ. ( ମଦନ-ମୋହନ ) ଶ୍ରୀକୃଷ୍ଣ । ବିଂ. ଅତି ସୁନ୍ଦର ।

ମଦନଲେଖକ, ବି. ପୁଂ. ପ୍ରଣୟସୂଚକ ପତ୍ରିକା ।

ମଦନଶଲାକା, ବି. ସ୍ତ୍ରୀ ( ମଦନ-ଶଲାକା ) କାମୋଦ୍ଦୀପକ ଔଷଧ, କୋକିଳ, ସାରିକା ପକ୍ଷିଣୀ ।

ମଦନାଙ୍କୁଶ, ବି. ପୁଂ. ( ମଦନ-ଅଙ୍କୁଶ ) ଲିଙ୍ଗ, ପୁଂ ଚିହ୍ନ ।

ମଦନାୟୁଧ, ବ. ପୁଂ. (ମଦନ-ଆୟୁଧ) ଯୋନି, ସ୍ତ୍ରୀଚିହ୍ନ ।

ମଦନାଳୟ, ବ. ପୁଂ. (ମଦନ-ଆଳୟ) ରାଜା, ପଦ୍ମ, ଯୋନି, ସ୍ତ୍ରୀଚିହ୍ନ ।

ମଦନାବସ୍ଥା, ବ. ସ୍ତ୍ରୀ. (ମଦନ-ଅବସ୍ଥା) କାମଦଶା ।

ମଦନୋତ୍ସବ, ବ. ପୁଂ. (ମଦନ-ଉତ୍ସବ) ବସନ୍ତୋତ୍ସବ ।

ମଦନୋତ୍ସବା, ବ. ସ୍ତ୍ରୀ. (ମଦନ-ଉତ୍ସବା) ସ୍ୱର୍ଗବେଶ୍ୟା ।

ମଦପ୍ରସ୍ରୋଗ, ବ. ପୁଂ (ମଦ-ପ୍ରସ୍ରୋଗ) ହସ୍ତିମାନଙ୍କର ମଦକ୍ଷରଣ ।

ମଦୟିତା, ବଂ. (ମଦ-ତୃ) ମଦଜନକ, ମାଦକ ।

ମଦରଙ୍ଗା, ବ. (ଦେଶଜ) ଏକଜାତୀୟ ଶାଗ । ଯଥା—

ମଦରଙ୍ଗା ବୋଲେ ମୁଁ ଶାଗରାଣୀ
ମୋତେ ତୋଳୁଥାନ୍ତି ବୁଢ଼ୀ ବ୍ରାହ୍ମଣୀ । ଚଗ ।

ମଦାତଙ୍କ, ବ. ପୁଂ. (ମଦ-ଆତଙ୍କ) ମଦ୍ୟପାନଜନିତ ରୋଗବିଶେଷ ।

ମଦାତ୍ୟୟ, ବ ପୁଂ. (ମଦ-ଅତ୍ୟୟ) ମଦ୍ୟପାନଜନିତ ପୀଡ଼ାବିଶେଷ ।

ମଦାମ୍ବର, ବ. ପୁଂ. (ମଦ-ଅମ୍ବର) ମତ୍ତହସ୍ତୀ ।

ମଦାର, ବ. ପୁଂ. (ମଦ୍-ଆର) ହସ୍ତୀ, ମତ୍ତହସ୍ତୀ, ଶୂକର । ବଂ. କାମୁକ, ଧୂର୍ତ୍ତ, ଶଠ । (ଦେଶଜ) ନିର୍ଭର, ବିଶ୍ୱାସ ।

ମଦାଳସା, ବ. ସ୍ତ୍ରୀ. କାମୁକୀ । ଯଥା—

ମଦାଳସା ଓଷ୍ଠ ଗୋଜି କରୁଥାଇ ଚୁମ୍ବନଲାଳସୀ ହୋଇ ।

ମଦାଳାପୀ, ବ. ପୁଂ. (ମଦ-ଆ-ଲପ୍-ଇନ୍) କୋକିଳ ।

ମଦାହ୍ୱ, ବ. ପୁଂ. (ମଦ-ଆହ୍ୱା) ମୃଗନାଭି, କସ୍ତୁରୀ ।

ମଦିର, ବ. ପୁଂ. (ମଦ-ଇର) ରକ୍ତଖଦିର । ବଂ. ମତ୍ତତାଜନକ ।

ମଦିରା, ବ. ସ୍ତ୍ରୀ. ସୁରା, ଖଞ୍ଜନପକ୍ଷୀ ।

ମଦିଷ୍ଠା, ବ. ସ୍ତ୍ରୀ. (ମଦ-ଇଷ୍ଠ-ଆ) ସୁରା, ମଦିରା ।

ମଦୀୟ, ବଂ (ଅସ୍ମଦ୍-ଈୟ) ମତ୍‌ସମ୍ବନ୍ଧୀୟ, ମୋହର ।

ମଦୁଆ, ବଂ. ମଦ୍ୟପ, ଯେ ମଦ ପିଏ ।

ମଦୋତ୍କଟ, ବ. ପୁଂ. (ମଦ-ଉତ୍କଟ) ମତ୍ତହସ୍ତୀ । ବଂ. ମତ୍ତ, ଗର୍ବିତ ।

ମଦ୍‌ଗୁ, ବ. ପୁଂ. (ମଦ୍-ଗୁ) ଜଳଚର ପକ୍ଷୀବିଶେଷ, ପାଣିକୁଆ, ଯୁଦ୍ଧଜାହାଜବିଶେଷ ।

ମଦ୍‌ଗୁର } ବ. ପୁଂ. (ମଦ ଉର, ଗ ଆଗମ
ମଦ୍‌ଗୁରକ } ମଦ୍‌ଗୁର-ଅକ) ମାଗୁର ମାଛ, ସଂକୀର୍ଣ୍ଣ ଜାତିବିଶେଷ ।

ମଦ୍‌ଗୁରସା, ବ. ସ୍ତ୍ରୀ ଶୃଙ୍ଗମତ୍ସ୍ୟ, ଶିଙ୍ଗିମାଛ ।

ମଦ୍ୟ, ବ. ନ. (ମଦ୍-ଯ) ସୁରା, ମଦିରା ।

ମଦ୍ୟପ, ବଂ. (ମଦ୍ୟ-ପା-ଅ) ସୁରାପାୟୀ, ଯେ ମଦ୍ୟ ପାନ କରେ । ଯଥା—

ମଦ୍ୟପ ଯେଉଁମାନେ ମଦ୍ୟ ପିଇ, ଧର୍ମ ଅଧର୍ମ ନ ଜାଣଇ ।

ମଦ୍ର, ବ. ପୁଂ (ମଦ୍-ର) ପଞ୍ଜାବ ଅନ୍ତର୍ଗତ ଦେଶବିଶେଷ, ଅହ୍ଲାଦ, ହର୍ଷ, ମଙ୍ଗଳ, ଭଦ୍ର ।

ମଦ୍ରସୁତା, ବ. ସ୍ତ୍ରୀ. (ମଦ୍ର-ସୁତା) ମାଦ୍ରୀ, ପାଣ୍ଡୁପତ୍ନୀ ।

ମଧୁ, ବ. ପୁଂ. ନ. (ମନ୍-ଉ) ସୁରା, ମହୁ, ପୁଷ୍ପରସ, ମଧୁରରସ । ନ. ଜଳ । ପୁଂ. ଚୈତ୍ରମାସ, ବସନ୍ତକାଳ, ଦୈତ୍ୟବିଶେଷ, ବିଷ୍ଣୁଙ୍କ କର୍ଣ୍ଣମୂଳରୁ ଏହି ଦୈତ୍ୟର ଜନ୍ମ ଅଟେ । ବଂ. ସ୍ୱାଦୁ, ମିଷ୍ଟ ।

ମଧୁକଣ୍ଠ, ବ ପୁଂ (ମଧୁ-କଣ୍ଠ) କୋକିଳ ।

ମଧୁକର, ବ. ପୁଂ. (ମଧୁ-କର) ଭ୍ରମର, ଶୁଣ୍ଡି, ପ୍ରଣୟୀ, ବଲ୍ଲଭ । ସ୍ତ୍ରୀ ଭ୍ରମରୀ ।

ମଧୁକୃତ୍, ବ. ପୁଂ. (ମଧୁ କୃତ୍) ଭ୍ରମର, ଶୁଣ୍ଡି ।

ମଧୁକୋଷ, ବ ପୁଂ. (ମଧୁ-କୋଷ) ମଧୁଚକ୍ର ।

ମଧୁକ୍ରମ, ବ. ପୁଂ. (ମଧୁ-କ୍ରମ) ମହୁଚକ୍ର, ମହୁଭଣ୍ଡାର ।

ମଧୁଗାୟନ } ବି. ପୁଂ. ( ମଧୁ-ଗାୟନ, ଘୋଷ )
ମଧୁଘୋଷ } କୋକିଳ ।

ମଧୁଜା, ବି. ସ୍ତ୍ରୀ. (ମଧୁ-ଜା) ପୃଥିବୀ ।

ମଧୁଜିତ୍
ମଧୁରିପୁ
ମଧୁଦ୍ୱିଷ୍
ମଧୁମଥନ } ବି. ପୁଂ ( ମଧୁ-ଜିତ୍, ରିପୁ, ଦ୍ୱିଷ୍, ମଥନ ) ବିଷ୍ଣୁ, ନାରାୟଣ ।

ମଧୁତୃଣ, ବି. ନ. (ମଧୁ-ତୃଣ) ଇକ୍ଷୁ, ଅଖୁ ।

ମଧୁତ୍ରୟ, ବି. ନ. (ମଧୁ-ତ୍ରୟ ଘୃତ, ମଧୁ, ଶର୍କରା ।

ମଧୁଦୀପ, ବି. ପୁଂ. ( ମଧୁ-ଦୀପ ) ମଦନ, କାମଦେବ ।

ମଧୁଦୂତ, ବି. ପୁଂ. (ମଧୁ-ଦୂତ) ଆମ୍ରବୃକ୍ଷ ।

ମଧୁଦ୍ରୁ, ବି. ପୁଂ. ( ମଧୁ-ଦ୍ରୁ-ଅ ) ମଧୁକର, ଭ୍ରମର ।

ମଧୁଦ୍ରୁମ, ବି. ପୁଂ. (ମଧୁ-ଦ୍ରୁ-ମ) ମହୁଲଗଛ ।

ମଧୁପ, ବି. ପୁଂ. ( ମଧୁ-ପ ) ଭ୍ରମର, ମଧୁକର । ଯଥା —

କୁଞ୍ଜେ କୁଞ୍ଜେ ରବ ଉଠୁ ସୁମଞ୍ଜୁଳ,
ମଧୁପ ଗୁଞ୍ଜିତେ ହେଉ ମେ ପୂରୁବ । କ. ବ.

ବିଂ. ମଧୁପାୟୀ ।

ମଧୁପର୍କ, ବି. ପୁଂ ନ. ( ମଧୁ-ପୃଚ୍-ଅ ) ଘୃତ ଶର୍କରା ଜଳ ଦଧି ମଧୁଯୁକ୍ତ ଭକ୍ଷ୍ୟବିଶେଷ ।

ମଧୁପର୍ଣ୍ଣୀ, ବି. ସ୍ତ୍ରୀ. ଗୁଳୁଚୀ, ଗମ୍ଭାରୀ, ନୀଳୀବୃକ୍ଷ ।

ମଧୁପାୟୀ, ବିଂ. (ମଧୁ-ପା-ଇନ୍) ମଧୁପାନକାରୀ । ବି. ପୁଂ. ଭ୍ରମର ।

ମଧୁପୁରୀ, ବି. ସ୍ତ୍ରୀ (ମଧୁ-ପୁରୀ) ମଥୁରାନଗରୀ ।

ମଧୁପୁଷ୍ପ, ବି. ପୁଂ. ମହୁଲବୃକ୍ଷ, ଶିରୀଷବୃକ୍ଷ, ଅଶୋକବୃକ୍ଷ, ବଉଳବୃକ୍ଷ, ଦନ୍ତୀବୃକ୍ଷ ।

ମଧୁପ୍ରିୟ, ବି. ପୁଂ. (ମଧୁ-ପ୍ରିୟ) ବଳରାମ ।

ମଧୁଭୃତ୍, ବି. ପୁଂ. (ମଧୁ-ଭୃତ୍) ଭ୍ରମର ।

ମଧୁମକ୍ଷିକା, ବି. ସ୍ତ୍ରୀ (ମଧୁ-ମକ୍ଷିକା) ମହୁମାଛି ।

ମଧୁଯଷ୍ଟି, ବି. ସ୍ତ୍ରୀ. (ମଧୁ-ଯଷ୍ଟି) ଇକ୍ଷୁ, ଅଖୁ ।

ମଧୁଯଷ୍ଟିକ, ବି. ସ୍ତ୍ରୀ. (ମଧୁଯଷ୍ଟି-କ) ଯଷ୍ଟିମଧୁ ।

ମଧୁର, ବି. ପୁଂ. ( ମଧୁ-ରା-ଅ ) ମିଷ୍ଟରସ । ବିଂ. ମିଷ୍ଟରସଯୁକ୍ତ, ସୌମ୍ୟ, ଶାନ୍ତ, ପ୍ରୀତିଜନକ, ମନୋହର । ଯଥା —

ମଧୁର ବଚନ କହନ୍ତି ମୋହନ ଚିତ୍ତ କରିବାକୁ ବୋଧ ।

ମଧୁରିପୁ, ବି. ପୁଂ. (ମଧୁ-ରିପୁ) ବିଷ୍ଣୁ ।

ମଧୁଲିଟ୍, } ବି. ପୁଂ. ( ମଧୁଲିଟ୍, ଲେହୀ )
ମଧୁଲେହୀ, } ମଧୁକର, ଭ୍ରମର ।

ମଧୁବନ, ବି. ପୁଂ (ମଧୁ-ବନ) କୋକିଳ । ନ. ବୃନ୍ଦାବନସ୍ଥ ବନବିଶେଷ, ଲଙ୍କାସ୍ଥ ବନବିଶେଷ, କିଷ୍କିନ୍ଧ୍ୟାସ୍ଥ ବନବିଶେଷ, ମଥୁରା ଅନ୍ତର୍ଗତ ବନବିଶେଷ ।

ମଧୁବୀଜ, ବି. ପୁଂ. (ମଧୁ-ବୀଜ) ଦାଡ଼ିମ୍ବବୃକ୍ଷ ।

ମଧୁବ୍ରତ, ବି. ପୁଂ. ( ମଧୁ-ବ୍ରତ ) ଭ୍ରମର । ଯଥା—

ବିରହି ଆଶ୍ରମେ ଭ୍ରମୁ ପ୍ରଶାନ୍ତେ,
ଜାତି ଫୁଲେ କରୁ ମଧୁବ୍ରତେ ।

ମଧୁସଖ, ମଧୁସହାୟ } ବି. ପୁଂ. (ମଧୁ-ସଖା,
ମଧୁସାରଥି, ମଧୁସୁହୃଦ୍ } ସହାୟ, ସାରଥି, ସୁହୃଦ) କାମଦେବ, ମଦନ, କୋକିଳ ।

ମଧୁସୂଦନ } ବି. ପୁଂ. ( ମଧୁ ସୂଦ୍-ଅନ,
ମଧୁହା } ହନ୍ ) ବିଷ୍ଣୁ ।

ମଧୂଚ୍ଛିଷ୍ଟବର୍ତ୍ତିକା, ବି. ସ୍ତ୍ରୀ. ( ମଧୂଚ୍ଛିଷ୍ଟ-ବର୍ତ୍ତିକା ) ମହମବତୀ ।

ମଧ୍ୟ, ବିଂ. ( ମ-ଧା-ଅ ) ମଧ୍ୟବର୍ତ୍ତୀ, ମଧ୍ୟମ, ଉପଯୁକ୍ତ । ବି ପୁଂ. ନ. ଦଶମନ୍ଦରଙ୍ଗ, ମଧ୍ୟସ୍ଥାନ, କଟିଦେଶ, ଅଭ୍ୟନ୍ତର । ନ. ସଂଖ୍ୟାବିଶେଷ, ନୃତ୍ୟବିଶେଷ, ଅବସାନ, ବିରାମ । ସ୍ତ୍ରୀ. କଟିଦେଶ, ନବଯୌବନା ନାୟିକାବିଶେଷ, ମଧ୍ୟବର୍ତ୍ତୀ ଅଙ୍ଗୁଳି । (ଦେଶଜ, ଅଂ. ସୁଦ୍ଧା, ଅପି, ବି ।

ମଧ୍ୟଦେଶ, ବି. ପୁଂ. (ମଧ୍ୟ-ଦେଶ) ଦେଶବିଶେଷ, ଏହାର ଉତ୍ତରରେ ହିମାଳୟ, ଦକ୍ଷିଣରେ ବିନ୍ଧ୍ୟ ପର୍ବତ, ପଶ୍ଚିମରେ କୁରୁକ୍ଷେତ୍ର ଏବଂ ପୂର୍ବ ଦିଗରେ ପ୍ରୟାଗ, କଟିଦେଶ ।

ମଧ୍ୟନ୍ଦିନ, ବି. ନ. (ମଧ୍ୟ-ଦିନ) ଦିନର ମଧ୍ୟଭାଗ, ମଧ୍ୟାହ୍ନ, ଦୁଇପ୍ରହରର ବେଳା ।

ମଧ୍ୟମ, ବି. ପୁଂ. ନ. (ମଧ୍ୟ-ମ) ଶରୀରର ମଧ୍ୟଭାଗ, କଟିଦେଶ, ନିଷାଦ ଋଷଭ ପ୍ରଭୃତି ସପ୍ତ ସ୍ୱରର ଅନ୍ତର୍ଗତ ସ୍ୱରବିଶେଷ, ରାଗବିଶେଷ, ମୃଗବିଶେଷ ।

ମଧ୍ୟମପାଣ୍ଡବ, ବି. ପୁଂ. ( ମଧ୍ୟମ-ପାଣ୍ଡବ ) ଅର୍ଜୁନ ।

ମଧ୍ୟମଲୋକ } ବି. ପୁଂ. (ମଧ୍ୟମ, ମଧ୍ୟ-ଲୋକ)
ମଧ୍ୟଲୋକ } ପୃଥିବୀ, ମର୍ତ୍ତ୍ୟଲୋକ ।

ମଧ୍ୟମସଂଗ୍ରହ, ବି. ପୁଂ. (ମଧ୍ୟମ-ସଂଗ୍ରହ) ଅନ୍ୟ ସ୍ତ୍ରୀ ସହିତରେ ଗୋପନରେ ପ୍ରଣୟ କରିବା ଏବଂ ଗନ୍ଧ ମାଲ୍ୟ ଅଲଙ୍କାର ପ୍ରଭୃତିଦ୍ୱାରା ତାହାକୁ ପ୍ରଲୋଭିତ କରିବା ।

ମଧ୍ୟମା, ବି. ସ୍ତ୍ରୀ. ( ମଧ୍ୟ-ମା ) ନବଯୁବତୀ, ମଧ୍ୟବର୍ତ୍ତୀ ଅଙ୍ଗୁଳି, ଛନ୍ଦୋବିଶେଷ । ବିଂ. ମଧ୍ୟସ୍ଥିତ ।

ମଧ୍ୟମିକା, ବି. ସ୍ତ୍ରୀ. (ମଧ୍ୟମା-କ) ନବଯୌବନା ସ୍ତ୍ରୀ ।

ମଧ୍ୟମେଶ୍ୱର, ବି. ପୁଂ. (ମଧ୍ୟମ-ଈଶ୍ୱର) କାଶୀସ୍ଥ ଶିବଲିଙ୍ଗବିଶେଷ ।

ମଧ୍ୟରାତ୍ର, ବି. ପୁଂ (ମଧ୍ୟ-ରାତ୍ରି) ଅର୍ଦ୍ଧରାତ୍ର, ନିଶୀଥ ।

ମଧ୍ୟଲୋକେଶ, ବି. ପୁଂ. ( ମଧ୍ୟଲୋକ-ଈଶ ) ରାଜା, ଭୂପତି ।

ମଧ୍ୟବର୍ତ୍ତୀ, ବିଂ. (ମଧ୍ୟ-ବର୍ତ୍ତିନ୍) ମଧ୍ୟରେ ସ୍ଥିତ ।

ମଧ୍ୟସ୍ଥ, ବିଂ. (ମଧ୍ୟ-ସ୍ଥା-ଅ) ମଧ୍ୟବର୍ତ୍ତୀ । ଯଥା—

ମଧ୍ୟସ୍ଥ ଭୂପାଳଙ୍କଠାରେ ପଶିଲ ଶରଣ ।

ମଧ୍ୟରେ ସ୍ଥିତ, ଉଦାସୀନ, ଯେ କୌଣସି ପକ୍ଷରେ ଲିପ୍ତ ନୁହେ ।

ମଧ୍ୟାହ୍ନ, ବି. ପୁଂ. ( ମଧ୍ୟ-ଅହନ୍ ) ଦିନର ମଧ୍ୟଭାଗ ।

ମଧ୍ୱାସବ, ବି. ପୁଂ. ( ମଧୁ-ଆସବ ) ମଧୁଜନିତ ମଦ୍ୟ ।

ମନଃ, ବି. ନ. (ମନ୍-ଅସ୍) ଚିତ୍ତ, ଅନ୍ତଃକରଣ ।

ମନଃଶିଳା } ବି. ସ୍ତ୍ରୀ. (ମନଃ-ଶିଲ, ଶିଳ-ଆ)
ମନଃଶିଲା } ଚକ୍ରବର୍ତ୍ତୀ ପାର୍ବତୀୟ ଧାତୁବିଶେଷ ।

ମନକୁ, ଅଂ. ( ଦେଶଜ ) ନିଜ ଇଚ୍ଛାରେ । ଯଥା —

ବାଗୁରରେ ଯାଇ ମନକୁ ପଡ଼ିଲ ଅବଳା ମନ-ବିହଙ୍ଗ । ଭଞ୍ଜ ।

ମନନ, ବି. ନ. (ମନ୍-ଅନ) ଚିନ୍ତା, ଅନୁମାନ । ଯଥା—

କେତେ ମନନ କରି ସନ୍ଦେହ ପୂରି ପୁଣି ସ୍ୱପ୍ନପରି । ଶାଳ୍ମଳୀପ୍ରସଙ୍ଗ ।

ମନସା, ବି. ସ୍ତ୍ରୀ. (ମନସ୍-ଆ) ସର୍ପବଂଶୀୟ ଦେବୀବିଶେଷ, ଜରତ୍କାରୁ ମୁନିଙ୍କ ପତ୍ନୀ ।

ମନସିଜ, ବି. ପୁଂ. ( ମନସି ଜ ) କାମଦେବ ।

ମନସିଶୟ, ବି. ପୁଂ. (ମନସି-ଶୟ) ମନୋଭବ, କନ୍ଦର୍ପ ।

ମନସ୍କାମ, ବି ପୁଂ. ( ମନସ୍-କାମ ) ମନର ଅଭିଲାଷ ।

ମନସ୍ତାପ, ବି. ପୁଂ. (ମନସ୍-ତାପ) ମନଃପୀଡ଼ା, ଅନୁତାପ । ଯଥା—

ଶୀତଳଶୋଭନ ବାୟୁ ମନସ୍ତାପ ହରେ ।

ମନସ୍ଥ, ବିଂ. (ମନସ୍-ସ୍ଥା-ଅ) ମନଃସ୍ଥିତ, ଅନ୍ତଃକରଣସ୍ଥ ।

ମନସ୍ୱିତା, ବି. ସ୍ତ୍ରୀ. ( ମନସ୍ୱିନ୍-ତା ) ଆଶା, ଭରସା, ଅଧୀନତା, ସମ୍ମତି, ସମ୍ମାନ, ପ୍ରଶସ୍ତ ମନ ।

ମନସ୍ୱୀ, ବିଂ. (ମନସ୍-ବିନ୍) ପ୍ରଶସ୍ତ ଅନ୍ତଃକରଣବିଶିଷ୍ଟ, ମହାମନା, ଉଦାରଚିତ୍ତ, ମାନୀ, ଧୀର, ଧୀରସ୍ଥିରଚିତ୍ତ ।

ମନା, ବି. (ଦେଶଜ) ନିଷେଧ । ଯଥା —

ମନା ମୁଁ କରୁଥିଲି ଏହାକୁ ଗୋ,
ଅନାନା ବୋଲି ବନଗହାକୁ ଗୋ । ବିଦଗ୍ଧ ।

ମନାଇବା, କ୍ରି. ( ଦେଶଜ ) ସେନାଇବା ।
ଯଥା—
ସେହି ସମୟେ ସ୍ୱାବଧାନ କରାଇ କରଏ ମନ ମନାଇଲା ।

ମନାସ, ବି (ମାନସ ଶବ୍ଦଜ) ବାଞ୍ଛା, ଇଚ୍ଛା, ମନୋରଥ । ଯଥା—
ମନାସନ୍ତି ହୋଇବ ଯାହା ମନେ ।

ମନୀଷା, ବି. ସ୍ତ୍ରୀ. (ମନସ୍-ଈଷା) ବୁଦ୍ଧି, ପ୍ରଜ୍ଞା ।

ମନୀଷିତ, ବିଂ. (ମନୀଷା-ଇତ) ମନୋଭିଲଷିତ, ବାଞ୍ଛିତ ।

ମନୀଷୀ, ବିଂ. (ମନୀଷା-ଇନ୍) ଧୀର, ବୁଦ୍ଧିମାନ୍ । ପୁଂ. ପଣ୍ଡିତ, ବିଦ୍ୱାନ୍ ।

ମନୁ, ବି. ପୁଂ. (ମନ୍-ଉ) ବ୍ରହ୍ମାଙ୍କ ପୁତ୍ର, ମନୁଷ୍ୟ ଜାତିର ଆଦିପୁରୁଷ, ଧର୍ମଶାସ୍ତ୍ରପ୍ରଣେତା ମୁନି-ବିଶେଷ, ପ୍ରତିକଳ୍ପରେ ସ୍ୱାୟମ୍ଭୁବ, ସ୍ୱାରୋଚିଷ ଉତ୍ତମ, ତାମସ, ରୈବତ, ଚାକ୍ଷୁଷ, ବୈବସ୍ୱତ, ସାବର୍ଣ୍ଣି, ଦକ୍ଷସାବର୍ଣ୍ଣି, ବ୍ରହ୍ମସାବର୍ଣ୍ଣି, ଧର୍ମସାବର୍ଣ୍ଣି ରୁଦ୍ରସାବର୍ଣ୍ଣି, ଦେବସାବର୍ଣ୍ଣି ଓ ଇନ୍ଦ୍ରସାବର୍ଣ୍ଣି ଏହି ଚତୁର୍ଦ୍ଦଶ ମନୁ ହୁଅନ୍ତି, ବର୍ତ୍ତମାନ ବୈବସ୍ୱତ ମନୁଙ୍କ ସମୟ, ମନ୍ତ୍ର, ସୂର୍ଯ୍ୟପୁତ୍ର, ପୃଥିବୀର ପ୍ରଥମ ରାଜା ।

ମନୁଆ, ବିଂ. (ଦେଶଜ) ସ୍ୱେଚ୍ଛାଚାରୀ, ଦୁଶ୍ଚରିତ୍ର ।

ମନୁଜ }
ମନୁଷ୍ୟ } ବି ପୁଂ. ( ମନୁ-ଜ, ଷ୍ୟ ) ମନୁଙ୍କ ଅପତ୍ୟ, ମନୁଷ୍ୟ, ମାନବ ।

ମନୁଷ୍ୟତ୍ୱ, ନ. }
ମନୁଷ୍ୟତା, ସ୍ତ୍ରୀ. } ବି. ( ମନୁଷ୍ୟ ତ୍ୱ, ତା ) ମନୁଷ୍ୟର ଭାବ ବା ଅବସ୍ଥା, ଦୟା, ବଦାନ୍ୟତା ।

ମନୁଜେନ୍ଦ୍ର, ବି. ପୁଂ. (ମନୁଜ-ଇନ୍ଦ୍ର) ନରପତି, ରାଜା ।

ମନୁଭୂ, ବି. ପୁଂ. (ମନୁ-ଭୂ) ମନୁଷ୍ୟ, ମାନବ ।

ମନୁଷୀ, ବି. ସ୍ତ୍ରୀ (ମନୁଷ-ଈ) ନାରୀ, ମାନୁଷୀ ।

ମନୁଷ୍ୟଯଜ୍ଞ, ବି. ପୁଂ. (ମନୁଷ୍ୟ-ଯଜ୍ଞ) ନୃଯଜ୍ଞ, ଅତିଥିପୂଜନ ।

ମନୋଗତ, ବିଂ, (ମନସ୍-ଗତ) ଯାହା ମନରେ ରହିଅଛି । ବି. ନ. ଚିନ୍ତା, ଅନୁଭବ ।

ମନୋଗବୀ, ବି. ସ୍ତ୍ରୀ. ( ମନସ୍-ଗବୀ ) ଇଚ୍ଛା, ଅଭିଳାଷ ।

ମନୋଗୁପ୍ତା, ବି. ସ୍ତ୍ରୀ. (ମନସ-ଗୁପ୍ତ ) ମନଃଶିଳା ।

ମନୋଜ, ବି. ପୁଂ. (ମନସ୍-ଜ) କନ୍ଦର୍ପ, ମଦନ । ଯଥା —
ଶ୍ୟେର ପାଶେ ଅଣି କନକଗୋରିକ,
ସୁନ୍ଦର ଯେସ୍ୟ ମନୋଜ ଚଲ୍ଲ ପାଶୋରିକ । ନ. କେ.
ବିଂ. ମନୋଜାତ ।

ମନୋଜନ୍ମା
ମନୋଭବ
ମନୋଭୂ
ମନୋଯୋନି } ବି. ପୁଂ. ( ମନସ-ଜନ୍ମନ୍, ଭବ, ଭୂ, ଯୋନି ) କାମଦେବ ।

ମନୋଜ୍ଞ
ମନୋରମ
ମନୋହର
ମନୋହାରୀ } ବିଂ. ( ମନସ-ଜ୍ଞ, ରମ, ହର, ହାରିନ୍ ) ସୁନ୍ଦର, ରମଣୀୟ ।

ମନୋନୀତ, ବିଂ. (ମନସ୍-ନୀତ) ମନୋମତ, ମନର ଅଭିଲଷିତ, ପସନ୍ଦ ।

ମନୋବୃତ୍ତି, ବି. ସ୍ତ୍ରୀ. (ମନସ୍-ବୃତ୍ତି) ଚିତ୍ତବୃତ୍ତି, ଇଚ୍ଛା ।

ମନୋରଞ୍ଜନ, ବି. ନ. (ମନସ୍-ରଞ୍ଜନ) ମନର ପ୍ରଫୁଲ୍ଲତାକରଣ, ମନସ୍ତୁଷ୍ଟି ।

ମନୋରଥ, ବି. ପୁଂ. (ମନସ୍-ରଥ) ଇଚ୍ଛା, ମନର ବାସନା । ଯଥା—
ବୋଲେ ଦଶରଥ ମୋର ମନୋରଥ ମଣ୍ଡାଇବ ରାଜଧାନୀ
ବୈ. ବ

ମନୋରମ, ବିଂ. (ମନସ୍-ରମ) ସୁନ୍ଦର, ସନ୍ତୋଷ-ଦାୟକ । ଯଥା —
ଦେଖ ଦେଖ ରୂପ-ଛ ! ଘେନ ମନୋରମ
ସମସ୍ତ ଲୋକପାବନ ଅଗସ୍ତ୍ୟ ଆଶ୍ରମ । କ. ବ.

ମନୋରମା, ବି. ସ୍ତ୍ରୀ ବୌଦ୍ଧମାନଙ୍କର ଉପାସ୍ୟ ଦେବତାବିଶେଷ, ପଂକ୍ତି ଛନ୍ଦୋବିଶେଷ, ଗୋରୋଚନା ।

ମନୋହତ, ବିଂ. ( ମନସ୍-ହତ ) ପ୍ରତିହତ, ଭଗ୍ନମନା ।

ମନୋହର / ମନୋହାରୀ } ବିଂ. (ମନସ୍ ହୃ-ଅ, ଇନ୍) ସୁନ୍ଦର, ରମଣୀୟ ।

ମନ୍ତବ୍ୟ, ବିଂ. (ମନ୍-ତବ୍ୟ) ଚିନ୍ତନୀୟ, ମନନୀୟ ବିଚାର୍ଯ୍ୟ, ବିବେଚନୀୟ ।

ମନ୍ତା, ବି. ପୁଂ. (ମନ୍-ତୃ) ପରାମର୍ଶଦାତା, ମନ୍ତ୍ରୀ, ମନନକର୍ତ୍ତା ।

ମନ୍ତ୍ରିବା, କ୍ରି. (ମନ୍ତ୍ର ଶବ୍ଦଜ) ମନ୍ତ୍ରଦ୍ୱାରା ସଂସ୍କାର କରିବା ।

ମନ୍ତ୍ର, ବି. ପୁଂ. (ମନ୍ତ୍ର-ଅ) ବେଦର ଅଂଶବିଶେଷ, ଋକ୍ ଅର୍ଥବାଦ, ଦେବତାବିଶେଷର ଉପାସନାର ଉପଯୋଗୀ ବାକ୍ୟ ବା ଶ୍ଳୋକ ବା ପଦ, ଯେ କୌଣସି ଜୀବର ବଶୀକରଣ-ସାଧନ ବାକ୍ୟ, କୁହୁକ । ଯଥା—

କହ କୁହୁକ ମନ୍ତ୍ର କଲୁ, ମୋହନକୁ ମୋହ ନେଲୁ ।

ମନ୍ତ୍ରଣା, ପରାମର୍ଶ, ବିଚାର, ସନ୍ଧିବିଗ୍ରହାଦି ଷାଡ଼୍ଗୁଣ୍ୟ ଚିନ୍ତା ।

ମନ୍ତ୍ରଗୂଢ଼, ବି. ପୁଂ. (ମନ୍ତ୍ର-ଗୂଢ଼) ଚର, ଗୁପ୍ତଦୂତ ।

ମନ୍ତ୍ରଗୃହ / ମନ୍ତ୍ରଭବନ } ବି. ନ. (ମନ୍ତ୍ର-ଗୃହ, ଭବନ) ପରାମର୍ଶ କରିବାର ଗୃହ ।

ମନ୍ତ୍ରଜିହ୍ୱ, ବି. ପୁଂ. (ମନ୍ତ୍ର-ଜିହ୍ୱା) ଅଗ୍ନି ।

ମନ୍ତ୍ରଜ୍ଞ, ବି. ପୁଂ. (ମନ୍ତ୍ର-ଜ୍ଞା) ଚର, ଗୁପ୍ତଦୂତ, ମନ୍ତ୍ରୀ, ମନ୍ତ୍ରଜ୍ଞାତା ।

ମନ୍ତ୍ରଣା, ବି. ସ୍ତ୍ରୀ. (ମନ୍ତ୍ର-ଅନ୍-ଆ) ଗୋପନରେ ପରାମର୍ଶ, ମନ୍ତ୍ର, ବିଚାର, ଯୁକ୍ତି ।

ମନ୍ତ୍ରଦାତା, ବିଂ. (ମନ୍ତ୍ର-ଦାତୃ) ମନ୍ତ୍ରଦାନକର୍ତ୍ତା, ଗୁରୁ, ପରାମର୍ଶଦାୟକ ।

ମନ୍ତ୍ରପୂତାତ୍ମା, ବି. ପୁଂ. (ମନ୍ତ୍ର-ପୂତାତ୍ମନ୍) ଗରୁଡ଼ ।

ମନ୍ତ୍ରବିତ୍, ବି. ପୁଂ (ମନ୍ତ୍ର-ବିଦ୍) ଚର, ମନ୍ତ୍ରୀ । ବିଂ. ମନ୍ତ୍ରଜ୍ଞ ।

ମନ୍ତ୍ରିତ, ବିଂ. (ମନ୍ତ୍ର-ତ) ଯାହା ମନ୍ତ୍ରଣା କରା ହୋଇଅଛି, ପରାମୃଷ୍ଟ, ମନ୍ତ୍ରଦ୍ୱାରା ସଂସ୍କୃତ ।

ମନ୍ତ୍ରୀ, ବି. ପୁଂ. (ମନ୍ତ୍ର-ଇନ୍) ଅମାତ୍ୟ, ସଚିବ । ବିଂ. ପରାମର୍ଶଦାତା ।

ମନ୍ଥ, ବି. ପୁଂ. (ମନ୍ଥ୍-ଅ) ମନ୍ଥନଦଣ୍ଡ, ବିନାଶ, ମନ୍ଥନ, ବିଲୋଡ଼ନ, ସୂର୍ଯ୍ୟ, ନେତ୍ରମଳ, ନେତ୍ରରୋଗ ।

ମନ୍ଥଜ, ବି. ନ. (ମନ୍ଥ-ଜ) ନବନୀତ, ନହୁଣୀ ।

ମନ୍ଥନ, ବି. ନ. (ମନ୍ଥ୍-ଅନ) ବିଲୋଡ଼ନ, ମୋହିଂବା, ବିନାଶ । ପୁଂ. ମନ୍ଥନଦଣ୍ଡ ।

ମନ୍ଥର, ବିଂ. (ମନ୍ଥ୍-ଅର) ମନ୍ଦଗାମୀ, ଅଳସ, ଜଡ଼, ଅଶୀଘ୍ର, ପ୍ରକାଣ୍ଡ ବୃହତ୍, ଭର, ନତ, ବକ୍ର, ନୀଚ, ନମ୍ର । ବି. ପୁଂ. ମନ୍ଦଗାମୀ ଯୋଦ୍ଧା ।

ମନ୍ଥରା, ବି. ସ୍ତ୍ରୀ. କୈକେୟୀର ଦାସୀ ।

ମନ୍ଥରୁ, ବି. ପୁଂ. (ମନ୍ଥ୍-ଅରୁ) ଚାମରର ପବନ ।

ମନ୍ଥଶୈଳ, ବି. ପୁଂ. (ମନ୍ଥ ଶୈଳ) ମନ୍ଦର ପର୍ବତ ।

ମନ୍ଥନୀ, ବି. ସ୍ତ୍ରୀ. ଦଧିମନ୍ଥନପାତ୍ର ।

ମନ୍ଦ, ବିଂ. (ମନ୍ଦ୍-ଅ) ଜଡ଼, ଅଳସ, ମୃଦୁ । ଯଥା—

ମନ୍ଦ ମନ୍ଦ ବହେ ଗନ୍ଧବହ ଧର୍ମାରଣ ।

ମୂର୍ଖ, ଅସୁସ୍ଥ, ଅଳ୍ପ, ମତ୍ତ, ଉନ୍ମତ୍ତ, ଅସ୍ପଷ୍ଟ, ନୀଚ, ହତଭାଗ୍ୟ, ଅଭାଗ୍ୟ । ଯଥା—

ଜାଣିଲି କପାଳ ମନ୍ଦ ତାହାର ହୁଅଇ,
ଗୃହେ ଧନ ଥିଲେ ଯେବା ଅନ୍ନ ନ ମିଳଇ ।

ଅତୀକ୍ଷ୍ଣ, ଖଳ, ଅପଟୁ, କ୍ଷୀଣ, ଅପକୃଷ୍ଟ, ସ୍ୱାଧୀନ । ବି. ପୁଂ. ଶନିଗ୍ରହ, ଯମ, ପ୍ରଳୟ, କାକ, ଗଜବିଶେଷ ।

ମନ୍ଦଗ / ମନ୍ଦଗାମୀ } (ମନ୍ଦ ଗ, ଗାମୀ) ମୃଦୁଗାମୀ, ମୃଦୁ-ଗମନଶୀଳ ।

ମନ୍ଦଜନନୀ, ବି. ସ୍ତ୍ରୀ (ମନ୍ଦ-ଜନନୀ) ସୂର୍ଯ୍ୟପତ୍ନୀ ।

ମନ୍ଦତା, ସ୍ତ୍ରୀ / ମନ୍ଦତ୍ୱ, ନ. } ବି. (ମନ୍ଦ-ତା, ତ୍ୱ) ମାନ୍ଦ୍ୟ, ମୂର୍ଖତା ।

ମନ୍ଦର, ବି. ପୁଂ. (ମନ୍ଦ୍-ଅର) ପର୍ବତବିଶେଷ, ଏହି ପର୍ବତକୁ ମନ୍ଥନଦଣ୍ଡ କରି ଦେବାସୁର-ମାନେ ସମୁଦ୍ର ମନ୍ଥନ କରିଥିଲେ । ଯଥା—

ଏ ଛବି ଦେଖି ମନକୁ ଏମନ୍ତ ଅସୁଛି,
ଚିତ୍ତକୁ ମନ୍ଦର ଗିରି କରିବା ମନ୍ଥୁଛି । କ. ବ.

ମନ୍ଦାରବୃକ୍ଷ, ମୁକ୍ତୁର, ଅର୍ଗି । ବିଂ. ବନ୍ଧୁଳ, ମନ୍ଦ, ଅଳସ ।

ମନ୍ଦା, ବି. ସ୍ତ୍ରୀ. ସଂକ୍ରାନ୍ତିବିଶେଷ, ଗ୍ରହର ଗତିବିଶେଷ । (ଦେଶଜ) ମଳା, ସମୃଦ୍ଧ, ଜଳ-ପରିମାଣ । ଯଥା—

ସ୍ୱର୍ଣ୍ଣବୃକ୍ଷ, ବେଢ଼ି ହେଣ୍ଣୁ ମନକୁ ପଣ ପୂର୍ଣ୍ଣ.
ଜନ୍ଦାମନ୍ଦା ପାହନ୍ତା ହିଙ୍କାରି ହେବ ଗୋ । ବ. ଚ.

ମନ୍ଦାକିନୀ, ବି. ସ୍ତ୍ରୀ. (ମନ୍ଦ-ଅକ୍-ଇନ୍ ଈ) ସ୍ୱର୍ଗ-ଗଙ୍ଗା, ସଂକ୍ରାନ୍ତିବିଶେଷ ।

ମନ୍ଦାକ୍ଷ, ବି. ନ. (ମନ୍ଦ-ଅକ୍ଷ) ଲଜ୍ଜା, ତ୍ରପା । ବିଂ. ସଙ୍କୁଚିତ ନେତ୍ର ।

ମନ୍ଦାଗ୍ନି, ବି. ପୁଂ. ( ମନ୍ଦ ଅଗ୍ନି ) ଅଗ୍ନିମାନ୍ଦ୍ୟ, କ୍ଷୁଧା ପ୍ରବୃତ୍ତିର ଅଳ୍ପତା ।

ମନ୍ଦାର, ବି. ପୁଂ. ( ମନ୍ଦ ଅର ) ସ୍ୱର୍ଗୀୟ ଦେବତରୁବିଶେଷ, ଅର୍କବୃକ୍ଷ, ଜବ ବୃକ୍ଷ ।

ମନ୍ଦାସ୍ୟ, ବି. ନ. ( ମନ୍ଦ-ଆସ୍ୟ = ମୁଖ ) ଲଜ୍ଜା, ତ୍ରପା । ବି ସଙ୍କୁଚିତ ମୁଖ ।

ମନ୍ଦିର, ବି ନ. ( ମନ୍ଦ୍-ଇର ) ଗୃହ, ଭବନ, ଦେବଗୃହ, ନଗର, ପୁର । ପୁଂ. ସମୁଦ୍ର, ଜାନୁର ପଶ୍ଚାଦ୍ଭାଗ ।

ମନ୍ଦିରା, ବି. କଂସାନିର୍ମିତ ବାଦ୍ୟଯନ୍ତ୍ରବିଶେଷ ।

ମନ୍ଦୀଭୂତ, ବିଂ. ( ମନ୍ଦ(ଚ୍ୱି)-ଭୂ-ତ ) ଅଳ୍ପୀଭୂତ, କମ୍ ହୋଇଯିବା, ଜଡ଼ୀଭୂତ ।

ମନ୍ଦୁରା, ବି ସ୍ତ୍ରୀ ( ମନ୍ଦ-ଉର-ଆ ) ଅଶ୍ୱଶାଳା, (ଦେଶଜ) ହେଁସ ।

ମନ୍ଦୋଦରୀ, ବି. ସ୍ତ୍ରୀ. (ମନ୍ଦ-ଉଦର ଈ) ରାବଣର ସ୍ତ୍ରୀ, ମୟଦାନବର କନ୍ୟା, କ୍ଷୀଣୋଦରୀ ସ୍ତ୍ରୀ ।

ମନ୍ଦ୍ର, ବିଂ. (ମନ୍ଦ୍-ର) ଗମ୍ଭୀର । ଯଥା—

କନକ ଙ୍କାର ମନ୍ଦ୍ର ଦନ ରେଜନ । କ. କ.

ବି. ବାଦ୍ୟଯନ୍ତ୍ରବିଶେଷ, ଗମ୍ଭୀର ଧ୍ୱନି ।

ମନ୍ମଥ, ବି. ପୁଂ. ( ମନସ୍-ମଥ୍-ଅ ) କାମଦେବ, କନ୍ଦର୍ପ, ମଦନ ।

ମନ୍ମଥାଳୟ, ବି. ପୁଂ. (ମନ୍ମଥ-ଆଳୟ) ଆମ୍ରବୃକ୍ଷ, ସ୍ତ୍ରୀଚିହ୍ନବିଶେଷ ।

ମନ୍ମନ, ବି. ପୁଂ. ( ମନସ୍-ମନ୍-ଅ ) ଗଦ୍ଗଦ ଧ୍ୱନି, ଅସ୍ପଷ୍ଟ ଶବ୍ଦ । ଯଥା—

ମୃଦୁ ମନ୍ମନ ଧ୍ୱନି ଜନନ କଲାନ୍ତି କେଉଁଠେଳା । କ. ର.

ମନ୍ୟା
ମନ୍ୟାକା } ବି. ସ୍ତ୍ରୀ (ମନ-ଯ ଅ, (ମନ୍ୟା-କ) ସ୍ନାୟୁ ଗ୍ରୀବାର ପଶ୍ଚାଦ୍ଭାଗସ୍ଥିତ ଶିରା, ଶରୀରର ଶିର ।

ମନ୍ୟୁ, ବି. ପୁଂ. (ମନ୍-ଯୁ) ଶୋକ, କ୍ରୋଧ, ଯଜ୍ଞ, ଦୈନ୍ୟ, ଅହଂକାର ।

ମନ୍ୱନ୍ତର, ବି. ନ. (ମନୁ-ଅନ୍ତର) ମନୁଙ୍କ ରାଜ୍ୟ-ଶାସନକାଳ, ଦେବତାମାନଙ୍କର ୭୧ ଯୁଗ ।

ମଫା, ବି. (ଦେଶଜ) ମାପିବା ।

ମଫସଲ, ବି. (ଯାବନିକ) ଗ୍ରାମାଞ୍ଚଳ ।

ମଫସଲିଆ
ମଫସଲି } ବିଂ. ଗ୍ରାମ୍ୟ ।

ମମ. ସଂ. ( ଅସ୍ମଦ୍ ଶବ୍ଦଜ ) ଆମ୍ଭର, ମୋହର, ମମତା, ମାୟା ।

ମମତା, ସ୍ତ୍ରୀ.
ମମତ୍ୱ, ନ. } ବି. ( ମମ-ତା, ତ୍ୱ ) ମାୟା, ମୋହର ବୋଲି ଜ୍ଞାନ, ଅହଙ୍କାର, ସ୍ନେହ ।

ମମତାଯୁକ୍ତ, ବିଂ. ( ମମତା-ଯୁକ୍ତ ) ଅସ୍ମୃମ୍ଭର, ଅଭିମାନାଦିବିଶିଷ୍ଟ । ବି. ପୁଂ. କୃପଣ ।

ମୟ, ବି. ପୁଂ. ( ମୟ-ଅ ) ଦୈତ୍ୟବିଶେଷ, ଦାନବମାନଙ୍କର ଶିଳ୍ପୀ, ଉଷ୍ଟ୍ର, ଅଶ୍ୱତର, ବ୍ୟାକରଣରେ ପ୍ରତ୍ୟୟବିଶେଷ ।

ମୟଷ୍ଟ, ବି. ପୁଂ. (ମୟୂ-ଅଷ୍ଟ) ତୃଣନିର୍ମିତ କୁଟୀର ।

ମୟଦ, ବି. (ଯାବନିକ) ଗୋଧୂମଚୂର୍ଣ୍ଣ ଅଟା ।

ମୟଦାନ, ବି. (ଯାବନିକ) କ୍ଷେତ୍ର, ପଡ଼ିଆ ।

ମୟନା, ବି. (ଦେଶଜ) ପକ୍ଷିବିଶେଷ, ସାରୀ ।

ମୟଳା, ବିଂ. (ମଳ ଶବ୍ଦଜ) ଅପରିଷ୍କୃତ ।

ମୟୁରାଜ, ବି. ପୁଂ. ( ମୟୁ-ରାଜ ) କୁବେର, ଧନାଧିପ ।

ମୟୂଖ, ବି. ପୁଂ. ( ମା-ଊଖ ) କିରଣ, ରଶ୍ମି, ଜ୍ୟୋତିଃ, ଜ୍ୱାଳା, ଶୋଭା ।

ମୟୂର, ପୁଂ. } ବି. (ମସ୍‌-ଉର, ନିପାତନ) ପକ୍ଷି-
ମୟୂରୀ, ସ୍ତ୍ରୀ. } ବିଶେଷ, ଶିଖୀ ।

ମୟୂରଚଟକ, ବି. ପୁଂ. ଗୃହକୁକ୍କୁଟ ।

ମୟୂରପଦକ, ବି. ନ. ( ମୟୂର-ପଦ କ ) ନଖାଘାତ ।

ମର, ବି. ପୁଂ. (ମୃ-ଅ) ମରଣ । ବିଂ. ମରଣାଧୀନ ।
ଯଥା—

ଧୂଳିର ଏ ମର କଳେବର । କ.ବ

ମରକ, ବି. ପୁଂ. (ମୃ-ଅକ) ମାରି, ମଡ଼କ ।

ମରକତ } ବି. ପୁଂ. (ମରକ-ତୃ-ଅ) ହରିଦ୍‌ବର୍ଣ୍ଣ
ମରକ୍ତ } ମଣିବିଶେଷ ।

ମରକି, ବି. (ହିନ୍ଦୀ) ଇଚ୍ଛା । ଯଥା—

ବୁଝିବା ମରକି ଯେବେ ଅଛ ତୋର ମନକୁ ବୁଝାଇ ନେଇଁ ।

ମରଣ, ବି. ନ. (ମୃ-ଅନ) ମୃତ୍ୟୁ, ଦେହନାଶ ।

ମରଦ୍ } ବି. (ଯାବନିକ) ପୁରୁଷ ।
ମର୍ଦ }

ମରନ୍ଦ } ବି. ପୁଂ. ମକରନ୍ଦ, ପୁଷ୍ପରସ ।
ମରନ୍ଦକ }

ମରି, ବିଂ. ( ମରଣାର୍ଥ ମୃତ୍ୟୁ ଶବ୍ଦଜ ) ମୃତ, ଗତାସୁ, ମଡ଼ା । ବି. ମରିବା ।

ମରାମତ୍ } ବି. (ଯାବନିକ) ଘର ପ୍ରଭୃତିକୁ ନୂଆ
ମରାମତି } କରିବା, ସଜାଡ଼ିବା ।

ମରାମର, (ମର-ଅମର) ମନୁଷ୍ୟ ଓ ଦେବତାଦି ।
ଯଥା—

ଶୁଣି ମରାମର ଜୀବେ ଗଣିଲେ ପ୍ରମାଦ । କ. ବ.

ମରାମରି, ବି. (ଦେଶଜ) ପରସ୍ପରକୁ ମାରିବା ।

ମରାଳ, ବି. ପୁଂ. ( ମୃ-ଆଲ ) ଲୋହିତବର୍ଣ୍ଣ ଚଞ୍ଚୁ ଚରଣବିଶିଷ୍ଟ ରାଜହଂସ, ପାତିହଂସ, ଅଶ୍ୱ, ମେଘ । ବିଂ. ମସୃଣ, ସ୍ନିଗ୍ଧ ।

ମରିଚ } ବି. ନ. (ମୃ-ଇଚ, ଈଚ) ବର୍ତ୍ତୁଳାକାର କଟୁଦ୍ରବ୍ୟବିଶେଷ, ଗୋଲ ମରିଚ ।
ମରୀଚ }

ମରିଗୁଣ୍ଡିବା, କ୍ରି. (ଦେଶଜ) ଅଗ୍ନି ବା ଧାତୁ-ନିର୍ମିତ ବାସନରେ କଳଙ୍କି ଲାଗିବା ।

ମରିବା, କ୍ରି. ମୃ ଧାତୁଜ ପ୍ରାଣତ୍ୟାଗ କରିବା

ମରୀଚି, ବି. ପୁଂ. ସ୍ତ୍ରୀ. (ମୃ-ଈଚି କରଣ, ରଶ୍ମି । ପୁଂ. ବ୍ରହ୍ମାଙ୍କ ମାନସପୁତ୍ର, ସୃଷ୍ଟିକର୍ତ୍ତା ମୁନି-ବିଶେଷ ।

ମରୀଚିକା, ବି. ସ୍ତ୍ରୀ. (ମରୀଚି-କ-ଆ) ମୃଗତୃଷ୍ଣା, ସୂର୍ଯ୍ୟକିରଣରେ ଜଳଭ୍ରମ ।

ମରୀଚିମାଳୀ, ବି. ପୁଂ. ( ମରୀଚିମାଳା-ଇନ୍ ) ସୂର୍ଯ୍ୟ । ବିଂ. କିରଣମାଳାବିଶିଷ୍ଟ ।

ମରୁ, ବି. ପୁଂ. (ମୃ-ଉ) ଜଳ ଓ ତୃଣାଦିଶୂନ୍ୟ ପ୍ରଦେଶ, ପର୍ବତ, ମାଡ଼ୁଆରି ଦେଶ ।

ମରୁଅ, ବି. (ଦେଶଜ) ପୁଷ୍ପବିଶେଷ ।

ମରୁଡ଼ି, ବି. (ଦେଶଜ) ଅନାବୃଷ୍ଟିଜନିତ ଶସ୍ୟ-ନାଶ, ମହାମାରୀ ।

ମରୁତ୍ } ବି. ପୁଂ. ( ମୃ-ଉତ୍, ମରୁତ୍ ଅ )
ମରୁତ } ବାୟୁ ଦେବତା ।

ମରୁତ୍ତ, ବି. ପୁଂ. (ମରୁତ୍-ତ) ବାୟୁ, ଚନ୍ଦ୍ରବଂଶୀୟ ନୃପବିଶେଷ ।

ମରୁତ୍‌ପଥ, ବି. ପୁଂ (ମରୁତ୍-ପଥ) ଆକାଶ ।

ମରୁତ୍‌ପୁତ୍ର, ବି. ପୁଂ. (ମରୁତ୍-ପୁତ୍ର) ଭୀମସେନ, ପାଣ୍ଡୁରାଜାଙ୍କ ଦ୍ୱିତୀୟ ପୁତ୍ର, ହନୁମାନ୍ ।

ମରୁତ୍‌ପ୍ଳବ, ବି. ପୁଂ. (ମରୁତ୍-ପ୍ଳୁ-ଅ) ସିଂହ ।

ମରୁତ୍‌ଫଳ, ବି. ନ. (ମରୁତ୍-ଫଳ) କରକା, କୁଆପଥର, ଶିଳା ।

ମରୁତ୍ୱାନ୍, ବି. ପୁଂ. ( ମରୁତ୍-ବତ୍ ) ଇନ୍ଦ୍ର, ହନୁମାନ୍, ମେଘ, ସମୁଦ୍ର ।

ମରୁତ୍‌ସଖ, ବି. ପୁଂ. (ମରୁତ୍-ସଖା) ବାୟୁସଖା, ଅଗ୍ନି, ଇନ୍ଦ୍ର ।

ମରୁଦ୍‌ରଥ, ବି. ପୁଂ. (ମରୁତ୍-ରଥ) ଅଶ୍ୱ, ଦେବ-ରଥ, ବିମାନ ।

ମରୁଦ୍‌ବର୍ତ୍ମ, ବି. ପୁଂ. (ମରୁତ୍-ବର୍ତ୍ମନ୍) ଆକାଶ, ଅନ୍ତରୀକ୍ଷ ।

ମରୁଦ୍ବାହ, ବି. ପୁଂ. ( ମରୁତ୍-ବାହ ) ଧୂମ, ଧୂଆଁ, ଅଗ୍ନି ।

ମରୁଦ୍ବିପ, ମରୁପ୍ରିୟ } ବି. ପୁଂ. ( ମରୁଦ୍ବିପ, ପ୍ରିୟ ) ଉଷ୍ଟ୍ର, ଓଟ ।

ମରୁଭୂ, ମରୁଭୂମି } ବି. ସ୍ତ୍ରୀ. ( ମରୁ-ଭୂ, ଭୂମି ) ଜଳ ଓ ତୃଣାଦିବର୍ଜିତ ବାଲୁକାପୂର୍ଣ୍ଣ ଭୂମି ।

ମରେଇ, ବି. (ଦେଶଜ) ଧାନରଖିବାର ସ୍ଥାନ ।

ମର୍କ, ବି. ପୁଂ. ( ମର୍କ-ଅ ) ବାନର, ଦେହ, ଶରୀରସ୍ଥ ବାୟୁ ।

ମର୍କକ, ବି. ପୁଂ. ( ମର୍କ-କ ) ଗଲଗଣ୍ଡ ପକ୍ଷୀ, ହାଡ଼ଗିଲା ।

ମର୍କଟ, ବି. ପୁଂ. (ମର୍କ୍-ଅଟ) ବାନର, ମାକଡ଼ସା, ହାଡ଼ଗିଲା ପକ୍ଷୀ, ବିଷବିଶେଷ ।

ମର୍କଟବାସ, ମର୍କଟବାସଃ } ବି. ପୁଂ. (ମର୍କଟ=ମାକଡ଼ସା—ବାସ, ବାସସ୍=ବାସସ୍ଥାନ ) ଲୂତାତନ୍ତୁ, ମାକଡ଼ସା ଜାଲ ।

ମର୍କଟଶୀର୍ଷ, ବି. ନ. ହିଙ୍ଗୁଳ ।

ମର୍କଟାସ୍ୟ, ବି. ନ. (ମର୍କଟ-ଆସ୍ୟ) ତାମ୍ର, ତମ୍ବା । ବିଂ. ମାକଡ଼ମୁହାଁ ।

ମର୍କରା ବି. ସ୍ତ୍ରୀ. ଦରୀ, ଗୁହା, ଭାଣ୍ଡ, ପାତ୍ର, ବନ୍ଧ୍ୟା ସ୍ତ୍ରୀ ।

ମର୍ତ୍ତ୍ୟ, ମର୍ତ୍ତ } ବି. ପୁଂ. (ମୃ-ତ, ଯ) ମନୁଷ୍ୟ, ମଧ୍ୟମ ଲୋକ, ପୃଥିବୀ ।

ମର୍ତ୍ତ୍ୟପୁର, ବି. ପୁଂ. (ମର୍ତ୍ତ୍ୟ-ପୁର) ମନୁଷ୍ୟପୁର, ପୃଥିବୀ ।

ମର୍ତ୍ତ୍ୟଲୋକ, ବି. ପୁଂ. (ମର୍ତ୍ତ୍ୟ-ଲୋକ, ମନୁଷ୍ୟ-ଲୋକ, ପୃଥିବୀ ।

ମର୍ଦ୍ଦନ, ବି. ନ. (ମୃଦ୍-ଅନ) ପେଷଣ, ଦଳନ, ଚୂର୍ଣ୍ଣନ, ଅଙ୍ଗମର୍ଦ୍ଦନ, ଶରୀର ଘଷିଦେବା, ସମ୍ବାହନ ।

ମର୍ଦ୍ଦଳ, ବି. ପୁଂ. (ମର୍ଦ୍ଦ-ଲା-ଅ ବାଦ୍ୟଯନ୍ତ୍ରବିଶେଷ, ଢୋଲ, ମାଦଳ ।

ମର୍ଦ୍ଦିତ, ବିଂ. ( ମୃଦ୍-ଇ-ତ ) ବଦ୍ଧ, ଦଳିତ, ଚୂର୍ଣ୍ଣିତ ।

ମର୍ମ, ବି. ନ. ( ମୃ-ମନ୍ ) ଶରୀରର ସନ୍ଧିସ୍ଥାନ, ହୃଦୟାଦି ଜୀବସ୍ଥାନ, ସ୍ୱରୂପ, ତାତ୍ପର୍ଯ୍ୟ, ଅଭିପ୍ରାୟ ରହସ୍ୟ, ଅନ୍ତର, ଗୂଢ଼କଥା ।

ମର୍ମଜ୍ଞ, ମର୍ମଭିଦ୍, ମର୍ମବେଦୀ } ବି. (ମର୍ମନ୍-ଜ୍ଞ, ଭିଦ୍, ବେଦିନ୍) ତାତ୍ପର୍ଯ୍ୟଗ୍ରାହକ, ପଣ୍ଡିତ ।

ମର୍ମଭେଦୀ, ( ମର୍ମନ୍-ଭେଦିନ୍ ) ମର୍ମପୀଡ଼କ, ଆନ୍ତରିକ ବ୍ୟଥାଦାୟକ ।

ମର୍ମର, ବି. ପୁଂ. (ମୃ-ଅର) ଶୁଷ୍କ ପତ୍ରାଦିର ଅବ୍ୟକ୍ତ ଧ୍ୱନି, ମଡ଼ ମଡ଼, ଶ୍ୱେତ ପ୍ରସ୍ତରବିଶେଷ । ବିଂ. ମର୍ମର ଧ୍ୱନିକାରକ । ଯଥା—

ନଦୀ କୂଳକୂଳେ ପୁଣି ପର୍ଣ୍ଣ ମର୍ମରେ ।

ମର୍ମସ୍ପୃକ୍, ବିଂ. ( ମର୍ମନ୍-ସ୍ପୃଶ୍-୦ ) ଆନ୍ତରିକ ବ୍ୟଥାଦାୟକ ।

ମର୍ମାନ୍ତକ, ବିଂ. ( ମର୍ମନ୍ ଅନ୍ତକ ) ମର୍ମପୀଡ଼କ, ଆନ୍ତରିକ ।

ମର୍ଯ୍ୟାଦକ, ବିଂ. (ମର୍ଯ୍ୟଦା-କ) ମର୍ଯ୍ୟାଦାକର୍ତ୍ତା, ସମ୍ମାନକାରୀ ।

ମର୍ଯ୍ୟାଦା, ବି ସ୍ତ୍ରୀ. (ପର-ଆ ଦା-ଅ, ପ=ମ) ନ୍ୟାଯ୍ୟ-ପଥରେ ସ୍ଥିତି, ନିୟମ, ସୀମା, କୂଳ, ତୀର, ମାନ, ସମ୍ଭ୍ରମ, ଗୌରବ, ସମ୍ମାନ ।

ମର୍ଶ, ବି. ପୁଂ. (ମୃଶ୍ ଅ) ପରାମର୍ଶ, ଯୁକ୍ତି, ମନ୍ତ୍ରଣା, ଉପଦେଶ ଦେବା ।

ମର୍ଷ, ବି ପୁଂ. (ମୃଷ୍-ଅ) କ୍ଷମା, ସହନ, ନାଶନ ।

ମର୍ଷିତ, ବିଂ. ( ମୃଷ୍-ତ ) କ୍ଷାନ୍ତ, କ୍ଷମାଶୀଳ, ନାଶିତ । ବି. ନ. କ୍ଷମା ।

ମଳ, ବି. ପୁଂ. ନ. (ମଳ୍-ଅ) ବିଷ୍ଠା, ମୂତ୍ର, ଶ୍ଲେଷ୍ମ, ରକ୍ତ, ଦୂଜ ପ୍ରଭୃତି ଶରୀରର ମଇଳା, ବାତ ପିତ୍ତ କଫ, ପାପ, କଳଙ୍କ । ବିଂ. ମଳଯୁକ୍ତ, କୃପଣ ।

ମଳଘ୍ନ, ବି. ପୁଂ. (ମଳ-ହନ୍-ଅ) ଶିମିଳୀକନ୍ଦ । ବିଂ. ମଳନାଶକ ।

ମଳନ, ବି. ନ. (ମଲ୍ ଅନ) ପେଷଣ, ମର୍ଦ୍ଦନ । ପୁଂ. ପଟବାସ, ତାମ୍ବୁ ।

ମଳଭୁକ୍, ବି. ପୁଂ (ମଳ-ଭୁକ୍) ବାୟସ, କାକ ।

ମଲମ୍, ବି. ( ଯାବନକ ) ପ୍ରଲେପଜାତୀୟ ଔଷଧ-ବିଶେଷ ।

ମଳମାସ, ବି. ପୁଂ. (ମଳ-ମାସ) ଅଧିମାସ ମାସ-ବୃଦ୍ଧି, ଅମାବସ୍ୟାଦ୍ୱୟଭୁକ୍ତ ରବିସଂକ୍ରାନ୍ତିରହିତ ମାସ ।

ମଲମା, ବି. ( ବଙ୍ଗୀୟ ) ତମ୍ବାପଇସର ଉପରକୁ ସ୍ୱର୍ଣ୍ଣ ପତ୍ରଦ୍ୱାରା ଆବୃତ କରିବା ବା ଗିଲ୍ଟି କରିବା । ଯଥା —

ମଲେମା ଅମ୍ବରେ ହେଲି ଏ ଭୂମ୍ବର ସୁବର୍ଣ୍ଣ ଭ୍ରମ କେବଳ ।
ଯ. କେ.

ମଲୟ, ବି. ପୁଂ. ( ମଲ୍-ଇ-ଅ ) ପର୍ବତବିଶେଷ, ଚନ୍ଦନାଦ୍ରି, ପଶ୍ଚିମଘାଟ ପର୍ବତ, ଦେଶ-ବିଶେଷ, ମଲବାର, ଦ୍ୱୀପବିଶେଷ, ଆରାମ, ଉପବନ, ନନ୍ଦନବନ ।

ମଲୟଜ, ବି. ପୁଂ. ନ, (ମଲୟ-ଜନ୍-ଅ) ଗନ୍ଧସାର, ଚନ୍ଦନ । ବିଂ. ମଲୟଜାତ ।

ମଲୟାନିଲ, ବି. ପୁଂ. (ମଲୟ-ଅନିଲ) ବସନ୍ତ-କାଳୀନ ବାୟୁ ।

ମଲୟୋଦ୍ଭବ, ବି. ନ. (ମଲୟ-ଉଦ୍ଭବ) ଗନ୍ଧସାର, ଚନ୍ଦନ ।

ମଲା, ଦେ. (ମାଲ ଶବ୍ଦଜ) ମନ୍ଦା, ତୃଣାଦି ନିର୍ମିତ ବୃତ୍ତାକାର ଆଧାରବିଶେଷ, କୁଠାର ବଇଠି । ମର୍ଦ୍ଦିବା, ଦଳିବା ।

ମଲାକର୍ଷୀ ବି. ପୁଂ. (ମଲ-ଆ କୃଷ୍-ଇନ୍) ହାଡ଼ି, ମେହେନ୍ତର ।

ମଲି, ଦେ. (ମୃ ଧାତୁଜ) ମୃତ ।

ମଲାଟ, ବି. ବହି ଉପରେ ଥିବା ଆଚ୍ଛାଦନ ।

ମଳି, ବି. ଦେହ ଉପରେ ଜମିଥିବା ମଇଳା । ବିଂ. ମଳିନ ।

ମଳିଅ, ବି. ମଳିନ ।

ମଲିକଢି } ବି. ମଲ୍ଲୀକଢ଼ ଆକୃତି କର୍ଣ୍ଣାଲଙ୍କାର-
ମଲିକଢୀ } ବିଶେଷ ।

ମଳିନ, ବିଂ. (ମଳ-ଇନ) ମଳଯୁକ୍ତ, ମଳଦୂଷିତ, କୃଷ୍ଣବର୍ଣ୍ଣ, ମଇଳା । ଯଥା —

ମଳିନ ବସନ ଘଡ଼ି ଭଲ ପଟ୍ଟଧାନ,
ସକାଳ ହେଉ ନ କର କଦାପି ଅଶନ ।

ପାପଯୁକ୍ତ, ପାପିଷ୍ଠ, ମ୍ଳାନ, ବିପନ୍ନ ।

ମଳିନତା, ସ୍ତ୍ରୀ. } ବି. ( ମଳିନ-ତା, ତ୍ୱ )
ମଳିନତ୍ୱ, ନ. } ମାଳିନ୍ୟ ।

ମଳିନିମା, ବି. ପୁଂ. (ମଳିନ ଇମନ୍) ମଳିନତା, ମାଳିନ୍ୟ ।

ମଳିନୀ } ବି. ସ୍ତ୍ରୀ. ( ମଳ-ଇନ୍ ଈ, ଇଷ୍ଠ-ଆ )
ମଳିଷ୍ଠା } ରଜସ୍ୱଳା ନାରୀ, ଋତୁମତୀ ସ୍ତ୍ରୀ ।

ମଳିବା, କ୍ରି. ( ଦେଶଜ ) ହସ୍ତ ପଦାଦିଦ୍ୱାରା ଦଳିବା ।

ମଳୀ, ବିଂ. (ମଳ-ଇନ୍) ମଳଯୁକ୍ତ ।

ମଳୀମସ୍, ବିଂ. (ମଳ-ଈମସ୍) ମଳିନ, ଅପରିଷ୍କାର, ମଳଦୂଷିତ । ବି. ପୁଂ. ନ. ଲୌହ, ଲୁହା । ପୁଂ. ମଳ ମାସ ।

ମଳୁ, ବି. ( ଦେଶଜ ) ରୋଗୀ, ଶଯ୍ୟାଗତ ରୋଗୀ ।

ମଳେଇ, ବି. (ଦେଶଜ) କୁଠାରେ ନିର୍ମିତ ଧାନଅମାର, ମୃତବତ୍ସା ଗାଭୀଠାରୁ କୃତ୍ରିମ ଉପାୟରେ ଦୁଗ୍ଧଦୋହନପ୍ରକ୍ରିୟା ।

ମଲ୍ଲ, ବି ପୁଂ. (ମଲ୍ଲ-ଅ) ବାହୁଯୋଦ୍ଧା, ମାଲ, ପାତ୍ରବିଶେଷ, ମାଛ, କପୋଳ, ଗଣ୍ଡସ୍ଥଳ, ଦେଶବିଶେଷ । ବିଂ. ବଳିଷ୍ଠ, ଅତିଶୟ ବଳବାନ୍ ।

ମଲ୍ଲୀ, ବି. ସ୍ତ୍ରୀ. ସ୍ତ୍ରୀ, ନାରୀ, ମଲ୍ଲିକା ।

ମଲ୍ଲଜ, ବି. ପୁଂ. (ମଲ୍ଲ-ଜ) ଗୋଲମରିଚ । ବିଂ. ମଲ୍ଲଦେଶଜାତ ।

ମଲ୍ଲନାଗ, ବି. ପୁଂ. (ମଲ୍ଲ-ନାଗ) ଐରାବତ ହସ୍ତୀ, ବାତ୍ସ୍ୟାୟନ ମୁନି, ପଦ୍ମବାହକ ।

ମଲ୍ଲଭୂ } ବି. ସ୍ତ୍ରୀ (ମଲ୍ଲ-ଭୂ, ଭୂମି) ମଲ୍ଲ-
ମଲ୍ଲଭୂମି } ମାନଙ୍କର କ୍ରୀଡ଼ାସ୍ଥାନ, କୁସ୍ତିର ଆଖଡ଼ା, ରଣସ୍ଥଳ ।

ମଲ୍ଲଯୁଦ୍ଧ, ବି. ନ. (ମଲ୍ଲ-ଯୁଦ୍ଧ) ବାହୁଯୁଦ୍ଧ, ହସ୍ତଯୁଦ୍ଧ ।

ମଲ୍ଲାର ବି. ପୁଂ. (ମଲ୍ଲ-ଋ-ଅ) ରାଗବିଶେଷ ।

ମଲ୍ଲି, ମଲ୍ଲୀ } ବି. ସ୍ତ୍ରୀ. ( ମଲ୍ଲ-ଇ, ଈ ) ମଲ୍ଲିକା, ମଲ୍ଲିଫୁଲ ।

ମଲ୍ଲିକ, ବି. ପୁଂ. (ମଲ୍ଲ-ଇ-କ) ହଂସବିଶେଷ, ଈଷତ୍ ଧୂସରବର୍ଣ୍ଣ ଏବଂ ଅଳ୍ପ ଲୋହିତ-ଚଞ୍ଚୁ-ଚରଣବିଶିଷ୍ଟ ହଂସ, ଉପାଧିବିଶେଷ । କା, ସ୍ତ୍ରୀ. ପୁଷ୍ପବିଶେଷ । ମଲ୍ଲିଫୁଲ ।

ମଲ୍ଲିଗନ୍ଧ, ବି. ନ. (ମଲ୍ଲି-ଗନ୍ଧ) ଅଗୁରୁ, ସୁଗନ୍ଧ-କାଷ୍ଠବିଶେଷ ।

ମଲ୍ଲୁ, ବି. ପୁଂ. (ମଲ୍ଲ-ଉ) ଭଲ୍ଲୁକ, ଭାଲୁ ।

ମଶ, ମଶକ } ବି. ପୁଂ. (ମଶ୍-ଅ, ଅକ) ମଶା ।

ମଶଲା, ବି. ସୁଗନ୍ଧଦ୍ରବ୍ୟବିଶେଷ, ଜୀରା ଧନିଆ ପ୍ରଭୃତି, ପାନଗୁଣ୍ଡି ।

ମଶହରୀ, ବି. ସ୍ତ୍ରୀ. ( ମଶ-ହୃ-ଈ ) ମଶାରି, ମଶକବାରିଣୀ ।

ମଶା, ବି. (ମଶକ ଶବ୍ଦଜ) ଦଂଶକ କୀଟବିଶେଷ । ଭର ଓଜନର [illegible], ଚର୍ମମୟ ଜଳପାତ୍ର ।

ମଶାଣି, ମଶାନ } ବି. ( ଶ୍ମଶାନ ଶବ୍ଦଜ ) ସମାଧିସ୍ଥାନ, ପ୍ରେତଭୂମି ।

ମଶାରି, ବି. (ମଶହରୀ ଶବ୍ଦଜ) ମଶକନିବାରକ ପ୍ରାବରଣବିଶେଷ ।

ମଶାଲ, ବି. (ଯାବନିକ) ଦହୁଡ ।

ମସକା, ବିଂ. ମଠକା, ଯାହା ଅଳ୍ପ ଆଘାତରେ ଭଗ୍ନ ହୁଏ ।

ମସଜିଦ୍, ମସ୍ଜିଦ୍ } ବି. (ଯାବନିକ) ମୁସଲମାନମାନଙ୍କ ପ୍ରାର୍ଥନାଗାର ।

ମସାର, ବି. ପୁଂ. (ମସ-ଋ ଅ) ଇନ୍ଦ୍ରନୀଳମଣି ।

ମସାଲ୍ଚି, ବି. (ଯାବନିକ) ଯେ ମଶାଲ ଧରେ ।

ମସି, ମସୀ, ମଷି, ମଷୀ } ବି. ପୁଂ. ସ୍ତ୍ରୀ. ( ମସ୍, ମଷ୍, ଇ, ଈ) ଲେଖିବାର କାଳି, ଶେଫାଳିକାବୃକ୍ଷ ।

ମସିଆ, ବିଂ. (ଦେଶଜ) ମଳିନ । ବି. ମଇଳା, ମଳ ।

ମସିପଣ୍ୟ, ବି. ପୁଂ. ( ମସି-ପଣ୍ୟ ) ଲେଖକୋପଜୀବୀ ।

ମସିପ୍ରସୂ, ମସିମଣି } ବି. ସ୍ତ୍ରୀ (ମସି-ପ୍ରସୂ, ମଣି) ମସ୍ୟାଧାର, ଦୁଆତ, ଲେଖନୀ, ପେନ୍ସିଲ ।

ମସୀଜୀବୀ, ବି. ପୁଂ. ( ମସୀ-ଜୀବୀ ) ଲେଖକ, ଲିପିକର ।

ମସିଣା, ବି. (ଦେଶଜ) ଚଟାଇ, ବିଛଣା ।

ମସୁର, ମସୂର } ବି. ପୁଂ. (ମସ୍ ଉର, ଊର) ମସୁରି, ଶସ୍ୟବିଶେଷ ।

ମସୂରକ ବି. ପୁଂ. (ମସୂର-କ) ଗୋଲ ବାଲିଶ ।

ମସୃଣ, ବିଂ. (ମସ୍-ଋଣ) କୋମଳ, ନରମ, ସ୍ନିଗ୍ଧ, ଚକଚକିଆ, ଯାହାର ଉପରିଭାଗ ଏପରି ସମାନ ଯେ ସ୍ପର୍ଶ କଲେ ଉଚ୍ଚ ନୀଚ ବୋଧ ହୁଏ ନାହିଁ ।

ମସ୍କର, ବି. ପୁଂ. ( ମସ୍କ-ଅର ) ବଂଶ, ବାଉଁଶ, ବାଉଁଶବାଡ଼ି, ଗତି, ଜ୍ଞାନ ।

ମସ୍କରା, ବି (ଦେଶଜ) ଗଳ୍ପକାରକ, ପରିହାସକ, ଭଣ୍ଡ ।

ମସ୍କରୀ, ବି. ପୁଂ. (ମସ୍କର-ଇନ୍) ଭିକ୍ଷୁ, ଚତୁର୍ଥାଶ୍ରମୀ, ଚନ୍ଦ୍ର । ( ଭିକ୍ଷୁ ଅର୍ଥରେ ) ଯଥା—

ଦିଲେ ଅଭୁତ ପୁରୁଷ, ମସ୍କରୀ ବେଶ ଯେ ।

ମସ୍ତ, ବି. ନ. (ମସ୍-ତ) ଅଗ୍ରଭାଗ, ଶିରଃ । ବିଂ. ଉଚ୍ଚ, ଉନ୍ନତ ।

ମସ୍ତକ, ବି. ପୁଂ. ନ. (ମସ୍ତ-କ) ଶିରଃ, ମୁଣ୍ଡ, ଅଗ୍ରଭାଗ । ବିଂ ଉଚ୍ଚ ।

ମସ୍ତିଷ୍କ, ବି. ନ. (ମସ୍-ତି-ଅ, ନିପାତନ) ମସ୍ତକ ଭିତରେ ଘିଅ ପରି ଯେ କୋମଳ ବସ୍ତୁ ଅଛି, ମସ୍ତକର ଘିଅ, ମଗଜ, ଇଦାନୀନ୍ତନ ଇଉରୋପୀୟ ପଣ୍ଡିତମାନେ ମସ୍ତିଷ୍କକୁ ମନ ଓ ବୁଦ୍ଧିର ସ୍ଥାନ ବୋଲନ୍ତି ।

**ମସ୍ୟାଧାର**, ବି. ନ. (ମସୀ-ଆଧାର) ଦୁଆତ ।

**ମହ**, ବି. ପୁଂ. (ମହ୍-ଅ) ଉତ୍ସବ, ଯଜ୍ଞ, ତେଜଃ, ମହିଷ । ବିଂ. ପୂଜନୀୟ ।

**ମହକ**, ବି. ପୁଂ. ( ମହ୍-କ ) ମହତ୍ ବ୍ୟକ୍ତି, କଚ୍ଛପ, ବିଷ୍ଣୁ । (ଦେଶଜ) ବିଂ. ସୁବାସଯୁକ୍ତ । ବି. ସୁବାସ ।

**ମହକିବା**, କ୍ରି. ( ଦେଶଜ ) ଗୃହଆଡ଼େ ସୁଗନ୍ଧ ବ୍ୟାପିଯିବା ।

**ମହକିଲ୍** / **ମହକୁଲ** } ବି. ( ଯାବନିକ ) ମକ୍କେଲ୍, ମୌକିଲ୍ ( ଦେଖ )

**ମହକୁମା** (Sub-division) ଉପବିଭାଗ ।

**ମହଙ୍ଗା**, ବିଂ. ( ମହାର୍ଘ ଶବ୍ଦଜ ) ମହର୍ଗ, ବହୁମୂଲ୍ୟ ।

**ମହଣ**, ବି. (ଦେଶଜ) ଓଜନର ପରିମାଣବିଶେଷ, ଚାଳିଶ ସେର, ମହୁଣିଠା, ମହମ ।

**ମହତ୍**, ବିଂ. (ମହ୍-ଅତ୍) ବୃହତ୍, ବଡ଼, ପ୍ରବଳ, ଅଧିକ, ଅନେକ, ପ୍ରଧାନ, ଶ୍ରେଷ୍ଠ, ଉଦାର । ବି. ନ. ରାଜ୍ୟ । ପୁଂ. ମହତ୍ତତ୍ତ୍ୱ ।

**ମହତୀ**, ବି. ସ୍ତ୍ରୀ. ନାରଦଙ୍କର ବୀଣାଯନ୍ତ୍ର ।

**ମହତ୍ତତ୍ତ୍ୱ**, ବି. ନ. ସାଂଖ୍ୟମତୋକ୍ତ ଚତୁର୍ବିଂଶତି ତତ୍ତ୍ୱାନ୍ତର୍ଗତ ଦ୍ୱିତୀୟ ତତ୍ତ୍ୱ, ବୁଦ୍ଧିସ୍ୱରୂପ ।

**ମହତ୍ତ୍ୱ**, ବି. ନ. (ମହତ୍-ତ୍ୱ) ବୃହତ୍ତ୍ୱ, ପ୍ରାଧାନ୍ୟ, ପ୍ରକର୍ଷ, ଆଧିକ୍ୟ ।

**ମହନୀୟ**, ବିଂ. (ମହ-ଅନୀୟ) ପୂଜନୀୟ, ମାନ୍ୟ ।

**ମହନ୍ତ**, ବି. (ମହାନ୍ତଃ ଶବ୍ଦଜ) ସାଧୁ, ସନ୍ନ୍ୟାସୀ, ମଠର ଅଧ୍ୟକ୍ଷ ।

**ମହମବତୀ**, ବି. ( ଦେଶଜ ) ମହମରେ ତିଆରି ଏକପ୍ରକାର ବତୀ ।

**ମହର୍ଗ** / **ମହରଗ** } ବିଂ. ( ମହାର୍ଘ ଶବ୍ଦଜ ) ବହୁମୂଲ୍ୟ, ମହଙ୍ଗା ।

**ମହର୍ଲୋକ**, ବି. ପୁଂ. ( ମହସ୍-ଲୋକ ) ଭୂର୍ଲୋକାଦି ସପ୍ତଲୋକ ମଧ୍ୟରେ ଚତୁର୍ଥ ଲୋକ ।

**ମହର୍ଷି**, ବି ପୁଂ. (ମହା-ଋଷି) ପ୍ରଧାନ ଋଷି, ବ୍ୟାସ ପ୍ରଭୃତି ।

**ମହରମ୍**, ବି. ( ଯାବନିକ ) ମୁସଲମାନମାନଙ୍କ ମଧ୍ୟରେ ପ୍ରଚଳିତ ମାସବିଶେଷ, ମୁସଲମାନ ପର୍ବବିଶେଷ ।

**ମହଲତ**, ବି· (ଯାବନିକ) ଅବକାଶ ।

**ମହଲା**, ବି. ( ଯାବନିକ ) ଘର, ପୁର, ତାଲା, ତଲ । ଯଥା— ଦୋମହଲା କୋଠା ।

**ମହସ୍**, ବି. ନ. ( ମହ୍-ଅସ୍ ) ତେଜଃ, ଉତ୍ସବ, ଯଜ୍ଞ ।

**ମହସ**, ବି. ନ. ( ମହ୍-ଅସ ) ଜ୍ଞାନ, ପ୍ରକାର, ପ୍ରଭେଦ ।

**ମହାକଚ୍ଛ**, ବି. ପୁଂ. (ମହତ୍-କଚ୍ଛ) ସମୁଦ୍ର, ବରୁଣ, ପର୍ବତ ।

**ମହାକପିତ୍ଥ**, ବି. ପୁଂ. (ମହତ୍-କପିତ୍ଥ) ବିଲ୍ୱବୃକ୍ଷ, ବେଲଗଛ ।

**ମହାକାୟ**, ବି. ପୁଂ ( ମହତ୍-କାୟ ) ନନ୍ଦୀ, ଶିବଙ୍କ ଦ୍ୱାରପାଳ, ହସ୍ତୀ । ବିଂ. ବୃହତ୍ ଶରୀରବିଶିଷ୍ଟ ।

**ମହାକାଳ**, ବି·ପୁଂ. (ମହତ୍-କାଳ) ରୁଦ୍ର, ଶିବ, ପ୍ରମଥଗଣବିଶେଷ, ଅନବଚ୍ଛିନ୍ନ କାଳ, ଅନନ୍ତ କାଳ ।

**ମହାକାଳୀ**, ବି. ସ୍ତ୍ରୀ. (ମହତ୍-କାଳୀ) ମହାକାଳ-ପତ୍ନୀ, ରୁଦ୍ରାଣୀ ।

**ମହାକାବ୍ୟ**, ବି. ନ. ( ମହତ୍-କାବ୍ୟ ) କୌଣସି ଦେବତା ଅଥବା ସଦ୍‌ବଂଶଜାତ ଅଶେଷ ଗୁଣ-ସମ୍ପନ୍ନ କ୍ଷତ୍ରିୟ କିମ୍ବା ଏକବଂଶୋଦ୍ଭବ ବହୁ ଭୂପତିଙ୍କ ବୃତ୍ତାନ୍ତ ନେଇ ଯେ କାବ୍ୟ ରଚିତ ହୁଏ । ମହାକାବ୍ୟ ନାନା ସର୍ଗରେ ବିଭକ୍ତ; ସେଥିରେ ଅଷ୍ଟାଧିକ ସର୍ଗ ଥିବା ଆବଶ୍ୟକ । ମହାକାବ୍ୟରେ ଆଦିରସ ବା ବୀରରସ ପ୍ରଧାନ । କେବେ କେବେ ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟ ପ୍ରଧାନ ଥାଏ । ଯଥା—କୁମାର-ସମ୍ଭବ, ରଘୁବଂଶ, ଭଟ୍ଟି, କିରାତାର୍ଜୁନୀୟ, ନୈଷଧୀୟ ଚରିତ, ଶିଶୁପାଳବଧ ପ୍ରଭୃତି । ଓଡ଼ିଆରେ ବୈଦେହୀଶବିଳାସ, ଲାବଣ୍ୟବତୀ ପ୍ରଭୃତି ଏହି ଶ୍ରେଣୀୟ ।

ମହାକୁଳ, ବି°. (ମହତ୍-କୁଳ) କୁଳୀନ, ସତ୍-କୁଳଜାତ । ବି ନ. ପ୍ରସିଦ୍ଧ ବଂଶ ।

ମହାଗୁରୁ, ବି. ପୁଂ. (ମହତ୍-ଗୁରୁ) ପିତା, ମାତା, ଆଚାର୍ଯ୍ୟ, ପତି ।

ମହାଗ୍ରୀବ, ବି. ପୁଂ. (ମହତ୍-ଗ୍ରୀବା) ଉଷ୍ଟ୍ର, ଓଟ ।

ମହାଘୂର୍ଣ୍ଣା, ବି. ସ୍ତ୍ରୀ. ( ମହତ୍-ଘୂର୍ଣ୍ଣ-ଆ ) ସୁରା, ମଦ ।

ମହାଙ୍ଗ, ବି ପୁଂ. (ମହତ୍-ଅଙ୍ଗ) ଉଷ୍ଟ୍ର, ଓଟ, ଗୋକ୍ଷୁରକ, ଉଷ୍ଟ୍ରଚଟକ । ବି°. ବିପୁଳାବୟବଯୁକ୍ତ ।

ମହାଚଣ୍ଡ, ବି ପୁଂ ( ମହତ୍-ଚଣ୍ଡ ) ଯମଭୃତ୍ୟ ଯମଦୂତ । ବି°. ପ୍ରଚଣ୍ଡ ।

ମହାଛାୟା, ବି. ପୁଂ. (ମହତ୍-ଛାୟା) ବଟବୃକ୍ଷ । ବି°. ବୃହଚ୍ଛାୟାଯୁକ୍ତ ।

ମହାଜନ, ବି. ପୁଂ. (ମହତ୍-ଜନ) ସାଧୁ, ଧାର୍ମିକ ଓ ଖ୍ୟାତ୍ୟାପନ୍ନ ବ୍ୟକ୍ତି, ବାଣିଜ୍ୟକାରୀ, ଉତ୍ତମର୍ଣ୍ଣ ।

ମହାଜନି, ବି (ମହାଜନ-ଭାବାର୍ଥେ ଓଡ଼ିଆ ଇପ୍ରତ୍ୟୟ) ମହାଜନର କର୍ମ ବା ଭାବ ।

ମହାଜ୍ୱାଲ, ବି. ପୁଂ. (ମହତ୍-ଜ୍ୱାଳା) ହୋମାଗ୍ନି, ଯଜ୍ଞାଗ୍ନି ।

ମହାତଳ, ବି. ନ. ( ମହତ୍-ତଳ ) ସପ୍ତପାତାଳ ମଧ୍ୟରେ ପଞ୍ଚମ ପାତାଳ ।

ମହାତିକ୍ତ, ବି. ପୁଂ. ନିମ୍ବବୃକ୍ଷ । ବି°. ଅତିଶୟ ତିକ୍ତରସଯୁକ୍ତ ।

ମହାତେଜାଃ, ବି. ପୁଂ. (ମହତ୍-ତେଜସ୍) କାର୍ତ୍ତିକେୟ, ଅଗ୍ନି । ନ. ପାରଦ, ପାରା । ବି°. ଅତିଶୟ ତେଜସ୍ୱୀ ।

ମହାତ୍ମା, ବି°. ( ମହତ୍-ଆତ୍ମନ୍ ) ମହାମନାଃ, ମହାଶୟ, ବଦାନ୍ୟ, ଉଦାର ।

ମହାଦେବ, ବି. ପୁଂ. ( ମହତ୍ ଦେବ ) ଶିବ, ଶମ୍ଭୁ ।

ମହାଦେବୀ, ବି. ସ୍ତ୍ରୀ. ( ମହାଦେବ-ଈ ) ଦୁର୍ଗା, ପ୍ରଧାନମହିଷୀ, ପାଟରାଣୀ ।

ମହାଦେଶ, ବି. ପୁଂ. ଅନେକ ରାଜ୍ୟାଦିବିଶିଷ୍ଟ ନାନାଜାତି ଲୋକର ବାସସ୍ଥାନ, ଅତି ବିସ୍ତୀର୍ଣ୍ଣ ଭୂଭାଗ । ଯଥା—ଆସିଆ ମହାଦେଶ ।

ମହାଦ୍ୱନ୍ଦ୍ୱ, ବି. ପୁଂ. ରଣବାଦ୍ୟ, ସଂଗ୍ରାମପଟହ, ଅତିଶୟ କଳହ ।

ମହାଦ୍ରୁମ, ବି. ପୁଂ. (ମହତ୍-ଦ୍ରୁମ) ଅଶ୍ୱତ୍ଥବୃକ୍ଷ, ବୃହତ୍‌ବୃକ୍ଷ, ବରଗଛ ।

ମହାଧନ, ବି°. (ମହତ୍-ଧନ) ଧନାଢ୍ୟ, ଅତିଶୟ ଧନଶାଳୀ, ବହୁମୂଲ୍ୟ । ବି. ନ. ସୁବର୍ଣ୍ଣ, କୃଷିକାର୍ଯ୍ୟ ।

ମହାଧାତୁ, ବି. ପୁଂ. ( ମହତ୍-ଧାତୁ ) ସୁବର୍ଣ୍ଣ, କାଞ୍ଚନ ।

ମହାନଟ, ବି. ପୁଂ. ( ମହତ୍-ନଟ ) ଶିବ, ମହାଦେବ ।

ମହାନଦୀ, ବି. ସ୍ତ୍ରୀ. ଯେଉଁ ନଦୀ ଓଡ଼ିଶା ଦେଶର ମଧ୍ୟଦେଇ ପ୍ରବାହିତ ହୋଇଅଛି । ଯଥା— ମହାନଦୀ କୂଳେ ଯାହାଙ୍କ ଅଧିଷ୍ଠାନଶିଳା । ଚ. ଭ. ବୃହତ୍ ନଦୀ ।

ମହାନନ୍ଦ, ବି. ପୁଂ. ( ମହତ୍-ଆନନ୍ଦ ) ମୁକ୍ତି, ମୋକ୍ଷ, ଅତିଶୟ ଆନନ୍ଦ । ବି°. ଅତି ଆନନ୍ଦଯୁକ୍ତ ।

ମହାନନ୍ଦା, ବି. ସ୍ତ୍ରୀ. ସୁରା, ମଦ୍ୟ, ନଦୀବିଶେଷ ମାଘ ମାସର ଶୁକ୍ଳ ନବମୀ ।

ମହାନବମୀ, ବି. ସ୍ତ୍ରୀ. ଆଶ୍ୱିନ ଶୁକ୍ଳ ନବମୀ ।

ମହାନସ, ବି. ପୁଂ. ନ. ( ମହତ୍-ଅନସ୍-ଅ ) ରନ୍ଧନଗୃହ ।

ମହାନାଟକ, ବି. ନ. ଦଶଅଙ୍କଯୁକ୍ତ ନାଟକବିଶେଷ, ସ୍ୱନାମପ୍ରସିଦ୍ଧ ନାଟକବିଶେଷ ।

ମହାନାଦ, ବି. ପୁଂ. (ମହତ୍-ନାଦ) ବୃହତ୍ ଶବ୍ଦ, ହସ୍ତୀ, ବର୍ଷଣକାରୀ ମେଘ, ସିଂହ, ଉଷ୍ଟ୍ର, ଶଙ୍ଖ, କାଷ୍ଠବାଦ୍ୟ । ବି°. ମହାଶବ୍ଦବିଶିଷ୍ଟ ।

ମହାନିଦ୍ରା, ବି. ସ୍ତ୍ରୀ. (ମହତ୍-ନିଦ୍ରା) ମୃତ୍ୟୁ, ମରଣ, ନିମୀଳନ ।

ମହାକଶା, ବି ସ୍ତ୍ରୀ ( ମହତ୍-କଶା ) ମଧ୍ୟରାତ୍ରି, ନିଶୀଥ ।

ମହାନୀଚ, ବି. ପୁଂ. ( ମହତ୍-ନୀଚ ) ରଜକ, ଧୋବା ।

ମହାନୀଲ, ବି. ପୁଂ. (ମହତ୍-ନୀଲ) ନାଗବିଶେଷ, ସିଂହଳଦ୍ୱୀପସମ୍ଭୂତ ନୀଳକାନ୍ତମଣି ।

ମହାନୀଲୀ, ବି. ସ୍ତ୍ରୀ. ନୀଲ ଅପରାଜିତା ।

ମହାନୁଭବ } ବିଂ. (ମହତ୍-ଅନୁଭବ, ଅନୁଭାବ)
ମହାନୁଭାବ } ଉଦାରସ୍ୱଭାବ, ମହାପ୍ରଭାବ ।

ମହାପକ୍ଷ, ବି. ପୁଂ. ( ମହତ୍-ପକ୍ଷ ) ରାଜହଂସବିଶେଷ ।

ମହାପଥ, ବିଂ. ପୁଂ. (ମହତ୍-ପଥ) ପ୍ରଧାନ ପଥ, ରାଜବର୍ତ୍ମ, ମରଣ, ହିମାଳୟୋତ୍ତରସ୍ଥ ସ୍ୱର୍ଗାରୋହଣ ପଥ ।

ମହାପଦ୍ମ, ବି. ପୁଂ. (ମହତ୍-ପଦ୍ମ) ନାଗବିଶେଷ, କୁବେରଙ୍କ ନିଧିବିଶେଷ, ସଂଖ୍ୟାବିଶେଷ । ନ. ଶୁକ୍ଳପଦ୍ମ ।

ମହାପାତକ } ବି. ନ. ( ମହତ୍-ପାତକ,
ମହାପାପ } ପାପ ) ମହତ୍‌ପାପ, ବ୍ରହ୍ମହତ୍ୟା, ବ୍ରାହ୍ମଣର ସ୍ୱର୍ଣ୍ଣସ୍ତେୟ, ସୁରାପାନ ଏବଂ ଗୁରୁଭାର୍ଯ୍ୟା ହରଣ ଏହି ଚତୁର୍ବିଧ ପାପ ମଧ୍ୟରୁ କୌଣସି ଗୋଟିକରେ ଅସକ୍ତ ଥିବା ବ୍ୟକ୍ତି ସହିତ ସହବାସ--ଏହି ପଞ୍ଚବିଧ ପାପ ।

ମହାପାତକୀ, ବିଂ. (ମହାପାତକ-ଇନ୍) ମହାପାପୀ, ପତିତ ବ୍ୟକ୍ତି ।

ମହାପୁରୁଷ, ବି. ପୁଂ. (ମହତ୍-ପୁରୁଷ) ଶ୍ରେଷ୍ଠ ପୁରୁଷ, ସାଧୁବ୍ୟକ୍ତି, ନାରାୟଣ, ପୁରୁଷୋତ୍ତମ ।

ମହାପ୍ରଭୁ, ବି ପୁଂ. (ମହତ୍-ପ୍ରଭୁ) ପରମେଶ୍ୱର, ଶିବ, ଇନ୍ଦ୍ର, ରାଜା, ମୁନି ।

ମହାପ୍ରଳୟ, ବି. ପୁଂ. ( ମହତ୍-ପ୍ରଳୟ ) ସମସ୍ତ ବ୍ରହ୍ମାଣ୍ଡର ବିନାଶ ଏବଂ ବ୍ରହ୍ମାଙ୍କ ବିନାଶ, ସର୍ବଭୂତ କ୍ଷୟକାଳ, କଳ୍ପାନ୍ତ ।

ମହାପ୍ରସାଦ, ବି. ପୁଂ. (ମହତ୍-ପ୍ରସାଦ) ଦେବୋଦ୍ଦେଶ୍ୟରେ ନିବେଦିତ ଦ୍ରବ୍ୟ, ଅତି ପ୍ରସନ୍ନତା, ପାଦୋଦକ, ନିର୍ମାଲ୍ୟ, ନୈବେଦ୍ୟ ଏହି ତ୍ରିବିଧ । ଯଥା—

> ସେ ମହାପ୍ରସାଦ ଗନ୍ଧ ପଦ ଘଣ୍ଟ ଘୋଷ,
> ଭକ୍ଷଣେ ଶ୍ରବଣେ ଯେ କଳିଷ ବିଷନାଶ । କୋ. ତ୍ର.

ମହାଫିଜ୍, ( ହିନ୍ଦୀ ) ମୋକଦ୍ଦମାର ଦଲିଲ ଓ କାଗଜପତ୍ର ଯାହା ପାଖରେ ଥାଏ, ଅଭିଭାବକ ।

ମହାବଳ, ବିଂ. ( ମହତ୍-ବଳ ) ଅତିଶୟ ବଳବାନ୍ । ବି. ପୁଂ. ବାୟୁ, ବୁଦ୍ଧ । ନ. ସୀସକ, ସୀସା, ବୃହତ୍ ବ୍ୟାଘ୍ର । ଯଥା—

> କେତକୀକୁନ୍ତଳ କୁହୁଁ କୁହ ମହାବଳ ଅସିଲେ ଚଳକୁ ଡରି,
> ପଳାନ୍ତି ତରସେ ଦ୍ରୁତପଦେ କୃଷ୍ଣସାର ସଙ୍ଗେ ମୃଗବଧୂ । ମ.ପା.

ମହାବୋଧି, ବି. ପୁଂ. (ମହତ୍-ବୋଧି) ବୁଦ୍ଧ ।

ମହାବ୍ରାହ୍ମଣ, ବି ପୁଂ. ( ମହତ୍-ବ୍ରାହ୍ମଣ ) ନୀଚ ବ୍ରାହ୍ମଣ, ଅନ୍ତ୍ୟେଷ୍ଟି କ୍ରିୟାକାରୟିତା ବ୍ରାହ୍ମଣ, ବେଦବିଦ୍ ବ୍ରାହ୍ମଣ ।

ମହାଭଦ୍ରା, ବି. ସ୍ତ୍ରୀ. ( ମହତ୍-ଭଦ୍ରା ) ଗଙ୍ଗା, ଭାଗୀରଥୀ ।

ମହାଭାଗ, ବି, ପୁଂ. ( ମହତ୍-ଭାଗ ) ଅତିଶୟ ସୌଭାଗ୍ୟଶାଳୀ, ମହାଶୟ । ବିଂ. ଦୟାଦି ଅଷ୍ଟଗୁଣଯୁକ୍ତ ।

ମହାଭାରତ, ବି. ପୁଂ. ନ. ( ମହତ୍-ଭାରତ ) ବେଦବ୍ୟାସପ୍ରଣୀତ ଇତିହାସ ଶାସ୍ତ୍ରବିଶେଷ ।

ମହାଭୀମ, ବି.ପୁଂ. (ମହତ୍-ଭୀମ) ଶାନ୍ତନୁ ରାଜା, ଭୃଙ୍ଗୀ ନାମକ ଶିବଙ୍କ ଦ୍ୱାରପାଳ । ବିଂ. ଅତିଶୟ ଭୟାନକ ।

ମହାଭୀଷ୍ମ, ବି. ପୁଂ. (ମହତ୍-ଭୀଷ୍ମ) ଶାନ୍ତନୁ ରାଜା ।

ମହାଭୂତ, ବି. ନ. (ମହତ୍-ଭୂତ) ପ୍ରଧାନ ଭୂତ, କ୍ଷିତି ଅପ୍ ତେଜଃ ମରୁତ୍ ବ୍ୟୋମ ଏହି ପାଞ୍ଚ, ଶ୍ରେଷ୍ଠ ଜୀବ, ପରମେଶ୍ୱର ।

ମହାମତି, ବିଂ. (ମହତ୍-ମତି) ଅତି ବୁଦ୍ଧିମାନ୍ ।

ମହାମନାଃ, ବିଂ. (ମହତ୍-ମନସ୍) ମହାତ୍ମା, ମନସ୍ୱୀ, ଉଦାରଚିତ୍ତ ।

ମହାମହିମ, ବିଂ. (ମହତ୍-ମହିମନ୍) ଅତିଶୟ ମହିମାନ୍ୱିତ, ଅତି ମହତ୍ତ୍ୱବାନ୍ ।

ମହାମାଂସ, ବି. ନ. ମନୁଷ୍ୟମାଂସ ।

ମହାମାତ୍ର, ବି. ( ମହତ୍-ମାତ୍ରା=ବିଭୂତି ଯାହା-ଙ୍କର ) ମହାବିଭୂତିସମ୍ପନ୍ନ ବ୍ୟକ୍ତି । ହସ୍ତିପକ, ପ୍ରଧାନ କର୍ମକର୍ତ୍ତା ।

ମହାମାୟା ବି. ସ୍ତ୍ରୀ ( ମହତ୍-ମାୟା ) ଦୁର୍ଗା, ଅବିଦ୍ୟା, ସଂସାର ଭ୍ରମ ।

ମହାମାରୀ, ବି. ସ୍ତ୍ରୀ. (ମହତ୍-ମାରୀ) ମହାକାଳୀ, ଅତିଶୟ ମଡ଼କ ।

ମହାମୁଣ୍ଡ, ବି. ପୁଂ. (ମହତ୍-ମୁଣ୍ଡ) କୁମ୍ଭୀର ।

ମହାମୁନି, ବି. ପୁଂ. (ମହତ୍-ମୁନି) ମହର୍ଷି, ଅଗସ୍ତ୍ୟ ପ୍ରଭୃତି, ବୁଦ୍ଧଦେବ, କୃପାଚାର୍ଯ୍ୟ ।

ମହାମୃଗ, ବି. ପୁଂ. (ମହତ୍-ମୃଗ) ହସ୍ତୀ, ଗଜ ।

ମହାମୃତ୍ୟୁଞ୍ଜୟ, ବି. ପୁଂ. ଶିବମନ୍ତ୍ରବିଶେଷ ।

ମହାମୋହ, ବି. ପୁଂ. ବିଷୟ ବାସନାରୂପ ଅଜ୍ଞାନ, ସଂସାରର ମୂଳ କାରଣ ରାଗରୂପ ମୋହ ।

ମହାଯଜ୍ଞ, ବି. ପୁଂ. ବେଦାଧ୍ୟୟନ, ହୋମ, ଅତିଥିପୂଜା, ତର୍ପଣ ଓ ଜୀବମାନଙ୍କୁ ଖାଦ୍ୟ-ଦାନ ଏହି ପାଞ୍ଚ ପ୍ରକାର ଯଜ୍ଞ ।

ମହାଯାତ୍ରା, ବି. ସ୍ତ୍ରୀ. ( ମହତ୍-ଯାତ୍ରା ) ଯେଉଁ ଯାତ୍ରା କଲେ ପୁନର୍ବାର ପ୍ରାଣିକୁ ପ୍ରତ୍ୟାବର୍ତ୍ତନ କରିବାକୁ ହୁଏ ନାହିଁ, ମୃତ୍ୟୁ । କବିବର ରାଧାନାଥ ପ୍ରଣୀତ ଉଚ୍ଚାଙ୍ଗ କାବ୍ୟବିଶେଷ ।

ମହାରଜତ, ବି. ପୁଂ. ନ. ( ମହତ୍-ରଜତ ) କାଞ୍ଚନ, ଧୁସ୍ତୁର, ଧୁତୁରା ।

ମହାରଞ୍ଜନ, ବି. ନ. ( ମହତ୍-ରଞ୍ଜନ ) ସ୍ୱର୍ଣ୍ଣ, କୁସୁମଫୁଲ ।

ମହାରଥ, ବି. ପୁଂ. ( ମହତ୍-ରଥ ) ଦଶ ସହସ୍ର ଧନୁର୍ଦ୍ଧରଙ୍କ ସହିତ ଦ୍ୱନ୍ଦ୍ୱକ୍ଷମ ଯୋଦ୍ଧା, ବୃହଦ୍ରଥ ।

ମହାରସ, ବି. ପୁଂ. ଖର୍ଜ୍ଜୁର, ଇକ୍ଷୁ, ପାରଦ, କାଞ୍ଜିକ ।

ମହାରାଜ, ବି. ପୁଂ. ( ମହତ୍-ରାଜନ୍ ) ସମ୍ରାଟ୍, ପ୍ରଧାନ ରାଜା ।

ମହାରାଷ୍ଟ୍ର, ବି. ପୁଂ. ( ମହତ୍-ରାଷ୍ଟ୍ର ) ମରହଟ୍ଟା ଦେଶ । ଷ୍ଟ୍ରୀ, ସ୍ତ୍ରୀ. ମରହଟ୍ଟୀ ଭାଷା ।

ମହାରୋଗ, ବି. ପୁଂ. (ମହତ୍-ରୋଗ) ରାଜଯକ୍ଷ୍ମା ପ୍ରଭୃତି ଅସାଧ୍ୟ ରୋଗ ।

ମହାରୌରବ, ବି.ପୁଂ. (ମହତ୍-ରୁରୁ-ଅ) ନରକ-ବିଶେଷ ।

ମହାର୍ଘ, ମହାର୍ଦ୍ଧ } ବିଂ. ( ମହତ୍-ଅର୍ଘ, ଅର୍ଦ୍ଧ ) ମହା-ମୂଲ୍ୟ, ଅତିଶୟ ମୂଲ୍ୟବାନ୍ ।

ମହାର୍ଣ୍ଣବ, ବି. ପୁଂ. ମହାସମୁଦ୍ର ।

ମହାଲ୍, ବି. (ଯାବନିକ) ଭୂସମ୍ପତ୍ତି, ରାଜ୍ୟାଂଶ ।

ମହାଲକ୍ଷ୍ମୀ, ବି. ସ୍ତ୍ରୀ. ( ମହତ୍-ଲକ୍ଷ୍ମୀ ) ଦେବୀ, ଧନାଧିଷ୍ଠାତ୍ରୀ ।

ମହାଳୟ, ବି. ପୁଂ. (ମହତ୍-ଆଳୟ) ତୀର୍ଥ, ପର-ମାତ୍ମା, ଆଶ୍ୱିନ ମାସର କୃଷ୍ଣପକ୍ଷ, ବୃହଦାଳୟ ।

ମହାଳୟା, ବି. ସ୍ତ୍ରୀ. ଆଶ୍ୱିନ କୃଷ୍ଣପକ୍ଷର ଅମାବାସ୍ୟା ।

ମହାଲିଙ୍ଗ, ବି. ପୁଂ. ଶିବ । ବିଂ. ବୃହଲ୍ଲିଙ୍ଗଯୁକ୍ତ ।

ମହାଲୋଲ, ବି. ପୁଂ. ( ମହତ୍-ଲୋଲ ) କାକ । ବିଂ. ଅତିଶୟ ଚଞ୍ଚଳ ।

ମହାଲୋହ, ବି. ନ. (ମହତ୍-ଲୋହ) ଅୟସ୍କାନ୍ତ-ମଣି, ଚୁମ୍ବକ ପଥର ।

ମହାବନ, ବି. ନ. ବୃହତ୍ ବନ, ବୃନ୍ଦାବନସ୍ଥ ଚଉରଶୀତି ବନାନ୍ତର୍ଗତ ବନବିଶେଷ ।

ମହାବରାହ, ବି. ପୁଂ. (ମହତ୍-ବରାହ) ବିଷ୍ଣୁଙ୍କର ଅବତାରବିଶେଷ ।

ମହାବାରୁଣୀ, ବି. ସ୍ତ୍ରୀ. ଗଙ୍ଗାସ୍ନାନର ଯୋଗବିଶେଷ ।

ମହାବିଦ୍ୟା, ବି. ସ୍ତ୍ରୀ. ( ମହତ୍-ବିଦ୍ୟା ) ଦେବୀ-ବିଶେଷ—କାଳୀ, ତାରା, ଷୋଡଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳା, ମାତଙ୍ଗୀ ଏବଂ କମଳା ଏହି ଦଶ ।

ମହାବିଷୁବ, ବି. ନ. ( ମହତ୍-ବିଷୁବ ) ମେଷ-ସଂକ୍ରାନ୍ତି ।

ମହାବୀର, ବି. ପୁଂ. (ମହତ୍-ବୀର) ଗରୁଡ଼, ସିଂହ, ହନୁମାନ୍, ଯଜ୍ଞାଗ୍ନି, ବଜ୍ର, ଶ୍ୱେତାଶ୍ୱ, ପକ୍ଷି-

ବିଶେଷ । ବିଂ. ଅତିଶୟ ପରାକ୍ରମଶାଳୀ ବ୍ୟକ୍ତି ।

ମହାବୀର୍ଯ୍ୟ, ବିଂ. (ମହତ୍-ବୀର୍ଯ୍ୟ) ଅତିଶୟ ବଳବାନ୍ ।

ମହାବୀର୍ଯ୍ୟା, ବି. ସ୍ତ୍ରୀ ସଂଜ୍ଞା, ସୂର୍ଯ୍ୟପତ୍ନୀ. ମହା-ପ୍ରଭାବଶୀ ।

ମହାବ୍ୟାଧି, ବି. ପୁଂ. ( ମହତ୍-ବ୍ୟାଧି ) କୁଷ୍ଠ ପ୍ରଭୃତି ରୋଗ ।

ମହାବ୍ୟାହୃତି, ବି. ସ୍ତ୍ରୀ. ( ମହତ୍-ବ୍ୟାହୃତି ) ଓଁ ଭୂଃ ସ୍ୱାହା, ଓଁ ଭୁବଃ ସ୍ୱାହା, ଓଁ ସ୍ୱଃ ସ୍ୱାହା ଏହି ଉନୋକ୍ତ ବାକ୍ୟ ।

ମହାବ୍ରତୀ, ବି. ପୁଂ. (ମହତ୍-ବ୍ରତ-ଇନ୍) ଶିବ । ବିଂ. ମହତ୍ ବ୍ରତବିଶିଷ୍ଟ ।

ମହାଶକ୍ତି, ବିଂ. (ମହତ୍-ଶକ୍ତି) ଅତିଶୟ ପରାକ୍ରମଶାଳୀ । ବି. ପୁଂ. କାର୍ତ୍ତିକେୟ ।

ମହାଶଙ୍ଖ, ବି. ପୁଂ. ( ମହତ୍-ଶଙ୍ଖ ) ମନୁଷ୍ୟାସ୍ଥି, ମନୁଷ୍ୟର ହାଡ଼, ଲଲାଟ, ସଂଖ୍ୟାବିଶେଷ, କୁବେରଙ୍କ ନିଧିବିଶେଷ, ବୃହତ୍ ଶଙ୍ଖ ।

ମହାଶୟ, ବିଂ. ( ମହତ୍-ଆଶୟ ) ମହାମନାଃ, ମହାତ୍ମା । ବି. ପୁଂ. ସମୁଦ୍ର ।

ମହାଶଯ୍ୟା, ବି. ପୁଂ. (ମହତ୍-ଶଯ୍ୟା) ସିଂହାସନ, ବୃହତ୍ ଶଯ୍ୟା ।

ମହାଶଲ୍କ, ବି. ପୁଂ. (ମହତ୍-ଶଲ୍କ) ଚିଙ୍ଗୁଡ଼ିମାଛ ।

ମହାଶୁକ୍ତି, ବି. ସ୍ତ୍ରୀ. (ମହତ୍-ଶୁକ୍ତି) ମୁକ୍ତାପ୍ରସବିନୀ ଶୁକ୍ତି ।

ମହାଶୁକ୍ଳ, ବିଂ. (ମହତ୍-ଶୁକ୍ଳ) ଅତିଶୟ ଶୁଭ୍ରବର୍ଣ୍ଣ । ବି. ସ୍ତ୍ରୀ. ସରସ୍ୱତୀ ।

ମହାଶୁଭ୍ର, ବି. ନ. (ମହତ୍-ଶୁଭ୍ର) ରଜତ, ରୌପ୍ୟ । ବିଂ. ଅତି ଶୁଭ୍ରବର୍ଣ୍ଣ ।

ମହାଶୂଦ୍ର, ବି. ପୁଂ. ( ମହତ୍-ଶୂଦ୍ର ) ଆଭୀର, ଗଉଡ଼ । ସ୍ତ୍ରୀ. ସ୍ତ୍ରୀ—ଗଉଡୁଣୀ ।

ମହାଶ୍ୱେତା, ବି. ସ୍ତ୍ରୀ. (ମହତ୍-ଶ୍ୱେତ) ସରସ୍ୱତୀ, ସ୍ତ୍ରୀବିଶେଷ, ଦୁର୍ଗା, ଶ୍ୱେତାପରାଜିତା ।

ମହାଶ୍ମଶାନ, ବି. ନ. (ମହତ୍-ଶ୍ମଶାନ) ବାରାଣସୀ, କାଶୀ ।

ମହାଶ୍ରବଣ, ବି. ପୁଂ. (ମହତ୍-ଶ୍ରବଣ) ବୁଦ୍ଧବିଶେଷ, ଶାକ୍ୟ, ଶାକ୍ୟମୁନି ।

ମହାଷ୍ଟମୀ, ବି. ସ୍ତ୍ରୀ. ( ମହତ୍-ଅଷ୍ଟମୀ ) ଆଶ୍ୱିନ ଶୁକ୍ଳାଷ୍ଟମୀ ।

ମହାସନ, ବି. ପୁଂ. କୁବେର ।

ମହାସାଗର, ବିଂ. ଅତି ବିସ୍ତୀର୍ଣ୍ଣ ଲବଣମୟ ଯେଉଁ ଜଳଭାଗ ପୃଥିବୀକୁ ବେଷ୍ଟନ କରିଅଛି ।

ମହାସାନ୍ତପନ, ବି. ନ. (ମହତ୍-ସାନ୍ତପନ) ଛଅ ଦିନ କଷ୍ଟସାଧ୍ୟ ବ୍ରତବିଶେଷ ।

ମହାସୁଖ, ବି. ନ. (ମହତ୍-ସୁଖ) ଅତିଶୟ ଆନନ୍ଦ ମୈଥୁନ । ପୁଂ. ବୁଦ୍ଧ ।

ମହାସେନ, ବି. ପୁଂ. (ମହତ୍-ସେନା) କାର୍ତ୍ତିକେୟ । ବିଂ. ବୃହତ୍ ସେନାପତି ।

ମହାସ୍ଥଳୀ, ବି. ସ୍ତ୍ରୀ. ( ମହତ୍-ସ୍ଥଳୀ ) ପୃଥିବୀ, ଶ୍ରେଷ୍ଠସ୍ଥାନ ।

ମହାସ୍ଥାନ, ବି. ବଗୁଡ଼ାର ତିନି କୋଶ ଉତ୍ତରରେ ସ୍ଥିତ ପ୍ରଦେଶ, ଯେଉଁଠାରେ ପରଶୁରାମଙ୍କର ବାସସ୍ଥାନ ଥିଲା ।

ମହାସ୍ୱନ, ବି. ପୁଂ. ( ମହତ୍-ସ୍ୱନ ) ରଣବାଦ୍ୟ, ମହାଶବ୍ଦ । ବିଂ. ବୃହତ୍ ଶବ୍ଦଯୁକ୍ତ ।

ମହିକା, ବି. ସ୍ତ୍ରୀ. (ମହ୍-ଅକ) ତୁଷାର, ହିମ ।

ମହିତ, ବିଂ. (ମହ-ତ) ପୂଜିତ, ସମ୍ମାନିତ, ଅର୍ଚ୍ଚିତ ।

ମହିନ, ବି. ନ. (ମହ୍-ଇନ) ରାଜ୍ୟ ।

ମହିମା, ବି. ପୁଂ. ( ମହତ୍-ଇମନ୍ ) ମାହାତ୍ମ୍ୟ, ଗୌରବ । ଐଶ୍ୱର୍ଯ୍ୟ ଉତ୍କର୍ଷ, ଶିବଙ୍କର ବିଭୂତିବିଶେଷ ।

ମହିର, ବି. ପୁଂ. (ମହ୍-ଇର) ସୂର୍ଯ୍ୟ, ଅର୍କବୃକ୍ଷ ।

ମହିଳା, ବି. ସ୍ତ୍ରୀ. ( ମହ୍-ଇଲ-ଆ ) ନାରୀ, ଯୋଷିତ୍ ।

ମହିଷ, ବି. ପୁଂ. (ମହ୍-ଇଷ) ପଶୁବିଶେଷ, ଯମର ବାହନ, ଅସୁରବିଶେଷ, ମହିଷାସୁର ।

ମହିଷଟୁପା, ବି. ( ଦେଶଜ ) ମଇଁଷିମାନଙ୍କ ବେକରେ ବନ୍ଧାଯିବା କାଠର ଘଣ୍ଟି । ଯଥା—

ମହିଷ ଟୁପାର ଗୁରୁ ଗୁରୁ ଧ୍ୱନି,
ଘୋଷେ ମୁଖରିତ ଅରଣ୍ୟ ସରଣୀ । ଚିଲିକା ।

ମହିଷଧ୍ୱଜ / ମହିଷବାହନ } ବି. ପୁଂ. (ମହିଷ-ଧ୍ୱଜ, ବାହନ) ଅନ୍ତକ, ଯମ ।

ମହିଷମର୍ଦ୍ଦିନୀ, ବି. ସ୍ତ୍ରୀ. (ମହିଷ-ମର୍ଦ୍ଦିନୀ) ମହିଷାସୁର-ବିନାଶିନୀ, ଦୁର୍ଗା ।

ମହିଷପାଳ, ବି. ମହିଷରକ୍ଷକ, ଯେ ମହିଷମାନଙ୍କୁ ଚରାଏ । ଯଥା —

ଛନ୍ନଦଏ ଯେବେ, ନକପଲ ମହିଷାଳ ସିନ୍ଧୁତୀରବାସୀ
ଚରିବାକୁ କର୍ମଶୂନ୍ୟ ବେଳାପୂର୍ଣ୍ଣ ପାଟେ । ମ. ଯା.

ମହିଷୀ, ବି. ସ୍ତ୍ରୀ. (ମହିଷ-ଈ) ସ୍ତ୍ରୀ ମହିଷ, କୃତା-ଭିଷେକା ରାଜ୍ଞୀ, ବ୍ୟଭିଚାରିଣୀ ସ୍ତ୍ରୀ ।

ମହିଷ୍ଠ, ବିଂ. (ମହତ୍-ଇଷ୍ଠ) ଅତି ମହତ୍ ।

ମହୀ / ମହି } ବି. ସ୍ତ୍ରୀ. (ମହ୍-ଇ, ଈ) ପୃଥିବୀ ।

ମହୀପତି, ବି. ପୁଂ. (ମହୀ-ପତି) ରାଜା, ନୃପ ।

ମହୀକ୍ଷିତ୍, ବି. ପୁଂ. (ମହୀ-କ୍ଷି-୦) ଭୂପତି, ରାଜା ।

ମହୀଜ, ବି. ପୁଂ. (ମହୀ-ଜ) ଭୌମ, ମଙ୍ଗଳଗ୍ରହ, ନରକାସୁର । ବିଂ. ଭୂମିଜାତ ।

ମହୀଧର, ବି. ପୁଂ. ( ମହୀ-ଧୃ-ଅ ) ପର୍ବତ । ଯଥା—

ମେରୁ ମହୀଧରେ ଯେତେ ଶୋହେ ହେମକୂଟ । ଭ. ବ.

ମହୀପ / ମହୀପାଳ } ବି. ପୁଂ. (ମହୀ-ପ, ପାଳ) ଭୂପତି, ରାଜା ।

ମହୀପ୍ରାଚୀର, ବି. ପୁଂ. (ମହୀ-ପ୍ରାଚୀର) ସମୁଦ୍ର ।

ମହୀଭୁକ / ମହୀଭୁଜ୍ } ବି. ପୁଂ. (ମହୀ-ଭୁଜ୍-୦) ଭୂଭୁଜ୍, ରାଜା ।

ମହୀଭୃତ୍, ବି. ପୁଂ. (ମହୀ-ଭୃ-୦) ରାଜା, ପର୍ବତ ।

ମହୀମୟ, ବିଂ. (ମହୀ-ମୟ) ମୃଣ୍ମୟ, ମୃତ୍ତିକାନିର୍ମିତ ।

ମହୀୟାନ୍, ବିଂ. (ମହତ୍-ଈୟସ୍) ଅତି ମହତ୍, ମହାତ୍ମା, ଉତ୍ତମ ।

ମହୀୟସୀ, ବିଂ. ଅତି ମହତୀ ।

ମହୀରୁହ / ମହୀରୂହ } ବି. ପୁଂ. (ମହୀ-ରୁହ, ରୂହ) ବୃକ୍ଷ, ଗଛ ।

ମହୀଲତା, ବି. ସ୍ତ୍ରୀ. (ମହୀ-ଲତା) କଞ୍ଚୁଳକ, କ୍ଷଥ

ମହୀସୁତ, ବି. ପୁଂ. ( ମହୀ-ସୁତ ) ମଙ୍ଗଳଗ୍ରହ, ନରକାସୁର ।

ମହୁ, ବି. (ମଧୁ ଶବ୍ଦଜ) ମଧୁ ।

ମହୁଡ, ବି. ( ମୁକୁଟ ଶବ୍ଦଜ ) ମୁକୁଟ, ଚୂଡ଼ା, ଶିଖରଦେଶ । ଯଥା—

ଙ୍ଗୋ ବାଟକ୍ୟ ତାଙ୍କୁ ଦେବ ଚନ୍ଦ୍ରଚୂଡ଼,
ବାଞ୍ଛନ୍ତି ଦେବାଙ୍କୁ ଭଜିଲେ ମହୁଡ । ନ. କେ.

ମହୁମାଛି, ବି. ମଧୁ ମକ୍ଷିକା । ଯେଉଁ ମାଛିମାନେ ମହୁ ସଂଗ୍ରହ କରନ୍ତି ।

ମହୁର, ବି. ତରକାରିବିଶେଷ ।

ମହୁରା, ବି. ( ଦେଶଜ ) ଏକପ୍ରକାର ସ୍ଥାବର ବିଷ ।

ମହୁରି, ବି. ପେଁକାଳି, ଭୁଙ୍ଗା, ନଳୀ ।

ମହୁଲ, ବି. (ଦେଶଜ) ଆରଣ୍ୟକ ମିଷ୍ଟ ଫଳ ବିଶେଷ ଓ ତାହାର ଗଛ ।

ମହେଚ୍ଛ, ବିଂ. ( ମହତ୍-ଇଚ୍ଛା ) ମହାଶୟ, ଉଚ୍ଚଚେଷ୍ଟ, ଉଦାରସ୍ୱଭାବ ।

ମହେନ୍ଦ୍ର, ବି. ପୁଂ. (ମହତ୍-ଇନ୍ଦ୍ର) ସ୍ୱର୍ଗର ରାଜା ପର୍ବତବିଶେଷ, ଓଡ଼ିଶା ଓ ଉତ୍ତର ସରକାର ପର୍ଯ୍ୟନ୍ତ ପରିବ୍ୟାପ୍ତ ପର୍ବତଶ୍ରେଣୀ ।

ମହେନ୍ଦ୍ରାଣୀ, ବି. ସ୍ତ୍ରୀ. (ମହେନ୍ଦ୍ର-ଆନୀ) ଇନ୍ଦ୍ରପତ୍ନୀ, ଶଚୀ ।

ମହେଳା / ମହେଳିକା } ବି. ସ୍ତ୍ରୀ. (ମହ-ଇଲା, ଇଲ, [illegible]) ନାରୀ, ଯୋଷିତ୍ ।

ମହେଶ / ମହେଶ୍ୱର } ବି. ପୁଂ. (ମହତ୍-ଈଶ, ଈଶ୍ୱର) ମହାଦେବ, ଶିବ ।

ମହେଶ୍ୱରୀ, ବି. ସ୍ତ୍ରୀ. ( ମହେଶ୍ୱର-ଈ ) ପାର୍ବତୀ, କାଂସ୍ୟ, କଂସା ।

ମହେଷ୍ୱାସ, ବିଂ. (ମହତ୍-ଇଷୁ-ଆସ ) ମହା ଧନୁର୍ଦ୍ଧର । ବି. ପୁଂ. ବୃହତ୍ ଧନୁକ ।

ମହୋକ୍ଷ, ବି ପୁଂ. ( ମହତ୍-ଉକ୍ଷନ୍ ) ବୃହତ୍ ବୃଷ, ମହାବୃଷଭ ।

ମହୋତ୍ପଳ, ବି. ନ. ( ମହତ୍-ଉତ୍ପଳ ) ବୃହତ୍ ପଦ୍ମ, ସାରସପକ୍ଷୀ ।

ମହୋତ୍ସବ, ବି. ପୁଂ. ( ମହତ୍-ଉତ୍ସବ ) ମହା ଆନନ୍ଦଜନକ ବ୍ୟାପାର ।

ମହୋଦଧ } ବି. ପୁଂ. ( ମହତ୍-ଉଦଧି )
ମହୋଦଧୀ } ସମୁଦ୍ର, ମହାସମୁଦ୍ର ।

ମହୋଦୟ, ବି. ନ. (ମହତ୍-ଉଦୟ) କାନ୍ୟକୁବ୍ଜ ଦେଶ । ପୁଂ. ଆଧିପତ୍ୟ, କର୍ତ୍ତୃତ୍ୱ, ମୁକ୍ତି, ମୋକ୍ଷ । ବିଂ. ଅତିସମୃଦ୍ଧ, ଅଭ୍ୟୁନ୍ନତ ।

ମହୋନ୍ନତ, ବିଂ. ( ମହତ୍-ଉନ୍ନତ ) ଅତିଶୟ ଉନ୍ନତ । ବି. ପୁଂ. ମତ୍ସ୍ୟବିଶେଷ ।

ମହୋରଗ, ବି. ପୁଂ. (ମହତ୍-ଉରଗ) ବୃହତ୍ ସର୍ପ, ଅଜଗର । ନ. ତଗରମୂଳ ।

ମହୋଲ୍କା, ବି. ସ୍ତ୍ରୀ. ( ମହତ୍-ଉଲ୍କା ) ବିଦ୍ୟୁତ୍, ବୃହତ୍ ଉଲ୍କା ।

ମହୌଷଧ, ବି. ପୁଂ. ( ମହତ୍-ଔଷଧ ) ଉତ୍ତମ ଔଷଧ, ଶୁଣ୍ଠି, ପିପ୍ପଳୀ, ଲସୁନ ।

ମହୌଷଧି, ବି. ସ୍ତ୍ରୀ. ( ମହତ୍-ଔଷଧି ) ଦୂର୍ବା, ରାତ୍ରିରେ ଦୀପ୍ତିଶୀଳ ତୃଣଲତାଦି ।

ମା, ଅଂ. (ମା-୦) ନିନ୍ଦା, ବିକଳ୍ପ, ନିଷେଧ । ବି. ସ୍ତ୍ରୀ. ଲକ୍ଷ୍ମୀ, ମାତା, ପରିମାଣ, ଜ୍ଞାନ, ଦୀପ୍ତି ।

ମାଇକିନିଆ, ବି. (ଦେଶଜ) ସ୍ତ୍ରୀ, ସ୍ତ୍ରୀଜାତି ।

ମାଇଗୁଲିଆ, ବିଂ. ( ଦେଶଜ ) ସ୍ତ୍ରୀର ଅଧୀନ, ସ୍ତ୍ରୀର ବଶୀଭୂତ, ମାଇଚିଆ ।

ମାଇଚିଆ, ବି. ( ଦେଶଜ ) ସ୍ତ୍ରୀ ପ୍ରକୃତିକ ପୁରୁଷ ।

ମାଇନା, ବି. ( ଯାବନିକ ) ପଦାରା, ମାସିକ, ବେତନ ।

ମାଇପ, ବି. ସ୍ତ୍ରୀ. (ଦେଶଜ) ଭାର୍ଯ୍ୟା, ସ୍ତ୍ରୀ, ପତ୍ନୀ ।

ମାଈଁ, ବି. ସ୍ତ୍ରୀ. (ମାତୁଲାନୀ ଶବ୍ଦଜ) ମାତୁଳର ସ୍ତ୍ରୀ, ମାମୁଁର ଭାର୍ଯ୍ୟା ।

ମାଈ, ବି. ସ୍ତ୍ରୀ. ( ଦେଶଜ ) ମାଇକିନିଆ, ସ୍ତ୍ରୀ, ମାଦୀ ।

ମାଉଁସ, ବି. (ମାଂସ ଶବ୍ଦଜ) ମାଂସ ।

ମାଉସୀ, ବି. ସ୍ତ୍ରୀ. ( ମାତୃସ୍ୱସୃ ଶବ୍ଦଜ) ମାତାର ଭଗିନୀ ।

ମାଂସ, ବି. ନ. ( ମନ୍-ସ ) ପିଶିତ, ଶରୀରାଂଶ-ବିଶେଷ । ପୁଂ. କାଳ, କୀଟ ।

ମାଂସପେଶୀ, ବି. ସ୍ତ୍ରୀ. ଯେଉଁ ଯନ୍ତ୍ରଦ୍ୱାରା ଇଚ୍ଛା-ମାତ୍ରକେ ଶରୀରର ଭିନ୍ନ ଭିନ୍ନ ସ୍ଥାନରେ ସଞ୍ଚାଳନକ୍ରିୟା ସମ୍ପନ୍ନ ହୁଏ, ମାଂସପେଶୀ, କେବଳ ମାଂସରାଶିମାତ୍ର, ମାଂସପିଣ୍ଡୀ ।

ମାଂସଭକ୍ଷ, ବିଂ. (ମାଂସ-ଭକ୍ଷ) ମାଂସାଶୀ, ମାଂସ-ଭକ୍ଷଣକାରୀ ।

ମାଂସଲ, ବିଂ. (ମାଂସ-ଲ) ବଳବାନ୍, ସ୍ଥୂଳ, ମୋଟା ।

ମାଂସସାର } ବି. ପୁଂ. (ମାଂସ-ସାର, ସ୍ନେହ)
ମାଂସସ୍ନେହ, } ମେଦ ।

ମାଂସାଦ, ବିଂ. ( ମାଂସ-ଅଦ୍-ଅ ) ମାଂସଭୋକ୍ତା, ମାଂସାଶୀ ।

ମାଂସାଶୀ, ବିଂ. (ମାଂସ-ଅଶ୍-ଇନ୍) ମାଂସଭକ୍ଷକ, ଯେ ମାଂସ ଭକ୍ଷଣ କରେ ।

ମାଂସିକ, ବିଂ. ( ମାଂସ-ଇକ ) ମାଂସବିକ୍ରୟୀ, କଂସେଇ ।

ମାକଡ଼ } ବି. ପୁଂ. (ମର୍କଟ ଶବ୍ଦଜ) ବାନର,
ମାଙ୍କଡ଼ } କପି ।

ମାକଡ଼ସା } ବି. ଲୂତା, ଊର୍ଣ୍ଣନାଭ, ବୁଢ଼ୀ-
ମାଙ୍କଡ଼ସା } ଆଣୀ ।

ମାକରୀ, ବି. ସ୍ତ୍ରୀ. ( ମକର-ଅ-ଈ ) ମାଘ ମାସର ଶୁକ୍ଳ ସପ୍ତମୀ । ବିଂ. ମକରରାଶିସମ୍ବନ୍ଧୀୟ ।

ମାଖର, ବିଂ. କୁଖ୍ୟାତ, ଶୃଙ୍ଖଳ ।

ମାଖିବା, କ୍ରି. ( ମ୍ରକ୍ଷ୍ ଧାତୁଜ-ଗ୍ରାମ୍ୟ ପ୍ରୟୋଗ ) ଲେପିବା, ବୋଳିବା । ଯଥା—

ହଳଦୀ ମଖାମଣି, ସୁବର୍ଣ୍ଣ ରେଖା ପାଉଛେଲେ କୁଙ୍କୁମ
ଦେଖାଦେଖି ।

ମାଣ୍ଡୁନା, ବି. ମୁଣ୍ଡରେ ବାଳ ନ ଥିବା ଲୋକ ।

ମାଗଣ, ବି. (ଦେଶଜ) ଦେବା, ଗୁନ୍ଧା ।

ମାଗଣା, ବିଂ. ବିନାମୂଲ୍ୟ, ପୋଲ ।

ମାଗଧ, ବି. ପୁଂ. ମଗଧ-ଅ) ଜନ୍ମ (ମଗଧ୍-ଅ) ରାଜାମାନଙ୍କର ଓ ସୈନ୍ୟସମୂହଙ୍କ ଅଗରେ ସ୍ତୁତିପାଠକ, ବନ୍ଦୀ, ବୈଶ୍ୟର ଔରସରେ କ୍ଷତ୍ରିୟାଗର୍ଭଜାତ ଜାତିବିଶେଷ, ଭାଟ । ବିଂ. ମଗଧ ଦେଶୋଦ୍ଭବ, ଗୁଜରାଟୀ ।

ମାଗଧୀ, ବି. ସ୍ତ୍ରୀ. ମଗଧଦେଶଜାତ ଗର୍ଭିକା, ଯୂଥିକାପୁଷ୍ପ, ଯୂଇଫୁଲ, ଭାଷାବିଶେଷ, ମଗଧ-ଦେଶୀୟ ଭାଷା, ଗୁଜରାଟୀ ଅଳାଇଚ ।

ମାଗନ୍ତା, ବିଂ. (ଦେଶଜ) ମାଗୁଣିଆ, ଯାଚକ, ପ୍ରାର୍ଥକ ।

ମାଗିଖିଆ, ବିଂ. (ଦେଶଜ) ପୋଲଖିଆ, ବାର ବୁଲା, ଭିକାରି ।

ମାଗିବା, କ୍ରି. (ଦେଶଜ) ଭିକ୍ଷା କରିବା ।

ମାଗୁଣି, ବି. (ଦେଶଜ) ପ୍ରାର୍ଥନା । ଯଥା—

ଅଜ କେଳି କଉତୁକୀ ଶ୍ରୀପଦମୂଳରେ ମୋର ମାଗୁଣି ଏତିକି ।

ସଙ୍ଗୀତ ।

ମାଗୁର, ବି. (ମଦ୍‌ଗୁର ଶବ୍ଦଜ) ମତ୍ସ୍ୟବିଶେଷ ।

ମାଘ, ବି.ପୁଂ. (ମାଘୀ-ଅ)ଦଶମ ମାସ, ଶିଶୁପାଳ-ବଧ କାବ୍ୟ, ନୃପବିଶେଷ, ଶିଶୁପାଳବଧ କାବ୍ୟର ରଚୟିତା କବି ।

ମାଘବତୀ } ମାଘୋନୀ } ବି. ସ୍ତ୍ରୀ. (ମଘ-ବତ୍, ମଘବନ୍-ଅ-ଈ, ବ = ଉ) ପୂର୍ବଦିଗ୍ ।

ମାଘବନ, ବିଂ. (ମଘବନ୍-ଅ) ଇନ୍ଦ୍ରସମ୍ବନ୍ଧୀୟ ।

ମାଘ୍ୟ, ବି. ନ. (ମାଘ ଯ) କୁନ୍ଦପୁଷ୍ପ, କୁନ୍ଦଫୁଲ । ବିଂ. ମାଘମାସଜାତ ।

ମାଙ୍କଡ଼, ବି. (ମର୍କଟ ଶବ୍ଦଜ) ବାନର, ମର୍କଟ, ଶାଖାମୃଗ ।

ମାଙ୍କଡ଼ାପଥର, ବି. ( ଦେଶଜ ) ଏକପ୍ରକାର ପଥର ।

ମାଙ୍କଡ଼ୀ, ବି. ସ୍ତ୍ରୀ. ମର୍କଟୀ, ବାନରୀ, ଏକପ୍ରକାର କର୍ଣ୍ଣଭୂଷଣ ।

ମାଙ୍ଗ, ବି. (ଦେଶଜ) ସୀମାନ୍ତ । ଯଥା—

ଏଥକୁ ବେଣୀ ନିର୍ଭଙ୍ଗେ, ଧାର ଦେଖାଉଛି ମାଙ୍ଗେ ।

ମାଙ୍ଗଳିକ } ମାଙ୍ଗଳ } ମାଙ୍ଗଲ୍ୟ } ବିଂ. ( ମଙ୍ଗଳ-ଇକ, ଅ, ଯ ) ମଙ୍ଗଳକର, ଶୁଭଜନକ ।

ମାଙ୍ଗୁଆ, ବି. (ଦେଶଜ)ମୋଡ଼ା, ଖେଟଗୌଳା ।

ମାଚିର, ଅଂ. (ମା ଚିର) ଅବିଲମ୍ବ, ଶୀଘ୍ର ।

ମାଛ, ବି. (ମତ୍ସ୍ୟ ଶବ୍ଦଜ) ମୀନ, ମତ୍ସ୍ୟ ।

ମାଛରଙ୍କା, ବି. ପୁଂ. (ମତ୍ସ୍ୟରଙ୍କ ଶବ୍ଦଜ) ପକ୍ଷି-ବିଶେଷ ।

ମାଛି, ବି. (ମକ୍ଷିକା ଶବ୍ଦଜ) ପତଙ୍ଗବିଶେଷ ।

ମାଛୁଆ. ବି. ( ଦେଶଜ ) କେଉଟ, ଧୀବର, ମତ୍ସ୍ୟବ୍ୟବସାୟୀ ।

ମାଜଣା, ବି.(ମାର୍ଜନା ଶବ୍ଦଜ) ମାର୍ଜନା, ଘଷିବା, ସ୍ନାନ । ଯଥା—

ନ ଅଙ୍ଗ ମାଜଣା, ବୋଲି ମୋତେ ଜଣା କର କ୍ଷମା ରେ ।

କବିସୂର୍ଯ୍ୟ ।

ମାଜିବା, କ୍ରି. ( ମାର୍ଜନା ଶବ୍ଦଜ ) ପରିଷ୍କାର କରିବା । ଯଥା—

ଦିନେ ଯଥା ଦର୍ପକଦର୍ପଣେ ଥିଲେ ମାଜି ।

ମାଜିଷ୍ଟ୍ରେଟ୍, ବି. ( magistrate ) ଶାସନ ବିଭାଗୀୟ ଉଚ୍ଚ କର୍ମଚାରୀ ।

ମାଝି, ବି. (ଯାବନିକ) ନାଉରିଆ, ନାବିକ ।

ମାଞ୍ଜିଷ୍ଠ, ବିଂ. (ମଞ୍ଜିଷ୍ଠା-ଅ) ରକ୍ତବର୍ଣ୍ଣ, ଲୋହିତ ।

ମାଟି, ବି. (ମୃତ୍ତିକା ଶବ୍ଦଜ) ଭୂମି ।

ମାଟିଆ, ବିଂ. (ମୃତ୍ତିକା ଶବ୍ଦଜ) ମୃତ୍ତିକାଯୁକ୍ତ ବା ମୃତ୍ତିକାବର୍ଣ୍ଣ, ଯେଉଁମାନେ ମାଟି ଖୋଳନ୍ତି, ଏକଜାତି କେଳା ।

ମାଟେଇବା, କ୍ରି. (ଦେଶଜ)ସ୍ଥଗିତ ହେବା, ବନ୍ଦ ହେବା ।

ମାଠ, ବି. (ଦେଶଜ) ପୋଡ଼ା ହେବା ମୋଟ ଗୁଦର ।

ମାଠଗୁଣା, ବି. ( ଦେଶଜ ) ନାସାଭରଣ-ବିଶେଷ । ଯଥା—

ନାସିକାରେ ମାଠଗୁଣା, ଦବେଇ କରଇ ବିଣା ।

ମାଟିଆ, ବି. (ଦେଶଜ) ଘଟ, ମୃତ୍ତିକାପାତ୍ର-ବିଶେଷ।

ମାଠିବା, କ୍ରି. ( ଦେଶଜ ) ଚିକ୍କଣ କରିବା। ଯଥା—

ସେତେ ମାଠିରୁ ମାଠ, ମୁଁ ସେହି ଦରପୋଡ଼ା କାଠ।

ମାଡ଼, ବି. (ହିନ୍ଦୀ) ପ୍ରହାର। ଯଥା—

ମାଡ଼ ମାରି ହାଡ଼ କରିବ ଚନା।

ମାଡ଼ିବା, କ୍ରି ( ଦେଶଜ ) ଚୁପିବା, ଦାବିବା, ଲଙ୍ଘିବା, ଘୋଟି ଆସିବା ଯଥା—

ଧୂମାକାରେ ଦୂରେ ପବନର ଛଳ,
ମାଡ଼ି ଆସୁଅଛି ଜଳ ସ୍ଥଳ ଛଳ।

ଆବେଶ ହେବା। ଯଥା—

ଖଦ୍ୟୋତ ହେ, କୃଷ୍ଣବର୍ଣ୍ଣ ଶେଯେ ମାଡ଼େ ନିଦ।

ମାଡ଼ୁଆ, ବିଂ. ( ଦେଶଜ ) ମାଡ଼ ଖାଇବାର ଉପଯୁକ୍ତ, ଯେ ମାଡ଼ ଖାଏ। ସ୍ତ୍ରୀ. ମାଡ଼ୁଣୀ।

ମାଢ଼, ବି. ( ଦେଶଜ ) ପରିମାଣବିଶେଷ, ଦଶ ଛନା।

ମାଣ, ବି. ( ପରିମାଣ ଶବ୍ଦଜ ) କୁଆଁ, ୨୫ ଗୁଣ୍ଠ ଭୂମି।

ମାଣବ } ବି. ପୁଂ. ( ମନୁ-ଅ, କ ) ବାଳକ,
ମାଣବକ } ବ୍ରାହ୍ମଣକୁମାର, ମନୁଷ୍ୟ।

ମାଣି, ବି. (ଗ୍ରାମ୍ୟ) ଅଭିମାନ।

ମାଣିଆବନ୍ଧ, ବି. ( ଦେଶଜ ) ବଡ଼ାମ୍ବା ନାମକ ଓଡ଼ିଶା ଗଡ଼ଜାତର ମାଣିଆବନ୍ଧ ନାମକ ସ୍ଥାନରେ ନିର୍ମିତ ଏକପ୍ରକାର ଦେଶୀ ଲୁଗା।

ମାଣବ୍ୟ, ବି. ନ. ( ମାଣବ-ଯ ) ବାଳକସମୂହ, ଶୈଶବକାଳ।

ମାଣିକ, ବି. ( ମାଣିକ୍ୟ ଶବ୍ଦଜ ) ଏକପ୍ରକାର ମୂଲ୍ୟବାନ୍ ରତ୍ନ।

ମାଣିକା, ବି. ସ୍ତ୍ରୀ. ଅଷ୍ଟପଲ ପରିମାଣ, କାଞ୍ଚୀ ଅଭିଯାନ ବେଳେ ଜଗନ୍ନାଥ ଯେଉଁ ଗଉଡ଼ୁଣୀଠାରୁ ଲହୁଣୀ ଖାଇ ମୁଦି ବନ୍ଧା ଦେଇଥିଲେ। ଯଥା—

ଉତ୍ତାପ ଉଗାଳି ଭୁ ଉଲ୍କା,
ଘୋର ଘରେ ପଶ ଶ୍ରୀମତୀ ମାଣିକା,
ହସ୍ତେ ଭୁଞ୍ଜି ଥିଲେ ସାଦରେ ଲବଣୀ,
ଭବଗ୍ରାହୀ ପ୍ରଭୁ ଭକ୍ତଚିନ୍ତାମଣି। ଉତ୍କଳ।

ମାଣିକ୍ୟ, ବି. ନ. (ମଣି-କୈ-ଯ) ରତ୍ନବିଶେଷ, ମଣି, ମାଣିକ।

ମାଣିଖୁଣ୍ଟି, ବି. (ଦେଶଜ) ତନ୍ତିପିହାଣି ଭିତରେ ପଶିବା କାଠ।

ମାଣିବନ୍ଧ, ବି. ନ. (ମଣିବନ୍ଧ-ଅ)ସୈନ୍ଧବଲବଣ।

ମାଣ୍ଡବୀ, ବି. ସ୍ତ୍ରୀ. କୁଶଧ୍ୱଜଙ୍କ କନ୍ୟା, ଭରତଙ୍କର ସ୍ତ୍ରୀ।

ମାଣ୍ଡି, ବି ( ଦେଶଜ ) ତକିଆ, ମୁଣ୍ଡୁଲା, ଉପାଧାନ।

ମାଣ୍ଡିଆ, ବି. (ଦେଶଜ) ଶସ୍ୟବିଶେଷ।

ମାଣ୍ଡୁ, ବି. ( ଦେଶଜ ) ହସ୍ତରେ ଧରି ନାସ୍ପୃମ କରିବାର ତପ୍ତ ଲୌହାଦି।

ମାଣ୍ଡୁଆ, ବି. (ଦେଶଜ) ପିଷ୍ଟକବିଶେଷ।

ମାତଙ୍ଗ, ବି. ପୁଂ. (ମତଙ୍ଗ-ଅ) ହସ୍ତୀ। ଚଣ୍ଡାଲ, ଅଶ୍ୱତ୍ଥବୃକ୍ଷ।

ମାତଙ୍ଗୀ, ବି. ସ୍ତ୍ରୀ. ହସ୍ତିନୀ, ଦଶ ମହାବିଦ୍ୟାର ଅନ୍ତର୍ଗତ ନବମ ମହାବିଦ୍ୟା।

ମାତରିଶ୍ୱା, ବି. ପୁଂ. (ମାତର-ଶ୍ୱି-ଅନ୍) ବାୟୁ, ପବନ।

ମାତଲ } ବି. ପୁଂ. ( ମତଲ-ଇ ) ଇନ୍ଦ୍ରଙ୍କ
ମାତଲି } ସାରଥି।

ମାତବର, ( ଯାବନିକ ) ପ୍ରଧାନ, ମାନ୍ୟଗଣ୍ୟ ବ୍ୟକ୍ତି।

ମାତା, ବି. ସ୍ତ୍ରୀ ( ମାନ୍-ତୃ ) ଜନନୀ, ମା। ସପ୍ତମାତା! ଯଥା—ଜନନୀ, ଗୁରୁପତ୍ନୀ, ବ୍ରାହ୍ମଣୀ, ରାଜପତ୍ନୀ, ଗାଭୀ, ଧାତ୍ରୀ, ପୃଥିବୀ; ବ୍ରାହ୍ମୀ, ମାହେଶ୍ୱରୀ, ଐନ୍ଦ୍ରୀ, ବାରାହୀ, ବୈଷ୍ଣବୀ, କୌମାରୀ, ଚାମୁଣ୍ଡା, ଚର୍ଚ୍ଚିକା—ଏହି ଅଷ୍ଟ ଶକ୍ତି; ପୃଥିବୀ, ଗୋ, ଲକ୍ଷ୍ମୀ, ଧାତ୍ରୀ। ପୁଂ. ଜୀବ, ଆକାଶ। ବିଂ. ପ୍ରମାଣକର୍ତ୍ତା, ପରିମାଣକର୍ତ୍ତା।

ମାତାମହ, ବି. ପୁଂ. ( ମାତୃ-ଆମହ ) ମାତାର ପିତା, ଅଜା ।

ମାତାମହୀ, ବି. ସ୍ତ୍ରୀ. (ମାତୃ-ଆମହୀ) ମାତାର ମାତା ।

ମାତିବା, କ୍ରି. (ମତ୍ତ ଶବ୍ଦଜ) ଉନ୍ମତ୍ତ ହେବା । ଆସକ୍ତ ହେବା, ବ୍ୟାପିବା ।

ମାତୁଳ, ବି. ପୁଂ. (ମାତୃ-ଉଳ) ମାତାର ଭ୍ରାତା, ମାମୁ ।

ମାତୁଳାନୀ, ମାତୁଳୀ, ମାତୁଳା } ବି. ସ୍ତ୍ରୀ. ( ମାତୁଳ-ଆନୀ, ଈ, ଆ) ମାତୁଳର ଭାର୍ଯ୍ୟା, ମାଇଁ ।

ମାତୃକ, ବିଂ. ( ମାତୃ-କ ) ମାତୃସମ୍ବନ୍ଧୀୟ, ମାତୃଠାରୁ ଆଗତ ।

ମାତୃକା, ବି. ସ୍ତ୍ରୀ. (ମାତୃକ-ଆ) ମାତା, ଧାତ୍ରୀ, ଅ ଆ କ ଖ ପ୍ରଭୃତି ବର୍ଣ୍ଣ, ଗୌରୀ, ପଦ୍ମା, ଶଚୀ, ମେଧା, ସାବିତ୍ରୀ, ବିଜୟା, ଜୟା, ଦେବସେନା, ସ୍ୱଧା ସ୍ୱାହା, ଶାନ୍ତି, ପୁଷ୍ଟି, ଧୃତି, ତୁଷ୍ଟି, ଆତ୍ମଦେବତା, କୁଳଦେବତା ଏହି ଷୋଡ଼ଶ ଦେବୀ; ସ୍ୱର, କାରଣ । ବ୍ରାହ୍ମୀ, ମାହେଶ୍ୱରୀ, କୌମାରୀ, ବୈଷ୍ଣବୀ, ବାରାହୀ ଇନ୍ଦ୍ରାଣୀ ଓ ଚାମୁଣ୍ଡା — ଏମାନଙ୍କୁ ସପ୍ତମାତୃକା ବୋଲାଯାଏ । ଯାଜପୁରରେ ବୈତରଣୀ-କୂଳରେ ଏହି ସପ୍ତ ମାତୃକାଙ୍କର ମନ୍ଦିର ଅଛି ।

ମାତୃକେଶଟ, ବି. ପୁଂ. ( ମାତୃ-କେଶଟ = ଭ୍ରାତା) ମାତୁଳ, ମାମୁ ।

ମାତୃନନ୍ଦନ, ବି. ପୁଂ. କାର୍ତ୍ତିକେୟ ।

ମାତୃମଣ୍ଡଳ, ବି. ନ. ନେତ୍ରଦ୍ୱୟର ମଧ୍ୟଭାଗ ।

ମାତୃମୁଖ, ମାତୃଶାସିତ } ବି. ପୁଂ. (ମାତୃ-ମୁଖ, ଶାସିତ) ମୂର୍ଖ, ଅଜ୍ଞବ୍ୟକ୍ତି ।

ମାତୃଷ୍ୱସା, ମାତୃସ୍ୱସା } ବି. ସ୍ତ୍ରୀ. (ମାତୃ-ସ୍ୱସୃ) ମାତାର ଭଗିନୀ, ମାଉସୀ ।

ମାତୃଷ୍ୱସ୍ରୀୟ, ମାତୃଷ୍ୱସ୍ରେୟ } ପୁଂ., ମାତୃଷ୍ୱସ୍ରେୟୀ, ସ୍ତ୍ରୀ. } ବି. ( ମାତୃଷ୍ୱସୃ-ଈୟ, ଏୟ ) ମାତାର ଭଗିନୀର ପୁତ୍ର ବା କନ୍ୟା ।

ମାତ୍ର, ବି. ନ. (ମା-ତ୍ର) କେବଳ, ଅବଧାରଣ, ସାକଲ୍ୟ । (ଦେଶଜ. ଅବ୍ୟୟ) କିନ୍ତୁ । ଯଥା—

> ମାତ୍ର ନ ଆବରେ ଅଧରୌଷ୍ଠ କର ତନୁପଣ୍ଡୁରୁ,
> ବାର ତ ନୋହିବ ତାହା ବଣକାମୁ ପକ୍ଷବାନ୍ଧୁରୁ ।
>
> ଉଷା ।

ମାତ୍ରା, ବି. ସ୍ତ୍ରୀ. (ମାତ୍ର-ଆ) ଅଂଶ, ଅଳ୍ପପରିମାଣ, ଧନ, ପରିଚ୍ଛଦ, ଅଶ୍ୱଯାନାଦି, ଅକ୍ଷରାବୟବ, ବର୍ଣ୍ଣର ଉଚ୍ଚାରଣକାଳ, ପରିମାଣ, କର୍ଣ୍ଣ-ଭୂଷଣ, ଅବଚ୍ଛେଦ, ଇନ୍ଦ୍ରିୟବୃତ୍ତି ।

ମାତ୍ସର୍ଯ୍ୟ, ବି. ନ. ( ମତ୍ସର-ଯ ) ଅନ୍ୟ-ଶୁଭଦ୍ୱେଷ, ପରଶ୍ରୀକାତରତା ।

ମାତ୍ସ୍ୟିକ, ବିଂ. (ମତ୍ସ୍ୟ-ଇକ) ଜାଲିକ, ମତ୍ସ୍ୟୋପ-ଜୀବୀ ।

ମାଥ, ବି. ପୁଂ. (ମଥ ଅ) ବର୍ତ୍ମ, ପଥ, ମନ୍ଥନ, ବଧ, ହତ୍ୟା, ବିଲୋଡ଼ନ । (ମସ୍ତକ ଶବ୍ଦଜ) ମୁଣ୍ଡ । ଯଥା—

> ହସଇ ଭୃଷଇ ସ୍ତଗଣ ନାଦଇ,
> ହା ତୁମ୍ଭ ସ୍ପରେ ପୋଡଇ ମାଥ ।

ମାଥୁର, ବିଂ. ( ମଥୁରା-ଅ ) ମଥୁରାସମ୍ବନ୍ଧୀୟ, ମଥୁରାରୁ ଆଗତ, ମଥୁରା ଦେଶଜାତ ।

ମାଦ, ବି. ପୁଂ. ( ମଦ୍-ଅ ) ହର୍ଷ, ଅହଙ୍କାର, ମତ୍ତତା ।

ମାଦକ, ବିଂ. (ମଦ୍-ଅକ) ମତ୍ତତାଜନକ । ବି. ନିଶାଦ୍ରବ୍ୟ । ଯଥା—

> ମାଦକ ଖାଇ କାଥ ହୋଇଲେ ଭୋଳ ।

ମାଦଳ, ବି. ( ମର୍ଦ୍ଦଳ ଶବ୍ଦଜ ) ମୃଦଙ୍ଗବିଶେଷ, ପଙ୍ଗୁ ।

ମାଦଳାପାଞ୍ଜି, ବି. (ମାଦଳ ବା ମୃଦଙ୍ଗ ଆକାରରେ ବନ୍ଧାଯାଇଥାଏ ବୋଲି ଏହିପରି ନାମ-କରଣ ) ପୁରୀ ଜଗନ୍ନାଥ ମନ୍ଦିରରେ ଲେଖାଯାଇଥିବା ଏକପ୍ରକାର ପ୍ରାଚୀନ ଓଡ଼ିଶାର ଇତିହାସ । ଏହା ତାଳପତ୍ରରେ ଲିଖିତ ।

ମାଦୃକ୍ } ବି°. (ଅସ୍ମଦ୍-ଦୃଶ୍-°) ମତ୍‌ସଦୃଶ,
ମାଦୃଶ୍ } ମତ୍‌ତୁଲ୍ୟ ।

ମାଦ୍ରୀ, ବି. ସ୍ତ୍ରୀ. ( ମଦ୍ର ଅ-ଈ ) ପାଣ୍ଡୁରାଜାଙ୍କ କନିଷ୍ଠା ସ୍ତ୍ରୀ, ନକୁଳ ଓ ସହଦେବଙ୍କ ମାତା ।

ମାଧବ, ବି. ପୁ°. (ମା ଧବ) ବିଷ୍ଣୁ । (ମଧୁ-ଅ) ବୈଶାଖ ମାସ, ବସନ୍ତକାଳ । ବି°. ମଧୁସମ୍ବନ୍ଧୀୟ ।

ମାଧବୀ } ବି. ସ୍ତ୍ରୀ. ଲତାବିଶେଷ, ମଧୁ,
ମାଧବିକା } ଶର୍କରା, କୁଷ୍ଟ, ମଦିରା, ତୁଳସୀ. ଦୁର୍ଗା, ମାଧବଙ୍କ ପତ୍ନୀ ।

ମାଧୁକରୀ, ବି. ( ମଧୁକର-ଅ, ସ୍ତ୍ରୀ. ଈ ) ଭିକ୍ଷାବିଶେଷ । ମଧୁକର ବା ଭ୍ରମର ପରି ଯେଉଁ ଭିକ୍ଷା ନାନାସ୍ଥାନରୁ ସଂଗୃହୀତ ହୁଏ ।

ମାଧୁର, ବି. ନ. ( ମଧୁର-ଅ ) ମଲ୍ଲିକାପୁଷ୍ପ । (ମଧୁର-ଅ ବି°. ମଧୁରଜାତ ।

ମାଧୁରୀ, ବି. ସ୍ତ୍ରୀ. ( ମଧୁର-ଅ-ଈ ) ମଧୁରତା, ମିଷ୍ଟତା, ଶୋଭା, ସୌନ୍ଦର୍ଯ୍ୟ । ଯଥା—

ସ୍ୱର୍ଗୀୟ ମାଧୁରୀରେ ସଦା ସୁନ୍ଦର,
ମର୍ତ୍ତ୍ୟମଣ୍ଡଳେ କାହିଁ ତା ପଟନ୍ତର । କ. ବ.

ଉତ୍ତମତା, ଧୀରତା, ମଦ୍ୟ, ହୃଦୟଗ୍ରାହିତା ।

ମାଧୁର୍ଯ୍ୟ, ବି. ନ. (ମଧୁର-ଯ ମଧୁରତା, ମିଷ୍ଟତା, ସୌନ୍ଦର୍ଯ୍ୟ, କାବ୍ୟର ଗୁଣବିଶେଷ, ଯେଉଁ ଗୁଣ ଥିଲେ କାବ୍ୟ ଶୁଣିବାମାତ୍ରକେ ଚିତ୍ତକୁ ଦ୍ରବୀଭୂତ କରେ ।

ମାଧ୍ୟନ୍ଦିନ, ବି. ନ. ( ମଧ୍ୟନ୍ଦିନ-ଅ ) ମଧ୍ୟାହ୍ନ, ଶୁକ୍ଳଯଜୁର୍ବେଦୀୟ ଶାଖାବିଶେଷ ।

ମାଧ୍ୟସ୍ଥ୍ୟ, ବି. ନ. (ମଧ୍ୟସ୍ଥ-ଯ) ମଧ୍ୟରେ ସ୍ଥିତି, ମଧ୍ୟସ୍ଥତା, ଔଦାସୀନ୍ୟ ।

ମାଧ୍ୟାକର୍ଷଣ, ବି. ପୃଥିବୀର ଯେଉଁ ଆକର୍ଷଣଯୋଗୁଁ ବାୟୁରେ ଉତ୍କ୍ଷିପ୍ତ ବସ୍ତୁ ଭୂମିରେ ପଡ଼େ, ବସ୍ତୁ ମାତ୍ରକେ ଏ ଗୁଣ ଅଛି ଏବଂ ତାହାଦ୍ୱାରା ସକଳ ପଦାର୍ଥ ପରସ୍ପରକୁ ଆକର୍ଷଣ କରୁଅଛି । ଏହି ଆକର୍ଷଣ ମଧ୍ୟଦେଶକୁ ହୁଏ ବୋଲି ଏହାର ନାମ ମାଧ୍ୟାକର୍ଷଣ । ( Gravitation )

ମାଧ୍ୟାହ୍ନିକ, ବି°. (ମଧ୍ୟାହ୍ନ-ଇକ) ମଧ୍ୟାହ୍ନକାଳ-ସମ୍ବନ୍ଧୀୟ, ମଧ୍ୟାହ୍ନକାଳୀନ ବ୍ୟାପାର ।

ମାଧ୍ୱୀ, ବି. ସ୍ତ୍ରୀ. (ମଧୁ-ଅ-ଈ) ମଧୁଦ୍ୱାରା ପ୍ରସ୍ତୁତ ସୁରା, ମତ୍ସ୍ୟବିଶେଷ, ଦ୍ରାକ୍ଷା ।

ମାଧ୍ୱୀକ, ବି. ନ (ମାଧ୍ୱୀ-କ) ମଧୁ, ମଧୁଜାତ ସୁରା ।

ମାନ, ବି. ନ. (ମା-ଅନ) ପରିମାଣ, ହସ୍ତାଦିଦ୍ୱାରା ପରିଚ୍ଛେଦ, ମାପ, ପରିମାଣସାଧନ ପାତ୍ର ଦଣ୍ଡାଦି । (ମନ୍-ଅ) ପୁ°. ଅହଙ୍କାର, କୋପ, ଅଭିମାନ, ସମ୍ଭ୍ରମ, ସମ୍ମାନ, ପୂଜା ।

ମାନଦଣ୍ଡ, ବି ପୁ°. (ମାନ-ଦଣ୍ଡ) ପରିମାଣଦଣ୍ଡ, ମାପବାଡ଼ି ।

ମାନନା, ବି. ସ୍ତ୍ରୀ. ( ମାନ-ଅନ୍-ଆ ) ସମ୍ମାନ-କରଣ, ପୂଜ୍ୟକରଣ, ଆଦରକରଣ ।

ମାନନୀୟ, ବି° (ମାନ୍-ଅନୀୟ) ପୂଜନୀୟ, ମାନ୍ୟ ।

ମାନନୀୟା, ବି°. (ମାନ୍-ଅନୀୟ-ଆ) ପୂଜନୀୟା ।

ମାନବ, ବି. ପୁ°. (ମନୁ-ଅ) ମନୁଷ୍ୟ ପୁରୁଷ ।

ମାନବୀ, ବି. ସ୍ତ୍ରୀ. (ମନୁ-ଈ) ନାରୀ, ସାୟମ୍ଭୁବ ମନୁଙ୍କ କନ୍ୟା । ବି°. ମନୁସମ୍ବନ୍ଧୀୟ ।

ମାନମନ୍ଦିର, ବି. ଯେଉଁ ସ୍ଥାନରୁ ଗ୍ରହ ନକ୍ଷତ୍ରାଦିର ଗତି ପର୍ଯ୍ୟବେକ୍ଷଣ କରାଯାଏ ( observatory)

ମାନରନ୍ଧ୍ରୀ, ବି. ସ୍ତ୍ରୀ. (ମାନ-ରନ୍ଧ୍ର) ସମୟ ନିରୂପଣାର୍ଥ ଯନ୍ତ୍ରବିଶେଷ, ଘଡ଼ି ।

ମାନସ, ବି. ନ. (ମନସ୍-ଅ) ଚିତ୍ତ, ମନଃ, ଚିତ୍ତ-ବୋଧ, ଇଚ୍ଛା, ଅଭିପ୍ରାୟ । ଯଥା—

ଯେଣୁ ପୂର୍ବ ଯିବା ମାନସେ ନାଗ ଯାନେ ଚଢ଼ିଲେ । ବ. ଭି.

ହିମାଳୟସ୍ଥ ସରୋବରବିଶେଷ ।

ଗମ୍ଭୀର ଭାବସଙ୍କୁଳ ହୋଇଲ ମାନସ,
ବର୍ଷାଗମେ ହଂସ ଯଥା ତେଜନ୍ତି ମାନସ । କ. ବ.

ମାନସଜନ୍ମା, ବି. ପୁ°. (ମାନସ-ଜନ୍ମନ୍) କନ୍ଦର୍ପ, ହଂସ । ବି°. ମାନସସରୋବରଜାତ, ମନୋଜାତ ।

ମାନସବ୍ରତ, ବି. ନ. ଅହିଂସା, ଦାନ, ସତ୍ୟ, ବ୍ରହ୍ମଚର୍ଯ୍ୟା ପ୍ରଭୃତି ।

ମାନସାଳୟ, ବି. ପୁଂ. (ମାନସ-ଆଳୟ) ହଂସ ।

ମାନସିକ, ବିଂ. (ମନସ୍-ଇକ) ଆନ୍ତରିକ, ମନୋବର୍ତ୍ତୀ, ମନୋଗତ ।

ମାନସୂତ୍ର, ବି. ନ. ( ମାନ-ସୂତ୍ର ) ସ୍ୱର୍ଣ୍ଣାଦି-ନିର୍ମିତ କଣ୍ଠସୂତ୍ର, ଗୋଠ ଚନ୍ଦ୍ରହାର ପ୍ରଭୃତି ।

ମାନସୌକାଃ, ବି. ପୁଂ. (ମାନସ୍-ଓକସ୍) ହଂସ ।

ମାନହାନ, ବିଂ. (ମାନ-ହୀନ) ଅସମ୍ମାନ, ମର୍ଯ୍ୟାଦାରହିତ ।

ମାନିତ, ବିଂ. (ମାନ୍-ତ) ପୂଜିତ, ସମ୍ମାନିତ ।

ମାନିନୀ, ବିଂ. ସ୍ତ୍ରୀ. ( ମାନ-ଇନ୍-ଈ ) ମାନବତୀ, ଅଭିମାନଯୁକ୍ତା ।

ମାନିବା, କ୍ରି. (ମାନ୍ ଧାତୁଜ) ସ୍ୱୀକାର କରିବା, ଶୋଭା ପାଇବା । ଯଥା—

ପାଦ ଗ୍ରହିବା ବେଳକୁ, କି ମାନିଲା ସେ କାଳକୁ
କର ଗ୍ରେ ଧରି ଗ୍ରହିଲେ କି କରିଦେଲା ଗ୍ରଳକମଳକୁ । ବି. ଚି.

ମାନୀ, ବିଂ. ( ମାନ ଇନ୍ ) ଅଭିମାନୀ, ମନସ୍ୱୀ, ପ୍ରଶସ୍ତମନାଃ, ମାନ୍ୟ । ପୁଂ. ସିଂହ । ନିନୀ, ସ୍ତ୍ରୀ. ଅଭିମାନବତୀ ।

ମାନୁଷ, ବି. ପୁଂ. (ମନୁ-ଅ, ଷ ଆଗମ) ମନୁଷ୍ୟ, ନର ।

ମାନୁଷିକ, ବିଂ. ( ମନୁଷ୍ୟ-ଇକ ) ମନୁଷ୍ୟକୃତ, ମନୁଷ୍ୟସମ୍ବନ୍ଧୀୟ ।

ମାନୁଷ୍ୟ, ବି. ନ. (ମାନୁଷ-ଯ) ମନୁଷ୍ୟତ୍ୱ, ମନୁଷ୍ୟର ଧର୍ମ, ମନୁଷ୍ୟ ଶରୀର ।

ମାନ୍ତ୍ରିକ, ବିଂ. (ମନ୍ତ୍ର-ଇକ) ମନ୍ତ୍ରବେତ୍ତା, ମନ୍ତ୍ରକାରକ ।

ମାନ୍ଦ୍ୟ, ବି. ନ. ( ମନ୍ଦ-ଯ ) ଆଲସ୍ୟ, ଜଡ଼ତା, ହାନି, ଅଳ୍ପତା, ରୋଗ, ପୀଡ଼ା, ମନ୍ଦତ୍ୱ, ବିଷାଦ ।

ମାନ୍ଧାତା, ବି. ପୁଂ. (ମାମ୍-ଧେ-ତୃ) ପ୍ରାଚୀନ ରାଜାବିଶେଷ, ଯୁବନାଶ୍ୱ ରାଜାଙ୍କ ପୁତ୍ର, ଉପାଧିବିଶେଷ ।

ମାନ୍ୟ, ବିଂ. (ମାନ-ଯ) ପୂଜ୍ୟ, ମାନନୀୟ, ଆଦରଣୀୟ ।

ମାପ, ବି. (ମା ଧାତୁଜ) ପରିମାଣ, ତୌଲ ।

ମାପିବା, କ୍ରି. (ମା ଧାତୁଜ ) ପରିମାଣ କରିବା । ଓଜନ କରିବା ।

ମାପୁଣି, ବିଂ. (ଦେଶଜ) ପରିମାପକ, ପରିମାଣକାରୀ ।

ମଫି, ବି. (ଯାବନିକ) ଛାଡ଼, ଛୁଟି ।

ମାମକୀନ, ବିଂ. (ମମ-ଈନ) ମଦୀୟସମ୍ବନ୍ଧୀୟ, ମଦୀୟ ।

ମାମଥ, ବି. (ଦେଶଜ) ହସ୍ତୀ ପରି ଆକୃତିବିଶିଷ୍ଟ ଜୀବବିଶେଷ । ଯଥା—

ପୂର୍ବେ ଏ ଜୀବ ପୃଥିବୀରେ ଥିଲା, ବର୍ତ୍ତମାନ
ତାହା ଆଉ ଦୃଷ୍ଟିଗୋଚର ହୁଏ ନାହିଁ ।

ମାମଲତ }
ମାମଲା } ବି. (ଯାବନିକ) ମୋକଦମା ।

ମାମୁ, ବି. ପୁଂ. (ମାତୁଲ ଶବ୍ଦଜ) ମାତୁଲ, ମାତାର ଭ୍ରାତା ।

ମାମୁଲି, ବିଂ. ଚିର ପ୍ରଚଳିତ(Customery)

ମାୟା, ବି. ସ୍ତ୍ରୀ. ( ମା-ଯ ) ଶଠତା, ଗୃଭୁରୀ । ଯଥା—

ମାୟା ବହୁରୂପେ ଦଣ୍ଡୋଛେ ଅନୁସରନ୍ତି ହରି । ଚ. ଗ.

ଇନ୍ଦ୍ରଜାଲ, କୁହକ, ମମତା, ମୋହ, ପ୍ରକୃତି, ଅବିଦ୍ୟା, ଅଜ୍ଞାନବିଶେଷ, ଭ୍ରାନ୍ତି, ଲକ୍ଷ୍ମୀ, କୃପା, ବୁଦ୍ଧମାତା ।

ମାୟାକର }
ମାୟାକୃତ୍ } ବିଂ. ( ମାୟା-କର, କୃତ୍ ) ଐନ୍ଦ୍ରଜାଲିକ, ବାଜିକର, ମାୟାକାରୀ ।

ମାୟାଜାଲ, ବି. (ମାୟା-ଜାଲ) ମୋହପାଶ, ଭ୍ରମଜନକ ବ୍ୟାପାର ।

ମାୟାଦେବୀସୁତ, ବି. ପୁଂ. ( ମାୟାଦେବୀ-ସୁତ ) ବୁଦ୍ଧ ।

ମାୟାପଟୁ, ବିଂ. ( ମାୟା-ପଟୁ ) ଐନ୍ଦ୍ରଜାଲିକ, କୁହକୀ, ଭ୍ରାନ୍ତିକର, ଭ୍ରାନ୍ତିଜନକ ।

ମାୟାମୋହ, ବି. ପୁଂ. ବିଷ୍ଣୁଙ୍କର ଦେହନିର୍ଗତ ଅସୁର, ମୋହକ ପୁରୁଷବିଶେଷ ।

ମାୟାବତୀ, ବି. ସ୍ତ୍ରୀ. କାମପତ୍ନୀ, ରତି ।

ମାୟାବସିକ, ବିଂ. (ମାୟା-ବସ୍ ଇକ) ପ୍ରତାରକ, ପ୍ରବଞ୍ଚକ ।

ମାୟାବାନ୍, ବିଂ. (ମାୟା-ବତ୍) କୁହକୀ, ଐନ୍ଦ୍ରଜାଲିକ, କପଟାଗ୍ରସ୍ତ ।

ମାୟାବୀ, ମାୟୀ, ମାୟିକ } ବିଂ. ଐନ୍ଦ୍ରଜାଲିକ, କୁହକୀ, କପଟାଗ୍ରସ୍ତ, ମାୟାବିଶିଷ୍ଟ । ପୁଂ. ବିଲୁଆ ।

ମାର, ବି. ପୁଂ. (ମୃ-ଅ) ମୃତ୍ୟୁ, ମରଣ । (ମୃ-ଣିଚ୍-ଅ) ମାରଣ, ବଧ, କାମଦେବ, ବିଘ୍ନ ।

ମାରକ, ବି. ପୁଂ. (ମାରି-ଅକ) ମାଛି, ମଡ଼କ, ବାଜପକ୍ଷୀ । ବିଂ. ହତ୍ୟାକାରୀ ।

ମାରକତ, ବିଂ. (ମରକତ-ଅ) ମରକତସମ୍ବନ୍ଧୀୟ ।

ମାରଜିତ୍, ବି. ପୁଂ. (ମାର-ଜିତ୍) ବୁଦ୍ଧଦେବ, ଶିବ ।

ମାରଣ, ବି. ନ. (ମାର-ଅନ) ହନନ, ବଧ, ହତ୍ୟା, ବିନାଶ ।

ମାରଣା, ବି. (ଦେଶଜ) ଯେ ମାରେ, ଖଣ୍ଡ, ବିଶ୍ୱାସଘାତକ, ଉଚ୍ଚାଇତ । ଯଥା—

ଭବେ ସ୍ୱନାସୀର ଅନୁଗ୍ରହ ହେଲ ମାରଣା କୁସୁମଶର ।

ମାରଫତ୍, ବି. (ଯାବନିକ) କ୍ଷମା, ସଙ୍ଗେ, ନିକଟ ।

ମାରାତ୍ମକ, ବିଂ. (ମାର-ଆତ୍ମନ୍-କ) ସାଂଘାତିକ, ପ୍ରାଣନାଶକ ।

ମାରାଗ, ବି. (ମରକତ ଶବ୍ଦଜ) ମରକତମଣି । ଯଥା—

ନୀଳଗିରି ଯହିଁ ମାରାଗ ମହୁଡ଼,
ଟେକେଛି ଅମ୍ବରେ ଶୈଳ ସ୍ୱର୍ଣ୍ଣଚୂଡ଼ । ନ. କେ.

ମାରି, ମାରୀ } ବି. ସ୍ତ୍ରୀ. (ମାର-ଇ,ଈ) ମରକ, ଜନକ୍ଷୟ ।

ମାରୀଭୟ, ବି. (ମାରୀ-ଭୟ) ମରକଜନିତ ଭୟ । ଜନକ୍ଷୟ ହେତୁରୁ ଯେଉଁ ଭୟ ଜାତହୁଏ ।

ମାରିବା, କ୍ରି. (ମୃ ଧାତୁଜ) ପ୍ରହାର କରିବା, ଅଘାତ କରିବା ।

ମାରିଷ, ବି. ପୁଂ. (ମୃଷ୍-ଅ) ନାଟ୍ୟୋକ୍ତିରେ ମାନ୍ୟ ବ୍ୟକ୍ତି, ଶାକବିଶେଷ ।

ମାରୀଚ, ବି. ପୁଂ. (ମରୀଚି-ଅ) କଶ୍ୟପ, ତାଡ଼କାରାକ୍ଷସୀର ପୁତ୍ର, ମରୀଚ ବନ, ଗୋଲମରିଚର ଗଛ, ରାଜହସ୍ତୀ । ବିଂ. ମରୀଚସମ୍ବନ୍ଧୀୟ ।

ମାରୁ ବିଂ. (ଦେଶଜ) ଅଗ୍ରାହ୍ୟ, ଅସ୍ପୃଶ୍ୟ, ଅପବିତ୍ର ।

ମାରୁତ, ବି. ପୁଂ. (ମରୁତ୍-ଅ) ପବନ, ୪୯ଶ ପ୍ରକାର ବାୟୁ ।

ମାରୁତାତ୍ମଜ, ବି. ପୁଂ. (ମାରୁତ-ଆତ୍ମଜ) ହନୂମାନ୍, ଭୀମ ।

ମାରୁତାଶନ, ବି. ପୁଂ. (ମାରୁତ-ଅଶନ) ସର୍ପ, ପବନାଶନ । ବିଂ. ବାୟୁମାତ୍ରଭୋଜୀ ।

ମାରୁତି, ବି. ପୁଂ. (ମାରୁତ-ଇ) ହନୂମାନ୍, ଭୀମ ।

ମାର୍କଣ୍ଡ, ମାର୍କଣ୍ଡେୟ } ବି. ପୁଂ. (ମୃକଣ୍ଡୁ-ଅ, ଏୟ) କଳ୍ପାନ୍ତଜୀବୀ ମୁନିବିଶେଷ ।

ମାର୍କା, ବି. (ଇଂ. Mark) ଦାଗ, ଚିହ୍ନ ।

ମାର୍ଗ, ବି. ପୁଂ. (ମାର୍ଗ-ଅ) ପଥ, ରାସ୍ତା, ଗୁହ୍ୟ । (ମାର୍ଗ-ଅ) ଅନ୍ୱେଷଣ । (ମାର୍ଗି-ଅ) ଅଗ୍ରହାୟଣ ମାସ, ମୃଗଶିରା ନକ୍ଷତ୍ର । (ମୃଗ-ଅ) ମୃଗମଦ, କସ୍ତୂରୀ । ବିଂ. ମୃଗସମ୍ବନ୍ଧୀୟ ।

ମାର୍ଗଣ, ବି. ନ. (ମାର୍ଗ-ଅନ) ପ୍ରାର୍ଥନା, ଯାଚ୍ଞା, ଅନ୍ୱେଷଣ, ଅନୁସନ୍ଧାନ, ପ୍ରଣୟ । ପୁଂ. ବାଣ, ଶର । ବିଂ. ଯାଚିତ, ପ୍ରାର୍ଥିତ, ଯାଚକ । ଯଥା—

କୃପଣ ମାର୍ଗଣଠାରେ ଅଚରଣ କଲା ପ୍ରାୟେ ନୋହୁ ଦୁସନ୍ତ । ବି. ଚି.

ମାର୍ଗଧେନୁ, ବି. ପୁଂ ଯୋଜନ ପରିମାଣ, ଚାରି କ୍ରୋଶ ।

ମାର୍ଗବିଦ୍ୟା, ବି. ସ୍ତ୍ରୀ. ସଙ୍ଗୀତବିଦ୍ୟା, ପଥନିର୍ମାଣାଦି ଅର୍କିଟେକ ବିଦ୍ୟା ।

ମାର୍ଗଶିର, ମାର୍ଗଶୀର୍ଷ } ବି. ପୁଂ. (ମାର୍ଗଶିରା, ମାର୍ଗଶୀର୍ଷୀ-ଅ) ଅଗ୍ରହାୟଣ ମାସ, ପ୍ରଥମ ମାସ ।

ମାର୍ଗିକ, ବିଂ. (ମୃଗ-ଇକ) ମୃଗହତ୍ୟାକାରୀ, (ମାର୍ଗ-ଇକ) ପଥିକ, ପାନ୍ଥ ।

ମାର୍ଗିତ, ବିଂ. (ମାର୍ଗ-ତ) ଅନ୍ୱିଷ୍ଟ, ଗବେଷିତ, ଅନ୍ୱେଷିତ, ଯାହା ଅନୁସନ୍ଧାନ କରାଯାଇଅଛି ।

ମାର୍ଗ୍ୟ, ବି° (ମୃଜ୍-ଯ; ମାର୍ଜନୀୟ । ( ମାର୍ଗ୍-ଯ ) ଅନ୍ୱେଷଣୀୟ, ଗବେଷଣୀୟ ।

ମାର୍ଜ୍ଜ, ବି. ପୁ°. ( ମୃଜ୍-ଅ ) ମାର୍ଜ୍ଜନ, ରଜକ, ଧୋବା, ବିଷ୍ଣୁ ।

ମାର୍ଜ୍ଜନ, ବି. କ୍ଳୀ. ( ମୃଜ୍-ଅନ ) ପରିଷ୍କରଣ, ପ୍ରକ୍ଷାଳନ, ମାଜିବା, ପୋଛିବା, ଦୋଷକ୍ଷାଳନ, ଧ୍ୱନି ।

ମାର୍ଜ୍ଜନୀ, ବି. ସ୍ତ୍ରୀ. (ମୃଜ୍-ଅନ-ଈ) ବୁହୁ, ଝାଡ଼ୁଣୀ ।

ମାର୍ଜ୍ଜନୀୟ, ବି°. (ମୃଜ୍-ଅନୀୟ) ମାର୍ଜ୍ଜନର ଯୋଗ୍ୟ ।

ମାର୍ଜ୍ଜାର, ବି. ପୁ°. (ମୃଜ୍-ଆର) ବିଲେଇ, ରକ୍ତଚିତ୍ରକ ।

ମାର୍ଜ୍ଜାରକ, ମାର୍ଜ୍ଜାରକଣ୍ଠ } ବି. ପୁ°. ମୟୂର, ଶିଖୀ ।

ମାର୍ଜ୍ଜାରକର୍ଣ୍ଣୀ, ମାର୍ଜ୍ଜାରକର୍ଣ୍ଣିକା } ବି. ସ୍ତ୍ରୀ. (ମାର୍ଜାର କର୍ଣ୍ଣ-ଈ, କ-ଆ) ଦେବୀବିଶେଷ, ଚାମୁଣ୍ଡାଦେବୀ ।

ମାର୍ଜ୍ଜାରୀୟ, ବି. ପୁ°. (ମାର୍ଜାର-ଈୟ) ବିଲେଇ, ଶୂଦ୍ର, କାୟଶୋଧନ, ଶରୀରପରିଷ୍କରଣ ।

ମାର୍ଜ୍ଜିତ, ବି°. (ମୃଜ୍-ତ) ପ୍ରକ୍ଷାଳିତ, ପରିଷ୍କୃତ, ମଜା, ନିର୍ଦ୍ଦୋଷୀକୃତ ।

ମାର୍ତ୍ତଣ୍ଡ, ବି. ପୁ°. ( ମୃତଣ୍ଡ-ଅ ) ସୂର୍ଯ୍ୟ, ଶୂକର, ଅର୍କବୃକ୍ଷ ।

ମାର୍ତ୍ତିକ, ବି°. (ମୃତ୍ତିକା-ଅ) ମୃତ୍ତିକାନିର୍ମିତ । ବି. ପୁ°. ଶରାବ, ଶରା ।

ମାର୍ଦ୍ଦଙ୍ଗ, ବି. କ୍ଳୀ. (ମୃଦଙ୍ଗ-ଅ) ପତ୍ତନ, ନଗର, ସହର । ବି°. ମୃଦଙ୍ଗବାଦକ ।

ମାର୍ଦ୍ଦଙ୍ଗିକ, ବି° (ମୃଦଙ୍ଗ-ଇକ) ମୃଦଙ୍ଗବାଦକ ।

ମାର୍ଦ୍ଦବ, ବି. କ୍ଳୀ. (ମୃଦୁ-ଅ) ପରର ଦୁଃଖ ଦେଖି ଯାହାର ମାନସିକ ପୀଡ଼ା ଜନ୍ମେ, ମୃଦୁତ୍ୱ, କୋମଳତ୍ୱ । ପୁ°. ବର୍ଣ୍ଣସଙ୍କର ଜାତିବିଶେଷ ।

ମାର୍ଷ, ବି. ପୁ°. (ମୃଷ୍-ଅ) ମାରିଷ, ମାନ୍ୟବ୍ୟକ୍ତି ।

ମାଲ, ବି. ପୁ°. ( ମା ଲା ଅ ) ବିଷ୍ଣୁ, ମନୁଷ୍ୟ, ଅସଭ୍ୟଜାତିବିଶେଷ, ମେଦିନୀପୁର ପ୍ରଦେଶର ମାଲଭୂମି । ପୁ°. କ୍ଳୀ. ଉନ୍ନତକ୍ଷେତ୍ର । କ୍ଳୀ. କାପଟ୍ୟ, ଛଳନା, ବନ, ସମୃଦ୍ଧ । ଯଥା—

ବୀରକାମଣ୍ଡଳେ ଯେତେ ବୀରପଣ୍ଡି,
ପୁଣମାନେ ଯହିଁ ଜଡ଼େ ନାଗବଲ୍ଲୀ । ନ. କେ.

ମାଲ, ବି. (ଦେଶଜ) ଧନ, ପଣ୍ୟଦ୍ରବ୍ୟ । ( ମଲ୍ଲଶବ୍ଦଜ) ବୀର, ବାହୁଯୋଦ୍ଧା ।

ମାଲକ, ବି. ପୁ°. (ମାଲା-କ) ନିମ୍ବବୃକ୍ଷ, ନିମଗଛ । କ୍ଳୀ. ସ୍ଥଳପଦ୍ମ, ନାରିକେଳର ମାଳ ।

ମାଲଖାନା, ବି. (ଯାବନିକ) ଖଜଣାଖାନା ।

ମାଲଗୁଜାରି, ବି. (ଯାବନିକ) ଖଜଣା, ସର୍ବ୍ବସ୍ୱ, କର ।

ମାଲତୀ, ବି. ସ୍ତ୍ରୀ.(ମାଲ-ଅତ୍-ଅ-ଈ) ମାଲତୀପୁଷ୍ପ, ଜାତିଲତା, ଛନ୍ଦୋବିଶେଷ, ନଦୀବିଶେଷ, ଚନ୍ଦ୍ରିକା, ଯୁବତୀ, ନିଶା, ରାତ୍ରି ।

ମାଲତୀମାଧବ, ବି. ପୁ° ଭବଭୂତିପ୍ରଣୀତ ନାଟକବିଶେଷ ।

ମାଲପା, ବି. (ଦେଶଜ) ଟୈଲ, ତେଲ, ମଥାଦହି ।

ମାଲପାପଢ଼, ବି. (ଦେଶଜ) ତେଲଭାଣ୍ଡ ।

ମାଲୟ, ବି. ପୁ°. (ମଲୟ-ଅ) ଚନ୍ଦନବୃକ୍ଷ । ବି°. ମଲୟସମ୍ବନ୍ଧୀୟ, ଦେଶବିଶେଷ ।

ମାଲବ, ବି. (ମାଲ-ବା-ଅ) ରାଗବିଶେଷ, ଅବନ୍ତୀଦେଶ । ଯଥା—

ମାଲବେ ତୁମର ରଭୁ ଲୋକନ କର,
ଏକାଲେ ବିଦେଶ ତ ଲୋକ ନ କର । ପ୍ରେ. ସୁ.

ମାଲସ, ବି. (ଯାବନିକ) ଘର୍ଷଣ, ଲେପନ ।

ମାଲା, ମାଲିକା } ବି. ସ୍ତ୍ରୀ. ( ମା-ଲା-ଅ, ଆ, କ ଯୋଗରେ ମାଲିକା ) ଶ୍ରେଣୀ, ଧାଡ଼ି । ଯଥା —

ତଳକା ଲହରୀ-ମାଳିକା ଭେଦ କିସ ଉଦ୍ଧତ ।

ମାଲ୍ୟ, ସମୂହ, ଛନ୍ଦୋବିଶେଷ ।

ମାଲାକାର, ବି ପୁ°. (ମାଲା-କାର) ଜାତିବିଶେଷ, ମାଲୀ । ବି°. ମଲ୍ଲିକାମାଳିକାକାର୍ଯ୍ୟ ।

ମାଲି, ବି. ପୁ°. ରାକ୍ଷସବିଶେଷ, ସୁକେଶ ରାକ୍ଷସ ପୁତ୍ର ।

ମାଳିକ, ବି. ପୁଂ. ପ୍ରଭୁ, ସ୍ୱାମୀ, ମାଳାକାରଜାତି, ମାଳି, ରଜକ, ପକ୍ଷିବିଶେଷ । ବିଂ.ମାଲ୍ୟକାର ।

ମାଲ୍‌କାନା, ବିଂ. ( ଯାବନିକ ) କର୍ତ୍ତୃତ୍ୱ ଧନ ବିଶେଷ ।

ମାଳିନୀ, ବି. ସ୍ତ୍ରୀ. ଦୁର୍ଗା, ମନ୍ଦାକିନୀ, ସ୍ୱର୍ଗଗଙ୍ଗା, ନଦୀବିଶେଷ, ଚମ୍ପାନଗରୀ, ମାଳାକାରପତ୍ନୀ, ଛନ୍ଦୋବିଶେଷ, ମାତୃକାଭେଦ, ଅଗ୍ନିଶିଖା-ବୃକ୍ଷ ।

ମାଳିନ୍ୟ, ବି. ନ. ( ମଳିନ-ଯ ) ମଳିନତା, ମଇଳା ।

ମାଳୀ, ବି. ପୁଂ. (ମାଳା-ଇନ୍) ମାଳାକାର, ପୁଷ୍ପ-ଜୀବ, କଣ୍ଠାଭରଣବିଶେଷ । ଯଥା—

କଣ୍ଠେ ସୁନାକଣ୍ଠି ମାଳୀ, ପ୍ରବାଳେ ହୋଇଛି ଝଳ ଯେ ।

ବିଂ. ମାଲ୍ୟଯୁକ୍ତ, ମାଲ୍ୟକାର ।

ମାଳୁଆ, ବି.(ଦେଶଜ) କଙ୍କଜାତି । ମାଲପ୍ରଦେଶ ସମ୍ବନ୍ଧୀୟ ।

ମାଳୁଣୀ, ବି. ସ୍ତ୍ରୀ· ମାଳାକାର ସ୍ତ୍ରୀ ।

ମାଲୁମ ବି. (ଯାବନିକ) ଗୋଚର,ଜଣା, ଜ୍ଞାତ ।

ମାଲୂର, ବି. ପୁଂ. ( ମାଳା-ଊର ) ବିଲ୍ୱବୃକ୍ଷ, କପିତ୍ଥଗଛ । ନ. ଶ୍ରୀଫଳ ।

ମାଲେୟ, ବିଂ. (ମାଳା-ଏୟ) ମାଳାସମ୍ବନ୍ଧୀୟ ।

ମାଲୋପମା,ବି. ସ୍ତ୍ରୀ.(ମାଳା-ଉପମା) ଯେଉଁଠାରେ ଏକ ଉପମେୟର ବହୁତ ଉପମାନ ଦେଖା-ଯାଏ ।

ମାଲ୍ୟ,ବି. ନ.(ମାଳା-ଯ) ପୁଷ୍ପ, ଫୁଲମାଳ, ମାଳା, ଶିରୋମାଳା ।

ମାଲ୍ୟବାନ୍, ବି. ପୁଂ. ( ମାଲ୍ୟ-ବତ୍ ) ପର୍ବତ-ବିଶେଷ, ରାକ୍ଷସବିଶେଷ । ବିଂ. ମାଳାବିଶିଷ୍ଟ, ହାରଯୁକ୍ତ ।

ମାଶୁଲ, ବି. (ଆରବୀ ମହସୂଲ ଶବ୍ଦଜ) କୌଣସି ଘାଟି ବା ଦ୍ରବ୍ୟାଦିର ବହନ ନିମିତ୍ତ ଯେ ଶୁଳ୍କ ଦିଆଯାଏ ।

ମାଷ, ବି. (ମଷ୍-ଅ) ବିରି, ବ୍ରୀହି । ମସାପରିମାଣ-ବିଶେଷ ।

ମାଷ୍ଟର୍, ବି. (ଇଂ. Master ) ଅଧ୍ୟକ୍ଷ,ପ୍ରଭୁ, ଶିକ୍ଷକ ।

ମାସ୍, ବି. ପୁଂ. (ମା-ଅସ୍-୦) ଚନ୍ଦ୍ର, ମାସ ।

ମାସ, ବି. ପୁଂ. ( ମାସ୍-ଅ ) ଶୁକ୍ଳ କୃଷ୍ଣ ଉଭୟ ପକ୍ଷାତ୍ମକ କାଳ, ବୈଶାଖାଦି ଦ୍ୱାଦଶ, ବିରି. ମସ ପରିମାଣ ।

ମାସବୃଦ୍ଧି, ବି. ସ୍ତ୍ରୀ. ( ମାସ ବୃଦ୍ଧି ) ଅଧିମାସ, ମଳ ମାସ ।

ମାସମାନ, ବି. ପୁଂ. (ମାସ-ମାନ) ସମ୍ବତ୍ସର, ବର୍ଷ ।

ମାସାନ୍ତ, ବି. ପୁଂ (ମାସ-ଅନ୍ତ) ସଂକ୍ରାନ୍ତିର ପୂର୍ବ ଦିବସ ।

ମାସୁଲ, ବି. (ଯାବନିକ) ରାଜସ୍ୱ, କର, ଶୁଳ୍କ ।

ମାସ୍ତୁଲ, ବି. ଜାହାଜର ଉପରସ୍ଥ ଉଚ୍ଚସ୍ତମ୍ଭ ।

ମାହାତ୍ମ୍ୟ, ବି. ନ. ( ମହାତ୍ମନ୍-ଯ ) ପ୍ରଭାବ, ଗୌରବ, କ୍ଷମତା, କୀର୍ତ୍ତି ।

ମାହାର, ବି. ମେହେନ୍ତର, ହାଡ଼ି ।

ମାହାର୍, ବି. ଗୋହିରି, ପାଣିନାଳ ।

ମାହାରୀ, ବି. ଦେବତା ସ୍ଥାନର ନର୍ତ୍ତକୀବିଶେଷ, ବେଶ୍ୟା ।

ମାହାଲ, ବି. (ଦେଶଜ) ବୃକ୍ଷବିଶେଷ ।

ମାହାଲଆ, ବିଂ. ଅକାରଣ, ବୃଥା, ମିଥ୍ୟା ।

ମାହିଷିକ, ବି. ପୁଂ. ( ମହିଷୀ-ଇକ) ମହିଷୀପତି, ବ୍ୟଭିଚାରିଣୀର ସ୍ୱାମୀ ।

ମାହିଷ୍ମତୀ, ବି. ସ୍ତ୍ରୀ. ଶିଶୁପାଳ ପୁରୀ, ନର୍ମଦା ନଦୀ-ତୀରସ୍ଥ ନଗରବିଶେଷ ।

ମାହିଷ୍ୟ, ବି. ପୁଂ. (ମହିଷୀ-ଯ) ବୈଶ୍ୟା ଗର୍ଭରେ କ୍ଷତ୍ରିୟଔରସଜାତ ଜାତି ।

ମାହୁନ୍ତ ବି.ପୁଂ. (ମହାମାତ୍ର ଶବ୍ଦଜ) ହସ୍ତିଚାଳକ । ଯଥା:—

ମାତଙ୍ଗେ ମାହୁନ୍ତ ପଡ଼େ ଭୁଜଙ୍ଗେ ଗରୁଡ଼ । ବି. ବି.

ମାହେନ୍ଦ୍ର, ବି. ପୁଂ. (ମହେନ୍ଦ୍ର-ଅ) ଶୁଭଯୋଗ । ସ୍ତ୍ରୀ. ଇନ୍ଦ୍ରାଣୀ । ବିଂ. ଇନ୍ଦ୍ରସମ୍ବନ୍ଧୀୟ ।

ମାହେଶ୍ୱର, ବି ପୁଂ. (ମହେଶ୍ୱର-ଅ) ଶୈବୋ-ପାସକ । ରୀ, ସ୍ତ୍ରୀ. ଦୁର୍ଗା ।

ମିଛ, ବି.ନ. (ମିଥ୍ୟା ଶବ୍ଦଜ) ଅସତ୍ୟ, ଅନୃତ । ଯଥା—

ଧନ ଦେଖିଲୁଁ କହୁ ନାହୁଁ ତ ସ୍ୱଚ୍ଛେ,
ପରଧନସଙ୍ଗୀ କହୁଥାଉ କି ମିଛେ ।

ମିଛୁଆ, ବିଂ. ( ମିଥ୍ୟା ଶବ୍ଦଜ ) ମିଥ୍ୟାବାଦୀ, ଅସତ୍ୟବାଦୀ ।

ମିଜାଜ୍, ବି. ( ଯାବନିକ ) ସ୍ୱଭାବ, ପ୍ରକୃତି, ସାମୟିକ ପ୍ରବୃତ୍ତି ।

ମିଞ୍ଜିମିଞ୍ଜି, କ୍ରି.ବିଂ. (ଦେଶଜ) ଈଷତ୍, ଅଳ୍ପ, କ୍ଷୀଣଭାବରେ । ଯଥା—

ଦୀପ ମିଞ୍ଜି ମିଞ୍ଜି ଜଳୁଅଛି ।

ମିଟାଇବା, କ୍ରି. ବି. (ଦେଶଜ) ନିଷ୍ପାଦନ । କ୍ରି. ଦୂର କରିବା । ଯଥା—

ତୁଣ୍ଡରେ ମିଟାଇ ଶ୍ରମ ଚଳୁଥିଲେ ।

ମିଟିକା, ବି. (ଦେଶଜ) ଚକ୍ଷୁର ସଙ୍କେତବିଶେଷ । ଅଙ୍ଗୁଠି ଫୁଟାଇବା ।

ମିଟିମିଟି, ବି. ( ଦେଶଜ ) ନେତ୍ର ବିକାରବିଶେଷ ।

ମିଠା, ବି. ( ମିଷ୍ଟ ଶବ୍ଦଜ ) ମିଷ୍ଟ, ସୁସ୍ୱାଦୁ, ମଧୁର ସୁରସ ।

ମିଠାଇ, ବି ( ମିଷ୍ଟାନ୍ନ ଶବ୍ଦଜ ) ମିଷ୍ଟାନ୍ନ, ମିଷ୍ଟଦ୍ରବ୍ୟ ।

ମିଣିପ, ବି. (ଦେଶଜ) ପୁରୁଷ ।

ମିତ, ବିଂ. ( ମା-ତ ) ଅଳ୍ପ, ପରିଚ୍ଛିନ୍ନ, ପରିମିତ, ଜ୍ଞାତ, ଅନୁମିତ, ସଞ୍ଚିତ, କ୍ଷେପିତ, ନିକ୍ଷିପ୍ତ । ( ଦେଶଜ ମିତ୍ର ଶବ୍ଦଜ ) ମିତ୍ର । ସ୍ତ୍ରୀ- ମିତଣୀ ।

ମିତଭାଷୀ, ବିଂ. (ମିତ-ଭାଷୀ) ଯେଉଁ ବ୍ୟକ୍ତି ଅଳ୍ପ କଥା କହନ୍ତି ।

ମିତବ୍ୟୟୀ, ବିଂ. ( ମିତ ବ୍ୟୟିନ୍ ) ଅଳ୍ପବ୍ୟୟୀ, ଯେ ପରିମିତରୂପେ ବ୍ୟୟ କରେ ।

ମିତାର୍ଥ, ବି. ପୁଂ. (ମିତ-ଅର୍ଥ) ପରିମିତଭାଷୀ, କାର୍ଯ୍ୟନିର୍ବାହକ ଦୂତ ।

ମିତାଶନ, ବିଂ. (ମିତ-ଅଶନ) ପରିମିତଭୋଜୀ ।

ମିତାକ୍ଷରା, ବି ସ୍ତ୍ରୀ. ସ୍ୱନାମଖ୍ୟାତ ସ୍ମୃତିଗ୍ରନ୍ଥବିଶେଷ ।

ମିତି, ବି. ସ୍ତ୍ରୀ. ( ମା-ତି ) ପରିମାଣ, ଜ୍ଞାନ, ଅବଚ୍ଛେଦ, ପରିଚ୍ଛେଦ । ( ମି=କ୍ଷେପଣ କରିବା-ତି) କ୍ଷେପଣ ।

ମିତ୍ର, ବି. ନ. ( ମିଦ୍-ତ୍ର ) ବନ୍ଧୁ, ସଖା, ସୁହୃଦ୍ । ( ମି=କ୍ଷେପଣ କରିବା-ତ୍ର ) ବି. ପୁଂ. ସୂର୍ଯ୍ୟ । ବିଂ. ସ୍ନିଗ୍ଧ ।

ମିତ୍ରତା, ସ୍ତ୍ରୀ. } ବି. (ମିତ୍ର-ତା, ତ୍ୱ) ସୌହାର୍ଦ୍ଦ,
ମିତ୍ରତ୍ୱ, ନ. } ବନ୍ଧୁତ୍ୱ, ସନ୍ଧି ।

ମିତ୍ରାକ୍ଷର, ବି. ପଦ୍ୟରେ ପ୍ରତ୍ୟେକ ଚରଣର ଯେଉଁ ସାମଞ୍ଜସ୍ୟ ଥାଏ ।

ମିଥଃ, ଅଂ ( ମିଥସ୍, ମିଥ-ଅସ୍ ) ଅନ୍ୟୋନ୍ୟ, ପରସ୍ପର, ଗୋପନରେ ।

ମିଥି, ବି. ପୁଂ. ନିମିରାଜପୁତ୍ର, ଜନକରାଜ ।

ମିଥିଳା, ବି. ସ୍ତ୍ରୀ. (ମିଥ-ଇଲ-ଆ) ଜନକ ରାଜାଙ୍କ ପୁରୀ, ତିର୍ହୁତ ।

ମିଥୁନ, ବି. ନ. (ମିଥ-ଉନ) ସ୍ତ୍ରୀ ପୁରୁଷ ଯୁଗଳ, ଯୁଗଳ, ତୃତୀୟରାଶି, ସ୍ତ୍ରୀ ସଂସର୍ଗ, ମିଳନ, ସଂଯୋଗ ।

ମିଥ୍ୟା, ଅଂ (ମିଥ-ଯ-ଆ) ଅସତ୍ୟ, ଅନୃତ, ମିଛ, ବୃଥା, ନିରର୍ଥକ, କାଳ୍ପନିକ ।

ମିଥ୍ୟାଦୃଷ୍ଟି, ବି. ସ୍ତ୍ରୀ. ( ମିଥ୍ୟା-ଦୃଷ୍ଟି ) ଯଜ୍ଞାଦି ସତ୍କର୍ମାନୁଷ୍ଠାନଜନିତ ସୁଖଭୋଗ, ଅସ୍ୱୀକରଣ, ନାସ୍ତିକତା, ଅସତ୍ୟ ଦର୍ଶନ ।

ମିଥ୍ୟାବାଦୀ, ବିଂ. ( ମିଥ୍ୟା-ବାଦ୍-ଇନ୍ ) ଯେ ବାରମ୍ବାର ମିଥ୍ୟା କହେ ।

ମିନତି, ବିଂ. ବିନତି, ବିନୟବଚନ । ଯଥା—

ବୃଥା ହେଲା ଏବେ ମିନତି ଏବେ ଗୃଷ୍ଟବଚନ ।

ମିନା } ବି. ( ଦେଶଜ ) ଅଳଙ୍କାର ଉପରେ
ମୀନା } ଜଡ଼ାଉ କାମ, ସୂକ୍ଷ୍ମ କାରୁକାର୍ଯ୍ୟ । ଯଥା—

ସୁନା ଲଉକାରେ ମୀନା ପର କଳା ଝିନା ଶାଢ଼ୀ ଯେବେ ପିନ୍ଧି,
କଳାହୁକ ମଣି ମାଳ କୁନ୍ତଳରେ କଳାପ କମର ବାନ୍ଧି ।

ସଙ୍ଗୀତ କଳ୍ପଲତା ।

ମିମନ୍ଥିଷା, ବ. ସ୍ତ୍ରୀ. (ମନ୍ଥ-ସନ୍-ଅ) ମନ୍ଥନ କରବା-ପାଇଁ ଇଚ୍ଛା, ହନନେଚ୍ଛା ।

ମିମେଷା, ବ. ସ୍ତ୍ରୀ. (ମିହ-ସନ୍-ଅ) ପ୍ରସ୍ରାବକରଣେଚ୍ଛା, ମୂତ୍ରତ୍ୟାଗେଚ୍ଛା ।

ମିଳନ, ବ. ନ. (ମିଲ୍-ଅନ) ମିଶ୍ରଣ, ସଂଯୋଗ, ଐକ୍ୟ, ସିଦ୍ଧିକରଣ, ସ୍ପର୍ଶନ, ଘଟନ, ସାଦୃଶ୍ୟ, ଔପମ୍ୟ, ମିଳାକ୍ଷର, ସକ୍ଷାତ୍ ।

ମିଳା, ବଂ. ( ମିଲ ଧାତୁଜ ) ମିଶ୍ରିତ, ସଡ଼ା ବା ପଗ୍ ।

ମିଳାଇବା, କ୍ରି. ମିଶାଇବା, ଯୋଡ଼ିବା, ଦ୍ରବୀଭୂତ ହେବା ।

ମିଳିତ, ବଂ. (ମିଲ୍-ତ) ଏକତ୍ରୀକୃତ, ସଂଯୁକ୍ତ, ମିଶ୍ରିତ, ସମ୍ବନ୍ଧବିଶିଷ୍ଟ, ପ୍ରାପ୍ତ ।

ମିଳନ୍ଦ, ବ. ପୁଂ. ଭ୍ରମର । ଯଥା—

ପଦ୍ମାକରୁଁ ଉଡ଼ି ମିଳନ୍ଦେ ଯେସନେ ମୁକୁଳିତ ଚୂତଶାଖେ ।
ଯ. କେ.

ମିଳମିଳା, ବ ରୋଗବିଶେଷ ।

ମିଶାଇବା, କ୍ରି, ( ମିଶ ଧାତୁଜ ) ଯୋଗ କରିବା, ମିଳାଇବା ।

ମିଶାଣ, ବ. ( ମିଶ ଶବ୍ଦଜ ) ମିଳନ, ଏକତ୍ରୀ-କରଣ, ଯୋଗ ।

ମିଶିବା, କ୍ରି. ( ମିଶ ଶବ୍ଦଜ ) ଏକତ୍ର ହେବା ଜଡ଼ିବା, ଯୁକ୍ତ ହେବା ।

ମିଶିରି, ବ. ଏକପ୍ରକାର ମିଷ୍ଟଦ୍ରବ୍ୟ ।

ମିଶ୍ର, ବଂ. ( ମିଶ୍ର୍-ଅ ) ମିଳିତ, ସଂଯୁକ୍ତ, ଉପାଧିବିଶେଷ, ଗଜଜାତିବିଶେଷ, ମାନ୍ୟ, ପୂଜ୍ୟ ।

ମିଶ୍ରକ, ବ. ନ. ( ମିଶ୍ର-କ ) ଦେବୋଦ୍ୟାନ, ଦେବତାମାନଙ୍କର ଉପବନ, ସଙ୍ଗୀତବିଶେଷ । ବଂ. ମିଶ୍ରକାରୀ ।

ମିଶ୍ରକବନ, ବ. ନ ( ମିଶ୍ରକ ବନ ) ଇନ୍ଦ୍ରଙ୍କ ଉପବନ, ନନ୍ଦନକାନନ ।

ମିଶ୍ରଣ, ବ. ନ. ( ମିଶ୍ର-ଅନ ) ମିଳନ, ଯୋଗ, ଐକ୍ୟ, ମିଶାଣ, ସଙ୍କଳନ ।

ମିଶ୍ରିତ, ବଂ ( ମିଶ୍ର୍-ତ ) ମିଳିତ, ଯୁକ୍ତ, ଏକୀଭୂତ ।

ମିଶ୍ରେୟା, ବ. ସ୍ତ୍ରୀ. ( ମିଶ୍ର-ଇ-ଯ ଅ )ମଧୁରିକା, ଶତପୁଷ୍ପା ।

ମିଷ, ବ. ନ. ( ମିଷ୍-ଅ ) ଛଳ, କପଟତା, ଈର୍ଷା, ଦର୍ଶନ । ପୁଂ. ସ୍ପର୍ଶନ, ପ୍ରତିଯୋଗିତା, ସେଚନ ।

ମିଷ୍ଟ, ବଂ. (ମିଷ୍-ତ) ମଧୁର, ସୁସ୍ୱାଦୁ, ସୁମଧୁର, ସିକ୍ତ, ସ୍ପର୍ଦ୍ଧାଯୁକ୍ତ, ସମସ୍ୱୋଚିତ । ବ. ପୁଂ. ମଧୁରରସ । ନ. ମିଷ୍ଟାନ୍ନ ।

ମିଷ୍ଟତା, ବ. ସ୍ତ୍ରୀ. ( ମିଷ୍ଟ-ତା ) ମାଧୁର୍ଯ୍ୟ, ମଧୁରତା ।

ମିଷ୍ଟାନ୍ନ, ବ. ନ. ( ମିଷ୍ଟ-ଅନ୍ନ ) ମଧୁର ଦ୍ରବ୍ୟ, ସୁସ୍ୱାଦୁ ବସ୍ତୁ, ମିଠେଇ ।

ମିସଲ, ବ. (ଯାବନିକ) ରାଜଦରବାର ।

ମିସି / ମିଶି / ମିଷି ) ବ. ସ୍ତ୍ରୀ. ( ମସ=ପରିମାଣ କରିବା-ଇ, ଅ=ଇ) ଜଟାମାଂସୀ, ନାଗଶ୍ରେଷ୍ଠ, ଶତପୁଷ୍ପା । (ଦେଶଜ) ଦାନ୍ତରେ ଘଷିବା ଚୂର୍ଣ୍ଣବିଶେଷ । ଯଥା—

ମିସି ଘଷିଥିବା ବଦିଗ୍ମା ଯେସନ,
କରୁଥାଏ ଦନ୍ତ୍ୟବର୍ଣ୍ଣ ଉଚ୍ଚାରଣ । ଦରବାର ।

ମିହି, ବଂ. (ଦେଶଜ) ସରୁ, ସୂକ୍ଷ୍ମ, ପାତଳ ।

ମିହିକା, ବ. ସ୍ତ୍ରୀ. (ମିହ-ଅକ୍-ଅ) ନୀହାର, ହିମ, ତୁଷାର ।

ମିହିର, ବ. ପୁଂ. (ମିହ୍-ଇର) ସୂର୍ଯ୍ୟ, ଅର୍କବୃକ୍ଷ, ମେଘ, ବାୟୁ, ଚନ୍ଦ୍ର, ମୁନିବିଶେଷ, ବରରୁଚି-ପୁତ୍ର, ବିକ୍ରମାଦିତ୍ୟଙ୍କ ନବରତ୍ନାନ୍ତର୍ଗତ ରତ୍ନ-ବିଶେଷ, ବରାହମିହିର ।

ମୀନ, ବ. ପୁଂ. ( ମୀ-ନ ) ମତ୍ସ୍ୟ, ରାଶିବିଶେଷ, ବିଷ୍ଣୁଙ୍କ ଅବତାରବିଶେଷ ।

ମୀନକେତନ, ବ. ପୁଂ. (ମୀନ-କେତନ) ସମୁଦ୍ର, କନ୍ଦର୍ପ, ଯେଉଁ ପତାକାରେ ମୀନଚିହ୍ନ ଥାଏ ।

ମୀନଘାତୀ, ବ. ପୁଂ. (ମୀନ-ହନ୍-ଇନ୍)ବକପକ୍ଷୀ । ବଂ. ମତ୍ସ୍ୟଘାତକ ।

ମୀନଧ୍ୱଜ, ବି. ପୁଂ. ( ମୀନ-ଧ୍ୱଜ ) କନ୍ଦର୍ପ, ସମୁଦ୍ର ।

ମୀନାକ୍ଷୀ, ବି. ସ୍ତ୍ରୀ.(ମୀନ-ଅକ୍ଷି) କୁବେରଙ୍କ କନ୍ୟା, ଗଣ୍ଡଦୂର୍ବା, ମତ୍ସ୍ୟାକ୍ଷୀ ।

ମୀନଘାତୀ, ବି. ପୁଂ. ବକପକ୍ଷୀ, ଜାଲିଆ ।

ମୀନାଳୟ, ବି. ପୁଂ. ( ମୀନ-ଆଳୟ ) ସମୁଦ୍ର, ଜଳାଶୟ ।

ମୀମାଂସକ, ବି. ପୁଂ. (ମାନ୍-ସନ୍-ଅକ)ମୀମାଂସା-ଶାସ୍ତ୍ରବେତ୍ତା । ବିଂ. ନିଷ୍ପତ୍ତିକାରୀ ।

ମୀମାଂସା, ବି. ସ୍ତ୍ରୀ. ( ମାନ୍-ସନ୍-ଅ-ଆ ) ଷଡ଼୍-ଦର୍ଶନର ଅନ୍ତର୍ଗତ ଜୈମିନି ମୁନିପ୍ରଣୀତ ଦର୍ଶନଶାସ୍ତ୍ର,ବେଦାନ୍ତ ଶାସ୍ତ୍ର, ସିଦ୍ଧାନ୍ତ, ନିଷ୍ପତ୍ତି, ପୂର୍ବାପର ବିରୋଧ ପରିହାର ।

ମୀୟାଦ, ବି. ( ଯାବନିକ) କାର୍ଯ୍ୟ ନିରୂପିତ ଦିନ, କଏଦ ।

ମୀଲନ, ବି.ନ. (ମୀଲ୍-ଅନ)ଚକ୍ଷୁମୁଦ୍ରଣ କରିବା, ବୁଜିବା, ସଙ୍କୋଚନ ।

ମୀଲିତ, ବିଂ. ( ମୀଲ୍-ତ ) ଅପ୍ରଫୁଲ୍ଲ, ମୁଦ୍ରିତ, ଅବିକସିତ, ସଙ୍କୁଚିତ ।

ମୀବର, ବିଂ. ( ମୀ-ବର ) ହିଂସ୍ରକ, ପୂଜ୍ୟ, ସେନାନୀ ।

ମୁଁ, ସ. (ଅସ୍ମଦ୍ ଶବ୍ଦଜ) ଆମ୍ଭେ, ମୁହିଁ ।

ମୁଁଆ, ବି. ଖଇ କିମ୍ବା ମୁଢ଼ିର ଲଡ଼ୁବିଶେଷ ।

ମୂକ, ବି. ଜଡ଼, ନିର୍ବୋଧ ।

ମୁକା, ବି. (ଦେଶଜ) ଥର, ଦଫା, ବିଭାଗ ।

ମୁକାବିଲା, ବି. (ଯାବନିକ) ଦେଖା, ସାକ୍ଷାତ୍କାର ।

ମୁକାମ୍, ବି. (ଯାବନିକ) ସ୍ଥାନ, ଆସ୍ଥାନ ।

ମୁକୁଟ, ବି. ନ. (ମନ୍କ୍-ଉଟ) କିରୀଟ, ଶିରୋଭୂଷଣ ।

ମୁକୁଟିଆ, ବିଂ. ମୁକୁଟଧାରୀ । ଯଥା—

ଗୁର ହରଚରେ ଦେଇ, ଚଉଅଳି ବାନ୍ଧିଣ,
ଚୂଳ ମୁକୁଟିଆ ସଖାମାନେ । ବି, ଚ.

ମୁକୁତା, ବି. (ମୁକ୍ତା ଶବ୍ଦର ଅପଭ୍ରଂଶ)ମୌକ୍ତିକ ମୁକ୍ତା । ଯଥା—

ଧିକାର ମୁକୁତା ଶୁକ୍ତି ବିର୍ଣ୍ଣିଛି ଷ.
ଶଲ୍ଲାବୃତ ବପୁ ପ୍ରକଟେ ଭେଦନ୍ତି । ବି, ଚ.

ମୁକୁନ୍ଦ, ବି. ପୁଂ. ( ମୁକୁମ୍-ଦ ) ମୁକ୍ତିଦାତା, ବିଷ୍ଣୁ, କୁବେରଙ୍କ ନିଧିବିଶେଷ, ପାରଦ, ପାରା ।

ମୁକୁନ୍ଦକ, ବି. ପୁଂ. ପଲାଣ୍ଡୁ, ପିଆଜ ।

ମୁକୁର, ବି. ପୁଂ. (ମନ୍କ୍-ଉର) ଦର୍ପଣ, ଆର୍ଶି, ବକୁଳବୃକ୍ଷ, କୁମ୍ଭାରଦଣ୍ଡ, ମୁକୁଳ, ମଲ୍ଲିକା, ପୁଷ୍ପବୃକ୍ଷ, କୋଳିଗଛ ।

ମୁକୁଳ, ବି. ପୁଂ. ନ. (ମୁଚ୍-ଉଲ) କଳିକା, କଢ଼ି, ଶରୀର, ଆତ୍ମା ।

ମୁକୁଳା, ବିଂ. ( ମୁକୁଳିତ ଶବ୍ଦଜ ) ମେଲା, ଖୋଲା ।

ମୁକୁଳିତ, ବିଂ. (ମୁକୁଳ-ଇତ) କଳିକାସମ୍ପନ୍ନ, ମୁକୁଳଯୁକ୍ତ ମୁଦ୍ରିତ, ଅବିକାଶିତ, ଈଷତ୍-ବିକଶିତ ।

ମୁକ୍ତ, ବିଂ. ( ମୁଚ୍-ତ ) ମୋକ୍ଷପ୍ରାପ୍ତ, ବିସୃଷ୍ଟ, ତ୍ୟକ୍ତ, ନିର୍ମୁକ୍ତ, ଉଦ୍ଧୃତ, ବିରତ, ଅନାବୃତ ନିର୍ମଳ ।

ମୁକ୍ତକ, ବି. ନ. ( ମୁକ୍ତ-କ ) କ୍ଷେପଣୀୟ ଅସ୍ତ୍ରବିଶେଷ, ବର୍ଚ୍ଛା, ବଲମ ଇତ୍ୟାଦି ।

ମୁକ୍ତକଞ୍ଚୁକ, ବି. ପୁଂ. (ମୁକ୍ତ-କଞ୍ଚୁକ)ନିର୍ମୁକ୍ତ, କାତିଛଡ଼ା ସାପ ।

ମୁକ୍ତକଚ୍ଛ, ବି. ପୁଂ. ବୁଦ୍ଧମତାବଲମ୍ବୀ ।

ମୁକ୍ତକଣ୍ଠ, କ୍ରି. ବିଂ. ଉଚ୍ଚୈଃସ୍ୱରରେ, ଗଳା ଛାଡ଼ି ଦେଇ ।

ମୁକ୍ତଚକ୍ଷୁଃ, ବିଂ. ( ମୁକ୍ତ-ଚକ୍ଷୁସ୍ ) ଉନ୍ମୀଳିତ ନୟନ । ବି. ପୁଂ. ସିଂହ ।

ମୁକ୍ତସଙ୍ଗ, ବିଂ. (ମୁକ୍ତ-ସଙ୍ଗ) ବିଷୟାସକ୍ତିରହିତ, ବିଷୟସଙ୍ଗତ୍ୟାଗୀ । ବି. ପୁଂ. ପରିବ୍ରାଜକ ।

ମୁକ୍ତହସ୍ତ, ବିଂ. ( ମୁକ୍ତ-ହସ୍ତ ) ଦାନଶୀଳ, ବଦାନ୍ୟ ।

ମୁକ୍ତା, ବି. ସ୍ତ୍ରୀ. (ମୁକ୍ତ-ଆ) ମୌକ୍ତିକ, ମୋତି, ଗଣିକା, ବେଶ୍ୟା ।

ମୁକ୍ତାକଳାପ, ମୁକ୍ତାପ୍ରାଲମ୍ବ } ବି. ପୁଂ. ( ମୁକ୍ତା-କଳାପ, ପ୍ରାଲମ୍ବ) ମୁକ୍ତାମାଳା ।

ମୁକ୍ତାଗାର,ନ. ମୁକ୍ତାପ୍ରସୂ, ସ୍ତ୍ରୀ, } ବି. ( ମୁକ୍ତା-ଆଗାର, ପ୍ରସୂ ) ଯେଉଁ ଶୁକ୍ତିରୁ ମୁକ୍ତା ଜନ୍ମେ ।

ମୁକ୍ତାଫଳ, ବି. ନ. ( ମୁକ୍ତା-ଫଳ ) ମୌକ୍ତିକ, ମୁକ୍ତା, କର୍ପୂର ।

ମୁକ୍ତାର, ବିଂ. ( ଯାବନିକ ) ଅଭିଯୋକ୍ତା ବା ଅଭିଯୁକ୍ତଙ୍କ ପକ୍ଷ ସମର୍ଥନ ପାଇ ଯେଉଁମାନେ ରାଜକୀୟ ଆଦେଶ ପାଇଥାନ୍ତି ।

ମୁକ୍ତାଲତା, ମୁକ୍ତାବଳୀ } ବି. ସ୍ତ୍ରୀ. ( ମୁକ୍ତା-ଲତା, ଆବଳୀ ) ମୁକ୍ତାମାଳା, ମୁକ୍ତାହାର ।

ମୁକ୍ତାସ୍ଫୋଟ, ବି. ପୁଂ. (ମୁକ୍ତା-ସ୍ଫୁଟ୍-ଅ) ଶୁକ୍ତି, ଶାମୁକା ।

ମୁକ୍ତି, ବି. ସ୍ତ୍ରୀ. ( ମୁଚ୍-ତି ) ନିତ୍ୟସୁଖପ୍ରାପ୍ତି, ଅତ୍ୟନ୍ତ ଦୁଃଖନିବୃତ୍ତି, ଅପବର୍ଗ, ମୋଚନ, ପରିତ୍ରାଣ ।

ମୁକ୍ତିଦ, ବିଂ. (ମୁକ୍ତି-ଦା-ଅ ) ମୋକ୍ଷଦାତା । ବି. ପୁଂ. ବିଷ୍ଣୁ ।

ମୁକ୍ତିମଣ୍ଡପ, ବି.ପୁଂ. ମୁକ୍ତି-ମଣ୍ଡପ) ବିଶ୍ୱେଶ୍ୱରଙ୍କ ଦକ୍ଷିଣପାର୍ଶ୍ୱସ୍ଥ ମଣ୍ଡପ, ଜଗନ୍ନାଥ ମନ୍ଦିରର ଦକ୍ଷିଣପାର୍ଶ୍ୱସ୍ଥ ମଣ୍ଡପ ।

ମୁଖ, ବି. ନ. (ଖନ୍-ଅ) ଆନନ, ବଦନ, ଗୃହାଦିର ଦ୍ୱାର,ଆରମ୍ଭ, ଅଗ୍ରଭାଗ, ଉପାୟ, ଶବ୍ଦ ନାଟକାଦିର ସନ୍ଧିବିଶେଷ । ବିଂ. ଆଦ୍ୟ, ପ୍ରଧାନ ।

ମୁଖଗନ୍ଧକ, ମୁଖଦୂଷଣ, } ବି. ପୁଂ. (ମୁଖ-ଗନ୍ଧକ, ଦୂଷଣ) ପଲାଣ୍ଡୁ, ପିଆଜ ।

ମୁଖଘଣ୍ଟା, ବି. ସ୍ତ୍ରୀ. ବିବାହାଦି ମଙ୍ଗଳ ସମୟରେ ହୁଳହୁଳି ଧ୍ୱନି ।

ମୁଖଚୀରୀ, ବି. ସ୍ତ୍ରୀ. (ମୁଖ-ଚୀରୀ) ରସନା, ଜିହ୍ୱା ।

ମୁଖଜ, ବି ପୁଂ (ମୁଖ-ଜନ୍-ଅ) ବ୍ରାହ୍ମଣ, ବ୍ରହ୍ମାଙ୍କ ମୁଖଜାତ ବର୍ଣ୍ଣ, ଦନ୍ତ । ବିଂ. ବଦନୋଦ୍ଭୂତ ।

ମୁଖନିରୀକ୍ଷକ, ବିଂ. (ମୁଖ-ନିରୀକ୍ଷକ) ଅଳସବ୍ୟକ୍ତି ମୁଖଦର୍ଶୀ, ପକ୍ଷପାତ, ଅଯଥାର୍ଥଦର୍ଶୀ ।

ମୁଖବନ୍ଧ, ବି. ପୁଂ. କୌଣସି ଗ୍ରନ୍ଥ ବା ଗଳ୍ପ ରଚନାର ପ୍ରାରମ୍ଭରେ ପ୍ରକୃତ ବିଷୟ ଉଲ୍ଲେଖ କରିବା ପୂର୍ବରେ ସେଥିସମ୍ବନ୍ଧରେ ନାନା କଥା ପ୍ରସଙ୍ଗ, ପ୍ରସ୍ତାବନା ।

ମୁଖଭୂଷଣ, ବି. ନ. ( ମୁଖ-ଭୂଷଣ ) ତାମ୍ବୂଳ, ପାନ ।

ମୁଖଯନ୍ତ୍ରଣ, ବି. ନ. ( ମୁଖ-ଯନ୍ତ୍ରଣ ) କବିକା, ଲଗାମ ।

ମୁଖର, ବିଂ.(ମୁଖ-ର) ନିରନ୍ତରଭାଷୀ, ଅତିଶୟ ବକ୍ତା, ବାଚାଳ, ଅପ୍ରିୟଭାଷୀ, ଅଗ୍ରଭାଷୀ, ଯେ ଆଗେ କହେ,ଶବ୍ଦାୟମାନ । ବି ପୁଂ. କାକ, ଶଙ୍ଖ ।

ମୁଖରିତ, ବିଂ. ( ମୁଖର-ଇତ ) ଶବ୍ଦାୟମାନ ଧ୍ୱନିତ ।

ମୁଖଲାଙ୍ଗଳ, ବି. ପୁଂ. (ମୁଖ-ଲାଙ୍ଗଳ ) ବରାହ, ଶୂକର ।

ମୁଖବାସନ, ବି. ପୁଂ. ( ମୁଖ-ବାସନ ) ମୁଖର ସୁଗନ୍ଧକାରକ ଦ୍ରବ୍ୟ, କର୍ପୂରାଦି ।

ମୁଖଶାଳା, ବି. ମୁଖଶାଳୀ(ଦେଶଜ) } (ମୁଖ=ଆଦ୍ୟ-ଶାଳା=ଗୃହ) ପ୍ରଥମ ଗୃହ । ଦେବାଳୟ ପ୍ରଭୃତିର ସମ୍ମୁଖ ଗୃହ ।

ମୁଖସମ୍ଭବ, ବି. ପୁଂ. ( ମୁଖ-ସମ୍ଭବ ) ବ୍ରାହ୍ମଣ, ବ୍ରହ୍ମାଙ୍କ ମୁଖଜାତ ବର୍ଣ୍ଣ ।

ମୁଖସ୍ରାବ, ବି ପୁଂ. (ମୁଖ-ସ୍ରୁ-ଅ ଲାଳ, ଛେପ ।

ମୁଖା, ବି. (ମୁଖ ଶବ୍ଦଜ) କୃତ୍ରିମ ମୁଖ ।

ମୁଖାଗ୍ନି, ବି ପୁଂ. (ମୁଖ-ଅଗ୍ନି ) ଦାବାନଳ,ବ୍ରାହ୍ମଣ, ଶବମୁଖରେ ପ୍ରଦତ୍ତ ଅଗ୍ନି, ଶବାଗ୍ନି ।

ମୁଖାମୁଖି, (ଦେଶଜ) ଦେଖାଦେଖି, ପରସ୍ପର ସମ୍ମୁଖବର୍ତ୍ତୀ ହେବା ।

ମୁଖାସ୍ତ୍ର, ବି.ପୁଂ (ମୁଖ-ଅସ୍ତ୍ର) କର୍କଟ, କଙ୍କଡ଼ା ।

ମୁଖି, ବି. (ଦେଶଜ) ମୁହଁରେ ମାରିବା ଚୂନା ।

ମୁଖିଆ, ବି. (ମୁଖ ଶବ୍ଦଜ) ପ୍ରଧାନ, ଶ୍ରେଷ୍ଠ ।

ମୁଖୋଲ୍କା, ବି. ପୁଂ. (ମୁଖ ଉଲ୍କା) ଦାବାନଳ ।

ମୁଖ୍ୟ, ବିଂ. (ମୁଖ-ଯ) ପ୍ରଧାନ, ଶ୍ରେଷ୍ଠ, ପ୍ରଥମ, ଆଦ୍ୟ ।

ମୁଗ, ବି.(ମୁଦ୍ଗ ଶବ୍ଦଜ) ମୁଗଜାଇ, ଶସ୍ୟବିଶେଷ ।

ମୁଗୁନି, ବି. (ଦେଶଜ) କୃଷ୍ଣବର୍ଣ୍ଣ ପ୍ରସ୍ତରବିଶେଷ ।

ମୁଗୁର, ବି. (ମୁଦ୍ଗର ଶବ୍ଦଜ) ବଢ଼ାଇଙ୍କ ପିଟଣା-ବିଶେଷ, ଗଦା, ଯଷ୍ଟି, ବ୍ୟାୟାମାର୍ଥ ବ୍ୟବହୃତ କାଷ୍ଠନିର୍ମିତ ଦ୍ରବ୍ୟବିଶେଷ ।

ମୁଗେଇ, (ମୁଗ ଶବ୍ଦଜ) ମୁଗବର୍ଣ୍ଣବିଶିଷ୍ଟ ।
ଯଥା—ମୁଗେଇ ଖଦି, ମୁଗେଇ କୋଳି ।

ମୁଗ୍ଧ, ବିଂ. ( ମୁହ୍-ତ ) ମୂଢ଼, ମୂର୍ଖ, ସୁନ୍ଦର, ମନୋହର, ନୂତନ, ମୋହିତ ।

ମୁଗ୍ଧା, ବିଂ. ସରଳସ୍ୱଭାବା ନାୟିକା, ନବୋଢ଼ା, ମୋହିତା ।

ମୁଗ୍ଧବୋଧ, ବି.ନ.(ମୁଗ୍ଧ ବୋଧି-ଅ) ବୋପଦେବ ପ୍ରଣୀତ ବ୍ୟାକରଣବିଶେଷ ।

ମୁଚ୍ଲିକା, ବି. ( ଯାବନିକ ) ଏକରାରବିଶେଷ ପ୍ରତିଜ୍ଞାପତ୍ର ।

ମୁଚିର, ବିଂ. (ମୁଚ୍-ଇର)ଦାନଶୀଳ, ବଦାନ୍ୟ । ବି. ପୁଂ. ଧର୍ମ, ବାୟୁ ଦେବତା ।

ମୁଚୁକୁନ୍ଦ, ବି. ପୁଂ. (ମୁଚ୍-କୁନ୍ଦ)ପୁଷ୍ପବୃକ୍ଷବିଶେଷ, ମାନ୍ଧାତା ରାଜାଙ୍କ ପୁତ୍ର, ମୁନିବିଶେଷ, ଦୈତ୍ୟ-ବିଶେଷ ।

ମୁଚୁଲା, ବି. (ଦେଶଜ) ମାଣ୍ଡି, ଶ୍ଳେଷ୍ଠ ତଳସ୍ଥ ।

ମୁଛ, ବି. (ଦେଶଜ) ଦାଢ଼ି ଶ୍ମଶ୍ରୁ ।

ମୁଞ୍ଚିବା, କ୍ରି. (ମୁଞ୍ଚ ଧାତୁଜ) ତ୍ୟାଗ କରିବା, ବିସର୍ଜ୍ଜନ କରିବା ।

ମୁଞ୍ଜ, ବି. (ଦେଶଜ) ମାଣ୍ଡି, ଶ୍ଳେଷ୍ଠ ତଳସ୍ଥ ।

ମୁଞ୍ଜ, ବି. ପୁଂ. (ମୁଞ୍ଜ୍-ଅ) ତୃଣବିଶେଷ, ଶର ।

ମୁଞ୍ଜକେଶୀ, ବି.ପୁଂ. (ମୁଞ୍ଜ-କେଶ-ଇନ୍) ବିଷ୍ଣୁ, ନାରାୟଣ ।

ମୁଞ୍ଜରିତ, ବିଂ. (ମୁଞ୍ଜର-ଇତ) ନବପଲ୍ଲବୋଦ୍ଗମ

ମୁଠା, ବି. (ମୁଷ୍ଟି ଶବ୍ଦଜ) କୁଞ୍ଚିତ କରତଳ ।
ଯଥା—
ବାତ ହାତମୁଠାରେ କି ହୁଏ ଧର ।

ମୁଠାଇବା, କ୍ରି ମୁଠା ମଧ୍ୟରେ ଧରିବା ।

ମୁଠି, ବି (ମୁଷ୍ଟି ଶବ୍ଦଜ)ବାଉକମାନଙ୍କର ଖୁଦ୍ର ରଖିବାର ଥଳୀ, ମୁଷ୍ଟି ପରିମାଣ ।

ମୁଠୁଣି, ବି. (ଦେଶଜ) କହୁଣୀଠାରୁ କୁଞ୍ଚିତ କରତଳ ପର୍ଯ୍ୟନ୍ତ ।

ମୁଡ଼ୁକି, ବି. (ଦେଶଜ) ପଇଡ଼ର ପୂର୍ବାବସ୍ଥାରେ ଥିବା କଷି ନଡ଼ିଆ ।

ମୁଢ଼ି, ବି. (ଦେଶଜ ଉଷ୍ଣଭଣ୍ଡୁଳ, ଭଜାଚାଉଳ

ମୁଣା }
ମୁଣି } ବି. (ଦେଶଜ) ମୁଣା, ଥଳି, ଝୁଲି ।

ମୁଣ୍ଡୁକ୍ଷ, ଅଂ. (ଦେଶଜ) ଠୁଳେ, ଅଠେଇ ।

ମୁଣ୍ଡ, ବି. ପୁଂ. ନ. (ମଣ୍ଡ୍-ଅ) ଶିର, ମସ୍ତକ ।
ଯଥା—
ବଜ୍ର ପଡ଼ିଲା ଯେସନ୍ତ ମୁଣ୍ଡେ ।
ପୁଂ. ରାହୁଗ୍ରହ, ଭଣ୍ଡାର ।

ମୁଣ୍ଡକ, ବି. ନ. ( ମୁଣ୍ଡ୍-ଅକ ) ମସ୍ତକ । ପୁଂ. ଭଣ୍ଡାର ।

ମୁଣ୍ଡନ, ବି. ନ. (ମୁଣ୍ଡ୍-ଅନ) କ୍ଷୌର, ବପନ ।

ମୁଣ୍ଡା, ବି. ( ମୁଣ୍ଡ ଶବ୍ଦଜ ) କାଷ୍ଠଗଣ୍ଡି, ଖଣ୍ଡ, ଗୋଲାକୃତି ମୂଳ ।

ମୁଣ୍ଡାଇବା, କ୍ରି, ( ମୁଣ୍ଡ ଶବ୍ଦର ନାମଧାତୁ ) ମୁଣ୍ଡଦ୍ୱାରା ଧରିବା ।

ମୁଣ୍ଡାମୁଣ୍ଡି, କ୍ରି. ବିଂ. ମୁଣ୍ଡଯାଏ, ଶେଷଯାଏ ।

ମୁଣ୍ଡାୟସ, ବି. ନ. (ମୁଣ୍ଡ-ଅୟସ୍ ) ଲୌହ, ଲୁହା ।

ମୁଣ୍ଡିଆ, ବିଂ. ମୁଣ୍ଡଦ୍ୱାରା ଆଘାତ । ଯଥା—
ମେଣ୍ଢା ମୁଣ୍ଡରୁ ବଡ଼ ଟାଣ,ତା ମୁଣ୍ଡିଆକୁ ସାବଧାନ । ବର୍ଣ୍ଣବୋଧ

ମୁଣ୍ଡିତ, ବିଂ. (ମୁଣ୍ଡ-ତ) କୃତମୁଣ୍ଡନ, ଲଣ୍ଡା ।
ଯଥା—
ମୁଣ୍ଡିତ ମସ୍ତକ ନସ୍ତାପର ବ୍ରାହ୍ମଣ । ମଧୁସୂଦନ ।

ମୁଣ୍ଡୀ ବି. ପୁଂ. ( ମୁଣ୍ଡ-ଇନ୍ ) ମୁଣ୍ଡନକାରୀ, ନାପିତ । (ଦେଶଜ) କାଷ୍ଠଗଣ୍ଡି ।

ମୁଥ, ବି (ମୁଷ୍ଟି ଶବ୍ଦଜ, ମୁଷି, ଖୁନ୍ଦା । ଯଥା—
ବ୍ୟୋମ ବ୍ୟୋମପଥେ ନେଇ ମୁଥରେ ମାର ।
ଥର ।

ମୁଥା, ବି. (ମୁସ୍ତା ଶବ୍ଦଜ) ଘାସମୂଳବିଶେଷ ।

ମୁଦ୍ } ବି. ସ୍ତ୍ରୀ. (ମୁଦ୍-୦, ର-ଆ) ପ୍ରୀତି, ହର୍ଷ,
ମୁଦା } ସନ୍ତୋଷ, ଉତ୍ସାହ । ଯଥା—

ଟେକ ଭୂଳକ୍ଷ୍ମୀକ୍ଷେତ୍ର ବହୁ ମୁଦ
ବରଜିଲୁ ଯହିଁ ପ୍ରଭୁ ହଳମୁଖ । ନ. କେ ।
ମୁଦ ଲଭି ମୁଦକୁ ଘେନାଇ କାଳ୍ପିବରେ ।

ଛାର୍ଯ୍ୟା, ମୁଦ୍ରଣ, ମୁଦିବା ।

ମୁଦା, ବି. ପିଣ୍ଡୁଳାକୃତି, ଗୋଲା । ଯଥା—
ଛନ୍ଦୁଳମୁଦା ।

ମୁଦାଲି, ବି.(ଯାବନିକ) ଅଭିଯୁକ୍ତ ବ୍ୟକ୍ତି, ଯାହା
ନାମରେ ମକଦ୍ଦମା କରାଯାଇଥାଏ ।

ମୁଦିତ, ବିଂ. ( ମୁଦ୍-ତ ) ପ୍ରୀତ, ହୃଷ୍ଟ,
ଆହ୍ଲାଦିତ ।

ମୁଦିବା, କ୍ରି. (ଦେଶଜ)ବନ୍ଦ କରିବା । ଯଥା —
ହେମ ମଂଜଦ ଯୋଗୀ ଅଣକଟ ପରି ନେତ୍ର ମୁଦି ରହେ ଷଣେ ।

ମୁଦିର, ବି. ପୁଂ. (ମୁଦ୍-ଇର) ମେଘ, ଭେକ ।
ବିଂ. କାମୁକ, ଲମ୍ପଟ ।

ମୁଦିରଥ, ବି. ( ଦେଶଜ ) ଶ୍ରୀ ଜଗନ୍ନାଥଙ୍କ
ସେବକବିଶେଷ ।

ମୁଦୁସୁଲି, ବି. ( ଦେଶଜ ) ଭୁଆସ ଉତରି
ପୋଇଲି, ଦାସୀ ।

ମୁଦି, ବି. ( ଦେଶଜ ) ଦୋକାନୀ, ନାନାଦ୍ରବ୍ୟ
ବ୍ୟବସାୟୀ, ପାଦାଙ୍ଗୁଳିର ଅଳଙ୍କାରବିଶେଷ ।
ଯଥା—

ପ୍ରପଦରେ କଂସା ମୁଦି, ଶବଦେ ଧଇର୍ଯ୍ୟ ଖେଦି ।

ମୁଦେଇ, ବି. ( ଯାବନିକ ) ବାଦୀ, ଯେ
ଅଭିଯୋଗ କରେ, ଅଭିଯୋକ୍ତା ।

ମୁଦ୍ଗ, ବି. ପୁଂ. (ମୁଦ୍-ଗ) ଶସ୍ୟବିଶେଷ, ମୁଗ,
ଜଳବାୟସ, ପାଣିକୁଆ ।

ମୁଦ୍ଗଭୁକ୍ } ବି. ପୁଂ ଅଶ୍ୱ, ଘୋଟକ ।
ମୁଦ୍ଗଭୋଜୀ }

ମୁଦ୍ଗର, ବି. ପୁଂ. (ମୁଦ୍-ଗୃ-ଅ) ଯଷ୍ଟିବିଶେଷ,
ଗଦା, ମୁଗୁର । ନ. କାଠଚମ୍ପାଫୁଲ ।

ମୁଦ୍ଗଲ, ବି. ପୁଂ. (ମୁଦ୍-ଗୃ-ଲ) ମୁନିବିଶେଷ,
ନୃପବିଶେଷ, ହର୍ଯ୍ୟଶ୍ୱ ରାଜାଙ୍କ ପୁତ୍ର । ନ.
ତୃଣବିଶେଷ ।

ମୁଦ୍ରଣ, ବି. ନ. ( ମୁଦ୍ରା-ଅନ ). ମୁଦ୍ରିତ
କରିବା, ଅଙ୍ଗୁଳି ମୁଦ୍ରା ।

ମୁଦ୍ରା, ବି. ସ୍ତ୍ରୀ. ( ମୁଦ୍-ର ) ମୋହର, ଛାପା,
ମୋହର, ଟଙ୍କା ପଇସା ପ୍ରଭୃତି, ମୋହର
କରିବା, ଛାପାର ଅକ୍ଷର, ଖୋଦିତ ଲିପି,
ଦେବାରାଧନା କାଳରେ ଅଙ୍ଗୁଳ୍ୟାଦି ସନ୍ନି-
ବେଶ, ଗାନାଦି ସମୟରେ ହସ୍ତ ମୁଖାଦିର
ଭଙ୍ଗୀ ।

ମୁଦ୍ରାଙ୍କିତ, ବିଂ. (ମୁଦ୍ରା-ଅଙ୍କିତ) ମୁଦ୍ରାଚିହ୍ନିତ,
ଛାପା, ମୋହର କରିବା ।

ମୁଦ୍ରାଯନ୍ତ୍ର, ବି ନ. ମୁଦ୍ରାକରଣଯନ୍ତ୍ର, ଛାପାକଳ ।

ମୁଦ୍ରାଶାଳା, ବି (ମୁଦ୍ରା-ଶାଳା) ଯେଉଁଠାରେ
ବିବିଧ ମୁଦ୍ରା ନିର୍ମିତ ହୁଏ, ଟଙ୍କଶାଳା ।
Mint.

ମୁଦ୍ରିକା, ବି ସ୍ତ୍ରୀ. ( ମୁଦ୍ରା-କ-ଆ ) ସ୍ୱର୍ଣ୍ଣ
ରୌପ୍ୟାଦିନିର୍ମିତ ମୁଦ୍ରା, ଟଙ୍କା ପଇସା
ମୋହର ପ୍ରଭୃତି ମୁଦି, ନାମାଙ୍କିତ
ଅଙ୍ଗୁରୀୟକ ।

ମୁଦ୍ରିତ, ବିଂ. (ମୁଦ୍ରା-ଇତ)ସଙ୍କୁଚିତ, ନିମୀଳିତ,
ମୁଦ୍ରାଚିହ୍ନିତ, ଛାପା ହୋଇଥିବା ।

ମୁନ, ବି. ଅସ୍ତ୍ରର ଅଗ୍ରଭାଗ ।

ମୁନଫା } ବି. ( ଯାବନିକ ) ଲାଭ ।
ମୁନାଫା }

ମୁନ୍‌ସଫ୍, ବି.(ଯାବନିକ) ଅଦାଲତର ବିଚାରକ-
ବିଶେଷ ।

ମୁନ୍‌ସୀ, ବି. (ଯାବନିକ) ଲେଖକ, ପଣ୍ଡିତ ।

ମୁନି, ବି ପୁଂ.(ମୁନ୍-ଇ) ଋଷି, ତପସ୍ୱୀ, ଜ୍ଞାନୀ ।

ମୁନିଆଁ, ବିଂ. ( ଦେଶଜ ) ମୁନିଯୁକ୍ତ, ଏକ-
ପ୍ରକାର ପକ୍ଷୀ ।

ମୁନିଦ୍ରୁମ, ବି. ପୁଂ. ( ମୁନି-ଦ୍ରୁମ ) ବକପୁଷ୍ପ-
ବୃକ୍ଷ ।

ମୁନିପତ୍ତଳ, ବି. ନ. ତମ୍ବା, ତାମ୍ର ।

ମୁନିପୁଙ୍ଗବ, ବି. ପୁଂ. ( ମୁନି-ପୁଙ୍ଗବ ) ମୁନି-
ଶ୍ରେଷ୍ଠ ।

ମୁରବ, ବି. (ଯାବନିକ) ପ୍ରଭୁ, ଅଧ୍ୟକ୍ଷ ।

ମୁରଭେଷଜ, ବି କ୍ଳୀ. ( ମୁର ଭେଷଜ ) ହରୀତକୀ ଲଙ୍ଘନ, ଅଗସ୍ତ୍ୟ ।

ମୁରାନ୍ଦ୍ର, ବି. ପୁଂ. ( ମୁନି-ଇନ୍ଦ୍ର ) ବୁଦ୍ଧଦେବ, ଋଷିଶ୍ରେଷ୍ଠ ।

ମୁନୁଙ୍ଗା } ବି. (ସମ୍ବଲପୁର) ସଜନାଗଛ ।
ମୁନଙ୍ଗା

ମୁମୁକ୍ଷୁ, ବିଂ. (ମୁଚ ସନ୍-ଉ) ମୋକ୍ଷେଚ୍ଛୁ । ବି. ପୁଂ. ଯତି, ଭିକ୍ଷୁ ।

ମୁମୂର୍ଷୁ, ବିଂ. ( ମୃ-ସନ୍-ଉ ) ଆସନ୍ନମୃତ୍ୟୁ, ମୃତପ୍ରାୟ, ମରିବାକୁ ଇଚ୍ଛୁକ ।

ମୁର, ବି. ପୁଂ. (ମୁର୍-ଅ) ଦୈତ୍ୟବିଶେଷ ।

ମୁରଜ, ପୁଂ. } ବି. (ମୁର-ଜନ୍-ଅ) ମୃଦଙ୍ଗ
ମୁରଜା, ସ୍ତ୍ରୀ. } କୁବେରର ଭାର୍ଯ୍ୟା ।

ମୁରବି, ବି. (ଯାବନିକ) କର୍ତ୍ତା, ଅଧିକାରୀ ।

ମୁରମର୍ଦ୍ଦନ, ବି. ପୁଂ. (ମୁର-ମର୍ଦ୍ଦନ) କୃଷ୍ଣ, ବିଷ୍ଣୁ ।

ମୁରରିପୁ, ବି ପୁଂ. (ମୁର-ରିପୁ) କୃଷ୍ଣ, ବିଷ୍ଣୁ ।

ମୁରଲା, ବି. ସ୍ତ୍ରୀ. କେରଳ ଦେଶର ନଦୀ ବିଶେଷ ।

ମୁରଲୀ, ବି. ସ୍ତ୍ରୀ ( ମୁର-ଲା-ଅ, ଈ ) ବଂଶୀ, ବଇଁଶୀ, କେରଳ ଦେଶର ନଦୀବିଶେଷ ।

ମୁରଲୀଧର, ବି. ପୁଂ. ( ମୁରଲୀ-ଧର ) କୃଷ୍ଣ, ବଂଶୀଧାରୀ ।

ମୁରବା, ବି. (ଯାବନିକ) ଏକପ୍ରକାର ମିଠାଇ ।

ମୁରହା, ବି. ପୁଂ. (ମୁର-ହନ୍-ଅ) କୃଷ୍ଣ ।

ମୁରା, ବି. ସ୍ତ୍ରୀ. (ମୁର୍-ଅ ଗନ୍ଧଦ୍ରବ୍ୟବିଶେଷ । ନନ୍ଦରାଜାଙ୍କ ଦାସୀବିଶେଷ ।

ମୁରାଠି, ବି ( ଦେଶଜ ) ଆଖି ତରାଟିବା, ଭ୍ରୂଭଙ୍ଗୀରେ ଗୃହିଁବା ।

ମୁରାରି, ବି. ପୁଂ. (ମୁର-ଅରି) କୃଷ୍ଣ ।

ମୁରୁଗା } ବି. (ମୁର୍ଗା ଶବ୍ଦଜ) ବାଉଁବଣିଆଗଛ
ମୁରୁବା } ଏହି ଗଛର ଚମୁରୁ ସୂତ୍ର ଧୋଟ ଜାତ ହୁଏ ।

ମୁରୁଛ, ବିଂ. ( ଦେଶଜ ) ଈଷତ୍, ସ୍ୱଳ୍ପ । ଯଥା—ମୁରୁଛହସ ।

ମୁରୁଜ, ବି. (ଦେଶଜ) ମୁର୍ଜି, ଗୁଣ୍ଡିଲ ଓ ଖଡ଼ି ମିଶ୍ରିତ ଚୂର୍ଣ୍ଣ ।

ମୁର୍ଗୀ, ବି. ( ଯାବନିକ ) ମାଈକୁକୁଡ଼ା, କୁକ୍କୁଟୀ ।

ମୁର୍ଦ୍ଦାର, ବି. (ଦେଶଜ) ଶବ, ମଡ଼ା ।

ମୁର୍ମୁର, ବି ପୁଂ. ତୁଷାନଳ, ତୁଷାଗ୍ନି, ସୂର୍ଯ୍ୟଙ୍କ ଅଶ୍ୱ, କାମଦେବ । ଯଥା—

ତୋର ସେ କୁହୁଳ ହାସ୍ୟ ସେ ମାୟା ବିଭ୍ରମ
ତୋ ମର୍ମର କ ମୁର୍ମୁର ଦାହ ପ୍ରକାଶଇ

ବସନ୍ତ ଗାଥା ।

ମୁଲକ, ବି. (ଯାବନିକ) ରାଜ୍ୟ ।

ମୁଲତାନ, ବି. ଦେଶବିଶେଷ, ରାଗିଣୀବିଶେଷ ।

ମୁଲାଇବା, କ୍ରି. (ଦେଶଜ) ଲାଞ୍ଛ କରିବା, ଦର କରିବା । ଯଥା—

ଜୀବ ଥିଲେ ଦେଖାଯିବ ଗୋପୀ ପାଦ ମୁଦ୍ର ନେବା ମୁଲାଇ ।

ମୁଲାକାତ, ବି. (ଯାବନିକ) ଦେଖା, ସାକ୍ଷାତ୍‌କାର ।

ମୁଷଳ, ବି. ପୁଂ. କ୍ଳୀ. ଅୟୋଗ୍ରକାଷ୍ଠଖଣ୍ଡ, ଢିଙ୍କି ପାହାର, ମୁଦ୍ଗର, ଯେଉଁ ଯନ୍ତ୍ରଦ୍ୱାରା ଇକ୍ଷୁ କମ୍ପା ତିଲ ପ୍ରଭୃତିକୁ ନିଷ୍ପୀଡ଼ନ କରି ରସ ନିର୍ଗତ କରାଯାଏ ।

ମୁଷଳୀ, ବି ପୁଂ. ( ମୁଷଳ-ଇନ୍ ) ବଳରାମ, ବଳରାମଙ୍କର ମୁଷଳ ଅସ୍ତ୍ର ବୋଲି ଏହାଙ୍କର ନାମ ମୁଷଳୀ ହୋଇଅଛି ।

ମୁଷଲ୍ୟ, ବିଂ. ( ମୁଷଲ-ଯ ) ମୁଷଲଦ୍ୱାରା ବଧ୍ୟ ।

ମୁଷିତ } ବିଂ. (ମୁଷ-ତ ଚୋରିତ, ଅପହୃତ,
ମୁଷ୍ଟ } ବଞ୍ଚିତ ।

ମୁଷ୍କ, ବି. ପୁଂ. (ମୁଷ୍-କ) ଅଣ୍ଡକୋଷ, ତସ୍କର, ମୋକ୍ଷକବୃକ୍ଷ, ମାଂସଲ, ସଂଘାତ ।

ମୁଷ୍କର, ବି. ପୁଂ. (ମୁଷ୍କ-ର) ବୃହଦଣ୍ଡ, ଲମ୍ବମାନ ଅଣ୍ଡକୋଷ ।

ମୁଷ୍ଟି, ବି. ପୁଂ. ସ୍ତ୍ରୀ. ( ମୁଷ୍-ତି ) କୁଞ୍ଚିତପାଣି, ଅଙ୍ଗୁଳାଦିର ବେଷ୍ଟ, ପରିମାଣବିଶେଷ ।

ମୁଷ୍ଟିକ, ବି. ପୁଂ. ( ମୁଷ୍ଟି-କୃ-ଅ ) ସ୍ୱର୍ଣ୍ଣକାର, ସୁନାରି, କଂସରାଜାର ମଲ୍ଲବିଶେଷ ।

ମୁଷ୍ଟିକାନ୍ତକ, ବି. ପୁଂ. (ମୁଷ୍ଟିକ-ଅନ୍ତକ) ବଳରାମ, କଥିତ ଅଛି—ବଳରାମ କଂସରାଜାର ମଲ୍ଲ ମୁଷ୍ଟିକକୁ ବିନାଶ କରିଥିଲେ ।

ମୁଷ୍ଟିମେୟ, ବିଂ. ( ମୁଷ୍ଟି-ମେୟ ) ମୁଷ୍ଟିଦ୍ୱାରା ପରିମେୟ, ଅଳ୍ପପରିମାଣ, ଅଳ୍ପସଂଖ୍ୟକ ।

ମୁସଲମାନ, ବି. (ଆରବୀ ସଲମ ଶବ୍ଦଜ) ମହମ୍ମଦୀୟ ଧର୍ମାବଲମ୍ବୀ ଜାତିବିଶେଷ ।

ମୁସାଫେର, ବି. ( ଯାବନିକ ) ପଥିକ, ଭ୍ରମଣକାରୀ, ବିଦେଶୀୟ ।

ମୁସ୍କିଲ, ( ଯାବନିକ ) କଠିନ, ଅଡୁଆ, କଷ୍ଟଜନକ ।

ମୁସ୍ତ, ପୁଂ.
ମୁସ୍ତକ, ପୁଂ ନ.
ମୁସ୍ତା, ସ୍ତ୍ରୀ. } ବି ( ମୁସ୍ତ-ଅକ, ଅ ) ମୂଳବିଶେଷ, ମୁଥା ।

ମୁହ, ବି. (ମୁଖ ଶବ୍ଦଜ) ମୁଖ ।

ମୁହଁଖର, ବିଂ. (ମୁଖର ଶବ୍ଦଜ) କଟୁଭାଷୀ ।

ମୁହାଁଇବା, କ୍ରି. (ମୁଖ ଶବ୍ଦଜ) ମୁହାଁକରିବା, ଅଭିମୁଖୀ ହେବା ।

ମୁହାଁଣ, ବି. ( ଦେଶଜ ) ଜଳାଦିନିର୍ଗମନ ପଥ ।

ମୁହାଁମୁହିଁ, ବି. ( ଦେଶଜ ) ମୁଖାମୁଖି, ଦେଖାଦେଖି ।

ମୁହିଁସ, ବି. (ଦେଶଜ) ଗର୍ବ, ଆସକ୍ତି । ବିଷୟ, ପ୍ରେମ ।

ମୁହୁଁ, ସ. (ଅସ୍ମଦ୍ ଶବ୍ଦଜ) ମୁଁ ।

ମୁହୁଃ, ବିଂ. ( ମୁହ୍-ଉସ୍ ) ପୁନଃପୁନଃ, ବାରମ୍ବାର, ଅତ୍ୟନ୍ତ, ସଦ୍ୟ, ତତ୍କ୍ଷଣାତ୍ ।

ମୁହ୍ୟମାନ, ବିଂ. (ମୁହ୍-ଆନ) ଯାହାର ଚିତ୍ତ ବିକୃତ ହୋଇଅଛି ।

ମୁହୂର୍ତ୍ତ, ବି. ପୁଂ. ନ. (ମୁହୁ-ହୁର୍-ତ) ଦିବାରାତ୍ରିର ୩୦ ଭାଗର ଏକ ଭାଗ, ପ୍ରାୟ ଦୁଇ ଦଣ୍ଡ, ଜ୍ୟୋତିଃଶାସ୍ତ୍ରବେତ୍ତା, ଜ୍ୟୋତିଃଶାସ୍ତ୍ରଜ୍ଞ ।

ମୂକ, ବିଂ. (ମୂ-କ) ବାକ୍ଶକ୍ତିରହିତ, ବୋବା, ଦୀନ, ଦରିଦ୍ର ।

ମୂଢ଼, ବିଂ. (ମୁହ୍-ତ) ମୂର୍ଖ, ନିର୍ବିବେକ, ଅଚେତନ, ଅସଭ୍ୟ, ଭ୍ରାନ୍ତ, ଅବ୍ୟାପୃତ, ଜଡ଼, ବାଳକ ।

ମୂଢ଼ଗର୍ଭ, ବି. ପୁଂ. (ମୂଢ଼-ଗର୍ଭ) ମୃତଭ୍ରୂଣ, ମୃତ ଗର୍ଭସ୍ଥ ଶିଶୁ, ଅଲକ୍ଷଣ ଶିଶୁସନ୍ତାନର ଜନ୍ମ ।

ମୂତ, ବିଂ. (ମୂ-ତ) ବଦ୍ଧ । ବି. ପୁଂ. ପୁଟବନ୍ଧ, ପଟବନ୍ଧ । (ମୂତ୍ର ଶବ୍ଦଜ) ପ୍ରସ୍ରାବ ।

ମୂତ୍ର, ବି. ନ. (ମୂତ୍ର-ଅ) ପ୍ରସ୍ରାବ, ମୂତ ।

ମୂତ୍ରକୃଚ୍ଛ୍ର, ବି. ନ. (ମୂତ୍ର-କୃଚ୍ଛ୍ର) ରୋଗବିଶେଷ, ମୂତ୍ରରୋଧ ।

ମୂତ୍ରଗ୍ରନ୍ଥି, ବି. ପୁଂ. (ମୂତ୍ର-ଗ୍ରନ୍ଥି) ମୂତ୍ରାଶୟର ମୁଖପ୍ରଦେଶରେ ମୂତ୍ରନିରୋଧ, କ୍ଳୋମ ।

ମୂତ୍ରଦୋଷ, ବି ପୁଂ. (Gonorrhea) (ମୂତ୍ର-ଦୋଷ) ମେହ, ମୂତ୍ରସହିତ ରେତଃକ୍ଷରଣ ।

ମୂତ୍ରପଥ, ବି. ନ. (Urethra) (ମୂତ୍ର-ପଥ) ପ୍ରଣାଳୀ ।

ମୂତ୍ରପୁଟ, ନ.
ମୂତ୍ରାଶୟ, ପୁଂ. } ବି. ( ମୂତ୍ର-ପୁଟ, ଆଶୟ ) ତଳପେଟ, ନାଭିର ତଳଭାଗ, ମୂତ୍ରସ୍ଥାନ ।

ମୂର୍ଖ, ବିଂ. (ମୁହ୍-ଅ) ଅଜ୍ଞ, ମୂଢ଼ ଅବୋଧ, ନିର୍ବୋଧ ।

ମୂର୍ଖତା, ବି. ସ୍ତ୍ରୀ. ( ମୂର୍ଖ-ତା ) ମୂଢ଼ତ୍ୱ, ଅବିବେକତା, ନିର୍ବିବେକତା, ନିର୍ବୁଦ୍ଧିତା ।

ମୂର୍ଚ୍ଛନ, ବି. ନ. (ମୂର୍ଚ୍ଛ୍-ଅନ) ନା, ସ୍ତ୍ରୀ. ମୂର୍ଚ୍ଛା, ଅଚୈତନ୍ୟ, ସ୍ୱରର ଆରୋହ ଅବରୋହର କ୍ରମ, ପ୍ରତିଫଳନ, ପକ୍ୱତୈଳର ସଂସ୍କାରବିଶେଷ, ମିଶ୍ରଣ, ସାକ୍ଷାତ୍କରଣ ।

ମୂର୍ଚ୍ଛା, ବି. ସ୍ତ୍ରୀ. (ମୂର୍ଚ୍ଛ୍-ଅ) ମୋହ, ଅଚୈତନ୍ୟ, ବୃଦ୍ଧି, ପ୍ରସାର, ବ୍ୟାପ୍ତି, ବିସ୍ତାର, ପ୍ରତିଫଳନ ।

ମୂର୍ଚ୍ଛାଳ } ବିଂ. ( ମୂର୍ଚ୍ଛା-ଳ, ବତ୍ )
ମୂର୍ଚ୍ଛାବାନ୍ } ମୂର୍ଚ୍ଛାବିଶିଷ୍ଟ ମୋହପ୍ରାପ୍ତ ।

ମୂର୍ଚ୍ଛିତ, ବିଂ. ( ମୂର୍ଚ୍ଛା-ଇତ ) ମୂର୍ଚ୍ଛାଗତ, ବର୍ଦ୍ଧିତ, ଉନ୍ନତ, ବ୍ୟାପ୍ତ, ମୂର୍ଖ, ପ୍ରତିଫଳିତ, ଘାର୍ଦ୍ଧ ।

ମୂର୍ଚ୍ଛିବା, କ୍ରି. (ମୂର୍ଚ୍ଛ ଧାତୁଜ) ସ୍ନେହ ଜନ୍ମା ମାୟା ଛାଡିବା । ଯଥା—

କେ ବୋଲେ ନନ୍ଦନନ୍ଦନଙ୍କୁ ଗୋ, ମୂର୍ଚ୍ଛିଲେ ଏ ଗୋପେ
କେଉଁ ଗୋପୀ ପୁଣି ରଖି ପାରିବ ଘଟକୁ ଗୋ । ବ ଚ

ମୂର୍ତ୍ତ ବିଂ. (ମୂର୍ଚ୍ଛ୍-ତ) ସାକାର, ମୂର୍ତ୍ତିମାନ୍, କଠିନ, ମୂର୍ଚ୍ଛିତ, ଭୂତପଞ୍ଚକ, କ ନନ, ପଞ୍ଚଭୂତାତ୍ମକ ଦ୍ରବ୍ୟ ।

ମୂର୍ତ୍ତି, ବି. ସ୍ତ୍ରୀ. (ମୂର୍ଚ୍ଛ୍-ତି) ଆକୃତି, ଅଙ୍ଗ, ଅବୟବ, ପ୍ରତିମା, ଶରୀର, ସ୍ୱରୂପ, କାଠିନ୍ୟ, ଦ୍ରବ୍ୟ, ପଞ୍ଚଭୂତ ।

ମୂର୍ତ୍ତିମାନ୍, ବି. (ମୂର୍ତ୍ତି-ବତ୍) ମୂର୍ତ୍ତ, ମୂର୍ତ୍ତି ବିଶିଷ୍ଟ, ଶରୀରୀ, କଠିନ । ବି. ନ. ଶରୀର ।

ମୂର୍ଦ୍ଧକ, ବି. ପୁଂ. (ମୂର୍ଦ୍ଧନ୍-କ) କ୍ଷତ୍ରିୟ, ଦ୍ୱିତୀୟ ବର୍ଣ୍ଣ ।

ମୂର୍ଦ୍ଧକର୍ପରି, ସ୍ତ୍ରୀ. } (ମୂର୍ଦ୍ଧ-କର୍ପରି, ଖୋଲ,
ମୂର୍ଦ୍ଧଖୋଲ, ନ } ଆତପତ୍ର, ଛତ୍ର ।

ମୂର୍ଦ୍ଧଜ, ବି. ପୁଂ. ( ମୂର୍ଦ୍ଧନ୍-ଜ ) ଶିରୋରୁହ, କେଶ, ବାଳ । ବିଂ. ମସ୍ତକଜାତ ।

ମୂର୍ଦ୍ଧନ୍ୟ, (ମୂର୍ଦ୍ଧନ୍-ଯ) ମୂର୍ଦ୍ଧାରୁ ଉଚ୍ଚାରିତ, ମସ୍ତକରୁ ଉଚ୍ଚାର୍ଯ୍ୟମାଣ ବର୍ଣ୍ଣ । ଯଥା—ଋ ୠ ଟ ଠ ଡ ଢ ଣ ର ଷ, ମୂର୍ଦ୍ଧଜ, ମସ୍ତକୋତ୍ପନ୍ନ ।

ମୂର୍ଦ୍ଧବେଷ୍ଟନ, ବି. ନ. (ମୂର୍ଦ୍ଧନ୍-ବେଷ୍ଟନ) ଶିରୋବେଷ୍ଟନ, ଉଷ୍ଣୀଷ ।

ମୂର୍ଦ୍ଧା } ବି. ପୁଂ. ( ମୂର୍ଚ୍ଛ୍-ଅନ, ଚ୍=ଧ୍ )
ମୂର୍ଦ୍ଧ୍ନା } ମସ୍ତକ, ଜ୍ୟାମିତିଗ୍ରନ୍ଥରେ କୌଣସି କ୍ଷେତ୍ରର ଭୂମି ।

ମୂର୍ଦ୍ଧାଭିଷିକ୍ତ, ବି. ପୁଂ. ( ମୂର୍ଦ୍ଧନ୍-ଅଭିଷିକ୍ତ ) ପୂର୍ବରେ କ୍ଷତ୍ରିୟମାନଙ୍କର ଏହିପରି ପ୍ରଥା ଥିଲା ଯେ, ରାଜସିଂହାସନରେ ଉପବେଶନ କରିବା ପୂର୍ବରେ ମନ୍ତ୍ରପୂତ ସପ୍ତନଦୀର ଜଳ, ମଧୁ, ନବନୀତ, ମଦ୍ୟଦ୍ୱାରା ସ୍ନାତ ହେବାକୁ ହୁଏ, କ୍ଷତ୍ରିୟ, ମନ୍ତ୍ରୀ, ରାଜା, ବ୍ରାହ୍ମଣ ଓ କ୍ଷତ୍ରିୟାଜାତ ଜାତିବିଶେଷ ।

ମୂନଅ, ବିଂ. ତୀକ୍ଷ୍ଣୀକୃତ, ଶାଣିତ ।

ମୂର୍ବା, ବି. ସ୍ତ୍ରୀ. (ମୂର୍ବ୍-ଅ-ଆ) ମୁରୁଗାଗଛ, ଯାହାର ସୂତ୍ରରେ ଧନୁକର ଗୁଣ ହୁଏ, ବାରବର୍ଣ୍ଣିଆ ।

ମୂଳ, ବି. ନ. ( ମୂଲ୍ ଅ ) ଗଛର ଚେର, ମୂଳା, ମୂଳା ଅଳୁ ପିଆଜ ପ୍ରଭୃତି, ନିଦାନ, ଆଦି-କାରଣ, ଆଦ୍ୟ, ପ୍ରଥମ, ପୁଞ୍ଜି, ଅସଲ, ପ୍ରଧାନ, ନିବାସଗୃହ, ସ୍ୱନଗର, ନିକଟ, ପ୍ରଥମ ଗ୍ରନ୍ଥ, ଯେ ଗ୍ରନ୍ଥ ଅବଲମ୍ବନ କରି ଟୀକାଦି ପ୍ରସ୍ତୁତ ହୁଏ, କୌଣସି ରାଶି ଆପଣାଦ୍ୱାରା ଏକବାର ବା ବହୁବାର ଗୁଣିତ ହେଲେ ଯେଉଁ ଗୋଟିଏ ରାଶି ଉତ୍ପନ୍ନ ହୁଏ, ପ୍ରଥମୋକ୍ତ ରାଶିଟି ସେହି ଉତ୍ପାଦିତ ରାଶିର ମୂଳ । ବିଂ. ନକ୍ଷତ୍ରବିଶେଷ ।

ମୂଳକ, ବି. ପୁଂ. ନ. ( ମୂଲ୍-କ ) କନ୍ଦବିଶେଷ, ମୂଳା । ବି. ପୁଂ. ସ୍ଥାବର ବିଷବିଶେଷ ।

ମୂଳକାର, ବି. ପୁଂ. ( ମୂଳ-କାର ) ମୂଳଗ୍ରନ୍ଥକର୍ତ୍ତା ।

ମୂଳଜ, ବିଂ (ମୂଳ-ଜ) ମୂଳରୁ ଉତ୍ପନ୍ନ, ପଦ୍ମ ପ୍ରଭୃତି, ଆର୍ଦ୍ରକ, ଅଦା ।

ମୂଳଦୁଆ, ବି. (ଦେଶଜ) ମୂଳଭିତ୍ତି ।

ମୂଳଦେବ } ବି. ପୁଂ. ( ମୂଳ-ଦେବ, ଭଦ୍ର)
ମୂଳଭଦ୍ର } କଂସରାଜ, କଂସାସୁର ।

ମୂଳଦ୍ରବ୍ୟ } ବି. ନ (ମୂଳ-ଦ୍ରବ୍ୟ, ଧନ)
ମୂଳଧନ } ଅସଲ ଧନ, ପୁଞ୍ଜି ।

ମୂଳପ୍ରକୃତି, ବି. ସ୍ତ୍ରୀ ତ୍ରିଗୁଣାତ୍ମିକା ଆଦ୍ୟାଶକ୍ତି, ଯାହାଠାରୁ ମହତ୍ତତ୍ତ୍ୱପ୍ରଭୃତି ସମୁଦାୟ ଜଗତ ଉତ୍ପନ୍ନ ହୋଇଅଛି ।

ମୂଳା, ବି. ମୂଳକ, ଏକପ୍ରକାର କନ୍ଦ ।

ମୂଳାଧାର, ବି. ପୁଂ. ( ମୂଳ-ଆଧାର ) ଗୁହ୍ୟ ଓ ଲିଙ୍ଗର ମଧ୍ୟବର୍ତ୍ତୀ ଅଙ୍ଗୁଳିଦ୍ୱୟ ପରିମିତ ସ୍ଥାନ ।

ମୂଳିକ, ବିଂ. (ମୂଳ ଇକ) ମୂଳଭୋଗୀ ।

ମୂଳୀ, ବିଂ. (ମୂଳ-ଇନ୍) ମୂଳବିଶିଷ୍ଟ । ବି. ପୁଂ. ବୃକ୍ଷ, ଗଛ ।

ମୂଳୀଭୂତ, ବିଂ. ( ମୂଳ ଭୂତ ) ହେତୁଭୂତ, ଆଦାନସ୍ୱରୂପ ।

ମୂଲ, ବି. ମୂଲ୍ୟ, ମଜୁରି, ଦୈନିକ ବେତନ ।

ମୂଲିଆ } ବି. (ଦେଶଜ) ଯେ ମୂଲ ବା ମଜୁରି
ମୂଲିଆ } ନେଇ କାମ କରେ, ମଜୁରିଦାର ।

ମୂଲେୟ, ବି. ପୁଂ. (ମୂଳ-ଏୟ) କାଠ ।

ମୂଲ୍ୟ, ବି. ନ. (ମୂଲ-ଯ) ଦାମ୍, ଭଡ଼ା, ବେତନ । ବିଂ. ରୋପଣଯୋଗ୍ୟ, ପ୍ରତିଷ୍ଠାଯୋଗ୍ୟ ।

ମୂଷ, ମୂଷକ } ବି. ପୁଂ. ( ମୂଷ୍-ଅ, ଅକ,
ମୂଷିକ, ମୂଷୀକ } ଇକ, ଈକ ) ଇନ୍ଦୁର ।

ମୂଷକାରାତି } ବି. ପୁଂ. ( ମୂଷକ, ମୂଷିକ-
ମୂଷିକାରାତି } ଅରାତି) ବିରାଡ଼ି ।

ମୂଷା, ବି. ସ୍ତ୍ରୀ. (ମୂଷ୍-ଅଲ୍) ସ୍ୱର୍ଣ୍ଣାଦି ତରଲାଇବା ପାତ୍ର । ( ମୂଷ ଶବ୍ଦଜ ) ମୂଷିକ ।

ମୂଷିକାଙ୍କ } ବି. ପୁଂ. (ମୂଷିକ-ଅଙ୍କ, ଅଞ୍ଜନ)
ମୂଷିକାଞ୍ଜନ } ଗଣେଶ ।

ମୂଷ୍ୟାୟନ, ବି. ପୁଂ. (ଅମୁଷ୍ୟାୟନ=କୌଣସି ବଂଶର ପୁତ୍ର, ଅଲୋପ) ଅଜ୍ଞାତପିତୃକ ବ୍ୟକ୍ତି, ଯାହାର ଜନ୍ମ ବିଷୟ ଜଣାଯାଏ ନାହିଁ ।

ମୃକଣ୍ଡୁ, ବି. ପୁଂ. ମାର୍କଣ୍ଡେୟ ମୁନିଙ୍କ ପିତା ।

ମୃଗ, ବି. ପୁଂ. (ମୃଗ୍-ଅ) ହରିଣ, ପଶୁ, କପୋଳ ଦେଶରେ ଶ୍ୱେତଚିହ୍ନଯୁକ୍ତ ଗଜବିଶେଷ, ଅନ୍ୱେଷଣ, ଯାଚଜ୍ଞା, ନକ୍ଷତ୍ରବିଶେଷ, ମୃଗନାଭି, ଶିକାର, ଯଜ୍ଞବିଶେଷ, ମାର୍ଗଶିର ମାସ, ମକର ରାଶି । ଗୀ-ସ୍ତ୍ରୀ. ହରିଣୀ ।

ମୃଗଜୀବନ, ବି. ପୁଂ. ( ମୃଗ-ଜୀବନ ) ବ୍ୟାଧ, ଶିକାରୀ ।

ମୃଗତୃଟ୍
ମୃଗତୃଷ୍ } ବି. ସ୍ତ୍ରୀ. ( ମୃଗ-ତୃଷ୍, ତୃଷା,
ମୃଗତୃଷା } ତୃଷ୍ଣା, ତୃଷ୍ଣିକା ) ମରୀଚିକା,
ମୃଗତୃଷ୍ଣା } ସୂର୍ଯ୍ୟକିରଣରେ ଜଳଭ୍ରମ ।
ମୃଗତୃଷ୍ଣିକା

ମୃଗଦଂଶକ, ବି. ପୁଂ. (ମୃଗ-ଦଂଶକ) କୁକୁର, ଶ୍ୱାନ ।

ମୃଗଧୂର୍ତ୍ତ } ବି. ପୁଂ. ( ମୃଗ-ଧୂର୍ତ୍ତ, ଧୂର୍ତ୍ତିକ )
ମୃଗଧୂର୍ତ୍ତିକ } ଶୃଗାଳ ।

ମୃଗନାଭି, ବି. ସ୍ତ୍ରୀ. ( ମୃଗନାଭି ) ମୃଗମଦ, କସ୍ତୁରୀ ।

ମୃଗନାଭିଜ, ନ. } ବି. ( ମୃଗ-ନାଭି-ଜ, ଜା )
ମୃଗନାଭିଜା, ସ୍ତ୍ରୀ. } ମୃଗନାଭି କସ୍ତୁରୀ ।

ମୃଗପତି, ବି. ପୁଂ. (ମୃଗ-ପତି) ସିଂହ ।

ମୃଗବଧାଜୀବ, ବି. ପୁଂ. ( ମୃଗ-ବଧ-ଆଜୀବ ) ମୃଗୟାଜୀବୀ, ବ୍ୟାଧ ।

ମୃଗବନ୍ଧନୀ, ବି. ସ୍ତ୍ରୀ. (ମୃଗ-ବନ୍ଧନୀ) ମୃଗ ବନ୍ଧନାର୍ଥ ଜାଲ ।

ମୃଗମଦ, ବି. ପୁଂ. (ମୃଗ ମଦ) ମୃଗନାଭି, ମୃଗର ନାଭିରୁ ଉତ୍ପନ୍ନ ସୁଗନ୍ଧଦ୍ରବ୍ୟବିଶେଷ । ଯଥା—
ମୃଗମଦବନ୍ଦୁ ସୁନ୍ଦର ଶୋଭେ ଗଣ୍ଡ ଚନ୍ଦ୍ରକେ । ଚ. ଭା.

ମୃଗୟା, ବି. ସ୍ତ୍ରୀ. (ମୃଗ୍-ଯ) ବନପର୍ଯ୍ୟଟନପୂର୍ବକ ମୃଗବଧ, ଶିକାର ।

ମୃଗୟୁ, ବି. ପୁଂ. ( ମୃଗ-ଯା-ଉ ) ବ୍ୟାଧ, ବ୍ରହ୍ମା, ଶୃଗାଳ ।

ମୃଗରାଜ } ବି. ପୁଂ. ( ମୃଗ-ରାଜ, ରାଜ୍ )
ମୃଗରାଟ୍ } ମୃଗେନ୍ଦ୍ର, ସିଂହ ।

ମୃଗଲାଞ୍ଛନ, ବି. ପୁଂ. ( ମୃଗ-ଲାଞ୍ଛନ ) ମୃଗାଙ୍କ, ଚନ୍ଦ୍ର ।

ମୃଗବାହନ, ବି. ପୁଂ. (ମୃଗ-ବାହନ) ବାୟୁ ।

ମୃଗବ୍ୟ, ବି. ନ. (ମୃଗ-ବ୍ୟ) ମୃଗୟା, ଶିକାର ।

ମୃଗଶିରଃ, ତ୍ରି. } ବି. ( ମୃଗ-ଶିରସ୍, ଶୀର୍ଷ )
ମୃଗଶୀର୍ଷ, ନ. } ନକ୍ଷତ୍ରବିଶେଷ ।

ମୃଗଦ୍ଵା, ବି. ପୁଂ. (ମୃଗ-ହ୍ନନ୍) ବ୍ୟାଧ ।
ମୃଗାକ୍ଷୀ, ବି. ସ୍ତ୍ରୀ (ମୃଗ-ଅକ୍ଷି) ମୃଗନୟନା ସ୍ତ୍ରୀ ।
ମୃଗାଙ୍କ, ବି. ପୁଂ. ( ମୃଗ-ଅଙ୍କ ) ଚନ୍ଦ୍ର, ବାୟୁ, କର୍ପୂର, ମୃଗଚର୍ମ ।
ମୃଗାଜୀବ } ବି. ପୁଂ. (ମୃଗ-ଆଜୀବ,ଅ-ବ୍ୟଧ-୦)
ମୃଗାବଧ୍ } ମୃଗଯ୍ୟାଜୀବୀ, ବ୍ୟାଧ ।
ମୃଗାଣ୍ଡଜା, ବି. ସ୍ତ୍ରୀ. (ମୃଗ-ଅଣ୍ଡ ଜ) କସ୍ତୁରୀ ।
ମୃଗାଦ୍, ବି. ପୁଂ. (ମୃଗ-ଅଦ୍-୦) ବ୍ୟାଘ୍ର ।
ମୃଗାଦନ, ବି. ପୁଂ. ( ମୃଗ-ଅଦନ ) ତରକ୍ଷୁ, ଚିତାବାଘ ।
ମୃଗାନ୍ତକ, ବି. ପୁଂ. (ମୃଗ-ଅନ୍ତକ) ଚିତ୍ରବ୍ୟାଘ୍ର ଚିତାବାଘ ।
ମୃଗାରାତି } ବି. ପୁଂ. (ମୃଗ-ଅରାତି, ଅରି) ସିଂହ,
ମୃଗାରି } ବ୍ୟାଘ୍ର, କୁକ୍କୁର ।
ମୃଗୀ, ବି. ହରିଣୀ, ମୂର୍ଚ୍ଛା, ରୋଗବିଶେଷ ।
ମୃଗିତ, ବି. (ମୃଗ୍-ତ) ଅନ୍ୱେଷିତ, ଯାଚିତ ।
ମୃଗେନ୍ଦ୍ର, ବି. ପୁଂ. (ମୃଗ-ଇନ୍ଦ୍ର) ପଶୁରାଜ, ସିଂହ ।
ମୃଗୁଣୀ, ବି. (ଗ୍ରାମ୍ୟ) ମୃଗୀ ।
ମୃଗ୍ୟ, ବିଂ. ( ମୃଗ୍-ଯ ) ଅନୁସନ୍ଧେୟ, ଅନ୍ୱେଷଣୀୟ ।
ମୃଜ, ବି. ପୁଂ. ( ମୃଜ୍-ଅ ) ବାଦ୍ୟଯନ୍ତ୍ରବିଶେଷ, ମାଦଳ ।
ମୃଜା, ବି. ସ୍ତ୍ରୀ. (ମୃଜ୍-ଅ) ମାର୍ଜନା, ପରିଷ୍କାର, ଶୁଦ୍ଧି ।
ମୃଡ଼, ବି. ପୁଂ. (ମୃଡ୍-ଅ) ଶିବ, ମହାଦେବ ।
ମୃଡ଼ଙ୍କଣ, ବି. ପୁଂ. ( ମୃଡ୍-ଅଙ୍କଣ ବାଳକ, ଶିଶୁ ।
ମୃଡାନୀ, ବି. ସ୍ତ୍ରୀ. (ମୃଡ୍-ଆନୀ) ଦୁର୍ଗା, ଶିବପତ୍ନୀ ।
ମୃଡୀକ, ବି. ପୁଂ. (ମୃଡ୍-ଈକ) ମୃଗ, ହରିଣ ।
ମୃଣାଳ, ବି. ତ୍ରି. ( ମୃଣ୍-ଅଳ ) ପଦ୍ମ ପ୍ରଭୃତିର ନାଡ଼ । ନ ବେଣାମୂଳ ।
ମୃଣାଳନୀ, ବି. ସ୍ତ୍ରୀ. ପଦ୍ମିନୀ ।
ମୃଣାଳୀ, ବି. ପୁଂ. (ମୃଣାଳ-ଇନ୍) ପଦ୍ମ ।
ମୃଣ୍ମୟ, ବିଂ. (ମୃଦ୍-ମୟ) ମୃଦ୍ବିକାର, ମୃତ୍ତିକା-ନିର୍ମିତ ।

ମୃତ, ବିଂ. ( ମୃ-ତ ) ମୃତ୍ୟୁପ୍ରାପ୍ତ, ଗତପ୍ରାଣ, ଯାଚିତ । ବି. ନ. ମରଣ, ଯାଚ୍‌ଞାବୃତ୍ତି ।
ମୃତକ, ବି. ନ. ( ମୃତ-କ ) ଶବ, ମୃତଶରୀର, ମରଣାଶୌଚ ।
ମୃତକଳ୍ପ, ବିଂ. ( ମୃତ-କଳ୍ପ ) ମୃତପ୍ରାୟ, ମୃତତୁଲ୍ୟ ।
ମୃତକଅ } ବି. ( ମୃତକ ଶବଜ ) ମୃତକା-
ମୃତ୍ତକଅ } ଶୌଚ ।
ମୃତଣ୍ଡ, ବି. ପୁଂ. ସୂର୍ଯ୍ୟ ।
ମୃତବତ୍ସା, ବି. ସ୍ତ୍ରୀ. ( ମୃତ-ବତ୍ସ ) ମୃତାପତ୍ୟା, ଯେଉଁ ସ୍ତ୍ରୀର ସନ୍ତାନ ଜୀବିତ ନ ଥାନ୍ତି ।
ମୃତସଞ୍ଜୀବନୀ, ବି. ସ୍ତ୍ରୀ ( ମୃତ-ସଞ୍ଜୀବନୀ ) ଯେଉଁ ବିଦ୍ୟା ବଳରେ ମୃତବ୍ୟକ୍ତି ଜୀବନ ପ୍ରାପ୍ତ ହୁଅନ୍ତି ।
ମୃତ୍କର, ବି. ପୁଂ. (ମୃଦ୍-କର କୁମ୍ଭକାର,କୁମ୍ଭାର
ମୃତ୍କାଁସ୍ଥ, ବି. ସ୍ତ୍ରୀ. (ମୃଦ୍-କରି) କଳକଣା, କାଷ୍ଠ-ବିଶେଷ
ମୃତ୍ତିକା, ବି. ସ୍ତ୍ରୀ. (ମୃଦ୍-ତିକ-ଆ) ମାଟି, ଗନ୍ଧମାଟି, ଭୂମି ।
ମୃତ୍ୟୁ, ବି. ( ମୃ-ତ୍ୟୁ ) ପ୍ରାଣବିୟୋଗ, ମରଣ । ପୁଂ. ଯମ ।
ମୃତ୍ୟୁଞ୍ଜୟ, ବି. ପୁଂ. ( ମୃତ୍ୟୁମ୍-ଜୟ ) ଶିବ, ମହାଦେବ ।
ମୃତ୍ୟୁନାଶକ, ବି. ପୁଂ (ମୃତ୍ୟୁ ନାଶକ) ପାରଦ, ପାରା ।
ମୃତ୍ୟୁପୁଷ୍ପ, ବି. ପୁଂ. (ମୃତ୍ୟୁ-ପୁଷ୍ପ) ଇକ୍ଷୁ, ଅଖୁ ।
ମୃତ୍ୟୁଭଙ୍ଗୁରକ,ବି.ପୁଂ.(ମୃତ୍ୟୁ-ଭଙ୍ଗୁର-କ)ପ୍ରେତ-ପଟହ, ମୃତ୍ୟୁକାଳରେ ବାଦନୀୟ ବାଦ୍ୟ ବିଶେଷ ।
ମୃତ୍ୟୁଭୃତ୍ୟ, ବି. ପୁଂ. ( ମୃତ୍ୟୁ-ଭୃତ୍ୟ ) ରୋଗ, ପୀଡ଼ା ।
ମୃତ୍ୟୁବଞ୍ଚନ, ବି. ପୁଂ. ( ମୃତ୍ୟୁ-ବଞ୍ଚନ ) ଶିବ, ବିଲ୍ୱବୃକ୍ଷ, ବେଲଗଛ, ଡାମରାକୁଆ ।

ମୃତ୍ସା } ବ. ସ୍ତ୍ରୀ. (ମୃଦ୍-ସ, ସ୍ନ) ପ୍ରଶସ୍ତ ମୃତ୍ତିକା,
ମୃତ୍ସ୍ନା } ଉତ୍ତମ ମାଟି ।

ମୃଦ୍ } ବ. ସ୍ତ୍ରୀ. (ମୃଦ୍-°,ଅ,ଆ) ମୃତ୍ତିକା, ମାଟି ।
ମୃଦା }

ମୃଦଙ୍ଗ, ବ. ପୁଂ. (ମୃତ୍-ଅଙ୍ଗ) ମୁରଜ, ପଖାଉଜ, ପଟହ, ଶବ୍ଦ, ଗୋଳମାଳ, ବଂଶ, ବାଉଁଶ ।

ମୃଦଙ୍ଗଫଳ, ବ. ପୁଂ. (ମୃଦଙ୍ଗ-ଫଳ) ପଣସ ଗଛ ।

ମୃଦାକାର, ବ. ପୁଂ. (ମୃଦା କାର) ଅଶନି, ବଜ୍ର ।

ମୃଦିତ, ବି. (ମୃଦ୍-ତ) ମର୍ଦ୍ଦିତ, ଚର୍ଣ୍ଣିତ, ଗୁଣ୍ଡା-କରିବା ।

ମୃଦୁ, ବିଂ. (ମୃଦ୍-ଉ) କୋମଳ, ନରମ, ଅଦ୍ର, ଅତୀକ୍ଷ୍ଣ, ମନ୍ଦ, ନକ୍ଷତ୍ରବିଶେଷ ।

ମୃଦୁଗଣ, ବ. ପୁଂ. ଚିତ୍ରା, ଅନୁରାଧା, ମୃଗଶିରା ଏବଂ ରେବତୀ ନକ୍ଷତ୍ର ।

ମୃଦୁଗମନା, ବ. ସ୍ତ୍ରୀ. ( ମୃଦୁ-ଗମନ ) ହଂସୀ, ଧୀରଗାମିନୀ ସ୍ତ୍ରୀ ।

ମୃଦୁଚର୍ମୀ,ମୃଦୁଚ୍ଛଦ, } ବ. ପୁଂ. ( ମୃଦୁ-ଚର୍ମ-
ମୃଦୁତ୍ୱକ୍, ମୃଦୁତ୍ୱଚ୍ } ଇନ୍, ମୃଦୁ ଛଦ, ତ୍ୱଚ, ତ୍ୱଚ,) ଭୁର୍ଜ୍ଜବୃକ୍ଷ, ଭୋଜପତ୍ରର ଗଛ ।

ମୃଦୁଲ, ବିଂ. (ମୃଦୁ-ଲ) କୋମଳ, ନରମ । ବ. ନ. ଜଳ ।

ମୃଦୁଲୋମକ, ବ. ପୁଂ. ( ମୃଦୁ-ଲୋମନ୍-କ ) ଶଶକ, ଠେକୁଆ ।

ମୃଦୂତ୍ପଳ, ବ. ନ. (ମୃଦୁ-ଉତ୍ପଳ) ନୀଳପଦ୍ମ ।

ମୃଦ୍ୱୀ, ବ. ସ୍ତ୍ରୀ. ( ମୃଦୁ-ଈ ) କୋମଳାଙ୍ଗୀ ସ୍ତ୍ରୀ, ଦ୍ରାକ୍ଷାବିଶେଷ ।

ମୃଦ୍ୱୀକା, ବ. ସ୍ତ୍ରୀ. (ମୃଦୁ-ଈକ) ଦ୍ରାକ୍ଷା, ଅଙ୍ଗୁର ।

ମୃଷା ଅଂ. (ମୃଷ୍-ଆ) ମିଥ୍ୟା, ଅସତ୍ୟ, ବୃଥା, ବିଫଳ, ଅନର୍ଥକ ।

ମୃଷାବାଦୀ, ବିଂ. ( ମୃଷା-ବାଦୀ ) ମିଥ୍ୟାବାଦୀ ।

ମୃଷୋଦ୍ୟ, ବ. ନ. (ମୃଷା-ବଦ୍-ଯ) ମିଥ୍ୟାକଥନ । ବିଂ. ମିଥ୍ୟାବାଦୀ ।

ମୃଷ୍ଟ, ବିଂ. ( ମୃଜ୍-ତ ) ମାର୍ଜ୍ଜିତ, ନିର୍ମ୍ମଳୀକୃତ, ଶୋଧିତ, ପରିଷ୍କୃତ ।

ମେକଲକନ୍ୟକା } ବ. { ମେକଲ-କନ୍ୟକା }
ମେଖଳକନ୍ୟକା } { ମେଖଳ-କନ୍ୟକା }
ମେକଲାଦ୍ରିଜା } ସ୍ତ୍ରୀ. { ମେକଲାଦ୍ରି-ଜ }
ନର୍ମ୍ମଦା ନଦୀ ।

ମେକାପ, ବ. (ଦେଶଜ) ରାଜଗୃହରେ ବସ୍ତ୍ରରକ୍ଷା-କାରୀ, ଭଣ୍ଡାରରକ୍ଷକ । ଯଥା—

ଅସ୍ତ୍ର ସାଜିଥିଲେ କପିଳାସ ଶୃଙ୍ଗେ ଏକାଳେ ଦେବ ତପନ,
ବସ୍ତ୍ରଗଜ ଦେବଭଣ୍ଡାର ମେକାପ ପଦ୍ମନାଭମୂରତିକରଣ । ଯ. କେ.

ମେକ୍ଷଣ, ବ. ନ. ଯଜ୍ଞୀୟ ପାତ୍ରବିଶେଷ ।

ମେଖ, ବ. (ଦେଶଜ) କୀଲା ।

ମେଖଳା, ବ. ସ୍ତ୍ରୀ. ( ମି-ଖଲ-ଆ ) କଟିସୂତ୍ର, କଟିଭୂଷଣ, ଚନ୍ଦ୍ରହାର, ଗୋଠ ପ୍ରଭୃତି, ହସ୍ତି-ବନ୍ଧନ, ଶରପତ୍ରାଦି-ନିର୍ମିତ ଉପବୀତ, ପର୍ବତର ନିତମ୍ବଦେଶ, ହସ୍ତଦ୍ୱାରା ଦୃଢ଼ରୂପେ ଧରିବା ନିମିତ୍ତ ଖଡ୍ଗାଦିର ମୁଷ୍ଟିସ୍ଥିତ ଚର୍ମାଦି-ବନ୍ଧନ, ଖଡ୍ଗବନ୍ଧ, ନର୍ମ୍ମଦା ନଦୀ ।

ମେଘ, ବ. ପୁଂ. (ମିହ-ଅ) ଜଳଧର, ବାରିବାହ, ଦୈତ୍ୟବିଶେଷ, ରାକ୍ଷସବିଶେଷ, ରାଗବିଶେଷ, ମୁସ୍ତକ,ମୁଥା ।

ମେଘକଫ, ବ. ପୁଂ. କରକା, ଶିଳା ।

ମେଘଚାତକ } ବ. ପୁଂ. (ମେଘ-ଚାତକ,ଜୀବନ)
ମେଘଜୀବନ } ଚାତକ ପକ୍ଷୀ ।

ମେଘଜ୍ୟୋତିଃ, ବ. ପୁଂ. ( ମେଘ-ଜ୍ୟୋତିସ୍ ) ବଜ୍ରାଗ୍ନି ।

ମେଘଡମ୍ବର, ବ. ପୁଂ. ( ମେଘ-ଡମ୍ବର ) ମେଘ-ଡମ୍ବର, ମେଘଗର୍ଜ୍ଜନ ।

ମେଘଦୀପ, ବ. ପୁଂ. ( ମେଘ-ଦୀପ ) ତଡ଼ିତ୍, ବିଦ୍ୟୁତ୍ ।

ମେଘନାଦ, ବ. ପୁଂ. (ମେଘ-ନାଦ) ଇନ୍ଦ୍ରଜିତ୍, ରାବଣର ପୁତ୍ର, ବରୁଣଦେବ, ମେଘଧ୍ୱନି, ପଲାଶବୃକ୍ଷ ।

ମେଘପୁଷ୍ପ, ନ. } ବ. ( ମେଘ-ପୁଷ୍ପ, ପ୍ରସବ )
ମେଘପ୍ରସବ, ପୁଂ. } ଘନରସ, ଜଳ ।

ମେଘଭୂତି, ବ. ପୁଂ. (ମେଘ-ଭୂତି) ଅଶନି, ବଜ୍ର ।

ମେଘଯୋନ, ବ. ପୁଂ. ( ମେଘ-ଯୋନ ) ଧୂମ, ଧୂଆଁ ।

ମେଘବର୍ତ୍ମ, ମେଘବେଶ୍ମ } ବ. ନ. (ମେଘ-ବର୍ତ୍ମ, ବେଶ୍ମନ୍) ଆକାଶ, ଅନ୍ତରୀକ୍ଷ ।

ମେଘବାହନ, ବ. ପୁଂ. ( ମେଘ-ବାହନ ) ଇନ୍ଦ୍ର, ଦେବରାଜ ।

ମେଘସୁହୃଦ୍, ମେଘାନନ୍ଦୀ } ବ. ପୁଂ. (ମେଘ-ସୁହୃଦ୍, ଆନନ୍ଦିନ୍) ମୟୂର ।

ମେଘା, ବ. (ଦେଶଜ) ଏକପ୍ରକାର ବାଦ୍ୟଯନ୍ତ୍ର ।

ମେଘାଗମ, ବ. ପୁଂ. (ମେଘ-ଆଗମ) ବର୍ଷାକାଳ ।

ମେଘାତ୍ୟୟ, ମେଘାନ୍ତ } ବ. ପୁଂ. (ମେଘ-ଅତ୍ୟୟ, ଅନ୍ତ) ଶରତ୍କାଳ ।

ମେଘାସ୍ଥି, ବ. ନ. ( ମେଘ-ଅସ୍ଥି ) କରକା, ଶିଳା ।

ମେଘାସ୍ପଦ, ବ. ନ. ( ମେଘ-ଆସ୍ପଦ ) ଆକାଶ, ଗଗନ ।

ମେଘୁଆ, ବିଂ. (ଦେଶଜ) ମେଘ ଛନ୍ନ ।

ମେଚକ, ବ. ପୁଂ ( ମେଚ୍-ଅକ ) ମୟୂରପୁଚ୍ଛସ୍ଥ ଚନ୍ଦ୍ରକ, ଧୂମ, ମେଘ, ଶ୍ୟାମବର୍ଣ୍ଣ । ନ. ଅନ୍ଧକାର, ଅଞ୍ଜନ, ନୀଳାଞ୍ଜନ । ବିଂ. କୃଷ୍ଣବର୍ଣ୍ଣ, କାଳିଆ ।

ମେଜ, ବ. ( ଯାବନିକ ) ( Table ) ଦ୍ରବ୍ୟ ରଖିବାର ପାଦ ଯୁକ୍ତ କାଷ୍ଠାଧାରବିଶେଷ ।

ମେଜାଜ୍, ବ. ( ଯାବନିକ ) ସ୍ୱଭାବ, ପ୍ରକୃତି, ମସ୍ତିଷ୍କ ।

ମେଞ୍ଚା, ବ. (ଦେଶଜ) ପୁଳା ।

ମେଢ, ବ. (ଦେଶଜ) ବେଢ଼, ପ୍ରତିମା ଅବସ୍ଥିତିର ସଜ୍ଜିତ ସ୍ଥାନ, ପରଭା, ଅଟ୍ଟାଳିକା ।

ମେଢ଼ି, ମେଢ଼ } ବ. ( ମେଧି ଶବ୍ଦଜ ) ବେଙ୍ଗଳାର ମଝିରେ ପୋତାଯାଇଥିବା ଖୁଣ୍ଟ ।

ମେଢ୍ର, ବ. ପୁଂ. (ମିହ୍-ତ୍ର) ଶିଶ୍ନ, ପୁରୁଷୋପସ୍ଥ, ମେଷ, ଭେଡ଼ା ।

ମେଣ୍ଟ, ବ. (ଦେଶଜ) ଦଳ, ଖେଦା, ଦଳ ।

ମେଣ୍ଟ, ମେଣ୍ଟି } ବ. ( ଦେଶଜ ) ଗମାଖୁର ଚଢ଼ା, ଏକୀକୃତ ଧାନ୍ୟାଦି ପେଣ୍ଡା ।

ମେଣ୍ଟିବା, ମେଣ୍ଟାଇବା } କ୍ରି. (ଦେଶଜ) ଦଳିବା, ନିବାରଣ ଦେବା ।

ମେଣ୍ଢା, ବ. (ମେଢ୍ର ଶବ୍ଦଜ) ମେଷ, ପଶୁବିଶେଷ ।

ମେଣ୍ଢୀ, ବ. ସ୍ତ୍ରୀ. ମାଈ ମେଣ୍ଢା ।

ମେଥି, ମେଥିକା } ବ. ସ୍ତ୍ରୀ. ଶସ୍ୟବିଶେଷ, ମେଥିଶାକ ।

ମେଦ, ପୁଂ., ମେଦସ୍, ନ. } ବ. ( ମିଦ୍-ଅ, ଅସ୍ ) ଅସ୍ଥିର ମଜ୍ଜା, ବସା, ଚର୍ବି ।

ମେଦସ୍କୃତ୍, ବ. ନ. (ମେଦସ୍-କୃତ୍) ମାଂସ ।

ମେଦା, ବିଂ. (ମେଦସ୍ ଶବ୍ଦଜ) ମୋଟାବୁଦ୍ଧି, ଜଡ଼, ଅବୋଧ, ସଙ୍କୁଚିତ ।

ମେଦିନୀ, ବ. ସ୍ତ୍ରୀ. (ମେଦ-ଇନ୍-ଈ) ପୃଥିବୀ ।

ମେଦିନୀଦ୍ରୁବ, ବ. ପୁଂ. (ମେଦିନୀ-ଦ୍ରୁ-ଅ) ଧୂଳି ।

ମେଦୁର, ବିଂ. ( ମିଦ୍-ଉର ) ସ୍ନିଗ୍ଧ, ଚିକ୍କଣ, କୋମଳ, ମୃଦୁ ।

ମେଧ, ବ. ପୁଂ. (ମେଧ୍-ଅ) ଯଜ୍ଞ, ଯାଗ ।

ମେଧା, ବ. ସ୍ତ୍ରୀ. (ମେଧ୍-ଆ) ଧାରଣାବତୀ ବୁଦ୍ଧି, ସ୍ମୃତିଶକ୍ତି, ବୁଦ୍ଧି, ମେଧାର ଔଷଧ ।

ମେଧାଃ, ବ. ପୁଂ. ( ମେଧ୍-ଅସ୍ ) ସ୍ୱାୟମ୍ଭୁବ ମନୁପୁତ୍ର ।

ମେଧାଜିତ୍, ବ. ପୁଂ. (ମେଧା-ଜିତ୍) କାତ୍ୟାୟନ ମୁନି ।

ମେଧାବାନ୍, ବିଂ. ( ମେଧା-ବତ୍ ) ମେଧାବିଶିଷ୍ଟ, ଜ୍ଞାନୀ, ବୁଦ୍ଧିମାନ୍, ଧାରଣାଶକ୍ତିବିଶିଷ୍ଟ ।

ମେଧାବୀ, ବିଂ. (ମେଧା-ବିନ୍) ମେଧାବିଶିଷ୍ଟ, ଜ୍ଞାନୀ, ପଣ୍ଡିତ । ବ. ପୁଂ. ଶୁକପକ୍ଷୀ, ମଦସ୍ଥ । ବିନୀ, ସ୍ତ୍ରୀ. ଶାରିକା,

ମେଧ୍ୟ, ବିଂ. (ମେଧ୍-ଯ) ଶୁଦ୍ଧ, ପବିତ୍ର, ଯଜ୍ଞୀୟ । ଯଥା —

ଆରମ୍ଭିଲେ ଯଜ୍ଞ ମେଧ ତୁରଙ୍ଗ ଚଳାଇ,
ପାତାଳେ ବାନ୍ଧିଲେ ଇନ୍ଦ୍ର କପିଳ ପାଶର । ଭ ନି.

ବ. ପୁଂ. ଛାଗ, ଖଦିର, ଯବ ।

ମେଧା, ବ. ସ୍ତ୍ରୀ. (ମେଧ-ଯ-ଆ) ନାଡ଼ୀବିଶେଷ, କେତକୀ, ମଣ୍ଡୂକୀ ।

ମେନକା } ବ. ସ୍ତ୍ରୀ. ( ମେ-ନ-କା, ମି-ନ-ଆ ) ହିମାଳୟପତ୍ନୀ, ସ୍ୱର୍ବେଶ୍ୟାବିଶେଷ ।
ମେନା }

ମେନାଦ, ବ. ପୁଂ. ( ମେ-ନାଦ ) ବିଡ଼ାଳ, ଛାଗ, ମୟୂର ।

ମେନ୍ଧୀ, ବ. ସ୍ତ୍ରୀ. ( ମା-ଇନ୍ଧ୍-ଅ-ଈ ) ମେଧିବୃକ୍ଷ, ମଞ୍ଜୁଆଡ଼ ଗଛ ।

ମେୟ, ବି. (ମା-ଯ) ପରିମେୟ, ପରିମାଣଯୋଗ୍ୟ, ଜ୍ଞେୟ, ଅନୁମେୟ ।

ମେରଥ, ବ. (ଦେଶଜ) ବଳିଯୋଗ୍ୟ ନର । ଯଥା —

ମେରଥ ଶୋଣିତେ ନରଦେ ପୂରନ୍ତ ଯାର ଖର୍ପରେ । ଲକ୍ଷା ।

ମେରୁ, ବ. ପୁଂ ( ମି-ରୁ ) ହେମାଦ୍ରି, ସୁମେରୁ ପର୍ବତ, ପୃଥିବୀର ଉତ୍ତର ଦକ୍ଷିଣ ପ୍ରାନ୍ତ, ଉତ୍ତର ପ୍ରାନ୍ତ ଉତ୍ତରମେରୁ ଅଛି ଦକ୍ଷିଣ ପ୍ରାନ୍ତ ଦକ୍ଷିଣମେରୁ, ଖଡ୍ଗାଦିର ମୁଷ୍ଟିପ୍ରଦେଶ, ଜପମାଳାର ଉପରସ୍ଥ ପ୍ରଧାନ ବୀଜ ।

ମେରୁକ, ବି. ପୁଂ. ( ମେରୁ-କ ) ଯଜ୍ଞଧୂପ, ଧୂଣା ।

ମେରୁଦଣ୍ଡ (Axis ଭୂଗୋଳର ଅନ୍ତର୍ଗତ ଉଭୟ କେନ୍ଦ୍ରଭେଦୀ କାଳ୍ପନିକ ସରଳରେଖା, ଏହି ରେଖାକୁ ଅବଲମ୍ବନ କରି ପୃଥିବୀ ପଶ୍ଚିମରୁ ପୂର୍ବାଭିମୁଖରେ ଦୈନନ୍ଦିନ ପରିଭ୍ରମଣ କରେ, ପିଠିର ମଝିହାଡ଼ ।

ମେରୁହାଡ଼, ବ. ପିଠିର ମଧ୍ୟସ୍ଥିତ ଅସ୍ଥି ।

ମେଳ, ପୁଂ. } ବ. ( ମିଲ୍-ଅ, ଆ ) ଜନତା,
ମେଳା, ସ୍ତ୍ରୀ. } ଉତ୍ସବ ସ୍ଥାନରେ ବା ବଜାରରେ ଲୋକାରଣ୍ୟ, ଐକ୍ୟ, ଯୁକ୍ତ । ଯଥା—

କୃଷ୍ଣ ମୁଖେ ମେଳ ମୋହନ ବେଣୁ ।

ମସୀ, ଅଞ୍ଜନ ।

ମେଳକ, ବ. ପୁଂ. (ମେଳ-କ) ସଙ୍ଗ, ସହବାସ । (ମିଲ୍-ଇ-ଅକ) ଯେ ବ୍ୟକ୍ତି ମିଳି ପାରନ୍ତି, ଐକ୍ୟକାରକ ।

ମେଳନ, ବ ନ. ( ମିଲ୍-ଅନ ) ଏକତ୍ରୀଭୂତ ହେବା, ମିଳିବା ।

ମେଲା, ବ. (ଦେଶଜ) ପ୍ରଶସ୍ତ ସ୍ଥାନ, ଦାଣ୍ଡଘର, କାନ୍ଥ ନ ଥିବା ଘର । ବିଂ. ଖୋଲା, ଫିଟା ।

ମେଲାଣି, ବ. (ଦେଶଜ) ବିଦାୟ । ଯଥା —

ଶ୍ରୀପଦପଙ୍କଜକୁ ଏବେ ହେଉଛି ମେଲାଣି ।

ମେଳଥା, ବିଂ. (ଦେଶଜ) ଯେ ଅନେକ ଲୋକଙ୍କୁ ଏକତ୍ର ମେଳାଇ ପାରେ ବା ଆପଣା ମତରେ ଚଳାଇ ପାରେ । ଯଥା—

ମରକତପିରୁଳଥ, ମିନମେଳଥ ଯେ ।

ମେଲିବା, କ୍ରି. (ଦେଶଜ) ପ୍ରକାଶ କରିବା, ବିସ୍ତୃତ କରିବା । ଯଥା—

ଭବେ ବୈଶ୍ୟ ପସରେ ମୁଁ ମେଲିଛି ପସରା ।

ମେଳାନନ୍ଦା, ସ୍ତ୍ରୀ. } ବ. ( ମେଳା ଆନନ୍ଦ,
ମେଳାନ୍ଧୁ, ସ୍ତ୍ରୀ. } ଅନ୍ଧୁ, ଅମ୍ବୁ ) ମସ୍ୟାଧାର,
ମେଳାମ୍ବୁ, ପୁଂ. } ଦୁଆତ ।

ମେବା, ବ. (ଯାବନିକ) ସୁମିଷ୍ଟ ଫଳ, ମେଓଆ । ଯଥା —

ଦେଇଅଛ ଡାଲି ଭରି ମେବା ନାନା
ଦେଇଅଛ କେତେଥର ନାତଖାନା । ଦରବାର ।

ମେଷ, ବ. ପୁଂ. ( ମିଷ୍-ଅ ) ମେଣ୍ଢା, ଭେଡ଼ା, ପ୍ରଥମ ରାଶି, ଲଗ୍ନବିଶେଷ, ଔଷଧବିଶେଷ ।

ମେଷା, ବ ସ୍ତ୍ରୀ. ଗୁଜରାଟୀ ଅଳାଇଚ । (ଦେଶଜ) ଅଲସୁଆ ।

ମେଷାଣ୍ଡ, ବ. ପୁଂ. (ମେଷ-ଅଣ୍ଡ) ଇନ୍ଦ୍ର ।

ମେହିକା } ବ. ପୁଂ. ( ମେହୀ-କ, ମେହ-ଈ )
ମେହୀ } ମୂତ୍ରରୋଗବିଶେଷ, ଧାତୁପଡ଼ିବା, ପ୍ରସ୍ରାବରୋଗ ବା ପ୍ରସ୍ରାବଦୋଷ, ମୂତ୍ର, ମେଷ ।

ମେହ, ବ. ପୁଂ. ( ମିହ୍-ଅ ) ଶୁକ୍ରକ୍ଷୟ ରୋଗବିଶେଷ ।

ମେହନ, ବ. ନ. ( ମିହ୍-ଅନ ) ଶିଶ୍ନ, ମୂତ୍ର, ମୂତ୍ରତ୍ୟାଗ ।

ମେହନକ୍, ବ. (ଯାବନକ) ଅପ୍ରାସ, ପରଶ୍ରମ ।
ମେହନ୍ତ, ବ. (ଦେଶଜ) ପରିଶ୍ରମ ।
ମେହନ୍ତର, ବ. ( ଯାବନକ ) ମାହାର, ଯେ ମଇଳା ସଫା କରେ ।
ମେହରବାନୀ, ବ. (ଯାବନକ) ଦୟା, ଅନୁଗ୍ରହ ।
ମେହେରବ, ବ. ( ଯାବନକ ) ତୋରଣ, ଖିଲାଣ । ଯଥା—
ନାନା ମୂର୍ତ୍ତି ଗାର କାନ୍ଥରେ ନବ ମାରଠଦଣ୍ଡା,
ମେହରବ ନସ୍ତ ଅଙ୍ଗଣେ ହେଲଛ ମନୁଷ୍ଟପଣା । ଉଷା ।
ମୈତ୍ର, ବ. ନ. ( ମିତ୍ର-ଅ ) ମିତ୍ରତା, ସୌହାର୍ଦ୍ଦ, ସଂସର୍ଗ, ଅନୁରାଧାନକ୍ଷତ୍ର, ପୁସ୍ତଷେ ସ୍ପର୍ଶ, ମଳତ୍ୟାଗ । ପୁଂ. ବ୍ରାହ୍ମଣ, ମିତ୍ର, ବାରେନ୍ଦ୍ର ବ୍ରାହ୍ମଣରେ ଉପାଧିବିଶେଷ । ବିଂ. ମିତ୍ର ସମ୍ବନ୍ଧୀୟ ।
ମୈତ୍ରାବରୁଣ } ବ. ପୁଂ. ( ମିତ୍ର-ବରୁଣ-ଅ,
ମୈତ୍ରାବରୁଣି } ଇ ) ଅଗସ୍ତ୍ୟ, କୁମ୍ଭସମ୍ଭବ, ବଶିଷ୍ଠ ମୁନି ।
ମୈତ୍ରୀ, ସ୍ତ୍ରୀ. } ବ. (ମିତ୍ର-ଅ, ଯ ମିତ୍ରତା
ମୈତ୍ର୍ୟ, ନ. } ସୌହାର୍ଦ୍ଦ, ସଂସର୍ଗ, ସଦ୍‌ଯୋଗ ।
ମୈତ୍ରେୟ, ବ. ପୁଂ. ( ମିତ୍ର ଏୟ ) ମୁନିବିଶେଷ, ବୁଦ୍ଧଦେବ । ବିଂ. ମିତ୍ରସମ୍ବନ୍ଧୀୟ ।
ମୈତ୍ରେୟିକା, ବ. ସ୍ତ୍ରୀ. (ମୈତ୍ରେୟ-ଇକ) ମିତ୍ର-ଯୁଦ୍ଧ, ବନ୍ଧୁମାନଙ୍କର ପରସ୍ପର ସଂଗ୍ରାମ ।
ମୈଥିଳ, ବ. ପୁଂ. (ମିଥିଳା-ଅ) ଜନକ ରାଜା । ବିଂ. ମିଥିଳାସମ୍ବନ୍ଧୀୟ ।
ମୈଥିଳୀ, ବ. ସ୍ତ୍ରୀ. (ମିଥିଳା-ଅ-ଈ) ସୀତା ।
ମୈଥୁନ, ବ. ନ. ( ମିଥୁନ-ଅ ) ବିବାହ, ସ୍ତ୍ରୀ ପୁରୁଷର ସ୍ମରଣ, କୀର୍ତ୍ତନ, କେଳ, ପ୍ରେରଣ, ଗୁହ୍ୟଭାଷଣ, ସଙ୍କଳ୍ପ, ଅଧ୍ୟବସାୟ, ଓ କ୍ରିୟାନିଷ୍ପତ୍ତି—ଏହି ଅଷ୍ଟାଙ୍ଗଯୁକ୍ତ ବ୍ୟାପାର, ସୁରତ, ରତିକ୍ରିୟା ।
ମୌଦା, ବ. ( ଯାବନକ ) ଗୋଧୂମାଦି ଚୂର୍ଣ୍ଣ-ବିଶେଷ ।
ମୈଦାନ, ବ. ( ଯାବନକ ) ପଡ଼ିଆ, ବିଲ, ମଳତ୍ୟାଗ ।
ମୈନା, ବ. (ଯାବନକ) ଶାରୀ, ବଣିଚଢ଼େଇ ।
ମୈନାକ, ବ. ପୁଂ. (ମେନକା-ଅ) ପର୍ବତବିଶେଷ, ମେନକାପୁତ୍ର ।
ମୈନିକ, ବ ପୁଂ. ( ମୀନ-ଇକ ) ଜାଲିକ, ଧୀବର, କେଉଟ ।
ମୈଇଗିରଯ୍ଯା, ବ. (ଯାବନକ) ଭୁଇଁଆ ।
ମୈରେୟ, ବ. ନ. ( ମିର-ଏୟ ) ମଦ୍ୟ-ବିଶେଷ ।
ମୈଳା, ବ. (ମଳୀମସ୍ ଶବ୍ଦଜ) ବିଷ୍ଠା । ବିଂ. ମଳଅ, ମଇଁଅ ।
ମୋକ୍ତା, ବିଂ. ( ମୁଚ୍-ତୃ ) ମୋଚନକର୍ତ୍ତା, ତ୍ରାଣକର୍ତ୍ତା ।
ମୋକ୍ତାର, ( ଯାବନକ ) ଅଦାଲତର କୌଣସି କାର୍ଯ୍ୟ ସମ୍ପନ୍ନ କରିବା ନିମିତ୍ତ ଯେ ବ୍ୟକ୍ତି କ୍ଷମତା ପ୍ରାପ୍ତ ହୋଇଥାନ୍ତି ।
ମୋକ୍ଷ, ବ. ପୁଂ. ( ମୋକ୍ଷ୍-ଅ ) ମୁକ୍ତି, ନିତ୍ୟସୁଖ-ପ୍ରାପ୍ତି, ଅପବର୍ଗ, ପରିତ୍ରାଣ, ମୋଚନ, ମୃତ୍ୟୁ, ମରଣ, ପାଟଳିବୃକ୍ଷ ।
ମୋକ୍ଷଣ, ବ. ନ. ( ମୋକ୍ଷ୍-ଅନ ) ମୋଚନ, ଉଦ୍ଧାରକରଣ ।
ମୋଗଲ, ବ. ( ଯାବନକ ) ଯବନ ଜାତି-ବିଶେଷ ।
ମୋଘ, ବିଂ. (ମୁହ୍-ଅ) ବନ୍ଧ୍ୟ, ବ୍ୟର୍ଥ, ବିଫଳ । ବ. ପୁଂ. ପ୍ରାଚୀର ।
ମୋଘୋଳ, ବ. ପୁଂ. ପ୍ରାଚୀର, ବେଷ୍ଟନ ।
ମୋଚ, ବ. ନ. (ମୁଚ୍-ଅ) କଦଳୀଫଳ । ପୁଂ. ଶୋଭାଞ୍ଜନବୃକ୍ଷ । ସ୍ତ୍ରୀ. କଦଳୀବୃକ୍ଷ ।
ମୋଚକ, ବ. ପୁଂ. ( ମୁଚ୍-ଅକ ) କଦଳୀଗଛ, ଶୋଭାଞ୍ଜନବୃକ୍ଷ, ମୋକ୍ଷକ । ବିଂ. ମୁକ୍ତି, ବୈରାଗ୍ୟଯୁକ୍ତ, ମୁକ୍ତିକାରକ ।
ମୋଚନ, ବ. ନ. ( ମୁଚ୍-ଅନ ) ମୁକ୍ତିକରଣ, ପରିତ୍ରାଣକରଣ, ତ୍ୟାଗକରଣ, ମୁକ୍ତି ।

ମୋଚ, ବି. ( ଯାବନିକ ) ଜାତିବିଶେଷ, ଚର୍ମକାର ।

ମୋଜା, (ଯାବନିକ) ଚରଣାବରଣ ।

ମୋଟ, ବି. (ଦେଶଜ) ସମୁଦାୟ । ବିଂ. ସ୍ଥୂଳ । ଟୀ, ସ୍ତ୍ରୀ. ମାଂସଳଦେହା ସ୍ତ୍ରୀ ।

ମୋଟକ, ବି. ନ (ମୁଟ୍-ଅକ) ଶ୍ରାଦ୍ଧକାଳରେ ପ୍ରୟୋଜନୀୟ ଭଗ୍ନ କୁଶପତ୍ରଦ୍ୱୟ ।

ମୋଟକୀ, ବି. ସ୍ତ୍ରୀ. ରାଗିଣୀବିଶେଷ ।

ମୋଟନ, ବି. (ଦେଶଜ) ଅଚ୍ଛାଦନ, ବନ୍ଧ-ଡଉଣ ।

ମୋଟରକାର, ବି. ( ଇଂ. Motorcar) ଯନ୍ତ୍ର-ଚାଳିତ ସ୍ଥଳଯାନବିଶେଷ, ମଟରଗାଡ଼ି ।

ମୋଟା, ବିଂ. ( ଦେଶଜ ) ସ୍ଥୂଳ, ମାଂସଳ, ପୀବର ।

ମୋଟିଆ, ବି. ( ଦେଶଜ ) ବୋହିଆ, ଯେ ବୋଝ ବହେ ।

ମୋଟ୍ଟାୟିତ, ବି. ନ ନାୟିକାର ଭାବବିଶେଷ, ନାୟକବିଷୟକ କଥାଦି ଶୁଣିଲେ ନାୟିକା ଯେଉଁ କର୍ଣ୍ଣକଣ୍ଡୂୟନ ଓ ଅଙ୍ଗଭଙ୍ଗୀ ପ୍ରଭୃତି କରେ ।

ମୋଡ଼, ବିଂ. (ଦେଶଜ) ବାଙ୍କ ।

ମୋଡ଼ା, ବି. (ଦେଶଜ) ବଂଶ ଓ ବେତ୍ରନିର୍ମିତ ଆସନବିଶେଷ । କ୍ରି. ଘଷା, ଦଳା ।

ମୋଡ଼ିଆ, ବି. ( ଦେଶଜ ) ପାଦାଲଙ୍କାର-ବିଶେଷ ।

ମୋଡ଼ିବା, କ୍ରି. ( ଦେଶଜ ) ବକ୍ରକରିବା । ଯଥା—

ମୋଡ଼ଇ ବଦନ ଆଡ଼ଇ କର ବାସ ପଣନ୍ତ ।

ମୋତି, ବି. (ମୌକ୍ତିକ ଶବ୍ଦଜ) ମୁକ୍ତା । ଯଥା—

ମୋତିମାଳା ଅର୍ପିବାର କେବଳ,
କଳବାନପ୍ରନେ ଦଶେ ଯ ଭକ୍ତ ଲ । ଦ. ବା.

ମୋତିଜାଲି, ବି ମସ୍ତକର ଅଳଙ୍କାରବିଶେଷ ।

ମୋଦ, ବି. ପୁଂ. ( ମୁଦ୍-ଅ ) ଆମୋଦ, ହର୍ଷ, ଅହ୍ଲାଦ ।

ମୋଦକ, ବି. ପୁଂ. ନ. ( ମୋଦ-ଅକ) ମିଷ୍ଟ ଔଷଧବିଶେଷ, କ୍ଷତ୍ରିୟଔରସରେ ଶୂଦ୍ରାଗର୍ଭଜାତ ସନ୍ତାନ । ବିଂ. ହର୍ଷକାରକ ।

ମୋଦନ, ବି. ନ.(ମୁଦ୍-ଅନ) ହର୍ଷ, ଅହ୍ଲାଦ ।

ମୋଦୟନ୍ତୀ ବି. ସ୍ତ୍ରୀ. ( ମୋଦ-ଅନ୍ତ-ଈ ) ବନ-ମଲ୍ଲିକା ।

ମୋଦିତ, ବିଂ. ( ମୁଦ୍-ଇ-ତ ) ଆମୋଦିତ, ଅହ୍ଲାଦିତ ।

ମୋଦୀ, ବିଂ. ( ମୋଦ-ଇନ୍ ) ହର୍ଷଯୁକ୍ତ, ଆମୋଦକାରୀ ।

ମୋଷ, ବି. ପୁଂ. } ( ମୁଷ୍-ଅ, ଅନ) ପ୍ରତାରଣ, ହରଣ, ସ୍ତେୟ, ଚୌର୍ଯ୍ୟ, ଲୁଣ୍ଠନ, ଛେଦନ, ବଧ, ନାଶ, ଅଚ୍ଛେଦ, ପ୍ରତାରଣା ।
ମୋଷଣ, ବି.ନ. }

ମୋଷକ } ବି. ପୁଂ. ( ମୁଷ୍-ଅକ, ତୃ )
ମୋଷ୍ଟା } ତସ୍କର, ଚୋର ।

ମୋହ, ବି. ପୁଂ. (ମୁହ୍-ଅ) ମୂର୍ଚ୍ଛା, ଅଚୈତନ୍ୟ, ଅଜ୍ଞାନ, ମୂର୍ଖତା, ଅଜ୍ଞତା, ଅବିଦ୍ୟା, ଦୁଃଖ ।

ମୋହନ, ବି. ପୁଂ. ( ମୁହ୍ ଇ-ଅନ ) କନ୍ଦର୍ପର ବାଣବିଶେଷ । ନ. ମୁଗ୍ଧକରଣ, ସୁରତ । ବିଂ. ମୋହଜନକ ।

ମୋହନଭୋଗ, ବି. ( ମୋହନ-ଭୋଗ ) ମିଷ୍ଟ ଖାଦ୍ୟଦ୍ରବ୍ୟବିଶେଷ ।

ମୋହର, ବି. ସ୍ୱର୍ଣ୍ଣମୁଦ୍ରା, ନିଦର୍ଶନବିଶେଷ । (ଅସ୍ମଦ୍ ଶବ୍ଦଜ) ମତ୍ସମ୍ବନ୍ଧୀୟ । (ଦେଶଜ) ବ୍ୟଞ୍ଜନବିଶେଷ ।

ମୋହରାତ୍ରି ବି. ସ୍ତ୍ରୀ. ପ୍ରଳୟରାତ୍ରି ।

ମୋହରିର୍, ବି. (ଯାବନିକ) କିରାଣି, ଲେଖକ ।

ମୋହାଣ, ବି. (ଦେଶଜ) ମୁହାଣ (ଦେଖ) ।

ମୋହିତ, ବିଂ. (ମୋହ ଇତ) ମୋହପ୍ରାପ୍ତ ।

ମୋହିନୀ, ବି. ସ୍ତ୍ରୀ. (ମୋହ-ଇନ୍) ସମୁଦ୍ରମନ୍ଥନ-କାଳରେ ଅସୁରଗଣଙ୍କୁ ବିମୋହିତ କରିବା-ପାଇଁ ନାରାୟଣଙ୍କର ଅବତାରବିଶେଷ, ସ୍ୱବେଶ୍ୟାବିଶେଷ, ମୋହକାରିଣୀ, ଯେ ମନକୁ ମୁଗ୍ଧ କରେ ।

ମୌଲ୍ଭି, ବି. ( ଯାବନିକ ) ବର୍ତ୍ତୁଳାକୃତିରେ ଯେଉଁମାନେ ନିଜ ବକ୍ତବ୍ୟ ପ୍ରକାଶ କରିବା ନିମିତ୍ତ ଆପଣା ପଦ୍ଧତିରେ ଅନ୍ୟଙ୍କୁ ନିଯୁକ୍ତ କରନ୍ତି ।
ମୌକୁଲି, ବି. ପୁଂ. (ମୁକୁଲ-ଇ) ବାୟସ,କାକ ।
ମୌକ୍ତିକ, ବି.ନ. ( ମୁକ୍ତା-ଇକ ) ମୁକ୍ତା, ମୋତି ।
ମୌକ୍ତିକସର, ବି. ପୁଂ. ମୁକ୍ତାହାର, ମୁକ୍ତାମାଳା ।
ମୌଖର୍ଯ୍ୟ, ବି. ନ. ( ମୁଖର-ଯ ) ମୁଖରତା, ବାଚାଳତା ।
ମୌଖିକ, ବିଂ. ( ମୁଖ-ଇକ ) ମୁଖସମ୍ବନ୍ଧୀୟ, କାଳ୍ପନିକ, ବାହ୍ୟ, ଯାହା ଆନ୍ତରିକ ନୁହେ ।
ମୌଜ, ବି. (ଯାବନିକ) ମାହାଲ, ଆମୋଦ-ପ୍ରମୋଦ ।
ମୌଜା, ବି. (ଯାବନିକ) ମାହାଲ, ସୂତାନିର୍ମିତ ପଦତ୍ରାଣ ।
ମୌଦ୍ଗଲ୍ୟ, ବି. ପୁଂ. (ମୁଦ୍ଗଲ-ଯ) ମୁଦ୍ଗଲ ମୁନି-ପୁତ୍ର, ଗୋତ୍ରକାରକ ଋଷିବିଶେଷ ।
ମୌନ, ବି. ନ. (ମୁନି ଅ) ଅଭାଷଣ, ତୁଷ୍ଣୀମ୍ଭାବ, ଚୁପ୍, ନୀରବ । ।
ମୌନବ୍ରତ, ବି. ପୁଂ. ( ମୌନ-ବ୍ରତ ) ନୀରବ ରହିବାର ନିୟମ ।
ମୌନୀ, ବି. ପୁଂ. (ମୌନ-ଇନ୍) ତପସ୍ୱୀ, ମୁନି । ବିଂ. ମୌନବ୍ରତଧାରୀ ।
ମୌରଜିକ, ବି. ପୁଂ (ମୁରଜ-ଇକ, ମୁରଜ ବାଦ୍ୟକାରୀ, ମୃଦଙ୍ଗବାଦକ ।
ମୌରସୀ ବିଂ. ( ଯାବନିକ ) ପୁରୁଷାନୁକ୍ରମେ ଦଖଲୀ ।
ମୌର୍ଯ୍ୟ, ବି. ପୁଂ. (ମୁର-ଯ) ଚନ୍ଦ୍ରଗୁପ୍ତ ରାଜା ।
ମୌର୍ବୀ, ବି. ସ୍ତ୍ରୀ. (ମୂର୍ବା-ଅ-ଈ) ଧନୁର୍ଗୁଣ ।
ମୌଳ, ବିଂ. (ମୂଳ-ଅ) ଆଦ୍ୟ, ଭୂମ୍ୟାଦିର ମୂଳ ଜାତ, ମୂଳାଗତ । ବି ପୁଂ. ସଚିବ ।
ମୌଲବି, ବି. (ଯାବନିକ) ମୁସଲମାନମାନଙ୍କ-ମଧ୍ୟରେ ପଣ୍ଡିତ, ଶାସ୍ତ୍ରଜ୍ଞ ।
ମୌଲା, ବି. (ମାତୁଲ ଶବ୍ଦଜ) ମାମୁ ।
ମୌଲାପକ୍ଷ, ବି. (ଦେଶଜ) ଅପରପକ୍ଷ ।
ମୌଳି, ବି. ପୁଂ. ସ୍ତ୍ରୀ. ( ମୂଳ ) ଶିଖା, ଚୂଡ଼ା, କିରୀଟ, ମୁକୁଟ, ମସ୍ତକ, ସଂଯତ କେଶ, ଅଗ୍ର-ଭାଗ । ପୁଂ. ଅଶୋକବୃକ୍ଷ । ସ୍ତ୍ରୀ ଭୂମି, ପୃଥିବୀ ।
ମୌଳିକ, ବିଂ. (ମୂଳ-ଇକ) ମୂଳୀଭୂତ, ପ୍ରଧାନ-ସ୍ୱରୂପ, ମୂଳସମ୍ବନ୍ଧୀୟ । ବି. ପୁଂ. ବର୍ଣଜ ।
ମୌଷଳ, ବିଂ. ( ମୁଷଳ-ଅ ) ମୁଷଳସଦୃଶ, ମୁଷଳସମ୍ବନ୍ଧୀୟ ।
ମୌଷ୍ଟା, ବି. ସ୍ତ୍ରୀ. (ମୁଷ୍ଟି-ଅ. ଆ) ମୁଷ୍ଟିପ୍ରହରଣ କ୍ରୀଡ଼ା, ଭୁଭୁକୁଡିଖେଳ ।
ମୌହୂର୍ତ୍ତ } ବି. ପୁଂ. ( ମୁହୂର୍ତ୍ତ ଅ, ଇକ )
ମୌହୂର୍ତ୍ତିକ } ଜ୍ୟୋତିର୍ବିତ୍, ଦୈବଜ୍ଞ ।
ମ୍ରକ୍ଷ, ବି. ପୁଂ. (ମ୍ରକ୍ଷ୍-ଅ) ନିଜ ଦୋଷ ଗୋପନ, ମ୍ରକ୍ଷଣ ।
ମ୍ରକ୍ଷଣ, ବି. ନ (ମ୍ରକ୍ଷ୍-ଅନ) ଲେପନ, ବୋଳିବା, ସଂଯୋଜନ, ମିଶ୍ରଣ, ମିଶାଣ, ତୈଳ ।
ମ୍ରଦିମ, ବି. ପୁଂ. (ମୃଦୁ-ଇମନ୍) କୋମଳତା, ମୃଦୁତ୍ୱ, ନମ୍ରତା ।
ମ୍ରଦିଷ୍ଠ } ବିଂ. ( ମୃଦୁ-ଇଷ୍ଠ, ଈୟସ୍ )
ମ୍ରଦୀୟସ୍ } ଅତି ମୃଦୁ ।
ମ୍ରିୟମାଣ, ବିଂ. (ମୃ ଅନ) ମୃତକଳ୍ପ, ମୃତପ୍ରାୟ, ଅବସନ୍ନ, ଦୁଃଖିତ ।
ମ୍ଳାନ, ବିଂ. ( ମ୍ଲୈ-ତ ) ଜ୍ୟୋତିହୀନ, ମଳିନ, ବିଷଣ୍ଣ, ଅପ୍ରସନ୍ନ, ବିଶୀର୍ଣ୍ଣ, ଶ୍ରାନ୍ତ, କ୍ଳାନ୍ତ, ଦୁର୍ବଳ, ନିଷ୍କଳଙ୍କ, ଲଜ୍ଜାଶୂନ୍ୟ ।
ମ୍ଳାନି ବି ସ୍ତ୍ରୀ (ମ୍ଲୈ-ତି) ବିଷାଦ, ମାଳିନ୍ୟ, କାନ୍ତିକ୍ଷୟ, ଗ୍ଳାନି ।
ମ୍ଲେଚ୍ଛ, ବି. ପୁଂ. (ମ୍ଲେଚ୍ଛ୍-ଅ) ଅସଭ୍ୟ ଜାତି-ବିଶେଷ, କିରାତ ଶବର ପୁଳିନ୍ଦ ଯବନାଦି, ଅପଶବ୍ଦ । ବିଂ. ପାପିଷ୍ଠ, ପାପରତ ।
ମ୍ଲେଚ୍ଛକନ୍ଦ, ବି. ପୁଂ. (ମ୍ଲେଚ୍ଛ-କନ୍ଦ) ଲଶୁନ, ରଶୁଣ ।

ମ୍ଲେଚ୍ଛଦେଶ, ବି. ପୁଂ. ( ମ୍ଲେଚ୍ଛ-ଦେଶ ) ଚାତୁର୍ବର୍ଣ୍ୟ ବ୍ୟବସ୍ଥାବିରହିତ ଦେଶ, ମ୍ଲେଚ୍ଛ-ବସତିସ୍ଥାନ ।

ମ୍ଲେଚ୍ଛମଣ୍ଡଳ, ବି. ନ. ( ମ୍ଲେଚ୍ଛ-ମଣ୍ଡଳ ) ମ୍ଲେଚ୍ଛ-ଦେଶ ।

ମ୍ଲେଚ୍ଛମୁଖ } ବି. ନ. (ମ୍ଲେଚ୍ଛ-ମୁଖ, ଅସ୍ୟ)
ମ୍ଲେଚ୍ଛାସ୍ୟ } ତାମ୍ର, ତମ୍ବା ।

ମ୍ଲେଚ୍ଛିତ, ବି. ନ. (ମ୍ଲେଚ୍ଛ-ଇତ) ମ୍ଲେଚ୍ଛଭାଷା, ଅପଶବ୍ଦ, ଅସଂସ୍କୃତ ବାକ୍ୟ, ଅସାଧୁ ଭାଷା ।

— — — —

# ଯ

ଯ, ବି. ପୁଂ. ବ୍ୟଞ୍ଜନ ବର୍ଣ୍ଣର ଷଡ଼୍‌ବିଂଶ ବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ ତାଳୁ । (ଯା-ଅ) ବାୟୁ, ଯଶଃ, ଯାନ, ସଂଯମନ, ଯମ । ସ୍ତ୍ରୀ. ଗତି, ଯାତ୍ରା, ଯୋଗ ।

ଯ
ଯଅ } ବି. (ଯବ ଶବ୍ଦଜ) ଯବଧାନ ।

ଯକୃତ୍, ବି. ନ. (ଯ-କୃ-०) କୁକ୍ଷିର ଦକ୍ଷିଣଭାଗ ମଧ୍ୟରେ ସ୍ଥିତ ମାଂସପିଣ୍ଡବିଶେଷ, ପିତ୍ତାଶୟ ।

ଯକ୍ଷ, ବି. ପୁଂ. (ଯକ୍ଷ୍-ଅ) ଦେବଯୋନିବିଶେଷ, କୁବେରଙ୍କ ଅନୁଚର, କୁବେର, କୁବେରଙ୍କ ଧନ, ଧନରକ୍ଷକ, ଇନ୍ଦ୍ରଭବନ ।

ଯକ୍ଷକର୍ଦ୍ଦମ, ବି. ପୁଂ. ( ଯକ୍ଷ-କର୍ଦ୍ଦମ ) ସମଭାଗ ମିଶ୍ରିତ କୁଙ୍କୁମ, ଅଗୁରୁ, କସ୍ତୁରୀ, କର୍ପୂର, ଚନ୍ଦନ ଏବଂ କଙ୍କୋଲ ।

ଯକ୍ଷଧୂପ, ବି. ପୁଂ. (ଯକ୍ଷ-ଧୂପ୍-ଅ) ଝୁଣା, ଡାଲପିନତେଲ ।

ଯକ୍ଷରସ, ବି. ପୁଂ. ( ଯକ୍ଷ-ରସ ) ମଧ୍ୱାସବ, ପୁଷ୍ପମଦ୍ୟ ।

ଯକ୍ଷରାଟ୍ } ବି. ପୁଂ. ( ଯକ୍ଷ-ରାଜ୍, ରାଜନ୍ )
ଯକ୍ଷରାଜ } କୁବେର, ରଙ୍ଗମଣ୍ଡପ ।

ଯକ୍ଷରାଟ୍‌ପୁରୀ, ବି. ସ୍ତ୍ରୀ. ( ଯକ୍ଷରାଜ୍-ପୁରୀ ) କୈଳାସ ପର୍ବତୋପରି କୁବେରଙ୍କ ରାଜଧାନୀ, ଅଳକା ।

ଯକ୍ଷରାତ୍ରି, ବି. ସ୍ତ୍ରୀ. (ଯକ୍ଷ-ରାତ୍ରି) କାର୍ତ୍ତିକ ପୂର୍ଣ୍ଣିମାର ରାତ୍ରି ।

ଯକ୍ଷିଣୀ, ବି. ସ୍ତ୍ରୀ. (ଯକ୍ଷିନ୍ ଈ) କୁବେରଙ୍କ ପତ୍ନୀ, ଯକ୍ଷଭାର୍ଯ୍ୟା, ପିଶାଚୀ, ବିଦ୍ୟାଧରୀ ।

ଯକ୍ଷ୍ମା, ବି ପୁଂ. (ଯକ୍ଷ୍-ମନ୍) କ୍ଷୟରୋଗ, କାଶ-ରୋଗବିଶେଷ ।

ଯଜତ୍ର, ବି. ପୁଂ. (ଯଜ୍ ଅତ୍ର) ଅଗ୍ନିହୋତ୍ରୀ, ନିତ୍ୟ-ହୋମକର୍ତ୍ତା ।

ଯଜନ, ବି. ନ. (ଯଜ୍-ଅନ) ଯଜ୍ଞକରଣ, ଯାଗ-କରଣ, ପୂଜନ ।

ଯଜମାନ, ବି. ପୁଂ. (ଯଜ୍-ଆନ, ମ ଆଗମ) ଯଷ୍ଟା, ଯଜ୍ଞକାରକ, ଯଜ୍ଞାଦିର ଅନୁଷ୍ଠାପକ, ବ୍ରତୀ, ଯେଉଁ ଲୋକ ଦକ୍ଷିଣା ଦେଇ ଦୈବ ଓ ପିତୃକର୍ମ କରାଏ ।

ଯଜାକ, ବିଂ. (ଯଜ୍ ଅକ) ଦାତା, ଦାନକାରୀ ।

ଯଜି, ବି. ପୁଂ. ( ଯଜ୍-ଇ ) ଯାଜକ, ଯଜ୍ଞକର୍ତ୍ତା, ଯାଗ ।

ଯଜୁଃ, ବି ନ. ( ଯଜ୍-ଉସ୍ ) ବେଦବିଶେଷ, ଦ୍ୱିତୀୟ ବେଦ, ଏହି ବେଦ ଦୁଇ ଭାଗରେ ବିଭକ୍ତ — କୃଷ୍ଣଯଜୁଃ ଓ ଶୁକ୍ଳଯଜୁଃ ।

ଯଜୁର୍ବେଦ, ବି ପୁଂ. (ଯଜୁସ୍-ବେଦ) ଶତଶାଖା-ଯୁକ୍ତ ବେଦବିଶେଷ ।

ଯଜୁର୍ବେଦୀ, ବି. ପୁଂ. (ଯଜୁସ୍-ବିଦ୍-ଇନ୍) ଯଜୁ-ର୍ବେଦବେତ୍ତା, ଯଜୁର୍ବେଦାନୁସାରେ କର୍ମ-କାରୀ ।

ଯଜ୍ଞ, ବି. ପୁଂ. (ଯଜ୍-ନ) ଯାଗ, କ୍ରତୁ, ହୋମ ।

ଯଜ୍ଞକୃତ୍, ବି. ପୁଂ. ( ଯଜ୍ଞ-କୃତ୍ ) ଯାଗକର୍ତ୍ତା, ହୋମକର୍ତ୍ତା ।

ଯଜ୍ଞପୁରୁଷ, ବି. ପୁଂ. ( ଯଜ୍ଞ-ପୁରୁଷ ) ବିଷ୍ଣୁ, ନାରାୟଣ ।

ଯଜ୍ଞବାଟ, ବି. ( ଯଜ୍ଞ-ବାଟ—ଆବୃତ ସ୍ଥାନ ) ଯଜ୍ଞସ୍ଥାନ, ଯଜ୍ଞଭୂମି । ଯଥା—

ଇକ୍ଷ୍ୱାକୁ କୁଳଭୂଷଣ ନରପତିଗଣ,
ଯଜ୍ଞବାଟ ଯୂପାବଳୀ ଶୋଭୁ ନାହିଁ ଏବେ,
ସରଯୂ କୂଳରେ । ଅବୃତ୍ତିଦର୍ପଣ ।

ଯଜ୍ଞସାର, ବି. ପୁଂ. ( ଯଜ୍ଞ-ସାର ) ଯଜ୍ଞଡୁମ୍ବୁର ଗଛ ।

ଯଜ୍ଞସୂତ୍ର, ବି. ନ. ( ଯଜ୍ଞ-ସୂତ୍ର ) ଯଜ୍ଞୋପବୀତ, ପୈତା ।

ଯଜ୍ଞସେନ, ବି. ପୁଂ. ( ଯଜ୍ଞ-ସେନା ) ଦ୍ରୁପଦ-ରାଜା ।

ଯଜ୍ଞାଙ୍ଗ, ବି. ପୁଂ. ( ଯଜ୍ଞ-ଅଙ୍ଗ ) ଯଜ୍ଞସାଧନ ସୋମଲତାଦି, ଉଡ଼ୁମ୍ବର ବୃକ୍ଷ, ଖଦିର ବୃକ୍ଷ, ବ୍ରାହ୍ମଣଯଷ୍ଟିକ । ନ. ଯଜ୍ଞର ଅବୟବ । ସ୍ତ୍ରୀ. ସୋମବଲ୍ଲୀ ।

ଯଜ୍ଞାରି, ବି. ପୁଂ. (ଯଜ୍ଞ-ଅରି) ଶିବ, ରାକ୍ଷସ ।

ଯଜ୍ଞିୟ, ବିଂ. (ଯଜ୍ଞ-ଇୟ) ଯଜ୍ଞକର୍ମର ଯୋଗ୍ୟ, ଯଜ୍ଞର ହିତକାରୀ, କୃଷ୍ଣସାର ମୃଗମାନଙ୍କର ବିଚରଣଯୋଗ୍ୟ । ବି. ପୁଂ. ଦ୍ୱାପରଯୁଗ ।

ଯଜ୍ଞୀୟ, ବିଂ. (ଯଜ୍ଞ-ଈୟ) ଯଜ୍ଞସମ୍ବନ୍ଧୀୟ । ବି. ପୁଂ. ଉଡ଼ୁମ୍ବର ବୃକ୍ଷ ।

ଯଜ୍ଞେଶ୍ୱର, ବି. ପୁଂ. ( ଯଜ୍ଞ-ଈଶ୍ୱର ) ବିଷ୍ଣୁ, ନାରାୟଣ ।

ଯଜ୍ଞୋପବୀତ, ବି. ନ. ( ଯଜ୍ଞ-ଉପବୀତ ) ଯଜ୍ଞସୂତ୍ର, ପୈତା ।

ଯଜ୍ୱା, ବି. ( ଯଜ-ବନ୍ ) ଯାଜ୍ଞିକ, ବିଧିପୂର୍ବକ ଯାଗକର୍ତ୍ତା ।

ଯତ୍, ଅଂ. ( ଯମ୍-୦ ) ଯେମନ୍ତ, ଯେହେତୁ, ଯେଉଁଥିରେ ।

ଯତ, ବି. (ଯମ୍-ତ ) ସଂଯତ, ବଦ୍ଧ, ନିୟମିତ, ନିଗୃହୀତ, ଅନୁଷ୍ଠିତ । ବି. ନ. ସଂଯମ, ଗଜତାଡ଼ନ ।

ଯତଃ, ଅଂ. (ଯଦ୍-ତସ୍) ଯେହେତୁ, ଯେତେବେଳେ, ଯେଉଁପ୍ରକାର, ଯହିଁରେ, ଯାହା-ଠାରୁ, ଯେଉଁଠାରେ, ଯଥା ।

ଯତନ, ବି. ନ. (ଯତ୍-ଅନ) ଯତ୍ନ, ଚେଷ୍ଟା, ଉଦ୍ୟୋଗ, (ପ୍ରା) ସୁନ୍ଦର, ସୁଢଳ । ଯଥା—

ଅଗୁ କ୍ଷେତ ଦଣେ ଯତନ ଅଗୁଣାଳରେ ବସି,
ଗ୍ରାମକଥା ଗ୍ରାମବାସିଏ ଗଳ୍ପ କରନ୍ତି ହସି । ଗ୍ର. ମା.

ଯତବ୍ରତ, ବି. (ଯତ-ବ୍ରତ) ଦୃଢ଼ବ୍ରତ, ଯଥା-ନିୟମରେ ନିତ୍ୟନୈମିତ୍ତିକ ଉପାସନାଦି କର୍ମର ଅନୁଷ୍ଠାନକାରୀ ।

ଯତାତ୍ମା, ବିଂ. ( ଯତ-ଆତ୍ମନ୍ ) ସଂଯତଚିତ୍ତ, ନିୟମିତାନ୍ତଃକରଣବିଶିଷ୍ଟ, ଯାହାର ମନୋ-ବୃତ୍ତି ବଶୀଭୂତ ଅଛି ।

ଯତି, ବି. ପୁଂ. (ଯତ୍-ଇ) ତପସ୍ୱୀ, ମୁନି, ଋଷି, ପରିବ୍ରାଜକ, (ଯମ୍-ତି) ସ୍ତ୍ରୀ. ଶ୍ଳୋକାଦିର ସ୍ୱରବିଚ୍ଛେଦ ସ୍ଥାନ, ଜିହ୍ୱାର ଇଷ୍ଟ ବିଚ୍ଛେଦ-ସ୍ଥାନ, କ୍ରୋଧ, ଅନୁଭୂତି, ବିଧବା ।

ଯତୀ, ବି. ପୁଂ. (ଯମ୍-ତ-ଇନ୍) ଜିତେନ୍ଦ୍ରିୟ, ମୁନି, ସନ୍ନ୍ୟାସୀ । ଇନୀ-ସ୍ତ୍ରୀ. ବିଧବା ।

ଯତ୍କିଞ୍ଚିତ୍, ଅଂ. (ଯତ୍-କିଞ୍ଚିତ୍) କିୟତ୍‌ପରିମାଣ, କିଛି ।

ଯତ୍ନ, ବି. ପୁଂ. ( ଯତ୍-ନ ) ପ୍ରବୃତ୍ତି, ରୂପାଦି ଚତୁର୍ବିଂଶତି ଗୁଣାନ୍ତର୍ଗତ ଗୁଣବିଶେଷ, ପରିଶ୍ରମ, ଉଦ୍ୟମ, ଅଧ୍ୟବସାୟ, ଚେଷ୍ଟା, ଉଦ୍ୟୋଗ, ପ୍ରୟାସ ।

ଯତ୍ର, ଅଂ. ( ଯଦ୍-ତ୍ର ) ଯେଉଁ ସ୍ଥାନ, ଯେଉଁ ସ୍ଥାନରେ, ଯେଉଁ ବିଷୟରେ ।

ଯଥା, ଅଂ. ( ଯଦ୍-ଥା ) ଯେଉଁପରି, ସାଦୃଶ୍ୟ, ଯୋଗ୍ୟତା, ବୀପ୍ସା, ସତ୍ୟ, ସ୍ୱାର୍ଥ, ଅନତିକ୍ରମ, ଯତ୍‌ପରିମାଣ ।

ଯଥାକଥଞ୍ଚିତ୍, ଯେ କୌଣସିରୂପେ ।

ଯଥାକ୍ରମ, କ୍ରି. ବିଂ. (ଯଥା-କ୍ରମ) କ୍ରମାନୁସାରେ, କ୍ରମକୁ ଅତିକ୍ରମ ନ କରିବା ।

ଯଥାଗତ, ବିଂ. (ଯଥା-ଆଗତ) ଯେଉଁ ସ୍ଥାନ ଦେଇ ଆସିଅଛି, ଯେରୂପ ଆଗତ, ଉଦ୍ଭବ ।

ଯଥାଜାତ, ବିଂ. (ଯଥା-ଜାତ) ମୂର୍ଖ, ନୀଚ, ଅସଭ୍ୟ ।

ଯଥାତଥ, ବିଂ. ( ଯଥା-ତଥା ) ଯଥାଯୋଗ୍ୟ, ଯଥାର୍ଥ, ଇତିହାସ, ପୂର୍ବବୃତ୍ତ ।

ଯଥାତଥା, ଯେଠାରେ, ସେଠାରେ ।
ଯଥାଯଥ, ବି°. (ଯଥା-ଯଥା) ଯେପରି, ପୂର୍ବାନୁଯାୟୀ, ଯଥାଯୋଗ୍ୟ ।
ଯଥାର୍ଥ, ବି° (ଯଥା-ଅର୍ଥ) ସତ୍ୟ, ଯୋଗ୍ୟ ।
ଯଥାର୍ହ, ବି°.(ଯଥା-ଅର୍ହ=ଯୋଗ୍ୟ) ଯଥୋଚିତ, ଯଥାଯୋଗ୍ୟ ।
ଯଥାବତ୍, ଅ°. ( ଯଥା-ବତ୍ ) ବିଧିବତ୍ ବିଧାନାନୁସାରେ, ଯଥାର୍ଥ, ଠିକ୍ ।
ଯଥାବସ୍ଥିତ, ବି°. ( ଯଥା-ଅବସ୍ଥିତ ) ପ୍ରକୃତ, ଯେପରି ଅଛି ।
ଯଥାଶକ୍ତି, କ୍ରି. ବି°. ( ଯଥା-ଶକ୍ତି ) ଯଥାସାଧ୍ୟ, ଶକ୍ତି ଅନୁସାରେ ।
ଯଥାସଂସ୍କାରକାରିତା, ବି.ସ୍ତ୍ରୀ. ଯେପ୍ରକାର ସଂସ୍କାର ଅଛି ତଦନୁରୂପ କାର୍ଯ୍ୟ କରିବା ।
ଯଥାସ୍ଥିତ, ବି°. ( ଯଥା-ସ୍ଥିତ ) ପ୍ରକୃତ, ସତ୍ୟ, ଯୋଗ୍ୟ, ଉପଯୁକ୍ତ । ଅ°. ଯଥାର୍ଥରୂପରେ ।
ଯଥାସ୍ୱ, ବି°. ( ଯଥା-ସ୍ୱ ) ଯଥାର୍ଥ । ଅ°. ଯଥାଯୋଗ୍ୟ ।
ଯଥେଚ୍ଛାଚାରି, ବି. ପୁ°. ( ଯଥା-ଇଚ୍ଛା-ଆଚାରି ) ସ୍ୱେଚ୍ଛାଚାରି, ଆପଣାର ଇଚ୍ଛାନୁସାରେ ଆଚରଣ ।
ଯଥେଷ୍ଟ, କ୍ରି. ବି°. (ଯଥା-ଇଷ୍ଟ) ଯଥାଭିଲଷିତ, ଇଚ୍ଛାନୁରୂପେ, ପ୍ରଚୁର, ବହୁତର, ଅନେକ ।
ଯଥେଷ୍ଟାଚାରୀ, ବି. ପୁ°. (ଯଥା-ଇଷ୍ଟ-ଆଚାରିନ୍) ପକ୍ଷୀ । ବି°. ସ୍ୱେଚ୍ଛାଚାରୀ ।
ଯଥୋଚିତ, ନ. ଅ°. ( ଯଥା-ଉଚିତ ) ଯଥାଯୋଗ୍ୟ, ଯଥୋପଯୁକ୍ତ ।
ଯଥୋଦିତ, ନ. ଅ°. (ଯଥା=ଯେପରି-ଉଦିତ) ଯଥୋକ୍ତ, ଯେପରି କୁହା ହୋଇଅଛି ।
ଯଦ୍, ସ. ( ଯଜ୍-ଅଦ୍ ) ଯେ, ଯାହା, । ଅ°. ଯେହେତୁରୁ ।
ଯଦା, ଅ°. (ଯଦ୍-ଦା=କାଳାର୍ଥରେ) ଯେତେବେଳେ, ଯତ୍କାଳେ, ଯେଉଁ ସମୟରେ, ଯେହେତୁରୁ ।
ଯଦି, ଅ°. (ଯଦ୍-ଇ) ଗୋଟିଏ କ୍ରିୟାରେ ଅନ୍ୟର ଅପେକ୍ଷାମୂଳକ ସମ୍ଭାବନା, ସଂଶୟ, ପକ୍ଷାନ୍ତର, ଅବଧାରଣ ।
ଯଦିବା, ଅ°. (ଯଦି-ବା) ଅଥବା, ପକ୍ଷାନ୍ତର ।
ଯଦୁ, ବି. ପୁ°. ଦେବଯାନୀର ଗର୍ଭଜାତ ଯଯାତି ରାଜାଙ୍କ ଜ୍ୟେଷ୍ଠପୁତ୍ର, ଯଦୁବଂଶ, ଶ୍ରୀକୃଷ୍ଣଙ୍କ ପୂର୍ବପୁରୁଷ, ଦଶାର୍ହ ଦେଶ ।
ଯଦୁପତି, ବି. ପୁ°. (ଯଦୁ-ପତି) କୃଷ୍ଣ ।
ଯଦୃଚ୍ଛା, ବି ସ୍ତ୍ରୀ.(ଯଦ୍-ଋଚ୍ଛ୍-ଆ) ସ୍ୱାତନ୍ତ୍ର୍ୟ, ସ୍ୱେଚ୍ଛା, ଅନାୟାସ, ଦୈବାତ୍ ।
ଯଦ୍ଭବିଷ୍ୟ, ବି°. ( ଯଦ୍-ଭବିଷ୍ୟତ୍ ) ଦୈବନିଷ୍ଠ, ଭାଗ୍ୟାପେକ୍ଷୀ ।
ଯଦ୍ୟପି, କ୍ରି.ବି°. (ଯଦି ଅପି) ଯଦିଚ ।
ଯନ୍ତା, ବି. ପୁ°. ( ଯମ୍-ତୃ ) ସାରଥି, ହସ୍ତିପକ, ମାହୁନ୍ତ । ବି°. ଦମନକାରକ, ନିୟାମକ, ନିବନ୍ଧକାରକ । (ଦେଶଜ) ବାଘ ପ୍ରଭୃତି ଧରିବା ଯନ୍ତ୍ର ।
ଯନ୍ତ୍ର, ବି. ନ. (ଯନ୍ତ୍-ଅ) କଳକୌଶଳରେ ଯେ କୌଣସି କର୍ମ ନିର୍ବାହାର୍ଥ ନିର୍ମିତ ପଦାର୍ଥ, ଚକ, ଅଗ୍ନିଯନ୍ତ୍ର, କମାଣ ବନ୍ଧୁକ ପ୍ରଭୃତି, ଯନ୍ତ୍ରଣା, ନିଯନ୍ତ୍ରଣ, ତନ୍ତ୍ରରେ ଦେବାଦିର ଅଧିଷ୍ଠାନ ଚକ୍ର, ପାତ୍ରବିଶେଷ ।
ଯନ୍ତ୍ରକ, ବି. (ଯନ୍ତ୍ର=କଳ, ଦମନ ଇତ୍ୟାଦି କ=ଯୋଗ) ଯନ୍ତ୍ରକାଷ୍ଠ, କୁନ୍ଦ, ଚକ ପ୍ରଭୃତି ।
ଯନ୍ତ୍ରଣ, ବି. ନ. (ଯନ୍ତ୍ର=ପୀଡ଼ାଦେବା ଇତ୍ୟାଦି-ଅନ) ବନ୍ଧନ, ଧାରଣ, ରକ୍ଷଣ, ଦମନ, ଶାସନ, ସଙ୍କୋଚନ ।
ଯନ୍ତ୍ରଣା, ବି. ସ୍ତ୍ରୀ. ( ଯନ୍ତ୍ର-ଅନ-ଆ ) ଯାତନା, କ୍ଳେଶ ।
ଯନ୍ତ୍ରିକା, ବି.ସ୍ତ୍ରୀ. (ଯନ୍ତ୍ର-ଇକ-ଆ) ଶାଳୀ, ପତ୍ନୀର କନିଷ୍ଠା ଭଉଣୀ, ଗୁଆକାତି ।
ଯନ୍ତ୍ରିତ, ବି°. ( ଯନ୍ତ୍ର-ଇତ ) ବଦ୍ଧ, ପ୍ରତିବଦ୍ଧ, ଶାସିତ, ଦମିତ, ସଂଯମିତ ।

ଯନ୍ତ୍ରୀ, ବିଂ. (ଯନ୍ତ୍ର-ଇନ୍) ଯନ୍ତ୍ରବିଶିଷ୍ଟ, ଯନ୍ତ୍ରଯୁକ୍ତ । ବି ପୁଂ. ଶିଳ୍ପକାର, ବାଦ୍ୟକର, ଗୁଣୀ, ଧୂର୍ତ୍ତ ।

ଯମ, ବି.ପୁଂ. (ଯମ୍-ଅ) ଦକ୍ଷିଣଦିକ୍‌ପାଳ, ଧର୍ମରାଜ, ଶମନ, ମୃତ୍ୟୁ, କାକ, ସଂଯମ, ଅନ୍ତଃକରଣର ବହିର୍ବୃତ୍ତି ନିବୃତ୍ତି କରି କେବଳ ଈଶ୍ୱରରେ ନିଯୋଗ, ଶରୀର ସାଧନାପେକ୍ଷ ନିତ୍ୟକର୍ମ, ଅହିଂସା ସତ୍ୟାଦି, ସହିଷ୍ଣୁତା, ଶନି, ଯୋଗ । ବିଂ. ଯମଜ, ଯୁଗ୍ମଜାତ ।

ଯମକ, ବି. ନ (ଯମ୍-କ) ଶବ୍ଦାଲଙ୍କାରବିଶେଷ, ଭିନ୍ନାର୍ଥକ ସ୍ୱର ବ୍ୟଞ୍ଜନସମୂହର ତାଦୃଶକ୍ରମେ ପୁନରାବୃତ୍ତି । ପୁଂ ସଂଯମ, ଏକ ଗର୍ଭରୁ ଏକଦା ଉତ୍ପନ୍ନ ସନ୍ତାନଦ୍ୱୟ, ଯୁଗ୍ମଜାତ ।

ଯମଜ, ବିଂ. (ଯମ-ଜ) ଏକ ଗର୍ଭରୁ ଏକ ସମୟରେ ଉତ୍ପନ୍ନ ସନ୍ତାନଦ୍ୱୟ । ବିଂ. ସହଜାତ ।

ଯମଦଗ୍ନି, ବି. ପୁଂ. ପରଶୁରାମଙ୍କ ପିତା ।

ଯମଦୂତକ, ବି ପୁଂ. ( ଯମ-ଦୂତ-କ ) କାକ, ଯମକିଙ୍କର ।

ଯମଦ୍ରୁମ, ବି. ପୁଂ. ( ଯମ-ଦ୍ରୁମ ) ଶାଳ୍ମଳୀବୃକ୍ଷ, ଶିମିଳୀଗଛ ।

ଯମଦ୍ୱିତୀୟା, ବି. ସ୍ତ୍ରୀ. କାର୍ତ୍ତିକ ଶୁକ୍ଳଦ୍ୱିତୀୟା, ଭ୍ରାତୃଦ୍ୱିତୀୟା ।

ଯମନ, ବି. ନ (ଯମ୍-ଅନ) ସଂଯମନ, ବନ୍ଧନ, ଛେଦନ, ବିନାଶ । ପୁଂ. ଯମ ।

ଯମରାଟ୍ }
ଯମରାଜ } ବି. ପୁଂ. ( ଯମ-ରାଜ୍, ରାଜ ) ଯମ, ଶମନ, କୃତାନ୍ତ ।

ଯମଳାର୍ଜ୍ଜୁନ, ବି ପୁଂ. ( ଯମଳ-ଅର୍ଜ୍ଜୁନ ) କୁବେରପୁତ୍ର ନଳକୁବର ଓ ମଣିଗ୍ରୀବ ଶାପଭ୍ରଷ୍ଟ ହୋଇ ଗୋପରେ ଯମଳ ଅର୍ଜ୍ଜୁନବୃକ୍ଷ ରୂପ ଧରିଥିଲେ ।

ଯମଳାର୍ଜ୍ଜୁନହା, ବି. ପୁଂ. (ଯମଳ-ଅର୍ଜ୍ଜୁନ-ହନ୍) କୃଷ୍ଣ ।

ଯମବାନ୍, ବିଂ. ( ଯମ-ବତ୍ ) ସଂଯମବିଶିଷ୍ଟ, ଜିତେନ୍ଦ୍ରିୟ, ସଂଯମୀ ।

ଯମବାହନ, ବି. ପୁଂ.(ଯମ-ବାହନ) ମହିଷ ।

ଯମସ୍ୱସା, ବି ସ୍ତ୍ରୀ. ( ଯମ-ସ୍ୱସୃ ) ଯମୁନାନଦୀ, ଦୁର୍ଗା ।

ଯମାନୀ }
ଯମାନିକା } ବି. ସ୍ତ୍ରୀ. ଯମ-ଅନୀ, ଯମାନୀ-କ) ଯୁଆଣି ।

ଯମାନ୍ତକ, ବି. ପୁଂ. ( ଯମ-ଅନ୍ତକ ) ଶିବ, ମହାଦେବ ।

ଯମାଳୟ, ବି. ପୁଂ. (ଯମ-ଆଳୟ) ଯମଘର ।

ଯମିତ, ବିଂ. (ଯମ୍-ତ) ବଦ୍ଧ, ଛେଦିତ, ଖଣ୍ଡିତ, ସଂଯମିତ ।

ଯମୀ, ବି. ସ୍ତ୍ରୀ. ( ଯମ-ଈ ) ଯମୁନାନଦୀ । ବିଂ. ଜିତେନ୍ଦ୍ରିୟ, ସଂଯମବିଶିଷ୍ଟ ।

ଯମୁନା, ବି. ସ୍ତ୍ରୀ. (ଯମ-ଉନ୍-ଆ) କାଳିନ୍ଦୀ ନଦୀ, ଯମଭଗ୍ନୀ ।

ଯମୁନାଜନକ, ବି. ପୁଂ. (ଯମୁନା-ଜନକ) ସୂର୍ଯ୍ୟ ।

ଯମୁନାଭିଦ୍, ବି. ପୁଂ. (ଯମୁନା-ଭିଦ୍) ବଳରାମ, ଏ ଲଙ୍ଗଳଦ୍ୱାରା ଯମୁନା ନଦୀକୁ ଦ୍ୱିଖଣ୍ଡ କରିଥିଲେ ।

ଯଯାତି, ବି. ପୁଂ. ( ଯ-ଯାତି ) ନହୁଷ ରାଜାଙ୍କ ପୁତ୍ର, ଏ ଶୁକ୍ରଙ୍କର ଅଭିଶାପରେ ଜରାଗ୍ରସ୍ତ ହୋଇଥିଲେ ।

ଯବ, ବି. ପୁଂ. (ଯୁ-ଅ) ଶସ୍ୟବିଶେଷ, ବେଗ, ପରିମାଣବିଶେଷ. ଛଅ ଧାନ ପରିମାଣ, ଅଙ୍ଗୁଳିସ୍ଥ ଯବାକାର ରେଖାବିଶେଷ ।

ଯବକ, ବି. ପୁଂ. ଯବ-କ) ଶୂକଧାନ୍ୟବିଶେଷ, ଯବଧାନ୍ୟ, ଯବଧାନ ।

ଯବକ୍ଷାର ବି. ପୁଂ. (ଯବ-କ୍ଷାର) କ୍ଷାରବିଶେଷ, ସୋରା ।

ଯବଗଣ୍ଡ, ବି. ପୁଂ. (ଯବନ୍-ଗଣ୍ଡ) ଯୌବନବ୍ରଣ, କାଠବ୍ରଣ ।

ଯବଜ, ବି. ପୁଂ. (ଯବ-ଜ) ଯବକ୍ଷାର ।

ଯବନ, ବି. ପୁଂ. ( ଯୁ-ଅନ ) ଆରବ ଦେଶ, ତୁରସ୍କ ଦେଶ, ମୁସଲମାନ, ବେଗବାନ୍ ଅଶ୍ୱ, ବେଗ । ( ଯୋନି ଶ୍ଚ—ଜାତାର୍ଥରେ) ଜାତିବିଶେଷ, ମୁସଲମାନ ବା ମ୍ଳେଚ୍ଛ ଜାତି । ବିଂ.

ଧର୍ମୀ, ଅସଦାଚାରୀ । ପ୍ରଥିତ ଅଛି ଯେ — ବିଶ୍ୱାମିତ୍ରଙ୍କର ସମସ୍ତ ସୈନ୍ୟ ପରାଭବ କରିବା ମାନସରେ ବଶିଷ୍ଠଙ୍କ ଗାଭୀର ଯୋନିଦ୍ୱାରରୁ କେତେଗୁଡ଼ିଏ ଲୋକ ବାହାର ହେଲେ, ପରେ ସେମାନେ ଯବନ ନାମରେ ଖ୍ୟାତ ହୋଇଥିଲେ । ବିଷ୍ଣୁପୁରାଣରେ ଯବନ ଜାତିର ଉତ୍ପତ୍ତି ବିଷୟ ଅନ୍ୟ ପ୍ରକାର ବର୍ଣ୍ଣିତ ଅଛି । ସଗର ରାଜା ବିଶେଷ ଅପରାଧ ହେତୁରୁ କେତେଗୁଡ଼ିଏ ଲୋକଙ୍କର ମସ୍ତକ ଲଣ୍ଡା କରି ଭାରତବର୍ଷରୁ ବହିଷ୍କୃତ କରି ଦେଲେ, ସେମାନେ ଯବନ ନାମରେ ଖ୍ୟାତ ହେଲେ । ଉଇଲ୍ସନ୍ ସାହେବ ଅନୁମାନ କରନ୍ତି ଯେ, ବାକ୍ଟ୍ରିୟାରୁ ଆୟୋନିଆ ବା ଗ୍ରୀସ ପର୍ଯ୍ୟନ୍ତ ସମସ୍ତ ଗ୍ରୀକ ଉପନିବେଶର ଅଧିବାସୀ ଗ୍ରୀକମାନଙ୍କୁ ହିନ୍ଦୁମାନେ ଯବନ ବୋଲି କହନ୍ତି ।

ଯବନିକା, ବି. ( ଯୁ-ଅନ-କ, ଆ ) ତିରସ୍କରଣୀ, ପର୍ଦ୍ଦା, ଯବନ ସ୍ତ୍ରୀ ।

ଯବନେଷ୍ଟ, ବି. ନ. ( ଯବନ-ଇଷ୍ଟ ) ସୀସକ, ସୀସା । ପୁଂ. ନିମ୍ବ, ପଲାଣ୍ଡୁ, ରସୁଣ ।

ଯବସ, ବି. ପୁଂ. ନ. ( ଯୁ-ଅସ ) ତୃଣ, ଘାସ । ବିଂ. ଦସ୍ତ ।

ଯବାଗୂ, ବି ସ୍ତ୍ରୀ (ଯୁ—ମିଶ୍ରିତ କରିବା-ଅଗୂ) ଯବମଣ୍ଡ, ଯାଉ ।

ଯବାଗ୍ରଜ, ବି. ପୁଂ. (ଯବ-ଅଗ୍ର-ଜ) ଯବକ୍ଷାର, ସୋରା ।

ଯବାନ, ବିଂ. ( ଯବ-ଆ-ନୀ-ଅ ) ବେଗବାନ୍, ଦ୍ରୁତଗାମୀ, ବଳିଷ୍ଠ ।

ଯବାନୀ, ଯବାନିକା, ବି. ସ୍ତ୍ରୀ. ( ଯବ-ଆ-ନୀ-ଅ, ଈ, ଯବାନୀ କ ) ଔଷଧବିଶେଷ, ଯୁଆଣି ।

ଯବିଷ୍ଠ, ଯବୀୟାନ୍, ବିଂ ( ଯୁବନ୍-ଇଷ୍ଠ, ଈୟସ୍ ) ଅତିଯୁବା, କନିଷ୍ଠ ।

ଯବ୍ୟ, ବି. ନ. (ଯବ-ଯ) ଯବଶସ୍ୟ ଜନ୍ମିବାର ଉପଯୁକ୍ତ କ୍ଷେତ୍ର । ପୁଂ. ଚାନ୍ଦ୍ର ମାସ ।

ଯଶଃ, ବି. ନ. (ଯଶସ୍, ଅଶ୍-ଅସ୍, ଯ ଆଗମ) ସୁଖ୍ୟାତି, କୀର୍ତ୍ତି ।

ଯଶଃପଟହ, ବି. ପୁଂ. (ଯଶସ୍-ପଟହ) ଢକ୍କା ।

ଯଶଃଶେଷ, ବି ପୁଂ. (ଯଶସ୍-ଶେଷ) ମୃତ୍ୟୁ, କୀର୍ତ୍ତିବିଶେଷ । ବିଂ. ମୃତ ।

ଯଶସ୍ୟ, ବିଂ. ( ଯଶସ୍-ଯ ) ଯଶସ୍କର, ସୁଖ୍ୟାତି-ଜନକ ।

ଯଶସ୍ୱାନ୍, ବିଂ. ( ଯଶସ-ବତ୍ ) କୀର୍ତ୍ତିମାନ୍, ଯାହାର ଯଶଃ ଅଛି ।

ଯଶସ୍ୱୀ, ବିଂ. ( ଯଶସ୍-ବିନ୍ ) କୀର୍ତ୍ତିମାନ୍, ବିଖ୍ୟାତ ।

ଯଶୋଦ, ବିଂ. (ଯଶସ୍-ଦା-ଅ) କୀର୍ତ୍ତିଦାତା । ବି. ପୁଂ. ପାରଦ, ପାରା ।

ଯଶୋଦା, ବି. ସ୍ତ୍ରୀ. (ଯଶସ୍-ଦା-ଅ, ଆ) ନନ୍ଦ-ଗୋପପତ୍ନୀ ।

ଯଷ୍ଟା, ବି. ପୁଂ. ( ଯଜ୍-ତୃ ) ଯାଗକର୍ତ୍ତା, ଯଜମାନ, ଯାଜ୍ଞିକ ।

ଯଷ୍ଟି, ବି. ପୁଂ. ସ୍ତ୍ରୀ ( ଯଜ୍-ତି) ବାଡ଼ି, ଧ୍ୱଜାଦି ଦଣ୍ଡ, ଶାଖା, ଭୁଜଦଣ୍ଡ ।

ଯଷ୍ଟିକା, ବି. ସ୍ତ୍ରୀ. ( ଯଷ୍ଟି-କ-ଆ ) ବାଡ଼ି, ଯଷ୍ଟି, ଏକସରି ହାର, ବାପିକା, ସରୋବର, ଯଷ୍ଟିମଧୁ ।

ଯଷ୍ଟିଗ୍ରହ, ବି. ପୁଂ. (ଯଷ୍ଟି-ଗ୍ରହ) ଲଗୁଡ଼ଧାରୀ, ଯଷ୍ଟିଧାରୀ ।

ଯଷ୍ଟିମଧୁ, ବି. ନ. ( ଯଷ୍ଟି-ମଧୁ ) ମିଷ୍ଟ ମୂଳ-ବିଶେଷ ।

ଯହିଁ, ଅ°. (ଯଦ୍ ଶବ୍ଦଜ) ଯେଉଁଠାରେ ।

ଯହୁଁ, ଅ°. ( ଯଦ୍-ଶବ୍ଦଜ ) ଯେଉଁହେତୁରୁ, ଯାହାଠାରୁ ।

ଯହ୍ବ, ବି. ପୁଂ. ( ଯା-ବ, ହ୍ ଆଗମ ) ଯଜମାନ, ଯାଜ୍ଞିକ ।

ଯା, ବି. (ଯାତ ଶବ୍ଦଜ) ଯତିର ଭ୍ରାତୃଜାୟା, କ୍ରିୟା ହେଲେ "ଗମନ କର" ଏହି ଅର୍ଥ ହୁଏ । ବିଂ. ଯାହା ।

ଯାଁଅଳା, ବି°. ( ଯାମଳ ଶବ୍ଦଜ ) ଯମଜ, ଏକ ଗର୍ଭରୁ ଏକ ସମୟରେ ଉତ୍ପନ୍ନ ସନ୍ତାନ ।

ଯା ଆସ, (ଦେଶଜ) ଯିବା ଆସିବା, ଗତାଗତ ।

ଯାଉ, ବି. (ଯବାଗୂ ଶବ୍ଦଜ ) ଯଅ ଇତ୍ୟାଦିର ମଣ୍ଡ ।

ଯାଏ } ଅ°. ପର୍ଯ୍ୟନ୍ତ । ଯଥା—ଘରଯାଏ
ଯାକେ } ବାଟ ଅଛି ।

ଯାଣ୍ଡିଳ, ବି. (ଯାମଳ ଶବ୍ଦଜ) ଯୁଗ୍ମ ।

ଯାକ. ଅ°. ( ପ୍ରତ୍ୟୟ ) ଶବ୍ଦ ସହିତ ଏ କଥା ବ୍ୟବହାର ହୁଏ, ଏହାର ଅର୍ଥ ସମୁଦାୟ—ପିଲାଯାକ, ଧନଯାକ ଇତ୍ୟାଦି । ବି°. ଉକ୍ତ । ଯଥା—

ଢେ ବେ ଳେ ଘର ଯାକ ରେ ଭୟ ମୋ ଭାସିଯା କରେ,
ଠାକୁର ଦର୍ଶନ ପଛେ କହିବା ଅଗ ଭୁ ହରି ଯା କରେ ।

ଯାକିବା, କ୍ରି. ( ଯୁକ୍ ଧାତୁଜ) ଚପି ଧରିବା ।

ଯାଗ, ବି. ପୁ°. (ଯଜ୍-ଅ) ଯଜ୍ଞ, ହୋମ ।

ଯାଚକ, ବି°. ( ଯାଚ୍-ଅକ ) ଭିକ୍ଷୁ, ଯାଚ୍ଞାକାରୀ, ପ୍ରାର୍ଥୀ ।

ଯାଚନା, ବି. ସ୍ତ୍ରୀ. ( ଯାଚ୍-ଅନ-ଆ ) ଯାଚ୍ଞା, ଭିକ୍ଷା, ପ୍ରାର୍ଥନା ।

ଯାଚନୀୟ, ବି°. ( ଯାଚ୍-ଅନୀୟ ) ଭିକ୍ଷଣୀୟ, ପ୍ରାର୍ଥନୀୟ ।

ଯାଚମାନ, ବି°. ( ଯାଚ୍-ଆନ ) ପ୍ରାର୍ଥ୍ୟମାନ, ଯାଚ୍ଞାକାଙ୍କ୍ଷ, ଯେ ବ୍ୟକ୍ତି ଯାଚ୍ଞା କରୁଅଛି ।

ଯାଚିତ, ବି°. ( ଯାଚ୍-ତ ) ପ୍ରାର୍ଥିତ, ଭିକ୍ଷିତ, ମୃତ । ବି. ପ୍ରାର୍ଥନା ।

ଯାଚିତକ, ବି. ନ. ( ଯାଚ୍-ତ, କ ) ପ୍ରାର୍ଥିତ ବସ୍ତୁ, ଉଧାର ।

ଯାଚ୍ଞା, ବି. ସ୍ତ୍ରୀ. ( ଯାଚ୍-ନ-ଆ ) ଭିକ୍ଷା, ପ୍ରାର୍ଥନା ।

ଯାଚିବା, କ୍ରି. ( ଯାଚ୍ ଧାତୁଜ, କିନ୍ତୁ ଓଡ଼ିଆରେ 'ଯାଚ୍' ଧାତୁର ବିପରୀତ ଅର୍ଥରେ ପ୍ରଯୁକ୍ତ ହୁଏ ) ନେବାକୁ ଅନୁରୋଧ କରିବା ।

ଯାଚ୍ୟ, ବି°. (ଯାଚ୍-ଯ) ପ୍ରାର୍ଥନୀୟ, ଯାଚିତବ୍ୟ ।

ଯାଜ, ବି. ପୁ°. (ଯଜ୍-ଅ) ଭକ୍ତ, ଅନ୍ନ, ଭାତ ।

ଯାଜକ, ବି.ପୁ°.(ଯଜ୍-ଅକ) ଋତ୍ୱିକ୍, ପୁରୋହିତ, ମତ୍ତହସ୍ତୀ ।

ଯାଜନ, ବି. ନ. (ଯାଜି-ଅନ) ଯଜ୍ଞକ୍ରିୟା କରାଇବା, ଯାଗ କରାଇବା, ପୌରୋହିତ୍ୟ ।

ଯାଜି } ବି. ପୁ°. (ଯଜ୍-ଇ,ଇନ୍) ଯାଗକର୍ତ୍ତା,
ଯାଜୀ } ଯଜ୍ଞ ।

ଯାଜ୍ଞବଲ୍କ୍ୟ, ବି. ପୁ° (ଯଜ୍ଞ-ବଲ୍କ-ଯ) ଧର୍ମଶାସ୍ତ୍ର-ପ୍ରଣେତା ମୁନିବିଶେଷ ।

ଯାଜ୍ଞସେନୀ, ବି. ସ୍ତ୍ରୀ. ( ଯଜ୍ଞ-ସେନ ଅ, ଈ ) ଦ୍ରୌପଦୀ ।

ଯାଜ୍ଞିକ, ବି. ପୁ°. ( ଯଜ୍ଞ-ଇକ ) ଯାଗକର୍ତ୍ତା, ଯାଜକ, ପୁରୋହିତ, ଚକ୍ରଖଦିର, ପଳାଶ । ବି°. ଯଜ୍ଞୀୟ ।

ଯାଜ୍ୟ, ବି°. ( ଯଜ୍-ଯ ) ଯାଜନଯୋଗ୍ୟ, ଯଜ୍ଞନୀୟ, ଯଜ୍ଞକ୍ରିୟାର ଯୋଗ୍ୟ । ବି. ନ ଯଜ୍ଞସ୍ଥାନ, ଦେବତା

ଯାଜ୍ୟା, ବି. ସ୍ତ୍ରୀ. (ଯଜ୍-ଯ-ଆ) ଯାଗମନ୍ତ୍ର ।

ଯାତ, ବି°.(ଯା =ଗମନକରିବା-ତ)ଗତ,ଅତୀତ, ଲବ୍ଧ, ଜ୍ଞାତ । ବି. ନ. ଗମନ, ପ୍ରାପଣ,ଜ୍ଞାନ, ଅଙ୍କୁଶାଘାତଦ୍ୱାରା ନିବାରଣ । (ଯାତ୍ରା ଶବ୍ଦଜ) ଉତ୍ସବ, ଯାତ୍ରା, ଲୀଳା ।

ଯାତନା, ବି. ସ୍ତ୍ରୀ. (ଯାତି =ଯନ୍ତ୍ରଣା ଦେବା-ଅନ୍-ଆ) ତୀବ୍ରବେଦନା ଯନ୍ତ୍ରଣା ।

ଯାତଯାମ, ବି°. ( ଯାତ=ଗତ-ଯାମ=କାନ୍ତି, ସହନ, ଜଡ଼ତ, ସମୟ)ଜୀର୍ଣ୍ଣ, ହ୍ରାସପ୍ରାପ୍ତ,ପରିଭୁକ୍ତ, ଉଚ୍ଛିଷ୍ଟ, ପରିତ୍ୟକ୍ତ, ପର୍ଯ୍ୟୁଷିତ, ଶୀର୍ଣ୍ଣ ।

ଯାତବ୍ୟ, ବି°. ( ଯା-ତବ୍ୟ ) ଅଭିଗନ୍ତବ୍ୟ, ଆକ୍ରମଣୀୟ ।

ଯାତା, ବି°. (ଯତ୍-ତୃ-ଅ) (ଯା-ତୃ)ଗମନକର୍ତ୍ତା, ସାରଥି, ମାତଳ ।

ଯାତାୟାତ, ବି. ନ. ( ଯାତ-ଆୟାତ ) ଗମନାଗମନ ।

ଯାତକ } ବି. ପୁଂ. ପାନ୍ଥ, ପଥିକ ।
ଯାତୃକ }

ଯାତୁ, ବି. ପୁଂ. (ଯା-ତୁ) ପଥିକ, ସମୟ, ରାକ୍ଷସ । ବିଂ. ଗମନକର୍ତ୍ତା ।

ଯାତୁଧାନ, ବି. ପୁଂ. ( ଯାତୁ-ଧା-ଅନ ) ରାକ୍ଷସ, ନିଶାଚର ।

ଯାତ୍ରା, ବି. ସ୍ତ୍ରୀ. ( ଯା-ତ୍ର-ଆ ) ପ୍ରସ୍ଥାନ, ଗମନ, ଅତିନିର୍ଯ୍ୟାଣ, ଯୁଦ୍ଧାର୍ଥ ନିର୍ଗମନ, ଯାପନ, ଉତ୍ସବ, ଉପାୟ, ତୀର୍ଥଗମନ ।

ଯାତ୍ରିକ, ବିଂ. ( ଯାତ୍ରା-ଇକ ) ଯାତ୍ରାସମ୍ବନ୍ଧୀୟ, ଯାତ୍ରାଯୋଗ୍ୟ, ଯାତ୍ରାର ଉପଯୁକ୍ତ । ବି. ନ. ପାଥେୟ, ବାଟଖରଚ । ପୁଂ ଉତ୍ସବ, ଉପାୟ, ପଥିକ ।

ଯାତ୍ରୀ, ବିଂ. (ଯାତ୍ରା-ଇନ୍) ଯାତ୍ରାକାରୀ ।

ଯାଥାତଥ୍ୟ, ବି. ନ. (ଯଥା ତଥା-ଯ) ଯଥାର୍ଥତା, ପ୍ରକୃତତ୍ୱ, ସତ୍ୟତା ।

ଯାଥାର୍ଥିକ, ବିଂ (ଯଥାର୍ଥ-ଇକ) ବାସ୍ତବିକ, ସତ୍ୟ ।

ଯାଥାର୍ଥ୍ୟ, ବି. ନ. ( ଯଥାର୍ଥ-ଯ ) ଯଥାର୍ଥତା, ସତ୍ୟତା ।

ଯାଦଃ, ବି. ନ. ( ଯା=ଗମନ କରିବା-ଅସ୍, ଦ ଆଗମ) ଜଳଚର ଜନ୍ତୁ, ଜଳଚର ଜୀବ ।

ଯାଦଃପତି, ବି. ପୁଂ. ( ଯାଦସ୍-ପତି ) ସମୁଦ୍ର, ବରୁଣ ।

ଯାଦବ, ବି. ପୁଂ. (ଯଦୁ-ଅ) କୃଷ୍ଣ, ଯଦୁନନ୍ଦନ । ବିଂ. ଯଦୁବଂଶୀୟ, ଯଦୁସମ୍ବନ୍ଧୀୟ । ବି. ନ. ଗୋ-ମହିଷାଦିରୂପ ଧନ । ପୁଂ. ଯଦୁବଂଶୀୟ ବ୍ୟକ୍ତି ।

ଯାଦବୀ, ବି. ସ୍ତ୍ରୀ. (ଯାଦବ ଈ) ବାସନ୍ତୀଦେବୀ, ଦୁର୍ଗା, ମନ୍ଦିର, କୁଟ୍ଟିନୀ, ଗୋଧନ ।

ଯାଦୁ, ବି. ( ଦେଶଜ ) ବଶୀକରଣ ବିଦ୍ୟା, ମୋହିନୀ ।

ଯାଦୃକ୍ } ( ଯଦ୍-ଦୃଶ୍-୦, ଅ ) ଯେରୂପ,
ଯାଦୃଶ } ଯେପରି ।

ଯାଦୁକର, (ଦେଶଜ) ଯେଉଁମାନେ ମାୟାଦ୍ୱାରା ଭେଲକୀଡ଼ା କରନ୍ତି, ଐନ୍ଦ୍ରଜାଲିକ ।

ଯାଦୁଘର, ବି. (ଦେଶଜ) ଯେଉଁଘରେ ପ୍ରାକୃତିକ ଓ ଶିଳ୍ପଜାତ ବହୁବିଧ ବସ୍ତୁ ସଂଗୃହୀତ ହୋଇଥାଏ ଚିତ୍ରଶାଳା । (Museum)

ଯାଦୃଚ୍ଛିକ, ବିଂ. ( ଯଦୃଚ୍ଛା-ଇକ ) ଯଦୃଚ୍ଛାପ୍ରାପ୍ତ, ସ୍ୱେଚ୍ଛାକୃତ, ସ୍ୱେଚ୍ଛାନୁଯାୟୀ ।

ଯାଦୋନାଥ, ବି. ପୁଂ. ( ଯାଦସ୍=ଜଳଚର ଜନ୍ତୁ-ନାଥ ) ସମୁଦ୍ର, ବରୁଣ ।

ଯାଦୋନିବାସଃ ବି. ନ. (ଯାଦସ୍-ନିବାସଃ) ଜଳ, ବାରି ।

ଯାନ, ବି. ନ. ( ଯା-ଅନ ) ବାହନ ହସ୍ତ୍ୟଶ୍ୱ ଶକଟାଦି ବାହନ, ଗମନ, ଆକ୍ରମଣ, ଶତ୍ରୁର ପ୍ରତିକୂଳରେ ଯାତ୍ରା ।

ଯାନପାତ୍ର, ବି. ନ. (ଯାନ ପାତ୍ର) ଅର୍ଣ୍ଣବପୋତ, ଜାହାଜ ।

ଯାପନ, ବି. ନ. ( ଯାପି-ଅନ ) କାଳକ୍ଷେପଣ, ସମୟ କଟେଇବା, କାଳ କ୍ଷେପଣ କରିବା, ଅବସ୍ଥାନ, ନିରସନ, ଅପସାରଣ ।

ଯାପିତ, ବିଂ. ( ଯାପି-ତ ) ଅତିବାହିତ, ଅପସାରିତ ।

ଯାପ୍ୟ, ବିଂ. ( ଯାପ-ଯ ) ନିନ୍ଦନୀୟ, ଅଧମ, ଯାପନୀୟ, କ୍ଷେପଣୀୟ, ଗୋପନୀୟ, ଆବରଣୀୟ, ନିଃଶେଷରେ ଅପ୍ରତୀକାର୍ଯ୍ୟ । ପୁଂ. ରୋଗବିଶେଷ ।

ଯାପ୍ୟଯାନ, ବି. ନ. (ଯାପ୍ୟ-ଯାନ) ଶିବିକା ।

ଯାମ, ବି. ପୁଂ (ଯା-ମ କିମ୍ବା ଯମ୍-ଅ) ଦିବାରାତ୍ରିର ଚତୁର୍ଥ ଭାଗୈକକାଳ, ପ୍ରହରପରିମିତ କାଳ, ସଂଯମ, ସମୟ । ଯଥା—

ଝଗଡ଼ି ମାତ୍ର ହେଲ ହେ ଶ୍ୟାମ,
ଝିଙ୍ଗିଟ ହେବାକୁ ସହସ୍ରେ ଯାମ । ବି. ଚ.

ଯାମଘୋଷ, ବି. ପୁଂ. (ଯାମ-ଘୋଷ) କୁକ୍କୁଟ, କୁକୁଡ଼ା, ଶୃଗାଳ, ଘଣ୍ଟିକାଯନ୍ତ୍ର, ପକ୍ଷିବିଶେଷ । ଷା-ସ୍ତ୍ରୀ. ଘଣ୍ଟିକାଯନ୍ତ୍ର, ଘଡ଼ୀ ।

ଯାମଳ, ବି. ନ. ( ଯମଳ-ଅ ) ଯୁଗ୍ମ, ଯୋଡ଼ା, ତନ୍ତ୍ରଶାସ୍ତ୍ରବିଶେଷ । ଏହା ଷଡ଼୍ବିଧ । ଯଥା—

ଅବ, ବ୍ରହ୍ମା, ବିଷ୍ଣୁ, ରୁଦ୍ର, ଗଣେଶ ଏବଂ ଅବତ୍ୟଯାମଳ ।

ଯାମବତୀ, ବି. ସ୍ତ୍ରୀ. (ଯାମ-ବତ୍-ଈ) ଯାମିନୀ, ରାତ୍ରି ।

ଯାମାତା, ବି. ପୁଂ. (ଜାୟା-ମା-ତୃ) ଜାମାତା, ଜୁଆଁଇଁ ।

ଯାମି, ବି. ସ୍ତ୍ରୀ. (ଯା-ମି) ଭଗିନୀ, ଦୁହିତା, କୁଳବଧୂ, ରାତ୍ରି, ଧର୍ମପତ୍ନୀ, ଦକ୍ଷିଣଦିକ୍ ।

ଯାମିକା, ବି. ସ୍ତ୍ରୀ. (ଯାମ-ଇକ-ଆ) ରାତ୍ରି ।

ଯାମିତ୍ର, ବି. ନ. ( ଯାମି-ତ୍ର ) ଲଗ୍ନଠାରୁ ସପ୍ତମରାଶି ।

ଯାମିତ୍ରବେଧ, ବି. ପୁଂ. ଲଗ୍ନର ସପ୍ତମ ସ୍ଥାନରେ ପ୍ରତିକୂଳ ଗ୍ରହସ୍ଥିତି ।

ଯାମିନୀ, ବି. ସ୍ତ୍ରୀ. (ଯାମ-ଇନ୍-ଈ) ରାତ୍ରି, ଯାମବତୀ, ହରିଦ୍ରା ।

ଯାମିନୀପତି, ବି. ପୁଂ. (ଯାମିନୀ-ପତି) ଚନ୍ଦ୍ର, ନିଶାପତି ।

ଯାମୀ, ବି. ସ୍ତ୍ରୀ, ( ଯମ-ଅ-ଈ ) ଦକ୍ଷିଣଦିକ୍, ଯାତନାଚୁତ୍ତାତ୍ତି । (ଯାମି-ଈ) କୁଳସ୍ତ୍ରୀ ।

ଯାମୁନ, ବି°. (ଯମୁନା-ଅ) ଯମୁନାସମ୍ବନ୍ଧୀୟ । ବି ନ ରସାଞ୍ଜନ, ସୀସକ ।

ଯାମେୟ, ବି. ପୁଂ. ( ଯାମି-ଏୟ ) ଭାଗିନେୟ, ଭଗିନୀର ପୁତ୍ର ।

ଯାମ୍ୟ, ବି. ପୁଂ. ( ଯାମୀ-ଯ ) ଚନ୍ଦନବୃକ୍ଷ, ଅଗସ୍ତ୍ୟମୁନି । ବି°. ଦକ୍ଷିଣଦେଶୀୟ (ଯମ୍-ଯ) ଯମସମ୍ବନ୍ଧୀୟ ।

ଯାମ୍ୟା, ବି. ସ୍ତ୍ରୀ. ( ଯମ-ଯ-ଆ ) ଦକ୍ଷିଣଦିକ୍, ଭରଣୀ ନକ୍ଷତ୍ର ।

ଯାମ୍ୟାୟନ, ବି. ନ. (ଯାମ୍ୟ-ଅୟନ) ଦକ୍ଷିଣାୟନ, ସୂର୍ଯ୍ୟଙ୍କର ଦକ୍ଷିଣଦିଗକୁ ଗମନ ।

ଯାଯାବର, ବି. ( ଯଙ୍ ଲୁଗନ୍ତ ଯା ଧାତୁରୁ ବର ପ୍ରତ୍ୟୟ ଶୀଳାର୍ଥେ ) ଅଶ୍ୱମେଧର ଅଶ୍ୱ, ଚରତ୍କାରୁ ମୁନି, ପର୍ଯ୍ୟଟକ, ସନ୍ନ୍ୟାସୀ । ବି°. ନିତ୍ୟଭ୍ରମଣକାରୀ ।

ଯାବ, ବି. ପୁଂ. (ଯୁ-ଅ) ଅଲକ୍ତକ,ଅଲତା ।

ଯାବକ, ବି. ପୁଂ. ( ଯୁ-ଅ, କ ) ଅଲକ୍ତକ । ଯଥା—

ପାଦେ ଯାବକ ଦେଲେଣି ମନାଇବ ।

(ଯବକ-ଅ) କୁଲ୍ମାଷ, ଅର୍ଦ୍ଧପକ୍ୱ ଯବ ।

ଯାବଜ୍ଜୀବନ, ବି. ନ. (ଯାବତ୍-ଜୀବନ) ଜୀବିତକାଳ ପର୍ଯ୍ୟନ୍ତ, ଯେତେ କାଳ ଜୀବିତ ଥିବା ।

ଯାବଡ଼ା, ବି. (ଦେଶଜ) ଗୃହଡ଼ା । କ୍ରି. ବି°. ଦୃଢ଼ଚିତ୍ତରେ । ବି°. ଦୃଢ଼ ।

ଯାବତ୍, ଅ°. (ଯଦ୍-ବତ୍) ପରିମାଣ, ସାକଲ୍ୟ, ଅବଧି, ପର୍ଯ୍ୟନ୍ତ । ଯଥା—

ଏ ରେବା ଚିହ୍ନଳା ଯାବତ ବହିବ,
ଯାବତ ଏ ଗିରି ହେବ ଗିରି । ବ°. ବ°

ହେତୁ, ଅବଧାରଣ, ସୀମା, ପ୍ରଶଂସା ପରିଚ୍ଛେଦ, ଅଧିକାର, ସମ୍ଭ୍ରମ, ସମୂହ ପଶ୍ଚାନ୍ତର । ବି°. ଯେତେ, ଯେତେସଂଖ୍ୟକ, ଯେତେଟିକିଏ ।

ଯାବତୀୟ, ବି°. (ଯାବତ୍-ଈୟ) ସମୁଦାୟ,ଯେତେ ଅଛି ।

ଯାବନ, ବି. ପୁଂ. (ଯବନ-ଅ) ଗନ୍ଧଦ୍ରବ୍ୟବିଶେଷ । ବି°. ଯବନସମ୍ବନ୍ଧୀୟ ।

ଯାବନ୍ତ, ବି°. (ଯାବତ୍ଶବ୍ଦଜ) ସମସ୍ତ । ଯଥା—

କହିତ ଯାବନ୍ତ ନୃପସେନା ସହ ନିଜ ବାହିନୀ ମିଶାଇ ।
ପାବଂଗ ।

ଯାବଶୂକ, ବି. ପୁଂ. ( ଯବଶୂକ-ଅ ) ଯବକ୍ଷାର, ସୋରା ।

ଯାବ୍ୟ, ବି°. ( ଯୁ-ଯ ) ମିଶ୍ରଣୀୟ, ମିଶ୍ରିତ, ଯୋଜନୀୟ ।

ଯାଷ୍ଟିକ, ବି. ପୁଂ. (ଯଷ୍ଟି-ଇକ) ଯଷ୍ଟିଧାରୀ, ଯୋଦ୍ଧା ।

ଯିଦ୍ / ଯିଦ } ବି. (ଯାବନିକ) ଜିଗର, ପଣ ।

ଯିଯବିଷା, ବି. ସ୍ତ୍ରୀ (ଯୁ-ସନ୍-ଅ) ମିଶ୍ରିତ କରିବାକୁ ଇଚ୍ଛା ।

ଯିୟବିଷୁ, ବିଂ. (ଯୁ-ସନ୍-ଉ) ମିଶ୍ରିତକରଣେଚ୍ଛୁ ।

ଯିୟାସୁ, ବିଂ. (ଯା ସନ୍-ଉ) ଗମନକରଣେଚ୍ଛୁ ।

ଯୁ, ବି. (ଦେଶଜ) ଶକ୍ତି, ଉପାୟ, କୌଶଳ ।

ଯୁଆନ , ବି. (ଯୁବନ୍ ଶବ୍ଦଜ) ଯୁବକ, ଯୁବା ।

ଯୁଆଳ, ବି. (ଯୁଗ ଶବ୍ଦଜ) ଯୁଗ, ରଥ, ଶକଟ ବା ଲଙ୍ଗଳ ପ୍ରଭୃତିର ଅଙ୍ଗବିଶେଷ ।

ଯୁକ୍ତ, ବିଂ. ( ଯୁଜ୍-ତ ) ନ୍ୟାଯ୍ୟ, ଉପଯୁକ୍ତ, ମିଳିତ, ସଂଲଗ୍ନ, ନିଯୁକ୍ତ, ଅବଶିଷ୍ଟ, ଆସକ୍ତ, ବ୍ୟାପୃତ । ବି ପୁଂ. ଯେଉଁ ଯୋଗିର ଯୋଗାଭ୍ୟାସ ହୋଇଅଛି । ନ ହସ୍ତଚତୁଷ୍ଟୟ, ଚାରି ହାତ ।

ଯୁକ୍ତି, ବି. ସ୍ତ୍ରୀ. (ଯୁଜ୍-ତି) ନ୍ୟାୟ, ମିଳନ, ସ୍ତୁତି, ଅନୁମାନ, ଲୋକବ୍ୟବହାର, କାରଣ, ନାଟ୍ୟାଙ୍ଗବିଶେଷ, ମନ୍ତ୍ରଣା, ଉପାୟ, ସିଦ୍ଧାନ୍ତ ।

ଯୁଗ, ବି. ନ. ( ଯୁ-ଗ ) ଯୁଗ୍ମ, ଯୋଡ଼ା, ସତ୍ୟ ତ୍ରେତା ଦ୍ୱାପର କଳି ଏହି ଚାରି କାଳ, ଚାରି ହାତ ପରିମାଣ । ପୁଂ. ରଥ, ଶକଟ ବା ଲଙ୍ଗଳପ୍ରଭୃତିର ଅଙ୍ଗବିଶେଷ, ଯୁଆଳ ।

ଯୁଗନ୍ଧର, ବି. ପୁଂ. ( ଯୁଗ-ଧୃ-ଅ ) କୂବର, ଯୁଗ କାଷ୍ଠରେ ଯେ କାଷ୍ଠ ସଂଲଗ୍ନ ଥାଏ, ଲଙ୍ଗଳର ଈଷ, ଗାଡ଼ିର ବୋମ୍ ପ୍ରଭୃତି, ପର୍ବତବିଶେଷ ।

ଯୁଗପତ୍, ଅଂ. ( ଯୁଗ-ପତ୍ ) ଏକଦା, ଏକ ସମୟରେ ।

ଯୁଗପାର୍ଶ୍ୱଗ, ବି. ପୁଂ. (ଯୁଗ-ପାର୍ଶ୍ୱ-ଗ) କର୍ଷଣ ଅଭ୍ୟାସାର୍ଥ ଲଙ୍ଗଳାଦିର ପାର୍ଶ୍ୱବର୍ତ୍ତୀ ଗୋରୁ ।

ଯୁଗଳ, ବି. ନ. (ଯୁଗ ଲ)ଯୁଗ୍ମ, ଯୋଡ଼ା ।

ଯୁଗାଂଶକ, ବି. ପୁଂ. (ଯୁଗ ଅଂଶକ) ବର୍ଷ,ଯୁଗର ବିଭାଜକ ।

ଯୁଗାନ୍ତ, ବି. ପୁଂ. ( ଯୁଗ-ଅନ୍ତ ) ପ୍ରଳୟକାଳ, ଚାରି ଯୁଗର ଅବସାନ ।

ଯୁଗ୍ମ, ବି. ନ. (ଯୁଜ-ମ) ଯୁଗଳ, ଯୋଡ଼ା, ଦୁଇ ଶ୍ଳୋକର ସମ୍ବନ୍ଧ, ମିଥୁନରାଶି, ମିଳନ ।

ଯୁଗ୍ୟ, ବି. ନ. ( ଯୁଗ ଯ ) ବାହନ, ଯାନ, ଯୁଗବାହୀ ପଶୁ ।

ଯୁଝ, ବି. ( ଯୁଦ୍ଧ ଶବ୍ଦର ଗ୍ରାମ୍ୟ ଉଚ୍ଚାରଣ ) ଯୁଦ୍ଧ ।

ଯୁଝିବା, କ୍ରି (ଯୁଧ୍ ଧାତୁଜ) ଯୁଦ୍ଧ କରିବା ।

ଯୁଞ୍ଜାନ, ବି. ପୁଂ. (ଯୁଜ୍-ଆନ) ସାରଥି, ବିପ୍ର । ବିଂ. ଯୋଗାଭ୍ୟାସକାରୀ ।

ଯୁଟିବା, କ୍ରି. ମିଳିବା, ଘଟିବା, ପ୍ରାପ୍ତ ହେବା ।

ଯୁଣ, ବି. ( ଯୋଜନ ଶବ୍ଦଜ ) ଚାରି କୋଶ ପରିମାଣ, ଏକପ୍ରକାର ଘାସ ।

ଯୁତ, ବିଂ. ( ଯୁ-ତ ) ଯୁକ୍ତ, ସଂଯୁକ୍ତ, ମିଳିତ, ଅମିଳିତ । ବି. ପୁଂ. ଚାରି ହସ୍ତ ପରିମାଣ ।

ଯୁତକ, ବି. ନ. ( ଯୁତ-କ ) ସନ୍ଦେହ, ଯୁଗ୍ମ, ଯୌତୁକ, ସ୍ତ୍ରୀଲୋକଙ୍କର ବସ୍ତ୍ରାଞ୍ଚଳ, ସୂର୍ପ ପ୍ରାନ୍ତ, ମୈତ୍ରୀକରଣ । ବିଂ. ଯୁକ୍ତ, ମିଳିତ ।

ଯୁତି, ବି ସ୍ତ୍ରୀ. (ଯୁ-ତି) ଯୋଗ, ମିଳନ ।

ଯୁଦ୍ଧ, ବି. ନ. (ଯୁଧ୍ ତ) ସଂଗ୍ରାମ, ରଣ, ସମର- ଲଢ଼ାଇ, ବିବାଦ, ଗ୍ରହର ଗତିବିଶେଷ ।

ଯୁଦ୍ଧରଙ୍ଗ, ବି. ପୁଂ. (ଯୁଦ୍ଧ-ରଙ୍ଗ) କାର୍ତ୍ତିକେୟ, ଷଡ଼ାନନ, ସେନାନୀ, ସ୍କନ୍ଦ ।

ଯୁଦ୍ଧସାର, ବି. ପୁଂ. (ଯୁଦ୍ଧ-ସୃ-ଅ)ଅଶ୍ୱ,ଘୋଟକ ।

ଯୁଧାଜିତ୍, ବି. ପୁଂ. ( ଯୁଧା-ଜି-୦ ) ଭରତ, ମାତୁଳ, କୈକେୟୀଭ୍ରାତା ।

ଯୁଧାନ, ବି. ପୁଂ. (ଯୁଧ-ଆନ)କ୍ଷତ୍ରିୟ, ଯୋଦ୍ଧା ।

ଯୁଧିଷ୍ଠିର, ବି. ପୁଂ. (ଯୁଧି-ସ୍ଥିର) ପଞ୍ଚପାଣ୍ଡବଙ୍କର ଜ୍ୟେଷ୍ଠ, ଧର୍ମପୁତ୍ର ।

ଯୁଯୁ, ବି. ପୁଂ. ଘୋଟକ, ଅଶ୍ୱ ।

ଯୁଯୁକ୍ଷମାଣ, ବିଂ. (ଯୁଜ୍-ସନ୍-ଆନ) ଯୋଗ- କରଣେଚ୍ଛୁକ, ମୁକ୍ତିକାମୀ ।

ଯୁଯୁତ୍ସୁ, ବିଂ. (ଯୁଧ୍-ସନ୍-ଉ) ଯୁଦ୍ଧ କରିବାକୁ ଇଚ୍ଛୁକ । ପୁଂ. ଧୃତରାଷ୍ଟ୍ରଙ୍କ ଔରସରେ ବୈଶ୍ୟା ଗର୍ଭଜାତ ପୁତ୍ରବିଶେଷ ।

ଯୁଯୁଧାନ, ବି. ପୁଂ. ଯୋଦ୍ଧା, ସାତ୍ୟକି, ଇନ୍ଦ୍ର, କ୍ଷତ୍ରିୟ ।

ଯୁଲମ୍, ବିଂ. (ଯାବନିକ) ଜବରଦସ୍ତି, ବଳାତ୍କାର ।

ଯୁବକ, ବି. ପୁଂ. (ଯୁବନ୍-କ) ଯୁବା, ତରୁଣ, ପ୍ରାପ୍ତଯୌବନ ।

ଯୁବଜାନି, ବି. (ଯୁବତୀ-ଜାୟା) ଯୁବତୀର ପତି, ଯାହାର ଜାୟା ଯୁବତୀ ।

ଯୁବତୀ } ବି. ସ୍ତ୍ରୀ. ( ଯୁବ-ତି ଈ ) ପ୍ରାପ୍ତଯୌବନା, ତରୁଣୀ, ଷୋଡ଼ଶବର୍ଷ
ଯୁବତି } ଅବଧି ତ୍ରିଂଶ ବର୍ଷବୟସ୍କା, ନବଯୌବନା, ଦ୍ୱାଦଶୀ ।

ଯୁବନାଶ୍ୱ, ବି. ପୁଂ. ସୂର୍ଯ୍ୟବଂଶୀୟ ନୃପବିଶେଷ, ମାନ୍ଧାତାଙ୍କ ପିତା ।

ଯୁବରାଜ, ବି. ପୁଂ. (ଯୁବନ୍-ରାଜନ୍) ରାଜପୁତ୍ର, ରାଜ୍ୟର ଉତ୍ତରାଧିକାରୀ ଏବଂ ରାଜକାର୍ଯ୍ୟର ସାହାଯ୍ୟକାରୀ ରାଜପୁତ୍ର ।

ଯୁବା, ବିଂ. (ଯୁ-ଅନ୍) ତରୁଣ, ୧୬ ଠାରୁ ୩୦ ବର୍ଷ ପର୍ଯ୍ୟନ୍ତ ବୟସ୍କ, ସୁନ୍ଦର, ବଳବାନ୍ ।

ଯୁଷ୍ମଦ୍, ସ. (ଯୁଷ-ମଦ୍) ତୁମ୍ଭେ, ମଧ୍ୟମ ପୁରୁଷ ।

ଯୁଷ୍ମଦୀୟ, ବିଂ. ( ଯୁଷ୍ମଦ୍ ଈୟ ) ତୁମ୍ଭମାନଙ୍କ ସମ୍ବନ୍ଧୀୟ, ତୁମ୍ଭମାନଙ୍କର ।

ଯୂଇ, ବି. ନ. (ଯୂଥିକା ଶବ୍ଦଜ) ପୁଷ୍ପବିଶେଷ । ( ଦେଶଜ ) ଚିତା । ( ସମ୍ବଲପୁର ) ନିଆଁ, ଅଗ୍ନି ।

ଯୂତି, ବି. ସ୍ତ୍ରୀ. (ଯୁ-ତି) ମିଶ୍ରଣ ।

ଯୂଥ, ବି. ପୁଂ. ନ ( ଯୁ-ଥ ) ପଶୁ ପକ୍ଷିର ଦଳ, ସମୂହ ।

ଯୂଥନାଥ } ବି. ପୁଂ. (ଯୂଥ ନାଥ, ପ) ବନ୍ୟ
ଯୂଥପ } ଗଜଦଳର ପ୍ରଧାନ ।

ଯୂଥିକା } ବି. ନ. ସ୍ତ୍ରୀ ( ଯୂଥୀ ଇକ ଆ,
ଯୂଥୀକା } ଇ-ଈ ) ମାଗଧୀକୁସୁମ, ଯୂଇଫୁଲ ।

ଯୂଥୀପ, ବି. ପୁଂ. (ଯୂଥ-ଈପ) ଯୂଥପ, ବନ୍ୟ ଗଜସମୂହର ପ୍ରଧାନ ।

ଯୂନୀ, ବି. ସ୍ତ୍ରୀ. (ଯୁବନ୍-ଈ) ତରୁଣୀ, ଯୁବତୀ ।

ଯୂପ, ବି. ପୁଂ. ନ. (ଯୁ-ପ) ଯଜ୍ଞୀୟ ପଶୁବନ୍ଧନାର୍ଥ ସଂସ୍କୃତ କାଷ୍ଠସ୍ତମ୍ଭ, ଯଜ୍ଞସ୍ତମ୍ଭ, ଜୟସ୍ତମ୍ଭ ।

ଯୂପଦ୍ରୁ } ବି. ପୁଂ. ( ଯୂପ-ଦ୍ରୁ, ଦ୍ରୁମ )
ଯୂପଦ୍ରୁମ } ଖଦିର ବୃକ୍ଷ, ରକ୍ତଖଦିର ।

ଯୂପୋଚ୍ଛ୍ରୟ, ବି.ପୁଂ. (ଯୂପ=ଯଜ୍ଞସ୍ତମ୍ଭ-ଉଚ୍ଛ୍ରୟ=ଉନ୍ନତି, ଉତ୍ତୋଳନ ) ଯଜ୍ଞସ୍ତମ୍ଭ ସ୍ଥାପନ ଉତ୍ସବବିଶେଷ ।

ଯେ } ସଂ ( ଯଦ୍ ଶବ୍ଦଜ ) ବିଶିଷ୍ଟରୂପେ
ଯେଉଁ } ବୋଧ୍ୟ ବ୍ୟକ୍ତି ବା ବସ୍ତୁ ।
ଯେହି }

ଯେଉଟି, ବି. ଫଳବିଶେଷ ।

ଯେତେ } ସଂ ( ଯଦ୍ ଶବ୍ଦଜ ) ଯେଉଁ
ଯେତେ } ପରିମାଣରେ । ଯଥା—

ଯେ ଯେତେ ତେଜସ୍ୱୀ ତା ତେଜ ମୋତେ ଅଟଇ ଜଣା ।
ଚ. ଭ.

ଯେଣିକି } ଅଂ. ଯେଉଁ ଆଡ଼େ । ଯଥା —
ଯେଣେ }

ଯେଣେ ଅନାଉଛି ଲଳନା ଫୁଲ ଯାଏ ବରଷି । ଚ. ଭ.

ଯେଣୁ, ଅଂ. ଯେଉଁ ହେତୁରୁ, ଯେଉଁଆଡ଼ୁ ।

ଯେମନ୍ତ } କ୍ରି. ବିଂ. (ଯଦ୍ ଶବ୍ଦଜ ) ଯେପରି,
ଯେମନ୍ତ } ଯେପ୍ରକାର ।
ଯେମନ୍ତ }

ଯେବେ, ଅଂ. ଯେଉଁ ସମୟରେ, ଯଦି ।

ଯେସନ } ଅଂ (ପଦ୍ୟ) ଯେପରି ।
ଯେତେଲେ }

ଯୋକ୍ତ୍ର, ବି. ନ. (ଯୁଜ୍-ତ୍ର) ହଳବନ୍ଧନ ରଜ୍ଜୁ, ଯୋତ ଦଉଡି, ଯୋଆଳି ।

ଯୋଖ, ବିଂ (ଯୁକ୍ ଶବ୍ଦଜ) ତୁଳନୀୟ, ସଦୃଶ । ବି. ତୁଳନା, ଉପମା ।

ଯୋଖା, ବିଂ. (ଦେଶଜ) ଯୋଡ଼ା, ସଂଯୁକ୍ତ, ବଦଳାଖଣ୍ଡ, ଏକ ନ୍ତ ମିଳିତ, ତୁଲ୍ୟ, ସଂବଦ୍ଧ ।

ଯୋଖିବା, କ୍ରି. (ଯୁକ୍ ଧାତୁଜ) ତୁଳନା କରିବା, ଯୁକ୍ତ କରିବା । ଯଥା —

ବଳଭଦ୍ରଙ୍କ ଅର୍ଦ୍ଧ ଶଶାଙ୍କ ଯୋଖିବା କି ଯୋଖିବା । ବୈ. ବି.

ଯୋଗ, ବି ପୁଂ. (ଯୁଜ୍-ଅ) ମିଳନ, ଐକ୍ୟ, ଜୀବାତ୍ମା ଓ ପରମାତ୍ମାର ସଂଯୋଗ, ସମ୍ବନ୍ଧ,

ସଦ୍ଭାବ, ପ୍ରୟୋଗ, ଉପାୟ, ସାମାଦି ଚତୁର୍ବିଧ ଉପାୟ, ଚିତ୍ତବୃତ୍ତିନିରୋଧ, ମନର ବିଷୟାନ୍ତର ନିବୃତ୍ତି, ଧ୍ୟାନ, ବିଷ୍କୁମ୍ଭ ମାହେନ୍ଦ୍ର ପ୍ରଭୃତି ସମୟାଂଶ, ଯୁକ୍ତି, ଧନସମ୍ପତ୍ତିର ଉପାର୍ଜନ ଓ ବର୍ଦ୍ଧନ, ଲାଭ, ପତଞ୍ଜଳିପ୍ରଣୀତ ଦର୍ଶନଶାସ୍ତ୍ରବିଶେଷ, ଛଳ, ପ୍ରତାରଣା, କୌଶଳ, ଦେହସ୍ଥୈର୍ଯ୍ୟ, ଔଷଧ, ବଶୀକରଣୋପାୟ, ଅପୂର୍ବ ଅର୍ଥପ୍ରାପ୍ତି, ଶୁଭକାଳ, ଅଙ୍କଶାସ୍ତ୍ରରେ ଦୁଇ ବା ତତୋଽଧିକ ରାଶିର ସମଷ୍ଟିକରଣ, ଜ୍ୟୋତିଃଶାସ୍ତ୍ରରେ ପ୍ରଧାନ ନକ୍ଷତ୍ର, ପରିଣାମ ନିୟମ ।

ଯୋଗଚର, ବି. ପୁଂ. (ଯୋଗ-ଚର) ହନୂମାନ୍, ଉପଯୁକ୍ତତା ।

ଯୋଗଜ, ବିଂ. (ଯୋଗ-ଜ) ଯୋଗଦ୍ୱାରା ଜାତ ।

ଯୋଗଣ, ବି. ( ଦେଶଜ ) ଦେବତା ବା ରାଜାମାନଙ୍କର ଭୋଜନ । ଯଥା—

ଯୋଗଣଲେ ରାତ୍ରେ ଭଜନପର୍ଯ୍ୟନ୍ତେ ହୋଇ ନିଦ୍ରାଅଭିଭୂତ ।
ଯ. କେ.

ଯୋଗଣିଆ, ବି. ( ଦେଶଜ ) ଯେ ଯୋଗାଇଦିଏ, ପାଚକଙ୍କୁ ସାହାଯ୍ୟ କରିବା ଭୃତ୍ୟ ।

ଯୋଗନିଦ୍ରା, ବି. ସ୍ତ୍ରୀ. ( ଯୋଗ-ନିଦ୍ରା ) ଦୁର୍ଗା, ଯୋଗରୂପ ନିଦ୍ରା, ଚିତ୍ତର ବିଷୟାନ୍ତରନିବୃତ୍ତିରୂପ ନିଦ୍ରା ।

ଯୋଗପଟ୍ଟିକା, ବି ସ୍ତ୍ରୀ. ( ଯୋଗ-ପଟ୍ଟକ-ଆ ) ଯୋଗିମାନଙ୍କର ବସ୍ତ୍ରବିଶେଷ ।

ଯୋଗପୀଠ, ବି ନ. (ଯୋଗ-ପୀଠ) ଯୋଗାସନ ।

ଯୋଗମାୟା, ବି. ସ୍ତ୍ରୀ. ଦୁର୍ଗା, ସଂସାରମାୟା ।

ଯୋଗରୂଢ଼, ବି.ପୁଂ. ଅବୟବଶକ୍ତି ଓ ଅର୍ଥଶକ୍ତିଦ୍ୱାରା ଅର୍ଥବୋଧକ ଯୌଗିକ ଅଥଚ ରୂଢ଼ ଶବ୍ଦ — ଯେପରି ପଙ୍କଜାଦି ।

ଯୋଗବାହ, ବି. ପୁଂ. (ଯୋଗ-ବହ୍-ଅ)ଅନୁସ୍ୱାର, ବିସର୍ଗ, ଜିହ୍ୱାମୂଳୀୟ, ଉପଧ୍ମାନୀୟ ।

ଯୋଗବାହୀ, ବିଂ. (ଯୋଗ-ବାହିନ୍) ଯୋଗଦ୍ୱାରା ବହନଶୀଳ । ବି. ପୁଂ. ପାରଦ, ପାଟ, କ୍ଷାରବିଶେଷ ।

ଯୋଗବିଦ୍, ବି. ପୁଂ. ( ଯୋଗ-ବିଦ୍ ) ଯୋଗୀ, ତପସ୍ୱୀ ।

ଯୋଗସାର, ବି. ପୁଂ. ସର୍ବରୋଗାପହାରକ ଉପାୟ ।

ଯୋଗାଇବା, କ୍ରି. କର୍ମନିର୍ବାହାର୍ଥ ଆବଶ୍ୟକ ବସ୍ତୁ ସଂଗ୍ରହ କରିଦେବା ।

ଯୋଗାକର୍ଷଣ, (Cohesion) (ଯୋଗ-ଆକର୍ଷଣ) ଯେଉଁ ଗୁଣଦ୍ୱାରା ଏକାଧିକ ପରମାଣୁ ଏକତ୍ରିତ ହୋଇଥାଏ, ପରସ୍ପର ବିଚ୍ଛିନ୍ନ ନ ହୁଏ, ପରମାଣୁ ସମସ୍ତଙ୍କର ସମଷ୍ଟୀକରଣ, ବନ୍ଧନ ।

ଯୋଗାଡ଼, ବି. (ଯୋଗ ଶବ୍ଦଜ) କର୍ମନିର୍ବାହର ଉପାୟ, କର୍ମର ଉଦ୍ୟୋଗ ।

ଯୋଗାଗୃହ, ବି ପୁଂ. ବୌଦ୍ଧ ମନ୍ଦିରବିଶେଷ ।

ଯୋଗାସନ, ବି. ନ. (ଯୋଗ-ଆସନ) ଧ୍ୟାନାସନ, ଯୋଗସାଧନାର୍ଥ ଉପବେଶନବିଶେଷ ।

ଯୋଗିନୀ, ବି. ସ୍ତ୍ରୀ ଯୋଗକାରଣୀ ନାରୀ, ୬୪ ସଂଖ୍ୟକ ଦେବୀବିଶେଷ, ତିଥିବିଶେଷ ।

ଯୋଗୀ ବି. ପୁଂ. (ଯୁଜ୍=ଯୋଗ କରିବା-ଇନ୍ ଅସ୍ତ୍ୟର୍ଥେ) ତପସ୍ୱୀ, ଦଣ୍ଡୀ,ସନ୍ନ୍ୟାସୀ, ବ୍ରହ୍ମବିଦ୍ ।

ଯୋଗୀଶ } ଯୋଗୀଶ୍ୱର } ବି. ପୁଂ. (ଯୋଗିନ୍-ଈଶ,ଈଶ୍ୱର) ବିଷ୍ଣୁ, ଶିବ, ଯାଜ୍ଞବଲ୍କ୍ୟ ।

ଯୋଗେଶ } ଯୋଗେଶ୍ୱର } ବି. ପୁଂ. (ଯୋଗ-ଈଶ,ଈଶ୍ୱର) ବିଷ୍ଣୁ, ଶିବ, ଯାଜ୍ଞବଲ୍କ୍ୟ ମୁନି ।

ଯୋଗ୍ୟ, ବିଂ. ( ଯୁଜ୍-ଘ୍ୟ ବା ଯୋଗ-ଯ ) ଶକ୍ତ, ସମର୍ଥ, ଉପଯୁକ୍ତ, ପବିତ୍ର, ନିପୁଣ, ପ୍ରତ୍ୟକ୍ଷ, ଯୋଗାର୍ହ । ବି. ପୁଂ. ପୁଷ୍ୟାନକ୍ଷତ୍ର । ଗ୍ୟା, ସ୍ତ୍ରୀ. ଅଭ୍ୟାସ, ଅନୁଶୀଳନ, ସୂର୍ଯ୍ୟପତ୍ନୀ । ନ. ପିଷ୍ଟକବିଶେଷ, ଶକଟାଦିର ବାହନ, ଚନ୍ଦନ ।

ଯୋଗ୍ୟତା, ବି ସ୍ତ୍ରୀ. ( ଯୋଗ୍ୟ-ତା ) କ୍ଷମତା, ପବିତ୍ରତା, ଉପଯୁକ୍ତତା, ପଦାର୍ଥ ସମୂହର ପରସ୍ପର ସମ୍ବନ୍ଧରେ ବାଧା ନ ଥିବା ।

**ଯୋଚବା**, କ୍ରି. (ଯୁଜ୍ ଧାତୁଜ) ଶଗଡ଼ ପ୍ରଭୃତିରେ ବଳଦ, ଘୋଡ଼ା ଆଦି ଲଗାଇବା, ଯୋଡ଼ିବା ।

**ଯୋଜକ**, ବି°. (ଯୁଜ୍-ଇ-ଅକ) ସଂଯୋଗକାରକ, ମେଳକ, (Isthmus), ଯେଉଁ ସଂକୀର୍ଣ୍ଣ ଭୂଭାଗ ଦୁଇ ବୃହତ୍ ଭୂଭାଗକୁ ପରସ୍ପର ସଂଯୁକ୍ତ କରେ ତାକୁ ଯୋଜକ କହନ୍ତି ।

**ଯୋଜନ**, ବି. ନ. ( ଯୁଜ୍-ଅନ ) ଚାରିକୋଶ ପରିମାଣ, ପରମାତ୍ମା, ଯୋଗ । ନା, ସ୍ତ୍ରୀ. ଏକତ୍ରୀକରଣ, ମିଳନ, ସଂଘଟ୍ଟ ।

**ଯୋଜନଗନ୍ଧା**, ବି. ସ୍ତ୍ରୀ. (ଯୋଜନ-ଗନ୍ଧ) କସ୍ତୁରୀ, ସୀତା, ସତ୍ୟବତୀ, ବ୍ୟାସଦେବଙ୍କ ମାତା ।

**ଯୋଜିତ**, ବି°. (ଯୁଜ୍-ଇ-ତ) ଯୁକ୍ତକୃତ, ମିଳିତ, ନିଯୁକ୍ତ, ରଚିତ ।

**ଯୋଡ଼**, ବି (ଦେଶଜ) ଯୁଗ୍ମ, ମିଳନ ।

**ଯୋଡ଼ା**, ବି°. ସଂଯୋଜିତ, ଯୁଗ୍ମ, ଦୁଇ, ଭୁଲା, ଏକାଠିଳ, ସଂମିଳିତ । ଯଥା—

> ଖୋକା ମଞ୍ଜିତ ଡାକୁ ଘୋଡ଼ା,
> କେଉଁଠେ ନୁହନ୍ତି ଯୋଡ଼ା ଯୋଡ଼ା,
> ଯେବେ ହୁଅନ୍ତି ଯୋଡ଼ା ଯୋଡ଼ା,
> ତେବେ ହୁଅନ୍ତି କାମୁଡ଼ା କାମୁଡ଼ା । ପ୍ରବଚନ ।

**ଯୋଡ଼ି** / **ଯୋଡ଼ିଏ** } ବି. ସମ୍ମିଳିତ, ଯୁଗ, ଦୁଇ । ଯଥା—

> ତାହାଙ୍କ ଖର ପଡ଼ିଛି କେଳ ଯାଉଛି ବୁଡ଼ି,
> କି ସୁନ୍ଦର ପାରା ଯୋଡ଼ିଏ ଯାଉଅଛନ୍ତି ଉଡ଼ି । ନିର୍ଝରଣୀ ।

**ଯୋଡ଼ିବା**, କ୍ରି. (ଦେଶଜ) ଅନ୍ୟବସ୍ତୁସଙ୍ଗେ ମିଳାଇବା, ସଂଯୁକ୍ତ କରିବା । ଯଥା—

> କରଯୋଡ଼ି ରାମ କହନ୍ତି ବାଣୀ,
> ପୁରବାସୀ ସବେ ଦିଅ ମେଲାଣି । ଶ୍ରୀରାମ ବନବାସ ।

**ଯୋତ**, ( ଯୋକ୍ତ୍ର ଶବ୍ଦଜ ) ଲାଙ୍ଗଳାଦିବାନ୍ଧି ବୃଷାଦିର ସ୍କନ୍ଧସ୍ଥ କାଷ୍ଠବିଶେଷ, ଯୁଆଳି, ଯୁଗାଦି ବନ୍ଧନରଜ୍ଜୁ, ଯୋତ ଦଉଡ଼ି । (ଯାବନିକ) ପ୍ରଜାରୂପେ ଜମି ଚାଷ କରିବା ।

**ଯୋତଦାର**, ବି. (ଯାବନିକ) ପ୍ରଜା, ରୟତ ।

**ଯୋତା**, (ଦେଶଜ) ଚର୍ମପାଦୁକା ।

**ଯୋକ୍ତ୍ର**, ବି. ନ. ( ଯୁଜ୍-ତ୍ର ) ଲାଙ୍ଗଳାଦିବାନ୍ଧି ବୃଷାଦିର ସ୍କନ୍ଧସ୍ଥ କାଷ୍ଠବିଶେଷ, ଯୁଆଳି, ଯୁଗାଦିବନ୍ଧନରଜ୍ଜୁ, ଯୋତ ଦଉଡ଼ି, ସନ୍ଧାନ ।

**ଯୋଦ୍ଧା**, ବି. ପୁଂ. ( ଯୁଧ୍-ତୃ ) ଯୁଦ୍ଧକାରକ, ବୀର, ପ୍ରହର୍ତ୍ତା ।

**ଯୋଧ**, ବି ପୁଂ (ଯୁଧ୍-ଅ) ଯୋଦ୍ଧା ।

**ଯୋଧନ**, ବି. ନ. ( ଯୁଧ୍-ଅନ ) ଯୁଦ୍ଧ, ଅସ୍ତ୍ର । ପୁଂ. ଯୋଦ୍ଧା ।

**ଯୋଧସଂରାବ**, ବି. ପୁଂ. (ଯୋଧ-ସଂରାବ) ଯୋଦ୍ଧାମାନଙ୍କର ପରସ୍ପର ଯୁଦ୍ଧ ନିମିତ୍ତ ଆହ୍ୱାନ, ପରସ୍ପର ସ୍ପର୍ଦ୍ଧା କରିବା ।

**ଯୋଧୀ** / **ଯୋଧେୟ** / **ଯୌଧେୟ** } ବି. ପୁଂ. (ଯୁଧ୍-ଇନ୍, ଯୋଧ-ଏୟ) ଯୋଦ୍ଧା, ଯୁଦ୍ଧକାରୀ ।

**ଯୋନି**, ବି. ପୁଂ. ସ୍ତ୍ରୀ. ଯୁ-ନି) ଆକର, ଉତ୍ପତ୍ତିସ୍ଥାନ, କାରଣ, ସ୍ତ୍ରୀଚିହ୍ନ, ଜଳ ।

**ଯୋନିଜ**, ବି°. ( ଯୋନି-ଜ ) ଯୋନିରୁ ଜାତ, ଜରାୟୁଜ ଏବଂ ଅଣ୍ଡଜ ପ୍ରାଣୀସମୂହ ।

**ଯୋବରା**, ବି°. ଅପରିଷ୍କୃତ, ଘୃଣାଜନକ ।

**ଯୋର୍**, ବି ( ଯାବନିକ ) ବଳ, ଶକ୍ତି, ବଳାତ୍କାର ।

**ଯୋଷା** / **ଯୋଷିତ୍** / **ଯୋଷିତା** } ବି. ସ୍ତ୍ରୀ. ( ଯୁଷ୍-ଅ, ଅ, ଇତ ) ନାରୀ ।

**ଯୌକ୍ତିକ**, ବି°. ( ଯୁକ୍ତି-ଇକ ) ଯୁକ୍ତିଯୁକ୍ତ, ପ୍ରାମାଣିକ, ଯୁକ୍ତିକାରୀ । ବି. ପୁଂ. ନର୍ମସଚିବ ।

**ଯୌଗିକ**, ବି°. ( ଯୋଗ-ଇକ ) ଯୋଗଜାତ । ବି. ପୁଂ. ପ୍ରକୃତି ପ୍ରତ୍ୟୟଦ୍ୱାରା ଅର୍ଥବାଚକ ଶବ୍ଦ । ଯଥା—ସୁଖଦ ଇତ୍ୟାଦି ।

**ଯୌତକ** / **ଯୌତୁକ** } ବି. ନ. ( ଯୁତକ-ଅ, ଯୁ-ତୁକ) ଉଦ୍ୱାହିକ, ବିବାହକାଳରେ ଦମ୍ପତିର ଲବ୍ଧ ଧନ । ଯଥା—

ଯଉତୁକ ସମାଗ୍ରୀ ସେନାଇ ସତବକୁ,
ପ୍ରେଷିତ କଲେ ଭୂତଳ କୁମାର ପାଶକୁ ସେ । ରା.ବ.

ଯୌତକ, ବି. ନ. (ଯୋତୁ-ଅ) ଯଉତୁକ ।

ଯୌନ, ବିଂ. (ଯୋନି-ଅ) ଯୋନିସମ୍ବନ୍ଧୀୟ, ଯୋନିଜାତ, ବିବାହବଂଶପୂର୍ବକ ।

ଯୌବତ, ବି. ନ. (ଯୁବତୀ-ଅ) ଯୁବତୀ ସମୂହ ।

ଯୌବନ, ବି. ନ. (ଯୁବନ୍-ଅ) ତାରୁଣ୍ୟ, ତରୁଣାବସ୍ଥା, ୧୬ ବର୍ଷଠାରୁ ୩୦ ବର୍ଷ ପର୍ଯ୍ୟନ୍ତ ।

ଯୌବନକଣ୍ଟକ ବି. ପୁଂ. ନ. (ଯୌବନ-କଣ୍ଟକ) ଯୁବଗଣ୍ଡ, ବୟୋବ୍ରଣ ।

ଯୌବନାଶ୍ୱ, ବି. ପୁଂ. (ଯୁବନାଶ୍ୱ-ଅ; ଯୁବନାଶ୍ୱ-ରାଜପୁତ୍ର, ମାନ୍ଧାତା ।

ଯୌବରାଜ୍ୟ, ବି. ନ. (ଯୁବରାଜ-ଯ) ଯୁବରାଜର ପଦ, ପିତୃସତ୍ତ୍ୱେ ପୁତ୍ରର ରାଜପଦ ।

ଯୌଷ୍ମାକ } ବିଂ. (ଯୁଷ୍ମାକ ଅ, ଈନ) ଯୁଷ୍ମତ୍
ଯୌଷ୍ମାକୀଣ } ସମ୍ବନ୍ଧୀୟ, ଭବତ୍ ସମ୍ବନ୍ଧୀୟ ।

—୦—

# ର

ର, ବ୍ୟଞ୍ଜନ ବର୍ଣ୍ଣର ସପ୍ତବିଂଶ ବର୍ଣ୍ଣ. ଏହାର ଉଚ୍ଚାରଣ ସ୍ଥାନ ମୂର୍ଦ୍ଧା । (ରା-ଅ) ବା (ରମ୍-ଅ) ବି. ପୁଂ. ଅଗ୍ନି, କାମାଗ୍ନି, ରଙ୍ଗ, ବର୍ଣ୍ଣ, ବେଗ, ସ୍ୱର୍ଣ୍ଣ, ଉତ୍ତାପ । ବିଂ. ତୀକ୍ଷ୍ଣ ।

ରଇ, ବି. (ଦେଶଜ) ଚଢ଼ାନାଲ ।

ରଇତ }
ରଏତ } ବି (ଯାବନିକ) ପ୍ରଜା, ଯେ
ରୟତ } ଭୂସ୍ୱାମିର ଜମି ଚାଷ କରେ ।

ରଓ୍ୟାନା, ବି. (ଯାବନିକ) ଚଲାନ୍, ଏକ-ସ୍ଥାନରୁ ସ୍ଥାନାନ୍ତରକୁ ଯିବା ।

ରଂହଃ, ବି. ନ. (ରମ୍ ଅସ୍, ହ ଆଗମ) ବେଗ, ଶୀଘ୍ରତା ।

ରକମ, ବି. (ଯାବନିକ) ପ୍ରକାର

ରକବା, ବି. (ଯାବନିକ) ଭୂମିସଂକ୍ରାନ୍ତ କାଗଜ ।

ରକା, ବି. (ଦେଶଜ) ବାତରୋଗବିଶେଷ, ଦେହର କୌଣସି ସ୍ଥାନରେ ବାୟୁ ଅଟକି ଯାଇ ପୀଡ଼ା ହେବା ।

ରକ୍ତ, ବିଂ. (ରନ୍ଜ-ତ) ରଞ୍ଜିତ, ରଙ୍ଗ କରିବା, ଅନୁରକ୍ତ, ଆସକ୍ତ, ମଧୁର, ସୁଶ୍ରାବ୍ୟ, ଲୋହିତ, କ୍ରୀଡ଼ାଶକ୍ତ । ବି. ପୁଂ. କୁସୁମ୍ଭ, ହିଞ୍ଜଳ, ଲୋହିତବର୍ଣ୍ଣ । ନ. ଶୋଣିତ, ରୁଧିର, କୁଙ୍କୁମ, ତାମ୍ର, ତମ୍ବା, ପଦ୍ମକ, ସିନ୍ଦୂର, ହିଙ୍ଗୁଳ । କ୍ତା, ସ୍ତ୍ରୀ. ଗୁଞ୍ଜା, ଲାଷା ।

ରକ୍ତକ, ବି. ପୁଂ. (ରକ୍ତ-କ) ଅମ୍ଲାନବୃକ୍ଷ । ନ. ରୁଧିର, ରକ୍ତବସ୍ତ୍ର । ବିଂ. ଅନୁରାଗୀ, ଅନୁରକ୍ତ ।

ରକ୍ତକଣ୍ଠ ବିଂ. (ରକ୍ତ=ମଧୁର-କଣ୍ଠ=କଣ୍ଠଧ୍ୱନି) ସୁସ୍ୱରକଣ୍ଠ, ଯାହାର କଣ୍ଠସ୍ୱର ଉତ୍କୃଷ୍ଟ ।

ରକ୍ତକନ୍ଦ } ବି. ପୁଂ. (ରକ୍ତ-କନ୍ଦ, ରକ୍ତ-
ରକ୍ତକନ୍ଦଳ } କନ୍ଦ-ଲ ବିଦ୍ରୁମ, ପ୍ରବାଳ, ପୋହଳା ।

ରକ୍ତକମଳ, ବି. ନ. (ରକ୍ତ-କମଳ) ରକ୍ତବର୍ଣ୍ଣ ପଦ୍ମ ।

ରକ୍ତକୁମୁଦ } ବି. ନ. (ରକ୍ତ-କୁମୁଦ,
ରକ୍ତକୈରବ } କୈରବ) ରକ୍ତବର୍ଣ୍ଣ ପଦ୍ମ, ରକ୍ତକଇଁ ।

ରକ୍ତଚନ୍ଦନ, ବି. ପୁଂ. ରକ୍ତଚନ୍ଦନଗଛ ।

ରକ୍ତଚୂର୍ଣ୍ଣ, ବି. ନ. (ରକ୍ତ-ଚୂର୍ଣ୍ଣ) ହିନ୍ଦୁର, ରକ୍ତବର୍ଣ୍ଣ ଗୁଣ୍ଡା ।

ରକ୍ତଜିହ୍ୱ, ବି. ପୁଂ. (ରକ୍ତ-ଜିହ୍ୱା) ସିଂହ । ବିଂ. ରକ୍ତବର୍ଣ୍ଣ ଜିହ୍ୱାବିଶିଷ୍ଟ ।

**ରକ୍ତତୁଣ୍ଡ**, ବି. ପୁଂ. ( ରକ୍ତ-ତୁଣ୍ଡ ) ଶୁକପକ୍ଷୀ । ବିଂ. ଲୋହିତମୁଖ ।

**ରକ୍ତଦନ୍ତୀ** } **ରକ୍ତଦନ୍ତିକା** } ବି. ସ୍ତ୍ରୀ. ( ରକ୍ତ-ଦନ୍ତ-ଈ, ରକ୍ତଦନ୍ତୀ-କ-ଆ) ଭଗବତୀଙ୍କ ରୂପବିଶେଷ ।

**ରକ୍ତଦୃକ୍**, ବି. ପୁଂ. ସ୍ତ୍ରୀ. (ରକ୍ତ-ଦୃଶ୍) କପୋତ କପୋତୀ । ବିଂ. ରକ୍ତବର୍ଣ୍ଣ ଚକ୍ଷୁବିଶିଷ୍ଟ ।

**ରକ୍ତଧାତୁ**, ବି. ପୁଂ. ( ରକ୍ତ-ଧାତୁ ) ଗୈରିକ, ଗୋରୁମାଟି, ତମ୍ବା, ରକ୍ତବର୍ଣ୍ଣ ଧାତୁ ।

**ରକ୍ତନାସିକ**, ବି. ପୁଂ. (ରକ୍ତ ନାସିକା) ପେଚକ, ପେଚା । ବିଂ. ରକ୍ତବର୍ଣ୍ଣ ନାସିକାଯୁକ୍ତ ।

**ରକ୍ତପ**, ବି. ପୁଂ. ( ରକ୍ତ-ପା-ଅ ) ରାକ୍ଷସ । ବିଂ. ରକ୍ତପାନକର୍ତ୍ତା ।

**ରକ୍ତପା**, ବି. ସ୍ତ୍ରୀ. ( ରକ୍ତ-ପ =ପାନକରିବା-ଆ ) ଜୋକ, ଡାକିନୀ, ରାକ୍ଷସୀ ।

**ରକ୍ତପାଦ**, ବି.ପୁଂ. (ରକ୍ତ-ପାଦ) ଶୁକପକ୍ଷୀ । ବିଂ. ଯାହାର ପାଦ ରକ୍ତବର୍ଣ୍ଣ ।

**ରକ୍ତପାୟୀ**, ବି. ପୁଂ. ( ରକ୍ତ-ପାୟିନ୍ ) ଯେଉଁ କୀଟମାନେ ରକ୍ତ ପାନ କରନ୍ତି, ମଙ୍କୁଣ, ଛାରପୋକ, ମଶା ।

**ରକ୍ତପିଣ୍ଡ**, ବି. ନ. ( ରକ୍ତ-ପିଣ୍ଡ ) ଜବାପୁଷ୍ପ, ମନ୍ଦାରଫୁଲ, ରକ୍ତଗୋଲ୍ଲ ।

**ରକ୍ତପିତ୍ତ**, ବି. ପୁଂ. (ରକ୍ତ-ପିତ୍ତ) ରକ୍ତାଧିକ୍ୟ ରୋଗବିଶେଷ, ମୁଖରୁ ଅକସ୍ମାତ୍ ରକ୍ତ ବମନ ।

**ରକ୍ତପୁଷ୍ପ**, ବି. ପୁଂ. କରବୀର, ରକ୍ତକାଞ୍ଚନବୃକ୍ଷ, ଡାଳିମ୍ବବୃକ୍ଷ, ବନ୍ଧୁକବୃକ୍ଷ, ପୁନ୍ନାଗବୃକ୍ଷ । ସ୍ତ୍ରୀ. ଶାଳ୍ମଳୀବୃକ୍ଷ, ପାଟଳିବୃକ୍ଷ, ଜବା ।

**ରକ୍ତଫଳ**, ବି. ପୁଂ. (ରକ୍ତ-ଫଳ) ବଟବୃକ୍ଷ ।

**ରକ୍ତଫଳା**, ବି. ସ୍ତ୍ରୀ. (ରକ୍ତ-ଫଳ-ଆ) ବିମ୍ବିକା, ଗୋରୁଖିଆ ଫଳ, କଇଁସିକାକୁଡ଼ ।

**ରକ୍ତଫେନଜ**, ବି. ପୁଂ. (ରକ୍ତ-ଫେନ-ଜ) ବାମ ପାର୍ଶ୍ୱସ୍ଥ କ୍ଲୋମ, ଫୁସ୍ ଫୁସ୍ ।

**ରକ୍ତବୀଜ**, ବି. ପୁଂ. (ରକ୍ତ-ବୀଜ) ଅସୁରବିଶେଷ, ଶୁମ୍ଭ ନିଶୁମ୍ଭର ସେନାପତି, ଡାଳିମ୍ବ ।

**ରକ୍ତମୋକ୍ଷଣ**, ବି. ନ. ( ରକ୍ତ-ମୋକ୍ଷଣ=ମୋଚନ ) ଶୋଣିତସ୍ରାବ ।

**ରକ୍ତରେଣୁ**, ବି. ପୁଂ. (ରକ୍ତ-ରେଣୁ) ସିନ୍ଦୂର, ପଲାଶପୁଷ୍ପକଳିକା, ପୁନ୍ନାଗବୃକ୍ଷ ।

**ରକ୍ତଲୋଚନ**, ବି. ପୁଂ. ( ରକ୍ତ-ଲୋଚନ ) କପୋତ, ପାରା । ବିଂ. ଯାହାର ଚକ୍ଷୁ ରକ୍ତ ବର୍ଣ୍ଣ ।

**ରକ୍ତବର୍ଦ୍ଧନ**, ବି. ପୁଂ. (ରକ୍ତ-ବର୍ଦ୍ଧନ) ବାର୍ତ୍ତାକୀ, ବାଇଗଣ ।

**ରକ୍ତସଂଜ୍ଞ**, ବି. ନ. (ରକ୍ତ-ସଂଜ୍ଞା) କୁଙ୍କୁମ ।

**ରକ୍ତସନ୍ଧ୍ୟକ**, ବି. ନ. (ରକ୍ତ-ସନ୍ଧ୍ୟା-କ) ରକ୍ତ କହ୍ଲାର ।

**ରକ୍ତସାର**, ବି. ନ. ରକ୍ତଚନ୍ଦନ, ରକ୍ତଖଦିର ।

**ରକ୍ତା**, ବିଂ. ସ୍ତ୍ରୀ (ରକ୍ତ-ଆ) ଗୁଞ୍ଜା, କାଇଁଚ, ଲାକ୍ଷା ।

**ରକ୍ତାକ୍ତ**, ବିଂ. ( ରକ୍ତ-ଅକ୍ତ ) ଶୋଣିତମିଶ୍ରିତ, ରଞ୍ଜିତ । ବି. ନ. ରକ୍ତଚନ୍ଦନ ।

**ରକ୍ତାକ୍ଷ**, ବି. ପୁଂ. (ରକ୍ତ-ଅକ୍ଷି-ଅ) ମହିଷ, ପାରାବତ, ସାରସ, ଚକୋରପକ୍ଷୀ, କ୍ରୂରବ୍ୟକ୍ତି । ବିଂ. ରକ୍ତଚକ୍ଷୁ, ରକ୍ତବର୍ଣ୍ଣ ଚକ୍ଷୁର୍ବିଶିଷ୍ଟ, କ୍ରୂର ।

**ରକ୍ତାଙ୍ଗ**, ବି. ପୁଂ. (ରକ୍ତ-ଅଙ୍ଗ) ମଙ୍ଗଳଗ୍ରହ, ମତ୍କୁଣ । ନ. ପ୍ରବାଳ, କୁଙ୍କୁମ । ବିଂ. ରକ୍ତଦେହ ।

**ରକ୍ତାତିସାର**, ବି. ପୁଂ. ( ରକ୍ତ-ଅତିସାର ) ରୋଗବିଶେଷ ।

**ରକ୍ତାଧାର**, ବି. ପୁଂ. (ରକ୍ତ-ଆଧାର) ଶରୀରର ଚର୍ମ ।

**ରକ୍ତାଶୟ**, ବି. ( Heart, ରକ୍ତ-ଆଶୟ ) ରକ୍ତର ଆଧାର, ସ୍ଥାନ, ହୃତ୍ପିଣ୍ଡ ।

**ରକ୍ତିମା**, ବି. ପୁଂ. (ରକ୍ତ-ଇମନ୍) ଶୋଣିତବର୍ଣ୍ଣ, ଲାଲବର୍ଣ୍ଣ ।

ରକ୍ତୋପଳ, ବି. ନ. (ରକ୍ତ-ଉପଳ) ଗିରିମାଟି ଗୈରିକ ।

ରକ୍ତୋତ୍ପଳ, ବି. ପୁଂ. (ରକ୍ତ-ଉତ୍ପଳ) କୋକନଦ, ଶାଲ୍ମଳୀବୃକ୍ଷ ।

ରକ୍ଷ, ବି. ପୁଂ. } (ରକ୍ଷ୍ ଅ, ଆ) ପାଳନ
ରକ୍ଷା, ବି. ସ୍ତ୍ରୀ. } ପରିତ୍ରାଣ, ଲକ୍ଷା । ବିଂ. ରକ୍ଷାକର୍ତ୍ତା । ସ୍ତ୍ରୀ. ଭସ୍ମ ।

ରକ୍ଷକ, ବିଂ. (ରକ୍ଷ୍-ଅ) ରକ୍ଷାକର୍ତ୍ତା, ପାଳନକର୍ତ୍ତା, ତ୍ରାଣକର୍ତ୍ତା ।

ରକ୍ଷଣ, ବି. ନ. (ରକ୍ଷ୍-ଅନ) ପାଳନ, ପରିତ୍ରାଣ । ବିଂ. ରକ୍ଷକ ।

ରକ୍ଷଣୀୟ, ବିଂ. (ରକ୍ଷ୍-ଅନୀୟ) ରକ୍ଷା କରିବା ଯୋଗ୍ୟ, ରକ୍ଷାର୍ହ ଆଶ୍ରୟାର୍ହ ।

ରକ୍ଷଃ, ବି. ନ. (ରକ୍ଷ୍-ଅସ୍) ରାକ୍ଷସ ।

ରକ୍ଷସଭା, ବି. ନ. (ରକ୍ଷସ୍-ସଭା) ରାକ୍ଷସସମୂହ ।

ରକ୍ଷାଗୃହ, ବି. ନ. (ରକ୍ଷା-ଗୃହ) ସୂତିକାଗାର ।

ରକ୍ଷିତ, ବିଂ. (ରକ୍ଷ୍-ତ) ପରିତ୍ରାତ, ପାଳିତ । ବି. ପୁଂ. ଉପାଧିବିଶେଷ, ବୈଦ୍ୟକ ଗ୍ରନ୍ଥବିଶେଷ ।

ରକ୍ଷିସୈନ୍ୟ, (Guards) କୌଣସି ସ୍ଥାନ ଅଥବା କୌଣସି ଲୋକଙ୍କୁ ଶତ୍ରୁ ଆକ୍ରମଣ ଅବା ଅନ୍ୟ ପ୍ରକାର ଅପକାରରୁ ରକ୍ଷା କରିବା ନିମିତ୍ତ ନିୟୋଜିତ ସୈନ୍ୟ ।

ରକ୍ଷୀ
ରକ୍ଷକ } ବିଂ. (ରକ୍ଷ୍-ଇନ୍, ଅକ, ରକ୍ଷି-ତୃ-) ରକ୍ଷାକର୍ତ୍ତା ।
ରକ୍ଷିତା

ରକ୍ଷୋଘ୍ନ } ବି. ନ. (ରକ୍ଷସ୍-ଘ୍ନ, ହନ୍)
ରକ୍ଷୋହା } କାଞ୍ଜିକ, ହିଙ୍ଗୁ, ଶ୍ୱେତସର୍ଷପ, ଭଲ୍ଲାତକବୃକ୍ଷ । ବିଂ. ରାକ୍ଷସନାଶକ ।

ରକ୍ଷୋଜନନୀ, ବି. ସ୍ତ୍ରୀ. (ରକ୍ଷସ୍-ଜନନୀ) ରାତ୍ରି, ରାକ୍ଷସମାତା ।

ରକ୍ଷ୍ୟ, ବିଂ. (ରକ୍ଷ୍-ଯ) ରକ୍ଷଣୀୟ, ରକ୍ଷା କରିବାର ଯୋଗ୍ୟ ।

ରଖିବା, କ୍ରି. (ରକ୍ଷ ଧାତୁଜ) ରକ୍ଷା କରିବା, ଥୋଇବା, ପାଳିବା ।

ରଖୁଆଳ, ବି. (ରକ୍ଷକ ଶବ୍ଦଜ) ରକ୍ଷକ, ପାଳକ ।

ରଗ, ବି. (ଦେଶଜ) ରାଗ । (ଯବନଜ) କପୋଳ-ପାର୍ଶ୍ୱଦ୍ୱୟର ଶିର ।

ରଗଡ଼ିବା, କ୍ରି. (ଦ୍ରାଗଡ଼ ଶବ୍ଦଜ କି ?) ଶିଳ ତଳଦ୍ୱାରା କୌଣସି ପଦାର୍ଥକୁ କ୍ଷୁଦ୍ର କ୍ଷୁଦ୍ର ଅଂଶରେ ବିଭକ୍ତ କରିବା ।

ରଘୁ, ବି. ପୁଂ. (ରଘ୍-ଉ) ସୂର୍ଯ୍ୟବଂଶୀୟ ଦିଲୀପ-ରାଜାଙ୍କ ପୁତ୍ର, ରାମଚନ୍ଦ୍ରଙ୍କ ପ୍ରପିତାମହ, କାଳି-ଦାସପ୍ରଣୀତ କାବ୍ୟଗ୍ରନ୍ଥବିଶେଷ, ରଘୁବଂଶୀୟ ଅଜ ପ୍ରଭୃତି କ୍ଷତ୍ରିୟ ।

ରଘୁନନ୍ଦନ, ରଘୁନାଥ } ବି. ପୁଂ. (ରଘୁନନ୍ଦନ,
ରଘୁପତି, ରଘୁବର } ନାଥ, ପତି, ବର,
ରଘୂଦ୍ୱହ, ରଘୁବଂଶତିଳକ } ଉଦ୍ୱହ=ଶ୍ରେଷ୍ଠ, ରଘୁବଂଶ ତିଳକ) ରାମଚନ୍ଦ୍ର ।

ରଘୁବଂଶ, ବି. ପୁଂ. (ରଘୁ-ବଂଶ) ରଘୁରାଜବଂଶ । ନ. ରଘୁଙ୍କ ପିତା ଦିଲୀପ ରାଜାଙ୍କଠାରୁ ଅଗ୍ନିବର୍ଣ୍ଣ ପର୍ଯ୍ୟନ୍ତ ବର୍ଣ୍ଣନାତ୍ମକ କାଳିଦାସ-ପ୍ରଣୀତ ମହାକାବ୍ୟ ।

ରଙ୍କ, ବିଂ. (ରନ୍କ୍-ଅ) କୃପଣ, ଦରିଦ୍ର, ନୀଚ, କ୍ଷୁଦ୍ର, ଲୋଭୀ । ଯଥା—

ରଣରଙ୍କ ତେଙ୍କା ଯ ବଂଶଶେଖର ।

ଦରିଦ୍ର ଅର୍ଥରେ । ଯଥା—

ସତ ରତନ ରଙ୍କ ପାଇବା ର, ଶମ ଆନନ୍ଦ ବଢ଼ିଲା କୃଷ୍ଣର ।

ରଙ୍କା
ରଙ୍କାଳିଆ } ବିଂ. (ଦେଶଜ) ଲୋଭୀ କୃପ ।

ରଙ୍କୁ, ବି. ପୁଂ. (ରମ୍-ଉ) ମୃଗବିଶେଷ, ଯେ ହରିଣର ପୃଷ୍ଠଦେଶ କର୍ବୁରବର୍ଣ୍ଣ ।

ରଙ୍କୁଣୀ, ବି. ସ୍ତ୍ରୀ. (ରନ୍କ-ଉଣୀ) କୃପଣା ସ୍ତ୍ରୀ, ଦରିଦ୍ରାଣୀ ।

ରଙ୍ଗ, ବି. (ରନ୍ଜ୍-ଅ) ରଞ୍ଜକଦ୍ରବ୍ୟ, ବର୍ଣ୍ଣ, ରଙ୍ଗ, ନାଟ୍ୟ ନୃତ୍ୟ ଗୀତ ଅଭିନୟାଦି, ନାଟ୍ୟଶାଳା, ପରିହାସ, ରଣଭୂମି । ନ. ରଙ୍ଗ ଧାତୁ ।

ରଙ୍ଗଜ, ବି. ନ. (ରଙ୍ଗ-ଜ) ସିନ୍ଦୂର ।

ରଙ୍ଗଜୀବକ, ବି. ପୁଂ. (ରଙ୍ଗ=ନାଟ୍ୟଶାଳା-ଜୀବକ=ଯେ ଜୀବିକା ନିର୍ବାହ କରେ) ନାଟ୍ୟକାରକ, ଚିତ୍ରକର, ଅଭିନେତୃବର୍ଗ ।

ରଙ୍ଗଣୀ, ବି. (ପ୍ରା) ପୁଷ୍ପବିଶେଷ । ଯଥା—

ବିଶେଷ ତରଙ୍ଗ ରଙ୍ଗ ରଙ୍ଗଣୀଶୋଭିତ । ବୈ. ବି.

ତନ୍ତୁବାଦ୍ୟ ଜାତିବିଶେଷ ।

ରଙ୍ଗତା, ବି. ପଦ, ଚିତ୍ରର ଉପକରଣ ।

ରଙ୍ଗଭୂମି, ବି. ସ୍ତ୍ରୀ. (ରଙ୍ଗ-ଭୂମି) ନାଟ୍ୟଶାଳା, ରଣସ୍ଥଳ, ମଲ୍ଲଭୂମି, କୁସ୍ତିର ସ୍ଥାନ ।

ରଙ୍ଗମଲ୍ଲୀ, ବି. ସ୍ତ୍ରୀ. (ରଙ୍ଗ-ମଲ୍ଲ୍ ଅ, ଈ) ବାଦ୍ୟ-ଯନ୍ତ୍ରବିଶେଷ, ବୀଣା ।

ରଙ୍ଗା, ବିଂ. (ରଙ୍ଗ ଶବ୍ଦଜ) ରକ୍ତବର୍ଣ୍ଣବିଶିଷ୍ଟ, ରଞ୍ଜିତ । ଯଥା—

ଶ୍ୱେତ ଲୋହିତେ ରଙ୍ଗା ତୋ ଶୁଭ୍ରଦନ୍ତ,
ବାରେ ଦେଖିଲେ କେବେହେଁ ନ ଯିବ ମନ୍ତୁ । ପଦ୍ମ ।

ରଙ୍ଗାଇବା, କ୍ରି. (ରନଜ୍ ଧାତୁଜ) ରଞ୍ଜିତ କରିବା, ରକ୍ତବର୍ଣ୍ଣବିଶିଷ୍ଟ କରିବା ।

ରଙ୍ଗାଜୀବ, ବି. ପୁଂ (ରଙ୍ଗ-ଅଜୀବ) ଚିତ୍ରକର । ଯଥା—

ପୋଡ଼ି ଏ ଦେଶ ରଙ୍ଗାଜୀବ ନ ମିଳେ ଦୁର୍ଲ୍ଲଭ ତାହାର ଦର୍ଶନ । ପ୍ରେ. ସୁ.

ନଟ, ନାଟ୍ୟକାରକ ।

ରଙ୍ଗାବତାରକ, ରଙ୍ଗାବତାରୀ } ବି. ପୁଂ. (ରଙ୍ଗ ଅବତାରକ, ଅବତାରୀ) ନଟ, ନାଟ୍ୟକାରକ ।

ରଙ୍ଗାବତାରିକା, ରଙ୍ଗାବତାରଣୀ } ବି. ସ୍ତ୍ରୀ. ନଟୀ ।

ରଙ୍ଗିଆ, ବିଂ. କୌତୁକିଆ, ରସିକ ।

ରଙ୍ଗୀ, ବିଂ. (ରଙ୍ଗ-ଇନ୍) ରଙ୍ଗବିଶିଷ୍ଟ ରଞ୍ଜିତ ।

ରଂହଃ, ବି. ନ. (ରଂହ ଦେଖ) ବେଗ, ଶୀଘ୍ରତା ।

ରଚକ, ବିଂ. (ରଚ୍-ଅକ) ରଚନାକାରକ ।

ରଚନ, ବି. ନ., ରଚନା, ବି. ସ୍ତ୍ରୀ. } (ରଚ୍-ଇ-ଅନ) ଶ୍ରେଣୀପୂର୍ବକ ବିନ୍ୟାସ, ସଜାଇବା, ଅର୍ପଣ, କେଶବିନ୍ୟାସ, ନିର୍ମାଣ, ଗଠନ, ପ୍ରସ୍ତୁତକରଣ ।

ରଚୟିତା, ବିଂ. (ରଚ୍-ଇ-ତୃ) ରଚନାକର୍ତ୍ତା, ନିର୍ମାତା ।

ରଚିତ, ବିଂ. (ରଚ୍-ଇ-ତ) କୃତ, ନିର୍ମିତ, ଗଠିତ, ଗ୍ରଥିତ, ବିନ୍ୟସ୍ତ, ଅର୍ପିତ, ଶୋଭିତ, ପରିଷ୍କୃତ ।

ରଚିବା, କ୍ରି. (ରଚ ଧାତୁଜ) ରଚନା କରିବା, ନିର୍ମାଣ କରିବା । ଯଥା—

ବିବି ରବି ସପ୍ତଗୁରୁ ରଚିଲେ କବିକରେ । ର. ଚ.

ରଜ, ରଜଃ } ବି. ପୁଂ. (ରଜସ୍-ଅ, ଅସ୍) ଧୂଳି, ପୁଷ୍ପରେଣୁ । ସ୍ତ୍ରୀ. କୁସୁମ, ଗୁଣ୍ଡି, ଇଚ୍ଛା, ଦ୍ୱେଷ ଅହଙ୍କାରାଦି କାରଣ, ଗୁଣବିଶେଷ ।

ରଜଃଶଯ୍ୟ, ବି. ପୁଂ. (ରଜସ୍=ଧୂଳି-ଶଯ୍ୟ=ଯେ ଶୟନ କରେ) କୁକ୍କୁର, କୁକୁର ।

ରଜଃସାରଥି, ବି. ପୁଂ. (ରଜସ୍-ସାରଥି) ବାୟୁ ।

ରଜକ, ବି. ପୁଂ. (ରନଜ-ଅକ) ଧୋବ, ରଙ୍ଗକାରକ ।

ରଜକୀ, ବି. ସ୍ତ୍ରୀ. ଧୋବଣୀ, ରଙ୍ଗକାରଣୀ ।

ରଜତ, ବି. ନ. (ରନଜ୍-ଅତ) ରୌପ୍ୟ, ସ୍ୱର୍ଣ୍ଣ, ହସ୍ତିଦନ୍ତ, ହାର, ଶୋଣିତ, ହ୍ରଦ । ବିଂ. ଶୁଭ୍ରବର୍ଣ୍ଣ ।

ରଜତଗିରି, ରଜତାଚଳ, ରଜତାଦ୍ରି } ବି. ପୁଂ. (ରଜତ-ଗିରି, ଅଚଳ, ଅଦ୍ରି) କୈଳାସପର୍ବତ ।

ରଜତଦ୍ୟୁତି, ବି. ପୁଂ. (ରଜତ-ଦ୍ୟୁତି) ହନୁମାନ୍ ।

ରଜତପ୍ରସ୍ଥ, ବି. ପୁଂ. (ରଜତ-ପ୍ରସ୍ଥ) କୈଳାସ ପର୍ବତ ।

ରଜନି, ରଜନୀ } ବି. ସ୍ତ୍ରୀ. (ରନ୍ଜ୍ ଅନ-ଇ) ନିଶା, ରାତ୍ରି, ହରିଦ୍ରା, ଲାକ୍ଷା, ଲାହା ।

ରଜନୀକର, ବି. ପୁଂ. (ରଜନୀ-କର) ନିଶାକର, ଚନ୍ଦ୍ର ।

ରଜନୀଗନ୍ଧା, ବି. ସ୍ତ୍ରୀ. ସ୍ୱନାମଖ୍ୟାତ ଶ୍ୱେତବର୍ଣ୍ଣ ପୁଷ୍ପବିଶେଷ ।

ରଜନୀଚର, ବି. ପୁଂ. (ରଜନୀ ଚର) ରାତ୍ରିଚର, ରାକ୍ଷସ, ତସ୍କର, ପ୍ରହରୀ ।

ରଜନୀଜଳ, ବି. ନ. ( ରଜନୀ-ଜଳ ) ନୀହାର, ଶିଶିର ।

ରଜନୀମୁଖ, ବି. ନ. ( ରଜନୀ-ମୁଖ ) ପ୍ରଦୋଷ, ସନ୍ଧ୍ୟାକାଳ, ନିଶାମୁଖ ।

ରଜପୁତ, ବି. ପୁଂ. (ରାଜପୁତ୍ର ଶବ୍ଦଜ)ବର୍ଣ୍ଣସଙ୍କର ଜାତିବିଶେଷ ।

ରଜସାନୁ, ବି. ପୁଂ. ( ରଞ୍ଜ୍-ସାନୁ ) ମେଘ, ଚିତ୍ତ ।

ରଜସ୍ବଲ, ବି. ପୁଂ. (ରଜସ୍-ବଲ) ମହିଷ । ବିଂ. ରଜୋଯୁକ୍ତ ।

ରଜସ୍ବଲା, ବି. ସ୍ତ୍ରୀ. ଋତୁମତୀ ନାରୀ ।

ରଜା, ବି. (ରାଜନ୍ ଶବ୍ଦଜ) ରାଜା, ନୃପତି ।

ରଜୋବଳ } ବି. ନ. ( ରଜସ୍-ବଳ, ରସ )
ରଜୋରସ } ଅନ୍ଧକାର ।

ରଜ୍ଜୁ, ବି. ସ୍ତ୍ରୀ. ( ସୃଜ୍-ଉ ) ବନ୍ଧନୀ, ଦଉଡ଼ି, ବେଣୀ, ବାଳର ଗୁଚ୍ଛ ।

ରଞ୍ଜକ, ବି. ପୁଂ. ( ରଞ୍ଜ୍-ଅକ ) ବସ୍ତ୍ରାଦିର ରଙ୍ଗକାରକ, ଅନୁରାଗଜନକ, ପ୍ରୀତି-କାରକ । ( ଦେଶଜ ) ଯାହା ସାହାଯ୍ୟରେ ନିଆଁ ଲାଗେ ।

ରଞ୍ଜନ, ବି. ନ. ( ରଞ୍ଜ୍-ଅନ) ରଙ୍ଗ କରିବା, ଅନ୍ତଃକରଣର ଅନୁରାଗ ଉତ୍ପାଦନ, ସନ୍ତୁଷ୍ଟି-କରଣ, ରକ୍ତଚନ୍ଦନ । ବିଂ. ପ୍ରୀତି ବା ରାଗ-ଜନକ ।

ରଞ୍ଜନୀ, ବି. ସ୍ତ୍ରୀ. ନୀଳୀ, ମଞ୍ଜିଷ୍ଠା, ହରିଦ୍ରା ।

ରଞ୍ଜା, ବି. ( ଦେଶଜ ) ଲତାର ଆଶ୍ରୟରୂପରେ ପ୍ରଦତ୍ତ ଡାଳ ପ୍ରଭୃତି ।

ରଞ୍ଜାଇବା, କ୍ରି. ( ଦେଶଜ ) ରଞ୍ଜିତ କରିବା, ମୋହିତ କରିବା । ଯଥା—

ରଞ୍ଜାଇବ ଜାଣି ଲାଗି ତାର ପୁଣି ରଞ୍ଜାଇଲା ମନେ ଥିଲା । ବ. ଚ.

ରଞ୍ଜିତ, ବିଂ. ( ରଞ୍ଜ୍-ତ ) ରଙ୍ଗୀକୃତ, ଯାହା ରଙ୍ଗ କରା ହୋଇଅଛି, ସନ୍ତୋଷିତ, ଯାହାର ଅନୁରାଗ ଜନ୍ମାଇ ଦିଆ ଯାଇଅଛି ।

ରଟନ, ବି. ନ. } (ରଟ୍-ଅନ, ଆ) ଘୋଷଣା,
ରଟନା, ବି. ସ୍ତ୍ରୀ. } ପ୍ରଚାର,ବିବରଣ,କଥନ, ଖ୍ୟାତି ।

ରଟନ୍ତୀ, ବି. ସ୍ତ୍ରୀ. ( ରଟ୍-ଅତ୍-ଈ ) ମାଘ ମାସର କୃଷ୍ଣା ଚତୁର୍ଦ୍ଦଶୀ ।

ରଟମଟ କ୍ରି. ବିଂ. ( ଦେଶଜ ) କର୍କଶ ଭାବରେ, କଷାୟିତ ନେତ୍ରରେ ।

ରଟିତ, ବିଂ. ( ରଟ୍-ତ ) ଘୋଷିତ, ପ୍ରଚାରିତ, ଖ୍ୟାତ, ପ୍ରଥିତ ।

ରଟିବା, କ୍ରି. ( ରଟ୍ ଧାତୁଜ ) ପକ୍ଷ୍ୟାଦି ଶବ୍ଦ କରିବା । ଯଥା—

ଚରଣାଯୁଧବୃନ୍ଦ ରଟିଲେ ତେ, ଅଟବୀରହୁଁ ନିନ୍ଦୁ ଯାମିନୀ ରେ ।

ରଡ଼ା, ବିଂ. (ଦେଶଜ) ଜ୍ୱଳନ୍ତ । ବି. ଅଙ୍ଗାର ।

ରଡ଼ି, କ୍ରି. ବିଂ. (ରଟ ଧାତୁଜ) ଡାକ ।

ରଡ଼ିବା, କ୍ରି. (ଦେଶଜ) କର୍କଶ ଶବ୍ଦ କରିବା, ରଡ଼ି ଛାଡ଼ିବା ।

ରଣ, ବି. ନ. ( ରଣ୍-ଅ ) ଯୁଦ୍ଧ, ସଂଗ୍ରାମ, ସମର ।

ରଣତ୍, ବିଂ. (ରଣ୍-ଅତ୍) ଶବ୍ଦାୟମାନ ।

ରଣତୃଷ୍ଣା, ବି. ସ୍ତ୍ରୀ. (ରଣ-ତୃଷ୍ଣା) ଯୁଦ୍ଧାକାଂକ୍ଷା ।

ରଣପା, (ଦେଶଜ ) ଡେଙ୍ଗା, ଲମ୍ବାକୃତି କାଷ୍ଠ ପାଦୁକାବିଶେଷ ।

ରଣରଣ, ବି. ନ. (ରଣ=ଯୁଦ୍ଧ, ଶବ୍ଦ, ଦ୍ୱିତ୍ୱ) ଅପହୃତ ବା ନଷ୍ଟ ବସ୍ତୁ ନିମିତ୍ତ ଅନୁ-ଶୋଚନା । ପୁଂ. ମଶକ, ମଶା, କନ୍ଦର୍ପ ।

ରଣରଣକ, ବି. ପୁଂ. ( ରଣ୍=ଶବ୍ଦ କରିବା (ଦ୍ୱିତ୍ୱ) କ ) ଉତ୍କଣ୍ଠା, ଦୁର୍ଭାବନା, ଅତିଶୟ, କନ୍ଦର୍ପ ।

ରଣସଙ୍କୁଳ, ବି. ନ. ( ରଣ-ସଙ୍କୁଳ=ମିଶ୍ରିତ ) ଘୋରତର ଯୁଦ୍ଧ, ତୁମୁଳ ଯୁଦ୍ଧ ।

ରଣା, ବି. (ଦେଶଜ ) ଏକପ୍ରକାର ସାପ ।

ରଣାଙ୍ଗନ } ବି. ନ. (ରଣ-ଅଙ୍ଗନ, ଅଜିର )
ରଣାଜିର } ସମରକ୍ଷେତ୍ର, ଯୁଦ୍ଧଭୂମି ।

ରଣିତ, ବିଂ. ( ରଣ-ତ ) ଶବ୍ଦିତ, ଯେ ଶବ୍ଦ କରୁଅଛି । ବି. ଶବ୍ଦ, ଧ୍ୱନି ।

ରଣ୍ଡ, ବିଂ ( ରମ୍-ଡ ) ଧୂର୍ତ୍ତ, ଅର୍ଦ୍ଧଚର୍ମୀବଚ୍ଛିନ୍ନ ଅବୟବ, ଅଶ୍ରମହୀନ, ଧର୍ମବିହୀନ, ବନ୍ଧ୍ୟ, ଯେଉଁ ବ୍ୟକ୍ତିର ସନ୍ତାନ ହୁଏ ନାହିଁ, ବନ୍ଧ୍ୟ ବୃକ୍ଷାଦି, ଯେଉଁ ବୃକ୍ଷର ବା ଲତାର ଫଳ ବା ପୁଷ୍ପ ହୁଏ ନାହିଁ ।

ରଣ୍ଡକ, ବି. ପୁଂ. ( ରଣ୍ଡା-କ ) ଫଳହୀନ ବୃକ୍ଷ, ଲତାବିଶେଷ, ମୂଷିକପର୍ଣ୍ଣୀ, ସ୍ୱନାମପ୍ରସିଦ୍ଧ ଛନ୍ଦୋବିଶେଷ ।

ରଣ୍ଡା, ବି. (ରମ-ଡ଼-ଅ) ବିଧବା, ରାଣ୍ଡ ।

ରତ, ବି. ନ., (ରମ୍-ତ) ରତି, ରମଣ । ବିଂ. ଆସକ୍ତ ।

ରତରତ, ବିଂ. ( ଦେଶଜ ) ରକ୍ତାଭ, ଅସ୍ତୋନ୍ମୁଖ ।

ରତା, ବି. (ରକ୍ତ ଶବ୍ଦଜ) ଏକପ୍ରକାର ମାଛ । ବିଂ. ରକ୍ତବର୍ଣ୍ଣବିଶିଷ୍ଟ ।

ରତି, ବି. ସ୍ତ୍ରୀ. (ରମ୍=କ୍ରୀଡ଼ା କରିବା-ତି) କାମପ୍ରିୟା, କାମପତ୍ନୀ, ଅନୁରାଗ, ଆସକ୍ତି, କ୍ରୀଡ଼ା, ରମଣ, ସନ୍ତୋଷ, ପରିମାଣବିଶେଷ, ୪ଧାନ ।

ରତିକୁହର | ରତିଗୃହ | ରତିମନ୍ଦିର } ବି, ନ. { ରତି-କୁହର | ରତି ଗୃହ | ରତି-ମନ୍ଦିର } ଯୋନି, ସ୍ତ୍ରୀଚିହ୍ନ ।

ରତିପତି | ରତିପ୍ରିୟ | ରତିରମଣ } ବି. ପୁଂ. (ରତି-ପତି, ପ୍ରିୟ, ରମଣ) କନ୍ଦର୍ପ, ମଦନ ।

ରତିମଦା, ବି. ସ୍ତ୍ରୀ. (ରତି-ମଦ୍-ଅ) ସ୍ୱର୍ଗବିଦ୍ୟାଧରୀ, ଅପ୍ସରା ।

ରତ୍ନ, ବି. ନ. ( ରମ୍-ନ, ମ=ତ ) ମଣିମୁକ୍ତା ସୁବର୍ଣ୍ଣାଦି ବହୁମୂଲ୍ୟ ଉତ୍କୃଷ୍ଟ ବସ୍ତୁ, ଶ୍ରେଷ୍ଠ ବସ୍ତୁ, ଯେ କୌଣସି ବସ୍ତୁ ମଧ୍ୟରେ ଉତ୍କୃଷ୍ଟ, ଶ୍ରେଷ୍ଠ ।

ରତ୍ନକନ୍ଦଳ, ବି. ପୁଂ. ( ରତ୍ନ-କନ୍ଦଳ ) ପ୍ରବାଳ, ପୋହଳା ।

ରତ୍ନଗର୍ଭ, ବି. ପୁଂ. ( ରତ୍ନ-ଗର୍ଭ ) କୁବେର, ସମୁଦ୍ର ।

ରତ୍ନଗର୍ଭା, ବି. ସ୍ତ୍ରୀ. ( ରତ୍ନ-ଗର୍ଭ ) ପୃଥିବୀ, ସତ୍‌ପୁତ୍ରବତୀ ନାରୀ ।

ରତ୍ନମୟ, ବିଂ.(ରତ୍ନ-ମୟ) ମଣିମୟ, ମଣିନିର୍ମିତ ।

ରତ୍ନମୁଖ୍ୟ, ବି.ନ. (ରତ୍ନ-ମୁଖ୍ୟ) ହୀରକ, ହୀରା ।

ରତ୍ନବତୀ, ବି. ସ୍ତ୍ରୀ (ରତ୍ନ-ବତ୍-ଈ) ପୃଥିବୀ ।

ରତ୍ନବର୍ଷୁକ, ବି.ନ. (ରତ୍ନ-ବର୍ଷୁକ) ପୁଷ୍ପକରଥ । ବିଂ. ରତ୍ନବର୍ଷଣଶୀଳ ।

ରତ୍ନସାନୁ, ବି. ପୁଂ. ( ରତ୍ନ-ସାନୁ ) ସୁମେରୁ ପର୍ବତ ।

ରତ୍ନସୂ, ବି. ସ୍ତ୍ରୀ. ( ରତ୍ନ-ସୂ ) ପୃଥିବୀ, ବସୁନ୍ଧରା, ରତ୍ନପ୍ରସବିନୀ ।

ରତ୍ନାକର, ବି. ପୁଂ. ( ରତ୍ନ-ଆକର ) ସମୁଦ୍ର, ରତ୍ନଖଣି ।

ରତ୍ନାଙ୍କ, ବି. ପୁଂ. (ରତ୍ନ-ଅଙ୍କ) ବିଷ୍ଣୁରଥ ।

ରତ୍ନାବଳୀ, ବି. ସ୍ତ୍ରୀ. (ରତ୍ନ-ଆବଳୀ) ରତ୍ନହାର, ରତ୍ନଶ୍ରେଣୀ, ବତ୍ସରାଜପତ୍ନୀ, ନାଟ୍ୟଗ୍ରନ୍ଥବିଶେଷ ।

ରତ୍ନି, ବି. ପୁଂ. ସ୍ତ୍ରୀ. ( ଋ-ଅତ୍ନି ) କନୁଣୀଠାରୁ ବଦ୍ଧମୁଷ୍ଟି ହସ୍ତାଗ୍ର ପର୍ଯ୍ୟନ୍ତ ପରିମାଣ ।

ରତ୍ୟଙ୍ଗ, ବି. ନ.(ରତି-ଅଙ୍ଗ) ଯୋନି, ସ୍ତ୍ରୀଚିହ୍ନ ।

ରଥ, ବି. ପୁଂ (ରମ୍-ଥ) ଚକ୍ରଯୁକ୍ତ ଯୁଦ୍ଧଯାନ, ସ୍ୟନ୍ଦନ, ଶକଟାଦି ବାହନ, ଚରଣ, ଶରୀର, ବେତସ ବୃକ୍ଷ, ବଞ୍ଜୁଳଲତା ।

ରଥକୁଟୁମ୍ବୀ, ବି. ପୁଂ. (ରଥ-କୁଟୁମ୍ବିନ୍) ସାରଥି, ପରିଚାଳକ ।

ରଥଗର୍ଭକ, ବି. ପୁଂ.(ରଥ-ଗର୍ଭ-କ) ମନୁଷ୍ୟବାହ୍ୟ ଯାନ, ଶିବିକା, ଡୋଲି ପ୍ରଭୃତି ।

ରଥଚରଣ | ରଥପାଦ } ବି. ପୁଂ. ( ରଥ-ଚରଣ, ପାଦ ) ଚକ୍ର, ଚକ୍ରବାକ ପକ୍ଷୀ ।

ରଥଦ୍ରୁ, ବି. ପୁଂ. (ରଥ-ଦ୍ରୁ) ବୃକ୍ଷବିଶେଷ, ଏହି ବୃକ୍ଷର କାଷ୍ଠରେ ରଥାଦି ନିର୍ମିତ ହୁଏ ।

ରଥନ୍ତର, ବି. ନ. ( ରଥ-ତୃ-ଅ ) ସାମବେଦ, ରଥସାରଥି ।

ରଥଯାତ୍ରା, ବି. ସ୍ତ୍ରୀ. ( ରଥ-ଯାତ୍ରା ) ଅଷାଢ଼ ଶୁକ୍ଳ ଦ୍ୱିତୀୟାରେ ପ୍ରସିଦ୍ଧ ଉତ୍ସବବିଶେଷ ।

ରଥଯୁକ୍, ବି ପୁଂ. ( ରଥ-ଯୁଜ୍-୦ ) ସାରଥି, ରଥଚାଳକ ।

ରଥାଙ୍ଗ, ବି. ନ. (ରଥ-ଅଙ୍ଗ) ଚକ୍ର, ଚକ । ପୁଂ. ଚକ୍ରବାକ ପକ୍ଷୀ ।

ରଥାଙ୍ଗନାମା, ବି. ପୁଂ. ( ରଥାଙ୍ଗ-ନାମନ୍ ) ଚକ୍ରବାକ ପକ୍ଷୀ ।

ରଥାଙ୍ଗପାଣି, ବି. ପୁଂ. (ରଥାଙ୍ଗ-ପାଣି) ଚକ୍ରପାଣି, ବିଷ୍ଣୁ ।

ରଥାଙ୍ଗୀ, ବି. ପୁଂ. ( ରଥାଙ୍ଗ-ଇନ୍ ) ଚକ୍ରଧର, ହରି ।

ରଥିକ, ରଥିନ, ରଥିର, ରଥୀ } ବି. ପୁଂ. ( ରଥ-ଇକ, ଇନ, ଇର, ଇନ୍) ରଥସ୍ୱାମୀ, ରଥାରୂଢ଼ ବ୍ୟକ୍ତି, ରଥସ୍ଥ ଯୋଦ୍ଧା ।

ରଥ୍ୟ, ବି. ପୁଂ. ( ରଥ-ଯ ) ରଥବାହକ ଅଶ୍ୱ । ନ. ଚକ୍ର, ଚକ । ବିଂ. ରଥସମ୍ବନ୍ଧୀୟ ।

ରଥ୍ୟା, ବି. ସ୍ତ୍ରୀ. (ରଥ-ଯ-ଆ) ବର୍ତ୍ମ, ପଥ, ବାଟ, ରଥସମୂହ ।

ରଦ, ବି. ପୁଂ. (ରଦ୍-ଅ) ଦନ୍ତ, ଦାନ୍ତ, ଉତ୍-ଖାତ, ଖନନ । (ଯାବନିକ) ଅବ୍ୟବହାର୍ଯ୍ୟ, ଦୋଷଯୁକ୍ତ ।

ରଦଚ୍ଛଦ, ରଦନଚ୍ଛଦ } ବି. ପୁଂ. (ରଦ-ଛଦ, ରଦନ-ଛଦ) ଦନ୍ତଚ୍ଛଦ, ଓଷ୍ଠ, ଅଧର ।

ରଦନ, ବି. ପୁଂ. (ରଦ୍-ଅନ) ଦନ୍ତ, ଦାନ୍ତ, ଖନନ, ଛେଦନ ।

ରଦ୍ଦ, ବିଂ. (ଯାବନିକ) ଅପକୃଷ୍ଟ ଦ୍ରବ୍ୟ ।

ରଦ୍ଧ, ବିଂ. ( ରଧ୍-ତ ) ଆହତ, ଆଘାତପ୍ରାପ୍ତ, କ୍ଷତିଗ୍ରସ୍ତ ।

ରନ୍ତୁ, ବି. ସ୍ତ୍ରୀ. (ରମ୍-ତୁ) ବର୍ତ୍ମ, ପଥ, ବାଟ, ନଦୀ ।

ରନ୍ଦା, ବି. (ଦେଶଜ) ବଢ଼ାଇମାନଙ୍କର କାଷ୍ଠକୁ ଚିକ୍କଣ କରିବାର ଅସ୍ତ୍ରବିଶେଷ ।

ରନ୍ଧକ, ବିଂ. (ରଧ୍ ଅକ) ଆଘାତକାରୀ, କ୍ଷତି-କାରକ ।

ରନ୍ଧନ, ବି. ନ. (ରନ୍ଧ୍-ଅନ) ପାକ, ରାନ୍ଧଣା ।

ରନ୍ଧ୍ର, ବି. ନ. (ରମ୍-ଧୃ-ଅ) ଛିଦ୍ର, ବିବର, ଗର୍ତ୍ତ, କୁକ୍ଷି, ଅନ୍ୟାୟ ଆଳସ୍ୟାଦି ଦୋଷ, ଛଳ ।

ରପ୍ତାନି, (ଯାବନିକ) ଜିନିଷର ଚାଲାଣ ।

ରଫା, (ଯାବନିକ) ଶାନ୍ତି, କଳହ ନିଷ୍ପତ୍ତି, ଶେଷ ।

ରଫୁ, ବି. (ଯାବନିକ) ଏକପ୍ରକାର ସିଲାଇକାମ ।

ରଭସ, ବି. ପୁଂ. (ରଭ୍-ଅସ୍) ବେଗ, ଶୀଘ୍ରତା, ହର୍ଷ, ଔତ୍ସୁକ୍ୟ, ଶୋକ, ପୂର୍ବାପର ବିବେଚନା, ଅବଧାନବିଶେଷ, କାର୍ଯ୍ୟକାରଣ ଗବେଷଣା ।

ରମ, ବି.ପୁଂ.(ରମି ଅ) କାନ୍ତ, ସ୍ୱାମୀ, କାମଦେବ । ବିଂ. ଆନନ୍ଦଜନକ, ରମଣୀୟ ।

ରମଣ, ବି. ପୁଂ. (ରମି-ଅନ) କନ୍ଦର୍ପ, ପତି, ପ୍ରିୟ, ବଲ୍ଲଭ, ଗର୍ଦ୍ଦଭ । ( ରମ୍-ଅନ ) ନ. ରତି, ସୁରତ, ମୈଥୁନ, ଜଘନ, କ୍ରୀଡ଼ା ।

ରମଣକ, ବି. ନ. (ରମଣ-କ) ଜମ୍ବୁଦ୍ୱୀପାନ୍ତର୍ଗତ ବର୍ଷବିଶେଷ, ରମ୍ୟକ ବର୍ଷ ।

ରମଣୀ, ବି. ସ୍ତ୍ରୀ. (ରମଣ-ଈ) ସୁନ୍ଦରୀ ସ୍ତ୍ରୀ, ପ୍ରିୟା, ପତ୍ନୀ ।

ରମଣୀୟ, ବିଂ. (ରମ୍-ଅନୀୟ) ରମ୍ୟ, ସୁନ୍ଦର, ମନୋରମ ।

ରମା, ବି. ସ୍ତ୍ରୀ. (ରମ୍-ଅ, ଆ) ଲକ୍ଷ୍ମୀ, ଉପପତ୍ନୀ ।

ରମାଧବ, ରମାନାଥ, ରମାପତି } ବି. ପୁଂ. (ରମା-ଧବ, ନାଥ, ପତି) ବିଷ୍ଣୁ, ଲକ୍ଷ୍ମୀଶ ।

ରମାନା, ରବାନା } ବି. (ଯାବନିକ) ଗମନ, ପ୍ରେରଣ ।

ରମାପ୍ରିୟ, ବି.ନ. (ରମା-ପ୍ରିୟ) ପଦ୍ମ । ପୁଂ. ବିଷ୍ଣୁ ।

ରମିବା, କ୍ରି. (ଦେଶଜ) କ୍ରୀଡ଼ା କରିବା, ରମଣ କରିବା ।

ରମେଶ } ବି. ପୁଂ. (ରମା-ଈଶ, ଈଶ୍ୱର) ରମା-
ରମେଶ୍ୱର } ପତି, ବିଷ୍ଣୁ ।

ରମ୍ଭା, ବିଂ. (ଦେଶଜ) ଅମ୍ଭୁଡ଼ା ! ବି. କଣ୍ଠ ।

ରମ୍ଭ, ବି. ପୁଂ. (ରନ୍ଭ୍-ଅ) ବଂଶ, ବାଉଁଶ, ବାନରବିଶେଷ, ମହିଷାସୁରର ପିତା, ରମ୍ଭାସୁର ।

ରମ୍ଭା, ବି. ସ୍ତ୍ରୀ. (ରନ୍ଭ୍-ଅ, ଆ) କଦଳୀ, ଅପ୍ସରାବିଶେଷ, ଦେବୀବିଶେଷ, ଗୌରୀ, ବେଶ୍ୟା, ଗୋଧୂଳି । (ଦେଶଜ) ଯେଉଁ ଗଛ କେହି ଲଗାଇ ନ ଥାନ୍ତି ।

ରମ୍ୟ, ବିଂ. (ରମ୍-ଯ) ରମଣୀୟ, ମନୋରମ, ସୁନ୍ଦର । ବି ପୁଂ. ଚମ୍ପକ । ମ୍ୟା, ସ୍ତ୍ରୀ. ରାତ୍ରି, ସ୍ଥଳପଦ୍ମିନୀ ।

ରମ୍ୟକ, ବି. ନ. (ରମ୍ୟ-କ) ଜମ୍ବୁଦ୍ୱୀପର ବର୍ଷବିଶେଷ ।

ରୟ, ବି. ପୁଂ. (ରୟ୍-ଅ) ବେଗ, ନଦୀପ୍ରବାହ, ସ୍ରୋତଃ ।

ରବ, ବି. ପୁଂ. (ରୁ-ଅ) ଶବ୍ଦ, ଧ୍ୱନି, ଗୋଳମାଳ ।

ରବସ୍ଥା, ବି (ଗ୍ରାମ୍ୟ) ଗୋଳମାଳ, ବେପାର ।

ରବଣ, ବି. ପୁଂ. (ରୁ-ଅନ) ଉଷ୍ଟ୍ର, ଉଟ, କୋକିଳ, ଗର୍ଦ୍ଦଭ । ନ. କାଂସ୍ୟ, କଂସା । ବିଂ. ଶବ୍ଦାୟମାନ, ତୀକ୍ଷ୍ଣ, ଚଞ୍ଚଳ ।

ରବି, ବି. ପୁଂ. (ରୁ-ଇ) ସୂର୍ଯ୍ୟ, ଅର୍କବୃକ୍ଷ, ନାୟକ, ରକ୍ତଅଶୋକବୃକ୍ଷ । (ଦେଶଜରେ) ମୁଗ ପ୍ରଭୃତି ଶସ୍ୟ ।

ରବିକାନ୍ତ, ବି. ପୁଂ. (ରବି-କାନ୍ତ) ସୂର୍ଯ୍ୟକାନ୍ତ-ମଣି ।

ରବିଜ, ରବିତନୟ } ବି. ପୁଂ. (ରବି ଜ,
ରବିନନ୍ଦନ, ରବିସୁତ } ତନୟ, ନନ୍ଦନ, ସୁତ) ସୂର୍ଯ୍ୟପୁତ୍ର, ଶନି, ସୁଗ୍ରୀବ, ଯମ, ସାବର୍ଣ୍ଣି ଓ ବୈବସ୍ୱତ ମନୁ । ଜା, ଯ୍ୟା, ଜୀ, ନୀ, ସୁତା, ସ୍ତ୍ରୀ. ଯମୁନା ।

ରବିନାଥ, ବି. ନ. (ରବି-ନାଥ) ପଦ୍ମ । ପୁଂ. ପୁଷ୍ପ ।

ରବିପ୍ରିୟ, ବି. ନ. (ରବି-ପ୍ରିୟ) ରକ୍ତକମଳ, ତାମ୍ର । ପୁଂ. କରବୀର ।

ରବିଲୋହ } ବି. ନ. (ରବି-ଲୋହ, ସଂଜ୍ଞକ)
ରବିସଂଜ୍ଞକ } ତାମ୍ର, ତମ୍ବା ।

ରବିବାର, ବି. ଆଦିତ୍ୟବାର ।

ରଶନା, ବି ସ୍ତ୍ରୀ. (ରଶ୍-ଅନ୍-ଆ) ସ୍ତ୍ରୀଲୋକଙ୍କର କଟିଭୂଷଣ, ଚନ୍ଦ୍ରହାର ଗୋଠ ପ୍ରଭୃତି, ଜିହ୍ୱା ।

ରଶ୍ମି, ବି. ପୁଂ. (ଅଶ୍-ମି, ଅ=ର) କିରଣ, ରଜ୍ଜୁ, ଲଗାମ, ପକ୍ଷ୍ମ ।

ରସ, ବି. ପୁଂ. (ରସ୍-ଅ) ରସନେନ୍ଦ୍ରିୟଗ୍ରାହ୍ୟ ବସ୍ତୁ, ଆସ୍ୱାଦ, କଟୁ, ତିକ୍ତ, କଷାୟ, ଲବଣ, ଅମ୍ଳ, ମଧୁର ଏହି ଛଅ ପ୍ରକାର, କାବ୍ୟଶାସ୍ତ୍ରର ସଂଜ୍ଞାଭୂତ, ଆସ୍ୱାଦନ, ମନଃପ୍ରୀତିବିଶେଷ, ସହୃଦୟ ଲୋକମାନଙ୍କ ଚିତ୍ତରେ ରତି ପ୍ରଭୃତି ସ୍ଥାୟୀ ଭାବ ବିଭାବାଦିଦ୍ୱାରା ପରିପୁଷ୍ଟ ହୋଇ ଆନନ୍ଦଜନକ ହେଲେ ତାହାକୁ ରସ କହନ୍ତି । ଯଥା—ଶୃଙ୍ଗାର, ବୀର, କରୁଣ, ଅଦ୍ଭୁତ, ହାସ୍ୟ ଭୟାନକ, ବୀଭତ୍ସ, ରୌଦ୍ର, ଶାନ୍ତ ଏହି ୯ ପ୍ରକାର, କୌଣସି କୌଣସି ଲୋକ ବାତ୍ସଲ୍ୟକୁ ମଧ୍ୟ ରସ କହନ୍ତି, ତାଙ୍କ ମତରେ ରସ ଦଶ ପ୍ରକାର, ଅଭିପ୍ରାୟ, ଅନୁରାଗ, ଭୋଗ୍ୟବସ୍ତୁ, ଯୂଷ, ଦ୍ରବବସ୍ତୁ, ଜଳ, ବିଷ, ସୁବର୍ଣ୍ଣ, ପାରଦ, ମାଧୁର୍ଯ୍ୟାଦି ଗୁଣ, ଦେହସ୍ଥ ଧାତୁବିଶେଷ, ଶୁକ୍ରଧାତୁ, ଏକପ୍ରକାର ଧାତୁ ।

ରସକ, ବି. ପୁଂ. (ରସ-କ) ଯୂଷରହିତ ସିଦ୍ଧମାଂସ ।

ରସକର୍ପୂର, ବି. ଏକପ୍ରକାର ପାରଦଘଟିତ ଔଷଧ ।

ରସକୁଲ୍ଲା } ବି. ଓଡ଼ିଆ ସ୍ତନ ବୃକ୍ଷବିଶେଷ ।
ରସକୋଇଲା }

ରସକୋରା, ବି. ଏକପ୍ରକାର ମିଠାଇ ।

**ରସକେଶର**, ବି. ନ. (ରସ-କେଶର) କର୍ପୂର।

**ରସଗର୍ଭ**, ବି. ନ. (ରସ-ଗର୍ଭ) ରସାଞ୍ଜନ, ହେଙ୍ଗୁଳ।

**ରସଘ୍ନ**, ବି. ପୁଂ. (ରସ-ଘ୍ନ) ଟାଙ୍କଣୀ, ସୋହାଗା। ବିଂ. ରସନାଶକ।

**ରସଜ**, ବି. ନ. (ରସ-ଜ) ରକ୍ତ। ପୁଂ. ମଦ୍ୟ-କୀଟ।

**ରସଜ୍ଞ**, ବିଂ. (ରସ-ଜ୍ଞ) ସ୍ୱାଦଗ୍ରାହୀ, ରସିକ, ଭାବୁକ, ସାମାଜିକ। ଜ୍ଞା, ସ୍ତ୍ରୀ. ଜିହ୍ୱା, ରସନା, ରସିକା।

**ରସତେଜଃ**, ବି. ନ. (ରସ-ତେଜସ୍) ରୁଧିର, ରକ୍ତ।

**ରସଦ**, (ଯାବନିକ) ସୈନ୍ୟମାନଙ୍କର ଆହାର୍ଯ୍ୟ ଦ୍ରବ୍ୟ, ଆହାର୍ଯ୍ୟ ଦ୍ରବ୍ୟ।

**ରସଧାତୁ** / **ରସନାଥ**, ବି. ପୁଂ. (ରସ-ଧାତୁ, ନାଥ) ପାରଦ, ପାରା।

**ରସନ**, ବି. ନ. (ରସ-ଅନ) ଆସ୍ୱାଦନ, ରସ, ଗ୍ରହଣ, ଶବ୍ଦ, ଧ୍ୱନି, ଧ୍ୱନନ, ଜିହ୍ୱା। ନା, ସ୍ତ୍ରୀ. ଜିହ୍ୱା, ମେଖଳା, ରଜ୍ଜୁ, ପାଶ।

**ରସନାୟକ**, ବି. ପୁଂ. (ରସ-ନାୟକ) ଶିବ, ମହାଦେବ।

**ରସନେନ୍ଦ୍ରିୟ**, ବି. ନ. (ରସନା-ଇନ୍ଦ୍ରିୟ) ରସନା, ଜିହ୍ୱା।

**ରସରା**, ବି. (ଦେଶଜ) ରସନାମକ ଧାତୁରେ ଯେଉଁମାନେ ଖଡ଼୍ଗ, ମୁଦ ପ୍ରଭୃତି ତିଆରି କରନ୍ତି ଜାତିବିଶେଷ।

**ରସରାଜ**, ବି. ପୁଂ. (ରସ-ରାଜନ୍) ପାରଦ, ରସାଞ୍ଜନ, ରସିକଶ୍ରେଷ୍ଠ।

**ରସବାନ୍**, ବିଂ. (ରସ-ବତ୍) ରସବିଶିଷ୍ଟ, ସତ୍କାବ୍ୟ, ସରସ, ମଧୁର।

**ରସସିନ୍ଦୂର**, ବି. ନ. ଔଷଧବିଶେଷ।

**ରସା**, ବି. ସ୍ତ୍ରୀ. (ରସ୍-ଅ, ଆ) ପୃଥିବୀ, ରସନା, ଦ୍ରାକ୍ଷା।

**ରସାଇବା**, କ୍ରି. (ରସ ଧାତୁଜ) ରସରେ ଅନୁରକ୍ତ କରିବା, ମନୋରଞ୍ଜନ କରିବା।

**ରସାଞ୍ଜନ**, ବି. ନ. (ରସ-ଅଞ୍ଜନ) ରସଜାତ କଜ୍ଜଳବିଶେଷ, ଧାତୁବିଶେଷ।

**ରସାଣ**, ବିଂ. ଶାଣ ଯନ୍ତ୍ରାଦିଦ୍ୱାରା ଉଜ୍ଜ୍ୱଳୀକୃତ, ଅନ୍ୟବସ୍ତୁ ସାହାଯ୍ୟରେ ସମୁଜ୍ଜ୍ୱଳ, ଶାଣିତ। ବି ଶାଣଯନ୍ତ୍ର। ଯଥା —

> ସ୍ୱଭାବେ ସୁବର୍ଣ୍ଣ ଯୌବନ ହେଲା ଯୋଟୀ ରସାଣ,
> ରୂପାନ୍ତର ହେଲା ରୂପସୀ ଶମ୍ବ ଅମୋଘ ବାଣ। ଚ.ଭା.

**ରସାଣିବା**, କ୍ରି. ଶାଣଯନ୍ତ୍ରଦ୍ୱାରା ଉଜ୍ଜ୍ୱଳ କରିବା, ସ୍ୱର୍ଣ୍ଣାଦିର ପତ୍ରରେ ରଞ୍ଜିତ କରିବା।

**ରସାତଳ**, ବି. ନ. (ରସା-ତଳ) ପାତାଳ, ସପ୍ତବିଧ ଅଧୋଭୁବନ ମଧ୍ୟରେ ସର୍ବନିମ୍ନସ୍ଥ ଭୁବନ, ଭୂତଳ।

**ରସାଭାସ**, ବି. ପୁଂ. (ରସ-ଆଭାସ) ବୈରୂପ୍ୟ, ଅନୁଚିତ ବିଷୟର ରସବର୍ଣ୍ଣନ, ନୀଚରସ, ନୀଚପ୍ରକୃତିଗତ ରସ।

**ରସାୟନ**, ବି. ନ. (ରସ-ଅୟନ) ବିଷବିଶେଷ, ଜରା ଓ ବ୍ୟାଧିନାଶକ ଔଷଧବିଶେଷ, ପକ୍ଷୀ, ଜରା ରୋଗବିଶେଷ, ତକ୍ର, ଘୋଳଦହି, ଦୁଇ ବା ବହୁ ପଦାର୍ଥ ପରସ୍ପର ସଂଯୁକ୍ତ ହେଲେ ଏକ ବସ୍ତୁରେ ପରିଣତ ଏବଂ ଗୁଣାନ୍ତର ବା ରସାନ୍ତର ପ୍ରାପ୍ତ ହୁଏ— ଯାହାଦ୍ୱାରା ଏହି ବିଷୟର ଜ୍ଞାନ ଜନ୍ମେ, ତାହାକୁ ରସାୟନ କହନ୍ତି। ପୁଂ. ଗରୁଡ଼, ବିହଙ୍ଗ।

**ରସାୟନବିଦ୍ୟା**, (Chemistry) ଯେଉଁ ବିଦ୍ୟା ଅଧ୍ୟୟନ କଲେ ଜଡ଼ ପଦାର୍ଥ-ସମୁଦାୟର ଗୁଣ ଏବଂ ସେମାନଙ୍କର ପରସ୍ପର ସଂଯୋଗ ଓ ବିଯୋଗ ବିଷୟର ଜ୍ଞାନ ହୁଏ।

**ରସାୟନଫଳା**, ବି. ନ. (ରସାୟନ-ଫଳ) ହରୀତକୀ।

**ରସାଳ**, ବି. ପୁଂ. (ରସ୍-ଆ ଲା-ଅ) ଇକ୍ଷୁ, ଆମ୍ରବୃକ୍ଷ, ପଣସବୃକ୍ଷ। ବିଂ. ରସଯୁକ୍ତ।

ରସାଳସା, ବି. ସ୍ତ୍ରୀ. ଧମନୀ, ନାଡ଼ୀ । ବିଂ. ରସମୁଗ୍ଧା ।

ରସାଲା ବି. ସ୍ତ୍ରୀ. ରସନା, ଦୂର୍ବା, ପୁଷ୍ପବିଶେଷ, ଦ୍ରାକ୍ଷା, ପେୟବିଶେଷ ।

ରସାସ୍ୱାଦୀ, ବିଂ. ( ରସ-ଆସ୍ୱାଦନ୍ ) ରସର ଆସ୍ୱାଦନକାରୀ । ବି. ପୁଂ. ଭ୍ରମର ।

ରସି, ବି. (ଯାବନିକ) ଦଉଡ଼ି ।

ରସିକ, ବିଂ. (ରସ-ଇକ) ରସଜ୍ଞ, ରସବୋଧ-ବିଶିଷ୍ଟ, ସ୍ୱାଦଗ୍ରାହୀ । ବି ପୁଂ. ଅଶ୍ୱ, ହସ୍ତୀ, ଲମ୍ପଟ, ଇନ୍ଦ୍ରିୟପରାୟଣ ।

ରସିକା, ବି. ସ୍ତ୍ରୀ. ରସନା, କାଞ୍ଚୀ, ଇକ୍ଷୁରସ, ଗୁଡ଼, ରସଜ୍ଞା ।

ରସିତ, ବି. ନ. (ରସ୍-ତ) ମେଘର ଶବ୍ଦ, ଧ୍ୱନି, ଶବ୍ଦ, ଆହ୍ଲାଦ । ବିଂ. ସ୍ୱାଦିତ, ସ୍ୱର୍ଣ୍ଣାଦିଦ୍ୱାରା ଖଚିତ ।

ରସିଦ୍, ବି. (ଯାବନିକ) ପ୍ରାପ୍ତିସ୍ୱୀକାର, ପ୍ରାପ୍ତି ସ୍ୱୀକାର ଲେଖ୍ୟ ।

ରସୁଆଳ, ବିଂ. ରସଯୁକ୍ତ, ସରସ ।

ରସୁନ, ରସୋନ } ବି ପୁଂ. ( ରସ୍-ଉନ, ଓନ ) ରସୁଣ । ( ଦେ ) ମୂଳବିଶେଷ, ରସୁଣ ।

ରସେନ୍ଦ୍ର, ବି ପୁଂ. ( ରସ-ଇନ୍ଦ୍ର ) ପାରଦ, ପାରା ।

ରସୋଦ୍ଭବ, ବି. ନ. (ରସ-ଉଦ୍ଭବ) ହିଙ୍ଗୁଳ । ବିଂ. ରସଜାତ ।

ରସୋପଲ, ବି. ନ. (ରସ-ଉପଲ) ମୌକ୍ତିକ, ମୁକ୍ତା ।

ରସ୍ୟ, ବି. ନ. (ରସ୍-ଯ) ରୁଧିର, ରକ୍ତ । ବିଂ. ଆସ୍ୱାଦ୍ୟ ।

ରହଃ, ବି. ନ. (ରହ୍-ଅସ) ଗୋପନ, ଶୃଙ୍ଗାର, ଗୋପନୀୟ ମର୍ମତତ୍ତ୍ୱ ।

ରହଣି, ବି (ଦେଶଜ) ରହିବା ।

ରହଣି, ରହଣିଆ } ବିଂ. ବହୁଦିନ ସଞ୍ଚିତ ହେବା ଦ୍ୱାରା ଦୁର୍ଗନ୍ଧଯୁକ୍ତ ।

ରହସ୍ୟ, ବିଂ. (ରହସ୍-ଯ) ମର୍ମ, ଗୁପ୍ତବିଷୟ, ଗୋପନୀୟ, ନିର୍ଜନଭବ । ବି. ନ. ଗୂଢ଼ତତ୍ତ୍ୱ, ଯାହାର ମର୍ମ ବୁଝାଯାଇ ପାରେ ନାହିଁ । ରହସ୍ୟ ତ୍ରିବିଧ—ଧର୍ମରହସ୍ୟ, ଅର୍ଥରହସ୍ୟ, କାମରହସ୍ୟ । ସ୍ୟା, ସ୍ତ୍ରୀ ସରସ୍ୱତୀ ନଦୀ ।

ରହିତ, ବିଂ. ( ରହ୍-ତ ) ବର୍ଜିତ, ତ୍ୟକ୍ତ, ବିହୀନ ।

ରହିବା, କ୍ରି. (ରହ୍ ଧାତୁଜ) ନିବାସ କରିବା, ସ୍ଥିର ହେବା ।

ରହୁ, ରହୁବର } ବି. (ପ୍ରାଚୀନ) ରଥ ।

ରା, ବି. ସ୍ତ୍ରୀ. ( ରା-୦ ) ଦାନ, ଗ୍ରହଣ, ବିଭ୍ରମ, ସ୍ୱର୍ଣ୍ଣ ।

ରାଇ, ବି. (ଦେଶଜ) ଏକପ୍ରକାର ସୋରିଷ, ବଡ଼ ସୋରିଷ, ସୋରିଷବଟା ଦିଆଯାଇଥିବା ତରକାରୀ ।

ରାଇବା, କ୍ରି. (ରାବ ଶବ୍ଦଜ) ଡାକିବା । ଯଥା—

ବନ୍ଦୀ ବେଲ ତାକୁ ରାଇବ ।

ରାଈ, ବି. (ଦେଶଜ) ରାଧିକା ।

ରାଉତ, ବି. (ଦେଶଜ) ଅଶ୍ୱାରୋହୀ ସୈନ୍ୟ, ପ୍ରାଚୀନ ଉତ୍କଳୀୟ ସୈନିକଙ୍କ ଉପାଧି । ଯଥା—

ମାତଙ୍ଗେ ମାହୁନ୍ତ ପଡ଼େ ତୁରଙ୍ଗେ ରାଉତ ।

ରାଉତରାୟ, ବି. ଅଶ୍ୱାରୋହୀ ସୈନ୍ୟଙ୍କ ଅଧ୍ୟକ୍ଷ, ଉପାଧିବିଶେଷ ।

ରାଉରାଉ, ବି. (ଦେଶଜ) କ୍ଷୁଧା ହେତୁରୁ ରଡ଼ି କରିବା ।

ରାଉଳ, ବି. ( ଦେଶଜ ) ଦେବପୂଜକ ଶୂଦ୍ର ଜାତି ବିଶେଷ ।

ରାକା, ବି. ସ୍ତ୍ରୀ. (ରା-କ-ଆ) ପୂର୍ଣ୍ଣିମା ତିଥି, ନବ ଋତୁମତୀ ସ୍ତ୍ରୀ, ନଦୀବିଶେଷ, କାଚ୍ଛୁରୋଗ ।

ରାକ୍ଷସ, ବି. ପୁଂ. ( ରକ୍ଷ୍-ଅସ୍ କିମ୍ବା ରକ୍ଷସ୍-ଅ ) ନିଶାଚର, ଯାତୁଧାନ, କୁବେରଙ୍କ ଧନରକ୍ଷକ,

ବିବାହବିଶେଷ, ବଳପୂର୍ବକ ବିବାହ । ବିଂ. ରାକ୍ଷସସମ୍ବନ୍ଧୀୟ । ସୀ, ସ୍ତ୍ରୀ. ରାକ୍ଷସପତ୍ନୀ, ରାତ୍ରିବେଳା ।

ରାକ୍ଷସେନ୍ଦ୍ର, ବି. ପୁଂ. (ରାକ୍ଷସ-ଇନ୍ଦ୍ର) ରାବଣ ।

ରାକ୍ଷା, ବି. ସ୍ତ୍ରୀ. (ରକ୍ଷ୍-ଅ-ଆ) ଲାକ୍ଷା, ଲାହା ।

ରାଗ, ବି. ପୁଂ. (ରନ୍ଜ୍-ଅ) ରକ୍ତବର୍ଣ୍ଣ, ଅନୁରାଗ, ଇଚ୍ଛା, ବିଷୟେଚ୍ଛା, ଉତ୍ସାହ, ସ୍ୱରର ପ୍ରକାର ବିଶେଷ, ଭୈରବ ମାଳବ ସାରଙ୍ଗ ହିନ୍ଦୋଳ ଦୀପକ ମେଘ ଏହି ଷଡ଼୍‌ବିଧ, ରଞ୍ଜନ, ରଙ୍ଗ କରିବା, ଦ୍ୱେଷ, ମାତ୍ସର୍ଯ୍ୟ, ରଞ୍ଜକଦ୍ରବ୍ୟ, ସନ୍ତୋଷ, ଚନ୍ଦ୍ର, ନୃପ । (ଦେ) କ୍ରୋଧ ।

ରାଗଲତା, ବି. ସ୍ତ୍ରୀ. (ରାଗ-ଲତା) ରତି, କାମପତ୍ନୀ ।

ରାଗସୂତ୍ର, ବି. ନ. (ରାଗ-ସୂତ୍ର) ତୁଲାସୂତ୍ର, ନିକ୍ତି ବା ଦଣ୍ଡିର ସୂତା, ପଟ୍ଟସୂତ୍ର, ରଙ୍ଗ କରିଥିବା ସୂତା ।

ରାଗାର୍ଦ୍ଧ, ବିଂ. (ରାଗ-ଅର୍ଦ୍ଧ) ଯେଉଁ ବ୍ୟକ୍ତି ଆଶା ଦେଇ ଆଶା ପୂର୍ଣ୍ଣ କରେ ନାହିଁ ।

ରାଗିଣୀ, ବି. ସ୍ତ୍ରୀ. (ରାଗ-ଇନ୍-ଈ) ସ୍ୱରବିଶେଷ, ଛଅ ରାଗର ପତ୍ନୀ ସ୍ୱରୂପ ୩୬ ସ୍ୱର, ଅନୁରକ୍ତା ସ୍ତ୍ରୀ । (ପ୍ରା) କୋପନା ସ୍ତ୍ରୀ । ଯଥା—

ରାଗିଣୀ ଭଣି ବୋ ଛୁଇଁବି ପୁଣି,
ଚହି କହିଛି କାହା ଶିରେ ମଣି । ର. କ.

ରାଗିବା, କ୍ରି. କ୍ରୁଦ୍ଧ ହେବା, କ୍ରୋଧ ପ୍ରକାଶ କରିବା ।

ରାଗୀ, ବିଂ. (ରାଗ-ଇନ୍) ରାଗଯୁକ୍ତ, ଅନୁରକ୍ତ, କାମୁକ, ରଞ୍ଜନକାରୀ । (ଦେ) କ୍ରୋଧୀ ।

ରାଘବ, ବି. ପୁଂ. (ରଘୁ-ଅ) ରାମଚନ୍ଦ୍ର, ରଘୁବଂଶୀୟ ନୃପ, ସମୁଦ୍ର, ମତ୍ସ୍ୟବିଶେଷ । ବିଂ. ରଘୁବଂଶୀୟ ।

ରାଜ୍, ବି. ପୁଂ. (ରାଜ୍-୦) ରାଜା, ପ୍ରଭୁ । ବିଂ. ଶୋଭମାନ ।

ରାଜକ, ବି. ନ. (ରାଜନ୍-କ) ରାଜସମୂହ । ପୁଂ. ରାଜା । ବିଂ. ଶାସନକର୍ତ୍ତା, ଦୀପ୍ତିଶାଳୀ ।

ରାଜକୀୟ, ବିଂ. (ରାଜନ୍-ଈୟ) ରାଜସମ୍ବନ୍ଧୀୟ ।

ରାଜତ, ବିଂ. (ରଜତ-ଅ) ରଜତନିର୍ମିତ, ରୌପ୍ୟମୟ ।

ରାଜତନ୍ତ୍ର, ବି. ନ. ରାଜାଙ୍କ ହସ୍ତଗତ ରାଜ୍ୟଶାସନ ।

ରାଜତ୍ୱ, ବି. ନ. (ରାଜନ୍-ତ୍ୱ) ରାଜ୍ୟ, ରାଜପଦ ।

ରାଜଦଣ୍ଡ, ବି. ନ. (ରାଜ-ଦଣ୍ଡ) ରାଜଦତ୍ତ ଦଣ୍ଡ, ରାଜାଙ୍କ ହସ୍ତସ୍ଥିତ ଯଷ୍ଟି ।

ରାଜଧାନ, ନ. } ବି. (ରାଜନ୍-ଧା-ଅନ,ଈ) ପ୍ରଧାନନଗରୀ, ଯେଉଁ
ରାଜଧାନୀ, ସ୍ତ୍ରୀ. } ସ୍ଥାନରେ ରାଜା ବାସ କରନ୍ତି ।

ରାଜନୀତି, ବି. ସ୍ତ୍ରୀ. (ରାଜନ୍-ନୀତି) ରାଜ୍ୟଶାସନ ନୀତିଶାସ୍ତ୍ର, ଯେଉଁ ନୀତିଶାସ୍ତ୍ରଦ୍ୱାରା ରାଜକାର୍ଯ୍ୟ ନିର୍ବାହ ହୁଏ, ସାମ ଦାନାଦି ଚତୁର୍ବିଧ ଉପାୟ ।

ରାଜନ୍ୟ, ବି. ପୁଂ. (ରାଜ୍-ଅନ୍ୟ) କ୍ଷତ୍ରିୟ, ଅଗ୍ନି, କ୍ଷୀରିକାବୃକ୍ଷ ।

ରାଜନ୍ୟକ, ବି. ନ. (ରାଜନ୍ୟ-କ) କ୍ଷତ୍ରିୟସମୂହ, ରାଜକ ।

ରାଜପଟ୍ଟ, ବି. ପୁଂ. (ରାଜନ୍-ପଟ୍ଟ) ମଣିବିଶେଷ, ମୁକୁଟ, ରାଜସନନ୍ଦ ।

ରାଜପଥ, ବି. ପୁଂ. (ରାଜନ୍-ପଥ) ରାଜମାର୍ଗ, ଅତି ପ୍ରଶସ୍ତ ରାସ୍ତା ।

ରାଜପୁତ୍ର, ବି. ପୁଂ. (ରାଜନ୍-ପୁତ୍ର) ଯୁବରାଜ, ରାଜକୁମାର, ବୁଧଗ୍ରହ, ଜାତିବିଶେଷ, ରଜପୁତ ।

ରାଜପୁରୁଷ, ବି. ପୁଂ. (ରାଜନ୍-ପୁରୁଷ) ରାଜକର୍ମଚାରୀ, ଶାନ୍ତିରକ୍ଷକ ।

ରାଜଭୂୟ, ବି. ନ. (ରାଜନ୍-ଭୂ-ଯ) ରାଜ୍ୟ, ରାଜତ୍ୱ ।

ରାଜମଣ୍ଡଳ, ବିଂ. (ରାଜନ୍-ମଣ୍ଡଳ) ଦ୍ୱାଦଶବିଧ ରାଜା, ଅରି, ମିତ୍ର, ଅରିର ମିତ୍ର, ମିତ୍ରର ମିତ୍ର, ଅରିମିତ୍ରର ମିତ୍ର ଏହି ପାଞ୍ଚ—ବିଜିଗୀଷୁର

ପୁରଃସର, ପାର୍ଷ୍ଣିଗ୍ରାହ, ଆକ୍ରନ୍ଦ, ପାର୍ଷ୍ଣିଗ୍ରାହାସାର, ଆକ୍ରନ୍ଦାସାର ଏହି ଚାରି – ବିଜିଗୀଷୁର ପଶ୍ଚାଦ୍‌ବର୍ତ୍ତୀ ଏବଂ ବିଜିଗୀଷୁ, ମଧ୍ୟମ ଓ ଉଦାସୀନ ଏହି ତିନି—ସମୁଦାୟରେ ଦ୍ୱାଦଶ ।

ରାଜମାର୍ଗ, ବି. ପୁଂ. (ରାଜନ୍-ମାର୍ଗ) ଅତି ପ୍ରଶସ୍ତ ରାସ୍ତା ।

ରାଜଯକ୍ଷ୍ମା, ବି. ପୁଂ. ( ରାଜନ୍-ଯକ୍ଷ୍ମା ) ଯକ୍ଷ୍ମା, କ୍ଷୟରୋଗ ।

ରାଜରଙ୍ଗ, ବି. ନ. ( ରାଜ-ରଙ୍ଗ ) ରଜତ, ରୌପ୍ୟ ।

ରାଜରାଜ, ବି. ପୁଂ. ( ରାଜନ୍-ରାଜା ) କୁବେର, ଏକଚ୍ଛତ୍ର ରାଜା, ଚନ୍ଦ୍ର, ସମ୍ରାଟ ।

ରାଜର୍ଷି, ବି.ପୁଂ. (ରାଜ-ଋଷି) ରାଜା ଅଥଚ ଋଷି, ଯେଉଁ ରାଜା ଋଷିବତ୍ ଆଚରଣ କରନ୍ତି, ରାଜଶ୍ରେଷ୍ଠ ।

ରାଜଲକ୍ଷ୍ମୀ, ବି. ସ୍ତ୍ରୀ. ( ରାଜ-ଲକ୍ଷ୍ମୀ ) ରାଜଶୋଭା, ରାଜଶ୍ରୀ ।

ରାଜବଂଶ୍ୟ, ବିଂ. (ରାଜବଂଶ-ଯ) ରାଜବଂଶୋଦ୍ଭବ । ବି. ପୁଂ. ଜାତିବିଶେଷ ।

ରାଜବର୍ତ୍ମ, ବି. ନ. ( ରାଜନ୍-ବର୍ତ୍ମନ୍ ) ରାଜପଥ ।

ରାଜବଲ୍ଲୀ, ବି. ସ୍ତ୍ରୀ ( ରାଜ-ବଲ୍ଲୀ ) ତିକ୍ତଫଳବିଶେଷ, କଲରା ।

ରାଜବିପ୍ଳବ, ( evolution) ରାଜ୍ୟଶାସନର ପ୍ରଚଳିତ ପ୍ରଣାଳୀର ପରିବର୍ତ୍ତନ, ରାଜଦ୍ରୋହ ।

ରାଜବୃତ୍ତ, ବି. ନ. (ରାଜ-ବୃତ୍ତ) ରାଜାଙ୍କ ଚରିତ୍ର, ନ୍ୟାୟପୂର୍ବକ ଅର୍ଥର ଉପାର୍ଜ୍ଜନ ବୃଦ୍ଧି ରକ୍ଷା ଏବଂ ସତ୍ପାତ୍ରରେ ଅର୍ପଣ ।

ରାଜଶଯ୍ୟା, ବି. ସ୍ତ୍ରୀ. (ରାଜ-ଶଯ୍ୟା) ସିଂହାସନ ।

ରାଜସ } ବିଂ. (ରଜସ୍-ଅ, ଇକ) ରଜୋଗୁଣ-
ରାଜସିକ } ପ୍ରଧାନ, ମାନ ପୂଜା ସମ୍ମାନାର୍ଥ ଦମ୍ଭବଶତଃ ଯେଉଁ କାର୍ଯ୍ୟ କରାହୁଏ, ଖ୍ୟାତିଜନକ କର୍ମ ।

ରାଜସୂୟ, ବି. ନ. ( ରାଜ-ସୂ-ଯ ) ସମ୍ରାଟଙ୍କ ସମ୍ପାଦ୍ୟ ଯଜ୍ଞବିଶେଷ, ଅଧୀନ ରାଜଗଣ-କର୍ତ୍ତୃକ ସମ୍ପାଦ୍ୟ, ପଥ, ପର୍ବତବିଶେଷ, ଧାନ୍ୟବିଶେଷ ।

ରାଜସ୍ୱ, ବି. ନ. ( ରାଜନ୍-ସ୍ୱ ) ରାଜପ୍ରାପ୍ୟ ଧନ, ରାଜକର ।

ରାଜହଂସ, ବି ପୁଂ. ( ରାଜନ୍-ହଂସ ) ରକ୍ତବର୍ଣ୍ଣ ଚଞ୍ଚୁ ଓ ଚରଣବିଶିଷ୍ଟ ଶୁକ୍ଳବର୍ଣ୍ଣ ହଂସ, ହଂସଶ୍ରେଷ୍ଠ ।

ରାଜା, ବି. ପୁଂ. (ରାଜ୍-ଅ) ପ୍ରକୃତିରଞ୍ଜକ, ଦୀପ୍ତିଶୀଳ, ନୃପତି, କ୍ଷତ୍ରିୟ, ପ୍ରଭୁ, ଚନ୍ଦ୍ର, ଇନ୍ଦ୍ର, ଯକ୍ଷ । (ଶବ୍ଦର ପୂର୍ବରେ ବା ପରେ ଥିଲେ) ଶ୍ରେଷ୍ଠ ।

ରାଜାଧିରାଜ, ବି. ପୁଂ. ( ରାଜନ୍-ଅଧିରାଜ ) ସାର୍ବଭୌମ, ସମ୍ରାଟ୍ ।

ରାଜାର୍ହ, ବି. ନ, (ରାଜନ୍-ଅର୍ହ) ଅଗୁରୁ । ବିଂ. ରାଜଯୋଗ୍ୟ ।

ରାଜାହି, ବି. ପୁଂ. ( ରାଜନ୍-ଅହି ) ଦ୍ୱିମୁଖ ସର୍ପ, ଦୁଇମୁହାଁ ସାପ, ଦୋମୁଣ୍ଡିଆ ସାପ ।

ରାଜି } ବି. ସ୍ତ୍ରୀ. ( ରାଜ୍-ଇ, ଈ) ଶ୍ରେଣୀ, ଧାଡ଼ି,
ରାଜୀ } ରେଖା, ଶରୀରସ୍ଥ ଛିଦ୍ର, ଆଧାରବିଶେଷ । (ଯାବନିକ) ଅଙ୍ଗୀକାର, ସ୍ୱୀକାର, ବିଂ. ଅଙ୍ଗୀକୃତ । ଯଥା—

ତଳେ ବସନ ପ୍ରସାରି, ତୃଣ ଦଶନାଗ୍ରେ ଧରି,
କହିଲେହେଁ ଅନୁସରି, ରାଜି ନ ହେଲେ ରେ । କା.ଚ.

ରାଜିତ, ବିଂ. (ରାଜ୍-ତ) ଶୋଭିତ, ପ୍ରଦୀପିତ ।

ରାଜିନାମା, ବି. (ଯାବନିକ) ବିବାଦ ନିଷ୍ପତ୍ତିସୂଚକ ମିଳନପତ୍ର ।

ରାଜୀବ, ବି. ନ. (ରାଜୀ-ବ) ପଦ୍ମ । ଯଥା—

ରାଜୀବମାଳି ମାଳ କରି କେ ଲମ୍ବାଇ ଦେଉଛି ଗଳାରେ ।

ପୁଂ ବୃହତ୍ ମତ୍ସ୍ୟ, ହରିଣବିଶେଷ, ହସ୍ତୀ, ପକ୍ଷିବିଶେଷ, ସାରସ ।

ରାଜୁତି, ବି. ରାଜତ୍ୱ, ପ୍ରଭୁତ୍ୱ ।

ରାଜେନ୍ଦ୍ର, (ରାଜନ୍-ଇନ୍ଦ୍ର) ପ୍ରଧାନ ରାଜା, ଶ୍ରେଷ୍ଠ ରାଜା, ସମ୍ରାଟ୍ ।

ରାଜ୍ଞୀ, ବି. ସ୍ତ୍ରୀ. (ରାଜନ୍-ଈ) ରାଜମହିଷୀ, ରାଣୀ, ସୂର୍ଯ୍ୟପତ୍ନୀ ।

ରାଜ୍ୟ, ବି. ନ. (ରାଜନ୍-ଯ) ରାଜତ୍ୱ, ରାଜକାର୍ଯ୍ୟ, ଦେଶ ।

ରାଜ୍ୟତନ୍ତ୍ର, ବି. ନ. ରାଜ୍ୟଶାସନ ପ୍ରଣାଳୀ ।

ରାଜ୍ୟସଂସ୍ଥିତି, ବି. ନ. ରାଜ୍ୟର ସୁଶୃଙ୍ଖଳା ।

ରାଜ୍ୟାଙ୍ଗ, ବି ନ. ( ରାଜ୍ୟ-ଅଙ୍ଗ ) ରାଜ୍ୟର ଆବଶ୍ୟକ ଅଙ୍ଗ—ସ୍ୱାମୀ, ମନ୍ତ୍ରୀ, ସୁହୃଦ୍, ଧନ, ଦେଶ, ଦୁର୍ଗ, ସୈନ୍ୟ ଏହି ସାତ, ପ୍ରକୃତି ସହିତରେ ଆଠ, ଉପସ୍ୱିଙ୍କୁ ମିଶାଇ ନଅ ।

ରାଣ୍ଟୁଡ଼ିବା, କ୍ରି. ଆମ୍ପୁଡ଼ିବା, କଣ୍ଟା ବା ନଖାଦି-ଦ୍ୱାରା କ୍ଷତ ବିକ୍ଷତ କରିବା ।

ରାଟ୍, ବି. ପୁଂ. ( ରାଜନ୍ ଶବ୍ଦଜ ) ରାଜା । ଯଥା—

ଜାଣି ନାହିଁ କି ସେ କଂସ ରାଟ୍କୁ ।

ରାଢ଼, ବି. ପୁଂ. ( ରଢ଼୍-ଅ ) ଦେଶବିଶେଷ, ବଙ୍ଗଳାର ମଧ୍ୟ ଗଙ୍ଗାର ପଶ୍ଚିମ ଦିଗସ୍ଥ ଦେଶ, ସୌନ୍ଦର୍ଯ୍ୟ । ( ଦେଶଜ ) କୃପଣ, ଅନାର୍ଯ୍ୟ ଜାତି ।

ରାଢ଼ି, ବି. (ଦେଶଜ) ଜାତିବିଶେଷ, କୈବର୍ତ୍ତ ।

ରାଣ ବି. (ଦେଶଜ) ଶପଥ, ନିଯ୍ମ । ( ରାଜନ୍ ଶବ୍ଦଜ) ରାଜା, ଯଥା – ଜଳୁରାଣ, ନରରାଣ, ରଘୁରାଣ । ( ଶପଥ ଅର୍ଥରେ ) ଯଥା—

ଧନ ମୋହ ରାଣ ତୋତେ,
ମୁଁ ଯାହା ବୋଲିବି ତାହା କରିବୁ ଭରତେ ।

ରାଣୀ, ବି. ସ୍ତ୍ରୀ (ରାଜ୍ଞୀ ଶବ୍ଦଜ) ମହିଷୀ, ରାଜ୍ଞୀ ।

ରାଣ୍ଡି, ବି. (ରଣ୍ଡା ଶବ୍ଦଜ) ବିଧବା, ଅରକ୍ଷିତ ।

ରାତି, ବି. (ରାତ୍ରି ଶବ୍ଦଜ) ବିଭାବରୀ, ରଜନୀ ।

ରାତ୍ରି, ରାତ୍ରୀ } ବି ସ୍ତ୍ରୀ. ( ରା=ବିଶ୍ରାମ-କ୍ରିପ୍ ) ରଜନୀ, ନିଶା ।

ରାତ୍ରିକର, ବି. ପୁଂ. ( ରାତ୍ରି-କର ) ନିଶାକର, ଚନ୍ଦ୍ର ।

ରାତ୍ରିଚର, ରାତ୍ରିଞ୍ଚର } ବି. ପୁଂ. (ରାତ୍ରି-ଚର) ନିଶାଚର, ରାକ୍ଷସ, ଚୋର ।

ରାତ୍ରିଜଳ, ବି. ନ. ( ରାତ୍ରି-ଜଳ ) କୁହୁଡ଼ି, ଶିଶିର ।

ରାତ୍ରିମଣି, ବି. ପୁଂ. ( ରାତ୍ରି-ମଣି ) ଚନ୍ଦ୍ର, ନିଶାମଣି ।

ରାତ୍ରିବାସଃ, ବି. ନ. (ରାତ୍ରି-ବାସସ୍) ଅନ୍ଧକାର, ରାତ୍ରରେ ପରିଧେୟ ବସ୍ତ୍ର ।

ରାତ୍ରିବେଦ, ରାତ୍ରିବେଦୀ } ( ରାତ୍ରି-ବେଦ, ବେଦନ୍ ) କୁକ୍କୁଟ, କୁକୁଡ଼ା ।

ରାତ୍ର୍ୟନ୍ଧ, ବି. ( ରାତ୍ରି-ଅନ୍ଧ ) ରାତିକଣା, କାକାଦି ।

ରାଦ୍ଧ, ବିଂ. ( ରାଧ୍-ତ ) ସିଦ୍ଧ, ସମ୍ପନ୍ନ, ପକ୍ୱ, ଫଳିତ ।

ରାଧା, ବି. ସ୍ତ୍ରୀ. (ରାଧ୍-ଅ) ନକ୍ଷତ୍ରବିଶେଷ, କୃଷ୍ଣ-ପ୍ରେୟସୀ ଗୋପୀବିଶେଷ, କର୍ଣ୍ଣମାତା, ବିଦ୍ୟୁତ୍, ବାଣମୋକ୍ଷଣକାଳୀନ ଭଙ୍ଗୀ-ବିଶେଷ, ଦୁଇ ପଦ ପରସ୍ପର ଏକ ବିଘାତ ଅନ୍ତରରେ ଥିବା ।

ରାଧାକାନ୍ତ, ରାଧାନାଥ, ରାଧାବଲ୍ଲଭ } ବି. ପୁଂ. ( ରାଧା-କାନ୍ତ, ନାଥ, ବଲ୍ଲଭ) ଶ୍ରୀକୃଷ୍ଣ ।

ରାଧାତନୟ, ରାଧାପୁତ୍ର, ରାଧାସୁତ } ବି. ପୁଂ. (ରାଧା-ତନୟ, ପୁତ୍ର, ସୁତ) କର୍ଣ୍ଣ, ଅଙ୍ଗରାଜ ।

ରାଧିକା, ବି. ସ୍ତ୍ରୀ. ବୃଷଭାନୁନନ୍ଦିନୀ ଗୋପୀବିଶେଷ ।

ରାଧେୟ, ବି. ପୁଂ. (ରାଧା-ଏୟ) ରାଧାର ପାଳିତ ପୁତ୍ର, କର୍ଣ୍ଣ ।

ରାନ୍ଧଣା, ବି. (ରନ୍ଧ୍ ଧାତୁଜ) ରାନ୍ଧିବା, ରନ୍ଧନ ।

ରାନ୍ଧିବା, କ୍ରି. ରନ୍ଧନ କରିବା, ପାକ କରିବା ।

ରାନ୍ଧୁଣି, ରାନ୍ଧୁଣିଆ } ବି. ( ଦେଶଜ ) ଯେ ରାନ୍ଧେ, ପାଚକ ।

ରାମ, ବି. ପୁଂ. (ରା-ମ) ବିଷ୍ଣୁଙ୍କ ତିନି ଅବତାର ପରଶୁରାମ, ରାମଚନ୍ଦ୍ର ଓ ବଳରାମ, ବରୁଣ,

ଘୋଟକ, କୃଷ୍ଣବିବରଣବିଶେଷ । ବିଂ. ରମଣୀୟ, ମନୋହର, ଶୁଭ୍ର ।

ରାମକର୍ପୂର, ବି. ପୁଂ. (ରାମ-କର୍ପୂର) ସଦ୍‌ଗନ୍ଧଯୁକ୍ତ ତୃଣବିଶେଷ ।

ରାମକେରୀ, ବି. ଓଡ଼ିଆ ଛାନ୍ଦରାଗବିଶେଷ ।

ରାମଗିରି, ବି. ପୁଂ. (ରାମ-ଗିରି) ବୁନ୍ଦେଲଖଣ୍ଡର ଚିତ୍ରକୂଟ ପର୍ବତ ।

ରାମଚନ୍ଦ୍ର } ବି. ପୁଂ. (ରାମ-ଚନ୍ଦ୍ର, ଭଦ୍ର)
ରାମଭଦ୍ର } ଦଶରଥଙ୍କ ପୁତ୍ର, ଶ୍ରୀରାମ ।

ରାମଜନନୀ, ବି. ସ୍ତ୍ରୀ. (ରାମ-ଜନନୀ) କୌଶଲ୍ୟା, ରେଣୁକା ।

ରାମଣୀୟକ, ବି. ନ. (ରମଣୀୟ-କ) ଶୋଭା, ରମଣୀୟତ୍ୱ ।

ରାମଢଳା, ବି. ଏକଜାତୀୟ ମଣି । ଯଥା—

ନଦୀତୀର ସ୍ୱର୍ଣ୍ଣବର୍ଣ୍ଣ ରାମଢଳା ସର୍ପପ କୁସୁମେ ଦାଣ । ଉର୍ବଶୀ ।

ରାମନବମୀ, ବି. ସ୍ତ୍ରୀ. ଚୈତ୍ରମାସର ଶୁକ୍ଳନବମୀ, ଶ୍ରୀରାମଙ୍କ ଜନ୍ମଦିନ ।

ରାମସଖା, ବି. ପୁଂ. (ରାମ-ସଖା) ରାମଙ୍କ ମିତ୍ର, ସୁଗ୍ରୀବ ।

ରାମା, ବି. ସ୍ତ୍ରୀ. (ରା-ମ-ଆ) ସୁନ୍ଦରୀ ନାରୀ, ପ୍ରିୟା, ନଦୀ, ହିଙ୍ଗୁଳ ।

ରାମାଇତ, ବି. ରାମୋପାସକ ସନ୍ନ୍ୟାସୀ ।

ରାମାନନ୍ଦୀ, ବି. ରାମୋପାସକଙ୍କର ତିଳକ ।
ଯଥା—

କୁଅଁରର ତହିଁ ମଧ୍ୟେ ବିରାଜିତା,
ପ୍ରାଚୀ ଦେଇଛି କି ରାମାନନ୍ଦୀ ଟୀକା । ନ. ବେ.

ରାମାୟଣ, ବି.ନ. (ରାମ-ଅୟନ) ବାଲ୍ମୀକିପ୍ରଣୀତ ରାମଚନ୍ଦ୍ରଙ୍କ ଉପାଖ୍ୟାନଘଟିତ ମହାକାବ୍ୟ ।

ରାମ୍ଭିଡ଼ିବା, କ୍ରି. (ଦେଶଜ) ନଖାଦିରେ ଚିରିବା । ଆମ୍ଭୁଡ଼ିବା ।

ରାୟ, ବି. (ରାଜ ଶବ୍ଦର ପ୍ରୟୋଗ) ରାଜା, ଯଥା—

ବଳଭଦ୍ର ବସନ୍ତେ ଅବନ୍ଧୁ ଶ୍ରୀଅଙ୍ଗ ବନେ ଗଲେ ନରରାୟେ ।
ଶ୍ରୀରାମବନବାସ ।

ଉପାଧିବିଶେଷ । (ଯାବନିକ) ମତ, ବିଚାରକଙ୍କ ଶେଷମତ (judgment), ସ୍ୱାଧୀନ ଇଚ୍ଛା ।

ରାଳ, ବି. ପୁଂ. ସର୍ଜ୍ଜରସ, ଧୂନା, ଅଲକାତରା ।

ରାବ, ବି. ପୁଂ. (ରୁ-ଅ) ଶବ୍ଦ, ଧ୍ୱନି, ରବ ।

ରାବଣ, ବି. ପୁଂ. (ରାବି-ଅନ) ଲଙ୍କାଧିପତି, ଦଶାନନ ।

ରାବଣଗଙ୍ଗା, ବି. ସ୍ତ୍ରୀ. ସିଂହଳଦ୍ୱୀପସ୍ଥ ନଦୀବିଶେଷ ।

ରାବଣାରି, ବି. ପୁଂ. (ରାବଣ-ଅରି) ରାମଚନ୍ଦ୍ର ।

ରାବଣି, ବି. ପୁଂ. (ରାବଣ-ଇ) ରାବଣପୁତ୍ର, ଇନ୍ଦ୍ରଜିତ୍, ମେଘନାଦ ।

ରାଶି, ବି. ପୁଂ. (ରଶ-ଇ) ପୁଞ୍ଜ, ସ୍ତୂପ, ଗଦା, ସମୂହ, ମେଷାଦି ଦ୍ୱାଦଶ (ଦେଶଜ) ଖଣ୍ଡା ।

ରାଶିଚକ୍ର, ବି. ନ. (ରାଶି-ଚକ୍ର) ମେଷାଦି ଦ୍ୱାଦଶ ରାଶିଯୁକ୍ତ ବୃତ୍ତ, ମେଷାଦି ଦ୍ୱାଦଶ ରାଶିଘଟିତ କଳ୍ପିତ ଚକ୍ର, ଅଙ୍କଶାସ୍ତ୍ରର ସଂଖ୍ୟା, ଭାଜ୍ୟ ବା ଭାଜକ ।

ରାଶୀକୃତ, ବିଂ. (ରାଶି-କୃତ) ପୁଞ୍ଜୀକୃତ, ସ୍ତୂପାକାର କରିବା ।

ରାଷ୍ଟ୍ର, ବି. ପୁଂ. ନ. (ରାଜ୍-ତ୍ର) ରାଜ୍ୟ, ଜନପଦ, ଦେଶ, ଉପଦ୍ରବ, ମଡ଼କ ପ୍ରଭୃତି, ପ୍ରଚାର, ପ୍ରକାଶ ।

ରାଷ୍ଟ୍ରବିପ୍ଳବ, (Revolution) ରାଜ୍ୟଶାସନର ପ୍ରଚଳିତ ପ୍ରଣାଳୀର ପରିବର୍ତ୍ତନ ।

ରାସ, ବି. ପୁଂ. (ରସ୍-ଅ) କାର୍ତ୍ତିକପୂର୍ଣ୍ଣିମାରେ କୃଷ୍ଣଙ୍କର ଲୀଳାବିଶେଷ, କୋଳାହଳ, ଗୋଳମାଳ, ଶବ୍ଦ ।

ରାସକ, ବି. ନ. ନାଟ୍ୟଗ୍ରନ୍ଥବିଶେଷ ।

ରାସନ, ବି. ନ. (ରସନା-ଅ) ରସନେନ୍ଦ୍ରିୟଜନ୍ୟ ଜ୍ଞାନ । ବିଂ. ରସନାସମ୍ବନ୍ଧୀୟ ।

ରାସଭ, ବି. ପୁଂ. (ରାସ୍-ଅଭ) ଗର୍ଦ୍ଦଭ, ଗଧ ।

ରାସମଣ୍ଡପ } ବି. ନ. କୃଷ୍ଣଙ୍କର ରାସକ୍ରୀଡ଼ା
ରାସମଣ୍ଡଳ } ସ୍ଥାନ ।

ରସାୟନିକ, ବିଂ. ( ରସାୟନ-ଇକ ) ରସାୟନ-ବିଦ୍ୟାସମ୍ବନ୍ଧୀୟ ।

ରସାୟନିକ ଆକର୍ଷଣ, ବି ଯେଉଁ ଗୁଣଦ୍ୱାରା ପରସ୍ପର ଭିନ୍ନ ପ୍ରକାର ପରମାଣୁସବୁ ମିଳିତ ହୋଇ ଗୋଟିଏ ସ୍ୱତନ୍ତ୍ର ଗୁଣବିଶିଷ୍ଟ ପଦାର୍ଥରେ ପରିଣତ ହୁଏ ।

ରାସୋତ୍ସବ, ବି. ପୁଂ. (ରାସ-ଉତ୍ସବ) ଗୋଷ୍ଠୀ, ସଭା, ଉତ୍ସବ, ଶୃଙ୍ଗାର, ପରିହାସ, ମଣ୍ଡଳୀ, କ୍ରୀଡ଼ା, ରସାୟନବିଦ୍ୟା, ପ୍ରସବ ଦିନଠାରୁ ଛଅଦିନ ।

ରାସେଶ୍ୱରୀ, ବି. ସ୍ତ୍ରୀ. ( ରାସ-ଈଶ୍ୱରୀ ) ରାଧା, ରାଧିକା ।

ରାସ୍ତା, ବି. (ଯାବନିକ) ପଥ, ମାର୍ଗ, ବର୍ତ୍ମ ।

ରାସ୍ନା, ବି. ପୁଂ. ( ରସ୍-ନ-ଆ ) ଔଷଧବିଶେଷ, ଲତାବିଶେଷ, ଗନ୍ଧଦ୍ରବ୍ୟବିଶେଷ, ରାସନା ।

ରାହା, (ଯାବନିକ) ରାସ୍ତା, ପଥ । ଯଥା—

ପଳାନ୍ତିରେ ଅନୁସରି ନିଜ ନିଜ ରାହା । କ. ବି.

ରାହାଜାନି, ବି. (ଯାବନିକ) ପଥମଧ୍ୟରେ ହେବା ଡକାୟତି ।

ରାହୁ, ବି. ପୁଂ. ( ରହ୍-ଉ ) ସିଂହିକାର ପୁତ୍ର, ଅଷ୍ଟମ ଗ୍ରହ, ତ୍ୟାଗ ।

ରାହୁଗ୍ରାସ, ବି. ପୁଂ. (ରାହୁ-ଗ୍ରାସ) ଚନ୍ଦ୍ର ସୂର୍ଯ୍ୟର ଗ୍ରହଣ ।

ରାହୁଭେଦୀ, ବି. ପୁଂ. (ରାହୁ-ଭେଦିନ୍) ବିଷ୍ଣୁ ।

ରାହୁସଂସ୍ପର୍ଶ, ବି. ପୁଂ. (ରାହୁ-ସଂସ୍ପର୍ଶ) ଉପରାଗ, ଚନ୍ଦ୍ର ସୂର୍ଯ୍ୟ, ଗ୍ରହଣ ।

ରିକ୍ତ, ବିଂ. (ରିର୍-ତ) ଶୂନ୍ୟ, ଖାଲି, ନିଷ୍ଫଳ, ଦରିଦ୍ର । ବି. ନ. ବନ, ଅବକାଶ, ଶୂନ୍ୟ ।

ରିକ୍ତହସ୍ତ, ବିଂ. (ରିକ୍ତ-ହସ୍ତ) ଶୂନ୍ୟହସ୍ତ, ନିର୍ଧନ, ଅକିଞ୍ଚନ ।

ରିକ୍ତା, ବି. ସ୍ତ୍ରୀ. (ରିର୍-ତା) ଚତୁର୍ଥୀ ନବମୀ ଚତୁର୍ଦ୍ଦଶୀ ତିଥି ।

ରିକ୍ଥ, ବିଂ. (ରିକ୍-ଥ) ଧନ, ସ୍ଥାବର ଅସ୍ଥାବର ସମ୍ପତ୍ତି ।

ରିକ୍ଥହାରୀ, ବିଂ. ( ରିକ୍ଥ-ହାରିନ୍ ) ଉତ୍ତରାଧିକାରୀ, ମାତୁଳ, ଡିମ୍ବିର ମଞ୍ଜି ।

ରିଙ୍ଖଣ } ବି. ନ. ( ରିନ୍ଖ, ରିଙ୍ଗ-ଅନ )
ରିଙ୍ଗଣ } ସ୍ଖଳନ, ପତନ, ଗମନ, ଭ୍ରଂଶ, ହାମୁଗୁଡ଼ି ।

ରିଞ୍ଚାଇବା, କ୍ରି. ( ରଞ୍ଜନ ଶବ୍ଦଜ ) ମଣାଇବା, ବୁଝାଇବା । ଯଥା—

ରିଞ୍ଚାଇ କୃଷ୍ଣଙ୍କୁ ବୁଝାଇ ଦେଲେ ସେ ଗୁପ୍ତ ତତ୍ତ୍ୱ ।

ରିପୁ, ବି. ପୁଂ. (ରପ୍-ଉ) ଶତ୍ରୁ, ବିପକ୍ଷ, କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ--ଏହି ଛଅଟି । ଶରୀରସ୍ଥ ରିପୁ ।

ରିଷ୍ଟ, ବି. ନ. (ରିଷ୍-ତ) କଲ୍ୟାଣ, ଶୁଭ, ଅଶୁଭ, ପାପ, ନାଶ, ଅଭାବ, ପାରଦ । ପୁଂ. ଖଡ୍ଗ, ବୃକ୍ଷବିଶେଷ । ବିଂ. ପାପଜନକ, ଅଶୁଭଦାୟକ, ଅଶୁଭଯୁକ୍ତ ।

ରିଷ୍ଟି, ବି. ସ୍ତ୍ରୀ. (ରିଷ୍-ତି) ଅଶୁଭ, ଅସୌଭାଗ୍ୟ । ପୁଂ. ଖଡ୍ଗ, ଅମଙ୍ଗଳ ।

ରିସା, ବି. (ଯାବନିକ) କ୍ରୋଧ ।

ରିସିବତ୍ } ବି. (ଯାବନିକ) ଲାଞ୍ଚ, ଉତ୍କୋଚ ।
ରିସ୍ପତ୍ }

ରିହ, ବି. (ଦେଶଜ) କ୍ରୋଧ ।

ରୀତି, ବି. ସ୍ତ୍ରୀ. ( ରୀ-ତି ) କ୍ରମ, ଧାରା, ପଦ୍ଧତି, ପିତ୍ତଳ, ସ୍ୱଭାବ, ସ୍ମରଣ, ଲୌହମଳ, ଦେଶ, ବିଦେଶୀୟ ଆଚାର ବ୍ୟବହାର, ସୀମା, ଗମନ, ଗତି, ସ୍ୱାଭାବିକଧର୍ମ, ଗୁଣ ବା ପ୍ରବୃତ୍ତି, କାବ୍ୟର ରସାଦିର ଉପକାରକ ପଦସଂଘଟନାବିଶେଷ, ତାହା ଚାରି ପ୍ରକାର—ବୈଦର୍ଭୀ, ଗୌଡ଼ୀ, ପାଞ୍ଚାଳୀ, ଲାଟିକା ।

ରୁଅ, ବି. ( ଦେଶଜ ) ଛପରଘରେ ଛାତର ଅବଲମ୍ବନ ବାଉଁଶ, ମଲ୍ଲାହର ଆହୁଲି ।

ରୁଅ, ବି. ମିଟିର ପ୍ରଭୃତିର ଦାନା ବା ପଶଡ଼ା, ସୂକ୍ଷ୍ମାଂଶ । କ୍ରି. ରୋଇବା ବା ରୋପିବା । ବିଂ. ଯାହା ରୁଆ ଯାଇଅଛି, ରୋପିତ ।

ରୁଆଇବା } କ୍ରି. (ରୁହ୍ ଧାତୁଜ) ରୁଇବା,
ରୋଇବା } ରୋପଣ କରିବା ।

ରୁକ୍, ବିଂ. ବକ୍ରପ୍ରଦ, ଅଭିଶପ୍ତ ଦାତା ।

ରୁକ୍, ବି. ସ୍ତ୍ରୀ (ରୁଚ୍-୦) କାନ୍ତି, ଦୀପ୍ତି, ଶୋଭା, ସ୍ପୃହା, ଇଚ୍ଛା, ( ରୁଜ୍-୦ ) ରୋଗ, ପୀଡ଼ା, ଋହ୍ୟଚ୍, ଋଗ୍ବେଦ ।

ରୁକ୍ମ, ବି. ନ. ( ରୁଚ୍-ମକ୍ ) ସ୍ୱର୍ଣ୍ଣ, ଧୁସ୍ତୁର, ଲୌହ ।

ରୁକ୍ମାଙ୍ଗଦ, ବି. ପୁଂ. କଳିଙ୍ଗଦେଶର ନୃପତି-ବିଶେଷ ।

ରୁକ୍ମୀ, ବି. ପୁଂ. ( ରୁକ୍ମ-ଇନ୍) ନୃପତିବିଶେଷ, ଭୀଷ୍ମକ ରାଜାଙ୍କର ଜ୍ୟେଷ୍ଠପୁତ୍ର । ବିଂ. ସ୍ୱର୍ଣ୍ଣ-ସ୍ୱାମୀ, ସ୍ୱର୍ଣ୍ଣଯୁକ୍ତ ।

ରୁକ୍ମିଣୀ, ବି. ସ୍ତ୍ରୀ. (ରୁକ୍ମୀ-ଇନ୍-ଈ) କୃଷ୍ଣପତ୍ନୀ, ଭୀଷ୍ମକଦୁହିତା । ବିଂ, ସ୍ୱର୍ଣ୍ଣସ୍ୱାମୀ ।

ରୁକ୍ଷ }<br>ରୂକ୍ଷ } ବିଂ. ( ରୁହ୍-ସ କର୍କଶ, କଠିଣ, ନୁଖୁରା, ଅଚିକ୍କଣ, ଆବଡ଼ାଖାବଡ଼ା, ନିଷ୍ଠୁର, ଉଗ୍ର, ତୀବ୍ର ।

ରୁଖା, ବି. ( ଦେଶଜ ) ପ୍ରଦୀପ ରଖିବାର ଉପଯୋଗୀ ଆଧାର ବିଶେଷ । ବିଂ. ରୁକ୍ଷ, କର୍କଶ ।

ରୁଗ୍ଣ, ବିଂ. (ରୁଜ୍-ତ) ପୀଡ଼ିତ, ଭଗ୍ନ, ବକ୍ର, ଆହତ ।

ରୁଚକ, ବି. ନ. ( ରୁଚ୍-ଅକ ) ଅଶ୍ୱାଭରଣ, ମାଙ୍ଗଲ୍ୟଦ୍ରବ୍ୟ, ଲବଣ, ଗନ୍ଧଦ୍ରବ୍ୟ, ଗୋରୋଚନା, ବଳକାରକ ଔଷଧ, ବିଡ଼ଙ୍ଗ । ପୁଂ. ଦନ୍ତ, ବୀଜପୂର, କପୋତ, କଣ୍ଠଭୂଷଣ । ବିଂ. ତୀବ୍ର, ଉତ୍କଟ ।

ରୁଚା, ବି. ସ୍ତ୍ରୀ. ( ରୁଚ୍-ଅ ) କାନ୍ତି, ଶୋଭା, ଇଚ୍ଛା ।

ରୁଚି, ବି. ସ୍ତ୍ରୀ. ( ରୁଚ୍-ଇ ) ପ୍ରୀତି, ଅନୁରାଗ, ସ୍ପୃହା, ଅଭିଳାଷ, ଶୋଭା, ଦୀପ୍ତି, କିରଣ, ବୁଭୁକ୍ଷା, ଆସ୍ୱାଦ, ଗୋରୋଚନା ।

ରୁଚିତ, ବିଂ. (ରୁଚ୍-ତ) ମିଷ୍ଟ, ସ୍ୱାଦୁ, ଉଜ୍ଜ୍ୱଳ, ପରିପାକ ।

ରୁଚିର, ବିଂ. (ରୁଚ୍-ଇର) ମନୋଜ୍ଞ, ମଧୁର, ମିଷ୍ଟ, ଉଜ୍ଜ୍ୱଳ, ସୁନ୍ଦର । ଯଥା—

ରୁଚିର ଚରଣ ଚଳକୁ ଚଳକୁ, କବା କରିବା ଅନୁଚିତ

ରୁଚିରା, ବି. ସ୍ତ୍ରୀ. ଗୋରୋଚନା ।

ରୁଚ୍ୟ, ବିଂ. (ରୁଚ୍-ଯ) ରୁଚିର, ସୁନ୍ଦର । ବି.ପୁଂ. କାନ୍ତ, ପତି ।

ରୁଜ }<br>ରୁଜା } ବି. ସ୍ତ୍ରୀ. ( ରୁଜ୍-୦, ଅ ) ବ୍ୟାଧି, ପୀଡ଼ା, ଭଙ୍ଗ, ଘଣ୍ଡ, ହାନି ।

ରୁଞ୍ଜ, ବି. ( ଦେଶଜ ) ଗୁଞ୍ଜ, କାଇଁଚ, ବିଂ. ମନୋହର; ଯଥା—

ଗୋରୋଚନା ଚିତା ଶୋହେ କପୋଳେ,<br>ତହିଁ ଉପରେ ରୁଞ୍ଜଗୁଞ୍ଜମାଳେ । ଗୋ ଭ.

ରୁଟୀ, ବି. (ରୋଟିକା ଶବ୍ଦଜ) ପିଷ୍ଟକବିଶେଷ ।

ରୁଠା }<br>ରୁଣ୍ଠା } ବିଂ. ( ଦେଶଜ ) କର୍କଶ, ନିଷ୍ଠୁର, ରୁକ୍ଷ ।

ରୁଣ୍ଡ, ବି. ପୁଂ. (ରୁନ୍ଠ-ଅ) କବନ୍ଧ, ଶିରୋହୀନ କଳେବର । ( ଦେଶଜ ) ଏକତ୍ରୀକୃତ । ଯଥା—

ଚଣ୍ଡାସୁଧ ଗଣ୍ଡପୂର୍ବେ ହୋଇ ରୁଣ୍ଡ । ନ. ବେ. ।

ରୁଣ୍ଡାଇବା, କ୍ରି. ( ରୁଣ୍ଡ ଶବ୍ଦଜ ) ଏକତ୍ର କରିବା, ଏକତ୍ର ସଂଗ୍ରହ କରିବା, ରାଶୀକୃତ କରିବା ।

ରୁଣ୍ଡିକା, ବି. ସ୍ତ୍ରୀ. (ରୁଣ୍ଡ-କ-ଆ) ରଣସ୍ଥଳ, ଦ୍ୱାରର ସମ୍ମୁଖ, ବିଭୂତି, ଚୌକାଠ, କୁଟ୍ଟିନୀ, ଦୈବୀଶକ୍ତି ।

ରୁତ }<br>ରୁତ୍ } ବି. ପୁଂ. ନ. ( ରୁ-ତ ) ପଶୁ ପକ୍ଷୀର ଶବ୍ଦ, ରୋଦନ, ରବ ।

ରୁଦିତ, ବି. ନ. (ରୁଦ୍-ତ) କ୍ରନ୍ଦନ, ରୋଦନ । ବିଂ. ରୋଦନକାରୀ ।

ରୁଦ୍ଧ, ବିଂ. (ରୁଧ୍-ତ) ଆବୃତ, ବେଷ୍ଟିତ, ପ୍ରତିବନ୍ଧ, ବାଧିତ, ବ୍ୟାପ୍ତ, ନିବାରିତ ।

ରୁଦ୍ର, ବି. ପୁଂ ( ରୁଦ୍-ର ) ଶିବ, ଅଜ, ଏକପାଦ, ଅହିର୍ବୁଧ୍ନ, ପିନାକୀ, ଅପରାଜିତ, ତ୍ର୍ୟମ୍ବକ, ମହେଶ୍ୱର, ବୃଷାକପି, ଶମ୍ଭୁ, ହର'

ଈଶ୍ୱର ଏହି ଏକାଦଶବିଧ ଗଣଦେବତାବିଶେଷ ।

ରୁଦ୍ରଜ, ବି. ପୁଂ. ( ରୁଦ୍ର-ଜନ-ଅ ) ପାରଦ, ପାରା ।

ରୁଦ୍ରପ୍ରିୟା, ବି. ସ୍ତ୍ରୀ. ( ରୁଦ୍ର-ପ୍ରିୟା ) ପାର୍ବତୀ, ହରୀତକୀ ।

ରୁଦ୍ରସାବର୍ଣ୍ଣି, ବି. ପୁଂ. ଦ୍ୱାଦଶ ମନୁ ।

ରୁଦ୍ରାକ୍ରୀଡ଼, ବି. ପୁଂ. (ରୁଦ୍ର-ଆକ୍ରୀଡ଼) ପ୍ରେତଭୂମି, ଶ୍ମଶାନ ।

ରୁଦ୍ରାକ୍ଷ, ବି. ପୁଂ. (ରୁଦ୍ର-ଅକ୍ଷ) ବୃକ୍ଷବିଶେଷ । ନ. ରୁଦ୍ରାକ୍ଷ ବୃକ୍ଷର ଫଳ, ଏହି ଫଳରେ ଜପମାଳା ପ୍ରସ୍ତୁତ ହୁଏ ।

ରୁଦ୍ରାଣୀ, ବି. ସ୍ତ୍ରୀ. ( ରୁଦ୍ର-ଆନୀ ) ରୁଦ୍ରପତ୍ନୀ, ଦୁର୍ଗା ।

ରୁଦ୍ରାରି, ବି. ପୁଂ. ( ରୁଦ୍ର-ଅରି ) ମଦନ, କାମଦେବ ।

ରୁଦ୍ରାବାସ, ବି. ପୁଂ. (ରୁଦ୍ର-ଆବାସ) ବାରାଣସୀ, କାଶୀ, କୈଳାସ, ଶ୍ମଶାନ ।

ରୁଧିର, ବି. ନ. (ରୁଧ୍-ଇର) ଶୋଣିତ, ରକ୍ତ, କୁଙ୍କୁମ । ପୁଂ. ମଙ୍ଗଳଗ୍ରହ, ରକ୍ତବର୍ଣ୍ଣ । ବିଂ. ରକ୍ତବର୍ଣ୍ଣବିଶିଷ୍ଟ ।

ରୁନ୍ଧିବା, କ୍ରି. ରୁଦ୍ଧ ହେବା, ପ୍ରତିରୋଧ କରିବା ।

ରୁମ, ବି. ( ଦେଶଜ ) ଲୋମ, ରୋମ ।

ରୁମା ବି. ସ୍ତ୍ରୀ. (ରୁ-ମା) ସୁଗ୍ରୀବର ଭାର୍ଯ୍ୟା, ରାଜପୁତାନାର ଅନ୍ତର୍ଗତ ସାମ୍ଭର ପ୍ରଦେଶର ଲବଣର ଖଣି ।

ରୁମାଲ, ବି. (ଯାବନିକ) ମୁଖମାର୍ଜ୍ଜନୀ ବସ୍ତ୍ରଖଣ୍ଡ ।

ରୁରୁ, ବି. ପୁଂ. (ରୁ-ରୁ) ମହାକୃଷ୍ଣସାର, ମୃଗବିଶେଷ । ଯଥା—

ରୁରୁନୟନାର ଧଇର୍ଯ୍ୟ ଗାମ୍ଭୀର୍ଯ୍ୟ
ବ୍ୟାଜ ବୋଲି ପୁଣ କଣିଲ । ବି. ଚ.

ରୁଷ୍ } ବି. ସ୍ତ୍ରୀ. ( ରୁଷ୍-୦, ଅ ) ରୋଷ,
ରୁଷା } କ୍ରୋଧ ।

ରୁଷିତ }
ରୁଷ୍ଟ } ବିଂ. (ରୁଷ୍-ତ) କୁପିତ, କ୍ରୁଦ୍ଧ ।

ରୁଷା, ବି. କ୍ରୋଧ, ଅଭିମାନ । ଯଥା—

ଅଳି କେ ଶିଖାଇଲା ରୁଷାକୁ ରେ । ସଙ୍ଗୀତକଳ୍ପଲତା ।

ରୁଷିବା, କ୍ରି. ( ଦେଶଜ ) ଅଭିମାନ କରିବା, ରାଗିବା । ଯଥା—

ରୁଷିଲେ ଟଙ୍କୋ ରଘୁକୁଳପାବନୀ । ସୀତାବନବାସ

ରୁହ, ବିଂ. (ରୁହ୍-ଅ) ଜାତ, (ଶବ୍ଦର ପରବର୍ତ୍ତୀ ହେଲେ) ଉତ୍ପନ୍ନ । ଯଥା—ମହୀରୁହ, କରରୁହ ଇତ୍ୟାଦି । କ୍ରି. ରହ ।

ରୂହାଇବା, କ୍ରି. ରଖାଇବା, ସ୍ଥିର କରିବା ।

ରୂକ୍ଷ, ବିଂ. (ରୁକ୍ଷ୍-ଅ) କର୍କଶ, କଠିନ, ନିର୍ଦ୍ଦୟ, ନିଷ୍ଠୁର, କଠୋର ବ୍ରତଧାରୀ, ବନ୍ଧୁର, ଅନନୁକୂଳ, ଅଚିକ୍କଣ । ବି. ପୁଂ. ବୃକ୍ଷ । ସ୍ତ୍ରୀ. ଦନ୍ତୀବୃକ୍ଷ ।

ରୂଢ଼, ବିଂ. (ରୁହ-ତ) ଉତ୍ପନ୍ନ, ଜାତ, ପ୍ରସିଦ୍ଧ, ରୂଢ଼ିବୃତ୍ତିଲଭ୍ୟ ଅର୍ଥରେ ଅର୍ଥାତ୍ ପ୍ରକୃତି ପ୍ରତ୍ୟୟର ଅର୍ଥ ଅପେକ୍ଷା ନ କରି ଅନ୍ୟାର୍ଥ ପ୍ରକାଶକ ଶବ୍ଦ । ଯଥା—ଗୋ ବୃକ୍ଷାଦି ।

ରୂଢ଼ପଦାର୍ଥ, (Elements) ଯେଉଁ ସବୁ ବସ୍ତୁ ଅନ୍ୟ ପଦାର୍ଥର ପରମାଣୁ ଯୋଗେ ଉତ୍ପନ୍ନ ନ ହୁଏ । ଯଥା—ସ୍ୱର୍ଣ୍ଣ ରୌପ୍ୟ ବିକଳ ପ୍ରଭୃତି ।

ରୂଢ଼ି, ବି. ସ୍ତ୍ରୀ. (ରୁହ-ତି) ଉତ୍ପତ୍ତି, ପ୍ରସିଦ୍ଧି, ପ୍ରକୃତି ପ୍ରତ୍ୟୟର ଅର୍ଥ ଅପେକ୍ଷା ନ କରି ଶବ୍ଦର ଅର୍ଥବୋଧକ ଶକ୍ତି ।

ରୂପ, ବି. ନ. (ରୂପ-ଅ) ସ୍ୱରୂପ, ସ୍ୱଭାବ, ଶରୀର, ଆକୃତି, ପ୍ରକାର, ସୌନ୍ଦର୍ଯ୍ୟ, ବର୍ଣ୍ଣ, ରଙ୍ଗ, ବିଭକ୍ତିଯୁକ୍ତ ଶବ୍ଦ ବା ଧାତୁ, ଗ୍ରନ୍ଥାଦିର ଆବୃତ୍ତି, ନାମ, ପଶୁ, ଶ୍ଳୋକ, ଦୃଶ୍ୟକାବ୍ୟ । ବିଂ. (ଶବ୍ଦର ପରବର୍ତ୍ତୀ ହେଲେ) ସଦୃଶ, ତୁଲ୍ୟ । ନ. ଏକ ସଂଖ୍ୟାନ୍ୱିତ ।

ରୂପକ, ବି. ନ. (ରୂପ୍-ଅ, କ) ଆକୃତି, ଗଠନ, ନାଟ୍ୟ ଗ୍ରନ୍ଥର ଅଲଙ୍କାରବିଶେଷ, କାବ୍ୟର ଅଲଙ୍କାରବିଶେଷ, ଉପମାନ ସହିତ ଉପ-

ମେସୃଇ ଅଭେଦ ଜ୍ଞାନ, ଶୁକ୍ଲାଦିବର୍ଣ୍ଣ, ସଂଖ୍ୟା-ବିଶେଷ, ରୌପ୍ୟ ।

**ରୂପଣ**, ବି. ନ. (ରୂପ-ଅନ) ବର୍ଣ୍ଣନ, ଅଭିନୟ, ନିରୂପଣ ।

**ରୂପବାନ୍**, ବିଂ. ( ରୂପ-ବତ୍ ) ସୌନ୍ଦର୍ଯ୍ୟଶାଳୀ, ସୁନ୍ଦର, ଆକାରବିଶିଷ୍ଟ, ସାକାର, ଶୁକ୍ଲାଦି ବର୍ଣ୍ଣଯୁକ୍ତ ।

**ରୂପସୀ**, ବି. (ବଙ୍ଗୀୟ) ରୂପବତୀ ନାରୀ ।

ଦୃଷ୍ଟିପୂର୍ବ ରୂପସୀକି ଲକ୍ଷ୍ୟ ଦେଇକେ । ମହାଯାତ୍ରା ।

**ରୂପା**, ବି ରୌପ୍ୟ ଧାତୁ ।

**ରୂପଜୀବା**, ବି. ସ୍ତ୍ରୀ. (ରୂପ-ଆଜୀବ) ବେଶ୍ୟା ।

**ରୂପାନ୍ତର**, ବି. ନ. ( ରୂପ ଅନ୍ତର ) ଭିନ୍ନରୂପ, ଭିନ୍ନ ଆକାର, ଅବସ୍ଥାନ୍ତର ।

**ରୂପାସ୍ତ୍ର**, ବି. ପୁଂ. (ରୂପ-ଅସ୍ତ୍ର) ମଦନ, କନ୍ଦର୍ପ । ଯଥା—

ରୂପାସ୍ତ୍ରର ହେଲ୍ଲ ରୂପସୀ ଶସ୍ତ୍ର ଅମୋଘ ବାଣ । ଚ. ଭ.

**ରୂପିଆ**, ବି. (ଯାବନିକ) ଟଙ୍କା ।

**ରୂପୀ**, ବିଂ. ( ରୂପ-ଇନ୍ ) ରୂପବିଶିଷ୍ଟ, ସାକାର, ସୌନ୍ଦର୍ଯ୍ୟଶାଳୀ, ମୁଣ୍ଡର ମଳ ।

**ରୂପୁଲି** ବିଂ. ରୌପ୍ୟନିର୍ମିତ, ରୂପାପରି ଉଜ୍ଜ୍ୱଳ, ରୌପ୍ୟାଚ୍ଛାଦିତ ।

**ରୂପ୍ୟ** } ବି. ( ରୂପ-ଯ, କ ) ରୂପା, ସୁନା ।
**ରୂପ୍ୟକ** } ବିଂ. ରୂପବାନ୍ । ( ରୂପ୍ୟକ= ଟଙ୍କା )

**ରୂଷିତ**, ବିଂ. ( ରୂଷ-ତ ) ଭୂଷିତ, ଚୂର୍ଣ୍ଣିତ, ଅଚକ୍କଣୀକୃତ, ମ୍ରକ୍ଷିତ ।

**ରେ**, ଅଂ. ନୀଚ ସମ୍ବୋଧନ ।

**ରେକ**, ବି. ପୁଂ. (ରେକ-ଅ) ସଂଶୟ, ସନ୍ଦେହ । ପୁଂ. ଶଙ୍କା, ନୀଚ, ଇତର, ଭେକ, ବେଙ୍ଗ । (ରିଚ-ଅ) ବିରେଚନ, ଭେଦ । ( ଦେଶଜ ) ବୃଦ୍ଧାଙ୍ଗୁଳି ଏବଂ ମଧ୍ୟମାଙ୍ଗୁଳିର ଅର୍ଦ୍ଧବୃତ୍ତାକାର କଲେ ତହିଁ ମଧ୍ୟବର୍ତ୍ତୀ ସ୍ଥାନର ପରିମାଣ । ଯଥା—

କ୍ଷୀଣ ଯାଇ ପୀନ ହେଲା ରେକ ସଂଖ୍ୟା ହନ୍ତି,
ଖସି ନିତମ୍ବ ବସ୍ତ୍ରକୁ ଅଙ୍କେ କଲା ଶାଢୀ ସେ । ଲା. ବି;

**ରେକଟା**, ବି. (ଦେଶଜ) ବାସନାଦି ଦୃଢ଼ସଂଲଗ୍ନ ମଇଳା । ବିଂ. କର୍କଶ ।

**ରେକଟିବା**, କ୍ରି. ( ଦେଶଜ ) ଦାନ୍ତରେ ଛଡ଼ାଇବା ।

**ରେକାବି**, ବି. (ଦେଶଜ) ଥାଳିଆ, କ୍ଷୁଦ୍ର ଥାଳୀ ।

**ରେଖ**, ବି. ରେଖା ।

**ରେଖା**, ବି. ସ୍ତ୍ରୀ. (ଲିଖ୍-ଅ-ଆ) ବିସ୍ତୃତିହୀନ ଦୀର୍ଘ ଧର୍ମତଳ, ଲମ୍ବାକୃତି ଚିହ୍ନ, ରାଜି, ଶ୍ରେଣୀ, ଧାଡ଼ି, ଅଳ୍ପମାତ୍ର, ସମ୍ପୂର୍ଣ୍ଣତା, ଛଳ, କପଟ ।

**ରେଖାଗଣିତ**, (Geometry) କ୍ଷେତ୍ରତତ୍ତ୍ୱ ।

**ରେଚକ**, ବିଂ. ( ରିଚ୍-ଅକ ) ଭେଦକାରକ, ଜୋଲାପ । ପୁଂ. ପ୍ରାଣାୟାମକାଳରେ ଅନ୍ତରରୁ ପ୍ରାଣବାୟୁର ନିଃସାରଣ, ଯବକ୍ଷାର ଜୟପାଳ ଗଛ, ପରକାଶୀ ।

**ରେଚନ**, ବି ନ. ( ରିଚ୍-ଅନ ) ବିରେଚନ, ଭେଦ ।

**ରେଚିତ**, ବିଂ. (ରିଚ୍-ତ) ଶୂନ୍ୟୀକୃତ, ବହିଷ୍କୃତ, ତ୍ୟକ୍ତ ।

**ରେଜା** } ବି. ( ଯାବନିକ ) ଖୁର୍ଷୁସ୍ତ, ଦୋଣି,
**ରେଜକି** } ସୂକ୍ଷ୍ମ ପ୍ରଭୃତି କ୍ଷୁଦ୍ର ରୌପ୍ୟାଦି ମୁଦ୍ରା ।

**ରେଜେଇ**, ବି. (ଦେଶଜ) ତୂଳାଶେଯ ।

**ରେଣୁ**, ବି. ପୁଂ. ( ରୀ-ନୁ ) ଧୂଳି, ପାଂଶୁ, ପରାଗ, ଗୁଣ୍ଡ ।

**ରେଣୁକା**, ବି. ସ୍ତ୍ରୀ. (ରେଣୁ-କ-ଆ) ପରଶୁରାମଙ୍କ ମାତା ।

**ରେଣୁସାର**, ବିଂ ପୁଂ. (ରେଣୁ-ସାର) କର୍ପୂର ।

**ରେତଃ**, ବି. ନ. ( ରୀ-ଅସ୍ ) ଶୁକ୍ର, ବୀର୍ଯ୍ୟ, ପାରଦ, ପାରା ।

**ରେତଜା**, ବି. ନ. ବାଲୁକା, ବାଲି ।

**ରେତନ**, ବି. ନ. ଶୁକ୍ର, ବୀର୍ଯ୍ୟ ।

ରେତ୍ର, ବ. ନ. ( ରୀ-ତ୍ର, ତ ଅଗମ ) ରେତସ୍, ଶୁକ୍ର, ପୀୟୂଷ, ଅମୃତ, ପଟ୍ଟବାସ, ପାରଦ, ସୂତକ ।

ରେପ, ବଂ. ( ରି-ପ ) କୁତ୍ସିତ, ନୀଚ, ନିର୍ଦ୍ଦୟ, କୃପଣ ।

ରେଫ, ବ. ପୁଂ. ( ରି-ଇଫ ) ର, ‍ି । ବଂ. (ରଫ୍-ଅ) କ୍ରୂର, କୃପଣ, ନୀଚ, କୁତ୍ସିତ । ପୁଂ. ରାଗ, ସ୍ନେହ, ସମାଜପରତ୍ୟକ୍ତ ।

ରେବଟ, ବ. ନ. ( ରେବ୍-ଅଟ ) ଦକ୍ଷିଣାବର୍ତ୍ତ-ଶଙ୍ଖ । ପୁଂ. ଶୂକର, ବାତୁଳ, ବିଷବୈଦ୍ୟ, କଦଳୀ ବୃକ୍ଷ, କଦଳୀ ଫଳ, ଧୂଳ, ବାତ୍ୟା, ଐନ୍ଦ୍ରଜାଲ, ସର୍ପକ୍ରୀଡକ ।

ରେବତ, ବ. ପୁଂ. ( ରେବ-ଅତ ) ରେବତୀର ପିତା, ବଳରାମଙ୍କ ଶ୍ୱଶୁର ।

ରେବତି, ବ. ସ୍ତ୍ରୀ. କାମପତ୍ନୀ, ରତି ।

ରେବତୀ, ବ. ସ୍ତ୍ରୀ. (ରେବତ-ଅ, ଈ) ବଳରାମଙ୍କ ପତ୍ନୀ, ନକ୍ଷତ୍ରବିଶେଷ, ଗାଭୀ, ଦୁର୍ଗା, ମାତୃକା-ବିଶେଷ, ନଦୀବିଶେଷ, ବାଳଗ୍ରହବିଶେଷ ।

ରେବତୀଭବ, ବ. ପୁଂ. (ରେବତୀ-ଭବ) ଶନୈ-ଶ୍ଚର, ଶନିଗ୍ରହ ।

ରେବତୀରମଣ } ବ. ପୁଂ. ( ରେବତୀ-ରମଣ,
ରେବତୀଶ } ଈଶ ) ବଳରାମ, ଚନ୍ଦ୍ର ।

ରେବା, ବ. ସ୍ତ୍ରୀ. ( ରେବ-ଅ-ଆ ) ନର୍ମଦାନଦୀ, ରତି, କାମପତ୍ନୀ, ନୀଳଗଛ, ଦୁର୍ଗା ।

ରେଶମ, ବ. (ଯାବନିକ) ଊର୍ଣ୍ଣା, ପଶମ ।

ରେଶମୀ, ବଂ. ( ଦେଶଜ ) ରେଶମ ବା ପଶୁ ଲୋମନିର୍ମିତ ।

ରୈ, ବ. ପୁଂ. (ରା-ଐ) ଧନ, ସ୍ୱର୍ଣ୍ଣ, ଶବ୍ଦ ।

ରୈଖିକ, (Lineal) ( ରେଖା-ଇକ ) ବଂ. ରେଖାସମ୍ବନ୍ଧୀୟ ।

ରୈତ୍ୟ, ବଂ. ( ରୀତି-ଯ ) ପିତ୍ତଳ ଉତ୍ପନ୍ନ, ପିତ୍ତଳନିର୍ମିତ ।

ରୈବତ, ବ. ପୁଂ. ( ରେବା-ଅ-ତ ) ବିନ୍ଧ୍ୟ-ପର୍ବତର ପଶ୍ଚିମଦିଗସ୍ଥ ପର୍ବତବିଶେଷ, ଦୈତ୍ୟବିଶେଷ, ଶିବ, ପଞ୍ଚମ ମନୁ ।

ରୋଇବା, କ୍ରି. ( ରୋପଣ ଶବ୍ଦଜ ) ରୋପଣ କରିବା, ଧାନ୍ୟାଦିର ଛୋଟ ଛୋଟ ଗଛ ପୋତିବା ।

ରୋକ, ବ (ଯାବନିକ) ଅଟକ, ନଗଦ୍ ।

ରୋକଠୋକ୍, ବଂ. ( ଦେଶଜ ) ନିଶ୍ଚିତ, ତତ୍କ୍ଷଣାତ୍, ନଗଦ ।

ରୋକଡ଼, ବ.( ଯାବନିକ ) (Record) ଆୟ ବ୍ୟୟ ଜମା ଜମା ଖରଚ ଲେଖିବାର ବହି ।

ରୋକା, ବ. ( ଯାବନିକ ) ହାତଚିଠି, ରସିଦ ।

ରୋଗ, ବ. ପୁଂ. (ରୁଜ୍-ଅ) ବ୍ୟାଧି, ପୀଡ଼ା ।

ରୋଗଘ୍ନ } ବଂ. ( ରୋଗ-ଘ୍ନ, ହ୍ନ-ଅ ) ରୋଗ-
ରୋଗହ } ନାଶକ । ବ. ନ, ଔଷଧ । ପୁଂ. ବୈଦ୍ୟ ।

ରୋଗଭୂ, ବ.ସ୍ତ୍ରୀ. (ରୋଗ-ଭୂ) ଶରୀର, ଦେହ ।

ରୋଗଶାନ୍ତିକ } ବଂ. (ରୋଗ-ଶାନ୍ତିକ, ହାରୀ)
ରୋଗହାରୀ } ରୋଗନାଶକ । ବ. ପୁଂ. ବୈଦ୍ୟ, ଚିକିତ୍ସକ ।

ରୋଗୀ, ବଂ. (ରୁଜ୍ ଧାତୁଜ) ପୀଡ଼ିତ ।

ରୋଗୀ, ବଂ. ( ରୋଗ-ଇନ୍ ) ରୁଗ୍ଣ, ପୀଡ଼ିତ, ବ୍ୟାଧିତ ।

ରୋଚକ, ବଂ. ( ରୁଚ୍-ଇ-ଅକ ) ରୁଚିକାରକ, ପ୍ରୀତିପ୍ରଦ । ବ. ପୁଂ. କ୍ଷୁଧା, କଦଳୀ, ପଲାଣ୍ଡୁବିଶେଷ, ଚଟଣି ।

ରୋଚନ, ବଂ. ( ରୋଚି-ଅନ ) ରୋଚକ. ରୁଚିକାରକ, ପ୍ରୀତିପ୍ରଦ, ବଳକାରକ । ପୁଂ. କାର୍ପାସ ବୃକ୍ଷବିଶେଷ, ପଲାଣ୍ଡୁ, ବୃକ୍ଷ-ବିଶେଷ, ଡାଳିମ୍ବ, ବାୟୁ, ରେଚକ ଔଷଧ ।

ରୋଚନା, ବ. ସ୍ତ୍ରୀ. (ରୁଚ-ଅନ-ଆ) ଗୋରଚନା । ଯଥା—

ଶୋଭିବ ରୋଚନା ସେନ କପାଳେ,
ହିକ୍କା ଦେଖି ମୋହ ହେବେ ଅଖିଳେ । ବ. ଚ

ବର୍ଣ୍ଣି ଦ୍ରବ୍ୟବିଶେଷ, ଗନ୍ଧଦ୍ରବ୍ୟ, ଉତ୍ତମା ସ୍ତ୍ରୀ ।

ରୋଚଃ, ବି. ନ. ( ରୁଚ୍-ଇସ୍ ) ଦୀପ୍ତି, ଛବି, କାନ୍ତି ।

ରୋଚିଷ୍ଣୁ
ରୋଚୀ
ବିଂ. ( ରୁଚ-ଇଷ୍ଣୁ, ଇନ୍ ) ଅଳଙ୍କାରାଦି ଦ୍ୱାରା ଦୀପ୍ତିଶୀଳ, ଶୋଭିତ, କାନ୍ତିଯୁକ୍ତ ।

ରୋଚ୍ୟ, ବିଂ. (ରୁଚ୍-ଯ ) ପ୍ରୀତିକର ବିଷୟ, ଦୀପ୍ତିଯୋଗ୍ୟ, ରୁଚିକର ।

ରୋଜ, ବି. ( ଯାବନିକ ) ତାରିଖ, ଦିବସ, ପ୍ରତ୍ୟହ ।

ରୋଜଗାର, ବି. (ଯାବନିକ) ଆୟ, ଉପାର୍ଜ୍ଜନ ।

ରୋଜନାମଚ୍ଚ
ରୋଜନାମା
( ଯାବନିକ ) ଦୈନିକ ହିସାବର ବହି, ଡାଇରି ।

ରୋଜା, ବି. (ଯାବନିକ) ମୁସଲମାନଙ୍କର ବ୍ରତ-ବିଶେଷ ।

ରୋଠ
ରୋଠା
ବି. ( ରୁଠ ଧାତୁଜ ) ମୋଟ, ସ୍ଥୂଳକାୟ । ଯଥା—

ଶକ୍ତିକୋଠ ପଡ଼ି ରୋଠ ମଲ୍ଲମାନେ
ନିର୍ମିଳା ନିର୍ଝରଶୀକରମୃତ ପାନେ । ନ. କେ.

ରୋଟି
ରୋଟିକା
ବି. ସ୍ତ୍ରୀ. ( ରୁଟ-ଇ-ଅକ-ଆ ) ଗୋଧୂମଚୂର୍ଣ୍ଣଦ୍ୱାରା ପ୍ରସ୍ତୁତ ପିଷ୍ଟକ ବିଶେଷ, ରୁଟି ।

ରୋଦଃ, ବି. ନ. ( ରୁଦ୍-ଅସ୍ ) ସ୍ୱର୍ଗ, ପୃଥିବୀ, ଆକାଶ ।

ରୋଦନ, ବି. ନ. (ରୁଦ୍-ଅନ) କ୍ରନ୍ଦନ ।

ରୋଦସୀ, ବି. ସ୍ତ୍ରୀ. ( ରୋଦସ୍-ଈ ) ପୃଥିବୀ ଓ ସ୍ୱର୍ଗ ଉଭୟ ।

ରୋଧ, ବି. ପୁଂ. ରୁଧ୍-ଅ) ତୀର, କୂଳ, ବାଧା, ଅବରୋଧ ।

ରୋଧକ
ରୋଦ୍ଧା
ବିଂ. (ରୁଧ୍-ଅକ, ତୃ) ନିବାରଣ-କର୍ତ୍ତା ।

ରୋଧନ, ବି. ନ. ( ରୁଧ୍-ଅନ ) ଅବରୋଧ, ବାଧା, ଅଟକ । ବିଂ. ରୋଧକର୍ତ୍ତା ।

ରୋଧିବା, କ୍ରି. ( ରୁଧ୍-ଧାତୁଜ ) ଅବରୋଧ କରିବା, ରୁଦ୍ଧ କରିବା, ବନ୍ଦକରିବା, ବାଧା ଦେବା ।

ଅଦ୍ଭୁତ ସେ ଶୈର ତାକୁ ରୋଧିଲେ ତୋରଣ
ପାଡେର ଲଙ୍ଘିଣ ପୁରେ ପଶେ ଅନାୟାସେ । ମହାଯାତ୍ରା ।

ରୋଧ୍ର, ବି. ନ. ( ରୁଧ୍-ର ) ଅପରାଧ, ପାପ, ଲୋଧ୍ରବୃକ୍ଷ ।

ରୋପଣ, ବି. ନ (ରୁହ୍-ଅନ,) ବୀଜାଦି ବପନ, ବୁଣିବା, ଉତ୍ପାଦନ, ଜନନ, ସ୍ଥାପନ,ଅର୍ପଣ, (ରୂପ-ଅନ) ବିମୋହନ, ମୁଗ୍ଧ କରିବା ।

ରୋପିତ, ବିଂ. (ରୁହ୍-ଇତ) ଅର୍ପିତ, ପ୍ରୋଥିତ, ପ୍ରୋତ, ପୋତିବା, ଉପ୍ତ, ବପନ କରିବା, ବିମୋହିତ, ଅରୋପିତ ।

ରୋମ, ବି. ନ. (ରୁ-ମ) ଲୋମ, ଜଳ ।

ରୋମକ, ବି. ନ. (ରୁମନ୍-କ) ରୋମ ନଗର, ପାଂଶୁ ଲବଣ, ପଙ୍କାଲୁଣି, ଆଯୃସ୍କାନ୍ତମଣି-ବିଶେଷ । ପୁଂ. ରୋମନଗରବାସୀ ।

ରୋମକୂପ, ବି. ପୁଂ. ଲୋମ ବିବର, ରୁମ-ମୂଳର ଗାତ ।

ରୋମକେଶର
ରୋମଗୁଚ୍ଛ
ବି. ନ. ( ରୋମନ୍-କେଶର, ଗୁଚ୍ଛ) ଚାମର ।

ରୋମନ୍ଥ
ରୋମନ୍ଥନ
ବି. ପୁଂ. ( ରୋମ୍-ମନ୍ଥ-ଅ, ଅନ ) ପାକୁଳି ।

ରୋମଶ, ବିଂ. (ରୋମନ୍-ଶ) ଅଧିକ ରୋମଯୁକ୍ତ । ବି. ପୁଂ. ମେଷ, ଶୂକର ।

ରୋମହର୍ଷ, ପୁଂ.
ରୋମହର୍ଷଣ, ନ.
ରୋମାଞ୍ଚ, ପୁଂ.
ରୋମୋଦ୍ଗମ, ପୁଂ.
ରୋମୋଦ୍ଭେଦ, ପୁଂ.
ବି. (ରୋମ-ହର୍ଷ, ହର୍ଷଣ, ଅଚ୍-ଅ, ଉଦ୍ଗମ, ଉଦ୍ଭେଦ ) ଲୋମ-ସ୍ଫୁରଣ, ରୋମ ଟାଙ୍କୁରିବା ।

ରୋମହର୍ଷଣ, ବି. ପୁଂ. ( ରୋମ-ହର୍ଷଣ ) ସୂତ, ମୁନିବିଶେଷ ।

ରୋମାଞ୍ଚିତ, ବିଂ. (ରୋମାଞ୍ଚ-ଇତ) ପୁଲକିତ, ରୋମାଞ୍ଚଯୁକ୍ତ ।

ରୋମାବଳ, ରୋମାଳ } ବି. ସ୍ତ୍ରୀ. (ରୋମ-
ରୋମାବଳୀ, ରୋମାଳୀ } ଆବଳ, ଆବଳୀ, ଅଳ, ଆଳୀ) ନାଭିର ଊର୍ଦ୍ଧ୍ୱଭାଗରେ ଉଦର-ମଧ୍ୟସ୍ଥ ରୋମଶ୍ରେଣୀ ।

ରୋରୁଦ୍ୟମାନ, ବିଂ. [ ରୁଦ୍- (ଯଙ୍ ଲୁଗନ୍ତ-) ଆନ ] ଅତିଶୟ ରୋଦନଶୀଳ ।

ରୋଳ, ପୁଂ. ଶବ୍ଦ । ଯଥା—

କାହିଁ ଏବେ ସେ ନହିଲ ଯାର ଘୋର ରୋଳ
କରିଥିଲା ଏତେକାଳ ଶ୍ରବଣ ବଧିର । କା. ବ.

ଲମ୍ୱ ଗୋଲାକାର କାଷ୍ଠଖଣ୍ଡ, ଗୋଳମାଳ । ଯଥା—

ଛାଡ଼ା କୌତୁକର କଲ୍ଲୋଳ-
ଉଚ୍ଛ୍ୱାସ ବାଳକବାଳିକା ରୋଳ । ଧ୍ୱନି ।

ରୋଲମ୍ୱ, ବି. ପୁଂ. (ରୋଲ୍-ଅମ୍ୱ) ଭ୍ରମର, ଶୁଷ୍କଭୂମି । ବିଂ. ଅବିଶ୍ୱାସୀ ।

ରୋଶନାଇ }
ରୋଶନି } ( ଯାବନିକ ) ଆଲୋକ ।

ରୋଷ, ବି. ପୁଂ. (ରୁଷ୍-ଅ) କ୍ରୋଧ, ରାଗ ।

ରୋଷାଇ, ବି. (ଦେଶଜ) ପାକକାର୍ଯ୍ୟ, ରନ୍ଧନ ।

ରୋଷିତ, ବିଂ. ( ରୋଷ-ଇତ ) କୋପିତ, ରାଗିବା

ରୋଷେଇଆ ବି. (ଦେଶଜ) ଯେ ରୋଷାଇ କରେ, ପାଚକ ।

ରୋହଣ, ବି. ନ. (ରୁହ୍ ଅନ) ଉତ୍ପତ୍ତି, ଜନ୍ମ ଉଦ୍ଭବ, ଆରୋହଣ, ପ୍ରାଦୁର୍ଭାବ, ଶୁକ୍ର, ରେତଃ । ପୁଂ. ସିଦ୍ଧାଦ୍ରି, ଶୈଳ ।

ରୋହନ୍ତ, ବି. ପୁଂ. (ରୁହ-ଅନ୍ତ) ବୃକ୍ଷ ।

ରୋହନ୍ତୀ, ବି. ସ୍ତ୍ରୀ. (ରୁହ୍-ଅନ୍ତ-ଈ) ଲତା ।

ରୋହି, ବି. (ରୋହିତ ଶବ୍ଦଜ) ରୋହିମାଛ ।

ରୋହିଣ, ବି. ପୁଂ. (ରୋହିଣୀ-ଅ) ନ୍ୟଗ୍ରୋଧ, ବଟଗଛ, ରୋହିତବୃକ୍ଷ, ( ରୁହ୍-ଇନ୍ ) ନ. ଦିବସର ନବମ ମୁହୂର୍ତ୍ତ ।

ରୋହିଣିକା }
ରୋହିଣିକା } ବି. ସ୍ତ୍ରୀ. କ୍ରୋଧାଦି ହେତୁରୁ ଯେଉଁ ସ୍ତ୍ରୀର ଶରୀର ଲୋହିତ ବର୍ଣ୍ଣ ହୁଏ ।

ରୋହିଣୀ ବି. ସ୍ତ୍ରୀ. (ରୁହ୍-ଇନ୍-ଈ) ନକ୍ଷତ୍ର-ବିଶେଷ, ଚନ୍ଦ୍ରପତ୍ନୀ, ଦକ୍ଷପ୍ରଜାପତିଙ୍କ ଚୋଥିଏ କନ୍ୟା, ବଳରାମଙ୍କ ମାତା, ବିଦ୍ୟାଧିଷ୍ଠା-ବିଶେଷ, ନବବର୍ଷବୟସ୍କା କନ୍ୟା, ସ୍ତ୍ରୀ ଗୋରୁ, ଗାଈ, ବିଦ୍ୟୁତ୍, ହରୀତକୀ ।

ରୋହିଣୀକୁଣ୍ଡ ବିଂ. ଶ୍ରୀକ୍ଷେତ୍ରସ୍ଥ କୁଣ୍ଡବିଶେଷ, କଳ୍ପବଟର ପଶ୍ଚିମପାର୍ଶ୍ୱସ୍ଥ କୁଣ୍ଡବିଶେଷ ।

ରୋହିଣୀପତି }
ରୋହିଣୀବଲ୍ଲଭ } ବି. ପୁଂ. (ରୋହିଣୀ-ପତି, ବଲ୍ଲଭ) ଚନ୍ଦ୍ର, ବସୁଦେବ ।

ରୋହିତ, ବି. ପୁଂ. (ରୁହ-ଇତ) ରୋହିମାଛ, ହରିଣବିଶେଷ, ରକ୍ତବର୍ଣ୍ଣ, ପଦ୍ମରାଗମଣି । ନ. କୁଙ୍କୁମ, ଇନ୍ଦ୍ରଧନୁ, ଶୋଣିତ । ବିଂ. ରକ୍ତବର୍ଣ୍ଣବିଶିଷ୍ଟ ।

ରୋହିତାଶ୍ୱ, ବି. ପୁଂ. (ରୋହିତ-ଅଶ୍ୱ) ଅଗ୍ନି, ହରିଶ୍ଚନ୍ଦ୍ର ପୁତ୍ର ।

ରୋହୀ, ବିଂ. ( ରୁହ୍-ଇନ୍ ) ଉତ୍ପତ୍ତିଶୀଳ, ଆରୋହୀ । ବି. ପୁଂ ବଟବୃକ୍ଷ ।

ରୌକ୍ଷ୍ୟ ବି. ନ (ରୁକ୍ଷ-ଯ) ରୁକ୍ଷତା, କାର୍କଶ୍ୟ, କାଠିନ୍ୟ ।

ରୌଚ୍ୟ, ବି. ପୁଂ. ମନୁବିଶେଷ ।

ରୌଦ୍ର, ବି ପୁଂ. ନ. (ରୁଦ୍ର-ଅ) କ୍ରୋଧ, ଶୃଙ୍ଗାରାଦି ନଅ ରସ ମଧ୍ୟରେ ଏକ ରସ, ଏହି ରସରେ କ୍ରୋଧ ସ୍ଥାୟୀ ଭାବ, ଶତ୍ରୁ ଆଲମ୍ୱନ ବିଭାବ, ଶତ୍ରୁର ଚେଷ୍ଟା ଏବଂ ପ୍ରହାରାଦି ଉଦ୍ଦୀପନ ବିଭାବ, ମୂର୍ତ୍ତି ରକ୍ତ । ପୁଂ— କ୍ରୋଧ, ଆତପ, ସୂର୍ଯ୍ୟତେଜଃ, ଉତ୍ତାପ, ଯମ, ହେମନ୍ତ ଋତୁ । ବିଂ. ଉଗ୍ର, ପ୍ରଚଣ୍ଡ, ଭୟାନକ, ରୁଦ୍ରସମ୍ୱନ୍ଧୀୟ ।

ରୌଦ୍ରୀ, ବି. ସ୍ତ୍ରୀ. (ରୁଦ୍ର-ଈ) ଚଣ୍ଡୀ, ଦୁର୍ଗା, ରୁଦ୍ରକନ୍ଥା ।

ରୌପ୍ୟ, ବି. ନ. (ରୂପ୍ୟ-ଅ) ରଜତ, ରୂପା ।

ରୌମ, ବି. ନ. (ରୁମ୍-ଅ) ଖନିଜ ଲବଣବିଶେଷ, ଶମ୍ଭଲବଣ ।

ରୌରବ, ବି. ପୁଂ. (ରୁଦ୍-ଅ) ନରକବିଶେଷ । ବିଂ. ଭୟଙ୍କର, ଚଞ୍ଚଳ, ଧୂର୍ତ୍ତ, (ରୁରୁ-ଅ) ରୁରୁସମ୍ବନ୍ଧୀୟ ।

ରୌହିଣ, ବି. ପୁଂ. (ରୌହିଣ-ଅ) ଚନ୍ଦନ ଗଛ । ନ. ଦିବସର ନବମ ମୁହୂର୍ତ୍ତ ।

ରୌହିଣେୟ, ବି. ପୁଂ. ( ରୋହିଣୀ-ଏୟ ) ରୋହିଣୀନନ୍ଦନ, ବଳରାମ, ବୁଧଗ୍ରହ । ନ. ମରକତମଣି । ପୁଂ. ସ୍ତ୍ରୀ ଗୋବତ୍ସ, ବାଛୁରି ।

# ଲ

ଲ, ବ୍ୟଞ୍ଜନ ବର୍ଣ୍ଣର ଅଷ୍ଟାବିଂଶ ବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ ଦନ୍ତ । ବି. ପୁଂ. (ଲା-ଅ) ଇନ୍ଦ୍ର । ନ. ପୃଥ୍ୱୀବୀଜ । ଲ୍ଲ-ସ୍ତ୍ରୀ. ଦାନ, ଗ୍ରହଣ । ଲା-ସ୍ତ୍ରୀ. ଆଶ୍ଳେଷ ।

ଲଇ, ବି. (ଲତା ଶବ୍ଦଜ) ଲତା, ରଜ୍ଜୁରୂପେ ବ୍ୟବହୃତ ଲତା ।

ଲଉଡ଼ି, ବି. (ଲଗୁଡ ଶବ୍ଦଜ) ଯଷ୍ଟି । ଯଥା —

ଅନ୍ଧ ଲଉଡ଼ି ବାଡ଼ି ରେ ହୃଦରତ୍ନହାର କଳାମାଣିକ ରେ ।

ଦେ. ଚ.

ଲକଚ } ବି ପୁଂ. ( ଲକ୍-ଅଚ, ଉଚ ) ବୃକ୍ଷ-
ଲକୁଚ } ବିଶେଷ, ମନାଇ ବୃକ୍ଷ । ଜେଉଟ ଫଳ । ଯଥା —

ଲକୁଚକୁଚରେ ନୃପ ଉଚ୍ଚରେ ଏ ପାଦପହଣ୍ଡ ମଣାଯିବ ।

କବିସୂର୍ଯ୍ୟ ।

ଲକଲକ } ବିଂ. କୋମଳ, ପାତଳ,
ଲକଲକିଆ } ଲଡ଼ବଡ଼ା ।

ଲକ୍ଷ, ବି. ( ଦେଶଜ ) ପିତ୍ତଳପାତ୍ରବିଶେଷ, ତସଲା ।

ଲକ୍ତକ, ବି. ପୁଂ. (ଲକ୍-ତ-କ) ଜୀର୍ଣ୍ଣ ବସ୍ତ୍ରଖଣ୍ଡ, ଅଳତା ।

ଲକ୍ଷ, ବି. ନ. ( ଲକ୍ଷ୍-ଅ ) ଶତସହସ୍ର ସଂଖ୍ୟା, ପ୍ରବଞ୍ଚନା, ଶ୍ୱଭୁଷା, ଲକ୍ଷ୍ୟ, ଦୃଷ୍ଟି ।

ଲକ୍ଷକ, ବିଂ. (ଲକ୍ଷ-ଇ-ଅକ) ଲକ୍ଷଣଦ୍ୱାରା ଅର୍ଥ-ବୋଧକ ।

ଲକ୍ଷଣ, ବି. ପୁଂ. (ଲକ୍ଷ୍-ଅନ) ରାମଭ୍ରାତା, ଲକ୍ଷ୍ମଣ, ସାରସପକ୍ଷୀ । ନ. ସ୍ୱରୂପ, ଚିହ୍ନ, ନାମ, ଦର୍ଶନ, ବ୍ୟାକରଣର ସୂତ୍ର । ବିଂ. ଶ୍ରୀମାନ୍ ।

ଲକ୍ଷଣା, ବି. ସ୍ତ୍ରୀ. ( ଲକ୍ଷ୍-ଅନ-ଆ ) ସାରସୀ, ହଂସୀ, ଅଧାହାତ, ଶବ୍ଦର ଶକ୍ତିବିଶେଷ ।

ଲକ୍ଷଣୀୟ, ବିଂ. ( ଲକ୍ଷ୍-ଅନୀୟ ) ଦର୍ଶନୀୟ, ଅନୁଭବଯୋଗ୍ୟ, ଅନୁଭବନୀୟ ।

ଲକ୍ଷିତ, ବିଂ. (ଲକ୍ଷ-ତ) ଦୃଷ୍ଟ, ଜ୍ଞାତ, ଉଦ୍ଦିଷ୍ଟ, ଲକ୍ଷଣାବୃତ୍ତିଦ୍ୱାରା ଜ୍ଞାତ, ଅନୁଭୂତ, ଲକ୍ଷୀ-କୃତ, ବୋଧନାର୍ଥ ଚିହ୍ନ ।

ଲକ୍ଷ୍ମ, ବି. ନ. (ଲକ୍ଷ୍-ମନ୍) ଚିହ୍ନ, ପ୍ରଧାନ ।

ଲକ୍ଷ୍ମଣ, ବି. ପୁଂ. ( ଲକ୍ଷ୍ମୀ-ଅନ ବା ଲକ୍ଷ୍ମନ୍-ଅ ) ରାମଭ୍ରାତା, ସୁମିତ୍ରାପୁତ୍ର, ସାରସ ପକ୍ଷୀ । ନ ଚିହ୍ନ, ସ୍ୱରୂପ, ନାମ । ଣା-ସ୍ତ୍ରୀ. ସାରସୀ, ହଂସୀ, ଦୁର୍ଯ୍ୟୋଧନର କନ୍ୟା । ବିଂ. ସୌଭାଗ୍ୟଶାଳୀ, ଶ୍ରୀମାନ୍ ।

ଲକ୍ଷ୍ମଣପ୍ରସୂ, ବି. ସ୍ତ୍ରୀ. ( ଲକ୍ଷ୍ମଣ-ପ୍ରସୂ ) ମାତା, ଔଷଧବିଶେଷ ।

ଲକ୍ଷ୍ମୀ, ବି. ସ୍ତ୍ରୀ. ( ଲକ୍ଷ୍-ଈ, ମ ଆଗମ ) ବିଷ୍ଣୁ-ପତ୍ନୀ, କମଳା, ସୀତା, ଦୁର୍ଗା ରୋଗଘ୍ନ ମୂଳ-ବିଶେଷ, ବୀରପତ୍ନୀ, ହରିଦ୍ରା, ରାଜଶ୍ରୀ, ସମ୍ପତ୍ତି, ଶ୍ରୀ, ଶୋଭା, ସୌନ୍ଦର୍ଯ୍ୟ, ମୁକ୍ତା ।

ଲକ୍ଷ୍ମୀକାନ୍ତ, ବି. ପୁଂ. ( ଲକ୍ଷ୍ମୀ-କାନ୍ତ ) ବିଷ୍ଣୁ, ନାରାୟଣ ରାଜା ।

ଲକ୍ଷ୍ମୀଗୃହ, ବି. ନ. ରକ୍ତୋତ୍ପଳ ।

ଲକ୍ଷ୍ମୀପତି, ବି. ପୁଂ. (ଲକ୍ଷ୍ମୀ-ପତି) ବିଷ୍ଣୁ, ନର-ପତି, ଲବଙ୍ଗଲତା, ଗୁବାକ ବୃକ୍ଷ ।

ଲକ୍ଷ୍ମୀପୁତ୍ର, ବି. ପୁଂ. (ଲକ୍ଷ୍ମୀ-ପୁତ୍ର ) କାମଦେବ, ରାମ ବା ସୀତାଙ୍କର ପୁତ୍ର କୁଶ ଓ ଲବ, ଅଶ୍ୱ ।

**ଲକ୍ଷ୍ମୀପୁଷ୍ପ** ବି. ପୁଂ. ( ଲକ୍ଷ୍ମୀ-ପୁଷ୍ପ ) ପଦ୍ମରାଗ ମଣିବିଶେଷ ।

**ଲକ୍ଷ୍ମୀଫଳ**, ବି. ପୁଂ. ବେଲଗଛ ।

**ଲକ୍ଷ୍ମୀବାନ୍**, ବିଂ. (ଲକ୍ଷ୍ମୀ-ବତ୍) ଶ୍ରୀମାନ୍, ସମ୍ପତ୍ତିଶାଳୀ । ବି ପୁଂ. ପଣସବୃକ୍ଷ ।

**ଲକ୍ଷ୍ମୀଶ**, ବି. ପୁଂ. (ଲକ୍ଷ୍ମୀ-ଈଶ) ରମାପତି, ବିଷ୍ଣୁ, ଆମ୍ରବୃକ୍ଷ ସୌଭାଗ୍ୟଶାଳୀ ବ୍ୟକ୍ତି ।

**ଲକ୍ଷ୍ମୀସମ୍ଭୂତା**, ବି. ସ୍ତ୍ରୀ. ଜାନକୀ, ସୀତା ।

**ଲକ୍ଷ୍ୟ**, ବି. ନ. ( ଲକ୍ଷ୍-ଯ ) ଶରବ୍ୟ, ବେଧ, ବେଧନାର୍ଥ ଲକ୍ଷିତ, ଚିହ୍ନ, ଚିହ୍ନଭୂମି, ଶତସହସ୍ର ସଂଖ୍ୟା । ବିଂ. ଦ୍ରଷ୍ଟବ୍ୟ, ଦର୍ଶନଯୋଗ୍ୟ, ଉଦ୍ଦେଶ୍ୟ, ଲକ୍ଷଣାଶକ୍ତିଦ୍ୱାରା ବୋଧ, ଜ୍ଞେୟ, ଅନୁମେୟ ।

**ଲଖାଇବା**, କ୍ରି. ଲକ୍ଷ୍ୟ କରିବା, କୌଣସି ବସ୍ତୁକୁ ଅନ୍ୟ ବସ୍ତୁ ସଙ୍ଗେ ଲଗାଇ ଦେବା ବା ଅଟକାଇ ଦେବା ।

**ଲଗଡ଼**, ବିଂ. ସୁନ୍ଦର, ମନୋହର ।

**ଲଗାଇବା**, କ୍ରି. (ଲଗ୍‌ଧାତୁଜ) ଅଟକାଇବା, ସଂଲଗ୍ନ କରିବା, ଯୋଡ଼ିବା ।

**ଲଗାଏତ**, ଅଂ. (ଦେଶଜ) କ୍ରମାନ୍ୱୟରେ, ଠାରୁ ।

**ଲଗାଣ**
**ଲଗାଲଗି** } ବିଂ. ( ଲଗ୍ନ ଶବ୍ଦଜ ) ପରସ୍ପର ସଂବଦ୍ଧ ବା ସଂଲଗ୍ନ ।

**ଲଗାମ୍**, ବି. (ଯାବନିକ) ଘୋଡ଼ାର ବାଗ ।

**ଲଗୀ**, ବି. (ହିନ୍ଦୀ) ଆଙ୍କୁଡ଼ି ।

**ଲଗୁଡ଼**, ବି. ପୁଂ. (ଲଗ୍-ଉଲ, ଲ=ଡ଼) ବଂଶମୟ ଯଷ୍ଟି, ଠେଙ୍ଗା, ଲୌହମୟ ମୁଦ୍ଗର, ଗଦା ।

**ଲଗ୍ନ**, ବିଂ. (ଲସ୍ଜ-ତ) ଯୁକ୍ତ, ସଂଲଗ୍ନ, ଲଜ୍ଜିତ । ବି. ନ. ମେଷାଦି ରାଶିର ଉଦୟକାଳ, ସୂର୍ଯ୍ୟର ରାଶିସଂକ୍ରମଣ ମୁହୂର୍ତ୍ତ । ପୁଂ. ସ୍ତୁତିପାଠକ ।

**ଲଗ୍ନକ**, ବି. ପୁଂ. ( ଲଗ୍ନ-କ ) ପ୍ରତିଭୂ, ଜାମିନ ।

**ଲଗ୍ନପତ୍ର**, ବି. ବିବାହସମୟନିରୂପକ ପତ୍ର, ବିବାହକାଳ ସ୍ଥିର ହେବାର ସ୍ୱୀକାରପତ୍ର ।

**ଲଗ୍ନିକା**, ବି. ସ୍ତ୍ରୀ (ଲଗ୍ନ-କ-ଆ) ଅପ୍ରାପ୍ତବୟସ୍କା, ନଗ୍ନିକା, ଅଦୃଷ୍ଟରଜସ୍କା ବାଳିକା ।

**ଲଘିମା**, ବି. ପୁଂ. ( ଲଘୁ-ଇମନ୍ ) ଗୌରବହୀନତା, ଲଘୁତ୍ୱ, ଅଗୌରବ, ସାରହୀନତା, ଐଶ୍ୱର୍ଯ୍ୟବିଶେଷ, ସ୍ୱୀୟ ଶରୀରକୁ ଲଘୁ କରିବା କ୍ଷମତା ।

**ଲଘିଷ୍ଠ**
**ଲଘୀୟାନ୍** } ବିଂ. ( ଲଘୁ ଇଷ୍ଠ, ଈୟସ୍ ) ଅତି ଲଘୁ, ଅତି କ୍ଷୁଦ୍ର ।

**ଲଘୁ**, ବିଂ. ( ଲଙ୍ଘ୍-ଉ ) ଭାରହୀନ, ହାଲୁକା, ଅସାର, ନିସ୍ତେଜଃ, ନିକୃଷ୍ଟ, ଅଳ୍ପ, ଶୁଦ୍ଧ, ବିଶୁଦ୍ଧ, ପରିଷ୍କୃତ, ଶୀଘ୍ର, କ୍ଷୁଦ୍ର, ହ୍ରସ୍ୱ, ସଂକ୍ଷିପ୍ତ, ସୁନ୍ଦର, ଇଷ୍ଟ, ବାଞ୍ଛିତ, ସୂକ୍ଷ୍ମ । ବି. ପୁଂ. କୃଷ୍ଣ ଅଗୁରୁ, ପୁଷ୍ୟାଦି ନକ୍ଷତ୍ର, ବ୍ୟାକରଣରେ ହ୍ରସ୍ୱ-ବର୍ଣ୍ଣ ।

**ଲଘୁକାୟ**, ବି. ପୁଂ. (ଲଘୁ-କାୟ) ଅଜ, ଛାଗଲ । ନ. କ୍ଷୁଦ୍ରଦେହ । ବିଂ. କ୍ଷୁଦ୍ର ଦେହବିଶିଷ୍ଟ ।

**ଲଘୁତା**, ସ୍ତ୍ରୀ.
**ଲଘୁତ୍ୱ**, ନ, } ବିଂ. ( ଲଘୁ ତା, ତ୍ୱ ) ଗୌରବହୀନତା, ଲାଘବ ।

**ଲଘୁହସ୍ତ**, ବିଂ. (ଲଘୁ-ହସ୍ତ) କ୍ଷିପ୍ରହସ୍ତ, ଶୀଘ୍ରକାରୀ, ପଟୁ, ଦକ୍ଷ, ଶୀଘ୍ର ବାଣତ୍ୟାଗୀ ।

**ଲଘୂକରଣ**, (Reduction) ଯେଉଁ ଉପାୟଦ୍ୱାରା ନିମ୍ନଶ୍ରେଣୀସ୍ଥ ରାଶିକୁ ଉଚ୍ଚଶ୍ରେଣୀରେ ଏବଂ ଉଚ୍ଚଶ୍ରେଣୀସ୍ଥ ରାଶିକୁ ନିମ୍ନଶ୍ରେଣୀରେ ପରିବର୍ତ୍ତିତ କରାଯାଏ, ହ୍ରାସକରଣ ।

**ଲଘୂକୃତ**, ବିଂ. (ଲଘୁ-କୃତ) ଯାହା ଲଘୁ କରା ହୋଇଅଛି, ଯାହା ଊଣା କରା ହୋଇଅଛି ।

**ଲଘ୍ୱୀ**, ବି. ସ୍ତ୍ରୀ. ( ଲଘୁ-ଈ ) ଲାଘବଯୁକ୍ତା, ଅତି କୋମଳପ୍ରକୃତି କୃଶାଙ୍ଗୀ କାମିନୀ, ରଥବିଶେଷ, ସ୍ତ୍ରୀବାହନ ଶକଟବିଶେଷ ।

**ଲଙ୍କା**, ବି. ସ୍ତ୍ରୀ. (ଲକ୍-ଅ, ନିପାତନ-ଆ) ରାବଣପୁରୀ, ସିଂହଳଦ୍ୱୀପ, କୁଳଟା, ଶାଖା, ସ୍ତ୍ରୀଭୂତ, ଡାକିନୀ । (ଦେଶଜ) ଲଙ୍କାମରିଚ ।

**ଲଙ୍କାଆମ୍ବ**, ବି. (ଦେଶଜ) ଫଳବିଶେଷ ।

**ଲଙ୍କାଧିପତି**
**ଲଙ୍କାପତି** } ବି. ପୁଂ (ଲଙ୍କା-ଅଧିପତି, ପତି) ରାବଣ, ଦଶାନନ ।

ଲଙ୍କେଶ } ବି. ପୁଂ. ( ଲଙ୍କା-ଈଶ, ଈଶ୍ୱର )
ଲଙ୍କେଶ୍ୱର } ରାବଣ ।

ଲଙ୍ଗର, ବିଂ. ( ଲନ୍ଗ୍ ଧାତୁଜ ) ଜାହାଜ ଆଦି ଅଟକାଇବାର ଲୌହନିର୍ମିତ ଯନ୍ତ୍ରବିଶେଷ ।

ଲଙ୍ଗଳ, ବି. (ଲାଙ୍ଗଳ ଶବ୍ଦଜ) ଯଦ୍ଦ୍ୱାରା ଭୂମି-କର୍ଷଣ କରନ୍ତି ।

ଲଙ୍ଗଳା, ବିଂ. (ଦେଶଜ) ଉଲଙ୍ଗ ।

ଲଙ୍ଗୂଳ, ବି. ନ. (ଲନ୍ଗ୍-ଊଲ) ଲାଙ୍ଗୁଳ ।

ଲଙ୍ଘନ, ବି. ନ. ( ଲନ୍ଘ୍-ଅନ ) ଉପବାସ, ଅତିକ୍ରମ, ଅତିବାହନ, ଯାପନ, ଅଭିଘାତ, ଆକ୍ରମଣ, ଡେଇଁବା ।

ଲଙ୍ଘିବା, କ୍ରି. (ଲଙ୍ଘ ଧାତୁଜ) ଅତିକ୍ରମ କରିବା, ଡେଇଁବା ।

ଲଜ୍ଜମାନ, ବିଂ. ( ଲସ୍ଜ୍-ଶାନ ଲଜ୍ଜାଶୀଳ, ଲାଜୁକ ।

ଲଜ୍ଜା, ବି. ସ୍ତ୍ରୀ. ( ଲସ୍ଜ୍-ଅ-ଆ ) ବ୍ରୀଡ଼ା, ଅନ୍ତଃକରଣର ବୃତ୍ତିବିଶେଷ, ଲାଜ, ତ୍ରପା ।

ଲଜ୍ଜାଳୁ, ବିଂ. (ଲଜ୍ଜା-ଆଳୁ) ଲଜ୍ଜାଶୀଳ । ବି. ସ୍ତ୍ରୀ. ଲତାବିଶେଷ, ଲାଜକୁଳୀ ।

ଲଜ୍ଜାବାନ୍, ବି. (ଲଜ୍ଜା-ବତ୍) ଲଜ୍ଜାଶୀଳ, ଲଜ୍ଜା-ଯୁକ୍ତ ।

ଲଜ୍ଜିତ, ବିଂ. (ଲଜ୍ସ୍-ତ) ଲଜ୍ଜାଯୁକ୍ତ, ଲଜ୍ଜାଶୀଳ ।

ଲଜ୍ୟା, ବି. ସ୍ତ୍ରୀ. (ଲସ୍ଜ୍-ଯତ୍-ଅ) ଲଜ୍ଜା, ତ୍ରପା, ବ୍ରୀଡ଼ା ।

ଲଞ୍ଜ, ବି. ପୁଂ. (ଲନ୍ଜ୍-ଅ) ପାଦ, କଚ୍ଛ, ପୁଚ୍ଛ, ଅନଦ୍ରା, ଲାମଟେ୍, ସ୍ରୋତ ।

ଲଞ୍ଜାତାରା, ବି. (ଦେଶଜ) ଧୂମକେତୁ ।

ଲଞ୍ଜିକା, ବି. ସ୍ତ୍ରୀ. ( ଲନ୍ଜ୍-ଅକ-ଆ ) ଗଣିକା, ବେଶ୍ୟା ।

ଲଟ, ବି. ପୁଂ. (ଲଟ୍-ଅ) ପ୍ରମାଦ ବଚନ, ଅଜ-ବହିତ ହୋଇ ବାକ୍ୟ କହିବା, ଦୋଷ, ପାଗଳ, ନିର୍ବୋଧ, ଚୌର, (ସ୍ତ୍ରୀ) କୌତୁକ । ଯଥା—

ଲଳିତ୍ତ ରେ ଲାବଣ୍ୟନାଥଙ୍କ ଶ୍ୟାମଲଟ ।

ଲଟକାଇବା, କ୍ରି. ( ଦେଶଜ ) ଟଙ୍ଗାଇବା, ଉକଟାଇବା, ଉଲୁଟିବା ।

ଲଟପଟ } ( ଦେଶଜ ) ଗଡ଼େଇଗଡ଼େଇ,
ଲଟରପଟର } ସଂଯୁକ୍ତ ।

ଲଟାଇବା, କ୍ରି. (ଲତା ଶବ୍ଦଜ) ମାଡ଼ିବା ।

ଲଟା, ବି. ସ୍ତ୍ରୀ. (ଲତା ଶବ୍ଦଜ) ଲତା, ବନ ।

ଲଟେଇ, ବି. (ଦେଶଜ) ସୂତାକୁ ଶୃଙ୍ଖଳାକ୍ରମେ ଗୁଡ଼ାଇ ରଖିବା ଯନ୍ତ୍ରବିଶେଷ ।

ଲଟୁ, ବି. (ଦେଶଜ) ଖେଳନାବିଶେଷ ।

ଲଠି, ବି. ଯଷ୍ଟି, ବାଡ଼ି ।

ଲଡ଼ବଡ଼ } ବିଂ. ଇତସ୍ତତଃ ସଞ୍ଚାଳିତ, ଚଞ୍ଚଳ,
ଲଡ଼ବଡ଼ିଆ, } ଇତସ୍ତତ ଧାବିତ, ଚପଳ ।

ଲଡ଼ୁ, ବି. (ଲଡ୍ଡୁକ ଶବ୍ଦଜ) ମିଷ୍ଟାନ୍ନବିଶେଷ, ମୋଦକ ।

ଲଡ୍ଡୁ } ବି. ପୁଂ. ସ୍ତ୍ରୀ. ( ଲଡ୍-ଡୁ-କ )
ଲଡ୍ଡୁକ } ମୋଦକ, ମିଷ୍ଟଦ୍ରବ୍ୟବିଶେଷ ।

ଲଢ଼ାଇ, ବି. (ଦେଶଜ) ଯୁଦ୍ଧ, ରଣ, ସଂଗ୍ରାମ ।

ଲଢ଼ିବା, କ୍ରି. ( ଦେଶଜ ) ଯୁଦ୍ଧ କରିବା, ବିବାଦ କରିବା ।

ଲଣ୍ଠଣ, ବି. (Lantern ଶବ୍ଦଜ) କାଚନିର୍ମିତ ଦୀପପଞ୍ଜୁରୀ ।

ଲଣ୍ଡ, ବି. ସ୍ତ୍ରୀ. (ଲନ୍ଡ୍-ଅ) କଠିନ ଲମ୍ବାକୃତି ବିଷ୍ଠା ।

ଲଣ୍ଡି } ବି. ( ଲଣ୍ଡ ଶବ୍ଦଜ ) ଛେଳି ପ୍ରଭୃତିର
ଲେଣ୍ଡି } ମଳ ।

ଲଣ୍ଡଭଣ୍ଡ, ବିଂ. ( ଦେଶଜ ) ଉଚ୍ଛିନ୍ନ, ପ୍ରଚ୍ଛିନ୍ନ, ବ୍ୟସ୍ତବ୍ୟସ୍ତ ।

ଲଣ୍ଡା, ବିଂ. ( ଦେଶଜ ) କେଶହୀନ, ମୁଣ୍ଡିତ-ମସ୍ତକ ।

ଲଣ୍ଡ ବଗୁଲି, ବି. (ଦେଶଜ) ଗୁଳ୍ମବିଶେଷ ଓ ତାହାର ବୀଜ ।

ଲତା } ବି. ସ୍ତ୍ରୀ. ( ଲତ୍-ଅ, ଲତା-କ-ଆ )
ଲତିକା } ବ୍ରତତୀ, ଶାଖାରହିତ ମୃଦୁବଲ୍ଲୀ, ସୂକ୍ଷ୍ମ, ଶାଖା, ପ୍ରିୟଙ୍ଗୁ, ଅଶନପର୍ଣ୍ଣୀ, ମାଧବୀ, ଦୂର୍ବା, କାସ୍ତୁ ସାରିକା ।

ଲତାଜିହ୍ୱ } ବି. ପୁଂ. (ଲତା-ଜିହ୍ୱା, ରସନା)
ଲତାରସନ } ଭୁଜଗ, ସର୍ପ ।

ଲତାତରୁ, ବି. ପୁଂ. କମଳାଲେମ୍ବୁ ଗଛ, ତାଳବୃକ୍ଷ, ଶାଳବୃକ୍ଷ ।

ଲତାମଣି, ପୁଂ } ବି. (ଲତା-ମଣି, ଯାବକ)
ଲତାଯାବକ, ନ. } ପ୍ରବାଳ, ପୋହଳା ।

ଲଥା, ବି. (ଦେଶଜ) ଉପକଥା, ଏକ କଥା ସଙ୍ଗେ ସଂଶ୍ଲିଷ୍ଟ ଅନ୍ୟ କଥା ।

ଲଦନ, ବି. ବୋଝ । ହାତୀ ପିଠିର ଆସ୍ତରଣ । ଯଥା—

ଝୁଲୁ ଝୁଲୁ ହାତୀ ଝୁଲୁଥା ଝୁଲୁଥା ପିଉଥାଅ ବାଆଟାଣି,
ମନ୍ତ୍ରୀ ଆସିଲେ ଲଦନ ପକାଇ ଯିବୁ ବରଡ଼ାଲ ଆଣି । ।
ବାଳବୋଧ

ଲଦିବା, କ୍ରି. (ଦେଶଜ) ଥୋଇବା । ଯଥା—

ରଙ୍ଗ କମଳରେ ସ୍ନେହ ଭାର ଲଗାଇ ହୃଦରେ
ଅତି ଆନନ୍ଦରେ ଲଦୁଥାଇ ଶିରେ ବାରବାର । ବ. ଚ.

ଲପନ, ବି. ନ. ( ଲପ୍-ଅନ ) ବଦନ, ମୁଖ, ଭାଷଣ, କଥନ ।

ଲପିତ, ବିଂ. (ଲପ୍-ତ) କଥିତ । ବି. ନ. ବାକ୍ୟ, କଥନ, ବଚନ ।

ଲଫା, ବି. (ଦେଶଜ) ଲାଭ ।

ଲଫାଫା, ବି. ( ଯାବନିକ ) କାଗଜ ଖୋଲ, କାଗଜ ମୁଣି । ଚିଠି ପ୍ରଭୃତିର ବହିରାବରଣ ।

ଲବ୍ଧ, ବିଂ. ( ଲଭ୍-ତ ) ଉପାର୍ଜିତ, ପ୍ରାପ୍ତ, ଗୃହୀତ ।

ଲବ୍ଧବର୍ଣ୍ଣ, ବିଂ. (ଲବ୍ଧ-ବର୍ଣ୍ଣ) ବିଚକ୍ଷଣ, ପଣ୍ଡିତ, ଜ୍ଞାନୀ ।

ଲବ୍ଧି, ବି. ସ୍ତ୍ରୀ. (ଲଭ୍-ତି) ଲାଭ, ପ୍ରାପ୍ତି, ଗ୍ରହଣ ।

ଲବ୍ଧୋଦୟ, ବିଂ. (ଲବ୍ଧ-ଉଦୟ) ଜାତ, ଉତ୍ପନ୍ନ ।

ଲଭିବା, କ୍ରି. (ଲଭ୍-ଧାତୁଜ) ପାଇବା, ଲାଭ କରିବା ।

ଲଭ୍ୟ, ବିଂ. (ଲଭ୍-ଯ) ପ୍ରାପ୍ୟ, ଲାଭଯୋଗ୍ୟ, ନ୍ୟାଯ୍ୟ, ଉପଯୁକ୍ତ ।

ଲମ୍ପଟ, ବି. ପୁଂ. ( ରମ୍-ଅଟ, ପ ଆଗମ, ର ସ୍ଥାନରେ ଲ ) କାମୁକ, ଲୋଚା, ଆସକ୍ତ, ଲୋଲୁପ, ପରସ୍ତ୍ରୀଠାରେ ଆସକ୍ତ ।

ଲମ୍ଫ, ବି. ପୁଂ. (ରନ୍ଫ୍-ଅ, ର ସ୍ଥାନରେ ଲ) ଉଲ୍ଲମ୍ଫନ, ଡେଇଁବା ।

ଲମ୍ବ, ବିଂ. (ଲମ୍ବ୍-ଅ) ଦୋଳାୟମାନ, ଝୁଲଣ, ବିସ୍ତୃତ, ଦୀର୍ଘ ପ୍ରସାରିତ, ଲମ୍ବା । ବି. ପୁଂ. ଅବଲମ୍ବନ, କାନ୍ତ, ନର୍ତ୍ତକ, ଉତ୍କୋଚ, ଊର୍ଦ୍ଧ୍ୱ ରେଖା, ତ୍ରିଭୁଜ କ୍ଷେତ୍ରର ଲମ୍ବମାନ ରେଖା ।

ଲମ୍ବକର୍ଣ୍ଣ, ବି. ପୁଂ. (ଲମ୍ବ-କର୍ଣ୍ଣ) ଛାଗ, ହସ୍ତୀ, ରାକ୍ଷସ, ବୃକ୍ଷବିଶେଷ, ଶଶକ, ଗଣେଶ ।

ଲମ୍ବନ, ବି. ନ. ( ଲମ୍ବ୍-ଅନ ) ଅବଲମ୍ବନ, ଆଶ୍ରୟ, ଦୋଳନ, ଝୁଲଣ, ମାଲ୍ୟବିଶେଷ, ନାଭିଲମ୍ବିତ ହାର, ଆଶ୍ରୟଗ୍ରହଣ । ବି. ପୁଂ. ଶର୍ଦ୍ଦି, କଫ ।

ଲମ୍ବମାନ, ବିଂ. ( ଲମ୍ବ୍-ଶାନ, ମ ଆଗମ ) ଦୋଳାୟମାନ, ଝୁଲଣ ।

ଲମ୍ବା, ବି. ସ୍ତ୍ରୀ (ଲମ୍ବ-ଅ ଆ) ଲକ୍ଷ୍ମୀ, ଦୁର୍ଗା, ଗୌରୀ, ଦକ୍ଷକନ୍ୟା, ତିକ୍ତ ଅଲାବୁ । (ଦେଶଜ)ବିଂ. ଡେଙ୍ଗା, ଦୀର୍ଘାକାର, ଦୀର୍ଘ । ବି. ଦୈର୍ଘ୍ୟ ।

ଲମ୍ବିତ, ବିଂ. (ଲମ୍ବ୍-ତ) ଅବଲମ୍ବିତ, ଆଶ୍ରିତ, ଲମ୍ବମାନ, ଦୋଳିତ, ପତମାନ ।

ଲମ୍ବିବା, କ୍ରି. (ଲମ୍ବଧାତୁଜ) ଓହଳିବା, ଲମ୍ବ ଭାବରେ ରହିବା ।

ଲମ୍ବୋଦର, ବି. ପୁଂ. (ଲମ୍ବ-ଉଦର) ଗଣେଶ, ଔଦରିକ, ପେଟୁକ । ବିଂ. ଦୀର୍ଘୋଦର ।

ଲମ୍ବୋଷ୍ଠ, ବି. ପୁଂ. (ଲମ୍ବ-ଓଷ୍ଠ) ଉଷ୍ଟ୍ର, ଉଟ, ଦାସେରକ ।

ଲମ୍ଭନ, ବି. ନ. (ଲମ୍ଭ୍-ଅନ) ଧ୍ୱନି, ପ୍ରାପଣ, ଲାଞ୍ଛନା, ତିରସ୍କାର, ନିନ୍ଦା ।

ଲମ୍ଭିତ, ବିଂ. ( ଲମ୍ଭ୍-ତ ) ପ୍ରାପିତ, ଶବ୍ଦିତ, ନିଯୁକ୍ତ, ବର୍ଦ୍ଧିତ, ତିରସ୍କୃତ, ନିନ୍ଦିତ,

ନିନ୍ଦୋଜ୍ଜିତ, ଲଜ୍ଜାଶିଳ, ଲଜ୍ଜ ଯୋଷିତ, ଅପମାନିତ ।

ଲୟ, ବି. ପୁଂ. (ଲୀ-ଅ) ଗୀତ ବାଦ୍ୟାଦିର ତାଳ, ଲୀନ ହେବା, ମିଶି ଯିବା, ପ୍ରଳୟ, ବିନାଶ, ଗୃହ, ଆବାସ, କ୍ରୀଡ଼ା, ଈଶ୍ୱର ।

ଲୟପୁତ୍ରୀ, ବି. ସ୍ତ୍ରୀ. (ଲୟ-ପୁତ୍ରୀ) ନଟୀ, ନର୍ତ୍ତକୀ ।

ଲୟାରମ୍ଭ } ବି. ପୁଂ. (ଲୟ-ଆରମ୍ଭ, ଆଲମ୍ବ)
ଲୟାଲମ୍ବ } ନଟ, ନର୍ତ୍ତକ ।

ଲଲନ, ବି. ନ. (ଲଲ୍-ଅନ) କ୍ରୀଡ଼ା, କେଳି, ଚାଳନ, କମ୍ପନ ।

ଲଲନା, ବି. ସ୍ତ୍ରୀ. (ଲଲ୍-ଅନ୍ ଆ) କାନ୍ତା, ସ୍ତ୍ରୀ, କାମିନୀ, ଦୁଷ୍ଟଚରିତ୍ରା ସ୍ତ୍ରୀ, ଜିହ୍ୱା ।

ଲଲନାପ୍ରିୟ, ବି. ପୁଂ. କଦମ୍ବ ।

ଲଲାଟ, ବି. ନ. (ଲଲ-ଅଟ୍-ଅ) କପାଳ, ଭାଲ ।

ଲଲାଟକ, ବି. ନ. ( ଲଲାଟ-କ ) ପ୍ରଶସ୍ତ ଲଲାଟ, ଲଲାଟ ।

ଲଲାଟନ୍ତପ, ବି. ପୁଂ. ( ଲଲାଟ-ତପ୍-ଅ ) ସୂର୍ଯ୍ୟ । ବିଂ. ଲଲାଟତାପକାରୀ ।

ଲଲାଟିକା, ବି. ସ୍ତ୍ରୀ. (ଲଲାଟ-ଅ କ) ଲଲାଟର ଭୂଷଣବିଶେଷ, ଟିକା, ଚନ୍ଦନାଦି-ରଚିତ ତିଳକ ।

ଲଲାମ, ପୁଂ. ନ. } ବି. (ଲଲ୍-ଅମ୍-ଅ, ଅନ୍)
ଲଲାମନ୍, ନ. } ଭୂଷଣ, ଲଲାଟର ଭୂଷଣ, ଚିହ୍ନ, ଶୋଭା, ଲଲାଟସ୍ଥ ଚିହ୍ନ, ଶୃଙ୍ଗ, ପୁଚ୍ଛ, ଶୁଣ୍ଡ, ଶ୍ରେଷ୍ଠ, ଧ୍ୱଜ, ପୁଣ୍ଡ୍ର, ପ୍ରଭାବ, ଅଶ୍ୱ, ଅଶ୍ୱ-ଭୂଷଣ, ନାମ, ଶ୍ରେଣୀ ।

ଲଳିତ, ବି. ନ. ( ଲଲ୍-ତ ) ବିଳାସ, ସ୍ତ୍ରୀ ଜାତିର ଶୃଙ୍ଗାରଭାବଜ କ୍ରିୟାବିଶେଷ, ସ୍ତ୍ରୀନୃତ୍ୟ, ଚାଳନ, କ୍ରୀଡ଼ା, । ପୁଂ. ରାଗବିଶେଷ, ଇଚ୍ଛା । ବିଂ. କୋମଳ, ସୁନ୍ଦର, ପ୍ରିୟ, କ୍ରୀଡ଼ାଶୀଳ, ଚଞ୍ଚଳ, ଅଭିଳଷିତ, ବାଞ୍ଛିତ ।

ଲଳିତା, ବି. ସ୍ତ୍ରୀ. (ଲଲ୍-ତ-ଆ) ଗୋପୀବିଶେଷ, ନଦୀବିଶେଷ, କସ୍ତୂରୀ, ନାରୀ, ଦୁର୍ଗା, (ଦେଶଜ) ଗୁଳ୍ମବିଶେଷ, ଛୋଟଗଛ ।

ଲବ, ବି. ପୁଂ. (ଲୂ-ଅ) ବିନାଶ, ରେଣୁ, ସୂକ୍ଷ୍ମ-ରେଣୁ, ଗୋପୁଚ୍ଛର ଲୋମ, କଣା, ଗୁଣ୍ଡି, ଛେଦନ, ଲେଶ, କିଞ୍ଚିନ୍ମାତ୍ର, ସମୟର ସୂକ୍ଷ୍ମାଂଶ, ବିଳାସ, ରାମଚନ୍ଦ୍ରଙ୍କ ଦ୍ୱିତୀୟ ପୁତ୍ର, ପକ୍ଷ, ଲବଣ, ବିଭାଜ୍ୟ ରାଶି । ନ. ଜାଇଫଳ, ଲବଙ୍ଗ ।

ଲବଙ୍ଗ, ବି. ପୁଂ. (ଲୂ ଅଙ୍ଗ) ବୃକ୍ଷବିଶେଷ, ଜାଇ, ଉପପତି । ନ. ଦେବପୁଷ୍ପ ।

ଲବଣ, ବି. ନ. (ଲୂ-ଅନ) କ୍ଷାର ଦ୍ରବ୍ୟବିଶେଷ, ଲୁଣ । ଲୁଣ ପାଞ୍ଚ ପ୍ରକାର, ଯଥା-ସୌବର୍ଚ୍ଚଳ ସୈନ୍ଧବ, ବିଟ, ଔଭିଦ, ସାମୁଦ୍ର । ପୁଂ. କ୍ଷାର-ରସ, ଲବଣସମୁଦ୍ର । ବିଂ. କ୍ଷାରରସଯୁକ୍ତ, ଲୁଣିଆ ।

ଲବଣୀ, ବି. ସ୍ତ୍ରୀ. (ନବନୀତ ଶବ୍ଦଜ) ଲହୁଣୀ ।

ଲବଣୋଦ, ବି. ପୁଂ. ( ଲବଣ-ଉଦ ) ଲବଣ-ସମୁଦ୍ର, ଲବଣସାଗର ।

ଲବିତ୍ର, ବି. ନ. ( ଲୂ-ଇତ୍ର ) କାଟିବାର ଅସ୍ତ୍ର-ବିଶେଷ, କଟାରି, ଦା ।

ଲଶୁନ } ବି. ପୁଂ. ( ଲସ୍-ଉନ,ଊନ )
ଲଶୂନ } ମୂଳବିଶେଷ, ରସୁଣ ।

ଲଷିତ, ବିଂ. (ଲଷ୍-ତ) ଅଭିଲଷିତ, ବାଞ୍ଛିତ ।

ଲସମ, ବି (ଦେଶଜ) ଆର୍ଦ୍ରତାଯୁକ୍ତ । ଶୈତ୍ୟ, ଥଣ୍ଡା ।

ଲସତ୍, ବିଂ. (ଲସ୍-ଅତ୍) ଶୋଭମାନ, ପ୍ରକାଶ-ମାନ, ଉଜ୍ଜ୍ୱଳ, ଚେଷ୍ଟମାନ ।

ଲସି ବି. (ଦେଶଜ) ଫଳଦ୍ରବ୍ୟରୁ ବାହାରିବା ରସ, ଯଥା— ଆମ୍ବଲସି ।

ଲସିତ, ବି ନ. ( ଲସ୍-ତ ) ବିଳାସ, ଉଲ୍ଲାସ, ସ୍ଫୂର୍ତ୍ତି, ଚେଷ୍ଟା । ବିଂ. ଶୋଭିତ, ଚେଷ୍ଟିତ ।

ଲସିବା } କ୍ରି. ( ଦେଶଜ ) ନତ ହେବା,
ଲସାଇବା } ମ୍ଳାନ ହେବା । ଯଥା—

ଲସିବ ଯେବେ ଥାଇ କନ୍ଦାଦାଇ, କ. ଚ.

ଦ୍ରବୀଭୂତ ହେବା, ଭୟରେ ତରଳିଯିବା ।

ଲସ୍କର, (ଯାବନିକ) ସେନା, ଫୌଜ ।

ଲହକା, ବିଂ. (ଦେଶଜ) ଯାହା ସହଜରେ ନଇଁଯାଏ, ଲକଲକିଆ ।

ଲହଡ଼ା, ଲହଡ଼ି } ବି. (ଲହରୀ ଶବ୍ଦଜ) ତରଙ୍ଗ, ଢେଉ ।

ଲହର, ବି. ଲହରୀ, ସୁଅ, ପ୍ରବାହ, ସ୍ରୋତ ।

ଲହରି, ଲହରୀ, } ବି. ସ୍ତ୍ରୀ. (ଲ-ହୃ-ଇ, ଈ) ଊର୍ମି, ତରଙ୍ଗ, ଢେଉ ।

ଲହଲହ, ବିଂ. ଅବନତ, କୋମଳ, ଯାହା ସ୍ୱତଃ ନଇଁଯାଏ ।

ଲହସ, ବି. (ଦେଶଜ) ଧାର, ପ୍ରଣାଳୀ, ଝୁଙ୍କ ଯଥା—

କଥାଲହସରେ ମୁଁ ଏତେ ବାଟ ଆସିଲିଣି ।

ଲହୁ, ବି. ନ. (ଦେଶଜ) ରକ୍ତ । ଯଥା—

ବହଇ ଅଧରୁ ଲହୁଧାର ନାକ ଦନ୍ତେ ନାକକୁ କାମୋଡ଼ି । ମ. ଯା.

ଲହୁଣୀ, ବି. ନବନୀତ ।

ଲହୁରୁଣୀ, ବି. (ନଖକୁନ୍ତନୀ ଶବ୍ଦଜ) ନଖ କାଟିବା ଯନ୍ତ୍ରବିଶେଷ ।

ଲହୁଲ, ବିଂ. (ଲୋଲ ଶବ୍ଦଜ) ନବୀନ, ନୂତନ । କୋମଳ ।

ଲା, ଲାହା } ବି. (ଲାକ୍ଷା ଶବ୍ଦଜ) ଲାକ୍ଷା, ଜତୁ ।

ଲାଉ, ବି. (ଲାବୁ ଶବ୍ଦଜ) ଭୂମ୍ବୀ, ସ୍ୱନାମପ୍ରସିଦ୍ଧ ଫଳବିଶେଷ ।

ଲାକ୍ଷଣିକ, ବିଂ. (ଲକ୍ଷଣା-ଇକ) ଲକ୍ଷଣାଦ୍ୱାରା ଅର୍ଥ-ପ୍ରତିପାଦକ ।

ଲାକ୍ଷଣ୍ୟ, ବିଂ (ଲକ୍ଷଣ-ଯ) ଲକ୍ଷଣଜ୍ଞ, ଲକ୍ଷଣଯୁକ୍ତ, ଲକ୍ଷଣସମ୍ବନ୍ଧୀୟ ।

ଲାକ୍ଷା, ବି. ସ୍ତ୍ରୀ (ଲାକ୍ଷ୍-ଅ-ଆ) ଲୋହିତବର୍ଣ୍ଣକ, ବୃକ୍ଷର ନିର୍ଯ୍ୟାସବିଶେଷ, ଜତୁ, ଲା ।

ଲାକ୍ଷାରସ, ବି. ପୁଂ. ଅଲକ୍ତକରସ, ଅଲତା ।

ଲାକ୍ଷିକ, ବିଂ. (ଲକ୍ଷ ବା ଲାକ୍ଷା-ଇକ) ଲକ୍ଷସଂଖ୍ୟା-ପରିମିତ, ଲାକ୍ଷାନିର୍ମିତ ।

ଲାଖ, ବି. (ଲକ୍ଷ ଶବ୍ଦଜ) ଲକ୍ଷ । ଯଥା—

ଲାଖ ବନ୍ଦି ତ୍ରିନ୍ତ କାହୁଁ ଯୋଧଦଳ । ନ. କେ

ଲାଖ, ବି. (ଲାକ୍ଷା ଶବ୍ଦଜ) ଜତୁ, ଲା ।

ଲାଖରାଜ, ବି. (ଯାବନିକ) ନିଷ୍କର ଭୂମି ।

ଲାଗ, ବି. (ଲଗ୍ନ ଶବ୍ଦଜ) ଲଗ୍ନ, କ୍ଷଣ, ମୁହୂର୍ତ୍ତ । ଯଥା—

ସେ ଏହି ଲାଗରେ ଗ୍ରାମକୁ ଗଲା ।
ରଣ ।

ଲାଗି, ଅଂ. ହେତୁ, କାରଣ, ନିମିତ୍ତ । ବିଂ. ଭୋଗ । ଯଥା, ଲାଗି ଦିଅ । ନିଶା । ଯଥା—

ଚଣ୍ଡାଳଙ୍କ କଣି ଲାଗି ଚାର ପୁଣି ରଜ୍ଞାଇଲ ମନାଙ୍ଗନ ।
ବି. ଚ.

ଲାଗିବା, କ୍ରି. (ଲଗ୍ନ ଶବ୍ଦଜ) ମିଳିବା, ଲାଖିବା । ସଂଲଗ୍ନ ହେବା, ଆରମ୍ଭ ହେବା, ଭୂତାବେଶ ହେବା, ବିରକ୍ତ କରିବା ଯଥା—

ବଦନ ପ୍ରାୟେ ଶ୍ରୀଅଙ୍ଗେ ନାଗରେ ଲାଗିଛି ।

ବୋଧ ହେବା । ଯଥା—

ଲାଗୁ ନ ଥିଲା ମୋ କଥାକୁ କାହିଁକା ।

ସଂଯତ କରିବା, ଶୃଙ୍ଖଳ କରିବା ।

ଲାଗୁଆ, ବିଂ. (ଦେଶଜ) ଯେ ବା ଯାହା ନିୟମିତ-ରୂପେ ମିଳେ, ଖଞ୍ଜା ।

ଲାଘବ, ବି. ନ. (ଲଘୁ-ଅ) ଲଘୁତ୍ୱ, ଭାର-ରହିତ, ହାଲୁକା, ଅଗୌରବ, ଆରୋଗ୍ୟ, ସ୍ୱାସ୍ଥ୍ୟ, ଶୀଘ୍ରତା ।

ଲାଙ୍ଗଲ, ବି. ନ. (ଲନ୍ଗ-ଅଲ) ଭୂମିକର୍ଷଣ ଯନ୍ତ୍ରବିଶେଷ, ହଳ । ଯଥା—

ଶଣେଶେ ମୋ ଦନ୍ତ ଲାଙ୍ଗଳ ଇଣି,
ବପ୍ର ଭୂମେ ହେବ କରିବ ଗୃହ ।

ପୁଷ୍ପବିଶେଷ, ତାଳ ଗଛ ।

ଲାଙ୍ଗଲଗ୍ରହ, ବି. ପୁଂ. (ଲାଙ୍ଗଲ ଗ୍ରହ) ଲାଙ୍ଗଲ-ଧାରୀ କୃଷକ ।

ଲାଙ୍ଗଲଦଣ୍ଡ, ବି. ପୁଂ. ଲାଙ୍ଗଲର ମଧ୍ୟସ୍ଥ କାଷ୍ଠ, ଲାଙ୍ଗଲର ଈଶ ।

ଲାଙ୍ଗଲକ, ବି. ପୁଂ. (ଲାଙ୍ଗଲ-ଇକ ଅବା ଲାଙ୍ଗଲୀ-କ) ବୃକ୍ଷବିଶେଷ, ଲାଙ୍ଗଲଧାରୀ ।

ଲାଙ୍ଗଳୀ, ବି. ପୁଂ. (ଲାଙ୍ଗଳ-ଇନ୍) ବଳରାମ, ସର୍ପ, କୃଷକ, ନାରିକେଳ ବୃକ୍ଷ ।

ଲାଙ୍ଗୁଳ } (ଲନ୍‌ଗ-ଊଳ, ଉଲ) ପୁଚ୍ଛ, ଲାଞ୍ଜ ।
ଲାଙ୍ଗୂଳ }

ଲାଙ୍ଗୂଳୀ, ବି. ପୁଂ. (ଲାଙ୍ଗୂଳ-ଇନ) ବାନର । ବିଂ. ପୁଚ୍ଛବିଶିଷ୍ଟ ।

ଲାଛିବା, କ୍ରି. (ଦେଶଜ) ତପ୍ତ ଲୌହଖଣ୍ଡରେ ଦାଗ ଦେବା, ବନ୍ଧୁକ ଫୁଟାଇବା ।

ଲାଜ, ବି. ପୁଂ. (ଲାଜ୍-ଅ) ଖଇ । ନ. ଉଶୀର, ବେଣାମୂଳ, (ଲଜ୍ଜା ଶବ୍ଦଜ) ଲଜ୍ଜା । ଯଥା—

କି ଲାଜ ପାଇଲି ଆଜ ରେ ସଜନି ।

ଲାଜକୁଳା, ବିଂ. ଲଜ୍ଜାଶୀଳ, ଲାଜୁକ ।

ଲାଜକୁଳୀ, ବି. ସ୍ତ୍ରୀ. ଲଜ୍ଜାଶୀଳା, ଲତା-ବିଶେଷ ।

ଲାଜୁକ, ବିଂ. (ଲଜ୍ଜା ଶବ୍ଦଜ) ଲଜ୍ଜାଶୀଳ, ଲଜ୍ଜାଯୁକ୍ତ ।

ଲାଞ୍ଚ, ବି. (ଦେଶଜ) ଘୁଷ, ରିସତ୍ । ଯଥା—

ନାଠ ଲାଞ୍ଚ ମାଗୁଥାଉ ଲବଣୀ କେମନ୍ତେ ।

ଲାଞ୍ଚୁଆ, ବିଂ. ଉତ୍କୋଚଗ୍ରାହୀ, ଯେ ଲାଞ୍ଚ ନିଏ ।

ଲାଞ୍ଛନ, ବି. ନ. (ଲାନ୍‌ଛ-ଅନ) ଚିହ୍ନ, ଧ୍ୱଜ, କଳଙ୍କ । ଯଥା—

ଶୁର ତୁମ୍ଭେ ନିଜ ନାରୀ ଲାଞ୍ଛନା କେମନ୍ତେ ସହିବ । କ. ବ.

ଲାଞ୍ଛିତ, ବିଂ. (ଲାନ୍‌ଛ-ତ) ଚିହ୍ନିତ, କଳଙ୍କିତ, ଧ୍ୱଜଯୁକ୍ତ, ନାମଯୁକ୍ତ ।

ଲାଞ୍ଜ, ବିଂ. (ଲାଞ୍ଛ ଧାତୁଜ) ପୁଚ୍ଛ, ଲାଙ୍ଗୂଳ ।

ଲାଞ୍ଜି, ବି. (ଲାଞ୍ଛ ଧାତୁଜ) ଚିକିରି ପୁଚ୍ଛ, ସୂକ୍ଷ୍ମରେଖା । ଯଥା—

ଲାଞ୍ଜି ବିସ୍ଥାନେ କଜ୍ଜ୍ୱଳ, ନୟନେ ଦଶେ ଉଜ୍ଜ୍ୱଳ । ଲା. ବ.

ଲାଟ, ବି (ଲଟ୍-ଅ) ଦୋଷ, ପଣ୍ଡିତ, ପୁରୁଣା । (ଇଂ. ଲର୍ଡ ଶବ୍ଦଜ) ପ୍ରଭୁ । ଯଥା – ବଡ଼ଲାଟ, ଛୋଟଲାଟ ।

ଲାଟବନ୍ଦୀ, ବି. (ଯାବନିକ) ଖଜଣା ଦାଖଲ କରିବାର ନିର୍ଦ୍ଦିଷ୍ଟ ଦିବସ ।

ଲାଠି } (ଲଗୁଡ ଶବ୍ଦଜ) ଯଷ୍ଟି, ଦଣ୍ଡ, ବାଡ଼ି ।
ଲାଠୀ }

ଲାଣ୍ଡିଆ, ବିଂ. (ଦେଶଜ) ବିକୃତାଙ୍ଗ, ଅସୁନ୍ଦର ।

ଲାତ } ବି. ପାଦପ୍ରହାର, ଗୋଇଠା ।
ନାତ }

ଲାଭ, ବି. ପୁଂ. (ଲଭ୍-ଅ) ପ୍ରାପ୍ତି, ଉପାର୍ଜ୍ଜନ, ଉପସ୍ୱତ୍ୱ, ଧନ ।

ଲାମ୍ପଟ୍ୟ, ବି. ନ. (ଲମ୍ପଟ-ଯ) ଲମ୍ପଟତା, କାମୁକତା, ପରସ୍ତ୍ରୀ ପ୍ରବୃତ୍ତି ।

ଲାଳ, ବି. (ଲାଳା ଶବ୍ଦଜ) ମୁଖାମୃତ, ଛେପ ।

ଲାଳନ, ବି. ନ. (ଲଲ୍-ଅନ) ସ୍ନେହ ସହିତ ପାଳନ, ଅତିଶୟ ଯତ୍ନ ସହିତ ପାଳନ ।

ଲାଳସା, ବି. ସ୍ତ୍ରୀ. (ଲସ୍-ଅ-ଆ) ଲିପ୍ସା, ଆଶା, ଔତ୍ସୁକ୍ୟ, ସ୍ପୃହା, ଚଞ୍ଚଳତା ।

ଲାଲ, ବିଂ. ରକ୍ତବର୍ଣ୍ଣବିଶିଷ୍ଟ, ବି. ରକ୍ତବର୍ଣ୍ଣ ।

ଲାଲ } ବିଂ. ଘୋଡ଼ା ଓ ଗୋରୁ ପ୍ରଭୃତିଙ୍କ ଖୁରାରେ ମଡ଼ାଯାଉଥିବା ଲୌହ-ପଟ୍ଟି ।
ନାଲ }

ଲାଲମୋହନ, ବି. (ଦେଶଜ) ମିଷ୍ଟାନ୍ନବିଶେଷ ।

ଲାଳିତ, ବିଂ. (ଲାଲ-ତ) ପ୍ରତିପାଳିତ ।

ଲାଳିତ୍ୟ, ବି. ନ. (ଲଳିତ-ଯ) କୋମଳତା, ସୌନ୍ଦର୍ଯ୍ୟ, ମଧୁରତା ।

ଲାବଣ, ବିଂ. (ଲବଣ-ଅ) ଲବଣମିଶ୍ରିତ, ଲବଣଯୁକ୍ତ, ଲବଣସମ୍ବନ୍ଧୀୟ ।

ଲାବଣିକ, ବି. ପୁଂ. (ଲବଣ-ଇକ) ଲବଣ-ବିକ୍ରେତା । ବିଂ. ଲବଣମିଶ୍ରିତ, ଲବଣ-ସମ୍ବନ୍ଧୀୟ ।

ଲାବଣ୍ୟ, ବି. ନ. (ଲବଣ-ଯ) ଲବଣତ୍ୱ, ଦୀପ୍ତି, ସୌନ୍ଦର୍ଯ୍ୟ, କାନ୍ତି, ଶୁକ୍ଳତ୍ୱ ।

ଲାଶ୍, ବି. (ଯାବନିକ) ଶବ, ମୃତଦେହ ।

ଲାସ୍ୟ, ବି. ନ. (ଲସ୍-ଯ) ନୃତ୍ୟ, ନାଚ, ସ୍ତ୍ରୀଲୋକର ନୃତ୍ୟ । ଯଥା—

ସୁଗତି ଚପଳା ଲାସ୍ୟେ ନରଛେ ଗ୍ରସ୍ତର ।

ଲଣ୍ଡ, ବ. (ଲାଙ୍ଗୁଳ ଶବ୍ଦଜ) ଲାଙ୍ଗୁଳ, ଲାଞ୍ଜ, ଜଉ ।

ଲଣ୍ଡା, ବ. (ଦେଶଜ) ମସ୍ତକ, ସକ୍ତୁ, ଯଥା—

ନୋହିଲେ ଭ୍ରୂ ପରବାଣ, ନିର୍ଦ୍ଦୟ ଅଠରବାଣ
ନିଃଶେଷ କଲାନ୍ତି ଦେହ ଲଣ୍ଡା । କ. ଚ.

ଲଥ, ବ. (ଲାକ୍ ଧାତୁଜ) ଖାଇ ।

ଲଖ, ବ. (ଲକ୍ଷ ଶବ୍ଦଜ) କ୍ଷୁଦ୍ର ଉକୁଣି ।

ଲଖନ, ବ. ନ (ଲିଖ୍-ଅନ) ଲେଖନ, ଅକ୍ଷର-ବିନ୍ୟାସ, ଚିତ୍ରକରଣ, ଲିପି, ପତ୍ର, ଚିଠି ।

ଲିଖିତ, ବି. (ଲିଖ୍-ତ) ପତ୍ରାଦି, ଯାହା ଲେଖା ହୋଇଅଛି, ଚିତ୍ରିତ, ଅଙ୍କିତ ।

ଲିଙ୍ଗ, ବ. ନ. (ଲିଙ୍ଗ୍-ଅ) ଚିହ୍ନ, ହେତୁ, କାରଣ, ଉପସ୍ଥ, ସୂଚକ, ଶିବମୂର୍ତ୍ତିବିଶେଷ, ଅନୁମାନ, ଅନୁମାନସାଧନ, ପ୍ରକୃତି, ସାମର୍ଥ୍ୟ, ଅର୍ଥପ୍ରକାଶକ ଶକ୍ତି ।

ଲିଙ୍ଗବୃତ୍ତି, ବ. ପୁଂ. (ଲିଙ୍ଗ ବୃତ୍ତି) ଜୀବିକା-ନିମିତ୍ତ ଜଟାଦି ଚିହ୍ନଧାରୀ, ଧର୍ମଧ୍ୱଜୀ, କପଟ-ସନ୍ନ୍ୟାସୀ ।

ଲିଙ୍ଗରାଜ, ବ. ପୁଂ. (ଲିଙ୍ଗ-ରାଜ) ଭୁବନେଶ୍ୱରସ୍ଥ ପ୍ରସିଦ୍ଧ ଶିବଲିଙ୍ଗବିଶେଷ ।

ଲିତା, ବ. (ଦେଶଜ) କାଳ ପରମାଣ ବିଶେଷ । ଦଣ୍ଡର ୫୪ଂଶ ।

ଲିପି } ବ. ସ୍ତ୍ରୀ. (ଲିପ୍-ଇ) ଲିଖିତ ଚିହ୍ନାଦି,
ଲିପୀ } ଲେଖନ, ଅକ୍ଷରବିନ୍ୟାସ, ଚିତ୍ର-କରଣ, ଚିଠି, ପତ୍ର ।

ଲିପିକର } ବ, ପୁଂ. (ଲିପି-କର, କାର)
ଲିପିକାର } ଲେଖକ, ଚିତ୍ରକର । ସ୍ତ୍ରୀ-ଲିପିକରୀ । ଯଥା—

ନବ ପ୍ରେମିକର ଅବଦ୍ୟାନଗରୀ ଶରଲିପିକରୀମତ । ଯ, ଦେ.

ଲିପିବଦ୍ଧ, ବିଂ. (ଲିପି-ବଦ୍ଧ) ଅକ୍ଷରଦ୍ୱାରା ବିନ୍ୟସ୍ତ, ଲିଖିତ ।

ଲିପିବା, କ୍ରି. (ଲିପ୍ ଧାତୁଜ) ଲେପନ କରିବା ।

ଲିପ୍ତ, ବିଂ. (ଲିପ୍-ତ) ଚର୍ଚ୍ଚିତ, ବିଷାକ୍ତ, ମିଳିତ, ଭକ୍ଷିତ । ବ. ପୁଂ. ସୂକ୍ଷ୍ମ କାଳାଂଶବିଶେଷ ।

ଲିପ୍ତପାଦ, ବିଂ. ଯେ ସକଳ ଜୀବର ଅଙ୍ଗୁଳି ଚର୍ମ-ଦ୍ୱାରା ଲିପ୍ତ, ଯଥା—ହଂସାଦି ।

ଲିପ୍ସା, ବ. ସ୍ତ୍ରୀ. (ଲଭ୍-ସନ୍-ଅ ଆ, ଲଭ = ଲିପ୍‌ସ) ଲାଭେଚ୍ଛା, ସ୍ପୃହା, ବାଞ୍ଛା, କାମନା, ବାସନା, ଲୋଭ ।

ଲିପ୍ସୁ, ବିଂ. (ଲଭ୍-ସନ୍-ଉ) ଲାଭେଚ୍ଛୁ, ଗୃଧ୍ନୁ, ଲୋଭୀ, କାମୀ ।

ଲିଭିବା, କ୍ରି. (ନିର୍ବାପିତ ଶବ୍ଦଜ) ନିର୍ବାପିତ ହେବା । ଯଥା—

ଲିଭିବ ଏଥି ମୋର ଜୀବନ-ଦୀପ;
ଏ ବାରତା ନ ଯିବ ଜନସମୀପ । କ. ବ.

ଲିମ୍ପଟ, ବ. ପୁଂ. (ଲିପ ଅଟ) ଲମ୍ପଟ, କାମୁକ ।

ଲିମ୍ବ, ବ. (ନିମ୍ବ-ଶବ୍ଦଜ) ବୃକ୍ଷବିଶେଷ, ନିମ୍ବ ।

ଲିହଣ } ବ. (ଦେଶଜ) ବଢ଼େଇର କାଠ
ଲିହାଣ } କାଟିବା ଯନ୍ତ୍ରବିଶେଷ ।

ଲିହିବା, କ୍ରି. (ଲିଖ୍ ଧାତୁଜ) ଲେଖିବା, ଗୁନ୍ଥିବା । ଯଥା—

ମୋ ତଳେ ଅଳ୍ପ କ ଲିହି । ସଙ୍ଗୀତ,
ସ୍ୱନ ପିଆଇ ଦେହ ଲିହି; ହୁଙ୍କାର ନାଦେ ସର୍ବ ଗାଇ ।
ଭ. ବ.

ଲୀନ, ବିଂ. (ଲୀ-ତ) ନିମଜ୍ଜିତ, ଲୟପ୍ରାପ୍ତ, ମିଳିତ, ମଗ୍ନ, ସଂସକ୍ତ ।

ଲୀଳା, ବ. ସ୍ତ୍ରୀ. (ଲୀ-୦) ଭଙ୍ଗୀ, ବିଳାସ, ଶୋଭା, କ୍ରୀଡ଼ା, କେଳି, ଶୃଙ୍ଗାରଭାବଜାତ ଚେଷ୍ଟାବିଶେଷ, ଅଙ୍ଗବେଶ ।

ଲୀଳାଖେଳ, ବିଂ. ବିଳାସପରାୟଣ, କ୍ରୀଡ଼ାଶୀଳ ।

ଲୀଳାବତୀ, ବ ସ୍ତ୍ରୀ (ଲୀଳା-ବତ୍-ଈ) ବିଳାସବତୀ ସ୍ତ୍ରୀ, ଭାସ୍କରାଚାର୍ଯ୍ୟଙ୍କ କନ୍ୟା, ଅଙ୍କଶାସ୍ତ୍ର-ବିଶେଷ, ଏହି ଆଚାର୍ଯ୍ୟଙ୍କ ନ୍ୟାୟଶାସ୍ତ୍ରର ଗ୍ରନ୍ଥବିଶେଷ ।

ଲୁକ୍କାୟିତ, ବିଂ. (ଲୁକ୍-କାୟ୍-ତ) ଗୁପ୍ତ, ଅନ୍ତର୍ହିତ, ଅଦୃଷ୍ଟ, ପ୍ରଚ୍ଛନ୍ନ ।

**ଲୁଗା**, ବି. (ଲଗ୍ନ ଶବ୍ଦଜ) ବସ୍ତ୍ର, ବାସ ।

**ଲୁଙ୍ଗୁରା**, ବି. (ଦେଶଜ) ବୃକ୍ଷବିଶେଷ, ଲମ୍ବକାଠ-ବିଶେଷ ।

**ଲୁଚକାଳି**, (ଦେଶଜ) ପିଲ୍ଲାମାନଙ୍କର ଖେଳ-ବିଶେଷ, ଲୁଚି ଲୁଚି ଖେଳିବା । ଯଥା—

ଶୁଭ୍ର ରଙ୍ଗେ ଶଙ୍ଖଗଞ୍ଜଣ ଯାଉଛନ୍ତି ଘନ ସଘନେ.
ଲୁଚକାଳି କ୍ରୀଡ଼ା ଖେଳଇ ତାରକା ଶାରଦ ଦିନେ । ଭଞ୍ଜ ।

**ଲୁଚାଇବା**, କ୍ରି. (ଲୁକ୍ ଧାତୁଜ) ଘୋଡ଼ାଇ, ରଖିବା, ଗୁପ୍ତ ରଖିବା ।

**ଲୁଚୁଏ**, ବି. (ଦେଶଜ) ଗୁଡ଼ାଏ, କେତେକ, ମେଞ୍ଚାଏ ।

**ଲୁଚି**, ବି. (ଦେଶଜ) ଗୋଧୂମଚୂର୍ଣ୍ଣର ଘୃତପକ୍ୱ ପିଷ୍ଟକବିଶେଷ ।

**ଲୁଚିବା**, କ୍ରି. (ଲୁକ୍କାୟିତ ଶବ୍ଦଜ) ଛପି ରହିବା । ଯଥା—

ଅନ୍ତରୀକ୍ଷେ ଲୁଚି ରହିଲେ ମୀନକେତନ ରଥେ । ଚ. ଭା.

**ଲୁଚୁବା** } **ଲୁଚୁଯିବା** } କ୍ରି. (ଦେଶଜ) ଶୋଭା ସୌନ୍ଦର୍ଯ୍ୟାଦି ଦେଖି ମୁଗ୍ଧ ହେବା ।

**ଲୁଞ୍ଚିତ**, ବିଂ. (ଲୁନ୍‌ଚ୍-ତ) ଛିନ୍ନ, ପରିତ୍ୟକ୍ତ ହସ୍ତକୃତ, ଭଗ୍ନ ।

**ଲୁଟ**, ବି. (ଚୌର୍ଯ୍ୟାର୍ଥ ଲୁଟ୍ ଧାତୁଜ) ବଳପୂର୍ବକ ଅପହରଣ ।

**ଲୁଠା** } **ଲୁଠି** } ବି. (ଲୁଠ୍ ଧାତୁଜ) ବଳପୂର୍ବକ ଅପହରଣ, ଚୌର୍ଯ୍ୟ

**ଲୁଟିବା**, କ୍ରି. (ଲୁଟ୍ ଧାତୁଜ) ବଳପୂର୍ବକ ହରଣ-କରିବା, ଜର କରିବା । ଯଥା—

ପଡତ୍ରଭାମଉଧୂତସମ୍ପତ୍ତିକ ସମୂଳ କରି ଲୁଟିଲି । ବ. ଚ.
ଲୁଟିଲି ଯାର କୃପାରେ ମୁକତି ଭଣ୍ଡାର ହେ । କୋ. ବ୍ର. ସୁ.

**ଲୁଠନ**, ବି. (ଲୁଠ୍-ଅନ) ମାଟିରେ ଗଡ଼ିବା ।

**ଲୁଠିବା**, କ୍ରି. (ଲୁଠ୍ ଧାତୁଜ) ମାଟିରେ ଗଡ଼ିବା ।

**ଲୁଣ**, ବି. (ଲବଣ ଶବ୍ଦଜ) ଲବଣ ।

**ଲୁଣି** } **ଲୁଣିଆ** } ବି. (ଦେଶଜ) ଲବଣାକ୍ତ । (ଲୁଣିଆ— ଯେ ଲୁଣ ବ୍ୟବସାୟ କରେ ) ଯଥା—

ଲୁଣି ମଣିଲଣି ମଧୁ ଝରକୁ,
ଶୁଣି ସେ ବଷମ ବଂଶୀସ୍ୱରକୁ । କନ୍ଦର୍ପ ।

**ଲୁଣ୍ଠନ**, ବି. ନ. (ଲୁନ୍‌ଠ୍-ଅନ) ଅପହରଣ, ଭୂମିରେ ଲୋଟିବା ।

**ଲୁଣ୍ଡା**, ବି. (ଦେଶଜ) ଅଗ୍ନି ଅଣିବା ନିମିତ୍ତ କୁଟାବଣ୍ଡାବିଶେଷ ।

**ଲୁଣ୍ଡି**, ବି. (ଦେଶଜ) ତନ୍ତୀମାନଙ୍କର ସୂତା ସଜାଇବା ପ୍ରକ୍ରିୟାବିଶେଷ ।

**ଲୁଣ୍ଠିତ**, ବିଂ. (ଲୁନ୍‌ଠ୍-ତ) ଅପହୃତ, ବଳପୂର୍ବକ ଗୃହୀତ, ଭୂମିରେ ଗଡ଼ିବା ।

**ଲୁଦୁବୁଦୁ**, ବି. (ଦେଶଜ) ଅଗ୍ନିମାନ୍ଦ୍ୟ ରୋଗ ।

**ଲୁହ**, ବି. (ଲୋତକ ଶବ୍ଦଜ) ଚକ୍ଷୁଜଳ ।

**ଲୁହା**, ବି. (ଲୌହ ଶବ୍ଦଜ) ଲୌହ, ଧାତୁ-ବିଶେଷ ।

**ଲୁପ୍ତ**, ବିଂ. (ଲୁପ୍-ତ) ଅନ୍ତର୍ହିତ, ନଷ୍ଟ, ଲୋପ, ପ୍ରାପ୍ତ, ଅଚ୍ଛିନ୍ନ, ଅପହୃତ । କ. ଅପହୃତ ଧନ, ଚୋରି କରିବା ବସ୍ତୁ ।

**ଲୁବ୍ଧ**, କ୍ରି. } **ଲୁବ୍ଧକ**, ପୁଂ. } ବି. (ଲୁଭ୍-ତ, କ) ଲୋଭୀ, କାମୁକ, ବ୍ୟାଧ । ଯଥା—

ତତ୍ର ଲୁବ୍ଧକ ଲୋଭକୁ ପ୍ରକାଶି
ବସ୍ତ୍ରାବୃତ କରଣ ବାହୁପାଶୀ । ପ୍ରେ. ସୁ.

**ଲୁଳିତ**, ବିଂ. (ଲୁଲ୍-ତ) ଚଳିତ, ଆନ୍ଦୋଳିତ, କମ୍ପିତ, ଦୋଳିତ, ମର୍ଦ୍ଦିତ, ରମ୍ୟ ।

**ଲୁଳିବା**, କ୍ରି. (ଲୁଲ୍ ଧାତୁଜ) ଦୋହଲିବା, ଲମ୍ବିବା ।

**ଲୁହ**, ବି. ଲୋତକ ।

**ଲୁହା**, ବି. ଲୌହ, ଧାତୁବିଶେଷ ।

**ଲୂତା**, ବି. ସ୍ତ୍ରୀ. (ଲୂ-ତ-ଆ) ମାକଡ଼ସା, ପିପୀଲିକା ।

**ଲୂନ**, ବିଂ. (ଲୂ-ତ) କର୍ତ୍ତିତ, ଛିନ୍ନ । ଯଥା—

ଅନାଘ୍ରାତ ଫୁଲ ଅନଙ୍ଗ କଲୁନ କଣ୍ଟକସ୍ପୃ ପ୍ରାୟେ ତନୁ ।
ଯ. କେ.

**ଲୂମ**, ବି, ପୁଂ. (ଲୂ-ମ) ଲାଙ୍ଗୁଳ, ପୁଚ୍ଛ, ଲାଞ୍ଜ ।

**ଲୂମବିଷ**, ବି. ପୁଂ. (ଲୂମ-ବିଷ) ଯେଉଁ ପ୍ରାଣି ମାନଙ୍କ ଲାଙ୍ଗୁଳରେ ବିଷ ଅଛି, ବିଛା ପ୍ରଭୃତି ।

**ଲେଉଟାଇବା**, କ୍ରି. (ଦେଶଜ) ଉଲଟାଇବା, ଫେରାଇବା । ଯଥା—

ଲେଉଟାଇଲେ ରଥ ଅଥସ୍ତମନେ । କ. ବ.

**ଲେଉଟିଆ**, ବି. (ଦେଶଜ) ଶାକବିଶେଷ ।

**ଲେଖ**, ବି. ପୁଂ. (ଲିଖ୍-ଅ) ଲିପି, ପତ୍ର, ଚିଟି, ଲିଖନ, ଦେବତା । ଖା-ସ୍ତ୍ରୀ. ଲେଖା, ଲିଖନ ଚିତ୍ରକରଣ, ଚିହ୍ନ, ଶ୍ରେଣୀ, ଲିପି, ସ୍ଥଳୀ । ବିଂ. ଲେଖନୀୟ ।

**ଲେଖକ**, ବି. ପୁଂ. (ଲିଖ୍-ଅକ) ଲିପିକର, ଚିହ୍ନକାରକ ।

**ଲେଖନ**, ବି. ନ. (ଲିଖ୍-ଅନ) ଲିଖନ, ଲେଖା, ଅକ୍ଷରବିନ୍ୟାସ, ଚିତ୍ରକରଣ, ତାଳପତ୍ରରେ ଲେଖିବାର ଲୌହକଲମ, ଅଙ୍କନ । ନୀ ସ୍ତ୍ରୀ. କଲମ, ତୂଳି ।

**ଲେଖନିକ**, ବି. ପୁଂ. (ଲେଖନ-ଇକ) ପତ୍ରବାହକ, ଲେଖହାରକ, ଯେ ସ୍ୱୀୟ ହସ୍ତରେ ଲେଖେ, ଯେ ଅନ୍ୟ ହସ୍ତରେ ଲେଖାଇ ସ୍ୱୟଂ କୌଣସି ଚିହ୍ନଦ୍ୱାରା ତାହାର ସ୍ୱାକ୍ଷର କରେ । ବିଂ. ଲିପିକର, ଚିତ୍ରକର ।

**ଲେଖନୀୟ**, ବିଂ. (ଲିଖ୍-ଅନୀୟ) ଲିଖିତବ୍ୟ, ଲିଖନଯୋଗ୍ୟ, ଲେଖିବାର ଉପଯୁକ୍ତ ।

**ଲେଖାଏଁ**, ଅଂ. (ବିଶେଷ୍ୟ ଶେଷରେ ବ୍ୟବହୃତ) ପରିମାଣରେ, ସଂଖ୍ୟାରେ; ଯଥା—

ଥରକେ ପାଞ୍ଚଜଣ ଲେଖାଏଁ ଆସ ।

**ଲେଖିତ**, ବିଂ. (ଲିଖ୍-ତ) ଯାହା ଲେଖା ହୋଇଅଛି, ଲିପିବଦ୍ଧ, ଚିତ୍ରିତ, ଅଙ୍କିତ ।

**ଲେଖିବା**, କ୍ରି. (ଲେଖ୍-ଧାତୁଜ) ଲିଖନ କରିବା, ଲିପିବଦ୍ଧ କରିବା ।

**ଲେଖ୍ୟ**, ବି. ନ. (ଲିଖ୍-ଯ) ଅକ୍ଷର, ଲେଖିତ ପତ୍ରାଦି ବା ଚିତ୍ରାଦି, ପଟ, ଦଲିଲ, ଦସ୍ତାବିଜ । ବିଂ. ଲେଖନୀୟ, ଲିଖନଯୋଗ୍ୟ ।

**ଲେଙ୍ଗଡ଼ା**, ବିଂ. (ଦେଶଜ) ଖୋଠା ।

**ଲେଙ୍ଗୁଟି**, ବି. (ଦେଶଜ) କୌପୁନୀ, କୌପୀନବତ୍ ବସ୍ତ୍ରଖଣ୍ଡ ।

**ଲେଛିବା**, କ୍ରି. (ପ୍ରାଚୀନ ପଦ୍ୟ) ତ୍ୟାଗ କରିବା, ଛାଡ଼ିବା । ଯଥା—

ପୋଡ଼ୁ ପୋଡ଼ୁ ଏ ଜୀବନ ଲେଛିବା । ଗୋପୀଭାଷା ।

**ଲେଞ୍ଜରା**, ବି. (ଦେଶଜ) ଅଳଆ, ଝାଟିଆ । ବିଂ. ଅଡୁଆ ।

**ଲେଡ଼ି**, ବି. (ଦେଶଜ) କରତଳ । ଯଥା—

ଲେଡ଼ିଗୁଡ଼ି କହ୍ନୁଣୀରୁ ବହୁଗଲା ।

ଗୋଡ଼ି, ଗୋଇଠି ।

**ଲେନ୍ଥା** / **ଲେନ୍ଥି**, ବି. (ଦେଶଜ) ଫଳାଦିର ପୁଞ୍ଜ, ପେନ୍ଥା, ପେଣ୍ଡା ।

**ଲେବରା**, ବି. (ଦେଶଜ) ଚକ୍ଷୁମଳ, ଅକ୍ଷିମଳ ।

**ଲେପ**, ବି. ପୁଂ. (ଲିପ୍-ଅ) ଲେପନ, ପ୍ରଲେପ, ଲେପନସାମଗ୍ରୀ, ଭକ୍ଷ୍ୟଦ୍ରବ୍ୟ, ବିଲେପନ, ଚୂନ, ଭୋଜନ ।

**ଲେପକ**, ବିଂ. (ଲିପ୍-ଅକ) ଲେପକର୍ତ୍ତା, ଲେପନକାରକ । ବି. ପୁଂ. ରାଜମିସ୍ତ୍ରୀ ।

**ଲେପନ**, ବି. ନ. (ଲିପ୍-ଅନ) ବିଲେପନ, ଲେପିବା ।

**ଲେପ୍ୟ**, ବିଂ. (ଲିପ୍-ଯ) ଲେପନଯୋଗ୍ୟ ।

**ଲେଫଡ଼ା**, ବି. (ଦେଶଜ) ଫଳବିଶେଷ, ଦାନ୍ତ ଦେଖାଇବା, ଦନ୍ତହାସ ।

**ଲେଭଡ଼ା**, ବିଂ. (ଦେଶଜ) ଲୋଭୀ, ଲମ୍ପଟ, ନିର୍ଲଜ୍ଜ ।

**ଲେମ୍ବୁ**, ବି. (ଦେଶଜ) ଅମ୍ଳଫଳବିଶେଷ ।

**ଲେଶ**, ବି. ପୁଂ. (ଲିଶ୍-ଅ) ବିନ୍ଦୁ, ଅଳ୍ପ, କ୍ଷୁଦ୍ର, ଶ୍ଳେଷ ।

**ଲେଶିବା**, କ୍ରି. (ଦେଶଜ) ଲେପିବା, ମାଛ ପ୍ରଭୃତି ବୋଳିବା ।

**ଲେହ**, ବି. ପୁଂ. (ଲିହ୍-ଅ) ଲେହନ, ଆସ୍ୱାଦନ, ଚାଟିବା, ଭକ୍ଷଣ । ବିଂ. ଆସ୍ୱାଦ୍ୟ, ଭକ୍ଷ, ଖାଦ୍ୟ । (ଦେଶଜ) ଲେହ୍ୟ ।

ଲେହନ, ବି. ନ. (ଲିହ୍-ଅନ) ଜିହ୍ୱାଦ୍ୱାରା ରସ ଗ୍ରହଣ, ଆସ୍ୱାଦନ, ଗୃଷ୍ଟିବା, ଭକ୍ଷଣ ।

ଲେହୁ, ବି. (ଲେହ୍ୟ ଶବ୍ଦଜ) ଅଠା, ମଣ୍ଡ ।

ଲେହୁବା, କ୍ରି. (ଲିହ୍ ଧାତୁଜ) ଗୃଷ୍ଟିବା ।

ଲେହୀ, ବିଂ. (ଲିହ୍-ଇନ୍) ଆସ୍ୱାଦନକାରୀ, ଲେହନକାରୀ ।

ଲେହ୍ୟ, ବିଂ. (ଲିହ୍-ଯ) ଲେହନୀୟ, ଆସ୍ୱାଦ୍ୟ । ବି. ନ. ଅମୃତ ।

ଲୈଙ୍ଗ, ବି. ନ. (ଲିଙ୍ଗ-ଅ) ଲିଙ୍ଗପୁରାଣ । ବିଂ ଲିଙ୍ଗସମ୍ପର୍କୀୟ ।

ଲୋ, ଅଂ. କୋମଳ ସମ୍ବୋଧନସୂଚକ ଅବ୍ୟୟ ।

ଲୋକ, ବି. ପୁଂ. (ଲୋକ୍-ଅ) ମନୁଷ୍ୟ, ଭୁବନ, ଜଗତ୍, ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ, ଭୂଃ, ଭୁବଃ । ସ୍ୱଃ, ମହଃ, ଜନଃ, ତପଃ, ସତ୍ୟଂ ଏ ସପ୍ତଲୋକ, ଦୃଷ୍ଟି, ସମୂହ ।

ଲୋକଚକ୍ଷୁଃ } ବି. ପୁଂ. (ଲୋକ-ଚକ୍ଷୁସ୍;
ଲୋକଲୋଚନ } ଲୋଚନ) ଦିବାକର, ସୂର୍ଯ୍ୟ ।

ଲୋକଜିତ୍, ବି. ପୁଂ. (ଲୋକ-ଜିତ୍) ବୁଦ୍ଧଦେବ ।

ଲୋକନ, ବି, ନ. (ଲୋକ୍-ଅନ) ଅବଲୋକନ, ଦର୍ଶନ, ଦେଖିବା, ଦୃଷ୍ଟି କରିବା ।

ଲୋକନାଥ, ବି. ପୁଂ. (ଲୋକ-ନାଥ) ବ୍ରହ୍ମା, ବିଷ୍ଣୁ, ଶିବ, ରାଜା ।

ଲୋକପାଳ, ବି. ପୁଂ. (ଲୋକ-ପାଳ) ନୃପ, ରାଜା ଅଷ୍ଟଦିଗପାଳ—ଇନ୍ଦ୍ର, ଅଗ୍ନି, ଯମ, ବରୁଣ, ନୈର୍ଋତ, ବାୟୁ, କୁବେର, ଶିବ ।

ଲୋକପ୍ରବାଦ } ବି. ପୁଂ. (ଲୋକ-ପ୍ରବାଦ,ବାଦ)
ଲୋକବାଦ } କିମ୍ବଦନ୍ତୀ, ଜନଶ୍ରୁତି, ଯାହା ସଚରାଚର ଲୋକେ କହନ୍ତି ।

ଲୋକବାନ୍ଧବ, ବି. ପୁଂ. (ଲୋକ-ବାନ୍ଧବ) ସୂର୍ଯ୍ୟ, ଦିବାକର ।

ଲୋକମାତା, ବି. ସ୍ତ୍ରୀ. (ଲୋକ-ମାତୃ) ଲକ୍ଷ୍ମୀ, କମଳା ।

ଲୋକଯାତ୍ରା, ବି. ସ୍ତ୍ରୀ. (ଲୋକ-ଯାତ୍ରା) ସଂସାର ଯାତ୍ରା, ଜୀବନ ।

ଲୋକରଞ୍ଜନ, ବି. ନ. (ଲୋକ-ରଞ୍ଜନ) ଲୋକର ପ୍ରୀତି ସମ୍ପାଦନ, ଲୋକଙ୍କୁ ସନ୍ତୁଷ୍ଟ କରିବା ।

ଲୋକସାନ୍, ବି. (ଯାବନିକ) କ୍ଷତି ।

ଲୋକହସା, ବି. (ଦେଶଜ) ଉପହାସ, ହଟହଟା । ବିଂ. ଉପହସିତ ।

ଲୋକାନ୍ତର, ବି. ନ. (ଲୋକ-ଅନ୍ତର) ପରଲୋକ, ଅନ୍ୟଲୋକ, ସ୍ୱର୍ଗ ।

ଲୋକାନ୍ତରିତ, ବି. (ଲୋକାନ୍ତର-ଇତ) ପରଲୋକଗତ, ମୃତ ।

ଲୋକାରଣ୍ୟ, ବି.ନ. (ଲୋକ-ଅରଣ୍ୟ) ଲୋକସମୂହ, ଜନତା ।

ଲୋକାଲୋକ, ବି. ପୁଂ. (ଲୋକ-ଅଲୋକ) ବ୍ରହ୍ମାଣ୍ଡବେଷ୍ଟନକାରୀ ପର୍ବତବିଶେଷ ।

ଲୋକେଶ, ବି. ପୁଂ. (ଲୋକ-ଈଶ) ବ୍ରହ୍ମା ।

ଲୋକୋତ୍ତର, ବିଂ. (ଲୋକ-ଉତ୍ତର) ଅଲୌକିକ, ଲୋକାତୀତ, ଅସାମାନ୍ୟ, ଅସାଧାରଣ ।

ଲୋଚ, ବି. ନ. (ଲୋଚ୍-ଅ) ଅଶ୍ରୁ, ରୋଦନ ବାରି ।

ଲୋଚକ, ବି. ପୁଂ. (ଲୋଚ୍-ଅକ) ଚକ୍ଷୁତାରା, କଜ୍ଜ୍ୱଳ, ମାଂସପିଣ୍ଡ, ସ୍ତ୍ରୀମାନଙ୍କର ଲଲାଟଭୂଷଣ, ନିର୍ମୋକ, ଭ୍ରୂଭଙ୍ଗ, ନିର୍ବୁଦ୍ଧିତା, ନୀଳବସ୍ତ୍ର, କର୍ଣ୍ଣଭୂଷଣ, କଦଳୀ, ଭ୍ରୂ,ଶ୍ଲଥଚର୍ମ ।

ଲୋଚନ, ବି. ନ. (ଲୋଚ୍-ଅନ) ନୟନ, ଚକ୍ଷୁ, ଦର୍ଶନ, ଆଲୋଚନା । ପୁଂ. ସୂର୍ଯ୍ୟ । ସ୍ତ୍ରୀ. ବୁଦ୍ଧଶକ୍ତିଭେଦ ।

ଲୋଛା, ବି. (ଦେଶଜ) ଲମ୍ପଟ, କାମୁକ ।

ଲୋଟଣି } ବିଂ. (ଦେଶଜ) ଲେଉଟିଥିବା,
ଲୋଟଣିଆ } ଯେ ଲେଉଟେ ବା କହଳାଏ ।
ଯଥା—
ଲୋଟଣି ପାରା ।

ଲୋଟା, ବି. (ଦେଶଜ) ଢାଳ, ଜଳପାତ୍ର ବିଶେଷ ।

ଲୋଟିବା, କ୍ରି. (ଲୁଣ୍ଠନ ଶବ୍ଦଜ) ଗଡ଼ିବା । ଯଥା–
ମୂର୍ଚ୍ଛେ କର ମାର ବଧିକ ଧ୍ୱଜ ର ଧସରେ ଲୋଟିଲେ ଧନ୍ୟା ।

ଲୋଡ଼ା, ବିଂ. (ଦେଶଜ) ପ୍ରୟୋଜନୀୟ । ଯଥା—
ଏକାଳେ ସ୍ତ୍ରୀ ହସ ଚୋର ଲୋଡ଼ା ଅବଶ୍ୟ । କ. ବ.

ଲୋଡ଼ିବା, କ୍ରି. (ଦେଶଜ) ଖୋଜିବା, ଇଚ୍ଛା କରିବା ।

ଲୋଡରା, ବିଂ. (ଦେଶଜ) ଲୋଳିତ, କ୍ଲାନ୍ତ ।

ଲୋଧ, ଲୋଧ୍ର } ବି. ପୁଂ. ( ଲୁଧ୍-ଅ, ର ) ଶ୍ୱେତବର୍ଣ୍ଣ ବୃକ୍ଷବିଶେଷ ।

ଲୋପ, ବି. ପୁଂ. (ଲୁପ୍-ଅ) ଅପଚୟ, ଭ୍ରଂଶ, ନାଶ, ଛେଦନ, ଅଭାବ, ତିରୋଧାନ, ଅନ୍ତର୍ଦ୍ଧାନ, ଅଦର୍ଶନ ।

ଲୋପାମୁଦ୍ରା, ବି. ସ୍ତ୍ରୀ. (ଲୋପ-ଅମୁଦ୍ରା) ଅଗସ୍ତ୍ୟପତ୍ନୀ ।

ଲୋଭ, ବି. ପୁଂ. (ଲୁଭ୍-ଅ) ଲିପ୍ସା, ଆକାଂକ୍ଷା, ପରଦ୍ରବ୍ୟ ଗ୍ରହଣରେ ଅଭିଲାଷ ।

ଲୋଭନୀୟ, ବିଂ. (ଲୁଭ-ଅନୀୟ) ଲୋଭଜନକ, ସ୍ପୃହଣୀୟ, କାଙ୍କ୍ଷ୍ୟା, ପ୍ରାର୍ଥ୍ୟ ।

ଲୋଭି, ବିଂ. (ଲୁଭ୍ ଧାତୁଜ) ଲୁବ୍ଧ, ଲୋଭୀ ।

ଲୋଭୀ, ବିଂ. ( ଲୋଭ-ଇନ୍ ) ଲୋଭବିଶିଷ୍ଟ, ଲୋଲୁପ, ଲୁବ୍ଧ ।

ଲୋଭେଇବା, କ୍ରି. (ଲୁଭ୍ ଧାତୁଜ) ଲୋଭ କରିବା ।

ଲୋଭ୍ୟ, ବିଂ. (ଲୁଭ୍-ଯ) ଲୋଭନୀୟ, ଲୋଭିତ ।

ଲୋମ, ବି. ପୁଂ. (ଲୂ-ମନ୍) ଶରୀରଜାତ କେଶ । ନ. ପୁଚ୍ଛ, ଲାଙ୍ଗୁ ।

ଲୋମକର୍ଣ୍ଣ, ବି. ପୁଂ. (ଲୋମନ୍-କର୍ଣ୍ଣ) ଶଶକ, ଠେକୁଆ । ବିଂ. ଲୋମଯୁକ୍ତ କର୍ଣ୍ଣବିଶିଷ୍ଟ ।

ଲୋମକୂପ, ବି. ପୁଂ (ଲୋମ-କୂପ) ରୋମାଧାର, ଲୋମମୂଳର ବିନ୍ଦୁ ଆକାର ଗର୍ତ୍ତ ।

ଲୋମଜ, ବିଂ. ( ଲୋମନ୍-ଜ ) ପଶମୀ ଲୁଗା ପ୍ରଭୃତି ।

ଲୋମପାଦ, ବି. ପୁଂ. ଅଙ୍ଗଦେଶୀୟ ନରପତିବିଶେଷ, ଋଷ୍ୟଶୃଙ୍ଗ ମୁନିଙ୍କ ଶ୍ୱଶୁର ।

ଲୋମଶ, ବିଂ. (ଲୋମନ୍-ଶ) ଲୋମବିଶିଷ୍ଟ । ବି. ପୁଂ. ମୁନିବିଶେଷ, ମେଷ ।

ଲୋମହର୍ଷଣ, ବି. ନ. (ଲୋମ-ହର୍ଷଣ) ରୋମାଞ୍ଚ । ପୁଂ. ପୁରାଣବକ୍ତା ମୁନିବିଶେଷ, ସୂତ ।

ଲୋମାଞ୍ଚ, ବି. ପୁଂ.(ରୋମନ୍-ଅଞ୍ଚ-ଅ)ରୋମାଞ୍ଚ, ପୁଲକ, ରୋମୋଦ୍ଗମ ।

ଲୋଲ, ବିଂ. (ଲୋଡ୍-ଅ) ଚଞ୍ଚଳ, ଚଳିତ, ଇଚ୍ଛୁକ । ଯଥା—
କାଦମ୍ବିନୀ ଖେଳେ ଗଗନେ ଧୀରସମୀରେ ଲୋଲା । ଚ. ଭା.

ଲୋଲା, ବି. (ଦେଶଜ) ବେତ୍ରାଦି ଆଘାତର ଚିହ୍ନ ବା ଦାଗ ।

ଲୋଲାୟମାନ, ବିଂ. ( ଲୋଲ-ଆୟ-ଶାନ ) ଦୋଲାୟମାନ ।

ଲୋଳିତ, ବିଂ. (ଲୁଲ୍-ଇ-ତ) ଚଳିତ, ଚଞ୍ଚଳ, କମ୍ପମାନ, ଶ୍ଳଥ ।

ଲୋଲୁପ, ଲୋଲୁଭ } ବି. ପୁଂ. ( ଲୁପ୍,ଲୁଭ୍-ଅ ) ଅତି-ଲୋଭୀ, ଅଭିଳାଷୀ, ଇଚ୍ଛୁକ, ଆସକ୍ତ ।

ଲୋଷ୍ଟ୍ର, ବି. ପୁଂ. ନ. (ଲୋଷ୍ଟ୍-ର) ଢେଲା, ଚେଲା ।

ଲୋହ, ବି. ପୁଂ. ନ. (ଲୂ-ହ) ଲୌହ, ଲୁହା, ଅସ୍ତ୍ରବିଶେଷ, ଧାତୁ, ଶୋଣିତ, ରକ୍ତ, ରକ୍ତଚନ୍ଦନ । ନ. ଅଗରୁ ।

ଲୋହକାନ୍ତ, ବି. ନ. (ଲୋହ-କାନ୍ତ) ଅୟସ୍କାନ୍ତମଣି, ଚୁମ୍ବକ ପଥର ।

ଲୋହକାର, ବି. ପୁଂ. (ଲୋହ-କାର) କର୍ମକାର, କମାର ।

ଲୋହପୃଷ୍ଠ, ବି. ପୁଂ. (ଲୋହ-ପୃଷ୍ଠ) ପକ୍ଷୀବିଶେଷ, କଙ୍କପକ୍ଷୀ ।

ଲୋହମୟ, ବିଂ. (ଲୋହ-ମୟ) ଲୌହଦ୍ୱାରା ପ୍ରସ୍ତୁତ, ଲୌହନିର୍ମିତ ।

ଲୋହୁ, ବି. ( ଦେଶଜ ) ଲୋମନିର୍ମିତ ବସ୍ତ୍ରବିଶେଷ ।

**ଲୋହିତ**, ବଂ. (ରୁହ୍-ଇତ, ରୁ = ଲୁ) ରକ୍ତବର୍ଣ୍ଣ ଯୁକ୍ତ । ବି. ପୁଂ. ରକ୍ତବର୍ଣ୍ଣ, ମଯୂର, ରକ୍ତାକ୍ତ, ମଙ୍ଗଳଗ୍ରହ, ରୋହିମାଛ, ମୃଗବିଶେଷ, ସର୍ପ । ନ. ଶୋଣିତ, ଯୁଦ୍ଧ, ରୁଧିର, କୁଙ୍କୁମ, ରକ୍ତ-ଚନ୍ଦନ ।

**ଲୋହିତକ**, ବି. ପୁଂ. (ଲୋହିତ-କ) ମଙ୍ଗଳଗ୍ରହ, ପଦ୍ମରାଗମଣି । ନ. ପିତ୍ତଳ ।

**ଲୋହିତଚନ୍ଦନ**, ବି. ନ (ଲୋହିତ-ଚନ୍ଦନ) ରକ୍ତଚନ୍ଦନ, କୁଙ୍କୁମ ।

**ଲୋହିତାକ୍ଷ**, ବି. ପୁଂ (ଲୋହିତ-ଅକ୍ଷି) ବିଷ୍ଣୁ, କୋକିଳ । ବଂ. ଯାହାର ଚକ୍ଷୁ ରକ୍ତବର୍ଣ୍ଣ ।

**ଲୋହିତାଙ୍ଗ**, ବି. ପୁଂ. (ଲୋହିତ-ଅଙ୍ଗ) ମଙ୍ଗଳଗ୍ରହ ।

**ଲୌକିକ**, ବଂ. (ଲୋକ-ଇକ) ଲୋକସମ୍ବନ୍ଧୀୟ, ମାନୁଷିକ, ପାର୍ଥିବ, ସାଂସାରିକ ।

**ଲୌଲ୍ୟ**, ବି. ନ. (ଲୋଲ-ଯ) ଚଞ୍ଚଳତା, ସ୍ପୃହା, ଲୋଭ, କାମନା, ଚପଳତା (ଲଳିତ୍ୟ ଶବ୍ଦର) କୋମଳତା, ସୁରସତା, ରମ୍ୟତା । ଯଥା—

ଲଳିତ୍ୟରେ ହାରି ଶାରୁ ବନେ ଗଲା । ବି. ଚି,

**ଲୌହ**, ବି. ପୁଂ. ନ. (ଲୋହ-ଅ) ଧାତୁବିଶେଷ, ଲୋହା । ବଂ. ଲୌହନିର୍ମିତ ।

**ଲୌହବର୍ତ୍ମ**, ବି. ନ. (ଲୌହ-ବର୍ତ୍ମନ୍) ଲୌହ-ନିର୍ମିତ ପଥ, ରେଲୱେ ।

**ଲୌହଭାଣ୍ଡ**, ବି. ପୁଂ. (ଲୌହ-ଭାଣ୍ଡ) ଟିହମାମ-ଦିସ୍ତା । ନ. ଲୌହନିର୍ମିତ ଭାଣ୍ଡ ।

**ଲୌହିତ୍ୟ**, ବି. ନ. (ଲୋହିତ-ଯ) ରକ୍ତବର୍ଣ୍ଣ । ତ୍ୟା-ସ୍ତ୍ରୀ. ବ୍ରହ୍ମପୁତ୍ର ନଦୀ, ରକ୍ତସମୁଦ୍ର । ଯଥା—

ଲୌହିତ୍ୟା ତୀରରେ ଯୌଧ ପ୍ରାଗ୍‌ଜ୍ୟୋତିଷ ପୁର । ମ. ଯା,

— — — —

# ବ

**ବ**, (ଅନ୍ତଃସ୍ଥ-ଦନ୍ତୌଷ୍ଠ୍ୟ) ବ୍ୟଞ୍ଜନବର୍ଣ୍ଣର ଊନତ୍ରିଂଶ ବର୍ଣ୍ଣ । ବି. ପୁଂ. (ବା = ଗମନ କରିବା-ଅ) ବାୟୁ, ବରୁଣ, ବାହୁ, ବରୁଣାଳୟ, ବକ୍ଷଃସ୍ଥଳ, ସାନ୍ତ୍ୱନା । ନ. ମନ୍ତ୍ରବିଶେଷ, ବସନ । ଅଂ. ସାଦୃଶ୍ୟ ।

**ବଂଶ**, ବି. ପୁ. (ବମ୍-ଶ) କୁଳ, ଗୋତ୍ର, ଏକ ଗୋତ୍ରୋତ୍ପନ୍ନ, ପୂର୍ବପୁରୁଷ ବା ସନ୍ତାନ, (ବନ୍-ଶୀ-ଅ) ବଂଶ, ବାଉଁଶ । ଯଥା—

ବଂଶ ନଳୀରେ ରଖି ଲେଖି ବସନ ଦେଲେ ସୀତା ପାଇଁ ଆଣି ।
ବୈ, ବ;

ସ୍ୱରବିଶେଷ, ସମୂହ, ବର୍ଗ, ନାସାବିବର, ଗର୍ବ, ଗୃହର ଊର୍ଦ୍ଧ୍ୱ କାଷ୍ଠ, ପୃଷ୍ଠଦଣ୍ଡ, ଇକ୍ଷୁ, ଶାଳବୃକ୍ଷ ।

**ବଂଶକ**, ବି. ପୁଂ. (ବଂଶ-ଅକ) ମତ୍ସ୍ୟବିଶେଷ, ଇକ୍ଷୁବିଶେଷ । ନ. ଅଗୁରୁଚନ୍ଦନ ।

**ବଂଶକ୍ଷୀରୀ**, ବି. ସ୍ତ୍ରୀ. (ବଂଶ-କ୍ଷୀର) ବଂଶଲୋଚନା ।

**ବଂଶଜ**, ବଂ. (ବଂଶ-ଜନ୍-ଅ) ସଦ୍‌ବଂଶଜାତ, ସତ୍‌କୁଳୋଦ୍ଭବ । ପୁଂ. ବେଣୁଯବ । ଜା-ସ୍ତ୍ରୀ-ବଂଶଲୋଚନା ।

**ବଂଶଧର**, ବଂ. (ବଂଶ-ଧୃ-ଅ) କୁଳରକ୍ଷକ, ବଂଶପ୍ରବର୍ତ୍ତକ, ବଂଶର ସ୍ଥାପୟିତା, ସନ୍ତାନ ।

**ବଂଶନାଳିକା**, ବି. ସ୍ତ୍ରୀ. (ବଂଶ ନାଳ-ଇକ-ଅ) ବଂଶୀ ।

**ବଂଶପତ୍ରକ**, ବି. ପୁଂ. (ବଂଶ-ପତ୍ର-କ) ବାଁଶ-ପତ୍ରିଆ ମାଛ, ନଳ । ନ. ହରିତାଳ ।

**ବଂଶପୁଷ୍ପା**, ବି. ସ୍ତ୍ରୀ. ସହଦେଈ ଲତା ।

**ବଂଶପୂରକ**, ବି. ନ. ଇକ୍ଷୁମୂଳ ।

**ବଂଶମର୍ଯ୍ୟାଦା**, ବି. ସ୍ତ୍ରୀ. କୁଳକ୍ରମାଗତ ମର୍ଯ୍ୟାଦା, ରାଜଦତ୍ତ ଉପାଧି ।

ବଂଶରୋଚନା } ବି. ସ୍ତ୍ରୀ. (ବଂଶ-ରୁଚ୍-ଅନ-ଆ)
ବଂଶଲୋଚନା } ବାଉଁଶ ପଗର ଅଭ୍ୟନ୍ତ-
ବଂଶଶର୍କରା, } ରୋତ୍ପନ୍ନ ଶ୍ୱେତବର୍ଣ୍ଣ ଔଷଧ-
ବିଶେଷ, ବଂଶଲୋଚନ ।

ବଂଶସ୍ଥ, ବି.ନ. (ବଂଶ-ସ୍ଥା-ଅ) ଛନ୍ଦୋବିଶେଷ । ବିଂ. ବଂଶରେ ସ୍ଥିତ ।

ବଂଶାଗ୍ର, ନ. } ବି. (ବଂଶ-ଅଗ୍ର, ଅଙ୍କୁର)
ବଂଶାଙ୍କୁର, ପୁଂ. } ବାଉଁଶ ଗଜା ।

ବଂଶାନୁଚରିତ, ବି. ନ. (ବଂଶ-ଅନୁ-ଚରିତ) ବଂଶର ଚରିତ୍ର ବର୍ଣ୍ଣନ, ପୁରାଣରେ ପଞ୍ଚଲକ୍ଷଣାନ୍ତର୍ଗତ ଲକ୍ଷଣବିଶେଷ ।

ବଂଶାବଳୀ, ବି. ସ୍ତ୍ରୀ. (ବଂଶ-ଆବଳୀ) ପୂର୍ବପୁରୁଷମାନଙ୍କର ନାମାବଳୀ ।

ବଂଶିକ, ବି. ନ. (ବଂଶ-ଇକ) ଅଗୁରୁ । ବିଂ. ବଂଶୋଦ୍ଭବ । କା-ସ୍ତ୍ରୀ. ମୁରଲୀ, ବେଣୁ, ବଂଶୀ ।

ବଂଶୀ, ବି. ସ୍ତ୍ରୀ (ବଂଶ ଈ) ବେଣୁ, ମୁରଲୀ ।

ବଂଶୀଧର, ବି. ପୁଂ. (ବଂଶୀ-ଧୃ-ଅ) କୃଷ୍ଣ, ବଂଶୀଧାରୀ ।

ବଂଶୀୟ } ବିଂ. (ବଂଶ-ଈୟ, ଯ) ବଂଶୋଦ୍ଭବ,
ବଂଶ୍ୟ } ସଦ୍‌ବଂଶଜାତ, ସମ୍ଭ୍ରାନ୍ତ, ଛଦ୍ମବେଶୀ ।

ବକ, ବି. ପୁଂ. (ବଚ-ଅ—ଯେ ମତ୍ସ୍ୟଖାଦକ ବୋଲି କଥିତ ହୁଏ; ବନ୍‌କ୍ = କୁଟିଳ ହେବା-ଅନ୍-କ—ଯେ ବକ୍ରଭାବରେ ଗମନ କରେ) ସ୍ୱନାମପ୍ରସିଦ୍ଧ ଜଳଚର ପକ୍ଷିବିଶେଷ, ପୁଷ୍ପବୃକ୍ଷବିଶେଷ, ଗଇଶବୃକ୍ଷ । ଯଥା—

ବକପୁଷ୍ପମାଳା ମାଳକା ବକ୍ରପୃଷ୍ଠ ଶୃଙ୍ଗଡ଼ାରୁ ଟେଙ୍କଲ ଦୃଶ୍ୟ ।
ବୈ; ବ;

ବକୁଲବୃକ୍ଷ, ଦୈତ୍ୟବିଶେଷ, ବକାସୁର, କୁବେର, ଯକ୍ଷବିଶେଷ ।

ବକଜିତ୍
ବକନିସୂଦନ } ବି. ପୁଂ. (ବକ-ଜିତ୍, ନିସୂଦନ,
ବକବୈରୀ } ବୈରିନ୍) ଭୀମ, କୃଷ୍ଣ ।

ବକପଞ୍ଚକ, ବି.ନ. କାର୍ତ୍ତିକ ଶୁକ୍ଳପକ୍ଷର ଏକାଦଶୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଞ୍ଚ ତିଥି ।

ବକମ୍, ବି. (ଦେଶଜ) ରକ୍ତବର୍ଣ୍ଣ କାଷ୍ଠବିଶେଷ ।

ବକବୃତ୍ତି } ବିଂ. (ବକ-ବୃତ୍ତି, ବ୍ରତ-ଇନ୍) ବଞ୍ଚକ,
ବକବ୍ରତୀ } ଶଠ । ବି. ପୁଂ. ଭଣ୍ଡ, ଧୂର୍ତ୍ତ ଓ ସ୍ୱାର୍ଥପର ବ୍ୟକ୍ତି ।

ବକୟା, ବି. (ଯାବନିକ) ଅବଶେଷ, ବାକି ।

ବକର } ବି. (ଦେଶଜ) କପାବୃକ୍ଷର ଫଳ,
ବକଡ଼ା } ବଲ୍କଲ ।

ବକରୀ, ବିଂ. (ବର୍କରୀ ଶବ୍ଦଜ) ଛାଗୀ, ସ୍ତ୍ରୀ ଛାଗ ।

ବକାର, ବି. ପୁଂ. ଶ୍ରୀକୃଷ୍ଣ ।

ବକୁଲ, ବି. ପୁଂ. (ବଚ୍-ଉଲ) ପୁଷ୍ପବୃକ୍ଷବିଶେଷ, ବକୁଲଗଛ ।

ବକେରୁକା, ବି. ସ୍ତ୍ରୀ. (ବକ-ଈର-ଉକ) ବକପଂକ୍ତି, ବଲାକା ।

ବକ୍ତବ୍ୟ, ବିଂ. (ବଚ୍-ତବ୍ୟ) ବଚନୀୟ, କଥନୀୟ, ବୋଲିବାର ଯୋଗ୍ୟ, ନିନ୍ଦନୀୟ । ବି. ନ. କଥନବାକ୍ୟ, ନିନ୍ଦା ।

ବକ୍ତା, ବିଂ. (ବଚ୍-ତୃ) ବାକ୍‌ପଟୁ, ବକ୍ତୃତାଶକ୍ତିଯୁକ୍ତ ।

ବକ୍ତୃତା, ବି. ସ୍ତ୍ରୀ, (ବକ୍ତୃ-ତା) ବାକ୍‌ପଟୁତା, ବାକ୍‌ବିନ୍ୟାସ ।

ବକ୍ତ୍ର, ବି. ନ. (ବଚ୍-ତ୍ର) ମୁଖ, ଆନନ, ବଦନ, ଆସ୍ୟ ।

ବକ୍ତ୍ରଖୁର, ବି. ପୁଂ. (ବକ୍ତ୍ର-ଖୁର) ଦନ୍ତ ।

ବକ୍ତ୍ରଜ, ବି. ପୁଂ. (ବକ୍ତ୍ର-ଜନ୍-ଅ) ବ୍ରାହ୍ମଣ । ବିଂ. ମୁଖଜାତ ।

ବକ୍ତ୍ରତାଲ, ବି. ନ. ମୁଖବାଦ୍ୟ ।

ବକ୍ତ୍ରଭେଦୀ, ବି. ପୁଂ. (ବକ୍ତ୍ର-ଭେଦିନ୍) ତିକ୍ତରସ । ବିଂ. ମୁଖବିଦାରକ ।

ବକ୍ତ୍ରବାସ, ବି. ପୁଂ. (ବକ୍ତ୍ର-ବାସି-ଅ) ନାରଙ୍ଗ, ମୁଖଗନ୍ଧ ।

**ବକ୍ର,** ବି. ନ' (ବନ୍କ୍-ର) ନଦୀର ବାଙ୍କ । ବିଂ. କୁଟିଳ, ବଙ୍କା, କ୍ରୂର, ଶଠ । ପୁଂ. ଶନିଗ୍ରହ, ବକ୍ରଗତିବିଶିଷ୍ଟ ଗ୍ରହ, ମଙ୍ଗଳଗ୍ରହ, ରୁଦ୍ର, ତ୍ରିପୁରାସୁର ।

**ବକ୍ରକଣ୍ଟ / ବକ୍ରକଣ୍ଟକ** } ବି ପୁଂ. ବଦରବୃକ୍ଷ, କୁଟିଳ-କଣ୍ଟକ, ଖଦିରବୃକ୍ଷ ।

**ବକ୍ରଗ୍ରୀବ,** ବି. ପୁଂ. (ବକ୍ର-ଗ୍ରୀବା) ଉଷ୍ଟ୍ର, ଓଟ । ବିଂ. ଯାହାର ଗଳା ବଙ୍କା ।

**ବକ୍ରଚଞ୍ଚୁ / ବକ୍ରତୁଣ୍ଡ** } ବି. ପୁଂ. ( ବକ୍ର-ଚଞ୍ଚୁ, ତୁଣ୍ଡ ) ଶୁକପକ୍ଷୀ ।

**ବକ୍ରଦଂଷ୍ଟ୍ର,** ବି. ପୁଂ. ( ବକ୍ର-ଦଂଷ୍ଟ୍ରା ) ଶୂକର, ବରାହ ।

**ବକ୍ରନକ୍ର,** ବି. ପୁଂ. (ବକ୍ର-ନକ୍ର) ପିଶୁନ, ଖଳ, ଶୁକପକ୍ଷୀ ।

**ବକ୍ରନାସିକ,** ବି. ପୁଂ. (ବକ୍ର-ନାସିକା) ପେଚକ । ବିଂ. ଯାହାର ନାସିକା ବଙ୍କା ।

**ବକ୍ରପୁଚ୍ଛ,** ବି. ପୁଂ. ସ୍ତ୍ରୀ. (ବକ୍ର-ପୁଚ୍ଛ) କୁକ୍କୁର ।

**ବକ୍ରପୁଷ୍ପ,** ବି. ପୁଂ. ବକବୃକ୍ଷ, ପଳାଶବୃକ୍ଷ ।

**ବକ୍ରଲାଙ୍ଗୁଳ,** ବି. ପୁଂ. (ବକ୍ର-ଲାଙ୍ଗୁଳ) କୁକ୍କୁର । ନ. ବକ୍ରପୁଚ୍ଛ ।

**ବକ୍ରବକ୍ତ୍ର,** ବି ପୁଂ. (ବକ୍ର-ବକ୍ତ୍ର) ଶୂକର । ବିଂ. ଯାହାର ମୁଖ ବଙ୍କା ।

**ବକ୍ରାଙ୍ଗ,** ବି. ପୁଂ. ( ବକ୍ର-ଅଙ୍ଗ ) ହଂସ । ନ. ବଙ୍କା ଅଙ୍ଗ । ବିଂ. କୁଟିଳ ଅବୟବଯୁକ୍ତ ।

**ବକ୍ରି.** ବିଂ. (ବ-କ୍ରି) ମିଥ୍ୟାବାଦୀ, ଅନୃତଭାଷୀ ।

**ବକ୍ରୋକ୍ତି.** ବି. ସ୍ତ୍ରୀ. ( ବକ୍ର-ଉକ୍ତି ) ବ୍ୟଙ୍ଗୋକ୍ତି, ଦ୍ୱ୍ୟର୍ଥୋକ୍ତି, କାବ୍ୟର ଅଲଙ୍କାରବିଶେଷ ।

**ବକ୍ଷଃ,** ବି. ନ. (ବକ୍ଷ-ଅସ୍) ଉରଃସ୍ଥଳ, ହୃଦୟ ।

**ବକ୍ଷୋଜ / ବକ୍ଷୋରୁହ** } ବି. ପୁଂ. ସ୍ତ୍ରୀ. ( ବକ୍ଷସ୍-ଜନ୍-ଅ, ରୁହ-ଅ ) ପୟୋଧର, ସ୍ତ୍ରୀ-ସ୍ତନ ।

**ବକ୍ଷ୍ୟମାଣ,** ବିଂ. (ବଚ୍-ସ୍ୟମାନ) ଯାହା ବୋଲା-ଯିବ, ବକ୍ତବ୍ୟ ।

**ବକ୍‌ଶିଶ୍,** (ଯାବନିକ) ଦାନ, ପାରିତୋଷିକ ।

**ବଖଣ୍ଡିଆ,** ବିଂ. ( ଦେଶଜ ) ଦୁଇଖଣ୍ଡକାଷ୍ଠ । ଖେଚଡ଼ା ।

**ବଖରା,** ବି. ( ଦେଶଜ ) ବାଣ୍ଟ, ଭାଗ, ଗୃହର ପ୍ରକୋଷ୍ଠ ।

**ବଖାଣିବା,** କ୍ରି. ଦେଶଜ) କହିବା । ଯଥା—

ଅନୁକ୍ଷଣେ ମେଘେ ଚୋରୁଥିଲେ ମୋର ସୁନ୍ଦରପଣ ବଖାଣି ।
ପାବଙ୍ଗ ।

**ବଗ,** ବି. (ବକ ଶବ୍ଦଜ) ମତ୍ସ୍ୟପ୍ରିୟ ଜଳଚର ଜୀବ, ବଗ ।

**ବଗଚରା,** ବି. ( ଦେଶଜ ) ପୋଖରୀ ପ୍ରଭୃତିର କୂଳବର୍ତ୍ତୀ ଯେଉଁ ଅଂଶରେ ବଗମାନେ ଚରନ୍ତି, ପୋଖରୀର କୂଳବର୍ତ୍ତୀ ଅଖୋଦିତ ଅଂଶ ।

**ବଗଡ଼,** ବି. (ଦେଶଜ) ଢାରଜ, ଅଶ୍ଳୀଳଭାଷୀ ।

**ବଗଡ଼ା,** ବିଂ. (ଦେଶଜ) ମୋଟା । ଯଥା—

ଯାକୁ ମିଳଇ ଦିବ୍ୟ ଶାଳି ଅନ୍ନ;
ତାର ବଗଡ଼ା ଭାତେ କାହିଁ ମନ । ଗୋ. ଭ.

**ବଗଲ,** ବି. (ଯାବନିକ) ବାହୁମୂଳ ।

**ବଗଳାମୁଖୀ / ବଗଳା** } ବି. ସ୍ତ୍ରୀ. ଦଶ ମହାବିଦ୍ୟାନ୍ତର୍ଗତ ଦେବୀବିଶେଷ ।

**ବଗା,** ବି. ଓ ବିଂ. (ଦେଶଜ) ଓଲୁ, ନିର୍ବୋଧ ।

**ବଗାହ,** ବି. ପୁଂ. (ଅବ-ଗାହ୍-ଅ) ଅବଗାହନ, ମାର୍ଜନ, ସ୍ନାନ ।

**ବଗିଚ୍ଛ,** ବି. (ଯାବନିକ) ଉଦ୍ୟାନ ।

**ବଗୀ,** ବି. ( ଦେଶଜ ) ଘୋଡ଼ାଦ୍ୱାରା ଚାଳିତ ଯାନବିଶେଷ, ଅଶ୍ୱରଥ ।

**ବଗୁଲିଆ,** ବି. ଓ ବିଂ. (ଦେଶଜ) ଅସତ୍, ଚପଳ, ଠକ, ଭଣ୍ଡ, ଯାହାର କଥା ଓ କାର୍ଯ୍ୟରେ ଠିକଣା ନ ଥାଏ ।

**ବଘାରିବା,** କ୍ରି. ( ଦେଶଜ) ବ୍ୟଞ୍ଜନାଦି ଘୃତ ଓ ମସଲା ଦ୍ୱାରା ସୁସ୍ୱାଦ ଓ ସୁବାସିତ କରିବା, ଛୁଙ୍କିବା ।

**ବଙ୍କ,** ବି. ପୁଂ. (ବନ୍କ୍-ଅ) ବକ୍ର, ବଙ୍କା ।

**ବଙ୍କା,** ବିଂ. ( ବକ୍ର ଶବ୍ଦଜ ) କୁଟିଳ, ବକ୍ର ।

ବଙ୍କିମ, ବଂ. (ଦେଶଜ) ବଙ୍କା । ଯଥା—

ଧରନ୍ତି ଅଗସ୍ତି ଦ୍ରୁମ କୁସୁମମଞ୍ଜରୀ
ବଙ୍କିମ ଦଶଇ ଯାହା ବାଳଇନ୍ଦୁ ପରି । ଗନ୍ଧମାଳା

ବଙ୍କୁ, ବଂ. (ଦେଶଜ) ବକ୍ର, କୁଟିଳ । ଯଥା— ବଙ୍କୁନେଣୀ ।

ବଂକ୍ଷଣ, ବ. ନ. ( ବ ଚ୍ଛ୍-ଅନ କମ୍ଭା ବଙ୍ଗଃ-ଅନ) ଉରୁସନ୍ଧି ।

ବଙ୍ଗ } ବ. ପୁଂ. ( ବନ୍ଗ୍-ଅ, ଅଲ୍. )
ବଙ୍ଗଳା } ବଙ୍ଗଳା ଦେଶ । ନ. ରଙ୍ଗ, ସୀସକ, ସୀସା ।

ବଙ୍ଗଜ, ବ. ନ. (ବଙ୍ଗ-ଜନ୍-ଅ) ସିନ୍ଦୁର । ବଂ ବଙ୍ଗଦେଶଜାତ, ବଙ୍ଗାଳୀ ।

ବଙ୍ଗାର, ବ. ପୁଂ. ( ବଙ୍ଗ=ସୀସକ-ଅରି= ଶତ୍ରୁ ) ହରିତାଳ ।

ବଚ, ବ. ପୁଂ. (ବଚ୍-ଅ) ଶୁକପକ୍ଷୀ । ଗ୍ର-ସ୍ତ୍ରୀ. ଔଷଧବିଶେଷ, ବଚ ।

ବଚକ୍ନୁ, ବଂ. ( ବଚ୍-ଅକ୍ନୁ ) ବାଗ୍ମୀ, ବହୁଭାଷୀ । ବ. ପୁଂ. ବାହ୍ମଣ ।

ବଚନ, ବ. ନ. (ବଚ୍-ଅନ) କଥନ, ବାକ୍ୟ, ଋଷିପ୍ରଣୀତ ଧର୍ମଶାସ୍ତ୍ରାଦିର ପଦ୍ୟ ।

ବଚନବଦ୍ଧ, ବ. ( ବଚନ-ବଦ୍ଧ ) ସତ୍ୟବଦ୍ଧ, ପ୍ରତିଶ୍ରୁତ ।

ବଚନୀୟ, ବ. ନ. (ବଚ୍-ଅନୀୟ) ନିନ୍ଦା । ବଂ. କହନୀୟ, କଥନୀୟ, ବାଚ୍ୟ ।

ବଚନୀୟତା, ବ. ସ୍ତ୍ରୀ. ( ବଚନୀୟ-ତା ) ନିନ୍ଦା, ଅପବାଦ ।

ବଚଃ, ବ. ନ. ( ବଚ୍-ଅସ୍ ) ବଚନ, ବାକ୍ୟ, କଥା ।

ବଚସା, ବ. ( ବଚସ୍ ଶବ୍ଦଜ ) .ବାକ୍ୟବ୍ୟୟ, ବକାବକି, ବାଗ୍ଯୁଦ୍ଧ, କଳହ ।

ବଚସାଂପତି, ବ. ପୁଂ. ( ବଚସାଂ-ପତି ) ବୃହସ୍ପତି ।

ବଚସ୍କର, ବଂ. ( ବଚସ୍-କୃ-ଅ ) ଆଜ୍ଞାବହ । ଯଥା—

ବଚସ୍କର ସାମନ୍ତେ ନୃପନ୍ତ ଭୃତ୍ୟ ପରି,
ବାର ବାରନାରୀ ଗଲେ ଅନୁକୂଳ କରି ଯେ । ବୈ. ବି.

ବଗ୍ଘ୍ରୁ, ବ. (ଯାବନିକ) ପେଲ୍ଲା, ଏକପ୍ରକାର ମାଛ ,

ବଚୁଆ, ବ. (ଦେଶଜ) ଏକ ପ୍ରକାର ମାଛ, ବଗ୍ଘ୍ରୁମାଛ ।

ବଜବଜ, ବଂ. (ଦେଶଜ) ବହୁଭାଷୀ ।

ବଜ୍ଜ,(ବର୍ଜ୍ଜ ଶବ୍ଦର ଅପଭ୍ରଂଶ) ବାଛୁରି । ଯଥା—

ବାଳକମାନେ ବଜ୍ଜ ଧରି ଚରାଉଥାନ୍ତି ନରହରି ।

ବଂ. ବଜ୍ଜ ବା ମନୋନୀତ ହୋଇଥିବା ।

ବଜ୍ଜୁଗନ୍ଧ, ବ. ପୁଂ. ( ବଚସ୍-ଗନ୍ଧ ) କଣ୍ଠି, ଗୋଧୂ ।

ବଜା, ବ. (ଦେଶଜ) ବାଦ୍ୟାଦି ବଜାଇବା, ପଥର ଗୋଡ଼ି ।

ବଜାଇବା, କ୍ରି. ( ବାଦ୍ୟ ଧାତୁଜ ) ବାଦନ କରିବା ।

ବଜାୟ, ବ. ଓ ବଂ. ( ଯାବନିକ ) ଅକ୍ଷୁଣ୍ଣ, ପୁନଃସ୍ଥାପିତ, ରକ୍ଷା ।

ବଜାର, ବ. (ଯାବନିକ) ଶ୍ରେଣୀବଦ୍ଧ ପଣ୍ୟାଦି ବିକ୍ରୟ ସ୍ଥାନ, ବିପଣୀ ।

ବଜାରୀ, ବଂ. (ଯାବନିକ) ବଜାରସ୍ଥ ଲୋକ, ଅସମ୍ଭ୍ରାନ୍ତ ଲୋକ । ର-କ୍ରି. ବନ୍ଦ ହେବା । ଯଥା—

କେ ବୋଲେ ବଜାରୀ, କେତେ ହେଉଛି ବଜାର ।

ବଜ୍ଜାତ, (ଯାବନିକ) ଜାରଜ, ବେଜନ୍ମା ।

ବଜ୍ର, ବ. ପୁଂ. ନ. (ବଜ୍-ର) କୁଳିଶ, ଇନ୍ଦ୍ରଙ୍କ ଅସ୍ତ୍ରବିଶେଷ । ଯଥା—

ଇନ୍ଦ୍ର ସପତି ଦେବ ବୃଷ୍ଟି କଲା,
ବଜ୍ରାଘାତେ ପଥର ବରଷିଲା । ଗୋ. ଭା.

ହୀରକ । ଯଥା—

ଭୂଷାର ନଳ ନଦରେ ପଞ୍ଚରତ୍ନ ଥାଳୀ,
ବଜ୍ର ଧରି ଶତମନ୍ୟୁ ପଶଯ୍ୟେ ସେ ଝଳି । ବୈ. ବି.

ବଜ୍ରକେତୁ, ବ. ପୁଂ. ନରକରାଜ ।

ବଜ୍ରଚର୍ମୀ, ବ. ପୁଂ. (ବଜ୍ର-ଚର୍ମନ୍) ଖଡ୍ଗୀ, ଗଣ୍ଡାର ।

ବଜ୍ରଜର, ବି. ପୁଂ. (ବଜ୍ର-ଜ-ଅ) ଗରୁଡ଼ ।

ବଜ୍ରତୁଣ୍ଡ, ବି. ପୁଂ. (ବଜ୍ର-ତୁଣ୍ଡ) ଗରୁଡ଼, ଗଣେଶ, ଗୃଧ୍ର, ମଶକ, ମକ୍ଷିକା ।

ବଜ୍ରଦନ୍ତ, ବଜ୍ରଦଶନ } ବି. ପୁଂ. (ବଜ୍ର-ଦନ୍ତ, ଦଶନ) ଶୂକର, ମୂଷିକ ।

ବଜ୍ରଧର, ବଜ୍ରପାଣି } (ବଜ୍ର-ଧର, ପାଣି) ଇନ୍ଦ୍ର, ଦେବରାଜ ।

ବଜ୍ରନିର୍ଘୋଷ, ବି. ପୁଂ. (ବଜ୍ର-ନିର୍ଘୋଷ) ବଜ୍ରଧ୍ୱନି, ବଜ୍ରୋତ୍ପନ୍ନ ଶବ୍ଦ ।

ବଜ୍ରପୁଷ୍ପ, ବି. ନ. (ବଜ୍ର-ପୁଷ୍ପ) ତିଳପୁଷ୍ପ । ଷ୍ପା-ସ୍ତ୍ରୀ. ଶତପୁଷ୍ପା ।

ବଜ୍ରମୂଳୀ, ବି. (ଦେଶଜ) ଏକପ୍ରକାର ଗୁଳ୍ମ ।

ବଜ୍ରରଥ, ବି. ପୁଂ. କ୍ଷତ୍ରିୟ ଜାତି ।

ବଜ୍ରରଦ, ବି. ପୁଂ. (ବଜ୍ର-ରଦ) ଶୂକର ।

ବଜ୍ରବଲ୍ଲୀ, ବି. ସ୍ତ୍ରୀ. (ବଜ୍ର-ବଲ୍ଲୀ) ସୂର୍ଯ୍ୟମୁଖୀ ଫଳ ।

ବଜ୍ରାଙ୍ଗ, ବି. ପୁଂ. (ବଜ୍ର-ଅଙ୍ଗ) ସର୍ପ । ଙ୍ଗୀ-ସ୍ତ୍ରୀ. ଶସ୍ୟବିଶେଷ । ବିଂ. ଯାହାର ଅଙ୍ଗ ବଜ୍ରତୁଲ୍ୟ କଠିନ ।

ବଜ୍ରାଭ, ବି. ପୁଂ. (ବଜ୍ର-ଆଭା) ଦୁଗ୍ଧପାଷାଣ । ବିଂ. ହୀରକ ତୁଲ୍ୟ ଦୀପ୍ତିଶାଳୀ ।

ବଜ୍ରୀ, ବି. ପୁଂ. (ବଜ୍ର-ଇନ୍) ଇନ୍ଦ୍ର, ପୁରନ୍ଦର, ଜୈନ ମୁନି, ମହୁଷ ।

ବଞ୍ଚକ, ବି. ପୁଂ. (ବନ୍ଚ୍-ଅକ) ଶୃଗାଳ, କୁକ୍କୁର, ଗେହ । ବିଂ. ପ୍ରତାରକ, ଧୂର୍ତ୍ତ ।

ବଞ୍ଚନ, ନ., ବଞ୍ଚନା, ସ୍ତ୍ରୀ. } ବି. ନ. (ବନ୍ଚ୍-ଅନ) ପ୍ରତାରଣା, ଠକାଇବା ।

ବଞ୍ଚିତ, ବିଂ. (ବନ୍ଚ୍-ତ) ପ୍ରତାରିତ, ବର୍ଜିତ ।

ବଞ୍ଚିବା, କ୍ରି. (ବନ୍ଚ୍ ଧାତୁଜ) ଜୀଇଁବା, କାଳକ୍ଷେପ କରିବା ।

ବଞ୍ଚୁକ, ବିଂ. (ବନ୍ଚ୍-ଉକ) ବଞ୍ଚକ, ପ୍ରତାରକ ।

ବଞ୍ଜୁଳ, ବି. ପୁଂ. (ବନ୍ଚ୍-ଉଲ) ଅଶୋକବୃକ୍ଷ ବେତସବୃକ୍ଷ, ପକ୍ଷୀବିଶେଷ । ଳା-ସ୍ତ୍ରୀ, ପଦ୍ମପୁଷ୍ପିକା, ଦୁଗ୍ଧବତୀ ଗାଭୀ । ବିଂ. ବକ୍ର ।

ବଟ, ବି. ପୁଂ. (ବଟ୍-ଅ) ବୃକ୍ଷବିଶେଷ, ବରଗଛ, କପର୍ଦ୍ଦକ, କଉଡ଼ି ।

ବଟକରା, ବି. (ଦେଶଜ) ତୌଲର ପରିମାଣ-ଜ୍ଞାପକ ପ୍ରସ୍ତରଖଣ୍ଡ ।

ବଟବାସୀ, ବି. ପୁଂ. (ବଟ-ବାସ-ଇନ୍) ଯକ୍ଷ । ସିନୀ-ସ୍ତ୍ରୀ. ଯକ୍ଷିଣୀ ।

ବଟା, ବି. (ଦେଶଜ) ଟଙ୍କା ଆଦି ଭଙ୍ଗାଇଲେ ଯାହା ଅଧିକା ଦେବାକୁ ପଡ଼େ, କଳଙ୍କ, ତାମ୍ବୂଳପାତ୍ର । କ୍ରି. ବିଂ. ଯାହା ଶିଳରେ ମର୍ଦ୍ଦିତ ହୋଇଅଛି ।

ବଟାଳି, ବି. (ଦେଶଜ) ବଢ଼େଇର କାଠ କାଟିବା ଯନ୍ତ୍ରବିଶେଷ, ଲିହାଣି, ଯେ କାଟେ ।

ବଟାବଟି, କ୍ରି. ଠକାଠକି । ଯଥା—

ବଟାବଟି କରି ଆଣେ ଏଣେ, ହଟହଟା କରି ଗଲେ କେଣେ ।

ବି. ବାଟିବା ।

ବଟିକା, ବଟୀ } ବି. ସ୍ତ୍ରୀ. (ବଟ୍-ଇକ, ଈ) ଗୁଳି, ବଟି ।

ବଟିବା, କ୍ରି. (ଦେଶଜ) ଭଣ୍ଡିବା । ଯଥା—

ଚୈଟିଲେ ମଣାଙ୍କୁ ବଟିଲେ ବାହ୍ୟଲୋକେ ଭୁଲଇ ।

ବଟୁ, ବି. ପୁଂ. (ବଟ୍-ଉ) ବାଳକ, ବ୍ରାହ୍ମଣ-କୁମାର, ବାଳକ ବ୍ରହ୍ମଚାରୀ ।

ବଟୁଆ, ବି. (ଦେଶଜ) ଗୁଡ଼ା ବା ପରସ୍ତ ଥିବା ବସ୍ତ୍ରନିର୍ମିତ ଥଳୀବିଶେଷ ।

ବଡ, ବିଂ. ବୃହତ୍, ଶ୍ରେଷ୍ଠ, ଅତ୍ୟନ୍ତ । ଯଥା—

ଏ ବଡ଼ ଅଦ୍ଭୁତ ଲାଗଇ ମନକୁ ।

ବଡଓଷ, ବି. (ଦେଶଜ) କାର୍ତ୍ତିକ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀରେ କରାଯାଉଥିବା ଉପବାସ-ବିଶେଷ. 'ଧବଳେଶ୍ୱର ଶିବଙ୍କ ସେବା ।

ବଡଭି, ବଡଭୀ } ବି. ସ୍ତ୍ରୀ. (ବଲ୍-ଅଭ-ଇ, ଈ) ଚନ୍ଦ୍ରଶାଳା । ଯଥା—

ବଢ଼ାଇ ଲଇବ ନାହିଁ ବଡ଼ଭୀ ଲଭିବ ଗୃହଁ,
ଜଗଜନେତାଙ୍କୁ ଅନଙ୍ଗବଶେ । ବୈ, ବୃ.

(ଦେଶଜ) ବିଶେଷ ଖାଦ୍ୟ ।
ବଡ଼ବା, ବି. ସ୍ତ୍ରୀ. (ବଡ-ବା-ଅ) ଘୋଟକୀ, ସମୁଦ୍ରସ୍ଥା ଘୋଟକୀ, ଅଶ୍ୱିନୀ ।
ବଡ଼ସିଂହାର, ବି. (ଦେଶଜ) ଜଗନ୍ନାଥଙ୍କ ପହୁଡ଼ ପୂର୍ବେ ହେଉଥିବା ବେଶ ।
ବଡ଼ା, ବି. ସ୍ତ୍ରୀ. (ବଲ୍-ଅ) ଗୋଲାକାର ପିଷ୍ଟକ-ବିଶେଷ, ବଟବୃକ୍ଷ, ମସ୍ତକରୋଗବିଶେଷ ।
ବଡ଼ାଇ, ବି. ସ୍ତ୍ରୀ. (ବଡ ଶବ୍ଦଜ) ଗୌରବ, ଗର୍ବ । ଯଥା—

ଯେବେ ଜଗତେ ଲୋକ ହେଲେ ବିଲେ ଗୁହ୍ଣ
ଅଛିଲେ ଛଡ଼ାଇ ଦେବନ୍ତି ତୋର ଏହି ବଡ଼ାଇ । ଚ. ଭା.

ବଡ଼ି, ବି. (ଦେଶଜ ବା ବଲ ଶବ୍ଦଜ) ବିରି ଆଦିରେ ପ୍ରସ୍ତୁତ ଗୋଲାକୃତି ବଲବିଶେଷ ।
ବଡ଼ିମା, ବି. (ଦେଶଜ) ବଡ଼ପଣ ।
ବଡ଼ିଶ, ନ. } ବି. (ବଡ଼-ଇ-ଶୋ-ଅ)
ବଡ଼ିଶା, ବଡ଼ିଶୀ, ସ୍ତ୍ରୀ. } ବଡ଼ଶୀ, ବନ୍ଶୀ ।
ବଡ଼ୀ, ବି. (ବଟିକା ଶବ୍ଦଜ) ବଟୀ, ଗୁଳ ।
ବଢ଼ୁ, ବି. (ବଟୁ ଶବ୍ଦଜ) ଜାତିବିଶେଷ, ବ୍ରତ-କର୍ମ ।
ବଢା, ବି. (ଦେଶଜ) ମୃତ୍ତିକା ପାତ୍ରବିଶେଷ ।
ବଢାଇ, ବି. (ବର୍ଦ୍ଧକି ଶବ୍ଦଜ) ଜାତିବିଶେଷ, କାଷ୍ଠକର୍ମକାରକ ।
ବଢାଇବା, କ୍ରି. ବିସ୍ତୃତ କରିବା । ଯଥା—

ବଢ଼ାଇ ଶରଧା ଭୁଞ୍ଜି ଗଲେ ବନମାଳୀ ।

ସମ୍ପୂର୍ଣ୍ଣ କରିବା । ଯଥା—

କମଳନୟନ ମନ୍ଦ ହସିଲେ ହୋଇ,
କହିଲେ ପିତୃ ରାଜାଙ୍କ ଭେଟ ବଢ଼ାଇ ।

ପରିବେଷଣ କରାଇବା ।
ବଢି, ବି. (ବୃଦ୍ଧି ଶବ୍ଦଜ) ଜଳପ୍ଲାବନ ।
ବଢିଅଲ, ବି. (ଦେଶଜ) ଅତ୍ୟଧିକ ଫଳ-ବିଶେଷ । ବି. ବର୍ଦ୍ଧନଶୀଳ ।
ବଢିବା, କ୍ରି. (ବୃଧ୍ ଧାତୁଜ) ବୃଦ୍ଧିପ୍ରାପ୍ତ ହେବା ।
ବଣ, ବି. (ବନ ଶବ୍ଦଜ) ଅରଣ୍ୟ ।
ବଣା, ବି. (ଦେଶଜ) ଗୁଡ଼ ରଖିବାର ମୃତ୍ତିକା-ପାତ୍ରବିଶେଷ । କ୍ରି. ବିଂ. ଭ୍ରାନ୍ତ । ଯଥା—

ବଣା ହେଲେ ଜଣା ଥାଇ ଭ୍ରମ୍ବ କାରପଣ । ବୈ. ବ.

ବଣି, ବି. (ଦେଶଜ) ପକ୍ଷିବିଶେଷ ।
ବଣ୍ଟନ, ବି. (ବନଟ୍+ଅନ)ଭାଗ କରିବା ।
ବଣ୍ଟାଇ, ବି. (ବଣ୍ଟନ ଶବ୍ଦଜ) ବିଭାଗକରଣ ।
ବତଂସ, ବି. ପୁଂ } (ଅବ-ତନ୍ସ୍-ଅ) କର୍ଣ୍ଣ-
ବତଂସକ, ବି. ନ. } ଭୂଷଣ, ଶିରୋଭୂଷଣ, ଭୂଷଣ ।
ବତ, ଅ°. (ବା-ଅତ) ସଦୃଶ, ତୁଲ୍ୟ, ତୁଲ୍ୟାର୍ଥ ବାଚକ ପ୍ରତ୍ୟୟବିଶେଷ । ଯଥା—
ପଶୁବତ୍, ସାଧୁବତ୍ ।
ବତକ, ବି. (ଦେଶଜ) କ୍ଷୁଦ୍ରହଂସ, କାଦମ୍ବ ।
ବତର, ବି. (ଦେଶଜ) ଚାଷାଦିର ଋତୁ । ବି°. ଜଳସିକ୍ତ ।
ବତା, ବି. (ଦେଶଜ) ଚଖ ବାଉଁଶ । ଯଥା—

ବାଅକୁ ବତା, ଖଣ୍ଡକୁ ଛତା ।

ବତାସ, ବି. (ବାତ ଶବ୍ଦଜ) ପବନ, ପ୍ରବଳ ପବନ ।
ବତୁରିବା, କ୍ରି. ଜଳସିକ୍ତ ହେବା ।
ବତିଶ, ବି°. (ଦ୍ୱାତ୍ରିଂଶତ୍ ଶବ୍ଦଜ) ସଂଖ୍ୟା-ବିଶେଷ, ୩୨ ।
ବତ୍ସ, ବି. ନ. (ବଦ୍-ସ) ବକ୍ଷସ୍ଥଳ । ପୁଂ. ସ୍ତ୍ରୀ, ସ୍ତ୍ରୀ. ସ୍ନେହବ୍ୟଞ୍ଜକ ଶବ୍ଦ, ଏହା ସନ୍ତାନାଦିଙ୍କ-ଠାରେ ପ୍ରଯୋଜ୍ୟ, ବାଛୁରି, ପଶୁମାତ୍ରର ଶିଶୁ । ପୁଂ. ଗୋବତ୍ସରୂପଧାରୀ କଂସର ଅନୁଚର ଅସୁରବିଶେଷ, ସମ୍ବତ୍ସର ।
ବତ୍ସତର, ବି. ପୁଂ. (ବତ୍ସ-ତର) ସ୍ତ୍ରୀ-ସ୍ତ୍ରୀ. ବାଛୁରି ।
ବତ୍ସନାଭ, ବି. ପୁଂ (ବତ୍ସ-ନାଭ) ସ୍ଥାବର-ବିଷବିଶେଷ ।
ବତ୍ସର, ବି. ପୁଂ. (ବସ୍-ସର)୧୨ ମାସ ପରିମିତ-କାଳ, ବର୍ଷ ।

**ବସନ୍ତାନ୍ତକ**, ବି. ପୁଂ. ଫାଲ୍‌ଗୁନ ମାସ ।

**ବତ୍ସଳ**, ବିଂ. ( ବତ୍ସ-ଲା-ଅ ) ସ୍ନେହଯୁକ୍ତ, ଅନୁରକ୍ତ, ଭକ୍ତ । ବି. ପୁଂ. ବାତ୍ସଲ୍ୟ, ସ୍ନେହ, ଅନୁରାଗ, ରସବିଶେଷ । ଲା-ସ୍ତ୍ରୀ. ବତ୍ସାଭିଳାଷିଣୀ ।

**ବତ୍ସଳତା**, ବି. ସ୍ତ୍ରୀ. ( ବତ୍ସଳ-ତା ) ବାତ୍ସଲ୍ୟ, ସ୍ନେହ ।

**ବଥ**, ବି. (ଦେଶଜ) ବ୍ରଣବିଶେଷ ।

**ବଥୁଆ**, ବି. (ଦେଶଜ) ଶାକବିଶେଷ ।

**ବଦ**, ବିଂ. (ବଦ୍-ଅ) ବକ୍ତା । କ୍ରି. କହିବା ।

**ବଦନ**, ବି. ନ. ( ବଦ୍-ଅନ ) ମୁଖ, ଆନନ, ଆସ୍ୟ ।

**ବଦନାମୃତ**, ବି. ନ. (ବଦନ-ଅମୃତ) ମୁଖାମୃତ, ଅଧରମଧୁ ।

**ବଦଲ**, ବି. (ଯାବନିକ) ପ୍ରତିଦାନ, ବିନିମୟ ।

**ବଦନ୍ୟ** } **ବଦାନ୍ୟ** } ବିଂ. ( ବଦ୍-ଅନ୍ୟ, ଆନ୍ୟ ) ଦାତା, ଦାନଶୀଳ, ସଦ୍‌ବକ୍ତା, ମଧୁରଭାଷୀ ।

**ବଦଳାଇବା**, କ୍ରି. ( ଯାବନିକ ) ପାଲଟାଇବା, ପରିବର୍ତ୍ତନ କରାଇବା ।

**ବଦ୍**, (ଯାବନିକ) ମନ୍ଦ, ନିକୃଷ୍ଟ ।

**ବଦ୍‌ଖୋଇ**, ବି ( ଯାବନିକ ) ମନ୍ଦସ୍ୱଭାବ, ଦୁଃସ୍ୱଭାବ ।

**ବଦ୍‌ଜାତ୍**, ବି. (ଯାବନିକ) ଖଚଡ଼ା, ଖଚର ।

**ବଦ୍‌ନାମ୍**, ବି. (ଯାବନିକ) କୁନାମ, କୁଯଶଃ ।

**ବଦ୍‌ମାସ୍**, (ଯାବନିକ) ଯେ ଅନ୍ୟାୟ ଉପାୟରେ ଜୀବିକା ନିର୍ବାହ କରେ, ମନ୍ଦଲୋକ ।

**ବଧ**, ବି. ପୁଂ. (ହନ୍-ଅ) ହନନ, ନାଶ ।

**ବଧକ**, ବିଂ. ( ବଧ୍-ଅକ ) ଘାତକ, ଯେ ବଧ କରେ ।

**ବଧାଇ**, ବି ( ଦେଶଜ ) ବକ୍‌ସିସ୍, ପାରିତୋଷିକ । ଯଥା—

> ବଧାଇ ଲଭିଲେ ନୃପେ ନାରିଏ କହି,
> ବାର୍ତ୍ତାବହେ ଭଜ୍ୟାନ୍ତରେ ଗମିଲେ ତହୁଁ । ବୈ. ବ.

**ବଧୂ**, ବି. ସ୍ତ୍ରୀ. (ବହ୍-ଊ) ନୂତନ ବିବାହିତା ସ୍ତ୍ରୀ, ପତ୍ନୀ, ଭାର୍ଯ୍ୟା ।

**ବଧୂଜନ**, ବି. ସ୍ତ୍ରୀ. (ବଧୂ-ଜନ) ଯୁବତୀ ସ୍ତ୍ରୀଲୋକ, ବୋହୂ ।

**ବଧ୍ୟ**, ବିଂ. (ହନ୍-ଯ) ବଧଯୋଗ୍ୟ ।

**ବନ**, ବି. ନ. ସ୍ତ୍ରୀ. (ବନ୍-ଅ) ବହୁ ବୃକ୍ଷାଦିଯୁକ୍ତ ସ୍ଥାନ, ଅରଣ୍ୟ । ନ. ଜଳ, ପ୍ରସ୍ରବଣ, ନିବାସ, ଆଳୟ, କାନନ, କୁଞ୍ଜ ।

**ବନଗହନ**, ବି. ନ. ନିବିଡ଼ବନ ।

**ବନଚନ୍ଦନ**, ବି. ନ. ଅଗୁରୁ, ଦେବଦାରୁ ।

**ବନଚନ୍ଦ୍ରିକା**, ବି. ସ୍ତ୍ରୀ. ମଲ୍ଲିକାପୁଷ୍ପ ।

**ବନଚର**, **ବନଚାରୀ**, ବିଂ. (ବନ-ଚର, ଚାରିନ୍) ବନବାସୀ, ଯେଉଁମାନେ ବନରେ ବାସ କରନ୍ତି, କିରାତ ।

**ବନଜ**, ବି. ନ. (ବନ=ଜଳ, ଅରଣ୍ୟ-ଜନ୍-ଅ) ପଦ୍ମ, ଗନ୍ଧତୃଣବିଶେଷ । ପୁଂ. ହସ୍ତୀ । ବିଂ. ବନଜାତ ।

**ବନତିକ୍ତ**, ବି. ପୁଂ ହରୀତକୀ ।

**ବନଦ**, ବି. ପୁଂ. (ବନ-ଦା-ଅ) ମେଘ, ଜଳଦ । ବିଂ. ବନଦାତା ।

**ବନଦେବତା**, ବି ସ୍ତ୍ରୀ. (ବନ-ଦେବତା) ବନର ଅଧିଷ୍ଠାତ୍ରୀ ଦେବତା ।

**ବନପ୍ରିୟ**, ବି. ପୁଂ. (ବନ-ପ୍ରିୟ) କୋକିଳ । ବିଂ. ଅରଣ୍ୟପ୍ରିୟ ।

**ବନମକ୍ଷିକା**, ବି. ସ୍ତ୍ରୀ. (ବନ-ମକ୍ଷିକା) ଡାଁଶ ।

**ବନମଲ୍ଲିକା**, ବି. ସ୍ତ୍ରୀ. (ବନ-ମଲ୍ଲିକା) ବଣମଲ୍ଲି ।

**ବନମାଳା**, ବି. ନ. (ବନ-ମାଳା) କୃଷ୍ଣଙ୍କ ମାଳା, ପାଦ ପର୍ଯ୍ୟନ୍ତ ଲମ୍ବିତ ମାଳା ।

**ବନମାଳୀ**, ବି. ପୁଂ. ( ବନମାଳା-ଇନ୍ ) କୃଷ୍ଣ, ନୀ-ସ୍ତ୍ରୀ. ଦ୍ୱାରକାପୁରୀ ।

**ବନମୁକ୍**, ବି. ପୁଂ. ( ବନ-ମୁଚ୍-୦ ) ମେଘ, ଜଳଧର ।

**ବନମୂତ**, ବି. ପୁଂ. (ବନ-ମୂତ) ମେଘ ।

ବନରାଜ, ବି. ପୁଂ. (ବନ-ରାଜା) ସିଂହ, ମୃଗେନ୍ଦ୍ର ।

ବନଲକ୍ଷ୍ମୀ, ବି. ସ୍ତ୍ରୀ. କଦଳୀ ।

ବନବହ୍ନି, ବି. ପୁଂ. ( ବନ-ବହ୍ନି ) ଦାବାନଳ, ଦାବାଗ୍ନି ।

ବନବାସ, ବି. ପୁଂ. ( ବନ-ବସ୍-ଅ ) ଅରଣ୍ୟ-ବସତି ।

ବନବାସୀ ବି°. ( ବନ-ବାସ-ଇନ୍ ) ବନବାସ-କର୍ତ୍ତା, ଯେ ବନରେ ବାସ କରେ ।

ବନଶୂକର, ବି. ପୁଂ. ଅରଣ୍ୟ ବରାହ ।

ବନଶ୍ୱା, ବି. ପୁଂ. (ବନ ଶ୍ୱନ୍) ଶୃଗାଳ, ବ୍ୟାଘ୍ର, ଗନ୍ଧମାର୍ଜ୍ଜାର ।

ବନସ୍ପତି, ବି. ପୁଂ. ( ବନ-ପତି ) ବୃକ୍ଷ, ପୁଷ୍ପ ବ୍ୟତିରେକେ ଫଳଜନକ ବୃକ୍ଷ, ଅଶ୍ୱତ୍ଥାଦି ।

ବନହାସ, ବି. ପୁଂ. କାଶତୃଣ ।

ବନାଇବା, କ୍ରି. ( ଯାବନିକ ) ନିର୍ମାଣ କମ୍ବା ତିଆର କରିବା ।

ବନାଖୁ, ବି. ପୁଂ. (ବନ-ଆଖୁ) ଶଶକ ।

ବନାତ, ବି. ( ହିନ୍ଦୀ ) ଊର୍ଣ୍ଣାନିର୍ମିତ ସ୍ଥୂଳବସ୍ତ୍ର-ବିଶେଷ ।

ବନାନ, ବି (ଦେଶଜ) ବ୍ୟଞ୍ଜନବର୍ଣ୍ଣରେ ସ୍ୱର-ବର୍ଣ୍ଣ ଯୁକ୍ତ କରି ଉଚ୍ଚାରଣ ।

ବନାନ୍ତ, ବି. ପୁଂ. ( ବନ ଅନ୍ତ ) ବନପ୍ରାନ୍ତ, ବନଭୂମି, ବନପ୍ରଦେଶ ।

ବନିତା, ବି. ସ୍ତ୍ରୀ. ( ବନ୍-ତ-ଆ ) ନାରୀ, ପ୍ରିୟା, ଅନୁରକ୍ତା ଭାର୍ଯ୍ୟା ।

ବନିବା, କ୍ରି. ( ଦେଶଜ ) ବ୍ୟଞ୍ଜନବର୍ଣ୍ଣରେ ସ୍ୱର-ବର୍ଣ୍ଣ ଯୁକ୍ତ କରିବା, ଉତ୍ତମ ଖାଦ୍ୟ ହେଉଥିବା ହୃଷ୍ଟପୁଷ୍ଟାଙ୍ଗ ହେବା, ଫଳ ଅର୍ଦ୍ଧପରିପକ୍ୱ ହେବା, ନିର୍ମିତ ହେବା, ମନ ମିଳିବା ।

ବନେଚର, ବି. ପୁଂ. ( ବନେ-ଚର ) କିରାତ । ବି°. ବନଚର, ଅରଣ୍ୟଗାମୀ ।

ବନୌକାଃ, ବି. ପୁଂ. ( ବନ-ଓକସ୍ ) କପି, ବାନର । ବି°. ବନବାସୀ ।

ବନ୍ଦକ, ବି°. ( ବନ୍ଦ୍-ଅକ ) ବନ୍ଦନାକାରୀ, ସ୍ତୁତିପାଠକ ।

ବନ୍ଦନ, ନ. } ବି. (ବନ୍ଦ-ଅନ) ଅଭିବାଦନ,
ବନ୍ଦନା, ସ୍ତ୍ରୀ } ପ୍ରଣାମ, ସ୍ତବ, ସ୍ତୁତିଗାନ ।

ବନ୍ଦନମାଳା } ବି. ସ୍ତ୍ରୀ. (ବନ୍ଦନ-ମାଳା,
ବନ୍ଦନମାଳିକା } ମାଳିକା) ଵହିଦ୍ୱାରୋପରିସ୍ଥ ମଙ୍ଗଳସୂଚକ ମାଳା ।

ବନ୍ଦନୀୟ, ବି°. ( ବନ୍ଦ୍-ଅନୀୟ ) ନମସ୍ୟ, ସ୍ତବନୀୟ । ବି. ପୁଂ. ପୀତଭୃଙ୍ଗରାଜ । ୟା, ସ୍ତ୍ରୀ. ଗୋରୋଚନା ।

ବନ୍ଦର, ବି. ( ଯାବନିକ ) ସମୁଦ୍ରାଦି କୂଳରେ ଜାହାଜାଦିଦ୍ୱାରା ବାଣିଜ୍ୟ କରିବାର ସ୍ଥାନ ।

ବନ୍ଦା, ବି. ସ୍ତ୍ରୀ. ( ବନ୍ଦ୍-ଅ-ଆ ) ବୃକ୍ଷ ଉପରେ ଜାତ ବୃକ୍ଷ, ବରଗଛ, (ଯାବନିକ) ଗୋଲାମ ।

ବନ୍ଦାଇବା, କ୍ରି. (ବନ୍ଦ୍ ଧାତୁଜ) ବନ୍ଦନା କରିବା, ଅର୍ଘ୍ୟ ମାଲ୍ୟ ପୁଷ୍ପାଦିଦ୍ୱାରା ବନ୍ଦନା କରିବା । ଯଥା—

ଯଇ ତ ବନ୍ଦାଅ ଭଇ ତ ମୋର ଅଛେ କଲ୍ୟାଣ । ବ. ଚ.

ବନ୍ଦାପନା, ବି. (ବନ୍ଦ୍ ଧାତୁଜ) ବନ୍ଦନା, ବିବା-ହାଦି ସମୟରେ ପୁଷ୍ପାଦିଦ୍ୱାରା ବନ୍ଦନା । ଯଥା—

ଶୁଭ ଯୋଗରେ ସରିଲା ବନ୍ଦାପନା ଦିନ । ପ୍ରେ. ସୁ.

ବନ୍ଦି } ବି. ପୁ. ( ବନ୍ଦ୍-ଇ, ଈ ) କାରାରୁଦ୍ଧ,
ବନ୍ଦୀ } କଏଦୀ ।

ବନ୍ଦିଖାନା, ବି. ( ଦେଶଜ ) ଜେଲଖାନା, କାରାଗାର ।

ବନ୍ଦୀ, ବି. ପୁଂ. (ବନ୍ଦ୍-ଇନ୍) ସ୍ତୁତିପାଠକ । ବି°. ବନ୍ଦନାକାରୀ ।

ବନ୍ଦ୍ୟ, ବି°. ( ବନ୍ଦ୍-ଯ ) ବନ୍ଦନୀୟ । ସ୍ତ୍ରୀ. ଗୋରୋଚନା ।

ବନ୍ୟ, ବି°. ( ବନ-ଯ ) ବନସମ୍ବନ୍ଧୀୟ, ବନୋଦ୍ଭବ ।

ବନ୍ୟା, ବି. ସ୍ତ୍ରୀ. ( ବନ-ଯ-ଆ ) ଜଳପ୍ଳାବନ, ଅରଣ୍ୟସମୂହ ।

ବପା, ବ. ସ୍ତ୍ରୀ (ବପ୍-ଆ) ଛିଦ୍ର, ରନ୍ଧ୍ର, ମେଦଃ, ଚର୍ବି ।

ବପୁଃ, ବ. ନ. ( ବପ୍-ଉସ୍ ) ଶରୀର, ପ୍ରଶସ୍ତ ଆକୃତି ।

ବପୁଷ୍ମାନ୍, ବଂ. (ବପୁସ୍-ମତ୍) ପ୍ରଶସ୍ତଶରୀରୀ ।

ବପ୍ତା, ବଂ. ( ବପ୍-ତୃ ) ବପନକାରୀ । ବ. ପୁ. ପିତା, ବାପ, ଜନକ ।

ବପ୍ର, ବ. ପୁଂ. ନ. (ବପ୍-ର) କ୍ଷେତ୍ର । ଯଥା—

ବପ୍ର-ପଙ୍କପର କଳା ନବଜଳଧର
ଶୋଭୁଅଛ ଦେଖ ପ୍ରିୟେ ପର୍ବତଶିଖର । କ, ବ.

ପ୍ରାଚୀର, ତଟ, ସାନୁ । ପୁଂ. ପିତା, ବାପ ପ୍ରଜାପତି । ନ. ସୀସକ ।

ବମ, ବ. ପୁଂ. (ବମ୍-ଅ) ବମନ, ଉଦ୍ଗିରଣ, ନିଃସାରଣ

ବମଥୁ, ବ. ପୁଂ. (ବମ୍-ଅଥୁ) ବମନ, ନିଃସାରଣ, ହସ୍ତିଶୁଣ୍ଡାନିର୍ଗତ ଜଳକଣା ।

ବମନ, ବ. ନ. (ବମ୍-ଅନ) ଉଦ୍ଗିରଣ, ପୀଡ଼ା, କ୍ଲେଶ, ନିଃସାରଣ ।

ବମନୀୟ, ବଂ. (ବମ୍-ଅନୀୟ) ବମନଯୋଗ୍ୟ । ୟା, ସ୍ତ୍ରୀ. ମକ୍ଷିକା, ମାଛି ।

ବମି, ବ. ସ୍ତ୍ରୀ. (ବମ୍-ଇ) ବମନ । ପୁଂ. ଅଗ୍ନି, ଧୂର୍ତ୍ତ ।

ବୟଃ, ବ. ନ. (ବୟ୍-ଅସ୍) ପକ୍ଷୀ, ବାଲ୍ୟାଦି ଜୀବନକାଳ, ଆୟୁଃ, ଯୌବନ ।

ବୟଃକ୍ରମ, ବ. ( ବୟସ୍-କ୍ରମ ) ଜୀବନକାଳ, ପରମାୟୁ ।

ବୟଃସନ୍ଧି, ବ. ପୁଂ. ଯୌବନାବସ୍ଥା ।

ବୟଃସ୍ଥ, ବୟସ୍ଥ, ବଂ. (ବୟସ୍-ସ୍ଥା-ଅ) ମଧ୍ୟବୟସ୍କ, ଯୁବା ।

ବୟସ୍ୟ, ବ. ପୁଂ. (ବୟସ୍-ଯ) ସମାନବୟସ୍କ, ସଖା । ସ୍ୟା–ସ୍ତ୍ରୀ. ସହଚରୀ ।

ବର, ବ. ପୁଂ. (ବୃ-ଅ) ପ୍ରାର୍ଥନା, ଇଚ୍ଛା, ଆଶୀର୍ବାଦ, ଆବରଣ, ବିବାହକର୍ତ୍ତା, ଜାମାତା, ପତି, କୁଙ୍କୁମ । ବଂ. ଜ୍ୟେଷ୍ଠ, ଶ୍ରେଷ୍ଠ, ଉତ୍କୃଷ୍ଟ, ଅଭୀଷ୍ଟ । ନ. ଅପେକ୍ଷାକୃତ ଉତ୍ତମ ।

ବରକତ୍, (ଯାବନିକ) ଶୁଭ, ମଙ୍ଗଳ ।

ବରକନ୍ଦାଜ, ( ଯାବନିକ ) ଚପରାସି ବା ସିପାହୀ ।

ବରକ୍ରତୁ, ବ. ପୁଂ. (ବର-କ୍ରତୁ) ଇନ୍ଦ୍ର ।

ବରଖାସ୍ତ, (ଯାବନିକ) ପଦଚ୍ୟୁତ ।

ବରଗା, ବ. ( ଦେଶଜ ) କୋଠା, ଘରର କଡ଼ିକାଠ ଉପରେ ପଡ଼ିଥିବା ସରୁ କାଠ ।

ବରଗିବା, କ୍ରି. ( ଦେଶଜ ) ପେଷିବା, ପଠାଇବା ।

ବରଜ, ବ. (ଦେଶଜ) ପାନଲତାର କ୍ଷେତ୍ର ।

ବରଜୀ, ବ. (ଦେଶଜ) ପାନବର ।

ବରଟ, ବ. ନ. (ବୃ-ଅଟନ୍ ଅଥବା ବର-ଅଟ) କୁନ୍ଦପୁଷ୍ପ । ପୁଂ. ରାଜହଂସ । ସ୍ତ୍ରୀ. ବରଟା= ରାଜହଂସୀ ।

ବରଡ଼ା, ବ. (ଦେଶଜ) ନାରିକେଳ ଓ ତାଳ ପ୍ରଭୃତି ଗଛର ବାହୁଙ୍ଗା ।

ବରଣ, ବ. ନ. ( ବୃ-ଅନ ) ନିଯୁକ୍ତକରଣ, ଆଚ୍ଛାଦନ, ପ୍ରାର୍ଥନା, ବେଷ୍ଟନ, ପୋଷଣ କରିବା, ଇଚ୍ଛା, ପ୍ରାଚୀର, ବୃକ୍ଷବିଶେଷ, ବରୁଣବୃକ୍ଷ, ସେତୁ, ଉଷ୍ଟ୍ର ।

ବରଣୀ, ବ. (ଦେଶଜ) ସୂତା କାଟିବା ନିମିତ୍ତ ପ୍ରସ୍ତୁତ ତୁଳାର ବର୍ତ୍ତିକା ।

ବରଣୀୟ, ବଂ. (ବୃ-ଅନୀୟ) ବରଣଯୋଗ୍ୟ, ପ୍ରାର୍ଥନୀୟ, ଶ୍ରେଷ୍ଠ ।

ବରଣ୍ଡା, ବ. (ଦେଶଜ) ପାଣିଗ, ପିଣ୍ଡା ।

ବରଦ, ବଂ. ( ବର-ଦା-ଅ ) ଅଭୀଷ୍ଟଦାତା, ପ୍ରସନ୍ନ । ଦା-ସ୍ତ୍ରୀ. କନ୍ୟା, ଦୁର୍ଗା, ଅଭୀଷ୍ଟ-ଦାତ୍ରୀ, ଅଶ୍ୱଗନ୍ଧା, ମାଘ ଶୁକ୍ଳଚତୁର୍ଥୀ ।

ବରଦାସ୍ତ, ବ. (ଯ ବନିକ) ସହ୍ୟ, ସହିଷ୍ଣୁତା ।

ବରପ୍ରଦ, ବଂ. (ବର-ପ୍ରଦ) ଅଭୀଷ୍ଟଦାତା । ଦା-ସ୍ତ୍ରୀ. ଲୋପାମୁଦ୍ରା, ଅଗସ୍ତ୍ୟପତ୍ନୀ ।

ବରଫ, ବି. (ଯାବନିକ) ତୁଷାର ।

ବରମ୍, ଅ. ଅପେକ୍ଷାକୃତ ଉତ୍କୃଷ୍ଟ । ଯଥା—

ବରଂ ନିବାସ ଭଲ ରଣାଙ୍ଗନରେ,
ଉଦ୍ବେଗେ ସଦା ଯହିଁ ହୃଦୟ ଥରେ । କ ବ

ବରଯାତ୍ରୀ, ବି. ପୁଂ. (ବର-ଯାତ୍ରା-ଇନ୍) ବରପକ୍ଷ ଲୋକ ।

ବରରୁଚି, ବି. ପୁଂ. ( ବର-ରୁଚି ) କବିବିଶେଷ, ବିକ୍ରମାଦିତ୍ୟଙ୍କ ନବରତ୍ନ ପଣ୍ଡିତ ମଧ୍ୟରୁ ଏକଜଣ ।

ବରବତ୍ସଲା, ବି. ସ୍ତ୍ରୀ. (ବର-ବତ୍ସଲ) ଶାଶୁ ।

ବରବର୍ଣ୍ଣିନୀ, ବି. ସ୍ତ୍ରୀ. (ବର-ବର୍ଣ୍ଣ-ଇନ୍) ଅତ୍ୟୁତ୍ତମ ସ୍ତ୍ରୀ, ସାଧ୍ୱୀ ସ୍ତ୍ରୀ, ଶ୍ୟାମା, ଗୌରୀ, ଲକ୍ଷ୍ମୀ, ସରସ୍ୱତୀ, ହରିଦ୍ରା, ଗୋରୋଚନା, ଲାକ୍ଷା ।

ବର୍ବର, ବି. ପୁଂ. ( ବୃ-ଅର ) ସୁବର୍ଣ୍ଣ, ଶିବ । ଯଥା—

ବରବରବରାଙ୍ଗୀ ସୀତା, ବରବର କରଇ ଚିନ୍ତା,
ଜୀବନ ଯାଉ ନୋହିଲେ ହେଲେ ଏ ବର । ବୈ. ବ.

ଯୁଦ୍ଧ । ବିଂ. ନୀଚ, ଜଘନ୍ୟ, ଶୋଚନୀୟ, ନିଷ୍ଠୁର ।

ବରାକ୍ଷୀ, ବି. ସ୍ତ୍ରୀ. ଗୌରୀ, ଉତ୍ତମା ସ୍ତ୍ରୀ, ଦୁଃଖିନୀ, ନିଷ୍ଠୁରୀ ।

ଚାହିଁ ଦେଖୁଥିଲା ଶୂନ୍ୟକୁ ଆକାଶେ ଉଡ଼ନ୍ତ ସିନା ବରାକୀ ।
ଯ, କେ,

ବରାଙ୍ଗ, ବି. ନ. ( ବର-ଅଙ୍ଗ ) ମସ୍ତକ, ଉପସ୍ଥ, ଗୁହ୍ୟଦେଶ, ଗୁଡ଼ତ୍ୱକ୍, ଯୋନି । ନ. ଶ୍ରେଷ୍ଠାବୟବ, ସ୍ତ୍ରୀ ଓ ପୁରୁଷ ଚିହ୍ନ । ପୁଂ. ହସ୍ତୀ, ବିଷ୍ଣୁ, କନ୍ଦର୍ପ । ବିଂ. ଉତ୍ତମ ଅଙ୍ଗଯୁକ୍ତ ।

ବରାଙ୍ଗନା, ବି. ସ୍ତ୍ରୀ. ( ବର-ଅଙ୍ଗନା ) ଉତ୍ତମା ସ୍ତ୍ରୀ ।

ବରାଟକ, ବି. ପୁଂ. (ବର-ଅଟ୍-ଅକ) ପଦ୍ମବୀଜକୋଷ, ରଜ୍ଜୁ, କଉଡ଼ି ।

ବରାରୋହ, ବି. ପୁଂ. ( ବର-ଆରୋହ ) ହାତୀ ମାହୁନ୍ତ । ହା-ସ୍ତ୍ରୀ. ପରମା ସୁନ୍ଦରୀ ସ୍ତ୍ରୀ, କଟିଦେଶ ।

ବରାବର, କ୍ରି. ବିଂ. (ଯାବନିକ) ସମ୍ମୁଖ, ସମୀପ, ଏକ ଧାରାରେ ।

ବରାହ, ବି. ପୁଂ. ( ବର ଆ-ହନ୍-ଅ ) ଶୂକର, ବିଷ୍ଣୁଙ୍କର ଅବତାରବିଶେଷ ।

ବରଅ, ବି. (ଦେଶଜ) ନଅଁ ଅଠା ।

ବରୀୟାନ୍, ବିଂ. ( ଉରୁ-ଇୟସ୍ ) ଅତି ଶ୍ରେଷ୍ଠ, ବରିଷ୍ଠ, ଅତିଯୁବା । ବି. ପୁଂ. ଯୋଗବିଶେଷ ।

ବଲୀବର୍ଦ୍ଦ, ବି. ପୁଂ. ( ବଳ ବର୍ଦ୍ଦ ) ବଲୀବର୍ଦ୍ଦ, ବୃଷଭ, ବଳଦ ।

ବରୁଣ, ବି. ପୁଂ. ( ବୃ- ଉନନ୍ ) ଜଳାଧିପ, ପଶ୍ଚିମ ଦିକ୍‌ପାଳ, ସୂର୍ଯ୍ୟ, ସମୁଦ୍ର, ବୃକ୍ଷବିଶେଷ । (ଦେଶଜ) ବ୍ରଣ ।

ବରୁଣାତ୍ମଜା, ବି. ସ୍ତ୍ରୀ. (ବରୁଣ-ଆତ୍ମଜା) ବାରୁଣୀ, ସୁରା, ମଦିରା ।

ବରୁଣାନୀ, ବି. ସ୍ତ୍ରୀ. ( ବରୁଣ-ଈ, ଆନ ଆଗମ ) ବରୁଣଙ୍କ ପତ୍ନୀ ।

ବରୂଥ, ବି. ପୁଂ. (ବୃ-ଉଥନ୍ ) ରଥଗୁପ୍ତି, ରଥର ଯେଉଁ ସ୍ଥାନରେ ଆଶ୍ରୟ ଗ୍ରହଣ କଲେ ଶତ୍ରୁର ଆକ୍ରମଣରୁ ରକ୍ଷା ପାଇବାକୁ ହୁଏ । ନ. ସାଞ୍ଜୁ, ତନୁତ୍ରାଣ, ଚର୍ମ, ଗୃହ ।

ବରେଣ୍ୟ, ବିଂ. ( ବୃ-ଏଣ୍ୟ ) ଶ୍ରେଷ୍ଠ, ପ୍ରଧାନ, ବରଣୀୟ, ଉତ୍କୃଷ୍ଟ, ପ୍ରାର୍ଥନୀୟ । ବି. ନ. କୁଙ୍କୁମ ।

ବରେନ୍ଦ୍ର, ବି. ପୁଂ. (ବର-ଇନ୍ଦ୍ର) ଇନ୍ଦ୍ର, ରାଜା ।

ବର୍ଗ, ବି. ପୁଂ. (ବୃଜ୍-ଅ) ସ୍ୱଜାତୀୟସମୂହ, ଦଳ, ଶ୍ରେଣୀ ।

ବର୍ଗକ୍ଷେତ୍ର, ବି. ନ. ଯେଉଁ ଭୂମିର ଦୈର୍ଘ୍ୟ ଓ ପ୍ରସ୍ଥ ପରସ୍ପର ସମାନ ।

ବର୍ଗମୂଳ, ବି. ନ. ଯେ ରାଶି ଆପଣାଦ୍ୱାରା ଗୁଣିତ ହୁଏ ତାହା ସେହି ଗୁଣନ ଫଳର ବର୍ଗମୂଳ । ଯଥା—ପାଞ୍ଚକୁ ପାଞ୍ଚରେ ଗୁଣିଲେ ପଚିଶ ହୁଏ, ଅତଏବ ପାଞ୍ଚ ପଚିଶର ବର୍ଗମୂଳ ।

ବର୍ଗୀ, ବ. (ସମ୍ଭବତଃ ଏହି ଫାରସି ବର୍ଗ ଶବ୍ଦର ଅପଭ୍ରଂଶ ) ମହାରାଷ୍ଟ୍ର ରାଜ୍ୟର ସଂସ୍ଥାପକ ଶିବାଜୀଙ୍କର ଅଶ୍ୱାରୋହୀ ସୈନ୍ୟଗଣ ବର୍ଗି ହୋଇ ଅର୍ଥାତ୍ ଦଳ ବାନ୍ଧି ଆକ୍ରମଣ କରୁଥିଲେ ବୋଲି ଏହି ନାମରେ ଖ୍ୟାତ ହୋଇଥିଲେ ।

ବର୍ଗୀୟ } ବିଂ. ( ବର୍ଗ-ଈୟ, ଯ ) ବର୍ଗ-
ବର୍ଗ୍ୟ } ସମ୍ବନ୍ଧୀୟ ।

ବର୍ଚ୍ଚଃ, ବ. ନ. ( ବର୍ଚ୍ଚ-ଅସ୍ ) ଆକାର, ରୂପ, କାନ୍ତି, ଶୁକ୍ର, ପୁରୀଷ ।

ବର୍ଚ୍ଚସ୍ୱୀ, ବିଂ. (ବର୍ଚ୍ଚସ୍-ବିନ୍) ତେଜସ୍ୱୀ, ରୂପବାନ୍ । ବ. ପୁଂ. ଚନ୍ଦ୍ର ।

ବର୍ଚ୍ଛୀ } ବ. ଶସ୍ତ୍ରବିଶେଷ ।
ବର୍ଚ୍ଛି }

ବର୍ଜନ, ବ. ନ. (ବୃଜ୍-ଅନ) ପରିତ୍ୟାଗ, ରହିତକରଣ, ହିଂସା, ବଧ ।

ବର୍ଜନୀୟ, ବିଂ. (ବୃଜ୍-ଅନୀୟ) ବର୍ଜନର ଯୋଗ୍ୟ, ତ୍ୟାଜ୍ୟ, ମାରଣୀୟ ।

ବର୍ଜିତ, ବିଂ. (ବୃଜ୍-ତ) ପରିତ୍ୟକ୍ତ, ନିରାକୃତ, ରହିତ, ହତ ।

ବର୍ଣ୍ଣ, ବ. ପୁଂ. ( ବର୍ଣ୍ଣ-ଅ ) ବ୍ରାହ୍ମଣାଦି ଜାତି, ଶୁକ୍ଳାଦି ରଙ୍ଗ, ଗୁଣ, ସ୍ତବ, ପ୍ରଶଂସା, ସୌନ୍ଦର୍ଯ୍ୟ ବର୍ଣ୍ଣନା, ରୂପ, ଗୁଣକୀର୍ତ୍ତନ । ପୁଂ. ନ. ଅ ଆ କ ଖ ପ୍ରଭୃତି ଅକ୍ଷର ।

ବର୍ଣ୍ଣନ, ନ. } ବ. (ବର୍ଣ୍ଣ-ଅନ-ଆ) ଗୁଣକଥନ,
ବର୍ଣ୍ଣନା, ସ୍ତ୍ରୀ. } ବିବରଣ ।

ବର୍ଣ୍ଣନୀୟ, ବିଂ. (ବର୍ଣ୍ଣ-ଅନୀୟ) ବର୍ଣ୍ଣନଯୋଗ୍ୟ ।

ବର୍ଣ୍ଣମାଳା, ବ. ସ୍ତ୍ରୀ. ( ବର୍ଣ୍ଣ-ମାଳା ) ବର୍ଣ୍ଣାବଳୀ, ଜାତିମାଳା, ଅକ୍ଷରସମୂହ ।

ବର୍ଣ୍ଣସଙ୍କର, ବ. ପୁଂ. (ବର୍ଣ୍ଣ ସଙ୍କର) ମିଶ୍ରଜାତି ।

ବର୍ଣ୍ଣିତ, ବିଂ. ( ବର୍ଣ୍ଣ-ତ ) ବିଖ୍ୟାତ, ପ୍ରଶଂସିତ, ସ୍ତୁତ, ବିବୃତ, ରଞ୍ଜିତ । ବ. ସ୍ତ୍ରୀ. ହରିଦ୍ରା ।

ବର୍ତ୍ତନ, ବ. ନ. ( ବୃତ୍-ଅନ ) ଜୀବିକା, ବୃତ୍ତି, ସ୍ଥାପନ, ସ୍ଥିତି, ଅବସ୍ଥିତି, ବେତନ । ଯଥା—

ବାସନ-ରତନ, ତନ୍ତ୍ରୁ ଯେ ଦେବ ଦେବ ବାସ କରନ୍ତନ ।

ବର୍ତ୍ତମାନ, ବ. ପୁଂ. ( ବୃତ୍-ଶାନଚ୍ ) ପ୍ରାରବ୍ଧ ଓ ଅସମାପ୍ତ କାଳ । ବିଂ. ଉପସ୍ଥିତ, ବିଦ୍ୟମାନ, ଯାହା ଚଳୁଅଛି, ସାକ୍ଷାତ୍, ସ୍ଥିତିଶୀଳ ।

ବର୍ତ୍ତି } ବ. ସ୍ତ୍ରୀ. ( ବର୍ତ୍ତି-ଈ ) ପ୍ରଦୀପ, ବତି,
ବର୍ତ୍ତୀ } ପ୍ରଦୀପର ଶଳିତା, ତୂଳି, ପକ୍ଷିବିଶେଷ, ବାର୍ଣିସ, ନେତ୍ରାଞ୍ଜନବିଶେଷ । ଯଥା—

ବର୍ତ୍ତି ହୋଇଯିବ ଯୁବତୀନୟନ,
କେତକୀକେଶର ଗନ୍ଧ ନବର୍ତ୍ତି । ବୈ. ବି.

ବର୍ତ୍ତିକା, ବ ସ୍ତ୍ରୀ. (ବର୍ତ୍ତି-କନ୍-ଆ) ବତି, ପକ୍ଷିଣୀବିଶେଷ ।

ବର୍ତ୍ତିତ, ବିଂ. ( ବର୍ତ୍ତି ତ ) ସମ୍ପାଦିତ, ନିଷ୍ପାଦିତ, କୃତ, ସମ୍ପନ୍ନ ।

ବର୍ତ୍ତୁଳ, ବିଂ. (ବୃତ୍-ଉଲ) ଗୋଲାକାର, ବୃତ୍ତ, ସ୍ଥୂଳ ।

ବର୍ଦ୍ଧ, ବ. ପୁଂ. ( ବୃଧ୍-ଅ ) ପୂରଣ, ବୃଦ୍ଧି, ବର୍ଦ୍ଧନ ।

ବର୍ଦ୍ଧକ, ବିଂ. (ବୃଧ୍-ଅକ) ବୃଦ୍ଧିକାରକ ।

ବର୍ଦ୍ଧକୀ, ବ ପୁଂ. ( ବର୍ଦ୍ଧ-କ ) ସୂତ୍ରଧାର, ବଢ଼େଇ ।

ବର୍ଦ୍ଧନ, ବ. ନ. ( ବୃଧ୍-ଅନ ) ବୃଦ୍ଧି, ଉନ୍ନତି, ଛେଦନ, ପୂରଣ । ବିଂ. ବୃଦ୍ଧିକାରକ ।

ବର୍ଦ୍ଧିତ, ବିଂ. (ବୃଧ୍-ତ) ପୁଷ୍ଟ, ପୂରିତ, ପୋଷିତ, ଛେଦିତ, ଛିନ୍ନ ।

ବର୍ଦ୍ଧିଷ୍ଣୁ, ବିଂ. ( ବୃଧ୍-ଇଷ୍ଣୁ ) ବର୍ଦ୍ଧନଶୀଳ, ବୃଦ୍ଧିଯୁକ୍ତ ।

ବର୍ମ୍ମ, ବ. ନ. (ବୃ-ମନ୍) କବଚ, ସାଞ୍ଜୁ ।

ବର୍ଯ୍ୟ, ବି. (ବୃ-ଯ) ପ୍ରଧାନ, ଶ୍ରେଷ୍ଠ । ବ. ପୁଂ. ମଦନ, କନ୍ଦର୍ପ ।

ବର୍ବର, ବ. ପୁଂ. (ବର୍ବ-ଅ) ନୀଚଜାତି, ପାମର, ଦେଶବିଶେଷ, ମୂର୍ଖ ।

ବର୍ଷ, ବ. ପୁଂ. ( ବୃଷ୍-ଅ ) ବୃଷ୍ଟି, ସେଚନ, ବତ୍ସର, ମେଘ, ଜମ୍ବୁଦ୍ୱୀପ । ସ୍ତ୍ରୀ. ପ୍ରାବୃଟ୍ କାଳ ।

ବର୍ଷକୋଷ, ବ. ପୁଂ. ( ବର୍ଷ-କୋଷ ) ଦୈବଜ୍ଞ, ଗଣକ, ମାସ ।

ବର୍ଷଜ, ବିଂ. ( ବର୍ଷ-ଜନ୍-ଅ ) ବୃଷ୍ଟିଜାତ, ମେଘୋଦ୍ଭବ, ବର୍ଷଜାତ ।

ବର୍ଷଣ, ବ. ନ. (ବୃଷ୍-ଅନ) ବୃଷ୍ଟି ।

ବର୍ଷା, ବ. ସ୍ତ୍ରୀ. ବୃଷ୍ଟି ।

ବର୍ଷାଂଶ, ବର୍ଷାଙ୍ଗ } ବ. ପୁଂ. ( ବର୍ଷ-ଅଂଶ, ଅଙ୍ଗ ) ମାସ ।

ବର୍ଷାଘୋଷ, ବ. ପୁଂ. ( ବର୍ଷା-ଘୋଷ ) ମଣ୍ଡୂକ, ଭେକ ।

ବର୍ଷାଭୂ, ବ. ପୁଂ. ( ବର୍ଷା-ଭୂ ) ବେଙ୍ଗ, ମଣ୍ଡୂକ, ଦର୍ଦ୍ଦୁର । ପୁଂ. ଇନ୍ଦ୍ରଗୋପ କୀଟ । ବିଂ. ବର୍ଷାଜାତ ।

ବର୍ଷିକ, ବିଂ. (ବର୍ଷା-ଇକ) ବର୍ଷସମ୍ବନ୍ଧୀୟ, ବର୍ଷାସମ୍ବନ୍ଧୀୟ ।

ବର୍ଷୀୟାନ୍, ବର୍ଷିଷ୍ଠ } ବ. (ବୃଦ୍ଧ + ଈୟସ୍, ଇଷ୍ଠ) ଅତିବୃଦ୍ଧ, ସର୍ବଜ୍ୟେଷ୍ଠ ।

ବର୍ଷୁକ, ବିଂ ( ବୃଷ୍ + ଉକ ) ବର୍ଷଣଶୀଳ, ଯେଉଁ ମେଘରୁ ବର୍ଷା ହୁଏ ।

ବର୍ଷୋପଲ, ବ. ପୁଂ. ( ବର୍ଷ-ଉପଲ ) କରକା, କୁଆପଥର ।

ବର୍ଷ୍ମ, ବ. ନ. (ବର୍ଷଣ-ମନ୍) ଶରୀର, ପରିମାଣ, ସୁନ୍ଦର ଆକୃତି ।

ବର୍ହ, ବ. ନ. (ବର୍ହ୍ ଅ) ମୟୂରପୁଚ୍ଛ । ପୁଂ. ନ ପତ୍ର । ପୁଂ. ସଙ୍ଗୀ, ଅନୁଚର ।

ବର୍ହି, ବ. ପୁଂ. (ବୃହ ଇ) ଅଗ୍ନି, କୃଶାନୁ, ଅନଳ, ଦବ, ଦାହ, ଦହନ ।

ବର୍ହିଣ, ବର୍ହୀ } ବ. ପୁଂ. ( ବର୍ହ-ଇନ, ଇନ୍ ) ମୟୂର, ଶିଖୀ, ବର୍ହବିଶିଷ୍ଟ ।

ବର୍ହିଣବାହନ, ବ. ପୁଂ. (ବର୍ହିଣ-ବାହନ) କାର୍ତ୍ତିକେୟ, ଷଡାନନ ।

ବର୍ହିଧ୍ୱଜା, ବ. ସ୍ତ୍ରୀ. (ବର୍ହିନ୍-ଧ୍ୱଜ) ଦୁର୍ଗା, ଚଣ୍ଡୀ ।

ବର୍ହିପତ୍ର, ବ. ନ. ମୟୂରପୁଚ୍ଛ ।

ବର୍ହିର୍ମୁଖ, ବ. ପୁଂ. (ବର୍ହିସ୍-ମୁଖ) ଦେବତା ।

ବର୍ହିଃ, ବ. ପୁଂ. ( ବୃହ୍-ଇସ୍ ) ଅଗ୍ନି, ଯଜ୍ଞ, ଦୀପ୍ତି ।

ବଲ, ବ. ନ. (ବଲ୍-ଅ) ସୈନ୍ୟ (Force) । ବର୍ଗ୍ୟ ବ ଦେଖ ।

ବଲକା, ବିଂ. (ଦେଶଜ) ଅଧିକା ।

ବଲକ୍ଷ ବିଂ. (ଅବ-ଲକ୍ଷ୍-ଅ) ଶୁକ୍ଳବର୍ଣ୍ଣ, ଧବଳ, ଶ୍ୱେତବର୍ଣ୍ଣ ।

ବଲଦ, ବିଂ. (ବଲ-ଦା-ଅ) ବଳଦାତା, ଯେ ବଳ ଦିଏ । ବ. (ବଲୀବର୍ଦ୍ଦ ଶବ୍ଦଜ) ବୃଷ, ଦାମୁଡି ।

ବଲୟ, ବ. ପୁଂ. ନ. ( ବଲ୍ ଅୟ ) କରଭୂଷଣ, ବଳା । ଯଥା—

> କ୍ରମେ ଶରୀର କାନ୍ତି ହେଲା ବଲୟ;
> ଖସିଲା ଶୀର୍ଣ୍ଣ କରୁଁ ସ୍ୱର୍ଣ୍ଣବଳୟ ।

ବଲାକା, ବ ସ୍ତ୍ରୀ ବଲ୍-ଅକ-ଆ) ବାମ୍ (ବଲ୍) ଆକ-ଆ) କ୍ଷୁଦ୍ରଜାତୀୟ ବକଶ୍ରେଣୀ ।

ବଲାହକ, ବ. ପୁଂ. (ବାରି-ବାହକ, ନିପାତନେ) ମେଘ, ସର୍ପବିଶେଷ, ପର୍ବତ, ଦୈତ୍ୟ, କୃଷ୍ଣଙ୍କର ଘୋଟକବିଶେଷ ।

ବଲୀ, ବିଂ. (ବଲ୍-ଇନ୍) ବଲବାନ୍ ।

ବଲ୍କ, ନ., ବଲ୍କଲ, ପୁଂ. ନ. } ବ. (ବଲ୍-କ, କଲ) ବକଲ, ଗଛର ଛେଲି, ମାଛର କାତି । ନ. ଦାରୁଚିନି ।

ବଲ୍ଗା, ବ. ସ୍ତ୍ରୀ. ( ବଲ୍ଗ-ଅ = ଅଲ୍ ) ରଶ୍ମି, ଲଗାମ ।

ବଲ୍ଗାହରଣ, ବ. (Reindeor) ସୁମେରୁସନ୍ନିହିତ ଦେଶସ୍ଥ ହରିଣବିଶେଷ ।

ବଲ୍ମୀକ, ବ. ନ ( ବଲ୍-ଈକ, ମ ଆଗମ ) ଉଇହୁଙ୍କା । ପୁଂ. ବାଲ୍ମୀକି ମୁନି ।

ବଲ୍ଲକୀ, ବ. ସ୍ତ୍ରୀ. (ବଲ୍ଲ୍-ଉନ୍) ବାଦ୍ୟଯନ୍ତ୍ରବିଶେଷ, ବୀଣା ।

ବଲ୍ଲଭ, ବିଂ. (ବଲ୍ଲ-ଅଭ) ପ୍ରିୟ, ଦୟିତ, କାନ୍ତ, ପ୍ରଣୟୀ, ପତି, ଅଧ୍ୟକ୍ଷ । ସ୍ତ୍ରୀ-ସ୍ତ୍ରୀ ଦୟିତା, ପ୍ରିୟା, ପ୍ରଣୟିନୀ । ପୁଂ. ପ୍ରଶସ୍ତ କୁଲୋଦ୍ଭବ, ଅଶ୍ୱ ।

**ବଲ୍ଲର** } ବି. ସ୍ତ୍ରୀ. (ବଲ୍ଲ-ଅରନ୍-ଇ)ବ୍ରତତୀ,
**ବଲ୍ଲରୀ** } ଲତା, ମଞ୍ଜରୀ ।

**ବଲ୍ଲବ**, ବିଂ. (ବଲ୍ଲ=ଭକ୍ଷଦ୍ରବ୍ୟ-ବ)ପାଚକ । ବି. ପୁଂ. ସୂପକାର, ଭୀମସେନ,(ବଲ୍ଲ=ଆଚ୍ଛାଦନ-ବ) ଗୋପ । ସ୍ତ୍ରୀ-ସ୍ତ୍ର. ଗୋପୀ ।

**ବଲ୍ଲି** } ବି. ସ୍ତ୍ରୀ. (ବଲ୍ଲ-ଇ, ଈ) ଲତା,
**ବଲ୍ଲୀ** } ପୃଥିବୀ ।

**ବଵ**, ବି. ପୁଂ. ( ବ ଧାତୁଜ-ଅ ) ଏକାଦଶ କରଣର ଅନ୍ତର୍ଗତ ପ୍ରଥମ କରଣ

**ବଶ**, ବି. ପୁଂ. ନ. (ବଶ୍-ଅ) ଅଭିଳାଷ,ଇଚ୍ଛା । ନ. ସ୍ୱାଧୀନତା, ପ୍ରଭୁତ୍ୱ, କର୍ତ୍ତୃତ୍ୱ, ଅଧୀନତା, ଆୟତ୍ତତା । ପୁଂ. ବେଶ୍ୟାଗୃହ । ଶା'-ସ୍ତ୍ରୀ.ବଶ୍ୟା' ସ୍ତ୍ରୀ, ହସ୍ତିନୀ, ନାରୀ, କନ୍ୟା । ବିଂ. ଆୟତ୍ତ, ଅଧୀନ, ଅନୁକୂଳ ।

**ବଶତା**, ବି. ସ୍ତ୍ରୀ. ( ବଶ-ତା ) ଅଧୀନତା, ଆୟତ୍ତତା ।

**ବଶତଃ**, ଅଂ ( ବଶ-ତସ୍ ) ଅଧୀନତାହେତୁ, ବଶବର୍ତ୍ତିତାପ୍ରଯୁକ୍ତ ।

**ବଶମ୍ବଦ**, ବିଂ. (ବଶ-ବଦ) ପ୍ରିୟବାଦୀ ମିଷ୍ଟବକ୍ତା, ବଶୀଭୂତ ।

**ବଶବର୍ତ୍ତୀ**, ବିଂ. (ବଶ ବର୍ତ୍ତିନ୍) ବଶୀଭୂତ ।

**ବଶିଷ୍ଠ** } ବି. ପୁଂ. ( ଅବ ଶାସ୍-ତ, ଅଥବା,
**ବସିଷ୍ଠ** } ବଶିନ୍-ଇଷ୍ଠ କିମ୍ବା ବଶ-ଇଷ୍ଠ) ମୁନିବିଶେଷ, ବ୍ରହ୍ମାଙ୍କ ମାନସ ପୁତ୍ର ।

**ବଶୀ**, ବିଂ. (ବଶ-ଇନ୍) ଜିତେନ୍ଦ୍ରିୟ, ଯେ ବ୍ୟକ୍ତି ଇନ୍ଦ୍ରିୟମାନଙ୍କୁ ଦମନ କରିଅଛି, ସ୍ୱାଧୀନ ।

**ବଶୀକରଣ**, ବି. ନ. ( ବଶ-କରଣ,ଈ=ଈ ଆଗମ ) ଆୟତ୍ତ କରଣ, ଅଧୀନରେ ରଖିବା ।

**ବଶୀକୃତ**, ବିଂ. (ବଶ-କୃତ, ଈ ଆଗମ)ଯାହାକୁ ବଶ କରାଯାଇଅଛି, ଆୟତ୍ତୀକୃତ ।

**ବଶୀଭୂତ**, ବିଂ. (ବଶ-ଭୂତ, ଈ ଆଗମ)ବଶବର୍ତ୍ତୀ, ବଶ୍ୟତାପ୍ରାପ୍ତ, ଆଜ୍ଞାବହ ।

**ବଶ୍ୟ**, ବିଂ. (ବଶ-ଯ) ବଶବର୍ତ୍ତୀ, ଆଜ୍ଞାକାରୀ, ପୋଷା ।

**ବଶ୍ୟତା**, ବି. ସ୍ତ୍ରୀ. ( ବଶ୍ୟ-ତା ) ଅଧୀନତା, ଆୟତ୍ତତା ।

**ବଷଟ୍**, ଅଂ. ( ବହ-ଅଷଟ୍ ) ଅଗ୍ନିରେ ଆହୁତି ଦାନ ପ୍ରଭୃତିର ମନ୍ତ୍ର ।

**ବଷଟ୍କାର**, ବି. ପୁଂ. ( ବଷଟ୍-କାର ) ହୋମ, ଦେବୋଦ୍ଦେଶ୍ୟରେ ଅଗ୍ନିରେ ଆହୁତି ପ୍ରଦାନ ।

**ବଷଟ୍କୃତ**, ବିଂ. (ବଷଟ୍-କୃତ) "ବଷଟ୍" ଏହି ମନ୍ତ୍ରଦ୍ୱାରା ହୁତ ।

**ବସତି** } ବି. ସ୍ତ୍ରୀ. ( ବସ୍-ଅତି ) ବାସସ୍ଥାନ,
**ବସତୀ** } ବାସ, ସ୍ଥିତି, ରାତ୍ରି ।

**ବସନ**, ବି. ନ. (ବସ୍-ଅନ) ବସ୍ତ୍ର, ଲୁଗା, ବାସ, ବାସସ୍ଥାନ,ଆଚ୍ଛାଦନ,ସ୍ତ୍ରୀମାନଙ୍କ କଟିଭୂଷଣ ।

**ବସନ୍ତ**, ବି. ପୁଂ. ( ବସ୍-ଅନ୍ତ ) ଋତୁବିଶେଷ । ଫାଲ୍ଗୁନ ଓ ଚୈତ୍ରମାସ, ସ୍ୱନାମପ୍ରସିଦ୍ଧ ରୋଗବିଶେଷ, ରାଗବିଶେଷ ।

**ବସନ୍ତଘୋଷୀ**, ବି. ପୁଂ. ( ବସନ୍ତ-ଘୋଷିନ୍ ) କୋକିଳ ।

**ବସନ୍ତଦୂତ**; ବି. ପୁଂ. (ବସନ୍ତ-ଦୂତ) କୋକିଳ, ପଞ୍ଚମସ୍ୱର, ଆମ୍ରବୃକ୍ଷ । ତୀ-ସ୍ତ୍ରୀ. କୋକିଳା, ମାଧବୀଲତା । (କୋକିଳ ଅର୍ଥରେ) । ଯଥା—

ବସନ୍ତରେ ବିରହୀ ଅବଶ, ବସନ୍ତଦୂତ ଭାଷରେ ବଶ । ପ୍ରେ. ସୁ.

**ବସନ୍ତପଞ୍ଚମୀ**, ବି. ସ୍ତ୍ରୀ. ଶ୍ରୀପଞ୍ଚମୀ ।

**ବସନ୍ତସଖ**, ବି. ପୁଂ.(ବସନ୍ତ ସଖି=ବନ୍ଧୁ)କନ୍ଦର୍ପ, କାମଦେବ, ମଦନ ।

**ବସନ୍ତୋତ୍ସବ**, ବି. ନ. ଦୋଳଯାତ୍ରା ।

**ବସା**, ବି. ସ୍ତ୍ରୀ. (ବସ୍-ଅ-ଆ) ମଜ୍ଜା,ମେଦଃ,ଚର୍ବି, ପଶୁପକ୍ଷୀମାନଙ୍କର ବାସସ୍ଥାନ, ପ୍ରବାସରେ ରହିବା ଘର, ସ୍ଥାପିତ, ବସାଯାଇଥିବା, ଯଥା - ହୀରବସା ମୁଦି, ବସାଦିଅ ।

**ବସୁ**, ବି. ପୁଂ. (ବସ୍ ଉ)ଗଣଦେବତା ବିଶେଷ, ଭବ, ଧ୍ରୁବ, ସୋମ, ବିଷ୍ଣୁ, ଅନିଲ, ଅନଳ,

ପ୍ରତ୍ୟୂଷ, ପ୍ରଭାସ ଏହି ଅଷ୍ଟ । କୁବେର, ସୂର୍ଯ୍ୟ, ଅଗ୍ନି, କିରଣ, ଦୀପ୍ତି, ରାଜା, ଧନିଷ୍ଠା ନକ୍ଷତ୍ର, ହ୍ରଦ, ଜଳାଶୟ, ମତ୍ସ୍ୟବିଶେଷ, ବକବୃକ୍ଷ, କାୟସ୍ଥମାନଙ୍କର ପଦବୀବିଶେଷ । ନ. ଧନ । ଯଥା—

ବସୁ ଧରିଲେ କୃପଣେ କି କୃପାଳୁ ହୋଇବ । ବୈ. ବ.

ରତ୍ନ, ସ୍ୱର୍ଣ୍ଣ, ଜଳ, ଲବଣ । ବିଂ. ମଧୁର, ଶୁଷ୍କ ।

ବସୁଦେବ, ବି. ପୁଂ. (ବସୁ-ଦେବ) କୃଷ୍ଣଙ୍କ ପିତା ।

ବସୁଧା, ବସୁନ୍ଧରା, ବସୁମତୀ } ବି. ସ୍ତ୍ରୀ. (ବସୁ-ଧା-କ୍ୱିପ୍-ଧୃ-ଅ-ଆ, ମତ୍-ଈ) ପୃଥିବୀ ।

ବସୁଧାଧର, ବି. ପୁଂ. (ବସୁଧା-ଧର) ଭୂଧର, ପର୍ବତ, ଅଚଳ ।

ବସୁଧାଧିପ, ବି. ପୁଂ. (ବସୁଧା-ଅଧିପ) ଭୂପତି, ରାଜା, ନୃପତି ।

ବସୁଧାରା, ବି. ସ୍ତ୍ରୀ. (ବସୁ-ଧୃ-ଅ) ଆଭ୍ୟୁଦୟିକ ଶ୍ରାଦ୍ଧର ପୂର୍ବରେ ଭିତ୍ତିରେ ଦତ୍ତ ଘୃତଧାରା, କୁବେରପୁରୀ ।

ବସ୍ତି, ପୁଂ. / ବସ୍ତୀ, ସ୍ତ୍ରୀ. } ବି. (ବସ୍-ତି) ନାଭିର ଅଧୋଭାଗ, ତଳପେଟ, ବାସସ୍ଥାନ ।

ବସ୍ତୁ, ବି. ନ. (ବସ୍-ତୁ) ପଦାର୍ଥ, ଦ୍ରବ୍ୟ, ସାମଗ୍ରୀ ।

ବସ୍ତୁତଃ, ଅଂ. (ବସ୍ତୁ-ତସ୍) ବାସ୍ତବିକ, ଫଳତଃ, ଯଥାର୍ଥତଃ, ସତ୍ୟତଃ ।

ବସ୍ତ୍ୟ, ବି. ନ. (ବସ୍-ତି-ଯ) ଗୃହ, ସଦନ, ଆଳୟ, ଆବାସ ।

ବସ୍ତ୍ର, ବି. ନ. (ବସ୍-ତ୍ର) ଆଚ୍ଛାଦନ, ବସନ, ବାସ, ଲୁଗା ।

ବସ୍ତ୍ରଗୃହ, ବି. ନ. ପଟଗୃହ, ତାମ୍ବୁ

ବସ୍ତ୍ରଗ୍ରନ୍ଥି, ବି. ପୁଂ. (ବସ୍ତ୍ର-ଗ୍ରନ୍ଥି) ନୀବୀ, ପରିଧାନ ବସ୍ତ୍ରର ଗଣ୍ଠି ।

ବସ୍ତ୍ରଭେଦକ, ବି. ପୁଂ. ସୂଚିକର୍ମୀ, ଦରଜି ।

ବହ, ବି. ପୁଂ. (ବହ୍-ଅ) ବୃଷର ସ୍କନ୍ଧଦେଶ, ଘୋଟକ, ବାୟୁ, ପନ୍ଥା, ନଦ, ବାହୁ, ଗୁରୁଦ୍ରୋଣ ପରିମାଣ, ଯାନ, ବାହନ । ବିଂ. ବହନକାରୀ । ସ୍ତ୍ରୀ. ନଦୀ ।

ବହନ, କ୍ରି. ବିଂ. ନ. (ବହ-ଅନ) ଶୀଘ୍ର, ସତ୍ୱର । ବି. ତରଣୀ, ନୌକା ।

ବହନୀୟ, ବିଂ. (ବହ୍-ଅନୀୟ) ବହନଯୋଗ୍ୟ, ଧାରଣଯୋଗ୍ୟ ।

ବହମାନ, ବିଂ. (ବହ୍-ଶାନଚ) ବହନଶୀଳ, ଯାହା ପ୍ରବାହିତ ହେଉଅଛି ।

ବହଳ, ବିଂ. (ବହ୍-ଅଳ) କଠିନ, ଦୃଢ଼, ବହୁଳ, ଅନେକ । ବି. ପୁଂ. ପୋତ, ନୌକା । ନ. ଉଡୁପ, ଭେଳା, (ଦେଶଜ) ମୋଟା, ଗାଢ଼ା । ଯଥା—

ବହଳ କର ଘେନନ୍ତି ନୟନେ କଜ୍ଜଳ । ଲ. ବ.

ବହି, ବି. (ଯାବନିକ) ପୁସ୍ତକ, ପୋଥି ।

ବହିତ୍ର, ବି. ନ (ବହ-ଇତ୍ର) ନୌକା, ଜଳଯାନ, ବୋଇତ । ଯଥା—

ବହିତ୍ର ଲଗିଛି ଯାଇଁ ସିଂହଳ ଦେଶରେ । ଲ. ଚ.

ବହିଃ, ଅଂ. ସୀମାର ଶେଷ ।

ବହିଃସ୍ଥ, ବିଂ. (ବହିସ୍-ସ୍ଥା-ଅ) ବାହାରରେ ସ୍ଥିତ, ବାହ୍ୟ ।

ବହିରଙ୍ଗ, ବିଂ. (ବହିଃ-ଅଙ୍ଗ) ଅନାତ୍ମୀୟ, ପର । ବି. ବାହ୍ୟଅଙ୍ଗ ଯଥା—

ବହିରଙ୍ଗେ ରହି ବୁଲୁଛନ୍ତି ଅଗଣାରେ । କ. ଚ. ।

ବହିରିନ୍ଦ୍ରିୟ, ବି. ନ. (ବହିସ୍-ଇନ୍ଦ୍ରିୟ) ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା, ତ୍ୱକ୍ ଏହି ପାଞ୍ଚ ଇନ୍ଦ୍ରିୟ ।

ବହିର୍ବାଣିଜ୍ୟ, ବି. ନ. ଭିନ୍ନ ଦେଶରେ କ୍ରୟବିକ୍ରୟ ।

ବହିର୍ଭୂତ, ବିଂ. (ବହିସ୍-ଭୂ-ତ) ବହିର୍ଗତ, ନିଷ୍କ୍ରାନ୍ତ ।

ବହିର୍ମୁଖ, ବିଂ. (ବହିସ୍-ମୁଖ) ବିମୁଖ, ପରାଙ୍ମୁଖ, ବାହ୍ୟବିଷୟାସକ୍ତ, ଦେବତା ।

ବହୁବାସ, ବି. ପୁଂ. କୌପୀନ ବସନ ।

ବହିଶ୍ଚର, ବି. ପୁଂ. ( ବହିସ୍-ଚର ) ଭୁଲୀର, କର୍କଟ ।

ବହିଷ୍କରଣ, ବି. ନ. (ବହିସ୍-କରଣ) ଦୂରୀକରଣ, ବାହାର କରିଦେବା ।

ବହିଷ୍କୃତ, ବିଂ. ( ବହିସ୍-କୃ-ତ ) ଦୂରୀକୃତ ଯାହାକୁ ବାହାର କରି ଦିଆ ଯାଇଅଛି ।

ବହ୍ନି, ବି. ପୁଂ. (ବହ ନି) ଅଗ୍ନି, ଅନଳ ।

ବା, ଅଂ. ( ବା = ଗମନ କରିବା-ଂ ) ବିତର୍କ, ନିଶ୍ଚୟ, ବିକଳ୍ପ, ସମୁଚ୍ଚୟ, ଉପମା, ସାଦୃଶ୍ୟ, ବିଶ୍ୱାସ, ଅତୀତ, ନାନାର୍ଥ । (ବାୟୁ ଶବ୍ଦଜ) ପବନ । ଯଥା—

> ବାସ୍ନାର କି ଯାଏ, ବା କଲେ ବସା ଦୋହଲୁଥାଏ,
> ସୁଖେ ଦୋଳ ଖେଳୁଥାଏ ।

ବାଇଶ, ବି. ଦ୍ୱାବିଂଶତି, ୨୨ ।

ବାଁ, ବି. ଓ ବିଂ. (ବାମ ଶବ୍ଦଜ) ବାମପାର୍ଶ୍ୱ, ବାମପାର୍ଶ୍ୱସ୍ଥିତ ।

ବାଙ୍କ, (ବକ୍ର ଶବ୍ଦଜ) ବକ୍ରତା, ବଙ୍କା । ଯଥା—

> ଘନେ ମୋ ନେତ୍ରପଥରେ
> ପଡ଼ିଗଲା ବାଙ୍କଚୂଳଅ ଅରେ ଗୋ । ବ. ଚ.

ବାଉଁଶ, ବି. (ବଂଶ-ଶବ୍ଦଜ) ବାହୁଁଶ । ଯଥା—

> ସବୁ ଗଛ କଅଁଳଇ ହେଲେ ମଧୁମାସ;
> ପତରହୀନ କେବଳ ହୁଅଇ ବାଉଁଶ ।

ବାକ୍ / ବାଗ୍ } ବି. ସ୍ତ୍ରୀ. (ବାଚ୍-ବଚ୍-ଅ) ବାକ୍ୟ, ଶବ୍ଦ, ବିଦ୍ୟା, ସରସ୍ୱତୀ, ବାଗିନ୍ଦ୍ରିୟ ।

ବାକ, ବି. ପୁଂ. ( ବଚ୍-ଅ) ବାକ୍ୟ, ବଚନ ।

ବାକ, ବିଂ. (ଯାବନିକ) ଅବଶେଷ, ବକୟା ।

ବାକ୍ପଟୁ, ବିଂ. ( ବାଚ୍-ପଟୁ ) ଉତ୍ତମ ବକ୍ତା, ବାଗ୍ମୀ ।

ବାକ୍ପତି, ବି. ପୁଂ. ( ବାଚ୍-ପତି ) ବୃହସ୍ପତି, ଉତ୍ତମ ବକ୍ତା ।

ବାକ୍ପଥ, ବି. ପୁଂ. ( ବାଚ୍-ପଥ ) ବାକ୍ୟର ବିଷୟ, କଥନଯୋଗ୍ୟ ।

ବାକ୍ପ୍ରଣାଳୀ, ବି. ସ୍ତ୍ରୀ. କଥା କହିବାର ରୀତି ।

ବାକ୍ୟ, ବି. ନ. ( ବଚ୍-ଯ ) କଥା, ବଚନ, ବିଭକ୍ତ୍ୟନ୍ତ ପଦସମୂହ, କ୍ରିୟାପଦସମୂହ, କାରକଯୁକ୍ତ କ୍ରିୟାପଦ ଏହି ତିନି ପ୍ରକାର ।

ବାକ୍ୟସ୍ଥ, ବିଂ. ( ବାକ୍ୟ-ସ୍ଥା-ଅ ) ବାକ୍ୟରେ ସ୍ଥିତ, କଥାର ବାଧ୍ୟ ।

ବାଗ, ବି. ( ଯାବନିକ ) ଘୋଡ଼ା, ବଗିଚ୍ଚ, ଲଗାମ ।

ବାଗୀଶ / ବାଗୀଶ୍ୱର } ବି. ପୁଂ. (ବାକ୍-ଈଶ, ଈଶ୍ୱର) ବୃହସ୍ପତି, ବ୍ରହ୍ମା, ବାକ୍ପଟୁ, ଉତ୍ତମ ବକ୍ତା ।

ବାଗୁରା, ବି. ସ୍ତ୍ରୀ. (ବା-ଉର) ମୃଗବନ୍ଧନୀ, ଜାଲ, ଫାନ୍ଦ । ଯଥା—

> ଶିକାରୀ ହୋଇ ସେ ପଡ଼ିଲା ଶିକାରୀ ଫୁଲଧନୁ ବାଗୁରାରେ ।
> ଯ. ଢେ.

ବାଗ୍ଜାଲ, ନ. / ବାଗାଡ଼ମ୍ବର, ପୁଂ. } ବି. କଥାରେ ଆଡ଼ମ୍ବର ।

ବାଗୁରିକ, ବି. ପୁଂ. ( ବାଗୁରା-ଇକ ) ବ୍ୟାଧ, ଶବର ।

ବାଗ୍ଦଣ୍ଡ, ବି. ପୁଂ. ( ବାକ୍-ଦଣ୍ଡ ) ତିରସ୍କାର, ବାକ୍ୟଦ୍ୱାରା ଭର୍ତ୍ସନା, ବାକ୍ୟସଂଯମ ।

ବାଗ୍ଦତ୍ତା, ବି. ସ୍ତ୍ରୀ. (ବାକ୍-ଦତ୍ତ) ବିବାହ ପୂର୍ବରୁ ଯେଉଁ କନ୍ୟାକୁ ବାକ୍ୟଦାନ କରି ହୋଇଅଛି ।

ବାଗ୍ଦରିଦ୍ର, ବିଂ. (ବାକ୍-ଦରିଦ୍ର) ମିତଭାଷୀ, ଯେ ଅଳ୍ପ କଥା କହେ ।

ବାଗ୍ଦେବୀ / ବାଗ୍ଦେବତା } ବି. ସ୍ତ୍ରୀ. (ବାକ୍-ଦେବୀ, ଦେବତା) ସରସ୍ୱତୀ, ବାଗୀଶ୍ୱରୀ ।

ବାଗ୍ମୀ, ବିଂ. ( ବାକ୍-ମିନ୍ ) ବକ୍ତା, ବାକ୍ପଟୁ, ବାଚାଳ । ବି. ପୁଂ. ସୁରାଚାର୍ଯ୍ୟ, ବୃହସ୍ପତି ।

ବାଘ, ବି. ପୁଂ. ( ବ୍ୟାଘ୍ର ଶବ୍ଦଜ ) ଶାର୍ଦ୍ଦୂଳ, ବ୍ୟାଘ୍ର ।

ବାଙ୍ମୟ, ବିଂ. ( ବାକ୍-ମୟ ) ବାକ୍ୟାତ୍ମକ, ବାକ୍ୟମୟ, ଶବ୍ଦଜାତ । ବି. ନ. ବକ୍ତୃତା, ଅଲଙ୍କାରଶାସ୍ତ୍ର, ସାହିତ୍ୟ, କାବ୍ୟଶାସ୍ତ୍ର, ବାକ୍ୟଜନିତ ପାପ । ସ୍ତ୍ରୀ-ସ୍ତ୍ରୀ. ସରସ୍ୱତୀ ।

**ବାଙ୍ମୁଖ**, ବି. ନ. ( ବାକ୍ ମୁଖ ) ଉପନ୍ୟାସ ବାକ୍ୟାରମ୍ଭ, ମୁଖବନ୍ଧ ।

**ବାଚଂଯମ**, ବି. ପୁଂ. (ବାଚଂ-ଯମ) ମୌନବ୍ରତାବଲମ୍ବୀ ମୁନି । ଯଥା—

ବାଚଂଯମ ଭୂତ ନୃପ ପାଇଲା । ବୈ; ବି;

ବିଂ. ମିତଭାଷୀ ।

**ବାଚକ**, ବିଂ. ( ବଚ୍-ଅକ ) ଅର୍ଥପ୍ରକାଶକ, ବୋଧକ, କଥକ, ପୁରାଣାଦି ପାଠକ । ବି. ପୁଂ. ଅଭିଧାଶକ୍ତିଦ୍ୱାରା ଅର୍ଥପ୍ରକାଶକ ଶବ୍ଦ ।

**ବାଚନ**, ବି. ନ. ( ବାଚ-ଅନ ) କଥନ, ପଠନ ।

**ବାଚନିକ**, ବିଂ. ( ବଚନ-ଇକ ) ମୌଖିକ, ବଚନନିଷ୍ପନ୍ନ ।

**ବାଚଃପତି** }
**ବାଚସ୍ପତି** } ବି. ପୁଂ. ( ବାଚସ୍-ପତି ) ଦେବଗୁରୁ, ବୃହସ୍ପତି, ବାଗ୍ମୀ, ବାକ୍‌ପଟୁ, ସଦ୍‌ବକ୍ତା, ବିଦ୍ୱାନ୍ ।

**ବାଚସ୍ପତ୍ୟ**, ବି. ନ. ( ବାଚସ୍ପତି-ଯ ) ବାଗ୍ମିତା, ଉତ୍ତମ ବକ୍ତୃତା । ବିଂ. ବାଚସ୍ପତିସମ୍ବନ୍ଧୀୟ ।

**ବାଚାଟ** }
**ବାଚାଳ** } ବିଂ. (ବାଚ୍-ଆଟ, ଆଲ) ବହୁଭାଷୀ, ଅସମ୍ବନ୍ଧପ୍ରଳାପୀ, ବାବଦୂକ ।

**ବାଚିକ**, ବି. ନ. (ବାଚ୍-ଇକ) ସମ୍ବାଦ,ସନ୍ଦେଶବାକ୍ୟ, ଖବର ।

**ବାଚିକପତ୍ର**, ବି. ନ. ( ବାଚିକ=ସମ୍ବାଦ-ପତ୍ର ) ଲିପି, ଚିଠି, ଲିଖନ, ସମ୍ବାଦପତ୍ର ।

**ବାଚିକହାରକ**, ବିଂ. ପୁ. (ବାଚିକ-ହୃ-ଅକ) ଦୂତ, ସନ୍ଦେଶହାରକ, ଯେ ସମ୍ବାଦ ନେଇଯାଏ ।

**ବାଚ୍ୟ**, ବି. ନ. (ବଚ୍-ଯ) କଥା, ଧାତୁର ଉତ୍ତର ଯେ ବିଶେଷ ବିଶେଷ ଅର୍ଥରେ ବିଶେଷ ବିଶେଷ ପ୍ରତ୍ୟୟ ହୁଏ । ବିଂ. ନିନ୍ଦନୀୟ, ବଚନୀୟ, କୁତ୍ସିତ, ଘୃଣିତ, ଦୁଷ୍ଟ, କଥନୀୟ, ଅଭିଧେୟ, ଜାତିଭ୍ରଷ୍ଟ ।

**ବାଚ୍ୟତା**, ବି. ସ୍ତ୍ରୀ. (ବାଚ୍ୟ-ତା) ନିନ୍ଦା, ବଚନୀୟତା ।

**ବାଛୁରି**, ବି. ( ଦେଶଜ ) ବାଳରୋଗବିଶେଷ, (ବତ୍ସ ଶବ୍ଦଜ) ଘୋଟକଶିଶୁ ।

**ବାଛୁରୁ**, ବି. (ବତ୍ସ ଶବ୍ଦଜ) ଗୋବତ୍ସ । ଯଥା—

ଗୋପେ ଚରାନ୍ତି ଗୋରୁ ବାଛୁରୁ ।

**ବାଜ**, ବି. ପୁଂ. (ବଜ୍-ଅ) ବାଣର ପକ୍ଷ, ଶବ୍ଦ । ପୁଂ. ନ. ପକ୍ଷ, ଡେଣା, ପକ୍ଷିବିଶେଷ, ଶ୍ୟେନ ପକ୍ଷୀ । ନ. ଦୃଢ଼, ଯଜ୍ଞ, ଅନ୍ନ, ବାରି, ପୂଜା ଜପାଦିର ସମାପକ ମନ୍ତ୍ର, ଶ୍ରାଦ୍ଧାନ୍ନ ।

**ବାଜପେୟ**, ବି. ପୁଂ. ନ. ( ବାଜ-ପେୟ ) ସାମବେଦବିହିତ ଯଜ୍ଞବିଶେଷ ।

**ବାଜପେୟୀ**, ବି. ପୁଂ. (ବାଜପେୟ-ଇନ୍) ବାଜପେୟ ଯାଗକର୍ତ୍ତା ।

**ବାଜବହଙ୍ଗ**, ବି. ପୁଂ. ପକ୍ଷିବିଶେଷ । ଯଥା—

ବାଜବହଙ୍ଗକ ସ୍ୱର ବିଅନ୍ତି ଧ ଧ ଧ ଧ ଡାକି ।

**ବାଜିକର** }
**ବାଜିଗର** } ବି. ପୁଂ. ଯେ କୁହୁକ ବିଦ୍ୟା ଜାଣେ, ଐନ୍ଦ୍ରଜାଲିକ । ଯଥା—

ଖଣ୍ଡକ କାନନ ପୁଷ୍ପଉପବନ କଲା ପ୍ରେମ-ବାଜିଗର । କେ. ଗୌ.

**ବାଜୀ**, ବି. ପୁଂ. (ବାଜ୍-ଇନ୍) ପକ୍ଷୀ, ବାଣ, ଅଶ୍ୱ, ଗୁଳ୍ମବିଶେଷ, ଅଶ୍ୱଗନ୍ଧା, ଗ୍ରହ । ବିଂ. ବେଗବାନ୍ ।(ଦେଶଜ)କୁହୁକ । (ଯାବନିକ)କ୍ରୀଡ଼ା ।

**ବାଜୀକରଣ**, ବି. ନ. (ବାଜିନ୍-କରଣ) ବାଜିବତ୍ ସୁରତଶକ୍ତିକାରୀ ଔଷଧାଦି ।

**ବାଜୁ**, ବି (ଦେଶଜ) ହସ୍ତାଳଙ୍କାରବିଶେଷ ।

**ବାଞ୍ଛନ**, ବି. ନ. }
**ବାଞ୍ଛା** ବି. ସ୍ତ୍ରୀ. } (ବାନ୍ଛ-ଅନ, ଅ=ଭାବେ ଆ) ଇଚ୍ଛା, ସ୍ପୃହା, ଅଭିଳାଷ ।

**ବାଞ୍ଛନୀୟ**, ବିଂ. (ବାଞ୍ଛ-ଅନୀୟ) ଅଭିଲଷଣୀୟ ।

**ବାଞ୍ଛିତ**, ବିଂ. ( ବାଞ୍ଛ-ତ ) ଅଭୀଷ୍ଟ, ଅଭିଲଷିତ, କାଙ୍କ୍ଷିତ ।

**ବାଟ**, ବି. ପୁଂ. (ବଟ୍-ଅ) ପଥ, ରାସ୍ତା ।

**ବାଟୁଳି**, ବି. ସ୍ତ୍ରୀ. (ବର୍ତ୍ତୁଳ ଶବ୍ଦଜ) ମୃତ୍ତିକା ବା ଲୌହନିର୍ମିତ କ୍ଷୁଦ୍ରକାୟ ଗୋଲ୍ଲବିଶେଷ । ଯଥା—

ପୃଷ୍ଠେ ନିଷଙ୍ଗେ ପଦ୍ମ ଅରଣ୍ୟମାରଣପଟୁ ଅପୂର୍ବ ବାଟୁଳି ।
ମ. ଯା,

ବାଣ୍ଠ୍ୟାଲ, ବାଣ୍ଠ୍ୟାଲକ } ବି. ପୁଂ. ( ବାଣ୍ଠୀ-ଅଲ, କ ) ବୃକ୍ଷବିଶେଷ, ବାଡ଼ିଅଁଳା ।

ବାଡ଼ବ, ବି. ( ବଡ଼ବା-ଅ ) ସମୁଦ୍ରସ୍ଥ ଅଗ୍ନି, ବାଡ଼ବାନଳ । ଯଥା—

ବାଡ଼ବ ଅନଳ ଏହା କରଇ ଧାରଣ । ବ. ବ.

ନ. ବଡ଼ବାସମ୍ବନ୍ଧ । ପୁଂ. ନ. ପାତାଳ । ବିଂ. ବଡ଼ବାସମ୍ବନ୍ଧୀୟ ।

ବାଢ଼, ବି. ନ. (ବଢ଼୍-ଣିଚ୍-ତ) ସତ୍ୟ, ଯଥାର୍ଥ । ବି. ଅଧିକ, ଅତିଶୟ । ନ. ଅ. ସ୍ୱୀକାର ।

ବାଣ, ବି. ପୁଂ. (ବଣ୍-ଅ) ଶର, ତୀର । ଯଥା—

ବାଣେ ଦୁରୁବାରଙ୍କୁ ସେ ପକାଇଲେ ପୋତ । କ. ବ.

ଶବ୍ଦ, ଅଗ୍ନି, ବଳିରାଜାର ଜ୍ୟେଷ୍ଠପୁତ୍ର, ବାଣରାଜା, କବିବିଶେଷ, ଗୋସ୍ତନ । ଶା-ସ୍ତ୍ରୀ ନୀଳ ଦାସକେଉଁରେଣ୍ଟା ବୃକ୍ଷ ।

ବାଣଭଟ୍ଟ, ବି. ପୁଂ. କାଦମ୍ବରୀ ଗ୍ରନ୍ଥକାର ।

ବାଣଲିଙ୍ଗ ବି. ନ. ନର୍ମଦା-ନଦୀ-ସମ୍ଭୂତ ଶିବ-ଲିଙ୍ଗବିଶେଷ ।

ବାଣସୁତା, ବି. ସ୍ତ୍ରୀ. (ବାଣ-ସୁତା) ଊଷା, ଅନିରୁଦ୍ଧ ପତ୍ନୀ ।

ବାଣହା, ବାଣାରି } ବି. ପୁଂ. (ବାଣ-ହନ୍, ଅରି ) ବିଷ୍ଣୁ, କୃଷ୍ଣ ।

ବାଣାଶ୍ରୟ, ପୁଂ., ବାଣାସନ, ନ. } ବି. (ବାଣ-ଆଶ୍ରୟ, ଆସନ) ଶରାସନ, ଧନୁକ ।

ବାଣି, ବି. (ଦେଶଜ) ଛନ୍ଦୋବିଶେଷ । ବି. ସ୍ତ୍ରୀ. ମାପଦଣ୍ଡ ।

ବାଣିଜ୍ୟ, ବି. ନ. ( ବଣିଜ୍-ଯ ) ବଣିକ୍‌ବୃତ୍ତି, କ୍ରୟବିକ୍ରୟ, ବ୍ୟବସାୟ, କାରବାର ।

ବାଣିନୀ, ବି. ସ୍ତ୍ରୀ. ( ବାଣ-ଇନ୍, ଈ ) ମତ୍ତସ୍ତ୍ରୀ, ନର୍ତ୍ତକୀ, ବିଦଗ୍ଧନାୟିକା, ବୃତ୍ତି, ଷୋଡ଼ଶାକ୍ଷର ଛନ୍ଦୋବିଶେଷ ।

ବାଣୀ, ବି. ସ୍ତ୍ରୀ. (ବଣ-ଇ,ଈ) ବାକ୍ୟ, ବାଗ୍‌ଦେବୀ । ସରସ୍ୱତୀ, ବଚନ ।

ବାତ, ବି. ପୁଂ. (ବା-ତ) ବାୟୁ, ବତାସ, ରୋଗ-ବିଶେଷ, ଧୃଷ୍ଟ ନାୟକ । ବିଂ. ଗତ, ଅତୀତ ।

ବାତକେତୁ, ବି. ପୁଂ. (ବାତ-କେତୁ) ଧୂଳି ।

ବାତକେଳି, ବି ପୁଂ. (ବାତ-କେଳି) ମଧୁରାଳାପ, ଇଷ୍ଟାଳାପ, ପ୍ରେମାଳାପ, ନାୟକର ଦନ୍ତକ୍ଷତ ଚିହ୍ନ ।

ବାତଗାମୀ, ବି. ପୁଂ. (ବାତ-ଗାମିନ୍) ପକ୍ଷୀ ।

ବାତଗୁଲ୍ମ, ବି. ପୁଂ. (ବାତ-ଗୁଲ୍ମ) ବାତୁଳ, ରୋଗବିଶେଷ ।

ବାତଘ୍ନୀ, ବି. ସ୍ତ୍ରୀ. (ବାତ-ହନ୍-ଈ) ଶାଳପର୍ଣ୍ଣୀ, ଅଶ୍ୱଗନ୍ଧା ।

ବାତଧ୍ୱଜ, ବି. ପୁଂ. (ବାତ-ଧ୍ୱଜ) ମେଘ ।

ବାତପୁତ୍ର, ବି. ପୁଂ. ( ବାତ-ପୁତ୍ର ) ଭୀମସେନ, ହନୂମାନ୍, ଅତିଶୟ ଧୂର୍ତ୍ତ ।

ବାତପୋଥ, ବି.ପୁଂ.(ବାତ-ପୁଥ୍-ଅ) ପଳାଶ ବୃକ୍ଷ ।

ବାତପ୍ରମୀ, ବାତମୃଗ } ବି. ପୁଂ. ( ବାତ-ପ୍ର-ମା-ଈ. ମୃଗ, ବେଗଗାମୀ ମୃଗବିଶେଷ, ବାତୁଟିଅହରିଣ ।

ବାତମଣ୍ଡଳୀ, ବି. ସ୍ତ୍ରୀ. (ବାତ-ମଣ୍ଡଳ) ବାତ୍ୟା, ଘୂର୍ଣ୍ଣିବତାସ ।

ବାତରକ୍ତ, ବି. ନ. (ବାତ-ରକ୍ତ) ରୋଗବିଶେଷ ।

ବାତରକ୍ତଘ୍ନ, ବି. ପୁଂ. କୁକୁରଶୁଙ୍ଗିଆ ଗଛ ।

ବାତରଙ୍ଗ, ବି. ପୁଂ. ଅଶ୍ୱତ୍ଥବୃକ୍ଷ, ପିପ୍ପଳ, ଚଳଦଳ ।

ବାତରଥ, ବି. ପୁଂ. (ବାତ-ରଥ) ମେଘ ।

ବାତବୈରୀ, ବି. ପୁଂ. ଏରଣ୍ଡବୃକ୍ଷ ।

ବାତଶୀର୍ଷ, ବି. ନ. (ବାତ-ଶୀର୍ଷ) ନାଭିର ଅଧୋଭାଗ, ତଳପେଟ ।

ବାତଶୋଣିତ, ବି. ନ. (ବାତ-ଶୋଣିତ) ବାତ-ରକ୍ତ ରୋଗ ।

ବାତାଦ, ବି. ପୁଂ. (ବାତ-ଅଦ୍-ଅ) ବାଦାମଗଛ, ରୋଗବିଶେଷ, ଧ୍ୱଜଭଙ୍ଗ ।

ବାତାପି, ବି. ପୁଂ. (ବାତ-ଆ-ପା-ଇ) ଅସୁର-ବିଶେଷ, ଯାହାକୁ ଅଗସ୍ତ୍ୟମୁନି ଭକ୍ଷଣ କରିଥିଲେ । (ଦେଶଜ) ଅମ୍ଳଫଳବିଶେଷ ।

ବାତାପିସୂଦନ, ବି. ପୁଂ. ( ବାତାପି-ସୂଦନ ) ଅଗସ୍ତ୍ୟ ମୁନି ।

ବାତାୟନ, ବି. ନ. (ବାତ-ଅୟନ) ଗବାକ୍ଷ, ଯାହାଦ୍ୱାରା ବାୟୁର ଗତାୟାତ ହୁଏ । ପୁଂ. ଅଶ୍ୱ ।

ବାତାମ୍ବୁ, ବି. ପୁଂ. ( ବାତ-ଅମ୍ବୁ-ଉ ) ହରିଣ, ମୃଗ ।

ବାତାରି, ବି. ପୁଂ. ଏରଣ୍ଡବୃକ୍ଷ, ଶତମୂଳୀ, ପୁତ୍ରଦାତ୍ରୀ, ଶେଫାଳିକା, ଜୁଆଣି, ଭାର୍ଗୀ, ସ୍ନୁହୀ, ବିଡଙ୍ଗ, ଶୂରଣ, ଭଲ୍ଲାତକ, ଜତୁକା ।

ବାତିକ, ବିଂ. (ବାତ-ଇକ) ବାତୋତ୍ପନ୍ନ, ବାୟୁଜନିତ (ବ୍ୟାଧି) । ବି. ପୁଂ. ରୋଗବିଶେଷ ।

ବାତୁଲ } ବିଂ. (ବାତ-ଉଲ) ବାତରୋଗୀ,
ବାତୂଲ } ବାୟୁଗ୍ରସ୍ତ, ଉନ୍ମତ୍ତ, ପାଗଳ । ବି. ପୁଂ. ବାତସମୂହ ।

ବାତ୍ୟା, ବି. ସ୍ତ୍ରୀ. (ବାତ-ଯ-ଆ) ବଳବାନ୍ ବାୟୁ, ବାତସମୂହ ।

ବାତ୍ସଲ୍ୟ, ବି. ପୁଂ. (ବତ୍ସଳ-ଯ) ରସବିଶେଷ, କାରୁଣ୍ୟ, ସ୍ନେହ ।

ବାତ୍ସ୍ୟାୟନ, ବି. ପୁଂ. (ବାତ୍ସ୍ୟା-ଆୟନ) ବାତ୍ସ୍ୟମୁନିଙ୍କ ପୁତ୍ର ।

ବାଦ, ବି. ପୁଂ. ( ବଦ୍-ଅ ) ଯଥାର୍ଥ ବିଚାର, ବାକ୍ୟ, ଉକ୍ତି, କଥନ, ବିତର୍କ, ବାଦ୍ୟ, ପ୍ରବାଦ ।

ବାଦକ, ବିଂ. (ବାଦ ବା ବଦ୍-ଅକ) ବାଦ୍ୟକର, ବକ୍ତା ।

ବାଦନ, ବି. ନ. ( ବାଦ-ଅନ ) ବାଦ୍ୟ, ବଜାଇବା ।

ବାଦଭୂମି, ବି. ସ୍ତ୍ରୀ. ଯେଉଁ ସ୍ଥାନରେ ବାଦାନୁବାଦ ହୁଏ ।

ବାଦରାୟଣି, ବି. ପୁଂ. ( ବାଦର-ଅୟନ-ଇ ) ବେଦବ୍ୟାସ, ବ୍ୟାସଦେବ ।

ବାଦସା, (ଯାବନିକ) ରାଜା । ଯଥା—

ଝାଡଖଣ୍ଡ ରସା ବାଦସା ଭଣେ । ବି. ଚ, .

ବାଦାନୁବାଦ, ବି. ପୁଂ. ( ବାଦ-ଅନୁବାଦ ) ବାକ୍‌ବିତଣ୍ଡା, ଉକ୍ତିପ୍ରତ୍ୟୁକ୍ତି, ବାକ୍ୟ, କଳହ, ତର୍କବିତର୍କ ।

ବାଦାମ } ବି. ପୁଂ. ( ବାତାସ ଶବ୍ଦଜ )
ବଦାମ } ସ୍ୱନାମଖ୍ୟାତ ବୃକ୍ଷବିଶେଷ ।

ବାଦି, ବିଂ. (ବଦ୍-ଇ) ବିଦ୍ୱାନ୍, ପଣ୍ଡିତ ।

ବାଦିତ, ବିଂ. (ବାଦି-ତ) ଶବ୍ଦିତ, ଧ୍ୱନିତ ।

ବାଦିତ୍ର, ବି. ନ. (ବାଦି-ଇତ୍ର) ବାଦ୍ୟଯନ୍ତ୍ର ।

ବାଦୀ, ବିଂ. (ବଦ୍-ଇନ୍) ବକ୍ତା, ଅର୍ଥପ୍ରକାଶକାରୀ, ଫରିଯ୍ୟାଦୀ ।

ବାଦ୍ୟ, ବି. ନ. (ବାଦ-ଯ) ବଜାଇବା ଯନ୍ତ୍ର ।

ବାନ, ବି. ନ. (ବନ୍-ଅ) ଶୁଷ୍କଫଳ । ବିଂ. ଶୁଷ୍କ, ଜୀବିତ, ଜଙ୍ଗମ । ବି. ନ. (ବା-ଅନ) ଗମନ, ଜଳର ଗତି, (ବନ-ଅ) ବନସମୂହ, ବନ୍ୟା, ବୃହତ୍ ପ୍ରବାହ । ବିଂ. ବନ୍ୟ, (ଦେଶଜ) ତେଜ । ଯଥା—

ବିଗ୍ରହକାନ୍ତି କି ଝଟକନ୍ତି କନକ ଅକାଳିଲା,
ବାନ ବଢ଼ାଇ ଅଗ୍ନିରେ ତେଉଁ ଦିଲେ କଷାଇ ହେଲା ।

ବୈ. ବି.

ବାନପ୍ରସ୍ଥ, ବି. ପୁଂ. (ବାନ-ପ୍ରସ୍ଥ) ତୃତୀୟ ଆଶ୍ରମୀ, ବନବାସୀ, ପଳାଶ ବୃକ୍ଷ ।

ବାନର, ବି. ପୁଂ. (ବନ ରମ୍=କ୍ରୀଡ଼ା କରିବା-ଅ ଅଥବା ବା=ତୁଲ୍ୟ-ନର ଅଥବା ବାନ=ବନଭବ ଫଳ-ରା=ଗ୍ରହଣ କରିବା-ଅ) ପ୍ଲବଙ୍ଗ, ମର୍କଟ, ଶାଖାମୃଗ, କପି ।

ବାନରେନ୍ଦ୍ର, ବି ପୁଂ. (ବାନର-ଇନ୍ଦ୍ର) ସୁଗ୍ରୀବ, ହନୁମାନ୍ । ବିଂ. ବାନରଶ୍ରେଷ୍ଠ ।

ବାନସ୍ପତ୍ୟ, ବି. ପୁଂ. (ବନସ୍ପତି-ଯ) ଯେ ସମସ୍ତ ବୃକ୍ଷରେ ପୁଷ୍ପ ହୋଇ ଫଳ ହୁଏ, ଆମ୍ରବୃକ୍ଷ ପ୍ରଭୃତି ।

ବାନା, ବି. (ଦେଶଜ) ପତାକା, ଧ୍ୱଜ । ଯଥା—

ଉଡ଼ାଇ ବୃକ୍ଷାଙ୍କ ବାନା ଅଙ୍ଗଦେଶୀ ସେନା । ମ. ଯା.

ବାନାମ୍ବର } ବି. ( ଦେଶଜ ) ଶିବ,
ବାନାବର } ମହାଦେବ, ପୁରୁଷ ନାମବିଶେଷ ।

ବାନ୍ତି, ବି. ସ୍ତ୍ରୀ. (ବମ୍-ତି) ବମନ, ଉଦ୍ଗୀରଣ ।

ବାପ, ବି. ପୁଂ. (ବପ୍-ଅ) କ୍ଷୌର, ଛେଦ, ବପନ, ବୀଜରୋପଣ, (ବପ୍ତା ଶବ୍ଦଜ) ପିତା, ଜନକ ।

ବାପିତ, ବିଂ. (ବାପି-ତ କର୍ମ୍ମ ବାପ-ଇତ) ରୋପିତ, ଯାହା ବୁଣା ହୋଇଅଛି ।

ବାପି } ବି. ସ୍ତ୍ରୀ. (ବପ୍-ଇ) ବୃହତ୍ ପୁଷ୍କରଣୀ,
ବାପୀ } ଦୀର୍ଘିକା ।

ବାବା, ବି. (ବପି ବା ବପ୍ର ଶବ୍ଦଜ) ପିତା ।

ବାବୁ, ବି. (ଦେଶଜ) ଧନୀ ବ୍ୟକ୍ତିମାନଙ୍କର ଉପାଧି, ସୁଖଭୋଗୀ, ବାହ୍ଲ୍ୟାର୍ଥେ ବାବୁ ଶବ୍ଦର ପ୍ରୟୋଗ ହୋଇଥାଏ । ଯଥା—

ବାବୁ ହୁଃଖିଧନ ମାନମଣି,
କହ୍ଲାଇ କହ୍ଲାଇ ଡାକି ଡାକି
ମୁହିଁ ତାଙ୍କି ରଖିଅଛି ଏ ସରଲବଣୀ ।

ବାମ, ବିଂ. (ବମ୍-ଅ) ବିମୁଖ, ପ୍ରତିକୂଳ, ବିପରୀତ, ଦକ୍ଷିଣେତର, ବାମଦିଗସ୍ଥ, ସୁନ୍ଦର, ମନୋହର, ବକ୍ର, ଅଧମ, ନୀଚ, ଶ୍ରେଷ୍ଠ । ବି. ପୁଂ. ଶିବ, କାମଦେବ, ବୟଃ ଜୀବ । ନ. ଧନ ।

ବାମଦେବ, ବି. ପୁଂ. (ବାମ-ଦେବ) ମହାଦେବ, ଶିବ, ଈଶ୍ୱର, ମୁନିବିଶେଷ ।

ବାମନ, ବିଂ. (ବାମ-ଇ-ଅନ) ଖର୍ବ, ହ୍ରସ୍ୱ, କ୍ଷୁଦ୍ର, ଅଳ୍ପ, ନୀଚ । ବି. ପୁଂ. ବିଷ୍ଣୁଙ୍କର ଅବତାରବିଶେଷ, ଦକ୍ଷିଣଦିଗର ହସ୍ତୀ ।

ବାମଲୂର, ବି. ପୁଂ. ( ବାମ-ଲୂ-ର ) ବଲ୍ମୀକ, ଉଇହୁଙ୍କା ।

ବାମଲୋଚନା } ବି. ସ୍ତ୍ରୀ. (ବାମ-ଲୋଚନ, ଅକ୍ଷି)
ବାମାକ୍ଷୀ } ସୁନ୍ଦରୀ ସ୍ତ୍ରୀ. ସୁଲୋଚନା ।

ବାମା, ବି. ସ୍ତ୍ରୀ. ନାରୀ, ରମଣୀ, ରାମା, ଲକ୍ଷ୍ମୀ, ଦୁର୍ଗା ।

ବାମାଚାର, ବି. ତନ୍ତ୍ରଶାସ୍ତ୍ରରେ ଉକ୍ତ ହୋଇଥିବା ମଦ୍ୟମାଂସାଦି ସେବନ ରୂପ ଆଚାରବିଶେଷ ।

ବାମୀ, ବି. ଘୋଟକୀ ।

ବାମେତର, ବିଂ. (ବାମ-ଇତର) ଦକ୍ଷିଣ ।

ବାମୋରୁ, ବି. ସ୍ତ୍ରୀ. ( ବାମ-ଊରୁ ) ସୁନ୍ଦର ଊରୁଯୁକ୍ତା ସ୍ତ୍ରୀ ।

ବାୟବୀ ବି. ସ୍ତ୍ରୀ. ( ବାୟୁ-ଅ-ଈ ) ଉତ୍ତର-ପଶ୍ଚିମ ଦିକ୍, ବାୟୁକୋଣ ।

ବାୟବ୍ୟ } ବିଂ. ( ବାୟୁ-ଯ, ଈୟ ) ବାୟୁ-
ବାୟବୀୟ } ସମ୍ବନ୍ଧୀୟ ।

ବାୟବ୍ୟବାୟୁ, ( Monsoon ) ଯେ ବାୟୁ ଛ ମାସ ନୈର୍ଋତ କୋଣ ଓ ଛ ମାସ ଈଶାନ କୋଣରୁ ଭାରତ ସମୁଦ୍ରରେ ବହମାନ ହୁଏ ।

ବାୟସ, ପୁଂ. } ବି. (ବୟ୍-ଅସ) କାକ, ଅଗୁରୁ
ବାୟସୀ, ସ୍ତ୍ରୀ. } ବୃକ୍ଷ ।

ବାୟସାରାତି } ବି. ପୁଂ. (ବାୟସ-ଅରାତି, ଅରି)
ବାୟସାରି } ପେଚକ, ପେଚ୍ଚ ।

ବାୟୁ, ବି. ପୁଂ. ( ବା-ଉ ) ପବନ, ବତାସ, ପ୍ରାଣ ।

ବାୟୁକେତୁ ବି. ପୁଂ. (ବାୟୁ-କେତୁ) ଧୂଳି ।

ବାୟୁକୋଣ, ବି. ପୁଂ. ଉତ୍ତର-ପଶ୍ଚିମ କୋଣ ।

ବାୟୁକୋଷ, (Air bladder) ଶରୀରାନ୍ତର୍ଗତ ଯେ ଚର୍ମମୟ କୋଷରେ ବାୟୁ ଥାଏ ।

ବାୟୁଗଣ୍ଡ, ବି. ପୁଂ. ( ବାୟୁ-ଗନ୍ଡ୍-ଅ) ଅଜୀର୍ଣ୍ଣରୋଗ ।

ବାୟୁନିର୍ଯ୍ୟାଣଯନ୍ତ୍ର, ( Air pump ) ଯେଉଁ ଯନ୍ତ୍ରଦ୍ୱାରା କୌଣସି ବସ୍ତୁର ଅଭ୍ୟନ୍ତରରୁ ବାୟୁ ବାହାର କରାଯାଏ ।

ବାୟୁପୁତ୍ର, ବି. ପୁଂ. ( ବାୟୁ-ପୁତ୍ର ) ଭୀମ, ହନୂମାନ୍ ।

ବାୟୁଫଳ, ବି. ନ. (ବାୟୁ-ଫଳ) ଶକ୍ରଧନୁ, ରାମଧନୁ, କରକା ।

ବାୟୁଭକ୍ଷ } ବିଂ. ( ବାୟୁ-ଭକ୍ଷ୍-ଅ, ଭକ୍ଷ୍ୟ=
ବାୟୁଭକ୍ଷ୍ୟ } ଭକ୍ଷଣୀୟ) ବାୟୁ ଭକ୍ଷଣକାରୀ । ବି. ପୁଂ. ସର୍ପ ।

ବାୟୁମାନଯନ୍ତ୍ର, ଯେଉଁ ଯନ୍ତ୍ରଦ୍ୱାରା ବାୟୁର ପରିମାଣ ନିରୂପିତ ହୁଏ ।

ବାୟୁବାହ, ବି, ପୁଂ. (ବାୟୁ-ବାହ) ଧୂମ, ବାଷ୍ପ ।

ବାୟୁସଖ } ବି. ପୁଂ. (ବାୟୁ-ସଖି) ଅଗ୍ନି, ବହ୍ନି,
ବାୟୁସଖି } ଅନଳ ।

ବାର, ବି. ପୁଂ. (ବୃ-ଅ) ବାସର, ରବି ସୋମ ପ୍ରଭୃତି, ସମୂହ । ବିଂ. ନିବାରଣୀୟ, ସଂଖ୍ୟାବିଶେଷ, ୧୨ ।

ବାରକ, ବି°. (ବୃ-ଇ-ଅକ) ନିବାରକ,ନିଷେଧକ, ପ୍ରତିବନ୍ଧକ । ବି°. ପୁ°. ଅଶ୍ୱବିଶେଷ, ଅଶ୍ୱର ଗତିବିଶେଷ ।

ବାରଣ. ବି, ପୁ°. ( ବୃ-ଇ-ଅନ ) ହସ୍ତୀ । ନି· ନିଷେଧ । ଯଥା —

ବାରଣଣିରେ ପଦ ଦେଇ ଆସ୍ତ,
ଚରଣ କର ରାମ ମନ ଭେଷ୍ଟୁ । ବୈ. ବ.

ବାରଣବଲ୍ଲଭା, ବି. ସ୍ତ୍ରୀ. (ବାରଣ-ବଲ୍ଲଭା) କଦଳୀ ବୃକ୍ଷ ।

ବାରଣୀୟ, ବି. (ବୃ-ଅନୀୟ) ନିବାରଣଯୋଗ୍ୟ ।

ବାରଣାବତ, ବି. ନ. ମହାଭାରତୋକ୍ତ ନଗର-ବିଶେଷ ।

ବାରନାରୀ
ବାରବଧୂ
ବାରବନିତା
ବାରବିଳାସିନୀ
ବାରଯୋଷା
ବାରଯୋଷିତ୍
ବାରସୁନ୍ଦରୀ
ବାରସ୍ତ୍ରୀ
} ବି. ସ୍ତ୍ରୀ. (ବାର = ଅନେକ-ନାରୀ, ବଧୂ, ବନିତା, ବିଳାସିନୀ, ଯୋଷା, ଯୋଷିତ୍, ସୁନ୍ଦରୀ, ସ୍ତ୍ରୀ) ବେଶ୍ୟା, ଗଣିକା ।

ବାରମ୍ବାର, ଅ°.ପୁନଃପୁନଃ, ମୁହୁର୍ମୁହୁଃ ବାରବାର ।

ବାରୟିତା, ବି°. ( ବୃ-ଇ-ତୃ ) ନିବାରକ, ବାରଣକାରୀ । ବି. ପୁ°. ପତି ।

ବାରବାଣି, ବି. (ଦେଶଜ) ଉତ୍କୃଷ୍ଟ,ସ୍ୱର୍ଣ୍ଣ । ଯଥା—

ଝିଲ ଗୌରବପୁ-ଆ ଦି-ପୁଞ୍ଜ ବାରବାଣି ସୁନା ଦର୍ପ ହରେ ।
ଯ. କେ.

ବାରବେଲା, ବି. ସ୍ତ୍ରୀ. (ବାର-ବେଲା) ସର୍ବ କର୍ମ ବାରଣକାଳ, ଯେଉଁ ସମୟରେ କୌଣସି କର୍ମ କରିବା ବିହିତ ନୁହେ ।

ବାରାଙ୍ଗନା, ବି. ସ୍ତ୍ରୀ. (ବାର-ଅଙ୍ଗନା) ବେଶ୍ୟା ।

ବାରାଣସୀ ବି. ସ୍ତ୍ରୀ. ( ବରଣା-ଅସୀ ) କାଶୀ, ଶିବପୁରୀ ।

ବାରାନ୍ତର, ବି. ନ. (ବାର-ଅନ୍ତର) ଅନ୍ୟ ସମୟ, ଅନ୍ୟ ବାର ।

ବାରାହ,ବି. (ବରାହ-ଅ) ବରାହସମ୍ବନ୍ଧୀୟ,ଶୂକର-ସମ୍ବନ୍ଧୀୟ ।

ବାରାହକର୍ଣ୍ଣୀ
ବାରାହପର୍ଣ୍ଣୀ
} ବି. ସ୍ତ୍ରୀ. ଅଶ୍ୱଗନ୍ଧା ।

ବାରାହୀ, ବି. ସ୍ତ୍ରୀ. ( ବରାହ-ଅ-ଈ ) ବରାହ-ରୂପିଣୀ ମାତୃକାବିଶେଷ ।

ବାରି, ବି. ନ. (ବୃ-ଇ) ଜଳ ।

ବାରିଚର, ବି. ପୁ°. (ବାରି ଚର) ମତ୍ସ୍ୟ । ବି°. ଜଳଚର ।

ବାରିଶୃମର, ବି. ନ. (ବାରି-ଶୃମର) ଶୈବାଳ, ଶିଉଳୀ ।

ବାରିଜ. ବି. ପୁ°. (ବାରି-ଜନ୍-ଅ) ଶଙ୍ଖ,ଶମ୍ବୁକ ପ୍ରଭୃତି ଜଳଜାତ ବସ୍ତୁ । ନ. ପଦ୍ମପୁଷ୍ପ, ଜଳଜ । ବି°. ଯାହା ଜଳରୁ ଜାତ ହୁଏ ।

ବାରିଦ
ବାରିବାହ
ବାରିବାହନ
} ବି. ପୁ°. (ବାରି·ଦା-ଅ, ବହ୍-ଅ, ବହ୍-ଅନ) ଜଳଦ, ମେଘ ।

ବାରିଧି
ବାରିନିଧି
ବାରିରାଶି
} ବି. ପୁ°. (ବାରି-ଧି, ନିଧି, ରାଶି) ଜଳଧି, ସମୁଦ୍ର ।

ବାରିନାଥ, ବି. ପୁ°. ( ବାରି-ନାଥ ) ବରୁଣ, ସମୁଦ୍ର, ମେଘ ।

ବାରିରୁହ, ବି. ନ. ( ବାରି-ରୁହ ) ପଦ୍ମ, ଜଳରୁହ । ବି°. ଜଳଜାତ ।

ବାରୀନ୍ଦ୍ର
ବାରୀଶ
} ବି. ପୁ°. ( ବାରି-ଇନ୍ଦ୍ର, ଈଶ ) ସମୁଦ୍ର ।

ବାରୁଣ, ବି°. (ବରୁଣ-ଅ) ବରୁଣସମ୍ବନ୍ଧୀୟ । ବି. ନ. ଜଳ ।

ବାରୁଣି, ବି. ପୁ°. (ବରୁଣ·ଇ) ଅଗସ୍ତ୍ୟ ମୁନି ।

ବାରୁଣୀ, ବି. ସ୍ତ୍ରୀ. ( ବରୁଣ-ଅ-ଈ ) ପଶ୍ଚିମଦିକ୍, ମଦ୍ୟବିଶେଷ,ଶତଭିଷାନକ୍ଷତ୍ର, ବରୁଣଙ୍କ ସ୍ତ୍ରୀ ।

ବାରୁଦ, ବି. ( ଦେଶଜ ) ସୋରା ଗନ୍ଧକ ମିଶ୍ରିତ ଚୂର୍ଣ୍ଣବିଶେଷ ।

ବାର୍ତ୍ତ, ବି. ନ. ( ବୃତ୍-ଅ ) ଆରୋଗ୍ୟ, ସ୍ୱାସ୍ଥ୍ୟ, କୁଶଳ, ପଟୁତା । ବି°. ନୀରୋଗ, ସୁସ୍ଥ, ପଟୁ ବୃତ୍ତିଶାଳୀ ।

ବାର୍ତ୍ତା, ବି ସ୍ତ୍ରୀ. ( ବୃତ୍-ଅ ) ବୃତ୍ତାନ୍ତ, ସମ୍ବାଦ, ଜନଶ୍ରୁତି ।

**ବାର୍ତ୍ତାବହ,** ବି. ପୁଂ. (ବାର୍ତ୍ତା-ବହ) ଦୂତ, ଚର, ସନ୍ଦେଶବାହକ ।

**ବାର୍ଦ୍ଧକ,** ବି. ନ. (ବୃଦ୍ଧ-ଅକ) ବୃଦ୍ଧାବସ୍ଥା, ବୃଦ୍ଧ-ସମୂହ, ବୃଦ୍ଧର କର୍ମ ।

**ବାର୍ଦ୍ଧକ୍ୟ,** ବି. ନ. ( ବାର୍ଦ୍ଧକ-ଯ ) ବୃଦ୍ଧାବସ୍ଥା, ବୃଦ୍ଧତ୍ୱ ।

**ବାର୍ଦ୍ଧୁଷି } ବାର୍ଦ୍ଧୁଷିକ }** ବି. ପୁଂ. (ବୃଦ୍ଧି-ଇ-ଣିକ୍, ବାର୍ଦ୍ଧୁଷି-କ ) ବୃଦ୍ଧିଜୀବୀ, ସୁଦଖୋର ।

*ଯଥା—*

ଏବେଲ କରନ୍ତୁ ବୃଦ୍ଧି ବୃଦ୍ଧ ବାର୍ଦ୍ଧୁଷିକେ
ଅଧମର୍ଣ୍ଣ-ମର୍ଷିଙ୍କର ଉତ୍ତମର୍ଣ୍ଣାବଳୀ ପରି । ମ. ଯା.

**ବାର୍ଯ୍ୟ,** ବିଂ. ( ବାର-ଯ ) ବାରଣୀୟ ବାରଣ-ଯୋଗ୍ୟ ।

**ବାର୍ଷଠ,** ବି. ପୁଂ. (ବାର-ବଠ) ବହିତ୍ର, ନୌକା-ପ୍ରଭୃତି ଜଳଯାନ ।

**ବାର୍ଷିକ,** ବିଂ. (ବର୍ଷ-ଇକ) ବାତ୍ସରିକ, ବତ୍ସର-ସମ୍ବନ୍ଧୀୟ ।

**ବାଲକ,** ବି. ପୁଂ. ( ବଲ୍-ଅକ ) ବଳୟ, ଅଙ୍ଗୁରୀୟକ ।

**ବାଲବ,** ବି. ପୁଂ. ( ବଲ୍-ଅ-ବ ) ଏକାଦଶ କରଣ ଅନ୍ତର୍ଗତ କରଣବିଶେଷ ।

**ବାଲଶ,** (ଯାବନିକ) ଉପାଧାନ, ତକିଆ ।

**ବାଲୁତ,** ବି. (ବାଲ ଶବ୍ଦଜ) ବାଳକ, ପିଲା ।

ଯଥା—

ମାତାଙ୍କ ଯେସନ ବାଲୁତ । ମ. ମ.

**ବାଲୁଙ୍ଗା,** ବି. ନ. (ଦେଶଜ) ବନାକର୍ଷଣରେ ଜାତ ଧାନ୍ୟ, ନୀବାରଧାନ୍ୟ । ଯଥା —

କୃଷକେ ଉପାଡ଼ନ୍ତି ବାଲୁଙ୍ଗା ଖେତରୁ । ଭୂ. ସ୍ତ.

**ବାଲ୍ମିକ, ବାଲ୍ମିକି } ବାଲ୍ମୀକ, ବାଲ୍ମୀକି }** ବି. ପୁଂ. ( ବାଲ୍ମୀକ, ବାଲ୍ମୀକ-ଅ. ଇ ) ରାମାୟଣ ଗ୍ରନ୍ଥକାର ମୁନି, ଆଦିକବି ।

**ବାବଦୂକ,** ବିଂ. ( ବାବଦ୍-ଊକ ) ବାଚାଳ, ଯେ ଅଧିକ କଥା କହେ ।

**ବାଶିଷ୍ଠ } ବାସିଷ୍ଠ }** ବିଂ. ( ବଶିଷ୍ଠ, ବସିଷ୍ଠ-ଅ ) ବଶିଷ୍ଠ-ସମ୍ବନ୍ଧୀୟ । ବି. ନ. ବଶିଷ୍ଠପ୍ରଣୀତ ଯୋଗଶାସ୍ତ୍ର ।

**ବାଷ୍ପ } ବାଷ୍ପ }** ବି. ପୁଂ. ( ବା-ସୂକ୍-ପ, ନିପାତନ ) ସୂକ୍ଷ୍ମ ଜଳବିନ୍ଦୁ, ଧୂମ, ନେତ୍ରଜଳ, ଅଶ୍ରୁ, କଣ୍ଣବାରି ।

**ବାସ,** ବି. ପୁଂ. ( ବସ୍-ଅ ) ଗୃହ, ବାସସ୍ଥାନ । (ବସ୍=ଆଚ୍ଛାଦନ କରିବା-ଅ) ବସ୍ତ୍ର । (ବାସ=ବାସନା-ଅ ସୁଗନ୍ଧ । .

**ବାସକସଜ୍ଜା,** ବି. ସ୍ତ୍ରୀ. ଯେଉଁ ସ୍ତ୍ରୀ ଭୂଷିତ ହୋଇ ଏବଂ ବାସଗୃହକୁ ଭୂଷିତ କରି ନାୟକର ଆଗମନ ପ୍ରତୀକ୍ଷା କରଥାଏ ।

**ବାସଗୃହ,** ବି. ନ. ( ବାସ-ଗୃହ ) ଶୟନାଗାର, ଶଯ୍ୟାଗୃହ, ଅନ୍ତଃପୁରଗୃହ ।

**ବାସନ, ନ. } ବାସନା, ସ୍ତ୍ରୀ }** ବି. (ବାସ୍=ସୁଗନ୍ଧ-ଅନ) ସୁଗନ୍ଧୀ-କରଣ । (ବସ୍=ପରିଧାନ-ଅନ) ବସ୍ତ୍ର । ( ବସ=ବାସ କରିବା-ଅନ ) ବାସସ୍ଥାନ, ଜଳପାତ୍ର, ପାତ୍ର ।

**ବାସନ୍ତ,** ବିଂ. (ବସନ୍ତ-ଅ) ବସନ୍ତଋତୁସମ୍ବନ୍ଧୀୟ । ବିଂ. ପୁଂ. କୋକିଳ, ମଳୟ ବାୟୁ ।

**ବାସନ୍ତିକ,** ବି. ପୁଂ. ( ବସନ୍ତ-ଇକ ) ବିଦୂଷକ, ନଟ, ନର୍ତ୍ତକ ।

**ବାସନ୍ତୀ** ବି. ସ୍ତ୍ରୀ. ( ବସନ୍ତ-ଈ ) ନବମଲ୍ଲିକା, ମାଧବୀଲତା, ମଦନୋତ୍ସବ, ବନଦେବତା-ବିଶେଷ, ଦୁର୍ଗା ।

**ବାସନ୍ତୀପୂଜା,** ବି. ସ୍ତ୍ରୀ. ଚୈତ୍ରମାସୀୟ ଦୁର୍ଗାପୂଜା ।

**ବାସର,** ବି. ପୁଂ. ନ. ( ବସ୍-ଅର ) ଦିବସ ।

ଯଥା—

ବାସର ଯୌବନେ ବଟପେ ଗଲେ,
ବସନ୍ତ କଳାପିକୁଳ ଭୃଙ୍ଗଲେ । କ. ବ.

ବିବାହରାତ୍ରିର ଶୟନଗୃହ ।

**ବାସବ,** ବି. ପୁଂ. ( ବସୁ=ଧନ ଅ ) ଇନ୍ଦ୍ର । ବି. ସ୍ତ୍ରୀ. ବ୍ୟାସଙ୍କ ମାତା, ସତ୍ୟବତୀ । ନ. ଧନିଷ୍ଠା ନକ୍ଷତ୍ର ।

ବାସଃ, ବି. ନ. (ବାସ୍-ଇ-ଅସ୍) ବସ୍ତ୍ର ।

ବାସି, ପୁଂ. } ବି. ( ବସ୍-ଇ ) କୁଠାରବିଶେଷ,
ବାସୀ, ସ୍ତ୍ରୀ. } (ଦେଶଜ) ପର୍ଯ୍ୟୁଷିତ । ଯଥା—

ଗଜୋତ୍ପଳ ବାସି ହେଲା ପର ବଶି ଯାଉଛ ଦୁର୍ବ୍ବ ସ୍ତ୍ରୀଅଙ୍ଗ ।
କ ଚ

ବାସିନା, ବିଂ. (ଯାବନିକ) ବାସକାରୀ ।

ବାସୁକି } ବି. ପୁଂ. ( ବସୁ-କ-ଇ, ଏୟ )
ବାସୁକେୟ } ସର୍ପରାଜ ।

ବାସୁଙ୍ଗା, ବି. (ଦେଶଜ) ପଟ୍ଟ । ଯଥା –
କଦଳୀବାସୁଙ୍ଗା ।

ବାସୁଦେବ, ବି. ପୁଂ. (ବସୁଦେବ-ଅ) ବସୁଦେବଙ୍କ ପୁତ୍ର, କୃଷ୍ଣ ।

ବାସ୍ତବ } ବିଂ. ( ବସ୍ତୁ-ଅ, ଇକ ) ପ୍ରକୃତ,
ବାସ୍ତବିକ } ଯଥାର୍ଥ, ପରମାର୍ଥ ଭୂତବସ୍ତୁ ।

ବାସ୍ତବ୍ୟ, ବିଂ. ( ବସ୍-ଇ-ତବ୍ୟ ) ବାସ୍ତୁଯୋଗ୍ୟ, ବାସଯୋଗ୍ୟ, । ବି. ପୁଂ. ବସତି ।

ବାସ୍ତୁ, ବି. ପୁଂ. (ବସ୍-ତୁ) ଗୃହ, ଭବନ ।

ବାସ୍ତୁଦେବ, ବି. ପୁଂ. ଗୃହଦେବତା ।

ବାସୁରି, ବି. (ଯାବନିକ) ଦେଉଁଯୁଳିଆ, ଫଭୁଆ ।

ବାସ୍ତୋଷ୍ପତି } ବି. ପୁଂ, ( ବାସ୍ତୋସ୍-ପତି )
ବାସ୍ତୋଷ୍ପତି } ସୁରପତି, ଇନ୍ଦ୍ର ।

ବାହ, ବି. ପୁଂ. (ବହ୍-ଅ) ଅଶ୍ୱ, ବୃଷ, ମହିଷ, ବାୟୁ, ପରମାଣବିଶେଷ । ବିଂ. ବାହକ ।

ବାହକ, ବି. ପୁଂ. (ବାହ-ଇ-ଅକ) ସାରଥି, ଯନ୍ତା, ସୂତ । ବିଂ. ବହନକର୍ତ୍ତା ।

ବାହନ, ବି. ନ. (ବାହି-ଅନ) ଯାନ, ଯାହାଦ୍ୱାରା ବହନ ହୁଏ, ହସ୍ତୀ, ଅଶ୍ୱ, ନୌକା, ଶିବିକା ପ୍ରଭୃତି ।

ବାହଶ୍ରେଷ୍ଠ, ବି. ପୁଂ. ଅଶ୍ୱ, ଘୋଟକ ।

ବାହା, ବି. (ବାହୁ ଶବ୍ଦଜ) ଭୁଜ । ଯଥା—

ଯହା ବାହା ସହା ପାଇ ବାଞ୍ଛୁଥିଲ ।

(ବିବାହ ଶବ୍ଦଜ) ବିବାହ ।

ବାହାଡ଼ା, ବି. ( ଦେଶଜ ) ଫଳବିଶେଷ, ବିଭୀତକ, ଦନ୍ତବିଶେଷ ।

ବାହାନା, ବି. (ଦେଶଜ) ଛଳନା ।

ବାହାପିଆ, ବିଂ. (ଦେଶଜ) ସାହସୀ ।

ବାହାର, ବି. (ଯାବନିକ) ସୌନ୍ଦର୍ଯ୍ୟ, ସୌଷ୍ଠବ, (ବହିର୍ଗତ ଶବ୍ଦଜ) ନିର୍ଗତ । ଯଥା—

ବଲ୍ମୀକ ଶିଖାଗ୍ରରୁ ହୋଇ ବାହାର,
ସୁରେନ୍ଦ୍ରଚାପ ଯେସନେ ଦିଶେ ବାହାର । ମେ. ଦୂ,

(ଦେଶଜ) ଗୃହର ବହିଃପ୍ରଦେଶ, ବ୍ୟତୀତ ।

ବାହାବଳୀ ବି. ପୁଂ. (ବାହ-ଆବଳୀ) ଅଶ୍ୱସମୂହ ।

ରଥ ରଥଯନ୍ତା କାହିଁ ବଳୁଳିର ବେଗେ,
ଚିତ୍ର କଷାଘାତେ ନାଚେ ଉଚ୍ଚ ବାହାବଳୀ । ମ ଯା.

ବାହିତ, ବିଂ. (ବାହି-ତ) ଚାଳିତ, ପ୍ରବାହିତ, ପ୍ରତାରିତ, ବଞ୍ଚିତ, ପ୍ରାପିତ ।

ବାହିନୀ, ବି. ସ୍ତ୍ରୀ. (ବାହ-ଇନ୍-ଈ) ସେନାବିଶେଷ, ୮୧ ହସ୍ତୀ, ୮୧ ଶକଟ, ୨୪୩ ଅଶ୍ୱ ଏବଂ ୪୦୫ ପଦାତି ଏତାବତ୍ ସଂଖ୍ୟକ ସୈନ୍ୟ । (ବହ୍-ଇନ୍-ଈ) ନଦୀ ।

ବାହିନୀପତି, ବି. ପୁଂ. (ବାହିନୀ-ପତି) ସେନାପତି, ସରିତ୍ପତି, ସମୁଦ୍ର, ସାଗର, ରତ୍ନାକର । ଉପାଧିବିଶେଷ ।

ବାହୀ, ବିଂ. (ବହ-ଇନ୍) ବହନକାରୀ ।

ବାହୁ, ବି. ପୁଂ. ( ବହ୍-ଉ) ଭୁଜ, କାନ୍ଧଠାରୁ ଅଙ୍ଗୁଳିର ଅଗ୍ରଭାଗ ପର୍ଯ୍ୟନ୍ତ ଅବୟବ, ଅଙ୍କଶାସ୍ତ୍ରରେ ରେଖାବିଶେଷ ।

ବାହୁଙ୍ଗା, ବି. ( ଦେଶଜ ) ଡାଳ, ନଡ଼ିଆ ଓ କଦଳୀ ଆଦିର ଶାଖା ।

ବାହୁଙ୍ଗୀ, ବି. (ଦେଶଜ) ଭାରଦଣ୍ଡ ।

ବାହୁଟିଆ, ବି. (ଦେଶଜ) ଦ୍ୱାରଣବିଶେଷ ।

ବାହୁଟୀ, ବି. (ଦେଶଜ) ହସ୍ତାଭରଣବିଶେଷ । ଯଥା —

କରେ କଙ୍କଣୀ ବାହୁଟୀ ଶୋଭେ ପଦକ । ର. କ.

ବାହୁଡ଼ାଦଶମୀ, ବି. ଆଷାଢ଼ ଶୁକ୍ଳଦଶମୀ ।

ବାହୁଲ୍ୟ, ବି. ନ. ( ବହୁଲ-ଯ ) ବହୁତ୍ୱ, ଆଧିକ୍ୟ, ପ୍ରାଚୁର୍ଯ୍ୟ ।

ବାହ୍ୟ, ବିଂ. (ବହ୍-ଯ-କର୍ମ୍ମ-ବହିସ୍-ଯ) ବହନୀୟ, ବହିଃସ୍ଥ । ବି. ନ. ଯାନ, ବାହନ ।

ବାହ୍ୟଜ୍ଞାନ, ବି. ନ. ସ୍ଥୂଳଜ୍ଞାନ, ସାମାନ୍ୟ ଜ୍ଞାନ, ବହିରିନ୍ଦ୍ରିୟ ନିମିତ୍ତ ବୋଧ ।

ବାହ୍ୟମାନ, ବି°. (ବାହି-ଶାନଚ୍) ପ୍ରାପ୍ୟମାଣ, ଯାହା ବାହିତ ହେଉଅଛି ।

ବାହ୍ୟେନ୍ଦ୍ରିୟ, ବି. ନ. (ବାହ୍ୟ-ଇନ୍ଦ୍ରିୟ) ବହିରିନ୍ଦ୍ରିୟ, ଚକ୍ଷୁଃ କର୍ଣ୍ଣ ନାସିକା ପ୍ରଭୃତି ।

ବାହ୍ଲିକ } ବାହ୍ଲୀକ } ବି. ପୁଂ. (ବଲ୍ହ-ଇକ) ଦେଶବିଶେଷ, ଗନ୍ଧର୍ବବିଶେଷ । ନ. କୁଙ୍କୁମ, ହେଙ୍ଗୁ ।

ବି, ବି. ପୁଂ. ସ୍ତ୍ରୀ. ( ବେ = ବିସ୍ତାର କରିବା-ଇ) ପକ୍ଷୀ । ପୁଂ. ଚକ୍ଷୁଃ, ଆକାଶ, ସ୍ୱର୍ଗ ।

ବି, ଉପ. ଅ°. ( ବା = ଗମନ କରିବା-ଇ ) ବିପରୀତ, ବିରୁଦ୍ଧ, ବିଷମ, ବିଭକ୍ତି, ନିଶ୍ଚୟ, ନିନ୍ଦା, ଅସମ୍ମତି, ଅସଦ୍ବନ, ପ୍ରଭେଦ, ପରିଭବ, କାରଣ, ହେତୁ, ଅଭାବ, ଗତି, ଆଲମ୍ବନ, ଅବଲମ୍ବନ, ବିଶେଷ, ନିଗ୍ରହ, ଅବ୍ୟାପ୍ତି, ଈଷତ୍, ଶୁଦ୍ଧି, ଜ୍ଞାନ, ନିଷେଧ, ଦାନ, ପାଦପୂରଣ, ନିଯୋଗ, ବୈପରୀତ୍ୟ, ବିରୋଧ ।

ବିଂଶ, ବି°. (ବିଂଶତି-ଅ) ବିଂଶତିର ପୂରଣ ।

ବିଂଶତି, ବି. ସ୍ତ୍ରୀ. କୋଡ଼ିଏ ସଂଖ୍ୟା, ୨୦ ।

ବିଂଶତିତମ, ବି°. ( ବିଂଶତି-ତମ ) ବିଂଶତିର ପୂରଣ ।

ବିଆଣ, (ଦେଶଜ) ପ୍ରସବ ।

ବିଆଣିଆ, ବି°. (ଦେଶଜ) ପ୍ରସବବତୀ ।

ବିଅଲି, ବି. (ଦେଶଜ) ଧାନ୍ୟବିଶେଷ ।

ବିଇଞ୍ଚି, ବି. ( ବିଚର୍ଚ୍ଚିକା ଶବ୍ଦଜ ) ପଦରୋଗବିଶେଷ ।

ବିକଚ, ବି°. (ବି-କଚ୍-ଅ) ବିକଶିତ, ପ୍ରସ୍ଫୁଟିତ, ଉନ୍ମୀଳିତ, କେଶରହିତ ।

ବିକଟ, ବି°. ( ବି-କଟ୍-ଅ ) ବୃହତ୍, ବିଶାଳ, ବିପୁଳ, ବଡ଼, ଭୟଙ୍କର, ଭୟାନକ, ଦନ୍ତୀ, ଦନ୍ତୁର, ବିକୃତ । ବି. ପୁଂ. ବିସ୍ଫୋଟକ ।

ବିକତ୍ଥନ, ନ. } ବିକତ୍ଥନା, ସ୍ତ୍ରୀ. } ବି. ( ବି-କତ୍ଥ୍-ଅନ-ଆ ) ଆତ୍ମଶ୍ଲାଘା, ମିଥ୍ୟାଶ୍ଲାଘା, ବୃଥାସ୍ତୁତି । ବି°. ଆତ୍ମଶ୍ଲାଘୀ ।

ବିକମ୍ପିତ, ବି°. ( ବି-କମ୍ପ୍-ତ) ବିଶେଷରୂପେ କମ୍ପିତ, ଅତିଶୟ ଚଳିଲ ।

ବିକରାଳ, ବି°. ( ବି-କରାଳ ) ଭୟାନକ, ଅତି ଭୟଙ୍କର ।

ବିକର୍ତ୍ତନ, ବି. ପୁଂ. ( ବି-କୃତ୍-ଅନ୍ ) ସୂର୍ଯ୍ୟ, ଅର୍କବୃକ୍ଷ । ବି°. ଛେଦନକାରୀ ।

ବିକର୍ଷ, ବି. ପୁଂ. ( ବି-କୃଷ୍-ଅ ) ଶର, ବାଣ, ମାର୍ଗଣ ।

ବିକର୍ଷଣ, ବି. ନ. ( ବି-କୃଷ୍-ଅନ ) ଆକର୍ଷଣ, ଟାଣିବା ।

ବିକଳ, ବି°. ( ବି-କଳା ) ଅସମ୍ପୂର୍ଣ୍ଣ, ଅସମଗ୍ର, ହ୍ରାସପ୍ରାପ୍ତ, କଳାହୀନ, ଅପ୍ରକୃତ, ବିହ୍ୱଳ, ଅବଶ, ଅସ୍ୱାଭାବିକ । ( ଦେଶଜ ) ବ୍ୟସ୍ତ, ଦୁଃଖିତ । ଯଥା —

ଶୁଷ୍କ କଣ୍ଠ ତାଳୁ ବିକଳ ଅଥୟ ସରବେ ତୃଷା ଆକୁଳ । ର. ମା.

ବିକଳା, ବି. (ଦେଶଜ) କାତର ।

ବିକଳେନ୍ଦ୍ରିୟ, ବି°. (ବିକଳ-ଇନ୍ଦ୍ରିୟ) ଯାହାର ଇନ୍ଦ୍ରିୟ ଅବଶ, ଯାହାର ହସ୍ତ ପଦାଦି ଇନ୍ଦ୍ରିୟର ନ୍ୟୂନତା ଅଛି ।

ବିକଳ୍ପ, ବି. ପୁଂ. ( ବି-କଳ୍ପ ) ସନ୍ଦେହ, ଭ୍ରାନ୍ତି, ଭ୍ରମ, ସଂଶୟ, ବିବିଧ କଳ୍ପନା, ଇଚ୍ଛାନୁଯାୟୀ କଳ୍ପନା ।

ବିକସ, ବି. ପୁଂ. ( ବି-କସ୍-ଅ ) ଚନ୍ଦ୍ର । ସ୍ତ୍ରୀ. ମଞ୍ଜିଷ୍ଠା ।

ବିକସିତ } ବିକଶିତ } ବି°. ( ବି-କସ୍-ତ ) ପ୍ରଫୁଲ୍ଲ, ପ୍ରସ୍ଫୁଟିତ, ପ୍ରକାଶିତ ।

ବିକସ୍ୱ (ଶ୍ୱ, ସ୍ୱ)ର, ବି°. ( ବି-କସ୍-ବର ) ବିକାଶଶୀଳ, ପ୍ରକାଶଶୀଳ । ଯଥା —

ଦିନାନ୍ତେ ଯେସନ ଉଲ୍ଲାସେ ଶାରଦ
ଜ୍ୟୋତ୍ସ୍ନାଯୋଗେ ବିକସ୍ୱର । ଯ. କେ.

ବିକା, ବି. ( ବିକ୍ରୟ ଶବ୍ଦଜ) ବିକ୍ରୟ । ଯଥା —

ତୋ ପ୍ରିୟପଣକୁ ମୁଁ ନକ ପଣକୁ
ବିକା ହେବ ସବେ କୃପାସିନ୍ଧୁ । ବି. ଚ,

ବି°, ବିକ୍ରୀତ ।

ବିକାର, ବି ପୁଂ. ( ବି-କୃ-ଅ ) ପ୍ରକୃତିର ଅନ୍ୟଥାଭାବ, ବିକୃତି, ଅସ୍ୱାସ୍ଥ୍ୟ, ରୋଗ ।

ବିକାଶ
ବିକାସ
ବିକାଶ } ବି. ପୁଂ. ( ବି-କାଶ୍-ଅ ) ପ୍ରକାଶ, ଉଲ୍ଲାସ, ପ୍ରସାର, ବିସ୍ତାର, ଆକାଶ, ଗୋପନ, ବିଜନ, ବିଷମଗର୍ତ୍ତ ।

ବିକିର, ବି. ପୁଂ. (ବି-କୃ-ଅ) ପକ୍ଷୀ ।

ବିକିରଣ, ବି. ନ. ( ବି-କୃ-ଅନ ) ବିକ୍ଷେପଣ, ଜ୍ଞାନ । ବି°. କିରଣବହୁଳ ।

ବିକୀର୍ଣ୍ଣ, ବି. ( ବି-କୃ-ତ ) ବିକ୍ଷିପ୍ତ, ବିସ୍ତୃତ, ବିସ୍ତାରିତ, ବିଖ୍ୟାତ ।

ବିକୁକ୍ଷି, ବି. ପୁଂ. ସୂର୍ଯ୍ୟବଂଶୀୟ ଇକ୍ଷ୍ୱାକୁ ରାଜାଙ୍କ ପୁତ୍ର ।

ବିକୃତ, ବି° (ବି-କୃ-ତ) ବିକାରପ୍ରାପ୍ତ, ବିରୂପ-କୃତ, ଅନ୍ୟଥାକୃତ, ଘୃଣିତ, ରୁଗ୍ଣ, ପୀଡ଼ିତ, ବିକଟ, ଅସମ୍ପୂର୍ଣ୍ଣ, ବିକଳ, ଭୀତତ୍ରସ୍ତ । ବି. ନ. ବିକାର ।

ବିକୃତି, ବି. ସ୍ତ୍ରୀ. (ବି-କୃ-ତି) ବିକାର, ପ୍ରକୃତିର ଅନ୍ୟଥାଭାବ, ରୋଗ, ପୀଡ଼ା ।

ବିକ୍ରମ, ବି. ପୁଂ. (ବି-କ୍ରମ୍-ଅ)ପରାକ୍ରମ, ଶୌର୍ଯ୍ୟ, ବୀରତ୍ୱ, ସାମର୍ଥ୍ୟ, ଶକ୍ତି, ସାହସ, ଆକ୍ରମଣ ।

ବିକ୍ରମାଦିତ୍ୟ, ବି. ପୁଂ. ( ବିକ୍ରମ-ଆଦିତ୍ୟ ) ଉଜ୍ଜୟିନୀର ରାଜା, ସମ୍ବତ୍ ନାମରେ ବର୍ଷ ଗଣନାର ପ୍ରବର୍ତ୍ତକ ।

ବିକ୍ରମୀ, ବି. ପୁଂ. (ବିକ୍ରମ-ଇନ୍ )ସିଂହ,କେଶରୀ, ମୃଗରାଜ, ବୀର, ଶୂର, ବିଷ୍ଣୁ । ବି°. ପରାକ୍ରମଶାଳୀ, ପରାକ୍ରାନ୍ତ, ପ୍ରଭାବଶାଳୀ ।

ବିକ୍ରୟ, ବି. ପୁଂ. ( ବି-କ୍ରୀ-ଅ) ମୂଲ୍ୟ ଗ୍ରହଣ କରି କୌଣସି ବସ୍ତୁ ଅର୍ପଣ କରିବା, ବିକିବା ।

ବିକ୍ରାନ୍ତ ବି°. ( ବି-କ୍ରମ୍-ତ ) ପରାକ୍ରାନ୍ତ, ବିକ୍ରମଶାଳୀ, ବୀର, ଶୂର । ବି. ପୁଂ. ସିଂହ । ନ. ବିକ୍ରମ ।

ବିକ୍ରୀତ, ବି°. (ବି-କ୍ରୀ-ତ) ବିକ୍ରୟ ବସ୍ତୁ, ଯାହା ବିକ୍ରୟ କରାଯାଇଅଛି ।

ବିକ୍ରେତା, ବି. ପୁଂ (ବି-କ୍ରୀ-ତୃ) ବିକ୍ରୟକାରକ, ଯେ ବିକ୍ରୟ କରେ, ଦୋକାନଦାର, ବ୍ୟାପାରୀ ।

ବିକ୍ରେୟ, ବି. (ବି-କ୍ରୀ-ଅ) ବିକ୍ରୟଯୋଗ୍ୟ, ଯାହା ବିକ୍ରୟ କରାଯାଇ ପାରେ ।

ବିକ୍ଷତ, ବି°. (ବି-କ୍ଷତ) ଆଘାତପ୍ରାପ୍ତ, ଆହତ, କ୍ଷୟପ୍ରାପ୍ତ ।

ବିକ୍ଷିପ୍ତ, ବି°. (ବି-କ୍ଷିପ୍-ତ) ବିସ୍ତାରିତ, ତ୍ୟକ୍ତ, ଯାହା ପ୍ରତି କ୍ଷେପଣ କରାଯାଏ ।

ବିକ୍ଷେପ, ବି. ପୁଂ. (ବି କ୍ଷିପ୍-ଅ) କ୍ଷେପଣ, ତ୍ୟାଗ, ନିକ୍ଷେପ, ପ୍ରସାରଣ, ସଞ୍ଚାରଣ, ପ୍ରେରଣ ।

ବିକ୍ଷୋଭ, ବି. ପୁଂ. (ବି-କ୍ଷୁଭ୍-ଅ) କ୍ଷୋଭ, ଦୁଃଖ, ବିଦାରଣ, ସଂଘଟନ, ଚାଞ୍ଚଲ୍ୟ, ଔଦାସ୍ୟ, ଔତ୍କଣ୍ଠ୍ୟ ।

ବିଖଣ୍ଡ, ବି. (ବି-ଖଣ୍ଡ) କୁତ୍ସିତ ବାକ୍ୟ, କର୍କଶ ବାକ୍ୟ । ଯଥା—

ଚଣ୍ଡ ହୋଇ ଦେଶ ବିଖଣ୍ଡ କହୁଛ ମଧୁର ନାହିଁ ତା ତୁଣ୍ଡରେ ।

ବିଖଣ୍ଡିତ, ବି°. ( ବି-ଖଣ୍ଡିତ ) ବିଦୀର୍ଣ୍ଣ, ଭଗ୍ନ, ଅଂଶୀକୃତ, କର୍ତ୍ତିତ, ଛେଦିତ ।

ବିଖ୍ୟାତ, ବି°. ( ବି-ଖ୍ୟା-ତ ) ଖ୍ୟାତିଯୁକ୍ତ, ପ୍ରସିଦ୍ଧ, ଯଶସ୍ୱୀ ।

ବିଖ୍ୟାତି, ବି. ପୁଂ. (ବି-ଖ୍ୟା-ତି)ଯଶଃ, ପ୍ରସିଦ୍ଧି, ସୁଖ୍ୟାତି ।

ବିଗଣିତ, ବି°. ( ବି-ଗଣ୍-ତ ) ଋଣମୁକ୍ତ, ସଂଖ୍ୟାତ, ମାନ୍ୟ ।

ବିଗତ, ବି°. (ବି-ଗମ୍-ତ) ଅତୀତ, ସମ୍ପାଦିତ, ଭୂତ, ପ୍ରସ୍ଥିତ, ବିଳିତ ।

ବିଗତଶ୍ରୀକ, ବି°. ଶ୍ରୀରହିତ, ଶ୍ରୀହୀନ ।

ବିଗମ, ବି. ପୁଂ. (ବି-ଗମ୍-ଅ) ନାଶ, ଅପଗମ, ନିବୃତ୍ତି, ନିଷ୍ପତ୍ତି, ଶାନ୍ତି ।

ବିଗର୍ହଣ, ବି. ନ.
ବିଗର୍ହଣା, ବି. ସ୍ତ୍ରୀ. } (ବି-ଗର୍ହି-ଅନ,ଭାବେ ଅ) ନିନ୍ଦା, ତିରସ୍କାର, ଭର୍ତ୍ସନା, ଅପବାଦ ।

ବିଗର୍ହିତ, ବିଂ. ( ବି ଗର୍ହି-ତ ) ନିନ୍ଦିତ, ଭର୍ତ୍ସିତ, ଦୂଷିତ ।

ବିଗଳିତ, ବିଂ. (ବି-ଗଲ-ତ) ପତିତ, ସ୍ଖଳିତ ।

ବିଗାହମାନ, ବିଂ.(ବି-ଗାହ-ଶାନଚ୍) ବିଲୋଡ଼ନ-କାରୀ, ଅବଗାହନକାରୀ ।

ବିଗିଡ଼ିବା, କ୍ରି. (ଦେଶଜ) ଖରାପ ହେବା, ନଷ୍ଟ ହେବା ।

ବିଗୁଣ, ବିଂ. (ବି-ଗୁଣ) ବିକୃତ, ଗୁଣରହିତ ।

ବିଗୂଢ଼, ବିଂ. ( ବି-ଗୁହ୍-ତ ) ଗୁପ୍ତ, ନିନ୍ଦିତ, ଗର୍ହିତ ।

ବିଗ୍ର, ବିଂ. (ବି-ଗ୍ରୀ) ଛିନ୍ନନାସିକ । ଯଥା—

ବଗ୍ର ହେଲ୍ଲ ରାକ୍ଷସୀ କପଟେ ଗଲ୍ଲ ଉଷି । ବୈ. ବ.

ବିଗ୍ରହ, ବି. ପୁଂ. (ବି-ଗ୍ରହ୍-ଅ) ଶରୀର, ଦେହ, ମୂର୍ତ୍ତି, ଦେବମୂର୍ତ୍ତି, ସମାସର ବାକ୍ୟ, ବିସ୍ତାର, ବିଭାଗ, ବିଶେଷ ଜ୍ଞାନ । ପୁଂ. ନ. ଯୁଦ୍ଧ, ବିବାଦ, କଳହ, ପ୍ରହାର, ବୈର, ବିପ୍ରିୟ ।

ବିଘଟନ, ବି. ନ. ( ବି-ଘଟ୍-ଅନ ) ବିଶ୍ଳେଷ, ଅସଂଯୋଗ, ବ୍ୟାଘାତ, ବିରୋଧ, ବିନାଶ ।

ବିଘଟିତ, ବିଂ. ( ବି-ଘଟ-ଇ-ତ ) ବିନାଶିତ, ବିଶ୍ଳେଷିତ, ବିଚ୍ଛିନ୍ନ, ବ୍ୟାହତ, ବିଶେଷରୂପେ ରଚିତ ।

ବିଘଟ୍ଟନ, ବି. ନ ( ବି-ଘଟ୍ଟ-ଅନ ) ବିଶ୍ଳେଷ, ଅଭିଘାତ, ଆଘାତ, ସଞ୍ଚାଳନ, ଦୃଢ଼-ସଂଯୋଗ ।

ବିଘଟ୍ଟିତ, ବିଂ (ବି-ଘଟ୍ଟ-ତ) ଅଭିହତ, ସଞ୍ଚାଳିତ, ବିଶ୍ଳେଷିତ ।

ବିଘସ, ବି. ପୁଂ. ( ବି-ଅଦ୍ ଅ ) ଆହାର, ଭୋଜନ ।

ବିଘା, ବି. ବଙ୍ଗଦେଶର ଭୂମିପରିମାଣବିଶେଷ ।

ବିଘାତ, ବି. ପୁଂ. ( ବି-ହନ୍-ଅ ) ବିଘ୍ନ, ବାଧା, କ୍ଷତି, ଧ୍ୱଂସ, ପ୍ରହାର ।

ବିଘାତକ, ବିଂ. ( ବି ହନ୍-ଅକ ) ବ୍ୟାଘାତକ, ଆଘାତକାରୀ, ବିନାଶକ ।

ବିଘାତୀ, ବିଂ. ( ବିଘାତ-ଇନ୍ ) ବାଧାଦାୟକ, ବ୍ୟାଘାତକ ।

ବିଘ୍ନ, ବି. ପୁଂ. (ବି-ହନ୍-ଅ) ପ୍ରତିବନ୍ଧ, ବାଧା, ବ୍ୟାଘାତ ।

ବିଘ୍ନନାୟକ, ବିଘ୍ନବିନାୟକ, ବିଘ୍ନନାଶନ, ବିଘ୍ନବିନାଶନ, ବିଘ୍ନରାଜ, ବିଘ୍ନେଶ, ବିଘ୍ନହାରୀ } ବି. ପୁଂ. ( ବିଘ୍ନ-ନୀ ଅକ, ବି-ନୀ-ଅକ, ନଶ୍ ଅନ, ବି-ନଶ୍-ଅନ, ରାଜ, ଈଶ, ହୃ-ଇନ୍) ଗଣେଶ ।

ବିଚକ୍ଷଣ, ବିଂ. (ବି-ଚକ୍ଷ୍-ଅନ) ଜ୍ଞାନୀ, ବିଦ୍ୱାନ୍, ପଣ୍ଡିତ, ବିଜ୍ଞ, ଦକ୍ଷ, ନିପୁଣ, କୁଶଳ, ପଟୁ ।

ବିଚର୍ଚ୍ଚିକା, ବି. ସ୍ତ୍ରୀ. (ବି-ଚର୍ଚ୍ଚ-ଅକ-ଆ) କାଛୁ ରୋଗ ।

ବିଚଳ, ବିଚଳିତ } ବିଂ. ( ବି-ଚଲ୍ ଅ, ତ ) ସ୍ଖଳିତ, ଚ୍ୟୁତ, ଭ୍ରଷ୍ଟ, ଅସ୍ଥିର, ଚଞ୍ଚଳ, କମ୍ପିତ, ଚଳିତ ।

ବିଚାର, ବି. ପୁଂ. ( ବି ଚର୍-ଅ ) ତତ୍ତ୍ୱ ନିର୍ଣ୍ଣୟ, ଯାଥାର୍ଥ୍ୟ ନିର୍ଣ୍ଣୟ, ନିଷ୍ପତ୍ତି, ମୀମାଂସା, ବିବେଚନା ।

ବିଚାରକ, ବି. ପୁଂ. ( ବି-ଚର୍-ଇ-ଅକ ) ମୀମାଂସାକାରକ, ନିଷ୍ପତ୍ତିକାରକ, ବିଚାର-କର୍ତ୍ତା ।

ବିଚାରଣ, ନ. } ବି. ( ବି-ଚର୍-ଅନ, ଆ )
ବିଚାରଣା, ସ୍ତ୍ରୀ. } ବିଚାର, ବିବେଚନା । ଶା-
ସ୍ତ୍ରୀ. ମୀମାଂସାଶାସ୍ତ୍ର ।

ବିଚାରଣୀୟ, ବିଂ. ( ବି-ଚର୍-ଅନୀୟ ) ବିଚାର୍ଯ୍ୟ, ବିଚାରଯୋଗ୍ୟ ।

ବିଚାରିତ, ବିଂ. ( ବି-ଚର୍-ଇ-ତ ) ବିବେଚିତ, ମୀମାଂସିତ, ନିର୍ଣ୍ଣୀତ ।

ବିଚାର୍ଯ୍ୟ, ବିଂ. (ବି-ଚର୍-ଯ) ବିବେଚ୍ୟ, ବିଚାର କରିବାର ଯୋଗ୍ୟ ।

ବିଚିତ୍ର, ବି. ନ. ( ବି-ଚିତ୍ର୍ ଅ ) ନାନା ବର୍ଣ୍ଣ, ଅର୍ଥାଲଙ୍କାରବିଶେଷ । ବିଂ. ନାନା ବର୍ଣ୍ଣବିଶିଷ୍ଟ, ରମ୍ୟ, ସୁନ୍ଦର, ଆଶ୍ଚର୍ଯ୍ୟ, ବିସ୍ମୟକର ।

ବିଚିତ୍ରବୀର୍ଯ୍ୟ, ବି. (ବିଚିତ୍ର-ବୀର୍ଯ୍ୟ) ଶାନ୍ତନୁ ରାଜାଙ୍କ ପୁତ୍ର ।

ବିଚିତ୍ରାଙ୍ଗ, ବି. ପୁଂ. ( ବିଚିତ୍ର-ଅଙ୍ଗ ) ମୟୂର, ବ୍ୟାଘ୍ର । ବିଂ. ମନୋହର ଦେହ ।

ବିଚିତ୍ରିତ, ବିଂ. ( ବିଚିତ୍ର-ଇତ ) ନାନା ବର୍ଣ୍ଣ-ବିଶିଷ୍ଟ ।

ବିଚେତନ, ବିଂ. ( ବି-ଚେତନା ) ଅଚେତନ, ଚୈତନ୍ୟଶୂନ୍ୟ, ଅବିବେକୀ ।

ବିଚେୟ, ବିଂ. ( ବି-ଚି-ଯ ) ଅନ୍ୱେଷଣୀୟ, ଅନ୍ୱେଷଣଯୋଗ୍ୟ, ଅଳ୍ପ ।

ବିଚେଷ୍ଟିତ, ବି. ନ. ( ବି-ଚେଷ୍ଟିତ ) ବିଶେଷ ଚେଷ୍ଟା, ବ୍ୟାପାର, କ୍ରିୟା । ବିଂ. ଚେଷ୍ଟା-ରହିତ, ଅନ୍ୱେଷିତ ।

ବିଚ୍ଛନ୍ଦକ, ବି. ପୁଂ. ( ବି ଛନ୍ଦ-କ ) ଦେବାଳୟ-ବିଶେଷ, ଉପର୍ଯ୍ୟୁପରି ନିର୍ମିତ ଦେବଗୃହ ।

ବିଚ୍ଛିତ୍ତି, ବି. ସ୍ତ୍ରୀ. ( ବି-ଛିଦ୍-ତି ) ବିଚ୍ଛେଦ, ଅଙ୍ଗରାଗ, ବୈଶିଷ୍ଟ୍ୟ, ଚମତ୍କାର, ବିନାଶ, ବୈଚିତ୍ର୍ୟ, ସ୍ତ୍ରୀଲୋକମାନଙ୍କର ହାବ-ବିଶେଷ ।

ବିଚ୍ଛିନ୍ନ, ବିଂ. ( ବି-ଛିଦ୍-ତ ) ବିଭକ୍ତ, ବିଯୁକ୍ତ, ବିଭିନ୍ନ, ଛିନ୍ନଭିନ୍ନ, ବିନଷ୍ଟ ।

ବିଚ୍ଛୁରିତ, ବିଂ. (ବି-ଛୁର୍-ତ) ଅନୁଲିପ୍ତ, ଅନୁରଞ୍ଜିତ ।

ବିଚ୍ଛେଦ, ବି. ପୁଂ. ( ବି-ଛିଦ୍-ଅ ) ବିରହ, ବିୟୋଗ, ବିଭାଗ, ଅଭାବ, ବିଭିନ୍ନତା ପାର୍ଥକ୍ୟ ।

ବିଚ୍ୟୁତ, ବିଂ. ( ବି-ଚ୍ୟୁ-ତ ) ଭ୍ରଷ୍ଟ, ପତିତ, ସ୍ଖଳିତ ।

ବିଛା, ବି. (ବୃଶ୍ଚିକ ଶବ୍ଦଜ) କୀଟବିଶେଷ ।

ବିଛୁଆତି, ବି. ( ଦେଶଜ ) କଣ୍ଡୁକାରୀ ଲତା-ବିଶେଷ ।

ବିଜନ, ବିଂ. (ବି-ଜନ) ନିର୍ଜନ । ଯଥା—

ପ୍ରମୋଦେ ଭ୍ରମଇ ପ୍ରମଦା ସଦା ବିଜନସ୍ଥଳ । ଚ, ଛ.

ବିଜନନ, ବି. ନ. (ବି ଜନ -ଅନ) ଉତ୍ପତ୍ତି, ଜନ୍ମ, ଉଦ୍ଭବ, ପ୍ରସବ ।

ବିଜନ୍ମା, ବିଂ. (ବି-ଜନ୍ମନ୍) ଜାରଜ ।

ବିଜୟ, ବି. ପୁଂ. ( ବି-ଜି-ଅ ) ଜୟ, ଜିତିବା, ଅର୍ଜୁନ, ଯମ, ବିମାନ । (ଦେଶଜରେ) ଯାତ୍ରା । ଯଥା—

ବିଜୟୀ ବୀର ବିଜୟ କର ଯିବା ମିଥିଳାପୁର । ବୈ. ଚ.

ବିଜୟା, ବି. ସ୍ତ୍ରୀ. ଗଞ୍ଜେଇ, ଦୁର୍ଗା, ଦୁର୍ଗାଙ୍କ ସଖୀ-ବିଶେଷ, ତିଥିବିଶେଷ, ଶ୍ରବଣା ନକ୍ଷତ୍ରଯୁକ୍ତ ଶୁକ୍ଳଦଶମୀ, ବିଜୟାଦଶମୀ, ବିଶ୍ୱାମିତ୍ର ମୁନିଙ୍କ ବିଦ୍ୟାବିଶେଷ, ଯମଙ୍କ ଭାର୍ଯ୍ୟା, ହରିତକୀ, ବଚ, ଜୟନ୍ତୀ, ଶେଫାଳିକା, ମଞ୍ଜିଷ୍ଠା, ଅଗ୍ନିମନ୍ଥ ।

ବିଜୟାସପ୍ତମୀ, ବି. ସ୍ତ୍ରୀ. ଶୁକ୍ଳପକ୍ଷର ସପ୍ତମୀରେ ଯଦି ରବିବାର ହୁଏ ।

ବିଜୟୀ, ବିଂ. (ବିଜୟ-ଇନ୍) ଜୟଯୁକ୍ତ ।

ବିଜାତ, ବିଂ. (ବି-ଜାତ) ଜାରଜ, ବିରୁଦ୍ଧଜନ୍ମା ।

ବିଜାତୀୟ, ବିଂ. (ବି-ଜାତି-ଈୟ) ବିଭିନ୍ନଧର୍ମା-କ୍ରାନ୍ତ ।

ବିଜିଗୀଷା, ବି. ସ୍ତ୍ରୀ. (ବି-ଜି-ସନ୍-ଆ) ଜୟେଚ୍ଛା, ବ୍ୟବହାର ।

ବିଜିଗୀଷୁ, ବିଂ. (ବି-ଜି-ସନ୍-ଉ) ଯେ ବ୍ୟକ୍ତି ଜୟ କରିବାର ଇଚ୍ଛା କରେ, ଜୟେଚ୍ଛୁ ।

ବିଜିତ, ବିଂ. (ବି-ଜି-ତ) ପରାଭୂତ, ପରାଜିତ, ଯାହାକୁ ଜୟ କରାଯାଇଅଛି ।

ବିଜିହୀର୍ଷୁ, ବିଂ. (ବି ହୃ-ସନ୍-ଉ) ବିହାର-କରଣେଚ୍ଛୁ ।

ବିଜୁଳି, ବି. (ବିଦ୍ୟୁତ୍ ଶବ୍ଦଜ) ଚପଳା, ତଡ଼ିତ୍ । ଯଥା—

ଶୁଭ୍ର ମେଘ-ମୁକୁଟ ଶୋହେ ମସ୍ତକେ,
ତହିଁ ପୁଣି ବିଜୁଳି ଝଲ୍ ଝଟକେ । ଛ. ମା.

ବିଜୃମ୍ଭଣ, ବି. ନ. (ବି-ଜୃମ୍ଭ୍-ଅନ) ହାଇ, ବିକାଶ, ଇଚ୍ଛା, ବିସ୍ତାର ।

ବିଜୃମ୍ଭମାଣ, ବିଂ. (ବି-ଜୃମ୍ଭ୍-ଆନ) ବିକାଶମାନ ପ୍ରକାଶଶାଳୀ ।

**ବିଜୃମ୍ଭିତ**, ବି. ନ. (ବି-ଜୃମ୍ଭ୍-ତ) ବିଜୃମ୍ଭଣ, ବିକଶିତ । ବିଂ. ବିକସିତ, ବିସ୍ତାରିତ, ବ୍ୟାପ୍ତ ।

**ବିଜେତା**, ବି. ପୁଂ. (ବି-ଜି-ତୃ) ଜୟୀ, ଜୟକର୍ତ୍ତା ।

**ବିଜେୟ**, ବିଂ. (ବି-ଜି-ଯ) ଜୟ କରିବାର ଯୋଗ୍ୟ ।

**ବିଜ୍ଞ**, ବିଂ. (ବି-ଜ୍ଞା-ଅ) ପ୍ରବୀଣ, ବିଚକ୍ଷଣ, ଜ୍ଞାନୀ, ନିପୁଣ ।

**ବିଜ୍ଞପ୍ତି**, ବି. ସ୍ତ୍ରୀ. (ବି-ଜ୍ଞପ୍-ତି) ନିବେଦନ, ବିଶେଷଜ୍ଞାପନ, ବୃତ୍ତାନ୍ତ କଥନ ।

**ବିଜ୍ଞାତ**, ବିଂ. (ବି-ଜ୍ଞା-ତ) ଖ୍ୟାତ, ବିଖ୍ୟାତ, ବିଦିତ, ଅବଗତ ।

**ବିଜ୍ଞାନ**, ବି. ନ. ପଦାର୍ଥର ତତ୍ତ୍ୱନିର୍ଣ୍ଣାୟକ ଶାସ୍ତ୍ର ।

**ବିଜ୍ଞାନିକ**, ବିଂ. (ବିଜ୍ଞାନ-ଇକ) ବିଜ୍ଞାନ ଶାସ୍ତ୍ରରେ ନିପୁଣ, ବିଜ୍ଞ, ବିଚକ୍ଷଣ ।

**ବିଜ୍ଞାପନ**, ନ. } **ବିଜ୍ଞାପନା**, ସ୍ତ୍ରୀ. } ବି. (ବି-ଜ୍ଞପ୍-ଇ-ଅନ, ଆ) ନିବେଦନ, ଜଣାଣ ।

**ବିଜ୍ଞାପିତ**, ବିଂ. (ବି-ଜ୍ଞାପି-ତ) ନିବେଦିତ ।

**ବିଜ୍ଞେୟ**, ବିଂ. (ବି-ଜ୍ଞା-ଯ) ଜାଣିବାର ଯୋଗ୍ୟ, ଜ୍ଞାତବ୍ୟ ।

**ବିଞ୍ଚଣା** } **ବିଞ୍ଚଣୀ** } ବି. (ବ୍ୟଜନ ଶବ୍ଦଜ) ବ୍ୟଜନ । ଯଥା—

ବିଞ୍ଚଣା ପବନେ କେହୁ ବା ଚନ୍ଦନେ ଶୀତଳନ୍ତି ସ୍ୱଶରୀର ।
ଛ. ମା.

**ବିଟ**, ବି. ପୁଂ. (ବିଟ୍-ଅ) ଧୂର୍ତ୍ତ, କାମୁକ, ଲମ୍ପଟ । ଯଥା—

କେ ବୋଲେ କି କହୁଛ ଏ ବିଟଙ୍କୁ,
ମୁହଁ ନ ଲଗାଅ କେ ଏ ଧିଟଙ୍କୁ । ବି. ଚ.

ଲବଣବିଶେଷ, ନାରଙ୍ଗ ବୃକ୍ଷ ।

**ବିଟଙ୍କ**, ବି. ପୁଂ. ନ. (ବି-ଟଙ୍କ୍-ଅ) କପୋତ-ପାଳିକା, ପାରାର ଭଡ଼ା ।

**ବିଟପ**, ବି. ପୁଂ.ନ. (ବିଟ୍-ଅପ) ଶାଖା, ଡାଳ, ପଲ୍ଲବ, ସ୍ତମ୍ବ ଡାଳ । (ବିଟ୍-ପା-ଅ) ବିଂ. ବିଟପାଳକ । ବି. ପୁଂ. ଅତିଶୟ ଲମ୍ପଟ ।

**ବିଟପୀ**, ବି. ପୁଂ. (ବିଟପ-ଇନ୍) ବୃକ୍ଷ, ତରୁ, ଶାଖୀ, ବଟବୃକ୍ଷ । (ବିଟପ-ଈ) ବ୍ୟଭିଚାରିଣୀ ।

**ବିଟାଳିଆ**, ବିଂ. (ଦେଶଜ) ଅଜାଡିଆ ।

**ବିଟୋଲ**, ବିଂ. (ଦେଶଜ) ଦୁଷ୍ଟ ।

**ବିଡଙ୍ଗ**, ବି. ପୁଂ. ନ (ବିଡ୍-ଅଙ୍ଗ) ଔଷଧ-ବିଶେଷ । ବିଂ. ଅଭିଜ୍ଞ, ବିଜ୍ଞ ।

**ବିଡମ୍ବ**, ବିଂ. (ବି-ଡମ୍ବ୍-ଅ) ସଦୃଶ, ତୁଲ୍ୟ ।

**ବିଡମ୍ବନ**, ନ. } **ବିଡମ୍ବନା**, ସ୍ତ୍ରୀ. } ବି. (ବିଡମ୍ବ୍-ଅନ, ଆ) ଯନ୍ତ୍ରଣା, କ୍ଲେଶ, ଅନୁକରଣ, ସଦୃଶୀକରଣ, ବଞ୍ଚନା, ପ୍ରତାରଣା ।

**ବିଡମ୍ବିତ**, ବିଂ. (ବି-ଡମ୍ବ୍-ତ) ଦୁଃଖିତ, କ୍ଲେଶିତ, ବଞ୍ଚିତ, ପ୍ରତାରିତ, ସଦୃଶୀକୃତ ।

**ବିଡା** } **ବିଡ଼** } ବି. (ଦେଶଜ) ଗୋଛା । ଯଥା—

ଭୂଲରେ ଗୋଇଲେ ମୂଳରେ ପଟଳ ବିଡ଼ ବିଡ଼ କରି ଥୋ ।

**ବିଡାଲ** } **ବିଡାଲୀ** } ବି. (ବିଡ୍-ଅଲ) ମାର୍ଜ୍ଜାର, ବିରାଡ଼ି ।

**ବିଡ଼ି**, ବି. (ଦେଶଜ) ଏକପ୍ରକାର ଟିକା ।

**ବିଡିଆ**, ବି. (ବିଟିକା ଶବ୍ଦଜ) ପାନଖିଲ ।

**ବିଡ଼ିବା**, କ୍ରି. (ଦେଶଜ) ପରଖିବା ।

**ବିଡୋଜାଃ** } **ବିଡୌଜାଃ** } ବି. ପୁଂ. (ବିଡ-ଓଜସ୍) ଇନ୍ଦ୍ର ।

**ବିଣ୍ଡା** } **ବିଣ୍ଡି** } ବି. (ଦେଶଜ) ବସ୍ତ୍ର ଓ ପାଲାଦିର ମୋଟା ।

**ବିତଂସ**, ବି. ପୁଂ, (ବି-ତନସ୍-ଅ) ପକ୍ଷିବନ୍ଧନ ରଜ୍ଜୁ ପ୍ରଭୃତି ।

**ବିତଣ୍ଡା**, ବି. ସ୍ତ୍ରୀ. (ବି-ତଣ୍ଡ୍-ଅ ଆ) ବି. କ୍ରି, ମିଥ୍ୟା ବିଗ୍ରହ, ସ୍ୱମତ ବ୍ୟବସ୍ଥାପନ ହେଉ ବା ନ ହେଉ କେବଳ ପର ମତ ଖଣ୍ଡନ ନିମିତ୍ତ ଯେ ବାଗାଡ଼ମ୍ବର ।

**ବିତଥ**, ବିଂ. (ବି-ତଥ୍ୟ) ବିଫଳ, ମିଥ୍ୟା, ଅସତ୍ୟ ଅଳୀକ ।

**ବିତରଣ**, ବି. ନ. (ବି-ତୃ-ଅନ) ଦାନ, ଅର୍ପଣ, ବଣ୍ଟନ ।

ବିତର୍କ, ବି. ପୁଂ. (ବି-ତର୍କ୍-ଅ). ବାଦାନୁବାଦ, ତର୍କ, ବିଚାର, ଆଲୋଚନା, ସନ୍ଦେହ, ସଂଶୟ, ଅନୁମାନ ।

ବିତଳ, ବି. ନ. ( ବି-ତଲ୍-ଅ ) ସପ୍ତ ପାତାଳର ଅନ୍ତର୍ଗତ ତୃତୀୟ ପାତାଳ । ଯଥା—

ବିତଳକୁ ଆଲିଙ୍ଗନ କରି ଜାହ୍ନବୀ ଶୋଭନ । ବୈ. ବି

ବିତସ୍ତା, ବି. ସ୍ତ୍ରୀ. ( ବି-ତସ-ତ-ଆ ) ପଞ୍ଜାବର ଅନ୍ତର୍ଗତ ନଦୀବିଶେଷ ।

ବିତାନ, ବି. ପୁଂ. ନ. (ବି-ତନ୍-ଅ) ଚନ୍ଦ୍ରାତପ, ଚାନ୍ଦୁଆ, ପଟମଣ୍ଡପ, ବିସ୍ତାର, ସମୂହ, ଅବସର, ଅବକାଶ । ବି॰ ଶୂନ୍ୟ, ତୁଚ୍ଛ, ଜଡ଼, ମନ୍ଦ ।

ବିତୃଷ୍ଣ, ବି॰. (ବି-ତୃଷ୍ଣା) ନିଷ୍ପୃହ, ତୃଷ୍ଣାରହିତ, ଉଦାସୀନ ।

ବିତୃଷ୍ଣା, ବି. ସ୍ତ୍ରୀ (ବି-ତୃଷ୍ଣା) ଅନିଚ୍ଛା, ତୃଷ୍ଣାଭାବ, ଅରୁଚି ।

ବିତ୍ତ, ବି. ନ. (ବିଦ୍-ତ) ଯାହାଦ୍ୱାରା ସୁଖ ଲାଭ ହୁଏ, ଧନ, ସମ୍ପତ୍ତି ବିଂ. ବିଚାରିତ, ବିଦିତ, ଜ୍ଞାତ ।

ବିତ୍ତେଶ, ବି. ପୁଂ. (ବିତ୍ତ-ଈଶ) କୁବେର, ଯକ୍ଷ, ଧନୀ, ପ୍ରଭୁ ।

ବିତ୍ରସ୍ତ, ବିଂ. (ବି-ତ୍ରସ୍-ତ) ଅତିଶୟ ତ୍ରାସଯୁକ୍ତ, ଅତି ଭୀତ ।

ବିତ୍ରାସ, ବି. ପୁଂ. (ବି-ତ୍ରସ୍-ଅ) ଅତିଶୟ ତ୍ରାସ, ଅତ୍ୟନ୍ତ ଭୟ ।

ବିତିବା, କ୍ରି. ( ଦେଶଜ ) କାଟିବା, ଯାପିତ ହେବା ।

ବିଦ୍, ବିଂ. ( ବିଦ୍-୦ ) ବେତ୍ତା, ଯେ ଜାଣେ, ଏହା ଶବ୍ଦର ପରେ ବ୍ୟବହୃତ ହୁଏ । ଯଥା— ଶାସ୍ତ୍ରବିଦ୍, ବିଧିବିଦ୍ । ବି. ସ୍ତ୍ରୀ. ଜ୍ଞାନ । ବି. ପୁଂ. ପଣ୍ଡିତ, ବୁଧଗ୍ରହ ।

ବିଦ, ବି. (ଦେଶଜ) ସ୍ତ୍ରୀମାନଙ୍କର ବାମ ବାହୁର ଅଳଙ୍କାରବିଶେଷ । ଯଥା —

ବିଦମାଳ ପାଟଗ୍ରନ୍ଥି, ତାଡ଼ରେ ଭୁଜ ଦୀପିତ ।

ବିଦଗ୍ଧ, ବିଂ. ( ବି-ଦହ୍-ତ ) ରସଜ୍ଞ, ପଣ୍ଡିତ, ଚତୁର, ନିପୁଣ, ବିଶେଷରୂପେ ଦଗ୍ଧ ।

ବିଦଗ୍ଧତା, ବି. ସ୍ତ୍ରୀ. ( ବିଦଗ୍ଧ-ତା ) ରସିକତା, ନୈପୁଣ୍ୟ, ପାଣ୍ଡିତ୍ୟ ।

ବିଦର୍ଭ, ବି. ପୁଂ. (ବି-ଦର୍ଭ) ବିରାର ଦେଶ, ବଡ଼ ନାଗପୁର ।

ବିଦର୍ଭଜା, ବି. (ବିଦର୍ଭ-ଜନ୍-ଅ-ଆ) ଦମୟନ୍ତୀ, ନଳ ରାଜାଙ୍କ ପତ୍ନୀ ।

ବିଦଳିତ, ବିଂ. (ବି-ଦଲ୍-ତ) ମର୍ଦ୍ଦିତ, ଚୂର୍ଣ୍ଣୀକୃତ, ବିଦାରିତ, ବିକସିତ ।

ବିଦା, ବି. ସ୍ତ୍ରୀ. (ବିଦ୍-ଆ) ଜ୍ଞାନ, ବୁଦ୍ଧି । (ଦେଶଜ) ଲୌହ କଣ୍ଟାଯୁକ୍ତ କାଷ୍ଠବିଶେଷ, ଏହା ଧାନ ଗଛ ଛୋଟ ଛୋଟ ହୋଇଥିବା ସମୟରେ ତାହାର ଅଧିକାଂଶ ଚେର ନଷ୍ଟ କରିବା କାର୍ଯ୍ୟରେ ବ୍ୟବହୃତ ହୁଏ ।

ବିଦାକି, ବି. ( ଦା ଧାତୁଜ ) ମେଲାଣି ଧନାଦି ।

ବିଦାୟ, ବି. ପୁଂ. ( ବି-ଦା-ଅ ) ଗମନାନୁମତି, ବିସର୍ଜନ, ଦାନ ।

ବିଦାର, ବି. ପୁଂ. (ବି-ଦୃ-ଅ) ବିଦାରଣ, ଭେଦକରଣ ।

ବିଦାରକ, ବିଂ. (ବି-ଦୃ-ଅକ) ବିଦାରଣକର୍ତ୍ତା ।

ବିଦାରଣ, ବି. ନ. ( ବି-ଦାର-ଅନ ) ବିଦୀର୍ଣ୍ଣ କରିବା, ଭେଦନ, ମାରଣ, ହନନ । ପୁଂ. ସ୍ତ୍ରୀ. ସଂଗ୍ରାମ, ଯୁଦ୍ଧ, ରଣ ।

ବିଦାରିତ, ବିଂ. (ବି-ଦାର-ତ) ଭେଦିତ, ଯାହା ବିଦୀର୍ଣ୍ଣ କରାଯାଇଅଛି ।

ବିଦିକ୍, ବି. ସ୍ତ୍ରୀ. (ବି-ଦିଶ୍) ଯେ ଦୁଇ ଦିଗକୁ ଭିନ୍ନ କରେ, ଦୁଇ ଦିଗର ମଧ୍ୟଭାଗ, ଦିଗର କୋଣ । ଯଥା— ଅଗ୍ନି, ନୈଋତ, ବାୟୁ, ଈଶାନ ।

ବିଦିତ, ବିଂ. ( ବିଦ୍-ତ ) ଅବଗତ, ଜ୍ଞାତ, ପ୍ରାର୍ଥିତ ।

ବିଦିଶା, ବି. ସ୍ତ୍ରୀ. ( ବିଦିଶ-ଆ ) ମାଳବ-ଦେଶାନ୍ତର୍ଗତ ବେତ୍ରବତୀ ନଦୀତୀରସ୍ଥ ନଗରୀ-ବିଶେଷ ।

ବିଦୀର୍ଣ୍ଣ, ବିଂ. (ବି-ଦୃ-ତ) ବିଭକ୍ତ, ଭଗ୍ନ, ଭଗ୍ନ, ବିସ୍ତୃତ ।

ବିଦୁର, ବିଂ. (ବିଦ୍-ଉର) ଜ୍ଞାନୀ, ଧୀର, ପଣ୍ଡିତ, ନାଗର, ବେଶ୍ୟା । ବି. ପୁଂ. ଯୁଧିଷ୍ଠିରଙ୍କ ପିତୃବ୍ୟ, ଧୃତରାଷ୍ଟ୍ରଙ୍କ ଭ୍ରାତା ଓ ମନ୍ତ୍ରୀ ।

ବିଦୁଲ, ବି. ପୁଂ. (ବିଦ୍-ଉଲ) ବେତଗଛ, ଜଳ ବେତସ, ବଞ୍ଜୁଲ ।

ବିଦୁଷୀ, ବି. ସ୍ତ୍ରୀ. ( ବିଦ୍ୱସ୍-ଈ ) ବିଦ୍ୟାବତୀ ସ୍ତ୍ରୀ, ପଣ୍ଡିତା ।

ବିଦୂର, ବିଂ. (ବି-ଦୂର) ଅତି ଦୂରବର୍ତ୍ତୀ, ଅନେକ ଅନ୍ତରିତ । ବି. ନ ଅତିଦୂର । ପୁଂ. ଦେଶ ବିଶେଷ ।

ବିଦୂରଗ, ବିଂ. (ବିଦୂର-ଗ) ଅତିଶୟ ଦୂରଗାମୀ ।

ବିଦୂଷକ, ବି. ପୁଂ. (ବି-ଦୂଷ୍-ଅକ) ଭଣ୍ଡ, ଅଙ୍ଗ-ଭଙ୍ଗିଦ୍ୱାରା ଯେ ବ୍ୟକ୍ତି ସମସ୍ତଙ୍କୁ ହସାଏ । ବିଂ. ନିନ୍ଦକ, ନିନ୍ଦାକାରୀ, କାମୁକ, ଲମ୍ପଟ ।

ବିଦୂଷଣ, ବି. ନ.( ବି-ଦୂଷି-ଅନ )ଦୋଷାର୍ପଣ, ନିନ୍ଦା, ଦୋଷରହିତ । ଯଥା—

ବିଦୂଷଣ ଗୀତ ସୁଜନେ ଶୁଣ, ବିଜ୍ଞାନୀ ଚନ୍ଦ୍ରକୂଟ ମନ୍ତ୍ରଗଣ ।
ବୈ. ବ.

ବିଦେଶ ବି. ପୁଂ. ( ବି-ଦେଶ ) ଦେଶାନ୍ତର, ଭିନ୍ନଦେଶ ।

ବିଦେଶୀ } ବିଂ. ( ବିଦେଶ-ଇନ୍, ଈୟ )
ବିଦେଶୀୟ } ଭିନ୍ନ ଦେଶବାସୀ ।

ବିଦେହ, ବି. ପୁଂ. (ବି-ଦେହ) ମିଥିଳା, ତ୍ରିହୁତ, ଜନକବଂଶୀୟ ରାଜା । ବିଂ. ଦେହରହିତ ।

ବିଦ୍ଧ, ବିଂ. ( ବ୍ୟଧ୍-ତ ) ଛିଦ୍ରିତ, ସମ୍ମିଳିର୍ଣ୍ଣ, ଅହତ, କ୍ଷିପ୍ତ, ତାଡ଼ିତ ବାଧିତ ।

ବିଦ୍ୟମାନ, ବିଂ. ( ବିଦ-ଅନ ବର୍ତ୍ତମାନ, ଉପସ୍ଥିତ, ସ୍ଥିତିଶୀଳ ।

ବିଦ୍ୟା, ବି. ସ୍ତ୍ରୀ. ( ବିଦ୍-ଯ-ଅ ) ଯାହାଦ୍ୱାରା ଧର୍ମାଧର୍ମ ଜଣାଯାଏ, ଜ୍ଞାନ, ଦର୍ଶନଶାସ୍ତ୍ର, ତତ୍ତ୍ୱ-ଜ୍ଞାନ, ମନ୍ତ୍ର, ଦୁର୍ଗା ।

ବିଦ୍ୟାଦେବୀ, ବି. ସ୍ତ୍ରୀ. (ବିଦ୍ୟା-ଦେବୀ) ସରସ୍ୱତୀ ।

ବିଦ୍ୟାଧନ, ବି. ନ. ( ବିଦ୍ୟା-ଧନ ) ବିଦ୍ୟା-ଦ୍ୱାରା ଉପାର୍ଜିତ ଧନ ।

ବିଦ୍ୟାଧର, ବି. ପୁଂ. (ବିଦ୍ୟା-ଧର) ଦେବଯୋନି-ବିଶେଷ, ଗନ୍ଧର୍ବ, କିନ୍ନର ।

ବିଦ୍ୟାର୍ଥୀ, ବିଂ. (ବିଦ୍ୟା ଅର୍ଥ-ଇନ୍) ଛାତ୍ର, ଶିଷ୍ୟ ।

ବିଦ୍ୟାଳୟ, ବି. ପୁଂ. (ବିଦ୍ୟା-ଆଳୟ) ବିଦ୍ୟା-ଶିକ୍ଷାର ସ୍ଥାନ, ପାଠଶାଳା ।

ବିଦ୍ୟାବାନ୍, ବିଂ. ( ବିଦ୍ୟା-ବତ୍ ) ପଣ୍ଡିତ, ବିଦ୍ୱାନ୍ ।

ବିଦ୍ୟୁତ୍, ବି. ସ୍ତ୍ରୀ. ( ବି-ଦ୍ୟୁତ୍-୦ ) ତଡ଼ିତ୍, ସୌଦାମିନୀ, ଚଞ୍ଚଳା । ଯଥା—

ବିଦ୍ୟୁତବରଣୀ ବିଦ୍ୟୁତବେଗେ ଧାଏଁ ବେଳାର । ଚ. ଗ୍ରା.

ବିଦ୍ୟୁଲ୍ଲତା, ବି. ସ୍ତ୍ରୀ. ( ବିଦ୍ୟୁତ୍-ଲତା ) ମେଘ-ଜ୍ୟୋତିଃ, ତଡ଼ିତ୍ ।

ବିଦ୍ୟୋତ, ବି. ପୁଂ. ( ବି-ଦ୍ୟୁତ୍-ଅ ) ଦ୍ୟୁତି, କାନ୍ତି, ଉଜ୍ଜ୍ୱଳତା, ପ୍ରଭା, ଦୀପ୍ତି ।

ବିଦ୍ର, ବି. ନ. (ବିଦ୍-ର) ଗର୍ତ୍ତ, ବିବର, ଛିଦ୍ର ।

ବିଦ୍ରଧି, ବି. ପୁଂ. ( ବିଦ୍ର-ଧା-ଇ ) ରୋଗବିଶେଷ, ହୃଦ୍‌ବ୍ରଣ ।

ବିଦ୍ରବ } ବି. ପୁଂ. (ବି-ଦ୍ରୁ-ଅ) ଦ୍ରବୀଭବ,
ବିଦ୍ରାବ } ଗଳନ, କ୍ଷରଣ, ପଳାୟନ ।

ବିଦ୍ରାବିତ, ବିଂ. (ବି-ଦ୍ରାବି-ତ) ଦ୍ରବୀକୃତ, ତରଳୀ-କୃତ ।

ବିଦ୍ରୁତ, ବିଂ. (ବି-ଦ୍ରୁ-ତ) ଦ୍ରବୀଭୂତ, ପଳାୟିତ, ଭୀତ ।

ବିଦ୍ରୁମ, ବି.ପୁଂ. (ବି-ଦ୍ରୁମ) ପଦ୍ମରାଗମଣି, ପ୍ରବାଳ, ପୋହଳା, କିଶଳୟ, ନବପଲ୍ଲବ ।

ବିଦ୍ରୂପ, ବି. (ଦେଶଜ) ବ୍ୟଙ୍ଗ, ପରିହାସ, ଥଟ୍ଟା ।

ବିଦ୍ରୋହ, ବି. ପୁଂ. ( ବି-ଦ୍ରୁହ୍-ଅ ) ବିଦ୍ୱେଷ, ଯୁଦ୍ଧ, କଳହ ।

ବିଦ୍ରୋହୀ, ବିଂ. (ବିଦ୍ରୋହ-ଇନ୍) ଅନିଷ୍ଟାଚରଣ-କାରୀ, ବିଦ୍ରୋହକାରକ ।

ବିଦ୍ୱତ୍ତମ, ବିଂ. (ବିଦ୍ୱସ୍-ତମ) ଅନେକଙ୍କ ମଧ୍ୟରେ ବିଦ୍ୱାନ୍, ସର୍ବଶ୍ରେଷ୍ଠ ବିଦ୍ୱାନ, ଅଦ୍ୱିତୀୟ ପଣ୍ଡିତ ।

ବିଦ୍ୱାନ୍, ବି. (ବିଦ୍-ବସ୍) ପଣ୍ଡିତ, ବିଦ୍ୟାବାନ୍, ଜ୍ଞାନୀ, ଶାସ୍ତ୍ରଦର୍ଶୀ ।

ବିଦ୍ୱେଷ, ପୁଂ. } ବି. (ବି-ଦ୍ୱିଷ୍-ଅ, ଅନ) ଶତ୍ରୁତା,
ବିଦ୍ୱେଷଣ, ନ. } ବୈର, ଦ୍ୱେଷ, ଈର୍ଷା ।

ବିଦ୍ୱେଷୀ, ବି. (ବି-ଦ୍ୱିଷ୍-ଇନ୍) ଶତ୍ରୁ, ଦ୍ୱେଷକାରୀ ।

ବିଧ } ବି. ପୁଂ. (ବି-ଧା-ଅ) ପ୍ରକାର, ରୀତି
ବିଧା } ଧାରା, ବିଧି, ନିୟମ, କାର୍ଯ୍ୟ ।

ବିଧବା, ବି. ସ୍ତ୍ରୀ. (ବି-ଧବ-ଆ) ମୃତପତିକା, ପତିହୀନା ସ୍ତ୍ରୀ, ରାଣ୍ଡୀ, ବିବନ୍ଧା ।

ବିଧାଃ, ବି. ପୁଂ. (ବି-ଧା-ଅସ୍) ବ୍ରହ୍ମା, ଆତ୍ମଭୂ, ପଦ୍ମଯୋନି, ପିତାମହ ।

ବିଧା, ବି. (ଦେଶଜ) ହସ୍ତମୁଷ୍ଟିର ମାଡ଼ବିଶେଷ ।

ବିଧାତା, ବି. ପୁଂ. (ବି-ଧା-ତୃ) ବ୍ରହ୍ମା, କନ୍ଦର୍ପ । ବିଂ. ନିର୍ମାତା, ସୃଷ୍ଟିକର୍ତ୍ତା ।

ବିଧାନ, ବି. ନ. (ବି-ଧା-ଅନ) ନିୟମ, ବିଧି, ବ୍ୟବସ୍ଥା, ନିର୍ମାଣ, ପ୍ରେରଣ ।

ବିଧାନଜ୍ଞ, ବିଂ. (ବିଧାନ-ଜ୍ଞା-ଅ) ବିଧାନବେତ୍ତା, ବିଧିଜ୍ଞ ।

ବିଧାନଶାସ୍ତ୍ର, ନ. } ବି. ବ୍ୟବସ୍ଥାଶାସ୍ତ୍ର, ଧର୍ମ
ବିଧାନସଂହିତା, ସ୍ତ୍ରୀ. } ଶାସ୍ତ୍ର, ସ୍ମୃତିଶାସ୍ତ୍ର, ଆଇନ ।

ବିଧି, ବି. ପୁଂ. (ବି-ଧା-ଇ) ବିଧାତା, ବ୍ରହ୍ମା, ଶାସ୍ତ୍ରବିଧାନ, ନିୟମ, ବିଷ୍ଣୁ, ନିୟୋଗ, ଅନୁଷ୍ଠାନ, ଶାସ୍ତ୍ର, ପ୍ରକାର, ବ୍ୟାପାର, ଆଚାର ।

ବିଧିଜ୍ଞ } ବିଂ. (ବିଧି-ଜ୍ଞା, ଦର୍ଶିନ୍) ଶାସ୍ତ୍ରଜ୍ଞ,
ବିଧିଦର୍ଶୀ } ନିୟମଜ୍ଞ, ବିଧାନବେତ୍ତା ।

ବିଧିପୂର୍ବକ, କ୍ରି. ବିଂ (ବିଧି-ପୂର୍ବକ) ବିଧାନ ଅନୁସାରେ, ନିୟମପୂର୍ବକ ।

ବିଧିବଦ୍ଧ, ବିଂ. (ବିଧି-ବଦ୍ଧ) ନିୟମବଦ୍ଧ ।

ବିଧିବୋଧିତ, ବିଂ. (ବିଧି ବୋଧିତ) ଶାସ୍ତ୍ରସମ୍ମତ, ବିଧାନୋକ୍ତ ।

ବିଧିବତ୍, ଅଂ. (ବିଧି-ବତ୍) ଯଥାବିଧି, ଯଥାଶାସ୍ତ୍ର, ଶାସ୍ତ୍ର ଅନୁସାରେ ।

ବିଧିବିଦ୍, ବିଂ. (ବିଧି-ବିଦ୍-କ୍ୱିପ୍) ଶାସ୍ତ୍ରଜ୍ଞ, ବିଧିଜ୍ଞ, ନିୟମଜ୍ଞ ।

ବିଧୁ, ବି. ପୁଂ. (ବି-ଧେ-ଉ) ଚନ୍ଦ୍ର, କର୍ପୂର, ବ୍ରହ୍ମା, ବିଷ୍ଣୁ, ରାକ୍ଷସ, ବାୟୁ, ଆୟୁଧ, ପାପକ୍ଷାଳନ, ଜଳସ୍ନାନ ।

ବିଧୂତ }
ବିଧୁତ } ବିଂ. (ବି-ଧୂ, ଧୁ-ତ) କମ୍ପିତ,
ବିଧୂନିତ } ଦୂରୀକୃତ, ଅପସାରିତ, ନିଃସାରିତ ।

ବିଧୂନନ } ବି ନ. (ବି-ଧୂ, ଧୂ ଇ-ଅନ)
ବିଧୂନନ } କମ୍ପ, ତ୍ୟାଗ ।

ବିଧୁନ୍ତୁଦ, ବି. ପୁଂ. (ବିଧୁ-ତୁଦ୍-ଅ) ରାହୁଗ୍ରହ ।

ବିଧୁର, ବିଂ. (ବି-ଧୁର୍-ଅ) ଆର୍ତ୍ତ, ପୀଡ଼ିତ, କାତର, ଦୁଃଖିତ, ଅସମର୍ଥ, ବିକଳ । ରା, ସ୍ତ୍ରୀ. କାତରା, ପୀଡ଼ିତା । ଯଥା—

ବୈଧବ୍ୟବିଧୁରା ବାଳା ଲଭି ଆଲିଙ୍ଗନ,
ପ୍ରାଣପତି ଉତ୍ସଙ୍ଗରେ ଜୁଡ଼ାଇଲେ କରଇ ଶୟନ । କ. ବ.

ବିଧୃତ, ବିଂ. (ବି-ଧୃ-ତ) ଧୃତ, ଅବଲମ୍ବିତ, ଅଙ୍ଗୀକୃତ, ଆଶ୍ରିତ ।

ବିଧେୟ, ବିଂ. (ବି-ଧା-ଯ) ବିଧାନଯୋଗ୍ୟ, ବଶ୍ୟ, କଥାର ବାଧ୍ୟ, ଉଚିତ, ବିନୟୀ ।

ବିଧ୍ୱଂସ, ବି. ପୁଂ. (ବି-ଧ୍ୱନ୍ସ୍-ଅ) ବିନାଶ, କ୍ଷୟ, ବିଲୋପ ।

ବିଧ୍ୱଂସିତ, ବିଂ. (ବି-ଧ୍ୱନ୍ସି-ତ) ବିନାଶିତ, ଅପକାରିତ ।

ବିଧ୍ୱଂସୀ, ବିଂ. (ବିଧ୍ୱଂସ୍-ଇନ୍) ବିନାଶଶୀଳ, ଅପକାରକ, ଶତ୍ରୁ ।

ବିଧ୍ୱସ୍ତ, ବିଂ. (ବି-ଧ୍ୱନ୍ସ୍-ତ) ବିନଷ୍ଟ, ଅପକୃତ ।

ବିନତ, ବିଂ. (ବି-ନମ୍-ତ) ଅବନତ, ପ୍ରଣତ, ବିନୀତ, ନମ୍ର ।

ବିନତା, ବି. ସ୍ତ୍ରୀ. (ବି-ନମ୍-ତ-ଆ) କଶ୍ୟପମୁନିଙ୍କ ପତ୍ନୀ, ଅରୁଣ ଓ ଗରୁଡ଼ର ମାତା ।

ବିନତାନନ୍ଦନ } ବି. ପୁଂ. (ବିନତା-ନନ୍ଦନ,
ବିନତାସୂନୁ } ସୂନୁ) ବୈନତେୟ, ଗରୁଡ଼, ଅରୁଣ ।

ବିନତି, ସ୍ତ୍ରୀ. } ବି. (ବି-ନମ୍-ତି, ବି-ନୀ-ଅ)
ବିନୟ, ପୁଂ. } ଶିଷ୍ଟତା, ଭଦ୍ରତା, ଦମନ, ଶାସନ, ଦଣ୍ଡ, ଅନୁନୟ, ବିନିଯୋଗ ।

ବିନୟୀ, ବିଂ. ( ବିନୟ-ଇନ୍ ) ନମ୍ର, ବିନୀତ, ଶିଷ୍ଟ, ଶାନ୍ତ ।

ବିନଶନ, ବି. ନ. ( ବି-ନଶ୍-ଅନ ) ବିନାଶ, କୁରୁକ୍ଷେତ୍ରସ୍ଥ ତୀର୍ଥବିଶେଷ ।

ବିନଶ୍ୱର, ବିଂ. ( ବି-ନଶ୍-ବର ) ଅଚିରସ୍ଥାୟୀ, ଅନିତ୍ୟ, ଧ୍ୱଂସଶୀଳ ।

ବିନଷ୍ଟ, ବିଂ. ( ବି-ନଶ୍-ତ ) ଅତୀତ, ବିଧ୍ୱସ୍ତ, କ୍ଷୟିତ, ନାଶପ୍ରାପ୍ତ, ମୃତ, ଗତ ।

ବିନସ୍, ବିଂ. (ବି ନାସିକା,ନାସିକା ସ୍ଥାନରେ ନସ୍) ବିଗତନାସିକ, ନାସିକାହୀନ ।

ବିନା, ଅଂ. ( ବି-ନା ) ବ୍ୟତିରେକେ, ବର୍ଜନ, ଅଭାବ ।

ବିନାକୃତ, ବିଂ. (ବିନା-କୃତ) ତ୍ୟକ୍ତ, ବିୟୋଜିତ, ରହିତ ।

ବିନାୟକ, ବି. ପୁଂ. ( ବି-ନୀ-ଅକ ) ଗଣେଶ, ବିଘ୍ନରାଜ, ଗରୁଡ଼, ଗୁରୁ, ଶିକ୍ଷକ ।

ବିନାଶ, ବି. ପୁଂ. ( ବି-ନଶ୍-ଅ ) ମୃତ୍ୟୁ, କ୍ଷୟ, ଅପଚୟ, ଲୋପ, ଅଭାବ, ଧ୍ୱଂସ ।

ବିନାଶକ, ବିନାଶୀ, ବିଂ. ( ବି-ନଶ୍-ଅକ, ଇନ୍ ) ସଂହାରକ, ଧ୍ୱଂସକାରକ, ଘାତକ ହନ୍ତା, ଅପକାରକ, ଉଚ୍ଛେଦକ, ନାଶକାରକ ।

ବିନାଶିତ, ବିଂ. ( ବି-ନାଶି-ତ ) ମୃତ, ନିହତ, ନାଶପ୍ରାପିତ ।

ବିନାଶୋନ୍ମୁଖ, ବିଂ. (ବିନାଶ-ଉନ୍ମୁଖ) ବିନଷ୍ଟ-ପ୍ରାୟ, ମୃତକଳ୍ପ, ମ୍ରିୟମାଣ ।

ବିନିଃସୃତ, ବିଂ. ( ବି-ନିର୍-ସୃ-ତ ) ବହିର୍ଗତ, ବିନିର୍ଗତ, ନିଷ୍କ୍ରାନ୍ତ ।

ବିନିଦ୍ର, ବିଂ. (ବି ନିଦ୍ରା) ଜାଗରିତ, ନିଦ୍ରାରହିତ । ଯଥା—

ବିନିଦ୍ରେ ସର୍ବ ଶର୍ବରୀକ ହରରୂ ହୋଇ ଧନୁଶରପାଣି । ବୈ-ବି.

ବିକଶିତ, ପ୍ରକାଶିତ, ଉନ୍ମୀଳିତ ।

ବିନିପାତ, ବି. ପୁଂ. ( ବି-ନି-ପତ୍-ଅ ) ପତନ, ଅପମାନ, କ୍ଳେଶ, ଦୁଃଖ, ମୃତ୍ୟୁ, ଦୈବଦୁଃଖ ।

ବିନିମୟ, ବି. ପୁଂ. ( ବି-ନି-ମୀ-ଅ ) ପରିବର୍ତ୍ତ, ବଦଳ, ପ୍ରତିଦାନ, ବନ୍ଧକ, ଗଚ୍ଛିତ । ଯଥା—

ଘର ମନେ ମଣି ରାଜସିଂହାସନ,
ବିନିମୟ କଲା ବୀର ଅଙ୍ଗେ ମନ । ନ. କେ.

ବିନିୟମ, ବି. ପୁଂ. ( ବି-ନି-ଯମ୍-ଅ ) ନିବାରଣ, ନିରୋଧ, ନିଷେଧ ।

ବିନିଯୁକ୍ତ, ବିଂ. ( ବି-ନି-ଯୁଜ୍-ତ ) ଅର୍ପିତ, ନିଯୁକ୍ତ, ପ୍ରେରିତ ।

ବିନିଯୋଗ, ବି. ପୁଂ. (ବି-ନି-ଯୁଜ୍-ଅ) ପ୍ରୟୋଗ, ନିୟୋଗ, ଅର୍ପଣ ।

ବିନିଯୋଜିତ, ବିଂ. ( ବି-ନି-ଯୁଜ୍-ତ ) ନିଯୁକ୍ତ, ପ୍ରେରିତ. ପ୍ରବର୍ତ୍ତିତ, ଅର୍ପିତ, ସ୍ଥାପିତ ।

ବିନିର୍ଗତ, ବିଂ. (ବି-ନିର୍ ଗମ୍-ତ) ନିଃସୃତ, ବହିର୍ଗତ, ଅପସୃତ, ନିଷ୍କ୍ରାନ୍ତ, ପ୍ରସ୍ଥିତ, ଅତୀତ ।

ବିନିର୍ଜିତ, ବିଂ. (ବି-ନିର୍-ଜି-ତ ) ପରାଜିତ, ପରାଭୂତ ।

ବିନିର୍ଣ୍ଣୟ, ବି. ପୁଂ. ( ବି-ନିର୍-ନୀ ଅ ) ନିର୍ଣ୍ଣୟ, ଅବଧାରଣ, ସ୍ଥିରୀକରଣ, ନିଷ୍ପତ୍ତି ।

ବିନିର୍ମୁକ୍ତ, ବିଂ. (ବି-ନିର୍-ମୁଚ୍-ତ) ମୁକ୍ତ, ବହିର୍ଗତ, ଉଦ୍ଧାରପ୍ରାପ୍ତ, ଅନାଚ୍ଛନ୍ନ, ଉନ୍ମୋଚିତ ।

ବିନିବର୍ତ୍ତିତ, ବିଂ. (ବି-ନି-ବର୍ତ୍ତିତ) ପ୍ରତ୍ୟାବର୍ତ୍ତିତ ଫେରାଇବା ।

ବିନିବୃତ୍ତ, ବିଂ. ( ବି-ନି-ବୃତ୍-ତ ) ନିରସ୍ତ, ପ୍ରତ୍ୟାଗତ ।

ବିନିବେଶିତ, ବିଂ. (ବି-ନି-ବେଶି-ତ) ପ୍ରବେଶିତ, ଅଧିଷ୍ଠିତ, ପ୍ରତିଷ୍ଠାପିତ ।

ବିନିହତ, ବିଂ. ( ବି-ନି-ହନ୍-ତ ) ବିଧ୍ୱସ୍ତ, ଲୁପ୍ତ, ତିରୋହିତ, ଆହତ, ନାଶିତ ।

ବିନୀତ, ବିଂ. (ବି-ନୀ-ତ) ନମ୍ର, ଶାନ୍ତ, ବିନୟାନ୍ୱିତ, ଜିତେନ୍ଦ୍ରିୟ, ଦଣ୍ଡିତ, ଶାସିତ, ଅନୁଭୂତ, ଧାର୍ମିକ, ଶିକ୍ଷିତ, ଉପଲବ୍ଧ, ନିଭୃତ, ସୁନ୍ଦର ।

ବିନୁ, ଅଂ. (ବିନା ଶବ୍ଦଜ) ବ୍ୟତିରେକେ ।

ବିନେତା, ବିଂ. (ବି-ନୀ-ତୃ) ଶାସକ, ନିୟମକର୍ତ୍ତା, ବିନୟକର୍ତ୍ତା । ବି. ପୁଂ. ରାଜା, ନୃପ ।

ବିନେୟ, ବିଂ. (ବି-ନୀ-ଯ) ଶିକ୍ଷଣୀୟ, ଦମ୍ୟ, ଗ୍ରାହ୍ୟ, ପ୍ରାପଣୀୟ, ଦଣ୍ଡନୀୟ ।

ବିନୋକ୍ତି, ବି. ସ୍ତ୍ରୀ. (ବିନା-ଉକ୍ତି) ଅର୍ଥାଲଙ୍କାର-ବିଶେଷ ।

ବିନୋଦ, ପୁଂ. / ବିନୋଦନ, ନ } ବି. (ବି-ନୁଦ୍-ଅ, ଅନ) ବିହାର, ଆମୋଦପ୍ରମୋଦ, ଅପନୋଦନ, ପ୍ରବୋଧ ଦେବା, ଔତ୍ସୁକ୍ୟ ।

ବିନ୍ଦୁ, ବିଂ. (ବିନ୍ଦ୍-ଉ) ବେତ୍ତା, ଜ୍ଞାତା, ଦାତା । ବି. ପୁଂ. ଦ୍ରବ ଦ୍ରବ୍ୟର କଣା, କ୍ଷୁଦ୍ର ଚିହ୍ନ, ଅନୁସ୍ୱାର, ଦନ୍ତକ୍ଷତ ଚିହ୍ନ, ଯାହାର କେବଳ ଅବସ୍ଥିତି ଅଛି ।

ବିନ୍ଦୁସରଃ, ବି. ନ. (ବିନ୍ଦୁ-ସରସ୍) ହିମବତ ଦେଶର ଅନ୍ତର୍ଗତ ସରୋବରବିଶେଷ ।

ବିନ୍ଧ, ବି. (ଦେଶଜ) ଛିଦ୍ର, କଣା, ରନ୍ଧ୍ର ।

ବିନ୍ଧାଣି, ବି. (ଦେଶଜ) କାରିଗର । ଯଥା—

ବି ଅବା ସେ ଅଙ୍ଗଠାଣି ଗଢ଼ିଛି ବିନ୍ଧାଣି । ମ, ଯା.

ବିନ୍ଧିବା, କ୍ରି. ବି. (ଦେଶଜ) ଫୋଡ଼ିବା, ଶୃଙ୍ଗଦ୍ୱାରା ଆଘାତ କରିବା ।

ବିନ୍ଧ୍ୟ, ବି. ପୁଂ. (ବି-ଧୈ-ଅ, ନିପାତନେ) ବିହାର ଦେଶଠାରୁ ଦକ୍ଷିଣ ଦେଶଗାମୀ ପର୍ବତଶ୍ରେଣୀ, ମଧ୍ୟ ଭାରତବର୍ଷର ପର୍ବତବିଶେଷ ।

ବିନ୍ୟସ୍ତ, ବିଂ. (ବି-ନି-ଅସ୍-ତ) ସ୍ଥାପିତ, ଯଥାକ୍ରମେ ଅର୍ପିତ, ରଚିତ, ବିକ୍ଷିପ୍ତ ।

ବିନ୍ୟାସ, ବି. ପୁଂ. (ବି-ନି-ଅସ୍-ଅ) ସ୍ଥାପନ, ରଚନ, ସଜ୍ଜା, ସ୍ଥାନ ।

ବିପକ୍ଷ, ବି. ପୁଂ. (ବି-ପକ୍ଷ) ଭିନ୍ନ ପକ୍ଷାଶ୍ରିତ, ଶତ୍ରୁ, ଅନ୍ୟଷ୍ଟାଗୃଷ୍ଟି, ବିରୁଦ୍ଧପକ୍ଷ । ବିଂ. ପକ୍ଷହୀନ ।

ବିପକ୍ଷତା, ବି. ସ୍ତ୍ରୀ. (ବିପକ୍ଷ-ତା) ଶତ୍ରୁତା, ବୈରି, ପ୍ରତିକୂଳତା ।

ବିପଞ୍ଚୀ / ବିପଞ୍ଚିକା } ବି. ସ୍ତ୍ରୀ. (ବି-ପଞ୍ଚ୍-ଅ-ଈ, ବିପଞ୍ଚୀ-କ-ଅ) ବୀଣା, ବଂଶୀ ।

ବିପଣ, ବି. ପୁ. (ବି-ପଣ୍-ଅ) ବିକ୍ରୟ ।

ବିପଣି, ପୁଂ. / ବିପଣୀ, ସ୍ତ୍ରୀ. } ବି (ବି-ପଣ୍-ଇ) ବିକ୍ରୟ ଗୃହ, ପଣ୍ୟବୀଥିକା, ଶ୍ରେଣୀବଦ୍ଧ ଦୋକାନ, ହାଟ, ବଜାର ।

ବିପଣୀ, ବି. ପୁଂ. (ବିପଣ-ଇନ୍) ବ୍ୟବସାୟୀ, ବଣିକ ।

ବିପତ୍ତି, ବି. ସ୍ତ୍ରୀ. (ବି-ପଦ୍-ତି) ଆପଦ୍, ବିପଦ୍, ନାଶ, ଦୁର୍ଭାଗ୍ୟ ।

ବିପଥ, ବି. ପୁଂ. ନ. (ବି-ପଥ) ନିନ୍ଦିତ ପଥ, କୁପଥ ।

ବିପଦ୍, ବି. ସ୍ତ୍ରୀ. (ବି-ପଦ୍-୦) ଆପଦ୍, ମରଣ, ବିନାଶ ।

ବିପନ୍ନ, ବିଂ. (ବି-ପଦ୍-ତ) ବିପଦ୍‌ଗ୍ରସ୍ତ, ଦୁରବସ୍ଥାପନ୍ନ, ବିନଷ୍ଟ । ବି. ପୁଂ. ସର୍ପ ।

ବିପରୀତ, ବିଂ. (ବି-ପରି-ଇ-ତ) ଓଲଟା, ବିରୁଦ୍ଧ, ପ୍ରତିକୂଳ । ତା, ସ୍ତ୍ରୀ. କାମୁକୀ ସ୍ତ୍ରୀ ।

ବିପର୍ଯ୍ୟୟ / ବିପର୍ଯ୍ୟାୟ } ବି. ପୁଂ (ବି-ପରି-ଇ-ଅ) ବୈପରୀତ୍ୟ, ବ୍ୟତିକ୍ରମ, ବିନାଶ ।

ବିପର୍ଯ୍ୟସ୍ତ, ବିଂ. (ବି-ପରି-ଅସ୍-ତ) ବିପର୍ଯ୍ୟୟପ୍ରାପ୍ତ, ବ୍ୟତିକ୍ରାନ୍ତ, ପରିବୃତ୍ତ ।

ବିପର୍ଯ୍ୟାସ, ବି. ପୁଂ. (ବି-ପରି-ଅସ୍-ଅ) ବ୍ୟତିକ୍ରମ, ବିପର୍ଯ୍ୟୟ, ବୈପରୀତ୍ୟ ।

ବିପଳ, ବି. ପୁଂ. (ବି-ପଳ) କାଳର ସୂକ୍ଷ୍ମାଂଶ-ବିଶେଷ ।

ବିପାକ, ବି. ପୁଂ. (ବି-ପଚ୍-ଅ) ପରିଣାମ, ପକ୍ୱତା, ପରିପାକ, ରନ୍ଧନ, କର୍ମର ସଦୃଶ ଫଳଭୋଗ ।

ବିପିନ, ବି. ନ. (ବପ୍-ଇନ) କାନନ, ବନ, ଅରଣ୍ୟ, ଅଟବୀ ।

ବିପୁଳ, ବିଂ. (ବି-ପୁଲ୍-ଅ) ବୃହତ୍, ମହତ୍, ବଡ଼, ଅନେକ, ଗମ୍ଭୀର, ପ୍ରଶସ୍ତ । ବି. ପୁଂ. ସୁମେରୁ, ହିମାଳୟ, ସମ୍ଭ୍ରାନ୍ତ ବ୍ୟକ୍ତି ।

ବିପ୍ରୁଷ୍, ବି. ସ୍ତ୍ରୀ. (ବି-ପ୍ରୁଷ୍-୦) ଦ୍ରବବସ୍ତୁର ବିନ୍ଦୁ, ଜଳାଦି କଣା, ବେଦପାଠକାଳୀନ ମୁଖନିର୍ଗତ ଜଳବିନ୍ଦୁ । ଯଥା—

ବମଧନ ଗାଚୋପ୍ରଚଦଲେ କଳ,
ବପୃଷ ବ ପଲ୍ଲବାରେ ଭଟଚଲ । ବୈ. ବ.

ବିପ୍ର, ବି. ପୁଂ. (ବି-ପ୍ରା-ଅ) ବ୍ରାହ୍ମଣ ।

ବିପ୍ରକର୍ଷ, ପୁଂ. } ବି. ( ବି-ପ୍ର-କୃଷ୍-ଅ, ଅନ )
ବିପ୍ରକର୍ଷଣ, ନ. } ଦୂରତ୍ୱ, ଦୂରବର୍ତ୍ତୀ ହେବା ।

ବିପ୍ରକର୍ଷଣଶକ୍ତି, ବି. ଯେଉଁ ଶକ୍ତିଦ୍ୱାରା ପରମାଣ ସକଳ ପରସ୍ପର ଦୂରବର୍ତ୍ତୀ ହୁଅନ୍ତି ।

ବିପ୍ରକାର, ବି. ପୁଂ. ( ବି ପ୍ର-କୃ-ଅ ) ଅପକାର, ଅନିଷ୍ଟ, ଉପଦ୍ରବ, ତିରସ୍କାର ।

ବିପ୍ରକୃତ, ବିଂ. ( ବି-ପ୍ର-କୃ-ତ ) ତିରସ୍କୃତ, ଅପକୃତ, ଉପଦ୍ରୁତ ।

ବିପ୍ରକୃଷ୍ଟ, ବିଂ. ( ବି-ପ୍ର-କୃଷ-ତ ) ଦୂରସ୍ଥ, ଦୂରବର୍ତ୍ତୀ ।

ବିପ୍ରତିପନ୍ନ, ବିଂ. ( ବି-ପ୍ରତି-ପଦ୍-ତ ) ବିରୁଦ୍ଧ, ଅସ୍ୱୀକୃତ, ସନ୍ଦିଗ୍ଧ ।

ବିପ୍ରତିସାର, ବି. ପୁଂ. (ବି-ପ୍ରତି-ସାର) ରୋଷ, କ୍ରୋଧ, ଅନୁତାପ, ପଶ୍ଚାତ୍ତାପ ।

ବିପ୍ରବୁଦ୍ଧ, ବିଂ. (ବି-ପ୍ରବୁଦ୍ଧ) ଜାଗରିତ, ଉନ୍ନିଦ୍ର ।

ବିପ୍ରଯୁକ୍ତ, ବିଂ. (ବି ପ୍ରଯୁକ୍ତ) ବିଯୁକ୍ତ, ବିଶ୍ଳିଷ୍ଟ, ବିରହିତ, ବିଚ୍ଛେଦପ୍ରାପ୍ତ ।

ବିପ୍ରଯୋଗ, ବି. ପୁଂ. ( ବି-ପ୍ରଯୋଗ ) ବିରହ, ବିଯୋଗ, ବିବାଦ, ବିରୋଧ ।

ବିପ୍ରଲବ୍ଧ, ବିଂ. ( ବି-ପ୍ର ଲଭ୍-ତ ) ବଞ୍ଚିତ, ପ୍ରତାରିତ ।

ବିପ୍ରଲବ୍ଧା, ବି. ସ୍ତ୍ରୀ. ନାୟିକାବିଶେଷ, ଯେ ନାୟିକା ସଙ୍କେତ ସ୍ଥାନରେ ନାୟକକୁ ନ ଦେଖି ହତାଶ ହୁଏ ।

ବିପ୍ରଲମ୍ଭ, ବି. ପୁଂ. ( ବି-ପ୍ର-ଲଭ୍-ଅ ) ବଞ୍ଚନା, ପ୍ରତାରଣା, ଛଳନା, ବିବାଦ, କଳହ, ବିଯୋଗ, ବିଚ୍ଛେଦ, ବିରହ, ଶୃଙ୍ଗାର ରସ-ବିଶେଷ, ବିରୁଦ୍ଧ କର୍ମ ।

ବିପ୍ରଲାପ, ବି. ପୁଂ. (ବି-ପ୍ରଲାପ) ବିରୋଧବଚନ, କଳହ, ବିରୁଦ୍ଧ ବାକ୍ୟ କଥନ, ଅନର୍ଥକ ବିବାଦ ।

ବିପ୍ରିୟ, ବିଂ. ( ବି-ପ୍ରିୟ ) ଅପ୍ରିୟ, ଅବଜ୍ଞାତ ଘୃଣିତ । ବି. ନ. ଅନିଷ୍ଟ ।

ବିପ୍ଲବ, ବି. ପୁଂ. (ବି-ପ୍ଲୁ-ଅ) ବିବାଦ, ବିନାଶ, ଗୋଳମାଳ, ଭୟପ୍ରଦର୍ଶନ, ବିଦ୍ରୋହ, ଉପ-ଦ୍ରବ, କଷ୍ଟ, ବିପଦ, ପାପ, ଦୁଷ୍କୃତ ।

ବିପ୍ଲାବନ, ବି. ନ. (ବି-ପ୍ଲାବି-ଅନ) ଜଳପ୍ଲାବନ, ବ୍ୟାଘାତ, ବିଘ୍ନ, ହାନି ।

ବିପ୍ଲାବିତ, ବିଂ. ( ବି-ପ୍ଲାବି-ତ ) ବିପର୍ଯ୍ୟସ୍ତ, ଓଲଟପାଲଟ ।

ବିପ୍ଲୁତ, ବିଂ. ( ବି-ପ୍ଲୁ-ତ ) ଦୂଷିତ, ବିଗତ, ଉପଦ୍ରୁତ, ବିହ୍ୱଳ, ଅପରାଧକାରୀ, ପ୍ରତିକୂଳ, ଉପଗତ । ବି. ନ. ବ୍ୟାଘାତ, ଧ୍ୱଂସ, ଜଳ-ପ୍ଲାବନ ।

ବିଫଳ, ବିଂ. (ବି-ଫଳ) ନିଷ୍ଫଳ, ବୃଥା, ନିରର୍ଥକ ।

ବିବୁଧ, ବି. ପୁଂ. ( ବି-ବୁଧ୍-ଅ ) ଦେବତା, ପଣ୍ଡିତ ।

ବିବୁଧବନିତା, ବି. ସ୍ତ୍ରୀ ଅପ୍ସରା ।

ବିବୋଧ, ବି. ପୁଂ. (ବି-ବୋଧ) ଜାଗରଣ, ପ୍ରକାଶ, ଜ୍ଞାନ ।

ବିବୋଧନ, ବି. ନ. (ବି-ବୋଧି-ଅନ) ଉଦ୍‌ବୋଧ, ଜାଗରଣ, ଜ୍ଞାପନ ।

ବିବୋଧିତ, ବିଂ. ( ବି-ବୋଧି-ତ ) ଜାଗରିତ, ଜ୍ଞାପିତ, ପ୍ରକାଶିତ ।

ବିଭକ୍ତ, ବିଂ. (ବି-ଭଜ୍-ତ) ବିଭିନ୍ନ, ପୃଥକ୍‌କୃତ, ବି. ନ. ବିଭାଗ ।

ବିଭକ୍ତି, ବି. ସ୍ତ୍ରୀ. ( ବି-ଭଜ୍-ତି ) ବିଭାଗ, ବିଶ୍ଳେଷ, ଅଂଶୀକରଣ, ରଚନା, ଭଙ୍ଗୀ, ବ୍ୟାକରଣରେ ଶବ୍ଦ ବା ଧାତୁର ପରେ ଯେ ସବୁ ପ୍ରତ୍ୟୟ ହୁଏ ।

ବିଭବ, ବି. ପୁଂ. ( ବି-ଭୂ-ଅ ) ଧନ, ସମ୍ପତ୍ତି । ମୋକ୍ଷ, ମୁକ୍ତି ଔଦାର୍ଯ୍ୟ, ମହତ୍ତ୍ୱ ।

ବିଭା, ବି. ସ୍ତ୍ରୀ. ( ବି-ଭା-ଅ) ( ବିବାହ ଶବ୍ଦଜ ) ବିବାହ । ଯଥା—

ବର୍ଷି ସାଷ୍ଟରେ ବଇ ଲଚ ବଚାର ଯେ । ବେ. ବ.

ଆଲୋକ, କିରଣ, ପ୍ରଭା, ଦୀପ୍ତି, ଶୋଭା, ପ୍ରକାଶ । (ଆଲୋକ ଅର୍ଥରେ) ଯଥା—

ନୀଳକାନ୍ତ ବ୍ୟୋମ ଅନ୍ତରତଳେ ଝଳ,
ବିଭାତଲ୍ପ ତଳ ଯେତେ ଅସ୍ପବଳୀ । ନ, କେ.

ବିଭାକର, ବି. ପୁଂ. (ବିଭା-କର) ସୂର୍ଯ୍ୟ ପ୍ରଭାକର, ଅଗ୍ନି, ଅର୍କବୃକ୍ଷ ।

ବିଭାଗ, ବି. ପୁଂ. ( ବି-ଭାଗ) ଅଂଶ, ଭାଗ, ଖଣ୍ଡ, ବଣ୍ଟନ । ବିଂ. ବିଭାଗକର୍ତ୍ତା ।

ବିଭାଜକ, ବିଂ. ( ବି-ଭାଜକ ) ବିଭାଗକର୍ତ୍ତା ।

ବିଭାଜ୍ୟ, ବିଂ. (ବି-ଭଜ୍ ଯ) ବିଭାଗଯୋଗ୍ୟ ।

ବିଭାଜ୍ୟତା, ବି. ସ୍ତ୍ରୀ. ( ବିଭାଜ୍ୟ-ତା ) ଯେଉଁ ଗୁଣ ଥିବାରୁ ଜଡ଼ପଦାର୍ଥ ସବୁ ନାନା କ୍ଷୁଦ୍ରତମ ଅଂଶରେ ବିଭକ୍ତ ହୋଇ ପାରନ୍ତି, ପଦାର୍ଥର ସେହି ଗୁଣର ନାମ ।

ବିଭାଣ୍ଡକ, ବି. ପୁଂ. ମୁନିବିଶେଷ ଋଷ୍ୟଶୃଙ୍ଗଙ୍କ ପିତା ।

ବିଭାତ, ବି. ନ. ( ବି-ଭା-ତ ) ପ୍ରଭାତ, ପ୍ରାତଃକାଳ ।

ବିଭାବ, ବି ପୁଂ. (ବି-ଭାବ) କାବ୍ୟନାଟକାଦିରେ ବର୍ଣ୍ଣିତ ରତି, ହର୍ଷ କ୍ରୋଧ, ପ୍ରଭୃତି ସ୍ଥାୟୀ ଭାବର କାରଣକୁ ବିଭାବ କହନ୍ତି, ପରିଚୟ ।

ବିଭାବନ, ନ. } ବି. (ବି-ଭାବି-ଅନ, ଆ)
ବିଭାବନା, ସ୍ତ୍ରୀ } ଅବଧାରଣ, ଚିନ୍ତନ, ଦର୍ଶନ, କାବ୍ୟର ଅଳଙ୍କାରବିଶେଷ, ଯେଉଁଠାରେ କାରଣ ବ୍ୟତିରେକେ କାର୍ଯ୍ୟୋତ୍ପତ୍ତି ହୁଏ ।

ବିଭାବନୀୟ, ବିଂ. ( ବି-ଭାବି-ଅନୀୟ ) ଚିନ୍ତନୀୟ, ଅବଧାରଣୀୟ, ଦର୍ଶନୀୟ ।

ବିଭାବରୀ, ବି. ସ୍ତ୍ରୀ. (ବି-ଭା-ବରୀ) ରଜନୀ, ରାତ୍ରି, ଯାମିନୀ, ହରିଦ୍ରା ।

ବିଭାବସୁ, ବି. ପୁଂ. (ବିଭା-ବସୁ) ସୂର୍ଯ୍ୟ, ଅଗ୍ନି, ଚନ୍ଦ୍ର, ଅର୍କବୃକ୍ଷ, ହାରବିଶେଷ ।

ବିଭାବିତ, ବିଂ. (ବି-ଭାବି-ତ) ଦୃଷ୍ଟ, ଅନୁଭୂତ, ବିବେଚିତ, ବିଚିନ୍ତିତ, ପ୍ରତିଷ୍ଠିତ ।

ବିଭାଷା, ବି. ସ୍ତ୍ରୀ. (ବି—ବିରୁଦ୍ଧ-ଭାଷା) ଇଚ୍ଛାନୁଯାୟୀ କଳ୍ପନା, ବିକଳ୍ପ ।

ବିଭାସିତ, ବିଂ. ( ବି-ଭାସ୍—ଦୀପ୍ତି ପାଇବା-ତ ) ଦୀପିତ, ପ୍ରକାଶିତ । ଯଥା—

ଦୂରେ ବାଲରଶ୍ମି ଦିଶିଲା ଗଗନେ,
ବିଭାସିତ ସନ୍ଧ୍ୟା କନକ କିରଣେ । ନ. କେ.

ବିଭିନ୍ନ, ବିଂ. ( ବି-ଭିଦ୍-ତ ) ମିଶ୍ରିତ, ସଂଗୃହୀତ, ବିଭକ୍ତ, ପୃଥଗ୍‌ଭୂତ, ବିଦୀର୍ଣ୍ଣ ।

ବିଭୀତକ, ବି. ପୁଂ. (ବି-ଭୀତ-କ) ବାହାଡ଼ା ଗଛ । ବିଂ. ଭୟାକୁଳ ।

ବିଭୀଷଣ, ବି. ପୁଂ. (ବି-ଭୀଷ୍-ଅନ) ରାବଣର କନିଷ୍ଠ ଭ୍ରାତା । ବିଂ. ଭୟଙ୍କର ।

ବିଭୀଷିକା, ବି. ସ୍ତ୍ରୀ. ( ବି-ଭୀଷ୍-ଅକ-ଆ ) ଭୟପ୍ରଦର୍ଶନ, ଭୟ ଦେଖାଇବା ।

ବିଭୁ, ବି. ପୁଂ. (ବି-ଭୂ-ଉ) ପ୍ରଭୁ, ସାମନ୍ତ, ବ୍ରହ୍ମା, ବିଷ୍ଣୁ, ଶିବ, ପରମେଶ୍ୱର, ଭୃତ୍ୟ, ବ୍ୟାପକ । ବିଂ. ସର୍ବବ୍ୟାପୀ ।

ବିଭୂତି, ବି. ସ୍ତ୍ରୀ. (ବି-ଭୂ-ତି) ସମ୍ପତ୍ତି, ଐଶ୍ୱର୍ଯ୍ୟ, ସମୃଦ୍ଧି, ଅଣିମା, ଲଘିମା, ବ୍ୟାପ୍ତି, ପ୍ରାକାମ୍ୟ ମହିମା, ଈଶିତ୍ୱ, ବଶିତ୍ୱ, କାମାବସାୟିତ୍ୱ, ଶିବଙ୍କର ଏହି ଅଷ୍ଟବିଧ ଐଶ୍ୱର୍ଯ୍ୟ, ଭସ୍ମ ।

ବିଭୂଷଣ, ନ. } ବି ( ବି-ଭୂଷ୍-ଅନ, ଅ )
ବିଭୂଷା, ସ୍ତ୍ରୀ } ଆଭରଣ, ଅଳଙ୍କାର, ଶୋଭା,

ବିଭୂଷିତ, ବିଂ. ( ବି-ଭୂଷ୍-ତ ) ଅଳଙ୍କୃତ, ଶୋଭିତ ।

ବିଭୃତ୍, ବିଂ. (ବି-ଭୃ-୦) ପ୍ରତିପାଳକ, ପୁଷ୍ଟ, ଧୃତ ।

ବିଭେଦ, ବି. ପୁଂ. ( ବି-ଭିଦ୍-ଅ ) ବିଭିନ୍ନତା, ପ୍ରଭେଦ, ବୈଲକ୍ଷଣ୍ୟ, ଅପଗମ, ବିଭାଗ, ମିଶ୍ରଣ, ବିକାଶ, ବିଦଳନ, ବିଦାରଣ ।

ବିଭ୍ରମ, ବି. ପୁଂ. (ବି-ଭ୍ରମ୍-ଅ) ବିଲାସ, ସଂଶୟ, ଭ୍ରମ, ସାଦୃଶ୍ୟ । ମା, ସ୍ତ୍ରୀ. ବାର୍ଦ୍ଧକ୍ୟ, ବୃଦ୍ଧାବସ୍ଥା ।

ବିଭ୍ରାଟ, ବିଂ. (ବି-ଭ୍ରାଜ୍-କ୍ୱିପ୍)ଅଳଙ୍କାରାଦିଦ୍ୱାରା ଦୀପ୍ତିଶୀଳ, ଶୋଭମାନ, ଦୀପ୍ତିମାନ୍ । ବି. ପୁଂ. ଆପଦ୍, ବିପଦ, ସଙ୍କଟ ।

ବିଭ୍ରାନ୍ତ, ବି. (ବି-ଭ୍ରମ୍ ତ) ଭ୍ରମଯୁକ୍ତ ଭୁଲ, ଘୂର୍ଣ୍ଣିତ ।

ବିଭ୍ରାନ୍ତି, ବି. ସ୍ତ୍ରୀ. ( ବି-ଭ୍ରମ୍-ତି ) ଭ୍ରମ, ଭୁଲ, ହୃଷ୍ଟ ।

ବିମତ, ବିଂ. (ବି-ମନ୍-ତ) ଅସମ୍ମତ, ଅନଭିମତ, ଅଗ୍ରାହ୍ୟ, ବିରୁଦ୍ଧମତିଯୁକ୍ତ, ଅପ୍ରିୟ, ଅନିଷ୍ଟ ।

ବିମତି, ବି. ସ୍ତ୍ରୀ. (ବି-ମନ୍-ତି)ଅନିଚ୍ଛା,ଅସମ୍ମତି ।

ବିମନାଃ } ବିଂ. ( ବି-ମନସ୍ ) ଅନ୍ୟମନସ୍କ,
ବିମନସ୍କ } ଉଦ୍‌ବିଗ୍ନ, ଦୁଃଖିତ, ବ୍ୟାକୁଳ ।

ବିମନାୟମାନ, ବିଂ. ( ବି-ମନସ୍-କ୍ୟ-ଆନ ) ଦୁଃଖିତ, ବିଷଣ୍ଣ ।

ବିମର୍ଦ୍ଦ, ପୁଂ. } ବି, (ବି-ମୃଦ୍-ଅ, ଅନ) ଘର୍ଷଣ,
ବିମର୍ଦ୍ଦନ, ନ. } ପେଷଣ, ପରିମଳ, ସମ୍ପର୍କ, ବିନାଶ, ଘାତକ, ମନ୍ଥନ, ଚୂର୍ଣ୍ଣନ, ଗୁଳ୍ମ-ବିଶେଷ ।

ବିମର୍ଦ୍ଦିତ, ବିଂ. ( ବି-ମୃଦ୍-ତ ) ଦଳିତ, ମର୍ଦ୍ଦିତ, ବିଲୋଡ଼ିତ, ସଂଘଟ୍ଟିତ, ଚୂର୍ଣ୍ଣିତ, ପିଷ୍ଟ ।

ବିମର୍ଶ, ପୁଂ. } ବି. (ବି-ମୃଶ୍-ଅ, ଅନ)ବିତର୍କ,
ବିମର୍ଶନ, ନ. } ତଥ୍ୟାନୁସନ୍ଧାନ, ବିଗ୍ଭର, ବିବେଚନା, ଅସନ୍ତୋଷ, ଅଧୈର୍ଯ୍ୟ, ତର୍କ କରିବା ।

ବିମର୍ଷ, ପୁଂ. } ବି. (ବି-ମୃଷ୍-ଅ, ଅନ) ଅସହନ,
ବିମର୍ଷଣ, ନ } ଅସନ୍ତୋଷ ନାଟ୍ୟାଙ୍ଗ ।

ବିମଳ, ବିଂ. ( ବି-ମଳ ) ଶୁଭ୍ର, ସ୍ୱଚ୍ଛ । ନିର୍ମଳ, ସୁନ୍ଦର, ମନୋହର, ନିଷ୍କଳଙ୍କ । ଳା, ସ୍ତ୍ରୀ, ଦେବୀବିଶେଷ ।

ବିମାତା, ବି. ସ୍ତ୍ରୀ. ( ବି-ମାତୃ ) ମାତୃସପତ୍ନୀ, ସାବତ ମା ।

ବିମାତୃଜ, ବି. ପୁଂ, ( ବିମାତୃ-ଜ ) ବୈମାତ୍ରେୟ ଭ୍ରାତା, ମାତୃସପତ୍ନୀପୁତ୍ର । ଜା,ସ୍ତ୍ରୀ.ବୈମାତ୍ରେୟ ଭଗିନୀ ।

ବିମାନ,ବି. ପୁଂ. ନ.(ବି-ମାନ କିମ୍ବା ବି-ମନ୍-ଅ) ଦେବରଥ, ବ୍ୟୋମଯାନ, ସିଂହାସନ, ମଣ୍ଡପ, ଅଶ୍ୱ, ଘୋଟକ ।

ବିମାନନା,ବି. ସ୍ତ୍ରୀ. (ବି-ମାନ-ଅନ-ଆ)ଅବମାନ, ତିରସ୍କାର ।

ବିମାର୍ଗ, ବି. ପୁଂ. (ବି-ମୃଜ୍-ଅ, ଅଥବା ବି-ମାର୍ଗ) କୁପଥ, କଦାଚାର, ସମ୍ମାର୍ଜନୀ ।

ବିମିଶ୍ର, ବିଂ. (ବି-ମିଶ୍ର-ଅ) ମିଶ୍ରିତ, ମିଶାଇବା ।

ବିମୁକ୍ତ, ବିଂ. (ବି-ମୁଚ୍-ତ) ମୁକ୍ତିପ୍ରାପ୍ତ, ପରିତ୍ୟକ୍ତ ।

ବିମୁକ୍ତି, ବି ସ୍ତ୍ରୀ. ( ବି-ମୁଚ୍-ତି ) ବିମୋଚନ, ବନ୍ଧନରୁ ମୁକ୍ତ ।

ବିମୁଖ ବିଂ. ( ବି-ମୁଖ ) ପରାଙ୍ମୁଖ, ଅପ୍ରସନ୍ନ, ନିବୃତ୍ତ, ନିସ୍ପୃହ ।

ବିମୁଗ୍ଧ, ବିଂ. (ବି-ମୁହ୍-ତ)ବିଶେଷରୂପେ ମୋହିତ, ମୋହପ୍ରାପ୍ତ, ସ୍ୱାଭାବିକ ଜ୍ଞାନଶୂନ୍ୟ ।

ବିମୂଢ଼, ବିଂ. ( ବି ମୁହ-ତ ) ଅଜ୍ଞାନ, ମୂର୍ଖ, ନିର୍ବୋଧ ।

ବିମୃଶ୍ୟକାରୀ } ବିଂ ( ବିମୃଶ୍ୟ-କାରିନ୍ ) ଯେ
ବିମୃଷ୍ୟକାରୀ } ବ୍ୟକ୍ତି ବିବେଚନା କରି କର୍ମ କରେ ।

ବିମୋକ୍ଷଣ } ବି. ନ. ( ବି-ମୋକ୍ଷଣ, ବି-ମୁଚ୍-
ବିମୋଚନ } ଅନ ) ବିମୁକ୍ତି, ଉଦ୍ଧାର, ପରିତ୍ରାଣ ।

ବିମୋହନ,ବି. ନ. (ବି-ମୋହି-ଅନ)ମୁଗ୍ଧକରଣ, ମୋହିତକରଣ, ମୋହ ଜନ୍ମାଇବା । ବିଂ. ମୋହଜନକ, ମାୟାଜନକ ।

ବିମୋହିତ, ବିଂ. (ବି-ମୁହ୍-ତ କିମ୍ବା ବି-ମୋହି-ଇତ) ମୋହପ୍ରାପ୍ତ, ମୁଗ୍ଧ, ମୂର୍ଚ୍ଛିତ, ହତାହତ ସାମାନ୍ୟ ଜ୍ଞାନଶୂନ୍ୟ, ଅଜ୍ଞାନ ।

ବିମ୍ବ, ବି. ପୁଂ. ନ. (ବି —ଗମନ କରିବା, ଦୀପ୍ତି ପାଇବା-ବ, ମ ଆଗମ, ଇ ସ୍ଥାନରେ ଇ ) ସୂର୍ଯ୍ୟ ଓ ଚନ୍ଦ୍ରର ମଣ୍ଡଳ, ମୂର୍ତ୍ତି, ପ୍ରତିମୂର୍ତ୍ତି, ପ୍ରତିବିମ୍ବ, ଛାୟା, ଲୋହିତବର୍ଣ୍ଣ ଫଳବିଶେଷ, କଇଁଚକାକୁଡ଼ ।

ବିମ୍ବିତ, ବିଂ. ( ବିମ୍ବ-ଇତ ) ପ୍ରତିବିମ୍ବିତ, ପ୍ରତିଫଳିତ, ଆଭାସିତ ।

ବିମ୍ବୋଷ୍ଠ } ବିଂ. ( ବିମ୍ବ-ଓଷ୍ଠ ) ରକ୍ତବର୍ଣ୍ଣ
ବିମ୍ବୌଷ୍ଠ } ଓଷ୍ଠବିଶିଷ୍ଟ, ଯାହାର ଓଷ୍ଠ ବିମ୍ବଫଳ ପରି ରକ୍ତବର୍ଣ୍ଣ ।

ବିୟତ୍, ବି. ନ. (ବି-ଯମ୍-୦) ଆକାଶ, ଗଗନ ।

ବିୟଦ୍ଗଙ୍ଗା, ବି. ସ୍ତ୍ରୀ. (ବିୟତ୍-ଗଙ୍ଗା) ସ୍ୱର୍ଗଗଙ୍ଗା, ମନ୍ଦାକିନୀ ।

ବିୟନ୍ମଣି, ବି. ପୁଂ. (ବିୟତ୍-ମଣି) ସୂର୍ଯ୍ୟ, ସବିତା ।

ବିୟାତ, ବିଂ. ( ବି-ଯାତ ) ଧୃଷ୍ଟ, ପ୍ରଗଲ୍‌ଭ, ନିର୍ଲଜ୍ଜ ।

ବିଯୁକ୍ତ } ବିଂ. (ବି-ଯୁକ୍ତ, ଯୁତ) ବିଚ୍ଛିନ୍ନ, ପୃଥକ୍‌-
ବିଯୁତ } କୃତ, ବିରହିତ, ରହିତ ।

ବିଯୋଗ } ବି. ପୁଂ. ( ବି-ଯୋଗ ) ବିଚ୍ଛେଦ,
ବିୟୋଗ } ବିରହ, ଅଭାବ ।

ବିଯୋଗୀ, ବିଂ. ( ବିଯୋଗ-ଇନ୍ ) ବିରହୀ, ଅସଂଯୁକ୍ତ, ବିଚ୍ଛେଦଯୁକ୍ତ ।

ବିୟୋଜିତ, ବିଂ. ( ବି-ଯୋଜିତ ) ବିରହିତ, ପୃଥକ୍‌କୃତ, ବିଶ୍ଳିଷ୍ଟ ।

ବିଯୋଡ଼, ବି. (ଦେଶଜ) ଅମିଳନ, ଅଯୁଗଳ ।

ବିରକ୍ତ, ବିଂ. ( ବି-ରନ୍‌ଜ୍-ତ ) ବୈରାଗ୍ୟଯୁକ୍ତ, ଅନନୁରକ୍ତ, ବିରତ, ବିମୁଖ ।

ବିରକ୍ତଭାବ, ବି. ପୁଂ. ( ବିରକ୍ତ-ଭାବ ) ବିରାଗ, ବୈରାଗ୍ୟ, ଅନିଚ୍ଛା, ଔଦାସ୍ୟ, ପ୍ରତିକୂଳତା ।

ବିରକ୍ତି, ବି. ସ୍ତ୍ରୀ. ( ବି-ରନ୍‌ଜ୍-ତି ) ଅନୁରାଗ, ଔଦାସ୍ୟ, ବୈରାଗ୍ୟ ।

ବିରଚିତ, ବିଂ ( ବି-ରଚ-ତ ) ନିର୍ମିତ, ଗଠିତ, ପ୍ରଣୀତ, କୃତ, କଳ୍ପିତ, ଲିଖିତ ।

ବିରଜାଃ, ବି. ସ୍ତ୍ରୀ. (ବି-ରଜସ୍) ଯେ ସ୍ତ୍ରୀର ଋତୁ ନିବୃତ୍ତ ହୋଇଅଛି । ବିଂ ରଜୋଗୁଣରହିତ, ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ।

ବିରଜା, ବି. ସ୍ତ୍ରୀ. ( ବି-ରନ୍‌ଜ୍-ଅ-ଆ ) ଦୁର୍ବା, ରାଧାଙ୍କ ସଖୀବିଶେଷ, ଯଯାତି ରାଜାଙ୍କ ମାତା ।

ବିରଞ୍ଚି } ବି. ପୁଂ. (ବି-ରଚ୍ ଅ, ଇ, ମ୍ ଆଗମ)
ବିରିଞ୍ଚି } ବ୍ରହ୍ମା, ପିତାମହ, ଧାତା ।

ବିରତ, ବିଂ. ( ବି-ରମ୍-ତ ) ନିବୃତ୍ତ, ଶାନ୍ତ, ବିଶ୍ରାନ୍ତ, ବିମୁଖ ।

ବିରତି, ବି. ସ୍ତ୍ରୀ. ( ବି-ରମ୍-ତି ) ନିବୃତ୍ତି, ଶାନ୍ତି, ବିରାଗ ।

ବିରଳ, ବିଂ. (ବି-ରା-ଅଳ) ଅଳ୍ପ, ସ୍ୱଳ୍ପ ନିର୍ଜନ, ଛଡ଼ାଛଡ଼ି । ଯଥା—

ବିରଳ ଯେଉଁଠାରେ ମାନବ ସଞ୍ଚାର,
ବିରାଜିବ ମୋର ପିଣ୍ଡର ସଞ୍ଚାର । ନ. କେ.

ବିରସ, ବିଂ. ( ବି-ରସ ) ରସହୀନ, ବିସ୍ୱାଦୁ, ବିରକ୍ତିଜନକ, ଅପ୍ରୀତିକର ।

ବିରହ, ବି. ପୁଂ. ( ବି-ରହ-ଅ ) ବିଚ୍ଛେଦ, ବିୟୋଗ, ତ୍ୟାଗ, ଅଭାବ ।

ବିରହିତ, ବିଂ. ( ବିରହ-ଇତ ) ବିହୀନ, ତ୍ୟକ୍ତ, ରହିତ, ବିଯୁକ୍ତ, ବିଶ୍ଳିଷ୍ଟ ।

ବିରହୀ, ବିଂ. (ବିରହ-ଇନ୍) ବିଯୋଗୀ, ବିଚ୍ଛେଦ-ଯୁକ୍ତ । ହିଣୀ, ସ୍ତ୍ରୀ. ବିଯୋଗିନୀ ।

ବିରାଗ, ବି. ପୁଂ. ( ବି-ରନ୍‌ଜ୍-ଅ ) ବୈରାଗ୍ୟ, ବିବେକ, ବିରକ୍ତି, ଅନନୁରାଗ । ବିଂ. ରାଗ-ହୀନ । ଯଥା—

ବିରାଗେ ଥାଉଁଛି ଲଳନା ରାଗେ ଲୋକଲୋଚନ । ଚ. ଚ.

ବିରାଜମାନ, ବିଂ. (ବି-ରାଜ୍-ଶାନଚ୍) ଦୀପ୍ତିବିଶିଷ୍ଟ, ଶୋଭମାନ ।

ବିରାଜିତ, ବିଂ. ( ବି-ରାଜ୍-ତ ) ଶୋଭିତ, ପ୍ରକାଶିତ ।

ବିରାଟ୍, ବି. ପୁଂ. (ବି-ରାଜ୍-୦, ଯଦ୍ଦୀପ୍ତ, କାନ୍ତି, ଦୀପ୍ତି, ସୌନ୍ଦର୍ଯ୍ୟ, ପ୍ରଭା, ସର୍ବବ୍ୟାପୀ ପୁରୁଷ, ପରମେଶ୍ୱର, ସ୍ୱାୟମ୍ଭୁବ ମନୁ, ଛନ୍ଦୋବିଶେଷ । ବିଂ. ବୃହତ୍ ।

ବିରାଟ, ବି. ପୁଂ. (ବି-ରଟ୍-ଅ) ବଙ୍ଗଳାର ଅର୍ଦ୍ଧ-କ୍ରୋଶ ଉତ୍ତରରେ ସ୍ଥିତ ଦେଶବିଶେଷ, ଏହି ଦେଶର ରାଜା ।

ବିରାଡ଼ି, ବି. (ବିଡ଼ାଲ ଶବ୍ଦଜ) ବିଲେଇ ।

ବିରାଧ, ବି. ପୁଂ. (ବି-ରାଧ୍-ଅ) ରାକ୍ଷସବିଶେଷ ।

ବିରାମ, ବି. ପୁଂ. (ବି-ରମ୍-ଅ) ବିଶ୍ରାମ, ନିବୃତ୍ତି, ଉପରମ, ଅବସାନ, ବୈରାଗ୍ୟ, ବିରତି, ବ୍ୟାକରଣରେ ପଦବର୍ଣ୍ଣୀଭ ବ ।

ବିରାବ, ବି ପୁଂ. ( ବି-ରୁ-ଅ ) ଶବ୍ଦ, ଧ୍ୱନି, ଗୋଳମାଳ । ବିଂ. ରବଯୁକ୍ତ ।

ବିରଞ୍ଚ } ବି. ପୁଂ. (ବି-ରଚ୍-ଅ (ଅନ୍) ଇନ୍)
ବିରଞ୍ଚି } ବ୍ରହ୍ମା, ବିଷ୍ଣୁ, ଶିବ ।

ବିରୁଡ଼ି, ବି. (ଦେଶଜ) ଦଂଶକ କୀଟବିଶେଷ ।

ବିରୁତ, ବି. ନ. (ବି-ରୁ-ତ) ଅବ୍ୟକ୍ତ ଧ୍ୱନି, ରବ ।

ବିରୁଦ୍ଧ, ବିଂ (ବି ରୁଧ୍-ତ) ବିପରୀତ, ଓଲଟା, ବଦ୍ଧ, ଅଟକ କରିବା, ବିଦ୍ୱିଷ୍ଟ ।

ବିରୂଢ଼, ବିଂ. ( ବି-ରୁହ୍-ତ ) ଉଦ୍ଭୂତ, ଜାତ, ଅଙ୍କୁରିତ, ବଦ୍ଧମୂଳ, ଗଭୀରରୂପେ ନିମଗ୍ନ, ଅଂରୋହଣବିଶିଷ୍ଟ ।

ବିରୂପ, ବିଂ. ( ବି-ରୂପ ) କୁରୂପ, କୁତ୍ସିତ, ପ୍ରତିକୂଳ । ବି. ନ. ପିପ୍ପଳୀମୂଳ । ପୁଂ. ସୁମନୋରାଜପୁତ୍ର । ପା, ସ୍ତ୍ରୀ. ଦୁର୍ବଳତା ।

ବିରୂପାକ୍ଷ, ବି. ପୁଂ. ( ବିରୂପ-ଅକ୍ଷି ଶିବ, ତ୍ରିଲୋଚନ, ମହାଦେବ ।

ବିରେଚନ, ବି. ନ ( ବି-ରିଚ୍ ଅନ ) ମଳ-ସ୍ଖଳନ, ଉଦରଭଙ୍ଗ, ଭେଦ ।

ବିରେଚକ, ବିଂ. (ବି-ରେଚ ଅକ) ଭେଦକାରକ, ଭେଦ, ଔଷଧବିଶେଷ ।

ବିରୋଚନ, ବି. ପୁଂ. (ବି-ରୁଚ୍-ଅନ) ଅର୍କବୃକ୍ଷ, ସୂର୍ଯ୍ୟ, ଅଗ୍ନି, ଚନ୍ଦ୍ର, ବଳିରାଜାଙ୍କ ପିତା, ପ୍ରହ୍ଲାଦଙ୍କ ପୁତ୍ର । ବିଂ. ଅରୁଚକ ।

ବିରୋଧ, ପୁଂ. } ବି. ( ବି-ରୁଧ୍-ଅ, ଅନ )
ବିରୋଧନ, ନ. } ବିପକ୍ଷତା, ବୈର, ରୋଧ, ଅବରୋଧ, ବୈପରୀତ୍ୟ, ବାଧା, ଅନୈକ୍ୟ ।

ବିରୋଧୀ, ବିଂ. ( ବିରୋଧ-ଇନ୍ ) ବିରୁଦ୍ଧ, ପ୍ରତିକୂଳ, ବିପରୀତ, ଶତ୍ରୁ, ବିରୋଧକାରୀ ।

ବିରୋଧୋକ୍ତି, ବି. ସ୍ତ୍ରୀ. ( ବିରୋଧ-ଉକ୍ତି ) ବିପ୍ରଳାପ, କାବ୍ୟାଲଙ୍କାରବିଶେଷ, ବିରୋଧ ବଚନ ।

ବିଲ, ବି. ନ. ( ବିଲ୍-ଅ ) ବିବର, ଛିଦ୍ର, ଗର୍ତ୍ତ ଗୁହା । ପୁଂ. ଉଚ୍ଚୈଃଶ୍ରବା ଅଶ୍ୱ, ବେତଗଛ ।

ବିଲ, ବି. (ଦେଶଜ) କ୍ଷେତ, ବିଆରି । ଯଥା—

କଲେ ପୂରଇ ନଦୀ ବିଲ ଯୋଗରି,
ଶୁଭଇ କୃଷକର ଗୀତଲହରୀ । ଛ. ମା,

ବିଲ୍‌କୁଲ୍, ବିଂ (ଯାବନିକ) ସମୁଦାୟ, ସମଗ୍ର, ସମ୍ପୂର୍ଣ୍ଣରୂପେ ।

ବିଲକ୍ଷଣ, ବିଂ. ( ବି-ଲକ୍ଷଣ ) ଅସାଧାରଣ, ଅସାମାନ୍ୟ, ପୃଥକ୍, ପଣ୍ଡିତକ, ଦର୍ଶକ ।

ବିଲଗ, ବି. ଅଲଗା, ଅସଂଯୋଗ । ଯଥା—

ଛୁଦ ବିଲଗରୁ ହକଲା ନଦ,
ଡାକିଲ ବନ୍ଧୁ ବୋଲି ଲଭି ଖେଦ । ଗୀ. ନି.

ବିଲଗ୍ନ, ବି. ନ. ( ବି-ଲଗ୍-ତ ) କଟିଦେଶ, ଜନ୍ମଲଗ୍ନ । ବିଂ. ସଂଲଗ୍ନ, କୃଶ, କ୍ଷୀଣ, ବକ୍ର, ଜନିତ ।

ବିଲଙ୍ଘନ, ବି. ନ. (ବି ଲଙ୍ଘ୍-ଅନ) ଉଲ୍ଲଙ୍ଘନ, ଅତିକ୍ରମ ।

ବିଲଙ୍ଘିତ, ବିଂ. ( ବି-ଲଙ୍ଘ୍ ତ ) ଅତିକ୍ରାନ୍ତ, ଉଲ୍ଲଙ୍ଘିତ ।

ବିଲପନ } ବି. ନ. ( ବି-ଲପ-ଅନ, ତ )
ବିଲପିତ } ବିଳାପ, ଶୋକବାକ୍ୟ ।

ବିଲମ୍ବ, ପୁଂ. } ବି. ( ବି ଲମ୍ବ-ଅ, ଅନ )
ବିଲମ୍ବନ, ନ. } ଦୋଳନ, ଲମ୍ବନ, ଅଶୀଘ୍ରତା, ଡେରି ।

ବିଲମ୍ବିତ, ବିଂ ( ବିଲମ୍ବ-ଇତ ) ଲମ୍ବମାନ, ଅଶୀଘ୍ର, ବିଲମ୍ବଯୁକ୍ତ ।

ବିଲୟ, ବି. ପୁଂ. (ବି-ଲୀ-ଅ) ବିନାଶ, ଧ୍ୱଂସ, ଲୟ, ପ୍ରଳୟ । ବିଂ. ଲୟବହିର୍ଭୂତ ।

ବିଲଶୟ } ବି. ପୁଂ. (ବିଲ-ଶୟ) ସର୍ପ, ଭୁଜଙ୍ଗ,
ବିଲେଶୟ } ଉରଗ, ପନ୍ନଗ ।

ବିଲସନ } ବି. ନ. (ବି-ଲସ୍-ଅନ, ତ) ବିଳାସ,
ବିଲସିତ } ଲୀଳା, ଦୀପ୍ତି, ଶୋଭା, କ୍ରୀଡ଼ା, ସ୍ଫୁରଣ, ପ୍ରକାଶ, ଅଭା ।

ବିଲାଇ } (ବିଡ଼ାଲ ଶବ୍ଦଜ) ବିଡ଼ାଳ ।
ବିଲେଇ }

ବିଳାପ, ବି. ପୁଂ. ( ବି-ଲପ୍-ଅ ) ଖେଦୋକ୍ତି ।

ବିଳାସ, ବି. ପୁଂ. ( ବି-ଲସ୍-ଅ ) ଅଙ୍ଗଭଙ୍ଗୀବିଶେଷ, ଶୃଙ୍ଗାରଚେଷ୍ଟାବିଶେଷ, କ୍ରୀଡ଼ା, ଆମୋଦପ୍ରମୋଦ, ଶୋଭା, ସୁଖଭୋଗ, ସ୍ଫୁରଣ, ପ୍ରାଦୁର୍ଭାବ, ସ୍ତ୍ରୀଲୋକମାନଙ୍କର କ୍ରିୟାବିଶେଷ ।

ବିଳାସୀ, ବିଂ. (ବିଳାସ-ଇନ୍) ବିଳାସଯୁକ୍ତ, କ୍ରୀଡ଼ାରତ, ଭୋଗବାନ୍, ବିଳାସପରାୟଣ ।

ବିଳାସିନୀ, ବି. ସ୍ତ୍ରୀ. (ବିଳାସ-ଇନ୍-ସ୍ତ୍ରୀଲିଙ୍ଗେ ଈ) ଭାର୍ଯ୍ୟା, ରମଣୀ, ବେଶ୍ୟା ।

ବିଳବିଳେଇବା, କ୍ରି. (ଦେଶଜ) କାଦବାଉଳାରେ ବକିବା ।

ବିଲୀନ, ବି. (ବି-ଲୀ-ତ) ମଗ୍ନ, ମିଶ୍ରିତ, ଲୟପ୍ରାପ୍ତ, ଲୋପପ୍ରାପ୍ତ, ଅନ୍ତର୍ହିତ, ନିବିଷ୍ଟ, ଦ୍ରବୀଭୂତ, ଗଳିତ, ଷରିତ ।

ବିଲୁଅ, ବି. (ଦେଶଜ) ଶୃଗାଳ ।

ବିଲୁପ୍ତ, ବିଂ. (ବି-ଲୁପ୍-ତ) ଲୋପପ୍ରାପ୍ତ, ନଷ୍ଟ, ଉତ୍ସେଭୂତ, ଲୁଣ୍ଠିତ, ଛିନ୍ନ, ଅକ୍ରାନ୍ତ, ଗୃହୀତ ।

ବିଲେପ, ବି. ପୁଂ. (ବି-ଲିପ୍-ଅ) ପ୍ରଲେପ ଦ୍ରବ୍ୟ, ଲେପନ, ଚନ୍ଦନ । ପା, ସ୍ତ୍ରୀ. ଭାତମଣ୍ଡ, ପେଜ ।

ବିଲେପନ, ବି. ନ. (ବି-ଲିପ୍-ଅନ) ଲେପନବସ୍ତୁ, ଲେପନଯୋଗ୍ୟ ସୁଗନ୍ଧ ବସ୍ତୁ । ନୀ, ସ୍ତ୍ରୀ. ସୁବେଶା ସ୍ତ୍ରୀ ।

ବିଲେବାସୀ, ବିଲେଶୟ } ବି. ପୁଂ. ( ବିଲେ=ଗର୍ତ୍ତରେ-ବାସିନ୍, ଶୟ=ଶୟନ କରିବା) ସର୍ପ, ଉରଗ, ପନ୍ନଗ, ଭୋଗୀ, ମୂଷିକ, ଶଶକ । ବିଂ. ଯେ ଗର୍ତ୍ତରେ ବାସ କରେ ।

ବିଲୋକନ, ବି. ନ. (ବି-ଲୋକ୍-ଅନ) ଦୃଷ୍ଟି, ନେତ୍ର, ଚକ୍ଷୁ, ଅବଲୋକନ, ଦର୍ଶନ ।

ବିଲୋକନୀୟ, ବିଂ. ( ବି-ଲୋକ୍-ଅନୀୟ ) ଦେଖିବାର ଯୋଗ୍ୟ, ଦର୍ଶନୀୟ, ସୁଦୃଶ୍ୟ ।

ବିଲୋକିତ, ବିଂ. (ବି-ଲୋକ୍-ତ) ଅବଲୋକିତ, ଦୃଷ୍ଟ । ବି. ନ. ଦର୍ଶନ, ଦୃଷ୍ଟି ।

ବିଲୋଡ଼ନ, ବି. ନ. (ବି-ଲୁଡ୍-ଅନ) ମନ୍ଥନ, ଆଲୋଡ଼ନ=ଘୋଣ୍ଟା ।

ବିଲୋଡ଼ିତ, ବିଂ. ( ବି-ଲୋଡ଼-ତ ) ଆଲୋଡ଼ିତ, ମନ୍ଥିତ । ବି. ନ. ତକ୍ର, ଘୋଲ ।

ବିଲୋପ, ପୁଂ., ବିଲୋପନ, ନ. } ବି. (ବି-ଲୁପ୍-ଅ, ଅନ) ଲୋପ, ବିନାଶ, ତିରୋଭାବ, ମୃତ୍ୟୁ, ଧ୍ୱଂସ ।

ବିଲୋଭନ, ବି. ନ. ( ବି-ଲୋଭ-ଅନ ) ଲୋଭ ଦେଖାଇବା, ଲୋଭପ୍ରଦର୍ଶନ, ଶୋଭନୀୟ ବସ୍ତୁ ।

ବିଲୋମ, ବିଂ. (ବି-ଲୋମ) ବିପରୀତ, ପ୍ରତିକୂଳ । ବି. ପୁଂ. ସର୍ପ, ବରୁଣ, କୁକ୍କୁର । ନ. ଜଳ କାଢ଼ିବାର ଯନ୍ତ୍ରବିଶେଷ ।

ବିଲୋମଜ, ବିଂ. (ବିଲୋମ-ଜ) କ୍ଷତ୍ରିୟ ଔରସରେ ବ୍ରାହ୍ମଣୀର ଗର୍ଭଜାତ, ବୈଶ୍ୟର ଔରସରେ କ୍ଷତ୍ରିୟାର ଗର୍ଭଜାତ ଇତ୍ୟାଦି ।

ବିଲୋଲ, ବିଂ. (ବି-ଲୁଲ୍-ଅ) କମ୍ପମାନ, ଚଞ୍ଚଳ, ଚପଳ ।

ବିଲୋହିବା, କ୍ରି. ( ଦେଶଜ ) ଚର୍ଚ୍ଚା କରିବା, ସମ୍ମାନ କରିବା । ଯଥା —

> ବିଦେହ ରାଜନ ତେଜ ସମ୍ଭାର ଥିଆଇ,
> ବିଲୋହିଲେ ଦଶରଥ ବନ୍ଧୁବର୍ଗ ନେଇ । ବୈ, ବି.

ବିଲ୍ୱ, ବି. ନ. ( ବିଲ୍-ବନ୍ ) ବେଲ, ଶ୍ରୀଫଳ, ଏକ ପଲ ପରିମାଣ । ପୁଂ. ବେଲଗଛ ।

ବିବକ୍ଷା, ବି. ସ୍ତ୍ରୀ. (ବଚ୍-ସନ୍-ଅ-ଆ) ବୋଲିବାର ଇଚ୍ଛା, ଅଭିଳାଷ, ଇଚ୍ଛା ।

ବିବକ୍ଷିତ, ବିଂ (ବଚ୍-ସନ୍-ତ) ଯାହା କହିବାକୁ ଇଚ୍ଛା କରାଯାଇଅଛି ।

ବିବକ୍ଷୁ, ବିଂ. ( ବଚ୍ ସନ୍-ଉ ) ବୋଲିବାକୁ ଇଚ୍ଛୁକ ।

ବିବଦମାନ, ବିଂ. ( ବି-ବଦ୍-ଅନ ) ବିରୋଧୀ, ବିବାଦୀ ।

**ବିବର**, ବି. ନ. (ବି-ବୃ-ଅ) ଗର୍ତ୍ତ, ଛିଦ୍ର, ରନ୍ଧ୍ର, ଦୋଷ, ବିଚ୍ଛେଦ, ପୃଥକ୍‌ଭାବ । ( ରନ୍ଧ୍ର ଅର୍ଥରେ ) ଯଥା—

ଭଙ୍ଗା ନାବ ଭୋର ଯାଉଛି ପଂକ୍ତି,
ପାଣି ପଶୁଅଛି ବିବର ପନ୍ଥି । ନାବକେଳି ।

**ବିବରଣ**, ବି. ନ. ( ବି-ବୃ-ଅନ ) ବ୍ୟାଖ୍ୟା, ବର୍ଣ୍ଣନା, ଟୀକା, ଅର୍ଥପ୍ରକାଶ କରିବା, ପ୍ରକାଶ ।

**ବିବର୍ଣ୍ଣ**, ବିଂ. (ବି-ବର୍ଣ୍ଣ) ବିକୃତ ବର୍ଣ୍ଣ, ମଳିନ । ବି. ପୁଂ. ନୀଚଜାତି ।

**ବିବର୍ତ୍ତ**, ବି. ପୁଂ. (ବି-ବୃତ୍-ଅ) ଘୂର୍ଣ୍ଣନ, ପରିବର୍ତ୍ତନ, ଭ୍ରମଣ, ପରିଣାମ, ନୃତ୍ୟ, ସମୂହ, ବିଶେଷରୂପେ ସ୍ଥିତି ।

**ବିବର୍ତ୍ତନ**, ବି. ନ. (ବି-ବୃତ୍-ଅନ) ପରିଭ୍ରମଣ, ଘୂର୍ଣ୍ଣନ, ପରିବର୍ତ୍ତନ, ପ୍ରତ୍ୟାବୃତ୍ତି, ଭ୍ରମଣ ।

**ବିବର୍ତ୍ତିତ**, ବିଂ. (ବି-ବୃତ୍-ତ) ପ୍ରତ୍ୟାବର୍ତ୍ତିତ, ଘୂର୍ଣ୍ଣିତ, ଭ୍ରମିତ, ଅପନୀତ ।

**ବିବର୍ଦ୍ଧନ**, ବି.ନ (ବି-ବର୍ଦ୍ଧ-ଅନ) ବିଶେଷରୂପେ ବଢ଼ିବା, ଛେଦନ, ଖଣ୍ଡନ ।

**ବିବଶ**, ବିଂ. (ବି-ବଶ୍-ଅ) ଅବଶ, ଅବଶୀଭୂତ, ଅବାଧ, ଅଚେତନ, ନିଶ୍ଚେଷ୍ଟ, ସ୍ୱାଧୀନ, ପ୍ରଶାନ୍ତଚେତାଃ, ବିହ୍ୱଳ ।

**ବିବସ୍ୱାନ୍**, ବି. ପୁଂ. ( ବି ବସ୍-ବତ୍ ) ସୂର୍ଯ୍ୟ, ଦେବତା, ଅରୁଣ, ବୈବସ୍ୱତ ମନୁ, ଅର୍କବୃକ୍ଷ ।

**ବିବାକ୍**, ବି. ( ଯାବନିକ ) ସମଗ୍ର, ସମସ୍ତ, ସମୁଦାୟ ।

**ବିବାଦ**, ବି. ପୁଂ. ( ବି=ବିରୁଦ୍ଧ-ବାଦ=କଥନ) ବିରୋଧ, କଳହ, ବ୍ୟବହାର ।

**ବିବାଦୀ**, ବିଂ. ( ବିବାଦ-ଇନ୍ ) ବିରୋଧ, ବିବାଦକାରୀ ।

**ବିବାସିତ**, ବିଂ. (ବି-ବାସି-ତ) ସ୍ୱଦେଶରୁ ଦୂରୀକୃତ, ନିର୍ବାସିତ ।

**ବିବାହ**, ବି. ପୁଂ. ( ବି-ବହ-ଅ ) ପରିଣୟ, ଦାରପରିଗ୍ରହ, ବିବାହ ୮ ପ୍ରକାର, ଯଥା—ବ୍ରାହ୍ମ, ଆର୍ଷ, ପ୍ରାଜାପତ୍ୟ, ଦୈବ, ଆସୁର, ଗାନ୍ଧର୍ବ, ରାକ୍ଷସ, ପୈଶାଚ ।

**ବିବାହିତ**, ବିଂ. ( ବିବାହ-ଇତ ) କୃତଦାର, ପରିଣୀତ । ବି. ପୁଂ. ବିବାହକର୍ତ୍ତା, ପରିଣେତା ।

**ବିବିକ୍ତ**, ବିଂ. (ବି-ବିଚ୍-ତ) ବିଜନ, ନିର୍ଜନ, ଶୁଦ୍ଧ, ପବିତ୍ର, ଏକାଗ୍ର, ପୃଥକ୍‌କୃତ ।

**ବିବିକ୍ଷୁ**, ବିଂ. (ବିଶ୍-ସନ୍-ଉ) ପ୍ରବେଶ କରିବାକୁ ଇଚ୍ଛୁକ ।

**ବିବିଧ**, ବିଂ. (ବି-ବିଧା) ବହୁପ୍ରକାର, ନାନାବିଧ, ଅନେକ ପ୍ରକାର ।

**ବିବୀ**, (ହିନ୍ଦୀ) ମାନ୍ୟା ସ୍ତ୍ରୀଲୋକ, ସ୍ତ୍ରୀ ।

**ବିବୃତ**, ବିଂ. (ବି-ବୃ-ତ) ବିସ୍ତୃତ, ପ୍ରସାରିତ, ବର୍ଣ୍ଣିତ, ପ୍ରକାଶିତ, ପ୍ରମାଣୀକୃତ, ପ୍ରକଟିତ, ମଦ୍ଧ୍ୱତ୍ତ, ଉନ୍ମୁକ୍ତ, ଖୋଲା ।

**ବିବୃତି**, ବି. ସ୍ତ୍ରୀ. (ବି-ବୃ-ତି) ବ୍ୟାଖ୍ୟା, ଟୀକା, ବିବରଣ, ବିସ୍ତାର, ପ୍ରକାଶ ।

**ବିବୃତ୍ତ**, ବିଂ. ( ବି ବୃତ୍-ତ ) ଘୂର୍ଣ୍ଣିତ, ପରାବୃତ୍ତ ।

**ବିବୃତ୍ତି**, ବି. ସ୍ତ୍ରୀ. ( ବି ବୃତ୍-ତି ) ଘୂର୍ଣ୍ଣନ, ଚକ୍ରବତ୍ ଭ୍ରମଣ, ସ୍ଫୁରଣ ।

**ବିବୃଦ୍ଧ**, ବିଂ. ( ବି-ବୃଧ୍-ତ ) ବୃଦ୍ଧିପ୍ରାପ୍ତ, ପ୍ରବୃଦ୍ଧ ।

**ବିବେକ**, ବି. ପୁଂ. ( ବି-ବିଚ୍-ଅ ) ବିଚାର, ବିବେଚନା, ଭେଦ, ବୈରାଗ୍ୟ, ବିଜ୍ଞତା, ତତ୍ତ୍ୱଜ୍ଞାନ, ସ୍ନାନାଗାର ।

**ବିବେକୀ**, ବିଂ. ( ବିବେକ-ଇନ୍ ) ବିବେଚନାକାରୀ, ବିଚାରକ, ବିବେକଯୁକ୍ତ, ବିରାଗୀ । ବି. ପୁଂ. ଦେବସେନ ରାଜପୁତ୍ର ।

**ବିବେଚକ**, ବିଂ. ( ବି-ବିଚ୍-ଅକ ) ବିଚାରସମ, ବିବେଚନାକାରୀ, ବିଚକ୍ଷଣ ।

**ବିବେଚନ**, ବି. ନ. (ବି-ବିଚ୍‌-ଅନ) } ବିଚାର,
**ବିବେଚନା**, ବି. ସ୍ତ୍ରୀ. (ବି-ବିଚ୍‌-ଅନ-ଆ) } ବିତର୍କ, ବିଶେଷରୂପେ ଆଲୋଚନା ।

**ବିବେଚନୀୟ**, ବି. (ବି-ବିଚ୍‌-ଅନୀୟ) ବିବେଚ୍ୟ, ବିବେଚନାର ଯୋଗ୍ୟ ।

**ବିବେଚ୍ୟ**, ବିଂ. (ବି-ବିଚ୍‌-ଯ) ବିବେଚନାର ଯୋଗ୍ୟ ।

**ବିଶ୍**, ବି. ପୁଂ. (ବିଶ୍‌-୦) ବୈଶ୍ୟ, ବଣିକ୍‌ଜାତି, ମନୁଷ୍ୟ । ସ୍ତ୍ରୀ. କନ୍ୟା । ବିଂ. ବ୍ୟାପକ ।

**ବିଶ**, ବି. ନ. (ବିଶ୍‌-ଅ) ମୃଣାଳ । ପୁଂ. ବୈଶ୍ୟଜାତି, ମନୁଷ୍ୟ । ଶୀ, ସ୍ତ୍ରୀ. କନ୍ୟା । ବିଂ. ବ୍ୟାପକ । (ଦେଶଜ) ପ୍ରଗନା ।

**ବିଶଙ୍କ**, ବିଂ (ବି-ଶଙ୍କା) ନିର୍ଭୟ, ନିଃଶଙ୍କ ।

**ବିଶଦ**, ବିଂ. (ବି-ଶଦ୍‌-ଅ) ଶୁଭ୍ର, ନିର୍ମଳ, ପରିଷ୍କୃତ, ପ୍ରସନ୍ନ, ସୁନ୍ଦର, ଅନୁକୂଳ, ସ୍ପଷ୍ଟ, ମନୋହର । ପୁଂ. ଶୁଭ୍ରବର୍ଣ୍ଣ ।

**ବିଶୟ**, ବି. ପୁଂ. (ବି-ଶୀ-ଅ) ସଂଶୟ, ସନ୍ଦେହ ।

**ବିଶଲ୍ୟ**, ବିଂ. (ବି-ଶଲ୍ୟ) ଶଲ୍ୟରହିତ, ବ୍ୟଥା-ଶୂନ୍ୟ, ଯାତନାଶୂନ୍ୟ, ଚିନ୍ତାଶୂନ୍ୟ ।

**ବିଶଲ୍ୟକରଣୀ**, ବି. ସ୍ତ୍ରୀ. ଔଷଧବିଶେଷ ।

**ବିଶା**, ବି. (ଦେଶଜ) ଅଠର, କୋଡିଏ ବା ବାଇଶ ପଲ ପରିମାଣ ଓଜନ ।

**ବିଶାଖ**, ବି. ପୁଂ. (ବିଶାଖା-ଅ) କାର୍ତ୍ତିକେୟ, ଯାଚକ, ଭିକ୍ଷୁ । ବିଂ. ଶାଖାହୀନ ।

**ବିଶାଖା**, ବି. ସ୍ତ୍ରୀ. (ବି-ଶାଖ୍‌-ଅ-ଆ) ଷୋଡଶ ନକ୍ଷତ୍ର ।

**ବିଶାରଣ**, ବି. ନ. (ବି-ଶାର-ଅନ) ମାରଣ, ହତ, ବଧ ।

**ବିଶାରଦ**, ବିଂ. (ବିଶାଲ-ଦା-ଅ, ଲ ସ୍ଥାନରେ ର) ନିପୁଣ, ଦକ୍ଷ, ପଟୁ, ବିଦ୍ୱାନ୍, ପଣ୍ଡିତ, ପ୍ରସିଦ୍ଧ, ବିଖ୍ୟାତ, ଶ୍ରେଷ୍ଠ । ପୁଂ. ବକୁଳ ।

**ବିଶାଳ**, ବିଂ. (ବି-ଶାଲ) ବୃହତ୍, ବଡ଼, ବିସ୍ତୃତ, ବିସ୍ତୀର୍ଣ୍ଣ, ବିଖ୍ୟାତ ।

**ବିଶାଳତା**, ବି. ସ୍ତ୍ରୀ. (ବିଶାଳ-ତା) ବୃହତ୍ତ୍ୱ, ପ୍ରକାଣ୍ଡତା, ଔଦାର, ବିସ୍ତାର ।

**ବିଶାଳତ୍ୱକ୍**, ବି. ପୁଂ. (ବିଶାଳ-ତ୍ୱଚ୍) ଛତିଅନା ଗଛ, ସପ୍ତପର୍ଣ୍ଣ ବୃକ୍ଷ ।

**ବିଶାଳାକ୍ଷ**, ବି. ପୁଂ. (ବିଶାଳ-ଅକ୍ଷି) ଶିବ, ଗରୁଡ଼, ବିଷ୍ଣୁ । ବିଂ. ଯାହାର ଚକ୍ଷୁ ବଡ଼ । କ୍ଷୀ, ସ୍ତ୍ରୀ. ବରସ୍ତ୍ରୀ, ଦୁର୍ଗା, ସୁଲୋଚନା, ଯେଉଁ ସ୍ତ୍ରୀର ଚକ୍ଷୁ ଉତ୍ତମ ।

**ବିଶିଖ**, ବି. ପୁଂ. (ବି-ଶିଖା) ବାଣ, ଶର । ବିଂ. ଶିଖାରହିତ ।

**ବିଶିଷ୍ଟ**, ବିଂ. (ବି-ଶିଷ୍‌-ତ) ଯୁକ୍ତ, ମିଳିତ, ବିଲକ୍ଷଣ, ଖ୍ୟାତ, ସିଦ୍ଧ । ପୁଂ. ବିଷ୍ଣୁ ।

**ବିଶୀର୍ଣ୍ଣ**, (ବି-ଶୃ-ତ) ଶୁଷ୍କ, କୃଶ, ଜୀର୍ଣ୍ଣ, ବିଶିଷ୍ଟ, ପତିତ, ବିଘଟିତ ।

**ବିଶୁଦ୍ଧ**, ବିଂ. (ବି-ଶୁଦ୍ଧ) ପବିତ୍ର, ନିର୍ମଳ, ନିର୍ଦ୍ଦୋଷ, ଶୁଚି ।

**ବିଶୁଦ୍ଧି**, ବି. ସ୍ତ୍ରୀ. (ବି-ଶୁଦ୍ଧି) ଶୋଧନ, ସଂଶୋଧନ, ନିର୍ମଳତା, ପବିତ୍ରତା, ନିର୍ଦ୍ଦୋଷତା ।

**ବିଶୃଙ୍ଖଳ**, ବିଂ. (ବି-ଶୃଙ୍ଖଳା) ନିୟମ-ବହିର୍ଭୂତ, ଶୃଙ୍ଖଳାହୀନ, ଅନିୟମିତ, ଅବାଧ, ଦୁର୍ଦ୍ଦାନ୍ତ ।

**ବିଶେଷ**, ବି. ପୁଂ. (ବି-ଶିଷ୍‌-ଅ) ପ୍ରଭେଦ, ବୈଲକ୍ଷଣ୍ୟ, ପ୍ରକାର, ବୈଚିତ୍ର୍ୟ, ଆଧିକ୍ୟ, ଅବୟବ, ଦ୍ରଷ୍ଟବ୍ୟଦ୍ରବ୍ୟ, ତିଳକ । ବିଂ. ଅଧିକ, ଉତ୍କୃଷ୍ଟ, ଭିନ୍ନ ।

**ବିଶେଷତଃ**, ଅଂ. (ବିଶେଷ-ତସ୍) ବିଶେଷରୂପେ, ଅଧିକନ୍ତୁ ।

**ବିଶେଷଜ୍ଞ**, ବିଂ. (ବିଶେଷ-ଜ୍ଞା-ଅ) ଯେ ବ୍ୟକ୍ତି ସବିଶେଷ ଜାଣେ, ଜ୍ଞାନୀ ।

**ବିଶେଷଣ**, ବି. ନ. (ବି-ଶିଷ୍‌-ଅନ) ପ୍ରଭେଦ-କାରକ ଗୁଣ କ୍ରିୟାଦି, ବିଶେଷ୍ୟର ଧର୍ମ, ଯାହାଦ୍ୱାରା ବିଶେଷ୍ୟର ଗୁଣ ବା ଅବସ୍ଥା ପ୍ରକାଶ ହୁଏ, ତାହା, ଅତିଶୟୀକରଣ ।

ବିଶେଷିତ, ବିଂ. ( ବିଶେଷ-ଇତ ) ଭିନ୍ନ, ପୃଥକ୍‌କୃତ, ପ୍ରଭେଦିତ, ବିଶେଷଣଦ୍ୱାରା ନିର୍ଣ୍ଣୀତ ।

ବିଶେଷୋକ୍ତି, ବି. ସ୍ତ୍ରୀ. ( ବିଶେଷ-ଉକ୍ତି ) କାବ୍ୟାଲଙ୍କାରବିଶେଷ, ଯେ ସ୍ଥାନରେ କାରଣ ଥିଲେ ସୁଦ୍ଧା କାର୍ଯ୍ୟର ଅଭାବ ଦେଖାଯାଏ ।

ବିଶେଷ୍ୟ, ବି. ପୁଂ ( ବି-ଶିଷ୍-ଯ ) ଧର୍ମୀ, ଯାହାଦ୍ୱାରା କୌଣସି ବସ୍ତୁ ବା ବ୍ୟକ୍ତି ବୋଧ ହୁଏ, ପ୍ରଧାନ, ଶ୍ରେଷ୍ଠ, ଅଧମ ।

ବିଶୋଇବା, କ୍ରି. ( ବିଶ୍ରାମ ଶବ୍ଦଜ ) ବିଶ୍ରାମ କରିବା । ଯଥା—

ବାଟେ ସେ ବନରେ ପଡ଼ିଥିଲା ଦବ୍ୟଶିଳା,
ବିଶୋଇ ରାମଚରଣ ଲାଗି ସେ ଅବଳା । ବୈ. ବି.

ବିଶୋକ, ବିଂ. (ବି-ଶୋକ) ଶୋକରହିତ । ବି. ପୁଂ. ଅଶୋକବୃକ୍ଷ ।

ବିଶୋଧନ, ବି. ନ. ( ବି-ଶୋଧନ ) ବିଶୁଦ୍ଧି-କରଣ, ପବିତ୍ରୀକରଣ, ସଂଶୋଧନ, ଋଣ ନିକାଶିର ଶେଷ ପାଉତି । ନୀ, ସ୍ତ୍ରୀ, ବ୍ରହ୍ମାଙ୍କ ପୁତ୍ରୀ ।

ବିଶୋଷଣ, ବି. ନ. (ବି-ଶୁଷ୍-ଅନ) ଶୋଷଣ, ଶୁଷ୍କକରଣ ।

ବିଶ୍ରବ୍ଧ, ବିଂ. (ବି-ଶ୍ରମ୍ଭ୍-ତ) ବିଶ୍ୱସ୍ତ, ନିଃଶଙ୍କ, ଗାଢ଼, ଶାନ୍ତ, ଧୈର୍ଯ୍ୟାବଲମ୍ବୀ, ଧୀର, ଦୃଢ଼ ।

ବିଶ୍ରମ୍ଭ, ବି. ପୁଂ. ( ବି-ଶ୍ରମ୍ଭ-ଅ ) ବିଶ୍ୱାସ, ପ୍ରଣୟ, କେଳିକଳହ, ପରିଚୟ, ସ୍ୱଚ୍ଛନ୍ଦ ବିହାର ।

ବିଶ୍ରମ୍ଭୀ, ବିଂ. ( ବିଶ୍ରମ୍ଭ-ଇନ୍ ) ବିଶ୍ୱାସୀ, ପ୍ରଣୟୀ ।

ବିଶ୍ରବାଃ, ବି. ପୁଂ. (ବି-ଶ୍ରବସ୍=କର୍ଣ୍ଣ) ରାବଣର ପିତା, ମୁନିବିଶେଷ ।

ବିଶ୍ରାଣନ, ବି. ନ. ( ବି-ଶ୍ରାଣି ଅନ ) ବି. ନ. ବିତରଣ ।

ବିଶ୍ରାଣିତ, ବିଂ. ( ବି-ଶ୍ରାଣି-ତ ) ଦତ୍ତ, ଯାହା ବିତରଣ କରାଯାଇଅଛି ।

ବିଶ୍ରାନ୍ତ, ବିଂ. ( ବି-ଶ୍ରମ-ତ ) ଶ୍ରାନ୍ତିଯୁକ୍ତ, ନିବୃତ୍ତ, କ୍ଷାନ୍ତ, ବିଗତଶ୍ରମ ।

ବିଶ୍ରାନ୍ତି, ସ୍ତ୍ରୀ. } ବି. (ବି-ଶ୍ରମ୍-ତି, ଅ) ବିରାମ,
ବିଶ୍ରାମ, ପୁଂ. } ନିବୃତ୍ତି, କ୍ଷାନ୍ତି, ଆରାମ କରିବା ।

ବିଶ୍ରାବ, ବି. ପୁଂ. ( ବି-ଶ୍ରୁ-ଅ ) ଖ୍ୟାତି, ପ୍ରସିଦ୍ଧି, କ୍ଷରଣ, ଧ୍ୱନି ।

ବିଶ୍ରୀ, ବିଂ. (ବି-ଶ୍ରୀ) ଶ୍ରୀଭ୍ରଷ୍ଟ, ଶ୍ରୀହୀନ, କୁତ୍ସିତ, କଦାକାର ।

ବିଶ୍ରୁତ, ବିଂ. (ବି-ଶ୍ରୁ-ତ) ବିଖ୍ୟାତ, ପ୍ରସିଦ୍ଧ, ଜ୍ଞାତ, ହୃଷ୍ଟ ।

ବିଶ୍ରୁତି, ବି. ସ୍ତ୍ରୀ. (ବି-ଶ୍ରୁ-ତି) ଖ୍ୟାତି, ପ୍ରସିଦ୍ଧି, ଶ୍ରୋତ୍ର ।

ବିଶ୍ଳିଷ୍ଟ, ବିଂ. ( ବି-ଶ୍ଳିଷ୍-ତ ) ଅସଂଯୁକ୍ତ, ବିଚ୍ଛିନ୍ନ, ବିଯୁକ୍ତ, ପ୍ରକାଶିତ, ବିମୁକ୍ତ, ଶିଥିଳ, ପ୍ରସ୍ଫୁଟିତ ।

ବିଶ୍ଳେଷ, ବି. ପୁଂ. ( ବି-ଶ୍ଳିଷ୍-ଅ ) ଅସଂଯୋଗ, ବିଚ୍ଛେଦ, ବିଭାଗ, ଶୈଥିଲ୍ୟ ।

ବିଶ୍ୱ, ବି. ପୁଂ. (ବିଶ୍-ବ) ଗଣଦେବତାବିଶେଷ, ବସୁ, ସତ୍ୟ, କ୍ରତୁ, ଦକ୍ଷ, କାଳ, କାମ, ଧୃତି, କୁରୁ, ପୁରୁରବାଃ, ମଦ୍ରବା ଏହି ଦଶ, ନାଗର, ପରମାଣବିଶେଷ । ନ. ଜଗତ୍, ବ୍ରହ୍ମାଣ୍ଡ, ମେଳା । ବିଂ. ସକଳ, ସମସ୍ତ ।

ବିଶ୍ୱକର୍ମା, ବି. ପୁଂ. (ବିଶ୍ୱ-କର୍ମନ୍) ଦେବଶିଳ୍ପୀ, ବ୍ରହ୍ମାଙ୍କ ପୁତ୍ର, ସୂର୍ଯ୍ୟ, ମୁନିବିଶେଷ, ଈଶ୍ୱର, ପରମେଶ୍ୱର ।

ବିଶ୍ୱକେତୁ, ବି. ପୁଂ. (ବିଶ୍ୱ-କେତୁ) ଅନିରୁଦ୍ଧ, ଉଷାପତି ।

ବିଷ୍ୱକ୍‌ସେନ୍ } ବି. ପୁଂ. (ବିଷ୍ୱକ୍-ସେନା)
ବିଷ୍ୱକ୍‌ସେନ } ବିଷ୍ଣୁ, ଜନାର୍ଦ୍ଦନ ।

ବିଶ୍ୱଗନ୍ଧ, ବି. ପୁଂ. (ବିଶ୍ୱ-ଗନ୍ଧ) ପଲାଣ୍ଡୁ, ପିଆଜ । ସ୍ତ୍ରୀ. ପୃଥିବୀ ।

ବିଶ୍ୱଜନୀନ, ବିଂ. (ବିଶ୍ୱଜନ-ଈନ) ସଂସାରର ହିତକାରୀ ।

ବିଶ୍ୱଜିତ୍, ବି. ପୁଂ. (ବିଶ୍ୱ-ଜିତ୍) ଯଜ୍ଞବିଶେଷ, ଯେଉଁ ଯଜ୍ଞରେ ସର୍ବସ୍ୱ ଦକ୍ଷିଣା ଦେବାକୁ ହୁଏ, ବରୁଣର ପାଶ, ନ୍ୟାୟବିଶେଷ । ବିଂ. ଯେ ବିଶ୍ୱକୁ ଜୟ କରିଅଛି ।

ବିଶ୍ୱଦେବ, ବି. ପୁଂ. (ବିଶ୍ୱ-ଦିବ୍-ଅ) ଗଣଦେବତାବିଶେଷ, ଅଗ୍ନି ।

ବିଶ୍ୱଧାରିଣୀ, ବି. ସ୍ତ୍ରୀ. (ବିଶ୍ୱ-ଧାରିନ୍-ଈ) ପୃଥିବୀ ।

ବିଶ୍ୱନାଥ, ବି. ପୁଂ. (ବିଶ୍ୱ-ନାଥ) ଶିବ, ମହାଦେବ, ସଂସାରର ସ୍ୱାମୀ ।

ବିଶ୍ୱପା, ବି. ପୁଂ. (ବିଶ୍ୱ-ପା=ଯେ ପାଳନ କରେ) ବିଶ୍ୱପାଳନକର୍ତ୍ତା, ପରମେଶ୍ୱର, ସୂର୍ଯ୍ୟ, ଚନ୍ଦ୍ର, ଅଗ୍ନି ।

ବିଶ୍ୱମ୍ଭର, ବି. ପୁଂ. (ବିଶ୍ୱମ୍-ଭୃ-ଅ) ବିଷ୍ଣୁ, ନାରାୟଣ, କୃଷ୍ଣ, ଇନ୍ଦ୍ର । ବିଂ. ବିଶ୍ୱଧାରଣକର୍ତ୍ତା ।

ବିଶ୍ୱମ୍ଭରା, ବି. ସ୍ତ୍ରୀ. (ବିଶ୍ୱମ୍ଭର-ଆ) ପୃଥିବୀ ।

ବିଶ୍ୱରାଜ, ବି. ପୁଂ. (ବିଶ୍ୱ-ରାଜ-ଅ) ପରମେଶ୍ୱର ।

ବିଶ୍ୱରୂପ, ବି. ପୁଂ. (ବିଶ୍ୱ-ରୂପ) ବିଷ୍ଣୁ, ଅନନ୍ତ ।

ବିଶ୍ୱରେତାଃ, ବି. ପୁଂ. (ବିଶ୍ୱ-ରେତସ୍) ବ୍ରହ୍ମା, ପ୍ରଜାପତି, ଚତୁରାନନ ।

ବିଶ୍ୱବିଦ୍ୟାଳୟ, ବି. (University) ଯେଉଁ ବିଦ୍ୟାଳୟରେ ସର୍ବପ୍ରକାର ବିଦ୍ୟାର ଆଲୋଚନା ହୁଏ ।

ବିଶ୍ୱବ୍ୟାପୀ, ବିଶ୍ୱବ୍ୟାପକ } ବିଂ. (ବିଶ୍ୱ-ବ୍ୟାପିନ୍, ବ୍ୟାପକ) ସର୍ବତ୍ରଗାମୀ, ସକଳ ସ୍ଥାନରେ ବିସ୍ତୃତ ।

ବିଶ୍ୱସନ, ବି. ନ. (ବି-ଶ୍ୱସ୍-ଅନ୍) ବିଶ୍ୱାସ, ପ୍ରତ୍ୟୟ ।

ବିଶ୍ୱସୃକ୍, ବି. ପୁଂ. (ବିଶ୍ୱ-ସୃଜ୍-୦) ସୃଷ୍ଟିକର୍ତ୍ତା, ବ୍ରହ୍ମା ।

ବିଶ୍ୱସିତ, ବିଂ. (ବି-ଶ୍ୱସ୍-ତ) ବିଶ୍ୱାସୀ, ବିଶ୍ୱାସପାତ୍ର ।

ବିଶ୍ୱସ୍ତ, ବିଂ. (ବି-ଶ୍ୱସ୍-ତ) ବିଶ୍ୱାସପାତ୍ର, ବିଶ୍ୱାସୀ ।

ବିଶ୍ୱା, ବି. (ଦେଶଜ) କୁଡ଼ି ପରିମାଣବିଶେଷ, ଗୁଣ୍ଠର ଷୋଳ ଭାଗର ଏକ ଭାଗ ।

ବିଶ୍ୱାତ୍ମା, ବି. ପୁଂ. (ବିଶ୍ୱ-ଆତ୍ମନ୍) ଶିବ, ଭବ, ବିଷ୍ଣୁ, ପରମାତ୍ମା । ଯଥା—

ମିଶିଯାଏ ଯଥା ଜୀବାତ୍ମା ବିଶ୍ୱଆତ୍ମା ଚରଣେ । ଚ. ଭା.

ବିଶ୍ୱାମିତ୍ର, ବି. ପୁଂ. (ବିଶ୍ୱ-ମିତ୍ର) ମୁନିବିଶେଷ, ଏ କ୍ଷତ୍ରିୟ ହୋଇ ତପୋବଳରେ ବ୍ରାହ୍ମଣ ହୋଇଥିଲେ ।

ବିଶ୍ୱାବସୁ, ବି. ପୁଂ. (ବିଶ୍ୱ-ବସୁ) ଗନ୍ଧର୍ବବିଶେଷ । ସ୍ତ୍ରୀ. ରାତ୍ରି ।

ବିଶ୍ୱାସ, ବି. ପୁଂ. (ବି-ଶ୍ୱସ୍-ଅ) ପ୍ରତ୍ୟୟ, ବିଶ୍ରମ୍ଭ, ଶ୍ରଦ୍ଧା ।

ବିଶ୍ୱାସୀ, ବିଂ. (ବିଶ୍ୱାସ-ଇନ୍) ଯେ ବିଶ୍ୱାସ କରେ, ଯାହାର ବିଶ୍ୱାସ ଅଛି, ବିଶ୍ୱାସପାତ୍ର ।

ବିଶ୍ୱାସ୍ୟ, ବିଂ. (ବି-ଶ୍ୱସ୍-ଯ) ବିଶ୍ୱସନୀୟ, ବିଶ୍ୱାସଯୋଗ୍ୟ ।

ବିଶ୍ୱେଶ, ବିଶ୍ୱେଶ୍ୱର } ବି. ପୁଂ. (ବିଶ୍ୱ-ଈଶ, ଈଶ୍ୱର) ଶିବ, ବିଶ୍ୱନାଥ ।

ବିଷ, ବି. ପୁଂ. ନ. (ବିଷ୍-ଅ) ପ୍ରାଣନାଶକ ଦ୍ରବ୍ୟବିଶେଷ, ଗରଳ, କାଳକୂଟ, ହଳାହଳ । ନ. ଜଳ, ପଦ୍ମାଦିର ମୃଣାଳ ।

ବିଷକଣ୍ଠ, ବି. ପୁଂ. ମହାଦେବ, ଶିବ, ଈଶ୍ୱର, ନୀଳକଣ୍ଠ, ବାମଦେବ । ଯଥା—

କଟକଣ୍ଠ ଘୋଷଦାମ ବେନି ମଧ୍ୟରେ । ବୈ. ବି.

ବିଷଘ୍ନ, ବିଂ. (ବିଷ-ହନ୍) ବିଷନାଶକ । ଘ୍ନୀ, ସ୍ତ୍ରୀ. ହରିଦ୍ରା, ଇନ୍ଦ୍ରବାରୁଣୀ, ମହାକରଞ୍ଜ ଇତ୍ୟାଦି ।

ବିଷଣ୍ଣ, ବିଂ. (ବି-ସଦ୍-ତ) ବିଷାଦଯୁକ୍ତ, ଖିନ୍ନ, ମ୍ଳାନ ।

**ବିଷଣ୍ଣତା**, ବି. ସ୍ତ୍ରୀ. (ବିଷଣ୍ଣ-ତା) ବିଷାଦ, ଗ୍ଲାନି, ଖେଦ, ମନୋଭଙ୍ଗ ।

**ବିଷଦ**, ବିଂ. (ବି-ସଦ୍-ଅ) ଶୁଭ୍ର, ସ୍ୱଚ୍ଛ, ନିର୍ମଳ । (ବିଷ-ଦା-ଅ) ମେଘ, ବିଷଦାତା । ବି. ପୁଂ. ଶୁକ୍ଳବର୍ଣ୍ଣ ।

**ବିଷଦନ୍ତ**, ବି. ପୁଂ. (ବିଷ-ଦନ୍ତ) ସର୍ପ, ବିଷଧର, ସାପର ଯେଉଁ ଦାନ୍ତରେ ବିଷ ଥାଏ ।

**ବିଷଧର**, ବି.ପୁଂ. (ବିଷ-ଧର) ସର୍ପ, ଭୁଜଗ ।

**ବିଷମ**, ବି. (ବି-ସମ) ଅସମାନ, ବିଯୋଡ଼, ଦୁର୍ଗମ, କଷ୍ଟଦ, କ୍ଳେଶକର, ଦୁର୍ବୋଧ, ସଙ୍କଟ, ଉନ୍ନତାନତ, ନଦୀମଧ୍ୟବର୍ତ୍ତୀ ପ୍ରସ୍ତର ସ୍ତୂପ । ଯଥା —

ଅବଗାହିଛନ୍ତି ବିଶ୍ୱ ଦଳେ ଦଳେ,
ବିଷମ ପଥରୁ ଦଣ୍ଡ ସ୍ରୋତଜଳେ । ନ. କେ.

| | |
|---|---|
| ବିଷମନୟନ<br>ବିଷମନେତ୍ର<br>ବିଷମାକ୍ଷ | ବି. ପୁଂ. ( ବିଷମ-ନୟନ, ନେତ୍ର, ଅକ୍ଷ ) ଶିବ, ମହାଦେବ, ତ୍ରିଲୋଚନ । |

**ବିଷମରାଶି**, ବି. ଯେ ରାଶି ଦୁଇ ସମାନ ଅଂଶରେ ବିଭକ୍ତ ହୋଇ ନ ପାରେ ।

**ବିଷୟ**, ବି. ପୁଂ. ( ବି-ସି-ଅ ) ଇନ୍ଦ୍ରିୟଗ୍ରାହ୍ୟ ପଦାର୍ଥ ରୂପ, ଶବ୍ଦ, ଗନ୍ଧ, ରସ, ସ୍ପର୍ଶ ପ୍ରଭୃତି ଭୋଗ୍ୟ ବସ୍ତୁ, ଜ୍ଞେୟବସ୍ତୁ, ସ୍ଥାନ, ଜନପଦ, ଦେଶ, ଆଧାର, ପାତ୍ର, ଶୁକ୍ର, ବୀର୍ଯ୍ୟ, ନିୟାମକ, ନୀତି, ସମ୍ପତ୍ତି, ବର୍ଣ୍ଣନୀୟ ପଦାର୍ଥ, ଭୂତ, ଧର୍ମନୀତି, ସ୍ୱାମୀ, ପ୍ରିୟ ।

**ବିଷୟକର୍ମ**, ବି. ସାଂସାରିକ କାର୍ଯ୍ୟ ।

**ବିଷୟୀ**, ବିଂ. ( ବିଷୟ-ଇନ୍ ) ବିଷୟଯୁକ୍ତ, ବିଷୟାସକ୍ତ । ବି. ପୁଂ. ରାଜା, କାମଦେବ, ଧନୀ । ନ. ଇନ୍ଦ୍ରିୟ ।

**ବିଷବତ୍**, ଅଂ. ( ବିଷ-ବତ୍ ) ବିଷତୁଲ୍ୟ, ବିଷସଦୃଶ ।

**ବିଷବିଦ୍ୟା**, ବି. ସ୍ତ୍ରୀ (ବିଷ-ବିଦ୍ୟା) ବିଷଘ୍ନ ମନ୍ତ୍ର, ବିଷହାରକ ମନ୍ତ୍ର, ବିଷଚିକିତ୍ସା ଶାସ୍ତ୍ର ।

**ବିଷବୈଦ୍ୟ**, ବି. ପୁଂ. (ବିଷ-ବୈଦ୍ୟ) ବିଷହାରକ ମନ୍ତ୍ରବେତ୍ତା, ସାପୁଆ କେଳା, ଯେ ବ୍ୟକ୍ତି ବିଷବିଦ୍ୟା ଜାଣେ । ଯଥା —

ବିଷବୈଦ୍ୟ ପଦ ନ ମାନିଲ ପ୍ରାୟେ
ସ୍ୱଚ୍ଛବେ ହେଜିଣ ସେହୁ । ବୈ. ବି.

**ବିଷହର**, ବିଂ. (ବିଷ-ହର) ବିଷନାଶକ, ଗରଳନାଶକ ।

**ବିଷାକ୍ତ**, ବିଂ. ( ବିଷ-ଅକ୍ତ ) ବିଷଯୁକ୍ତ, ବିଷମିଶ୍ରିତ ।

**ବିଷାଣ**, ବିଂ. (ବି-ଅସ୍-ଶାନଚ୍) ପଶୁର ଶୃଙ୍ଗ, ବୃହତ୍ ଦନ୍ତ, ହସ୍ତିଦନ୍ତ, ଶୂକରଦନ୍ତ ।

**ବିଷାଣୀ**, ବିଂ. ( ବିଷାଣ-ଇନ୍ ) ଶୃଙ୍ଗୀ, ଶୃଙ୍ଗବିଶିଷ୍ଟ । ବି. ପୁଂ. ହସ୍ତୀ, ଶୂକର, ବରାହ ।

**ବିଷାଦ**, ବି. ପୁଂ. ( ବି-ସଦ୍-ଅ ) ଖେଦ, ଦୁଃଖ, ନିଶ୍ଚେଷ୍ଟତା ।

**ବିଷାନନ**, ବି. ପୁଂ. (ବିଷ-ଆନନ) ସର୍ପ ।

| | |
|---|---|
| ବିଷୁପ<br>ବିଷୁବ<br>ବିଷୁବତ୍ | ବି. ନ. (ବିଷୁ-ପା, ବା-ଅ, ବତ୍) ସମରାତ୍ରିନ୍ଦିବ କାଳ, ଯେ ସମୟରେ ଦିବାମାନ ଓ ରାତ୍ରିମାନ ସମାନ ହୁଏ । |

**ବିଷୁବରେଖା**, ବି. ସ୍ତ୍ରୀ. ଉଭୟ ମେରୁର ସମଦୂରବର୍ତ୍ତୀ ସ୍ଥାନରେ ଯେ ମଣ୍ଡଳାକାର କଳ୍ପିତ ରେଖା ପୂର୍ବ ପଶ୍ଚିମ ଗୋଲକର ଚତୁର୍ଦ୍ଦିଗରେ ବ୍ୟାପି ରହିଅଛି, ସୂର୍ଯ୍ୟ ଏହି ରେଖାରେ ଉପସ୍ଥିତ ହେଲେ ଦିବାରାତ୍ରି ସମାନ ହୁଏ ।

**ବିଷ୍କିର**, ବି. ପକ୍ଷୀ । ଯଥା —

ବିଷ୍କିରେ ଗଣ୍ଡଭେରଣ୍ଡ ଗଜକୁ ଘେନିଣ ଉଡ଼େ,
ତାଳେ ବସେ ଭାରଜାତରେ ଭଗ୍ନ ବହିତ । ବୈ. ଦ.

**ବିଷ୍କମ୍ଭ**, ବି. ପୁଂ. (ବି-ସ୍କନ୍ଭ୍-ଅ) ପ୍ରଥମଯୋଗ, ପ୍ରତିବନ୍ଧ, ବାଧା, କୀଲକ, ନାଟ୍ୟାଙ୍ଗବିଶେଷ, ଯୋଗିମାନଙ୍କର ଆସନବନ୍ଧବିଶେଷ ।

**ବିଷ୍ଟପ**, ବିଂ. ( ବିଶ୍-ତପକ୍ ) ଲୋକ, ଭୁବନ, ଜଗତ୍ ।

ବିଷ୍ଟବ୍ଧ, ବି. (ବି-ସ୍ତନ୍ଭ୍-ତ) ପ୍ରତିବନ୍ଧ, ବାଧାଯୁକ୍ତ, ରୁଦ୍ଧ ।

ବିଷ୍ଟମ୍ଭ, ବି. ପୁଂ. (ବି-ସ୍ତନ୍ଭ-ଅ) ବାଧା, ପ୍ରତିବନ୍ଧ, ଅଟକ, ଅନାହ ରୋଗ, ମୂତ୍ରକୃଚ୍ଛ୍ର, ସ୍ଥିରୀଭାବ, ଅବରୋଧ ।

ବିଷ୍ଟର, ବି. ପୁଂ. ( ବି-ସ୍ତୃ-ଅ ) ଦର୍ଭମୁଷ୍ଟି, କୁଶାସନ, ଉପବେଶନ ବା ଶୟନର ଆସନ । (ଗ୍ରାମ୍ୟ) ଅତି ସ୍ଥୂଳ ।

ବିଷ୍ଟରଶ୍ରବାଃ, ବି. ପୁଂ. (ବିଷ୍ଟର-ଶ୍ରୁ-ଅସ୍) ବିଷ୍ଣୁ, ନାରାୟଣ ।

ବିଷ୍ଟି, ବି. ସ୍ତ୍ରୀ. (ବିଷ୍-ତି) ଯନ୍ତ୍ରଣାଦାନ, କରଣବିଶେଷ, ଏହି ବିଷ୍ଟିକରଣର ଭୋଗ କାଳ ଜ୍ୟୋତିଷମତରେ ଅଶୁଭ ସମୟ । ଯଥା—

ବିଷ୍ଟି ଅନୁକୂଳେ ଯୁକ୍ତ ଅଶୁଭ ହେବ । ବୈ. ବି.

ବେତନ, ନିକ୍ଷେପକରଣ, ନରକପାତନ ।

ବିଷ୍ଠା, ବି. ସ୍ତ୍ରୀ, (ବି-ସ୍ଥା-ଅ) ମଳ, ପୁରୀଷ ।

ବିଷ୍ଣୁ, ବି. ପୁଂ. ( ବିଷ୍-ଣୁ ) ହରି, ନାରାୟଣ, ସତ୍ତ୍ୱଗୁଣମୟ ବ୍ୟାପକ ଦେବ ।

ବିଷ୍ଣୁପଦ, ବି. ନ. (ବିଷ୍ଣୁ-ପଦ) ଆକାଶ, ପଦ୍ମ ।

ବିଷ୍ଣୁପଦୀ, ବି. ସ୍ତ୍ରୀ. (ବିଷ୍ଣୁପଦ-ଈ) ଗଙ୍ଗାନଦୀ । ଯଥା—

ବିଷ୍ଣୁପଦୀ ବିଷ୍ଣୁପଦ ଇକାର ଭେଦ ଶବ୍ଦ
ଧରଣୀର ସ୍ୱର୍ଗାଗତ ତହିଁ ଉଚିତ । ବୈ. ବି.

ବିଷ୍ଣୁରଥ, ବି. ପୁଂ. ( ବିଷ୍ଣୁ-ରଥ ) ଗରୁଡ଼, ବିଷ୍ଣୁଙ୍କ ବାହନ ।

ବିଷ୍ଣୁରାତ, ବି. (ବିଷ୍ଣୁ-ରା = ଦେବା-ତ) ରାଜା ପରୀକ୍ଷିତ୍ ।

ବିଷ୍ଣୁବଲ୍ଲଭା, ବି. ସ୍ତ୍ରୀ. ( ବିଷ୍ଣୁ-ବଲ୍ଲଭ-ଆ ) ଲକ୍ଷ୍ମୀ, କମଳା, ପଦ୍ମା, ତୁଳସୀ, ଅଗ୍ନିଶିଖା ବୃକ୍ଷ ।

ବିଷ୍ଣୁବାହନ, ବି. ପୁଂ. (ବିଷ୍ଣୁ-ବାହନ) ଗରୁଡ଼, ଖଗେଶ୍ୱର ।

ବିସ
ବିଶ } ବି. ନ. (ବିସ୍-ଅ) ପଦ୍ମାଦିର ମୃଣାଳ ।
ବିଷ

ବିସଂବାଦ, ବି. ପୁଂ. (ବି-ସମ୍-ବଦ୍-ଅ) ବିରୋଧ, ମତସମ୍ବାଦ, ପ୍ରତାରଣା, ବୈଲକ୍ଷଣ୍ୟ ।

ବିସଂବାଦୀ, ବିଂ. (ବି-ସମ୍-ବଦ୍-ଇନ୍) ବିରୁଦ୍ଧ ।

ବିସଂବାଦିତ, ବିଂ. (ବି-ସଂବାଦ ଇତ) ବିରୁଦ୍ଧ, ଯାହା ସର୍ବଜନସମ୍ମତ ନୁହେ ।

ବିସକଣ୍ଠିକା, ବି. ସ୍ତ୍ରୀ. (ବିସ-କଣ୍ଠ-ଇକ-ଆ) କ୍ଷୁଦ୍ର ଜାତୀୟ ବକ, ବଳାକା ।

ବିସକୁସୁମ, ବି. ସ୍ତ୍ରୀ. କମଳ, ପଦ୍ମ ।

ବିସଙ୍କଟ, ବି. ପୁଂ. ( ବି-ସମ୍-କଟ୍-ଅ ) ସିଂହ, ମୃଗରାଜ, ଇଙ୍ଗୁଦୀବୃକ୍ଷ । ବିଂ. ( ବି-ସଙ୍କଟ ) ବିଶାଳ, ବୃହତ୍ ।

ବିସଙ୍କୁଳ, ବିଂ, ଜଟିଳ, ଗୋଳମାଳ ।

ବିସଦୃଶ, ବିଂ. ବିପରୀତ, ବିରୁଦ୍ଧ ।

ବିସନାଭି, ବି. ପୁଂ. ( ବିସ-ନାଭି ) ପଦ୍ମିନୀ, ପଦ୍ମସମୂହ ।

ବିସପ୍ରସୂନ, ବି. ନ. (ବିସ-ପ୍ରସୂନ) ପଦ୍ମ, ତାମରସ, କମଳ ।

ବିସରଣ, ବି. ନ. (ବି-ସୃ-ଅନ) ବିସ୍ତାର, ପ୍ରବାହ, ଜ୍ୱର ।

ବିସର୍ଗ, ବି. ପୁଂ. (ବି-ସୃଜ୍-ଅ) ତ୍ୟାଗ, ବିସର୍ଜନ, ମଳନିର୍ଗମ, ଦାନ, ଦୀପ୍ତି, ମୋକ୍ଷ, ବିୟୋଗ, ପ୍ରଳୟ, ବିନ୍ଦୁ ବର୍ଣ୍ଣ, ଦକ୍ଷିଣାୟନ, ତ୍ୟକ୍ତବସ୍ତୁ, ବିଶେଷ ସୃଷ୍ଟି ।

ବିସର୍ଜନ, ବି. ନ. (ବି-ସୃଜ୍-ଅନ) ତ୍ୟାଗ, ଦାନ, ପ୍ରେରଣ, ପ୍ରତିମାଦି ଜଳସାତ୍କରଣ ।

ବିସର୍ଜନୀୟ, ବିଂ. ( ବି-ସୃଜ୍-ଅନୀୟ ) ତ୍ୟାଜ୍ୟ । ବି. ପୁଂ. ବିସର୍ଗ ।

ବିସାର, ବି. ପୁଂ. (ବି-ସୃ-ଅ) ମତ୍ସ୍ୟ, ବିସ୍ତାର, ପ୍ରବାହ ।

ବିସାରିତ, ବିଂ. ( ବି-ସାରି-ତ ) ବିସ୍ତାରିତ, ପ୍ରସାରିତ ।

ବିସିନୀ ବି. ସ୍ତ୍ରୀ. (ବିସ୍-ଇନ୍-ଈ) ପଦ୍ମିନୀ, ମୃଣାଳିନୀ । ଯଥା—

ଫିକା ହୋଇଗଲା ବାଣ୍ଡି ମୁଖକାନ୍ତି ବଧୂ ଯଥା ଦବାଗ୍ନିରେ,
ବଳୀ ବୁଝାଶନେ ଦଗ୍ଧ ହେଲା ଧନ୍ୟ ବସିଳା ଯେସନ ମାରେ ।

ସ. କେ.

(ବ୍ୟସନୀ ଶବ୍ଦର) ଫୁଲ ବାବୁ, ଲମ୍ପଟ, ବିଳାସୀ । ଯଥା—

ଟିଣି ବସିଥିବା ବସିକା ଯେସନ,
ବଲୁଥାଇ ଦନ୍ତ୍ୟବର୍ଣ୍ଣ ଉଚ୍ଚାରଣ । ଦରବାର ।

**ବିସୂଚିକା, ବିସୂଚ, ବିସୂଚୀ** ବି. ସ୍ତ୍ରୀ. ( ବି-ସୂଚ-ଅକ-ଆ ) ରୋଗବିଶେଷ, ଝାଡ଼ାବାନ୍ତି, ଓଲିଉଠା ।

**ବିସୃତ,** ବିଂ. (ବି-ସୃ-ତ) ବ୍ୟାପ୍ତ, ବିସ୍ତୃତ ।

**ବିସୃଷ୍ଟ,** ବିଂ. (ବି-ସୃଜ୍-ତ) ପ୍ରେରିତ, ତ୍ୟକ୍ତ ନିକ୍ଷିପ୍ତ ।

**ବିସ୍ତର,** ବି. ପୁଂ. (ବି-ସ୍ତୃ-ଅ) ସମୂହ, ପ୍ରଚୁର, ବିସ୍ତାର, ପ୍ରଣୟ, ଆସନବିଶେଷ, ବର୍ଣ୍ଣନ, ସଂଖ୍ୟା, ଶଯ୍ୟା ।

**ବିସ୍ତାର,** ବି. ପୁଂ. (ବି-ସ୍ତୃ-ଅ) ବିସ୍ତରଣ, ବିସ୍ତୃତି, ବ୍ୟାପ୍ତି, ବିଶାଳତା, ବ୍ୟାସ, ପ୍ରସାର, ଚୌଡ଼ା, ସମାସବାକ୍ୟ, ବିଟପ, ଶାଖା, ଗୁଚ୍ଛ ।

**ବିସ୍ତାରିତ,** ବିଂ. (ବିସ୍ତାର-ଇତ) ପ୍ରସାରିତ ।

**ବିସ୍ତାର୍ଯ୍ୟତା,** ଯେଉଁ ଗୁଣଦ୍ୱାରା ଜଡ଼ପଦାର୍ଥ ପୂର୍ବାପେକ୍ଷା ଅଧିକ ସ୍ଥାନରେ ବିସ୍ତୃତ ହୁଏ ।

**ବିସ୍ତୀର୍ଣ୍ଣ,** ବିଂ. (ବି-ସ୍ତୃ-ତ) ବିସ୍ତୃତ, ବ୍ୟାପ୍ତ, ବିଶାଳ ।

**ବିସ୍ତୃତ,** ବିଂ. (ବି-ସ୍ତୃ-ତ) ବ୍ୟାପ୍ତ, ବିଶାଳ ।

**ବିସ୍ତୃତି,** ବି. ସ୍ତ୍ରୀ. (ବି-ସ୍ତୃ-ତି) ବିସ୍ତାର, ସ୍ଥାନବ୍ୟାପି ରହିବା, ଦୈର୍ଘ୍ୟ ପ୍ରସ୍ଥ ବେଧର ସାଧାରଣ ସଂଜ୍ଞା, ବୃତ୍ତର ବ୍ୟାସ ।

**ବିସ୍ପଷ୍ଟ,** ବିଂ. (ବି-ସ୍ପଷ୍ଟ) ବ୍ୟକ୍ତ, ପ୍ରକାଶିତ ।

**ବିସ୍ଫାର,** ବି. ପୁଂ. (ବି-ସ୍ଫୁର-ଅ) ଟଙ୍କାର ଧ୍ୱନି, ଧନୁର୍ଗୁଣ ।

**ବିସ୍ଫାରିତ,** ବିଂ. (ବି-ସ୍ଫାର-ତ) କମ୍ପିତ, ଚଳିତ, ବିସ୍ତାରିତ, ପ୍ରକାଶିତ, ସନ୍ଦିତ ।

**ବିସ୍ଫୁରିତ,** ବିଂ. (ବି-ସ୍ଫୁର-ତ) ସ୍ଫୁରିଯୁକ୍ତ କମ୍ପିତ, ଚଞ୍ଚଳ, ଧୂନିତ, ସ୍ଫୀତ, ବର୍ଦ୍ଧିତ; ନ. ସ୍ଫୁରଣ, ଦୂନନ ।

**ବିସ୍ଫୁଲିଙ୍ଗ,** ବି. (ବି-ସ୍ଫୁ-ଲିଙ୍ଗ୍-ଅ) ଅଗ୍ନିକଣା, ବିଷବିଶେଷ ।

**ବିସ୍ଫୋଟ, ବିସ୍ଫୋଟକ** ବି. ପୁଂ. (ବି ସ୍ଫୁଟ୍-ଅ. ଅକ) ଫୋଟକା, ବ୍ରଣ, ରୋଗ-ବିଶେଷ ।

**ବିସ୍ମୟ,** ବି. ପୁଂ. (ବି-ସ୍ମି-ଅ) ଆଶ୍ଚର୍ଯ୍ୟ, ଅଦ୍ଭୁତ, ଅହଂକାର, ଅଦ୍ଭୁତ ରସ ସ୍ଥାୟିଭାବ ବା ରସ ବିଶେଷ, ସଂଶୟ ।

**ବିସ୍ମରଣ,** ବି. ନ. (ବି ସ୍ମୃ-ଅନ) ବିସ୍ମୃତି, ଭୁଲ ।

**ବିସ୍ମିତ,** ବିଂ. (ବି-ସ୍ମି-ତ) ଆଶ୍ଚର୍ଯ୍ୟାନ୍ୱିତ ।

**ବିସ୍ମୃତ,** ବିଂ. (ବି-ସ୍ମୃ-ତ) ସ୍ମରଣାତୀତ, ବିସ୍ମୃତି-ବିଶିଷ୍ଟ ।

**ବିସ୍ମୃତି,** ବି. ସ୍ତ୍ରୀ. (ବି-ସ୍ମୃ-ତି) ଭୁଲ, ବିସ୍ମରଣ ।

**ବିସ୍ର,** ବି. ନ. (ବିସ୍-ରକ୍) କଞ୍ଚା ମାଂସର ଗନ୍ଧ, ଚିତାଧୂମର ଗନ୍ଧ । ବିଂ. କଞ୍ଚାଗନ୍ଧବିଶିଷ୍ଟ ।

**ବିସ୍ରଂସ,** ବି. ପୁଂ. **ବିସ୍ରଂସନ,** ବି. ନ. ( ବି-ସ୍ରଂସ୍-ଅ, ଅନ ) ପତନ, ସ୍ଖଳନ ।

**ବିସ୍ରଂସୀ,** ବିଂ. ( ବିସ୍ରଂସ-ଇନ୍ ) ପତନଶୀଳ, ସ୍ଖଳନଶୀଳ ।

**ବିସ୍ରମ୍ଭ,** ବି. ପୁଂ. ( ବି-ସ୍ରମ୍ଭ୍-ଅ ) ବିଶ୍ୱାସ, ପ୍ରତ୍ୟୟ, ପରିଚୟ ।

**ବିସ୍ରମ୍ଭୀ,** ବିଂ. (ବିସ୍ରମ୍ଭ-ଇନ୍) ବିଶ୍ୱସ୍ତ, ପରିଚିତ ।

**ବିସ୍ରଗନ୍ଧି,** ବି. ପୁଂ. (ବିସ୍ର-ଗନ୍ଧି) ହରିତାଳ ।

**ବିସ୍ରୁତ,** ବିଂ. (ବି-ସ୍ରୁ-ତ) ବିସ୍ତୃତ, ପ୍ରବାହିତ, ସ୍ଖଳିତ, ଚ୍ୟୁତ, ଭ୍ରଷ୍ଟ ।

**ବିସ୍ୱନ, ବିସ୍ୱାନ** ବି. ପୁଂ. (ବି-ସ୍ୱନ୍-ଅ) ଧ୍ୱନି, ଶବ୍ଦ ।

**ବିହଗ, ବିହଙ୍ଗ, ବିହଙ୍ଗମ** ବି. ପୁଂ. ( ବିହାୟସ୍-ଗମ୍-ଅ, ବିହାୟସ୍ = ବିହ, ମ ଆଗମ) ପକ୍ଷୀ, ମେଘ, ସୂର୍ଯ୍ୟ, ଚନ୍ଦ୍ର ।

**ବିହଙ୍ଗରାଜ,** ବି. ପୁଂ. (ବିହଙ୍ଗ-ରାଜା) ଗରୁଡ଼

ବିହତ, ବିଂ. (ବି-ହନ୍-ତ) ବ୍ୟାହତ, ବିଫଳ, ଭଗ୍ନ ।
ବିହନ, ବି. (ଦେଶଜ) ଶସ୍ୟମଞ୍ଜି, ମାଞ୍ଜଡ଼ିମ୍ବ, ଶୁକ୍ର ।
ବିହର, ବି. ପୁଂ. (ବି-ହୃ-ଅ) ବିହାର, ବିଚ୍ଛେଦ । କ୍ରି. ବିଶେଷରୂପରେ ହରଣ କର ।
ବିହରଣ, ବି. ନ. (ବି-ହୃ-ଅନ) ବିହାର, କ୍ରୀଡ଼ା ।
ବିହସିତ, ବି. ନ. (ବି ହସ୍-ତ) ମଧୁରହାସ୍ୟ, ସ୍ମିତ ।
ବିହାୟସ୍, ବି. ପୁଂ. ନ. (ବି-ହା-ଅସ୍) ଆକାଶ । ପୁଂ. ପକ୍ଷୀ ।
ବିହାର } ବି. ପୁଂ. (ବି-ହୃ-ଅ) କ୍ରୀଡ଼ା,
ବିହାର } ଭ୍ରମଣ, ବିହାର ସ୍ଥାନ ।
ବିହାରୀ, ବିଂ. (ବି-ହୃ-ଇନ୍) ଭ୍ରମଣକାରୀ ।
ବିହି, ବି. (ବିଧି ଶବ୍ଦଜ) ବିଧାତା । ଯଥା—

ବିହି ବିହିଲ ବନବାସ ବାଧରେ ନୃପତି ହେବାର ଯଇ ।
ବୈ ବ.

ବିହିତ, ବିଂ. (ବି-ଧା-ତ) ବିଧିବୋଧିତ, କର୍ତ୍ତବ୍ୟ, ବିଧେୟ, ଅନୁଷ୍ଠିତ, କୃତ, ଦତ୍ତ ।
ବିହୀନ, ବିଂ. (ବି-ହା-ତ) ରହିତ, ଅଭାବ-ବିଶିଷ୍ଟ, ବର୍ଜିତ, ତ୍ୟକ୍ତ ।
ବିହୁନେ, ଅ. (ବିହୀନ ଶବ୍ଦଜ) ବ୍ୟତୀତ, ଛଡ଼ା । ଯଥା—

ଅନ୍ୟ ବିହୁନେ ହଂସ ହାନ୍ତି
ଯୋଗ ସାଧକ କାହା ସେନ । ଭାଗବତ ।

ବିହୃତ, ବି. ନ. ( ବି-ହୃ-ତ ) ସ୍ତ୍ରୀମାନଙ୍କର ବିହାରବିଶେଷ ।
ବିହ୍ୱଳ, ବିଂ. ( ବି-ହ୍ୱଲ୍-ଅ ) ଶୋକ ଭୟାଦି-ଦ୍ୱାରା ଅଭିଭୂତ, ବିବଶ, ଅଚେତନ, ଦ୍ରବୀଭୂତ ।
ବୀକାଶ, ବି. ପୁଂ. ( ବି-କାଶ୍-ଅ ) ପ୍ରକାଶ, ଗୋପନ, ନିଭୃତ ।
ବୀକ୍ଷଣ, ବି. ନ. ( ବି-ଈକ୍ଷ୍-ଅନ ) ଦର୍ଶନ, ନିରୀକ୍ଷଣ ।
ବୀକ୍ଷଣୀୟ, ବିଂ. ( ବି-ଈକ୍ଷ୍-ଅନୀୟ ) ଦେଖିବାର ଯୋଗ୍ୟ, ଦର୍ଶନୀୟ ।
ବୀକ୍ଷିତ, ବିଂ. ( ବି-ଈକ୍ଷ୍-ତ ) ଅବଲୋକିତ, ଆଲୋଚିତ । ବି. ନ. ଦର୍ଶନ ।
ବୀକ୍ଷ୍ୟ, ବିଂ. (ବି ଈକ୍ଷ୍-ଯ) ଦର୍ଶନୀୟ । ବି. ନ. ବିସ୍ମୟ । ପୁଂ. ନୃତ୍ୟକାରକ, ଘୋଟକ ।
ବୀଚ, ପୁଂ. } ବି. (ବେ-ଈଚ) ତରଙ୍ଗ,
ବୀଚି,ବୀଚୀ, ସ୍ତ୍ରୀ. } ତେଜ, ଲହରୀ, ଦୀପ୍ତି, କିରଣ, ଅବକାଶ, ସୁଖ, ଆନନ୍ଦ, ଅଳ୍ପ ।
ବୀଚିମାଲୀ, ବି. ପୁଂ. (ବୀଚିମାଲା-ଇନ୍) ସମୁଦ୍ର, ସୂର୍ଯ୍ୟ ।
ବୀଜ, ବି. ନ. ( ବି-ଜନ୍-ଅ ) ମଞ୍ଜି, କାରଣ, ଶୁକ୍ର, ତେଜଃ, ଅଙ୍କୁର, ଶସ୍ୟାଦିର ଫଳ, ଅବ୍ୟକ୍ତ ଗଣିତ, ମୂଳ, ଆଧାର, ନିଧି, ତତ୍ତ୍ୱ ।
ବୀଜକୋଶ } ବି. ପୁଂ. (ବୀଜ-କୋଶ=ଆଧାର)
ବୀଜକୋଷ } ଯହିଁରେ ପଦ୍ମବୀଜ ଥାଏ, ବୀଜାଧାର, ପୁଷ୍ପର ଅଂଶବିଶେଷ ।
ବୀଜଗଣିତ, ବି. ନ. ଅଙ୍କଶାସ୍ତ୍ରବିଶେଷ, ଯେଉଁ ଶାସ୍ତ୍ରରେ ବର୍ଣ୍ଣମାଳାର ଅକ୍ଷରଗୁଡ଼ିକୁ ସଂଖ୍ୟାସ୍ୱରୂପ ଧରି ଏବଂ କେତେଗୁଡ଼ିଏ ସାଙ୍କେତିକ ଚିହ୍ନ ବ୍ୟବହାର କରି ରାଶି-ବିଷୟକ ସିଦ୍ଧାନ୍ତ ସକଳ ଯୁକ୍ତି ସହକାରେ ସଂସ୍ଥାପିତ ହୁଏ ।
ବୀଜନ, ବି. ନ. ( ବି-ଅଜ୍-ଅନ ) ବ୍ୟଜନ, ସଞ୍ଚାଳନ । ପୁଂ. ଚକ୍ରବାକ, ଚକୋର-ପକ୍ଷୀ ।
ବୀଟିକା
ବୀଟି
ବୀଟୀ } ବି. ସ୍ତ୍ରୀ. (ବି-ଇଟ୍-ଅକ, ଆ) ସଜ୍ଜିତ ତାମ୍ବୂଳ, ପାନବିଡ଼ା ।
ବୀଣା, ବି. ସ୍ତ୍ରୀ. ( ବୀ=କ୍ଷେପଣ କରିବା ନ-ଅ ) ସପ୍ତତନ୍ତ୍ରୀବିଶିଷ୍ଟ ବାଦ୍ୟଯନ୍ତ୍ର ।
ବୀତ, ବିଂ. ( ବି-ଇ-ତ ) ପରିତ୍ୟକ୍ତ, ଅପଗତ, ଅତୀତ, ମୁକ୍ତ, ବନ୍ଧନମୁକ୍ତ, ବିଗତ, ନିବୃତ୍ତ ।

ବୀତଂସ } ବି. ପୁଂ. ( ବି-ତନ୍ସ-ଅ ) ମୃଗ-
ବିତଂସ } ପକ୍ଷିବନ୍ଧନାର୍ଥ ଯନ୍ତ୍ର, ଜାଲ, ଫାନ୍ଦ ।

ବୀତିହୋତ୍ର, ବି. ପୁଂ. ( ବୀତି-ହୁ-ତ୍ର ) ଅଗ୍ନି, ସୂର୍ଯ୍ୟ ।

ବୀଥି }
ବୀଥୀ } ବି. ସ୍ତ୍ରୀ ( ବିଥ୍-ଇ, ଈ, କ ଅ ) ଶ୍ରେଣୀ, ପଥ, ଉଭୟ ପାର୍ଶ୍ୱରେ
ବୀଥିକା } ବୃକ୍ଷ ଶ୍ରେଣୀଯୁକ୍ତ ପଥ, ଦୃଶ୍ୟ କାବ୍ୟବିଶେଷ ।

ବୀପ୍ସା, ବି. ସ୍ତ୍ରୀ. (ବି-ଆପ୍-ସନ୍-ଅ-ଆ ) ଯୁଗପତ୍ ବ୍ୟାପନେଚ୍ଛା, ଏକ ସମୟରେ ବ୍ୟାପି ରହିବାର ଇଚ୍ଛା ।

ବୀର, ବି. ପୁଂ. ( ବୀର୍-ଅ ) ଶୃଙ୍ଗାରାଦି ନବ-ରସାନ୍ତର୍ଗତ ଏକ ରସ, ବିଷ୍ଣୁ. କୁଲାଗ୍ରର-ବିଶେଷ । ନ. ଭିତରୀ ମଣ୍ଡ, ଶୃଙ୍ଗୀ, ମରିଚ । ବିଂ. ଶ୍ରେଷ୍ଠ, ପ୍ରଧାନ, ଶୂର, ବିକ୍ରମଶାଳୀ, ବୀରାଗ୍ରବିଶିଷ୍ଟ ।

ବୀରଣ, ବି. ନ. ( ବି-ଈର-ଅନ ) ଉଶୀର ତୃଣ ବେଣାଗଛ ।

ବୀରତରୁ, ବି ପୁଂ. (ବୀର-ତରୁ) ଅର୍ଜୁନବୃକ୍ଷ, ଭଲ୍ଲାତକ ।

ବୀରପ୍ରସୂ } ବି. ସ୍ତ୍ରୀ. (ବୀର-ପ୍ରସୂ, ସୂ ) ବୀର-
ବୀରସୂ } ପ୍ରସବିନୀ, ବୀରଜନନୀ, ବୀରମାତା ।

ବୀରଭଦ୍ର, ବି. ପୁଂ. ( ବୀର-ଭଦ୍ର ) ଅଶ୍ୱମେଧର ଘୋଡ଼ା, ଶିବଙ୍କ ଅନୁଚରବିଶେଷ, ବୀର-ଶ୍ରେଷ୍ଠ, ରୁଦ୍ରବିଶେଷ ।

ବୀରବାହୁ, ବି. ପୁଂ. ରାକ୍ଷସବିଶେଷ, ରାବଣର ପୁତ୍ର, ବିଷ୍ଣୁ । ବିଂ. ଶୂରଶ୍ରେଷ୍ଠ, ମଲ୍ଲ ।

ବୀରସେନ, ବି.ପୁଂ. (ବୀର-ସେନା) ନଳ ରାଜାଙ୍କ ପିତା ।

ବୀରହା, ବିଂ. (ବୀର-ହନ୍-ଅ) ବୀରନାଶକ । ବି. ପୁଂ. ନଷ୍ଟାଗ୍ନି ବ୍ରାହ୍ମଣ, ବିଷ୍ଣୁ ।

ବୀରା, ବି. ସ୍ତ୍ରୀ ( ବୀର୍-ଅ, ଆ, ) ପତିପୁତ୍ରବତୀ ନାରୀ, ମଦିରା, ମହାଶତାବରୀ, ଗୃହକନ୍ୟା, ବ୍ରାହ୍ମୀ, ଶିଂଶପା ।

ବୀରାସନ, ବି. ନ. ( ବୀର-ଆସନ ) ଜୟସାଧନ ଉପବେଶନବିଶେଷ, ଏକ ପାଦ ଊରୁରେ ସ୍ଥାପନ କରି ଅନ୍ୟ ପାଦ ଊରୁରେ ସଂସ୍ଥାପନ ।

ବୀରୁଧ୍ }
ବୀରୁଧା } ବି. ସ୍ତ୍ରୀ. ( ବି-ରୁଧ୍-ଅ ) ବିସ୍ତୃତ ବଲ୍ଲୀ, ଲତା ।

ବୀର୍ଯ୍ୟ, ବି. ନ. ( ବୀର-ଯ ) ବୀରତ୍ୱ, ଶୌର୍ଯ୍ୟ, ବଳ, ଗୌରବ, ପ୍ରତାପ, ତେଜଃ, ପ୍ରଭାବ, ସାର, ଶୁକ୍ର, ରେତଃ, ବୀଜ ।

ବୀର୍ଯ୍ୟବାନ୍, ବିଂ. (ବୀର୍ଯ୍ୟ-ବତ୍ ) ବୀର୍ଯ୍ୟବିଶିଷ୍ଟ, ବଳବାନ୍ ।

ବୀବର, ବି. ସ୍ୱନାମପ୍ରସିଦ୍ଧ ଜନ୍ତୁବିଶେଷ ।

ବୀହାର, ବି. ପୁଂ. ( ବି-ହୃ-ଅ ) ବୌଦ୍ଧମନ୍ଦିର, ବିହାର ।

ବୁଝିବା, କ୍ରି. (ଦେଶଜ) ମୁଦିବା ।

ବୁଝାଇବା, କ୍ରି. ( ଦେଶଜ ) ମନାଇବା, ସମ-ଝାଇବା ।

ବୁଠ, ବି. ଶସ୍ୟବିଶେଷ ।

ବୁଡ଼ିବା, କ୍ରି. (ଦେଶଜ) ନିମଜ୍ଜିତ ହେବା ।

ବୁଢ଼ା, ବିଂ. (ବୃଦ୍ଧ ଶବ୍ଦଜ) ବୃଦ୍ଧ, ପ୍ରାଚୀନ ।

ବୁଣିବା, କ୍ରି. ( ଦେଶଜ ) ବପନ କରିବା, ବସ୍ତ୍ର ନିର୍ମାଣ କରିବା ।

ବୁଦା, ବି. ( ଦେଶଜ ) କ୍ଷୁଦ୍ରବୃକ୍ଷର ବନ, ଗୁଳ୍ମ ।

ବୁରୁଳ, ବି. ଯବତ୍ରୟ ପରିମାଣ, ତିନିଯବ ।

ବୁଲିବା, କ୍ରି. (ଦେଶଜ) ଭ୍ରମଣ କରିବା ।

ବୃଂହଣ, ବିଂ. (ବୃନ୍ହ-ଅନ) ପୁଷ୍ଟିକାରକ ।

ବୃଂହିତ, ବି. ନ. ( ବୃନ୍ହ-ତ ) କରିଗର୍ଜନ, ହାତୀର ଶବ୍ଦ । ବିଂ. ପୁଷ୍ଟ, ବର୍ଦ୍ଧିତ ।

ବୃକ, ବି ପୁଂ ( ବୃକ୍-ଗ୍ରହଣ କରିବା-ଅ କିମ୍ବା ବୃ—ଆବରଣ କରିବା-କ ) ହେଟାବାଘ, କାକ, ଜଠରାଗ୍ନି, ବକବୃକ୍ଷ, ଶୃଗାଳ, କ୍ଷତ୍ରିୟ । କା, ସ୍ତ୍ରୀ. ଅମ୍ବଷ୍ଠା । ସ୍ତ୍ରୀ. ବୃକୀ ।

ବୃକଧୂର୍ତ୍ତି, ବି. ପୁଂ. ( ବୃକ୍-ଧୂର୍ତ୍ତି ) ଶୃଗାଲ, ଶିଆଳ ।

ବୃକାରାତି } ବି. ପୁଂ. ( ବୃକ-ଅରାତି, ଅରି )
ବୃକାରି } କୁକୁର ।

ବୃକୋଦର, ବି. ପୁଂ. (ବୃକ-ଉଦର) ଭୀମ, ବୃକ ନାମକ ଅଗ୍ନି ଉଦରରେ ଅଛି ବୋଲି ଭୀମର ନାମ ବୃକୋଦର ହୋଇଅଛି, ମଧ୍ୟମ ପାଣ୍ଡବ ।

ବୃକ୍ଷ, ବି. ପୁଂ (ବୃକ୍ଷ୍ ଅ) ତରୁ, ଗଛ ।

ବୃକ୍ଷଚର, ବି. ପୁଂ. ( ବୃକ୍ଷ=ଗଛ-ଚର=ଯେ ଗମନ କରେ ) କପି, ବାନର ।

ବୃକ୍ଷବାଟିକା, ବି. ସ୍ତ୍ରୀ. ( ବୃକ୍ଷ-ବାଟିକା=ଆବୃତ ସ୍ଥାନ ) ଉପବନ, ବଗିଚା, ନିକୁଞ୍ଜ ।

ବୃକ୍ଷଭେଦୀ, ବି. ପୁଂ. ( ବୃକ୍ଷ-ଭିଦ୍-ଇନ୍ ) ଅସ୍ତ୍ରବିଶେଷ, ଟାଙ୍ଗିଆ ।

ବୃକ୍ଷାମ୍ଳ, ବି. ନ. (ବୃକ୍ଷ-ଅମ୍ଳ) ତେନ୍ତୁଳୀ । ବି ପୁଂ. ଆମ୍ବୃଡ଼ାଗଛ ।

ବୃକ୍ଷାଳୟ, ବି. ପୁଂ. (ବୃକ୍ଷ-ଆଳୟ) ପକ୍ଷୀ ।

ବୃଜନ } ବି. ନ. ( ବୃଜ୍-ଅନ, ଇନ ) ପାପ,
ବୃଜିନ } ଅପରାଧ, କ୍ଲେଶ, ଆକାଶ । ବି. ପୁଂ. କ୍ଲେଶ, ନିରାକରଣ । ବିଂ. କୁଟିଳ, ବକ୍ର ।

ବୃତ, ବିଂ. ( ବୃ-ତ ) କର୍ମକରଣାର୍ଥ ନିଯୁକ୍ତ, ଆଚ୍ଛାଦିତ, ପ୍ରାର୍ଥିତ ।

ବୃତି, ବି. ସ୍ତ୍ରୀ. ( ବୃ-ତି ) ନିୟୋଗ, ଆବରଣ, ବେଷ୍ଟନ, ପ୍ରାର୍ଥନାବିଶେଷ, ଗୋପନ, ବରଣ, କର୍ମ କରଣାର୍ଥ ନିୟୋଗ, ବାଡ଼ । ଯଥା —

ବସୁଧ ସେ ରଙ୍ଗଭୂମି ହୋଇଥିଲା ବୃତିରେ ବୃତ୍ତେ ବେଷ୍ଟିତ ।
ଯ. ବେ.

ବୃତ୍ତ, ବିଂ. ( ବୃତ୍-ତ ) ବର୍ତ୍ତୁଳ, ଗୋଲାକାର, ଆଚ୍ଛାଦିତ, ନିଯୁକ୍ତ, ଜାତ, ଦୃଢ଼, ଅତୀତ, ମୃତ, ଅଧୀତ, ଅପ୍ରତିହତ । ବି. ପୁଂ. କଚ୍ଛପ । ନ. ଚରିତ୍ର, ବର୍ତ୍ତନ, ଅନୁଷ୍ଠାନ, ଚେଷ୍ଟିତ, ନ୍ୟାୟପୂର୍ବକ ଅର୍ଥୋପାର୍ଜନ, ଅର୍ଥପାଳନ, ଅର୍ଥବର୍ଦ୍ଧନ ଏବଂ ସତ୍‌ପାତ୍ରରେ ଦାନ ଏହି ଚତୁର୍ବିଧ ।

ବୃତ୍ତଫୁଟୀ, ବି. ଉପର୍ଯ୍ୟୁପରି ସ୍ଥାପିତ ବୃତ୍ତସମୂହ ।

ବୃତ୍ତସ୍ଥ, ବିଂ. ( ବୃତ୍ତ-ସ୍ଥା-ଅ ) ବୃତ୍ତକ୍ଷେତ୍ରସ୍ଥିତ, ସଚ୍ଚରିତ୍ର ।

ବୃତ୍ତାନ୍ତ, ବି. ପୁଂ. (ବୃତ୍ତ-ଅନ୍ତ) ବାର୍ତ୍ତା, ସମ୍ବାଦ, ବିବରଣ, ପ୍ରକାର, ପ୍ରସ୍ତାବ, ଅବସର, ଭାବ, ଏକାନ୍ତବାଚକ ।

ବୃତ୍ତାଭାସ, ବୃତ୍ତ ପରି ଗୋଲାକାର ।

ବୃତ୍ତି, ବି. ସ୍ତ୍ରୀ. (ବୃତ୍-ତି) ଜୀବିକା । ଯଥା—

ବୃତ୍ତି ଏ ମୋ ପୋଷେ କୁଟୁମ୍ବ । ବୈ. ବ.

ବ୍ୟବସାୟ, ପ୍ରବୃତ୍ତି, ଆହାର, ଭୋଜନ, ଜୀବନ, ବ୍ୟାପାର, ସ୍ଥିତି, ସ୍ୱଭାବ, ବ୍ୟାଖ୍ୟାନଗ୍ରନ୍ଥ, ଆକାରାନ୍ତରପ୍ରାପ୍ତି, ପାଦବ୍ୟାପ୍ତି, ବର୍ଣ୍ଣରଚନା, ମାନସିକ ଶକ୍ତି ।

ବୃତ୍ର, ବି. ପୁଂ. (ବୃତ୍-ର) ଅସୁରବିଶେଷ, ଶତ୍ରୁ, ଅନ୍ଧକାର, ମେଘ, ମନ୍ତ୍ର, ଶବ୍ଦ, ପର୍ବତବିଶେଷ ।

ବୃତ୍ରହା, ବି. ପୁଂ. (ବୃତ୍ର-ହନ୍-୦) ଇନ୍ଦ୍ର ।

ବୃଥା, ଅଂ. ( ବୃ-ଥା ) ନିଷ୍ଫଳ, ନିରର୍ଥକ, ଅକାରଣ ।

ବୃଦ୍ଧ, ବିଂ. (ବୃଧ୍-ତ) ପ୍ରାଚୀନ, ବୁଢ଼ା, ଜ୍ୟେଷ୍ଠ, ବୃହତ୍, ଗୋଏ, ପଣ୍ଡିତ ।

ବୃଦ୍ଧା, ବିଂ. (ବୃଧ୍-ତ-ଆ) ବୁଢ଼ୀ, ଗତଯୌବନା, ପ୍ରାଚୀନା, ଅଙ୍ଗୁଷ୍ଠ, ବୁଢ଼ା ଅଙ୍ଗୁଳି ।

ବୃଦ୍ଧତ୍ୱ, ବି. ନ. ( ବୃଦ୍ଧ-ତ୍ୱ ) ବାର୍ଦ୍ଧକ୍ୟ, ବୃଦ୍ଧାବସ୍ଥା, ପ୍ରାଚୀନତା ।

ବୃଦ୍ଧପ୍ରପିତାମହ, ବି. ପୁଂ. (ବୃଦ୍ଧ-ପ୍ରପିତା-ଆମହ) ପ୍ରପିତାମହଙ୍କ ପିତା । ହୀ, ସ୍ତ୍ରୀ. ପ୍ରପିତାମହଙ୍କ ମାତା ।

ବୃଦ୍ଧପ୍ରମାତାମହ, ବି. ପୁଂ. (ବୃଦ୍ଧ-ପ୍ରମାତା-ଆମହ) ପ୍ରମାତାମହଙ୍କ ପିତା । ହୀ,ସ୍ତ୍ରୀ. ପ୍ରମାତାମହଙ୍କ ମାତା ।

ବୃଦ୍ଧଶ୍ରବାଃ, ବି. ପୁଂ. (ବୃଦ୍ଧ-ଶ୍ରବସ୍) ଇନ୍ଦ୍ର ।

ବୃଦ୍ଧି, ବି. ସ୍ତ୍ରୀ. (ବୃଧ୍-ତି) ଅଭ୍ୟୁଦୟ, ଉନ୍ନତି, ବିସ୍ତାର, ସମୃଦ୍ଧି, ଆଧିକ୍ୟ, ଯୋଗବିଶେଷ ।

ବୃନ୍ତ, ବି. ନ. ପୁଂ. (ବୃ-ତ,ନ ଆଗମ) ଫଳ ପୁଷ୍ପ ପତ୍ରାଦିର ବୋଣ୍ଟା. କୁଚାଗ୍ର, ସ୍ତନର ମୁଣ୍ଡ ।

ବୃନ୍ଦ, ବି. ନ. (ବୃଣ୍-ଦ) ସମୂହ । ପୁଂ. ନ. ସଂଖ୍ୟାବିଶେଷ, ଦଶ ଅର୍ବୁଦ । ଦା, ସ୍ତ୍ରୀ ତୁଳସୀବୃକ୍ଷ, ରାଧିକାଙ୍କର ସଖୀବିଶେଷ, ଜଳନ୍ଧରଙ୍କ ପତ୍ନୀ, ରାଧା ।

ବୃନ୍ଦାର, ବିଂ. (ବୃନ୍ଦ-ଆର) ମନୋଜ୍ଞ, ସୁନ୍ଦର, ପ୍ରୀତିଜନକ ।

ବୃନ୍ଦାରକ, ବି. ପୁଂ. (ବୃନ୍ଦ-ଆର-କ) ଦେବତା, ଦଳପତି । ବିଂ. ମନୋଜ୍ଞ, ସୁନ୍ଦର, ପ୍ରଧାନ, ଶ୍ରେଷ୍ଠ, ଆନନ୍ଦଜନକ, ତୃପ୍ତିକର, ବୃହତ୍, ଖ୍ୟାତ, ଯଶସ୍ୱୀ ।

ବୃନ୍ଦାବନ, ବି. ନ. (ବୃନ୍ଦା-ବନ) ସ୍ୱନାମଖ୍ୟାତ ତୀର୍ଥବିଶେଷ, ମଥୁରା ସମୀପସ୍ଥ ବନବିଶେଷ ।

ବୃନ୍ଦାବନେଶ୍ୱର, ବି. ପୁଂ. (ବୃନ୍ଦାବନ-ଈଶ୍ୱର) କୃଷ୍ଣ । ରୀ, ସ୍ତ୍ରୀ. ରାଧା ।

ବୃଶ, ବି. ପୁଂ. (ବୃ-ଶ) ମୂଷିକ, ପୁଷ୍ପବିଶେଷ, ଔଷଧ । ନ. ଅଦା ।

ବୃଶ୍ଚିକ, ବି.ପୁଂ. (ବ୍ରଶ୍ଚ୍-ଇକ) ବିଛା, ଅଷ୍ଟମ ରାଶି ଅଗ୍ରହାୟଣ ମାସ ।

ବୃଷ, ବି. ପୁଂ. (ବୃଷ୍-ଅ) ଷଣ୍ଢ, ଦ୍ୱିତୀୟ ରାଶି, ଧର୍ମ, ଚତୁର୍ବିଧ ପୁରୁଷ ଅନ୍ତର୍ଗତ ପୁରୁଷବିଶେଷ, ଇନ୍ଦ୍ର, ମୂଷିକ, ବିଷ୍ଣୁ, ଶକ୍ର, ରାଧାତନୟ, କର୍ଣ୍ଣ, ମଲ୍ଲ, ଶ୍ରୀକୃଷ୍ଣ, ମୟୂରପୁଚ୍ଛ, ଗୃହନିର୍ମାଣୋପଯୁକ୍ତ କଥିତ ଭୂମିଖଣ୍ଡ, ଶ୍ରେଷ୍ଠ, କନ୍ଦର୍ପ, ଜଳ ।

ବୃଷଣ, ବି. ପୁଂ. (ବୃଷ୍-ଅନ) ଅଣ୍ଡକୋଷ, ମୁଷ୍କ ।

ବୃଷଦଂଶକ, ବି. ପୁଂ. (ବୃଷ=ମୂଷିକ-ଦଂଶକ) ମାର୍ଜାର, ବିରାଡ଼ି ।

ବୃଷଧ୍ୱଜ, ବି. ପୁଂ. (ବୃଷ-ଧ୍ୱଜ=ଚିହ୍ନ) ଶିବ, ମହାଦେବ ।

ବୃଷପର୍ବା, ବି. ପୁଂ. (ବୃଷ-ପର୍ବନ୍) ଶିବ, ଦୈତ୍ୟବିଶେଷ ।

ବୃଷଭ, ବି. ପୁଂ. (ବୃଷ-ଅଭ) ବୃଷ, ଷଣ୍ଢ, ବଳୀବର୍ଦ୍ଦ । ଭୀ, ସ୍ତ୍ରୀ. ବିଧବା ସ୍ତ୍ରୀ, ହସ୍ତିର କର୍ଣ୍ଣ, ଔଷଧ ।

ବୃଷଭଗତି } ବି. ପୁଂ. (ବୃଷଭ-ଗତି, ଧ୍ୱଜ)
ବୃଷଭଧ୍ୱଜ } ଶିବ, ମହାଦେବ ।

ବୃଷଭାନୁ, ବି. ପୁ. ରାଧିକାଙ୍କ ପିତା ।

ବୃଷଭାନୁନନ୍ଦିନୀ } ବି. ସ୍ତ୍ରୀ. (ବୃଷଭାନୁ-ନନ୍ଦିନୀ,
ବୃଷଭାନୁସୁତା } ସୁତା) ରାଧିକା ।

ବୃଷଭାସା, ବି. ସ୍ତ୍ରୀ (ବୃଷ-ଭାସ୍-ଅ) ଅମରାବତୀ, ଇନ୍ଦ୍ରପୁରୀ ।

ବୃଷଲ, ବି. ପୁଂ. (ବୃଷ୍-ଅଲ) ଅଶ୍ୱ, ଶୂଦ୍ର, ପାପୀ, ଦୁଷ୍କର୍ମାନ୍ୱିତ, ଚନ୍ଦ୍ରଗୁପ୍ତ ରାଜା, ରସୁଣ । ବିଂ. ଅଧାର୍ମିକ, ପାପିଷ୍ଠ ।

ବୃଷଲୀ, ବି. ସ୍ତ୍ରୀ. (ବୃଷଲ-ଈ) ନୀଚ ସ୍ତ୍ରୀ, ଶୂଦ୍ରା, ଦ୍ୱାଦଶବର୍ଷବୟସ୍କା ଋତୁମତୀ ଅବିବାହିତା କନ୍ୟା, ମୃତ ସନ୍ତାନ ପ୍ରସବକାରିଣୀ ସ୍ତ୍ରୀ, ବନ୍ଧ୍ୟା, ଋତୁମତୀ ସ୍ତ୍ରୀ ।

ବୃଷବାହନ, ବି. ପୁଂ. (ବୃଷ-ବାହନ) ଶିବ ।

ବୃଷା, ବି. ପୁଂ. (ବୃଷ୍-ଅନ୍) ଇନ୍ଦ୍ର, କର୍ଣ୍ଣ, ଦୁଃଖ, ଘୋଟକ, ଯାତନା ହେତୁରୁ ଅଚୈତନ୍ୟ । ବିଂ. ବୃହତ୍ ।

ବୃଷାକପି, ବି. ପୁଂ. (ବୃଷ-ଅ-କମ୍ପ୍-ଇ) ବିଷ୍ଣୁ, ଶିବ, ଅଗ୍ନି, ଇନ୍ଦ୍ର ।

ବୃଷାଙ୍କ, ବି. ପୁଂ. (ବୃଷ-ଅଙ୍କ) ଶିବ, ବୃଷଧ୍ୱଜ, ଧାର୍ମିକ ବ୍ୟକ୍ତି, ନପୁଂସକ, ଅନ୍ତଃପୁରରକ୍ଷକ ।

ବୃଷ୍ଟି, ବି. ସ୍ତ୍ରୀ. (ବୃଷ୍-ତି) ବର୍ଷା, ବର୍ଷଣ, ମେଘରୁ ଜଳପତନ ।

ବୃଷ୍ଟିଭୂ, ବି. ପୁଂ. (ବୃଷ୍ଟି-ଭୂ) ଭେକ । ବିଂ. ବୃଷ୍ଟିଭବ ।

ବୃଷ୍ଟିମାନଯନ୍ତ୍ର, ବି. ଯେଉଁ ଯନ୍ତ୍ରଦ୍ୱାରା ବୃଷ୍ଟିର ପରିମାଣ ନିରୂପିତ ହୁଏ ।

ବୃଷ୍ଣି, ବି. ପୁଂ. ( ବୃଷ୍-ନି ) ଯଦୁବଂଶ, କୃଷ୍ଣ, ଜ୍ୟୋତିଃ, ଇନ୍ଦ୍ର, ଅଗ୍ନି, ବାୟୁ, ମେଘ । ବିଂ. ପ୍ରଚଣ୍ଡ ।

ବୃଷ୍ୟ, ବିଂ. (ବୃଷ୍-ଯ) ବୀର୍ଯ୍ୟକାରକ ।

ବୃହତ୍, ବିଂ. ( ବୃହ୍-ଅତ୍ ) ବିପୁଳ, ବଡ଼, ପ୍ରକାଣ୍ଡ ।

ବୃହତୀ, ବି. ସ୍ତ୍ରୀ. ( ବୃହତ୍-ଈ ) କ୍ଷୁଦ୍ର ବାର୍ତ୍ତାକୀ, ବାଇଗଣ, ମହତୀ, ବାକ୍ୟ, ଉତ୍ତରୀୟ ବସ୍ତ୍ର, ଛନ୍ଦୋବିଶେଷ, ବିଶ୍ୱାବସୁଙ୍କ ବୀଣା ।

ବୃହତୀପତି, ବି. ପୁଂ. ( ବୃହତୀ-ପତି ) ବାଚସ୍ପତି, ବୃହସ୍ପତି ।

ବୃହଦ୍ରଥ, ବି. ପୁଂ. ( ବୃହତ୍-ରଥ ) ଇନ୍ଦ୍ର, ଜରାସନ୍ଧଙ୍କ ପିତା, ଯଜ୍ଞପାତ୍ର, ମନ୍ତ୍ରବିଶେଷ ।

ବୃହଦ୍ଭାନୁ, ବି. ପୁଂ. ( ବୃହତ୍-ଭାନୁ ) ଅଗ୍ନି, ସୂର୍ଯ୍ୟ ।

ବୃହନ୍ନଳା, ବି. ସ୍ତ୍ରୀ. (ବୃହତ୍-ନଳ) ଦ୍ୱାଦଶ ବର୍ଷ ବନବାସ ପରେ ଅଜ୍ଞାତବାସରେ ବିରାଟ-କନ୍ୟାକୁ ନୃତ୍ୟଗୀତ ଶିକ୍ଷାନିମନ୍ତେ କ୍ଳୀବରୂପୀ ଅର୍ଜୁନଙ୍କର ବୃହନ୍ନଳା ନାମ ହୋଇଥିଲା । ପୁଂ. ଦୀର୍ଘ ନଳବୃକ୍ଷ ।

ବୃହସ୍ପତି, ବି. ପୁଂ. ( ବୃହତ୍-ପତି, ସ୍ ଆଗମ କିମ୍ବା ବୃହତୀ-ପତି, ନିପାତନ ) ଗୁରୁ, ସୁରାଚାର୍ଯ୍ୟ, ଦେବଗୁରୁ ।

ବେଅନ୍ଦାଜ, ( ଯାବନିକ ) ଅପରିମିତ, ଅଣଅଟକଳ ।

ବେଇମାନ୍, (ଯାବନିକ) ଅଧାର୍ମିକ, ବିଧର୍ମୀ, କୃତଘ୍ନ ।

ବେଉନ୍ତ, ବି. (ଦେଶଜ) ବଗାଡ଼, ବନ୍ଧନ ।

ବେଉନ୍ତିବା, କ୍ରି. ବାନ୍ଧିବା ।

ବେଓଅ, ବି. (ଯାବନିକ) ଅନାଥା ସ୍ତ୍ରୀ, ପତି-ପୁତ୍ରହୀନା ନାରୀ, ବିଧବା ।

ବେଉରା, ବି. (ଯାବନିକ) ବାର୍ତ୍ତା, ବିବରଣ, ବୃତ୍ତାନ୍ତ । ବିଂ. ଫେରନ୍ତା ।

ବେକ, ବି. (ଦେଶଜ) ଗଳାର ପଶ୍ଚାଦ୍ ପ୍ରଦେଶ ।

ବେଗ, ବି. ପୁଂ. (ବିଜ୍-ଅ) ଶୀଘ୍ରତା । ଯଥା—

ବାଳୀ ଧାଇଁ ମନ୍ଦରା, ବେଗେ ଶ୍ରୀରାମ ସମ୍ମୁଖ କଲା । ବୈ. ର.

ଭୟ, ମୂତ୍ର ବିଷ୍ଠାଦିର ନିର୍ଗମ ପ୍ରବୃତ୍ତି, ପ୍ରବାହ, ଆହ୍ଲାଦ, ଦୃଢ଼ପ୍ରତିଜ୍ଞା, ମହାକାଳଫଳ, ଉଦ୍ୟମ, ପ୍ରଣୟ, ରେତଃ, ଆମ୍ରବିଶେଷ ।

ବେଗବାନ୍, ବିଂ. ( ବେଗ-ବତ୍ ) ବେଗବିଶିଷ୍ଟ, ତ୍ୱରାନ୍ୱିତ ।

ବେଗାଡ଼ି } ବି. ( ଦେଶଜ ) ବେତନହୀନ
ବେଗାର } କାର୍ଯ୍ୟ, ବେଠି ।

ବେଗୁନିଆ, ବି. (ଦେଶଜ) ଗୁଳ୍ମବିଶେଷ ।

ବେଙ୍ଗ, ବି. (ବ୍ୟଙ୍ଗ ଶବ୍ଦଜ) ଭେକ ।

ବେଙ୍ଗଲା, ବିଂ. (ଦେଶଜ) ବୁଲିବା, କେତେ ଗୁଡ଼ିଏ ବଳଦଦ୍ୱାରା ଧାନ ମଡ଼ାଇବା ।

ଯଥା—

କାହିଁ ଧାନ ଅମଳ କରଇ କୃଷୀବଳ
ଖଳାରେ ବେଙ୍ଗଲାପକାଇ । ନବୀପ୍ରନ୍ଥ ।

ବେଙ୍ଗା, ବି. (ଦେଶଜ) ରୋଗବିଶେଷ ।

ବେଜାୟ, ବିଂ. ( ଯାବନିକ ) ଅପରିମିତ, ଯଥେଷ୍ଟ ।

ବେଜାର, ବିଂ. ( ଯାବନିକ ) ବିରକ୍ତ । ବି. ବିରକ୍ତି ।

ବେଇଜତ୍, ବିଂ. (ଯାବନିକ) ଅପମାନିତ ।

ବେଟା, ବି. ପୁଂ. (ଯାବନିକ) ପୁତ୍ର, ସନ୍ତାନ, ଆତ୍ମଜ ।

ବେଠି, ବି. (ବିଷ୍ଟି ଶବ୍ଦଜ) ମାଗଣା ।

ବେଠିଆ, ବି. (ବିଷ୍ଟି ଶବ୍ଦଜ) ଯେ ପାରିଶ୍ରମିକ ନ ପାଇ କାର୍ଯ୍ୟ କରେ ।

ବେଡ଼ି, ବି. (ଯାବନିକ) ହାତକୋଳ, ହାଣ୍ଡି ଧରି ଉଠାଇବାର ଲୌହନିର୍ମିତ ହତା ।

ବେଢ଼, ବି. (ବେଷ୍ଟନ ଶବ୍ଦଜ) ପରିଧି, ଘେର ।

ବେଢ଼ା, ବି. (ବେଷ୍ଟନ ଶବ୍ଦଜ) ଗୃହ ବାଗରେ ରହିଥିବା ପ୍ରାଚୀର । ବି°. ବେଷ୍ଟିତ ।

ବେଢ଼ିବା, କ୍ରି. (ବେଷ୍ଟନ ଶବ୍ଦଜ) ଘେରିବା ।

ବେଣା, ବି. ( ଦେଶଜ ) ସ୍ୱନାମଖ୍ୟାତ ତୃଣବିଶେଷ, ଉଶୀର ।

ବେଣି } ବି. ସ୍ତ୍ରୀ. ( ବେଣ-ଇ, ଈ-ନି )
ବେଣୀ } ବିନ୍ୟସ୍ତ କେଶପାଶ, ଜଳପ୍ରବାହ, ସ୍ରୋତଃ, ବୁଣିବା, ନଦୀବିଶେଷ । ସ୍ତ୍ରୀ. ମେଘ ।

ବେଣୀସଂହାର, ବି. ପୁଂ. ଭଟ୍ଟନାରାୟଣକୃତ ସଂସ୍କୃତ ନାଟକବିଶେଷ, ବେଣୀବନ୍ଧନ ।

ବେଣୁ, ବି, ପୁଂ. ( ବନ୍=ଶବ୍ଦ କରିବା-ଉ, ନିପାତନ କିମ୍ବା ଅଜ୍=ଗମନ କରିବା-ଣୁ, ଅଜ୍ ସ୍ଥାନରେ=ବୀ) ବଂଶୀ, ମୁରଲୀ, ବାଉଁଶ, ନୃପବିଶେଷ ।

ବେଣୁକ } ବି.ନ. (ବେଣୁ କ) ଗବାଦି ତାଡ଼ନ-
ବୈଣୁକ } ଦଣ୍ଡ, ପାଞ୍ଚଣ ବାଡ଼ି ।

ବେଣୁଯବ } ବି. ପୁଂ. ବାଉଁଶର ଚାଉଳ ।
ବେଣୁବୀଜ }

ବେଣ୍ଟ, ବି. (ଦେଶଜ) ଅସ୍ତ୍ରାଦିର ମୁଠା, କଇଁ ପ୍ରଭୃତିର ବୀଜକୋଷ ।

ବେଣ୍ଟି, ବି. (ଦେଶଜ) କେଶ ଗୁଚ୍ଛପାଖରେ ଥିବା କ୍ଷୁଦ୍ର କେଶ ।

ବେତ, ବି. (ବେତ୍ର ଶବ୍ଦଜ) ବେତସ ।

ବେତନ, ବି. ନ. ( ବୀ-ତନ ) କର୍ମର ମୂଲ୍ୟ, ମଜୁରି, ଭଡ଼ା, ଜୀବିକା, ରୌପ୍ୟ ।

ବେତସ, ବି. ପୁଂ. ( ବେ-ଅସ,ତୁକ୍ ଆଗମ ) ଅଥବା (ବୀ-ତସ) ସୀ,ସ୍ତ୍ରୀ. ବେତଗଛ ।

ବେତସ୍ୱାନ୍, ବି°. (ବେତସ-ବତ୍) ବେତବହୁଳ ପ୍ରଦେଶ, ଯେଉଁ ପ୍ରଦେଶରେ ଅନେକ ବେତ ଅଛି ।

ବେତା, ବି. (ଦେଶଜ) ବଡ଼ ଟେକାଇ ।

ବେତାଳ, ବି. ପୁଂ. (ବେ-ତଲ-ଅ) ଭୂତାଧିଷ୍ଠିତ ଶବ, ଦେବାନୁଚରବିଶେଷ, ଦ୍ୱାରପାଳ, ଦ୍ୱାସ୍ଥ, ମଲ୍ଲବିଶେଷ ।

ବେତାଳଭଟ୍ଟ, ବି. ପୁଂ ପ୍ରଧାନ କବିବିଶେଷ, ରାଜା ବିକ୍ରମାଦିତ୍ୟଙ୍କ ସଭାସ୍ଥ ନବରତ୍ନ ମଧ୍ୟରେ ଏକ ରତ୍ନ ।

ବେତ୍ତା, ବି°. (ବିଦ୍-ତୃ) ଜ୍ଞାତା, ଯେ ଜାଣେ, ଜ୍ଞାନକର୍ତ୍ତା, ପରିଣେତା ।

ବେତ୍ର, ବି. ପୁଂ. ( ବୀ-ତ୍ର ) ବେତଗଛ, ଅସୁରବିଶେଷ । ନ. ବେତଯଷ୍ଟି ।

ବେତ୍ରଧର, ବି. ପୁଂ. (ବେତ୍ର-ଧୃ-ଅ) ଦ୍ୱାରପାଳ ।

ବେତ୍ରବତୀ } ବି. ସ୍ତ୍ରୀ. ( ବେତ୍ର-ବତ୍-ଈ )
ବେତ୍ରାବତୀ } ମାଳବ ଦେଶର ନଦୀବିଶେଷ ।

ବେତ୍ରାସନ, ବି. ନ ( ବେତ୍ର-ଆସନ ) ବେତ୍ରନିର୍ମିତ ଆସନ, ମୋଢ଼ା ପ୍ରଭୃତି ।

ବେଦ, ବି. ପୁଂ. (ବିଦ୍-ଅ) ଶାସ୍ତ୍ରଜ୍ଞାନ, ସାମାଦି ଚାରିବେଦ, ଚତୁଃସଂଖ୍ୟା, ୪, ବ୍ରହ୍ମାଙ୍କ ମୁଖନିର୍ଗତ ଧର୍ମଜ୍ଞାପକ ଶାସ୍ତ୍ର, ଶ୍ରୁତି, ଶାସ୍ତ୍ର, ଛନ୍ଦ, ଆମ୍ନାୟ, ଯଜ୍ଞାଙ୍ଗ, ଶାସ୍ତ୍ରୋକ୍ତ ଚରିତ୍ର, ବିଷ୍ଣୁ ।

ବେଦଗର୍ଭ, ବି. ପୁଂ. ବ୍ରାହ୍ମଣ, ବ୍ରହ୍ମା ।

ବେଦନ. ନ. } ବି ( ବିଦ୍-ଅନ, ସ୍ତ୍ରୀଲିଙ୍ଗେ
ବେଦନା.ସ୍ତ୍ରୀ } ଆ ) ଅନୁଭବ, ବୋଧ, ଜ୍ଞାନ, ଯାତନା, ବ୍ୟଥା, କ୍ଲେଶ, ଦୁଃଖାନୁଭବ, ପରିଣୟ, ବିବାହ, ଦାନ, ଜ୍ଞାପନ, ଭୌତିକ ।

ବେଦନୀୟ, ବି°. ( ବିଦ୍ ଅନୀୟ ) ଅନୁଭବନୀୟ, ଜ୍ଞେୟ ।

ବେଦପାରଗ } ( ବେଦ-ପାରଗ,ବିଦ୍ ) ବେଦଜ୍ଞ
ବେଦବିଦ୍ } ବ୍ରାହ୍ମଣ, ବ୍ରହ୍ମଜ୍ଞାନୀ ।

ବେଦମାତା, ବି. ସ୍ତ୍ରୀ. ( ବେଦ-ମାତୃ ) ଗାୟତ୍ରୀ, ଦୁର୍ଗା ।

ବେଦବିଦ୍, ବି°. ( ବେଦ-ବିଦ୍ ) ବେଦଜ୍ଞ, ବେଦବେତ୍ତା । ବି. ପୁଂ. ବିଷ୍ଣୁ ।

ବେଦବ୍ୟାସ, ବି. ପୁଂ. ( ବେଦ-ବ୍ୟାସ ) ବେଦବିଭାଗକର୍ତ୍ତା ମୁନି, ବ୍ୟାସଦେବ, ସତ୍ୟବତୀତନୟ ।

**ବେଦଃ**, ବ. ନ. ( ବିଦ୍-ଅସ୍ ) ବେଦସମୂହ, ସୁବର୍ଣ୍ଣ, କାଞ୍ଚନ । ବିଂ. ବେତ୍ତା ।

**ବେଦାଗ୍ରଣୀ**, ବ. ସ୍ତ୍ରୀ (ବେଦ-ଅଗ୍ରଣୀ) ସରସ୍ୱତୀ ।

**ବେଦାଙ୍ଗ**, ବ. ନ. (ବେଦ-ଅଙ୍ଗ) ଶିକ୍ଷା, କଳ୍ପ ବ୍ୟାକରଣ, ନିରୁକ୍ତ, ଛନ୍ଦ, ଜ୍ୟୋତିଷ ଏହି ଛ ପ୍ରକାର ବେଦର ଅବୟବଗ୍ରନ୍ଥ ।

**ବେଦାଦି**, ବ. ପୁଂ. ( ବେଦ-ଆଦି ) ପ୍ରଣବ, ଓଁକାର ।

**ବେଦାଧିପ**, ବ. ପୁଂ. ବେଦାଧିଷ୍ଠାତ୍ରୀ ଦେବତା ।

**ବେଦାନ୍ତ**, ବ ପୁଂ. (ବେଦ-ଅନ୍ତ) ବ୍ୟାସପ୍ରଣୀତ ଦର୍ଶନଶାସ୍ତ୍ର ।

**ବେଦାନ୍ତୀ**, ବ. ପୁଂ. (ବେଦାନ୍ତ-ଇନ୍) ବେଦାନ୍ତମତାବଲମ୍ବୀ, ବେଦାନ୍ତବେତ୍ତା ।

**ବେଦାଭ୍ୟାସ**, ବ. ପୁଂ. (ବେଦ-ଅଭ୍ୟାସ) ଅଧ୍ୟୟନ, ବିଚାର, ଅନୁଶୀଳନ, ଜପ, ଅଧ୍ୟାପନା ଏହି ପଞ୍ଚ ।

**ବେଦି**, **ବେଦିକା**, **ବେଦୀ** } ବ. ସ୍ତ୍ରୀ. ( ବିଦ୍-ଇ, ପକ୍ଷେ ଅ ) ଯଜ୍ଞାଦି ନିମିତ୍ତ ପରିଷ୍କୃତ ଭୂମି, ମୃତ୍ତିକା ସ୍ତୂପ କୃତ ଉଚ୍ଚ ।

**ବେଦିଜା**, ବ. ସ୍ତ୍ରୀ. (ବେଦି-ଜନ୍-ଅ) ଦ୍ରୌପଦୀ, ପାଣ୍ଡବ ମହିଷୀ ।

**ବେଦିତ**, ବିଂ. (ବେଦି-ତ) ଜ୍ଞାପିତ, ନିବେଦିତ, ଦର୍ଶିତ ।

**ବେଦିତବ୍ୟ**, ବିଂ. ( ବିଦ୍-ତବ୍ୟ ) ଜ୍ଞାତବ୍ୟ, ଜାଣିବାର ଯୋଗ୍ୟ ।

**ବେଦିତା**, ବିଂ. ( ବିଦ୍-ତୃ ) ଜ୍ଞାତା, ସାକ୍ଷାତ୍କର୍ତ୍ତା ।

**ବେଦୀ**, ବ. ପୁଂ ( ବିଦ୍-ଇନ୍ ) ପଣ୍ଡିତ, ବ୍ରହ୍ମା, ପରିଣେତା । ବିଂ. ବେତ୍ତା ।

**ବେଦୀଶ**, ବ. ପୁଂ. ( ବେଦୀ=ସରସ୍ୱତୀ-ଈଶ ) ବ୍ରହ୍ମା ।

**ବେଦୋକ୍ତ**, ବିଂ. ( ବେଦ-ଉକ୍ତ ) ବେଦବାକ୍ୟ, ଶ୍ରୁତିକଥିତ ।

**ବେଦ୍ୟ**, ବିଂ. (ବିଦ୍-ଯ) ବୋଧ୍ୟ, ଜ୍ଞେୟ ।

**ବେଧ**, ପୁଂ., **ବେଧନ**, ନ. } ବ. (ବିଧ୍-ଅ, ଅନ) ଛିଦ୍ରକରଣ, ଗଭୀରତା, ବସ୍ତୁର ସ୍ଥୂଳତାର ପରିମାଣ, ବେଧ=( ଦେଶଜ ) ପରପୁରୁଷ ସଙ୍ଗମଜାତ, ଭ୍ରଷ୍ଟାଚରଣ ।

**ବେଧପିଲା**, ବ. ବେଧକୁଅ, ବେଧଫଳ, ଜାରଜ । ଯଥା—

ବେଧପିଲା ବୋଲି ସିଦ୍ଧିଙ୍କେ ପୁଚ୍ଛଇ କଲେ ଦେଖିଲି ମେଲି ।

**ବେଧାଃ**, ବ. ପୁଂ. (ବିଧ୍-ଅସ୍) ବିଷ୍ଣୁ, ବିଧାତା, ସୂର୍ଯ୍ୟ, ପଣ୍ଡିତ, ଦକ୍ଷ ପ୍ରଭୃତି ସ୍ରଷ୍ଟା, ଶ୍ୱେତାର୍କବୃକ୍ଷ, ଅନନ୍ତପୁତ୍ର ।

**ବେଧିତ**, ବିଂ. (ବିଧ୍-ତ) ବିଦ୍ଧ, ଛେଦିତ ।

**ବେଧୀ**, ବିଂ. (ବିଧ୍-ଇନ୍) ବେଧକ, ଛିଦ୍ରକାରକ । ଧିନୀ, ସ୍ତ୍ରୀ. ଜୋକ, ମେଥୀ ।

**ବେଧ୍ୟ**, ବ. ନ. ( ବିଧ୍-ଯ ) ଶରବ୍ୟ, ଲକ୍ଷ୍ୟ । ବିଂ ବିଦ୍ଧ କରିବାର ଯୋଗ୍ୟ ।

**ବେପଥୁ**, ପୁଂ., **ବେପନ**, ନ } ବ. ( ବେପ୍-ଅଥୁ, ଅନ ) କମ୍ପ । ଯଥା—

ବଢ଼ିଲା ପୁଲକିତ ଶରୀରେ, ବେପଥୁ ଜନ୍ମି ଅଧିକ ବିଷରେ ।
ବୈ. ବ.

**ବେପମାନ**, ବିଂ. (ବେପ୍-ଆନ) କମ୍ପମାନ, ଯେ କମ୍ପୁଅଛି ।

**ବେପାର**, ( ବ୍ୟାପାର ଶବ୍ଦଜ ) କ୍ରୟ ବିକ୍ରୟ, ବାଣିଜ୍ୟ, ଜୀବନୋପାୟ ।

**ବେପାରୀ**, ( ବ୍ୟାପାରୀ ଶବ୍ଦଜ ) କ୍ରୟବିକ୍ରୟକାରୀ, ବ୍ୟବସାୟୀ ।

**ବେଭାର**, (ବ୍ୟବହାର ଶବ୍ଦଜ) ଆଚରଣ, ପ୍ରଥା, ରୀତି ।

**ବେମାରୀ**, (ଯାବନିକ) ରୋଗ, ପୀଡ଼ା ।

**ବେର**, ବ. ନ. ପୁଂ. ( ବୀ, ବି ଅଜ୍=ଗମନକରିବା ) ଦେହ, ଶରୀର । ଯଥା —

ବେର କି ହୁଏ ତୋର, ବଣ ପ୍ରବେଶେ ଯାରେ ମୋ ଶରୀର ।
ବୈ. ବ.

ନ. କୁଙ୍କୁମ, ବାଇଗଣ ।

**ବେଲ**, ବ. ସମୟ ।

ବେଲ୍, ବି. ନ. (ବେଲ୍-ଅ) ଉଦ୍ୟାନ, ( ବିଲ୍ୱ ଶବ୍ଦଜ) ବିଲ୍ୱ, ଶ୍ରୀଫଳ ।

ବେଲା, ସ୍ତ୍ରୀ. ବି. ( ବେଲ୍-ଅ, ଆ ) କାଳ, ସମୟ, ଅବସର, ସୀମା, ତୀର, ସମୁଦ୍ର, ଜଳ, ଜୁଆରଭଟ୍ଟା, ମର୍ଯ୍ୟାଦା, ହଠାତ୍ ମୃତ୍ୟୁ, ପୀଡ଼ା, ଚିବିବା ଖାଦ୍ୟ, ବାକ୍ୟ, ସୁଯୋଗ, ରାଗ, ବୁଧପତ୍ନୀ, ବାକ୍ ।

ବେଲଣା, ବି. (ବେଲନ ଶବ୍ଦଜ) ପୋଡ଼ି ଆଦି ବେଲିବା ନିମିତ୍ତ କାଷ୍ଠନିର୍ମିତ ଦ୍ରବ୍ୟ-ବିଶେଷ ।

ବେଲା, ବି. (ଦେଶଜ) କଂସା ।

ବେବର୍ତ୍ତା, ବି. ( ବ୍ୟବହର୍ତ୍ତା ଶବ୍ଦଜ ) ଅଧ୍ୟକ୍ଷ, ଉପାଧିବିଶେଷ ।

ବେବାକ୍, ବି. (ଯାବନିକ) ସମସ୍ତ, ସମଗ୍ର ।

ବେଶ } ବି. ପୁଂ. ( ବିଶ୍=ପ୍ରବେଶ କରିବା,
ବେଷ } ବିଷ୍=ବ୍ୟାପିବା-ଅ) ପ୍ରବେଶ, ସଜ୍ଜା, ବସ୍ତ୍ର ଅଳଙ୍କାରାଦି ପରିଧାନ, ବେଶ୍ୟାଳୟ, ଗୃହ । ଯଥା—

ବାସକସଜ୍ଜା ହୋଏ ମୁଁ ପାଣୁ ଗଲକ୍ଷଣେ,
ବେଶ ସାରି ଶଯ୍ୟା କରି ନଚରେଗେ ପ୍ରାଙ୍ଗଣେ । ବୈ. ବି

ବେଶନ, ବି. (ଦେଶଜ) ଖେସାରି ଓ ବୁଟଗୁଣ୍ଡି ।

ବେଶନ୍ତ, ବି. ପୁଂ. (ବିଶ୍=ପ୍ରବେଶ କରିବା-ଅନ୍ତ) କ୍ଷୁଦ୍ର ସରୋବର, ଅଗ୍ନି ।

ବେଶର, ବି. ( ଦେଶଜ ) ନାକର ଅଳଙ୍କାର-ବିଶେଷ, ବିଶା ସୋରିଷ । ବି. ପୁଂ. (ବେଶ-ଗୃ-ଅ) ଖଚର ।

ବେଶୀ, ବିଂ. ( ବେଶ-ଇନ୍ ) ବେଶକାରକ, ପରିଚ୍ଛଦଯୁକ୍ତ । ବିଂ. ( ଯାବନିକ ) ଅଧିକ, ଅତିରିକ୍ତ ।

ବେଶ୍ମ, ବି ନ (ବିଶ୍-ମ) ଆଳୟ, ଆବାସ, ଗୃହ ସଦ୍ମ, ନିକେତନ ।

ବେଶ୍ମନକୁଳ, ବି. ପୁଂ. ( ବେଶ୍ମନ୍-ନକୁଳ ) ଛୁଚୁନ୍ଦ୍ରା ।

ବେଶ୍ମଭୂ, ବି. ସ୍ତ୍ରୀ. ( ବେଶ୍ମନ୍-ଭୂ ) ବାସ୍ତୁଭୂମି, ବାସେ ପଯୁକ୍ତ ସ୍ଥାନ ।

ବେଶ୍ୟା, ବି. ସ୍ତ୍ରୀ. ( ବିଶ୍-ଯ-ଆ ଵମ୍ବା ବେଶ-ଯ-ଆ) ସାଧାରଣ ସ୍ତ୍ରୀ, ବାରନାରୀ ।

ବେଶ୍ୟାଚାର୍ଯ୍ୟ, ବି. ପୁଂ. ( ବେଶ୍ୟା-ଆଚାର୍ଯ୍ୟ ) ପୀଠମର୍ଦ୍ଦ, ବେଶ୍ୟା ପ୍ରଭୃତିର ନୃତ୍ୟଶିକ୍ଷାଗୁରୁ ।

ବେଷ୍ଟ, ବି. ପୁଂ. ( ବେଷ୍ଟ୍-ଅ ) ବେଷ୍ଟନ, ଅଠା ।

ବେଷ୍ଟକ, ବି. ନ. ( ବେଷ୍ଟ-କନ୍ ) ଉଷ୍ଣୀଷ, ପଗଡ଼ି, ନିର୍ଯ୍ୟାସ । ପୁଂ. କୁଷ୍ମାଣ୍ଡ, ପ୍ରାଚୀର । ବିଂ. ବେଷ୍ଟନକାରକ ।

ବେଷ୍ଟନ, ବି. ନ. ( ବେଷ୍ଟ୍-ଅନ ) ଚତୁର୍ଦ୍ଦିଗର ଆବରଣ, ପରିଧି, ବେଢ଼, ପ୍ରଦକ୍ଷିଣ, କର୍ଣ୍ଣ-କୁହର, ବର୍ତ୍ତି, ପଗଡ଼ି, ନୃତ୍ୟକାଳୀନ ହସ୍ତ-ଚାଳନ ।

ବେଷ୍ଟିତ, ବିଂ. ( ବେଷ୍ଟ୍-ତ ) ଆବୃତ । ନ. ବେଷ୍ଟନ ।

ବେହାୟା } ବିଂ. (ଯାବନିକ) ନିର୍ଲଜ୍ଜ,
ବେହାୟା } ଲଜ୍ଜାହୀନ ।

ବେହରଣ, ବି. (ଦେଶଜ) ସଜ୍ଜା । ଯଥା—

ବେହରଣ ଘେନି ବଢ଼ ଧନ ମୂଳ କରି ।

ବେହାର, ବି. ପୁଂ. ସ୍ୱନାମପ୍ରସିଦ୍ଧ ଦେଶ ।

ବେହେରା, ବି. (ଦେଶଜ) ଗଉଡ଼, ଚମାର ଓ କେଉଟ ଜାତିର ଉପାଧି, ଚାକର, ଭୃତ୍ୟ ।

ବେହେରାଣୀଅ, ବିଂ. ( ଦେଶଜ ) ରାଜାଦିଙ୍କ ରକ୍ଷିତ ସ୍ତ୍ରୀଠାରୁ ଜାତ ସନ୍ତାନ ।

ବେହେଲା, ବି. (ଦେଶଜ) ବାଦ୍ୟଯନ୍ତ୍ରବିଶେଷ ।

ବେହୋଶ, (ଯାବନିକ) ଅଜ୍ଞାନ, ମତ୍ତ ।

ବୈକର୍ତ୍ତନ, ବିଂ. (ବିକର୍ତ୍ତନ-ଅ) ସୂର୍ଯ୍ୟସମ୍ବନ୍ଧୀୟ, ସୂର୍ଯ୍ୟବଂଶୀୟ । ବି. ପୁଂ. ରାଧାତନୟ ।

ବୈକଳ୍ପିକ, ବିଂ. ( ବିକଳ୍ପ-ଇକ ) ସନ୍ଦେହ-ଯୋଗ୍ୟ ।

ବୈକଲ୍ୟ, ବି. ନ. ( ବିକଳ-ଯ ) ବିକଳତା, କାତରତା, ବିହ୍ୱଳଭାବ, ଅଙ୍ଗହୀନତା, ଅଭାବ, ଅସମ୍ପୂର୍ଣ୍ଣତା ।

ବୈକୁଣ୍ଠ, ବି. ପୁଂ. (ବିକୁଣ୍ଠା-ଅ) ବିଷ୍ଣୁ, ଇନ୍ଦ୍ର । ନ. ବିଷ୍ଣୁପୁର ।

ବୈକୃତ, ବି. ନ. ( ବିକୃତ-ଅ ) ମାନସିକ ବା କାୟିକ ବିକାର, ବିରକ୍ତି, ଘୃଣା, ବିକୃତତ୍ୱ, ବିକାର ।

ବୈଖାନସ, ବି. ପୁଂ. ( ବି-ଖନ୍-ଅନ୍-ଅସ୍ ) ଯେଉଁମାନେ ମୂଳ ଆଦିଦ୍ୱାରା ଜୀବିକାନିର୍ବାହ କରନ୍ତି, ବାନପ୍ରସ୍ଥ, ବନବାସୀ । ବିଂ ବାନପ୍ରସ୍ଥ-ସମ୍ବନ୍ଧୀୟ ।

ବୈଗୁଣ୍ୟ, ବି. ନ. ( ବିଗୁଣ-ଯ ) ବିକୃତତା, ଅପରାଧ, ଦୋଷ, ବିଗୁଣତ୍ୱ, ମାତତା, ଗୁଣରାହିତ୍ୟ ।

ବୈଚିତ୍ତ୍ୟ, ବି. ନ. ( ବିଚିତ୍ତ-ଯ ) ଚିତ୍ତଭ୍ରାନ୍ତି, ମତିଭ୍ରମ ।

ବୈଚିତ୍ର, } ବି. ନ. (ବିଚିତ୍ର-ଅ, ଯ)
ବୈଚିତ୍ର୍ୟ } ବିଚିତ୍ରତା, ଚମତ୍କାରତ୍ୱ, ବିଭିନ୍ନତା, ନାନାରୂପତା, ସୌନ୍ଦର୍ଯ୍ୟ ।

ବୈଜନନ, ବି. ପୁଂ. (ବିଜନନ-ଅ) ପ୍ରସବମାସ, ଯେଉଁ ମାସରେ ସନ୍ତାନ ଭୂମିଷ୍ଠ ହୁଏ ।

ବୈଜୟନ୍ତ, ବି. ପୁଂ. ( ବି-ଜି-ଅନ୍ତ ) ଇନ୍ଦ୍ରପୁରୀ, ଇନ୍ଦ୍ରଧ୍ୱଜ ।

ବୈଜୟନ୍ତୀ, ବି. ସ୍ତ୍ରୀ. (ବୈଜୟନ୍ତ-ଈ) ପତାକା, ଧ୍ୱଜା, ଜୟନ୍ତୀବୃକ୍ଷ ।

ବୈଜୟିକ, ବିଂ. (ବିଜୟ-ଇକ) ବିଜୟସମ୍ବନ୍ଧୀୟ, ଜୟସୂଚକ ।

ବୈଜାତ୍ୟ, ବି. ନ. (ବିଜାତ-ଯ) ବିଜାତୀୟତା, ବୈଲକ୍ଷଣ୍ୟ, ସ୍ୱଭାବର ପ୍ରଭେଦ, ଲମ୍ପଟ୍ୟ ।

ବୈଜିକ, ବିଂ. (ବୀଜ-ଇକ) ବୀଜସମ୍ବନ୍ଧୀୟ । ବି. ନ ପରମାତ୍ମା, ହେତୁ, ତୈଳବିଶେଷ । ପୁଂ. ସଦ୍ୟୋଜାତ ଅଙ୍କୁର ।

ବୈଜ୍ଞାନିକ, ବିଂ. (ବିଜ୍ଞାନ-ଇକ) ନିପୁଣ, ଦକ୍ଷ, ବିଜ୍ଞାନସମ୍ବନ୍ଧୀୟ ।

ବୈଠକ, ବି. ( ଦେଶଜ ) ସଭା, ସମାଜ, ଅଧିବେଶନ, ବସିବା ।

ବୈଠା, ବି. (ଦେଶଜ) ପ୍ରଦୀପ ।

ବୈଠିକ, ବି. ( ଦେଶଜ ) ଦୀପରୁଖା, ଆଧାର-ବିଶେଷ ।

ବୈଡାଲବ୍ରତ, ବି. ନ. (ବିଡାଲ-ଅ-ବ୍ରତ) ପାପ-କର୍ମ ଗୋପନ କରି ଆପଣାକୁ ଧାର୍ମିକ ବୋଲି ପରିଚୟ ଦେବା ।

ବୈଣବ, ବି. (ବେଣୁ-ଅ) ବେଣୁସମ୍ବନ୍ଧୀୟ, ବଂଶ-ନିର୍ମିତ, ଭସ୍ମ । ନ. ବେଣୁଫଳ । ବି. ସ୍ତ୍ରୀ. ବଂଶଲୋଚନା ।

ବୈତଂସିକ, ବିଂ. ( ବିତଂସ=ଫାନ୍ଦ ବା ଜାଲ-ଇକ) ମାଂସବିକ୍ରୟୀ ।

ବୈତନିକ, ବିଂ. ( ବେତନ-ଇକ ) କର୍ମକାର, ଭୃତକ, ବେତନଭୋଗୀ ।

ବୈତରଣି } ବି. ସ୍ତ୍ରୀ. ( ବିତରଣ-ଅ-ଇ କମ୍ବା
ବୈତରଣୀ } ବିତରଣି=ତରଣଶୂନ୍ୟା-ଈ)
ଯମସମୀପସ୍ଥ, ପ୍ରେତନଦୀ, କଟକଜିଲ୍ଲାର ଅନ୍ତର୍ଗତ ନଦୀବିଶେଷ ।

ବୈତାଳିକ, ବି. ପୁଂ. ( ବି-ତାଲ-ଇକ ) ସ୍ତୁତି-ପାଠକ, ଭାଟ । ଯଥା—

କହନ୍ତି ସଙ୍ଗୀତ ଯେତେକ ବୈତାଳିକଗଣ । କ. ବ.

ବିଂ. ବେତାଳସମ୍ବନ୍ଧୀୟ ।

ବୈତୃଷ୍ଣ୍ୟ, ବି. ନ. ( ବିତୃଷ୍ଣା-ଯ ) ତୃଷ୍ଣାରାହିତ୍ୟ, ଅନାସ୍ଥା, ଅପ୍ରବୃତ୍ତି ।

ବୈଦଗ୍ଧ, ବୈଦଗ୍ଧ୍ୟ, ବି. ନ. } (ବିଦଗ୍ଧ-ଅ, ଯ,
ବୈଦଗ୍ଧୀ, ବି. ସ୍ତ୍ରୀ. } ଈ) ପଟୁତା, ଚତୁରତା, ରସିକତା, ଶୋଭା, ପାଣ୍ଡିତ୍ୟ, ଭଙ୍ଗୀ ।

ବୈଦର୍ଭ, ବିଂ.(ବିଦର୍ଭ-ଅ) ବିଦର୍ଭ ଦେଶସମ୍ବନ୍ଧୀୟ, ବିଦର୍ଭଦେଶଜାତ । ବି. ପୁଂ. ବିଦର୍ଭରାଜ । ନ. ବାକ୍ୟଚାତୁର୍ଯ୍ୟ ।

ବୈଦର୍ଭୀ, ବି. ସ୍ତ୍ରୀ. (ବିଦର୍ଭ-ଅ, ସ୍ତ୍ରୀଲିଙ୍ଗେ ଈ) ଦମୟନ୍ତୀ, ରୁକ୍ମିଣୀ, ଅଗସ୍ତ୍ୟପତ୍ନୀ ।

ବୈଦାନ୍ତିକ, ବି. ପୁଂ. ( ବେଦାନ୍ତ-ଇକ ) ଯେଉଁ ବ୍ୟକ୍ତି ବେଦାନ୍ତଶାସ୍ତ୍ର ଜାଣେ । ବିଂ.ବେଦାନ୍ତ-ସମ୍ବନ୍ଧୀୟ ।

ବୈଦକ, ବି. ପୁଂ. ( ବେଦ-ଇକ ) ବେଦଜ୍ଞ ବ୍ରାହ୍ମଣ । ବିଂ. ବେଦବହିତ, ବେଦୋକ୍ତ ।

ବୈଦୂର୍ଯ୍ୟ, ବି. ନ. (ବିଦୂର =ପର୍ବତବିଶେଷ-ଯ) କୃଷ୍ଣପୀତବର୍ଣ୍ଣ ମଣିବିଶେଷ, ନୀଳକାନ୍ତମଣି ।

ବୈଦେଶିକ, ବିଂ. (ବିଦେଶ-ଇକ) ବିଦେଶ ଗତ, ଅନ୍ୟଦେଶୀୟ, ଭିନ୍ନଦେଶୀୟ ।

ବୈଦେହ, ବି. ପୁଂ. ( ବିଦେହ-ଅ ) ମିଥିଳାର ରାଜା, ବଣିକ୍, ସଙ୍କରଜାତିବିଶେଷ ।

ବୈଦେହୀ, ବି. ସ୍ତ୍ରୀ. (ବିଦେହ-ଅ ସ୍ତ୍ରୀଲିଙ୍ଗେ ଈ) ଜନକନନ୍ଦିନୀ, ଜାନକୀ, ସୀତା, ବଣିକ୍‌ପତ୍ନୀ, ଗୋରୋଚନା, ପିପ୍ପଳୀ, ହରିଦ୍ରା ।

ବୈଦ୍ୟ, ବି. ପୁଂ. (ବେଦ-ଯ) ଆୟୁର୍ବେଦବେତ୍ତା, ଭିଷକ୍, ଚିକିତ୍ସକ, ବିଦ୍ୱାନ୍ । ବିଂ. ବେଦ-ସମ୍ବନ୍ଧୀୟ ।

ବୈଦ୍ୟକ, ବି. ନ. (ବୈଦ୍ୟ-କ) ଆୟୁର୍ବେଦ, ଚିକିତ୍ସାଶାସ୍ତ୍ର ।

ବୈଦ୍ୟନାଥ, ବି. ପୁଂ. (ବୈଦ୍ୟ-ନାଥ) ଶିବ, ମହାଦେବ, ଦେଶବିଶେଷ, ଭୈରବବିଶେଷ ।

ବୈଦ୍ୟୁତ, ବିଂ. (ବିଦ୍ୟୁତ୍-ଅ) ବିଦ୍ୟୁତ୍‌ସମ୍ବନ୍ଧୀୟ, ତଡ଼ିଜ୍ଜନ୍ୟ ।

ବୈଧ, ବିଂ. (ବିଧି-ଅ) ବିଧିସିଦ୍ଧ, ବିଧିବୋଧିତ ।

ବୈଧବ୍ୟ, ବି. ନ. (ବିଧବା-ଯ) ପତିହୀନତା, ବିଧବାତ୍ୱ, ରାଣ୍ଡ ଅବସ୍ଥା ।

ବୈଧର୍ମ୍ୟ, ବି. ନ. ( ବିଧର୍ମ-ଯ ) ନାସ୍ତିକତା, ଭିନ୍ନ ଧର୍ମବେତ୍ତା ।

ବୈଧାତ୍ର, ବି. ପୁଂ. ( ବିଧାତୃ-ଅ ) ବିଧାତାଙ୍କ ପୁତ୍ର, ସନତ୍କୁମାର ପ୍ରଭୃତି । ବିଂ. ବିଧାତୃ-ସମ୍ବନ୍ଧୀୟ ।

ବୈଧୃତି, ବି. ପୁଂ. ( ବି-ଧୃତି, ନିପାତନ ) ବିଷ୍କମ୍ଭାଦି ଯୋଗର ଅନ୍ତର୍ଗତ ଯୋଗବିଶେଷ, ବୃଦ୍ଧିବିଶେଷ ।

ବୈଧେୟ, ବିଂ. (ବିଧେୟ-ଅ) ମୂର୍ଖ, ଅଜ୍ଞାନ । (ବିଧି-ଏୟ) ବିଧିସମ୍ବନ୍ଧୀୟ, ବିଧେୟସମ୍ବନ୍ଧୀୟ ।

ବୈନତେୟ, ବି. ପୁଂ (ବିନତା-ଏୟ) ବିନତାର ପୁତ୍ର, ଗରୁଡ଼, ଖଗେଶ୍ୱର, ଅରୁଣ ।

ବୈନାୟକ, ବିଂ. ( ବିନାୟକ=ଗଣେଶ-ଅ ) ବିନାୟକସମ୍ବନ୍ଧୀୟ ।

ବୈପରୀତ୍ୟ, ବି. ନ. (ବିପରୀତ-ଯ) ବିପର୍ଯ୍ୟୟ, ଓଲଟା ।

ବୈଭବ, ବି. ପୁଂ. (ବିଭବ-ଅ) ବିଭୂତି, ସାମର୍ଥ୍ୟ, ସମ୍ପତ୍ତି, ଐଶ୍ୱର୍ଯ୍ୟ, ମହିମା, ବାହୁଲ୍ୟ ।

ବୈଭ୍ରାଜ, ବି ନ. (ବିଭ୍ରାଜ-ଅ) କୁବେରଙ୍କ ବହିରୁଦ୍ୟାନ ।

ବୈମାତ୍ର } ବି. ପୁଂ. ( ବିମାତୃ-ଅ, ଏୟ )
ବୈମାତ୍ରେୟ } ବିମାତାର ପୁତ୍ର । ଈ, ଯ୍ୟା, ସ୍ତ୍ରୀ. ବିମାତାର କନ୍ୟା ।

ବୈମାନିକ, ବିଂ. ( ବିମାନ-ଇକ ) ବିମାନଗ୍ରସ୍ଥ, ଖେଚର ।

ବୈମୁଖ୍ୟ, ବି. ନ. ( ବିମୁଖ-ଯ ) ବିମୁଖତା, ପରାଙ୍ମୁଖତା, ଅପ୍ରସନ୍ନତା, ଅନନୁକୂଳତା, ପଳାୟନ ।

ବୈୟାକରଣ, ବିଂ. (ବ୍ୟାକରଣ-ଅ) ବ୍ୟାକରଣ-ବେତ୍ତା, ବ୍ୟାକରଣ ଅଧ୍ୟେତା, ବ୍ୟାକରଣ-ସମ୍ବନ୍ଧୀୟ ।

ବୈୟାସକି, ବି. ପୁଂ. (ବ୍ୟାସ-ଇ, ଅପତ୍ୟାର୍ଥେ) ବ୍ୟାସଦେବଙ୍କ ଅପତ୍ୟ, ଶୁକଦେବ ।

ବୈର, ବି. ନ. (ବୀର-ଅ) ବିରୋଧ, ଦ୍ୱେଷ, ଶତ୍ରୁତା, ଶୌର୍ଯ୍ୟ ।

ବୈରଖ, ବି. (ଦେଶଜ) ପତାକାବିଶେଷ ।

ବୈରକ୍ତ୍ୟ. ବି. ନ. ( ବିରକ୍ତ-ଯ ) ବିରାଗ, ବୈରାଗ୍ୟ, ଘୃଣା ।

ବୈରନିର୍ଯାତନ, ବି. ନ. ( ବୈର-ନିର୍ଯାତନ ) ପ୍ରତିଫଳ, ଶତ୍ରୁତାର ପ୍ରତିକ୍ରିୟା, ଅପକାରର ପ୍ରତ୍ୟପକାର କରିବା ।

ବୈରଶୁଦ୍ଧି, ବି. ସ୍ତ୍ରୀ. (ବୈର-ଶୁଦ୍ଧି) ପ୍ରତୀକାର, ଶତ୍ରୁତାର ପ୍ରତିକ୍ରିୟା ।

ବୈରାଗୀ, ବି. ପୁଂ. (ବିରାଗ-ଇନ୍) ବିବେକୀ, ସଂସାରବାସନାଶୂନ୍ୟ, ବୈଷ୍ଣବ ।

ବୈରାଗ୍ୟ, ବି. ନ. (ବିରାଗ-ଯ) ବିବେକ, ଅନନୁରାଗ, ବିରାଗ, ବୈଷ୍ଣବଧର୍ମ, ସଂସାରରେ ଔଦାସ୍ୟ ।

ବୈରାଟ, ବି. ପୁଂ. (ବିରାଟ-ଅ) ଇନ୍ଦ୍ରଗୋପ କୀଟ । ବିଂ. ବିରାଟସମ୍ବନ୍ଧୀୟ ।

ବୈରତା, ବି. ସ୍ତ୍ରୀ. (ବୈରିନ୍-ତା) ଶତ୍ରୁତା, ବିପକ୍ଷତା ।

ବୈରୀ } ବିଂ. (ବୈର, ବିଦ୍ୱେଷ-ଇନ୍)
ବିଦ୍ୱେଷୀ } ବୈରଯୁକ୍ତ, ଶତ୍ରୁ ।

ବୈରୂପ୍ୟ, ବି. ନ. (ବିରୂପ-ଯ) ବିରୂପତା, କଦର୍ଯ୍ୟତା, ବିକୃତି, ଅଯଥାଭାବ ।

ବୈରୋଚନ } ବି. ପୁଂ. (ବିରୋଚନ-ଅ, ଇ)
ବୈରୋଚନି } ବଳିରାଜା, ବୁଦ୍ଧ, ସୌରି, ସୂର୍ଯ୍ୟପୁତ୍ର, ଅଗ୍ନିପୁତ୍ର ।

ବୈରୋଦ୍ଧାର, ବି. ପୁଂ. (ବୈର-ଉଦ୍ଧାର) ବୈରନିର୍ଯ୍ୟାତନ, ବୈରଶୁଦ୍ଧି ।

ବୈଲକ୍ଷଣ୍ୟ, ବି. ନ. (ବିଲକ୍ଷଣ-ଯ) ପ୍ରଭେଦ, ବିଶେଷ, ବିଭିନ୍ନତା, ଅନ୍ୟପ୍ରକାର ।

ବୈଲକ୍ଷ୍ୟ, ବି. ନ. (ବିଲକ୍ଷ-ଯ) ଲଜ୍ଜା, ବିସ୍ମୟ, ସ୍ୱଭାବର ବୈଲକ୍ଷଣ୍ୟ ।

ବୈବର୍ଣ୍ଣ୍ୟ ବି. ନ. (ବିବର୍ଣ୍ଣ-ଯ) ବିବର୍ଣ୍ଣତା, ମାଳିନ୍ୟ, କାଳିମା, ଲାବଣ୍ୟହୀନତା ।

ବୈବସ୍ୱତ, ବି. ପୁଂ. (ବିବସ୍ୱତ୍-ଅ) ବିବସ୍ୱାନଙ୍କ ପୁତ୍ର, ସପ୍ତମ ମନୁ, ଯମ, ଶନି, ରୁଦ୍ରବିଶେଷ । ତୀ, ସ୍ତ୍ରୀ. ଦକ୍ଷିଣଦିଗ୍ ।

ବୈବାହିକ, ବିଂ. (ବିବାହ-ଇକ) ବିବାହ-ସମ୍ବନ୍ଧୀୟ, ବିବାହର ଯୋଗ୍ୟ । ବି. ପୁଂ. ପୁତ୍ର ବା କନ୍ୟାର ଶ୍ୱଶୁର ।

ବୈଶମ୍ପାୟନ, ବି ପୁଂ. ଭାରତବକ୍ତା ବ୍ୟାସଶିଷ୍ୟ ମୁନିବିଶେଷ ।

ବୈଶାଖ, ବି. ପୁଂ. (ବୈଶାଖୀ = ବିଶାଖା ନକ୍ଷତ୍ର-ଯୁକ୍ତା ପୌର୍ଣ୍ଣମାସୀ-ଅ) ପ୍ରଥମ ମାସ, ମନ୍ଥନ-ଦଣ୍ଡ ।

ବୈଶିଷ୍ଟ୍ୟ, ବି. ନ. (ବିଶିଷ୍ଟ-ଯ) ବିଶିଷ୍ଟତ୍ୱ, ବୈଲକ୍ଷଣ୍ୟ, ପ୍ରଭେଦ ।

ବୈଶେଷିକ, ବି. ନ. (ବିଶେଷ-ଇକ) କଣାଦ ମୁନିପ୍ରଣୀତ ଦର୍ଶନଶାସ୍ତ୍ର । ବିଂ. ତଚ୍ଛାସ୍ତ୍ରଜ୍ଞ ।

ବୈଶ୍ୟ, ବି. ପୁଂ. (ବିଶ୍-ଯ) ତୃତୀୟବର୍ଣ୍ଣ, କୃଷକ, ବଣିକ୍ ପ୍ରଭୃତି ।

ବୈଶ୍ରବଣ, ବି. ପୁଂ. (ବିଶ୍ରବସ୍-ଅନ, ଅପତ୍ୟାର୍ଥରେ) ବିଶ୍ରବାଙ୍କ ପୁତ୍ର, କୁବେର, ରାବଣ ।

ବୈଶ୍ୱଦେବ, ବିଂ. (ବିଶ୍ୱଦେବ-ଅ) ବିଶ୍ୱଦେବ-ସମ୍ବନ୍ଧୀୟ, ବିଶ୍ୱଦେବ ଉଦ୍ଦେଶ୍ୟରେ ଦତ୍ତ ।

ବୈଶ୍ୱାନର, ବି. ପୁଂ. (ବିଶ୍ୱାନର = ମୁନିବିଶେଷ ଜନ୍ମା ([ବିଶ୍ୱ = ସମୂହ-ନର = ମନୁଷ୍ୟ] ଅ) ଅଗ୍ନି, ବେଦାଂଶବିଶେଷ, ଅଗ୍ନିଲୋକାଧିପ ବହ୍ନି ।

ବୈଷମ୍ୟ, ବି. ନ. (ବିଷମ-ଯ) ବିରୁଦ୍ଧଭାବ, ସାମ୍ୟାଭାବ, ବିଷମତ୍ୱ, ଅସମତା, ବିସ-ଦୃଶତା ।

ବୈଷୟିକ, ବିଂ. (ବିଷୟ-ଇକ) ବିଷୟସମ୍ବନ୍ଧୀୟ ।

ବୈଷ୍ଣବ, ବିଂ. (ବିଷ୍ଣୁ-ଅ) ବିଷ୍ଣୁସମ୍ବନ୍ଧୀୟ, ବିଷ୍ଣୁ-ଭକ୍ତ, ବିଷ୍ଣୁଙ୍କର ଉପାସକ । ନ. ହୋମ-ଭସ୍ମ । ବୀ. ସ୍ତ୍ରୀ. ବିଷ୍ଣୁଶକ୍ତି, ତୁଳସୀ, ଗଙ୍ଗା, ଅପରାଜିତା, ଶତାବରୀ ।

ବୈସାଦୃଶ୍ୟ, ବି ନ. (ବିସଦୃଶ-ଯ) ବିସଦୃଶତା, ବୈଷମ୍ୟ ।

ବୈହାର୍ଯ୍ୟ, ବି. ପୁଂ. (ବିହାର-ଯ) ପରିହାସ-ଯୋଗ୍ୟ ବ୍ୟକ୍ତି, ଶ୍ୟାଳକାଦି ।

ବୋଇତ, ବି. (ବହିତ୍ର ଶବ୍ଦଜ) ଜାହାଜ, ପୋତ, ଜଳଯାନ । ଯଥା—

ବୋଇତ ଲାଗିଲା ଯାଇଁ ସିଂହଳ କୂଳରେ ।

ବୋଉ, (ଦେଶଜ ଓଡ଼ିଶା ପ୍ରଦେଶର ଅଧିକାଂଶ ସ୍ଥାନରେ ସ୍ୱୀୟ ଜନନୀଙ୍କୁ ମା ବୋଲି ସମ୍ବୋଧନ

ନ କର ବୋଝ କାମରେ ଅଙ୍ଗୀକାର କରନ୍ତୁ ।
ମାତା, ଜନନୀ ।

ବୋକ, ବି. (ଦେଶଜ) ଚୁକ, ଚୁମ୍ବନ, ଚୁମ୍ବ ।

ବୋକା, ବିଂ. (ଦେଶଜ) ନିର୍ବୁଦ୍ଧି, ମୂଢ଼, ପାଷଣ୍ଡ ।

ବୋଝ, ବି. (ଦେଶଜ) ମୁଣ୍ଡରେ ବହିବା ଗୁରୁ-ପଦାର୍ଥ । ଯଥା—

ଅତି ବଳବନ୍ତ ଯେବଣ ଲୋକ,
ବୋଝ ଭର ବହି ଲୋଡ଼ୁ ତା ବେଗ ।

ବୋଝିଆ, ବିଂ. (ଦେଶଜ) ଯେ ବୋଝ ବହନ କରେ ।

ବୋଡ଼ା, ବି. (ବୋଡ଼ ଶବ୍ଦଜ) ସର୍ପବିଶେଷ ।

ବୋତଲ, ବି. (ଦେଶଜ) ସୁନାମଖ୍ୟାତ କାଚ-ପାତ୍ରବିଶେଷ ।

ବୋଦ, ବି. (ଦେଶଜ) କରଡ଼ା, ଶସ୍ୟର ଚୋପା ।

ବୋଦା, ବି. (ଦେଶଜ) ବଳି, ଦେବତାଙ୍କ ପୂଜାଦ୍ରବ୍ୟବିଶେଷ, ବଳିଯୋଗ୍ୟ । ପୁଂ. ଛାଗ ଓ ମେଷ ।

ବୋବାଳି, (ଦେଶଜ) ଡାକ, ରଡ଼ି, କାତରରେ ଉଚ୍ଚସ୍ୱର ।

ବୋରଝାଞ୍ଜି, ବି. (ଦେଶଜ) ଜଳଜାତ କ୍ଷୁଦ୍ର ଦଳବିଶେଷ ।

ବୋଷ, (ଦେଶଜ) ଅଶ୍ୱର ବଡ଼ ଥଳି । (ହିନ୍ଦୀ) ମଦ ।

ବୋଲ, (ଦେଶଜ) କଥା, ବାକ୍ୟ, ବଚନ ।

ବୋଳ, ବି. (ଦେଶଜ) ଲେପ, ତାମ୍ବୁଳ, ରସ । ଯଥା—

ଓଷ୍ଠ କି ରଙ୍ଗେ ଦିଶଇ ସୁନ୍ଦର,
ବୋହି ପଡ଼ୁଥାଇ ତାମ୍ବୁଳ ବୋଳ ।

ବୋଲବୋଲି, (ଦେଶଜ) ଲୁହାକୋହି, ଗାଳି ଦିଆଦେଇ ।

ବୋଲି, ବି. (ହିନ୍ଦୀ) ଭାଷା ।

ବୋଳିବା, କ୍ରି. (ଦେଶଜ) ଲେପିବା, ଲଗାଇବା ।

ବୋବାଇବା, କ୍ରି (ଦେଶଜ) ଡାକପକାଇବା ।

ବୋବାଳ. ବି. (ଦେଶଜ) କ୍ରନ୍ଦନ ।

ବୋହୂ, (ବଧୂ ଶବ୍ଦଜ) ବହୁ, ବଧୂ, ପୁତ୍ରବଧୂ ।

ବୌଷଟ୍, ଅଂ. (ବହ୍-ଔଷଟ୍) ଘୃତାଦି ନିବେଦନର ମନ୍ତ୍ର ।

ବ୍ୟଂସକ, ବି. ପୁଂ. (ବି-ଅନ୍‌ସ୍-ଅକ) ଧୂର୍ତ୍ତ, ପ୍ରତାରକ ।

ବ୍ୟକ୍ତ, ବିଂ. (ବି-ଅନ୍‌ଜ-ତ) ବିକସିତ, ସ୍ପଷ୍ଟ, ପ୍ରକଟ, ସ୍ଫୁଟ, ସ୍ଥୂଳ, କାର୍ଯ୍ୟ, ଦୃଷ୍ଟ, ଅନୁଦିତ, ପ୍ରକାଶିତ, ବ୍ୟକ୍ତିବିଶେଷ, ମନୁଷ୍ୟ, ପ୍ରାଜ୍ଞ । ବି. ପୁଂ. ବିଷ୍ଣୁ ।

ବ୍ୟକ୍ତି, ବି. ସ୍ତ୍ରୀ. (ବି-ଅନ୍‌ଜ-ତି) ଲୋକ, ଜନ, ଜୀବ, ଶରୀରୀ, ଦ୍ରବ୍ୟ, ବସ୍ତୁ, ପଦାର୍ଥ, ପ୍ରକାଶ ।

ବ୍ୟକ୍ତୀକୃତ, ବିଂ. (ବ୍ୟକ୍ତ-କୃତ-ଚ୍ୱି ଈ ଆଗମ) ପ୍ରକାଶିତ, ପ୍ରକଟିତ, ଉଦ୍‌ଘାଟିତ ।

ବ୍ୟଗ୍ର, ବିଂ. (ବି-ଅଗ୍ର) ବ୍ୟାକୁଳ, ବ୍ୟସ୍ତ, ତ୍ରସ୍ତ, ଚକିତ, ଭୀତ, ଉଦ୍ଧତ, ଉତ୍ସାହିତ, ଆଗ୍ରହୀ, ଆସକ୍ତ, । ବି.ପୁଂ. ବିଷ୍ଣୁ ।

ବ୍ୟଙ୍ଗ, ବିଂ. (ବି-ଅଙ୍ଗ) ଅଙ୍ଗହୀନ, ବିକଳାଙ୍ଗ । ବି. ପୁଂ. ବେଙ୍ଗ, ମୁଖରୋଗବିଶେଷ ।

ବ୍ୟଙ୍ଗ୍ୟ, ବି. ପୁଂ. (ବି-ଅନ୍‌ଜ ଯ) ବ୍ୟଞ୍ଜନାବୃତ୍ତି-ବୋଧ୍ୟ, ଅର୍ଥ, ତାତ୍ପର୍ଯ୍ୟାର୍ଥ, ନିଗୂଢ଼ଭାବ, ପ୍ରକାଶ୍ୟ ।

ବ୍ୟଙ୍ଗୋକ୍ତି, ବି. ସ୍ତ୍ରୀ. (ବ୍ୟଙ୍ଗ୍ୟ-ଉକ୍ତି) ବକ୍ରୋକ୍ତି, ଶ୍ଳେଷବାକ୍ୟ ।

ବ୍ୟଜ, ପୁଂ. } ବ୍ୟଜନ, ନ. } ବି. (ବି ଅଜ=କ୍ଷେପଣ କରିବା, ଗମନ କରିବା-ଅ, ଅନ) ବାୟୁସଞ୍ଚାଳନ । ସ୍ତ୍ରୀ. ସ୍ତ୍ରୀ. ତାଳବୃନ୍ତ, ପଙ୍ଖା ।

ବ୍ୟଞ୍ଜକ, ବିଂ. (ବି-ଅନ୍‌ଜ୍-ଅକ) ପ୍ରକାଶ । ବି. ପୁଂ. ଅଭିନୟ, ବ୍ୟଞ୍ଜନାଦ୍ୱାରା ବୋଧକ ଶବ୍ଦ ।

ବ୍ୟଞ୍ଜନ, ବି. କ୍ଲୀ. (ବି-ଅଞ୍ଜ୍-ଅନ) ତରକାରି,କ ଖ ଇତ୍ୟାଦି ହଲବର୍ଣ୍ଣ, ଚିହ୍ନ, ତରକାରି, ଶ୍ମଶ୍ରୁ ପ୍ରଭୃତି ଚିହ୍ନ । ସ୍ତ୍ରୀ. ପୁଂ. ଚିହ୍ନ ।

ବ୍ୟଞ୍ଜନା, ବି. ସ୍ତ୍ରୀ. (ବି-ଅଞ୍ଜ୍-ଅନ୍-ଆ) କାବ୍ୟର ବ୍ୟଙ୍ଗ୍ୟାର୍ଥବୋଧକ ଶକ୍ତି, ଯେ ଶକ୍ତିଦ୍ୱାରା ତାତ୍ପର୍ଯ୍ୟାର୍ଥର ବୋଧ ହୁଏ ।

ବ୍ୟଞ୍ଜିତ, ବିଂ. ( ବି-ଅଞ୍ଜ୍-ତ ) ପ୍ରକଟିତ, ବ୍ୟକ୍ତୀକୃତ, ପ୍ରକାଶିତ, ବ୍ୟଞ୍ଜନାବୋଧିତ ।

ବ୍ୟତିକ୍ରମ, ବି.ପୁଂ. (ବି-ଅତି-କ୍ରମ) କ୍ରମବିପର୍ଯ୍ୟୟ, ବୈପରୀତ୍ୟ, ଉଲ୍ଲଙ୍ଘନ, ବିପରୀତକରଣ ।

ବ୍ୟତିକ୍ରାନ୍ତ, ବିଂ. (ବି-ଅତି-କ୍ରମ୍-ତ) ବିପର୍ଯ୍ୟୟପ୍ରାପ୍ତ, କ୍ରମବହିର୍ଭୂତ ।

ବ୍ୟତିରିକ୍ତ, ବିଂ. ( ବି-ଅତି-ରିଚ୍-ତ ) ଭିନ୍ନ, ଅତିରିକ୍ତ, ବର୍ଜିତ, ପୃଥକ୍‌କୃତ ।

ବ୍ୟତିରେକ, ବି. ପୁଂ (ବି-ଅତି ରିଚ୍-ଅ) ପ୍ରଭେଦ, ଭିନ୍ନତା, ବିନା, ଅଭାବ, ବୃଦ୍ଧି, ଅତିକ୍ରମ, କାବ୍ୟର ଅଲଙ୍କାରବିଶେଷ, ଉପମାନ ଅପେକ୍ଷା ଉପମେୟର ଆଧିକ୍ୟ ବା ନ୍ୟୂନତା ହେଲେ ବ୍ୟତିରେକ ଅଲଙ୍କାର ହୁଏ ।

ବ୍ୟତିବ୍ୟସ୍ତ, ବିଂ.(ବି-ଅତି-ବି-ଅସ୍-ତ) ବ୍ୟାକୁଳ, ବ୍ୟସ୍ତସମସ୍ତ ।

ବ୍ୟତିହାର } ବି. ପୁଂ, (ବି-ଅତି-ହୃ-ଅ)
ବ୍ୟତୀହାର } ପରସ୍ପର ଏକରୂପ କ୍ରିୟାକରଣ, ପର୍ଯ୍ୟାୟକରଣ, ପରିବର୍ତ୍ତନ, ବିନିମୟ, ବଦଳ, ମରାମରି ।

ବ୍ୟତୀତ, ବିଂ. (ବି-ଅତୀତ) ଅତିକ୍ରାନ୍ତ, ବିଗତ, ଲୁପ୍ତ, ସମ୍ପନ୍ନ, ମୃତ ।

ବ୍ୟତୀପାତ, ବି. ପୁଂ. ( ବି-ଅତି-ପତ୍-ଅ ) ଅମଙ୍ଗଳଜନକ ଉତ୍ପାତ, ଧୂମକେତୁ ଭୂମିକମ୍ପ ପ୍ରଭୃତି, ଅସମ୍ମାନ, ଅଶ୍ରଦ୍ଧା, ସପ୍ତଦଶ ଯୋଗ ।

ବ୍ୟତ୍ୟୟ, ବି. ପୁଂ. (ବି-ଅତି-ଇ-ଅ) ବ୍ୟତିକ୍ରମ, ବିପର୍ଯ୍ୟୟ, ବୈପରୀତ୍ୟ ।

ବ୍ୟତ୍ୟସ୍ତ, ବିଂ, (ବି-ଅତି-ଅସ୍-ତ) ବିପରୀତ ଭାବରେ ଅବସ୍ଥିତ, ବିପର୍ଯ୍ୟୟପ୍ରାପ୍ତ ।

ବ୍ୟଥା, ବି. ସ୍ତ୍ରୀ. (ବ୍ୟଥ୍-ଆ) ପୀଡ଼ା, ଦୁଃଖ, କ୍ଳେଶ, ବେଦନା, ଶୋକ, ଭୟ ।

ବ୍ୟଥିତ, ବିଂ. (ବ୍ୟଥ୍-ତ) ଶୋକପ୍ରାପ୍ତ, ଦୁଃଖିତ, ପୀଡ଼ିତ, ଭୀତ ।

ବ୍ୟଧ, ବି. ପୁଂ. (ବ୍ୟଧ୍-ଅ) ବିଦ୍ଧକରଣ, ଭେଦନ, ବ୍ୟଥା, ପ୍ରହାର ।

ବ୍ୟଧ୍ୟ, ବି. ପୁଂ. (ବ୍ୟଧ୍-ଯ) ଧନୁର୍ଗୁଣ । ବିଂ. ବିଦ୍ଧ କରିବାର ଯୋଗ୍ୟ ।

ବ୍ୟଧ୍ୱ, ବି. ପୁଂ. (ବି-ଅଧ୍ୱନ୍) କୁପଥ, କୁତ୍ସିତ ବର୍ତ୍ମ ।

ବ୍ୟପଦିଷ୍ଟ. ବିଂ. (ବି-ଅପ ଦିଶ୍-ତ) କଥିତ ।

ବ୍ୟପଦେଶ, ବି. ପୁଂ. (ବି-ଅପ-ଦେଶ) ଛଳ, ବ୍ୟାଜ, ନାମ ।

ବ୍ୟପଦେଷ୍ଟା, ବିଂ. (ବି-ଅପ-ଦିଶ୍-ତୃ) କପଟୀ, ଛଳକାରକ, ନାମୋଲ୍ଲେଖକାରୀ ।

ବ୍ୟପନୟନ, ବି. କ୍ଲୀ. ( ବି-ଅପ ନୀ-ଅନ ) ପ୍ରତ୍ୟାଖ୍ୟାନ, ତ୍ୟାଗ ।

ବ୍ୟପନୀତ, ବିଂ. (ବି-ଅପ-ନୀ-ତ) ଅପସାରିତ, ଦୂରୀକୃତ, ତାଡ଼ିତ ।

ବ୍ୟପବର୍ଜନ, ବି. କ୍ଲୀ. (ବି-ଅପ-ବୃଜ୍-ଅନ) ତ୍ୟାଗ, ଦାନ, ନିବାରଣ ।

ବ୍ୟପବର୍ଜିତ, ବିଂ. (ବି-ଅପ ବୃଜ୍-ତ) ପରିତ୍ୟକ୍ତ, ବର୍ଜିତ, ଦତ୍ତ, ନିରାକୃତ, ନିଷିଦ୍ଧ ।

ବ୍ୟପାୟ, ବି. ପୁଂ. (ବି-ଅପ-ଇ-ଅ) ଅପନୟନ, ବିନାଶ, ସମାପ୍ତି, ସମ୍ପର୍କାଭାବ ଧର୍ମ ।

ବ୍ୟଭିଚାର, ବି. ପୁଂ. ( ବି-ଅଭି-ଚର୍-ଅ ) କୁକ୍ରିୟା, କଦାଚାର, ଅନ୍ୟଥାଚରଣ, ଅତିବ୍ୟାପ୍ତି, ସ୍ଖଳନ, ଅବ୍ୟାପ୍ତି, ସ୍ତ୍ରୀର ପରପୁରୁଷ ସଂସର୍ଗ ଓ ପୁରୁଷର ପରସ୍ତ୍ରୀ ସଂସର୍ଗ ।

ବ୍ୟଭିଚାରୀ, ବିଂ. (ବ୍ୟଭିଚାର-ଇନ୍) କୁକ୍ରିୟାସକ୍ତ, ଅନ୍ୟଥାଚାରୀ, ଅବ୍ୟାପ୍ତ, ଅତିବ୍ୟାପ୍ତ । ସ୍ତ୍ରୀ

ପୁଂ. ସଞ୍ଚାରୀଭାବ, ୩୪ ପ୍ରକାର ଶୃଙ୍ଗାର ଆଦି ଭାବ ।

ବ୍ୟଭିଚାରିଣୀ, ବି. ସ୍ତ୍ରୀ. (ବି-ଅଭି-ଚର-ଇନ୍-ଈ) ପରପୁରୁଷଗାମିନୀ, ଅସତୀ, ଭ୍ରଷ୍ଟା, ନଷ୍ଟା ।

ବ୍ୟୟ, ବି. ପୁଂ. (ବ୍ୟୟ୍-ଅ) ଅପଗମ, ଅପଚୟ, ଖରଚ, କ୍ଷୟ, ନାଶ, ଅଭାବ । ନ. ଲଗ୍ନଠାରୁ ଦ୍ୱାଦଶ ସ୍ଥାନ

ବ୍ୟୟକାତର } ବି°. କୃପଣ ଅଦାତା,
ବ୍ୟୟକୁଣ୍ଠ } ବ୍ୟୟକୁଣ୍ଠ ।

ବ୍ୟୟସାଧ୍ୟ, ବି°. ଅଧିକ ବ୍ୟୟସାପେକ୍ଷ, ପ୍ରଚୁର ବ୍ୟୟରେ କଷ୍ଟସାଧ୍ୟ ।

ବ୍ୟୟାର୍ହ, ବି°. (ବ୍ୟୟ-ଅର୍ହ) ବ୍ୟୟଯୋଗ୍ୟ, ଖରଚର ଉପଯୁକ୍ତ ।

ବ୍ୟୟିତ, ବି°. (ବ୍ୟୟ-ତ) ଯାହା ବ୍ୟୟ କରା ହୋଇଅଛି, ଅପଚିତ, ବିଗତ, ବିନଷ୍ଟ, କ୍ଷୟିତ ।

ବ୍ୟୟୀ, ବି°. (ବ୍ୟୟ-ଇନ୍) ବ୍ୟୟଶୀଳ, ଯେ ବ୍ୟୟ କରେ ।

ବ୍ୟର୍ଥ, ବି°. ( ବି-ଅର୍ଥ ) ନିରର୍ଥକ, ବୃଥା, ବିଫଳ, ନିଷ୍ପ୍ରୟୋଜନ, ଅର୍ଥଶୂନ୍ୟ, ଲାଭଶୂନ୍ୟ ।

ବ୍ୟର୍ଥତା, ବି. ସ୍ତ୍ରୀ (ବ୍ୟର୍ଥ-ତା) ନିରର୍ଥକତା, ନିଷ୍ଫଳତା ।

ବ୍ୟଳୀକ, ବି. ନ. (ବି-ଅଲ୍-ଈକ) ପୀଡ଼ା, ମନୋଦୁଃଖ, ଲଜ୍ଜା, ଅପରାଧ, ପ୍ରତାରଣା । ପୁଂ. ଲମ୍ପଟ । ବି°. ଅପ୍ରିୟ, ଅନୃତ, ମିଥ୍ୟା, କଷ୍ଟଦାୟକ ।

ବ୍ୟବକଳନ, ବି ନ. (ବି-ଅବ-କଲ୍-ଅନ ) ବିଯୋଗ, ଅନ୍ତରକରଣ ।

ବ୍ୟବକଳିତ, ବି°. ( ବି-ଅବ-କଲ୍-ତ ) ବିଯୋଜିତ, ଅନ୍ତରିତ, ବାଦ । ବି. ନ, ଋଣାଙ୍କିତ, ବାକି ।

ବ୍ୟବଚ୍ଛିନ୍ନ, ବି°. (ବି-ଅବ ଛିଦ୍-ତ ) ବିଭକ୍ତ, ବିଭକ୍ତ, ବିଶେଷିତ, ମୋଚିତ ନିର୍ଦ୍ଧାରିତ ।

ବ୍ୟବଚ୍ଛେଦ, ବି. ପୁଂ. ( ବି ଅବ-ଛିଦ୍-ଅ ) ବିଚ୍ଛେଦ, ବିଭାଗ, ଖଣ୍ଡ, ମୋଚନ, ନିର୍ଦ୍ଧାରଣ, ବାଣମୋଚନ, ଶରବର୍ଷଣ ।

ବ୍ୟବଧା, ସ୍ତ୍ରୀ. } ବି. ( ବି-ଅବ-ଧା-ଅ,
ବ୍ୟବଧାନ, ନ. } ଅନ ) ଆଚ୍ଛାଦନ, ତିରୋଧାନ, ଅନ୍ତର, ଅନ୍ତରାଳ ।

ବ୍ୟବଧାୟକ, ବି°. (ବି-ଅବ-ଧା-ଅକ) ବ୍ୟବଧାନ କର୍ତ୍ତା, ତିରୋଧାୟକ, ଆଚ୍ଛାଦନକାରକ ।

ବ୍ୟବସାୟ, ବି. ପୁଂ. (ବି-ଅବ-ସୋ-ଅ) ବୃତ୍ତି, ବ୍ୟାପାର, ବାଣିଜ୍ୟ, ପେଶା, ଜୀବିକା, ଉଦ୍ୟମ, ଉଦ୍ଯୋଗ, ଯତ୍ନ, କଳ୍ପନା, ଇଚ୍ଛା, କାର୍ଯ୍ୟ, ନିଶ୍ଚୟ, ଅନୁଷ୍ଠାନ, ଅଭିପ୍ରାୟ ।

ବ୍ୟବସାୟସ୍ଥାନ, ବି. ନ. ବାଣିଜ୍ୟସ୍ଥାନ ।

ବ୍ୟବସାୟୀ, ବି°. (ବ୍ୟବସାୟ-ଇନ୍) ବାଣିଜ୍ୟକାରୀ, ଉଦ୍ୟୋଗୀ, ଅନୁଷ୍ଠାନକାରୀ ।

ବ୍ୟବସିତ, ବି°. (ବି-ଅବ-ସୋ-ତ) ଚେଷ୍ଟିତ, ଅନୁଷ୍ଠିତ, ଉଦ୍ୟତ, ଅଭିପ୍ରେତ, ପ୍ରତାରିତ, ସ୍ୱୀକୃତ, ନିଶ୍ଚିତ । ବି. ନ. ଅବଧାରଣ, ନିଶ୍ଚୟ ।

ବ୍ୟବସ୍ଥା, ବି. ସ୍ତ୍ରୀ. (ବି-ଅବ-ସ୍ଥା-ଅ-ଆ) ନିୟମ, ଶାସ୍ତ୍ରୀୟ ବିଧି, ସ୍ଥିରତା, ପୃଥକ୍ ପୃଥକ୍ ସ୍ଥାପନ ।

ବ୍ୟବସ୍ଥାନ, ବି. ନ. (ବି-ଅବ-ସ୍ଥା-ଅନ) ପୃଥକ୍ ପୃଥକ୍ ସ୍ଥାପନ, ନିୟମ, ଆଇନ, ସ୍ଥିତି, ସ୍ଥିରତା, ଶାସ୍ତ୍ରୀୟ ବିଧି ।

ବ୍ୟବସ୍ଥାନୀୟ, ବି°. ବିଧି ପ୍ରତିପାଦ୍ୟ ।

ବ୍ୟବସ୍ଥାପକ, ବି°. (ବି-ଅବ-ସ୍ଥାପି-ଅକ) ବିଧିଦାୟକ, ନିୟାମକ, ସଂସ୍ଥାପକ ।

ବ୍ୟବସ୍ଥାପଦ୍ଧତି, ବି ସ୍ତ୍ରୀ. ନିୟମପ୍ରଣାଳୀ ।

ବ୍ୟବସ୍ଥାପନ, ବି. ନ. ( ବି-ଅବ-ସ୍ଥାପି-ଅନ ) ବ୍ୟବସ୍ଥା ପ୍ରଣୟନ, ଆଇନକରଣ, ନିର୍ଦ୍ଧାରଣ, ନିରୂପଣ, ନିଶ୍ଚିତକରଣ ।

ବ୍ୟବସ୍ଥାପତ୍ର, ବି. ନ. ବିଧାନଲିପି, ଶାସ୍ତ୍ର ନିରୂପିତ ବିଧି ।

ବ୍ୟବସ୍ଥାପୟିତା, ବିଂ. ବ୍ୟବସ୍ଥାକର୍ତ୍ତା, ବିଧାନ ଦାୟକ ।

ବ୍ୟବସ୍ଥାପିତ, ବିଂ. (ବି-ଅବ-ସ୍ଥାପି-ତ) ସ୍ଥିରୀକୃତ, ନିର୍ଦ୍ଧାରିତ, ନିୟମିତ ନିୟମପୂର୍ବକ ସ୍ଥାପିତ, ପ୍ରକୃତ ପ୍ରାପିତ ।

ବ୍ୟବସ୍ଥାସଂହିତା, ବି. ସ୍ତ୍ରୀ ବ୍ୟବସ୍ଥାଶାସ୍ତ୍ର ।

ବ୍ୟବସ୍ଥିତ, ବିଂ. (ବି-ଅବ-ସ୍ଥା ତ) ସ୍ଥିରୀକୃତ, ନିୟମିତ, ନିଯୁକ୍ତ, ପ୍ରସ୍ତୁତ ।

ବ୍ୟବସ୍ଥେୟ, ବିଂ. ( ବି-ଅବ-ସ୍ଥା-ଯ ) ବିଧାନ-ଯୋଗ୍ୟ, ବ୍ୟବସ୍ଥାପ୍ୟ ।

ବ୍ୟବହର୍ତ୍ତା, ବି. ପୁଂ. (ବି-ଅବ ହୃ-ତୃ) ବ୍ୟବହାରକର୍ତ୍ତା, ବିଚାରକର୍ତ୍ତା ।

ବ୍ୟବହାର, ବି. ପୁଂ. (ବି-ଅବ-ହୃ-ଅ) ଲୌକିକ କର୍ମ, ରୀତି, ଧାରା, ଚଳନ, ଆଚରଣ, ଆଗ୍ରହ, ବ୍ୟବସାୟ, କାର୍ଯ୍ୟ, ପ୍ରଥା, ରୀତି, ବାଣିଜ୍ୟ, ଚୁକ୍ତି, ମୋକଦ୍ଦମା ।

ବ୍ୟବହାରବିଧି, ବି. ପୁଂ. (ବ୍ୟବହାର-ବିଧି) ଧର୍ମ-ଶାସ୍ତ୍ର, ବ୍ୟବସ୍ଥାଶାସ୍ତ୍ର ।

ବ୍ୟବହାର ଶାସ୍ତ୍ର, ବି. ନ. } ବ୍ୟବହାର
ବ୍ୟବହାର ସଂହିତା, ବି. ସ୍ତ୍ରୀ. } ଶାସ୍ତ୍ର, ଆଇନ, Law.

ବ୍ୟବହାରାଜୀବ, ବି. ପୁଂ. ( ବ୍ୟବହାର= ମୋକଦ୍ଦମା-ଆଜୀବ = ଜୀବିକା ) ଯେଉଁମାନେ ବାଦୀ ପ୍ରତିବାଦୀର ପ୍ରତିନିଧିସ୍ୱରୂପ ହୋଇ ମୋକଦ୍ଦମାସଂକ୍ରାନ୍ତ ଯାବତୀୟ କାର୍ଯ୍ୟ ନିର୍ବାହ କରନ୍ତି, ଓକିଲ ପ୍ରଭୃତି ।

ବ୍ୟବହାରିକ, ବିଂ. (ବ୍ୟବହାର-ଇକ) ବ୍ୟବହାର-ସିଦ୍ଧ ।

ବ୍ୟବହାରୀ, ବି. ସ୍ତ୍ରୀ. (ବି-ଅବ-ହୃ-ଇନ୍) ବ୍ୟବହାରକ, ବ୍ୟବହାରକର୍ତ୍ତା ।

ବ୍ୟବହାର୍ଯ୍ୟ, ବିଂ. (ବ୍ୟବହାର-ଯ) ବ୍ୟବହାର-ଯୋଗ୍ୟ, ଅନୁଷ୍ଠେୟ ।

ବ୍ୟବହିତ, ବିଂ. ( ବି-ଅବ-ଧା-ତ ) ଆଚ୍ଛାଦିତ, ଅନ୍ତରିତ, ତିରସ୍କୃତ, ଅନ୍ତର୍ହିତ, ପରସ୍ପର ଅସଂଯୁକ୍ତ ଭାବରେ ଅବସ୍ଥାପିତ, ଅଧିକୃତ, ବିକୃତ ।

ବ୍ୟବହୃତ, ବିଂ. (ବି-ଅବ-ହୃ-ତ) ଆଚରିତ, ଅନୁଷ୍ଠିତ, ବିଚାରିତ, ଉପଭୁକ୍ତ ।

ବ୍ୟସନ, ବି. ନ. ( ବି-ଅସ୍-ଅନ ) ବିପଦ୍, ଦୁର୍ଭାଗ୍ୟ, ଅଦୃଷ୍ଟ, ଦୁରଦୃଷ୍ଟ, ଅଯୋଗ୍ୟତା, ଅକ୍ଷମତା, ବାୟୁ, ବାତ, ପତନ, ବିନାଶ, ଦୁଃଖ, ଅମଙ୍ଗଳ, ପାପ, ଅଶୁଭ, ବୃଥାଚେଷ୍ଟା, କାମ ଓ କୋପଜନିତ ଦୋଷ, ଯଥା— ମୃଗୟା, ଦ୍ୟୂତ, ଦିବାନିଦ୍ରା, ପରନିନ୍ଦା, ବେଶ୍ୟାସକ୍ତି, ନୃତ୍ୟ, ଗୀତ, କ୍ରୀଡ଼ା, ବୃଥାଭ୍ରମଣ, ମଦ୍ୟପାନ ଏହି ୧୦ ପ୍ରକାର କାମଜ ଦୋଷ ଏବଂ ଦୁଷ୍ଟତା, ଦୌରାତ୍ମ୍ୟ, ସାହସ, ଦ୍ୱେଷ, ଈର୍ଷା, ପ୍ରତାରଣା, କଟୂକ୍ତି, ନିଷ୍ଠୁରାଚରଣ ଏହି ଆଠ ପ୍ରକାର କୋପଜ ଦୋଷ ।

ବ୍ୟସନୀ, ବିଂ. (ବ୍ୟସନ-ଇନ୍) ବ୍ୟସନଯୁକ୍ତ, ବିପଦଗ୍ରସ୍ତ, ଆସକ୍ତ, କୁକ୍ରିୟାସକ୍ତ, ବିଳାସୀ ।

ବ୍ୟସ୍ତ, ବିଂ. (ବି-ଅସ୍-ତ) ବ୍ୟାକୁଳ, ବ୍ୟତିବ୍ୟସ୍ତ, ବିଭକ୍ତ, ପୃଥକ୍ ପୃଥକ୍ ଉତ୍କ୍ଷିପ୍ତ, ବିପର୍ଯ୍ୟସ୍ତ, ବିସ୍ତୃତ, ବ୍ୟାପ୍ତ, ବିପରୀତ ।

ବ୍ୟସ୍ତତା, ବି. ସ୍ତ୍ରୀ. (ବ୍ୟସ୍ତ-ତା) ସତ୍ୱରତା, ଶୀଘ୍ରତା, ବ୍ୟାକୁଳତା ।

ବ୍ୟସ୍ତତ୍ରୈରାଶିକ, ବି. ନ. ଅଙ୍କବିଦ୍ୟାବିଶେଷ, ବିଲୋମ ତ୍ରୈରାଶିକ ।

ବ୍ୟାକରଣ, ବି. ନ. ( ବି-ଆ-କୃ-ଅନ ) ଶବ୍ଦ-ବ୍ୟୁତ୍ପାଦକ ଶାସ୍ତ୍ର, ଯାହାଦ୍ୱାରା କର୍ତ୍ତା, କର୍ମ, କ୍ରିୟା, ସମାସାଦି ନିରୂପଣ ହୁଏ, ବ୍ୟାଖ୍ୟାନ, ବିକାଶନ ।

ବ୍ୟାକୁଳ, ବିଂ. (ବି-ଆକୁଳ) ବ୍ୟସ୍ତ, ଉତ୍କଣ୍ଠିତ, କାତର, ଇତିକର୍ତ୍ତବ୍ୟତା ଜ୍ଞାନଶୂନ୍ୟ ।

ବ୍ୟାକୁଳାତ୍ମା, ବିଂ. (ବ୍ୟାକୁଳ-ଆତ୍ମନ୍) ଶୋକାଭିହତ ଚିତ୍ତ, ଉଦ୍ବିଗ୍ନମନାଃ, ଉତ୍କଣ୍ଠିତ ଅନ୍ତଃକରଣ ।

ବ୍ୟାକୂତି, ବି. ସ୍ତ୍ରୀ. (ବି-ଆ-କୂ-ତି) ଛଳ, ବଞ୍ଚନା ।

ବ୍ୟାକୋଷ } ବିଂ. (ବି-ଆ-କୋଷ) ମୁକୁଳିତ,
ବ୍ୟାକୋଶ } ପ୍ରଫୁଲ୍ଲ, ପ୍ରସ୍ଫୁଟିତ, ବିକସିତ ।

ବ୍ୟାକ୍ରୋଶ, ବି. ପୁଂ. (ବି-ଆକ୍ରୋଶ) ତିରସ୍କାର, କଟୂକ୍ତି. ଦୁର୍ବାକ୍ୟ ।

ବ୍ୟାଖ୍ୟା, ବି. ସ୍ତ୍ରୀ. (ବି-ଆ-ଖ୍ୟା-ଅ-ଆ) ବର୍ଣ୍ଣନ, କଥନ, ବ୍ୟାଖ୍ୟାକରଣ, ବିବରଣ, ଟୀକା, ଅର୍ଥପ୍ରକାଶନ ।

ବ୍ୟାଖ୍ୟାତ, ବିଂ. (ବି-ଆ-ଖ୍ୟା-ତ) ବର୍ଣ୍ଣିତ, କଥିତ, ବିବୃତ ।

ବ୍ୟାଖ୍ୟେୟ, ବିଂ. (ବି-ଆ-ଖ୍ୟା-ଯ) ବର୍ଣ୍ଣନୀୟ, ବ୍ୟାଖ୍ୟା କରିବାର ଯୋଗ୍ୟ ।

ବ୍ୟାଘାତ, ବି. ପୁଂ. (ବି-ଆ-ହନ୍-ତ) ବିଘ୍ନ, ଆଘାତ, ପ୍ରହାର, ଯୋଗବିଶେଷ ।

ବ୍ୟାଘାତକ, ବିଂ. (ବି-ଆ-ହନ୍-ଅକ) ବିଘ୍ନକାରୀ, ପ୍ରତିବନ୍ଧକ, ପ୍ରତିରୋଧକ ।

ବ୍ୟାଘାତୀ, ବିଂ. (ବି-ଆ-ହନ୍-ଇନ୍) ବିଘ୍ନକାରକ ।

ବ୍ୟାଘ୍ର, ବି. ପୁଂ. (ବି-ଆ-ଘ୍ରା-ଅ) ବାଘ, ଶାର୍ଦ୍ଦୂଳ, (କୌଣସି ଶବ୍ଦର ପରେ ଥିଲେ) ଶ୍ରେଷ୍ଠ । ଯଥା—ପୁରୁଷବ୍ୟାଘ୍ର ।

ବ୍ୟାଘ୍ରପୁଚ୍ଛ, ବି. ପୁଂ. ଏରଣ୍ଡବୃକ୍ଷ ।

ବ୍ୟାଘ୍ରାଟ, ବି. ପୁଂ. (ବ୍ୟାଘ୍ର-ଅଟ) ଭରଦ୍ୱାଜପକ୍ଷୀ ।

ବ୍ୟାଘ୍ରାସ୍ୟ, ବି. ପୁଂ. (ବ୍ୟାଘ୍ର-ଆସ୍ୟ) ମାର୍ଜାର, ବିରାଡ଼ି । ବି. ନ. ବ୍ୟାଘ୍ରମୁଖ, ଯାହାର ମୁଖ ବ୍ୟାଘ୍ରର ମୁଖ ପରି ।

ବ୍ୟାଘ୍ରୀ, ବି. ସ୍ତ୍ରୀ. (ବ୍ୟାଘ୍ର-ଈ) କଣ୍ଟକାରୀ ବୃକ୍ଷ, ବ୍ୟାଘ୍ରପତ୍ନୀ, ବାଘୁଣୀ ।

ବ୍ୟାଜ, ବି. ପୁଂ. (ବି-ଅଜ୍-ଅ) ଛଳ, କପଟ, ବ୍ୟାଘାତ, ବଧ, କାଳବିଳମ୍ବ, ବାଧା ।

ବ୍ୟାଜୋକ୍ତି, ବି. ସ୍ତ୍ରୀ. (ବ୍ୟାଜ ଉକ୍ତି) ଛଳୋକ୍ତି, କାବ୍ୟାଲଙ୍କାରବିଶେଷ ।

ବ୍ୟାଦାନ, ବି. ନ. (ବି-ଆ-ଦା-ଅନ) ପ୍ରସାରଣ, ବିସ୍ତାର, ଉଦ୍‌ଘାଟନ, ଖୋଲା ।

ବ୍ୟାଧ, ବି. ପୁଂ. (ବ୍ୟଧ-ଅ) ମୃଗବଧ ବ୍ୟବସାୟୀ ଜାତି, ଶବର, ନୀଚଜାତି, ଦୁଷ୍ଟ ।

ବ୍ୟାଧଭୀତ, ବି. ପୁଂ. ହରିଣ । ବିଂ. ବ୍ୟାଧଠାରୁ ଭୟପ୍ରାପ୍ତ ।

ବ୍ୟାଧି, ବି. ପୁଂ. (ବି-ଆ-ଧା-ଇ) ରୋଗ, ପୀଡ଼ା, ଅସ୍ୱାସ୍ଥ୍ୟ, କୁଷ୍ଠରୋଗ, ନାୟକର ଅବସ୍ଥାବିଶେଷ ।

ବ୍ୟାଧିତ, ବିଂ. (ବ୍ୟାଧି-ଇତ) ଆତୁର, ରୋଗୀ, ପୀଡ଼ିତ ।

ବ୍ୟାଧୁତ } ବିଂ. (ବି-ଆ-ଧୁ, ଧୂ-ତ) କମ୍ପିତ,
ବ୍ୟାଧୂତ } ଚଳିତ, ଆନ୍ଦୋଳିତ ।

ବ୍ୟାନ, ବି. ପୁଂ. (ବି-ଅନ୍-ଅ) ସର୍ବଶରୀରବ୍ୟାପୀ ବାୟୁ ।

ବ୍ୟାପକ, ବିଂ. (ବି-ଆପ୍-ଅକ) ବିସ୍ତାରିତ, ବ୍ୟାପ୍ତିଶୀଳ, ଦୀର୍ଘ, ଆଚ୍ଛାଦକ ।

ବ୍ୟାପକତା, ବି. ସ୍ତ୍ରୀ. ପ୍ରାବଲ୍ୟ ।

ବ୍ୟାପାଦ } ବି. ନ. (ବି-ଆ-ପଦ-ଣିଚ-ଅ,
ବ୍ୟାପାଦନ } ଅନ) ମାରଣ, ବିନାଶ, ପରର ଅନିଷ୍ଟଚିନ୍ତା ।

ବ୍ୟାପାର, ବି. ପୁଂ. (ବି-ଆ-ପୃ-ଅ) କ୍ରିୟା, କର୍ମ, ବ୍ୟବସାୟ, ଅଭ୍ୟାସ, ନିୟୋଗ, ଅନୁଶୀଳନ ।

ବ୍ୟାପାରୀ, ବିଂ. (ବ୍ୟାପାର-ଇନ୍) ବ୍ୟବସାୟୀ, କ୍ରିୟାସକ୍ତ, କାର୍ଯ୍ୟାସକ୍ତ ।

ବ୍ୟାପୀ, ବିଂ. (ବି-ଆପ୍-ଇନ୍) ଆଚ୍ଛାଦକ, ବ୍ୟାପକ, ବ୍ୟାପନଶୀଳ ।

ବ୍ୟାପୃତ } ବିଂ. (ବି-ଆ-ପୃ-ତ, ବ୍ୟାପାର-
ବ୍ୟାପାରିତ } ଇତ) କାର୍ଯ୍ୟରେ ନିଯୁକ୍ତ, କାର୍ଯ୍ୟାସକ୍ତ, ନିଯୁକ୍ତ, ନିୟୋଜିତ । ବି. ପୁଂ. ସଚିବ, ମନ୍ତ୍ରୀ, ରାଜକର୍ମଗୃସ୍ଥ ।

**ବ୍ୟାପ୍ତ**, ବିଂ. (ବି-ଆପ୍-ତ) ବିସ୍ତାରିତ, ଆଚ୍ଛନ୍ନ, ଆଚ୍ଛାଦିତ, ବେଷ୍ଟିତ, ପରିପୂରିତ, ବ୍ୟାପ୍ତିଯୁକ୍ତ, ପ୍ରସିଦ୍ଧ ।

**ବ୍ୟାପ୍ତି**, ବି. ସ୍ତ୍ରୀ. (ବି-ଆପ୍-ତି) ସର୍ବତ୍ର ଅବସ୍ଥାନ, ଐଶ୍ୱର୍ଯ୍ୟବିଶେଷ ।

**ବ୍ୟାପ୍ୟ**, ବିଂ. ( ବି-ଆପ୍-ଯ ) ବ୍ୟାପ୍ତିଯୋଗ୍ୟ ବ୍ୟାପନୀୟ, ଯାହାକୁ ବ୍ୟାପ୍ତ କରାଯାଏ, ଅଳ୍ପ ଦେଶବୃତ୍ତି । ବି. ନ. ସାଧନ, ହେତୁ, ଅନୁମେୟ, ସାଧ୍ୟ, କୁଷ୍ଠୌଷଧ ।

**ବ୍ୟାୟାମ**, ବି. ପୁଂ. (ବି ଆ ଯମ୍-ଅ) ଶ୍ରମସାଧନ ବ୍ୟାପାର, ମଲ୍ଲକ୍ରୀଡ଼ା, ଗମନାଦି, କୁସ୍ତି, ଶାରୀରିକ ଶ୍ରମ, ଦୁର୍ଗମସ୍ଥାନ ଭ୍ରମଣ, ପୌରୁଷ ବ୍ୟାପାର, ଧୈର୍ଯ୍ୟ । ( ବିଶେଷଣରେ 'ବ୍ୟାୟତ' ହୁଏ )

**ବ୍ୟାୟାମଶୀଳ**, ବିଂ. ବଳିଷ୍ଠ, ଦୃଢ଼ାଙ୍ଗ ।

**ବ୍ୟାଳ**, ବି. ପୁଂ. } ( ବି-ଆ-ଅଲ୍-ଅ ) ସର୍ପ,
**ବ୍ୟାଳୀ**, ବି ସ୍ତ୍ରୀ. } ସାପ, ସର୍ପୀ, ଶ୍ୱାପଦ, ଯଥା—"ବ୍ୟାଳୀ ତୀକ୍ଷ୍ଣବିଷା ଯଥା", ହିଂସ୍ର ପଶୁବିଶେଷ, ହିଂସ୍ରଜନ୍ତୁ, ଚିତାବାଘ, ଦୁଷ୍ଟହସ୍ତୀ । ବିଂ. କ୍ରୂର, ଅପକାରୀ. ଛନ୍ଦୋବିଶେଷ, ରାଜା ।

**ବ୍ୟାଳଗ୍ରାହ** } ବି. ପୁଂ. (ବ୍ୟାଳ-ଗ୍ରାହ, ଗ୍ରାହିନ୍)
**ବ୍ୟାଳଗ୍ରାହୀ** } ଅହିତୁଣ୍ଡିକ, କେଳା ।

**ବ୍ୟାବର୍ତ୍ତ**, ବି. ପୁଂ. (ବି-ଆ ବୃତ୍-ଅ) ବେଷ୍ଟନ, ବିଯୋଗ ।

**ବ୍ୟାବର୍ତ୍ତନ**, ବି. ନ. ( ବି-ଆ-ବୃତ୍-ଅନ ) ପରାଙ୍ମୁଖ ହେବା, ଫେରିବା, ପରାଙ୍ମୁଖୀ କରିବା ।

**ବ୍ୟାବର୍ତ୍ତିତ**, ବିଂ. (ବି-ଆ ବର୍ତ୍ତି-ତ ) ପରାଙ୍ମୁଖୀକୃତ ।

**ବ୍ୟାବହାରିକ**, ବିଂ. (ବ୍ୟବହାର-ଇକ) ବ୍ୟବହାରସମ୍ବନ୍ଧୀୟ, ଧର୍ମାଧିକରଣସମ୍ବନ୍ଧୀୟ । ବି. ପୁଂ. ପରାମର୍ଶକ, ମନ୍ତ୍ରୀ ।

**ବ୍ୟାବୃତ**, ବିଂ. ବିଶେଷରେ ବେଷ୍ଟିତ, ଆବୃତ ।

**ବ୍ୟାବୃତ୍ତ**, ବିଂ. ( ବି-ଆ ବୃତ୍-ତ ) ନିବୃତ୍ତ, ନିଷିଦ୍ଧ, ଖଣ୍ଡିତ, ପୃଥକ୍‌କୃତ, ମନୋନୀତ, ବେଷ୍ଟିତ, ଅଂଶୀକୃତ, ନିବାରିତ, ଆଚ୍ଛାଦିତ ।

**ବ୍ୟାବୃତ୍ତି**, ବି. ସ୍ତ୍ରୀ. ( ବି-ଆ-ବୃତ୍-ତି ) ଖଣ୍ଡନ, ବେଷ୍ଟନ, ନିଷେଧ, ନିରାକରଣ, ନିଯୋଗ, ବିପର୍ଯ୍ୟାସ ।

**ବ୍ୟାସ**, ବି. ପୁଂ. (ବି-ଆ-ଅସ୍-ଅ) ବେଦବିଭାଗକର୍ତ୍ତା ମୁନିବିଶେଷ, ବୃତ୍ତର କେନ୍ଦ୍ର ଭେଦ କରି ଯେଉଁ ରେଖା ଉଭୟ ଦିଗରେ ପରିଧିକୁ ସ୍ପର୍ଶ କରେ ତାହାର ନାମ, ବ୍ୟାସ, ବିଭାଗ ।

**ବ୍ୟାସାର୍ଦ୍ଧ**, ବ୍ୟାସର ଅର୍ଦ୍ଧଭାଗ ।

**ବ୍ୟାସକ୍ତ**, ବିଂ. (ବି-ଆସକ୍ତ) ଅତିଆସକ୍ତ, ସଂଲଗ୍ନ, ଅଭିଭୂତ, ପୃଥକ୍‌କୃତ ।

**ବ୍ୟାସାସନ**, ବି. ନ. (ବ୍ୟାସ-ଆସନ) ପୁରାଣାଦି ପାଠର ଆସନ, ବ୍ୟାସପୀଠ ।

**ବ୍ୟାହତ**, ବିଂ. ( ବି ଆ-ହନ୍-ତ ) ପ୍ରତିବନ୍ଧ, ନିଷିଦ୍ଧ, ପ୍ରତିଷିଦ୍ଧ, ନିବାରିତ, ତ୍ରସ୍ତ, ଭୀତ, ଅଭିଭୂତ, ଉଦ୍‌ଭ୍ରାନ୍ତ, ପ୍ରତିହତ, ତାଡ଼ିତ, ଦୂରୀକୃତ, ହତାଶ, ବିଫଳୀକୃତ ।

**ବ୍ୟାହତି**, ବି. ସ୍ତ୍ରୀ. (ବି ଆ-ହନ୍-ତି) ବ୍ୟାଘାତ, ବିଘ୍ନ, ପରାଜୟ ।

**ବ୍ୟାହାର**, ପୁଂ. } ବି. (ବି-ଆ-ହୃ ଅ, ଅନ)
**ବ୍ୟାହରଣ**, ନ. } କଥନ, ଉକ୍ତି ।

**ବ୍ୟାହୃତ**, ବିଂ. (ବି-ଆ ହୃ-ତ) ଉକ୍ତ, କଥିତ ।

**ବ୍ୟୁତ୍କ୍ରମ**, ବି. ପୁଂ. ( ବି-ଉତ୍-କ୍ରମ ) କ୍ରମବିପର୍ଯ୍ୟୟ, ବ୍ୟତିକ୍ରମ, ଅନିୟମ ।

**ବ୍ୟୁତ୍ପତ୍ତି**, ବି. ସ୍ତ୍ରୀ. (ବି-ଉତ୍-ପଦ୍-ତି) ବିଶେଷ ଉତ୍ପତ୍ତି, ଶାସ୍ତ୍ରରେ ବିଶେଷ ସଂସ୍କାର, ଜ୍ଞାନବିଶେଷ, କୌଶଳ ।

**ବ୍ୟୁତ୍ପନ୍ନ**, ବିଂ. (ବି-ଉତ୍-ପଦ୍-ତ) ପଣ୍ଡିତ, ଶାସ୍ତ୍ରଜ୍ଞାନବାନ୍, ବ୍ୟୁତ୍ପତ୍ତିଯୁକ୍ତ, ପ୍ରକୃତି ପ୍ରତ୍ୟୟ ସାହାଯ୍ୟରେ ଉତ୍ପନ୍ନ ।

ବ୍ୟୁତ୍ପାଦକ, ବିଂ. (ବି-ଉତ୍-ପାଦ-ଅକ) ବ୍ୟୁତ୍ପତ୍ତିଜନକ, ସଂସ୍କାରଜନକ ।

ବ୍ୟୁତ୍ପାଦିତ, ବିଂ. (ବି-ଉତ୍-ପାଦି-ତ) ପ୍ରକୃତି ପ୍ରତ୍ୟୟ ସାହାଯ୍ୟରେ ଉତ୍ପାଦିତ ।

ବ୍ୟୁତ୍ପାଦ୍ୟ, ବିଂ. ( ବି-ଉତ୍-ପାଦି-ଯ ) ବ୍ୟୁତ୍ପତ୍ତିଲଭ୍ୟ ।

ବ୍ୟୂଢ଼, ବିଂ. ( ବି-ବହ୍-ତ ) ବିପୁଳ, ପ୍ରଶସ୍ତ, ପୃଥୁଳ ।

ବ୍ୟୂହ, ବି. ପୁଂ. ( ବି-ଊହ ) ବଳବିନ୍ୟାସ, ସୈନ୍ୟରଚନା, ବିସ୍ତାର, ତର୍କ, ନିର୍ମାଣ, ଗଠନ, ସମୂହ, ଦେହ ।

ବ୍ୟୋମ, ବି. ନ. ( ବେ୍ୟା-ମନ, ନିପାତନରେ ) ଆକାଶ, ନଭୋମଣ୍ଡଳ, ଅନ୍ତରୀକ୍ଷ, ଜଳ, ସୂର୍ଯ୍ୟଦେବଙ୍କ ଉପାସନାର୍ଥ ମନ୍ଦିର ।

ବ୍ୟୋମକେଶ, ବି. ପୁଂ. (ବ୍ୟୋମନ୍-କେଶ) ଶିବ, ମହାଦେବ ।

ବ୍ୟୋମଚାରୀ, ବିଂ. ( ବ୍ୟୋମନ୍-ଚର-ଇନ୍ ) ଦେବତା, ଗ୍ରହନକ୍ଷତ୍ରାଦି, ପକ୍ଷୀ, ଗଗନବିହାରୀ ।

ବ୍ୟୋମଧୂମ, ବି. ପୁଂ. (ବ୍ୟୋମନ୍ ଧୂମ) ମେଘ, ଜଳଧର ।

ବ୍ୟୋମମଣ୍ଡଳ, ବି. ନ. ( ବ୍ୟୋମନ୍-ମଣ୍ଡଳ ) ଧ୍ୱଜା, ପତାକା, ଆକାଶମଣ୍ଡଳ ।

ବ୍ୟୋମଯାନ, ବି. ନ. (ବ୍ୟୋମନ୍-ଯାନ) ବିମାନ, ଦେବଯାନ, ଯେଉଁ ଯାନ ଆକାଶରେ ଚଳେ ।

ବ୍ୟୋମସ୍ଥଳୀ, ବି. ସ୍ତ୍ରୀ. ପୃଥିବୀ, ଧରଣୀ ।

ବ୍ରଜ, ବି. ପୁଂ. ( ବ୍ରଜ୍-ଅ ) ସମୂହ, ଗୋଷ୍ଠ, ମଥୁରାସମୀପସ୍ଥ ଗୋକୁଳଗ୍ରାମ, ପଥ । ନ. ଗମନ ।

ବ୍ରଜକିଶୋର, ବି. ପୁଂ. ଶ୍ରୀକୃଷ୍ଣ ।

ବ୍ରଜନ, ବି. ନ. ( ବ୍ରଜ୍-ଅନ) ପର୍ଯ୍ୟଟନ, ଭ୍ରମଣ ।

ବ୍ରଜନାଥ, ବ୍ରଜମୋହନ } ବି. ପୁଂ. (ବ୍ରଜ-ନାଥ,ମୋହନ) ଶ୍ରୀକୃଷ୍ଣ ।

ବ୍ରଜବଲ୍ଲଭ, ବ୍ରଜେନ୍ଦ୍ର } ବି. ପୁଂ. ( ବ୍ରଜ-ବଲ୍ଲଭ, ଇନ୍ଦ୍ର ) ଶ୍ରୀକୃଷ୍ଣ ।

ବ୍ରଜାଙ୍ଗନା, ବି. ସ୍ତ୍ରୀ. ଗୋପୀ ।

ବ୍ରଜ୍ୟା, ବି. ସ୍ତ୍ରୀ. ( ବ୍ରଜ୍-ଯ-ଆ ) ପର୍ଯ୍ୟଟନ, ଦେଶଭ୍ରମଣ, ଗମନ, ପ୍ରସ୍ଥାନ, ବର୍ଗ, ରଙ୍ଗ ।

ବ୍ରଣ, ବି. ପୁଂ. ନ. (ବ୍ରଣ-ଅ) କ୍ଷତ, ଘା, ବଥ, ବିସ୍ଫୋଟ ।

ବ୍ରଣୀ, ବିଂ. (ବ୍ରଣ-ଇନ୍) ବ୍ରଣଯୁକ୍ତ ।

ବ୍ରତ, ବି. ପୁଂ. ନ. (ବୃ-ଅତ କିମ୍ବା ବ୍ରଜ୍=ସ୍ୱର୍ଗ ଗମନ-ଅ, ନିପାତନରେ ) ନିୟମ, ପୁଣ୍ୟଜନକ ବା ପାପକ୍ଷୟକର କର୍ମ, ଚାନ୍ଦ୍ରାୟଣାଦି, ଭକ୍ଷଣ ।

ବ୍ରତତି, ବ୍ରତତୀ } ବି. ସ୍ତ୍ରୀ. ( ବୃତ୍-ଅତି ) ଲତା, ବଲ୍ଲୀ, ବିସ୍ତାର ।

ବ୍ରତସଂଗ୍ରହ, ବି. ପୁଂ. ବ୍ରତଗ୍ରହଣାର୍ଥ ଲିତ ଦୀକ୍ଷା ।

ବ୍ରତସ୍ନାତକ, ବି. ପୁଂ. ( ବ୍ରତ-ସ୍ନାତକ ) ଯେ ବ୍ରାହ୍ମଣ ବ୍ରହ୍ମଚର୍ଯ୍ୟ ଆଶ୍ରମ ସମାପନ କରିଅଛି ।

ବ୍ରତଭିକ୍ଷା, ବି. ସ୍ତ୍ରୀ ( ବ୍ରତ-ଭିକ୍ଷ ) ଉପନୟନକାଳୀନ ଭିକ୍ଷା ।

ବ୍ରତାଦେଶ, ବି. ପୁଂ. (ବ୍ରତ-ଆଦେଶ) ଉପନୟନ ସଂସ୍କାରବିଶେଷ ।

ବ୍ରତୀ, ବି. ପୁଂ. (ବ୍ରତ ଇନ୍) ଯଜମାନ, କାର୍ଯ୍ୟମଗ୍ନ, ତପସ୍ୱୀ । ବିଂ. ବ୍ରତବିଶିଷ୍ଟ ।

ବ୍ରଧ୍ନ, ବି. ପୁଂ. ସୂର୍ଯ୍ୟ, ଦିବାକର, ଶିବ, ବ୍ରହ୍ମା, ପୂକ୍ଷ, ଶଶୀର, ବୃକ୍ଷମୂଳ ।

ବ୍ରାତ, ବି. ପୁଂ. ( ବୃ-ଅତ ) ସମୂହ, ଦଳ, ପତିତ ବ୍ରାହ୍ମଣର ସନ୍ତତି, ଶ୍ରମଜୀବୀ । ନ. ଶାରୀରିକ ପରିଶ୍ରମ, ମଜୁରି ।

ବ୍ରୀଡ଼, ପୁଂ. ବ୍ରୀଡ଼ା, ସ୍ତ୍ରୀ. ବ୍ରୀଡ଼ନ, ନ. } ବି. ( ବ୍ରୀଡ୍-ଅ,ଆ, ଅନ ) ଲଜ୍ଜା, ତ୍ରପା ।

ବ୍ରୀଡ଼ିତ, ବିଂ. (ବ୍ରୀଡ୍-ତ) ଲଜ୍ଜିତ । ନ. ଲଜ୍ଜା

ବ୍ରୀହି, ବି. ପୁଂ. ( ବ୍ରୀ-ହି, ନିପାତନରେ ) ଧାନ, ଶସ୍ୟବିଶେଷ, ଶରତ୍ପକ୍ୱ ଧାନ୍ୟ, ଧାନ୍ୟ ।

# ଶ

ଶ, ବ୍ୟଞ୍ଜନବର୍ଣ୍ଣର ତ୍ରିଂଶ ବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ ତାଳୁ । ବି. ନ. ( ଶୀ-ଅ ) କଲ୍ୟାଣ, ଶୁଭ, ଧର୍ମ । ପୁଂ. ଶିବ, ସୀମା । ( ଶୋ-ଅ ) ଶସ୍ତ୍ର ।

ଶଂବର, ବି. ନ. (ଶମ୍-ବୃ-ଅ) ସଲିଳ, ଜଳ ।

ଶଂସନ ନ. } ବି. (ଶନ୍ସ ଅନ, ଅ) କଥନ,
ଶଂସା ସ୍ତ୍ରୀ. } ସୂଚନା, ଇଚ୍ଛା, ପ୍ରଶଂସା ।

ଶଂସିତ, ବିଂ. (ଶନ୍ସ-ତ) ନିଶ୍ଚିତ, କ୍ଲୁଷିତ, ପ୍ରଶଂସିତ, ଅଭିଳଷିତ, ବାଞ୍ଛିତ, କଥିତ, ସୂଚିତ, ଗୃହୀତ, ହିଂସିତ, ଅନୁଷ୍ଠିତ ।

ଶଂସୀ, ବିଂ. ( ଶନ୍ସ-ଇନ୍ ) ସୂଚକ, ଜ୍ଞାପକ, ଜ୍ଞାପନକାରକ, କଥକ ।

ଶଂସ୍ତୃ, ବି. ପୁଂ. (ଶନସ୍-ତୃନ୍) ସ୍ତୋତା, ହୋତା ।

ଶଂସ୍ଥ, ବିଂ. (ଶମ୍-ସ୍ଥା-ଅ) ଶୁଭାନ୍ୱିତ, କଲ୍ୟାଣଯୁକ୍ତ ।

ଶଂସ୍ୟ, ବିଂ. (ଶନ୍ସ-ଯ) ପ୍ରଶଂସନୀୟ, ବାଞ୍ଛନୀୟ ବାଚ୍ୟ, କଥନୀୟ, ଗୁଣବାନ୍, ପ୍ରତିବିକର୍ମ କରିବା ।

ଶଅର, ବି. (ଶବର ଶବ୍ଦଜ) ଏକ ପ୍ରକାର ନୀଚ ଜାତି, ଏକ ପ୍ରକାର ବାଉର ।

ଶଅଳ, ବି. ( ଦେଶଜ ) ଲଙ୍ଗଳ ଜୁଆଳି, ଗୋରୁଙ୍କୁ ପୃଥକ୍ ରଖିବା କାଷ୍ଠଦ୍ୱୟ । କ୍ରି. ବିଂ. ଶୀଘ୍ର, ବେଗ ।

ଶଏ, (ଶତ ଶବ୍ଦଜ) ଏକ ଶତ ।

ଶକ, ବି. ପୁଂ. (ଶକ୍-ଅ) ଅବ୍ଦପ୍ରବର୍ତ୍ତକ ରାଜା, ଶାଳିବାହନ ରାଜା, ତତ୍ପ୍ରବର୍ତ୍ତିତ ଅବ୍ଦ, ସମ୍ବତ୍ସର, ଜାତିବିଶେଷ, ଦେଶବିଶେଷ ।

ଶକଟ, ବି. ପୁଂ. ( ଶକ୍-ଅଟ ) ଅସୁରବିଶେଷ, ଏହି ଅସୁର କୃଷ୍ଣ କର୍ତ୍ତୃକ ନିହତ ହୋଇଥିଲା । ପୁଂ. ନ. ଶଗଡ଼ ।

ଶକଟା, ବି. ( ଦେଶଜ ) ଏକପ୍ରକାର ଖେଳ । ଯଥା—

ଜୁଆ ଶକଟା ପାଶରଙ୍ଗ, ପଶା ନ୍ୟାସ୍ୟବଳ ବେଶ୍ୟାସଙ୍ଗ,
ଏ ଛଅରେ ଯେ ଯେଉଁ ପ୍ରଥ ଥାଏ, ଲୋକେ ମଦ ଠାକୁର ଗାଏ ।
ପ୍ରବଚନ ।

ଶକଟାର, ବି. ପୁଂ. ନନ୍ଦ ରାଜାଙ୍କ ମନ୍ତ୍ରୀ ।

ଶକଟିକା, ବି. ସ୍ତ୍ରୀ. (ଶକଟୀ-କ-ଆ) କାଷ୍ଠନିର୍ମିତ ଖେଳିବା ଗାଡ଼ି, କ୍ଷୁଦ୍ର ଶକଟ, ଛୋଟ ଗାଡ଼ି ।

ଶକଳ, ବି. ପୁଂ. ( ଶକ-ଅଳ ) ଅଂଶ, ଖଣ୍ଡ, ଏକ ଦେଶ । ନ ତ୍ୱକ୍, ଚର୍ମ, ଛାଲ ।

ଶକଳାନ୍ତକ, ବି. ପୁଂ. ବିକ୍ରମାଦିତ୍ୟ ରାଜା ।

ଶକଳୀ, ବି. ପୁଂ. ( ଶକଳ-ଇନ୍ ) ମତ୍ସ୍ୟ, ମାଛ ।

ଶକାବ୍ଦ ବି. ପୁଂ. ( ଶକ-ଅବ୍ଦ ) ଶକନାମକ ନୃପତିଙ୍କଦ୍ୱାରା ପ୍ରଚଳିତ ସମ୍ବତ୍ସର ।

ଶକାର, ବି. ଐଶ୍ୱର୍ଯ୍ୟଶାଳୀ ରାଜାଙ୍କର ଉପପତ୍ନୀର ଭ୍ରାତା, ଶ୍ୟାଳକ, 'ଶ' ଏହି ଅକ୍ଷର ।

ଶକାରି, ବି. ପୁଂ. ( ଶକ-ଅରି ) ରାଜା ବିକ୍ରମାଦିତ୍ୟ ।

ଶକୁନ, ବି. ପୁଂ. (ଶକ-ଉନ) ପକ୍ଷୀ, ଗୃଧ୍ର, ଚିଲ, ଉତ୍ସବକାଳରେ ସ୍ତ୍ରୀମାନ ମଙ୍ଗଳଗୀତ । ନ. ଶୁଭାଶୁଭସୂଚକ ଚିହ୍ନ, ନିମିତ୍ତ ( ବାହୁସ୍ପନ୍ଦନ ଇତ୍ୟାଦି । )

ଶକୁନଜ୍ଞ, ବିଂ. (ଶକୁନ ଜ୍ଞ) ନିମିତ୍ତଜ୍ଞ, ଦୈବଜ୍ଞ, କାକଚରିତ୍ର ।

ଶକୁନି, ବି. ପୁଂ. (ଶକ-ଉନି) ଗୃଧ୍ର, ପକ୍ଷୀ, ଚିଲ, ଦୁର୍ଯ୍ୟୋଧନାଦିଙ୍କ ମାଉଳ, ସୌବଳ, କରଣବିଶେଷ । ସ୍ତ୍ରୀ. ପକ୍ଷିଣୀବିଶେଷ, ଶ୍ୟାମାପକ୍ଷୀ ।

ଶକୁନିପ୍ରପା, ବି ସ୍ତ୍ରୀ. ପକ୍ଷିମାନଙ୍କର ପାନୀୟଶାଳା ।

ଶକୁନୀଶ୍ୱର, ବି. ପୁଂ. ଶକୁନି-ଈଶ୍ୱର) ପକ୍ଷୀନ୍ଦ୍ର, ଗରୁଡ଼ ।

ଶକୁନ୍ତ } ବି. ପୁଂ. (ଶକ-ଉନ୍ତ, ଉନ୍ତି) ପକ୍ଷୀ,
ଶକୁନ୍ତି } ପକ୍ଷିବିଶେଷ, ଭାସପକ୍ଷୀ, କୀଟବିଶେଷ, ବିଶ୍ୱାମିତ୍ରଙ୍କର ପୁତ୍ରବିଶେଷ ।

ଶକୁନ୍ତଳା, ବି. ସ୍ତ୍ରୀ. ( ଶକୁନ୍ତ-ଲା-ଅ-ଆ ) ଦୁଷ୍ମନ୍ତ ରାଜାଙ୍କ ମହିଷୀ, ଭରତ ରାଜାଙ୍କ ମାତା, ପକ୍ଷିକର୍ତ୍ତୃକ ରକ୍ଷିତ ହୋଇଥିଲେ ବୋଲି ଏହାଙ୍କର ନାମ ଶକୁନ୍ତଳା ହୋଇଅଛି ।

ଶକୁଲ } ବି. ପୁଂ. (ଶକ-ଉଲ) ମତ୍ସ୍ୟ, ମତ୍ସ୍ୟ-
ସକୁଲ } ବିଶେଷ, ଶେଉଳ ମାଛ ।

ଶକୁଲାର୍ଭକ, ବି. ପୁଂ. ମତ୍ସ୍ୟବିଶେଷ, ଶେଉଳ-ମାଛ ଛୁଆ, ଗଡ଼ିଶା ମାଛ ।

ଶକୃତ୍, ବି. ନ. (ଶକ୍-ଋତ୍) ବିଷ୍ଠା, ମଳ ।

ଶକୃତ୍‌କର, ପୁଂ. } ବି. (ଶକୃତ୍-କୃ-ଇ) ଗୋ-
ଶକୃତ୍‌କରୀ, ସ୍ତ୍ରୀ. } ପ୍ରଭୃତିର ବତ୍ସ, ବାଛୁରି ।

ଶକେର, ବି. ପୁଂ. ବୃଷ । ସ୍ତ୍ରୀ. ସ୍ତ୍ରୀ. ନଦୀବିଶେଷ, ମେଖଳା, ଚନ୍ଦ୍ରହାର ।

ଶକ୍ତ, ବିଂ. (ଶକ୍-ତ) ଶକ୍ତିଯୁକ୍ତ, ସମର୍ଥ, କ୍ଷମବାନ୍, ପରିଶ୍ରମୀ, କଠିନ, ପ୍ରିୟମ୍ବଦ ।

ଶକ୍ତି, ବି. ସ୍ତ୍ରୀ. (ଶକ୍-ତି) ସାମର୍ଥ୍ୟ, ବଳ, କ୍ଷମତା, ପରାକ୍ରମ, ପ୍ରଭାବଜ, ଉତ୍ସାହଜ, ମନ୍ତ୍ରଜ ଏହି ତ୍ରିବିଧ ରାଜଶକ୍ତି, କାସୂନାମକ, ଅସ୍ତ୍ର, ତୋମର ଅସ୍ତ୍ର, ଲୌହ ଶାବଳ, ପ୍ରକୃତି, ଗୌରୀ, ଲକ୍ଷ୍ମୀ । ସ୍ତ୍ରୀ ଦେବତା, ଦେବୀବିଶେଷ ।

ଶକ୍ତିଗ୍ରହ, ବି. ପୁଂ. ( ଶକ୍ତି-ଗ୍ରହ ) ଶିବ, କାର୍ତ୍ତିକେୟ ।

ଶକ୍ତିଧର } ବି. ପୁଂ ( ଶକ୍ତି-ଧର, ଭୃ-ଂ )
ଶକ୍ତିଭୃତ୍ } କାର୍ତ୍ତିକେୟ । ବିଂ. ଶକ୍ତିଯୁକ୍ତ ।

ଶକ୍ତିପର୍ଣ୍ଣ, ବି. ପୁଂ. ସପ୍ତପର୍ଣ୍ଣବୃକ୍ଷ, ଛତିଅନା ଗଛ ।

ଶକ୍ତିପାଣି, ବି. ପୁଂ. (ଶକ୍ତି-ପାଣି) କାର୍ତ୍ତିକେୟ ।

ଶକ୍ତିମାନ୍, ବିଂ. ( ଶକ୍ତି-ମତ୍ ) ଶକ୍ତିବିଶିଷ୍ଟ, ବଳବାନ୍ । ବିଂ. ସପ୍ତ କୁଳପର୍ବତ ମଧ୍ୟରେ ଏକ ପର୍ବତ ।

ଶକ୍ତିହେତିକ, ବି. ପୁଂ. ( ଶକ୍ତି-ହେତିକ ) ଶାକ୍ତିକ, ଶକ୍ତି ଅସ୍ତ୍ରଧାରୀ ଯୋଦ୍ଧା ।

ଶକ୍ତୁ, ବି. ପୁଂ. ନ. (ଶକ୍ ତୁନ୍) ଯବାଦିଚୂର୍ଣ୍ଣ, ଛତୁ ।

ଶକ୍ତୁକ, ବି. ପୁଂ. ବିଷବିଶେଷ ।

ଶକ୍ତୁଫଳା, ବି. ସ୍ତ୍ରୀ. (ଶକ୍ତୁ-ଫଳା) ଶମୀବୃକ୍ଷ ।

ଶକ୍ୟ, ବିଂ. ( ଶକ୍-ଯ ) ଶକ୍ତିର ବିଷୟ, ଶକ୍ତି-ବୋଧ, ସମ୍ଭବ, ବାଚ୍ୟ, ଅଭିଧାବୃତ୍ତିଦ୍ୱାରା ବୋଧ ।

ଶକ୍ର, ବି. ପୁଂ. ( ଶକ୍-ର ) ଇନ୍ଦ୍ର, ଦେବରାଜ, ପେଚକ, ଜ୍ୟେଷ୍ଠା ନକ୍ଷତ୍ର, ଅର୍ଜ୍ଜୁନବୃକ୍ଷ, କୁଟଜବୃକ୍ଷ ।

ଶକ୍ରଗୋପ, ବି. ପୁଂ. (ଶକ୍ର ଗୋ-ପା-ଅ) ଇନ୍ଦ୍ର-ଗୋପ, ଇନ୍ଦ୍ରବର୍ଣ୍ଣ କୀଟବିଶେଷ ।

ଶକ୍ରଜ } ବି. ପୁଂ. ( ଶକ୍ର-ଜନ୍-ଅ. ତ )
ଶକ୍ରଜାତ } କାକ । ବିଂ. ଇନ୍ଦ୍ରଙ୍କଠାରୁ ଉତ୍ପନ୍ନ ।

ଶକ୍ରଜିତ୍, ବି. ପୁଂ. (ଶକ୍ର-ଜି କ୍ୱିପ୍ ) ଇନ୍ଦ୍ରଜିତ୍, ରାବଣର ପୁତ୍ର । ବିଂ. ଇନ୍ଦ୍ରଜେତା ।

ଶକ୍ରଧନୁଃ, ବି. ନ. (ଶକ୍ର-ଧନୁସ୍) ଇନ୍ଦ୍ରଧନୁଃ ।

ଶକ୍ରଧ୍ୱଜ } ବି. ( ଶକ୍ର-ଧ୍ୱଜ, ଉତ୍ସବ )
ଶକ୍ରୋତ୍ସବ } ଶକ୍ରୋତ୍ଥାନ, ଇନ୍ଦ୍ରଧ୍ୱଜର ଉତ୍ସବ, ଭାଦ୍ର ଶୁକ୍ଳ ଦ୍ୱାଦଶୀରେ ପୂଜ୍ୟ ଧ୍ୱଜାକାର ସ୍ତମ୍ଭ ।

ଶକ୍ରଭିଦ୍, ବି. ପୁଂ. ( ଶକ୍ର-ଭିଦ୍ ) ଇନ୍ଦ୍ରଜିତ୍, ରାବଣର ପୁତ୍ର ।

ଶକ୍ରମୂର୍ଦ୍ଧା, ବି. ପୁଂ. ( ଶକ୍ର-ମୂର୍ଦ୍ଧନ୍ ) ବାଲ୍ମୀକ, ଉଇହୁଙ୍କା ।

ଶକ୍ରବଲ୍ଲୀ, ବି. ସ୍ତ୍ରୀ. ଇନ୍ଦ୍ରବାରୁଣୀ ।

ଶକ୍ରବାହନ, ବି. ପୁଂ. (ଶକ୍ର-ବାହନ) ଇନ୍ଦ୍ର-ବାହନ, ମେଘ ।

ଶକ୍ରଶାଳା, ବି. ସ୍ତ୍ରୀ. ଯଜ୍ଞଗୃହ, ହୋମଗୃହ ।

ଶକ୍ରସାରଥି, ବି. ପୁଂ. (ଶକ୍ର-ସାରଥି) ମାତଳି ।

ଶକ୍ରାଣୀ, ବି. ସ୍ତ୍ରୀ (ଶକ୍ର-ଈ, ଆନ ଆଗମ) ଇନ୍ଦ୍ରାଣୀ, ଇନ୍ଦ୍ରପତ୍ନୀ, ଶଚୀ ।

ଶକ୍ରାଶନ, ବି. ପୁଂ. (ଶକ୍ର-ଅଶନ, ଭକ୍ଷଣୀୟ, ରାବଣ ସହିତ ଯୁଦ୍ଧ କଲାବେଳେ ବାନର-ମାନଙ୍କ ଶରୀରରେ ପତିତ ଅମୃତଛିଟାରୁ

ଏହାର ଉତ୍ପତ୍ତି ହୋଇଥିଲା ) ବଣମଲ୍ଲୀ, ଗଞ୍ଜାଇ, ଭାଙ୍ଗ ।

**ଶଙ୍କୋତ୍ଥାନ**, ବି. ନ. } ( ଶଙ୍କ-ଉତ୍ଥାନ,
**ଶଙ୍କୋତ୍ସବ**, ବି ପୁଂ. } ଉତ୍ସବ) ଭାଦ୍ର ମାସ ଶୁକ୍ଳ ଦ୍ୱାଦଶୀ ତିଥିରେ କର୍ତ୍ତବ୍ୟ ଉତ୍ସବ-ବିଶେଷ ।

**ଶଗଡ଼**, ବି. (ଶକଟ ଶବ୍ଦଜ) ଶକଟ, ଗାଡ଼ି ।

**ଶଗଡ଼ବାନ୍ଧୁଆ**, ବି. ( ଦେଶଜ ) ଏକପ୍ରକାର କୋଳି ଓ ତାହାର ଗଛ । ଯଥା —

ବଳସ୍ତୂପ ବୋଲେ ରଙ୍ଗେ ଯହୁଁ ପ୍ରକାପତ୍ରଙ୍କ ଅଛି,
ସୁରଭ ଶଗଡ଼ବାନ୍ଧୁଆ ନକୁଞ୍ଜେ କରନ୍ତି ନାହିଁ । ଭଞ୍ଜ ।

**ଶଗଡ**, ବି. (ଦେଶଜ) ଶଗଡ଼, କୋହ୍ଲାର ଯନ୍ତ୍ରବିଶେଷ ।

**ଶଗଡିଆ**, ବି. (ଦେଶଜ) ଶଗଡ଼ ବାହୁବା ଲୋକ ।

**ଶଙ୍କ**, ବି. ପୁଂ. ( ଶନ୍କ୍-ଅ ) ଶକଟାଦିର ବାହକ ବୃଷ, ଗାଡ଼ି ଟାଣିବା ବଳଦ ।

**ଶଙ୍କନୀୟ**, ବିଂ. (ଶନ୍କ୍-ଅନୀୟ) ଭୟର ବିଷୟ, ଆଶଙ୍କାର ଯୋଗ୍ୟ, ସନ୍ଦେହସ୍ଥଳ ।

**ଶଙ୍କର**, ବି. ପୁଂ ( ଶମ୍-କୃ-ଅ ) ଶିବ, ଶଙ୍କରାଚାର୍ଯ୍ୟ । ବିଂ. ଶୁଭକାରକ ।

**ଶଙ୍କରାଚାର୍ଯ୍ୟ**, ବି. ପୁଂ. ବେଦାନ୍ତଭାଷ୍ୟକର୍ତ୍ତା, ଅଦ୍ୱୈତବାଦୀ ଆଚାର୍ଯ୍ୟବିଶେଷ ।

**ଶଙ୍କରାବାସ**, ବି. ପୁଂ. କର୍ପୂରବିଶେଷ, କୈଳାସ ।

**ଶଙ୍କରୀ**, ବି. ସ୍ତ୍ରୀ.( ଶଙ୍କର-ଈ) ଶିବାନୀ, ଭବାନୀ, ଶମୀ । ବିଂ. ଶୁଭଦାୟିନୀ ।

**ଶଙ୍କା**, ବି. ସ୍ତ୍ରୀ. (ଶନ୍କ୍-ଆ) ତ୍ରାସ, ଭୟ, ଆଶଙ୍କା, ସଂଶୟ, ସନ୍ଦେହ, ସମ୍ଭାବନା, ବିତର୍କ ।

**ଶଙ୍କିତ**, ବିଂ. ( ଶଙ୍କା-ଇତ ) ଭୀତ, ସନ୍ଦିଗ୍ଧ, ଅବିଶ୍ୱସ୍ତ । (ଶନ୍କ-ତ) ତର୍କିତ ।

**ଶଙ୍କୁ**, ବି. ପୁଂ. ( ଶନ୍କ୍-ଉ ) ଅସ୍ତ୍ରବିଶେଷ, ଶଲ୍ୟ, ଶେଲ, କୀଲକ, ଦ୍ୱାଦଶାଙ୍ଗୁଳ କାଠି, ଶିବ, ବିକ୍ରମାଦିତ୍ୟଙ୍କର ନବରତ୍ନ ମଧ୍ୟରୁ ଏକ ଜଣ, କଲୁଷ, ପାପ, ବର୍ଷା, ଲିଙ୍ଗ, ପୁଂଚିହ୍ନ, ହଂସୀ, ଭୂତ, କନ୍ଦର୍ପ, ଭୟ, ହ୍ରାସ, ଶିବଙ୍କର ଅନୁଚରବିଶେଷ ।

**ଶଙ୍କୁକର୍ଣ୍ଣ**, ବି. ପୁଂ. (ଶଙ୍କୁ-କର୍ଣ୍ଣ) ଗର୍ଦ୍ଦଭ, ଗଧ ।

**ଶଙ୍କୁର**, ବିଂ. (ଶଙ୍କୁ-ରା-ଅ) ଭୀଷଣ, ଭୟଙ୍କର ।

**ଶଙ୍କୁଲା**, ବି. ସ୍ତ୍ରୀ. (ଶନ୍କ୍-ଉଲ ଆ) ପୂଗଚ୍ଛେଦକ ଅସ୍ତ୍ର, ଯନ୍ତ୍ରୀ, ଗୁଆକାତି ।

**ଶଙ୍ଖ**, ବି. ପୁଂ. ନ. (ଶମ୍-ଖ) ସମୁଦ୍ରଜାତ ଦ୍ରବ୍ୟବିଶେଷ । ପୁଂ. ଲଲାଟର ଅସ୍ଥି, ଗଳଦେଶ, ରଣବାଦ୍ୟଯନ୍ତ୍ରବିଶେଷ, ଦଶ ନିଖର୍ବ, ଲକ୍ଷ କୋଟି, ହସ୍ତିଦନ୍ତଦ୍ୱୟର ମଧ୍ୟଭାଗ, ରଣଡକ୍କା, ସ୍ମୃତିଶାସ୍ତ୍ର ପ୍ରଣେତା ଋଷିବିଶେଷ, ଜଳନିର୍ଗମନ ପୋଲ ।

**ଶଙ୍ଖକ**, ବି. ନ. (ଶଙ୍ଖ-କ) ଶଙ୍ଖନିର୍ମିତ ବଳୟ, ଶଙ୍ଖା । ପୁଂ. କପାଳ, ଲଲାଟ ।

**ଶଙ୍ଖକାର**, ବି. ପୁଂ,(ଶଙ୍ଖ-କାର) ଶଙ୍ଖାରି, ଶଙ୍ଖ-ବ୍ୟବସାୟୀ ।

**ଶଙ୍ଖଚର** } ବି. ସ୍ତ୍ରୀ. (ଶଙ୍ଖ-ଚର, ଚର୍ଚ୍ଚ-
**ଶଙ୍ଖଚର୍ଚ୍ଚୀ** } ଅ-ଈ) ଲଲାଟିକା, ଚନ୍ଦନାଦି ତିଳକ ।

**ଶଙ୍ଖଚିଲ**, ବି. (ଦେଶଜ) ପକ୍ଷିବିଶେଷ ।

**ଶଙ୍ଖଜ**, ବିଂ. ( ଶଙ୍ଖ-ଜ ) ଶଙ୍ଖରୁ ଜାତ । ବି. ପୁଂ. କପୋତ ଡିମ୍ବ ପରି ବୃହତ୍ ମୁକ୍ତା ।

**ଶଙ୍ଖଧ୍ମା**, ବି. ପୁଂ. (ଶଙ୍ଖ-ଧ୍ମା) ଶଙ୍ଖବାଦକ, ଯେ ଶଙ୍ଖ ବଜାଏ ।

**ଶଙ୍ଖନଖ**, ପୁଂ. } ବି. (ଶଙ୍ଖ-ନଖ) କ୍ଷୁଦ୍ର-
**ଶଙ୍ଖନଖୀ**, ସ୍ତ୍ରୀ. } ଶଙ୍ଖ, ଶ୍ରେଷ୍ଠ ଶଙ୍ଖ, ବୃହନ୍ନଖୀ ।

**ଶଙ୍ଖପ୍ରସ୍ଥ**, ବି. ପୁଂ. ( ଶଙ୍ଖ-ପ୍ରସ୍ଥ ) ଚନ୍ଦ୍ରସ୍ଥିତ ଚିହ୍ନ ।

**ଶଙ୍ଖଭୃତ୍**, ବି. ପୁଂ. (ଶଙ୍ଖ-ଭୃତ୍) ଶଙ୍ଖଧାରୀ, ବିଷ୍ଣୁ ।

ଶଙ୍ଖମୁଖ, ବି. ପୁଂ. (ଶଙ୍ଖ-ମୁଖ) କୁମ୍ଭୀର ।

ଶଙ୍ଖା, ବି. ( ଶଙ୍ଖ ଶବ୍ଦଜ ) ସ୍ତ୍ରୀଲୋକମାନଙ୍କର ହାତରେ ପିନ୍ଧିବା ଏକପ୍ରକାର ଚୁଡ଼ି ।

ଶଙ୍ଖାର, ବି. (ଦେଶଜ) ଯେଉଁ ଜାତି ଶଙ୍ଖା ତିଆରି କରେ ଓ ବିକେ ।

ଶଙ୍ଖାଳ, ବି. ( ଦେଶଜ ) ମୂଲ୍ୟବାନ୍ ବସ୍ତୁ, ପ୍ରିୟବସ୍ତୁ । ଯଥା—

ନଥିଲ ଶଙ୍ଖାଳ ତୁ ମୋ ବନପ୍ରସବ । ବ. ଚ

ଶଙ୍ଖିନୀ, ବି. ସ୍ତ୍ରୀ. (ଶଙ୍ଖିନ୍-ଈ) ଏକପ୍ରକାର ସ୍ତ୍ରୀ ଜାତି, ଦୀର୍ଘକାୟା, ଦୀର୍ଘକେଶା, ନାତିସ୍ଥୂଳା, ନାତିକୃଶା, କୋପନସ୍ୱଭାବା, ରକ୍ତସମ୍ପୃକ୍ତା ସ୍ତ୍ରୀ, ଉପଦେବତାବିଶେଷ, ଶ୍ୱେତପୁନର୍ନବା, ଶ୍ୱେତବୃହ୍ନା ।

ଶଙ୍ଖୀ, ବିଂ. (ଶଙ୍ଖ-ଇନ୍) ଶଙ୍ଖବିଶିଷ୍ଟ, ଶଙ୍ଖଯୁକ୍ତ । ବି. ପୁଂ. ବିଷ୍ଣୁ, ସମୁଦ୍ର, ଶଙ୍ଖବାଦକ । ବିଂ. ( ଦେଶଜ ) ଧଳା, ଶୁକ୍ଳ । ଯଥା— ଶଙ୍ଖୀବରିଡ଼ି ।

ଶଙ୍ଖୁଆ, ବି. (ଦେଶଜ) ଯେଉଁ ଲୋକ ଶଙ୍ଖ ବଜାଏ, ଏକଜାତୀୟ ବିଷ ।

ଶଚି } ଶଚୀ } ବି. ସ୍ତ୍ରୀ. (ଶଚ୍ ଇ. ଈ ) ଇନ୍ଦ୍ରାଣୀ, ଇନ୍ଦ୍ରପତ୍ନୀ, ଶତମୂଳୀ ।

ଶଚୀପତି, ବି. ପୁଂ. (ଶଚୀ-ପତି) ଇନ୍ଦ୍ର ।

ଶଜାରୁ, ବି. (ଦେଶଜ) ଝିଙ୍କନାମକ ବନ୍ୟଜନ୍ତୁ, ଶଲ୍ଲକୀ ।

ଶଟା, ବି. ସ୍ତ୍ରୀ. ( ଶଟ୍-ଅ ) ଜଟା, ପଶୁର କେଶର ।

ଶଠ, ବିଂ. (ଶଠ୍-ଅ) ଧୂର୍ତ୍ତ, ଖଳ, ଦୁଷ୍ଟ, ଠକ, ମୂର୍ଖ, ନିର୍ବୋଧ, ନିଷ୍କର୍ମା ।

ଶଠତା, ବି. ସ୍ତ୍ରୀ. (ଶଠ-ତା) ଖଳତା, ଧୂର୍ତ୍ତତା, କୂଟତା, ଦୁଷ୍ଟାମି, ପ୍ରତାରଣା ।

ଶଢଙ୍ଗା, ବି ( ଦେଶଜ ) ଢେଙ୍ଗା ପତଳା ମନୁଷ୍ୟ ।

ଶଢା, ବିଂ. (ଦେଶଜ) ପଚା ।

ଶଣ, ବି. ନ. ( ଶଣ୍ ଅ ) କ୍ଷୁଦ୍ର ବୃକ୍ଷବିଶେଷ, ଛଣପଟଗଛ ।

ଶଣ୍ଡ, ବି. ପୁଂ. ( ଶଣ୍-ଡ ) ବୃଷ, ନପୁଂସକ, କ୍ଳୀବ । ପୁଂ. ନ. ପଦ୍ମସମୂହ ।

ଶଣ୍ଡା, ବି. (ଶୁଣ୍ଡ ଶବ୍ଦଜ) ଦିଅଁଙ୍କ ପ୍ରଭୃତିର ଶୁଣ୍ଡ ପରି ବର୍ଦ୍ଧିତ ପଟ୍ଟ ।

ଶଣ୍ଡୁଆସି, ବି.( ସଂଦଂଶ ଶବ୍ଦଜ) ଚିମୁଟାବିଶେଷ । ଯଥା ---

ଷଣକେ ପୋଡ଼ାଏ ଷଣକେ ବୁଡ଼ାଏ
ହେଲ ଲୋହକାର ଶଣ୍ଡୁଆସି ପରି ।

ଶଣ୍ଢ, ବି. ପୁଂ. (ଶଣ୍-ଢ) ଅନ୍ତଃପୁର ସ୍ତ୍ରୀରକ୍ଷକ, ବୃଷ, ସନ୍ତାନୋତ୍ପାଦନରେ ଅସମର୍ଥ ବ୍ୟକ୍ତି, ଉନ୍ମତ୍ତ ବ୍ୟକ୍ତି, ମତ୍ତ, ପାଗଳ ।

ଶତ, ବି. ନ. (ଶୋ-ଅତ) ଦଶଗୁଣିତ ଦଶ ସଂଖ୍ୟା, ୧୦୦ ।

ଶତକ, ବିଂ. (ଶତ-କ) ଶତସଂଖ୍ୟାବିଶିଷ୍ଟ । ବି. ନ. ଶତସଂଖ୍ୟା ।

ଶତକୁମ୍ଭ, ବି. ପୁଂ. ସ୍ୱର୍ଣ୍ଣଖଣି ପର୍ବତବିଶେଷ ।

ଶତକୋଟି, ବି. ପୁଂ. ( ଶତ-କୋଟି, ) ବଜ୍ର, ଶତଧାରବିଶିଷ୍ଟ ଅସ୍ତ୍ର । ସ୍ତ୍ରୀ. ଶତକୋଟି ସଂଖ୍ୟା ।

ଶତକ୍ରତୁ, ବି. ପୁଂ. (ଶତ-କ୍ରତୁ) ଶତାଶ୍ୱମେଧ-ଯଜ୍ଞକାରୀ, ଇନ୍ଦ୍ର ।

ଶତଖଣ୍ଡ, ବି. ନ. ସୁବର୍ଣ୍ଣ, ସ୍ୱର୍ଣ୍ଣ, ସୁନା, ଶତଭାଗ ।

ଶତଗ୍ରନ୍ଥି, ବି. ସ୍ତ୍ରୀ. ଦୂର୍ବା ।

ଶତଘ୍ନୀ, ବି. ସ୍ତ୍ରୀ. (ଶତ-ହନ୍-ଅ-ଈ) ଶତପୁରୁଷ-ଘାତକ ଅସ୍ତ୍ରବିଶେଷ, ଲୌହକଣ୍ଟକମୟ ଯଷ୍ଟ୍ୟାକାର ଅସ୍ତ୍ର ।

ଶତଚ୍ଛଦ, ବି. ପୁଂ. ( ଶତ-ଛଦ ) ଶତଦଳପଦ୍ମ, କାଠକଟା ପକ୍ଷୀ ।

ଶତତମ, ବିଂ. ( ଶତ-ତମ ) ଶତସଂଖ୍ୟାର ପୂରକ ।

ଶତତାରା, ବି. ସ୍ତ୍ରୀ. ଶତଭିଷା ନକ୍ଷତ୍ର ।

ଶତଦଳ, ବି. ନ. (ଶତ-ଦଳ) ପଦ୍ମପୁଷ୍ପ ।

ଶତଦ୍ରୁ, ବି. ସ୍ତ୍ରୀ. ( ଶତ-ଦ୍ରୁ ) ନଦୀବିଶେଷ, ପଞ୍ଜାବର ଅନ୍ତର୍ଗତ ଶତଲଜ ନଦୀ ।

ଶତଧା, ଅଂ. (ଶତ-ଧା) ଶତପ୍ରକାର, ଶତବାର, ଶତଖଣ୍ଡ ।

ଶତଧାମା, ବି. ପୁଂ. ( ଶତ-ଧାମନ୍ ) ବିଷ୍ଣୁ, ନାରାୟଣ ।

ଶତଧାର, ବି. ନ. (ଶତ-ଧାରା) ଅଶନି, ବଜ୍ର ବିଂ. ଶତଧାରାବିଶିଷ୍ଟ ।

ଶତପତ୍ର } ଶତଦଳ } ବି. ନ. ( ଶତ-ପତ୍ର, ଦଳ ) ପଦ୍ମପୁଷ୍ପ । ପୁଂ. ମୟୂର, ସାରସ, ଶୁକପକ୍ଷୀ ।

ଶତପଥ, ବି. ପୁଂ. (ଶତ-ପଥ) ଯଜୁର୍ବେଦାଂଶବିଶେଷ ।

ଶତପଥୀ, ବି. ପୁଂ. (ଶତପଥ-ଇନ୍) ଉପାଧିବିଶେଷ, ଯଜୁର୍ବେଦାଂଶ ଅଧ୍ୟୟନକାରୀ ବ୍ରାହ୍ମଣର ଉପାଧି ।

ଶତପଦ୍ମ, ବି. ନ. (ଶତ-ପଦ୍ମ) ଶ୍ୱେତ କମଳ, ଶୁଭ୍ର ପଦ୍ମ ।

ଶତପାଦିକ, ବି. ( Myriapada ) ବୃଶ୍ଚିକବର୍ଗ ।

ଶତପୁଷ୍ପ, ବି. ପୁଂ. (ଶତ-ପୁଷ୍ପ) ଭାରବି, କିରାତାର୍ଜୁନୀୟ ଚନ୍ଦ୍ରକର୍ତ୍ତା । ଷ୍ପା, ସ୍ତ୍ରୀ. ଶାକବିଶେଷ ।

ଶତଭିଷା, ବି. ସ୍ତ୍ରୀ. (ଶତ-ଭିଷଜ୍-ଅ-ଆ) ଚତୁର୍ବିଂଶ ନକ୍ଷତ୍ର, ଏହାର ଆକାର ଶତ ତାରାମୟୀ ମଣ୍ଡଳାକାର, ଏହାର ଅଧିଷ୍ଠାତ୍ରୀ ଦେବତା ବରୁଣ ।

ଶତଭୀରୁ, ବି. ସ୍ତ୍ରୀ. ମଲ୍ଲିକା ।

ଶତମନ୍ୟୁ, ବି. ପୁଂ. ( ଶତ-ମନ୍ୟୁ ) ଇନ୍ଦ୍ର, ଶତକ୍ରତୁ ।

ଶତମାନୀ, ବି. ପୁଂ. ( ଶତ-ମାଇନ୍ ) ଉତ୍ତମ ଚିକିତ୍ସକ ।

ଶତମୁଖ, ବିଂ. (ଶତ-ମୁଖ) ଶତମୁଖଯୁକ୍ତ ।

ଶତମୁଖୀ, ବି. ସ୍ତ୍ରୀ. ( ଶତ-ମୁଖ-ଈ ) ସମ୍ମାର୍ଜ୍ଜନୀ, ଝାଡ଼ୁଣି ।

ଶତରଞ୍ଜି, ବି (ଦେଶଜ) ଏକପ୍ରକାର ଖେଳ ।

ଶତରଞ୍ଜି, ବି. ବିଚିତ୍ର ସୂତ୍ରନିର୍ମିତ ଆସନବିଶେଷ ।

ଶତବୀର୍ଯ୍ୟା, ବି. ସ୍ତ୍ରୀ. (ଶତ-ବୀର୍ଯ୍ୟା) ଶ୍ୱେତଦୂର୍ବା, ଶତାବରୀ, ଛତୌରୀ, କପିଳ ଦ୍ରାକ୍ଷା ।

ଶତଶଃ, ଅଂ. (ଶତ-ଶସ୍) ଶତବାର ।

ଶତଶୃଙ୍ଗ, ବି. ପୁଂ. ପର୍ବତବିଶେଷ ।

ଶତସହସ୍ର, ବି. ନ. (ଶତ-ସହସ୍ର) ଲକ୍ଷସଂଖ୍ୟା ।

ଶତହ୍ରଦା, ବି.ସ୍ତ୍ରୀ. (ଶତ-ହ୍ରଦ) ବିଦ୍ୟୁତ୍, ବଜ୍ର, ଦକ୍ଷକନ୍ୟାବିଶେଷ ।

ଶତାକ୍ଷୀ, ବି. ସ୍ତ୍ରୀ. ( ଶତ ଅକ୍ଷ-ଅ-ଈ ) ପାର୍ବତୀ, ରାତ୍ରି, ଶତପୁଷ୍ପ ।

ଶତାଙ୍ଗ, ବି. ପୁଂ.(ଶତ-ଅଙ୍ଗ) ସ୍ୟନ୍ଦନ, ରଥ ।

ଶତାନକ, ବି. ନ ( ଶତ-ଅନକ ) ଶ୍ମଶାନ, ପ୍ରେତଭୂମି ।

ଶତାନନ୍ଦ, ବି. ପୁଂ. ( ଶତ-ଆନନ୍ଦ ) ଗୌତମ ମୁନି, ଜନକ ରାଜାଙ୍କ ପୁରୋହିତ, ଦେବକୀନନ୍ଦନ, ବ୍ରହ୍ମା, ବିଷ୍ଣୁରଥ ।

ଶତାନୀକ, ବି. ପୁଂ. ( ଶତ-ଅ-ନୀ-କ ) ବୃଦ୍ଧ, ବୁଢ଼ା, ବ୍ୟାସଙ୍କ ଶିଷ୍ୟ । ବିଂ. ଶତସୈନ୍ୟବାନ୍ ।

ଶତାୟୁଃ, ବିଂ. (ଶତ-ଅୟୁସ୍) ଶତବର୍ଷଜୀବୀ ।

ଶତାର, ବି. ନ. (ଶତ-ର୍ ଅ) ଅଶନି, ବଜ୍ର ।

ଶତାବରୀ, ବି. ସ୍ତ୍ରୀ. (ଶତ-ଆ-ବୃ-ଅ-ଈ) ଶତମୂଳୀ, ଛତୌରୀ, ଇନ୍ଦ୍ରଭାର୍ଯ୍ୟା ।

ଶତାବର୍ତ୍ତ } ଶତାବର୍ତ୍ତୀ } ବି. ପୁଂ. ( ଶତ-ଆବର୍ତ୍ତ-ଇନ୍ ) ବିଷ୍ଣୁ, ନାରାୟଣ ।

ଶତାବ୍ଦୀ, ବି. ସ୍ତ୍ରୀ. (Century) (ଶତ-ଅବ୍ଦ) ଶତବର୍ଷକାଳ ।

ଶତ୍ରୁ, ବି. ପୁଂ. (ଶଦ୍-ରୁ) ରିପୁ, ବୈରୀ, ବିପକ୍ଷ ।

ଶତ୍ରୁଘ୍ନ, ବି. ପୁଂ. ( ଶତ୍ରୁ-ହନ୍-ଅ ) ରାମଙ୍କର ଭ୍ରାତା, ସୁମିତ୍ରାପୁତ୍ର । ବିଂ. ଶତ୍ରୁନାଶକ ।

ଶତ୍ରୁଞ୍ଜୟ, ବି. ପୁଂ. ( ଶତ୍ରୁ-ଜି ଅ ) ହିମାଳୟ, ଗୁଜରାଟର ଅନ୍ତର୍ଗତ ଗିରନାର ପର୍ବତ । ବିଂ. ଶତ୍ରୁଜୟକାରୀ ।

ଶତ୍ରୁତା, ବି. ସ୍ତ୍ରୀ. ( ଶତ୍ରୁ-ତା ) ବିପକ୍ଷତା, ବୈରତା, ବିଦ୍ୱେଷ ।

ଶଦ୍ବରୀ, ବି. ସ୍ତ୍ରୀ. (ଶଦ୍-ବରୀ) ରଜନୀ, ରାତ୍ରି ।

ଶନଶନ, ଅ°. ଶବ୍ଦର ଗମନକାଳୀନ ଧ୍ୱନି, ଅନୁକରଣ ଧ୍ୱନିବିଶେଷ ।

ଶନି } ବି. ପୁଂ. (ଶଣ୍-ଇ, ଶନୈସ୍-ଚର-ଅ) ସପ୍ତମ ଗ୍ରହ ।
ଶନୈଶ୍ଚର }

ଶନୈଃ } ଅ°. (ଶଣ୍-ଔହ୍‌କ) ଅଳ୍ପେ ଅଳ୍ପେ, କ୍ରମେ କ୍ରମେ ।
ଶନକୈଃ }

ଶପ } ବି. ଏକଜାତୀୟ ତୃଣ, ତୃଣନିର୍ମିତ ଆସନବିଶେଷ, ଶପ ମସିଣା ।
ଶଷ୍ପ }

ଶପଥ, ବି. ପୁଂ. ( ଶପ୍-ଅଥ ) ପ୍ରତିଜ୍ଞା, ସତ୍ୟାବଧାରଣ, ତିରସ୍କାର, ଭର୍ତ୍ସନା, ଗାଳି ।

ଶପ୍ତ, ବି°. (ଶପ୍-ତ) ଶାପଗ୍ରସ୍ତ, ଅଭିଶପ୍ତ । ବି. ନ. ଅଙ୍ଗୀକାର ।

ଶଫ, ବି. ପୁଂ. ନ. ପଶ୍ୱାଦିର ଖୁରା, ବୃକ୍ଷମୂଳ ।

ଶଫରାଧିପ, ବି. ପୁଂ. ( ଶଫର-ଅଧିପ ) ଇଲିଶି-ମାଛ ।

ଶଫରୀ, ବି. ସ୍ତ୍ରୀ. ( ଶଫ-ରା ଅ-ଈ ) ପ୍ରୋଷ୍ଠୀ, କେର୍ଣ୍ଡ୍ରି ମାଛ ।

ଶଫେଦ, ବି. ( ଯାବନିକ ) ଶ୍ୱେତବର୍ଣ୍ଣ । ବି°. ଧୋବଳା, ଶ୍ୱେତବର୍ଣ୍ଣବିଶିଷ୍ଟ ।

ଶବଳ, ବି°. (ଶପ୍-ଅଲ) ନାନାବର୍ଣ୍ଣଯୁକ୍ତ । ବି. ପୁଂ. ନାନାବର୍ଣ୍ଣ ।

ଶବ୍ଦ, ବି. ପୁଂ. (ଶବ୍ଦ୍-ଅ) ଶ୍ରବଣେନ୍ଦ୍ରିୟଗ୍ରାହ୍ୟ ପଦାର୍ଥ, ଧ୍ୱନି, ବିଭକ୍ତିରହିତ ନାମ, ନାମ, ଯଶଃ ।

ଶବ୍ଦକୋଷ, ବି. ପୁଂ. (Dictionary) ଶବ୍ଦ-କୋଷ, ଅଭିଧାନ, ଶବ୍ଦାର୍ଥପ୍ରକାଶକ ଗ୍ରନ୍ଥ ।

ଶବ୍ଦଗ୍ରହ, ବି. ପୁଂ. (ଶବ୍ଦ-ଗ୍ରହ) ଶ୍ରବଣେନ୍ଦ୍ରିୟ, କର୍ଣ୍ଣ, ଶବ୍ଦର ଜ୍ଞାନ ।

ଶବ୍ଦଭେଦୀ, ବି. ପୁଂ. (ଶବ୍ଦ-ଭେଦିନ୍ ) ଅର୍ଜୁନ, ଶବ୍ଦାନୁସାରେ ବିନ୍ଧିବା ବାଣବିଶେଷ ।

ଶବ୍ଦଶକ୍ତି, ବି. ସ୍ତ୍ରୀ. ( ଶବ୍ଦ-ଶକ୍ତି ) ଶବ୍ଦର ଅର୍ଥବୋଧକ ବୃତ୍ତି ।

ଶବ୍ଦଶାସ୍ତ୍ର, ବି. ନ. ବ୍ୟାକରଣାଦି ଶାସ୍ତ୍ର ।

ଶବ୍ଦାଧିଷ୍ଠାନ, ବି. ନ. (ଶବ୍ଦ-ଅଧିଷ୍ଠାନ) ଶ୍ରୋତ୍ର, କର୍ଣ୍ଣ ।

ଶବ୍ଦାନୁଶାସନ, ବି. ନ. ( ଶବ୍ଦ-ଅନୁଶାସନ ) ବ୍ୟାକରଣ ଶାସ୍ତ୍ର ।

ଶବ୍ଦାୟମାନ, ବି°. (ଶବ୍ଦ-ଅୟ-ମାନ) ଶବ୍ଦକାରୀ, ଯେ ଶବ୍ଦ କରୁଅଛି ।

ଶବ୍ଦିତ, ବି°. ( ଶବ୍ଦ-ଇତ ) ଧ୍ୱନିତ, କୃତଶବ୍ଦ, ଆହୂତ ।

ଶମ୍, ଅ°. (ଶୀ-ଡମ୍) କଲ୍ୟାଣ, ସୁଖ ।

ଶମ, ବି. ପୁଂ. ( ଶମ୍-ଅ ) ଶାନ୍ତି, ନିରୁପଦ୍ରବ, ଅନ୍ତଃକରଣର ସ୍ଥିରତା, ଅନ୍ତରିନ୍ଦ୍ରିୟନିଗ୍ରହ, ପାଣି, ଉପଚାର, ମନଃସଂଯମ, କ୍ଷମା, ମୋକ୍ଷ, ନିବୃତ୍ତି, ତିରସ୍କାର, ହସ୍ତ ।

ଶମକ, ବି°. ( ଶମ୍-ଅକ ) ଶମୟିତା, ଶାନ୍ତି-କାରକ ।

ଶମତା, ବି. ସ୍ତ୍ରୀ. ( ଶମ-ତା ) ଶାନ୍ତି, ଉପଶମ, ନିବୃତ୍ତି ।

ଶମନ, ବି. ନ. ( ଶମ୍-ଅନ ) ଯଜ୍ଞାର୍ଥ ପଶୁବଧ, ମନଃଶାନ୍ତି, ଉପରମ, ହିଂସା, ଦ୍ୱେଷ, ତିରସ୍କାର, ଶାପ, ଚର୍ବଣ, ଆଘାତ, କ୍ଷତି, ଦମନ । ପୁଂ. କୃତାନ୍ତ, ଯମ । ନୀ, ସ୍ତ୍ରୀ ରାତ୍ରି ।

ଶମନସ୍ୱସା, ବି. ସ୍ତ୍ରୀ. ( ଶମନ-ସ୍ୱସୃ ) ଯମୁନାନଦୀ, କାଳିନ୍ଦୀ ।

ଶମୟିତା, ବି°. (ଶମ-ଇ-ତୃ) ନିବାରକ, ଦମନ-କାରକ, ବିନାଶକ ।

ଶମା, ବି. (ଦେଶଜ) ଢିଙ୍କି ପାହାର ମୁହଁରେ ଲାଗିଥିବା ଲୌହ ବଳୟ ।

ଶମାନ୍ତକ, ବି. ପୁଂ. (ଶମ-ଅନ୍ତକ) କାମଦେବ, କନ୍ଦର୍ପ ।

ଶମାର୍ଥୀ, ବି°. (ଶମ-ଅର୍ଥିନ୍ ) ସନ୍ଧିପ୍ରାର୍ଥୀ ।

ଶମି } ବି. ସ୍ତ୍ରୀ. (ଶମ୍-ଇ, ଈ) ସ୍ୱନାମ ପ୍ରସିଦ୍ଧ ବୃକ୍ଷବିଶେଷ ।
ଶମୀ }

ଶମିତ, ବି°. (ଶମି-ତ) ଦମିତ, ବିନାଶିତ ।

ଶମିବୋଦ୍ଧ } ବି. ପୁଂ. ( ଶମି, ଶମୀ-ବୋଦ୍ଧ )
ଶମୀବୋଦ୍ଧ } ଶିବ, ମହାଦେବ ।

ଶମୀ, ବିଂ. (ଶମ୍-ଇନ୍) ଶମଗୁଣବିଶିଷ୍ଟ, ଶାନ୍ତ, ସଂଯମୀ, ଧୀର ।

ଶମୀକ, ବି. ପୁଂ. (ଶମ୍-ଈକନ୍) ମୁନିବିଶେଷ, ଶୃଙ୍ଗୀ ମୁନିଙ୍କ ପିତା, ରାଜା ପରୀକ୍ଷିତ୍ ଏହି ମୁନିଙ୍କ ଗଳଦେଶରେ ମୃତ ସର୍ପ ପ୍ରଦାନ କରିଥିଲେ ।

ଶମୀଗର୍ଭ, ବି. ପୁଂ. (ଶମୀ-ଗର୍ଭ) ବ୍ରାହ୍ମଣ, ଅଗ୍ନି ।

ଶମୀପତ୍ରା, ବି. ସ୍ତ୍ରୀ. ଲଜ୍ଜାଳୁ ଲତା, ଲାଜକୁଳି ଗଛ ।

ଶମ୍ପା, ବି. ସ୍ତ୍ରୀ. (ଶମ୍-ପା-ଅ) ବିଦ୍ୟୁତ, ତଡ଼ିତ୍ ।

ଶମ୍ବ, ବି. ପୁଂ. (ଶମ୍ବ-ଅ) ଅଶନି, ବଜ୍ର, ଦରିଦ୍ର, ଦ୍ୱିତୀୟବାର କର୍ଷଣ । ବିଂ. ଭାଗ୍ୟବାନ୍, ସୌଭାଗ୍ୟଶାଳୀ, ଶୁଭାନ୍ୱିତ । (ବଜ୍ର ଅର୍ଥରେ) ଯଥା—

ଝାଣି ଶବ୍ଦେ ଶମ୍ବ ସଦୃଶ କଳମ୍ବ ଭୃଗୁଙ୍କୁ ଏକା ଅଗଳ । ବ. ଠ.

ଶମ୍ବର, ବି. ପୁଂ (ଶମ୍ବ-ଅର) ଅସୁରବିଶେଷ, ଯୁଦ୍ଧ, ମୃଗଜାତୀୟ ଜୀବବିଶେଷ, ଶ୍ରେଷ୍ଠ, ଅର୍ଜୁନବୃକ୍ଷ । ନ. ଜଳ, ଧନ ।

ଶମ୍ବରସୂଦନ, ବି. ପୁଂ. (ଶମ୍ବର-ସୂଦନ) କାମଦେବ, କନ୍ଦର୍ପ, ମଦନ ।

ଶମ୍ବରାରି, ବି. ପୁଂ. (ଶମ୍ବର-ଅରି) କନ୍ଦର୍ପ ।

ଶମ୍ବଲ, ବି. ପୁଂ. ନ. (ଶମ୍ବ-ଅଲ) ପଥଖରଚ, ପାଥେୟ, କୂଳ, ତୀର ।

ଶମ୍ବୁ } ବି. ପୁଂ. ସ୍ତ୍ରୀ. (ଶମ୍-ଉ, ଊ, ଶମ୍-
ଶମ୍ବୂ } ଉକ, ଊକ) ଜଳଜନ୍ତୁବିଶେଷ,
ଶମ୍ବୁକ } ଶାମୁକା, ଗଜକୁମ୍ଭୀର, ଶଙ୍ଖ,
ଶମ୍ବୂକ } କ୍ଷୁଦ୍ର ଶଙ୍ଖ ।

ଶମ୍ବଲୀ, ବି. ସ୍ତ୍ରୀ. (ଶମ୍ବ-ଲ-ଅ-ଈ) ଦୂତୀ, କୁଟ୍ଟିନୀ । ଯଥା—

ଧନକନକକନଗଣ ଶମ୍ବଲୀରେ ଖିଡ,
ସବସ୍ୱ ପାଶ୍ରୁର ଭକ୍ତ ବେଦଭ୍ରୁ ଯଥା । ମ. ଯା.

ଶମ୍ଭୁ, ବି. ପୁଂ. (ଶମ୍-ଭୂ ଉ) ଶିବ, ମହାଦେବ, ବ୍ରହ୍ମା, ବିଷ୍ଣୁ, ବୁଦ୍ଧ, ଶ୍ୱେତାର୍କ ।

ଶମ୍ଭୁପ୍ରିୟ, ବି. ସ୍ତ୍ରୀ. ଆମଲକୀ, ଦୁର୍ଗା ।

ଶୟ, ବି. ପୁଂ. (ଶୀ-ଅ) କର, ହସ୍ତ ଶୟନ, ନିଦ୍ରା, ଶଯ୍ୟା, ସର୍ପ, ପଣ । ବିଂ. ଶୟନକାରୀ ।

ଶୟତାନ, (ଯାବନିକ) ଭୂତରାଜ, ଦୁଷ୍ଟ ।

ଶୟଥ, ବି. ପୁଂ. (ଶୀ-ଅଥ) ଅଜଗର ସର୍ପ, ମୃତ୍ୟୁ, ବରାହ । ବିଂ. ନିଦ୍ରାଳୁ ।

ଶୟନ, ବି. ନ. (ଶୀ-ଅନ) ନିଦ୍ରା, ସ୍ତ୍ରୀସଙ୍ଗ, ମୈଥୁନ, ଶଯ୍ୟା ।

ଶୟନୀୟ } ବି. ନ. (ଶୀ-ଅନୀୟ, କ) ଶୟନର
ଶୟନୀୟକ } ସ୍ଥାନ, ଶଯ୍ୟା । ବିଂ. ଶୟନଯୋଗ୍ୟ ।

ଶୟଲ, ବି. (ଦେଶଜ) ସଂସାର । ଯଥା—

ତାଙ୍କୁ କେହି ବାନ୍ଧବ ଶୟଲ । ମ. ମ.

ଶୟାନ, ବିଂ. (ଶୀ-ଆନ) ନିଦ୍ରିତ, ଯେ ଶୟନ କରିଅଛି ।

ଶୟାଳୁ, ବିଂ. (ଶୀ-ଆଳୁ) ନିଦ୍ରାଳୁ, ସର୍ବଦା ନିଦ୍ରାଶୀଳ । ବି. ପୁଂ. ଅଜଗର ସର୍ପ, କୁକ୍କୁର, ଶୃଗାଳ ।

ଶୟିତ, ବିଂ. (ଶୀ-ତ) ନିଦ୍ରିତ, ସୁପ୍ତ ।

ଶଯ୍ୟା, ବି. ସ୍ତ୍ରୀ. (ଶୀ-ଯ) ତଳ୍ପ, ବିଛଣା, ଖଟ୍ୱା ।

ଶର } ବି. ପୁଂ. (ଶୃ-ଅ) ବାଣତୃଣ, ବାଣ,
ସର } କାଣ୍ଡ । ନ. ଜଳ ।

ଶରଜ, ବି. ନ. (ଶର-ଜ) ସଦ୍ୟଜାତ ଦଧି, କାର୍ତ୍ତିକେୟ ।

ଶରଜନ୍ମା, ବି. ପୁଂ. (ଶର-ଜନ୍ମନ୍) କାର୍ତ୍ତିକେୟ ।

ଶରଟ, ବି. ପୁଂ. (ଶୃ-ଅଟ) ଏଣ୍ଡୁଅ ।

ଶରଣ, ବି. ନ. (ଶୃ-ଅନ) ଗୃହ, ରକ୍ଷକ, ରକ୍ଷା, ଆଶ୍ରୟ, ବଧ, ବିନାଶ ।

ଶରଣାଗତ, ବିଂ. (ଶରଣ-ଆଗତ) ଶରଣାପନ୍ନ, ରକ୍ଷାର୍ଥୀ ।

ଶରଣାପନ୍ନ, ବି. (ଶରଣ-ଆପନ୍ନ) ଆଶ୍ରିତ, ରକ୍ଷାର୍ଥୀ ।

ଶରଣାର୍ଥୀ, ବିଂ. (ଶରଣ-ଅର୍ଥୀ) ରକ୍ଷାପ୍ରାର୍ଥକ, ଆଶ୍ରୟପ୍ରାର୍ଥୀ ।

ଶରଣି } ବି. ସ୍ତ୍ରୀ. ( ଶୃ-ଅନ ) ପଥ, ରାସ୍ତା,
ଶରଣୀ } ପ୍ରସାରଣୀ ।

ଶରଣ୍ୟ, ବିଂ. (ଶରଣ-ଯ) ରକ୍ଷାକର୍ତ୍ତା, ରକ୍ଷଣୀୟ, ରକ୍ଷଣସମର୍ଥ । ନ. ଆଶ୍ରୟ, ଗୃହ, ରକ୍ଷଣ, ଆଘାତ, ଘାତ ।

ଶରତ୍କାମୀ, ବି. ପୁଂ. (ଶରଦ୍-କାମୀ) କୁକୁର ।

ଶରଦ୍ । ବି. ସ୍ତ୍ରୀ (ଶୃ-ଅଦ୍) ଋତୁବିଶେଷ, ଆଶ୍ୱିନ କାର୍ତ୍ତିକ, ଏହି ଦୁଇ ମାସ ।

ଶରଦନ୍ତ, ବି. ପୁଂ. (ଶରଦ୍-ଅନ୍ତ) ହେମନ୍ତ ଋତୁ ।

ଶରଦଜ, ବିଂ. ( ଶରଦ-ଜ ) ଶରତ୍କାଳୀନ, ଶରତ୍କାଳରେ ଉତ୍ପନ୍ନ ।

ଶରଧାବାଲି, ( ଶ୍ରଦ୍ଧା ଓ ବାଲୁକା ଶବ୍ଦଜ ) ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ବଡ଼ଦାଣ୍ଡର ଧୂଳି ।

ଶରଧି, ବି. ପୁଂ. ( ଶର-ଧା-ଇ ) ଶରଧାର, ତୂଣ ।

ଶରଭ, ବି. ପୁଂ. (ଶୃ-ଅଭ) ଅଷ୍ଟପାଦ ମୃଗବିଶେଷ, ଓଟ, କରଭଶାବକ, ବାନରବିଶେଷ, ଶଲଭ ।

ଶରବ୍ୟ, ବିଂ. (ଶର-ବେୟ-ଅ) ଶରର ଲକ୍ଷ୍ୟ, ବାଣର ଲକ୍ଷଣ ।

ଶରଭଙ୍ଗ, ବି. ପୁଂ. ମୁନିବିଶେଷ ।

ଶରଭୂ, ବି. ପୁଂ. (ଶର ଭୂ-•) କାର୍ତ୍ତିକେୟ, ଶରଜନ୍ମା ।

ଶରମ, ବି. (ଯାବନିକ) ଲଜ୍ଜା, ବ୍ରୀଡ଼ା ।

ଶରୟୁ } ବି. ସ୍ତ୍ରୀ. ( ଶୃ-ଅୟୁ ) ନଦୀ-
ଶରୟୂ } ବିଶେଷ ।

ଶରଳ, ବିଂ. (ଶୃ-ଅଳ) ଅକପଟହୃଦୟ, ସଜ୍ଜନ, ଅବକ୍ର । ବି. ପୁଂ. ଦେବଦାରୁ ଗଛ ।

ଶରା, ବି. (ଶରାବ ଶବ୍ଦଜ) କ୍ଷୁଦ୍ରକାୟ ମୃଣ୍ମୟ ପାତ୍ରବିଶେଷ ।

ଶରାଳ, ବି. (ଦେଶଜ) ଜଳଚର ପକ୍ଷିବିଶେଷ ।

ଶରାବ, ବି. (ଶର-ଅବ୍-ଅ) ଶରା, ଏକସେର ପରିମାଣ ।

ଶରାଶ୍ରୟ, ବି, ପୁଂ. ( ଶର-ଆଶ୍ରୟ ) ଶରଧି, ତୂଣ ।

ଶରାସନ, ବି. ନ. (ଶର-ଅସ୍-ଅନ) କାର୍ମୁକ, ଧନୁକ ।

ଶରାସ୍ୟ, ବି. ନ. ଧନୁଃ ।

ଶରୀର, ବି. ନ. (ଶୃ-ଈରନ୍) ଦେହ, ବିଗ୍ରହ, କଳେବର ।

ଶରୀରଜ, ବି. ପୁଂ. (ଶରୀର-ଜ) କାମ, କନ୍ଦର୍ପ, ପୁତ୍ର, ରୋଗ । ବିଂ. ଦେହଜାତ, ଶରୀରୋତ୍ପନ୍ନ ।

ଶରୀରୀ, ବି. ପୁଂ. (ଶରୀର ଇନ୍) ଆତ୍ମା, ଜୀବାତ୍ମା, ଶରୀରବିଶିଷ୍ଟ, ଦେହୀ, ପ୍ରାଣୀ, ଜୀବ, ମନୁଷ୍ୟ, ଜନ୍ତୁ ।

ଶର୍କରା, ବି. ସ୍ତ୍ରୀ. (ଶୃ-କରନ୍-ଆ) ଚିନି, ଖଣ୍ଡ ।

ଶର୍କରୀ, ବି. ସ୍ତ୍ରୀ ମେଖଳା, ଲେଖନୀ, କଲମ ।

ଶର୍ମଦ, ବିଂ. (ଶର୍ମନ୍-ଦ) ସୁଖଦାୟକ । ବି. ପୁଂ. ବିଷ୍ଣୁ ।

ଶର୍ମା ବି. ପୁଂ. ( ଶୃ-ମନ୍ ) ବ୍ରାହ୍ମଣମାନଙ୍କ ଉପନାମ । ର୍ମ, ନ. ସୁଖ, ସ୍ୱଚ୍ଛନ୍ଦ, କଲ୍ୟାଣ । ବିଂ. ସୁଖୀ ।

ଶର୍ଯ୍ୟା, ବି. ସ୍ତ୍ରୀ. (ଶୃ-ଯ-ଆ) ରଜନୀ, ରାତ୍ରି ।

ଶର୍ବ, ବି. ପୁଂ. (ଶୃ-ବ) ଶିବ, ମହାଦେବ ।

ଶର୍ବର, ବି. ପୁଂ. (ଶର୍ବ-ଅର) କାମଦେବ । ନ. ଅନ୍ଧକାର ।

ଶର୍ବରୀ, ବି. ସ୍ତ୍ରୀ. (ଶର୍ବ-ବର-ଈ) ରାତ୍ରି, ନାରୀ, ହରିଦ୍ରା ।

ଶର୍ବାଣୀ, ବି. ସ୍ତ୍ରୀ. ( ଶର୍ବ-ଆଣୀ ) ପାର୍ବତୀ, ଶିବାନୀ ।

ଶଲ, ବି. ପୁଂ. (ଶଲ୍-ଅ) ବ୍ରହ୍ମା, ଉଷ୍ଟ୍ର, କୁନ୍ତ ଅସ୍ତ୍ର, ସ୍ୱନାମପ୍ରସିଦ୍ଧ ଅସ୍ତ୍ରବିଶେଷ, ଝିଙ୍କ-କାଠି । ( ଦେଶଜ ) ବିଂ. ଅଦ୍ଭୁତକର, ଅମଙ୍ଗଳଜନକ ।

ଶଲକ, ବି. ପୁଂ. ( ଶଲ୍-ଅକ ) ଲୂତା, ମାକଡ଼ସା ।

ଶଲଭ, ବି. ପୁଂ. (ଶଲ୍-ଅଭ୍) ଛ ପ୍ରକାର କୀଟଅନ୍ତର୍ଗତ କୀଟବିଶେଷ, ପତଙ୍ଗବିଶେଷ, ପଙ୍ଗପାଳ ନାମକ ଝିଣ୍ଟିକା।

ଶଲରା, ବି. (ଦେଶଜ) କଣ୍ଟାବୃକ୍ଷବିଶେଷ। ଏକପ୍ରକାର କଲରା।

ଶଲଗଲ, ନ. (ଦେଶଜ) ଲେଗଲ।

ଶଲଲ, ବି. ନ. (ଶଲ-ଅଲ) ଝିଙ୍କକାଠି।

ଶଳା, ବି. (ଶ୍ୟାଳ ଶବ୍ଦଜ) ଭାର୍ଯ୍ୟାର ଭାଇ।

ଶଲାକା, ବି. ସ୍ତ୍ରୀ. (ଶଲ-ଅକ-ଆ) କ୍ଷୁଦ୍ର ଯଷ୍ଟି, ନଳ, ଅଙ୍କୁର, ବାଣ, ତୂଳି ପ୍ରଭୃତି, ଅସ୍ଥି, ଦାଢ଼ି, ଶଲ୍ୟ, ଶେଲ।

ଶଲ୍କ, ବି. ନ. (ଶଲ୍-କ) ବଲ୍କଲ, ମାଛକାତି।

ଶଲ୍ୟ, ବି. ପୁଂ (ଶଲ୍-ଯ) ମଦ୍ରଦେଶର ନୃପବିଶେଷ, ଯୁଧିଷ୍ଠିରଙ୍କ ମାତୁଳ, ସୀମା। ପୁଂ. ନ: ଶଙ୍କୁ, ଶଲାକା, ଶେଲ। ନ. ବାଣ, ଲୌହଶାବଳ, ବିଷ, ଦୁର୍ବାକ୍ୟ, ଅସ୍ଥି, କଣ୍ଟକ।

ଶଲ୍ୟାରି, ବି. ପୁଂ. (ଶଲ୍ୟ-ଅରି) ରାଜା ଯୁଧିଷ୍ଠିର।

ଶଲ୍ଲ, ବି. ପୁଂ. (ଶଲ୍-ଲ) ଭେକ। ନ. ତ୍ୱକ୍, କାତି।

ଶଲ୍ଲକୀ, ବି. ସ୍ତ୍ରୀ. (ଶଲ୍ଲକ-ଈ) ଶଜାରୁ, ଝିଙ୍କପକ୍ଷୀ। ଯଥା—

ଭଗ୍ନେଳ ଶଲାକା ଯେହ୍ନେ କୁପିତ ଶଲ୍ଲକୀ। ମ. ଯା.

ଶବ, ବି. ପୁଂ. ନ. (ଶବ୍-ଅ) ମୃତଶରୀର, ମଡ଼ା। ନ. ଜଳ।

ଶବର, ପୁଂ. } ବି. (ଶବ-ର-ଅ) ବର୍ବର, ଶବରୀ, ସ୍ତ୍ରୀ. } ବ୍ୟାଧ। ପୁଂ. ଶିବ, ହସ୍ତ, ଜଳ, ଶାସ୍ତ୍ରବିଶେଷ।

ଶବରଣୀ, ଶବରୁଣୀ, ଶଅରୁଣୀ } ବି. ସ୍ତ୍ରୀ. ଶବରୀ, ଶବରସ୍ତ୍ରୀ। ଯଥା—

ଶବରଣୀ ବେଶେ ମୋ ନବର ପାଶେ
ଶୁକଶାରିପୋତ ବକଙ୍କ ବସେ। ବ. ତ,

ଶବଳ, ବିଂ. (ଶବ୍-ଅଲ) କର୍ବୁରବର୍ଣ୍ଣ, ନାନାବର୍ଣ୍ଣଯୁକ୍ତ। ପୁଂ. ନାନାବର୍ଣ୍ଣ।

ଶଶ, ଶଶକ } ବି. ପୁଂ. (ଶଶ୍-ଅ, ଅକ) ଠେକୁଆ, ଜନ୍ତୁବିଶେଷ, ଚନ୍ଦ୍ରର ଲାଞ୍ଛନ, ଚତୁର୍ବିଧ ପୁରୁଷ ଅନ୍ତର୍ଗତ ଏକପ୍ରକାର ପୁରୁଷ।

ଶଶଧର, ଶଶଭୃତ୍ } ବି. ପୁଂ. (ଶଶ-ଧୃ-ଅ, ଭୃ-୦) ଚନ୍ଦ୍ର, ମୃଗାଙ୍କ, କର୍ପୂର।

ଶଶବିନ୍ଦୁ, ବି. ପୁଂ. (ଶଶ-ବିନ୍ଦୁ) ବିଷ୍ଣୁ, ନୃପବିଶେଷ, ଚିତ୍ରରଥର ପୁତ୍ର।

ଶଶସ୍ଥଳୀ, ବି. ସ୍ତ୍ରୀ (ଶଶ-ସ୍ଥଳ ଈ) ଗଙ୍ଗା ଯମୁନାର ମଧ୍ୟବର୍ତ୍ତୀ ଦେଶ, ଦୋଆବ।

ଶଶା, ବି. (ଶଶ ଶବ୍ଦଜ) ଶଶକ, ଠେକୁଆ।

ଶଶିକଳା, ବି. ସ୍ତ୍ରୀ. ପଞ୍ଚଦଶାକ୍ଷର ପାଦ ଛନ୍ଦୋବିଶେଷ, ଚନ୍ଦ୍ରଙ୍କ ଅଂଶ।

ଶଶିକାନ୍ତ, ବି. ନ. କୁମୁଦ, ଚନ୍ଦ୍ରକାନ୍ତମଣି।

ଶଶିପ୍ରଭା ବି. ନ. (ଶଶି-ପ୍ରଭା) କୁମୁଦ, ମୁକ୍ତା। ବିଂ. ଶୁଭ୍ରବର୍ଣ୍ଣ।

ଶଶିଭୂଷଣ, ଶଶିଭୃତ୍, ଶଶିଶେଖର } ବି. ପୁଂ. (ଶଶି-ଭୂଷଣ, ଭୃତ୍, ଶେଖର) ଶିବ, ଚନ୍ଦ୍ରଚୂଡ଼।

ଶଶିବଦନା, ବି. ସ୍ତ୍ରୀ. (ଶଶି-ବଦନ) ଚନ୍ଦ୍ରବଦନା, ଚନ୍ଦ୍ରମୁଖୀ, ଚନ୍ଦ୍ରତୁଲ୍ୟ ମୁଖବିଶିଷ୍ଟ ସ୍ତ୍ରୀଲୋକ।

ଶସ, ବି. (ଦେଶଜ) ତାଳପ୍ରଭୃତି ଫଳର କୋମଳ ମଧ୍ୟଭାଗ, କାଠ ପ୍ରଭୃତିର ମଜ୍ଜା।

ଶଶ୍ୱତ୍, ଅଂ. ସର୍ବଦା, ସବୁବେଳେ, ବାରମ୍ବାର।

ଶଷ୍କୁଲ, (ଲୀ), ବି. ଚକୁଳିପିଠା।

ଶସ୍ତ, ବିଂ. (ଶନ୍ସ୍-ତ) ସୁଖୀ, କଲ୍ୟାଣଯୁକ୍ତ, ପ୍ରଶସ୍ତ, ଉତ୍କୃଷ୍ଟ, ହତ। ବି. ନ. ସୁଖ, ଶରୀର, କଲ୍ୟାଣ।

ଶସ୍ତ୍ରକ, ବି. ନ. (ଶସ୍ତ୍ର-କ) ଅଙ୍ଗୁଳିତ୍ରାଣ, ଦସ୍ତାନା।

ଶସ୍ତା, ବିଂ. (ଦେଶଜ) ସୁମୂଲ୍ୟ, ସୁକ୍ରେୟ, ଅଳ୍ପମୂଲ୍ୟ।

**ଶସ୍ତ୍ର**, ବି. ନ. ( ଶସ୍-ତ୍ର ) ଆୟୁଧ, ଅସ୍ତ୍ର, ଯାହା ହସ୍ତରେ ଧରି ପ୍ରହାର କରାଯାଏ ।

**ଶସ୍ତ୍ରକ**, ବି. ନ. (ଶସ୍ତ୍ର-କ) ଲୌହ, ଲୁହା ।

ଶସ୍ତ୍ରଧର } ବି. ପୁଂ. (ଶସ୍ତ୍ର-ଧର, ଭୃତ୍) ଶସ୍ତ୍ରଧାରୀ
ଶସ୍ତ୍ରଭୃତ୍ } ପୁରୁଷ । ବିଂ. ଅସ୍ତ୍ରଧାରୀ, ଆୟୁଧଯୁକ୍ତ ।

ଶସ୍ତ୍ରଜୀବୀ } ବି. ପୁଂ. (ଶସ୍ତ୍ର-ଜୀବୀ, ଶସ୍ତ୍ର-ଆଜୀବ)
ଶସ୍ତ୍ରାଜୀବ } ସୈନିକ ।

ଶସ୍ତ୍ରୀ, ବିଂ. ( ଶସ୍ତ୍ର-ଇନ୍ ) ଶସ୍ତ୍ରଧାରୀ । (ଶସ୍ତ୍ର-ଈ) ବି. ପୁଂ ଅସ୍ତ୍ର, ଛୁରି ।

ଶସ୍ୟ, ବି. ନ. (ଶସ୍-ଯ) ବୃକ୍ଷାଦିର ଫଳ ମୂଳ, କୃଷିକାର୍ଯ୍ୟଦ୍ୱାରା ଉତ୍ପନ୍ନ ଧାନ୍ୟାଦି ।

ଷାଠ } ବିଂ. ( ଶତ ଦେଶଜ ) ଏକ ଶତ, ୧୦୦
ଶତେ } ସଂଖ୍ୟା ।

**ଶହର**, ବି. (ଯାବନିକ) ରାଜଧାନୀ, ମହା ନଗର ।

ଶାଅଣି } ବି. ( ଶାଣ ଶବ୍ଦଜ ) ଶସ୍ତ୍ରାଦି ତୀକ୍ଷ୍ଣ
ଶାହାଣି } କରିବାର ସାଧନ, ତୀକ୍ଷ୍ଣ କରିବା ।

ଶାଉଁଳା } ବିଂ. (ଶ୍ୟାମଳ ଶବ୍ଦଜ) କୋମଳ
ଶାଉଁଳିଆ } ସ୍ପର୍ଶ, ଯାହା ହାତକୁ କଅଁଳିଆ ଲାଗେ, କୋମଳ, ଆଉଁସା ଯାଇଥିବା ।

ଶାଉଁଳିବା, କ୍ରି. ( ଦେଶଜ ) ଆଉଁସିବା, ଖୁସାମଦ୍ କରିବା ।

ଶାକ, ବି. ପୁଂ. ନ. (ଶାକ୍-ଅ) ବୃକ୍ଷର ପତ୍ରାଦି, ପତ୍ର ପୁଷ୍ପ ବୃନ୍ତ ମୂଳ ପ୍ରଭୃତି, ଶାଗ, ଦ୍ୱୀପବିଶେଷ ।

ଶାକମ୍ଭରୀ, ବି. ସ୍ତ୍ରୀ ( ଶାକ-ଭୃ-ଅ-ଈ ) ଦୁର୍ଗା, ପାର୍ବତୀ ।

ଶାକର, ବି. ( ଶର୍କରା ଶବ୍ଦଜ ) ଚିନି, ନବାତ, ବ୍ୟଞ୍ଜନବିଶେଷ ।

ଶାକବଲ୍ଲୀ, ବି. ପୁଂ. ବାର୍ତ୍ତାକୀ, ବାଇଗଣ ।

ଶାକାଙ୍ଗ, ବି. ନ. (ଶାକ-ଅଙ୍ଗ) ଗୋଲମରିଚ ।

**ଶାକୁନିକ**, ବିଂ. ( ଶକୁନ-ଇକ ) ପକ୍ଷି ଶିକାରୀ, ନିମିତ୍ତଜ୍ଞ, ପକ୍ଷିସମ୍ବନ୍ଧ ।

**ଶାକୁନ୍ତଲେୟ**, ବି. ପୁଂ. ( ଶକୁନ୍ତଳା-ଏୟ ) ଶକୁନ୍ତଳାଙ୍କ ପୁତ୍ର, ଭରତରାଜ ।

ଶାକୁଳିକ, ବି. ପୁଂ. ( ଶକୁଳ = ମତ୍ସ୍ୟ-ଇକ ) ମତ୍ସ୍ୟଜୀବୀ, ଧୀବର ।

ଶାକ୍ତ, ବି. ପୁଂ. ( ଶକ୍ତି-ଅ ) ଶକ୍ତିର ଉପାସକ, ତାନ୍ତ୍ରିକ, ସମ୍ପ୍ରଦାୟବିଶେଷ ।

ଶାକ୍ତିକ, ବି. ପୁଂ. (ଶକ୍ତି-ଇକ) ଶକ୍ତିଶସ୍ତ୍ରଧାରୀ ।

ଶାକ୍ୟ } ବି. ପୁଂ. ( ଶାକ-ଯ, ଶାକ୍ୟ-
ଶାକ୍ୟମୁନି } ମୁନି, ସିଂହ) ବୁଦ୍ଧ, ବୌଦ୍ଧମତ-
ଶାକ୍ୟସିଂହ } ପ୍ରବର୍ତ୍ତୟିତା ମୁନି ।

ଶାଙ୍କୋଳୀ, ବି, (ଶୃଙ୍ଖଳ ଶବ୍ଦଜ) ବନ୍ଧନ, ଶୃଙ୍ଖଳ ପ୍ରଭୃତିର ବନ୍ଧନ । ଯଥା—

ଶାଙ୍କୋଳୀ ବାଳୀ ଝଲକା ସ୍ୱରୂପ,
ସଦମ୍ଭ ଜନ ମାନସକୁ ଦେବ ଯେ । ସୁ. ପ.

ଶାଖ, ବି. ପୁଂ. (ଶାଖ୍-ଅ-ଆ) ଖା, ସ୍ତ୍ରୀ. ବୃକ୍ଷର ଅଙ୍ଗବିଶେଷ, ବିଟପ, ଡାଳ, ବେଦର ଅଂଶ-ବିଶେଷ, ଏକଦେଶ, ବାହୁ, ଗ୍ରନ୍ଥପରିଚ୍ଛେଦ, ଅନ୍ତିକ ।

ଶାଖାଗ୍ର, ବି. ନ. ଅଙ୍ଗୁଳି, ବିଟପାଗ୍ର ।

ଶାଖାମୃଗ, ବି. ପୁଂ. (ଶାଖା-ମୃଗ) କପି, ବାନର ।

ଶାଖାରସ, ବି. ପୁଂ. ( ଶାଖା-ରସ ) ମକରନ୍ଦ, ପୁଷ୍ପରସ ।

ଶାଖୀ, ବି. ପୁଂ. ( ଶାଖା-ଇନ୍ ) ବୃକ୍ଷ, ଗଛ, ବେଦ, ନୃପତିବିଶେଷ । ବିଂ. ଶାଖାଯୁକ୍ତ ।

ଶାଗ, ବି. (ଶାକ ଶବ୍ଦଜ) ବୃକ୍ଷର ପତ୍ରାଦି, ମୂଳା ପ୍ରଭୃତି ।

ଶାଗୁଆ, ବି. ( ଶାକ ଶବ୍ଦଜ) ଶାକର, ବର୍ଣ୍ଣ ପରି ବର୍ଣ୍ଣବିଶିଷ୍ଟ ।

ଶାଙ୍କୋଳ } ବି. ( ଶୃଙ୍ଖଳା ଶବ୍ଦଜ ) ବନ୍ଧନ,
ଶାଙ୍କୁଳ } ବେଡ଼ି । ଯଥା—

କେନା ଦୋଷରେ ଶିକୁଳି ଛଳେ ଶାଙ୍କୁଳି ଦେଏ ଲୋକ । ବେ ବ

ଶାଠ, ବି. (ଦେଶଜ) ଶଗଡ଼ଦଣ୍ଡାର ଶେଷ ଫଳ ।

ଶାଢ଼ିକା } ବି. ସ୍ତ୍ରୀଲୋକମାନଙ୍କର ପରିଧେୟ
ଶାଢ଼ୀ } ବସ୍ତ୍ର । ଯଥା—

ରତ୍ନଠାରୁ ପାଟ ଶାଢ଼ୀ ବର୍ଣ୍ଣ ପରି ।

**ଶାଠ**, ବି. (ଦେଶଜ) ଲୌକିକଜ୍ଞାନ, ସାଧାରଣ ଜ୍ଞାନ, ଶାସ୍ତ୍ରଜ୍ଞାନ ଛଡ଼ା ଅନ୍ୟଜ୍ଞାନ ।

ଶାଠ୍ୟ, ବି. ନ. ( ଶଠ-ଯ ) ଧୂର୍ତ୍ତତା, ଶଠତା ।

ଶାଢ଼ୀ, ବି. (ଶାଟୀ ଶବ୍ଦଜ) ସ୍ତ୍ରୀଲୋକର ପରିଧେୟ ବସ୍ତ୍ର । ଯଥା—

ଶାଢ଼ୀ କାହିଁ ଦେବ ଦେବନ୍ତ ହେ,
ସଙ୍କୋଚନ୍ତେ ମୋ ପ୍ରାଣ ଯିବନ୍ତ ହେ । କ. ଚ.

ଶାଣ, ବି. ପୁଂ. (ଶୋ-ଣ) କଷଣପ୍ରସ୍ତର, କଷ୍ଟିପଥର, ଘର୍ଷଣ ପଥର, ଶାଣ, କରତ । ନ. ଶଣସୂତ୍ରନିର୍ମିତ ବସ୍ତ୍ର ।

ଶାଣିତ, ବିଂ. ( ଶାଣ-ଇତ ) ତୀକ୍ଷ୍ଣୀକୃତ, ଧାରୁଆ ।

ଶାଣୀ, ବି. ସ୍ତ୍ରୀ. ( ଶାଣ-ଈ ) ତାମ୍ବୁ, ଇଙ୍ଗିତ, ଇସାରା ।

ଶାଣ୍ଡିଲ୍ୟ, ବି. ପୁଂ. (ଶାଣ୍ଡିଲ-ଯ) ଗୋତ୍ରକାରକ ମୁନିବିଶେଷ, ବିଲ୍ୱବୃକ୍ଷ, ଅଗ୍ନିର ମୂର୍ତ୍ତିବିଶେଷ ।

ଶାତ, ବିଂ. ( ଶୋ-ତ ) କ୍ଷୀଣ, ଦୁର୍ବଳ, କୃଶ, ସରୁ, ଶାଣିତ, ସୁଖୀ, ସୁନ୍ଦର, ଦୀପ୍ତିମାନ୍, ପ୍ରଭାଶାଳୀ । ବି. ନ. ସୁଖ । ପୁଂ. ପତନ ।

ଶାତକର୍ଣ୍ଣି, ବି. ପୁଂ. ମୁନିବିଶେଷ ।

ଶାତକୁମ୍ଭ, ବି. ନ. ( ଶତକୁମ୍ଭ-ଅ ) ସୁବର୍ଣ୍ଣ, ସୁନା ।

ଶାଦ, ବି. (ଶ୍ରଦ୍ଧା ଶବ୍ଦଜ) ଆକାଂକ୍ଷା, ଦୋହଦ, (ଶଦ-ଅ) କାଦୁଅ, ନବତୃଣ ।

ଶାଦା, ବିଂ. (ଶ୍ୱେତ ଶବ୍ଦଜ) ଶ୍ୱେତବର୍ଣ୍ଣ, ଶୁକ୍ଳ ।

ଶାଦ୍ୱଲ }
ଶାଦହରିତ } ବିଂ. ( ଶାଦ=ନବତୃଣ-ବଲ, ହରିତ ) ନବ ତୃଣଦ୍ୱାରା ହରିଦ୍ବର୍ଣ୍ଣ, ( ସ୍ଥାନ, ପ୍ରଦେଶ ) ।

ଶାନ୍ତ, ବିଂ. (ଶମ୍-ତ) ଶମଗୁଣବିଶିଷ୍ଟ, ସୌମ୍ୟ, ଜିତେନ୍ଦ୍ରିୟ, ଶିଷ୍ଟ, ଶମତାପ୍ରାପ୍ତ, ନିବୃତ୍ତ, ମୃତ, ବିନୀତ, ପରିଷ୍କୃତ, ବଶୀଭୂତ ।

ଶାନ୍ତନବ, ବି. ପୁଂ. ( ଶାନ୍ତନୁ-ଅ ) ଶାନ୍ତନୁଙ୍କ ପୁତ୍ର, ଭୀଷ୍ମ ।

ଶାନ୍ତନୁ, ବି. ପୁଂ. (ଶଂ-ତନୁ, ଅ ସ୍ଥାନରେ ଆ) ଚନ୍ଦ୍ରବଂଶୀୟ ନୃପବିଶେଷ, ପ୍ରତୀପଙ୍କର ପୁତ୍ର, ଭୀଷ୍ମଙ୍କ ପିତା ।

ଶାନ୍ତି, ବି. ସ୍ତ୍ରୀ. ( ଶମ୍-ତି ) ଚିତ୍ତର ସ୍ଥିରତା, ନିରୁପଦ୍ରବ, ଶମଗୁଣ, ସୌଭାଗ୍ୟ, ମୁକ୍ତି, ବିଶ୍ରାମ, ବିଘ୍ନନାଶ, ବିଘ୍ନାଦି ନିବାରଣ, ମଙ୍ଗଳ, ଦୃଷ୍ଟାଂଷସ୍ୟ, ବିଧ୍ୱଂସ, ବିନାଶ ।

ଶାପ, ବି. ପୁଂ. (ଶପ୍-ଅ) ଅଭିସମ୍ପାତ, ଶାପ ଦେବା, ଶପଥ ।

ଶାପିତ, ବିଂ. (ଶପ୍-ଇ-ତ) ଭର୍ତ୍ସିତ, ନିନ୍ଦିତ ।

ଶାଫ, (ଯାବନିକ) ନିର୍ମଳ, ପରିଷ୍କାର, ପରିଚ୍ଛନ୍ନ ।

ଶାବଲ, ବି. ( ଶର୍ବଲା ଶବ୍ଦଜ ) ଖନନାସ୍ତ୍ରବିଶେଷ ।

ଶାବୁତ୍, ବିଂ. ( ଯାବନିକ ) ପ୍ରମାଣିତ । ବି. ପ୍ରମାଣ, ସାକ୍ଷ୍ୟ ।

ଶାବୁନ, (ଯାବନିକ) ବସ୍ତ୍ରାଦି କ୍ଷାଳନ ଓ ଗାତ୍ର ପରିଷ୍କାର କରଣାର୍ଥ ଦ୍ରବ୍ୟବିଶେଷ ।

ଶାବେଲ, ( ଶର୍ବଲା ଶବ୍ଦଜ ) ଶାବଲଜାତୀୟ ଅସ୍ତ୍ରବିଶେଷ ।

ଶାବ୍ଦିକ, ବି. ପୁଂ. (ଶବ୍ଦ-ଇକ) ଶବ୍ଦଶାସ୍ତ୍ରବେତ୍ତା ପଣ୍ଡିତ, ବୈୟାକରଣ ।

ଶାମ, ବି. ନ. (ଶମ୍-ଅ) ମିଳନ ।

ଶାମଳିବା }
ଶାଉଁଳିବା } କ୍ରି. ଶାଉଁଳିବା, କେଶାଦିକୁ ପରିଷ୍କୃତ କରିବା, ବୋଳିବା । ଯଥା —

ମାଙ୍ଗ ଭଙ୍ଗ ରଙ୍ଗ ହିଙ୍ଗୁମାଙ୍ଗରେ,
ଅଧିକ କର ଶାମଳଣ ଯାଉରେ ।

ଶାମିତ୍ର, ବି. ନ. (ଶମ୍-ଣିଚ୍-ଇତ୍ର) ପଶୁବଧସ୍ଥାନ, ଯଜ୍ଞ, ପଶୁବନ୍ଧନ, ଯଜ୍ଞପାତ୍ର ।

ଶାମିୟାନା, ବି. (ଯାବନିକ) ଚାନ୍ଦୁଆ ।

ଶାମୁକ }
ଶାମୁକା } ବି. ( ଶାମ୍ବୁକ ଶବ୍ଦଜ ) ଜଳଶୁକ୍ତି, ଶାମ୍ବୁକ ।

ଶାମ୍ବ, ବି. ପୁଂ. କୃଷ୍ଣଙ୍କ ପୁତ୍ର ।

ଶାମ୍ବରୀ, ବି. ସ୍ତ୍ରୀ (ଶମ୍ବର-ଅ-ଈ) ଇନ୍ଦ୍ରଜାଲ ବିଦ୍ୟା, ମାୟା, କୁହୁକ । ଯଥା—

ମୋହିତ କରେ ମନ, ଶାମ୍ବରୀ ମାୟାକୁ ଯେଣ ଜାଣଇ ମଦନ ।

ଶାମ୍ବୁକ }
ଶାମ୍ବୂକ } ବି. ପୁଂ. ( ଶମ୍ବୁକ, ଶମ୍ବୂକ-ଅ ) ଶାମୁକା ।

ଶାମ୍ଭବ, ବି. ପୁଂ. (ଶମ୍ଭୁ-ଅ) କର୍ପୂର, ଶିବମଲ୍ଲୀ, ବିଷବିଶେଷ, ଶୈବ, ଶିବଙ୍କର ଉପାସନା, ଶମ୍ଭୁପୁତ୍ର । ସ୍ତ୍ରୀ. ପାର୍ବତୀ, ଦୁର୍ଗା । ବିଂ. ଶମ୍ଭୁସମ୍ବନ୍ଧୀୟ ।

ଶାୟକ, ବି. ପୁଂ. ( ଶୋ-ଅକ ) ଶର, ବାଣ, ଖଡ୍ଗ ।

ଶାୟିତ, ବିଂ. (ଶାୟି-ତ) ନିଦ୍ରିତ, ପାତିତ ।

ଶାର, ବିଂ. (ଶୃ-ଅ) କୃଷ୍ଣ, ରକ୍ତ, ଶୁକ୍ଳ, ଏହି ତିନି ବର୍ଣ୍ଣବିଶିଷ୍ଟ, ଶବଳ, ପୀତ ନୀଳ ମିଶ୍ରବର୍ଣ୍ଣଯୁକ୍ତ, ନାନାବର୍ଣ୍ଣ । ବି. ପୁଂ. ହରିଦ୍‌ବର୍ଣ୍ଣ, ପୀତବର୍ଣ୍ଣ, ବାୟୁ, ପାଶକ, ହିଂସା, ଦ୍ୱେଷ ।

ଶାରଙ୍ଗ, ବି. ପୁଂ. (ଶାର-ଗମ୍-ଅ) ମୃଗ, ହସ୍ତୀ, ଚାତକପକ୍ଷୀ, ଭ୍ରମର, ମୟୂର ।

ଶାରଙ୍ଗୀ, ବି. ସ୍ତ୍ରୀ. ବାଦ୍ୟଯନ୍ତ୍ରବିଶେଷ ।

ଶାରଦ, ବି. ପୁଂ. (ଶରଦ୍-ଅ) କାଳ, ବକୁଳ, ପୀତମୁଦ୍ଗ, ରୋଗ । ନ. ଶ୍ୱେତପଦ୍ମ, ଶସ୍ୟ । ବିଂ. ଶରତ୍‌କାଳୀନ, ନୂତନ, ବିନୀତ, ଅପ୍ରତିଭ, ପ୍ରଶସ୍ତ ।

ଶାରଦା, ବି. ସ୍ତ୍ରୀ. ( ଶରଦ୍-ଅ-ଆ ) ସରସ୍ୱତୀ, ବାଗ୍‌ଦେବୀ, ଦୁର୍ଗା, ବୀଣାବିଶେଷ ।

ଶାରଦୀ, ବି. ସ୍ତ୍ରୀ. (ଶରଦ୍ ଅ-ଈ) କୋଜାଗର ପୂର୍ଣ୍ଣିମା ।

ଶାରଦୀୟ, ବିଂ. (ଶରଦ୍-ଈୟ) ଶରତ୍‌କାଳୀନ, ଶରତ୍‌କାଳସମ୍ବନ୍ଧୀୟ ।

ଶାରି } ଶାରୀ } ଶାରିକା } ବି. ପୁଂ. ( ଶୃ-ଇ, ଈ, ଇକ ) ପାଶକକ୍ରୀଡ଼ାଦିର ବଳ, ପକ୍ଷିଣୀବିଶେଷ, ପ୍ରତାରଣା, ବ୍ୟବହାରବିଶେଷ, ପାଶକ, ପଟ୍ଟ, ଗୀତବିଶେଷ ।

ଶାରୀର, ବିଂ. ( ଶରୀର-ଅ ) ଶରୀରସମ୍ବନ୍ଧୀୟ, ଶରୀରରୁ ଉତ୍ପନ୍ନ । ବି. ପୁଂ. ଜୀବାତ୍ମା ବୃଷ । ନ. ବେଦାନ୍ତସୂତ୍ର ।

ଶାରୀରତତ୍ତ୍ୱ } ଶାରୀରସ୍ଥାନ } ( Physiology ) ଶରୀରର ତତ୍ତ୍ୱବର୍ଣ୍ଣନାପୂର୍ବକ ଶାସ୍ତ୍ର ।

ଶାରୀରବିଧାନ, ( Anatomy ) ଯାବତୀୟ ସଜୀବ ପଦାର୍ଥ ଯେଉଁ ଯେଉଁ ନିୟମରେ ଅବସ୍ଥିତି କରେ, ଉତ୍ପନ୍ନ ଓ ବୃଦ୍ଧି ପ୍ରାପ୍ତ ହୁଏ, ସେହି ସେହି ନିୟମବିଧାୟକ ଶାସ୍ତ୍ର ।

ଶାରୀରିକ, ବିଂ. (ଶରୀର-ଇକ) ଶରୀରସମ୍ବନ୍ଧୀୟ, କାୟିକ । ବି. ପୁଂ. ଜୀବାତ୍ମା । ନ. ବେଦାନ୍ତସୂତ୍ର ।

ଶାରୁକ, ବିଂ. (ଶୃ-ଉକ) ହିଂସ୍ର, ହିଂସକ ।

ଶାର୍କ, ବି. ପୁଂ. ଶର୍କରା, ଚିନି ।

ଶାର୍ଙ୍ଗୀ } ଶାର୍ଙ୍ଗପାଣି } ବି. ପୁଂ. ( ଶାର୍ଙ୍ଗ-ଇନ୍, ପାଣି ) ବିଷ୍ଣୁ, ଧନୁର୍ଦ୍ଧାରୀ ।

ଶାର୍ଦ୍ଦୂଳ, ବି. ପୁଂ. ( ଶୃ-ଦୂଳଚ୍ ) ବ୍ୟାଘ୍ର, ରାକ୍ଷସ, ପକ୍ଷିବିଶେଷ, ଚିତ୍ରକ ।

ଶାର୍ବର, ବି. ନ. (ଶର୍ବରୀ-ଅ) ନିବିଡ଼ ଅନ୍ଧକାର, ଗାଢ଼ ଅନ୍ଧକାର । ବିଂ. ରାତ୍ରିକାଳୀନ, ଶର୍ବରୀସମ୍ବନ୍ଧୀୟ ।

ଶାଲ } ସାଲ } ବି. ପୁଂ. (ଶଲ୍ କମ୍ପ। ଶାଲ୍-ଅ) ମତ୍ସ୍ୟବିଶେଷ, ନୃପବିଶେଷ, ଶାଲିବାହନ ରାଜା, ପ୍ରାଚୀର, ପ୍ରାକାର, ବୃକ୍ଷ, ଶାଳଗଛ ।

ଶାଲଗ୍ରାମ } ସାଲଗ୍ରାମ } ବି. ପୁଂ. (ଶାଲ-ଗ୍ରାମ) କୀଟଚ୍ଛିଦ୍ରିତ ଚକ୍ରଯୁକ୍ତ ଗଣ୍ଡକୀସ୍ଥିତ ଶିଳାଖଣ୍ଡବିଶେଷ, ବିଷ୍ଣୁଙ୍କ ମୂର୍ତ୍ତିବିଶେଷ, ଦେଶବିଶେଷ ।

ଶାଲସାର, ବି. ପୁଂ. ବୃକ୍ଷଶ୍ରେଷ୍ଠ, ହିଙ୍ଗୁ ।

ଶାଲା, ବି. ସ୍ତ୍ରୀ. (ଶାଲ୍-ଅ-ଆ) ଗୃହ, ଗୃହର ଏକ ଦେଶ, ବଡ଼ଡାଳ ।

ଶାଲାକୀ, ବି. ପୁଂ. (ଶଲାକା ଅ-ଇନ୍) ଅସ୍ତ୍ରଚିକିତ୍ସକ, ନାପିତ, ଶେଲଧାରୀ ।

ଶାଲାମୃଗ, ବି. ପୁଂ. ( ଶାଲା-ମୃଗ ) ଶୃଗାଳ, ବିଲୁଆ ।

ଶାଳି } ସାଲି } ବି. ପୁଂ. (ଶାଡ୍-ଇ; ଡ଼=ଲ କଲମାଦି ଧାନ୍ୟ, ଗନ୍ଧମାର୍ଜାର ।

ଶାଲୁଅନା } ଶାଲୁୟାନା } ବିଂ. (ଯାବନିକ) ବାର୍ଷିକ ।

ଶାଲଅପତଙ୍ଗୀ, (ଶାଲ ଶବ୍ଦଜ) ଗନ୍ଧମାର୍ଜାର, ଏକଜାତୀୟ ଜୀବ ।

ଶାଲତ, ବିଂ. ( ଶବଳତ ଶବ୍ଦଜ ) ଚିତ୍ରିତ, ଶବଳିତ ।

ଶାଳପିଷ୍ଟ, ବି. ନ. (ଶାଳ-ପିଷ୍ଟ) ସ୍ଫଟିକମଣି ।

ଶାଲବା, କ୍ରି. (ଦେଶଜ) ରଙ୍ଗାଇବା ।

ଶାଲବାହନ, ବି. ପୁଂ. (ଶାଲ-ବାହନ) ଶକପ୍ରବର୍ତ୍ତକ ନୃପବିଶେଷ ।

ଶାଲିଶ, (ଯାବନିକ) ଅଦାଲତର ଆଶ୍ରୟ ନ ନେଇ ଆପଣା ମଧ୍ୟରେ କଳହ ରଫା କରିବା ।

ଶାଲହୋତ୍ର, ବି. ଅଶ୍ୱ, ଅଶ୍ୱଶାସ୍ତ୍ର ।

ଶାଳୀ, ବି. (ଶାଳିନ୍ ପ୍ରତ୍ୟୟଯୁକ୍ତ) ବିଶିଷ୍ଟ, ଯୁକ୍ତ, ଶୋଭମାନ । (ଅନ୍ୟ ଶବ୍ଦ ସହ ବ୍ୟବହୃତ ହୁଏ )

ଶାଲି, ବି. ( ଶ୍ୟାଳ ବା ଶ୍ୟାଳିକା ଶବ୍ଦଜ ) ଭାର୍ଯ୍ୟାର ଭଉଣୀ, କୃଷ୍ଣଜୀରକ, କଳାଜିରା ।

ଶାଲୀନ, ବିଂ. (ଶାଲା-ଈନ୍) ବିନୀତ, ସଲଜ୍ଜ, ଲାଜୁକ, ସଦୃଶ, ତୁଲ୍ୟ ।

ଶାଳୁକ } ବି. ନ (ଶାଲ-ଉକ) ପଦ୍ମାଦିର
ଶାଲୂକ } ମୂଳ ।

ଶାଲ୍ମଲ ପୁଂ. } ବି. (ଶାଲ-ମଲଚ୍, ଶାଲ୍
ଶାଲ୍ମଳ ପୁଂ. ସ୍ତ୍ରୀ. } ମଳ ଅଥବା ଶ୍ୟାଲଚ୍,
ଶାଲ୍ମଲୀ ପୁଂ. ସ୍ତ୍ରୀ. } ମଲ-ଅ-ଇନ୍ ) ଶିମେଳ ଗଛ, ସପ୍ତଦ୍ୱୀପ ମଧ୍ୟରେ ଏକ ଦ୍ୱୀପ ।

ଶାବ } ବି. ପୁଂ, (ଶବ୍-ଅ, ଅକ) ଶିଶୁ,
ଶାବକ } ବସ୍ତ । ବିଂ ଶବସମ୍ବନ୍ଧୀୟ ।

ଶାବୁଦ, ବି. (ଯାବନିକ) ପ୍ରମାଣ ।

ଶାଶୁ, ବି. ପତି ଅବା ଭାର୍ଯ୍ୟାର ମାତା ।

ଶାଶ୍ୱତ } ବିଂ. (ଶଶ୍ୱତ୍-ଅ, ଇକ) ନିତ୍ୟ,
ଶାଶ୍ୱତିକ } ଅବିନଶ୍ୱର । ବି.ପୁଂ. ବେଦବ୍ୟାସ ।

ଶାଷ୍କୁଲ, ବି. ( ଶଷ୍କୁଲୀ-ଅ ) ମାଂସାଶୀ, ମାଂସଭୋଜୀ ।

ଶାସନ, ବି. ନ. (ଶାସ୍-ଅନ) ଆଜ୍ଞା, ଆଦେଶ, ଉପଦେଶ, ଦଣ୍ଡ, ଦମନ, ପ୍ରତିପାଳନ, ଆଜ୍ଞାପତ୍ର, ଲିଖିତ ପତ୍ର, ଶାସ୍ତ୍ର, ରାଜଦତ୍ତ ଭୂମି । ବ୍ରାହ୍ମଣଗ୍ରାମ ।

ଶାସନତନ୍ତ୍ର, ବି. ନ. ରାଜ୍ୟଶାସନପ୍ରଣାଳୀ ।

ଶାସନହର } ବି. ପୁଂ. (ଶାସନ-ହର, ହାରକ,
ଶାସନହାରକ } ହାରିନ୍ ) ଆଜ୍ଞାବାହକ,
ଶାସନହାରୀ } ଦୂତ, ରାଜଦୂତ, ପିଆଦା ।

ଶାସନୀୟ, ବିଂ (ଶାସ୍-ଅନୀୟ) ଶାସନର ଯୋଗ୍ୟ, ଦମ୍ୟ, ଶିକ୍ଷଣୀୟ ।

ଶାସିତ, ବିଂ (ଶାସ୍-ତ) ଦଣ୍ଡିତ, ପ୍ରତିପାଳିତ, ଶିକ୍ଷିତ ।

ଶାସିତା, ବିଂ. (ଶାସ୍-ତୃ) ଶାସନକର୍ତ୍ତା, ଶିକ୍ଷକ, ଉପଦେଶକ, ଗୁରୁ ।

ଶାସ୍ତି, ବି. ସ୍ତ୍ରୀ. (ଶାସ୍-ତି) ଶାସନ, ଦଣ୍ଡ, ନିଗ୍ରହ, ନିୟମ ।

ଶାସ୍ତ୍ର ବି. ନ. ( ଶାସ୍-ତ୍ର ) ଶାସନ, ଆଜ୍ଞା, ଦେବତା ବା ମୁନିଭଣିତଗ୍ରନ୍ଥ, ବେଦ, ତନ୍ତ୍ର, ପୁରାଣ, ଦର୍ଶନାଦି ।

ଶାସ୍ତ୍ରଜ୍ଞ, ଶାସ୍ତ୍ରତତ୍ତ୍ୱଜ୍ଞ } ବିଂ. (ଶାସ୍ତ୍ର-ଜ୍ଞ, ତତ୍ତ୍ୱଜ୍ଞ,
ଶାସ୍ତ୍ରଦର୍ଶୀ, ଶାସ୍ତ୍ରବିତ୍ } ଦର୍ଶିନ୍, ବିଦ୍ ) ଯେ ଶାସ୍ତ୍ର ଜାଣେ, ଶାସ୍ତ୍ରରେ ପାରଦର୍ଶୀ, ଗଣକ ।

ଶାସ୍ତ୍ରାଚରଣ, ବିଂ. (ଶାସ୍ତ୍ର-ଆଚରଣ) ଶାସ୍ତ୍ର ପାରଦର୍ଶୀ, ଯେ ଶାସ୍ତ୍ରମାନ ଜାଣେ ।

ଶାସ୍ତ୍ରୀ, ବି. ପୁଂ. (ଶାସ୍ତ୍ର-ଇନ୍) ପଣ୍ଡିତ,ଶାସ୍ତ୍ରଦର୍ଶୀ, ପଣ୍ଡିତଙ୍କ ଉପାଧିବିଶେଷ । ବିଂ. ଶାସ୍ତ୍ରଜ୍ଞ ।

ଶାସ୍ତ୍ରୀୟ, ବିଂ. ( ଶାସ୍ତ୍ର-ଈୟ ) ଶାସ୍ତ୍ରିକ, ଶାସ୍ତ୍ରସମ୍ମତ ।

ଶାସ୍ୟ, ବିଂ. ( ଶାସ୍ ଯ ) ଶାସନୀୟ, ଶାସନଯୋଗ୍ୟ, ଉପଦେଷ୍ଟବ୍ୟ, ଶିକ୍ଷଣୀୟ ।

ଶାହାଡ଼ା, ବି. (ଶାଖୋଟ ଶବ୍ଦଜ) ବୃକ୍ଷବିଶେଷ ।

ଶିଂଶପା, ବି ସ୍ତ୍ରୀ. ବୃକ୍ଷବିଶେଷ, ଶିଶୁଗଛ । ଯଥା—

ଶିଂଶପା ବୃକ୍ଷର ତଳେ, ହନୁ ମନେ ମନେ ଭାଳେ । ବି. ରା.

ଶିଅଳ, ବି. ( ଦେଶଜ ) ମଦ୍ୟବିକ୍ରେତା ଜାତିବିଶେଷ, ଚମାର, ଶୁଣ୍ଡି ।

ଶିଅଳ, ବି. (ଦେଶଜ) ଲତାବିଶେଷ ।

ଶିଉଳ, ବି. ( ଶୈବାଳ ଶବ୍ଦଜ ) ଶୈବାଳ, ଜଳଜାତ ଉଦ୍ଭିଦ୍‌ବିଶେଷ ।

ଶିକ, ବି. (ଦେଶଜ) ଦୀର୍ଘ ଲୌହଶଲାକା ।

ଶିକା, ବି. (ଶିକ୍ୟ ଶବ୍ଦଜ) ଦ୍ରବ୍ୟାଦି ରକ୍ଷଣାର୍ଥ ରଜ୍ଜୁମୟ ଆଧାରବିଶେଷ । ଯଥା—

> କଠାଉ ଦଉଡ଼ି ଶିକା ଭରି ବାଡ଼ୀ
> ଅଛି ହେଲାକ ଢେଢେବେଙ୍କ । ଉ. କ.

ଶିକାର, (ଯାବନିକ) ମୃଗୟା । ମୃଗୟାରେ ହତ ଜନ୍ତୁ, ମାଂସ ।

ଶିକାରୀ, ବି. ଦେଶଜ ) ମୃଗୟୁ, ଯେ ଶିକାର କରେ ।

ଶିକୁଳା }
ଶିକୁଳ } ବି. (ଶୃଙ୍ଖଳ ଶବ୍ଦଜ) ଜଞ୍ଜିର ।

ଶିକ୍ଷକ, ବିଂ. ( ଶିକ୍ଷ-ଅକ ବା ଶିକ୍ଷା-କ ) ଶିକ୍ଷା-ଦାୟକ, ଅଧ୍ୟାପକ, ଶାସନକର୍ତ୍ତା ।

ଶିକ୍ଷଣ, ବି. ନ. (ଶିକ୍ଷ୍-ଅନ) ଶିକ୍ଷା, ଅଭ୍ୟାସ, ଅଧ୍ୟାପନ, ଦମନ ।

ଶିକ୍ଷଣୀୟ, ବିଂ. (ଶିକ୍ଷ-ଅନୀୟ) ଶିକ୍ଷା କରିବାର ଯୋଗ୍ୟ, ଉପଦେଷ୍ଟବ୍ୟ ।

ଶିକ୍ଷୟିତା, ବିଂ. ( ଶିକ୍ଷି ତୃ ) ଅଧ୍ୟାପକ, ଶିକ୍ଷକ ।

ଶିକ୍ଷା, ବି. ସ୍ତ୍ରୀ. (ଶିକ୍ଷ୍ ଅ-ଆ) ଅଭ୍ୟାସ, ବିନୟ, ଉପଦେଶ, ଅଧ୍ୟୟନ, ଦମନ ।

ଶିକ୍ଷାନବିସ୍, ବି. ( ହିନ୍ଦୀ ) ଶିକ୍ଷାର୍ଥୀ, Probationer.

ଶିକ୍ଷିତ, ବିଂ. (ଶିକ୍ଷା-ଇତ) ଶିକ୍ଷାପ୍ରାପ୍ତ, କୃତ-ବିଦ୍ୟ, ବିନୀତ, ବଶ୍ୟ, ଦକ୍ଷ ।

ଶିଖ, ବି. (ଶିଖର ଶବ୍ଦଜ) ଅଗ୍ରଭାଗ, ଶିଖର । ଯଥା—

> ଠାବେ ଠାବେ ଅଦ୍ଭୁତେ ସ୍ୱର୍ଣ୍ଣକାନ୍ତ,
> ଶିର ଢୋକ ଶୈଳଶିଖୁଁ ଖାଜୁଥାନ୍ତ । ରାଇକା ।

ଶିଖଣ୍ଡ }
ଶିଖଣ୍ଡକ } ବି. ପୁଂ. (ଶିଖା-ଖଡ଼-ଅ ନିପାତନ) ମୟୂରପୁଚ୍ଛ, ଶିଖା, ଚୂଡ଼ା, କାକପକ୍ଷ ।

ଶିଖଣ୍ଡିକ, ବି. ପୁଂ. ( ଶିଖଣ୍ଡ-ଇକ ) କୁକ୍କୁଟ, କୁକୁଡ଼ା । ସ୍ତ୍ରୀ. ଶିଖା, ଚୂଡ଼ା ।

ଶିଖଣ୍ଡୀ, ବି. ପୁଂ. ( ଶିଖଣ୍ଡ-ଇନ୍ ) ମୟୂର, ମୟୂରପୁଚ୍ଛ ଦ୍ରୁପଦରାଜାଙ୍କ ପୁତ୍ର, କୁକ୍କୁଟ, ବାଣ, ବିଷ୍ଣୁ । ସ୍ତ୍ରୀ. ଦ୍ରୁପଦ ରାଜାଙ୍କ କନ୍ୟା, ମୟୂରୀ, ମଲ୍ଲିକାବିଶେଷ । ବିଂ. ଶିଖଣ୍ଡ-ଯୁକ୍ତ ।

ଶିଖଣ୍ଡିବାହନ, ବି. ପୁଂ ( ଶିଖଣ୍ଡିନ୍-ବାହନ ) କାର୍ତ୍ତିକେୟ ।

ଶିଖର, ବି. ପୁଂ. (ଶିଖା ର) ପର୍ବତର ଶୃଙ୍ଗ, ଅଗ୍ରଭାଗ, ବୃକ୍ଷାଗ୍ର, ରୋମାଞ୍ଚ, ପୁଲକ, କୋଷ୍ଠ, କକ୍ଷ, ଶୁଷ୍କତୃଣ, ରତ୍ନବିଶେଷ, ଖଡ୍ଗର ଅଗ୍ରଭାଗ ।

ଶିଖରବାସିନୀ, ବି. ସ୍ତ୍ରୀ. ( ଶିଖର-ବାସିନୀ ) ପାର୍ବତୀ, ଦୁର୍ଗା ।

ଶିଖରୀ, ବି. ପୁଂ. (ଶିଖର-ଇନ୍) ପର୍ବତ, ବୃକ୍ଷ, ଅପାମାର୍ଗ, କର୍କଟଶୃଙ୍ଗୀ, ପର୍ବତଦୁର୍ଗ । ସ୍ତ୍ରୀ. ଉତ୍ତମା ସ୍ତ୍ରୀ । ବିଂ. ଅଗ୍ରଭାଗବିଶିଷ୍ଟ ।

ଶିଖା, ବି ସ୍ତ୍ରୀ. ( ଶୀ-ଖନ୍-ଆ ) ଅଗ୍ରଭାଗ, ଚୂଡ଼ା, ଜଟା, ମସ୍ତକସ୍ଥ କେଶଗୁଚ୍ଛ, କାମ-ଜ୍ୱର, ପ୍ରଧାନ, ପଦାଗ୍ର । ( ଦେଶଜ ) ଶିକ୍ଷା, ଶିକ୍ଷିତ ।

ଶିଖାଇବା, କ୍ରି. (ଶିକ୍ଷ୍ ଧାତୁଜ) ଶିକ୍ଷାଦେବା, ଉପଦେଶଦେବା, ଶିକ୍ଷିତ କରିବା ।

ଶିଖାତରୁ, ବି. ପୁଂ. ( ଶିଖା-ତରୁ ) ପିଲସଜ, ଦୀପାଧାର ।

ଶିଖାଧର }
ଶିଖାଧାର }
ଶିଖାଧାରକ } ବି. ପୁଂ. (ଶିଖା-ଧର, ଧାର, ଧାରକ) ମୟୂର ।

ଶିଖାବଳ, ବି. ପୁଂ. (ଶିଖା-ବଳଚ) ମୟୂର ।

ଶିଖାବାନ୍, ବି. ପୁଂ. ( ଶିଖା ବତ୍ ) ଅଗ୍ନି, କେତୁଗ୍ରହ । ବିଂ. ଶିଖାବିଶିଷ୍ଟ ।

ଶିଖିକଣ୍ଠ, ବି ନ. (ଶିଖିନ୍-କଣ୍ଠ-ଅ) ତୁତ୍ଥୟା, ମହୁରିଗିରିଆ ।

ଶିଖିଧ୍ୱଜ, ବ. ପୁଂ. ( ଶିଖିନ୍-ଧ୍ୱଜା-ଅ) ଧୂମ, କାର୍ତ୍ତିକେୟ ।

ଶିଖିବର୍ଦ୍ଧକ, ବ. ପୁଂ. କୁଷ୍ମାଣ୍ଡ, ପାଣିକଖାରୁ ।

ଶିଖିବା, କ୍ରି. ବ. ( ପ୍ରା ), ଅଭ୍ୟାସ କରିବା ।

ଯଥା—

କାହ୍ନୁ ଶିଖିଲ କାହୁଁ ଏତେ ରଙ୍ଗ ।

ଶିଖିବାହନ, ବ. ପୁଂ. ( ଶିଖିନ୍-ବାହନ ) କାର୍ତ୍ତିକେୟ ।

ଶିଖୀ, ବ. ପୁଂ. ( ଶିଖା-ଇନ୍ ) ଅଗ୍ନି, ମୟୂର, ଗିରି, ପର୍ବତ, ଶର, ବାଣ, ବଳୀବର୍ଦ୍ଦ, କେତୁଗ୍ରହ, କୁକ୍କୁଟ, ଘୋଟକ, ବ୍ରାହ୍ମଣ, ବୃକ୍ଷ । ବିଂ. ଶିଖାଯୁକ୍ତ ।

ଶିଙ୍ଗ, ବ. (ଶୃଙ୍ଗ ଶବ୍ଦଜ) ଗୋରୁ ପ୍ରଭୃତିଙ୍କ ମସ୍ତକସ୍ଥ ଶୃଙ୍ଗ, ଧାନଶୁଣ୍ଡ ।

ଶିଙ୍ଗଡ଼ା, ବ. (ଶୃଙ୍ଗାଟ ଶବ୍ଦଜ) ପାଣିରେ ଜାତ କଣ୍ଟକ ଫଳବିଶେଷ ।

ଶିଙ୍ଗା, ବ. ଶୃଙ୍ଗ ଶବ୍ଦଜ) ବାଦ୍ୟଯନ୍ତ୍ରବିଶେଷ ।

ଯଥା—

ବଜା ରଣଶିଙ୍ଗା ଅରେ ଶୃଙ୍ଗଧର । କ.ବ

ଶିଙ୍ଗାରହାର, ବ. ଗଙ୍ଗଶିଉଳି ଫୁଲ ।

ଶିଙ୍ଗି, ବ. (ଦେଶଜ) ମତ୍ସ୍ୟବିଶେଷ ।

ଶିଙ୍ଘାଣ, ବ. ନ. (ଶିଙ୍ଘ-ଆନ) ଲୌହମଳ, ଲୌହର ମରିଚ୍ଚ, କାଚପାତ୍ର, ନାସିକାମଳ ।

ଶିଙ୍ଘାଣୀ, ବ. (ଶିଙ୍ଘାଣକ ଶବ୍ଦଜ) ନାସିକାରୁ ବାହାରିବା ଶ୍ଳେଷ୍ମା ।

ଶିଜୁ } ବ. (ଦେଶଜ ଧଳାକ୍ଷୀରବିଶିଷ୍ଟ ବୃକ୍ଷ-
ଶିଜ୍ଜୁ } ବିଶେଷ ।

ଶିଞ୍ଜିତ, ବ. ନ. ( ଶିନ୍ଜ-ତ ) ଭୂଷଣଧ୍ୱନି, ଅବ୍ୟକ୍ତ ଧ୍ୱନି ।

ଶିଞ୍ଜିନୀ, ବ. ସ୍ତ୍ରୀ ( ଶିଞ୍ଜିନ୍-ଈ ) ନୂପୁର, ଧନୁର୍ଗୁଣ ।

ଶିଠା, ବ. (ଦେଶଜ ବୃକ୍ଷର କ୍ଷୀର, ରସହୀନ ଦ୍ରବ୍ୟ ।

ଶିଢ଼ି, ବ ( ଦେଶଜ ) ପାହାଚ, ସୋପାନ, ନିଶୁଣୀ ।

ଶିତ, ବିଂ. (ଶି-ତ) କ୍ଷୀଣ, କୃଶ, ଦୁର୍ବଳ, କ୍ଷୟପ୍ରାପ୍ତ, ଶାଣିତ, ତୀକ୍ଷ୍ଣ, ଧାରୁଆ ।

ଶିତି, ବ. ପୁଂ. (ଶି-ତିକ୍) କୃଷ୍ଣବର୍ଣ୍ଣ, ଶୁକ୍ଲବର୍ଣ୍ଣ, ଭୂର୍ଜ୍ଜପତ୍ର ବୃକ୍ଷ ।

ଶିତିକଣ୍ଠ, ବ. ପୁଂ. (ଶିତି-କଣ୍ଠ) ଶିବ, ନୀଳକଣ୍ଠ, ମୟୂର, ଭଦଭଦଳିଆ ପକ୍ଷୀ ।

ଶିତୁଳ, ବ (ଶୀତଳ ଶବ୍ଦଜ) ଥଣ୍ଡା, ଅପରାହ୍ଣର ଶୀତଳ ସମୟ ।

ଶିତୁଳିଆ, ବ. (ଦେଶଜ) ଏକପ୍ରକାର ତୃଣ ।

ଶିଥିଳ, ବିଂ. ( ଶ୍ଳଥ-ଇଳ ) ଶ୍ଳଥ, ଅବସନ୍ନ, କ୍ଳାନ୍ତ, ଅଳସ, ଜଡ଼ ।

ଶିପ, ବ. (ଦେଶଜ) ଶାମୁକା ଖୋଳ ପୋଡ଼ା ହୋଇଥିବା ଶାମୁକା—ଯହିଁରୁ ଚୂନ ତିଆରି ହୁଏ ।

ଶିପି, ବ. ପୁଂ. ରଶ୍ମି, କିରଣ । ସ୍ତ୍ରୀ ଚର୍ମ, ଚମଡ଼ା ।

ଶିପିବା } କ୍ରି. ( ଦେଶଜ ) ସଂକୁଚିତ
ଶିପିଯିବା } ହେବା ।

ଶିପ୍ରା, ବ. ସ୍ତ୍ରୀ. ମହାକାଳ ନଗରୀର ନଦୀବିଶେଷ, ଏହି ନଦୀ ଉଜ୍ଜୟିନୀ ଦେଇ ପ୍ରବାହିତ ହେଉଅଛି ।

ଶିମ, ବ. (ଦେଶଜ) ଶିମ୍ବଗଛ ।

ଶିମେଳ } ବ. (ଶାଲ୍ମଲୀ ଶବ୍ଦଜ) ଶାଲ୍ମଳୀ ବୃକ୍ଷ,
ଶିମୁଳ } ଲତାବିଶେଷ ।

ଶିମ୍ବ }
ଶିମ୍ବୀ } ବ. ପୁଂ. ( ଶି-ବ, ନିପାତନ ) ଶିମ
ଶିମ୍ବିକା } ଗଛ, ଶିମ ।

ଶିୟାଳ, ବ. ( ଶୃଗାଳ ଶବ୍ଦଜ ) ଶିବା, ଶୃଗାଳ ।

ଶିର, ବ. ନ , (ଶ୍ରି-ଅ, ନିପାତ) ମସ୍ତକ, ମୁଣ୍ଡ ।

ଶିରଃ, ବ. ନ. ( ଶ୍ରି-ଅସ୍, ନିପାତନ ) ମସ୍ତକ,

ବୃକ୍ଷାଗ୍ର, ଅଗ୍ରଭାଗ, ସୈନ୍ୟର ଅଗ୍ରବର୍ତ୍ତୀ ଦଳ, ପ୍ରଧାନ ଅଧ୍ୟକ୍ଷ । ପୁଂ. ପିପ୍ପଳୀମୂଳ, ଶଯ୍ୟା ।

ଶିରନାମା, ବି. ( ଶିରୋନାମନ୍ ଶବ୍ଦଜ ) ପତ୍ରର ଉପରେ ଲିଖିତ ନାମ ।

ଶିରପା, ବି. (ଯାବନିକ) ପୁରସ୍କାର, ଖେଲାତ୍‌ପୁରସ୍କାର ଶାଢ଼ୀ, ପଗଡ଼ି ।

ଶିରପେଞ୍ଚ, ବି. (ଯାବନିକ) ଏକପ୍ରକାର ଶିରୋଭୂଷଣ, ପଗଡ଼ି । ଯଥା—

ଶିରପେଞ୍ଚ ଯହିଁ କଞ୍ଚ ବନ ଅଙ୍ଗେ,
ଚରଣେ କରକା ପ୍ରାପ୍ତ କାନଦଳେ । ଉଦବାଡ ।

ଶିରସ୍ତା, ବି. ( ଯାବନିକ ) ରେକର୍ଡ୍, ହିସାବ ସମ୍ବନ୍ଧୀୟ କାଗଜପତ୍ର, ଅଫିସଘର ।

ଶିରସ୍ତାଦାର, ବି (ଯାବନିକ) ଶିରସ୍ତାର ଅଧିକାରୀ କଚେରୀର ବଡ଼ କିରାଣୀ ।

ଶିରସ୍ତ୍ର } ଶିରସ୍ତ୍ରାଣ } ବି. ନ. (ଶିରସ୍-ତ୍ରୈ-ଅ ଅନ ) ଉଷ୍ଣୀଷ, ଟୋପି ।

ଶିରା, ବି ସ୍ତ୍ରୀ. (Vein) ( ଶୃ-ଅ-ଆ ) ଶରୀର ମଧ୍ୟସ୍ଥ ରକ୍ତ ଗମନାଗମନର ପଥ, ଶିର, ନାଡ଼ୀ । ( ଦେଶଜ ) ଗୁଡ଼ ବା ନବାତ ପ୍ରଭୃତିର ତରଳ ସାର ।

ଶିରାଳ, ବିଂ. (ଶିରା-ଲ) ଶିରାଯୁକ୍ତ ।

ଶିରାବୃତ୍ତ, ବି. ନ. ସୀସକ, ସୀସା ।

ଶିରି, ବି. (ଶ୍ରୀ ଶବ୍ଦଜ, ଗ୍ରାମ୍ୟ)ଶୋଭା,ସୌଭାଗ୍ୟ, ଲକ୍ଷ୍ମୀ ।

ଶିରୀଷ, ବି. ପୁଂ. ( ଶୃ-କୀଷନ୍ ) ବୃକ୍ଷବିଶେଷ । ନ. ଶିରୀଷ ଫୁଲ ।

ଶିରୋଗୃହ, ବି ନ. (ଶିରସ୍-ଗୃହ) ଅଟ୍ଟାଳିକାର ସର୍ବୋପରିସ୍ଥ ଗୃହ, ଚନ୍ଦ୍ରଶାଳା ।

ଶିରୋଧରା } ଶିରୋଧି } ବି ସ୍ତ୍ରୀ. ( ଶିରସ୍-ଧାରି, ଧି ) ଗ୍ରୀବା, ଗଳଦେଶ ।

ଶିରୋଧାର୍ଯ୍ୟ, ବିଂ (ଶିରସ୍-ଧାର୍ଯ୍ୟ) ମସ୍ତକରେ ଧାରଣୀୟ, ଅତିଶୟ ମାନ୍ୟ ।

ଶିରୋମଣି, ପୁଂ. } ଶିରୋମଣୀ,ସ୍ତ୍ରୀ. } ବି ( ଶିରସ୍-ମଣି ) ଶିରୋରତ୍ନ, ମସ୍ତକସ୍ଥ ରତ୍ନଭୂଷଣ, କଣ୍ଠସ୍ଥିତ ରତ୍ନ, ପଣ୍ଡିତଙ୍କ ଉପାଧିବିଶେଷ ।

ଶିରୋରତ୍ନ, ବି. ନ, (ଶିରସ୍-ରତ୍ନ) ଶିରୋମଣି, କଣ୍ଠସ୍ଥିତ ରତ୍ନ ।

ଶିରୋରୁଟ୍ } ଶିରୋରୁହ } ବି. ପୁଂ. (ଶିରସ୍-ରୁହ-କ୍ୱିପ୍,-ଅ) ଚିକୁର, କେଶ, ମସ୍ତକର ବାଳ ।

ଶିରୋବଲ୍ଲୀ, ବି. ସ୍ତ୍ରୀ ( ଶିରସ୍-ବଲ୍ଲୀ ) ମୟୂରଶିଖା ।

ଶିଲ, ବି. (ଶିଳ ଶବ୍ଦଜ) ହଳଦି ପ୍ରଭୃତି ବାଟିବା ନିମନ୍ତେ ପ୍ରସ୍ତରବିଶେଷ, ହଳଦି ବାଟିବାର ପଥର ।

ଶିଲପୁଆ } ଶିଲପୁଅ } ବି. (ଦେଶଜ) ଶିଲପଥର ।

ଶିଳା, ବି. ସ୍ତ୍ରୀ. (ଶିଲ୍-ଆ) ପାଷାଣ, ପ୍ରସ୍ତର, ପଥର, ମନଃଶିଳା, କର୍ପୂର ।

ଶିଳାଜ, ବିଂ. ( ଶିଳା-ଜ ) ପର୍ବତଜାତ ଉପଧାତୁବିଶେଷ, ଶୈଳେୟ ଗନ୍ଧଦ୍ରବ୍ୟବିଶେଷ ।

ଶିଳାତ୍ମଜ } ଶିଳାସାର } ବି. ନ ( ଶିଳା-ଆତ୍ମନ୍-ଜ, ଶିଳା-ସାର ) ଲୌହ, ଲୁହା ।

ଶିଳାପଟ୍ଟ, ବି. ପୁଂ ( ଶିଳା-ପଟ୍ଟ ) ପେଷଣ କରିବା ନିମନ୍ତେ ଶିଳା, ଶିଲ ।

ଶିଳାମୟ, ବିଂ. (ଶିଳା-ମୟ) ପ୍ରସ୍ତରନିର୍ମିତ ।

ଶିଲୀମୁଖ, ବି. ପୁଂ. ( ଶିଲୀ-ମୁଖ ) ଭ୍ରମର । ଯଥା—

କୁସୁମକୁ ଚୁମ୍ବଇ ଶିଲୀମୁଖ ।

ବାଣ, ଯୁଦ୍ଧ ।

ଶିଲୋଚୟ, ବି. ପୁଂ. ( ଶିଳା-ଉତ୍-ଚି-ଅ ) ଶୈଳ, ପର୍ବତ, ପର୍ବତଶୃଙ୍ଗ ।

ଶିଲୌକାଃ, ବି ପୁଂ. (ଶିଳା-ଓକସ୍) ଗରୁଡ଼ ।

ଶିଲ୍ପ, ବି ନ. ( ଶିଲ୍-ପକ୍ ) ବସ୍ତୁ ନିର୍ମାଣାଦି କର୍ମ, କାରିଗରି ।

ଶିଳ୍ପକାର } ବି. ( ଶିଳ୍ପ-କାର, କାୟନ୍ )
ଶିଳ୍ପକାରୀ } ଶିଳ୍ପୀ, କାରିଗର ।

ଶିଳ୍ପଯନ୍ତ୍ର, ବି କଳ ।

ଶିଳ୍ପଶାଳ } ବି. ନ. (ଶିଳ୍ପ-ଶାଳ)
ଶିଳ୍ପଶାଳ, ଲା. ସ୍ତ୍ରୀ. } ଶିଳ୍ପ କର୍ମ କରିବାର ଘର, କାରଖାନା ଘର ।

ଶିଳ୍ପିକ } ବି. ( ଶିଳ୍ପ-ଇକ, ଇନ୍ ) ଶିଳ୍ପ-
ଶିଳ୍ପୀ } କର୍ମକାରୀ, କାରିଗର ।

ଶିବ, ବି. ପୁଂ. (ଶିବ-ଅ) ଶମ୍ଭୁ, ମହେଶ, ମହାଦେବ, ପାରଦ, ମୁକ୍ତି, ମୋକ୍ଷ, ବେଦ, ଲିଙ୍ଗ, ଶିବଲିଙ୍ଗ । ନ. ସୁଖ, ମଙ୍ଗଳ, ଜଳ, ଶୁଭ, ସୈନ୍ଧବ, ସମୁଦ୍ରଲବଣ, ଅଦ୍ୱୈତ ବ୍ରହ୍ମ, ଶୁଭଦ, ସୁଖଦ, ରମ୍ୟ, ରମଣୀୟ ।

ଶିବଙ୍କର } ବି. (ଶିବ-କର) ମଙ୍ଗଳକାରକ,
ଶିବଙ୍କର } ଶୁଭଦାୟକ ।

ଶିବକୀର୍ତ୍ତନ, ବି. ପୁଂ. ( ଶିବ-କୀର୍ତ୍ତନ ) ଭୃଙ୍ଗୀ, ଶୈବ, ଶିବଙ୍କ ଉପାସକ । ନ. ଶିବଙ୍କ ସ୍ତୁତି ।

ଶିବଚତୁର୍ଦ୍ଦଶୀ, ବି. ସ୍ତ୍ରୀ. ଫାଲ୍ଗୁନ ମାସର କୃଷ୍ଣ-ଚତୁର୍ଦ୍ଦଶୀ ।

ଶିବଦୂତୀ, } ବି. ସ୍ତ୍ରୀ. ( ଶିବ ଦୂତୀ, ଦୂତିକା,
ଶିବଦୂତିକା } ଦେବୀବିଶେଷ, ଦୁର୍ଗା, ଯୋଗିନୀ-ବିଶେଷ ।

ଶିବଦ୍ରୁମ, ବି. ପୁଂ (ଶିବ-ଦ୍ରୁମ) ବେଲଗଛ ।

ଶିବପୁରୀ, ବି. ସ୍ତ୍ରୀ. ( ଶିବ-ପୁରୀ ) ବାରାଣସୀ, କାଶୀ ।

ଶିବପ୍ରିୟ, ବି.ନ. ରୁଦ୍ରାକ୍ଷ । ପୁଂ. ଧୁସ୍ତୁର । ୟା ସ୍ତ୍ରୀ. ଦୁର୍ଗା ।

ଶିବରାତ୍ରି, ବି. ସ୍ତ୍ରୀ. (ଶିବ-ରାତ୍ରି) ଶିବଚତୁର୍ଦ୍ଦଶୀ, ଫାଲ୍ଗୁନ ମାସର କୃଷ୍ଣଚତୁର୍ଦ୍ଦଶୀ ରାତ୍ରି ।

ଶିବଲିଙ୍ଗ, ବି. ନ. ପ୍ରସ୍ତରମୃତ୍ତିକାଦିମୟ ଶିବଙ୍କ ଲିଙ୍ଗମୂର୍ତ୍ତି ।

ଶିବବାହନ, ବି. ପୁଂ. ( ଶିବ-ବାହନ ) ବୃଷ, ଷଣ୍ଢ ।

ଶିବବୀଜ, ବି. ନ. (ଶିବ-ବୀଜ) ପାରଦ, ପାରା ।

ଶିବା, ବି. ସ୍ତ୍ରୀ (ଶିବ-ଆ) ଶୃଗାଳ, ହରିତକୀ, ଆମଲକୀ ହରିଦ୍ରା, ମୁକ୍ତି, ମୋକ୍ଷ, ଦୂର୍ବା, ଶମୀବୃକ୍ଷ, ଦୁର୍ଗା, ଭବାନୀ ।

ଶିବାନୀ, ବି. ସ୍ତ୍ରୀ. (ଶିବ-ଆନୀ) ଶିବପତ୍ନୀ, ପୁଷ୍ପ-ବିଶେଷ, ଜୟନ୍ତୀବୃକ୍ଷ ।

ଶିବାପ୍ରିୟ, ବି. ପୁଂ (ଶିବା-ପ୍ରିୟ) ଛାଗ, ଛେଳି ।

ଶିବାଲୟ, ବି. ପୁଂ. (ଶିବ-ଆଲୟ) ରକ୍ତତୁଳସୀ । ନ. ଶ୍ମଶାନ, ଶିବମନ୍ଦିର ।

ଶିବିକା, ବି. ସ୍ତ୍ରୀ. (ଶିବ-ଅକ-ଆ) ଯାନବିଶେଷ, ପାଲିଙ୍କି ।

ଶିବିର, ବି. ନ. (ଶୀ-ଇର, ବ ଆଗମ) ସେନା-ନିବେଶ, ଛାଉଣି ।

ଶିଶି, ବି. ( ଯାବନିକ ) କାଚନିର୍ମିତ କ୍ଷୁଦ୍ର ପାତ୍ର-ବିଶେଷ ।

ଶିଶିର, ବି. ପୁଂ. ( ଶଶ୍-ଇ, ଅ ସ୍ଥାନରେ ଇର) ତୁଷାର । ପୁଂ. ନ. ଶୀତକାଳ । ବି. ଶୀତଳ, ଜଡ଼ ।

ଶିଶୁ, ବି. ପୁଂ. ( ଶିଶ୍-ଉ ) ବାଳକ, ଶାବକ ଡିମ୍ବ, ଏକପ୍ରକାରର ଗଛ ।

ଶିଶୁତ୍ୱ, ବି. ନ. ( ଶିଶୁ-ତ୍ୱ ) ଶୈଶବ, ବାଲ୍ୟାବସ୍ଥା ।

ଶିଶୁପାଳ, ବି. ପୁଂ. ( ଶିଶୁ-ପାଳ ଚେଦିବଂଶୀୟ ନୃପବିଶେଷ, ଦମଘୋଷର ପୁତ୍ର ।

ଶିଶୁପାଳକ, ବି. ପୁଂ. (ଶିଶୁ-ପାଳ-କ) ଶିଶୁପାଳ, କେଳିକଦମ୍ବ । ବି. ଶିଶୁରକ୍ଷକ ।

ଶିଶୁମାର, ବି ପୁଂ. ଜଳଜନ୍ତୁବିଶେଷ ।

ଶିଶୁମ୍ନା, ବି. ଦେହସ୍ଥ ପ୍ରାଣବାୟୁର ପରିଚାଳକ ନାଡ଼ୀବିଶେଷ ।

ଶିଶ୍ନ, ବି. ପୁଂ. ( ଶଶ୍-ନ ନିପାତନ ) ପୁରୁଷର ଚିହ୍ନ, ପୁରୁଷୋପସ୍ଥ ।

ଶିଷ, ବି. ( ଶୀର୍ଷ ଶବ୍ଦଜ ) ଧାନ୍ୟାଦିର ଶୀର୍ଷ, ମଞ୍ଜରୀ, ଶିଖା, ଶିଷା, ଶିଷ୍ୟ ।

ଶିଷା } ବି. (ଶୀଷ ଶବ୍ଦଜ) ଧାନକେଣ୍ଡା, ଧାନ୍ୟ
ଶିଂଷା } ମଞ୍ଜରୀ ।

ଶିଷ୍ଟ, ବିଂ. ( ଶାସ୍-ତ ) ଶାନ୍ତ, ଧୀର, ସୁବୋଧ, ସୁଶୀଳ, ନୀତିଜ୍ଞ, ଅବଶିଷ୍ଟ, ବଶତାପନ୍ନ, ପୋଷା, ଶିକ୍ଷିତ, ବିନୀତ, ପ୍ରଧାନ, ବିଖ୍ୟାତ, ଆଜ୍ଞପ୍ତ । ପୁଂ. ମନ୍ତ୍ରୀ, ସର୍ଦ୍ଦାର ।

ଶିଷ୍ଟତା, ବି. ସ୍ତ୍ରୀ. ( ଶିଷ୍ଟ-ତା ) ଶିଷ୍ଟର ଧର୍ମ, ନମ୍ରତା, ଧୀରତା, ଶେଷ, ଅବଶିଷ୍ଟତା, ବିନୟ, ବଶୀଭୂତତା ।

ଶିଷ୍ଟାଚାର, ବି. ପୁଂ. ( ଶିଷ୍ଟ-ଆଚାର ) ସାଧୁ ବ୍ୟବହାର, ଭଦ୍ରତା ।

ଶିଷ୍ୟ, ବି. ପୁଂ. (ଶାସ୍-ଯ) ଛାତ୍ର । ବିଂ. ଶାସନଯୋଗ୍ୟ, ଉପଦେଷ୍ଟବ୍ୟ, ଶିକ୍ଷଣୀୟ, ଶିକ୍ଷିତବ୍ୟ ।

ଶିହ୍ନାଣୀ, ଶିହ୍ନାଣିଆ } ବି ( ଯାବନିକ ) ଚତୁର, ଚଲାକ, ଧୂର୍ତ୍ତ ।

ଶୀ, ବି. ସ୍ତ୍ରୀ. (ଶୀ-୦) ଶୟନ, ଶାନ୍ତି ।

ଶୀକର, ବି. ପୁଂ. (ଶୀକ୍-ଅରନ୍) ବାୟୁପ୍ରେରିତ ଜଳବିନ୍ଦୁ, ଜଳକଣା, ସୂକ୍ଷ୍ମବୃଷ୍ଟି, ବାୟୁ ।

ଶୀଘ୍ର, କ୍ରି. ବିଂ ( ଶିଙ୍ଘ୍-ରକ୍ ନିପାତନ ) ଅବିଲମ୍ବ, ଦ୍ରୁତ, ତ୍ବରା । ବିଂ. ଶୀଘ୍ରତାଯୁକ୍ତ, ସତ୍ବର, ତ୍ବରିତ ।

ଶୀଘ୍ରଗ, ବିଂ. ( ଶୀଘ୍ର-ଗମ୍-ଅ ) ଦ୍ରୁତଗାମୀ, ତ୍ବରିତଗତି ।

ଶୀଘ୍ରଚେତନ, ବି. ପୁଂ. ( ଶୀଘ୍ର-ଚିତ୍-ଅନ ) କୁକ୍କୁର । ବିଂ. ଦ୍ରୁତଚେତନାଯୁକ୍ତ ।

ଶୀଘ୍ରତା, ବି. ସ୍ତ୍ରୀ. ( ଶୀଘ୍ର-ତା ) ଦ୍ରୁତତା, ସତ୍ବରତା ।

ଶୀତ, ବିଂ. ( ଶ୍ୟୈ-ତ ) ଶୀତଳ, ଶୈତ୍ୟଗୁଣଯୁକ୍ତ, ଜଡ଼, ଅଳସ, କ୍ବାଥିତ । ବି. ନ. (ଶୀତ ଅ) ଶୈତ୍ୟଗୁଣ, ଶୀତଳତା, ଜଳ, ତ୍ବକ୍ । ପୁଂ. ହିମଋତୁ, ଶୀତକାଳ, ବେତସ ବୃକ୍ଷ, ଅଶନପର୍ଣ୍ଣୀ, ନିମ୍ବ, କର୍ପୂର ।

ଶୀତକର, ଶୀତକରଣ, ଶୀତଗୁ, ଶୀତଭାନୁ, ଶୀତମୟୂଖ, ଶୀତମରୀଚି, ଶୀତରଶ୍ମି, ଶୀତାଂଶୁ } ବି. ପୁଂ. ( ଶୀତ-କର, କିରଣ, ଗୋ, ଭାନୁ, ମୟୂଖ, ମରୀଚି, ରଶ୍ମି, ଅଂଶୁ) ଚନ୍ଦ୍ର, ହିମକର, କର୍ପୂର ।

ଶୀତକୁମ୍ଭ, ବି. ପୁଂ. କରବୀର । ମ୍ଭୀ, ସ୍ତ୍ରୀ. ଜଳଜ ବୃକ୍ଷବିଶେଷ ।

ଶୀତଚମ୍ପକ, ବି. ପୁଂ. (ଶୀତ-ଚମ୍ପକ) ଦର୍ପଣ, ପ୍ରଦୀପ ।

ଶୀତପର୍ଣ୍ଣୀ, ବି. ସ୍ତ୍ରୀ. ଅର୍କପୁଷ୍ପିକା ।

ଶୀତଳ, ବିଂ (ଶୀତ-ଲା ଅ) ଶୈତ୍ୟଗୁଣଯୁକ୍ତ, ଥଣ୍ଡା । ବି ନ. ଚନ୍ଦନ, ଶୈଳେୟ, ମୌକ୍ତିକ, ପଥ, ବେଣାଚେର । ପୁଂ. ଚନ୍ଦ୍ର, ଅଶନପର୍ଣ୍ଣୀ । ଳା, ସ୍ତ୍ରୀ. ଦେବୀବିଶେଷ । ଳୀ, ଜଳଜ ବୃକ୍ଷବିଶେଷ ।

ଶୀତଳଷଷ୍ଠୀ, ବି. (ଦେଶଜ) ଷଷ୍ଠୀବିଶେଷ ।

ଶୀତା, ସୀତା } ବି. ସ୍ତ୍ରୀ. (ଶୀତ-ଆ) ରାମଚନ୍ଦ୍ରଙ୍କର ଗୃହିଣୀ, ଜାନକୀ, ଲାଙ୍ଗଳପଦ୍ଧତି, ଅତିବଳା, କୁଟୁମ୍ବିନୀ, ଦୁର୍ଗା ।

ଶୀତାଦ୍ରି, ବି. ପୁଂ. ( ଶୀତ-ଅଦ୍ରି ) ହିମାଳୟ ପର୍ବତ ।

ଶୀତାଭ, ଶୀତାଭ୍ର } ବି. ପୁଂ. (ଶୀତ-ଆଭା) ଚନ୍ଦ୍ର, କର୍ପୂର ।

ଶୀତାର୍ତ୍ତ, ଶୀତାଳୁ } ବି (ଶୀତ-ଋତ କର୍ମ୍ମ ଆର୍ତ୍ତି, ଆଳୁ) ଶୀତପୀଡ଼ିତ ଶୀତକାତର ।

ଶୀତାଶ୍ମା, ବି ପୁଂ. ( ଶୀତ-ଅଶ୍ମନ୍ ) ଚନ୍ଦ୍ରକାନ୍ତମଣି ।

ଶୀତୁଳ, ବି. (ଶୀତଳ ଶବ୍ଦଜ) ଥଣ୍ଡା, ଶୀତଳତା, ଅପରାହ୍ନକାଳୀନ ଖାଦ୍ୟ ।

ଶୀତୁଳସ୍ବା, ବି. ( ଦେଶଜ ) ଗ୍ରୀଷ୍ମକାଳରେ ମୁଣ୍ଡରେ ଯେଉଁ ସବୁ ବଥ ହୁଏ ।

ଶୀତୁଳିବା, କ୍ରି. ବି. (ପ୍ରା) ଥଣ୍ଡା କରିବା ।

ଶୀତୋତ୍ତମ, ବି. ନ. (ଶୀତ-ଉତ୍ତମ) ବାରି, ଜଳ ।

ଶୀତ୍କାର, ବି. ପୁଂ. (ଶୀତ୍-କାର) ଶ୍ରେଷ୍ଠ ସ୍ତ୍ରୀମାନଙ୍କର ରତିକାଳୀନ ଧ୍ବନି, ଇସ୍ ଏହି ଶବ୍ଦ ।

ଶୀତ୍ୟ, ବିଂ. ( ଶୀତ-ଯ ) ଶୀତଯୋଗ୍ୟ, କୃଷ୍ଟ, ଚଷା ।

ଶୀଧୁ, ସୀଧୁ } ବି. ପୁଂ. ନ. ( ଶୀ-ଧୁକ୍ ) ପକ୍ବ ଇକ୍ଷୁ ରସଜନିତ ମଦ୍ୟ, ମଧୁ ।

**ଶୀଧୁଗନ୍ଧ**, ବି. ପୁଂ. (ଶୀଧୁ-ଗନ୍ଧ) ବଉଳଗଛ ।

**ଶୀନ**, ବିଂ. ( ଶ୍ୟୈ-ତ ) ଘନୀଭୂତ, ମୂର୍ଖ । ବି. ପୁଂ. ଅଜଗର, ବୃହତ୍ ସର୍ପ ।

**ଶୀର** } **ଶୀଲ** } ବି. ପୁଂ. (ଶୀ-ଇକ୍) ଅଜଗର ସର୍ପ ।

**ଶୀର୍ଣ୍ଣ**, ବିଂ. (ଶୃ-ତ) କୃଶ, କ୍ଷୀଣ, ଶୁଷ୍କ, ଛିନ୍ନ, ପତିତ ।

**ଶୀର୍ଣ୍ଣପାଦ**, ବି. ପୁଂ. (ଶୀର୍ଣ୍ଣ-ପାଦ) ଯମ, ଅନ୍ତକ ।

**ଶୀର୍ଣ୍ଣବୃନ୍ତ**, ବି. ନ. (ଶୀର୍ଣ୍ଣ-ବୃନ୍ତ) ତରମୁଜ ।

**ଶୀର୍ଷ**, ବି. ନ. (ଶିରସ୍ ସ୍ଥାନରେ ଶୀର୍ଷ) ଶିରସ୍, ମସ୍ତକ, ମଥା, କୃଷ୍ଣଗୁରୁ ।

**ଶୀର୍ଷକ**, ବି. ନ. (ଶୀର୍ଷ-କ) ଟୋପି,ପଗଡ଼ି, ମସ୍ତକ, ଜୟ ପରାଜୟର ନିଦର୍ଶନପତ୍ର । ପୁଂ ରାହୁଗ୍ରହ ।

**ଶୀର୍ଷଚ୍ଛେଦକ** } **ଶୀର୍ଷଚ୍ଛେଦ୍ୟ** } ବିଂ. ( ଶୀର୍ଷ-ଛିଦ୍ ଇକ, ଯ ) ଶିରଶ୍ଛେଦନଯୋଗ୍ୟ, ବଧ୍ୟ ।

**ଶୀର୍ଷରକ୍ଷ**, ବି. ନ. (ଶୀର୍ଷ ରକ୍ଷ) ଶିରସ୍ତ୍ରାଣ,ପଗଡ଼ି ।

**ଶୀଲ**, ବି. ପୁଂ. ନ. (ଶୀଲ-ଅ) ସ୍ୱଭାବ, ସଚ୍ଚରିତ୍ର, ଚରିତ୍ର । ପୁଂ. ବୃହତ୍ ସର୍ପ । ବିଂ. ବିଶିଷ୍ଟ, ଯୁକ୍ତ ।

**ଶୀଲନ**, ବି. ନ. ( ଶୀଲ୍-ଅନ ) ଆଲୋଚନ, ଅଭ୍ୟାସ, ପ୍ରବର୍ତ୍ତନ, ପରିବର୍ତ୍ତନ, ପରିଦର୍ଶନ ।

**ଶୀଲବାନ୍**, ବିଂ. ( ଶୀଲ-ବତ୍ ) ସୁସ୍ୱଭାବଯୁକ୍ତ, ସୁଶୀଲ, ସଚ୍ଚରିତ୍ରଶାଳୀ ।

**ଶୀବଲ**, ବି. ନ. (ଶୀ-ବଲ)ଶୈବାଳ, ଶିଉଳ ।

**ଶୀବା**, ବି. ପୁଂ. ( ଶୀ-ବନ୍ ) ଅଜଗର ସର୍ପ, ବୃହତ୍ ସର୍ପ, ବୋଡ଼ା ସାପ ।

**ଶୁଆ**, ବି. (ଶୁକ ଶବ୍ଦଜ) ପକ୍ଷିବିଶେଷ ।

**ଶୁଆଇବା**, କ୍ରି. ବି. ( ଶୀ ଧାତୁର ପ୍ରଯୋଜକରୂପ, ଯେ ଶୋଇଥାଏ, ଶୋଇବା, ଶୟନ କରାଇବା ।

**ଶୁଆପକ୍ଷିଆ**, ବି. ଶୁଆପକ୍ଷୀ ପରି ହରିଦ୍‌ବର୍ଣ୍ଣ ।

**ଶୁଆର**, ବି. (ଦେଶଜ) ପାଚକବିଶେଷ ।

**ଶୁକ**, ବି. ପୁଂ. (ଶୁଭ୍-କ) ପକ୍ଷିବିଶେଷ, ଶୁଆପକ୍ଷୀ ବ୍ୟାସଦେବଙ୍କ ପୁତ୍ର, ରାବଣର ମନ୍ତ୍ରୀ, ଶିରୀଷ ବୃକ୍ଷ, ବସ୍ତ୍ର, ବସ୍ତ୍ରାଞ୍ଚଳ ।

**ଶୁକନାସ**, ବି. ପୁଂ. (ଶୁକ-ନାସା-ଅ) ତାରାପୀଡ଼ ରାଜାର ମନ୍ତ୍ରୀ, ଶ୍ୟୋଣାକବୃକ୍ଷ । ବିଂ. ଶୁକଚଞ୍ଚୁ ପରି ନାସିକାବିଶିଷ୍ଟ ।

**ଶୁକପୁଚ୍ଛ**, ବି. ପୁଂ. (ଶୁକ-ପୁଚ୍ଛ) ଗନ୍ଧକ ।

**ଶୁକାଦନ**, ବି. ପୁଂ. (ଶୁକ-ଅଦନ) ଦାଡ଼ିମ୍ବ ।

**ଶୁକୁଆ** } **ଶୁଖୁଆ** } ବି. ( ଦେଶଜ ) ଶୁଖିଲା ମାଛ ।

**ଶୁକୁଟା** } **ଶୁକୁଠା** } ବି. ( ଦେଶଜ ) ମୁରୁକୁଟିଆ ।

**ଶୁକ୍ତ**, ବି. ନ. (ଶୁଚ୍-ତ) ମାଂସ, ସିଙ୍ଗା,ଦ୍ରବ୍ୟ ବିଶେଷ, କାଞ୍ଜି, କାଞ୍ଜି, ବ୍ୟଞ୍ଜନବିଶେଷର ଯୂଷ । ବିଂ. ପର୍ଯ୍ୟୁଷିତ, ପବିତ୍ର, ପରୁଷ, ସଂସୃଷ୍ଟ, ଶ୍ଳିଷ୍ଟ, ନିର୍ଜନ ।

**ଶୁକ୍ତି**, ବି. ସ୍ତ୍ରୀ. (ଶୁଚ୍-ତି) ଶାମୁକା, ଶଙ୍ଖ ।

**ଶୁକ୍ତିକା**, ବି. ସ୍ତ୍ରୀ. (ଶୁକ୍ତି-କ) ଶୁକ୍ତି ।

**ଶୁକ୍ତିଜ** } **ଶୁକ୍ତିବୀଜ** } ବି. ନ. ( ଶୁକ୍ତି-ଜ, ବୀଜ ) ମୌକ୍ତିକ, ମୁକ୍ତାଫଳ । ବିଂ. ଶୁକ୍ତିଜାତ ।

**ଶୁକ୍ତିମାନ୍** ବି. ପୁଂ. ( ଶୁକ୍ତି-ମତ୍ ) ପର୍ବତବିଶେଷ ।

**ଶୁକ୍ର**, ବି. ପୁଂ. ( ଶୁଚ୍-ରକ୍ ) ଭାର୍ଗବ, ଦୈତ୍ୟଗୁରୁ, ଗ୍ରହବିଶେଷ, ଅଗ୍ନି, ଚିତ୍ରକବୃକ୍ଷ, ଜ୍ୟେଷ୍ଠ ମାସ । ନ. ତେଜଃ, ଶରୀରସ୍ଥ ଧାତୁବିଶେଷ, ବୀର୍ଯ୍ୟ, ରେତଃ ।

**ଶୁକ୍ରକର**, ବି. ପୁଂ. ( ଶୁକ୍ର କର ) ମଜ୍ଜା । ବିଂ. ବୀର୍ଯ୍ୟକାରକ ।

**ଶୁକ୍ରତାରା** } **ଶୁକ୍ରତାରା** } ବି. ( ଶୁକ୍ରତାରକା ) ଏହି ତାରା କେବେ କେବେ ଉଷାପୂର୍ବେ ପୂର୍ବାକାଶରେ କେବେ ବା ସନ୍ଧ୍ୟାବେଳେ ପଶ୍ଚିମାକାଶରେ ଦେଖାଯାଏ, ଶୁକ୍ରଗ୍ରହ ।

**ଶୁକ୍ରଭୁକ୍**, ବି. ପୁଂ. ( ଶୁକ୍ର ଭୁଜ-ଂ ) ମୟୂର । ବିଂ. ରେତଭୋଜକ ।

**ଶୁକ୍ରବାର**, ବି. ପୁଂ. ( ଶୁକ୍ର-ବାର ) ଶୁକ୍ରଗ୍ରହର ଭୋଗ୍ୟ ଦିନ, ସପ୍ତାହର ପଞ୍ଚମ ଦିନ ।

ଶୁକ୍ରଶିଷ୍ୟ, ବି. ପୁଂ. ( ଶୁକ୍ର-ଶିଷ୍ୟ ) ଦୈତ୍ୟ, ଅସୁର ।

ଶୁକ୍ଳ, ବିଂ. ( ଶୁକ୍-ଲକ୍ ) ଶ୍ୱେତବର୍ଣ୍ଣବିଶିଷ୍ଟ, ଧଳା, ଶୁଭ୍ର । ବି. ପୁଂ. ଶ୍ୱେତବର୍ଣ୍ଣ, ଶୁକ୍ଳପକ୍ଷ । ନ. ରଜତ, ରୌପ୍ୟ, ନବନୀତ ।

ଶୁକ୍ଳକର୍ମା, ବିଂ. ( ଶୁକ୍ଳ-କର୍ମନ୍ ) ଅକୃଷ୍ଣକର୍ମା, ସତ୍କର୍ମରେ ଅନୁଷ୍ଠାତା, ଚରିତ୍ର ।

ଶୁକ୍ଳକନ୍ଦ, ବି. ପୁଂ. ମଞ୍ଜୁଷକନ୍ଦ, ଶ୍ୱେତମୂଳ, -ନ୍ଦା, ସ୍ତ୍ରୀ. ଅତିବଳା ।

ଶୁକ୍ଳଧାତୁ, ବି. ପୁଂ. ( ଶୁକ୍ଳ-ଧାତୁ ) ଖଡ଼ି ।

ଶୁକ୍ଳପକ୍ଷ, ବି. ପୁଂ. ( ଶୁକ୍ଳ-ପକ୍ଷ ) ଶୁକ୍ଳ ପ୍ରତିପଦ୍‌ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପଞ୍ଚଦଶ ତିଥି ।

ଶୁକ୍ଳପୁଷ୍ପ, ବି. ପୁଂ. କୁନ୍ଦପୁଷ୍ପ ବୃକ୍ଷ । ବିଂ. ଶ୍ୱେତ କୁସୁମଯୁକ୍ତ । ଷ୍ପା, ସ୍ତ୍ରୀ ନାଗଦନ୍ତୀ, ଶୀତକୁମ୍ଭୀ । ଷ୍ପୀ, ସ୍ତ୍ରୀ. ନାଗଦନ୍ତୀ ।

ଶୁକ୍ଳା, ବି. ସ୍ତ୍ରୀ. (ଶୁକ୍ଳ-ଆ) ସରସ୍ୱତୀ, ଶର୍କରା ।

ଶୁକ୍ଳାଙ୍ଗୀ, ବି. ସ୍ତ୍ରୀ. (ଶୁକ୍ଳ-ଅଙ୍ଗୀ) ଶେଫାଳିକା ।

ଶୁକ୍ଳାପାଙ୍ଗ, ବି. ପୁଂ. (ଶୁକ୍ଳ ଅପାଙ୍ଗ) ମୟୂର ।

ଶୁକ୍ଳିମା, ବି. ପୁଂ. ( ଶୁକ୍ଳ-ଇମନ୍. ଭାବେ ) ଶୁକ୍ଳତ୍ୱ ।

ଶୁକ୍ଳୋପଲା, ବି. ସ୍ତ୍ରୀ. ( ଶୁକ୍ଳ ଉପଲା ) ଶର୍କରା, ଚିନି । ପୁଂ. ଧଳା ପଥର ।

ଶୁଖା, ଶୁଖିଲା } ବି. (ଶୁଷ୍କ ଶବ୍ଦଜ) ଶୁଷ୍କ ।

ଶୁଖାଇବା, କ୍ରି. ( ଶୁଷ୍ ଧାତୁଜ ) ଶୁଷ୍କ କରିବା, କୁଟିବା ବେଳେ ଧାନ୍ୟାଦି ଶସ୍ୟକୁ ତଳ ଉପର କରିବା ।

ଶୁଖିବା, କ୍ରି. ବି. (ଶୁଷ୍କ ଶବ୍ଦଜ) ଶୁଷ୍କ ହେବା ।

ଶୁଙ୍ଗ, ବି. ପୁଂ. (ଶମ୍-ଗ) ବଟବୃକ୍ଷ, ଆମ୍ବଡ଼ା ଗଛ ।

ଶୁଙ୍ଘିବା, ଶୁଘିବା } ବି. (ଦେଶଜ) ଆଘ୍ରାଣ କରିବା ।

ଶୁଙ୍ଗୀ, ବି. ପୁଂ. ( ଶୁଙ୍ଗ-ଇନ୍ ) ବଟବୃକ୍ଷ, ପାକୁଡଗଛ ।

ଶୁଚ୍, ଶୁଗ୍ } ବି. ସ୍ତ୍ରୀ. ( ଶୁଚ୍ ୦ ) ଶୋକ, ଦୁଃଖ, ମନସ୍ତାପ ।

ଶୁଚି, ବି. ପୁଂ. ( ଶୁଚ୍-ଇ ) ଅଗ୍ନି, ଚିତ୍ରକ-ବୃକ୍ଷ, ଜ୍ୟେଷ୍ଠ ମାସ, ଆଷାଢ଼ ମାସ, ସୂର୍ଯ୍ୟ, ଚନ୍ଦ୍ର, ମହାଦେବ, ବୃହସ୍ପତି, ବ୍ରାହ୍ମଣ, ଅନ୍ନ-ପ୍ରାଶନକାଳୀନ ହୋମ, ଗ୍ରୀଷ୍ମକାଳ, ଶୃଙ୍ଗାର-ରସ, ସୌରାଗ୍ନି, ଶ୍ୱେତବର୍ଣ୍ଣ, ଶୁକ୍ଳରଙ୍ଗ, ଶୁଦ୍ଧମନ୍ତ୍ରୀ, ସଦାଚାର । ବିଂ. ନିର୍ଦୋଷ, ଅନୁପହତ, ଶୁଦ୍ଧ, ପବିତ୍ର, ନିର୍ମଳ, ଶ୍ୱେତବର୍ଣ୍ଣ-ଯୁକ୍ତ, ଶୁଭ୍ର, ଅନୁକୂଳ ।

ଶୁଚିତା, ବି. ସ୍ତ୍ରୀ. ( ଶୁଚି-ତା ) ଶୁଦ୍ଧତା, ପବିତ୍ରତା, ନିର୍ମଳତା ।

ଶୁଚିଦ୍ରୁମ, ବି. ପୁଂ. ଅଶ୍ୱତ୍ଥବୃକ୍ଷ ।

ଶୁଚିରୋଚିଃ, ବି. ପୁଂ. ( ଶୁଚି-ରୋଚିସ୍ ) ଚନ୍ଦ୍ର, ଶୁକ୍ଳକିରଣ ।

ଶୁଜି, ବି. (ଦେଶଜ) ଗହମ ପେଷା ହେଲା ଉତ୍ତାରେ ତାହାର ଯେଉଁ ଅତି ସୂକ୍ଷ୍ମତମ ଅଂଶ ମଇଦା ନ ହୋଇ ରହେ ।

ଶୁଝିବା, କ୍ରି. ବି. (ଦେଶଜ) ପରିଶୋଧ କରିବା, ଶୁଦ୍ଧଯୁକ୍ତ ହେବା ।

ଶୁଣା, ବିଂ. ( ଶ୍ରୁ ଧାତୁ ) ଶ୍ରୁତ, ଯାହା ଶ୍ରୁତ ହୋଇଅଛି । ବି. ଶୁଣିବା ।

ଶୁଣିବା, କ୍ରି. (ଶ୍ରୁ ଧାତୁଜ) ଶ୍ରବଣ କରିବା ।

ଶୁଣ୍ଠି, ଶୁଣ୍ଠୀ } ବି. ସ୍ତ୍ରୀ. (ଶୁଣ୍ଠ-ଇ) ଶୁଷ୍କ ଆର୍ଦ୍ରକ ।

ଶୁଣ୍ଠିଆ, ବି. (ଦେଶଜ) ବିଧବାମାନଙ୍କର ପରିହିତ ଏକପ୍ରକାର ବସ୍ତ୍ର, ଶୁଖିଲା କାଠ ।

ଶୁଣ୍ଡ, ବି. ପୁଂ. (ଶୁନ୍-ଡ) କରିହସ୍ତ, ହାତିଶୁଣ୍ଡ, ହସ୍ତୀର ଗଣ୍ଡସ୍ଥଳରୁ ମଦକ୍ଷରଣ ।

ଶୁଣ୍ଡଧର, ବି. ପୁଂ. (ଶୁଣ୍ଡ ଧର) ହସ୍ତୀ, କରୀ ।

ଶୁଣ୍ଡକ, ବି. ପୁଂ. (ଶୁଣ୍ଡ-କ) ଶୌଣ୍ଡିକ, ଶୁଣ୍ଡୀ, ଯୁଦ୍ଧବେଣୁ, ରଣଶିଙ୍ଗା ।

ଶୁଣ୍ଡା, ବି. (ଶୁଣ୍ଡ-ଆ) ମଦ୍ୟ, କୁଟୁଣୀ, ହାତୀର ଶୁଣ୍ଡ । ଜଳହସ୍ତିନୀ, ନଳିନୀ, ମଦାଗୃହ, ବେଶ୍ୟା ।

ଶୁଣ୍ଡାଲ, ବି. ପୁଂ. (ଶୁଣ୍ଡା-ଲ) କରୀ, ହସ୍ତୀ ।

ଶୁଣ୍ଡୀ, ବି. ପୁଂ. (ଶୁଣ୍ଡା-ଇନ୍) ସୁରାପ୍ରସ୍ତୁତକାରକ ଜାତିବିଶେଷ, ହସ୍ତୀ ।

ଶୁଦ୍ଧ, ବିଂ. (ଶୁଧ୍-ତ) ପବିତ୍ର, ସ୍ୱଚ୍ଛ, ନିର୍ମଳ, ଉଜ୍ଜ୍ୱଳ, ନିର୍ଦ୍ଦୋଷ, ଶୋଧିତ, କ୍ଷମତାପ୍ରାପ୍ତ, ଅମିଶ୍ରିତ, ଉଦ୍ଧୃତ, ଶୁଭ୍ର, କେବଳ । ବି. ନ. ସୈନ୍ଧବ ଲବଣ, ମରିଚ ।

ଶୁଦ୍ଧଚାରୀ, ବିଂ. (ଶୁଦ୍ଧ-ଚର୍-ଇନ୍) ନିର୍ମଳଚରିତ୍ର, ନିର୍ଦ୍ଦୋଷ ।

ଶୁଦ୍ଧମତି, ବିଂ. ପବିତ୍ର ବୁଦ୍ଧିବିଶିଷ୍ଟ ।

ଶୁଦ୍ଧାନ୍ତ, ବି. ପୁଂ. (ଶୁଦ୍ଧ-ଅନ୍ତ) ଅନ୍ତଃପୁର, ଅନ୍ତଃପୁରସ୍ଥ ସ୍ତ୍ରୀ, ରାଜ୍ଞୀ, ରାଜପତ୍ନୀ, ରାଜାଙ୍କ ରକ୍ଷିତା ସ୍ତ୍ରୀ ।

ଶୁଦ୍ଧି, ବି. ସ୍ତ୍ରୀ. (ଶୁଧ୍-ତି) ଶୋଧନ, ଶୁଦ୍ଧତା, ସ୍ୱଚ୍ଛତା, ନିର୍ମଳତା, ମାର୍ଜ୍ଜନା, ପରିଷ୍କାର, ପବିତ୍ରତା, ସଂସ୍କାରବିଶେଷ, ଦୁର୍ଗା ।

ଶୁଧୁରିବା, କ୍ରି. (ଦେଶଜ) ମନ୍ଦରୁ ଭଲ ହେବା ।

ଶୁନକ, ବି ପୁଂ. ଶ୍ୱାନ । ପୁଂ. ସ୍ତ୍ରୀ. (ଶୁନ୍-ଅ(କ)) କୁକୁର ।

ଶୁନାସୀର } ସୁନାଶୀର } ବି. ପୁଂ. ଇନ୍ଦ୍ର, ପେଚକ ।

ଶୁଭ, ବି. ନ. (ଶୁଭ୍-ଅ) କ୍ଷେମ, ମଙ୍ଗଳ, ସୁଖ, ପଦ୍ମକାଷ୍ଠ । ପୁଂ. ଯୋଗବିଶେଷ । ବିଂ. ମଙ୍ଗଳଦାୟକ, ସୁଖୀ, କୁଶଳୀ, ସୁନ୍ଦର, ମନୋହର ।

ଶୁଭଂୟୁ, ବିଂ. (ଶୁଭଂ-ୟୁ) ଶୁଭାନ୍ୱିତ, କୁଶଳୀ ।

ଶୁଭକର } ଶୁଭଙ୍କର } ବିଂ. (ଶୁଭ କୃ-ଅ) ଶୁଭଜନକ, ମଙ୍ଗଳକର । ବି ପୁଂ. ସ୍ୱନାମପ୍ରସିଦ୍ଧ ଅଙ୍କଶାସ୍ତ୍ରକାରକ ଓ ତତ୍ କର୍ତ୍ତୃକ ନିରୂପିତ ଗଣିତକ ପଦ୍ଧତି । ସ୍ତ୍ରୀ, ସ୍ତ୍ରୀ. ପାର୍ବତୀ ।

ଶୁଭଗ୍ରହ, ବି. ପୁଂ. (ଶୁଭ-ଗ୍ରହ) ସୌମ୍ୟଗ୍ରହ ।

ଶୁଭପତ୍ରିକା, ବି. ସ୍ତ୍ରୀ. ଶାଳପର୍ଣ୍ଣୀ, ମଙ୍ଗଳପତ୍ରିକା ।

ଶୁଭସୂଚନୀ, ବି. ସ୍ତ୍ରୀ ଦେବୀବିଶେଷ, ସୁବଚନୀ ।

ଶୁଭଦ, ବିଂ. (ଶୁଭ-ଦ) ଶୁଭଦାୟକ, ଶୁଭଜନକ । ବି. ପୁଂ. ଅଶ୍ୱତ୍ଥବୃକ୍ଷ ।

ଶୁଭସ୍ଥଳୀ, ବି. ସ୍ତ୍ରୀ. (ଶୁଭ-ସ୍ଥଳୀ) ଯଜ୍ଞଭୂମି, ମଙ୍ଗଳଦାୟକ ସ୍ଥାନ ।

ଶୁଭା, ବି. ସ୍ତ୍ରୀ. (ଶୁଭ୍-ଅ-ଆ) ଶୋଭା, କାନ୍ତି, ଇଚ୍ଛା, ପାର୍ବତୀଙ୍କ ସଖୀବିଶେଷ, ଦେବସଭା, ବଂଶଲୋଚନା, ଗୋରୋଚନା, ଶମୀ, ପ୍ରିୟଙ୍ଗୁ, ଶ୍ୱେତଦୂର୍ବା । ବିଂ. ମଙ୍ଗଳଜନକା ।

ଶୁଭାଙ୍ଗୀ, ବି. ସ୍ତ୍ରୀ. (ଶୁଭ-ଅଙ୍ଗ) କୁବେରପତ୍ନୀ, ସୁନ୍ଦର ଅବୟବବିଶିଷ୍ଟା ସ୍ତ୍ରୀ ।

ଶୁଭିବା, କ୍ରି. ବି. (ଦେଶଜ) ଶ୍ରବଣ ପଥକୁ ଆସିବା ।

ଶୁଭ୍ର, ବି. ପୁଂ. (ଶୁଭ୍-ର) ଶୁକ୍ଳବର୍ଣ୍ଣ, ଚନ୍ଦନ । ନ. ଅଭ୍ରକ, ରୌପ୍ୟ । ବିଂ. ଶୁକ୍ଳବର୍ଣ୍ଣବିଶିଷ୍ଟ, ଉଦ୍ଦୀପ୍ତ ।

ଶୁଭ୍ରଦନ୍ତା } ଶୁଭ୍ରଦନ୍ତୀ } ବି. ସ୍ତ୍ରୀ, (ଶୁଭ୍ର-ଦନ୍ତ-ଆ, ଈ) ବାୟୁକୋଣର ଦିକ୍‌ହସ୍ତିନୀ, ପୁଷ୍ପଦନ୍ତ ନାମକ ଦିଗ୍‌ଗଜର ସ୍ତ୍ରୀ, ସୁଦନ୍ତୀ, ଉତ୍ତମ ଦନ୍ତବିଶିଷ୍ଟା ସ୍ତ୍ରୀ ।

ଶୁଭ୍ରରଶ୍ମି } ଶୁଭ୍ରାଂଶୁ } ବି ପୁଂ. (ଶୁଭ୍ର-ରଶ୍ମି, ଅଂଶୁ) ଚନ୍ଦ୍ର, ସୁଧାଂଶୁ, କର୍ପୂର ।

ଶୁମ୍ଭ, ବିଂ. ପୁଂ. (ଶୁନ୍‌ଭ୍-ଅ) ଦୈତ୍ୟବିଶେଷ ।

ଶୁମ୍ଭଘାତିନୀ } ଶୁମ୍ଭମର୍ଦ୍ଦିନୀ } ବି. ସ୍ତ୍ରୀ. (ଶୁମ୍ଭ-ଘାତିନୀ, ମର୍ଦ୍ଦିନୀ) ଦୁର୍ଗା ।

ଶୁରମା } ଶୁର୍ମା } ବି. (ଯାବନିକ) ଅଞ୍ଜନବିଶେଷ ।

ଶୁଲ୍କ, ବି. ପୁଂ. ନ. (ଶୁଲ୍-କ) ମାସୁଲ, ଯୌତୁକ, ମୂଲ୍ୟ, ବାଜୀ, ଫିସ୍ ।

ଶୁଲ୍ବ, ବି. ନ. (ଶୁଲ୍ବ୍-ଅ) ତାମ୍ର, ରଜ୍ଜୁ, ଯଜ୍ଞକର୍ମ, ଆଚାର, ଜଳସନ୍ନିଧି ।

ଶୁଶ୍ରୁବାନ୍, ବିଂ (ଶ୍ରୁ-ବସ୍ ଭୂତକାଳରେ ଦ୍ୱିତ୍ୱ) ଯେ ଶୁଣିଅଛି ।

ଶୁଶ୍ରୂ, ବି. ସ୍ତ୍ରୀ. ମାତା, ଜନନୀ ।

ଶୁଶ୍ରୂଷଣ, ବି. ନ. (ଶ୍ରୁ-ସନ୍-ଅନ) ସେବା, ଉପାସନା, ଶ୍ରବଣେଚ୍ଛା ।

ଶୁଶ୍ରୂଷା, ବି. ସ୍ତ୍ରୀ. (ଶ୍ରୁ-ସନ୍-ଅ-ଆ) ଶ୍ରବଣେଚ୍ଛା, ପରିଚର୍ଯ୍ୟା, ସେବା, କଥନ ।

ଶୁଶ୍ରୁଷୁ, ବିଂ. ( ଶ୍ରୁ-ସନ୍-ଉ ) ଶ୍ରବଣେଚ୍ଛୁ, ସେବକ ।

ଶୁଷିର, ବି. ନ. (ଶୁଷ୍-ଇର) ରନ୍ଧ୍ର, ଛିଦ୍ର, ଗର୍ତ୍ତ, ଅବକାଶ । ପୁଂ. ମୂଷିକ, ଅଗ୍ନି । ବିଂ, ସଚ୍ଛିଦ୍ର, ରନ୍ଧ୍ରଯୁକ୍ତ ।

ଶୁଷିଲ, ବି. ପୁଂ. (ଶୁଷ୍-ଇର, ର=ଲ) ବାୟୁ ।

ଶୁଷ୍କ, ବିଂ. ( ଶୁଷ୍-ତ, ତ ସ୍ଥାନରେ କ ) ନୀରସ, ଶୁଖିଲା, ଅକାରଣ, ହେତୁଶୂନ୍ୟ, ନିରର୍ଥକ, ଶୀର୍ଣ୍ଣ ।

ଶୁଷ୍କଲ, ବି. ପୁଂ. (ଶୁଷ୍କ-ଲା-ଅ) ଆମିଷ, ମାଂସ । ବିଂ. ଆମିଷଭୋଜୀ ।

ଶୁଷ୍କାର୍ଦ୍ର, ବି. ନ. (ଶୁଷ୍କ-ଆର୍ଦ୍ର) ଶୁଣ୍ଠି ।

ଶୁଷ୍ମ, ବି. ପୁଂ. (ଶୁଷ୍-ମ) ସୂର୍ଯ୍ୟ, ଅଗ୍ନି ।

ଶୂକ, ବି. ପୁଂ. ନ. ( ଶୋ-ଉକ, ନିପାତନ ) ଶସ୍ୟାଦିର ସୂକ୍ଷ୍ମାଗ୍ରଭାଗ, ଦୟା, ଶିଖା, ଜଳଜନ୍ତୁବିଶେଷ ।

ଶୂକର, ସୂକର, ପୁଂ. } ବି. (ଶୂକ-ର ଅଥବା
ଶୂକରୀ, ସ୍ତ୍ରୀ. } ଶୂ-କର) ବରାହ । ସ୍ତ୍ରୀ. ବୋହିତକାନ୍ତା, ଶୂକରପତ୍ନୀ ।

ଶୂକଲ, ବି. ପୁଂ. ଦୁର୍ବିନୀତ ଅଶ୍ୱ, ଦୁଷ୍ଟ ଘୋଡ଼ା ।

ଶୂକ୍ଷ୍ମ, ବିଂ. (ସୂଚ୍-ସ୍ମନ୍, ସୂ=ଶୂ) ଅଳ୍ପ, ସରୁ, ମିହି, କୂଟକ, କୃତ୍ରିମ, ପରମାତ୍ମବିଷୟକ ।

ଶୂଦ୍ର, ବି. ପୁଂ. (ଶୁଚ୍-ରକ୍, ଉ=ଊ, ଚ ସ୍ଥାନେ ଦ) ବ୍ରାହ୍ମଣାଦି ଚତୁର୍ବର୍ଣ୍ଣର ଅନ୍ତର୍ଗତ ଚତୁର୍ଥ ବର୍ଣ୍ଣ, ବ୍ରହ୍ମାଙ୍କ ପାଦରୁ ଜାତ । ସ୍ତ୍ରୀ. ଶୂଦ୍ର-ଜାତୀୟା ସ୍ତ୍ରୀ, ଶୂଦ୍ରପତ୍ନୀ ।

ଶୂନା, ବି. ସ୍ତ୍ରୀ. (ଶ୍ୱି-ତ-ଆ) ମାଂସର ହାଟ, ବଧଭୂମି, ପ୍ରାଣିବଧ ସ୍ଥାନ ।

ଶୂନାବାନ୍, ବି. ପୁଂ. (ଶୂନା-ବତ୍) କଂସାଇ ।

ଶୂନ୍ୟ, ବି. ନ. (ଶ୍ୱି-ଭନ-ଯ, ସ=ଶ) ଆକାଶ, ବିନ୍ଦୁ, ନିର୍ଜନସ୍ଥାନ, ଅଭାବ । ବିଂ. ଖାଲି, ନିର୍ଜନ, ରହିତ, ତୁଚ୍ଛ । ନ୍ୟା,ସ୍ତ୍ରୀ. ନଳୀ, ନାଗଫେଣିଆ, ବନ୍ଧ୍ୟା ।

ଶୂନ୍ୟଗର୍ଭ } ବିଂ. (ଶୂନ୍ୟ-ଗର୍ଭ, ମଧ୍ୟ) ଯାହାର
ଶୂନ୍ୟମଧ୍ୟ } ଭିତର ଖାଲି, ଫମ୍ପା ।

ଶୂପକାର, ବି. ପୁଂ. ପାଚକ, ଶୂଦ୍ରଙ୍କୁ ଯେ ରାନ୍ଧିଦିଏ ।

ଶୂର, ବି. ପୁଂ. ( ଶୂର-ଅ ) ଯାଦବବିଶେଷ, କୃଷ୍ଣଙ୍କ ପିତାମହ, ସୂର୍ଯ୍ୟ, ବୀର, ସାହସୀ, ସିଂହ, ଶୂକର, ଚିତ୍ରକ, ଶାଳବୃକ୍ଷ, ମୟୂର । ବିଂ. ବଳବାନ୍ ।

ଶୂରଣ, ବି. ପୁଂ. ( ଶୂର-ଅନ ) ଖାଦ୍ୟମୂଳ, ଓଲ ଅଥ ପ୍ରଭୃତି, ଶୋଣାକବୃକ୍ଷ ।

ଶୂରତା, ସ୍ତ୍ରୀ. } ବି. (ଶୂର-ତା, ତ୍ୱ) ଶୌର୍ଯ୍ୟ,
ଶୂରତ୍ୱ, ନ. } ପରାକ୍ରମ, ସାହସ ।

ଶୂରସେନ, ବି. ପୁଂ. ( ଶୂର-ସେନା ) ଯଦୁବଂଶୀୟ ନୃପବିଶେଷ, ଦେଶବିଶେଷ, ମଥୁରା ।

ଶୂର୍ପ } ବି. ପୁଂ. ନ. ( ଶୂର୍ପ-ଅ ) ତଣ୍ଡୁଳାଦି
ସୂର୍ପ } ପରିଷ୍କାର କରିବା ନିମିତ୍ତ ବାଉଁଶ ପାତିଆରେ ନିର୍ମିତ ପାତ୍ରବିଶେଷ, କୁଲା ।

ଶୂର୍ପକର୍ଣ୍ଣ } ବି. ପୁଂ. ( ଶୂର୍ପ-କର୍ଣ୍ଣ, ଶ୍ରୁତି )
ଶୂର୍ପଶ୍ରୁତି } ହସ୍ତୀ, ଗଜ । ବିଂ. ଶୂର୍ପତୁଲ୍ୟ କର୍ଣ୍ଣଯୁକ୍ତ ।

ଶୂର୍ପଣଖା, ବି. ସ୍ତ୍ରୀ. (ଶୂର୍ପ-ନଖ ) ରାବଣର ଭଗିନୀ ।

ଶୂଲ, ବି. ପୁଂ. ନ. ( ଶୂଲ୍-ଅ ) ଉଦରଜାତ ବେଦନା, ରୋଗବିଶେଷ, ବ୍ୟଥା, ଶଲାକାକୃତି ଅସ୍ତ୍ର, ତ୍ରିଶୂଳ, ମୃତ୍ୟୁ, ଧ୍ୱଜା । ପୁଂ. ଯୋଗବିଶେଷ, ଚିହ୍ନ । ଲା, ସ୍ତ୍ରୀ. ଶଙ୍କୁ, ବେଶ୍ୟା ।

ଶୂଲଧନ୍ୱା, ବି. ପୁଂ ( ଶୂଲ-ଧନ୍ୱନ୍ ) ଶିବ, ମହାଦେବ ।

ଶୂଲଧର, ବି. ପୁଂ. (ଶୂଲ-ଧର) ଶିବ । ରା,ସ୍ତ୍ରୀ. ଦୁର୍ଗା ।

ଶୂଲଧୃକ୍, ବି. ସ୍ତ୍ରୀ. ( ଶୂଲ-ଧୃଷ୍-• ) ଦୁର୍ଗା । ପୁଂ. ଶିବ, ତ୍ରିଶୂଳଧାରୀ ।

ଶୂଳପାଣି } ବି. ପୁଂ. ( ଶୂଳ-ପାଣି-ଧୃତ୍ )
ଶୂଳଧୃତ୍ } ଶିବ । ସ୍ତ୍ରୀ. ଦୁର୍ଗା ।

ଶୂଳା, ବି. ( ଶୂଳ-ଶବ୍ଦଜ ) ବେଦନାବିଶେଷ, ଗୋଡ଼ା, ଶୂଳ, ଟେଙ୍କା ।

ଶୂଳିଆପଦା, ବି. ( ଦେଶଜ ) ଯେଉଁ ସ୍ଥାନରେ ଅପରାଧୀଙ୍କୁ ଶୂଳଯନ୍ତ୍ରଦ୍ୱାରା ପ୍ରାଣଦଣ୍ଡ ଦିଆ-ଯାଏ, ବଧସ୍ଥାନ ।

ଶୂଳିକ, ବି. ନ. ( ଶୂଳ-ଇକ ) ଶୂଳକୃତ ମାଂସ । ପୁଂ. ଶଶକ । ବିଂ. ଶୂଳଯୁକ୍ତ ।

ଶୂଳୀ, ବି. ପୁଂ. (ଶୂଳ-ଇନ୍) ଶିବ, ଶଶ । ବିଂ. ଶୂଳଧାରୀ, ଶୂଳରୋଗୀ । ଜନୀ, ସ୍ତ୍ରୀ. ଦୁର୍ଗା ।

ଶୂଳେଇବଡେ, ବି. (ଦେଶଜ) ରାଜା ପ୍ରଭୃତି-ଙ୍କର ମଳତ୍ୟାଗ କରିବା ।

ଶୃକାଲ } ବି. ପୁଂ. ( ସୃଜ୍ ଅଲ ନିପାତନ )
ଶୃଗାଲ } ବିଲୁଆ, କେଦା, ଗୋମାୟୁ, କଟୁଭାଷୀ ବ୍ୟକ୍ତି, ଶିବାଗାର । ବିଂ. ନିଷ୍ଠୁର, ଖଳ ।

ଶୃଗାଲିକା } ବି. ସ୍ତ୍ରୀ. (ଶୃଗାଲୀ-କ, ଶୃଗାଳ-
ଶୃଗାଳୀ } ଈ ) ଭୟରେ ପଲାୟନ, କୋକଶିଆଳୀ । ସ୍ତ୍ରୀ. ଶୃଗାଲ, ଭୂମିକୁଷ୍ମାଣ୍ଡ, କୋକିଳାକ୍ଷ ।

ଶୃଙ୍ଖଳ, ବି. ପୁଂ. ନ. } (ଶୃଙ୍ଗ-ଖଲ୍-ଅ ନିପାତନ)
ଶୃଙ୍ଖଳା ବି. ସ୍ତ୍ରୀ. } ପୁରୁଷର କଟିଭୂଷଣ, ପୁରୁଷର କଟିବସ୍ତ୍ରବନ୍ଧ, ଲୌହମୟ ପାଦ-ବନ୍ଧନୀ, ନିଗଡ଼, ବନ୍ଧନ, ନିୟମ, ରୀତି, ବନ୍ଧନୀ, ବ୍ରାକେଟ, ଚକ୍ର ।

ଶୃଙ୍ଖଳିତ, ବିଂ. ( ଶୃଙ୍ଖଳ-ଇତ ) ଶୃଙ୍ଖଳାବଦ୍ଧ, ନିଗଡ଼ିତ ।

ଶୃଙ୍ଗ, ବି. ନ. ( ଶୃ-ଗନ୍ ନିପାତନ ) ଶିଖର, ପର୍ବତର ଅଗ୍ରଭାଗ, ଧନୁକାଦିର ଅଗ୍ର, ବିଷାଣ, ଚିହ୍ନ, ପ୍ରଭାବ, ପ୍ରଭୁତ୍ୱ, ଉତ୍କର୍ଷ, ଶୃଙ୍ଗନିର୍ମିତ ବାଦ୍ୟଯନ୍ତ୍ରବିଶେଷ, ତୀକ୍ଷ୍ଣ ଅଗ୍ରଭାଗ, ପଦ୍ମ, ଅତି ସୂକ୍ଷ୍ମ । ପୁଂ. ମୁନିବିଶେଷ, ଔଷଧୀୟ ମୂଳ ବିଶେଷ, ଜୀବକ ।

ଶୃଙ୍ଗଜ, ବି. ନ. (ଶୃଙ୍ଗ-ଜ) ଅଗୁରୁ । ପୁଂ. ଶର, ବାଣ । ବିଂ. ଶୃଙ୍ଗଜାତ ।

ଶୃଙ୍ଗଧର, ବି. ପୁଂ. (ଶୃଙ୍ଗ-ଧର) ପର୍ବତ, ଶୃଙ୍ଗ ନାମକ ବାଦ୍ୟଯନ୍ତ୍ର ବଜାଇବା ବ୍ୟକ୍ତି ।

ଶୃଙ୍ଗବାନ୍, ବି. ପୁଂ. ( ଶୃଙ୍ଗ-ବତ୍ ) ପର୍ବତ-ବିଶେଷ । ବିଂ. ଶୃଙ୍ଗବିଶିଷ୍ଟ ।

ଶୃଙ୍ଗବେର, ବି. ନ. ( ଶୃଙ୍ଗ-ବେର=ଶରୀର, ଆକାର ) ଆର୍ଦ୍ରକ, ଅଦା, ଶୁଣ୍ଠି, ନଗରୀବିଶେଷ, ଗୁହ ଚଣ୍ଡାଳର ପୁରୀ, ଚଣ୍ଡାଳଗଡ଼ ।

ଶୃଙ୍ଗାଟ }
ଶୃଙ୍ଗାଟକ } ବି. ନ. ( ଶୃଙ୍ଗ-ଅଟ୍-ଅ, କ, ଇକ) ଚତୁଷ୍ପଥ, ସିଙ୍ଗଡ଼ା ।
ଶୃଙ୍ଗାଟିକ } ପୁଂ. ସିଙ୍ଗଡ଼ାଗଛ, କାମାକ୍ଷ୍ୟା ଦେଶସ୍ଥ ପର୍ବତବିଶେଷ ।

ଶୃଙ୍ଗାର, ବି. ପୁଂ. ( ଶୃଙ୍ଗ-ଅର ବିମ୍ବା ଶୃଙ୍ଗ-ଋ-ଅ) ଆଦ୍ୟରସ, ଏଥିରେ ରତି ସ୍ଥାୟୀ ଭାବ, ନାୟକ ନାୟିକାର ଆଲମ୍ବନ, ଚନ୍ଦ୍ରଚନ୍ଦନାଦି ଉଦ୍ଦୀପନ, ଭ୍ରୂବିକ୍ଷେପ କଟାକ୍ଷାଦି ଅନୁଭାବ, ସୁରତ, ରତିକ୍ରୀଡ଼ା, ଗଜଭୂଷଣ, ହସ୍ତୀର ମସ୍ତକରେ ସିନ୍ଦୂରାଦିକୃତ ସଜ୍ଜା, ନାଟ୍ୟ, ନାଟ୍ୟରସ । ନ. ଲବଙ୍ଗ, ସିନ୍ଦୂର ସୁଗନ୍ଧ-ଚୂର୍ଣ୍ଣ, ଆର୍ଦ୍ରକ ।

ଶୃଙ୍ଗାରକ } ବି. ନ. ( ଶୃଙ୍ଗ-ଆରକ,
ଶୃଙ୍ଗାରଭୂଷଣ } ଶୃଙ୍ଗାର-ଭୂଷଣ) ସିନ୍ଦୂର । ବିଂ. ଶୃଙ୍ଗାରବିଶିଷ୍ଟ ।

ଶୃଙ୍ଗାରଯୋନି, ବି. ପୁଂ. ( ଶୃଙ୍ଗାର-ଯୋନି= ଉତ୍ପତ୍ତି ) ମଦନ, କନ୍ଦର୍ପ ।

ଶୃଙ୍ଗାରୀ, ବି. ପୁଂ. ( ଶୃଙ୍ଗାର-ଇନ୍ ) ହସ୍ତୀ, ଗୁଆଗଛ, ମାଣିକ୍ୟ, ଉତ୍ତମ ବେଶ । ବିଂ. ଶୃଙ୍ଗାରବିଶିଷ୍ଟ ।

ଶୃଙ୍ଗି } ବି. ସ୍ତ୍ରୀ. ମତ୍ସ୍ୟବିଶେଷ, ସିଙ୍ଗୀମାଛ,
ଶୃଙ୍ଗୀ } ଶୁଣ୍ଠି, ଲତାବିଶେଷ ।

ଶୃଙ୍ଗିଣ, ବି ପୁଂ. (ଶୃଙ୍ଗ-ଇନ୍) ମେଷ, ଭେଡ଼ା, ମେଣ୍ଢା ।

ଶୃଙ୍ଗୀ, ବି. ପୁଂ. (ଶୃଙ୍ଗ-ଇନ୍) ହସ୍ତୀ, ଶିଖରୀ, ପର୍ବତ, ବୃଷ, ଶୃଙ୍ଗବିଶିଷ୍ଟ, ମତ୍ସ୍ୟବିଶେଷ, ଶିଙ୍ଗୀ । ସ୍ତ୍ରୀ. ଗଙ୍ଗା, ମଲ୍ଲିକାବିଶେଷ, ଜ୍ୟୋତିଷ୍ମତୀ ଲତା ।

ଶୃଣି, ସୃଣି } ବି. ପୁଂ. ସ୍ତ୍ରୀ ( ଶୃ-ନି, ସୃ-ନି ) ଅଙ୍କୁଶ ।

ଶୃତ, ବିଂ. (ଶ୍ରା-ତ) କ୍ୱଥିତ ବା ପକ୍ୱ ( ଦୁଗ୍ଧ, ଘୃତ ବା ଜଳ) ।

ଶେକୁଲ, ବି. ପୁଂ ( ଶକୁଲ ଶବ୍ଦଜ ) ମତ୍ସ୍ୟବିଶେଷ ।

ଶେଖର, ବି. ପୁଂ. ( ଶିଖ୍-ଅରନ୍ ) କଣ୍ଠସ୍ଥ ପୁଷ୍ପ, ଶିଖାସ୍ଥିତ ମାଲ୍ୟ, ଚୂଡ଼ା, କଣ୍ଠ, ଶିରୋଭୂଷଣ ।

ଶେତା, ବି. ( ଶ୍ୱେତ ଶବ୍ଦଜ ) ରକ୍ତହୀନତା । ବିଂ. ରକ୍ତହୀନ ।

ଶେଠ, ବି. (ଶ୍ରେଷ୍ଠୀ ଶବ୍ଦଜ) ବଣିକ୍‌ବିଶେଷ ।

ଶେଠି, ବି. ( ଦେଶଜ ) ଧୋବା ଜାତିର ଉପାଧି ।

ଶେଣୀ, ବି. (ଶ୍ରେଣୀ ଶବ୍ଦଜ) ଘରର ଖମ୍ବ ଉପରେ ରହିବା ଲମ୍ବ କାଷ୍ଠ ବା ବାଉଁଶଖଣ୍ଡ, ଚାଳଘରର ଭାର ଏହାରି ଉପରେ ପ୍ରଧାନତଃ ରହେ ।

ଶେପ, ଶେଫ, ଶେଫଃ } ବି. ନ. (ଶୀ-ପ, ଫ, ଫସ୍) ଶିଶ୍ନ, ଲିଙ୍ଗ । ବିଂ. ଶୟନକର୍ତ୍ତା ।

ଶେଫାଲ, ଶେଫାଳୀ, ଶେଫାଳିକା } ବି. ସ୍ତ୍ରୀ (ଶେଫ-ଅଲ, ଶେଫାଳୀ-କ-ଆ) ଗଙ୍ଗଶିଉଳି ଫୁଲ, ନୀଲ ସିନ୍ଧୁବାର ।

ଶେମୁଷୀ, ବି. ସ୍ତ୍ରୀ. (ଶେ-ମୁଷ-ଈ) ବୁଦ୍ଧି, ମତି, ଧୀଷଣା ।

ଶେଯ, ବି. (ଶଯ୍ୟା ଶବ୍ଦଜ) ଶଯ୍ୟା । ଯଥା—

ରୂପର ଚନ୍ଦ୍ରରେ ଶେଯକୁ, ରଚ କର ଭକେ ଲକରୁ ।
ଭ. ଚ.

ଶେଯାଇବା, କ୍ରି. (ଶଯ୍ୟା ଶବ୍ଦଜ) ଶଯ୍ୟାରଚନା କରିବା, ବିଛଣା ବିଛାଇବା । ଯଥା —

ଫୁଲୀ ତଳପ ଶେଯାଇ, ଦେବାର ହେ ମଳ ଜାଇ ।
ଦଳ ଯାହା ଅଙ୍ଗେ ବସେ ରୁଚ୍ଛି । ସଙ୍ଗୀତକଳ୍ପଲତା ।

ଶେଲ, ବି. (ଶୂଲ ଶବ୍ଦଜ) ଶଲ୍ୟ ନାମକ ଅସ୍ତ୍ରବିଶେଷ, ଶୂଳ ।

ଶେଲୁ, ବି. ପୁଂ. (ଶିଲ୍-ଉ) ବହୁବାରକ ବୃକ୍ଷ, ଓଁଅଉଗଛ ।

ଶେବଲ, ଶେବାଲ } ବି. ନ. ( ଶୀ-ବଲ, ବାଲ ) ଶୈବାଲ, ଶିଉଳ ।

ଶେବଳନୀ, ବି. ସ୍ତ୍ରୀ. ( ଶେବଲ-ଇନ୍-ଈ ) ନଦୀ ।

ଶେଷ, ବି ପୁଂ. ( ଶିଷ୍-ଅ ) ସର୍ପରାଜ, ଅନନ୍ତଦେବ, ବାସୁକି, ବଳରାମ, ଭଗବାନଙ୍କର ଦ୍ୱିତୀୟ ମୂର୍ତ୍ତି, ବିନାଶ, ଧ୍ୱଂସ, ନିଷ୍ପତ୍ତି, ଅନ୍ତ, ଅବଶେଷ । ନ. ପ୍ରସାଦ, ଅନୁଗ୍ରହ । ବିଂ. ଅବଶିଷ୍ଟ, ପରିତ୍ୟକ୍ତ, ଉଚ୍ଛିଷ୍ଟ । ଷା, ସ୍ତ୍ରୀ. ପ୍ରସାଦଦତ୍ତ ମାଲ୍ୟ; ଅନୁଗ୍ରହପୂର୍ବକ ପ୍ରଦତ୍ତ ମାଲା ।

ଶୈକ୍ଷ, ବି. ପୁଂ. (ଶିକ୍ଷା-ଅ) ପ୍ରାଥମକଳ୍ପିକ, ପ୍ରଥମ ଶିକ୍ଷଣୀୟ ଶାସ୍ତ୍ରାଧ୍ୟୟନକାରୀ ଛାତ୍ର ।

ଶୈକ୍ଷିକ, ବିଂ. ( ଶିକ୍ଷା-ଇକ) ଶିକ୍ଷାଶାସ୍ତ୍ରବେତ୍ତା ।

ଶୈଖରିକ, ବି. ପୁଂ. ( ଶିଖର-ଇକ ) ଅପାମାର୍ଗ, ଅପମାରଙ୍ଗ ।

ଶୈତ୍ୟ, ବି. ନ. ( ଶୀତ-ଯ ) ଶୀତଳତ୍ୱ, ଶୀତଗୁଣ ।

ଶୈଥିଲ୍ୟ, ବି. ନ. ( ଶିଥିଲ-ଯ ) ଶିଥିଳତ୍ୱ, ଅଦୃଢ଼ସଂଯୋଗ, ଅସତ୍ୱରତା, ଅବସନ୍ନତା ।

ଶୈନେୟ, ବି. ପୁଂ. ( ଶିନି-ଏୟ ) ସାତ୍ୟକି, କୃଷ୍ଣଙ୍କ ସାରଥି ।

ଶୈରଜ୍ଞାନ, ବି. ନ. ଶିରଦ୍ୱାରା ଯେ ଜ୍ଞାନ ଜନ୍ମେ ।

ଶୈଳ, ବି. ପୁଂ. (ଶିଳା-ଅ) ଭୂଧର, ପର୍ବତ । ନ. ଶୈଳେୟ, ଗନ୍ଧଦ୍ରବ୍ୟ । ବି°. ଶିଳା-ସମ୍ବନ୍ଧୀୟ, ପାର୍ବତୀୟ । ଳୀ, ସ୍ତ୍ରୀ. କୌଶଳ, ସ୍ୱଭାବ ।

ଶୈଳକ } ବି. ନ. (ଶୈଳ-କ, ଜ) ପାର୍ବତୀୟ
ଶୈଳଜ } ଗନ୍ଧଦ୍ରବ୍ୟବିଶେଷ । ଜା, ସ୍ତ୍ରୀ. ପାର୍ବତୀ, ଦୁର୍ଗା, ଗଜପିପ୍ପଳୀ ।

ଶୈଳଧନ୍ୱା, ବି. ପୁଂ. ( ଶୈଳ-ଧନ୍ୱନ୍ ) ଶିବ, ମହାଦେବ ।

ଶୈଳଧର, ବି. ପୁଂ. ( ଶୈଳ-ଧର ) କୃଷ୍ଣ, ବିଷ୍ଣୁ ।

ଶୈଳପତ୍ର, ବି. ପୁଂ. ବିଲ୍ୱବୃକ୍ଷ ।

ଶୈଳପତି } ବି. ପୁଂ. ( ଶୈଳ-ପତି, ରାଜ )
ଶୈଳରାଜ } ହିମାଳୟ ପର୍ବତ ।

ଶୈଳସୁତା, ବି. ପୁଂ. (ଶୈଳ-ସୁତା) ପାର୍ବତୀ, ଦୁର୍ଗା, ଗଙ୍ଗା ।

ଶୈଳାଖ୍ୟ } ବି. ନ. ଶୈଳେୟ, ଶିଳାଜତୁ ।
ଶୈଳଜ }

ଶୈଳାଟ, ବି. ପୁଂ. ( ଶୈଳ୍-ଅଟ୍-ଅ ) ସିଂହ, ବ୍ୟାଧ, ପାର୍ବତୀୟ ଜାତି, ଦେବପୂଜକ, ଶୁକ୍ଳକାଚ, ସ୍ଫଟିକ ।

ଶୈଳୀ, ବି. ସ୍ତ୍ରୀ. ( ଶୀଳ-ଅ-ଈ ) କୌଶଳ, ସଂକ୍ଷିପ୍ତ ପ୍ରଣାଳୀ ।

ଶୈଳୂଷ, ବି. ପୁଂ. (ଶିଳୂଷ-ଅ) ନଟ, ନର୍ତ୍ତକ, ଭଲ୍ଲଜାତି, ବିଲ୍ୱବୃକ୍ଷ, ଧୂର୍ତ୍ତ ।

ଶୈଳେନ୍ଦ୍ର, ବି. ପୁଂ. ( ଶୈଳ-ଇନ୍ଦ୍ର ) ହିମାଳୟ ପର୍ବତ, ପର୍ବତଶ୍ରେଷ୍ଠ ।

ଶୈଳେନ୍ଦ୍ରସ୍ଥ, ବି. ପୁଂ. ଭୂର୍ଜବୃକ୍ଷ ।

ଶୈଳେୟ, ବି. ନ. ( ଶୈଳ-ଏୟ ) ଶୈଳଜ, ଗନ୍ଧୌଷଧିବିଶେଷ, ସୈନ୍ଧବ ଲବଣ । ପୁଂ. ସିଂହ, ଭ୍ରମର । ବି°. ଶୈଳସମ୍ଭୂତ, ଶୈଳଜାତ, ଶୈଳସମ୍ବନ୍ଧୀୟ । ୟୀ, ସ୍ତ୍ରୀ. ପାର୍ବତୀ, ଦୁର୍ଗା ।

ଶୈଲ୍ୟ, ବି°. (ଶିଳା-ଯ) ଶିଳାସମ୍ବନ୍ଧୀୟ ।

ଶୈବ, ବି. ପୁଂ. (ଶିବ-ଅ) ଶିବଙ୍କ ଉପାସକ, ଶିବଭକ୍ତ, ଅଗୁରୁବିଶେଷ, ଧୁସ୍ତୁର । ନ. ଶୈବାଳ, ଶିବପୁରାଣ । ବି°. ଶିବସମ୍ବନ୍ଧୀୟ ।

ଶୈବଲ } ବି. ପୁଂ. ନ. (ଶୀ-ବଲ) ଜଳଜାତ
ଶୈବାଲ } ଉଦ୍ଭିଜ୍ଜବିଶେଷ, ଶିଉଳି ।

ଶୈବଳିନୀ, ବି. ସ୍ତ୍ରୀ. ( ଶୈବଲ-ଇନ୍-ଈ ) ତଟିନୀ, ନଦୀ ।

ଶୈବ୍ୟ, ବି°. (ଶିବ-ଯ) ଶିବସମ୍ବନ୍ଧୀୟ । (ଶିବି-ଯ) ବି. ପୁଂ. କୃଷ୍ଣଙ୍କ ଅଶ୍ୱବିଶେଷ, ନୃପ ଏବଂ ପାଣ୍ଡବମାନଙ୍କର ସେନାପତିବିଶେଷ । ବ୍ୟା, ସ୍ତ୍ରୀ. ହରିଶ୍ଚନ୍ଦ୍ର ରାଜାଙ୍କ ପତ୍ନୀ ।

ଶୈଶବ, ବି. ନ. ( ଶିଶୁ-ଅ ) ଶିଶୁତ୍ୱ, ବାଲ୍ୟାବସ୍ଥା ।

ଶୈଶିର, ବି°. ( ଶିଶିର-ଅ ) ଶିଶିର-ସମ୍ବନ୍ଧୀୟ ।

ଶୋଠା, ବି (ଦେଶଜ) ମୋଟ ବାଡ଼ି ।

ଶୋଇବା, କ୍ରି. ବି. ( ଶୀ ଧାତୁଜ ) ଶୟନ କରିବା ।

ଶୋକ, ବି. ପୁଂ. (ଶୁଚ୍-ଅ) ମନୋଦୁଃଖ, ପ୍ରିୟ ବ୍ୟକ୍ତିର ମୃତ୍ୟୁ ଅଥବା ଦୁଃଖାଦି ହେତୁରୁ ମନର ବିକଳତା ।

ଶୋକନାଶ, ବି. ପୁଂ. ଅଶୋକବୃକ୍ଷ ।

ଶୋକାର, ବି. ପୁଂ. (ଶୋକ-ଅର) କଦମ୍ବବୃକ୍ଷ ।

ଶୋଚନ, ନ. } ବି. ( ଶୁଚ୍-ଅନ୍-ଅ ) ଶୋକ
ଶୋଚନା, ସ୍ତ୍ରୀ. } କରିବା ।

ଶୋଚିଷ୍କେଶ, ବି. ପୁଂ. (ଶୋଚିସ୍-କେଶ) ଅଗ୍ନି ।

ଶୋଚ୍ୟ } ବି°. (ଶୁଚ୍-ଯ, ଅନୀୟ) ଶୋକର
ଶୋଚନୀୟ } ବିଷୟ ଯାହାକୁ ଉଦ୍ଦେଶ୍ୟ କରି ଶୋକ କରାଯାଏ ।

ଶୋଣ, ବି. ପୁଂ. (ଶୋଣ୍-ଅ) ରକ୍ତବର୍ଣ୍ଣ, ଅଗ୍ନି, ମଙ୍ଗଳଗ୍ରହ, ରକ୍ତବର୍ଣ୍ଣ ଘୋଟକ, ସମୁଦ୍ର, ରକ୍ତବର୍ଣ୍ଣ ଇକ୍ଷୁବିଶେଷ, ପାଟଣାର ନିକଟସ୍ଥ ନଦୀବିଶେଷ । ନ. ରୁଧିର, ସିନ୍ଦୂର । ବି°. ରକ୍ତବର୍ଣ୍ଣବିଶିଷ୍ଟ, ଲୋହିତବର୍ଣ୍ଣଯୁକ୍ତ ।

ଶୋଣହିଷୀ, ବି. ସ୍ତ୍ରୀ. କୁରୁବକ, ଝିଣ୍ଟିକା ।

ଶୋଣପଦ୍ମ, ବି. ପୁଂ. ରକ୍ତପୁନର୍ନବା ।

ଶୋଣିତ, ବି. ନ. (ଶୋଣ-ଇତ) ରୁଧିର, ରକ୍ତ, କୁଙ୍କୁମ । ବିଂ. ରକ୍ତବର୍ଣ୍ଣଯୁକ୍ତ, ଲୋହିତ ।

ଶୋଣିମା, ବି. ପୁଂ. ( ଶୋଣ-ଇମନ୍ ) ରକ୍ତିମା, ରକ୍ତତ୍ୱ ।

ଶୋଥ, ବି. ପୁଂ. (ଶୁ-ଥ) ଫୀତତା ରୋଗ ।

ଶୋଧକ, ବିଂ. (ଶୁଧ୍-ଇ-ଅକ) ଶୋଧନକାରକ, ପାବନ ।

ଶୋଧନ, ବି. ନ. (ଶୁଧ୍-ଅନ) ଅପହୃତ ଦ୍ରବ୍ୟର ସଂଖ୍ୟାନିର୍ଣ୍ଣୟ, ନିର୍ଦୋଷକରଣ, ଶୁଦ୍ଧି, ପରିଶୋଧ, ପ୍ରତିଦାନ, ଧାତୁନିର୍ଦୋଷକରଣ, ହରଣ, ଭାଗକରଣ । ( ଶୁଧ୍-ଇ-ଅନ ) ପରିଷ୍କରଣ, ବିରେଚନ, ଅପନୟନ, ମଳ । ନୀ, ସ୍ତ୍ରୀ. ସମ୍ମାର୍ଜ୍ଜନୀ । ବିଂ. ପରିଷ୍କାରକ, ଶୁଦ୍ଧିକାରକ ।

ଶୋଧନୀୟ } ବିଂ. ( ଶୁଧ୍-ଇ-ଅନୀୟ, ଯ )
ଶୋଧ୍ୟ } ଶୋଧନର ଯୋଗ୍ୟ ।

ଶୋଧା, ବି. (ଦେଶଜ) ଗର୍ଜ୍ଜନ କରିବା କାର୍ଯ୍ୟ, ଗାଳି, ଶୋଧନ ।

ଶୋଧି, ବି. (ଦେଶଜ) ଅଙ୍କପାଠବିଶେଷ ।

ଶୋଧିତ, ବିଂ. (ଶୁଧ୍-ଇ-ତ) ପରିଷ୍କୃତ, ମାର୍ଜିତ, ଅପନୀତ ।

ଶୋଧିବା, କ୍ରି. (ଦେଶଜ) ଗାଳିଦେବା, ଗର୍ଜନ କରିବା, ପରିଷ୍କାର କରିବା ।

ଶୋଭ, ବିଂ. (ଶୁଭ-ଅ) ଶୋଭନଶୀଳ ।

ଶୋଭନ, ବିଂ. (ଶୋଭ ଅନ) ଶୋଭାଯୁକ୍ତ, ଶୋଭାଜନକ, ସୁନ୍ଦର, ମନୋଜ୍ଞ । ବି. ନ. ପଦ୍ମ । ନା; ସ୍ତ୍ରୀ. ହରିଦ୍ରା, ଗୋରୋଚନା ।

ଶୋଭନକ, ବି. ପୁଂ. ଶୋଭାଞ୍ଜନବୃକ୍ଷ, ସଜନାଗଛ ।

ଶୋଭା, ବି. ସ୍ତ୍ରୀ. (ଶୁଭ-ଅ-ଆ) କାନ୍ତି, ଦୀପ୍ତି, ସୌନ୍ଦର୍ଯ୍ୟ, ହରିଦ୍ରା, ଗୋରୋଚନା ।

ଶୋଭାଞ୍ଜନ
ଶୋଭାଞ୍ଜକ } ବି. ପୁଂ. ସଜନାଗଛ ।
ଶୌଭାଞ୍ଜନ

ଶୋଭାନୁଭବକତା, ଯେଉଁ ବୃତ୍ତିଦ୍ୱାରା ଶୋଭା ଅନୁଭବ କରାଯାଏ ।

ଶୋଭାବନ, ବିଂ. (ହିନ୍ଦୀ. ଶୋହାବନ୍ ଶବ୍ଦଜ) ସୁନ୍ଦର, ଶୋଭାଯୁକ୍ତ, ମନୋହର । ଯଥା—
ଚଳିକା ଚୌହର ଏହୁ ଶୋଭାବନ,
ବର୍ଣ୍ଣୋଷ୍ଠବମୟ ଦୃଶ୍ୟ ସାମ୍ବଂତନ । ଚିଲିକା ।

ଶୋଭିକ, ବିଂ. (ଶୋଭା-ଇକ) ଶୋଭାଶାଳୀ, ସୁନ୍ଦର ।

ଶୋଭିତ, ବିଂ. (ଶୋଭ-ତ) ଶୋଭାଯୁକ୍ତ, ଭୂଷିତ ।

ଶୋଭିବା, କ୍ରି. (ଶୁଭ୍ ଧାତୁଜ) ଶୋଭାପାଇବା, ଶୋଭିତ ହେବା । ଯଥା—
ଶୋଭୁଁବ ଉତ୍କଳପଦ୍ମେ ସଦାଶମ୍ବା,
ସରେ ଯଥା ପଦ୍ମ ପଦ୍ମେ ପଦ୍ମାଳୟା । ଚିଲିକା ।

ଶୋରା } ବି. ( ଯାବନିକ ) ଯବକ୍ଷାର,
ଶୋଡ଼ା } କ୍ଷାରବିଶେଷ ।

ଶୋଲ, (ଦେଶଜ) ଜଳତୃଣବିଶେଷ ।

ଶୋଷ, ବି. ପୁଂ. (ଶୁଷ୍-ଅ) ନୀରସତା, ରସାକର୍ଷଣ, ଯକ୍ଷ୍ମାରୋଗ । ( ଦେଶଜ ) ଶୁଷ୍ ଧାତୁଜ) ପିପାସା ।

ଶୋଷକ, ବିଂ. (ଶୁଷ୍-ଇ-ଅକ) ଶୋଷଣକର୍ତ୍ତା, ରସାକର୍ଷକ ।

ଶୋଷଣ, ବି. ନ. (ଶୁଷ୍-ଇ-ଅନ) ରସାକର୍ଷଣ । ପୁଂ. କନ୍ଦର୍ପର ବାଣବିଶେଷ, ଶ୍ୟୋନାକ ବୃକ୍ଷ । ବିଂ. (ଶୋଷଣକର୍ତ୍ତା ।

ଶୋଷା, ବି. (ଶୁଷ୍ ଧାତୁଜ) ତୃଷା-ରୋଗ, ଅତି ତୃଷା ।

ଶୋଷିତ ବିଂ. (ଶୁଷ୍-ଇ ତ) ନୀରସୀକୃତ, ଯାହା ଶୁଷ୍କ କରା ହୁଏ ।

ଶୋଷିବା, କ୍ରି. (ଶୋଷଣ କରିବା, ପିଇବା ।

ଶୋଷୀ, ବିଂ. (ଶୁଷ୍ ଧାତୁଜ) ତୃଷାର୍ତ୍ତ । ଯଥା —

'ଶୋଣିକ ନୋଏ ମାତ୍ର ଦେଇ ଜଳ' ଦରବାର ।

**ଶୋହିବା,** କ୍ରି. ଦ. (ଶୋଭତ ଶବ୍ଦଜ) ଶୋଭା ପାଇବା । ଯଥା—

ଗୋ ରୋଚନାବନ୍ଦ୍ର ଶୋହେ କପାଳେ । ଗୋ. ଘ.

**ଶୌକର,** ବିଂ. (ଶୂକର-ଅ) ଶୂକରସମ୍ବନ୍ଧୀୟ । ବି. ନ. ତୀର୍ଥବିଶେଷ ।

**ଶୌଚ,** ବି. ନ. (ଶୁଚ-ଅ) ଶୁଦ୍ଧି, ଶୁଚିତା, ପବିତ୍ରତା, ନିର୍ମଳତା ।

**ଶୌଚେୟ,** ବି. ପୁଂ. (ଶୁଚ-ଏୟ) ରଜକ, ଧୋବା

**ଶୌଟୀର,** ଂ. ( ଶୌଟ୍-ଈର ) ଗର୍ବିତ, ଅହଙ୍କୃତ । ବି. ପୁଂ. ଦାତା ।

**ଶୌଣ୍ଡିକ,** ବି. ପୁଂ. (ଶୁଣ୍ଡା-ଇକ) ଜାତିବିଶେଷ, ଶୁଣ୍ଡି ।

**ଶୌନକ,** ବି. ପୁଂ. (ଶୁନକ-ଅ) ମୁନିବିଶେଷ, ପୁରାଣବକ୍ତା

**ଶୌନିକ,** ବି. ପୁଂ. (ଶୂନା-ଇକ) ମାଂସବିକ୍ରେତା, ଯେ ବ୍ୟକ୍ତି ମାଂସ ବିକ୍ରୟ କରେ, କଂସାଇ, ମୃଗୟୁ । ବିଂ. ମୃଗୟାଶୀଳ ।

**ଶୌଭିକ,** ବି. ପୁଂ. ( ଶୋଭା-ଇକ ) ଇନ୍ଦ୍ରଜାଲିକ, ଭୁଦଙ୍କା, ମାୟାବୀ ।

**ଶୌରି,** ବି. ପୁଂ. (ଶୂର-ଇ) କୃଷ୍ଣ, ଶନିଗ୍ରହ ।

**ଶୌର୍ଯ୍ୟ,** ବି. ନ. (ଶୂର-ଯ) ସାହସ, ବୀରତ୍ୱ, ବୀର୍ଯ୍ୟ, ବଳ, ନାଟ୍ୟକ୍ରୀଡ଼ାବିଶେଷ ।

**ଶୌଲ୍କିକ,** ବି. ପୁଂ. (ଶୁଲ୍କ-ଇକ) କଂସାକାର, କଂସାରି ।

**ଶୌବନ,** ବି. ନ. (ଶ୍ୱନ୍-ଅ) କୁକ୍କୁରଶାବକ, କୁକ୍କୁରସମ୍ବନ୍ଧୀୟ ।

**ଶ୍ଚୋତ, ଶ୍ଚ୍ୟୋତ** } ବି. ପୁଂ. (ଶ୍ଚୁତ୍-ଅ, ଶ୍ଚ୍ୟୁତ୍-ଅ) କ୍ଷରଣ, ପ୍ରୋକ୍ଷଣ ।

**ଶ୍ମଶାନ,** ବି. ନ. (ଶବ-ଶୀ-ଅନ) ପ୍ରେତଭୂମି, ଶବଦାହ ସ୍ଥାନ, ମହାଶ୍ମଶାନ । ଯଥା— ବାରାଣସୀ ।

**ଶ୍ମଶାନବାସୀ,** ବି. ପୁଂ. (ଶ୍ମଶାନ-ବାସିନ୍) ଶିବ, ମହାଦେବ । ବିଂ. ଯେ ଶ୍ମଶାନରେ ବାସ କରେ ।

**ଶ୍ମଶ୍ରୁ,** ବି. ନ (ଶ୍ମନ୍-ଶ୍ରି-ଉ) ମୁଖରୋମ, ଦାଢ଼ି, ଦାଢ଼ୀ ।

**ଶ୍ମଶ୍ରୁଲ,** ବିଂ. ( ଶ୍ମଶ୍ରୁ-ଲ ) ଶ୍ମଶ୍ରୁବିଶିଷ୍ଟ, ଯାହାର ଦାଢ଼ି ଦାଢ଼ୀ ଅଛି ।

**ଶ୍ମଶ୍ରୁବର୍ଦ୍ଧକ,** ବି ପୁଂ. (ଶ୍ମଶ୍ରୁ-ବର୍ଦ୍ଧକ) କ୍ଷୌରିକ, ଭଣ୍ଡାରୀ ।

**ଶ୍ୟାନ,** ବିଂ. (ଶ୍ୟୈ-ତ) ଘନ, ପ୍ରାପ୍ତ, ଘନୀଭୂତ, ଶୁଷ୍କ । ବି. ନ. ଧୂମ, ଧୂଆଁ ।

**ଶ୍ୟାମ,** ବିଂ.(ଶ୍ୟୈ-ମ) କୃଷ୍ଣବର୍ଣ୍ଣବିଶିଷ୍ଟ, ହରିଦ୍-ବର୍ଣ୍ଣବିଶିଷ୍ଟ । ବି. ପୁଂ. କୃଷ୍ଣବର୍ଣ୍ଣ, ହରିଦ୍‌ବର୍ଣ୍ଣ, ମେଘ, କୋକିଳ, ବୃଦ୍ଧଦାରକ, ଧୂସ୍ତୂର, ପୀଲୁ ବୃକ୍ଷ, ଦମନକ ବୃକ୍ଷ, ଗନ୍ଧତୃଣ, ପ୍ରୟାଗସ୍ଥ ବଟବୃକ୍ଷବିଶେଷ, ଶ୍ୟାମାକତୃଣ । ନ. ମରିଚ, ସମୁଦ୍ରଲବଣ ।

**ଶ୍ୟାମକଣ୍ଠ,** ବି. ପୁଂ. (ଶ୍ୟାମ-କଣ୍ଠ) ମୟୂର, ଶିବ, ପକ୍ଷିବିଶେଷ ।

**ଶ୍ୟାମକନ୍ଦା,** ବି. ସ୍ତ୍ରୀ. ଅତିବିଷା ।

**ଶ୍ୟାମଗ୍ରନ୍ଥି,** ବି. ସ୍ତ୍ରୀ ଗଣ୍ଡଦୂର୍ବା ।

**ଶ୍ୟାମପତ୍ର,** ବି. ପୁଂ. (ଶ୍ୟାମ-ପତ୍ର) ତମାଲବୃକ୍ଷ ।

**ଶ୍ୟାମଳ,** ବି. ପୁଂ. ( ଶ୍ୟାମ-ଲ-ଅ ) କୃଷ୍ଣବର୍ଣ୍ଣ, ହରିଦ୍‌ବର୍ଣ୍ଣ । ବିଂ. କୃଷ୍ଣବର୍ଣ୍ଣବିଶିଷ୍ଟ, ହରିଦ୍-ବର୍ଣ୍ଣବିଶିଷ୍ଟ । ଳା,ସ୍ତ୍ରୀ. ପାର୍ବତୀ, ଦୁର୍ଗା, ଅଶ୍ୱ-ଗନ୍ଧା, କସ୍ତୂରୀ ।

**ଶ୍ୟାମଳତା,** ବି. ସ୍ତ୍ରୀ. (ଶ୍ୟାମଳ-ତା ) ଶ୍ୟାମଳତ୍ୱ, କାଳିମା ।

**ଶ୍ୟାମା,** ବି. ସ୍ତ୍ରୀ. ( ଶ୍ୟାମ-ଆ ) ଦେବୀବିଶେଷ, କାଳିକା, ପ୍ରିୟଙ୍ଗୁଲତା, ନୀଳଦୂର୍ବା, ତୁଳସୀ, ରାତ୍ରି, ହରିଦ୍ରା, ଯମୁନାନଦୀ, ଗୁଡ଼୍‌ଗୁଚି, ନୀଳିକା, ସୋମଲତା, କୃଷ୍ଣା, ଅମ୍ବିକା, କସ୍ତୂରୀ, ପିପ୍ପଳୀ, ପଦ୍ମବୀଜ, ଗଙ୍ଗା, ଶ୍ୟାମ-ପକ୍ଷୀ, କୃଷ୍ଣବର୍ଣ୍ଣା ସ୍ତ୍ରୀ, ଗୁଲ୍‌ଞ୍ଚ, ଶିଂଶପା, ନୀଳ-ପୁନର୍ନବା ।

ଶ୍ୟାମାଙ୍ଗ, ବି. ପୁଂ. ( ଶ୍ୟାମ-ଅଙ୍ଗ ) ବୁଧଗ୍ରହ । ବିଂ. ଯାହାର ଶରୀର କୃଷ୍ଣବର୍ଣ୍ଣ ।

ଶ୍ୟାମିକା, ବି. ସ୍ତ୍ରୀ. (ଶ୍ୟାମ-କ-ଆ) ଶ୍ୟାମବର୍ଣ୍ଣ, ମାଳିନ୍ୟ, ଶ୍ୟାଦ୍ୟ ।

ଶ୍ୟାଲ } ଶ୍ୟାଲକ } ବି. ପୁଂ. (ଶ୍ୟୈ ଆଲ, କ ) ପତ୍ନୀର ଭ୍ରାତା । ଲୀ, ଲକା, ସ୍ତ୍ରୀ. ପତ୍ନୀର ଭଗିନୀ ।

ଶ୍ୟାବ, ବି. ପୁଂ. (ଶ୍ୟୈ-ବନ୍) କପିଶବର୍ଣ୍ଣ, କୃଷ୍ଣ ପୀତମିଶ୍ର ବର୍ଣ୍ଣ । ବିଂ. ତଦ୍‌ବର୍ଣ୍ଣଯୁକ୍ତ ।

ଶ୍ୟେତ, ବି. ପୁଂ. ( ଶ୍ୟୈ ଇତ ) ଶୁଭ୍ରବର୍ଣ୍ଣ, ଶାଦା । ବିଂ. ଶ୍ୱେତବର୍ଣ୍ଣଯୁକ୍ତ ।

ଶ୍ୟେନ, ବି. ପୁଂ. (ଶ୍ୟୈ-ଇନ) ବାଜପକ୍ଷୀ, ପକ୍ଷି-ବିଶେଷ, ପାଣ୍ଡୁରବର୍ଣ୍ଣ । ନୀ, ସ୍ତ୍ରୀ. ଶ୍ୱେତବର୍ଣ୍ଣା, ବାଜପକ୍ଷିଣୀ ।

ଶ୍ୟୈନମ୍ପାତ, ବି. ପୁଂ. ( ଶ୍ୟେନ-ପାତ, ମ ଆଗମ ) ଶ୍ୟେନପକ୍ଷିଦ୍ୱାରା ମୃଗୟା, ମୃଗୟା, ଶିକାର ।

ଶ୍ରତ୍, ଅଂ. (ଶ୍ରା-ଅତ୍) ବିଶ୍ୱାସ, ଭକ୍ତି ।

ଶ୍ରଦ୍ଧାନ, ବିଂ. ( ଶ୍ରତ୍-ଧା-ଆନ ) ଶ୍ରଦ୍ଧାଯୁକ୍ତ, ଶ୍ରଦ୍ଧାଳୁ ।

ଶ୍ରଦ୍ଧା, ବି. ସ୍ତ୍ରୀ. ( ଶ୍ରତ୍-ଧା-ଅ-ଆ ) ଭକ୍ତି, ଧର୍ମ-କାର୍ଯ୍ୟରେ ଦୃଢ଼ବିଶ୍ୱାସ, ବିଶ୍ୱାସ, ପ୍ରତ୍ୟୟ, ସ୍ପୃହା, ଇଚ୍ଛା, ଆଦର, ଚିତ୍ତପ୍ରସାଦ, ମନର ନିର୍ମଳତା ।

ଶ୍ରଦ୍ଧାଳୁ, ବିଂ. (ଶ୍ରଦ୍ଧା-ଆଳୁ) ଶ୍ରଦ୍ଧାବିଶିଷ୍ଟ, ଭକ୍ତି-ମାନ୍ । ସ୍ତ୍ରୀ. କୌଣସି ଦ୍ରବ୍ୟରେ ସ୍ପୃହାବତୀ, ଗର୍ଭିଣୀ ।

ଶ୍ରଦ୍ଧାବାନ୍, ବିଂ. ( ଶ୍ରଦ୍ଧା-ବତ୍ ) ଶ୍ରଦ୍ଧାଯୁକ୍ତ, ଭକ୍ତିମାନ୍ ।

ଶ୍ରନ୍ଥନ, ନ. } ଶ୍ରନ୍ଥନା, ସ୍ତ୍ରୀ. } ବି. (ଶ୍ରନ୍ଥ୍-ଅନ, ଆ) ଗ୍ରନ୍ଥନ, ଗୁନ୍ଥିବା, ହତ୍ୟା, ବଧ, ମୋଚନ, ବନ୍ଧନ, ପୁନର୍ବାର ହୃଷ୍ଟକରଣ, ଶିଥିଳକରଣ ।

ଶ୍ରମ, ବି. ପୁଂ. (ଶ୍ରମ୍-ଅ) କ୍ଳାନ୍ତି, ପରିଶ୍ରମ, ଖେଦ, ତପଃ, ଶାସ୍ତ୍ରାଭ୍ୟାସ ।

ଶ୍ରମଣ, ବି. ପୁଂ. (ଶ୍ରମ୍-ଅନ) ସନ୍ନ୍ୟାସୀ, ଭିକ୍ଷୁ । ବିଂ. ନୀଚକର୍ମଜୀବୀ, ନୀଚବ୍ୟବସାୟୀ, ଶ୍ରମଜୀବୀ, ନୀଚ, ଘୃଣିତ, ଅପକୃଷ୍ଟ । ଣା, ସ୍ତ୍ରୀ. ସନ୍ନ୍ୟାସିନୀ, ଶବରୀବିଶେଷ, ମାଂସୀ, ସୁଦର୍ଶନା ।

ଶ୍ରମବାରି } ଶ୍ରମଜଳ } ବି. ନ. ( ଶ୍ରମ-ବାରି, ଜଳ) ଘର୍ମ, ସ୍ୱେଦ, ଝାଳ ।

ଶ୍ରମୀ, ବିଂ. (ଶ୍ରମ୍ ଇନ୍) ଶ୍ରମଶୀଳ, ପରିଶ୍ରମକାରୀ, ଯେ ପରିଶ୍ରମଦ୍ୱାରା ଜୀବିକା ନିର୍ବାହ କରେ ।

ଶ୍ରମୋପଜୀବୀ, ବିଂ. ( ଶ୍ରମ-ଉପଜୀବୀ ) ପରଶ୍ରମ-କାରୀ, ଯେ ପରଶ୍ରମଦ୍ୱାରା ଜୀବିକା ନିର୍ବାହ କରେ ।

ଶ୍ରୟ, ବି. ପୁଂ. ( ଶ୍ରି ଅ ) ଆଶ୍ରୟ, ଅବଲମ୍ବନ ।

ଶ୍ରବ, ପୁଂ. } ଶ୍ରବଃ, ନ. } ବି. ( ଶ୍ରୁ-ଅ, ଅସ୍ ) ଶ୍ରବଣେ-ନ୍ଦ୍ରିୟ, କର୍ଣ୍ଣ, ଆକର୍ଣ୍ଣନ, ଶ୍ରବଣ, ପ୍ରସିଦ୍ଧି, ଖ୍ୟାତି, କୀର୍ତ୍ତି, ସରଣ, ଚ୍ୟୁତ ।

ଶ୍ରବଣ, ବି. ନ. ( ଶ୍ରୁ-ଅନ ) ଶ୍ରବଣେନ୍ଦ୍ରିୟ, କର୍ଣ୍ଣ ।

ଶ୍ରବଣା, ବି. ସ୍ତ୍ରୀ ଅଶ୍ୱିନ୍ୟାଦି ଅନ୍ତର୍ଗତ ଦ୍ୱାବିଂଶ ନକ୍ଷତ୍ର ।

ଶ୍ରବଣପଥ, ପୁଂ. } ଶ୍ରବଣେନ୍ଦ୍ରିୟ, ନ. } ବି. (ଶ୍ରବଣ-ପଥ, ଇନ୍ଦ୍ରିୟ) କର୍ଣ୍ଣ, କାନ ।

ଶ୍ରବିଷ୍ଠା, ବି.ସ୍ତ୍ରୀ. (ଶ୍ରବ-ବତ୍-ଇଷ୍ଠ, ବତ୍ ଲୋପ) ଧନିଷ୍ଠା ନକ୍ଷତ୍ର ।

ଶ୍ରବ୍ୟ } ଶ୍ରବଣୀୟ } ବିଂ. (ଶ୍ରୁ-ଯ, ଅନୀୟ) ଶ୍ରୋତବ୍ୟ, ଶୁଣିବାର ଯୋଗ୍ୟ ।

ଶ୍ରାବ୍ୟକାବ୍ୟ, ବି. ନ. ଯେଉଁ କାବ୍ୟ ଶ୍ରବଣର ଯୋଗ୍ୟ, ନାଟକ ଭିନ୍ନ କାବ୍ୟ ।

ଶ୍ରାଦ୍ଧ, ବି. ନ. (ଶ୍ରଦ୍ଧା-ଅ) ପିତୃକୃତ୍ୟ, ଏକୋ-ଦ୍ଦିଷ୍ଟ ପାର୍ବଣାଦି । ବିଂ. ଶ୍ରଦ୍ଧାଯୁକ୍ତ, ଶ୍ରଦ୍ଧା-ପ୍ରଯୁକ୍ତ ଯାହା ଦିଆଯାଏ ।

ଶ୍ରାଦ୍ଧଦେବ, ବି. ପୁଂ. ( ଶ୍ରାଦ୍ଧ-ଦେବ ) ଅନ୍ତକ, ଯମ, ପିତୃଲୋକ, ବୈବସ୍ୱତମନୁ ।

**ଶ୍ରାଦ୍ଧିକ**, ବିଂ. (ଶ୍ରାଦ୍ଧ-ଇକ) ଶ୍ରାଦ୍ଧଭୋଜୀ, ଶ୍ରାଦ୍ଧ-ଭୋକ୍ତା, ଶ୍ରାଦ୍ଧସମ୍ବନ୍ଧୀୟ ଦ୍ରବ୍ୟ ।

**ଶ୍ରାନ୍ତ**, ବିଂ. (ଶ୍ରମ୍-ତ) ଶ୍ରମଯୁକ୍ତ, କ୍ଳାନ୍ତ, ଖିନ୍ନ, ଶାନ୍ତ, ନିବୃତ୍ତ, ଭୋଗତୃପ୍ତ ।

**ଶ୍ରାନ୍ତି**, ବି. ସ୍ତ୍ରୀ. (ଶ୍ରମ୍-ତି) ଶ୍ରମ, କ୍ଳେଶ, ଖେଦ, ବିଶ୍ରାମ, ନିବୃତ୍ତି ।

**ଶ୍ରାମ**, ବି. ପୁଂ. (ଶ୍ରମ୍-ଅ) ମାସ, ମଣ୍ଡପ, ଗୃହ, ଶାଲ, ସମୟ ।

**ଶ୍ରାୟ**, ବି. ପୁଂ. (ଶ୍ରି-ଅ) ଆଶ୍ରୟ, ଅବଲମ୍ବନ । (ଶ୍ରୀ-ଅ, ଈ=ଆୟ, ଅ=ଆ) ବିଂ. ଶ୍ରୀ-ସମ୍ବନ୍ଧୀୟ, ଲକ୍ଷ୍ମୀସମ୍ବନ୍ଧୀୟ ।

**ଶ୍ରାବ**, ବି. ପୁଂ. (ଶ୍ରୁ-ଅ) ଆକର୍ଣ୍ଣନ, କର୍ଣ୍ଣ ।

**ଶ୍ରାବକ**, ବିଂ. (ଶ୍ରୁ-ଅକ) ଶ୍ରୋତା, ଶ୍ରବଣକର୍ତ୍ତା, ଯେ ଶ୍ରବଣ କରିଅଛି । ବି. ପୁଂ. କାକ ।

**ଶ୍ରାବଣ**, ବି. ପୁଂ. (ଶ୍ରାବଣୀ-ଅ) ବୈଶାଖାଦି ଦ୍ୱାଦଶ ମାସର ଅନ୍ତର୍ଗତ ଚତୁର୍ଥ ମାସ । (ଶ୍ରବଣ-ଅ) ବିଂ. ପାଷଣ୍ଡ, ପାମର, ଶ୍ରବଣେନ୍ଦ୍ରିୟଜନ୍ୟ ଜ୍ଞାନ । (ଶ୍ରବଣା-ଅ) ଶ୍ରବଣାନକ୍ଷତ୍ର ସମ୍ବନ୍ଧୀୟ । ଣୀ,ସ୍ତ୍ରୀ. ଶ୍ରାବଣ ମାସର ପୂର୍ଣ୍ଣିମା ।

**ଶ୍ରାବଣିକ**, ବି. ପୁଂ. (ଶ୍ରାବଣ-ଇକ) ଶ୍ରାବଣ ମାସ ।

**ଶ୍ରାବ୍ୟ**, ବିଂ. (ଶ୍ରୁ-ଯ) ଶ୍ରବଣଯୋଗ୍ୟ ।

**ଶ୍ରୀ**, ବି. ସ୍ତ୍ରୀ. (ଶ୍ରି-୦, ଇ=ଈ) ଲକ୍ଷ୍ମୀ, ସମ୍ପତ୍ତି, ଶୋଭା, ବେଶବିନ୍ୟାସ, ସୌନ୍ଦର୍ଯ୍ୟ, କୀର୍ତ୍ତି, ସରସ୍ୱତୀ, ତ୍ରିବର୍ଗ, ଦୀପ୍ତି, ଆଲୋକ, ପ୍ରକାର, ଉପକରଣ, ବିଭୂତି, ବୁଦ୍ଧି, ବୃଦ୍ଧି, ସିଦ୍ଧି, ବେଲଗଛ, ଲବଙ୍ଗ, ନାମର ଉପାଧିବିଶେଷ ।

**ଶ୍ରୀକଣ୍ଠ**, ବି. ପୁଂ. (ଶ୍ରୀ-କଣ୍ଠ) ଶିବ, ଭବଭୂତି କବିଙ୍କ ଉପନାମ ।

**ଶ୍ରୀକର**, ବି. ପୁଂ. (ଶ୍ରୀ-କର) ବିଷ୍ଣୁ, ସ୍ମୃତି ଗ୍ରନ୍ଥକାରକ ପଣ୍ଡିତବିଶେଷ । ନ. ରକ୍ତୋତ୍ପଳ । ବିଂ. ଶୋଭାକାରକ, ସୌନ୍ଦର୍ଯ୍ୟଜନକ ।

**ଶ୍ରୀକରଣ**, ବି. ନ. (ଶ୍ରୀ-କରଣ) ଲେଖନୀ, କଲମ ।

**ଶ୍ରୀକାନ୍ତ**, **ଶ୍ରୀନାଥ**, **ଶ୍ରୀପତି**, ବି. ପୁଂ. (ଶ୍ରୀ-କାନ୍ତ, ନାଥ, ପତି) ଲକ୍ଷ୍ମୀପତି, ବିଷ୍ଣୁ ।

**ଶ୍ରୀକାପଡ଼ା**, ବି. (ଦେଶଜ) ଜଗନ୍ନାଥଙ୍କ ପରିହିତ ବସ୍ତ୍ରଖଣ୍ଡ ।

**ଶ୍ରୀଖଣ୍ଡ**, ବି. ପୁଂ. ନ. (ଶ୍ରୀ-ଖଣ୍ଡ) ଚନ୍ଦନକାଷ୍ଠ ।

**ଶ୍ରୀଗର୍ଭ**, ବି. ପୁଂ. (ଶ୍ରୀ-ଗର୍ଭ) ବିଷ୍ଣୁ, ଖଡ୍ଗ ।

**ଶ୍ରୀଘନ**, ବି. ପୁଂ. (ଶ୍ରୀ-ଘନ) ବୁଦ୍ଧଦେବ । ନ. ଦଧି ।

**ଶ୍ରୀଦ**, ବି. ପୁଂ. (ଶ୍ରୀ-ଦ) କୁବେର, ଧନାଧିପତି । ବିଂ. ଧନଦାତା, ଶୋଭାଦାୟକ ।

**ଶ୍ରୀଧର**, ବି. ପୁଂ. (ଶ୍ରୀ-ଧର) ବିଷ୍ଣୁ, ଶାଳଗ୍ରାମ-ମୂର୍ତ୍ତିବିଶେଷ ।

**ଶ୍ରୀନନ୍ଦନ**, ବି. ପୁଂ. (ଶ୍ରୀ-ନନ୍ଦନ) କାମଦେବ, ଲକ୍ଷ୍ମୀପୁତ୍ର ।

**ଶ୍ରୀନିକେତନ**, **ଶ୍ରୀନିବାସ**, ବି. ପୁଂ. (ଶ୍ରୀ-ନିକେତନ, ନିବାସ) ବିଷ୍ଣୁ, ନାରାୟଣ, ଲକ୍ଷ୍ମୀଙ୍କ ଆଳୟ ।

**ଶ୍ରୀପଥ**, ବି. ପୁଂ. (ଶ୍ରୀ-ପଥ) ରାଜପଥ ।

**ଶ୍ରୀପଞ୍ଚମୀ**, ବି. ସ୍ତ୍ରୀ. ମାଘ ଶୁକ୍ଳପଞ୍ଚମୀ ।

**ଶ୍ରୀପର୍ଣ୍ଣ**, ବି. ନ. (ଶ୍ରୀ-ପର୍ଣ୍ଣ) ପଦ୍ମ, ଅଗ୍ନିମନ୍ଥବୃକ୍ଷ ।

**ଶ୍ରୀପର୍ଣ୍ଣୀ**, ବି. ସ୍ତ୍ରୀ. ଗମ୍ଭାରୀବୃକ୍ଷ, ଶାଳ୍ମଳୀବୃକ୍ଷ, କଟ୍‌ଫଳବୃକ୍ଷ ।

**ଶ୍ରୀପୁତ୍ର**, ବି. ପୁଂ. (ଶ୍ରୀ-ପୁତ୍ର) ଅଶ୍ୱ, କାମଦେବ ।

**ଶ୍ରୀଫଳ**, ବି. ପୁଂ. (ଶ୍ରୀ-ଫଳ) ବେଲଗଛ । ନ. ବେଲ ।

**ଶ୍ରୀଭ୍ରାତା**, ବି. ପୁଂ. (ଶ୍ରୀ-ଭ୍ରାତୃ) ଅଶ୍ୱ, ଚନ୍ଦ୍ର ।

**ଶ୍ରୀମାନ୍**, ବିଂ. (ଶ୍ରୀ-ମତ୍) ଐଶ୍ୱର୍ଯ୍ୟଶାଳୀ, ଧନୀ, ସୁନ୍ଦର, ଯଶୀ, ଶ୍ରୀଯୁକ୍ତ । ବି. ପୁଂ. ତିଲକବୃକ୍ଷ, ଅଶ୍ୱତ୍ଥବୃକ୍ଷ, ବିଷ୍ଣୁ, ଶିବ, କୁବେର । ମତୀ, ସ୍ତ୍ରୀ. ଶ୍ରୀବିଶିଷ୍ଟା । ତି, ସ୍ତ୍ରୀ. ରାଧିକା ।

**ଶ୍ରୀମୁଖ**, ବି. ପୁଂ. (ଶ୍ରୀ-ମୁଖ) ପତ୍ରପୃଷ୍ଠରେ ଶ୍ରୀଶବ୍ଦ ଲିଖନ । ନ. ଶୋଭାଯୁକ୍ତ ଆନନ ।

**ଶ୍ରୀମୂର୍ତ୍ତି**, ବି. ସ୍ତ୍ରୀ. ଦେବବିଗ୍ରହ, ବିଷ୍ଣୁପ୍ରତିମା ।

ଶ୍ରୀଯୁତ } ବିଂ. ( ଶ୍ରୀ-ଯୁତ, ଯୁକ୍ତ ) ଶ୍ରୀମାନ୍,
ଶ୍ରୀଯୁକ୍ତ } ଲକ୍ଷ୍ମୀବାନ୍, ବୋଭାଯୁକ୍ତ, ଶୋଭିତ ।

ଶ୍ରୀରାମ, ବି. ପୁଂ. (ଶ୍ରୀ-ରାମ) ରାମଚନ୍ଦ୍ର, ଦଶରଥଙ୍କ ପୁତ୍ର ।

ଶ୍ରୀଳ, ବିଂ. ( ଶ୍ରୀ-ଲ ) ଶ୍ରୀଯୁକ୍ତ, ସୌଭାଗ୍ୟବାନ ।

ଶ୍ରୀବତ୍ସ, ବି. ପୁଂ. ( ଶ୍ରୀ-ବତ୍ସ ) ବିଷ୍ଣୁ, ବିଷ୍ଣୁଙ୍କ ବକ୍ଷସ୍ଥଳସ୍ଥ ଦକ୍ଷିଣାବର୍ତ୍ତ ଲୋମାବଳୀ, ଗୃହବିଶେଷ, ସୁଡ଼ଙ୍ଗବିଶେଷ, ନୃପବିଶେଷ ।

ଶ୍ରୀବତ୍ସଭୃତ୍, ଶ୍ରୀବତ୍ସଲାଞ୍ଛନ } ବି. ପୁଂ. (ଶ୍ରୀବତ୍ସ-
ଶ୍ରୀବରାହ, ଶ୍ରୀବତ୍ସାଙ୍କ } ଭୃତ୍, ଲାଞ୍ଛନ,
ଶ୍ରୀ-ବରାହ, ଶ୍ରୀବତ୍ସ-ଅଙ୍କ) ବିଷ୍ଣୁ, ନାରାୟଣ ।

ଶ୍ରୀବାସ, ବି. ପୁଂ. ( ଶ୍ରୀ-ବାସ ) ସରଳବୃକ୍ଷର ନିର୍ଯ୍ୟାସ, ତାର୍ପିନ୍, ପଦ୍ମ, ବିଷ୍ଣୁ, ଶିବ ।

ଶ୍ରୀବୃକ୍ଷ, ବି. ପୁଂ. (ଶ୍ରୀ-ବୃକ୍ଷ) ବେଲଗଛ, ଅଶ୍ୱତ୍ଥଗଛ ।

ଶ୍ରୀଶ, ବି. ପୁଂ. (ଶ୍ରୀ-ଈଶ ) ବିଷ୍ଣୁ ।

ଶ୍ରୁତ, ବିଂ. ( ଶ୍ରୁ-ତ ) ଆକର୍ଣ୍ଣିତ, ଯାହା ଶ୍ରବଣ କରା ହୋଇଅଛି, ଜ୍ଞାତ, ପ୍ରସିଦ୍ଧ । ବି. ନ. ବେଦ, ଶାସ୍ତ୍ର ।

ଶ୍ରୁତକୀର୍ତ୍ତି, ବି. ସ୍ତ୍ରୀ. ( ଶ୍ରୁତ-କୀର୍ତ୍ତି ) କୁଶଧ୍ୱଜ ରାଜକନ୍ୟା, ଶତ୍ରୁଘ୍ନଙ୍କ ପତ୍ନୀ । ବିଂ ବିଖ୍ୟାତ, କୀର୍ତ୍ତିଯୁକ୍ତ ।

ଶ୍ରୁତଦେବୀ, ବି. ସ୍ତ୍ରୀ. (ଶ୍ରୁତ-ଦେବୀ) ସରସ୍ୱତୀ ।

ଶ୍ରୁତବାନ୍, ବିଂ. ( ଶ୍ରୁତ-ବତ୍ ) ଯେ ଶ୍ରବଣ କରିଅଛି, ଶାସ୍ତ୍ରଜ୍ଞ, ବିଦ୍ୱାନ୍ ।

ଶ୍ରୁତଶାଳୀ, ବିଂ. ( ଶ୍ରୁତ-ଶାଲ-ଇନ୍ ) ଶାସ୍ତ୍ରଜ୍ଞ, ବିଦ୍ୱାନ୍ ।

ଶ୍ରୁତାର୍ଥ, ବି. ପୁଂ. ଶାବ୍ଦବୋଧବିଷୟୀଭୂତାର୍ଥ, ଶ୍ରବଣମାତ୍ରକେ ଯାହା ବୁଝାଯାଏ ।

ଶ୍ରୁତି, ବି. ସ୍ତ୍ରୀ. ( ଶ୍ରୁ-ତି ) ବେଦ, କମ୍ୱଦନ୍ତୀ, ସ୍ୱରବିଶେଷ, ସ୍ୱରର ଅବସର, ଶ୍ରବଣ ।

ଶ୍ରୁତିକଟ, ବି. ପୁଂ. ଶ୍ରୁତି କଟ୍-ଅ) ପ୍ରାୟଶ୍ଚିତ୍ତ, ପାପଶୋଧନ, ସର୍ପ ।

ଶ୍ରୁତିକଟୁ, ବି. ପୁଂ. (ଶ୍ରୁତି-କଟୁ) ଅଳଙ୍କାରରେ ଦୁଃଶ୍ରାବ୍ୟତା ଦୋଷ ।

ଶ୍ରୁତିଧର } ବିଂ. (ଶ୍ରୁତି-ଧର) ଶ୍ରବଣ ମାତ୍ରେ
ଶ୍ରୁତଧର } ଅଭ୍ୟାସକାରକ, ଯେ ବ୍ୟକ୍ତି କୌଣସି ବିଷୟକୁ ଶୁଣିବା ମାତ୍ରକେ ଅଭ୍ୟାସ କରି ପାରେ ।

ଶ୍ରୁତିମୂଳ, ବି. ନ. ( ଶ୍ରୁତି-ମୂଳ ) ବେଦରୂପ ଧର୍ମବୋଧକ ପ୍ରମାଣ, ଯଜ୍ଞ, କର୍ଣ୍ଣମୂଳ ।

ଶ୍ରୁତିବେଧ ବି. ପୁଂ. (ଶ୍ରୁତି-ବେଧ) କର୍ଣ୍ଣବେଧ, ସଂସ୍କାରବିଶେଷ ।

ଶ୍ରୁବ, ନ. } ବି. ପୁଂ. ( ଶ୍ରୁ-ଅ, ଆ ) ଯଜ୍ଞ,
ଶ୍ରୁବା, ସ୍ତ୍ରୀ. } ଯାଗ । ନ. ଯଜ୍ଞର ବ୍ୟବହାର୍ଯ୍ୟ ପାତ୍ରବିଶେଷ, ଘୃତକ୍ଷେପ ପାତ୍ର ।

ଶ୍ରୂୟମାନ, ବିଂ. ( ଶ୍ରୁ-ଆନ ) ଯାହା ଶ୍ରବଣ କରାଯାଏ ।

ଶ୍ରେଣି } ବି. ସ୍ତ୍ରୀ. (ଶ୍ରି-ନି) ପଂକ୍ତି, ଧାଡ଼ି, ଦଳ,
ଶ୍ରେଣୀ } ସେତନପନ୍ତି, ସମାନ ବ୍ୟବସାୟୀ ବ୍ୟକ୍ତିଗଣ ।

ଶ୍ରେୟାନ୍, ବିଂ. (ପ୍ରଶଂସ୍ୟ-ଈୟସ୍) ଧର୍ମ, ପୁଣ୍ୟ, ମୋକ୍ଷ, ମୁକ୍ତି, ଅପବର୍ଗ, ମଙ୍ଗଳ, ଶୁଭ, ସୌଭାଗ୍ୟ, ସୁଖ, ଶ୍ରେଷ୍ଠ, ଶୁଭକର, ଅତି ପ୍ରଶସ୍ତ । ୟସୀ, ସ୍ତ୍ରୀ. ହରୀତକୀ, ରାସ୍ନା, ଶୁଭଯୁକ୍ତା ।

ଶ୍ରେୟଃକଳ୍ପ, ବିଂ. (ଶ୍ରେୟସ୍-କଳ୍ପ) ଶୁଭ ଜନ୍ମା ଶ୍ରେଷ୍ଠ ସଦୃଶ ।

ଶ୍ରେୟସ୍କର, ବିଂ. ( ଶ୍ରେୟସ୍-କର ) ଶୁଭକର, ମଙ୍ଗଳଜନକ ।

ଶ୍ରେଷ୍ଠ. ବିଂ. (ପ୍ରଶଂସ୍ୟ-ଇଷ୍ଠ) ଅତି ପ୍ରଶସ୍ତ, ପ୍ରଧାନ, ଜ୍ୟେଷ୍ଠ । ବି. ପୁଂ. କୁବେର, ରାଜା, ବ୍ରାହ୍ମଣ, ବିଷ୍ଣୁ । ନ. ଗୋଦୁଗ୍ଧ ।

ଶ୍ରେଷ୍ଠତା, ବି. ସ୍ତ୍ରୀ. ( ଶ୍ରେଷ୍ଠ-ତା ) ପ୍ରାଧାନ୍ୟ, ଉତ୍କର୍ଷ, ଉତ୍ତମତା ।

ଶ୍ରେଷ୍ଠାଶ୍ରମ, ବି. ପୁଂ. ( ଶ୍ରେଷ୍ଠ-ଆଶ୍ରମ ) ପ୍ରଧାନ ଆଶ୍ରମ, ଗୃହସ୍ଥାଶ୍ରମ ।

ଶ୍ରେଷ୍ଠୀ, ବି, ପୁଂ. (ଶ୍ରେଷ୍ଠ-ଇନ୍) ବଣିକ୍‌ବିଶେଷ, ଶେଠ ।

ଶ୍ରୋଣ, ବି. ପୁଂ. ( ଶ୍ରୋଣ୍-ଅ ) ପଙ୍ଗୁ, ପଦ-ବିକଳ । ବିଂ. ପଙ୍ଗୁ । ଣା, ସ୍ତ୍ରୀ. ଶ୍ରବଣା ନକ୍ଷତ୍ର, କାଞ୍ଜି ।

ଶ୍ରୋଣି } ବି. ସ୍ତ୍ରୀ (ଶ୍ରୋଣ୍-ଇ,ଈ) କଟିଦେଶ । ନିତମ୍ବ, ପଥ ।
ଶ୍ରୋଣୀ

ଶ୍ରୋତଃ, ବି. ନ. ( ଶ୍ରୁ-ଅସ୍, ତ ଆଗମ ) ନଦ୍ୟାଦିର ବେଗ, ଜ୍ଞାନେନ୍ଦ୍ରିୟ ।

ଶ୍ରୋତବ୍ୟ, ବିଂ. (ଶ୍ରୁ-ତବ୍ୟ) ଶ୍ରବଣୀୟ, ଶ୍ରବଣ-ଯୋଗ୍ୟ ।

ଶ୍ରୋତା, ବିଂ. ( ଶ୍ରୁ-ତୃ ) ଶ୍ରବଣକର୍ତ୍ତା, ଯେ ଶୁଣେ ।

ଶ୍ରୋତ୍ର } ବି. ନ. (ଶ୍ରୁ-ତ୍ର) ଶ୍ରୁତି, ଶ୍ରବଣେନ୍ଦ୍ରିୟ, ବେଦ ।
ଶ୍ରୌତ୍ର

ଶ୍ରୋତ୍ରିୟ, ବି. ପୁଂ. (ଶ୍ରୋତ୍ର-ଇୟ) ବେଦାଧ୍ୟାୟୀ ବ୍ରାହ୍ମଣ, ବେଦଜ୍ଞ ବିପ୍ର, ସଚ୍ଚରିତ୍ର ବ୍ରାହ୍ମଣ । ବିଂ. ସୁଶୀଳ, ସଚ୍ଚରିତ୍ର, ସତ୍‌କୁଳଜାତ ।

ଶ୍ଲକ୍ଷ୍ଣ, ବିଂ. (ଶ୍ଲିଷ୍-ସ୍ନ(କସ୍ନ) ଇଲୋପ) ସୂକ୍ଷ୍ମ, କୃଶ, ମନୋହର, ସ୍ନିଗ୍ଧ, ଚିକ୍କଣ, ଅଳ୍ପ ।

ଶ୍ଲଥ, ବିଂ ( ଶ୍ଲଥ୍-ଅ ) ଶିଥିଳ, ଅଦୃଢ଼, ଢିଲା, ଦୁର୍ବଳ ।

ଶ୍ଲାଘା, ବି. ସ୍ତ୍ରୀ. (ଶ୍ଲାଘ୍-ଅ-ଆ) ପ୍ରଶଂସା, ଅଭି-ଲାଷ, ଇଚ୍ଛା, ପରିଚର୍ଯ୍ୟା, ସେବା, ନିଜଗୁଣ ଜ୍ଞାପନ ।

ଶ୍ଲାଘ୍ୟ } ବି. (ଶ୍ଲାଘ୍-ଯ, ଅନୀୟ) ଆଶ୍ୱସ୍ୟ, ସ୍ପୃହଣୀୟ, ପ୍ରଶଂସନୀୟ, ପ୍ରଶଂ-ସାର ଯୋଗ୍ୟ, ପ୍ରଶସ୍ତ ।
ଶ୍ଲାଘନୀୟ

ଶ୍ଲିଷା, ବି. ସ୍ତ୍ରୀ. (ଶ୍ଲିଷ୍-ଅ) ଆଲିଙ୍ଗନ ।

ଶ୍ଲିଷ୍ଟ, ବିଂ. (ଶ୍ଲିଷ୍-ତ) ଶ୍ଳେଷଯୁକ୍ତ, ଅନେକାର୍ଥ-ବାଚକ, ସଂସୃଷ୍ଟ, ସଂଯୁକ୍ତ, ଆଲିଙ୍ଗିତ ।

ଶ୍ଲୀପଦ, ବି. ନ. ଶୋଥରୋଗ, ଗୋଦର ।

ଶ୍ଲୀଳ, ବିଂ. (ଶ୍ରୀ-ଲ,ର=ଲ) ଶ୍ରୀଯୁକ୍ତ ।

ଶ୍ଲେଟ୍, ବି. ( ଇଂ. Slate ) ଲେଖନସାଧନ ପ୍ରସ୍ତରଫଳକବିଶେଷ, ସିଲଟ ।

ଶ୍ଲେଷ, ବି. ପୁଂ. (ଶ୍ଲିଷ୍-ଅ) ଯୋଗ, ସଂଯୋଗ, ଆଶ୍ଲେଷ, ଆଲିଙ୍ଗନ, ଶବ୍ଦର ଅଳଙ୍କାର-ବିଶେଷ ।

ଶ୍ଲେଷ୍ମା } ବି. ପୁଂ. (ଶ୍ଲିଷ୍-ମନ୍, ଶ୍ଲେଷ୍ମନ୍-କ) କଫ, ସର୍ଦ୍ଦି ।
ଶ୍ଲେଷ୍ମକ

ଶ୍ଲେଷ୍ମଣ } ବିଂ. (ଶ୍ଲେଷ୍ମନ୍-ନ, ଲ) ଶ୍ଲେଷ୍ମାବିଶିଷ୍ଟ, କଫଯୁକ୍ତ ।
ଶ୍ଲେଷ୍ମଳ

ଶ୍ଲୋକ, ବି. ପୁଂ. (ଶ୍ଲୋକ୍-ଅ) ପଦ୍ୟ, କବିତା, ଛନ୍ଦୋବିଶିଷ୍ଟ ବାକ୍ୟ, ସୁଖ୍ୟାତି, ପ୍ରସିଦ୍ଧି, ଯଶଃ, କୀର୍ତ୍ତି ।

ଶ୍ୱଃ, ଅଂ. ପରଦିନ, ଆଗାମୀ ଦିନ, କାଲି ।

ଶ୍ୱଃଶ୍ରେୟସ୍, କି. ବିଂ. ( ଶ୍ୱସ୍-ଶ୍ରେୟସ୍ ) ମଙ୍ଗଳ କଲ୍ୟାଣ, ସୁଖ, ପରମାତ୍ମା । ବିଂ. କଲ୍ୟାଣୀ, ସୁଖୀ ।

ଶ୍ୱଗଣିକ } ବି. ପୁଂ. ( ଶ୍ୱଗଣ-ଇକ, ଇନ୍ ) ଶିକାରୀ, ଯେ ବ୍ୟକ୍ତି କୁକ୍କୁର ନେଇ ଶିକାର କରେ ।
ଶ୍ୱଗଣୀ

ଶ୍ୱଧୂର୍ତ୍ତ, ବି. ପୁଂ. (ଶ୍ୱନ୍-ଧୂର୍ତ୍ତ) ଶୃଗାଳ ।

ଶ୍ୱପଚ୍ } ବି ପୁଂ. (ଶ୍ୱପଚ୍-୦, ଅ, ଅ) ବ୍ୟାଧ, ଚଣ୍ଡାଳ ।
ଶ୍ୱପଚ
ଶ୍ୱପାକ

ଶ୍ୱଭୀରୁ ବି. ପୁଂ. (ଶ୍ୱନ୍-ଭୀରୁ) ଶୃଗାଳ, ବିଲୁଆ ।

ଶ୍ୱଭ୍ର, ବି. ନ. (ଶ୍ୱଭ୍ର-ଅ) ରନ୍ଧ୍ର, ଛିଦ୍ର, ଗର୍ତ୍ତ ।

ଶ୍ୱବୃତ୍ତି, ବି. ସ୍ତ୍ରୀ. (ଶ୍ୱନ୍-ବୃତ୍ତି) ସେବା, ଚାକିରି ।

ଶ୍ୱବ୍ୟାଘ୍ର, ବି. ପୁଂ. (ଶ୍ୱନ୍-ବ୍ୟାଘ୍ର) ଚିତା ବାଘ ।

ଶ୍ୱଶୁର, ବି. ପୁଂ. (ଶୁ-ଅଶ୍-ଉର) ଭର୍ତ୍ତାର କିମ୍ବା ପତ୍ନୀର ପିତା, ମାନ୍ୟ ବ୍ୟକ୍ତି ।

ଶ୍ୱଶୁର୍ଯ୍ୟ, ବି. ପୁଂ. (ଶ୍ୱଶୁର-ଯ) ଦେବର, ଦିଅର, ଦେଢ଼ଶୁର, ଶ୍ୟାଳକ, ଶାଳା ।

ଶ୍ୱଶ୍ରୂ, ବି. ସ୍ତ୍ରୀ. ( ଶ୍ୱଶୁର-ଊ, ଉ, ଅ ଲୋପ ) ଭର୍ତ୍ତାର ବା ପତ୍ନୀର ମାତା, ଶାଶୁ ।

**ଶ୍ୱସନ**, ବି. ପୁଂ. (ଶ୍ୱସ୍-ଅନ) ବାୟୁ । ନ. ନିଶ୍ୱାସ, ଜୀବନ । (ବାୟୁ ଅର୍ଥରେ) ଯଥା—

ଦ୍ରୁତରେ ଶ୍ୱାସ ଶ୍ୱସନ, ଫୁଲଇ ନାଶା ଦଶନ,
ବସନେ ଛିଦ୍ର ଦଶନ, କୁଚ ଦଂଶନ । ପ୍ରେ. ସୁ.

**ଶ୍ୱସିତ**, ବି ନ. (ଶ୍ୱସ୍-ତ) ନିଃଶ୍ୱାସ, ନାସାଗତ ବାୟୁ, ଜୀବିତ, ଜୀବନ ।

**ଶ୍ୱା**, ବି. ପୁଂ. (ଶ୍ୱନ୍-ଅନ୍, ନପାତନ) କୁକ୍କୁର । ଶୁନୀ, ସ୍ତ୍ରୀ କୁକ୍କୁରୀ ।

**ଶ୍ୱାନ**, ବି. ପୁଂ. (ଶ୍ୱନ୍-ଅ) କୁକ୍କୁର । ଶୁନୀ, ସ୍ତ୍ରୀ. କୁକ୍କୁରୀ ।

**ଶ୍ୱାପଦ**, (carnivora) ବି. ପୁଂ. (ଶ୍ୱନ୍-ଅ ପଦ୍ ଅ) ଶିକାରୀଜନ୍ତୁ, ଯେଉଁ ପଶୁମାନେ ମାଂସ ଭକ୍ଷଣ କରି ଦେହଯାତ୍ରା ନିର୍ବାହ କରନ୍ତି । ଯଥା—ବିଲେଇ, କୁକୁର ଭାଲୁଅ, ବ୍ୟାଘ୍ର ଇତ୍ୟାଦି ।

**ଶ୍ୱାସ**, ବି. ପୁଂ. (ଶ୍ୱସ୍-ଅ) ନିଶ୍ୱାସ, ନାସାଗତ ବାୟୁ, ବାୟୁ, ଶ୍ୱାସକାସ ରୋଗ ।

**ଶ୍ୱାସୀ**, ବି. ପୁଂ. (ଶ୍ୱାସ-ଇନ୍) ବାୟୁ । ବିଂ. ଶ୍ୱାସଯୁକ୍ତ ।

**ଶ୍ୱିତ୍ର**, ବି. ପୁଂ. (ଶ୍ୱିତ୍-ରକ୍) ଶ୍ୱେତକୁଷ୍ଠ, ଧବଳରୋଗ ।

**ଶ୍ୱେତ**, ବି. ପୁଂ. (ଶ୍ୱିତ୍-ଅ) ଶୁକ୍ଳବର୍ଣ୍ଣ, ଦ୍ୱୀପବିଶେଷ, ପର୍ବତବିଶେଷ, ଧବଳଗିରି, ଶୁକ୍ରଗ୍ରହ, ଧଳାମେଘ, କପର୍ଦ୍ଦକ, କଉଡ଼ି, ଦୈତ୍ୟଗୁରୁ, ଶୁକ୍ର, ଶଙ୍ଖ, ଶିବଙ୍କ ଅବତାରବିଶେଷ । ନ. ରୌପ୍ୟ, ରଜତ, ବେଲଓୟାର କାଚ । ବିଂ. ଶୁକ୍ଳବର୍ଣ୍ଣବିଶିଷ୍ଟ । ତା, ସ୍ତ୍ରୀ. ଝିଣ୍ଟିନୀ, ଅତିବିଷା, ଅପରାଜିତା, ବରାଟିକା, ଶ୍ୱେତବୃହତୀ, ଶ୍ୱେତକଣ୍ଟକାରୀ, ପାଷାଣଭେଦୀ, ବଂଶଲୋଚନା, ଶର୍କରା, ଶ୍ୱେତଦୂର୍ବା ।

**ଶ୍ୱେତକ**, ବି. ନ. (ଶ୍ୱେତ-କ) ରୌପ୍ୟ, ରୁପା, କଉଡ଼ି ।

**ଶ୍ୱେତକୁଞ୍ଜର** / **ଶ୍ୱେତଗଜ** / **ଶ୍ୱେତଦ୍ୱିପ** } ବି. ପୁଂ. (ଶ୍ୱେତ-କୁଞ୍ଜର, ଗଜ, ଦ୍ୱିପ) ଇନ୍ଦ୍ରଗଜ, ଐରାବତ ହସ୍ତୀ ।

**ଶ୍ୱେତକେତୁ**, ବି ପୁଂ. (ଶ୍ୱେତ-କେତୁ = ଧ୍ୱଜ) ବୁଦ୍ଧବିଶେଷ, ବୃଦ୍ଧମତସ୍ଥ ବ୍ୟକ୍ତିବିଶେଷ, କେତୁ ଗ୍ରହବିଶେଷ ।

**ଶ୍ୱେତଗରୁତ୍**, ବିଂ. ପୁଂ. (ଶ୍ୱେତ-ଗରୁତ୍) ହଂସ । ବିଂ. ଶୁକ୍ଳବର୍ଣ୍ଣ ପକ୍ଷବିଶିଷ୍ଟ ।

**ଶ୍ୱେତଚ୍ଛଦ**, ବି. ପୁଂ. (ଶ୍ୱେତ-ଛଦ) ହଂସ, ଧଳାତୁଳସୀ । ବିଂ. ଶୁକ୍ଳପକ୍ଷଶାଳୀ, ଶୁକ୍ଳବର୍ଣ୍ଣ ପକ୍ଷଯୁକ୍ତ ।

**ଶ୍ୱେତଦ୍ୱୀପ**, ବି ପୁଂ. ଚନ୍ଦ୍ରଦ୍ୱୀପ, ଏହା ବୈକୁଣ୍ଠାଖ୍ୟ ବିଷ୍ଣୁଧାମ, କୃଷ୍ଣଦ୍ୱୀପ ।

**ଶ୍ୱେତଧାମା**, ବି. ପୁଂ. (ଶ୍ୱେତ-ଧାମନ୍) ଚନ୍ଦ୍ର, କର୍ପୂର, ସମୁଦ୍ରଫେଣ ।

**ଶ୍ୱେତନୀଲ**, ବି. ପୁଂ. (ଶ୍ୱେତ-ନୀଲ) ମେଘ, ଶୁକ୍ଳ ଓ ନୀଳବର୍ଣ୍ଣ ।

**ଶ୍ୱେତପତ୍ର**, ବି. ପୁଂ. (ଶ୍ୱେତ-ପତ୍ର) ଶ୍ୱେତଚ୍ଛଦ, ହଂସ । ନ. ଶୁକ୍ଳପର୍ଣ୍ଣ ।

**ଶ୍ୱେତପତ୍ରରଥ**, ବି. ପୁଂ. (ଶ୍ୱେତପତ୍ର-ରଥ) ବ୍ରହ୍ମା ।

**ଶ୍ୱେତପତ୍ରବାହନ**, ବି. ପୁଂ. (ଶ୍ୱେତପତ୍ର-ବାହନ) ହଂସବାହନ, ବ୍ରହ୍ମା ।

**ଶ୍ୱେତପର୍ଣ୍ଣାସ**, ବି. ପୁଂ. ଶ୍ୱେତତୁଳସୀ ।

**ଶ୍ୱେତପିଙ୍ଗ** / **ଶ୍ୱେତପିଙ୍ଗଳ** } ବି. ପୁଂ. (ଶ୍ୱେତ ପିଙ୍ଗ, ପିଙ୍ଗଳ) ସିଂହ, ଶୁକ୍ଳପୀତବର୍ଣ୍ଣ ।

**ଶ୍ୱେତପୁଷ୍ପ**, ବି. ପୁଂ. (ଶ୍ୱେତ-ପୁଷ୍ପ) ସିନ୍ଧୁବାର ବୃକ୍ଷ, ବେଗୁନିଆଗଛ । ଷ୍ପା, ସ୍ତ୍ରୀ. ଲତାବିଶେଷ, ନାଗଦନ୍ତୀ ।

**ଶ୍ୱେତମାଲ**, ବି. ପୁଂ. ମେଘ, ଧୂମ ।

**ଶ୍ୱେତରକ୍ତ**, ବି. ପୁଂ (ଶ୍ୱେତ-ରକ୍ତ) ପାଟଳବର୍ଣ୍ଣ, ଗୋଲାପିରଙ୍ଗ । ବିଂ ପାଟଳବର୍ଣ୍ଣବିଶିଷ୍ଟ ।

**ଶ୍ୱେତରଥ**, ବି. ପୁଂ. (ଶ୍ୱେତ-ରଥ) ଶୁକ୍ଳବର୍ଣ୍ଣ ରଥ, ଶୁକ୍ରଗ୍ରହ ।

**ଶ୍ୱେତବାଜୀ**, ବି. ପୁଂ. (ଶ୍ୱେତ-ବାଜ-ଇନ୍) ଚନ୍ଦ୍ର, ଅର୍ଜ୍ଜୁନ, ଶୁକ୍ଳ ଘୋଟକ ।

**ଶ୍ୱେତବାହନ**, ବି. ପୁଂ. (ଶ୍ୱେତ-ବାହନ) ଇନ୍ଦ୍ର, ଅର୍ଜୁନ ।

**ଶ୍ୱେତବୃହତୀ**, ବି. ସ୍ତ୍ରୀ. ଶୁକ୍ଳ କ୍ଷୁଦ୍ର ବାର୍ତ୍ତାକୀ ।

**ଶ୍ୱେତଶୃଙ୍ଗ**, ବି. ପୁଂ. (ଶ୍ୱେତ-ଶୃଙ୍ଗ) ଯବ ।

**ଶ୍ୱେତସାର**, ବି. ପୁଂ. (ଶ୍ୱେତ-ସାର) ଖଦିରବୃକ୍ଷ । starch, ଖାଦ୍ୟବସ୍ତୁର ଉପାଦାନବିଶେଷ । ଏହା ତୁଷାର ପରି ଶ୍ୱେତବର୍ଣ୍ଣ, ଉଜ୍ଜ୍ୱଳ, ଗହମ ବିଲାତି ଆଳୁ ପ୍ରଭୃତିରେ ଅଧିକମାତ୍ରାରେ ଥାଏ ।

**ଶ୍ୱେତହୟ**, ବି. ପୁଂ. (ଶ୍ୱେତ-ହୟ) ଇନ୍ଦ୍ରଅଶ୍ୱ, ଅର୍ଜୁନ, ଶୁକ୍ଳବର୍ଣ୍ଣ ଘୋଟକ ।

**ଶ୍ୱେତୋଦର**, ବି. ପୁଂ. (ଶ୍ୱେତ-ଉଦର) କୁବେର, ଶୁକ୍ଳବର୍ଣ୍ଣ ଜଠର

**ଶ୍ୱୈତ୍ୟ**, ବି. ନ. (ଶ୍ୱେତ-ଯ) ଧାବଲ୍ୟ, ଶୁକ୍ଳତ୍ୱ, ଶୁଭ୍ରତା, ନିର୍ମଳତା ।

---

# ଷ

**ଷ**, ବ୍ୟଞ୍ଜନ ବର୍ଣ୍ଣର ଏକତ୍ରିଂଶ ବର୍ଣ୍ଣ । ବି. ପୁଂ. (ଷୋ-ଅ) କେଶ, ବାଲ, ଶିଷ୍ୟକ, ନାଶ, କ୍ଷତି, ଧ୍ୱଂସ, ଅବଶେଷ, ମୁକ୍ତି, ନିର୍ବାଣ, ସ୍ୱର୍ଗ, ନିଦ୍ରା, ଜ୍ଞାନଲୋପ । ନ. ଅଙ୍କୁର, ଧୈର୍ଯ୍ୟ । ବିଂ. ବିଜ୍ଞ, ଶ୍ରେଷ୍ଠ, ଶୋଭନ ।

**ଷଟ୍**, ବିଂ. (ଷୋ-ଂ, ନିପାତନ) ଛ ସଂଖ୍ୟା, ୬ ।

**ଷଟ୍କ**, ବିଂ. (ଷଷ୍-କ) ଛ ସଂଖ୍ୟା, ୬ ।

**ଷଟ୍କର୍ମ**, ବି. ନ. (ଷଷ୍-କର୍ମନ୍) ଯଜନ, ଯାଜନ, ଅଧ୍ୟୟନ, ଅଧ୍ୟାପନ, ଦାନ, ପ୍ରତିଗ୍ରହ, ଏହି ଛ କର୍ମ, ତନ୍ତ୍ରରେ - ଶାନ୍ତି, ବଶୀକରଣ, ସ୍ତମ୍ଭନ, ବିଦ୍ୱେଷ, ଉଚ୍ଚାଟନ, ମାରଣ ଏହି ଛ କର୍ମ । ର୍ମା, ପୁଂ. ଏହି ଛ କର୍ମକାରୀ ବ୍ରାହ୍ମଣ ।

**ଷଟ୍କୋଣ**, ବି. ନ. (ଷଷ୍-କୋଣ) ବଜ୍ର, ଜ୍ୟୋତିଷରେ ଲଗ୍ନଠାରୁ ଷଷ୍ଠ ସ୍ଥାନ । ବିଂ. ଯାହାର ଛଗୋଟି କୋଣ ଅଛି ।

**ଷଟ୍ଚକ୍ର**, ବି. ନ. (ଷଷ୍-ଚକ୍ର) ଦେହମଧ୍ୟସ୍ଥ ସୁଷୁମ୍ନା ନାଡ଼ୀର ମଧ୍ୟବର୍ତ୍ତୀ ଦ୍ୱିଦଳ ଏବଂ ଚତୁର୍ଦ୍ଦଳ ପଦ୍ମାକାର ୬ ଚକ୍ର ।

**ଷଟ୍ଚତ୍ୱାରିଂଶତ୍**, ବି. ସ୍ତ୍ରୀ. (ଷଷ୍-ଚତ୍ୱାରିଂଶତ୍) ଛୟାଳିଶ ସଂଖ୍ୟା, ୪୬, ତତ୍ସଂଖ୍ୟକ ।

**ଷଟ୍ଚରଣ**, ବି. ପୁଂ. (ଷଷ୍-ଚରଣ) ଷଟ୍ପଦ, ଭ୍ରମର, ଉକୁଣୀ ।

**ଷଟ୍ତ୍ରିଂଶତ୍**, ବି. ସ୍ତ୍ରୀ. (ଷଷ୍ ତ୍ରିଂଶତ୍) ଛତିଶ ସଂଖ୍ୟା, ୩୬ ।

**ଷଟ୍ପଦ**, ବି. ପୁଂ. (ଷଷ୍-ପଦ) ଭ୍ରମର । ଦା, ସ୍ତ୍ରୀ. ଉକୁଣୀ, ଭ୍ରମରୀ, ୬ ଚରଣଯୁକ୍ତ ଛନ୍ଦଃ ।

**ଷଟ୍ପଦପ୍ରିୟ**, ବି. ପୁଂ. (ଷଟ୍ପଦ-ପ୍ରିୟ) ନାଗକେଶର ବୃକ୍ଷ ।

**ଷଟ୍ପଦାତିଥି**, ବି. ପୁଂ. (ଷଟ୍ପଦ-ଅତିଥି) ଆମ୍ରବୃକ୍ଷ ।

**ଷଟ୍ପଞ୍ଚାଶତ୍**, ବି. ସ୍ତ୍ରୀ. (ଷଟ୍-ପଞ୍ଚାଶତ୍) ଛପନ ସଂଖ୍ୟା, ୫୬, ତତ୍ସଂଖ୍ୟକ ।

**ଷଟ୍ପ୍ରଜ୍ଞ**, ବି. ପୁଂ. (ଷଷ୍-ପ୍ରଜ୍ଞା) ଧର୍ମ, ଅର୍ଥ, କାମ, ମୋକ୍ଷ, ସାମାଜିକ ନିୟମ ଅର୍ଥାତ୍ ଲୋକାଗୃତ, ବାର୍ତ୍ତାଶାସ୍ତ୍ର, ଅର୍ଥାତ୍ ତତ୍ତ୍ୱଜ୍ଞାନ ଏହି ଛ ବିଷୟରେ ଅଭିଜ୍ଞ ବୌଦ୍ଧ, କାମୁକ, ଲମ୍ପଟ ।

**ଷଟିଘର**, ବି. (ଷଷ୍ଠିଘର ଶବ୍ଦଜ) ବାଳକ ଜନ୍ମର ଷଷ୍ଠ ଦିବସରେ କୃତ କର୍ମବିଶେଷ ।

**ଷଟିଧାନ**, ବି. (ଦେଶଜ) ଏକପ୍ରକାର ବିଅଳି-ଜାତୀୟ ଧାନ ।

**ଷଡ**, ବି. (ଷଷ୍ ଶବ୍ଦଜ) ଛଅ, ୬ ।

**ଷଡଙ୍ଗ**, ବି. ନ. (ଷଟ୍-ଅଙ୍ଗ) ହସ୍ତଦ୍ୱୟ, ପଦଦ୍ୱୟ, କଣ୍ଠ, ମସ୍ତକ—ଦେହର ଏହି ଛ ଅଙ୍ଗ, ବୁଦ୍ଧ୍ୟାଦି ୬ ଅବୟବ—ଶିକ୍ଷା, କଳ୍ପ,

ବ୍ୟାକରଣ, ନିରୁକ୍ତ, ଛନ୍ଦଃ, ଜ୍ୟୋତିଷ—
ବେଦର ଏହି ୬ ଅଙ୍ଗ, ଗୋମୂତ୍ର, ଗୋମୟ,
କ୍ଷୀର, ସର୍ପିଃ, ଦଧି, ରୋଚନ—ଏହି ଛ ଗବ୍ୟ,
ମୌଳ, ଭୃତ୍ୟ, ସୁହୃଦ୍, ଶ୍ରେଣୀ, ଦ୍ୱିଷତ୍,
ଆଟବିକ—ଏହି ୬ ପ୍ରକାର ସେନାବୟବ,
ଆଦ୍ୟ ଶ୍ରାଦ୍ଧ ସମ୍ବନ୍ଧରେ ପୀଠାଦି ୬ । ବିଂ.
ଏହି ଛ ଅଙ୍ଗବିଶିଷ୍ଟ । ପୁଂ. କ୍ଷୁଦ୍ର
ଗୋକ୍ଷୁରକ ।

ଷଡଙ୍ଗଜିତ୍, ବି. ପୁଂ. (ଷଡଙ୍ଗ-ଜିତ୍) ବିଷ୍ଣୁ,
ନାରାୟଣ । ବିଂ. ଷଡଙ୍ଗଜେତା ।

ଷଡଙ୍ଘ୍ରି ବି. ପୁଂ. (ଷଟ୍-ଅଙ୍ଘ୍ରି) ଭ୍ରମର ।

ଷଡଭିଜ୍ଞ, ବି. ପୁଂ. (ଷଟ୍-ଅଭିଜ୍ଞ) ଦିବ୍ୟ ଚକ୍ଷୁଃ-
ଶ୍ରୋତ୍ର, ପରଚିତ୍ତଜ୍ଞାନ, ପୂର୍ବଜନ୍ମସ୍ମରଣ,
ଆତ୍ମଜ୍ଞାନ, ବିୟଦ୍‌ଗତି ଅର୍ଥାତ୍ ଆକାଶରେ
ଗମନ କରିବା କ୍ଷମତା, କାୟବ୍ୟୂହସିଦ୍ଧି ଅର୍ଥାତ୍
ଯେ କୌଣସି ଦେହ ଧାରଣ କରିବାର
କ୍ଷମତା ଏହି ଛ ବିଷୟରେ ଅଭିଜ୍ଞ ବୌଦ୍ଧ,
ବୁଦ୍ଧଦେବ ।

ଷଡଶୀତି, ବି. ସ୍ତ୍ରୀ. (ଷଟ୍-ଅଶୀତି) ଛୟାଶୀ
ସଂଖ୍ୟା, ୮୬, ସଂକ୍ରାନ୍ତିବିଶେଷ ।

ଷଡ଼ାନନ, ବି. ପୁଂ. ( ଷଟ୍-ଆନନ ) ସ୍କନ୍ଦ,
କାର୍ତ୍ତିକେୟ ।

ଷଡୂଷଣ, ବି. ନ. (ଷଟ୍-ଊଷଣ) ଶୁଣ୍ଠି, ପିପ୍ପଳୀ,
ମରିଚ ପ୍ରଭୃତି ମିଶ୍ରିତ ଛ ପ୍ରକାର କଟୁଦ୍ରବ୍ୟ ।

ଷଡ଼୍‌ଗୟା ବି ସ୍ତ୍ରୀ. ଷଡ଼୍‌ବିଧ ଗୟା । ଯଥା—

ଗୟାଗଜୋ ଗୟାଦିତ୍ୟୋ ଗାୟତ୍ରୀ ଚ ଗଦାଧରଃ,
ଗୟା ଗୟାସୁରଶ୍ଚୈବ ଷଡ଼୍‌ଗୟା ମୁକ୍ତିଦାୟିକା ।

ଷଡ଼୍‌ଗୁଣ, ବି. ପୁଂ (ଷଟ୍-ଗୁଣ) ସନ୍ଧି, ବିଗ୍ରହ,
ଯାନ, ଆସନ, ଦ୍ୱୈଧ, ଆଶ୍ରୟ—ରାଜା-
ମାନଙ୍କର ଏହି ଛ ଗୁଣ । ବିଂ. ଛ ସଂଖ୍ୟା-
ଦ୍ୱାରା ଗୁଣିତ ।

ଷଡ଼୍‌ଜ, ବି. ପୁଂ. (ଷଟ୍-ଜ) ତନ୍ତ୍ରୀକଣ୍ଠୋତ୍ଥିତ
ସ୍ୱରବିଶେଷ, ଏହା ମୟୂରସ୍ୱର ତୁଲ୍ୟ, ନାସା,
କଣ୍ଠ, ଉରଃ ତାଲୁ, ଜିହ୍ୱା ଓ ଦନ୍ତ ଏହି ଛ
ସ୍ଥାନରୁ ଉତ୍ପନ୍ନ ହୁଏ ବୋଲି ଏହାର ନାମ
ଷଡ଼୍‌ଜ ।

ଷଡ଼୍‌ଦର୍ଶନ, ବି. ନ. ପୂର୍ବମୀମାଂସା, ବେଦାନ୍ତ,
ସାଂଖ୍ୟ, ପାତଞ୍ଜଳ, ନ୍ୟାୟ, ବୈଶେଷିକ ଏହି
ଛ ଦର୍ଶନଶାସ୍ତ୍ର ।

ଷଡ଼୍‌ଦୁର୍ଗ, ବି. ନ. ଧନ୍ୱଦୁର୍ଗ, ମହୀଦୁର୍ଗ,
ଗିରିଦୁର୍ଗ, ମନୁଷ୍ୟଦୁର୍ଗ, ମୃଦ୍‌ଦୁର୍ଗ, ବନଦୁର୍ଗ—
ଏହି ୬ ଦୁର୍ଗ ।

ଷଡ଼୍‌ଧା, ଅ°. (ଷଟ୍-ଧା) ଛପ୍ରକାର, ଷଡ଼୍‌ବିଧ ।

ଷଡ଼୍‌ଭୁଜ, ବି. ପୁଂ. ଷଡ଼୍‌ହସ୍ତଯୁକ୍ତ ଚୈତନ୍ୟ-
ଦେବ, ଜ୍ୱରଦେବତା ।

ଷଡ଼୍‌ରସ, ବି. ନ (ଷଟ୍-ରସ) ମଧୁର, ତିକ୍ତ,
କଷା, ଅମ୍ଳ, କଟୁ, ଖର—ଏହି ଛ ରସ ।

ଷଡ଼୍‌ବକ୍ତ୍ର, ବି. ପୁଂ. (ଷଟ୍-ବକ୍ତ୍ର) ଷଡ଼ାନନ,
କାର୍ତ୍ତିକେୟ ।

ଷଡ଼୍‌ବର୍ଗ, ବି. ପୁଂ. ( ଷଟ୍-ବର୍ଗ ) କାମ,
କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ—
ଏହି ଛ ।

ଷଡ଼୍‌ବିଧ, ବିଂ (ଷଟ୍-ବିଧା) ଛ ପ୍ରକାର ।

ଷଡ଼୍‌ବିନ୍ଦୁ, ବି. ପୁଂ. (ଷଟ୍-ବିନ୍ଦୁ) ବିଷ୍ଣୁ, କୀଟ-
ବିଶେଷ, ପକ୍ୱତୈଳବିଶେଷ ।

ଷଡ଼୍‌ଷଡ଼୍ ବି. (ଦେଶଜ) ଶବ୍ଦବିଶେଷ ।

ଷଣ୍ଡ, ବି. ପୁଂ. (ଷଣ୍-ଡ) ସ୍ୱାଧୀନ, ବୃଷ, କ୍ଲୀବ,
ନପୁଂସକ, ସମୂହ, ବୃକ୍ଷ । ପୁଂ. ନ.
ପଦ୍ମସମୂହ ।

ଷଣ୍ଡାଳୀ, ବି. ସ୍ତ୍ରୀ. (ଷଣ୍ଡ-ଅଲ-ଈ) ତୈଳମାନ-
ବିଶେଷ, ଛଟାଙ୍କି, ସରୋବର, କାମୁକୀ ସ୍ତ୍ରୀ ।

ଷଣ୍ଢ, ବି. ପୁଂ. ( ଷଣ୍-ଢ ) ନପୁଂସକ, କ୍ଲୀବ ।
ବୃଷଭ ।

ଷଣ୍ଢା, ବିଂ. ( ଦେଶଜ ) ଦୁର୍ବିନୀତ, ଉଦ୍ଧତ,
ପିଅଜ ପ୍ରଭୃତିର ପୁଷ୍ପଧାରୀ ଅଂଶ, ମଞ୍ଜରୀ,
ଜ୍ୱରଜନିତ ମୁଖବ୍ରଣବିଶେଷ ।

**ଷଣ୍ଢିଅ**, ବି. ( ଦେଶଜ ) ଷଣ୍ଢଜାତୀୟ ଅଣ୍ଡିରା ବାଳୁଙ୍ଗା, ନପୁଂସକ ।

**ଷଣ୍ମାସ୍ୟ**, ବିଂ. (ଷଣ୍ମାସ-ଯ) ଛ ମାସସାଧ୍ୟ, ଯାହା ଛ ମାସରେ ସମ୍ପନ୍ନ ହୁଏ ।

**ଷଣ୍ମୁଖ**, ବି. ପୁଂ. (ଷଷ୍-ମୁଖ) ଷଡ଼ାନନ, କାର୍ତ୍ତି-କେୟ । ନ. ଛ ମୁଖ ।

**ଷତ୍ୱ**, ବି. ନ. ( ଷ-ତ୍ୱ ) ମୂର୍ଦ୍ଧନ୍ୟ ଷକାରର ଭାବ ।

**ଷଷ୍ଟି**, ବି. ସ୍ତ୍ରୀ. (ଷଷ୍ ତି) ଷାଠିଏ ସଂଖ୍ୟା, ୬୦, ତତ୍‌ସଂଖ୍ୟକ ।

**ଷଷ୍ଟିକ**, ବି. ପୁଂ. ସ୍ତ୍ରୀ. (ଷଷ୍ଟି-କ) ଧାନ୍ୟବିଶେଷ । ବିଂ. ଷଷ୍ଟିସଂଖ୍ୟାଦ୍ୱାରା କ୍ରୀତ ।

**ଷଷ୍ଟିତମ**, ବିଂ. (ଷଷ୍ଟି-ତମ) ଷାଠିଏର ପୂରଣ ।

**ଷଷ୍ଟିଧା**, ଅଂ. (ଷଷ୍ଟି ଧା) ଷାଠିଏ ପ୍ରକାର ।

**ଷଷ୍ଟିଲତା**, ବି. ସ୍ତ୍ରୀ ଭ୍ରମରମାରୀ ।

**ଷଷ୍ଠ** } **ଷଷ୍ଠକ** } ବିଂ. ଷଷ୍-ଥ, ଷଷ୍ଠ କ) ଛ ପ୍ରକାରର ପୂରଣ ।

**ଷଷ୍ଠାନ୍ନକାଳ**, ବି. ନ. ( ଷଷ୍ଠାନ୍ନ-କାଳ ) ଦୁଇ ବା ତିନି ଦିନ ଅନ୍ତରରେ ଭୋଜନ ।

**ଷଷ୍ଠିମତ୍ତ**, ବି ପୁଂ. (ଷଷ୍ଠିନ୍-ମତ୍ତ) ହସ୍ତୀ ।

**ଷଷ୍ଠିହାୟନ**, ବି. ପୁଂ. ( ଷଷ୍ଠି-ହାୟନ ) ହସ୍ତୀ, ଏକପ୍ରକାର ଧାନ୍ୟ, ଷଷ୍ଠିସଂଖ୍ୟକ ବତ୍ସର ।

**ଷଷ୍ଠୀ** } **ଷଷ୍ଠିକା** } ବି. ସ୍ତ୍ରୀ ( ଷଷ୍ଠ-ଈ, ଷଷ୍ଠୀ-କ ) କାତ୍ୟାୟନୀ, ଦୁର୍ଗା, ତିଥିବିଶେଷ, ଦେବୀବିଶେଷ, ମାତୃକାବିଶେଷ, ସ୍କନ୍ଦପତ୍ନୀ ।

**ଷାଠି** } **ଷାଠିଏ** } ବିଂ. (ଷଷ୍ଟି ଶବ୍ଦଜ) ୬୦ ସଂଖ୍ୟା ।

**ଷାଡ଼ବ**, ବି. ପୁଂ. ଗୀତ, ଗାନ, ରସ, ଛ ସ୍ୱରର ମିଳିତ, ରାଗରାଗିଣୀ ।

**ଷାଡ଼୍‌ଗୁଣ୍ୟ**, ବି. ନ. (ଷଡ଼୍-ଗୁଣ-ଯ) ସନ୍ଧି, ବିଗ୍ରହ ଯାନ, ଆସନ, ଦ୍ୱୈଧୀଭାବ, ସମାଶ୍ରୟ—ଏହି ଛ ଗୁଣ ।

**ଷାଣ୍ମାତୁର**, ବି. ପୁଂ. (ଷଟ୍-ମାତୃ-ଅ) ଷଡ଼ାନନ, କାର୍ତ୍ତିକେୟ ।

**ଷାଣ୍ମାସିକ**, ବିଂ. (ଷଣ୍ମାସ-ଇକ ) ଷଣ୍ମାସସମ୍ବନ୍ଧୀୟ ଛ ମାସର କର୍ତ୍ତବ୍ୟ ।

**ଷିଙ୍ଗ**, ବି. ପୁଂ. ( ଷିଟ୍-ଗ ) କାମୁକ, ଲମ୍ପଟ, ଉପପତି ।

**ଷୋଡ଼ଶ**, ବିଂ. (ଷଷ୍-ଦଶନ୍, ନିପାତନ) ଷୋଳ ସଂଖ୍ୟା, ୧୬ ।

**ଷୋଡ଼ଶକ** } **ଷୋଡ଼ଶଦାନ** } ବି. ନ. ( ଷୋଡ଼ଶନ୍-କ, ଦାନ) ଭୂମି, ଆସନ, ଜଳ, ବସ୍ତ୍ର, ପ୍ରଦୀପ, ଅନ୍ନ, ତାମ୍ବୂଳ, ଛତ୍ର, ଗନ୍ଧ, ମାଲ୍ୟ, ଫଳ, ଶଯ୍ୟା, ପାଦୁକା, ଗୋ, କାଞ୍ଚନ, ରଜତ—ଶ୍ରାଦ୍ଧ କାଳରେ ଏହି ଷୋଡ଼ଶ ପ୍ରକାର ଦ୍ରବ୍ୟ ଦାନ ।

**ଷୋଡ଼ଶାଂଶୁ**, ବି. ପୁଂ. (ଷୋଡ଼ଶନ୍-ଅଂଶୁ) ଶୁକ୍ରଗ୍ରହ । ବିଂ. ଷୋଡ଼ଶକିରଣଯୁକ୍ତ ।

**ଷୋଡ଼ଶାଙ୍ଗ**, ବିଂ. (ଷୋଡ଼ଶନ୍-ଅଙ୍ଗ) ଷୋଳ ଅଙ୍ଗବିଶିଷ୍ଟ, ଗୁଗ୍ଗୁଳୁ, ସରଳ, ଦାରୁ, ପଦ୍ମ, ଚନ୍ଦନ, ହ୍ରୀବେର, ଅଗୁରୁ, କୁଷ୍ଠ, ଗୁଡ଼, ସର୍ଜ୍ଜରସ, ଘନ, ହରୀତକୀ, ନଖୀ, ଲାକ୍ଷା, ଜଟାମାଂସୀ, ଶୈଳେୟ ଏହି ୧୬ ପ୍ରକାର ସୁଗନ୍ଧଦ୍ରବ୍ୟମିଶ୍ରିତ ଧୂପ ।

**ଷୋଡ଼ଶାର୍ଦ୍ଧ**, ବି. ପୁଂ. (ଷୋଡ଼ଶନ୍-ଅର୍ଦ୍ଧ) କର୍କଟ, କଙ୍କଡ଼ା । ବିଂ. ଷୋଡ଼ଶ ଚରଣଯୁକ୍ତ ।

**ଷୋଡ଼ଶାର୍ଚ୍ଚିଃ**, ବି. ପୁଂ. ( ଷୋଡ଼ଶନ୍-ଅର୍ଚ୍ଚିସ୍ ) ଶୁକ୍ରଗ୍ରହ ।

**ଷୋଡ଼ଶାବର୍ତ୍ତ**, ବି. ପୁଂ. (ଷୋଡ଼ଶନ୍ ଆବର୍ତ୍ତ) ଶଙ୍ଖ ।

**ଷୋଡ଼ଶୀ**, ବି. ପୁଂ. (ଷୋଡ଼ଶ-ଇନ୍) ଯଜ୍ଞପାତ୍ର-ବିଶେଷ, ସସୋମକପାତ୍ର । ସ୍ତ୍ରୀ. କାଳୀ ତାରା-ପ୍ରଭୃତି ଦ୍ୱାଦଶ ମହାବିଦ୍ୟା ମଧ୍ୟରେ ଏକ ମହାବିଦ୍ୟା, ଷୋଡ଼ଶବର୍ଷୀୟା ସ୍ତ୍ରୀ ।

**ଷୋଡ଼ଶୋପଚାର**, ବି. ପୁଂ. ( ଷୋଡ଼ଶନ୍-ଉପଚାର) ଆସନ, ସ୍ୱାଗତ, ପାଦ୍ୟ, ଅର୍ଘ୍ୟ, ଆଚମନୀୟ, ମଧୁପର୍କ, ପୁନରାଚମନୀୟ, ସ୍ନାନ,

ବସନ, ଆଭରଣ, ଗନ୍ଧ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ, ଚନ୍ଦନ— ପୂଜାର ଏହି ୧୬ ଉପଚାର । ଶକ୍ତିପୂଜାରେ- ପାଦ୍ୟ, ଅର୍ଘ୍ୟ, ଆଚମନୀୟ, ସ୍ନାନ, ବସନ, ଭୂଷଣ, ଗନ୍ଧ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ, ଆଚମନ, ମଦ୍ୟ, ତାମ୍ବୂଳ, ତର୍ପଣ, ନତି ଏହି ୧୬ ପ୍ରକାର ।

ଷୋଳ } ବି. ( ଷୋଡ଼ଶ ଶବ୍ଦଜ ) ୧୬ ସଂଖ୍ୟା ।
ଷୋହଳ

ଷ୍ଟେସନ୍, ବି. ( ଇଂ. Station ) ଅଡ୍ଡା, ଥାନା, ଯେଉଁ ସ୍ଥାନରେ ରେଲଗାଡ଼ି ବନ୍ଦ ହୁଏ ବା ଛଡ଼େ ।

ଷ୍ଠୀବନ, ବି. ନ. (ଷ୍ଠୀବ୍-ଅନ) ଥୁତ୍କାର କ୍ଷେପଣ ।

ଷ୍ଠ୍ୟୂତ, ବିଂ. (ଷ୍ଠୀବ୍-ତ) ନିରସ୍ତ, ବାନ୍ତ, ବମନ କରିବା, ଛେପ ପକାଇବା ।

—୦—

# ସ

ସ, ବ୍ୟଞ୍ଜନ ବର୍ଣ୍ଣର ଦ୍ୱାତ୍ରିଂଶ ବର୍ଣ୍ଣ । (ସୋ—ଗମନ କରିବା-ଅ) ବି. ପୁଂ. ଶିବ, ବିଷ୍ଣୁ, ବାୟୁ, ସର୍ପ, ଜୀବାତ୍ମା, ଚନ୍ଦ୍ର, ଭୃଗୁ, ଦୀପ୍ତି । ସା, ସ୍ତ୍ରୀ. ଲକ୍ଷ୍ମୀ, ଗୌରୀ, ଶାନ୍ତି । ନ. ଜ୍ଞାନ, ଚିନ୍ତା ।

ସଂକୁଡ଼, ବି. (ଦେଶଜ) ଅଗିଁଠା ।

ସଂକ୍ରମ ସଙ୍କ୍ରମ ପୁଂ. ନ. } ବି. (ସମ୍-କ୍ରମ୍-ଅ) ଗମନ, ସଂକ୍ରମଣ,
ସଂକ୍ରାମ, ସଙ୍କ୍ରାମ, ପୁଂ.
ସୂର୍ଯ୍ୟାଦିଙ୍କର ରାଶ୍ୟନ୍ତର ସଞ୍ଚାର, ସଂକ୍ରାନ୍ତି, ପ୍ରାପ୍ତି, ପ୍ରବେଶ, ସେତୁ, ସୋପାନ, ଉପାୟ ।

ସଂକ୍ରମଣ } ବି. ନ. (ସମ୍-କ୍ରମ-ଅନ) ଗମନ, ପ୍ରବେଶ, ପ୍ରାପ୍ତି, ସଂକ୍ରାନ୍ତି, ସୂର୍ଯ୍ୟାଦି-
ସଙ୍କ୍ରମଣ
ଙ୍କର ରାଶ୍ୟନ୍ତରରେ ପ୍ରବେଶ, ସୋପାନ, ସେତୁ, ପୋଲ ।

ସଂକ୍ରମିତ
ସଙ୍କ୍ରମିତ } ବିଂ (ସମ୍-କ୍ରମ୍-ତ) ନିବେଶିତ, ସ୍ଥାପିତ, ପ୍ରବେଶିତ, ଗମିତ, ପ୍ରତିବିମ୍ବିତ ।
ସଂକ୍ରାମିତ
ସଙ୍କ୍ରାମିତ

ସଂକ୍ରାନ୍ତ, ବିଂ. ( ସମ୍-କ୍ରମ୍-ତ ) ପ୍ରତିବିମ୍ବିତ, ସମ୍ବନ୍ଧୀୟ, ସଂକ୍ରମଣବିଶିଷ୍ଟ, ଯୁକ୍ତ, ଗତ, ପ୍ରାପ୍ତ, ପ୍ରବିଷ୍ଟ, ସଞ୍ଚାରିତ, ବ୍ୟାପ୍ତ ।

ସଂକ୍ରାନ୍ତି, ବି. ସ୍ତ୍ରୀ. ( ସମ୍-କ୍ରମ୍-ତି ) ସଞ୍ଚାର, ଗମନ, ସୂର୍ଯ୍ୟାଦିଙ୍କର ରାଶ୍ୟନ୍ତରକୁ ଗମନ, ପ୍ରତିବିମ୍ବନ, ବ୍ୟାପ୍ତି ।

ସଂକ୍ରାମକ } ( Infectious ) ବିଂ. (ସମ୍-କ୍ରମ୍-ଅକ) ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ପ୍ରବେଶକାରକ, ଯାହା କୌଣସି
ସଙ୍କ୍ରାମକ
ବସ୍ତୁର ସଂସ୍ରବରୁ ଜନ୍ମେ । ଯଥା—ସଂକ୍ରାମକ ରୋଗ ।

ସଂଗୃହୀତ } ବିଂ. (ସମ୍-ଗ୍ରହ-ତ) ସଙ୍କଳିତ, ଆହୃତ ।
ସଙ୍ଗୃହୀତ

ସଂଗ୍ରହ, ସଙ୍ଗ୍ରହ, ପୁଂ. } ବି. (ସମ୍-ଗ୍ରହ୍-ଅ, ଅନ) ଏକତ୍ରୀକରଣ,
ସଂଗ୍ରହଣ, ସଙ୍ଗ୍ରହଣ ନ.
ସଂକଳନ, ସଞ୍ଚୟ, ଗ୍ରହଣ, ସଂକ୍ଷେପ, ମୁଷ୍ଟିବନ୍ଧ, ଉଚ୍ଚତା । ଣୀ, ସ୍ତ୍ରୀ. ଗ୍ରହଣୀ ରୋଗ ।

ସଂଗ୍ରହୀତା } ବିଂ. ( ସମ୍-ଗ୍ରହ ତୃ, ଅକ ) ସଂଗ୍ରହକର୍ତ୍ତା ।
ସଂଗ୍ରାହକ

ସଂଗ୍ରାମ } ବି. ପୁଂ. (ସମ୍-ଗ୍ରାମ୍-ଅ) ଯୁଦ୍ଧ, ସମର, ରଣ, ଲଢ଼େଇ ।
ସଙ୍ଗ୍ରାମ

ସଂଗ୍ରାହ } ବି. ପୁଂ. ( ସମ୍ ଗ୍ରହ-ଅ ) ଫଳକର ମୁଷ୍ଟି, ଫଳକ ଗ୍ରହଣୀ ସ୍ଥାନ, ମୁଷ୍ଟି, ମୁଷ୍ଟିଦ୍ୱାରା ବନ୍ଧନ ।
ସଙ୍ଗ୍ରାହ

**ସଂଘାତବଳ**, ବି. ନ. ଦୁଇ ବା ତତୋଽଧିକ ବଳଦ୍ୱାରା ଯେଉଁ କାର୍ଯ୍ୟ ସମ୍ପନ୍ନ ହୁଏ ( Resultant force )

**ସଂଜ୍ଞପନ**, ବି. ନ (ସମ୍-ଜ୍ଞପି-ଅନ) ବଧ, ମୁଷ୍ଟ୍ୟାଦିଦ୍ୱାରା ଯଜ୍ଞପଶୁମାରଣ ଘାତ, ପ୍ରହାର କରିବା ।

**ସଂଜ୍ଞା**, ବି. ସ୍ତ୍ରୀ. (ସମ୍-ଜ୍ଞା-ଅ) ଆଖ୍ୟା, ନାମ, ଚୈତନ୍ୟ, ଜ୍ଞାନ, ବୁଦ୍ଧି, ସଙ୍କେତ ସୂର୍ଯ୍ୟପତ୍ନୀ, ଗାୟତ୍ରୀ, ବିଶେଷ୍ୟ ପଦ ।

**ସଂଜ୍ଞାପନ**, ବି. ନ (ସମ୍-ଜ୍ଞାପି-ଅନ) ବିଜ୍ଞାପନ ।

**ସଜ୍ଞୁ**, ବିଂ. (ସମ୍-ଜାନୁ=ଜ୍ଞୁ) ସଂହତଜାନୁ, ମିଳିତଜାନୁ, ଯାହାର ଜାନୁଦ୍ୱୟ ପରସ୍ପର ମିଳିତ ।

**ସଂପୁଟ**, **ସଂପୁଟକ** ବି. ପୁଂ. (ସମ୍-ପୁଟ, କ) ଫରୁଆ । ଯଥା—

ଲୁଗାର ଭିତରକୁ ସମ୍ପୁଟ ଦିଅ ।

**ସଂଯତ୍**, ବି. ପୁଂ. ସ୍ତ୍ରୀ. (ସମ୍-ଯମ-ଂ, ମ=ତ) ସଂଗ୍ରାମ, ରଣ, ଯୁଦ୍ଧ, ଲଢ଼ାଇ, ସଂଶୟ ।

**ସଂଯତ**, ବିଂ (ସମ୍-ଯମ୍-ତ) ବଦ୍ଧ, ରୁଦ୍ଧ, କୃତସଂଯମ, ନିୟମିତ ।

**ସଂଯତାତ୍ମା**, ବିଂ. (ସଂଯତ-ଆତ୍ମା) ନିୟମିତ ଚିତ୍ତ, ସ୍ଥିରମନାଃ ।

**ସଂଯନ୍ତା**, ବିଂ. (ସମ୍-ଯମ୍-ତୃ) ସଂଯମକର୍ତ୍ତା, ନିୟନ୍ତା ।

**ସଂଯମ**, **ସଂଯାମ** ପୁଂ., **ସଂଯମନ**, ନ. ବିଂ. (ସମ୍-ଯମ୍-ଅ, ଅନ) ବନ୍ଧନ, ସମାଧି, ଯୋଗ, ଧ୍ୟାନ, ଇନ୍ଦ୍ରିୟନିଗ୍ରହ, ବ୍ରତାଦିର ପୂର୍ବଦିନକର୍ତ୍ତବ୍ୟ ଆଚାରବିଶେଷ, ବ୍ରତ, ନିୟମ । ପୁଂ. ଯମ ।

**ସଂଯମନୀ**, ବି ସ୍ତ୍ରୀ. (ସମ୍-ଯମ୍-ଅନ୍-ଈ) ଯମପୁରୀ ।

**ସଂଯମିତ**, ବିଂ. (ସମ-ଯମି-ତ) ବଦ୍ଧ, ଦମିତ, ନିୟମିତ, କୃତସଂଯମ ।

**ସଂଯମୀ**, ବି. ପୁଂ. (ସମ୍-ଯମ୍-ଇନ୍) ମୁନି, ଯୋଗୀ, ଜିତେନ୍ଦ୍ରିୟ, ସମାଧିମାନ୍ । ବିଂ. ଇନ୍ଦ୍ରିୟସଂଯମଯୁକ୍ତ, ନିୟମବାନ୍ ।

**ସଂଯାପ**, ବି. (ଦେଶଜ) ଧଣ୍ଡୀ ।

**ସଂଯୁକ୍ତ**, **ସଂଯୁତ** ବିଂ. (ସମ୍-ଯୁ, ଯୁଜ୍-ତ) ସଂଯୋଗବିଶିଷ୍ଟ, ସଂଲଗ୍ନ, ଏକତ୍ରୀଭୂତ, ମିଳିତ ।

**ସଂଯୋଗ**, ବି. ପୁଂ. (ସମ୍-ଯୁଜ୍-ଅ) ମିଳନ, ମିଶ୍ରଣ, ସମ୍ପର୍କ ।

**ସଂଯୋଜନ**, ବି. ନ (ସମ୍-ଯୁଜ୍-ଅନ) ମିଶ୍ରଣ, ଏକତ୍ରୀକରଣ, ମୈଥୁନ ।

**ସଂଯୋଜିତ**, ବିଂ. (ସମ୍-ଯୋଜି-ତ) ମିଶ୍ରୀକୃତ, ସଂମେଳିତ, ସଂଯୋଗକରଣ, ବନ୍ଧ କରିବା ।

**ସଂରକ୍ଷ**, ପୁଂ., **ସଂରକ୍ଷଣ**, ନ. ବି. (ସମ୍-ରକ୍ଷ-ଅ, ଅନ) ପା- ତ୍ରାଣ, ତତ୍ତ୍ୱାବଧାରଣ ।

**ସଂରବ୍ଧ**, ବିଂ. (ସମ୍-ରଭ୍-ତ) କ୍ରୁଦ୍ଧ, ଉତ୍ସାହିତ ।

**ସଂରମ୍ଭ**, ବି. ପୁଂ. (ସମ୍-ରଭ୍-ଅ) କ୍ରୋଧ, ଆକ୍ରୋଶ, ଗର୍ବ, ସମ୍ଭ୍ରମ, ବେଗ ।

**ସଂରୁଦ୍ଧ**, ବିଂ. (ସମ୍-ରୁଧ୍-ତ) ନିରୁଦ୍ଧ, ପ୍ରତିରୁଦ୍ଧ, ପ୍ରତିବନ୍ଧ ।

**ସଂରୂଢ଼**, ବିଂ. (ସମ୍-ରୁହ୍-ତ) ଅଙ୍କୁରିତ, ଉତ୍ପନ୍ନ, ଜାତ, ପ୍ରବୃଦ୍ଧ ।

**ସଂଲଗ୍ନ**, ବିଂ. (ସମ୍-ଲଗ୍-ତ) ମିଳିତ, ସଂଯୁକ୍ତ, ସଂଯତ, ଏକତ୍ରୀଭୂତ ।

**ସଂଲାପ**, ବି. ପୁଂ. (ସମ୍-ଲପ୍-ଅ) ପରସ୍ପର କଥାବାର୍ତ୍ତା, ପ୍ରୀତିପୂର୍ବକ ପରସ୍ପର କଥୋପକଥନ ।

**ସଂବତ୍**, ଅଂ. (ସମ୍-ବଦ୍-ଂ) ବର୍ଷ, ସାଲ, ବିକ୍ରମାଦିତ୍ୟ ରାଜାଙ୍କର ପ୍ରଚଳିତ ଅବ୍ଦ ।

**ସଂବତ୍ସର**, ବି ପୁଂ. (ସମ୍-ବଦ୍-ସର) ବତ୍ସର, ବର୍ଷ ।

**ସଂବର**, ବି. ନ. (ସମ୍-ବୃ-ଅ) ଜଳ, ଧନ, ଅସୁରବିଶେଷ, ମତ୍ସ୍ୟବିଶେଷ, ଶୈଳବିଶେଷ, ସେତୁ ।

ସଂବରଣ, ବି. ନ. (ସମ୍-ବୃ-ଅନ) ବରମାଲ୍ୟ-ଦାନ, ବରଣ, ସଂଗୋପନ, ଆବରଣ, ନିବାରଣ ।

ସଂବର୍ତ୍ତ, ବି. ପୁଂ. (ସମ୍-ବୃତ୍-ଅ) ମହାପ୍ରଳୟ, ମେଘ, ପ୍ରଳୟକାଳୀନ ମେଘବିଶେଷ ।

ସଂବର୍ତ୍ତିକ, ବି. ପୁଂ. (ସମ୍-ବର୍ତ୍ତି-ଅକ) ବଳରାମ, ବଳରାମଙ୍କ ଲାଙ୍ଗଳ, ବଡ଼ବାନଳ ।

ସଂବର୍ଦ୍ଧନ, ନ. } ବି. (ସମ୍-ବୃଧ୍-ଅନ, ଆ)
ସଂବର୍ଦ୍ଧନା, ସ୍ତ୍ରୀ. } ବୃଦ୍ଧି, ବଢ଼ାଇବା, ସମ୍ମାନନା ।

ସଂବର୍ଦ୍ଧିତ, ବିଂ. (ସମ୍-ବୃଧ୍-ତ) ବୃଦ୍ଧିପ୍ରାପ୍ତ ।

ସଂବର୍ମିତ, ବିଂ. (ସମ୍-ବର୍ମନ୍-ଇତ) ବର୍ମାଚ୍ଛାଦିତ, ସାଞ୍ଜୁ ପିନ୍ଧା ।

ସଂବଳିତ } ବିଂ. (ସମ୍-ବଲ-ତ) ଚଳିତ,
ସମ୍ବଳିତ } ସଙ୍ଗତ, ମିଶ୍ରିତ, ମିଳିତ ।

ସଂବସଥ, ବି. ପୁଂ. (ସମ୍-ବସ୍-ଅଥ) ଗ୍ରାମ, ପଲ୍ଲୀ, ବାସସ୍ଥାନ ।

ସଂବାଦ, ବି. ପୁଂ. (ସମ୍-ବଦ୍-ଅ) ସମାଚାର, ଖବର, ବୃତ୍ତାନ୍ତ, ସାଦୃଶ୍ୟ, ସମ୍ଭାଷଣ, ପରସ୍ପର କଥାବାର୍ତ୍ତା ।

ସଂବାଳୁଅ, ବି. (ଶୂକବାଳ ଶବ୍ଦଜ) ଏକପ୍ରକାର ଲୋମଶ କୀଟ ।

ସଂବିଦ୍, ବି. ସ୍ତ୍ରୀ. (ସମ୍-ବିଦ୍-୦) ଜ୍ଞାନ, ବୁଦ୍ଧି, ପ୍ରତିଜ୍ଞା, ନିୟମ, ସଂକେତ, ସମାଧି, ସମ୍ଭାଷଣ, ସନ୍ତୋଷ, ଯୁଦ୍ଧ ।

ସଂବିଷ୍ଟ, ବିଂ (ସମ୍-ବିଶ୍-ତ) ଶୟିତ, ନିଦ୍ରିତ, ସୁପ୍ତ, ନିବିଷ୍ଟ ।

ସଂବୃତ, ବିଂ. (ସମ୍-ବୃ-ତ) ଆବୃତ, ଗୁପ୍ତ, ଗୋପିତ, ଏକାନ୍ତରେ ସ୍ଥିତ ।

ସଂବୃତ୍ତ, ବିଂ. (ସମ୍-ବୃତ୍-ତ) ନିଷ୍ପନ୍ନ, ଜାତ, ଗୋପିତ ।

ସଂବେଗ, ବି. ପୁଂ. (ସମ୍-ବିଜ୍-ଅ) ଭୟ, ଭୟଜନିତ ତ୍ୱରା, ଅତିବେଗ, ଆବେଶ ।

ସଂବେଦନ, ନ. } ବି. (ସମ୍-ବିଦ୍-ଅନ)
ସଂବେଦନା, ସ୍ତ୍ରୀ. } ଅନୁଭବ ।

ସଂବେଶ, ବି. ପୁଂ. (ସମ୍-ବିଶ୍-ଅ) ନିଦ୍ରା, ଶୟନ, ପୀଠ, ଆସନ, ଉପବେଶନ, ସୁରତ, ଶଯ୍ୟା ।

ସଂବେଶନ, ବି. ନ. (ସମ୍-ବିଶ୍-ଅନ) ରତିକ୍ରିୟା, ରମଣ ।

ସଂଶପ୍ତକ, ବି. ପୁଂ. (ସମ୍-ଶପ୍ତ-ଅକ) ଯେଉଁସବୁ ସୈନ୍ୟମାନେ ଶପଥ ବା ସଂଗ୍ରାମରୁ ବିଚଳିତ ନ ହୁଅନ୍ତି, ପ୍ରଧାନ ପ୍ରଧାନ ସୈନ୍ୟ, ନାରାୟଣୀ ସେନାବିଶେଷ ।

ସଂଶୟ, ବି. ପୁଂ. (ସମ୍-ଶୀ-ଅ) ସନ୍ଦେହ, ଦ୍ୱୈଧଜ୍ଞାନ ।

ସଂଶିତ, ବିଂ. (ସମ୍-ଶୋ-ତ) ନିର୍ଣ୍ଣୀତ, ସ୍ୱୀକୃତ, ନିର୍ଦ୍ଧାରିତ, ସମ୍ପୂର୍ଣ୍ଣ, ସମ୍ପାଦିତ, ନିର୍ବାହିତ ।

ସଂଶିତବ୍ରତ, ବିଂ. (ସଂଶିତ-ବ୍ରତ) ଯେଉଁ ବ୍ୟକ୍ତି ଯଥାନିୟମରେ ନିତ୍ୟ ନୈମିତ୍ତିକ ପ୍ରାୟଶ୍ଚିତ୍ତ ଉପାସନାଦି କର୍ମର ଅନୁଷ୍ଠାନ କରନ୍ତି ।

ସଂଶୁଦ୍ଧି, ସ୍ତ୍ରୀ } ବି. (ସମ୍-ଶୁଦ୍ଧି, ଶୋଧନ)
ସଂଶୋଧନ, ନ } ପରିଷ୍କରଣ, ମାର୍ଜ୍ଜନ, ସମ୍ୟକ୍ ଶୋଧନ, ଶରୀର ପରିଷ୍କାର, ଦେହ ମାର୍ଜ୍ଜନ ।

ସଂଶୋଧକ, ବିଂ. (ସମ୍-ଶୁଧ-ଅକ) ସଂଶୋଧନକାରୀ, ପରିଷ୍କାରକ, ଶୋଧନକର୍ତ୍ତା ।

ସଂଶୋଧିତ, ବିଂ. (ସମ୍-ଶୁଧ-ତ) ପରିଷ୍କୃତ, ମାର୍ଜ୍ଜିତ, ପରିଶୋଧିତ ।

ସଂଶ୍ରୟ, ବି. ପୁଂ. (ସମ୍-ଶ୍ରି-ଅ) ଆଶ୍ରୟ ।

ସଂଶ୍ରବ } ବି. ପୁଂ. (ସମ୍-ଶ୍ରୁ-ଅ) ପ୍ରତିଜ୍ଞା,
ସଂଶ୍ରାବ } ଅଙ୍ଗୀକାର, ସମ୍ପର୍କ ।

ସଂଶ୍ରିତ, ବିଂ. (ସମ୍-ଶ୍ରି-ତ) ଆଶ୍ରିତ, ଶରଣାପନ୍ନ ।

ସଂଶ୍ରୁତ, ବିଂ. (ସମ୍-ଶ୍ରୁ-ତ) ପ୍ରତିଜ୍ଞାବଦ୍ଧ, ଅଙ୍ଗୀକୃତ ।

ସଂଶ୍ଳିଷ୍ଟ, ବିଂ. (ସମ୍-ଶ୍ଳିଷ୍-ତ) ଆଲିଙ୍ଗିତ, ଆଶ୍ଳିଷ୍ଟ, ମିଳିତ, ଯୁକ୍ତ, ସମ୍ବଦ୍ଧ ।

ସଂଶ୍ଳେଷ, ବି. ପୁଂ. (ସମ୍-ଶ୍ଳିଷ୍-ଅ) ଆଲିଙ୍ଗନ, ମିଳନ, ଯୁକ୍ତ, ସମ୍ବନ୍ଧ ।

ସଂସଦ୍, ବି. ସ୍ତ୍ରୀ. (ସମ୍-ସଦ୍-୦) ସଭା, ସମାଜ ।

ସଂସର୍ଗ, ବି. ପୁଂ. (ସଂ-ସୃଜ୍-ଅ) ସହବାସ, ସମ୍ପର୍କ, ସମ୍ବନ୍ଧ ।

ସଂସର୍ଗୀ, ବିଂ. (ସମ୍-ସୃଜ୍-ଇନ୍) ସଂସର୍ଗବିଶିଷ୍ଟ, ସମ୍ବନ୍ଧୀ, ସହବାସୀ ।

ସଂସର୍ପ ବି. ପୁଂ. (ସମ୍-ସୃପ୍-ଅ) ସମ୍ୟକ୍‌ପ୍ରକାରେ ଗମନ, ସର୍ପାଦିଙ୍କ ପରି ଗତି ।

ସଂସାର, ବି. ପୁଂ (ସମ-ସୃ ଅ) ମର୍ତ୍ତ୍ୟଲୋକ, ଜଗତ, ମାୟାଜନ୍ୟ ବାସନା, ଅବିଦ୍ୟାଜନିତ, ପରିବାର ।

ସଂସାରୀ, ବି. ପୁଂ. (ସଂସାର-ଇନ୍) ସଂସାରସ୍ଥ, ଜଗତସ୍ଥ, ଦେହୀ, ପରିବାରୀ ।

ସଂସିଦ୍ଧ, ବିଂ. (ସମ-ସିଦ୍ଧ) ସ୍ୱଭାବସିଦ୍ଧ, ସୁନିଷ୍ପନ୍ନ, ସୁସମ୍ପାଦିତ ।

ସଂସିଦ୍ଧି, ବି. ସ୍ତ୍ରୀ. (ସମ୍-ସିଦ୍ଧି) ପ୍ରକୃତି, ସ୍ୱଭାବ, ସ୍ୱାଭାବିକ ଅବସ୍ଥା, ମୋକ୍ଷ, ସିଦ୍ଧି, ସମାପ୍ତି ।

ସଂସୃତି, ବି. ସ୍ତ୍ରୀ. (ସମ-ସୃ-ତି) ସଂସାର ପ୍ରବାହ, ସ୍ରୋତଃ, ସଙ୍ଗରେ ଗମନ ।

ସଂସୃଷ୍ଟ, ବିଂ. (ସମ୍-ସୃଜ୍-ତ) ସଂସର୍ଗବିଶିଷ୍ଟ, ମିଳିତ, ସମ୍ବନ୍ଧ । ବି. ନ. ସମ୍ବନ୍ଧ ।

ସଂସୃଷ୍ଟି, ବି. ସ୍ତ୍ରୀ. (ସମ୍-ସୃଜ୍-ତି) ମିଳନ, ସହବାସ, ଉପମାଦି ଅଳଙ୍କାର ମଧ୍ୟରେ ଦୁଇ ବା ବହୁ ଅଳଙ୍କାରର ପ୍ରତ୍ୟେକର ପ୍ରାଧାନ୍ୟ ଥିଲେ ସଂସୃଷ୍ଟି କହନ୍ତି ।

ସଂସ୍କାର, ବି. ପୁଂ. (ସମ୍-କୃ-ଅ) ପୂର୍ବକର୍ମବାସନା, ପୂର୍ବକୃତ କର୍ମର ସ୍ମରଣଜନକ ଶକ୍ତିବିଶେଷ, ଶାସ୍ତ୍ରାଭ୍ୟାସଜନିତ ବାସନା, ସ୍ମୃତିହେତୁକ ମନୋବୃତ୍ତି, ଗୁଣବିଶେଷ, ଜାତକର୍ମାଦି ଦଶବିଧ ବ୍ୟାପାର—ବିବାହ, ଗର୍ଭାଧାନ, ପୁଂସବନ, ସୀମନ୍ତୋନ୍ନୟନ, ଜାତକର୍ମ, ନାମକରଣ, ଅନ୍ନପ୍ରାଶନ, ଚୂଡ଼ାକରଣ, ଉପନୟନ, ସମାବର୍ତ୍ତନ—ଏହି ଦଶବିଧ ଶୁଦ୍ଧିଜନକ କାର୍ଯ୍ୟ, ପରିଷ୍କାର, ପାକ, ମରାମତ, ପ୍ରସ୍ତୁତକରଣ, ଶୁଦ୍ଧି, ବେଗ ।

ସଂସ୍କାରକ, ସଂସ୍କର୍ତ୍ତା } ବିଂ. (ସଂ-କୃ-ଅକ, ତୃ) ଶୋଧକ, ପରିଷ୍କାରକ, ପାଚକ ।

ସଂସ୍କୃତ, ବିଂ. (ସଂ-କୃ-ତ) ସଜ୍ଜିତ, ଭୂଷିତ, ଶୋଧିତ, ମନ୍ତ୍ରପୂତ, ପକ୍ୱ, ଉତ୍ତମରୂପରେ ପ୍ରସ୍ତୁତ, ପରିଷ୍କୃତ, ନିର୍ମଳୀକୃତ । ବି. ନ. ପବିତ୍ରଭାଷା, ଦେବବାଣୀ ।

ସଂସ୍କ୍ରିୟା, ବି. ସ୍ତ୍ରୀ. (ସଂ-କୃ-ୟ-ଆ) ସଂସ୍କାର, ପରିଷ୍କାରକରଣ, ଶବଦାହାଦି କ୍ରିୟା ।

ସଂସ୍ତମ୍ଭ, ବି. ପୁଂ. } (ସମ୍-ସ୍ତମ୍ଭ-ଅ-ଅନ) ସଂସ୍ତମ୍ଭନ, ବି. ନ. } ସ୍ଥିରୀକରଣ, ଦୃଢ଼ୀକରଣ ।

ସଂସ୍ତର, ବି. ପୁଂ. (ସମ୍-ସ୍ତୃ-ଅ) ଶଯ୍ୟା, ପକ୍ଷୀବାଦି ରଚିତ ଆସ୍ତରଣ, ଯଜ୍ଞ ।

ସଂସ୍ତବାନ ବିଂ. (ସମ୍-ସ୍ତୁ-ଆନ) ବାଗ୍ମୀ, ସଦ୍‌ବକ୍ତା, ଦ୍ରଷ୍ଟ ।

ସଂସ୍ତ୍ୟାୟ, ବି. ପୁଂ. (ସମ୍-ସ୍ତ୍ୟୈ-ଅ) ନିବିଡ଼ ସନ୍ନିବେଶ, ବିସ୍ତାର, ସଂଘାତ, ସମୂହ, ଆଳାପ ।

ସଂସ୍ଥା, ବି. ସ୍ତ୍ରୀ ସମ୍-ସ୍ଥା-ଅ-ଆ) ନ୍ୟାୟପଥରେ ସ୍ଥିତି ସଚ୍ଚରିତ୍ର, ସ୍ଥିତି, ଜୀବନକାଳ, ନାଶ, ମୃତ୍ୟୁ, ସାଦୃଶ୍ୟ ସମାପ୍ତି, ବ୍ୟବସ୍ଥା, ଯଜ୍ଞବିଶେଷ, ନିତ୍ୟ ନୈମିତ୍ତିକ ପ୍ରାକୃତିକ ଆତ୍ୟନ୍ତିକ ଏହି ଚତୁର୍ବିଧ ପ୍ରଳୟ, ପ୍ରକାଶ, ମୂର୍ତ୍ତି, ଆକୃତି, ସଭା, ସମାଜ, ରାଜାଜ୍ଞା ।

ସଂସ୍ଥାନ ବି. ନ. (ସଂ-ସ୍ଥା-ଅନ) ଆକୃତି, ବିନ୍ୟାସ ନିର୍ମାଣ, ସନ୍ନିବେଶ, ଚତୁଷ୍ପଥ, ନାଶ, ମୃତ୍ୟୁ, ରାଶି, ସଞ୍ଚୟ, ଚିହ୍ନ ।

ସଂସ୍ଥାପନ, ବି. ନ. (ସମ୍-ସ୍ଥାପି-ଅନ) ସ୍ଥାପିତ କରିବା, ରଖିବା ।

ସଂସ୍ଥାପିତ, ବିଂ. (ସମ୍-ସ୍ଥାପି-ତ) ଯାହା ସ୍ଥାପନ କରାଯାଇଅଛି ।

ସଂସ୍ଥିତ, ବିଂ. (ସମ୍-ସ୍ଥା-ତ) ମୃତ, ସ୍ଥିତ, ସନ୍ନିବିଷ୍ଟ, ସମାପ୍ତ ।

ସଂସ୍ଥିତି, ବି. ସ୍ତ୍ରୀ. (ସମ୍-ସ୍ଥା-ତି) ସଂସ୍ଥାନ, ମୃତ୍ୟୁ, ଗୃହ ।

ସଂସ୍ପର୍ଶ, ବି. ପୁଂ. (ସମ୍-ସ୍ପୃଶ୍-ଅ) ସମ୍ୟକ୍ ସ୍ପର୍ଶ, ତ୍ୱଗିନ୍ଦ୍ରିୟଗ୍ରାହ୍ୟ ଗୁଣବିଶେଷ ।

ସଂସ୍ପୃଷ୍ଟ, ବିଂ. (ସମ୍-ସ୍ପୃଶ୍-ତ) ସମ୍ୟକ୍ ସ୍ପର୍ଶବିଶିଷ୍ଟ, ସଂଯୁକ୍ତ ।

ସଂସ୍ରବ, ବି. ପୁଂ. (ସମ୍-ସ୍ରୁ-ଅ) ସମ୍ବନ୍ଧ, ମିଳନ ।

ସଂହତ, ବିଂ. (ସମ୍-ହନ୍-ତ) ଦୃଢ଼, ସଂସ୍ଥିତ, ମିଳିତ, ଆଘାତପ୍ରାପ୍ତ, ସମ୍ୟକ୍ ହତ ।

ସଂହତି, ବି. ସ୍ତ୍ରୀ (ସମ୍-ହନ୍-ତି) ସମୂହ, ସମ୍ୟକ୍ ବଧ, ନିରନ୍ତରତା, ସଂଘାତ ।

ସଂହନନ, ବି. ନ. (ସମ୍-ହନ୍-ଅନ) ସମ୍ୟକ୍ ଆଘାତ, ସଂଘାତ, ବଧ, ଶରୀର ।

ସଂହରଣ, ବି. ନ (ସମ୍-ହୃ-ଅନ) ସଂକ୍ଷେପ, ସଂଗ୍ରହ, ସଙ୍କୋଚ, ନାଶ ।

ସଂହର୍ଷ, ବି. ପୁଂ. (ସମ୍-ହୃଷ୍-ଅ) ଆମୋଦ-ପ୍ରମୋଦ, ଅନ୍ୟଶୁଭଦ୍ୱେଷ, ଈର୍ଷା, ରୋମାଞ୍ଚ, ମାତ୍ସର୍ଯ୍ୟ, ବାୟୁ, ଘର୍ଷଣ ।

ସଂହାର, ବି. ପୁଂ. (ସମ୍-ହୃ-ଅ) ପ୍ରଳୟ, ବିନାଶ, ଧ୍ୱଂସ, ସଂକ୍ଷେପ, ସଂଗ୍ରହ, ସଙ୍କୋଚ, ଭୈରବବିଶେଷ, ନରକବିଶେଷ ।

ସଂହିତ, ବିଂ. (ସମ-ଧା-ତ) ମିଳିତ ସଂଗୃହୀତ, ଏକତ୍ରୀଭୂତ, ଏକତ୍ରୀଭୂତ, (Plus) ଯୋଗ ଚିହ୍ନ, '+' ଏହି ଚିହ୍ନ

ସଂହିତା, ବି. ସ୍ତ୍ରୀ. (ସଂହିତ-ଆ) ମନ୍ୱାଦିପ୍ରଣୀତ ଧର୍ମଶାସ୍ତ୍ର, ସ୍ମୃତିଶାସ୍ତ୍ର, ବେଦର ଶାଖା ।

ସଂହୂତି, ବି. ସ୍ତ୍ରୀ, (ସମ-ହ୍ୱେ-ତି) ଅନେକ ଲୋକଙ୍କ କର୍ତ୍ତୃକ ଏକାଥରକେ କୃତ ଆହ୍ୱାନ ।

ସଂହୃତ, ବିଂ. (ସମ୍-ହୃ-ତ) ସଂଗୃହୀତ, କୃତସଂହାର, ସଞ୍ଚିତ, ସଙ୍କୁଚିତ, ସଂକ୍ଷିପ୍ତ, ହୃତ, ବିନାଶିତ, ନଷ୍ଟ ।

ସଂହ୍ରାଦ, ବି. ପୁଂ. (ସମ୍-ହ୍ରାଦ-ଅ) ଶବ୍ଦ, ଗୋଲମାଲ, ଧ୍ୱନି ।

ସଂହ୍ରୀଣ, ବିଂ. (ସମ୍-ହ୍ରୀ-ତ) ଲଜ୍ଜାଶୀଳ, ଲଜ୍ଜିତ ।

ସଅଁତ୍ରିଶ, ସଇଁତ୍ରିଶ } ବିଂ. (ସପ୍ତତ୍ରିଂଶତ୍ଶବ୍ଦଜ) ୩୭ ସଂଖ୍ୟା ।

ସଅଳ, କ୍ରି. ବିଂ. (ଦେଶଜ) ଶୀଘ୍ର, ଚଞ୍ଚଳ ।

ସଇସ, ବି. (ଆରବୀ ସାଇସ ଶବ୍ଦଜ) ଅଶ୍ୱରକ୍ଷକ ।

ସଇ, ସହି } ବି. ସ୍ତ୍ରୀ. (ସଖୀ ଶବ୍ଦଜ) ସହଚାରିଣୀ, ସଙ୍ଗିନୀ । ଯଥା—

ପଦ୍ମବନରେ ଭ୍ରମିବେ ଦେଖ ଗୋ ସଇ,
କି ଅବା ବାସ୍ନା ଗିରିଶୃଙ୍ଗ ହରଇ । ମେ. ଦୂ.

ସଉକ, ବିଂ. (ସୌଖୀନ ଶବ୍ଦଜ) ବିଳାସୀ, ବିନୋଦୀ । ବି. ବିଳାସ, ବିନୋଦ ।

ସଉତୁଣୀ, ବି. (ସପତ୍ନୀ ଶବ୍ଦଜ) ସମାନ-ପତିକା ସ୍ତ୍ରୀ ।

ସଉଦା, ବି. (ପାରସିକ) କ୍ରୀତଦ୍ରବ୍ୟ ।

ସଉଦାଗର, ବି (ପାରସିକ) ବଣିକ୍ ।

ସଉଫ, ବି. ଔଷଧ ଦ୍ରବ୍ୟବିଶେଷ ।

ସଉପମଣ୍ଡଣା, ବି (ଦେଶଜ) ଏକପ୍ରକାର ତୃଣ-ନିର୍ମିତ ଆସନ ।

ସଓୟାର, ବି. (ପାରସିକ) ଚଢ଼ିବାଦାର, ଯେ ଚଢ଼େ, ସବାର୍ ।

ସଓୟାରୀ, ବି (ପାରସିକ) ଯାନ, ପାଲିଙ୍କି ।

ସଓୟାଲ୍, ବି. (ଆରବୀ) ପ୍ରଶ୍ନ, ଜିଜ୍ଞାସା ।

ସକଣ୍ଠ, ବି. ପୁଂ. (ସ-କଣ୍ଠ) ଶାହାଡ଼ା ଗଛ । ବିଂ. ମିତ ।

ସକଣ୍ଟକ, ବିଂ. (ସ-କଣ୍ଟକ) କଣ୍ଟକଯୁକ୍ତ । ବି. ପୁଂ. କରଞ୍ଜବିଶେଷ, ଚିଲ୍ଲ ।

ସକର୍ମକ, ବି. ପୁଂ. (ସ-କର୍ମ-କ) କର୍ମଯୁକ୍ତ ଧାତୁ, ଯେଉଁ କ୍ରିୟାର କର୍ମ ଅଛି ।

ସକଳ, ବିଂ. (ସ-କଳା) ସମୁଦାୟ, ସମସ୍ତ, ସମଗ୍ର, କଳାସହିତ ।

ସକସକ, ଅ°. (ଦେଶଜ) କ୍ରନ୍ଦନର ଅନୁକରଣ ଶବ୍ଦ ।

ସକାଇବା, କ୍ରି. (ଦେଶଜ) କାକରେ କାନ୍ଦିବା । ଯଥା—

ସକାଇ ସକାଇ କାନ୍ଦିବାର ଶବ୍ଦ ଶୁଭୁଅଛି ଦେଖ କାହେ ।

**ସକାମ**, ବିଂ. ( ସ-କାମ ) କାମନାବିଶିଷ୍ଟ, ସାଭିଳାଷ ।

**ସକାଳ**, ବିଂ. (ଦେଶଜ) ପ୍ରାତଃକାଳ ।

**ସକାଶ**, ବିଂ ( ସ-କାଶ ) ସମୀପ, ନିକଟସ୍ଥ, କାଶଯୁକ୍ତ । ( ଦେଶଜ ) ଅଂ. ସକାଶେ, ପାଇଁ ।

**ସକୁଲ୍ୟ**, ବି. ପୁଂ. ( ସ-କୁଲ-ଯ ) ସଗୋତ୍ର, ସପିଣ୍ଡର ଊର୍ଦ୍ଧ୍ୱ ତିନି ପୁରୁଷ ଓ ଅଧଃ ତିନି ପୁରୁଷ ।

**ସକୃତ୍**, ଅଂ. ( ବାରାର୍ଥ ଅସ୍ ପ୍ରତ୍ୟୟସ୍ଥାନ୍ରେ ଏକ ଶବ୍ଦ ସ୍ଥାନରେ ସକୃତ୍ ) ଏକବାର, ସର୍ବଦା, ସହିତ । ସ୍ତ୍ରୀ. ବିଷ୍ଠା ।

**ସକୃତ୍ପ୍ରଜା**, ବି. ସ୍ତ୍ରୀ. (ସକୃତ୍-ପ୍ରଜା) କାକ । ବିଂ. ଏକପ୍ରସବା ।

**ସକୃତ୍ଫଳା**, ବି. ସ୍ତ୍ରୀ. (ସକୃତ୍-ଫଳ) କଦଳୀଗଛ ।

**ସକ୍ତ**, ବିଂ. ( ସନ୍ଜ୍-ତ ) ଅର୍ପିତ, ଆସକ୍ତ ମନୋଯୋଗୀ, ଅଭିନିବିଷ୍ଟ, ସଂଲଗ୍ନ ।

**ସକ୍ତି**, ବି. ସ୍ତ୍ରୀ. ( ସନ୍ଜ୍-ତି ) ସଙ୍ଗ, ଆସକ୍ତି, ସଂଯୋଗ, ନିବେଶ, ଅଭିନିବେଶ ।

**ସକ୍ତୁ**, ବି. ପୁଂ. ସ୍ତ୍ରୀ. ( ସଚ୍-ତୁ ) ଯବାଦିଚୂର୍ଣ୍ଣ, ଛତୁ ।

**ସକ୍ଥି**, ବି. ନ. ( ସନ୍ଜ୍-ଥି ) ଊରୁ, ଶକଟର ଅଙ୍ଗବିଶେଷ ।

**ସଖା**, ବି. ପୁଂ. ( ସଖି, ସ=ସମାନ ଖ୍ୟା= ଖ୍ୟା-ଇ, ଲୋକକର୍ତ୍ତୃକ ଯେ ସମାନ ଉକ୍ତ ହୋଇଅଛି) ମିତ୍ର । ଯଥା—

ସଖା ମୋହର ବିଷ୍ଣେ ତୋର ଶ୍ୱଶୁର । କ. ବି.

ବୟସ୍ୟ, ସୁହୃଦ, ସହଚର, ସହାୟ ।

**ସଖୀ**, ବି. ସ୍ତ୍ରୀ. (ସଖି-ଈ) ସହଚରୀ, ବୟସ୍ୟା ।

**ସଖ୍ୟ**, ବି. ନ. ( ସଖି-ଯ ) ସଖିତ୍ୱ, ମୈତ୍ରୀ, ମିତ୍ରତା ।

**ସଗନ୍ଧ**, ବି. ପୁଂ. ( ସ=ସମାନ ଗନ୍ଧ=ସମ୍ପର୍କ ) ଜ୍ଞାତି, ଏକବଂଶୋଦ୍ଭବ । ବିଂ. ଗନ୍ଧଯୁକ୍ତ ।

**ସଗର**, ବି. ପୁଂ. ( ସ-ଗର ) ସୂର୍ଯ୍ୟବଂଶୀୟ ନୃପବିଶେଷ, ବାହୁକରାଜାର ପୁତ୍ର । ବିଂ. ବିଷଯୁକ୍ତ ।

**ସଗୋତ୍ର**, ପୁଂ. } ବିଂ. ( ସ-ଗୋତ୍ର ) ଜ୍ଞାତି,
**ସଗୋତ୍ରା**, ସ୍ତ୍ରୀ. } ଏକ ବଂଶୋଦ୍ଭବ । ନ, କୁଳ, ବଂଶ ।

**ସଙ୍କଟ**, ବିଂ. ( ସମ୍-କଃ ) ସଂକୀର୍ଣ୍ଣ, ଅଳ୍ପପ୍ରସ୍ଥ, ଆପଦ୍ଜନକ, ଜନତାଯୁକ୍ତ, ନିବିଡ଼, ଅଭେଦ୍ୟ, ଅପାର । ବି. ନ. ଦୁଃଖ, କ୍ଲେଶ, ଜନତା, ଭିଡ଼ ।

**ସଙ୍କଟସ୍ଥଳ**, (Isthmus) ଯୋଜକ ।

**ସଙ୍କର**, ବି. ( ସମ୍-କୃ-ଅ ) ଅଳଅ, ମିଶ୍ରଣ, ମିଳନ, ବର୍ଣ୍ଣସଙ୍କରଜାତି, ପରସ୍ପର ବିରୁଦ୍ଧ ପଦାର୍ଥର ଏକତ୍ରାବସ୍ଥାନ ।

**ସଙ୍କର୍ଷଣ**, ବି. ପୁଂ. (ସମ୍-କୃଷ୍-ଅନ) ବଳରାମ । ନ କର୍ଷଣ, ଆକର୍ଷଣ, କୃଷିକର୍ମ ।

**ସଙ୍କଳ**, ପୁଂ. } ବି. ( ସମ୍-କଳ-ଅ, ଅନ )
**ସଙ୍କଳନ** ନ. } ସଂଗ୍ରହ, ଯୋଗ, ମିଳନ, ଅଙ୍କମିଶାଣ, ଠିକ ।

**ସଙ୍କଳିତ**, ବିଂ. ( ସମ୍-କଳ-ତ ) ଏକତ୍ରୀକୃତ, ସଂଗୃହୀତ, ମିଶିଥିବା ଅଙ୍କ, ମୋଟ ଅଙ୍କ, ଯୋଜିତ, ଯାହା ଯୋଗ କରା ହୋଇଅଛି ।

**ସଙ୍କଳ୍ପ**, ବି. ପୁଂ. ( ସମ୍-କୢପ୍-ଅ ) ମାନସକର୍ମ, ମନୋରଥ, ଅଭିଳାଷ, ଇଚ୍ଛା ।

**ସଙ୍କଳ୍ପିତ**, ବିଂ. ( ସମ୍-କଳ୍ପ-ତ ) ଅଭିପ୍ରେତ, ବାଞ୍ଛିତ, କର୍ତ୍ତବ୍ୟରୂପରେ ସ୍ୱୀକୃତ, ଚିନ୍ତିତ ।

**ସଙ୍କାଶ**, ବିଂ. ( ସମ୍-କାଶ୍-ଅ ) ସମୀପ, ନିକଟ, (ଶବ୍ଦର ପରବର୍ତ୍ତୀ ହେଲେ) ସଦୃଶ, ତୁଲ୍ୟ । ଯଥା—

ହେମରେଖା ପୃଷ୍ଠେ ନିକଷ ସଙ୍କାଶ,
ଚରମେ ହୋଇଲା ଖୋଲ କେଶପାଶ । ନ କ.

**ସଙ୍କୀର୍ଣ୍ଣ**, ବିଂ. (ସମ୍-କୄ-ତ) ବହୁଲୋକ ସମାକୀର୍ଣ୍ଣ, ଭିଡ଼, ବ୍ୟାପ୍ତ, ନାନାବିଧ ବସ୍ତୁ ମିଳିତ, ବର୍ଣ୍ଣସଙ୍କର, ଅପବିତ୍ର, ସଙ୍କୁଚିତ, ଅପ୍ରଶସ୍ତ, ମିଶ୍ରିତ,

ସଙ୍କଟ । ବି. ପୁଂ. ବର୍ଣ୍ଣସଙ୍କର ଜାତି, ମିଶ୍ରିତ ରାଗ ।

ସଙ୍କୀର୍ତ୍ତନ, ବି. ନ. (ସମ୍-କୃତ୍-ଅନ) ସମ୍ୟକ୍-ରୂପରେ ଗୁଣାଦି କଥନ, ସମ୍ୟକ୍ ପ୍ରକାରରେ ଦେବତାମାନଙ୍କର ନାମୋଚ୍ଚାରଣ, ବର୍ଣ୍ଣନା, ଉଚ୍ଚାରଣ ।

ସଙ୍କୀର୍ତ୍ତିତ, ବିଂ. (ସମ୍-କୃତ୍-ତ) ବର୍ଣ୍ଣିତ, ଉଚ୍ଚାରିତ, ସଂସ୍ତୁତ ।

ସଙ୍କୁଚିତ, ବିଂ (ସମ୍-କୁଚ୍-ତ) ମୁଦ୍ରିତ, ଅପ୍ରଫୁଲ୍ଲ, ମୁଦ୍ରିତ, ଅପ୍ରସାରିତ, କୁଣ୍ଠିତ, ସଂକ୍ଷିପ୍ତ ।

ସଙ୍କୁଡ଼ି } ବି. (ଦେଶଜ) ଅଇଁଠା, ମିଷ୍ଟାନ୍ନ
ସଙ୍ଗୁଡ଼ି } ଛଡ଼ା ଅନ୍ୟବିଧ ଖାଦ୍ୟ ।

ସଙ୍କୁଳ, ବିଂ. (ସମ୍-କୁଳ୍-ଅ) ଭୁମୁଳ, ବହୁଲୋକ-ସମାକୀର୍ଣ୍ଣ, ବ୍ୟାପ୍ତ, ମିଶ୍ରିତ, ସଙ୍କୀର୍ଣ୍ଣ । ବି. ନ. ପରସ୍ପର ବିରୁଦ୍ଧ ବାକ୍ୟ, ସଂଗ୍ରାମ ଯୁଦ୍ଧ, ଜନତା, ଭିଡ଼ ।

ସଙ୍କେତ, ବି ପୁଂ (ସମ୍ କିତ-ଅ) ସ୍ୱାଭିପ୍ରାୟ-ବ୍ୟଞ୍ଜକ ଚେଷ୍ଟାବିଶେଷ, ଇଙ୍ଗିତ, ଇସାରା, ଚିହ୍ନ, ନିୟମ, ସନ୍ଧାନ, ସୂତ୍ର, ନିୟୋଗ, ଯୁକ୍ତି, ଗୁପ୍ତସ୍ଥାନ, ନିରୂପିତ ସ୍ଥାନ, ଶବ୍ଦର ଅର୍ଥବୋଧକ ଶକ୍ତି, ପ୍ରିୟସଙ୍ଗମ ନିମିତ୍ତ ନିର୍ଦ୍ଦିଷ୍ଟ ସ୍ଥାନ ।

ସଙ୍କୋଚ, ବି. ପୁଂ. (ସମ୍-କୁଚ୍-ଅ) ବହୁବିଷୟଯୁକ୍ତ ବାକ୍ୟାର୍ଥର ଅଳ୍ପବିଷୟରେ ସ୍ଥାପନ, ସଂକ୍ଷେପ, ଜଡ଼ୀଭାବ, ବାଧନ, ପ୍ରସ୍ଫୁଟିତ ନ ହେବା, ମତ୍ସ୍ୟବିଶେଷ । ନ. କୁଙ୍କୁମ ।

ସଙ୍କୋଚନ, ବି.ନ. (ସମ୍-କୁଚ୍-ଅନ) ସଙ୍କୋଚ-କରଣ ।

ସଙ୍କୋଚନୀ, ବି. ସ୍ତ୍ରୀ. ଲଜ୍ଜକୁଳିଲତା ।

ସଙ୍କୋଚ୍ୟତା, (Compressibility) ଜଡ଼ ପଦାର୍ଥର ଯେଉଁ ଗୁଣ ଥିବାରୁ ତାହାକୁ ଚପି ସଙ୍କୁଚିତ କରାଯାଏ ।

ସଂକ୍ରମ, ପୁଂ. } ବି. (ସମ୍-କ୍ରମ-ଅ, ନ) କଷ୍ଟ-
ସଂକ୍ରମଣ ନ. } ଗତି. ପଦବ୍ରଗମନ, ସେତୁ. ଗମନ, ପର୍ଯ୍ୟଟନ, ଗ୍ରହମାନଙ୍କର ଏକ ସ୍ଥାନ ଅନ୍ୟ ରାଶିକୁ ଗମନ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଗମନ, ଅତିକ୍ରମ, ସମସାମୟିକତା ଏକ କାଳରେ ଘଟାଇବା ।

ସଂକ୍ରାନ୍ତି, ବି. ସ୍ତ୍ରୀ. (ସମ୍-କ୍ରମ୍-ତି) ଗ୍ରହମାନଙ୍କର ଏକ ରାଶିରୁ ଅନ୍ୟ ରାଶିକୁ ଗମନ, ଗୃହ ଅବସ୍ଥା ପରିବର୍ତ୍ତନ, ପ୍ରତିରୂପକରଣ ।

ସଂକ୍ଷିପ୍ତ, ବିଂ. (ସମ୍-କ୍ଷିପ୍-ତ) ଅଳ୍ପୀକୃତ, ସଂକ୍ଷେପ କରିବା, ତ୍ୟକ୍ତ, ନିକ୍ଷିପ୍ତ, ଗୃହୀତ ।

ସଂକ୍ଷୁବ୍ଧ, ବିଂ. (ସମ୍-କ୍ଷୁଭ୍-ତ) ସଞ୍ଚଳିତ, ବିଲୋଡ଼ିତ ।

ସଂକ୍ଷେପ, ବି. ପୁଂ. (ସମ୍-କ୍ଷିପ୍-ଅ) ସଙ୍କୋଚ ଅଳ୍ପୀକରଣ ।

ସଂକ୍ଷୋଭ, ବି. ପୁଂ. (ସମ୍-କ୍ଷୁଭ-ଅ) ଚଞ୍ଚଳତା ।

ସଙ୍ଖାଳି, ବି. (ଦେଶଜ) ପ୍ରିୟବସ୍ତୁ । ଯଥା—
ସଙ୍ଖାଳି ହୁଅଇ ପ୍ରାଣରଙ୍କ ହେବ ମୁଁ କି ଏଥେ ଅଭାଗୀ

ସଂଖ୍ୟା, ବି. ସ୍ତ୍ରୀ. (ସମ୍-ଖ୍ୟା-ଅ) ଗଣନା, ଏକାଦି ବିଚାର, ବୁଦ୍ଧି, ବିଚାର, ବିଚାରଣା ।

ସଂଖ୍ୟାତ, ବିଂ. (ସଂଖ୍ୟା-ତ) ଗଣିତ, ଗଣନା କରିବା, ବିଖ୍ୟାତ ।

ସଙ୍ଖୁଳା, ବି. (ଦେଶଜ) କୁଶଳପ୍ରଶ୍ନ, ସ୍ୱାଗତ ସମ୍ଭାଷଣ, ଆଶ୍ୱାସନା ।

ସଙ୍ଖୁଳିବା, କ୍ରି. (ଦେଶଜ) ସ୍ୱାଗତ ବା କୁଶଳ ପ୍ରଶ୍ନ କରିବା, ଆଶ୍ୱାସନା କରିବା ।

ସଙ୍ଗ, ବି. ପୁଂ (ସନ୍‌ଜ୍-ଅ) ସଂସର୍ଗ, ସହବାସ, ପ୍ରତିବନ୍ଧ, ଅନୁରାଗ, ବିଷୟାନୁରାଗ, ମିଳନ, ସମ୍ବନ୍ଧ, ବନ୍ଧୁତ୍ୱ, ବାସନା, ଆସକ୍ତି, ନଦୀମାନଙ୍କର ମିଳନ ସ୍ଥାନ ।

ସଙ୍ଗତ, ବିଂ. (ସମ୍-ଗମ୍-ତ) ଉପଯୁକ୍ତ, ଯୁକ୍ତିଯୁକ୍ତ ସମ୍ବନ୍ଧ, ମିଳିତ, ସଞ୍ଚିତ, ସାକ୍ଷାତ୍କୃତ । ବି. ନ. ମିତ୍ରତା, ମିଳନ, ଯୋଗ, ଗ୍ରହମାନଙ୍କର ସମସୂତ୍ରରେ ଅବସ୍ଥିତି ।

ସଙ୍ଗତି, ବି. ସ୍ତ୍ରୀ (ସମ୍-ଗମ୍-ତି) ମିଳନ, ଯୋଗ, ସଙ୍ଗମ, ସମ୍ବନ୍ଧ, ଜ୍ଞାନ, ସଞ୍ଚୟ ।

**ସଙ୍ଗମ**, ବି. ପୁଂ. ( ସମ୍‌-ଗମ୍‌-ଅ ) ମିଳନ, ସଂଯୋଗ, ସହବାସ, ସମ୍ଭୋଗ ।

**ସଙ୍ଗବ**, ବି. ପୁଂ. (ସମ୍‌-ଗୋ-ଅ) ପ୍ରାତଃକାଳର ପର ମୁହୂର୍ତ୍ତତ୍ରୟ ।

**ସଙ୍ଗାତ**, ପୁଂ.<br>**ସଙ୍ଗାତୁଣୀ**, ସ୍ତ୍ରୀ. } ବି. (ଦେଶଜ) ମିତ୍ର ।

**ସଙ୍ଗିନୀ**, ବି. ସ୍ତ୍ରୀ. (ସଙ୍ଗ-ଇନ୍‌-ଈ) ସହଗାମିନୀ ।

**ସଙ୍ଗୀ**, ବିଂ. (ସଙ୍ଗ-ଇନ୍‌) ସହଚର, ସମଭିବ୍ୟାହାରୀ, ଆସକ୍ତ, ସଂସକ୍ତ ।

**ସଙ୍ଗୀତ**, ବି. ନ. (ସମ୍‌-ଗୀତ) ଗାନ, ତୌର୍ଯ୍ୟତ୍ରିକ, ଗୀତ-ନୃତ୍ୟ-ବାଦ୍ୟ । ବିଂ. ସମ୍ୟକ୍‌ ଗୀତ ।

**ସଙ୍ଗୀତି**, ବି. ସ୍ତ୍ରୀ. ( ସମ୍‌-ଗୈ-ତି ) ଆଳାପ, କଥୋପକଥନ, ସଙ୍ଗୀତ ।

**ସଙ୍ଗୀନ**, ବି ( ଦେଶଜ ) ଭୟଙ୍କର, ଭୟାବହ, ବିଷମ ।

**ସଂଗୃହୀତ**, ବିଂ. ( ସମ୍‌-ଗୃହୀତ ) ସଙ୍କଳିତ, ଅର୍ଜିତ ।

**ସଙ୍ଗୋପନ**, ବି. ନ. (ସମ୍‌-ଗୁପ୍‌ ଅନ) ସମ୍ପୂର୍ଣ୍ଣରୂପରେ ଗୋପନ କରିବା, ଲୁଗ୍ରଇବା ।

**ସଙ୍ଘ**, ବି. ପୁଂ. ( ସମ୍‌-ହନ୍‌-ଅ ) ସମୂହ, ରାଶି, ଦଳ ।

**ସଙ୍ଘଟ**<br>**ସଙ୍ଘଟନ**<br>**ସଙ୍ଘଟ୍ଟ**<br>**ସଙ୍ଘଟ୍ଟନ** } ବି. ପୁଂ. ( ସମ୍‌-ଘଟ୍‌ ଅନ ) ମେଳନ, ଯୋଜନ, ଘଟଣା, ସଂଘର୍ଷ ।

**ସଙ୍ଘର୍ଷ**, ପୁଂ.<br>**ସଙ୍ଘର୍ଷଣ**, ନ. } ବି. ( ସମ୍‌-ଘୃଷ୍‌-ଅ,ଅନ ) ପରସ୍ପର ସ୍ପର୍ଦ୍ଧା, ଆତ୍ମପ୍ରାଧାନ୍ୟସୂଚକ ଅହଙ୍କାର ବାକ୍ୟ, ବାଜି ରଖିବା, ଘର୍ଷଣ, ଘଷିବା, ମର୍ଦ୍ଦନ, ଘୋଷ୍ଟିବା, ଧୀରେ ଧୀରେ ଗମନ ।

**ସଙ୍ଘାତ**, ବି. ପୁଂ. ( ସମ୍‌-ହନ୍‌-ଅ ) ସମୂହ, ସମଷ୍ଟି, ନିବିଡ଼ ସଂଯୋଗ, ଆଘାତ, ହତ୍ୟା, ଘନ, ନରକବିଶେଷ ।

**ସଙ୍ଘୃଷ୍ଟ**, ବିଂ. (ସମ୍‌-ଘୃଷ୍‌-ତ) ମର୍ଦ୍ଦିତ, ଘଷିବା ।

**ସଚରାଚର**, ବିଂ. (ସ-ଚରାଚର) ସର୍ବସାଧାରଣ, ଜଗତ୍‌, ସ୍ଥାବର ଜଙ୍ଗମ ।

**ସଚ୍ଚ**, ବିଂ. (ଯାବନିକ) ଠିକ, ଯଥାର୍ଥ ।

**ସଚି**<br>**ସଚୀ** } ବି. ସ୍ତ୍ରୀ. ( ସଚ୍‌-ଇ, ଈ ) ଇନ୍ଦ୍ରାଣୀ, ଇନ୍ଦ୍ରପତ୍ନୀ ।

**ସଚିବ**, ବି. ପୁଂ. (ସଚ-ବା-ଅ) ସହାୟ, ସଙ୍ଗୀ, ଅମାତ୍ୟ, ମନ୍ତ୍ରୀ ।

**ସଚେତନ**, ବିଂ. ( ସ ଚେତନା ) ଚୈତନ୍ୟବିଶିଷ୍ଟ, ଚେତନାଯୁକ୍ତ, ପ୍ରାଣୀ ।

**ସଚେଷ୍ଟ**, ବିଂ. ( ସ-ଚେଷ୍ଟା ) ଚେଷ୍ଟାଯୁକ୍ତ, ଉଦ୍‌ଯୋଗୀ, ଚେଷ୍ଟିତ। ବି. ପୁଂ. ଆମ୍ବ ।

**ସଚ୍ଚାରି**, ବି. ସ୍ତ୍ରୀ. ( ସତ୍‌-ଚର ) ହରିଦ୍ରା, ହଳଦୀ ।

**ସଚ୍ଚିଦାନନ୍ଦ**, ବି. ପୁଂ. (ସତ୍‌-ଚିତ୍‌-ଆନନ୍ଦ) ବ୍ରହ୍ମ, ପରମେଶ୍ୱର, ନିତ୍ୟଜ୍ଞାନସୁଖସ୍ୱରୂପ ।

**ସଚ୍ଛଳ**<br>**ସ୍ୱଚ୍ଛଳ** } ବିଂ. ( ସଚ୍ଛୀଳ ଶବ୍ଦଜ ) ଦାତା, ବଦାନ୍ୟ ।

**ସଜ**, ବିଂ. ( ସଦ୍ୟ ଶବ୍ଦଜ ) ନୂଆ, ଯାହା ବାସି ନୁହେ । ଯଥା—

> ବାସରେ କହେ ସଜ ସର୍ବେକ ଯେ ।

ବେଶ, ଉପକରଣ, ଅଲଙ୍କାର, କମାର ଭଣ୍ଡାର ପ୍ରଭୃତିଙ୍କ ହତିଆର, ସୁବିଧା, ସଜ୍ଜିତ, ଭୂଷିତ ।

**ସଜଡ଼ା**, ବିଂ. ( ଦେଶଜ ) ସଜ୍ଜିତ, ସଜାଯାଇଥିବା ।

**ସଜନା**, ବି. (ଶୋଭାଞ୍ଜନ ଶବ୍ଦଜ) ଶୌଭାଞ୍ଜନ, ବୃକ୍ଷବିଶେଷ ।

**ସଜନୀ**, ବି. ( ସ୍ୱଜନ ଶବ୍ଦଜ ) ସହଚାରିଣୀ, ଅପଣାର ସ୍ତ୍ରୀ । ଯଥା —

> ଯେ ରଜନୀ ସଜନୀ ମେହ ସଙ୍ଗତେ,
> ବଳାମେ ବଞ୍ଚୁଥିଲି ଇଚ୍ଛା ସଙ୍ଗତେ । ମେ. ଦୂ.

**ସଜଳସ**, ବି (ସର୍ଜରସ ଶବ୍ଦଜ) ଝୁଣା । ଯଥା—

> ଘୃତ ଚଣ ମଜଳସ ଅଗ୍ନିରେ କାଳଣ । ମ. ଯା.

ସଜା, ବି. (ଯାବନିକ) ଦଣ୍ଡ, ଶାସ୍ତି ।

ସଜାଡ଼, ବିଂ. ( ଦେଶଜ ) ସୁସଜ୍ଜ । ବି. ଯତ୍ନ, ସୁସଜ୍ଜିବେଶ ।

ସଜାଡ଼ିବା, କ୍ରି. (ସଜ୍ଜା ଶବ୍ଦଜ) ସଜ୍ଜିତ, କରିବା । ଯଥା—

ନାନା କୁସୁମେ ଭୂଷି ସଜାଡ଼ି ଫୁଲଝରି ।

ସଜ୍ଜିଲ ବିଂ. (ଦେଶଜ) ଠିକ, ସୁବିଧା ।

ସଜୀବ, ବିଂ. ( ସ-ଜୀବ ) ଜୀବିତ, ଯାହାର ଜୀବନ ଅଛି ।

ସଜ୍ଜ, ବିଂ. ( ସଜ୍ଜ-ଅ ) ସଜ୍ଜିତ, ଭୂଷିତ, ବର୍ମିତ ।

ସଜ୍ଜନ, ବିଂ. (ସତ୍-ଜନ) ସୁଜାତ, ସତ୍‌କୁଳୋଦ୍ଭବ, କୁଳୀନ, ସାଧୁ, ସୁଜନ । ବି. ନ. ରକ୍ଷିସୈନ୍ୟର ଅବସ୍ଥିତ ସ୍ଥାନ, ଚୌକି, ଘାଣ୍ଟି, ଘାଟ ।

ସଜ୍ଜା, ବି. ସ୍ତ୍ରୀ. ( ସଜ୍ଜ-ଅ, ଆ ) ବେଶଭୂଷା, ସାଜ, ସାଜ୍ଜୁ, ଆୟୋଜନ ।

ସଜ୍ଜିତ, ବିଂ. ( ସଜ୍ଜ-ତ ) ଭୂଷିତ, ସଜାଇବା, ବର୍ମିତ, ଉଦ୍‌ଯୁକ୍ତ, ଆୟୋଜିତ ।

ସଞ୍ଚ, ବି. ପୁଂ. (ସମ୍-ଚି-ଅ) ପୁସ୍ତକ ଲେଖିବା ନିମିତ୍ତ ପତ୍ରସମୂହ, ଗ୍ରନ୍ଥ । ବିଂ. ସୁଢ଼ଳ, ସୁନ୍ଦର ।

ସଞ୍ଚିପିବା, କ୍ରି. ସଂକ୍ଷେପ କରିବା, ସଞ୍ଚୟ କରିବା ।

ସଞ୍ଚୟ, ବି. ପୁଂ. ( ସମ୍-ଚି-ଅ ) ସମୂହ, ରାଶି, ସଂଗ୍ରହ ।

ସଞ୍ଚୟନ, ବି. ନ. ( ସମ୍-ଚି-ଅନ ) ସଂଗ୍ରହକରଣ ।

ସଞ୍ଚୟୀ, ବିଂ. (ସଞ୍ଚୟ-ଇନ) ସଂଗ୍ରହକାରକ ।

ସଞ୍ଚର, ବି. ପୁଂ. (ସମ୍-ଚର୍-ଅ) ସେତୁ, ପୋଲ, ବର୍ତ୍ମ, ପଥ, ଦେହ, ଶରୀର, ନାଶକାରକ ।

ସଞ୍ଚରିତ, ବିଂ. (ସମ୍-ଚର୍-ତ) ପ୍ରଚଳିତ, ପ୍ରସ୍ଥିତ, ଗତ ।

ସଞ୍ଚଳନ, ବି. ନ. ( ସମ୍-ଚଲ୍-ଅନ ) କମ୍ପନ, ଦୋଳନ, ପ୍ରଚଳନ ।

ସଞ୍ଚା, (ଦେଶଜ) ଛାଞ୍ଚ, ଛାଞ୍ଚ, ଶୋଭା, ଖାଦ୍ୟ ଉପକରଣ ।

ସଞ୍ଚାଣ, ବି. (ଦେଶଜ) ଶ୍ୟେନପକ୍ଷୀ, ଛଞ୍ଚାଣ ।

ସଞ୍ଚାର, ପୁଂ. } ବି. (ସମ୍-ଚର୍-ଅ, ଅନ,) ଗତି,
ସଞ୍ଚରଣ, ନ. } ବୃଦ୍ଧି, ଗ୍ରହମାନଙ୍କର ସ୍ଥାନାନ୍ତରକୁ ଗମନ, ସଂକ୍ରମଣ, ବିସ୍ତାର, ସେତୁ, ପଥ, କଷ୍ଟଗତି, କଷ୍ଟ, ବିପଦ, ଚାଳନ, ପଥପ୍ରଦର୍ଶନ, ଉତ୍ତେଜନ, ସର୍ପମଣି ।

ସଞ୍ଚାରକା, ବି (ସଞ୍ଚାର-ଅକ-ଆ) ଦୂତୀ ।

ସଞ୍ଚାରିତ, ବିଂ. (ସମ୍-ଚର୍-ତ) ଇତସ୍ତତଃ ଚାଳିତ ।

ସଞ୍ଚାରୀ, ବି. ପୁଂ. (ସମ୍-ଚର୍-ଇନ୍) ନିର୍ବେଦ, ଆବେଗ ପ୍ରଭୃତି ବ୍ୟଭିଚାରୀ ଭାବ, ଧୂପ, ବାୟୁ । ବିଂ. ସଞ୍ଚରଣଶୀଳ, ଗମନଶୀଳ, ଆଗନ୍ତୁକ, ଅସ୍ଥାୟୀ ।

ସଞ୍ଚିତ, ବିଂ ( ସମ୍-ଚି-ତ ) ସମୃଦ୍ଧ, ସଙ୍ଗୃହୀତ, ସଞ୍ଚୟ କରିବା, ରାଶୀକୃତ ।

ସଞ୍ଚିବା, କ୍ରି. ( ସଂଚୟ ଶବ୍ଦଜ ) ସଞ୍ଚୟ କରିବା ।

ସଞ୍ଜ, ବି. ପୁଂ. (ସମ୍-ଜ) ବ୍ରହ୍ମା, ଶିବ, । (ଦେଶଜ) ସନ୍ଧ୍ୟା ।

ସଞ୍ଜା, ବି. (ଦେଶଜ) ପ୍ରଜା ଉତ୍ପାଦିତ ଶସ୍ୟର ନିର୍ଦ୍ଦିଷ୍ଟ ରାଜଭାଗ ।

ସଞ୍ଜାପ, ବି. (ଦେଶଜ) ଧଡ଼ୀ ।

ସଞ୍ଜୀବନ, ବିଂ. (ସମ୍-ଜୀବ-ଅନ) ଜୀବିତକାରୀ । ବି. ନ ଜୀବନଧାରଣ ।

ସଞ୍ଜୀବନୀ, ବି. ନ. (ସମ୍-ଜୀବନୀ) ଜୀବନଦାୟିନୀ ଔଷଧିବିଶେଷ ।

ସଟା, ବି. ପୁଂ. ସ୍ତ୍ରୀ. (ସଟ୍-ଅ-ଆ) ଜଟା, କେଶର, ଶିଖା । ଯଥା —

ଉଷାକୁ ଦେଖି ମେ ମଧ୍ୟେ କର୍କଶ-ସଟା ଫୁଲାଇ,
ନୈଶିକା ଆଶାରେ ଚାଲେ ନଳବେଣୀ ଘଳକୋ ଆଗେ । ଉଷା

କୌଶଳପୂର୍ଣ୍ଣ ମୀମାଂସା, ସାମାନ୍ୟ ଭୁଲ ।

ସଠାଙ୍କ, ବି. ପୁଂ. (ସଠା-ଅଙ୍କ) ସିଂହ, କେଶରୀ ।

ସଠାବଠା, ବି. ( ଦେଶଜ ) ସ୍ତୋକବାକ୍ୟ, କୌଶଳପୂର୍ଣ୍ଣ ମୀମାଂସା, ସାମାନ୍ୟ, ତୁଚ୍ଛ ।

ସଡ଼, ବିଂ. ( ଦେଶଜ ) ଘୃତ ଦୁଗ୍ଧାଦିର ବ୍ୟବହାରଦ୍ୱାରା ପରିପକ୍ୱ ( ମୃତ୍ପାତ୍ର ପ୍ରଭୃତି ) ।

ସଡ଼କ, ବି. ( ଫାରଶୀ ଶବ୍ଦଜ ) ରାସ୍ତା, ବର୍ତ୍ମ, ପଥ ।

ସଡ଼୍ ସଡ଼, ବି. (ଦେଶଜ) ଅନୁକରଣ ଶବ୍ଦ ।

ସଢା<br>ସଢ଼ା } (ଦେଶଜ) ପଚା ।

ସଡ଼ିବା, କ୍ରି. (ଦେଶଜ) ପଚିବା ।

ସଡାଇ<br>ସଡ଼ାଇ } ବି. (ଦେଶଜ) ନଡ଼ିଆ ଖୋଲପା ।

ସଢ଼ୁ, ବି. (ଦେଶଜ) ସ୍ତ୍ରୀର ଭଗିନୀପତି ।

ସଣୁଣୀ, ବି. (ଦେଶଜ) ମର୍ଯ୍ୟାଦା ।

ସଣ୍ଡୁଆସି, ବିଂ (ସନ୍ଦଂଶ ଶବ୍ଦଜ ) ଲୁହା ଚିମୁଟା-ବିଶେଷ ।

ସତ, ବି. ବିଂ. ( ସତ୍ୟ ଶବ୍ଦଜ ) ସତ, ସତ୍ୟ । (ସତ୍ତ୍ୱ ଶବ୍ଦଜ) ସତ୍ତ୍ୱଗୁଣ ।

ସତତ, କ୍ରି. ବିଂ. ନ. (ସମ୍-ତନ୍-ତ) ନିରନ୍ତର, ସର୍ବଦା ।

ସତଚାଳିଶ, ବିଂ. (ସପ୍ତଚତ୍ୱାରିଂଶତ୍ ଶବ୍ଦଜ) ୪୭ ସଂଖ୍ୟା ।

ସତର, ବିଂ. (ସପ୍ତଦଶ ଶବ୍ଦଜ) ୧୭ ସଂଖ୍ୟା ।

ସତରଞ୍ଜ, ବି. (ଯାବନିକ) କ୍ରୀଡ଼ାବିଶେଷ ।

ସତର୍କ, ବିଂ. (ସ-ତର୍କ) ସାବଧାନ, ତର୍କଯୁକ୍ତ ।

ସତଷଠି, ବିଂ. (ସପ୍ତଷଷ୍ଟି) ୬୭ ସଂଖ୍ୟା ।

ସତାଅଶୀ, ବିଂ. (ସପ୍ତାଶୀତି ଶବ୍ଦଜ) ୮୭ ସଂଖ୍ୟା ।

ସତାଇଶ, ବିଂ ( ସପ୍ତବିଂଶ ଶବ୍ଦଜ ) ୨୭ ସଂଖ୍ୟା ।

ସତାଣୋଇ<br>ସତାନବେ } ବିଂ. (ସପ୍ତନବତି) ୯୭ ସଂଖ୍ୟା ।

ସତାନନ୍ଦ, ବିଂ. (ସତ୍-ଆନନ୍ଦ) ଗୌତମ ମୁନିଙ୍କ ପୁତ୍ର, ଜନକ ରାଜାଙ୍କ ପୁରୋହିତ ।

ସତାବନ, ବିଂ. (ସପ୍ତପଞ୍ଚାଶତ୍) ୫୭ ସଂଖ୍ୟା ।

ସତୀ, ବି. ସ୍ତ୍ରୀ. (ଅସ୍-ଅତ୍-ଈ) ସାଧ୍ୱୀ ସ୍ତ୍ରୀ, ପତିବ୍ରତା ସ୍ତ୍ରୀ, ଦକ୍ଷକନ୍ୟା, ଶିବାନୀ, ଭବାନୀ ।

ସତୀତ୍ୱ, ବି. ନ. (ସତୀ-ତ୍ୱ) ପାତିବ୍ରତ୍ୟ, ସତୀ ସ୍ତ୍ରୀର ଧର୍ମ ।

ସତୀର୍ଥ<br>ସତୀର୍ଥ୍ୟ } (ସ-ତୀର୍ଥ, ସ-ତୀର୍ଥ-ଯ) ସହାଧ୍ୟାୟୀ, ଏକ ଗୁରୁଙ୍କ ସମକାଳୀନ ଶିଷ୍ୟ ।

ସତୃଷ୍ଣ, ବି. ( ସ-ତୃଷ୍ଣା ) ପିପାସିତ, ଅଭିଳାଷୀ, ବଳବାନ୍, ସମୃଦ୍ଧ ।

ସତେଜ<br>ସତେଜାଃ } ବିଂ. (ସ ତେଜ) ତେଜସ୍ୱୀ, ବଳବାନ୍ ।

ସତ୍, ବିଂ. (ଅସ୍-ଅତ୍) ସତ୍ୟ, ପ୍ରଶସ୍ତ, ଉତ୍ତମ, ଶୋଭନ, ଗୁଣୀ, ବିଦ୍ୟମାନ, ଭବ୍ୟ, ସାଧୁ, ବିଦ୍ୱାନ୍, ଜ୍ଞାନୀ, ବିଚକ୍ଷଣ, ମାନ୍ୟ, ପୂଜ୍ୟ । ବି. ନ. ବ୍ରହ୍ମ । ଅଂ. ଆଦର ।

ସତ୍କାର, ପୁଂ.<br>ସତ୍କୃତି, ସ୍ତ୍ରୀ.<br>ସତ୍କ୍ରିୟା, ସ୍ତ୍ରୀ. } ବି. (ସତ୍-କାର, କୃତି, କ୍ରିୟା) ସମାଦର, ପୂଜା, ସମ୍ମାନ, ପୁରସ୍କାର, ମଙ୍ଗଳ, ଶବଦାହାଦି କର୍ମ ।

ସତ୍ତମ, ବିଂ. (ସତ୍-ତମ) ପୂଜ୍ୟ, ଅତିଉତ୍ତମ, ଅତିଶୟ ସାଧୁ ।

ସତ୍ତା, ବି. ସ୍ତ୍ରୀ. (ସତ୍-ତା) ସ୍ଥିତି, ବିଦ୍ୟମାନତା, ଉତ୍ତମତ୍ୱ, ଉତ୍କର୍ଷ, ସାଧୁତା, ଦ୍ରବ୍ୟଗୁଣ ।

ସତ୍ତ୍ର<br>ସତ୍ର } ବି. ନ. ସଦ୍-ତ୍ର) ଯଜ୍ଞ, ଗୃହ, ଅରଣ୍ୟ, ଆଚ୍ଛାଦନ, ସଦାଦାନ, ସଦାବ୍ରତ, ଯାଗବିଶେଷ ।

ସତ୍ରାଜିତ୍, ବି.ପୁଂ.(ସତ୍ର-ଆ-ଜି ୦) ସତ୍ୟଭାମାଙ୍କ ପିତା ।

ସତ୍ତ୍ୱ<br>ସତ୍ୱ } ବି. ପୁଂ. ନ (ସତ୍-ତ୍ୱ) ପ୍ରାଣୀ, ଜନ୍ତୁ । ନ. ପ୍ରକୃତିର ତିନି ଗୁଣ ମଧ୍ୟରୁ ପ୍ରଧାନ ଗୁଣ, ଏହି ଗୁଣଦ୍ୱାରା ମନୁଷ୍ୟର

ମନରେ ସତ୍ୟ ନ୍ୟାୟ ଧର୍ମ ଦୟା ଭକ୍ତି ମହତ୍ତ୍ୱ ଓ ପବିତ୍ରତାଦି ଜନ୍ମେ, ଦ୍ରବ୍ୟ, ପଦାର୍ଥ, ମନଃ, ଅନ୍ତଃକରଣ, ସ୍ୱଭାବ, ବ୍ୟବସାୟ, ସ୍ୱାଭାବିକ ଅବସ୍ଥା, ବଳ, ଶକ୍ତି, ଧୈର୍ଯ୍ୟ, ଉତ୍ସାହ, ସ୍ଥିତି, ଧନ, ପ୍ରାଣ, ଜୀବନ, ଚୈତନ୍ୟ, ଆତ୍ମା, ସାହସ, ପିଶାଚାଦି, ରସ ।

ସତ୍ତ୍ୱବାନ୍, ବିଂ. (ସତ୍ତ୍ୱ-ବତ୍) ସତ୍ତ୍ୱଗୁଣବିଶିଷ୍ଟ, ସ୍ଥାୟୀ, ସ୍ୱାଭାବିକ, ଧାର୍ମିକ, ନିଷ୍ପାପ ।

ସତ୍ପତ୍ର, ବି. ନ. (ସତ୍-ପତ୍ର) ନୂତନ ପଦ୍ମପତ୍ର ।

ସତ୍ଫଳ, ବି. ପୁଂ. (ସତ୍-ଫଳ) ଦାଡ଼ିମ୍ବବୃକ୍ଷ ।

ସତ୍ୟ, ବି. ନ. ( ସତ୍-ଯ ) ଅମିଥ୍ୟା, ଯାଥାର୍ଥ୍ୟ, ଶପଥ, ପ୍ରତିଜ୍ଞା, ପ୍ରଥମ ଯୁଗ, କୃତଯୁଗ, ୧୦୦୭୨୮୦୦୦ ବର୍ଷ ଏହାର ପରିମାଣ, ଊର୍ଦ୍ଧ୍ୱ ସପ୍ତଭୁବନର ଉପରିସ୍ଥିତ ଲୋକ, ବ୍ରହ୍ମଲୋକ, ରାମଚନ୍ଦ୍ର । ବିଂ. ପ୍ରକୃତ, ଯଥାର୍ଥ ।

ସତ୍ୟନାରାୟଣ, ବି. ପୁଂ. ( ସତ୍ୟ-ନାରାୟଣ ) ଦେବତାବିଶେଷ, ସତ୍ୟପୀର ।

ସତ୍ୟପୁର, ବି. ନ. ବିଷ୍ଣୁଲୋକ, ବୈକୁଣ୍ଠ ।

ସତ୍ୟଭାମା, ବି. ସ୍ତ୍ରୀ. (ସତ୍ୟ-ଭାମ-ଆ) କୃଷ୍ଣଙ୍କର ଏକ ସ୍ତ୍ରୀ ।

ସତ୍ୟବତୀ, ବି. ସ୍ତ୍ରୀ. ( ସତ୍ୟବତ୍-ଈ ) ବ୍ୟାସଦେବଙ୍କର ମାତା, ନାରଦମୁନିଙ୍କର ପତ୍ନୀ ।

ସତ୍ୟବ୍ରତ, ବି. ପୁଂ. (ସତ୍ୟ-ବ୍ରତ) ଭୀଷ୍ମ, ସୂର୍ଯ୍ୟବଂଶୀୟ ନୃପବିଶେଷ, ସତ୍ୟପରାୟଣ ।

ସତ୍ୟବାଦୀ, ବିଂ. (ସତ୍ୟ-ବଦ୍-ଇନ୍) ସତ୍ୟବକ୍ତା, ଯେ ସତ୍ୟ କଥା କହନ୍ତି ।

ସତ୍ୟବାନ୍, ବି. ପୁଂ. (ସତ୍ୟ-ବତ୍) ନୃପବିଶେଷ, ସାବିତ୍ରୀପତି, ମୁନିବିଶେଷ । ବିଂ. ସତ୍ୟଯୁକ୍ତ ।

ସତ୍ୟସନ୍ଧ, ବିଂ. ( ସତ୍ୟ ସନ୍ଧା ) ସତ୍ୟପ୍ରତିଜ୍ଞ । ବି. ପୁଂ. ଭରତ, ରାମଚନ୍ଦ୍ର, ଜନମେଜୟ । ନ୍ଧା, ସ୍ତ୍ରୀ. ଦ୍ରୌପଦୀ ।

ସତ୍ୟା, ବି. ସ୍ତ୍ରୀ. ସୀତା, ଜାନକୀ, ସତ୍ୟବତୀ, ସତ୍ୟଭାମା, ଦୁର୍ଗା ।

ସତ୍ୟାକୃତ, ବି. ( ସତ୍ୟ-ଅକୃତ୍ = ମିଥ୍ୟା, ଯହିଁରେ ସତ ମିଛ ଦୁଇ ଥାଏ ) ବାଣିଜ୍ୟ, ବ୍ୟବସାୟ ।

ସତ୍ର, ବି. ନ. (ସତ୍ର-ଅ) ଯଜ୍ଞ ।

ସତ୍ୱର, କ୍ରି. ବି. ( ସ-ତ୍ୱର ) ଶୀଘ୍ର, ଅବିଳମ୍ବ । ବିଂ. ତ୍ୱରାଯୁକ୍ତ ।

ସଦସ୍, ବି. ସ୍ତ୍ରୀ. ନ. (ସଦ୍-ଅସ୍) ସଭା, ପରିଷଦ୍ ।

ସଦ, ବିଂ. (ଗ୍ରାମ୍ୟ) ସତ୍ । ଯଥା — ସଦ୍‌ଜ୍ଞାନ ।

ସଦନ, ବି. ନ. (ସଦ୍-ଅନ) ନିଳୟ, ଗୃହ, ଘର, ବିଷାଦ, ଜଳ ।

ସଦୟ, ବିଂ. (ସ-ଦୟା) ଦୟାଳୁ, କୃପାବିଶିଷ୍ଟ । ବି. ପୁଂ. (ସତ୍-ଅୟ) ଶୁଭାବହ ବିଧି ।

ସଦର, ବି. (ଯାବନିକ) ପ୍ରକାଶ୍ୟ, ମୁଖ୍ୟ, ପ୍ରଧାନ ।

ସଦସ୍ୟ, ବି. ପୁଂ. ( ସଦସ୍-ଯ ) ଯଜ୍ଞାଦି ସ୍ଥଳରେ ବିଧିଦର୍ଶକ, ଯଜ୍ଞାଦି କର୍ମରେ ନିଯୁକ୍ତ କର୍ମକାରକମାନଙ୍କର ଭ୍ରମ ସଂଶୋଧନକାରୀ । ବିଂ. ସାମାଜିକ ।

ସଦା, ଅଂ. ( ସ-ଦା ) ସର୍ବଦା, ନିୟତ, ଅବିଶ୍ରାନ୍ତ ।

ସଦାଗତି, ବି. ପୁଂ. ( ସଦା-ଗତି ) ସୂର୍ଯ୍ୟ, ଅଗ୍ନି, ପରମେଶ୍ୱର, ବାୟୁ । ବିଂ. ସର୍ବଦା ଗମନଶୀଳ ।

ସଦାଚାର, ବି. ପୁଂ. ( ସତ୍-ଆଚାର ) ଉତ୍ତମ ଆଚାର, ସାଧୁ ଆଚାର, ଭଲ ବ୍ୟବହାର ।

ସଦାତନ, ବିଂ. ( ସଦା-ତନ ) ଚିରସ୍ଥାୟୀ, ସର୍ବକାଳସ୍ଥାୟୀ, ନିତ୍ୟ । ବି. ପୁଂ. ବିଷ୍ଣୁ ।

ସଦାତ୍ମା, ବିଂ. (ସତ୍-ଆତ୍ମନ୍) (ସଦନ୍ତଃକରଣ ।

ସଦାନନ୍ଦ, ବି. ପୁଂ. (ସଦା-ଆନନ୍ଦ) ଶିବ । ବିଂ. ସର୍ବଦା ହର୍ଷଯୁକ୍ତ ।

ସଦାନର୍ତ୍ତି, ବିଂ. ( ସଦା-ନର୍ତ୍ତି ) ସର୍ବଦା ନୃତ୍ୟକାରକ । ବି. ପୁଂ. ଖଞ୍ଜନପକ୍ଷୀ ।

ସଦାପୁଷ୍ପ, ବି ପୁଂ. ( ସଦା-ପୁଷ୍ପ ) ନାରିକେଳଗଛ । ବିଂ. ସର୍ବଦା କୁସୁମଯୁକ୍ତ । ଷ୍ପୀ, ସ୍ତ୍ରୀ. ରକ୍ତାର୍କବୃକ୍ଷ ।

**ସଦାଫଳ**, ବି. ପୁଂ. (ସଦା-ଫଳ) ନାରକେଳ, ବେଲ । ଲା, ସ୍ତ୍ରୀ. ବାର୍ତ୍ତାକୁବିଶେଷ ।

**ସଦାବ୍ରତ**, ବିଂ. ( ସଦା-ବ୍ରତ, ଦାନାଦିରୂପ ) ଯେଉଁଠାରେ ଅତିଥିମାନଙ୍କୁ ଭୋଜନାଦି ନିତ୍ୟ ପ୍ରଦତ୍ତ ହୁଏ ।

**ସଦାବର୍ତ୍ତି**, ବି. ( ସଦାବ୍ରତ ଶବ୍ଦଜ) ସଦାବ୍ରତ ।

**ସଦାଭଦ୍ରା**, ବି. ସ୍ତ୍ରୀ. ଗମ୍ଭାରୀବୃକ୍ଷ ।

**ସଦାଶିବ**, ବି. ପୁଂ. (ସଦା-ଶିବ) ମହାଦେବ ।

**ସଦୃକ୍**, **ସଦୃକ୍ଷ**, **ସଦୃଶ** } ବିଂ. ( ସ-ଦୃଶ୍, ଦୃକ୍ଷ, ଦୃଶ ) ଅନୁରୂପ, ସମାନ, ତୁଲ୍ୟ, ଉପଯୁକ୍ତ, ଯୋଗ୍ୟ ।

**ସଦ୍ଗତି**, ବି. ସ୍ତ୍ରୀ. (ସତ୍-ଗତି) ଉତ୍ତମ ଗତି, ମୁକ୍ତି, ନିର୍ବାଣ, ସଦ୍‌ବ୍ୟବହାର, ସଚ୍ଚରିତ୍ର ।

**ସଦ୍ଭାବ**, ବି. ପୁଂ. ( ସତ୍-ଭାବ ) ସତ୍ତା, ସ୍ଥିତି, ସାଧୁତା, ପ୍ରଣୟ, ବନ୍ଧୁତା, ।

**ସଦ୍ଭୂତ**, ବିଂ. (ସତ୍-ଭୂତ) ସତ୍ୟ, ଯଥାର୍ଥ ।

**ସଦ୍ମ**, ବି. ନ. ( ସଦ୍-ମ ) ଗୃହ, ନିକେତନ, ଆବାସ, ଜଳ ।

**ସଦ୍ୟ**, ଅଂ. ( ସ-ଦ୍ୟ ) ତତ୍‌କ୍ଷଣାତ୍, ସେହିକ୍ଷଣି, ସଜ, ବର୍ତ୍ତମାନ ସମୟରେ, ଉପସ୍ଥିତ ଅବସରରେ ।

**ସଦ୍ୟୋଜାତ**, ବି. ପୁଂ. ( ସଦ୍ୟ ଜାତ ) ବତ୍ସ, ବାଛୁରି । ବିଂ. ତତ୍କ୍ଷଣରେ ଉତ୍ପନ୍ନ ।

**ସଧର୍ମ**, ବିଂ. (ସ ଧର୍ମ-ଅ) ଏକ ଧର୍ମାକ୍ରାନ୍ତ, ସଦୃଶ, ତୁଲ୍ୟ, ଏକରୂପ, ସମାନପ୍ରକାର ।

**ସଧର୍ମାଚରଣୀ**, ବି. ସ୍ତ୍ରୀ. ( ସ-ଧର୍ମ-ଆଚରଣୀ ) ଭାର୍ଯ୍ୟା, ପତ୍ନୀ ।

**ସଧର୍ମିଣୀ**, ବି. ସ୍ତ୍ରୀ ( ସ ଧର୍ମ ଇନ୍-ଈ ) ସଧର୍ମାଚରଣୀ, ପତ୍ନୀ ।

**ସଧର୍ମୀ**, ବିଂ. (ସ-ଧର୍ମ-ଇନ୍) ଏକ ଧର୍ମାକ୍ରାନ୍ତ, ସଦୃଶ, ତୁଲ୍ୟ ।

**ସଧବା**, ବି. ସ୍ତ୍ରୀ. (ସ-ଧବ) ସଭର୍ତ୍ତୃକା, ପତିବତୀ, ଜୀବତ୍‌ପତିକା ସ୍ତ୍ରୀ, ଯାହାର ପତି ଅଛି ।

**ସଧାଇବା**, କ୍ରି. ( ସାଧନ ଶବ୍ଦଜ ) ସାଧନ କରାଇବା ।

**ସନ**, ବି. ପୁଂ. ସ୍ତ୍ରୀ. ( ସନ୍-ଅ ) ହସ୍ତିର କର୍ଣ୍ଣାସ୍ଫାଳନ । ପୁଂ. ବୃକ୍ଷବିଶେଷ, (ଯା) ସ.ଲ ।

**ସନକ**, ବି. ପୁଂ. ( ସନ୍ ଅକ ) ମୁନିବିଶେଷ, ବ୍ରହ୍ମାଙ୍କ ପୁତ୍ର ।

**ସନତ୍କୁମାର**, ବି. ପୁଂ. ( ସନତ୍-କୁମାର ) ବ୍ରହ୍ମାଙ୍କ ପୁତ୍ର, ମୁନିବିଶେଷ ।

**ସନନ୍ଦ**, ବି. ପୁଂ. ( ସ-ନନ୍ଦ ) ବ୍ରହ୍ମାଙ୍କ ପୁତ୍ରବିଶେଷ । ବିଂ. ଆନନ୍ଦଯୁକ୍ତ । ( ଯାବନିକ ) ପ୍ରମାଣସ୍ୱରୂପ ଲିଖିତ ପତ୍ରାଦି ।

**ସନାକ୍ତ**, ବିଂ. (ଯାବନିକ) ପ୍ରମାଣିତ ।

**ସନାତନ**, ବି. ପୁଂ. (ସଦା-ତନ) ବ୍ରହ୍ମା, ବିଷ୍ଣୁ, ଶିବ । ବିଂ. ସଦାତନ, ଚିରସ୍ଥାୟୀ, ନିତ୍ୟ । ନୀ, ସ୍ତ୍ରୀ ସରସ୍ୱତୀ, ଲକ୍ଷ୍ମୀ, ଦୁର୍ଗା ।

**ସନାଥ**, ବିଂ. ସହ-ନାଥ) ନାଥବିଶିଷ୍ଟ, ସହିତ, ଯୁକ୍ତ ।

**ସନିଧ୍ୟ**, **ସନିଧାନ** } ବି. (ସନ୍ନିଧି ଓ ସନ୍ନିଧାନ ଶବ୍ଦର ଗ୍ରାମ୍ୟ ଉଚ୍ଚାରଣ ) ସମୀପ, ନିକଟବର୍ତ୍ତୀ ।

**ସନୀଡ**, ବିଂ. (ସ-ନୀଡ) ସମୀପ, ସନ୍ନିଧ, ତୁଲ୍ୟ, ନୀଡଯୁକ୍ତ ।

**ସନ୍ତକ**, ( ଦେଶଜ ) ସ୍ୱାକ୍ଷର କରିବାର ଚିହ୍ନ । ଯଥା —

ବନ୍ତ ଅନ୍ତକ ତହୁଁ ପରେ ସନ୍ତକ କାଟିଲେ ଲୋକେ ରସିକ ।

ନିଦର୍ଶନ ଦ୍ରବ୍ୟ ।

**ସନ୍ତତ**, ବି. ନ. (ସମ୍-ତନ୍-ତ) ଅନାଦି, ଅନନ୍ତ, ଅବିଚ୍ଛିନ୍ନ, ସତତ, ନିରନ୍ତର । ବିଂ. ଅବିରତ, ବହୁଳ, ସମ୍ୟକ୍, ବିସ୍ତୃତ ।

**ସନ୍ତତି**, ବି. ସ୍ତ୍ରୀ. (ସମ-ତନ୍-ତି) ବଂଶ, ଗୋତ୍ର, ପୁତ୍ର ବା କନ୍ୟା ସନ୍ତାନ, ପଂକ୍ତି, ଶ୍ରେଣୀ, ବିସ୍ତାର, ବ୍ୟାପ୍ତି, ଅବିଚ୍ଛେଦ, ପାରମ୍ପର୍ଯ୍ୟ, ଧାରା ।

ସନ୍ତପନ୍ତ, ବିଂ. (ସନ୍ତପ୍ତ ଶବ୍ଦଜ ଗ୍ରାମ୍ୟ) ଦୁଃଖିତ, ଅନୁତପ୍ତ ।

ସନ୍ତପ୍ତ, ବିଂ. (ସମ୍-ତପ୍-ତ) ସନ୍ତାପଯୁକ୍ତ, କ୍ଲିଷ୍ଟ, ଉତ୍ତପ୍ତ, ଦଗ୍ଧ, ଜ୍ୱଳନ୍ତ, ଅଗ୍ନି, ବିଶୁଦ୍ଧ ।

ସନ୍ତରଣ, ବି. ନ. ( ସମ୍-ତୃ-ଅନ ) ପାରଗମନ, ପହଁରିବା ।

ସନ୍ତରି, ବି. (ଦେଶଜ) ଓଦାଭୂମି, ତୃଣବିଶେଷ ।

ସନ୍ତର୍ପଣ, ବିଂ. ( ସମ୍-ତୃପ୍-ଅନ ) ତୃପ୍ତିକର, ପ୍ରୀତିଜନକ । ବି. ନ. ତୃପ୍ତିକରଣ ।

ସନ୍ତସନ୍ତିଆ, ବିଂ. ( ଦେଶଜ ) ଓଦା, ସର୍ବଦା ଆର୍ଦ୍ର ।

ସନ୍ତାଇବା, କି. (ଦେଶଜ) ସନ୍ତାପିତ କରିବା, କଷ୍ଟ ଦେବା ।

ସନ୍ତାନ, ବି. ପୁଂ. (ସମ୍-ତନ୍-ଅ) ବଂଶ, ଅପତ୍ୟ, ପୁତ୍ରକନ୍ୟା, କଳ୍ପବୃକ୍ଷବିଶେଷ, ପ୍ରବନ୍ଧ, ଧାରା, ପ୍ରବାହ, ବିସ୍ତାର, ବ୍ୟାପ୍ତି ।

ସନ୍ତାପ, ବି. ପୁଂ. (ସମ୍-ତପ୍-ଅ)ଉଷ୍ଣତା, ଉତ୍ତାପ, ମନସ୍ତାପ, ଅନ୍ତର୍ଦାହ, ଦୁଃଖ,ରପୁ,ଅନୁତାପ ।

ସନ୍ତାପିତ, ବିଂ. ( ସନ୍ତାପ-ଇତ ) ସନ୍ତାପଯୁକ୍ତ ଦୁଃଖିତ, ସନ୍ତପ୍ତ, ଉତ୍ତପ୍ତ, ଉଷ୍ଣ ।

ସନ୍ତିଆ, ବିଂ. (ଗ୍ରାମ୍ୟ) ଅକର୍ମଣ୍ୟ, ଅଯୋଗ୍ୟ ।

ସନ୍ତୁଳା, ବି. (ଦେଶଜ) ତରକାରିବିଶେଷ ।

ସନ୍ତୁଳିବା, କି. ( ଦେଶଜ ) ତରକାରି ବିଶେଷ, ରାନ୍ଧିବା, ମସଲା ପାଣି ଦେବା ଆଗରୁ ତେଲ ହାଣ୍ଡି ପରିବା ପ୍ରଭୃତିକୁ ଅର୍ଦ୍ଧପକ୍ୱ କରିବା, ବ୍ୟସ୍ତ କରିବା, କଷ୍ଟଦେବା ।

ସନ୍ଦଂଶ, ବି. (ସମ୍-ଦନ୍ଶ୍-ଅ) ସମ୍ୟକ୍ ଦଂଶନ, ସଣ୍ଡୁଆସି ।

ସନ୍ତୁଷ୍ଟ, ବିଂ. (ସମ-ତୁଷ୍ଟ) ସନ୍ତୋଷଯୁକ୍ତ, ତୃପ୍ତ, ଆହ୍ଲାଦିତ ।

ସନ୍ତୋଷ, ବି. ପୁଂ. (ସମ୍-ତୁଷ-ଅ) ତୃପ୍ତି, ଆହ୍ଲାଦ, ହର୍ଷ ।

ସନ୍ଥ, ବି. (ଦେଶଜ) ସାଧୁବ୍ୟକ୍ତି । ଯଥା—

ସନ୍ଥଜନମାନଙ୍କର ପରମକାରଣ ।

ଯେଉଁ ପାଠ ଅଭ୍ୟାସ କରିବା ନିମିତ୍ତ ଶିଷ୍ୟଙ୍କୁ ଶିକ୍ଷା ଦିଆଯାଇଥାଏ । ଯଥା—

ପ୍ରେମଗୁରୁଠାରୁ ଶିଖିଲି ସେ ଅମୃତମୂର୍ତିର ଅଦ୍ୟ ସନ୍ଥ ।

ଯ. କେ.

ସନ୍ଦର୍ଭ, ବି. ପୁଂ. ( ସମ-ଦୃଭ୍-ଅ ) ପ୍ରବନ୍ଧ, ପରିପାଟିଯୁକ୍ତ ରଚନା, ଗ୍ରନ୍ଥ, ସଂଗ୍ରହ, ବିସ୍ତାର ।

ସନ୍ଦର୍ଶନ, ବି. ନ. (ସମ୍-ଦୃଶ୍-ଅନ) ଭଲରୂପରେ ଦେଖିବା, ପରୀକ୍ଷା, ଅବଲୋକନ, ନିରୀକ୍ଷଣ, ଜ୍ଞାନ, ମୂର୍ତ୍ତି, ଆକୃତି, ଚେହେରା ।

ସନ୍ଦଷ୍ଟ, ବିଂ.(ସମ୍-ଦଂଶ୍-ତ) ସଂଶ୍ଲିଷ୍ଟ, ସଂଲଗ୍ନ, କାମୁଡ଼ାଯାଇଥିବା ।

ସନ୍ଦାନ, ବି ନ. ( ସମ୍-ଦୋ-ଅନ ) ଦାଉଣୀ, ରଜ୍ଜୁ, ଶୃଙ୍ଖଳ, ଦଉଡ଼ି, ବନ୍ଧନସାଧନ ବସ୍ତୁ, ବନ୍ଧନ, ସମ୍ୟକ୍ ଛେଦନ । ପୁଂ. ହସ୍ତିର ଜାନୁଦ୍ୱୟର ଅଧୋଭାଗ, ହସ୍ତିର ଗୁଲ୍ଫଦେଶର ଊର୍ଦ୍ଧ୍ୱଭାଗ, ହସ୍ତିର କପୋଳଦେଶ, ଯେଉଁ ସ୍ଥାନରୁ ମଦଜଳ କ୍ଷରିତ ହୁଏ ।

ସନ୍ଦାନିତ, ସନ୍ଦିତ } ବି. (ସନ୍ଦାନ ଇତ, ସମ୍-ଦୋ-ତ) ଶୃଙ୍ଖଳିତ, ନିଗଡ଼ିତ, ପଦାଦିରେ ବଦ୍ଧ, ବନ୍ଧ ।

ସନ୍ଦିଗ୍ଧ, ବିଂ. ( ସମ୍-ଦିହ୍-ତ ) ସନ୍ଦେହଯୁକ୍ତ, ସଂଶୟିତ, ସନ୍ଦିହାନ ।

ସନ୍ଦିଷ୍ଟାର୍ଥ, ବି. ପୁଂ. ( ସନ୍ଦିଷ୍ଟ-ଅର୍ଥ ) ଦୂତ, ସନ୍ଦେଶହର ।

ସନ୍ଦିହାନ, ବିଂ. (ସମ୍-ଦିହ-ଅନ) ସନ୍ଦେହାନ୍ୱିତ, ସଂଶୟଯୁକ୍ତ, ସଂଶୟୀ ।

ସନ୍ଦେଶ, ବି ପୁଂ. ( ସମ୍-ଦିଶ-ଅ ) ଆଦେଶ, ବାର୍ତ୍ତା, ଖବର, ମିଷ୍ଟାନ୍ନବିଶେଷ ।

ସନ୍ଦେଶବହ, ସନ୍ଦେଶହର, ସନ୍ଦେଶହାରକ } ପୁଂ. ( ସନ୍ଦେଶବହ, ହର, ହାରକ) ବାର୍ତ୍ତାବହ, ଦୂତ ।

ସନ୍ଦେହ, ବି. ପୁଂ. ( ସମ୍-ଦିହ-ଅ ) ସଂଶୟ, ଦ୍ୱୈଧଜ୍ଞାନ ।

ସନୋଦ, ବ. ପୁଂ. ( ସମ୍-ନୁଦ୍-ଅ ) ସମୂହ, ଗଣ, ରାଶି, ସମ୍ୟକ୍ ଦୋହନ, ଦୁଗ୍ଧ ।

ସନ୍ଦ୍ରାବ, ବ. ପୁଂ. ( ସମ୍-ଦ୍ରୁ-ଅ ) ପ୍ରସ୍ଥାନ, ପଳାୟନ ।

ସନ୍ଧା, ବ. ସ୍ତ୍ରୀ.(ସମ୍-ଧା-ଅ) ପ୍ରତିଜ୍ଞା,ପଣ, ସନ୍ଧି, ମିଳନ, ସ୍ଥିତି, ସନ୍ଧ୍ୟାକାଳ, ଅନୁସନ୍ଧାନ ।

ସନ୍ଧାନ, ବ. ନ. (ସମ୍-ଧା-ଅନ) ସନ୍ଧି, ମିଳନ, ମିଶ୍ରଣ, ପ୍ରାପ୍ତି, ବନ୍ଧନ, ଅନ୍ୱେଷଣ, ପାଳନ, ଭୃକୁସଙ୍କୋଚ, ଚୋରାଣି, କାଞ୍ଜି,ସଂଯୋଜନ, ସୁସ୍ୱାଦୁବସ୍ତୁ, ସଂଘଟନ, ମଦ୍ୟପାନାଦ୍ଧ, ମଦ, ସନ୍ଧୀକରଣ ।

ସନ୍ଧାନୀ, ବ. ଭେଦୁଆ, ଚର ।

ସନ୍ଧାନିତ, ବିଂ. ( ସନ୍ଧାନ-ଇତ ) ସଂଘଟିତ, ସଂଯୋଜିତ ।

ସନ୍ଧି, ବ. ପୁଂ. (ସମ୍-ଧା-ଇ) ମିଳନ, ବିଜିଗୀଷୁ ଏବଂ ଅରିର ବ୍ୟବସ୍ଥାପୂର୍ବକ ଐକ୍ୟ, ଶରୀରର ଅସ୍ଥି ପ୍ରଭୃତିର ମିଳନ ସ୍ଥାନ, ସତ୍ୟ ତ୍ରେତାଦି ଯୁଗର ମଧ୍ୟ ସମୟ, ଯୋନିଦ୍ୱାର, ବିଶ୍ରାମ, ନାଟକଗ୍ରନ୍ଥର ଅଂଶବିଶେଷ, ସାଧନ, କାରଣ, ବର୍ଣ୍ଣଦ୍ୱୟର ମିଳନ, ସୁଡ଼ଙ୍ଗ ।

ସନ୍ଧିଚୌର, ବ. ପୁଂ. ( ସନ୍ଧି-ଚୌର ) ସିନ୍ଧି-ଚୋର ।

ସନ୍ଧିତ, ବିଂ. ( ସନ୍ଧା-ଇତ ) ସଂଯୁକ୍ତ, ମିଳିତ, ବଦ୍ଧ, ସନ୍ଧିଦ୍ୱାରା ବଦ୍ଧ, ପୁନର୍ମିଳିତ ।

ସନ୍ଧିନୀ, ବ. ସ୍ତ୍ରୀ. (ସନ୍ଧା-ଇନ୍-ଈ) ବୃଷଦ୍ୱାରା ଆକ୍ରାନ୍ତ ଋତୁମତୀ ଗାଈ, ଅକାଳେ ଦୁଗ୍ଧଦାୟିନୀ ଗାଈ ।

ସନ୍ଧିପୂଜା, ବ. ସ୍ତ୍ରୀ. ମହାନବମୀର ଆଦ୍ୟଦଣ୍ଡ ପୂଜା ।

ସନ୍ଧିବନ୍ଧ, ବ. ପୁଂ. ଭୂମିଚମ୍ପକ, ଭୁଇଁଚମ୍ପାଗଛ ।

ସନ୍ଧିବନ୍ଧନ, ବ. ନ. (ସନ୍ଧି-ବନ୍ଧନ) ଶିରା ।

ସନ୍ଧିବା, କ୍ରି (ସନ୍ଧାନ ଶବ୍ଦଜ) ସନ୍ଧାନ କରିବା, ଦଳକରି ଏକତ୍ର ମିଶାଇବା ।

ସନ୍ଧୁକ୍ଷିତ, ବିଂ. ( ସମ୍-ଧୁକ୍ଷ୍-ତ ) ଉଦ୍ଦୀପିତ, ଉତ୍ତେଜିତ ।

ସନ୍ଧେୟ, ବିଂ. ( ସମ୍-ଧା-ଯ ) ସନ୍ଧି କରିବାର ଯୋଗ୍ୟ ।

ସନ୍ଧ୍ୟା, ବ. ସ୍ତ୍ରୀ. ( ସନ୍ଧି-ଯ-ଅ ) ଦିବାରାତ୍ରିର ମିଳନକାଳ, ପ୍ରାତଃସନ୍ଧ୍ୟା ଓ ସାୟଂସନ୍ଧ୍ୟା, ତତ୍କାଳେ ଉପାସ୍ୟ ମନ୍ତ୍ରରୂପ ଦେବତା, ଯୁଗସନ୍ଧି, ଚନ୍ଦ୍ରା, ଉପାସନା, ପ୍ରତିଜ୍ଞା, ସୀମା, ନଦୀବିଶେଷ, ପୁଷ୍ପବିଶେଷ ।

ସନ୍ନତ, ବିଂ. ( ସମ୍-ନତ ) ପ୍ରଣତ, ଧ୍ୱନିତ, ଶବ୍ଦିତ ।

ସନ୍ନଦ୍ଧ, ବିଂ. (ସମ୍-ନହ୍-ତ) ବର୍ମିତ ଅସ୍ତ୍ରସଜ୍ଜିତ, ଶ୍ରେଣୀବଦ୍ଧ ।

ସନ୍ନାହ, ବ. ପୁଂ ( ସମ୍-ନହ୍-ଅ ) କବଚ, ଅଙ୍ଗତ୍ରାଣ, ବର୍ମ, ସାଞ୍ଜୁ, ପରିଚ୍ଛଦ ।

ସନ୍ନିକର୍ଷ, ବ. ପୁଂ. (ସମ୍-ନି-କୃଷ୍-ଅ) ସାନ୍ନିଧ୍ୟ, ନୈକଟ୍ୟ, ଇନ୍ଦ୍ରିୟଗୋଚର, ବିଷୟ ଓ ଇନ୍ଦ୍ରିୟର ସମ୍ବନ୍ଧ ।

ସନ୍ନିକୃଷ୍ଟ, ବିଂ. ( ସମ୍-ନି-କୃଷ୍-ତ ) ସନ୍ନିହିତ, ନିକଟବର୍ତ୍ତୀ ।

ସନ୍ନିଧ, ବ. ନ. ( ସମ୍-ନି ଧା-ଅ ) ସାମୀପ୍ୟ, ନୈକଟ୍ୟ । ବିଂ. ସମୀପସ୍ଥ ।

ସନ୍ନିଧାନ, ନ. } ବ. ( ସମ୍-ନି-ଧା-ଅନ, ଇ )
ସନ୍ନିଧି, ପୁଂ. } ସାମୀପ୍ୟ, ନିକଟ, ଆବିର୍ଭାବ, ସ୍ଥିତି ।

ସନ୍ନିପାତ, ପୁଂ. } ବ. ( ସମ୍-ନି-ପତ୍-ଅ, ଅନ)
ସନ୍ନିପାତନ, ନ. } ସମୂହ, ଏକତ୍ର, ମିଳନ, ସଂଗ୍ରାମ, ଯୁଦ୍ଧ, ତ୍ରିଦୋଷଜ ବିକାର ରୋଗବିଶେଷ, ବାତ, ପିତ୍ତ, କଫ ଏ ସବୁର ମିଳନ, ସମ୍ୟକ୍ ପ୍ରକାର ପତନ, ନାଶ, ଅବତରଣ, ଉପସ୍ଥିତି ।

ସନ୍ନିବଦ୍ଧ, ବିଂ. ( ସମ୍-ନି-ବଧ୍-ତ ) ଦୃଢ଼ବଦ୍ଧ, ଗ୍ରଥିତ, ରଚିତ ।

ସନ୍ନିବନ୍ଧ, ପୁଂ. } ବି (ସମ୍-ନି-ବନ୍ଧ-ଅ-ଅନ)
ସନ୍ନିବନ୍ଧନ, ନ. } ଦୃଢ଼ବନ୍ଧନ, ଗ୍ରନ୍ଥନ, ରଚନା । ବିଂ. ଉତ୍ତମ ପ୍ରୀତିଦାନଯୁକ୍ତ ।

ସନ୍ନିଭ, ବିଂ. (ସମ୍-ନିଭ) ସଦୃଶ, ତୁଲ୍ୟ ।

ସନ୍ନିବିଷ୍ଟ, ବିଂ. (ସମ୍-ନି-ବିଶ୍-ତ) ଗୃହୀତାସନ, ଉପବିଷ୍ଟ, ସମ୍ମୁଖରେ ଉପସ୍ଥିତ, ନିକଟସ୍ଥ, ସଂକ୍ରାନ୍ତ ।

ସନ୍ନିବେଶ, ବି. ପୁଂ. (ସମ୍-ନି-ବିଶ୍-ଅ) ଆଶ୍ରମ ସ୍ଥାନ, ନିକଟ, ବିନ୍ୟାସ, ରଚନା, ଯୋଗ, ମିଳନ, ସଂଯୋଗ, ନଗରାଦିର ବହିଃସ୍ଥିତ ବିହାରଭୂମି, ଭିତରେ ପ୍ରବେଶ କରିବା, ସଂଗ୍ରହ, ସମଷ୍ଟି, ପୁରଃବହିଃସ୍ଥ ପ୍ରଦେଶ ।

ସନ୍ନିହିତ, ବିଂ. (ସମ୍-ନି-ଧା-ତ) ନିକଟବର୍ତ୍ତୀ, ସମୀପସ୍ଥ, ସମ୍ୟକ୍ ସ୍ଥାପିତ ।

ସନ୍ମାନ, ବି ନ. (ସମ୍ମାନ ଶବ୍ଦଜ କିମ୍ବା ସତ୍-ମାନ) ସମ୍ମାନ, ଆସ୍ଥା ।

ସନ୍ନ୍ୟସ୍ତ, ବିଂ. (ସମ୍-ନି-ଅସ୍-ତ) ପରିତ୍ୟକ୍ତ, ସମର୍ପିତ, ନିକ୍ଷିପ୍ତ ।

ସନ୍ନ୍ୟାସ, ବି. ପୁଂ. (ସମ୍-ନି-ଅସ୍-ଅ) ଭିକ୍ଷୁଧର୍ମ, ଚତୁର୍ଥାଶ୍ରମ, ସଂସାରର କାମନା ପରିତ୍ୟାଗ, ତ୍ୟାଗ, ନିକ୍ଷେପ, ଗଚ୍ଛିତ ରଖିବା, ସମର୍ପଣ, ହଠାତ୍ ମୃତ୍ୟୁ ।

ସନ୍ନ୍ୟାସୀ, ବିଂ. (ସନ୍ନ୍ୟାସ ଇନ୍) ଭିକ୍ଷୁ, ଚତୁର୍ଥାଶ୍ରମୀ, ଯେ ସନ୍ନ୍ୟାସ ଆଶ୍ରମ ଅବଲମ୍ବନ କରିଅଛି ।

ସପ, ବି. (ଯାବନିକ) ଚଟେଇବିଶେଷ, ସରୁପ ।

ସପକ୍ଷ, ବି ପୁଂ. (ସ-ପକ୍ଷ) ଏକପକ୍ଷାବଲମ୍ବୀ, ସହାୟ, ଅନୁକୂଳ, ତୁଲ୍ୟ, ଯାହାର ପକ୍ଷ ଅର୍ଥାତ୍ ଡେଣା ଅଛି ।

ସପକ୍ଷତା, ବି. ସ୍ତ୍ରୀ. (ସପକ୍ଷ-ତା) ଏକପକ୍ଷାବଲମ୍ବନ, ଆନୁକୂଲ୍ୟ, ସାହାଯ୍ୟ, ପକ୍ଷ ଅର୍ଥାତ୍ ଡେଣା ଥିବା ।

ସପଥ, ବି. (ଶପଥ ଶବ୍ଦଜ) ରାଣ । ଯଥା—

ସପଥଟି ମୋର ରେ, ସହ ଏହି ଥର । କ. ତ.

ସପତଣୀ, ବି. (ସପତ୍ନୀ ଶବ୍ଦଜ) ସଉତୁଣୀ ।

ସପତ୍ନ, ବି. ପୁଂ. (ସପତ୍ନୀ-ଅ) ଶତ୍ରୁ, ବୈରୀ, ରିପୁ ।

ସପତ୍ନୀ, ବି. ସ୍ତ୍ରୀ. (ସ-ପତି-ଈ) ସମାନପତିକା ସ୍ତ୍ରୀ, ସଉତୁଣୀ ।

ସପଦି, ଅଂ. (ସମ୍ ପଦ୍-ଇ) ଦ୍ରୁତ, ଶୀଘ୍ର, ତତ୍କ୍ଷଣାତ୍ ।

ସପନ, ବିଂ. (ସ୍ୱପନ ଶବ୍ଦଜ) ନିଦ୍ରା, ସ୍ୱପ୍ନ ।

ସପର୍ଯ୍ୟା, ବି. (ସପର୍-ଯ-ଆ) ପୂଜା, ଆରାଧନା ।

ସପିଣ୍ଡ, ବି. ପୁଂ. (ସ-ପିଣ୍ଡ) ସନାଭ, ସପ୍ତମପୁରୁଷାନ୍ତର୍ଗତ ଜ୍ଞାତି ।

ସପିଣ୍ଡୀକରଣ, ବି. ନ. (ସପିଣ୍ଡ-କରଣ) ମୃତର ଏକ ବର୍ଷ ପରେ କର୍ତ୍ତବ୍ୟ ଶ୍ରାଦ୍ଧ, ପ୍ରେତତ୍ୱବିମୋଚନାର୍ଥ କରଣୀୟ ଶ୍ରାଦ୍ଧ ।

ସପୁରି, ବି. (ଦେଶଜ) ଏକପ୍ରକାର କଅଁଳାତୀୟ ଗଛର ଫଳ, ଏକଜାତୀୟ ମିଷ୍ଟାନ୍ନ ।

ସପ୍ତ, ବି. (ସପ୍-ତ) ସାତ ସଂଖ୍ୟା, ୭ ।

ସପ୍ତକ, ବିଂ. (ସପ୍ତ-କ) ସପ୍ତସଂଖ୍ୟାବିଶିଷ୍ଟ, ସାତର ପୂରଣ । ବି. ନ. ସପ୍ତସଂଖ୍ୟା, ୭ ।

ସପ୍ତଗ୍ରନ୍ଥିଶୁଣ୍ଡ, (Chilopoda) ଯେଉଁମାନଙ୍କର ମୁଖ ପୁରୋଭାଗରେ ଶୁଣ୍ଡଦ୍ୱୟର ପ୍ରତ୍ୟେକରେ ସାତଗ୍ରନ୍ଥି ଅଛି । ଯଥା— ସାମାନ୍ୟ ବୃଶ୍ଚିକ ।

ସପ୍ତଚତ୍ୱାରିଂଶତ୍, ବି. ସ୍ତ୍ରୀ. (ସପ୍ତ-ଚତ୍ୱାରିଂଶତ୍) ସତଚାଳିଶ, ୪୭, ତତ୍ସଂଖ୍ୟକ ।

ସପ୍ତଚ୍ଛଦ } ବି. ପୁଂ. (ସପ୍ତ ଛଦ, ପର୍ଣ୍ଣ) ଛତିଆନା
ସପ୍ତପର୍ଣ୍ଣ } ଗଛ ।

ସପ୍ତଜ୍ୱାଲ, ବି. ପୁଂ. (ସପ୍ତ ଜ୍ୱାଲ) ଅଗ୍ନି ।

ସପ୍ତତନ୍ତୁ, ବି. ପୁଂ. (ସପ୍ତ-ତନ୍-ତୁ) କ୍ରତୁ, ଯଜ୍ଞ ।

ସପ୍ତତି, ବି. ସ୍ତ୍ରୀ. (ସପ୍ତ-ତି) ସତୁରି ସଂଖ୍ୟା, ୭୦ ।

ସପ୍ତତିତମ, ବିଂ. (ସପ୍ତତି-ତମ) ସପ୍ତତି ସଂଖ୍ୟାର ପୂରଣ ।

ସପ୍ତଦଶ, ବିଂ. (ସପ୍ତଦଶ-ଅ) ସତର, ସତରର ପୂରଣ ।

**ସପ୍ତାର୍ଚ୍ଚି**, ବି. ପୁଂ. ( ସପ୍ତ-ଅର୍ଚ୍ଚି ) ସପ୍ତାର୍ଚ୍ଚିଃ, ଅଗ୍ନି ।

**ସପ୍ତଦ୍ୱୀପା**, ବି. ସ୍ତ୍ରୀ. ପୃଥିବୀ ।

**ସପ୍ତଭଦ୍ର**, ବି. ପୁଂ. (ସପ୍ତ-ଭଦ୍ର) ଶିରୀଷବୃକ୍ଷ ।

**ସପ୍ତମ**, ବିଂ. ସପ୍ତ-ମ) ସାତର ପୂରଣ ।

**ସପ୍ତମୀ**, ବି. ସ୍ତ୍ରୀ. (ସପ୍ତମ-ଈ) ତିଥିବିଶେଷ ।

**ସପ୍ତର୍ଷି**, ବି. ପୁଂ. (ସପ୍ତ-ଋଷି) ୭ ନକ୍ଷତ୍ର, ମରୀଚି, ଅତ୍ରି, ଅଙ୍ଗିରା, ପୁଲସ୍ତ୍ୟ, ପୁଲହ, କ୍ରତୁ, ବଶିଷ୍ଠ ଏହି ସାତ ଋଷି ।

**ସପ୍ତଲା**, ବି. ସ୍ତ୍ରୀ. (ସପ୍ତ-ଲା) ନବମାଳିକା ପୁଷ୍ପ ।

**ସପ୍ତଲୋକ**, ବି. ପୁଂ. ଭୂଃ, ଭୁବଃ, ସ୍ୱଃ, ମହଃ, ଜନ, ତପଃ, ସତ୍ୟ ଏହି ୭ ଉପରସ୍ଥ ଲୋକ ।

**ସପ୍ତସପ୍ତି**, **ସପ୍ତାଶ୍ୱ** } ବି. ପୁଂ. ( ସପ୍ତ-ସପ୍ତି, ଅଶ୍ୱ ) ସୂର୍ଯ୍ୟ, ଦିନକର ।

**ସପ୍ତସାଗର**, ବି. ପୁଂ. ଲବଣ, ଇକ୍ଷୁ, ସୁରା, ସର୍ପିଃ, ଦଧି, ଦୁଗ୍ଧ, ଜଳ ଏହି ସପ୍ତ ପଦାର୍ଥର ସାତ ସମୁଦ୍ର ।

**ସପ୍ତା**, ବି. ( ଦେଶଜ ) ସପ୍ତାହ, ଧର୍ମକାର୍ଯ୍ୟରେ ସପ୍ତଦିବସବ୍ୟାପୀ ଉତ୍ସବ ।

**ସପ୍ତାହ**, (ସପ୍ତନ୍-ଅହନ୍) ସାତ ଦିନ, ହପ୍ତା ।

**ସପ୍ତାଂଶୁ**, ବି. ପୁଂ. ( ସପ୍ତ-ଅଂଶୁ ) ଅଗ୍ନି, ଶନିଗ୍ରହ । ବିଂ. କ୍ରୂରନେତ୍ର ।

**ସଫର**, ପୁଂ. **ସଫରୀ**, ସ୍ତ୍ରୀ. } ବି. ( ଫୁ-ର ଧାତୁଜ ) ମହୁରାଳି ମାଛ, କେରାଣ୍ଡିମାଛ ।

**ସଫଳ**, ବିଂ. ( ସ-ଫଳ ) ଫଳବିଶିଷ୍ଟ, ସୁସିଦ୍ଧ, ଲାଭଜନକ ।

**ସଫା**, ବି. (ଯାବନିକ) ସ୍ୱଚ୍ଛ, ନିର୍ମଳ । କ୍ରି. ବିଂ. ପ୍ରକାଶ୍ୟରୂପେ, ନିଃଶେଷରୂପେ ।

**ସଫେଦ**, ବି. (ଯାବନିକ) ଧଳା ।

**ସବାଖିଆ**, ବି. ( ଦେଶଜ ) ଯେଉଁ ଲୋକ ସବୁ ପଦାର୍ଥ ଖାଇ ପାରେ, ସର୍ବଭୁକ୍ । ସ୍ତ୍ରୀ. ସବାଖାଇ, ଏକଜାତୀୟ କେଳା, ମାଡଜାତି-ବିଶେଷ ।

**ସଭର୍ତ୍ତୃକା**, ବି. ସ୍ତ୍ରୀ. (ସ-ଭର୍ତ୍ତୃକ-ଆ) ପତିବ୍ରତୀ, ସଧବା ।

**ସଭା**, ବି. ସ୍ତ୍ରୀ. ( ସ-ଭା-ଅ ) ପରିଷଦ୍, ସମାଜ, କୌଣସି କାର୍ଯ୍ୟ ନିମିତ୍ତ ଯେଉଁଠାରେ ଅନେକ ଲୋକ ଏକତ୍ର ହୁଅନ୍ତି, ଜନତା ଗୃହ ।

**ସଭାଜନ**, ବି. ପୁଂ. ସଭାସ୍ଥିତ ଲୋକ, ସତ୍କାର, ପୂଜା ।

**ସଭାପତି**, ବି ପୁଂ. (ସଭା-ପତି) ବିଚାରକର୍ତ୍ତା ।

**ସଭାସଦ୍**, ବିଂ. ( ସଭା-ସଦ୍-କ୍ୱିପ୍ ) ସଭ୍ୟ ସାମାଜିକ, ବିଜ୍ଞ ।

**ସଭାଁ**, ସଂ. (ଗ୍ରାମ୍ୟ) ସମସ୍ତେ ।

**ସଭ୍ୟ**, ବି. ପୁଂ. (ସଭା-ଯ) ସାମାଜିକ, ସଭାସଦ୍, ସାଧୁ, ସଜ୍ଜନ, ସଭାଜ, ସଦ୍ବଂଶଜାତ । ବିଂ. ବିଶସ୍ତ, ସଭାସମ୍ବନ୍ଧୀୟ, ବିଜ୍ଞ, ଦ୍ୟୂତକାର ।

**ସମ୍**, ଅଂ. ସଂଯୋଗ, ସମ୍ୟକ୍, ସମୃଦ୍ଧ, ସୌନ୍ଦର୍ଯ୍ୟ, ସଙ୍ଗ, ମିଳନ, ସଙ୍ଗତ, ଶୋଭନ ସମାନ, ତୁଲ୍ୟ, ପ୍ରକର୍ଷ, ଅଶ୍ଳେଷ, ପ୍ରକୃଷ୍ଟ, ସମୁଚ୍ଚୟ, ନୈରନ୍ତର୍ଯ୍ୟ, ଔଚିତ୍ୟ, ଆଭିମୁଖ୍ୟ ।

**ସମ**, ବିଂ. ( ସମ୍-ଅ ) ସମଗ୍ର, ସକଳ, ତୁଲ୍ୟ, ସଦୃଶ, ଏକବିଧ, ସାଧୁ, ଅବକ୍ରୂର, ଯୁଗ୍ମ । ନ. ଗୀତ ବାଦ୍ୟାଦି ବିଷୟରେ ଲୟ, ବର୍ଗମୂଳ ବାହାର କରିବା ନିମିତ୍ତ ଅଙ୍କୋପରି ଦତ୍ତ ଋଜୁରେଖା । ମା, ସ୍ତ୍ରୀ. ବତ୍ସର ।

**ସମକକ୍ଷ**, ବିଂ. ତୁଲ୍ୟ, ପ୍ରତିଯୋଗୀ, ତୁଲ୍ୟବଳ ।

**ସମକେନ୍ଦ୍ରିକ**, ( Concentrical ) ଯେଉଁ ଯେଉଁ ପଦାର୍ଥର କେନ୍ଦ୍ର ଏକ ସ୍ଥାନରେ ଅଥବା ସମସୂତ୍ରରୂପରେ ଥାଏ ।

**ସମକୋଣ**, (Right angle) ଏକ ସରଳ ରେଖାର ଉପରେ ଅନ୍ୟ ଏକ ସରଳରେଖା ଲମ୍ବଭାବରେ ପତିତ ହେଲେ ଯେଉଁ କୋଣ ଉତ୍ପନ୍ନ ହୁଏ ।

**ସମକ୍ଷ**, ବିଂ. ( ସମ୍-ଅକ୍ଷି-ଅ ) ସମ୍ମୁଖ, ପ୍ରତ୍ୟକ୍ଷ, ଅଗ୍ରତଃ । ଅଂ. ଚକ୍ଷୁସମୀପରେ ।

ସମଗ୍ର, ବି°. ( ସମ୍-ଗ୍ରହ୍-ଅ ) ସମସ୍ତ, ସକଳ, ସମ୍ପୂର୍ଣ୍ଣ ।

ସମଜ୍ଞା, ବି. ସ୍ତ୍ରୀ ( ସମ-ଜ୍ଞା ) କୀର୍ତ୍ତି, ଯଶଃ, ସୁଖ୍ୟାତି ।

ସମଜାଇବା, କ୍ରି. (ଯାବନିକ) ବୁଝାଇବା ।

ସମଜିବା, କ୍ରି.(ଦେଶଜ) ବୁଝିବା, ଜ୍ଞାତ ହେବା ।

ସମଞ୍ଜସ, ବି°. (ସମ୍-ଅଞ୍ଜସା-ଅ) ଉଚିତ, ଯୋଗ୍ୟ, ଉପଯୁକ୍ତ, ଯଥାର୍ଥ, ସତ୍ୟ, ସୁଜନ, ଉତ୍ତମ, ଅଭ୍ୟସ୍ତ, ପରିଚିତ, ସଦୃଶ । ବି. ନ. ଯୋଗ୍ୟତା ।

ସମତଳ, ସମଦେଶ } (Level) ସମାନ ଭୂମି, ଯାହା ଉଚ୍ଚ, ନୀଚ ନୁହେ ।

ସମତା, ବି. ସ୍ତ୍ରୀ. (ସମ-ତା) ତୁଲ୍ୟତା, ସାଦୃଶ୍ୟ, ସାମ୍ୟ, ଏକରୂପତା ।

ସମତୁଲ୍ୟ, ବି°. (ସମତୁଲ୍ୟ ଶବ୍ଦଜ) ସମାଧା, ଏକ ତୁଲ୍ୟ ।

ସମଦଣ୍ଡ, ବି. ( ପ୍ରାଚୀନ ) ସେନା, ସୈନ୍ୟ ।

ସମଦର୍ଶକ, ସମଦୃଷ୍ଟି, ସମଦର୍ଶୀ } ବି ( ସମ-ଦର୍ଶକ, ଦୃଷ୍ଟି, ଦର୍ଶିନ୍ ) ଯେ ସମସ୍ତଙ୍କୁ ଏକରୂପରେ ଦେଖେ, ସର୍ବତ୍ର ସମଦର୍ଶକ, ପଣ୍ଡିତ, ତତ୍ତ୍ୱଜ୍ଞାନୀ, ବିବେକୀ, ଆତ୍ମବୋଧସମ୍ପନ୍ନ ବ୍ୟକ୍ତି ।

ସମନ, ବି. (ଇ°. Summous) ସରକାରଙ୍କ ଆଦେଶପତ୍ର ।

ସମଧିକ, ବି°. ( ସମ୍-ଅଧିକ ) ବହୁ, ପ୍ରଚୁର, ଅତ୍ୟଧିକ ।

ସମନ୍ତ, ବି. ପୁଂ. (ସମ୍-ଅନ୍ତ) ସୀମା, ପ୍ରାନ୍ତ । ବି°. ସମସ୍ତ, ସକଳ ।

ସମନ୍ତତଃ, ସମନ୍ତାତ୍ } ଅ°. ( ସମ୍-ଅନ୍ତ-ତସ୍, ଆତ୍ ) ସକଳ ଦିଗରେ ।

ସମନ୍ୟୁ, ବି°. (ସ-ମନ୍ୟୁ) ସଶୋକ, କୋପଯୁକ୍ତ । ବି. ପୁଂ. ଶିବ ।

ସମନ୍ୱୟ, ବି. ପୁଂ. ( ସମ୍-ଅନ୍ୱୟ ) ସଂଯୋଗ, ଅବିରୋଧ, ପ୍ରାକୃତିକ କାର୍ଯ୍ୟକାରଣପ୍ରବାହ ।

ସମନ୍ୱିତ, ବି°. (ସମ୍-ଅନ୍ୱିତ) ମିଳିତ, ସଂଯୁକ୍ତ, ଅବିରୁଦ୍ଧ ।

ସମଭାବ, ବି. ପୁଂ. (ସମ-ଭାବ) ସମତା, ସାଦୃଶ୍ୟ, ଏକରୂପତା ।

ସମଭିବ୍ୟାହାର, ବି. ପୁଂ. ( ସମ୍-ଅଭି-ବି-ଆ-ହୃ-ଅ ) ସଙ୍ଗ, ଏକତ୍ରାବସ୍ଥାନ ।

ସମଭିବ୍ୟାହାରୀ, ବି°. ( ସମଭିବ୍ୟାହାର-ଇନ୍ ) ସଙ୍ଗୀ, ସହିତ ।

ସମଭିବ୍ୟାହୃତ, ବି°. (ସମ୍-ଅଭି-ବି-ଆ-ହୃ-ତ) ଏକତ୍ରୀକୃତ, ସମଭିବ୍ୟାହାରରେ ଚଳିତ, ଯୁକ୍ତ, ସହିତ ।

ସମଭିହାର, ବି. ପୁଂ (ସମ୍-ଅଭି-ହୃ-ଅ)ପୌନଃପୁନ୍ୟ, ବାରମ୍ବାର, ଅତିଶଯ୍ୟ ।

ସମଭୂମି, ବି, ସ୍ତ୍ରୀ. ( ସମ-ଭୂମି ) ପଡ଼ିଆ ଭୂମି, ଚୌରସ ସ୍ଥାନ ।

ସମମଣ୍ଡଳ, ( Temperate zone ) ଗ୍ରୀଷ୍ମମଣ୍ଡଳର ଉତ୍ତର ଓ ଦକ୍ଷିଣରେ ଉତ୍ତରାୟଣବୃତ୍ତ ଓ ଉତ୍ତରମେରୁବୃତ୍ତ ପର୍ଯ୍ୟନ୍ତ ଦୁଇ ଭୂଭାଗ ।

ସମୟ, ବି ପୁଂ. ( ସମ-ଇ-ଅ ) କାଳ, ଯୋଗ୍ୟକାଳ, ଅବସର, ଶପଥ, ଆଚାର, ସଙ୍କେତ, ସୀମା, ସିଦ୍ଧାନ୍ତ, ନିୟମ, ନିର୍ଦ୍ଦେଶ, କର୍ତ୍ତବ୍ୟ, ନିର୍ବାହ, ପ୍ରଚାର, ଘୋଷଣା, ଦୁଃଖାବସାନ, ଉପଦେଶ, ଧର୍ମ ।

ସମର, ବି. ପୁଂ. ନ. (ସମ୍-ଋ-ଅ) ସଂଗ୍ରାମ, ଯୁଦ୍ଧ, ରଣ ।

ସମରଶାୟୀ, ବି°. (ସମର-ଶାୟିନ୍) ଯେଉଁ ବ୍ୟକ୍ତି ଯୁଦ୍ଧରେ ପ୍ରାଣତ୍ୟାଗ କରେ ।

ସମରାଙ୍ଗନ, ବି. ନ. (ସମର-ଅଙ୍ଗନ) ଯୁଦ୍ଧକ୍ଷେତ୍ର, ରଣସ୍ଥଳ ।

ସମରାଶି, ( Even number )ଯେଉଁ ରାଶି ଦୁଇ ସମାନ ଅଂଶରେ ବିଭକ୍ତ ହୋଇ ପାରେ । ଯଥା—୨, ୪, ୬, ୮ ପ୍ରଭୃତି ।

ସମର୍ଥ, ବିଂ. (ସମ୍-ଅର୍ଥ-ଅ) ଶକ୍ତିବିଶିଷ୍ଟ, ବଳବାନ୍, କ୍ଷମତାପନ୍ନ, ଯୋଗ୍ୟ, ହିତ, ଅଭୀଷ୍ଟ, ଯୁକ୍ତିସଙ୍ଗତ ।

ସମର୍ଥନ, ବି. ନ. (ସମ୍-ଅର୍ଥ-ଅନ) ବିବେଚନା, ମୀମାଂସା, ମାନିବା, ସମ୍ଭାବନା, ଉତ୍ସାହ, ଅସାଧ୍ୟ ବିଷୟରେ ଅନୁଷ୍ଠାନାର୍ଥ ଉତ୍ସାହ, ନିଶ୍ଚୟ, ଦୃଢ଼ୀକରଣ, ସାମର୍ଥ୍ୟ, ବିବାଦଭଙ୍ଗ କରିବା ।

ସମର୍ଥିତ, ବିଂ. (ସମ୍-ଅର୍ଥ-ତ) ବିବେଚିତ, ମୀମାଂସିତ, ଦୃଢ଼ୀକୃତ, ସ୍ଥିରୀକୃତ, ସମ୍ଭାବିତ ।

ସମର୍ପଣ, ବି. ନ. (ସମ୍-ଅର୍ପଣ) ଦାନ, ଅର୍ପଣ, ସ୍ଥାପନ ।

ସମର୍ପିତ, ବିଂ. (ସମ୍-ଅର୍ପିତ) ଅର୍ପିତ, ଦତ୍ତ, ସ୍ଥାପିତ ।

ସମବତାର, ବି. ପୁଂ. (ସମ୍-ଅବ-ତୃ-ଅ) ତୀର୍ଥ । ଘାଟ, ସୋପାନ, ପାହାଚ, ଅବତରଣ ।

ସମବଧାନ, ବି. ନ. (ସମ୍-ଅବଧାନ) ସମ୍ୟକ୍ ମନୋଯୋଗ, ନିଷ୍ଠା ।

ସମବର୍ତ୍ତୀ, ବି. ପୁଂ. (ସମ-ବୃତ୍-ଇନ୍) ଯମ, କୃତାନ୍ତ । ବିଂ. ତୁଲ୍ୟରୂପେ ସ୍ଥିତ ।

ସମବସ୍ଥା, ବି. ସ୍ତ୍ରୀ (ସମ୍-ଅବସ୍ଥା) କାଳକୃତ-ବିଶେଷ, ଅବସ୍ଥା, (ସମ-ବସ୍ଥା) ସମାନ ଅବସ୍ଥା, ତୁଲ୍ୟଦଶା ।

ସମବାୟ, ବି. ପୁଂ. (ସମ୍-ଅବ୍-ଇ ଅ) ନିତ୍ୟ ସମ୍ବନ୍ଧ, ମିଳନ, ସମୂହ, ଦର୍ଶନ ଶାସ୍ତ୍ରର କାରଣବିଶେଷ ।

ସମବେତ, ବିଂ. (ସମ୍-ଅବ-ଇ-ତ) ମିଳିତ, ଏକତ୍ରୀକୃତ, ବା ଭୂତ, ସଙ୍ଗତ, ସମ୍ବନ୍ଧ, ଏକଶ୍ରେଣୀଭୁକ୍ତ, ନିତ୍ୟସମ୍ବନ୍ଧ, ନିତ୍ୟଯୁକ୍ତ ।

ସମଷ୍ଟି, ବି. ସ୍ତ୍ରୀ. (ସମ୍-ଅଶ୍-ତି) ସମ୍ୟକ୍‌ବ୍ୟାପ୍ତି, ସମସ୍ତତା, ସାମଗ୍ର୍ୟ, ସାକଲ୍ୟ ।

ସମସର, ଅଂ. (ଗ୍ରାମ୍ୟ) ସମାନ ପରିମାଣରେ, ପ୍ରାପ୍ୟ, ସମାନ, ସଙ୍ଗରେ ।

ସମସ୍ଥାନ, (Equilibrium) ଉଭୟ ଦିଗର ଭାରର ସମତାକରଣ ।

ସମସ୍ତ, ବିଂ. (ସମ୍-ଅସ୍-ତ) ସମୁଦାୟ, ସମ୍ପୂର୍ଣ୍ଣ, ସକଳ, ଏକତ୍ରୀକୃତ, ସଙ୍ଗତ, ଯୁକ୍ତ ସଂକ୍ଷିପ୍ତ, କୃତସମାସ, ଯାହା ସମାସ କରି ହୋଇଅଛି ।

ସମସ୍ଥଳୀ, ବି. ସ୍ତ୍ରୀ. (ସମ-ସ୍ଥଳ-ଈ) ଗଙ୍ଗା ଯମୁନାର ମଧ୍ୟବର୍ତ୍ତୀ ସ୍ଥାନ, ଦୋୟାବ ।

ସମସ୍ୟା, ବି. (ସମ୍-ଅସ୍-ଯ-ଆ) ଶ୍ଳୋକ ସମ୍ପୂରଣାର୍ଥ ପ୍ରଶ୍ନ, ଶ୍ଳୋକର ପଦପୂରଣାର୍ଥ ପ୍ରଶ୍ନ, ସଂଘଟନ, ମିଶ୍ରଣ ।

ସମାକୁଳ, ବିଂ. (ସମ୍-ଆକୁଳ) ବ୍ୟାକୁଳ, କାତର, ସଂଶୟିତ, ସନ୍ଦିଗ୍ଧ, ହତବୁଦ୍ଧି ।

ସମାକ୍ରାନ୍ତ, ବିଂ. (ସମ୍-ଆକ୍ରାନ୍ତ) ବ୍ୟାପ୍ତ, ବିସ୍ତୃତ, ଆକ୍ରାନ୍ତ, ଗୃହୀତ, ଅଧିଷ୍ଠିତ ।

ସମାଖ୍ୟା, ବି. ସ୍ତ୍ରୀ. (ସମ୍ ଆ-ଖ୍ୟା-ଅ-ଆ) ଯଶଃ, କୀର୍ତ୍ତି, ଆଖ୍ୟା, ନାମ ।

ସମାଗତ, ବିଂ. (ସମ୍-ଆଗତ) ମିଳିତ, ଉପସ୍ଥିତ, ସାକ୍ଷାତ୍କୃତ, ସାକ୍ଷାତ୍‌ପ୍ରାପ୍ତ ।

ସମାଗତି, ସମାଗମ } ବି. (ସମ୍-ଆଗତି, ଆଗମ) ଉପସ୍ଥିତି, ଆଗମନ, ମିଳନ, ସଙ୍ଗମ ।

ସମାଚାର, ବି. ପୁଂ. (ସମ୍-ଆ-ଚର୍-ଅ) ଉତ୍ତମ ଆଚରଣ । (ଦେଶଜ) ସମ୍ବାଦ, ଖବର ।

ସମାଚ୍ଛନ୍ନ, ବିଂ. (ସମ୍-ଆଚ୍ଛନ୍ନ) ଆଚ୍ଛାଦିତ, ଆବୃତ ।

ସମାଜ, ବି. ପୁଂ. (ସମ୍-ଅଜ୍-ଅ) ସମୂହ, ଦଳ, ଗଣ, ସଭା, ପରିଷଦ୍ ।

ସମାଦର, ବି. ପୁଂ. (ସମ୍-ଆଦର) ସମ୍ମାନ, ସମ୍ୟକ୍ ଆଦର, ସମ୍ବର୍ଦ୍ଧନା ।

ସମାଦୃତ, ବିଂ. (ସମ୍-ଆଦୃତ) ସମ୍ମାନିତ, ଆଦରପ୍ରାପ୍ତ, ଅଭ୍ୟାଦୃତ ।

ସମାଧା, ସ୍ତ୍ରୀ., ସମାଧାନ, ନ. } ବି. (ସମ୍-ଆ-ଧା-ଅ, ଅନ) ସିଦ୍ଧାନ୍ତ, ବିରୋଧଭଞ୍ଜନ, ନିଷ୍ପତ୍ତି, ନିୟମ, ତପସ୍ୟା, ଅନୁସନ୍ଧାନ, ସମର୍ଥନ, ଚିତ୍ତର ଏକାଗ୍ରତା, ଧ୍ୟାନ, ପ୍ରତୀକାର ।

**ସମାଧି**, ବି. ପୁଂ. (ସମ୍-ଆ-ଧା-ଇ) କାରଣସମୂହ, ନିୟମ, ନିଦ୍ରା, ନିବେଶ, ଚିତ୍ତର ଏକାଗ୍ରତା, ଯୋଗ, ଧ୍ୟାନ, ଆକ୍ଷେପ, ପ୍ରତିଜ୍ଞା, ସମ୍ମତି, ଚୁକ୍ତି, ପ୍ରତିଶୋଧ, ବିବାଦଭଞ୍ଜନ କଳାଭାବ ହେବା ଯୋଗେ ଶସ୍ୟ ସଞ୍ଚୟ କରି ରଖିବା, ଇନ୍ଦ୍ରିୟର ନିରୋଧନ, ଅସାଧ୍ୟ ବିଷୟରେ ଅଧ୍ୟବସାୟ, ମୌନୀଭାବ, ସମର୍ଥନ, ବାକ୍ୟର ଗୁଣବିଶେଷ, ଯହିଁରେ ଦୈବଯୋଗରେ ଦୁଇ ଘଟଣା ଏକ ସମୟରେ ଘଟେ ଏବଂ ଏକ କ୍ରିୟାର ସହିତ ଦୁଇ କର୍ତ୍ତାର ଅନ୍ୱୟ ହୋଇ ଏହି ଘଟନାଦ୍ୱାରା ପ୍ରକାଶିତ ହୁଏ । ( ଦେଶଜ ) ମୃତବ୍ୟକ୍ତିର ସ୍ମୃତିସ୍ତମ୍ଭ ।

**ସମାଧିକ୍ଷେତ୍ର** } **ସମାଧିସ୍ଥାନ** } (Burial ground ) ଯେଉଁ ସ୍ଥାନରେ ମୃତଦେହ ଭୂଗର୍ଭରେ ନିହିତ କରନ୍ତି ।

**ସମାଧିସ୍ତମ୍ଭ**, ଭୂଗର୍ଭନିହିତ ଶବୋପରି ନିର୍ମିତ ସ୍ତମ୍ଭ ।

**ସମାଧ୍ମାତ**, ବିଂ. (ସମ୍-ଆ-ଧ୍ମା-ତ) ସମ୍ୟକ୍‌ଶବ୍ଦିତ, ଗର୍ବିତ, ସମୁଦ୍ଦୀପିତ ।

**ସମାନ**, ବିଂ. (ସ ମାନ) ତୁଲ୍ୟ, ସଦୃଶ, ଅଭିନ୍ନ, ଏକ ପ୍ରକାର । ବି. ପୁଂ. ଶରୀରାନ୍ତର୍ଗତ ନାଭି-ସ୍ଥିତ ବାୟୁବିଶେଷ ।

**ସମାନୁପାତ**, ( Proportion ) ଦୁଇ ଅଥବା ବହୁସଂଖ୍ୟକ ଅନୁପାତର ସମାନତ୍ୱ ସମ୍ବନ୍ଧ ।

**ସମାନୋଦକ**, ବି. ପୁଂ. (ସମାନ-ଉଦକ) ଚତୁ-ର୍ଦ୍ଦଶ ପୁରୁଷ ପର୍ଯ୍ୟନ୍ତ ଜ୍ଞାତି, ଯେଉଁମାନଙ୍କର ତର୍ପଣ କରିବାକୁ ହୁଏ ।

**ସମାନ୍ତରାଳ**, ( Parallel ) ଯେଉଁ ଦୁଇ ସରଳରେଖା ଉଭୟ ପାର୍ଶ୍ୱରେ ଅବିଶ୍ରାନ୍ତ ବୃଦ୍ଧି ପାଇଲେହେଁ ପରସ୍ପର ସଂସ୍ପର୍ଶନ କରନ୍ତି ।

**ସମାପକ**, ବିଂ. ( ସମ-ଆପ୍-ଅକ ) ସମାପ୍ତିକାରକ, ସମାପନକାରୀ ।

**ସମାପନ**, ବି. ନ. ( ସମ୍-ଆପ୍-ଅନ ) ସମାପ୍ତି, ସମ୍ପୂରଣ, ଶେଷ, ପରିଚ୍ଛେଦ, ବଧ, ସମାଧାନ, ଲାଭ ।

**ସମାପନ୍ନ**, ବି. ନ. ( ସମ୍-ଆ-ପଦ୍-ତ ) ସମାପ୍ତ, ପ୍ରାପ୍ତ, ଲବ୍ଧ, ସାଧିତ, ନିବାହିତ, ହତ, ଆପଦ୍‌ଗ୍ରସ୍ତ ।

**ସମାପିକା**, ବିଂ. ସ୍ତ୍ରୀ. ( ସମ-ଅପ୍-ଅକ-ସ୍ତ୍ରୀ. ଆ) ଯେଉଁ କ୍ରିୟା ପ୍ରୟୋଗ କଲେ ବାକ୍ୟର ସମାପ୍ତି ହୁଏ ତାହାକୁ ସମାପିକା କ୍ରିୟା କହନ୍ତି ।

**ସମାପିତ** } **ସମାପ୍ତ** } ବିଂ. (ସମ୍-ଆପ୍-ଣିଚ୍-ତ) ସମ୍ପାଦିତ, ନିଷ୍ପନ୍ନ, ସମ୍ପୂର୍ଣ୍ଣ, ଯାହାର କିଞ୍ଚିନ୍ମାତ୍ର ଅବଶିଷ୍ଟ ନାହିଁ, ସମାପ୍ତ, ପ୍ରାପିତ, ଶେଷିତ, ମାରିତ ।

**ସମାପ୍ତି**, ବି.ସ୍ତ୍ରୀ. (ସମ୍-ଆପ୍-ତି) ସମାପନ, ଶେଷ, ବିରୋଧଭଞ୍ଜନ, ପ୍ରାପ୍ତି ।

**ସମାରୋହ**, ବି ପୁଂ. ( ସମ୍-ଆ-ରୁହ୍-ଅ) ଅଭି-ନତ, ଆଡ଼ମ୍ବର, ଜାକଜମକ, ଆରୋହଣ, ସମ୍ମତ ହେବା ।

**ସମାବର୍ଜିତ**, ବିଂ. (ସମ୍-ଆ-ବର୍ଜିତ) ବକ୍ରପାତିତ, ବକ୍ର ଭାବରେ ନୁଆଁଇବା ।

**ସମାବର୍ତ୍ତନ**, ବି. ନ. (ସମ୍-ଆ-ବୃତ୍-ଅନ) ବ୍ରହ୍ମ-ଚର୍ଯ୍ୟ ପରେ ଗୃହସ୍ଥାଧର୍ମରେ ପ୍ରବେଶ, ପ୍ରତ୍ୟାଗମନ ।

**ସମାବିଦ୍ଧ**, ବିଂ. ( ସମ୍-ଆ-ବ୍ୟଧ୍-ତ ) ସଂଘଟ୍ଟିତ, ସଂଯୋଜିତ ।

**ସମାବିଷ୍ଟ**, ବିଂ. (ସମ୍-ଆ-ବିଶ୍-ତ) ଅଭିନିବିଷ୍ଟ, ଏକାଗ୍ରଚିତ୍ତ, ମନୋଯୋଗୀ, ପ୍ରବିଷ୍ଟ ।

**ସମାବୃତ**, ବିଂ. (ସମ୍-ଆ ବୃ-ତ) ବେଷ୍ଟିତ, ଆବୃତ ।

**ସମାବେଶ**, ବି. ପୁଂ. (ସମ୍-ଆ-ବିଶ୍-ଅ) ପ୍ରବେଶ, ସଂସ୍ଥିତି, ଏକତ୍ର ଅବସ୍ଥାନ, ଏକତ୍ର ସ୍ଥାପନ, ମନୋଯୋଗ ।

**ସମାବେଶିତ**, ବିଂ. ( ସମାବେଶ-ଇତ ) ପ୍ରବିଷ୍ଟ, ସ୍ଥାପିତ, ସହାବସ୍ଥିତ, ଏକତ୍ର ଅବସ୍ଥିତ, ଅଭି-ନିବେଶିତ ।

**ସମାଶ୍ରୟ**, ବି. ପୁଂ. ( ସମ୍-ଆଶ୍ରୟ ) ଆଶ୍ରୟ, ଅବଲମ୍ବନ, ରକ୍ଷା ।

**ସମାଶ୍ରିତ**, ବିଂ. ( ସମ୍-ଆଶ୍ରିତ ) ଆଶ୍ରିତ, ରକ୍ଷିତ ।

ସମାସ, ବି. ପୁଂ ( ସମ୍-ଅସ୍ ଅ ) ସଂକ୍ଷେପ, ସଂଗ୍ରହ, ସମର୍ଥନ, ସମାହାର, ମିଳନ, ଦୁଇ ବା ବହୁପଦର ଏକପଦୀକରଣ । ସମାସ ଛ ପ୍ରକାର--ଦ୍ୱନ୍ଦ୍ୱ, ବହୁବ୍ରୀହି, କର୍ମଧାରୟ, ତତ୍ପୁରୁଷ, ଦ୍ୱିଗୁ, ଅବ୍ୟୟୀଭାବ ।

ସମାସଙ୍ଗ, ବି. ପୁଂ. ( ସମ୍-ଆ-ସନ୍ଜ୍-ଅ) ସଂଯୋଗ, ଅତ୍ୟାସକ୍ତି, ଅନ୍ତର୍ନିବେଶ ।

ସମାସନ୍ନ, ବିଂ. ( ସମ୍-ଆସନ୍ନ ) ସନ୍ନିହିତ, ନିକଟବର୍ତ୍ତୀ, ପ୍ରାପ୍ତ ।

ସମାସାଦିତ, ବିଂ. ( ସମ୍-ଆ-ସାଦ-ତ ) ପ୍ରାପ୍ତ, ଲବ୍ଧ, ସମାନୀତ, ଆହୃତ, ଆକ୍ରାନ୍ତ ।

ସମାସୀନ, ବିଂ. (ସମ୍-ଆସ୍-ଆନ) ଉପବିଷ୍ଟ ।

ସମାସୋକ୍ତି, ବି. ସ୍ତ୍ରୀ. ( ସମାସ-ଉକ୍ତି ) କାବ୍ୟ-ଲକ୍ଷିତ ଅଳଙ୍କାରବିଶେଷ ।

ସମାହତ, ବିଂ. ( ସମ-ଆ-ହନ୍-ତ ଆହତ, ତାଡ଼ିତ ।

ସମାହାର, ବି. ପୁ. ( ସମ୍ ଆ-ହୃ ଅ ) ମିଳନ, ସଂଗ୍ରହ, ସଂକ୍ଷେପ, ସମୂହ, ଦ୍ୱିଗୁଦ୍ୱନ୍ଦ୍ୱସମାସ-ବିଶେଷ ।

ସମାହିତ, ବିଂ. ( ସମ୍-ଆ-ଧା-ତ ) ଅଙ୍ଗୀକୃତ, ସମାଧିନିଷ୍ଠ, ଅବହିତ, ଏକାଗ୍ରଚିତ୍ତ, ନିଷ୍ପାଦିତ, ମୀମାଂସିତ, ସ୍ଥାପିତ, ସଞ୍ଚିତ, ସମାଧି-କ୍ଷେତ୍ରରେ ନିହିତ, ବିଶୋଧିତ, ଅବିଚଳିତ, ଦୃଢ଼ ।

ସମାହୃତ, ବିଂ. (ସମ୍-ଆ-ହୃ-ତ) ପ୍ରାପ୍ତ, ସଂଗୃହୀତ, ଏକତ୍ରୀକୃତ, ସଂମିଳିତ, ସଂକ୍ଷିପ୍ତ, ଆନୀତ ।

ସମାହ୍ୱୟ, ବି.ପୁଂ. (ସମ୍-ଆ-ହ୍ୱେ-ଅ) ପ୍ରାଣିଦ୍ୟୂତ, ମେଷ କୁକ୍କୁଟାଦିଦ୍ୱାରା ଯୁଦ୍ଧ କରାଇବା ।

ସମିଆନା } ସାମିଆନା } ବି. ( ଯାବନିକ ) ଚାନ୍ଦୁଆ, ଚନ୍ଦ୍ରାତପ ।

ସମିତ, (Equal) ତୁଲ୍ୟତାବୋଧକ ଚିହ୍ନ, "=" ଏହି ଚିହ୍ନ ।

ସମିତି, ବି. ସ୍ତ୍ରୀ. ( ସମ୍-ଇ-ତି ) ଯୁଦ୍ଧ, ସଭା, ସଙ୍ଗ ।

ସମିଥ, ବି. ପୁଂ. ( ସମ୍-ଇ-ଥ ) ଅଗ୍ନି, ଯୁଦ୍ଧ, ଆହୁତି ।

ସମିଦ୍ଧ, ବିଂ. (ସମ୍-ଇନ୍ଧ୍-ତ) ପ୍ରଜ୍ୱଳିତ, ପ୍ରଦୀପ୍ତ, ଦୀପିତ, ଉତ୍ତେଜିତ ।

ସମିଧ ବି. ପୁଂ. ( ସମ୍-ଇନ୍ଧ୍-ଅ ) ଅଗ୍ନି, ଯଜ୍ଞକାଷ୍ଠ ।

ସମୀକରଣ (Equation) ବି ନ. (ସମ୍-କରଣ) ଏକଜାତୀୟକରଣ, ତୁଲ୍ୟକରଣ, ସଦୃଶୀ-କରଣ, ଅନୁରୂପ କରିବା, ଗଣିତ ଶାସ୍ତ୍ରରେ ଅଜ୍ଞାତ ସଂଖ୍ୟା ଜ୍ଞାନାର୍ଥ ପ୍ରକ୍ରିୟାବିଶେଷ, କୌଣସି ବ୍ୟକ୍ତ ରାଶିକୁ ଅବଲମ୍ବନ କରି ତତ୍ତୁଲ୍ୟ କୌଣସି ଅବ୍ୟକ୍ତ ରାଶିର ପରିମାଣ ନିର୍ଣ୍ଣୟ କରିବା ।

ସମୀକ୍ଷ } ସମୀକ୍ଷ୍ୟ } ବି. ନ. (ସମ୍-ଈକ୍ଷ୍-ଅ, ଯ) ଦୃଷ୍ଟି, ଦର୍ଶନ ।

ସମୀକ୍ଷଣ, ବି. ନ. (ସମ୍ ଈକ୍ଷ୍-ଅନ) ଅନ୍ୱେଷଣ, ଅନୁସନ୍ଧାନ, ଆଲୋଚନ, ଉତ୍ତମରୂପେ ଦର୍ଶନ ।

ସମୀକ୍ଷ୍ୟକାରୀ, ବିଂ. (ସମୀକ୍ଷ-କୃ-ଇନ୍) ପୂର୍ବାପର ବିବେଚନା କରି ଯେ କାର୍ଯ୍ୟ କରେ ।

ସମୀକ୍ଷ୍ୟବାଦୀ, ବିଂ. ( ସମୀକ୍ଷ୍ୟ-ବାଦିନ ) ଯେ ପୂର୍ବାପର ବିବେଚନା କରି କଥା କହେ ।

ସମୀଚ, ବି. ପୁଂ. ( ସମ୍-ଈ ଚ ) ସମୁଦ୍ର । ଚୀ, ସ୍ତ୍ରୀ. ମୃଗୀ, ବନ୍ଦନା, ସ୍ତୁତି ।

ସମୀଚୀନ, ବିଂ. (ସମ୍ୟଚ୍-ଈନ) ସତ୍ୟ, ଯଥାର୍ଥ, ଉତ୍ତମ, ଉପଯୁକ୍ତ । ବି. ନ. ସତ୍ୟ ।

ସମୀନ, ( ସମା-ଈନ ) ବାର୍ଷିକ, ବର୍ଷର-ସମ୍ବନ୍ଧୀୟ ।

ସମୀନିକା, ବି ସ୍ତ୍ରୀ. ( ସମୀନ-କ ) ପ୍ରତିବର୍ଷ ପ୍ରସବକାରୀ ଗାଭୀ ।

ସମୀପ, ବିଂ. ( ସମ୍-ଅପ୍-ଅ, ଅ ସ୍ଥାନରେ ଈ) ଅନ୍ତିକ, ନିକଟ, ସନ୍ନିହିତ ।

ସମୀର, ବି. ପୁଂ. (ସମ୍-ଈର-ଅ) ବାୟୁ, ଅନିଳ, ମରୁତ, ପବନ ।

**ସମୀରଣ**, ବି. ପୁଂ. ( ସମ-ଈର୍-ଅନ ) ବାୟୁ, ପଥିକ । ନ. ପ୍ରେରଣ ।

**ସମୀରିତ**, ବିଂ. ( ସମ୍-ଈର୍-ତ ) ପ୍ରେରିତ, ଉଚ୍ଚାରିତ । ବି. ନ. ପ୍ରେରଣ ।

**ସମୀହିତ**, ବିଂ. ( ସମ୍-ଈହ୍-ତ ) ଚେଷ୍ଟିତ, ଅଭୀଷ୍ଟ । ବି. ନ. ଚେଷ୍ଟା, ଇଚ୍ଛା ।

**ସମୁଖ**, ବିଂ. (ସ-ମୁଖ) ବାଗ୍ମୀ, ବକ୍ତା, ଯାହାର ମୁଖ ଅଛି ।

**ସମୁଚିତ**, ବିଂ. (ସମ୍-ଉଚିତ) ଉପଯୁକ୍ତ, ଯୋଗ୍ୟ, ସମଞ୍ଜସ ।

**ସମୁଚ୍ଚୟ**, ବି. ପୁଂ. (ସମ୍-ଉତ୍-ଚି-ଅ) ସମାହାର, ମିଳନ, ସମୂହ, ରାଶି, ଅନେକ ପଦାର୍ଥର ଏକ କ୍ରିୟାରେ ଅନ୍ୱୟ ।

**ସମୁଚ୍ଚିତ**, ବିଂ. ( ସମ-ଉତ୍-ଚି ତ ) ରାଶୀକୃତ, ସଂଗୃହୀତ, ସମୁଚ୍ଚୟଯୁକ୍ତ ।

**ସମୁଚ୍ଛଳିତ**, ବିଂ. (ସମ୍-ଉତ୍-ଶଲ-ତ) ସମନ୍ତାତ୍ ବିସ୍ତୀର୍ଣ୍ଣ ।

**ସମୁଚ୍ଛେଦ**, ବି.ପୁଂ. (ସମ୍-ଉତ୍-ଛିଦ୍-ଅ) ଧ୍ୱଂସ, ବିନାଶ, ଉନ୍ମୂଳନ ।

**ସମୁଚ୍ଛ୍ୱସିତ**, ବିଂ. (ସମ୍-ଉତ୍-ଶ୍ୱସ୍-ତ) ପୁନରୁଜ୍ଜୀବିତ, ଉଚ୍ଛ୍ୱାସଯୁକ୍ତ ।

**ସମୁଚ୍ଛ୍ୱାସ**, ବି. ପୁଂ. (ସମ୍-ଉତ୍-ଶ୍ୱସ୍-ଅ) ନିଶ୍ୱାସ ପ୍ରଶ୍ୱାସ, ସ୍ଫୀତି, ସ୍ଫୂର୍ତ୍ତି ।

**ସମୁତ୍କୀର୍ଣ୍ଣ**, ବିଂ. (ସମ୍-ଉତ୍-କୄ-ତ ) ଖୋଦିତ, ବିଦ୍ଧ, ବିଦୀର୍ଣ୍ଣ, ଭଗ୍ନ ।

**ସମୁତ୍ଥ** / **ସମୁତ୍ଥିତ** } ବିଂ. ( ସମ୍-ଉତ୍-ସ୍ଥା-ଅ, ତ ) ଉତ୍ପନ୍ନ, ଜାତ, ଉଦିତ, ଉତ୍ଥିତ, ଉଠିବା ।

**ସମୁତ୍ଥାନ**, ବି ନ. (ସମ-ଉତ୍-ସ୍ଥା-ଅନ) ଉତ୍ଥାନ, ଉଠିବା, ଉଦୟ, ଉଦ୍ଭବ, କାର୍ଯ୍ୟାରମ୍ଭ, ଉଦ୍ଯୋଗ, ରୋଗନିର୍ଣ୍ଣୟ, ରୋଗଶାନ୍ତି, ରୋଗମୁକ୍ତି ।

**ସମୁତ୍ପନ୍ନ**, ବିଂ. (ସମ୍-ଉତ୍-ପଦ୍-ତ ) ଉତ୍ପନ୍ନ, ଜାତ, ଉଦିତ, ପ୍ରବୃତ୍ତ, ଘଟିତ ।

**ସମୁତ୍ପାଟ**, ପୁଂ. / **ସମୁତ୍ପାଟନ**, ନ. } ବି (ସମ-ଉତ୍-ପାଟ-ଅ, ଅନ) ଉନ୍ମୂଳନ ।

**ସମୁତ୍ପାଟିତ**, ବି. (ସମ୍-ଉତ୍-ପାଟ-ତ) ଉନ୍ମୂଳିତ ।

**ସମୁତ୍ସାଦିତ**, ବିଂ. ( ସମ-ଉତ୍-ସାଦି ତ ) ଉନ୍ମୂଳିତ, ବିନାଶିତ ।

**ସମୁତ୍ସୁକ**, ବିଂ. ( ସମ୍-ଉତ୍ସୁକ ) ଉତ୍କଣ୍ଠିତ, ଚିନ୍ତିତ, ଆଗ୍ରହଯୁକ୍ତ, ଔତ୍ସୁକ୍ୟଶୀଳ ।

**ସମୁଦୟ**, ବି. ପୁଂ. ( ସମ୍-ଉତ୍-ଇ-ଅ ) ସମଗ୍ର, ସକଳ, ସମୂହ ଉତ୍ଥାନ, ଉଦୟ, ଉନ୍ନତି, ସଂଗ୍ରାମ, ଯୁଦ୍ଧ, ଦିବସ । ନ. ଲଗ୍ନ ।

**ସମୁଦାୟ**, ବି. ପୁଂ. (ସମ୍-ଉତ୍-ଇ-ଅ) ସମଗ୍ର, ସକଳ, ଯୁଦ୍ଧ, ଉଦୟ, ଉନ୍ନତି, ପଶ୍ଚାଦ୍-ଭାଗରେ ସ୍ଥିତ ସୈନ୍ୟ ।

**ସମୁଦିତ**, ବିଂ. ( ସମ୍-ଉତ୍-ଇ-ତ ) ଉତ୍ଥିତ, ଉନ୍ନତ, ଉତ୍ପନ୍ନ, ଜାତ, ସମ୍ୟକ୍ କଥିତ ।

**ସମୁଦୀ**, ବି. (ସମ୍ବନ୍ଧିନ୍ ଶବ୍ଦଜ) ପୁତ୍ର ଓ କନ୍ୟାର ଶ୍ୱଶୁର ।

**ସମୁଦୁଣୀ** ବି. (ସମ୍ବନ୍ଧିନୀ ଶବ୍ଦଜ) ପୁତ୍ର ଓ କନ୍ୟାର ଶାଶୁ ।

**ସମୁଦ୍ଗ** / **ସମୁଦ୍ଗକ** } ବି. ପୁଂ. ( ସମ୍-ଉତ୍-ଗମ୍-ଅ, ଅକ ) ସମ୍ପୁଟକ, ଫରୁଆ । ଯଥା—

> ଦନ୍ତପନ୍ତି-ସମୁଦ୍ଗକ, ପ୍ରବାଳ ଢାଙ୍କୁଣି ଏକ,
> ବଦନ-ବଣିକ କି ରତ୍ନଭରେ ଥୋଇଛି । ବ. ଚ.

**ସମୁଦ୍ଗତ**, ବିଂ. ( ସମ୍-ଉଦ୍ଗତ ) ଉଦିତ, ଉତ୍ପନ୍ନ ।

**ସମୁଦ୍ଗମ**, ବି. ପୁଂ. (ସମ୍-ଉତ୍-ଗମ୍ ଅ) ଉଦୟ, ଉଦ୍ଭବ ।

**ସମୁଦ୍ଗୀର୍ଣ୍ଣ**, ବିଂ. (ସମ୍-ଉଦ୍ଗୀର୍ଣ୍ଣ) ଉଦ୍ଗୀର୍ଣ୍ଣ, ବମିତ, ଉଚ୍ଚାରିତ, କଥିତ, ଉତ୍ତୋଳିତ ।

**ସମୁଦ୍ଧତ**, ବିଂ. (ସମ୍-ଉଦ୍ଧତ) ଅବିନୀତ, ଅଶିଷ୍ଟ, ଗର୍ବିତ, ଅହଙ୍କୃତ, ଉଦ୍ଧତ, ଉତ୍ଥାପିତ, ଉତ୍କ୍ଷିପ୍ତ ।

ସମୁଦ୍ଧରଣ, ନ. } ବି. (ସମ୍-ଉଦ୍ଧରଣ, ଉଦ୍ଧାର)
ସମୁଦ୍ଧାର, ପୁଂ. } ଉଦ୍ଧାର, ମୋଚନ, ବମନ, ଉନ୍ମୂଳନ ଉତ୍ତୋଳନ ।

ସମୁଦ୍ଧୃତ, ବିଂ. (ସମ୍-ଉଦ୍ଧୃତ) ମୋଚିତ, ଉଦ୍ଧୃତ, ଉତ୍ତୋଳିତ, ଉନ୍ମୂଳିତ, ଅସଦ୍‌ବ୍ୟବହାର-ପ୍ରାପ୍ତ, ଅଂଶ କରି ଗୃହୀତ, ଅଂଶୀକୃତ, ଅଧିକୃତ ।

ସମୁଦ୍ଭବ, ବି. ପୁଂ. (ସମ୍-ଉଦ୍ଭବ) ଉତ୍ପତ୍ତି, ଜନ୍ମ, କାରଣ । ବିଂ. ଉଦ୍ଭୂତ, ଜାତ ।

ସମୁଦ୍ଭାସିତ, ବିଂ. ( ସମ୍-ଉଦ୍ଭାସିତ ) ପ୍ରଦୀପ୍ତ, ଶୋଭିତ, ଉଜ୍ଜ୍ୱଳୀକୃତ ।

ସମୁଦ୍ଭୂତ, ବିଂ. (ସମ୍-ଉଦ୍ଭୂତ) ଉତ୍ପନ୍ନ ।

ସମୁଦ୍ୟତ, ବିଂ. (ସମ୍-ଉଦ୍ୟତ) ସମ୍ୟକ୍‌ଉଦ୍ୟତ, ସମ୍ୟକ୍ ଉଦ୍ୟୁକ୍ତ ।

ସମୁଦ୍ୟମ, ବି. ପୁଂ. (ସମ୍-ଉଦ୍ୟମ) ସମ୍ୟକ୍‌ଉଦ୍ୟମ, ଚେଷ୍ଟା, ଆରମ୍ଭ ।

ସମୁଦ୍ର, ବି. ପୁଂ. (ସ-ମୁଦ୍-ର-ଅ) ଅମ୍ବୁଧି, ଜଳ-ରାଶି, ସାଗର । ବିଂ. ମୁଦ୍ରିତ, ଛାପା, ମୁଦ୍ରାଯୁକ୍ତ ।

ସମୁଦ୍ରପନ୍ତା, ବି. (ସମୁଦ୍ର-ପନ୍ତା) ସମୁଦ୍ରକୂଳ ।

ସମୁଦ୍ରାରୁ, ବି. ପୁଂ. (ସମୁଦ୍ର-ଋ-ଉ) କୁମ୍ଭୀର, ସେତୁବନ୍ଧ, ରାମଙ୍କ ସେତୁ ।

ସମୁନ୍ନତ, ବିଂ. ( ସମ୍-ଉନ୍ନତ ) ସମ୍ୟକ୍‌ଉନ୍ନତ, ଉନ୍ନତବିଶିଷ୍ଟ, ବୃଦ୍ଧିଯୁକ୍ତ, ଉଚ୍ଚ, ମହତ୍ ।

ସମୁନ୍ନତି, ବି. ସ୍ତ୍ରୀ. ( ସମ୍-ଉନ୍ନତି ) ସମ୍ୟକ୍-ଉନ୍ନତି, ବୃଦ୍ଧି, ମହତ୍ତ୍ୱ, ଉଚ୍ଚତା, ଉଚ୍ଚପଦ ।

ସମୁନ୍ନୟ, ପୁଂ. } ବି. (ସମ୍-ଉତ୍-ନୀ-ଅ, ଅନ,
ସମୁନ୍ନୟନ, ନ } ଉନ୍ନୟନ, ଉର୍ଦ୍ଧ୍ୱକୁ ନେବା, ଉଦ୍ଭାବନ, ଲାଭ, ପ୍ରାପ୍ତି ।

ସମୁପବେଶ, ବି. ପୁଂ. ( ସମ୍-ଉପ-ବିଶ୍-ଅ ) ଅଭ୍ୟର୍ଥନା, ବସାଇବା ।

ସମୁପସ୍ଥ, ବି. ସ୍ତ୍ରୀ (ସମ୍-ଉପ-ସ୍ଥା-ଅ) ନୈକଟ୍ୟ, ସାମୀପ୍ୟ, ଘଟନା ।

ସମୁଲ୍ଲେଖ, ପୁଂ. } ବି. ( ସମ୍-ଉତ୍-ଲିଖ-ଅ,
ସମୁଲ୍ଲେଖନ, ନ. } ଅନ ) ଖନନ, ଖୁଣ୍ଡାଇବା, ଖୁନ୍ଦନ, କଥନ, ଗୁମ୍ଫିବା ।

ସମୂଳ } ବିଂ. ( ସ-ମୂଳ, କ ) ମୂଳ-
ସମୂଳକ } ସହିତ, ସହେତୁକ, କାରଣ-ସହିତ, ସତ୍ୟ ।

ସମୂହ, ବି. ପୁଂ. ( ସମ୍-ଉହ୍-ଅ ) ସମୁଦାୟ, ରାଶି, ସମ୍ୟକ୍ ତର୍କ ।

ସମୃଦ୍ଧ, ବିଂ. (ସମ୍-ଋଧ୍-ତ) ସମୃଦ୍ଧିଯୁକ୍ତ, ବୃଦ୍ଧି-ଯୁକ୍ତ, ସମ୍ପନ୍ନ, ସମ୍ପତ୍ତିଶାଳୀ, ଜାତ, ଉତ୍ପନ୍ନ ।

ସମୃଦ୍ଧି, ବି. ସ୍ତ୍ରୀ. (ସମ୍-ଋଧ୍-ତି) ସମ୍ପତ୍ତି, ଐଶ୍ୱର୍ଯ୍ୟ, ଉନ୍ନତି, ବୃଦ୍ଧି, ଶ୍ରେୟଃ, ମଙ୍ଗଳ, କୃତ-କାର୍ଯ୍ୟତା, ପ୍ରଭାବ, ଆଧିପତ୍ୟ, ଐଶ୍ୱର୍ଯ୍ୟ, ବିଶିଷ୍ଟତା ।

ସମେତ, ବିଂ ( ସମ୍-ଆ-ଇ-ତ ) ସହିତ, ସଂଯୁକ୍ତ, ମିଳିତ, ସଙ୍ଗତ, ପ୍ରାପ୍ତ, ଉପସ୍ଥିତ ।

ସମ୍ପତ୍ତି } ବି. ସ୍ତ୍ରୀ. ( ସମ୍-ପଦ୍ ତି-୦ )
ସମ୍ପଦ୍ } ବିଭୂତି, ଐଶ୍ୱର୍ଯ୍ୟ, ଧନ, ଲକ୍ଷ୍ମୀ, ଶୋଭା, ଗୁଣୋତ୍କର୍ଷ, ଉତ୍କର୍ଷ, ଗୌରବ ।

ସମ୍ପନ୍ନ, ବିଂ ( ସମ୍-ପଦ୍-ତ ) ସମଗ୍ର, ସମ୍ପୂର୍ଣ୍ଣ, ନିଷ୍ପନ୍ନ, ସମ୍ପାଦିତ, ସମ୍ପତ୍ତିଯୁକ୍ତ, ଐଶ୍ୱର୍ଯ୍ୟ-ବିଶିଷ୍ଟ, ସହିତ, ଯୁକ୍ତ, ବିଶିଷ୍ଟ ।

ସମ୍ପରାୟ, ବି. (ସମ୍-ପରା-ଇ-ଅ) ଆପଦ୍, ଯୁଦ୍ଧ, ଉତ୍ତରକାଳ, ସନ୍ତାନ ।

ସମ୍ପରିଗ୍ରହ, ବି. ପୁଂ (ସମ୍-ପରିଗ୍ରହ) ସ୍ୱୀକାର, ଗ୍ରହଣ ।

ସମ୍ପର୍କ, ବି.ପୁଂ. (ସମ୍-ପୃଚ୍-ଅ) ସଂସର୍ଗ, ସମ୍ବନ୍ଧ, ସଂଯୋଗ, ମିଳନ, ମୈଥୁନ, ସ୍ତ୍ରୀସଂସର୍ଗ ।

ସମ୍ପର୍କୀୟ, ବିଂ. (ସମ୍ପର୍କ-ଈୟ) ସମ୍ବନ୍ଧବିଶିଷ୍ଟ, ସମ୍ବନ୍ଧୀୟ, ସଂକ୍ରାନ୍ତ ।

ସମ୍ପା, ବି. ସ୍ତ୍ରୀ. ( ସମ୍-ପତ୍-ଅ ଆ ) ବିଦ୍ୟୁତ୍, କ୍ଷଣପ୍ରଭା ।

ସମ୍ପାତ, ବି. ପୁଂ. ( ସମ୍-ପତ୍-ଅ ) ପତନ, ଉଡ଼ିବା, ଗମନ, ପ୍ରବେଶ, ସମୂହ, ଗରୁଡ଼ର ପୁତ୍ର ।

ସମ୍ପାତି, ବି. ପୁଂ. (ସମ୍-ପା-ଅତି) ଗରୁଡ଼ର ପୁତ୍ର, ପକ୍ଷିବିଶେଷ, ଜଟାୟୁର ଜ୍ୟେଷ୍ଠ ।

ସମ୍ପାଦକ, ବିଂ. (ସମ୍-ପାଦି-ଅକ) ନିଷ୍ପାଦକ, କାର୍ଯ୍ୟନିର୍ବାହକ ।

ସମ୍ପାଦନ, ବି. ନ. (ସମ୍-ପାଦି-ଅନ) ନିଷ୍ପାଦନ, ନିର୍ବାହ, ସମାପନ, ଉପାର୍ଜନ ।

ସମ୍ପାଦିତ, ବିଂ. ( ସମ୍-ପାଦି-ତ ) ନିଷ୍ପାଦିତ, ନିର୍ବାହିତ, ସମାପିତ ।

ସମ୍ପାଦିବା, କ୍ରି. ( ସମ୍ପାଦନ ଶବ୍ଦଜ ) ସମ୍ପନ୍ନ କରିବା ।

ସମ୍ପାଦ୍ୟ, ବିଂ. (ସମ୍-ପାଦି-ଯ) ସମ୍ପାଦନ କରିବାର ଯୋଗ୍ୟ, ନିଷ୍ପାଦ୍ୟ; ( Problem ) ଯେଉଁ ପ୍ରକାର ପ୍ରତିଜ୍ଞାରେ କୌଣସି କାର୍ଯ୍ୟସାଧନ ଉଦ୍ଦେଶ୍ୟ ଥାଏ ।

ସମ୍ପିବା, କ୍ରି. (ଦେଶଜ) ଗାଳିଦେବା, ସମର୍ପଣ କରିବା ।

ସମ୍ପୀଡ଼, ପୁଂ. } ସମ୍ପୀଡ଼ନ, ନ. } ବି. ( ସମ୍-ପୀଡ-ଅ, ଅନ ) ପ୍ରେରଣ, ନିଷ୍ପୀଡ଼ନ, କ୍ଲେଶ ଦେବା ।

ସମ୍ପୁଟ, ସମ୍ପୁଟକ ବି. ପୁଂ. ( ସମ୍-ପୁଟ-ଅ, କ ) କୌଟା, ପେଟରା ପ୍ରଭୃତି, କୁରୁବକ, ଫରୁଆ ।

ଯଥା—

ବାଣିଜ୍ୟ ରତ୍ନସମ୍ପୁଟକ ଲଭ୍ୟ ପଣ ମଞ୍ଜୁ ମୋ ।

ସମ୍ପୂର୍ଣ୍ଣ, ବିଂ. ( ସମ୍-ପୂର୍ଣ୍ଣ ) ପରିପୂର୍ଣ୍ଣ, ସମଗ୍ର, ସମାପ୍ତ ।

ସମ୍ପ୍ରତି, ଅଂ. ( ସମ୍-ପ୍ରତି ) ଇଦାନୀଂ, ଅଧୁନା, ବର୍ତ୍ତମାନ, ଏହିକ୍ଷଣି ।

ସମ୍ପ୍ରତୀତି, ବି. ସ୍ତ୍ରୀ. ( ସମ୍-ପ୍ରତୀତି ) ଖ୍ୟାତି, ପ୍ରସିଦ୍ଧି, ପ୍ରତ୍ୟୟ, ଜ୍ଞାନ ।

ସମ୍ପ୍ରଦାନ, ବି. ନ. ( ସମ୍-ପ୍ର-ଦା-ଅନ ) ଦାନୀୟ ବ୍ୟକ୍ତି, ଯାହାକୁ କୌଣସି ବସ୍ତୁ ଦାନ କରାଯାଏ, ଦାନ, କାରକବିଶେଷ ।

ସମ୍ପ୍ରଦାୟ, ବି. ପୁଂ. (ସମ୍-ପ୍ର-ଦା-ଅ) ଗୁରୁପରମ୍ପରାଗତ ସଦୁପଦେଶ, ସମାଜ, ଦଳ ।

ସମ୍ପ୍ରଯୋଗୀ, ବି. ପୁଂ. ( ସମ୍-ପ୍ର-ଯୁଜ୍-ଇନ୍ ) ପ୍ରୟୋଗକର୍ତ୍ତା, କାମୁକ, ଲମ୍ପଟ, ଐନ୍ଦ୍ରଜାଲିକ ।

ସମ୍ପ୍ରସାରଣ, ବି. ନ. ( ସମ୍-ପ୍ର-ସାରି-ଅନ ) ବିସ୍ତାରଣ, ବ୍ୟାକରଣର ସଂଜ୍ଞାବିଶେଷ, ଇ ଉ ଋ ଌ ସ୍ଥାନରେ ଯ ବ ର ଲ ହେବା, ମୁଗ୍ଧବୋଧରେ—'ଜ' ସଂଜ୍ଞା ।

ସମ୍ପ୍ରହାର, ବି. ପୁଂ. (ସମ୍-ପ୍ରହାର) ଯୁଦ୍ଧ, ସମ୍ୟକ୍ ପ୍ରହାର, ହନନ ଗମନ ।

ସମ୍ପ୍ରାପ୍ତ, ବିଂ. ( ସମ୍-ପ୍ରାପ୍ତ ) ଲବ୍ଧ, ଯାହା ପ୍ରାପ୍ତ ହୋଇଅଛି, ଆଗତ, ଉପସ୍ଥିତ, ଫଳିତ ।

ସମ୍ପ୍ରୀତି, ବି. ସ୍ତ୍ରୀ. (ସମ୍-ପ୍ରୀତି) ପ୍ରଣୟ, ସନ୍ତୋଷ, ହର୍ଷ ।

ସମ୍ପୃକ୍ତ, ବିଂ. (ସମ୍-ପୃଚ୍-ତ) ମିଳିତ, ମିଶ୍ରିତ, ଗ୍ରଥିତ ।

ସମ୍ଫୁଲ୍ଲ, ବିଂ. ( ସମ୍-ଫୁଲ୍ଲ ) ପ୍ରଫୁଲ୍ଲ, ପ୍ରସ୍ଫୁଟିତ, ବିକଶିତ ।

ସମ୍ବ, ବି. ନ. (ସମ୍ବ୍-ଅ) ଜଳ, ଦୁଇ ଥର ଚାଷ କରିବା, ପ୍ରତିଲୋମକର୍ଷଣ, ଓଲଟା ଦିଗରୁ ଚଷିବା ।

ସମ୍ବତ୍, ବି. (ସମ୍ବତ୍ସର ଶବ୍ଦଜ) ସାଲ, ବଷ ।

ସମ୍ବଦ୍ଧ, ବିଂ. (ସମ୍-ବନ୍ଧ-ତ) ସମ୍ବନ୍ଧଯୁକ୍ତ, ସମ୍ବନ୍ଧବିଶିଷ୍ଟ, ବଦ୍ଧ, ସଂଯୁକ୍ତ, ମିଳିତ ।

ସମ୍ବନ୍ଧ, ବି. ପୁଂ. (ସମ୍-ବନ୍ଧ-ଅ) ସଂସର୍ଗ, ସମ୍ପର୍କ, ସଂଯୋଗ, ମିଳନ, ସଂଘଟନ, ସୌଭାଗ୍ୟ, ସମୃଦ୍ଧି, ଯୋଗ୍ୟତା, ସମୀଚୀନତା, ଉପଯୁକ୍ତତା, ସଖ୍ୟ, ମିତ୍ରତା, କୁଟୁମ୍ବିତା । ବିଂ. ଶକ୍ତ, ସମର୍ଥ, ଉପଯୁକ୍ତ, ସମୀଚୀନ, ମିଳିତ ।

ସମ୍ବନ୍ଧୀ, ବିଂ. ( ସମ୍ବନ୍ଧ ଇନ୍ ) ସମ୍ବନ୍ଧବିଶିଷ୍ଟ, ସମ୍ପର୍କୀ, କୁଟୁମ୍ବୀ, ସଦ୍ଗୁଣବିଶିଷ୍ଟ, ବିଦ୍ୱାନ୍, ସଦୃଶ୍ୟ, ରମ୍ୟ, ଦାନଶୀଳ, ସମୃଦ୍ଧ ।

ସମ୍ବର, ବି. ନ. (ସମ୍-ବୃ-ଅ) ଜଳ, ହରିଣ, ଇନ୍ଦ୍ରପ୍ରଦମନ, ଜୈନମାନଙ୍କର ବ୍ରତବିଶେଷ, ହରିଣବିଶେଷ ।

ସମ୍ବରଣ, ବି. ନ. ( ସମ୍-ବୃ-ଅନ ) ବରଣ, ବରମାଲ୍ୟ ଦାନ, ସଙ୍ଗୋପନ, ଆବରଣ, ଦମନ ।

ସମ୍ବରାରି, ବି. ପୁଂ. (ସମ୍ବର-ଅରି) କାମଦେବ, କନ୍ଦର୍ପ ।

ସମ୍ବଳ, ବି. ପୁଂ. ନ. (ସମ୍-ଅଳ) ପାଥେୟ, ପଥଖରଚ, ସଂସ୍ଥାପନ, ପୁଞ୍ଜି । ନ. ଜଳ ।

ସମ୍ବାଧ, ବି. ପୁଂ. (ସମ୍-ବାଧ୍-ଅ) ଭୟ, ସଙ୍କଟ, ବାଧା, ସଙ୍ଘର୍ଷ । ବିଂ. ଅପ୍ରଶସ୍ତ, ସଙ୍କୀର୍ଣ୍ଣ ।

ସମ୍ବାଧନ, ବି. ନ. (ସମ୍-ବାଧ୍-ଅନ) ବାଧାଦେବା, ଦ୍ୱାରପାଳ, ଶୂଳାଗ୍ର ।

ସମ୍ବୁଦ୍ଧି, ସ୍ତ୍ରୀ } ବି. (ସମ୍-ବୁଧ୍-ତି, ଅନ)
ସମ୍ବୋଧନ, ନ. } ଆହ୍ୱାନ, ଅଭିମୁଖୀକରଣ, ଆମନ୍ତ୍ରଣ, ଦର୍ଶନ, ବିଶେଷଣ, ବ୍ୟାକରଣରେ ବିଭକ୍ତିବିଶେଷ ।

ସମ୍ଭଲୀ, ବି. (ସମ୍-ଭଲ୍-ଅ-ଈ) ଦୂତୀ, କୁଟ୍ଟନୀ ।

ସମ୍ଭବ, ବି. ପୁଂ. (ସମ୍-ଭୂ-ଅ) ହେତୁ, କାରଣ, ଉତ୍ପତ୍ତି, ଜନ୍ମ, ସମ୍ଭାବନା, ଯୋଗ୍ୟତା, ସଙ୍କେତ, ଉପାୟ, ଯୁକ୍ତି, ଅନୁରୋଧ, ଘଟି, ଧ୍ୱଂସ, ସମୀଚୀନତା, ଉପଯୁକ୍ତତା, ଶକ୍ତି, କ୍ଷମତା, ପରିଚୟ, ସଖ୍ୟ, ବର୍ତ୍ତମାନ ଯୁଗରେ ତୃତୀୟ ଜୈନ । ବିଂ. ଉତ୍ପନ୍ନ ମେଳକ ।

ସମ୍ଭବ୍ୟ, ବିଂ.(ସମ୍-ଭବ-ଯ) ସମ୍ଭାବନାଯୋଗ୍ୟ, ସମ୍ଭାବନୀୟ । ବି. ପୁଂ. କପିତ୍ଥ ।

ସମ୍ଭାଇବା, କ୍ରି. ( ଦେଶଜ ) ପ୍ରବିଷ୍ଟ ହେବା, ଧରିବାର ଉପଯୁକ୍ତ ହେବା । ଯଥା—ଏ ହାଣ୍ଡିରେ ସାତ ସେର ଦୁଧ ସମ୍ଭାଇବ ନାହିଁ ।

ସମ୍ଭାର, ବି. ପୁଂ. (ସମ୍-ଭୃ-ଅ) ସଂଗ୍ରହ, ସମୂହ, ରାଶି, ଉପକରଣ, ପରିପୂର୍ଣ୍ଣତା, ପୁଷ୍ଟିସାଧନ, ପୋଷଣ, ସରବରାହ । ଯଥା—

ବଦେହ ରାଜନ ଭୋଜସମ୍ଭାର ଭିଆଇ,
ବଳୋହ୍ଲେ ଦଶରଥ ବନ୍ଧୁବର୍ଗ ନେଇ ଯେ । ବୈ. ବି.

ସମ୍ଭାଳିବା, କ୍ରି. ( ଦେଶଜ ) ସଂବୃତ କରିବା, ନିବାରଣ କରିବା, ଆୟତ୍ତ କରିବା ।

ସମ୍ଭାବନ, ନ. } ବି. ( ସମ୍-ଭାବି-ଅନ )
ସମ୍ଭାବନା, ସ୍ତ୍ରୀ. } ଅନୁଗ୍ରହ, ସୁଖ୍ୟାତି, ମହତ୍ତ୍ୱ, ପୂଜା, ସତ୍କାର, ଚିନ୍ତା, ଯୋଗ୍ୟତା, ଅଧ୍ୟବସାୟ, ସ୍ୱୀକାର, ସମ୍ପାଦନ, ତର୍କ, ସଂଶୟ, ଅଭିସନ୍ଧି, କାବ୍ୟାଲଙ୍କାରବିଶେଷ ।

ସମ୍ଭାବିତ, ବିଂ. (ସମ୍-ଭାବି-ତ) ପୂଜିତ, ସତ୍କୃତ, ଅନୁଗୃହୀତ, ସମ୍ଭାବନାର ବିଷୟ, ସନ୍ଦେହର ବିଷୟ, ପ୍ରସିଦ୍ଧ, ବିଖ୍ୟାତ, ଚିନ୍ତିତ, ସମ୍ଭାବନାର ଯୋଗ୍ୟ, ତର୍କିତ ।

ସମ୍ଭାବ୍ୟ, ବିଂ. (ସମ୍-ଭୂ-ଯ) ଶ୍ଳାଘ୍ୟ, ପ୍ରଶଂସନୀୟ, ସମ୍ଭାବନାର ଯୋଗ୍ୟ ।

ସମ୍ଭାଷ, ପୁଂ. } ବି. ( ସମ୍-ଭାଷ, ଅନ, ଆ )
ସମ୍ଭାଷଣ, ନ. } ପରସ୍ପର କଥୋପକଥନ,
ସମ୍ଭାଷା, ସ୍ତ୍ରୀ. } ଆଳାପନ ।

ସମ୍ଭୂତ, ବିଂ. ( ସମ୍-ଭୂ-ତ ) ଉତ୍ପନ୍ନ, ଉଦ୍ଭୂତ, ଜାତ ।

ସମ୍ଭୂତି, ବି. ସ୍ତ୍ରୀ. (ସମ୍-ଭୂ-ତି) ବିଭୂତି, ଉତ୍ପତ୍ତି, ଉଦ୍ଭବ, ଯୋଗ, କ୍ଷମତା, ଶକ୍ତି ।

ସମ୍ଭୃତ, ବିଂ. (ସମ୍-ଭୃ-ତ) ସନ୍ନିହିତ, ସଞ୍ଚିତ, ଦତ୍ତ, ଲବ୍ଧ, ପରିପୂର୍ଣ୍ଣ, ସମ୍ୟକ୍ ବର୍ଦ୍ଧିତ, ପ୍ରସ୍ତୁତ, ସଂକଳିତ, ଜନିତ, ପରିପୁଷ୍ଟ ।

ସମ୍ଭେଦ, ବି. ପୁଂ. (ସମ୍-ଭିଦ୍-ଅ) ନଦୀମେଳନ, ନଦୀ ସମୁଦ୍ରର ସଂଯୋଗ, ନଦୀର ସଙ୍ଗମ ସ୍ଥାନ, ମେଳନ, ସ୍ଫୁଟନ, ଭେଦନ, ଏକରୂପତା ।

ସମ୍ଭୋଗ, ବି. ପୁଂ. ( ସମ୍-ଭୋଗ ) ଉପଭୋଗ, ସୁଖାସ୍ୱାଦନ, ରତିକ୍ରିୟା ।

ସମ୍ଭ୍ରମ, ବି. ପୁଂ (ସମ୍-ଭ୍ରମ୍-ଅ) ଭୟ, ତ୍ୱରା, ସମ୍ମାନ, ଗୌରବ, ମାନ୍ୟତା, ଆଦର, ଭ୍ରାନ୍ତି, ଘୂର୍ଣ୍ଣନ, ଆନନ୍ଦ ବା ଭୟାଦି ଜନିତ ବ୍ୟସ୍ତତା । ଯଥା—

ମାନସରକୁ ବେଗେ କରଷାଗମେ,
ଏ ମାର୍ଗେ ହଂସେ ଯାନ୍ତି ଉଡ଼ି ସମ୍ଭ୍ରମେ । ନୈ. ହ.

ସମ୍ଭ୍ରାନ୍ତ, ବି°. (ସମ୍-ଭ୍ରମ୍-ତ) ମାନ୍ୟ, ଗୌରବାନ୍ୱିତ, ସମ୍ଭ୍ରମଶାଳୀ, ଆଦରଣୀୟ, ଉଦ୍‌ବିଗ୍ନ, ସମ୍ୟକ୍ ଭ୍ରାନ୍ତ ।

ସମ୍ଭ୍ରାନ୍ତସମାଜ,(House of Lords) ଇଂଲଣ୍ଡ ଦେଶର ରାଜକୀୟ ସଭାସଂକ୍ରାନ୍ତ ସମ୍ଭ୍ରମଶାଳୀ ବ୍ୟକ୍ତିମାନଙ୍କର ସଭା ।

ସମ୍ମତ, ବି°. (ସମ୍-ମନ୍-ତ) ଅଭିମତ, ଅନୁମତ, ଅଭିପ୍ରେତ ।

ସମ୍ମତି, ବି. ସ୍ତ୍ରୀ. (ସମ୍-ମନ୍-ତି) ଅନୁମତି, ଆଦେଶ, ମତ, ସମ୍ମାନ, ଇଚ୍ଛା, ବାସନା, ଐକମତ୍ୟ, ଆତ୍ମବୋଧ ।

ସମ୍ମାନ, ବି. ପୁଂ. (ସମ୍-ମାନ୍-ଅ) ପୂଜା, ସମାଦର, ଗୌରବ ।

ସମ୍ମାନିତ, (ସମ୍-ମାନ୍-ତ) ସମାଦୃତ, ସତ୍କୃତ, ପୂଜିତ ।

ସମ୍ମାର୍ଜନ, ବି. ନ (ସମ୍-ମୃଜ୍-ଅନ) ଶୋଧନ, ପରିଷ୍କରଣ । ସ୍ତ୍ରୀ. ସମ୍ମାର୍ଜନୀ, ମାର୍ଜନୀ, ଝାଡ଼ୁ ।

ସମ୍ମିତ, ବି°. (ସମ୍-ମିତ) ସମାନ, ସଦୃଶ, ତୁଲ୍ୟ, ପରିମିତ ।

ସମ୍ମିଳନ, ବି. ନ. (ସମ୍-ମିଲ୍-ଅନ) ସଂଯୋଗ, ମିଳନ, ଏକତ୍ର ହେବା ।

ସମ୍ମିଳିତ, ବି°. (ସମ୍-ମିଲ୍-ତ) ମିଳିତ, ସଂଯୁକ୍ତ, ଏକତ୍ରୀଭୂତ ।

ସମ୍ମୁଖ, ବି°. (ସମ୍-ମୁଖ) ସମକ୍ଷ, ଅଭିମୁଖ ।

ସମ୍ମୁଖୀନ, ବି°. (ସମ୍ମୁଖ-ଈନ) ଅଭିମୁଖରେ ସ୍ଥିତ, ସମ୍ମୁଖବର୍ତ୍ତୀ, ଅଭିମୁଖ ।

ସମ୍ମୋହନ, ବି°. (ସମ୍-ମୋହ-ଅନ) ମୋହଜନକ, ମୋହକାରକ । ବି. ପୁଂ. କନ୍ଦର୍ପର ବାଣବିଶେଷ, ମୁଗ୍ଧକରଣ ।

ସମ୍ୟକ୍, ଅ°, (ସମ୍-ଅନନ୍) ସତ୍ୟ, ଯଥାର୍ଥ, ଶୁଦ୍ଧ, ସହିତ, ମନୋଜ୍ଞ, ସୁନ୍ଦର, ଯୋଗ୍ୟ, ସଙ୍ଗତ, ଉପଯୁକ୍ତ, ସମୁଦାୟ, ସମ୍ପୂର୍ଣ୍ଣ, ସକଳ ।

ସମ୍ରାଟ୍, ବି. ପୁଂ. (ସମ୍-ରାଜ୍-କ୍ୱିପ୍) ସାର୍ବଭୌମ, ରାଜସୂୟ ଯଜ୍ଞକାରୀ ସର୍ବଭୂମୀଶ୍ୱର ରାଜା, ରାଜାଧିରାଜ, ସସାଗରା ଧରାର ଅଧୀଶ୍ୱର, ରାଜସୂୟଯାଜୀ, ଦ୍ୱାଦଶ ରାଜମଣ୍ଡଳର ଅଧୀଶ୍ୱର ଏବଂ ରାଜଗଣର ନିୟୋଗକର୍ତ୍ତାଙ୍କୁ ସମ୍ରାଟ୍ କହନ୍ତି ।

ସର, ବି. ପୁଂ. (ସୃ-ଅ) ଦୁଗ୍ଧ ଦଧି ପ୍ରଭୃତିର ସାର । ଯଥା—

ସର ଲବଣୀ ପେଟେ ପେଟେ ଖାଅ,
ମୁଷା ଗୋଳକୁ କେଉଁଆଡ଼େ ଯାଅ । ଖୋ. କ.

ଗମନ, ଚଳନ, ବାଣ, ଲବଣ । ନ. ସରୋବର, ଭୂଷଣବିଶେଷ, ମାଳ୍ୟ, ମଟୁ, ଜଳ । ପୁଂ. ସ୍ତ୍ରୀ. ନିର୍ଝର ଝରଣା । ବି°. ଗମନକାରୀ, ଏହି ଅର୍ଥରେ ଅନ୍ୟ ଶବ୍ଦଯୋଗରେ ବ୍ୟବହାର ହୁଏ, ଯଥା—ଅଗ୍ରସର, ଅବସର ଇତ୍ୟାଦି ।

ସରଃ, ବି. ନ. (ସୃ-ଅସ୍) ସରୋବର, ପୁଷ୍କରିଣୀ, ଜଳ, ଗଡ଼,ଲବଣ । ପୁଂ. ସ୍ତ୍ରୀ. ନିର୍ଝର । ବି°. ଗମନକର୍ତ୍ତା ।

ସରକ, ବି. ନ. (ସୃ-ଅକ) ସରୋବର, ଆକାଶ, ସ୍ୱର୍ଗ । ପୁଂ. ନ. ଐକ୍ଷବ ମଦ୍ୟ,ମଦ୍ୟପାନପାତ୍ର, ମଦ୍ୟପାନ, ମଦ୍ୟପରିବେଷନ, ପ୍ରଧାନପଥ, ସଡ଼କ । ବି°. ଗମନଶୀଳ ।

ସରକାର, ବି. (ଯାବନିକ) ରାଜା ଶାସନକର୍ତ୍ତା । ରାଜ୍ୟଶାସନ ପ୍ରଣାଳୀ, Government.

ସରଗରମ, ବି (ଯାବନିକ) ଉତ୍ତେଜିତ, ଉଷ୍ଣତାଯୁକ୍ତ, ଯାହାର ତାତିର ଉତ୍ତପ୍ତ ।

ସରଘର, ବି. (ଦେଶଜ) ଯେଉଁ ଘରେ ଖାଦ୍ୟ-ପଦାର୍ଥର ଉପକରଣ ପ୍ରଭୃତି ସଞ୍ଚିତ ଥାଏ ।

ସରଘରିଆ, ବି. (ଦେଶଜ) ସରଘରର ତତ୍ତ୍ୱାବଧାରକ ।

ସରଘା, ବି. ସ୍ତ୍ରୀ. (ସର-ହନ୍-ଅ-ଆ) ମଧୁମକ୍ଷିକା ।

ସରଜମିନ୍, ବିଂ. (ଯାବନିକ) ବିଷୟୀଭୂତ ଜମି, ଘଟନାସ୍ଥଳ ।

ସରଜାଃ / ସରଜସ୍କ } ବିଂ. (ସ-ରଜସ୍, କ) ରଜୋବିଶିଷ୍ଟ, ଧୂଳିଯୁକ୍ତ । ବି. ସ୍ତ୍ରୀ ଋତୁମତୀ ସ୍ତ୍ରୀ ।

ସରଞ୍ଜାମ, ବି. (ଦେଶଜ) ସାମଗ୍ରୀ ।

ସରଟ / ସରଟୁ } ବି. ପୁଂ. (ସୃ-ଅଟ, ଅଟୁ) କୃକଳାସ, ଏଣ୍ଡୁଅ ।

ସରଣ୍ଡ, ବି. ପୁଂ. (ସୃ-ଅଣ୍ଡ) ବାୟୁ, ମେଘ ।

ସରଣ, ବି. ନ. (ସୃ-ଅନ) ଗମନ, ଲୌହମଳ । ବିଂ. ଗମନଶୀଳ ।

ସରଣି / ସରଣୀ } ବି. ସ୍ତ୍ରୀ. (ସୃ-ଅନି) ବର୍ତ୍ମ, ପଥ, ପଂକ୍ତି, ଶ୍ରେଣୀ, ଗଳରୋଗବିଶେଷ । (ପଥ ଅର୍ଥରେ) ଯଥା—

ସ୍ଥାନେ ସ୍ଥାନେ କୁଞ୍ଜ ହୋଇଛି ରଚନା,
ସରଣୀରେ ଶୋହେ ପଲ୍ଲବତୋରଣା । ନ. କେ.

ସରତ୍, ବି. (ଯାବନିକ) ଚୁକ୍ତି, ନିୟମ ।

ସରଦାର, ବି. (ଯାବନିକ) ପ୍ରଧାନ ବ୍ୟକ୍ତି ।

ସରଦ / ସର୍ଦ୍ଦି } ବି (ଯାବନିକ) ଶ୍ଳେଷ୍ମ, ଲସମ, ଶୀତଳତା ।

ସରପଣା, ବି. (ଦେଶଜ) ଦୁଧ ସର ମିଶି ଥିବା ଏକପ୍ରକାର ସୁମିଷ୍ଟ ପ୍ରପାନକ ।

ସରପାପୁଡ଼ି, ବି (ଦେଶଜ) ପିଷ୍ଟକବିଶେଷ ।

ସରପୁଳି, ବି. (ଦେଶଜ) ପିଷ୍ଟକବିଶେଷ ।

ସରପୋଷ, ବି. (ଯାବନିକ) ଢାଙ୍କୁଣୀ, ଆଚ୍ଛାଦନ, ଚୌକି ଉପରେ ଯାହା ଘୋଡ଼ାଯାଏ ।

ସରମ, ବି. (ଦେଶଜ) ଲଜ୍ଜା ।

ସରମା, ବି. ସ୍ତ୍ରୀ. (ସୃ-ଅମ୍) ବିଭୀଷଣର ପତ୍ନୀ, କୁକ୍କୁରୀ ।

ସରଯୁ / ସରଯୂ } ବି. ପୁଂ. (ସୃ-ଅଯୁ) ବାୟୁ । ସ୍ତ୍ରୀ. ଅଯୋଧ୍ୟାର ନିକଟବାହିନୀ ନଦୀ ।

ସରଳ, ବି. ପୁଂ. (ସୃ-ଅଳ) ଦେବଦାରୁ ବୃକ୍ଷ, ଶାଳବୃକ୍ଷ । ବିଂ. ଅକପଟ, ଉଦାର, ସାଧୁ, ଅବକ୍ର, ସିଧା । ସ୍ତ୍ରୀ. ସରଳା, ଅକପଟ-ହୃଦୟା ।

ସରବରା / ସର୍ବରା } ବି. (ଦେଶଜ) ଖଜଣା, ରାଜସ୍ୱ ।

ସରବରାକାର, ବି. (ଦେଶଜ) ଯେ ଖଜଣା ଅସୁଲ କରେ ।

ସରସ, ବି. ନ (ସୃ-ଅସ) ସରୋବର, ରସଯୁକ୍ତ, ମଧୁର ।

ସରସିଜ / ସରସୀରୁହ } ବି. ନ. (ସରସି-ଜନ୍-ଅ ରୁହ୍-ଅ) ପଦ୍ମ, ସରୋଜ, ପଙ୍କଜ ।

ସରସୀ, ବି. ସ୍ତ୍ରୀ. (ସୃ-ଅସ୍-ଈ) ସରୋବର ।

ସରସ୍ୱତୀ, ବି. ସ୍ତ୍ରୀ. (ସରଃ-ବତ୍-ଈ) ବାଗ୍‌ଦେବୀ, ବ୍ରହ୍ମାଣୀ, ବାଣୀ, ବାକ୍ୟ, ନଦୀବିଶେଷ, ଉତ୍ତମା ସ୍ତ୍ରୀ, କାକ, ମୁନିପତ୍ନୀ, ଜୈନମାନଙ୍କର ଦେବୀବିଶେଷ ।

ସରସ୍ୱାନ୍, ବି. ପୁଂ. (ସରସ୍ ବତ୍) ସମୁଦ୍ର, ସାଗର, ସରୋବର, ମହିଷ । ବି. ରସଯୁକ୍ତ ।

ସରା, ବି. ସ୍ତ୍ରୀ. (ସରାବ ଶବ୍ଦଜ) ମୃତ୍ତିକାନିର୍ମିତ କ୍ଷୁଦ୍ର ପାତ୍ରବିଶେଷ ।

ସରାଇ, ବି. (ଯାବନିକ) ପାନ୍ଥଶାଳା, ଯାତ୍ରିମାନଙ୍କ ବିଶ୍ରାମ ସ୍ଥାନ ।

ସରାଗ, ବିଂ. (ସ-ରାଗ) ଅନୁରକ୍ତ, ରଞ୍ଜିତ, ରକ୍ତବର୍ଣ୍ଣ, ଅନୁରାଗୀ, ବାସନାଯୁକ୍ତ । (ଦେଶଜ) ପ୍ରେମ, ଅନୁରାଗ ।

ସରାପ, ବି. (ଯାବନିକ) ମଦ ।

ସରାଳି, ବି. (ଦେଶଜ) ହଂସରାଳି, ଏକପ୍ରକାର ଜଳଚରପକ୍ଷୀ ।

ସରି, ବି. (ଦେଶଜ) ସମାନ । ଯଥା—

ସରି କି ନୋହିବ ସେହି ଅବଳାର । କ. ବ.

ଧାଡ଼ି, ଶ୍ରେଣୀ, ପର୍ଯ୍ୟନ୍ତ ।

ସରିକଦାର, ବ. (ଯାବନକ) ଭାଗିଦାର, ଅଂଶୀ ।

ସରିକ୍, ଅଂ. (ଦେଶଜ) ପର୍ଯ୍ୟନ୍ତ, ସୁଦ୍ଧା ।

ସରିତ୍, ବ ସ୍ତ୍ରୀ. (ସୃ-ଇତ୍) ନଦୀ, ସୂତ୍ର ।

ସରିତ୍ପତି / ସରିତାମ୍ପତି / ସରିଦ୍ବାନ୍ } ବ. ପୁଂ (ସରିତ୍-ପତି, ସରିତାମ୍-ପତି, ସରିତ୍-ବତ୍) ସମୁଦ୍ର, ସାଗର ।

ସରିତ୍ସୁତ, ବ. ପୁଂ. ( ସରିତ୍-ସୁତ ) ଗାଙ୍ଗେୟ, ଭୀଷ୍ମ ।

ସରିଗା, ଅଂ. (ସଦୃଶ ଶବ୍ଦଜ) ସଦୃଶ, ତୁଲ୍ୟ ।

ସରିସମ, ବଂ. (ଦେଶଜ ସମାନ, ତୁଲ୍ୟ ।

ସରିହଦ୍ / ସରହଦ୍ } ବ. (ଯାବନକ) ସୀମା, ଅବଧି ।

ସରୀସୃପ, ବ. ପୁଂ. (ସରି-ସୃପ୍-ଅ) ଯେଉଁମାନେ ଛାତିରେ ଭର ଦେଇ ଚାଲନ୍ତି, ସର୍ପ, ବଣ୍ଠ, ଭେକାଦି ।

ସରୁ, ବଂ. (ସୃ-ଉ) କ୍ଷୀଣ, ସୂକ୍ଷ୍ମ । ବ. ପୁଂ. ଖଡ୍ଗର ମୁଠା ।

ସରୂପ, ବଂ. (ସ-ରୂପ) ସମାନ ରୂପ, ସଦୃଶ ।

ସରୋଜ / ସରୋଜନ୍ମା } ବ. ନ. (ସରସ୍-ଜ, ଜନ୍ମନ୍) ପଦ୍ମ । ବଂ. ସରୋଜାତ ।

ସରୋଜିନୀ, ବ. ସ୍ତ୍ରୀ. (ସରୋଜ-ଇନ୍-ଈ) କମଳିନୀ, ପଦ୍ମିନୀ, ପଦ୍ମଲତା, ପୁଷ୍କରିଣୀ ।

ସରୋଜୀ, ବ. ପୁଂ. (ସରୋଜ ଇନ୍) ବ୍ରହ୍ମା ।

ସରୋରୁଟ୍ / ସରୋରୁହ } ବ. ନ. ( ସରସ୍-ରୁହ-୦, ଅ ) ପଙ୍କଜ, ପଦ୍ମ ।

ସରୋବର, ବ. ପୁଂ. ( ସରସ୍-ବର ) ପଦ୍ମାକର, ପଦ୍ମାଦିଯୁକ୍ତ ପୁଷ୍କରିଣୀ ।

ସର୍ଗ, ବ. ପୁଂ. (ସୃଜ୍-ଅ) ସୃଷ୍ଟି, ନିର୍ମାଣ, ଉତ୍ପତ୍ତି, ସ୍ୱଭାବ, ନିୟମ, ନିଶ୍ଚୟ. ମୋହ, ମୋକ୍ଷ, ଯତ୍ନ, ଚେଷ୍ଟା, ଉତ୍ସାହ, ଅଧ୍ୟାୟ, ଗ୍ରନ୍ଥର ପରିଚ୍ଛେଦ, ଅନୁମତି, ବସ୍ତୁର ପ୍ରବଣତା, ମତ, ଉକ୍ତି, ପରିତ୍ୟାଗ, ମଳତ୍ୟାଗ ।

ସର୍ଜ / ଷର୍ଜ } ବ. ପୁଂ. ( ସୃଜ୍-ଅ ) ସାଲଗଛ, ଶାଲଗଛର ରସ, ଝୁଣା ।

ସର୍ଜରସ, ବ. ପୁଂ. ( ସର୍ଜ-ରସ ) ଶାଳଗଛର ଅଠା, ଝୁଣା ।

ସର୍ଜିବା, କ୍ରି. ( ସୃଜ୍ ଧାତୁଜ ) ସୃଷ୍ଟି କରିବା, ସର୍ଜନ କରିବା ।

ସର୍ଦ୍ଦ / ସରଦ } ବ. ( ଯାବନକ ) ଥଣ୍ଡା, ଶୀତଳ, ସରଦ, ଲସମା ।

ସର୍ପ, ବ ପୁଂ. (ସୃପ୍-ଅ) ସରୀସୃପବିଶେଷ, ସାପ, ଗମନ ।

ସର୍ପଣ, ବ. ନ. (ସୃପ୍-ଅନ) ଗମନ, ଗତି ।

ସର୍ପଭୁକ୍, ବ. ପୁଂ. ( ସର୍ପ-ଭୁଜ୍-୦ ) ସର୍ପଭକ୍ଷକ, ମୟୂର, ଗରୁଡ଼ ।

ସର୍ପରାଜ, ବ ପୁଂ. (ସର୍ପ-ରାଜା) ବାସୁକି, ନାଗରାଜ, ଅନନ୍ତଦେବ ।

ସର୍ପାଶନ, ବ. ପୁଂ. (ସର୍ପ-ଅଶନ ମୟୂର, ଗରୁଡ଼, ନକୁଲ, ନେଉଳ ।

ସର୍ପିଃ, ବ. ନ. ( ସୃପ୍-ଇସ୍ ) ଘୃତ, ଆଜ୍ୟ, ହବିଃ ।

ସର୍ବ, ବଂ. (ସର୍ବ୍-ଅ) ସମଗ୍ର, ସମୁଦାୟ, ସକଳ । ବ. ପୁଂ. ଶିବ, ବିଷ୍ଣୁ ।

ସର୍ବଂସହା, ବ. ସ୍ତ୍ରୀ. (ସର୍ବ-ସହ-ଅ-ଆ) ବସୁମତୀ, ପୃଥିବୀ ।

ସର୍ବକର୍ତ୍ତା, ବ. ପୁଂ. ( ସର୍ବ-କର୍ତ୍ତୃ ) ବ୍ରହ୍ମା, ବିଧାତା ।

ସର୍ବଗ, ବଂ. (ସର୍ବ-ଗମ୍-ଅ) ସର୍ବତ୍ରଗାମୀ, ସର୍ବବ୍ୟାପୀ । ବ. ପୁଂ. ଶିବ, ଆତ୍ମା, ବାୟୁ, ବ୍ରହ୍ମା । ନ. ଜଳ ।

ସର୍ବଜନୀନ, ବଂ. (ସର୍ବ-ଜନ-ଈନ) ସମସ୍ତଙ୍କର ହିତକାରୀ, ସର୍ବଲୋକହିତକର, ବିଖ୍ୟାତ ।

ସର୍ବଜ୍ଞ, ବ. ପୁଂ. ( ସର୍ବ-ଜ୍ଞା-ଅ ) ଶିବ, ବୁଦ୍ଧ । ବଂ. ଯେ ସବୁ ଜାଣନ୍ତି ।

ସର୍ବତୋଭଦ୍ର, ବ. ପୁଂ. ନ. ( ସର୍ବତସ୍-ଭଦ୍ର ) ଶୁଭାଶୁଭ ଜ୍ଞାନାର୍ଥ ମଣ୍ଡଳବିଶେଷ, ନିମ୍ବବୃକ୍ଷ, ବିଷ୍ଣୁରଥ, ଗୃହବିଶେଷ । ବଂ. ସର୍ବତ୍ର

ମଙ୍ଗଳଦାୟକ । ସ୍ତ୍ରୀ. ସର୍ବତୋଭଦ୍ରା= ଗମ୍ଭାରୀ ।

ସର୍ବତୋମୁଖ, ବି°. ( ସର୍ବତଃ-ମୁଖ ) ସର୍ବଦିଗଗତ-ମୁଖ, ସର୍ବଦିଗ୍‌ବର୍ତ୍ତୀ ସକଳ ବିଷୟରେ ସ୍ଥିତ । ବି. ନ. ଜଳ, ଆକାଶ । ପୁଂ. ପଞ୍ଚାନନ, ଶିବ, ଚତୁର୍ମୁଖ, ବ୍ରହ୍ମା, ଆତ୍ମା, ବ୍ରାହ୍ମଣ, ସ୍ୱର୍ଗ, ଅଗ୍ନି ।

ସର୍ବତ୍ର, ଅ°. ( ସର୍ବ-ତ୍ର ) ସବୁଦିଗରେ, ସବୁ ସ୍ଥାନରେ, ସବୁ କାଳରେ, ସବୁ ବିଷୟରେ ।

ସର୍ବଥା, ଅ°. (ସର୍ବ-ଥା) ସକଳପ୍ରକାରେ, ଭୃଶ, ଅତିଶୟ, ହେତୁ, ନିଶ୍ଚୟ, ସ୍ୱୀକାର ।

ସର୍ବଦର୍ଶୀ, ବି°. ( ସର୍ବ-ଦୃଶ୍-ଇନ୍ ) ସର୍ବଦ୍ରଷ୍ଟା, ଯେ ସମୁଦାୟ ଦର୍ଶନ କରନ୍ତି, ଅଭିଜ୍ଞ । ବି. ପୁଂ. ବୁଦ୍ଧ, ପରମେଶ୍ୱର ।

ସର୍ବଦା, ଅ°. ( ସର୍ବ-ଦା ) ସଦା, ସବୁ ସମୟରେ ।

ସର୍ବନାମ, ବି. ନ. (ସର୍ବ-ନାମ) ସମସ୍ତଙ୍କର ସଂଜ୍ଞା, ବ୍ୟାକରଣର ସଂଜ୍ଞାବିଶେଷ, ବିଶେଷ୍ୟ ପଦ-ବୃତ୍ତିରେ ଯାହା ବ୍ୟବହୃତ ହୁଏ, ସର୍ବ, ଯଦ୍, ତଦ୍ ପ୍ରଭୃତି, ସମସ୍ତଙ୍କର ନାମ ।

ସର୍ବନାଶ, ବି. ପୁଂ. (ସର୍ବ-ନାଶ) ସମସ୍ତଙ୍କ କ୍ଷୟ, ସମସ୍ତଙ୍କ ଧ୍ୱଂସ ।

ସର୍ବଭକ୍ଷ, ବି. ପୁଂ. ( ସର୍ବ-ଭକ୍ଷ ) ହୁତାଶନ, ବହ୍ନି ।

ସର୍ବମଙ୍ଗଳା, ବି. ସ୍ତ୍ରୀ. ( ସର୍ବ-ମଙ୍ଗଳ-ଆ ) ଦୁର୍ଗା, ଶଙ୍କରୀ ।

ସର୍ବରୀକର, ବି. ପୁଂ. (ସର୍ବରୀ କର) ଚନ୍ଦ୍ର ।

ସର୍ବଲା, ବି. ସ୍ତ୍ରୀ. ( ସର୍ବ-ଲା ) ତୋମରାସ୍ତ୍ର, ଶାବଲ ।

ସର୍ବବିଦ୍ / ସର୍ବବେଦୀ } ବି°. ( ସର୍ବ-ବିଦ୍-ଂ, ଇନ୍ ) ସର୍ବଜ୍ଞ, ସକଳ ଜ୍ଞାନଯୁକ୍ତ, ଯେ ସମସ୍ତ ଜାଣନ୍ତି ।

ସର୍ବସ୍ୱ, ବି. ନ. (ସର୍ବ-ସ୍ୱ) ସମୁଦାୟ ଧନ, ସକଳ ସମ୍ପତ୍ତି, ସାର ।

ସର୍ବାଣୀ, ବି. ସ୍ତ୍ରୀ. (ସର୍ବ-ଆନୀ) ସର୍ବପତ୍ନୀ, ଭବାନୀ, ଦୁର୍ଗା ।

ସର୍ବେଶ୍ୱର, ବି. ପୁଂ. ( ସର୍ବ-ଈଶ୍ୱର ) ଶିବ, ମହାଦେବ, ସାର୍ବଭୌମ, ସମସ୍ତଙ୍କର ରାଜା । ବି°. ସମସ୍ତଙ୍କର ପ୍ରଭୁ ।

ସର୍ବୌଷଧି, ବି. ସ୍ତ୍ରୀ. ( ସର୍ବ-ଔଷଧି ) କୁଡ଼, ଜଟାମାଂସୀ, ହରିଦ୍ରା, ବଚ ଶୈଳେୟ, ଚନ୍ଦନ, ଚମ୍ପକ, ମୁରା କର୍ପୂର, ମୁସ୍ତା ଏହି କେତୋଟି ।

ସର୍ଷପ / ସରିଷପ } ବି. ପୁଂ. ( ସୃ-ଅପ ) ଶସ୍ୟବିଶେଷ, ସୋରିଷ, ବିଷବିଶେଷ, ଏକ ସର୍ଷପ ପରିମାଣ ।

ସଲ / ସଲିଲ } ବି. ନ. ( ସଲ-ଅ, ଇଲ ) ଅମ୍ବୁ, ବାରି, ଜଳ ।

ସଳଖ, ବି°. (ଦେଶଜ) ସିଧା, ଅବକ୍ର ।

ସଳଖିବା. କ୍ରି. (ଦେଶଜ) ସିଧା କରିବା ।

ସଲଭ, ବି. ପତଙ୍ଗ । ଯଥା —

ବଢ଼ାଇ ପ୍ରଭା ସେ ପାଇ ଉଦ୍ଦୀପ୍ତ,
ବଧିବେ ଦୈତ୍ୟ ସଲଭ ଯେସନ । ବୈ. ବି.

ସଳସଳ, ବି°. (ଦେଶଜ) ଗଲଗଲ, କଣ୍ଡୁଯୁକ୍ତ ।

ସଲାମ୍, ବି. ( ଯାବନିକ ) ଏକ ହସ୍ତରେ ନମସ୍କାର ।

ସଲାମୀ, ବି. (ଯାବନିକ) ଭେଟି, ଉପହାର ।

ସଲ, ବି. ଶତ୍ରୁ । ଯଥା—

କାମୀ କାମିନୀ ବିଚ୍ଛେଦରେ ଦିବସ ରଜନୀ ହୁଅଇ ସଲ୍ଲ।

ସଲିତା, ବି. ( ଦେଶଜ ) ବଳିତା, ପ୍ରଦୀପାଦିରେ ବ୍ୟବହୃତ କ୍ଷୁଦ୍ର ବର୍ତ୍ତୀ ।

ସଲିଲକୁନ୍ତଳ, ବି. ପୁଂ. ( ସଲିଲ-କୁନ୍ତଳ ) ଶୈବାଳ ଜଳଯୁକ୍ତ କେଶ ।

ସଲିଲଜ, ବି. ନ. (ସଲିଲ-ଜ) ଜଳଜ, ପଦ୍ମ । ବି°. ଜଳଜାତ ।

ସଲୀଳ, ବି° ( ସ-ଲୀଳା ) ଲୀଳାଯୁକ୍ତ, କ୍ରୀଡ଼ାକାରୀ, କୌତୁକୀ ।

ସଲ୍ଲକୀ ବି. ସ୍ତ୍ରୀ. (ସଲ-କୃନ୍) ଶଲାଗୁ, ଝିଙ୍କ ।

ସଲ୍ଲା, ବି. (ଯାବନିକ) ଗୁପ୍ତମନ୍ତ୍ରଣା, ଗୁପ୍ତମିଳନ, କୌଶଳ ।

ସବ, ବି. ପୁଂ. ( ସୁ-ଅ ) ଯଜ୍ଞ, ଯଜ୍ଞପ୍ରସୂତ ଆସବ, ଅପତ୍ୟ, ସନ୍ତାନ, ପ୍ରସବ, ସୂର୍ଯ୍ୟ, ଚନ୍ଦ୍ର, । ନ. ଜଳ, ପୁଷ୍ପରସ, ସୋମରସ, ନିଷ୍ପୀଡ଼ନ ଓ ପାନ ।

ସବର, ବି. ପୁଂ. ଜଳ, ମହାଦେବ ।

ସବର୍ଣ୍ଣ, ବିଂ. ( ସ-ବର୍ଣ୍ଣ ) ତୁଲ୍ୟ, ସଦୃଶ, ସମାନ-ବର୍ଣ୍ଣ, ସମାନ ଜାତି, ସମାନ ବର୍ଣ୍ଣଯୁକ୍ତ, ବ୍ୟାକରଣରେ ଏକ ସ୍ଥାନୋଚ୍ଚାରିତ ବର୍ଣ୍ଣ ।

ସବଳ, ବିଂ. (ସ-ବଳ) ବଳବାନ୍, ଶକ୍ତିବିଶିଷ୍ଟ, ସସୈନ୍ୟ, ସେନାସହିତ ।

ସବାଖିଆ, ବି. (ଦେଶଜ) ମ୍ଲେଚ୍ଛଜାତିବିଶେଷ ।

ସବିତା, ବି. ପୁଂ. ( ସୁ-ତୃ ) ସୂର୍ଯ୍ୟ, ଦିନକର, ଈଶ୍ୱର । ବିଂ. ଜନୟିତା ।

ସବିତ୍ରୀ, ବି. ସ୍ତ୍ରୀ. (ସୁ-ତୃ-ଈ) ଜନୟିତ୍ରୀ, ମାତା, ଗାଭୀ ।

ସବିଧ, ବିଂ. ( ସ-ବିଧା ) ତୁଲ୍ୟ, ସଦୃଶ, ସମୀପ, ନିକଟ ।

ସବୁ, (ସର୍ବ ଶବ୍ଦଜ) ସମସ୍ତ ।

ସବୁର, (ଯାବନିକ) ଅପେକ୍ଷା, ଅବକାଶ ।

ସବ୍ୟ, ବିଂ. ( ସୁ-ଯ ) ବାମ, ଦକ୍ଷିଣ, ପ୍ରତିକୂଳ, ପଶ୍ଚାଦ୍‌ଦିଗ ।

*ସବ୍ୟସାଚୀ, ବି. ପୁଂ. (ସବ୍ୟ-ସଚ୍-ଇନ୍) ଦକ୍ଷିଣ ହସ୍ତ ପରି ଯେ ବାମ ହସ୍ତରେ ବାଣ କ୍ଷେପଣ କରିବା ବିଷୟରେ ସମର୍ଥ, ଅର୍ଜୁନ ।

ସସ୍ତାଲ, ବି. (ଦେଶଜ) ଶୀଘ୍ର, ଝଟିତି ।

ସଶଙ୍କ, ବିଂ. ( ସ-ଶଙ୍କା ) ଶଙ୍କାଯୁକ୍ତ, ଭୀତ, ଚକିତ, ତ୍ରସ୍ତ ।

ସଶଲ୍ୟ, ବିଂ. (ସ-ଶଲ୍ୟ) କଣ୍ଟକବିଦ୍ଧ, ଶେଲବିଦ୍ଧ, ପୀଡ଼ାଦାୟକ, କଷ୍ଟଦାୟକ, ଦୁଷ୍କର ।

ସସଜ୍ଜ, ବିଂ. (ସ-ସଜ୍ଜା) ସଜ୍ଜିତ ସଜ୍ଜାଯୁକ୍ତ ।

ସସତ୍ତ୍ୱ, ବିଂ. (ସ-ସତ୍ତ୍ୱ) ପ୍ରାଣିଯୁକ୍ତ ।

ସସତ୍ତ୍ୱା, ବି. ସ୍ତ୍ରୀ. ( ସ-ସତ୍ତ୍ୱ-ଆ ) ଗର୍ଭବତୀ, ଗର୍ଭିଣୀ ସ୍ତ୍ରୀ ।

ସସୌଷ୍ଠବ, ବିଂ. ( ସ-ସୌଷ୍ଠବ ) ବେଗଗାମୀ, ସତ୍ୱର, ଅତି ସୁନ୍ଦର ।

ସସ୍ତ୍ରୀକ, ବିଂ. ( ସ-ସ୍ତ୍ରୀ-କ ) ସପତ୍ନୀକ, ସ୍ତ୍ରୀସହିତ, ଭାର୍ଯ୍ୟାସହ ।

ସସ୍ପୃହ, ବିଂ (ସ-ସ୍ପୃହା) ସାଭିଳାଷ, ସ୍ପୃହାଯୁକ୍ତ, ଲାଳସ, ଇଚ୍ଛୁକ, ଲୋଭୀ ।

ସସ୍ମିତ, ବିଂ. ( ସ-ସ୍ମିତ ) ଈଷତ୍ ହାସ୍ୟଯୁକ୍ତ ସହାସ୍ୟ ।

ସସ୍ୟ, ବି. ପୁଂ. (ସସ୍-ଯ) ବୃକ୍ଷାଦିର ଫଳ, ଶସ୍ୟ, ଧାନ୍ୟାଦି, ଶସ୍ତ୍ର, ଉତ୍କୃଷ୍ଟତା ।

ସହ, ବି. ପୁଂ. (ସହ-ଅ) ଅଗ୍ରହାୟଣ ମାସ । ପୁଂ. ନ. ବଳ, ଶକ୍ତି । ବିଂ. ସହିଷ୍ଣୁ, ସହାୟ, ସମର୍ଥ । ଅ°. ସହିତ, ସାହିତ୍ୟ, ସାକଲ୍ୟ, ସାଦୃଶ୍ୟ, ବିଦ୍ୟମାନତା, ସମୃଦ୍ଧି, ସମ୍ବନ୍ଧ ।

ସହକାର, ବି. ପୁଂ. ( ସହ-କୃ-ଅ ) ସୁଗନ୍ଧ ଆମ୍ର-ବୃକ୍ଷ, ଆମ୍ରପଲ୍ଲବ, ସହାୟତା, ସାହାଯ୍ୟ ।

ସହକାରୀ, ବିଂ. ( ସହ-କୃ-ଇନ୍ ) ସହାୟ, ସାହାଯ୍ୟକାରୀ. କାରଣବିଶେଷ ।

ସହଗମନ, ବି. ନ. (ସହ-ଗମନ) ସହିତଗମନ, ସହମରଣ, ସ୍ୱାମିସହ ଚିତାଗ୍ନିରେ ଜୀବିତା-ବସ୍ଥାରେ ଶରୀରଦାହକରଣ ।

ସହଚର, ବିଂ. ( ସହ-ଚର ) ଅନୁଚର, ସଙ୍ଗୀ, ବୟସ୍ୟ, ସଖା, ଜାମିନ୍, ପ୍ରତିଭୂ ।

ସହଚରୀ, ବି. ସ୍ତ୍ରୀ. (ସହଚର-ଈ) ପତ୍ନୀ, ଭାର୍ଯ୍ୟା, ସଖୀ, ସଙ୍ଗିନୀ ।

ସହଜ, ବି. ପୁଂ. (ସହ-ଜନ୍-ଅ) ସହୋଦର, ଏକ ମାତାର ଗର୍ଭୋତ୍ପନ୍ନ ଭ୍ରାତା, ସ୍ୱଭାବ । ବିଂ. ସ୍ୱାଭାବିକ, ସୁଲଭ, ଅନାୟାସସିଦ୍ଧ, ସହଜାତ, ପ୍ରାକୃତିକ, ନୈସର୍ଗିକ ।

ସହଣି / ସହଣିକ } ବି. (ସହନ ଶବ୍ଦଜ) ସହିଷ୍ଣୁ, ସହନ-ଶୀଳ ।

ସହଦେବ, ବି. ପୁଂ. (ସହ-ଦେବ) ମାଦ୍ରୀଙ୍କ ପୁତ୍ର, ପାଣ୍ଡୁଙ୍କ କନିଷ୍ଠପୁତ୍ର, ନକୁଳସହଯୁଗ, ମଗଧାଧିପତି ।

ସହଧର୍ମିଣୀ } ବି. ସ୍ତ୍ରୀ. ( ସହ-ଧର୍ମ-ଇନ୍-ଈ,
ସହଧର୍ମଚାରିଣୀ } ସହ-ଧର୍ମ-ଚାରିଣୀ ) ପତ୍ନୀ, ଭାର୍ଯ୍ୟା, ସ୍ୱାମୀ ସହିତ ଧର୍ମାନୁଷ୍ଠାନକାରିଣୀ ।

ସହନୀୟ, ବିଂ. ( ସହ-ଅନୀୟ ) ସହ୍ୟ କରିବାର ଯୋଗ୍ୟ ।

ସହନ୍ତା, ବିଂ. (ଦେଶଜ) ସହିଷ୍ଣୁ, ସହନଶୀଳ ।

ସହମରଣ, ବି. ନ. ( ସହ-ମରଣ ) ଅନୁମରଣ, ମୃତ ପତି ସହିତ ମରଣ, ମୃତ ସ୍ୱାମୀ ସଙ୍ଗେ ଜ୍ୱଳନ୍ତି ଚିତାରେ ଅଧିରୋହଣପୂର୍ବକ ପ୍ରାଣତ୍ୟାଗ ।

ସହମୃତା, ବି. ସ୍ତ୍ରୀ ( ସହ-ମୃତା ) ଯେଉଁ ସ୍ତ୍ରୀ ମୃତସ୍ୱାମୀର ସହଗମନ କରେ ।

ସହର, ବି. (ଯାବନିକ) ନଗର ।

ସହର୍ଷ, ବିଂ. ( ସ-ହର୍ଷ ) ହର୍ଷଯୁକ୍ତ, ହୃଷ୍ଟ, ଆହ୍ଲାଦିତ ।

ସହଲ, ବିଂ. (ଦେଶଜ) ଶୀଘ୍ର, ତ୍ୱରିତ ।

ସହବାସ, ବି. ପୁଂ. ( ସହ-ବସ୍-ଅ ) ଏକତ୍ର ଅବସ୍ଥିତି, ଏକ ସଙ୍ଗରେ ବାସ ।

ସହସା, ଅଂ. ( ସହ-ଅସା ) ଶୀଘ୍ର, ହଠାତ୍, ଅକସ୍ମାତ୍ । ଯଥା—

> କୃଷ୍ଣଚନ୍ଦ୍ର ତମୁପଛ ଏହିମତେ,
> ଆବିର୍ଭୂତ ହେଲା ସହସା ଅଗ୍ରତେ । ନ କେ.

ବି. ପୁଂ. ( ସହ ଅଟ୍-ଅ ) ହାସ୍ୟକାରଣୀ ।

ସହସ୍ର, ବି. ନ. ଦଶଶତ ସଂଖ୍ୟା, ହଜାର, ୧୦୦୦ ।

ସହସ୍ରବୀର୍ଯ୍ୟା, ବି ସ୍ତ୍ରୀ. ( ସହସ୍ର-ବୀର୍ଯ୍ୟ = ପ୍ରତାପ, ତେଜଃ) ଦୂର୍ବା ।

ସହସ୍ରରଶ୍ମି } ବି ପୁଂ. (ସହସ୍ର-ରଶ୍ମି, ଅଂଶୁ )
ସହସ୍ରାଂଶୁ } ସୂର୍ଯ୍ୟ, ସହସ୍ରକିରଣ ।

ସହସ୍ରଲୋଚନ } ବି. ପୁଂ. ( ସହସ୍ର-ଲୋଚନ,
ସହସ୍ରାକ୍ଷ } ଅକ୍ଷି ) ଇନ୍ଦ୍ର ।

ସହସ୍ରାକ୍ଷ, ବି. ପୁଂ. (ସହସ୍ର-ଅକ୍ଷି) (ଗୌତମମୁନିଙ୍କ ଅଭିଶାପରେ ଇନ୍ଦ୍ରଙ୍କ ସର୍ବ ଶରୀରରେ ସ୍ତ୍ରୀଚିହ୍ନ ସଦୃଶ ଚିହ୍ନରେ ଆଚ୍ଛାଦିତ ହୋଇଥିଲା,ପରେ ଏହାଙ୍କ ବରରେ ଉକ୍ତ ଚିହ୍ନସବୁ ଚକ୍ଷୁ ହେଲା ) ଇନ୍ଦ୍ର, ବିଷ୍ଣୁ ।

ସହାଧ୍ୟାୟୀ, ବି. ପୁଂ. (ସହ-ଅଧ୍ୟାୟୀ) ଏକପାଠୀ, ଏକ ଗୁରୁଙ୍କ ଶିଷ୍ୟ ।

ସହାନୁଭୂତି, ( Sympathy ) ଅନ୍ୟର ସୁଖ ଦୁଃଖାଦିରେ ସେହିପରି ସୁଖ ଦୁଃଖାଦି ଅନୁଭବ କରିବା ।

ସହାୟ, ବି ପୁଂ. ( ସହ-ଇ-ଅ ) ସହଚର, ସାହାଯ୍ୟକାରୀ, ଯେ ଆନୁକୂଲ୍ୟ କରେ, ସହକାରୀ ।

ସହାୟତା, ବି. ସ୍ତ୍ରୀ. ( ସହାୟ-ତା ) ସାହାଯ୍ୟ, ଆନୁକୂଲ୍ୟ ।

ସହିତ, ବିଂ. ( ସହ-ଇତ ) ସମଭିବ୍ୟାହୃତ, ସଂଯୁକ୍ତ । ( ସମ୍-ହିତ ) ହିତକର, ଇଷ୍ଟସାଧକ ।

ସହିବା, କ୍ରି. ( ସହ ଧାତୁଜ ) ସହ୍ୟ କରିବା । ଯଥା—

> କୋମଳ ପିଣ୍ଡରୁ ଦେଲ ଏ ଦଣ୍ଡକୁ,
> ଆଉ ବୋଲ ଏହା ସହିଲ ।

ସହିତା } ବିଂ. (ସହ-ତୃ, ଇଷ୍ଣୁ ) ସହନଶୀଳ,
ସହିଷ୍ଣୁ } କ୍ଷମାବାନ୍, ପ୍ରତୀକ୍ଷାଶୀଳ ।

ସହିଷ୍ଣୁତା, ବି. ସ୍ତ୍ରୀ. (ସହିଷ୍ଣୁ-ତା) ସହନଶୀଳତା, କ୍ଷମା, ପ୍ରତୀକ୍ଷା ।

ସହି, ବି. ( ସଖୀ ଶବ୍ଦର ଅପଭ୍ରଂଶ ) ସଖୀ, ସହଚରୀ ।

ସହୃଦୟ, ବିଂ. (ସ-ହୃଦୟ ) ସାମାଜିକ, ରସଜ୍ଞ, ପ୍ରଶସ୍ତଚିତ୍ତ, ସଦନ୍ତଃକରଣ, ବିଦ୍ୱାନ୍ ।

ସହୋଦର, ବି. ପୁଂ. (ସହ ଉଦର) ଏକ ମାତାର ଗର୍ଭଜାତ ଭ୍ରାତା ।

ସହୋଦରା, ବି. ସ୍ତ୍ରୀ. ( ସହ-ଉଦର-ଆ ) ଏକ ମାତାର ଗର୍ଭଜାତା ଭଗିନୀ, ଭଉଣୀ ।

**ସହ୍ୟ**, ବିଂ. (ସହ-ଯ) ସହନୀୟ, ସହନଯୋଗ୍ୟ, ସମାନ, ଉପଯୁକ୍ତ, ପ୍ରଚୁର, ମିଷ୍ଟ, ମନୋଜ୍ଞ, ଶକ୍ତ, ସମର୍ଥ । ବି. ପୁଂ. ଭାରତବର୍ଷର ପର୍ବତବିଶେଷ, ପଶ୍ଚିମଘାଟ ପର୍ବତର ଉତ୍ତରାଂଶ । ନ. ସ୍ୱାସ୍ଥ୍ୟ, ଆରୋଗ୍ୟ ।

**ସାଂକ୍ରାମିକ**, ବିଂ. (ସଂକ୍ରାମ-ଇକ) ସଂକ୍ରମଣଶୀଳ, ଯାହାର ସଂକ୍ରମଣ ହୁଏ, ସ୍ପର୍ଶ ବା ଛୁଇଁବା ମାତ୍ରକେ ଯାହା ଉତ୍ପନ୍ନ ହୁଏ ।

**ସାଂଯାତ୍ରିକ**, ବି. ପୁଂ. (ସଂଯାତ୍ରା-ଇକ) ପୋତବଣିକ୍, ଯେଉଁମାନେ ଜଳପଥରେ ବାଣିଜ୍ୟ କରନ୍ତି ।

**ସାଂବତ୍ସର** ବି. ପୁଂ. (ସଂବତ୍ସର-ଅ) ଗଣକ, ଦୈବଜ୍ଞ ।

**ସାଂବତ୍ସରିକ**, (ସଂବତ୍ସର-ଇକ) ସଂବତ୍ସର-ସମ୍ବନ୍ଧୀୟ, ବାର୍ଷିକ ।

**ସାଂବାଦିକ**, ବି. ପୁଂ. (ସଂବାଦ-ଇକ) ନୈୟାୟିକ । ବିଂ. ସମ୍ବାଦଦାତା ।

**ସାଂଶୟିକ**, ବିଂ. (ସଂଶୟ-ଇକ) ସଂଶୟାପନ୍ନ, ସନ୍ଦିହାନ, ଅସ୍ଥିରବୁଦ୍ଧି, ଅକୃତପ୍ରତିଜ୍ଞ, ଅକୃତନିଶ୍ଚୟ ।

**ସାଂସାରିକ**, ବିଂ. (ସଂସାର-ଇକ) ସଂସାର ସମ୍ବନ୍ଧୀୟ ।

**ସାଂସ୍ଥାନିକ**, ବିଂ. (ସମ୍-ସ୍ଥାନ-ଇକ) ଏକଦେଶୀୟ, ଏକଦେଶସ୍ଥ ।

**ସାଆନ୍ତ**, ବି. (ସାମନ୍ତ ଶବ୍ଦଜ) ସ୍ୱାମୀ, ପ୍ରଭୁ, କୁଳୀନ ବ୍ରାହ୍ମଣସଂପ୍ରଦାୟବିଶେଷ, ରାଜପରିବାରର ଅନ୍ତର ସନ୍ତାନ । ସ୍ତ୍ରୀ. ସାଆନ୍ତାଣୀ ।

**ସାଇ** / **ସାହି** } ବି. (ସହ ଶବ୍ଦଜ) ସହବାସିମାନଙ୍କର ଗୃହାବଳୀ ।

**ସାଇତା**, ବି. ବିଂ. (ସଞ୍ଚିତ ଶବ୍ଦଜ) ସଞ୍ଚିତ, ସଂପାଦିତ, ସଂପାଦନ, ସଞ୍ଚୟ ।

**ସାଇଁ**, ବି. ପୁଂ. (ସ୍ୱାମୀ ଶବ୍ଦର ଅପଭ୍ରଂଶ) ପ୍ରଭୁ, ସ୍ୱାମୀ । ଯଥା—

କହିଲେ ଅନୁଜଙ୍କୁ କୋଦଣ୍ଡସାଇଁ । ଭୂ. ସ୍ତ.

**ସାଇତିବା**, କ୍ରି. (ଦେଶଜ) ସଞ୍ଚାଇବା ।

**ସାଉଣ୍ଟିବା**, କ୍ରି. (ଦେଶଜ) ଇତସ୍ତତଃ ପଡ଼ିଥିବା ଦ୍ରବ୍ୟ ଗୋଟାଇବା, ଉଠାଇବା । ଯଥା—

ସାଉଣ୍ଟିବା କାଣ୍ଡ କି ଧନ୍ୱିଙ୍କୁ ପାଏ ?

**ସାକର**, ବି. (ଶର୍କରା ଶବ୍ଦଜ) ଗୁଡ଼, ଖଣ୍ଡ, ଚିନି । ଯଥା—

ଭୁଞ୍ଜ ବଚନ ସାକର ।

ବ୍ୟଞ୍ଜନବିଶେଷ ।

**ସାକରପଟା**, ବି (ଦେଶଜ) ଉପର ଦ୍ୱାରବନ୍ଧରେ ଦିଆଯାଇଥିବା କାଠର ପଟା ।

**ସାକଲ୍ୟ**, ବି. ନ. (ସକଳ-ଯ) ସମଗ୍ର, ସମୁଦାୟ, ସମ୍ପୂର୍ଣ୍ଣ ।

**ସାକାର**, ବିଂ. (ସ-ଆକାର) ଆକୃତିବିଶିଷ୍ଟ, ଯାହାର ଆକାର ଅଛି ।

**ସାକିନ୍**, ବି. (ଯାବନିକ) ବାସସ୍ଥାନ ।

**ସାକୁଲାଇବା**, କ୍ରି. (ଦେଶଜ) ବାକୁଡ଼ି ମିନତି କରିବା ।

**ସାକେତ**, ବି. ପୁଂ. ନ. (ସହ-ଆ-କିତ-ଅ) ଅଯୋଧ୍ୟା ନଗର ।

**ସାକ୍ଷର**, ବିଂ. (ସ-ଅକ୍ଷର) ଅକ୍ଷରଯୁକ୍ତ, ବିଦ୍ୱାନ୍, ନ. ସ୍ୱନାମ ଲେଖନ, ଦସ୍ତଖତ୍ କରିବା ।

**ସାକ୍ଷାତ୍**, ଅ°. (ସ-ଅକ୍ଷ-ଅତ୍-୦) ସମ୍ମୁଖ, ପ୍ରତ୍ୟକ୍ଷ, ପ୍ରତ୍ୟକ୍ଷୀଭୂତ, ସ୍ୱୟଂ, ତୁଲ୍ୟ, ସଦୃଶ ।

**ସାକ୍ଷୀ**, ବିଂ (ସ-ଅକ୍ଷି-ଇନ୍) ପ୍ରତ୍ୟକ୍ଷଦର୍ଶୀ, ସ୍ୱୟଂ ଦ୍ରଷ୍ଟା, ଉପଦ୍ରଷ୍ଟା ।

**ସାକ୍ଷ୍ୟ**, ବିଂ. (ସାକ୍ଷିନ୍-ଯ) ସାକ୍ଷିକର୍ମ, ପ୍ରମାଣ ନେବା ।

**ସାଖା**, ବି. (ଦେଶଜ) ସହାୟ ।

**ସାଖ୍ୟ**, ବି. ନ. (ସଖି-ଯ) ସଖ୍ୟ, ମିତ୍ରତା ।

**ସାଗର**, ବି. ପୁଂ. (ସଗର-ଅ) ସମୁଦ୍ର, ମୃଗବିଶେଷ, ସଂଖ୍ୟାବିଶେଷ, ଦଶପଦ୍ମ ସଂଖ୍ୟା ।

**ସାଗିବା**, କ୍ରି (ଦେଶଜ) ସଂକୁଚିତ ହେବା, ପ୍ରସାରିତ ହେବା ।

**ସାଗୁଣା**, ବି. (ଦେଶଜ) ଗୃଧ୍ରପକ୍ଷୀ ।

**ସାଗୁ** } ବି. ଖାଦ୍ୟଦ୍ରବ୍ୟବିଶେଷ, ରୋଗୀର
**ସାଗୁଦାନା** } ପଥ୍ୟ ।

**ସାଗ୍ନିକ**, ବି. ପୁଂ. ( ସ-ଅଗ୍ନି କ ) ଯେ ବ୍ୟକ୍ତି ସତତ ଯାଗଶୀଳ, ଅଗ୍ନିହୋତ୍ରୀ ଦ୍ୱିଜ ।

**ସାଙ୍କର୍ଯ୍ୟ**, ବି. ନ. (ସଙ୍କର-ଯ) ମିଶ୍ରଣ, ମିଳନ, ସଙ୍କରତ୍ୱ ।

**ସାଙ୍କୁଚ**, ବି. ଜଳଚର ଜୀବବିଶେଷ ।
ଯଥା—

> ବିଷଦନ୍ତ ଶଙ୍କୁ ପ୍ରାୟେ ବକ୍ର ମୁଣ୍ଡ,
> ଶଙ୍କା ଉପୁଜାଏ ଚକଣ ମ ଙ୍କୁ ଚ । ଚନ୍ଦ୍ରିକା ।

**ସାଙ୍କେତିକ**, ବିଂ. (ସଙ୍କେତ-ଇକ) ସଙ୍କେତ-କାରକ, (Practice) ସଂକ୍ଷିପ୍ତ ଉପାୟ ଅବଲମ୍ବନ କରି ଅଙ୍କ କଷିବା ।

**ସାଙ୍ଖ୍ୟ**, ବି. ନ.(ସମ୍-ଖ୍ୟା-ଯ) କପିଳମୁନିପ୍ରଣୀତ ଦର୍ଶନଶାସ୍ତ୍ର, ଏଥିରେ ପ୍ରକୃତି, ବୁଦ୍ଧିତତ୍ତ୍ୱ, ଅହଙ୍କାର, ସୂକ୍ଷ୍ମ ପଞ୍ଚଭୂତ, ସ୍ଥୂଳ ପଞ୍ଚଭୂତ ଓ ଏକାଦଶ ଇନ୍ଦ୍ରିୟ ଏହି ଚତୁର୍ବିଂଶତି ପଦାର୍ଥ, ପୁରୁଷ ସହିତ ପଞ୍ଚବିଂଶତି ଏ ସମସ୍ତର ବର୍ଣ୍ଣନା ଅଛି ।

**ସାଙ୍ଗ**, ବିଂ ( ସ-ଅଙ୍ଗ ) ଅଙ୍ଗଯୁକ୍ତ, ସମ୍ପୂର୍ଣ୍ଣ, ଯାହାର ସମସ୍ତ ଅଙ୍ଗ ସମ୍ପୂର୍ଣ୍ଣ ମାତ୍ର କୌଣସି ଅଙ୍ଗ ଅସମ୍ପୂର୍ଣ୍ଣ ନୁହେ । ଯଥା—

> ଯୋଗବଳେ ଯୋଗେଶ୍ୱର ସାଙ୍ଗ ଦେଖି ଭବେ
> ଭୂଭାରହରଣବ୍ରତ, ହେଲେ ପୁଲକିତ । ମ. ଯା.

**ସଙ୍ଗ**, ସଙ୍ଗୀ ।

**ସାଙ୍ଗୀ**, ବି. (ଦେଶଜ) କୌଣସି ଗୁରୁ ପଦାର୍ଥ ଉଠାଇବା ନିମିତ୍ତ ଯେଉଁ ବାଉଁଶ ବା କାଷ୍ଠ-ଖଣ୍ଡ ବ୍ୟବହାର କରାଯାଏ, ସଙ୍ଗୀ ।

**ସାଙ୍ଘାତିକ**, ବି. ( Bryozoa ) ଯେଉଁ ସବୁ ସାମୁକା ଏକତ୍ର ସଂଶ୍ଲିଷ୍ଟ ହୋଇ ଦଣ୍ଡାକାରରେ ଥାଏ । ଯଥା —ସାଲ୍ପାନାମକ ସାମୁକା ।

**ସାଂଘାତିକ**, ବିଂ. ( ସଙ୍ଘାତ-ଇକ ) ମାରାତ୍ମକ, ପ୍ରାଣନାଶକ ।

**ସାଚ**, ବି. (ଦେଶଜ) କଳ । ବିଂ. ଉତ୍କୃଷ୍ଟ ।

**ସାଚିବ୍ୟ** ବି. (ସଚିବ-ଯ, ଭାବାର୍ଥେ ) ମନ୍ତ୍ରିତ୍ୱ, ସାହାଯ୍ୟ ।

**ସାଜ**, ବି. (ସଜ୍ଜା ଶବ୍ଦଜ) ବେଶ, ଭୂଷଣଦ୍ରବ୍ୟ, ଅସ୍ତ୍ରଶସ୍ତ୍ରାଦି ।

**ସାଜମାଛ**, ବି. ଯେଉଁ ମାଛ ସାହାଯ୍ୟରେ ବସ୍ତ୍ରାଦି ପରିଷ୍କୃତ ହୁଏ, ଲୁଣା ମାଛ ।

**ସାଜିବା**, କ୍ରି. ( ଦେଶଜ ) ସଜ୍ଜିତ ହେବା, ସଜ୍ଜିତ କରିବା ।

**ସାଞ୍ଚି**, ବି. (ଦେଶଜ) ଗ୍ରନ୍ଥ, ଅଲେଖା ତାଳପତ୍ର ପୁସ୍ତକ ।

**ସାଞ୍ଜନ**, ବି. ପୁଂ. (ସ-ଅଞ୍ଜନ) କୃକଲାସ,ଏଣ୍ଡୁଅ ।

**ସାଞ୍ଜୁ**, ବି. (ଦେଶଜ) କବଚ, ବର୍ମ ।

**ସାଢ଼ୀ**, ବି. (ଶାଟୀ ଶବ୍ଦଜ) ସ୍ତ୍ରୀପରିହିତ ବସ୍ତ୍ର ।

> ସାଢ଼ୀ କାହିଁ ଦେବ ଦେବନ୍ତୁ ହେ;
> ଟଙ୍କୋଚେ ମୋ ପ୍ରାଣ ଯିବନ୍ତୁ ହେ । ର. ଚ.

**ସାଢ଼େ**, ବି. (ସାର୍ଦ୍ଧ ଶବ୍ଦଜ) ଅର୍ଦ୍ଧ ସହିତ ।

**ସାଣମେଲ୍ଲା** } ବି. (ଦେଶଜ) ସମ୍ପୂର୍ଣ୍ଣରୂପେ
**ସାହାଣମେଲ୍ଲା** } ଦ୍ୱାର ଖୋଲିଦେବା ।

**ସାଣୁଣା**, ବି. ( ଦେଶଜ ) କୌଶଳ, ମହତ୍ତ୍ୱ, କଳାବିଦ୍ୟା ।

**ସାତ**, ବି. ନ. ( ସୋ-ତ ) ଶର୍ମ, ସୁଖ, କୁଶଳ, ମଙ୍ଗଳ, ଆନନ୍ଦ, ହର୍ଷ । ବିଂ. ଦତ୍ତ,ବିନଷ୍ଟ । (ସପ୍ତନ୍ ଶବ୍ଦଜ) ସଂଖ୍ୟାବିଶେଷ ୭ ।

**ସାତଦଢ଼ିଅଫୁଲ**, ବି. (ଦେଶଜ) ବଧୂଲିଫୁଲ ।

**ସାତପୁରୀ**, ବି. ( ସପ୍ତପୁରୀ ଶବ୍ଦଜ ) ଭାଦ୍ର ମାସର ଅମାବାସ୍ୟା ।

**ସାତିଶଯ୍ୟ**, ବିଂ. (ସ-ଅତିଶଯ୍ୟ) ଅତିଶଯ୍ୟିତ, ଅଧିକ ।

**ସାତିସାର**, ବିଂ. ( ସ-ଅତିସାର ) ଅତିସାର ରୋଗଯୁକ୍ତ, ଉଦରାମୟବିଶିଷ୍ଟ ।

**ସାତ୍ୟକ**, ବି ପୁଂ. ( ସତ୍ୟକ-ଇ ) ଯଦୁବଂଶୀୟ କ୍ଷତ୍ରିୟବିଶେଷ, କୃଷ୍ଣଙ୍କ ସାରଥି ।

ସାତ୍ୱତ, ବି. ଶିଶୁପାଳ, ଶ୍ରୀକୃଷ୍ଣ, ସତ୍ୱତ୍ ବଂଶଜାତ ।

ସାତ୍ୱତୀ, ବି.ସ୍ତ୍ରୀ. ( ସାତ୍ୱତ୍-ଈ ) ନାଟକର ବୃତ୍ତି-ବିଶେଷ, ବସୁଦେବଭଗିନୀ,ଶିଶୁପାଳଧି ମାତା ।

ସାତ୍ତ୍ୱିକ,ବି.ପୁଂ. (ସତ୍ତ୍ୱ-ଇକ)ବ୍ରହ୍ମା, ଅନ୍ତଃକରଣର ଭାବବିଶେଷ, ଏଦ୍ୱାର କାର୍ଯ୍ୟ ଅଷ୍ଟପ୍ରକାର । ଯଥା—ସ୍ତମ୍ଭ, ସ୍ୱେଦ, ରୋମାଞ୍ଚ, ଅଶ୍ରୁ, ସ୍ୱରଭଙ୍ଗ, ବେପଥୁ, ବୈବର୍ଣ୍ଣ୍ୟ ପ୍ରଳୟ ( ମୂର୍ଚ୍ଛା ) । ବିଂ. ସତ୍ତ୍ୱଗୁଣଜାତ, ସତ୍ତ୍ୱଗୁଣ-ସମ୍ବନ୍ଧୀୟ, କୌଣସି ଫଳାକାଂକ୍ଷା ନ କରି ଯେ କର୍ମ କରାଯାଏ, ସତ୍ୟ, ଯଥାର୍ଥ, ସଚ୍ଚା, ସାଧୁ ।

ସାଥି, ବିଂ. (ସାର୍ଥ ଶବ୍ଦଜ) ସଙ୍ଗୀ । ବି ସଙ୍ଗ ।

ସାଦ, ବି. ପୁଂ. (ସଦ୍-ଅ) ଅବସନ୍ନତା, ଆଳସ୍ୟ, କାର୍ଶ୍ୟ, କ୍ଷୀଣତା, ବିନାଶ, ପରିଷ୍କୃତା,ବିଶୁଦ୍ଧି ।

ସାଦନ, ବି ନ. ( ସାଦ୍-ଅନ ) ସଦନ, ଗୃହ, ଉଚ୍ଛାଦନ, ବିନାଶକରଣ, ବିନାଶନ, ଅବସାଦନ, କ୍ଳାନ୍ତକରଣ, ଦୁଃଖୀକରଣ ।

ସାଦର, ବିଂ. ( ସ-ଆଦର ) ଆଦର ସହିତ, ଆଦରଯୁକ୍ତ ।

ସାଦା, ବି. ( ଯାବନିକ ) ସାଧାରଣ, ଅକୁଟିଳ, ଶୁକ୍ଳବର୍ଣ୍ଣ ।

ସାଦୀ, ବି. ( ସଦ୍-ଇନ୍ ) ଅଶ୍ୱାରୋହୀ । ( ଯାବନିକ ) ବିବାହ ।

ସାଦୃଶ୍ୟ, ବି. ନ. (ସଦୃଶ୍-ଯ) ତୁଲ୍ୟତା, ସାମ୍ୟ, ଆଲେଖ୍ୟ ।

ସାଧ, ବି. ( ଦେଶଜ ) ବାସନା, ଅଭିଳାଷ, ଗର୍ଭିଣୀର ଇଚ୍ଛାମତ ଭୋଜନ, ଦୋହଦ ।

ସାଧକ, ବିଂ (ସାଧ୍-ଅକ) ସାଧନକର୍ତ୍ତା, ସିଦ୍ଧି-କାରକ,ନିଷ୍ପାଦକ,ଆରାଧକ,ସେବକ,ଅର୍ଚ୍ଚକ ।

ସାଧନ, ବି. ନ. (ସାଧ୍-ଅନ) କରଣକାରକ, ସିଦ୍ଧି, ସମ୍ପାଦନ, କାରଣ, ହେତୁ, ଉପାୟ, ସହାୟ, ଗମନ, ହତ୍ୟା, ବଧ, ସୈନ୍ୟ, ସମ୍ପତ୍ତି, ମନ୍ତ୍ର-ସିଦ୍ଧିକରଣ, ପ୍ରମାଣ, ଉପକରଣ,ଅନ୍ତ୍ୟେଷ୍ଟି-କ୍ରିୟା, ମୃତସଂସ୍କାର, ଅଗ୍ନିଦାନ, ଆରାଧନା, ଯୁଦ୍ଧୋପକରଣ, ଶିଶ୍ନ, ଅନୁଗମନ, ଦାପନ, ଧାତୁମାରଣ, ପାରଦାଦି ଶୋଧନ, ବିନାଶନ, ନିଷ୍ପାଦନ ।

ସାଧବ, ବିଂ. (ସାଧୁ-ଅ ସ୍ୱାର୍ଥେ, ଦେଶଜ) ସାଧୁ, ସଜ୍ଜନ, ବଣିକ୍ । ଯଥା—

ବହିତ୍ର ଲଗିଲା ଯାଇ ସିଂହଳ ଦ୍ୱୀପରେ,
ସାଧବ ଯୁବତୀମାନେ ଅତି ତୋଷରରେ
ଗଲେ ବହିତ୍ର ବନ୍ଦାଇ
ଅର୍ଘ୍ୟଥାଳୀମାନ କରେ ହୁଳହୁଳି ଦେଇ । ଲ.ବ.

ସ୍ତ୍ରୀ. ସାଧବାଣୀ ।

ସାଧବବୋହୂ
ସାଧବଘରବୋହୂ } ବି (ଦେଶଜ) ପାଟପୋକ, ଇନ୍ଦ୍ରଗୋପ କୀଟ ।
ସାଧବାଣୀପୋକ

ସାଧନା, ବି. ସ୍ତ୍ରୀ. (ସାଧନ-ଆ) ସିଦ୍ଧି, ନିଷ୍ପାଦନ, ଉପାସନା, ଆରାଧନା ।

ସାଧନୀୟ, ବିଂ. ( ସାଧ୍-ଅନୀୟ ) ସାଧନଯୋଗ୍ୟ, ନିଷ୍ପାଦ୍ୟ, ଆରାଧନୀୟ ।

ସାଧର୍ମ୍ୟ, ବି. ନ ( ସଧର୍ମ-ଯ ) ସାଦୃଶ୍ୟ, ସମାନ, ଧର୍ମବତ୍ତା ।

ସାଧାରଣ, ବି. (ସ-ଧାରଣା-ଅ) ତୁଲ୍ୟ, ଏକବିଧ, ଯାହା ସମସ୍ତଙ୍କର ଅଛି, ସାମାନ୍ୟ ।

ସାଧାରଣତନ୍ତ୍ର, (Republic) ଯେଉଁଠାରେ ରାଜା ନାହାନ୍ତି, କେବଳ ସର୍ବସାଧାରଣ ଲୋକଙ୍କ ମତାନୁସାରେ ଯାବତୀୟ ରାଜକର୍ମ ନିର୍ବାହ ହୁଏ ।

ସାଧାରଣ୍ୟ, ବି. ନ. (ସାଧାରଣ-ଯ) ସାଧାରଣର ଧର୍ମ, ଯାହା ସମସ୍ତଙ୍କର ଅଛି । ବିଂ. ସାଧାରଣର କରିବା ଯୋଗ୍ୟ ।

ସାଧିକା, ବି. ସ୍ତ୍ରୀ. ( ସାଧ୍-ଅକ-ଆ ) ସୁଷୁପ୍ତି, ଗାଢ଼ନିଦ୍ରା ।

ସାଧିତ, ବିଂ. ( ସାଧ୍ ତ ) ମଣ୍ଡିତ, ସମ୍ପାଦିତ, ନିଷ୍ପାଦିତ, ଶୋଧିତ, ପରିଶୋଧିତ, ଦାପିତ, ଯାହା ଦିଆଯାଏ,ପ୍ରମାଣାଦିଦ୍ୱାରା ଉଦ୍ଭାବିତ, ବିନାଶିତ, ଅର୍ଥଦଣ୍ଡରେ ଦଣ୍ଡିତ, ଋଣ ପରିଶୋଧିତ ।

ସାଧିବା, କ୍ରି. ( ସାଧ ଧାତୁଜ ) ସାଧନ କରିବା, ଶୁଝିବା, ବୈରଶୋଧନ କରିବା ।

ସାଧିଷ୍ଠାନ, ବି. ନ. ( ସ-ଅଧିଷ୍ଠାନ ) ଦେହସ୍ଥ ଷଟ୍‌ଚକ୍ର ମଧ୍ୟରେ ଏକ ଚକ୍ର ।

ସାଧୁ, ବିଂ. (ସାଧ୍-ଉ) ଉତ୍ତମ, ମହତ୍, ସଜ୍ଜନ, ଧାର୍ମିକ, ସୁନ୍ଦର, ହିତ, ସଦ୍‌ବଂଶଜାତ, ସମର୍ଥ, ଯୋଗ୍ୟ, ଉପଯୁକ୍ତ, ନିପୁଣ, ବାର୍ଦ୍ଧୁଷିକ, ସୁଧଖିଆ, ଉଚିତ । ବି. ପୁଂ. ମୁନି, ଋଷି, ବଣିକ୍ ।

ସାଧୁତ, ବିଂ (ଗ୍ରାମ୍ୟ ଓ ପଦ୍ୟ) ସାଧୁ ।

ସାଧୁତା, ବି.ସ୍ତ୍ରୀ. (ସାଧୁ-ତା) ସୌଜନ୍ୟ, ଶିଷ୍ଟତା, ଭଦ୍ରତା ।

ସାଧୁବାଦ, ବି. ପୁଂ. ( ସାଧୁ-ବଦ୍-ଅ ) ପ୍ରଶଂସା, ଧନ୍ୟବାଦ ।

ସାଧୁବୃତ୍ତ } ବିଂ. (ସାଧୁ-ବୃତ୍ତ, ଶୀଳ) ସତ୍‌ସ୍ୱଭାବ-
ସାଧୁଶୀଳ } ବିଶିଷ୍ଟ, ସଚ୍ଚରିତ୍ର ।

ସାଧ୍ୟ, ବି. ପୁଂ. ( ସାଧ୍-ଯ) ମନଃ, ମନ୍ତ୍ର, ପ୍ରାଣ, ନର, ପାନ, ବୀର୍ଯ୍ୟବାନ୍, ଚିନ୍ତୟନ୍ତ୍ୟ, ନୟ, ଦଂଶ, ନାରାୟଣ, ବୃଷ, ପ୍ରଭୁ-ଏହି ଦ୍ୱାଦଶ ବିଧ ଗଣଦେବତାବିଶେଷ, ଯୋଗବିଶେଷ, ଶର । ବିଂ.ସାଧନୀୟ,ସାଧନଯୋଗ୍ୟ ନିଷ୍ପାଦ୍ୟ, ଶକ୍ୟ, ଜ୍ଞେୟ, ପ୍ରତିବିଧେୟ, ପ୍ରତିକାର-ଯୋଗ୍ୟ, ନିବର୍ତ୍ତନୀୟ, ଜେୟ, ପ୍ରତିପାଦ୍ୟ ।

ସାଧ୍ୱସ, ବି. ନ. ( ସାଧୁ=ସକ୍ତନ-ଅସ୍-ଅ ) ଭୟ, ତ୍ରାସ, ଶଙ୍କା, ମନର ଆବେଗ, ବ୍ୟାକୁଳତା, ସମ୍ଭ୍ରମ ।

ସାଧ୍ୱୀ, ବି. ସ୍ତ୍ରୀ. (ସାଧୁ-ଈ) ପତିବ୍ରତା, ସତୀ ।

ସାନ, ବିଂ. (ସନ୍ନ ଶବ୍ଦଜ) କନିଷ୍ଠ, କ୍ଷୁଦ୍ର ।

ସାନି, ବି. ( ଯାବନିକ ) ପୁନର୍ବାର, ପୁନର୍ବିଚାର ପ୍ରାର୍ଥନା ।

ସାନନ୍ଦ, ବିଂ. (ସ-ଆନନ୍ଦ) ଆନନ୍ଦଯୁକ୍ତ, ଆହ୍ଲାଦିତ ।

ସାନୁ, ବି. ପୁଂ. ନ. (ସନ୍-ଉ) ପର୍ବତର ଉପରସ୍ଥ ସମାନଭୂମି, ଗିରିତଟ, ପ୍ରସ୍ଥ, ଅଗ୍ରଭାଗ, ବନ, ବାତ୍ୟା, ବିପଶ୍ଚିତ୍, ବିଦ୍ୱାନ୍, ପଥ । ପୁଂ. ପଣ୍ଡିତ, ସୂର୍ଯ୍ୟ ।

ସାନୁଜ, ବିଂ. (ସ-ଅନୁଜ) ଅନୁଜସହିତ ।

ସାନ୍ତପନ, ବି.ନ. (ସମ୍-ତପନ-ଅ) ବ୍ରତବିଶେଷ, ଗୋମୟ, ଗୋମୂତ୍ର, ଦୁଗ୍ଧ, ଦଧି, ଘୃତ ଓ ଜଳ କ୍ରମେ କ୍ରମେ ଏହି ଛଅ ଦ୍ରବ୍ୟକୁ ଛଅ ଦିନ ଭକ୍ଷଣ କରି ସପ୍ତମ ଦିନରେ ପାଳନ ଅର୍ଥାତ୍ ଉପବାସ କରିବାକୁ ହୁଏ ।

ସାନ୍ତ୍ୱ, ବି. ନ. ( ସାନ୍ତ୍ୱ-ଅ ) ପ୍ରିୟବଚନ, ପ୍ରବୋଧଜନକ ବାକ୍ୟ, ସାମ, ସନ୍ଧି । ବିଂ. ପ୍ରିୟ, ଅଭିମତ ।

ସାନ୍ତ୍ୱନା, ବି. ସ୍ତ୍ରୀ. ( ସାନ୍ତ୍ୱ-ଅନ୍-ଆ ) ପ୍ରିୟ-ବାକ୍ୟଦ୍ୱାରା ପ୍ରବୋଧ ଦେବା, ସମାଶ୍ୱାସନ, ଶାନ୍ତ କରିବା ସାମ, ସନ୍ଧି, ପ୍ରଣୟ, ସସ୍ନେହ ସାଦର ସମ୍ଭାଷଣ ଓ କୁଶଳ ପ୍ରଶ୍ନ ।

ସାନ୍ଦ୍ର, ବିଂ. (ସ-ଅଦ୍-ର) ନିବିଡ଼, ଘନ, ପ୍ରଚୁର, ମୃଦୁ, ସ୍ନିଗ୍ଧ, ମନୋଜ୍ଞ । ବି. ନ. ଅରଣ୍ୟ ।

ସାନ୍ଧିକ, ବି. ପୁଂ. (ସନ୍ଧା-ଇକ) ଶୌଣ୍ଡିକ, ଶୁଣ୍ଡି, (ସନ୍ଧି-ଇକ) ବିଂ. ଯେ ସନ୍ଧି କରନ୍ତି ।

ସାନ୍ଧିବା, କ୍ରି (ସନ୍ଧି ଶବ୍ଦଜ) ଦୃଢ଼ରୂପେ ସଂଲଗ୍ନ କରିବା, ଭଲ କରି ଦଳିବା ।

ସାନ୍ଧିବିଗ୍ରହିକ, ବିଂ. ( ସନ୍ଧିବିଗ୍ରହ-ଇକ ) ସନ୍ଧି-ବିଗ୍ରହରେ ନିପୁଣ, କୌଣସି ସମୟରେ ସନ୍ଧି ବା କୌଣସିସମୟରେ ବିଗ୍ରହ କରିବାକୁ ହୁଏ, ତାହା ଯେଉଁମାନେ ଉତ୍ତମରୂପେ ଜାଣନ୍ତି ।

ସାନ୍ଧ୍ୟ, ବିଂ. (ସନ୍ଧ୍ୟା-ଯ) ସନ୍ଧ୍ୟାକାଳୀନ, ସନ୍ଧ୍ୟା-ସମ୍ବନ୍ଧୀୟ ।

ସାନ୍ନିଧ୍ୟ, ବି. ନ. ( ସନ୍ନିଧି-ଯ ) ସନ୍ନିଧାନ, ସାମୀପ୍ୟ ।

ସାନ୍ନିପାତିକ, ବିଂ. ( ସନ୍ନିପାତ-ଇକ ) ମିଶ୍ରିତ, ସମଷ୍ଟିଜାତ, ତ୍ରିଦୋଷଜ, ବାତ-ପିତ୍ତ-କଫଜ, ସାଂଘାତିକ ।

ସାପ, ବି. (ସର୍ପ ଶବ୍ଦଜ) ସରୀସୃପ ।

ସାପଟ୍ଟବା, କ୍ରି. ( ଦେଶଜ ) ଅଣ୍ଟାରେ ଭୁଣ୍ଡ଼ିର ଧରିବା ।

ସାପତ୍ନ୍ୟ, ବି. ନ. (ସପତ୍ନ-ଯ) ଶତ୍ରୁତା । ପୁଂ. ଶତ୍ରୁ, ( ସପତ୍ନୀ-ଯ ) ସପତ୍ନୀତନୟ । ବିଂ. ସପତ୍ନୀ-ଜାତ । ନ. ବହୁପତ୍ନୀକତା ।

ସାପେକ୍ଷ, ବିଂ. ( ସ-ଅପେକ୍ଷା ) ଅପେକ୍ଷାଯୁକ୍ତ, ପରସ୍ପରାପେକ୍ଷୀ, ସାକାଂକ୍ଷ ।

ସାଫଲ୍ୟ, ବି. ନ. ( ସଫଳ-ଯ ) ସଫଳତା, ଫଳୋତ୍ପତ୍ତି, ଲାଭଜନକତା ।

ସାବନା, ବିଂ. ଶ୍ୟାମଳବର୍ଣ୍ଣବିଶିଷ୍ଟ । ସ୍ତ୍ରୀ. ସାବନୀ ।

ସାବାସ, ବି. ( ଯାବନିକ ) ଧନ୍ୟବାଦ । ବିଂ. ଧନ୍ୟ ।

ସାବୁନ, ସାବୁନ, ସାବେନ } ବି. (ଯାବନିକ) ମଳ ସଫା କରିବା ଦ୍ରବ୍ୟବିଶେଷ, soap.

ସାମ, ବି. ନ. (ସୋ-ମ) ସାମବେଦ, ପାପବିଶେଷ, ସନ୍ଧି, ସାନ୍ତ୍ୱନା, ପ୍ରିୟବଚନ ।

ସାମଗ୍ରୀ, ବି. ସ୍ତ୍ରୀ. (ସମଗ୍ର-ଈ) ସାକଲ୍ୟ, ସମୁଦାୟ, କାରଣକଳାପ, ଦ୍ରବ୍ୟ, ବସ୍ତୁ, ଦଳବଳ, ଅସ୍ତ୍ରଶସ୍ତ୍ର, ଭଣ୍ଡାର ।

ସାମଞ୍ଜସ୍ୟ, ବି. ନ. (ସମଞ୍ଜସ୍-ଯ) ଔଚିତ୍ୟ, ଉପଯୁକ୍ତତା, ସମୀଚୀନତା, ଉତ୍କର୍ଷ, ମେଳ ।

ସାମନା, ବିଂ ( ଯାବନିକ ) ସମ୍ମୁଖବର୍ତ୍ତୀ, ସମ୍ମୁଖ ।

ସାମନ୍ତ, ବି. ପୁଂ. ( ସମନ୍ତ-ଅ ) ସମୀପସ୍ଥ ରାଜା, ସାମାନ୍ୟ ରାଜା, ପ୍ରତିବେଶୀ, ଅଧିନାୟକ, ସାଆନ୍ତ । ଯଥା —

ବଚସ୍କର ନୃପତି ସାମନ୍ତେ ଭୃତ୍ୟ ପର,
ବାର ବାରନାରୀ ଗଲେ ଅନୁକୂଳ କର ଯେ । ବୈ. ବି.

ବିଂ. ନିକଟବର୍ତ୍ତୀ । ନ. ସାମୀପ୍ୟ ।

ସାମନ୍ତେଶ୍ୱର, ବି. ପୁଂ. (ସାମନ୍ତ-ଈଶ୍ୱର) ଚକ୍ରବର୍ତ୍ତୀ, ସମ୍ରାଟ୍ ।

ସାମୟିକ, ବିଂ. ( ସମୟ-ଇକ ) ସମୟୋଚିତ, କାଳୋପଯୁକ୍ତ, ନିୟମାନୁଯାୟୀ ।

ସାମର୍ଥ୍ୟ, ବି. ନ. ( ସମର୍ଥ-ଯ ) ବଳ, ଶକ୍ତି, ଯୋଗ୍ୟତା, କ୍ଷମତା, ଶବ୍ଦର ପ୍ରତିପାଦ୍ୟ ।

ସାମବାୟିକ, ବି. ପୁଂ. (ସମବାୟ-ଇକ) ଅମାତ୍ୟ, ମନ୍ତ୍ରୀ, ଦଳପତି । ବିଂ. ସମବାୟସମ୍ବନ୍ଧୀୟ ।

ସାମାଜିକ, ବି. ପୁଂ. (ସମାଜ-ଇକ) ସଭ୍ୟ, ସଭାସଦ୍, ସହୃଦୟ, ରସଜ୍ଞ । ବିଂ. ସମାଜସମ୍ବନ୍ଧୀୟ ।

ସାମାନ୍, ବି. (ଯାବନିକ) ଜିନିଷପତ୍ର ।

ସାମାନ୍ୟ ବି. ନ. (ସମାନ-ଯ) ପ୍ରକାର, ରକମ, ଜାତି, ଗୋତ୍ର, ମନୁଷ୍ୟତ୍ୱାଦି, ସାମଗ୍ର୍ୟ, ସାଧାରଣର କାର୍ଯ୍ୟ, କାବ୍ୟର ଅଲଙ୍କାରବିଶେଷ, ଯେଉଁଠାରେ ସାଧାରଣ ଧର୍ମବଳରେ ଅନେକ ବସ୍ତୁ ଏକତ୍ର ସମ୍ବଦ୍ଧ ହୁଏ । ବିଂ. ସାଧାରଣ, ଇତରଚର, ଯାହା ସମସ୍ତଙ୍କର ଅଛି । ନ୍ୟା, ସ୍ତ୍ରୀ. ବେଶ୍ୟା, ସାଧାରଣ ସ୍ତ୍ରୀ. ।

ସାମିଲ, ବି. ( ଯାବନିକ ) ସମ୍ମିଳିତ, ଅନ୍ତର୍ଗତ, ସଂକ୍ରାନ୍ତ, ଅନ୍ତର୍ଭୁକ୍ତ, ଏକସଙ୍ଗର ।

ସାମୀପ୍ୟ, ବି. ନ. ( ସମୀପ-ଯ ) ନୈକଟ୍ୟ, ସାନ୍ନିଧ୍ୟ ।

ସାମୁଦ୍ର, ବି. ନ. (ସମୁଦ୍ର-ଅ) ସମୁଦ୍ରଲବଣ, ସମୁଦ୍ରଫେଣ, ଶରୀରସ୍ଥ ଚିହ୍ନ, ଦେହସ୍ଥ ଚିହ୍ନଘଟିତ ଭଦ୍ରାଭଦ୍ର ଲକ୍ଷଣସୂଚକ ଶାସ୍ତ୍ର । ବିଂ. ଶାସ୍ତ୍ରବ୍ୟବସାୟୀ, ସମୁଦ୍ରଜାତ, ସମୁଦ୍ରସମ୍ବନ୍ଧୀୟ । ପୁଂ. ସମୁଦ୍ରଯାତ୍ରୀ, ନାବିକ ।

ସାମୁଦ୍ରିକ, ବି. ପୁଂ (ସମୁଦ୍ର-ଇକ) ଶରୀରଚିହ୍ନର ଶୁଭାଶୁଭ ଫଳପ୍ରକାଶକ ଦୈବଜ୍ଞ । ନ. ଶରୀର ଚିହ୍ନସମ୍ବନ୍ଧୀୟ ଶାସ୍ତ୍ରାଦି । ବିଂ. ସମୁଦ୍ରସମ୍ବନ୍ଧୀୟ ।

ସାମୁସେଇ, ବି. ( ଦେଶଜ ) କ୍ଷୁଦ୍ର ଜଳପାତ୍ରବିଶେଷ ।

ସାମ୍ୟ, ବି. ନ. ( ସମ-ଯ ) ସମତା, ତୁଲ୍ୟତା, ସାଦୃଶ୍ୟ ।

ସାମ୍ରାଜ୍ୟ, ବି. ନ. ( ସମ୍ରାଜ୍-ଯ ) ସର୍ବପ୍ରଧାନ ରାଜ୍ୟ, ସମ୍ରାଟର ଶାସନାଧୀନ ରାଜ୍ୟ, ସାର୍ବଭୌମତ୍ୱ ।

ସାୟୃ, ବି. ପୁଂ. (ସୋ-ଅ) ସାୟଂକାଳ, ଦିନାନ୍ତ, ଶେଷ, ନାଶ, ଶର, ବାଣ, ଅବସାନ ।

ସାୟକ, ବି.ପୁଂ. (ସୋ-ଅକ) ବାଣ, ଶର, ଖଡ୍ଗ ।

ସାୟନ୍ତନ, ବିଂ. (ସାୟମ୍-ତନ) ସନ୍ଧ୍ୟାକାଳୀନ ।

ସାୟମ୍, ଅଂ. } ବି. (ସୋ-ଅମ୍-ଅହନ୍) ସନ୍ଧ୍ୟାକାଳ, ଦିନାନ୍ତ ।
ସାୟାହ୍ନ, ପୁଂ. }

ସାୟୁଜ୍ୟ, ବି. ନ. (ସ=ସହିତ-ଯୁଜ୍-ଯ) ସହଯୋଗ, ଅଭେଦ, ସାମ୍ୟ, ସାଦୃଶ୍ୟ, ପଞ୍ଚପ୍ରକାର ମୁକ୍ତିର ଅନ୍ତର୍ଗତ ମୁକ୍ତିବିଶେଷ ।

ସାର, ବି. ପୁଂ. (ସୃ-ଅ) ବୃକ୍ଷର ମଜ୍ଜା, ତେଜଃ, ବଳ, କାଠିନ୍ୟ, ଦୃଢ଼ତା, ଉତ୍କର୍ଷ, ଅତିଶୟ, ଶ୍ରେଷ୍ଠାଂଶ, ତତ୍ତ୍ୱାର୍ଥ, ମଜ୍ଜା, ବାୟୁ, ପୀଡ଼ା, କ୍ଷୀରତା, ନବନୀତ, ଶର । ନ. ଜଳ, ଧନ, ଉପଯୁକ୍ତତା, ବୃକ୍ଷାଦିର ଉତ୍ତେଜକ ବସ୍ତୁ, ରହସ୍ୟ । ବିଂ. ଶ୍ରେଷ୍ଠ, ଉତ୍କୃଷ୍ଟ । ଯଥା—

ଅମୂଲ୍ୟ ଦୁର୍ଲଭ ରତନର ଖଣି,
ସବୁ ଦେଶ ମଧ୍ୟେ ଏ ଦେଶ ସାର । କ. ବ.

ସ୍ଥାୟୀ, ନାନାବର୍ଣ୍ଣ, ନ୍ୟାଯ୍ୟ । (ଦେଶଜ) ପଶାଖେଳର ଗୋଟି, ପକ୍ଷିବିଶେଷ ।

ସାରଗନ୍ଧ, ବି. ପୁଂ. (ସାର-ଗନ୍ଧ) ଶ୍ରୀଖଣ୍ଡ ଚନ୍ଦନ ।

ସାରଗ୍ରାହୀ, ବିଂ. (ସାର-ଗ୍ରାହୀ) ଶ୍ରେଷ୍ଠାଂଶଗ୍ରାହକ, ସାରଗ୍ରହଣକାରୀ ।

ସାରଙ୍ଗ, ବି. ପୁଂ. (ସୃ-ଅଙ୍ଗ) ଚାତକପକ୍ଷୀ, ଭ୍ରମର, ହରିଣ, ହସ୍ତୀ, ସିଂହ, ରାଜହଂସ, କୋକିଳ, କାମଦେବ, ମେଘ, ରାଗବିଶେଷ, ମୟୂର, ବୃକ୍ଷ, ପତ୍ରଚ୍ଛଦ, ପଦ୍ମ, ପୁଷ୍ପ, ଶଙ୍ଖ, ମଣି, ପୃଥିବୀ, ରାତ୍ରି, ଜ୍ୟୋତି, ଛତ୍ର । ନ. ବାଦ୍ୟଯନ୍ତ୍ରବିଶେଷ, ବସ୍ତ୍ର, ସ୍ୱର୍ଣ୍ଣ, ଧନୁକ, ଚନ୍ଦନ, କର୍ପୂର । ବିଂ. ନାନାବର୍ଣ୍ଣ, ଶବଳ ।

ସାରଙ୍ଗିକ, ବି. ପୁଂ. (ସାରଙ୍ଗ-ଇକ) ବ୍ୟାଧ ।

ସାରଙ୍ଗୀ, ବି. (ଦେଶଜ) ବାଦ୍ୟଯନ୍ତ୍ରବିଶେଷ ।

ସାରଣ, ବି. ନ. (ସାର-ଅନ) ଦୋଷଶୁଦ୍ଧି, ଅପସରଣ, ଚାଳନା । ପୁଂ. ଅତିସାର ରୋଗ, ରାବଣର ମନ୍ତ୍ରିବିଶେଷ, ରାକ୍ଷସବିଶେଷ, । ବି ନ. ଦୋଷଶୁଦ୍ଧି, ଦୂରାଇବା ।

ସାରଣି } ବି. ସ୍ତ୍ରୀ. (ସାର-ଅନ) କ୍ଷୁଦ୍ରନଦୀ (ଦେଶଜ) ଖେଳଣାବିଶେଷ ।
ସାରଣୀ }
ଯଥା—

ବୋଇଲେ ମୁଁ ତୁମ୍ଭ କଣା କଳର,
ଖରସାରଣି ପରି ମୋତେ କର । ବି. ଚ.

ସାରଣ୍ଡ, ବି. ପୁଂ. (ସୃ-ଣିଚ୍-ଅଣ୍ଡ) ସର୍ପାଣ୍ଡ, ସାପଡ଼ିମ୍ବ ।

ସାରତରୁ, ବି. ପୁଂ. (ସାର-ତରୁ) କଦଳୀବୃକ୍ଷ ।

ସାରଥି, ବି. ପୁଂ. (ସ-ରଥ-ଇ) ରଥାଦିଚାଳକ, ଯନ୍ତା, ସହାୟ ।

ସାରଥ୍ୟ, ବି. ନ. (ସାରଥି-ଯ) ସାହାଯ୍ୟ, ରଥାଦି ଚଳାଇବା, ଯାନ ।

ସାରଦା, ବି. ସ୍ତ୍ରୀ. (ସାର-ଦା) ସରସ୍ୱତୀ, ଦୁର୍ଗା, ସାରଦ୍ରୁମ । ବି. ପୁଂ. ଖଦିରବୃକ୍ଷ ।

ସାରମେୟ, ବି. ପୁଂ. (ସରମା-ଏୟ) କୁକ୍କୁର ।

ସାରଲ୍ୟ, ବି. ନ. (ସରଳ-ଯ) ସରଳତା, ଅକାପଟ୍ୟ ।

ସାରସ, ବି. ପୁଂ. (ସରସ୍-ଅ) ହଂସ, ସ୍ୱନାମପ୍ରସିଦ୍ଧ ଜଳଚର ପକ୍ଷୀ । ବି. ନ. ପଦ୍ମ । (ସ-ରସ୍-ଅ) ପୁଂ. ଚନ୍ଦ୍ର । ବିଂ. ସରୋବରସମ୍ବନ୍ଧୀୟ ।

ସାରସନ, ବି. ନ. (ସାର-ସନ୍-ଅ) ସ୍ତ୍ରୀମାନଙ୍କର କଟିଭୂଷଣ, ଚନ୍ଦ୍ରହାର ପ୍ରଭୃତି, ପୁରୁଷର କଟିବନ୍ଧନ ।

ସାରସ୍ୱତ, ବି. ପୁଂ. (ସରସ୍ୱତୀ-ଅ) ଦିଲ୍ଲୀର ଉତ୍ତର ପଶ୍ଚିମସ୍ଥ ଦେଶବିଶେଷ, ସେହି ଦେଶୀୟ ବ୍ରାହ୍ମଣ, ମୁନିବିଶେଷ, କଥିତ ଅଛି—ଏ ସରସ୍ୱତୀ ନଦୀରୁ ଉତ୍ପନ୍ନହୋଇଥିଲେ, ବିଲ୍ୱଦଣ୍ଡ, ବେଲ ଗଛର ଯଷ୍ଟି, ବ୍ରହ୍ମାଙ୍କର ହଳରୂପ କଳ୍ପବିଶେଷ, ବ୍ୟାକରଣବିଶେଷ । ବିଂ. ସରସ୍ୱତୀସମ୍ବନ୍ଧୀୟ, ବିଦ୍ୱାନ୍ ।

ସାଗ୍, ବିଂ. (ଦେଶଜ) ଠିକ୍, ସମଗ୍ର, ହାରାହର ମାପ ।

ସାରି } ବି. ସ୍ତ୍ରୀ. ( ସାର-ଇ ) ପାଳକପକ୍ଷିଣୀ,
ସାରୀ } ପାଶକ । (ଦେଶଜ) ଧାଡି ।

ସାରିବା, କ୍ରି. ( ଦେଶଜ ) ଶେଷ କରିବା, ବ୍ୟବହାର କରିବା । ଯଥା—

ସାରିଦେଲା ମୋର ଧଇର୍ଯ୍ୟ ଗୁମାନ
ଠାରିଦେଲ ଯେତେବେଳେ ।

ସାରୁ, ବି. (ଦେଶଜ) ମୂଳବିଶେଷ ।

ସାରୁଆ, ବି. (ଦେଶଜ) ଯେ ସାରୁ ଚାଷ କରେ, ଏକପ୍ରକାର ନୀଚ ବ୍ରାହ୍ମଣ ।

ସାରୂପ୍ୟ, ବି. ନ. ( ସରୂପ-ଯ ) ସମାନରୂପତା, ମୁକ୍ତିବିଶେଷ ।

ସାର୍ଥ, ବି. ପୁଂ. (ସ-ଅର୍ଥ) ସମୂହ, ସଙ୍ଗୀ, ସଙ୍ଘ, ଜନ୍ତୁସମୂହ, ବଣିକ୍‌ସମୂହ । ବିଂ. ଧନୀ, ଧନବାନ୍, ଧନାଢ୍ୟ, ଅର୍ଥଯୁକ୍ତ ।

ସାର୍ଥକ, ବିଂ. (ସ-ଅର୍ଥ କ) ଅର୍ଥଯୁକ୍ତ, ସଫଳ, ଅନ୍ୱର୍ଥ, ବଣିକମାନଙ୍କର ଅଧିନାୟକ ।

ସାର୍ଦ୍ଧ, ବିଂ. ( ସ-ଅର୍ଦ୍ଧ ) ଅର୍ଦ୍ଧସହିତ, ଅର୍ଦ୍ଧଯୁକ୍ତ ।

ସାର୍ବ, ବି. ପୁଂ. (ସର୍ବ-ଅ) ଜିନ, ବୁଦ୍ଧ । ବିଂ. ସର୍ବହିତକର, ସର୍ବସମ୍ବନ୍ଧୀୟ ।

ସାର୍ବକାଳିକ, ବିଂ. (ସର୍ବକାଳ-ଇକ) ଯାହା ସବୁ ସମୟରେ ହୁଏ ।

ସାର୍ବଜନୀନ, ବିଂ. ( ସର୍ବଜନ ଈନ, ହିତାର୍ଥେ ) ସର୍ବଲୋକହିତ, ସମସ୍ତ ଜନର ଇଷ୍ଟସାଧକ, ସର୍ବଜନର ଉପଯୁକ୍ତ ।

ସାର୍ବତ୍ରିକ, ବିଂ. ( ସର୍ବତ୍ର-ଇକ ) ସର୍ବତ୍ରବ୍ୟାପୀ, ସବୁ ସ୍ଥାନରେ ସ୍ଥିତ, ସର୍ବସ୍ଥାନୋପଯୁକ୍ତ ।

ସାର୍ବଭୌମ, ବି. ପୁଂ. ( ସର୍ବଭୂମି-ଅ ) ଉତ୍ତର ଦିଗ୍‌ଗଜ, କୁବେରହସ୍ତୀ, ସମ୍ରାଟ୍, ଚକ୍ରବର୍ତ୍ତୀ, ରାଜା, ସମୁଦାୟ ଭୂମିର ଅଧୀଶ୍ୱର । ବିଂ. ଜଗଦ୍‌ବ୍ୟାପୀ, ଜଗଦ୍‌ବିଖ୍ୟାତ ।

ସାର୍ବଲୌକିକ, ବିଂ. ( ସର୍ବଲୋକ-ଇକ ) ସର୍ବଲୋକସମ୍ବନ୍ଧୀୟ, ସର୍ବଜନବିଦିତ, ସର୍ବତ୍ର ପ୍ରସିଦ୍ଧ, ପୃଥିବୀର ସର୍ବତ୍ର ପରିଚିତ, ସର୍ବଶ୍ରେଷ୍ଠ ।

ସାର୍ଷ୍ଟି, ବି. ସ୍ତ୍ରୀ. ( ସହ-ଅ-ଋଷ୍ଟି ) ନିର୍ବାଣମୁକ୍ତିବିଶେଷ ।

ସାଲନିର୍ଯ୍ୟାସ, ବି. ପୁଂ. (ସାଲ-ନିର୍ଯ୍ୟାସ) ସର୍ଜରସ, ଝୁଣା ।

ସାଲ }
ଶାଲ } ବି. ପୁଂ. (ଶଲୁ-ବା ଶାଲ-ଅ) ମତ୍ସ୍ୟବିଶେଷ, ଶାଳିବାହନ ରାଜା,
ଶାଳ } ପ୍ରାଚୀର, ବୃକ୍ଷ, ଅବ୍ଦ, ବର୍ଷ, ରୋମନିର୍ମିତ ବସ୍ତ୍ରବିଶେଷ ।

ସାଲ୍‌ଗମ୍, ବି. ( ବୈଦେଶିକ ) ଏକପ୍ରକାର ପରିବା ।

ସାଲମା, ବି (ବୈଦେଶିକ) ଏକପ୍ରକାର କୋଳି, ଆମ୍ବଡ଼ା ।

ସାଲସା, ବି. ଔଷଧବିଶେଷ ।

ସାଲସ୍, ବି. (ଯାବନିକ) ରଫା କରିବା, ମିଳିବା ।

ସାଲୁ, ବି. (ଦେଶଜ) ଏକପ୍ରକାର ନାଲିରଙ୍ଗର ଲୁଗା ।

ସାଲୁବାଲୁ, ବି. ( ଦେଶଜ ) ଗୋଳମାଳିଆ, ଅଡୁଆ ।

ସାବଧାନ, ବିଂ. ( ସ-ଅବଧାନ ) ଅବହିତ, ସତର୍କ ।

ସାବଶେଷ, ବି. ( ସ-ଅବଶେଷ ) ଅବଶିଷ୍ଟ, ଅସମ୍ପୂର୍ଣ୍ଣ ।

ସାବିକ୍, ବିଂ. (ଯାବନିକ) ପୂର୍ବତନ, ପୂର୍ବେ ହୋଇଥିବା ।

ସାବତ୍, ବିଂ. ( ଦେଶଜ ) ସପତ୍ନୀଗର୍ଭଜାତ, ବୈମାତୃକ ।

ସାବତମା, ବି. ସପତ୍ନୀମାତା, । ସଉତୁଣୀ ମା ।

ସାବିତ୍ରୀ, ବି. ସ୍ତ୍ରୀ. ( ସବିତୃ-ଅ-ଈ ) ସତ୍ୟବାନ୍ ରାଜାଙ୍କ ପତ୍ନୀ, ଅଶ୍ୱପତି ରାଜାଙ୍କ କନ୍ୟା, ବେଦର ମନ୍ତ୍ରବିଶେଷ, ଗାୟତ୍ରୀ, ବ୍ରହ୍ମାଙ୍କ ପତ୍ନୀ, ସୂର୍ଯ୍ୟଙ୍କର ଅଧିଷ୍ଠାତ୍ରୀ ଦେବୀ, ଦୁର୍ଗା ।

**ସାବିତ୍ରୀବ୍ରତ**, ବି. ନ. ଜ୍ୟେଷ୍ଠ ମାସର କୃଷ୍ଣ ଚତୁର୍ଦ୍ଦଶୀରେ ସ୍ତ୍ରୀଲୋକମାନଙ୍କର କର୍ତ୍ତବ୍ୟ ବ୍ରତବିଶେଷ ।

**ସାଷ୍ଟମ**, ବିଂ. (ଦେଶଜ) ସଚେତ, ସଜ୍ଞାନ, ବି. ଚେତନା, ଜ୍ଞାନ ।

**ସାସ୍ନା**, ବି. ସ୍ତ୍ରୀ. ( ସସ୍-ନ-ଅ ) ଗୋରୁର ଗଳକମ୍ବଳ ।

**ସାହଙ୍କାର**, ବିଂ. ( ସ-ଅହଙ୍କାର ) ଅହଂକୃତ, ଗର୍ବିତ ।

**ସାହଚର୍ଯ୍ୟ**, ବି. ନ. (ସହଚର-ଯ) ସଙ୍ଗ, ସଂସର୍ଗ, ସହଚରତ୍ୱ, ସମାନାଧିକରଣ୍ୟ, ଏକାଧାରରେ ରହିବା ।

**ସାହସ**, ବି.ନ.(ସହସା-ଅ) ଅନ୍ତଃକରଣର ବିକ୍ରମ, ଉତ୍ସାହ, କାର୍ଯ୍ୟସ୍ପୃହା, ଦ୍ୱେଷ, ଦଣ୍ଡ, ଅନୌଚିତ୍ୟ, ଦୁଷ୍କର୍ମ, ଅତ୍ୟାଚାର,ଦସ୍ୟୁବୃତ୍ତି, ସହସାକୃତ କର୍ମ, ଅବିମୃଷ୍ୟକରଣ । ପୁଂ. ଅଗ୍ନିବିଶେଷ, ଦଣ୍ଡ ।

**ସାହସିକ** / **ସାହସୀ** } ବିଂ. (ସାହସ-ଇକ, ଇନ୍) ସାହସକର୍ମକାରୀ, ଦସ୍ୟୁ ପ୍ରଭୃତି, ନିର୍ଭୀକ ।

**ସାହା**, ବିଂ. (ସହାୟ ଶବ୍ଦଜ) ସାହାଯ୍ୟକାରୀ, ଅବଲମ୍ବନ, ଆଶ୍ରୟ । (ଯାବନିକ) ପାରସ୍ୟଦେଶ ରାଜାଙ୍କ ଉପାଧି ।

**ସାହାଡ଼ା**, ବି. ( ଶାଖୋଟ ଶବ୍ଦଜ ) ବୃକ୍ଷବିଶେଷ ।

**ସାହାଣ**, ବିଂ. (ଦେଶଜ) ସମ୍ପୂର୍ଣ୍ଣ, ଶାଣସନ୍ଧି ।

**ସାହାଣି**, ବି. (ଦେଶଜ) ଅଶ୍ୱରକ୍ଷକ, ରାଉତ, ଶୂଦ୍ର ଜାତିର ଉପାଧିବିଶେଷ ।

**ସାହାଯ୍ୟକ** / **ସାହାଯ୍ୟ** } ବି. ନ. ( ସହାୟ-କ, ଯ ) ଅନୁକୂଲ୍ୟ, ସହାୟତା ।

**ସାହାଲି**, ବି. (ଦେଶଜ) ଶ୍ରେଣୀବଦ୍ଧ ଗୃହାବଳି, ଧାଡ଼ିମୂଳିଆ ଘର ।

**ସାହିତ୍ୟ**, ବି. ନ. (ସହିତ-ଯ) ସଂସର୍ଗ, ମିଳନ, ଶବ୍ଦଶାସ୍ତ୍ର, କାବ୍ୟଶାସ୍ତ୍ର, ସମ୍ବନ୍ଧବିଶେଷ, ଏକକ୍ରିୟାନ୍ୱୟିତ୍ୱ ।

**ସାହି**, ବି. (ସହ ଶବ୍ଦଜ) ପଲ୍ଲି, ସାଇ ।

**ସାହୁ**, ବି (ସାଧୁ ଶବ୍ଦଜ) ମହାଜନ । ଯଥା—

> ବାଣିଜ୍ୟ-ସାହୁ ଡାକନ୍ତି ପେଟକ,
> ବୃକ୍ଷକୋଡ଼େ ଲୁଚେ ସ୍ୱାନ ଶାଠକ । ବୈ. ବ.

**ସାହେବ**, ( ଆରବୀ ) ପ୍ରଧାନବ୍ୟକ୍ତି, ଅଧୁନା ୟୁରୋପୀୟମାନଙ୍କୁ ବୁଝାଏ ।

**ସାହେବି**, ବିଂ. (ଦେଶଜ) ସାହେବ ସମ୍ବନ୍ଧୀୟ, ସାହେବଙ୍କ ପରି । ଯଥା—

> ସାହେବ ପୋଷାକ କେଞ୍ଚୁ ଅବା ପିନ୍ଧି
> ମର୍ମିରେ କହ୍ନାଇ ବଙ୍କା ବଙ୍କା ହିନ୍ଦୀ । ଦରବାର

**ସିଅ**, ବି. (ଦେଶଜ) ଚେର ।

**ସିଅଇ** / **ସିହାଇ** } ବିଂ. ( ହିନ୍ଦୀ ) କାଳୀ ।

**ସିଆଣା** / **ସିହାଣା** / **ସିହାଣିଆ** } ବିଂ. (ହିନ୍ଦୀ) ଚତୁର । ଯଥା —

> ଟାଣପଣେ ଜଣେ ସିହାଣ ଭଣ୍ଡରୁ ଯତନେ ସିହାଣ ପେଣ୍ଡି ।

**ସିଆଁ**, ବିଂ. (ଦେଶଜ) ଯାହା ସିଲାଇ କରାଯାଇଅଛି । ବି. ସିଇଁବା ।

**ସିଅର**, ବି. ( ସୀର ଶବ୍ଦଜ ) ଲଙ୍ଗଳଗାର, ପଦ୍ଧତି ।

**ସିଆଳୀ**, ବି. ଲତାବିଶେଷ, ଶୈବାଳ ।

**ସିଇଁବା**, କ୍ରି. ( ସୀବ୍ ଧାତୁଜ ) ସିଲାଇ କରିବା ।

**ସିଉକା** / **ସିଉକ** } ବି. (ଦେଶଜ) ଗୁରୁଅଣା ମୂଲ୍ୟର ମୁଦ୍ରା, ଗୁରୁଅଣା ।

**ସିଂହ**, ବି. ପୁଂ. (ହିଂସ୍-ଅ) ମୃଗେନ୍ଦ୍ର, ପଶୁରାଜ, ପଞ୍ଚମରାଶି, କୌଣସି ଶବ୍ଦର ପରେ ଥିଲେ ଶ୍ରେଷ୍ଠ ।

**ସିଂହକେଶର**, ବି. ପୁଂ. (ସିଂହ-କେଶର) ବକୁଳବୃକ୍ଷ, ସିଂହଜଟା ।

**ସିଂହଦ୍ୱାର**, ବି. ନ. ( ସିଂହ-ଦ୍ୱାର ) ସିଂହମୂର୍ତ୍ତିଚିହ୍ନିତ ପ୍ରବେଶଦ୍ୱାର, ଫାଟକ ।

**ସିଂହଳ**, ବି. ନ. ( ସିଂହ ଲା-ଅ ) ଲଙ୍କାଦ୍ୱୀପ, ଷ୍ଟନ୍, ଟିଲ୍ଲଲ, ଦାରୁଚିନ ।

ସିଂହବାହିନୀ, ବି. ସ୍ତ୍ରୀ. ( ସିଂହ-ବହ୍-ଇନ୍-ଈ ) ଦୁର୍ଗା, ଭଗବତୀ ।

ସିଂହାଣି, ବି. (ଦେଶଜ) ( ସିଂହାଣ ଶବ୍ଦଜ ) ନାସିକାମଳ ।

ସିଂହାର, ବି. ଅଲଙ୍କାର, ଭୂଷଣ । ଯଥା—

ଶକ୍ତିରେ ସିଂହାର ଯାହା, ଶକ୍ତି ଗଲେ ଶୂଳ
ପାର୍ଥ, ସେ ସିଂହାର ହୁଏ ଅନର୍ଥର ହେତୁ । ମ. ଯା.

ସିଂହାଣି, ବି. ସ୍ତ୍ରୀ. (ଦେଶଜ) ବେଶକାରିଣୀ ସ୍ତ୍ରୀ ।

ସିଂହାସନ, ବି. ନ. (ସିଂହ-ଆସନ) ସିଂହଚିହ୍ନିତ ଆସନ, ରାଜାସନ ।

ସିଂହିକା, ବି. ସ୍ତ୍ରୀ. (ସିଂହୀ-କ) ରାହୁମାତା, କଶ୍ୟପପତ୍ନୀ ।

ସିଂହୀ, ବି. ସ୍ତ୍ରୀ. (ସିଂହ-ଈ) ସିଂହର ପତ୍ନୀ, ସ୍ତ୍ରୀ ସିଂହ, ରାହୁମାତା, ବାର୍ତ୍ତାକୀଗଛ, ବାଇଗଣ ଗଛ, କଣ୍ଟକବୃକ୍ଷବିଶେଷ ।

ସିକତା, ବି. ସ୍ତ୍ରୀ. ( ସିକ-ଅତ୍-ଆ ) ବାଲୁକାମୟ ଦେଶ ।

ସିକଡ଼ି, ବି. (ଦେଶଜ) ବୃକ୍ଷର ଚେର । ଯଥା—

ଏକଇ ବୃକ୍ଷେ ଭିନ୍ନ ଫଳ, ଚତୁର ରସ ଭିନ୍ନ ମୂଳ ।
ପଞ୍ଚ ସିକଡ଼ିତଳେ ଗଣ୍ଡି, ଅଷ୍ଟ ଏହାର ଛଡ଼ଗୋଷ୍ଠି । ଭଗବତ

ସିକତାମୟ, ବିଂ. ( ସିକତା-ମୟ ) ବାଲୁକାମୟ, ବାଲୁକାଯୁକ୍ତ । ବି. ନ. ବାଲୁକାମୟ ତଟ, ଦ୍ୱୀପ, ଯାହାର ଉପକୂଳ ବାଲୁକାମୟ ।

ସିକତିଲ, ବିଂ. ( ସିକତା-ଇଲ, ଯୁକ୍ତାର୍ଥେ ) ସିକତାବିଶିଷ୍ଟ, ବାଲୁକାମୟ ।

ସିକ୍ତ, ବିଂ. ( ସିଚ୍-ତ ) ଆର୍ଦ୍ରୀକୃତ, ଯାହା ଉପରେ ଜଳବର୍ଷଣ ହୋଇଅଛି ।

ସିକ୍‌ଥ, ବି. ପୁଂ. (ସିଚ୍-ଥ) ଏକଗ୍ରାସ ଅନ୍ନ । ନ. ମହମ, ମହୁସିଠା, ନୀଳବଡ଼ୀ ।

ସିଙ୍ଗାଡ଼ା, ବି. ପାଣିଫଳ, ଏକପ୍ରକାର ମିଠାଇ ।

ସିଚୟ, ବି.ପୁଂ. ( ସିଚ-ଅୟ ) ବସ୍ତ୍ର, ଲୁଗା, ଜୀର୍ଣ୍ଣବସ୍ତ୍ର ।

ସିଝା, ବି. (ସିଦ୍ଧ ଶବ୍ଦଜ) ସିଦ୍ଧ, ପକ୍ୱ ।

ସିଝିବା, କ୍ରି. ସିଦ୍ଧ କରିବା, ଅଗ୍ନି ପ୍ରଭୃତି ଦ୍ୱାରା ପକ୍ୱ କରିବା ।

ସିଞ୍ଚଡ଼ା, ବି. (ସିଚ୍ ଧାତୁଜ) ସେଚନ, ପବନ-ଚାଳିତ ଜଳଧାରା ।

ସିଞ୍ଚିବା, କ୍ରି. ଛିଞ୍ଚିବା, ସେଚନ କରିବା ।

ସିଠା, ବି. (ଦେଶଜ) ଅସାର ।

ସିତ, ବି ପୁଂ. (ସେ-ତ) ଶୁକ୍ଳବର୍ଣ୍ଣ, ଶୁକ୍ରାଚାର୍ଯ୍ୟ, ଶର, ବାଣ । ନ. ରୌପ୍ୟ, ଚନ୍ଦନ । ବିଂ. ଶୁକ୍ଳବର୍ଣ୍ଣଯୁକ୍ତ, ଧଳା, ବଦ୍ଧ, ନଷ୍ଟ, ସମ୍ବନ୍ଧ, ସମାପ୍ତ, କ୍ଷୀଣ ।

ସିତକର, ବି. ପୁଂ. (ସିତ-କର) ଚନ୍ଦ୍ର, କର୍ପୂର ।

ସିତଚ୍ଛଦ, ବି. ପୁଂ. (ସିତ-ଛଦ) ରାଜହଂସ, ହଂସ ।

ସିତଧାତୁ, ବି. ପୁଂ. (ସିତ-ଧାତୁ) କଠିନୀ, ଖଡ଼ୀ ।

ସିତପକ୍ଷ, ବି. ପୁଂ. (ସିତ-ପକ୍ଷ) ରାଜହଂସ, ହଂସ, ଶୁକ୍ଳପକ୍ଷ ।

ସିତମଣି, ବି. ପୁଂ. ( ସିତ-ମଣି ) ସ୍ଫଟିକମଣି, ଚନ୍ଦ୍ରକାନ୍ତମଣି ।

ସିତରଞ୍ଜନ, ବି. ପୁଂ. ( ସିତ-ରଞ୍ଜନ ) ପୀତବର୍ଣ୍ଣ, ହରିଦ୍ରାବର୍ଣ୍ଣ, ହଳଦିଆ ।

ସିତଶିବ, ବି. ନ. ( ସିତ-ଶିବ ) ସୈନ୍ଧବଲବଣ ।

ସିତସିନ୍ଧୁ, ବି. ସ୍ତ୍ରୀ. (ସିତ-ସିନ୍ଧୁ) ଗଙ୍ଗା, ଜାହ୍ନବୀ ।

ସିତାଂଶୁ, ବି. ପୁଂ. (ସିତ-ଅଂଶୁ) ଚନ୍ଦ୍ର, କର୍ପୂର ।

ସିତା, ବି. ସ୍ତ୍ରୀ. (ସିତ-ଆ) ଶର୍କରା, ଚିନି । ଯଥା—

ସିତାରୁ ସ୍ୱାଦୁ ଅଛି କି ପୃଚ୍ଛନ୍ତି ବୁଧେ ।

ଶ୍ୱେତଦୂର୍ବା, ଚନ୍ଦ୍ରିକା, ମଦ୍ୟ, ମଲ୍ଲିକା, ସୁନ୍ଦରୀ କାମିନୀ ।

ସିତାନନ, ବି. ପୁଂ. (ସିତ-ଆନନ) ଗରୁଡ଼ ।

ସିତାପାଙ୍ଗ, ବି. ପୁଂ. (ସିତ-ଅପାଙ୍ଗ) ମୟୂର, ଶିଖୀ ।

ସିତାଭ୍ର, ପୁଂ. ନ. } ବି. ( ସିତ-ଅଭ୍ର, କ )
ସିତାଭ୍ରକ, ନ. } କର୍ପୂର ।

ସିତାର, ବି (ଦେଶଜ) ବାଦ୍ୟଯନ୍ତ୍ର ବିଶେଷ ।

ସିତାଶ୍ୱ, ବି. ପୁଂ. ( ସିତ-ଅଶ୍ୱ ) ଅର୍ଜୁନ, ଶ୍ୱେତ-ବାହନ ।

ସିତକଣ୍ଠ, ବି. ପୁଂ. (ସିତ-କଣ୍ଠ) ନୀଳକଣ୍ଠ, ଶିବ, ମୟୂର ।

ସିତବାସାଃ, ବି. ପୁଂ. (ସିତ=କୃଷ୍ଣବର୍ଣ୍ଣ-ବାସସ୍) ବଳଦେବ, ବଳରାମ ।

ସିତୋଦର, ବି. ପୁଂ. (ସିତ-ଉଦର) କୁବେର ।

ସିତୋପଲ, ବି. ନ. ( ସିତ ଉପଲ ) କଠିନୀ, ଖଡ଼ୀ, । ପୁଂ. ସ୍ଫଟିକମଣି ।

ସିଦ୍ଧ, ବି ପୁଂ. ( ସିଧ୍-ତ ) ଦେବଯୋନିବିଶେଷ, ମୁନି, କାଳତ୍ରୟଦର୍ଶୀ ମୁନି, ଯୋଗୀ, ବିଷ୍କମ୍ଭାଦି ଯୋଗର ଅନ୍ତର୍ଗତ ଯୋଗବିଶେଷ, ଐନ୍ଦ୍ରଜାଲିକ, ଔଷଧଗୁଳ୍ମବିଶେଷ । ନ. ସୈନ୍ଧବଲବଣ । ବିଂ ସମ୍ପନ୍ନ, ପକ୍ୱ, ଫଳିତ, ପ୍ରସିଦ୍ଧ, ବିଗ୍ରହିତ, ପ୍ରମାଣୀକୃତ, ନିତ୍ୟ, ମୁକ୍ତ, ନିପୁଣ, ପାରଦର୍ଶୀ, କୃତବିଦ୍ୟ, ପ୍ରତିପନ୍ନ, ପ୍ରତିପାଦିତ, ପକ୍ୱ, ପ୍ରସ୍ତୁତ, ସାପ୍ରେଶୀଳ, ପରିଶୋଧିତ ।

ସିଦ୍ଧଗଙ୍ଗା } ବି. ସ୍ତ୍ରୀ. ( ସିଦ୍ଧ-ଗଙ୍ଗା, ସିନ୍ଧୁ )
ସିଦ୍ଧସିନ୍ଧୁ } ମନ୍ଦାକିନୀ, ସ୍ୱର୍ଗଗଙ୍ଗା, ଗଙ୍ଗା ।

ସିଦ୍ଧଦେବ, ବି. ପୁଂ. (ସିଦ୍ଧ-ଦେବ) ଶିବ, ମହାଦେବ ।

ସିଦ୍ଧପୀଠ, ବି. ପୁଂ. ନ. ( ସିଦ୍ଧ-ପୀଠ ) ଯେଉଁ ସ୍ଥାନରେ ଲକ୍ଷ ବଳି, କୋଟିସଂଖ୍ୟକ ହୋମ ଏବଂ ତନ୍ତ୍ରୋକ୍ତ ମହାବିଦ୍ୟା ଜପ ହୋଇଅଛି ।

ସିଦ୍ଧବିଦ୍ୟା, ବି. ସ୍ତ୍ରୀ. କାଳୀ, ତାରା ପ୍ରଭୃତି ଦଶ ମହାବିଦ୍ୟା ।

ସିଦ୍ଧସେନ, ବି. ପୁଂ. ( ସିଦ୍ଧ-ସେନା ) କୁମାର, କାର୍ତ୍ତିକେୟ ।

ସିଦ୍ଧାନ୍ତ, ବି. ପୁଂ. (ସିଦ୍ଧ-ଅନ୍ତ) ପୂର୍ବପକ୍ଷ ନିରାସପୂର୍ବକ ସିଦ୍ଧପକ୍ଷ ସ୍ଥାପନ, ମୀମାଂସା, ଜ୍ୟୋତିଷ ଶାସ୍ତ୍ରବିଶେଷ ।

ସିଦ୍ଧାନ୍ତୀ, ବି ପୁଂ. ( ସିଦ୍ଧାନ୍ତ-ଇନ୍ ) ମୀମାଂସା ଦର୍ଶନ ମତାବଲମ୍ବୀ, ସିଦ୍ଧାନ୍ତକାରୀ, ମୀମାଂସକ ।

ସିଦ୍ଧାର୍ଥ, ବି. ପୁଂ. ( ସିଦ୍ଧ-ଅର୍ଥ ) ଶ୍ୱେତସର୍ଷପ, ଜୈନଙ୍କ ପିତା, ବୁଦ୍ଧଦେବ, ପ୍ରସିଦ୍ଧାର୍ଥ, କୃତାର୍ଥ, ସିଦ୍ଧକାର୍ଯ୍ୟ ।

ସିଦ୍ଧି, ବି. ସ୍ତ୍ରୀ. ( ସିଧ୍-ତି ) ନିଷ୍ପତ୍ତି, ଫଳୋତ୍ପତ୍ତି, ସଫଳତା, ଯୋଗବିଶେଷ, ଶୁଭ, ମୁକ୍ତି, ମୋକ୍ଷ, ପାଦୁକା, ଯାହା ପାଦରେ ଦେଲେ ଇଚ୍ଛାମତେ ଅନାୟାସରେ ସର୍ବତ୍ର ଗମନାଗମନ କରି ହୁଏ, ପୁରୁଷାର୍ଥ, ପାକ, ଐଶ୍ୱର୍ଯ୍ୟ, ବୃଦ୍ଧି, ଅନ୍ତର୍ଦ୍ଧାନ, ମାଦକଦ୍ରବ୍ୟବିଶେଷ, ଭାଙ୍ଗ, ଜ୍ଞାନ, ଶୁଦ୍ଧି, ଜୟଲାଭ, ପ୍ରଭୁଶକ୍ତି, ମନ୍ତ୍ରସିଦ୍ଧି, ଉତ୍ସାହସିଦ୍ଧି—ରାଜାମାନଙ୍କର ଏହି ତ୍ରିବିଧ ସିଦ୍ଧି, ଅଣିମାଦି ଅଷ୍ଟ ପ୍ରକାର ଐଶ୍ୱର୍ଯ୍ୟ । (ଦେଶଜ) ଭାଙ୍ଗ,

ସିଦ୍ଧିଦ, ବିଂ. ( ସିଦ୍ଧି-ଦ) ସିଦ୍ଧିଦାତା ।

ସିଦ୍ଧିଯୋଗ, ବି ପୁଂ ଯୋଗବିଶେଷ, ଯେବେ ଶୁକ୍ରବାରରେ ନନ୍ଦା, ବୁଧବାରରେ ଭଦ୍ରା, ଶନିବାରରେ ରିକ୍ତା, ମଙ୍ଗଳବାରରେ ଜୟା ଏବଂ ଗୁରୁବାରରେ ପୂର୍ଣ୍ଣା ଯୁକ୍ତ ହୁଏ ତାହାକୁ ସିଦ୍ଧିଯୋଗ କହନ୍ତି ।

ସିଦ୍ଧେଶ୍ୱରୀ, ବି. ସ୍ତ୍ରୀ. ଦେବୀବିଶେଷ ।

ସିଧା, ବି. (ଦେଶଜ) ସଳଖ, ଖାଦ୍ୟ ସାମଗ୍ରୀ ।

ସିଧ୍ୟ, ବି. ପୁଂ. ( ସିଧ୍-ଯ) ପୁଷ୍ୟାନକ୍ଷତ୍ର ।

ସିନା, ଅଂ. ନିଶ୍ଚୟ, ଅବଧାରଣ, ସମ୍ଭାବନାର୍ଥକ ଅବ୍ୟୟ । ଯଥା—

ତା ସଙ୍ଗେ ରହିଲ ଭୃଙ୍ଗକୁ ସିନା ଫୁଲବିମାଣ । ର. ର,

ସିନ୍ଦୁକ, ବି. (ଦେଶଜ) କାଷ୍ଠମଞ୍ଜୁଷାବିଶେଷ ।

ସିନ୍ଦୂର, ବି. ନ. (ସ୍ୟନ୍ଦ-ଉର) ରକ୍ତବର୍ଣ୍ଣ ଚୂର୍ଣ୍ଣବିଶେଷ, ବୃକ୍ଷବିଶେଷ । ବିଂ ସିନ୍ଦୂରୀ, ସିନ୍ଦୂରବର୍ଣ୍ଣଯୁକ୍ତ, ଲାଲ ।

ସିନ୍ଦୂରମୁଣ୍ଡି, ବି. (ଦେଶଜ) ଏକଜାତୀୟ ବନ୍ୟ ପକ୍ଷୀ ।

ସିନ୍ଧ, ଗୃହପ୍ରବେଶ ଇଚ୍ଛାରେ କାନ୍ଥରେ ହୋଇଥିବା ଚୌରକୃତ ଛିଦ୍ର ।

ସିନ୍ଧିଅଳ, ବି (ଦେଶଜ) ଯେଉଁ ଚୋର ସିନ୍ଧି କରେ ।

ସିନ୍ଧୁ, ବି. ପୁଂ. (ସ୍ୟନ୍ଦ୍-ଉ) ସମୁଦ୍ର, ସାଗର, ସିନ୍ଧୁ ନାମକ ନଦୀ, ସିନ୍ଧୁଦେଶ, ହସ୍ତୀ, ଗଜମଦ,

ରାଗବିଶେଷ, କ୍ଷୁଦ୍ର ବୃକ୍ଷବିଶେଷ । ପୁଂ. ସିନ୍ଧୁ-ଦେଶବାସୀ । ସ୍ତ୍ରୀ. ନଦୀ ।

ସିନ୍ଧୂଜ, ବି. ନ. ( ସିନ୍ଧୁ-ଜ ) ସୈନ୍ଧବଲବଣ । ପୁଂ. ଚନ୍ଦ୍ର, ଉଚ୍ଚୈଃଶ୍ରବା । ବିଂ. ସମୁଦ୍ରଜାତ, ନଦୀଜାତ ।

ସିନ୍ଧୂଜା, ବି. ସ୍ତ୍ରୀ. (ସିନ୍ଧୁ-ଜା) ଲକ୍ଷ୍ମୀ ।

ସିନ୍ଧୂପୁଷ୍ପ, ବି. ପୁଂ. (ସିନ୍ଧୁ-ପୁଷ୍ପ) ଶଙ୍ଖ ।

ସିନ୍ଧୂବାର, ବି. ପୁଂ. ( ସିନ୍ଧୁ-ବୃ-ଣିର୍-ଅ ) କ୍ଷୁଦ୍ର ବୃକ୍ଷବିଶେଷ, ସିନ୍ଧୁଦେଶ ବା ପାରସ୍ୟ ଦେଶର ଉତ୍ତମ ଅଶ୍ୱ ।

ସିନ୍ଧୂର, ବି. ପୁଂ. (ସିନ୍ଧୁ-ର) ହସ୍ତୀ, ଗଜ ।

ସିପ, ବି. (ଦେଶଜ) ଏକପ୍ରକାର ଶାମୁକା, ଏହାକୁ ପୋଡ଼ିଲେ ଚୂନ ହୁଏ ।

ସିପାହି, ବି. (ଯାବନିକ) ସୈନିକ, ଶାନ୍ତିରକ୍ଷକ, କନଷ୍ଟେବଲ, ପାଇକ ।

ସିରା, ବି. ସ୍ତ୍ରୀ. (ସି-ରା) ନାଡ଼ୀ । (ଦେଶଜ) ଚିନି ପ୍ରଭୃତିର ତରଳ ସାର ।

ସିଲ, ବି. ( ପ୍ରାଦେଶିକ ଗଞ୍ଜାମ ) ଛୁଟି, ଅବକାଶ ।

ସିଲଟ୍, ବି. (ଇଂ. Slate) ଲେଖନସାଧନ ପ୍ରସ୍ତରଫଳକବିଶେଷ, ସ୍ଲେଟ୍ ।

ସିସଲ୍, ବି (ଗଞ୍ଜାମ) ନିଷ୍ପତ୍ତି । ବିଂ. ନିଷ୍ପନ୍ନ ।

ସିସୁ, ବି. (ଗଞ୍ଜାମ) ଭୂରାଜସ୍ୱ ।

ସିହା, ବି. (ଯାବନିକ) ଶିରସ୍ତା, ଜମାଖର୍ଚ୍ଚ ବହି; ମୁସଲମାନ ଶାଖାବିଶେଷ ।

ସିହାଣି, ସିହାଣିଅ } ବିଂ. ( ଦେଶଜ ) ଚତୁର । ସ୍ତ୍ରୀ. ସିହାଣୀ ।

ସୀକର, ବି. ପୁଂ. (ସିକ୍-ଅର) ଜଳକଣା, ଝିପିରି ଝିପିରି ପାଣିବର୍ଷା ।

ସୀତା, ବି. ସ୍ତ୍ରୀ. ( ସିଚ୍-ଅ ) ଲାଙ୍ଗଳପଦ୍ଧତି, ଲାଙ୍ଗଳଚାଳିତ ରେଖା, ବୈଦେହୀ, ରାମଚନ୍ଦ୍ରଙ୍କ ପତ୍ନୀ, ଜାନକୀ, ଯଜ୍ଞଭୂମି କର୍ଷଣ କାଳରେ ଏ ଲାଙ୍ଗଳମୁଖରେ ଉତ୍ପନ୍ନ ହୋଇଥିଲେ, ସ୍ୱର୍ଗଗଙ୍ଗାର ଶାଖାବିଶେଷ, ଲକ୍ଷ୍ମୀ, ଦୁର୍ଗା, ଧନଦେବତାବିଶେଷ, ମଦ୍ୟ ।

ସୀତାପତି, ବି. ପୁଂ. ( ସୀତା-ପତି ) ରାମଚନ୍ଦ୍ର ।

ସୀତ୍କାର, ବି. ପୁଂ. (ସୀତ୍-କାର) ଅବ୍ୟକ୍ତ ମୁଖଶବ୍ଦବିଶେଷ ।

ସୀଧୁ, ବି. (ଶୀ-ଧୁ, ଶ=ସ) ପକ୍ୱ ଇକ୍ଷୁରସଜାତ ମଦ୍ୟ ।

ସୀମନ୍ତ, ବି. ପୁଂ. ( ସୀମନ୍-ଅନ୍ତ ) କେଶବୀଥି । ଯଥା—

ସୀମନ୍ତେ ଶୋହେ ନବ କଦମ୍ବଫୁଲ । ମେ. ଦୂ.

ସୀମନ୍ତକ, ବି. ନ. (ସୀମନ୍ତ-କ) ସିନ୍ଦୂର ।

ସୀମନ୍ତିନୀ, ବି. ସ୍ତ୍ରୀ. ( ସୀମନ୍ତ-ଇନ୍-ଈ ) ନାରୀ, ସ୍ତ୍ରୀ, ବଧୂ ।

ସୀମନ୍ତୋନ୍ନୟନ, ବି. ନ. ( ସୀମନ୍ତ-ଉନ୍ନୟନ ) ଗର୍ଭିଣୀ ସ୍ତ୍ରୀର ଚତୁର୍ଥ, ଷଷ୍ଠ ବା ଅଷ୍ଟମ ମାସରେ କର୍ତ୍ତବ୍ୟ ସଂସ୍କାରବିଶେଷ ।

ସୀମା, ବି. ପୁଂ. ( ସୀ-ମ-ଅ ) ଅନ୍ତ, ଅବଧି, କ୍ଷେତ୍ର ।

ସୀମାନା, ବି. (ସୀମନ୍ ଶବ୍ଦଜ) ଅବଧି, ଗ୍ରାମାଦିର ନିର୍ଣ୍ଣୀତ ଅନ୍ତଭାଗ ।

ସୀର, ବି. ପୁଂ. ( ସି-ର ) ସୂର୍ଯ୍ୟ, ହଳ, ଲାଙ୍ଗଳ । ଯଥା—

ମାଲକ୍ଷେତ୍ରକୁ ଚଳ କର ପ୍ରୟାଣ;
ସୀର-କର୍ଷଣ-କାଳ ମୃତ୍ତିକା ଘ୍ରାଣ । ମେ. ଦୂ.

ସୀବନ, ବି. ନ. ( ସିବ୍-ଅନ ) ତନ୍ତୁସନ୍ତାନ, ସୂଚୀକର୍ମ, ସିଇଁବା, ଲିଙ୍ଗାଗ୍ରଠାରୁ ଗୁହ୍ୟ ପର୍ଯ୍ୟନ୍ତ । ନୀ, ସ୍ତ୍ରୀ. ଛୁଞ୍ଚି ।

ସୀସ, ସୀସକ, ସୀସପତ୍ରକ } ବି. ନ. ( ସୀ-ସୋ-ଅ, କ ) ସୀସା ଧାତୁ ।

ସୀସା, ସୀଁସା } ବି. (ସୀସ ଶବ୍ଦଜ) ସୀସକ ଧାତୁ ।

ସୁ, ଅଂ. ( ସୁ-ଉ ) ଉତ୍ତମ, ଶୋଭନ, ସୁନ୍ଦର, ଶୁଭ, ଅତିଶୟ, ଅତ୍ୟନ୍ତ, ଅନାୟାସ, ପୂଜା, ଉତ୍କର୍ଷ, ସୌନ୍ଦର୍ଯ୍ୟ ସମୃଦ୍ଧି, କଷ୍ଟ, ହର୍ଷ, ଅନୁମତି । ବି. ପୁଂ. ପ୍ରସବ ।

ସୁଅ, ବି. (ସ୍ରୋତ ଶବ୍ଦଜ) ଜଳପ୍ରବାହ, ସ୍ରୋତଃ ।

ସୁଆଁ, ବି. ଏକପ୍ରକାର ଶସ୍ୟ, ସୁଆଁ ଲଇ ।

ସୁଆଁଉ, ବି. (ସମ୍ବଲପୁର) ପୁରୀଜାତୀୟ ଏକପ୍ରକାର ପିଠା ।

ସୁଆଁସିଆ, ବି. (ଦେଶଜ) ଯେଉଁ ଲୋକ ଚକ୍କଣ କରେ, ଏକପ୍ରକାର ଶ୍ରମଜୀବୀ ।

ସୁଆଗ } ସୁହାଗ } ବି. (ଦେଶଜ) ଅତିଶୟ ସ୍ନେହ, ଆଦରକରଣ, ବାତ୍ସଲ୍ୟକରଣ । ଯଥା—

ଶ୍ୟାମସୁନ୍ଦର ହେ, ଶୁଖିଲା ସୁହାଗ ଲଗାନା ।

ସୁଆଗୀ } ସୁହାଗୀ } ବି. (ଦେଶଜ) ସୌଭାଗ୍ୟବତୀ, ପ୍ରେୟସୀ ।

ସୁଆଙ୍ଗ, ବି. (ଦେଶଜ) ବିକୃତ ବେଶବିନ୍ୟାସ, ଗ୍ରାମ୍ୟନାଟକ ।

ସୁଆର, ବି. (ସୂପକାର ଶବ୍ଦଜ) ପାଚକ, ରାନ୍ଧୁଣିଆ, ପୂଜାରୀ ।

ସୁଆସି, ବି. ସନାସି, ମନୁଷ୍ୟବାହ୍ୟ ଏକପ୍ରକାର ଯାନ ।

ସୁଆଲ୍, ବି. (ଯାବନିକ) ପ୍ରଶ୍ନ ।

ସୁକଠ } ସୁକୁଠ } ବି. (ଦେଶଜ) ନିର୍ଯ୍ୟାତନ, ଯନ୍ତ୍ରଣା ।

ସୁକନ୍ଦକ } ସୁକୁନ୍ଦକ } ବି. ପୁଂ. (ସୁ-କନ୍ଦ, କ) ପଲାଣ୍ଡୁ, ପିଆଜ ।

ସୁକୁମାର, ବିଂ. (ସୁ-କୁମାର) ଅତି ମୃଦୁ, ଅତି କୋମଳ, ଅତି ବାଳକ । ଯଥା—

ଜ୍ୟୋତ୍ସ୍ନା ଉପାଦାନେ ଅମରବନ୍ଧାଣୀ,
ସୁକୁମାର ଅଙ୍ଗ ଥିଲେ କି ନିର୍ମିଣି । ନ. ଚ.

ନ. ପୁଂ. ଶସ୍ୟବିଶେଷ, ବକରଞ୍ଜକବିଶେଷ, ଏକ ଦୈତ୍ୟ ।

ସୁକୁମାରୀ, ବିଂ. (ସୁକୁମାର-ଈ) ଅତି କୋମଳା, କୋମଳାଙ୍ଗୀ ସ୍ତ୍ରୀ । ଯଥା—

ବସି ଅହ୍ଲାଦରେ ସଙ୍କଳ୍ପ-ଦୋଳାରେ,
ସୁକୁମାରୀ ଘାର ହେଉଥିଲା ମାରେ । ନ. କେ.

ସୁକୁସୁକୁ, ଅଂ. (ଦେଶଜ) ସଙ୍କେଇ କାନ୍ଦିବାର ଅନୁକରଣ ଧ୍ୱନି । ବିଂ. ମୃତକଳ୍ପ ।

ସୁକୃତ୍, ବିଂ. (ସୁ-କୃ-ତ) ସୁକୃତକାରୀ, ପୁଣ୍ୟାତ୍ମା, ପୁଣ୍ୟବାନ୍, ଧାର୍ମିକ, ସୌଭାଗ୍ୟଶାଳୀ ।

ସୁକୃତ, ବି. ନ. (ସୁ-କୃତ) ପୁଣ୍ୟ, ଧର୍ମ, ଭାଗ୍ୟ, ଶୁଭ, ଦାନ, ପୁରସ୍କାର, ଦୟା, ବଦାନ୍ୟତା । ବିଂ. ପୁଣ୍ୟବାନ୍, ପୁଣ୍ୟାତ୍ମା, ଧାର୍ମିକ, ସୁନିର୍ମିତ, ସୁରଚିତ, ଭାଗ୍ୟବାନ୍, ଯାହା ଉତ୍ତମରୂପେ କରାଯାଇଅଛି ।

ସୁକୃତି, ବି. ସ୍ତ୍ରୀ. (ସୁ-କୃତି) ସତ୍କର୍ମ, ପୁଣ୍ୟ, ଧର୍ମ, ଅଦୃଷ୍ଟ, ଭାଗ୍ୟ, ଶୁଭ ।

ସୁକୃତୀ, ବିଂ. (ସୁକୃତ-ଇନ୍) ଧାର୍ମିକ, ପୁଣ୍ୟବାନ୍, ଭାଗ୍ୟବାନ୍, ସୌଭାଗ୍ୟଶାଳୀ, ଶୁଭଯୁକ୍ତ ।

ସୁଖ, ବି. ନ. (ସୁ-ଖ) ପ୍ରୀତି, ହର୍ଷ, ଆନନ୍ଦ, ସ୍ୱର୍ଗ, ଜଳ । ବିଂ. ସୁଖଜନକ, ପ୍ରିୟ, ମନୋହର, ମଧୁର, ସୁଖୀ ।

ସୁଖକର, ବିଂ. (ସୁଖ-କର) ସୁଖଜନକ, ସୁସାଧ୍ୟ ।

ସୁଖଦ, ବିଂ. (ସୁଖ-ଦ) ସୁଖଦାୟକ, ସୁଖପ୍ରଦ ।

ସୁଖଦା, ବି. ସ୍ତ୍ରୀ. (ସୁଖ-ଦା) ସ୍ୱର୍ଗବେଶ୍ୟା ।

ସୁଖା, ବି. ସ୍ତ୍ରୀ. (ସୁଖ-ଆ) ବରୁଣପୁରୀ ।

ସୁଖାବହ, ବିଂ. (ସୁଖ-ଆ-ବହ) ସୁଖଦାୟକ, ସୁଖଜନକ ।

ସୁଖୀ, ବିଂ. (ସୁଖ-ଇନ୍) ସୁଖବିଶିଷ୍ଟ, ପ୍ରୀତିମାନ୍, ସନ୍ତୁଷ୍ଟ । ପୁଂ. ଯତି ।

ସୁଖ୍ୟାତି, ବି. ସ୍ତ୍ରୀ. (ସୁ-ଖ୍ୟାତି) ପ୍ରଶଂସା, ଯଶଃ ।

ସୁଗ, ବି. ନ. (ସୁ-ଗମ୍-ଅ) ବିଷ୍ଠା, ମଳ । ବିଂ. ସୁବୋଧ, ସୁଗମ ।

ସୁଗତି, ବି. ସ୍ତ୍ରୀ. ଉତ୍ତମ ଗତି ।

ସୁଗନ୍ଧ, ବି. ପୁଂ. (ସୁ-ଗନ୍ଧ) ଚନ୍ଦନବୃକ୍ଷ, ଉତ୍ତମ ଗନ୍ଧ, ଗନ୍ଧକ, ଗନ୍ଧବଣିକ୍ । ନ. ନୀଳୋତ୍ପଳ, ଚନ୍ଦନ, ଛତ୍ର । ବିଂ. ସଦ୍‌ଗନ୍ଧଯୁକ୍ତ, ଉତ୍ତମ ଗନ୍ଧବିଶିଷ୍ଟ ।

ସୁଗନ୍ଧା, ବି. ସ୍ତ୍ରୀ. (ସୁଗନ୍ଧ-ଆ) ତୁଳସୀ, ମଲ୍ଲିକା ।

ସୁଗନ୍ଧି, ବିଂ. (ସୁଗନ୍ଧ-ଇ) ସଦ୍‌ଗନ୍ଧଯୁକ୍ତ, ସୁରଭି, ଧାର୍ମିକ । ବି. ପୁଂ. ସହକାର । ନ. ସୁଗନ୍ଧ ଔଷଧଦ୍ରବ୍ୟବିଶେଷ, ପିପ୍ପଳୀମୂଳ, ଗନ୍ଧତୃଣବିଶେଷ, ଧାନ୍ୟାକ, ଧନିଆଁ ।

**ସୁଗନ୍ଧକ**, ବି. ନ. (ସୁ-ଗନ୍ଧ-ଇକ) ଶ୍ୱେତପଦ୍ମ, ପଦ୍ମମୂଳ, ଉଶୀର, ଝୁଣା, ଗନ୍ଧକ ।

**ସୁଗମ**, ବିଂ. ( ସୁ-ଗମ୍-ଅ ) ଅନାୟାସଲଭ୍ୟ, ସୁଜ୍ଞେୟ ।

**ସୁଗ୍ରୀବ**, ବି. ପୁଂ. ( ସୁ-ଗ୍ରୀବା ) କୃଷ୍ଣଙ୍କର ଅଶ୍ୱବିଶେଷ, ବାନରରାଜ, ରାଜହଂସ, ଶିବ, ଇନ୍ଦ୍ର, ହଂସ, ୯ମ ଜୈନଙ୍କ ପିତା, ବୀର, ଜଳାଶୟ, ପର୍ବତବିଶେଷ, ଅସ୍ତ୍ରବିଶେଷ, ବାସୁକି । ବିଂ. ସୁନ୍ଦର ଗ୍ରୀବାଯୁକ୍ତ ।

**ସୁଙ୍ଘିବା**, କ୍ରି. (ଦେଶଜ) ଆଘ୍ରାଣ କରିବା ।

**ସୁଚାରୁ**, ବିଂ. ( ସୁ-ଚାରୁ) ଅତିଶୟ ମନୋହର, ଅତି ସୁନ୍ଦର ।

**ସୁଚନ୍ଦ୍ରକ**, ବି. ପୁଂ. (ସୁ-ଚନ୍ଦ୍ରକ) ମାଛରଙ୍କା ପକ୍ଷୀ, ଚନ୍ଦ୍ରସର୍ପ, ଚନ୍ଦ୍ରସାପ ।

**ସୁଜନ**, ବିଂ. (ସୁ-ଜନ) ସଜ୍ଜନ, ଧାର୍ମିକ, ସାଧୁ ।

**ସୁଜନତା**, ବି. ସ୍ତ୍ରୀ. ( ସୁଜନ-ତା ) ସୌଜନ୍ୟ, ସାଧୁତା, ଭଦ୍ରତା ।

**ସୁଜାଣ**, ବିଂ. (ସୁଜନ ଶବ୍ଦଜ) ସୁଜନ, ବିଜ୍ଞ ।

**ସୁଜି**, ବି. (ଦେଶଜ) ଅଟାବିଶେଷ, ଗହମଚୂର୍ଣ୍ଣର କ୍ଷୁଦ୍ରାଂଶ ।

**ସୁଝିବା**, କ୍ରି. ( ଦେଶଜ ) ପରିଶୋଧ କରିବା । ବିବାହାଦିରେ ଜ୍ୟୋତିଷମତରେ ଅନୁକୂଳ ହେବା । ଯଥା—

> ପୁରୁଷ ହୋଇ ସୁଝିବ ଭବେ ସ୍ୱଭାବେ । ଘ. ବ.

**ସୁଠାମ**, ବିଂ. (ଦେଶଜ) ସୁଗଠିତ ।

**ସୁଡ଼ଙ୍ଗ**, ବି. ( ସୁରଙ୍ଗ ଶବ୍ଦଜ ) ସନ୍ଧି, ଗର୍ତ୍ତ । ଯଥା—

> କଟବଦେ ଫେଡ଼ି ସୁଡଙ୍ଗ ଦୁଆର,
> ହେଲ ବଟାନାହି ଗଡରୁ ବାହାର । ନ. କେ.

**ସୁଢ଼ଳ**, ବି. (ଦେଶଜ) ସୁନ୍ଦର, ସୁଗଠିତ ।

**ସୁଣ୍ଠା**, ବି. (ଦେଶଜ) ବେଲ ପ୍ରଭୃତି ଫଳର ଶୁଷ୍କ ଅଂଶ, ଶୁଖିଲା ମାଂସ ।

**ସୁତ**, ବି. ପୁଂ. ( ସୁ ତ ) ପୁତ୍ର, ବ୍ରଜନନ୍ଦନ, ଯୁବରାଜ । ବିଂ. ଉତ୍ପନ୍ନ, ସମ୍ପନ୍ନ, ନିଷ୍ପୀଡ଼ିତ ।

**ସୁତନୁ**, ବିଂ. (ସୁ-ତନୁ) ଅତିଶୟ କୃଶ, ସୁନ୍ଦର ଦେହ । ନୂ. ନୂ. ସ୍ତ୍ରୀ. ଶୋଭନାଙ୍ଗୀ ସ୍ତ୍ରୀ, ସୁନ୍ଦରୀ ।

**ସୁତରାଂ**, ଅଂ. ( ସୁ-ତରାଂ ) ଅତ୍ୟନ୍ତ, ଅବଶ୍ୟ, ଅତଏବ ।

**ସୁତା**, ବି. ସ୍ତ୍ରୀ. ( ସୁତ୍-ଆ ) ଦୁହିତା, କନ୍ୟା ।

**ସୁତାତ୍ମଜ**, ବି. ପୁଂ. ( ସୁତ-ଆତ୍ମଜ ) ପୌତ୍ର, ଦୌହିତ୍ର ।

**ସୁତାତ୍ମଜା**, ବି. ସ୍ତ୍ରୀ. ( ସୁତ-ଆତ୍ମଜା ) ପୌତ୍ରୀ, ଦୌହିତ୍ରୀ ।

**ସୁଧିକଥା**, ବି (ସୁତକ ଶବ୍ଦଜ) ଜନନାଶୌଚ, କ୍ଷୁଧିକଥା ।

**ସୁତୀକ୍ଷ୍ଣ**, ବି. ପୁଂ. ( ସୁ-ତୀକ୍ଷ୍ଣ ) ମୁନିବିଶେଷ । ବିଂ. ଅତି ତୀକ୍ଷ୍ଣ, ଅତିଶୟ ଦାଢ଼ୁଆ ।

**ସୁତୁଙ୍ଗ**, ବିଂ. (ସୁ-ତୁଙ୍ଗ) ଅତିଶୟ ଉଚ୍ଚ । ବି. ପୁଂ. ନାରିକେଳବୃକ୍ଷ ।

**ସୁତୁନ୍ଦ**, ବିଂ. (ଦେଶଜ) ପରିଷ୍କୃତ, ନିର୍ମଳ ।

**ସୁତୁରାଇବା**, କ୍ରି. ( ଦେଶଜ ) କୌଶଳପୂର୍ବକ ମନାଇବା, ଫୁସୁଲାଇବା ।

**ସୁତ୍ରାମା**, ବି. ପୁଂ. (ସୁ-ତ୍ରୈ-ମନ୍) ଇନ୍ଦ୍ର ।

**ସୁଦ**, **ସୁଧ** } ବି. (ଯାବନିକ) ବୃଦ୍ଧି, ଧନ ପ୍ରୟୋଗର ଲାଭ ।

**ସୁଦକ୍ଷିଣା**, ବି. ସ୍ତ୍ରୀ. ଦିଲୀପ ରାଜାଙ୍କ ପତ୍ନୀ ।

**ସୁଦର୍ଶନ**, ବି. ପୁଂ. (ସୁ-ଦୃଶ୍-ଅନ) ବିଷ୍ଣୁଙ୍କର ଚକ୍ର ନାମକ ଅସ୍ତ୍ର, ସୁମେରୁ, ଗୋଲ୍ପଜାମ୍ବୁ, ବର୍ତ୍ତମାନ କଳ୍ପରେ ଅଷ୍ଟାଦଶ ଜୈନ ମୁନିଙ୍କ ପିତା, ଗୃଧ୍ର, ଶକୁନ । ବିଂ. ସୁନ୍ଦର, ସୁଦୃଶ୍ୟ, ଦେଖିବାକୁ ଉତ୍ତମ ।

**ସୁଦର୍ଶନୀ**, ବି. ସ୍ତ୍ରୀ. ଅମରାବତୀ, ଇନ୍ଦ୍ରପୁରୀ ।

**ସୁଦାମା**, ବି. ପୁଂ. ( ସୁ-ଦାମନ୍ ) ମେଘ, ପର୍ବତ, ସମୁଦ୍ର, ଐରାବତ, ଗୋପବିଶେଷ, ଜନୈକ ବ୍ରାହ୍ମଣ, ଯାହାଙ୍କୁ ଶ୍ରୀକୃଷ୍ଣ ଧନୀ କରିଥିଲେ । ବିଂ. ଅତିଶୟ ଦାତା, ଉତ୍ତମ ଦାତା ।

ସୁଦୀର୍ଘ, ବିଂ. (ସୁ-ଦୀର୍ଘ) ଅତିଦୀର୍ଘ, ଅଧିକ ଲମ୍ବ ।

ସୁଦୂର, ବିଂ. (ସୁ-ଦୂର) ଅତି ଦୂରବର୍ତ୍ତୀ, ବହୁଦୂରସ୍ଥ । ବି. ନ. ବହୁଦୂର ।

ସୁଦୂରପରାହତ, ବିଂ. ( ସୁଦୂର-ପରାହତ ) ଅତିଦୂରରେ ନିରାକୃତ, ଏକାନ୍ତ ନିରସ୍ତ ।

ସୁଦୃଢ଼, ବିଂ. (ସୁ-ଦୃଢ଼) ଅତି ଦୃଢ଼, ବଡ଼ କଠିନ ।

ସୁଦୃଶ୍ୟ, ବିଂ. (ସୁ-ଦୃଶ୍-ଯ) ସୁନ୍ଦର ଦେଖିବାକୁ ସୁଶ୍ରୀ ।

ସୁଧର୍ମୀ, ବି. ପୁଂ. (ସୁ-ଧର୍ମ-ଇନ୍) ଦେବତାମାନଙ୍କର ସଭା, ଗୃହସ୍ଥ । ବିଂ. ଅତିଧାର୍ମିକ ।

ସୁଧା, ବି. ସ୍ତ୍ରୀ. (ସୁ-ଧା-ଆ) ଅମୃତ, ଚୂନ, ପୁଷ୍ପରସ, ଜଳ, ଇଷ୍ଟକ, ଗଙ୍ଗା, ହରିତକୀ ।

ସୁଧାଂଶୁ } ବି ପୁଂ. (ସୁଧା-ଅଂଶୁ, ଆକର, ଅଙ୍ଗ) ଚନ୍ଦ୍ର, ଶଶୀ ।
ସୁଧାକର
ସୁଧାଙ୍ଗ

ସୁଧାଂଶୁରତ୍ନ, ବି. ନ. (ସୁଧାଂଶୁ-ରତ୍ନ) ମୌକ୍ତିକ, ମୁକ୍ତା ।

ସୁଧାଜୀବୀ, ବି. ପୁଂ. (ସୁଧା-ଜୀବୀ) ରାଜମିସ୍ତ୍ରୀ ।

ସୁଧାଧାର } ବି. ପୁଂ. (ସୁଧା-ଆଧାର, ନିଧି) ଚନ୍ଦ୍ର, ଶଶୀ ।
ସୁଧାନିଧି

ସୁଧାପାଣି, ବି. ପୁଂ. (ସୁଧା-ପାଣି) ଧନ୍ୱନ୍ତରି, ଦେବଚିକିତ୍ସକ ।

ସୁଧାମୟ, ବିଂ. (ସୁଧା-ମୟ) ଅମୃତମୟ, ଚୂର୍ଣ୍ଣମୟ । ବି. ପୁଂ. ପ୍ରାସାଦ, ଅଟ୍ଟାଳିକା ।

ସୁଧାସୂତି, ବି. ପୁଂ. (ସୁଧା-ସୂତି) ଚନ୍ଦ୍ର, ଯଜ୍ଞ, ପଦ୍ମ ।

ସୁଧାସ୍ରବା, ବି. ସ୍ତ୍ରୀ. (ସୁଧା-ସ୍ରୁ-ଅ, ଆ) ଘଣ୍ଟିକା ।

ସୁଧୀ, ବି. ପୁଂ. (ସୁ-ଧୀ) ପଣ୍ଡିତ, ବିଦ୍ୱାନ୍, ଅତିଶୟ ବୁଦ୍ଧିମାନ୍ । ସ୍ତ୍ରୀ. ସୁନ୍ଦରବୁଦ୍ଧି । ବିଂ. ସୁବୁଦ୍ଧି ।

ସୁଧୁରାଇବା, କ୍ରି (ଦେଶଜ) ପରିବର୍ତ୍ତନଦ୍ୱାରା କାର୍ଯ୍ୟର ଉପଯୋଗୀ କରିବା, ସଂଶୋଧନ କରିବା ।

ସୁନନ୍ଦ, ବି. ନ. (ସୁ-ନନ୍ଦ-ଅ) ବଳରାମଙ୍କର ମୁଷଳ । ବିଂ. ଆନନ୍ଦଜନକ, ଆନନ୍ଦଦାୟକ ।

ସୁନନ୍ଦା, ବି. ସ୍ତ୍ରୀ. (ସୁ-ନନ୍ଦ-ଆ) ଉମାଙ୍କ ସଖୀବିଶେଷ, ଇନ୍ଦୁମତୀଙ୍କ ସଖୀ, ପାର୍ବତୀ, ନାରୀ, ଗୋରୋଚନା ।

ସୁନୟନ, ବି. ପୁଂ. (ସୁ-ନୟନ) ହରିଣ, ମୃଗ ।

ସୁନା, ବି. ନ. (ସ୍ୱର୍ଣ୍ଣ-ଶବ୍ଦଜ) ସୁବର୍ଣ୍ଣ, କାଞ୍ଚନ ।

ସୁନାଭ, ବି. ପୁଂ. (ସୁ-ନାଭି) ମୈନାକପର୍ବତ, ହିମାଳୟର ପୁତ୍ର । ବିଂ. ନାଭିବିଶିଷ୍ଟ ।

ସୁନାମକେଇ, ବି. (ଦେଶଜ) ଭେଦକ ଦ୍ରବ୍ୟବିଶେଷ, ମଳନିଃସାରକ ଔଷଧିବିଶେଷ ।

ସୁନାରି, ବି. (ସ୍ୱର୍ଣ୍ଣକାର ଶବ୍ଦଜ) ବଣିଆ, ସ୍ୱର୍ଣ୍ଣକାର ଜାତିବିଶେଷ, । ( ଦେଶଜ ) ବୃକ୍ଷବିଶେଷ । (ସୁ-ନାରୀ ) ଉତ୍ତମା ସ୍ତ୍ରୀ । ଯଥା—

ଦେଖ ରେ ସୁନାରୀ ବିଶେଷେ ସୁନାରୀ
ଏ ଦେଶରେ ବାସ କରନ୍ତି । ଲା. ବି.

ସୁନାସୀର, ବି. ପୁଂ. ( ସୁ-ନାସୀର ) ଇନ୍ଦ୍ର, ଦେବରାଜ ।

ସୁନିଆଁ, ବି. (ଦେଶଜ) ଭାଦ୍ର ମାସର ଶୁକ୍ଳଦ୍ୱାଦଶୀ, ଉତ୍କଳୀୟ ରାଜାଙ୍କର ଅଙ୍କ ପରିବର୍ତ୍ତନର ପ୍ରଥମ ଦିବସ, ସ୍ୱର୍ଣ୍ଣମୁଦ୍ରା । ଯଥା—

ସୁନିଆଁ ଧନ ଗଣି ଦେଲି ।

ସୁନିଶ୍ଚିତ, ବିଂ. ( ସୁ-ନିଶ୍ଚିତ ) ଅବଧାରିତ, ସ୍ଥିରୀଭୂତ । ବି. ପୁଂ. ବୁଦ୍ଧବିଶେଷ ।

ସୁନୀତି, ବି. ସ୍ତ୍ରୀ. (ସୁ-ନୀତି) ଉତ୍ତମ ନୀତି, ସଦାଚରଣ, ଧ୍ରୁବମାତା ।

ସୁନୁଲି } ବିଂ. (ଦେଶଜ) ସୁନାର ବର୍ଣ୍ଣ ପରି ବର୍ଣ୍ଣବିଶିଷ୍ଟ ।
ସୁନେଲି

ସୁନୁସୁକିଆଁ, ବି. (ଦେଶଜ) ଶାକବିଶେଷ ।

ସୁନ୍ଥା, ବି. (ସୀମନ୍ତ ଶବ୍ଦଜ) ସୀମନ୍ତ, କେଶବୀଥି, କେଶବିନ୍ୟାସ ।

ସୁନ୍ଦ୍ରାଣ, ବି. (ପ୍ରାଚୀନ) ଉତ୍ତଅ, ମୁରୁଲା ।

ସୁନ୍ଦ, ବି. ପୁଂ. (ସୁନ୍ଦ୍-ଅ) ଦୈତ୍ୟବିଶେଷ, କପିବିଶେଷ ।

ସୁନ୍ଦର, ବିଂ. (ସୁ-ଦୃ-ଅ) ମନୋହର, ରମ୍ୟ, ସୁରୂପ । ବି. ପୁଂ. କାମଦେବ ।

ସୁନ୍ଦରୀ, ବି. ସ୍ତ୍ରୀ. (ସୁ-ଦୃ-ଈ) ସୁରୂପା ସ୍ତ୍ରୀ, ବୃକ୍ଷବିଶେଷ, ଛନ୍ଦୋବିଶେଷ, ହରିଦ୍ରା ।

ସୁନ୍ନତ, (ଯାବନିକ) ମୁସଲମାନମାନଙ୍କର ବାଲ୍ୟକାଳରେ ପୁରୁଷାଙ୍ଗର ଅଗ୍ରଭାଗର ତ୍ୱକ୍-ଛେଦନ ସଂସ୍କାରବିଶେଷ ।

ସୁପକ୍ୱ, ବିଂ. (ସୁ-ପକ୍ୱ) ଉତ୍ତମ ପରିପକ୍ୱ, ସୁପରିଣତ, ସୁସିଦ୍ଧ । ବି. ପୁଂ. ସୁଗନ୍ଧ ଆମ୍ର ।

ସୁପତ୍ର, ବି. ନ. (ସୁ-ପତ୍ର) ତେଜପତ୍ର । ବିଂ. ସୁନ୍ଦର ପତ୍ରଯୁକ୍ତ, ସୁନ୍ଦରପକ୍ଷଯୁକ୍ତ, ସୁନ୍ଦର-ବାହନଯୁକ୍ତ । ତ୍ରୀ, ସ୍ତ୍ରୀ. ରୁଦ୍ରଜଟା, ଶତାବରୀ, ଶାଲପର୍ଣ୍ଣୀ ।

ସୁପଥ, ବି. ପୁଂ. (ସୁ-ପଥ) ସୁନ୍ଦରପଥ, ସନ୍ମାର୍ଗ, ସଦାଚାର ସୁରୀତି ।

ସୁପଦ୍ମା, ବି. ସ୍ତ୍ରୀ. ଔଷଧବିଶେଷ, ବଚ ।

ସୁପର୍ଣ୍ଣ, ବି. ପୁଂ. (ସୁ-ପର୍ଣ୍ଣ) ଗରୁଡ଼, କୁକ୍କୁଟ, ସ୍ୱର୍ଣ୍ଣଚୂଡ଼ ପକ୍ଷୀ । ବିଂ. ସୁନ୍ଦରପର୍ଣ୍ଣଯୁକ୍ତ । ର୍ଣ୍ଣା, ର୍ଣ୍ଣୀ, ସ୍ତ୍ରୀ. ପଦ୍ମିନୀ, ବିନତା, ଗରୁଡ଼ମାତା ।

ସୁପର୍ଣ୍ଣକେତୁ, ବି. ପୁଂ. (ସୁପର୍ଣ୍ଣ-କେତୁ) ଗରୁଡ଼ଧ୍ୱଜ, ବିଷ୍ଣୁ ।

ସୁପାତି, ବି. (ଦେଶଜ) ଶଯ୍ୟା । ଯଥା—

ଯାକୁ ମିଳିବ ପଲଙ୍କ ସୁପାତି,
ତାର ଭୂମିଶଯ୍ୟାରେ କାହିଁ ମତି ।

ସୁପାତ୍ର, ବି. ପୁଂ. (ସୁ-ପାତ୍ର) ଯୋଗ୍ୟ ବ୍ୟକ୍ତି, ଉପଯୁକ୍ତ ପାତ୍ର, ଉତ୍ତମ ଭାଜନ ।

ସୁପାରି, ବି. (ହିନ୍ଦୀ) ଗୁବାକଫଳ, ଗୁଆ ।

ସୁପାରିସ, ବି. ( ଯାବନିକ ) ଉପରୋଧ, ଅନୁରୋଧ ।

ସୁପୁଷ୍ପ, ବି. ପୁଂ. (ସୁ-ପୁଷ୍ପ) ଶିରୀଷବୃକ୍ଷ । ନ. ଲବଙ୍ଗ, ହରିଦ୍ରା । ଷ୍ପୀ, ସ୍ତ୍ରୀ କଦଳୀ, ପୁଷ୍ପବିଶେଷ ।

ସୁପ୍ତ, ବି. ନ. (ସ୍ୱପ୍-ତ) ନିଦ୍ରା, ଶୟନ । ବିଂ. ନିଦ୍ରିତ, ଶୟିତ, ଇନ୍ଦ୍ରିୟଜ୍ଞାନଶୂନ୍ୟ ।

ସୁପ୍ତଜ୍ଞାନ, ବି. ନ. ( ସୁପ୍ତ-ଜ୍ଞାନ ) ସ୍ୱପ୍ନ, ସ୍ୱପନ ।

ସୁପ୍ତି, ବି. ସ୍ତ୍ରୀ. ( ସ୍ୱପ୍-ତି ) ନିଦ୍ରା, ଶୟନ, ସ୍ୱପ୍ନ-ବିଶ୍ୱାସ ।

ସୁପ୍ରତିଭା, ବି. ସ୍ତ୍ରୀ. ମଦିରା, ମଦ୍ୟ, ଉତ୍କୃଷ୍ଟବୁଦ୍ଧି ।

ସୁପ୍ରତିଷ୍ଠା, ବି. ସ୍ତ୍ରୀ. ( ସୁ-ପ୍ରତିଷ୍ଠା ) ଦେବୋ-ଦ୍ଦେଶ୍ୟରେ ମନ୍ଦିରାଦି ବିଧାନ, ଯଶଃ, ଖ୍ୟାତି, ଛନ୍ଦୋବିଶେଷ ।

ସୁପ୍ରତୀକ, ବି. ପୁଂ (ସୁ-ପ୍ରତୀକ) ଈଶାନକୋଣର ହସ୍ତୀ । ବିଂ. ଶୋଭନାଙ୍ଗ, ସୁନ୍ଦରରୂପରେ ନିର୍ମିତ ।

ସୁପ୍ରଜ୍ଞାତ, ବିଂ. ଉତ୍ତମରୂପରେ ଜ୍ଞାତ, ସାତିଶୟ ପ୍ରସିଦ୍ଧ, ସୁସ୍ପଷ୍ଟପ୍ରମାଣୀଭୂତ ।

ସୁପ୍ରଭ, ବିଂ. (ସୁ-ପ୍ରଭା) ସୁନ୍ଦର ପ୍ରଭାଯୁକ୍ତ । ଭା, ସ୍ତ୍ରୀ. ଦୀପ୍ତି ।

ସୁପ୍ରଭାତ, ବି. ନ. ( ସୁ-ପ୍ରଭାତ ) ଶୁଭସୂଚକ ପ୍ରାତଃକାଳ । ବିଂ. ଶୋଭିଶୟ ଦୀପ୍ତିବିଶିଷ୍ଟ ।

ସୁପ୍ରଲାପ, ବି. ପୁଂ. ( ସୁ-ପ୍ରଲାପ ) ସୂକ୍ତି, ସୁବଚନ, ବକ୍ତୃତା, ବାଗ୍ମିତା ।

ସୁପ୍ରସନ୍ନ, ବିଂ. ( ସୁ-ପ୍ରସନ୍ନ ) ସାତିଶୟ ପ୍ରସନ୍ନ । ବି. ପୁଂ. କୁବେର ।

ସୁପ୍ରସାଦ, ବି. ପୁଂ. (ସୁ-ପ୍ରସାଦ) ଶିବ, ସାତିଶୟ ପ୍ରସନ୍ନତା, ଏକାନ୍ତ ଅନୁକୂଳତା ।

ସୁଫଳ, ବି. ପୁଂ. ( ସୁ-ଫଳ ) ବିଲ୍ୱ, ବେଲ, ଡ଼ାଳିମ୍ବ । ବିଂ. ଉତ୍ତମ ଫଳଶାଳୀ, ସୁନ୍ଦର ମିଷ୍ଟ ଫଳୋତ୍ପାଦକ । ଳା, ସ୍ତ୍ରୀ. ଲାଉ, କଦଳୀ, କପିତ୍ଥ ।

ସୁବ, ବି. ( ସ୍ରୁବ ଶବ୍ଦଜ ) ଅଗ୍ନିରେ ଘୃତ ଢାଳିବାର ପାତ୍ରବିଶେଷ ।

ସୁବା, ବି, ( ଯାବନିକ ) ପ୍ରଦେଶ, ଦେଶର ଅଂଶବିଶେଷ ।

ସୁବାଦାର } ବ. (ଯବନଜ) ସୁବାର ମାଲିକ୍,
ସୁବେଦାର } ସୈନ୍ୟାଧ୍ୟକ୍ଷବିଶେଷ ।

**ସୁବିଧା**, ଅ°. (ସୁ-ବିଧା) ଉତ୍ତମ ପ୍ରକାର, ସୁଯୋଗ ।

**ସୁବୁଦ୍ଧି**, ବି°. (ସୁ-ବୁଦ୍ଧି) ଉତ୍ତମ ବୁଦ୍ଧିଶାଳୀ ।

**ସୁବେ**, ବ. (ଯାବନିକ) ସନ୍ଦେହ ।

**ସୁବୋଧ**, ବି°. (ସୁ-ବୋଧ) ଉତ୍ତମ ବୁଦ୍ଧିଶାଳୀ, ସାତିଶୟ ବୁଦ୍ଧିମାନ୍, ଯାହା ଅନାୟାସରେ ବୁଝାଯାଏ, ଯେ ଶୀଘ୍ର ବୁଝି ପାରେ । ବ. ପୁ°. ଜ୍ଞାନ, ଜାଗରଣ ।

**ସୁଭଗ**, ବି°. (ସୁ-ଭଗ) ସୁନ୍ଦର, ଲୋଚନାନନ୍ଦଦାୟକ, ଯାହାକୁ ସ୍ତ୍ରୀମାନେ କାମନା କରନ୍ତି, ପ୍ରିୟ, ସୌଭାଗ୍ୟଶାଳୀ, ଭାଗ୍ୟବାନ୍ ସୁଖଦ, ସୋହାଗା, ଅଶୋକବୃକ୍ଷ, ଚମ୍ପକ । ଗା, ସ୍ତ୍ରୀ. ସ୍ୱାମିର ସୁହାଗିନୀ ସ୍ତ୍ରୀ. ବନମଲ୍ଲିକା, ହରିଦ୍ରା, ନୀଳଦୂର୍ବା ପ୍ରିୟଙ୍ଗୁ, କସ୍ତୁରୀ, ତୁଳସୀ, ସ୍ୱର୍ଣ୍ଣକଦଳୀ ।

**ସୁଭଙ୍ଗ**, ବ. ପୁ° (ସୁ-ଭଙ୍ଗ) ନାରକେଲବୃକ୍ଷ ।

**ସୁଭଦ୍ର**, ବ. ପୁ°. (ସୁ-ଭଦ୍ର) ସୌଭାଗ୍ୟବିଶିଷ୍ଟ, ଉତ୍ତମ, ଅତିଶୟ ମଙ୍ଗଳଯୁକ୍ତ । ବ. ପୁ°. ବିଷ୍ଣୁ, ନୃପତିବିଶେଷ ।

**ସୁଭଦ୍ରକ**, ବ. ପୁ°. (ସୁଭଦ୍ର-କନ୍) ବିମାନ, ବ୍ୟୋମଯାନ, କଳ୍ପବୃକ୍ଷ ।

**ସୁଭଦ୍ରା**, ବ. ସ୍ତ୍ରୀ. (ସୁଭଦ୍ର-ଆ) କୃଷ୍ଣଙ୍କ ଭଗିନୀ, ଅର୍ଜୁନଙ୍କ ପତ୍ନୀ, ଲତାବିଶେଷ, ଶ୍ୱେତମନ୍ଦାରବୃକ୍ଷ ।

**ସୁମ**, ବ. ନ. (ସୁ ମା) ପୁଷ୍ପ, କୁସୁମ । ପୁ°. ଚନ୍ଦ୍ର, ଆକାଶ ।

**ସୁମତ**, ବି°. (ସୁ-ମନ୍-ତ) ସୁବୁଦ୍ଧିଶାଳୀ, ବନ୍ଧୁତ୍ୱବିଶିଷ୍ଟ, ପ୍ରିୟ ।

**ସୁମତି**, ବ. ସ୍ତ୍ରୀ. (ସୁ-ମତି) ସୁବୁଦ୍ଧି, ଦୟା, ନେତୃତ୍ୱ, ବର୍ତ୍ତମାନ କଳ୍ପରେ ୫ମ ଜୈନମୁନି ।

**ସୁମଦାତ୍ମଜା**, ବ. ସ୍ତ୍ରୀ. (ସୁ-ମଦ-ଆତ୍ମଜା) ଅପ୍ସରା, ସ୍ୱର୍ଗବେଶ୍ୟା ।

**ସୁମଧୁର**, ବି°. (ସୁ-ମଧୁର) ଅତିମଧୁର, ଅତିଶୟ ମିଷ୍ଟ ।

**ସୁମଧ୍ୟମା**, ବ. ସ୍ତ୍ରୀ. (ସୁ-ମଧ୍ୟମା) ଯେଉଁ ସ୍ତ୍ରୀର କଟିଦେଶ ଉତ୍ତମ, ୧୬ ବର୍ଷ ବୟସ୍କା କନ୍ୟା ।

**ସୁମନ**, ବ. ପୁ°. (ସୁ-ମନ୍-ଅ) ଗୋଧୂମ, ଗହମ, ଧୁସ୍ତୂର । ବି°. ମନୋହର । ନା ସ୍ତ୍ରୀ. ଜାତୀପୁଷ୍ପବୃକ୍ଷ ।

**ସୁମନାଃ**, ବ. ପୁ°. (ସୁ-ମନସ୍) ଦେବତା, ବିଦ୍ୱାନ୍, କଳ୍ପବୃକ୍ଷ । ବି°. ମହାମନାଃ, ପ୍ରୀତ, ସନ୍ତୁଷ୍ଟ, ସୁଧୀ, ପଣ୍ଡିତ । ନ. ସ୍ତ୍ରୀ. ପୁଷ୍ପମାଳା, ମାଲତୀପୁଷ୍ପ । ସ୍ତ୍ରୀ ବହୁ: ପୁଷ୍ପ ।

**ସୁମନ୍ତ୍ର**, ବ. ପୁ°. (ସୁ ମନ୍ତ୍ର) ଦଶରଥ ରାଜାଙ୍କ ସାରଥି ଓ ମନ୍ତ୍ରୀ ।

**ସୁମରିବା**, କ୍ରି. (ସ୍ମରଣ ଶବ୍ଦଜ) ସ୍ମରଣ କରିବା, ମନେ କରିବା ।

**ସୁମାର**, ବ. (ଯାବନିକ) ସଂଖ୍ୟା କରିବା ।

**ସୁମିତ୍ରା**, ବ. ସ୍ତ୍ରୀ. (ସୁ-ମିତ୍ର-ଆ) ଦଶରଥଙ୍କ କନିଷ୍ଠା ରାଣୀ, ଲକ୍ଷ୍ମଣ ଓ ଶତ୍ରୁଘ୍ନଙ୍କ ମାତା ।

**ସୁମୁଖ**, ବ. ପୁ°. (ସୁ-ମୁଖ) ଗରୁଡ଼ପୁତ୍ର, ଗଣେଶ, ପଣ୍ଡିତ, ଅଧ୍ୟାପକ, ନାଗବିଶେଷ । ନ. ନଖକ୍ଷତବିଶେଷ । ବି°. ସୁନ୍ଦର, ମନୋଜ୍ଞ, ବିଦ୍ୱାନ୍ ସୁନ୍ଦରମୁଖଯୁକ୍ତ ।

**ସୁମେଧାଃ**, ବି°. (ସୁ-ମେଧା-ଅସ୍) ସୁବୁଦ୍ଧି, ଉତ୍ତମ ବୁଦ୍ଧିସମ୍ପନ୍ନ ।

**ସୁମେରୁ**, ବ. ପୁ°. (ସୁ-ମି-ରୁ) ପୃଥିବୀର ମଧ୍ୟସ୍ଥ ପର୍ବତବିଶେଷ, ପୃଥିବୀର ଉତ୍ତରପ୍ରାନ୍ତ, ଜପମାଳାର ମଧ୍ୟସ୍ଥ ମାଳା । ବି°. ସର୍ବଶେଷ ।

**ସୁମେରୁବୃତ୍ତ**, (Arctic Circle) ଉତ୍ତର ମେରୁଠାରୁ ୨୩ ଅକ୍ଷାଂଶ ଅନ୍ତରରେ ସ୍ଥିତ ରେଖା ।

**ସୁମେରୁସମୁଦ୍ର**, (Arctic Ocean) ପୃଥିବୀର ଉତ୍ତର ମେରୁର ଚତୁଃପାର୍ଶ୍ୱବର୍ତ୍ତୀ ସମୁଦ୍ର ।

ସୁଯୋଗ, ବି. ନ. (ସୁ-ଯୋଗ) ସୁସମୟ, ସଦୁପାୟ ।

ସୁଯୋଧନ, ବି. ପୁଂ. (ସୁ-ଯୁଧ୍-ଅନ) ଦୁର୍ଯ୍ୟୋଧନ ।

ସୁର, ବି. ପୁଂ. (ସୁ-ର) ସୂର୍ଯ୍ୟ, ପଣ୍ଡିତ, ଦେବତା ।

ସୁରକ୍ତ, ବିଂ.(ସୁ-ରନ୍ଜ୍-ତ) ଅତିଶୟ ଅନୁରକ୍ତ, ଉତ୍ତମରୂପେ ରଞ୍ଜିତ, ଅତି ସୁଶ୍ରାବ୍ୟ,ଅତିଶୟ ମଧୁର କଣ୍ଠଧ୍ୱନି ଯାହାର ।

ସୁରଖୁରୁ, ବି. (ଦେଶଜ) ସୁକଥା । କ୍ରି. ବିଂ. ସୁବ୍ୟବସ୍ଥାଜନକ ରୂପେ ।

ସୁରଗୁରୁ, ବି. ପୁଂ. (ସୁର-ଗୁରୁ) ବୃହସ୍ପତି, ଦେବାଚାର୍ଯ୍ୟ ।

ସୁରଗ୍ରାମଣୀ, ବି. ପୁଂ. (ସୁର-ଗ୍ରାମଣୀ) ଇନ୍ଦ୍ର, ଦେବରାଜ ।

ସୁରଙ୍ଗ, ବି. ନ. (ସୁ-ରଙ୍ଗ) ହିଙ୍ଗୁଳ । ପୁଂ. ସୁରଙ୍ଗ, ଅତି ଉଜ୍ଜ୍ୱଳ ରଙ୍ଗ, କମଳାଲେମ୍ବୁ ।

ସୁରଞ୍ଜନ, ବି. ପୁଂ. (ସୁ-ରଞ୍ଜନ) ଗୁବାକବୃକ୍ଷ ।

ସୁରତ, ବି. ନ. (ସୁ-ରମ୍-ତ) ରମଣ, ରତିକ୍ରୀଡ଼ା । ବିଂ. ଅନୁରକ୍ତ, ଦୟାଳୁ ।

ସୁରତରୁ, ବି. ପୁଂ. (ସୁର-ତରୁ) ମନ୍ଦାର, ଦେବଦାରୁ, ପୁନ୍ନାଗ ।

ସୁରଥ, ବି. ପୁଂ. ଚନ୍ଦ୍ରବଂଶୀୟ ନୃପବିଶେଷ । ବିଂ. ଉତ୍ତମ ରଥଯୁକ୍ତ ।

ସୁରଦାରୁ, ବି.ପୁଂ.(ସୁର-ଦାରୁ) ଦେବଦାରୁବୃକ୍ଷ ।

ସୁରଦୀର୍ଘିକା, ବି. ସ୍ତ୍ରୀ. (ସୁର-ଦୀର୍ଘିକା) ସୁରନଦୀ, ସ୍ୱର୍ଗଙ୍ଗା ।

ସୁରଧନୁ, ବି. ନ. (ସୁର-ଧନୁ) ଶକ୍ରଧନୁ, ରାମଧନୁ, ଇନ୍ଦ୍ରଧନୁ ।

ସୁରଧୁନୀ / ସୁରନଦୀ } ବି. ସ୍ତ୍ରୀ. (ସୁର-ଧୁନୀ, ନଦୀ) ଦେବନଦୀ, ଗଙ୍ଗା ।

ସୁରପତି, ବି. ପୁଂ. (ସୁର-ପତି) ଦେବରାଜ, ଇନ୍ଦ୍ର ।

ସୁରପଥ, ବି. ନ. (ସୁର-ପଥ) ଆକାଶ ।

ସୁରପର୍ଣ୍ଣିକା, ବି. ସ୍ତ୍ରୀ. (ସୁର-ପର୍ଣ୍ଣ-କ) ପୁନ୍ନାଗ ବୃକ୍ଷ ।

ସୁରପାଦପ, ବି. ପୁଂ. (ସୁର-ପାଦପ) କଳ୍ପବୃକ୍ଷ, ଦେବତରୁ ।

ସୁରଭି, ବି. ପୁଂ. (ସୁ-ରଭ୍-ଇ) ସୁଗନ୍ଧଦ୍ରବ୍ୟ, ଚୈତ୍ର ମାସ, ଚମ୍ପକବୃକ୍ଷ, ଜାତୀଫଳବୃକ୍ଷ, କଦମ୍ବବୃକ୍ଷ, ବକୁଳବୃକ୍ଷ । ନ ସ୍ୱର୍ଣ୍ଣ, ଗନ୍ଧକ, ଜାତିଫଳ । ସ୍ତ୍ରୀ. ଗାଭୀ, କାମଧେନୁ, ଦେବଗାଭୀ, ସୁରା, ପୃଥିବୀ, ମାତୃକାବିଶେଷ, ତୁଳସୀ, ମଲ୍ଲିକା । ବିଂ. ସୁଗନ୍ଧ, ମନୋରମ, ପ୍ରିୟ, ପଣ୍ଡିତ, ଜ୍ଞାନୀ, ଧାର୍ମିକ, ବିଖ୍ୟାତ ।

ସୁରଭିତ, ବିଂ. (ସୁ-ରଭ୍-ତ) ସୌରଭଯୁକ୍ତ, ସୁଗନ୍ଧବିଶିଷ୍ଟ । ତା, ସ୍ତ୍ରୀ. ସୌରଭ ।

ସୁରଲା, ବି. ସ୍ତ୍ରୀ. (ସୁର-ଲା-ଅ) ଜାହ୍ନବୀ, ଗଙ୍ଗା-ନଦୀବିଶେଷ ।

ସୁରଲୋକ, ବି. ପୁଂ. (ସୁର-ଲୋକ) ଦେବଲୋକ, ସ୍ୱର୍ଗ ।

ସୁରବର୍ତ୍ମ, ବି ନ. (ସୁର-ବର୍ତ୍ମନ୍) ଆକାଶ ।

ସୁରଶାଖୀ, ବି. ପୁଂ. (ସୁର-ଶାଖା-ଇନ୍) ଦେବତରୁ, କଳ୍ପବୃକ୍ଷ ।

ସୁରସ, ବିଂ (ସୁ-ରସ) ସ୍ୱାଦୁ, ସୁସ୍ୱାଦୁ, ମିଷ୍ଟରସଯୁକ୍ତ । ବି ପୁଂ. ସୁନ୍ଦର ରସ । ନ. ତ୍ୱକ୍, ବଲ୍କଲ । ସ୍ତ୍ରୀ. ତୁଳସୀ, ମେଦିନୀ, ମହାଶତାବରୀ, ନାଗମାତା, ଦୁର୍ଗା ।

ସୁରସରିତ୍ / ସୁରସିନ୍ଧୁ } ବି. ସ୍ତ୍ରୀ. (ସୁର-ସରିତ୍, ସିନ୍ଧୁ) ସୁରନଦୀ, ଗଙ୍ଗା ।

ସୁରସୁନ୍ଦରୀ / ସୁରାଙ୍ଗନା } ବି. ସ୍ତ୍ରୀ. (ସୁର-ସୁନ୍ଦରୀ,ଅଙ୍ଗନା) ସ୍ୱର୍ଗବେଶ୍ୟା, ଅପ୍ସରା, ବିଦ୍ୟୁତ୍, ଦୁର୍ଗା ।

ସୁରା / ସୁରୀ } ବି. ସ୍ତ୍ରୀ. (ସୁ-ଅ, ଅ. ଈ) ମଦ୍ୟ, ମଦିରା, ଚଷକ, ପାନପାତ୍ର, ସର୍ପିଣୀ ।

ସୁରାକ୍ ବି. (ଯାବନିକ) ଖବର, ସନ୍ଧାନ ।

ସୁରାଗ୍ରର୍ଯ୍ୟ, ବି. ପୁଂ. (ସୁର-ଅଗ୍ରର୍ଯ୍ୟ) ବୃହସ୍ପତି, ଦେବଗୁରୁ ।

ସୁରାପଗା, ବି. ସ୍ତ୍ରୀ. (ସୁର-ଆପଗା) ଗଙ୍ଗା ।

ସୁରାରି, ବି. ପୁଂ. (ସୁର-ଅରି) ସୁରଶତ୍ରୁ, ଅସୁର ।

ସୁରାଳୟ, ବି. ପୁଂ. (ସୁର-ଆଳୟ) ସୁମେରୁ ପର୍ବତ, ସ୍ୱର୍ଗ, ମଦ୍ୟଗୃହ, ଶୁଣ୍ଡିଦୋକାନ ।

ସୁରୁଆ, ବି. (ଯାବନିକ) ମାଂସୟୂଷ, ସିଦ୍ଧ ମାଂସର ଘନ ରସ ବା ଝୋଳ ।

ସୁରୁକ, ବି. (ଯାବନିକ) ଇଟାଗୁଣ୍ଡ ।

ସୁରେଇ, ବି. (ଯାବନିକ) ଦୀର୍ଘଗ୍ରୀବାବିଶିଷ୍ଟ ମୃଣ୍ମୟ ଜଳପାତ୍ରବିଶେଷ ।

ସୁରୂପ, ବିଂ. ( ସୁ-ରୂପ ) ଉତ୍ତମ ରୂପବିଶିଷ୍ଟ, ରୂପବାନ୍, ଜ୍ଞାନୀ, ବିଚକ୍ଷଣ, ପଣ୍ଡିତ ।

ସୁରେଜ୍ୟ, ବି. ପୁଂ. ( ସୁର-ଇଜ୍ୟ=ଗୁରୁ ) ବୃହସ୍ପତି । ସ୍ତ୍ରୀ. ତୁଳସୀ ।

ସୁରେନ୍ଦ୍ର, ବି. ପୁଂ. ( ସୁର-ଇନ୍ଦ୍ର ) ଦେବରାଜ, ଇନ୍ଦ୍ର ।

ସୁରେନ୍ଦ୍ରଜିତ୍, ବି. ପୁଂ. ( ସୁରେନ୍ଦ୍ର-ଜିତ୍ ) ଗରୁଡ଼ ।

ସୁରେଶ୍ୱର, ବି. ପୁଂ. ( ସୁର-ଈଶ୍ୱର ) ଶିବ, ଇନ୍ଦ୍ର ।

ସୁରେଶ୍ୱରୀ, ବି. ସ୍ତ୍ରୀ. ( ସୁର-ଈଶ୍ୱରୀ ) ଗଙ୍ଗା, ଦୁର୍ଗା ।

ସୁରୋତ୍ତର, ବି. ପୁଂ. ( ସୁର-ଉତ୍ତର ) ଶ୍ରୀଖଣ୍ଡ ଚନ୍ଦନ ।

ସୁରୋଦ, ବି. ପୁଂ. (ସୁରା-ଉଦ) ସୁରାସମୁଦ୍ର ।

ସୁଲକ୍ଷଣ, ବିଂ. ( ସୁ-ଲକ୍ଷଣ ) ଉତ୍ତମଲକ୍ଷଣାକ୍ରାନ୍ତ ।

ସୁଲକ୍ଷଣା, ବି. ସ୍ତ୍ରୀ. ପାର୍ବତୀଙ୍କ ସଖୀବିଶେଷ ।

ସୁଲତାନ, (ଯାବନିକ) ତୁରସ୍କ ଦେଶ ରାଜାଙ୍କ ଉପାଧି, ମୁସଲମାନ ରାଜା ।

ସୁଲଭ, ବିଂ. ( ସୁ-ଲଭ୍-ଅ ) ଅନାୟାସଲଭ୍ୟ, ସୁଖଲଭ୍ୟ, ଅଯତ୍ନସିଦ୍ଧ ।

ସୁଲୁସୁଲୁ, ଅଂ. ପବନ ବହିବାର ଅନୁକରଣ ଶବ୍ଦବିଶେଷ । ବିଂ. ସୁଲୁସୁଲିଆ ଶୀତଳତାଯୁକ୍ତ । ଯଥା—

ମେଘ ବରଷୁଛି ଉପର ଉପର ସୁଲୁସୁଲୁ ବହେ ବାଆ ।
ଗ୍ରାମ୍ୟଗୀତ ।

ସୁଲୋଚନ, ବି. ପୁଂ. (ସୁ-ଲୋଚନ) ହରିଣ । ବିଂ. ଉତ୍ତମଲୋଚନବିଶିଷ୍ଟ । ନା. ସ୍ତ୍ରୀ. ସୁନୟନା ସ୍ତ୍ରୀ, ହରିଣୀ ।

ସୁବଚନ, ବି. ନ. ( ସୁ-ବଚନ ) ଶୋଭନ ବାକ୍ୟ, ସୁନ୍ଦର ଉକ୍ତି ।

ସୁବନ, ବି. ପୁଂ. ( ସୁ-ବନ ) ସୂର୍ଯ୍ୟ, ଅଗ୍ନି, ଚନ୍ଦ୍ର ।

ସୁବୟାଃ, ବି. ସ୍ତ୍ରୀ. (ସୁ-ବୟସ୍) ପ୍ରୌଢ଼ା ସ୍ତ୍ରୀ ।

ସୁବର୍ଣ୍ଣ, ବି. ନ. ( ସୁ-ବର୍ଣ୍ଣ ) ସ୍ୱର୍ଣ୍ଣ, ସୁନା, ହରିଚନ୍ଦନ, ଧନ, ସମ୍ପତ୍ତି । ପୁଂ. ନ. ମୋହର, କର୍ଷପରିମାଣ । ପୁଂ. ଯଜ୍ଞବିଶେଷ, ଧୁସ୍ତୁର, ଗୈରିକ, ଗେରୁମାଟି । ବିଂ ସୁରୂପ, ସୁନ୍ଦରବର୍ଣ୍ଣ, ସୁନ୍ଦର ଅକ୍ଷରଯୁକ୍ତ, ଶ୍ରେଷ୍ଠ ଜାତିରେ ଉତ୍ପନ୍ନ ।

ସୁବର୍ଣ୍ଣକାର, ବି. ପୁଂ. (ସୁବର୍ଣ୍ଣ-କାର) ସ୍ୱର୍ଣ୍ଣକାର ।

ସୁବର୍ଣ୍ଣବଣିକ୍, ବି. ପୁଂ. (ସୁବର୍ଣ୍ଣ-ବଣିକ୍) ଜାତିବିଶେଷ, ସୁନାରି ବଣିଆ ।

ସୁବର୍ଣ୍ଣବର୍ଣ୍ଣା, ବି. ସ୍ତ୍ରୀ. (ସୁବର୍ଣ୍ଣ-ବର୍ଣ୍ଣ) ହରିଦ୍ରା ।

ସୁବର୍ଣ୍ଣବିନ୍ଦୁ, ବି. ପୁଂ. (ସୁବର୍ଣ୍ଣ-ବିନ୍ଦୁ) ବିଷ୍ଣୁ ।

ସୁବନ୍ଧ, ବି. ପୁଂ. ( ସୁ-ବନ୍ଧ୍-ଅ ) ଅନାୟାସରେ ବନ୍ଧନୀୟ, ସୁଖବାଧ୍ୟ, ଯେ ସୁଖରେ ଅନାୟାସରେ ବନ୍ଧନ କରି ପାରେ, ଧୈର୍ଯ୍ୟଶାଳୀ ।

ସୁବାଦାର, (ଆରବୀ ଓ ପାରସୀ) ଏକ ପ୍ରଦେଶର ଶାସନକର୍ତ୍ତା, ଦେଶୀୟ ସୈନ୍ୟମାନଙ୍କର ଏକପ୍ରକାର ପଦ ।

ସୁବାସ ବି. ପୁଂ. (ସୁ-ବାସ) ସୌରଭ, ଉତ୍ତମ ବାସ, ଉତ୍ତମ ନିବାସ, ଉତ୍ତମ ବାସସ୍ଥାନ । ବିଂ. ସୁଗନ୍ଧ ।

ସୁବାସିନୀ, ବି.ସ୍ତ୍ରୀ (ସୁବାସ-ଇନ୍-ଈ) ପିତ୍ରାଳୟନିବାସିନୀ ସ୍ତ୍ରୀ, ସୌରଭଯୁକ୍ତା ସ୍ତ୍ରୀ ।

ସୁବକ୍ତ୍ର, ବି. ପୁଂ. (ସୁ-ବକ୍ତ୍ର) ସୂକ୍ଷ୍ମ ବକ୍ତ୍ର, ଉତ୍[illegible]ମ ମୀମାଂସା ।

ସୁବଦ୍, ବିଂ. (ସୁ-ବଦ୍ ) ପଣ୍ଡିତ, ଗୁଣବାନ୍ ।
ସୁବଦ, ବି. ପୁଂ ( ସୁ-ବଦ୍-ଅ) କଞ୍ଚୁକୀ, ଅନ୍ତଃପୁରରକ୍ଷକ ।
ସୁବିଧା, ଅଂ.(ସୁ-ବିଧା) ଉତ୍ତମପ୍ରକାର, ସୁଯୋଗ ।
ସୁବିଧି, ବି. ପୁଂ. ( ସୁ-ବିଧି ) ସୁନିୟମ, ଉତ୍ତମ ବିଧାନ ।
ସୁବୃତ୍ତ, ବିଂ. ( ସୁ-ବୃତ୍ତ ) ସଚ୍ଚରିତ୍ର, ସାଧୁ, ସଦାଚାର, ଉତ୍ତମ ବର୍ତ୍ତୁଳ ।
ସୁବେଦାର, ବି. (ଯାବନିକ) ସୈନ୍ୟାଧ୍ୟକ୍ଷ ।
ସୁବେଲ, ବିଂ. ( ସୁ-ବେଲ୍-ଅ) ପ୍ରଣତ, ଶାନ୍ତ, ଦାନ୍ତ । ବି. ପୁଂ. ତ୍ରିକୂଟପର୍ବତ ।
ସୁବେଶ } ସୁବେଷ } ବି. ନ. (ସୁ-ବେଶ) ଉତ୍ତମ ସଜ୍ଜା ।
ସୁବେଶ } ସୁବେଶୀ } ବିଂ. ( ସୁ-ବେଶ, ବେଶ-ଇନ୍) ଉତ୍ତମ ବେଶଧାରୀ ।
ସୁବ୍ୟକ୍ତ, ବିଂ. (ସୁ-ବ୍ୟକ୍ତ) ପ୍ରକାଶିତ, ଉଦ୍ଘାଟିତ, ପ୍ରକଟିତ । ନ. ସ୍ପଷ୍ଟରୂପେ ।
ସୁବ୍ରତା, ବି.ସ୍ତ୍ରୀ. ବର୍ତ୍ତମାନ କଳ୍ପରେ ୧୫ଶ ଜୈନ ମୁନିଙ୍କ ମାତା, ସୁଦେହା ଗବୀ, ସଚ୍ଚରିତ୍ରା ପତ୍ନୀ ।
ସୁଶର୍ମା, ବି.ପୁଂ. ( ସୁ-ଶର୍ମନ୍=ସୁଖ ) ନୃପତିବିଶେଷ, ତ୍ରିଗର୍ତ୍ତ ଦେଶର ରାଜା, ନିନ୍ଦିତ ବ୍ରାହ୍ମଣବିଶେଷ ।
ସୁଶୀତ } ସୁଶୀତଳ } ବିଂ. ( ସୁ-ଶୀତ, ଶୀତଳ ) ଅତି ଶୀତଳ ।
ସୁଶୀଲ, ବିଂ. (ସୁ-ଶୀଳ) ସଚ୍ଚରିତ୍ର ।
ସୁଶୀଲତା, ବି. ସ୍ତ୍ରୀ. ( ସୁଶୀଲ-ତା ) ନମ୍ରତା, ବିନୟ, ସତ୍ସ୍ୱଭାବ ।
ସୁଶୀଲା, ବି. ସ୍ତ୍ରୀ. (ସୁଶୀଲ-ଆ) କୃଷ୍ଣଙ୍କର ଏକ ସ୍ତ୍ରୀ, ଯମର ଭାର୍ଯ୍ୟା ।
ସୁଶ୍ରାବ୍ୟ, ବିଂ. (ସୁ-ଶ୍ରୁ-ଯ) ଉତ୍ତମରୂପେ ଶ୍ରବଣଯୋଗ୍ୟ, ସୁମଧୁର ।
ସୁଶ୍ରୀ } ସୁଶ୍ରୀକ } ବିଂ (ସୁ-ଶ୍ରୀ,କ) ଶ୍ରୀଯୁକ୍ତ, ଶ୍ରୀମାନ୍, ସୁନ୍ଦର ।
ସୁଶ୍ରୁତ, ବି. ପୁଂ. ( ସୁ-ଶ୍ରୁତ ) ବିଶ୍ୱାମିତ୍ରପୁତ୍ର, ପ୍ରସିଦ୍ଧ ଚିକିତ୍ସା-ଗ୍ରନ୍ଥକାରବିଶେଷ, ତତ୍କୃତ ଗ୍ରନ୍ଥବିଶେଷ । ନ. ସୁନ୍ଦରଶ୍ରବଣ, ଯାହା ଉତ୍ତମରୂପେ ଶୁଣାଯାଇଅଛି ।
ସୁଶ୍ଲିଷ୍ଟ, ବିଂ. ( ସୁ-ଶ୍ଲିଷ୍ଟ ) ନିବିଡ଼ ସଂଯୋଗବିଶିଷ୍ଟ, ଦୃଢ଼ରୂପେ ସଂଯୁକ୍ତ ।
ସୁଷମ, ବିଂ. (ସୁ-ସମ୍-ଅ) ସୁନ୍ଦର, ଶୋଭନ, ସମାନ, ତୁଲ୍ୟ, ସଦୃଶ ।
ସୁଷମା, ବି.ସ୍ତ୍ରୀ. ପରମଶୋଭା,ଉତ୍କୃଷ୍ଟ ସୌନ୍ଦର୍ଯ୍ୟ। ଯଥା—

ସୁଷମାରେ ନିନ୍ଦ ଶାରଦୀପ୍ରୀ ତିଷ,
ବିକଳେମାସବ ବାମାଣିବେଭୂଷା । ନ. ଃକେ·

ସୁଷି, ସ୍ତ୍ରୀ. } ସୁଷିର, ନ. } ବି. (ସୁଷ୍-ଇ, ଇର) ଗର୍ତ୍ତ, ଛିଦ୍ର, ବଂଶୀବିଶେଷ ।
ସୁଷୀମ, ବିଂ. ( ସୁ-ସୀମା ) ଶୀତଳ, ସୁନ୍ଦର, ମନୋଜ୍ଞ । ବି. ପୁଂ. ସର୍ପବିଶେଷ, ଚନ୍ଦ୍ରକାନ୍ତ ମଣି, ସ୍ୱର୍ଣ୍ଣ ।
ସୁଷୁପ୍ତ, ବିଂ.(ସୁ-ସ୍ୱପ୍-ତ)ଗଭୀର ନିଦ୍ରିତ,ସୁଷୁପ୍ତିଯୁକ୍ତ, ଅଜ୍ଞ, ଆତ୍ମବୋଧଶୂନ୍ୟ । ବି. ନ. ସୁଷୁପ୍ତି ଅବସ୍ଥା ।
ସୁଷୁପ୍ତି, ବି.ସ୍ତ୍ରୀ. (ସୁ-ସ୍ୱପ୍-ତି) ଅଚେତନ ନିଦ୍ରା, ସୁନିଦ୍ରା ।
ସୁଷୁମ୍ନା, ବି.ସ୍ତ୍ରୀ. (ସୁ-ସୁମ୍ନ-ଆ) ଶରୀରସ୍ଥ ନାଡ଼ୀବିଶେଷ, ମେରୁଦଣ୍ଡର, ବହିର୍ଭାଗରେ ଇଡ଼ା ପିଙ୍ଗଳା ନାଡ଼ୀର ମଧ୍ୟବର୍ତ୍ତୀ ନାଡ଼ୀ, ସୂର୍ଯ୍ୟରଶ୍ମି ।
ସୁଷେଣ, ବି. ପୁଂ. (ସୁ ସେନା) ବିଷ୍ଣୁ, ବେତସବୃକ୍ଷ, ଚିକିତ୍ସକ, ବାନରବିଶେଷ ।
ସୁଷ୍ଠୁ, ଅଂ. ( ସୁ-ସ୍ଥା-ଉ ) ଅତିଶୟ ସୁନ୍ଦର, ଶ୍ରେଷ୍ଠ, ସତ୍ୟ ।
ସୁସଞ୍ଚ, ବିଂ. (ଦେଶଜ) ସୁନ୍ଦର, ସୁଗଠିତ, ମନୋହର ।
ସୁସତ୍ୟା, ବି. ସ୍ତ୍ରୀ. ଜନକରାଜାଙ୍କ ଭାର୍ଯ୍ୟା ।
ସୁସମୃଦ୍ଧ, ବିଂ. ଅତିଶୟ ସମୃଦ୍ଧିଶାଳୀ ।

ସୁସମ୍ପନ୍ନ, ବିଂ. ଅତି ଧନାଢ୍ୟ, ଅତିଶୟ ସମୃଦ୍ଧିଶାଳୀ, ଉତ୍ତମରୂପେ ନିଷ୍ପନ୍ନ ।

ସୁସହ, ବିଂ. ( ସୁ-ସହ୍-ଅ ) ସୁଖସହ୍ୟ, ଅନାୟାସରେ ସହନୀୟ ।

ସୁସାଧ୍ୟ, ବିଂ. ( ସୁ-ସାଧ୍ୟ ) ଅନାୟାସସାଧ୍ୟ, ସହଜ ।

ସୁସାର, ବିଂ. (ଦେଶଜ) ସହଜ । କ୍ରି. ବିଂ. ସୁସାରେ । ଯଥା—

> ରଜା ଅଷ୍ଟବର୍ଗର ଏ ଭାଷାରେ
> ରଚେ ଏବେ ବଳେ ହେଉ ସୁସାରେ । ବି. ଚ.

ସୁସୁନୀ ବି. (ଦେଶଜ) ସୁନୁସୁନିଆ ଶାଗ ।

ସୁସ୍ଥ, ବିଂ. (ସୁ-ସ୍ଥା-ଅ) ନୀରୋଗ, ସ୍ୱଚ୍ଛନ୍ଦ, ସୁଖୀ, ସୁସ୍ଥିର, ସ୍ୱାସ୍ଥ୍ୟଯୁକ୍ତ ।

ସୁସ୍ଥତା, ବି. ସ୍ତ୍ରୀ. (ସୁସ୍ଥ-ତା) ସ୍ୱାସ୍ଥ୍ୟ, ଆରୋଗ୍ୟ ।

ସୁସ୍ଥି, ବିଂ. ( ସୁସ୍ଥ ଶବ୍ଦଜ) ଅଳସୁଆ, ମଠୁଆ । ବି. ଅଳସୁଆ ଲୋକ ।

ସୁସ୍ଥିର, ବିଂ. (ସୁ-ସ୍ଥା-ଇର)ଅତି ସ୍ଥିର, ଅଚଞ୍ଚଳ । ସୁସ୍ଥ, ଦୃଢ଼, ବଦ୍ଧମୂଳ ।

ସୁସ୍ପଷ୍ଟ, ବିଂ.(-ସୁସ୍ପଷ୍ଟ) ଅତିସ୍ଫୁଟ, ଅତିଶୟ ସ୍ପଷ୍ଟ ।

ସୁହାଇବା, କ୍ରି. ( ସୁଖ ଶବ୍ଦଜ ) ସୁଖଲାଗିବା, ସହନଯୋଗ୍ୟ ହେବା ।

ସୁହାଗ, ବି. (ଦେଶଜ) ସୌଭାଗ୍ୟ । ବିଂ. ସୁହାଗୀ — ସୌଭାଗ୍ୟବତୀ ।

ସୁହାଯିବା, କ୍ରି (ସହ୍ ଧାତୁଜ) ସହ୍ୟ ହେବା ।

ସୁହୃତ, ବିଂ. (ସୁ-ହୃତ) ତୃପ୍ତ, ସନ୍ତୁଷ୍ଟ, ବିହିତ, ସାଧିତ, କୃତ, ସୁସମ୍ପାଦିତ, ଉପଯୁକ୍ତ, ସମୀଚୀନ । ନ. ଅତିହୃତ ।

ସୁହୃଦ୍, ବି. ପୁଂ. ସୁ-ହୃଦ୍) ସଦା ଅନୁମତ, ମିତ୍ର, ସଖା, ସାହାଯ୍ୟକାରୀ, ସହାୟ, ସହୃଦୟ ।

ସୁହୃଦୟ, ବିଂ. (ସୁ-ହୃଦୟ) ପ୍ରଶସ୍ତମନାଃ, ସଦନ୍ତଃକରଣବିଶିଷ୍ଟ, ଶୁଦ୍ଧଚିତ୍ତ ।

ସୂ, ବି. ସ୍ତ୍ରୀ. ( ସୂ-୦ ) ପ୍ରସବ, ପ୍ରେରଣ । ବିଂ. ପ୍ରସବକର୍ତ୍ତା, ଉତ୍ପାଦକ ।

ସୂକର, ବି. ପୁଂ. ( ସୂ-କର ) ଶୂକର, ବରାହ, କୁମ୍ଭକାର, ମୃଗବିଶେଷ ।

ସୂକା, ବି. ସ୍ତ୍ରୀ. ଶାରିକା, ପକ୍ଷିଣୀ ।

ସୂକ୍ତ, ବି. ନ. ( ସୁ-ଉକ୍ତ ) ସମୀଚୀନ ବାକ୍ୟ, ସଦ୍‌ବଚନ, ବେଦୋକ୍ତ ସ୍ତୋତ୍ରମନ୍ତ୍ରାଦି । ସ୍ତ୍ରୀ. ଶାରିକା ।

ସୂକ୍ତି, ବି. ସ୍ତ୍ରୀ. (ସୁ-ଉକ୍ତି) ବେଦବଚନ, ବେଦମନ୍ତ୍ର, ସଦ୍‌ବଚନ ।

ସୂକ୍ଷ୍ମ, ବିଂ. (ସୂଚ୍-ସ୍ମ) ଅଳ୍ପ, କ୍ଷୁଦ୍ର, କ୍ଷୀଣ, ସରୁ, ଅତୀନ୍ଦ୍ରିୟ । ବି. ପୁଂ. ଅଣୁ । ନ. କୈତବ, ଛଳ, କପଟତା, ଅଧ୍ୟାତ୍ମବସ୍ତୁ, ଅଧ୍ୟାତ୍ମଶାସ୍ତ୍ର ।

ସୂକ୍ଷ୍ମକୋଣ, (Acute angle) ସମକୋଣଠାରୁ ସାନ, ଲଘୁକୋଣ ।

ସୂକ୍ଷ୍ମଦର୍ଶୀ, ବିଂ. ( ସୂକ୍ଷ୍ମ-ଦର୍ଶିନ୍ ) ଅତିଶୟ ବୁଦ୍ଧିମାନ୍ ।

ସୂକ୍ଷ୍ମଦେହୀ, (Infusoria) ଏହି ସମସ୍ତ ଜୀବ-ସାଧାରଣ ଚକ୍ଷୁରେ ଅଣୁବୀକ୍ଷଣ ଭିନ୍ନ ଦୃଷ୍ଟ ହୁଏ ନାହିଁ ।

ସୂକ୍ଷ୍ମଶରୀର, ବି. ନ.(ସୂକ୍ଷ୍ମ-ଶରୀର) ପଞ୍ଚ ପ୍ରାଣ, ଦଶ ଇନ୍ଦ୍ରିୟ, ମନ ଓ ବୁଦ୍ଧି ଆତ୍ମାର ଭୋଗସାଧନ ଏହି ସପ୍ତଦଶ ।

ସୂଚକ, ବି. ପୁଂ. ( ସୂଚ୍-ଇ-ଅକ ) ଗୂଢ଼ପୁରୁଷ, ଗୋଇନ୍ଦା, ପିଶୁନ, ଖଳ, ସୀବନୀ, ଛୁଞ୍ଚି, ସୂଚୀକର୍ମକାରୀ, କୁକୁର, ବିଲୁଆ, କାକ, ସୂତ୍ରଧର, ଶିକ୍ଷକ, ଦଳପତି, ବୁଦ୍ଧ, ସିଦ୍ଧ, ପିଶାଚ । ବିଂ. ଜ୍ଞାପକ, ପ୍ରକାଶକ, କଥକ ।

ସୂଚନ, ବି. ନ. (ସୂଚ୍-ଅନ) }
ସୂଚନା, ବି. ସ୍ତ୍ରୀ. (ସୂଚ୍ ଅନ୍-ଆ) } ଜ୍ଞାପନ, କଥନ, ଅଙ୍ଗଭଙ୍ଗୀଦ୍ୱାରା ଜଣାଇବା, ସଙ୍କେତ ବା ଚିହ୍ନାଦିଦ୍ୱାରା ଜଣାଇବା, ବିଦ୍ଧକରଣ, ଦୁଷ୍କର୍ମ, ଦୃଷ୍ଟି, ଅଭିନୟ, ହିଂସନ, ଦୋଷାବିଷ୍କରଣ ।

ସୂଚି }
ସୂଚୀ } ବି. ସ୍ତ୍ରୀ. (ସୂଚ୍-ଇ) ସୀବନୀ, ଛୁଞ୍ଚି, ସୂକ୍ଷ୍ମ ଅଗ୍ରଭାଗ, ନୃତ୍ୟବିଶେଷ, ଜ୍ଞାପନୀ ।

ସୂଚିକାମୁଖ, ବି. ନ. (ସୂଚିକା-ମୁଖ) ଶଙ୍ଖ ।

ସୂଚିତ, ବିଂ. ( ସୂଚ୍-ତ ) ଜ୍ଞାପିତ, ବୋଧିତ, କଥିତ, ହିଂସିତ ।

ସୂଚିପତ୍ର, ବି. (ସୂଚି-ପତ୍ର) କର୍ଘଣ୍ଟ ।

ସୂଚିବଦନ, ବି. ପୁଂ. (ସୂଚି-ବଦନ) ନେଉଳ, ନକୁଳ, ମଶା ।

ସୂଚିବାନ୍, ବି. ପୁଂ. (ସୂଚି-ବତ୍) ଗରୁଡ଼ ।

ସୂଚିରୋମା, ବି. ପୁଂ. ( ସୂଚି-ରୋମନ୍ ) ବରାହ, ଶୂକର । ବିଂ. ସୂଚିତୁଲ୍ୟ ଲୋମବିଶିଷ୍ଟ ।

ସୂଚୀମୁଖ, ବି. ନ. ମଣି, ରତ୍ନ ।

ସୂଚ୍ୟ / ସୂଚନୀୟ / ସୂଚିତବ୍ୟ } ବି. ( ସୂଚ୍-ଯ, ଅନୀୟ, ତବ୍ୟ ) ଜ୍ଞାପନୀୟ, ବୋଧବ୍ୟ, କଥନୀୟ ।

ସୂତ, ବି. ପୁଂ. ( ସୂ-ତ ) ସାରଥି, ସୂର୍ଯ୍ୟ, ସୂତ୍ରଧର ଜାତି, ବ୍ରାହ୍ମଣୀଗର୍ଭରେ କ୍ଷତ୍ରିୟ-ଔରସରେ ଉତ୍ପନ୍ନ ପ୍ରତିଲୋମଜ ସଂକୀର୍ଣ୍ଣ ଜାତି, ସ୍ତୁତିପାଠକ, ବନ୍ଦୀ, ପୁରାଣବକ୍ତା-ବିଶେଷ । ପୁଂ. ନ. ପାରଦ, ପାରା । ବିଂ. ପ୍ରସୂତ, ଜାତ, ଉତ୍ପନ୍ନ, ପ୍ରେରିତ ।

ସୂତକ, ବି. ନ. (ସୂତ-କ) ଜନନାଶୌଚ ।

ସୂତପୁତ୍ର, ବି. ପୁଂ. (ସୂତ-ପୁତ୍ର) ସୂର୍ଯ୍ୟସନ୍ତାନ, କର୍ଣ୍ଣ ।

ସୂତୁଲି, ବି. (ସୂତ୍ର ଶବ୍ଦଜ) ଛିଣପଟର ଦଉଡ଼ି ।

ସୂତା / ସୂତିକା } ବି. ସ୍ତ୍ରୀ. ( ସୂତ-ଆ ) ନବପ୍ରସୂତା ସ୍ତ୍ରୀ ।

ସୂତା, ବି. (ସୂତ୍ର-ଶବ୍ଦଜ) ତନ୍ତୁ, ସୂତ୍ର ।

ସୂତି, ବି. ସ୍ତ୍ରୀ. (ସୂ-ତି) ପ୍ରସବ, ଉତ୍ପତ୍ତି, ଜନ୍ମ, ସନ୍ତାନ, ସୀବନ, ସିଲାଇ କରିବା ।

ସୂତିକାଗାର / ସୂତିକାଗୃହ / ସୂତିକାଭବନ } ବି. ନ. ( ସୂତିକା-ଅଗାର, ଗୃହ, ଭବନ ) ପ୍ରସବଗୃହ, ଅନ୍ତୁଡ଼ିଘର ।

ସୂତିମାରୁତ / ସୂତିବାତ } ବି. ପୁଂ. (ସୂତି-ମାରୁତ, ବାତ) ପ୍ରସବବେଦନା, ଯେ ବାୟୁ ସନ୍ତାନକୁ ଗର୍ଭରୁ ବହିଃସାରଣ କରେ ।

ସୂତ୍ୟା, ବି. ସ୍ତ୍ରୀ. ( ସୂ-ଯ ) ଯଜ୍ଞସ୍ଥାନ, ଯଜ୍ଞରେ ସୋମରସ ପାନ ।

ସୂତ୍ର, ବି. ନ. (ସିବ୍-ତ୍ର) ତନ୍ତୁ, ସୂତା, ବ୍ୟବସ୍ଥା, ନିୟମ, ଶାସ୍ତ୍ର, ଦର୍ଶନଶାସ୍ତ୍ର ଧର୍ମଶାସ୍ତ୍ର ନୀତିଶାସ୍ତ୍ର ବା ଶବ୍ଦଶାସ୍ତ୍ରର ପ୍ରଥମ ପ୍ରଣେତାର ଗ୍ରଥିତ ସଂକ୍ଷିପ୍ତ ବାକ୍ୟ, ଅଇନବିଷୟକ ମତ ବା ନିଷ୍ପତ୍ତି, ଉପବୀତ, ପୈତା, ନାଟ୍ୟଶାସ୍ତ୍ରର ଉପକ୍ରମ ।

ସୂତ୍ରକଣ୍ଠ, ବି. ପୁଂ. (ସୂତ୍ର-କଣ୍ଠ) ବ୍ରାହ୍ମଣ, ଖଞ୍ଜନ ପକ୍ଷୀ, କପୋତ ।

ସୂତ୍ରଧର / ସୂତ୍ରଧାର } ବି. ପୁଂ. (ସୂତ୍ର-ଧୃ-ଅ) ଇନ୍ଦ୍ର, ସୂତ୍ରଧର-ଜାତି, ବଢ଼େଇ, ନାଟ୍ୟପ୍ରସ୍ତାବକ ପ୍ରଧାନ ନଟ, ସୂତ୍ରପ୍ରଣୟନକର୍ତ୍ତା ।

ସୂତ୍ରପାତ, ବି. ଆରମ୍ଭ ।

ସୂତ୍ରପୁଷ୍ପ, ବି. ପୁଂ. ( ସୂତ୍ର-ପୁଷ୍ପ ) କାର୍ପାସବୃକ୍ଷ ।

ସୂତ୍ରାମା, ବି. ପୁଂ. ( ସୂ-ତ୍ରୈ-ମନ୍) ଇନ୍ଦ୍ର ।

ସୂତ୍ରୀ, ବି. ପୁଂ. (ସୂତ୍ର-ଇନ୍) କାକ । ବିଂ. ସୂତ୍ର-ବିଶିଷ୍ଟ ।

ସୂଦନ, ବି. ନ. ( ସୂଦ୍-ଅନ ) ହନନ, ବଧ, ଅଙ୍ଗୀକାର କରିବା, ବିନାଶ କରିବା । ବିଂ, ବିନାଶକ, ପ୍ରିୟ ।

ସୂଦଶାଳା, ବି. ସ୍ତ୍ରୀ. (ସୂଦ-ଶାଳା) ପାକଶାଳା. ରନ୍ଧନଗୃହ ।

ସୂନା, ବି. ସ୍ତ୍ରୀ. (ସୂନ୍-ଆ ) ବଧସ୍ଥାନ, ବଧଭୂମି, କଂସେଇଖାନା, କନ୍ୟା, ମାଂସବିକ୍ରୟସ୍ଥାନ, ଅଘାତକରଣ, ହସ୍ତବନ୍ଧନ, ହରଣ ।

ସୂନୀ, ବି. ପୁଂ. ( ସୂନା-ଇନ୍ ) ମାଂସବିକ୍ରୟୀ, କଂସାଇ ।

ସୂନୁ, ବି. ପୁଂ ( ସୂ-ନୁ ) ତନୟ, ପୁତ୍ର, କନିଷ୍ଠ ଭ୍ରାତା, ଦୌହିତ୍ର, ରବି । ସ୍ତ୍ରୀ. କନ୍ୟା ।

ସୂନୃତ, ବି. ନ. (ସୁ-ନୃତ୍-ଅ, ଅଥବା ସୁ-ଋତ) ସତ୍ୟ ଅଥଚ ପ୍ରିୟବାକ୍ୟ, ମଙ୍ଗଳ, ଶୁଭ । ବିଂ. ସତ୍ୟ, ପ୍ରିୟ ।

ସୂପ, ବି. ପୁଂ. (ସୂ-ପ) ବ୍ୟଞ୍ଜନବିଶେଷ, ଡାଲି, ଝୋଲ, ଭାଣ୍ଡ, ବାଣ । ବି°. ପାଚକ ।

ସୂପକାର, ବି. ପୁଂ. ( ସୂପ-କାର ) ପାଚକ, ରନ୍ଧନକାରୀ ।

ସୂମ, ବି ନ. ( ସୂ-ମ ) କ୍ଷୀର, ଦୁଗ୍ଧ, ଜଳ, ଆକାଶ । ବି°. ଗୃହ ।

ସୂର, ବି. ପୁଂ. (ସୂ-ର) ସୂର୍ଯ୍ୟ, ପଣ୍ଡିତ, ସ୍ୱାମୀ, ବର୍ତ୍ତମାନ କଳ୍ପରେ ସପ୍ତଦଶ ଜୈନଙ୍କ ପିତା ।

ସୂରତ, ବି°. ( ସୂ-ରମ୍-ତ ) କୃପାଳୁ, ସ୍ଥିର, ଶାନ୍ତସ୍ୱ । (ଦେଶଜ) ଅତ୍ୟନ୍ତ ରୂପକାରକ ।

ସୂରସୂତ, ବି. ପୁଂ. ( ସୂର-ସୂତ ) ସୂର୍ଯ୍ୟସାରଥି, ଅରୁଣ ।

ସୂରି, ବି. ପୁଂ. (ସୂ-ରି) କବି, ପଣ୍ଡିତ, ବିଦ୍ୱାନ୍, କୃଷ୍ଣ, ଜୈନଗୁରୁଙ୍କ ସାଧାରଣ ଉପାଧି, ସୂର୍ଯ୍ୟ ।

ସୂରୀ, ବି°. ( ସୂରି-ଇନ୍ ) ପଣ୍ଡିତ, ସ୍ୱାମୀ, ବିଚକ୍ଷଣ, ବିଦ୍ୱାନ୍ ।

ସୁର୍କି, ବି. ଇଟାଦିର ଗୁଣ୍ଡି ।

ସୂର୍ପ, ବି. ପୁଂ. ନ. ( ସୂର୍ପ୍-ଅ ) ତଣ୍ଡୁଳାଦି ପରିଷ୍କରଣ ପାତ୍ର, କୁଲା, ପରିମାଣବିଶେଷ ।

ସୂର୍ପଣଖା, ବି. ସ୍ତ୍ରୀ. ( ସୂର୍ପ-ନଖ ) ରାବଣର ଭଗିନୀ ।

ସୂର୍ଯ୍ୟ, ବି. ପୁଂ. ( ସୃ-ଯ ) ଦିବାକର, ଆଦିତ୍ୟ, ବାଲିର ପୁତ୍ର, ଅଙ୍ଗଦ ।

ସୂର୍ଯ୍ୟକାନ୍ତ, ବି. ପୁଂ. ( ସୂର୍ଯ୍ୟ-କାନ୍ତ ) ମଣି-ବିଶେଷ, କାଚମଣି, ଆତସ୍‌ମଣି, ସୂର୍ଯ୍ୟ-ସ୍ତବଣ ।

ସୂର୍ଯ୍ୟଜ, ସୂର୍ଯ୍ୟତନୟ } ବି. ପୁଂ. ( ସୂର୍ଯ୍ୟ-ଜ, ତନୟ ) ଯମ, ଶନିଗ୍ରହ, ମନୁବିଶେଷ, ସୁଗ୍ରୀବ, ବାଲୀ, କର୍ଣ୍ଣ । ଯା, ସ୍ତ୍ରୀ. ଯମୁନା ।

ସୂର୍ଯ୍ୟମଣି, ସୂର୍ଯ୍ୟାଶ୍ମା } ବି. ପୁଂ. ( ସୂର୍ଯ୍ୟ-ମଣି, ଅଶ୍ମନ୍ ) ସୂର୍ଯ୍ୟକାନ୍ତମଣି, ପୁଷ୍ପବୃକ୍ଷବିଶେଷ ।

ସୂର୍ଯ୍ୟମୁଖୀ, ବି. ସ୍ତ୍ରୀ ପୁଷ୍ପବିଶେଷ ।

ସୂର୍ଯ୍ୟା, ବି. ସ୍ତ୍ରୀ. ( ସୂର୍ଯ୍ୟ-ଆ ) ସୂର୍ଯ୍ୟପତ୍ନୀ, ନବୋଢ଼ା, ଔଷଧଦ୍ରବ୍ୟବିଶେଷ, ଭକ୍ତ ଲତା ।

ସୂର୍ଯ୍ୟେନ୍ଦୁସଙ୍ଗମ, ବି. ପୁଂ. ( ସୂର୍ଯ୍ୟ-ଇନ୍ଦୁ-ସଙ୍ଗମ) ଅମାବସ୍ୟା ।

ସୃକ, ବି. ପୁଂ. ( ସୃ-କ ) କୁମୁଦ, ପଦ୍ମ, ବାଣ, ବାୟୁ ।

ସୃକାଳ, ସୃଗାଳ } ବି. ପୁଂ. ( ଶୃକାଳ ଦେଖ ) ଶିଆଳ ।

ସୃଜନ, ବି. ନ. ( ସୃଜ୍-ଅନ ) ସୃଷ୍ଟି, ନିର୍ମାଣ, ବର୍ଷଣ ।

ସୃଣି, ପୁଂ. ସ୍ତ୍ରୀ., ସୃଣୀ, ସ୍ତ୍ରୀ. } ବି (ସୃ-ନକ୍) ଶତ୍ରୁ, ଅଙ୍କୁଶ, ହସ୍ତିଶାସନାସ୍ତ୍ର ।

ସୃଣିକା, ସୃଣୀକା } ବି. ସ୍ତ୍ରୀ. ( ସୃ-ନି-କ ) ଲାଳ, ମୁଖର ଜଳ ।

ସୃତ, ବି°. (ସୃ-ତ) ଗତ, ବିଗତ ।

ସୃତି, ବି. ସ୍ତ୍ରୀ. (ସୃ-ତି) ଗତି, ଗମନ, ଆଘାତ-କରଣ, ଖଣ୍ଡକରଣ, ବର୍ତ୍ମ, ପଥ ।

ସୃପ୍ର, ବି. ପୁଂ (ସୃପ୍-ର) ଚନ୍ଦ୍ର, ନିଶାକର ।

ସୃଷ୍ଟ, ବି°. ( ସୃଜ୍-ତ ) ରଚିତ, ନିର୍ମିତ, କୃତ, ଯୁକ୍ତ, ମିଳିତ, ପରିତ୍ୟକ୍ତ, ଭୂଷିତ, ଅଧିକ, ନିର୍ଣ୍ଣୀତ ।

ସୃଷ୍ଟି, ବି ସ୍ତ୍ରୀ. ( ସୃଜ୍-ତି ) ନିର୍ମାଣ, ରଚନା, ସ୍ୱଭାବ, ଜଗତ, ଶିଳ୍ପ ।

ସୃଷ୍ଟିକର୍ତ୍ତା, ବି. ପୁଂ. ( ସୃଷ୍ଟି-କର୍ତ୍ତୃ ) ପରମେଶ୍ୱର, ବ୍ରହ୍ମା ।

ସେ, ସ°. ( "ସଃ" ଏହି ପଦଜାତ ) ବୁଦ୍ଧିସ୍ଥ ବ୍ୟକ୍ତି, ତଦ୍ ଶବ୍ଦର ତୃତୀୟ ପୁରୁଷ ଏକ ବଚନ ।

ସେଇ, ସେହି } ସ°. ( "ସଃ" ଇ = ଏବ ଶବ୍ଦଜ ) ସେ, ଅନନ୍ୟ, ତାହାହିଁ ।

ସେଉଳ, ବି. (ଦେଶଜ) ମତ୍ସ୍ୟବିଶେଷ ।

ସେକ, ବି. ପୁଂ. (ସିଚ୍-ଅ) ସେଚନ, ଜଳପ୍ରକ୍ଷେପ, ଆର୍ଦ୍ରୀକରଣ, ଭିଜାଇବା, ( ଦେଶଜ ) କଲ୍ପପ୍ରକରଣ ।

ସେକା, ବ. ବଂ. ସେକବା । ଯଥା—ସେକା ରୁଟି ।

ସେକ୍ତା, ବଂ. ( ସିଚ୍-ତୃ ) ସେଚନକର୍ତ୍ତା । ବ. ପୁଂ. ଭର୍ତ୍ତା, ସ୍ୱାମୀ ।

ସେକିବା, କ୍ରି. ( ଦେଶଜ ) ଅଗ୍ନିରେ ଉତ୍ତପ୍ତ କରିବା ।

ସେଚକ, ବ. ପୁଂ. ( ସିଚ୍-ଅକ ) ମେଘ । ବଂ. ସେଚନକାରୀ ।

ସେଚନ, ବ. ନ. ( ସିଚ୍-ଅନ ) ସେକ, ଉକ୍ଷଣ, କ୍ଷରଣ, ଆର୍ଦ୍ରୀକରଣ ।

ସେଚନୀ, ବ. ସ୍ତ୍ରୀ. ଜଳକ୍ଷେପଣପାତ୍ର,ସେକପାତ୍ର ।

ସେଣା, ବ. ( ଦେଶଜ ) ଶସ୍ୟକ୍ଷେତ୍ରକୁ ପାଣି ବୋହିବାର ବାଉଁଶନିର୍ମିତ ପାତ୍ରବିଶେଷ ।

ସେଣିକି, ଅଂ. ସେଆଡ଼କୁ ।

ସେତଖାନା, ବ. (ଦେଶଜ) ପାଇଖାନା ।

ସେତାର, ବ. (ଯାବନିକ) ବାଦ୍ୟଯନ୍ତ୍ରବିଶେଷ ।

ସେତିକା, ବ. ସ୍ତ୍ରୀ. ଅଯୋଧ୍ୟା ।

ସେତୁ, ବ. ପୁଂ. ( ସି ତୁ ) ଜଳବନ୍ଧ,କ୍ଷେତ୍ରାଦିର ଆଡ଼ି, ପୋଲ ।

ସେତୁବନ୍ଧ, ବ. ପୁଂ. (ସେତୁ-ବନ୍ଧ) ଭାରତବର୍ଷର ଦକ୍ଷିଣପ୍ରାନ୍ତରୁ ଲଙ୍କାଦ୍ୱୀପ ପର୍ଯ୍ୟନ୍ତ ଶ୍ରେଣୀବଦ୍ଧ ପର୍ବତଶ୍ରେଣୀ । କଥିତ ଅଛି—ହନୁମାନ୍ ରାମଚନ୍ଦ୍ରଙ୍କର ଆଜ୍ଞାରେ ଏହି ସେତୁ ବନ୍ଧନ କରିଥିଲେ, ପୋଲ ।

ସେନା, ବ. ସ୍ତ୍ରୀ. (ସ-ଇନ୍-ଆ) ସୈନ୍ୟ, ସୈନ୍ୟ-ଦଳ ।

ସେନାଙ୍ଗ, ବ. ନ. (ସେନା-ଅଙ୍ଗ) ସୈନ୍ୟଦଳର ଅବୟବ, ହସ୍ତୀ, ଅଶ୍ୱ, ରଥ, ପଦାତି ଏହି ଚାରି ।

ସେନାନିବେଶ, ବ. ପୁଂ. ଶିବିର, ଛାଉଣି ।

ସେନାନୀ } ବ. ପୁଂ. (ସେନା-ନୀ-କ୍ୱିପ୍, ପତି)
ସେନାପତି } ସୈନ୍ୟାଧ୍ୟକ୍ଷ,କାର୍ତ୍ତିକେୟ ।

ସେପରି, ଅଂ. ସେପ୍ରକାର ।

ସେର, ବ. ଚାରି ପାଅ ବା ୧୬ ଛଟାଙ୍କି ପରିମାଣ ।

ସେରନ୍ଧ୍ରା, ବଂ. (ଦେଶଜ) ସନ୍ଦେହରେ ଗ୍ଳାନିତ ପାଳିତ, ଗେହ୍ଲା ।

ସେବ, ବ. ପୁଂ. (ସେବ୍-ଅ) ସେବା ।

ସେବକ, ବଂ. (ସେବ୍-ଅକ) ପରିଚାରକ, ଦାସ, ଭୃତ୍ୟ, ସେବାକାରୀ, ଅନୁଗାମୀ । (ସିବ୍-ଅକ) ସୀବନକର୍ତ୍ତା, ଦରଜି ପ୍ରଭୃତି ।

ସେବତୀ, ବ. ସ୍ତ୍ରୀ. ( ଦେଶଜ ) ପୀତବର୍ଣ୍ଣ ପୁଷ୍ପ-ବିଶେଷ ।

ସେବନ, ବ. ନ. (ସେବ୍-ଅନ) ସେବା, ଉପାସନା, ଆରାଧନା, ଉପଭୋଗ, ସୀବନ, ସିଲାଇ ।

ସେବନା, ବ ସ୍ତ୍ରୀ. ଉପାସନା ।

ସେବନୀ, ବ. ସ୍ତ୍ରୀ ସୂଚୀ, ଛୁଞ୍ଚ ।

ସେବା, ବ. ସ୍ତ୍ରୀ. ( ସେବ୍-ଆ ) ପରିଚର୍ଯ୍ୟା, ଶୁଶ୍ରୂଷା, ଉପଭୋଗ, ଆଶ୍ରୟ, ଉପାସନା ।

ସେବାଇତ, ବ. (ସେବ୍ ଧାତୁଜ) ସେବାକାରୀ, ଯୋବା ଭଣ୍ଡାର ଆଦି ।

ସେବିତ, ବଂ. (ସେବ୍-ତ) ଉପାସିତ, ଆରାଧିତ, ଉପଭୁକ୍ତ, ଆଶ୍ରିତ, ରକ୍ଷିତ, ଅଭ୍ୟସ୍ତ, ବ୍ୟବହୃତ ।

ସେବ୍ୟ, ବଂ. (ସେବ୍-ଯ) ସେବନୀୟ, ଆରାଧ୍ୟ, ଉପାସ୍ୟ, ଅଭ୍ୟାସ, ଅନୁଶୀଳନ ବା ବ୍ୟବହାର କରିବାର ଉପଯୁକ୍ତ, ଯତ୍ନ କରିବାର ଯୋଗ୍ୟ । ବ. ନ. ବେଣାମୂଳ ।

ସେବ୍ୟମାନ, ବଂ. ( ସେବ୍-ଅନ ) ଆରାଧମାନ, ଯାହାକୁ ସେବା କରାଯାଏ ।

ସେହି }
ସେହୁ } ସଂ. (ତଦ୍ ଶବ୍ଦଜ) ସେ, ସେଇ ।

ସେଝା, ବ. (ଦେଶଜ) ସାଞ୍ଜୁ, ବର୍ମ । ଯଥା—

> ଅସନ୍ତ ଅସୂସୀ ସେଝା ସନ୍ନଦ୍ଧ ଶରୀରେ,
> ଧୂପଶଣ୍ଡାଧାରୀ, ଚଣ୍ଡରୂପୂ ଦଣ୍ଡଧାରୀ । ମ. ଯା.

ସୋଠା, ବ. (ଦେଶଜ) ଅନତିହ୍ରସ୍ୱ ମୋଟ ଯଷ୍ଟି, ଠେଙ୍ଗା ।

ସୈକତ, ବି. ନ. (ସିକତା-ଅ)ପୁଳିନ, ବାଲୁକା-ମୟ ତଟ । ବିଂ. ବାଲୁକାମୟ (ସ୍ଥାନ), ବାଲିମୟ ।

ସୈକତିକ, ବି. ପୁଂ. (ସିକତା-ଇକ) ସନ୍ନ୍ୟାସୀ, କ୍ଷପଣକ । ନ. ମଙ୍ଗଳସୂତ୍ର । ବିଂ. ସନ୍ଦେହ-ଜୀବୀ, ଭ୍ରମଜୀବୀ ।

ସୈନାପତ୍ୟ, ବି. ନ. ସେନାପତିର କର୍ମ ବା ପଦ । ବିଂ. ସେନାପତିସମ୍ବନ୍ଧୀୟ ।

ସୈନିକ, ବି. ପୁଂ. (ସେନା-ଇକ) ପ୍ରହରୀ, ସେନାଭୁକ୍ତ ବ୍ୟକ୍ତି, ସିପାହୀ, ସେନାଶ୍ରେଣୀ, ସେନାରକ୍ଷକ, ସେନାସମବେତ, ମିଳିତ ହସ୍ତ୍ୟଶ୍ୱରଥପଦାତି, ସେନାଭୁକ୍ତ ପୁରୁଷାଦି । ବିଂ. ସେନାସମ୍ବନ୍ଧୀୟ ।

ସୈନ୍ଧବ, ବି. ପୁଂ. (ସିନ୍ଧୁ-ଅ) ଅଶ୍ୱ, ଘୋଟକ । ପୁଂ. ନ. ସମୁଦ୍ରଜାତ ଲବଣ । ବିଂ. ସିନ୍ଧୁ-ଦେଶୀୟ, ସମୁଦ୍ରଜାତ ।

ସୈନ୍ୟ, ବି.ନ. (ସେନା-ଯ) ଶ୍ରେଣୀବଦ୍ଧ ଯୋଦ୍ଧା, ମୌଳ ଭୃତ୍ୟ ସୁହୃତ୍ ଶ୍ରେଣୀ ଦ୍ୱିଷତ୍ ବନ୍ୟ ଏହି ଛଅ ପ୍ରକାର । ପୁଂ. ସେନାସମବେତ, ଅସ୍ତ୍ରଧାରୀ ସିପାହୀ ।

ସୈମନ୍ତିକ, ବି. ନ. (ସୀମନ୍ତ-ଇକ) ସିନ୍ଦୂର ।

ସୈରିକ, ବି. ପୁଂ. (ସୀର-ଇକ) ଲାଙ୍ଗଳିକ, ଲାଙ୍ଗଳଧାରୀ, କୃଷକ, ହଳ ବଳଦ । ବିଂ. ଲାଙ୍ଗଳସମ୍ବନ୍ଧୀୟ ।

ସୈରନ୍ଧ୍ରୀ } ବି. ସ୍ତ୍ରୀ. (ସୀର-ଧ-ଅ, ଈ)
ସୈରିନ୍ଧ୍ରୀ } ପରବେଶ୍ମସ୍ଥା ଶିଳ୍ପକାରିଣୀ, ପର-ଗୃହସ୍ଥିତ ସ୍ୱବଶା ଶିଳ୍ପକାରିଣୀ, ଦ୍ରୌପଦୀ, ଏ ବିରାଟ ରାଜାଙ୍କ ଭବନରେ ଏକ ବର୍ଷକାଳ ସୈରନ୍ଧ୍ରୀର କାର୍ଯ୍ୟ କରିଥିଲେ, ସେହି ଦିନ-ଠାରୁ ଏହାଙ୍କର ନାମ ସୈରନ୍ଧ୍ରୀ ହୋଇ-ଅଛି ।

ସୈବାଳ, ବି. ନ. (ସେବା-ଅଲ୍-ଅ) ଶୈବାଳ, ଚିଉଳି ।

ସୋଜା, ବିଂ. (ଦେଶଜ) ସରଳ, ଅବକ୍ର, ଅକୁଟିଳ ।

ସୋତ୍କଣ୍ଠ, ବିଂ. (ସ-ଉତ୍କଣ୍ଠା) ଉତ୍କଣ୍ଠାଯୁକ୍ତ, ଉଦ୍‌ବିଗ୍ନ, ଶୋକକାରୀ ।

ସୋଡ଼ା, ବି. ସୋରା, ଯବକ୍ଷାର ।

ସୋଡୁଅ, ବି. (ଦେଶଜ) ଶସ୍ୟାଦିକୁ ପାଣି ବହିବାର ନୌକାକାର ପାତ୍ର ।

ସୋଦର } ବି. ପୁଂ. (ସ-ଉଦର, ଯ) ଏକ-
ସୋଦର୍ଯ୍ୟ } ଗର୍ଭଜ ଭ୍ରାତା, ଭାଇ ।

ସୋଦରା } ବି. ସ୍ତ୍ରୀ. (ସୋଦର-ଆ, ଯ, ଆ)
ସୌଦର୍ଯ୍ୟା } ଏକଗର୍ଭଜା ଭଗିନୀ ।

ସୋପାନ, ବି. ନ. (ସ-ଉପାନ) ଆରୋହଣୀ, ଶିଢ଼ି ।

ସୋମ, ବି. ପୁଂ. (ସୁ-ମ) ଚନ୍ଦ୍ର, କୁବେର, ଯମ, ବାୟୁ, ବସୁବିଶେଷ, କର୍ପୂର, ଜଳ, ଅମୃତ, ପର୍ବତ, ବାନରବିଶେଷ, ଯଜ୍ଞରେ ପ୍ରସ୍ତୁତ ରସବିଶେଷ, ସୋମଲତାର ରସ । (ସ-ଉମା) ଶିବ ।

ସୋମଗର୍ଭ, ବି. ପୁଂ. (ସୋମ-ଗର୍ଭ) ବିଷ୍ଣୁ, ନାରାୟଣ ।

ସୋମଜ, ବି. ନ. (ସୋମ-ଜନ୍-ଅ) ଦୁଗ୍ଧ, ଗଜ, ଦୁଧ ।

ସୋମତୀର୍ଥ, ବି. ପୁଂ. (ସୋମ-ତୀର୍ଥ)ଭାରତବର୍ଷର ପଶ୍ଚିମ ପ୍ରଦେଶସ୍ଥ ପୁଣ୍ୟସ୍ଥାନବିଶେଷ, ପ୍ରଭାସ-ତୀର୍ଥ ।

ସୋମବନ୍ଧୁ, ବି. ନ. (ସୋମ-ବନ୍ଧୁ) ଜଳଜ ପୁଷ୍ପବିଶେଷ, କୁମୁଦ । ପୁଂ. ସୂର୍ଯ୍ୟ ।

ସୋମଯାଜୀ, ବି. ପୁଂ. (ସୋମ-ଯଜ୍-ଇନ୍) ସୋମ ଯାଗକର୍ତ୍ତା ।

ସୋମରାଜୀ, ବି. ପୁଂ. (ସୋମ-ରାଜ୍-ଇନ୍)ଔଷଧି-ବିଶେଷ, ସୋମରାଜଗଛ ।

ସୋମଲତା } ବି ସ୍ତ୍ରୀ. (ସୋମ-ଲତା, ଲତିକା)
ସୋମଲତିକା } ସ୍ୱନାମପ୍ରସିଦ୍ଧ ଲତାବିଶେଷ ।

ସୋମବଲ୍କ, ବି. ପୁଂ. (ସୋମ-ବଲ୍କ)ଶ୍ୱେତଖଦିର ।

ସୋମବାର, ବି. ଦ୍ୱିତୀୟ ବାର ।

ସୋମସଂଜ୍ଞ, ବି. ନ. (ସୋମ-ସଂଜ୍ଞା) କର୍ପୂର ।

ସୋମସୂତା, ବ. ସ୍ତ୍ରୀ. ( ସୋମ-ସୂତା ) ରେବା, ନର୍ମଦା ନଦୀ ।

ସୋରୀ, ବି. ଯବକ୍ଷାର, ଏକ ଏକ ରେଖାରେ ଅଙ୍କିତ ଫଳାଦିର ଅଂଶ ।

ସୋରଷ, ବ. (ସର୍ଷପ ଶବ୍ଦଜ) ସର୍ଷପ ।

ସୋହାଗ, ବଂ. ( ସୌଭାଗ୍ୟ ଶବ୍ଦଜ ) ଅତି ସ୍ନେହ, ଅତ୍ୟାଦର ।

ସୋହାଗା, ବି. (ଦେଶଜ) ଠାଙ୍ଗଣା ।

ସୌକୁମାର୍ଯ୍ୟ, ବ. ନ. (ସୁକୁମାର-ଯ) ସୁକୁମାରତା, ମାର୍ଦ୍ଦବ, କୋମଳତା, ଯୌବନ ।

ସୌଖୀନ, ବଂ. (ସୁଖ-ଇନ) ସୁଖେଚ୍ଛୁ, ବିଳାସୀ ।

ସୌଖ୍ୟ, ବି. ନ. (ସୁଖ-ଯ) ସୁଖ, ସୁଖସନ୍ତାନ, ସୁଖଧାରା, ସୁଖବସ୍ତୁତି ।

ସୌଗତ, ବୁ. ପୁଂ. ( ସୁଗତ-ଅ ) ବୌଦ୍ଧ, ନାସ୍ତିକ ।

ସୌଗତିକ, ବ. ପୁଂ. ( ସୁଗତ-ଇକ ) ବୌଦ୍ଧ ସନ୍ନ୍ୟାସୀ, ସନ୍ନ୍ୟାସୀ, ବ୍ରାହ୍ମଣ, ସନ୍ଦେହ, ଈଶ୍ୱରଙ୍କଠାରେ ଅବିଶ୍ୱାସ, ନାସ୍ତିକ ।

ସୌଗନ୍ଧ } ବି. ନ. (ସୁଗନ୍ଧ-ଅ, ଯ) ସୁଗନ୍ଧ,
ସୌଗନ୍ଧ୍ୟ } ସୌରଭ ।

ସୌଗନ୍ଧିକ, ବି. ନ. (ସୁଗନ୍ଧ-ଇକ) ନୀଳୋତ୍ପଳ, କହ୍ଲାର, ପଦ୍ମରାଗମଣି । ପୁଂ. ଗନ୍ଧକ, ସୁଗନ୍ଧ ଦ୍ରବ୍ୟବ୍ୟବସାୟୀ, ଗନ୍ଧବଣିକ୍ ।

ସୌଜନ୍ୟ, ବି. ନ. ( ସୁଜନ-ଯ ) ସୁଜନତା, ସାଧୁତା, ଭଦ୍ରତା, ସଦ୍‌ବ୍ୟବହାର ।

ସୌଦାମନୀ } ବ. ସ୍ତ୍ରୀ. ( ସୁଦାମନ୍-ଈ) ତଡ଼ିତ୍,
ସୌଦାମିନୀ } ବିଦ୍ୟୁତ୍, ଅପ୍‌ସରାବିଶେଷ । (ବିଦ୍ୟୁତ୍ ଅର୍ଥରେ) ଯଥା—

ସ୍ଥିରବ ସୌଦାମିନୀ ନବେ ଉଜ୍ଜ୍ୱଳେ,
ଚମକ ଗର୍ଜ୍ଜନେଶୀ ଗର୍ଜ୍ଜିବ ଭଲେ । ମେ, ଦୂ.

ସୌଧ, ବ. ପୁଂ. ନ. ( ସୁଧା-ଅ ) ରାଜସଦନ, ପ୍ରାସାଦ, ଇଷ୍ଟକ.ଦିନିର୍ମିତ ଭବନ, ହର୍ମ୍ୟ, କୋଠାଘର, ସୁଧାଧବଳିତ ଗୃହ । ବଂ. ସୁଧାସିକ୍ତ ।

ସୌନ୍ଦର୍ଯ୍ୟ, ବି. ନ. ( ସୁନ୍ଦର-ଯ ) ସୁନ୍ଦରତା, ରୂପ, ସୁଶ୍ରୀକତା ।

ସୌପର୍ଣ୍ଣ, ବ. ନ. (ସୁପର୍ଣ୍ଣ-ଅ) ଗରୁଡ଼, ମରକତ ମଣି । ବଂ. ସୁପର୍ଣ୍ଣ ସମ୍ବନ୍ଧୀୟ ।

ସୌପ୍ତିକ, ବ. ନ. (ସୁପ୍ତ-ଇକ) ମହାଭାରତର ପର୍ବବିଶେଷ, ରାତ୍ରିଯୁଦ୍ଧ, ନିଶାରଣ । ବଂ. ସୁପ୍ତିସମ୍ବନ୍ଧୀୟ ।

ସୌଭ, ବ. ନ. ହରିଶ୍ଚନ୍ଦ୍ର ରାଜାଙ୍କ ପୁରୀ । ପୁଂ. ରାଜାବିଶେଷ ।

ସୌଭାଗ୍ୟ, ବ. ନ. ( ସୁଭଗ-ଯ ) ଶୁଭାଦୃଷ୍ଟ, ଯୋଗବିଶେଷ, ମନୋହରତ୍ୱ, ସୌନ୍ଦର୍ଯ୍ୟ, ବଲ୍ଲଭତ୍ୱ, ସୁଭଗତ୍ୱ, ପ୍ରିୟତ୍ୱ, ରକ୍ତସୀସକ । ପୁଂ. ଯୋଗବିଶେଷ ।

ସୌମନସ୍ୟ, ବି. ନ. ( ସୁମନସ୍-ଯ ) ପ୍ରୀତି, ପ୍ରସନ୍ନତା ।

ସୌମିତ୍ର } ବି. ପୁଂ. ( ସୁମିତ୍ରା-ଅ, ଇ )
ସୌମିତ୍ରି } ସୁମିତ୍ରାପୁତ୍ର, ଲକ୍ଷ୍ମଣ, ଶତ୍ରୁଘ୍ନ ।

ସୌମେଧିକ, ବ. ପୁଂ. ( ସୁମେଧା-ଇକ ) ସିଦ୍ଧ, ମୁନି ପ୍ରଭୃତି, ଯାହାର ଦିବ୍ୟଜ୍ଞାନ ଅଛି । ବଂ. ଉତ୍ତମ ମେଧାବିଶିଷ୍ଟ ।

ସୌମ୍ୟ, ବ. ପୁଂ. ( ସୋମ-ଯ ) ସୋମର ପୁତ୍ର, ବୁଧଗ୍ରହ, ବିପ୍ର, ଜଗତର ଏକଖଣ୍ଡବିଶେଷ । ବଂ. ସୁନ୍ଦର, ମନୋଜ୍ଞ, ସୁଦୃଶ୍ୟ, ପ୍ରସନ୍ନ, ସାଧୁ, ସୋମଦୈବତ, ଶାନ୍ତମୂର୍ତ୍ତି ।

ସୌର, ବ. ପୁଂ (ସୁର-ଅ) ଶନି, ଯମ, ମନୁବିଶେଷ, ବାଲୀ, ସୁଗ୍ରୀବ, କର୍ଣ୍ଣ, ସୂର୍ଯ୍ୟର ଉପାସକ । ବଂ. ସୂର୍ଯ୍ୟସମ୍ବନ୍ଧୀୟ ।

ସୌରଜଗତ୍, (Solar System) ଏକ ସୂର୍ଯ୍ୟ ଓ ତାହାଙ୍କ ଚତୁର୍ଦ୍ଦିଗରେ ପରିଭ୍ରମଣକାରୀ ଗ୍ରହଗଣ ଏବଂ ସେମାନଙ୍କର ପାରିପାର୍ଶ୍ୱିକ ଏହି ସମୁଦାୟ ।

ସୌରଭ, ବି. ନ. (ସୁରଭି-ଅ) କୁଙ୍କୁମ, ସୁଗନ୍ଧି, ସୌନ୍ଦର୍ଯ୍ୟ, କୁଳୁରବିଶେଷ ।

ସୌରଭ୍ୟ, ବି. ନ. ( ସୁରଭି-ଯ ) ସୁଗନ୍ଧ, ସୌନ୍ଦର୍ଯ୍ୟ, କୁଙ୍କୁମବିଶେଷ, କୁଙ୍କୁମ । ପୁଂ. କୁବେର ।

ସୌରମାସ, ବି. ପୁଂ. (ସୌର-ମାସ) ସୂର୍ଯ୍ୟର ଏକ ରାଶିରେ ଥିବା କାଳ ।

ସୌରସେନ, ବି. ପୁଂ. ସ୍କନ୍ଦ, କାର୍ତ୍ତିକେୟ ।

ସୌରାଷ୍ଟ୍ର, ବି. ପୁଂ. (ସୁରାଷ୍ଟ୍ର-ଅ) ଦେଶବିଶେଷ, ସୁରାଟ୍ ଦେଶ । ପୁଂ. ତଦ୍ଦେଶୀୟ ଲୋକ । ନ କାଂସ୍ୟ ।

ସୌରି, ବି. ପୁଂ. ( ସୂର ଇ ) ଶନୈଶ୍ଚର, ଯମ, ଅସନବୃକ୍ଷ, (ସୂର ଇ) କୃଷ୍ଣ । ବିଂ. ସୂର୍ଯ୍ୟ-ସମ୍ବନ୍ଧୀୟ ।

ସୌବସ୍ତିକ, ବି. ପୁଂ. (ସ୍ୱସ୍ତି-ଇକ) ପୁରୋହିତ । ବିଂ. ସ୍ୱସ୍ତିବାଚକ, ମଙ୍ଗଳବାଚକ,ହିତଜନକ ।

ସୌବର୍ଚ୍ଚଳ, ବି.ନ. (ସୁବର୍ଚ୍ଚଳ=ଦେଶବିଶେଷ-ଅ) ଲବଣବିଶେଷ,ସଚଳଲବଣ,କ୍ଷାର, ସୋରା ।

ସୌଷ୍ଠବ, ବି. ନ. ( ସୁଷ୍ଠୁ-ଅ ) ସୌନ୍ଦର୍ଯ୍ୟ, ଉତ୍କର୍ଷ, ଆଧିକ୍ୟ, ପ୍ରାଚୁର୍ଯ୍ୟ, ନାଟକର ଅଂଶ-ବିଶେଷ, ଲଘୁତା, କ୍ଷିପ୍ରତା ।

ସୌସାଦୃଶ୍ୟ, ବି. ନ. ( ସୁ-ସଦୃଶ-ଯ ) ଉତ୍ତମ ସାଦୃଶ୍ୟ, ମେଳ ।

ସୌହାର୍ଦ୍ଦ, ସୌହାର୍ଦ୍ଦ୍ୟ, ସୌହୃଦ, ସୌହୃଦ୍ୟ } ବି. ନ. ( ସୁହୃଦ୍-ଅ, ଯ ) ସଖ୍ୟ, ପ୍ରଣୟ, ବନ୍ଧୁତା, ସୌଜନ୍ୟ ।

ସ୍କନ୍ଦ, ବି. ପୁଂ. ( ସ୍କନ୍ଦ୍-ଅ ) କାର୍ତ୍ତିକେୟ, ଷଡ଼ା-ନନ, ନଦୀତଟ, ରାଜା, ବିଦ୍ୱାନ୍ ଦକ୍ଷ ।

ସ୍କନ୍ଧ, ବି. ପୁଂ. (କ-ଧା-ଅ)ଅଂସ, କନ୍ଧର, କାନ୍ଧ, ଶରୀର, ବ୍ୟୂହ, ସୈନ୍ୟରଚନା, ମୂଳଠାରୁ ଶାଖାନିର୍ଗମସ୍ଥାନ ପର୍ଯ୍ୟନ୍ତ ବୃକ୍ଷଭାଗ, ସୈନ୍ୟା-ଧକ୍ଷ, ଯୁଦ୍ଧ, ସମୂହ, ପଥ, ନୃପତି, ରାଜା, ଅଭିଷେକ ସାମଗ୍ରୀ, ସେନାବିଭାଗ, ବକ, ବିକ୍ରି, ନିର୍ଦ୍ଦିଷ୍ଟକାର୍ଯ୍ୟ,ବିଙ୍କ, ପ୍ରାଚୀନ ମନୁଷ୍ୟ,ପଣ୍ଡିତ, ଶିକ୍ଷକ, କକୁଦ୍, ଶମ୍ବୂକ ଚୂଳ, ପଞ୍ଚ ଇନ୍ଦ୍ରିୟର ପଞ୍ଚବିଷୟ ରସ ଗନ୍ଧାଦି, ଛନ୍ଦୋବିଶେଷ, ଗ୍ରନ୍ଥପରିଚ୍ଛେଦ, ଗ୍ରନ୍ଥର ଅଧ୍ୟାୟ,ବୌଦ୍ଧମତରେ ଜ୍ଞାନର ୫ ଅଂଶ, ବିଷୟପ୍ରପଞ୍ଚରୂପସ୍କନ୍ଧ, ବିଷୟଜ୍ଞାନପ୍ରପଞ୍ଚ ବେଦନାସ୍କନ୍ଧ, ଆଳୟ-ବିଜ୍ଞାନପ୍ରପଞ୍ଚ ବିଜ୍ଞାନସ୍କନ୍ଧ, ନାମ ପ୍ରପଞ୍ଚ ସଂଜ୍ଞାସ୍କନ୍ଧ, ବାସନାପ୍ରପଞ୍ଚ ସଂସ୍କାରସ୍କନ୍ଧ ।

ସ୍କନ୍ଧଦେଶ, ବି. ପୁଂ. ( ସ୍କନ୍ଧ-ଦେଶ ) ଅଂସ, କନ୍ଧର, କାନ୍ଧ, ହସ୍ତିସ୍କନ୍ଧ, ଯେଉଁ ସ୍ଥାନରେ ହସ୍ତିପକ ଉପବେଶନ କରେ ।

ସ୍କନ୍ଧରୁହ, ବି. ପୁଂ. (ସ୍କନ୍ଧ-ରୁହ) ବଟବୃକ୍ଷ ।

ସ୍କନ୍ଧାବାର, ବି. ପୁଂ. ( ସ୍କନ୍ଧ-ଆ ବୃ-ଅ ) ରାଜାଙ୍କ ଶରୀରରକ୍ଷକ ସେନା, ତମ୍ବୁ, ଶିବିର, ଛାଉଣି । ଯଥା—

—ବସନ୍ତିଛେ ତାର,
ଗ୍ରୈରଗଣଙ୍କର ଶୋଭେ ସ୍କନ୍ଧାବାର । ନ. ବେ.

ସ୍କୁଲ, ବି. ( ଇଂ-School) ବିଦ୍ୟାଳୟ, ପାଠଶାଳା ।

ସ୍ଖଳନ, ବି. ନ. ( ସ୍ଖଲ୍-ଅନ ) ଧର୍ମରୁ ପତନ, ଭ୍ରଂଶ, ପତନ, ମୋଚନ, ଧକ୍କା, ଭ୍ରମ ହେବା, ବିକଳ ହେବା, ବାକ୍ୟର ଅର୍ଦ୍ଧ ଉଚ୍ଚାରଣ, ବିକୃତି, ଭ୍ରମବଶତଃ ଅନଭିପ୍ରେତ ବାକ୍ୟକଥନ, ଆଘାତଦ୍ୱାରା ଗୃଙ୍ଖଳା, ସ୍ଥାନଚ୍ୟୁତି ।

ସ୍ଖଳିତ, ବି. ନ. ( ସ୍ଖଲ୍-ତ ) ସ୍ଖଳନ, ପତନ, ଯୁଦ୍ଧରେ କୂଟ ପ୍ରୟୋଗ । ବିଂ. ପତିତ,ଚ୍ୟୁତ, ଭ୍ରଷ୍ଟ, ଗତ, ଚଳିତ, ବିଚଳିତ, କୁଣ୍ଠିତ, ଅର୍ଦ୍ଧୋଚ୍ଚାରିତ, ପ୍ରତିହତ, ବିକୃତ, ମତ୍ତ ।

ସ୍ତନ, ବି. ପୁଂ. (ସ୍ତନ୍-ଅ) ବକ୍ଷୋଜ, ପୟୋଧର, କୁଚ ।

ସ୍ତନନ୍ଧୟ, ସ୍ତନପ } ବି. ପୁଂ. ( ସ୍ତନ-ଧେ-ଅ, ସ୍ତନ-ପା-ଅ) ସ୍ତନ୍ୟପାୟୀ, ଅତିଶିଶୁ ।

ସ୍ତନୟିତ୍ନୁ, ବି. ପୁଂ. ( ସ୍ତନ୍-ଣିଚ୍-ଇତ୍ନୁ,ଶୀଳାଦ୍ୟର୍ଥେ ) ମେଘ, ବିଦ୍ୟୁତ୍, ମସ୍ତକ, ମୁଥା, ମେଘଧ୍ୱନି, ପୀଡ଼ା ।

ସ୍ତନାନ୍ତର, ବି. ନ. (ସ୍ତନ-ଅନ୍ତର) ସ୍ତନଦ୍ୱୟର ମଧ୍ୟଭାଗ, ହୃଦୟ, ବକ୍ଷସ୍ଥଳ, ସ୍ତନଦ୍ୱୟର ମଧ୍ୟଭାଗସ୍ଥିତ ଚିହ୍ନବିଶେଷ, ଯାହାଦ୍ୱାରା ଭବିଷ୍ୟତ୍ ବୈଧବ୍ୟ ସୂଚିତ ହୁଏ ।

ସ୍ତନିତ, ବି. ନ. ( ସ୍ତନ୍-ଇ-ତ ) ମେଘଗର୍ଜ୍ଜନ, ବଜ୍ରଧ୍ୱନି, ରତିଶବ୍ଦ, କରତାଳି ଶବ୍ଦ । ବିଂ. ଶବ୍ଦକାରକ । ଯଥା ।

> ବୃନ୍ଦ ବୃନ୍ଦ ଦିଶିଲେ ଜଳଦ କରିବର,
> ବ୍ୟୋମପୂର୍ଣ୍ଣ ସ୍ତନିତ ପଟହ ନାଦ ତାର ଯେ । ବୈ. ଚ.

ସ୍ତନ୍ୟ, ବି. ନ. (ସ୍ତନ-ଯ) ସ୍ତନଦୁଗ୍ଧ ।

ସ୍ତନ୍ୟଜୀବୀ } ବି. ପୁଂ. ( ସ୍ତନ୍ୟଜୀବ-ଇନ୍ ,
ସ୍ତନ୍ୟପାୟୀ } ସ୍ତନ୍ୟ-ପାୟୀ) (Mammalia) ଯେଉଁମାନେ ସ୍ତନ୍ୟପାନ କରି ବର୍ଦ୍ଧିତ ହୁଅନ୍ତି । ଯଥା— ମନୁଷ୍ୟ,ଗୋ, ମହିଷାଦି—ଏମାନେ ଜରାୟୁଜ ।

ସ୍ତବ୍ଧ, ବିଂ. (ସ୍ତନ୍ଭ୍-ତ) ସ୍ତମ୍ଭିତ, ଜଡ଼ୀଭୂତ, ଅଷନ୍ଦ, ଦୃଢ଼ୀଭୂତ, ମୂର୍ଚ୍ଛିତ, ବଧିର । ଯଥା—

> ବାଜେ ରଣଶିଙ୍ଗା ଶୁଭୁଛି ଶବଦ,
> ମେଦିନୀ ସ୍ତବଧ ହେଉଛି ତ୍ରାସେ । କ. ବ.

ସ୍ତମ୍ଭ, ବି. ପୁଂ. (ସ୍ତନ୍ଭ୍-ଅ) ଖୁଣ୍ଟ, ଅଚଞ୍ଚଳତା, ସ୍ଥିରଭାବ, ଜଡ଼ୀଭାବ, ପ୍ରତିବନ୍ଧ, ରୋଧ, ଶୀତାଦିଜନିତ ଜଡ଼ତା, ରୋଗାଦିହେତୁ ଅଜ୍ଞାନ ଅବସ୍ଥା, ଇନ୍ଦ୍ରଜାଲଦ୍ୱାରା ଚେଷ୍ଟାରୋଧ ।

ସ୍ତମ୍ଭନ, ବି. ନ. ( ସ୍ତନ୍ଭ୍-ଅନ ) ଅବରୋଧ, ନିବାରଣ, ମନା, ସ୍ଥିରୀକରଣ, ଦୃଢ଼ୀକରଣ, ରକ୍ତର ଗତିରୋଧ, ଇନ୍ଦ୍ରଜାଲଦ୍ୱାରା ଚେଷ୍ଟାରୋଧ । ପୁଂ. କାମଦେବଙ୍କର ପଞ୍ଚବାଣାନ୍ତର୍ଗତ ବାଣ ।

ସ୍ତମ୍ଭିତ, ବିଂ. (ସ୍ତନ୍ଭ୍-ତ) ଜଡ଼ୀକୃତ, ସ୍ଥିରୀକୃତ, ନିବାରିତ, ଅବରୁଦ୍ଧ, ଦୃଢ଼ୀକୃତ ।

ସ୍ତର, ବି. ପୁଂ. ( ସ୍ତୃ-ଅ ) ତବକ, ଥାକ, ଭୂମି, ପ୍ରସ୍ତରର ବିଭାଗବିଶେଷ, ତଳ୍ପ, ଶଯ୍ୟା ।

ସ୍ତରିମା, ବି. ପୁଂ. (ସ୍ତରିମନ୍, ସ୍ତୃ-ଇମନ୍) ତଳ୍ପ, ଶଯ୍ୟା ।

ସ୍ତବ, ବି. ପୁଂ. (ସ୍ତୁ-ଅ) ସ୍ତୁତି, ପ୍ରଶଂସା, ଗୁଣବର୍ଣ୍ଣନ ।

ସ୍ତବକ, ବି. ପୁଂ. (ସ୍ତୁ-ଅ) ଗୁଚ୍ଛ, ପେଣ୍ଡା, ସମୂହ, ସୂକ୍ତ, ଗ୍ରନ୍ଥର ପରିଚ୍ଛେଦ । ବିଂ. ସ୍ତବକାରକ ।

ସ୍ତାବକ, ବି. ପୁଂ. ( ସ୍ତୁ-ଅକ ) ସ୍ତୁତିକାରକ, ଗୁଣଗାୟକ ।

ସ୍ତିମିତ, ବିଂ. (ସ୍ତିମ୍-ତ) ଆର୍ଦ୍ର, ଓଦା, ନିଶ୍ଚଳ, ସ୍ଥିର, ଜଡ଼ । ବି. ନ. ଆର୍ଦ୍ରତା, ଜଡ଼ତା, ନିଶ୍ଚଳତା ।

ସ୍ତୁତ, ବିଂ. ( ସ୍ତୁ-ତ ) ପ୍ରଶଂସିତ, ସଂକୀର୍ତ୍ତିତ, ଯାହାର ସ୍ତବ କରା ହୁଏ ।

ସ୍ତୁତି, ବି. ସ୍ତ୍ରୀ. ( ସ୍ତୁ-ତି) ପ୍ରଶଂସା, ସ୍ତବ, ଗୁଣକଥନ, ଦୁର୍ଗା ।

ସ୍ତୁତିପାଠକ } ବି. ପୁଂ. (ସ୍ତୁତି-ପାଠକ, ବ୍ରତ)
ସ୍ତୁତିବ୍ରତ } ସ୍ତବକର୍ତ୍ତା, ବନ୍ଦୀ, ସୂତ, ମାଗଧାଦି ।

ସ୍ତୁତିବାଦ, ବି. ପୁଂ. ( ସ୍ତୁତି-ବାଦ ) ପ୍ରଶଂସାବାକ୍ୟ ।

ସ୍ତୂପ, ବି. ପୁଂ. ( ସ୍ତୂପ୍-ଅ ) ରାଶି, ସମୂହ, ରାଶୀକୃତ, (ମୃତ୍ତିକାଦି) ଗଦା ।

ସ୍ତେନ, ବି. ପୁଂ. (ସ୍ତେନ୍-ଅ) ଚୌର, ତସ୍କର । ନ. ଚୌର୍ଯ୍ୟ, ଚୋରି ।

ସ୍ତୈମିତ୍ୟ, ବି. ନ. ( ସ୍ତିମିତ-ଯ ) ଆର୍ଦ୍ରତା, ଜଡ଼ତା ।

ସ୍ତୋକ, ବିଂ. ( ସ୍ତୁର୍-ଅ ) ଅଳ୍ପ, ଈଷତ୍, ପ୍ରବୋଧ । ବି. ପୁଂ. ଚାତକପକ୍ଷୀ, ଜଳବିନ୍ଦୁ । ଯଥା—

> ସ୍ତୋକ ପରିତର୍ପେ ବେନି ହୋଇଗଲେ ବେନିଙ୍କର ପ୍ରେମଦାସୀ ।
> ଯ. କେ.

ସ୍ତୋତା, ବିଂ. ( ସ୍ତୁ-ତୃ ) ସ୍ତବକର୍ତ୍ତା, ସ୍ତୁତିକାରକ, ସୂତ, ବନ୍ଦୀ ।

ସ୍ତୋତ୍ର, ବି. ନ. ( ସ୍ତୁ-ତ୍ର ) ସ୍ତୁତି, ସ୍ତବ, ଆରାଧନା ବାକ୍ୟ ।

ସ୍ତୋଭ, ବି. ପୁଂ. ( ସ୍ତୁଭ୍-ଅ ) ସ୍ତମ୍ଭନ, ବାଧା-ଦେବା, ଅସମ୍ମାନ, ଗ୍ଲାନି ।

ସ୍ତୋମ, ବି. ପୁଂ. (ସ୍ତୋମ୍-ଅ) ରାଶି, ସମୂହ । ବିଂ. ବକ୍ର, ବଙ୍କା, ନତ । ନ. ଧନ, ମସ୍ତକ, ଶସ୍ୟ, ଭାଟକ ।

ସ୍ତ୍ରୀ, ବି. ସ୍ତ୍ରୀ. (ସ୍ତ୍ୟୈ ର ଈ) ଯୋଷିତ୍, ଅବଳା, ନାରୀ, ପତ୍ନୀ, ଭାର୍ଯ୍ୟା ।

ସ୍ତ୍ରୀଘୋଷ, ବି. ପୁଂ. ( ସ୍ତ୍ରୀ-ଘୋଷ ) ପ୍ରତ୍ୟୂଷ, ପ୍ରଭାତ ।

ସ୍ତ୍ରୀଚିହ୍ନ, ବି. ନ. (ସ୍ତ୍ରୀ-ଚିହ୍ନ) ଭଗ, ଯୋନି ।

ସ୍ତ୍ରୀଚୌର, ବି. ପୁଂ. ( ସ୍ତ୍ରୀ-ଚୌର ) କାମୁକ, ଲମ୍ପଟ ।

ସ୍ତ୍ରୀତ୍ୱ, ବି. ନ (ସ୍ତ୍ରୀ-ତ୍ୱ) ସ୍ତ୍ରୀଧର୍ମ, ସ୍ତ୍ରୀଲିଙ୍ଗ ।

ସ୍ତ୍ରୀଧର୍ମ, ବି. ପୁଂ. (ସ୍ତ୍ରୀ-ଧର୍ମ) ଋତୁ, ରଜଃ, ସ୍ତ୍ରୀ-ଲୋକର କର୍ତ୍ତବ୍ୟ କର୍ମ ।

ସ୍ତ୍ରୀଧର୍ମିଣୀ, ବି. ସ୍ତ୍ରୀ. (ସ୍ତ୍ରୀଧର୍ମ-ଇନ୍-ଈ) ଋତୁମତୀ, ରଜସ୍ୱଲା ।

ସ୍ତ୍ରୀପର, ବି. ପୁଂ. ( ସ୍ତ୍ରୀ-ପର ) ନାରୀପ୍ରିୟ, ଲମ୍ପଟ ।

ସ୍ତ୍ରୀଲିଙ୍ଗ, ବି. ପୁଂ. (ସ୍ତ୍ରୀ-ଲିଙ୍ଗ) ସ୍ତ୍ରୀବାଚକ (ଶବ୍ଦ), ଯୋନି ।

ସ୍ତ୍ରୀସଙ୍ଗ, ବି. ପୁଂ. ସମ୍ଭୋଗ, ରମଣ ।

ସ୍ତ୍ରୈଣ, ବି. ନ. (ସ୍ତ୍ରୀ-ନ) ସ୍ତ୍ରୀତ୍ୱ, ସ୍ତ୍ରୀସ୍ୱଭାବ । ପୁଂ. ସ୍ତ୍ରୀଜିତ, ସ୍ତ୍ରୀବଶ । ବିଂ. ସ୍ତ୍ରୀସମ୍ବନ୍ଧୀୟ ।

ସ୍ତ୍ରୈଣତା, ବି. ସ୍ତ୍ରୀ. (ସ୍ତ୍ରୈଣ-ତା) ସ୍ତ୍ରୀବଶତା, ସ୍ତ୍ରୀ-ବଶୀଭୂତତା ।

ସ୍ଥ, ବିଂ. (ସ୍ଥା-ଅ) ସ୍ଥିତ, ବିଦ୍ୟମାନ, ବର୍ତ୍ତମାନ ।

ସ୍ଥଗ, ବିଂ. (ସ୍ଥଗ୍-ଅ) ଧୂର୍ତ୍ତ, ନିର୍ଲଜ୍ଜ ।

ସ୍ଥଗିତ, ବିଂ. (ସ୍ଥଗ୍-ତ ) ଆବୃତ, ତିରୋହିତ, ନିବୃତ୍ତ, ଅବରୁଦ୍ଧ ।

ସ୍ଥଣ୍ଡିଳ, ବି. ନ. ( ସ୍ଥା-ଅଣ୍ଡିଳ ) ଯଜ୍ଞାର୍ଥ ପ୍ରସ୍ତୁତ ପରିଷ୍କୃତ ଭୂମି, ବାଲୁକାନିର୍ମିତ ହୋମାର୍ଥ ମଣ୍ଡଳବିଶେଷ ।

ସ୍ଥପତି, ବି. ପୁଂ. ( ସ୍ଥ-ପତି ) ଅନ୍ତଃପୁର ରକ୍ଷକ, କଞ୍ଚୁକୀ, ବାର୍ହସ୍ପତ୍ୟ ଯାଗକର୍ତ୍ତା, ଅଧୀଶ୍ୱର, ଅଧିପତି, ମନ୍ତ୍ରୀ, ବୃହସ୍ପତି, ରାଜମିସ୍ତ୍ରୀ, ଶିଳ୍ପୀ, ସୂତ୍ରଧର, ସାରଥି, କୁବେର । ବିଂ. ପ୍ରଧାନ, ମୁଖ୍ୟ, ସତ୍ତମ ।

ସ୍ଥଳ, ନ. } ବି. (ସ୍ଥଳ୍-ଅ, ଈ) ସ୍ଥାନ, ପ୍ରାନ୍ତଦେଶ,
ସ୍ଥଳୀ, ସ୍ତ୍ରୀ. } ଜଳଶୂନ୍ୟ ଅକୃତ୍ରିମ ଭୂମି, ପାତ୍ର, ଥଳି, ଥାଳି, ଥାଳ । ନ. ପଟବାସ, ତାମ୍ବୁ, ବିବାଦ ବା ବର୍ଣ୍ଣନାର ବିଷୟ, ପୁସ୍ତକର ଅଂଶ ।

ସ୍ଥଳଚର, ବିଂ. (ସ୍ଥଳ-ଚର) ଯେଉଁମାନେ ସ୍ଥଳରେ ବାସ କରନ୍ତି ।

ସ୍ଥଳପଦ୍ମ, ବି. ନ. ( ସ୍ଥଳ-ପଦ୍ମ ) ସ୍ୱନାମପ୍ରସିଦ୍ଧ ପୁଷ୍ପବିଶେଷ । ପୁଂ. ମାଣସାରୁ ।

ସ୍ଥଳସଙ୍କଟ, ବିଂ. ( Isthmus ) ଯୋଜକ, ଭୂକନ୍ଧର ।

ସ୍ଥଳୀୟ, ବିଂ. ( ସ୍ଥଳ-ଈୟ ) ସ୍ଥଳସମ୍ବନ୍ଧୀୟ, ସ୍ଥାନୀୟ ।

ସ୍ଥବି, ବି. ପୁଂ. (ସ୍ଥା-ଇ) ତନ୍ତୁବାୟ, ତନ୍ତ୍ର, ସ୍ୱର୍ଗ, ଜଙ୍ଗମ ।

ସ୍ଥବିର, ବିଂ. (ସ୍ଥା-ଇର) ବୃଦ୍ଧ, ପ୍ରାଚୀନ, ଜୀର୍ଣ୍ଣ, ଅଚଳ, ସ୍ଥିର । ବି. ପୁଂ. ବ୍ରହ୍ମା, ବୃଦ୍ଧବ୍ୟକ୍ତି ।

ସ୍ଥବିଷ୍ଠ } ବିଂ. ( ସ୍ଥୂଳ-ଇଷ୍ଠ, ଈୟସ୍ ) ଅତି
ସ୍ଥବୀୟାନ୍ } ସ୍ଥୂଳ, ଅତିଶୟ ମୋଟା ।

ସ୍ଥା, ବି. ସ୍ତ୍ରୀ, (ସ୍ଥା-୦) ସ୍ଥିତି, ଥିବା ।

ସ୍ଥାଣୁ, ବି. ପୁଂ. (ସ୍ଥା-ନୁ) ଶିବ, କୀଲା, ଖେଣ୍ଟା, ଗୋଜ, ଖୁଣ୍ଟ, ସ୍ତମ୍ଭ, ବଲ୍ମୀକ, ଉଇହୁଙ୍କା । ପୁଂ. ନ. ଶାଖାଶୂନ୍ୟ ବୃକ୍ଷ, ଥୁଣ୍ଟା ଗଛ । ବିଂ. ସ୍ଥିର, ସ୍ଥାବର ।

ସ୍ଥାତବ୍ୟ, ବିଂ. (ସ୍ଥା-ତବ୍ୟ) ସ୍ଥିତିଯୋଗ୍ୟ, ସ୍ଥେୟ, ଥିବାର ଉପଯୁକ୍ତ ।

ସ୍ଥାତା, ବିଂ. (ସ୍ଥା-ତୃ) ସ୍ଥିତିକାରୀ, ଯେ ଥାଏ ।

ସ୍ଥାନ, ବି. ନ. (ସ୍ଥା-ଅନ) ସ୍ଥଳ, ପଦ, ଅବସ୍ଥିତି, ସ୍ଥିତି, ଅବକାଶ, ଗୃହ, ଘର, ସାଦୃଶ୍ୟ,

ସ୍ଥୈର୍ଯ୍ୟ, ଜାକଟ, ନଗରର ମଧ୍ୟସ୍ଥ ପରିଷ୍କୃତ ଭୂମି, ନଗର, କାର୍ଯ୍ୟ, କର୍ମ, ବ୍ୟବସାୟ, ସନ୍ନିବେଶ, ଗ୍ରନ୍ଥସନ୍ଧି, ଆଧାର, ଭାଜନ ।

ସ୍ଥାନସନ୍ନିବେଶ, ବି. ପୁଂ. ସ୍ଥାନନିର୍ଣ୍ଣୟ ଓ ତାହାର ସୀମାଦି ନିରୂପଣ ।

ସ୍ଥାନାବରୋଧକତା, ( Resistance ) ଯେଉଁ ଗୁଣଦ୍ୱାରା ଜଡ଼ପଦାର୍ଥ ଅପଣାର ଅଣୁସ୍ଥ ସ୍ଥାନ ରୁଦ୍ଧ କରି ରଖେ ।

ସ୍ଥାନିକ, ବି. ପୁଂ. ( ସ୍ଥାନ-ଇକ ) ସ୍ଥାନାଧ୍ୟକ୍ଷ । ବିଂ. ସ୍ଥାନୀୟ ।

ସ୍ଥାନୀୟ, ବିଂ. ( Local ) (ସ୍ଥାନ-ଈୟ) ସ୍ଥିତିଯୋଗ୍ୟ, ସ୍ଥଳୀୟ, ସ୍ଥାନସ୍ଥିତ, ସ୍ଥାନସମ୍ବନ୍ଧୀୟ । ବି. ନ. ନଗର ।

ସ୍ଥାପକ, ବିଂ. (ସ୍ଥାପି-ଅକ) ସଂସ୍ଥାପନକାରୀ, ଯେ ରଖେ ନାଟ୍ୟସମ୍ପାଦକ, ମନ୍ଦିରାଦି ପ୍ରତିଷ୍ଠାକର୍ତ୍ତା ।

ସ୍ଥାପନ, ବି. ନ. (ସ୍ଥାପି-ଅନ) ଅର୍ପଣ, ରଖିବା, ନିବେଶନ, ନିଯୋଗ କରିବା, ଆରୋପଣ, ପୁଂସବନ, ଅବାସ ।

ସ୍ଥାପିତ, ବିଂ. ( ସ୍ଥାପି-ତ ) ଅର୍ପିତ, ନିବେଶିତ, ଗଚ୍ଛିତ, ନ୍ୟସ୍ତ, ଆରୋପିତ, ନିଶ୍ଚିତ ।

ସ୍ଥାମ, ବି. ନ. (ସ୍ଥା-ମନ୍) ସାମର୍ଥ୍ୟ,ଶକ୍ତି, ସ୍ଥିରତା ।

ସ୍ଥାୟିଭାବ, ବି ପୁଂ. (ସ୍ଥାୟି-ଭାବ) ରତି, ହାସ, ଶୋକ, କ୍ରୋଧ, ଉତ୍ସାହ, ଭୟ, ଜୁଗୁପ୍ସା, ବିସ୍ମୟ, ଶମ—ଏହି ନଅଟି, ରସର ଅବସ୍ଥିତି କାଳପର୍ଯ୍ୟନ୍ତ ଏମାନେ ଥାଆନ୍ତି ବୋଲି ଏମାନଙ୍କର ନାମ ସ୍ଥାୟିଭାବ, ଭାରମଧ ସହିତ ନିମ୍ନଭାଗର ସଂଯୋଗ ଥିବା ।

ସ୍ଥାୟୀ, ବିଂ. (ସ୍ଥା-ଇନ୍) ସ୍ଥିତିବିଶିଷ୍ଟ, ଅଚଳ, ସ୍ଥିର ।

ସ୍ଥାଲ, ବି. ନ. (ସ୍ଥା-ଅଲ) ପାତ୍ରବିଶେଷ, ଥାଳ ।

ସ୍ଥାଲୀ, ବି. ସ୍ତ୍ରୀ. (ସ୍ଥାଲ-ଈ) ହାଣ୍ଡି, ପାକପାତ୍ର, ଥାଳି, ପାଟଳୀବୃକ୍ଷ ।

ସ୍ଥାବର, ବିଂ. ( ସ୍ଥାବର ) ସ୍ଥିତିଶୀଳ, ଅଚଳ, ବୃକ୍ଷପର୍ବତାଦି ସ୍ଥାୟୀ ପଦାର୍ଥ । ବି. ପୁଂ. ନ ଧନୁକର ଗୁଣ ।

ସ୍ଥାବିର, ବି. ନ. (ସ୍ଥବିର-ଅ) ସ୍ଥବିରତ୍ୱ, ବୃଦ୍ଧାବସ୍ଥା, ସ୍ତ୍ରୀଲୋକଙ୍କର ୫୦ ବର୍ଷ ପରେ ଏବଂ ପୁରୁଷଙ୍କର ୭୦ ବର୍ଷ ପରେ ।

ସ୍ଥାସ୍ନୁ, ବିଂ. (ସ୍ଥା-ସ୍ନୁ) ସ୍ଥିତିଶୀଳ, ସ୍ଥାୟୀ ।

ସ୍ଥିତ, ବିଂ. (ସ୍ଥା-ତ) ସ୍ଥିର, ଅବଧାରିତ, ଘଟିତ, ଉପସ୍ଥିତ, ଅଭିଯୁକ୍ତ, ଆକ୍ରାନ୍ତ, ଦଣ୍ଡାୟମାନ, ସ୍ଥିତିଶାଳୀ ।

ସ୍ଥିତି, ବି. ସ୍ତ୍ରୀ. (ସ୍ଥା-ତି) ଅବସ୍ଥାନ, ଥିବାର, ଅବଧାରଣ, ସ୍ଥିରତା, ମର୍ଯ୍ୟାଦା, ସୀମାସ୍ଥାନ, ପାଳନ, ଅବସ୍ଥା, ଦଶା, ନିବୃତ୍ତି, ନିଶ୍ଚିତ୍ତି ।

ସ୍ଥିତିସ୍ଥାପକ, ବି. ପୁଂ. ( Elasticity ) ପୂର୍ବସ୍ଥାନରେ ସ୍ଥାପନକାରୀ ଗୁଣବିଶେଷ, ଆକୁଞ୍ଚନ ପ୍ରସାରଣ ଓ ଅଭିଘାତାଦି କଲେହେଁ ବସ୍ତୁମାନେ ଯେଉଁ ନୈସର୍ଗିକ ଗୁଣ ପ୍ରଭାବରେ ପୁନର୍ବାର ପୂର୍ବଭାବ ପ୍ରାପ୍ତ ହୁଅନ୍ତି ।

ସ୍ଥିର, ବିଂ.(ସ୍ଥା-ଇର) ଧୀର, ଯାହା ଥଣ୍ଡା ହୋଇ ଏକତ୍ର ହୋଇଅଛି, ନିଯୁତ, ବିଶ୍ୱାସଯୋଗ୍ୟ, ସ୍ଥାୟୀ, ନିଶ୍ଚଳ, ଦୃଢ଼, କଠିନ, ନିଶ୍ଚିତ । ବି. ପୁଂ. ଦେବତା, କାର୍ତ୍ତିକେୟ, ଶନିଗ୍ରହ, ପର୍ବତ, ବୃଷ, ବୃକ୍ଷ, ମୋକ୍ଷ ।

ସ୍ଥିରଜିହ୍ୱ, ବି. ପୁଂ (ସ୍ଥିର-ଜିହ୍ୱା) ମତ୍ସ୍ୟ, ମାଛ ।

ସ୍ଥିରତା,ବି.ସ୍ତ୍ରୀ.(ସ୍ଥିର-ତା) ସ୍ଥୈର୍ଯ୍ୟ, ଅବଧାରଣ, ଦୃଢ଼ତା ।

ସ୍ଥିରା, ବି. ସ୍ତ୍ରୀ. ଅଚଳା, ପୃଥ୍ୱୀ, ଔଷଧବିଶେଷ, କାକୋଲୀ, ଶିମିଳିଗଛ ।

ସ୍ଥିରୀକୃତ, ବିଂ. (ସ୍ଥିର-କୃତ) ନିର୍ଣ୍ଣୀତ, ଦୃଢ଼ୀକୃତ ।

ସ୍ଥୂଲ, ବିଂ. (ସ୍ଥୂଡ଼୍-ଅ) ଦୀର୍ଘ ।

ସ୍ଥୂଳ, ବିଂ. (ସ୍ଥୁଲ୍-ଅ) ଇନ୍ଦ୍ରିୟଗ୍ରାହ୍ୟ, ପୁଷ୍ଟ, ଅସୂକ୍ଷ୍ମ, ପୀବର, ମୋଟା, ମନ୍ଦ,ପ୍ରକାଣ୍ଡ, ମୂର୍ଖ । ବି. ନ. ରାଶିସମୂହ ।

ସ୍ଥୂଳକୋଣ, ବି. (obtuse angle) ସମକୋଣ ଅପେକ୍ଷା ବୃହତ୍ କୋଣ ।

ସ୍ଥୂଳକ୍ଷ୍ୱେଡ, ବି॰ ପୁଂ. ( ସ୍ଥୂଳ-କ୍ଷ୍ୱେଡ ) ଶର, ବାଣ ।

ସ୍ଥୂଳଚର୍ମୀ } ବି ପୁଂ. (pachyadermata)
ସ୍ଥୂଳତ୍ୱକ୍ } ( ସ୍ଥୂଳଚର୍ମ-ଇନ୍, ସ୍ଥୂଳତ୍ୱଚ୍ ) ଯେଉଁ ସବୁ ପ୍ରାଣୀର ଦେହ ସ୍ଥୂଳ ଚର୍ମରେ ଆବୃତ ଥାଏ । ଯଥା—ହସ୍ତୀ, ଟେପର, ଗଣ୍ଡା, ଶୂକର, ହିପପଟେମସ୍ ପ୍ରଭୃତି ।

ସ୍ଥୂଳତା, ବି. ସ୍ତ୍ରୀ. (ସ୍ଥୂଳ-ତା) ପୀନତା, ଆଧିକ୍ୟ, ବୃହତ୍ତ୍ୱ ।

ସ୍ଥୂଳପାଦ, ବି. ପୁଂ. (ସ୍ଥୂଳ-ପାଦ) ହସ୍ତୀ, ଗଜ ।

ସ୍ଥୂଳଭୂତ, ବି. ନ. ପୃଥିବୀ, ଜଳ, ତେଜଃ, ବାୟୁ, ଆକାଶ, ପଞ୍ଚୀକୃତ ଏହି ପଞ୍ଚ ଭୂତ ।

ସ୍ଥୂଳଲକ୍ଷ } ବି॰. (ସ୍ଥୂଳ ଲକ୍ଷ-ଅ, ଯ) ବହୁପ୍ରଦ,
ସ୍ଥୂଳଲକ୍ଷ୍ୟ } ଅଳ୍ପଦାତା, ବିଦ୍ୱାନ୍, କୃତବିଦ୍ୟ, କୃତଜ୍ଞ ।

ସ୍ଥୂଳାସ୍ୟ, ବି. ପୁଂ. ( ସ୍ଥୂଳ-ଆସ୍ୟ=ମୁଖ ବା ମସ୍ତକ) ସର୍ପ । ବି॰. ଯାହାର ମୁଖ ବଡ଼ ।

ସ୍ଥେୟ, ବି॰. (ସ୍ଥା-ଯ) ସ୍ଥିରତର, ସ୍ଥାପନୀୟ । ବି. ପୁଂ. ସଂଶୟନିର୍ଣ୍ଣାୟକ, ବିବାଦପକ୍ଷର ନିର୍ଣ୍ଣେତା, ମଧ୍ୟସ୍ଥ, ପୁରୋହିତ ।

ସ୍ଥୈର୍ଯ୍ୟ, ବି. ନ. (ସ୍ଥିର-ଯ) ସ୍ଥିରତା, ଦୃଢ଼ତା, ଅବଧାରଣ ।

ସ୍ନପନ, ବି. ନ. ( ସ୍ନପି-ଅନ ) ସ୍ନାନ, ଗାଧୁଆ, ଅଭିଷେକକରଣ, ଆର୍ଦ୍ରୀକରଣ, ଧୌତ-କରଣ ।

ସ୍ନପିତ, ବି॰. (ସ୍ନପି-ତ) ସ୍ନାତ, ସିକ୍ତ, ଅଭିଷେଚିତ, କ୍ଷାଳିତ ।

ସ୍ନବ, ବି. ପୁଂ. (ସ୍ନୁ-ଅ) ନିସ୍ରବ, କ୍ଷରଣ, ଗଳନ ।

ସ୍ନାତ, ବି॰. (ସ୍ନା-ତ) ଅଭିଷିକ୍ତ, ଯେ ସ୍ନାନ କରି-ଅଛି, ଧୌତ, କ୍ଷାଳିତ ।

ସ୍ନାନ, ବି. ନ. ( ସ୍ନା-ଅନ ) ସର୍ବାଙ୍ଗକ୍ଷାଳନ, ଅବଗାହନ, ମଜ୍ଜନ, ସ୍ନାନସାଧନ ବସ୍ତୁ, ଗନ୍ଧଚୂର୍ଣ୍ଣାଦି, ତୈଳ ହରିଦ୍ରାଦି ।

ସ୍ନାନପୂର୍ଣ୍ଣିମା, ବି. ଜ୍ୟେଷ୍ଠ ମାସର ପୂର୍ଣ୍ଣିମା ।

ସ୍ନାନତୃଣ, ବି. ନ. (ସ୍ନାନ-ତୃଣ) କୁଶତୃଣ ।

ସ୍ନାନଯାତ୍ରା, ବି. ସ୍ତ୍ରୀ. ଜ୍ୟେଷ୍ଠପୂର୍ଣ୍ଣିମାରେ ଶ୍ରୀକୃଷ୍ଣଙ୍କର ମହାସ୍ନାନରୂପ ଉତ୍ସବ ।

ସ୍ନାପକ, ବି॰. ( ସ୍ନାପି-ଅକ) ଯେ ସ୍ନାନ କରାଏ ।

ସ୍ନାୟୀ, ବି॰. ( ସ୍ନା-ଇନ୍ ) ସ୍ନାନକର୍ତ୍ତା, ଯେ ସ୍ନାନ କରେ ।

ସ୍ନାୟୁ, ବି. ସ୍ତ୍ରୀ. (Nerve) (ସ୍ନା-ଉ) ଦେହବର୍ତ୍ତୀ ସୂତ୍ରବତ୍ ସୂକ୍ଷ୍ମନାଡ଼ୀ, ସର୍ବ ଶରୀରବ୍ୟାପୀ ସୂତ୍ର-ବତ୍ ସୂକ୍ଷ୍ମଶିରାବିଶେଷ, ଏହା ଥିବାଯୋଗେ ପେଶୀମାନେ ସଙ୍କୁଚିତ ହୁଅନ୍ତି, ଏହା ଶରୀରର ସଞ୍ଚାଳନ କ୍ରିୟାସାଧନ ଓ ଅନୁଭୂତିସାଧନ ।

ସ୍ନାବ, ବି. ପୁଂ. ମାଂସପେଶୀ ।

ସ୍ନିଗ୍ଧ, ବି॰. (ସ୍ନିହ୍-ତ) ଚିକ୍କଣ, କୋମଳ, ମଧୁର, ସ୍ନେହର ପାତ୍ର, ନିବିଡ଼, ସୁଶ୍ରାବ୍ୟ, ଶୀତଳ-କାରକ, ମସୃଣ, ସ୍ନେହଯୁକ୍ତ । ବି. ପୁଂ. ବୟସ୍ୟ, ସଖା । ନ. ତେଜଃ, ଭାତମଣ୍ଡ, ବେଧ । ସ୍ନିଗ୍ଧା, ସ୍ତ୍ରୀ. ମଜ୍ଜା ।

ସ୍ନିଗ୍ଧତା, ବି. ସ୍ତ୍ରୀ. (ସ୍ନିଗ୍ଧ-ତା) ଚିକ୍କଣତା, ସ୍ନେହ, ପ୍ରିୟତା ।

ସ୍ନୁତ, ବି॰. (ସ୍ନୁ-ତ) ଗଳିତ, ପତିତ, କ୍ଷରିତ ।

ସ୍ନୁଷା, ବି. (ସ୍ନୁ-ସ, ଆ) ପୁତ୍ରବଧୂ ।

ସ୍ନେହ, ବି. ପୁଂ. ( ସ୍ନିହ୍-ଅ ) ପ୍ରେମ, ଦୟା, ବାତ୍ସଲ୍ୟ, ତୈଳାଦି ଦ୍ରବବସ୍ତୁ, ପ୍ରିୟବସ୍ତୁ ।

ସ୍ନେହପ୍ରିୟ, ବି. ପୁଂ. ( ସ୍ନେହ-ପ୍ରିୟ ) ପ୍ରଦୀପ, ଦୀପ ।

ସ୍ନେହବାନ୍, ବି॰. (ସ୍ନେହ-ବତ୍) ସ୍ନେହଯୁକ୍ତ ।

ସ୍ନେହିତ, ବି॰. (ସ୍ନେହ-ଇତ) ସ୍ନେହଯୁକ୍ତ । ବି. ପୁଂ. ବୟସ୍ୟ, ବନ୍ଧୁ ।

ସ୍ନେହୀ, ବି॰. (ସ୍ନେହ-ଇନ୍) ପ୍ରେମୀ, ସ୍ନେହଯୁକ୍ତ, ତୈଳାଦିଯୁକ୍ତ । ବି. ପୁଂ. ବୟସ୍ୟ, ବନ୍ଧୁ, ଚିତ୍ରକର ।

ସ୍ପନ୍ଦ, ପୁଂ. } ବି (ସ୍ପନ୍ଦ୍-ଅ, ଅନ) ସ୍ଫୁରଣ,
ସ୍ପନ୍ଦନ, ନ. } ଈଷତ୍କମ୍ପନ, ହଲଚଲ, ଚଳନ ।

ସ୍ପନ୍ଦନପ୍ରବାହ, (Locomotive Stream) ଯେଉଁ ଶକ୍ତିଦ୍ୱାରା ରକ୍ତ ହୃତ୍ପିଣ୍ଡ ଏବଂ ହସ୍ତପାଦାଦି ଅଙ୍ଗ ପ୍ରତ୍ୟଙ୍ଗ ସବୁରେ ଚାଳିତ ହୁଏ ।

ସ୍ପନ୍ଦିତ, ବିଂ. (ସ୍ପନ୍ଦ୍-ତ) କମ୍ପିତ, ସ୍ଫୁରିତ । ବି. ନ. ସ୍ପନ୍ଦନ, କମ୍ପନ ।

ସ୍ପର୍ଦ୍ଧା, ବି. ସ୍ତ୍ରୀ. (ସ୍ପର୍ଦ୍ଧ୍-ଆ) ପ୍ରତିଯୋଗିତା, ଅନ୍ୟ ବ୍ୟକ୍ତିଙ୍କୁ ପରାଭବ କରିବାର ଇଚ୍ଛା, ମାତ୍ସର୍ଯ୍ୟ ପ୍ରକାଶ, ସାଦୃଶ୍ୟ, କ୍ରମଶଃ ଉନ୍ନତି, ସଂଘର୍ଷ, ଦର୍ପ ।

ସ୍ପର୍ଶ, ବି. ପୁଂ. (ସ୍ପୃଶ୍-ଅ) ସ୍ପର୍ଶନ, ପରଶ, ଛୁଇଁବା, ତ୍ୱଗିନ୍ଦ୍ରିୟଗ୍ରାହ୍ୟ ଗୁଣବିଶେଷ, ଦାନ, ବର୍ଗୀୟ ପଞ୍ଚବିଂଶତିବର୍ଣ୍ଣ, ଯୋଗ, ବାୟୁ, ପଦାର୍ଥ, ପ୍ରଣିଧି ।

ସ୍ପର୍ଶକ, ବିଂ. (ସ୍ପୃଶ୍-ଅକ) ସ୍ପର୍ଶକାରୀ, ଯେ ଛୁଏଁ ।

ସ୍ପର୍ଶଜ୍ୟା, (Tangent) ବୃତ୍ତରେ ସଂଲଗ୍ନ ସରଳରେଖା ବୃଦ୍ଧି ପାଇଲେହେଁ ବୃତ୍ତକୁ ଛେଦନ କରେ ନାହିଁ ।

ସ୍ପର୍ଶନ, ବି. ନ. ( ସ୍ପୃଶ୍-ଅନ ) ସ୍ପର୍ଶ, ଛୁଇଁବା, ବିତରଣ, ଦାନ, ଗ୍ରହଣ । ପୁଂ. ବାୟୁ ।

ସ୍ପର୍ଶମଣି, ବି. ପୁଂ. (ସ୍ପର୍ଶ-ମଣି) ପରଶପଥର ।

ସ୍ପର୍ଶବାନ୍, ବିଂ. (ସ୍ପର୍ଶ-ବତ) ସୁଖସ୍ପର୍ଶ, କୋମଳ-ସ୍ପର୍ଶବିଶିଷ୍ଟ ।

ସ୍ପର୍ଶାନନ୍ଦା, ବି. ସ୍ତ୍ରୀ ( ସ୍ପର୍ଶ-ଆନନ୍ଦ ) ଅପ୍ସରା, ସ୍ୱର୍ଗବେଶ୍ୟା ।

ସ୍ପର୍ଶୀ, ବିଂ. (ସ୍ପୃଶ୍-ଇନ୍) ସ୍ପର୍ଶକାରୀ, ସ୍ପର୍ଶଯୁକ୍ତ ।

ସ୍ପଷ୍ଟ, ବିଂ. (ସ୍ପଶ୍-ତ) ସ୍ଫୁଟ, ବ୍ୟକ୍ତ, ପ୍ରକାଶିତ ।

ସ୍ପୃଶୀ, ବି. ସ୍ତ୍ରୀ. (ସ୍ପୃଶ୍-ଅ-ଈ) କଣ୍ଟକାରୀବୃକ୍ଷ ।

ସ୍ପୃଶ୍ୟ, ବିଂ. (ସ୍ପୃଶ୍-ଯ) ସ୍ପର୍ଶଯୋଗ୍ୟ, ସ୍ପର୍ଶନୀୟ ।

ସ୍ପୃଷ୍ଟ, ବିଂ. (ସ୍ପୃଶ୍-ତ) ଯାହା ସ୍ପର୍ଶ କରି ହୋଇଅଛି, ଛୁଇଁବା, ବ୍ୟାପ୍ତ । ବି. ନ. ସ୍ପର୍ଶ ।

ସ୍ପୃହଣୀୟ, ବିଂ. ( ସ୍ପୃହ-ଅନୀୟ ) ବାଞ୍ଛନୀୟ, ଅଭିଲଷଣୀୟ, ଶୋଭନୀୟ, ଆଶ୍ଚର୍ଯ୍ୟ, ଶ୍ଲାଘ୍ୟ ।

ସ୍ପୃହୟାଳୁ, ବିଂ. ( ସ୍ପୃହ-ଆଳୁ ) ସ୍ପୃହାବିଶିଷ୍ଟ, ଲୋଭୀ ।

ସ୍ପୃହା, ବି. ସ୍ତ୍ରୀ. (ସ୍ପୃହ-ଆ) ବାଞ୍ଛା, ଇଚ୍ଛା, ଗ୍ରହଣେଚ୍ଛା, ଲୋଭ, ଗଣନା ।

ସ୍ଫଟିକ, ବି ପୁଂ. (ସ୍ଫଟ୍-ଇକ) ଅତି ସ୍ୱଚ୍ଛ ଶୁଭ୍ରବର୍ଣ୍ଣ ପ୍ରସ୍ତରବିଶେଷ, ସୂର୍ଯ୍ୟକାନ୍ତମଣି ।

ସ୍ଫଟିକମୟ, ବିଂ. (ସ୍ଫଟିକ-ମୟ) ସ୍ଫଟିକମଣିନିର୍ମିତ ।

ସ୍ଫଟିକାଚଳ, ବି ପୁଂ. (ସ୍ଫଟିକ-ଅଚଳ) କୈଳାସ ପର୍ବତ ।

ସ୍ଫଟିକାଭ୍ର, ବି. ପୁଂ. (ସ୍ଫଟିକ-ଅଭ୍ର) କର୍ପୂର ।

ସ୍ଫାଟିକୋପଳ, ବି. ପୁଂ. ( ସ୍ଫାଟିକ-ଉପଳ ) ସ୍ଫଟିକମଣି ।

ସ୍ଫାତି, ବି. ସ୍ତ୍ରୀ. (ସ୍ଫାୟ୍-ତି) ବୃଦ୍ଧି, ଉନ୍ନତି ।

ସ୍ଫାରଣ, ବି. ନ. (ସ୍ଫାର୍-ଅନ) ସ୍ଫୁରଣ, ସ୍ଫୂର୍ତ୍ତି, ପ୍ରକାଶ, କମ୍ପନ ।

ସ୍ଫାଲ, ବି. ପୁଂ. (ସ୍ଫଲ୍-ଅ) ସ୍ଫୁରଣ, ସ୍ଫୂର୍ତ୍ତି, ଆସ୍ଫାଳନ ।

ସ୍ଫିକ୍ / ସ୍ଫିଚ୍ } ବି. ଦିଗ୍ଧ ।

ସ୍ଫୀତ, ବିଂ. (ସ୍ଫାୟ୍-ତ) ପ୍ରବୃଦ୍ଧ, ବର୍ଦ୍ଧିତ, ଫୁଲିବା, ସମୃଦ୍ଧ, ଅଧିକ, ଅନେକ, ଉଦୋନ୍ନତିପ୍ରାପ୍ତ, କୃତକାର୍ଯ୍ୟ, ପୈତ୍ତିକ ରୋଗରେ ଆକ୍ରାନ୍ତ ।

ସ୍ଫୀତି, ବି. ( ସ୍ଫାୟ୍-ତି ) ଫୁଲି ଉଠିବା, ପ୍ରବୃଦ୍ଧି ।

ସ୍ଫୁଟ, ବିଂ. (ସ୍ଫୁଟ୍-ଅ) ବିକସିତ, ପ୍ରଫୁଲ୍ଲ, ସ୍ପଷ୍ଟ, ବ୍ୟକ୍ତ, ଦୀପ୍ତ, ପ୍ରଦୀପ୍ତ, ନିର୍ମଳ, ବିଦୀର୍ଣ୍ଣ, ଫଟା, ବିଶଦ, ଶୁଭ୍ର, ଖ୍ୟାତ, ବିସ୍ତୃତ । ବି. ନ. ଉତ୍ପ୍ରେକ୍ଷାର ଦ୍ୟୋତକ ।

ସ୍ଫୁଟନ, ବି. ନ. (ସ୍ଫୁଟ୍-ଅନ) ବିକଶନ, ବ୍ୟକ୍ତ ହେବା, ବିଦଳିତ ହେବା ।

ସ୍ଫୁଟିତ, ବିଂ. (ସ୍ଫୁଟ୍-ତ) ବିକସିତ, ଛିଦ୍ରିତ, ଫୁଟା, ବିଦୀର୍ଣ୍ଣ, ବ୍ୟକ୍ତୀକୃତ, ସ୍ପଷ୍ଟୀକୃତ, ବିସ୍ତାରିତ ।

ସ୍ଫୁର, ବି. ପୁଂ. (ସ୍ଫୁର୍ ଅ) ଫଳକ, ଢାଲ, ସ୍ଫୁରଣ, ବୃଦ୍ଧି ପାଇବା, ଫୁଲା ।

ସ୍ଫୁରଣ, ନ. } ବି. (ସ୍ଫୁର୍-ଅନ) ସ୍ପନ୍ଦନ
ସ୍ଫୁରଣା, ସ୍ତ୍ରୀ. } ଈଷତ୍ କମ୍ପନ, ଦୀପ୍ତି ।

ସ୍ଫୁରିତ, ବି. ନ. (ସ୍ଫୁର୍-ତ) କମ୍ପନ, ଉଦ୍ରେକ, ଦୀପ୍ତି, ପଲ୍ଲବ । ବିଂ. କମ୍ପିତ, ଦୀପ୍ତ, ଉଜ୍ଜ୍ୱଳ, ପ୍ରତିବିମ୍ବିତ ।

ସ୍ଫୂର୍ଜଥୁ } ବି. ପୁଂ. ବଜ୍ରନିର୍ଘୋଷ, ବଜ୍ର-
ସ୍ଫୂର୍ଜଥୁ } ଧ୍ୱନି ।

ସ୍ଫୁଲିଙ୍ଗ, ବି. ପୁଂ. (ସ୍ଫୁଲ୍-ଇନ୍‌ଗ୍-ଅ) ଅଗ୍ନିକଣା, ନିଆଁ କଣିକା ।

ସ୍ଫୂର୍ତ୍ତି, ବି. ସ୍ତ୍ରୀ. (ସ୍ଫୁର୍-ତି) କମ୍ପ, ସ୍ପନ୍ଦ, ଦର୍ପ, ପ୍ରତିଭା, ବିକାଶ ।

ସ୍ଫୋଟକ, ବି. ପୁଂ. (ସ୍ଫୁଟ୍-ଅକ) ବଥ, ଆବୁ, ଫୋଟକା ।

ସ୍ଫୋଟନ, ବି. ପୁଂ. (ସ୍ଫୁଟ୍-ଅନ) ବିଦାରଣ, ଭଙ୍ଗ, ବିକାଶନ, ପ୍ରକାଶନ ।

ସ୍ଫୋଟନୀ, ବି. ସ୍ତ୍ରୀ. ବେଧନୀ, ଛିଦ୍ରକାରକ ଯନ୍ତ୍ର, ଫୋଡ଼ଣୀ ।

ସ୍ମର, ବି. ପୁଂ. (ସ୍ମୃ-ଅ) କାମଦେବ, ସ୍ମରଣ ।

ସ୍ମରକୂପକ, ସ୍ତ୍ରୀ. } ବି. (ସ୍ମର-କୂପକ, ଗୃହ)
ସ୍ମରଗୃହ, ନ. } ଯୋନି, ସ୍ତ୍ରୀଚିହ୍ନ ।

ସ୍ମରଗୁରୁ, ବି. ପୁଂ. (ସ୍ମର-ଗୁରୁ) ବିଷ୍ଣୁ, କନ୍ଦର୍ପର ପିତା, ହର କୋପାନଳରେ ଭସ୍ମ ହେବା ପରେ କନ୍ଦର୍ପ କୃଷ୍ଣଙ୍କ ଔରସରେ ରୁକ୍ମିଣୀଙ୍କ ଗର୍ଭରେ ପ୍ରଦ୍ୟୁମ୍ନ ନାମରେ ଜନ୍ମଗ୍ରହଣ କରିଥିଲେ ।

ସ୍ମରଣ, ବି. ନ. (ସ୍ମୃ-ଅନ) ଧ୍ୟାନ, ଚିନ୍ତା, ସ୍ମୃତି, ମନେ କରିବା, ପୂର୍ବାନୁଭୂତ ବିଷୟର ଜ୍ଞାନ ।

ସ୍ମରଣୀୟ, ବିଂ. (ସ୍ମୃ-ଅନୀୟ) ସ୍ମରଣର ଯୋଗ୍ୟ, ସ୍ମର୍ତ୍ତବ୍ୟ ।

ସ୍ମରଦଶା, ବି. ସ୍ତ୍ରୀ. (ସ୍ମର-ଦଶା) ମଦନାବସ୍ଥା, କାମଦଶା, ଅଭିଳାଷ, ଚିନ୍ତା, ସ୍ମୃତି, ଗୁଣ-କଥନ, ଉଦ୍‌ବେଗ, ପ୍ରଳାପ, ଉନ୍ମାଦ, ରୋଗ, ଜଡ଼ତା, ମରଣ ଏହି ଦଶ ।

ସ୍ମରଧ୍ୱଜ, ବି. ପୁଂ. (ସ୍ମର-ଧ୍ୱଜ) ବାଦ୍ୟ, ଚିହ୍ନ, ମେଢ୍ର, ଉପସ୍ଥ, କାମଦେବର ଲାଞ୍ଛନ, ମତ୍ସ୍ୟ ।

ସ୍ମରଧ୍ୱଜା, ବି. ସ୍ତ୍ରୀ. ଚନ୍ଦ୍ରିକାଶୋଭିତ ନିଶା । ନ. ସ୍ତ୍ରୀଚିହ୍ନ ।

ସ୍ମରପ୍ରିୟା, ବି. ସ୍ତ୍ରୀ. ( ସ୍ମର-ପ୍ରିୟା ) ରତି, କାମପତ୍ନୀ ।

ସ୍ମରବଲ୍ଲଭ, ବି. ପୁଂ. (ସ୍ମର-ବଲ୍ଲଭ) ଅନିରୁଦ୍ଧ, ପ୍ରଦ୍ୟୁମ୍ନର ପୁତ୍ର ।

ସ୍ମରବୀଥିକା, ବି. ସ୍ତ୍ରୀ. (ସ୍ମର-ବୀଥି-କା) ବାରାଙ୍ଗନା ବେଶ୍ୟା ।

ସ୍ମରସଖା, ବି. ପୁଂ. (ସ୍ମର ସଖି-ଅ) ଚନ୍ଦ୍ର, ମଦନ-ବନ୍ଧୁ, ବସନ୍ତ ।

ସ୍ମରହର } ବି. ପୁଂ. ( ସ୍ମର-ହର, ଅରି )
ସ୍ମରାରି } ଶିବ ।

ସ୍ମରାଙ୍କୁଶ, ବି. ପୁଂ. (ସ୍ମର ଅଙ୍କୁଶ) ନଖର, ନଖ-ନାୟକ, ଲମ୍ପଟ ।

ସ୍ମର୍ତ୍ତବ୍ୟ, ବିଂ. ( ସ୍ମୃ-ତବ୍ୟ ) ସ୍ମୃତିଯୋଗ୍ୟ, ସ୍ମରଣୀୟ ।

ସ୍ମାରକ, ବିଂ. (ସ୍ମୃ-ଅକ) ସ୍ମୃତିଜନକ, ସ୍ମରଣ-କାରୀ, ଉଦ୍‌ବୋଧକ ।

ସ୍ମାରିତ, ବିଂ. (ସ୍ମାରି-ତ) ଯାହା ସ୍ମରଣ କରାଇ ଦିଆଯାଏ ।

ସ୍ମାର୍ତ୍ତ, ବିଂ. (ସ୍ମୃତି-ଅ) ସ୍ମୃତିସମ୍ବନ୍ଧୀୟ, ସ୍ମୃତି, ଶାସ୍ତ୍ରୋକ୍ତ, ସ୍ମୃତିଶାସ୍ତ୍ରରେ ପଣ୍ଡିତ ।

ସ୍ମିତ, ବି. ନ. (ସ୍ମି-ତ) ଈଷତ୍ ହାସ୍ୟ । ବିଂ. ହସିତ, ବିସ୍ମିତ, ବିକଶିତ ।

ସ୍ମୃତ, ବିଂ. (ସ୍ମୃ-ତ) ସ୍ମରଣର ବିଷୟ, ଯାହାର ସ୍ମରଣ ହୋଇଅଛି ।

ସ୍ମୃତି, ବି. ସ୍ତ୍ରୀ. (ସ୍ମୃ-ତି) ସ୍ମରଣ, ପୂର୍ବାନୁଭୂତ ବିଷୟର ଜ୍ଞାନ, ମନ୍ୱାଦି ମୁନିପ୍ରଣୀତ ଧର୍ମଶାସ୍ତ୍ର, ଧର୍ମସଂହିତା, ଇଚ୍ଛା ବୁଦ୍ଧି ।

ସ୍ଫୁରିତମାନ୍ ବି. ନ. ( ସ୍ଫୁରିତ-ମତ୍ ) ସ୍ଫୁରଣଯୁକ୍ତ, ସ୍ଫୁରଣକାରୀ, ତୀକ୍ଷ୍ଣସ୍ଫୁରିତଶକ୍ତିସମ୍ପନ୍ନ ।

ସ୍ମେର, ବିଂ. ( ସ୍ମି-ର ) ଈଷତ୍ ହାସ୍ୟଯୁକ୍ତ, ବିକସିତ, ସ୍ପଷ୍ଟ । ଯଥା—

ବିମ୍ବାଧରା, ଘନଲମ୍ବକେଶୀ, ସ୍ମେରାନନା
ହାରାଙ୍ଗନାବଳ, ରତ ହଣି ରୂପବତୀ । ମ. ଯା.

ସ୍ୟନ୍ଦ, ବି. ପୁଂ. (ସ୍ୟନ୍ଦ୍-ଅ) କ୍ଷରଣ, ଗମନ, ରଥ, ବେଗ ।

ସ୍ୟନ୍ଦନ, ବି. ପୁଂ. ( ସ୍ୟନ୍ଦ୍-ଅନ ) ରଥ । ଯଥା—

ବଳେ ବସାଇ ସ୍ୟନ୍ଦନେ ବେ ଗଲା ବ ଦେନ ।

ବାୟୁ, ବୃକ୍ଷବିଶେଷ, ଗତକଳ୍ପର ଜୀବନ ।

ନ. କ୍ଷରଣ, ଗତି, ଜଳ । ବିଂ. ଗତିଶୀଳ, ବେଗବାନ୍ ।

ସ୍ୟନ୍ଦନାରୋହ, ବି. ପୁଂ. ( ସ୍ୟନ୍ଦନ-ଆରୋହ ) ରଥ, ରଥସ୍ଥ ଯୋଦ୍ଧା ।

ସ୍ୟନ୍ଦନୀ } ସ୍ୟନ୍ଦିନୀ } ବି. ସ୍ତ୍ରୀ. ( ସ୍ୟନ୍ଦ୍-ଅନ, ଇନ୍ ଈ ) ଲାଳ, ମୁଖଜାତ ପାଣି, ଗାଈ, ଯେ ଯମଜ ବତ୍ସ ପ୍ରସବ କରେ ।

ସ୍ୟମନ୍ତକ, ବି. ପୁଂ. କୃଷ୍ଣଙ୍କର ହସ୍ତସ୍ଥିତ ଭୂଷଣ ମଣିରତ୍ନ ।

ସ୍ୟମୀକ, ବି. ପୁଂ. ( ସ୍ୟମ୍-ଈକ ) ବାଲ୍ମୀକ, ଉଇର ହୁଙ୍କା, ସମୟ, ମେଘ ।

ସ୍ୟୂତ, ବି. ପୁଂ. ( ସିବ୍ ତ ) ସୂତ୍ରନିର୍ମିତ ପାତ୍ର, ଗୁଣ୍ଡି, ଥଳି । ବିଂ. ବୁଣିବା, ପ୍ରୋତ, ସିଲାଇ କରିବା, ରଫୁ କରିବା, ଗ୍ରଥିତ ।

ସ୍ୟୂତସନ୍ଧି, ( Suture ) ଯେଉଁମାନଙ୍କର ସନ୍ଧିସ୍ଥଳ ସିଲାଇ ହୋଇଥାଏ, ମସ୍ତକର ଅସ୍ଥିଗୁଡ଼ିକ ଏରୂପ ସମ୍ବଦ୍ଧ ଯେ, ଦେଖିଲେ ବୋଧ ହୁଏ ଯେପରି ସେଗୁଡ଼ିକ ସିଲାଇ କରି ହୋଇଅଛି, ଏଥି ସକାଶେ ସେମାନଙ୍କର ସଂଯୋଗସ୍ଥଳକୁ ସ୍ୟୂତସନ୍ଧି କହନ୍ତି ।

ସ୍ରଂସୀ, ବିଂ. ( ସ୍ରଂସ-ଇନ୍ ) ଅଧଃପତନଶୀଳ, ଚ୍ୟୁତଶୀଳ, ସ୍ଖଳିତ, ଭ୍ରଷ୍ଟ, ପତିତ ।

ସ୍ରକ୍, ବି. ସ୍ତ୍ରୀ. ( ସୃଜ୍ ° ) ମାଲ୍ୟ, ମାଳା, ହାର ।

ସ୍ରଗାବଳି, ବିଂ. (ସ୍ରକ୍-ଆବଳି) ପୁଷ୍ପର ପାଖୁଡ଼ା ମାନଙ୍କର ସମଷ୍ଟି ।

ସ୍ରବ, ପୁଂ. } ସ୍ରବଣ, ନ. } ବି. ( ସ୍ରୁ-ଅ, ଅନ) କ୍ଷରଣ, ପତନ, ଗଳନ, ଉତ୍ସ, ଝର ।

ସ୍ରବନ୍ତୀ, ନ ସ୍ତ୍ରୀ. ( ସ୍ରବତ୍-ଈ ) ନଦୀ, ନିର୍ଝରିଣୀ ।

ସ୍ରଷ୍ଟା, ବି. ପୁଂ. ( ସୃଜ୍-ତୃ ) ବିଧାତା, ବ୍ରହ୍ମା, ଶିବ । ବିଂ. ସୃଷ୍ଟିକର୍ତ୍ତା ।

ସ୍ରସ୍ତ, ବିଂ. ( ସ୍ରନ୍ସ୍-ତ ) କ୍ଷରିତ, ଚ୍ୟୁତ, ବିଗଳିତ, ସ୍ଥଳଭ୍ରଷ୍ଟ ।

ସ୍ରାବ, ବି. ପୁଂ. ( ସ୍ରୁ-ଅ ) କ୍ଷରଣ, ପତନ, ଭ୍ରଂଶ ।

ସ୍ରାବକ, ବିଂ. (ସ୍ରୁ-ଅକ) କ୍ଷରଣଶୀଳ । ବି. ନ. ମରିଚ ।

ସ୍ରୁତ, ବିଂ. (ସ୍ରୁ-ତ) କ୍ଷରିତ, ଗଳିତ, ପତିତ ।

ସ୍ରୁତି, ବି. ସ୍ତ୍ରୀ. ( ସ୍ରୁ ତି ) କ୍ଷରଣ, ନିସ୍ୟନ୍ଦ, ଗଳନ, ପତନ ।

ସ୍ରୁବ, ପୁଂ. } ସ୍ରୁବା, ସ୍ତ୍ରୀ. } ବି. (ସ୍ରୁ-ଅ,ଆ) ଯଜ୍ଞାଗ୍ନିରେ ଘୃତ ପ୍ରକ୍ଷେପଣାର୍ଥ କାଷ୍ଠରଚିତ ପାତ୍ର-ବିଶେଷ ।

ସ୍ରୋତ } ସ୍ରୋତଃ } ବି. ନ. ( ସ୍ରୁ-ଅ, ଅସ୍ ) ଜଳ-ପ୍ରବାହ, ଇନ୍ଦ୍ରିୟ, ସପ୍ରବିଧ ମଦକ୍ଷରଣ ।

ସ୍ରୋତସ୍ୟ, ବି. ପୁଂ. ( ସ୍ରୋତସ୍-ଯ ) ଶିବ, ଚୋର ।

ସ୍ରୋତସ୍ୱାନ୍, ବିଂ. ( ସ୍ରୋତସ୍-ବତ୍ ) ସ୍ରୋତୋ-ବିଶିଷ୍ଟ ।

ସ୍ରୋତସ୍ୱତୀ } ସ୍ରୋତସ୍ୱିନୀ } ସ୍ରୋତୋବହା } ବି. ସ୍ତ୍ରୀ. ( ସ୍ରୋତସ୍-ବତ୍, ବିନ୍, ବହ ) ନଦୀ । ବିଂ. ସ୍ରୋତବିଶିଷ୍ଟ ।

ସ୍ୱ, ବି. ପୁଂ. ( ସ୍ୱନ୍-ଅ ) ଜ୍ଞାତି । ( ସର୍ବନାମ ) ଆତ୍ମା, ସ୍ୱୟଂ, ଜୀବାତ୍ମା । ନ. ଐଶ୍ୱର୍ଯ୍ୟ, ଧନ । (ସର୍ବନାମ) ବିଂ. ସ୍ୱକୀୟ ।

ସ୍ୱକୀୟ, ବିଂ. (ସ୍ୱ-ଈୟ) ଆପଣା, ସ୍ୱୀୟ, ନିଜ ।

ସ୍ୱଗତ, ବିଂ. ( ସ୍ୱ-ଗତ ) ଆତ୍ମଗତ, ଆତ୍ମନିଷ୍ଠ, ମନୋଗତ । ବି ନ. ମନେମନେ, ଅଭିନୟ ବ୍ୟକ୍ତି ଭିନ୍ନ ରଙ୍ଗଭୂମିସ୍ଥ ଜନମାନଙ୍କର ଶ୍ରବଣଯୋଗ୍ୟ ବାକ୍ୟ, ଅଭିନୟ କାଳରେ କୌଣସି ନିକଟ ସନ୍ନିହିତ ବ୍ୟକ୍ତିମାନଙ୍କ ନିକଟରେ ଗୋପନ କରିବା ନିମିତ୍ତ ବିଷୟ-ବିଶେଷର ମନେ ମନେ ଯେ ଆନ୍ଦୋଳନ କଲେ, ତାହାର ନାମ ସ୍ୱଗତ । ଯଥା—

ଆରତେ କରତ ହେଉଥାଇ ମନ,
ଭାବୁଥାଇ ବାଲା ସ୍ୱଗତେ ଏମନ । ନ. କେ.

ସ୍ୱାଙ୍ଗ, ବିଂ. ( ସ୍ୱ-ଅଙ୍ଗ ) ସ୍ୱରୂପ, ସ୍ୱନର ଅଙ୍ଗ-ବିଶିଷ୍ଟ ।

ସ୍ୱଚ୍ଛ, ବିଂ. (ସୁ-ଅଚ୍ଛ) ନିର୍ମଳ, ପ୍ରତିବିମ୍ବଧାରଣକ୍ଷମ, କାଚ ପ୍ରଭୃତି, ଶୁଭ୍ର, ଶୁକ୍ଳ, ସୁସ୍ଥ, ନୀରୋଗ । ପୁଂ. ସ୍ଫଟିକ । ଚ୍ଛା, ସ୍ତ୍ରୀ. ଶ୍ୱେତଦୂର୍ବା ।

ସ୍ୱଚ୍ଛତା, ବି. ସ୍ତ୍ରୀ (ସ୍ୱଚ୍ଛ-ତା) ନିର୍ମଳତା, ପ୍ରତିବିମ୍ବ ଧାରଣକ୍ଷମତା, ଯେଉଁ ଗୁଣଦ୍ୱାରା କୌଣସି ବସ୍ତୁର ଭିତର ଦେଇ ଆଲୋକ ଆସିପାରେ ।

ସ୍ୱଚ୍ଛନ୍ଦ, ବିଂ. (ସ୍ୱ-ଛନ୍ଦ) ସ୍ୱାଧୀନ, ସ୍ୱେଚ୍ଛାନୁବର୍ତ୍ତୀ, ଅବାଧିତ, ସୁସ୍ଥ, ଅଯତ୍ନଜାତ ।

ସ୍ୱଚ୍ଛପତ୍ର, ବି. ନ. (ସ୍ୱଚ୍ଛ-ପତ୍ର) ଅଭ୍ରକ ଧାତୁ ।

ସ୍ୱଜ, ବିଂ. (ସ୍ୱ-ଜ) ଆତ୍ମୋତ୍ପନ୍ନ, ଶରୀରଜାତ । ବି. ନ. ରକ୍ତ, ଶୋଣିତ । ପୁଂ. ପୁତ୍ର, ଘର୍ମ । ଜା, ସ୍ତ୍ରୀ. କନ୍ୟା ।

ସ୍ୱଜନ, ବି. ପୁଂ. ( ସ୍ୱ-ଜନ ) ବନ୍ଧୁ, ଆତ୍ମୀୟ, କୁଟୁମ୍ବ ।

ସ୍ୱତଃ, ଅଂ. (ସ୍ୱ-ତସ୍) ନିଜଠାରୁ, ଆପଣାଠାରୁ, ସ୍ୱୟଂ ।

ସ୍ୱତଃପ୍ରବୃତ୍ତ, ବିଂ. ସ୍ୱୟଂପ୍ରବୃତ୍ତ, ସ୍ୱେଚ୍ଛାନୁସାରେ କୌଣସି କାର୍ଯ୍ୟରେ ବ୍ୟାପୃତ ।

ସ୍ୱତଃସିଦ୍ଧ, ବିଂ. ଯାହା କୌଣସି ପ୍ରମାଣସାପେକ୍ଷ ନୁହେ, ଆପଣାଠାରୁ ସିଦ୍ଧ ହୁଏ ।

ସ୍ୱତନ୍ତ୍ର, ବିଂ. (ସ୍ୱ-ତନ୍ତ୍ର) ସ୍ୱାଧୀନ, ଆତ୍ମବଶ ।

ସ୍ୱତ୍ୱ, ବି. ନ. ( ସ୍ୱ-ତ୍ୱ ) ଅଧିକାର, ଧନାଦିରେ ପ୍ରଭୁତ୍ୱ ।

ସ୍ୱଦନ, ବି. ନ. ( ସ୍ୱଦ୍-ଅନ ) ଆସ୍ୱାଦନ ( ସ୍ୱ-ଅଦନ) ଭକ୍ଷଣ ।

ସ୍ୱଧା, ଅଂ. ( ସ୍ୱଦ୍-ଆ ) ଦେବୋଦ୍ଦେଶ୍ୟରେ ହବିର୍ଦାନ, ପିତୃଲୋକ ଉଦ୍ଦେଶ୍ୟରେ ପିଣ୍ଡ-ଦାନ । ସ୍ତ୍ରୀ. ଦେବୀବିଶେଷ, ଅଗ୍ନିପତ୍ନୀ ।

ସ୍ୱଧାପ୍ରିୟ, ବି ପୁଂ. (ସ୍ୱଧା-ପ୍ରିୟ) ଅଗ୍ନି, କୃଷ୍ଣତିଳ ।

ସ୍ୱଧିତ, ବି. ପୁଂ. ସ୍ତ୍ରୀ. (ସ୍ୱଦ୍-ତ) ପରଶୁ, କୁଠାର ।

ସ୍ୱନ, ବି. ପୁଂ. (ସ୍ୱନ୍-ଅ) ଶବ୍ଦ, ଧ୍ୱନି, ସ୍ୱର ।

ସ୍ୱପନ, ନ. } ସ୍ୱପ୍ନ, ପୁଂ. } ବି. (ସ୍ୱପ୍-ଅନ,ନ) ନିଦ୍ରା, ନିଦ୍ରିତ ବ୍ୟକ୍ତିର ବିଜ୍ଞାନ, ନିଦ୍ରାବସ୍ଥାରେ ବିଷୟାନୁଭବ ।

ସ୍ୱଭାବ, ବି. ପୁଂ. (ସ୍ୱ-ଭାବ, ପ୍ରକୃତି, ସ୍ୱରୂପ, ଆତ୍ମଭାବ, ସ୍ୱାଭାବିକ ଅବସ୍ଥା, ଉଦ୍ଦେଶ୍ୟ, ଅଭିପ୍ରାୟ ।

ସ୍ୱଭାବତଃ, ଅଂ. (ସ୍ୱଭାବ-ତସ୍) ସ୍ୱାଭାବିକରୂପରେ ।

ସ୍ୱଭାବୋକ୍ତି, ବି. ସ୍ତ୍ରୀ. ( ସ୍ୱଭାବ-ଉକ୍ତି ) ସ୍ୱଭାବ-କଥନ, କାବ୍ୟର ଅଲଙ୍କାରବିଶେଷ ।

ସ୍ୱୟଂ, ଅଂ. ( ସୁ-ଅୟ୍-ଅମ୍ ) ଆପେ, ନିଜେ, ସାମର୍ଥ୍ୟ ।

ସ୍ୱୟଂଦତ୍ତ, ବି. ପୁଂ. ପୁତ୍ରବିଶେଷ, ପିତୃମାତୃବିହୀନ ବା ତାହାଙ୍କର କର୍ତ୍ତୃକ ପରିତ୍ୟକ୍ତ ଯେ ପୁତ୍ର ସ୍ୱୟଂ ଅନ୍ୟର ପୁତ୍ରତା ସ୍ୱୀକାର କରେ ।

ସ୍ୱୟଂବର } ସ୍ୱୟମ୍ବର } ବି. ପୁଂ. (ସ୍ୱୟମ୍-ବୃ-ଅ) ବିବାହାର୍ଥ ପଦସ୍ଥ ବ୍ୟକ୍ତି ଆହ୍ୱାନପୂର୍ବକ ସଭା କରି ତହିଁ ମଧ୍ୟରୁ ସ୍ତ୍ରୀକର୍ତ୍ତୃକ ସ୍ୱୟଂ ପତିଗ୍ରହଣ ।

ସ୍ୱୟଂବରା } ସ୍ୱୟମ୍ବରା } ବି. ସ୍ତ୍ରୀ. (ସ୍ୱୟମ୍-ବୃ-ଅ, ଆ) ସ୍ୱୟଂ ପତିଗ୍ରାହିଣୀ ସ୍ତ୍ରୀ ।

ସ୍ୱୟଂକୃତ, ବିଂ. ( ସ୍ୱୟମ୍-କୃତ ) ଆତ୍ମକୃତ, ସ୍ୱାଭାବିକ, ଅଯତ୍ନସିଦ୍ଧ । ବି. ପୁଂ. ପୁତ୍ର-ବିଶେଷ ।

ସ୍ୱୟଂଭୂ, } ସ୍ୱୟମ୍ଭୂ } ସ୍ୱୟମ୍ଭୂ } ବି. ପୁଂ. (ସ୍ୱୟମ୍-ଭୂ, ୦, ଭ) ବ୍ରହ୍ମା, ସୃଷ୍ଟିବିଷୟରେ ରଜୋଗୁଣମୟ ବ୍ରହ୍ମା, ପାଳନବିଷୟରେ ସତ୍ତ୍ୱଗୁଣମୟ

ବିଷ୍ଣୁ, ସଂହାର ବିଷୟରେ ତମୋଗୁଣମୟ ମହେଶ୍ୱର—ଏହି ତ୍ରିମୂର୍ତ୍ତି, ସମୟ ।

ସ୍ୱାୟମ୍ଭୁବ, ବି. ପୁଂ. ( ସ୍ୱୟମ୍ଭୂ-ଅ ) ବ୍ରହ୍ମା, ପ୍ରଥମ ମନୁ ।

ସ୍ୱର, ଅଂ. (ସ୍ୱୃ-୦) ସ୍ୱର୍ଗ, ସୁରଲୋକ, ଆକାଶ, ପ୍ରଭା, ସୌନ୍ଦର୍ଯ୍ୟ, ସୂର୍ଯ୍ୟ ଓ ଧ୍ରୁବ ନକ୍ଷତ୍ରର ମଧ୍ୟସ୍ଥାନ, ପରଲୋକ, ନିରବଚ୍ଛିନ୍ନ ସୁଖ ।

ସ୍ୱର, ବି. ପୁଂ.(ସ୍ୱର୍-ଅ) ଉଦାତ୍ତ (ଉତ୍=ଉଚ୍ଚ· ଆ·ଦା=ଉଚ୍ଚାରଣ କରିବା-ତ) ଯେ ଉଚ୍ଚ କରି ଉଚ୍ଚାରିତ ହୁଏ,ଅନୁଦାତ୍ତ (ଅନ୍=ନା· ଉଦାତ୍ତ=ନୀଚ)ଯେ ଉଚ୍ଚ କରି ଉଚ୍ଚାରିତ ନ ହୁଏ,ସ୍ୱରିତ(ସ୍ୱର-ଇତ=ଜାତାର୍ଥରେ)ଯହିଁରେ ଗୁରୁ ଲଘୁ ମିଶି ସ୍ୱର ସଂଜ୍ଞାତ ହୋଇଅଛି, ଏହି ତ୍ରିବିଧ କଣ୍ଠଧ୍ୱନି, ସ୍ୱନ, ଶବ୍ଦ, ଅ, ଇ, ପ୍ରଭୃତି ବର୍ଣ୍ଣ, ଷଡ଼୍‌ଜ, ଋଷଭ, ଗାନ୍ଧାର, ମଧ୍ୟମ, ଧୈବତ, ନିଷାଦ, ପଞ୍ଚମ ଏହି ସପ୍ତବିଧ ଗାନାଙ୍ଗ ଧ୍ୱନି, ଚଳିବେ ପ୍ରାଣାଦି ବାୟୁର ବ୍ୟାପାରବିଶେଷ ।

ସ୍ୱରଲସିକା, ବି. ସ୍ତ୍ରୀ. ( ସ୍ୱର-ଲସ୍-ଅକ ) ବଂଶୀ ।

ସ୍ୱରାଜ୍ୟ, ବି. (ସ୍ୱ-ରାଜ୍ୟ) ସ୍ୱାଧୀନ ରାଜ୍ୟ, ନିଜ ରାଜ୍ୟ ।

ସ୍ୱରାପଗା, ବି. ସ୍ତ୍ରୀ. (ସ୍ୱର୍-ଆପଗା) ସ୍ୱର୍ଗଙ୍ଗା, ସୁରନଦୀ ।

ସ୍ୱରୀଶ୍ୱର, ବି. ସ୍ତ୍ରୀ. ( ସ୍ୱର୍-ଈଶ୍ୱର ) ଇନ୍ଦ୍ର, ଦେବରାଜ ।

ସ୍ୱରୁଃ, ବି. ପୁଂ. (ସ୍ୱୃ-ଉସ୍) ବଜ୍ର, ଅଶନି ।

ସ୍ୱରୁ, ବି. ପୁଂ. (ସ୍ୱୃ-ଉ) ବଜ୍ର, ଯୂପଖଣ୍ଡ, ଯଜ୍ଞ, ଶର, ସୂର୍ଯ୍ୟରଶ୍ମି, ବୃଶ୍ଚିକବିଶେଷ ।

ସ୍ୱରୁଚ, ବିଂ. (ସ୍ୱ-ରୁଚ) ସ୍ୱତନ୍ତ୍ର, ସ୍ୱେଚ୍ଛାଚାରୀ । ବି. ସ୍ତ୍ରୀ. ସ୍ୱେଚ୍ଛା ।

ସ୍ୱରୂପ, ବି. ନ. (ସ୍ୱ-ରୂପ) ପ୍ରକୃତି, ସ୍ୱଭାବ, ସ୍ୱାଭାବିକ ଅବସ୍ଥା । ବିଂ. ପଣ୍ଡିତ, ସୁନ୍ଦର, ମନୋଜ୍ଞ, ପ୍ରକୃତ, ସଦୃଶ, ତୁଲ୍ୟ ।

ସ୍ୱର୍ଗ, ବି. ପୁଂ. ( ସ୍ୱ ଋଜ୍·ଅ ) ସୁରଲୋକ, ଦେବନଗରୀ, ଭୂର୍, ଭୁବର୍, ସ୍ୱର, ମହର୍, ଜନ, ତପସ୍, ସତ୍ୟ—ଏହି ସପ୍ତ, ନିରବଚ୍ଛିନ୍ନ ସୁଖ ।

ସ୍ୱର୍ଗଙ୍ଗା, ବି. ସ୍ତ୍ରୀ. (ସ୍ୱର୍·ଗଙ୍ଗା) ମନ୍ଦାକିନୀ, ସୁରନଦୀ ।

ସ୍ୱର୍ଗତ ବିଂ. (ସ୍ୱର୍·ଗତ) ଯେ ସ୍ୱର୍ଗକୁ ଗମନ କରିଅଛି, ମୃତ ।

ସ୍ୱର୍ଗତି, ବି. ସ୍ତ୍ରୀ. ( ସ୍ୱର୍-ଗତି ) ସ୍ୱର୍ଗଗମନ, ମୃତ୍ୟୁ, ପାରଲୌକିକ ସୁଖ ।

ସ୍ୱର୍ଗପତି, ବି. ପୁଂ. ( ସ୍ୱର୍ଗ-ପତି ) ଇନ୍ଦ୍ର, ଦେବରାଜ ।

ସ୍ୱର୍ଗବଧୂ, ବି. ସ୍ତ୍ରୀ (ସ୍ୱର୍ଗ-ବଧୂ) ସ୍ୱର୍ବଧୂ, ଅପ୍ସରା ।

ସ୍ୱର୍ଗାଚଳ, ବି. ପୁଂ. (ସ୍ୱର୍ଗ·ଅଚଳ) ସୁମେରୁ ପର୍ବତ ।

ସ୍ୱର୍ଗାପଗା, ବି. ସ୍ତ୍ରୀ. (ସ୍ୱର୍ଗ-ଅପ-ଗା) ସ୍ୱର୍ଗଙ୍ଗା, ଗଙ୍ଗାନଦୀ ।

ସ୍ୱର୍ଗୀ, ବି. ପୁଂ. ( ସ୍ୱର୍ଗ-ଇନ୍ ) ଦେବତା, ସୁରଲୋକବାସୀ । ବିଂ. ମୃତ ।

ସ୍ୱର୍ଗ୍ୟ, ସ୍ୱର୍ଗୀୟ } ବିଂ. (ସ୍ୱର୍ଗ-ଯ, ଈୟ) ସ୍ୱର୍ଗସମ୍ବନ୍ଧୀୟ, ସ୍ୱର୍ଗସୁଖଜନକ ।

ସ୍ୱର୍ଣ୍ଣ, ବି. ନ. (ସୁ=ଉତ୍ତମ·ଅର୍ଣ୍ଣ=ବର୍ଣ୍ଣ)କାଞ୍ଚନ, ସୁବର୍ଣ୍ଣ, ସୁନା, ଧୁସ୍ତୂର ।

ସ୍ୱର୍ଣ୍ଣକାୟ, ବି. ପୁଂ. (ସ୍ୱର୍ଣ୍ଣ-କାୟ) ଗରୁଡ଼ । ବିଂ. ସ୍ୱର୍ଣ୍ଣମୟ ଶରୀର ।

ସ୍ୱର୍ଣ୍ଣକାର, ସ୍ୱର୍ଣ୍ଣକୃତ୍ } ବି ପୁଂ. ( ସ୍ୱର୍ଣ୍ଣ-କାର, କୃତ୍ ) ବଣିଆଜାତି ।

ସ୍ୱର୍ଣ୍ଣଚୂଡ଼, ବି. ପୁଂ. (ସ୍ୱର୍ଣ୍ଣ-ଚୂଡ଼ା) ପକ୍ଷିବିଶେଷ, ଚଷାପୁଅ ପକ୍ଷୀ, କୁକ୍କୁଟ ।

ସ୍ୱର୍ଣ୍ଣଜ, ବି. ନ. (ସ୍ୱର୍ଣ୍ଣ-ଜ) ଟିନଧାତୁ ।

ସ୍ୱର୍ଣ୍ଣଦୀ, ସ୍ୱର୍ନଦୀ } ବି. ସ୍ତ୍ରୀ. (ସ୍ୱର୍·ନଦୀ ) ମନ୍ଦାକିନୀ, ଗଙ୍ଗା ।

ସ୍ୱର୍ଣ୍ଣଦୀଧିତି, ବି. ପୁଂ. ( ସ୍ୱର୍ଣ୍ଣ-ଦୀଧିତି ) ଅଗ୍ନି, ବହ୍ନି ।

ସ୍ୱର୍ଣ୍ଣପକ୍ଷ, ବି. ପୁଂ. (ସ୍ୱର୍ଣ୍ଣ-ପକ୍ଷ) ଗରୁଡ଼, ସୁବର୍ଣ୍ଣ-ପକ୍ଷଶାଳୀ ।

ସ୍ୱର୍ଣ୍ଣପଦ୍ମ, ବି. ସ୍ତ୍ରୀ. (ସ୍ୱର୍ଣ୍ଣ-ପଦ୍ମ) ସ୍ୱର୍ଗଗଙ୍ଗା ।

ସ୍ୱର୍ଣ୍ଣପୁଷ୍ପ, ବି. ପୁଂ. (ସ୍ୱର୍ଣ୍ଣ-ପୁଷ୍ପ) ଚମ୍ପକବୃକ୍ଷ ।

ସ୍ୱର୍ଣ୍ଣବଣିକ୍, ବି. ପୁଂ. ( ସ୍ୱର୍ଣ୍ଣ ବଣିଜ୍ ) ସୁନାର ବଣିଆଜାତି ।

ସ୍ୱର୍ଣ୍ଣବିନ୍ଦୁ, ବି. ପୁଂ. ( ସ୍ୱର୍ଣ୍ଣ-ବିନ୍ଦୁ ) ବିଷ୍ଣୁ, ସୁବର୍ଣ୍ଣକଣା ।

ସ୍ୱର୍ଭାନୁ, ବି. ପୁଂ. (ସ୍ୱର୍-ଭାନୁ) ରାହୁଗ୍ରହ ।

ସ୍ୱର୍ଲୋକ, ବି. ପୁଂ. (ସ୍ୱର୍-ଲୋକ) ସ୍ୱରଲୋକ, ସ୍ୱର୍ଗ ।

ସ୍ୱର୍ବଧୂ, ସ୍ୱର୍ବେଶ୍ୟା } ବି. ସ୍ତ୍ରୀ. ( ସ୍ୱର୍-ବଧୂ, ବେଶ୍ୟା) ଅପ୍ସରା ।

ସ୍ୱର୍ବାପୀ, ବି. ସ୍ତ୍ରୀ. ( ସ୍ୱର୍-ବାପୀ ) ସ୍ୱରନଦୀ, ଗଙ୍ଗା ।

ସ୍ୱର୍ବୈଦ୍ୟ, ବି. ପୁଂ. ( ସ୍ୱର୍ ବୈଦ୍ୟ ) ସ୍ୱର୍ଗର ଚିକିତ୍ସକ, ଅଶ୍ୱିନୀକୁମାରଦ୍ୱୟ ।

ସ୍ୱଳ୍ପ, ବିଂ. (ସୁ-ଅଳ୍ପ) ଅତିଅଳ୍ପ, ଅତିକ୍ଷୁଦ୍ର ।

ସ୍ୱବଶ, ବିଂ. (ସ୍ୱ-ବଶ) ସ୍ୱାୟତ୍ତ, ଆତ୍ମବଶ ।

ସ୍ୱବାସିନୀ, ବି. ସ୍ତ୍ରୀ. ( ସ୍ୱ-ବାସିନୀ ) ଚିର-ପିତୃଗୃହବାସିନୀ ବିବାହିତା ଅବିବାହିତା କନ୍ୟା ।

ସ୍ୱବୀଜ, ବି. ପୁଂ. (ସ୍ୱ-ବୀଜ) ଆତ୍ମା । ନ. ନିଜ-କାରଣ ।

ସ୍ୱସା, ବି. ସ୍ତ୍ରୀ. (ସୁ-ଅସ୍-ଋ) ଭଗିନୀ, ଭଉଣୀ ।

ସ୍ୱସ୍ତି, ଅଂ. ( ସୁ-ଅସ୍-ତି ) ଆଶୀର୍ବାଦ, ଶୁଭ, ମଙ୍ଗଳ, ପୁଣ୍ୟାଦି ସ୍ୱୀକାର, ଦାନ, ସନ୍ତୋଷ । ଯଥା—

> ସ୍ୱସ୍ତି ସ୍ୱସ୍ତି ଉଚ୍ଚାରିଲେ ଋଷି ବ୍ରହ୍ମବାଦୀ ।

ସ୍ୱସ୍ତିକ, ବି. ପୁଂ. ନ. ( ସ୍ୱସ୍ତି-କ ) ସମ୍ମୁଖ ବାରଣ୍ଡା ବା ଗୃହଦ୍ୱାରଯୁକ୍ତ ପ୍ରାସାଦ, ଯୋଗାଙ୍ଗ ଆସନବିଶେଷ । ବି. ପୁଂ. ମାଙ୍ଗଳିକ ଦ୍ରବ୍ୟ, ସର୍ପଫଣା, ଚତୁଷ୍ପଥ, ପିଷ୍ଟକବିଶେଷ, ଲମ୍ପଟ, ଅଙ୍କୁଶବିଶେଷ ।

ସ୍ୱସ୍ତିମୁଖ, ବି. ପୁଂ. (ସ୍ୱସ୍ତି-ମୁଖ) ଲେଖା, ଲିପି, ବ୍ରାହ୍ମଣ । ବିଂ. ସ୍ତୁତିପାଠକ ।

ସ୍ୱସ୍ତିବାଚନ, ବି. ନ. ( ସ୍ୱସ୍ତି-ବାଚନ ) ମଙ୍ଗଳ କାର୍ଯ୍ୟାରମ୍ଭରେ ମଙ୍ଗଳକଥନ, ସ୍ୱସ୍ତି ଶବ୍ଦର ଉଚ୍ଚାରଣ ।

ସ୍ୱସ୍ତିବାଚନିକ, ବିଂ. ( ସ୍ୱସ୍ତିବାଚନ-ଇକ ) ସ୍ୱସ୍ତି-ବାଚନକାରକ, ସ୍ୱସ୍ତିବାଚନସମ୍ବନ୍ଧୀୟ ।

ସ୍ୱସ୍ତ୍ୟୟନ, ବି. ନ (ସ୍ୱସ୍ତି-ଅୟନ) କୁଗ୍ରହ ଶାନ୍ତି ନିମିତ୍ତ ମଙ୍ଗଳ କର୍ମାନୁଷ୍ଠାନ, ଶୁଭାବହ ବିଧି, ଦାନଗ୍ରହୀତା, ବ୍ରାହ୍ମଣର ଆଶୀର୍ବାଦ ।

ସ୍ୱସ୍ଥ, ବିଂ. ( ସ୍ୱ-ସ୍ଥ ) ନିରୁଦ୍‌ବିଗ୍ନ, ନିଃସନ୍ଦିଗ୍ଧଚିତ୍ତ, ସ୍ଥିର, ସନ୍ତୁଷ୍ଟଚିତ୍ତ, ସମାହିତଚିତ୍ତ, ସୁସ୍ଥ, ନୀରୋଗ, ସ୍ୱର୍ଗସ୍ଥ, ମୃତ ।

ସ୍ୱସ୍ରୀୟ, ବି. ପୁଂ., ସ୍ୱସ୍ରୀୟା, ସ୍ତ୍ରୀ. } (ସ୍ୱସୃ-ଈୟ, ଆ) ଭଗିନୀର ପୁତ୍ର ବା କନ୍ୟା । ବିଂ. ଭଗିନୀସମ୍ବନ୍ଧୀୟ ।

ସ୍ୱାକ୍ଷପାଦ, ବି. ପୁଂ. ନୈୟାୟିକ, ତାର୍କିକ ।

ସ୍ୱାକ୍ଷର, ବି. ପୁଂ. (ସ୍ୱ-ଅକ୍ଷର) ସହି, ଦସ୍ତଖତ୍ ।

ସ୍ୱାଗତ, ବି. ନ. ( ସୁ-ଆଗତ ) କୁଶଳ ପ୍ରଶ୍ନ, ଶୁଭାଗମନ । ଯଥା—

> ପୂଜଣ ଜାମ୍ବଚଙ୍କୁ କୁଠଳ ଅଣି,
> ତା ଅନ୍ତେ ପଚାରଇ ସ୍ୱାଗତ ବାଣୀ । ମେ. ଦୂ.

ସ୍ୱାଚ୍ଛନ୍ଦ୍ୟ, ବି. ନ. ( ସ୍ୱଚ୍ଛନ୍ଦ-ଯ ) ସ୍ୱଚ୍ଛନ୍ଦତା, ସ୍ୱାଧୀନତା, ସୁସ୍ଥତା, ସ୍ୱାସ୍ଥ୍ୟ ।

ସ୍ୱାତନ୍ତ୍ର୍ୟ, ବି. ନ. ( ସ୍ୱତନ୍ତ୍ର-ଯ ) ସ୍ୱତନ୍ତ୍ରତା, ସ୍ୱାଧୀନତା ।

ସ୍ୱାତି, ସ୍ୱାତୀ } ବି. ସ୍ତ୍ରୀ (ସ୍ୱ-ଅତ୍-ଇ) ନକ୍ଷତ୍ରବିଶେଷ, ସୂର୍ଯ୍ୟପତ୍ନୀବିଶେଷ, ଖଡ୍ଗ ।

ସ୍ୱାତ୍ମରକ୍ଷା, ବି. ସ୍ତ୍ରୀ. ( Fencing ) ଆକ୍ରମଣ ଅଥବା ଆତ୍ମରକ୍ଷାର୍ଥ ତରବାରି ପ୍ରୟୋଗ-ବିଷୟକ ନୈପୁଣ୍ୟସାଧନ ବିଦ୍ୟା ।

ସ୍ୱାଦ, ବି. ପୁଂ. ( ସ୍ୱଦ୍-ଅ ) ରସାସ୍ୱାଦ ଅନୁଭବ, ଲେହନ, ପ୍ରୀତି ।

ସ୍ୱାଦନ, ବି. ନ. ( ସ୍ୱଦ୍-ଅନ ) ରସଗ୍ରହଣ, ଆସ୍ୱାଦାନୁଭବ, ରସ ।

ସ୍ୱାଦିତ, ବିଂ. (ସ୍ୱାଦ୍-ତ) ଭକ୍ଷିତ, ଗୃହୀତସ୍ୱାଦ, ଆସ୍ୱାଦିତ, ଲୀଢ଼ ।

ସ୍ୱାଦୁ, ବିଂ. (ସ୍ୱଦ୍-ଉ) ମିଷ୍ଟ, ମଧୁର, ସୁସ୍ୱାଦୁ, ମନୋଜ୍ଞ । ବି. ପୁଂ. ମଧୁରରସ, ଔଷଧିବିଶେଷ, ଜୀବକ, ମଧୁ, ଗୁଡ଼ ।

ସ୍ୱାଦୁରସା, ବି. ସ୍ତ୍ରୀ. ଔଷଧିବିଶେଷ, ଦ୍ରାକ୍ଷାଜାତ ସୁରା, ଦ୍ରାକ୍ଷା, ଆମଡ଼ା ।

ସ୍ୱାଧିକାର, ବି. ପୁଂ. ( ସ୍ୱ-ଅଧିକାର ) ନିଜ ଅଧିକାର, ନିଜ କର୍ତ୍ତବ୍ୟ ।

ସ୍ୱାଧୀନ, ବିଂ. (ସ୍ୱ-ଅଧୀନ) ସ୍ୱେଚ୍ଛାଚାରୀ, ଆତ୍ମବଶ, ଅପରାଧୀନ, ସ୍ୱତନ୍ତ୍ର ।

ସ୍ୱାଧୀନତା, ବି. ନ. ( ସ୍ୱାଧୀନ ତା) ସ୍ୱତନ୍ତ୍ରତା, ଆତ୍ମବଶତା ।

ସ୍ୱାଧୀନପତିକା } ସ୍ୱାଧୀନଭର୍ତ୍ତୃକା } ବି. ସ୍ତ୍ରୀ. ( ସ୍ୱ-ଅଧୀନ-ପତି, ଭର୍ତ୍ତୃ ) ନାୟିକାବିଶେଷ, ନାୟକ ଯାହାର ବଶ ।

ସ୍ୱାଧ୍ୟାୟ, ବି. ପୁଂ. ( ସୁ-ଆ-ଅଧ୍ୟାୟ) ବେଦାଧ୍ୟୟନ, ବେଦପାଠ, ବେଦାଂଶବିଶେଷ ।

ସ୍ୱାଧ୍ୟାୟବାନ୍ } ସ୍ୱାଧ୍ୟାୟୀ } ବି. ପୁଂ. ( ସ୍ୱାଧ୍ୟାୟବତ୍, ସ୍ୱାଧ୍ୟାୟ-ଇନ୍ ) ବେଦପାଠକ, ଯେ ବେଦ ପଢ଼େ ।

ସ୍ୱାନ, ବି. ପୁଂ. ( ସ୍ୱନ୍-ଅ ) ସ୍ୱନ, ଧ୍ୱନି, ଶବ୍ଦ ।

ସ୍ୱାନ୍ତ, ବି. ନ. (ସ୍ୱନ୍-ତ) ଚିତ୍ତ, ମନଃ, ଗହ୍ୱର । ବିଂ. ଶବ୍ଦିତ, ଧ୍ୱନିତ ।

ସ୍ୱାପ, ବି. ପୁଂ. ( ସ୍ୱପ୍-ଅ ) ନିଦ୍ରା, ନିଦ୍ରାବସ୍ଥାରେ ବିଷୟାନୁଭବ, ସ୍ୱପ୍ନ, ଅଚୈତନ୍ୟ, ପକ୍ଷାଘାତ, ସ୍ପର୍ଶଶକ୍ତିରହିତ୍ୟ, ପକ୍ଷାଘାତରୋଗ ।

ସ୍ୱାପତେୟ, ବି. ନ. ( ସ୍ୱ-ପତି-ଏୟ ) ଧନ, ସମ୍ପତ୍ତି, ବିଭବ ।

ସ୍ୱାପଦ, ବି. ପୁଂ. ( ସ୍ୱାନ୍-ପଦ ) ବନ୍ୟଜନ୍ତୁ, ହିଂସ୍ରଜନ୍ତୁ ।

ସ୍ୱାଭାବିକ, ବିଂ. ( ସ୍ୱଭାବ-ଇକ ) ସ୍ୱଭାବସିଦ୍ଧ, ନୈସର୍ଗିକ ।

ସ୍ୱାମିତ୍ୱ, ବି. ନ. (ସ୍ୱାମିନ୍-ତ୍ୱ) ପ୍ରଭୁତ୍ୱ, କର୍ତ୍ତୃତ୍ୱ ସତ୍ତ୍ୱ, ଅଧିକାର ।

ସ୍ୱାମୀ, ବି. ପୁଂ ( ସ୍ୱ ମିନ୍ ) ଅଧିପତି, ପ୍ରଭୁ, ରାଜା, ପତି, ଭର୍ତ୍ତା, ପଣ୍ଡିତ ବ୍ରାହ୍ମଣ, କାର୍ତ୍ତିକେୟ, ଗୁରୁ, ବିଷ୍ଣୁ, ଶିବ, ବାତ୍ସ୍ୟାୟନ ମୁନି, ଗରୁଡ଼, ପରମହଂସ । ବିଂ. ପ୍ରଭୁ, ଅଧିକାରୀ ।

ସ୍ୱାୟମ୍ଭୁବ, ବି. ପୁଂ. ( ସ୍ୱୟମ୍ଭୂ-ଅ ) ସ୍ୱୟମ୍ଭୂପୁତ୍ର, ପ୍ରଥମ ମନୁ । ବିଂ. ସ୍ୱୟମ୍ଭୂ ।

ସ୍ୱାରାଟ୍, ବି. ପୁଂ. (ସ୍ୱର-ରାଜ୍-କ୍ୱିପ୍ ) ସ୍ୱର୍ଗର ରାଜା, ଇନ୍ଦ୍ର ।

ସ୍ୱାରାଜ୍ୟ, ବି. ନ. ( ସ୍ୱାରାଜ୍-ଯ ) ଈଶ୍ୱରତ୍ୱ, ଇନ୍ଦ୍ରତ୍ୱ ।

ସ୍ୱାରୋଚିଷ, ବି. ପୁଂ. ( ସ୍ୱରୋଚିଷ୍-ଅ ) ଦ୍ୱିତୀୟ ମନୁ ।

ସ୍ୱାର୍ଥ, ବି. ପୁଂ. ( ସ୍ୱ-ଅର୍ଥ) ସ୍ୱକାର୍ଯ୍ୟ ନିଜ ପ୍ରୟୋଜନ, ସ୍ୱୀୟ ଅର୍ଥ, ବିଶେଷଣ ।

ସ୍ୱାର୍ଥପର } ସ୍ୱାର୍ଥପରାୟଣ } ବିଂ. (ସ୍ୱାର୍ଥ-ପର, ପରାୟଣ) ସ୍ୱକାର୍ଯ୍ୟ ସାଧନରେ ତତ୍ପର, ନିଜ ପ୍ରୟୋଜନ ସିଦ୍ଧି ବିଷୟରେ ବ୍ୟଗ୍ର ।

ସ୍ୱାର୍ଥିକ, ବିଂ. (ସ୍ୱାର୍ଥ-ଇକ) ସ୍ୱାର୍ଥରେ ବିହିତ, ନିଜ ଅର୍ଥଦ୍ୱାରା ସମ୍ପାଦିତ ।

ସ୍ୱାସ୍ଥ୍ୟ, ବି. ନ. (ସୁସ୍ଥ-ଯ) ସୁସ୍ଥତା, ଆରୋଗ୍ୟ, ସନ୍ତୋଷ, ନିରୁଦ୍ବେଗ, ନିଶ୍ଚିନ୍ତତା, ସୁଖ ।

ସ୍ୱାହା, ଅଂ. ( ସୁ-ଆ-ହ୍ୱେ ଆ ) ଦେବୋଦ୍ଦେଶ୍ୟରେ ଅଗ୍ନିରେ ଘୃତ ପ୍ରଦାନ, ତଦ୍ଦାନର ମନ୍ତ୍ର, ଅଗ୍ନିଙ୍କ ଭାର୍ଯ୍ୟା, ମାତୃକାବିଶେଷ ।

ସ୍ୱାହାପତି } ସ୍ୱାହାପ୍ରିୟ } ବି. ପୁଂ. ( ସ୍ୱାହା ପତି, ପ୍ରିୟ ) ଅଗ୍ନି ।

ସ୍ୱାହାଭୁକ୍, ବି. ପୁଂ. (ସ୍ୱାହା-ଭୁଜ୍) ଦେବତା ।

ସ୍ୱିତ୍, ଅଂ. (ସ୍ୱ-ଇ-ତ) ପ୍ରଶ୍ନ, ବିତର୍କ, ସଂଶୟ, ପାଦପୂରଣାର୍ଥକ ।

ସ୍ୱିନ୍ନ, ବିଂ. ( ସ୍ୱିଦ୍-ତ ) ସ୍ୱେଦଯୁକ୍ତ, ଘର୍ମାକ୍ତ, ଆର୍ଦ୍ର, ପକ୍ୱ ।

ସ୍ୱୀକାର, ବି. ପୁଂ. (ସ୍ୱ-କାର, ଅଭୂତ ତଦ୍ଭାବାର୍ଥେ ଈ) ପ୍ରତିଜ୍ଞା, ଅଙ୍ଗୀକାର, ପରିଗ୍ରହ, ପ୍ରତିଗ୍ରହ, ଗ୍ରହଣ, ଆତ୍ମୀୟୀକରଣ, ବଶୀକରଣ ।

ସ୍ୱୀକୃତ, ବିଂ. (ସ୍ୱ-କୃତ) ଅଙ୍ଗୀକୃତ, ସମ୍ମତ, ପରିଗୃହୀତ, ପ୍ରତିଗୃହୀତ, ଗୃହୀତ, ଆତ୍ମୀୟୀକୃତ ।

ସ୍ୱୀୟ, ବିଂ. (ସ୍ୱ-ଈୟ) ସ୍ୱକୀୟ, ଆତ୍ମୀୟ, ନିଜ ।

ସ୍ୱୀୟା, ବି. ସ୍ତ୍ରୀ. ନାୟିକାବିଶେଷ, ସ୍ୱାମୀ ପ୍ରତି ଅନୁରକ୍ତା ନାୟିକା ।

ସ୍ୱେଚ୍ଛା, ବି. ସ୍ତ୍ରୀ. ( ସ୍ୱ-ଇଚ୍ଛା ) ଯଦୃଚ୍ଛା, ଆପଣା ଇଚ୍ଛା, ସ୍ୱଚ୍ଛନ୍ଦ ।

ସ୍ୱେଚ୍ଛାଚାରୀ, ବିଂ. (ସ୍ୱେଚ୍ଛା-ଆଚାରୀ) ସ୍ୱାଧୀନ, ଯେ ଆପଣା ଇଚ୍ଛାନୁସାରେ ଆଚରଣ କରେ, ଅବାଧ ।

ସ୍ୱେଚ୍ଛାମୃତ୍ୟୁ, ବି. ପୁଂ. (ସ୍ୱେଚ୍ଛା-ମୃତ୍ୟୁ) ଭୀଷ୍ମ ।

ସ୍ୱେଦ, ବି. ପୁଂ. (ସ୍ୱିଦ୍-ଅ) ତାପ, ଘର୍ମ, ଝାଳ, କ୍ଳେଦ, ବାଷ୍ପ, ଉଷ୍ମ ।

ସ୍ୱେଦଜ, ବିଂ. (ସ୍ୱେଦ-ଜ) ଉଷ୍ମଜାତ, କୃମିଦଂଶମଶକାଦି ।

ସ୍ୱେଦନ, ବି. ନ. (ସ୍ୱେଦ-ଅନ) ସ୍ୱେଦ, ଘର୍ମ, ଘର୍ମଜନକ, ଘର୍ମୋତ୍ପତ୍ତି, ଘର୍ମନିଃସାରଣ ।

ସ୍ୱେଦନିକା, ବି. ସ୍ତ୍ରୀ. ( ସ୍ୱେଦନୀ-କ ) ଲୌହମୟ ପାକପାତ୍ର, ଭର୍ଜନପାତ୍ର ।

ସ୍ୱୈର, ବିଂ. (ସ୍ୱ-ଈର-ଅ) ଆତ୍ମବଶ, ସ୍ୱାଧୀନ, ସ୍ୱଚ୍ଛନ୍ଦ, ମନ୍ଦ, ଜଡ଼ । ବି. ନ. ସ୍ୱେଚ୍ଛାଧୀନତା, ଯଥେଚ୍ଛାଚାର ।

ସ୍ୱୈରଚାରିଣୀ, ବି. ସ୍ତ୍ରୀ. (ସ୍ୱୈର-ଚାରିଣୀ) ବ୍ୟଭିଚାରିଣୀ ସ୍ତ୍ରୀ ।

ସ୍ୱୈରଚାରୀ, ବିଂ. ( ସ୍ୱୈର-ଚାରୀ ) ସ୍ୱେଚ୍ଛାଚାରୀ, ଅବାଧ ।

ସ୍ୱୈରତା } ସ୍ୱୈରିତା } ବି. ସ୍ତ୍ରୀ. ( ସ୍ୱୈର-ତା ) ସ୍ୱାଧୀନତା ଯଥେଚ୍ଛାଚାରିତା ।

ସ୍ୱୈରନ୍ଧ୍ରୀ } ସୈରନ୍ଧ୍ରୀ } ବି. ସ୍ତ୍ରୀ (ସ୍ୱୈର-ଧୃ) ପରବେଶ୍ମସ୍ଥ ସ୍ୱବଶା ଶିଳ୍ପକାରିଣୀ ସ୍ତ୍ରୀ ।

ସ୍ୱୈରିଣୀ, ବି. ସ୍ତ୍ରୀ. ( ସ୍ୱୈର-ଇନ୍-ଈ ) ବ୍ୟଭିଚାରିଣୀ ।

ସ୍ୱୈରୀ, ବିଂ. (ସ୍ୱୈର-ଇନ୍) ସ୍ୱେଚ୍ଛାଚାରୀ, ଅବାଧ ।

ସ୍ୱୋରସ, ବି. ପୁଂ. ସୁରସ, ଶିଳାପିଷ୍ଟ ତୈଳବିଶେଷ, କଷାୟବିଶେଷ, ଶିଳାପିଷ୍ଟ କଳ୍କ, କାଣ୍ଡି ।

---

# ହ

ହ, ବ୍ୟଞ୍ଜନବର୍ଣ୍ଣର ତ୍ରୟସ୍ତ୍ରିଂଶଦ୍‌ବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ କଣ୍ଠ । ବି. ପୁଂ. (ହା କମ୍ପା ହନ୍-ଅ) ଶିବ, ବିଷ୍ଣୁ, ଜଳ, ଶୂନ୍ୟ, ଗଗନ, ଧାରଣ, ମଙ୍ଗଳ, ସ୍ୱର୍ଗ, ରକ୍ତ, ଘୋଟକ, ଭୟ, ଧ୍ୟାନ, ଆକାଶ, ଜ୍ଞାନ, ଚନ୍ଦ୍ର, ଯୁଦ୍ଧ, ରୋମାଞ୍ଚ, ଶଙ୍କ, ଚିକିତ୍ସକ, କାରଣ, ଉଦ୍ଦେଶ୍ୟ । ସ୍ତ୍ରୀ. ପରିତ୍ୟାଗ, ବୀଣା । ନ. ପରମାତ୍ମା, ଆନନ୍ଦ, ହର୍ଷ, ଆହ୍ୱାନ, ଅସ୍ତ୍ରଶସ୍ତ୍ର, ମଣିପ୍ରଭା, ବାଣାଧ୍ୱନି । (ହା-ଅ) ଅଂ, ସମ୍ବୋଧନ, ପାଦପୂରଣାର୍ଥକ, କୋପ, ନିନ୍ଦା, ନିୟୋଗ, ନିଗ୍ରହ, ଚଳନ, ମୃତ୍ୟୁ । ପୁଂ. ଛେଦନ, ଉପଦେଶ, ଧାରଣ । ବିଂ. ହାସ୍ୟ, ଉଚ୍ଚହାସିତ, ମତ୍ତ, ସୁରାମତ୍ତ ।

ହଂସ, ବି. ପୁଂ. (ହନ୍-ସ) ହଂସ, ପକ୍ଷିବିଶେଷ, ବିଷ୍ଣୁ, ସୂର୍ଯ୍ୟ, ପରମାତ୍ମା, ବ୍ରହ୍ମା, ଶିବ, ଅଶ୍ୱ, ମାତ୍ସର୍ଯ୍ୟ, ମହିଷ, ପରବ୍ରହ୍ମ, ନିର୍ଲୋଭ, ଯତି, ନରପତି, ଯତିବିଶେଷ, ଗୁରୁ, ପର୍ବତ, ଦେହସ୍ଥ ବାୟୁବିଶେଷ, ଅଶ୍ୱବିଶେଷ, (ଶବ୍ଦର ପରବର୍ତ୍ତୀ

ହେଲେ) ଶ୍ରେଷ୍ଠ, ଉତ୍କୃଷ୍ଟ, ପ୍ରଧାନ । ସ୍ତ୍ରୀ. ହଂସୀ, ଚନ୍ଦନବିଶେଷ ।

**ହଂସକ**, ବି. ପୁଂ. (ହଂସ-କୈ-ଅ) ପାଦାଭରଣବିଶେଷ, ନୂପୁର । (ହଂସ-କ) ରାଜହଂସ, ହଂସ । ସ୍ତ୍ରୀ. ସିକା, ହଂସୀ ।

**ହଂସଗଦ୍ଗଦା**, ବି. ସ୍ତ୍ରୀ. (ହଂସ-ଗଦ୍ =ଶବ୍ଦ କରିବା-ଦ୍ୱିତ୍ୱ-ଅ-ଆ) ମଧୁରଭାଷିଣୀ ।

**ହଂସଗାମିନୀ**, ବି. ସ୍ତ୍ରୀ. (ହଂସ-ଗାମିନୀ) ହଂସବତ୍ ଗମନଶୀଳା ନାରୀବିଶେଷ, ବ୍ରହ୍ମାଣୀ, ଦେବୀ ।

**ହଂସଦାହନ**, ବି. ନ. (ହଂସ-ଦାହନ) ଅଗୁରୁ, ସୁଗନ୍ଧକାଷ୍ଠବିଶେଷ ।

**ହଂସନାଦିନୀ**, ବି. ସ୍ତ୍ରୀ. (ହଂସ-ନାଦିନୀ) ପରମାସୁନ୍ଦରୀ ସ୍ତ୍ରୀ, ଯାହାର ମଧ୍ୟଭାଗ କ୍ଷୀଣ, ନିତମ୍ବଦେଶ ବିପୁଳ, ହସ୍ତୀପରି ଗମନ ଏବଂ କୋକିଳ ପରି ସ୍ୱର ।

**ହଂସପାଦ**, ବି. ପୁଂ. (ହଂସ-ପାଦ) ହିଙ୍ଗୁଳ ।

**ହଂସମାଳା**, ବି. ସ୍ତ୍ରୀ. (ହଂସ-ମାଳା) ପାତିହଂସ, ହଂସଶ୍ରେଣୀ ।

**ହଂସରଥ** / **ହଂସବାହନ** } ବି. ପୁଂ. (ହଂସ ରଥ, ବାହନ) ବ୍ରହ୍ମା, ପ୍ରଜାପତି ।

**ହଂସରାଳୀ**, ବି. ପକ୍ଷିବିଶେଷ । ଯଥା—

ଭାର୍ଗବୀ ପୁଳିନୁ ହଂସରାଳୀ ଉଡ଼ି ଗଲେ ଖଣ୍ଡଗିରି ଦୂରେ ।

**ହଂସଲୋହକ**, ବି. ନ. ପିତ୍ତଳ ।

**ହଂସା**, ବି. (ଦେଶଜ) ସାହସ, ଧୈର୍ଯ୍ୟ, ପ୍ରାଣବାୟୁ ।

**ହଂସାଭିଖ୍ୟା**, ବି. ନ. (ହଂସ-ଅଭିଖ୍ୟା) ରଜତ, ରୌପ୍ୟ ।

**ହଂସୁଲି**, ବି. (ଯାବନିକ) ବେକର ଅଳଙ୍କାରବିଶେଷ । ବିଂ. ହଂସପରିରେ ନିର୍ମିତ (ତୁଳିଶେଯ ପରି କୋମଳ) । ଯଥା—

ଦେଖି ହଂସୁଲିତୁଳି କରନ୍ତି କି ସଙ୍ଗାଳି
ପଲ୍ଲବସିଦ୍ଧା ସବଂଯହାକୁ ଗୋ । ସଙ୍ଗୀତ କଳ୍ପଲତା ।

**ହଁ**, ଅ. ସମ୍ମତିସୂଚକ ଅବ୍ୟୟ ।

**ହଇ**, ଅ. (ଦେଶଜ) ହଁ, ସତେ ।

**ହଇଜା**, ବି. (ଯାବନିକ) ବିସୂଚିକା, ମହାମାରୀ, ଝାଡ଼ାବାନ୍ତି ।

**ହଇରାଣ**, ବି. (ଯାବନିକ ହୟ୍ରାନ ଶବ୍ଦଜ) ହରକତ, ହରବର । ଯଥା—

ହଇରାଣ କାହିଁକି ଏତେ
ହଇରାଣ ଆଉ ହେବ କେ କେତେ ।

**ହଂସାରୂଢ଼**, ବି. ପୁଂ. ବ୍ରହ୍ମା । ସ୍ତ୍ରୀ. ବ୍ରହ୍ମାଣୀ ।

**ହକ**, ବିଂ. (ଯାବନିକ) ଯଥାର୍ଥ, ନ୍ୟାଯ୍ୟ, ସ୍ୱତ୍ୱ ।

**ହକର**, ବି. (ଦେଶଜ) ନ୍ୟାଯ୍ୟ ପ୍ରାପ୍ୟ, ଡାକରା, ସାଦର ସମ୍ଭାଷଣ ବା ଆହ୍ୱାନ ।

**ହକଲିବା**, ବି. (ଗ୍ରାମ୍ୟ) ଲୁଗା ଧୋଇବା ।

**ହକାରିବା**, କ୍ରି. (ଦେଶଜ ଡାକିବା ।

**ହକ୍ପ୍ରତ୍**, (ଯାବନିକ) ଅଧିକାର, ସ୍ୱତ୍ୱ ।

**ହକ୍କା**, ବି. ପୁଂ. (ହକ୍-କ) ଗଜସମାହ୍ୱାନ, ହାତୀର ଡାକ ।

**ହଗ** / **ହଗା** } ବି. (ଦେଶଜ) ମଳତ୍ୟାଗ, ଝାଡ଼ାରୋଗ ।

**ହଗିବା**, କ୍ରି. (ଦେଶଜ) ମଳତ୍ୟାଗ କରିବା ।

**ହଗୁରା**, ବିଂ. (ଦେଶଜ) ଯେ ବହୁବାର ମଳତ୍ୟାଗ କରେ, ଡରୁଆ, ଭୀରୁ ।

**ହଜମ**, ବି. (ଯାବନିକ) ପରିପାକ, ଆତ୍ମସାତ୍ କରିବା ।

**ହଜାଇବା**, କ୍ରି. (ଦେଶଜ) ହରାଇବା ।

**ହଜାର**, ବିଂ. (ଦେଶଜ) ସହସ୍ର, ୧୦୦୦ ସଂଖ୍ୟା, ଅସଂଖ୍ୟ ।

**ହଜିବା**, କ୍ରି. (ଦେଶଜ) ନଷ୍ଟ ହେବା, ନ ମିଳିବା ।

**ହଜୁର**, ବି. (ଯାବନିକ) ମହାଶୟ, ପ୍ରଭୁ, (ବଡ଼ଲୋକଙ୍କ ସମ୍ବୋଧନରେ ପ୍ରଯୁକ୍ତ)

**ହଟ**, ବି. (ଦେଶଜ) କୌତୁକ, ରଙ୍ଗ, ତାମସା । ଯଥା—

ବଳୀ ମୋ କରି ହଟ ବିଧାନ ଯେ କରିଅଛୁ ଲୁଚିବା
କପଟ । ବୈ. ବ.

ହଟରମଟ, ବି. (ଦେଶଜ) କୁହୁକ, ଗୁଭୁଗି । ବିଂ. ହଟରମଟିଆ ।

ହଟହଟା, ବିଂ. (ଦେଶଜ) କୁଅକୁଟ, ଲୋକହସା, ଅପକୀର୍ତ୍ତି ।

ହଟା, ବି (ଦେଶଜ) ଗୋଲମାଲ, ଅଳି, ଲୋକାପବାଦ, ଲୋକନିନ୍ଦା, ଲୋକହସା ।

ହଟିଆ, ବିଂ. (ଦେଶଜ) କୌତୁକକାରୀ, ରଙ୍ଗିଆ । ଯଥା —

ସେ ଶ୍ୟାମ ନାଗର ବଡ଼ ହଟିଆ ରେ ।

ହଟିବା, କ୍ରି. (ଦେଶଜ) ରହିତ ହେବା, ପଛଇବା ।

ହଠିଣୁ, କ୍ରି. ବିଂ. (ଦେଶଜ) ହଠ କରି, ଇଚ୍ଛାବଶତଃ, ଦୈବାତ୍, ବଳେ ।

ହଟ୍ଟ, ବି. ପୁଂ. (ହଟ୍-ଟ) କ୍ରୟବିକ୍ରୟ ସ୍ଥାନ, ହାଟ ।

ହଟ୍ଟବିଳାସିନୀ, ବି. ସ୍ତ୍ରୀ. (ହଟ୍ଟ-ବି-ଲସ୍-ଇନ୍-ଈ) ବାରାଙ୍ଗନା, ବେଶ୍ୟା, ଗନ୍ଧୌଷଧିବିଶେଷ ।

ହଠ, ବି. ପୁଂ. (ହଠ୍-ଅ) ବଳାତ୍କାର । ଯଥା—

ହୁଲ୍ଲିଁ ଆମି ଏହୁ କୁଳଚୂଡ଼ାମଣି,
ହଠେ ଲୁଠ କଲ ନନ୍ଦ୍ୟ-ବସଣି । ନ. କେ.

ଲୁଠ, ପଶ୍ଚାଦ୍ଗମନ ।

ହଠାତ୍, କ୍ରି. ବିଂ. (ହଠ ଶବ୍ଦଜ) ଅକସ୍ମାତ୍, ଦୈବାତ୍ ।

ହଡ଼ବଡ଼ାଇବା, କ୍ରି. (ଦେଶଜ) ତ୍ରସ୍ତ ହେବା, ଘାବର ହେବା ।

ହଡ଼ପ, ବି. (ଦେଶଜ) ତାମ୍ବୂଲସାମଗ୍ରୀ, ତାମ୍ବୂଲ ଯୋଗାଇବା ବ୍ୟକ୍ତିର ଉପାଧି । ଯଥା— ହଡ଼ପମେକାପ ।

ହଡ଼ା, ବି (ଦେଶଜ) ଜୀର୍ଣ୍ଣ ଗୋରୁ, ବୁଢ଼ା ବଳଦ ।

ହଡ୍ଡିକ
ହଡ୍ଡିକ
ହଡ୍ଡିକ } ବି. ପୁଂ. (ହଡ-ଇକ) ଝାଡ଼ୁଦାର, ହାଡ଼ିଜାତି ।

ହଡ୍ଡ, ବି. ନ. (ହଡ୍-ଡ) ଅସ୍ଥି, ହାଡ ।

ହଡ୍ଡଜ, ବି. ନ. (ହଡ୍ଡ-ଜ) ମଜ୍ଜା ।

ହଣା, ବି. ବିଂ. (ହନ୍ ଧାତୁଜ) ଅସ୍ତ୍ରାଦିରେ ଆଘାତ, ଅସ୍ତ୍ରାଘାତରେ ଛିନ୍ନ ।

ହଣ୍ଟାଳିବା, କ୍ରି. ଦେଶଜ) ଗର୍ଜନ କରିବା ।

ହଣ୍ଡା, ବି. (ଦେଶଜ) ବଡ଼ ପିତ୍ତଳହାଣ୍ଡି ।

ହାଣ୍ଡିକା
ହାଣ୍ଡି } ବି. ସ୍ତ୍ରୀ. (ହଣ୍ଡା-କ-ଆ, ଈ) ମୃତ୍ପାତ୍ରବିଶେଷ ।

ହତ, ବିଂ. (ହନ୍-ତ) ବିନଷ୍ଟ, ବିନାଶିତ, ବ୍ୟାହତ, ପ୍ରତିହତ, ଗୁଣିତ, ନିରାଶ, କୁତ୍ସିତ, ଦଗ୍ଧ, ଭୁକ୍ତ । ବି. ନ. ହନନ, ଗୁଣନ ।

ହତକ, ବି. ପୁଂ. (ହତ-କ) ଭୀରୁ, କାପୁରୁଷ, ନୀଚ, ନଷ୍ଟପ୍ରାପ୍ତ, ମୃତ, ହତଭାଗ୍ୟ ।

ହତଜୀବିତ, ବିଂ. (ହତ-ଜୀବିତ) ମୃତ, ଗତାୟୁ । ନ. ନୈରାଶ୍ୟ ।

ହତମୂର୍ଖ, ବି. ପୁଂ. ଅତି ମୂଢ଼, ଗଣ୍ଡମୂର୍ଖ ।

ହତସ୍ମର, ବି. ପୁଂ. (ହତ-ସ୍ମର) ମହାଦେବ ।

ହତା, (ଦେଶଜ) ଅସ୍ତ୍ରଶସ୍ତ୍ରର ମୁଠା, ଚଟୁ, କରଚୁଲି, ଆନୁଆ ଭୃଙ୍ଗଣ୍ଡ । ବି. ଏକ ହାତର ପାପୁଲିରେ ଯେତେ ବସ୍ତୁ ଧରି ପାରେ ।

ହତାଦର, ବି. ପୁଂ. (ହତ-ଆଦର) ଅସମ୍ମାନ, ଅମର୍ଯ୍ୟାଦା । ବିଂ. ଅବଜ୍ଞାତ ।

ହତାଧ୍ୱର ବି. ପୁଂ. (ହତ-ଅଧ୍ୱର) ଶିବ ।

ହତାଶ, ବିଂ. (ହତ-ଆଶା) ନିର୍ଦ୍ଦୟ, ନିରାଶ, ଆଶାରହିତ, ଦୁଷ୍ଟ, ନିଷ୍ଫଳ, ବନ୍ଧ୍ୟ, ଦୁର୍ବଳ ।

ହତି, ବି ସ୍ତ୍ରୀ. (ହନ୍-ତି) ହନନ, ବ୍ୟାଘାତ, ଅପକର୍ଷ, ଗୁଣନ ।

ହତିଅର, ବି. (ଯାବନିକ) ଶସ୍ତ୍ର ।

ହତୌଜାଃ, ବିଂ. (ହତ-ଓଜସ୍) ହୀନବଳ । ପୁଂ. ଦୌର୍ବଲ୍ୟ, ସହ୍ନୃତ ଜ୍ୱର ।

ହତ୍ୟା, ବି. ସ୍ତ୍ରୀ. (ହନ-ଯ-ଆ, ନ ସ୍ଥାନେ ତ) ବଧ, ହନନ, ବିନାଶ, ହିଂସା ।

ହଦ, ବି°. ( ହ୍ରଦ-ଶବ୍ଦଜ ) ହ୍ରଦ, ପ୍ରଶସ୍ତ ଜଳଭାଗ ।

ହଦ୍ } ବି. ( ଯାବନିକ ) ସୀମା, ଶେଷସୀମା,
ହଦ } ବି°. ଖୁବ୍ ବେଶୀ ।

ହନନ, ବି. ନ. ( ହନ୍-ଅନ ) ବଧ, ହତ୍ୟା, ମାରଣ, ଗୁଣନ, ପୂରଣ ।

ହନୂ, ପୁଂ. } ବି. (ହନ୍-ଉ) ଗଣ୍ଡଦେଶର ଉପରଭାଗ । ସ୍ତ୍ରୀ. ରୋଗ, ଅସ୍ତ୍ର, ମୃତ୍ୟୁ ।
ହନୁ, ସ୍ତ୍ରୀ. }

ହନୁମାନ୍ } ବି. ପୁଂ. ( ହନୁ-ମତ୍ ) ଅଞ୍ଜନାଗର୍ଭଜାତ ବାନର ।
ହନୂମାନ୍ }

ହନୂମନ୍ତ, ବି. (ଦେଶଜ) ହନୂମାନ୍ ।

ହନୂଷ, ବି. ପୁଂ. (ହନ୍ ଉଷ) ରାକ୍ଷସ, ନିଶାଚର ।

ହନ୍ତ, ଅ°. (ହନ୍-ତ) ବିଷାଦ, ଖେଦ, ଅନୁକମ୍ପା, କରୁଣା, ସମ୍ଭ୍ରମ, ବାକ୍ୟାରମ୍ଭ, ହର୍ଷ, ଅନୁକଳ୍ପନ ।

ହନ୍ତକ, ବି°. ( ହନ ଧାତୁଜ ) ବିନାଶକ, ହତ୍ୟାକାରୀ ।

ହନ୍ତବ୍ୟ, ବି°. (ହନ୍-ତବ୍ୟ) ହନନୀୟ, ବଧଯୋଗ୍ୟ, ଗୁଣ୍ୟ ।

ହନ୍ତସନ୍ତ, ବି°. ( ଦେଶଜ ) ଅସନ୍ତୁଷ୍ଟ, ବିବ୍ରତ, ବ୍ୟସ୍ତ ।

ହନ୍ତା, ବି°. ( ହନ୍-ତୃ ) ହନନକର୍ତ୍ତା, ବଧକାରକ ।

ହନ୍ୟମାନ, ବି°. (ହନ୍-ଆନ, ଯ ଆଗମ) ଯାହାକୁ ହନନ କରା ହୋଇଅଛି ।

ହପା } ବି. ( ଦେଶଜ ) ଅତିବେଗ, ଉତ୍କଣ୍ଠା,
ହପି } ଭୁହା ।

ହପ୍ତା, ବି. (ଯାବନିକ) ସପ୍ତାହ ।

ହମହମ, ବି°. ଉଦ୍ୟତ ।

ହମାଳିବା } କ୍ରି. ( ହମ୍ବା-ଶବ୍ଦଜ ) ଗୋରୁ
ହମ୍ବାଳିବା } ବୋବାଇବା ।

ହମ୍ବା } ବି. ସ୍ତ୍ରୀ. ( ହମ୍-ଭି-ଅ-ଆ,ବା,
ହମ୍ଭା } ମା) ଗୋଧ୍ୱନି, ଗୋରୁର ଶବ୍ଦ ।
ହମ୍ମା } ଯଥା—

ଧୂଳି ଉଡ଼ାଇଣ ଦାଣ୍ଡେ କରି ହମ୍ବା ରଡ଼ି
ଯାଉଛନ୍ତି ଗୋରୁପଲ ଗୋଠରୁ ବାହୁଡ଼ି । ଘ. ମା.

ହୟ, ବି. ପୁଂ. (ହୟ୍ ଗମ୍ନା ହି-ଅ ଗମନ କରିବା-ଅ) ଅଶ୍ୱ, ଘୋଟକ, ଇନ୍ଦ୍ର, ସପ୍ତସଂଖ୍ୟା, ୭ । ହୟୀ, ସ୍ତ୍ରୀ. ଘୋଟକୀ ।

ହୟଗ୍ରୀବ, ବି. ପୁଂ. (ହୟ-ଗ୍ରୀବା) ଦୈତ୍ୟବିଶେଷ, ବିଷ୍ଣୁଙ୍କ ଅବତାରବିଶେଷ, ନୃସିଂହ ଅବତାର, ରାଜର୍ଷିବିଶେଷ । ସ୍ତ୍ରୀ. ଦୁର୍ଗା ।

ହୟଙ୍କଷ, ବି. ପୁଂ. (ହୟ-କଷ୍-ଅ) ସାରଥି, ମାତଳି, ଇନ୍ଦ୍ରସାରଥି ।

ହୟଜ୍ଞ, ବି. ପୁଂ. (ହୟ-ଜ୍ଞା-ଅ) ଅଶ୍ୱଶାସ୍ତ୍ରବେତ୍ତା, ଅଶ୍ୱପାଳକ, ସହିସ ।

ହୟପ୍ରିୟ, ବି. ପୁଂ. (ହୟ-ପ୍ରିୟ) ଶସ୍ୟବିଶେଷ, ଯବ । ୟା, ସ୍ତ୍ରୀ. ଅଶ୍ୱଗନ୍ଧା, ଖର୍ଜ୍ଜୁରୀ ।

ହୟରାନ } (ଯାବନିକ) କ୍ଲାନ୍ତ, କଷ୍ଟଯୁକ୍ତ ।
ହୟରାଣ }

ହୟବାହନ, ବି. ପୁଂ. ସୂର୍ଯ୍ୟପୁତ୍ର, ରେବନ୍ତ ।

ହୟଶୀର୍ଷ, ବି. ପୁଂ. ବିଷ୍ଣୁ, ନାରାୟଣ, ଶାଳଗ୍ରାମମୂର୍ତ୍ତିବିଶେଷ ।

ହର, ବି. ପୁଂ. (ହୃ ଅ) ଶିବ, ଅଗ୍ନି, ଗର୍ଦ୍ଦଭ, ଭାଜକ ଅଙ୍କ । ବି°. ବିହନକାରକ, ହରଣକାରକ ।

ହରକ, ବି ପୁଂ. ଶିବ, ଅଗ୍ନି, ଗର୍ଦ୍ଦଭ, ହରଣ ।

ହରକତ୍, ବି. (ଯାବନିକ) ହୟରାଣ, କଷ୍ଟଯୁକ୍ତ, ବ୍ୟସ୍ତ, ବିବ୍ରତ, ହରବର ।

ହରକରା, ବି. ( ଯାବନିକ ) ପତ୍ରାଦିବାହକ, ଚର, ଦୂତ ।

ହରଗୌରୀ, ବି. (ଦେଶଜ) ପୁଷ୍ପବିଶେଷ ।

ହରଗୌରୀ, ବି. ସ୍ତ୍ରୀ. ଅର୍ଦ୍ଧନାରୀଶ୍ୱରରୂପ, ଶିବ, ପାର୍ବତୀଙ୍କ ମୂର୍ତ୍ତିବିଶେଷ, ଶିବ ଏବଂ ପାର୍ବତୀ ।

ହରଘଡ଼ି, କ୍ରି. ବି°. ସର୍ବଦା ।

ହରଚୂଡ଼ାମଣି, ବି. ପୁଂ. ଚନ୍ଦ୍ର ।

ହରଡ଼, ବି. (ହରେଣୁ ଶବ୍ଦଜ) ଶସ୍ୟବିଶେଷ ।

ହରଣ, ବି. ନ. (ହୃ-ଅନ) ଗ୍ରହଣ, ଅପହରଣ, ବହନ, ଭାଗକରଣ, ଭଞ୍ଜ, ବାହୁ, ଯୌତୁକ-ଦାନ, ଗୁରୁଦକ୍ଷିଣାଦି ଦାନ ।

ହରଦର, ବିଂ. ( ଦେଶଜ ) ଭଲ ମନ୍ଦ ମିଶାମିଶି, ମୋଟାମୋଟି, ହାରାହାରି ।

ହରନେତ୍ର, ବି. ନ. (ହର-ନେତ୍ର) ଶିବଚକ୍ଷୁଃ, ସଂଖ୍ୟାତ୍ରୟ ।

ହରପ, ବି. (ଯାବନିକ) ବର୍ଣ୍ଣମାଳାର ଅକ୍ଷର ।

ହରଫ, ବି. (ଯାବନିକ) ବର୍ଣ୍ଣମାଳାର ଅକ୍ଷର, ପଦାଙ୍କ ।

ହରବର, ବିଂ. (ଦେଶଜ) ହଇରାଣ, ନାକଳ ।

ହରବୀଜ } ବି. ନ. ( ହର-ବୀଜ
ହରତେଜଃ } ତେଜସ୍) ପାରଦ ।

ହରଶେଖରା, ବି. ସ୍ତ୍ରୀ. ( ହର-ଶେଖରା )ଗଙ୍ଗା, ଜାହ୍ନବୀ ।

ହରାଇବା, କ୍ରି. ( ଦେଶଜ ) ପରାସ୍ତ କରିବା, ଦୂର କରିବା, ଅଙ୍କ ହରଣ କରାଇବା ।

ହରାଦ୍ରି, ବି. ପୁଂ. ( ହର-ଅଦ୍ରି ) କୈଳାସ ପର୍ବତ ।

ହରାହରି, ବିଂ. ( ଦେଶଜ ) ମୋଟାମୋଟି, ହରଦର ।

ହରି, ବି. ପୁଂ. ( ହୃ ଇ ) ବିଷ୍ଣୁ, ଶିବ, ବ୍ରହ୍ମା, ଇନ୍ଦ୍ର, ଯମ, ବାୟୁ, ଅଗ୍ନି, ଚନ୍ଦ୍ର, ସୂର୍ଯ୍ୟ, ସିଂହ, ରଶ୍ମି, ଅଶ୍ୱ, ଶୁକପକ୍ଷୀ, ବାନର, କିରଣ, ସର୍ପ, ଭେକ, କୋକିଳ, ମୟୂର, ପଶୁ, ହଂସ । ବିଂ. ହରିଦ୍‌ବର୍ଣ୍ଣ, ପିଙ୍ଗଳବର୍ଣ୍ଣ, କପିଶବର୍ଣ୍ଣ ।

ହରିକ, ବି. ପୁଂ. ( ହରି-କ ) ପୀତହରିଦ୍‌ବର୍ଣ୍ଣ ଅଶ୍ୱ, ଚୌର, ପାଶକକ୍ରୀଡ଼କ ।

ହରିକା, ଅଂ. ( ଦେଶଜ ) ପ୍ରତ୍ୟେକ, ହେରିକା ।

ହରିକାଠ, ବି. ଅର୍ଗଳବିଶେଷ, ଏଥିରେ ପୂର୍ବେ ଦଣ୍ଡ୍ୟ ବ୍ୟକ୍ତିର ହସ୍ତପଦ ବନ୍ଧ କରି ତାକୁ ଦଣ୍ଡ ଦିଆଯାଉଥିଲା ।

ହରିକେଶ, ବି. ପୁଂ. ( ହରି-କ-ଈଶ ) ଶିବ, ଯକ୍ଷବିଶେଷ ।

ହରିଚନ୍ଦନ, ବି. ପୁଂ. ନ. (ହରି-ଚନ୍ଦନ) ଦେବ ତରୁବିଶେଷ, ପୀତବର୍ଣ୍ଣ ସୁଗନ୍ଧକାଷ୍ଠବିଶେଷ, ଗୋଶୀର୍ଷନାମକ ଶ୍ୱେତଚନ୍ଦନ । ନ. କୁଙ୍କୁମ, ଚନ୍ଦ୍ରିକା, ଜ୍ୟୋତ୍ସ୍ନା, ପଦ୍ମକେଶର ।

ହରିଡ଼ା, ବି. ( ହରୀତକୀ ଶବ୍ଦଜ ) ହରୀତକୀ, ହରିଡ଼ା ଫଳ ଓ ତାହାର ଗଛ ।

ହରିଣ, ବି. ପୁଂ. ( ହୃ-ଇନ୍ ) ମୃଗ, କୁରଙ୍ଗ, ପାଣ୍ଡୁବର୍ଣ୍ଣ, ବିଷ୍ଣୁ, ଶିବ, ସୂର୍ଯ୍ୟ, ହଂସ । ସ୍ତ୍ରୀ. ମୃଗୀ, କୁରଙ୍ଗିନୀ, ପଦ୍ମିନୀ ପ୍ରଭୃତି ଚତୁର୍ବିଧ ସ୍ତ୍ରୀ ମଧ୍ୟରେ ଏକପ୍ରକାର ସ୍ତ୍ରୀ, ଚିତ୍ରିଣୀ ସ୍ତ୍ରୀ, ଅପ୍ସରାବିଶେଷ, ତରୁଣୀ, ବରସ୍ତ୍ରୀ, ହରିଦ୍ବର୍ଣ୍ଣା ସ୍ତ୍ରୀ । ବିଂ. ପାଣ୍ଡୁବର୍ଣ୍ଣବିଶିଷ୍ଟ ।

ହରିଣନର୍ତ୍ତକ, ବି. ପୁଂ. (ହରିଣ-ନର୍ତ୍ତକ)କିନ୍ନର, ସ୍ୱର୍ଗର ଗାୟକ ।

ହରିଣହୃଦୟ, ବିଂ. (ହରିଣ-ହୃଦୟ) ଭୀରୁ, ଭୀତ ସ୍ୱଭାବ ।

ହରିଣାକ୍ଷୀ, ବି. ସ୍ତ୍ରୀ. ( ହରିଣ-ଅକ୍ଷି-ଅ-ଈ )ମୃଗ-ନୟନ ତୁଲ୍ୟ ନୟନବିଶିଷ୍ଟା ସ୍ତ୍ରୀ, ଗନ୍ଧଦ୍ରବ୍ୟ-ବିଶେଷ, ହସ୍ତିବିଳାସିନୀ ।

ହରିଣାଙ୍କ, ବି. ପୁଂ. ( ହରିଣ-ଅଙ୍କ ) ଚନ୍ଦ୍ର, ମୃଗାଙ୍କ ।

ହରିତ୍, ବି. ପୁଂ. (ହୃ-ଇତ୍) ନୀଳପୀତମିଶ୍ରିତ ବର୍ଣ୍ଣ, ସବୁଜବର୍ଣ୍ଣ, ବେଗବାନ୍ ଅଶ୍ୱ, ସୂର୍ଯ୍ୟର ଅଶ୍ୱ, ସୂର୍ଯ୍ୟ, ବିଷ୍ଣୁ, ସିଂହ । ସ୍ତ୍ରୀ. ଦିକ୍, ହରିଦ୍ରା । ପୁଂ. ନ. ଘାସ, ସବୁଜବର୍ଣ୍ଣ ଦୂର୍ବାଦି । ବିଂ. ହରିଦ୍ବର୍ଣ୍ଣ ବିଶିଷ୍ଟ ।

ହରିତ, ବି. ପୁଂ. (ହୃ-ଇତ୍) ସବୁଜବର୍ଣ୍ଣ, ସିଂହ । ସ୍ତ୍ରୀ. ଦୂର୍ବା, ହରିଦ୍ରା, ଜୟନ୍ତୀ, କପିଳଦ୍ରାକ୍ଷା, ନୀଳଦୂର୍ବା । ବିଂ. ସବୁଜବର୍ଣ୍ଣବିଶିଷ୍ଟ ।

ହରିତକ, ବି. ନ. ( ହରିତ-କ ) ହରିଦ୍ବର୍ଣ୍ଣ ତୃଣ, ଶାକ, ବୃକ୍ଷର ପତ୍ରାଦି ।

ହରିତକୀ, ବି. ସ୍ତ୍ରୀ. (ହରିତକ-ଈ) ସ୍ୱନାମଖ୍ୟାତ ଫଳବିଶେଷ, ହରିଡ଼ା ।

ହରତାଳ, ବି. ନ (ହରତା-ଅଲ୍-ଅ) ପୀତବର୍ଣ୍ଣ ସ୍ୱନାମଖ୍ୟାତ ଧାତୁ । ପୁଂ. ପୀତବର୍ଣ୍ଣ ପକ୍ଷିବିଶେଷ ।

ହରତାଳୀ } ବି. ସ୍ତ୍ରୀ. ( ହରତାଳ-ଈ, କ-
ହରତାଳିକା } ଆ) ଦୂର୍ବା ଘାସ, ଦକ୍ଷିଣୋତ୍ତରବ୍ୟାପିନୀ ଆକାଶସ୍ଥ ରେଖା, ଛାୟାପଥ, ଭାଦ୍ର ଶୁକ୍ଳ ଚତୁର୍ଥୀ ।

ହରିତାଶ୍ମ, ବି. ନ. (ହରିତ-ଅଶ୍ମନ୍) ମରକତମଣି, ତୁତିଆ ।

ହରିଦଶ୍ୱ, ବି. ପୁଂ. (ହରିତ୍-ଅଶ୍ୱ) ସୂର୍ଯ୍ୟ ।

ହରିଦେବ, ବି. ପୁଂ. (ହରି ଦେବ) ଶ୍ରବଣାନକ୍ଷତ୍ର ।

ହରିଦ୍ରା, ବି. ନ. (ହରି-ଦ୍ରୁ-ଅ-ଆ) ହଳଦୀ ।

ହରିଦ୍ରାଭ, ବିଂ. (ହରିଦ୍ରା-ଆଭା) ପୀତବର୍ଣ୍ଣ । ବି. ପୁଂ. ପୀତଶାଳ, କର୍ପୂରକ ।

ହରିଦ୍ରୁ, ବି. ପୁଂ. ( ହରି-ଦ୍ରୁ-୦ ) ବୃକ୍ଷ, ଦାରୁହରିଦ୍ରା ।

ହରିଦ୍ୱାର, ବି. ନ. (ହରି-ଦ୍ୱାର) ହିମାଳୟ ପ୍ରଦେଶସ୍ଥ ନଗରବିଶେଷ, ତୀର୍ଥସ୍ଥାନ ।

ହରିନ୍ମଣି, ବି. ପୁଂ. (ହରିତ୍-ମଣି ) ମରକତମଣି, ସବୁଜବର୍ଣ୍ଣ ପ୍ରସ୍ତରବିଶେଷ ।

ହରିନୀଳ, ବି. ପୁଂ. ଇନ୍ଦ୍ରନୀଳ ।

ହରିନେତ୍ର, ବି. ପୁଂ. ( ହରି-ନେତ୍ର ) ପେଚକ, ପେଚା । ନ. ଶ୍ୱେତପଦ୍ମ ।

ହରିପ୍ରସ୍ଥ, ବି. ନ. ( ହରି-ପ୍ରସ୍ଥ ) ଇନ୍ଦ୍ରପ୍ରସ୍ଥ, ଯୁଧିଷ୍ଠିରଙ୍କ ରାଜଧାନୀ ।

ହରିପ୍ରିୟ, ବି. ପୁଂ. (ହରି-ପ୍ରିୟ) କଦମ୍ବବୃକ୍ଷ, ପୀତଭୃଙ୍ଗରାଜ, ହିଙ୍ଗୁଳକ, ଶଙ୍ଖ, ବନ୍ଧୁକ, ଶିବ, ବାତୁଳ, କଣ୍ଟୁକ, ଯେ ବ୍ୟକ୍ତି ହରିଙ୍କୁ ଭଲ ପାଏ । ନ. କୃଷ୍ଣଚନ୍ଦନ । ସ୍ତ୍ରୀ. ଲକ୍ଷ୍ମୀ, ତୁଳସୀ, ଦ୍ୱାଦଶୀତିଥି, ପୃଥିବୀ ।

ହରିଭକ୍ତ, ବି. ପୁଂ. ସର୍ବତ୍ର ସମଦୃଷ୍ଟିପୂର୍ବକ ହରିସେବକ ।

ହରିଭୁକ୍, ବି. ପୁଂ. (ହରି-ଭୁଜ୍-୦) ସର୍ପ, ଭୁଜଙ୍ଗ ।

ହରିଲୋଚନ, ବି. ପୁଂ. (ହରି-ଲୋଚନ) କାକ, ପେଚକ ।

ହରିବଂଶ, ବି. ପୁଂ. (ହରି-ବଂଶ) ଶ୍ରୀକୃଷ୍ଣଙ୍କ ସନ୍ତାନ, ମହାଭାରତ ଅନ୍ତର୍ଗତ ବ୍ୟାସକୃତ ଗ୍ରନ୍ଥବିଶେଷ ।

ହରିବଲ୍ଲଭା, ବି. ସ୍ତ୍ରୀ. ଜୟା, ତୁଳସୀ, ଲକ୍ଷ୍ମୀ ।

ହରିବା, କ୍ରି. (ହୃ ଧାତୁଜ) ଭାଗ କରିବା, ଚୋର କରିବା ।

ହରିବାସର, ବି. ନ. ଏକାଦଶୀଯୁକ୍ତ ଦିନ, ଦ୍ୱାଦଶୀର ପ୍ରଥମ ପାଦ ।

ହରିବାହନ, ବି. ପୁଂ. (ହରି-ବାହନ) ଗରୁଡ଼ ।

ହରିବୀଜ, ବି. ନ. (ହରି-ବୀଜ) ହରିତାଳ ।

ହରିଶୟନ, ବି.ନ. ବିଷ୍ଣୁଙ୍କ ନିଦ୍ରା, ଆଷାଢ଼ ମାସର ଶୁକ୍ଳ ଦ୍ୱାଦଶୀଠାରୁ କାର୍ତ୍ତିକ ମାସର ଶୁକ୍ଳ ଦ୍ୱାଦଶୀ ପର୍ଯ୍ୟନ୍ତ ଚାରି ମାସ କାଳ ।

ହରିଶର, ବି. ପୁଂ. (ହରି-ଶର) ଶିବ ।

ହରିଶ୍ଚନ୍ଦ୍ର, ବି. ପୁଂ. ( ହରିଃ=ବିଷ୍ଣୁ-ଚନ୍ଦ୍ର, ସ ଆଗମ, ତ୍ରେତାଯୁଗର ସୂର୍ଯ୍ୟବଂଶୀୟ ଅଷ୍ଟାବିଂଶ ରାଜା, ତ୍ରିଶଙ୍କୁପୁତ୍ର ରାଜାବିଶେଷ ।

ହରିସଙ୍କୀର୍ତ୍ତନ, ବି. ନ. ଶ୍ରୀହରି ନାମୋଚ୍ଚାରଣ ।

ହରିହୟ, ବି. ପୁଂ. ( ହରି-ହୟ ) ଇନ୍ଦ୍ର, ସୂର୍ଯ୍ୟ, କାର୍ତ୍ତିକେୟ, ଗଣେଶ ।

ହରିହର, ବି. ପୁଂ. ସଂଯୁକ୍ତ ହରିହରମୂର୍ତ୍ତି ।

ହରିହରାତ୍ମକ, ବି. ପୁଂ. (ହରି-ହର-ଆତ୍ମନ୍-କ) ଗରୁଡ଼, ଶିବଙ୍କ ବୃଷ, ଦକ୍ଷ ।

ହରିହେତି, ବି. ପୁଂ. (ହରି-ହେତି=ଅସ୍ତ୍ର, ଶସ୍ତ୍ର) ବିଷ୍ଣୁଙ୍କ ଆୟୁଧ । ଯଥା—

ସଚେତନ ହରି-ହେତି ରହିବେ ସମ୍ମୁଖେ । ମ. ଯା.

ହରେକ, (ଯାବନିକ) ପ୍ରତ୍ୟେକ ।

ହରଦମ୍, ଅଂ. ( ଯାବନିକ ) ନିରନ୍ତର, ଅବିଶ୍ରାନ୍ତ ।

ହର୍ତ୍ତା, ବିଂ. ( ହୃ-ତୃ ) ହରଣକାରକ, ବହନକାରକ, ସଂହାରକାରକ, ଗ୍ରହଣକାରକ । ବି. ପୁଂ. ଚୋର, ସୂର୍ଯ୍ୟ ।

ହର୍ମ୍ମ, ବି. ନ (ହୃ-ମନ୍) ଜୃମ୍ଭଣ, ହାଇ ।

ହର୍ମ୍ମିତ, ବିଂ. ( ହର୍ମନ୍-ଇତ ) କ୍ଷିପ୍ତ, ଦଗ୍ଧ, ଜୃମ୍ଭିତ ।

ହର୍ମ୍ମ୍ୟ, ବି. ନ. ( ହୃ-ଯ, ମ ଆଗମ ) ଧନମାନଙ୍କର ବାସଭବନ, ପ୍ରାସାଦ, ଇଷ୍ଟକାଦିନିର୍ମିତ ଗୃହ ।

ହର୍ଯ୍ୟକ୍ଷ, ବି. ପୁଂ. ( ହରି-ଅକ୍ଷି-ଅ ) ସିଂହ, କୁବେର ।

ହର୍ଯ୍ୟତ, ବି. ପୁଂ. ( ହୃ-ଯତ୍ ) ଅଶ୍ୱମେଧୀୟ ଅଶ୍ୱ, ଘୋଟକ ।

ହର୍ଯ୍ୟଶ୍ୱ, ବି. ପୁଂ. ( ହରି-ଅଶ୍ୱ ) ଇନ୍ଦ୍ର, ହରିହୟ ।

ହର୍ଷ, ବି. ପୁଂ. ( ହୃଷ୍-ଅ) ଇଷ୍ଟଶ୍ରବଣ ହେତୁରୁ ଆନନ୍ଦ, ସୁଖ, ଆମୋଦ ।

ହର୍ଷକ, ବିଂ. ( ହୃଷ୍-ଅକ ) ହର୍ଷଜନକ, ଆନନ୍ଦଜନକ ।

ହର୍ଷଣ, ବି. ନ. (ହୃଷ୍-ଅନ) ହର୍ଷ, ଆନନ୍ଦ । ବିଂ. ହର୍ଷଜନକ । ପୁଂ. ବିଷ୍କମ୍ଭାଦି ଯୋଗର ଚତୁର୍ଦ୍ଦଶ ଯୋଗ ।

ହର୍ଷମାଣ, ବିଂ. (ହୃଷ୍-ଅନ) ହୃଷ୍ଟ, ହର୍ଷଯୁକ୍ତ ।

ହର୍ଷୟିତ୍ନୁ, ବି. ପୁଂ. (ହୃଷ-ଇତ୍ନୁ) ପୁତ୍ର । ନ. ସ୍ୱର୍ଣ୍ଣ । ବିଂ. ହର୍ଷଜନକ ।

ହର୍ଷିତ, ବିଂ. (ହୃଷ୍-ଣିଚ୍-ତ) ତୋଷିତ, ଆମୋଦିତ, ହୃଷ୍ଟ ।

ହର୍ଷୁଲ, ବି. ନ ( ହୃଷ୍-ଉଲ ) ମୃଗ, କାମୁକ, ନାୟକ ।

ହଲ, ବି. ନ. (ହଲ୍-ଅ) ଲାଙ୍ଗଲ, ହଳ । ପୁଂ. ସମସ୍ତ ବ୍ୟଞ୍ଜନବର୍ଣ୍ଣ, ଯୋଡ଼ା, ଦୁଇଟା ।

ହଲକ୍, ହାଲୁକ } ବି. ( ଦେଶଜ ) ଧୈର୍ଯ୍ୟ, ସାହସ ।

ହଲଚଲ୍, ବିଂ. ( ଦେଶଜ ) ଇତସ୍ତତଃ ସଞ୍ଚାଳିତ ।

ହଲଦିଆ, ବିଂ. ( ଦେଶଜ ) ହଳଦିବର୍ଣ୍ଣଯୁକ୍ତ, ହଳଦିଆ ବର୍ଣ୍ଣବିଶିଷ୍ଟ ।

ହଲଦିବସନ୍ତ, ବି (ଦେଶଜ) ପକ୍ଷିବିଶେଷ ।

ହଲଦୀ, ବି. ସ୍ତ୍ରୀ. ( ହଲଚ୍-ଦେ-ଅ ) ହରିଦ୍ରା, ହଳଦି ।

ହଲଧର, ବି. ପୁଂ. (ହଲ-ଧର) ଲାଙ୍ଗଲୀ, ବଳଦେବ, କୃଷକ ।

ହଲନ୍ତ, ବି. ପୁଂ. (ହଲ୍-ଅନ୍ତ) ବ୍ୟଞ୍ଜନବର୍ଣ୍ଣ ।

ହଲଫ, ବି. (ଯାବନିକ) ଶପଥ ।

ହଲଭୃତି, ହଲଉତି } ବି. ସ୍ତ୍ରୀ. ( ହଲ-ଭୃ, ଉ-ତି ) କୃଷିକର୍ମ, ଚାଷ ।

ହଲା, ଅ. (ହା-ଲା=ଗ୍ରହଣ କରିବା-ଅ) ସଖୀ ପ୍ରତି ସ୍ତ୍ରୀଲୋକର ସମ୍ବୋଧନସୂଚକ ଶବ୍ଦ । ସ୍ତ୍ରୀ. ସଖୀ, ପୃଥିବୀ, ଜଳ । ଧାନବଡ଼ା, କଲେଇ ।

ହଲା, ବି. (ଦେଶଜ) ଚାଳନ ।

ହଲାୟୁଧ, ବି ପୁଂ. (ଦେଶଜ) ଶସ୍ୟର ବଡ଼ା, (ହଲ-ଆୟୁଧ) ବଳରାମ, ବଳଦେବ ।

ହଲାହଲ, ବି. ପୁଂ. ନ. ( ହଲ-ଆ-ହଲ୍-ଅ ) ବିଷବିଶେଷ, କାଳକୂଟ । ପୁଂ. ସର୍ପବିଶେଷ, ବ୍ରହ୍ମସର୍ପ, ଅଞ୍ଜନା ।

ହଲି, ବି. ପୁଂ. ( ହଲ୍-ଇ ) ହଳକୃତ ରେଖା, କୃଷି, ବୃହତ୍ ହଳ ।

ହଲିଆ, ହଳୁଆ } ବି. (ହାଳିକ ଶବ୍ଦଜ) ଯେଉଁ ଲୋକ ହଳ କରେ, ଯେଉଁ ବଳଦ ହଳ କରେ, ବ୍ରାହ୍ମଣବିଶେଷ, ଏମାନେ ହଳ କରନ୍ତି ।

ହଲିପ୍ରିୟ, ବି. ପୁଂ. (ହଲିନ୍-ପ୍ରିୟ) କଦମ୍ବବୃକ୍ଷ । ସ୍ତ୍ରୀ. ସୁରା, ମଦିରା, ରେବତୀ ।

ହଲିବା, କ୍ରି. (ହିଲ୍ଲୋଳ ଶବ୍ଦଜ) ଦୋହଲିବା ।

ହଲୀ, ବି. ପୁଂ. (ହଲ-ଇନ୍) ବଳରାମ, କୃଷକ ।

ହଲୀଷା, ବି. ସ୍ତ୍ରୀ. (ହଲ-ଈଷା) ଲାଙ୍ଗଲଦଣ୍ଡ ।

ହଲ୍ୟ, ବିଂ. ( ହଲ୍-ଯ ) ହଳକୃଷ୍ଟ, ଲାଙ୍ଗଲସମ୍ବନ୍ଧୀୟ । ସ୍ତ୍ରୀ. ହଳସମୂହ ।

ହ୍ଲକ, ବି. ନ. ( ହ୍ଲାଦ-ଅକ ) ରକ୍ତକହ୍ଲାର, କୋଥାୟାଳି ।

ହଲ୍ଲା, ବ. (ଯାବନିକ) ଗୋଳମାଳ, ହାହାକାର, ଆକ୍ରମଣ ।

ହଲ୍ଲୀଷ, ହଲ୍ଲୀଷକ, ହଲ୍ଲୀସ, ହଲ୍ଲୀସକ } ବ. ନ. ( ହେଲା-ଲଷ୍, ଲଷ୍-ଅ, ନିପାତନ, ହଲ୍ଲୀଷ, ହଲ୍ଲୀସ-କ ) ସ୍ତ୍ରୀଲୋକମାନଙ୍କର ମଣ୍ଡଳାକାର ନୃତ୍ୟ, ଜଣେ ପୁରୁଷ ଆଠ ବା ଦଶ ଜଣ ସ୍ତ୍ରୀ ଏକତ୍ରିତ ହୋଇ କରିବା ଗାନ ଏବଂ ନୃତ୍ୟ ।

ହବ, ବ. ପୁଂ. (ହୁ-ଅ) ହୋମ, ଯଜ୍ଞ । (ହ୍ୱେ-ଅ) ଆହ୍ୱାନ, ଆଜ୍ଞା ।

ହବନ, ବ. ପୁଂ. ହୁ-ଅନ) ହୋମ, ଯଜ୍ଞ । ନା, ସ୍ତ୍ରୀ. ହୋମକୁଣ୍ଡ ।

ହବନାୟୁଃ, ବ. ପୁଂ. ( ହବନ-ଆୟୁସ୍ ) ଅଗ୍ନି, ବହ୍ନି ।

ହବନୀୟ, ବଂ. ( ହୁ-ଅନୀୟ ) ହୋମଯୋଗ୍ୟ, ହୋମାର୍ଥ ବସ୍ତୁ ।

ହବିଃ, ବ. ନ. ( ହୁ-ଇସ୍ ) ଘୃତ, ହବ୍ୟ ଦ୍ରବ୍ୟ, ହବନୀୟ ଦ୍ରବ୍ୟମାତ୍ର, ଜଳ, ହୋମ ।

ହବିତ୍ରୀ, ବ. ସ୍ତ୍ରୀ (ହୁ-ଇତ୍ର-ଅ-ଈ) ହୋମକୁଣ୍ଡ, ହବନୀ ।

ହବିରଶନ, ବ. ପୁଂ. (ହବିସ୍-ଅଶନ) ଅଗ୍ନି । ନ. ଘୃତଭୋଜନ ।

ହବିର୍ଗନ୍ଧା, ବ. ସ୍ତ୍ରୀ. ଶମୀ ।

ହବିର୍ଭୁକ୍, ବ ପୁଂ. ( ହବିସ୍-ଭୁଜ୍-୦ ) ଅଗ୍ନି, ଦେବତା ।

ହବିଷ, ବ. (ହବିଷ୍ୟ ଶବ୍ଦଜ) ଦିବସରେ ଥରେ ଭୋଜନ କରିବା ରୂପ ବ୍ରତ ।

ହବିଷ୍ୟ, ବ. ନ. ( ହବିସ୍-ଯ ) ଘୃତାନ୍ନ, ପକ୍ୱ ନବନୀତ ।

ହବ୍ୟ, ବ. ନ. (ହୁ-ଯ) ଘୃତ, ହବନୀୟ ଦ୍ରବ୍ୟ, ହବିଃ, ହୋମାର୍ଥ ବସ୍ତୁ, ଘୃତାନ୍ନ, ହୋମ । ବଂ. ହୋମଯୋଗ୍ୟ ।

ହବ୍ୟକବ୍ୟ, ଯଜ୍ଞର ଘୃତ ।

ହବ୍ୟପାକ, ବ. ପୁଂ ( ହବ୍ୟ-ପଚ୍-ଅ ) ଚରୁ, ହୋମାର୍ଥ ପକ୍ୱବସ୍ତୁ, ହବନୀୟ ବସ୍ତୁର ପାକପାତ୍ର ।

ହବ୍ୟବାଟ୍, ହବ୍ୟବାହ, ହବ୍ୟବାହନ, ହବ୍ୟାଶ, ହବ୍ୟାଶନ } ବ. ପୁଂ (ହବ୍ୟ-ବହ୍-୦, ବାହ, ବାହନ, ଅଶ, ଅଶନ ) ଅଗ୍ନି, ଅନଳ ।

ହଷ୍ଟେଲ, ବି. (ଇଂ. Hostel) ଛାତ୍ରାବାସ ।

ହସ, ପୁଂ., ହସନ, ନ. } ବ. (ହସ୍-ଅ, ଅନ ହାସ୍ୟ, ହସ ।

ହସକୁଲା, ବଂ. ( ଦେଶଜ ) ଯେ ଅଧିକ ହସେ, ହସୁରା ।

ହସନୀମଣି, ବ. ପୁଂ. (ହସନୀ-ମଣି) ଅଗ୍ନି, ବହ୍ନି, ଅନଳ ।

ହସତ୍, ବଂ. ( ହସ୍-ଅତ୍ ) ହାସ୍ୟକାରୀ, ଯେ ହସେ ।

ହସନ୍ତୀ, ହସନ୍ତିକା } ବ. ଉମ୍ବାଇ, ଅଗ୍ନି ରଖିବା ପାତ୍ର ।

ହସିତ, ବଂ ( ହସ୍-ତ ) ମନ୍ଦହାସ୍ୟ, ବିକସିତ । ବ. ନ. ହାସ୍ୟ ।

ହସିବା, କ୍ରି. (ହାସ୍ୟ ଶବ୍ଦଜ) ହାସ୍ୟ କରିବା ।

ହସ୍ତ, ବ ପୁଂ. (ହସ୍-ତ) କର, ମଣିବନ୍ଧଠାରୁ ଅଙ୍ଗୁଳ୍ୟଗ୍ର ପର୍ଯ୍ୟନ୍ତ, ହସ୍ତିଶୁଣ୍ଡ, ୨୪ ଅଙ୍ଗୁଳି ପରିମାଣ, (କେଶ ଶବ୍ଦର ପରବର୍ତ୍ତୀ ହେଲେ) ଗୁଚ୍ଛ ।

ହସ୍ତବାନ୍, ବଂ. (ହସ୍ତ-ବତ୍) କୃତହସ୍ତ, ଲଘୁ, ହସ୍ତ ।

ହସ୍ତବାରଣ, ବ ନ. (ହସ୍ତ ବାରଣ) ମାରଣୋଦ୍ୟତ ବ୍ୟକ୍ତିର ନିବାରଣ ।

ହସ୍ତସୂତ୍ର, ବ. ନ. (ହସ୍ତ-ସୂତ୍ର) ବଳୟ, ହସ୍ତ ପରିହିତ ଚୂଡ଼ି ।

ହସ୍ତା, ବ. ସ୍ତ୍ରୀ. ଅଷ୍ଟାବିଂଶତି ନକ୍ଷତ୍ର ଅନ୍ତର୍ଗତ ତ୍ରୟୋଦଶ ନକ୍ଷତ୍ର, ଏହାର ଆକାର ହସ୍ତାକାର, ସମୃଦ୍ଧ ।

ହସ୍ତାବର୍ତ୍ତିନ, ବି. ନ. ହସ୍ତଦ୍ୱାରା ସ୍ପର୍ଶ, ହାତ ବୁଲାଇବା ।

ହସ୍ତିକ, ବି. ନ. (ହସ୍ତିନ୍-କ) ହସ୍ତିସମୂହ ।

ହସ୍ତିକକ୍ଷ୍ୟ, ବି. ପୁଂ. ( ହସ୍ତିନ୍-କକ୍ଷ୍-ଯ, ଯ ଯୋଗ) ସିଂହ, ବ୍ୟାଘ୍ର ।

ହସ୍ତିକର୍ଣ୍ଣ, ବି. ପୁଂ. ଏରଣ୍ଡବୃକ୍ଷ, ଉପଦେବତା-ବିଶେଷ ।

ହସ୍ତିଦନ୍ତ, ବି. ପୁଂ. (ହସ୍ତିନ୍-ଦନ୍ତ) ନାଗଦନ୍ତକ, ଦ୍ରବ୍ୟାଦି ସ୍ଥାପନାର୍ଥ ଭିତ୍ତିପ୍ରୋତ କୀଳକ, ହାତୀର ଦାନ୍ତ, ମୂଳକ, ମୂଳା ।

ହସ୍ତିନଖ, ବି.ପୁଂ.ନ. (ହସ୍ତିନ୍-ନଖ) ପୁରଦ୍ୱାର-ସ୍ଥିତ ମୃତ୍ତିକାସ୍ତୂପ ।

ହସ୍ତିନାପୁର, ବି.ନ. (ହସ୍ତିନ୍-ପୁର) ଚନ୍ଦ୍ରବଂଶୀୟ ହସ୍ତିନାମକ ରାଜାଙ୍କ ନିର୍ମିତ ନଗର, ପ୍ରାଚୀନ ଦିଲ୍ଲୀନଗର ।

ହସ୍ତିପ } (ହସ୍ତିନ୍-ପ, ହସ୍ତି-ପ-କ) ହସ୍ତିପାଳକ,
ହସ୍ତିପକ } ମାହୁନ୍ତ ।

ହସ୍ତିମଦ, ବି.ପୁଂ. (ହସ୍ତିନ୍-ମଦ) ମତ୍ତ ବା ବନ୍ୟ-ହସ୍ତୀର ଶୁଣ୍ଡର ଦୁଇ ଛିଦ୍ର, ଗଣ୍ଡଦ୍ୱୟ, ଶିଶ୍ନ ଓ ଚକ୍ଷୁର୍ଦ୍ୱୟ-ଏହି ସପ୍ତ ସ୍ଥାନରୁ କ୍ଷରିତ ଜଳ ।

ହସ୍ତିମଲ୍ଲ, ବି. ପୁଂ (ହସ୍ତିନ୍-ମଲ୍ଲ) ଗଣେଶ, ଐରାବତ ହସ୍ତୀ, ଶଙ୍ଖନାମକ ନାଗ, ଭସ୍ମସ୍ତୂପ, ଧୂଳିବର୍ଷଣ, କୁହୁଡ଼ି ।

ହସ୍ତିବାହ, ବି. ପୁଂ. (ହସ୍ତିନ୍-ବାହ) ଅଙ୍କୁଶ ।

ହସ୍ତିଶୁଣ୍ଡା, ବି. ସ୍ତ୍ରୀ. (ହସ୍ତିନ୍-ଶୁଣ୍ଡା), ହାତୀଶୁଣ୍ଡ ଗଛ, ହାତୀର ଶୁଣ୍ଡ ।

ହସ୍ତୀ, ବି. ପୁଂ. (ହସ୍ତ-ଇନ୍) କରୀ, ଗଜ । ହସ୍ତିନୀ, ସ୍ତ୍ରୀ. କରିଣୀ, ଚତୁର୍ବିଧ ସ୍ତ୍ରୀ ମଧ୍ୟରେ ଏକପ୍ରକାର ସ୍ତ୍ରୀ ।

ହସ୍ତେକରଣ, ବି. ନ. (ହସ୍ତେ-କରଣ) ପାଣି-ଗ୍ରହଣ, ବିବାହ ।

ହସ୍ତ୍ୟ, ବିଂ. (ହସ୍ତ-ଯ) ହସ୍ତଦତ୍ତ ହସ୍ତକୃତ ।

ହସ୍ତ୍ୟାରୋହ, ବି. ପୁଂ ( ହସ୍ତିନ୍-ଆରୋହ ) ହସ୍ତିପକ, ମହାମାତ୍ର, ଗଜାରୂଢ଼ ବ୍ୟକ୍ତି ।

ହହା } ବି. ପୁଂ. (ହ-ହା-୦) ଗନ୍ଧର୍ବ, ସ୍ୱର୍ଗୀୟ-
ହାହା } ଗାୟକ । ଅଂ. ଆକସ୍ମିକ ଦୁଃଖ, ଶୋକ, ବିସ୍ମୟ, ସମ୍ଭ୍ରମ ।

ହା, ଅଂ. ( ହା-ଆ ) ବିଷାଦ ଶୋକ ପୀଡ଼ା ଇତ୍ୟାଦି ସୂଚକ, ଆନନ୍ଦସୂଚକ, ହାସ୍ୟ, କୁତ୍ସା, । ପୁଂ. ଗର୍ଭ ।

ହାଁ, ଅଂ. ବିସ୍ମୟସୂଚକ, ସ୍ୱୀକାରବୋଧକ ଅବ୍ୟୟ ।

ହାଇ, ବି. (ହାଫିକା ଶବ୍ଦଜ) ମୁଖବ୍ୟାଦାନ, ଜୃମ୍ଭଣ, । ଯଥା—

ହାଇ ମାରଣ ଭାଙ୍ଗିଲି ଅଳସ
ହାତ ବୁଲାଇ ଆଉଁସିଲି କେଶ । କୋ. ବ.

ହାଇଁପାଇଁ, (ଦେଶଜ) ଆକୁଳ ।

ହାଉହାଉ, (ଦେଶଜ) ବହୁତ, ଅନେକ ।

ହାଉଡ଼ା, ବି. (ଦେଶଜ) ବାକ୍‌ଶକ୍ତିହୀନ ।

ହାଉହାଉ, (ଦେଶଜ) ଗୋଳମାଳ ।

ହାଉଦା, ବି. (ଯାବନିକ) ହସ୍ତିପୃଷ୍ଠର ଅମାରୀ, ଚୌକୀ ।

ହାଉଲା, ବିଂ. (ଦେଶଜ) ବାଉଳା ।

ହାଓଯ଼ା, ବି. (ଯାବନିକ) ବତାସ, ବାୟୁ ।

ହାକିବା } (କ୍ରି. ଦେଶଜ) ଡାକିବା ।
ହାକିବା }

ହାକିମ, ବି. (ଯାବନିକ) ବିଚାରପତି, ଶାସନ-କର୍ତ୍ତା, ରାଜକୀୟ ଉଚ୍ଚପଦସ୍ଥ ବ୍ୟକ୍ତି ।

ହାକୁଟି, ବି. (ଦେଶଜ, ହୁକ୍କା ଶବ୍ଦଜ) ଗର୍ଭସ୍ଥ ବାୟୁର ସଶବ୍ଦରେ ବହିଃସରଣ ।

ପ୍ରକଟ ଦଶନ ପାଟି ମାରଇ ହାକୁଟି । ମ. ଯା.

ହାକୁହାକୁ, କ୍ରି. ବି. (ଦେଶଜ) ଯନ୍ତାଦି ବା କଷ୍ଟାଦିର ଜ୍ୱଳନ ।

ହାଙ୍ଗର, ବି. ପୁ. (ହାଂ-ଗର) ହିଂସ୍ର ଜଳଜନ୍ତୁ-ବିଶେଷ ।

ହାଙ୍ଗାମା, (ଯାବନିକ) ଗୋଳମାଲ, ଚିତ୍କାର, ଦଙ୍ଗା, ଲଢ଼ାଇ ।

ହାଜତ୍, ବି ( ଯାବନିକ) ଦୋଷିର ଦୋଷ ପ୍ରମାଣ ପୂର୍ବରୁ ଅବରୋଧ ।

ହାଜର, ବିଂ. (ଯାବନିକ) ଉପସ୍ଥିତ, ପ୍ରସ୍ତୁତ, ଇଚ୍ଛୁକ ।

ହାଜରଜବାବ, (ଯାବନିକ) ଉପସ୍ଥିତବକ୍ତା, ରସିକ ।

ହାଜରି, ବି. (ଯାବନିକ) ଭୋଜନ ।

ହାଟ, ବିଂ. (ହଟ୍ଟ ଶବ୍ଦଜ) ବଜାର, କ୍ରୟବିକ୍ରୟ ସ୍ଥାନ ।

ହାଟକ, ବି. ନ. (ହଟ୍-ଅକ) ସ୍ୱର୍ଣ୍ଣ । ବିଂ. ସ୍ୱର୍ଣ୍ଣନିର୍ମିତ ।

ହାଟକମୟ, ବିଂ. (ହାଟକ-ମୟ) ସ୍ୱର୍ଣ୍ଣମୟ, ସ୍ୱର୍ଣ୍ଣନିର୍ମିତ ।

ହାଟକେଶ୍ୱର, ବି. ପୁଂ. ଗୋଦାବରୀ ନଦୀତୀରସ୍ଥ ଶିବ ।

ହାଟୁଆ } ବି. ହାଟରେ ଯେଉଁମାନେ କିଣା
ହାଟୁଆଣୀ } ବିକା କରନ୍ତି, ଶୂଦ୍ରଜାତି ବିଶେଷ ।

ହାଡ଼, (ହଡ୍ଡ ଶବ୍ଦଜ) ଅସ୍ଥି । ଯଥା—

ମାଉ ମାରଣ ହାଡ଼ କଡ଼ିବ ଭିନ୍ନା । ଖୋ. କ.

ହାଡ଼ଗିଲା, ବିଂ. (ହାଡ-ଗିଲା) ଅସ୍ଥିଭକ୍ଷକ ପକ୍ଷିବିଶେଷ ।

ହାଡ଼ଫୁଟି, ବି. (ଦେଶଜ) ଏକପ୍ରକାର ବିସ୍ଫୋଟକ ରୋଗ, ପାଣିବସନ୍ତ ।

ହାଡ଼ଭଙ୍ଗା, ବି. (ଦେଶଜ) ଏକପ୍ରକାର ଔଷଧି ଗୁଳ୍ମ । ବିଂ. ଯେ ହାଡ଼ ଭାଙ୍ଗିଦିଏ ।

ହାଡ଼ି, ବି. (ହଡ଼ି ବା ହଡ଼କ ଶବ୍ଦଜ) ନୀଚଜାତି-ବିଶେଷ, ମେହେନ୍ତର ।

ହାଣ୍ଡି, ବି. (ଦେଶଜ) ମୃତ୍‌ପାତ୍ର, ଭାଣ୍ଡ ।

ହାଣ୍ଡିଆ, ବି. (ଦେଶଜ) ମଦ୍ୟବିଶେଷ, ହାଣ୍ଡି-ସଦୃଶ ।

ହାତ, ବି. (ହସ୍ତ ଶବ୍ଦଜ) କର, ଭୁଜ, ପାଣି ।

ହାତବ୍ୟ, ବିଂ. (ହା-ତବ୍ୟ) ତ୍ୟକ୍ତବ୍ୟ, ତ୍ୟାଗ-ଯୋଗ୍ୟ ।

ହାତୀ, ବି ପୁଂ. (ହସ୍ତୀ ଶବ୍ଦଜ) କରୀ, ହସ୍ତୀ, ଗଜ ।

ହାତୁଡ଼ିଆ, ବି (ଦେଶଜ) ମୂର୍ଖ ବୈଦ୍ୟ ।

ହାତୁଡ଼ୀ, ( ଦେଶଜ ) ଲୌହମୁଦ୍‌ଗରବିଶେଷ, ଅଘାତଯନ୍ତ୍ର ।

ହାତୁଣୀ ବି. ସ୍ତ୍ରୀ. ମାଈ ହାତୀ ।

ହାନନ, ବି. (ହନନ ଶବ୍ଦଜ) ପ୍ରହାରଣ, ଆଘାତ କରଣ ।

ହାନ୍ଦୋଳା, ବି. ଦୋଳା । ଯଥା—

ରତ୍ନମୟ ହାନ୍ଦୋଳା ଅରୋହଣ କର ।

ହାନି, ବି. ସ୍ତ୍ରୀ. (ହା-ତି, ତ=ନି) ଗତି, (ହା-ନି) ତ୍ୟାଗ, ନାଶ, କ୍ଷତି, ଅପଚୟ ।

ହାନୁକ, ବିଂ. (ହନ୍-ଉକ) ହତ୍ୟାକାରୀ, କ୍ଷତି-କାରକ ।

ହାନ୍ଦୋଳବା, କ୍ରି. (ଆନ୍ଦୋଳନ ଶବ୍ଦଜ) ଇତସ୍ତତଃ ଗୃଳତ ହେବା, ଆଉଣ୍ଡି ହେବା ।

ହାପୁ
ଆପୁ } ବି. (ଅହିଫେନ ଶବ୍ଦଜ) ଅଫିମ ।

ହାପୁଡ଼ିବା, କ୍ରି. (ଦେଶଜ) ତରଳପଦାର୍ଥକୁ ହସ୍ତଦ୍ୱାରା ସଶବ୍ଦରେ ଶୋଷିବା ।

ହାମୁଡ଼ିବା } କ୍ରି. (ଦେଶଜ) ଅଘାତ ପାଇବା,
ହାମ୍ପୋଡ଼ିବା } ଅଣ୍ଟୁମାଡ଼ି ପଡ଼ିଯିବା, ଅଣ୍ଟୁ-ସାହାଯ୍ୟରେ ଗୃଲିବା ।

ହାୟ, ଅଂ. (ହା ଶବ୍ଦଜ) ଖେଦପ୍ରକାଶକ ଶବ୍ଦ ।

ହାର, ବି. ପୁଂ. ( ହୃ-ଅ ) ମୁକ୍ତାଦିମାଳା, ଯୁଦ୍ଧ, ଭାଗ । ସ୍ତ୍ରୀ. ହରଣ । ବିଂ ଭଜକ, ବାହକ, ହାରକ, ହରସମ୍ବନ୍ଧୀୟ ।

ହାରକ, ବି. ପୁଂ. ( ହୃ-ଅକ ) କିତବ, ଧୂର୍ତ୍ତ, ଚୋର, ବିଜ୍ଞାନବିଶେଷ, ଭାଜକ ଅଙ୍କ । ବିଂ. ବାହକ, ହରଣକାରୀ, ଦ୍ୟୁତକାର ।

ହାରାବଳୀ, ବି. ସ୍ତ୍ରୀ. (ହାର-ଆବଳୀ) ମୁକ୍ତାବଳୀ, ଯଥା—ଶୃଙ୍ଗାରହାରାବଳୀ ।

ହାରାମ, (ଯାବନିକ) ମୁସଲମାନମାନଙ୍କର ଅସ୍ପୃଶ୍ୟ ଜନ୍ତୁ, ଶୂକର ।

ହାରାମଜାଦା, ବିଂ. ( ଯାବନିକ ) ଘଣ୍ୟ, ନୀଚ, ଅଧମ ।

ହାର } ବି. ସ୍ତ୍ରୀ. ( ହୃ-ଇ ) ପରାଭବ, ପଥିକ
ହାରୀ } ଲୋକର ପରିବାର, ପଥିକଶ୍ରେଣୀ ।
ବି°. ମନୋହର, ରୁଚିର ।

ହାରିବା, କ୍ରି. (ହୃ ଧାତୁଜ) ପରାଜିତ ହେବା ।

ହାରକଣ୍ଠ, ବି. ପୁଂ. ( ହାର-କଣ୍ଠ ) କୋକିଳ । ବି°. ହାରଯୁକ୍ତ କଣ୍ଠ ।

ହାରଣିକ, ବି.ପୁଂ. (ହରଣ-ଇକ) ହରଣକାରକ, ବ୍ୟାଧ ।

ହାରିତ, ବି°. (ହୃ-ଇ-ତ) ପରାଜିତ, ଅପହାରିତ, (ହରିତ୍ ଅ) ହରିଦ୍ବର୍ଣ୍ଣଯୁକ୍ତ ।

ହାରିଦ୍ର, ବି°. (ହରିଦ୍ରା-ଅ) ହରିଦ୍ରାବର୍ଣ୍ଣ । ବି. ହର୍ଦ୍ର ପୁଂ. କଦମ୍ବବୃକ୍ଷ, ବିଷବିଶେଷ । ନ. ସୁବର୍ଣ୍ଣ ।

ହାରୀ, ବି°. ( ହୃ-ଇନ୍ ) ମନୋହର, ବାହକ, ଅପହାରକ । ( ହାର-ଇନ୍ ) ହାରବିଶିଷ୍ଟ, ହାରଯୁକ୍ତ, ଋଣକାରୀ ।

ହାରୀତ, ବି. ପୁଂ. ( ହରିତ୍ ଅ ) ଶୁକପକ୍ଷୀ, ସଂହିତାକାର ମୁନିବିଶେଷ, ପ୍ରତାରଣା, କୈତବ ।

ହାର୍ଦ୍ଦ୍ୟ } ବି. ନ. (ହୃଦ୍-ଅ-ଯ) ହୃଦ୍ୟତା, ପ୍ରଣୟ,
ହାର୍ଦ୍ଦ } ସ୍ନେହ । ବି°. ହୃଦ୍ଗତ, ହୃଦୟଜ୍ଞେୟ, ମନୋଜ୍ଞ ।

ହାର୍ଯ୍ୟ, ବି°. (ହୃ-ଯ) ବହନୀୟ, ଗ୍ରହଣଯୋଗ୍ୟ, ଗ୍ରାହ୍ୟ, ଭାଜ୍ୟ, ଅପହରଣୀୟ, ନିବାର୍ଯ୍ୟ ।

ହାଲ, ବି. ପୁଂ. (ହାଲ=ଲାଙ୍ଗଲ ଅ) ବଳରାମ, ଶାଳବାହନ ରାଜା, ଲାଙ୍ଗଳ ।

ହାଲ୍, ବି. (ଯାବନିକ) ଘଟନାର ବିବରଣ, ରୀତି, ଆଚରଣ, ଅବସ୍ଥା ।

ହାଲକ } ବି. (ଦେଶଜ) ହୃଦୟ ।
ହାଲୁକା }

ହାଲ୍ଚାଲ୍ } ବି. (ଦେଶଜ) ଘଟନାର ବିବରଣ,
ହାଲତ୍ } ଅବସ୍ଥା ।

ହାଲପା, ବି°. ଅଧଶୀତଳ ।

ହାଲସା, ବି. ନାହାର ମଙ୍ଗ ।

ହାଲାହଲ, ବି. ( ହଲାହଲ-ଅ ) ବିଷ, ଏକପ୍ରକାର ବିଷ ।

ହାଲିଆ, ବି°. (ଦେଶଜ) ଦୁର୍ବଳ, କ୍ଲାନ୍ତ ।

ହାଲିକ, ବି°. (ହଲ ଇକ) ହଲସମ୍ବନ୍ଧୀୟ, ହଲବାହକ, ଲାଙ୍ଗଳଧାରୀ, କୃଷକ ।

ହାଲୁଆ, ବି. (ଦେଶଜ) ମୋହନଭୋଗ, ଏକପ୍ରକାର ମିଷ୍ଟାନ୍ନ ।

ହାଲୁକା, ବି°. (ଦେଶଜ) ଲଘୁ ।

ହାଲୋଇ } ବି. (ବୈଦେଶିକ) ଗୁଡ଼ିଆ, ଯେ
ହାଲୁଇ } ମିଷ୍ଟାନ୍ନ ତିଆରି କରେ ।

ହାଲ୍ଲୋଲ, ବି. (ଦେଶଜ) କୋଳାହଳ ।

ହାବ, ବି. ପୁଂ. (ହ୍ବେ-ଅ ସ୍ତ୍ରୀମାନଙ୍କର ଶୃଙ୍ଗାରଭାବଜାତ ବିଲାସ ବିବ୍ବୋକ ବିଭ୍ରମ ଲଳିତ ହେଲା ଲୀଳା ଏହି ସକଳ କ୍ରିୟାବିଶେଷ ।

ହାବା, ବି (ଦେଶଜ) ହାଉଡ଼ା, ବୋକା, ବାକ୍ଶକ୍ତିହୀନ ଲୋକ ।

ହାବିଲ୍ଦାର, ବି. (ଯାବନିକ) ପାଇକସର୍ଦ୍ଦାର, ସୈନ୍ୟବିଭାଗର କର୍ମଚାରୀବିଶେଷ ।

ହାବୁକା, ବି (ଦେଶଜ) ଧକ୍କା ।

ହାବୁଡ଼, ବି. (ଦେଶଜ) ଧକ୍କା, ହାବୁଡ଼ାର ଆଘାତ ।

ହାବୁଡ଼ା, ବି. ( ଦେଶଜ ) ଭେଟ, ଅଠକୀ ସାକ୍ଷାତ୍କାର ।

ହାବୁଡ଼ିବା } କ୍ରି. (ଦେଶଜ) ସମ୍ମୁଖବର୍ତ୍ତୀ,
ହାବୋଡ଼ିବା } ହେବା, ଭେଟିବା ।
ହାବୋଡ଼ିଯିବା } ଯଥା—

> ବଡ଼ କୁର କାଳ ବଡ଼ ଅନର୍ଥାର୍ଥ,
> ହାବୋଡ଼ିଯିବ ସେ ଅଚମ୍ବିତେ ଆସି । ବିଥାନାଥ ।

ହାବେଲୀ, ବି.(ଯାବନିକ) ବାସସ୍ଥାନ । (ଦେଶଜ) ବାଣବିଶେଷ ।

ହାସ, ବି. ପୁଂ. (ହସ୍-ଅ) ହାସ୍ୟ ।

ହାସଲ୍, ବି. (ଯାବନିକ) କର୍ତ୍ତବ୍ୟସମ୍ପାଦନ ।

ହାସିଲ୍, ବି. (ଯାବନିକ) ପ୍ରୟୋଜନ ସିଦ୍ଧି ।

ହାସିଲ୍ଖତ୍, ବି (ଦେଶଜ) କର୍ଷଣଯୋଗ୍ୟ, [illegible] ।

ହାସ୍ୟ, ବି. ନ. (ହସ୍-ଯ) ହସ । ପୁଂ. କାବ୍ୟର ରସବିଶେଷ । ବିଂ. ପରିହସନୀୟ ।

ହାହା, ବି. ପୁଂ. ( ହା-ହା-୦ ) ଗନ୍ଧର୍ବ, କୁବେରାନୁଚର । ଅ. ଦୁଃଖ, ଶୋକ, ବିସ୍ମୟ, ସମ୍ଭ୍ରମସୂଚକ ଶବ୍ଦ, ଖେଦଜନକ ଶବ୍ଦ, ଶୋକଧ୍ୱନି ।

ହାହାକାର, ବି. ପୁଂ. ହାହା-କାର) କଲରବ, ଶୋକଧ୍ୱନି, କାତରତାହେତୁକ କଲରବ, ଯୁଦ୍ଧ କଲରବ, ଅଶ୍ୱାଦିପ୍ରେରଣଧ୍ୱନି ।

ହିଁ, ଅଂ. ନିଶ୍ଚୟାର୍ଥକ ଅବ୍ୟୟ, ନିଶ୍ଚିତରୂପେ, କେବଳ, ସୁଦ୍ଧା, ମଧ୍ୟ ।

ହିଁହିଁ, ଅଂ. ଉଚ୍ଚହାସ୍ୟର ଅନୁକରଣ ଶବ୍ଦ ।

ହିଂସକ, ବି. ପୁଂ. ( ହିନ୍ସ୍-ଅକ ) ହିଂସ୍ରଜନ୍ତୁ, ଶତ୍ରୁ, ଅଥର୍ବବେଦବେତ୍ତା ବ୍ରାହ୍ମଣ । ବିଂ. ଦ୍ୱେଷ୍ଟା, ହିଂସାକାରକ, ଘାତକ ।

ହିଂସା, ସ୍ତ୍ରୀ. }
ହିଂସନ, ନ } ବି. ( ହିନ୍ସ୍-ଅ-ଆ, ଅନ ) ହତ୍ୟା, ବଧ, ହନନ, ଅପକାର, କ୍ଷତି, ଦ୍ୱେଷ, ଈର୍ଷ୍ୟା ।

ହିଂସାକର୍ମ, ବି. ନ. ( ହିଂସା-କର୍ମ ) ଅଭିଚାର, ମାରଣ, ମୋହନ, ସ୍ତମ୍ଭନ, ବିଦ୍ୱେଷଣ, ଉଚ୍ଚାଟନ, ବଶୀକରଣ—ଏହି ଛ ।

ହିଂସାରୁ, ବି. ପୁଂ. ( ହିଂସା-ଋ-ଉ ) ଶାର୍ଦ୍ଦୂଳ, ବ୍ୟାଘ୍ର ।

ହିଂସାଳୁ, ବିଂ. ( ହିନ୍ସ୍-ଆଳୁ ) ହିଂସାଶୀଳ, ଘାତକ, ଅପକାରକ, ହିଂସା କରିବା ଯାହାର ସ୍ୱଭାବ ।

ହିଂସିତ, ବିଂ. ( ହିନ୍ସ୍-ତ ) ହତ, ନାଶିତ, ଯାହାକୁ ହିଂସା କରା ହୋଇଅଛି ।

ହିଂସୀର, ବି. ପୁଂ. ( ହିନ୍ସ୍-ଈ-ଈର ) ବ୍ୟାଘ୍ର, ଖଳ ।

ହିଂସ୍ୟ, ବିଂ. (ହିନ୍ସ୍-ଯ) ହିଂସାଯୋଗ୍ୟ, ବଧ୍ୟ ।

ହିଂସ୍ର }
ହିଂସ୍ରକ } ବିଂ. ( ହିନ୍ସ୍-ର, ହିଂସ୍ରକ ) ହିଂସାଶୀଳ, ହନନକାରକ, ଘାତୁକ, ଅପକାରକ । ବି. ପୁଂ. ହିଂସାକାରକ ଜନ୍ତୁ ।

ହିଅ, ( ଦେଶଜ ) ( ହୃଦୟ ଶବ୍ଦର ଅପଭ୍ରଂଶ ) ହୃଦୟ, ମନ ; ଯଥା—

ଦଣ୍ଡ ନଗରେ ବଢାଇବ ତୋର ବକ୍ଷସ୍ଥଳ,
ତେବେ ସେ ମୋହର ହିଅ ହୋଇବ ଶୀତଳ । କ.ବ.

ହିକ୍କା, ବି. ସ୍ତ୍ରୀ. (ହିକ୍କ୍-ଅ-ଆ) ରୋଗର ଉପସର୍ଗବିଶେଷ, ବାୟୁର ଊର୍ଦ୍ଧ୍ୱଗତିଜନିତ ରୋଗ ।

ହିଙ୍ଗୁ, ବି. ପୁଂ. ନ. ( ହିମ୍-ଗମ୍-ଉ ) ନିର୍ଯ୍ୟାସବିଶେଷ, ହେଙ୍ଗୁ ।

ହିଙ୍ଗୁଳ, ବି. ପୁଂ. ନ. (ହିଙ୍ଗୁ-ଲା-ଅ) ରଞ୍ଜନଦ୍ରବ୍ୟବିଶେଷ, ହେଙ୍ଗୁଳ ।

ହିଙ୍ଗୁଳୀ, ବି. ସ୍ତ୍ରୀ. ବାର୍ତ୍ତାକୁ, ବାଇଗଣ ।

ହିଜଡ଼ା }
ହିଞ୍ଜଡ଼ା } ବି. (ଦେଶଜ) ନପୁଂସକ ।

ହିଜରୀ, ବି. ( ଯାବନିକ ) ମୁସଲମାନମାନଙ୍କ ପ୍ରଚଳିତ ସାଲ ।

ହିଞ୍ଜଲ, (ଦେଶଜ) ଏକପ୍ରକାର ବୃକ୍ଷ ।

ହିଞ୍ଜୀର, ବି. ପୁଂ. ( ହିଣ୍ଡ୍-ଈର-ଅ ନିପାତନ ହସ୍ତିପାଦବନ୍ଧନ ରଜ୍ଜୁ ବା ଶୃଙ୍ଖଳ ।

ହିଜ୍ଜୁଲ, ବି. ପୁଂ. ନିଚୁଲବୃକ୍ଷ ।

ହିଡ଼, ବି. (ଦେଶଜ) ବିଲର ଛୋଟ ଛୋଟ ବନ୍ଧ

ହିଡ଼ମୋଚ୍ଚ, ବି. ( ହିଲମୋଚୀ ଶବ୍ଦଜ ) ଶାକବିଶେଷ ।

ହିଡ଼ିମ୍ବ, ବି. ପୁଂ. ରାକ୍ଷସବିଶେଷ, ଯେ ଭୀମଙ୍କଦ୍ୱାରା ନିହତ ହୋଇଥିଲା । ସ୍ତ୍ରୀ. ତଦ୍‌ଭଗି ଘଟୋତ୍କଚର ମାତା ।

ହିଣ୍ଡନ, ବି ନ. (ହିନ୍ଡ୍ ଅନ) ଭ୍ରମଣ, ବିଚ ଖନ, ଲେଖନ, ରମଣ ।

ହିଣ୍ଡିକ, ବି. ପୁଂ. ( ହିନ୍ଡ୍-ଇକ ) ଗଣକ, ଦୈବଜ୍ଞ ।

ହିଣ୍ଡୀ, ବି. ସ୍ତ୍ରୀ. (ହିନ୍ଡ୍-ଅ-ଈ) ଦୁର୍ଗା, ପାର୍ବତୀ

ହିତ, ବିଂ. (ଧା-ତ) ଯୋଗ୍ୟ, ଉପଯୁକ୍ତ, ପଥ୍ୟ, ଉପକାରକ, ପ୍ରିୟ, ଗତ, ଅନୁକୂଳ, ବ୍ୟବହାର୍ଯ୍ୟ, ଧୃତ । (ହି-ତ) ବି. ନ. ଇଷ୍ଟସାଧନ, ମଙ୍ଗଳ, ଗମନ ।

ହିତକର } ବିଂ. ( ହିତ-କର, କାରୀ ) ମଙ୍ଗଳ-
ହିତକାରୀ } ଦାୟକ, ଉପକାରକ ।

ହିତପ୍ରଣୀ, ବି. ପୁଂ. (ହିତ-ପ୍ରଣୀ) ଚର, ଦୂତ ।

ହିତବାଦୀ, ବିଂ. (ହିତ-ବାଦୀ) ହିତକଥନଶୀଳ, ସତ୍‌ପରାମର୍ଶଦାୟକ ।

ହିତାର୍ଥୀ, ବିଂ. (ହିତ-ଅର୍ଥୀ) ମଙ୍ଗଳପ୍ରାର୍ଥୀ ।

ହିତୈଷଣା, ବି. ସ୍ତ୍ରୀ. ( ହିତ-ଏଷଣା ) ହିତେଚ୍ଛା, ପରର ଉପକାର ସାଧନ ।

ହିତୈଷୀ, ବିଂ. ( ହିତ-ଏଷିନ୍ ) ହିତେଚ୍ଛାକାରୀ, ହିତାଭିଳାଷୀ ।

ହିତୋକ୍ତି, ବି. ସ୍ତ୍ରୀ. ( ହିତ-ଉକ୍ତି ) ପ୍ରିୟବଚନ, ହିତକର ବାକ୍ୟ ।

ହିତୋପଦେଶ, ବି. ପୁଂ. ( ହିତ-ଉପଦେଶ ) ସତ୍‌ପରାମର୍ଶଦାନ, ବିଷ୍ଣୁଶର୍ମାକୃତ ନୀତିଗ୍ରନ୍ଥ-ବିଶେଷ ।

ହିନସ୍ତା, ବି. ( ହୀନାବସ୍ଥା ଶବ୍ଦଜ ) ଦୁର୍ଦ୍ଦଶା, ହନ୍ତହନ୍ତା ।

ହିନ୍ତାଳ } ବି. ପୁଂ. ( ହୀନ=ଅଧମ ତାଳ )
ହୀନ୍ତାଳ } ହେନ୍ତାଳଗଛ ।

ହିନ୍ଦୁ, ବି. ପୁଂ. ( ହିନ୍-ହୁସ୍ ନିପାତନ ) ଜାତି-ବିଶେଷ, ହିନ୍ଦୁ, ଆର୍ଯ୍ୟ ।

ହିନ୍ଦୋଳ, ପୁଂ. } ବି. ( ହି-ଦୁଲ-ଅ, ଲୀ )
ହିନ୍ଦୋଳୀ, ସ୍ତ୍ରୀ. } ଦୋଳ, ଝୁଲଣ, ଝୁଲଣ-ଯାତ୍ରା, ଯାନବିଶେଷ, ରାଗବିଶେଷ ।

ହିମ, ବି. ନ. ( ହନ୍-ମ ) ତୁଷାର, ନୀହାର, ଚନ୍ଦନ, ଚନ୍ଦନଦ୍ରବ, ଶୈତ୍ୟ, ଶୀତଳତା, ଶୀତଳସ୍ପର୍ଶ, ଟିନ, ମୁକ୍ତା, ପଥ, ନବନୀତ । ପୁଂ. ହିମଗିରି, ହିମାଳୟ ପର୍ବତ, ଚନ୍ଦ୍ର, ଚନ୍ଦନ-ବୃକ୍ଷ, କର୍ପୂର, ଋତୁବିଶେଷ । ବିଂ. ଶୀତଳ ।

ହିମକଟିବନ୍ଧ, ବି. ସୁମେରୁବୃତ୍ତ ଓ କୁମେରୁବୃତ୍ତର ବୃତ୍ତଠାରୁ ଉତ୍ତର ଓ ଦକ୍ଷିଣମେରୁ ପର୍ଯ୍ୟନ୍ତ ସ୍ଥଳ ଭୂଭାଗ (frigid zone) ।

ହିମକର, ବି. ପୁଂ. (ହିମ-କର) ଚନ୍ଦ୍ର, କର୍ପୂର । ବିଂ. ଶୀତୋତ୍ପାଦକ ।

ହିମକୂଟ, ବି. ପୁଂ. ( ହିମ-କୂଟ ) ଶିଶିରଋତୁ, ଶୀତକାଳ ।

ହିମଗିରି, ବି. ପୁଂ. (ହିମ-ଗିରି) ହିମାଳୟ ପର୍ବତ ।

ହିମଜ, ବି. ପୁଂ. ( ହିମ-ଜ ) ମୈନାକ ପର୍ବତ । ସ୍ତ୍ରୀ. ପାର୍ବତୀ, ଦୁର୍ଗା । ବିଂ ହିମାଳୟ ପର୍ବତ-ଜାତ ।

ହିମଦ୍ୟୁତି } ବି. ପୁଂ. ( ହିମ-ଦ୍ୟୁତି, ଦୀଧିତି )
ହିମଦୀଧିତି } ଶୀତକିରଣ, ଚନ୍ଦ୍ର ।

ହିମପ୍ରସ୍ଥ, ବି. ପୁଂ. (ହିମ-ପ୍ରସ୍ଥ) ହିମାଳୟ ପର୍ବତ, ହିମମଣ୍ଡଳ, ହିମକଟିବନ୍ଧ ।

ହିମବାନ୍, ବି. ପୁଂ ( ହିମ-ବତ୍ ) ହିମାଳୟ ପର୍ବତ । ବିଂ. ଶୀତଳ, ଶୈତ୍ୟଗୁଣଯୁକ୍ତ, ଥଣ୍ଡା ।

ହିମବାଲୁକା, ବି. ସ୍ତ୍ରୀ. (ହିମ-ବାଲୁକା) କର୍ପୂର । ହିମଶିଳା, ବି. ସ୍ତ୍ରୀ. ତୁଷାର, ବରଫ ।

ହିମଶୈଳ, ବି. ପୁଂ. ( ହିମ-ଶୈଳ ) ହିମାଳୟ ପର୍ବତ ।

ହିମଶୈଳଜା, ବି ସ୍ତ୍ରୀ. (ହିମଶୈଳ-ଜ) ପାର୍ବତୀ, ଦୁର୍ଗା ।

ହିମସଂହତି, ବି. ସ୍ତ୍ରୀ. ( ହିମ-ସଂହତି ) ହିମାନୀ, ବରଫ ।

ହିମାଂଶୁ, ବି. ପୁଂ. ( ହିମ-ଅଂଶୁ ) ଶୀତକିରଣ, ଚନ୍ଦ୍ର, କର୍ପୂର ।

ହିମାଗମ, ବି. ପୁଂ. ( ହିମ-ଆଗମ ) ଶୀତକାଳ, ହେମନ୍ତ ଋତୁ ।

ହିମାଙ୍ଗ, ବି. ନ. ( ହିମ-ଅଙ୍ଗ ) ଶୀତଳ ଅଙ୍ଗ, ହିମକାୟ ।

ହିମାଦ୍ରି, ବି. ପୁଂ. ( ହିମ-ଅଦ୍ରି ) ହିମାଳୟ ପର୍ବତ ।

ହିମାଦ୍ରିଜା } ବି. ସ୍ତ୍ରୀ. ( ହିମାଦ୍ରି-ଜା,
ହିମାଦ୍ରିତନୟା } ତନୟା ) ପାର୍ବତୀ, ଦୁର୍ଗା, ଗୌରୀ ।

ହିମାନୀ, ବି. ସ୍ତ୍ରୀ. ( ହିମ-ଈ, ନ ଆଗମ ) ହିମସଂହତି, ବରଫ ।

ହିମାରାତି } ବି. ପୁଂ. ( ହିମ-ଅରାତି, ଅରି )
ହିମାରି } ଅଗ୍ନି, ସୂର୍ଯ୍ୟ, ଚିତ୍ରକବୃକ୍ଷ ।

ହିମାଳୟ, ବି. ପୁଂ. (ହିମ-ଆଳୟ) ଭାରତବର୍ଷର ଉତ୍ତରସୀମାସ୍ଥ ପର୍ବତବିଶେଷ, ପାର୍ବତୀଙ୍କ ପିତା.।

ହିମିକା, ବି. ସ୍ତ୍ରୀ. ( ହିମ-କ-ଆ ) ଶିଶିର, ହିମକଣ, ତୃଣାଦି ଉପରେ ପତିତ ହିମ, କୁଜ୍ଝଟିକା ।

ହିୟା, ବି. (ହୃଦୟ ଶବ୍ଦଜ) ବକ୍ଷଃସ୍ଥଳ ।

ହିରଣ, ବି. ନ. ( ହୃ-ଅନ ) ସ୍ୱର୍ଣ୍ଣ, ରେତଃ, ବରାଟକ, କଉଡ଼ି ।

ହିରଣ୍ମୟ, ବିଂ. (ହିରଣ୍‌-ମୟ) ହିରଣ୍ୟବିକାର, ସ୍ୱର୍ଣ୍ଣମୟ, । ବି. ପୁଂ. ବ୍ରହ୍ମା ।

ହିରଣ୍ୟ, ବି. ନ. (ହୃ-ଅନ, ଋ—ଇର) ସୁବର୍ଣ୍ଣ, ରୌପ୍ୟ, ଧନ, ରେତଃ, ଧୁସ୍ତୁର, ଅକୁପ୍ୟ ଦ୍ରବ୍ୟ, ବରାଟକ, ପରିମାଣବିଶେଷ ।

ହିରଣ୍ୟକଶିପୁ, ବି. ପୁଂ. ( ହିରଣ୍ୟ-କଶିପୁ ) ରାକ୍ଷସବିଶେଷ, ପ୍ରହ୍ଲାଦଙ୍କ ପିତା, ବିଷ୍ଣୁ ନୃସିଂହ ଅବତାରରେ ଏହାଙ୍କୁ ବଧ କରିଥିଲେ ।

ହିରଣ୍ୟଗର୍ଭ, ବି. ପୁଂ. ( ହିରଣ୍ୟ-ଗର୍ଭ) ବ୍ରହ୍ମା, ଶିଳାବିଶେଷ ।

ହିରଣ୍ୟଦ, ବି. ପୁଂ. ( ହିରଣ୍ୟ-ଦ) ସମୁଦ୍ର । ସ୍ତ୍ରୀ. ପୃଥିବୀ ।

ହିରଣ୍ୟନାଭ, ବି. ପୁଂ. (ହିରଣ୍ୟ-ନାଭି) ମୈନାକ ପର୍ବତ ।

ହିରଣ୍ୟବାହୁ, ବି. ପୁଂ. (ହିରଣ୍ୟ-ବାହୁ) ଶିବ, ଶୋଣନଦ ।

ହିରଣ୍ୟରେତାଃ ବି. ପୁଂ. ( ହିରଣ୍ୟ-ରେତସ୍ ) ଅଗ୍ନି, ସୂର୍ଯ୍ୟ, ଶିବ, ଚିତ୍ରକବୃକ୍ଷ ।

ହିରଣ୍ୟବର୍ଣ୍ଣା, ବି. ସ୍ତ୍ରୀ. ( ହିରଣ୍ୟ-ବର୍ଣ୍ଣ ) ନଦୀ, ତରଙ୍ଗିଣୀ ।

ହିରଣ୍ୟାକ୍ଷ, ବି. ପୁଂ. (ହିରଣ୍ୟ-ଅକ୍ଷ) ହିରଣ୍ୟକଶିପୁର ଭ୍ରାତା, ବିଷ୍ଣୁ ବରାହ ଅବତାରରେ ଏହାଙ୍କୁ ବଧ କରିଥିଲେ ।

ହିନ୍ଦୋଳ, ବି. ପୁଂ. (ହିନ୍ଦୋଳ୍-ଅ) ଦୋଳନ, ତରଙ୍ଗ, ଢେଉ, ରାଗବିଶେଷ ।

ହିସାବ, ବି. ( ଯାବନିକ ) ଗଣନା, ଆୟ ବ୍ୟୟ ବିବରଣ ।

ହିହି, ଅଂ. ଆହ୍ଲାଦସୂଚକ ଶବ୍ଦ, ହାସ୍ୟ ଶବ୍ଦ ।

ହୀ, ଅଂ. (ହନ୍-ଈ) ହାସ୍ୟ ଶବ୍ଦ, ବିସ୍ମୟ, ଶୋକ, ବିଷାଦ, ଦୁଃଖ, ହେତୁ ।

ହୀନ, ବିଂ. ( ହା-ତ, ତ ସ୍ଥାନେ ନ ) ପରିତ୍ୟକ୍ତ, ରହିତ, ବର୍ଜିତ, ନିନ୍ଦନୀୟ, ଅଧମ, ନୀଚ, ଶୂନ୍ୟ ।

ହୀନବାଦୀ, ବିଂ. (ହୀନ-ବାଦୀ) ମୂକ, ହାଉଡ଼ା, ବିରୁଦ୍ଧାର୍ଥବାଦୀ ।

ହୀନାଙ୍ଗ, ବିଂ. ( ହୀନ-ଅଙ୍ଗ ) ଅଙ୍ଗହୀନ, ବିକଳାଙ୍ଗ ।

ହୀନତ, ବି. ବିୟୋଗଚିହ୍ନ "—" ଏହି ପ୍ରକାର ଚିହ୍ନ (Minus) ।

ହୀର, ବି. ପୁଂ ( ହୃ-ଅ, ଋ—ଈର ) ଶିବ, ଇନ୍ଦ୍ରଙ୍କ ବଜ୍ର, ସର୍ପ, ହାର, ସିଂହ, ଶ୍ରୀହର୍ଷଙ୍କ ପିତା । ପୁଂ. ନ. ହୀରକ ।

ହୀରକ, ବି. ନ. ( ହୀର୍-କ ) ରତ୍ନବିଶେଷ, ହୀରା ।

ହୀରା, ବି. ସ୍ତ୍ରୀ. (ହୀର-ଆ) ଲକ୍ଷ୍ମୀ, ମତ୍ସ୍ୟବିଶେଷ-ପିପୀଲିକା, କାଳ୍କୁଷି । ( ହୀରକ ଶବ୍ଦଜ ) ରତ୍ନବିଶେଷ, ହୀରକ ।

ହୀରାଙ୍ଗ, ବି. ପୁଂ. (ହୀର-ଅଙ୍ଗ ) ଇନ୍ଦ୍ରଙ୍କ ବଜ୍ର ।

ହୀହୀ, ଅଂ. ( ହୀ ଦ୍ୱିତ୍ୱ ) ଆହ୍ଲାଦସୂଚକ ଶବ୍ଦ, ହାସ୍ୟଧ୍ୱନି ।

ହୁଁ, ଅଂ. ( ଦେଶଜ ) ସ୍ୱୀକାରବୋଧକ ଶବ୍ଦ, ପଞ୍ଚମୀ ବିଭକ୍ତିସୂଚକ ।

ହୁକା, ବି. (ଦେଶଜ) ଗୁଡ଼ାଖୁ ଖାଇବାର ଯନ୍ତ୍ରବିଶେଷ ।

ହୁଙ୍କନ, କ୍ରି. ବିଂ. ହଠାତ୍, ଶୀଘ୍ର ।

ହୁକୁମ୍, ବି. ( ଯାବନିକ ) ଆଜ୍ଞା, ଆଦେଶ, ଅନୁମତି ।

ହୁଗୁଳା, ବି. (ଦେଶଜ) ଢିଲା, ଶିଥିଳ ।

ହୁଗୁଳିବା, କ୍ରି. (ଦେଶଜ) ଢିଲା ହେବା, ଶିଥିଳ ହେବା ।

ହୁଙ୍କା, ବି. (ଦେଶଜ) ବଲ୍ମୀକ, ଉଇଁହୁଙ୍କା ।

ହୁଙ୍କାର } ବି. ପୁଂ. (ହୁମ୍-କୃ-ଅ, ତି) ହୁଙ୍କାର
ହୁଙ୍କୃତି } ଶବ୍ଦ, ବଣ୍ୟବରାହଧ୍ୱନି, ଗର୍ଜନ ।
ବିଂ. ଗର୍ଜିତ ।

ହୁଣ୍ଡୁଡିବା, କ୍ରି. (ଦେଶଜ) ବଳାତ୍କାରରେ ଟାଣିନେବା ।

ହୁଡ଼, ବି. (ଦେଶଜ) ପ୍ରତିଜ୍ଞା, ପଣ । ଯଥା —

ମଲେ ପଛେ ଅଙ୍ଗ ମରିବ, ଏ କାର୍ଯ୍ୟେ ପ୍ରାଣକୁ କରିବି ହୁଡ଼,
ଚନ୍ଦ୍ରଲେଖୁଁ ସ୍ୱାମୀ ହରଣେ କୁଳଶେ ତରି କି ଥିଲେ ଗରୁଡ଼ ।
ଯ. କେ.

ଭୁଲ, ଭ୍ରମ, ଦୋଷ ।

ହୁଡ଼ା, ବି. (ଦେଶଜ) ମାଟିଗଦା, ମୃତ୍ତିକାସ୍ତୂପ, ବନ୍ଧ, ବଡ଼ ହୁଡ଼ା, ଢେଙ୍କା, ଲୋଷ୍ଟ୍ର ।

ହୁଡ଼ାହୁଡି, ବି. (ଦେଶଜ) ଅମର୍ଯ୍ୟାଦାସୂଚକ ବୋଲାବୋଲି ।

ହୁଡ଼ } ବି. (ଦେଶଜ) କୋଲାହଳ, ଗୋଳ-
ହୁରି } ମାଳ, ଡକା ।

ହୁଡିବା, କ୍ରି. (ଦେଶଜ) ଭୁଲ କରିବା, ଗାଳି-ଦେବା ।

ହୁଡ଼ୁକା, ବି. (ହୁଡ଼ୁକ୍ ଶବ୍ଦଜ) ଦ୍ୱାର ବନ୍ଦ କରିବାର କାଷ୍ଠ, ପରିସଂସର୍ଗତ୍ୟାଗିନୀ ସ୍ତ୍ରୀ ।

ହୁଡ଼ୁମ୍ବ, ବି. (ଦେଶଜ) ଚୂଡ଼ାବନ୍ଧନବିଶେଷ, ଉଷ୍ଟ୍ର ଚପେଟିକ ।

ହୁଣ୍ଡା, ବି (ଦେଶଜ) ନିର୍ବୋଧ, ମୂର୍ଖ ।

ହୁଣ୍ଡୀ, ବି. (ଯାବନିକ) ଟଙ୍କାର ଚିଠି ।

ହୁତ, ବିଂ. (ହୁ-ତ) ଦେବୋଦ୍ଦେଶ୍ୟରେ ମନ୍ତ୍ର-ପୂର୍ବକ ଅଗ୍ନିକ୍ଷିପ୍ତ (ଘୃତାଦି) ଅର୍ପିତ । ବି. ପୁଂ. ହୋମାଗ୍ନି । ନ. ହୋମ ।

ହୁତଭୁକ୍, ହୁତବହ } ବି. ପୁଂ. (ହୁତ-ଭୁକ୍,
ହୁତାଶ, ହୁତାଶନ } ବହ, ଅଶ, ଅଶନ)
ଅଗ୍ନି, ହୋମଘୃତାଦି ଭକ୍ଷକ ।

ହୁ[illegible], ବି [illegible]ୀ. (ହୁ[illegible]) [illegible], [illegible]ମ ।

ହୁନର, ବି. (ଯାବନିକ) ଇନ୍ଦ୍ରଜାଲ । କୌତୁକ । ଯଥା —

କ୍ରମେ କଳ୍କି କନ୍ଦରେ ଅଦ୍ଭୁତ ହୁନରେ ପଶିଲା ତାକ ଜଗତର ।

ହୁପା, ବି. (ଦେଶଜ) ତରଙ୍ଗ, ଢେଉ, ଜଳ-ଉର୍ମି ।

ହୁମ, ବି. (ଦେଶଜ) ହୋମ ।

ହୁମ୍ } ଅଂ. (ହ୍ୱେ-ଡମ୍, ଡୁମ୍) ସ୍ୱୀକାର,
ହୂମ୍ } ସମ୍ମତି, ନିଷେଧ, ସ୍ମୃତି, ସଂଶୟ,
ଗର୍ଜନଧ୍ୱନି, ପ୍ରଶ୍ନ, ବିତର୍କ ।

ହୁରୁଡ଼ା, ବି. (ଦେଶଜ) ଚମକା, ଅତି ସାମାନ୍ୟ କାରଣରେ ଯେ ଚମକିପଡ଼େ ।

ହୁରୁଡ଼ିବା, କ୍ରି. (ଦେଶଜ) ଚମକିବା ।

ହୁଲ, ବି. (ଦେଶଜ) ଧନୁର ଅଗ୍ରଭାଗ ବା କୋଟି ।

ହୁଲରି, ବି. (ଦେଶଜ) ହୁରି ।

ହୁଲା, ବି. (ଦେଶଜ) ଜ୍ୱାଲା, ନିଆଁ ଲଗାଯାଇ-ଥିବା କାଠପ୍ରଭୃତିର ବିଡ଼ା । ଏକପ୍ରକାର ଦିହୁଡି, ମସାଲ ।

ହୁଳହୁଳି, ବି. ସ୍ତ୍ରୀ. (ହୁଳ-ଅ, ଦ୍ୱିତ୍ୱ, ଇ) ସ୍ତ୍ରୀ-ଲୋକମାନଙ୍କର ମଙ୍ଗଳସୂଚକ ମୁଖଶବ୍ଦ । ଯଥା —

ଗଲେ ବହୁତ୍ର ବିଦାଇ,
ଅର୍ଘ୍ୟସ୍ତ୍ରୀମାନ କରେ ହୁଳହୁଳି ଦେଇ ।

ହୁଲିଆ, ବି. (ଯାବନିକ) ନିରୁଦ୍ଦିଷ୍ଟ ବ୍ୟକ୍ତିର ଅନୁସନ୍ଧାନ ନିମିତ୍ତ ସଙ୍କେତ ପ୍ରଚାର ।

ହୁସିଆର, ବିଂ. (ଯାବନିକ) ମନୋଯୋଗୀ, ଚତୁର, ବିଜ୍ଞ, ସାବଧାନ ।

ହୁସିଆରି, (ଯାବନିକ) ସାବଧାନତା ।

ହୁହୁ } ବି. ପୁଂ. (ହ୍ୱେ=ଆହ୍ୱାନ କରିବା-ଉ)
ହୂହୂ } ଗନ୍ଧର୍ବବିଶେଷ ।

ହୂଣ } ବି. ପୁଂ. (ହ୍ୱେ-ନକ୍) ଅସଭ୍ୟଜାତି-
ହୁନ୍ } ବିଶେଷ, ଭାରତବର୍ଷର ଉତ୍ତରସ୍ଥ
ମ୍ଲେଚ୍ଛଦେଶବିଶେଷ ।

ହୂତ, ବିଂ. (ହ୍ୱେ-ତ) ଆହୂତ । ବି. ନ. ଆହ୍ୱାନ ।

ହୂତି, ବି. ସ୍ତ୍ରୀ. (ହ୍ୱେ-ତି) ଆହ୍ୱାନ, ଡାକରା ।

ହୂୟମାନ, ବିଂ. ( ହ୍ୱେ-ଆନ ) ଯାହାକୁ ଆହ୍ୱାନ କରାଯାଉଅଛି ।

ହୂରବ, ବ. ପୁଂ. ( ହୂ=ଭୟ ବା କ୍ରୋଧର ଚତ୍କାର ଧ୍ୱନି ରବ=ଶବ୍ଦ) ଶୃଗାଲ, ଶିଆଳ ।

ହୃତ୍, ବିଂ. (ହୃ-୦,ତ ଆଗମ) ହରଣକାରୀ ।

ହୃତ୍କମ୍ପ, ବ. ପୁଂ. (ହୃଦ୍ କମ୍ପ) ହୃଦୟକମ୍ପନ, ଛାତି ଥରିବା ।

ହୃତ, ବିଂ. (ହୃ-ତ) ଆକୃଷ୍ଟ, ଅପହୃତ, ଆନୀତ, ଛିନ୍ନ ।

ହୃତତ୍ତ୍ୱ ବିବେକ, କୌଣସିବ୍ୟକ୍ତିର ମସ୍ତକର ଗଠନ, ଦେଖି ତାହାର ମନୋବୃତ୍ତି ସମୁଦାୟ ଯେ ଶାସ୍ତ୍ରଦ୍ୱାରା ନିରୂପିତ ହୁଏ । (Phrenolgy)

ହୃତ୍‌ପିଣ୍ଡ, ହୃଦୟସ୍ଥିତ ରକ୍ତାଦିର ଅଧାର ସ୍ଥାନ ।

ହୃଦ୍ / ହୃଦୟ } ବ. ନ. (ହୃ-ଦ୍ ଆଗମ, ହୃ=ଦ୍, ହୃ-ଅୟ, ଦ୍-ଆଗମ) ବକ୍ଷଃସ୍ଥଳ, ଚିତ୍ତ, ମନଃ, ଜୀବନ ।

ହୃଦୟଗ୍ରାହୀ, ବିଂ. (ହୃଦୟ-ଗ୍ରାହିନ୍) ମନୋହାରୀ ।

ହୃଦୟଙ୍ଗମ, ବିଂ. ( ହୃଦୟ-ଗମ ) ହୃଦୟଗତ, ହୃଦ୍ୟ, ମନୋଗତ, ଉପଯୁକ୍ତ, ମନୋହର ।

ହୃଦୟବାନ୍, ବିଂ. ( ହୃଦୟ-ବତ୍ ) ମନସ୍ୱୀ, ସଦନ୍ତଃକରଣ, ପ୍ରଶସ୍ତଚିତ୍ତ ।

ହୃଦୟେଶ, ବ ପୁଂ. (ହୃଦୟ-ଈଶ) ପ୍ରାଣେଶ୍ୱର, ସ୍ୱାମୀ, ଭର୍ତ୍ତା, କାନ୍ତ, ବଲ୍ଲଭ ।

ହୃଦ୍‌ଗତ, ବିଂ. (ହୃଦ୍ ଗତ) ମନୋଗତ, ହୃଦୟସ୍ଥ, ଚିତ୍ତସ୍ଥ ।

ହୃଦ୍ୟ, ବିଂ. (ହୃଦ୍-ଯ) ହୃଦୟଙ୍ଗମ, ମନୋଗତ, ମନୋଜ୍ଞ, ପ୍ରିୟ, ବାଞ୍ଛିତ ।

ହୃଦ୍ୟତା, ବ. ସ୍ତ୍ରୀ. (ହୃଦ୍ୟ-ତା) ପ୍ରଣୟ, ପ୍ରେମ, ସଦ୍ଭାବ ।

ହୃଷିତ, ବିଂ. (ହୃଷ୍-ତ) ଆହ୍ଲାଦିତ, ହୃଷ୍ଟ, ପ୍ରୀତ, ହର୍ଷିତ, ପୁଲକିତ, ପ୍ରଣତ, ସଙ୍କିତ, ବର୍ମିତ, ବିହ୍ଲତ, ପ୍ରହତ ।

ହୃଷୀକ, ବ. ନ. ( ହୃଷ୍-ଈକ ) ଇନ୍ଦ୍ରିୟ, ଜ୍ଞାନେନ୍ଦ୍ରିୟ ।

ହୃଷୀକେଶ, ବ. ପୁଂ. ( ହୃଷୀକ-ଈଶ ) ବିଷ୍ଣୁ, ନାରାୟଣ, ପରମାତ୍ମାରୂପ ।

ହୃଷ୍ଟ, ବିଂ. ( ହୃଷ୍-ତ ) ଆହ୍ଲାଦିତ, ଆନନ୍ଦିତ, ମୁଦିତ, ପ୍ରୀତ, ସନ୍ତୁଷ୍ଟ, ପୁଲକିତ, ରୋମାଞ୍ଚିତ, ପ୍ରହର୍ଷିତ, ବିସ୍ମିତ ।

ହୃଷ୍ଟରୋମା, ବିଂ. ( ହୃଷ୍ଟ-ରୋମନ୍ ) ପୁଲକିତ, ରୋମାଞ୍ଚିତ ।

ହୃଷ୍ଟି, ବ. ସ୍ତ୍ରୀ. (ହୃଷ୍-ତି) ହର୍ଷ, ଆନନ୍ଦ, ଗର୍ବ ।

ହେ, ଅଂ. (ହ୍ୱେ-ଏ) ସମ୍ବୋଧନ, ଆହ୍ୱାନ ।

ହେଁ, ଅଂ. ଏକଭିପ୍ରସୂଚକ, ମଧ୍ୟ, ସ୍ପର୍ଦ୍ଧା ।

ହେଇଟି / ହେଇତି } ସଂ. ( ଅୟଂ ବା ଇୟଂ ଶବ୍ଦଜ ) ଅଗ୍ରସ୍ଥିତ, ସମ୍ମୁଖବର୍ତ୍ତୀ ।

ହେଙ୍ଗୁ, ବ. ହିଙ୍ଗୁ, ସୁଗନ୍ଧ ମସଲାବିଶେଷ ।

ହେଙ୍ଗୁଳ, ବ. ହିଙ୍ଗୁଳ ।

ହେଜ, ବ. (ଦେଶଜ) ସ୍ମରଣ ।

ହେଜିବା, କ୍ରି. (ଦେଶଜ) ସ୍ମରଣ କରିବା, ଭାବିବା । ଯଥା —

ଶୁଆ ବୋଇଲା ହେ ଶୁଣ'ବରଜ;
ଯାହା ମୁଁ କହୁଛି ମନରେ ହେଜ । ଖୋ. କ.

ହେଞ୍ଜୁଡ଼ା, ବ. (ଦେଶଜ) ଚଗଲା ।

ହେଟ / ହେଠ } ବ. ( ଦେଶଜ ) ନମ୍ର, ଅବନତ । ଯଥା —

ହେଟ କଲେ ବଦନଚନ୍ଦ୍ରକୁ କୃଶକଣ୍ଠ ।

ହେଟା, ବ. (ଦେଶଜ) ଗଧିଆ ବାଘ

ହେଡ଼ା, ବ. ( ହଡ୍ଡ ଶବ୍ଦଜ ) ହାଡ଼ଯୁକ୍ତ ମାଂସ, ପଶୁ ମାଂସ, ନିକୃଷ୍ଟ ମାଂସ, ଗୋମାଂସ ।

ହେଝୋଇବା, କ୍ରି. ( ଦେଶଜ ) ଅଣ୍ଡାଇବା, ସାହାଯ୍ୟ କରିବା ।

ହେଣ୍ଡା / ହେଣ୍ଡି } ବ. ( ଦେଶଜ ) କକ୍ଷବାଦ୍ୟ, ବଗଲ-ବାଦ୍ୟ ।

ହେତା, ବ. (ଦେଶଜ) ମୂଲ୍ୟଆକୁ ଦିଆଯିବା ଜାଗିର ଜମି ।

ହେତି, ବ. ପୁଂ. ସ୍ତ୍ରୀ. ( ହନ୍-ତି, ନିପାତନ ) ଅସ୍ତ୍ରଶସ୍ତ୍ର । ସ୍ତ୍ରୀ, ସୂର୍ଯ୍ୟକିରଣ, ଅଗ୍ନିଶିଖା, ତେଜୋମାନ୍ଦ, ସାଧନ ।

**ହେତୁ**, ବି. ପୁଂ. ( ହି-ତୁ ) କାରଣ, ବୀଜ, ମୂଳ, ପ୍ରୟୋଜନ, ନ୍ୟାୟମତରେ ବ୍ୟାପକ, ଜ୍ଞାପକ, ଅଳଙ୍କାରବିଶେଷ । (କାରଣ ଅର୍ଥରେ) ଯଥା—

ଛାଡ ହେଲେ ବିନା ଅର୍ଥର ହେତୁ । ନ. କେ.

**ହେତୁକ**, ବି. ପୁଂ. ( ହେତୁ-କ ) କାରଣ । ବିଂ. ହେତୁସମ୍ବନ୍ଧୀୟ ।

**ହେତୁତା**, ବି. ସ୍ତ୍ରୀ. (ହେତୁ-ତା) ହେତୁର ଧର୍ମ, କାରଣତା, ହେତୁତ୍ୱ ।

**ହେତୁମାନ୍**, ବିଂ. (ହେତୁ-ମତ୍) ହେତୁବିଶିଷ୍ଟ ।

**ହେତୁବାଦ**, ବି ପୁଂ (ହେତୁ-ବାଦ) ହେତୁକଥନ ।

**ହେତ୍ୱାଭାସ**, ବି. ପୁଂ. (ହେତୁ-ଆଭାସ) ନିକୃଷ୍ଟ ହେତୁ, ଦୁଷ୍ଟ ହେତୁ । ବ୍ୟଭିଚାର, ବିରୁଦ୍ଧତା, ଅସିଦ୍ଧି, ସତ୍ପ୍ରତିପକ୍ଷତା, ବାଧ ଏହି ପାଞ୍ଚ ହେତୁ ଦୋଷ ।

**ହେନ୍ତାଳ**, ବି. ହିନ୍ତାଳ, ବାଉଁଶଜାତୀୟ ତୃଣ-ବିଶେଷ ।

**ହେପାଜାତ୍**, ବି. ( ଯାବନିକ ) ତତ୍ତ୍ୱାବଧାନ, ଅଧିକାର ।

**ହେମ** / **ହେମନ୍** } ବି. ନ. (ହି-ମ, ମନ୍) ସ୍ୱର୍ଣ୍ଣ, ସୁବର୍ଣ୍ଣ, ସୁନା, କେଶର, କୁଷ୍ମାଣ୍ଡ ।

**ହେମକନ୍ଦଳ**, ବି. ପୁଂ. (ହେମ-କନ୍ଦଳ) ପ୍ରବାଳ, ପୋହଳା ।

**ହେମକାନ୍ତି**, ବି. ସ୍ତ୍ରୀ. ଦାରୁହରିଦ୍ରା ।

**ହେମକାର**, ବି. ପୁଂ. (ହେମ-କାର) ସ୍ୱର୍ଣ୍ଣକାର ।

**ହେମକୂଟ**, ବି. ପୁଂ. ( ହେମ-କୂଟ ) କିଂପୁରୁଷ ବର୍ଷସ୍ଥ ହିମାଳୟର ଉତ୍ତରସ୍ଥ ପର୍ବତବିଶେଷ ।

**ହେମକେଳ**, ବି. ପୁଂ. ( ହେମ-କେଳ ) ଅଗ୍ନି, ଅନଳ ।

**ହେମକେଶ**, ବି. ପୁଂ. ( ହେମ-କେଶ ) ଶିବ, ମହାଦେବ ।

**ହେମଚନ୍ଦ୍ର**, ବି. ପୁଂ. ଅଭିଧାନଚିନ୍ତାମଣି ନାମକ କୋଷକର୍ତ୍ତା, ସ୍ୱର୍ଣ୍ଣମୟ ଶଶୀ, ସୁନାର ଚନ୍ଦ୍ର ।

**ହେମଜ୍ୱାଳ**, ବି. ପୁଂ. (ହେମ-ଜ୍ୱାଳ) ଅଗ୍ନି ।

**ହେମତ୍**, ବି. (ଯାବନିକ) ସାହସ ।

**ହେମନ୍ତ**, ବି. ପୁଂ. ( ହନ୍-ଅନ୍ତ, ହନ୍=ହି, ମ ଆଗମ) ହିମ ସମୟ, ହିମ ଋତୁ, ଅଗ୍ରହାୟଣ ଓ ପୌଷ ମାସଦ୍ୱୟ, ହିମାଳୟ ପର୍ବତ ।

**ହେମପର୍ବତ**, ବି. ପୁଂ. ( ହେମ-ପର୍ବତ ) ସୁମେରୁ ପର୍ବତ ।

**ହେମପୁଷ୍ପ**, ବି. ନ. (ହେମ-ପୁଷ୍ପ) ଅଶୋକପୁଷ୍ପ । ପୁଂ. ଚମ୍ପକପୁଷ୍ପ ।

**ହେମମାଳା**, ବି. ସ୍ତ୍ରୀ ଯମଙ୍କ ପତ୍ନୀ ।

**ହେମମାଳୀ**, ବି. ପୁଂ. (ହେମମାଳା-ଇନ୍) ସୂର୍ଯ୍ୟ, ଅର୍କବୃକ୍ଷ ।

**ହେମରାଗିଣୀ**, ବି. ସ୍ତ୍ରୀ. (ହେମ-ରାଗ-ଇନ୍) ହରିଦ୍ରା, ହଳଦୀ ।

**ହେମଲ**, ବି. ପୁଂ. ( ହେମ-ଲା-ଅ ) ସ୍ୱର୍ଣ୍ଣକାର, କଷ୍ଟିପଥର, କୃକଲାସ ।

**ହେମଶଙ୍ଖ**, ବି. ପୁଂ. ( ହେମ-ଶଙ୍ଖ ) ବିଷ୍ଣୁ, ନାରାୟଣ ।

**ହେମା**, ବି. ପୁଂ. (ହି-ମନ୍) ବୁଧଗ୍ରହ । ସ୍ତ୍ରୀ. ଅପ୍ସରା. ସୁନ୍ଦରୀ ସ୍ତ୍ରୀ ।

**ହେମାଙ୍ଗ**, ବି. ପୁଂ. (ହେମ-ଅଙ୍ଗ) ଗରୁଡ଼, ସିଂହ, ସୁମେରୁ, ବ୍ରହ୍ମା, ଚମ୍ପକବୃକ୍ଷ, ବିଷ୍ଣୁ । ନ. ସୁବର୍ଣ୍ଣଅଙ୍ଗ । ବିଂ. ସୁବର୍ଣ୍ଣଅଙ୍ଗଯୁକ୍ତ ।

**ହେମାଦ୍ରି**, ବି. ପୁଂ. (ହେମ-ଅଦ୍ରି) ସୁମେରୁ ପର୍ବତ ।

**ହେମାଳ**, ବିଂ. ( ହିମ ଶବ୍ଦଜ ) ଅତି ଶୀତଳ, ବି. ଅତି ଶୀତଳତା ।

**ହେୟ**, ବିଂ. (ହା-ଯ) ତ୍ୟାଜ୍ୟ, ତୁଚ୍ଛ । ଯଥା—

ଦେଖ ହେ ବିକେମନ୍ତ ବ୍ୟୂହ ରଚନ୍ତି ରିଧେୟ,
ବୃଥା ଦର୍ପେ ମାତ ତାକୁ ନ କର ହେ ହେୟ ।

**ହେରମ୍ବ**, ବି ପୁଂ. ଗଣେଶ, ମହିଷ, ଗର୍ବିତ ବୀର ।

**ହେରସା**, ବିଂ. (ଦେଶଜ) କଳଙ୍କ ।

**ହେରାପଞ୍ଚମୀ** ବି. ( ଦେଶଜ ) ଗୁଣ୍ଡିଚାଯାତ୍ରାର ପରବର୍ତ୍ତୀ ପଞ୍ଚମୀ ।

**ହେରକ**, ବି. ପୁଂ. ଚର, ଦୂତ ।

ହେଉକା, ଅଂ. (ଦେଶଜ) ପ୍ରଭୃତି ।

ହେରବା, କ୍ରି. (ବଙ୍ଗୀୟ) ଦେଖିବା ।

ସନ୍ଧ୍ୟାରାଗ ହେରୁ ହୃଦ ମାତୋଉଛେ । ଚଳକା ।

ହେଲନ, ବି. ନ. ( ହେଲ୍-ଅନ ) ଅବଜ୍ଞା, ଅସମ୍ମାନ, ଅନାଦର ।

ହେଲା, ବି. ସ୍ତ୍ରୀ. ( ହେଲ୍-ଅ-ଆ ) ସ୍ତ୍ରୀମାନଙ୍କର ଶୃଙ୍ଗାର ଭାବଜାତ କ୍ରିୟାବିଶେଷ, ଅବହେଳା, ଅବଜ୍ଞା ।

ହେଲି } ବି. ପୁଂ. ( ହିଲ୍-ଇ, ଇନ୍ ) ସୂର୍ଯ୍ୟ,
ହେଲୀ } ଆଲିଙ୍ଗନ । ସ୍ତ୍ରୀ ହେଲା ।

ହେଲେ, କ୍ରି. ବିଂ. ଅକ୍ଲେଶରେ, ସହଜରେ । ଯଥା—

ହେଲେ ତରବ ଭବବାରୁ । ଭାଗବତ ।

ହେଲେ, ଅଂ. ( ଦେଶଜ ) ତଥାପି, ତେବେ ସୁଦ୍ଧା ।

ହେଷା, ବି. ସ୍ତ୍ରୀ. ( ହେଷ୍-ଅ, ଆ ) ଅଶ୍ୱଧ୍ୱନି, ଘୋଡ଼ାଙ୍କର ଶବ୍ଦ, ଘୋଡ଼ାର ଡାକ ।

ହେଷୀ, ବି. ପୁଂ. ( ହେଷା-ଇନ୍ ) ଅଶ୍ୱ, ଘୋଟକ ।

ହେହେ, ଅଂ. ( ହେ-ଦ୍ୱିତ୍ୱ ) ସମ୍ବୋଧନସୂଚକ ଶବ୍ଦ ।

ହୈ, ଅଂ. ( ହେ-ଐ ) ଆହ୍ୱାନ, ସମ୍ବୋଧନ, ନିଷେଧ, ପାଦପୂରଣାର୍ଥକ ।

ହୈତୁକ, ବିଂ. ( ହେତୁ-କ ) ହେତୁସମ୍ବନ୍ଧୀୟ । ବି. ପୁଂ. ଯେ ବ୍ୟକ୍ତି ଯୁକ୍ତିପ୍ରଦର୍ଶନ କରି ସତ୍କର୍ମର ଅନୁଷ୍ଠାନ କରେ ।

ହୈମ, ବିଂ. ( ହେମନ୍-ଅ ) ହେମସମ୍ବନ୍ଧୀୟ, ସୌବର୍ଣ୍ଣ, ହିରଣ୍ମୟ । (ହିମ-ଯ) ହିମସମ୍ବନ୍ଧୀୟ, ଶୀତଳ । ବି. ନ. ହିମଭବ ଜଳ, ଶିଶିର । ପୁଂ. ଭୂନିମ୍ବ ।

ହୈମନ } ବି. ପୁଂ. ( ହେମନ୍ତ-ଅ, ତ ଲୋପ,
ହୈମଳ } ହିମଳ-ଅ ) ଅଗ୍ରହାୟଣ ମାସ । ପୁଂ. ନ. ହେମନ୍ତ ଋତୁ । ବିଂ. ହେମନ୍ତ-କାଳୀନ, ହିମସମ୍ବନ୍ଧୀୟ ।

ହୈମନ୍ତ, ବି. ପୁଂ. ନ. (ହେମନ୍ତ-ଅ) ହେମନ୍ତ ଋତୁ, ଅଗ୍ରହାୟଣ ମାସ । ବିଂ. ହେମନ୍ତ ସମ୍ବନ୍ଧୀୟ, ହିମକାଳୀନ ।

ହୈମନ୍ତିକ, ବିଂ. (ହେମନ୍ତ-ଇକ) ହିମକାଳୀନ, ହେମନ୍ତସମ୍ବନ୍ଧୀୟ । ବି. ନ. ଶାଳିଧାନ୍ୟ ।

ହୈମବତ, ବି. ନ. (ହେମବତ-ଅ) ଭାରତବର୍ଷ । ବିଂ. ହିମାଳୟସମ୍ବନ୍ଧୀୟ ।

ହୈମବତୀ, ବି. ସ୍ତ୍ରୀ. (ହିମବତ୍-ଅ,ଈ) ପାର୍ବତୀ, ଦୁର୍ଗା, ଗଙ୍ଗା, ହରିତକୀ, ସ୍ୱର୍ଣ୍ଣକ୍ଷୀରୀ, କପିଳ-ଦ୍ରାକ୍ଷା, ଅତସୀ ।

ହୈୟଙ୍ଗବୀନ, (ହ୍ୟସ୍=ପୂର୍ବଦିନରେ ଗୋଦୋହ ଦୁଗ୍ଧ-ଇନ ଉଭବାର୍ଥେ, ନିପାତନରେ ) ସଦ୍ୟୋଜାତ ଘୃତ ।

ହୈହୟ } ବି. ପୁଂ. ଦେଶବିଶେଷ, ତଦ୍ଦେଶୀୟ
ହୈହେୟ } ରାଜା, କାର୍ତ୍ତବୀର୍ଯ୍ୟ ।

ହୋ, ଅଂ. ( ହେ-ଓ ) ସମ୍ବୋଧନସୂଚକ ଶବ୍ଦ, ସମ୍ବୋଧନ, ଆହ୍ୱାନ, ବିସ୍ମୟ ।

ହୋଟେଲ୍, ବି. (Hotel) ଯେଉଁଠାରେ ମୂଲ୍ୟ ଦେଲେ ଖାଦ୍ୟାଦି ମିଳେ ।

ହୋତା, ବି. ପୁଂ. (ହୁ-ତୃ) ପୁରୋହିତ, ଯଜ୍ଞାଦି ସ୍ଥଳରେ ଋକ୍ ପ୍ରୟୋକ୍ତା, ଋଗ୍‌ବେଦଜ୍ଞ, ଯଜମାନ । ବିଂ. ଯଜ୍ଞକର୍ତ୍ତା ।

ହୋତ୍ର, ବି. ନ. (ହୁ-ତ୍ର, ହୋମ, ହବିଃ,ହୌମ୍ୟ ଘୃତ । ସ୍ତ୍ରୀ. ସ୍ତୁତି, ସ୍ତବ ।

ହୋତ୍ରୀ, ବି. ପୁଂ. (ହୋତ୍ର-ଇନ୍) ହୋମକାରକ, ଯାଜ୍ଞିକ । ସ୍ତ୍ରୀ. ଯଜମାନରୂପ ଶିବମୂର୍ତ୍ତି ।

ହୋତ୍ରୀୟ, ବି. ନ. ( ହୋତ୍ର-ଈୟ ) ହବିର୍ଗୃହ ବିଂ. ହୋତ୍ରସମ୍ବନ୍ଧୀୟ ।

ହୋମ, ବି. ପୁଂ. ( ହୁ-ମ ) ଦେବୋଦ୍ଦେଶ୍ୟରେ ମନ୍ତ୍ରପାଠପୂର୍ବକ ଅଗ୍ନିରେ ଘୃତାଦି କ୍ଷେପଣ ।

ହୋମକ } ବି. ପୁଂ. (ହୁ-ଅକ, ଇନ୍) ହୋତା,
ହୋମୀ } ହୋମକର୍ତ୍ତା, ହୋମକୁଣ୍ଡ । ବି. ନ. ହୋମାର୍ଥ କୁଣ୍ଡ ।

ହୋମି, ବି. ପୁଂ. (ହୁ-ଇ) ଅଗ୍ନି, ଘୃତ, ଜଳ ।

ହୋମ୍ୟ, ବି. ନ. ( ହୋମ-ଯ ) ହୋମୋପଯୁକ୍ତ ଘୃତ । ବିଂ. ହୋମସମ୍ବନ୍ଧୀୟ ।

ହୋରା, ବି.ସ୍ତ୍ରୀ.(ହୋଡ୍-ଅ (ଅନ୍) ଆ,ଡ=ର) ଲଗ୍ନ । ୨ଦଣ୍ଡ ପରିମିତ କାଳ, ଇଂରାଜୀରେ ଏକ ଘଣ୍ଟା ।

ହୋରି, ବି. (ଯାବନିକ) ଦୋଳଯାତ୍ରା, ବସନ୍ତୋତ୍ସବ ।

ହୋଶ୍, (ଯାବନିକ) ଜ୍ଞାନ, ବୁଦ୍ଧି, ମନ ।

ହୌ, ଅଂ. ( ହ୍ୱେ-ଔ ) ସମ୍ବୋଧନ, ଆହ୍ୱାନ । ସ୍ୱୀକାରସୂଚକ ଅବ୍ୟୟ ।

ହୌମ୍ୟ, ବି. ନ. (ହୋମ-ଯ) ହୋମୋପଯୁକ୍ତ ଘୃତ । ବି. ନ. ହୋମସମ୍ବନ୍ଧୀୟ ।

ହ୍ୟଃ, ଗତଦିବସ, ପରଦିନ ।

ହ୍ୟସ୍ତନ, ହ୍ୟସ୍ତ୍ୟ } ବିଂ. ( ହ୍ୟସ୍-ତନ୍-ଅ, ଯ ) ପୂର୍ବଦିବସୀୟ, ଗତଦିବସୀୟ ।

ହ୍ରଦ, ବି. ପୁଂ. (ହ୍ରାଦ୍-ଅ, ନିପାତନ) ଅକୃତ୍ରିମ ବୃହତ୍ ଜଳାଶୟ, ଆଲୋକ, ରଶ୍ମି ।

ହ୍ରଦଗ୍ରହ, ବି. ପୁଂ. (ହ୍ରଦ-ଗ୍ରହ) କୁମ୍ଭୀର ।

ହ୍ରଦିନୀ, ବି. ସ୍ତ୍ରୀ. (ହ୍ରଦ-ଇନ୍-ଈ) ନଦୀ,ବିଦ୍ୟୁତ୍ ।

ହ୍ରସିମା, ପୁଂ. ହ୍ରସ୍ୱତା, ସ୍ତ୍ରୀ. ହ୍ରସ୍ୱତ୍ୱ, ନ. } ବି. ( ହ୍ରସ୍ୱ-ଇମନ୍, ତା, ତ୍ୱ ) କ୍ଷୁଦ୍ରତା, ଲଘୁତା, ହ୍ରାସ ।

ହ୍ରସିଷ୍ଠ, ହ୍ରସୀୟାନ୍ } ବିଂ. (ହ୍ରସ୍ୱ-ଇଷ୍ଠ, ଈୟସ୍) ଅତିଶୟ ହ୍ରସ୍ୱ ।

ହ୍ରସ୍ୱ, ବିଂ. (ହ୍ରସ୍-ବ) ଖର୍ବ, କ୍ଷୁଦ୍ର, ଲଘୁ ।

ହ୍ରାଦ, ବି. ପୁଂ. ( ହ୍ରାଦ୍-ଅ ) ଶବ୍ଦ, ଗୋଳମାଳ, ଦୈତ୍ୟବିଶେଷ, ହିରଣ୍ୟକଶିପୁର ପୁତ୍ର ।

ହ୍ରାଦିନୀ, ବି. ସ୍ତ୍ରୀ. (ହ୍ରାଦ୍-ଇନ୍-ଈ) ନଦୀ, ବଜ୍ର, ବିଦ୍ୟୁତ୍, ଶଲ୍ଲକୀ ।

ହ୍ରାଦୀ, ବିଂ. (ହ୍ରଦ୍-ଇନ୍) ହ୍ରାଦଯୁକ୍ତ,ଶବ୍ଦକାରକ ।

ହ୍ରାସ, ବି. ପୁଂ. (ହ୍ରସ୍-ଅ) କ୍ଷୀଣତା, କ୍ଷୟ, ଶବ୍ଦ ।

ହ୍ରିଣ, ବିଂ. (ହ୍ରୀ-ତ, ତ=ଣ) ଲଜ୍ଜିତ,ବିରକ୍ତ, ଭୀତ । ବି. ନ. ଅଂଶ ।

ହ୍ରୀ, ବି. ସ୍ତ୍ରୀ. ଲଜ୍ଜା, ବ୍ରୀଡ଼ା ।

ହ୍ରୀକା, ହ୍ଲୀକା } ବି. ସ୍ତ୍ରୀ. (ହ୍ରୀ-କ-ଆ, ର=ଲ) ଶଙ୍କା, ଭୟ, ତ୍ରପା, ଲଜ୍ଜା ।

ହ୍ରୀଜିତ, ବି. (ହ୍ରୀ-ଜିତ) ଲଜ୍ଜାଶୀଳ, ନାଜୁକ ।

ହ୍ରୀମାନ୍, ବିଂ. (ହ୍ରୀ-ମତ୍) ଲଜ୍ଜାଯୁକ୍ତ ।

ହ୍ରେପିତ, ବିଂ. (ହ୍ରେପ୍-ଇ-ତ) ଲଜ୍ଜାପ୍ରାପିତ ।

ହ୍ରେଷା, ବି. ସ୍ତ୍ରୀ. ( ହ୍ରେଷ୍-ଅ, ଆ ) ଅଶ୍ୱଧ୍ୱନି, ଘୋଡ଼ାଡାକ ।

ହ୍ଲାଦ, ପୁଂ. ହ୍ଲାଦନ, ନ. } ବି. ( ହ୍ଲାଦ-ଅ,ଅନ ) ଆହ୍ଲାଦ, ଆନନ୍ଦ ।

ହ୍ଲାଦିତ, ବିଂ. (ହ୍ଲାଦ-ତ) ଆନନ୍ଦିତ,ଆହ୍ଲାଦିତ

ହ୍ଲାଦିନୀ, ବି. ସ୍ତ୍ରୀ. ( ହ୍ରଦ୍-ଇନ୍-ଈ, ର=ଲ ) ବିଦ୍ୟୁତ୍, ବଜ୍ର, ଶକ୍ତିବିଶେଷ ।

ହ୍ଲାଦୀ, ବିଂ. ( ହ୍ଲାଦ୍-ଇନ୍ ) ଆହ୍ଲାଦଯୁକ୍ତ ।

ହ୍ୱାନ, ବି. ନ. (ହ୍ୱେ-ଅନ) ଆହ୍ୱାନ, ଦୂତ ।

ସମାପ୍ତ